ଶିକ୍ଷା।

ପୂର୍ଣ୍ଣାଙ୍ଗ ଶିକ୍ଷା

ପ୍ରକାଶକଙ୍କ ଟିପ୍‌ପଣୀ

ଛାତ୍ରମାନଙ୍କ ଦ୍ୱାରାହିଁ ସଂସାରର ଉନ୍ନତି ହୋଇପାରେ । ବର୍ତ୍ତମାନ ଜଗତ ଯେପରି ଦ୍ରୁତ ଗତିରେ ଅଗ୍ରସର ହେଉଅଛି ସେଥିରେ ଛାତ୍ରମାନଙ୍କର ଅଂଶ ଗ୍ରହଣ କରିବା ଏକାନ୍ତ ବାଞ୍ଛନୀୟ । ସେଥି ସକାଶେ ଛାତ୍ରମାନଙ୍କର କର୍ତ୍ତବ୍ୟ କ'ଣ ହେବ ତାହା ସରଳ ଭାଷାରେ ଏହି ଛୋଟ ପୁସ୍ତକଟିରେ ଆଲୋଚନା କରାହୋଇଛି । ଆଶାକରୁ ଛାତ୍ର-ସମାଜରେ ଏହା ଆଦୃତ ହେବ । ଏହାର କିଛି ଅଂଶ 'ନବଜ୍ୟୋତି'ର ପଞ୍ଚମ ବର୍ଷ ପ୍ରଥମ ସଂଖ୍ୟାରେ ପ୍ରକାଶିତ ହୋଇଅଛି ।

– ପ୍ରକାଶକ

(ମାର୍ଚ୍ଚ, ୧୯୬୨)

ପୂର୍ଣ୍ଣାଙ୍ଗ ଶିକ୍ଷା

ଛାତ୍ରର ଲକ୍ଷ୍ୟ

ଛାତ୍ରର ଲକ୍ଷ୍ୟ ପୂର୍ଣ୍ଣାଙ୍ଗ ଶିକ୍ଷାପ୍ରାପ୍ତି । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହି ପୂର୍ଣ୍ଣାଙ୍ଗ ଶିକ୍ଷାରେହିଁ ଜୀବନର ସର୍ବାଙ୍ଗୀଣ ବିକାଶ ହୁଏ, ଗନ୍ତବ୍ୟ ସ୍ଥାନର ସ୍ପଷ୍ଟ ସନ୍ଧାନ ମିଳେ, ତାହାର ପ୍ରାପ୍ତିର ଉପାୟ ମଧ୍ୟ ଉପଲବ୍ଧ ହୁଏ । ତେବେ ବ୍ୟକ୍ତି ଲକ୍ଷ୍ୟ ଦିଗରେ ଯଥାର୍ଥ ମାର୍ଗରେ ଚାଲେ, ସମୟର ପ୍ରକୃତ ମୂଲ୍ୟ ବୁଝେ, ସମୟର ସଦୁପଯୋଗ କରେ । ଲକ୍ଷ୍ୟ-ଅନିର୍ଦ୍ଧାରିତ ଜୀବନ ବିଶୃଙ୍ଖଳ, ଅନିଶ୍ଚିତ, ଅବ୍ୟବସ୍ଥିତ ହୁଏ । ବିନା ମଙ୍ଗରେ ନୌକା ସଦୃଶ ବାୟୁର ଘାତ-ପ୍ରତିଘାତରେ ଏପାଖ ସେପାଖ ହୋଇ ଅସୁଖ, ଅଶାନ୍ତି, ଦ୍ୱନ୍ଦ୍ୱମୟ ଜୀବନ ଯାପନ କରେ । ଦେବ-ଦୁର୍ଲଭ, ସମ୍ଭାବନାପୂର୍ଣ୍ଣ ମନୁଷ୍ୟ-ଶରୀର ପ୍ରାପ୍ତ ହେବା ସତ୍ତ୍ୱେ ତାହାର ମହତ୍ତ୍ୱ ନ ବୁଝି, ନ ଜାଣି ତାହାକୁ ବୃଥାରେ ନଷ୍ଟ କରିଦିଏ ।

ଛାତ୍ର-ଜୀବନ କୋମଳ ଲତା ସଦୃଶ ନମନୀୟ, ତାକୁ ଯେଉଁ ମାର୍ଗରେ ମୋଡ଼ାଯିବ ସହଜରେ ସେ ସେହି ମାର୍ଗରେ ମୋଡ଼ାହୋଇ ପାରେ । ଛାତ୍ର-ଜୀବନ ଉର୍ବରା ଭୂମି, ସେଥିରେ ଯେପରି ବୀଜ ବପନ କରାଯିବ ତାହା ସମଗ୍ର ଜୀବନବ୍ୟାପୀ ବିକାଶ କରି ଚାଲିବ । ଛାତ୍ର ଉପରେ ଦେଶର ଭବିଷ୍ୟତ ଉନ୍ନତି ନିହିତ । ଛାତ୍ରମାନେ ଭବିଷ୍ୟତରେ ଗୃହସ୍ୱାମୀ, ବ୍ୟବସାୟୀ, କର୍ମଚାରୀ, ଶିକ୍ଷକ, ଶାସନକର୍ତ୍ତା ହେବେ । ସେମାନଙ୍କ ଯୋଗ୍ୟତା, ଆଦର୍ଶ ଉପରେ ଦେଶର ଉନ୍ନତି ବା ଅବନତି ନିର୍ଭର କରିବ । ସଂସାରର ଉନ୍ନତି ସକାଶେ ଆଉ ଯେତେ କର୍ମ ଅଛି, ସେ ସବୁଠାରୁ ବିଶେଷ ମହତ୍ତ୍ୱପୂର୍ଣ୍ଣ ହେଲା ଶିକ୍ଷା । ସଂସାରର ଉନ୍ନତିରେ ଅନ୍ୟାନ୍ୟ ବ୍ୟକ୍ତିଙ୍କଠାରୁ ଅଧିକ ଦାୟିତ୍ୱ ଛାତ୍ର ଉପରେ । ଛାତ୍ରକୁ ପୂର୍ଣ୍ଣାଙ୍ଗ ଶିକ୍ଷା ଦେଇ, ତାହାର ଜୀବନକୁ ଯଥାର୍ଥ ପ୍ରଣାଳୀରେ ଗଢ଼ିତୋଳିଲେ ଦେଶ ଓ ଜାତିର ଉନ୍ନତି ହେବା ଅବଶ୍ୟମ୍ଭାବୀ । ସେହି କାରଣରୁ ଏହି ଆଶ୍ରମରେ ଛାତ୍ରକୁ ପୂର୍ଣ୍ଣାଙ୍ଗ ଶିକ୍ଷା ଦିଆହୁଏ ।

ସଂସାର ଅବନତିର କାରଣ

ବୈଦିକ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ସମୟ ସମୟରେ କେତେକ ଶ୍ରେଷ୍ଠ ବ୍ୟକ୍ତି ସମାଜ, ଦେଶ ଓ ଜଗତର ଯଥାର୍ଥ ଉନ୍ନତି ସକାଶେ ବହୁବିଧ ପ୍ରଯତ୍ନ କରି ଆସୁଛନ୍ତି । ଆଜି ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ସଫଳତା ପ୍ରାପ୍ତ କରି ନାହାନ୍ତି । ଜୀବନ ଓ ଜଗତର ଯଥାର୍ଥ ଉନ୍ନତିର ରହସ୍ୟ ବା ଚାବିକାଠି କେଉଁଠି ଅଛି, ତାହା ଧରି ପାରି ନାହାନ୍ତି ଅଥବା ତାହାର ସମୟ ଆସି ନ ଥିଲା । ସେହି କାରଣରୁ ସେମାନଙ୍କ ସମସ୍ତ ଉପାୟ ବ୍ୟର୍ଥତାରେ ପରିଣତ ହୋଇଛି । ଜଗତ ଯେପରି ଦୁଃଖ, ଦ୍ୱନ୍ଦ୍ୱ, ନିରାନନ୍ଦରେ ଗତି କରୁଥିଲା ସେହିପରି ଆଜି ମଧ୍ୟ ଗତି କରୁଅଛି ।

ଜଗତରେ ସୁଖ ଶାନ୍ତି ଓ ସୁସମଞ୍ଜସ ସ୍ଥାପିତ ହେବା, ଉନ୍ନତି ହେବା — ଏସବୁ ନିର୍ଭର କରେ ମନୁଷ୍ୟର ପୂର୍ଣ୍ଣତା ଉପରେ । ମନୁଷ୍ୟ ସ୍ୱୟଂ ପୂର୍ଣ୍ଣ ହେଲେ ତାହାର ଆଦର୍ଶର ପ୍ରଭାବରେ ଅନ୍ୟ ପୂର୍ଣ୍ଣ ହୋଇ ପାରିବ ଏବଂ ତାକୁ ଅନୁସରଣ କରିପାରିବ । ସ୍ୱୟଂ ଅପୂର୍ଣ୍ଣ ହୋଇ ଅନ୍ୟକୁ ପୂର୍ଣ୍ଣତାର ଉପଦେଶ ଦେଲେ ଯାହା ପରିଣାମ ହୁଏ, ତାହା ଆଜି ଆମ୍ଭେମାନେ ସଂସାରରେ ଦେଖୁଅଛୁ । ଏହି ଅସଫଳତାର ଏକମାତ୍ର କାରଣ ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷାର ଅଭାବ ।

ମନ, ପ୍ରାଣ, ଶରୀର, ଆତ୍ମା — ଏହି ଚାରି ସତ୍ତାର ସଂଯୋଗରେ ପ୍ରାଣବନ୍ତ ମନୁଷ୍ୟ ହୁଏ । ଏହି ଚାରି ସତ୍ତା ମଧ୍ୟରେ ଅବଶ୍ୟ ଅସଂଖ୍ୟ ଶକ୍ତି ନିହିତ ଅଛି । ଏହି ସବୁର ବିକାଶ ବହୁ ଅଂଶରେ ନିର୍ଭର କରେ ଶିକ୍ଷା ଉପରେ । ଏହି ଚାରିଟି ସତ୍ତାକୁ ସମାନଭାବେ ଶିକ୍ଷା ଦିଆ ନ ହେଲେ କିଂବା ଏହି ଚାରି ମଧ୍ୟରୁ ଗୋଟିଏ କିଂବା ଦୁଇଟି ବିକଶିତ ହୋଇ ବାକି ସବୁ ଅବିକଶିତ ରହିଲେ ଜୀବନ ଅଙ୍ଗହୀନ ଓ ଅସମଞ୍ଜସ ହୁଏ । ଏହି ଅସମଞ୍ଜସ ଓ ଅଙ୍ଗହୀନ ବ୍ୟକ୍ତି ସ୍ୱୟଂ ସୁଖୀ

ହୋଇପାରେ ନାହିଁ, ଅନ୍ୟକୁ ଏବଂ ସଂସାରକୁ ସୁଖ ପ୍ରାପ୍ତ କରାଇବ କିପରି ? ଯେପରି କୌଣସି ହୃଷ୍ଟପୁଷ୍ଟ ବଳବାନ୍ ବ୍ୟକ୍ତିର ଚକ୍ଷୁର ଅଭାବ, ଅନ୍ୟ କୌଣସି ବ୍ୟକ୍ତି ତୀବ୍ର ଦୃଷ୍ଟିସମ୍ପନ୍ନ ଓ ଅନ୍ୟାନ୍ୟ ଗୁଣସମ୍ପନ୍ନ ହୋଇ ମଧ୍ୟ ତାହାର ପଦର ଅଭାବ । ଏହି ଅଙ୍ଗହୀନ ବ୍ୟକ୍ତିଙ୍କ ଶରୀର ଏବଂ କର୍ମ ଅପୂର୍ଣ୍ଣ । ଚକ୍ଷୁହୀନ ବ୍ୟକ୍ତି ସ୍ୱୟଂ ନିର୍ଦ୍ୱନ୍ଦ୍ୱରେ ଚାଲିପାରେ ନାହିଁ, ଅନ୍ୟକୁ ପଥ ପ୍ରଦର୍ଶନ କରାଇ ପାରେ ନାହିଁ । ପଦବିହୀନ ବ୍ୟକ୍ତି ଶରୀରରେ ଅନ୍ୟକୁ ସାହାଯ୍ୟ କରିପାରେ ନାହିଁ କିଂବା ସ୍ୱୟଂ ଆବଶ୍ୟକ କର୍ମ ସମ୍ପାଦନ କରିପାରେ ନାହିଁ ।

ବୈଦିକ ଯୁଗରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ମନୁଷ୍ୟକୁ ଆଂଶିକ ଶିକ୍ଷା ପ୍ରାପ୍ତ ହେଉଅଛି, ସେଇଥିପାଇଁ ଜୀବନ ଅପୂର୍ଣ୍ଣ ଓ ସଂସାର ଦୁଃଖମୟ ହେଉଅଛି । ମନୁଷ୍ୟ ମଧ୍ୟରେ ନିହିତ ଚାରୋଟି ସତ୍ତା ମଧ୍ୟରୁ କେହି ବ୍ୟାୟାମ ଇତ୍ୟାଦି କରି ଶରୀରର ବଳ ବଢ଼ାଉଛନ୍ତି, କେହି ସୌନ୍ଦର୍ଯ୍ୟ ସମ୍ବନ୍ଧୀୟ କାରୁକାର୍ଯ୍ୟ, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ଇତ୍ୟାଦି କଳାର ବିକାଶ କରୁଛନ୍ତି । କେହି ବିଦ୍ୟାଧ୍ୟୟନ ଓ ଅନ୍ୟାନ୍ୟ ଅଭ୍ୟାସ ଦ୍ୱାରା ମନବୁଦ୍ଧିର ବିକାଶ କରୁଛନ୍ତି ଏବଂ ଏହି ମନ-ବୁଦ୍ଧି ସାହାଯ୍ୟରେ, ପ୍ରାଣଶକ୍ତିର ପ୍ରେରଣାରେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରୁଛନ୍ତି, ବିସ୍ମୟକର ବସ୍ତୁର ଆବିଷ୍କାର କରୁଛନ୍ତି । ଏହିସବୁ ବିସ୍ମୟଜନକ ବସ୍ତୁର ଆବିଷ୍କାର ଦେଖି ବିଜ୍ଞାନ ପାଖରେ ମନୁଷ୍ୟ ମସ୍ତକ ନତ କରିବାକୁ ବାଧ ହେଉଅଛି । କିନ୍ତୁ ଏହି ଭୌତିକ ବିକାଶର ସଙ୍ଗେ ସଙ୍ଗେ ମନୁଷ୍ୟ ଜୀବନରେ ଭୟ, ହିଂସା, ଘୃଣା, ଅଶାନ୍ତି, ଦ୍ୱନ୍ଦ୍ୱ, ସ୍ୱାର୍ଥ ମଧ୍ୟ ବଢ଼ି ଚାଲିଛି । ମନୁଷ୍ୟକୁ ସୁଖ ପ୍ରାପ୍ତି କରିବା ପାଇଁ କ୍ରମାଗତ ଯେତେ ଚମତ୍କାର ନୂତନ ବସ୍ତୁ ଆବିଷ୍କୃତ ହେଉଛି, ତାହାସବୁ ଜୀବନ-ଅସୁଖର କାରଣ ଏବଂ ଘାତକରୂପ ଧାରଣ କରୁଅଛି । ଏପରିକି ଯେଉଁ ଦେଶମାନଙ୍କରେ ଭୌତିକ ଜଡ଼-ବିଜ୍ଞାନର ବିଶେଷ ପ୍ରକାଶ ଓ ଅନ୍ୟାନ୍ୟ ଦେଶ ତୁଳନାରେ ନୂତନ ବସ୍ତୁର ଅଧିକ ଆବିଷ୍କାର ସେହି ଦେଶମାନଙ୍କରେ ବ୍ୟକ୍ତିର ଜୀବନ ଅଧିକ ଅଶାନ୍ତିମୟ, ଦ୍ୱନ୍ଦ୍ୱ-ଯୁକ୍ତ, ଆତଙ୍କିତ । ଏହାର କାରଣ ହେଉଛି ଜୀବନରେ ଅର୍ଥାତ୍ ମନ, ପ୍ରାଣ, ଶରୀର ବିକାଶର ସଙ୍ଗେ ସଙ୍ଗେ ଆତ୍ମାର ବିକାଶପ୍ରାପ୍ତ ନ ହେବା । ବୈଦ୍ୟମାନେ କହନ୍ତି ଶରୀରର ବାତ, ପିତ ବୈଷମ୍ୟ ହେଲେ ରୋଗ ଜାତ ହୁଏ । ଡାକ୍ତରମାନଙ୍କ ମତ ବି ଏହିପରି । ଏହା ମଧ୍ୟ ମନୁଷ୍ୟର ପୂର୍ଣ୍ଣାଙ୍ଗ ବିକାଶ ସକାଶେ ପ୍ରଯୁଜ୍ୟ । ଏହି ଅସମଞ୍ଜସ ଜୀବନର ପରିଣାମ ଏହିପରି ହେଉଛି ଯେପରି ନେତ୍ରବିହୀନ ବଳବାନ୍ ବ୍ୟକ୍ତିର ଖଡ୍‌ଗ ପ୍ରହାରରେ ହୁଏ । ସେ ଶତ୍ରୁ ବା ମିତ୍ର ଦେଖିପାରେ ନାହିଁ । ସମ୍ମୁଖରେ ଥିବା ବ୍ୟକ୍ତି ଉପରେ ପ୍ରହାର କରେ, ସେ ଶତ୍ରୁ ହେଉ ବା ମିତ୍ର ହେଉ । ଆଜିକାଲି ଠିକ୍ ଏହିପରି ହେଉଛି । ଆତ୍ମ-ଅବିକଶିତ ବୁଦ୍ଧି-ପ୍ରଧାନ ଶରୀରଧାରୀ ବ୍ୟକ୍ତି ନିଜ ସ୍ୱାର୍ଥସିଦ୍ଧି ନିମିତ୍ତ ଆବିଷ୍କୃତ ବସ୍ତୁ ଦ୍ୱାରା ସ୍ୱୟଂ ଅଶାନ୍ତ, ଭୟତ୍ରସ୍ତ ହେଉଅଛି । ଜୀବନରେ ମନ, ପ୍ରାଣ, ଶରୀରର ବିକାଶ ସଙ୍ଗେ ଆତ୍ମାର ବିକାଶ ନ ହେଉଥିବାରୁ, ଆତ୍ମ-ଶିକ୍ଷା ପ୍ରାପ୍ତି ଅଭାବରୁ ମନୁଷ୍ୟ ସୁଖମୟ ଜୀବନ ପ୍ରାପ୍ତ କରିପାରୁ ନାହିଁ, ସଂସାରରେ ସୁଖ, ଶାନ୍ତି, ଅହିଂସା ସ୍ଥାପିତ ହୋଇପାରୁ ନାହିଁ । ଏହି କାର୍ଯ୍ୟ ନିମିତ୍ତ ସମସ୍ତ ଉପାୟ ବ୍ୟର୍ଥତାରେ ପରିଣତ ହୋଇଛି । ଶ୍ରୀଅରବିନ୍ଦ ତାଙ୍କ ଦିବ୍ୟଦୃଷ୍ଟି ବଳରେ ଦେଖିଲେ ଯେ ବର୍ତ୍ତମାନ ସମୟ ଆସିଛି । ଆତ୍ମା ବିକଶିତ ହୋଇ ମନ-ପ୍ରାଣକୁ ନିୟନ୍ତ୍ରିତ କରି ନିଜ ଦିବ୍ୟଗୁଣ ଶାନ୍ତି, ସନ୍ତୋଷ, ଆନନ୍ଦ, ସତ୍ୟ, ଅହିଂସା, ପ୍ରେମ, ଦୟାଦି ଗୁଣରେ ବ୍ୟକ୍ତିକୁ ବିଭୂଷିତ କରିବ । ତେବେ ସଂସାରରେ ଶାନ୍ତି, ସୁଖ, ସତ୍ୟ, ଅହିଂସା ସ୍ଥାପିତ ହେବ; ଜଗତ ସୁଖମୟ ହେବ । ସେଥିପାଇଁ ଜଗତ ସମ୍ମୁଖରେ ଆଦର୍ଶରୂପେ ତାଙ୍କର ଆଶ୍ରମ ଶିକ୍ଷାଳୟରେ ପୂର୍ଣ୍ଣାଙ୍ଗ ଶିକ୍ଷାର ବ୍ୟବସ୍ଥା କରିଛନ୍ତି, ତାହାକୁ ସମସ୍ତ ଛାତ୍ର ଅନୁସରଣ କରିପାରନ୍ତି ।

ପ୍ରଚଳିତ ଶିକ୍ଷାର ପରିଣାମ

ବର୍ତ୍ତମାନ ଜଗତରେ ସାଧାରଣତଃ କେବଳ ମାନସିକ ଆଉ ପ୍ରାଣିକ ଶିକ୍ଷା ଉପରେ ଅଧିକ ଜୋର ଦିଆଯାଉଛି । ଶାରୀରିକ ଶିକ୍ଷା ବହୁତ କମ୍ ମାତ୍ରାରେ ପ୍ରଚଳିତ । ଆତ୍ମିକ ଶିକ୍ଷା ଏକେବାରେ ଶୂନ୍ୟ । ପ୍ରାଣ ଶକ୍ତି ଦ୍ୱାରା ମନୁଷ୍ୟ କର୍ମର ପ୍ରେରଣା ପାଏ, କର୍ମରେ ପ୍ରବୃତ୍ତ ହୁଏ ଆଉ ମନ, ବୁଦ୍ଧି ସାହାଯ୍ୟରେ ତାହା ସମ୍ପାଦନ କରେ । ମନ-ବୁଦ୍ଧି ସୀମିତ,

ସ୍ୱାର୍ଥଯୁକ୍ତ ଓ ଯଥାର୍ଥ ଜ୍ଞାନରୁ ବଞ୍ଚିତ । ତାହାର ଦୃଷ୍ଟିଶକ୍ତି ଝାପ୍ସା, ମାର୍ଗ ଅନିଶ୍ଚିତ, ଲକ୍ଷ୍ୟ ଭ୍ରାନ୍ତ । ତା'ର ଜୀବନ-ଯାତ୍ରା ବିନା ମଙ୍ଗରେ ନୌକା ତୁଲ୍ୟ ।

ଆତ୍ମ-ଜ୍ଞାନ ଆଲୋକରେ ପୂର୍ଣ୍ଣ; ଶାନ୍ତି, ସମତା, ଆନନ୍ଦର ସ୍ୱରୂପ, ଜୀବନର ଯଥାର୍ଥ ନେତା ଆଉ ଚାଳକ । ଆତ୍ମା ଆଲୋକ ଓ ଜ୍ଞାନଯୁକ୍ତ ଥିବାରୁ ସଂସାର ଜୀବନ-ଯାତ୍ରାର ସମସ୍ତ ମାର୍ଗ ଏବଂ ଅନ୍ତରରେ ଶାନ୍ତି, ସନ୍ତୋଷ, ଆନନ୍ଦ, ଶକ୍ତି ପ୍ରାପ୍ତ କରିବାର ସମସ୍ତ ରହସ୍ୟ ତା' ପାଖରେ ନିରାବରଣ । ଏହି ଆତ୍ମାର ବିକାଶ ଅଭାବରୁ ମନ ଜୀବନର ନେତୃସ୍ଥାନ ଅଧିକାର କରି ଜୀବନକୁ ପରିଚାଳିତ କରେ । ନାନା ପ୍ରକାର ଭୌତିକ କର୍ମରେ ସଫଳ ହୋଇ ପ୍ରାଣର ସ୍ୱାର୍ଥ ଆଉ ଅହଂକୁ ତୁଷ୍ଟ କରିବା ନିମିତ୍ତ ଧନ, ମାନ, ଯଶ, ମହତ୍ତ୍ୱ, ପ୍ରଭୁତ୍ୱ, ଆଧିପତ୍ୟ ପ୍ରାପ୍ତ କରିବାକୁ ଦୌଡ଼େ । ଲକ୍ଷ୍ୟ ଅଜଣା, ଦୃଷ୍ଟି ଝାପ୍ସା ଯୋଗୁଁ ମାର୍ଗଭ୍ରଷ୍ଟ ହୋଇ କେବେ ଖାଲରେ ପଡ଼େ, କେବେ ଝୁଣ୍ଟିପଡ଼ି ଆଣ୍ଠୁ ଗଣ୍ଠି ଭାଙ୍ଗିବା ଦ୍ୱାରା ନାନା ପ୍ରକାର ଯନ୍ତ୍ରଣା ପାଏ । ଆତ୍ମ-ବିକାଶ ବିନା ଜୀବନର ଯେଉଁ ଏକମାତ୍ର ଲକ୍ଷ୍ୟ ସୁଖ, ଶାନ୍ତି, ଆନନ୍ଦ ପ୍ରାପ୍ତ କରିବା ତାହା ଭ୍ରମବଶତଃ କାମନା ବାସନାର ତୁଷ୍ଟି, ମାନ, ଯଶ, ଅଧିକାର, ପଦମର୍ଯ୍ୟାଦାରେ ଖୋଜେ । ଏହାସବୁ ଅସ୍ଥାୟୀ ହେବାରୁ ମୃଗତୃଷ୍ଣା ସଦୃଶ ଏଥିରୁ ନିରାଶ ହେବାକୁ ପଡ଼େ । ଯଥାର୍ଥ ସୁଖ, ଶାନ୍ତି ଆତ୍ମାରେ । ଆତ୍ମ-ବିକାଶ ବିନା ଏହା କଦାପି ସ୍ଥାୟୀରୂପେ ପ୍ରାପ୍ତ ହୁଏ ନାହିଁ । ମନୁଷ୍ୟର ଏହି ପୂର୍ଣ୍ଣାଙ୍ଗ ବିକାଶ ଅଭାବରୁ ବୈଦିକ ଯୁଗରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ମନୁଷ୍ୟକୁ ଜୀବନରେ ପୂର୍ଣ୍ଣତା ପ୍ରାପ୍ତ ହୋଇ ନାହିଁ । ସଂସାରରେ ସାମଞ୍ଜସ୍ୟ, ଅହିଂସା ସ୍ଥାପିତ ହୋଇ ପାରି ନାହିଁ । ଜ୍ଞାତ ବା ଅଜ୍ଞାତରେ ସମସ୍ତ ବ୍ୟକ୍ତିଙ୍କର ଲକ୍ଷ୍ୟ ପରମ ସୁଖ, ଶାନ୍ତି, ସନ୍ତୋଷ, ଜଗତର ହିତ ସାଧନ, ଦେଶର ଉନ୍ନତି, ପରସ୍ପର ଭ୍ରାତୃତ୍ୱ-ସମ୍ବନ୍ଧ ସ୍ଥାପନ । ଦେଶ ଦେଶ ମଧ୍ୟରେ, ଜାତି ଜାତି ମଧ୍ୟରେ ପ୍ରେମ, ମୈତ୍ରୀ ବ୍ୟବହାର । ଏହି ଆଦର୍ଶ ଯଥାର୍ଥ ବା ଅଯଥାର୍ଥ ପ୍ରଣାଳୀରେ ପ୍ରତ୍ୟେକ ବ୍ୟକ୍ତି ଚାହାନ୍ତି । ନେତାମାନେ ଉପଦେଶ ଦିଅନ୍ତି ଏବଂ ମନୁଷ୍ୟ ଜାତି ସେହି ଲକ୍ଷ୍ୟ ଆଡ଼କୁ ଅଜ୍ଞାତରେ ମଧ୍ୟ ଗତି କରୁଅଛି ।

ପ୍ରତ୍ୟେକ ବ୍ୟକ୍ତି ଜାଣନ୍ତି ଆଉ କହନ୍ତି ଯେ ହିଂସା, ଦ୍ୱେଷ, ଈର୍ଷ୍ୟା, ଚୋରି, ରିସ୍‌ପତ, ଅନ୍ୟାୟ ଏସବୁ ଦୁର୍ଗୁଣ – ଏସବୁକୁ ତ୍ୟାଗ କରିବାକୁ ହେବ । ଏହା ଜାଣିବା ଆଉ କହିବା ସତ୍ତ୍ୱେ, ସଂସାରରେ ଏହିସବୁ ଦୁର୍ଗୁଣ ଆଜି ବୃଦ୍ଧି ହେଉଅଛି । ଏହିସବୁର ନିବାରଣ ସକାଶେ ସମସ୍ତ ଉପାୟ ବ୍ୟର୍ଥ ହୋଇଅଛି, ସଂସାରରେ ଏହିସବୁ ଅନ୍ୟାୟର ରାଜତ୍ୱ ଚାଲୁଅଛି । ଏହାର କାରଣ ହେଉଛି ଆତ୍ମ-ଶିକ୍ଷାର ଅଭାବ ।

ମନୁଷ୍ୟର ବାହ୍ୟ ଶକ୍ତି ଅପେକ୍ଷା ଆନ୍ତର ଶକ୍ତି ବହୁତ ବଳବାନ୍ । ସ୍ଥୂଳରୁ ଯେତେ ସୂକ୍ଷ୍ମ ହେବ, ତାହାର ଶକ୍ତି ତେତେ ଅଧିକ ପ୍ରକାଶିତ ହେବ । ଆଟମିକ୍ ବମ୍ ଆବିଷ୍କାର କରି ବିଜ୍ଞାନ ଏହାକୁ ପ୍ରମାଣ କରି ଦେଇଛି । ମିଥ୍ୟା କହିବା, ଚୋରି କରିବା, ଲାଞ୍ଚ ନେବା, ଅନ୍ୟର ଅନିଷ୍ଟ କରିବା, ରାଗ କରିବା, ଅନ୍ୟକୁ ମାରିବା ଇତ୍ୟାଦି ସ୍ଥୂଳକ୍ରିୟା । ମନୁଷ୍ୟ ଏସବୁକୁ ବର୍ଜନ କରିବାକୁ ଚାହେଁ, ଅନ୍ୟାୟ ବୋଲି ଜାଣେ, କିନ୍ତୁ ଈର୍ଷା, ବିରୋଧ, ହିଂସା, ଦ୍ୱେଷ, କାମ, କ୍ରୋଧର ପ୍ରେରଣାରେ ଇଚ୍ଛା ନ ଥିବା ସତ୍ତ୍ୱେ ଏଥିରେ ବାଧ ହୋଇ ପ୍ରବୃତ୍ତ ହୁଏ । ଗୀତାରେ ଅର୍ଜୁନ ଏହି କଥା ଶ୍ରୀକୃଷ୍ଣଙ୍କୁ ପଚାରିଥିଲେ । ଶ୍ରୀକୃଷ୍ଣ କହିଲେ, ''ବ୍ୟକ୍ତି କାମ, କ୍ରୋଧାଦି ରଜଗୁଣର ବଶ ହୋଇ ଇଚ୍ଛା ନ ଥିବା ସତ୍ତ୍ୱେ ଅନ୍ୟାୟ କାର୍ଯ୍ୟରେ ପ୍ରବୃତ୍ତ ହୁଏ । ଏହିସବୁ ଦୁର୍ଗୁଣ ମନୁଷ୍ୟର ମନ-ବୁଦ୍ଧିର ବିଚାରରେ ଦୂର ହୁଏ ନାହିଁ । ଯଦି ହୋଇଥା'ନ୍ତା, ତେବେ ବୈଦିକ ଯୁଗରୁ ଆଜି ପର୍ଯ୍ୟନ୍ତ ସଂସାରରେ ସୁଖ ସ୍ଥାପନ କରିବା ନିମିତ୍ତ ଯେଉଁ ପ୍ରଯତ୍ନ ହୋଇଆସୁଛି, ତାହା ସଫଳ ହୁଅନ୍ତା । ଆମ୍ଭେ ଆଜି ଏହି ଦୁଃଖ-ଦ୍ୱନ୍ଦ୍ୱମୟ ଜଗତରେ ନ ରହି ଏକ ଆନନ୍ଦମୟ ଜଗତରେ ବାସ କରୁଥା'ନ୍ତୁ । ଈର୍ଷ୍ୟା, ଦ୍ୱେଷ ଆଦି ଦୁର୍ଗୁଣଠାରୁ ଅଧିକ ସୂକ୍ଷ୍ମ ଆତ୍ମା । ଏସବୁକୁ ଆମ୍ଭେ ମନ-ବୁଦ୍ଧିରେ ବିଚାର କରିପାରୁ କିନ୍ତୁ ଆତ୍ମାକୁ ଅନୁଭବ କରୁ ମନ-ବୁଦ୍ଧିକୁ ଅଧିକ ସୂକ୍ଷ୍ମ କରିବାରେ । କେବଳ ଆତ୍ମାର ଶକ୍ତିରେ ଉପର ବର୍ତ୍ତିତ ଦୁର୍ଗୁଣ ଦୂର ହୋଇ ଜୀବନରେ ସ୍ଥାୟୀ ସଦ୍‌ଗୁଣ – ଅହିଂସା, ଶାନ୍ତି, ସନ୍ତୋଷ, ଆନନ୍ଦ, ଭ୍ରାତୃତ୍ୱ, ପ୍ରେମ ଜୀବନରେ ପ୍ରକାଶିତ ହୁଏ । ଆତ୍ମା ଜାଗ୍ରତ୍ ହେଲେ ମନ, ପ୍ରାଣକୁ ଯଥାର୍ଥ ମାର୍ଗରେ ପରିଚାଳିତ କରେ, ଜୀବନ ସାମଞ୍ଜସ୍ୟପୂର୍ଣ୍ଣ ହୁଏ । ଜୀବନର ଅନୁରୂପ ଜଗତ ନିର୍ମାଣ ହୁଏ । ଜୀବନ ପୂର୍ଣ୍ଣ ହୁଏ ମନ, ପ୍ରାଣ, ଶରୀର, ଆତ୍ମା – ଏହି ଚାରୋଟି ସତ୍ତାର ବିକାଶ ହେବାରେ ।

ପୁରାତନ ଯୁଗର କେତେକ ବ୍ୟକ୍ତି ଆତ୍ମାକୁ ବିକଶିତ କରିବା ଉଦ୍ଦେଶ୍ୟରେ ସାଂସାରିକ କର୍ମ ତ୍ୟାଗ କରି ଆତ୍ମାନନ୍ଦରେ ନିବାସ କଲେ । ଅନ୍ୟମାନେ ମନ, ପ୍ରାଣ, ବିକାଶରେ କର୍ମ କରି ଆତ୍ମାକୁ ଭୁଲିଗଲେ । ଏହି ଉଭୟ ପ୍ରକାର ବ୍ୟକ୍ତିଙ୍କର ହେଲା ଅପୂର୍ଣ୍ଣ ଜୀବନ । ସେଥିପାଇଁ ସଂସାରର ହେଲା ଅବନତି । ଏହି ଚାରିଙ୍କ ବିକାଶରେ ସଂସାରର ଉନ୍ନତି ନିହିତ ।

ପ୍ରଚଳିତ ଶିକ୍ଷାର ସ୍ୱରୂପ

ଆତ୍ମ-ଶିକ୍ଷା ଅଭାବରୁ ଛାତ୍ର ଶିକ୍ଷା ସଙ୍ଗେ ସଙ୍ଗେ ସ୍ୱାର୍ଥ, ହିଂସାକୁ ପ୍ରଶ୍ରୟ ଦିଏ । ପ୍ରଥମରୁ ନିଜକୁ ଏବଂ ଅନ୍ୟକୁ ଠକିବା ଆରମ୍ଭ କରେ । ଯେଉଁ ଶିକ୍ଷାରେ ଜୀବନର ବିକାଶ ନିର୍ଭର କରେ, ତାହା ସେ କେବଳ ପାସ୍ କରିବା ଉଦ୍ଦେଶ୍ୟରେ ପରୀକ୍ଷାରେ ଯାହା ଆବଶ୍ୟକ ହେବ ତାହାହିଁ ପଢ଼େ । ଆରମ୍ଭରୁ ସେ ଜୀବନର ପୂର୍ଣ୍ଣତାର ଉଦ୍ଦେଶ୍ୟକୁ ଭୁଲି ତାହା ସ୍ଥାନରେ ଆଣେ ସ୍ୱାର୍ଥସିଦ୍ଧି । ସେ ଚାହେଁ ପାସ୍ କରିବା ପରେ ବଡ଼ ଅଫିସର୍ ହୋଇ ସମାଜରେ ମାନ ସମ୍ମାନ ପ୍ରାପ୍ତ କରି ସମ୍ମାନୀୟ ହେବ, ଦେଶନେତା ହୋଇ ବଡ଼ ଅଧିକାର ପ୍ରାପ୍ତ କରିବ ଅଥବା ବ୍ୟାପାର କରି ବହୁତ ଧନ ଉପାର୍ଜନ କରି ସୁଖ ଭୋଗ କରିବ । ତାହାର ଉଚ୍ଚରୁ ଉଚ୍ଚ ଉଦ୍ଦେଶ୍ୟରେ ସ୍ପଷ୍ଟ ଅଥବା ଅସ୍ପଷ୍ଟଭାବେ ରହିଥାଏ ସ୍ୱାର୍ଥ । ଏହିମାନେ ଯେତେବେଳେ ବଡ଼ ହୋଇ ଦେଶରେ କାର୍ଯ୍ୟ କରନ୍ତି, ସେତେବେଳେ ଅଫିସର ବା କର୍ମଚାରୀ ହେଲେ ଅନ୍ୟାୟ, ଅସତ୍ୟକୁ ଆଶ୍ରୟ କରି ଲାଞ୍ଚ ନିଅନ୍ତି । ଶିକ୍ଷକ ହେଲେ ବେଠି କଲାପରି ସ୍କୁଲ କାର୍ଯ୍ୟ ଶେଷ କରି ଟିଉସନ୍ ଅଥବା ଅନ୍ୟ ଉପାୟ କରନ୍ତି । ବ୍ୟବସାୟୀ ହେଲେ କଳାବଜାର କରନ୍ତି । ନେତା ହେଲେ ତ' କହିବାର କଥା ନାହିଁ । ଚାରି ଖୁଣ୍ ମାଫ୍ । ନିଜ ସୁବିଧା ସକାଶେ ଆଜି ଯାହାକୁ କହିଥିବେ ଅନ୍ୟାୟ, ଅନ୍ୟ ସମୟରେ ନିଜର ସୁବିଧା ପାଇଁ ତାକୁ ନ୍ୟାୟ କହି ସେହି ଶବ୍ଦର ଅର୍ଥ କରିବେ ଅନ୍ୟ ପ୍ରକାରେ । ଏହିପରି ଶିକ୍ଷାରେ ଛାତ୍ର-ଜୀବନରୁ ଆରମ୍ଭ କରି ଶେଷ ଜୀବନ ପର୍ଯ୍ୟନ୍ତ ସେମାନେ ଆଦର୍ଶର ଯେତେ ବଡ଼ ବଡ଼ କଥା କହନ୍ତୁ ନା କାହିଁକି, କର୍ମରେ ହୁଏ ତାହାର ବିପରୀତ । ଏହା ଆଜି ପ୍ରତ୍ୟେକ ବ୍ୟକ୍ତିର ସମ୍ମୁଖରେ । ଆଉ କେତେକ ବ୍ୟକ୍ତି ଦେଶର ଉନ୍ନତି ଯଦ୍ୟପି ଯଥାର୍ଥରେ ଚାହିଁଛନ୍ତି, ପ୍ରଯତ୍ନ କରିଛନ୍ତି, ତଥାପି ସେମାନଙ୍କ ପ୍ରଯତ୍ନ ବ୍ୟର୍ଥ ହୋଇଛି । କାରଣ ସେମାନଙ୍କର ପ୍ରଯତ୍ନମୂଳରେ ରହିଛି ତ୍ରୁଟି । ସେମାନେ କେବଳ ମନ, ପ୍ରାଣ, କ୍ରିୟା, ବୁଦ୍ଧିର ବିଚାରରେ ସଂସାରରେ ଶାନ୍ତି, ସମତା, ଭ୍ରାତୃଭାବ ସ୍ଥାପନ କରି ଜୀବନ ଆଉ ଜଗତର ଉନ୍ନତି ଚାହିଁଛନ୍ତି । ବୁଦ୍ଧି-ବିଚାର ଓ ନୈତିକତା ମନ, ପ୍ରାଣକୁ ଶାସନ, ସଂଯମ କରି ଯଥାର୍ଥ ମାର୍ଗରେ ପରିଚାଳିତ କରିବାରେ ଅକ୍ଷମ । ଏହା କରିପାରେ କେବଳ ଆତ୍ମା । ସେ ବିକଶିତ ହୋଇ ନିଜ ଜ୍ଞାନ, ଜ୍ୟୋତିଃ, ସତ୍ୟ, ଶାନ୍ତିରେ ମନ, ପ୍ରାଣକୁ ଉଦ୍‌ଭାସିତ କରେ । ସେ ସବୁର ଦୁର୍ଗୁଣ ଦୂର କରି ନିଜ ସଦ୍‌ଗୁଣରେ ସେ ସବୁକୁ ମଣ୍ଡିତ କରେ, ଜୀବନକୁ ଆନନ୍ଦମୟ, ପରମ ସୁଖମୟ କରି ଗଢ଼ିତୋଳେ ।

ବର୍ତ୍ତମାନ ପରିସ୍ଥିତି

କ୍ରମ-ବିକାଶ ଗତି ଅନୁସାରେ ପ୍ରଥମାବସ୍ଥା ପଶୁମାନଙ୍କର ଶାରୀରିକ ବଳର ଯୁଗ ଥିଲା । ତା'ପରେ ପ୍ରାଣ-ପ୍ରଧାନ ଯୁଗରେ ବ୍ୟକ୍ତି ବୁଦ୍ଧି-କୌଶଳରେ ପ୍ରାଣଶକ୍ତି, ଶାରୀରିକ ବଳ ପ୍ରୟୋଗ କରି ଅନ୍ୟ ଉପରେ ଅଧିକାର ବିସ୍ତାର କଲା ଏବଂ ଶାସନ କଲା । ବର୍ତ୍ତମାନ ବୁଦ୍ଧିଯୁଗରେ ମନୁଷ୍ୟ କେବଳ ବିଜ୍ଞାନ ସାହାଯ୍ୟରେ ନିଜ ମହଦାକାଙ୍କ୍ଷା ପୂର୍ଣ୍ଣ କରି ଅନ୍ୟ ଉପରେ ଆଧିପତ୍ୟ ସ୍ଥାପନ କରିବାକୁ ସମସ୍ତ ବୁଦ୍ଧି ପ୍ରୟୋଗ କରୁଅଛି । ଏଥିରେ ସେ ସଫଳତା ପ୍ରାପ୍ତ କରିପାରୁ ନାହିଁ । ଶାରୀରିକ ବଳ ଯୁଗ, ପ୍ରାଣଶକ୍ତିର ଯୁଗ ପୂର୍ବରୁ ଶେଷ ହୋଇଥିଲା । ଏବେ ବୁଦ୍ଧିଯୁଗ ଶେଷ ସୀମାରେ ପହଞ୍ଚି ସାରିଲାଣି । ତାହାର ଯାହା କରାମତ ଥିଲା ତାହାସବୁ ସେ ଦେଖାଇ ସାରି ମଝି ନଈରେ ପଡ଼ି ଥଳକୂଳ ପାଉ ନାହିଁ । ଏପରି ମାରଣାସ୍ତ୍ର ତୟାର କରି ସାରିଛି ଯେ ନିଜେ ବଞ୍ଚି ରହିବାର ଉପାୟ ପାଉ ନାହିଁ । ବୁଦ୍ଧି ବରାବର ଛଦ୍ମବେଶଧାରୀ

କପଟୀ ମୁନି ସଦୃଶ । ବୁଦ୍ଧିମାନ୍ ବ୍ୟକ୍ତି କଥାବାର୍ତ୍ତା କରିବେ ଶାନ୍ତି ସ୍ଥାପନ କରିବାକୁ ଆଉ ପ୍ରସ୍ତାବ ଆଣିବେ ନିରସ୍ତ୍ରୀକରଣର । କିନ୍ତୁ ଗୁପ୍ତରୂପେ ଅସ୍ତ୍ର ତୟାରି କରୁଥିବେ ଓ କୌଶଳ କରୁଥିବେ ନିଜେ ବଳବାନ୍ ହୋଇ ଅନ୍ୟ ଉପରେ ଅଧିକାର ବିସ୍ତାର କରିବାକୁ ।

ବ୍ୟକ୍ତି ପୃଥକ୍ ପୃଥକ୍, ବ୍ୟକ୍ତିତ୍ୱ ଭିନ୍ନ କିନ୍ତୁ ବୁଦ୍ଧି ତ' ବ୍ୟାପକ । ନିଜ ବୁଦ୍ଧି ଯେପରି କପଟୀ, ଅନ୍ୟ ବୁଦ୍ଧି ସେହିପରି କପଟୀ । କପଟତାରେ ବିଶ୍ୱାସ ଆସିବ କେଉଁଠୁ ? ଜଗତରେ ଶାନ୍ତି ସ୍ଥାପନ କାର୍ଯ୍ୟ ବୁଦ୍ଧି କାବୁର ବାହାରେ । ସଂସାର ବିକାଶ ମାର୍ଗରେ ଚାଲୁଛି, ସେ ଚାଲିଥିବ । ବୁଦ୍ଧି ଯେପରି ଅବସ୍ଥାରେ ପହଞ୍ଚିଛି ସେ ଜଗତ ସମସ୍ୟା ଯଥାର୍ଥ ଭାବେ ସମାଧାନ କରିପାରିବ ନାହିଁ, ଆଉ ଆଗେ ବଢ଼ିବାର ସାମର୍ଥ୍ୟ ବି ନାହିଁ । ସେନେଇ ବୁଦ୍ଧି-ଯୁଗ ସମାପ୍ତ । ବିକାଶ ପ୍ରଣାଳୀ ଅନୁସାରେ ବର୍ତ୍ତମାନ ଆସିବ ଆତ୍ମାର ଯୁଗ ।

ଆତ୍ମ-ବିକାଶର ଆବଶ୍ୟକତା

ଆତ୍ମା ସ୍ୱୟଂ ନିଷ୍କପଟ, ଆନନ୍ଦ, ଶାନ୍ତି ସ୍ୱରୂପ ଜ୍ଞାନଯୁକ୍ତ, ଶତ୍ରୁ-ମିତ୍ରଭାବ-ଶୂନ୍ୟ, ହିଂସା ଓ ସ୍ୱାର୍ଥର ଉର୍ଦ୍ଧ୍ୱରେ, ସର୍ବତ୍ର ବ୍ୟାପକ । ଆତ୍ମାର ଆଧିପତ୍ୟ ମନ-ପ୍ରାଣରେ ହେଲେ କପଟ, ଅବିଶ୍ୱାସ ରହିବ ନାହିଁ । ଅର୍ଥାତ୍ ଆତ୍ମାର ବିକାଶ ସଙ୍ଗେ ସଙ୍ଗେ କ୍ରମଶଃ କପଟତା, ଅବିଶ୍ୱାସ ଦୂର ହେବାକୁ ଲାଗିବ । ଏହା ହେବ ବ୍ୟାପକଭାବେ । ନିଜ ଭିତରୁ କପଟ, ଅବିଶ୍ୱାସ ଦୂର ବା କମ୍ ହେଲେ ଅନ୍ୟ ମଧ୍ୟରୁ କମ୍ ଏବଂ ଦୂର ହେବାକୁ ଲାଗିବ । ତେବେ ପରସ୍ପର ବିଶ୍ୱାସ କରିବେ; ଜଗତରେ, ଜୀବନରେ ଯଥାର୍ଥ ସୁଖ ଓ ଶାନ୍ତି ସ୍ଥାପିତ ହେବ । ବର୍ତ୍ତମାନ ପୁରାତନ ବୁଦ୍ଧି-ଯୁଗ ଆଉ ନୂତନ ଆତ୍ମା-ଯୁଗର ସନ୍ଧିକ୍ଷଣ । ମନୁଷ୍ୟ ଯେତେ ସଂଖ୍ୟାରେ ସଚେତନଭାବେ ଏହି ଆତ୍ମ-ସତ୍ୟକୁ ଗ୍ରହଣ କରିବାକୁ ପ୍ରସ୍ତୁତ ହେବେ, ତେତେ ଶୀଘ୍ର ସଂସାରରୁ ଦୁଃଖ ଦ୍ୱନ୍ଦ୍ୱ ଦୂର ହେବ, ଶାନ୍ତି ସ୍ଥାପିତ ହେବ, ଜଗତ ସ୍ୱର୍ଗରେ ପରିଣତ ହେବାକୁ ଲାଗିବ । ଏହି ଯୁଗ-ପରିବର୍ତ୍ତନ ସମୟରେ, ନୂତନ ଯୁଗର ଆଗମନ କାର୍ଯ୍ୟରେ ଅଂଶ ଗ୍ରହଣ କରିବାରେ ଛାତ୍ରମାନଙ୍କର ବହୁତ ସୁଯୋଗ । ଏହା ସକାଶେ ଶିକ୍ଷା-ପ୍ରଣାଳୀ ପରିବର୍ତ୍ତନ କରିବା ଆବଶ୍ୟକ । କାରଣ ପାରିପାର୍ଶ୍ୱିକ ଅବସ୍ଥା ଏପରି ହୋଇଛି ଯେ ବିଦ୍ୟାର୍ଥୀ ବିଦ୍ୟାଳୟରେ ପଦାର୍ପଣ କରିବା ସଙ୍ଗେ ସଙ୍ଗେ ତା ଚେତନାରେ ଆସୁଛି ସ୍ୱାର୍ଥ ଆଉ ଉଦର ପାଳନର ପ୍ରବୃତ୍ତି । ସେ ଭୁଲି ଯାଉଛି ପୂର୍ଣ୍ଣାଙ୍ଗ ଶିକ୍ଷା ଦ୍ୱାରା ନିଜର ପୂର୍ଣ୍ଣ ବିକାଶ । ଏଥିପାଇଁ ଶିକ୍ଷାର ପରିବର୍ତ୍ତନ ଆବଶ୍ୟକ ହେଲେ ସୁଦ୍ଧା ବର୍ତ୍ତମାନ ଶିକ୍ଷା-କର୍ତ୍ତୃପକ୍ଷଙ୍କଠାରୁ ଏ-ସମ୍ବନ୍ଧରେ ବହୁତ ଆଶା କରିବା ସମ୍ଭବ ନୁହେଁ । ସେମାନଙ୍କ ସ୍ୱଭାବ ଦୃଢ଼ ହୋଇ ସାରିଲାଣି । ସେମାନଙ୍କର ଆଧାର ଏପରି ପୂର୍ଣ୍ଣ ହୋଇ ସାରିଲାଣି ଯେ ଆଉ ନୂତନ ସତ୍ୟ ପ୍ରବେଶର ସ୍ଥାନ ନାହିଁ । ଏହାର ଅଧିକ ସମ୍ଭାବନା ଛାତ୍ର ଜୀବନରେ । ସେ ଯଦି ଏହି ନୂତନ ସତ୍ୟକୁ ଜୀବନରେ ଉତାରିବାକୁ ଚାହେଁ ତେବେ ତାହାର ଆଧାର ବିଶାଳ ହୋଇପାରିବ, ନୂତନ ସତ୍ୟକୁ ଗ୍ରହଣ କରି ପୂର୍ଣ୍ଣାଙ୍ଗ ବିକାଶ କରିପାରିବ । ସେ ଯେତେବେଳେ ସମାଜରେ କାର୍ଯ୍ୟ କରିବ ସେତେବେଳେ ତାହା ଦ୍ୱାରା ଶିକ୍ଷାର ପ୍ରଣାଳୀ ଆଉ ଅନ୍ୟାନ୍ୟ ସଂସ୍ଥା ପରିବର୍ତ୍ତିତ ହୋଇପାରିବ ।

ଆଦର୍ଶ ଶିକ୍ଷାର ପ୍ରଣାଳୀ

ବର୍ତ୍ତମାନ ଯେଉଁ ଛାତ୍ରମାନେ ଏହି ପୂର୍ଣ୍ଣାଙ୍ଗ ଆଦର୍ଶ ଶିକ୍ଷାକୁ ଗ୍ରହଣ କରିବାରେ ପ୍ରବୃତ୍ତ ହେବେ, ସେମାନଙ୍କ ସମ୍ମୁଖରେ ଦୁଇଟି ଅସୁବିଧା ଉପସ୍ଥିତ ହେବ । ଗୋଟିଏ ହେଲା ପାରିପାର୍ଶ୍ୱିକ ଅବସ୍ଥା ଏବଂ ଅନ୍ୟଟି ପୁରାତନ ସୀମିତ ସ୍ୱାର୍ଥପୂର୍ଣ୍ଣ ପରିବେଶରେ ରହି ପୂର୍ଣ୍ଣାଙ୍ଗ ଶିକ୍ଷାର ଆଦର୍ଶ ଗ୍ରହଣ କରିବା । ନୂତନ ସତ୍ୟ-ଆଦର୍ଶ ଗ୍ରହଣରେ ସର୍ବଦା କଠିନତା ଆସେ କିନ୍ତୁ ପରିଶେଷରେ ସେହି କଠିନତା ସହାୟତା ଅଥବା ବରଦାନରେ ପରିଣତ ହୁଏ । କିନ୍ତୁ ପ୍ରଥମରେ ଅଧିକ ପରିଶ୍ରମ କରିବାକୁ ହୁଏ ।

ଏହି ଅସୁବିଧା ଦୂର କରିବା ସକାଶେ ଆଶ୍ରମରେ ନୂତନ ଦୃଷ୍ଟିକୋଣରେ ଶିକ୍ଷାର ବ୍ୟବସ୍ଥା କରାହୋଇ ଛାତ୍ରମାନଙ୍କ ସମ୍ମୁଖରେ ଉପସ୍ଥାପିତ କରାହୋଇଛି । ପୂର୍ବେ କୁହାହୋଇଛି ଆଶ୍ରମର ପ୍ରତ୍ୟେକ କର୍ମ ମନୁଷ୍ୟ ସମ୍ମୁଖରେ ଗୋଟିଏ ନୂତନ ଆଦର୍ଶ ରଖୁଅଛି, ଯେଉଁଥିରେ ମନୁଷ୍ୟ ସଂସାରରେ ରହି ସମସ୍ତ କର୍ମରେ ଜୀବନର ଏକମାତ୍ର ଲକ୍ଷ୍ୟ ପରମାନନ୍ଦଙ୍କୁ ପ୍ରାପ୍ତ କରିପାରିବ । ସ୍ଥୂଳଭାବରେ କୌଣସି କର୍ମ ତ୍ୟାଗ କରିବାକୁ ହେବ ନାହିଁ, କେବଳ କର୍ମ କରିବା ଉଦ୍ଦେଶ୍ୟ, ମନୋଭାବ ପରିବର୍ତ୍ତନ କଲେ ଯେଉଁ କର୍ମ ଆଉ ସଂସାର ଦୁଃଖ ଦ୍ୱନ୍ଦ୍ୱର କାରଣ ଥିଲା ତାହା ଶାନ୍ତିମୟ ଆନନ୍ଦରେ ପରିଣତ ହେବ । ସେହିପରି ଛାତ୍ରମାନଙ୍କୁ ଆଦର୍ଶ ଶିକ୍ଷା ଗ୍ରହଣ କରିବାକୁ କେବଳ ମନୋଭାବ ପରିବର୍ତ୍ତନ କରିବାକୁ ହେବ । ଆଶ୍ରମର ଆଦର୍ଶ କର୍ମର ଗୋଟିଏ ପ୍ରଧାନ ଅଙ୍ଗ ହେଉଛି ଶିକ୍ଷା । ଏଠାରେ ଛାତ୍ରକୁ ଡିଗ୍ରି ଦିଆ ହୁଏ ନାହିଁ, ପ୍ରମାଣପତ୍ର ଦିଆ ହୁଏ ନାହିଁ । ପରୀକ୍ଷାରେ ପାସ୍ କରି ଉଦର ପାଳନ, ପରିବାର ପୋଷଣ କରିବା – ଏହି ସ୍ୱାର୍ଥମୂଳକ ଉଦ୍ଦେଶ୍ୟ ଛାତ୍ରର ନ ଥାଏ । ତଥାପି ତାହା ପ୍ରାପ୍ତ ହୁଏ ଆନୁଷଙ୍ଗିକରୂପେ । କାରଣ ଛାତ୍ରକୁ ସର୍ବାଙ୍ଗୀଣ ଶିକ୍ଷା ଦିଆଯିବାର ବ୍ୟବସ୍ଥା ବହୁତ ଶିଶୁ ସମୟରୁ କରାହୋଇଥାଏ । ଛାତ୍ରକୁ ଯୋଗ୍ୟତା ପ୍ରାପ୍ତ ହୁଏ । ଯୋଗ୍ୟ ବ୍ୟକ୍ତି ସଂସାରରେ ଯେ କୌଣସି କାର୍ଯ୍ୟ ଦକ୍ଷତାସହ କରିପାରେ । ପାସ୍ କରିବା, ଶିକ୍ଷାର ଲକ୍ଷ୍ୟ ନ ଥିବାରୁ ଛାତ୍ର ଉପରେ ପାସ୍ ସକାଶେ ପଢ଼ିବାର ଭାର ପଡ଼େ ନାହିଁ, ସେନେଇ ସେ ଯୋଗ୍ୟତା ଅର୍ଜନ କରିପାରେ । ଆଶ୍ରମରେ ଶାରୀରିକ, ପ୍ରାଣିକ, ମାନସିକ, ଆତ୍ମିକ ଶିକ୍ଷାର ବ୍ୟବସ୍ଥା ଅଛି, ପାରିପାର୍ଶ୍ୱିକ ଅବସ୍ଥା ତୟାର ହୋଇଛି । ଏହି ବାତାବରଣ ଛାତ୍ରକୁ ପୂର୍ଣ୍ଣାଙ୍ଗ ଶିକ୍ଷା ପାଇଁ ବାଧ କରେ, ତା'ର ସ୍ୱତଃ ପ୍ରବୃତ୍ତି ହୁଏ । ଏଠାରେ ଅନୁକୂଳ ବାତାବରଣ ଯୋଗୁଁ ଛାତ୍ରର ଆତ୍ମା ସ୍ୱତଃ ଜାଗ୍ରତ୍ ହୁଏ । ଆତ୍ମା ଜାଗ୍ରତ୍ ହେବା ସଙ୍ଗେ ସଙ୍ଗେ କ୍ରମଶଃ ମନ, ପ୍ରାଣ ଉପରେ ଶାସନ କରେ, ଛାତ୍ରକୁ ସତ୍ୟ ଓ ଯଥାର୍ଥ ମାର୍ଗରେ ନିର୍ଦ୍ଦେଶ ଦିଏ । ଆତ୍ମବିକାଶ ବିନା ବିଦ୍ୟା ପ୍ରାପ୍ତ କରିବା ଦ୍ୱାରା ବୁଦ୍ଧି ତୀବ୍ର ହୁଏ କିନ୍ତୁ ଶୁଦ୍ଧ ହୁଏ ନାହିଁ । ଅଶୁଦ୍ଧ ବୁଦ୍ଧି ତୀବ୍ର ହେଲେ ପ୍ରାଣ ସଂଯୋଗରେ ଅସାଧାରଣ କାର୍ଯ୍ୟ କରେ; କାର୍ଯ୍ୟ ସଫଳତାର ସୁଯୋଗ ପାଇ ଅଶୁଦ୍ଧ ପ୍ରାଣର ସ୍ୱାର୍ଥ, ବାସନା କାମନା ଆସି ମନୁଷ୍ୟର ବୁଦ୍ଧିକୁ ଭ୍ରଷ୍ଟ କରେ ଆଉ ବିପଥରେ ନେଇ ଯାଏ । ଏହି କାରଣରୁ ବୁଦ୍ଧିର ଅସାଧାରଣ ବିକାଶ ହେବା ସତ୍ତ୍ୱେ ଆଜି ସଂସାରରେ ଅନ୍ୟାୟ, ଅତ୍ୟାଚାର, ସ୍ୱାର୍ଥର ତାଣ୍ଡବ ନୃତ୍ୟ । ପ୍ରାଣ ଆଉ ବୁଦ୍ଧିକୁ ଶୁଦ୍ଧ କରେ ଆତ୍ମା । ଆତ୍ମା ସେ ସବୁକୁ ଯଥାର୍ଥ ସତ୍ୟ-ମାର୍ଗରେ ପରିଚାଳିତ କରେ । ଜୀବନ ଆଉ ଜଗତର ଉନ୍ନତି ସାଧନ ହୁଏ କେବଳ ଆତ୍ମ-ବିକାଶରେ । ଆତ୍ମା ବିକଶିତ ହେଲେ ମନୁଷ୍ୟର ପ୍ରାଣଶକ୍ତି ଅଧିକ ବଢ଼େ, ବୁଦ୍ଧି ଅଧିକ ତୀବ୍ର ହୁଏ, ବିଚାରରେ ସନ୍ଦେହ ରହେ ନାହିଁ । କେବଳ ମନ, ପ୍ରାଣ ଦ୍ୱାରା ମନୁଷ୍ୟ ଯେଉଁ କାର୍ଯ୍ୟକୁ ଯେତେ ସମୟରେ ସମ୍ପାଦନ କରେ, ଆତ୍ମା ସାହାଯ୍ୟରେ କମ୍ ସମୟରେ ଅଧିକ ପୂର୍ଣ୍ଣତା ସହିତ ସେହି କାର୍ଯ୍ୟ କରିପାରେ । ଆତ୍ମ-ବିକାଶରେ ଜୀବନ ଆନନ୍ଦମୟ, ସଂସାର ସ୍ୱର୍ଗ ହେବା ସଙ୍ଗେ ସଙ୍ଗେ ଜାଗତିକ କର୍ମରେ ଅଧିକ ଉନ୍ନତି ହୁଏ । ପ୍ରତ୍ୟେକ ଦିଗରୁ ବିଚାର କଲେ ଜୀବନର ପୂର୍ଣ୍ଣତା, ସଂସାର ଶୁଖ-ଶାନ୍ତିମୟ ହେବା ନିର୍ଭର କରେ ଆତ୍ମ-ବିକାଶ ଉପରେ । ଏହି କାରଣରୁ ଆଶ୍ରମରେ ମନୁଷ୍ୟର ମନ, ପ୍ରାଣ, ଶରୀର ଓ ଆତ୍ମାର ବିକାଶ ସକାଶେ ପୂର୍ଣ୍ଣାଙ୍ଗ ଶିକ୍ଷା ଦିଆହୁଏ ।

ଆତ୍ମ-ବିକାଶର ଉପାୟ

ପରିସ୍ଥିତି ଅନୁସାରେ ଛାତ୍ରକୁ ପଢ଼ି ପାସ୍ କରିବାକୁ ହେବ । କିନ୍ତୁ ଲକ୍ଷ୍ୟ ହେବ ପୂର୍ଣ୍ଣାଙ୍ଗ ବିକାଶ । ପୂର୍ଣ୍ଣାଙ୍ଗ ବିକାଶରେ ଆତ୍ମା ହେଉଛି ଶରୀରର ନେତା । ଆତ୍ମା ସର୍ବତ୍ର ବ୍ୟାପକ ହେବା ସତ୍ତ୍ୱେ ତା'ର ନିବାସ ସ୍ଥାନ ହେଉଛି ବ୍ୟକ୍ତିର ହୃଦୟ-ଗଭୀରରେ, ସୂକ୍ଷ୍ମ ଶରୀରରେ । ସେ ହୃଦୟ-ଗଭୀରରେ ସମସ୍ତ ଚେତନାକୁ ଏକାଗ୍ର କରିବ ଏବଂ ପ୍ରତ୍ୟେକ କର୍ମ ଆତ୍ମା ଉଦ୍ଦେଶ୍ୟରେ କରି ତାକୁହିଁ ସମର୍ପଣ କରିବ । ଏହି କର୍ମରେ ଅଧିକ ସମୟ ଲାଗିବ ନାହିଁ, କୌଣସି କର୍ମ ଛାଡ଼ି ନୂତନ କିଛି ଗ୍ରହଣ କରିବାକୁ ହେବ ନାହିଁ । କେବଳ ପ୍ରତ୍ୟେକ କର୍ମରେ ନେଇ ଆସିବାକୁହେବ ଆତ୍ମଭାବ । ଅର୍ଥାତ୍ ପ୍ରତ୍ୟେକ କର୍ମ କରିବାକୁ ହେବ ଆତ୍ମ ଉପଲବ୍ଧି ପାଇଁ ଆତ୍ମାକୁ ସମର୍ପଣସହ ।

ଏହି ଲକ୍ଷ୍ୟ ଯଥାର୍ଥଭାବେ ଗ୍ରହଣ କରିବା ସଙ୍ଗେ ସଙ୍ଗେ ସେ ଆତ୍ମାର ସାନ୍ନିଧ୍ୟ ଲାଭ କରିବାକୁ ଲାଗିବ ଏବଂ କ୍ରମଶଃ ସ୍ୱତଃସ୍ଫୂର୍ତ୍ତଭାବେ ସେ ଅନ୍ୟାୟ, ଅସତ୍ୟ କାର୍ଯ୍ୟରୁ ନିବୃତ୍ତ ହେବାକୁ ସ୍ୱତଃପ୍ରବୃତ୍ତ ହେବ । ଏହି ଲକ୍ଷ୍ୟ ଦ୍ୱାରା ଜୀବନ ସୁନିୟନ୍ତ୍ରିତ, ସୁବ୍ୟବସ୍ଥିତ ହୁଏ । ଏହି ଲକ୍ଷ୍ୟ ପ୍ରାପ୍ତିରେ ମନୁଷ୍ୟ ଜୀବନ ଆନନ୍ଦମୟ, ଶାନ୍ତି ଓ ସୁଖମୟ ହୁଏ । ପ୍ରଚଣ୍ଡ କର୍ମଶକ୍ତିର ବିକାଶ ହେବା ସତ୍ତ୍ୱେ ସେ ଉଦଣ୍ଡ, ଅନିୟନ୍ତ୍ରିତ ହୁଏ ନାହିଁ । ତାହାର ସ୍ୱାର୍ଥ, ହିଂସା ଅଭାବରୁ ସେ ଦେଶର, ଜଗତର ଯଥାର୍ଥ ହିତସାଧନ କରିପାରେ । ଏହି ହେଲା ବର୍ତ୍ତମାନ ନୂତନ ଯୁଗର ଆବଶ୍ୟକତା । ଏହି ଆଦର୍ଶକୁ ଗ୍ରହଣ କରିବା ବ୍ୟକ୍ତି ହେବ ନୂତନ ଯୁଗର ଅଗ୍ରଦୂତ ।

ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣିଥିବାରୁ ଏହି ନୂତନ ଆଦର୍ଶ ଗ୍ରହଣ କରିବା ଛାତ୍ର ପକ୍ଷେ ସହଜ ହୋଇଅଛି । 'ଅତିମାନସ ଅବତରଣ' ସମ୍ବନ୍ଧେ ଅନ୍ୟ ପ୍ରକାଶିତ ଲେଖାରୁ ଏହା ବୁଝିପାରିବେ ।

ପୂର୍ବେ କୁହାଯାଇଛି ଛାତ୍ର-ଜୀବନ ନମନୀୟ, ବିକାଶୋନ୍ମୁଖୀ । ଏହି ଛାତ୍ର-ଜୀବନରେ ନିଜ ବିକାଶରେ ଅବହେଳା କରିବା ବହୁତ ଭୁଲ୍ । ଛାତ୍ର-ଜୀବନର ଅଳ୍ପ ଭୁଲ୍‌ର ସଂଶୋଧନ ପ୍ରୌଢ଼ ଅବସ୍ଥାରେ ବହୁ ପରିଶ୍ରମରେ ହୋଇପାରେ ନାହିଁ । ଏହି କାରଣରୁ ଛାତ୍ରମାନଙ୍କର ଉଚିତ ହେଲା ଆତ୍ମା ସତ୍ୟ କି ମିଥ୍ୟା — ଏହି ତୀବ୍ର ବାଦବିବାଦରେ ନ ପଡ଼ି ଜୀବନର ଉନ୍ନତି ସକାଶେ ଏହି ଆଦର୍ଶକୁ ଗ୍ରହଣ କରିବା । ଏହାର ସତ୍ୟାସତ୍ୟ କର୍ମରେ ବୁଝିପାରିବେ । ଯଦି ସତ୍ୟ ହୁଏ ତେବେ ଅତ୍ୟନ୍ତ ଆନନ୍ଦର ବିଷୟ, ଯଦି ଅସତ୍ୟ ହୁଏ ତେବେ କିଛି କ୍ଷତି ହେବ ନାହିଁ, ଗୋଟିଏ ଶୃଙ୍ଖଳିତ ସୁଖଶାନ୍ତିମୟ ଜୀବନ ଗଢ଼ି ଉଠିବ ।

୧ — ପ୍ରତ୍ୟେକ ଛାତ୍ର ନିୟମିତ ସମୟରେ ନିଦ୍ରା ଯିବେ, ନିଦ୍ରା ଯିବା ପୂର୍ବରୁ ପାଞ୍ଚ ମିନିଟ୍ ହୃଦୟର ଗଭୀରରେ ଚେତନାକୁ ଏକାଗ୍ର କରି ପ୍ରାର୍ଥନା କରିବେ, ''ହେ ମୋର ହୃଦୟସ୍ଥ ଆତ୍ମା, ତୁ ଜାଗ୍ରତ୍ ହୋଇ ମୋର ସକଳ ଭାର ଗ୍ରହଣ କରି ମୋତେ ସତ୍ୟ ମାର୍ଗରେ ମୋ ଲକ୍ଷ୍ୟ ସ୍ଥାନକୁ ନେଇ ଚାଲ ।'' ଏହିପରି ପ୍ରାର୍ଥନା କରି ନିଦ୍ରା ଆସିବା ପର୍ଯ୍ୟନ୍ତ ଏକାଗ୍ରତା ସହ ରହିବେ । ନିଦ୍ରାଭଙ୍ଗ ହେବା ସଙ୍ଗେ ସଙ୍ଗେ ମଧ୍ୟ ଏହିପରି ହୃଦୟରେ ଏକାଗ୍ର ହୋଇ ପ୍ରାର୍ଥନା କରିବେ ।

୨ — ରାତ୍ରି ୧୦ ଘଣ୍ଟା ଅଥବା ୯ ଘଣ୍ଟା ସମୟରେ ଶୋଇ ଭୋର ୪ ଘଣ୍ଟା ଅଥବା ୫ ଘଣ୍ଟା ସମୟରେ ଉଠିବେ ।

୩ — ପଢ଼ିବା ସମୟରେ କିଂବା କୌଣସି ସ୍ଥାନକୁ ଯିବା ସମୟରେ ଅଥବା କୌଣସି କାର୍ଯ୍ୟ ଆରମ୍ଭ କରିବା ସମୟରେ ନିଜ ଅନ୍ତରର ଆତ୍ମାକୁ ଆବାହନ କରି କହିବେ, ''ତୁ ଅନ୍ତରରୁ ଜାଗ୍ରତ୍ ହୋଇ ମୋର ମନ, ପ୍ରାଣ, ଶରୀରକୁ ନିୟନ୍ତ୍ରଣ କର, ବୁଦ୍ଧିକୁ ଶୁଦ୍ଧ କର, ଜ୍ଞାନ ପ୍ରଦାନ କର, କର୍ମର ପ୍ରେରଣା ଦେ, ଯେଉଁଥିରେ ମୁଁ ସମସ୍ତ କର୍ମ ଶୃଙ୍ଖଳିତ ଭାବେ ତୋ ସାହାଯ୍ୟରେ ସମ୍ପାଦନ କରିପାରେ । ତୁ ମୋ ମନ, ପ୍ରାଣ, ବୁଦ୍ଧିରେ ପ୍ରବେଶ କରି ସେ ସବୁକୁ ବିକାଶ କର ।'' କର୍ମ ଶେଷରେ ସମସ୍ତ କର୍ମ ତାକୁହିଁ ସମର୍ପଣ କରିବେ ।

୪ — ପ୍ରତ୍ୟେକ ସମୟରେ, ପ୍ରତ୍ୟେକ କର୍ମରେ ଅନୁଭବ କରିବେ, ମୋ ଆତ୍ମା ସମସ୍ତ କର୍ମ ଦେଖୁଛି, ନିୟନ୍ତ୍ରଣ କରୁଛି । କୌଣସି ଏକାନ୍ତ ସ୍ଥାନରେ ଅନ୍ୟାୟ କଲେ କିଂବା ମିଥ୍ୟା କହିଲେ ଅନ୍ୟ ଲୋକ ଦେଖି ପାରିବେ ନାହିଁ, କିନ୍ତୁ ଆତ୍ମା ସବୁ ଦେଖେ । ଏହି ଭାବରେ ଛାତ୍ର ଅନ୍ୟାୟ କର୍ମରୁ ନିବୃତ୍ତ ହୋଇ ଅଧିକାଧିକ ସତ୍ ପଥରେ ଅଗ୍ରସର ହେବେ ।

୫ — କେବେ ତୁମ ସମ୍ମୁଖରେ ଯଦି କଠିନ ସମସ୍ୟା ଆସେ ଏବଂ ସେସବୁ ତୁମେ ସମାଧାନ କରି ନ ପାର, ତେବେ ଶାନ୍ତ ହୋଇ ହୃଦୟରେ ଏକାଗ୍ର ହୁଅ, ପ୍ରତୀକ୍ଷା କର, ତୀବ୍ରଭାବେ ପ୍ରତୀକ୍ଷା କର । ତା'ର ସମାଧାନ ଆସିବ । ଥରେ ସମାଧାନ ପାଇଲେ ତାହା ଭବିଷ୍ୟତରେ ବହୁତ ସରଳ ହୋଇଯିବ । ତୁମ ଜୀବନର ଗୋଟାଏ କଠିନ ସମସ୍ୟାର ସମାଧାନ-ମାର୍ଗ ଉନ୍ମୁକ୍ତ ହୋଇଯିବ ।

ପ୍ରଶ୍ନୋତ୍ତର

ପ୍ରଶ୍ନ – ବୈଜ୍ଞାନିକ ଯୁଗରେ ତୁମେ ଯେ ଆତ୍ମ-ବିକାଶର କଥା କହୁଛ; ଏହାକୁ ବିଶ୍ୱାସ କରିବ କିଏ ? ତୁମେ କ'ଣ ଆତ୍ମାକୁ ଦେଖାଇ ପାରିବ ?

ଉତ୍ତର – ତୁମ ପେଟର ଦରଜ, ମଥାର ବ୍ୟଥାକୁ ଆଣି କ'ଣ ଆମ ଆଗରେ ରଖି ପାରିବ ? ସ୍ଥୂଳ, ସୂକ୍ଷ୍ମ – ଦୁଇଟା ବସ୍ତୁ ବରାବର ମନୁଷ୍ୟ ମଧ୍ୟରେ ଆଉ ଜଗତରେ ଥାଏ । ଏହି ଦୁଇଟି ବସ୍ତୁକୁ ଦେଖିବାର ଭିନ୍ନ ଭିନ୍ନ ପ୍ରଣାଳୀ । ସ୍ଥୂଳ ଉପାୟରେ ସୂକ୍ଷ୍ମ ବସ୍ତୁ ଦେଖାଯାଏ ନାହିଁ । ଆତ୍ମାର ଯଦି ଆବଶ୍ୟକ ନ ଥାଏ ତେବେ ତାକୁ ଛାଡ଼ । ଆଉ କୁହ, ଜୀବନର ଉଦ୍ଦେଶ୍ୟ କ'ଣ, କେଉଁ ସକାଶେ ପଢୁଛ, କେଉଁ ସକାଶେ କର୍ମ କରୁଛ ?

ପ୍ରଶ୍ନ – ଆମେ ଯେଉଁ ପରିବାରରେ ଜନ୍ମ ଗ୍ରହଣ କରିଛୁ ତାକୁ ପାଳନ ପୋଷଣ କରି ସୁଖୀ ରଖିବୁ, ସମାଜରେ ଭୋଜନ, ବସ୍ତ୍ରର ଅଭାବ ପୂରଣ କରିବାକୁ ଚେଷ୍ଟା କରିବୁ । ସଂସାରରେ ଅନ୍ୟାୟ, ଅତ୍ୟାଚାର ଦୂର କରି ସୁଖ ଶାନ୍ତି ସ୍ଥାପନ କରିବା ଆମ୍ଭର କର୍ତ୍ତବ୍ୟ । ସମାଜ, ଦେଶ, ଜାତି ଏହାହିଁ ଆମ୍ଭଠାରୁ ଦାବି କରେ ।

ଉତ୍ତର – ପରିବାର, ଦେଶ, ଜାତି ତୁମଠାରୁ ଯେଉଁ ଦାବି କରୁଛି; ଏହି ଦାବି ବରାବର କରିଆସୁଛି । ତା'ର ଦାବି କ'ଣ ଏପର୍ଯ୍ୟନ୍ତ ପୂରଣ ହୋଇଛି ? ବରଂ ତାହାର ଯେଉଁ ଅଭାବ ଥିଲା ସେହି ଅଭାବ ବଢ଼ି ଚାଲିଛି । ପୁରାତନ ଯୁଗରୁ ଆଜି ପର୍ଯ୍ୟନ୍ତ ଯେଉଁ ପ୍ରଣାଳୀ ବ୍ୟର୍ଥ ହୋଇ ଆସୁଛି ତୁମେ ତାହା ଦେଖୁଛ; ଦେଖିବା ସତ୍ତ୍ୱେ, ସେଥିରେ ବିଶ୍ୱାସ କରୁଛ କିପରି ? କୁହାହୋଇଛି ଆତ୍ମ-ବିକାଶରେ ବ୍ୟକ୍ତି, ଦେଶ, ଜାତି ସୁଖୀ ହେବ । ଏହାର ପରିଣାମ ଦୃଷ୍ଟିଗୋଚର ହୋଇ ନାହିଁ । ଯେପର୍ଯ୍ୟନ୍ତ ଏହି ପ୍ରଯତ୍ନ ଆଚରଣ କରିବା ପରେ ଅସଫଳ ନ ହୋଇଛି ସେପର୍ଯ୍ୟନ୍ତ ଏଥିରେ ବିଶ୍ୱାସ କରିବାର ମାର୍ଗ ଅଛି । କିନ୍ତୁ ବ୍ୟର୍ଥ ହୋଇ ଆସୁଥିବା ପ୍ରଣାଳୀରେ ବିଶ୍ୱାସର ମାର୍ଗ ରୁଦ୍ଧ ହୋଇ ସାରିଛି । ସମ୍ଭାବନା ଥିବା ମାର୍ଗରେ ଅବିଶ୍ୱାସ, ସମ୍ଭାବନା ବିହୀନ ମାର୍ଗରେ କେଉଁ ଯୁକ୍ତିରେ ବିଶ୍ୱାସ କରୁଛ ?

ପ୍ରଶ୍ନ – ତୁମେ ଯାହା କହୁଛ ବହୁକାଳରୁ ପରିବାର, ସମାଜ, ଦେଶ, ଜାତି ଯାହା ଦାବି କରି ଆସୁଛି ତାହା ପୂରଣ ହୋଇ ନାହିଁ । ଏହି ଉକ୍ତି ତୁମ୍ଭର ଯଥାର୍ଥ ନୁହେଁ । ଦେଶ, ଜାତି, ସମାଜ ପ୍ରତି ବ୍ୟକ୍ତିର ଯାହା କର୍ତ୍ତବ୍ୟ କରିବା ଉଚିତ, ବ୍ୟକ୍ତି ତାହା କରି ଆସୁଛି, ସେଥିରେ କ'ଣ ତ୍ରୁଟି ଅଛି ଯେ ତୁମେ କହୁଛ ପରିବାର, ସମାଜ, ଦେଶର ଦାବି ପୂରଣ ହୋଇ ନାହିଁ ?

ଉତ୍ତର – ପରିବାର, ସମାଜ, ଦେଶ, ଜାତି ଯେଉଁ ସୁଖ ଦାବି କରି ଆସୁଅଛି, ଯାହା ତାହାର ଏକମାତ୍ର ଲକ୍ଷ୍ୟ, ଏପର୍ଯ୍ୟନ୍ତ ତାହା ପ୍ରାପ୍ତ ହୋଇ ନାହିଁ । ଯଦି ତା'ର କାମ୍ୟ ବସ୍ତୁ ପ୍ରାପ୍ତ ନ ହେଲା, ତାହାର ଅଭାବ ଯେପରିକି ସେହିପରି ରହିଲା । ତେବେ ତୁମ କର୍ତ୍ତବ୍ୟରେ ତା'ର ଲାଭ କ'ଣ ହେଲା ?

ପ୍ରଶ୍ନ – ଲାଭ ହୋଇ ନାହିଁ ! ମନୁଷ୍ୟକୁ ସୁଖ, ଶାନ୍ତିରେ ରଖିବାକୁ ଦେଶକୁ ଉନ୍ନତ କରିବାକୁ ମନୁଷ୍ୟ ବିଜ୍ଞାନ ସାହାଯ୍ୟରେ ପୃଥିବୀକୁ ସ୍ୱର୍ଗରେ ପରିଣତ କରି ଦେଲା । କଳ୍ପନାତୀତ ଆଶ୍ଚର୍ଯ୍ୟ ବସ୍ତୁକୁ ମୂର୍ତ୍ତିମନ୍ତ କରି ସାମନାରେ ରଖି ଦେଲା । ମନୁଷ୍ୟର ପଶୁତ୍ୱ ଦୂର କରି ଦେବତ୍ୱ ଆଣି ଦେଲା । ଏଥିରେ ତୁମେ କହୁଛ ବ୍ୟକ୍ତି ତା'ର କର୍ତ୍ତବ୍ୟ ପୂର୍ଣ୍ଣ କରି ନାହିଁ ! ବ୍ୟକ୍ତି ବିଜ୍ଞାନ ସାହାଯ୍ୟରେ କ'ଣ କରି ନାହିଁ ? ପୂର୍ବେ ବଳଦ ଗାଡ଼ି ଥିଲା । ବର୍ତ୍ତମାନ ମୋଟର, ରେଳ, ବାୟୁଯାନ । ପତ୍ରବାହକ ହରକରା ସ୍ଥାନରେ ଟେଲିଗ୍ରାଫ୍, ରେଡ଼ିଓ, ଫୋନ୍, ଟେଲିଭିଜନ ଯନ୍ତ୍ର । ହାତ ଗୋଡ଼ ଶରୀର ଦ୍ୱାରା କର୍ମ ସ୍ଥାନରେ ମେଶିନ୍ । ଏପରିକି ବିଜ୍ଞାନ-ଶକ୍ତି ଗ୍ରହ, ଉପଗ୍ରହ, ପ୍ରକୃତି ଉପରେ ଅଧିକାର କରିସାରିଲାଣି । ମନୁଷ୍ୟ ସେବାରେ ଏପରି ସବୁ ଅଲୌକିକ ବସ୍ତୁ ଦେବା ସତ୍ତ୍ୱେ ତୁମେ କହୁଛ ସେ କର୍ତ୍ତବ୍ୟରେ ଲାଭ କ'ଣ ?

ଉତ୍ତର – ବିଜ୍ଞାନ ବହୁତ ଚମତ୍କାର ବସ୍ତୁ । ମନୁଷ୍ୟର ସୁଖ ପାଇଁ ବା ସେବାରେ ସମର୍ପଣ କରିବା ସତ୍ତ୍ୱେ ମନୁଷ୍ୟ ନିଜର ଚିରଅଭିଳଷିତ ଲକ୍ଷ୍ୟ 'ସୁଖ, ଶାନ୍ତି' ଏପର୍ଯ୍ୟନ୍ତ ପାଇ ନାହିଁ । ବରଂ ଚମତ୍କାର ବସ୍ତୁ ଆବିଷ୍କାର ସଙ୍ଗେ ସଙ୍ଗେ ସେ ନିଜର ଲକ୍ଷ୍ୟ 'ସୁଖ, ଶାନ୍ତି'ରୁ ଦୂରକୁ ଚାଲିଗଲା ପରି ମନେ ହେଉଛି ।

ଆଜିକାଲି ପରି ପୂର୍ବେ ଅସ୍ତ୍ର-ଚିକିତ୍ସା ନ ଥିଲା, ଲୋକେ ହୃଷ୍ଟପୁଷ୍ଟ ଥିଲେ, କମ୍ ବେମାର ହେଉଥିଲେ, ୭୦/୮୦ ବର୍ଷ ବୟସରେ ୧୦ କ୍ରୋଶ ରାସ୍ତା ଚାଲିପାରୁଥିଲେ । ଆଜିକାଲି ଛାତ୍ର ଜୀବନରୁ ଚଷମା, ସବାରି ଦରକାର, ମେସିନ୍ ଆଉ ଡାକ୍ତର ଉପରେ ଜୀବନଯାପନର ଭାର ନ୍ୟସ୍ତ । ଅଳ୍ପ ଲୋକଙ୍କୁ ବାଦ୍‌ଦେଲେ ଅଧିକାଂଶ ଲୋକ ୬୦/୭୦ ବର୍ଷ ବୟସରେ ଶଯ୍ୟାଶାୟୀ । ଗୋଟାଏ ଦିଗରେ ବିଜ୍ଞାନ ମନୁଷ୍ୟକୁ ସୁଖ ପହଞ୍ଚାଇବାକୁ ଯାଇ ଅନ୍ୟ ଦିଗରେ ତା'ର ବ୍ୟକ୍ତିଗତ ସ୍ୱତନ୍ତ୍ରତାକୁ ଅପହରଣ କରିଛି । ଯଦି ଆମେ ଏହାହିଁ ମାନି ନେଉ ଯେ ବିଜ୍ଞାନ ବ୍ୟକ୍ତିର କିଛି ହାନି ନ କରି କେବଳ ସୁଖ ପହୁଞ୍ଚାଇଛି ତଥାପି ଏହା ପର୍ଯ୍ୟାପ୍ତ ନୁହେଁ । ମନୁଷ୍ୟର ଅଭିଳଷିତ ସୁଖ, ଶାନ୍ତି ବିଜ୍ଞାନ ଦ୍ୱାରା ଆଜି ପର୍ଯ୍ୟନ୍ତ ପ୍ରାପ୍ତ ହୋଇ ନାହିଁ । ଏହା ଏକେବାରେ ସ୍ୱତଃସିଦ୍ଧ ।

ପ୍ରଶ୍ନ – ବିଜ୍ଞାନ ମନୁଷ୍ୟକୁ ଏତେ ଉନ୍ନତ କରି ସାରିଲାଣି । ଏଥିରେ ତୁମେ କହୁଛ ମନୁଷ୍ୟର ଲକ୍ଷ୍ୟ ସୁଖ, ଶାନ୍ତି ଆଜି ପର୍ଯ୍ୟନ୍ତ ପ୍ରାପ୍ତ ହୋଇ ନାହିଁ । ସେ ସୁଖ, ଶାନ୍ତିର ସ୍ୱରୂପ କ'ଣ ? କାହାକୁ ତୁମେ ସୁଖ, ଶାନ୍ତି କହୁଛ ?

ଉତ୍ତର – ସୁଖ, ଶାନ୍ତିର ସ୍ୱରୂପ ହେଲା ଦୁଃଖର ଅଭାବ । ମନୁଷ୍ୟ ଦୁଃଖଦ୍ୱନ୍ଦ୍ୱ ମିଶ୍ରିତ ସୁଖ ଚାହେଁ ନାହିଁ । ସେ ଚାହେଁ ଶୁଦ୍ଧ, ସ୍ୱଚ୍ଛ, ଅମିଶ୍ର ସ୍ଥାୟୀ ସୁଖ, ଶାନ୍ତି, ଆନନ୍ଦମୟ ଜୀବନ । ସଂସାରରେ ସୁଖ ଦୁଃଖ ଦୁଇଟି ବରାବର ସଙ୍ଗେ ସଙ୍ଗେ ଚାଲି ଆସୁଛି । ଦୁଇଟି ଥିବା ସତ୍ତ୍ୱେ ମନୁଷ୍ୟ ନିରନ୍ତର ଚାହେଁ ସୁଖ; ଦୁଃଖକୁ କେବେ ବି ଚାହେଁ ନାହିଁ । ତା' ନାମ ଶୁଣିବା ତା' ପକ୍ଷରେ ଅସହ୍ୟ, ଦୁଃଖ ଦେଖି ଦୂରରୁ ପଳାଏ ।

ମନୁଷ୍ୟ ଚାହେଁ ଶାନ୍ତି, ସୁଖ, ଆନନ୍ଦ, ପ୍ରସନ୍ନତା, ଉତ୍ସାହ, ମୈତ୍ରୀ, ପରସ୍ପର ଭ୍ରାତୃପ୍ରେମ । କିନ୍ତୁ ସେ ପାଏ ଦୁଃଖ, ହୁଏ ଅଶାନ୍ତ, ନିରାନନ୍ଦ, ଅପ୍ରସନ୍ନ, ନିରୁତ୍ସାହ । ସେ କରେ ଶତ୍ରୁତା, ଈର୍ଷ୍ୟା, ବିରୋଧ । ଜୀବନରେ ସେ ଯେଉଁ ସୁଖ, ଶାନ୍ତିର ସ୍ୱପ୍ନ ଦେଖେ ସେଥିରୁ ସେ କିଛି ଅଂଶରେ ପାଏ । ସେହି ଆଂଶିକ ସୁଖକୁ ମଧ୍ୟ ଦୁଃଖ ଦ୍ୱନ୍ଦ୍ୱାଦି ଦୁର୍ଗୁଣ ଆସି ନଷ୍ଟକରି ତା ଜୀବନ-ଆଶାରେ ହତାଶା ଆଣିଦିଏ । ଏପରି କୌଣସି ବ୍ୟକ୍ତି ସଂସାରରେ ନାହିଁ ଯେ କି ଦୁଃଖ, ଦ୍ୱନ୍ଦ୍ୱ, ଅଶାନ୍ତିରେ ପୀଡ଼ିତ ନ ହୁଏ । ବ୍ୟକ୍ତି ପରସ୍ପର ମାରପିଟ୍ କରି ମୋକଦ୍ଦମା ଲଢ଼ି ହୃଦୟକୁ କ୍ରୋଧାଗ୍ନିରେ ଦଗ୍ଧ କରେ, ବହୁତ ନିକଟ ସମ୍ବନ୍ଧୀୟ ବ୍ୟକ୍ତିର ସମାଜରେ ନିନ୍ଦା, ଦୁର୍ନାମ ଶୁଣି ଚିନ୍ତାରେ ମର୍ମାହତ ଯନ୍ତ୍ରଣା ପାଏ । ଶତ୍ରୁର ଉନ୍ନତି ଦେଖି ଈର୍ଷ୍ୟା କରେ, ନିଜ ନିନ୍ଦାରେ ଦୁଃଖ ପାଏ, ପର ନିନ୍ଦାରେ ଖୁସି ହୁଏ । ପ୍ରାଣପ୍ରିୟ ଏକମାତ୍ର ପୁତ୍ରର ଇଚ୍ଛା-ବିରୋଧ ଆଚରଣ, ଦୁରାଚାର, ସ୍ୱେଚ୍ଛାଚାରିତାରେ ପ୍ରାଣାଘାତ ଦାରୁଣ ବେଦନା ଅନୁଭବ କରେ । ସ୍ତ୍ରୀ ପ୍ରତିକୂଳ ହେଲେ ଘର ବିଷବତ୍ ଲାଗେ ।

ମନୁଷ୍ୟ ପ୍ରକୃତରେ ଏହି ସବୁ ଦୁଃଖ ଦ୍ୱନ୍ଦ୍ୱକୁ ଚାହେଁ ନାହିଁ କିନ୍ତୁ ଏସବୁ ବଳପୂର୍ବକ ଆସି ମନୁଷ୍ୟର ସୁଖ, ଶାନ୍ତିକୁ ବ୍ୟର୍ଥ କରେ । ମନୁଷ୍ୟ ଯେଉଁ ପରିବାରରେ, ଯେଉଁ ଗ୍ରାମ, ସହର, ସମାଜରେ ନିବାସ କରେ ସେଠାରେ ଅଥବା ଚାକିରି କରିବାରେ, ବ୍ୟବସାୟ କରିବାରେ, ରାଜନୀତିରେ ଅର୍ଥାତ୍ ମନୁଷ୍ୟର ସମ୍ପର୍କ ଯେଉଁଠି ଅଛି ସେଠାରେ ଈର୍ଷ୍ୟା, ବିରୋଧାଦି ଦ୍ୱନ୍ଦ୍ୱ ଉତ୍ପନ୍ନ ହୁଏ, ମନୁଷ୍ୟର ସୁଖ, ଶାନ୍ତିକୁ ବ୍ୟାହତ କରେ । ଏହିସବୁ ଅବସ୍ଥାର ନାମ ଦୁଃଖ, ଏହିସବୁ ଅବସ୍ଥାର ଅଭାବ ନାମ ସୁଖ । ଦୁଃଖର ଅଭାବ ସୁଖ ମନୁଷ୍ୟ ବରାବର ଚାହିଁ ଆସୁଅଛି, ଏପର୍ଯ୍ୟନ୍ତ ପାଇ ନାହିଁ । ନୈତିକ ନିୟମରେ ଏହି ଦୁଃଖରହିତ ସୁଖପ୍ରାପ୍ତିର ପ୍ରଯତ୍ନ କରାହୋଇ ଆସୁଅଛି, କିନ୍ତୁ ସେସବୁ ପ୍ରଯତ୍ନ ବ୍ୟର୍ଥ ହେଉଅଛି । କାରଣ ନୀତି କହେ : ସତ୍ୟ କୁହ, ହିଂସା ନ କର, ପରୋପକାର କର, ପରସ୍ପର ପ୍ରେମ କର ଇତ୍ୟାଦି । ଏହିସବୁ ହେଲା ଉପର ବସ୍ତ୍ର । ମନୁଷ୍ୟ ମଧ୍ୟ ଏହା ଚାହେଁ । କିନ୍ତୁ ତା' ଭିତରେ ଥିବା ଈର୍ଷା, ବିରୋଧ, ହିଂସା, କାମ, କ୍ରୋଧ, ବାସନା, କାମନା ଇତ୍ୟାଦି ବାହାର ନିୟମକୁ ଭାଙ୍ଗି ବ୍ୟକ୍ତିକୁ ଜବରଦସ୍ତି ଅସତ୍ କାର୍ଯ୍ୟରେ ପ୍ରବୃତ୍ତ କରାନ୍ତି । ପରିଣାମରେ ବ୍ୟକ୍ତି ପାଏ ଦୁଃଖ । ଯେପର୍ଯ୍ୟନ୍ତ ଏହିସବୁ ଦସ୍ୟୁ ଭିତରରୁ ବାହାର କରା ନ ହେବେ ସେପର୍ଯ୍ୟନ୍ତ ମନୁଷ୍ୟ କେବେ ବି ସୁଖ ଶାନ୍ତି ପ୍ରାପ୍ତ କରି ପାରିବ ନାହିଁ ।

ପ୍ରଶ୍ନ – ଏହି ଯେଉଁ ସୁଖ ଶାନ୍ତିର ସ୍ୱରୂପ କହିଲ, ଏହା କ'ଣ ମନୁଷ୍ୟ ପକ୍ଷେ ସମ୍ଭବ ? କ'ଣ ଏହି ଅଖଣ୍ଡ ସୁଖ ଶାନ୍ତି କେହି ପ୍ରାପ୍ତ କରିଛି ?

ଉତ୍ତର – ଯଦି ସମ୍ଭବ ନ ହୁଅନ୍ତା ମନୁଷ୍ୟ ସୁଖ ଚାହାନ୍ତା କିପରି ? ଏହି ଚାହିଁବାହିଁ ପ୍ରମାଣ କରେ ଯେ ତାହା ନିଶ୍ଚୟ ଦିନେ ପାଇବ । ଏହି ସୁଖ ଶାନ୍ତିର ନିବାସ ସ୍ଥାନ ଆତ୍ମା । ଆତ୍ମୋପଲବ୍ଧିରେ ଅଖଣ୍ଡ ସୁଖ, ଅବିଚ୍ଛିନ୍ନ ଶାନ୍ତି ପ୍ରାପ୍ତ ହୁଏ । ପୂର୍ବେ ବହୁତ ମୁନି, ଋଷି, ସନ୍ଥ, ମହାତ୍ମାମାନଙ୍କୁ ଏହା ପ୍ରାପ୍ତ ହୋଇଥିଲା, ବର୍ତ୍ତମାନ ମଧ୍ୟ ପ୍ରାପ୍ତ ହେଉଛି, ତଥାପି ଏହା ଥିଲା ସୀମିତ । ସୁଖ ଶାନ୍ତି ପ୍ରାପ୍ତ କରିଥିବା ବ୍ୟକ୍ତିମାନେ ସଂସାର କର୍ମକୁ ତ୍ୟାଗ କରିଥିଲେ । ସେହି କାରଣରୁ ସାଂସାରିକ ଜୀବନରେ ସୁଖ ଶାନ୍ତି ଆସି ପାରିଲା ନାହିଁ । କର୍ମ-ଜୀବନ ଓ ଆତ୍ମୋପଲବ୍ଧି ମଧ୍ୟରେ ଗୋଟିଏ ବ୍ୟବଧାନ ରହିଗଲା । ଶ୍ରୀଅରବିନ୍ଦ ନିଜ ତପସ୍ୟାରେ ଅତିମାନସ (Supermind) ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣି ସେହି ବ୍ୟବଧାନକୁ ଦୂର କରିଅଛନ୍ତି । ବର୍ତ୍ତମାନ ବ୍ୟକ୍ତି ସଂସାର କର୍ମ ତ୍ୟାଗ ନ କରି ସମସ୍ତ କର୍ମ, ଆତ୍ମାକୁ ସମର୍ପଣ କରିବା ଦ୍ୱାରା ତା'ର ଆତ୍ମୋପଲବ୍ଧି ହେବ ଏବଂ ଆତ୍ମା ଦ୍ୱାରା ମନୁଷ୍ୟର ସମସ୍ତ କର୍ମ ନିୟନ୍ତ୍ରଣ ହେବ । ସେ ଅଖଣ୍ଡ ସୁଖ, ଶାନ୍ତି, ଆନନ୍ଦମୟ ଜୀବନ ଏହି ସଂସାରରେ ରହି ପ୍ରାପ୍ତ କରିପାରିବ । ଏହାହିଁ ମନୁଷ୍ୟ ଜୀବନର ଲକ୍ଷ୍ୟ । ସ୍ପଷ୍ଟ ଅଥବା ଅସ୍ପଷ୍ଟଭାବେ ପ୍ରତ୍ୟେକ ମନୁଷ୍ୟ ଏହାହିଁ ଚାହେଁ ।

ପ୍ରଶ୍ନ – ମନୁଷ୍ୟ ସୁଖ ଚାହେଁ, ଏହା ଠିକ୍ । ଏପର୍ଯ୍ୟନ୍ତ ଏହା ପ୍ରାପ୍ତ ହୋଇ ନାହିଁ, ଏହା ବି ସତ୍ୟ । ସୁତରାଂ ଆତ୍ମୋପଲବ୍ଧିରେ ଏହା ପ୍ରାପ୍ତ ହେବ, ଏଥିରେ ଆମ୍ଭର ସନ୍ଦେହ । ଏହା ଯଦି ସତ୍ୟ ହୁଅନ୍ତା ତେବେ ବୈଜ୍ଞାନିକମାନେ ଅବଶ୍ୟ ଏହାକୁ ଖୋଜନ୍ତେ, ଆଉ ଆବିଷ୍କାର କରନ୍ତେ । ବୈଜ୍ଞାନିକ ଯୁଗରେ ଆମ୍ଭେ ଅନ୍ଧ-ବିଶ୍ୱାସରେ ସୁଖ ପ୍ରାପ୍ତି ଉଦ୍ଦେଶ୍ୟରେ ଆତ୍ମାକୁ ଖୋଜିବୁ କିପରି ?

ଉତ୍ତର – ବିଶ୍ୱାସ କେବେ ଅନ୍ଧ ନୁହେଁ । ବିଶ୍ୱାସ ସ୍ଥାନ ହୃଦୟ ଗଭୀରରେ ସ୍ୱତଃସିଦ୍ଧ, ଅସନ୍ଦିଗ୍ଧ । ସେ ଅର୍ଦ୍ଧ-ପ୍ରକାଶିତ, ଅଦୂରଦର୍ଶୀ ବୁଦ୍ଧି-ଯୁକ୍ତିର ସାହାଯ୍ୟ ଚାହେଁ ନାହିଁ । ତାହାର ବିଶ୍ୱାସ ଅଭ୍ରାନ୍ତ ଆଉ ଫଳପ୍ରସୂ । ବୁଦ୍ଧି-ପ୍ରଧାନ ବିଜ୍ଞାନ ଯୁଗରେ ହୃଦୟ ସ୍ୱଭାବସିଦ୍ଧ ବିଶ୍ୱାସର ସନ୍ଧାନ ନ ପାଇ ବ୍ୟକ୍ତି ସନ୍ଦିଗ୍ଧ ଯୁକ୍ତି-ବୁଦ୍ଧିର ଅଦୃଢ଼ ବିଶ୍ୱାସ କରେ ଏବଂ ତାହାର ଅସଫଳତା ଯୋଗୁଁ ତାହାର ନାମ ଅନ୍ଧ-ବିଶ୍ୱାସ ଦିଏ । ସତ୍ୟ ସ୍ୱତଃସିଦ୍ଧ, ତାହାର ପ୍ରମାଣ ଆବଶ୍ୟକ ହୁଏ ନାହିଁ । ସେହିପରି ହୃଦୟ ସ୍ୱତଃ ସତ୍ୟ, ସୁନ୍ଦର ପ୍ରତି ଆକୃଷ୍ଟ ହୁଏ । ଯୁକ୍ତି-ବୁଦ୍ଧି ପ୍ରଧାନ ବ୍ୟକ୍ତିଙ୍କ ହୃଦୟ ଶୁଷ୍କ ହୋଇଯାଏ । ସେମାନେ ହୃଦୟଭାବ ସମ୍ବନ୍ଧେ ପ୍ରାୟ ଅନଭିଜ୍ଞ ରହି ଯାଆନ୍ତି । ଯେବେ ମନୋମୁଗ୍ଧକାରୀ ପୁଷ୍ପ, ସୁନ୍ଦର ଶିଶୁକୁ ଦେଖି ଆନନ୍ଦରେ ହୃଦୟ ଉଛୁଳି ପଡ଼େ, ଏଥିରେ କ'ଣ ଯୁକ୍ତି-ବୁଦ୍ଧିର ଆବଶ୍ୟକ ହୁଏ ? ସେହିପରି ହୃଦୟ ଯାହାର ବିକଶିତ ସେ ଯୁକ୍ତି ବୁଦ୍ଧିର ବିନା ସାହାଯ୍ୟରେ ସତ୍ୟରେ ବିଶ୍ୱାସ କରେ ଆଉ ଉପଲବ୍ଧି କରେ । ମନୁଷ୍ୟର ଅନ୍ୟାନ୍ୟ ସତ୍ତାଠାରୁ ପ୍ରଧାନ ମନ ଆଉ ହୃଦୟ ଦୁଇଟି ସତ୍ତା । ମନର ଗତି ଉର୍ଦ୍ଧ୍ୱରେ, ହୃଦୟର ସମ୍ପତ୍ତି ଗଭୀରରେ । ମନର ଉଚ୍ଚତା, ହୃଦୟର ଗଭୀରତା; ଏହି ଦୁଇଟି ମାର୍ଗ ଯଦି ଖୋଲେ, ତେବେ ଏହି ଦୁଇ ସତ୍ତାର ପରସ୍ପର ସାହାଯ୍ୟରେ ଉଭୟେ ବିକଶିତ ହୁଅନ୍ତି । ଏହି ଉଭୟ ସତ୍ତାର ବିକାଶରେ ମନୁଷ୍ୟ ଜୀବନ ପୂର୍ଣ୍ଣ ହୁଏ ଏବଂ ସୁଖ-ଶାନ୍ତିମୟ ହୁଏ । ଜଳରେ ଥିବା ଜାହାଜ ଅଧିକ ଭାଗ ଜଳରେ ଓ କମ୍ ଭାଗ ଉପରେ ଥାଏ । କେବଳ ଉପର ଭାଗ ଦେଖି ଜାହାଜର ଆକାର ନିର୍ଣ୍ଣୟ କଲେ ଯେପରି ଆଂଶିକ ହୁଏ, ସେହିପରି ଜାହାଜର ଜଳମଗ୍ନ ଭାଗକୁ ନେଇ ବାହ୍ୟ ଭାଗକୁ ବାଦ୍‌ଦେଲେ ବି ଅପୂର୍ଣ୍ଣ ହୁଏ । ଜଳମଗ୍ନ ଆଉ ଦୃଶ୍ୟ ଉଭୟ ଭାଗ ଜାଣିଲେ ଜାହାଜର ପୂର୍ଣ୍ଣରୂପ ନିରୂପଣ କରାହୁଏ । ସେହିପରି ମନୁଷ୍ୟ ହୃଦୟର ଗଭୀରତା ଆଉ ବୁଦ୍ଧିର ଉଚ୍ଚତା ମଧ୍ୟରୁ ଅଧ୍ୟାତ୍ମ ସାଧକମାନେ ଗୋଟାଏ ଭାଗନେଲେ ଏବଂ ମନ ପ୍ରଧାନ ବ୍ୟକ୍ତି ଓ ବୈଜ୍ଞାନିକମାନେ ଆଉ ଗୋଟାଏ ଭାଗନେଇ ବିକାଶ କଲେ । ସେଇଥିପାଇଁ ଦୁହେଁ ହେଲେ ଅପୂର୍ଣ୍ଣ । ବର୍ତ୍ତମାନ ସମୟ ଆସିଛି ମନୁଷ୍ୟର ହୃଦୟ ଆଉ ବୁଦ୍ଧି – ଉଭୟ ବିକଶିତ ହେବାର । ଏଥିରେହିଁ ଜୀବନର ପୂର୍ଣ୍ଣତା ଆଉ ସାର୍ଥକତା ।

ବୁଦ୍ଧି-ପ୍ରଧାନ ବ୍ୟକ୍ତି ବିଜ୍ଞାନ ସାହାଯ୍ୟରେ ବୁଦ୍ଧିକୁ ଉଚ୍ଚରୁ ଉଚ୍ଚ ଶିଖରରେ ନେଇ ବହୁତ ଆଶ୍ଚର୍ଯ୍ୟଜନକ ବସ୍ତୁ ଆବିଷ୍କାର କଲେ । କିନ୍ତୁ ବ୍ୟକ୍ତିର ଅନ୍ୟ ଭାଗ ହୃଦୟର ଗଭୀରକୁ ନ ଯାଇ, ହୃଦୟର ଅନୁସନ୍ଧାନ ନ କରିବା ଫଳରେ ସେମାନେ ହୃଦୟ ସମ୍ବନ୍ଧେ ଅଚେତନ ରହିବାରୁ ମନୁଷ୍ୟର ଚିର ଅଭିଳଷିତ ସୁଖ, ଶାନ୍ତି ପ୍ରାପ୍ତ କରିବା ଦୂରେ ଥାଉ, ତା'ର ସ୍ୱରୂପ କ'ଣ, ସେ ଜାଣି ପାରିଲେ ନାହିଁ । କୌଣସି ବୁଦ୍ଧି-ପ୍ରଧାନ ବ୍ୟକ୍ତି, ଅଥବା ବିଜ୍ଞାନବେତ୍ତାମାନେ କ'ଣ

କେବେ ବି ଦୁଃଖ, ଅଶାନ୍ତି ଚାହାନ୍ତି ? କେବେ ନୁହେଁ । ସେ ଚାହାନ୍ତି ସୁଖ, ଶାନ୍ତି । ଏହି ଯେଉଁ ସୁଖ ମନୁଷ୍ୟ ଜୀବନର ଲକ୍ଷ୍ୟ, ତାଙ୍କ ପାଖରେ ଏହା ଅସ୍ପଷ୍ଟ । ଯଦି ସେ ଏହାକୁ ଜୀବନର ଲକ୍ଷ୍ୟ ମାନିଥା'ନ୍ତି ତେବେ ଏହା ସକାଶେ ଅବଶ୍ୟ ପ୍ରଯତ୍ନ କରିଥା'ନ୍ତେ । ଯେଉଁ ବୁଦ୍ଧି-ପ୍ରଧାନ ବ୍ୟକ୍ତିଙ୍କ ପ୍ରଭାବ ତୁମ ଉପରେ ଏତେ ଅଧିକ, ଯାହାଙ୍କ କହିବା ଛଡ଼ା ଅନ୍ୟ କିଛି ସତ୍ୟ ଅଛି ବୋଲି ବିଶ୍ୱାସ କରିବାକୁ ତୁମେ ଅସମର୍ଥ, ସେହି ବ୍ୟକ୍ତିଙ୍କ ବୁଦ୍ଧି ଏତେ ବିକାଶ ହେବା ସତ୍ତ୍ୱେ ହୃଦୟ ବିକାଶରେ ଶୂନ୍ୟ, ନିଜର ସତ୍ୟ ଯଥାର୍ଥ ଆବଶ୍ୟକ ସମ୍ବନ୍ଧେ ଅନଭିଜ୍ଞ । ଯେପର୍ଯ୍ୟନ୍ତ ମନୁଷ୍ୟର ସମସ୍ତ ସତ୍ତାର ପୂର୍ଣ୍ଣ ବିକାଶ ନ ହୁଏ, ସେପର୍ଯ୍ୟନ୍ତ ତାହାର ଗୋଟିଏ ଭାଗ ଯେତେ ଉନ୍ନତ ହେଲେ ମଧ୍ୟ ଅନ୍ୟ ଭାଗ ଶିଶୁତୁଲ୍ୟ ଅବିକଶିତ ରହେ । ପୂର୍ବେ କୁହାଯାଇଛି ଆତ୍ମା ଦ୍ୱାରା ମନ, ପ୍ରାଣ, ଶରୀର ପରିଚାଳିତ ହୁଏ । ଏହି ଚାରି ସତ୍ତା ମଧ୍ୟରୁ କୌଣସି ଗୋଟିଏ ସତ୍ତା ଅବିକଶିତ ହେଲେ ମନୁଷ୍ୟ କଦାପି ପୂର୍ଣ୍ଣତା ପ୍ରାପ୍ତ କରିପାରେ ନାହିଁ । ବୈଜ୍ଞାନିକଙ୍କର ଆତ୍ମ-ବିକାଶ ଅଭାବରୁ ଆଜି ପର୍ଯ୍ୟନ୍ତ ସେମାନଙ୍କ ଦ୍ୱାରା ଜଗତରେ ଏବଂ ନିଜ ଜୀବନରେ ଶାନ୍ତି, ସୁଖ ସ୍ଥାପନ ହୋଇପାରି ନାହିଁ, ସେମାନଙ୍କ ଜ୍ଞାନ ଅପୂର୍ଣ୍ଣ ରହିଅଛି ।

ପ୍ରଶ୍ନ – ଏହିସବୁ ଉତ୍ତର ଯୁକ୍ତିଯୁକ୍ତ ହେଲେ ସୁଦ୍ଧା ଆମ୍ଭମାନଙ୍କ ଅଭ୍ୟାସ ଅଥବା ସ୍ୱଭାବବଶତଃ ଆମ୍ଭେମାନେ ଯେଉଁ ବସ୍ତୁକୁ ନ ଦେଖୁ ତାହା ଶୁଣି ବିଶ୍ୱାସ କରିବାରେ ଅସମର୍ଥ ହେଉ । ଆତ୍ମାକୁ ନ ଦେଖି ବିଶ୍ୱାସ କରିବୁ କିପରି ?

ଉତ୍ତର – ପ୍ରତ୍ୟେକ ବସ୍ତୁକୁ ମନୁଷ୍ୟ ଦେଖି ବିଶ୍ୱାସ କରେ, ଏହା ନୁହେଁ । ଇତିହାସ ପଢୁଛନ୍ତି, ସେଥିରେ ବିଶ୍ୱାସ କରୁଛନ୍ତି । ରୁଷ୍, ଆମେରିକା, ଆଫ୍ରିକା, ଇତ୍ୟାଦି ଦେଶକୁ ନ ଦେଖି ପଢ଼ି ଶୁଣି ବିଶ୍ୱାସ କରୁଛନ୍ତି । ଜଜ୍ ହତ୍ୟା ନ ଦେଖି ଅନ୍ୟ ଲୋକର କହିବା ବିଶ୍ୱାସ କରି ଦୋଷୀକୁ ଦଣ୍ଡ ଦେଉଛନ୍ତି । ଏହିସବୁ ବସ୍ତୁ ନ ଦେଖି ଯଦି ବିଶ୍ୱାସ କରାହୁଏ ତେବେ ଆତ୍ମାକୁ ନ ଦେଖିଛନ୍ତି ବୋଲି ତାହା ଅସତ୍ୟ କାହିଁକି ହେବ ? ଆମେରିକା, ରୁଷ୍ ଓ ଆଫ୍ରିକାକୁ ଯଥାର୍ଥ ମାର୍ଗରେ ନ ଯାଇ ମିଥ୍ୟା କହିବା ଯେପରି ଯୁକ୍ତିଯୁକ୍ତ ନୁହେଁ, ହତ୍ୟାର ସତ୍ୟତା ଜାଣିବା ସକାଶେ ସାକ୍ଷୀ, ପୁଲିସ ରିପୋର୍ଟ, ଓକିଲଙ୍କ ଯୁକ୍ତି ନ ଶୁଣି, ନ ଜାଣି, ହତ୍ୟାକାଣ୍ଡ ମିଥ୍ୟା କହିବା ଯେପରି ଯୁକ୍ତିଯୁକ୍ତ ନୁହେଁ; ସେହିପରି ଆତ୍ମାର ଅନୁସନ୍ଧାନ ନ କରି, ତାହା ସମ୍ବନ୍ଧେ କିଛି ନ ଜାଣି, ଆତ୍ମା-ପ୍ରାପ୍ତିର ଯଥାର୍ଥ ମାର୍ଗରେ ନ ଯାଇ ଆତ୍ମା ଅସତ୍ୟ ବୋଲି କହିବା ମଧ୍ୟ ଅଯୌକ୍ତିକ । ରୋଗ ସମ୍ବନ୍ଧେ କିଛି ମାତ୍ର ଜାଣି ନ ଥିବା କୌଣସି ଯୁକ୍ତି-ବୁଦ୍ଧି ବିଶାରଦ ବହୁତ ବଡ଼ ବାରିଷ୍ଟରଙ୍କ ପାଖକୁ ଯାଇ ଯଦି ଔଷଧର ବ୍ୟବସ୍ଥା ଚାହାନ୍ତି, ଏହା କ'ଣ ଯଥାର୍ଥ ପ୍ରଣାଳୀ ? ବାରିଷ୍ଟରଙ୍କ କହିବାରେ ବିଶ୍ୱାସ କରିବେ ? ଏହା ଯେପରି ଅସଙ୍ଗତ ସେହିପରି ଆତ୍ମଜ୍ଞାନାଭାବ ଉତ୍କୃଷ୍ଟ ବୈଜ୍ଞାନିକ, ବହୁ ଡିଗ୍ରିଯୁକ୍ତ ଭୌତିକ ଶାସ୍ତ୍ରବେତ୍ତା ପଣ୍ଡିତଙ୍କୁ ଆତ୍ମାର ସତ୍ୟତା ପଚାରିବା ଆଉ ତାଙ୍କ ଯୁକ୍ତିରେ ବିଶ୍ୱାସ କରିବା ମଧ୍ୟ ଅଯୌକ୍ତିକ ।

ଆତ୍ମା ସମ୍ବନ୍ଧେ ଜାଣିବାକୁ ହେଲେ ଯେଉଁମାନେ ଆତ୍ମ-ପ୍ରାପ୍ତି କରିଅଛନ୍ତି ସେମାନଙ୍କ ନିର୍ଦ୍ଦେଶିତ ମାର୍ଗରେ ଯିବା ଉଚିତ । ଏହି ପ୍ରଣାଳୀ ଠିକ୍ ଠିକ୍ ଆଚରଣ କରିବା ପରେ ଯଦି ଆତ୍ମାର ସନ୍ଧାନ ନ ମିଳେ, ସୁଖ, ଶାନ୍ତି ପ୍ରାପ୍ତ ନ ହୁଏ, ତେବେ କିଛି କହିବା ଯୁକ୍ତିଯୁକ୍ତ ହୋଇପାରେ । ଆତ୍ମା ସମ୍ବନ୍ଧେ କିଛି ନ ଜାଣି, କୌଣସି ପ୍ରଯତ୍ନ ନ କରି ଆତ୍ମା ଅସତ୍ୟ ବୋଲି କହିବା ଆଦୌ ଯୁକ୍ତିଯୁକ୍ତ ନୁହେଁ ।

ସଂସାରରେ ବହୁତ ବସ୍ତୁ ଜାଣିବାର ଅଛି । ଜଣେ ବ୍ୟକ୍ତି ପକ୍ଷେ ଭୌତିକ ପ୍ରଯତ୍ନ ଓ ଭୌତିକ ବୁଦ୍ଧି ଦ୍ୱାରା ସମସ୍ତ ଜାଣିବା ସମ୍ଭବ ନୁହେଁ । ଜଣେ ବାରିଷ୍ଟର ଡାକ୍ତରୀ ବିଦ୍ୟା ସମ୍ବନ୍ଧେ ଯେପରି ଅନଭିଜ୍ଞ, ବାଣିଜ୍ୟ ବିଷୟ ପଢ଼ିଥିବା କଲେଜ ଛାତ୍ର ବା ଅଧ୍ୟାପକ ଅଫିସର, ଦେଶନେତାମାନେ ଅଧ୍ୟାତ୍ମ-ବିଦ୍ୟା ଓ ଆତ୍ମା ସମ୍ବନ୍ଧେ ସେହିପରି ଅନଭିଜ୍ଞ । ତାଙ୍କ ନାମର ପୂର୍ବେ ଓ ପରେ କେତେଗୁଡ଼ିଏ ବିଶେଷଣ ଯଦି ଲାଗିଥାଏ ତେବେ ବିଶେଷଣ ଲାଗିଥିବା ବିଷୟରେ ସେମାନେ ପଣ୍ଡିତ ହୋଇ ପାରନ୍ତି । କିନ୍ତୁ ଅଧ୍ୟାତ୍ମ-ବିଦ୍ୟା ଯଦି ସେମାନେ ନ ଜାଣି ସେ ସମ୍ବନ୍ଧେ କିଛି କୁହନ୍ତି ତାଙ୍କ କହିବା ଯେପରି ଅସଙ୍ଗତ ତାଙ୍କ କହିବାରେ ବିଶ୍ୱାସ କରିବା ମଧ୍ୟ ତାହାଠାରୁ ଆହୁରି ଅଧିକ ଅସଙ୍ଗତ । ଯେ ଯେଉଁ ବିଷୟ ନ ଜାଣେ ସେ ବିଷୟରେ ସତ୍ୟ ବା ଅସତ୍ୟ କିଛି ନ କହି ଚୁପ୍ ରହିବା ଭଲ । ଯଦି କହିବାକୁ ହୁଏ ତେବେ ପ୍ରଥମେ ସେ ବିଷୟ ଜାଣନ୍ତୁ ପରେ କୁହନ୍ତୁ ।

ପ୍ରଶ୍ନ – କେଉଁଠି କୁହାହୋଇଛି ଭଗବାନ୍, କେଉଁଠି କୁହାହୋଇଛି ଆତ୍ମା । ଆତ୍ମା ଆଉ ଭଗବାନ୍ ଏକ, ନା ଦୁଇ ?

ଉତ୍ତର – ଆତ୍ମା ଆଉ ଭଗବାନ୍ ତତ୍ତ୍ୱତଃ ଏକ । ଆତ୍ମା ସେହି ଭଗବତ୍ ତତ୍ତ୍ୱ ବ୍ୟକ୍ତି ସତ୍ତା, ମନୁଷ୍ୟ ମଧ୍ୟରେ ନିବାସ କରେ, ମନୁଷ୍ୟର ଜନ୍ମ ମୃତ୍ୟୁ ସଙ୍ଗେ ସଙ୍ଗେ ଥାଏ । ଏହି ଆତ୍ମାର ସନ୍ଧାନ ପ୍ରାପ୍ତ ହେଲେ, ଭଗବାନଙ୍କ ସନ୍ଧାନ, ଜୀବନର ରହସ୍ୟ ଜ୍ଞାତ ହୁଏ । ଏହି ଆତ୍ମୋପଲବ୍ଧିରେ ମନୁଷ୍ୟର ଜଡ଼-କର୍ମରେ ଭଗବତ୍ ପ୍ରେରଣା ଆସେ । ତାର୍କିକ ସୀମିତ ବୁଦ୍ଧି ବ୍ୟାପକ ଆଉ ସ୍ୱତଃ ନିଶ୍ଚୟାତ୍ମକ ହୁଏ । ଜୀବନର ଦୁଃଖ-ଦ୍ୱନ୍ଦ୍ୱ ଅପସାରିତ ହୋଇ ଆନନ୍ଦରେ ପରିଣତ ହୁଏ । ସଂସାର ସ୍ୱର୍ଗ ହୋଇ ଉଠେ । ହୃଦୟ ଆତ୍ମ-ବିକାଶ, ମସ୍ତିଷ୍କ ବୁଦ୍ଧି-ବିକାଶରେ ଜୀବନ ପୂର୍ଣ୍ଣ ସୁଖମୟ ହୁଏ । ଏଥିରେହିଁ ହୁଏ କର୍ମର ଭିତ୍ତି ଅଧ୍ୟାତ୍ମ, ଜୀବନର ଚାଳକ ହୁଅନ୍ତି ଭଗବାନ୍ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହି ଲକ୍ଷ୍ୟରେ କେବେ ବା କେବେ ବ୍ୟକ୍ତିକୁ ପହୁଞ୍ଚିବାକୁ ହେବ । ଅଚେତଭାବେ ପ୍ରକୃତି ପ୍ରେରଣାରେ ନାନା ପ୍ରକାର ଦୁଃଖ-ଦ୍ୱନ୍ଦ୍ୱ ମଧ୍ୟଦେଇ ପହୁଞ୍ଚିବାରେ ବହୁତ ଜନ୍ମ ଲାଗେ । ସଚେତଭାବେ ସମସ୍ତ କର୍ମ ଆତ୍ମାକୁ ସମର୍ପଣ କରିବା ଦ୍ୱାରା ବ୍ୟକ୍ତି ଗୋଟିଏ ଜନ୍ମରେ ଦୁଃଖ-ଦ୍ୱନ୍ଦ୍ୱରୁ ନିବୃତ୍ତ ହୋଇ ଲକ୍ଷ୍ୟରେ ପହୁଞ୍ଚିପାରେ । ଜୀବନର ପୂର୍ଣ୍ଣତା ସକାଶେ କର୍ମର ଯେପରି ଆବଶ୍ୟକ ସେହିପରି ଆତ୍ମୋପଲବ୍ଧି ମଧ୍ୟ ଆବଶ୍ୟକ । ଉଭୟର ମିଳନରେହିଁ ଜୀବନ ହୁଏ ଆନନ୍ଦମୟ, ପୂର୍ଣ୍ଣ ।

ପ୍ରଶ୍ନ – ପୂର୍ଣ୍ଣାଙ୍ଗ ଶିକ୍ଷାରେ ଯଦି ଆତ୍ମୋପଲବ୍ଧି ହୁଏ, ମନୁଷ୍ୟକୁ ଏଥିରେ ଯଦି ପୂର୍ଣ୍ଣତା ପ୍ରାପ୍ତହୁଏ, ଏହି କାର୍ଯ୍ୟ ସମ୍ପନ୍ନ କରିବା ସକାଶେ ଯଦି ଅତିମାନସ ଶକ୍ତି ଅବତରଣ କରି କ୍ରିୟା କରୁଥାଏ ତେବେ ସେହି ଶକ୍ତି ତା'ର କାର୍ଯ୍ୟ କରିବ । ସେହି ବିଷୟକୁ ପ୍ରତିପାଦନ କରିବା ସକାଶେ ତୁମେ କାହିଁକି ବୁଝାଇବାକୁ ଚେଷ୍ଟା କରୁଛ ?

ଉତ୍ତର – କେବଳ ଯୁକ୍ତି-ତର୍କରେ ବୁଝାଇବା ଦ୍ୱାରା କୌଣସି ଫଳ ହୁଏ ନାହିଁ ଯଦି ପରିବର୍ତ୍ତନକାରୀ ସତ୍ୟ ଆତ୍ମାକୁ ସ୍ପର୍ଶ କରି ନ ଥାଏ । ଯଥାର୍ଥରେ କାର୍ଯ୍ୟ କରେ ରୂପାନ୍ତରକାରୀ ସତ୍ୟ; ମାତ୍ର ଯୁକ୍ତିଯୁକ୍ତ ଆଲୋଚିତ ବିଷୟ ମନର ସନ୍ଦେହକୁ ଦୂର କରିବାରେ ସାହାଯ୍ୟ କରେ । ଆତ୍ମା ଆଉ ସତ୍ୟ ମଧ୍ୟରେ ଥିବା ପରଦାକୁ ସେହିପରି ଅପସାରଣ କରେ ଯେପରି ନଦୀ ବଢ଼ିରେ ବୁଡ଼ିଯାଉଥିବା ବନ୍ଧରେ କୋଡ଼ିରେ ଦୁଇ ପଶା ମାରିବା । ବନ୍ଧ ବୁଡ଼ିଯିବା ଅବସ୍ଥାରେ ବନ୍ଧ ଭାଙ୍ଗିଯିବା ଅବଶ୍ୟମ୍ଭାବୀ ଥିବା ସତ୍ତ୍ୱେ କିଛି ସମୟ ରହିପାରେ । କିନ୍ତୁ କୋଡ଼ିରେ ଦୁଇ ପଶା ମାରିଦେଲେ ସଙ୍ଗେ ସଙ୍ଗେ ବନ୍ଧ ଭାଙ୍ଗିଯାଏ ।

ବର୍ତ୍ତମାନ ଜଗତରେ ଅତିମାନସ ଶକ୍ତି ସର୍ବତ୍ର କାର୍ଯ୍ୟ କରୁଅଛି, ଏ ବିଷୟରେ ସଚେତ ହୋଇଛନ୍ତି କେତେଜଣ ? ୧୯୫୬ ମାର୍ଚ୍ଚ ତା୨୯ରିଖରେ ଯେତେବେଳେ ଅତିମାନସ ଶକ୍ତି ସ୍ଥୂଳ ଭୌତିକ ଚେତନାରେ ପ୍ରକାଶିତ ହେଲା ସେତେବେଳେ ବହୁତ ଅଳ୍ପ, ଖୁବ୍ ଅଳ୍ପ ଲୋକ ବୁଝି ପାରିଥିଲେ । ମା'ଙ୍କ କହିବା ପରେ ଆଉ କେତେ ଲୋକ ଅନୁଭବ କରିବାକୁ ଲାଗିଲେ । ମା' ଯଦି କହି ନ ଥା'ନ୍ତେ ତେବେ ଯେଉଁମାନେ ଅନୁଭବ କଲେ ସେମାନଙ୍କ ଅନୁଭୂତି ହେବାରେ ବିଳମ୍ବ ହୋଇଥା'ନ୍ତା ଆଉ ଅତିମାନସ ସମ୍ବନ୍ଧେ ସେମାନେ ସଚେତ ହୋଇ ନ ଥା'ନ୍ତେ । ଯାହା ଅନ୍ତରରେ ଘଟେ ତାକୁ ବାହାରରେ ସଚେତନ କରାଇ ଦେବା ଦ୍ୱାରା ତାହା ଶୀଘ୍ର ବିକଶିତ ହୁଏ ।

ପ୍ରଶ୍ନ – ଲୋକକୁ ବୁଝାଇ ଦେବା ଦ୍ୱାରା ଯଦି ଲୋକ ସଚେତ ହୁଏ ତେବେ ତୁମେ କହୁଛ ଅତିମାନସ ଶକ୍ତି ସର୍ବତ୍ର କ୍ରିୟା କରୁଅଛି, ସମସ୍ତଙ୍କ ଆତ୍ମାକୁ ସ୍ପର୍ଶ କରୁଅଛି; ତେବେ ପ୍ରତ୍ୟେକ ବ୍ୟକ୍ତି ସଚେତ ହୋଇ ଆତ୍ମ-ବିକାଶ ସକାଶେ ପ୍ରଯତ୍ନ କରିବା ଉଚିତ । କିନ୍ତୁ ଏପରି ତ' ହେଉ ନାହିଁ ?

ଉତ୍ତର – ନାହିଁ, ଏପରି ହୁଏ ନାହିଁ । କାରଣ ପ୍ରତ୍ୟେକ ମନୁଷ୍ୟର ଆତ୍ମା ଅତିମାନସ ଶକ୍ତିର ସ୍ପର୍ଶ ପାଇବା ଅନୁପାତରେ ସମାନଭାବେ ବିକଶିତ ବା ଜାଗ୍ରତ୍ ହୋଇ ନାହିଁ । ସେହି ସକାଶେ ପ୍ରତ୍ୟେକ ବ୍ୟକ୍ତି ପ୍ରଯତ୍ନ କରୁ ନାହାନ୍ତି । ଯେଉଁମାନଙ୍କ ଆତ୍ମା ଆଉ ସତ୍ୟ ମଧ୍ୟରେ ମନ-ପ୍ରାଣର ମୋଟା ପରଦା ଅଛି, ଅର୍ଥାତ୍ ଯାହା ମଧ୍ୟରେ ମନ-ପ୍ରାଣ ଅତ୍ୟଧିକ ମାତ୍ରାରେ ନେତୃତ୍ୱ ସ୍ଥାନ ଅଧିକାର କରି ମନୁଷ୍ୟକୁ ପରିଚାଳନା କରୁଅଛି, ସେମାନଙ୍କ ମନବୁଦ୍ଧି ଅତ୍ୟନ୍ତ ବିକଶିତ ହେବା ସତ୍ତ୍ୱେ ହୃଦୟ ବିକଶିତ ନ ହୋଇ ଶୁଷ୍କ ହୋଇ ଯାଇଅଛି, ସେଥିପାଇଁ ସେମାନଙ୍କ ଆତ୍ମା ଅତିମାନସ

ଶକ୍ତିର ବହୁତ କମ୍ ପ୍ରଭାବ ସ୍ପର୍ଶ କରୁଛି । ସେମାନଙ୍କୁ ବର୍ତ୍ତମାନ ଅତିମାନସ ଶକ୍ତି ଗ୍ରହଣ କରିବାକୁ ଅଧିକ ସମୟ ଲାଗିବ ।

ଯେଉଁମାନଙ୍କ ଆତ୍ମା ଅଧିକ ଜାଗ୍ରତ୍ ହୋଇଅଛି ସେହିମାନେ ଅତିମାନସ ଶକ୍ତିର ସ୍ପର୍ଶ ପାଇଅଛନ୍ତି, ବାହ୍ୟ ଶବ୍ଦର ସାହାଯ୍ୟ ପାଇବା ମାତ୍ରେ ସେମାନେ ଜାଗ୍ରତ୍ ହୋଇ ଯାଉଛନ୍ତି । ଏହିପରି ବ୍ୟକ୍ତିଙ୍କ ସକାଶେ ବାହ୍ୟ ଶବ୍ଦର ଆବଶ୍ୟକ ।

ବରାବର ନୂତନ ସତ୍ୟ ଗ୍ରହଣ କରିବା ବ୍ୟକ୍ତି ଅଳ୍ପ ହୁଅନ୍ତି । ଯେଉଁମାନେ ପ୍ରଥମରେ ଗ୍ରହଣ କରନ୍ତି ସେମାନେ ହୁଅନ୍ତି ନୂତନ ଯୁଗର ଅଗ୍ରଦୂତ ।

ଯେଉଁମାନଙ୍କ ଆତ୍ମା ଅତିମାନସ ଶକ୍ତିର ଅଧିକ ସଂସ୍ପର୍ଶ ପାଇଅଛି ସେମାନେ ଏହି ଅଧ୍ୟାତ୍ମ ସତ୍ୟ ଅବଶ୍ୟ ଗ୍ରହଣ କରିବେ । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ବାଣୀର ପ୍ରସାର ଆବଶ୍ୟକ । ଏଥିରେହିଁ ସଂସାର ଆଉ ଜୀବନର ଉନ୍ନତି; ଏହାଦ୍ୱାରା ଜୀବନ ପୂର୍ଣ୍ଣ ଓ ଆନନ୍ଦମୟ ହେବ, ସଂସାର ସ୍ୱର୍ଗରେ ପରିଣତ ହେବ । ଏହି ଅମୃତ ମୁହୂର୍ତ୍ତ ଆତ୍ମାନଙ୍କ ସମ୍ମୁଖରେ ବର୍ତ୍ତମାନ ।

ଶିକ୍ଷା ପୂର୍ଣ୍ଣାଙ୍ଗ ହେବାକୁ ହେଲେ ମାନବ-ସତ୍ତାର ପାଞ୍ଚଟି ପ୍ରଧାନ ବୃତ୍ତି ଅନୁଯାୟୀ ଶିକ୍ଷାର ପାଞ୍ଚଟି ବିଭାଗ ରହିବା ଦରକାର ।

ଶାରୀରିକ, ପ୍ରାଣିକ, ମାନସିକ, ଅନ୍ତରାତ୍ମିକ ଓ ଆଧ୍ୟାତ୍ମିକ ।...

— ଶ୍ରୀମା

ଛାତ୍ର-ଜୀବନରେ ଉନ୍ନତିର ମାର୍ଗ

ପ୍ରକାଶକଙ୍କ ଟିପ୍‌ପଣୀ

ଛାତ୍ର ସମାଜର ଶିକ୍ଷା ପ୍ରଣାଳୀ, ପ୍ରସ୍ତୁତି ଓ କ୍ରିୟାକଳାପ ଉପରେହିଁ ସମଗ୍ର ମାନବସମାଜର ଉନ୍ନତି ବା ଅବନତି ନିର୍ଭର କରେ । ଆଧୁନିକ ଛାତ୍ର-ସମାଜରେ ଔଦ୍ଧତ୍ୟ, ଚରିତ୍ରହୀନତା ତଥା ଶାରୀରିକ ଅସୁସ୍ଥତା ବିଶେଷ ଭାବେ ପରିଦୃଷ୍ଟ ହେଉଛି ଏବଂ ଏହାର ପ୍ରତିକାର ନିମିତ୍ତ ଛାତ୍ର, ପିତାମାତା ବା ଅଭିଭାବକ ଓ ଶିକ୍ଷକମାନଙ୍କର କ'ଣ କର୍ତ୍ତବ୍ୟ ଓ କେଉଁ ମାର୍ଗ ଅନୁସରଣୀୟ ସେ ସମ୍ବନ୍ଧରେ ଏହି ପୁସ୍ତିକାରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ବ୍ରହ୍ମଚର୍ଯ୍ୟ ସମ୍ବନ୍ଧରେ ସରଳ ଭାବରେ ଆଲୋଚିତ ହୋଇଛି । ଲେଖକ ନିଜର ଦୀର୍ଘ ଅନୁଭୂତିରୁ ଉପରୋକ୍ତ ସମସ୍ୟା-ସମାଧାନ ନିମିତ୍ତ ଅତିମାନସ ଶକ୍ତି ପ୍ରତି ଐକାନ୍ତିକ ଅଭୀପ୍ସା, ଆତ୍ମୋନ୍ମୀଳନ ଓ ସମର୍ପଣହିଁ ଏକମାତ୍ର ଅବ୍ୟର୍ଥ ଉପାୟ ବୋଲି ଦର୍ଶାଇଛନ୍ତି । ସାଧାରଣ ପାଠକ-ବୃନ୍ଦ ଓ ବିଶେଷଭାବେ ଛାତ୍ର-ସମାଜ ଏହି ପୁସ୍ତିକା ଦ୍ୱାରା ବିଶେଷ ଉପକୃତ ହେବେ ବୋଲି ଆଶାକରୁ ।

— ପ୍ରକାଶକ

ସ୍ୱାସ୍ଥ୍ୟ, ଶିକ୍ଷା ଓ ବ୍ରହ୍ମଚର୍ଯ୍ୟ

ସ୍ୱାସ୍ଥ୍ୟ, ଶିକ୍ଷା ଓ ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରାହିଁ ସୁଖ-ଶାନ୍ତିମୟ, ସମୃଦ୍ଧିଶାଳୀ ଜୀବନ ପ୍ରାପ୍ତ ହୁଏ । ମନୁଷ୍ୟ ସୁଖ-ଶାନ୍ତିରେ ଜୀବନ ଯାପନ କରିବା ସକାଶେ ଯେଉଁସବୁ ବସ୍ତୁ ଚାହେଁ ତନ୍ମଧ୍ୟରୁ ଉତ୍ତମ ସ୍ୱାସ୍ଥ୍ୟ ହେଉଛି ପ୍ରଧାନ । ମନୁଷ୍ୟ ଶରୀରରେହିଁ ସମସ୍ତ ପ୍ରକାର ଧର୍ମ, କର୍ମ, ବିଦ୍ୟାଲାଭ କରିପାରେ । ଏ ସମ୍ବନ୍ଧରେ ଉପନିଷଦ୍‌ର ସେହି ମହାନ୍‌ବାକ୍ୟ— ଶରୀରମାଦ୍ୟଂ ଖଲୁଧର୍ମଂସାଧନମ୍— ସ୍ମରଣୀୟ । ଊର୍ଦ୍ଧ୍ୱଗମନ କରିବା ପାଇଁ ଦେବତାମାନଙ୍କୁ ମଧ୍ୟ ସୁସ୍ଥ ମନୁଷ୍ୟଶରୀର ଧାରଣ କରି ସାଧନା କରିବାକୁ ହୁଏ । ଅସୁସ୍ଥ ଶରୀରରେ ସମସ୍ତ ପ୍ରକାର ଭୋଗ ଐଶ୍ୱର୍ଯ୍ୟ ବସ୍ତୁ ଅପ୍ରିୟ ହୁଏ ।

''ଭୋଗ ରୋଗସମ ଜୀବନ ଭାରୁ,
ଯମ ଯାତନା ସରିଶ ସଂସାରୁ ।'' (ରାମଚରିତ ମାନସ)

ଅର୍ଥାତ୍, ''ଭୋଗ୍ୟବସ୍ତୁ ରୋଗ ସଦୃଶ ଅପ୍ରିୟ, ଜୀବନଧାରଣ ଭାର ପରି ଅସୁଖକର, ସଂସାର ନରକ-ପୀଡ଼ା ପରି ଦୁଃଖପ୍ରଦ ପ୍ରତୀତ ହୁଏ ।'' କିନ୍ତୁ ସମୃଦ୍ଧିଶାଳୀ ସୁଖମୟ ଜୀବନ ପ୍ରାପ୍ତ ହୋଇପାରେ ଯେବେ ସ୍ୱାସ୍ଥ୍ୟ, ଶିକ୍ଷା, ବ୍ରହ୍ମଚର୍ଯ୍ୟ ଅଧ୍ୟାତ୍ମଭିତ୍ତି ଉପରେ ପ୍ରତିଷ୍ଠିତ ହୁଏ । ଏହି ବିଷୟରେ କ୍ରମଶଃ ଆଲୋଚନା କରିବା ।

ପ୍ରଥମ ଆବଶ୍ୟକତା ସ୍ୱାସ୍ଥ୍ୟ

ଶରୀର ଓ କର୍ମକୁ ତ୍ୟାଗ ନ କରି ଜୀବନକୁ ପୂର୍ଣ୍ଣ, ସମୃଦ୍ଧିଶାଳୀ, ଶକ୍ତିଶାଳୀ ଓ ଉନ୍ନତ କରିବାକୁ ହେଲେ ମନୁଷ୍ୟର ପ୍ରଥମ ଏବଂ ପ୍ରଧାନ ଆବଶ୍ୟକତା ହେଲା ସ୍ୱାସ୍ଥ୍ୟ । ପୂର୍ଣ୍ଣ ସ୍ୱାସ୍ଥ୍ୟ ନ ଥିଲେ ମନୁଷ୍ୟ ଭଲ ପଢ଼ିପାରେ ନାହିଁ, ବିଚାର କରିପାରେ ନାହିଁ, ବ୍ୟାୟାମ କରିପାରେ ନାହିଁ, ଚାକିରି କରିପାରେ ନାହିଁ, ଅନ୍ୟ ବ୍ୟକ୍ତି ସହିତ ଆଳାପ ଆଲୋଚନା କଲାବେଳେ ସ୍ନାୟୁ-ଦୌର୍ବଲ୍ୟ ଯୋଗୁଁ ସାମାନ୍ୟ କାରଣରେ ରାଗିଯାଏ ଏବଂ ଅପ୍ରୀତିକର କର୍ମ କରେ । ବ୍ୟକ୍ତି ସମସ୍ତ ଜୀବନ ପରିଶ୍ରମ କରି ଯେଉଁ ବିଦ୍ୟାର୍ଜନ କରିଥାଏ, ସ୍ୱାସ୍ଥ୍ୟ ଅଭାବରୁ ତାହାର ସଦୁପଯୋଗ କରିପାରେ ନାହିଁ । ସାଧାରଣ ଜୀବନଠାରୁ ଆରମ୍ଭ କରି ଅତି ଉନ୍ନତ ଜୀବନରେ ବି ସ୍ୱାସ୍ଥ୍ୟ ଆବଶ୍ୟକ । ଏପରିକି ସଂସାର ଓ ଶରୀରକୁ ମିଥ୍ୟା, ମାୟା କହୁଥିବା ସାଧକ ଅଧ୍ୟାତ୍ମଜୀବନରେ ବି ଉତ୍ତମ ସ୍ୱାସ୍ଥ୍ୟ ବିନା ଲକ୍ଷ୍ୟସିଦ୍ଧି କରିପାରନ୍ତି ନାହିଁ ।

ପ୍ରଶ୍ନ : ଏପରି ଉପଯୋଗୀ ସ୍ୱାସ୍ଥ୍ୟକୁ ବ୍ୟକ୍ତି ଅବହେଳା କରେ କାହିଁକି ?

ଉତ୍ତର : ଆଳସ୍ୟ ତଥା ତାହାର ମହତ୍ତ୍ୱ ନ ଜାଣିବା ଯୋଗୁଁ ବ୍ୟକ୍ତିର ଯଥାର୍ଥ ବିବେକ ଅଭାବରୁ ସେ ସ୍ୱାସ୍ଥ୍ୟର ମହତ୍ତ୍ୱ ବୁଝି ନ ପାରି, ଯଥାଯଥ ଭାବେ ଉପଯୋଗ କରିବା ପ୍ରଣାଳୀ ଜାଣି ନ ପାରି ସ୍ୱାସ୍ଥ୍ୟର ଉପାୟ ବ୍ୟାୟାମକୁ ତ୍ୟାଗ କରି ଦେଇଛି; ଏବଂ ଯେଉଁ କର୍ମ ଦ୍ୱାରା ମନୁଷ୍ୟ ସମୃଦ୍ଧିଶାଳୀ ପରମାନନ୍ଦମୟ ଜୀବନ ପ୍ରାପ୍ତ କରିପାରି ଥାଆନ୍ତା ଏବଂ ଅନ୍ୟର ହିତସାଧନ କରିପାରି ଥାଆନ୍ତା ତାହା ନ କରି ନିଜର ସ୍ୱାର୍ଥସିଦ୍ଧି ସକାଶେ ପରର ଅନିଷ୍ଟ କରୁଅଛି । ଯେଉଁ ସ୍ୱାସ୍ଥ୍ୟ ମନୁଷ୍ୟର ପରମ ସମ୍ପଦ ଓ ଉତ୍ତମ କର୍ମସମ୍ପାଦନର ଆଧାର ତାହାର ପ୍ରେରକ ଅଧ୍ୟାତ୍ମସତ୍ୟର ନେତୃତ୍ୱ ଅଭାବରୁ ତାହାର କୁପରିଣାମ ଦୃଷ୍ଟିଗୋଚର ହେଉଅଛି । ଯେଉଁ ଛାତ୍ର ସ୍ୱାସ୍ଥ୍ୟ ସକାଶେ ବ୍ୟାୟାମ କରେ ସେ ବରାବର ଫେଲ୍ ହୁଏ, ତାହାର ବୁଦ୍ଧି ସୂକ୍ଷ୍ମ ହୁଏ ନାହିଁ, ସମସ୍ତେ ତାକୁ କହନ୍ତି ହୁଣ୍ଡା । ଗ୍ରାମର କୌଣସି ବ୍ୟକ୍ତି ସ୍ୱାସ୍ଥ୍ୟଚର୍ଚ୍ଚା କଲେ ତାକୁ କହନ୍ତି ମୂର୍ଖ, ସହରରେ କହନ୍ତି ଗୁଣ୍ଡା । ସ୍ୱାସ୍ଥ୍ୟବାନ୍ ବ୍ୟକ୍ତି ଉପରେ ଯେଉଁ ଦୋଷ ଆରୋପ କରାହୁଏ ସେଥିରେ କିଛି ସତ୍ୟତା ବି ଥାଏ । କାରଣ ଶାରୀରିକ ବଳର ଆଧାର ହେଲା ପ୍ରାଣଶକ୍ତି, ପ୍ରାଣ ସବୁ ସମୟରେ ଉଦ୍ଦଣ୍ଡ, ଅମଣିଆ ଘୋଡ଼ା ସଦୃଶ । ତା'ର ଯଥାର୍ଥ ଜ୍ଞାନ ନ ଥାଏ; ସେଥି ପାଇଁ ଉତ୍ତମ କାର୍ଯ୍ୟର ଉପଯୋଗୀ ସ୍ୱାସ୍ଥ୍ୟକୁ ସେ ଅନ୍ୟାୟ କାର୍ଯ୍ୟରେ ପ୍ରୟୋଗ କରେ । ଦୁଇଦଳ ମଧ୍ୟରେ କଳିତକରାଳ ହେଲେ ମାଡ଼ ଫଉଜଦାରୀ ସକାଶେ ବିବେକବିହୀନ

ସ୍ୱାସ୍ଥ୍ୟବାନ୍ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରା ହୁଏ । କୌଣସି କାରଣରୁ ଦଙ୍ଗାହେଙ୍ଗାମା ହେଲେ ଦୋକାନ ଲୁଟନ୍ତି ସ୍ୱାସ୍ଥ୍ୟବାନ୍ ବ୍ୟକ୍ତି । ଏହା ହୁଏ ପ୍ରାଣଶକ୍ତି ଅଧ୍ୟାତ୍ମ-ଆଲୋକରେ ଆଲୋକିତ ଏବଂ ପରିଚାଳିତ ନ ହେବାରୁ । ଏପରି ପତନ କେବଳ ବ୍ୟାୟାମରେ ହୋଇଅଛି ତାହା ନୁହେଁ, ଏହା ହୋଇଛି ସବୁ କ୍ଷେତ୍ରରେ । ଯେଉଁ ବିଦ୍ୟାଶିକ୍ଷାରେ ଜୀବନ ଉନ୍ନତ ହୁଏ, ତାହା ହୋଇଛି ଉଚ୍ଛୃଙ୍ଖଳାର କାରଣ । ଜନସେବା ଉଦ୍ଦେଶ୍ୟ, ବ୍ୟବସାୟରେ କଳାବଜାର, ଚାକିରିରେ ଘୁଷ୍‌ଖୋରୀ, ରାଜନୀତିରେ ମିଥ୍ୟାଚାର– ଏହିସବୁ ହେଉଅଛି ଯୁଗପରିବର୍ତ୍ତନ ଯୋଗୁଁ ନୈତିକତା ଭାଙ୍ଗି ଯିବାରୁ ।

ଏବେ ଶ୍ରୀଅରବିନ୍ଦଙ୍କ ଅତିମାନସ ଶକ୍ତି ଦ୍ୱାରା ନୂତନ ଯୁଗ ଆସିଅଛି । ସଂସାରର ସମସ୍ତ କର୍ମ ଅତିମାନସ ଶକ୍ତିର ଭିତ୍ତିରେ ସମ୍ପାଦିତ ହେଲେ ସେଥିରେ ସତ୍ୟତା, ପବିତ୍ରତା ପ୍ରାପ୍ତ ହେବ; ସେହି କର୍ମ ଦ୍ୱାରା ବ୍ୟକ୍ତିର ଜୀବନ ଓ ଜଗତ୍ ଉନ୍ନତ ହେବ । ପ୍ରତ୍ୟେକ କର୍ମ କିପରି ଭାବରେ ଆଚରିତ ହେଲେ, କର୍ମ ଦ୍ୱାରା ବ୍ୟକ୍ତି ନିଜ ଜୀବନକୁ ସୁଖମୟ ଓ ସଂସାରକୁ ସମୃଦ୍ଧିଶାଳୀ କରି ପାରିବ ତାହାର ଉଦାହରଣ ମନୁଷ୍ୟଜାତି ସମ୍ମୁଖରେ ରଖିବା ପାଇଁ ଶ୍ରୀଅରବିନ୍ଦ ଆଶ୍ରମରେ ସମସ୍ତ ପ୍ରକାର କର୍ମ ଆଚରଣ କରାହେଉଛି । ଛାତ୍ରମାନଙ୍କୁ ଶିଶୁ ଅବସ୍ଥାରେ ସ୍କୁଲରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ବହୁତ ପ୍ରକାର ବ୍ୟାୟାମ ଶିକ୍ଷା ଦିଆ ହେଉଅଛି । ଆଶ୍ରମର ବାତାବରଣ ପ୍ରଭାବରୁ ପ୍ରତ୍ୟେକ ଶିଶୁ ସ୍ୱେଚ୍ଛାରେ ଆଗ୍ରହର ସହିତ ବ୍ୟାୟାମରେ ଭାଗ ନେଉ ଅଛନ୍ତି । ଏଠାରେ ଶିଶୁମାନଙ୍କୁ ଶିକ୍ଷକମାନେ ମାରନ୍ତି ନାହିଁ, ଧମକାନ୍ତି ନାହିଁ, କୌଣସି କାର୍ଯ୍ୟ କରିବାକୁ ବାଧ କରନ୍ତି ନାହିଁ; ସେମାନେ ସ୍ୱତଃସ୍ଫୂର୍ତ୍ତଭାବେ କରନ୍ତି, କିନ୍ତୁ କୌଣସି ଗୁରୁତର କାରଣବଶତଃ ଯଦି ତାକୁ ଦଣ୍ଡ ମିଳେ ତେବେ ସବୁଠାରୁ କଠିନ ଦଣ୍ଡ ହୁଏ ଖେଳପଡ଼ିଆ (Play ground)ରେ ପ୍ରବେଶ ନିଷେଧ । ଏଥିରୁ ସ୍ପଷ୍ଟ ବୁଝା ଯାଉଅଛି ଶରୀରକୁ ସୁନ୍ଦର ଓ ସୁଦୃଢ଼ କରି ଗଢ଼ିବା ସକାଶେ ବ୍ୟାୟାମକୁ ବିଶେଷ ମହତ୍ତ୍ୱ ଦିଆ ହୋଇଅଛି ।

ଶିଶୁଅବସ୍ଥାରୁ ବାଳକ-ବାଳିକାମାନଙ୍କୁ ବ୍ୟାୟାମର ସୁବିଧା ଦେବା ସକାଶେ କର୍ତ୍ତୃପକ୍ଷମାନଙ୍କୁ ପ୍ରତ୍ୟେକ ସ୍କୁଲ୍, କଲେଜ, ଗ୍ରାମ ଓ ସହରରେ ବ୍ୟାୟାମ ଶିକ୍ଷାର ପ୍ରଚଳନ ଓ ବ୍ୟାୟାମଶାଳା ସ୍ଥାପନ ଇତ୍ୟାଦି କରିବାକୁ ହେବ । ଅଧ୍ୟାତ୍ମିଭିତ୍ତିରେ ବ୍ୟାୟାମ କିପରି ଆଚରଣ କରିବାକୁ ହେବ ତାହା ଆଲୋଚନା କରିବା ।

ବ୍ୟାୟାମର ଉପଯୋଗିତା

ଶିଶୁର ଜନ୍ମ ସମୟରୁ ଯେଉଁ ଶାରୀରିକ ଅବୟବ, ମନ ଏବଂ ପ୍ରାଣ ଥାଏ ମନୁଷ୍ୟ ପ୍ରଯତ୍ନ କରି ସେସବୁର ବିକାଶ ସାଧନ କରିପାରେ । ଯେପରି ମନ, ପ୍ରାଣର ବିକାଶ ଶିକ୍ଷା ଦ୍ୱାରା ହୁଏ ସେହିପରି ଶରୀରର ବିକାଶ ବ୍ୟାୟାମ ଦ୍ୱାରା ହୁଏ । ବ୍ୟାୟାମ ଦ୍ୱାରା ଶାରୀରିକ ବଳ ବୃଦ୍ଧି ହୁଏ, ଅସଳଖ ଅଙ୍ଗ ପ୍ରତ୍ୟଙ୍ଗ ସିଧାସଳଖ, ସୁଢଳ ଓ ସୁନ୍ଦର ହୁଏ; ଦୁର୍ବଳ ସ୍ନାୟୁତନ୍ତ୍ରୀ ଦୃଢ଼ ହୁଏ । ଶରୀରର ଗ୍ରନ୍ଥିସବୁ ମଜଭୁତ୍ ହୁଏ, ଯୋଡ଼ା ଗଣ୍ଠିସ୍ଥାନ ପୁଷ୍ଟ ହୁଏ । ଜଠରାଗ୍ନି ପ୍ରଜ୍ୱଳିତ ହୋଇ ଖାଦ୍ୟବସ୍ତୁ ଯଥାଯଥରୂପେ ପରିପାକ କରେ, ଶରୀର ବାତ ଇତ୍ୟାଦି ସମସ୍ତ ରୋଗରୁ ମୁକ୍ତ ରହେ । ଏପରିକି ମନୁଷ୍ୟ ଜୀବନର ଯେଉଁ ଏକମାତ୍ର ଲକ୍ଷ୍ୟ ପରମାନନ୍ଦ-ପ୍ରାପ୍ତି ତାହା ସୁସ୍ଥ ଶରୀରରେହିଁ ସମ୍ଭବ ହୋଇପାରେ ।

ଉପନିଷଦ୍‌ର ବାକ୍ୟ– ନାୟମାତ୍ମା ବଲହୀନେନ ଲଭ୍ୟଃ– ଅର୍ଥାତ୍, ''ଆନ୍ତରିକ ଆତ୍ମବଳ ଓ ଶାରୀରିକ ବଳହୀନ ବ୍ୟକ୍ତି ଆତ୍ମାନୁଭବ କରିପାରେ ନାହିଁ ।'' ଏହା ଏକେବାରେ ସ୍ୱତଃସିଦ୍ଧ ଯେ ସ୍ୱାସ୍ଥ୍ୟହୀନ ବ୍ୟକ୍ତି ସାଂସାରିକ କାର୍ଯ୍ୟ କିଂବା ଅଧ୍ୟାତ୍ମସତ୍ୟ ଉପଲବ୍ଧି କରିପାରେ ନାହିଁ । ମନ, ପ୍ରାଣ, ଆତ୍ମା ଓ ଶରୀର– ଏହି ଚାରିଟି ସତ୍ତାର ପୂର୍ଣ୍ଣାଙ୍ଗ ବିକାଶରେହିଁ ମନୁଷ୍ୟ ପୂର୍ଣ୍ଣତା ପ୍ରାପ୍ତ ହୁଏ । ଏହା ମଧ୍ୟରୁ କୌଣସି ଗୋଟିଏ ଅବିକଶିତ ରହିଲେ ଜୀବନ ଅପୂର୍ଣ୍ଣ ରହେ । ଶରୀରର ବିକାଶ ହୁଏ ବ୍ୟାୟାମ ଦ୍ୱାରା । ମନ-ପ୍ରାଣର ବିକାଶ ହୁଏ ଶିକ୍ଷା ଦ୍ୱାରା । ଆତ୍ମାର ବିକାଶ ହୁଏ ଅଧ୍ୟାତ୍ମସାଧନା ଦ୍ୱାରା । ମନୁଷ୍ୟ ଜୀବନର ପରିପୂର୍ଣ୍ଣବିକାଶ ନିମିତ୍ତ ବ୍ୟାୟାମ, ଶିକ୍ଷା ଓ ଅଧ୍ୟାତ୍ମସାଧନା ସମାନ ଭାବରେ ଶିଶୁ ଅବସ୍ଥାରୁ ଏକସଙ୍ଗେ ଅଭ୍ୟାସ କରିବା ଆବଶ୍ୟକ । ଏଠାରେ କେବଳ ବ୍ୟାୟାମ ସମ୍ବନ୍ଧରେ ଆଲୋଚନା କରିବା ।

କର୍ମର ଭିତ୍ତି ଆଧ୍ୟାତ୍ମିକତା ହେଲେ ତାହା ଯେପରି ଯଥାର୍ଥ ସ୍ୱରୂପ ପ୍ରାପ୍ତ ହୁଏ, ସେହିପରି ବ୍ୟାୟାମର ଭିତ୍ତି ଆଧ୍ୟାତ୍ମିକତା ହେଲେ ମନୁଷ୍ୟ ଶାରୀରିକ ଶକ୍ତି ପ୍ରାପ୍ତ କରେ ଓ ତାହାର ସଦୁପଯୋଗ କରେ । ମନୁଷ୍ୟର ଶକ୍ତିହିଁ ପ୍ରଧାନ; ଶକ୍ତି ବ୍ୟତୀତ ଜୀବନ ଧାରଣ ବ୍ୟର୍ଥ । କିନ୍ତୁ ସେହି ଶକ୍ତିର ଦୁରୁପଯୋଗ କଲେ ମନୁଷ୍ୟ ରାବଣ, କଂସ, ହିରଣାକ୍ଷ ଓ ହିଟ୍‌ଲର ସଦୃଶ ରାକ୍ଷସରେ ପରିଣତ ହୁଏ ଏବଂ ସେହି ଶକ୍ତିର ସଦୁପଯୋଗରେ ବ୍ୟକ୍ତି ସଂସାରକୁ ସ୍ୱର୍ଗରେ ପରିଣତ କରିପାରେ ।

ଶ୍ରୀଅରବିନ୍ଦ ନୂତନ ଦିବ୍ୟ-ମାନବଜାତି ପୃଥିବୀରେ ସ୍ଥାପନ କରିବାକୁ ଯେଉଁ ଅତିମାନସ ଶକ୍ତିକୁ ପୃଥିବୀରେ ଉତାରି ଆଣିଅଛନ୍ତି ତଦ୍ଦ୍ୱାରା ମନ, ପ୍ରାଣ, ଶରୀର ତା'ର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହେବ ଏବଂ ବ୍ୟକ୍ତି ଜରା, ରୋଗ, ମୃତ୍ୟୁରୁ ମୁକ୍ତ ହେବ । ଏହି ସକାଶେ ସ୍ଥୂଳଶରୀରରେ ରୂପାନ୍ତର ହେଲା ବିଶେଷ ମହତ୍ତ୍ୱପୂର୍ଣ୍ଣ ବସ୍ତୁ । ଏଥିରେ ମନ, ପ୍ରାଣ, ଶାନ୍ତ ଓ ଏକାଗ୍ର ହୁଏ । ଯେଉଁ ମନ, ପ୍ରାଣକୁ ଶାନ୍ତ ଓ ଏକାଗ୍ର କରିବା ସକାଶେ ପୁରାତନ ଯୋଗୀ ବହୁ ପ୍ରକାର କଠିନ ସାଧନା କରୁଥିଲେ ତାହା ସାଧିତ ହୁଏ ଶାରୀରିକ ବ୍ୟାୟାମ ମଧ୍ୟଦେଇ ଅତିମାନସ ଶକ୍ତି ଦ୍ୱାରା । ଅତଏବ ଶାରୀରିକ ବ୍ୟାୟାମ କେବଳ ସ୍ୱାସ୍ଥ୍ୟ ସକାଶେ ଆବଶ୍ୟକ ନୁହେଁ, ଏଥିରେ ମହତ୍ତ୍ୱପୂର୍ଣ୍ଣ ଶାରୀରିକ ରୂପାନ୍ତର ହୁଏ । ତେଣୁ କେଉଁ ପ୍ରଣାଳୀରେ ଏହି କାର୍ଯ୍ୟ ସମ୍ପାଦନ କରିବାକୁ ହେବ ତାହା ବିଚାର କରିବା ।

ବ୍ୟାୟାମର ପ୍ରଣାଳୀ

ପ୍ରତ୍ୟେକ କାର୍ଯ୍ୟର ପରିଣାମ ନିର୍ଭର କରେ ଭାବ ଓ ଉଦ୍ଦେଶ୍ୟ ଉପରେ । ଅର୍ଥାତ୍ ଯେଉଁ ଲକ୍ଷ୍ୟ ସିଦ୍ଧି ସକାଶେ କର୍ମ କରା ହେଉଛି ତାହା ଉପରେ । ପ୍ରତ୍ୟେକ ବ୍ୟାୟାମକାରୀ ବ୍ୟକ୍ତିଙ୍କୁ ଶରୀର ନୀରୋଗ, ବୃଦ୍ଧତ୍ୱ ଓ ମୃତ୍ୟୁରୁ ମୁକ୍ତି ଉଦ୍ଦେଶ୍ୟରେ ବ୍ୟାୟାମ କରିବାକୁ ହେବ । ଅର୍ଥାତ୍ ଏହାହିଁ ମନୁଷ୍ୟର ଲକ୍ଷ୍ୟ । ବ୍ୟାୟାମ କରିବା ପୂର୍ବରୁ ୫ମିନିଟ୍ ମା'ଙ୍କୁ ହୃଦୟରେ ଧ୍ୟାନ କରିବେ ଏବଂ ପ୍ରାର୍ଥନା କରିବେ— ''ମୋର ମନ, ପ୍ରାଣ, ଶରୀର ତୁମ ଚରଣରେ ଅର୍ପଣ କରୁଅଛି, ତୁମେ ମୋତେ ପରିଚାଳନା କର, ତୁମ ଶକ୍ତି ଏହି ଶରୀରରେ ରୂପାନ୍ତର କାର୍ଯ୍ୟ କରି ସମସ୍ତ ସତ୍ତାରେ ତୁମକୁ ପ୍ରତିଷ୍ଠା କରୁ'' । (ଧ୍ୟାନ କିପରି କରିବାକୁ ହେବ 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ' ପୁସ୍ତିକାରେ ତାହା ଆଲୋଚିତ ହୋଇଛି ।) ଏହିପରି ପ୍ରାର୍ଥନା ପରେ ବ୍ୟାୟାମ ଆରମ୍ଭ କରିବ ଏବଂ କଳ୍ପନା କରିବ ଦିବ୍ୟଶକ୍ତି ଶରୀରରେ ପ୍ରବେଶ କରୁଅଛି ।

ବ୍ୟାୟାମରେ ଅନ୍ୟ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ବସ୍ତୁ ହେଲା ଶରୀରର ଯେଉଁ ଭାଗରେ ବ୍ୟାୟାମର ପ୍ରଭାବ ପଡ଼େ, ଅର୍ଥାତ୍ ଯେଉଁ ଅଙ୍ଗ ସକାଶେ ବ୍ୟାୟାମ କରାହୁଏ, ସେହି ଅଙ୍ଗରେ ଚେତନାର ଏକାଗ୍ରତା କରିବା ଉଚିତ । ଯେପରି Free hand exercise ଅଥବା Dumb-bell exercise କରିବାକୁ ହେଲେ ହାତରେ ଚେତନା ଏକାଗ୍ର କରିବା ଉଚିତ; ପେଟର Exercise କଲେ ପେଟରେ ଏକାଗ୍ର କରିବା ଉଚିତ । ବ୍ୟାୟାମର ଯାହା ପ୍ରଭାବ ହୁଏ ତାହା ଅପେକ୍ଷା ଅଧିକ ପ୍ରଭାବ ହୁଏ ଏକାଗ୍ରତାରେ ।

୧. ବ୍ୟାୟାମ ପରେ ୧୦ ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ବିଛଣାରେ ଚିତ୍ ହୋଇ ଶୋଇ ଶରୀରକୁ ଏକେବାରେ ଢିଲା ଛାଡିଦେବା ଉଚିତ । ଏହାକୁ କହନ୍ତି ଶବାସନ । ଶରୀରର କୌଣସି ଭାଗରେ ଜୋର୍ ରହିବ ନାହିଁ । ଏହି ସମୟରେ ଏକାଗ୍ର ହୋଇ କଳ୍ପନା କରିବେ ଭାଗବତୀ ଶକ୍ତି ନିଜ ଶରୀରରେ ପ୍ରବେଶ କରୁଛନ୍ତି ।

୨. କ୍ଷୁଧା ଲାଗୁଥିବା ଅଥବା ଖାଦ୍ୟଦ୍ରବ୍ୟରେ ଉଦର ପୂର୍ଣ୍ଣଥିବା ସମୟରେ ବ୍ୟାୟାମ କରିବା ଅନୁଚିତ । ଭୋଜନର ୩/୪ ଘଣ୍ଟା ପରେ ବ୍ୟାୟାମ କରାଯାଇ ପାରେ ।

୩. ବ୍ୟାୟାମ ଶେଷ ହେବା ସଙ୍ଗେ ସଙ୍ଗେ ସାର୍ଟ ଅଥବା ଗରମ ପୋଷାକ ପିନ୍ଧିବା ଆବଶ୍ୟକ । ସେତେବେଳେ ଥଣ୍ଡା ପବନ ଶରୀରକୁ ସ୍ପର୍ଶ କରିବା ଉଚିତ ନୁହେଁ ।

୪. ଆବଶ୍ୟକ ହେଲେ ବ୍ୟାୟାମର ଏକ ଘଣ୍ଟା ପରେ ସ୍ନାନ ଏବଂ ଭୋଜନ କରାଯାଇ ପାରେ ।

୫. ବ୍ୟାୟାମର ଉପଯୁକ୍ତ ସମୟ ପ୍ରାତଃ ଏବଂ ସାୟଂକାଳ । ଉପରୋକ୍ତ ନିୟମ ପାଳନ କରି ବ୍ୟକ୍ତିର ସୁବିଧାନୁସାରେ ସେ ଯେକୌଣସି ସମୟରେ ଏହା କରି ପାରନ୍ତି ।

୬. କ୍ଷୁଧା ଲାଗୁଥିଲେ ଅଳ୍ପକିଛି ଖାଇ ଘଣ୍ଟାକ ପରେ ବ୍ୟାୟାମ କଲେ କିଛି କ୍ଷତି ନାହିଁ । ବ୍ୟାୟାମ କରୁଥିବା ସମୟରେ କିଂବା ପରେ ଜଳ ଓ ଚା'ଇତ୍ୟାଦି ପାନ କରିବା ଅନୁଚିତ ।

୭. ନିୟମିତ ଭୋଜନ ଓ ନିଦ୍ରା ଆବଶ୍ୟକ । ବ୍ୟକ୍ତିର ଆବଶ୍ୟକ ଅନୁସାରେ ସେ ୬/୭ ଘଣ୍ଟା ନିଦ୍ରା ଯାଇପାରନ୍ତି । କିନ୍ତୁ ଭୋର ୪ଟା ଅଥବା ୫ଟା ସମୟରେ ଶଯ୍ୟା ତ୍ୟାଗ କରିବା ଦରକାର ।

୮. ପ୍ରତିଦିନ ନିୟମିତରୂପେ କିଛି ସମୟ ଧ୍ୟାନ ଏବଂ ଅଧ୍ୟାତ୍ମ ସାହିତ୍ୟ ଅଧ୍ୟୟନ କରିବା ଉଚିତ ।

୯. ବ୍ୟାୟାମର ପ୍ରଧାନ ଅଙ୍ଗ ହେଲା ନିୟମ ପାଳନ କରିବା । ନିଜ କାର୍ଯ୍ୟରେ କେବେ ବି ବିଳମ୍ବ କରିବେ ନାହିଁ । ଏକ ଦୁଇ ମିନିଟ୍ ପୂର୍ବରୁ କାର୍ଯ୍ୟ କ୍ଷେତ୍ରରେ ପହଞ୍ଚିବେ । ଯେଉଁ ବ୍ୟକ୍ତିଙ୍କୁ ଯେତେବେଳେ ଯାହା କରିବାକୁ ଜବାବ ଦେଇଥିବେ ସେହି ସମୟରେ ତାହା କରିବେ ।

୧୦. ଯେଉଁଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଥିବ ସେଠାରେ ବ୍ୟାୟାମ କରୁଥିବା ବ୍ୟକ୍ତି ପ୍ରତି ସପ୍ତାହରେ ଦିନେ କିଂବା ଦୁଇଦିନ ପାଠଚକ୍ରରେ ସମ୍ମିଳିତ ଧ୍ୟାନରେ ଯୋଗ ଦେବେ ଅଥବା ନିଜ ରହିବା ସ୍ଥାନରେ ପାଠଚକ୍ର ସ୍ଥାପନ କରିପାରିବେ । ପାଠଚକ୍ରର ନିୟମ ''ଶ୍ରୀଅରବିନ୍ଦ ପାଠଚକ୍ର : ଅତିମାନସ ଶକ୍ତିର ସକ୍ରିୟ ପ୍ରକାଶ୍ୟ ରୂପ'' ପୁସ୍ତକରେ ଆଲୋଚିତ ହୋଇଛି ।

ଯେଉଁ ଛାତ୍ରମାନଙ୍କର ପଢ଼ାପଢ଼ି ଏବଂ ଅନ୍ୟ କାର୍ଯ୍ୟରେ ବ୍ୟସ୍ତଥିବା ଯୋଗୁଁ ସମୟ ଅଭାବ ଥିବ, ସେମାନେ ଅଳ୍ପ ସମୟ ମଧ୍ୟରେ ନିମ୍ନଲିଖିତ ପ୍ରଣାଳୀରେ ବ୍ୟାୟାମ କରିପାରନ୍ତି ।

୧. ପ୍ରାତଃ କାଳରେ ମଳତ୍ୟାଗ, ଦନ୍ତ-ମୁଖ ପରିଷ୍କାର କ୍ରିୟା ଶେଷ କରିବେ । ଅଭ୍ୟାସ ଅନୁସାରେ ସ୍ନାନ ପରେ ବା ପୂର୍ବରୁ ବ୍ୟାୟାମ କରିବେ । ପରେ ଅନ୍ତତଃ ଏକ ଘଣ୍ଟା ମଧ୍ୟରେ ସ୍ନାନ କରିବା ନିଷେଧ, ସ୍ୱାସ୍ଥ୍ୟ ପକ୍ଷରେ କ୍ଷତି କାରକ । ବ୍ୟାୟାମ କରିବାର ଏକ ଘଣ୍ଟା ପରେ ସ୍ନାନ କରାଯାଇ ପାରେ ।

୨. ସମୟ ଅଭାବ ଥିଲେ ଅନ୍ତତଃ ଦଶ ପନ୍ଦର ମିନିଟ୍ ବ୍ୟାୟାମ କରିବା ଉଚିତ । ୧୦ ରୁ ୧୫ ବର୍ଷ ବୟସ୍କ ବାଳକମାନେ ୫ ଦଣ୍ଡ, ୨୦ ବୈଠକ ଓ ପେଟର ବ୍ୟାୟାମ ତିନି ମିନିଟ୍ କରିବେ । ୧୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବାଳକ ୧୦ ଦଣ୍ଡ, ୫୦ ବୈଠକ ଓ ପେଟର ବ୍ୟାୟାମ ୫ ମିନିଟ୍ କରିବେ । ୨ ଦଣ୍ଡ, ୫ ବୈଠକରୁ ଓ ପେଟର ବ୍ୟାୟାମ ଏକ ମିନିଟ୍‌ରୁ ଆରମ୍ଭ କରି କ୍ରମଶଃ ବଢ଼ାଇବେ । ପ୍ରତ୍ୟେକ ବ୍ୟାୟାମ ପରେ ବିଶ୍ରାମ ସକାଶେ ଆସ୍ତେ ଆସ୍ତେ ପଦଚାଳନା କରିବେ । ପେଟର ବ୍ୟାୟାମ ବହୁତ ପ୍ରକାର ଅଛି । ତନ୍ମଧ୍ୟରୁ ଗୋଟିଏ ପ୍ରଣାଳୀର ଆଲୋଚନା କରାହେଉଛି ।

୩. ଦୁଇଆଣ୍ଠୁ ଭୂମିରେ ରଖି ଦୁଇ ଗୋଇଠି ଉପରେ ବସ । ଶ୍ୱାସ ବାୟୁକୁ ନାସା ଦ୍ୱାରା ବାହାର କରିଦିଅ । ପେଟ ଯେତେପାର ଖଙ୍କାଳି ପିଠିରେ ଲଗେଇଦେଇ ଛାଡ଼ିଦିଅ । ଏହି କ୍ରିୟା ହେଲା ଗୋଟିଏ ସଂଖ୍ୟା । ଏହିପରି ୫ରୁ ଆରମ୍ଭକରି କ୍ରମଶଃ ବୃଦ୍ଧିକରି ୫୦ ପର୍ଯ୍ୟନ୍ତ ନିଅ । ୫ ମିନିଟରେ ୫୦ ଥର କରାଯାଇପାରେ ।

୪. ବ୍ୟାୟାମ ପରେ ଶରୀରକୁ ଶିଥିଳ (Relaxed) ବା ଢିଲାକରି ଚିତ୍‌ହୋଇ ଶୋଇପଡ଼ । କଳ୍ପନାକର ଭାଗବତୀ ଶକ୍ତି ଶରୀର ମଧ୍ୟରେ ପ୍ରବେଶ କରୁଅଛି । ଯଦି ୧୦ ମିନିଟ୍ ବ୍ୟାୟାମ କର ତେବେ ୪ ମିନିଟ୍ ଏହିପରି ବିଶ୍ରାମ କର । ୧୫ ମିନିଟ୍ ବ୍ୟାୟାମ ହେଲେ ୬ ମିନିଟ୍ ଏହିପରି ଶବାସନରେ ବିଶ୍ରାମ କର । ବ୍ୟାୟାମର ଅଧଘଣ୍ଟା ପରେ କିଛି ହାଲୁକା ଖାଦ୍ୟ ବା ଜଳଖିଆ ଖାଇପାର । ବ୍ୟାୟାମର ନିୟମ ପ୍ରଥମେ ଆଲୋଚନା ହୋଇଛି । ଏହି ସଂକ୍ଷିପ୍ତ ନିୟମ ଛାତ୍ରମାନଙ୍କ ସକାଶେ ।

ସ୍କୁଲରେ ପଢ଼ିବା ପୂର୍ବରୁ କିଛି ସମୟ ହୃଦୟରେ ଧ୍ୟାନ କରି ପଢ଼ା ଆରମ୍ଭ କରିବ, ପଢ଼ିବା ପରେ କିଛି ସମୟ ହୃଦୟରେ ଧ୍ୟାନ କରି ପଢ଼ା ସମାପ୍ତ କରିବ ।

ଧ୍ୟାନ ଏବଂ ସମର୍ପଣ ସମ୍ବନ୍ଧେ 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ' ପୁସ୍ତକରେ ଆଲୋଚନା ହୋଇଅଛି । ପ୍ରତ୍ୟେକ

ପ୍ରବନ୍ଧରେ କେବଳ ଗୋଟିଏ ଗୋଟିଏ ବିଷୟ ଆଲୋଚନା କରାହୁଏ । ଅନ୍ୟାନ୍ୟ ବିଷୟ ବିଶେଷରୂପେ ଜାଣିବାକୁ ହେଲେ 'ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା' ପୁସ୍ତକ ତଥା ଅନ୍ୟ ଲୋକ ସାହିତ୍ୟଗୁଡ଼ିକ ପଢ଼ିବା ଆବଶ୍ୟକ । ଏହା ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ବୁଝିବାରେ ସାହାଯ୍ୟ କରେ ।

ଏହାପରେ ଶିକ୍ଷା ଓ ବ୍ରହ୍ମଚର୍ଯ୍ୟ ପାଳନ ସମ୍ବନ୍ଧେ ଆଲୋଚନା କରିବା ।

୧. ଶିକ୍ଷା ଦ୍ୱାରା ଜୀବନ ଓ ସଂସାରର ଉନ୍ନତି

ମନୁଷ୍ୟ ଜୀବନ ଶିକ୍ଷା ଦ୍ୱାରା ଉନ୍ନତ ହୁଏ । ମନୁଷ୍ୟ ମଧ୍ୟରେ ଯେତେ ସୁପ୍ତ ଶକ୍ତି ଥାଆନ୍ତି ସେସବୁ ଶିକ୍ଷା ଦ୍ୱାରା ଜାଗ୍ରତ ଓ ବିକଶିତ ହୁଅନ୍ତି । ବାଲ୍ୟାବସ୍ଥାରେ ଶିଶୁର ସମସ୍ତ ଶକ୍ତି ଅବିକଶିତ ଥାଏ । ଶିକ୍ଷା ଦ୍ୱାରା ତାହା ବିକଶିତ ହେଲେ ସେ ଇଞ୍ଜିନିୟର, ଡାକ୍ତର, ପ୍ରଫେସର, ଅଫିସର, ଦେଶ ନେତା, ଶାସକ, ବୈଜ୍ଞାନିକ, ସଂଗୀତଜ୍ଞ, କଳାକାର, ଶିଳ୍ପୀ, କବି, ଯୋଦ୍ଧା ହୋଇପାରେ; କିଂବା ଅଧ୍ୟାତ୍ମଶିକ୍ଷା ଦ୍ୱାରା ମହାପୁରୁଷ ହୋଇ ପ୍ରତ୍ୟେକ ମନୁଷ୍ୟର ଯେଉଁ ଏକମାତ୍ର ପରମ ଲକ୍ଷ୍ୟ, ପରମ ଶାନ୍ତି, ପରମାନନ୍ଦ ତାହା ପ୍ରାପ୍ତ କରି ନିଜ ଜୀବନ ସଫଳ କରେ ଏବଂ ସେହି ଲକ୍ଷ୍ୟ ପ୍ରାପ୍ତିରେ ବହୁତ ବ୍ୟକ୍ତିଙ୍କୁ ସାହାଯ୍ୟ କରେ । ଏହି ସମସ୍ତ ଗୁଣ ଯଦ୍ୟପି ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ତତ୍ତ୍ୱ ରୂପେ ବିଦ୍ୟମାନ ଥାଏ ତଥାପି ଜଣେ ବ୍ୟକ୍ତି ମଧ୍ୟରେ ଏକସଙ୍ଗେ ପ୍ରକାଶିତ ହୁଏ ନାହିଁ । ଏହା ହୁଏ କେବଳ ଶିକ୍ଷା ଦୋଷରୁ । ବାଲ୍ୟାବସ୍ଥାରୁ ଯଦି ଶିଶୁ ପୂର୍ଣ୍ଣାଙ୍ଗ ଶିକ୍ଷା ପାଇପାରେ ତେବେ ସେ ଉପରୋକ୍ତ ସମସ୍ତ ଗୁଣର ଅଧିକାରୀ ହୋଇପାରେ ।

୨. ଶୈଶବହିଁ ଶିକ୍ଷା ପ୍ରାପ୍ତିର ଉପଯୁକ୍ତ ଅବସ୍ଥା

ଶିଶୁର ସମସ୍ତ ସତ୍ତା କୋମଳ ଲତା ସଦୃଶ । ଲତାକୁ ପ୍ରାରମ୍ଭିକ ଅବସ୍ଥାରେ ଯେକୌଣସି ରୂପେ ମୋଡ଼ିଦେଲେ ତାହା ସେହିରୂପେ ହୁଏ । କିନ୍ତୁ ସେହି ଲତା ପୁଷ୍ଟି ଓ ପାକଳ ହୋଇଯିବା ପରେ କୌଣସି ପ୍ରକାର ପରିବର୍ତ୍ତନ କରିହୁଏ ନାହିଁ । ସେହିପରି ଶିଶୁ ବାଲ୍ୟକାଳରେ ଯେପରି ଶିକ୍ଷା ପାଏ ସେହି ଅନୁସାରେ ତା'ର ଭବିଷ୍ୟତ ଜୀବନ ଗଢ଼ିଉଠେ । ପ୍ରୌଢ଼ ଅବସ୍ଥାରେ ସ୍ୱଭାବ ପରିବର୍ତ୍ତନ କଷ୍ଟସାଧ୍ୟ ହୁଏ ।

ସୂକ୍ଷ୍ମତଃ ଶିଶୁର ସ୍ୱଭାବ ଗଠନ ହୁଏ ମାତା ଗର୍ଭରୁ । ମା' ଯେପରି ସାତ୍ତ୍ୱିକ, ତାମସିକ ଭୋଜନ କରନ୍ତି; ସତ୍, ଅସତ୍ ବିଚାର କରନ୍ତି; ସତ୍ ଅସତ୍ କର୍ମ କରନ୍ତି ସେହି ଅନୁସାରେ ଶିଶୁର ସଂସ୍କାର ନିର୍ମାଣ ହୁଏ । ସେହି ସକାଶେ ସାଧାରଣ ଉକ୍ତିରେ ସନ୍ତାନର ଦୋଷଗୁଣ ଦେଖି ପିତାମାତାଙ୍କୁ ପ୍ରଶଂସା ବା ନିନ୍ଦା କରାହୁଏ । ଶିଶୁ ଜନ୍ମଗ୍ରହଣ କଲାପରେ ପରିବାର ଏବଂ ପାରିପାର୍ଶ୍ୱିକ ଅବସ୍ଥାର ପ୍ରଭାବକୁ ଗ୍ରହଣ କରେ । ତା'ପରେ ଆସେ ସାଙ୍ଗସାଥିଙ୍କର ଏବଂ ସ୍କୁଲ ଶିକ୍ଷାର ପ୍ରଭାବ । ସେହି ଅବସ୍ଥାରେ ଶିକ୍ଷକର ପ୍ରଭାବ ବାଳକ-ବାଳିକାମାନଙ୍କ ଉପରେ ବିଶେଷ କାର୍ଯ୍ୟ କରେ । ବର୍ତ୍ତମାନ ଅବସ୍ଥାରେ ଶିକ୍ଷାର ସମସ୍ତ ବିପରୀତ ବାତାବରଣ ଯୋଗୁଁ ଶିଶୁ ବାଲ୍ୟାବସ୍ଥାରୁ ଜୀବନର ସ୍ୱାର୍ଥଯୁକ୍ତ ସଂସ୍କାରରେ ଆବଦ୍ଧ ହୋଇ ଜୀବନର ପୂର୍ଣ୍ଣ ବିକାଶକୁ ଏକେବାରେ ଭୁଲିଯାଏ । ଏହା ହୁଏ ସାଧାରଣ ମନୁଷ୍ୟର । କିନ୍ତୁ ଯେଉଁମାନଙ୍କର ବିକାଶଶୀଳ ଆତ୍ମା, ଯେଉଁମାନଙ୍କୁ ଏହି ସଂସାରରେ ବିଶେଷ କାର୍ଯ୍ୟ କରିବା ପାଇଁ ପଠା ହୋଇଥାଏ ସେମାନେ ବିପରୀତ ବାତାବରଣରେ ରହିବା ସତ୍ତ୍ୱେ ବାତାବରଣର ପ୍ରଭାବ ତାଙ୍କୁ ପ୍ରଭାବିତ କରିପାରେ ନାହିଁ । ବରଂ ତାଙ୍କର ବ୍ୟକ୍ତିତ୍ୱ ସମସ୍ତ ବାତାବରଣକୁ ପରିବର୍ତ୍ତନ କରିପାରେ । ଏପରି ହୁଏ ଅସାଧାରଣ ମହାପୁରୁଷମାନଙ୍କ ଜୀବନରେ ।

୩. ଶିକ୍ଷାର ତ୍ରୁଟି

ଶିଶୁ ବାଲ୍ୟାବସ୍ଥାରୁ ପିତାମାତାଙ୍କ ପ୍ରଭାବରୁ ସ୍ୱାର୍ଥ, ମିଥ୍ୟା ଆଚରଣ ଗ୍ରହଣ କରେ । ବାଳକ ସ୍କୁଲରେ ବିଦ୍ୟାଶିକ୍ଷା ସମୟରେ ସାଙ୍ଗସାଥୀଙ୍କ ପ୍ରଭାବ ତା'ମଧ୍ୟରେ ବୀଜରୂପେ ଥିବା କୁସଂସ୍କାରକୁ ବିକାଶ କରାଏ । ଯେଉଁ ଶିକ୍ଷା ଦ୍ୱାରା ବାଳକ ଜୀବନରେ ପୂର୍ଣ୍ଣତା ପାଇ ନିଜ ମଧ୍ୟରେ ଥିବା ସୁପ୍ତ ଶକ୍ତିକୁ ଜାଗ୍ରତ ଓ ବିକାଶ କରିପାରିଥା'ନ୍ତା ସେସବୁ ସାମୟିକ ଆମୋଦପ୍ରମୋଦ, ସ୍ୱାର୍ଥ ହାସଲ ପାଇଁ ପ୍ରୟୋଗ କରେ । ସେ ପିତା-ମାତା ଗୁରୁଜନମାନଙ୍କର ଅବଜ୍ଞାକାରୀ ହୁଏ । ମିଥ୍ୟା କହି ପିତାମାତାଙ୍କୁ ଠକାଇ ପଇସା ନେଇ ସିନେମା ଦେଖେ, ତାସ୍ ଖେଳେ ଏବଂ ଆରମ୍ଭରୁ ସଦ୍‌ଗୁଣ ବିକାଶର ଲକ୍ଷ୍ୟ ଛାଡ଼ି ରାଜନୈତିକ ନେତାମାନଙ୍କ ପ୍ରଭାବରେ ପ୍ରଭାବିତ ହୋଇ ସେମାନଙ୍କ ସିଦ୍ଧାନ୍ତ ଗ୍ରହଣ କରେ କିଂବା ସମର୍ଥନ କରେ ଏବଂ ରାଜନୀତିରେ ପ୍ରବେଶ କରେ ।

ପ୍ରଶ୍ନ : ଜୀବନର ଏପରି ମହତ୍ତ୍ୱପୂର୍ଣ୍ଣ ସମୟକୁ ଛାତ୍ରମାନେ ସିନେମା ଦେଖି, ନିରର୍ଥକ ଗପ କରି, ସାଙ୍ଗସାଥିଙ୍କ ସମ୍ପର୍କରେ ନିରର୍ଥକ କାର୍ଯ୍ୟରେ ନଷ୍ଟ କରନ୍ତି କାହିଁକି ?

ଉତ୍ତର : କରନ୍ତି ଜୀବନର ମହତ୍ତ୍ୱ ନ ଜାଣିବା ଯୋଗୁଁ । କେବଳ ବିଦ୍ୟାର୍ଥୀମାନେ ଯେ ଜୀବନର ମୂଲ୍ୟବାନ୍ ସମୟକୁ ବ୍ୟର୍ଥ କରନ୍ତି ତାହା ନୁହେଁ ସଂସାରର ଅଧିକାଂଶ ବ୍ୟକ୍ତି ଜୀବନକୁ ନଷ୍ଟ କରି ଦିଅନ୍ତି; ଗୋଟିଏ ଉଦାହରଣରୁ ଆମ୍ଭେମାନେ ଏହା ବୁଝି ପାରିବା । ଶ୍ରୀରାମଚନ୍ଦ୍ର ଲଙ୍କାରେ ରାବଣକୁ ବଧକରି ଯୁଦ୍ଧ ଜୟ କରିବା ପରେ ବିଭୀଷଣ ରାଜା ହେଲେ । ସେ ରାମଚନ୍ଦ୍ରଙ୍କୁ କହିଲେ ''ବାନର ସେନା ବହୁତ ବୀରତ୍ୱ ପୂର୍ବକ ଯୁଦ୍ଧ କରି ବିଜୟ ପ୍ରାପ୍ତ କରିଛନ୍ତି, ଏମାନଙ୍କୁ ସୁନ୍ଦର ସୁନ୍ଦର ବସ୍ତ୍ର, ସୁବର୍ଣ୍ଣ, ମଣିଜଡ଼ିତ ଅଳଙ୍କାର ଏବଂ ମଣିମୁକ୍ତା ଉପହାର ଦେବାକୁ ମୁଁ ଚାହେଁ ।'' ଶ୍ରୀରାମଚନ୍ଦ୍ର ବାନରମାନଙ୍କ ସ୍ୱଭାବ ସହିତ ପରିଚିତ ଥିଲେ । କୌତୂହଳରେ କହିଲେ, ''ପୁରସ୍କାର ଦେବାକୁ ହେଲେ ବ୍ୟକ୍ତିର ପସନ୍ଦ ଅନୁସାରେ ଦେବା ଉଚିତ । ତୁମେ ଯଦି ନିଜ ହାତରେ ଦିଅ ତେବେ ନିଜ ପସନ୍ଦ ଅନୁଯାୟୀ ଦେବ; ତୁମ ଦେବା ବସ୍ତୁ ସେମାନଙ୍କର ପସନ୍ଦ ନ ହୋଇପାରେ । ସବୁଠାରୁ ଭଲ ହେବ ସମସ୍ତ ବସ୍ତୁ ପୁଷ୍ପକ ବିମାନରେ ନେଇ ଆକାଶରୁ ପକାଇ ଦିଅ । ବାନରମାନେ ନିଜ ନିଜ ରୁଚି ଅନୁସାରେ ନେଇନେବେ ।'' ଶ୍ରୀରାମଚନ୍ଦ୍ରଙ୍କ ଆଜ୍ଞାନୁସାରେ ବିଭୀଷଣ ସମସ୍ତ ଦ୍ରବ୍ୟ ବିମାନରେ ନେଇ ଜଳବୃଷ୍ଟି ସଦୃଶ ଆକାଶରୁ ବସ୍ତ୍ର, ଭୂଷଣ, ମଣିମୁକ୍ତା ବୃଷ୍ଟି କଲେ । ବାନରମାନଙ୍କ ସ୍ୱଭାବ ଚଞ୍ଚଳ, ସେମାନେ ଫଳପ୍ରିୟ । ମଣିମୁକ୍ତା କେବେ ଦେଖି ନ ଥିଲେ, ତାହାର ମୂଲ୍ୟ ବି ଜାଣି ନ ଥିଲେ, ସେସବୁକୁ ଦେଖି ତାହାସବୁ ସ୍ୱର୍ଗୀୟ ସୁସ୍ୱାଦୁ ଫଳ ମନେ କରି ଆନନ୍ଦରେ ବିଭୋର ହୋଇ ଖାଇବାକୁ ଲାଗିଲେ । ତାହା ତ' ଫଳ ନ ଥିଲା, ସେଥିରେ ସ୍ୱାଦ ଆସିବ କେଉଁଠୁ ? ସେଥି ପାଇଁ ସେମାନଙ୍କ ଦୃଷ୍ଟିରେ ସେହି ଅମୂଲ୍ୟ ମଣିମାଣିକ୍ୟ ନିରର୍ଥକ ବସ୍ତୁ ଥିଲା । ସେମାନେ ପାଟିରୁ ତାହା ବାହାର କରି ଛେପ ଖଙ୍କାର ତୁଲ୍ୟ ହେୟ ମନେ କରି ପକାଇ ଦେଲେ । ଗଳାର ହାର ଗୋଡ଼ରେ ବାନ୍ଧିବାକୁ ଲାଗିଲେ, ଗୋଡ଼ର ବସ୍ତୁ ମଥାରେ ବାନ୍ଧିଲେ । ଏହି ଘଟନା ଦେଖି ଶ୍ରୀରାମ ଓ ସୁଗ୍ରୀବ ଆଦି ହସିବାକୁ ଲାଗିଲେ । ଏହାର କାରଣ ହେଲା ସେହି ଅମୂଲ୍ୟ ବସ୍ତୁର ମହତ୍ତ୍ୱ ବାନରମାନଙ୍କ ପାଖରେ ଅଜ୍ଞାତ ଥିଲା । ସେହିପରି ଜୀବନର ମୂଲ୍ୟ ଆମ୍ଭମାନଙ୍କ ପାଖରେ ଅଜ୍ଞାତ । ଏଥି ଯୋଗୁଁ ଆମ୍ଭେମାନେ ଜୀବନରେ ପୂର୍ଣ୍ଣତା ଲକ୍ଷ୍ୟ ଛାଡ଼ି ତାହାର ଦୁରୁପଯୋଗ କରୁ ।

ଛାତ୍ର ଅବସ୍ଥାରେ ଶିକ୍ଷାଦୋଷରୁ ବୁଦ୍ଧି ବିଚାର ଏତେ ସୀମିତ ହୁଏ ଯେ ସଂସାର କାର୍ଯ୍ୟ କରିବା ସମୟରେ ବ୍ୟକ୍ତି ଉଚ୍ଚ ଆଦର୍ଶ ଗ୍ରହଣ କରିବାରେ ଅସମର୍ଥ ହୁଏ; ଜୀବନ ବିକାଶର ପ୍ରଶ୍ନ ଉଠେ ନାହିଁ । ଗ୍ରାମର ସରପଞ୍ଚ, କିରାଣି, ଅଫିସର, ଶିକ୍ଷକ, ଓକିଲ, ଦେଶନେତା ପ୍ରଭୃତି ବ୍ୟକ୍ତି ସଂସାରର ଯେକୌଣସି କାର୍ଯ୍ୟ କରନ୍ତି ସେଥିରେ ନିଜ ସ୍ୱାର୍ଥ ସକାଶେ ସମସ୍ତ ପ୍ରକାରର କଳକୌଶଳ, ଯୁକ୍ତି, ବିଚାର, ଫନ୍ଦି, ମିଥ୍ୟାଚାର ପ୍ରୟୋଗ କରନ୍ତି । ଏହି ଶିକ୍ଷା ଦୋଷରୁ ସଂସାର ଉନ୍ନତି, ଜୀବନ ଉନ୍ନତିରେ ଯେତେ ବଡ଼ ବଡ଼ ଆଦର୍ଶ ମନୁଷ୍ୟ ସାମନାରେ ରଖା ହୋଇଥାଏ ତାହାସବୁ ବ୍ୟର୍ଥତାରେ ପରିଣତ ହୁଏ । ସଂସାରର ଉନ୍ନତି, ଜୀବନର ପୂର୍ଣ୍ଣତା ସକାଶେ ପିତାମାତାଙ୍କୁ ଉଚ୍ଚ ଆଦର୍ଶ ଗ୍ରହଣ

କରିବାକୁ ହେବ, ଶିକ୍ଷାର ପଦ୍ଧତି ପରିବର୍ତ୍ତନ କରିବାକୁ ହେବ ଏବଂ ବାଳକମାନଙ୍କୁ ସଚେତ ହୋଇ ନିଜ ଜୀବନର ବିକାଶ ମାର୍ଗ ଅବଲମ୍ବନ କରିବାକୁ ହେବ । ପିତାମାତାଙ୍କର ଉଚ୍ଚ ଆଦର୍ଶ ଗ୍ରହଣ, ଶିକ୍ଷା ପ୍ରଣାଳୀର ପରିବର୍ତ୍ତନ ଦ୍ୱାରା ଭବିଷ୍ୟତରେ ଯେଉଁ ସନ୍ତାନ ଉତ୍ପନ୍ନ ହେବେ ସେମାନଙ୍କୁ ସାହାଯ୍ୟ ମିଳିବ । କିନ୍ତୁ ବର୍ତ୍ତମାନ ଯେଉଁ ଶିଶୁ ଓ ଯୁବକ ଛାତ୍ର ଅଛନ୍ତି ସେମାନଙ୍କୁ ସ୍ୱୟଂ ସଚେତ ହୋଇ ନିଜ ଜୀବନ-ଉନ୍ନତିର ଆଦର୍ଶ ଗ୍ରହଣ କରିବାକୁ ହେବ ।

୪. ଛାତ୍ରର କର୍ତ୍ତବ୍ୟ

ଛାତ୍ରମାନଙ୍କର ପ୍ରଥମ କର୍ତ୍ତବ୍ୟ ହେବ ବିଦ୍ୟାଧ୍ୟୟନର ଲକ୍ଷ୍ୟ ଜାଣିବା । ବିଦ୍ୟାଶିକ୍ଷାର ଲକ୍ଷ୍ୟ, ଅସତ୍ ଉପାୟରେ ଟଙ୍କା ରୋଜଗାର କରି ନିଜେ ଏବଂ ପରିବାର ସୁଖରେ ଓ ଆମୋଦ-ପ୍ରମୋଦରେ ରହି ସମାଜର ପ୍ରତିଷ୍ଠା ଲାଭ କରିବା ନୁହେଁ । ବିଦ୍ୟାଶିକ୍ଷାର ଲକ୍ଷ୍ୟ ଜ୍ଞାନ ପ୍ରାପ୍ତ କରିବା ଅର୍ଥାତ୍ ସଂସାରରେ ସ୍ଥୂଳବସ୍ତୁ ଏବଂ ସୂକ୍ଷ୍ମବସ୍ତୁ ସକଳ ଗୁଣ ଧର୍ମ ଜାଣିବା, ଜୀବନ ବିକାଶରେ ଯାହା ସହାୟକ ତାହା ଗ୍ରହଣ କରିବା, ଯାହା ପ୍ରତିକୂଳ ତାହା ବର୍ଜ୍ଜନ କରିବା । ଏହିଭଳି କର୍ମ ଦ୍ୱାରା ଜୀବନ ପୂର୍ଣ୍ଣତା ପ୍ରାପ୍ତ ହୋଇ ପାରିବ ଏବଂ ସମାଜରେ ସମ୍ମାନ ମଧ୍ୟ ସ୍ୱାଭାବିକରୂପେ ମିଳିବ । ଏହା ପୂର୍ଣ୍ଣ ଜୀବନର ଆନୁଷଙ୍ଗିକ ରୂପ । ବ୍ୟକ୍ତି ଆନୁଷଙ୍ଗିକ ଅବସ୍ଥାକୁ ନିଜ ଜୀବନର ଲକ୍ଷ୍ୟ ମାନି ନେବାକୁ ଭ୍ରମରେ ପଡ଼େ ଏବଂ ଯଥାର୍ଥ ଲକ୍ଷ୍ୟରୁ ଭ୍ରଷ୍ଟହୁଏ । ଏହା ହୋଇଛି ଆତ୍ମାର ବିକାଶ ନ ହୋଇଥିବାରୁ ।

ପ୍ରତ୍ୟେକ ମନୁଷ୍ୟର ଶରୀରରେ ମନ, ପ୍ରାଣ ଓ ଆତ୍ମା ଏହି ତିନୋଟି ସତ୍ତା ବିଦ୍ୟମାନ ଥାଆନ୍ତି । ଏହି ତିନୋଟି ସତ୍ତା ସହିତ ଶରୀର ବିକାଶ ହେଲେ ମନୁଷ୍ୟକୁ ପୂର୍ଣ୍ଣତାପ୍ରାପ୍ତ ହୁଏ । ସେ ରୋଗ, ଜରା, ମୃତ୍ୟୁ, ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହୁଏ ଏବଂ ପରମାନନ୍ଦରେ ନିବାସ କରେ । ଏହାହିଁ ସମସ୍ତ ମନୁଷ୍ୟର ଲକ୍ଷ୍ୟ । ଏହି ଲକ୍ଷ୍ୟକୁ ବ୍ୟକ୍ତି ଭ୍ରମବଶତଃ ସାଂସାରିକ ବସ୍ତୁ ତଥା କାର୍ଯ୍ୟରେ ଖୋଜେ । କେବଳ ମନ-ବୁଦ୍ଧିର ସୀମିତ ବିକାଶ ପାଇଁ ବା ପରୀକ୍ଷାରେ ପାସ୍ କରିବା ସକାଶେ କେତେଖଣ୍ଡ ବହି ପଢ଼ିନେଲେ ଜୀବନର ପୂର୍ଣ୍ଣତା କେବେ ବି ହୁଏ ନାହିଁ ।

ଛାତ୍ରମାନଙ୍କର ବିଦ୍ୟାଶିକ୍ଷା ସଙ୍ଗେ ସଙ୍ଗେ କିଛି ଶାରୀରିକ ବ୍ୟାୟାମ ନିୟମିତରୂପେ କରିବା ଏକାନ୍ତ ପ୍ରୟୋଜନ । ବ୍ୟାୟାମ ଦ୍ୱାରା ଶରୀର ପୁଷ୍ଟ, ବଳିଷ୍ଠ, ସୁଗଠିତ ଓ ରୋଗମୁକ୍ତ ହୁଏ; ସ୍ନାୟବିକ ଦୁର୍ବଳତା ଦୂର ହୁଏ । ସ୍ନାୟୁ ଦୃଢ଼ ହେଲେ ବ୍ୟକ୍ତି ସହିଷ୍ଣୁ, ଧୀର, ବିଚାରଶୀଳ ହୁଏ । କୌଣସି ବିଷୟ ଭାବିଚିନ୍ତି କରିବାକୁ ଧୈର୍ଯ୍ୟ ରଖେ । ବ୍ୟାୟାମ ଅଭାବରେ ସ୍ନାୟବିକ ଦୁର୍ବଳତା ଯୋଗୁଁ ବ୍ୟକ୍ତି ହଠାତ୍ କଥା କହୁ କହୁ ରାଗିଯାଏ, ତଦ୍ଦ୍ୱାରା ବିଚାରଶକ୍ତି ନଷ୍ଟ ହୁଏ, ଉତ୍ତେଜନାବଶତଃ ସେ ଅବିହିତ କାର୍ଯ୍ୟ ବିନା ବିଚାରରେ କରି ପକାଏ । ତାହାର ପରିଣାମ ହୁଏ ଭୟଙ୍କର । ଶେଷରେ ସେହି ସକାଶେ ପଶ୍ଚାତ୍ତାପ କରିବା ଦ୍ୱାରା ମାନସିକ ବିଚାରଶକ୍ତି ଦୁର୍ବଳ ହୁଏ ଏବଂ ସ୍ୱାସ୍ଥ୍ୟ ଖରାପ ହୁଏ । ତାହାର ଫଳସ୍ୱରୂପ ଦୃଷ୍ଟିଶକ୍ତି, ସ୍ମରଣଶକ୍ତି ହ୍ରାସ ପାଏ, ଅଳ୍ପ ବୟସରେ ଅଗ୍ନିମାନ୍ଦ୍ୟ ତଥା ଅନ୍ୟାନ୍ୟ ବହୁ ରୋଗର ଶିକାର ହୁଏ । ଯେଉଁମାନେ ମନ, ପ୍ରାଣ ତଥା ଆତ୍ମାର ବିକାଶ ଶିକ୍ଷା ଛାଡ଼ି କେବଳ ଶାରୀରିକ ବ୍ୟାୟାମ କରନ୍ତି, ସେମାନଙ୍କ ମଧ୍ୟରେ ଯେପରି ଦୋଷତ୍ରୁଟି ଦେଖାଯାଏ ସେହିପରି ଶରୀର ଓ ଆତ୍ମାର ବିକାଶ ବ୍ୟତୀତ କେବଳ ବୁଦ୍ଧିର ବିକାଶ ଓ ପୁସ୍ତକ ପାଠରେ ସାଂଘାତିକ ତ୍ରୁଟି ପରିଲକ୍ଷିତ ହୁଏ । ମନ, ପ୍ରାଣ, ଶରୀର ଓ ଆତ୍ମା— ଏହି ଚାରିସତ୍ତା ପରସ୍ପରର ପରିପୂରକ । ଏହା ମଧ୍ୟରୁ କୌଣସି ଗୋଟିକୁ ବାଦ୍ ଦେଲେ ଜୀବନ ଅପୂର୍ଣ୍ଣ ଓ ଅସାମଞ୍ଜସ୍ୟ ରହେ । ବ୍ୟକ୍ତିକୁ ପୂର୍ଣ୍ଣତା ପ୍ରାପ୍ତ କରିବା ସକାଶେ ବ୍ୟାୟାମ, ସ୍ୱଭାବ-ଅନୁକୂଳ ଭିନ୍ନ ଭିନ୍ନ ବିଦ୍ୟାଧ୍ୟୟନ, ଆତ୍ମା-ବିକାଶ ସକାଶେ ଅଧ୍ୟାତ୍ମସାଧନା ଏକାନ୍ତ ପ୍ରୟୋଜନ ।

ଛାତ୍ରମାନେ ସକାଳେ କିଂବା ସଂଧ୍ୟାରେ କିଛିସମୟ ଅନ୍ତତଃ ପନ୍ଦର କୋଡ଼ିଏ ମିନିଟ ଦଣ୍ଡ, ବୈଠକ, ପେଟର ବ୍ୟାୟାମ ଏବଂ ଚାଲିବା, ଦୌଡ଼ିବା, ଆସନ ଆଦି କରିବା ଆବଶ୍ୟକ ।

୫. ଆତ୍ମ-ବିକାଶ ବିନା ମନୁଷ୍ୟର ଅବସ୍ଥା

ଆତ୍ମା ଭଗବାନଙ୍କ ସ୍ୱରୂପ ବା ପ୍ରତିଭୂ, ଜ୍ଞାନ, ଆନନ୍ଦ, ସମତା ଇତ୍ୟାଦି ଦିବ୍ୟ ଭଗବତ୍ ଗୁଣଯୁକ୍ତ । ସେହି ଆତ୍ମା ବିକଶିତ ହେଲେ ନିଜ ଜ୍ଞାନ ଓ ଦିବ୍ୟଦୃଷ୍ଟିରେ ମନ ଓ ପ୍ରାଣର ସାମଞ୍ଜସ୍ୟ ରଖେ ଏବଂ ଯଥାର୍ଥ ମାର୍ଗରେ ପରିଚାଳିତ କରେ । ମନୁଷ୍ୟର ଆତ୍ମା ବିକାଶ ନ ହୋଇ କେବଳ ମନ-ବୁଦ୍ଧି ବିକାଶରେ ସେ ପୃଥିବୀରେ ଆଶ୍ଚର୍ଯ୍ୟଜନକ ବସ୍ତୁ ଆବିଷ୍କାର କରୁଅଛି । ନିଜ ଆବିଷ୍କୃତ ବସ୍ତୁ ଦ୍ୱାରା ଦୁଃଖ, ଦ୍ୱନ୍ଦ୍ୱ, ଅଶାନ୍ତି, ନିରାଶାକୁ ନିମନ୍ତ୍ରଣ କରୁଅଛି । ମନୁଷ୍ୟ ନିଜକୁ ବୁଦ୍ଧିପ୍ରଧାନ ଶ୍ରେଷ୍ଠ ଜୀବ ବୋଲି ଗର୍ବ କରୁଅଛି । କିନ୍ତୁ ପଶୁଠାରୁ ନିନ୍ଦନୀୟ, ଘୃଣ୍ୟ, ନୃଶଂସ କାର୍ଯ୍ୟ କରୁଅଛି । ମନୁଷ୍ୟର ନୃଶଂସ, ପାଶବିକ, ଶୋକପ୍ରଦ କର୍ମ ଦେଖିଲେ ତା'ର ବୁଦ୍ଧି କ୍ରୂର ବିଷଧର ସର୍ପ ସଦୃଶ ପ୍ରତୀତ ହେଉଅଛି । କେବଳ ବୁଦ୍ଧି-ବିକାଶଶୀଳ ମନୁଷ୍ୟ ପଶୁଠାରୁ ବି ଘୃଣ୍ୟ । ହିଂସ୍ରଜନ୍ତୁ କ୍ଷୁଧା ନିବାରଣ ସକାଶେ ଜୀବହତ୍ୟା କରେ, ମନୁଷ୍ୟ ନିଜ ଅହଂତୁଷ୍ଟି ସକାଶେ ଅନ୍ୟର ଗଳା କାଟେ, ଅନ୍ୟର ମୁଖଗ୍ରାସ ଅପହରଣ କରି ନିଜର ଅୟସ ଆରାମରେ ଲଗାଏ; ନିରପରାଧୀ ଦେଶକୁ ଆକ୍ରମଣ କରି କୀଟପତଙ୍ଗ ସଦୃଶ ମନୁଷ୍ୟକୁ ହତ୍ୟା କରେ, ନିରୀହ ସ୍ତ୍ରୀ, ବାଳକ, ବୃଦ୍ଧ, ଗୃହପାଳିତ ପରୋପକାରୀ ପଶୁ, ଗୋରୁ, ମଇଁଷି, ଛେଳି, ମେଣ୍ଢାଙ୍କୁ ବିରି, ମୁଗ, ଛୁଇଁ ପୋଡ଼ିଲା ପରି ପୋଡ଼ି ମାରେ । ରହିବାର ଘର, ଖାଇବାର ଅନ୍ନ ନାଶ କରେ । ଯୁବତୀ କନ୍ୟା, କୁଳବଧୂ ଅନାଥିନୀ, ନିରାଶ୍ରିତା ହୋଇ ଭୋଜନ ଓ ଆବଶ୍ୟକ ବସ୍ତ୍ରବିହୀନା ହୋଇ ଏଣେତେଣେ ପଳାନ୍ତି । ଯେଉଁ ସହର ଉଚ୍ଚ ଅଟ୍ଟାଳିକା କଳ କାରଖାନାରେ ସୁଶୋଭିତ ହୋଇ ନିଜ ସୌନ୍ଦର୍ଯ୍ୟରେ ମନୁଷ୍ୟକୁ ମୁଗ୍ଧ କରୁଥାଏ, ତାହାସବୁ ଶ୍ମଶାନରେ ପରିଣତ ହୁଏ । ମନୁଷ୍ୟର ଯେଉଁ ବୁଦ୍ଧି ଅପରିମିତ ଅର୍ଥ ବ୍ୟୟକରି ଆଶ୍ଚର୍ଯ୍ୟଜନକ ବସ୍ତୁ ଆବିଷ୍କାର କରିଥାଏ, ସେହି ବୁଦ୍ଧି ବଳରେ ତାହାସବୁ ଜଳି ଶ୍ମଶାନରେ ଚିତା ପାଉଁଶରେ ପରିଣତ ହୁଏ । ବୁଦ୍ଧିପ୍ରଧାନ ମନୁଷ୍ୟ ନିଜ ଜୀବନରେ ସବୁଠାରୁ ଅଧିକ ଅଜ୍ଞାନ ଏବଂ ଅଦୂରଦର୍ଶିତାର ସୁଚନା ଦିଏ । ବର୍ତ୍ତମାନ ମନୁଷ୍ୟ ଜୀବନ ପଶୁଠାରୁ ନିନ୍ଦନୀୟ ଦେଖାଯାଏ । ପଶୁର ବୁଦ୍ଧି ନ ଥାଏ, ସେ ଅନ୍ୟର କଷ୍ଟ ବୁଝିପାରେ ନାହିଁ । କିନ୍ତୁ ମନୁଷ୍ୟ ଅନ୍ୟର କଷ୍ଟ ବୁଝି ତା ପ୍ରତି ଭ୍ରୁକ୍ଷେପ କରେ ନାହିଁ । ମନୁଷ୍ୟକୁ ଏବଂ ତା'ର ପରିବାରକୁ ଅପମାନିତ କରେ, କେହି ମାରିଲେ ତା'ର ଅର୍ଥ, ଗୃହ, ଦେଶ ଅପହରଣ କଲେ ସେ ପ୍ରାଣାନ୍ତକ ଦୁଃଖ ପାଏ । ଏହା ସେ ସବୁ ଅନୁଭବ କରିବା ସତ୍ତ୍ୱେ ଅନ୍ୟକୁ ଏହିସବୁ ପୀଡ଼ା ଦିଏ । ନ ଜାଣି ଦୋଷ କଲେ କ୍ଷମା ମିଳେ, କିନ୍ତୁ ଜାଣିଶୁଣି ଦୋଷ କଲେ ନିଶ୍ଚିତ ରୂପେ ଦଣ୍ଡ ମିଳେ । ବ୍ୟକ୍ତିର ଆତ୍ମା ବିକାଶ ହୋଇ ନ ଥିବାରୁ ତା' ଜୀବନର ଦୁଃଖବିହୀନ ପରମାନନ୍ଦ ପ୍ରାପ୍ତି ଯେଉଁ ଯଥାର୍ଥ ଲକ୍ଷ୍ୟ ସମ୍ବନ୍ଧେ ସେ ସଚେତ ହୋଇପାରୁ ନାହିଁ କିଂବା ତା'ର ସନ୍ଧାନ ପାଇ ପାରୁ ନାହିଁ । ସେ ଅଜ୍ଞାତ ଅସ୍ପଷ୍ଟରୂପେ ଧନ, ପୁତ୍ର, ଅଧିକାର ସ୍ଥୂଳ ଇନ୍ଦ୍ରିୟ ଭୋଗବାସନା ଆଦି ପୂର୍ଣ୍ଣ କରିବାରେ ଖୋଜୁଛି ଏବଂ ଶେଷରେ ନିରାଶ ହେଉଅଛି । ମନ, ବୁଦ୍ଧି ବିକାଶ କରି ପ୍ରାଣର ସାହାଯ୍ୟରେ ଅସାଧାରଣ ଶକ୍ତି ପ୍ରାପ୍ତ କରୁଅଛି । ବର୍ତ୍ତମାନ ବୁଦ୍ଧି ବିକାଶର ଚରମ ସୀମାରେ ପହଞ୍ଚି ପୃଥିବୀକୁ ଧ୍ୱଂସ କରିବା ସକାଶେ ସବୁକିଛି ତିଆରି କରି ସାରିଛି । ଏହି ବିପଦରୁ ପୃଥିବୀକୁ ରକ୍ଷା କରିବା ପାଇଁ କାହା ପାଖରେ କୌଣସି ଉପାୟ ନାହିଁ ।

ବର୍ତ୍ତମାନ ଆସିଅଛି ଆତ୍ମବିକାଶର ଯୁଗ । ଏହି ଶିକ୍ଷା ଦେବା ସକାଶେ ଶ୍ରୀମାଶ୍ରୀଅରବିନ୍ଦ ଆମ୍ଭମାନଙ୍କ ସମ୍ମୁଖରେ ଆଦର୍ଶ ରଖି ଅଛନ୍ତି । ଆମ୍ଭେମାନେ ସେହି ଶିକ୍ଷାର ଆଦର୍ଶ ଗ୍ରହଣ କଲେ, ଆମ୍ଭମାନଙ୍କ ଆତ୍ମାର ବିକାଶ କରିପାରିବା । ଆମ୍ଭମାନଙ୍କ ଅନ୍ତରରୁ ସ୍ୱାର୍ଥ, ଅହଂ, ହିଂସା ଦୂର ହେବ । ଭ୍ରାତୃତ୍ୱ, ଶାନ୍ତି, ସମତା ପ୍ରତିଷ୍ଠା ହେବ । ବ୍ୟକ୍ତି ବର୍ତ୍ତମାନ ସଦୃଶ ମନ, ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ହେବ ଆତ୍ମା ଦ୍ୱାରା । ପୃଥିବୀରେ ପ୍ରତିଷ୍ଠା ହେବ ସୁଖ, ଶାନ୍ତି, ଭ୍ରାତୃତ୍ୱ । ପୃଥିବୀ ପରିଣତ ହେବ ସ୍ୱର୍ଗରେ ।

୬. ଆତ୍ମାର ବିକାଶ

ପ୍ରଶ୍ନ : ଆତ୍ମାକୁ ଆମ୍ଭେମାନେ ଦେଖୁ ନାହୁଁ, ବିଶ୍ୱାସ କରିବୁ କିପରି ?

ଉତ୍ତର : ''ବସ୍ତୁ ନ ଦେଖି ବିଶ୍ୱାସ କରାଯାଏ ନାହିଁ''– ଏହି ଯୁକ୍ତିର କୌଣସି ଭିତ୍ତି ନାହିଁ । ଯଦି ବସ୍ତୁ ପ୍ରଥମରେ ଦେଖାଯାଏ ତେବେ ପ୍ରଯତ୍ନର ପ୍ରଶ୍ନ ଉଠେ ନାହିଁ । ଆତ୍ମା ଭଗବାନଙ୍କ ଅସ୍ତିତ୍ୱ ସମ୍ବନ୍ଧେ 'ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା', 'ନବଜ୍ୟୋତି' ଏବଂ ଲୋକସାହିତ୍ୟରେ ଆଲୋଚନା ହୋଇଅଛି । ଏଠାରେ ଏହି ବ୍ୟର୍ଥ, ନିରର୍ଥକ, ଶୁଷ୍କ ଆଲୋଚନାର କୌଣସି ପ୍ରୟୋଜନ ନାହିଁ ।

ତୁମେ ଯଦି ବର୍ତ୍ତମାନ ଜୀବନରେ ସନ୍ତୁଷ୍ଟ ଅଛ, ତେବେ ଖୁସିରେ ରୁହ ଏହିସବୁ ବିଷୟରେ ମଥା ଖେଳାଅ ନାହିଁ । ଯେଉଁମାନେ ଉତ୍‌କୃଷ୍ଟ ଜୀବନ ଚାହାନ୍ତି ସେମାନେ ଆତ୍ମାନୁସନ୍ଧାନ କରିବେ ଏବଂ ପ୍ରାପ୍ତ କରିବେ । ବିତଣ୍ଡା ଯୁକ୍ତିତର୍କରେ ଆତ୍ମାନୁଭବ ହୁଏ ନାହିଁ, ହୁଏ ଶ୍ରଦ୍ଧା ଏବଂ ଭକ୍ତିରେ । ଯେତେବେଳେ ପଶୁ ସ୍ତରରୁ ମନୁଷ୍ୟ ଜାତିର ଉତ୍‌ଥାନ ହେଲା ସେତେବେଳେ ବହୁତ ଅଳ୍ପ ଲୋକଙ୍କର ବୁଦ୍ଧି ବିକଶିତ ହୋଇଥିଲା । ବର୍ତ୍ତମାନ ମଧ୍ୟ ଅଳ୍ପ ସଂଖ୍ୟକ ଲୋକଙ୍କର ଆତ୍ମଧର୍ମରେ ମନ, ପ୍ରାଣ, ଶରୀରର ରୂପାନ୍ତର ହେବ । ଯେଉଁମାନେ ନିଜକୁ ବୁଦ୍ଧିମାନ୍ ମନେ କରନ୍ତି, ଭାବନ୍ତି ସେମାନେ ସବୁକିଛି ଜାଣନ୍ତି, ତାହା ଯଥାର୍ଥ ନୁହେଁ । ମନୁଷ୍ୟର ଯଦି ହଜାର ବର୍ଷ ପରମାୟୁ ହୁଅନ୍ତା ଓ ସେ କେବଳ ସାଂସାରିକ ବସ୍ତୁ ଜାଣିବା ଉଦ୍ଦେଶ୍ୟରେ ପ୍ରଯତ୍ନ କରନ୍ତା ତଥାପି ସେ ସମସ୍ତ ବସ୍ତୁ ଜାଣି ପାରନ୍ତା ନାହିଁ । ସଂସାରରେ ଜାଣିବାର ବସ୍ତୁ ବହୁତ ଅଛି । ସୁତରାଂ ପାସ୍ କରିବା ଉଦ୍ଦେଶ୍ୟରେ କିଛି ବହି ପଢ଼ି ସେଥିରୁ ଯେଉଁ ସାମାନ୍ୟ- ସମୁଦ୍ର ଜଳରୁ ଏକ କଣା ସଦୃଶ ଜ୍ଞାନ ଲାଭ ହୁଏ, ତଦ୍ଦ୍ୱାରା ସବୁକିଛି ଜାଣିଛୁ ବୋଲି ଭାବି ଯେଉଁ ଯେଉଁ ବିଷୟରେ ଏକେବାରେ ଅନଭିଜ୍ଞ ସେଥିରେ ମତାମତ ଦେବା ଏକେବାରେ ଉଚିତ ହେବ ନାହିଁ । ଯେଉଁବିଷୟରେ କହିବାକୁ ହୁଏ ଅଥବା ମତାମତ ଦେବାକୁ ହୁଏ, ସେହି ବିଷୟରେ ପ୍ରଥମରେ ଜାଣିବା ଆବଶ୍ୟକ ହୁଏ ଅନ୍ୟଥା ନୀରବ ରହିବା ଭଲ ।

ଶାରୀରିକ ବଳର ଯୁଗ, ପ୍ରାଣର ଉଦ୍ଦାମ ଯୁଗ ଶେଷ ହୋଇଅଛି, ବୁଦ୍ଧିର ଯୁଗ ଶେଷ ଅବସ୍ଥାରେ ପହଞ୍ଚିଛି । ଏବେ ଆତ୍ମାର ଯୁଗ ଆରମ୍ଭ । ଏହି ସକାଶେ ମା'ଶ୍ରୀଅରବିନ୍ଦ ନିଜ ତପସ୍ୟାରେ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣିଛନ୍ତି ଏବଂ ମା' ସେହି ଶକ୍ତି ସାହାଯ୍ୟରେ ଜଗତରେ ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ଯେଉଁମାନେ ଏହି ଶକ୍ତିକୁ ଗ୍ରହଣ କରିବେ, ସେହିମାନେ ଆତ୍ମୋପଲବ୍ଧି କରିବେ ଏବଂ ସେମାନେ ଆତ୍ମା ଦ୍ୱାରା ପରିଚାଳିତ ହେବେ, ସେମାନଙ୍କ ମଧ୍ୟରେ ଅତିମାନସ ଶକ୍ତି କ୍ରିୟା କରି ସେମାନଙ୍କ ମନ, ପ୍ରାଣ, ଶରୀରକୁ ଦିବ୍ୟ, ଚିନ୍ମୟ ତତ୍ତ୍ୱରେ ରୂପାନ୍ତର କରିବାକୁ ଆରମ୍ଭ କରିବ । ସେହିମାନେ ହେବେ ମୋହ, ଅଜ୍ଞାନ, ରୋଗ, ଜରା, ମୃତ୍ୟୁରୁ ପୂର୍ଣ୍ଣ ମୁକ୍ତ ଏବଂ ପୃଥିବୀରେ ପ୍ରତିଷ୍ଠା ହେବ ଅତି-ମାନବ ଜାତି ।

୭. ଆତ୍ମବିକାଶ ସକାଶେ ନୈମିତ୍ତିକ କର୍ମ

ଭଗବାନ୍ ଆତ୍ମା ରୂପରେ ନିଜ ହୃଦୟରେ ଅଧିଷ୍ଠିତ । ତାଙ୍କୁହିଁ ନିଜ ଜୀବନର ସମସ୍ତ କିଛି ସମର୍ପଣ କରିବ । ସେ ପ୍ରତି ମୁହୂର୍ତ୍ତରେ ନିଜ ସଙ୍ଗରେ ରହି ସମସ୍ତ କାର୍ଯ୍ୟ ଦେଖୁଅଛନ୍ତି ବୋଲି ବିଶ୍ୱାସ କରିବ । ସେହି ସମସ୍ତ କିଛି ପରିଚାଳିତ କରନ୍ତୁ; ସେ ସକାଶେ ପ୍ରାର୍ଥନା କରିବ । ଭଗବାନଙ୍କ ପରିଚାଳନା ଜାଣିବାକୁ ଅଭୀପ୍ସା କରିବ ।

ରାତ୍ରିରେ ଶୋଇବା ପୂର୍ବରୁ ନିଜ ବିଛଣାରେ ସ୍ୱାଭାବିକ ଭାବରେ ବସି ହୃଦୟରେ ମନ ଏକାଗ୍ର କରି ଭଗବାନଙ୍କୁ ଧ୍ୟାନ କରିବ । ପ୍ରାର୍ଥନା କରିବ, ''ହେ ଭଗବାନ୍, ଆଜି ଯାହାକିଛି କର୍ମ କରିଛି ତାହା ସମସ୍ତ ତୁମ ଚରଣରେ ଅର୍ପଣ କରୁଛି, ତୁମେ ମୋତେ ସଦ୍‌ବୁଦ୍ଧି ଦିଅ, ପ୍ରେରଣା ଦିଅ, ପରିଚାଳନା କର, ମୋତେ ତୁମେ ଯନ୍ତ୍ର ରୂପେ ବ୍ୟବହାର କର ।'' ଏହି ପ୍ରାର୍ଥନା କରିବାପରେ ଭଗବତ୍ ନାମ ସ୍ମରଣ କରି ଶୋଇଯିବ । ଯେପର୍ଯ୍ୟନ୍ତ ନିଦ୍ରା ନଆସିଛି ସେ ପର୍ଯ୍ୟନ୍ତ ନାମ ସ୍ମରଣ କରୁଥିବ ।

ପ୍ରାତଃ କାଳରେ ଉଠିବା ସଙ୍ଗେ ସଙ୍ଗେ ଭଗବତ୍ ନାମ ଅଥବା ମା'ଙ୍କ ନାମ ସ୍ମରଣ ପୂର୍ବକ ଉଠି ସେହି ବିଛଣାରେ ବସି ହୃଦୟରେ ଧ୍ୟାନ କର, ପ୍ରାର୍ଥନା କର, ''ହେ ମା, ମୋତେ କର୍ମର ପ୍ରେରଣା ଦିଅ, ଶକ୍ତିଦିଅ, ତୁମର ଯନ୍ତ୍ର ହୋଇ ଯେପରି ସମସ୍ତ କର୍ମ ତୁମରି ଉଦ୍ଦେଶ୍ୟରେ କରି ତୁମ ଚରଣରେ ସମର୍ପଣ କରିପାରେ । ଏକାଗ୍ରତା ଦିଅ, ତୁମକୁ ସ୍ମରଣ କରି ତୁମ କର୍ମ ସମ୍ପାଦନ କରିପାରେ । ଜ୍ଞାନ ଦିଅ, ଯଦ୍ଦ୍ୱାରା ଯଥାର୍ଥ ଅଯଥାର୍ଥ ନିର୍ଣ୍ଣୟ କରିପାରେ ।'' ଏହିପରି ପ୍ରାର୍ଥନା କରିବେ । ଶୌଚ, ସ୍ନାନ, ବ୍ୟାୟାମ ଇତ୍ୟାଦି କାର୍ଯ୍ୟ, ମା' ଏହି ନାମ ସ୍ମରଣ ସହ କରିବ ।

ଧ୍ୟାନ କରିବାର ଉଦ୍ଦେଶ୍ୟ କେବଳ ଚେତନାକୁ ଏକାଗ୍ର କରିବା । ଧ୍ୟାନର ପ୍ରଣାଳୀ ''ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ'' ଏବଂ ''ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା'' ପୁସ୍ତକରେ ଆଲୋଚିତ ହୋଇଛି । ଏକାଗ୍ରତା ଦ୍ୱାରା ସାଂସାରିକ ବହୁତ କାର୍ଯ୍ୟରେ ଯଥା : ପଢ଼ିବା, ଗଭୀର ବିଷୟ ଚିନ୍ତା କରିବା, ଜଟିଳ ବିଷୟ ସମାଧାନ କରିବାରେ ସାହାଯ୍ୟ ମିଳେ । ଏକାଗ୍ରତା ବ୍ୟତୀତ ମନୁଷ୍ୟର ସମସ୍ତ କାର୍ଯ୍ୟ ବିଶୃଙ୍ଖଳ ହୁଏ । ମା' ଅତିମାନସ ଦ୍ୱାରା ରୂପାନ୍ତର କ୍ରିୟା କରାଉଛନ୍ତି, ମା'ଙ୍କୁ ଧ୍ୟାନ କରିବା ଦ୍ୱାରା ଅତିମାନସ ଶକ୍ତି ବ୍ୟକ୍ତି ମଧ୍ୟରେ କ୍ରିୟା କରିପାରେ ।

ଚେତନା ଏକାଗ୍ର ହେବା ସଙ୍ଗେ ସଙ୍ଗେ ମସ୍ତିଷ୍କ ଊର୍ଦ୍ଧ୍ୱରେ ସ୍ଥିତ ଭାଗବତୀ ଶକ୍ତିକୁ ଆବାହନ କରିବେ । ଏହି ଶକ୍ତି ଅବତରଣ କଲେ ବ୍ୟକ୍ତି ମଧ୍ୟରେ ରୂପାନ୍ତର କ୍ରିୟା ହୁଏ ଏବଂ ଅନ୍ତରସ୍ଥ ଆତ୍ମା ଜାଗ୍ରତ ହୁଏ, ସୁପ୍ତ ଶକ୍ତି କ୍ରିୟାଶୀଳ ହୁଏ । ଏହି ଶକ୍ତି ବ୍ୟକ୍ତି ମଧ୍ୟରେ କ୍ରିୟାଶୀଳ ହେଲେ ସେ ସାଂସାରିକ ସମସ୍ତ ସମସ୍ୟାକୁ ସହଜରେ ସମାଧାନ କରିପାରିବ ।

୧. ଜୀବନ ଉନ୍ନତିରେ ବ୍ରହ୍ମଚର୍ଯ୍ୟହିଁ ପ୍ରାଣ

ଛାତ୍ରମାନଙ୍କର ବ୍ରହ୍ମଚର୍ଯ୍ୟ ପାଳନ ପ୍ରଥମ ଏବଂ ଅପରିହାର୍ଯ୍ୟ କର୍ତ୍ତବ୍ୟ । ଜୀବନ ଉନ୍ନତିର ଆଧାର ବ୍ରହ୍ମଚର୍ଯ୍ୟ ଯେତେ ଧାରଣା କରିହୁଏ, ଜୀବନରେ ସେତେ ମହାନ୍ ସର୍ବାଙ୍ଗୀଣ ବିକାଶ ହୁଏ । ବ୍ରହ୍ମଚର୍ଯ୍ୟ ଧାରଣାରେ ବ୍ୟକ୍ତି ସାଂସାରିକ ତଥା ଆଧ୍ୟାତ୍ମିକ ମାର୍ଗରେ ସମସ୍ତ ବିପତ୍ତି ଅତିକ୍ରମ କରିପାରେ; ସମସ୍ତ ପ୍ରକାର ଅସାଧ୍ୟ ବସ୍ତୁକୁ ସାଧନ କରିପାରେ । ବ୍ୟକ୍ତି ମହାନ୍ ବୀର, ଧୈର୍ଯ୍ୟବାନ୍, ସାହସୀ, ତେଜସ୍ୱୀ, ନୀତିଜ୍ଞ, ସଦାଚାରୀ, ସତ୍ୟବାଦୀ, ସହିଷ୍ଣୁ, ଶାନ୍ତ, ଧୀର, ମେଧାବୀ ହୁଏ । ତା'ର ଅଦ୍ୱିତୀୟ ସ୍ମରଣଶକ୍ତି ବିକଶିତ ହୁଏ, କାର୍ଯ୍ୟକାରୀ ଶକ୍ତି ବୃଦ୍ଧି ହୁଏ । ସେ ପରମ ଜ୍ଞାନ ଭଗବତ୍ ଭକ୍ତି ପ୍ରାପ୍ତ କରିପାରେ; ମୁକ୍ତି ନିର୍ବାଣର ଅଧିକାରୀ ହୋଇପାରେ କିଂବା ସମସ୍ତ କର୍ମ, ମନ-ପ୍ରାଣ-ଶରୀର ମା'ଙ୍କ ଚରଣରେ ସମର୍ପଣ କରିପାରେ । ସମର୍ପିତ ସତ୍ତା ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର ହେଲେ, ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ, କଷ୍ଟ, ଅଜ୍ଞାନରୁ ପୂର୍ଣ୍ଣ ମୁକ୍ତ ହୋଇ ଭଗବାନଙ୍କ ସହିତ ସମସ୍ତ ସତ୍ତାରେ ଏକତ୍ୱ ପ୍ରାପ୍ତ କରେ । ସେ ମନ ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ଭଗବତ୍ ଅତିମାନସ ଶକ୍ତି ଦ୍ୱାରା ପରିଚାଳିତ ହୁଏ । ଏହି ଶରୀରରେ ସେ ଭଗବତ୍ ପ୍ରାପ୍ତି କରେ । ଏହି ବ୍ୟକ୍ତିଗତ ସିଦ୍ଧିରେ ସଂସାରରୁ ଅସତ୍ୟ, ଅନ୍ୟାୟ, ଦୁଃଖ, କଷ୍ଟ, ଅଭାବ ଦୂର ହୁଏ । ପୃଥିବୀ ସ୍ୱର୍ଗରେ ପରିଣତ ହୁଏ ।

ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା ବ୍ୟକ୍ତି ସଂସାରରେ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଲାଭ କରେ । ବିଦ୍ୟାଧ୍ୟୟନରେ ବୃତ୍ତି ପାଏ, ବ୍ୟାୟାମ ଦ୍ୱାରା ଶରୀର ସୁନ୍ଦର ସୁଗଠିତ କରି ଅସମୟରେ ଜରା, ମୃତ୍ୟୁ, ସ୍ନାୟବିକ ଦୁର୍ବଳତା ଆଦି ରୋଗରୁ ମୁକ୍ତ ହୁଏ; ଶରୀର ବଳବାନ୍ ହୁଏ, ବୁଦ୍ଧି ତୀବ୍ର ଏବଂ ତୀକ୍ଷ୍ଣ ହୁଏ, ବିକ୍ଷିପ୍ତ ଚେତନା ସ୍ୱାଭାବିକ ରୂପେ କେନ୍ଦ୍ରିତ ହୁଏ । ଏକାଗ୍ର ଅବସ୍ଥାରେ ବ୍ୟକ୍ତି ଜଟିଳ ସମସ୍ୟା ସହଜରେ ସମାଧାନ କରିପାରେ ଏବଂ ଅଧ୍ୟାତ୍ମମାର୍ଗରେ ଅଗ୍ରସର ହୋଇପାରେ, ଜ୍ଞାନ ଦୃଷ୍ଟିରେ ବ୍ୟକ୍ତି ଯଥାଯଥ ନିର୍ଣ୍ଣୟ କରିପାରେ । ଏକାଗ୍ରତା ଏବଂ ଜ୍ଞାନ ପ୍ରାପ୍ତ ହେଲେ ବ୍ୟକ୍ତିର ଅନ୍ତର୍ଦୃଷ୍ଟି ଖୋଲିଯାଏ, ସେ ସୂକ୍ଷ୍ମଶକ୍ତି ସମ୍ବନ୍ଧେ ସଚେତନ ହୁଏ ଏବଂ ଭବିଷ୍ୟତ କାର୍ଯ୍ୟ ସମ୍ବନ୍ଧେ ବରାବର ସତର୍କ ରହେ । ବ୍ୟକ୍ତିର ଜ୍ଞାନ ପ୍ରାପ୍ତି, ବିଚାର ତୀବ୍ର, ବୁଦ୍ଧି ଶୁଦ୍ଧ, ଚେତନା ଏକାଗ୍ର ହେଲେ ସେ ଶିକ୍ଷା ବ୍ୟବସାୟ, ଡାକ୍ତରୀ, ଇଞ୍ଜିନିୟରିଂ, ରାଜନୀତି, ସେନା, ଶାସନ ଯେକୌଣସି କ୍ଷେତ୍ରରେ ଦକ୍ଷତାର ସହିତ ଉତ୍ତମ ପ୍ରଣାଳୀରେ କର୍ମ ସମ୍ପାଦନ କରିପାରେ ।

ବ୍ୟକ୍ତିର ସାଂସାରିକ କାର୍ଯ୍ୟ ଅଧ୍ୟାତ୍ମଶକ୍ତି ଏବଂ ଜ୍ଞାନ ମଧ୍ୟରେ ଯେଉଁ ବ୍ୟବଧାନ ଥାଏ, ତହିଁରେ ବ୍ରହ୍ମଚର୍ଯ୍ୟହିଁ ସେତୁ ହୋଇ ବ୍ୟକ୍ତି ଜୀବନରେ ସଂଯୋଗ ସ୍ଥାପନ କରେ । ଅଧ୍ୟାତ୍ମ ଆଧାର ବିହୀନ ସଂସାର କାର୍ଯ୍ୟରେ ଯେଉଁ ତ୍ରୁଟି ଓ ଅପୂର୍ଣ୍ଣତା ଥାଏ ତାହା କେବଳ ବ୍ରହ୍ମଚର୍ଯ୍ୟ ଦୂର କରିପାରେ । ସାଂସାରିକ ଜୀବନରେ ସମୃଦ୍ଧି ଓ ଅଧ୍ୟାତ୍ମଜ୍ଞାନ, ଭିତ୍ତି ପ୍ରାପ୍ତିର ପ୍ରଧାନ ଆଧାର ହେଉଛି ବ୍ରହ୍ମଚର୍ଯ୍ୟ । ବ୍ରହ୍ମଚର୍ଯ୍ୟ ବ୍ୟତୀତ ବ୍ୟକ୍ତି ସଂସାରରେ କୌଣସି ମହତ୍ କାର୍ଯ୍ୟ ପୂର୍ଣ୍ଣ କରିପାରେ ନାହିଁ କିଂବା ଅଧ୍ୟାତ୍ମସିଦ୍ଧି କରିପାରେ ନାହିଁ । ଯେଉଁ ଅଧ୍ୟାତ୍ମ-ସାଧକ ଋଷି ମୁନି ସନ୍ଥ ମହାତ୍ମାମାନେ ଜୀବନର ଲକ୍ଷ୍ୟ ଜାଣିଛନ୍ତି ସେମାନେହିଁ ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ ବୁଝିଛନ୍ତି । ସେହି ସକାଶେ ସେମାନେ ସାଂସାରିକ ସୁଖ ଅୟସ ଆରାମ ଭୋଗବିଳାସକୁ ସହଜରେ ତ୍ୟାଗ କରି କଠୋର ତପଶ୍ଚର୍ଯ୍ୟା ଦ୍ୱାରା ବ୍ରହ୍ମଚର୍ଯ୍ୟ ଧାରଣ କରିଛନ୍ତି । ମନୁଷ୍ୟ ମଧ୍ୟରେ ସର୍ବଶ୍ରେଷ୍ଠ ତତ୍ତ୍ୱ ହେଉଛି ବ୍ରହ୍ମଚର୍ଯ୍ୟ । କିନ୍ତୁ ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ ପ୍ରଭାବ ତା'ର ଉପଯୋଗିତା ନ ଜାଣି ତାହା ନଷ୍ଟ କରି ଦିଅନ୍ତି । ଯେଉଁ ଜୀବନରେ ସମସ୍ତ ଐଶ୍ୱର୍ଯ୍ୟ ପ୍ରାପ୍ତ କରିପାରନ୍ତେ ବ୍ରହ୍ମଚର୍ଯ୍ୟ ନଷ୍ଟ କରିଦେବା ଯୋଗୁଁ ସେହି ସମୁଦ୍ର ତୁଲ୍ୟ ଐଶ୍ୱର୍ଯ୍ୟ ମଧ୍ୟରୁ ଜଳକଣା ସଦୃଶ ସାଂସାରିକ ଐଶ୍ୱର୍ଯ୍ୟ ସକାଶେ ବ୍ୟକ୍ତି ଲାଳାୟିତ ହୋଇ ଲାଞ୍ଜ ନେଇ ମିଛ କହି ତାହା ପ୍ରାପ୍ତ କରିବାକୁ ପ୍ରଯତ୍ନ କରୁଥାଆନ୍ତି । ଯେଉଁ ବ୍ରହ୍ମଚର୍ଯ୍ୟ ସାହାଯ୍ୟରେ ବ୍ୟକ୍ତି ମହାନ୍ ତେଜସ୍ୱୀ ଶକ୍ତିଶାଳୀ ହୋଇ ପରମ ଶାନ୍ତି ପ୍ରାପ୍ତ କରିପାରେ ତାହାରି ଅଭାବରେ ବ୍ୟକ୍ତିର ଜୀବନ ଦୁଃଖମୟ ନିରାଶାପୂର୍ଣ୍ଣ ଭାର ସ୍ୱରୂପ ହୁଏ । ବ୍ରହ୍ମଚର୍ଯ୍ୟ ରୂପ ପରଶମଣି ତ୍ୟାଗ କରି ବ୍ୟକ୍ତି ଭ୍ରମବଶତଃ ସାଂସାରିକ ବିଷୟରୂପକ କାଚ ଲାଗି ଜୀବନ ବ୍ୟର୍ଥ କରେ ।

୨. ବ୍ରହ୍ମଚର୍ଯ୍ୟ ନଷ୍ଟ ହେବାର କାରଣ

୧. ବାଳକ ବାଳିକାମାନଙ୍କର ବ୍ରହ୍ମଚର୍ଯ୍ୟ ନଷ୍ଟ ହେବାର ପ୍ରଥମ କାରଣ ହେଲା କୁସଂସ୍କାର । କୁସଂସ୍କାର ପାଇଁ ଦାୟୀ ପିତାମାତା । ଶିଶୁ ମାତା ଗର୍ଭରେ ଆସିବା ଦିନଠାରୁ ପିତାମାତାଙ୍କର ବ୍ରହ୍ମଚର୍ଯ୍ୟ ପାଳନ କରିବା ଉଚିତ । ଶିଶୁ ଗର୍ଭରେ ଆସିବା ଦିନଠାରୁ ତା' ମଧ୍ୟରେ ପିତାମାତାଙ୍କ କାର୍ଯ୍ୟ ଏବଂ ମନୋଭାବର ପ୍ରଭାବ ପଡ଼େ ଓ ତାହା ସଂସ୍କାରରେ ପରିଣତ ହୁଏ । ସେହି ସଂସ୍କାର ପାରିପାର୍ଶ୍ୱିକ ଅବସ୍ଥା ସାଙ୍ଗସାଥୀ ଏବଂ ଶିକ୍ଷା ଦ୍ୱାରା ହ୍ରାସ ବୃଦ୍ଧି ପାଏ ।

୨. ଶିଶୁର ଅଜ୍ଞାନ ଅବସ୍ଥାରେ ତା'ର ସମ୍ମୁଖରେ ପିତାମାତା ଅଥବା ଅନ୍ୟ କେହି ଅଶ୍ଳୀଳ ବ୍ୟବହାର ଅଶ୍ଳୀଳ କଥାବାର୍ତ୍ତା ଅଶ୍ଳୀଳ ପୁସ୍ତକ ପଢ଼ିବା ଦ୍ୱାରା ତା'ର କୁସଂସ୍କାର ଉତ୍ପନ୍ନ ହୁଏ ।

୩. ଏହି କୁସଂସ୍କାର ବୀଜରୂପେ ବାଳକ-ବାଳିକାମାନଙ୍କ ମଧ୍ୟରେ ଥାଏ, ପଢ଼ିବା ସମୟରେ ବୟସ୍କ ବାଳକ-ବାଳିକାମାନଙ୍କ ଅଶ୍ଳୀଳ କଥାବାର୍ତ୍ତା ଶୁଣି ନିଜ ମଧ୍ୟରେ ଥିବା କୁସଂସ୍କାର ବିକଶିତ ହେବାକୁ ଲାଗେ । ବାଳକର ବାରବର୍ଷ ଅବସ୍ଥାରେ ଓ ବାଳିକାର ଦଶବର୍ଷ ଅବସ୍ଥାରେ କାମଶକ୍ତି ସଞ୍ଚାର ହୁଏ ।

୪. ବାଳକର ପନ୍ଦର ଷୋଳବର୍ଷ ଅବସ୍ଥାରେ ଓ ବାଳିକାମାନଙ୍କର ବାର ତେର ବର୍ଷ ଅବସ୍ଥାରେ ଦୁର୍ଭାଗ୍ୟବଶତଃ ଅଶ୍ଳୀଳ ଉପନ୍ୟାସ କିଂବା କାମୋଦ୍ଦୀପକ ସିନେମା ଦେଖିବା ଦ୍ୱାରା ଅଥବା କୌଣସି ଦୃଶ୍ୟ, କୌଣସି ସ୍ୱର୍ଶରେ, କେବଳ କାମାବେଗରେ ଶରୀର ଜର୍ଜରିତ ଅର୍ଥାତ୍ ମନ୍ଥନ ହୋଇଗଲେ ବାଳକର ଶୁକ୍ର ନିମ୍ନଗାମୀ ହୁଏ, ବାଳିକାର ଭାବାପନ୍ନ ପ୍ରାଣ ଅଧୋମୁଖୀ ହୁଏ ।

ମନୁଷ୍ୟ ଜୀବନ ଉନ୍ନତିର ପ୍ରଧାନ ଛାପ ହେଲା ପିତାମାତାଙ୍କ ଆଚରଣର ପ୍ରଭାବ । ମାତା ଗର୍ଭରୁ ବାଳକର ଚେତନାରେ କୁସଂସ୍କାର ପ୍ରଭାବ ପଡ଼ିବାରୁ ତା'ର ମନ ଅଶୁଦ୍ଧ ହୁଏ, ପ୍ରାଣ ଦୂଷିତ ହୁଏ । ଏହା ଫଳରେ ହୃଦୟ କଳୁଷିତ ହୁଏ । ତା' ମଧ୍ୟରେ ଥିବା ଆତ୍ମା ଯିଏକି ଭଗବତ୍ ସ୍ୱରୂପ, ଭଗବତ୍ ପ୍ରତିଭୂ, ଜ୍ଞାନ ସ୍ୱରୂପ, ତାହା ଆବୃତ ହୋଇଯାଏ । ମନୁଷ୍ୟର ଯଥାର୍ଥ ମାର୍ଗଦର୍ଶକ ହେଉଛି ଏହି ଆତ୍ମା । ଏହାର ନେତୃତ୍ୱ ଅଭାବରେ ଜୀବନର ଚାଳକ ହୁଅନ୍ତି ମନ, ବୁଦ୍ଧି ଏବଂ ପ୍ରାଣ । ଏସବୁର ସତ୍ୟ ଦୃଷ୍ଟି, ଜ୍ଞାନ ଜ୍ୟୋତି ଅଭାବ ଏମାନେ ପ୍ରଦୀପ୍ତ ହୁଅନ୍ତି ଆତ୍ମା ଦ୍ୱାରା । ଆତ୍ମା ଆବରଣରେ ରହିବାରୁ ତା'ର ଆଲୋକ ସିଧା ସିଧା ମନ, ପ୍ରାଣ ନ ପାଇ ନିଜ ନିଜ ଅର୍ଦ୍ଧ-ଅସ୍ପଷ୍ଟ, ବିକୃତ ଆଲୋକରେ ପରିଚାଳିତ ହୁଅନ୍ତି । ସେଥିରେ ଥାଏ ସ୍ୱାର୍ଥ, ଭୋଗ ବାସନାର ପ୍ରାଧାନ୍ୟ ।

ବାଳକର ଆତ୍ମା ପରିବର୍ତ୍ତେ ମନ, ପ୍ରାଣ ନେତୃତ୍ୱ ଗ୍ରହଣ କରିବାରୁ ତା'ର ଜୀବନର ଲକ୍ଷ୍ୟ ସମ୍ବନ୍ଧରେ ସେ ସଚେତନ ହୋଇପାରେ ନାହିଁ । ଲକ୍ଷ୍ୟ ଅଭାବରୁ ତା' ସମ୍ମୁଖରେ କୌଣସି ଉଚ୍ଚ ଆଦର୍ଶ ନ ଥାଏ । ବାଳକମାନଙ୍କର ଜୀବନର ପ୍ରଧାନ, ଶ୍ରେଷ୍ଠ ଉପଯୋଗୀ ଯେଉଁ ବୟସ ୧୫ରୁ ୩୦, ବାଳିକାମାନଙ୍କର ୧୨ରୁ ୨୫ ତାହା ପତନାଭିମୁଖୀ ହୁଏ । ଏପରି ହୁଏ ସାଧାରଣତଃ ଅଧିକ ବାଳକ-ବାଳିକାମାନଙ୍କର ଥରେ ପତନ ହେଲେ ସଂଯମରେ ରହିବା ଦୁଃସାଧ୍ୟ ହୋଇପଡ଼େ ।

କିନ୍ତୁ ଯେଉଁମାନଙ୍କର ପୂର୍ବ ଜନ୍ମର ଅଧ୍ୟାତ୍ମ-ସାଧନା ସଂସ୍କାର ରୂପେ ଥାଏ, ତାହା କେବେ ବି ନଷ୍ଟ ହୁଏ ନାହିଁ । ତାକୁ ପାରିପାର୍ଶ୍ୱିକ ଅବସ୍ଥା ଏବଂ ପିତାଙ୍କଠାରୁ ଅନୁକୂଳ ସଂସ୍କାର ପ୍ରାପ୍ତ ହୁଏ । କାହାରି କାହାରି ପକ୍ଷେ ଯଦି ଅନୁକୂଳ ପରିସ୍ଥିତି ନ ଥାଏ ତଥାପି ତା'ର ପୂର୍ବସଂସ୍କାର ଭଗବତ୍ କୃପା କବଚରୂପେ ରକ୍ଷା କରେ । ବାହ୍ୟ ପ୍ରଭାବ ତା' ଆତ୍ମାକୁ ଆବୃତ କରିପାରେ ନାହିଁ । ସେ ବାଲ୍ୟାବସ୍ଥାରୁ ଲକ୍ଷ୍ୟ ସମ୍ବନ୍ଧେ ସଚେତନ ହୁଏ ଏବଂ ପରମାନନ୍ଦ, ପରମଶାନ୍ତିସ୍ୱରୂପ ଭଗବତ୍ ପ୍ରାପ୍ତି, ଯାହା ମନୁଷ୍ୟର ଲକ୍ଷ୍ୟ, ତାହାକୁ ସମ୍ମୁଖରେ ରଖି ତାହାର ଅନୁକୂଳରେ ସମସ୍ତ କର୍ମ କରେ । ସାଧାରଣତଃ ଯେଉଁ ବୟସରେ ବାଳକ ବାଳିକାମାନଙ୍କର ପତନ ହୁଏ, ସେହି ସମୟକୁ ସେ ଭଗବତ୍ କୃପା ସାହାଯ୍ୟରେ ସଂଯମ କରି ଭଗବତ୍ ଅଭିମୁଖୀ ହୁଏ ।

୩. କାର୍ଯ୍ୟକାରୀ କ୍ଷମତାର ଉତ୍ତମ ସମୟ

ସାଧାରଣ ଲୋକଙ୍କର ଗୋଟିଏ ଭୁଲ୍ ଧାରଣା ପୋଷଣ ହୋଇ ଆସୁଛି । ସେମାନେ କହନ୍ତି ବାଳକର ୧୬ରୁ ୩୦ ବର୍ଷ ଓ ବାଳିକାମାନଙ୍କର ୧୪ରୁ ୨୫ ବର୍ଷ– ଏହି ଅବସ୍ଥାରେ ବ୍ରହ୍ମଚର୍ଯ୍ୟ ପାଳନ କରିବା କଠିନ । ଏହି ଅବସ୍ଥା ସାଂସାରିକ ସୁଖ ସ୍ୱାଚ୍ଛନ୍ଦ୍ୟରେ ଭୋଗକରି ସଂସାର କାର୍ଯ୍ୟ ସଂପନ୍ନ କରିବା ଉଚିତ । ଏହି ଧାରଣା ଏକେବାରେ ଭୁଲ୍ । ଏହି ଅବସ୍ଥା ଏପରି ନମନୀୟ ଯେ ଏହାକୁ ଯେଉଁ ଆଡ଼କୁ ମୋଡ଼ି ଦିଆହୁଏ ତାହା ସହଜରେ ସେହି ଆଡ଼କୁ ଯାଏ । ଏହି ସମୟରେ ଯେଉଁ ଅଭ୍ୟାସ କରାହୁଏ ତାହାର ବିକାଶ ହୋଇଚାଲେ । ୩୦ ବର୍ଷ ପରେ ଗୋଟିଏ ନୂତନ ସଂସ୍କାର ବା ଅଭ୍ୟାସ କରିବାକୁ ହେଲେ ବହୁତ ସଂଘର୍ଷ କରିବାକୁ ହୁଏ : ସତର୍କ ସଜାଗ ରହିବାକୁ ହୁଏ । ଏହା ଏକେବାରେ ସ୍ପଷ୍ଟ; ଯାହା ପାଖରେ ଧନ ଏବଂ ଶକ୍ତି ଥାଏ, ସେ ଅନ୍ୟର ଉପକାର, ଅନ୍ୟର ସେବା, ଅଥବା କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିବାରେ କିଂବା ସେହି ଅର୍ଥଶକ୍ତିକୁ ପରର ଅନିଷ୍ଟ ପରପୀଡ଼ାରେ, ଝଗଡ଼ା ଓ ବିବାଦରେ ଖର୍ଚ୍ଚ କରିପାରେ । ଯାହାର ସେହି ଧନ ଆଉ ଶକ୍ତି ଅଭାବ ସେ ଅନ୍ୟର ଉପକାର କରିପାରେ ନାହିଁ କିଂବା ଅନିଷ୍ଟ କରିପାରେ ନାହିଁ । ଠିକ୍ ସେହିପରି ମନୁଷ୍ୟର ମୁକ୍ତି ସଂପୂର୍ଣ୍ଣ ଥିବା ଅବସ୍ଥା । ମନୁଷ୍ୟର ଏହି ଅବସ୍ଥାରେ ସମସ୍ତ ଅଙ୍ଗପ୍ରତ୍ୟଙ୍ଗ, ଇନ୍ଦ୍ରିୟ ସବଳ, ସତେଜ ଶକ୍ତିଯୁକ୍ତ ଥାଏ । ଯେଉଁ କାର୍ଯ୍ୟରେ ଅଣ୍ଟା ଭିଡ଼ି ଛିଡ଼ାହୁଏ ତାହା ଅନାୟାସରେ କରିପାରେ କିନ୍ତୁ ବୃଦ୍ଧାବସ୍ଥାରେ ଏପରି ହୁଏ ନାହିଁ । ଯେଉଁମାନେ ଭାବନ୍ତି– ଯୁବାବସ୍ଥା ମଉଜରେ ଉଡ଼ାଇ ନେବା, ସମସ୍ତ ଇନ୍ଦ୍ରିୟ ଶିଥିଳ, ଅବୟବ ଦୁର୍ବଳ, ଶରୀର ବୃଦ୍ଧ ହେଲେ ସଂସାରର କାର୍ଯ୍ୟ କରିପାରିବା ନାହିଁ; ଅତଏବ ବୁଢ଼ୀ ଗାଈ ଦାନ ସଦୃଶ ବୃଦ୍ଧାବସ୍ଥାକୁ ଭଗବାନଙ୍କୁ ଦେଇ ସିଧା ବୈକୁଣ୍ଠକୁ ଯାଇ ଆନନ୍ଦରେ ନିବାସ କରିବା । ଏହା ଏକେବାରେ ଭ୍ରମ ଏବଂ ନିଜକୁ ପ୍ରବଞ୍ଚନା କରିବା ଛଡ଼ା ଆଉ କିଛି ନୁହେଁ । ମନୁଷ୍ୟର ଏକମାତ୍ର କର୍ତ୍ତବ୍ୟ ହେଲା ସେ ନିଜ ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୋଇ ଲକ୍ଷ୍ୟ ପ୍ରାପ୍ତିର ଉପାୟରୂପେ ସମସ୍ତ କର୍ମ କରିବା ଉଚିତ । ଯେଉଁମାନଙ୍କୁ ବାଲ୍ୟାବସ୍ଥାରେ ଲକ୍ଷ୍ୟ ସମ୍ବନ୍ଧେ ସଚେତ ହେବାକୁ ଅବକାଶ ମିଳି ନାହିଁ, ସେମାନେ ବୃଦ୍ଧାବସ୍ଥାରେ ଅବଶ୍ୟ ସାଧନା କରିବେ । କିନ୍ତୁ ସଚେତ ହେବା ପରେ ଆଚରଣ ନ କରିବା ବଡ଼ ଭୁଲ୍ ହେବ । ପରେ ପଶ୍ଚାତ୍ତାପ ଛଡ଼ା ଆଉ କିଛି ହାତକୁ ଆସିବ ନାହିଁ ।

ମନୁଷ୍ୟର ସମସ୍ତ କର୍ମ ଯଥା : ବିଦ୍ୟାଧ୍ୟୟନ, ଦେଶସେବା, କୁଟୁମ୍ବ ପାଳନ ଇତ୍ୟାଦି ଯଥାର୍ଥରେ ଲକ୍ଷ୍ୟ ପ୍ରାପ୍ତିର ଉପାୟ । ଏହିସବୁ କାର୍ଯ୍ୟ ଲକ୍ଷ୍ୟ ପ୍ରାପ୍ତି ପାଇଁ ସାଧନାରୂପେ ଆଚରଣ କଲେ କର୍ମରେ କୌଣସି ତ୍ରୁଟି ହୁଏ ନାହିଁ ବରଂ

ସେଥିରେ ପୂର୍ଣ୍ଣତା ପ୍ରାପ୍ତ ହୁଏ ଏବଂ ଗୃହସ୍ଥାଶ୍ରମରେ ରହି ମଧ୍ୟ ମନୁଷ୍ୟ ସୁଖମୟ ଜୀବନ ଯାପନ କରିପାରେ । ଯଦି ଏହିସବୁ କର୍ମ କେବଳ ପରିବାର ଅଥବା ନିଜ ସକାଶେ କରାହୁଏ ତେବେ ସେଥିରେ ମନୁଷ୍ୟକୁ ସୁଖ ଶାନ୍ତି ମିଳେ ନାହିଁ । ଏହା ବ୍ୟତୀତ ମନୁଷ୍ୟର ଅନ୍ତରସ୍ଥିତ ସୂକ୍ଷ୍ମ ଶକ୍ତି ଓ ଜ୍ଞାନ ବିକଶିତ ହୁଏ ନାହିଁ । ଜଳ ମଧ୍ୟରେ ସ୍ଥିତ ଜାହାଜର ଯେଉଁ ଭାଗ ଜଳ ଉପରେ ଥାଏ ତାହା ଆମେ ଦେଖିପାରୁ କିନ୍ତୁ ଜଳରେ ବୁଡ଼ି ରହିଥିବା ଅଂଶ ଆମ୍ଭର ଦୃଷ୍ଟିଗୋଚର ହୁଏ ନାହିଁ । କିନ୍ତୁ ଜାହାଜ ମଧ୍ୟରେ ପ୍ରବେଶ କଲେ ଦେଖିପାରୁ ଜଳର ଉପରେ ଥିବା ଅଂଶ ଅପେକ୍ଷା ନିମ୍ନରେ ଥିବା ଅଂଶ ବହୁତ ଅଧିକ ଏବଂ ସେହି ଭାଗହିଁ ଜାହାଜକୁ ଧାରଣ କରିଥାଏ । ଜାହାଜର ନିମ୍ନଭାଗ ନଷ୍ଟ ହେଲେ ଉପର ଭାଗ ତିଷ୍ଠିପାରେ ନାହିଁ । ସେହିପରି ମନୁଷ୍ୟ ମଧ୍ୟରେ ସୁପ୍ତଶକ୍ତି, ଜ୍ଞାନ,ପ୍ରେମ, ଆନନ୍ଦ ବାହ୍ୟ ବୁଦ୍ଧିଠାରୁ ବହୁତ ବେଶୀ ଶକ୍ତିଶାଳୀ । ଏହିସବୁ ଆତ୍ମାର ଗୁଣ । ଏହାହିଁ ମନ, ପ୍ରାଣ ଓ ଶରୀରକୁ ଧାରଣ କରି ଅଛନ୍ତି । ଏହିସବୁ ଅବିକଶିତ ରହିବାରୁ ଜୀବନ ଅପୂର୍ଣ୍ଣ, ଅନ୍ଧକାରମୟ ଓ ଦୁଃଖଦ୍ୱନ୍ଦ୍ୱମୟ ହୁଏ । ମନୁଷ୍ୟର ସର୍ବଶ୍ରେଷ୍ଠ ଓ ଏକମାତ୍ର କର୍ତ୍ତବ୍ୟ ହେଲା ନିଜ ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତ ହେବା । ସେ ନିଜର ଲକ୍ଷ୍ୟ ସମ୍ବନ୍ଧେ ସଚେତ ହେଲେ ବ୍ରହ୍ମଚର୍ଯ୍ୟ ପାଳନ କରିପାରେ ଏବଂ ନିଜ ମଧ୍ୟସ୍ଥ ସୁପ୍ତ ସୂକ୍ଷ୍ମ ଶକ୍ତି ସମୂହକୁ ଜାଗ୍ରତ୍ ଓ ବିକଶିତ କରି ଜୀବନକୁ ସମୃଦ୍ଧିଶାଳୀ, ପରମ ସୁଖ ଓ ପରମ ଶାନ୍ତିମୟ କରି ଗଢ଼ିପାରେ ।

ଜୀବନର ଲକ୍ଷ୍ୟ ନ ଜାଣିବାରୁ ବ୍ୟକ୍ତି ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ ସମ୍ବନ୍ଧେ ଅନଭିଜ୍ଞ ରହି ତାହା ନଷ୍ଟ କରେ; ଲକ୍ଷ୍ୟ ଅଜ୍ଞାତ ରହିବାରୁ ବାସନା, କାମନା ଓ ଭୋଗଲିପ୍ସା ବୃଦ୍ଧି ହୁଏ । ସେ ବିବଶ ହୋଇ ବିବାହିତ ଜୀବନକୁ ବାସନା ତୃପ୍ତିର ଉପାୟରୂପେ ମାନିନିଏ । ପ୍ରତିବର୍ଷ ଗୋଟିଏ ସନ୍ତାନ ନ ହେଲେ ମଧ୍ୟ ଦଶବର୍ଷ ମଧ୍ୟରେ ପାଞ୍ଚସାତ ସନ୍ତାନ ଜନ୍ମ ହୁଅନ୍ତି । ସନ୍ତାନମାନଙ୍କ ପାଳନ ପୋଷଣ ସକାଶେ ବ୍ୟୟ ଅଧିକା ହୁଏ । ଦେଢ଼ଶତ ଟଙ୍କା ବେତନ ହେଲେ ଖାଇବା ପିନ୍ଧିବା ଠିକ୍ ନ ହେବାରୁ ଚୋରି କରିବାକୁ ପଡ଼େ; ହଜାର ଟଙ୍କା ବେତନ ହେଲେ ସ୍ତ୍ରୀର ଅଳଙ୍କାର, ଶାଢ଼ି, ପିଲାଙ୍କ ପଢ଼ିବା ଓ ଯିବା ଆସିବା ସକାଶେ ମୋଟର, ଆଡ଼ା ଚୌଡ଼ାରେ ରହିବାର ଆବଶ୍ୟକତା ହୁଏ । ସେଥିଯୋଗୁଁ ରିସ୍‌ପତ୍ ନେଇ ଅନ୍ୟ ମୁଖର ଗ୍ରାସ କାଟିବାକୁ ପଡ଼େ । ବେପାରୀ ହେଲେ ଝିଅମାନଙ୍କ ବିବାହରେ ପଚିଶ ହଜାର ଟଙ୍କା ଖର୍ଚ୍ଚ ଯୋଗୁଁ କଳାବଜାର କରିବାକୁ ବାଧ ହୁଏ । ଗୋଟିଏ ପ୍ରକାର ଅନ୍ୟାୟ କଲେ ଆନୁଷଙ୍ଗିକ ରୂପେ ବହୁତ ପ୍ରକାର ଅନ୍ୟାୟ ଆସେ । ମନୁଷ୍ୟ ଅନ୍ୟ ଉପରେ ରାଗିଲେ, ଅନ୍ୟ ସଙ୍ଗେ ଝଗଡ଼ା କଲେ ପ୍ରଥମରେ ଯେପରି ନିଜ ମଧ୍ୟରେ ରାଗ ଜନ୍ମେ ନିଜକୁ ଅଶାନ୍ତ ବ୍ୟତିବ୍ୟସ୍ତ କରେ, ସେହିପରି ଅନ୍ୟାୟ କାର୍ଯ୍ୟ କଲେ ତା'ର ପ୍ରତିକ୍ରିୟା ନିଜ ମଧ୍ୟରେ ସୃଷ୍ଟି ହୋଇ ଜୀବନକୁ ଦୁଃଖ ଯାତନାରେ ପରିଣତ କରେ ।

ବ୍ରହ୍ମଚର୍ଯ୍ୟ ଅଧିକ ପରିମାଣରେ ନଷ୍ଟ କରିବାଯୋଗୁଁ ସ୍ନାୟୁ ଦୁର୍ବଳ ହୁଏ, ସନ୍ତାନମାନେ ରୁଗ୍ଣ, କୁପ୍ରବୃତ୍ତିଗ୍ରସ୍ତ ହୁଅନ୍ତି । ନିଜ କର୍ମର ପ୍ରତିକ୍ରିୟା ରୂପେ ଦ୍ୱନ୍ଦ୍ୱ ସଙ୍ଗେ ସଙ୍ଗେ ସନ୍ତାନମାନଙ୍କର ପ୍ରତିକୂଳ ଆଚରଣ ଜୀବନକୁ ଆହୁରି ଯାତନାମୟ କରିଦିଏ । ଯଦ୍ୟପି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପ୍ରତ୍ୟେକ ବ୍ୟକ୍ତି ସକାଶେ ଆବଶ୍ୟକ, ତଥାପି ଗୃହାସ୍ଥାଶ୍ରମର ବ୍ୟକ୍ତି ପକ୍ଷରେ ସମ୍ଭବ ନୁହେଁ । କିନ୍ତୁ ଗୃହସ୍ଥାଶ୍ରମରେ ମଧ୍ୟ ସଂଯମ ଓ ନିୟମିତ ବ୍ରହ୍ମଚର୍ଯ୍ୟ ନ ରଖିଲେ ଜୀବନ ଅଶାନ୍ତି ଓ ଦୁଃଖମୟ ହୁଏ, ଏଥିରେ କୌଣସି ସନ୍ଦେହ ନାହିଁ ।

୪. ଗାର୍ହସ୍ଥ୍ୟ ଜୀବନରେ ବ୍ରହ୍ମଚର୍ଯ୍ୟ ପାଳନର ବିଧାନ

ପ୍ରତ୍ୟେକ ମନୁଷ୍ୟର ଏକମାତ୍ର ଲକ୍ଷ୍ୟ ପରମାନନ୍ଦସ୍ୱରୂପ ଭଗବାନଙ୍କୁ ପ୍ରାପ୍ତ କରିବା । ମନୁଷ୍ୟ ଯେଉଁ ଅବସ୍ଥାରେ ଥାଏ ସେହି ଅବସ୍ଥାରେ ଲକ୍ଷ୍ୟ ପ୍ରାପ୍ତ କରିବା ବିଧାନର ନାମ 'ଧର୍ମ' ଏହି ବାକ୍ୟ ଶାସ୍ତ୍ର ଘୋଷଣା କରିଅଛି । କିନ୍ତୁ କାଳ ପ୍ରଭାବରେ ଧର୍ମ ଠିକ୍ ଠିକ୍ ପାଳନ କରା ନ ହୋଇ ଧର୍ମ ନାମରେ ବ୍ୟକ୍ତି ସ୍ୱାର୍ଥସିଦ୍ଧି କରୁଥିବାରୁ ଆଧୁନିକ ଲୋକେ ଧର୍ମକୁ ଘୃଣା କରନ୍ତି । କିନ୍ତୁ ଧର୍ମ ଯଥାର୍ଥରେ ମନୁଷ୍ୟକୁ ସତ୍ୟ ମାର୍ଗରେ ଲକ୍ଷ୍ୟ ଆଡ଼କୁ ନେଇଥାଏ ।

ସଂସାରରେ ଯେତେ ଧର୍ମ ଅଛି,ସବୁ ଧର୍ମର ଭିତ୍ତି ହେଉଛି ଗାର୍ହସ୍ଥ୍ୟ ଧର୍ମ । ଯେପର୍ଯ୍ୟନ୍ତ ଗାର୍ହସ୍ଥ୍ୟ ଧର୍ମ ଠିକ୍ ଠିକ୍ ପାଳନ କରା ନ ହୁଏ ସେପର୍ଯ୍ୟନ୍ତ କୌଣସି ଧର୍ମ ସଂସାରରେ ସ୍ଥାୟୀ ସୁଖ ଶାନ୍ତି ସ୍ଥାପନ କରିବାକୁ ସମର୍ଥ ହୁଏ ନାହିଁ । ଏହା ଯୁକ୍ତି ଉପରେ ପ୍ରତିଷ୍ଠିତ ନୁହେଁ, ପ୍ରତ୍ୟକ୍ଷ ଘଟଣାରୂପେ ପ୍ରତ୍ୟେକ ବ୍ୟକ୍ତି ସମ୍ମୁଖରେ ରହିଛି ।

ବର୍ତ୍ତମାନ ସଂସାର ପରିବର୍ତ୍ତନର ସମୟ । ଶ୍ରୀଅରବିନ୍ଦ ଏବଂ ମା' ଏହି ପୃଥିବୀକୁ ଆସି ଯେଉଁ ନୂତନ ଆଦର୍ଶ ଦେଇଛନ୍ତି ତାହା ଆଚରଣ କଲେ ସମଗ୍ର ସଂସାରରେ ସୁଖ ଶାନ୍ତି ପ୍ରତିଷ୍ଠିତ ହେବ । ତାହାର ସମୟ ଆସିଛି । ଏବେ ପ୍ରତ୍ୟେକ ବ୍ୟକ୍ତି ସେହି ଆଦର୍ଶ ଗ୍ରହଣ କରିବା ଉଚିତ । ଏହି ଆଦର୍ଶ କେବଳ ଗୃହତ୍ୟାଗୀ ସନ୍ନ୍ୟାସୀମାନଙ୍କ ସକାଶେ ନୁହେଁ । ସେଥିରେ ସଂସାର ପରିବର୍ତ୍ତିତ ହେବ ନାହିଁ, ହେବ ଗୃହୀମାନେ ଗାର୍ହସ୍ଥ୍ୟ ଧର୍ମ ପାଳନ କରିବାରେ । ଗାର୍ହସ୍ଥ୍ୟ ଧର୍ମ ବିଷୟରେ ପରେ 'ଲୋକ-ସାହିତ୍ୟ'ରେ ଆଲୋଚନା କରାହେବ । ଏଥିରେ କେବଳ ବ୍ରହ୍ମଚର୍ଯ୍ୟ ପାଳନ ସମ୍ବନ୍ଧରେ ଆଲୋଚନା କରିବା । କୌଣସି ଧର୍ମାନୁଷ୍ଠାନ ହେଉ ବା ସାଂସାରିକ କର୍ମ ହେଉ ବ୍ରହ୍ମଚର୍ଯ୍ୟ ସଂଯମ ବ୍ୟତୀତ ତାହା ଯଥାର୍ଥରୂପେ ସମ୍ପାଦିତ ହୁଏ ନାହିଁ । ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତିର ବ୍ରହ୍ମଚର୍ଯ୍ୟ ପାଳନ କରିବା ଅନିବାର୍ଯ୍ୟ ।

ଗୃହତ୍ୟାଗୀ ଅଧ୍ୟାତ୍ମ-ସାଧକକୁ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ରକ୍ଷା କରିବାକୁ ହେବ । ଗୃହସ୍ଥାଶ୍ରମରେ ବ୍ୟକ୍ତି ପାଇଁ ଯଦ୍ୟପି ଏହା ସମ୍ଭବ ନୁହେଁ ତଥାପି ବ୍ରହ୍ମଚର୍ଯ୍ୟ ଅପରିହାର୍ଯ୍ୟ । ପ୍ରତ୍ୟେକ ବାଳକ ପଚିଶ ବର୍ଷ ବୟସ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କରିବା ଉଚିତ । ଶୁକ୍ର ପୁଷ୍ଟ ହେବା ପୂର୍ବରୁ ବ୍ୟକ୍ତି ତାହା ନଷ୍ଟ କଲେ ଶୁକ୍ର ତରଳ ହୁଏ, ବାରଂବାର ସ୍ୱପ୍ନଦୋଷ ହୁଏ; ପ୍ରୌଢ଼ା ବାଳିକା ବା ସ୍ତ୍ରୀମାନଙ୍କ ଉପରେ ଦୃଷ୍ଟି ପଡ଼ିବା ମାତ୍ରେ ଅପବିତ୍ର ଭାବ ମନରେ ଉତ୍ପନ୍ନ ହୁଏ । ମନ ଏକାଗ୍ର ନ ହୋଇ ଚଞ୍ଚଳତା ବୃଦ୍ଧି ହୁଏ । ମନ ଚଞ୍ଚଳ ହେଲେ କୌଣସି କାର୍ଯ୍ୟ ଧୀରସ୍ଥିର ଭାବେ ସମ୍ପାଦନ କରିବାରେ ବାଧା ଆସେ, ସ୍ନାୟୁ ଦୁର୍ବଳ ହୁଏ । ଫଳରେ ଆସେ ନୈରାଶ୍ୟ, ଅଶାନ୍ତି, ନିରୁତ୍ସାହ, ଧୈର୍ଯ୍ୟହୀନତା ଓ ଅସହିଷ୍ଣୁତା; ବ୍ୟକ୍ତି ପ୍ରତି କଥାରେ ରାଗିଯାଏ । କୌଣସି କାର୍ଯ୍ୟ ଯଥାଯଥ ବିଚାର କରିବା ପୂର୍ବରୁ ଆବେଗରେ ହଠାତ୍ କରିପକାଏ, ପରିଣାମରେ ପଶ୍ଚାତ୍ତାପ କରିବାକୁ ପଡ଼େ । ଜୀବନ ହୁଏ ଦୁଃଖ, ଦ୍ୱନ୍ଦ୍ୱମୟ, ନିଜ ଅନ୍ତରରେ ସ୍ଥିତ ସୁପ୍ତ ସଦ୍‌ଗୁଣ ଶାନ୍ତି, ସନ୍ତୋଷ, ସମତା, ଧୈର୍ଯ୍ୟ, ସାହସ, ପ୍ରାଣରେ ଶୁଦ୍ଧ ଓ ସାତ୍ତ୍ୱିକ ଭାବର ବିକାଶ ହୁଏ ନାହିଁ । ଶେଷରେ ମାନସିକ ଅଶାନ୍ତି ଓ ଶାରୀରିକ ବ୍ୟାଧି ଜାତ ହୁଏ । ସନ୍ତାନମାନେ ହୁଅନ୍ତି ଦୁର୍ବଳ, ଅସଂଯମୀ । ବ୍ରହ୍ମଚର୍ଯ୍ୟ ସଂଯମ ଦ୍ୱାରାହିଁ ସଂସାରରେ ବ୍ୟକ୍ତି ଉନ୍ନତ ଜୀବନ ପ୍ରାପ୍ତ କରି ମହତ୍ କାର୍ଯ୍ୟ କରିପାରେ । ଏହି ସକାଶେ ବିବାହ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ ଅବସ୍ଥାକୁ ଶାସ୍ତ୍ର ''ବ୍ରହ୍ମଚର୍ଯ୍ୟାଶ୍ରମ'' ନାମରେ ଅଭିହିତ କରିଅଛି ।

ବ୍ୟକ୍ତି ୨୫ ବର୍ଷ ବୟସ ପରେ ଯଦି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ରଖି ନ ପାରେ ତେବେ ବିବାହ କରିପାରେ । ଗୋଟିଏ କିଂବା ଦୁଇଟି ସନ୍ତାନ ହେବା ପର୍ଯ୍ୟନ୍ତ ମାସରେ ଥରେ ଅଥବା ଦୁଇଥର ପତ୍ନୀର ମାସିକ ଧର୍ମ ହେବାର ଚାରିଦିନ କିଂବା ସାତଦିନ ପରେ ସହବାସ କରିପାରେ । ଏଥିରେ ସ୍ତ୍ରୀ ପୁରୁଷର ଉଭୟଙ୍କର ସ୍ୱାସ୍ଥ୍ୟ ଭଲ ରହେ । ସନ୍ତାନ ମେଧାବୀ, ସ୍ୱାସ୍ଥ୍ୟବାନ୍, ସୁନ୍ଦର, ତେଜସ୍ୱୀ ଓ ସାହସୀ ହୁଅନ୍ତି । ଏହାକୁ ଶାସ୍ତ୍ର ଗାର୍ହସ୍ଥ୍ୟ ଧର୍ମ ବୋଲି କହିଅଛି । ଗୋଟିଏ କିଂବା ଦୁଇଟି ସନ୍ତାନ ଜାତ ହେବା ପରେ ସ୍ତ୍ରୀ ଓ ପୁରୁଷ ଉଭୟ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବା ଉଚିତ । ଏହାକୁ ଶାସ୍ତ୍ର ବାନପ୍ରସ୍ଥ ଧର୍ମ ବୋଲି କହିଅଛି ।

ଗାର୍ହସ୍ଥ୍ୟ ଧର୍ମ ଠିକ୍ ଠିକ୍ ପାଳନ କରାଗଲେ ସଂସାରରେ ସମସ୍ତ ଧର୍ମ, ନୀତି, ନିୟମ ସୁଚାରୁରୂପେ ପାଳିତ ହୁଏ । ଗାର୍ହସ୍ଥ୍ୟ ଧର୍ମର ଭିତ୍ତି ଦୁର୍ବଳ ଥିବାରୁ ଏହା ଉପରେ ପ୍ରତିଷ୍ଠିତ ସମସ୍ତ ଧର୍ମ ସ୍ଥାୟୀ ହୋଇପାରେ ନାହିଁ । ସ୍ତ୍ରୀକୁ ସହଧର୍ମିଣୀ ବା ଧର୍ମପତ୍ନୀ କୁହାହୋଇଛି । ସ୍ତ୍ରୀ ସହିତ ଗାର୍ହସ୍ଥ୍ୟ ଧର୍ମ ପାଳନ ସମ୍ଭବ । ସେହି ସକାଶେ ଗୃହସ୍ଥାଶ୍ରମରେ ସ୍ତ୍ରୀ ବିନା କୌଣସି ଧର୍ମାଚରଣ କରାହୁଏ ନାହିଁ । ଶ୍ରୀରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞ କରିବା ସମୟରେ ମା' ସୀତା ବାଲ୍ମୀକିଙ୍କ ଆଶ୍ରମରେ ଥିଲେ । ସେଥିଯୋଗୁଁ ଶ୍ରୀରାମଚନ୍ଦ୍ରଙ୍କୁ ସୁବର୍ଣ୍ଣରେ ସୀତା'ଙ୍କ ମୂର୍ତ୍ତି ପ୍ରସ୍ତୁତ କରି ଯଜ୍ଞାନୁଷ୍ଠାନ କରିବାକୁ ହୋଇଥିଲା । ସ୍ତ୍ରୀ ଯଥାର୍ଥରେ ଧର୍ମର ସାଥି, ଗୃହର ଲକ୍ଷ୍ମୀ, ଯଥାର୍ଥ ଧର୍ମ ପାଳନ ହୁଏ ଗୃହରେ ଧର୍ମପତ୍ନୀ ଦ୍ୱାରା । ସ୍ତ୍ରୀ ଯଦି ଗୃହଲକ୍ଷ୍ମୀ, ଦେବୀ ହୁଏ, ତେବେ ଗୃହ ସ୍ୱର୍ଗରେ ପରିଣତ ହୁଏ । କିନ୍ତୁ ଗୃହଲକ୍ଷ୍ମୀ ଧର୍ମପତ୍ନୀକୁ ଆଜିକାଲି ଭୋଗ

ବାସନା ତୃପ୍ତି କରିବାର ଗୋଟିଏ ଯନ୍ତ୍ର କରା ହୋଇଛି । ଏହି କାରଣରୁ ଜୀବନରେ ଏବଂ ସଂସାରରେ ଅବନତି ଘଟୁଛି; ଲୋକସଂଖ୍ୟା ପଶୁଠାରୁ ଅଧିକ ବୃଦ୍ଧି ହେଉଛି । ମନୁଷ୍ୟ ନିଜ ଆତ୍ମା ଏବଂ ଜୀବନର ଲକ୍ଷ୍ୟ ସମ୍ବନ୍ଧରେ ସଚେତନ ନ ହେଉଥିବାରୁ ସେ ନିଜର ତଥା ସଂସାରର ଉନ୍ନତି ମାର୍ଗରୁ ଦୂରକୁ ଚାଲିଯାଉଛି । ଯେଉଁମାନେ ତଥାକଥିତ ଧାର୍ମିକ ପ୍ରକୃତିର ଲୋକ ସେମାନେ ମନେ କରନ୍ତି, ''ପର ସ୍ତ୍ରୀ ପ୍ରତି କୁଦୃଷ୍ଟି ଦେବା ଖରାପ କିନ୍ତୁ ନିଜ ସ୍ତ୍ରୀରେ କୌଣସି ଦୋଷ ନାହିଁ ।'' ଏଥିରେ କୌଣସି ସନ୍ଦେହ ନାହିଁ ଯେ ପର ସ୍ତ୍ରୀ ପ୍ରତି କୁଦୃଷ୍ଟି ଦେବା ମହାନ୍ ପାପ । କିନ୍ତୁ ନିଜେ ଆଉ ନିଜ ସ୍ତ୍ରୀ ତ' ମେସିନ୍ ନୁହେଁ ଯେ ଶରୀରର ସାରାତିସାର ବ୍ରହ୍ମଚର୍ଯ୍ୟକୁ ନଷ୍ଟ କରି ଧର୍ମାଚରଣ କରିବାରେ କୌଣସି କ୍ଷତି ହୁଏ ନାହିଁ ! ଯଦି ଏପରି ହୁଅନ୍ତା ତେବେ ସାଧୁ ମହାତ୍ମା ମୁନି ଋଷିମାନେ କଠୋର ନିୟମରେ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତେ କାହିଁକି ? କଠୋର ତପସ୍ୱୀ ବ୍ୟକ୍ତିର ଥରେ ପତନ ହେଲେ ତାକୁ ସମାଜ କାହିଁକି ଘୃଣା କରନ୍ତା ? ବ୍ରହ୍ମଚର୍ଯ୍ୟହିଁ ମନୁଷ୍ୟର ଯଥାର୍ଥ ଜୀବନ, ବ୍ରହ୍ମଚର୍ଯ୍ୟ ଧାରଣ କରିବା ବ୍ୟକ୍ତି ସାଂସାରିକ ଓ ଆଧ୍ୟାତ୍ମିକ ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିପାରେ । ବ୍ୟକ୍ତିର ବ୍ରହ୍ମଚର୍ଯ୍ୟ ଯେତେ ଅଧିକ ନଷ୍ଟ ହୁଏ ତା'ର ଜୀବନ ସେତେ ଅଧିକ ଅପୂର୍ଣ୍ଣ ଅସମଞ୍ଜସ, ଦୁଃଖ, ଦ୍ୱନ୍ଦ୍ୱମୟ ହୁଏ; ଶାରୀରିକ ବ୍ୟାଧି ଓ ମାନସିକ ଅଶାନ୍ତି ବୃଦ୍ଧି ହୁଏ ।

''ଯେଉଁ ବ୍ୟକ୍ତି ବ୍ରହ୍ମଚର୍ଯ୍ୟ ରଖିବାରେ ଅସମର୍ଥ ତାହାର ଧର୍ମାଚରଣ ବା ଅଧ୍ୟାତ୍ମ-ସାଧନା କରିବାର ଅଧିକାର ନାହିଁ; ଅଥବା ଏପରି ଅବସ୍ଥାରେ ଅଧ୍ୟାତ୍ମସାଧନା କୌଣସି ଫଳ ହୁଏ ନାହିଁ''— ଏହି ଧାରଣା ସଂପୂର୍ଣ୍ଣ ରୂପେ ଭ୍ରମଯୁକ୍ତ । ନିର୍ବିବାଦ ରୂପେ ପ୍ରତ୍ୟେକ ବ୍ୟକ୍ତିର ଜୀବନର ଲକ୍ଷ୍ୟ ଦୁଃଖଦ୍ୱନ୍ଦ୍ୱ ରହିତ ପରମ ସୁଖ ପରମାନନ୍ଦ ପ୍ରାପ୍ତି । ଏହା ପ୍ରାପ୍ତ ହୁଏ ଅଧ୍ୟାତ୍ମ ସାଧନାରେ । ଏଣୁ ପ୍ରତ୍ୟେକ ବ୍ୟକ୍ତିର ଅନିବାର୍ଯ୍ୟ କର୍ତ୍ତବ୍ୟ ହେଲା ଅଧ୍ୟାତ୍ମ-ସାଧନା କରିବା । ଅଧ୍ୟାତ୍ମସାଧନ ଦ୍ୱାରା ବ୍ୟକ୍ତିର ମନ ସଂଯତ ଓ ଏକାଗ୍ର ହୁଏ; ଭଗବାନଙ୍କୁ ସେ ସ୍ମରଣ କରେ । ମନୁଷ୍ୟର ବୃତ୍ତି ଯେତେ ଭଗବତ୍ ଅଭିମୁଖୀ ହୁଏ ତେତେ ଅଧିକ ବାହ୍ୟ ପ୍ରବୃତ୍ତିରୁ ନିବୃତ୍ତ ହୁଏ ଏବଂ ସେ ବ୍ରହ୍ମଚର୍ଯ୍ୟ ଧାରଣ କରିବାରେ ସମର୍ଥ ହୁଏ । ଅଧ୍ୟାତ୍ମସାଧନା ଦ୍ୱାରାହିଁ ଦୁର୍ଗୁଣ ଦୂର ହୋଇ ସଦ୍‌ଗୁଣ ବୃଦ୍ଧି ହୁଏ ।

ଅଖଣ୍ଡ ବ୍ରହ୍ମଚର୍ଯ୍ୟ ଧାରଣ କରିବା ସକାଶେ ଯୌଗିକ ସାଧନାରେ ଯେଉଁସବୁ ସ୍ଥୂଳକ୍ରିୟା ଅଭ୍ୟାସ କରାହୁଏ ତାହା ପୂର୍ଣ୍ଣତଃ ନିର୍ଭର କରେ ମନୁଷ୍ୟର ମନୋବୃତ୍ତି ଏବଂ ପାରିପାର୍ଶ୍ୱିକ ଅନୁକୂଳ ଅବସ୍ଥା, ଅନୁକୂଳ ଭୋଜନ, ପୁଷ୍ଟଶରୀର, କଠୋର ଓ ଦୃଢ଼ ନିୟମ ପାଳନ ଉପରେ । ଏହିସବୁ ପରିସ୍ଥିତି ଓ ନିୟମର ପ୍ରତିକୂଳ ହେଲେ ପରିଣାମ ଭୟଙ୍କର ହୁଏ । ଏହି ସ୍ଥୂଳକ୍ରିୟା କରିବା ବ୍ୟକ୍ତି ଶତକଡ଼ା ୯୯ଜଣ ନାନା ପ୍ରକାର ରୋଗର କବଳରେ ପଡ଼ି ଜୀବନ ହରାନ୍ତି । ବର୍ତ୍ତମାନ ସମୟରେ ଯୌଗିକ କଠୋର ନିୟମ ପାଳନ ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ସମ୍ଭବ ନୁହେଁ । ଅଖଣ୍ଡ ବ୍ରହ୍ମଚର୍ଯ୍ୟ ଧାରଣର ସରଳ ବିପଦଶୂନ୍ୟ ଓ ସ୍ତ୍ରୀ ପୁରୁଷ ଉଭୟଙ୍କ ସକାଶେ ସହଜ ଉପାୟ ହେଲା ଅଧ୍ୟାତ୍ମ-ସାଧନା । ଅଧ୍ୟାତ୍ମସାଧନା ଦ୍ୱାରା ଭଗବତ୍ ଆନନ୍ଦ ପ୍ରାପ୍ତ ହେଲେ ମନୁଷ୍ୟର ବୃତ୍ତି ଯେତେ ଅଧିକ ଅନ୍ତର୍ମୁଖୀ ହୁଏ ତେତେ ଅଧିକ କାମପ୍ରବୃତ୍ତି ଦୂର ହୁଏ ।

ପ୍ରଶ୍ନ : ଗୃହସ୍ଥମାନଙ୍କ ସକାଶେ ବ୍ରହ୍ମଚର୍ଯ୍ୟ ପାଳନର ଯେଉଁ ବିଧାନ କୁହାଗଲା, ଏହା କ'ଣ ପ୍ରତ୍ୟେକ ବ୍ୟକ୍ତି ପାଳନ କରି ପାରିବେ ?

ଉତ୍ତର : ଯେଉଁମାନେ ଉନ୍ନତ ଜୀବନ ଓ ସୁଖଶାନ୍ତି ଚାହାନ୍ତି ସେମାନେ ଚେଷ୍ଟାକଲେ ଏହି ବ୍ରହ୍ମଚର୍ଯ୍ୟ ନିୟମ ପାଳନ କରି ପାରିବେ ।

ପ୍ରଶ୍ନ : ବର୍ତ୍ତମାନ ଦୂଷିତ ସମାଜର ପ୍ରଭାବ ଶିଶୁ ଉପରେ ମାତା ଗର୍ଭରୁ ପଡ଼ି ଆସୁଅଛି । କ୍ରମଶଃ ତାହା ସଂସ୍କାରରେ ପରିଣତ ହୋଇ କୁସଙ୍ଗ ଦ୍ୱାରା ବିକଶିତ ହେଉଛି । ତା'ଛଡ଼ା ବାଳକ-ବାଳିକାମାନେ ସ୍କୁଲ ଏବଂ କଲେଜରେ ଏକସଙ୍ଗେ ପଢୁଛନ୍ତି । ଆଧୁନିକ ସଭ୍ୟତା ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ସ୍ୱତନ୍ତ୍ର । ଏପରି ବିପରୀତ ବାତାବରଣ ମଧ୍ୟରେ ରହି ବାଳକ-ବାଳିକାମାନଙ୍କ ପକ୍ଷରେ ବ୍ରହ୍ମଚର୍ଯ୍ୟ ପାଳନ କରିବା କ'ଣ ସମ୍ଭବ ?

ଉତ୍ତର : ଅନିବାର୍ଯ୍ୟରୂପେ ସମ୍ଭବ ହୁଏ ଜୀବନର ଯଥାର୍ଥ ଲକ୍ଷ୍ୟ ଗ୍ରହଣ କଲେ । ଅସମ୍ଭବ ହୋଇଥିଲେ ଦୃଢ଼ ଆଶା କରାଯାଇ ନ ଥାଆନ୍ତା । ଅସମ୍ଭବ ବସ୍ତୁକୁ ପ୍ରାପ୍ତ କରିବାକୁ କେହି ଦୃଢ଼ ଆଶା ବା ପ୍ରଯତ୍ନ କରେ ନାହିଁ । କାର୍ଯ୍ୟ

ସିଦ୍ଧି ହେବା ପୂର୍ବରୁ ମନୁଷ୍ୟର ମନରେ ବସ୍ତୁ ଆଶାରୂପେ ପ୍ରକାଶିତ ହୁଏ । ବ୍ୟକ୍ତି ଯଥାର୍ଥ ମାର୍ଗରେ ପ୍ରଯତ୍ନ କଲେ ତାହା ସିଦ୍ଧ ହୁଏ । ଆଶା ଉତ୍ପନ୍ନ ହେବାର ସୂଚନାହିଁ କାର୍ଯ୍ୟରେ ସିଦ୍ଧିଲାଭ । କ'ଣ କେହି ବ୍ୟକ୍ତି ଆଜି ଶୂନ୍ୟରେ ଅଟ୍ଟାଳିକା ବା ବାଗବଗିଚା ନିର୍ମାଣ କରିବାକୁ ଆଶାକରେ ?

ବାଳକ-ବାଳିକାମାନେ ସ୍ୱତନ୍ତ୍ରତା ସହିତ ଏକସଙ୍ଗେ ପଢ଼ିବା ସତ୍ତ୍ୱେ ବ୍ରହ୍ମଚର୍ଯ୍ୟ ଅବଶ୍ୟ ରଖିପାରିବେ, ଯଦି ସେମାନେ ନିଜ ଜୀବନର ଲକ୍ଷ୍ୟ, ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ ଓ ଉପଯୋଗିତା ଜାଣି ଲକ୍ଷ୍ୟ ପ୍ରାପ୍ତି ପାଇଁ ପ୍ରଯତ୍ନ କରିବାକୁ ଦୃଢ଼ ସଂକଳ୍ପ କରିବେ । ମନୁଷ୍ୟ ସକାଶେ ଅସମ୍ଭବ ବୋଲି କିଛି ନାହିଁ । ଯେଉଁମାନେ କାମନା ବାସନାର ଯନ୍ତ୍ର, ପଶୁଭାବାପନ୍ନ, ଯେଉଁମାନଙ୍କର ଉଚ୍ଚ ଆଦର୍ଶ ପ୍ରତି ଶ୍ରଦ୍ଧା ବା ଆଗ୍ରହ ନାହିଁ ସେମାନେ ଦୃଢ଼ତା ସହିତ ପ୍ରଯତ୍ନ କରିବେ ନାହିଁ କିଂବା ବ୍ରହ୍ମଚର୍ଯ୍ୟ ପାଳନ କରି ପାରିବେ ନାହିଁ । ସଂସାରରେ ସମସ୍ତ ବ୍ୟକ୍ତି ହଠାତ୍ କୌଣସି ଉଚ୍ଚ ଆଦର୍ଶ ଗ୍ରହଣ କରନ୍ତି ନାହିଁ । ପ୍ରଥମରେ ଅଳ୍ପ ସଂଖ୍ୟକ ବ୍ୟକ୍ତି ଗ୍ରହଣ କରନ୍ତି, ପରେ ସେମାନଙ୍କ ପ୍ରଭାବ ସମାଜ ଉପରେ ପଡ଼େ ।

ପ୍ରଶ୍ନ : ଆମ୍ଭେମାନେ ଆଜି ପର୍ଯ୍ୟନ୍ତ ଏହାହିଁ ବୁଝିଥିଲୁ— ସଦାଚାରୀ ଗୃହସ୍ଥଙ୍କୁ ଧର୍ମ ନ୍ୟାୟ ଆଚରଣ ପୂର୍ବକ ଭଗବତ୍ ସ୍ମରଣ କରିବାକୁ ହେବ । କଠୋର ବ୍ରହ୍ମଚର୍ଯ୍ୟ ପାଳନ ଗୃହତ୍ୟାଗୀ ସନ୍ନାସୀମାନଙ୍କର କାମ । ଗୃହରେ ସ୍ତ୍ରୀ ସହିତ ରହି ନିୟମିତ ବ୍ରହ୍ମଚର୍ଯ୍ୟ ପାଳନ ଉପରେ ଏତେ ଅଧିକ ଜୋର ଦିଆଯାଉଛି କାହିଁକି ?

ଉତ୍ତର : ନୂତନ ଅତିମାନବ ସମାଜ ପୃଥିବୀରେ ପ୍ରତିଷ୍ଠା ହେବାର ସମୟ ଆସିଛି ବୋଲି । ବର୍ତ୍ତମାନ ନୂତନ ସମାଜର ସୃଷ୍ଟି ସକାଶେ ଗୃହସ୍ଥାଶ୍ରମରେ ସ୍ତ୍ରୀ ପୁରୁଷ ଉଭୟଙ୍କର ବ୍ରହ୍ମଚର୍ଯ୍ୟ ପାଳନ କରିବା ଆବଶ୍ୟକ । ଗୃହସ୍ଥ ଏବଂ ଗୃହତ୍ୟାଗୀ ସନ୍ନ୍ୟାସୀ, ଉଭୟ ଚାହାନ୍ତି ଦୁଃଖ-ଅମିଶ୍ର ପରମାନନ୍ଦ । ପରିସ୍ଥିତି ଭିନ୍ନ ଭିନ୍ନ ହେବା ସତ୍ତ୍ୱେ ଉଭୟଙ୍କର ଲକ୍ଷ୍ୟ ଏକ । ଏହି ଲକ୍ଷ୍ୟ ପ୍ରତ୍ୟେକ ମନୁଷ୍ୟର । ଏହି ଲକ୍ଷ୍ୟ ସିଦ୍ଧି ସକାଶେ ବ୍ରହ୍ମଚର୍ଯ୍ୟ ପାଳନ ଅନିବାର୍ଯ୍ୟ ।

ପୂର୍ବେ ଆଲୋଚିତ ହୋଇଛି ଯେ ଗାର୍ହସ୍ଥ୍ୟ ଧର୍ମରେ ବ୍ରହ୍ମଚର୍ଯ୍ୟ ପାଳନର ବିଧାନ ଶାସ୍ତ୍ରରେ ଅଛି କିନ୍ତୁ ଏପର୍ଯ୍ୟନ୍ତ ତାହା ସାମୂହିକରୂପେ ପାଳନ କରିବା ସମ୍ଭବ ହୋଇ ନାହିଁ । ସ୍ତ୍ରୀ ସହିତ ଏକ ସଙ୍ଗେ ରହି ବ୍ରହ୍ମଚର୍ଯ୍ୟ ପାଳନ କରିବା ସମ୍ଭବ ନ ହେବାରୁ କେତେକ ବ୍ୟକ୍ତି ସଂସାର ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କଲେ କିନ୍ତୁ ତଦ୍ଦ୍ୱାରା ସଂସାରର ଯଥାର୍ଥ ଉନ୍ନତି ହେଲା ନାହିଁ । ସେସମୟ ସକାଶେ ସେହି ବିଧାନର ଆବଶ୍ୟକତା ଥିଲା । ବର୍ତ୍ତମାନ ସମୟ ଆସିଛି । ଶ୍ରୀମା ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣିଛନ୍ତି । ସେହି ଅତିମାନସ ଶକ୍ତି ପାଖରେ ବ୍ୟକ୍ତି ନିଜକୁ ସମର୍ପଣ କଲେ ସେ ବ୍ୟକ୍ତିର ମନ, ପ୍ରାଣ, ଶରୀର ସେମାନଙ୍କର ମୂଳତତ୍ତ୍ୱରେ ରୂପାନ୍ତରିତ ହେବ । ରୂପାନ୍ତରିତ ବ୍ୟକ୍ତି ରୋଗ, ଜରା, ମୃତ୍ୟୁ କବଳରୁ ମୁକ୍ତ ହେବ । ସଂସାରରୁ ହିଂସା, ଦ୍ୱେଷ, ଯୁଦ୍ଧ ଦୂର ହେବ । ଏହି ସଂସାର ସ୍ୱର୍ଗରେ ପରିଣତ ହେବ ।

ପୂର୍ବେ ଅତିମାନସ ଶକ୍ତି ଏହି ସଂସାରରେ କ୍ରିୟା କରୁ ନ ଥିଲା । ଯେଥିଯୋଗୁଁ ସ୍ତ୍ରୀ ସଙ୍ଗେ ରହି ବ୍ୟକ୍ତି ପକ୍ଷେ ବ୍ରହ୍ମଚର୍ଯ୍ୟ ପାଳନ କରିବା ଅସମ୍ଭବ ଥିଲା । ବର୍ତ୍ତମାନ ସେହି ଅସମ୍ଭବ ସମ୍ଭବରେ ପରିଣତ ହେବାର ସମୟ ଆସିଛି । କେବଳ ମା'ଙ୍କ ଉପରେ ବ୍ୟକ୍ତି ବିଶ୍ୱାସ ଏବଂ ଭରସା ରଖି ସମର୍ପଣ କଲେ ସହଜରେ ବ୍ରହ୍ମଚର୍ଯ୍ୟ ରକ୍ଷା କରିପାରିବ ।

ପ୍ରଶ୍ନ : ମା'ଙ୍କ ଉପରେ ନିର୍ଭର ଭରସା, ଶ୍ରଦ୍ଧା, ବିଶ୍ୱାସ ରଖିଲେ ଲକ୍ଷ୍ୟ ସିଦ୍ଧି କିପରି ହେବ ? ସ୍ପଷ୍ଟ ଭାବେ ଏହା ଆଲୋଚିତ ହେଉ ।

ଉତ୍ତର : ମା' ଅତିମାନସ ଶକ୍ତିକୁ ଧାରଣ କରିଅଛନ୍ତି । ମା'ଙ୍କ ପ୍ରତି ଶ୍ରଦ୍ଧା ବିଶ୍ୱାସ ରଖିଲେ ଅତିମାନସ ଶକ୍ତି ବ୍ୟକ୍ତି ମଧ୍ୟରେ ମନ-ପ୍ରାଣ-ଶରୀରର ରୂପାନ୍ତର କରିପାରେ । ଏହି ରୂପାନ୍ତର ପୂର୍ବରୁ ବ୍ୟକ୍ତି ମଧ୍ୟସ୍ଥ ପ୍ରକୃତି ଇନ୍ଦ୍ରିୟମାନଙ୍କ ବୃତ୍ତି ଏବଂ ପ୍ରେରଣା— କାମ, କ୍ରୋଧ, ଲୋଭ, ମୋହ, ହିଂସା, ଦ୍ୱେଷର ପ୍ରେରଣା, ଆବେଗ ଓ ବିଚାର ରୂପାନ୍ତରିତ ହୁଏ । ଏସବୁ ରୂପାନ୍ତର ହେଲେ ବ୍ରହ୍ମଚର୍ଯ୍ୟ ଧାରଣ କରିବାରେ କୌଣସି ବାଧା ଆସେ ନାହିଁ । ପରିଶେଷରେ ଏହିସବୁ ପ୍ରତିକୂଳ ପ୍ରେରଣାର ମୂଳସ୍ରୋତ, ମୂଳତତ୍ତ୍ୱ ରୂପାନ୍ତରିତ ହୁଏ ।

ପ୍ରଶ୍ନ : ଅତିମାନସ ଶକ୍ତିର ସ୍ୱରୂପ କ'ଣ ?

ଉତ୍ତର : ଭଗବାନଙ୍କ ଆଦ୍ୟାଶକ୍ତିଙ୍କର ଗୋଟିଏ ରୂପ ଅତିମାନସ ଶକ୍ତି । ମା' ଶ୍ରୀଅରବିନ୍ଦ ନିଜ ତପସ୍ୟାରେ ସେହି ରୂପାନ୍ତରକାରିଣୀ ଶକ୍ତିକୁ ପୃଥିବୀରେ ପ୍ରକାଶ କରିଅଛନ୍ତି । ଏହାର ଆଲୋଚନା ଲୋକସାହିତ୍ୟ ''ଅତିମାନସର ଅବତରଣ ଓ କ୍ରିୟା''ପୁସ୍ତକରେ କରାହୋଇଛି ।

ପ୍ରଶ୍ନ : ଅତିମାନସ ଶକ୍ତି ଭଗବାନଙ୍କ ଆଦ୍ୟାଶକ୍ତି । ଭଗବାନ ଏବଂ ତାଙ୍କ ଆଦ୍ୟାଶକ୍ତି ଏକ, ଭଗବାନଙ୍କ ଉପରେ ବିଶ୍ୱାସ ଭରସା ରଖିଲେ ତାଙ୍କ ଶକ୍ତି ବ୍ୟକ୍ତି ମଧ୍ୟରେ କ୍ରିୟା କରିପାରେ । ସୁତରାଂ ମା'ଙ୍କ ଉପରେ ବିଶ୍ୱାସ, ଭରସା ରଖିବାର ଆବଶ୍ୟକତା କ'ଣ ?

ଉତ୍ତର : ଭଗବାନ ମା'ଙ୍କ ରୂପରେ ଏହି କାର୍ଯ୍ୟ କରିବା ସକାଶେ ଆମ୍ଭମାନଙ୍କ ମଧ୍ୟରେ ଉପସ୍ଥିତ ଅଛନ୍ତି । ଆମ୍ଭେମାନେ ମା'ଙ୍କ ସହିତ ସହଜରେ ସମ୍ବନ୍ଧ ସ୍ଥାପନ କରି ପାରିବା ଏବଂ ବିଶ୍ୱାସ ରଖି ସମର୍ପଣ କରି ପାରିବା । ଭଗବାନ ସବୁ ସମୟରେ ବ୍ୟାପକରୂପେ ଥିବା ସତ୍ତ୍ୱେ କଠିନ କାର୍ଯ୍ୟ ସହଜ କରିବା ସକାଶେ ସେ ମନୁଷ୍ୟ ଶରୀରରେ ଅବତାର ନିଅନ୍ତି ।

ତୁମେ ଯଦି ମା'ଙ୍କୁ ଆଦ୍ୟାଶକ୍ତି ଅବତାର ବୋଲି ବିଶ୍ୱାସ କରିବାରେ ଅସମର୍ଥ ହୁଅ, ତେବେ ତାଙ୍କ ମଧ୍ୟରେ ଆଦ୍ୟାଶକ୍ତିଙ୍କ ଧାରଣା କରିପାର । ଯଦି ପଥରମୂର୍ତ୍ତି, କାଗଜ ଫଟୋରେ ଭଗବାନଙ୍କ ଧାରଣା କରି ପୂଜାକଲେ ଅଭୀଷ୍ଟ ଫଳମିଳେ, ତେବେ ମା'ଙ୍କ ମଧ୍ୟରେ ଭାଗବତ ଧାରଣା କଲେ କ୍ଷତି କ'ଣ ? କାଠରେ ଅଗ୍ନି ଅବ୍ୟକ୍ତ ଥାଏ, କିନ୍ତୁ ସେଥିରୁ ଅଗ୍ନିକୁ ସୁଲଭରେ ପ୍ରାପ୍ତ କରାଯାଏ ନାହିଁ । କାଠର ବ୍ୟକ୍ତ ଅଗ୍ନିକୁ ଅର୍ଥାତ୍ ଜଳୁଥିବା କାଠରୁ ସହଜରେ ଅଗ୍ନି ପ୍ରାପ୍ତ କରାଯାଏ । ସେହିପରି ଭଗବାନ, ସେ ସବୁ ସ୍ଥାନରେ ସବୁ ସମୟରେ ବିଦ୍ୟମାନ ଥିବା ସତ୍ତ୍ୱେ ସାଧାରଣ ବ୍ୟକ୍ତି ପ୍ରାପ୍ତ କରି ପାରେ ନାହିଁ । ସେମାନଙ୍କୁ ସୁଲଭରେ ପ୍ରାପ୍ତ ହେବା ସକାଶେ ଭଗବାନ ସ୍ୱୟଂ ଅଥବା ତାଙ୍କର ବିଭୂତି ଅବତାର ନିଅନ୍ତି । ଅତଏବ ପୃଥିବୀରେ ଏହି କାର୍ଯ୍ୟ କରିବା ସକାଶେ ମା'ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ନିଜ ତପସ୍ୟାରେ ଭଗବାନଙ୍କୁ ନିଜ ମଧ୍ୟରେ ପ୍ରକାଶ କରିଅଛନ୍ତି ଏବଂ ଭଗବତ୍ ଅତିମାନସ ଶକ୍ତିକୁ ଧାରଣ କରି ରୂପାନ୍ତର କ୍ରିୟା କରୁଅଛନ୍ତି । ଏଣୁ ମା'ଙ୍କ ରୂପରେ ଭଗବାନଙ୍କୁ ପୂଜାକଲେ ଭଗବତ୍ ଅତିମାନସ ଶକ୍ତି ସହଜରେ ବ୍ୟକ୍ତି ମଧ୍ୟରେ ରୂପାନ୍ତର କ୍ରିୟା କରିପାରେ । ସେହି ସକାଶେ ସାଧକମାନେ ମା'ଙ୍କୁ ପୂଜା କରନ୍ତି ନିଜର ସୁବିଧା ସକାଶେ ।

ପ୍ରଶ୍ନ : ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ ଯଥେଷ୍ଟ, ଏଥିରେ କୌଣସି ସନ୍ଦେହ ନାହିଁ । ଏହାର ଏତେ ମହତ୍ତ୍ୱ ନ ଥିଲେ ବୁଦ୍ଧଦେବ ରାଜ୍ୟ, ଭୋଗବିଳାସ ତ୍ୟାଗ କରି ଭିକ୍ଷାନ୍ନରେ ଜୀବନଯାପନ କରି ନ ଥା'ନ୍ତେ । ଶ୍ରୀଚୈତନ୍ୟ ମହାପ୍ରଭୁ ନବ ବିବାହିତା ସ୍ତ୍ରୀ ବିଷ୍ଣୁପ୍ରିୟା ଓ ବୃଦ୍ଧାମାତା ସଚୀଦେବୀଙ୍କୁ ତ୍ୟାଗ କରି ନ ଥା'ନ୍ତେ । ଏହିପରି ସଂସାରରେ ବ୍ୟକ୍ତି, ଯେଉଁମାନେ ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ ଜାଣିଥିଲେ, ତାହା ପାଳନ କରିବା ସକାଶେ ସମାଜ, ଘର, ସ୍ତ୍ରୀର ସମ୍ପର୍କ ତ୍ୟାଗ କରିଥିଲେ । ଏହା ସତ୍ତ୍ୱେ ସେମାନଙ୍କୁ ନିୟମିତ କଠୋର ଯୌଗିକ କ୍ରିୟା ଓ ସଂଯତ ଆହାର କରିବାକୁ ହୋଇ ଥିଲା । ଗୃହରେ ସ୍ତ୍ରୀ ସହିତ ସାଂସାରିକ ଦୂଷିତ ବାତାବରଣରେ ରହି ଯୌଗିକ କ୍ରିୟା ବ୍ୟତୀତ କେବଳ ମା'ଙ୍କ ଉପରେ ନିର୍ଭର ଭରସା ଓ ବିଶ୍ୱାସ ରଖିଲେ ବ୍ରହ୍ମଚର୍ଯ୍ୟ ପାଳନ ସମ୍ଭବ ହେବ କିପରି ?

ଉତ୍ତର : ବ୍ୟକ୍ତି ସ୍ତ୍ରୀ, ପରିବାର ଓ ସାଂସାରିକ ବାତାବରଣରେ ରହି ବ୍ରହ୍ମଚର୍ଯ୍ୟ ପାଳନ କରିବ ଅତିମାନସ ଶକ୍ତି ଦ୍ୱାରା । କାରଣ ଅତିମାନସର ଶକ୍ତି ଅସୀମ । ସେ ତତ୍ତ୍ୱର ଗୁଣ ଧର୍ମ ରୂପାନ୍ତର କରିପାରେ । ପୂର୍ବେ ବ୍ରହ୍ମଚର୍ଯ୍ୟ ପାଳନ କରିବା ସକାଶେ ଅଳ୍ପ ସଂଖ୍ୟକ ବ୍ୟକ୍ତି ସନ୍ନ୍ୟାସ ଗ୍ରହଣ କରି ଯେଉଁ ଯୌଗିକ କ୍ରିୟା ଦ୍ୱାରା ବ୍ରହ୍ମଚର୍ଯ୍ୟ ପାଳନ କରୁଥିଲେ, ତାହା ପ୍ରତ୍ୟେକ ବ୍ୟକ୍ତିଙ୍କ ଦ୍ୱାରା ସିଦ୍ଧ ହେଉ ନ ଥିଲା । ପ୍ରାୟ ଅଧିକାଂଶ ସାଧକ ସେହି କ୍ରିୟାର ବ୍ୟତିକ୍ରମରେ ବେମାର ହୋଇ ଜୀବନ ନଷ୍ଟ କରୁଥିଲେ । ତାହାର ପ୍ରଧାନ କାରଣ ହେଲା, ଅଶୁଦ୍ଧ ଓ ଅସଂଯତ ମନର ବିଷୟଚିନ୍ତା । ପ୍ରଧାନ ବସ୍ତୁ ହେଲା, ମନରେ ବିଷୟ ଭାବନା ନ ଆସିବା । ଏହା ହୁଏ ଭଗବତ୍ ସ୍ମରଣରେ । ଯେତେ ଅଧିକ ଭଗବତ୍ ସ୍ମରଣ ହୁଏ ସେତେ ଅଧିକ ମନ ବିଷୟରୁ ମୁକ୍ତ ହୋଇ ଭଗବଦଭିମୁଖୀ ହୁଏ । ଭକ୍ତମାନେ ଯୌଗିକ କ୍ରିୟା କରନ୍ତି ନାହିଁ । ସେମାନଙ୍କର ଭଗବତ୍ ସ୍ମରଣ ଦ୍ୱାରା ମନ ଶୁଦ୍ଧ ଓ ସଂଯତ ହୁଏ ।

କିନ୍ତୁ ଅତିମାନସ ଶକ୍ତି ସାଧକ ମଧ୍ୟରେ କ୍ରିୟା କଲେ ଭଗବତ୍ ସ୍ମରଣ ସମର୍ପଣ, ଅଭୀପ୍ସା ଦ୍ୱାରା ମନ ବିଷୟରୁ ମୁକ୍ତ ହୋଇ ଭଗବଦଭିମୁଖୀ ହୁଏ । ଉପରନ୍ତୁ ଅତିମାନସ ଶକ୍ତି ଦ୍ୱାରା ଶୁକ୍ର ରୂପାନ୍ତରିତ ହୋଇ ଓଜଃ(ଶକ୍ତି)ରେ ପରିଣତ ହୁଏ । ଦୁଧ, ଘିଅରେ ପରିଣତ ହେଲେ ଯେପରି ନଷ୍ଟ ହେବାର ସମ୍ଭାବନା ନ ଥାଏ, ସେହିପରି ଶୁକ୍ର ଓଜଃରେ ପରିଣତ ହେଲେ ସେଥିରେ କାମ ବିକାର ଏକେବାରେ ରହେ ନାହିଁ । କିନ୍ତୁ ଏହି ରୂପାନ୍ତର ହେବା ପୂର୍ବରୁ ସାଧକ ସଂଯମରେ ରହିବା ଉଚିତ । ଯୌଗିକ ପ୍ରକ୍ରିୟା ଦ୍ୱାରା ଶୁକ୍ର ଊର୍ଦ୍ଧ୍ୱଗାମୀ ହୁଏ; ଶାସ୍ତ୍ର ଏହାକୁ ଊର୍ଦ୍ଧ୍ୱରେତା କହନ୍ତି । ଏଥିରେ ଶୁକ୍ର ସ୍ୱୟଂ ରୂପାନ୍ତରିତ ହୁଏ ନାହିଁ । ରୂପାନ୍ତରିତ ହୁଏ କେବଳ ଅତିମାନସ ଶକ୍ତି ଦ୍ୱାରା ।

ପ୍ରଶ୍ନ : ଯେଉଁମାନଙ୍କ କାମାବେଗ ପ୍ରବଳ, ବ୍ରହ୍ମଚର୍ଯ୍ୟ ରକ୍ଷା କରିବାରେ ଅସମର୍ଥ, ସେମାନେ ଯଦି ଭଗବତ୍ ପ୍ରାପ୍ତି କରିବା ଉଦ୍ଦେଶ୍ୟରେ ଅଧ୍ୟାତ୍ମସାଧନା କରିବାକୁ ଚାହାନ୍ତି, ତେବେ ତାହା ସିଦ୍ଧ ହୋଇ ପାରିବ କି ?

ଉତ୍ତର : ଅବଶ୍ୟ ସିଦ୍ଧ ହେବ । ଅଧ୍ୟାତ୍ମ-ସାଧନା ଦ୍ୱାରା କ୍ରମଶଃ କାମାବେଗ କମ୍ ହେବାକୁ ଲାଗିବ । ବ୍ୟକ୍ତି ବ୍ରହ୍ମଚର୍ଯ୍ୟ ରକ୍ଷା କରିବାରେ ସମର୍ଥ ହେବ । ପରିଶେଷରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ଧାରଣ କରି ଭଗବତ୍ ପ୍ରାପ୍ତି କରିପାରିବ । କ'ଣ ଶୁଣି ନାହାନ୍ତି ଘୋର ପାପାତ୍ମା, ଦୁରାଚାରୀ, ଘୃଣ୍ୟ ବ୍ୟକ୍ତି ବି ଅଧ୍ୟାତ୍ମ-ସାଧନା କରି ପରମ ସାଧୁ ହୋଇଛନ୍ତି ? କେବଳ ଆବଶ୍ୟକ ଦୃଢ଼ନିଷ୍ଠା, କାର୍ଯ୍ୟରେ ତତ୍ପରତା, ଭଗବାନଙ୍କ ଉପରେ ବିଶ୍ୱାସ ଭରସା । ଏତିକି ହେଲେ ସବୁ ଠିକ୍ ହୋଇଯିବ ।

ପ୍ରଶ୍ନ : ଅତିମାନସ ଶକ୍ତିର କ୍ରିୟା ସକାଶେ କ'ଣ କରିବା ଆବଶ୍ୟକ ?

ଉତ୍ତର : ମା'ଙ୍କ ଉପରେ ବିଶ୍ୱାସ, ଭରସା ଓ ନିର୍ଭରତା ରଖିବାକୁ ହେଲେ ନିଜର ଲକ୍ଷ୍ୟ ଜାଣିବାକୁ ହେବ । ନିଜର ଲକ୍ଷ୍ୟ ହେଲା ଦୁଃଖ-ଅବିମିଶ୍ର ପରମ ସୁଖ ଶାନ୍ତି ସ୍ୱରୂପ ଭଗବତ୍ ପ୍ରାପ୍ତି । ଏଥି ସକାଶେ ଅଭୀପ୍ସା, ସମର୍ପଣ କରିବାକୁ ହେବ ଏବଂ ପ୍ରତିକୂଳ ବିଚାର, ପ୍ରତିକୂଳ ପ୍ରେରଣା ଓ ପ୍ରତିକୂଳ କର୍ମ ତ୍ୟାଗ କରିବାକୁ ହେବ । ଏହା ସାଧିତ ହୁଏ ଦୃଢ଼ ସଙ୍କଳ୍ପ, ଶୁଦ୍ଧ ବୁଦ୍ଧି, ଉତ୍ତମ ଆଚରଣ କରିବାରେ । ଏହି ଅବସ୍ଥାରେ ଅତିମାନସ ଶକ୍ତି ବ୍ୟକ୍ତି ମଧ୍ୟରେ କ୍ରିୟା କରି ଲକ୍ଷ୍ୟ ସାଧନ କରିପାରେ ।

ପ୍ରଶ୍ନ : ଏହିସବୁ ସାଧନା ଛାତ୍ର ଏବଂ ଗୃହସ୍ଥ ବ୍ୟକ୍ତିମାନଙ୍କୁ ପଢ଼ିବା ଓ ପାରିବାରିକ କାର୍ଯ୍ୟ କରିବାରେ ବାଧା ଦେବ ନାହିଁ କି ?

ଉତ୍ତର : ବାଧାର ପ୍ରଶ୍ନ ନାହିଁ । ଏହି କ୍ରିୟା ପଢ଼ିବାରେ, ଜାଗତିକ ଯେକୌଣସି କର୍ମରେ ସାହାଯ୍ୟ କରେ । ଏହିସବୁ କ୍ରିୟା ଦ୍ୱାରା ଏକାଗ୍ରତା ବୃଦ୍ଧି ହୁଏ, ଶୁକ୍ର ସଂଯମ ହୁଏ । ଶରୀର ପୁଷ୍ଟ ଓ ସବଳ ହୁଏ, ବୁଦ୍ଧି ଶୁଦ୍ଧ ହୁଏ । ଏହି ଅବସ୍ଥାରେ ସାଂସାରିକ ସମସ୍ତ କର୍ମ ତୁଳନାତ୍ମକରୂପେ ଅତି ସହଜରେ, କମ୍ ପରିଶ୍ରମରେ ଓ ଅଳ୍ପ ସମୟରେ ସମ୍ପାଦିତ ହୁଏ ।

ପ୍ରଶ୍ନ : ଏହା ସହଜ ହୋଇପାରେ, କିନ୍ତୁ ଶୁଣିବାରେ ବହୁତ କଠିନ ବୋଧ ହେଉଛି । ମନେ ହେଉଛି ଯେପରି ଆବଶ୍ୟକ କର୍ତ୍ତବ୍ୟ କର୍ମ ଛାଡ଼ି ଏହି ଅଭୀପ୍ସା ସମର୍ପଣ ତ୍ୟାଗରୂପେ କ୍ରିୟାରେ ସମସ୍ତ ସମୟ ବ୍ୟୟ କରିବାକୁ ହେବ ।

ଉତ୍ତର : କୌଣସି କର୍ମ ତ୍ୟାଗ କରିବାକୁ ହେବ ନାହିଁ । କେବଳ କର୍ମ କରିବାର ଉଦ୍ଦେଶ୍ୟ ଓ ଭାବ ପରିବର୍ତ୍ତନ କରିବାକୁ ହେବ । 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ' ଓ 'ଶ୍ରୀଅରବିନ୍ଦ ପାଠଚକ୍ର : ଅତିମାନସଶକ୍ତିର ସକ୍ରିୟ ପ୍ରକାଶ୍ୟ ରୂପ' ପୁସ୍ତକରେ ଏହା ଆଲୋଚନା କରାହୋଇଛି ।

ଯେପର୍ଯ୍ୟନ୍ତ ମନୁଷ୍ୟ କର୍ମ ଆଚରଣ ନ କରେ ସେପର୍ଯ୍ୟନ୍ତ କଠିନ ପ୍ରତୀତ ହୁଏ; ବିଶେଷତଃ କୌଣସି ନୂତନ କାର୍ଯ୍ୟରେ । କାର୍ଯ୍ୟ କରିବାକୁ ଆରମ୍ଭ କଲେ ଏତେ ସହଜ ହୋଇଯାଏ ଯେ ସେ ଛାଡ଼ି ପାରେ ନାହିଁ । ଯେଉଁମାନେ ଗୃହକାର୍ଯ୍ୟ କରି ଅଧ୍ୟାତ୍ମ-ସାଧନ କରୁଛନ୍ତି, ବ୍ରହ୍ମଚର୍ଯ୍ୟ ପାଳନ କରୁଛନ୍ତି, ସେମାନଙ୍କୁ ତାହା ତ୍ୟାଗ କରିବାକୁ କହିଲେ ସେ ପାରିବେ ନାହିଁ । ପିଲା ଯେତେବେଳ ପର୍ଯ୍ୟନ୍ତ ସ୍କୁଲରେ ପଢ଼ିବାର ରୁଚି ପ୍ରାପ୍ତ କରି ନ ଥାଏ, ସେତେବେଳେ ପିତାମାତା ତାହାକୁ ପିଲା ଖେଳାଇବାକୁ ବା ଗୃହର ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ଦେଲେ ସେ ବନ୍ଦିରୁ ମୁକ୍ତ ହେବା ପରି

ଆନନ୍ଦରେ ସେ କାମ କରେ । ଯେଉଁ ପିଲାର ପଢ଼ିବାର ରୁଚି ଉତ୍ପନ୍ନ ହୋଇଥାଏ ତାହାପକ୍ଷେ ପଢ଼ା ଛାଡ଼ି ଏସବୁ କାମ କରିବା କଠିନ ନୁହେଁ, ଅସମ୍ଭବ ହୋଇପଡ଼େ । ସେହିପରି ଏହି ଅଧ୍ୟାତ୍ମ-ସାଧନା ।

ପ୍ରଶ୍ନ : ବ୍ରହ୍ମଚର୍ଯ୍ୟ ପାଳନ ସକାଶେ କେଉଁ କେଉଁ ବାହ୍ୟ ନିୟମସବୁ ପାଳନ କରିବାକୁ ହେବ ?

ଉତ୍ତର : ୧. ପ୍ରତ୍ୟେକ ବ୍ୟକ୍ତି ନିୟମିତ ଅନୁସାରେ ଭୋଜନ ଓ ନିୟମିତ ସମୟରେ ବିଶ୍ରାମ କରିବା ଉଚିତ । ଭୋଜନର ଉତ୍ତମ ସମୟ ହେଲା ସକାଳ ଦଶଟାରୁ ବାରଟା, ରାତ୍ରିରେ ଆଠଟାରୁ ଦଶଟା । ଏହି ସମୟ ମଧ୍ୟରେ ନିଜର ସୁବିଧାନୁଯାୟୀ କୌଣସି ସମୟ ନିର୍ଦ୍ଦିଷ୍ଟ କରିବାକୁ ହେବ । ଶୋଇବାର ସମୟ ୯ଟାରୁ ୧୧ଟା ଓ ଉଠିବାର ସମୟ ଭୋର ତିନିଟାରୁ ଛ'ଟା; ନିଜ ନିଜ ସୁବିଧା ଅନୁସାରେ ସମୟ ନିର୍ଦ୍ଧାରଣ କରିବା ଉଚିତ ।

୨. ଶୋଇବା ସମୟରେ ନିଜ ବିଛଣାରେ ବସି ୫ ମିନିଟ୍ ଧ୍ୟାନ କରିବେ; ପରେ ଶରୀର ବହୁତ ଢିଲା କରି ନିଜ ଇଷ୍ଟଦେବ ଓ ତାଙ୍କ ନାମ ସ୍ମରଣ ପୂର୍ବକ ଶୋଇଯିବେ । ନିଦ୍ରାବସ୍ଥାରେ ସଚେତ ରହିବାକୁ ସଙ୍କଳ୍ପ କରିବେ ଏବଂ ପ୍ରାର୍ଥନା କରିବେ । ଉଠିବା ସଙ୍ଗେ ସଙ୍ଗେ ନିଜ ଇଷ୍ଟଦେବଙ୍କ ନାମ ସ୍ମରଣ କରି ଉଠି ବସି କିଛି ସମୟ ଧ୍ୟାନ କରିବେ । ଶୋଇବା ସମୟରେ ସଙ୍କଳ୍ପ ନ କଲେ ନିଦ୍ରାବସ୍ଥାରେ ଚେତନା ଅଚେତନାରେ ବୁଡ଼ିଯାଏ । ଦୁଃସ୍ୱପ୍ନ, ଭୟ ଇତ୍ୟାଦି ହୁଏ । ସୁତରାଂ ନିଦ୍ରାବସ୍ଥାରେ ସଚେତ ରହିବା ଆବଶ୍ୟକ ।

୩. ମଦ, ଗଞ୍ଜେଇ, ଅଫିମ, ସିଗାରେଟ୍, ବିଡ଼ି, ଗୁଣ୍ଡି, ପିକା ଇତ୍ୟାଦି ସମସ୍ତ ପ୍ରକାର ମାଦକ ଦ୍ରବ୍ୟ ଓ ଧୂମପାନ ତ୍ୟାଗ କରିବାକୁ ହେବ । ମାଛ, ମାଂସ ବର୍ଜନ ଉତ୍ତମ । ପିଆଜ, ରସୁଣ, ଲଙ୍କାମରିଚ ଆଦି ଉତ୍ତେଜକ ଦ୍ରବ୍ୟ ଖାଇବା ଯେଉଁମାନଙ୍କର ଅଭ୍ୟାସ ଥାଏ ତାହା କମ୍ କରିବା ଭଲ । ଚା' ସ୍ୱାସ୍ଥ୍ୟ ସକାଶେ ହିତକର ନୁହେଁ ।

୪. ଭୋଜନ ଆବଶ୍ୟକ ପରିମାଣରେ କରିବା ଉଚିତ । ଗୋଟିଏ ଗ୍ରାସ ୨୨ ଥରରୁ ଅଧିକ ଚୋବାଇବା ଉଚିତ । ଦାନ୍ତର କାମ ଅନ୍ତ୍ରକୁ କରିବାକୁ ଦେଲେ ଭୋଜନ ପରିପାକ କରିବାରେ ଅନ୍ତ୍ରକୁ ବହୁତ ପରିଶ୍ରମ କରିବାକୁ ପଡ଼େ ଏବଂ ଫଳରେ ଉଦର ଜନିତ ରୋଗ ଉତ୍ପନ୍ନ ହୁଏ । ଲୋଭ ବା ରସନା ଲାଳସାରେ ଆବଶ୍ୟକ ପରିମାଣରୁ ଅଧିକ ଭୋଜନ କେବେ କରିବେ ନାହିଁ । ଆବଶ୍ୟକ ପରିମାଣରେ ଭୋଜନର ନିଦର୍ଶନ ହେଲା ଉଦରପୂର୍ଣ୍ଣ ପରେ ଗୋଟିଏ ହାକୁଟି ଆସେ, ସେଥିରେ ଯଦି ବ୍ୟକ୍ତି ଭୋଜନ ବନ୍ଦ ନ କରେ ପରେ ଆଉ ଗୋଟିଏ ହାକୁଟି ଆସେ । ଏହି ୨ୟ ହାକୁଟି ପରେ ଭୋଜନର ଲୋଭ ଛାଡ଼ି ଉଠିଯିବା ଆବଶ୍ୟକ । ସୁସ୍ୱାଦୁ ଭୋଜନ ଦେଖି ପ୍ରାଣର ଲାଳସାରେ ଉଦରକୁ ରବର ଥଳି ଭାବି ଯେତେ ସମ୍ଭବ ହୁଏ ତାହା ଭର୍ତ୍ତି କଲେ ପରିଣାମରେ ଖାଦ୍ୟଦ୍ରବ୍ୟ ପରିପାକ କରିବାରେ ଜଠରାଗ୍ନି ଅସମର୍ଥ ହୁଏ । ଖାଦ୍ୟ ଦ୍ରବ୍ୟ ଠିକ୍ ଠିକ୍ ପରିପାକ ହୋଇପାରେ ନାହିଁ, ଆଳସ୍ୟ, ତାମସିକତା ଓ ଅନ୍ୟାନ୍ୟ ରୋଗ ଉତ୍ପନ୍ନ ହୁଏ । ଚୁଲିରେ ମାତ୍ରାଧିକ କାଠ ଭର୍ତ୍ତିକଲେ ଯେପରି ଅଗ୍ନି ଜଳି ପାରେ ନାହିଁ, ସେହିପରି ଉଦରକୁ ଖାଦ୍ୟ ଦ୍ରବ୍ୟରେ ପୂର୍ଣ୍ଣ କରିଦେଲେ ଜଠରାଗ୍ନି ପରିପାକ କରିପାରେ ନାହିଁ । ଏପରି ଭୋଜନ ଦ୍ୱାରା ବହୁତ ରୋଗ ଉତ୍ପନ୍ନ ହୁଏ ।

୫. ଭୋଜନ ସମୟରେ ଡାହାଣ ନାସାରେ ଶ୍ୱାସ ପ୍ରବାହିତ ହେବା ଦରକାର । ଯେଉଁମାନଙ୍କର ଭୋଜନ ସମୟ ନିର୍ଦ୍ଦିଷ୍ଟ ଏବଂ ସ୍ୱାସ୍ଥ୍ୟ ଭଲ ସେମାନଙ୍କର ଭୋଜନ ସମୟରେ ସ୍ୱାଭାବିକ ରୂପେ ଦକ୍ଷିଣ ନାସାରେ ଶ୍ୱାସ ପ୍ରବାହିତ ହୁଏ । ଯେଉଁମାନଙ୍କର ଅସୁସ୍ଥ ଶରୀର ସେମାନେ ଭୋଜନ ପୂର୍ବରୁ ବାମ ଜଙ୍ଘରେ ବସି ବାମ ହାତ ବାହାଠାରୁ କହୁଣି ପର୍ଯ୍ୟନ୍ତ କଙ୍କାଳରେ ଲଗାଇ ବାମହାତ ଭୂମିରେ ଭରାଦେଇ ରଖିବେ ଏବଂ ବାମ ତରଫରୁ ଝୁଙ୍କି ସମସ୍ତ ଶରୀରର ଭାର ବାମହାତ କହୁଣିରେ ଲଦି ଦେବେ । ଏପରି କଲେ ଏକ ଦୁଇ ମିନିଟ୍ ପରେ ଶ୍ୱାସବାୟୁ ଡାହାଣ ନାସାରେ ପ୍ରବାହିତ ହୁଏ । ଏହି ଅବସ୍ଥାରେ ଭୋଜନ କରିବେ । ଭୋଜନ ସମୟରେ ଜଳ ପିଇବେ ନାହିଁ । ଭୋଜନର ଏକ ଅଥବା ଦେଢ଼ ଘଣ୍ଟା ପରେ ଜଳପାନ କରି ପାରନ୍ତି । ଭୋଜନ ପରେ ଅନ୍ତତଃ ୧୫ ମିନିଟ୍ ବାମକର ମାଡ଼ି ଶୋଇଲେ ଦକ୍ଷିଣ ନାସାରେ ଶ୍ୱାସ ପ୍ରବାହିତ ହୁଏ ।

ଯେଉଁମାନଙ୍କର ଦୃଢ଼ ଧାରଣା ପ୍ରତିଷ୍ଠିତ ହୋଇ ସାରିଥାଏ ଯେ ଯେଉଁ ଖାଦ୍ୟ ପ୍ରାପ୍ତ ହୋଇଛି ତାହା ଭଗବତ୍

ପ୍ରେରିତ ଏବଂ ସ୍ୱାସ୍ଥ୍ୟ ବର୍ଦ୍ଧକ, ସେମାନେ ଉଚିତ ମାତ୍ରାରେ ଭଗବତ୍ ପ୍ରସାଦ ଭାବନାରେ ଗ୍ରହଣ କରିବେ । ଯେଉଁମାନଙ୍କର ଏପରି ଦୃଢ଼ ନିଷ୍ଠା ନାହିଁ ସେମାନେ ସ୍ୱାସ୍ଥ୍ୟ ପ୍ରତିକୂଳ ବସ୍ତୁ ତ୍ୟାଗ କରି ସ୍ୱାସ୍ଥ୍ୟ ଅନୁକୂଳ ବସ୍ତୁ ଗ୍ରହଣ କରିବେ ।

୬. ଭୋଜନ ଦ୍ରବ୍ୟ ନିଜ ଅନ୍ତରାତ୍ମା ଭଗବାନ କିଂବା ନିଜ ଉଦରସ୍ଥ ଭଗବତ୍ ସ୍ୱରୂପ ଜଠରାଗ୍ନିକୁ ଅର୍ପଣ କରିବେ । ଭୋଜନ ସମୟରେ ଭାବିବେ ନାହିଁ ଯେ କଖାରୁ ବାୟୁ କରିବ, ବିରିଡାଲି ଅଜୀର୍ଣ୍ଣ ହେବ, ଅମୁକ ଦ୍ରବ୍ୟ ମୋର ପ୍ରତିକୂଳ । ଭୋଜନ ଦ୍ରବ୍ୟକୁ ଭଗବତ୍ ପ୍ରସାଦ ବୋଲି ମନେ କରିବେ, ଭାବିବେ ଏହି ଦ୍ରବ୍ୟ ଅମୃତ ସଦୃଶ, ଏହାକୁ ନିଜ ଉଦରରେ ଥିବା ଭଗବାନ ଆହୁତିରୂପେ ଗ୍ରହଣ କରୁଛନ୍ତି । ଆବଶ୍ୟକ ମାତ୍ରାରେ ଭୋଜନ ଗ୍ରହଣ କରିବା ସକାଶେ ବହୁତ ସାବଧାନ ନ ହେଲେ ସୁସ୍ୱାଦୁ ଦ୍ରବ୍ୟ ଦେଖି ଭଗବତ୍ ସ୍ମରଣ ଭୁଲି ଆବଶ୍ୟକତାରୁ ଅଧିକ ଗିଳି ପକାଇବାକୁ ହୁଏ । ସ୍ୱାସ୍ଥ୍ୟ ଏବଂ ଊର୍ଦ୍ଧ୍ୱଗାମୀ ଚେତନାର ପ୍ରଧାନ ଶତ୍ରୁ ହେଉଛି ଭୋଜନ ପ୍ରତି ଲାଳସା ଏବଂ ଲୋଭ । ଏହା ସ୍ୱାସ୍ଥ୍ୟହାନି କରେ, ଚେତନାକୁ ବଳାତ୍କାର ଊର୍ଦ୍ଧ୍ୱରୁ ଟାଣିଆଣେ । ଏହା ସର୍ବଦା ବର୍ଜନୀୟ ।

୭. ବାଳକମାନେ ୨୫ ବର୍ଷ ଏବଂ ବାଳିକାମାନେ ୧୮ ବର୍ଷ ପର୍ଯ୍ୟନ୍ତ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବା ଏକାନ୍ତ ଆବଶ୍ୟକ । ଯଦି ବିବାହିତ ଜୀବନ ଯାପନ କରିବାକୁ ହୁଏ ତେବେ ବି ଗାର୍ହସ୍ଥ୍ୟ ଧର୍ମ ଅନୁସାରେ ମାସରେ ଥରେ କିଂବା ଦୁଇଥର ସ୍ତ୍ରୀ ସମ୍ପର୍କ କରି ପାରନ୍ତି, ଗୋଟିଏ କିଂବା ଦୁଇଟି ସନ୍ତାନ ହେବା ପରେ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ପାଳନ କରିବା ଉଚିତ ।

୮. ଯେଉଁ ବ୍ୟକ୍ତିର କାମ-ବାସନା ପ୍ରବଳ; ଧ୍ୟାନରେ ବସିବା ସଙ୍ଗେ ସଙ୍ଗେ କାମସମ୍ବନ୍ଧୀୟ ବିଚାର ପ୍ରବଳ ବେଗରେ ଆସେ ସେମାନେ ଧ୍ୟାନ ନ କରି ନାମଜପ କରିବେ ଏବଂ ପ୍ରତ୍ୟେକ କାର୍ଯ୍ୟ ସେବା ଭାବରେ କରି ସମର୍ପଣ କରିବେ । ଏହା ଦ୍ୱାରା ମନ ଏକାଗ୍ର ହେବ ଏବଂ କାମ ବିଚାର କମ୍ ହେବ । ତା'ପରେ ଧ୍ୟାନ କରିବାକୁ ଆରମ୍ଭ କରିବେ ।

କେହି କେହି ଅଧ୍ୟାତ୍ମ ସାଧକର କେବେ କେବେ ବିଶେଷତଃ କାମ କେନ୍ଦ୍ରକୁ ଅଧ୍ୟାତ୍ମ ଶକ୍ତି ସ୍ପର୍ଶ କରିବା ସଙ୍ଗେ ସଙ୍ଗେ କିଂବା ରୂପାନ୍ତରର ପ୍ରାରମ୍ଭିକ ଅବସ୍ଥାରେ କାମ ସମ୍ବନ୍ଧୀୟ ଚିନ୍ତା, କାମର ଆକ୍ରମଣ ପ୍ରବଳ ବେଗରେ ଆସିପାରେ । ଏପରିକି ବ୍ୟକ୍ତି ଧ୍ୟାନ କରିବାରେ ଅସମର୍ଥ ହୁଏ । ସେତେବେଳେ ସାଧକ ଭୟ ନ କରି ମା'ଙ୍କ ଉପରେ ନିର୍ଭର ଭରସା ଦୃଢ଼ଭାବେ ରଖିବେ । ସେଥିରୁ ମୁକ୍ତ ହେବାକୁ ମା'ଙ୍କୁ ଡାକିବେ ଏବଂ କାମ କେନ୍ଦ୍ରରେ ଶାନ୍ତିକୁ ଆବାହନ କରିବେ । ଆବଶ୍ୟକ ହେଲେ କିଛିଦିନ ସକାଶେ ଧ୍ୟାନ ବନ୍ଦ କରିଦେବେ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବସ୍ତୁ ହେଲା ମା'ଙ୍କ ଉପରେ ନିର୍ଭର କରିବା ଏବଂ ପରିସ୍ଥିତିକୁ ଭୟ ନ କରିବା । କେବଳ କାମର ବିଚାର ନୁହେଁ, ସାଧନା ଅବସ୍ଥାରେ ରୂପାନ୍ତର କ୍ରିୟା ସମୟରେ କାମ, କ୍ରୋଧ, ଲୋଭ, ମୋହ, ମଦ, ଈର୍ଷା, ବିରୋଧାଦି ରିପୁର ଆକ୍ରମଣ ହୁଏ । ସେତେବେଳେ ସାଧକ ସେହିସବୁ ପରିସ୍ଥିତିକୁ ଭୟ ନ କରି ଭାବିବା ଉଚିତ– ''ଏହିସବୁ ରିପୁର ରୂପାନ୍ତର କ୍ରିୟା ହେଉଛି । ମା'ଙ୍କ କୃପାରୁ ଏହି ପରିସ୍ଥିତି ଶୀଘ୍ର ଦୂର ହେବ ।''

୯. ଏହି ନିୟମକୁ ଦୃଢ଼ରୂପେ ପାଳନ କରିବାକୁ ଯେଉଁମାନେ ଅସମର୍ଥ ସେମାନେ ନିଜ ପରିସ୍ଥିତି ଅନୁସାରେ ବ୍ରହ୍ମଚର୍ଯ୍ୟ ରକ୍ଷା କରିବାକୁ ଚେଷ୍ଟା କରିବେ ।

ମନୁଷ୍ୟ ଯଦି କାମ, କ୍ରୋଧ, ଲୋଭ, ମୋହ, ହିଂସାର ପ୍ରେରଣାରେ ଅଣାୟତ୍ତ ହୋଇ ନିର୍ଜୀବ, ବିନା ମଙ୍ଗରେ ନୌକା ସଦୃଶ ଯେଉଁ ଦିଗକୁ ପବନ ବହେ ସେହି ଦିଗକୁ ଗତିକରେ ତେବେ ମନୁଷ୍ୟକୁ ପ୍ରାପ୍ତ ବୁଦ୍ଧିବିଚାରର କୌଣସି ଉପଯୋଗ ହୁଏ ନାହିଁ । ଏପରି ମନୁଷ୍ୟ ପଶୁ ସଦୃଶ । କିନ୍ତୁ ମନୁଷ୍ୟ ମଧ୍ୟରେ ଆତ୍ମା ଓ ଅସାଧାରଣ ଶକ୍ତି ସୁପ୍ତ ଅବସ୍ଥାରେ ଅଛି । ସେସବୁକୁ ଜାଗ୍ରତ କରି ସେ ଦେବତାଠାରୁ ଶ୍ରେଷ୍ଠ ହୋଇପାରେ ।

୧୦. ବାଳକ-ବାଳିକା ଏବଂ ବୟଃପ୍ରାପ୍ତ ଯୁବକ ତଥା ବୃଦ୍ଧମାନଙ୍କୁ ପ୍ରତିଦିନ ନିୟମିତରୂପେ ଅବସ୍ଥା ତଥା ଶାରୀରିକ ସାମର୍ଥ୍ୟ ଅନୁସାରେ କିଛି ବ୍ୟାୟାମ କରିବାକୁ ହେବ ।

୧୧. ଏହିସବୁ ନିୟମ ସହଜରେ ପାଳନ କରାଯାଇ ପାରେ, ଯେବେ ବ୍ୟକ୍ତି ଭଗବତ୍ ଶକ୍ତିର ଆଶ୍ରୟ ନିଏ ।

ଛାତ୍ରମାନଙ୍କ ପ୍ରତି

ଛାତ୍ରଛାତ୍ରୀମାନଙ୍କ ଜୀବନରେ
ଉନ୍ନତି ଓ ଲକ୍ଷ୍ୟପ୍ରାପ୍ତିର ଉପାୟ

ଛାତ୍ରଛାତ୍ରୀମାନଙ୍କର ପ୍ରଥମ ଓ ଅନିବାର୍ଯ୍ୟ କର୍ତ୍ତବ୍ୟ ହେଲା ଉଚ୍ଚ, ମହାନ୍, ଉତ୍କୃଷ୍ଟ, ସୁଖ, ଶାନ୍ତି, ଆନନ୍ଦମୟ ଆଦର୍ଶଜୀବନର ଲକ୍ଷ୍ୟ ଲାଭ କରିବା ସକାଶେ କର୍ମ ଆଚରଣ କରିବା ।

ଛାତ୍ରଜୀବନ କୋମଳ ଲତା ସଦୃଶ । କୋମଳ ଅବସ୍ଥାରେ ଲତାକୁ ଯେପରି ଭାବେ ତିଆରି କରିବାକୁ ଚାହିଁବ ସେପରି କରିପାରିବ । କୋମଳ ଲତାକୁ ସିଧାସଳଖ ନ କଲେ ବଙ୍କାଟଙ୍କା ହୋଇ ଗୁଡ଼େଇ ତୁଡ଼େଇ ହୋଇଯାଏ; ପାକଳ ହେବା ପରେ ସିଧାସଳଖ କରି ହୁଏ ନାହିଁ । ସ୍ୱଚ୍ଛ ବସ୍ତ୍ର ତୁଲ୍ୟ ଛାତ୍ରଜୀବନକୁ ଯେଉଁ ରଙ୍ଗ ଦେବାକୁ ଚାହଁ ତା' ଦେଇପାର । ଥରେ ଗୋଟିଏ ରଙ୍ଗ ଦେଲେ ଅନ୍ୟ ରଙ୍ଗ ଦିଆଯାଇପାରେ ନାହିଁ । ଛାତ୍ରଛାତ୍ରୀମାନେ ବାଲ୍ୟାବସ୍ଥାରୁ ବିଶେଷ ସାବଧାନ ହୋଇ ଶୁଦ୍ଧ ସ୍ୱଚ୍ଛ ବସ୍ତ୍ର ସଦୃଶ ନିଜ ନିଜ ଜୀବନକୁ ଏପରି ସୁନ୍ଦର ଓ ପ୍ରିୟ ରଙ୍ଗରେ ରଙ୍ଗାଇବା ଉଚିତ ଯାହା ସମଗ୍ର ଜୀବନର ଶୋଭା ବୃଦ୍ଧି କରୁଥିବ ।

ସେହି ଶୋଭାଯୁକ୍ତ ପ୍ରିୟ ରଙ୍ଗ ହେଲା ସ୍ୱାସ୍ଥ୍ୟ, ବିଦ୍ୟା, ସତ୍ୟ, ସଦାଚାର, ସାତ୍ତ୍ୱିକତା, ଶାନ୍ତି, ସୁଖ ଓ ଆନନ୍ଦରେ ପରିପୂର୍ଣ୍ଣ ଜୀବନ । ପ୍ରତ୍ୟେକ ବ୍ୟକ୍ତି ଜାଣନ୍ତି ସତ୍ୟାଶ୍ରୟୀ, ନ୍ୟାୟପରାୟଣ, ଶାନ୍ତ, ଦ୍ୱନ୍ଦ୍ୱମୁକ୍ତ, ନିଷ୍ପକ୍ଷପାତ, ବିଦ୍ୟାଯୁକ୍ତ ସ୍ୱାସ୍ଥ୍ୟବାନ୍ ବ୍ୟକ୍ତିର ଜୀବନ ଯଥାର୍ଥରେ ଶ୍ରେଷ୍ଠ ଜୀବନ । ଏହିପରି ବ୍ୟକ୍ତିର ଜୀବନ ହୁଏ ସୁଖଶାନ୍ତିପୂର୍ଣ୍ଣ ଓ ଆନନ୍ଦମୟ; ସମାଜରେ ଥାଏ ତା'ର ଆଦର, ପରିବାରରେ ସେ ହୁଏ ସମ୍ମାନିତ, ଲୋକପ୍ରିୟ ଏବଂ ପୂଜ୍ୟ ।

ଛାତ୍ରଛାତ୍ରୀମାନଙ୍କର ଉତ୍କୃଷ୍ଟ ଜୀବନ ପ୍ରାପ୍ତ ହୁଏ ମନ, ପ୍ରାଣ, ଶରୀର ତଥା ଆତ୍ମାର ବିକାଶରେ । ଶରୀର ବିକଶିତ ହୁଏ ତଥା ସୁଗଠିତ, ସୁଢ଼ଳ, ସୁନ୍ଦର ଓ ନମନୀୟ ହୁଏ ବ୍ୟାୟାମ ଦ୍ୱାରା । ପ୍ରାଣର ବିକାଶ ହୁଏ କଳା ତଥା ନାନାବିଧ କର୍ମ ଏବଂ ସଂଯମ ଦ୍ୱାରା । ମନର ବିକାଶ ହୁଏ ବିଦ୍ୟାର୍ଜନ ତଥା ବିଜ୍ଞବିଚାର ଦ୍ୱାରା । ଏହିସବୁ ସତ୍ତାର ବିକାଶରେ ମଣିଷ ସଦ୍‌ଗୁଣ ପ୍ରାପ୍ତ ହୁଏ, ସେ ଶ୍ରେଷ୍ଠ ବ୍ୟକ୍ତି ହୋଇପାରେ, ସମାଜରେ ପ୍ରତିଷ୍ଠାପ୍ରାପ୍ତ ହୋଇପାରେ । କିନ୍ତୁ ପ୍ରତ୍ୟେକ ବ୍ୟକ୍ତିର ଯେଉଁ ପରମ ଲକ୍ଷ୍ୟ, ସୁଖଶାନ୍ତିପୂର୍ଣ୍ଣ ଆନନ୍ଦମୟ ଜୀବନ ସେଥିରୁ ସେ ବଞ୍ଚିତ ହେଲେ ସାଂସାରିକ ସମସ୍ତ ବସ୍ତୁ, ସମସ୍ତ ଐଶ୍ୱର୍ଯ୍ୟ ଯାତନାମୟ ହୁଏ । ଏହି ସୁଖଶାନ୍ତି ପ୍ରାପ୍ତ ହୁଏ ଆତ୍ମାର ବିକାଶରେ । ଯଥାର୍ଥରେ ଜୀବନର ପୂର୍ଣ୍ଣତା ପ୍ରାପ୍ତି ସକାଶେ ମନ, ପ୍ରାଣ, ଶରୀର ସଙ୍ଗେ ଆତ୍ମାର ବିକାଶ ଆବଶ୍ୟକ । ଛାତ୍ରଛାତ୍ରୀମାନେ ପୂର୍ଣ୍ଣାଙ୍ଗ ଜୀବନ ପ୍ରାପ୍ତି ସକାଶେ ବ୍ୟାୟାମ, କଳା, କର୍ମ ତଥା ନିମ୍ନପ୍ରାଣର ସଂଯମ, ବିଦ୍ୟାଧ୍ୟୟନ ଓ ଆତ୍ମବିକାଶ ସକାଶେ ଭଗବତ୍ ଉପାସନା କରିବା ଉଚିତ ।

ଭୌତିକ ବିଜ୍ଞାନ ସ୍ଥୂଳ ବସ୍ତୁ ଛଡ଼ା ସୂକ୍ଷ୍ମବସ୍ତୁରେ ବିଶ୍ୱାସ କରିବାକୁ ପସନ୍ଦ କରେ ନାହିଁ । କିନ୍ତୁ ମନୁଷ୍ୟର ଲକ୍ଷ୍ୟ 'ପରମ ଶାନ୍ତି', 'ପରମ ସୁଖ' । ଜଡ଼ ବିଜ୍ଞାନ ଯଦ୍ୟପି ମନୁଷ୍ୟର ଏହି ପରମ ଲକ୍ଷ୍ୟକୁ ସ୍ପଷ୍ଟଭାବେ ସ୍ୱୀକାର କରି ନାହିଁ, ତଥାପି ସୃଷ୍ଟି ଆରମ୍ଭରୁ ମନୁଷ୍ୟକୁ ସୁଖରେ ରଖିବାକୁ ସୁନ୍ଦର ଘର ତିଆରି କରିଛି; ମେଜ, ଚୌକି, ନାନାପ୍ରକାର କାରୁକାର୍ଯ୍ୟଯୁକ୍ତ ଘରର ଆସବାବ ତିଆରି କରି ଚାକଚକ୍ୟମୟ ବସ୍ତୁରେ ଘରକୁ ସୁସଜ୍ଜିତ କରିଛି । ସୁନ୍ଦର ବସ୍ତ୍ର ଓ ଅଳଙ୍କାର ନିର୍ମାଣ କରି ଶରୀରକୁ ମଣ୍ଡନ କରିଛି; ବଗିଚାକୁ ରଙ୍ଗ ବେରଙ୍ଗ ବହୁବିଧ ପୁଷ୍ପ ଫଳରେ ସୁଶୋଭିତ କରିଛି । ରେଡ଼ିଓ, ବିଜୁଳିବତି, ପଙ୍ଖା, ଟେଲିଗ୍ରାଫ୍, ଟେଲିଫୋନ୍, ଟେଲିଭିଜନ, ସିନେମା, ସାଇକଲ୍, ମୋଟର, ରେଳ, ବ୍ୟୋମଯାନ ପ୍ରଭୃତି ଆବିଷ୍କାର କରିଛି । ଏହିସବୁ ବସ୍ତୁ ଆଶ୍ଚର୍ଯ୍ୟଜନକ, ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ଏହିସବୁ ବସ୍ତୁ ମନୁଷ୍ୟକୁ ସେ ଚାହିଁଥିବା ଦୁଃଖବିହୀନ ପରମ ସୁଖଶାନ୍ତି ଦେଇପାରି ନାହିଁ । ଜଡ଼ ବିଜ୍ଞାନ ଏହିଠାରେ ଅକୃତକାର୍ଯ୍ୟ ହୋଇଛି । ଏଥିରେ କିନ୍ତୁ ସଫଳତା ପ୍ରାପ୍ତ ହୋଇଛି ଅଧ୍ୟାତ୍ମ ସାଧନା । ଅଧ୍ୟାତ୍ମ ସାଧନ ଦ୍ୱାରା ମହାତ୍ମା

ତୁଳସୀ ଦାସ, ସମର୍ଥ ରାମ ଦାସ, ଜ୍ଞାନଦେବ, ନାମଦେବ, ତୁକାରାମ, ରାମପ୍ରସାଦ, ଚଣ୍ଡି ଦାସ, ଗୁରୁ ନାନକ, ଦାଦୁ, ରୂପ, ସନାତନ, କବୀର, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ, ମାଧବ ଦାସ, ଆଚାର୍ଯ୍ୟ ଶଙ୍କର, ରାମାନୁଜ ଓ ରାମାନନ୍ଦ ଓଗେର ମହାପୁରୁଷ ଏବଂ ମହାତ୍ମାଗଣ ଏବଂ ବର୍ତ୍ତମାନ ଅଧାତ୍ମ ସାଧକମାନେ ଆତ୍ମବିକାଶ କରି ପରମ ଶାନ୍ତି, ପରମାନନ୍ଦ, ପରମ ଜ୍ଞାନସ୍ୱରୂପ ପରମାତ୍ମାଙ୍କୁ ପ୍ରାପ୍ତ ହୋଇ ଜୀବନକୁ ଆନନ୍ଦମୟ କରିଛନ୍ତି । ସେମାନଙ୍କର ସେହି ଆନନ୍ଦର କିଞ୍ଚିତ୍ ସ୍ପର୍ଶ ପାଇବା ସକାଶେ ରାଜା, ମହାରାଜା, ଧନୀ, ବିଦ୍ୱାନ୍, ବୀର, ବିଜ୍ଞାନବେତ୍ତାମାନେ ସେମାନଙ୍କ ଚରଣରେ ମସ୍ତକ ନତ କରୁଛନ୍ତି ଏବଂ ସେମାନଙ୍କ କୃପାରୁ ବିନ୍ଦୁମାତ୍ର ସୁଖଶାନ୍ତି ପାଇ ଜୀବନକୁ ସାର୍ଥକ ମଣୁଛନ୍ତି ।

ଏହି ପୁରାତନ ଯୋଗୀମାନେ ଯଦ୍ୟପି ପରମାନନ୍ଦଙ୍କୁ ପ୍ରାପ୍ତ ହୋଇଛନ୍ତି ତଥାପି କର୍ମକୁ ବାଦ୍ ଦେଇଛନ୍ତି । ଏହି କାରଣରୁ ଏମାନଙ୍କ ଜୀବନ ପରିପୂର୍ଣ୍ଣ ହୋଇ ନାହିଁ କିଂବା ସମାଜ ତଥା ଦେଶର ଉନ୍ନତି ହୋଇ ନାହିଁ । ଜୀବନର ପୂର୍ଣ୍ଣ ବିକାଶ ହୁଏ, ଦେଶରୁ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ଦୂର ହୁଏ, ଦେଶ ସମୃଦ୍ଧିଶାଳୀ ହୁଏ ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅତିମାନସ ସତ୍ୟ ଭିତ୍ତିରେ ସଂସାରକର୍ମ କରିବାରେ ।

ମନୁଷ୍ୟର ଲକ୍ଷ୍ୟ ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ପରମାନନ୍ଦମୟ ଜୀବନ । ଏହା ପୂର୍ଣ୍ଣ ହୁଏ, ଯଦି ବ୍ୟକ୍ତି ଜରା, ରୋଗ, ମୃତ୍ୟୁରୁ ମୁକ୍ତ, ନୀରୋଗ, ସବଳ, ସୁନ୍ଦର, ମୃତ୍ୟୁବିହୀନ ଦିବ୍ୟଜୀବନ ପ୍ରାପ୍ତ ହୋଇପାରେ । ମନୁଷ୍ୟ ଦୁଃଖ ଚାହେଁ ନାହିଁ, ସୁଖ ଚାହେଁ; ରୋଗ ଚାହେଁ ନାହିଁ, ନୀରୋଗତା ଚାହେଁ; ମୃତ୍ୟୁ ଚାହେଁ ନାହିଁ, ଅମରତ୍ୱ ଚାହେଁ । ମନୁଷ୍ୟ ଜୀବନର ଏହାହିଁ ପୂର୍ଣ୍ଣ ଲକ୍ଷ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତିରେ ସାହାଯ୍ୟ କରିବା ସକାଶେ ଚିକିତ୍ସା-ବିଜ୍ଞାନ (Medical science) ବିବିଧ ଔଷଧ ଆବିଷ୍କାର କରିଛି । ଅସ୍ତ୍ର-ଚିକିତ୍ସା, ବିଜୁଳି-ଚିକିତ୍ସା ଓ ଅଣୁ ଚିକିତ୍ସାର ଆବିଷ୍କାର କରିଛି, କିନ୍ତୁ ପୂର୍ଣ୍ଣ ସଫଳତା ପ୍ରାପ୍ତ ହୋଇ ନାହିଁ । ଆଜି ମଧ୍ୟ ରୋଗ ଦ୍ୱାରା ମନୁଷ୍ୟ ମୃତ୍ୟୁ କବଳିତ ହେଉଛି । ଜଡ଼ ବିଜ୍ଞାନ ଆଶ୍ଚର୍ଯ୍ୟଜନକ ବସ୍ତୁ ଆବିଷ୍କାର କରିଛି ସତ୍ୟ, କିନ୍ତୁ ମନୁଷ୍ୟର ଲକ୍ଷ୍ୟ ପରମ ସୁଖ ପ୍ରାପ୍ତିରେ ସର୍ବଥା ବିଫଳ ହୋଇଛି । ଏଥିରେ ସଫଳତା ପ୍ରାପ୍ତ ହୋଇଛି ପୁରାତନ ହଠଯୋଗ । ସେ ପ୍ରାଣାୟାମ ଏବଂ ଅନ୍ୟାନ୍ୟ ଯୌଗିକ ପ୍ରକ୍ରିୟା ଦ୍ୱାରା ବ୍ୟକ୍ତିଗତ ରୂପେ ସାଧନା କରି ରୋଗରୁ ପୂର୍ଣ୍ଣ ଭାବରେ ମୁକ୍ତ, ନୀରୋଗ ଶରୀର, ବୃଦ୍ଧତ୍ୱରୁ ମୁକ୍ତ ହୋଇ ମନୁଷ୍ୟର ପରମାୟୁର ସୀମା ଲଂଘନ କରି ସୁସ୍ଥ, ସବଳ ଶରୀର ପ୍ରାପ୍ତ ହୋଇଛି । କିନ୍ତୁ ତାହାର ସମୟ ଆସି ନ ଥିବାରୁ ଏହି କାର୍ଯ୍ୟ ପୂର୍ଣ୍ଣ, ବ୍ୟାପକ ତଥା ସାମୂହିକରୂପେ ସାଧିତ ହୋଇପାରି ନାହିଁ । ତାହା ଥିଲା ମାନବିକ ବିକାଶର ଗୋଟିଏ ମଧ୍ୟବର୍ତ୍ତୀ ଅବସ୍ଥା ।

ବର୍ତ୍ତମାନ ତାହାର ସମୟ ଆସିଛି । ଶ୍ରୀଅରବିନ୍ଦ ଏବଂ ମା' ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣିଛନ୍ତି ଏବଂ ତାହାରି ଦ୍ୱାରା ରୂପାନ୍ତର ସାଧନ କରୁଛନ୍ତି । ବ୍ୟକ୍ତି ଅଧାତ୍ମ ସାଧନ ଦ୍ୱାରା ଅତିମାନସ ଶକ୍ତିକୁ ନିଜ ମଧ୍ୟରେ କାର୍ଯ୍ୟ କରିବାକୁ ଦେଲେ ସେହି ବ୍ୟକ୍ତିର ମନ-ପ୍ରାଣ-ଶରୀରକୁ ତାହାର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ କରିବ । ରୂପାନ୍ତରିତ ବ୍ୟକ୍ତି ଅଜ୍ଞାନ, ଅନ୍ଧକାର ଶକ୍ତିର କବଳରୁ ତଥା ରୋଗ, ଜରା, ମୃତ୍ୟୁର ଅଧୀନରୁ ପୂର୍ଣ୍ଣ ଭାବରେ ମୁକ୍ତ ହୋଇ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବ । ଏହା ସଙ୍ଗେସଙ୍ଗେ ସଂସାରରୁ ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ହିଂସା, ଦ୍ୱେଷ, ଯୁଦ୍ଧାଦି ଅପସାରିତ ହୋଇ ସଂସାର ସ୍ୱର୍ଗରେ ପରିଣତ ହେବ ।

ଛାତ୍ରଛାତ୍ରୀମାନେ ସଚେତ ହୋଇ ପୃଥିବୀକୁ ଆସିଥିବା ଅତିମାନସ ସତ୍ୟକୁ ଗ୍ରହଣ କଲେ ସେମାନଙ୍କ ଜୀବନର ପୂର୍ଣ୍ଣ ବିକାଶ ହୋଇପାରିବ । ଏହି ଲକ୍ଷ୍ୟ ପ୍ରାପ୍ତି ସକାଶେ ମନୁଷ୍ୟ ସୃଷ୍ଟି ଆରମ୍ଭରୁ ଅପେକ୍ଷା କରି ରହିଛି ଏବଂ ଅଜ୍ଞାତରୂପେ ପ୍ରଯତ୍ନ କରିଆସୁଛି । ସେଥିରେହିଁ ହେବ ଯଥାର୍ଥରେ ଭାଗବତ-ସ୍ୱରୂପ ସଂସାରର ସେବା । ସେମାନେ ହୋଇପାରିବେ ଆଗାମୀ ସତ୍ୟଯୁଗର ଅଗ୍ରଦୂତ । ଏଥିସକାଶେ ସେମାନଙ୍କୁ ଯେଉଁ ନିୟମ ପାଳନ କରିବାକୁ ହେବ ତାହା ଉଲ୍ଲେଖ କରାଯାଉଛି ।

ଉତ୍କୃଷ୍ଟ ଉନ୍ନତ ଜୀବନର ପ୍ରଧାନ ଚିହ୍ନ ହେଲା ସ୍ୱାସ୍ଥ୍ୟ । ସ୍ୱାସ୍ଥ୍ୟ ଭଲ ନ ହେଲେ ମନୁଷ୍ୟ କୌଣସି ଉତ୍କୃଷ୍ଟ ବା ନିକୃଷ୍ଟକାର୍ଯ୍ୟ କରିପାରେ ନାହିଁ । ସ୍ୱାସ୍ଥ୍ୟର ସୁଧାର ହୁଏ, ବିକାଶ ହୁଏ ବାହ୍ୟ ନିୟମ ପାଳନ ସଙ୍ଗେ ଅଧାତ୍ମ ଶକ୍ତିର ଆଶ୍ରୟ ଦ୍ୱାରା । ପ୍ରତ୍ୟେକ ଛାତ୍ରଛାତ୍ରୀ ନିଷ୍ଠାପୂର୍ବକ, ଦୃଢ଼ସଂକଳ୍ପ ସହ ଅଧାତ୍ମ ଶକ୍ତିର ଆଶ୍ରୟରେ ନିୟମ ପାଳନ କରିବା ଉଚିତ ।

କେତେକ ସାଧାରଣ ନିୟମ

(୧) ଛାତ୍ରଛାତ୍ରୀମାନେ ରାତ୍ରି ନଅଟାରେ ଶୋଇ ଭୋର ପାଞ୍ଚଟାରେ ଉଠିବା ଭଲ । ଯେଉଁମାନେ ଆଠ ଘଣ୍ଟାରୁ କମ୍ ନିଦ୍ରା ଯାଆନ୍ତି, ସେମାନେ ଭୋର ପାଞ୍ଚଟା ପୂର୍ବରୁ ଉଠିପାରନ୍ତି ।

(୨) ଉଠିବା ସଙ୍ଗେ ସଙ୍ଗେ ନିଜ ବିଛଣାରେ ବସି ଶ୍ରୀମା-ଶ୍ରୀଅରବିନ୍ଦଙ୍କ ଫଟୋକୁ ପାଞ୍ଚ ମିନିଟ୍ ଧ୍ୟାନ କରିବେ ଏବଂ ସତ୍ୟମାର୍ଗରେ ପରିଚାଳିତ ହେବା ସକାଶେ ପ୍ରାର୍ଥନା କରିବେ । ମଳତ୍ୟାଗ ପରେ ଦଣ୍ଡବୈଠକ କରିବେ ଏବଂ 'ପୂର୍ଣ୍ଣାଙ୍ଗ ଜୀବନର ଶରୀରଚର୍ଚ୍ଚା' ଓ 'ଛାତ୍ରଜୀବନରେ ଉନ୍ନତିର ମାର୍ଗ' ପୁସ୍ତକରେ ଲିଖିତ ନିୟମାନୁସାରେ ବ୍ୟାୟାମ କରିବେ । ବ୍ୟାୟାମ ପରେ ଶରୀରକୁ ପୂର୍ଣ୍ଣ ଭାବରେ ଶିଥିଳ କରି, ବ୍ୟାୟାମ ଅନୁପାତରେ ପାଞ୍ଚ ବା ଦଶ ମିନିଟ୍ ଚିତ୍ ହୋଇ ଶୋଇ ରହିବେ, ପରେ କଳ୍ପନା କରିବେ ଯେ ନିଜ ଶରୀରର ପ୍ରତି ଲୋମ ମୂଳରେ ଅତିମାନସ ଶକ୍ତି ପ୍ରବେଶ କରୁଛି ।

(୩) ଯେକୌଣସି ସମୟରେ ମୁଖ ଧୋଇଲେ ମୁଖରେ ଜଳ ଭର୍ତ୍ତି କରିନେବେ ଏବଂ ଥଣ୍ଡାଜଳ ଆଖିରେ ଅତି କମ୍‌ରେ ତିରିଶ ଥର ଛିଟା ଦେବେ । ଏଥିରେ ନେତ୍ରଜ୍ୟୋତିଃ ବୃଦ୍ଧି ହୁଏ ।

(୪) ମଳତ୍ୟାଗ ପୂର୍ବରୁ ଉଦରପୂର୍ଣ୍ଣ କରି ଥଣ୍ଡାଜଳ ପିଇ ମଳତ୍ୟାଗ କରିବାକୁ ଯିବେ । ଯେଉଁମାନଙ୍କର କୋଷ୍ଠବଦ୍ଧତା ଥାଏ, ପାଇଖାନା ସଫା ହୁଏ ନାହିଁ, ସେମାନେ ଜଳରେ ଏକଗ୍ରାମ ଲବଣ ପକାଇ ପିଇପାରିବେ ।

(୫) ମଳମୂତ୍ର ତ୍ୟାଗ କରିବା ସମୟରେ ଦୁଇ ପାଟିର ଦାନ୍ତ ଦାବି ରଖିଲେ ଦାନ୍ତ ମଜଭୁତ ହୁଏ ।

(୬) ସ୍ନାନ ପୂର୍ବରୁ ପାଦ ଆଙ୍ଗୁଳି ନଖ କୋଣରେ ନଡ଼ିଆ ତେଲ ଭର୍ତ୍ତି କରିଦେଲେ ନେତ୍ରଜ୍ୟୋତିଃ ବଢ଼େ ଏବଂ କଣନଖା ହୁଏ ନାହିଁ ।

(୭) ଭୋଜନ ସମୟରେ ଦକ୍ଷିଣ ନାସାରେ ଶ୍ୱାସ ପ୍ରବାହିତ ହେଲେ ଖାଦ୍ୟଦ୍ରବ୍ୟ ଭଲ ଭାବରେ ପରିପାକ ହୁଏ ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ ରୋଗ ହୁଏ ନାହିଁ । ଶ୍ୱାସ ପରିବର୍ତ୍ତନ କରିବାର ବିଧି ଲୋକ-ସାହିତ୍ୟ ନଂ ୧୩-୧୪ରେ ଆଲୋଚିତ ହୋଇଛି ।

(୮) ଭୋଜନ କରୁଥିବା ସମୟରେ ଜଳ ନ ପିଇ, ଭୋଜନର ଏକ ଘଣ୍ଟା କିଂବା ଦେଢ଼ ଘଣ୍ଟା ପରେ ଜଳ ପିଇବା ଉଚିତ । ରାତ୍ରିରେ ଶୋଇବା ପୂର୍ବରୁ ଏବଂ ଭୋରରୁ ଉଠି ଥଣ୍ଡା ଜଳ ପିଇବେ । ପ୍ରତିଦିନ ଅଢ଼େଇ ଲିଟରରୁ କମ୍ ଜଳ ପିଇବା ଉଚିତ ନୁହେଁ ।

(୯) ଭୋଜନକୁ ମା'ଶ୍ରୀଅରବିନ୍ଦଙ୍କୁ ଅଥବା ନିଜ ଅନ୍ତରସ୍ଥ ଅନ୍ତରାତ୍ମାଙ୍କୁ ଅର୍ପଣ କରିବେ । ପ୍ରତି ଗ୍ରାସକୁ ୩୨ ଥରରୁ ଅଧିକ ଚୋବାଇ ଖାଇବେ । ଦାନ୍ତରେ ନ ଚୋବାଇଲେ, ଦାନ୍ତର କାର୍ଯ୍ୟ ପାକସ୍ଥଳୀକୁ କରିବାକୁ ହୁଏ, ଶେଷରେ ପାକସ୍ଥଳୀ ଦୁର୍ବଳ ହୋଇପଡ଼େ, ହଜମ ଶକ୍ତି କମିଯାଏ ।

(୧୦) ଉତ୍ତମ ଭୋଜନ ପାଇ ଲାଳସାରେ ଆବଶ୍ୟକରୁ ଅଧିକ ଭୋଜନ କେବେ ବି କରିବେ ନାହିଁ । ଚୁଲିରେ କାଠ ଅଧିକ ଭର୍ତ୍ତି କରିଦେଲେ ଯେପରି କାଠ ଦରପୋଡ଼ା ହୁଏ, ସେହିପରି ଆବଶ୍ୟକରୁ ଅଧିକ ଖାଇଥିବା ଖାଦ୍ୟଦ୍ରବ୍ୟ ଅର୍ଦ୍ଧପରିପାକ ହୋଇ ମଳସ୍ଥଳୀକୁ ଚାଲିଯାଏ । ଏଥିରେ ଅଗ୍ନିମାନ୍ଦ୍ୟ ରୋଗ ହୁଏ ଓ ନାନା ପ୍ରକାର ଉଦରବ୍ୟାଧି ଉତ୍ପନ୍ନ ହୁଏ ।

ବ୍ରହ୍ମଚର୍ଯ୍ୟ

ପୂର୍ଣ୍ଣ ଉନ୍ନତ ଜୀବନ, ଉତ୍ତମ ସ୍ୱାସ୍ଥ୍ୟ ସକାଶେ ବ୍ରହ୍ମଚର୍ଯ୍ୟ ପାଳନ ଏକାନ୍ତ ପ୍ରୟୋଜନ । ବ୍ରହ୍ମଚର୍ଯ୍ୟ ମନୁଷ୍ୟର ସାରାତିସାର ବସ୍ତୁ । ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା ବ୍ୟକ୍ତି ମୃତ୍ୟୁମୁଖରୁ ଉଦ୍ଧାର ହୋଇପାରେ, ସମସ୍ତ ଅସାଧ୍ୟ ସାଧନ କରିପାରେ, ଭଲ ପଢ଼ିପାରେ, ଉତ୍ତମ ବିଚାର କରିପାରେ, ସଂସାରକର୍ମ ତଥା ଅଧ୍ୟାତ୍ମ ଉପଲବ୍ଧି ସହଜରେ କରିପାରେ ।

ଶରୀର ରୋଗରୁ ମୁକ୍ତ ହୁଏ, ସ୍ନାୟୁ ଦୃଢ଼ ହୁଏ, ମସ୍ତିଷ୍କ ଶାନ୍ତ ଅଚଞ୍ଚଳ ରହେ, ବୁଦ୍ଧି ଶୁଦ୍ଧ ତୀବ୍ର ତଥା ତୀକ୍ଷ୍ଣ ହୁଏ, ସାହସ ଓ ଧୈର୍ଯ୍ୟ ବୃଦ୍ଧି ହୁଏ, ସ୍ମରଣଶକ୍ତି ତୀବ୍ର ହୁଏ । କେବଳ ଏକମାତ୍ର ବ୍ରହ୍ମଚର୍ଯ୍ୟ ପାଳନ କରିବା ଦ୍ୱାରା ଅନ୍ୟ ସମସ୍ତ ସଦ୍‌ଗୁଣ ବ୍ୟକ୍ତି ମଧ୍ୟରେ ସ୍ୱତଃସ୍ଫୂର୍ତ୍ତ ଭାବରେ ଆସେ ଏବଂ ଦୁର୍ଗୁଣ, ଦୁଷ୍ପ୍ରବୃତ୍ତି ଦୂର ହୁଏ । ଛାତ୍ରଛାତ୍ରୀମାନେ ପ୍ରାଣରୁ ଅଧିକ ପ୍ରିୟ କାର୍ଯ୍ୟରୂପେ ବ୍ରହ୍ମଚର୍ଯ୍ୟ ପାଳନ କରିବା ଉଚିତ ।

ବ୍ରହ୍ମଚର୍ଯ୍ୟ ପାଳନର ନିୟମ

(୧) ଗଞ୍ଜେଇ, ଅଫିମ, ସରାବ ଇତ୍ୟାଦି ସବୁପ୍ରକାର ମାଦକଦ୍ରବ୍ୟ ଏବଂ ଧୂମପାନ ସର୍ବଥା ତ୍ୟାଗ କରିବା ଉଚିତ । ଏହାସବୁ ସ୍ୱାସ୍ଥ୍ୟହାନିକାରକ ଏବଂ ବ୍ରହ୍ମଚର୍ଯ୍ୟ ତଥା ସତ୍ୟ ଉପଲବ୍ଧିର ବାଧାସ୍ୱରୂପ । ବିଶେଷଜ୍ଞ ଡାକ୍ତରଙ୍କ ମତରେ ଏସବୁ କ୍ୟାନ୍‌ସର ରୋଗର କାରଣ ।

(୨) ଅଶ୍ଳୀଳ ସିନେମା, ଅଶ୍ଳୀଳ ଗଳ୍ପ, ଅଶ୍ଳୀଳ ଉପନ୍ୟାସ ଇତ୍ୟାଦି ପଢ଼ିବା ଉଚିତ ନୁହେଁ । ଗୀତା, ଭାଗବତ, ଭକ୍ତମାନଙ୍କର ଚରିତ୍ର (ବିଚିତ୍ର ବିଭୂତି ଇତ୍ୟାଦି), 'ଲୋକ ସାହିତ୍ୟ', 'ନବଜ୍ୟୋତି', 'ନବପ୍ରକାଶ', ଏବଂ ଅନ୍ୟାନ୍ୟ ଆଧ୍ୟାତ୍ମିକ ପତ୍ରପତ୍ରିକା ତଥା ଧାର୍ମିକ ଓ ସାମାଜିକ ବିଷୟମୂଳକ ଗ୍ରନ୍ଥ ଅଧ୍ୟୟନ କରିବା ଉଚିତ ।

(୩) ବାଳକ, ବାଳିକାମାନେ ପରସ୍ପରକୁ ଭାଇ-ଭଉଣୀ ଭାବରେ ଦେଖିବା ଉଚିତ । ଦୁଷ୍ପ୍ରବୃତ୍ତିସମ୍ପନ୍ନ ବାଳକବାଳିକାମାନଙ୍କ ସଙ୍ଗ ସର୍ବଥା ବର୍ଜନୀୟ ।

(୪) ଯେଉଁ ବାଳକବାଳିକାମାନେ ଆଜୀବନ ବ୍ରହ୍ମଚର୍ଯ୍ୟ ପାଳି ନ ପାରିବେ, ଅନ୍ତତଃ ବିବାହ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କରିବା ଅନିବାର୍ଯ୍ୟ । ବିବାହ ପରେ ବାଳିକାମାନେ ପାତିବ୍ରତ୍ୟ ଧର୍ମ ପାଳନ କରିବେ । ବାଳକମାନେ ବିବାହ ପରେ ଏକପତ୍ନୀବ୍ରତ ଧର୍ମ ସହ ଦୁଇଟି ସନ୍ତାନ ଉତ୍ପନ୍ନ ପର୍ଯ୍ୟନ୍ତ ସଂଯମ ସହ ସ୍ତ୍ରୀ ସହିତ ସମ୍ପର୍କ ରଖିବେ । ପରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିପାରିବେ । ଏହାହିଁ ସଦାଚାର, ସାତ୍ତ୍ୱିକ ଆଦର୍ଶ, ଆନନ୍ଦ ଶାନ୍ତି ଓ ସୁଖମୟ ଜୀବନ । ଏହା ସମ୍ଭବ ହୁଏ ଭଗବତ୍ ଆଶ୍ରୟରେ । ଏପରି ନିୟମ ଯେଉଁମାନେ ପାଳନ କରିବାରେ ଅସମର୍ଥ ସେମାନେ ଏହି ଆଦର୍ଶକୁ ଲକ୍ଷ୍ୟ ରଖି କାର୍ଯ୍ୟରେ ତତ୍ପର ହେଲେ ସଫଳତା ଲାଭ କରି ପାରିବେ । ଏହାଛଡ଼ା ମନୁଷ୍ୟର ଜୀବନ ଦ୍ୱନ୍ଦ୍ୱଯୁକ୍ତ, ଅଶାନ୍ତ, ବିକ୍ଷିପ୍ତ ଓ ନିରାନନ୍ଦମୟ; କାରଣ ମନୁଷ୍ୟର ଶରୀର ଥିବା ସତ୍ତ୍ୱେ ବୃତ୍ତିଚୟ ପଶୁର ହୋଇଥାଏ ।

ସ୍ୱାସ୍ଥ୍ୟ ଉତ୍ତମ ହୁଏ, ବ୍ରହ୍ମଚର୍ଯ୍ୟ-ପାଳନ ହୁଏ, ମନ, ପ୍ରାଣ, ଶରୀର ଶୁଦ୍ଧ ଓ ରୂପାନ୍ତରିତ ହୁଏ ଅତିମାନସ ଅଧ୍ୟାତ୍ମ-ସାଧନ ଦ୍ୱାରା ।

ଅଧ୍ୟାତ୍ମ ସାଧନାର ସହଜ ନିୟମ

(୧) ଏହି ଯୁଗରେ ଶ୍ରୀମା ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀପୃଷ୍ଠକୁ ଉତାରି ଆଣିଛନ୍ତି । ମା' ଏବଂ ଅତିମାନସ ଶକ୍ତି ଏକ ଓ ଅଭିନ୍ନ ତତ୍ତ୍ୱ । ମା' ଅତିମାନସ ଶକ୍ତିକୁ ଧାରଣ କରି ରୂପାନ୍ତର କ୍ରିୟା କରୁଛନ୍ତି । ଯେଉଁମାନେ ମା'ଙ୍କ ଉପରେ ବିଶ୍ୱାସ ଓ ଭରସା ରଖିପାରିବେ ସେମାନେ ପାର୍ଥିବ ଏବଂ ଆଧ୍ୟାତ୍ମିକ ମାର୍ଗରେ ସାହାଯ୍ୟ ପାଇପାରିବେ ।

(୨) ପ୍ରତିଦିନ ଉଠିବା ସଙ୍ଗେ ସଙ୍ଗେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋକୁ ପ୍ରଣାମ କରି ପ୍ରାର୍ଥନା କରିବେ । ଯଦି ଫଟୋ ନ ଥାଏ ତେବେ ମାନସିକ ଧ୍ୟାନ ସହ ପ୍ରାର୍ଥନା କରିବେ :

'ହେ ପ୍ରଭୁ, ମୁଁ ଆଉ ମୋର ଯାହାକିଛି ଅଛି ସମସ୍ତ ତୁମ ଚରଣରେ ଅର୍ପଣ କରୁଛି । ମୋତେ ଶୁଦ୍ଧ ବୁଦ୍ଧି, ଜ୍ଞାନ ଓ ବିବେକ ଦିଅ । ମୁଁ ସତ୍ୟକୁ ବୁଝିପାରେ ତଥା ଆଚରଣ କରିପାରେ । ମୋତେ ସତ୍ୟ ମାର୍ଗରେ ପରିଚାଳିତ କର । ବିଦ୍ୟା ଓ ସଦ୍‌ଗୁଣପ୍ରାପ୍ତିରେ ମୋତେ ସାହାଯ୍ୟ କର ।'

ଯେତେବେଳେ ଯେଉଁ ବିପଦ ଆସିବ, ସେତେବେଳେ ବିଚଳିତ, ବ୍ୟସ୍ତ ଓ ଅଧୈର୍ଯ୍ୟ ନ ହୋଇ ଏକାଗ୍ରତା ସହ ପ୍ରାର୍ଥନା କରିବେ । ପ୍ରାର୍ଥନା ଯଦି ଯଥାର୍ଥ ହୋଇଥାଏ ତେବେ ତତ୍‌କ୍ଷଣାତ୍ ତାହାର ଉତ୍ତର ମିଳିବ ଏବଂ ପରିଣାମ ସିଦ୍ଧ ହେବ ।

(୩) ଯାହାକିଛି କରିବା ପୂର୍ବରୁ – ପଢ଼ିବା, ଖେଳିବା, ବୁଲିବା କିଂବା ବ୍ୟାୟାମ କରିବା ପୂର୍ବରୁ – ପ୍ରଥମରେ ଦୁଇ ମିନିଟ ନୀରବ ରହି ଧ୍ୟାନ କରି ମାତୃଶକ୍ତିକୁ ଆବାହନ କରିବେ ଏବଂ ସମର୍ପଣ କରିବେ । କାର୍ଯ୍ୟ ଶେଷରେ ମଧ୍ୟ କାର୍ଯ୍ୟ ସମର୍ପଣ କରିବେ ।

(୪) ସ୍ନାନ କରିବା ପରେ ଅଥବା ସ୍ନାନ ପୂର୍ବରୁ ପାଞ୍ଚ, ଦଶ ମିନିଟ ଖୋଲା ଆଖିରେ ମା'ଙ୍କ ଫଟୋକୁ ଧ୍ୟାନ କରିବେ । କିଛି ସମୟ ପରେ ଆଖି ବନ୍ଦ କରି ତାହାକୁହିଁ ଦେଖିବେ । ଯଦି ଦେଖି ନ ପାରନ୍ତି ତେବେ ବାରଂବାର ଅଭ୍ୟାସ କରିବେ । ଯଦି ଦେଖି ପାରନ୍ତି ତେବେ ସେହି ଚିତ୍ରକୁ ହୃଦୟ ମଧ୍ୟରେ ବହୁତ ଗଭୀରକୁ ନେଇଯିବେ । କିଛିଦିନ ଅଭ୍ୟାସ କଲେ ସଂକଳ୍ପ କରିବା ମାତ୍ରେ ଧ୍ୟାନ-ବିଗ୍ରହ ହୃଦୟର ଗଭୀରକୁ ଚାଲିଯିବ । ଧ୍ୟାନ ସଙ୍ଗେ ସଙ୍ଗେ ମସ୍ତକ ଉପରୁ ଶାନ୍ତି ଏବଂ ଏକାଗ୍ରତାକୁ ଆବାହନ କରିବେ ଅର୍ଥାତ୍ କଳ୍ପନା କରିବେ ଯେ ଶାନ୍ତି ଓ ଏକାଗ୍ରତା ଉପରୁ ଆସି ନିଜ ମଧ୍ୟରେ ପ୍ରବେଶ କରୁଛି ।

(୫) ସବୁ ସମୟରେ ମା' ଆମ ସାଥିରେ ରହି ସମସ୍ତ ବସ୍ତୁ ଦେଖୁଛନ୍ତି – ଏହି ଧାରଣାକୁ ଅଭ୍ୟାସ କଲେ ବହୁତ ଅନ୍ୟାୟ କାର୍ଯ୍ୟରୁ ମୁକ୍ତ ହୋଇ ପାରିବେ । ଯଥାର୍ଥରେ ଭଗବାନ୍ ସର୍ବସ୍ଥାନରେ ରହି ସବୁକିଛି ଦେଖୁଛନ୍ତି । ଯଦି ଈଶ୍ୱରଭରସା କରିପାରିବେ, ତେବେ କ୍ରମଶଃ ଭୟ ଦୂର ହେବ ଏବଂ ନିର୍ଭୟତା ବଢ଼ିବ । ଏହାଫଳରେ କ୍ରମଶଃ ସତ୍ୟମାର୍ଗରେ ଅଗ୍ରସର ହେବାକୁ ଲାଗିବେ । ଏହା ବିକଶିତ ହେଲେ ଜୀବନର ପରମ ଲକ୍ଷ୍ୟ ପରମାନନ୍ଦ, ପରମ ଶାନ୍ତି, ପରମ ଜ୍ଞାନ ସ୍ୱରୂପ ଭଗବାନଙ୍କୁ ପ୍ରାପ୍ତ ହୋଇପାରିବେ । ଜୀବନ ହେବ ଆନନ୍ଦମୟ । ଭଗବାନଙ୍କୁ ଭରସା କଲେ ଭଗବାନ୍ ପ୍ରାପ୍ତ ହୁଅନ୍ତି ଏବଂ ଜୀବନର ପ୍ରତ୍ୟେକ ଛୋଟ ବଡ଼ ଘଟନାରେ ପୂର୍ଣ୍ଣ ସାହାଯ୍ୟ କରନ୍ତି ।

ପ୍ରଶ୍ନୋତ୍ତର

ପ୍ରଶ୍ନ : ପୂର୍ବେ ଭଲ ପଢୁଥିଲି, ବର୍ତ୍ତମାନ ଭଲ ପଢ଼ିପାରୁ ନାହିଁ ଏବଂ ପଢ଼ିବାରେ ପ୍ରବୃତ୍ତି ମଧ୍ୟ ନାହିଁ । ଏହାର କାରଣ କ'ଣ ?

ଉତ୍ତର : ଏହାର କାରଣ ହେଉଛି ଦୁଃସଙ୍ଗ ଏବଂ ବ୍ରହ୍ମଚର୍ଯ୍ୟ ନଷ୍ଟ । ଏଥିରେ ମନର ସ୍ଥିରତା ନଷ୍ଟ ହୁଏ । ମନର ଚଞ୍ଚଳତା ଜାତ ହେଲେ ଭଲ ପଢ଼ି ହୁଏ ନାହିଁ ଏବଂ ପଢ଼ିବାର ପ୍ରବୃତ୍ତି ମଧ୍ୟ ହୁଏ ନାହିଁ । ଏଥିରୁ ରକ୍ଷା ପାଇବାକୁ ହେଲେ ବ୍ରହ୍ମଚର୍ଯ୍ୟର ନିୟମ ପାଳନ କର । ବ୍ୟାୟାମ କର, ସ୍ୱାସ୍ଥ୍ୟ ଠିକ୍ ରଖ ।

ପ୍ରଶ୍ନ : ଆମ୍ଭେମାନେ ଯେଉଁ ବାତାବରଣରେ ଅଛୁ, ସେଠାରେ ଉତ୍ତମ ସଙ୍ଗ ପ୍ରାପ୍ତ ହେବୁ କିପରି ?

ଉତ୍ତର : ଯେଉଁମାନଙ୍କୁ ଉତ୍ତମ ବ୍ୟକ୍ତି ବୋଲି ମନେକର ସେମାନଙ୍କ ସହିତ ପତ୍ରାଳାପ କର, ସେମାନଙ୍କ ନିର୍ଦ୍ଦେଶାନୁସାରେ ଜୀବନ ଗଠନ କର, ସେମାନଙ୍କ ପ୍ରେରଣା ଅନୁସାରେ ସଦ୍‌ଗ୍ରନ୍ଥ ଅଧ୍ୟୟନ କର । ନିଜ ସାଙ୍ଗପିଲାମାନଙ୍କ ମଧ୍ୟରେ ଦୁଇ ଚାରିଜଣଙ୍କ ସହ ଗୋଟିଏ ଶ୍ରୀଅରବିନ୍ଦ ପାଠଚକ୍ର କିଂବା ଛାତ୍ର ସମାଜ ଗଠନ କର, ପ୍ରତି ସପ୍ତାହରେ ଦିନେ ବା ଦୁଇ ଦିନ ନିର୍ଦ୍ଦିଷ୍ଟ ସମୟରେ ଏକତ୍ରିତ ହୋଇ କିଛି ସମୟ ଧ୍ୟାନ ତଥା ଅଧ୍ୟାତ୍ମ ଗ୍ରନ୍ଥ ଆଲୋଚନା କର । ପାଠଚକ୍ର ତଥା ଛାତ୍ର-ସମାଜର ନିୟମାବଳୀ, ଶ୍ରୀଅରବିନ୍ଦ ଛାତ୍ର-ସମାଜର ଲକ୍ଷ୍ୟ, ଗଠନ ଓ କାର୍ଯ୍ୟ ଏବଂ ଶ୍ରୀଅରବିନ୍ଦ ପାଠଚକ୍ର ସଭ୍ୟମାନଙ୍କ ପ୍ରତି, ପୁସ୍ତିକାରେ ପୃଥକ୍ ଭାବରେ ଆଲୋଚିତ ହୋଇଛି ।

ପ୍ରଶ୍ନ : ଆମ୍ଭେମାନେ ମା'ଙ୍କ ଆଶୀର୍ବାଦ (Blessings) ପାଇ ପରୀକ୍ଷାରେ ଫେଲ୍ ହେଲୁ କାହିଁକି ?

ଉତ୍ତର : ବିଶ୍ୱାସ ଓ ନିର୍ଭରତା ଅଭାବରୁ ଫେଲ୍ ହେଲ । ମା'ଙ୍କ ସହାୟତା ବରାବର ରହିଛି । ଯିଏ ଚାହେଁ ସେ ଅବଶ୍ୟ ପାଏ । ଯେପର୍ଯ୍ୟନ୍ତ ମନୁଷ୍ୟ ସଂସାରରେ ଉନ୍ନତି ଚାହେଁ, ବଡ଼ ବିଦ୍ୱାନ୍ ହୋଇ ସଂସାରରେ ମହାନ୍ କାର୍ଯ୍ୟ

କରିବାକୁ ଚାହେଁ ସେପର୍ଯ୍ୟନ୍ତ ତାହାର ପ୍ରଯତ୍ନ ଥାଏ ପ୍ରଧାନ । ସେ ନିଜ ପ୍ରଯତ୍ନର ସଫଳତା ସକାଶେ ଭଗବାନଙ୍କଠାରୁ ସାହାଯ୍ୟ ଚାହିଁଲେ ଅବଶ୍ୟ ପାଏ । ଭଗବାନଙ୍କ ସାହାଯ୍ୟ ନିଜ ବିଶ୍ୱାସ ଓ ନିର୍ଭରତା ଉପରେ ନିର୍ଭର କରେ । ଭଗବାନଙ୍କ ଦୃଷ୍ଟିରେ ସମସ୍ତ ପ୍ରାଣୀ ସମାନ ଏବଂ ସମସ୍ତଙ୍କ ଉପରେ ତାଙ୍କର ସମାନ କୃପା । କିନ୍ତୁ ଯେଉଁମାନେ ଭଗବାନଙ୍କ ଉପରେ ବିଶ୍ୱାସ ଓ ନର୍ଭରତା ରଖନ୍ତି, ସେହିମାନେ ଭଗବତ୍ କୃପା ପ୍ରାପ୍ତ ହୁଅନ୍ତି । ସେମାନଙ୍କୁ କହନ୍ତି ଭକ୍ତ ।

ଛାତ୍ରଛାତ୍ରୀମାନଙ୍କର ସବୁ ସମୟରେ ସ୍ମରଣ ରଖିବା ଉଚିତ ଯେ ପରୀକ୍ଷାରେ ପାସ୍ ନ କଲେ ହତାଶ, ନିରାଶ, ଉଦ୍‌ବିଗ୍ନ ଓ ବ୍ୟସ୍ତ ନ ହୋଇ ଧୈର୍ଯ୍ୟ, ସାହସ, ଉତ୍ସାହ ଓ ପ୍ରଯତ୍ନଶୀଳତା ପ୍ରାପ୍ତ ହେବାକୁ ଦୃଢ଼ନିଷ୍ଠା ସହିତ ଭଗବାନଙ୍କୁ ପ୍ରାର୍ଥନା କରିବେ । ପ୍ରାର୍ଥନା କଲେ ତାହା ନିଶ୍ଚୟ ପାଇପାରିବେ । ଯଦି ଛାତ୍ରଛାତ୍ରୀଗଣ ଏହିପରି କରିପାରନ୍ତି ତେବେ ପରୀକ୍ଷାରେ ତଥା ଭବିଷ୍ୟତ୍ ଉନ୍ନତିରେ ବହୁତ ସାହାଯ୍ୟ ପାଇପାରିବେ ।

ନିଜ ଦୁର୍ବଳତା, ଅପୂର୍ଣ୍ଣତା, ଅଯୋଗ୍ୟତା, ଅସୁବିଧା ଦେଖି ହତାଶ ହୁଅ ନାହିଁ । ସର୍ବଶକ୍ତିମାନ୍ ଭଗବାନଙ୍କ ଆଶ୍ରୟ ନିଅ ସେ ତୁମର ଉଚିତ କଲ୍ୟାଣର ମାର୍ଗ ନିର୍ଦ୍ଦେଶ କରିବେ ଏବଂ ସମସ୍ତ ଅପୂର୍ଣ୍ଣତାକୁ ପୂର୍ଣ୍ଣତାରେ ପରିଣତ କରିବେ ।

କେତେକ ସୂଚନା

(୧) ବର୍ତ୍ତମାନ ପ୍ରତ୍ୟେକ ବ୍ୟକ୍ତି ସକାଶେ ସୁଯୋଗ, କିନ୍ତୁ ଛାତ୍ର ଓ ଯୁବକମାନଙ୍କ ସକାଶେ ଏକ ମହାନ୍ ସୁଯୋଗ । ସେମାନେ ନିମ୍ନଲିଖିତ ନିୟମ ପାଳନ କଲେ ସହଜରେ ଲକ୍ଷ୍ୟରେ ପହଞ୍ଚି ପାରିବେ । ସେମାନଙ୍କର ପ୍ରଯତ୍ନରେ ସାହାଯ୍ୟ କରିବ ଅତିମାନସ ଶକ୍ତି ।

(୨) ମା' ଅତିମାନସ ଶକ୍ତି ସହିତ ଏକ ଓ ଅଭିନ୍ନ ହୋଇ ବ୍ୟକ୍ତି ମଧ୍ୟରେ କରୁଥିବା ଅତିମାନସ ଶକ୍ତିର କ୍ରିୟାରେ ସର୍ବଦା ସାହାଯ୍ୟ କରୁଛନ୍ତି । ବ୍ୟକ୍ତି ତାଙ୍କୁ ସମର୍ପଣ କଲେ, 'ମା' ନାମ ସ୍ମରଣ କଲେ ଶାରୀରିକ ବ୍ୟାୟାମ ଏବଂ କର୍ମ ମାଧ୍ୟମରେ ବ୍ୟକ୍ତିର ଶରୀରର ବିକାଶ ଓ ରୂପାନ୍ତର, ପ୍ରାଣର ସଂଯମରେ ପ୍ରାଣର ବିକାଶ ଏବଂ ରୂପାନ୍ତର, ବିଦ୍ୟାଧ୍ୟୟନ ତଥା ମାନସିକ ବିଚାର, ଧାରଣା ଇତ୍ୟାଦି କର୍ମ ସମର୍ପଣରେ ମନର ଯଥାର୍ଥ ବିକାଶ ଏବଂ ରୂପାନ୍ତର ସାଧିତ ହେବ । କାରଣ ମନ-ପ୍ରାଣ-ଶରୀର ଅଜ୍ଞାନ ଶକ୍ତି କବଳରେ ଥିବାରୁ ସେମାନେ ପ୍ରକାଶିତ ହୋଇପାରନ୍ତି ନାହିଁ ବା ଜ୍ଞାନ ପାଇପାରନ୍ତି ନାହିଁ । ସେ ସକାଶେ ସେମାନେ ଉନ୍ନତ କର୍ମ ତଥା ନିର୍ଭୁଲ୍ କର୍ମ କରିପାରନ୍ତି ନାହିଁ । ରୂପାନ୍ତରିତ ମନ-ପ୍ରାଣ-ଶରୀର ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେଲେ ସେସବୁ ମଧ୍ୟରେ ଭଗବତ୍ ଶକ୍ତି କାର୍ଯ୍ୟ କରେ । ସେହି ସକାଶେ ସମସ୍ତ କର୍ମରେ ପୂର୍ଣ୍ଣତା ଆସେ ।

(୩) ଶରୀର-ରୂପାନ୍ତରର ଧାରଣା ନ ଥିବାରୁ ଆମ୍ଭମାନଙ୍କର ପରମ୍ପାରାଗତ ସଂସ୍କାର, ଆଳସ୍ୟ ଶରୀରକୁ ଅଧିକାର କରି ବସିଛି । ମା'ଙ୍କ ଆଶ୍ରୟରେ ଦୃଢ଼ସଂକଳ୍ପ ସହ ଶାରୀରିକ ତାମସିକତା ଦୂର କରିବା ସକାଶେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ବାଡ଼ିରେ ସକାଳେ ଓ ସନ୍ଧ୍ୟାରେ ଏକ ଘଣ୍ଟା ଲେଖାଏଁ ପନିପରିବା ଚାଷ କରନ୍ତୁ । 'ମା' ଏହି ନାମ ସ୍ମରଣ ସହିତ ମା'ଙ୍କ ସେବା ଭାବରେ କାର୍ଯ୍ୟ କରି ମା'ଙ୍କୁ ସମର୍ପଣ କରନ୍ତୁ । ଝିଅପିଲାମାନେ ମଧ୍ୟ ବାଡ଼ିରେ କାମ କରିପାରିବେ ଏବଂ ସିଲେଇ ତଥା ବୁଣିବା ଇତ୍ୟାଦି କର୍ମ କରିବେ ।

(୪) ଏହି ସାଧନାରେ ଅଧିକ ସାହାଯ୍ୟ କରେ ପାଠଚକ୍ର, ଛାତ୍ର-ସମାଜ, ମହିଳା ପାଠଚକ୍ର, ସେମିନାର୍, ଯୁବ-ଛାତ୍ର-ଶିବିର, ସ୍କୁଲ ଏବଂ ଛୋଟ ଛୋଟ ବିକ୍ରୟ କେନ୍ଦ୍ର । ଗ୍ରାମମାନଙ୍କରେ ପାଠଚକ୍ର ତଥା ମହିଳା ପାଠଚକ୍ର, ସ୍କୁଲ କଲେଜରେ ଛାତ୍ର-ସମାଜ ପ୍ରତିଷ୍ଠିତ ହେବା ଉଚିତ । ପାଠଚକ୍ରର ଗୃହ ନିର୍ମାଣ ତଥା ସମୟାନୁସାରେ ସେମିନାର ମଧ୍ୟ ଆବଶ୍ୟକ ।

ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରିଥିବା ସାଧକ ତଥା ତାଙ୍କୁ ଭକ୍ତି କରୁଥିବା ସନ୍ତାନମାନେ ନିଜ ନିଜ ଆଚରଣକୁ ଶୁଦ୍ଧ କଲେ ସେମାନଙ୍କୁ ଅନ୍ୟମାନେ ଅନୁକରଣ କରିବେ ଏବଂ ନିଜକୁ ସୁଧାର କରିବେ । ନିଜର କଲ୍ୟାଣ, ସମାଜ ତଥା ଦେଶର ସୁଧାର ସକାଶେ ପ୍ରଥମେ ନିଜ ଆଚରଣ ଶୁଦ୍ଧ କରିବା ଉଚିତ ।

ପୂର୍ଣ୍ଣାଙ୍ଗ ଜୀବନରେ ଶରୀରଚର୍ଚ୍ଚା

ପ୍ରକାଶକଙ୍କ ଟିପ୍‌ପଣୀ

ଶରୀରହିଁ ଜୀବନରେ ସକଳ ଉନ୍ନତିର ଭିତ୍ତିଭୂମି । ଶରୀରକୁ ବାଦ୍ ଦେଇ ପ୍ରାଣ, ମନ ଓ ଆତ୍ମାର ପୂର୍ଣ୍ଣାଙ୍ଗ ବିକାଶ ସମ୍ଭବ ନୁହେଁ ଏବଂ ସୁସ୍ଥ, ସବଳ ଶରୀର ବିନା ସାଧାରଣ ସଂସାର ଜୀବନ ବା ଅଧ୍ୟାତ୍ମ ଜୀବନରେ ଅଗ୍ରସର ହେବା ଏକାନ୍ତ ଅସମ୍ଭବ । ମାତ୍ର ଆଧୁନିକ ମାନବର ଜୀବନ ଏପରି କୃତ୍ରିମ ଓ ଭାରାକ୍ରାନ୍ତ ହୋଇଉଠିଛି ଯେ ଏହି ଅତ୍ୟାବଶ୍ୟକ ଶରୀରଚର୍ଚ୍ଚା ପାଇଁ ଆଗ୍ରହ ଓ ସମୟର ଅଭାବ ଦେଖାଯାଉଛି । ଆଧୁନିକ ଜୀବନର ସକଳ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ଆବାଳବୃଦ୍ଧବନିତା ସକଳଙ୍କ ଜୀବନରେ ଶାରୀରିକ ଶିକ୍ଷା କିପରି ଗ୍ରହଣୀୟ ହୋଇପାରେ ଏବଂ ଆହାର, ନିଦ୍ରା, ବ୍ରହ୍ମଚର୍ଯ୍ୟ ଧାରଣରେ ସଂଯତ ହୋଇ ବିଭିନ୍ନ ବ୍ୟାୟାମ ଓ ଆସନ ପ୍ରଭୃତିର ଅଭ୍ୟାସ କରି ଜୀବନରେ ଯଥାର୍ଥ ଆନନ୍ଦ, ଶକ୍ତି ଓ ସୌନ୍ଦର୍ଯ୍ୟର ଉପଲବ୍ଧି କିପରି କରାଯାଇପାରେ– ଏହି ପୁସ୍ତକରେ ତାହାର ଆଭାସ ଦିଆଯାଇଛି ।

''ନବଜ୍ୟୋତି'' ଏବଂ ''ଶ୍ରୀଅରବିନ୍ଦ ଲୋକ-ସାହିତ୍ୟ''ରେ ପ୍ରକାଶିତ ସାଧକ ଶ୍ରୀ ରାମକୃଷ୍ଣ ଦାସଙ୍କ ଶାରୀରିକ ଶିକ୍ଷା ସମ୍ବନ୍ଧୀୟ ଲେଖାଗୁଡ଼ିକୁ ସଂଶୋଧିତ ଓ ପରିବର୍ଦ୍ଧିତ କରି ଏହି ପୁସ୍ତକରେ ବିଷୟବସ୍ତୁ ରୂପେ ଗ୍ରହଣ କରାଯାଇଛି । ଏହାଛଡ଼ା ''ବ୍ରହ୍ମଚର୍ଯ୍ୟ'' ଓ ''ପୂର୍ଣ୍ଣାଙ୍ଗ ଶିକ୍ଷାରେହିଁ ଜୀବନର ଉନ୍ନତି'' ନାମକ ତାଙ୍କର ଦୁଇଟି ନୂତନ ଲେଖା ମଧ୍ୟ ଶେଷରେ ସ୍ଥାନ ପାଇଛି । ଜନସାଧାରଣ ତଥା ପ୍ରାଥମିକ ସାଧକମାନଙ୍କ ପକ୍ଷେ ଏହା ବିଶେଷ ସହାୟକ ହେବ ବୋଲି ଆମ୍ଭେମାନେ ଆଶା କରୁ ।

– ପ୍ରକାଶକ

ସ୍ୱାସ୍ଥ୍ୟ ଓ ଖାଦ୍ୟ

ସ୍ୱାସ୍ଥ୍ୟ ଜୀବନର ଆଧାର । ସୁସ୍ଥସବଳ ଶରୀରରେ ବ୍ୟକ୍ତି ଦେଶଶାସନ କରିପାରେ, ଦେଶର ଉନ୍ନତି କରିପାରେ । ବୈଜ୍ଞାନିକ ମସ୍ତିଷ୍କର କୌଶଳ ଦ୍ୱାରା ଆଶ୍ଚର୍ଯ୍ୟଜନକ ବସ୍ତୁ ଆବିଷ୍କାର କରିପାରେ । ଡାକ୍ତର ମୃତ୍ୟୁମୁଖରେ ପତିତ କେତେ ବ୍ୟକ୍ତିଙ୍କୁ ଉଦ୍ଧାର କରେ । ଅଧ୍ୟାପକ ବିଦ୍ୟାଦାନ କରିପାରେ, ବିଦ୍ୟାର୍ଥୀ ଉତ୍ତମରୂପେ ପଢ଼ିପାରେ, କୃଷକ କୃଷି କରିପାରେ । ସୁସ୍ଥସବଳ ଶରୀରରେହିଁ ବ୍ୟକ୍ତି ଅଧ୍ୟାତ୍ମ ସାଧନା କରି ଦେବଦୁର୍ଲଭ ମୁକ୍ତି, କୈବଲ୍ୟ, ପରମପଦ, ଭଗବତ୍ ପ୍ରାପ୍ତି କରି ଜନ୍ମ-ମରଣରୁ ମୁକ୍ତ ହୋଇପାରେ; ଅଥବା ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀରକୁ ଦିବ୍ୟ ତତ୍ତ୍ୱରେ ରୂପାନ୍ତର କରି ଭଗବାନଙ୍କୁ ସମସ୍ତ ସତ୍ତାରେ ଉପଲବ୍ଧି କରେ, ନୂତନ ଯୁଗର ଅତିମାନବ ଜାତିର ଅଗ୍ରଦୂତ ହୋଇପାରେ । ମନୁଷ୍ୟଶରୀର ମହାନ୍, ଦୁର୍ଲଭ, ସମସ୍ତ ସମ୍ଭାବନାରେ ପୂର୍ଣ୍ଣ, ଦେବତାଙ୍କଠାରୁ ଅତ୍ୟନ୍ତ ଉତ୍କୃଷ୍ଟ । ବ୍ୟକ୍ତି ମନୁଷ୍ୟ ଶରୀରରେହିଁ ଅଧ୍ୟାତ୍ମ ସାଧନା ଦ୍ୱାରା ସର୍ବାଙ୍ଗୀଣ ବିକାଶ କରି ପୂର୍ଣ୍ଣତା ଲାଭ କରେ ତଥା ପରମାନନ୍ଦରେ ବାସକରେ । ଏଥିରୁ ବଞ୍ଚିତ ରହନ୍ତି ଦେବତାମାନେ । ସେମାନଙ୍କର ଉନ୍ନତି ନ ଥାଏ । ସେମାନେ ପରମାନନ୍ଦସ୍ୱରୂପ ଭଗବାନଙ୍କୁ ପ୍ରାପ୍ତ ହୋଇପାରନ୍ତି ନାହିଁ । ଭଗବତ୍ ପ୍ରାପ୍ତି କରିବାକୁ ହେଲେ ସେମାନେ ଏହି ମୃତ୍ୟୁପୁରୀକୁ ଆସି ମନୁଷ୍ୟଶରୀର ଧାରଣ କରନ୍ତି । ଆମ୍ଭମାନଙ୍କର ଏହି ଦୁର୍ଲଭ ମନୁଷ୍ୟଶରୀରରେ ଅମୂଲ୍ୟ ସମ୍ପଦ ପରମାନନ୍ଦ ବିଦ୍ୟମାନ ଥାଇ ମଧ୍ୟ କଉଡ଼ି ସକାଶେ ଆମ୍ଭେମାନେ ହାତପତାଇ ବୁଲୁ; ଦୁଃଖକଷ୍ଟରେ ଜର୍ଜରିତ ହୋଇ ସ୍ତ୍ରୀ, ପୁତ୍ର, ଧନ, ମାନ, ଯଶରେ ସୁଖପ୍ରାପ୍ତି ଆଶା କରୁ; ପରିଣାମରେ ମହାନ୍ ଦୁଃଖ-ଯାତନା ଭୋଗ କରୁ । ଶବର ଗଜମୁକ୍ତାର ପ୍ରଭାବ ନ ଜାଣି ସେରେ ଶାଗକୁ ବିକ୍ରି କରିବା ସଦୃଶ ଆମ୍ଭେମାନେ ଅତ୍ୟନ୍ତ ଦୁର୍ଲଭ, ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ମନୁଷ୍ୟଶରୀର ପାଇ ତା'ର ମହତ୍ତ୍ୱ ନ ଜାଣି ବ୍ୟର୍ଥରେ ନଷ୍ଟ କରୁ । ଆମ୍ଭେମାନଙ୍କ ମଧ୍ୟରେ ଯେପରି ପରମାନନ୍ଦ ବିଦ୍ୟମାନ ଅଛି, ସେହିପରି ପରମଶକ୍ତି ଏବଂ ପରମଜ୍ଞାନ ବି ନିହିତ ଅଛି । ଏହି ସମସ୍ତର ବିକାଶରେ ମନୁଷ୍ୟର ହୁଏ ପୂର୍ଣ୍ଣତା, ମନୁଷ୍ୟ ହୁଏ ଭଗବାନଙ୍କ ସଦୃଶ, ସମସ୍ତ ସତ୍ତାରେ ଏକତ୍ୱ ସ୍ଥାପନ କରେ, ଭଗବାନଙ୍କ ସହିତ କର୍ମରେ ପ୍ରାପ୍ତ ହୁଏ ମହାନ୍ ଦକ୍ଷତା ।

ଏହି ସମସ୍ତ ସୁପ୍ତ ଶକ୍ତିର ଆଧାର ଶରୀର । ଶରୀରକୁ ସୁସ୍ଥ ସବଳ ରଖିବା ସକାଶେ ବ୍ୟାୟାମ ଏବଂ ବ୍ରହ୍ମଚର୍ଯ୍ୟପାଳନ ଆବଶ୍ୟକ । ଏହାକୁ ସାହାଯ୍ୟ କରେ ନିୟମିତ ଶାରୀରିକ କର୍ମ, ନିର୍ଦ୍ଧାରିତ ସମୟରେ ବିଶ୍ରାମ, ଜାଗରଣ, ଭୋଜନ, ମଳମୂତ୍ର ତ୍ୟାଗ ଏବଂ ନିର୍ଦ୍ଦିଷ୍ଟ ସମୟରେ ଯଥାର୍ଥ ନିୟମାନୁସାରେ ବ୍ୟାୟାମ ।

ବ୍ରହ୍ମଚର୍ଯ୍ୟପାଳନ ଦ୍ୱାରା ବ୍ୟକ୍ତିର ଶରୀର ସବଳ, ତେଜୋମୟ, ନୀରୋଗ ହୁଏ, ପ୍ରାଣ ସବଳ, ଶାନ୍ତ ହୁଏ, ମନ ଏକାଗ୍ର ହୁଏ, ବୁଦ୍ଧି ଶୁଦ୍ଧ ଏବଂ ତୀବ୍ର ହୁଏ, ଅସାଧାରଣ କର୍ମଶକ୍ତି ଜାଗ୍ରତ୍ ହୁଏ । ବ୍ରହ୍ମଚର୍ଯ୍ୟପାଳନରେ ବ୍ୟକ୍ତି ଉତ୍ତମରୂପେ ପଢ଼ିପାରେ, ବିଜ୍ଞାନ ଦ୍ୱାରା ଉତ୍ତମ ବସ୍ତୁ ଆବିଷ୍କାର କରିପାରେ ତଥା ଯୁଦ୍ଧବିଦ୍ୟାଦି ଜାଗତିକ ସମସ୍ତ କର୍ମ ଦକ୍ଷତା ସହ ଆୟତ୍ତ କରିପାରେ । ଜୀବନର ସର୍ବାଙ୍ଗୀଣ ବିକାଶ ହୁଏ ବ୍ରହ୍ମଚର୍ଯ୍ୟପାଳନରେ । ବ୍ରହ୍ମଚର୍ଯ୍ୟପାଳନ ବିନା ବ୍ୟକ୍ତି ଜୀବନର ଯଥାର୍ଥ ଲକ୍ଷ୍ୟ କଦାପି ଲାଭ କରିପାରେ ନାହିଁ । କିଂବା ସଂସାରର କାର୍ଯ୍ୟ ମଧ୍ୟ ନିଖୁଣଭାବେ ସମ୍ପାଦନ କରିପାରେ ନାହିଁ । ଅଶାନ୍ତି ଏବଂ ଦୁଃଖକଷ୍ଟରେ ଯୌବନ ଅବସ୍ଥା ବ୍ୟୟିତ ହୁଏ, ବୃଦ୍ଧାବସ୍ଥାରେ ଦୁଃଖଦ୍ୱନ୍ଦ୍ୱ ତଥା ପଶ୍ଚାତ୍ତାପ କରିବାକୁ ପଡ଼େ । ବ୍ରହ୍ମଚର୍ଯ୍ୟ ପାଳନରେ ବ୍ୟାୟାମ ସାହାଯ୍ୟ କରେ, ବ୍ରହ୍ମଚର୍ଯ୍ୟପାଳନ ଦ୍ୱାରା ବ୍ୟାୟାମ ଠିକ୍ ଠିକ୍ ହୁଏ ତଥା ଜୀବନର ସର୍ବାଙ୍ଗୀଣ ବିକାଶ ସାଧିତ ହୁଏ । ବ୍ରହ୍ମଚର୍ଯ୍ୟ ଛଡ଼ା ଜୀବନର ପୂର୍ଣ୍ଣ ବିକାଶ କଦାପି ହୁଏ ନାହିଁ ।

ଶରୀର ସୁସ୍ଥ ଥିବା ଅବସ୍ଥାରେ ଶାରୀରିକ, ମାନସିକ ସବୁପ୍ରକାର କର୍ମ ସୁଖପ୍ରଦ ହୁଏ; ଅସୁସ୍ଥ ଅବସ୍ଥାରେ କେବଳ କର୍ମ ନୁହେଁ, ଜୀବନଧାରଣ ଦୁଃଖପ୍ରଦ; ଆହାରବିହାରାଦି ଅପ୍ରିୟ ଓ ତ୍ୟାଜ୍ୟ ହୁଏ । ପ୍ରତ୍ୟେକ ରୋଗ ମନୁଷ୍ୟକୁ ପୀଡ଼ା ଦିଏ, ଜୀବନକୁ ଭାର ସ୍ୱରୂପ କରିଦିଏ । କିନ୍ତୁ ଅଗ୍ନିମାନ୍ଦ୍ୟ ରୋଗ ପୀଡ଼ା ଦେବା ସଙ୍ଗେ ସଙ୍ଗେ ଅନ୍ୟ କେତେକ ରୋଗକୁ ଉତ୍ପନ୍ନ କରେ ।

ମନୁଷ୍ୟର ସ୍ୱାସ୍ଥ୍ୟ ହେଉଛି ସମ୍ପଦ । ସ୍ୱାସ୍ଥ୍ୟବାନ୍ ବ୍ୟକ୍ତି ଗଭୀର ଚିନ୍ତା କରିପାରେ, ଏପରି କି ସାଧନା ଦ୍ୱାରା ନିଜ ମଧ୍ୟରେ ଶାନ୍ତି, ସନ୍ତୋଷ, ଆନନ୍ଦ ପ୍ରତିଷ୍ଠା କରି ଜୀବନକୁ ସୁଖମୟ କରେ । ସ୍ୱାସ୍ଥ୍ୟ ବିନା ମନୁଷ୍ୟ ଲୌକିକ ଏବଂ ପାରଲୌକିକ ଉଭୟ କର୍ମରେ ସଫଳତା ପ୍ରାପ୍ତ କରିବାରେ ଅସମର୍ଥ ହୁଏ । ଏଣୁ ବ୍ୟକ୍ତି ସ୍ୱାସ୍ଥ୍ୟରକ୍ଷା ପ୍ରତି ଦୃଷ୍ଟି ଦେଇ ଅସୁସ୍ଥତାରୁ ମୁକ୍ତ ହେବାର ପ୍ରଯତ୍ନ କରିବା ଉଚିତ ।

ଅଗ୍ନିମାନ୍ଦ୍ୟ :

ଅଗ୍ନିମାନ୍ଦ୍ୟ ରୋଗ ଉତ୍ପନ୍ନ ହୁଏ ଦୁଇଟି କାରଣରୁ : ଗୋଟିଏ ଶାରୀରିକ ପରିଶ୍ରମ ବା ବ୍ୟାୟାମ ନ କରିବା ହେତୁ ଏବଂ ଅନ୍ୟଟି ଅନିୟମିତ ଆହାର ଓ ବିଶ୍ରାମ, ଏହା ସଙ୍ଗେ ଜିହ୍ୱାଲାଳସାରେ ହଜମର ପ୍ରତିକୂଳ ଭୋଜନ, ତାହା ପୁଣି ଆବଶ୍ୟକ ପରିମାଣଠାରୁ ଅଧିକ ହେବାରୁ । ଯେଉଁମାନଙ୍କର ଜନ୍ମରୁ ଜଠରାଗ୍ନି ବହୁତ ପ୍ରବଳ ଥାଏ ସେମାନଙ୍କର ଏହିପରି ଅନିୟମିତ ଭୋଜନ ଓ ଅନିୟମିତ ବିଶ୍ରାମ କରିବା ସତ୍ତ୍ୱେ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ କୌଣସି ମତେ ଜୀବନନିର୍ବାହ ହୋଇଯାଏ । କିନ୍ତୁ ବୃଦ୍ଧାବସ୍ଥାରେ ବହୁତ ପ୍ରକାର ରୋଗର କବଳରେ ପଡ଼ିବାକୁ ହୁଏ । ଯେଉଁମାନଙ୍କର ଜନ୍ମରୁ ଜଠରାଗ୍ନି ଦୁର୍ବଳ ସେମାନଙ୍କର ଆହାର-ବିହାରାଦିରେ ଅନିୟମିତତା ଯୋଗୁଁ ବାଲ୍ୟାବସ୍ଥାରୁ ଅଗ୍ନିମାନ୍ଦ୍ୟ ରୋଗ ଆରମ୍ଭ ହୁଏ । ଏଥିରୁ ମୁକ୍ତ ହେବାର ଉପାୟ ହେଲା :

ଶୁଦ୍ଧ ସାତ୍ତ୍ୱିକ ଭୋଜନ ଗ୍ରହଣ । ତାହା ନିର୍ଦ୍ଦିଷ୍ଟ ଓ ନିୟମିତ ସମୟରେ ହେବା ଉଚିତ ଏବଂ ତତ୍‌ସଙ୍ଗେ ବିଶ୍ରାମ ମଧ୍ୟ ଆବଶ୍ୟକ । ଭୋଜନର ଉତ୍ତମ ସମୟ ଦିବା ଘ ୧୧ଟା ଓ ରାତ୍ରି ଘ ୯ଟା ସମୟରେ । କ୍ଷୁଧା ହେଲେ ସକାଳେ ଓ ଅପରାହ୍ଣ ଘ ୪ଟା ସମୟରେ ଜଳଖିଆ କରାଯାଇପାରେ । ଯେଉଁମାନଙ୍କର ହଜମ ହୁଏ ନାହିଁ, ସେମାନେ ଦୁଇଥର ଭୋଜନ କରିବେ । ଯେଉଁମାନଙ୍କୁ ଏହି ସମୟ ଅନୁକୂଳ ନ ହୁଏ ସେମାନେ ଯେଉଁ ସମୟରେ ଭୋଜନ କରିବେ, ପ୍ରତ୍ୟେକ ଦିନ ଠିକ୍ ସେହି ସମୟରେ ଭୋଜନ କରିବା ଉଚିତ । ରାତ୍ରିରେ ଘ ୧୦ଟାରେ ନିଦ୍ରା ଯାଇ ଭୋର ଘ ୪ଟା ଅଥବା ଘ ୫ଟାରେ ଉଠିବା ଭଲ ।

ଭୋଜନର ନିୟମ :

(୧) ଯେତିକି ଆବଶ୍ୟକ ଜିହ୍ୱାଲାଳସାର ବଶବର୍ତ୍ତୀ ହୋଇ ତା'ଠାରୁ ଅଧିକ ଭୋଜନ କରିବା ଉଚିତ ନୁହେଁ । ଚୁଲିରେ ଅଧିକ କାଠ ଭର୍ତ୍ତି କରି ଦେଲେ ସେ ତ ଜଳେ ନାହିଁ, ପେଟରେ ଖୁନ୍ଦି ଅଧିକ ଖାଦ୍ୟ ଭର୍ତ୍ତି କରିଦେଲେ ତାହା ହଜମ ହେବ କିପରି ?

(୨) ଅଧିକ ଲଙ୍କା, ଅଧିକ ଖଟା, ତେଲ : ବିଶେଷତଃ ବଜାରତିଆରି ଘିଅ ଓ ତେଲରେ ଛଣା ମିଠାଇ ଇତ୍ୟାଦି ବସ୍ତୁ ଏବଂ ସରାପ, ସିଗାରେଟ୍ ପ୍ରଭୃତି ବର୍ଜନ କରିବା ଭଲ । ଯେଉଁମାନଙ୍କର ହଜମ ଶକ୍ତି ଦୁର୍ବଳ ସେମାନଙ୍କ ପକ୍ଷରେ ମାଛମାଂସ ମଧ୍ୟ ତ୍ୟାଜ୍ୟ ।

(୩) ଭୋଜନ ସମୟରେ ବାରଂବାର ପାଣି ପିଇଲେ ତାହା ପରିପାକରେ ବ୍ୟାଘାତ ଘଟାଏ । ଭୋଜନର ଅଧଘଣ୍ଟାକ ପରେ ପାଣି ପିଇବା ଭଲ ।

(୪) ଡାହାଣ ନାସାରେ ଶ୍ୱାସ ପ୍ରବାହିତ ହେବା ସମୟରେ ଭୋଜନ କଲେ ଖାଦ୍ୟବସ୍ତୁ ଶୀଘ୍ର ହଜମ ହୁଏ ଏବଂ ଡାହାଣ ନାସିକାରେ ଶ୍ୱାସ ପ୍ରବାହିତ ହେବା ସମୟରେ ଶୀଘ୍ର ମଳତ୍ୟାଗ ହୁଏ । ଭୋଜନ ଓ ମଳତ୍ୟାଗ ସମୟରେ ଯଦି ବାମ ନାସିକାରେ ଶ୍ୱାସ ହେଉଥାଏ ତେବେ ଡାହାଣ ନାସିକାକୁ ପରିବର୍ତ୍ତନ କରିବାର ଉପାୟ ନିମ୍ନରେ ଦିଆଗଲା :

ବାମ ନାସିକାରେ ଶ୍ୱାସ ପ୍ରବାହିତ ହେଉଥିଲେ କିଛି ସମୟ ବାମ କଡ଼ ମାଡ଼ି ଶୋଇଲେ ଦକ୍ଷିଣ ନାସିକାରେ ଶ୍ୱାସ ସ୍ୱତଃ ପ୍ରବାହିତ ହୁଏ । ଭୋଜନ ସମୟରେ ବରାବର ଦକ୍ଷିଣ ନାସିକାରେ ଶ୍ୱାସ ପ୍ରବାହିତ କରାଇବା ସକାଶେ

ଦୁଇ ଜଙ୍ଘରେ ବସି ଡାହାଣ ଜଙ୍ଘ ବାମ ଜଙ୍ଘ ଉପରେ ରଖିବେ, ବାମ ହାତ ଭୂମିରେ ରଖି, କହୁଣି କଙ୍କାଳରେ ଲଗାଇ ସମସ୍ତ ଶରୀରର ଭାର କହୁଣି ଉପରେ ରଖିଦେଲେ ବରାବର ଡାହାଣ ନାସିକାରେ ଶ୍ୱାସ ପ୍ରବାହିତ ହୁଏ ।

ଯେଉଁମାନେ ଦୁଇ ପାଦରେ ବସି ଭୋଜନ କରନ୍ତି ସେମାନେ ବାମ ହାତକୁ ବାମପାର୍ଶ୍ୱ କଙ୍କାଳରେ ରଖି ବାମ ଜଙ୍ଘରେ ହାତକୁ ଦବାଇ ରଖିଲେ ଶ୍ୱାସ ଡାହାଣ ନାସିକାରେ ପ୍ରବାହିତ ହୁଏ । ଯେଉଁମାନେ ଚୌକିରେ ବସି ଭୋଜନ କରନ୍ତି ସେମାନେ ଚୌକିରେ ବାମ ହାତ ରଖି କହୁଣିକୁ କଙ୍କାଳରେ ଲଗାଇ ରଖି ଶରୀରର ଭାର କହୁଣି ଉପରେ ଦେଲେ ଶ୍ୱାସ ଡାହାଣ ନାସା-ରନ୍ଧ୍ରରେ ପ୍ରବାହିତ ହୁଏ, ଅର୍ଥାତ୍ ବାମକଡ଼ରେ ଆଉଜି ପଡ଼ିଲେ ଶ୍ୱାସ ଡାହାଣ ନାସାରେ ପ୍ରବାହିତ ହୁଏ । ଭୋଜନ କରିବା ପରେ ଅନ୍ତତଃ ୧୫ ମିନିଟ ବାମ କଡ଼ ମାଡ଼ି ଶୋଇଲେ ଡାହାଣ ନାସାପୁଟରେ ସହଜରେ ଶ୍ୱାସ ପ୍ରବାହିତ ହୁଏ । ଯେଉଁମାନଙ୍କୁ ଶୋଇବାକୁ ସମୟ ନ ମିଳେ ସେମାନେ ଧୁଆ ହୋଇଥିବା ପରିଷ୍କାର କନାରେ ବାଟୁଳି ତିଆରି କରି ବାମ ନାସାପୁଟକୁ ବନ୍ଦ କରି ପାରନ୍ତି । କିନ୍ତୁ ଅପରିଷ୍କାର କନା କେବେ ବି ବ୍ୟବହାର କରିବେ ନାହିଁ । ଭୋଜନ ଆରମ୍ଭଠାରୁ ପନ୍ଦର ମିନିଟ୍ ଡାହାଣ ନାସିକାରେ ଶ୍ୱାସ ପ୍ରବାହିତ ହେଲେ ଖାଦ୍ୟ ବସ୍ତୁ ସହଜରେ ପରିପାକ ହୁଏ ।

ମଳତ୍ୟାଗ ପୂର୍ବରୁ ଉଦରପୂର୍ଣ୍ଣ ଜଳ ପିଇଲେ ମଳତ୍ୟାଗ ସହଜରେ ହୁଏ । ଯେଉଁମାନଙ୍କର କୋଷ୍ଠବଦ୍ଧତା ଥାଏ, ସେମାନେ ବହୁତ କମ୍ ଗରମ ଜଳରେ ଦୁଇ ତିନି ରତି ଲବଣ ମିଶାଇ ପିଇ ପାରନ୍ତି । ଯେଉଁମାନଙ୍କର ଶରୀର ସୁସ୍ଥ ସେମାନେ ଏହି ନିୟମକୁ ପାଳନ କଲେ ଅଗ୍ନିମାନ୍ଦ୍ୟ ରୋଗ କେବେ ବି ଭୋଗନ୍ତି ନାହିଁ ଏବଂ ଯେଉଁମାନଙ୍କର ଅଗ୍ନିମାନ୍ଦ୍ୟ ରୋଗ ଅଛି, ଏହା ପାଳନ କଲେ ସେମାନେ ସେଥିରୁ ମୁକ୍ତ ହୋଇପାରନ୍ତି । ଏହି ନିୟମ ପାଳନ କରିବା ସଙ୍ଗେ ସଙ୍ଗେ ପେଟର ବ୍ୟାୟାମ କରିବା ଆବଶ୍ୟକ । ବ୍ୟାୟାମ ଦ୍ୱାରା ଅଙ୍ଗ ବଳିଷ୍ଠ ହୁଏ ଓ ଶକ୍ତି ବୃଦ୍ଧି ହୁଏ । ସେ ସକାଶେ ପେଟର ଗୋଟିଏ ଅତି ସରଳ ଏବଂ ଜଠରାଗ୍ନି-ବର୍ଦ୍ଧକ ବ୍ୟାୟାମ ଏଠାରେ ନିର୍ଦ୍ଦେଶ କରାହେଉଛି :

ବ୍ୟକ୍ତି ନିଜ ସୁବିଧା ଅନୁସାରେ ଏହାକୁ ପ୍ରାତଃ ଅଥବା ସାୟାହ୍ନରେ କରିପାରନ୍ତି । ଭୋଜନ କରିବା ପରେ ଘଣ୍ଟା ମଧ୍ୟରେ ଏହି ବ୍ୟାୟାମ କରିବା ଏକେବାରେ ଉଚିତ ନୁହେଁ । ବ୍ୟାୟାମ କରିବାର ଅଧ ଘଣ୍ଟା ପରେ ଅଧପାଏ ଦୁଧ ପିଇପାରନ୍ତି, ଏକ ଘଣ୍ଟା ପରେ ଜଳଖିଆ ଖାଇପାରନ୍ତି, ଦେଢ଼ ଘଣ୍ଟା ପରେ ପୂର୍ଣ୍ଣ ଭୋଜନ କଲେ କ୍ଷତି ହୁଏ ନାହିଁ । ଦେଢ଼ ଘଣ୍ଟା ପୂର୍ବରୁ ଉଦର-ପୂର୍ଣ୍ଣ ଭୋଜନ ସଦା ବର୍ଜନୀୟ । ଯେଉଁମାନଙ୍କର ସୁସ୍ଥ ଶରୀର ସେମାନେ ବ୍ୟାୟାମର ଏକ ଘଣ୍ଟା ପରେ ଉଦରପୂର୍ଣ୍ଣ ଭୋଜନ କଲେ ତାଙ୍କର କିଛି କ୍ଷତି ହୁଏ ନାହିଁ ।

ଦୁଇ ଆଣ୍ଠୁ ମାଡ଼ି ଦୁଇ ଗୋଇଠି ଉପରେ ବସ, ଦୁଇ ନାସାରନ୍ଧ୍ର ଦ୍ୱାରା ପେଟ ମଧ୍ୟରେ ଥିବା ବାୟୁକୁ ବାହାର କରି ଦିଅ, ପେଟକୁ ଖଙ୍କାଳି କରି ମେରୁ ଦଣ୍ଡରେ ଲଗାଇ ଦିଅ, ଶ୍ୱାସକୁ ବନ୍ଦ ରଖ, ପେଟକୁ ଛାଡ଼ିଦେଇ ଶ୍ୱାସ ଆହରଣ କର ।

ଯେଉଁମାନଙ୍କର ଅଗ୍ନିମାନ୍ଦ୍ୟ ରୋଗ, ଶରୀର ବହୁତ ଦୁର୍ବଳ, ସେମାନେ ସାୟଂ ଅଥବା ପ୍ରାତଃ କାଳରେ ଶୌଚ ସ୍ନାନରୁ ନିବୃତ୍ତ ହୋଇ ଅଥବା କେବଳ ଶୌଚରୁ ନିବୃତ୍ତ ହୋଇ ଏହି ବ୍ୟାୟାମ ପନ୍ଦର ଦିନ ପର୍ଯ୍ୟନ୍ତ ପାଞ୍ଚଥର ଲେଖାଏଁ କରିବେ । ଏହି ପନ୍ଦର ଦିନ ମଧ୍ୟରେ ଯଦି ସେମାନଙ୍କର ଜଠରାଗ୍ନି କିଛି ବୃଦ୍ଧି ହୁଏ, ତେବେ ପନ୍ଦର ଦିନ ପରେ ଦଶଥର ଲେଖାଏଁ କରିବେ । ଯଦି ଅଗ୍ନି ବୃଦ୍ଧି ନ ହେଉଥାଏ ତେବେ ଯେତେ ଦିନ ପର୍ଯ୍ୟନ୍ତ ଅଗ୍ନିବୃଦ୍ଧି ନ ହୁଏ ସେତେଦିନ ପର୍ଯ୍ୟନ୍ତ ବ୍ୟାୟାମ ସଂଖ୍ୟା ବଢ଼ାଇବେ ନାହିଁ । ଅଗ୍ନିବୃଦ୍ଧି ହେଉଥିଲେ ପ୍ରତି ପନ୍ଦର ଦିନ ପରେ ସଂଖ୍ୟା ବଢ଼ାଇ ପଚାଶଥର ପର୍ଯ୍ୟନ୍ତ କରିବେ ।

ଯେଉଁମାନେ ଧୈର୍ଯ୍ୟରଖି ଶରୀରର ଆବଶ୍ୟକତାନୁଯାୟୀ ଏହି ବ୍ୟାୟାମ ବୃଦ୍ଧି କରନ୍ତି ସେମାନଙ୍କର ରୋଗ ଦୂର ହୋଇ ଶରୀର ସୁସ୍ଥ ହୋଇଯାଏ । ଯେଉଁମାନେ ଅଧୈର୍ଯ୍ୟ ହୋଇ ଆରମ୍ଭରୁ ଅଧିକ କରନ୍ତି କିଂବା ଶୀଘ୍ର ଶୀଘ୍ର ବୃଦ୍ଧି କରନ୍ତି ସେମାନଙ୍କର ଉପକାର ପରିବର୍ତ୍ତେ ଅପକାର ହୁଏ । ଏହା ସମସ୍ତେ ଜାଣନ୍ତି ଯେ, ଯେଉଁ ଔଷଧ ବ୍ୟାଧି ଦୂର କରେ, ତାହାକୁ ମାତ୍ରାଧିକ ସେବନକଲେ ମୃତ୍ୟୁ ଘଟିପାରେ । ଦୁଗ୍ଧ ପୁଷ୍ଟିକର ଖାଦ୍ୟ, କିନ୍ତୁ ଅଧିକ ହେଲେ ଶରୀରକୁ ଅସୁସ୍ଥ କରେ । ''ଅତି ସର୍ବତ୍ର ବର୍ଜୟେତ୍''; ପରିମାଣରେ ପ୍ରତ୍ୟେକ ବସ୍ତୁ ଅମୃତତୁଲ୍ୟ, ଅପରିମାଣରେ ସମସ୍ତ ବସ୍ତୁ ବିଷତୁଲ୍ୟ କାର୍ଯ୍ୟ କରେ ।

ଏହି ବ୍ୟାୟାମ ଦ୍ୱାରା ବହୁ କାଳର ଅଗ୍ନିମାନ୍ଦ୍ୟ ରୋଗ, ବହୁତ ପ୍ରାଚୀନ ସଂଗ୍ରହଣୀ, ଆମାଶୟ ଇତ୍ୟାଦି ସମସ୍ତ ପ୍ରକାର ଉଦର ରୋଗ ଦୂର ହୁଏ, ଶରୀର ହୃଷ୍ଟପୁଷ୍ଟ ଓ ସୁନ୍ଦର ହୁଏ ।

ଯେଉଁମାନଙ୍କର ସମୟ କମ୍, ବ୍ୟାୟାମ କରିବାରେ ଶ୍ରଦ୍ଧାର ଅଭାବ, ସେମାନଙ୍କ ସକାଶେ ଏହି ପ୍ରଣାଳୀ ଲେଖା ଗଲା । ଯେଉଁମାନେ ଉତ୍ସାହର ସହ ଜୀବନର ପୂର୍ଣ୍ଣତା ଏବଂ ଶରୀର ରୂପାନ୍ତର ଉଦ୍ଦେଶ୍ୟ ରଖନ୍ତି ସେମାନଙ୍କ ସକାଶେ ଆବଶ୍ୟକ ବ୍ୟାୟାମ ନିମ୍ନରେ ଆଲୋଚନା କରାହେଲା ।

ବ୍ୟାୟାମ

ସୁସ୍ଥ ସବଳ ଶରୀରରେ ବ୍ୟକ୍ତି ଅଧ୍ୟାତ୍ମ ସାଧନା କରି ଅତିମାନସ ଶକ୍ତି ଦ୍ୱାରା ତା'ର ମନ-ପ୍ରାଣ-ଶରୀରକୁ ଦିବ୍ୟ ତତ୍ତ୍ୱରେ ରୂପାନ୍ତର କରିପାରେ । ଭଗବାନଙ୍କ ସହିତ ସମସ୍ତ ସତ୍ତାରେ ଏକତ୍ୱପ୍ରାପ୍ତ କରି ଭଗବାନଙ୍କ ଯନ୍ତ୍ରରୂପେ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୁଏ ଅଥବା ସଂସାରରେ ଅସାଧ କର୍ମ ସାଧନ କରିପାରେ । ଦୁର୍ବଳ ଅସୁସ୍ଥ ଶରୀରରେ ବ୍ୟକ୍ତି ଅଧ୍ୟାତ୍ମ ସାଧନା ଦ୍ୱାରା ଭଗବତ୍ ପ୍ରାପ୍ତି କରିପାରେ ନାହିଁ କିଂବା ସଂସାରରେ କୌଣସି କର୍ମ କରିବାକୁ ସମର୍ଥ ହୁଏ ନାହିଁ । ସୁରଦୁର୍ଲଭ ଶରୀର ପାଇ ବ୍ୟର୍ଥରେ ନଷ୍ଟ କରେ ।

ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ମାଆ ଶ୍ରୀଅରବିନ୍ଦ ଅତିମାନସ ମହାସତ୍ୟକୁ ପୃଥିବୀପୃଷ୍ଠରେ ସ୍ଥାପନ କରିଅଛନ୍ତି । ମନୁଷ୍ୟ ସେହି ଶକ୍ତି ପ୍ରତି ଉନ୍ମୁକ୍ତ ହେଲେ, ତାକୁ ଗ୍ରହଣ କଲେ, ତା'ର ମନ-ପ୍ରାଣ-ଶରୀର ଦିବ୍ୟ-ତତ୍ତ୍ୱରେ ରୂପାନ୍ତରିତ ହେବ । ତା'ର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହୋଇ ଭଗବାନଙ୍କ ସଂକଳ୍ପରେ ଭାଗବତୀ ଶକ୍ତିଙ୍କ ଦ୍ୱାରା ପରିଚାଳିତ ହେବ । ସେ ପୂର୍ଣ୍ଣରୂପେ ଅଜ୍ଞାନ ଅନ୍ଧକାର ଶକ୍ତିର ଅଧୀନରୁ ମୁକ୍ତ ହୋଇ ପରମାନନ୍ଦ, ପରମ ଶାନ୍ତି, ପରମ ଜ୍ଞାନରେ ବାସ କରିବ । ସମସ୍ତ ଗୁପ୍ତ ରହସ୍ୟ ତା' ଜ୍ଞାନଦୃଷ୍ଟିରେ ଉଦ୍‌ଘାଟିତ ହେବ । ତା' ଫଳରେ ସଂସାରରୁ ଦୁଃଖ-ଦ୍ୱନ୍ଦ୍ୱ, ଅସତ୍ୟ, ଅନ୍ୟାୟ-ଅତ୍ୟାଚାର ଦୂର ହେବ । ସଂସାର ସ୍ୱର୍ଗରେ ପରିଣତ ହେବ । ସେହି ଦିବ୍ୟଶକ୍ତିକୁ ଗ୍ରହଣ କରିବା ସକାଶେ ବ୍ୟକ୍ତିର ମନ-ପ୍ରାଣ-ଶରୀର ଆଧାର ତୟାର ହେବା ଆବଶ୍ୟକ । ମନ-ପ୍ରାଣ ପ୍ରସ୍ତୁତ ହୁଏ ମା'ଙ୍କୁ ସମର୍ପଣ ଓ ସ୍ମରଣ କରିବାରେ । କିନ୍ତୁ ଶରୀରର ପ୍ରସ୍ତୁତି ହୁଏ ସତ୍ୟ ଗ୍ରହଣ କରିବା ଉଦ୍ଦେଶ୍ୟ ରଖି ବ୍ୟାୟାମ କରିବାରେ । ବ୍ୟାୟାମ ଦ୍ୱାରା ଶରୀର ନମନୀୟ ହୁଏ, ସୁପ୍ତ ଚୈତନ୍ୟ ଜାଗ୍ରତ ହୁଏ ଏବଂ ସେଥିରେ ଗ୍ରହଣଶୀଳତା ଉତ୍ପନ୍ନ ହୁଏ । ବ୍ୟାୟାମ ବ୍ୟତୀତ କେବଳ ଧ୍ୟାନ ଦ୍ୱାରା ଶରୀର ଗ୍ରହଣକ୍ଷମ ହୁଏ ନାହିଁ । ସେହି ସକାଶେ ଶ୍ରୀଅରବିନ୍ଦ ଆଶ୍ରମରେ ଶାରୀରିକ ବ୍ୟାୟାମକୁ ସାଧନାର ବିଶେଷ ଆବଶ୍ୟକ ଅଙ୍ଗରୂପେ ଗ୍ରହଣ କରାହୋଇଅଛି ଏବଂ ସମସ୍ତ ସାଧକସାଧିକା ସେଥିରେ ଅଂଶଗ୍ରହଣ କରୁଅଛନ୍ତି । ଏହାଛଡ଼ା ସ୍ୱାସ୍ଥ୍ୟ ମନୁଷ୍ୟ ଜୀବନର ଆଧାର । ସ୍ୱାସ୍ଥ୍ୟ ଭଲ ଥିଲେ ବ୍ୟକ୍ତି ଭଲ ପଢ଼ିପାରେ, ଶାରୀରିକ ତଥା ମାନସିକ ସମସ୍ତ କର୍ମକୁ ଉତ୍ତମରୂପେ ସମ୍ପାଦନ କରିପାରେ । ସ୍ୱାସ୍ଥ୍ୟ ବିନା ବ୍ୟକ୍ତି କୌଣସି କାର୍ଯ୍ୟରେ ସଫଳତା ପ୍ରାପ୍ତ କରିପାରେ ନାହିଁ, ଜୀବନ ଭାରସ୍ୱରୂପ ହୁଏ । ବ୍ୟକ୍ତିର ଉତ୍ତମ ସ୍ୱାସ୍ଥ୍ୟ ଲାଭ ହୁଏ ବ୍ୟାୟାମ ତଥା ସୂକ୍ଷ୍ମ ଓ ସ୍ଥୂଳେନ୍ଦ୍ରିୟ ସଂଯମରେ । ଅତଏବ ଗୃହୀ ବା ସନ୍ନ୍ୟାସୀ ପ୍ରତ୍ୟେକ ବ୍ୟକ୍ତି ସକାଶେ ଉତ୍ତମ ସ୍ୱାସ୍ଥ୍ୟ ଆବଶ୍ୟକ । ସୁତରାଂ ବ୍ୟାୟାମ କରିବା ଉଚିତ । ଏଣୁ ଏଠାରେ ବ୍ୟାୟାମ ବିଷୟରେ ଆଲୋଚନା କରିବା ।

ବ୍ୟାୟାମର ଆବଶ୍ୟକତା :

ଶରୀରର ସ୍ୱାସ୍ଥ୍ୟକୁ ରକ୍ଷା କରିବା, ଶରୀରକୁ ନୀରୋଗ କରିବାର ଗୋଟିଏ ଦିଗ ଯେପରି ନିୟମିତ ଓ ସଂଯମିତ ଆହାର, ସେହିପରି ଅନ୍ୟ ଦିଗଟି ବ୍ୟାୟାମ । ବ୍ୟାୟାମ କରିବା ଦ୍ୱାରା ରକ୍ତସଞ୍ଚାଳନ କ୍ରିୟା ମୁକ୍ତରୂପେ ହୁଏ; ଏହା ଖାଦ୍ୟଦ୍ରବ୍ୟ ପରିପାକ ହେବାରେ ଜଠରାଗ୍ନିର ଶକ୍ତି ବୃଦ୍ଧି କରେ, ଶରୀରର ରୋଗ-ଉତ୍ପନ୍ନକାରୀ ବିଭିନ୍ନ ଅସାମଞ୍ଜସ୍ୟ

ତତ୍ତ୍ୱରେ ସାମଞ୍ଜସ୍ୟ ସ୍ଥାପନ କରେ, ଦୀର୍ଘାୟୁ କରେ, ଶାରୀରିକ ସୌନ୍ଦର୍ଯ୍ୟ ବୃଦ୍ଧି କରେ, ବ୍ରହ୍ମଚର୍ଯ୍ୟ ପାଳନ କରିବାରେ ସାହାଯ୍ୟ କରେ, ଶରୀରରୁ ତାମସିକତା, ଜଡ଼ତା ଓ ଆଳସ୍ୟ ଦୂର କରେ; ଅଙ୍ଗପ୍ରତ୍ୟଙ୍ଗକୁ ବଳବାନ୍ କରେ; ଶରୀରରେ ସୁପ୍ତ ଥିବା ନମନୀୟତାକୁ ଜାଗ୍ରତ୍ କରାଏ; ରୂପାନ୍ତରକାରିଣୀ ଅତିମାନସ ଶକ୍ତିର ଅବତରଣ ତଥା କ୍ରିୟା ସକାଶେ ଆଧାର ପ୍ରସ୍ତୁତ କରେ । ଭବିଷ୍ୟତରେ ଅତିମାନସଶକ୍ତିର କ୍ରିୟା ଦ୍ୱାରା ଶରୀର ଚେତନା ଜାଗ୍ରତ୍ ତଥା ରୂପାନ୍ତରିତ ହେବାରେ ପ୍ରାଥମିକ ଭୂମିକାରୂପେ ବ୍ୟାୟାମ କାର୍ଯ୍ୟ କରେ । ସର୍କସ, ନୃତ୍ୟ, ଆସନାଦିରେ ଶରୀରର ଯେଉଁ ଆଶ୍ଚର୍ଯ୍ୟଜନକ ନମନୀୟତା ପ୍ରଦର୍ଶିତ ହୁଏ ତାହା ବ୍ୟାୟାମ ଦ୍ୱାରା ଉପଲବ୍ଧ ହୁଏ । ବ୍ୟାୟାମ ଦ୍ୱାରା ଶରୀରରେ ନମନୀୟତା ଯେପରି ଜାଗ୍ରତ୍ ହୁଏ ସେହିପରି ଯୋଗ ଦ୍ୱାରା ଶରୀରର ଆଭ୍ୟନ୍ତରୀଣ ଅସାଧାରଣ ମହାନ୍ ସୁପ୍ତଶକ୍ତି ଜାଗତ୍ ହୁଏ । ଅଧ୍ୟାତ୍ମ ସାଧନା ତଥା ସାଂସାରିକ କର୍ମର ଆଧାର ବା ଆଶ୍ରୟ ହେଉଛି ଶରୀର । ଶରୀର ସୁସ୍ଥ ସବଳ ରହିଲେ ବ୍ୟକ୍ତି ସମସ୍ତ କାର୍ଯ୍ୟ କରିପାରେ । ଅସାଧାରଣ ଶକ୍ତି, ଅଲୌକିକ ଗୁଣପ୍ରାପ୍ତ ବ୍ୟକ୍ତିର ଶରୀର ଅସୁସ୍ଥ ଥିଲେ ତା'ର ଯୋଗ୍ୟତାକୁ ସେ ପ୍ରୟୋଗ କରିପାରେ ନାହିଁ । ଯୋଗରେ ତ ଉତ୍ତମ ସ୍ୱାସ୍ଥ୍ୟ ଅପରିହାର୍ଯ୍ୟ । ଅଧ୍ୟାତ୍ମ ସାଧକମାନେ ସାଧନାର ମହତ୍ତ୍ୱପୂର୍ଣ୍ଣ ଅଙ୍ଗରୂପେ ଉତ୍ତମ ସ୍ୱାସ୍ଥ୍ୟକୁ ଗ୍ରହଣ କରନ୍ତି ଏବଂ ସେଥିସକାଶେ ନାନା ପ୍ରକାର ଯୌଗିକ କ୍ରିୟା ତଥା ବ୍ୟାୟାମ କରନ୍ତି । ଏଠାରେ ବ୍ୟାୟାମର ନିମୟାବଳୀ ଆଲୋଚନା କରିବା ।

ବ୍ୟାୟାମର ନିୟମାବଳୀ :

ପ୍ରତ୍ୟେକ କର୍ମର ମୂଲ୍ୟ ଅଙ୍କିତ ହୁଏ ଭାବ ଏବଂ ଲକ୍ଷ୍ୟ ଅନୁସାରେ । ବ୍ୟାୟାମର ଯଦି କୌଣସି ଲକ୍ଷ୍ୟ ନ ଥାଏ, ବିଶେଷ ଭାବ ନ ଥାଏ, ତେବେ ଦିବାରାତ୍ର ଶାରୀରିକ ପରିଶ୍ରମ କରୁଥିବା ବ୍ୟକ୍ତିଙ୍କ ସଦୃଶ ଖୁବ୍ କମ୍ ଲାଭ ହୁଏ । ବ୍ୟାୟାମ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଉଚ୍ଚ ଆଦର୍ଶ ବା ମହାନ୍ ଲକ୍ଷ୍ୟ ରଖି ବ୍ୟାୟାମ କରିବା ଉଚିତ । ଆଦର୍ଶ ଯେତେ ଉଚ୍ଚ ହୁଏ, ଫଳ ସେତେ ମହତ୍ ହୁଏ । ମା' ନିଜ ଶିଶୁକୁ ସ୍ନାନ କରାଏ, ଭୋଜନ କରାଏ, ପରିବାର ସକାଶେ ଗୃହକର୍ମ କରେ, ଏଥିରେ ନିଜର ତଥା ପରିବାରର ହିତ ହୁଏ; କିନ୍ତୁ ଏହି କର୍ମ ଯୋଗୁଁ ବାରଂବାର ଜନ୍ମମରଣ ଆବର୍ତ୍ତରେ ସେ ଘୂର୍ଣ୍ଣାୟମାନ ହେଉଥାଏ । କିନ୍ତୁ ଏହି କାର୍ଯ୍ୟ ଯଦି ଭଗବାନଙ୍କର ସେବା ଭାବରେ ସମ୍ପନ୍ନ ହୋଇ ଭଗବାନଙ୍କୁ ସମର୍ପଣ କରାହୁଏ, ତେବେ ସନ୍ତାନ ତଥା ପରିବାରର ହିତ ଅବଶ୍ୟ ହୁଏ, ତା'ଛଡ଼ା ଶରୀର ରୂପାନ୍ତର ତଥା ଭଗବାନଙ୍କ ସହିତ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତ ହୁଏ; ଏହାରି ଦ୍ୱାରା ଜୀବନର ଜନ୍ମମରଣାଦି ସମସ୍ତ ସମସ୍ୟାର ସମାଧାନ ଏବଂ ଜୀବନର ଲକ୍ଷ୍ୟ ମଧ୍ୟ ସାଧିତ ହୁଏ । କର୍ମ ସମାନ, କିନ୍ତୁ ଲକ୍ଷ୍ୟ ଉଚ୍ଚ ନ ଥିବାରୁ ମୋହାସକ୍ତି ଯୋଗୁଁ ପରିବାର ସକାଶେ କର୍ମ କରିବା ଦ୍ୱାରା ଯେଉଁ କର୍ମ ଜନ୍ମ-ମରଣ ବନ୍ଧନର କାରଣ ହୁଏ, ଲକ୍ଷ୍ୟ ମହାନ ହେଲେ ସେହି କର୍ମ ଜନ୍ମ-ମରଣ-ବନ୍ଧନ ତଥା ସମସ୍ତ ପ୍ରକାର ଦ୍ୱନ୍ଦ୍ୱରୁ ମୁକ୍ତ କରିଦିଏ । କର୍ମ ଉଚ୍ଚ ନୀଚ ଫଳ ହେବା ସର୍ବଥା ନିର୍ଭର କରେ ଭାବ ଉପରେ ।

(୧) ପ୍ରଥମରେ ପାଞ୍ଚ ମିନିଟ୍ ଅଥବା ଏକ-ଦୁଇ ମିନିଟ୍ ମା'ଙ୍କୁ ହୃଦୟରେ ଧ୍ୟାନ କରିବେ ଏବଂ ପ୍ରାର୍ଥନା କରିବେ : ମୋର ମନ-ପ୍ରାଣ-ଶରୀର ତୁମ ଚରଣରେ ଅର୍ପଣ କରୁଛି, ତୁମ ଶକ୍ତି ଏହି ଶରୀର ଆଧାରରେ ଅବତରଣ କରି ରୂପାନ୍ତର କରି ସମସ୍ତ ସତ୍ତାରେ ତୁମକୁ ପ୍ରତିଷ୍ଠା କରୁ । କଳ୍ପନା କରିବେ ମା'ଙ୍କ ଶକ୍ତି ନିଜ ଶରୀରରେ ପ୍ରବେଶ କରୁଅଛି ।

(୨) ଯେଉଁ ଅଙ୍ଗରେ ବ୍ୟାୟାମ କରାହୁଏ ସେହି ଅଙ୍ଗରେ ଏକାଗ୍ର ହେବା ଉଚିତ । ବ୍ୟାୟାମର ଏହାହିଁ ବିଶେଷ ମହତ୍ତ୍ୱପୂର୍ଣ୍ଣ ପ୍ରଣାଳୀ । ଏକାଗ୍ରତା ଦ୍ୱାରାହିଁ ବ୍ୟାୟାମର ବିଶେଷ ପ୍ରଭାବ ପଡ଼େ ।

(୩) ବ୍ୟାୟାମ ପରେ ବ୍ୟାୟାମର ପ୍ରତି ପାଞ୍ଚ ମିନିଟ୍‌ରେ ଦେଢ଼ ମିନିଟ ହିସାବରେ ଅର୍ଥାତ୍ କୋଡ଼ିଏ ମିନିଟ ବ୍ୟାୟାମ କଲେ ଛଅ ମିନିଟ୍, ଏଥିରୁ ଅଧିକ ହେଲେ ଭଲ, କମ୍ ହେବା ଉଚିତ ନୁହେଁ, ଶରୀରକୁ ଢିଲା କରି ଚିତ୍ ହୋଇ ଶୋଇ ପଡ଼ିବେ । ଶରୀରକୁ ଏପରି ଢିଲା ଛାଡ଼ିଦେବେ, ଯଦି ଅନ୍ୟ ଲୋକ ତୁମ ହାତ ଉଠାଇବେ ତେବେ ହାତ ନିଜ ବଳରେ ନ ରହି ପଡ଼ିଯାଇପାରେ । ଧାରଣା କରିବେ— ଶରୀରର ପ୍ରତ୍ୟେକ ଲୋମରେ ମା'ଙ୍କର ଶକ୍ତି ପ୍ରବେଶ କରୁଅଛି ।

(୪) କ୍ଷୁଧା ଅବସ୍ଥାରେ କିଂବା ଖାଦ୍ୟଦ୍ରବ୍ୟରେ ଉଦରପୂର୍ଣ୍ଣ ଥିବା ସମୟରେ ବ୍ୟାୟାମ କରିବା ଏକେବାରେ ମନା । ପୂର୍ଣ୍ଣ ଭୋଜନ କରିବାର ୩/୪ ଘଣ୍ଟା ପରେ ବ୍ୟାୟାମ କରାଯାଇପାରେ । ଉଦର ଖାଲି ଥିଲେ ବ୍ୟାୟାମର ଦେଢ଼ଘଣ୍ଟା ଦୁଇଘଣ୍ଟା ପୂର୍ବରୁ ଅଳ୍ପ ପରିମାଣରେ ଭୋଜନ ଗ୍ରହଣ କରିବା ଭଲ ।

(୫) ବ୍ୟାୟାମ ଶେଷ ହେବା ସଙ୍ଗେ ସଙ୍ଗେ ସାର୍ଟ ଅଥବା ଗରମ ପୋଷାକ ପିନ୍ଧିବା ଆବଶ୍ୟକ । ବ୍ୟାୟାମ ପରେ ଶରୀରରେ ଥଣ୍ଡା ବାୟୁ ଲାଗିଲେ କ୍ଷତି ହୁଏ ।

(୬) ବ୍ୟାୟାମର ଏକ ଘଣ୍ଟା ପରେ ସ୍ନାନ ଏବଂ ଭୋଜନ କରାଯାଇପାରେ ।

(୭) ବ୍ୟାୟାମର ଉପଯୁକ୍ତ ସମୟ ପ୍ରାତଃ ଅଥବା ସାୟଂକାଳ । ବ୍ୟକ୍ତିର ସୁବିଧା ଅନୁସାରେ ଭୋଜନର ନିୟମ ପାଳନ ପୂର୍ବକ ଯେକୌଣସି ସମୟରେ ସେ ବ୍ୟାୟାମ କରିପାରେ । ବ୍ୟାୟାମର ପୂର୍ବରୁ ମଳମୂତ୍ର ତ୍ୟାଗ କରିବା ଉଚିତ ।

(୮) ନିର୍ଦ୍ଦିଷ୍ଟ ସମୟରେ ନିୟମିତ ଭୋଜନ ଓ ବିଶ୍ରାମ କରିବା ଉଚିତ । ବ୍ୟକ୍ତିର ଆବଶ୍ୟକ ଅନୁସାରେ ଛଅ କିଂବା ସାତ ଘଣ୍ଟା ନିଦ୍ରା ଯାଇପାରେ । କିନ୍ତୁ ଭୋର ୪ଟା କିଂବା ୫ଟା ସମୟରେ ଶଯ୍ୟା ତ୍ୟାଗ କରିବା ଉଚିତ ।

(୯) ନିଦ୍ରା ଭାଙ୍ଗିଯିବା ସଙ୍ଗେ ସଙ୍ଗେ ଉଠି ବିଛଣାରେ ବସି ମା'ଙ୍କ ନାମ ସ୍ମରଣ ସହିତ ହୃଦୟରେ ମା'ଙ୍କୁ ଧ୍ୟାନ କରିବେ । ଯଦି ଧ୍ୟାନରେ ମନ ବିକ୍ଷିପ୍ତତା ଯୋଗୁଁ ଏକାଗ୍ର ନ ହୁଏ ତେବେ କେବଳ ନାମ ସ୍ମରଣ କରିବେ । ପାଞ୍ଚ ମିନିଟ୍‌ରୁ ଯେତେ ଅଧିକ ହେବ ଭଲ ।

(୧୦) ବ୍ୟାୟାମରେ ଯେଉଁ ନିୟମ ପାଳନ କରାହୁଏ ତାହା ଦ୍ୱାରା ଜୀବନର ସମସ୍ତ କାର୍ଯ୍ୟରେ ଗୋଟାଏ ଶୃଙ୍ଖଳା ଆସେ । ସମସ୍ତ କାର୍ଯ୍ୟ ନିୟମିତ ତଥା ନିର୍ଦ୍ଦିଷ୍ଟ ସମୟରେ ହୁଏ । ବ୍ୟାୟାମ କରୁଥିବା ବ୍ୟକ୍ତିର ଯଦି କାର୍ଯ୍ୟ ନିୟମିତ ଏବଂ ଶୃଙ୍ଖଳିତ ନ ହୁଏ, ତେବେ ବ୍ୟାୟାମ ଯଥାଯଥଭାବେ କରା ନ ହେବାର ସୂଚନା ମିଳେ ।

ଶୃଙ୍ଖଳିତ ଏବଂ ନିୟମିତ ଜୀବନର ଅର୍ଥ– ଯାହାକୁ ଯାହା କହିବେ ତାହା ଅବଶ୍ୟ ପୂରା କରିବେ । ଯେଉଁ ସମୟରେ ଯାହା ସଙ୍ଗେ ଦେଖା କରିବାକୁ ଥିବ ବା ଯେଉଁ ସମୟରେ ଯେଉଁ କାର୍ଯ୍ୟ କରିବାକୁ ଥିବ, ତାହା ଠିକ୍ ସମୟରେ ଅବଶ୍ୟ କରିବେ । ଯାହା କହିବେ ତାହା ଅବଶ୍ୟ ପାଳନ କରିବେ । ବଚନ ଅସତ୍ୟ ହେବାର ଅର୍ଥ ଅନ୍ୟ ପାଖରେ ଅବିଶ୍ୱାସର ପାତ୍ର ହେବା ।

(୧୧) କେତେକ ବ୍ୟକ୍ତି କାର୍ଯ୍ୟ ଯୋଗୁଁ ସମୟ କମ୍ ଥାଏ ବୋଲି କହି, କେତେକ ଛାତ୍ର ପଢ଼ାପଢ଼ିରେ ବ୍ୟସ୍ତ ଥିବାରୁ ସମୟ ପାଉ ନାହାନ୍ତି ବୋଲି ଯୁକ୍ତି ଦେଇ ବ୍ୟାୟାମକୁ ଉପେକ୍ଷା କରିପାରନ୍ତି । ଏହା କେବଳ ତାମସିକତା ଏବଂ ଆଳସ୍ୟର ଆଶ୍ରୟ । ବ୍ୟକ୍ତି ଯେଉଁ କାର୍ଯ୍ୟ କରିବାକୁ ଯଥାର୍ଥଭାବେ ଚାହେଁ, ସେଥିପାଇଁ ସମୟ ମିଳେ ନାହିଁ, ଏହା ବାହାନା ଛଡ଼ା ଅନ୍ୟ କିଛି ନୁହେଁ । ଯଦି ଏହା ସତ୍ୟ ବି ହୁଏ, ତଥାପି ବ୍ୟାୟାମ କରିବା ଦ୍ୱାରା ଶରୀରରେ ଏପରି ଗୋଟାଏ ଉତ୍ସାହ, ଏକାଗ୍ରତା, ପ୍ରସନ୍ନତା ପ୍ରାପ୍ତ ହୁଏ ଯେ ସାଧାରଣ ଅବସ୍ଥାରେ ଯେଉଁ କାମ ଯେତେ ସମୟରେ କରାହୁଏ, ସେହି କାମ ତାହା ଅପେକ୍ଷା କମ୍ ସମୟରେ କରାଯାଇପାରେ । ଅତଏବ ବ୍ୟାୟାମ ସମୟରେ ବ୍ୟାଘାତ ନ ଘଟାଇ ସେଥିରେ ସାହାଯ୍ୟ କରେ ।

ବ୍ୟାୟାମର ପ୍ରଣାଳୀ :

(୧) ପ୍ରାତଃକାଳରେ ମଳତ୍ୟାଗ, ଦନ୍ତମୁଖ ପରିଷ୍କରଣ କ୍ରିୟା ଶେଷ କରିବେ । ପ୍ରାତଃକାଳରେ ସ୍ନାନ ଅଭ୍ୟାସ ଥିଲେ ସ୍ନାନ ପରେ ବ୍ୟାୟାମ କରିବେ । ବ୍ୟାୟାମ ପରେ ସ୍ନାନ କରିବାକୁ ହେଲେ ଅନ୍ତତଃ ବ୍ୟାୟାମ ପରେ ଏକ ଘଣ୍ଟା ପୂର୍ବରୁ ସ୍ନାନ କରିବା ଆଦୌ ଉଚିତ ନୁହେଁ । ଏହା ସ୍ୱାସ୍ଥ୍ୟ ପକ୍ଷେ ବହୁତ କ୍ଷତିକାରକ । ଏପରିକି ସଙ୍ଗେ ସଙ୍ଗେ ସର୍ଦ୍ଦି, ଜ୍ୱର ବା ସନ୍ନିପାତ ହୋଇପାରେ ଅଥବା ଅନ୍ୟାନ୍ୟ ରୋଗ ଉତ୍ପନ୍ନ ହୁଏ । ବ୍ୟାୟାମର ଏକ ଘଣ୍ଟା ପରେ ସ୍ନାନ କରାଯାଇପାରେ ।

(୨) ଯେଉଁମାନଙ୍କର ସମୟ କମ୍ ଥାଏ ସେମାନେ ଅନ୍ତତଃ ପନ୍ଦର ବା କୋଡ଼ିଏ ମିନିଟ୍ ବ୍ୟାୟାମ କରିପାରନ୍ତି । ୧୦ରୁ ୧୫ ବର୍ଷ ବୟସ୍କ ବାଳକମାନେ ୫ ଦଣ୍ଡ, ୨୦ ବୈଠକ, ପେଟର ବ୍ୟାୟାମ ତିନି ମିନିଟ୍ କରିବେ । ୧୫ ବର୍ଷରୁ ଊର୍ଦ୍ଧ୍ୱ ବାଳକମାନେ ୧୦ ଦଣ୍ଡ, ୫୦ ବୈଠକ ଏବଂ ପେଟର ବ୍ୟାୟାମ ୫ ମିନିଟ କରିବେ । ୨ ଦଣ୍ଡ, ୫ ବୈଠକ ଓ ପେଟର ବ୍ୟାୟାମ ୧ ମିନିଟ୍‌ରୁ ଆରମ୍ଭ କରି କ୍ରମଶଃ ବଢ଼ାଇବେ । ସମୟ ଅଭାବ ଥିବା ବ୍ୟକ୍ତିମାନଙ୍କ ସକାଶେ ଏହି ନିୟମ । ବୟଃପ୍ରାପ୍ତ ବ୍ୟକ୍ତିମାନେ ଯଦି ବିଶେଷ ବ୍ୟାୟାମ କରିବାକୁ ଚାହାନ୍ତି ତେବେ ନିଜ ନିଜ ସାମର୍ଥ୍ୟ ଅନୁସାରେ ଅଧିକ ବ୍ୟାୟାମ କରିପାରନ୍ତି ।

ପ୍ରତ୍ୟେକ ବ୍ୟାୟାମ ପରେ ବିଶ୍ରାମ ସକାଶେ ଆସ୍ତେ ଆସ୍ତେ ପଦଚାଳନା କରିବେ । ପେଟର ବ୍ୟାୟାମ ବହୁତ ପ୍ରକାର ଅଛି । ତନ୍ମଧ୍ୟରୁ ଏଠାରେ ଗୋଟିଏ ଅତି ଉତ୍କୃଷ୍ଟ ପ୍ରଣାଳୀ ଉଲ୍ଲେଖ କରାହେଉଛି । ଏହା ଦ୍ୱାରା ଜଠରାଗ୍ନି ପ୍ରଜ୍ୱଳିତ ହୁଏ, ଖାଦ୍ୟ ଯଥାଯଥଭାବେ ପରିପାକ ହୁଏ, ପରିଷ୍କାର ଭାବେ ମଳତ୍ୟାଗ ହୁଏ । ଏହି କ୍ରିୟା ଠିକ୍ ଭାବେ କରାହେଲେ ଶରୀରରେ କୌଣସି ରୋଗ ଉତ୍ପନ୍ନ ହୁଏ ନାହିଁ । ଖାଦ୍ୟ ଠିକ୍ ଠିକ୍ ପରିପାକ ନ ହେଲେ ଉଦରରେ ମଳବଦ୍ଧ ହୋଇ ରୋଗ ଜାତ ହୁଏ ।

(୩) ପେଟର ବ୍ୟାୟାମ :

ଦୁଇଆଣ୍ଠୁ ଭୂମି ଉପରେ ରଖି ଏପରି ବସ ଯଦ୍ଦ୍ୱାରା ଶରୀରର ଭାର ରହିବ ଦୁଇ ଗୋଇଠି ଉପରେ । ନାସା ଦ୍ୱାରା ଶ୍ୱାସବାୟୁ ବାହାର କରି ଯେତେଦୂର ସମ୍ଭବ ପେଟକୁ ଖଙ୍କାଳି ପିଠିରେ ଲଗେଇ ଛାଡ଼ିଦିଅ । ତା'ପରେ ଶ୍ୱାସ ଗ୍ରହଣ କର । ଏହି କ୍ରିୟା ହେଲା ଗୋଟିଏ । ପୁନର୍ବାର ସେହିପରି କର । ଏହିପରି ୫ରୁ ଆରମ୍ଭ କରି ୫୦ ପର୍ଯ୍ୟନ୍ତ କର । ୫ ମିନିଟ୍‌ରେ ୫୦ ଥର ହୋଇପାରେ ।

ଏହା ଦ୍ୱାରା ଜଠରାଗ୍ନି ଉଦ୍ଦୀପ୍ତ ହୁଏ, ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ, କୋଷ୍ଠବଦ୍ଧତା, ପେଟମରା, ଶୂଳ ଆଦି କୌଣସି ଉଦର ରୋଗ ହୁଏ ନାହିଁ । ରକ୍ତ ସଞ୍ଚାଳନ ଭଲଭାବେ ହୁଏ ।

ଯେଉଁମାନେ ପ୍ରତ୍ୟେକ ଅଙ୍ଗ, ପ୍ରତ୍ୟେକ ଯୋଡ଼ ବା ଗଣ୍ଠି ମଜଭୁତ କରିବାକୁ ଚାହାନ୍ତି ସେମାନେ ନିମ୍ନଲିଖିତ କେତେକ ବ୍ୟାୟାମ କରିବା ଉଚିତ, ଯାହା ଦ୍ୱାରା ପ୍ରତ୍ୟେକ ଅଙ୍ଗର ବ୍ୟାୟାମ ହୋଇପାରିବ ଏବଂ ପ୍ରତ୍ୟେକ ଅଙ୍ଗ ସୁନ୍ଦର, ସୁଡ଼ଳ, ମଜଭୁତ ହୋଇପାରିବ ।

ଯେଉଁମାନେ ସମସ୍ତ ଅଙ୍ଗର ବ୍ୟାୟାମ କରିବାକୁ ଚାହାନ୍ତି ସେମାନେ ଦଣ୍ଡବୈଠକ ପରେ ୩ ନମ୍ବର ବର୍ଣ୍ଣିତ ପେଟର ବ୍ୟାୟାମ ନ କରି ହସ୍ତଦଣ୍ଡ କରନ୍ତୁ ।

(୪) ହସ୍ତଦଣ୍ଡ :

ଦୁଇହାତ କାଖ ସଳଖରେ ଭୂମିରେ ସମାନ ଭାବେ ରଖ । ଶରୀରକୁ ସଳଖଭାବେ ଲମ୍ବା କରି ଦୁଇହାତ ପଞ୍ଜା ଏବଂ ଦୁଇଗୋଡ଼ର ଅଙ୍ଗୁଳି ଉପରେ ସମସ୍ତ ଶରୀରକୁ ରଖ । ଶରୀରକୁ ଟିକିଏ ହେଲେ ବଙ୍କା ନ କରି ଲାଠିପରି ରଖ, କେବଳ କହୁଣି ବଙ୍କା କରି ଆସ୍ତେ ଆସ୍ତେ ଏକେବାରେ ଭୂମିରେ ଲାଗିବାକୁ ଚାରି ଅଙ୍ଗୁଳି ଦୂର ପର୍ଯ୍ୟନ୍ତ ନେଇଆସ ଏବଂ ନ ରୋକି ପୁଣି ଶରୀର ସିଧା ଭାବେ ପୂର୍ବ ସ୍ଥିତିକୁ ଉଠେଇ ନିଅ । ଶରୀର ଏବଂ ଦୁଇ ହସ୍ତ ଏକେବାରେ ସିଧା ରହିବା ଆବଶ୍ୟକ । ଏହା ହେଲା ସଂଖ୍ୟାରେ ଏକ । ପ୍ରଥମ ଦିନ ନିଜ ସାମର୍ଥ୍ୟ ଅନୁସାରେ ଯଦି ୫ଥର କରି କର ତେବେ ପ୍ରତି ସପ୍ତାହରେ ଏକ ଏକ କରି ବଢ଼ାଅ ।

ଏଥିରେ ଦୁଇ କହୁଣି ଯୋଡ଼ଗଣ୍ଠି ଏବଂ ଖୁଆ ଯୋଡ଼ ଗଣ୍ଠି ମଜଭୁତ ହୁଏ, ହାତର ବଳ ଏବଂ ନମନୀୟତା ବୃଦ୍ଧି ହୁଏ ।

(୫) ପୂର୍ବପରି ହାତପଞ୍ଜା ଓ ପାଦ ଅଙ୍ଗୁଳି ଉପରେ ଶରୀରକୁ ଲାଠି ପରି ସିଧା ରଖ । ଛାତି ଭୂମିକୁ ଚାରି ଛଅ ଅଙ୍ଗୁଳି ଛାଡ଼ି ଶରୀରର ମସ୍ତକ ଭାଗକୁ ପଛଆଡ଼କୁ ଟାଣି ଅଣ୍ଟାକୁ ଉଚ୍ଚା କରି ନିଅ । ପୁନରାୟ ମସ୍ତକ ଭାଗ ଭୂମିରୁ ଦୁଇ ତିନି ଅଙ୍ଗୁଳି ଛାଡ଼ି ସର୍ପ ମଥା ଉଠାଇଲା ପରି କ୍ରମଶଃ ଆଗ ଆଡ଼କୁ ନେଇଆସି ଆକାଶକୁ ଚାହଁ । ଅଣ୍ଟାରୁ ଗୋଡ଼ଆଡ଼ ଭାଗ ଭୂମିର କିଛି ଉଚ୍ଚରେ ଜଙ୍ଘ ପର୍ଯ୍ୟନ୍ତ ସମାନ ରହିବ; ଜଙ୍ଘରୁ ମସ୍ତକ ପର୍ଯ୍ୟନ୍ତ କ୍ରମଶଃ ସିଧାଭାବେ ଉଚ୍ଚା କରି ଆକାଶକୁ ଦେଖିବ । ଏହା ହେଲା ଏକ । ନିଜ ସାମର୍ଥ୍ୟ ଅନୁସାରେ ୫ରୁ ଅଥବା ୧୦ରୁ ଆରମ୍ଭ କରି ପ୍ରତିସପ୍ତାହରେ ଏକ ଏକ ବୃଦ୍ଧି କରିବ ।

ଏଥିରେ ପ୍ରାୟ ସମସ୍ତ ଅଙ୍ଗ ସଞ୍ଚାଳିତ ହୁଏ, କିନ୍ତୁ ବିଶେଷ ରୂପେ ବ୍ୟାୟାମ ହୁଏ ହାତ ଓ ଅଣ୍ଟାର । ଏହା ଦ୍ୱାରା ଶରୀରର ବଳ ବୃଦ୍ଧି ହୁଏ, ଜଠରାଗ୍ନି ଉଦ୍ଦୀପ୍ତ ହୁଏ ଓ ଶରୀର ନମନୀୟ ହୁଏ ।

(୬) ସିଧାସଳଖ ଠିଆ ହୁଅ । ପ୍ରଥମେ ବାମ ହସ୍ତ ବାହୁଠାରୁ ଆଗ ପର୍ଯ୍ୟନ୍ତ ସିଧା ରଖ । ହାତମୁଠା ବାନ୍ଧିବାରେ ସମସ୍ତ ବଳ ଲଗାଅ । ବହୁତ ଆସ୍ତେ ଆସ୍ତେ ସମସ୍ତ ବଳ ସେହି ହାତରେ ଦେଇ ବାହୁଠାରୁ କହୁଣି ପର୍ଯ୍ୟନ୍ତ ସିଧା ରଖି ମୁଠାକୁ କାନ୍ଧ ପର୍ଯ୍ୟନ୍ତ ନେଇଆସ । ମୁଠା ରହିବ କାନ୍ଧ ଆଡ଼କୁ । ପୁନରାୟ ବହୁତ ଆସ୍ତେ ଆସ୍ତେ ପୂର୍ବ ସ୍ଥିତିକୁ ନେଇଯାଅ । ବାମ ହାତର କ୍ରିୟା ସ୍ଥଗିତ ରଖି ଦକ୍ଷିଣ ହାତର କ୍ରିୟା ସେହିପରି କର । ଦୁଇ ହାତ କ୍ରିୟାର ସଂଖ୍ୟା ଏକ । ଏହିପରି ୧୦ରୁ ଆରମ୍ଭ କରିବ, ପ୍ରତିସପ୍ତାହରେ ଏକ ଏକ ବୃଦ୍ଧି କରିବ । ହାତରେ ଯେତେ ଜୋର ଦେବ ବ୍ୟାୟାମ ସେତେ ଲାଭଦାୟକ ହେବ ।

ଏହା ହାତର ବ୍ୟାୟାମ । ଏଥିରେ ହାତପଞ୍ଜା-ଯୋଡ଼ ଏବଂ କହୁଣିଯୋଡ଼ ଦୃଢ଼ ହୁଏ । ହାତର ବଳ ବଢ଼େ ।

(୭) ହାତକୁ ଜଙ୍ଘ ପର୍ଯ୍ୟନ୍ତ ସିଧାଭାବେ ଛାଡ଼ିଦିଅ । ପ୍ରଥମେ ବାମ ହାତରେ କହୁଣି ପର୍ଯ୍ୟନ୍ତ ଶରୀରକୁ ସ୍ପର୍ଶ କରିରଖ । ହାତମୁଠା ଜୋରରେ ବାନ୍ଧ । ଶରୀରର ସମସ୍ତ ବଳ ସେହି ହାତରେ ଏକାଗ୍ର କରି ବହୁତ ଆସ୍ତେ ଆସ୍ତେ ହାତ ଉଠେଇ କାନ୍ଧକୁ ସ୍ପର୍ଶ କର । ହାତମୁଠା ରହିବ କାନ୍ଧ ଆଡ଼କୁ ପୁଣି ସେହି ଅବସ୍ଥାରେ ଆସ୍ତେ ଆସ୍ତେ ପୂର୍ବସ୍ଥିତିକୁ ନେଇଯାଅ । ପରେ ଦକ୍ଷିଣ ହସ୍ତ କର । ଦୁଇ ହାତର କ୍ରିୟା ହେଲେ ସଂଖ୍ୟାର ଏକ ହୁଏ । ଏହା ସମସ୍ତ ହାତର, ବିଶେଷତଃ ବାହୁର ବ୍ୟାୟାମ । ପ୍ରଥମରେ ଦଶ କରି ପ୍ରତିସପ୍ତାହରେ ଏକ ଏକ ବଢ଼ାଅ ।

(୮) ଠିକ୍ ୭ ନମ୍ବର ବ୍ୟାୟାମ ତୁଲ୍ୟ ହାତର କ୍ରିୟା କର । କେବଳ ହାତମୁଠା କାନ୍ଧ ଆଡ଼କୁ ନ ରଖି ବାହାରକୁ ରଖ ଏବଂ ମୁଠାକୁ ସିଧା ନ ରଖି ଯେତେ ବାହାରକୁ ହୋଇପାରେ ବଙ୍କା କର । ପୂର୍ବପରି ଦଶରୁ ଆରମ୍ଭ କରି କ୍ରମଶଃ ପ୍ରତିସପ୍ତାହରେ ଏକ ଏକ ବଢ଼ାଅ ।

(୯) ୭ ନମ୍ବର ବ୍ୟାୟାମ ସଦୃଶ ହାତମୁଠା ବାନ୍ଧି କହୁଣି ପର୍ଯ୍ୟନ୍ତ ଶରୀରକୁ ଲଗାଇ ରଖି ଆସ୍ତେ ଆସ୍ତେ ହାତକୁ ଉଠାଇ କାନ୍ଧ ପର୍ଯ୍ୟନ୍ତ ନେଇ ଆସ । ମୁଠା ରହିଥିବ କାନ୍ଧ ଆଡ଼କୁ । କାନ୍ଧ ପାଖରେ ପଞ୍ଜା ଗଣ୍ଠିରୁ ବଙ୍କା କରି ବୁଲେଇ ଦିଅ ଏବଂ ସେହି ଅବସ୍ଥାରେ ଆସ୍ତେ ଆସ୍ତେ ପୂର୍ବସ୍ଥିତିକୁ ନେଇଆସ । ଠିକ୍ ସେହିପରି ଅନ୍ୟ ହାତ କର । ହାତର ବ୍ୟାୟାମ ସମୟରେ ଦୃଷ୍ଟି ଏବଂ ଚେତନା ତଥା ଶକ୍ତି ଏକାଗ୍ର କର ହାତରେ । ୧୦ରୁ ଆରମ୍ଭ କରି କ୍ରମଶଃ ବଢ଼ାଅ ।

(୧୦) ୯ ନମ୍ବର ବ୍ୟାୟାମ ସଦୃଶ ହାତମୁଠା ବାନ୍ଧି କାନ୍ଧ ପର୍ଯ୍ୟନ୍ତ ନେଇଆସ । ହାତକୁ ପୂର୍ବସ୍ଥିତିକୁ ସିଧା ନ ଫେରାଇ ପଞ୍ଜାଗଣ୍ଠି ତଳକୁ ବଙ୍କା କରି କହୁଣି ପର୍ଯ୍ୟନ୍ତ ହାତକୁ ପୂର୍ବବତ୍ ଶରୀରରେ ଲଗାଇ ରଖି କହୁଣିରୁ ପଞ୍ଜା ପର୍ଯ୍ୟନ୍ତ ଭାଗକୁ ଛାତିରେ ସ୍ପର୍ଶ କରୁଥିବା ଅବସ୍ଥାରେ ଧୀରେ ଧୀରେ ତଳକୁ କରି ପୂର୍ବସ୍ଥିତିକୁ ନେଇଆସ, ଅନ୍ୟ ହାତ ସେହିପରି କର । ଏହାକୁ ୧୦ରୁ ଆରମ୍ଭ କରି କ୍ରମଶଃ ବଢ଼ାଅ ।

(୧୧) ଦୁଇ ହାତ ପଛ ଆଡ଼କୁ ନିଅ । ଦୁଇ ହାତ ଅଙ୍ଗୁଳିକୁ ଛନ୍ଦି ଦେଇ ମୁଠା ବାନ୍ଧ । ମୁଠାକୁ ମେରୁଦଣ୍ଡ ସ୍ପର୍ଶ କରାଇ ଯେତେଦୂର ହୋଇପାରେ ଉପରକୁ ଉଠାଅ ଏବଂ ସେହିପରି ଦୁଇ ହାତ ଏକ ସଙ୍ଗେ ମୁଠାବନ୍ଧା ଅବସ୍ଥାରେ ହାତ ଏକେବାରେ ସିଧା କରି ଉପରକୁ ଯେତେ ଉଠାଇ ପାର ଉଠାଅ । ପୁନରାୟ ସେହି ମୁଠାବନ୍ଧା ଅବସ୍ଥାରେ ହାତକୁ ତଳକୁ ନେଇଯାଅ । ଏହାର ସଂଖ୍ୟା ଏକ । ହାତମୁଠା ନ ଖୋଲି ପୁନରାୟ ପୂର୍ବବତ୍ କର । ୧୦ରୁ ଆରମ୍ଭ କରି କ୍ରମଶଃ ବଢ଼ାଅ ।

(୧୨) ଦୁଇ ହାତର ଆଙ୍ଗୁଳି ଛନ୍ଦି ମୁଠା ନ ବାନ୍ଧି ଆଙ୍ଗୁଳିର ପୃଷ୍ଠଭାଗ ବେକରେ ଲଗାଅ । ସେହି ଅବସ୍ଥାରେ ଅଙ୍ଗୁଳିର ପୃଷ୍ଠଭାଗ ତଳକୁ କରି କ୍ରମଶଃ ଦୁଇ ହାତକୁ ମୁଣ୍ଡ ଉପରକୁ ନେଇ କାନ୍ଧରୁ ହାତକୁ ସିଧା କରି ଉପର ଆଡ଼କୁ ଟାଣ, ଖୁବ୍ ଟାଣ, ଯେତେ ଟାଣିପାର । ସେହି ଅବସ୍ଥାରେ ପୁନରାୟ ଅଙ୍ଗୁଳିର ପୃଷ୍ଠଭାଗକୁ ବେକରେ ଲଗାଅ । ଏହାର ସଂଖ୍ୟା ଏକ । ୧୦ରୁ ଆରମ୍ଭ କରି କ୍ରମଶଃ ବଢ଼ାଅ ।

ଏହି ସମସ୍ତ ବ୍ୟାୟାମ ହାତର । ଏଥିରେ ଅଙ୍ଗୁଳି, ପଞ୍ଜା ଗଣ୍ଠି, କହୁଣି, ବାହୁ ତଥା ବାହୁଗ୍ରନ୍ଥି ଏବଂ ସମଗ୍ର ହସ୍ତ ମଜଭୁତ ଏବଂ ନମନୀୟ ହୁଏ ।

ପେଟର ବ୍ୟାୟାମ :

(୧୩) ଗୋଟିଏ ଶଉପ ଅଥବା ସତରଞ୍ଜି ବିଛେଇ ଚିତ୍ ହୋଇ ଶୋଇପଡ଼ । ମସ୍ତକରୁ ଅଣ୍ଢା ପର୍ଯ୍ୟନ୍ତ ଶରୀର ଭୂମିରେ ଲାଗି ରହିଥିବ । କେବଳ ଦୁଇ ଗୋଡ଼କୁ ଆସ୍ତେ, ଖୁବ୍ ଆସ୍ତେ ଉପରକୁ ଉଠାଇ ଅଣ୍ଢାସିଧା ରଖ । ଏକ ଦୁଇ ସେକେଣ୍ଡ ପରେ ପୁନରାୟ ଆସ୍ତେ ଆସ୍ତେ ବିଛଣାକୁ ନେଇଆସ । ଏହାର ସଂଖ୍ୟା ଏକ । ପ୍ରଥମରେ ଦୁଇରୁ ଆରମ୍ଭ କରି ପ୍ରତି ସପ୍ତାହରେ ଏକ ଏକ ବଢ଼ାଅ । ସମୟ ତଥା ସାମର୍ଥ୍ୟ ଅନୁସାରେ ୫ ଅଥବା ୧୦ କରିପାର ।

(୧୪) ଚିତ୍ ହୋଇ ଶୋଇପଡ଼ । ପାଦରୁ ଅଣ୍ଢା ପର୍ଯ୍ୟନ୍ତ ଭୂମିକୁ ସ୍ପର୍ଶ କରି ରଖ । ଦୁଇ ହାତ କାନ୍ଧ ସିଧା ଉପରକୁ କରି ମସ୍ତକଭାଗ ଆସ୍ତେ ଆସ୍ତେ ଉପରକୁ ଉଠାଇ ନିଅ । ପୁନରାୟ ପୂର୍ବାବସ୍ଥାକୁ ଆସ । ଏହାର ସଂଖ୍ୟା ଏକ । ପ୍ରଥମରେ ଏକ କରି କ୍ରମଶଃ ୫ ଅଥବା ୧୦ ପର୍ଯ୍ୟନ୍ତ ବଢ଼ାଅ ।

(୧୫) ୧୩ ଓ ୧୪ ନମ୍ବର ବ୍ୟାୟାମ ଅଭ୍ୟାସ ହୋଇଗଲା ପରେ ଚିତ୍ ହୋଇ ହାତ ଆଙ୍ଗୁଳି ଛନ୍ଦି ମସ୍ତକତଳେ ରଖ ଏବଂ ପାଦରୁ କଟି ପର୍ଯ୍ୟନ୍ତ ଭୂମିରେ ରଖି ମସ୍ତକ ଭାଗକୁ କ୍ରମଶଃ ଉଠାଇ ନିଅ । ପୁନର୍ବାର ଆସ୍ତେ ଆସ୍ତେ ପୂର୍ବସ୍ଥିତିକୁ ଆସ । ଏହା ସଂଖ୍ୟାରେ ଏକ ଦୁଇରୁ ଆରମ୍ଭ କରି କ୍ରମଶଃ ବଢ଼ାଅ ।

(୧୬) ୧୫ ନମ୍ବର ବ୍ୟାୟାମ ଅଭ୍ୟାସ ହେବା ପରେ ଚିତ୍ ହୋଇ ଶୋଇପଡ଼ । ଅଣ୍ଢାକୁ ଭୂମିରେ ରଖ । ହାତକୁ ଉପରକୁ ଉଠାଅ । ଏକ ସଙ୍ଗେ ପାଦ ଭାଗ ଓ ମସ୍ତକଭାଗ ସମାନରୂପେ ଉପରକୁ ଉଠାଅ, ଯେତେଦୂର ଉଠାଇପାର ଉଠାଅ । କେବଳ କମର ରହିବ ଭୂମିରେ, ପାଦଭାଗ ଏବଂ ମସ୍ତକଭାଗ ସମାନ ଭାବେ ରହିବ ଉପରକୁ । ଏପରି ଅବସ୍ଥାରେ ଉପରେ ଅଧିକ ସମୟ ରହିହେବ ନାହିଁ । ଆସ୍ତେ ଆସ୍ତେ ଉଭୟ ଭାଗ ସମାନ ଭାବେ ଭୂମିକୁ ନେଇଆସ । ଏହା ଅଭ୍ୟାସ ହୋଇଗଲେ ଉଭୟ ଭାଗ ଉପରକୁ ଉଠେଇ କମର ଉପରେ ସମସ୍ତ ଶରୀରକୁ ରଖି ଏବଂ ପାଦର ଦୁଇ ବୃଦ୍ଧ ଆଙ୍ଗୁଳିକୁ ଦୁଇହାତ ଅଙ୍ଗୁଳିରେ ଧରି ଯେତେ ସମୟ ପର୍ଯ୍ୟନ୍ତ ରହିପାର ରୁହ । ପୁଣି ପାଦ ଅଙ୍ଗୁଳି ଛାଡ଼ି ଆସ୍ତେ ଆସ୍ତେ ଉଭୟ ଭାଗ ଭୂମିକୁ ନେଇଆସ ।

ଏହି ବ୍ୟାୟାମ ଦ୍ୱାରା ପେଟରେ କୌଣସି ରୋଗ ଉତ୍ପନ୍ନ ହୁଏ ନାହିଁ ଏବଂ କୋଷ୍ଠବଦ୍ଧତା, ଅଗ୍ନିମାନ୍ଦ୍ୟ, ବଦହଜମି ଇତ୍ୟାଦି ବହୁ ରୋଗ ନାଶ ହୁଏ । କିନ୍ତୁ ଯେଉଁମାନଙ୍କର ପେଟରେ ଘା ହୋଇଥାଏ, କ୍ୟାନ୍‌ସର୍ ହୋଇଥାଏ, ରକ୍ତଚାପ ବୃଦ୍ଧି ବା ହ୍ରାସ (High or Low Blood Pressure) ହୋଇଥାଏ, ଜ୍ୱର କିଂବା କାଶ ଥାଏ, ସେମାନେ ଏହି ବ୍ୟାୟାମ କରିବା ଉଚିତ ନୁହେଁ । ଯେଉଁମାନଙ୍କର ବହୁଦିନର ପୁରାତନ ଅଗ୍ନିମାନ୍ଦ୍ୟ ବା ଅଜୀର୍ଣ୍ଣ ରୋଗ ଥାଏ, ଶରୀର ବହୁ ଦୁର୍ବଳ ହୋଇ ପଡ଼ିଥାଏ, ସେମାନେ ପ୍ରଥମେ ଏହିସବୁ ବ୍ୟାୟାମ ନ କରି ପ୍ରତିଦିନ ଏକ ଦୁଇ ମାଇଲ ରାସ୍ତା ଚାଲିବେ । ଶରୀରରେ କିଛି ବଳ ଆସିଗଲେ ଏହି ବ୍ୟାୟାମ ଅଳ୍ପ ଅଳ୍ପ କରିବେ ଏବଂ ଶରୀରର ବଳ ବୃଦ୍ଧି ଅନୁସାରେ ବ୍ୟାୟାମର ସଂଖ୍ୟା ବୃଦ୍ଧି କରୁଥିବେ । ଶରୀରର ସାମର୍ଥ୍ୟରୁ ଅଧିକ ବ୍ୟାୟାମ କଲେ ସ୍ୱାସ୍ଥ୍ୟହାନି ଘଟେ । ଠିକ୍ ନିୟମିତରୂପେ ସାମର୍ଥ୍ୟ ଅନୁସାରେ ଧୈର୍ଯ୍ୟରଖି, ହଠାତ୍ ଅଧିକ ପରିମାଣରେ ବ୍ୟାୟାମ ବୃଦ୍ଧି ନ କରି କ୍ରମଶଃ ବୃଦ୍ଧି କଲେ ପେଟର ଯାବତୀୟ ପୁରାତନ ରୋଗ ଦୂର ହୁଏ ଏବଂ ଶରୀର ସତେଜ, ସବଳ ଓ ନୀରୋଗ ହୁଏ । ଔଷଧ ଦ୍ୱାରା ସାମୟିକ ଲାଭ ହୋଇପାରେ । କିନ୍ତୁ ରୋଗ ନିର୍ମୂଳ ହୁଏ ନାହିଁ । ରୋଗ ନିର୍ମୂଳ ହୁଏ ବ୍ୟାୟାମ ଦ୍ୱାରା ।

ଯେଉଁମାନେ ସମୟ ଅଭାବରୁ ଏହିସବୁ ବ୍ୟାୟାମ ନ କରିପାରନ୍ତି ସେମାନେ ପ୍ରଥମେ ୧୭ ନମ୍ବର ବ୍ୟାୟାମ କରି ପରେ ୩ ନମ୍ବର ବ୍ୟାୟାମ କରିପାରନ୍ତି । ଏହି ଦୁଇଟି ବ୍ୟାୟାମ ନିୟମିତରୂପେ କଲେ ବ୍ୟକ୍ତି ସୁସ୍ଥ ସବଳ ରହିପାରେ । ଯେଉଁମାନଙ୍କର ଉତ୍ସାହ ଏବଂ ସମୟ ଥାଏ ସେମାନେ ୪ ନମ୍ବରରୁ ୧୬ ନମ୍ବର ପର୍ଯ୍ୟନ୍ତ ବ୍ୟାୟାମ ସମାପ୍ତ କରି ଶେଷରେ ୩ ନମ୍ବର ବ୍ୟାୟାମ କରିପାରନ୍ତି । ଯେଉଁମାନଙ୍କର ସମୟ ନ ଥାଏ ଓ ଉତ୍ସାହର ଅଭାବ ଥାଏ, କିନ୍ତୁ ଶରୀରକୁ ସୁସ୍ଥ ସବଳ ରଖିବାକୁ ଚାହାନ୍ତି, ସେମାନେ ନିୟମିତରୂପେ କେବଳ ୩ ନମ୍ବର ବ୍ୟାୟାମ କଲେ ଉଦରାମୟ ଇତ୍ୟାଦି କୌଣସି ରୋଗ ଭୋଗିବେ ନାହିଁ । କିନ୍ତୁ ଯେଉଁମାନେ ୪ ନମ୍ବରରୁ ୧୬ ନମ୍ବର ପର୍ଯ୍ୟନ୍ତ କରିବେ ସେମାନେ ନିଜ ସାମର୍ଥ୍ୟ ଅନୁସାରେ ୩ ନମ୍ବର ବ୍ୟାୟାମ କରିବେ ।

(୧୭) ଖାଲି ଭୂମିରେ ଅଥବା ଶପ କିଂବା ସତରଞ୍ଜି ବିଛେଇ ତା' ଉପରେ ସିଧାସଳଖ ଛିଡ଼ା ହୁଅ । ହାତ ଯୋଡ଼ିଦିଅ । ଦୁଇ ହାତ ଖୋଲି କ୍ରମଶଃ ଭୂମି ଆଡ଼କୁ ଆଣ । ଦୁଇ ପାଦ ସଳଖରେ ଦୁଇ ହାତ ପଞ୍ଜାକୁ ଭୂମିରେ ଲଗେଇ ରଖ । ହାତ-ଅଙ୍ଗୁଳି ଓ ପାଦ-ଅଙ୍ଗୁଳି ରହିବ ଠିକ୍ ସିଧା ରେଖାରେ । ପ୍ରଥମେ ବାମ ପାଦ ପଛ ଆଡ଼କୁ ଲମ୍ବା କରି ଭୂମିରେ ପାଦ-ଅଙ୍ଗୁଳି ରଖ । ପୁନରାୟ ସେହିପରି ଦକ୍ଷିଣ ପାଦକୁ ପଛକୁ ନେଇ ବାମ ପାଦ ସାମନାରେ ରଖ । ଶରୀର ସିଧା ଭାବେ ରହିବ ହସ୍ତପଞ୍ଜା ଏବଂ ପାଦ-ଆଙ୍ଗୁଳି ଉପରେ । ଶରୀରକୁ ଏକେବାରେ ସିଧାଭାବେ ରଖି ଦୁଇହସ୍ତ କହୁଣି ବକ୍ର କରି ଶରୀରକୁ କ୍ରମଶଃ ଭୂମିରୁ ଚାରି ଅଙ୍ଗୁଳି ଦୂରକୁ ନେଇଆସ । ପୁନରାୟ କ୍ରମଶଃ ଉଠେଇ ପୂର୍ବାବସ୍ଥାକୁ ନେଇଆସ । ଦକ୍ଷିଣ ପାଦକୁ ପ୍ରଥମେ ଆଣି ପୂର୍ବପରି ହସ୍ତପଞ୍ଜା ସଳଖରେ ରଖ ଏବଂ ବାମ ପାଦକୁ ମଧ୍ୟ ସେହିପରି ଆଣି ଉଭୟ ପାଦକୁ ଉଭୟ ହସ୍ତପଞ୍ଜା ମଧ୍ୟରେ ପୂର୍ବସ୍ଥିତି ଅନୁସାରେ ସିଧାସଳଖରେ ରଖ । ଦୁଇ ହସ୍ତ ଉଠାଇ ଆରମ୍ଭ ଅବସ୍ଥା ଭଳି ଦୁଇହାତ ଯୋଡ଼ି ଏକେବାରେ ସିଧା ହୋଇ ଛିଡ଼ା ହୁଅ । ଏହାର ସଂଖ୍ୟା ଏକ । ଏହିପରି ପୁନରାୟ ଆରମ୍ଭ କଲେ ପ୍ରଥମରେ ବାମପାଦ ପଛକୁ ନ ନେଇ ଦକ୍ଷିଣ ପାଦ ପଛକୁ ନିଅ ଏବଂ ପ୍ରଥମେ ବାମପାଦ ଆଗକୁ ଆଣି ହସ୍ତପଞ୍ଜା ମଧ୍ୟରେ ରଖ । ପ୍ରଥମ ନମ୍ବରରେ ବାମପାଦ ପ୍ରଥମେ ପଛକୁ ଯିବ, ଦକ୍ଷିଣ ପାଦ ପ୍ରଥମେ ଆଗକୁ ଆସିବ । ଦ୍ୱିତୀୟ ନମ୍ବରରେ ପ୍ରଥମେ ଦକ୍ଷିଣ ପାଦ ପଛକୁ ଯିବ, ବାମ ପାଦ ପ୍ରଥମେ ଆଗକୁ ଆସିବ । ଏହିପରି କ୍ରମ ବରାବର ଚାଲୁଥିବ । ସାମର୍ଥ୍ୟ ଅନୁସାରେ ୫ କିଂବା ୧୦ରୁ ଆରମ୍ଭ କରି କ୍ରମଶଃ ବଢ଼େଇ ୨୦ କିଂବା ୩୦ ଅଥବା ୫୦ କରିପାରନ୍ତି । ଏହା ଦ୍ୱାରା ସମସ୍ତ ଅଙ୍ଗର ବ୍ୟାୟାମ ହୁଏ ।

ଆବଶ୍ୟକ ସୂଚନା :

ସାଧକ ଅଥବା ସାଧାରଣ ଜୀବନଯାପନ କରୁଥିବା ଯେକୌଣସି ବ୍ୟକ୍ତିଙ୍କ ପକ୍ଷେ ବ୍ୟାୟାମ ଏକାନ୍ତ ଆବଶ୍ୟକ । ଏସବୁ ବ୍ୟାୟାମ ଦ୍ୱାରା ଶାରୀରିକ ବଳ ବୃଦ୍ଧି ହୁଏ, କୌଣସି ଉଦରରୋଗ ହୁଏ ନାହିଁ । ପ୍ରତ୍ୟେକ ବ୍ୟାୟାମ ପରେ ଶବାସନରେ କିଛି ମିନିଟ୍ ବିଶ୍ରାମ ନେବା ଭଲ, ଅନ୍ୟଥା ସମସ୍ତ ବ୍ୟାୟାମ ପରେ ଶବାସନରେ ଶରୀରକୁ ଶିଥିଳ କରି ବିଶ୍ରାମ ନେବା ଏକାନ୍ତ ଆବଶ୍ୟକ । ନଚେତ୍ ରକ୍ତ ସଞ୍ଚାଳନ କ୍ରିୟା ସ୍ୱାଭାବିକ ଅବସ୍ଥାକୁ ଆସେ ନାହିଁ ଓ ସ୍ୱାସ୍ଥ୍ୟହାନି ଘଟେ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବସ୍ତୁ ହେଲା ବ୍ୟାୟାମ ସମୟରେ ବ୍ୟାୟାମ ହେଉଥିବା ଅଙ୍ଗରେ ଚେତନାକୁ ଏକାଗ୍ର କରିବା ଏବଂ ବ୍ୟାୟାମ ସମୟରେ ମା'ଙ୍କୁ ସ୍ମରଣ କରିବା । ଏଥିରେ ମାତୃଶକ୍ତି ବ୍ୟାୟାମ ମଧ୍ୟଦେଇ କ୍ରିୟା କରିପାରେ । ଶବାସନରେ ବିଶ୍ରାମ ନେବା ସମୟରେ ଧାରଣା କରିବ ମା'ଙ୍କ ଶକ୍ତି ପ୍ରତ୍ୟେକ ଲୋମରେ ପ୍ରବେଶ କରୁଅଛି । ଏହି ଧାରଣା ଯେତେ ଦୃଢ଼ ହେବ ଏହାର ପ୍ରତ୍ୟକ୍ଷ ଫଳ ସେତେ ଅନୁଭବରେ ଆସିବ ।

ଯେଉଁମାନେ ବ୍ୟାୟାମ ନ କରନ୍ତି ସେମାନଙ୍କ ଶରୀରର ସମସ୍ତ ଅଙ୍ଗ ଦୁର୍ବଳ ହୋଇପଡ଼େ । ଉପଯୁକ୍ତ ଅବସ୍ଥା ପୂର୍ବରୁ ବାର୍ଦ୍ଧକ୍ୟ ଆସେ । ସେମାନେ ଚାଲି ପାରନ୍ତି ନାହିଁ କିଂବା କୌଣସି କାର୍ଯ୍ୟ କରିପାରନ୍ତି ନାହିଁ । ସବୁ ସମୟରେ ଅନ୍ୟର ଆଶ୍ରିତ ହୋଇ ରହିଥାଆନ୍ତି ଏବଂ ବହୁତ ପ୍ରକାର ରୋଗ କବଳରେ ପଡ଼ି ଔଷଧ ଆଶ୍ରୟରେ କୌଣସିମତେ ଜୀବନଯାପନ କରନ୍ତି । ବ୍ୟାୟାମ କରିବା ଦ୍ୱାରା ପ୍ରତ୍ୟେକ ଅଙ୍ଗ ନମନୀୟ ହୁଏ, ସବଳ, ସତେଜ ଓ ନୀରୋଗ ହୁଏ;

ଶରୀରରୁ ଆଳସ୍ୟ, ତାମସିକତା ଦୂର ହୁଏ, ପ୍ରତ୍ୟେକ କାର୍ଯ୍ୟ ଅଥବା ପଢ଼ିବାରେ ଉତ୍ସାହ ଉତ୍ପନ୍ନ ହୁଏ । ଅପେକ୍ଷାକୃତ କମ୍ ସମୟରେ ଅଧିକକାର୍ଯ୍ୟ ପ୍ରସନ୍ନତାପୂର୍ବକ କରାଯାଇପାରେ । କିନ୍ତୁ ଦୁର୍ଭାଗ୍ୟବଶତଃ ବ୍ୟକ୍ତି ବ୍ୟାୟାମର ମହତ୍ତ୍ୱ ଓ ଉପଯୋଗିତାକୁ ନ ବୁଝି ଜୀବନକୁ ନଷ୍ଟ କରିଦିଏ । ଅତଏବ ପ୍ରତ୍ୟେକ ବ୍ୟକ୍ତି ବାଲ୍ୟାବସ୍ଥାରୁ ବ୍ୟାୟାମ କରିବା ଉଚିତ । ଶ୍ରୀଅରବିନ୍ଦଙ୍କ ଯୋଗର ସାଧକମାନଙ୍କର ଏହା ସାଧନାର ଏକ ବିଶେଷ ଆବଶ୍ୟକ ଅଙ୍ଗ । ଏହାକୁ ବାଦ୍ ଦେଲେ ସାଧନା ଅପୂର୍ଣ୍ଣ । କାରଣ ଏଥିରେ ଶରୀରକୁ ବାଦ୍ ଦିଆହୁଏ ନାହିଁ, ରୂପାନ୍ତର କରିବାକୁ ହୁଏ ।

କେତେକ ସୂଚନା :

(୧) ବର୍ଷେ ଦୁଇ ବର୍ଷର ପିଲାମାନଙ୍କର ଚାଲିବାରେ ବ୍ୟାୟାମ ହୁଏ ।

(୨) ୬୦ ବର୍ଷ ବୟସ ପର୍ଯ୍ୟନ୍ତ ଯେଉଁମାନେ ବ୍ୟାୟାମ କିଂବା ଆସନ କରି ନାହାନ୍ତି, ସେମାନଙ୍କ ଅଙ୍ଗପ୍ରତ୍ୟଙ୍ଗ କଠୋର ହୋଇଯାଇଥାଏ, ସେମାନେ ବ୍ୟାୟାମ କିଂବା ଆସନ କରିବା ଉଚିତ ନୁହେଁ । ସେମାନଙ୍କ ସକାଶେ ଉପଯୋଗୀ ବ୍ୟାୟାମ ହେବ— ସଂଧ୍ୟା ଓ ସକାଳେ ଖୋଲା ସ୍ଥାନରେ ଦୁଇତିନି ମାଇଲ ଚାଲିବା । ଯେଉଁମାନଙ୍କର ଘରୁ ବାହାରିବାର ସୁଯୋଗ ନ ଥାଏ, ସେମାନେ ନିଜ ଘରେ ଅଧଘଣ୍ଟାଏ ଚାଲିପାରନ୍ତି ଏବଂ ତତ୍‌ସଙ୍ଗେ ଭଗବତ୍ ସ୍ମରଣ କରିପାରନ୍ତି ।

(୩) ଚାରି ବର୍ଷରୁ ଦଶବର୍ଷ ବୟଃପ୍ରାପ୍ତ ବାଳକ-ବାଳିକାମାନେ ନାନାପ୍ରକାର ଖେଳ, ମାର୍ଚ୍ଚିଙ୍ଗ୍ ମଧ୍ୟଦେଇ ବ୍ୟାୟାମ କରିପାରନ୍ତି ।

(୪) ଦଶ ବର୍ଷରୁ ଊର୍ଦ୍ଧ୍ୱ ବାଳକ-ବାଳିକାମାନେ ବ୍ୟାୟାମ ଏବଂ ଆସନ ଭିନ୍ନ ଭିନ୍ନ ସମୟରେ କରିପାରନ୍ତି କିଂବା କେବଳ ଆସନ ଅଥବା କେବଳ ବ୍ୟାୟାମ କରିପାରନ୍ତି । ଉଭୟ କରିବା ବିଶେଷ ଲାଭଦାୟକ ।

(୫) ଯେଉଁମାନେ ବାଲ୍ୟ ବା ଯୌବନ ଅବସ୍ଥାରୁ ବ୍ୟାୟାମ କିଂବା ଆସନ ଆରମ୍ଭ କରନ୍ତି, ସେମାନେ ୬୦ ବର୍ଷରୁ ଊର୍ଦ୍ଧ୍ୱ ଅଶୀ, ଶହେ ବର୍ଷ ପର୍ଯ୍ୟନ୍ତ ତାହା କରିପାରନ୍ତି । କିନ୍ତୁ ୬୦ ବର୍ଷ ବୟସ ପର୍ଯ୍ୟନ୍ତ ଯେଉଁମାନେ କେବେ ଅଭ୍ୟାସ କରି ନ ଥା'ନ୍ତି, ସେମାନଙ୍କ ସକାଶେ କେବଳ ଚାଲିବା ଉତ୍ତମ ।

(୬) ବ୍ୟାୟାମ ଏବଂ ଆସନ କରିବାର ସଂଖ୍ୟା ବା ସମୟ ସଂପର୍କରେ ପ୍ରତ୍ୟେକ ବ୍ୟକ୍ତି ସକାଶେ ଏକ ପ୍ରକାର ନିୟମ କରାଯାଇପାରେ ନାହିଁ । କାରଣ କୌଣସି ବ୍ୟକ୍ତି ବହୁତ ବଳବାନ୍ ତ କୌଣସି ବ୍ୟକ୍ତି ଦୁର୍ବଳ, କେହି ବାଳକ ତ କେହି ବୃଦ୍ଧ । ଅତଏବ ନିଜ ଶକ୍ତି ଅନୁସାରେ ନିଜେ ନିର୍ଣ୍ଣୟ କରିନେବେ ।

ପ୍ରତ୍ୟେକ ବ୍ୟକ୍ତି ଆସନ ଏବଂ ବ୍ୟାୟାମ କରିବା ଆବଶ୍ୟକ । ସେଥିରେ ଶରୀରରେ ପ୍ରତ୍ୟେକ ଅଙ୍ଗରେ କ୍ରିୟା ହୁଏ ।

(୭) ବ୍ୟାୟାମ ବା ଆସନ କରିବା ସ୍ଥାନ ଖୋଲା ଥିବ, ଅନ୍ତତଃପକ୍ଷେ ପବନ ଯାତାୟାତ କରୁଥିବ । ସେହିପରି ସ୍ଥାନରେ ଉପରୋକ୍ତ ବୟସର ବାଳକ ବାଳିକାମାନେ ୧୦ ବୈଠକ, ଏକ ଦଣ୍ଡ କରି କିଛି ସମୟ ଚାଲନ୍ତୁ । ଶରୀର ସତେଜ ହେଲେ ପୁନରାୟ କରନ୍ତୁ ଓ ପୁନରାୟ ଚାଲନ୍ତୁ । ଆରମ୍ଭରେ ୨୦ ବୈଠକ, ୨ ଦଣ୍ଡ ଏହି ପ୍ରଣାଳୀରେ କରି ପ୍ରତିସପ୍ତାହରେ ନିଜ ଶକ୍ତି ଅନୁସାରେ ବୃଦ୍ଧି କରନ୍ତୁ । ଏହି ବୟସର ବାଳକ ବାଳିକାମାନେ ୫୦ ବୈଠକ ଓ ୫ ଦଣ୍ଡ କରିପାରନ୍ତି । ସବଳ ଶରୀର ହୋଇଥିଲେ ଅଧିକ କରିପାରନ୍ତି । ଦୁର୍ବଳ ବାଳିକାମାନେ ଏହା ଅପେକ୍ଷା କମ୍ କରିପାରନ୍ତି ।

୧୫ ବର୍ଷରୁ ୧୮ ବର୍ଷ ବୟସର ବାଳକ-ବାଳିକାମାନେ ଏହାର ତିନିଗୁଣ କରିପାରନ୍ତି କିଂବା ଶକ୍ତିଶାଳୀ ହୋଇଥିଲେ ଚାରିଗୁଣ କରିପାରନ୍ତି । ୧୮ ବର୍ଷ ବୟସରୁ ୩୦ ବର୍ଷ ବୟସର ଯୁବକମାନେ କ୍ରମଶଃ ବୃଦ୍ଧି କରି ୨୦୦ବୈଠକ ୪୦ ଦଣ୍ଡ କରିପାରନ୍ତି । ମହିଳାମାନେ ଏହାର ଅଧା ବା ଏକ-ତୃତୀୟାଂଶ କଲେ ଭଲ । ବୟସ, ଯୁବକ ବା ମହିଳା ଉପରେ ଏହା ନିର୍ଭର କରେ ନାହିଁ, ନିର୍ଭର କରେ ଶାରୀରିକ ଶକ୍ତି ଉପରେ । ଶାରୀରିକ ବଳ ଅନୁସାରେ ବାଳକ, ବାଳିକା, ଯୁବକ ଓ ମହିଳାମାନେ ଉଲ୍ଲିଖିତ ବୈଠକ ଓ ଦଣ୍ଡର ସଂଖ୍ୟା କମ୍ ବେଶୀ କରିପାରିବେ । କିନ୍ତୁ ବ୍ୟାୟାମ ବା ଆସନ କରିବାକୁ ହେବ ନିୟମିତରୂପେ । ଅସୁସ୍ଥ ଅବସ୍ଥାରେ ବନ୍ଦ ରଖିଲେ ପୁନରାୟ ଆରମ୍ଭ କରି କ୍ରମଶଃ ବୃଦ୍ଧି କରିବେ ।

(୮) ଭୋରରୁ ବିଛଣାରୁ ଉଠିବା ସମୟରେ ଦୁଇତିନି ଥର ହାତ ଏବଂ ପାଦ ଜୋରରେ ଟାଣି ଭିଡ଼ିମୋଡ଼ି ହେଲେ ଆଳସ୍ୟ ଚାଲିଯାଏ, ଶରୀରରେ ଫୂର୍ତ୍ତି ଆସେ ।

(୯) ଭୋରରୁ ମୁଖ ଧୋଇବା ସମୟରେ ଏବଂ ଯେକୌଣସି ସମୟରେ ମୁଖ ଧୋଇଲେ ପ୍ରଥମରେ ମୁଖରେ ଜଳ ଭରିନିଅ ଏବଂ ଥଣ୍ଡାଜଳ ଆଖିରେ ଏକୋଇଶ ଥର କିଂବା ତହିଁରୁ କମ୍ ଛିଟା ଦିଅ । ଏଥିରେ ଦୃଷ୍ଟିଶକ୍ତି ନଷ୍ଟ ହୁଏ ନାହିଁ ।

(୧୦) ଯଦି ସ୍ନାନ ସକାଶେ ପୁଷ୍କରିଣୀ ବା ନଦୀକୁ ଯାଅ, ତେବେ ପ୍ରଥମେ ମୁଖରେ ଜଳ ଭର୍ତ୍ତି କରି ଆଖିରେ ଜଳଛିଟା ଦିଅ ଏବଂ ମସ୍ତକରେ ଜଳ ଦିଅ, ପରେ ଜଳରେ ପ୍ରବେଶ କର । ଅନ୍ୟଥା ଶରୀରର ଉଷ୍ଣତା ନେତ୍ର ଏବଂ ମସ୍ତକର କ୍ଷତି ଘଟାଏ ।

(୧୧) ମଳ ବା ମୂତ୍ର ତ୍ୟାଗ ସମୟରେ ଦୁଇପାଟି ଦାନ୍ତକୁ ଜୋରରେ ଦାବି ରଖିଲେ ଦାନ୍ତ ମଜଭୁତ ହୁଏ ।

(୧୨) ଦାନ୍ତକାଠି ଅଧିକ ଚୋବାଇଲେ, ବୁଟ କିଂବା ଅନ୍ୟ କଠିନ ଦ୍ରବ୍ୟ ଚୋବାଇ ଖାଇଲେ ଦାନ୍ତ ମଜଭୁତ ହୁଏ । ସ୍ନାନ ପୂର୍ବରୁ ଲୁଣ ଏବଂ ସୋରିଷ ତେଲରେ ଦାନ୍ତ ଘସିଲେ ଦାନ୍ତ ହଲେ ନାହିଁ, ଦରଜ ହୁଏ ନାହିଁ କିଂବା ପୋକ କାଟେ ନାହିଁ ।

(୧୩) ଭୋଜନ ଏବଂ ଭୋଜନ ପରେ କିଛି ସମୟ ଓ ମଳତ୍ୟାଗ ସମୟରେ ଦକ୍ଷିଣ ନାସାରେ ଶ୍ୱାସ ପ୍ରବାହିତ ହେବା ଉଚିତ । ବସି ବାମ ହାତ କହୁଣି କଙ୍କାଳରେ ବାମ ଜଙ୍ଘ ଦ୍ୱାରା ଦାବିଦେଲେ ଶ୍ୱାସ ଦକ୍ଷିଣ ନାସାରେ ପ୍ରବାହିତ ହୁଏ ।

ଜଳପାନ ଏବଂ ମୂତ୍ରତ୍ୟାଗ ସମୟରେ ବାମ ନାସାରେ ଶ୍ୱାସ ପ୍ରବାହିତ ହେବା ଉଚିତ ।

(୧୪) ଭୋଜନର ପ୍ରତ୍ୟେକ ଗ୍ରାସ ୨୨ ଥରରୁ ଅଧିକ ଚୋବାଇବା ଆବଶ୍ୟକ । ମୁଖର ଲାଳ ଯେତେ ଅଧିକ ଖାଦ୍ୟ ସଙ୍ଗେ ମିଶ୍ରିତ ହେବ ସେତେ ଶୀଘ୍ର ଖାଦ୍ୟ ଉତ୍ତମରୂପେ ହଜମ ହେବ ।

(୧୫) ଭୋଜନର ସମୟ ଦିନରେ ଘ୧୨ଣ୍ଟା ପୂର୍ବରୁ ଓ ରାତ୍ରିରେ ଘ୯ଣ୍ଟା ପୂର୍ବରୁ ହେଲେ ଭଲ । ନିର୍ଦ୍ଦିଷ୍ଟ ସମୟରେ ଭୋଜନ, ମଳତ୍ୟାଗ ଓ ବିଶ୍ରାମ ହେବା ଉଚିତ ।

(୧୬) ରାତ୍ରିରେ ବ୍ୟକ୍ତିର ଆବଶ୍ୟକତା ଅନୁସାରେ ଶୋଇବା ସମୟ ନିର୍ଦ୍ଦିଷ୍ଟ କରିପାରନ୍ତି । କିନ୍ତୁ ଘ୪ଣ୍ଟା କିଂବା ଘ୫ଣ୍ଟା ପୂର୍ବରୁ ଉଠିବା ଆବଶ୍ୟକ । ଘ୩ଣ୍ଟାରୁ ଉଠିଲେ ଆହୁରି ଭଲ, ନାହିଁ ତ ଘ୫ଣ୍ଟା ପୂର୍ବରୁ ଅବଶ୍ୟ ଉଠିବାକୁ ହେବ ।

(୧୭) ଆବଶ୍ୟକରୁ ଅଧିକ କଥା କହିବା ଉଚିତ ନୁହେଁ । ଅଧିକ କଥା କହିବାରେ ବହୁତ ଶକ୍ତି ନଷ୍ଟ ହୁଏ ଏବଂ ବ୍ୟକ୍ତି ବହୁତ ମିଥ୍ୟା ମଧ୍ୟ କହେ । ଯେତେ କମ୍ କଥା କୁହ ସେତେ ଭଲ ।

(୧୮) ଥଟ୍ଟାରେ ବି ମିଥ୍ୟା କୁହ ନାହିଁ ।

(୧୯) ସମସ୍ତ କର୍ମ ଠିକ୍ ସମୟରେ କର, ନିଜ ବାକ୍ୟ ସର୍ବଦା ପୂର୍ତ୍ତ କର । ସମୟ ପ୍ରତି ଦୃଷ୍ଟି ରଖ ।

(୨୦) ଭୋଜନ ସମୟରେ ସଚେତ ହୁଅ । ପ୍ରତ୍ୟେକ ଗ୍ରାସ ମା' ଅଥବା ଅନ୍ତରାତ୍ମାକୁ ଅର୍ପଣ କରୁଛ ବୋଲି ଧାରଣା କର । ଯଥାର୍ଥରେ ମା' ସର୍ବତ୍ର ବିଦ୍ୟମାନ, ଜଠରାଗ୍ନି ରୂପେ ଜଠରରେ ମଧ୍ୟ ବିଦ୍ୟମାନ । ତା'ଛଡ଼ା ଅନ୍ତରାତ୍ମା ମା'ଙ୍କ ସ୍ୱରୂପ ।

ଆସନର ପ୍ରଣାଳୀ ଓ ନିୟମ

ଶରୀର ସୁସ୍ଥ ନ ରହିଲେ ବ୍ୟକ୍ତିର ଜୀବନ ଦୁଃଖମୟ ହୁଏ । ଯେଉଁମାନେ ଯାନବାହାନରେ ଯାତାୟତ କରିବା, ଚାକର ଦ୍ୱାରା କାର୍ଯ୍ୟ କରାଇବା ଛଡ଼ା ନିଜେ ଚାଲନ୍ତି ନାହିଁ କି ନିଜ କାମ ନିଜେ କରନ୍ତି ନାହିଁ ସେମାନେ ନିଜ ସ୍ୱତନ୍ତ୍ରତାକୁ ଅନ୍ୟକୁ ଦାନ କରି ସର୍ବଦା ପରାଧୀନ ହୋଇ ପଡ଼ନ୍ତି । ରୋଗ ଲାଗି ରହିଥାଏ, ଡାକ୍ତର ଏବଂ ଔଷଧ ଛଡ଼ା କାମ ଚଳେ

ନାହିଁ । ଶରୀର ଅସୁସ୍ଥ ଯୋଗୁଁ ମନକୁ ନାନା ପ୍ରକାର ଚିନ୍ତା ବ୍ୟତିବ୍ୟସ୍ତ କରେ, ପ୍ରାଣର ବାସନା-କାମନା ନିଜ ନିଜ ଆଡ଼କୁ ଟାଣନ୍ତି । ସେମାନଙ୍କ ଜୀବନର ପୂର୍ଣ୍ଣତାର ଅଧେ ଭାଗ ନଷ୍ଟ ହୁଏ । ଏହିପରି ବ୍ୟକ୍ତି ଯଦି ଧନ ନଷ୍ଟ କରି ଦରିଦ୍ର ହୁଅନ୍ତି, ତେବେ ତ ଦୁଃଖଦୁର୍ଦ୍ଦଶାର ସୀମା ରହେ ନାହିଁ । ମନୁଷ୍ୟ ଜୀବନର ପୂର୍ଣ୍ଣତା ସକାଶେ ବିଦ୍ୟାଧ୍ୟୟନ ଦ୍ୱାରା ମନର ବିକାଶ, ପ୍ରାଣର ସଂଯମ, ବ୍ରହ୍ମଚର୍ଯ୍ୟ ପାଳନ, କର୍ମ ସଂପାଦନ ଦ୍ୱାରା ପ୍ରାଣର ବିକାଶ, ଅଧ୍ୟାତ୍ମ ସାଧନା ଦ୍ୱାରା ଆତ୍ମାର ବିକାଶ ଯେପରି ଆବଶ୍ୟକ ତାହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହେଉଛି ଶରୀରର ବିକାଶ । ଶରୀର ହେଉଛି ସମସ୍ତ ସତ୍ତାର ଆଧାର । ମନ, ପ୍ରାଣ, ଆତ୍ମାର କ୍ରିୟା ହୁଏ ଶରୀରରେ । ଶରୀର ବ୍ୟତୀତ ସେ ସମସ୍ତ ନିଷ୍କ୍ରିୟ । ଅତଏବ ଶରୀରର ବିକାଶ ସକାଶେ ବ୍ୟାୟାମ ଏବଂ ଆସନ ଏକାନ୍ତ ଆବଶ୍ୟକ । ଅତଏବ ପ୍ରତ୍ୟେକ ବ୍ୟକ୍ତି ବାଲ୍ୟାବସ୍ଥାରୁ ଆସନ କିଂବା ବ୍ୟାୟାମ କରିବା ଉଚିତ । ଯେଉଁମାନେ ବାଲ୍ୟାବସ୍ଥାରୁ ଆସନ ଅଭ୍ୟାସ ନ କରିଛନ୍ତି ସେମାନେ କୌଣସି ଅବସ୍ଥାରେ କରିପାରନ୍ତି ।

ଆସନ କରିବା ପରେ ବ୍ୟକ୍ତି ଯଦି ବ୍ୟାୟାମ କରିବାକୁ ବା ଦୌଡ଼ିବାକୁ ଚାହେଁ, ତେବେ ଶବାସନ ପରେ ୨୫ ମିନିଟ ସମୟ ଫାଙ୍କ ରହିବା ଉଚିତ । ସବୁଠାରୁ ଭଲ, ପ୍ରାତଃକାଳରେ ଆସନ କଲେ ସାୟଂକାଳରେ ବ୍ୟାୟାମ କର । ସାୟଂକାଳରେ ଆସନ କଲେ ପ୍ରାତଃକାଳରେ ବ୍ୟାୟାମ କର । ଯଦି କେବଳ ଆସନ କର ତେବେ ଅନ୍ୟ ସମୟରେ ଖୋଲା ବାୟୁରେ ଏକ ଦୁଇ ମାଇଲ୍ ରାସ୍ତା ଚାଲ । ବ୍ୟାୟାମ ଏବଂ ଆସନ ଉଭୟ ଶରୀରର ବିକାଶ ଏବଂ ନମନୀୟତା ସକାଶେ ଆବଶ୍ୟକ ।

ବ୍ୟାୟାମରେ ଶରୀର ପୁଷ୍ଟ ହୁଏ, ବଳ ବଢ଼େ, ଗ୍ରନ୍ଥିସବୁ ମଜଭୁତ ହୁଏ, ମାଂସପେଶୀ ପରିପୁଷ୍ଟ ହୁଏ, ଶରୀର ସୁନ୍ଦର, ସୁଢଳ ଓ ନମନୀୟ ହୁଏ, ବହୁତ ପ୍ରକାର ରୋଗ ମଧ୍ୟ ହୁଏ ନାହିଁ । ବ୍ୟାୟାମ ବିଶେଷ କାର୍ଯ୍ୟ କରେ ସ୍ଥୂଳ ଶରୀରରେ, ଏହା ଦ୍ୱାରା ସ୍ନାୟୁ ଏବଂ ଆଭ୍ୟନ୍ତରୀଣ ସୂକ୍ଷ୍ମ ତନ୍ତୁ ଉପରେ କିଛି ପ୍ରଭାବ ପଡ଼େ, କିନ୍ତୁ ଆସନ ସଦୃଶ ଶରୀରର ସୂକ୍ଷ୍ମ ତନ୍ତୁକୁ ଦୃଢ଼ କରିପାରେ ନାହିଁ ।

ଆସନରେ ଶରୀର ପୃଥୁଳ ହୁଏ ନାହିଁ, ବଳ ବଢ଼େ, କିନ୍ତୁ ବ୍ୟାୟାମ ସଦୃଶ ବଳ ବଢ଼େ ନାହିଁ କିଂବା ମାଂସପେଶୀ ଉପରେ ଅଧିକ ପ୍ରଭାବ ପଡ଼େ ନାହିଁ । କିନ୍ତୁ ଶରୀରର ସ୍ନାୟୁ ତଥା ସୂକ୍ଷ୍ମ ଅଙ୍ଗକୁ ଶୁଦ୍ଧ କରେ, ଦୃଢ଼ କରେ, ଶରୀରର ତେଜ ପ୍ରକାଶ କରେ; ଯେଉଁ ଯେଉଁ ସ୍ଥାନରୁ ରୋଗ ଉତ୍ପନ୍ନ ହେବାର ସମ୍ଭାବନା ଥାଏ ସେହି ସେହି ସ୍ଥାନକୁ ଶୁଦ୍ଧ ଏବଂ ଦୃଢ଼ କରେ । ନିର୍ଦ୍ଦିଷ୍ଟ ଆସନ ଦ୍ୱାରା ନିର୍ଦ୍ଦିଷ୍ଟ ଅଙ୍ଗଗୁଡ଼ିକ ଏପରି ଶୁଦ୍ଧ ଏବଂ ଦୃଢ଼ ହୁଏ ଯେ ସେ ସ୍ଥାନରୁ ଯେଉଁ ରୋଗ ଉତ୍ପନ୍ନ ହେବାର ଥାଏ ତାହାର ସମ୍ଭାବନା ରହେ ନାହିଁ । ବ୍ରହ୍ମଚର୍ଯ୍ୟପାଳନ ଏଥିରେ ବିଶେଷ ସାହାଯ୍ୟ କରେ । ବ୍ୟାୟାମରେ ଏପରି ହୁଏ ନାହିଁ । ବ୍ୟାୟାମ କରିବା ବ୍ୟକ୍ତି କେବେ କେବେ ବଡ଼ ବଡ଼ ରୋଗର ଶିକାର ହୁଅନ୍ତି, ଆସନରେ ଦୈବଦୁର୍ବିପାକ ଛଡ଼ା ସାଧାରଣତଃ ତାହା ହୁଏ ନାହିଁ ।

ଉତ୍ତମ ସ୍ୱାସ୍ଥ୍ୟ ପ୍ରାପ୍ତ ହେବା ସକାଶେ, ଅକାଳ ବାର୍ଦ୍ଧକ୍ୟ, ଅସମୟରେ ଅଙ୍ଗହାନି, ରୋଗର ଆକ୍ରମଣ, ଆଳସ୍ୟ ଓ ଦୀର୍ଘସୂତ୍ରିତା ଆଦି ଦୋଷରୁ ମୁକ୍ତ ହେବା ସକାଶେ ବ୍ୟାୟାମ ଏବଂ ଆସନ ଉଭୟ କରିବା ଉଚିତ । କେହି ଯଦି ଉଭୟ କରି ନ ପାରନ୍ତି ତେବେ ନିଜର ସୁବିଧାନୁସାରେ ଆସନ କିଂବା ବ୍ୟାୟାମ କୌଣସିଟି ନିୟମିତ ରୂପେ କରିବା ଏକାନ୍ତ ଆବଶ୍ୟକ ।

ଆସନ ନିମିତ୍ତ ପ୍ରସ୍ତୁତି ଓ ତାହାର ପ୍ରକ୍ରିୟା :

ଖୋଲା ଘର ଅର୍ଥାତ୍ ବାୟୁ ଯାତାୟାତ କରୁଥିବ, କିନ୍ତୁ ଜୋର୍‌ରେ ଝଞ୍ଜା ପବନ ବହୁ ନ ଥିବ, ନିକଟରେ ଦୁର୍ଗନ୍ଧ ବସ୍ତୁ ନ ଥିବ, ପରିଷ୍କାର ପରିଚ୍ଛନ୍ନ ସ୍ଥାନରେ ସତରଞ୍ଜି ବା କମ୍ବଳ ବିଛାଇ ତା'ଉପରେ ମୃଗଚର୍ମ ଅଥବା ଲୁଗା ବିଛାଅ । ଚିତ୍ ହୋଇ ଶୋଇପଡ଼ । ମା'ଙ୍କୁ ହୃଦୟରେ ଧ୍ୟାନ କର । ମନେକର ମା ମୋ ପାଖରେ ଅଛନ୍ତି । କଳ୍ପନା କର ବିଶ୍ୱଶକ୍ତି ତୁମ ସମସ୍ତ ଶରୀରରେ ପ୍ରବେଶ କରୁଅଛି । ତୁମ ଶରୀରରେ ଯେଉଁ କର୍ମ ହେଉଛି, ସେଥିପାଇଁ ଶକ୍ତି ଦେଉଛନ୍ତି ମା' । ଏହିପରି ଧାରଣା କରି କିଛି ମିନିଟ୍ ମା'ଙ୍କୁ ଧ୍ୟାନ କରି ଆସନ ଆରମ୍ଭ କର ।

ଆସନ ସକାଶେ ଉପଯୁକ୍ତ ସମୟ ପ୍ରାତଃକାଳ । ମଳତ୍ୟାଗ କରି, ଦନ୍ତ ମୁଖ ଧୋଇ, ସ୍ନାନ କରିବା ପରେ, ତତ୍‌କ୍ଷଣାତ୍ ଆସନ କରିବାରେ କୌଣସି କ୍ଷତି ନାହିଁ । କିନ୍ତୁ ଆସନ ପରେ ଅନ୍ତତଃ ଦେଢ଼ ଘଣ୍ଟା ବ୍ୟତୀତ ନ ହେଲେ ସ୍ନାନ କରିବା ଏକେବାରେ ଦୃଢ଼ତା ସହିତ ମନା ।

ଖାଦ୍ୟଦ୍ରବ୍ୟ ହଜମ ନ ହୋଇଥିଲେ ଅଥବା ଅଧିକ କ୍ଷୁଧା ଲାଗୁଥିଲେ ଆସନ କରିବା ନିଷେଧ । ଭୋଜନର ସାଢ଼େ ତିନିଘଣ୍ଟା ପରେ ଆସନ କରାଯାଇପାରେ । କିନ୍ତୁ ନିମନ୍ତ୍ରଣରେ ମିଷ୍ଟାନ୍ନ ଗଳା ପର୍ଯ୍ୟନ୍ତ ଭର୍ତ୍ତି କରା ହୋଇଥିଲେ ଆଠଘଣ୍ଟାରେ ହଜମ ହେବା ସମ୍ଭବ ନୁହେଁ । ଏପରି ସ୍ଥଳେ ସମୟ ସାଢ଼େ ତିନିଘଣ୍ଟା ଦେଖିଲେ ଚଳିବ ନାହିଁ ।

ଆସନ କରିବାର ଅଧଘଣ୍ଟାକ ପରେ ଏକ ପା' ଦୁଧ ପାନ କରାଯାଇପାରେ । ୪୫ ମିନିଟ୍ ପରେ ବ୍ୟକ୍ତି ଲଘୁପାକ ସାମାନ୍ୟ ଜଳଖିଆ କରିପାରେ, ଦେଢ଼ଘଣ୍ଟା ପରେ ପୂର୍ଣ୍ଣ ଭୋଜନ କରିବାରେ କ୍ଷତି ନାହିଁ ।

(୧) ଉତ୍ତାନପଦ ଦ୍ୱିପାଦାସନ :

ଚିତ୍ ହୋଇ ଶୋଇପଡ଼ । ଦୁଇଗୋଡ଼ ଯୋଡ଼ି ଆସ୍ତେ ଆସ୍ତେ, ବହୁତ ଆସ୍ତେ ଉପରକୁ ଉଠାଅ । ପ୍ରତିଚାଖଣ୍ଡେ ଉଠାଇ ଅଧ ସେକେଣ୍ଡ ରୋକି ଅଣ୍ଟା ସଳଖକୁ ନେଇଆସ । ପୁନରାୟ ଖୁବ୍ ଆସ୍ତେ ଆସ୍ତେ ପ୍ରତିଚାଖଣ୍ଡରେ ଟିକିଏ ଟିକିଏ ରୋକି ପୃଥିବୀକୁ ନେଇଆସ । ଏହାର ସଂଖ୍ୟା ଏକ । ପ୍ରଥମ ଦିନ ଏକ କର, ପ୍ରତି ସପ୍ତାହରେ ଏକ ଏକ ବଢ଼ାଇ ନିଜର ଶକ୍ତି ସାମର୍ଥ୍ୟ ଅନୁସାରେ ୪ କିଂବା ୫ କର । ଏହି ଆସନ ଦ୍ୱାରା ଜଠରାଗ୍ନି ବୃଦ୍ଧି ହୁଏ, ମଳ ପରିଷ୍କାର ହୁଏ । ପେଟର ଅନ୍ତ୍ର ଦୃଢ଼ ହୁଏ ।

(୨) ପଦମସ୍ତକ ଉତ୍‌ଥାନାସନ :

ଚିତ୍ ହୋଇ ଶୋଇ, ପ୍ରଥମ ଆସନ ସଦୃଶ ଦୁଇ ଗୋଡ଼ ଯୋଡ଼ି, ଦୁଇ ହାତ ଉପରକୁ କରି ଦୁଇ ଗୋଡ଼ ଏବଂ ମସ୍ତକ ଉଭୟକୁ ଏକ ସଙ୍ଗେ ଆସ୍ତେ ଆସ୍ତେ ଉଠାଇବାକୁ ଚେଷ୍ଟା କର । ସମସ୍ତ ଶରୀର ରହିବ ଅଣ୍ଟା ଉପରେ । ଦୁଇ ହାତରେ ଦୁଇ ଗୋଡ଼ର ବୃଦ୍ଧାଙ୍ଗୁଳିକୁ ଧର । ପୁନରାୟ ଖୁବ୍ ଆସ୍ତେ ଆସ୍ତେ ମସ୍ତକ ଏବଂ ପାଦ ସମାନ ଭାବେ ତଳକୁ ଆଣି ଚିତ୍ ହୋଇଯାଅ । ଏହି ଆସନ କିଛିଦିନ ଅଭ୍ୟାସ କଲେ ଠିକ୍ ଠିକ୍ ହେବ । ପ୍ରଥମେ ଥରେ କର । କ୍ରମଶଃ ବଢ଼ାଇ ତିନିଥର କରିପାର । ଏହି ଆସନ ଦ୍ୱାରା ଅଣ୍ଟା ଦୃଢ଼ ହୁଏ । ପେଟର କୌଣସି ପ୍ରକାର ରୋଗ ହୁଏ ନାହିଁ । ଅଗ୍ନିମାନ୍ଦ୍ୟ, ବଦହଜମି ଦୂର ହୁଏ ।

(୩) ବିପରୀତ ଉତ୍‌ଥିତ ଦ୍ୱିପାଦାସନ :

ପେଟମାଡ଼ି ଶୋଇପଡ଼ । ଦୁଇ ଗୋଡ଼କୁ ଆସ୍ତେ ଆସ୍ତେ କିଛି ରୋକି ରୋକି ଯେତେ ଉଠାଇପାର ଉଠାଅ । ପୁନରାୟ ତଳକୁ ଆଣ, ଭୂମିରେ ନ ଲଗାଇ ପୁନରାୟ ଉପରକୁ ଉଠାଅ । ଏହିପରି ୫/୬ ଥର କର । ଏଥିରେ ପେଟର ସ୍ନାୟୁ ବଳବାନ୍ ହୁଏ, ଝାଡ଼ା ସଫା ହୁଏ ।

(୪) ବିପରୀତ ଉତ୍‌ଥିତ ଏକପାଦାସନ :

ପେଟମାଡ଼ି ଶୋଇପଡ଼ । ଦୁଇ ଗୋଡ଼କୁ ପୂର୍ବ ଆସନ ସଦୃଶ ନ ଯୋଡ଼ି ଦୁଇଟି ମଧ୍ୟରେ ଏକ ଚାଖଣ୍ଡ ଛଡ଼ା ରଖ । ଦୁଇ ଗୋଡ଼ ଗୋଟିଏ ପରେ ଗୋଟିଏ କରି ଉପରକୁ ଉଠାଅ ଓ ତଳକୁ ଆଣ, କିନ୍ତୁ ଭୂମିରେ ଲଗାଅ ନାହିଁ । ୫/୬ ଥର

କର । ଏଥିରେ ଅଣ୍ଟାର ସ୍ନାୟୁ ବହୁତ ମଜଭୁତ ହୁଏ, ଝାଡ଼ା ସଫା ହୁଏ, ବ୍ରହ୍ମଚର୍ଯ୍ୟ ସ୍ଥିର ହୁଏ, ଅର୍ଥାତ୍ ବ୍ରହ୍ମଚର୍ଯ୍ୟ ପାଳନରେ ବହୁତ ସାହାଯ୍ୟ ମିଳେ ।

(୫) ପାଦପାର୍ଶ୍ୱ ଚାଳନାସନ :

ଚିତ୍‌ହୋଇ ଶୋଇ ଦୁଇ ଗୋଡ଼ ଯୋଡ଼ି ଆସ୍ତେ ଆସ୍ତେ ରୋକି ରୋକି ଉପରକୁ ଉଠାଅ ଏବଂ ଅଣ୍ଟା ସଳଖ ରଖ । ମୁଣ୍ଡଠାରୁ ଅଣ୍ଟା ପର୍ଯ୍ୟନ୍ତ ଶରୀର ରହିବ ଭୂମିରେ । ଦୁଇ ହାତକୁ ଦୁଇ ତରଫକୁ ପ୍ରସାର କର । ଦୁଇଟିଯାକ ହାତ ରହିବ ଠିକ୍ କାନ୍ଧ ସିଧା ପକ୍ଷୀ ମେଲେଇଲା ପରି । ଦୁଇ ଗୋଡ଼ ମୁଣ୍ଡ ଆଡ଼କୁ ଝୁଙ୍କିପାରେ, ପଛକୁ ଝୁଙ୍କିବ ନାହିଁ, କିନ୍ତୁ ଆଣ୍ଠୁ ରହିବ ଏକେବାରେ ସିଧା । ଗୋଡ଼ ସେହି ସିଧା ଅବସ୍ଥାରେ ଆଣ୍ଠୁ ଟିକିଏ ବଙ୍କା ନ କରି ଆସ୍ତେ ଆସ୍ତେ ଖୁବ୍ ଆସ୍ତେ କରପଟରେ ଭୂମିରେ ଲଗାଅ । ଚିତ୍ ହୋଇ ଶୋଇଲା ପରି ନୁହଁ । ତୁମ ଦୁଇ ହାତ ବିସ୍ତାର ହୋଇ ରହିଥିବ ଭୂମିରେ । ତୁମ ଦୁଇ ଗୋଡ଼ ଅଣ୍ଟାଠାରୁ ମୋଡ଼ି ହୋଇ ତ୍ରିକୋଣ ସଦୃଶ ଭୂମିରେ ଲାଗିବ, ସମକୋଣ ସଦୃଶ ହେଲେ ଭଲ । ସେହି ଅବସ୍ଥାରେ ଦୁଇ ଗୋଡ଼କୁ ଆସ୍ତେ ଆସ୍ତେ ଉଠାଇ ଅନ୍ୟ କଡ଼ ଆଡ଼କୁ ସେହିପରି ନିଅ, ଭୂମିରେ ଲଗାଅ । ପୁନରାୟ ଆସ୍ତେ ଆସ୍ତେ ଅଣ୍ଟା ସିଧା ଉପରକୁ ନେଇଆସ । ପରେ ଆସ୍ତେ ଆସ୍ତେ ତଳକୁ ନିଅ । ଏହି ଶେଷ ଅବସ୍ଥା ଚିତ୍ ହୋଇ ଶୋଇବା ଅବସ୍ଥା । ଏହାର ସଂଖ୍ୟା ଏକ । ଏହାକୁ ଅଭ୍ୟାସ କରିବାକୁ ହେବ ।

ନିମ୍ନରେ କେତେକ ବିଶିଷ୍ଟ ଆସନର ପ୍ରକ୍ରିୟା ଦିଆଗଲା :

ପ୍ରଥମରେ ଥରେ କର । ବଢ଼ାଇ ଦୁଇ ବା ତିନି ଥର କର । ଏଥିରେ ପେଟର ଅଗ୍ନିମାନ୍ଦ୍ୟ ଏବଂ ଅନ୍ୟାନ୍ୟ ରୋଗ ଦୂର ହୁଏ, ଧାତୁ ପୁଷ୍ଟ ହୁଏ, ବ୍ରହ୍ମଚର୍ଯ୍ୟ ପାଳନ କରିବାରେ ସାହାଯ୍ୟ ମିଳେ । ପେଟ ଏବଂ ପେଟର ପାର୍ଶ୍ୱ ଓ ଅଣ୍ଟାର ପାର୍ଶ୍ୱ ଖୁବ୍ ମଜଭୁତ ହୁଏ । ମଳ-ଉତ୍ସର୍ଗକ୍ରିୟା ଠିକ୍ ହୁଏ, ଫୁସ୍‌ଫୁସ୍ ସୁଧାର ହୁଏ ଏବଂ ଦୃଢ଼ ହୁଏ ।

(୬) ସର୍ବାଙ୍ଗାସନ :

ପୂର୍ବ ଆସନ ପରି ତୁମେ ଚିତ୍ ହୋଇ ଶୋଇ ରୁହ । ପୂର୍ବପରି ଦୁଇ ପାଦକୁ ଆଣ୍ଠୁ ବଙ୍କା ନ କରି ଆସ୍ତେ ଆସ୍ତେ, ଖୁବ୍ ଆସ୍ତେ ରୋକି ରୋକି ଉଠାଅ । ଅଣ୍ଟା ସିଧାକୁ ନେଇଆସ । ଦୁଇହାତ କହୁଣି ପର୍ଯ୍ୟନ୍ତ ଭୂମିରେ ରଖି ଦୁଇ ହାତରେ ଅଣ୍ଟାକୁ ଉଠାଅ । ସମସ୍ତ ଶରୀରକୁ କ୍ରମଶଃ ଉଠାଇ ସିଧା କର । ବେକଠାରୁ ମୁଣ୍ଡ ପର୍ଯ୍ୟନ୍ତ ରହିବ ଭୂମିରେ । ସମସ୍ତ ଶରୀର ସିଧାସଳଖରେ ଦୁଇ ହାତର ଆଶ୍ରୟରେ ରହିବ ବେକ ଏବଂ ମସ୍ତକ ଉପରେ । ଥୋଡ଼ି ଲାଗିବ ଛାତିରେ । ଶରୀରର ସିଧା ସଳଖରେ ପାଦ ରହିବ ଉପରକୁ । ଏହି ଅବସ୍ଥାରେ ପ୍ରଥମରେ ଦୁଇ ତିନି ମିନିଟ୍ ରଖ । ପ୍ରତିସପ୍ତାହରେ କ୍ରମଶଃ ବଢ଼ାଅ । ପାଞ୍ଚ ଛଅ ମିନିଟ୍ ପର୍ଯ୍ୟନ୍ତ କର । ପରେ ଆସ୍ତେ ଆସ୍ତେ ଦୁଇ ପାଦ ବଙ୍କା ନ କରି ଭୂମିକୁ ନେଇଆସ ।

ଏହାଦ୍ୱାରା ଜଠରାଗ୍ନି ବୃଦ୍ଧି ହୁଏ, ରକ୍ତସଞ୍ଚାଳନ କ୍ରିୟା ଉତ୍ତମରୂପେ ହୁଏ । ସାଧାରଣତଃ ଶରୀରର ବହୁ ରୋଗ ଦୂର ହୁଏ ।

(୭) ହଳାସନ :

ପୂର୍ବ ଆସନ ସଦୃଶ ଦୁଇ ପାଦକୁ ରୋକି ରୋକି ଉଠାଇ ଆଣ୍ଠୁ ବଙ୍କା ନ କରି ଅଣ୍ଟା ସଳଖରେ ରଖ । ସର୍ବାଙ୍ଗାସନ ସଦୃଶ ଦୁଇହାତ ଆଶ୍ରୟରେ ସମସ୍ତ ଶରୀରକୁ ସିଧା କରି ବେକ ଏବଂ ମସ୍ତକ ଉପରେ ରଖ । ଠିକ୍ ସିଧା ହୋଇଯିବା ପରେ ଦୁଇପାଦ ଯୋଡ଼ିହୋଇଥିବା ଅବସ୍ଥାରେ ଆଣ୍ଠୁ ବଙ୍କା ନ କରି ମୁଣ୍ଡ ଆଡ଼କୁ ଆଣି ଦୁଇ ପାଦର ଅଙ୍ଗୁଳି ଭୂମିରେ ଲଗାଅ । ଚିତ୍ ହୋଇ ଶୋଇବାରେ ଦୁଇ ହାତ ଯେପରି ଶରୀରର ଦୁଇ ପାର୍ଶ୍ୱରେ ଲମ୍ବା ଓ ସିଧା ହୋଇ ରହେ ବର୍ତ୍ତମାନ

ମଧ୍ୟ ସେହିପରି ଭୂମିରେ ରଖ ଅଥବା ଆବଶ୍ୟକ ହେଲେ ଦୁଇ ହାତରେ ଶରୀରକୁ ଧର । ଦୁଇ ପାଦ ଅଙ୍ଗୁଳି ଭୂମିକୁ ସ୍ପର୍ଶ କରୁଥିବା ଅବସ୍ଥାରେ ଆଣ୍ଠୁ ପାଖରୁ ଟିକିଏ ବଙ୍କା ନ କରି ଯେତେ ମୁଣ୍ଡଠାରୁ ଦୂରକୁ ଘୁଞ୍ଚାଇ ପାର, ଘୁଞ୍ଚାଅ । ଏକ, ଦୁଇ ଅଥବା ତିନି ମିନିଟ୍ ଏହି ଅବସ୍ଥାରେ ରଖି କ୍ରମଶଃ ରୋକି ରୋକି ଦୁଇପାଦକୁ ସିଧା ସିଧା ଉଠାଇ ସର୍ବାଙ୍ଗାସନ ପରି ଦୁଇହାତର ଆଶ୍ରୟରେ ସମସ୍ତ ଶରୀରକୁ ବେକ ଉପରେ ରଖ । କ୍ରମଶଃ ରୋକି ରୋକି ଭୂମିକୁ ଆଣି ଚିତ୍ ହୋଇ ଶୋଇବା ଅବସ୍ଥାକୁ ନେଇଆସ ।

ଏହାର ସମୟ ଏକ ମିନିଟ୍‌ରୁ କ୍ରମଶଃ ତିନି ଚାରି ମିନିଟ୍ ପର୍ଯ୍ୟନ୍ତ କର । ଏହାଦ୍ୱାରା ପେଟର ଅଗ୍ନିମାନ୍ଦ୍ୟ ଓ ବଦହଜମି ଇତ୍ୟାଦି ସମସ୍ତ ଦୋଷ ଦୂର ହୁଏ । ଅଣ୍ଡାଧରା ରୋଗ ଏକେବାରେ ହୁଏ ନାହିଁ । ଯଦି ଥାଏ ତେବେ ପୂର୍ଣ୍ଣ ରୂପେ ଦୂର ହୁଏ । ବ୍ରହ୍ମଚର୍ଯ୍ୟ ପାଳନରେ ମଧ୍ୟ ସାହାଯ୍ୟ ମିଳେ ।

(୮) ଭୂପୃଷ୍ଠ-ପାଦହଳାସନ :

ଠିକ୍ ସର୍ବାଙ୍ଗାସନ ସଦୃଶ ଶରୀରକୁ ବେକ ଏବଂ ମସ୍ତକ ଉପରେ ରଖ । ହଳାସନ ସଦୃଶ ଦୁଇ ପାଦ ପଛ ଆଡ଼କୁ ନେଇ ଆଣ୍ଠୁ ପାଖରୁ ବଙ୍କା ନ କରି ଦୁଇ ପାଦକୁ ଯେତେଦୂର ପାର ଚୌଡ଼ା କର । କିଛି ସମୟ ରଖି କ୍ରମଶଃ ଦୁଇ ଗୋଡ଼କୁ ଯୋଡ଼ି ସର୍ବାଙ୍ଗାସନ ସଦୃଶ ଉପରକୁ ଉଠାଅ । କ୍ରମଶଃ ଦୁଇ ପାଦ ତଳକୁ ଆଣି ଚିତ୍ ହୋଇ ଶୋଇବା ଅବସ୍ଥାରେ ରଖ ।

ଏହା ଏକ ମିନିଟ୍ କର । ଏଥିରେ ପେଟ, ପିଠି, ଅଣ୍ଡା, ବୀର୍ଯ୍ୟାଶୟ ଏବଂ ବେକର ସମସ୍ତ ଦୋଷ ଦୂର ହୁଏ; ସ୍ୱପ୍ନଦୋଷ ହୁଏ ନାହିଁ । ବ୍ରହ୍ମଚର୍ଯ୍ୟ ପାଳନରେ ସାହାଯ୍ୟ ମିଳେ ।

(୯) ପଶ୍ଚିମୋତ୍ତାନାସନ :

ଉଠି ବସି ଦୁଇ ଗୋଡ଼ ଯୋଡ଼ା କରି ସିଧା ଲମ୍ବାଇ ଦିଅ । ଦୁଇ ଗୋଡ଼ ସିଧା କରିବା ସକାଶେ ଦୁଇ ଗୋଡ଼କୁ ଭୂମିରେ ରଖି ଆଣ୍ଠୁ ଦୁଇଟିକୁ ଦୁଇ ହାତରେ ଜୋରରେ ଭୂମି ଆଡ଼କୁ ଚାପି ଦିଅ । ଏଥିରେ ଗୋଡ଼ ସିଧା ହୁଏ । ପରେ ଦୁଇ ହାତରେ ଦୁଇ ଗୋଡ଼ର ବୃଦ୍ଧାଙ୍ଗୁଳିକୁ ଧର ଏବଂ ମସ୍ତକକୁ ଆଣ୍ଠୁରେ ଲଗାଅ । ଆଣ୍ଠୁତଳ ପୂର୍ଣ୍ଣରୂପେ ଲାଗିବ ଭୂମିରେ । ନାସିକାଠାରୁ ମୁଖ ପର୍ଯ୍ୟନ୍ତ ରହିବ ଦୁଇ ଆଣ୍ଠୁର ମଝିରେ । ଯେତେ ସମୟ ପର୍ଯ୍ୟନ୍ତ ରହିବ ସେତେ ଭଲ । ଏହି ଆସନ କିଛିଦିନ ଅଭ୍ୟାସ କରିବା ପରେ ଠିକ୍ ଠିକ୍ ହୋଇପାରିବ । ପ୍ରଥମେ ଅଣ୍ଡା ନଇଁବାକୁ ଚାହେଁ ନାହିଁ । ଆଶା ନ ଛାଡ଼ି ପ୍ରତିଦିନ ଅଭ୍ୟାସ କଲେ ଅଳ୍ପ ଦିନ ମଧ୍ୟରେ ଏକେବାରେ ଠିକ୍ ହୋଇଯିବ । ପ୍ରଥମେ ଏକ ମିନିଟ୍ କରି କ୍ରମଶଃ ବଢ଼ାଅ । ପାଞ୍ଚ ଛଅ ମିନିଟ୍ ପର୍ଯ୍ୟନ୍ତ କର । ମଥା ଉଠାଇବା ସମୟରେ ଆସ୍ତେ ଆସ୍ତେ ଉଠାଅ ।

ଯେତେ ଅସାଧ ଅଗ୍ନିମାନ୍ଦ୍ୟ ରୋଗ ହୋଇଥାଉ, ଏହା ଦ୍ୱାରା ସଂପୂର୍ଣ୍ଣ ଆରୋଗ୍ୟ ହୁଏ ଏବଂ ଜଠରାଗ୍ନି ପ୍ରଜ୍ୱଳିତ ହୁଏ । ଅଣ୍ଡା, ଜଙ୍ଘ, ଗୋଡ଼ ଏବଂ ପେଟର ଯାବତୀୟ ରୋଗ ଦୂର ହୁଏ । ବ୍ରହ୍ମଚର୍ଯ୍ୟପାଳନରେ ସାହାଯ୍ୟ ମିଳେ । ଅଣ୍ଡାଧରା ରୋଗ କେବେ ବି ହୁଏ ନାହିଁ, ଥିଲେ ଦୂର ହୁଏ ।

(୧୦) ବିସ୍ତୃତପାଦ ଭୂନମନାସନ :

ଦୁଇଗୋଡ଼ ଲମ୍ବାଇ ବସ । ଦୁଇ ହାତରେ ଦୁଇ ଜଙ୍ଘକୁ ଧରି ଦୁଇ ଗୋଡ଼କୁ ବିସ୍ତୃତ କର, ଯେତେ ଚୌଡ଼ା ହୋଇପାରେ, କର । ଦୁଇ ହାତ ଲମ୍ବା କରି ଦୁଇ ଗୋଡ଼ ଉପରେ ରଖ । ମୁଣ୍ଡକୁ ଭୂମିରେ ଲଗାଅ । ଏକ ବା ଦୁଇ ମିନିଟ୍ ରଖ । ଠିକ୍ ଠିକ୍ ଚେଷ୍ଟା କଲେ କିଛିଦିନ ପରେ ଏହା ସାଧ୍ୟ ହୁଏ ।

ଏହାଦ୍ୱାରା ଦୁଇ ଜଙ୍ଘ ଦୃଢ଼ ହୁଏ । ପେଟର ରୋଗ ନାଶ ହୁଏ । ବ୍ରହ୍ମଚର୍ଯ୍ୟ ପୁଷ୍ଟ ହୁଏ ଏବଂ ବ୍ରହ୍ମଚର୍ଯ୍ୟପାଳନରେ ବିଶେଷ ସାହାଯ୍ୟ ମିଳେ । ମେରୁଦଣ୍ଡ ଦୃଢ଼ ହୁଏ । ଅଣ୍ଡାଧରା ରୋଗ କେବେ ବି ହୁଏ ନାହିଁ ।

(୧୧) ଉତ୍‌ଥିତପାଦ-ଭୁଜଙ୍ଗାସନ :

ପେଟମାଡ଼ି ଶୋଇପଡ଼ । ଦୁଇ ହାତ ଦୁଇ କଡ଼ରେ ଭୂମି ଉପରକୁ ରଖ । କ୍ରମଶଃ ମସ୍ତକକୁ ଛାତି ସହିତ ଉଠାଇ ସାମନାକୁ ଦେଖ । ଗୋଟିଏ ଗୋଡ଼ ଭୂମିରେ ରଖି ଅନ୍ୟ ଗୋଡ଼ ଆଣ୍ଠୁରୁ ବଙ୍କା ନ କରି ଯେତେଦୂର ପାର ଉଠାଅ ଏବଂ ତଳକୁ ଆଣ । ଏହିପରି ଅନ୍ୟ ଗୋଡ଼ କର । ଦୁଇ ଗୋଡ଼ ଏହିପରି ପାଞ୍ଚ ସାତ ଥର କର । ଏହାଦ୍ୱାରା କଟିଦୋଷ ଦୂର ହୁଏ, ଯକୃତ୍, ପ୍ଲିହା ରୋଗ ଦୂର ହୁଏ । ବ୍ରହ୍ମଚର୍ଯ୍ୟପାଳନରେ ସାହାଯ୍ୟ ମିଳେ ।

(୧୨) ଭୁଜଙ୍ଗାସନ :

ପେଟମାଡ଼ି ଶୋଇପଡ଼ । ଅଣ୍ଡା ପାଖରେ ଦୁଇ ହାତ ରଖ । କ୍ରମଶଃ ମସ୍ତକ ଉପରକୁ ଉଠାଅ ଏବଂ ସମସ୍ତ ଶକ୍ତି ଲଗାଇ ଅଣ୍ଡାକୁ ତଳକୁ ଦାବି ରଖିବାକୁ ପ୍ରଯତ୍ନ କର । ମସ୍ତକକୁ ଉପର ଆଡ଼କୁ ଉଠାଅ । ଅଣ୍ଡାକୁ ତଳକୁ ଦାବି ରଖିବାରେ ଯେତେ ଜୋର ଲଗାଇବ ମସ୍ତକ ଉପରକୁ ଉଠାଇବାରେ ସେତିକି ଜୋର ଲଗାଇବ । ଏହିପରି ଜୋର ଲଗାଇବା ଅବସ୍ଥାରେ ଦୁଇ ହାତ ଭୂମିରେ ରଖି ତା' ଆଶ୍ରୟରେ ମସ୍ତକକୁ ଉପରକୁ ଉଠାଇ ଆକାଶକୁ ଦେଖ । ଶରୀର ରହିବ ଗୋଡ଼ ଅଙ୍ଗୁଳି, ଆଣ୍ଠୁ ତଥା ଦୁଇ ହାତ ଉପରେ । ପୁନରାୟ ମସ୍ତକକୁ ଆସ୍ତେ ଆସ୍ତେ ତଳକୁ ଆଣ । ଏହିପରି ତିନିଚାରି ଥର କର ।

ଏହାଦ୍ୱାରା ପେଟ, ପିଠି, ଅଣ୍ଡା ବିଶେଷ ମଜଭୁତ ହୁଏ ।

(୧୩) ଧନୁରାସନ :

ପେଟମାଡ଼ି ଶୋଇପଡ଼ । ଦୁଇ ହାତରେ ଦୁଇ ପାଦକୁ ଧରି ସମସ୍ତ ଶକ୍ତି ସହ ଟାଣ । ସମସ୍ତ ଶରୀର ରହିବ ପେଟ ଉପରେ । ଛାତିରୁ ମସ୍ତକ ପର୍ଯ୍ୟନ୍ତ, ଜଙ୍ଘରୁ ଗୋଡ଼ ପର୍ଯ୍ୟନ୍ତ ରହିବ ଉପରକୁ । ଏକ ଅଥବା ଦୁଇ ଅଥବା ତିନି ମିନିଟ୍ କର ।

(୧୪) ଅର୍ଦ୍ଧମତ୍ସ୍ୟେନ୍ଦ୍ରାସନ :

ଚକାପକାଇ ବସିଯାଅ । ବାମ ଗୋଡ଼ ଯେଉଁ ଅବସ୍ଥାରେ ଥିଲା ସେହି ଅବସ୍ଥାରେ ରଖ । ଡାହାଣ ଗୋଡ଼ ପାଦ ବାମ ଗୋଡ଼ର ଆଣ୍ଠୁ ତରଫରେ ରଖ । ଡାହାଣ ଗୋଡ଼ର ଆଣ୍ଠୁ ସିଧା ଭାବେ ଉପରକୁ ରହିବ । ବାମ ହାତ ଡାହାଣ ଗୋଡ଼ ପାର୍ଶ୍ୱରେ ବାହାର ଆଡ଼େ ରଖିବ ଏବଂ ସେହି ଅବସ୍ଥାରେ ଡାହାଣ ଗୋଡ଼ର ବଳାଗଣ୍ଠି ଧରିବ । ବେକ ବୁଲାଇ ମୁଖକୁ ବାମକାନ୍ଧ ଉପରେ ରଖିବ । ପେଟ କଡ଼ରୁ ଶରୀର ଏକେବାରେ ମୋଡ଼ି ହୋଇଯିବ । ଏକ, ଦୁଇ ବା ତିନି ମିନିଟ୍ ଏହି ଅବସ୍ଥାରେ ରଖି ପୁନରାୟ ଦକ୍ଷିଣ ତରଫରେ ଏହାର ବିପରୀତ କରିବ । ଗୋଟିଏ ତରଫ ଭଲଭାବେ ଅଭ୍ୟାସ ହୋଇଯିବା ପରେ ବା ଶିଖିନେବା ପରେ ଅନ୍ୟ ତରଫ ସହଜରେ ହେବ । ଅନ୍ୟ ତରଫ ମଧ୍ୟ ଦୁଇ ତିନି ମିନିଟ୍ କରିବ । ଏହି ଆସନ ଦ୍ୱାରା ବହୁତ ପୁରାତନ ବହୁମୂତ୍ର ବା ମଧୁମେହ (diabetes) ସଂପୂର୍ଣ୍ଣ ଆରୋଗ୍ୟ ହୁଏ । ପୁଣି କେବେ ବି ହୁଏ ନାହିଁ । ବହୁମୂତ୍ର ରୋଗ କୌଣସି ଡାକ୍ତରୀ ଔଷଧ ଦ୍ୱାରା ଭଲ ହୁଏ ନାହିଁ । କିନ୍ତୁ ଏହି ଆସନ କରିବାରେ ସମୂଳେ ନାଶ ହୁଏ । ଅବଶ୍ୟ ଆସନ ଠିକ୍ ଠିକ୍ କରିବା ଉଚିତ । ବହୁମୂତ୍ର ରୋଗୀ ଏହା ପରୀକ୍ଷା କରିପାରନ୍ତି ।

(୧୫) ସ୍କନ୍ଧରାସନ :

ଚକା ପକାଇ ବସ । ଡାହାଣଗୋଡ଼ ଦୁଇହାତରେ ଉଠାଇ ବେକ ଉପରେ ରଖ । ପ୍ରଥମରେ ଡାହାଣହସ୍ତ ଉପରେ

ଡାହାଣଗୋଡ଼ ରଖି ସେହି ଗୋଡ଼କୁ ବାମହସ୍ତ ସାହାଯ୍ୟରେ ଉଠାଅ । ଡାହାଣହାତର ବାହୁ ଉପର ଦେଇ ଡାହାଣଗୋଡ଼କୁ ଆଣି ବେକ ଉପରେ ରଖ । ଏହାର ବିପରୀତ ବାମ ତରଫ କର । ଏହା କ୍ରମଶଃ ଅଭ୍ୟାସ କରିବା ଦ୍ୱାରା ସାଧିତ ହୁଏ । ଶରୀର ଅଧିକ ମୋଟା ହୋଇଥିଲେ ଅଭ୍ୟାସ କରିବାରେ ଅନେକ ଦିନ ଲାଗେ ।

ଏହି ଆସନରେ ହାର୍ନିଆ ଏବଂ ଆପେଣ୍ଡିସାଇଟିସ୍ (Appendicitis) ରୋଗ ହୁଏ ନାହିଁ । ଏହି ଉଭୟ ରୋଗ ଅପରେସନଯୋଗ୍ୟ ନ ହୋଇଥିଲେ ଏହି ଆସନ ଦ୍ୱାରା ପୂର୍ଣ୍ଣରୂପେ ଆରୋଗ୍ୟ ହୁଏ । ଯେଉଁମାନେ ଅପରେସନ କରାଇଛନ୍ତି, ସେମାନଙ୍କର ପୁନରାୟ ହେବାର ସମ୍ଭାବନା ଥାଏ । କିନ୍ତୁ ଅପରେସନର ଛଅମାସ ପରେ ଏହି ଆସନ କଲେ ପୁନରାୟ ଏହି ରୋଗ ହୁଏ ନାହିଁ । ଅପରେସନ ପରେ ଛଅମାସ ପୂର୍ଣ୍ଣ ହେବା ପୂର୍ବରୁ ଏହି ଆସନ କରିବା ଉଚିତ ନୁହେଁ । ଏହି ଆସନ ତିନି ଚାରି ମିନିଟ୍ କରାଯାଇପାରେ ।

(୧୬) ଉଡ୍ଡୀୟାନ୍ :

ନଇଁପଡ଼ି ଦୁଇହାତ ଦୁଇ ଆଣ୍ଠୁ ଉପରେ ରଖ । ପେଟରୁ ବାୟୁ ଦୁଇ ନାସା ଦ୍ୱାରା ସଂପୂର୍ଣ୍ଣ ବାହାର କରିଦିଅ । ପେଟରେ ବାୟୁ ରହିବ ନାହିଁ । ସେହି ଅବସ୍ଥାରେ ପେଟକୁ ଖଙ୍କାଳି ପିଠିରେ ଲଗାଅ ଏବଂ ଛାଡ଼ିଦିଅ । ଏହିପରି ପ୍ରଥମଦିନରେ ଥରେ କର । ପ୍ରତିସପ୍ତାହରେ କ୍ରମଶଃ ଏକ ଏକ ବଢ଼ାଇ ୧୦/୧୫ ପର୍ଯ୍ୟନ୍ତ କରିପାର । ଏକାଥରକେ ଶ୍ୱାସ ବନ୍ଦ ରଖି ନ ପାରିଲେ ଶ୍ୱାସ ଛାଡ଼ିଦିଅ । ପୁନରାୟ ବାୟୁ ଖାଲି କରି ଆରମ୍ଭ କର ।

ଏହାଦ୍ୱାରା ପେଟର ଯାବତୀୟ ଦୋଷ ଦୂର ହୁଏ, ଜଠାରାଗ୍ନି ମହାନ ପ୍ରବଳ ହୁଏ, ଶୂଳରୋଗ ଦୂର ହୁଏ ।

ଆସନ ସମାପ୍ତ ପରେ ଶବାସନରେ ବିଶ୍ରାମ କରିବା ଅତ୍ୟାବଶ୍ୟକ । ଯଦି କୋଡ଼ିଏ ମିନିଟ୍‌ରୁ ଅଧିକ ଆସନ କରାହୁଏ, ଅନ୍ତତଃ ଦଶ ମିନିଟ୍ ଶବାସନ; ୪୫ ମିନିଟ୍ ବା ଏକ ଘଣ୍ଟା ଆସନ କଲେ ଅତି କମ୍‌ରେ ୧୫ ମିନିଟ୍ ଶବାସନରେ ବିଶ୍ରାମ ନେବାକୁ ହେବ । ଶବାସନରେ ସମସ୍ତ ଅବୟବକୁ ଏକେବାରେ ଶିଥିଳ କରିଦେବାକୁ ହେବ ଯଦ୍ଦ୍ୱାରା ବ୍ୟୟ ହୋଇଥିବା ଶକ୍ତି ପୁନରାୟ ଶରୀରରେ ପ୍ରବେଶ କରିପାରେ ଏବଂ ରକ୍ତ ସଞ୍ଚାଳନକ୍ରିୟା ସ୍ୱାଭାବିକ ଅବସ୍ଥାକୁ ଆସିପାରେ । ଆସନରେ ଶବାସନ ବିଶେଷ ମହତ୍ତ୍ୱପୂର୍ଣ୍ଣ । ଆସନ କରିବା ଶେଷରେ ଶବାସନ ନ କଲେ ବହୁତ କ୍ଷତି ହୁଏ ।

ଆସନ ଓ ସ୍ୱାସ୍ଥ୍ୟରକ୍ଷାର ସାଧାରଣ ନିୟମ

(୧) ପୂର୍ବଲିଖିତ ଆସନ ଏଗାର ବର୍ଷରୁ ଊର୍ଦ୍ଧ୍ୱ ବାଳକ ଓ ବାଳିକାମାନେ କରିପାରନ୍ତି । କିନ୍ତୁ ଆସନ କରିବା ପାଇଁ ଯେତେ ସମୟ ନିର୍ଦ୍ଦିଷ୍ଟ ଅଛି ତା'ର ଚାରି ଭାଗରୁ ଏକ ଭାଗ ସମୟ କରିବେ ।

(୨) ୨୦ ବର୍ଷର ଯୁବକ-ଯୁବତୀମାନେ ଆସନ ପାଇଁ ନିର୍ଦ୍ଦିଷ୍ଟ ପୂରା ସମୟ କରିପାରନ୍ତି ।

(୩) ଯେଉଁମାନେ କମ୍ ସମୟରେ ସମସ୍ତ ଆସନ କରିବାକୁ ଚାହାନ୍ତି ସେମାନେ ନିଜ ସମୟ ଅନୁସାରେ ପ୍ରତ୍ୟେକ ଆସନର ସମୟ କମ୍ କରିପାରନ୍ତି । ଅଥବା କେତେକ ଆସନ ବାଦ୍ ଦେଇପାରନ୍ତି କିଂବା ଦୁଇତିନିଟି ଆସନ କରିପାରନ୍ତି ।

(୪) ସାଧାରଣ ସର୍ଦ୍ଦିରେ କେବଳ ସର୍ବାଙ୍ଗାସନ ବନ୍ଦ ରଖି ଅନ୍ୟସବୁ ଆସନ କରାଯାଏ । ଅଧିକ ସର୍ଦ୍ଦି ବା ଜ୍ୱର ହେଲେ ଆସନ ବନ୍ଦ ରଖିବ । ଶରୀର ସୁସ୍ଥ ହେଲେ ଅଳ୍ପ କରି ଆସନ କରିବ ।

(୫) ଋତୁ ଅବସ୍ଥାରେ ଏବଂ ଗର୍ଭାବସ୍ଥାରେ ମହିଳାମାନେ ଆସନ ବନ୍ଦ ରଖିବେ ।

(୬) ପ୍ରତ୍ୟେକ ବ୍ୟକ୍ତି ଭୋଜନ ଚୋବାଇ ଖାଇବା ଆବଶ୍ୟକ । ଖାଦ୍ୟଦ୍ରବ୍ୟ ମୁଖର ଲାଳରେ ତରଳ ହେବା ପର୍ଯ୍ୟନ୍ତ ଚୋବାଇବାକୁ ହେବ । ନିହାତି ପକ୍ଷେ ୨୨ ଥରରୁ ଅଧିକ ଚୋବାଇବା ଆବଶ୍ୟକ । ୫୦/୬୦ ହେଲେ ଭଲ । ମୁଖରେ ଅଧିକ ଗ୍ରାସ ଖୁନ୍ଦି ଭର୍ତ୍ତି କଲେ ୨୨ଥର ଚୋବାଇବାରେ ବି କିଛି ହୁଏ ନାହିଁ । ଯେତିକି ସହଜ ଭାବରେ ଚୋବାଇପାର ସେତିକି ମୁଖରେ ନିଅ । ମିଷ୍ଟାନ୍ନ ପାଇ ଉତ୍କଣ୍ଠାରେ ନ ଚୋବାଇ ଗିଳି ପକାଅ ନାହିଁ । ମିଷ୍ଟାନ୍ନ ଅତ୍ୟଧିକ ଚୋବାଇଲେ

ତାହା ମୁଖଲାଳରେ ମିଶିଯାଏ, ତେବେ ହଜମ ହେବାରେ ସହଜ ହୁଏ । ଅନ୍ୟଥା ଠିକ୍ ଠିକ୍ ପରିପାକ ହୁଏ ନାହିଁ । ଉତ୍ତମ ଖାଦ୍ୟ ପାଇଲେ ଆବଶ୍ୟକ ଅନୁସାରେ ଭୋଜନ କର, ପେଟକୁ ରବରଥଳି ପରି ଭାବି ଖାଦ୍ୟଦ୍ରବ୍ୟ ତଣ୍ଟି ପର୍ଯ୍ୟନ୍ତ ଭରିଦିଅ ନାହିଁ; ଚୁଲାରେ ଅଧିକ କାଠ ଠେଲିଦେଲେ ଯେପରି ନ ଜଳି ଦରପୋଡ଼ା ହୋଇ ରହିଯାଏ, ସେହିପରି ଅଧିକ ଭୋଜନ କରିବା ଦ୍ୱାରା ଉଦରରେ ପରିପାକ କ୍ରିୟା ହୁଏ ନାହିଁ । ଅପରିପାକ ଅବସ୍ଥାରେ ମଳ ତିଆରି ହୁଏ । ଯେତିକି ହଜମହୁଏ ସେତିକି ଭୋଜନ କର । ଅନ୍ୟଥା ପେଟରେ ବହୁ ପ୍ରକାର ରୋଗ ହୋଇପାରେ ।

(୭) ପ୍ରତ୍ୟେକ ବ୍ୟକ୍ତି ତିନି ଲିଟର କିଂବା ସାଢ଼େତିନି ଲିଟର ଜଳ ପିଇବା ଆବଶ୍ୟକ । ଭୋଜନ ସମୟରେ ଜଳ ପିଇବା ଅନୁଚିତ । ଭୋଜନର ୧୫ ମିନିଟ ପୂର୍ବରୁ ଅଥବା ଦେଢ଼ ଘଣ୍ଟା ପରେ ଜଳ ପିଅ । ମଳତ୍ୟାଗ ପୂର୍ବରୁ ଉଦରପୂର୍ଣ୍ଣ ଜଳପାନ କଲେ ମଳତ୍ୟାଗ ସହଜରେ ହୁଏ । ରାତ୍ରିରେ ଶୋଇବା ପୂର୍ବରୁ ଏକ ଗ୍ଲାସ ଜଳ ପିଇବା ଉଚିତ । ଯେଉଁମାନଙ୍କ ଝାଡ଼ା ସଫା ହୁଏ ନାହିଁ, ସେମାନେ ପାଇଖାନା ଯିବା ପୂର୍ବରୁ ଅଧିକ ଜଳପାନ କରିପାରିଲେ ଭଲ ।

(୮) ମଳମୂତ୍ର ତ୍ୟାଗ ସମୟରେ ଦାନ୍ତ ଦାବି ରଖିଲେ ଦାନ୍ତ ମଜଭୁତ ହୁଏ ।

(୯) ମଳମୂତ୍ରର ବେଗକୁ କେବେ ରୋକିବ ନାହିଁ । ବେଗ ଆସିବା ମାତ୍ରେ ତ୍ୟାଗ କରିବ ।

(୧୦) ପ୍ରାତଃକାଳରେ ଶଯ୍ୟା ତ୍ୟାଗ ପରେ ଥଣ୍ଡା ଜଳରେ ମୁଖ ଧୋଇ ମୁଖରେ ଜଳ ଭର୍ତ୍ତି କରି ଆଖିରେ ୧୦/୨୦ ଅଥବା ୩୦ ଥର ଛିଟା ଦିଅ । ଅନ୍ୟ ସମୟରେ ମଧ୍ୟ, ଯେତେବେଳେ ମୁଖ ଧୋଇବାକୁ ହୁଏ, ସେହିପରି ଆଖିରେ ଜଳଛିଟା ଦିଅ । ଏହାଦ୍ୱାରା ଆଖିର ଜ୍ୟୋତି ବଢ଼େ ।

(୧୧) ସ୍ନାନ ସମୟରେ ପ୍ରଥମେ ମସ୍ତକରେ ଜଳ ଦେଇ ପରେ ଶରୀରରେ ଦେଲେ ଶରୀରର ଉତ୍ତାପ ମସ୍ତକରେ ପ୍ରବେଶ କରେ ନାହିଁ, ସର୍ଦ୍ଦି ବି ହୁଏ ନାହିଁ ।

(୧୨) ପ୍ରତିଦିନ ସ୍ନାନ ସମୟରେ ଗୋଡ଼ର ବୃଦ୍ଧାଙ୍ଗୁଳି ନଖରେ ତେଲ ଦେଲେ କଣନଖା ହୁଏ ନାହିଁ । ତଳିପାରେ ତେଲ ଦେଲେ ସର୍ଦ୍ଦି ହୁଏ ନାହିଁ ।

(୧୩) ଲୁଣରେ ଦାନ୍ତ ମାଜିଲେ ଦାନ୍ତ ମଜଭୁତ ହୁଏ । ଭଲ ସୋରିଷତେଲରେ ଲୁଣ ମିଶାଇ ଦାନ୍ତ ମାଜିଲେ ଅଧିକ ଫଳପ୍ରଦ ହୁଏ । ଦୈନିକ ଥରେ ବା ଦୁଇଥର ଟେରିକଟନ୍ କନାରେ ଅନ୍ତତଃ ଛ'ମାସ ମାଜିଲେ ଦାନ୍ତର ସମସ୍ତ ପ୍ରକାର ବ୍ୟଥା ଦୂର ହୁଏ ।

(୧୪) ସ୍ନାନ, ଭୋଜନ, ବିଶ୍ରାମ, ବ୍ୟାୟାମ ତଥା ଅନ୍ୟ ସମସ୍ତ କର୍ମ ନିୟମିତରୂପେ କରିବା ଏକାନ୍ତ ଆବଶ୍ୟକ ।

ବାଳିକାମାନଙ୍କର ବ୍ୟାୟାମ

ସ୍ୱାସ୍ଥ୍ୟ, ବ୍ରହ୍ମଚର୍ଯ୍ୟ, ଶିକ୍ଷା :

ବାଳିକାମାନଙ୍କ ଜୀବନରେ ପୂର୍ଣ୍ଣତାଲାଭର ଉପାୟ ହେଲା– ସ୍ୱାସ୍ଥ୍ୟ, ଶିକ୍ଷା, ବ୍ରହ୍ମଚର୍ଯ୍ୟ । ଏଥିରେହିଁ ହୁଏ ସଂସାରରେ ସୁଖ ଶାନ୍ତି ସ୍ଥାପନ । ଭବିଷ୍ୟତରେ ବାଳିକାମାନେହିଁ ହୁଅନ୍ତି ଗୃହସଞ୍ଜାଳିକା, ଗୃହକର୍ତ୍ତ୍ରୀ, ଗୃହଲକ୍ଷ୍ମୀ ମା' । ସେମାନଙ୍କ ସଦ୍‌ଗୁଣ ଓ ଦୁର୍ଗୁଣର ପ୍ରଭାବ ପଡ଼େ ସମସ୍ତ ପରିବାର ଉପରେ । ସେମାନେ ଜଗତର ଅର୍ଦ୍ଧଶକ୍ତି । ପୁଣି ଶିଶୁର ଜୀବନଗଠନର ଦାୟିତ୍ୱ ସେମାନଙ୍କ ଉପରେ । ଶିଶୁମାନେହିଁ ଭବିଷ୍ୟତରେ ସଂସାରରେ କାର୍ଯ୍ୟ କରନ୍ତି ସେହି ସକାଶେ ସଂସାର ସୁଧାରର ଭାର ପୁରୁଷମାନଙ୍କଠାରୁ ବହୁ ପରିମାଣରେ ନାରୀମାନଙ୍କ ଉପରେ ନ୍ୟସ୍ତ । ବାଲ୍ୟାବସ୍ଥାରୁ ବାଳିକାମାନେ ସ୍ୱାସ୍ଥ୍ୟର ଉନ୍ନତି କାର୍ଯ୍ୟରେ ତତ୍ପର, ଶିକ୍ଷାରେ ମନୋଯୋଗୀ ଓ ବ୍ରହ୍ମଚର୍ଯ୍ୟ ପାଳନରେ ବିଶେଷରୂପେ ସଚେତ ଓ ସଜାଗ ରହିବା ଉଚିତ ।

ବାଳିକାମାନଙ୍କର ସ୍ୱଭାବ :

ବାଳିକାମାନଙ୍କର ଶରୀର, ବଚନ, ବ୍ୟବହାର, ହୃଦୟ, ସ୍ୱଭାବ ଅଧିକ କୋମଳ, ନମନୀୟ, ଉଦାର, ସରଳ, ନିଷ୍କପଟ । ସେହି ସକାଶେ ସେମାନଙ୍କ ପ୍ରବୃତ୍ତି ସହଜରେ ଭଲ ଆଡ଼କୁ ଯେପରି ପ୍ରଭାବିତ ହୁଏ, ଖରାପ ଆଡ଼କୁ ମଧ୍ୟ ସେହିପରି ହୁଏ । ସେମାନେ ଉତ୍ତମ ସଂସ୍ପର୍ଶରେ ସତୀଶିରୋମଣି ସୀତା, ଭଗବାନ ରାମଙ୍କ ମାତା କୌଶଲ୍ୟା ଓ ଭଗବାନ ଶ୍ରୀକୃଷ୍ଣଙ୍କ ମାତା ଯଶୋଦାଙ୍କ ସଦୃଶ ପତିପରାୟଣା, ପତିବ୍ରତା ହୋଇପାରନ୍ତି ଅଥବା ମନ୍ଦ ସଂସ୍ପର୍ଶରେ ପୂତନା, ତାଡ଼କା ସଦୃଶ ଭୀଷଣ, ଭୟାନକ, ଉଗ୍ରରୂପ ଧାରଣ କରି ଦୁଃଖ-ଦ୍ୱନ୍ଦ୍ୱର କାରଣ ହୋଇପାରନ୍ତି । ସେମାନଙ୍କର ହୃଦୟ କୁସୁମଠାରୁ ଯେପରି କୋମଳ, ପାଷାଣଠାରୁ ମଧ୍ୟ ସେହିପରି କଠୋର । ସ୍ତ୍ରୀମାନେ ଶକ୍ତିସମ୍ପନ୍ନା । ସେମାନେ ଖରାପ କାର୍ଯ୍ୟରେ ହେଉ ବା ଭଲ କାର୍ଯ୍ୟରେ ହେଉ, ଯେଉଁ କାର୍ଯ୍ୟରେ ତତ୍ପର ହୁଅନ୍ତି, ତାହା ପୂର୍ଣ୍ଣ କରିହିଁ ଶାନ୍ତ ହୁଅନ୍ତି ।

ସଂସାରସର୍ଜନାଠାରୁ ଆଜିପର୍ଯ୍ୟନ୍ତ ନାରୀମାନେ ନିଜ ସୁପ୍ତ ଶକ୍ତିର ବିକାଶ ସମ୍ବନ୍ଧେ ସଚେତ ହୋଇ ନାହାନ୍ତି କିଂବା ସଂସାର ଉନ୍ନତି କାର୍ଯ୍ୟରେ ପୂର୍ଣ୍ଣ ଭାବେ ଅଂଶ ଗ୍ରହଣ କରି ନାହାନ୍ତି । କାରଣ ସେମାନଙ୍କ ସ୍ୱଭାବ ହେଉଛି ଧର୍ମପ୍ରବଣତା । ଧର୍ମହିଁ ସେମାନଙ୍କ ପ୍ରାଣ । ସେମାନେ ଧର୍ମରକ୍ଷା କରିବା ସକାଶେ ସୁଖ, ଭୋଗ, ବିଳାସ, ଆରାମ, ସ୍ୱାର୍ଥ, ମାନ, ପ୍ରତିଷ୍ଠା ତ୍ୟାଗ କରନ୍ତି । ଏପରିକି ପ୍ରାଣ ଦେଇ ଧର୍ମ ରକ୍ଷା କରନ୍ତି । ପିତାମାନେ ପୁତ୍ର ଅପେକ୍ଷା କନ୍ୟାଠାରୁ ଅଧିକ ଧର୍ମ ଆଶା ରଖନ୍ତି; ପୁତ୍ରମାନେ ପିତା ଅପେକ୍ଷା ମାତା ଉପରେ ଧର୍ମ ଆଶା ନିମିତ୍ତ ଅଧିକ ନିର୍ଭର କରନ୍ତି । ପୁତ୍ର ଧର୍ମଭ୍ରଷ୍ଟ ହେଲେ ପିତାର ଅଧିକ କଷ୍ଟ ହୁଏ ନାହିଁ, କିନ୍ତୁ କନ୍ୟା ଧର୍ମଭ୍ରଷ୍ଟା ହେଲେ ପିତାର ପ୍ରାଣାନ୍ତକ ଦୁଃଖ ହୁଏ । ପୁତ୍ର ପିତାର ଅଧର୍ମ ଆଚରଣକୁ ଗ୍ରାହ୍ୟ କରେ ନାହିଁ, କିନ୍ତୁ ମାତାର ପତନରେ ପ୍ରାଣତ୍ୟାଗ କରେ । ଧର୍ମର ନିବାସସ୍ଥଳ ନାରୀମାନଙ୍କ ହୃଦୟ । ସେହି କାରଣରୁ ଶାସ୍ତ୍ର ସେମାନଙ୍କୁ ଧର୍ମଭୀରୁ ଅର୍ଥାତ୍ ଧର୍ମପରାୟଣା ବୋଲି ଘୋଷଣା କରିଛି । ସେମାନେ ନିଜ ଧର୍ମ ରକ୍ଷା କରିବା ଉଦ୍ଦେଶ୍ୟରେ ସମସ୍ତ ସ୍ୱାର୍ଥ ତ୍ୟାଗ କରି ଗୃହକୋଣରେ ରହି ଗୃହ ପରିଚାଳନା କାର୍ଯ୍ୟ କରିଆସୁଛନ୍ତି । ସେହି କାରଣରୁ ସେମାନଙ୍କର ବିକାଶ ହୋଇ ନାହିଁ କିଂବା ସଂସାରର ଉନ୍ନତିସାଧନ ଆଶାନୁରୂପ ହୋଇପାରି ନାହିଁ । ନାରୀମାନଙ୍କର ଏହି ସ୍ୱାର୍ଥତ୍ୟାଗର ଦୁରୁପଯୋଗ ପୁରୁଷମାନେ ଅଧିକାଂଶ ସ୍ଥଳରେ କରିଅଛନ୍ତି । ସେମାନଙ୍କ ସ୍ୱାଧୀନତା ଅପହରଣ କରି ସେମାନଙ୍କୁ ଅଧୀନସ୍ଥ କରି ରଖିଅଛନ୍ତି ।

ନାରୀମାନେ ନିଜ ଶରୀରର ବିକାଶ ନ କରି କେବଳ ଘରକୋଣରେ ବସି ରୋଷେଇ କରି ପିଲାଙ୍କୁ ଖେଳାନ୍ତୁ, ପୁରୁଷମାନଙ୍କର ଅନୁଚିତ ଆଜ୍ଞାନୁବର୍ତ୍ତୀ ହୋଇ ରହନ୍ତୁ, ଏହା ଭଗବାନଙ୍କ ବିଧାନ ନୁହେଁ । ଏହାର ପ୍ରତିକ୍ରିୟା ଏବଂ କ୍ରମବିକାଶ ପରିସ୍ଥିତି ନାରୀମାନଙ୍କ ଧାର୍ମିକ ମନୋଭାବ ଉପରେ କୁଠାରାଘାତ କରିଅଛି । ସେମାନେ ନିଜର କର୍ତ୍ତବ୍ୟ, ନିଜର ଦାୟିତ୍ୱ, ଧର୍ମଭାବ ଭୁଲି ସ୍ୱାର୍ଥ ଓ ଭୋଗଲିପ୍ସା ପୂର୍ଣ୍ଣ କରିବା ପାଇଁ ପୁରୁଷଙ୍କ ସଙ୍ଗେ ପ୍ରତିଯୋଗିତା କରିବାକୁ କଟିବଦ୍ଧ ହୋଇ ସଂସାର ସାମ୍ନାରେ ଉପସ୍ଥିତ ହୋଇଅଛନ୍ତି । ସେମାନଙ୍କ ଧର୍ମଚ୍ୟୁତି ଯୋଗୁଁ ସଂସାର ଅନ୍ୟାୟ ଅସତ୍ୟର କବଳରେ ପଡ଼ିଯାଇଛି । ମନୁଷ୍ୟ ଭୌତିକ ବସ୍ତୁ ଦ୍ୱାରା ସୁଖଶାନ୍ତିରେ ରହିବାକୁ ଯେତେ ଚେଷ୍ଟା କରୁଛି, ତାହାର ବିପରୀତ ଅଧିକାଧିକ ଦୁଃଖ, ଅଶାନ୍ତି ଭୋଗୁଅଛି । ଯଦ୍ୟପି ସଂସାରର ଉନ୍ନତି ଏବଂ ସଂସାରରେ ସୁଖଶାନ୍ତି ସ୍ଥାପନ ହେବାରେ ଭୌତିକ ବସ୍ତୁ ଆବଶ୍ୟକ, ତଥାପି ଏହାର ଭିତ୍ତି ସତ୍ୟ ଓ ନ୍ୟାୟ ହେବା ଅନିବାର୍ଯ୍ୟ । ଏହି ଭିତ୍ତି ଛଡ଼ା କେବଳ ଭୌତିକ ବସ୍ତୁ ଦ୍ୱାରା ସଂସାରରେ ସୁଖଶାନ୍ତି ସ୍ଥାପନ ଏକେବାରେ ଅସମ୍ଭବ । ଏହାର ସାକ୍ଷାତ୍ ପ୍ରମାଣ ୟୁରୋପ, ଆମେରିକା, ରୁଷିଆ । ସଂସାରରେ ସମସ୍ତ କର୍ମ ନ୍ୟାୟ ଓ ସତ୍ୟ ଉପରେ ଯେବେ ପ୍ରତିଷ୍ଠିତ ହୋଇପାରିବ, ତେବେ ନାରୀମାନଙ୍କ ହୃଦୟରେ ନ୍ୟାୟ, ସତ୍ୟ ନିବାସ କରିବ ଏବଂ ସେମାନେ ଏହାରି ଆଧାରରେ ଜାଗତିକ କର୍ମରେ ପୂର୍ଣ୍ଣଭାବେ ଅଂଶ ଗ୍ରହଣ କରିବେ ।

ସମୟୋପଯୋଗୀ କର୍ତ୍ତବ୍ୟ :

ବର୍ତ୍ତମାନ ସତ୍ୟ, ନ୍ୟାୟରେ ପ୍ରତିଷ୍ଠିତ ନୂତନ ଯୁଗର ସମୟ ଆସିଛି । ଏହି ନୂତନ ଯୁଗର ପ୍ରତିଷ୍ଠା କାର୍ଯ୍ୟରେ ନର ଓ ନାରୀମାନଙ୍କୁ ସମାନ ଭାବରେ ଅଂଶ ଗ୍ରହଣ କରିବାକୁ ହେବ । ନାରୀ କେବଳ ପିଲାମାନଙ୍କୁ ଖେଳେଇବାକୁ କବାଟକୋଣରେ ରହିଲେ କିଂବା ଧର୍ମକୁ ତ୍ୟାଗ କରି ସ୍ୱେଚ୍ଛାଚାରୀ ହୋଇ ସମାଜରେ ପୁରୁଷମାନଙ୍କ ସଙ୍ଗରେ ଅଧିକାର ସାବ୍ୟସ୍ତ ସକାଶେ ପ୍ରତିଯୋଗିତା କଲେ ଚଳିବ ନାହିଁ । ସେମାନଙ୍କୁ ଅଧ୍ୟାତ୍ମ ସତ୍ୟର ଆଶ୍ରୟରେ ଶରୀର ପୁଷ୍ଟ, ବଳବାନ୍, ନୀରୋଗ ରଖିବା ସକାଶେ ନିୟମିତ ବ୍ୟାୟାମ କରିବାକୁ ହେବ । ଭୌତିକ ଓ ଆଧ୍ୟାତ୍ମିକ ବିଦ୍ୟା ଶିକ୍ଷା ଦ୍ୱାରା ହୃଦୟ-ମନ୍ଦିର ସ୍ୱଚ୍ଛ, ପବିତ୍ର, ଶୁଦ୍ଧ କରି ସେଥିରେ ଧର୍ମ, ନ୍ୟାୟ, ଆନନ୍ଦ, ଶକ୍ତି, ଶାନ୍ତି, ସତ୍ୟକୁ ସ୍ଥାପନ କରିବାକୁ ହେବ ଏବଂ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରି ଅଥବା ପତିବ୍ରତା ଧର୍ମରେ ନିଷ୍ଠାବତୀ ହୋଇ ପୁରୁଷମାନଙ୍କ ସଙ୍ଗେ ପିତା, ଭ୍ରାତା, ପୁତ୍ରଭାବ ରଖି ସଂସାରରେ କାର୍ଯ୍ୟ କରିବାକୁ ହେବ । ତେବେ ନାରୀମାନେ ହେବେ ଜଗଜ୍ଜନନୀ, ଆଦ୍ୟାଶକ୍ତିସ୍ୱରୂପା, ମା ଏବଂ ସଂସାର ହେବ ସ୍ୱର୍ଗ ।

ବ୍ୟାୟାମର ଆବଶ୍ୟକତା :

ବାଳକମାନଙ୍କଠାରୁ ବାଳିକାମାନଙ୍କ ଶରୀର ସ୍ୱାଭାବିକଭାବେ କୋମଳ ଓ ଶାରୀରିକ ବଳ କମ୍ । ଏହା ହୋଇଛି କେବଳ ପୂର୍ବ ସଂସ୍କାରରୁ । ''ସ୍ତ୍ରୀ ଦୁର୍ବଳ''– ଏହି ସଂସ୍କାର ସେମାନଙ୍କ ଚେତନା ସଙ୍ଗେ ଏକ ହୋଇଯାଇଛି । ଯେଉଁ ବାଳିକାମାନେ ବଣଜଙ୍ଗଲରେ ଜନ୍ମ ହୋଇ ବାଲ୍ୟାବସ୍ଥାରୁ ପରିଶ୍ରମ କରୁଅଛନ୍ତି କିଂବା ସହରରେ ରହି ନିୟମିତ ବ୍ୟାୟାମ କରୁଅଛନ୍ତି, ସେମାନଙ୍କ ଶାରୀରିକ ବଳ ପୁରୁଷମାନଙ୍କ ଅପେକ୍ଷା କମ୍ ନୁହେଁ । ଆଶ୍ରମରେ ସଂଖ୍ୟା ବହୁତ ଅଧିକ ନ ହେଲେ ମଧ୍ୟ କେତେଜଣ ଝିଅ ଶାରୀରିକ ବ୍ୟାୟାମ ପ୍ରତିଯୋଗିତାରେ କେତେକ ପିଲାଙ୍କୁ ପରାସ୍ତ କରିଦିଅନ୍ତି । ବ୍ୟାୟାମ ଦ୍ୱାରା ଶରୀର ବିକଶିତ ହୁଏ, ବଳ ବୃଦ୍ଧି ହୁଏ, ଅସଳଖ ଅଙ୍ଗପ୍ରତ୍ୟଙ୍ଗ ସିଧାସଳଖ ହୁଏ, ଯୋଡ଼ାଗ୍ରନ୍ଥି ସ୍ଥାନ ପୁଷ୍ଟ ହୁଏ, ଅସମୟରେ ବାର୍ଦ୍ଧକ୍ୟ ଆସେ ନାହିଁ, କୈଶୋର କାଳରୁ ଚଷମା ବ୍ୟବହାର କରିବାକୁ ପଡ଼େ ନାହିଁ । ଝିଅମାନେ ବହୁ ପ୍ରକାର ରୋଗର ଆକ୍ରମଣରୁ ବିଶେଷତଃ ଉଦରାମୟ ରୋଗରୁ ମୁକ୍ତ ହୁଅନ୍ତି । ସେମାନଙ୍କର ପ୍ରସବବେଦନା କମ୍ ହୁଏ । ଶରୀର ବଳଶାଳୀ ହେଲେ ସ୍ନାୟବିକ ଦୃଢ଼ତା ପ୍ରାପ୍ତ ହୁଏ । ଫଳରେ ସେମାନେ ପ୍ରତିକଥାରେ ଚିଡ଼ି କଜିଆ କରନ୍ତି ନାହିଁ; ଘରେ ପରସ୍ପର ମଧ୍ୟରେ ଝଗଡ଼ା କରି ପୃଥକ୍ ହୋଇ ଦରିଦ୍ର ହୁଅନ୍ତି ନାହିଁ । ଏହା ହୁଏ ଆଧ୍ୟାତ୍ମ ଭିତ୍ତିରେ ବାଳିକାମାନେ ବ୍ୟାୟାମ କରିବା ଦ୍ୱାରା । କର୍ତ୍ତୃପକ୍ଷ ପ୍ରତ୍ୟେକ ବାଳିକାସ୍କୁଲ, ମହିଳା କଲେଜରେ ବ୍ୟାୟାମଶାଳା ସ୍ଥାପନକରିବା ଉଚିତ । ଯେଉଁଠାରେ ବ୍ୟାୟାମଶାଳା ନାହିଁ, ସେଠାରେ ପ୍ରତ୍ୟେକ ବାଳିକା ନିଜ ନିଜ ଘରେ ନିୟମିତରୂପେ ବ୍ୟାୟାମ କରିବା ଉଚିତ । ବ୍ୟାୟାମ କରିବା ଦ୍ୱାରା ଶାରୀରିକ ସ୍ୱାସ୍ଥ୍ୟଲାଭ ସଙ୍ଗେ ସଙ୍ଗେ ଡାକ୍ତରକୁ ଦେଉଥିବା ଅର୍ଥ, ରୋଗଶଯ୍ୟାରେ ଶୋଉଥିବା ସମୟ ସୁରକ୍ଷିତ ହୋଇ ରହିବ ।

ବାଳିକାମାନଙ୍କର ବ୍ୟାୟାମର ନିୟମାବଳୀ :

(୧) ଜୀବନର ଲକ୍ଷ୍ୟ ପରମାନନ୍ଦ, ପରମଶାନ୍ତି ପ୍ରାପ୍ତ କରିବା ସକାଶେ ଉତ୍ତମ ସ୍ୱାସ୍ଥ୍ୟ, ଭୌତିକ ଏବଂ ଆଧ୍ୟାତ୍ମିକ ଶିକ୍ଷା, ନୈଷ୍ଠିକ ପାତିବ୍ରତ୍ୟଧର୍ମ ଅଥବା ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ଆବଶ୍ୟକ । ଏହାହିଁ ବାଳିକାମାନଙ୍କର ଲକ୍ଷ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତି କରିବାର ଉପାୟ ବ୍ୟାୟାମ, ଶିକ୍ଷା, ବ୍ରହ୍ମଚର୍ଯ୍ୟ ଓ ଆବଶ୍ୟକ ଉଚିତ କର୍ମ ।

(୨) ଯେଉଁ ବାଳିକାମାନେ କୌଣସି ବ୍ୟାୟାମ ସଂସ୍ଥାର ନିର୍ଦ୍ଦେଶ ଅନୁସାରେ ବ୍ୟାୟାମ କରନ୍ତି ସେମାନେ ସେହି ନିର୍ଦ୍ଦେଶରେ ବ୍ୟାୟାମ କରିବେ । ଯେଉଁମାନଙ୍କର ସେ ସୁବିଧା ନାହିଁ, ସେମାନେ ପ୍ରତ୍ୟେକ ଗ୍ରାମ ଅଥବା ସହରରେ

କୌଣସି ସ୍ଥାନରେ ଗୋଟିଏ ବାଳିକା ବ୍ୟାୟାମଶାଳା ନିର୍ମାଣ କରିବେ । ଯଦି ଏହାର ସୁବିଧା ନ ହୁଏ, ତେବେ ବାଳିକାମାନେ ନିଜ ଘରେ ନିମ୍ନଲିଖିତ ନିୟମରେ ବ୍ୟାୟାମ କରିବେ ।

(୩) ୧୧ ବର୍ଷରୁ କମ୍ ବୟସର ବାଳିକାମାନେ ପରସ୍ପର ଖେଳ ମଧ୍ୟଦେଇ ଦୌଡ଼ାଦୌଡ଼ି କରିଦେବେ । ୧୧ରୁ ୧୫ ବର୍ଷ ବୟସର ବାଳିକାମାନେ ୯ଟା ବା ୧୦ଟା ରାତ୍ରିରେ ଶୋଇ ୪ଟା କିଂବା ୫ଟା ସମୟରେ ଶଯ୍ୟା ତ୍ୟାଗ କରିବେ, ମଳତ୍ୟାଗ କରି ଦନ୍ତମୁଖ ଧୋଇବେ । ଅଭ୍ୟାସ ଥିଲେ ସ୍ନାନ କରି ବ୍ୟାୟାମ କରିବେ ଅଥବା ସ୍ନାନ କରିବା ପୂର୍ବରୁ ବ୍ୟାୟାମ କରି ଏକ ଘଣ୍ଟା ପରେ ସ୍ନାନ କରିବେ । ହାଫ୍‌ପ୍ୟାଣ୍ଟ୍ ଓ ହାଫ୍‌ସାର୍ଟ ପିନ୍ଧିଲେ ବ୍ୟାୟାମ କରିବାରେ ସୁବିଧା ହୁଏ ।

ବୈଠକ :

ପ୍ରଥମେ ଦୁଇପାଦ ଅନ୍ତ ଛାଡ଼ି ସିଧା ସଳଖ ଭାବେ ଛିଡ଼ାହୁଅ । ନଇଁ ନ ପଡ଼ି ସିଧା ସିଧା ବସିପଡ଼ ଏବଂ ବସିବା ସଙ୍ଗେ ସଙ୍ଗେ ସିଧାସଳଖ ଭାବେ ଛିଡ଼ାହୁଅ । ଥରେ ବସି ଉଠିବାର ସଂଖ୍ୟା ହେଲା ଏକ । ଆରମ୍ଭରେ ଏହିପରି ୫ ଥର କର । ପ୍ରତିସପ୍ତାହରେ ଏକ ଏକ ବୃଦ୍ଧି କରି ଏହିପରି ୨୦ ପର୍ଯ୍ୟନ୍ତ କର ।

ହସ୍ତଦଣ୍ଡ :

ଦୁଇହାତ କାଖ ସଳଖରେ ଭୂମିରେ ସମାନଭାବେ ରଖ । ଶରୀରକୁ ସଳଖଭାବେ ଲମ୍ବା କରି ଦୁଇହାତ ପଞ୍ଜା ଏବଂ ଦୁଇ ଗୋଡ଼ ଅଙ୍ଗୁଳି ଉପରେ ସମସ୍ତ ଶରୀରକୁ ରଖ । ଶରୀରକୁ ଟିକିଏ ହେଲେ ବଙ୍କା ନ କରି ଲାଠି ପରି ଆସ୍ତେ ଆସ୍ତେ ଭୂମିରେ ଲାଗିବାକୁ ଚାରି ଅଙ୍ଗୁଳି ଦୂର ପର୍ଯ୍ୟନ୍ତ ନେଇଆସ ଏବଂ ବିଶ୍ରାମ ନ କରି ପୁନରାୟ ପୂର୍ବସ୍ଥିତିକୁ ଶରୀରକୁ ଉଠେଇ ନିଅ । ଏହିପରି ଥରକର ସଂଖ୍ୟା ହେଲା ଏକ । ପ୍ରଥମରେ ଥରେ କର । ପ୍ରତିପନ୍ଦରଦିନ ଅନ୍ତରରେ ଏକ ଏକ ବୃଦ୍ଧି କରି ପାଞ୍ଚ ପର୍ଯ୍ୟନ୍ତ ନିଅ । ଏହା ହେଲା ହାତର ବ୍ୟାୟାମ । ଅନ୍ୟପ୍ରକାର ହେଲା :

ଶାରୀରିକ ଦଣ୍ଡ :

ପୂର୍ବପରି ହାତପଞ୍ଜା ଓ ପାଦର ଅଙ୍ଗୁଳି ଉପରେ ଶରୀରକୁ ଲାଠି ସଦୃଶ ସିଧା ରଖ । ଛାତି ଭୂମିକୁ ଚାରିଛଅ ଅଙ୍ଗୁଳି ଛାଡ଼ି ଶରୀର ମସ୍ତକ ଭାଗକୁ ପଛ ଆଡ଼କୁ ଟାଣି ଅଣ୍ଡାକୁ ଉଚ୍ଚା କରିନିଅ । ପୁନରାୟ ମସ୍ତକ ଭାଗ ଭୂମିରୁ ଦୁଇ ତିନି ଅଙ୍ଗୁଳି ଛାଡ଼ି ସର୍ପ ମଥା ଉଠାଇଲା ପରି କ୍ରମଶଃ ଆଗ ଆଡ଼କୁ ନେଇଆସି ଆକାଶକୁ ଚାହଁ । ଅଣ୍ଡାରୁ ଗୋଡ଼ ଆଡ଼ ଭାଗ ଭୂମିର କିଛି ଉଚ୍ଚରେ ଜଙ୍ଘ ପର୍ଯ୍ୟନ୍ତ ସମାନ ରହିବ; ଜଙ୍ଘରୁ ମସ୍ତକ ପର୍ଯ୍ୟନ୍ତ କ୍ରମଶଃ ସିଧା ଉଚ୍ଚା କରି ଆକାଶକୁ ଦେଖିବ । ଏହିପରି ସଂଖ୍ୟା ହେଲା ଏକ । ପ୍ରତି ପନ୍ଦର ଦିନରେ ଏକ ଏକ କରି ବଢ଼ାଇ ଚାରିରେ ସମାପ୍ତ କର ।

ପେଟର ବ୍ୟାୟାମ :

ଗୋଟିଏ ଶପରେ ଚିତ୍ ହୋଇ ଶୋଇପଡ଼ । ଦୁଇ ଗୋଡ଼କୁ ଆସ୍ତେ ଆସ୍ତେ ଉପରକୁ ଉଠାଇ ସିଧା କରିଦିଅ । ସମସ୍ତ ଶରୀର ଭୂମିରେ, କେବଳ ଦୁଇଟିଗୋଡ଼ ସଳଖଭାବେ ରହିବ ଉପରକୁ । ଶରୀର ଟିକିଏ ବି ଉଠିବ ନାହିଁ । ଦୁଇପାଦକୁ ଖୁବ୍ ଆସ୍ତେ ଆସ୍ତେ ତଳକୁ ନେଇ ଭୂମିରେ ରଖ । ଦୁଇ ଗୋଡ଼ ଭୂମିରୁ ହାତେ ଉଚ୍ଚରେ ରହିବା ସମୟରେ ବହୁତ ସାବଧାନ ହୋଇ ଆସ୍ତେ ଆସ୍ତେ ତଳକୁ ଆଣ । ଗୋଡ଼କୁ ଆସ୍ତେ ଆସ୍ତେ ତଳକୁ ଆଣିବା ଦ୍ୱାରା ପେଟର

ବ୍ୟାୟାମ ହୁଏ । ତରତରରେ ଗୋଡ଼ ତଳକୁ ଆଣିଲେ ବ୍ୟାୟାମ ହୁଏ ନାହିଁ । ଏହିପରି ଥରକର ସଂଖ୍ୟା ହେଲା ଏକ । ପ୍ରଥମରେ ଦୁଇଥର କର । ପ୍ରତ୍ୟେକ ପନ୍ଦରଦିନ ଅନ୍ତରରେ ଏକ ଏକ ବଢ଼ାଇ ପାଞ୍ଚରେ ସମାପ୍ତ କର ।

ଦୁଇ ଗୋଡ଼କୁ ଅଣ୍ଟା ପର୍ଯ୍ୟନ୍ତ ଭୂମିରେ ଲଗାଇ ରଖ । ଦୁଇହାତ ଆଗକୁ ଲମ୍ବା କରି କମରରୁ ମସ୍ତକ ଭାଗଟିକୁ ସିଧା ସଳଖଭାବେ ଉପରକୁ ଉଠେଇ ବସିପଡ଼ । ଉଠିବା ସମୟରେ ଗୋଡ଼ ଉଠିବ ନାହିଁ, ଭୂମିରେ ଲାଗି ରହିବ । ପୁନରାୟ ଦୁଇଗୋଡ଼କୁ ସେହି ସ୍ଥିତିରେ ରଖି ମସ୍ତକକୁ ଆସ୍ତେ ଆସ୍ତେ ଭୂମିକୁ ନେଇଆସ । ଏହି ବ୍ୟାୟାମ କିଛିଦିନ ଅଭ୍ୟାସ ହୋଇଯିବା ପରେ ପ୍ରଥମରେ ହାତ ଦୁଇଟିକୁ ଆଗକରି ଶରୀରକୁ ଉଠାଇ ପରେ ହାତକୁ ଦୁଇକଡ଼ରେ ରଖି କେବଳ ଅଣ୍ଟାଜୋର୍‌ରେ ଶରୀରକୁ ଆସ୍ତେ ଆସ୍ତେ ଉଠାଇ ନିଅ ।

ଏହି ବ୍ୟାୟାମ ଅଭ୍ୟାସ ହୋଇଯିବା ପରେ କମରକୁ ଭୂମିରେ ରଖି ଗୋଡ଼ ଏବଂ ମଥା ଏକସଙ୍ଗେ କ୍ରମଶଃ ଉପରକୁ ଉଠେଇ ନେଇ ସିଧାଭାବେ ରଖି ଗୋଡ଼ର ଅଙ୍ଗୁଳିକୁ ହାତ ଅଙ୍ଗୁଳିରେ ଧରି ଏହି ସ୍ଥିତିରେ ଦୁଇ ଚାରି ସେକେଣ୍ଡ ରହି ପୁନରାୟ ଆସ୍ତେ ଆସ୍ତେ ଦୁଇଗୋଡ଼ ଏବଂ ମସ୍ତକ ସମାନ ଭାବେ ଏକସଙ୍ଗେ ଭୂମିକୁ ନେଇଆସ । ମଥା ଅଥବା ଗୋଡ଼ ଆଗ ପଛ ହେଲେ ଚଳିବ ନାହିଁ; ଏକସଙ୍ଗେ ହେବା ବିଧେୟ । କିଛିଦିନ ଅଭ୍ୟାସ କରିବା ପରେ ଏହି ବ୍ୟାୟାମ ଠିକ୍ ହୁଏ । ଏହାକୁ ଥରେ କିଂବା ଦୁଇଥର କର ।

ସର୍ବାଙ୍ଗ ଆସନ :

ଚିତ୍ ହୋଇ ଶୋଇପଡ଼ । ଦୁଇ ଗୋଡ଼କୁ ଆସ୍ତେ ଆସ୍ତେ ଉପରକୁ ଉଠାଅ । ଦୁଇଗୋଡ଼ ସିଧା ହୋଇଗଲେ ଦୁଇ ହାତକୁ କହୁଣି ପର୍ଯ୍ୟନ୍ତ ଭୂମିରେ ରଖି ଦୁଇହାତ ଦ୍ୱାରା କମରଠାରୁ ଶରୀରକୁ ବେକ ପର୍ଯ୍ୟନ୍ତ ଉଠାଅ । ବେକ ଓ ମସ୍ତକ ରହିବ ଭୂମିରେ । ଦୁଇହାତ କହୁଣି ପର୍ଯ୍ୟନ୍ତ ରହିବ ଭୂମିରେ । ଦୁଇହାତ ସାହାଯ୍ୟରେ ସମସ୍ତ ଶରୀର ସିଧାସଳଖ ଭାବେ ବେକ ଉପରେ ଉପରକୁ ରହିବ ଏବଂ ଓଠ ହାଡ଼କୁ ଛାତିର ଉପର ଭାଗରେ ଲଗେଇଦିଅ । ଏଥିରେ ମହତ୍ତ୍ୱପୂର୍ଣ୍ଣ କ୍ରିୟା ହେଲା ଶରୀର ସିଧା ଏବଂ ଓଠର ହାଡ଼ ଛାତିର ଉପର ଭାଗରେ ଲାଗି ରହିବ । ଏହି ସ୍ଥିତିରେ ପ୍ରଥମରେ ଏକ ମିନିଟ୍ ରୁହ । କ୍ରମଶଃ ଆସ୍ତେ ଆସ୍ତେ, ଖୁବ୍ ଆସ୍ତେ ଆସ୍ତେ ଶରୀରକୁ ଭୂମିରେ ରଖିଦିଅ । ଏହି ବ୍ୟାୟାମ ପ୍ରଥମରେ ଏକ ମିନିଟ୍ କର । ତପ୍‌ରେ ପ୍ରତ୍ୟେକ ମାସରେ ଏକ ଏକ ମିନିଟ୍ ବଢ଼ାଇ ପାଞ୍ଚ ମିନିଟ୍ ନିଅ ।

ପନ୍ଦର ବର୍ଷରୁ ପଚିଶ ବର୍ଷ ବୟସ୍କା ମହିଳାମାନଙ୍କୁ ଏହି ବ୍ୟାୟାମ ଗୁଡ଼ିକର ସଂଖ୍ୟା ଓ ସମୟ ଦୁଇଗୁଣ କରିବାକୁ ହେବ । ବିବାହିତା ମହିଳାମାନେ ଗର୍ଭଧାରଣ କରିବା ସମୟରେ ଏହିସବୁ ବ୍ୟାୟାମ ବନ୍ଦ ରଖିବେ ।

(୪) ଭୋଜନର ସମୟ ନିର୍ଦ୍ଦିଷ୍ଟ, ଶୋଇବା ଓ ଉଠିବାର ସମୟ ନିର୍ଦ୍ଦିଷ୍ଟ ହେବା ଉଚିତ । ଭୋର ୫ଟା ପୂର୍ବରୁ ଉଠିବା ବହୁତ ଆବଶ୍ୟକ । ଝିଅବୋହୂମାନେ ୬ଟା ପର୍ଯ୍ୟନ୍ତ କିଂବା ୬ଟାରୁ ଅଧିକ ସମୟ ଶୋଇଲେ ମା'ମାନେ ବା ଶାଶୂମାନେ ସେମାନଙ୍କୁ କହନ୍ତି 'ଅଲକ୍ଷଣୀ' । ଯଥାର୍ଥରେ ବ୍ୟାୟାମ ଏବଂ ସତ୍ ଚିନ୍ତା କରିବା ସକାଶେ ସେହି ସମୟ ଉତ୍ତମ ।

ଆବଶ୍ୟକତାରୁ ଅଧିକ ଭୋଜନ କରିବ ନାହିଁ । ଭୋଜନ ଦ୍ରବ୍ୟ ସାମନାରେ ରଖି ଆଖି ବନ୍ଦ କରି ମା'ଙ୍କୁ ଧ୍ୟାନ କର ଏବଂ ଅର୍ପଣ କର । ମନେକର ଜଠରାଗ୍ନିରୂପେ ମା' ତୁମ ମଧ୍ୟରେ ଭୋଜନ କରୁଅଛନ୍ତି । ମା'ଙ୍କୁ ସ୍ମରଣ କରି କଥାବାର୍ତ୍ତା ନ କରି, ଗପ ନ କରି ମୌନ ହୋଇ ଭୋଜନ କର । ଭୋଜନ ଦ୍ୱାରା ସମସ୍ତ ଇନ୍ଦ୍ରିୟକୁ ରସ ପ୍ରାପ୍ତି ହୁଏ । ଭୋଜନ ସମୟରେ ସାତ୍ତ୍ୱିକ ବୃତ୍ତି ହେଲେ ମନୁଷ୍ୟର ସଚ୍ଚରିତ୍ର ଗଠନରେ ସାହାଯ୍ୟ ମିଳେ ।

(୫) ବ୍ୟାୟାମର ସମୟ ପ୍ରାତଃକାଳ ବା ସାୟଂକାଳ ହେବା ଉଚିତ । ଭୋଜନଦ୍ରବ୍ୟ ହଜମ ହେବା ପୂର୍ବରୁ ଏବଂ ବିଶେଷ କ୍ଷୁଧା ଲାଗୁଥିବା ସମୟରେ ବ୍ୟାୟାମ କରିବା ନିଷେଧ । ଭୋଜନର ତିନି ଚାରି ଘଣ୍ଟା ପରେ ବ୍ୟାୟାମ କରିପାର । ବ୍ୟାୟାମ କରିବାର ଅଧଘଣ୍ଟାଏ ପରେ ଆବଶ୍ୟକ ହେଲେ ଦୁଧ ବା ଲଘୁପାକ ଜଳଖିଆ ଖାଇପାର; କିନ୍ତୁ ବ୍ୟାୟାମର ଦେଢ଼ଘଣ୍ଟା ମଧ୍ୟରେ ଉଦରପୂର୍ଣ୍ଣ ଭୋଜନ କରିବ ନାହିଁ । ବ୍ୟାୟାମର ଏକଘଣ୍ଟା ପରେ ସ୍ନାନ କରିପାର ।

(୬) ଯେଉଁ ବାଳିକାମାନଙ୍କର ଶରୀର ବହୁତ ମଜଭୁତ, ମାସିକ ଧର୍ମ ହେବା ସମୟରେ ଶରୀର ଦୁର୍ବଳ ହୁଏ ନାହିଁ, ପେଟର ବ୍ୟଥା ହୁଏ ନାହିଁ, ସେମାନେ ସେ ସମୟରେ କମ୍ ମାତ୍ରାରେ ବ୍ୟାୟାମ କରିପାରନ୍ତି । ଅନ୍ୟଥା ଦୁଇ ତିନି ଦିନ ବ୍ୟାୟାମ ବନ୍ଦ ରଖିବା ଉଚିତ ।

(୭) ବ୍ୟାୟାମ ପୂର୍ବରୁ ଦୁଇ ତିନି ମିନିଟ୍ ନୀରବ ହୋଇ ମା'ଙ୍କୁ ଧ୍ୟାନ କର ଏବଂ ଧାରଣା କର ଯେ ମା'ଙ୍କ ଶକ୍ତି ତୁମ ମଧ୍ୟରେ କାର୍ଯ୍ୟ କରୁଛି ।

(୮) ବ୍ୟାୟାମ ଶେଷ ହେବା ପରେ ଶପମସିଣାରେ ଚିତ୍ ହୋଇ ଶୋଇଯାଅ । ହାତ ଗୋଡ଼ ଶରୀରକୁ ଏକେବାରେ ଶିଥିଳ କରିଦିଅ । ଅପରେସନ୍ ସମୟରେ ଡାକ୍ତରମାନେ ଇଞ୍ଜେକ୍‌ସନ୍ ଦେଇ ଶରୀରକୁ ଅବଶ କରିଦେଲା ପରି ଶରୀରକୁ ଢିଲା କରିଦିଅ । ଯଦି ଅଧଘଣ୍ଟାଏ ବ୍ୟାୟାମ କରିଥାଅ ତାହାହେଲେ ଏହିପରି ଅବସ୍ଥାରେ ଦଶ ମିନିଟ୍ ରୁହ । ପରେ ଉଠି କିଛି ସମୟ ଧ୍ୟାନ ଅଥବା ପଢ଼ାପଢ଼ି କର ।

ଏଠାରେ ବାଳିକାମାନଙ୍କ ସକାଶେ ଅଳ୍ପ ମାତ୍ରାରେ ବ୍ୟାୟାମ ଓ ଆସନ ବିଷୟରେ ଆଲୋଚନା କରାହେଲା । ଯେଉଁମାନେ ଉତ୍ତମରୂପେ ଶରୀର ଗଠନ ଏବଂ ଉତ୍ତମ ସ୍ୱାସ୍ଥ୍ୟ ଚାହାନ୍ତି ସେମାନେ ପୂର୍ବାଲୋଚିତ ବ୍ୟାୟାମ ଓ ଆସନ କରିପାରନ୍ତି ।

ବ୍ୟାୟାମ ତଥା ଆସନର ଆବଶ୍ୟକ ନିୟମ ପୂର୍ବେ ଆଲୋଚିତ ହୋଇଛି । ତେଣୁ ଏଠାରେ ସେସବୁର ପୁନରାବୃତ୍ତି ନ କରି, ଯାହା ଆବଶ୍ୟକ ତାହା ଆଲୋଚିତ ହେଲା । କିନ୍ତୁ ଯେଉଁ ବାଳିକା ବା ମହିଳାମାନେ ବ୍ୟାୟାମ କିଂବା ଆସନ କରିବେ ସେମାନେ ପୂର୍ବାଲୋଚିତ ନିୟମସକଳ ପଢ଼ି ପାଳନ କରିବେ ।

ଜୀବନର ପୂର୍ଣ୍ଣତା, ଶରୀରର ବିକାଶ ତଥା ରୂପାନ୍ତର ସକାଶେ ବ୍ୟାୟାମ ଯେପରି ଆବଶ୍ୟକ ତାହାଠାରୁ ବିଶେଷରୂପେ ଆବଶ୍ୟକ ବ୍ରହ୍ମଚର୍ଯ୍ୟ । ଜୀବନର ପୂର୍ଣ୍ଣତା ତଥା ମନ, ପ୍ରାଣ, ଶରୀରର ରୂପାନ୍ତରର ଆଧାର ବ୍ରହ୍ମଚର୍ଯ୍ୟ । ତେଣୁ ଏଠାରେ ବ୍ରହ୍ମଚର୍ଯ୍ୟ ବିଷୟରେ ଆଲୋଚନା କରିବା ।

ବ୍ରହ୍ମଚର୍ଯ୍ୟ

ବ୍ରହ୍ମଚର୍ଯ୍ୟ ଜୀବନର ଅମୂଲ୍ୟ ସମ୍ପଦ, ଅତୁଳନୀୟ ଶକ୍ତି, ଅଧ୍ୟାତ୍ମ, ଅତିମାନସ ଓ ରୂପାନ୍ତର ଯୋଗର ସିଦ୍ଧି ତଥା କ୍ରମବିକାଶ ଲକ୍ଷ୍ୟପ୍ରାପ୍ତିର ଆଧାର, ସୁସ୍ଥସବଳ ଶରୀରର ମୂଳଭିତ୍ତି । ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା ସମସ୍ତ ଅସାଧ୍ୟକାର୍ଯ୍ୟ ସାଧ୍ୟ ହୋଇପାରେ । ବ୍ରହ୍ମଚର୍ଯ୍ୟ ପାଳନରେ ବ୍ୟକ୍ତି ମୁନି-ଦୁର୍ଲଭ ପରମପଦ ପାଇପାରେ, ମନ-ପ୍ରାଣ-ଶରୀରକୁ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ କରିପାରେ, ସତ୍ ଚିତ୍ ପରମାନନ୍ଦ ପରମାତ୍ମାକୁ ମନ-ପ୍ରାଣ-ଶରୀରରେ ଅଭିବ୍ୟକ୍ତ କରିପାରେ, ରୋଗ, ଜରା, ମୃତ୍ୟୁରୁ ମୁକ୍ତ ହୋଇ ଭଗବାନଙ୍କ ସହିତ ପୂର୍ଣ୍ଣ ଏକତ୍ୱ ସ୍ଥାପନକରି ଭଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୋଇପାରେ । ଏହାହିଁ ଜୀବନର ଲକ୍ଷ୍ୟ ଏବଂ କ୍ରମବିକାଶର ଉଦ୍ଦେଶ୍ୟ ।

ବ୍ରହ୍ମଚର୍ଯ୍ୟ ପାଳନରେ ବ୍ୟକ୍ତି ସଂସାରର ସମସ୍ତ କାର୍ଯ୍ୟ ଦକ୍ଷତାର ସହ ସଂପାଦନ କରିପାରେ, ତା'ର ବିବେକଯୁକ୍ତ ବୁଦ୍ଧି ବିକାଶିତ ହୁଏ, ତୀକ୍ଷ୍ଣ ଏବଂ ଶୁଦ୍ଧ ହୁଏ, ମସ୍ତିଷ୍କ ସୁସ୍ଥ, ଶାନ୍ତ, ସ୍ଥିର ହୁଏ । ବ୍ୟକ୍ତି ପ୍ରଶାନ୍ତ ବୁଦ୍ଧି ସାହାଯ୍ୟରେ ଯେକୌଣସି ବିଦ୍ୟା ଅଳ୍ପ ପ୍ରୟାସରେ ଆୟତ୍ତ କରିପାରେ । ବୁଦ୍ଧି ବିବେକଯୁକ୍ତ ଥିବାରୁ ନ୍ୟାୟ ତଥା ବୁଦ୍ଧିମତ୍ତାର ସହ ବାଣିଜ୍ୟ କରିପାରେ ତଥା ସତ୍ୟ ଆଚରଣ ସହିତ ବିନା ପକ୍ଷପାତରେ ଦେଶସେବା କରିପାରେ । ବ୍ରହ୍ମଚର୍ଯ୍ୟ ପାଳନ କରିଥିବା ବ୍ୟକ୍ତିର ସମସ୍ତ ମାନସିକ କର୍ମ ସାଧାରଣ ବ୍ୟକ୍ତି ଅପେକ୍ଷା ସତ୍ୟ, ନ୍ୟାୟଯୁକ୍ତ ଏବଂ ଉତ୍ତମ ହୁଏ । ବ୍ୟକ୍ତି ଶାରୀରିକ ବହୁ ରୋଗରୁ ବ୍ରହ୍ମଚର୍ଯ୍ୟ ପାଳନ ଏବଂ ବ୍ୟାୟାମ ତଥା ଆସନ ଅଭ୍ୟାସରୁ ମୁକ୍ତ ହୁଏ; ସୁସ୍ଥ ଜୀବନ, ସୁଡୌଲ ପୁଷ୍ଟ ଶରୀର ପ୍ରାପ୍ତକରେ । ଅର୍ଥାତ୍, ବ୍ରହ୍ମଚର୍ଯ୍ୟ ପାଳନରେ ବ୍ୟକ୍ତିର ମାନସିକ ପ୍ରସନ୍ନତା, ଶାରୀରିକ ସୁସ୍ଥତା ପ୍ରାପ୍ତ ହୁଏ ।

ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ ଅତୁଳନୀୟ । କୌଣସି ପ୍ରକାର ବ୍ରତ, ଉପବାସ, ନିୟମ, ତପସ୍ୟା ବ୍ରହ୍ମଚର୍ଯ୍ୟ ସଂଯମ

ସହିତ ତୁଳନା କରାଯାଇପାରେ ନାହିଁ । ସଂସାରର ସମସ୍ତ ଉତ୍ତମ ପ୍ରଶଂସନୀୟ କର୍ମ, ଅଧ୍ୟାତ୍ମ ମାର୍ଗର ସମସ୍ତ ପ୍ରକାର ମହାନ୍ ତପସ୍ୟା, ସଂଯମ, ନିୟମ ସହିତ ବ୍ରହ୍ମଚର୍ଯ୍ୟକୁ ଓଜନ କଲେ ବ୍ରହ୍ମଚର୍ଯ୍ୟର ପାଖଟି ତଳକୁ ରହେ । ଯେଉଁ ପାତିବ୍ରତ୍ୟ ବା ଏକପତ୍ନୀବ୍ରତ ଧର୍ମକୁ ପୁରାଣ ଶାସ୍ତ୍ର ଭୂରି ଭୂରି ପ୍ରଶଂସା କରିଅଛି, ସୂର୍ଯ୍ୟ ସଦୃଶ ବ୍ରହ୍ମଚର୍ଯ୍ୟ ବ୍ରତ ପାଖରେ ସେସବୁ ଜ୍ୟୋତିହୀନ ଦୀପ ସଦୃଶ ପ୍ରତୀତ ହୁଏ ।

ଅଧ୍ୟାତ୍ମ ସାଧନାର ପ୍ରାଣ ବ୍ରହ୍ମଚର୍ଯ୍ୟ । ପ୍ରାଣ ବିନା ଶରୀର ଯେପରି ନିରର୍ଥକ, ବ୍ରହ୍ମଚର୍ଯ୍ୟ ବିନା ସମସ୍ତ ଅଧ୍ୟାତ୍ମ ସାଧନା ସେହିପରି ଶକ୍ତିହୀନ । କାରଣ ଯେତେ ପ୍ରକାର ଉତ୍ତମ କର୍ମ ବା ଉତ୍ତମ ଚେଷ୍ଟା ସାଧିତ ହୁଏ, ତାହା ହୁଏ ଆତ୍ମାର ପ୍ରଭାବରେ । ବ୍ରହ୍ମଚର୍ଯ୍ୟ ପାଳନ ବିନା ଆତ୍ମା ପୂର୍ଣ୍ଣରୂପେ ଜାଗ୍ରତ୍ ହୁଏ ନାହିଁ କିଂବା ବିକଶିତ ହୁଏ ନାହିଁ । ଆତ୍ମା ଜାଗ୍ରତ୍ ନ ହେଲେ ବ୍ୟକ୍ତି ସତ୍ୟମାର୍ଗରେ ପୂର୍ଣ୍ଣରୂପେ ପରିଚାଳିତ ହୋଇପାରେ ନାହିଁ । ନୈତିକ ଧର୍ମରେ ପତିବ୍ରତ ଏବଂ ପତ୍ନୀବ୍ରତ ମହାନ୍ ଶ୍ରେଷ୍ଠ ଧର୍ମ । କିନ୍ତୁ ଅଧ୍ୟାତ୍ମସିଦ୍ଧି ଏଥିରେ ହୁଏ ନାହିଁ, ହୁଏ ଅଖଣ୍ଡ ବ୍ରହ୍ମଚର୍ଯ୍ୟର ପାଳନରେ । ପାତିବ୍ରତ୍ୟ ଧର୍ମରେ ଯେଉଁମାନଙ୍କୁ ଭଗବତ୍ ପ୍ରାପ୍ତି ହୋଇଛି, ସେମାନେ ପ୍ରଥମେ ପାତିବ୍ରତ୍ୟ ଧର୍ମ ପାଳନ କରିଥିଲେ, ପରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରି ଭଗବତ୍ ଉପଲବ୍ଧି ବା ଅଧ୍ୟାତ୍ମ ସିଦ୍ଧି ଲାଭ କରିଛନ୍ତି । ସେହି ସକାଶେ ଗୀତା ପ୍ରଥମରେ ବ୍ରହ୍ମଚର୍ଯ୍ୟର ନାମ କହିଅଛି । କାରଣ, ଅଧ୍ୟାତ୍ମ ମାର୍ଗର ଅନ୍ୟ ସମସ୍ତ ପ୍ରକାର ସାଧନା ବ୍ରହ୍ମଚର୍ଯ୍ୟ ଦ୍ୱାରାହିଁ ପୂର୍ଣ୍ଣ ହୁଏ । ବ୍ରହ୍ମଚର୍ଯ୍ୟ ବିନା କୌଣସି ସାଧନା ସର୍ବଗୁଣସମ୍ପନ୍ନ ହୁଏ ନାହିଁ ।

ଜୀବନର ପୂର୍ଣ୍ଣତାର ଆଧାର ବ୍ରହ୍ମଚର୍ଯ୍ୟ :

ବ୍ୟକ୍ତିର ଜୀବନ ସୁଖ-ଶାନ୍ତି-ଆନନ୍ଦମୟ ହୁଏ ବ୍ରହ୍ମଚର୍ଯ୍ୟ ପାଳନରେ । ତେବେଯାଇ ସେ ନିଜର ଏବଂ ସଂସାରର ହିତସାଧନ କରିପାରେ । ମନୁଷ୍ୟର ଶରୀର, ପ୍ରାଣ, ମନ ଏବଂ ଆତ୍ମାର ସଂଯୋଗରେ ଜୀବନ ପ୍ରାପ୍ତ ହୁଏ । ଏହି ଚାରିଟି ସତ୍ତାର ବିକାଶରେ ଜୀବନ ହୁଏ ପୂର୍ଣ୍ଣ । ଏହାର ଆଧାର ବ୍ରହ୍ମଚର୍ଯ୍ୟ ।

ବ୍ୟକ୍ତିର ବ୍ରହ୍ମଚର୍ଯ୍ୟ ନଷ୍ଟ ହେଲେ ତାହାର ମନ-ବୁଦ୍ଧି ମୋହ, ଅଜ୍ଞାନରେ ଆବୃତ ହୁଏ । ସେ ବିବେକଶୂନ୍ୟ, ଅସ୍ଥିର, ମଳିନ, ଅଶୁଦ୍ଧ, ସ୍ୱାର୍ଥପରାୟଣ ହୁଏ । ସେଥିରେ ଆସେ ଦୂଷିତ ଚିନ୍ତା, ହତାଶା, ନିରାଶା, ଅସ୍ଥିରତା, କର୍ମବିମୁଖତା, ଭୟ । ଜୀବନ ହୁଏ ଦୁଃଖ, ଶୋକ, ଦ୍ୱନ୍ଦ୍ୱରେ ପୂର୍ଣ୍ଣ ଜର୍ଜରିତ । ପ୍ରାଣ ହୁଏ ଉଦ୍ଦଣ୍ଡ, ସ୍ୱେଚ୍ଛାଚାରୀ, ଭୀରୁ, ଭୟଗ୍ରସ୍ତ, ବିଷୟାସକ୍ତ, ଚଞ୍ଚଳ, କାମନାବାସନାର ଦାସ । ସେଥିରେ ଆସେ ଆବେଗ, ଉତ୍ତେଜନା, ନିରୁତ୍ସାହିତା, ମ୍ରିୟମାଣତା, ବିଷାଦ । ପ୍ରାଣାବେଗରେ ବ୍ୟକ୍ତି ହୁଏ ହତଜ୍ଞାନ, ପତଙ୍ଗ ସଦୃଶ ବିଷୟାଗ୍ନିରେ ଦିଏ ଝାସ, ସେଥିରେ ଜଳିପୋଡ଼ି ହୁଏ ଦଗ୍ଧ । ବ୍ରହ୍ମଚର୍ଯ୍ୟ ନଷ୍ଟରେ ଶରୀର ହୁଏ ଦୁର୍ବଳ, ତାମସିକ, ତେଜୋହୀନ, ଶକ୍ତିହୀନ ଏବଂ ରୋଗଯୁକ୍ତ; ରୋଗକୁ ପ୍ରତ୍ୟାଖ୍ୟାନ କରିବାର ଶକ୍ତି ନଷ୍ଟ ହୁଏ । ସେ ପରିଚାଳିତ ହୁଏ ମନ ଓ ପ୍ରାଣ ଦ୍ୱାରା । ଶରୀରର ନିଜସ୍ୱ କର୍ତ୍ତୃତ୍ୱ କିଛି ନ ଥାଏ । ଏହି ମନ, ପ୍ରାଣ ସର୍ବଦା ଅତ୍ୟାଚାର କରନ୍ତି ଶରୀର ଉପରେ । ଶରୀରର ଅବସ୍ଥା ବିଚାର ନ କରି ଜୋର୍ ଜବରଦସ୍ତିରେ ନିଜ ବାସନାକାମନା ପୂର୍ଣ୍ଣ କରନ୍ତି ତାହାରି ଦ୍ୱାରା । ସ୍ଥୂଳ କର୍ମ ହୁଏ କେବଳ ଶରୀରରେ । ମନ-ପ୍ରାଣର ଅବିବେକିତା ତଥା ଅତ୍ୟାଚାର ଯୋଗୁଁ ଶରୀର ଦୁର୍ବଳ ଓ ରୋଗଗ୍ରସ୍ତ ହୁଏ, ଅସମୟରେ ବୃଦ୍ଧତ୍ୱ ଆକ୍ରମଣ କରେ, ଉତ୍ସାହ, ସୌନ୍ଦର୍ଯ୍ୟ, ନେତ୍ର, ଶ୍ରବଣ ଆଦିର ଶକ୍ତି ନଷ୍ଟ ହୁଏ । ଏହି ମନ, ପ୍ରାଣର ଜ୍ଞାନ, ବିବେକ ଓ ସତ୍ୟଦୃଷ୍ଟି ନ ଥାଏ । ଏହିସବୁ ବିଦ୍ୟମାନ ଥାଏ ଆତ୍ମାରେ । କିନ୍ତୁ ଏହି ସମସ୍ତ ଅଶୁଦ୍ଧ, ଅସଂସ୍କୃତ ମନ-ପ୍ରାଣର କ୍ରିୟା ଦ୍ୱାରା ଆତ୍ମା ଆବୃତ ଥାଏ । ବ୍ରହ୍ମଚର୍ଯ୍ୟ ପାଳନରେ ଆତ୍ମା ଜାଗ୍ରତ୍ ହୁଏ, ମନ, ପ୍ରାଣ, ଶରୀରକୁ ଯଥାର୍ଥ ମାର୍ଗରେ ପରିଚାଳିତ କରେ । ମନ, ପ୍ରାଣ, ଶରୀର ଯଦ୍ୟପି ଆସିଛନ୍ତି ଭଗବାନଙ୍କଠାରୁ ତଥାପି ସେମାନେ ହୋଇଛନ୍ତି ବିକୃତ; ଭୁଲି ଯାଇଛନ୍ତି ନିଜ ଜ୍ଞାନକୁ । ଆତ୍ମା ରହିଛି ଅବିକୃତ, ଶୁଦ୍ଧ । ସେ ଭଗବତ୍ ସ୍ୱରୂପ ବା ପ୍ରତିଭୂ । ତା' ମଧ୍ୟରେ ଭଗବତ୍ ଜ୍ଞାନ ଆନନ୍ଦାଦି ଗୁଣ ବିଦ୍ୟମାନ । ସେ ଜାଗ୍ରତ ହେଲେ ମନ ପ୍ରାଣ-ଶରୀରକୁ ଯଥାର୍ଥ ହିତାହିତ ସତ୍ୟପ୍ରେରଣା ଦିଏ, ନିୟନ୍ତ୍ରିତ ଏବଂ ସଂଯମିତ କରେ ।

ମନୁଷ୍ୟ ମଧ୍ୟରେ ଶାନ୍ତି, ସମତା, ଅହିଂସା, ନିଃସ୍ୱାର୍ଥପରତା, ଦୟା, କରୁଣା, ସହୃଦୟତା, ଜ୍ଞାନ, ବିବେକ, ଆନନ୍ଦ, ଶକ୍ତି ଇତ୍ୟାଦି ଯେଉଁସବୁ ସଦ୍‌ଗୁଣ ଉତ୍ପନ୍ନ ହୁଅନ୍ତି, ତାହାସବୁ ଭଗବାନଙ୍କ ଦିବ୍ୟଗୁଣ । ଏହି ସବୁ ଦିବ୍ୟଗୁଣ ଥାଏ ଆତ୍ମାରେ, କାରଣ ଆତ୍ମା ଭଗବାନଙ୍କ ସହ ଅଭେଦ୍ୟ, ଏକ; ଆତ୍ମା ଜାଗ୍ରତ୍ ହେଲେ ସ୍ୱତଃସ୍ଫୂର୍ତ୍ତ ଭାବେ ଏହିସବୁ ସଦ୍‌ଗୁଣ ବ୍ୟକ୍ତିକୁ ପ୍ରାପ୍ତ ହୁଏ । କିନ୍ତୁ ଆତ୍ମାର ବିକାଶ ହୁଏ ବ୍ରହ୍ମଚର୍ଯ୍ୟ ପାଳନରେ । ଏହି କାରଣରୁ ସଦ୍‌ଗୁଣ ପ୍ରାପ୍ତି ସକାଶେ ବ୍ରହ୍ମଚର୍ଯ୍ୟ ପାଳନ ଆବଶ୍ୟକ ।

ବ୍ରହ୍ମଚର୍ଯ୍ୟ ପାଳନ ଏବଂ ଆତ୍ମବିକାଶ ବିନା ବ୍ୟକ୍ତି ବ୍ୟାୟାମ ଦ୍ୱାରା ଶାରୀରିକ ବଳ ପ୍ରାପ୍ତ ହେଲେ ତାହା ଅନ୍ୟର ଅହିତ କାର୍ଯ୍ୟରେ ପ୍ରୟୋଗ କରେ । ଅଧିକ ନୃଶଂସ ହେଲେ ଗୁଣ୍ଡା, ଡାକୁ, ଚୋର ହୁଏ ।

ମନୁଷ୍ୟର ମନ ପରି ପ୍ରାଣ ମଧ୍ୟ କେବେ ବି ସ୍ୱାଧୀନ ନୁହେଁ । ସେ ପରିଚାଳିତ ହୁଏ ଅଜ୍ଞାନ ଅନ୍ଧକାର ଶକ୍ତି ଦ୍ୱାରା କିଂବା ଆତ୍ମା ଏବଂ ଭାଗବତୀ ଶକ୍ତି ଦ୍ୱାରା । ଯେଉଁ ଲୋକର ପ୍ରାଣ ଶକ୍ତିଶାଳୀ, ସେ ଯଦି ଆତ୍ମା ଏବଂ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୁଏ ତେବେ ସେ ସଂସାରରେ ହିତ ସକାଶେ ମହାନ୍ କାର୍ଯ୍ୟ କରିପାରେ । ସେହି ବ୍ୟକ୍ତି ଯଦି ଅନ୍ଧକାର ଶକ୍ତି ଦ୍ୱାରା ପରିଚାଳିତ ହୁଏ, ତେବେ ସେ ନିଜ ପ୍ରଭାବରେ ବହୁତ ଶକ୍ତିଶାଳୀ ବ୍ୟକ୍ତିଙ୍କୁ ପ୍ରଭାବିତ କରେ, ସଂସାରର ଅହିତକର କାର୍ଯ୍ୟ ବହୁପରିମାଣରେ କରେ । ତା' ପ୍ରଭାବରେ ସାଧାରଣ ବ୍ୟକ୍ତି ଭଲମନ୍ଦ ବିଚାର ନ କରି ପ୍ରଭାବିତ ହୁଅନ୍ତି । ଏହା ଇତିହାସ, ପୁରାଣ, ଇତ୍ୟାଦିରେ ଆମ୍ଭେମାନେ ପଢ଼ିଛୁ ଏବଂ ବର୍ତ୍ତମାନ ମଧ୍ୟ ଦେଖୁଛୁ । ଅଜ୍ଞାନ ଅନ୍ଧକାର ଶକ୍ତିର ଯନ୍ତ୍ର ହୋଇଛନ୍ତି ହିରଣ୍ୟକଶିପୁ, ରାବଣ, କଂସ, ଦୁର୍ଯ୍ୟୋଧନ, ହିଟ୍‌ଲର ତଥା ସତ୍ୟବିରୋଧୀ ଅନ୍ୟ ପ୍ରଭାବଶାଳୀ ନେତାମାନେ । ଏମାନଙ୍କ ସଦୃଶ ଆଚରଣ କରିବା ବ୍ୟକ୍ତିଙ୍କର ବୁଦ୍ଧି ଯେତେ ତୀକ୍ଷ୍ଣ, ପ୍ରାଣ ଯେତେ ପ୍ରବଳ ଏବଂ କର୍ମ ଯେତେ ବିଚକ୍ଷଣ ଓ ପ୍ରଭାବଶାଳୀ ହେଉ ପଛକେ, ଏମାନଙ୍କର ବିବେକ ନ ଥାଏ । ଏମାନଙ୍କ ଦ୍ୱାରା ସଂସାରରେ ସର୍ବଦା ଅହିତକର କର୍ମ ହୁଏ । ଆତ୍ମା ତଥା ଭାଗବତୀ ଶକ୍ତିର ଯନ୍ତ୍ର ହେଉଛନ୍ତି ପ୍ରାଣପ୍ରବଳ, କର୍ମବିଚକ୍ଷଣ, ବ୍ୟକ୍ତି ହନୁମାନ, ଭୀଷ୍ମପିତାମହ, ଅର୍ଜୁନ, ପ୍ରହ୍ଲାଦ, ବଳି ଇତ୍ୟାଦି ।

ଏମାନଙ୍କ ମଧ୍ୟରେ ହନୁମାନ ହେଉଛନ୍ତି ନୈଷ୍ଠିକ ବ୍ରହ୍ମଚାରୀ । ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ଯୋଗୁଁ ତାଙ୍କର ଶରୀର ଥିଲା ବଜ୍ର ସଦୃଶ, ନମନୀୟ ଏବଂ ସଚେତନ । ସେ ଇଚ୍ଛାନୁସାରେ ଛୋଟ ବଡ଼ ଶରୀର ଧାରଣ କରିପାରୁଥିଲେ, ରୁଦ୍ଧ ଗୃହରେ ପ୍ରବେଶ କରିପାରୁଥିଲେ, ଇଚ୍ଛା କରିବା ମାତ୍ରେ ଅନ୍ୟ ସ୍ଥାନରେ ପହଞ୍ଚି ପାରୁଥିଲେ । ତାଙ୍କର ଶରୀର ଥିଲା ଗ୍ରହଣକ୍ଷମ ଏବଂ ଅତୁଳନୀୟ ବଳଶାଳୀ । ସେ ଯେତେବେଳେ ଯେତେ ଶକ୍ତି ଚାହୁଁଥିଲେ ତାହା ପ୍ରାପ୍ତ ହେଉଥିଲେ । ତାଙ୍କର ଥିଲା ଅଗାଧ ପାଣ୍ଡିତ୍ୟ । ସେ ଥିଲେ ବେଦ, ଉପନିଷଦ୍, ପୁରାଣ, ଶାସ୍ତ୍ରାଦିର ମହାନ୍ ଜ୍ଞାତା, ରାଜନୀତିରେ ମହାନ୍ ନିପୁଣ, ସତ୍ୟବାଦୀ, ଧର୍ମନିଷ୍ଠ । ସେ ଜାଗତିକ କାର୍ଯ୍ୟରେ ଯେପରି ଦକ୍ଷ ଥିଲେ, ସେହିପରି ଥିଲେ ଅଧ୍ୟାତ୍ମ ବିଦ୍ୟା ତଥା ଅଧ୍ୟାତ୍ମ ଅନୁଭୂତିରେ ।

ହନୁମାନ ଥିଲେ ଅଧ୍ୟାତ୍ମ ବିଦ୍ୟାର ଆଶ୍ଚର୍ଯ୍ୟ । ବାଲ୍ମୀକିଙ୍କ ପରି ଋଷି ହନୁମାନଙ୍କୁ ''ଜ୍ଞାନୀନାମଗ୍ରଗଣ୍ୟମ୍'' (ଜ୍ଞାନୀମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ) ଉପାଧି ଦେଇଛନ୍ତି । ସେ ଭକ୍ତମାନଙ୍କ ମଧ୍ୟରେ ଶିରୋମଣି । ତାଙ୍କ ସେବା ଏବଂ ଭକ୍ତିରେ ଶ୍ରୀରାମଚନ୍ଦ୍ର ବଶ ହୋଇଥିଲେ । ଶ୍ରୀରାମଙ୍କ ଗାଦିଗ୍ରହଣ ସମୟରେ ନିଜ ଶରୀରମଧ୍ୟସ୍ଥ ପ୍ରତ୍ୟେକ ସ୍ଥାନରେ ରାମନାମ ଅଙ୍କିତ ହୋଇଥିବାର ପ୍ରମାଣ ହୃଦୟ ଚମଡ଼ା ଚିରି ସେ ଦେଖାଇ ଦେଇଥିଲେ । ସେ ରୋଗ, ଜରା, ମୃତ୍ୟୁର ଅଧୀନରୁ ମୁକ୍ତ ହୋଇଥିଲେ । ସେ ଏହା କରିପାରିଥିଲେ ବ୍ରହ୍ମଚର୍ଯ୍ୟ ଅଖଣ୍ଡରୂପେ ପାଳନ କରିଥିବାରୁ । ବ୍ରହ୍ମଚର୍ଯ୍ୟ ଏପରି ଗୋଟିଏ ଦିବ୍ୟ ଅସାଧାରଣ ବସ୍ତୁ ଯାହାକୁ ରକ୍ଷା କଲେ ବ୍ୟକ୍ତି ସ୍ଥୂଳ ଶରୀର ଏବଂ ସଂସାର କାର୍ଯ୍ୟରେ ଯେପରି ଉନ୍ନତି କରିପାରେ, ସେହିପରି ଅଧ୍ୟାତ୍ମ ମାର୍ଗରେ ସଫଳତା ଏବଂ ଦିବ୍ୟଗୁଣ ସମୂହ ପ୍ରାପ୍ତ କରି ଭଗବାନଙ୍କ ସହିତ ସମସ୍ତ ସତ୍ତାରେ ଏକ ହୋଇ ଭାଗବତୀ ଶକ୍ତିଙ୍କ ଦ୍ୱାରା ପରିଚାଳିତ ହୁଏ । ସେ ପରମାନନ୍ଦ ଓ ପରମ ଶାନ୍ତିରେ ନିବାସ କରେ ।

ପିତାମହ ଭୀଷ୍ମ ବ୍ରହ୍ମଚର୍ଯ୍ୟ ପାଳନ କରିଥିବାରୁ ୧୪୮ ବର୍ଷ ବୟସରେ ବୃଦ୍ଧ ଅବସ୍ଥାରେ, ସେସମୟର ୭୫ ବର୍ଷୀୟ ପୂର୍ଣ୍ଣ ଯୁବକ ଅର୍ଜୁନଙ୍କ ସହିତ ଘୋର ସଂଗ୍ରାମ କରିବାକୁ ସକ୍ଷମ ହୋଇଥିଲେ । ପିତାମହ ଭୀଷ୍ମ ସେନାପତି

ଥିବା ପର୍ଯ୍ୟନ୍ତ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କ ରଥରେ ସାରଥି ଥିବା ସତ୍ତ୍ୱେ ସେ ପ୍ରତିଦିନ ଯୁଦ୍ଧରେ ବିଜୟୀ ହୋଇ ଫେରୁଥିଲେ । ତାଙ୍କ ଭକ୍ତିର ଶ୍ରେଷ୍ଠତା ଯୋଗୁଁ ତାଙ୍କ ପ୍ରତିଜ୍ଞା ରକ୍ଷା କରିବା ସକାଶେ ଶ୍ରୀକୃଷ୍ଣଙ୍କୁ ନିଜ ପ୍ରତିଜ୍ଞା ଛାଡ଼ିବାକୁ ହୋଇଥିଲା । ଜ୍ଞାନରେ ଶ୍ରେଷ୍ଠତ୍ୱ ଯୋଗୁଁ ବଡ଼ ବଡ଼ ଋଷି ମହର୍ଷି ତାଙ୍କ ପାଖକୁ ସତ୍‌ସଙ୍ଗ କରିବାକୁ ଆସୁଥିଲେ । ଏହା ଥିଲା ବ୍ରହ୍ମଚର୍ଯ୍ୟର ପ୍ରଭାବ । ବ୍ରହ୍ମଚର୍ଯ୍ୟ ଏପରି ଏକ ଅମୋଘ ଅବ୍ୟର୍ଥ ଦିବ୍ୟ ଅସ୍ତ୍ର ଯାହାର ଧାରଣରେ ବ୍ୟକ୍ତି ସମସ୍ତ କ୍ଷେତ୍ରରେ ବିଜୟୀ ହୋଇପାରେ ।

କ୍ରମବିବର୍ତ୍ତନର ଭିତ୍ତି ବ୍ରହ୍ମଚର୍ଯ୍ୟ :

କ୍ରମବିବର୍ତ୍ତନ ନିର୍ଭର କରେ ବ୍ରହ୍ମଚର୍ଯ୍ୟ ପାଳନ ଉପରେ । ବ୍ରହ୍ମଚର୍ଯ୍ୟ ପାଳନରେ ବ୍ୟକ୍ତି ଅପରା ପ୍ରକୃତିର ଅଜ୍ଞାନ ସ୍ତରକୁ ଅତିକ୍ରମ କରି ପରା ଶକ୍ତିର ଜ୍ଞାନ, ଆନନ୍ଦ ସ୍ତରରେ ପ୍ରବେଶ କରିପାରେ । ବ୍ରହ୍ମଚର୍ଯ୍ୟ ପାଳନ ବିନା ବ୍ୟକ୍ତି ଅଜ୍ଞାନ ସ୍ତରରେ କୋଟି କୋଟି ବର୍ଷ ଜନ୍ମ-ମରଣ ଆବର୍ତ୍ତନରେ ଭ୍ରମୁଥାଏ ।

କ୍ରମବିକାଶର ଦୁଇଟି ସ୍ତର । ଗୋଟିଏ ଅଜ୍ଞାନ ବା ଅପରା ପ୍ରକୃତି ସ୍ତର, ଅନ୍ୟଟି ଜ୍ଞାନ ବା ପରା ପ୍ରକୃତିର ସ୍ତର । ଅଜ୍ଞାନ ସ୍ତର ଜଡ଼ରୁ ମନୋମୟ ମନୁଷ୍ୟ ପର୍ଯ୍ୟନ୍ତ । ଜ୍ଞାନ ସ୍ତର ହେଉଛି ଅତିମାନସ ବିଜ୍ଞାନ ଏବଂ ଆନନ୍ଦ । ଏହି ଅଜ୍ଞାନ ଓ ଜ୍ଞାନର ସ୍ତର ମନୁଷ୍ୟ ମଧ୍ୟରେ ବିଦ୍ୟମାନ । ଉପନିଷଦୀୟ ଭାଷାରେ ଅନ୍ନମୟ କୋଷ, ପ୍ରାଣମୟ କୋଷ, ମନୋମୟ କୋଷ, ବିଜ୍ଞାନ ଏବଂ ଆନନ୍ଦମୟ କୋଷ ରହିଛି । ଅନ୍ନମୟ କୋଷ ଜଡ଼ ବା ଶରୀର, ପ୍ରାଣମୟ କୋଷ ପ୍ରାଣ, ମନୋମୟ କୋଷ ମନ । ଅଜ୍ଞାନ ସ୍ତରରେ ଏହି ତିନି କୋଷର ବିକାଶ ହୋଇଛି । ଜ୍ଞାନ ସ୍ତରର ଅତିମାନସ ବିଜ୍ଞାନ ଏବଂ ଆନନ୍ଦ କୋଷ ବର୍ତ୍ତମାନ ଅପ୍ରକାଶ୍ୟ । ଏହି ପାଞ୍ଚ କୋଷ ପ୍ରକାଶ ହେଲେ ମନୁଷ୍ୟର ହୁଏ ପୂର୍ଣ୍ଣତା । ଏହି ପୂର୍ଣ୍ଣତା ପ୍ରାପ୍ତ କରିବା ହେଲା ଭଗବାନଙ୍କ ସଂକଳ୍ପରେ କ୍ରମବିକାଶର ବିଧାନ । ଅଜ୍ଞାନ ସ୍ତର ମନୋମୟ କୋଷ ମନୁଷ୍ୟ ପର୍ଯ୍ୟନ୍ତ ବିକାଶ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ବିନା ଚଳେ । କିନ୍ତୁ ମନୋମୟ କୋଷକୁ ଅତିକ୍ରମ କରି ଅତିମାନସ ବିଜ୍ଞାନ କୋଷରେ ପ୍ରବେଶ କରିବା ସକାଶେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ଏକାନ୍ତ ଆବଶ୍ୟକ । ମନୁଷ୍ୟର ବ୍ରହ୍ମଚର୍ଯ୍ୟ ମହାନ୍ ତେଜୋମୟ ତଥା ସାରବସ୍ତୁ । ଏହାହିଁ ମନ, ପ୍ରାଣ, ଶରୀରକୁ ଜ୍ୟୋତିଃ, ଶକ୍ତି, ଜ୍ଞାନରେ ଉଦ୍ଭାସିତ କରେ । ଏହା ନଷ୍ଟ ହୁଏ ଅଜ୍ଞାନଶକ୍ତିର ପ୍ରଭାବରେ ପାଶବିକ କ୍ରିୟା ଦ୍ୱାରା । ଯେପର୍ଯ୍ୟନ୍ତ ବ୍ୟକ୍ତିର ବ୍ରହ୍ମଚର୍ଯ୍ୟରୂପକ ମହାନ୍ ଶକ୍ତି ନଷ୍ଟ ହେଉଥାଏ ସେପର୍ଯ୍ୟନ୍ତ ସେ ଭାଗବତ ଦିବ୍ୟଗୁଣ ପରମାନନ୍ଦ ପରମଜ୍ଞାନକୁ ଧାରଣ କରିପାରେ ନାହିଁ । ବ୍ୟକ୍ତିକୁ ଅଜ୍ଞାନ ଅନ୍ଧକାରରେ ଆବଦ୍ଧ କରି ନିଜ ଶାସନରେ ରଖିବା ସକାଶେ ଅଜ୍ଞାନ ଶକ୍ତି ମନୁଷ୍ୟକୁ ବ୍ରହ୍ମଚର୍ଯ୍ୟ ନଷ୍ଟ କରିବାରେ ପ୍ରେରଣା ଦେଉଥାଏ । ବ୍ୟକ୍ତି ଏହି ଶକ୍ତିର କବଳରୁ ମୁକ୍ତ ହୁଏ ଭଗବାନଙ୍କ ଆଶ୍ରୟ ନେଲେ । ଏହି କାରଣରୁ ସମସ୍ତ ସମ୍ପ୍ରଦାୟର ଅଧ୍ୟାତ୍ମ ସାଧକ ତଥା ପୂର୍ଣ୍ଣଯୋଗର ସାଧକମାନଙ୍କୁ ଭାଗବତ ଶକ୍ତିର ଆଶ୍ରୟରେ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ହୁଏ । ଏହାଛଡ଼ା ବିଜ୍ଞାନ, ଆନନ୍ଦ, ସିଦ୍ଧି କଦାପି ସମ୍ଭବ ହୁଏ ନାହିଁ । ଅତଏବ କ୍ରମବିକାଶ ବ୍ରହ୍ମଚର୍ଯ୍ୟ ପାଳନକୁ ଭିତ୍ତି କରି ଅତିମାନସ ବିଜ୍ଞାନ ତଥା ଆନନ୍ଦରେ ପହଞ୍ଚିବା ସକାଶେ କ୍ରମଶଃ ଅଗ୍ରସର ହେଉଅଛି ।

କ୍ରମବିବର୍ତ୍ତନର ପ୍ରଣାଳୀ :

କ୍ରମବିକାଶ ଆରମ୍ଭ ହୋଇଛି ଶୂନ୍ୟ ଅନ୍ଧକାରରୁ । ଏହା ଜଡ଼, ତରୁ, ଲତା, କୀଟପତଙ୍ଗ, ପଶୁପକ୍ଷୀ ମଧ୍ୟଦେଇ ମନୁଷ୍ୟରେ ପହଞ୍ଚିଅଛି । ପ୍ରାଣର ପ୍ରକାଶ ହୋଇଛି ଗୁଳ୍ମଲତାରେ ଏବଂ କ୍ରିୟାଶୀଳ ହୋଇଛି ପଶୁପକ୍ଷୀରେ । ପଶୁ ସ୍ତରରେ ପ୍ରାଣ ପ୍ରଧାନ । ପଶୁ ପର୍ଯ୍ୟନ୍ତ ଥିଲା ଅଜ୍ଞାନତାର ପ୍ରାଧାନ୍ୟ । ପଶୁମାନଙ୍କର ବିବେକ ବୁଦ୍ଧି ନ ଥିଲା, ସେମାନେ ଅଜ୍ଞାନଶକ୍ତି ଦ୍ୱାରା ପରିଚାଳିତ ହୋଇ ଭୋଜନ, ନିଦ୍ରା, ପ୍ରାଣର ବାସନା ପୂର୍ଣ୍ଣ କରୁଥିଲେ । ଅଧିକ ମାତ୍ରାରେ ବ୍ରହ୍ମଚର୍ଯ୍ୟ ନଷ୍ଟ କରିବା ଯୋଗୁଁ ସେମାନଙ୍କର ପରମାୟୁ କମ୍ ହେଉଥିଲା । ମନୋମୟ ସ୍ତରରେ ବୁଦ୍ଧି, ବିବେକ ମନୁଷ୍ୟକୁ ପ୍ରାପ୍ତ

ହେବାରୁ ଅଜ୍ଞାନତାର ପ୍ରଭାବ ପଶୁତୁଳନାରେ କିଛି କମ୍ ହେଲା । ସେମାନେ ବ୍ରହ୍ମଚର୍ଯ୍ୟକୁ ପଶୁ ଅପେକ୍ଷା ଅଧିକ ସଂଯତ କରିପାରିଲେ ଏବଂ ଅଧିକଦିନ ଜୀବନଧାରଣ କରିପାରିଲେ ।

ମନୁଷ୍ୟ ବ୍ରହ୍ମଚର୍ଯ୍ୟ ଧାରଣରେ ସଂଯମ ହେବା ସକାଶେ ଭଗବାନଙ୍କ ଦ୍ୱାରା ଚତୁଃବର୍ଣ୍ଣର ବ୍ୟବସ୍ଥା ହେଲା ଏବଂ ନୈତିକତାର ସୃଷ୍ଟି ହେଲା । ପଶୁମାନେ ପ୍ରାଣର ଆବେଗମାତ୍ରେ ଯେପରି ବ୍ରହ୍ମଚର୍ଯ୍ୟ ନଷ୍ଟ କରୁଥିଲେ, ମନୁଷ୍ୟମାନେ ବର୍ଣ୍ଣ ଏବଂ ନୈତିକ ଧର୍ମର ନିୟମ ପାଳନ କରିବା ଯୋଗୁଁ ପଶୁ ସଦୃଶ ବ୍ରହ୍ମଚର୍ଯ୍ୟ ନଷ୍ଟ ନ କରି କିଛି ଅଂଶରେ ସଂଯମରକ୍ଷା କରିପାରିଲେ । ତେଣୁ ସେମାନେ ବୁଦ୍ଧି ଏବଂ ବିବେକ ଶକ୍ତିକୁ ଧାରଣ କରିବାରେ ସକ୍ଷମ ହେଲେ । ମନୁଷ୍ୟ ମଧ୍ୟରେ ଯେଉଁମାନେ ଅଧିକ ବ୍ରହ୍ମଚର୍ଯ୍ୟ ନଷ୍ଟ କଲେ ସେମାନେ ବିବେକ ଧାରଣ କରିପାରିଲେ ନାହିଁ, ଯେଉଁମାନେ ବ୍ରହ୍ମଚର୍ଯ୍ୟ ଧାରଣରେ ସଂଯମଶକ୍ତି ପ୍ରୟୋଗ କଲେ ସେମାନଙ୍କ କିଛି ଅଂଶରେ ବିବେକ ଉତ୍ପନ୍ନ ହେଲା; କାରଣ ଉତ୍କୃଷ୍ଟ ବସ୍ତୁ ଧାରଣ କରିବାରେ ବ୍ରହ୍ମଚର୍ଯ୍ୟ ହେଉଛି ଆଧାର ।

ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି—

''ଚାତୁର୍ବର୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ ।''

(ଗୀତା : ଅ. ୪, ଶ୍ଲୋ. ୧୩)

''ଗୁଣ ଏବଂ କର୍ମର ବିଭାଗ ଅନୁସାରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏବଂ ଶୂଦ୍ର— ଏହି ଚାରିବର୍ଣ୍ଣର ବିଭାଗ ମୁଁ କରିଛି ।''

ବର୍ଣ୍ଣଧର୍ମ ଓ ନୈତିକତା ଦ୍ୱାରା ବ୍ରହ୍ମଚର୍ଯ୍ୟ ସଂଯମ :

ପ୍ରାଣମୟ ପଶୁ ସ୍ତର ପରେ ହେଲା ମନୋମୟ ମାନବର ସୃଷ୍ଟି । କ୍ରମଶଃ ବ୍ରହ୍ମଚର୍ଯ୍ୟ ସଂଯମ ବା ନିରୋଧ କରିବା ସକାଶେ ହେଲା ଅନ୍ତ୍ୟଜ, ଶୂଦ୍ର, ବୈଶ୍ୟ, କ୍ଷତ୍ରିୟ ଏବଂ ବ୍ରାହ୍ମଣ, ବର୍ଣ୍ଣଧର୍ମ ଏବଂ ନୈତିକ ଧର୍ମର ବ୍ୟବସ୍ଥା । ଅନ୍ତ୍ୟଜଠାରୁ ବ୍ରାହ୍ମଣ ପର୍ଯ୍ୟନ୍ତ ନର ଏବଂ ନାରୀ ନିବାସ କଲେ ଗୋଟିଏ ପରିବାରରେ, ଚଳପ୍ରଚଳ ହେଲେ ଗୋଟିଏ ଗ୍ରାମରେ କିନ୍ତୁ ଭାଇଭଉଣୀ, ମାତା-ପୁତ୍ରର ସମ୍ବନ୍ଧ ରହିଲା । ବ୍ୟବସ୍ଥା ହେଲା ଉପଯୁକ୍ତ ବୟସରେ ପାରିବାରିକ ଏବଂ ନିକଟସ୍ଥ ପାରିବାରିକ ସଂପର୍କ ବ୍ୟତୀତ ସ୍ୱବର୍ଣ୍ଣରେ ଶାସ୍ତ୍ରନିୟମ ଅନୁସାରେ ସ୍ତ୍ରୀ-ପୁରୁଷର ବିବାହ ପ୍ରଥା । ଅନ୍ତ୍ୟଜ ଏବଂ ଶୂଦ୍ର ସମାଜରେ ମଧ୍ୟ ନିର୍ଦ୍ଧାରିତ ହେଲା ଏହି ନିୟମ । କିନ୍ତୁ ସେ ସମାଜରେ ପତିର ମୃତ୍ୟୁ ପରେ ସ୍ତ୍ରୀ ଇଚ୍ଛାକଲେ ଅନ୍ୟ ପୁରୁଷକୁ ପୁନର୍ବାର ବିବାହ କରିପାରୁଥିଲା ଅଥବା ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରୁଥିଲା । ପାତିବ୍ରତ୍ୟ ଧର୍ମ ପାଳନ ପଛା ଭାରତବର୍ଷରେ ଅନ୍ତ୍ୟଜଠାରୁ ଉଚ୍ଚବର୍ଣ୍ଣ ବ୍ରାହ୍ମଣ ସମାଜରେ ପ୍ରଚଳିତ ଥିଲା । କିନ୍ତୁ ବିଶେଷ ରୂପେ ଏହା ପାଳିତ ହେଉଥିଲା ବୈଶ୍ୟ, କ୍ଷତ୍ରିୟ, ବ୍ରାହ୍ମଣ ସମାଜରେ । ପାତିବ୍ରତ୍ୟ ଧର୍ମାନୁସାରେ ସ୍ତ୍ରୀମାନେ ନିଜ ନିଜ ପତି ଦ୍ୱାରା ସନ୍ତାନ ଉତ୍ପାଦନ କରୁଥିଲେ । ନିଜ ପତି ବ୍ୟତୀତ ଅନ୍ୟ ପୁରୁଷ ଦ୍ୱାରା ବ୍ରହ୍ମଚର୍ଯ୍ୟ ନଷ୍ଟ କରିବା ମହାନ୍ ପାପ ବୋଲି ନିର୍ଦ୍ଧାରିତ ହୋଇଥିଲା । ଏହି ବର୍ଣ୍ଣରେ ପତିର ମୃତ୍ୟୁ ହେଲେ ସ୍ତ୍ରୀ ନୈଷ୍ଠିକ ବ୍ରହ୍ମଚର୍ଯ୍ୟ ପାଳନ କରୁଥିଲା, ଅନ୍ୟ ପୁରୁଷକୁ ବିବାହ କରିବାର ପଛା ନ ଥିଲା ।

ମନୁଷ୍ୟ-ସୃଷ୍ଟିର ଆରମ୍ଭରେ ସମସ୍ତ ମନୁଷ୍ୟ ଆସିଥିଲେ ପଶୁ ସ୍ତରରୁ । ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କର ପଶୁଧର୍ମ ଅଧିକ ନଷ୍ଟ ହୋଇଥିଲା ସେମାନେ ଉତ୍ତମ କର୍ମ କରୁଥିଲେ । ସେମାନଙ୍କ ଉତ୍ତମ କର୍ମାନୁସାରେ ସେମାନଙ୍କୁ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ବର୍ଣ୍ଣରେ ବିଭକ୍ତ କରାଗଲା ।

ଏହିସବୁ ବର୍ଣ୍ଣ ବ୍ୟବସ୍ଥା କରାହୋଇଥିଲା ବ୍ରହ୍ମଚର୍ଯ୍ୟର ସଂଯମ ଉଦ୍ଦେଶ୍ୟରେ । କାରଣ ସୃଷ୍ଟି ସର୍ଜନାର ଉଦ୍ଦେଶ୍ୟ ଥିଲା ମନୁଷ୍ୟ ମଧ୍ୟରେ ଭଗବାନଙ୍କୁ ଅଭିବ୍ୟକ୍ତ କରିବା ଏବଂ ପୃଥିବୀକୁ ସ୍ୱର୍ଗରେ ପରିଣତ କରିବା । ଏହା ହୋଇପାରେ

ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା । ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରାହିଁ ଉତ୍ତମ ଜୀବନ ପ୍ରାପ୍ତ ହୁଏ ବୋଲି ସମସ୍ତ ଅଧ୍ୟାତ୍ମ ସାଧନାରେ ଏହାକୁ ପ୍ରାଧାନ୍ୟ ଦିଆ ହୋଇଛି ।

ବ୍ରହ୍ମଚର୍ଯ୍ୟ ପାଳନର ମହତ୍ତ୍ୱ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ସ୍ୱଲିଖିତ ବାଣୀ ଏଠାରେ ଉଦ୍ଧାର କରାଗଲା :

"I don't think harm ever occurs when there is a true spiritual effort at mastery and abstinence. It is now held by many medical men in Europe that sexual abstinence, if it is genuine, is beneficial; for the element in the retas which serves the sexual act is then changed into its other element which feeds the energies of the system, mental, vital and physical and that justifies the Indian idea of brahmacharya, the transformation of retas into ojas and the raising of its energies upward so that they change into a spiritual force."

''ମୁଁ ମନେକରେ ନାହିଁ ପୂର୍ଣ୍ଣ ପ୍ରଭୁତ୍ୱ ଓ ନିବୃତ୍ତି ନିମିତ୍ତ ଯଥାର୍ଥ ଆଧ୍ୟାତ୍ମିକ ପ୍ରୟାସରେ କୌଣସି କ୍ଷତି ହୋଇପାରେ । ବର୍ତ୍ତମାନ ବହୁ ୟୁରୋପୀୟ ଚିକିତ୍ସକଙ୍କ ମତ ଏହି ଯେ କାମବିରତି ଯଦି ଯଥାର୍ଥରେ ଖାଣ୍ଟି ହୁଏ ତେବେ ତାହା ଉପକାରୀ ହୋଇପାରେ । କାରଣ ରେତଃ ମଧ୍ୟସ୍ଥ ଯେଉଁ ବସ୍ତୁଟି ସାଧାରଣତଃ ଯୌନକ୍ରିୟାରେ ବ୍ୟୟିତ ହୁଏ, ତାହା ପରିଣତ ହୁଏ ତନ୍ମଧ୍ୟସ୍ଥ ଅନ୍ୟ ଏକ ବସ୍ତୁରେ ଯାହା ମନ-ପ୍ରାଣ-ଶରୀର ଶକ୍ତିରାଜିର ଆହାର୍ଯ୍ୟ ଯୋଗାଏ ଓ ଏହାହିଁ ଭାରତୀୟ ବ୍ରହ୍ମଚର୍ଯ୍ୟବାଦର ଯଥାର୍ଥକୁ ପ୍ରମାଣିତ କରେ, ରେତଃ ଓଜଃରେ ପରିଣତ ହୁଏ ଏବଂ ରେତଃସ୍ଥ ଶକ୍ତିସମୂହକୁ ଊର୍ଦ୍ଧ୍ୱମୁଖୀ କରିବା ଫଳରେ ସେମାନେ ଏକ ଆଧ୍ୟାତ୍ମିକ ଶକ୍ତିରେ ପରିବର୍ତ୍ତିତ ହୋଇପାରନ୍ତି ।''

ବ୍ରହ୍ମଚର୍ଯ୍ୟ ପାଳନର ପ୍ରଣାଳୀ :

(୧) ବ୍ରହ୍ମଚର୍ଯ୍ୟ ପାଳନର ପ୍ରଧାନ ତଥା ଏକମାତ୍ର ପ୍ରଣାଳୀ ହେଲା ଜୀବନର ଯଥାର୍ଥ ଲକ୍ଷ୍ୟ ଗ୍ରହଣ । ବ୍ୟକ୍ତିର ଲକ୍ଷ୍ୟ : ପ୍ରତ୍ୟେକ ସତ୍ତାରେ ଭଗବତ୍ ଉପଲବ୍ଧି । ଏହା ପ୍ରାପ୍ତ ହୁଏ ବ୍ରହ୍ମଚର୍ଯ୍ୟ ପାଳନରେ । ବ୍ୟକ୍ତି ଏହାକୁ ହୃଦୟଙ୍ଗମ କଲେ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ପ୍ରାଣପଣେ ଚେଷ୍ଟା କରେ । ସାଧାରଣ ବ୍ୟକ୍ତିଗଣ ଜୀବନର ଲକ୍ଷ୍ୟ ସମ୍ବନ୍ଧରେ ଅଜ୍ଞ ଥାଆନ୍ତି, ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ ତଥା ଉପାଦେୟତା ବୁଝନ୍ତି ନାହିଁ, ସେହି ସକାଶେ ତାହା ନଷ୍ଟ କରନ୍ତି । ବ୍ରହ୍ମଚର୍ଯ୍ୟଧାରଣର ସ୍ଥୂଳକ୍ରିୟା 'ହଠଯୋଗ'ରେ ଅଛି । କିନ୍ତୁ ତାହା ଅତ୍ୟନ୍ତ ବିପଜ୍ଜନକ । ଉତ୍ତମ ଗୁରୁ ଅଭାବରୁ ସେହି କ୍ରିୟା ସିଦ୍ଧି ହେବା ପରିବର୍ତ୍ତେ ଶରୀରରେ ନାନାପ୍ରକାର ରୋଗ ଓ ମାନସିକ ଦୁଶ୍ଚିନ୍ତାର କାରଣ ହେଉଅଛି । ଅଧିକାଂଶ ବ୍ୟକ୍ତି ନାନାପ୍ରକାର ଅସାଧାରଣ ରୋଗର କବଳରେ ପଡ଼ି ଜୀବନକୁ ପୂର୍ଣ୍ଣରୂପେ ନଷ୍ଟ ତଥା ଦୁଃଖମୟ କରୁଛନ୍ତି ।

(୨) ଦୁଶ୍ଚରିତ୍ର ବାଳକ-ବାଳିକାମାନଙ୍କ ସଙ୍ଗ ସର୍ବଦା ତ୍ୟାଜ୍ୟ । କାମୋଦ୍ଦୀପକ ସିନେମା, ଗଳ୍ପ, ଉପନ୍ୟାସ ଏବଂ ସାଙ୍ଗସାଥୀଙ୍କ ସହ ଅଶ୍ଳୀଳ କଥୋପକଥନ ସର୍ବଥା ତ୍ୟାଜ୍ୟ ।

(୩) ମଦ, ଅଫିମ, ଗଞ୍ଜାଇ, ଭାଙ୍ଗ ଆଦି ସମସ୍ତ ପ୍ରକାର ମାଦକଦ୍ରବ୍ୟ ଏବଂ ସିଗାରେଟ୍, ବିଡ଼ି, ପିକା ଆଦି ଧୂମପାନ, ଧୂଆଁପତ୍ର, ଗୁଣ୍ଡି ଆଦି ସର୍ବଥା ନିଷେଧ ।

(୪) ବାଳକ ବାଳିକାମାନେ ପରସ୍ପରକୁ ଦୋଷଦୃଷ୍ଟିରେ ନ ଦେଖି ଆତ୍ମଭାବ ବା ଭାଇଭଉଣୀ ଭାବ ରଖିବେ ।

(୫) ନିୟମିତ ଭୋଜନ, ନିୟମିତ ବିଶ୍ରାମ ତଥା ଭୋର ୪ଟାରେ ଶଯ୍ୟାତ୍ୟାଗ ଆବଶ୍ୟକ ।

(୬) ଲୋଭବଶତଃ ଆବଶ୍ୟକତାରୁ ଅଧିକ ଭୋଜନ ସର୍ବଥା ବର୍ଜନୀୟ । ଏହା ଦ୍ୱାରା ବ୍ରହ୍ମଚର୍ଯ୍ୟ ନଷ୍ଟ ହୁଏ, ହଜମଶକ୍ତି ନଷ୍ଟ ହୁଏ, ଉଦରର ପରିପାକକାରୀ ଯନ୍ତ୍ର ଦୁର୍ବଳ ହୋଇପଡ଼େ ।

(୭) ବ୍ୟାୟାମ ତଥା ଆସନ ବ୍ରହ୍ମଚର୍ଯ୍ୟପାଳନରେ ବିଶେଷ ସହାୟକ । ପ୍ରତ୍ୟେକ ବ୍ୟକ୍ତି ବ୍ୟାୟାମ ଏବଂ ଆସନ ଉଭୟ କରିବା ଉଚିତ ।

(୮) ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ସକାଶେ ଅନିବାର୍ଯ୍ୟରୂପେ ସମସ୍ତ ବ୍ୟକ୍ତି ଆଜନ୍ମ ବ୍ରହ୍ମଚର୍ଯ୍ୟପାଳନ କରିବା ଏକାନ୍ତ ଆବଶ୍ୟକ । ଯେଉଁ ବ୍ୟକ୍ତି ଏହା କରିବାରେ ଅସମର୍ଥ, ସେମାନେ ବିବାହ ପର୍ଯ୍ୟନ୍ତ ଅବଶ୍ୟ ବ୍ରହ୍ମଚର୍ଯ୍ୟ ରକ୍ଷା କରିବେ । ବିବାହ ପରେ ସଂଯତରୂପେ ବ୍ରହ୍ମଚର୍ଯ୍ୟ ରକ୍ଷା କରି ଦୁଇଟି ସନ୍ତାନ ହେବା ପରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ନିଶ୍ଚିତରୂପେ ପାଳନ କରିବେ ।

(୯) ଯେଉଁ ଛାତ୍ରଛାତ୍ରୀ ଜୀବନର ସର୍ବାଙ୍ଗୀଣ ବିକାଶ ଅର୍ଥାତ୍ ସାଂସାରିକ କାର୍ଯ୍ୟରେ ଦକ୍ଷତା, ଅନ୍ତରରେ ପରମାନନ୍ଦ, ପରମ ଶାନ୍ତି ଏବଂ ଜୀବନର ଉନ୍ନତି ତଥା ଦେଶର ଏବଂ ସମଗ୍ର ସଂସାରର ଉନ୍ନତି କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ଚାହାନ୍ତି, ସେମାନଙ୍କୁ ଜୀବନର ଲକ୍ଷ୍ୟ ଗ୍ରହଣ କରି ଏହିସବୁ ନିୟମ ପାଳନ କରିବାକୁ ହେବ ।

(୧୦) ପ୍ରତ୍ୟହ ଶୋଇବା ସମୟରେ କିଛି ସମୟ ମା'ଙ୍କୁ ହୃଦୟରେ ଧ୍ୟାନ କର ଏବଂ 'ମା' ଏହି ନାମ ଉଚ୍ଚାରଣ କରି ଶୋଇଯାଅ । ନିଦ ଆସିବା ପର୍ଯ୍ୟନ୍ତ ନାମ ସ୍ମରଣ କରୁଥାଅ ।

ଉଠିବା ସଙ୍ଗେ ସଙ୍ଗେ ମା'ଙ୍କୁ ହୃଦୟରେ ଧ୍ୟାନ କର ଏବଂ ନାମ ସ୍ମରଣ କର । ବିଛଣାରୁ ଉଠି ଯେକୌଣସି କର୍ମ କର, ସେତେବେଳେ ମା'ଙ୍କ ନାମ ସ୍ମରଣ କରୁଥାଅ ।

ପୂର୍ଣ୍ଣାଙ୍ଗ ଶିକ୍ଷାରେହିଁ ଜୀବନର ଉନ୍ନତି

ଛାତ୍ରର ଶିକ୍ଷାହିଁ ଜୀବନର ଉନ୍ନତିର ଆଧାର । କୃଷି ବେଉଷଣ ସଦୃଶ ଛାତ୍ର ଜୀବନରେ ଯେଉଁ ଶିକ୍ଷା, ଯେଉଁ ସଦ୍‌ଗୁଣ ପ୍ରାପ୍ତ ହୋଇଥାଏ ତାହା ସମସ୍ତ ଜୀବନରେ ବିକଶିତ ହୁଏ । କୃଷିର ଉପଯୁକ୍ତ ସମୟରେ ବେଉଷଣ ନ ହେଲେ ଯେପରି ଆଶାନୁରୂପ ଶସ୍ୟ ପ୍ରାପ୍ତ ହୁଏ ନାହିଁ, ସେହିପରି ଛାତ୍ରଜୀବନରେ ସର୍ବାଙ୍ଗୀଣ ଶିକ୍ଷା ପ୍ରାପ୍ତ ନ ହେଲେ ଜୀବନ ମହତ୍, ଉଦାର ଓ ସୁଖଶାନ୍ତିମୟ ହୁଏ ନାହିଁ କିଂବା ସେ ନିଜର, ପରିବାରର, ଦେଶର ତଥା ସଂସାରର ହିତସାଧନ କରିପାରେ ନାହିଁ । ବ୍ୟାୟାମରେ ଶରୀରର ବିକାଶ, କର୍ମରେ ପ୍ରାଣର ବିକାଶ, ଭୌତିକ ବିଦ୍ୟାଶିକ୍ଷାରେ ମନର ବିକାଶ ଅଧ୍ୟାତ୍ମ ବିଦ୍ୟାଶିକ୍ଷାରେ ଆତ୍ମବିକାଶ ହୁଏ । ଏହି ଚାରି ସତ୍ତାର ବିକାଶରେ ବ୍ୟକ୍ତିକୁ ପୂର୍ଣ୍ଣତା ପ୍ରାପ୍ତ ହୁଏ । ଛାତ୍ରଛାତ୍ରୀମାନେ ଏହି ସର୍ବାଙ୍ଗୀଣ ଶିକ୍ଷା ପ୍ରାପ୍ତ ହେବା ଉଚିତ ।

ମନୁଷ୍ୟ ମନ-ପ୍ରାଣ-ଶରୀର ତଥା ଆତ୍ମାର ସଂଯୋଗରେ ହୁଏ ବ୍ୟକ୍ତି । ଏହି ଚାରି ସତ୍ତା ମଧ୍ୟରୁ ଗୋଟିଏ ସତ୍ତା ଅବିକଶିତ ରହିଲେ ଜୀବନ ହୁଏ ଅପୂର୍ଣ୍ଣ, ଅଙ୍ଗହୀନ ପ୍ରତିମା ସଦୃଶ ।

ଶରୀର :

ମନ, ପ୍ରାଣ ତଥା ଆତ୍ମାର ଆଧାର ଶରୀର, ତାହାରି ଦ୍ୱାରା କର୍ମ ସଂପାଦନ ହୁଏ, କିନ୍ତୁ ସେ ଜଡ଼, ତା'ର କର୍ମକାରିଣୀ ଶକ୍ତିର ଅଭାବ । ସେ ମନ, ପ୍ରାଣ ତଥା ଆତ୍ମା ଦ୍ୱାରା ପରିଚାଳିତ ହୁଏ । ସେ ନିରୀହ ସେବକ । ମନ, ପ୍ରାଣ ଓ ଆତ୍ମା ଏହି ତିନି ସତ୍ତା ମଧ୍ୟରୁ ଯେଉଁଟି ବଳବାନ୍ ହୁଏ ତାହାରି ଆଜ୍ଞା ସେ ପାଳନ କରେ । ଶରୀର ବିକାଶ ପ୍ରାପ୍ତ ହୁଏ ସୁନ୍ଦର, ସୁଢଳ, ସବଳ ତଥା ନୀରୋଗ ହୁଏ ବ୍ୟାୟାମ ଦ୍ୱାରା ।

ପ୍ରାଣ :

ପ୍ରାଣ, ଏହା କର୍ମ କରିବାର ଶକ୍ତି । ସେ ବାସନା-କାମନାରେ ପୂର୍ଣ୍ଣ ଭୋଗବିଳାସରେ ଆସକ୍ତ, ଜ୍ଞାନ-ବିବେକଶୂନ୍ୟ ରାକ୍ଷସ ସଦୃଶ । ବିକଶିତ ମନ-ବୁଦ୍ଧି ଆତ୍ମାର ପ୍ରଭାବରେ ଯେତେ ପ୍ରଭାବିତ ହୁଏ, ପ୍ରାଣ ଏବଂ ଶରୀରକୁ ସେତେ ସତ୍ୟ ଏବଂ ଯଥାର୍ଥ ମାର୍ଗରେ ପରିଚାଳିତ କରେ । ଅନ୍ୟଥା ପ୍ରାଣ ମନକୁ ଯନ୍ତ୍ର କରି ଶରୀର ଦ୍ୱାରା ଚୋରି,

ଡକାୟତି, ହିଂସାତ୍ମକ କର୍ମ କରେ, ଅନ୍ୟର ସର୍ବନାଶ କରି ନିଜର ଆଧିପତ୍ୟ ଓ ଅଧିକାର ବିସ୍ତାର କରେ । ପ୍ରାଣର ବିକାଶ ହୁଏ କର୍ମରେ ।

ମନୋ-ବୁଦ୍ଧି :

ସମସ୍ତ ପ୍ରକାର କୌଶଳ ମନ-ବୁଦ୍ଧିର । କର୍ମ ସଂପାଦନ କରିବାର ପ୍ରଣାଳୀ ସେ ଜାଣେ । କିନ୍ତୁ ସେ ନିଜେ ଦୁର୍ବଳ । ପ୍ରାଣର ଆଜ୍ଞାନୁକାରୀ ସେବକରୂପେ ତା'ର ଆଜ୍ଞାନୁସାରେ ଅନ୍ୟ ଉପରେ ଆଧିପତ୍ୟ ବିସ୍ତାର କରିବା, ଅନ୍ୟଦେଶକୁ ଅଧିକାର କରିବା, ନାମ-ଯଶ ଓ କାମନା-ବାସନା ପୂରଣ କରିବାର କୌଶଳ ସେ କରିଦିଏ । ଯଦି ସେ ଆତ୍ମାର ପ୍ରଭାବ ଅଜ୍ଞାତରୂପେ ପାଏ ତେବେ ତା'ର ବିବେକ ଉତ୍ପନ୍ନ ହୁଏ । ସେ ପ୍ରାଣର ଭୃତ୍ୟ ନ ହୋଇ କେତେକାଂଶରେ ତା'ର ପ୍ରଭୁ ହୁଏ ଏବଂ ତାକୁ ନୈତିକ ପ୍ରଣାଳୀରେ ସତ୍ ମାର୍ଗରେ ପରିଚାଳିତ କରେ । ମନୋ-ବୁଦ୍ଧିର ବିକାଶ ହୁଏ ଭୌତିକ ବିଦ୍ୟା ଶିକ୍ଷାରେ ।

ଆତ୍ମା :

ଆତ୍ମା ସତ୍ୟ, ଜ୍ଞାନ, ଆନନ୍ଦ ଓ ପରମଶାନ୍ତିର ସ୍ୱରୂପ । ସେ ଜାଗ୍ରତ୍ ବା ବିକଶିତ ହେଲେ ମନ-ପ୍ରାଣ ଶରୀରକୁ ସତ୍ୟ ଓ ଯଥାର୍ଥ ମାର୍ଗରେ ପରିଚାଳିତ କରେ; ମନୁଷ୍ୟ ମଧ୍ୟରେ ସୁପ୍ତ ଥିବା ଜ୍ଞାନ, ବିବେକ, ଆନନ୍ଦ ଓ ପରମଶାନ୍ତିକୁ କ୍ରମଶଃ ଜାଗ୍ରତ୍ କରେ । ଏହି ଆତ୍ମପ୍ରକାଶ ବିନା ମନୁଷ୍ୟର ମନ-ପ୍ରାଣ-ଶରୀରର ବିକାଶ ହେଲେ ସେ ରାବଣ, ହିରଣ୍ୟାକ୍ଷ, ସିଜର ଓ ଆଲେକ୍‌ଜାଣ୍ଡାର ସଦୃଶ ମହାନ୍ ଶକ୍ତିଶାଳୀ ହୋଇ ବହୁଦେଶ ଅଧିକାର କରିପାରେ କିଂବା ସଂସାରର ଅନ୍ୟାନ୍ୟ କ୍ଷେତ୍ରରେ ମହାନ୍ ଉନ୍ନତି କରି ଶ୍ରେଷ୍ଠ ଆଇନଜ୍ଞ, ଡାକ୍ତର, ଇଞ୍ଜିନିୟର ବା ବିଜ୍ଞାନବେତ୍ତା ହୋଇପାରେ । କିନ୍ତୁ ସଂସାରର ସମସ୍ତ ବ୍ୟକ୍ତିଙ୍କର ଯେଉଁ ଗୋଟିଏ ଲକ୍ଷ୍ୟ ପରମାନନ୍ଦ, ପରମଶାନ୍ତି, ତାହା ପାଇପାରେ ନାହିଁ କିଂବା ତାହା ପୃଥିବୀରେ ପ୍ରତିଷ୍ଠା ହେବାରେ ଅଂଶଗ୍ରହଣ କରିପାରେ ନାହିଁ । ଆତ୍ମା ଜାଗ୍ରତ୍ ହୁଏ ଅଧ୍ୟାତ୍ମ ଶିକ୍ଷା ଦ୍ୱାରା । ଜାଗ୍ରତ୍ ଆତ୍ମାର ଅଭୀପ୍ସା ତଥା ସମର୍ପଣରେ ଅତିମାନସ ଶକ୍ତି ବ୍ୟକ୍ତିର ମନ-ପ୍ରାଣ-ଶରୀରର ରୂପାନ୍ତର କରେ ।

ଲକ୍ଷ୍ୟ

ସଂସାରର ସମସ୍ତ ଶ୍ରେଣୀର ସମସ୍ତ ବ୍ୟକ୍ତି ଅଜ୍ଞାତ ବା ଜ୍ଞାତରେ ଚାହାନ୍ତି ପରମାନନ୍ଦ, ପରମଶାନ୍ତି । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହା ପ୍ରାପ୍ତ ହୁଏ ମନୁଷ୍ୟର ମନ-ପ୍ରାଣ-ଶରୀର ତା'ର ମୂଳ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେଲେ । ତେବେ ସେ ହୁଏ ରୋଗ, ଜରା ଓ ମୃତ୍ୟୁରୁ ମୁକ୍ତ । ଆଜି ପର୍ଯ୍ୟନ୍ତ ଲକ୍ଷ୍ୟ ସ୍ପଷ୍ଟ ନ ଥିବାରୁ ଓ ଉପାୟ ଭ୍ରମପୂର୍ଣ୍ଣ ହୋଇଥିବାରୁ ବ୍ୟକ୍ତି ତାହା ପ୍ରାପ୍ତ କରିପାରି ନାହିଁ । ବର୍ତ୍ତମାନ ତା'ର ସମୟ ଆସିଛି । ମା ଓ ଶ୍ରୀଅରବିନ୍ଦ ମନୁଷ୍ୟ ସମ୍ମୁଖରେ ଜୀବନର ଯଥାର୍ଥ ଲକ୍ଷ୍ୟ ଉପସ୍ଥାପିତ କରିଅଛନ୍ତି ଏବଂ ମନୁଷ୍ୟକୁ ସାହାଯ୍ୟ କରିବା ସକାଶେ ଅତିମାନସ ମହାଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି । ବ୍ୟକ୍ତି ସଚେତ ହୋଇ ଚାହିଁଲେ ମା'ଙ୍କ ସାହାଯ୍ୟ ପୂର୍ଣ୍ଣରୂପେ ପାଇବ ଏବଂ ଲକ୍ଷ୍ୟସିଦ୍ଧି କରିପାରିବ ।

ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ପୂର୍ବ ନୀତିନିୟମସବୁ ଭାଙ୍ଗିଯାଇଛି, ବୃଦ୍ଧି ହୋଇଛି ଅନ୍ୟାୟ, ଅସତ୍ୟ, ବିଶୃଙ୍ଖଳା, ହିଂସା, ଦ୍ୱେଷ, ଚୋରି, ଡକାୟତି ଇତ୍ୟାଦି । ଏହି ଅନ୍ୟାୟ, ନୀତିନିୟମ, ରାଜନୈତିକ ଶାସନ, ଆଇନ୍‌କାନୁନ୍ କିଂବା ପୁରାତନ ଯୋଗପଦ୍ଧତି ଓ ଧର୍ମନୀତି ଦ୍ୱାରା ଦୂର ହେବ ନାହିଁ । ହେବ ଶ୍ରୀଅରବିନ୍ଦଙ୍କ ଶିକ୍ଷା ଦ୍ୱାରା ନୂତନ ସତ୍ୟକୁ ଗ୍ରହଣ କରିବାରେ । ତାହା ଫଳରେ ଅନ୍ତରରେ ପ୍ରତିଷ୍ଠା ହେବ ପରମ ସୁଖ, ପରମ ଶାନ୍ତି, ଜାଗ୍ରତ୍ ହେବ ସମସ୍ତ କର୍ମଶକ୍ତି, ମିଳନ ହେବ କର୍ମ ଏବଂ ଅଧ୍ୟାତ୍ମ ସତ୍ୟର । ସତ୍ୟ ଭିତ୍ତିରେ ହେବ ଜାଗତିକ କର୍ମ, ତେବେ ହେବ ଜୀବନର ପୂର୍ଣ୍ଣତା; ବ୍ୟକ୍ତି

ନିବାସ କରିବ ପରମାନନ୍ଦରେ ଓ ସଂସାରରେ ପ୍ରତିଷ୍ଠା ହେବ ସ୍ୱର୍ଗରାଜ୍ୟ । ଏହି ପୂର୍ଣ୍ଣାଙ୍ଗ ଜୀବନ ପ୍ରାପ୍ତି ସକାଶେ ଛାତ୍ରଛାତ୍ରୀମାନଙ୍କୁ ସର୍ବାଙ୍ଗୀଣ ଶିକ୍ଷା– ବ୍ୟାୟାମ, କର୍ମ, ଭୌତିକ ବିଦ୍ୟା ତଥା ଅଧ୍ୟାତ୍ମ ବିଦ୍ୟା ପ୍ରାପ୍ତ ହେବା ଉଚିତ ।

ଆବଶ୍ୟକ ନିୟମ :

ମନ-ପ୍ରାଣ-ଶରୀର ତଥା ଆତ୍ମବିକାଶ ଦ୍ୱାରା ଜାଗତିକ କର୍ମ ସହିତ ଅଧ୍ୟାତ୍ମ ସତ୍ୟର ମିଳନ, ନିଜ ମଧ୍ୟରେ ସୁପ୍ତ କର୍ମଶକ୍ତିର ଜାଗୃତି ଓ ଜୀବନକୁ ମହାନ୍, ଐଶ୍ୱର୍ଯ୍ୟଶାଳୀ, ସୁଖଶାନ୍ତିମୟ କରିବା ସକାଶେ ଏହି ନିମ୍ନଲିଖିତ ନିୟମ ଛାତ୍ରଛାତ୍ରୀମାନେ ପାଳନ କରିବା ଉଚିତ ।

(୧) ମା'ଙ୍କ ଫଟୋ ଆଖି ଖୋଲି ଦେଖ, ପରେ ଆଖି ବନ୍ଦ କରି ଦେଖ । ହୃଦୟ ଗଭୀରରେ ଦେଖିବାକୁ ଚେଷ୍ଟା କର । ଯଦି ବିଚାର ଆସି ଏକାଗ୍ରତା ନଷ୍ଟ କରେ ତେବେ ଫଟୋ ଧ୍ୟାନ ସଙ୍ଗେ ସଙ୍ଗେ ମସ୍ତକ ଊର୍ଦ୍ଧ୍ୱରୁ ଶାନ୍ତି ଏବଂ ଏକାଗ୍ରତା ଅବତରଣ କରୁଥିବାର ସଂକଳ୍ପ କର ଏବଂ ଅପେକ୍ଷା କର । ଏହିପରି କଲେ ପାଞ୍ଚ ସାତ ମିନିଟ୍ ମନ ଏକାଗ୍ର ହୋଇପାରେ । ପରେ ଧ୍ୟାନର ସମୟ କ୍ରମଶଃ ବଢ଼ାଅ ।

(୨) କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଘରୁ ଯିବା ପୂର୍ବରୁ ମା'ଙ୍କୁ ଧ୍ୟାନ ଏବଂ ନାମ ସ୍ମରଣ କରି କାର୍ଯ୍ୟ କର କିଂବା ଯାତ୍ରା କର । ସବୁ ସମୟରେ ମା'ଙ୍କ ନାମ ସ୍ମରଣ କର ।

(୩) ପ୍ରତିଦିନ କିଛି ସମୟ ଅନ୍ତତଃ ଦଶ ମିନିଟ୍ ପ୍ରତ୍ୟେକ ଛାତ୍ର ଏବଂ ଛାତ୍ରୀ ''ପୂର୍ଣ୍ଣାଙ୍ଗ ଶିକ୍ଷା'', ''ଛାତ୍ରଜୀବନରେ ଉନ୍ନତିର ମାର୍ଗ'', ''ଦିବ୍ୟଯୁଗ ସ୍ଥାପନାରେ ନାରୀ'', ''ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ'', ''ଗାର୍ହସ୍ଥ୍ୟ ଧର୍ମ'' ପ୍ରଭୃତି ବହି ପଢ଼ିବା ଉଚିତ ।

(୪) ପ୍ରତ୍ୟେକ କର୍ମ ନିୟମିତ ରୂପେ ନିର୍ଦିଷ୍ଟ ସମୟରେ କରିବେ ଏବଂ ବିଦ୍ୟାଳୟକୁ ଠିକ୍ ସମୟରେ ଯିବେ ।

(୫) ସତ୍ୟ ଆଚରଣ, ସତ୍ୟ ଭାଷଣ ଏକାନ୍ତ ଆବଶ୍ୟକ । କହିବା କଥା ଅନ୍ୟଥା କରିବା ଏକେବାରେ ଅନୁଚିତ ।

(୬) ଯଦି ସକାଳେ ଆସନ ବା ବ୍ୟାୟାମ କର ତେବେ ସନ୍ଧ୍ୟା ସମୟରେ ଖୋଲା ବାୟୁରେ ଏକ ଦୁଇ ମାଇଲ ରାସ୍ତା ଦ୍ରୁତ ଗତିରେ ଚାଲ । ଯଦି ସନ୍ଧ୍ୟାରେ ଆସନ କିଂବା ବ୍ୟାୟାମ କର ତେବେ ସକାଳେ ଭ୍ରମଣ କର ।

(୭) ଭୋଜନ ସମର୍ପଣ କର । ପ୍ରତ୍ୟେକ ଗ୍ରାସ ନିଜ ମଧ୍ୟରେ ଥିବା ଭଗବତ୍ ସ୍ୱରୂପ ଆତ୍ମା ଗ୍ରହଣ କରୁଛନ୍ତି, ଏହି ଧାରଣା କରି ଭୋଜନ କର ।

(୮) ଯେଉଁମାନେ ଆଜୀବନ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ନ କରନ୍ତି, ସେମାନେ ବିବାହ ପର୍ଯ୍ୟନ୍ତ ଅବଶ୍ୟ ବ୍ରହ୍ମଚର୍ଯ୍ୟ ପାଳନ କରିବା ଆବଶ୍ୟକ । ବିବାହ ପରେ ବି ବ୍ରହ୍ମଚର୍ଯ୍ୟ ସଂଯମ ରଖିବେ । ଦୁଇଟି ସନ୍ତାନ ହେବା ପରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ଚେଷ୍ଟା କରିବେ । ବ୍ରହ୍ମଚର୍ଯ୍ୟ ପାଳନ ବିନା ଉନ୍ନତ ଆଦର୍ଶଜୀବନ ଅସମ୍ଭବ ।

(୯) ସମସ୍ତପ୍ରକାର ଧୂମପାନ ଏବଂ ମାଦକଦ୍ରବ୍ୟ ସେବନ ସର୍ବଥା ନିଷେଧ । ଏସବୁ ସ୍ୱାସ୍ଥ୍ୟ ତଥା ପୂର୍ଣ୍ଣାଙ୍ଗ ଜୀବନର ଘୋର ବାଧକ ।

(୧୦) ପୂର୍ଣ୍ଣାଙ୍ଗ ବିକାଶ ଲାଗି ସତ୍ୟାନ୍ୱେଷୀ ଛାତ୍ରଛାତ୍ରୀମାନେ ଯେଉଁଠାରେ ଦୁଇରୁ ଅଧିକ ଥିବେ, ସେମାନେ ସ୍କୁଲରେ, ଛାତ୍ରାବାସରେ କିଂବା ନିଜ ନିଜ ଘରେ ଶ୍ରୀଅରବିନ୍ଦ ଛାତ୍ରସମାଜ ବା ଶ୍ରୀଅରବିନ୍ଦ ପାଠଚକ୍ର ସ୍ଥାପନ କରିବେ । ପାଠଚକ୍ର ଏବଂ ଛାତ୍ରସମାଜ ତତ୍ତ୍ୱତଃ ଏକହିଁ ଅନୁଷ୍ଠାନ ।

ସପ୍ତାହରେ ଗୋଟିଏ ନିର୍ଦିଷ୍ଟ ଦିନ ନିର୍ଦିଷ୍ଟ ସମୟରେ ପୂର୍ବନିର୍ଦିଷ୍ଟ ସ୍ଥାନରେ ଏକତ୍ର ହୁଅ । ମା' ଓ ଶ୍ରୀଅରବିନ୍ଦଙ୍କ ଫଟୋକୁ ପୁଷ୍ପରେ ସଜାଅ, ଧୂପ ଦିଅ, ନୀରବରେ ପାଞ୍ଚ ମିନିଟ୍ ଧ୍ୟାନ କର । ପରେ ଉପରିଲିଖିତ ବହି ଜଣେ ପଢ଼ନ୍ତୁ । ଅନ୍ୟମାନେ ଶୁଣନ୍ତୁ । ଏହି ବହିପଢ଼ା ସରିଲେ ଲୋକସାହିତ୍ୟ ତଥା ମା' ଓ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ପଢ଼ିବେ । ଏକ ଘଣ୍ଟା ଆଲୋଚନା ପରେ କିଛି ସମୟ ଧ୍ୟାନ କରି ସଭା ଭଙ୍ଗ କରିବେ ।

(୧୧) ଏହି ଅନୁଷ୍ଠାନ ସମୟରେ କୌଣସି ପ୍ରକାର ଗପ ଏକେବାରେ ନିଷେଧ । ପାଠଚକ୍ର ବା ଛାତ୍ରସମାଜର

ଯେଉଁ ମେମ୍ବରମାନେ ଯୋଗ ଦେଇଥିବେ ସେମାନଙ୍କ ନାମ, ଯେଉଁ ବହି ପଢ଼ା ହୋଇଥାଏ ତା'ର ନାମ, ଯଦି ପ୍ରଶ୍ନ ଥାଏ ତାହା ଲେଖି ପ୍ରତି ମାସର ଶେଷ ସପ୍ତାହରେ ନବଜ୍ୟୋତି କାର୍ଯ୍ୟାଳୟକୁ ପଠାଇବେ ।

(୧୨) ଫେବ୍ରୁଆରି ୨୧ ରେ ମା'ଙ୍କ ଜନ୍ମଦିନ, ଏପ୍ରିଲ ୨୪ରେ ମା'ଙ୍କ ଆସିବା ଦିନ, ଅଗଷ୍ଟ ୧୫ ରେ ଶ୍ରୀଅରବିନ୍ଦଙ୍କ ଜନ୍ମଦିନ, ନଭେମ୍ବର ୨୪ରେ ମା'ଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସ । ଏହି ଦିନମାନଙ୍କରେ ମା' ଦର୍ଶନ ଦେଉଥିଲେ । ଏହିସବୁ ଦିନରେ ଅନ୍ୟ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ଡାକି ସଭା କରିପାରନ୍ତି ।

(୧୩) ମନ-ପ୍ରାଣ-ଶରୀର ରୂପାନ୍ତରର ଏହି ମହାନ୍ କାର୍ଯ୍ୟ କୌଣସି ବ୍ୟକ୍ତି ନିଜ ତପସ୍ୟା ବା ସାଧନା ଦ୍ୱାରା କରିପାରେ ନାହିଁ । ଏହା ହୁଏ ମା'ଙ୍କ ଦ୍ୱାରା । ବ୍ୟକ୍ତିକୁ କରିବାକୁ ହୁଏ ଅଭୀପ୍ସା, ସମର୍ପଣ ତଥା ପ୍ରତିକୂଳ ବସ୍ତୁର ତ୍ୟାଗ । ଏହାରି ଦ୍ୱାରା ଆମ୍ଭମାନଙ୍କ ଆଧାର ପ୍ରସ୍ତୁତ ହେଲେ ଅତିମାନସ ଶକ୍ତି ଆମ୍ଭମାନଙ୍କ ମନ-ପ୍ରାଣ-ଶରୀରର ରୂପାନ୍ତର କରିବ ଏବଂ ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା କରିବ । ଏହି ସକାଶେ ଆମ୍ଭମାନଙ୍କୁ ଉପରିଲିଖିତ ନିୟମ ପାଳନ କରିବାକୁ ହେବ । ଯେଉଁମାନେ ଏହା କରିପାରିବେ ସେହିମାନେ ହେବେ ନୂତନ ସତ୍ୟଯୁଗର ଅଗ୍ରଦୂତ । ଏହାଛଡ଼ା ଅନ୍ୟ କୌଣସି ଉପାୟରେ ବ୍ୟକ୍ତିର ସର୍ବାଙ୍ଗୀଣ ବିକାଶ ହେବ ନାହିଁ କିଂବା ବ୍ୟକ୍ତି ମଧ୍ୟରେ ତଥା ସଂସାରରେ ସୁଖ। ଶାନ୍ତି ସ୍ଥାପନା ହୋଇପାରିବ ନାହିଁ ।

ପୂର୍ଣ୍ଣାଙ୍ଗ ଶିକ୍ଷାର ସଫଳତା
(ପ୍ରଶ୍ନୋତ୍ତର)

ପ୍ରଶ୍ନ : ପୂର୍ଣ୍ଣାଙ୍ଗ ଶିକ୍ଷା ଯେ ସଫଳତା ହାସଲ କରିବ, ଏ ଆଶା ନାହିଁ । ଗାନ୍ଧିଜିଙ୍କ ମୌଳିକ ଶିକ୍ଷା ଏବଂ ରବୀନ୍ଦ୍ରନାଥଙ୍କର ଶାନ୍ତିନିକେତନରେ ପ୍ରବର୍ତ୍ତିତ ଶିକ୍ଷାର ଯେଉଁ ଦଶା ହେଲା, ପୂର୍ଣ୍ଣାଙ୍ଗ ଶିକ୍ଷାର ଶେଷ ପରିଣତି ତାହାହିଁ ହେବ । କାରଣ ପୂର୍ଣ୍ଣାଙ୍ଗ ଶିକ୍ଷାକୁ ସମାଜରେ ପ୍ରୟୋଗ କଲା ବେଳ ଆସି ନାହିଁ; ଉପଯୁକ୍ତ ଶିକ୍ଷକ ମଧ୍ୟ ନାହାନ୍ତି ।

ଉତ୍ତର : ଠିକ୍ ଏହିପରି ତୀବ୍ର, କଠୋର ସନ୍ଦେହ, ଅକଳ୍ପନୀୟ ବାଧାବିଘ୍ନ ହୋଇଥିଲା ସ୍ୱରାଜ ଆନ୍ଦୋଳନ ସମୟରେ । ତାହା ହେବା ସତ୍ତ୍ୱେ ଯେପରି ଭାରତ ସ୍ୱତନ୍ତ୍ର ହୋଇଥିଲା ସେହିପରି ପୂର୍ଣ୍ଣାଙ୍ଗ ଶିକ୍ଷାରେ ସନ୍ଦେହ ଏବଂ ବାଧାବିଘ୍ନ ହେବା ସତ୍ତ୍ୱେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରଚଳିତ ହେବ । ଭାରତର ସ୍ୱରାଜ ଆନ୍ଦୋଳନ ସମୟରେ ପ୍ରଧାନ ପ୍ରାଧାନ ଅଳ୍ପ କେତେକ ନେତା ଆରମ୍ଭକଲେ । କିନ୍ତୁ ବ୍ରିଟିଶ ଗଭର୍ଣ୍ଣମେଣ୍ଟ ଅଫିସର ସହିତ ଅଧିକାଂଶ ବ୍ୟକ୍ତି କହୁଥିଲେ, ''ସ୍ୱରାଜ ଆନ୍ଦୋଳନ କରିବା ବ୍ୟକ୍ତି ଭାରତବର୍ଷର ସର୍ବନାଶ କରୁଅଛନ୍ତି । ୧୮୮୮ରେ ସିପାହି ବିଦ୍ରୋହ ଯେପରି ବିଫଳ ହୋଇଥିଲା ଏବଂ ଭାରତର ସର୍ବନାଶ କରିଥିଲା, ଏହି ଆନ୍ଦୋଳନ ମଧ୍ୟ ବିଫଳ ହେବ ଏବଂ ବ୍ରିଟିଶ ସରକାର ଦ୍ୱାରା ଭାରତର ବହୁ ଧନ, ଜନ ନଷ୍ଟ ହେବ । ଭାରତ ସ୍ୱତନ୍ତ୍ର ହେବାର ସମୟ ଆସି ନାହିଁ ।'' ଭାରତ ସ୍ୱତନ୍ତ୍ର ହେବା ପର୍ଯ୍ୟନ୍ତ ବହୁସଂଖ୍ୟକ ବ୍ୟକ୍ତିଙ୍କର ଏହି ଧାରଣା ଥିଲା । ଭାରତ ସ୍ୱତନ୍ତ୍ର ହେବାକୁ ଭାଇସ୍‌ରାୟ ଘୋଷଣା କରିସାରିଥିଲେ । ମୁଁ ଜଣେ ଆଇ. ସି. ଏସ୍. ଅଫିସରଙ୍କୁ ପଚାରିଲି, ''ବ୍ରିଟିଶ ସରକାର ଘୋଷଣା କରିସାରିଲେଣି, ଏବେ ତ ଭାରତ ସ୍ୱାଧୀନ ହୋଇଯିବ !'' ସେ ଦୃଢ଼ତା ସହିତ କହିଲେ, ''ଅସମ୍ଭବ !'' ବ୍ରିଟିଶ ମହାନ୍ କୌଶଳୀ ତଥା ଶକ୍ତିଶାଳୀ; ଭାରତକୁ ସ୍ୱତନ୍ତ୍ରତା କଦାପି ଦେବ ନାହିଁ । ଏହିପରି କହିବ, ଶେଷ ମୁହୂର୍ତ୍ତରେ ଏପରି କୌଶଳ କରିବ ଯେ ଭାରତ ସ୍ୱତନ୍ତ୍ରତା ପାଇପାରିବ ନାହିଁ ।'' ଏହାର ଅଳ୍ପଦିନ ପରେ ଭାରତ ସ୍ୱତନ୍ତ୍ର ହେଲା ।

କୌଣସି ଉତ୍ତମ କାର୍ଯ୍ୟ ଆରମ୍ଭ ହୁଏ ଅଳ୍ପ ବ୍ୟକ୍ତିଙ୍କ ଦ୍ୱାରା । ଅବିଶ୍ୱାସ, ସନ୍ଦେହ କରନ୍ତି ବହୁତ ବ୍ୟକ୍ତି । ଏହା ନୂତନ କଥା ନୁହେଁ, ଅନାଦି କାଳରୁ ଉତ୍ତମ କାର୍ଯ୍ୟ ଆରମ୍ଭରେ ଏହିପରି ସନ୍ଦେହ, ଅବିଶ୍ୱାସ, ବାଧାବିଘ୍ନ ଚାଲିଆସୁଅଛି । କିନ୍ତୁ ମନୁଷ୍ୟର ସନ୍ଦେହ, ଅବିଶ୍ୱାସ ଥିବା ସତ୍ତ୍ୱେ ବି ଭଗବାନଙ୍କ ସଙ୍କଳ୍ପ ସଫଳ ହୋଇ ଆସୁଅଛି । ଗୋଟିଏ କାର୍ଯ୍ୟ ବିଫଳ ହେଲେ ଅନ୍ୟ କାର୍ଯ୍ୟ ଯଦି କରା ହେଉ ନ ଥାନ୍ତା, ତେବେ ବ୍ୟକ୍ତିର ତଥା ସଂସାରର ଉନ୍ନତି ହେବାର ରାସ୍ତା ବନ୍ଦ ହୋଇଥାନ୍ତା । କିନ୍ତୁ ଏପରି ହୁଏ ନାହିଁ । ବୈଜ୍ଞାନିକମାନେ ପରୀକ୍ଷାକରି ବାର ବାର ବିଫଳ ହେବା ସତ୍ତ୍ୱେ ବାର ବାର ଚେଷ୍ଟା କରନ୍ତି, ଶେଷରେ ସଫଳ ହୁଅନ୍ତି ।

ଗାନ୍ଧିଜିଙ୍କ ମୌଳିକ ଶିକ୍ଷା, ରବୀନ୍ଦ୍ରନାଥ ଠାକୁରଙ୍କର ଶାନ୍ତିନିକେତନ ଶିକ୍ଷା ସଦୃଶ ପୂର୍ଣ୍ଣାଙ୍ଗ ଶିକ୍ଷା ନୁହେଁ । ସେସବୁ ଶିକ୍ଷାଠାରୁ ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ପୂର୍ଣ୍ଣ ଭିନ୍ନ ।

ପୂର୍ଣ୍ଣାଙ୍ଗ ଶିକ୍ଷା ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗର ଗୋଟିଏ ଧାରା ବା ପ୍ରଣାଳୀ; ଆଗମନୀ ଅତିମାନସ ସତ୍ୟ ଯୁଗ ପ୍ରତିଷ୍ଠାର ଗୋଟିଏ ଭିତ୍ତି । ଏହି ପୃଥିବୀରେ ଅତିମାନସ ସତ୍ୟଯୁଗ ପ୍ରତିଷ୍ଠା ଅବଶ୍ୟମ୍ଭାବୀ । ଯାହା ଭଗବାନଙ୍କର ସଂକଳ୍ପ ଏବଂ ସୃଷ୍ଟିର ଉଦ୍ଦେଶ୍ୟ । ଏହା ସିଦ୍ଧ ହେବ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହେବା ଦ୍ୱାରା । ଶ୍ରୀଅରବିନ୍ଦଙ୍କ ଯୋଗର ତିନୋଟି ପଦ୍ଧତି ବା ତିନୋଟି ଧାରା — ପାଠଚକ୍ର, ସାଧନାଳୟ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ।

ଯେଉଁ ଯୋଗ ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ବିକାଶ ସହିତ ଆତ୍ମାର ବିକାଶ ହେବ, ସେଥିରେହିଁ ବ୍ୟକ୍ତିର ହେବ ପୂର୍ଣ୍ଣାଙ୍ଗ । ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟରୁ ସମ୍ପୂର୍ଣ୍ଣ ମୁକ୍ତ ହେବ ଏବଂ ଏହି ପୃଥିବୀରେ ଦିବ୍ୟ ସ୍ୱର୍ଗ ପ୍ରତିଷ୍ଠା ହେବ । ଏହାହିଁ ଭଗବତ୍ ନିର୍ଦ୍ଦିଷ୍ଟ ।

ବ୍ୟକ୍ତି ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୋଇ ତାହା ଗ୍ରହଣକରି ଲକ୍ଷ୍ୟ ପ୍ରାପ୍ତି ମାର୍ଗରେ ଯେତେ ଅଗ୍ରସର ହେଉଥିବେ ସେହି ଅନୁପାତରେ ପରିବାରରୁ କଳି, ମନୋମାଳିନ୍ୟ, ସମାଜରୁ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଅଭାବ, ବେକାର ସମସ୍ୟା କ୍ରମଶଃ କମ୍ ହେବାକୁ ଲାଗିବ । ବ୍ୟକ୍ତିର ମନ-ପ୍ରାଣ-ଶରୀରର ସମ୍ବନ୍ଧ ବିଶ୍ୱତତ୍ତ୍ୱ ସହିତ ଥିବାରୁ ବ୍ୟକ୍ତିର ମନ-ପ୍ରାଣ-ଶରୀରର ରୂପାନ୍ତର ହେବା ସଙ୍ଗେ ସଙ୍ଗେ ବିଶ୍ୱତତ୍ତ୍ୱର ରୂପାନ୍ତର ହେବ । କିଛି ସଂଖ୍ୟାରେ ବ୍ୟକ୍ତି ଲକ୍ଷ୍ୟରେ ପହଞ୍ଚିଲେ ବ୍ୟକ୍ତି, ପରିବାର, ସମାଜ, ଦେଶ ତଥା ସଂସାରରୁ ସମ୍ପୂର୍ଣ୍ଣରୂପେ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଅଭାବ ଦୂର ହେବ । ଅଭାବର ମୂଳ କାରଣ ହେଉଛି ତୀବ୍ର ଇଚ୍ଛାର ଅଭାବ, ଶ୍ରମକାତରତା । ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ମାର୍ଗରେ ଜୀବନର ଲକ୍ଷ୍ୟ ଗ୍ରହଣ କରି ଲକ୍ଷ୍ୟ ପ୍ରାପ୍ତି ମାର୍ଗରେ ଅଗ୍ରସର ହେଲେ ତା' ମଧ୍ୟରେ ଥିବା ଅନ୍ୟାନ୍ୟ ଦୋଷତ୍ରୁଟି ଦୂରହେବା ସଙ୍ଗେ ସଙ୍ଗେ ଆଳସ୍ୟ ରୂପାନ୍ତର ହେବ ଏବଂ କାର୍ଯ୍ୟକରିବା ସକାଶେ ତୀବ୍ର ଇଚ୍ଛା ତଥା କାର୍ଯ୍ୟକାରିତା ଶକ୍ତିର ବିକାଶ ହେବ । ବ୍ୟକ୍ତି ତୀବ୍ର ଇଚ୍ଛା ସହ କର୍ମରେ ତତ୍ପର ହେଲେ ନିଜର ଅଭାବ ଦୂରହେବା ସଙ୍ଗେ ସଙ୍ଗେ ଦେଶ ସମୃଦ୍ଧିଶାଳୀ ହେବ ।

କ୍ରମବିକାଶ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଜଡ଼, ପ୍ରାଣର ଓ ମନ ବିଶିଷ୍ଟ ମାନବ ପର୍ଯ୍ୟନ୍ତ ପହଞ୍ଚିଅଛି । ମନୁଷ୍ୟ ମଧ୍ୟରେ ଥିବା ଆତ୍ମାର ବିକାଶ ସମୟ ଆସିଯାଇଛି । ସେହି ସକାଶେ ଶ୍ରୀଅରବିନ୍ଦ ଶ୍ରୀମା ଏହି ସଂସାରକୁ ଆସି ରୂପାନ୍ତରକାରିଣୀ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ଭିନ୍ନ ଭିନ୍ନ ବ୍ୟକ୍ତି ପାଠଚକ୍ର, ସାଧନାଳୟ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଦ୍ୱାରା ରୂପାନ୍ତରକାରିଣୀ ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ସମ୍ବନ୍ଧେ ସଚେତ ହେବେ ଏବଂ ବ୍ୟକ୍ତି, ପରିବାର ତଥା ସମାଜ ପରିଚାଳିତ ହେଉଥିବା କୌଣସି ଉତ୍ତମ କର୍ମକୁ ତ୍ୟାଗ ନ କରି, ଭଗବତ୍ ଉଦ୍ଦେଶ୍ୟରେ ସମ୍ପାଦନ କରି ମା'ଙ୍କୁ ସମର୍ପଣ କରିବେ; ତେବେ ସେମାନଙ୍କ ମଧ୍ୟରେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରିବ । ଯେଉଁମାନଙ୍କର ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ, ସେହିମାନେ ହେବେ ଅତିମାନବ ।

ଯଦି କ୍ରମବିକାଶକୁ ବିଶ୍ୱାସ କରିବା, ଯଦି ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତର ହେବ ବୋଲି ଶ୍ରୀଅରବିନ୍ଦଙ୍କ ଯୋଗକୁ ଗ୍ରହଣକରିବା, ତେବେ ପୂର୍ଣ୍ଣାଙ୍ଗ ଶିକ୍ଷା ସମାଜରେ ପ୍ରଚଳିତ ହେବାରେ ସନ୍ଦେହ କରିବାର ଅବକାଶ ନାହିଁ ।

ବର୍ତ୍ତମାନ ଯୁଗ ପରିବର୍ତ୍ତନର ସନ୍ଧିକ୍ଷଣ । ପୁରାତନ ଯୁଗ ସମାପ୍ତ ହୋଇଯାଇଛି; ନୂତନ ଅତିମାନସ ସତ୍ୟଯୁଗ ପୃଥିବୀରେ ପ୍ରତିଷ୍ଠା ହୋଇ ନାହିଁ । ଏହି କାରଣରୁ ପୁରାତନ ଯୁଗର ସମସ୍ତ ପଦ୍ଧତି ଭାଙ୍ଗି ଚୂରମାର ହୋଇଯାଉଅଛି । ପୁରାତନ ନୈତିକ ପଦ୍ଧତି ଭାଙ୍ଗି ଯାଇଥିବା ତଥା ନୂତନ ଅତିମାନସ ସତ୍ୟକୁ ଗ୍ରହଣ ନ କରିଥିବାର ସନ୍ଧିକ୍ଷଣ ଯୋଗୁଁ ବ୍ୟକ୍ତି, ପରିବାର ସମାଜରେ ଅକଳ୍ପନୀୟ ବିଶୃଙ୍ଖଳା ହେଉଅଛି । ଅଧିକ ସଂଖ୍ୟାରେ ବ୍ୟକ୍ତି ଜ୍ଞାତରେ ବା ଅଜ୍ଞାତରେ ଏହି ଅତିମାନସ ଶକ୍ତିକୁ ଗ୍ରହଣ କଲେ କ୍ରମଶଃ ଏହି ବିଶୃଙ୍ଖଳା ଦୂର ହେବ ଏବଂ ସତ୍ୟ ପ୍ରତିଷ୍ଠା ହେବ । ଏହି ରହସ୍ୟ ଜାଣିବାର ବ୍ୟାପକ ଉପାୟ ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷା । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଭାଙ୍ଗିଯିବ ନାହିଁ; କ୍ରମଶଃ ଅଧିକରୁ ଅଧିକ ବ୍ୟାପକରୂପେ ପ୍ରସାରିତ ହେବ ।

ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ବନ୍ଧେ ଅନ୍ୟ ଯୁକ୍ତି ହେଲା – ''ପୂର୍ଣ୍ଣାଙ୍ଗ ଶିକ୍ଷାକୁ ସମାଜରେ ପ୍ରୟୋଗ କରିବାର ବେଳ ଆସି ନାହିଁ । ଉପଯୁକ୍ତ ଶିକ୍ଷକ ମଧ୍ୟ ମିଳିବେ ନାହିଁ ।''

ଭାରତରେ ସ୍ୱରାଜ ଆନ୍ଦୋଳନ ନ କରି ଯଦି ସମୟକୁ ଅପେକ୍ଷା କରି ବସି ରହିବାକୁ ହୋଇଥାନ୍ତା, ତେବେ ଆଜିପର୍ଯ୍ୟନ୍ତ ବି ସମୟ ଆସି ନ ଥାନ୍ତା । ଉପଯୁକ୍ତ ସମୟ ବା ପ୍ରସ୍ତୁତି ଆସେ ବ୍ୟକ୍ତି ପ୍ରଯତ୍ନ କଲେ । ଯଦି ପ୍ରସ୍ତୁତି ବା ସମୟ ପୂର୍ବରୁ ଆସନ୍ତା, ତେବେ ବ୍ୟକ୍ତିକୁ ପ୍ରଯତ୍ନ କରିବାକୁ ବା ପ୍ରସ୍ତୁତ ହେବାକୁ ପଡ଼ନ୍ତା ନାହିଁ । ଅନ୍ୟ ବ୍ୟକ୍ତି ମେସିନ ସଦୃଶ ତାକୁ ପିଟିପାଟି ତିଆରି କରିଦିଅନ୍ତେ ଯେପରି କ୍ରମବିକାଶ ଜଡ଼ରୁ ପଶୁ ପର୍ଯ୍ୟନ୍ତ ହୋଇଥିଲା । ଏହି ନିୟମ ଥିଲା ପଶୁ ପର୍ଯ୍ୟନ୍ତ । ମନୁଷ୍ୟର ବୁଦ୍ଧି ବିକଶିତ ହେବାରୁ ଏହି ନିୟମ ଭଗବାନଙ୍କ ବିଧାନ ଅନୁସାରେ ପରିବର୍ତ୍ତିତ ହୋଇଗଲା । ମନୁଷ୍ୟ ବୁଦ୍ଧିମାନ୍ ହେବାରୁ ତାକୁ ପ୍ରସ୍ତୁତ ହେବାକୁ ହେଲା । କିନ୍ତୁ ତା'ର ପ୍ରସ୍ତୁତିରେ ସାହାଯ୍ୟ କଲେ ଭଗବାନ୍ । ପଶୁ ପଢୁ ନ ଥିଲେ, ଘର କରୁ ନ ଥିଲେ, ଖାଦ୍ୟ ଦ୍ରବ୍ୟ ଉତ୍ପାଦନ କରୁ ନ ଥିଲେ, ରେଳ ମୋଟର କରି ନ ଥିଲେ । ମନୁଷ୍ୟକୁ

ଏହିସବୁ କରିବାକୁ ହେଲା । ଯଦି ଏସବୁ କାର୍ଯ୍ୟ ମନୁଷ୍ୟ କରିପାରେ, ତେବେ ରୂପାନ୍ତର କାର୍ଯ୍ୟର ପ୍ରସ୍ତୁତ ଆପେ ଆପେ ହୋଇଯିବ ! ସେ କିଛି ନ କରି ଖାଲି ଉପରକୁ ଚାହିଁବସିଥିବ !

ସମୟ ଆସିବାର ସ୍ପଷ୍ଟ ନିର୍ବିବାଦ ଲକ୍ଷଣ ହେଉଛି ବ୍ୟକ୍ତିର ଚାହିଁବା ଉତ୍ପନ୍ନ ହେବା; ସମୟ ନ ଆସିଲେ ବ୍ୟକ୍ତିର ଚାହିଁବା ଉତ୍ପନ୍ନ ହୁଏ ନାହିଁ । ଶହେବର୍ଷ ପୂର୍ବେ ରୂପାନ୍ତର ବିଷୟରେ କେହି ଧାରଣା କରି ନ ଥିଲେ । ଚାହିଁବା ହେଲେ ବ୍ୟକ୍ତି ପ୍ରଯତ୍ନ କରେ, ତେବେ ଲକ୍ଷ୍ୟ ସିଦ୍ଧି ଆବଶ୍ୟକ ହୁଏ । ବ୍ୟକ୍ତିର ଚାହିଁବା ଏବଂ କର୍ମର ଶିଥିଳତା ତଥା ତୀବ୍ରତା ଉପରେ କାର୍ଯ୍ୟସିଦ୍ଧିର କମ୍ ବା ବେଶୀ ସମୟ ନିର୍ଭରକରେ । ବ୍ୟକ୍ତିର ଚାହିଁବା ଯେତେ ତୀବ୍ର ହୁଏ, ସେ ସେତେ ଉତ୍ତମ ରୂପେ ପଢ଼ିପାରେ, ଉତ୍ତମ କାର୍ଯ୍ୟ କରିପାରେ, ବ୍ୟବସାୟରେ ଉନ୍ନତି କରେ, ଗବେଷଣାରେ ମଧ୍ୟ ସଫଳତା ପାଏ । ଶ୍ରେଷ୍ଠ ଆଇନଜ୍ଞ ହୋଇପାରେ, ଉତ୍ତମ ଡାକ୍ତର ହୋଇପାରେ, ଉତ୍ତମ ରାଜନୈତିକ ନେତା ହୋଇପାରେ । ତୀବ୍ର ଚାହିଁବାରେ ଭଗବତ୍ ପ୍ରାପ୍ତି ବି ହୋଇଥାଏ । ଶ୍ରୀଅରବିନ୍ଦଙ୍କ ଯୋଗରେହିଁ ସାଧକର ତୀବ୍ର ଚାହିଁବା (ଅଭୀପ୍ସା) ହେଲେ ସେ ତା'ର ମନ, ପ୍ରାଣ, ତଥା ଜଡ଼ ଶରୀରକୁ ମା'ଙ୍କ ଚରଣରେ ସମର୍ପଣ କରିପାରେ ।

ସମର୍ପିତ ମନ-ପ୍ରାଣ ଶରୀରରେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରନ୍ତି । ଏହାର ସମୟ ଆସିବାର ନିର୍ବିବାଦ ପ୍ରମାଣ ହେଉଛି ଚାହିଁବା ଉତ୍ପନ୍ନ ହେବା । ଯେଉଁ ବ୍ୟକ୍ତିମାନଙ୍କ ହୃଦୟ ଉନ୍ମୁକ୍ତ ଅଛି ସେହିମାନଙ୍କର ଚାହିଁବାଉତ୍ପନ୍ନ ହୋଇଅଛି । ସେମାନେ ଅଭାବ, ଦୁଃଖ କଷ୍ଟକୁ ପରୁଆ ନ କରି, ନିଜର ପରିବାର ସ୍ୱାର୍ଥ ତ୍ୟାଗ କରି ପ୍ରାଣପଣେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରତିଷ୍ଠା କାର୍ଯ୍ୟରେ ଲାଗିପଡ଼ିଛନ୍ତି । ଏହା ବନ୍ଦ ହେବ ନାହିଁ, କ୍ରମଶଃ ଅଧିକରୁ ଅଧିକ ପ୍ରସାରିତ ହେବ ।

କୌଣସି କାର୍ଯ୍ୟ ଆରମ୍ଭରେ ଅଳ୍ପ ସଂଖ୍ୟକ ବ୍ୟକ୍ତି ଆରମ୍ଭ କରନ୍ତି । ପରେ କ୍ରମଶଃ ଏହାର ପ୍ରସାର ହୁଏ । ଯେପରି ସ୍ୱରାଜ ଆନ୍ଦୋଳନରେ ହୋଇଥିଲା । ''ପୂର୍ଣ୍ଣାଙ୍ଗ ଶିକ୍ଷା ସମାଜରେ ପ୍ରୟୋଗ କରିବାର ବେଳ ଆସି ନାହିଁ ।'' — ଏହା ଯଦି ଠିକ୍ ହୁଏ ତେବେ ଆଶ୍ରମ ବିଦ୍ୟାଳୟରେ ଗୋଟିଏ ଗୋଟିଏ ପିଲାଙ୍କୁ ଶିକ୍ଷାଦେବା ସକାଶେ ଗୋଟିଏ ପରିବାର କିଂବା ସେ ପିଲାର ମା' ପଣ୍ଡିଚେରୀରେ ଘରଭଡ଼ା ନେଇ ପିଲାକୁ ପାଖରେ ରଖି ରହୁଛନ୍ତି କାହିଁକି ? ଏବଂ ଆଶ୍ରମ ବିଦ୍ୟାଳୟରେ ପିଲାଙ୍କୁ ପଢ଼ାଉଛନ୍ତି ବା କାହିଁକି ? ଏହା ଏକେବାରେ ପ୍ରତ୍ୟକ୍ଷ ଘଟଣା । ଗୋଟିଏର ପରିବାର ନୁହେଁ, କେତେକ ପରିବାର କେବଳ ଗୋଟିଏ ପିଲାକୁ ଶିକ୍ଷାଦେବା ସକାଶେ ପଣ୍ଡିଚେରୀରେ ରହିଅଛନ୍ତି । କାରଣ ଅତି ଛୋଟ ପିଲାଙ୍କୁ ବୋର୍ଡ଼ିଂରେ ରଖା ହୁଏ ନାହିଁ ।

କହିପାରନ୍ତି, ''ଆଶ୍ରମ ସ୍କୁଲ ସହିତ ବାହାରେ ହେଉଥିବା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ତୁଳନା କରାହୋଇ ପାରିବ ନାହିଁ ।'' କିନ୍ତୁ ୧୯୪୨ରେ ଯେତେବେଳେ ଆଶ୍ରମରେ ସ୍କୁଲ ଆରମ୍ଭ ହୋଇଥିଲା, ସେତେବେଳେ ଦୁଇ ଚାରିଟି ପିଲାଙ୍କୁ ନେଇ ଜଣେ ମାଷ୍ଟର ପଢ଼ାଉଥିଲେ । ସେତେବେଳେ ପୂର୍ଣ୍ଣାଙ୍ଗ ଶିକ୍ଷାର କୌଣସି ପ୍ରଣାଳୀ ନ ଥିଲା । କେବଳ ସାଧାରଣ ପ୍ରଣାଳୀରେ ଆରମ୍ଭ ହୋଇଥିଲା । ପରେ ତାହା ବିକାଶ କରିଚାଲିଲା । ବର୍ତ୍ତମାନ ମଧ୍ୟ ପୂର୍ଣ୍ଣତାପ୍ରାପ୍ତ ହୋଇ ନାହିଁ, ବିକାଶ ମାର୍ଗରେ ଗତିକରି ଚାଲିଛି । ଯେତେବେଳେ କିଛି ସାଧକମାନଙ୍କର ପୂର୍ଣ୍ଣ ରୂପାନ୍ତର ହେବ, ସେତେବେଳେ ପୂର୍ଣ୍ଣାଙ୍ଗ ଶିକ୍ଷା ମଧ୍ୟ ପୂର୍ଣ୍ଣତା ପ୍ରାପ୍ତ ହେବ ।

ଅନ୍ୟ ଯୁକ୍ତି ହେଲା — ପୂର୍ଣ୍ଣାଙ୍ଗ ଶିକ୍ଷା ସକାଶେ ଉପଯୁକ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ମିଳିବେ ନାହିଁ ।''

ଏହି ଯୁକ୍ତି ଅନୁସାରେ ବିଚାର କଲେ ଦେଖିବା ବର୍ତ୍ତମାନ ଆଶ୍ରମ ସ୍କୁଲରେ ସେପରି ଉପଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ନାହାନ୍ତି । ଆଶ୍ରମରେ ମଧ୍ୟ ଜଣେ ସାଧକଙ୍କର ମନ-ପ୍ରାଣ-ଶରୀର ରୂପାନ୍ତର ହୋଇ ନାହିଁ । ଆଶ୍ରମ ଆଦର୍ଶରେ ବାହାରେ ସାଧନାଳୟ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହୋଇଅଛି । ଆଶ୍ରମ ଶିକ୍ଷାକେନ୍ଦ୍ରରେ ଉପଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଆଶ୍ରମରେ ଉପଯୁକ୍ତ ସାଧକ ନ ଥିବା ସତ୍ତ୍ୱେ ଆଶ୍ରମ ତଥା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଯଦି ପରିଚାଳିତ ହେଉଅଛି, ସେହିପରି ବାହାରେ ଉପଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ନ ଥାଇ ମଧ୍ୟ ତାହା ପରିଚାଳିତ ହେବ । ବନ୍ଦ ହେବାର କୌଣସି କାରଣ ନାହିଁ ।

ପୂର୍ବେ ଆଲୋଚନା ହୋଇଛି, ''ପୂର୍ଣ୍ଣାଙ୍ଗ ଶିକ୍ଷା କେବଳ ପ୍ରଚଳିତ ଶିକ୍ଷା ସଦୃଶ ନୁହେଁ । ଏହା ଜୀବନର ଲକ୍ଷ୍ୟପ୍ରାପ୍ତିର ସାଧନା । ବ୍ୟକ୍ତି ଯେତେବେଳେ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ସାଧନା ମାର୍ଗରେ ପ୍ରବେଶ କରନ୍ତି, ତାଙ୍କର

ସେତେବେଳେ ଭଗବତ୍ ପ୍ରାପ୍ତିର ସମସ୍ତ ବିରୋଧୀ ଗୁଣଧର୍ମ – କାମ, କ୍ରୋଧ, ଲୋଭ, ମୋହ, ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ ବିଦ୍ୟମାନ ଥାଏ । ସାଧକ କେବଳ ତୀବ୍ର ଇଚ୍ଛା ନେଇ ସାଧନା ମାର୍ଗରେ ପ୍ରବେଶ କରନ୍ତି । ସାଧନାରେ ଅଗ୍ରସର ହେବା ଅନୁପାତରେ ତା'ର ସମସ୍ତ ଦୋଷ କ୍ରମଶଃ ଦୂର ହୁଏ । ପ୍ରତ୍ୟେକ କର୍ମକ୍ଷେତ୍ରରେ ଏହାହିଁ ନିୟମ ।

ବ୍ୟକ୍ତି ଆଇ. ଏ. ଏସ୍. ପାସ୍ କରନ୍ତି, ଚାକିରି ବି ପାଆନ୍ତି, କିନ୍ତୁ ଉପଯୁକ୍ତତା ପ୍ରାପ୍ତକରିବା ସକାଶେ ଟ୍ରେନିଂ ନିଅନ୍ତି; କାର୍ଯ୍ୟରେ ଅଭିଜ୍ଞତା ପ୍ରାପ୍ତ ହେଲେ ସେ ଉପଯୁକ୍ତ ଅଫିସର ହୁଅନ୍ତି । ଏହିପରି ହୁଏ ଡାକ୍ତର, ଇଞ୍ଜିନିୟର ତଥା ଓକିଲଙ୍କର । ସବୁ କ୍ଷେତ୍ରରେ ଯଦି କାର୍ଯ୍ୟ କରିବା ଦ୍ୱାରା ଅଭିଜ୍ଞତା ପ୍ରାପ୍ତ ହେଲେ ବ୍ୟକ୍ତି ଉପଯୁକ୍ତ ହୁଅନ୍ତି, ତେବେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ ଶିକ୍ଷୟିତ୍ରୀ ଆରମ୍ଭରୁ ଉପଯୁକ୍ତ ହୁଅନ୍ତେ କିପରି ?

ରୂପାନ୍ତର ଯୋଗରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ଆବଶ୍ୟକ । କିନ୍ତୁ ଯେଉଁମାନେ ଗାର୍ହସ୍ଥ୍ୟାଶ୍ରମରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ନ କରି 'ମା', ଏହି ନାମ ଜପ କରୁଛନ୍ତି, ସମସ୍ତ କର୍ମ ମା'ଙ୍କୁ ସମର୍ପଣ କରୁଛନ୍ତି, ଘର ପରିବାର ସବୁକିଛି ମା'ଙ୍କର ମନେକରି ମା'ଙ୍କ ସେବା ଭାବରେ ସମସ୍ତ କର୍ମ କରି ମା'ଙ୍କୁ ସମର୍ପଣ କରୁଛନ୍ତି, ନିୟମିତ ଧ୍ୟାନ କରୁଛନ୍ତି ଏବଂ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଗ୍ରନ୍ଥ ଅଧ୍ୟୟନ କରୁଛନ୍ତି, ପାଠଚକ୍ର, ସେମିନାର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରୁଅଛନ୍ତି, ଏମାନଙ୍କର ସାଧନା କରିବା ଦ୍ୱାରା କ୍ରମଶଃ ପ୍ରାଣ ଶୁଦ୍ଧ ହେବ ଏବଂ ଗାର୍ହସ୍ଥ୍ୟାଶ୍ରମରେ ରହି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବେ । ଗାର୍ହସ୍ଥ୍ୟାଶ୍ରମରେ ରହି ସାଧନା କରିବା ଦ୍ୱାରା ବହୁତ ସଂଖ୍ୟାରେ ସାଧକ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରୁଅଛନ୍ତି । ସେହିମାନେ ଯଦି ସାଧନା କରି ନ ଥାନ୍ତେ ତେବେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ କଦାପି ପାଳନ କରିପାରି ନ ଥାନ୍ତେ । ସାଧନାର ପ୍ରଣାଳୀ ହେଉଛି ବ୍ୟକ୍ତି ଯେଉଁ ପରିସ୍ଥିତିରେ ଅଛନ୍ତି ସେହି ପରିସ୍ଥିତିରେ ତାଙ୍କର ଅଭୀପ୍ସା ଉତ୍ପନ୍ନ ହେଲେ ସେ ସାଧନା ଆରମ୍ଭ କରିବେ । ସାଧନାରେ ପ୍ରଗତି ଅନୁସାରେ କ୍ରମଶଃ ଦୋଷ ଦୁର୍ଗୁଣ ଦୂର ହେବ ।

ଯେଉଁମାନେ ଗୃହ, ପରିବାର ତ୍ୟାଗକରି ବ୍ରହ୍ମଚର୍ଯ୍ୟ ପାଳନପୂର୍ବକ ସାଧନା କରନ୍ତି, ସେମାନଙ୍କର ମଧ୍ୟ ଅନ୍ୟାନ୍ୟ ଦୁର୍ଗୁଣସବୁ ଥାଏ । ସାଧନାର ଉନ୍ନତି ଅନୁସାରେ ସେମାନଙ୍କର ଦୋଷତ୍ରୁଟିର ରୂପାନ୍ତର ହୁଏ । ଠିକ୍ ସେହିପରି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ।

ବର୍ତ୍ତମାନ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ଆମେ ଯେଉଁ ଦୃଷ୍ଟିରେ ଦେଖୁଛୁ ସେହି ଦୃଷ୍ଟି ଅନୁସାରେ ଆମେ କହିଥାଆନ୍ତୁ, ''ବ୍ରହ୍ମଚର୍ଯ୍ୟ ପାଳନ କରୁଥିବା ବ୍ୟକ୍ତି ଗାର୍ହସ୍ଥ୍ୟାଶ୍ରମରେ ରହି ସାଧନା କରିପାରିବେ ନାହିଁ; ସେମାନେ ସାଧକ ନୁହନ୍ତି ।'' ଆମରି କହିବା ଯଦି ଯଥାର୍ଥ ହୁଅନ୍ତା ତେବେ ଗାର୍ହସ୍ଥ୍ୟାଶ୍ରମର ବ୍ୟକ୍ତି କେହି ବି ସାଧନା କରନ୍ତେ ନାହିଁ କିଂବା ପରେ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତେ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗ ଅନୁସାରେ ପୃଥିବୀରେ ଯେଉଁ ଅତିମାନବ-ଜାତି ପ୍ରତିଷ୍ଠା ହେବା କଥା ତାହା ହୋଇପାରନ୍ତା ନାହିଁ ।

ଅତଏବ ବର୍ତ୍ତମାନ ସମାଜ ଯେଉଁ ପରିସ୍ଥିତିରେ ଅଛି ସେହି ପରିସ୍ଥିତିରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କୁ ବୋର୍ଡ଼ ଅଧୀନରେ ପରୀକ୍ଷାଦେବା ଛଡ଼ା ଅନ୍ୟ ଉପାୟ ନାହିଁ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଧିକ ସଂଖ୍ୟାରେ ହେଲେ ସେତେବେଳେ ସମାଜ ତଥା ଗଭର୍ଣ୍ଣମେଣ୍ଟ ପୂର୍ଣ୍ଣାଙ୍ଗ ଶିକ୍ଷାର ଉପଯୋଗିତା ଏବଂ ଆବଶ୍ୟକତା ହୃଦୟଙ୍ଗମ କରିବେ ଏବଂ ତାକୁ ସ୍ୱୀକୃତି ଦେବେ । ଏହି ଅବସ୍ଥାକୁ ଅପେକ୍ଷାକରି ବସି ରହିଲେ ଏ ପରିସ୍ଥିତି କଦାପି ଆସିବ ନାହିଁ । ବର୍ତ୍ତମାନ ଯେପରି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହେଉଛି, ଏହିପରି ଅଧିକରୁ ଅଧିକ ହେଲେ ସେ ପରିସ୍ଥିତି ନିଶ୍ଚୟ ଆସିବ ।

ପ୍ରଶ୍ନ : ମୁଁ ଗୋଟିଏ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବିଷୟରେ ଜାଣେ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ଯେଉଁମାନେ ପରିଚାଳନା କରୁଛନ୍ତି ସେମାନଙ୍କର ପୂର୍ଣ୍ଣାଙ୍ଗ ଶିକ୍ଷା ସହିତ କୌଣସି ପରିଚୟ ନାହିଁ । ତାହା ସାଧାରଣ ସ୍କୁଲରେ ପରିଣତ ହୋଇଯାଇଛି । ଏହା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ହେବ କିପରି ?

ଉତ୍ତର : ନୌକା ଦ୍ୱାରାହିଁ ପାରିହେବାକୁ ପଡ଼େ । ଥରେ ଗୋଟିଏ ନୌକା ବୁଡ଼ିଗଲେ କ'ଣ ନୌକାରେ ନଦୀ ପାରିହେବା ବନ୍ଦ ହୋଇଯାଏ ? ରେଳ, ବିମାନର ଦୁର୍ଘଟଣା ହୁଏ, ସେ ସକାଶେ ରେଳ, ବିମାନ ଚଳାଚଳ ବନ୍ଦ ହୋଇଯାଏ ?

କୁମ୍ଭାର ହାଣ୍ଡି ଗଢ଼ିବାଠାରୁ ପୋଡ଼ିବା ପର୍ଯ୍ୟନ୍ତ କେତେକ ଭାଙ୍ଗିଯାଏ । ଶେଷରେ ଯେତିକି ରହେ ତାହାହିଁ ପୋଡ଼ା ହୁଏ । ସ୍ୱରାଜ ଆନ୍ଦୋଳନ ସମୟରେ ବ୍ରିଟିଶ୍ ଗଭର୍ଣ୍ଣମେଣ୍ଟ୍ ବହୁତ ନିର୍ଯାତନା ଦେବାରୁ କେତେକ ବ୍ୟକ୍ତି ସ୍ୱରାଜ ଆନ୍ଦୋଳନ ଛାଡ଼ିଦେଲେ । କ'ଣ ସେହିମାନଙ୍କ ଯୋଗୁଁ ଆନ୍ଦୋଳନ ବନ୍ଦ ହୋଇଥିଲା ? ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବହୁ ପରିମାଣରେ ହେବ; ସେଥିରୁ ଦୁଇଚାରିଟା ଭାଙ୍ଗିଗଲେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରଚଳିତ ହେବାରେ ବାଧା ପଡ଼ିବ କାହିଁକି ? ଗଛରେ ଯେତେ ଫଳ ଫଳେ, ପାଚିବା ପର୍ଯ୍ୟନ୍ତ ଯେତିକି ରହେ ସେତିକି ମାତ୍ର କାମରେ ଆସେ । କୌଣସି ସଂସ୍ଥା, କୌଣସି କାର୍ଯ୍ୟ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଚାଲେ ନାହିଁ । ସ୍କୁଲରେ ବହୁତ ପିଲା ପଢ଼ନ୍ତି, କିନ୍ତୁ କିଛି ପିଲା ଉତ୍ତୀର୍ଣ୍ଣ ନ ହୋଇ ପଢ଼ା ଛାଡ଼ିଦିଅନ୍ତି । କେତେକ ପିଲା ପଢ଼ା ଛାଡ଼ିଦେବା ଯୋଗୁଁ କ'ଣ ସ୍କୁଲ ବନ୍ଦ ହୋଇଯାଏ ? କେତେକ ବ୍ୟକ୍ତି ଘର, ପରିବାର ତ୍ୟାଗ କରି ଆଶ୍ରମ ଆସି, ଆଶ୍ରମରେ ରହି ସାଧନା କରନ୍ତି; କିଛି ବର୍ଷ ରହିବା ପରେ ପୁନରାୟ ଗୃହସ୍ଥାଶ୍ରକୁ ଫେରିଯାଆନ୍ତି । ସେମାନଙ୍କ ଯୋଗୁଁ କ'ଣ ଆଶ୍ରମ ବନ୍ଦ ହୋଇଯାଏ ? ଯଦି ନୁହେଁ, ତେବେ ଗୋଟିଏ ସ୍କୁଲ ଠିକ୍ ନ ଚାଲିବା ଯୋଗୁଁ ପୂର୍ଣ୍ଣାଙ୍ଗ ଶିକ୍ଷା ଚଳିବ ନାହିଁ କାହିଁକି ?

ଗୋଟିଏ କ୍ଷୁଦ୍ର ଗଳ୍ପ :

ଜଣେ ବ୍ୟକ୍ତି ବହୁତ ବଡ଼ ଲୋକ ଘରେ ଜନ୍ମ ହୋଇଥିଲେ । ସେ ପିଲାଦିନୁ କେବେ ଚାଲିକରି କେଉଁଠାକୁ ଯାଇ ନ ଥିଲେ । ସବୁ ସମୟରେ ମୋଟର ଏବଂ ରେଳରେ ଯାତ୍ରା କରିବାକୁ ହେଉଥିଲା । ନୌକାରେ ନଦୀ ପାର ହେବାର ଅବସର ମିଳି ନ ଥିଲା । ତାଙ୍କ ପିତାଙ୍କର ମୃତ୍ୟୁ ପରେ ଘରର ଯାବତୀୟ ଦାୟିତ୍ୱ ତାଙ୍କ ଉପରେ ପଡ଼ିଲା । ଦିନେ ସେ କୌଣସି ବିଶେଷ ଆବଶ୍ୟକ ଯୋଗୁଁ ତାଙ୍କୁ ଚାଲିକରି ଯିବାକୁ ପଡ଼ିଲା । ରାସ୍ତାରେ ଥିଲା ଗୋଟିଏ ବଡ଼ ନଦୀ । ତାକୁ ନୌକାରେ ପାରହେବା ସମୟରେ ବହୁତ ଭୟ ହେଲା । ସେ ଭାବିଲେ, ''ନୌକାରେ ନଦୀ ପାର ହେଲେ ନୌକା ବୁଡ଼ିଯିବାର ବହୁତ ସମ୍ଭାବନା ଅଛି । ବିଶେଷ ବିପଦ ରହିଛି ନୌକାର ମାଝି ଉପରେ !'' ସେ ସନ୍ଦେହ କରି ନାବିକକୁ ପଚାରିଲେ, ''ତୁମ ପିତା ଅଛନ୍ତି ?'' ସେ ଉତ୍ତରଦେଲେ, ''ନାହିଁ, ମୋ ପିତାଙ୍କର ମୃତ୍ୟୁ ହୋଇଛି ଏହି ନଦୀରେ । ଥରେ ନୌକା ବାହୁଥିବା ସମୟରେ ବହୁ ଜୋରରେ ବତାସ ଆସିଲା, ନୌକାଟି ଜଳଧାରାରେ ଓଲଟି ପଡ଼ିଲା । ମୋ ପିତା ପହଁରିବା ସମୟରେ ନୌକାରୁ ପଡ଼ିଯାଇଥିବା ବହୁତ ଲୋକ ଜୀବନ ବିକଳରେ ମୋ ପିତାଙ୍କ ହାତ ଗୋଡ଼କୁ ଜାବୁଡ଼ି ଧରିଲେ । ସେ ପହଁରି ପାରିଲେ ନାହିଁ । ବୁଡ଼ି ମଲେ ଏବଂ ତାଙ୍କୁ ଜାବୁଡ଼ି ଧରିଥିବା ଲୋକମାନେ ବି ମୃତ୍ୟୁ ବରଣ କଲେ ।'' ନବାଗତ ଯାତ୍ରୀ ଆଶ୍ଚର୍ଯ୍ୟହୋଇ ପଚାରିଲେ, ''ତୁମେ ଏପରି ଦୁର୍ଘଟଣା ଜାଣିବା ସତ୍ତ୍ୱେ ଏହି ନଦୀରେ ନୌକା ଚଳାଉଛ କିପରି ?'' ନାବିକ ଗୋଟିଏ ମିନିଟ ନୀରବ ରହି ତାଙ୍କୁ ପଚାରିଲେ, ''ଆପଣଙ୍କର ପିତା ଏବଂ ପ୍ରପିତାଙ୍କ ମୃତ୍ୟୁ ହୋଇଛି କେଉଁଠି ?'' ସେ ଉତ୍ତର ଦେଲେ, ''ଘରେ'' । ''ଆପଣ ଜାଣିବା ସତ୍ତ୍ୱେ ସେହି ଘରେ ରହିଛନ୍ତି କିପରି ?'' ନାବିକ ପଚାରିଲେ । ଯାତ୍ରୀ ନିଜର ନିରାଧାର ଯୁକ୍ତି ବିଷୟ ଅବଗତ ହୋଇ ମଥା ତଳକୁ କରିଦେଲେ ।

କୌଣସି ନୂତନ କାର୍ଯ୍ୟ ଆରମ୍ଭରେ କେତେଗୁଡ଼ିଏ ସଂସ୍ଥା ଗଢ଼ିଉଠେ; ତା' ମଧ୍ୟରୁ କିଛି ଭାଙ୍ଗିଯାଏ, କିଛି ସଂସ୍ଥା ଭାଙ୍ଗିଯିବା ଯୋଗୁଁ ଅବଶିଷ୍ଟ ସଂସ୍ଥାସବୁକୁ ବନ୍ଦ କରି ଦିଆ ହୁଏ ନାହିଁ ।

ପ୍ରଶ୍ନ : ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଯେଉଁମାନେ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି ସେମାନେ ପୂର୍ଣ୍ଣାଙ୍ଗ ଶିକ୍ଷା ବିଷୟରେ କିଛି ଜାଣନ୍ତି ନାହିଁ । ଅତଏବ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରବର୍ତ୍ତିତ ହେବ କିପରି ?

ଉତ୍ତର : ଗୋଟିଏ ନୂତନ ଗୃହ ପରିକଳ୍ପନା କରିବା ସଙ୍ଗେ ସଙ୍ଗେ ଗୋଟିଏ ଦିନରେ ଘରର ଭିତ୍ତିସ୍ଥାପନ ସହିତ କ'ଣ ଘରର ଛାତ ପଡ଼ିଯାଏ ? ଯଦି ନ ପଡ଼େ ତେବେ ଆମେ କହିବା, ଏ ଘର ହେବ କିପରି ? ଏତେ ଲୋକ ରହିବେ କିପରି ? ଏହି ଗୃହର ଭିତ୍ତିହିଁ ବୃଥା । ଏଥିରେ ଏପରି ଧାରଣା କରିବା ଯୁକ୍ତିଯୁକ୍ତ କି ? ଆଦୌ ନୁହେଁ । ପ୍ରଥମରେ ଘର ହେବା ସମ୍ଭବ ନୁହେଁ, କେବଳ ଭିତ୍ତିସ୍ଥାପନହିଁ ହୋଇଥାଏ । ପରେ ଖମ୍ଭ ଏବଂ କାନ୍ଥ ଉଠିବା ପରେ ଛାତ ପଡ଼େ ।

ପ୍ରଚଳିତ ଶିକ୍ଷାରେ ମଧ୍ୟ ପ୍ରାଇମେରି ସ୍କୁଲ ଆରମ୍ଭ ସଙ୍ଗେସଙ୍ଗେ ବିଶ୍ୱବିଦ୍ୟାଳୟ ହୋଇ ନ ଥିଲା । କ୍ରମଶଃ ମାଇନର ସ୍କୁଲ, ମେଟ୍ରିକ୍ ସ୍କୁଲ, ଶିକ୍ଷକ ଟ୍ରେନିଂ ସ୍କୁଲ, ପରେ କଲେଜ ହୋଇଥିଲା । ଏହିପରି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ମଧ୍ୟ ଆସ୍ତେ ଆସ୍ତେ ହେବ ଏବଂ ଉପଯୁକ୍ତ ଶିକ୍ଷକ ମଧ୍ୟ ହେବେ ।

ପୂର୍ଣ୍ଣାଙ୍ଗ ଶିକ୍ଷାର ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଲକ୍ଷ୍ୟ ହେଉଛି ଅଧ୍ୟାତ୍ମ ସତ୍ୟ ଉପଲବ୍ଧି । ଏତିକି ଗୁଣ ସେମାନଙ୍କର ଥିଲେ ସେମାନେ ପୂର୍ଣ୍ଣାଙ୍ଗ ଶିକ୍ଷାର ଯୋଗ୍ୟତା ଆସ୍ତେ ଆସ୍ତେ ପ୍ରାପ୍ତ କରିପାରିବେ । ପୂର୍ବେ କୁହାହୋଇଛି ପୂର୍ଣ୍ଣାଙ୍ଗ ଶିକ୍ଷାର ଭିତ୍ତି ଆଧ୍ୟାତ୍ମିକତା । ଶିକ୍ଷକ ଶିକ୍ଷୟିତ୍ରୀମାନେ ସାଧକ । ସେମାନେ ବିଦ୍ୟାଶିକ୍ଷା ଦେବା କାର୍ଯ୍ୟକୁ ସାଧନାରୂପେ ଗ୍ରହଣ କରିଥାଆନ୍ତି । ସେମାନଙ୍କର ହାଜିରା ପକାଇ ବେତନ ନେବା ଉଦ୍ଦେଶ୍ୟ ନ ଥାଏ । ସେମାନଙ୍କ ଉଦ୍ଦେଶ୍ୟ ଥାଏ ଉତ୍ତମରୂପେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦେବା । ଅତଏବ ସେମାନେ ପିଲାଙ୍କୁ ନ ମାରି ସେମାନଙ୍କ (ପିଲାଙ୍କ) ସ୍ୱଭାବ ଅନୁସାରେ ସେମାନଙ୍କୁ ସ୍ନେହ କରି ବୁଝେଇ ଗଳ୍ପ ଛଳରେ ଶିକ୍ଷା ଦିଅନ୍ତି । ଏହି ପ୍ରଣାଳୀରେ ପିଲାମାନେ ଆଗ୍ରହରେ ପଢ଼ନ୍ତି । ମାଡ଼ ଭୟ ନ ହେବାରୁ ସେମାନଙ୍କର ଅନ୍ତର ବିକାଶ ଅବାଧରେ ହୁଏ । ବାଲ୍ୟାବସ୍ଥାରୁ ସେମାନଙ୍କର ବ୍ୟବହାର ପରିବର୍ତ୍ତନ ହେବାକୁ ଆରମ୍ଭ କରେ । ଏହି ଅଭିଜ୍ଞତା ଯେଉଁ ପିତାମାତାଙ୍କୁ ହେଉଛି ସେମାନେ ନିଜ ପିଲାଙ୍କୁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷା ଦେବା ସକାଶେ ସତତ ଚେଷ୍ଟା କରୁଛନ୍ତି । ସେମାନଙ୍କର ଅନ୍ୟ ସ୍ଥାନକୁ ବଦଳି ହେଲେ ପିଲାଙ୍କୁ ଛାତ୍ରାବାସରେ ରଖିବାକୁ ବରାବର ଚାହୁଁଅଛନ୍ତି ।

ପୂର୍ଣ୍ଣାଙ୍ଗ ଶିକ୍ଷା ଏକେବାରେ ଆରମ୍ଭିକ ଏବଂ ଅବିକଶିତ; ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ ଶିକ୍ଷୟିତ୍ରୀ ପୂର୍ଣ୍ଣ ଅଭିଜ୍ଞ ନୁହନ୍ତି । ଏପରି ସ୍ଥଳେ ଯଦି ପ୍ରଚଳିତ ସ୍କୁଲଠାରୁ ଏହା ପିଲାମାନଙ୍କୁ ଉତ୍ତମ ଶିକ୍ଷା ଦେଇପାରୁଛନ୍ତି ତେବେ ସେମାନଙ୍କର ଉନ୍ନତି ହେବା ସ୍ୱାଭାବିକ । ଏପରି ସ୍ଥଳେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରବର୍ତ୍ତିତ ହେବ ନାହିଁ ବୋଲି କହିବା ଉଚିତ ହେବ କି ?

ପ୍ରଶ୍ନ : ମୋର ଧାରଣା – ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ପଣ୍ଡିଚେରୀରେ ପୂର୍ଣ୍ଣାଙ୍ଗ ଶିକ୍ଷା ଯେପରି ପ୍ରବର୍ତ୍ତିତ ହୋଇଛି, ତାହା ଅନ୍ୟତ୍ର କଦାପି ହୋଇପାରିବ ନାହିଁ । ଅନ୍ୟତ୍ର କରିବାକୁ ଆଶା କରିବା ମରୀଚିକାରୁ ଜଳପାନ କରିବା ସଦୃଶ ଆଶା ନିରାଶାରେ ପରିଣତ ହେବା । ଆଶ୍ରମ ଛଡ଼ା ଅନ୍ୟ ସ୍ଥାନରେ ପୂର୍ଣ୍ଣାଙ୍ଗ ଶିକ୍ଷା କଦାପି ହୋଇପାରିବ ନାହିଁ ।

ଉତ୍ତର : ମରୀଚିକାରୁ ଜଳପାନ କରିବା ସକାଶେ ଆଶା କେହି ରଖନ୍ତି ନାହିଁ । କୌତୂହଳରେ କେବଳ ଦେଖନ୍ତି । ପୂର୍ଣ୍ଣାଙ୍ଗ ଶିକ୍ଷା ମରୀଚିକା ସଦୃଶ ଯଦି ଜଳଶୂନ୍ୟ ହୋଇଥାଆନ୍ତା, ତେବେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରଣାଳୀରେ ପରିଚିତ ପିତାମାତା ନିଜ ନିଜ ପିଲାଙ୍କୁ ସେଥିରେ ଶିକ୍ଷାଦେବା ସକାଶେ ଏତେ ଆଗ୍ରହ କରନ୍ତେ କାହିଁକି ? ମରୀଚିକାରୁ କାହାରିକୁ ଜଳ ମିଳେ ନାହିଁ । କିନ୍ତୁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ଛାତ୍ରଛାତ୍ରୀମାନଙ୍କୁ ସାଧାରଣ ସ୍କୁଲ ଅପେକ୍ଷା ଉତ୍ତମ ଶିକ୍ଷା ମିଳେ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପିତାମାତା ବଦଳି ହୋଇ ଅନ୍ୟ ସ୍ଥାନକୁ ଗଲେ ପିଲାମାନେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ବିଦାୟ ନେବା ସମୟରେ କାନ୍ଦନ୍ତି । କେତେକ ଅଭିଭାବକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ନିଜ ପିଲାଙ୍କୁ ପଢ଼ାଇବା ସକାଶେ ଦୁଇ ତିନି ମାଇଲ ଦୂରରୁ ପିଲାଙ୍କୁ ପଠାଉଅଛନ୍ତି । ବହୁତ ଆଗ୍ରହରେ ଦୂରରୁ ପିଲାମାନଙ୍କୁ ଆସିବା ଯିବାରେ ବହୁତ ଖର୍ଚ୍ଚ କରୁଅଛନ୍ତି । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନେ ସାଧାରଣ ସ୍କୁଲ ତୁଳନାରେ ଭଲ ପଢ଼ିପାରୁଥିବାରୁ, ଭଲ ଆଚରଣ କରୁଥିବାରୁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଧିକରୁ ଅଧିକ ବିକାଶ ହେବ ଏବଂ ଅଧିକରୁ ଅଧିକ ବ୍ୟାପକ ଭାବେ ପ୍ରତିଷ୍ଠିତ ହେବ ।

ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପଢ଼ିବା ସଙ୍ଗେ ସଙ୍ଗେ ବ୍ୟାୟାମ କରୁଛନ୍ତି, ନୃତ୍ୟ, ସଙ୍ଗୀତ ଶିକ୍ଷା ଦ୍ୱାରା ସେମାନଙ୍କର ମନର ବିକାଶ ସହିତ ପ୍ରାଣ ଏବଂ ଶରୀରର ବିକାଶ ହେଉଛି । ପୂର୍ଣ୍ଣାଙ୍ଗ ଶିକ୍ଷାର ଭିତ୍ତି ଆଧ୍ୟାତ୍ମିକତା ହୋଇଥିବାରୁ ସେମାନଙ୍କର ଅଜ୍ଞାତରେ ସେମାନଙ୍କର ଆତ୍ମାର ବିକାଶ ମଧ୍ୟ ହେଉଛି । ମନୁଷ୍ୟ ଜୀବନର ପୂର୍ଣ୍ଣତା ସକାଶେ ଯେଉଁ ସର୍ବାଙ୍ଗୀନ ବିକାଶ ତାହା ସଂସ୍କାରରୂପେ ଛାତ୍ରଛାତ୍ରୀମାନଙ୍କ ଅନ୍ତରରେ ପ୍ରତିଷ୍ଠିତ ହେଉଅଛି । ବାଲ୍ୟାବସ୍ଥାର ସଂସ୍କାର କେବେ ବି ନଷ୍ଟ ହୁଏ ନାହିଁ । ତାହା ସୁଯୋଗ ପାଇଲେ ବୟସ ସଙ୍ଗେ ସଙ୍ଗେ ବୃଦ୍ଧି ହୁଏ ।

ପ୍ରଚଳିତ ସ୍କୁଲ ଅପେକ୍ଷା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଛାତ୍ରଛାତ୍ରୀମାନଙ୍କୁ ଜୀବନର ସର୍ବାଙ୍ଗୀନ ବିକାଶର ଭିତ୍ତି

ସ୍ଥାପନ ସଦୃଶ ପୂର୍ଣ୍ଣାଙ୍ଗ ଶିକ୍ଷା ଦିଆହେଉଥିବାରୁ ମରୀଚିକାରେ ଜଳର ଆଶା ନିରାଶାରେ ପରିଣତ ହେବା ସଦୃଶ ହେବ ନାହିଁ ।

''ଆଶ୍ରମର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଦୃଶ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅନ୍ୟତ୍ର କଦାପି ହୋଇପାରିବ ନାହିଁ'' – ଏହା ଯଦି ମାନ୍ୟ ହୁଏ ତେବେ ଆଶ୍ରମ ସାଧକମାନଙ୍କ ସଦୃଶ ବାହାରେ କେହି ସାଧକ ହୋଇ ପାରିବେ ନାହିଁ, ବାହାରେ କୌଣସି ସାଧକର ରୂପାନ୍ତର ହେବ ନାହିଁ । କାରଣ ପୂର୍ଣ୍ଣାଙ୍ଗ ଶିକ୍ଷା ଶ୍ରୀଅରବିନ୍ଦଙ୍କ ଯୋଗର ଏବଂ ଆଶ୍ରମର ଗୋଟିଏ ଭାଗ । ତେବେ ତ ଯେଉଁ ରୂପାନ୍ତରକାରିଣୀ ଅତିମାନସ ଶକ୍ତିକୁ ଶ୍ରୀମାଶ୍ରୀଅରବିନ୍ଦ ପରାର୍ଦ୍ଧରୁ ସଂସାରରେ ରୂପାନ୍ତର ଘଟାଇବା ସକାଶେ ଉତାରି ଆଣିଛନ୍ତି ସେ ସଂସାର ବାତାବରଣରେ ରୂପାନ୍ତର କ୍ରିୟା ନ କରି କେବଳ ଆଶ୍ରମରେ ଥିବା ସାଧକମାନଙ୍କ ମଧ୍ୟରେ ରୂପାନ୍ତର କ୍ରିୟା କରିବ । ଶ୍ରୀଅରବିନ୍ଦଙ୍କ ଯୋଗ ସଂସାର ସକାଶେ ନ ହୋଇ କେବଳ ଆଶ୍ରମ ସକାଶେ ହେବ । ତେବେ ତ ସଂସାରରେ ଅତିମାନବଜାତି ପ୍ରତିଷ୍ଠା ହୋଇପାରିବ ନାହିଁ । କିନ୍ତୁ ଏପରି ତ କଦାପି ନୁହେଁ ! ଅତିମାନସ ଶକ୍ତି ସୂର୍ଯ୍ୟ ସଦୃଶ ସମଗ୍ର ବିଶ୍ୱରେ ପ୍ରକାଶ ହୋଇ କ୍ରିୟା କରୁଛି । ନିଜ କକ୍ଷରେ ସୂର୍ଯ୍ୟ ପ୍ରକାଶ ପାଇବା ସକାଶେ ଗୃହ ଦ୍ୱାର ଉନ୍ମୁକ୍ତ ରଖିବା ସଦୃଶ ଯେଉଁଠାରେ ଯିଏ ରହି ନିଜ ମନ-ପ୍ରାଣ-ଶରୀରକୁ ଏହି ଅତିମାନସ ଶକ୍ତି ପ୍ରତି ଉନ୍ମୁକ୍ତ ରଖିବ ସେହିଠାରେ ତା' ମଧ୍ୟରେ ସେହି ଶକ୍ତି ରୂପାନ୍ତର କ୍ରିୟା କରିବ ଏବଂ ସେମାନଙ୍କର ରୂପାନ୍ତର ହେବ । ଆଶ୍ରମ ଏବଂ ଆଶ୍ରମର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଂସାର ସକାଶେ ହେବ ଆଦର୍ଶ । ଏହି ଆଦର୍ଶରେ ସଂସାରରେ ଅସଂଖ୍ୟ ସ୍ଥାନରେ ଆଶ୍ରମ ପ୍ରତିଷ୍ଠା ହେବ । ସେଠାରେ ସାଧକମାନେ ରହି ସାଧନା କରିବେ । ଆଶ୍ରମର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଆଦର୍ଶରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବି ବ୍ୟାପକରୂପେ ପ୍ରତିଷ୍ଠା ହେବ । ସମସ୍ତ ସଂସାରରେ ଶ୍ରୀଅରବିନ୍ଦଙ୍କ ଯୋଗ ଓ ଶିକ୍ଷା ପ୍ରସାରିତ ହେବ । ଏହା କେବଳ ଆଶ୍ରମରେ ସୀମିତ ହୋଇ ରହିବ ନାହିଁ ।

ଜୀବନର ପୂର୍ଣ୍ଣତାପ୍ରାପ୍ତିରେ ବ୍ରହ୍ମଚର୍ଯ୍ୟ ପାଳନର ଆବଶ୍ୟକତା

ପ୍ରଶ୍ନ : ଗୋଟିଏ ଦିଗରେ ଶାସ୍ତ୍ର ଏବଂ ଅଧ୍ୟାତ୍ମ ବିଜ୍ଞବ୍ୟକ୍ତି ଋଷି, ମୁନିମାନେ ବ୍ରହ୍ମଚର୍ଯ୍ୟ ପାଳନର ଭୂରି ଭୂରି ପ୍ରଶଂସା କରନ୍ତି । ଅନ୍ୟ ଦିଗରେ ପଶୁପକ୍ଷୀଠାରୁ ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତ ପ୍ରାଣୀ ଇନ୍ଦ୍ରିୟ ତୃପ୍ତି, ପ୍ରାଣର କାମନା ବାସନା ପୂର୍ଣ୍ଣ କରିବା ଚାହାନ୍ତି । ଇନ୍ଦ୍ରିୟ ତୃପ୍ତିକୁହିଁ ବ୍ୟକ୍ତି ସର୍ବଶ୍ରେଷ୍ଠ ସୁଖ ମନେକରେ । ପ୍ରାଣର ବାସନା ପୂର୍ଣ୍ଣ କରିବାରେ କେତେକ ବ୍ୟକ୍ତି ସମ୍ପତ୍ତି, ସ୍ୱାସ୍ଥ୍ୟ, ମାନସମ୍ମାନ, କୁଳମର୍ଯ୍ୟାଦା ନଷ୍ଟ କରନ୍ତି । ଯଦି ବ୍ରହ୍ମଚର୍ଯ୍ୟ ପାଳନରେ ଯଥାର୍ଥ ଗୁଣ ଥାଏ ତେବେ ସାଧାରଣ ମନୁଷ୍ୟଠାରୁ ବୁଦ୍ଧି ପ୍ରଧାନବ୍ୟକ୍ତି ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ନଷ୍ଟ କରନ୍ତି କାହିଁକି ?

ଉତ୍ତର : ଏହାର କାରଣ ଅଜ୍ଞାନ ମୋହ ଏବଂ ଇନ୍ଦ୍ରିୟର ଦାସତ୍ୱ, ଅମୂଲ୍ୟରତ୍ନରୂପ ବ୍ରହ୍ମଚର୍ଯ୍ୟର ଦିବ୍ୟଗୁଣ, ମହତ୍ୱ ମୂଲ୍ୟ ନ ଜାଣିବା, ମହାମୂଲ୍ୟବାନ ଗଜମୁକ୍ତାକୁ ବନବାସୀ ଶବରୀ ଚାଉଳ ସେରକୁ ବିକ୍ରି କରିବା ସଦୃଶ ଅଜ୍ଞାନତା, ପତଙ୍ଗ ଅଗ୍ନିରେ ଝାସ ଦେବା ସଦୃଶ ବ୍ୟାମୋହତା ।

ମନୁଷ୍ୟ ଜୀବନ ଉନ୍ନତିର ଭତ୍ତି ବା ଆଧାର ବ୍ରହ୍ମଚର୍ଯ୍ୟ । ବ୍ରହ୍ମଚର୍ଯ୍ୟ ପାଳନ ଏବଂ ସଞ୍ଜମ ଦ୍ୱାରା ବ୍ୟକ୍ତି ସଂସାର କର୍ମରେ ଉନ୍ନତି କରିପାରେ, ଅଧ୍ୟାତ୍ମ ସାଧନାରେ ପରମ ସୁଖ, ପରମ ଶାନ୍ତି ସ୍ୱରୂପ ଭଗବାନଙ୍କୁ ପ୍ରାପ୍ତକରି ମରଣ ଦ୍ୱନ୍ଦରୁ ମୁକ୍ତ ହୁଏ । ସମସ୍ତ ସତ୍ତାରେ ଭଗବତ ପ୍ରାପ୍ତ କରିବାହିଁ ଜୀବନର ଲକ୍ଷ୍ୟ । ଏହାହିଁ କ୍ରମ ବିକାଶର ଉଦ୍ଦେଶ୍ୟ । ଜୀବନର ଏହି ଲକ୍ଷ୍ୟ ସିଦ୍ଧି, କ୍ରମବିକାଶର ଉଦ୍ଦେଶ୍ୟ ପୂର୍ଣ୍ଣରୂପେ ନିର୍ଭର କରେ ବ୍ରହ୍ମଚର୍ଯ୍ୟ ପାଳନରେ । ବ୍ରହ୍ମଚର୍ଯ୍ୟ ପାଳନ ଛଡ଼ା ଏହି ସିଦ୍ଧି ଏକେବାରେ ଅସମ୍ଭବ । ବ୍ରହ୍ମଚର୍ଯ୍ୟହିଁ ମନୁଷ୍ୟର ସାରାତିସାର ବସ୍ତୁ । ଏହାରି ପାଳନରେ ଶରୀର ପୁଷ୍ଟ, ବଳବାନ, ରୋଗ ମୁକ୍ତ ହୁଏ । ଶରୀରରେ ସୌନ୍ଦର୍ଯ୍ୟର ବୃଦ୍ଧି ହୁଏ । ଆଳସ୍ୟ ଦୂର ହୁଏ । କର୍ମରେ ପ୍ରବୃତ୍ତି ହୁଏ; ପ୍ରାଣ, ମନ ଶୁଦ୍ଧ ସ୍ଥିର ହୁଏ, ଆତ୍ମା ଜାଗ୍ରତ ହୁଏ ଏବଂ ମନ, ପ୍ରାଣ, ଶରୀରକୁ ଯଥାର୍ଥ ମାର୍ଗରେ ପରିଚାଳିତ କରେ । ମନ, ପ୍ରାଣ, ଶରୀରର ବିକାଶ ସକାଶେ ବ୍ରହ୍ମଚର୍ଯ୍ୟହିଁ ଶକ୍ତି ଯୋଗାଏ । ବ୍ରହ୍ମଚର୍ଯ୍ୟ ନଷ୍ଟ ହେଲେ କୌଣସି ବ୍ୟକ୍ତି କୌଣସି ସାଂସାରିକ ଉତ୍ତମ କର୍ମ କରିବାରେ ସମର୍ଥ ହୁଏ ନାହିଁ । ମନୁଷ୍ୟର ଯେ ପର୍ଯ୍ୟନ୍ତ ସ୍ୱାର୍ଥ ଥାଏ ସେ ଯଥାର୍ଥଭାବେ ଅନ୍ୟର ଏବଂ ସଂସାରର ହିତ କରିପାରେ ନାହିଁ । ମନୁଷ୍ୟର ଆତ୍ମା ଜାଗ୍ରତ ହେଲେ ସ୍ୱାର୍ଥ ଦୂର ହୁଏ । ଏହା ସମ୍ଭବ ହୁଏ ବ୍ରହ୍ମଚର୍ଯ୍ୟ ପାଳନରେ । ସୁତରାଂ ସମସ୍ତ ସଦଗୁଣର ଆଶ୍ରୟ ବ୍ରହ୍ମଚର୍ଯ୍ୟ ।

ପଶୁ ପକ୍ଷୀ ଅଜ୍ଞାନ । ସେମାନଙ୍କର ବୁଦ୍ଧି ବିବେକ ନ ଥାଏ । ସେଇଥିପାଇଁ ସେମାନେ ଜୀବନର ଯଥାର୍ଥ ହିତ ଅହିତ ବୁଝି ପାରନ୍ତି ନାହିଁ । ସେମାନେ ପରିଚାଳିତ ହୁଅନ୍ତି ପ୍ରକୃତି ଦ୍ୱାରା । ପ୍ରକୃତି ବିରୋଧରେ କିଛି କରିବା ସେମାନଙ୍କ ପକ୍ଷେ ଅସମ୍ଭବ । ସେମାନଙ୍କ ବୁଦ୍ଧି ଓ ବିବେକ ଅଭାବରୁ ସେମାନେ ବ୍ରହ୍ମଚର୍ଯ୍ୟର ମହତ୍ୱ ବୁଝି ପାରନ୍ତି ନାହିଁ । ପ୍ରକୃତିର ବଶ୍ୟତାରେ ବ୍ରହ୍ମଚର୍ଯ୍ୟ ନଷ୍ଟ କରନ୍ତି ।

ମନୁଷ୍ୟ ଆସିଛନ୍ତି ପଶୁଠାରୁ । ସେମାନଙ୍କୁ ପ୍ରାପ୍ତ ହୋଇଛି ପଶୁ ଅପେକ୍ଷା ଅଧିକ ମନ, ବୁଦ୍ଧ କିନ୍ତୁ ଆତ୍ମା ଜାଗ୍ରତ ହୋଇ ନ ଥିବାରୁ ସେମାନଙ୍କ ପ୍ରାଣରେ ବିଦ୍ୟମାନ ଅଛି ପଶୁତ୍ୱ । ସେହି ସକାଶେ ବ୍ୟକ୍ତି ମନୁଷ୍ୟର ଶରୀର ପାଇବା ସତ୍ତ୍ୱେ ପଶୁ ସଦୃଶ୍ୟ ବ୍ରହ୍ମଚର୍ଯ୍ୟ ନଷ୍ଟ କରେ । ଯେଉଁ ବ୍ୟକ୍ତି ନୈତିକ ନିୟମ ଅନୁସାରେ ବ୍ରହ୍ମଚର୍ଯ୍ୟ ସଞ୍ଜମ କରନ୍ତି ସେମାନେ ତେତେ(କେତେ) ପରିଣାମରେ ପଶୁତ୍ୱକୁ ଅତିକ୍ରମ କରି ମନୁଷ୍ୟତ୍ୱକୁ ପ୍ରାପ୍ତ ହୁଅନ୍ତି । ଯେଉଁମାନେ ପୂର୍ଣ୍ଣ ରୂପେ ନୈତିକ ନିୟମ ଅନୁସାରେ ଏକ ପତ୍ନିବ୍ରତ ଧର୍ମ ପାଳନ କରନ୍ତି ସେମାନେ ପୂର୍ଣ୍ଣ ମନୁଷ୍ୟତ୍ୱକୁ ପ୍ରାପ୍ତ ହୁଅନ୍ତି । ଯେଉଁମାନେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି ସେମାନେ ଶ୍ରେଷ୍ଠ ମାନବ ହୁଅନ୍ତି । ଯେଉଁମାନେ ଅତିମାନସ ଶକ୍ତିଦ୍ୱାରା ପୂର୍ଣ୍ଣରୂପେ ବ୍ରହ୍ମଚର୍ଯ୍ୟ ରୂପାନ୍ତର କରନ୍ତି ଏବଂ ମନପ୍ରାଣ ଶରୀରରେ ଭଗବାନଙ୍କୁ ଉପଲବ୍ଧି କରନ୍ତି ସେହିମାନେ ହୁଅନ୍ତି ଅତିମାନବ । ଭଗବାନଙ୍କର ସୃଷ୍ଟି କରିବାର ଏହାହିଁ ଉଦ୍ଦେଶ୍ୟ ।

ପ୍ରଶ୍ନ : ଭଗବାନ ନିଜକୁ ପ୍ରକାଶ କରିବା ସକାଶେ ସୃଷ୍ଟି କରିଅଛନ୍ତି । ବିକାଶ ଜଡ଼ରୁ ପଶୁ ପକ୍ଷୀ ମଧ୍ୟଦେଇ

ବର୍ତ୍ତମାନ ମନୁଷ୍ୟରେ ପହୁଞ୍ଚିଅଛି । ଏହାକୁ ଅତିକ୍ରମ କରି ଅତିମାନବତ୍ୱକୁ ପ୍ରାପ୍ତ ହେବ । କିନ୍ତୁ ଏହି ବିକାଶରେ ବ୍ରହ୍ମଚର୍ଯ୍ୟ ପାଳନର ଆବଶ୍ୟକତା କ'ଣ ? ସ୍ପଷ୍ଟରୂପେ ବୁଝାଇ ଦିଅନ୍ତୁ ।

ଉତ୍ତର : ବ୍ରହ୍ମଚର୍ଯ୍ୟରେ ଅସାଧାରଣ ଶକ୍ତି । ସେହି ଶକ୍ତିହିଁ ମନୁଷ୍ୟର ମନ ପ୍ରାଣ ଶରୀରକୁ ଆବଶ୍ୟକ ଉପାଦାନ ଯୋଗାଇ ଅତିମାନସ ଶକ୍ତିକୁ ଧାରଣ କରିବା ତଥା ରୂପାନ୍ତର ହେବାକୁ ଯୋଗ୍ୟ କରେ । ତେବେ ବ୍ୟକ୍ତିର ମନ, ପ୍ରାଣ, ଶରୀରରେ ଅତିମାନସ ଶକ୍ତି ଅବତରଣ କରି ସେସବୁକୁ ଦିବ୍ୟତତ୍ତ୍ୱରେ ରୂପାନ୍ତର କରିପାରେ । ବ୍ରହ୍ମଚର୍ଯ୍ୟ ସାହାଯ୍ୟରେ ବ୍ୟକ୍ତିର ସତ୍ତା ରୂପାନ୍ତର ହେଉଥିବାରୁ ବ୍ରହ୍ମଚର୍ଯ୍ୟ ପାଳନ ଏକାନ୍ତ ଆବଶ୍ୟକ । ରୂପାନ୍ତରୀତ ଅତିମାନବ ହୁଅନ୍ତି ଅଜ୍ଞାନ ଶକ୍ତି, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ପୂର୍ଣ୍ଣମୁକ୍ତ । ତାଙ୍କ ମଧ୍ୟରେ ହୁଅନ୍ତି ଭଗବାନ ପୂର୍ଣ୍ଣରୂପେ ପ୍ରକାଶ । ସେ ସମସ୍ତ ସତ୍ତାରେ ପ୍ରାପ୍ତ କରନ୍ତି ଭଗବାନଙ୍କ ସହିତ ଏକତ୍ୱ ଏବଂ ନିବାସ କରନ୍ତି ପୂର୍ଣ୍ଣରୂପେ ବିଜ୍ଞାନ ତଥା ଆନନ୍ଦରେ ।

ବିକାଶ ଦୁଇଟି ସ୍ତର – ଗୋଟିଏ ଅଜ୍ଞାନ ଅନ୍ୟଟି ଜ୍ଞାନ ଏବଂ ଆନନ୍ଦ । ଏହାକୁ ଶାସ୍ତ୍ରରେ କୁହାଯାଇଅଛି ଅପରାର୍ଦ୍ଧ ଓ ପରାର୍ଦ୍ଧ । ଜଡ଼ରୁ ମନୁଷ୍ୟ ପର୍ଯ୍ୟନ୍ତ ଅପରାର୍ଦ୍ଧ । ଏହି ସ୍ତରର ପ୍ରାଣୀମାନଙ୍କୁ ପରିଚାଳନା କରେ ଅଜ୍ଞାନ ଅପରାଶକ୍ତି । ଏହାର ଊର୍ଦ୍ଧ୍ୱସ୍ତର ଅତିମାନସ ବିଜ୍ଞାନ ଏବଂ ଆନନ୍ଦ – ଏହା ପରାର୍ଦ୍ଧ । ଏହି ସ୍ତରର ପ୍ରାଣୀ ଦିବ୍ୟ । ଏମାନେ ନିବାସ କରନ୍ତି ବିଜ୍ଞାନ ଏବଂ ଆନନ୍ଦରେ । ଏମାନେ ପରିଚାଳିତ ହୁଅନ୍ତି ବିଜ୍ଞାନ ପରମାନନ୍ଦ ସ୍ୱରୂପା ଆଦ୍ୟାଶକ୍ତିଦ୍ୱାରା । କ୍ରମ ବିବର୍ତ୍ତନ ବିଧାନ ଅନୁସାରେ ଅପରାର୍ଦ୍ଧ ଅଜ୍ଞାନ ସ୍ତରର ମାନବଙ୍କୁ ପରାର୍ଦ୍ଧରେ ପ୍ରବେଶ କରିବାକୁ ହେବ । ଅପରାର୍ଦ୍ଧ ସ୍ତରର ଧର୍ମ ଯେପରି ଅଜ୍ଞାନ, ଅଦିବ୍ୟ, ସେହିପରି ପରାର୍ଦ୍ଧ ସ୍ତରର ଧର୍ମ ଦିବ୍ୟ, ବିଜ୍ଞାନ ଏବଂ ଆନନ୍ଦ । ସେ ସ୍ତରର ପ୍ରବେଶ କରିବାକୁ ହେଲେ ସେହି ସ୍ତରର ଧର୍ମ ଅନୁସାରେ ବ୍ୟକ୍ତିର ସମସ୍ତ ସତ୍ତା , ସମସ୍ତ ତତ୍ତ୍ୱ ରୂପାନ୍ତର ହେବା ଆବଶ୍ୟକ । ମନୁଷ୍ୟ ପର୍ଯ୍ୟନ୍ତ ଅପରାର୍ଦ୍ଧ ସ୍ତରରେ ମଧ୍ୟ ବହୁତ ସ୍ତର ବା ବିଭେଦ । ପଶୁମାନଙ୍କର ମନ, ବୁଦ୍ଧି, ବିଚାର, ବିବେକ ନ ଥାଏ । ସେମାନେ ଜୀବନ ପ୍ରାପ୍ତ କରିବାର ରହସ୍ୟ ଜାଣି ପାରନ୍ତି ନାହିଁ । ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଭୋଜନ, ନିଦ୍ରା ତଥା ମୈଥୁନରେ ଜୀବନ ସମାପ୍ତ କରନ୍ତି । ସେମାନେ ବହୁତ ମନ୍ଥର ଗତିରେ ଅଜ୍ଞାତରେ ପ୍ରକୃତି ଦ୍ୱାରା ପରିଚାଳିତ ହୁଅନ୍ତି ମନୋମୟ ମନୁଷ୍ୟ ସ୍ତରକୁ ।

ମନୁଷ୍ୟ ଯଦ୍ୟପି ନିବାସ କରେ ଅପରାର୍ଦ୍ଧ, ଅଜ୍ଞାନ ସ୍ତରରେ । ତଥାପି ତାକୁ ପ୍ରାପ୍ତ ହୋଇଥାଏ ମନ, ବୁଦ୍ଧି ତଥା ବିଚାର । ଯେଉଁ ବ୍ୟକ୍ତିଙ୍କର କେବଳ ମନ, ବୁଦ୍ଧି ବିକାଶ ହୋଇ ଥାଏ କିନ୍ତୁ ଆତ୍ମା ଦ୍ୱାରା ପ୍ରଭାବିତ ହୋଇ ନ ଥାଏ ସେମାନେ ଭଲ, ମନ୍ଦ, ହିତ, ଅହିତ କିଛି ଅଂଶରେ ବୁଝି ପାରନ୍ତି । ସେମାନଙ୍କ ବୁଦ୍ଧି ଯଦି ତୀବ୍ର ଥାଏ ତେବେ ସେମାନେ ବଡ଼ ବଡ଼ ନେତା ହୋଇ ପାରନ୍ତି, ବେପାର ବାଣିଜ୍ୟରେ ବହୁତ ଅର୍ଥ ଉପାର୍ଜନ କରି ପାରନ୍ତି ଅଥବା ଜାଗତିକ କାର୍ଯ୍ୟ ବିଶେଷ ଦକ୍ଷତା ସହିତ କଳ କୌଶଳରେ ସମ୍ପାଦନ କରି ପାରନ୍ତି । କିନ୍ତୁ ସେମାନଙ୍କର ପ୍ରାଣ ଶୁଦ୍ଧ ହୋଇ ନ ଥାଏ କିଂବା ଆତ୍ମାରୁ ପ୍ରଭାବରେ ପ୍ରଭାବିତ ହୋଇ ନ ଥାଏ । ସେଥିରେ ଥାଏ ପୂର୍ଣ୍ଣରୂପେ ପଶୁତ୍ୱ । ଏହି ପରି ବ୍ୟକ୍ତିର ପାଶବିକ, ଅଶୁଦ୍ଧ, ଦୁର୍ବାର ପ୍ରାଣ ବିକଶିତ ବୁଦ୍ଧିକୁ ଜବରଦସ୍ତି ଟାଣିନେଇ ନିଜ ବାସନା ପୂର୍ଣ୍ଣ କରିବାରେ ନିୟୋଜିତ କରେ । ବିକଶିତ ବୁଦ୍ଧିରେ ଆତ୍ମାର ପ୍ରଭାବ ନ ଥିବାରୁ ବିବେକ ଉତ୍ପନ୍ନ ହୁଏ ନାହିଁ । ଏହିପରି ବ୍ୟାମୋହନ ବୁଦ୍ଧି ପ୍ରାଣକୁ ଯଥାର୍ଥ ମାର୍ଗରେ ପରିଚାଳିତ କରିବା ପରିବର୍ତ୍ତେ ତାର ଦାସତ୍ୱ ସ୍ୱୀକାର କରେ । ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ ବୁଝି ପାରେ ନାହିଁ । ପଶୁ ସଦୃଶ ବ୍ରହ୍ମଚର୍ଯ୍ୟ ନଷ୍ଟ କରିବାରେ ପ୍ରାଣର ସେବାକରେ । ଯେଉଁ ବୁଦ୍ଧି ପ୍ରଧାନ ବ୍ୟକ୍ତିଙ୍କର ପ୍ରାଣ ମନରେ କିଛି ଅଂଶରେ ଆତ୍ମାର ପ୍ରଭାବ ପଡ଼ିଥାଏ ସେମାନେ ନୈତିକ ନିୟମ ଅନୁସାରେ ବ୍ୟକ୍ତି ଏକ ପତ୍ନିବ୍ରତ ଏବଂ ନାରୀ ଏକ ପାତିବ୍ରତ ଧର୍ମ ପାଳନ କରନ୍ତି । ଯେଉଁମାନଙ୍କର ଏଥିରେ ଦୃଢ଼ ନିଷ୍ଠା ଥାଏ ସେମାନେ ପୂର୍ଣ୍ଣରୂପେ ବ୍ରହ୍ମଚର୍ଯ୍ୟ ଧାରଣ କରନ୍ତି । କ୍ରମଶଃ ଏହି ପ୍ରଣାଳୀରେ ବ୍ୟକ୍ତି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିପାରେ । ଏହି ରୂପେ ବ୍ରହ୍ମଚର୍ଯ୍ୟ ପାଳନର ପ୍ରଣାଳୀ କ୍ରମ-ବିକାଶର । କିନ୍ତୁ ଏହା ଛଡ଼ା ଆତ୍ମା ଯେଉଁମାନଙ୍କର ଜାଗ୍ରତ ହୁଏ ସେମାନେ ଅଧ୍ୟାତ୍ମ ସାଧନା ଆରମ୍ଭ କରନ୍ତି ଏବଂ ଅଖଣ୍ଡ ରୂପେ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି । ସେମାନଙ୍କୁ କ୍ରମ-ବିକାଶ ପ୍ରଣାଳୀରେ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ହୁଏ ନାହିଁ ।

ପ୍ରଶ୍ନ : ବ୍ରହ୍ମଚର୍ଯ୍ୟ ପାଳନରେ କ୍ରମ ବିକାଶ ପ୍ରଣାଳୀ କିପରି ?

ଉତ୍ତର : ପଶୁମାନଙ୍କର କୁଟୁମ୍ବ, ପରିବାର, ବିବାହ, ବନ୍ଧନ ନ ଥାଏ । ସେମାନେ ସ୍ୱଚ୍ଛନ୍ଦରେ ବ୍ରହ୍ମଚର୍ଯ୍ୟ ନଷ୍ଟ କରନ୍ତି । ପଶୁମାନଙ୍କର ଅଧିକ ବ୍ରହ୍ମଚର୍ଯ୍ୟ ନଷ୍ଟ ହେବାରୁ ସେମାନେ ବୁଦ୍ଧି, ବିବେକ ଧାରଣ କରି ପାରନ୍ତି ନାହିଁ । କିଂବା ଅଧିକ ଦିନ ଜୀବିତ ରହି ପାରନ୍ତି ନାହିଁ । ପଶୁ ପରେ ମନୋମୟ ସ୍ତରରେ ମନୁଷ୍ୟ ପ୍ରବେଶ କରିବା ମାତ୍ରେ ତାକୁ ବୁଦ୍ଧି ଏବଂ ବିବେକ ଧାରଣ କରିବାକୁ ହୁଏ । ସେଇଥିପାଇଁ ତାର ବ୍ରହ୍ମଚର୍ଯ୍ୟ ସଞ୍ଜମ ପାଇଁ ଭଗବାନଙ୍କ ଦ୍ୱାରା ତାର ଗୁଣକର୍ମ ଅନୁସାରେ ହେଲା ବର୍ଣ୍ଣ ଧର୍ମ । ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଶୁଦ୍ର ତଥା ଅନ୍ତ୍ୟଜ । ନିର୍ଦ୍ଧାରିତ କରାହେଲା ପାରିବାରିକ ସମ୍ବନ୍ଧ ଭିନ୍ନ ବିବାହିତ ସମ୍ବନ୍ଧ । ଏହି ନିୟମ ଦ୍ୱାରା କେତେ ପରିଣାମରେ ବ୍ରହ୍ମଚର୍ଯ୍ୟ ନିୟନ୍ତ୍ରିତ କରା ହେଲା । ଅନ୍ତ୍ୟଜ ଏବଂ ଶୁଦ୍ର ବର୍ଣ୍ଣରେ ନାରୀମାନେ ଏକ ପତି ତ୍ୟାଗ କରି କିଂବା ପତିର ମୃତ୍ୟୁ ପରେ ଅନ୍ୟ ପତି ଗ୍ରହଣ କରିବାର ବ୍ୟବସ୍ଥା ଥିଲା । କିନ୍ତୁ ବୈଶ୍ୟ, କ୍ଷତ୍ରୀୟ ଏବଂ ବ୍ରାହ୍ମଣ ବର୍ଣ୍ଣରେ ନାରୀ ସକାଶେ ଗୋଟିଏ ପତିର ବିଧାନ ଥିଲା । ଏହା ଥିଲା ସମାଜର ନିୟମ । ଏହାର ପ୍ରତିକୂଳ ଆଚରଣ କରିବା ବ୍ୟକ୍ତିଙ୍କୁ ସମାଜ ସ୍ୱୀକାର କରୁ ନ ଥିଲା । ଉଚ୍ଚତର ସତ୍ୟ ବା ଚେତନାକୁ ଧାରଣ କରିବାର ସାମର୍ଥ୍ୟ ଥାଏ କେବଳ ବ୍ରହ୍ମଚର୍ଯ୍ୟରେ । ସତ୍ୟଯୁଗରୁ ଆଜି ପର୍ଯ୍ୟନ୍ତ ସମସ୍ତ ଅଧ୍ୟାତ୍ମ ସାଧକମାନେ ଉଚ୍ଚତର ସତ୍ୟ ଉପଲବ୍ଧି କରିଛନ୍ତି ବ୍ରହ୍ମଚର୍ଯ୍ୟକୁ ଧାରଣ କରିବା ଦ୍ୱାରା ।

ମନୋମୟ ସ୍ତର ପରେ ବିଜ୍ଞାନ ଏବଂ ଆନନ୍ଦ ସ୍ତରରେ ସତ୍ୟଧାରଣ କରିବାର ଏକମାତ୍ର ସାମର୍ଥ୍ୟ ପ୍ରାପ୍ତହୁଏ ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା । କ୍ରମ-ବିବର୍ତ୍ତନର ଲକ୍ଷ୍ୟ ବିଜ୍ଞାନ ଆନନ୍ଦ ସ୍ତରରେ ପ୍ରବେଶ କରିବା । ସେହି କାରଣରୁ କ୍ରମ-ବିକାଶ ପ୍ରଣାଳୀରେ ବ୍ୟକ୍ତିକୁ ଅଗ୍ରସର କରିବା ସକାଶେ ନୈତିକ ଧର୍ମର ବ୍ୟବସ୍ଥା କରାହୋଇଅଛି ।

ପ୍ରଶ୍ନ : ତୁମ କହିବା ଅନୁସାରେ ଯଦି ନୈତିକ ନିୟମ ଅନୁସାରେ କ୍ରମ ବିବର୍ତ୍ତନରେ ବ୍ୟକ୍ତିକୁ ଅଗ୍ରସର ସକାଶେ ବ୍ରହ୍ମଚର୍ଯ୍ୟ ପାଳନ ଅନିବାର୍ଯ୍ୟ ହୋଇଥା'ନ୍ତା; ନୈତିକ ଧର୍ମ ସ୍ଥାୟୀ ହୋଇ ରହିଥା'ନ୍ତା । ତାହାତ ହୋଇ ନାହିଁ, ସବୁଭାଙ୍ଗି ଚୁରମାର ହୋଇ ଯାଇଛି । ଅଧିକ ପରିମାଣରେ ନରନାରୀମାନେ ପଶୁ ସଦୃଶ ବ୍ରହ୍ମଚର୍ଯ୍ୟ ନଷ୍ଟ କରୁଛନ୍ତି । ପୂର୍ବ ନୈତିକତାକୁ କୁସଂସ୍କାରଯୁକ୍ତ ବ୍ୟକ୍ତିଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବାରୁ ଘୋଷଣା କରୁଅଛନ୍ତି । ଆଧୁନିକ ସଭ୍ୟ ବ୍ୟକ୍ତିଙ୍କ ଏହି ଉକ୍ତି ଠିକ୍ ବା ଶାସ୍ତ୍ର ପୁରାଣ ଅଧ୍ୟାତ୍ମ ସାଧକ ମାନଙ୍କର ବ୍ରହ୍ମଚର୍ଯ୍ୟ ପାଳନ ଠିକ୍ ?

ଉତ୍ତର : ଜନ୍ମ ଅନ୍ଧ ଦୃଢ଼ତା ସହିତ ଘୋଷଣା କରେ ପୁଷ୍ପ ଫଳରେ ସୌନ୍ଦର୍ଯ୍ୟର ଏକବାର ଅଭାବ । ଏହି ସିଦ୍ଧାନ୍ତକୁ କୋଟି କୋଟି ଜନ୍ମ ଅନ୍ଧ ଅକୁଣ୍ଠିତ ଭାବେ ସମର୍ଥନ କରନ୍ତି । କିନ୍ତୁ ଗୋଟିଏ ଦୃଷ୍ଟିଥିବା ବ୍ୟକ୍ତି ଏହି ସିଦ୍ଧାନ୍ତକୁ ବିନା ଦ୍ୱିଧାରେ ଅସ୍ୱୀକାର କରେ । ମୋହ ଗ୍ରାସିତ ବିଷୟାଶକ୍ତ ଅନ୍ଧମାନଙ୍କର ଯେପର୍ଯ୍ୟନ୍ତ ଆତ୍ମା ଜାଗ୍ରତ ରୂପେ ଦୃଷ୍ଟିପ୍ରାପ୍ତ ନ ହୁଏ କିଂବା ଯୁକ୍ତି ବୁଦ୍ଧି ରୂପ ହାତରେ ଅଣ୍ଟାଳି ବିଭିନ୍ନତା ଜାଣି ନ ପାରନ୍ତି ସେ ପର୍ଯ୍ୟନ୍ତ ତାଙ୍କ ପାଖରେ ଯଥାର୍ଥତା ନିର୍ଣ୍ଣୟ ହୋଇ ପାରେ ନାହିଁ ।

ନୈତିକତା ବିଶୃଙ୍ଖଳାରେ ପରିଣତ ହେବାର କାରଣ ହେଉଛି କ୍ରମ ବିବର୍ତ୍ତନର ଅଗ୍ରସର ତଥା କ୍ରମ ବିବର୍ତ୍ତନରେ ଅଗ୍ରସର ହେଲେ ପୂର୍ବ ନିର୍ଦ୍ଧାରିତ ନିୟମ ଭାଙ୍ଗିଯାଏ । ଯେଉଁମାନେ ସଚେତ ଥାଆନ୍ତି ସେମାନେ ଉଚ୍ଚତର ସତ୍ୟର ଅବଲମ୍ବନରେ ପୂର୍ବ ନିୟମକୁ ତ୍ୟାଗ କରନ୍ତି । ଯେଉଁମାନେ ଅଚେତନ ଥାଆନ୍ତି ସେମାନେ ଯୁଗ ପରିବର୍ତ୍ତନ ଅବସ୍ଥାକୁ ବୁଝି ପାରନ୍ତି ନାହିଁ ପୂର୍ବପଛାରୂପେ ଛିଡ଼ାହୋଇଥିବା ଡାଳ ଭାଙ୍ଗିଯାଏ, ଉପରକୁ ଚଢ଼ିବା ସକାଶେ ସତ୍ୟ ରୂପ ଡାଳକୁ ଧରି ପାରନ୍ତି ନାହିଁ, ଛିଡ଼ା ହୋଇଥିବା ପୂର୍ବ ନୀୟମକ ରୂପ ଡାଳ ଭାଙ୍ଗିଯିବା ସଙ୍ଗେ ସଙ୍ଗେ ତଳକୁ ପଡ଼ି ଯାଆନ୍ତି । ବର୍ତ୍ତମାନ ଠିକ୍ ସେହି ସମୟ ।

ମନର ବିକାଶ ଶେଷ ହୋଇ ସାରିଛି । ମନୁଷ୍ୟକୁ ପ୍ରବେଶ କରିବାକୁ ହେବ ମନ ଉର୍ଦ୍ଧ୍ୱ ଅତିମାନସ ବିଜ୍ଞାନ ଚେତନା ସ୍ତରରେ ।

ପ୍ରଶ୍ନ : ଯଥାର୍ଥରେ ବ୍ରହ୍ମଚର୍ଯ୍ୟର ମହାନ୍ ଶକ୍ତି । କିନ୍ତୁ ତାହା ପୂର୍ଣ୍ଣରୂପେ ପାଳନ କରିବା ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ସମ୍ଭବ ହେବ କିପରି ?

ଉତ୍ତର : ପ୍ରସାରିତ ବ୍ରହ୍ମଚର୍ଯ୍ୟ ନଷ୍ଟକୁ ବ୍ୟକ୍ତି କ୍ରମଶଃ ସଂକୁଚିତ କରିବା ଦ୍ୱାରା ଶେଷରେ ନିରୋଧ କରିପାରେ ।

କ୍ରମବିକାଶରେ ଆଧାର ବ୍ରହ୍ମଚର୍ଯ୍ୟ ପାଳନ । ଏହାରି ପାଳନ ସକାଶେ ଭଗବାନ ନୈତିକ ଧର୍ମ ଦ୍ୱାରା ବର୍ଣ୍ଣ ବିଭାଗ, ଗୋତ୍ର ବଂଶ ଏବଂ ସ୍ୱଜାତି ତଥା ପତ୍ନୀବ୍ରତ, ପାତିବ୍ରତ୍ୟ ବିଧାନ କରିଛନ୍ତି ।

କିନ୍ତୁ ଏହା ଯଥାର୍ଥରୂପେ ପାଳନ କରାହୁଏ ମନ, ପ୍ରାଣ, ଶାରୀରର ରୂପାନ୍ତର-ଜୀବନରେ ଯଥାର୍ଥ ଲକ୍ଷ୍ୟ ଗ୍ରହଣ କରି ଯଥାର୍ଥ ସାଧନା ମାର୍ଗରେ ପରିଚାଳିତ ହେବାରେ । ଏହି ବିଷୟ ବହୁତ ଗ୍ରନ୍ଥରେ ଲେଖାଅଛି ।

ପ୍ରଶ୍ନ : ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ସମସ୍ତ ସତ୍ତାରେ ଭଗବତ ପ୍ରାପ୍ତି । ଏହା ହୁଏ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନରେ । ଗୃହସ୍ଥାଶ୍ରମିଙ୍କ ସକାଶେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ସମ୍ଭବ ନୁହେଁ । ସେମାନେ କ'ଣ ଲକ୍ଷ୍ୟ ସିଦ୍ଧି କରି ପାରିବେ ନାହିଁ ?

ଉତ୍ତର : ଗୃହସ୍ଥାଶ୍ରମିକମାନେ କ୍ରମଶଃ ବ୍ରହ୍ମଚର୍ଯ୍ୟ ସଞ୍ଜମ ପ୍ରଣାଳିରେ ଅଗ୍ରସର ହେଲେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବେ ଏବଂ ଲକ୍ଷ୍ୟରେ ପହଞ୍ଚି ପାରିବେ । ପ୍ରଥମରେ ବିବାହ ପର୍ଯ୍ୟନ୍ତ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ଅବଶ୍ୟ ପାଳନ କରିବା ଏକାନ୍ତ ଆବଶ୍ୟକ । ବିବାହ ପରେ ନିଜକୁ ସଞ୍ଜତ ରଖି କେବଳ ଦୁଇଟି ସନ୍ତାନ ଉତ୍ପନ୍ନ ସକାଶେ ସଂଯମିତ ଭାବେ ବ୍ରହ୍ମଚର୍ଯ୍ୟ ନଷ୍ଟ କରିବେ । ପରେ ପୂର୍ଣ୍ଣଭାବେ ବ୍ରହ୍ମଚର୍ଯ୍ୟ ସଞ୍ଜମ କରିପାରିବେ । ବିବାହ ପରେ ଠିକ୍ ଠିକ୍ ଏପରି ଯେଉଁମାନେ ବ୍ରହ୍ମଚର୍ଯ୍ୟ ପାଳନ ନ କରି ପାରିବେ ସେମାନେ ଅନ୍ତତଃ ଏହି ରୂପେ ପାଳନ କରିବାକୁ ଚେଷ୍ଟା କରିବେ ।

ପ୍ରଶ୍ନ : ବ୍ରହ୍ମଚର୍ଯ୍ୟ ପାଳନର ଉପାୟ କ'ଣ ?

ଉତ୍ତର : ପ୍ରଧାନ ଏବଂ ଏକମାତ୍ର ଉପାୟ ହେଲା ଭଗବତ ପ୍ରାପ୍ତି ଜୀବନର ଏକମାତ୍ର ଲକ୍ଷ୍ୟ ରୂପେ ଗ୍ରହଣ କରିବା । ଲକ୍ଷ୍ୟ ଯଦି ଆନ୍ତରିକ ସହ ଗ୍ରହଣ କରାହୁଏ ତେବେ ବ୍ରହ୍ମଚର୍ଯ୍ୟ ପାଳନ ସକାଶେ ସ୍ୱତଃସ୍ଫୂର୍ତ୍ତ ଭାବେ ଆଗ୍ରହ ଜନ୍ମେ । ଲକ୍ଷ୍ୟ ଗ୍ରହଣ ଛଡ଼ା ଅନ୍ୟ କୌଣସି ଉପାୟରେ ବ୍ରହ୍ମଚର୍ଯ୍ୟ ପାଳନ ସମ୍ଭବ ନୁହେଁ ।

ପ୍ରଶ୍ନ : ହଟଯୋଗୀମାନେ ବହୁ ପ୍ରକାର ବାହ୍ୟକ୍ରିୟାରେ ବ୍ରହ୍ମଚର୍ଯ୍ୟ ଧାରଣ କରନ୍ତି । ଏହା କ'ଣ ମିଥ୍ୟା ଧାରଣା ?

ଉତ୍ତର : ଧାରଣା ସତ୍ୟ କିନ୍ତୁ ଭଗବତ ପ୍ରାପ୍ତି ଜୀବନର ଲକ୍ଷ୍ୟ ବିନା ଆନ୍ତରିକ ଦୃଢ଼ ସଂକଳ୍ପ ହୁଏ ନାହିଁ । ସେହି ସକାଶେ ସମସ୍ତ ପ୍ରକାର ବାହ୍ୟ କ୍ରିୟା ଅର୍ଥହୀନ ହୁଏ । ବ୍ରହ୍ମଚର୍ଯ୍ୟ ପାଳନରେ ସାମାନ୍ୟ ରୂପେ ସାହାଯ୍ୟ କରେ ଆସନ । ଆସନ ବ୍ୟତିକ୍ରମରେ କିଛି କ୍ଷତି ହୁଏ ନାହିଁ । କିନ୍ତୁ ପ୍ରାଣାୟମ ବିଶେଷତଃ ହଟଯୋଗକ୍ରିୟାରେ ଆନ୍ତରିକ ଦୃଢ଼ ସଂକଳ୍ପ ଅଭାବ । ସିଦ୍ଧଗୁରୁ ପାଖରେ ଥିବେ, କ୍ରିୟା ଏକାବାର ଯଥାର୍ଥ ପ୍ରଣାଳୀ ତଥା ନିର୍ଦୋଷରେ ହେଉଥିବ । କ୍ରିୟାର ଅନୁକୂଳ ଭୋଜନରେ ବ୍ୟତିକ୍ରମ ଘଟୁ ନ ଥିବ, କ୍ରିୟା ସମୟରେ ମାନସିକ କାମନା ବାସନା ସମ୍ବନ୍ଧିୟ ଚିନ୍ତା ବା ପ୍ରାଣର ଆଦାନ ପ୍ରଦାନ ଏକବାରେ ନ ଥିବ ତେବେ ହଟଯୋଗ କ୍ରିୟା ସିଦ୍ଧ ହୁଏ । ଅର୍ଥାତ୍ ଯୋଗୀ ରେତସ୍‌କୁ ବ୍ରହ୍ମାଣ୍ଡକୁ ବା ମସ୍ତକକୁ ନେଇଯାଇ ପାରେ । ହଟଯୋଗ କ୍ରିୟା ସିଦ୍ଧି କରିବାରେ ଶହେସାଧକ ମଧ୍ୟରୁ ଅନେଶ୍ୱତ ଧାତୁ ରୋଗ ତଥା ଅନ୍ୟାନ୍ୟ ବହୁତ ପ୍ରକାର ରୋଗରେ ପଡ଼ି ଜୀବନ ନଷ୍ଟ କରିଛନ୍ତି । ଏହି କ୍ରିୟାର କୁପରିଣାମ ଭୋଗୁଥିବା ବହୁତ ସାଧକଙ୍କୁ ଦେଖିଛି । କୌଣସି ବ୍ୟକ୍ତି ବ୍ରହ୍ମଚର୍ଯ୍ୟ ପାଳନ ସକାଶେ ବାହ୍ୟ ପ୍ରକ୍ରିୟା ମୋହରେ କଦାପି ପଡ଼ିବା ଉଚିତ୍ ନୁହେଁ । ଏହା ଯଥାର୍ଥରେ ସଞ୍ଜମ ହୁଏ ମାନସିକ ବିଚାର ସଞ୍ଜମରେ ।

ପ୍ରଶ୍ନ : ବ୍ରହ୍ମଚର୍ଯ୍ୟ କ'ଣ ?

ଉତ୍ତର : ବିବାହିତ ପତି ପତ୍ନୀଙ୍କ ଭିତରେ ଯେଉଁ ସମ୍ପର୍କ ସେହି ସମ୍ପର୍କ ନ ରଖିବା ହେଲା ବ୍ରହ୍ମଚର୍ଯ୍ୟ ପାଳନ । ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା ରେତସ୍ ଶକ୍ତିରେ ପରିଣତ ହୁଏ ।

ପ୍ରଶ୍ନ : ଅତିମାନସ ଯୋଗ ଜୀବନରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ଧାରଣ, ବ୍ରହ୍ମଚର୍ଯ୍ୟ ପାଳନ ବିନା ଶରୀର ରୂପାନ୍ତର ସମ୍ଭବ ହେବ ନାହିଁ କିଂବା ଜ୍ୟୋତି, ଶକ୍ତି, ଜ୍ଞାନ, ଆନନ୍ଦକୁ ଧାରଣ କରି ପାରିବ ନାହିଁ । ତେବେ ଗାର୍ହସ୍ଥାଶ୍ରମରେ ଥିବା ବ୍ୟକ୍ତିଙ୍କ ପକ୍ଷେ ଯୋଗ ସାଧନା କିପରି ସମ୍ଭବ ହେବ ?

ଉତ୍ତର : ଅତିମାନସ ରୂପାନ୍ତର ଯୋଗ ସମସ୍ତ ବ୍ୟକ୍ତି ପକ୍ଷେ ସମ୍ଭବ । ବ୍ୟକ୍ତି ଗୃହତ୍ୟାଗି ହେଉ, ଗାର୍ହସ୍ଥ୍ୟାଶ୍ରମରେ ରହିଥାଉ, ସାଧନାର ଆରମ୍ଭିକ ଅବସ୍ଥାରେ ସମସ୍ତ ବ୍ୟକ୍ତିଙ୍କ ମନ, ପ୍ରାଣ, ଶରୀରରେ କାମ, କ୍ରୋଧ, ଲୋଭ, ମୋହ ଅହଂସ୍ୱାର୍ଥ ତମସାଦି ବିକାର ବିଦ୍ୟମାନ ଥାଏ । କିନ୍ତୁ ସାଧନାରେ ଅଗ୍ରସର ହେବା ଅନୁପାତରେ ଏସବୁ କ୍ରମଶଃ ଶୁଦ୍ଧ

ହୁଅନ୍ତି । ଗାର୍ହସ୍ଥ୍ୟାଶ୍ରମର ବ୍ୟକ୍ତି ସାଧନା କଲେ କ୍ରମଶଃ ତାଙ୍କ ମନ, ପ୍ରାଣ ଶୁଦ୍ଧ ହେବ । ସେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବାରେ ସମର୍ଥ ହେବେ ।

ପ୍ରଶ୍ନ : ଗାର୍ହସ୍ଥ୍ୟାଶ୍ରମରେ ସ୍ୱାମୀ ସ୍ତ୍ରୀ ମଧ୍ୟରୁ ଯଦି ଜଣେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ଚାହେଁ, ଅନ୍ୟ ଜଣେ ସେଥିରେ ସହଯୋଗ ନ କଲେ ତେବେ ସମସ୍ୟା ଜଟିଳ ହୁଏ । ଏହାର ସମାଧାନ କ'ଣ ?

ଉତ୍ତର : ଏହାର ସମାଧାନ ହେଲା ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ରଖି ଧୈର୍ଯ୍ୟ ସହ ଅପେକ୍ଷା କରିବା । ବିଦ୍ରୋହ କଦାପି କରିବା ଉଚିତ୍ ନୁହେଁ । ବରଂ ଶାନ୍ତି ରକ୍ଷା କରି ବିରୋଧ ଭାବ ପୋଷଣ ନ କରି ଅନ୍ୟକୁ ସେହି ଅଧ୍ୟାତ୍ମ ମାର୍ଗରେ ନେଇ ଚାଲିବାକୁ ଚେଷ୍ଟା କରିବା ତଥା ଦୃଢ଼ ବିଶ୍ୱାସ ରଖି ମା'ଙ୍କୁ ପ୍ରାର୍ଥନା କରିବା । ଏପରି କଲେ ଅନ୍ୟ ବ୍ୟକ୍ତିର ପ୍ରବୃତ୍ତି ପରିବର୍ତ୍ତନ ହେବ ଏବଂ ସେ ସ୍ୱୟଂ ଯୋଗ ସାଧନାରେ ଆଗ୍ରହୀ ହୋଇ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବା ବ୍ରତ ଗ୍ରହଣକରିବ । ସ୍ନେହ,ଶ୍ରଦ୍ଧା, ଭକ୍ତି ଭାବରେ ବୁଝେଇ ଅଧ୍ୟାତ୍ମ ମାର୍ଗରେ ନେଇ ଚାଳିବା ପରିବର୍ତ୍ତେ ବିରୋଧ କଦାପି କରିବା ଉଚିତ୍ ନୁହେଁ । ବିରୋଧରେ ଅଶାନ୍ତି ତଥା ଦ୍ୱେଷ ଉତ୍ପନ୍ନ ହେବ । ଏହା ଦ୍ୱାରା ସାଧନା ପ୍ରଗତିରେ ବାଧା ପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ସହଧର୍ମୀ ବା ସହଧର୍ମୀଣୀଙ୍କ ଉପରେ ଉତ୍ତମ ପ୍ରଭାବ ନ ପଡ଼ି ପ୍ରତିକ୍ରିୟା ସୃଷ୍ଟି ହେବ । ଏହା ସାଧନାରେ ମହାନ ବାଧା ସୃଷ୍ଟି କରିବ । ଏହି କାରଣରୁ ବିଦ୍ରୋହ ନ କରି ଅପେକ୍ଷା କରିବାରେ ଅପେକ୍ଷାକୃତ ଶୀଘ୍ର ସମସ୍ୟା ସମାଧାନ ହେବ ।

ପ୍ରଶ୍ନ : କ'ଣ ଅଧ୍ୟାତ୍ମ ସତ୍ୟ ଉପଲବ୍ଧି କରିବା ପରେ ବିବାହ କରାଯାଇ ପାରେ ?

ଉତ୍ତର : ପୂର୍ଣ୍ଣରୂପେ ଅଧ୍ୟାତ୍ମ ସତ୍ୟ ଉପଲବ୍ଧି କରିବା ପରେ ସ୍ୱୟଂ ପ୍ରାଣ ଏବଂ ସମସ୍ତ ପ୍ରକାର ବାସନା କାମନା ରୂପାନ୍ତର ହୋଇଯାଏ । ଶରୀର ରୂପାନ୍ତର ହେଲେ ସ୍ତ୍ରୀ ପୁରୁଷର ଲିଙ୍ଗ ଚିହ୍ନ ରହେ ନାହିଁ । ସେମାନେ ଯେଉଁ ବସ୍ତ୍ର ପିନ୍ଧିଥା'ନ୍ତି ସେ ବସ୍ତ୍ର ଶରୀରଠାରୁ ପୃଥକ୍ ନୁହେଁ । କେବଳ ସ୍ତ୍ରୀ ଆଉ ପୁରୁଷର ଆକୃତି ଦେଖାଯାଏ । କିନ୍ତୁ ସ୍ତ୍ରୀ, ପୁରୁଷର ଲିଙ୍ଗ ଭେଦ ନ ଥାଏ । ବିବାହ କାହିଁକି ଓ କିଏ କାହାସଙ୍ଗେ କରିବ ?

ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ବନ୍ଧେ

ପ୍ରଶ୍ନ : ପୂର୍ଣ୍ଣାଙ୍ଗ ଶିକ୍ଷାର ଅଭିପ୍ରାୟ କ'ଣ ?

ଉତ୍ତର : ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ହେଲା ମନ, ପ୍ରାଣ, ଶରୀର ସହିତ ଆତ୍ମାର ବିକାଶ । ଏଥିରେ ଜୀବନର ପୂର୍ଣ୍ଣତା ଏବଂ ଏହାହିଁ ସଂସାରର ସମସ୍ତ ବ୍ୟକ୍ତିଙ୍କ ଜୀବନର ଲକ୍ଷ୍ୟ । ଏହି ସକାଶେ ଭଗବାନଙ୍କ ସୃଷ୍ଟି ତଥା ଭଗବାନଙ୍କର ଏହାହିଁ ସଂକଳ୍ପ । ଆଗାମୀ ନୂତନ ସତ୍ୟଯୁଗ ସକାଶେ ଜୀବନର ସର୍ବାଙ୍ଗୀନ ବିକାଶ ଅନିବାର୍ଯ୍ୟ । ଏହି ପୂର୍ଣ୍ଣାଙ୍ଗ ବିକାଶ ନିଶ୍ଚିତ ରୂପେ ଆସିବ । ମନୁଷ୍ୟ ସ୍ୱଇଚ୍ଛାରେ ଗ୍ରହଣ ନ କଲେ ପରିସ୍ଥିତି ବାଧ କରିବ । କାରଣ ଉପସ୍ଥିତ ବିଶୃଙ୍ଖଳ ସମସ୍ୟାର ସମାଧାନର ଅନ୍ୟ କୌଣସି ମାର୍ଗ ନାହିଁ ।

କ୍ରମବିକାଶ ଅନୁସାରେ ମନର ବିକାଶ ସମାପ୍ତ ହୋଇ ସାରିଛି । ଆତ୍ମବିକାଶର ସମୟ ଉପସ୍ଥିତ ହୋଇଛି । ସେହି ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ନିଜ ସାଧନାରେ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ପ୍ରତିଷ୍ଠା କରିଛନ୍ତି । ଏହି ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ । ସେ ମନ, ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ଆତ୍ମ-ସତ୍ୟ ଦ୍ୱାରା ପରିଚାଳିତ ହେବ । କିଛି ବ୍ୟକ୍ତି ଏହି ସତ୍ୟ ଦ୍ୱାରା ପରିଚାଳିତ ହେବା ଫଳରେ ସଂସାରରୁ ଅସତ୍ୟ, ମିଥ୍ୟାଚାର ଦୂର ହେବ । ସଂସାର ସ୍ୱର୍ଗରେ ପରିଣତ ହେବ ।

ଏହି ସତ୍ୟକୁ ପ୍ରଥମରେ କୃଷକ, ବ୍ୟବସାୟୀ, ରାଜନୀତିଜ୍ଞ ତଥା ଅନ୍ୟାନ୍ୟ ଶ୍ରେଣୀର ଖୁବ୍ କମ୍ ବ୍ୟକ୍ତି ଗ୍ରହଣ କରିବେ । ଏହି ସତ୍ୟକୁ ଗ୍ରହଣ କରିବାର ମାଧ୍ୟମ ହେବ ପାଠଚକ୍ର । ପାଠଚକ୍ରର ଅଭିବୃଦ୍ଧି ସାଧନ ହୋଇ ଭିନ୍ନ ଭିନ୍ନ ସ୍ଥାନରେ ସାଧନାଳୟ ଗଢ଼ିଉଠିବ । ସେଠାରେ ସାଧକମାନେ ରହି ଆଶ୍ରମ ଆଦର୍ଶରେ କୃଷି, ବାଣିଜ୍ୟ ଆଦି କରିବେ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିବେ ।

ଏହା ହେବା ସଙ୍ଗେ ସଙ୍ଗେ ପାଠଚକ୍ର ମାଧ୍ୟମରେ ସ୍ଥାନେ ସ୍ଥାନେ ଆଶ୍ରମ ଶିକ୍ଷା ଆଦର୍ଶରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠିତ ହେବ । ଏହି ସଂସ୍ଥାସବୁ ଯେତେ ଅଧିକ ପ୍ରତିଷ୍ଠିତ ଏବଂ କ୍ରିୟାଶୀଳ ହେବ ସେତେ ଅଧିକ ଅଧ୍ୟାତ୍ମ ସତ୍ୟର ପ୍ରଭାବ ବାତାବରଣରେ ପଡ଼ିବ । ସେହି ଅନୁପାତରେ ବ୍ୟକ୍ତି ଏହି ସତ୍ୟକୁ ଗ୍ରହଣ କରିବେ । ଯେତେ ଅଧିକ ବ୍ୟକ୍ତି ଏହି ସତ୍ୟକୁ ଗ୍ରହଣ କରିବେ ସେହି ଅନୁସାରେ ସଂସାରରୁ ଅସତ୍ୟ, ଅନାଚାର, ଦୁଃଖକଷ୍ଟ, ଅଭାବ ଆଦି ଦୂର ହେଉଥିବ । ବ୍ୟକ୍ତି କ୍ରମଶଃ ସୁଖ, ଶାନ୍ତି ଅନୁଭବ କରିବ ।

ପ୍ରଚଳିତ ଶିକ୍ଷା ଦ୍ୱାରା ବ୍ୟକ୍ତିର, ସମାଜର, ଦେଶର ଯଥାର୍ଥ ଉନ୍ନତି ହେବ ନାହିଁ, ବରଂ ଅବନତି ଆଡ଼କୁ ଟାଣି ହୋଇଯିବ । ଏହା ଏକ ପ୍ରତ୍ୟକ୍ଷ ଘଟଣା, ଆମ୍ଭମାନଙ୍କ ଦୃଷ୍ଟି ସମ୍ମୁଖରେ ସତତ ବିଦ୍ୟମାନ ।

ଯେଉଁ ନୈତିକତା ଦ୍ୱାରା ବ୍ୟକ୍ତି, ପରିବାର, ସମାଜ ପରିଚାଳିତ ହେଉଥିଲା ସେ ନୈତିକତା ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଛି । ପୂର୍ବେ ନୈତିକତା ଥିବା ଯୋଗୁଁ ପୁତ୍ର, କନ୍ୟା ପିତାମାତା ଗୁରୁଜନଙ୍କ ଆଜ୍ଞାପାଳନ କରୁଥିଲେ । ଅଧ୍ୟାପକମାନେ ବିଦ୍ୟାର୍ଥୀକୁ ନିଜ ପୁତ୍ର ତୁଲ୍ୟ ସ୍ନେହ ଶ୍ରଦ୍ଧା କରି ବିଦ୍ୟାଶିକ୍ଷା ଦେଉଥିଲେ । ବିଦ୍ୟାର୍ଥୀମାନେ ଅଧ୍ୟାପକଙ୍କୁ ପିତାଠାରୁ ଅଧିକ ସମ୍ମାନ କରି ଆଜ୍ଞା ପାଳନ କରୁଥିଲେ । ନୈତିକତା ଭାଙ୍ଗିଯିବା ଯୋଗୁଁ ସନ୍ତାନମାନଙ୍କର ପିତାମାତାଙ୍କ ପ୍ରତି, ବିଦ୍ୟାର୍ଥୀର ଅଧ୍ୟାପକମାନଙ୍କ ପ୍ରତି ଯେପରି ବ୍ୟବହାର ତାହା ସମସ୍ତଙ୍କ ସାମନାରେ ବର୍ତ୍ତମାନ ସ୍ପଷ୍ଟ ।

ଏହିପରି ସ୍ଥିତିରେ ଉପସ୍ଥିତ ବିଶୃଙ୍ଖଳ ସମସ୍ୟା ସମାଧାନ କରିବାର ଏକମାତ୍ର ଅନିବାର୍ଯ୍ୟ ପନ୍ଥା ଏହି ଆଗାମୀ ଅତିମାନସ ସତ୍ୟକୁ ଗ୍ରହଣ କରିବା । ଏହି ସତ୍ୟକୁ ଗ୍ରହଣ କରିବା ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀରର ବିକାଶ ସହିତ ଆତ୍ମାର ବିକାଶ ହେବ । ତା' ଫଳରେ ବ୍ୟକ୍ତି ଆତ୍ମସତ୍ୟ ଦ୍ୱାରା ପରିଚାଳିତ ହେବ । ଏହି ସତ୍ୟକୁ ଗ୍ରହଣ କରିବା ସକାଶେ ସବୁଠାରୁ ଉତ୍ତମ ଉପାୟ ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର । ଏହି ଶିକ୍ଷା ଦ୍ୱାରା ବାଲ୍ୟାବସ୍ଥାରୁ ବାଳକ ବା ବାଳିକାମାନଙ୍କ ସଂସ୍କାରରେ ଅତିମାନସ ସତ୍ୟର ପ୍ରଭାବ ପଡ଼ିବ ଏବଂ କ୍ରମଶଃ ତାହା ବିକାଶ ହୋଇ ଚାଲୁଥିବ ।

ପ୍ରଶ୍ନ : ଏହି ପୂର୍ଣ୍ଣାଙ୍ଗ ଶିକ୍ଷାର ଆଧାର କ'ଣ ? କେଉଁ ପ୍ରଣାଳିରେ ପୂର୍ଣ୍ଣାଙ୍ଗ ଶିକ୍ଷା ଅଗ୍ରଗତି କରିପାରିବ ?

ଉତ୍ତର : ଏହାର ଆଧାର ଅତିମାନସ ସତ୍ୟ, ଯେଉଁ ସତ୍ୟକୁ କ୍ରିୟାଶୀଳ କରାଇବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ଆଶ୍ରମ ଓ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିଛନ୍ତି । ଏହି ଶିକ୍ଷାର ପ୍ରଣାଳି ହେଉଛି :

(୧) ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକମାନେ ହେବେ ସାଧକ । ସେମାନଙ୍କର ଜୀବନର ଲକ୍ଷ୍ୟ ହେବ ଅତିମାନସ ଶକ୍ତି ଦ୍ୱାରା ମନ, ପ୍ରାଣ, ଶରୀରର ଦିବ୍ୟ ତତ୍ତ୍ୱରେ ରୂପାନ୍ତର; ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି । ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବା ହେବ ଲକ୍ଷ୍ୟ । ଆରମ୍ଭରେ ଏହା ପ୍ରାପ୍ତ ହେବ ନାହିଁ । ଏହି ଲକ୍ଷ୍ୟ ଆଡ଼କୁ ଗତି କରୁଥିବା ବ୍ୟକ୍ତି ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ହୋଇ ପାରିବେ ।

(୨) ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବ୍ୟବସ୍ଥାପକ ତଥା ସଂଚାଳକ ସେହିମାନେ ହେବେ ଯେଉଁମାନେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାରେ ପୂର୍ଣ୍ଣ ବିଶ୍ୱାସ ରଖିଥିବେ; ଏହା ପ୍ରତି ଥିବ ସେମାନଙ୍କର ଆଗ୍ରହ, ଶ୍ରଦ୍ଧା, ବିଶ୍ୱାସ, ଉତ୍ସାହ ତଥା ତତ୍ପରତା । ଏହିସବୁ ଗୁଣ ନ ଥିବା ବ୍ୟକ୍ତି ସଂଚାଳକ ହେବା ଉଚିତ ନୁହେଁ ।

(୩) ଯେଉଁ ବାଳକ-ବାଳିକାମାନେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଧ୍ୟୟନ କରିବେ ସେମାନଙ୍କ ପିତାମାତା ଯଦି ଅତିମାନସ ସତ୍ୟ ତଥା ଉପସ୍ଥିତ ପରିସ୍ଥିତି, ଆଗାମୀ ଅତିମାନସ ସତ୍ୟଯୁଗ ସମ୍ବନ୍ଧେ ସଚେତ ଥିବେ ତେବେ ବହୁତ ଉତ୍ତମ । ଅନ୍ୟଥା ଆଦର୍ଶବାନ୍ ହେବା ଏକାନ୍ତ ପ୍ରୟୋଜନ । ସେମାନେ ଘରେ କଳି କରିବେ ନାହିଁ, ରାଗହିଂସା କରିବେ ନାହିଁ, ସମସ୍ତ କାର୍ଯ୍ୟ ନିୟମିତ ଶୃଙ୍ଖଳିତ ଭାବେ କରିବେ । ପିଲାମାନଙ୍କୁ ମାରିବେ ନାହିଁ, ଗାଳି ଦେବେ ନାହିଁ । ସେମାନଙ୍କୁ ଉତ୍ତମ କାର୍ଯ୍ୟ କରିବା ସକାଶେ ବୁଝାଇ ଦେବେ । ଛାତ୍ରଛାତ୍ରୀମାନଙ୍କ ସଂସ୍କାର ଉପରେ ସ୍କୁଲରେ ଯେଉଁ ଆଦର୍ଶର ପ୍ରଭାବ ପଡ଼ିଥିବ, ଘରେ ପିତାମାତାଙ୍କର ବିପରୀତ ଆଚରଣଜନିତ ପ୍ରତିକୂଳ ପ୍ରଭାବ ସେସବୁକୁ ନଷ୍ଟ କରିଦେବ । ସେ ସକାଶେ ପିତାମାତାମାନେ ପିଲାମାନଙ୍କ ପ୍ରତି ଉତ୍ତମ ଆଚରଣ କରିବା ଆବଶ୍ୟକ ।

ସଂସାରରେ ବର୍ତ୍ତମାନ ଯେଉଁ ବିଶୃଙ୍ଖଳା, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ତାହା ସମାଜନୀତି, ରାଜନୀତି ତଥା ଅନ୍ୟ କୌଣସି ଉପାୟରେ ଦୂର ହେବ ନାହିଁ । ଦୂର ହେବ ଅତିମାନସ ସତ୍ୟ ସଂସାରରେ ପ୍ରସାର ହେବା ଦ୍ୱାରା । ଏହି ସତ୍ୟ ପ୍ରସାରର ମାଧ୍ୟମ ହେବ ଭିନ୍ନ ଭିନ୍ନ ସ୍ଥାନରେ ଆଶ୍ରମ ଆଦର୍ଶରେ ସାଧନାକେନ୍ଦ୍ର ଏବଂ ଆଶ୍ରମ ଶିକ୍ଷାକେନ୍ଦ୍ର ଆଦର୍ଶରେ ଶିକ୍ଷାକେନ୍ଦ୍ରମାନ ପ୍ରତିଷ୍ଠା କରିବା । ଏହିସବୁ କାର୍ଯ୍ୟ ଯେତେ ଅଗ୍ରସର ହେବ, ଅତିମାନସ ସତ୍ୟକୁ ଯେତେ ଅଧିକ ବ୍ୟକ୍ତି ଗ୍ରହଣ କରିବେ ସେହି ଅନୁପାତରେ ସଂସାରରୁ ଦୁଃଖକଷ୍ଟ, ବିଶୃଙ୍ଖଳା, ମିଥ୍ୟାଚାର ଦୂର ହେଉଥିବ । ଯେତେବେଳେ ଏହି ସତ୍ୟ ପୂର୍ଣ୍ଣରୂପେ ପ୍ରତିଷ୍ଠିତ ହେବ ସେତେବେଳେ ଏହି ସଂସାର ସ୍ୱର୍ଗରେ ପରିଣତ ହେବ ।

ସର୍ବାଙ୍ଗୀନ ଶିକ୍ଷାହିଁ ଉନ୍ନତ ଜୀବନର ଭିତ୍ତି

ଭିତ୍ତି ଯେତେ ଦୃଢ଼ ହୁଏ, ତାହା ଉପରେ ସେତେ ବିଶାଳ ଅଟ୍ଟାଳିକା ତିଆରି ହୋଇପାରେ । ଭିତ୍ତି ଦୁର୍ବଳ ଥିଲେ ଇମାରତ ଭୁଶୁଡ଼ି ପଡ଼େ । ଜୀବନର ଭିତ୍ତି ହେଉଛି ଛାତ୍ର ଅବସ୍ଥାରେ ମନ, ପ୍ରାଣ, ଶରୀର ତଥା ଆତ୍ମ ବିକାଶର ଶିକ୍ଷା । ଏହି ଚାରି ସତ୍ତା ବିକାଶରେ ବ୍ୟକ୍ତି ରୋଗ, ଜରା, ମୃତ୍ୟୁ, ସମସ୍ତ ପ୍ରକାର ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ଅଶାନ୍ତିରୁ ମୁକ୍ତ ହୋଇ ପରମ ଶାନ୍ତି, ପରମ ଆନନ୍ଦ ପ୍ରାପ୍ତ କରେ । ଜାଗତିକ ସମସ୍ତ କର୍ମ ଦକ୍ଷତା ସହ ସମ୍ପନ୍ନ କରିବାରେ ସମର୍ଥ ହୁଏ । ଏହିରୂପେ ପୂର୍ଣ୍ଣ ବିକଶିତ ବ୍ୟକ୍ତି ଦ୍ୱାରା ହୁଏ ନିଜର, ପରିବାରର, ଗ୍ରାମ, ଦେଶ ତଥା ସଂସାରର ହିତ ଏବଂ ଯଥାର୍ଥ ଉନ୍ନତି । ଅତଏବ ପ୍ରତ୍ୟେକ ଛାତ୍ର-ଛାତ୍ରୀମାନଙ୍କର ସାବଧାନତା ସହ ଜୀବନରେ ପୂର୍ଣ୍ଣତାର ଆଧାର ପ୍ରତିଷ୍ଠା କରିବାରେ ଯତ୍ନଶୀଳ ହେବା ଏକାନ୍ତ ପ୍ରୟୋଜନ ।

ଉନ୍ନତିରେ ବାଧା

ପ୍ରଥମ ବାଧା ହେଲା ଛାତ୍ର-ଛାତ୍ରୀ ନିଜ ଜୀବନର ସର୍ବାଙ୍ଗୀନ ଉନ୍ନତି ସମ୍ବନ୍ଧେ ସଚେତନ ନ ହେବା ଏବଂ ଯଥାର୍ଥ ବିବେକ ଜ୍ଞାନ ଅଭାବରୁ ଅମୂଲ୍ୟ ମଣି ବଦଳରେ ସେରେ ଶାଗରେ ସନ୍ତୁଷ୍ଟ ହେବା ସଦୃଶ ଛୋଟ ସ୍ୱାର୍ଥ ଯୋଗୁଁ ଜୀବନର ଯଥାର୍ଥ ଉନ୍ନତି ସକାଶେ ପ୍ରଯତ୍ନ ନ କରିବା । ଶିକ୍ଷାର୍ଥୀ ଅବସ୍ଥାରେ ଛାତ୍ର-ଛାତ୍ରୀମାନେ ମନ, ପ୍ରାଣ, ଶରୀର ଏବଂ ଆତ୍ମବିକାଶ ସକାଶେ ପ୍ରଯତ୍ନ କଲେ ସେମାନଙ୍କ ଜୀବନ ଅମୂଲ୍ୟମଣି ସଦୃଶ ମହାନ୍ ହୋଇପାରିବ । ସେମାନେ ସ୍ୱୟଂ ଦୁଃଖବିହୀନ ପରମାନନ୍ଦ, ପରମ ଜ୍ଞାନରେ ବାସକରି ଉତ୍ତମ କର୍ମ କରିପାରିବେ । ସେଥିରେ ନିଜର, ପରିବାର, ଦେଶ ତଥା ସଂସାରର ହିତ ହୋଇପାରିବ । ସଂସାରରୁ ଅସତ୍ୟ, ଅନ୍ୟାୟ, ବିଶୃଙ୍ଖଳା, ଅଭାବ ଅନାଟନ ଦୂର ହୋଇ ସଂସାର ସ୍ୱର୍ଗରେ ପରିଣତ ହେବ ।

ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ପୁରାତନ ଯୁଗ ଶେଷ, ନୂତନ ସତ୍ୟଯୁଗ ପ୍ରତିଷ୍ଠାର ସନ୍ଧିକ୍ଷଣ । ଏହି ସନ୍ଧିକ୍ଷଣ ଯୋଗୁଁ ସଂସାରରେ ସମସ୍ତ ବିଶୃଙ୍ଖଳା ସୃଷ୍ଟି ହୋଇଛି । ଜୀବନର ଲକ୍ଷ୍ୟ ଏହି ସର୍ବାଙ୍ଗୀନ ବିକାଶର ଜ୍ଞାନ ଅଭାବରୁ ଅମୂଲ୍ୟମଣି ସଦୃଶ ଯେଉଁ ଜୀବନରେ ନୂତନ ସତ୍ୟଯୁଗ ପ୍ରତିଷ୍ଠାରେ ବ୍ୟକ୍ତି ମହାନ୍ କାର୍ଯ୍ୟ କରିପାରନ୍ତା, ସେହି ଜୀବନରେ ବ୍ୟକ୍ତି ସ୍ୱାର୍ଥ ତଥା ଅହଂବଶ ହୋଇ ସ୍ୱୟଂ ଆନ୍ତରିକତା ସହ କର୍ମ କରୁ ନାହିଁ । ନିଜ ସ୍ୱାର୍ଥ ହାସଲ କରିବାରେ ଅନ୍ୟ ବ୍ୟକ୍ତିର ତଥା ଦେଶର ବହୁତ କ୍ଷତି କରୁଛି । ଏହି ଅବସ୍ଥା ହୋଇଛି କମ୍ ବେଶୀ ପରିମାଣରେ ଜୀବନର ଯଥାର୍ଥ ଲକ୍ଷ୍ୟ ନ ଜାଣିଥିବା ସମସ୍ତ ବ୍ୟକ୍ତିଙ୍କର । ଏହି କାରଣରୁ ସଂସାରରେ ତଥା ଦେଶରେ ହୋଇଛି ସମସ୍ତ ପ୍ରକାର ବିଶୃଙ୍ଖଳା ଏବଂ ଅଭାବ ।

ଛାତ୍ରମାନେ ଏଥିରୁ ମୁକ୍ତ ନୁହନ୍ତି । ଜୀବନର ଲକ୍ଷ୍ୟଜ୍ଞାନ ଅଭାବରୁ ମନ ଓ ପ୍ରାଣରୁ ବିକାଶ ସକାଶେ ବିଦ୍ୟା ଓ ଅନ୍ୟାନ୍ୟ କଳାଶିକ୍ଷା; ଶରୀରବିକାଶ ସକାଶେ ବ୍ୟାୟାମ ଏବଂ ଆତ୍ମବିକାଶ ସକାଶେ ଅଧ୍ୟାତ୍ମସାଧନ ନ କରି ସାଙ୍ଗସାଥୀମାନଙ୍କ ସଙ୍ଗରେ ନିରର୍ଥକ ଗପ ତଥା ନିରର୍ଥକ କାର୍ଯ୍ୟରେ ସମୟ ନଷ୍ଟ କରୁଛନ୍ତି ଅଥବା ରାଜନୀତିରେ ପ୍ରବେଶ କରି ଜୀବନକୁ ବ୍ୟର୍ଥ କରୁଛନ୍ତି । ଯେଉଁ ଛାତ୍ରମାନେ କେବଳ ପଢ଼ାରେ ମନ ଦେଉଛନ୍ତି ସେମାନଙ୍କର ଆତ୍ମପ୍ରେରଣାବିହୀନରୁ ସେମାନେ ସଂସାରର ଯଥାର୍ଥ ଉନ୍ନତି କାର୍ଯ୍ୟ କରିପାରୁ ନାହାନ୍ତି । ଚାକିରି, ବ୍ୟବସାୟ କିଂବା ରାଜନୀତି କରି ନିଜକୁ ବା ପରିବାରକୁ ପାଳନପୋଷଣ କରୁଛନ୍ତି । ସେଥିରେ ସେ ନିଜେ ସୁଖୀ ହେଉ ନାହାନ୍ତି, କିଂବା ପରିବାର, ଦେଶ, ସଂସାରର ଯଥାର୍ଥ ଉନ୍ନତିରେ ଅଂଶ ଗ୍ରହଣ କରିପାରୁ ନାହାନ୍ତି । ବର୍ତ୍ତମାନ ଏହି ଯୁଗ ପରିବର୍ତ୍ତନ ସମୟରେ ଛାତ୍ର-ଛାତ୍ରୀମାନଙ୍କୁ ସଚେତ ରହିବାକୁ ହେବ ।

ବାଳକବାଳିକାମାନଙ୍କ ଜୀବନ ଆରମ୍ଭରୁ ପ୍ରଥମରେ ଶିକ୍ଷା ପ୍ରାପ୍ତ ହୁଏ ପିତାମାତା ତଥା ଶିକ୍ଷକମାନଙ୍କଠାରୁ । ସେମାନେ ଯାହା ଆଚରଣ କରନ୍ତି ତାହାର ପ୍ରଭାବ ପଡ଼େ ଶିଶୁମାନଙ୍କ ଚେତନାରେ ଏବଂ ସେହି ପ୍ରଭାବ ପରିଣତ ହୁଏ ସ୍ୱଭାବରେ । ପିତା, ମାତା ଏବଂ ଶିକ୍ଷକ ନିଜ ସ୍ୱଭାବ, ଚରିତ୍ର ସୁଧାର କରିବାକୁ ଚେଷ୍ଟା ନ କରି ପୁତ୍ର, କନ୍ୟା, ଛାତ୍ରଛାତ୍ରୀମାନଙ୍କଠାରୁ ଉତ୍ତମ ଗୁଣ ଆଶା କରନ୍ତି । ପରିଣାମରେ ପିତା, ମାତା, ଶିକ୍ଷକଙ୍କର ଯେଉଁ ଗୁଣ ସ୍ୱଭାବ ଆଚରଣ ଥାଏ ପୁତ୍ର, କନ୍ୟା, ଛାତ୍ରଛାତ୍ରୀମାନେ ତାହାହିଁ ଶିକ୍ଷା କରନ୍ତି ।

କ୍ରମବିକାଶ ଅନୁସାରେ ପୁରାତନ ଯୁଗ, ପୁରାତନ ଶିକ୍ଷା, ପୁରାତନ ଆଚରଣର ଯୁଗ ସମାପ୍ତ ହୋଇ ସାରିଛି । ନୂତନ ସତ୍ୟ-ଯୁଗର ସମୟ ଆସିଯାଇଛି । ଆଉ ପୁରାତନ ପଦ୍ଧତିର ଅନୁକରଣରେ କାର୍ଯ୍ୟ ଚଳିବ ନାହିଁ । ନୂତନ ସତ୍ୟକୁ ଗ୍ରହଣ କରିବାକୁ ହେବ ଏବଂ ନୂତନ ଅତିମାନସ ସତ୍ୟଚେତନାରେ ମନ, ପ୍ରାଣ, ଶରୀର ତଥା ତା'ର ଗୁଣଧର୍ମକୁ ଦିବ୍ୟତ୍ୱରେ ରୂପାନ୍ତର କରିବାକୁ ହେବ । ସେଥିରେହିଁ ହେବ ଜୀବନର ସର୍ବାଙ୍ଗୀନ ବିକାଶ ଏବଂ ପୂର୍ଣ୍ଣତା ।

ଜୀବନର ଅର୍ଥହିଁ ବିକାଶ

ମନୁଷ୍ୟର ଜୀବନ ବିକାଶ ସକାଶେ । ବିକାଶ ହୁଏ ଏହି ମୃତ୍ୟୁପୁରୀ ମନୁଷ୍ୟ-ଶରୀରରେ । ମନୁଷ୍ୟ ସକାଶେ ଊର୍ଦ୍ଧ୍ୱ ବିକାଶ ଏବଂ ଅଧଃ ପତନ ଏହି ଉଭୟ ମାର୍ଗ ସର୍ବଦା ଉନ୍ମୁକ୍ତ ଥାଏ । ମନୁଷ୍ୟ ଜୀବନର ଯଥାର୍ଥ ଲକ୍ଷ୍ୟ ଗ୍ରହଣ କରି ଉଚିତ ମାର୍ଗରେ ଉନ୍ନତିର ପ୍ରଯତ୍ନ କରିପାରିଲେ ସେ ନିଜର ସର୍ବାଙ୍ଗୀନ ବିକାଶ କରିପାରେ; ନିଜେ ପରମ ସୁଖ ପରମ ଶାନ୍ତିରେ ବାସ କରିପାରେ; ଏବଂ ସଂସାରରୁ ଅସତ୍ୟ, ଅନ୍ୟାୟ, ଦୁଃଖ, ଦ୍ୱନ୍ଦ୍ୱ ଦୂରକରି ସତ୍ୟ, ନ୍ୟାୟ ପ୍ରତିଷ୍ଠା କରିପାରେ । ଏହାର ବିପରୀତ ଆଚରଣରେ ଅଧଃପତନ ହୁଏ । ବର୍ତ୍ତମାନ ମହାନ୍ ଉନ୍ନତିର ସମୟ ଆସିଛି । ମା'ଙ୍କର ୧୯୬୮ ସାଲ ବାଣୀରୁ ସ୍ପଷ୍ଟରୂପେ ଏହାର ସୂଚନା ମିଳୁଛି ।

Remain young, never stop striving towards perfection.
1-1-68 – The Mother

ତରୁଣ ରୁହ, ପୂର୍ଣ୍ଣତାର ସାଧନାରୁ କଦାପି ବିରତ ହୁଅ ନାହିଁ ।
୧-୧-୬୮ – ଶ୍ରୀମା

ବ୍ୟକ୍ତିର ବିକାଶ ବା ଉନ୍ନତିର ମାର୍ଗ ଉନ୍ମୁକ୍ତ ଥାଏ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ । ଉନ୍ନତିର ଆଶା ରଖି ଉନ୍ନତି ସକାଶେ ବ୍ୟକ୍ତି ଯେପର୍ଯ୍ୟନ୍ତ ପ୍ରଯତ୍ନ କରେ ସେପର୍ଯ୍ୟନ୍ତ ସେ ଯୁବକ । ଏପରି ଆଶାବାଦୀ ପ୍ରଯତ୍ନଶୀଳ ବ୍ୟକ୍ତି ବହୁତ ପରିମାଣରେ ରୋଗ ତଥା ବୃଦ୍ଧତ୍ୱରୁ ମୁକ୍ତ ରହିଥାଆନ୍ତି । ସେମାନଙ୍କର ବୃଦ୍ଧି ହୁଏ ଧୈର୍ଯ୍ୟ, ସାହସ, ଉତ୍ସାହ । ତୁଳନାତ୍ମକରୂପେ କମ୍ ପରିମାଣରେ ହ୍ରାସ ହୁଏ ଶରୀର-ଶକ୍ତି । ଏହାର ବିପରୀତ ଭୋଗନ୍ତି ନିରାଶବାଦୀ, ଭଗ୍ନମନୋରଥ, କର୍ମବିମୁଖ, ପ୍ରଯତ୍ନରହିତ ବ୍ୟକ୍ତି । ଏମାନେ ଯୁବାବସ୍ଥାରେ ବୃଦ୍ଧ, ଜୀବନ ଥିବା ଅବସ୍ଥାରେ ମୃତ । ଜୀବନ କେବଳ ବିକାଶ ସକାଶେ । ବିକାଶ ସ୍ଥଗିତ ହେଲେ ଜୀବନ ହୁଏ ନିରର୍ଥକ । ଏପରି ବ୍ୟକ୍ତିର ଉତ୍ପନ୍ନ ହୁଏ ନାନା ପ୍ରକାର ରୋଗ, ମନରେ ଆସେ ଦୁଶ୍ଚିନ୍ତା, ଅଶାନ୍ତି, ପ୍ରାଣ ହୁଏ ଅସ୍ଥିର, ଉଦ୍‌ବେଗପୂର୍ଣ୍ଣ, ଜୀବନ ହୁଏ ଭାରସ୍ୱରୂପ । ଆଶାବାଦୀ ପ୍ରଯତ୍ନଶୀଳ ବ୍ୟକ୍ତିର ମନ-ପ୍ରାଣ-ଶରୀରର ଶକ୍ତି ବୃଦ୍ଧି ହୁଏ, ଆତ୍ମା ଜାଗ୍ରତ୍ ହୁଏ । ନିରାଶାବାଦୀ ବ୍ୟକ୍ତିର ମନ-ପ୍ରାଣ-ଶରୀରର ଶକ୍ତି ହ୍ରାସ ହୁଏ, ଆତ୍ମା ଆବୃତ ହୁଏ । ପ୍ରତ୍ୟେକ ବ୍ୟକ୍ତି ପ୍ରଯତ୍ନଶୀଳ ଏବଂ ଆଶାବାଦୀ ହେବା ଉଚିତ । ଏହା ଆବାଳବୃଦ୍ଧବନିତା ପ୍ରତ୍ୟେକ ବ୍ୟକ୍ତି ସକାଶେ ଆବଶ୍ୟକ । କିନ୍ତୁ ଛାତ୍ରଛାତ୍ରୀମାନଙ୍କ ସକାଶେ ଆଶାବାଦୀ ହେବା ଏକାନ୍ତ ଅନିବାର୍ଯ୍ୟ । ଛାତ୍ରଛାତ୍ରୀମାନଙ୍କର ପ୍ରଥମ କର୍ତ୍ତବ୍ୟ ହେଲା ଆଶାବାଦୀ ହେବା । ଦ୍ୱିତୀୟରେ ନିଜ ମନ, ପ୍ରାଣ, ଶରୀର ତଥା ଆତ୍ମବିକାଶର ଯଥାର୍ଥ ପ୍ରଯତ୍ନ କରିବା । ଏହା ହୋଇପାରେ ଛାତ୍ରଜୀବନରେ ।

ମନ, ପ୍ରାଣ ତଥା ଆତ୍ମା ସ୍ଥୂଳ ଶରୀରରେ ଏକତ୍ରିତ ହେଲେ ବ୍ୟକ୍ତି ଜୀବନ ପ୍ରାପ୍ତ କରି ସଂସାରରେ କର୍ମ କରେ ।

ଜୀବନ ତଥା କର୍ମର ଆଧାର ଶରୀର । ଶରୀର ଦୃଢ଼ ହେଲେ ସେ ରୋଗଗ୍ରସ୍ତ ହୁଏ ନାହିଁ, ଶାରୀରିକ କାର୍ଯ୍ୟ କରିପାରେ, ପ୍ରାଣ ଦୃଢ଼, ବିକଶିତ ତଥା ଶୁଦ୍ଧ ହେଲେ ଶରୀର ସାହାଯ୍ୟରେ ଆଶ୍ଚର୍ଯ୍ୟଜନକ କର୍ମ କରିପାରେ, ମନ ଓ ବୁଦ୍ଧି ଦୃଢ଼, ଶୁଦ୍ଧ, ନମନୀୟ, ବିକାଶୋନ୍ମୁଖୀ ହେଲେ କର୍ମର କୌଶଳ ବଢାଏ; ଶରୀର ତଥା ପ୍ରାଣକୁ ବହୁତ ଅଂଶରେ ନିୟନ୍ତ୍ରଣ କରେ । ଆତ୍ମବିକାଶ ହେଲେ ସେ ଶରୀରର ନେତା ହୁଏ । ମନ, ପ୍ରାଣ, ଶରୀରକୁ ଶୁଦ୍ଧ କରେ, ନିୟନ୍ତ୍ରଣ କରେ ଏବଂ ସର୍ବାଙ୍ଗୀନ ଉନ୍ନତିର ଯଥାର୍ଥ ମାର୍ଗରେ ପରିଚାଳିତ କରେ । ଏହି ଚାରି ସତ୍ତା ମଧ୍ୟରୁ ଗୋଟିକୁ ବାଦ୍‌ଦେଲେ ଜୀବନ ଅପୂର୍ଣ୍ଣ ହୁଏ । କିନ୍ତୁ ସମସ୍ତ ସତ୍ତାର ବିକାଶ ହୋଇଥିବା ସତ୍ତ୍ୱେ ଯଦି ଆତ୍ମବିକାଶ ବାଦ୍ ଦିଆହୁଏ, ତେବେ ବ୍ୟକ୍ତିର ଅନ୍ୟାନ୍ୟ ବିକଶିତ ସତ୍ତାସବୁ ବ୍ୟକ୍ତିକୁ ବିପରୀତ ମାର୍ଗରେ ନେଇ ଅଧଃପତନ କରାନ୍ତି । ଏହି ଚାରି ସତ୍ତାର ବିକାଶ ଓ ପୂର୍ଣ୍ଣତା ପ୍ରାପ୍ତ ହୁଏ ଅଧ୍ୟାତ୍ମ ସତ୍ୟ ଆଧାରରେ – ନିୟମିତ ଶାରୀରିକ ବ୍ୟାୟାମ, ବିଦ୍ୟାଧ୍ୟୟନ ତଥା ଯଥାର୍ଥ ପ୍ରଣାଳୀରେ ଶାରୀରିକ କର୍ମ କରିବାରେ । ଜୀବନର ଏହି ସର୍ବାଙ୍ଗୀନ ଉନ୍ନତିର ଶିକ୍ଷା ଦେବାସକାଶେ ମା'ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଛନ୍ତି ଏବଂ ଆମ୍ଭମାନଙ୍କ ସମ୍ମୁଖରେ ଆଦର୍ଶ ସ୍ଥାପନ କରିଛନ୍ତି । ଆମ୍ଭେମାନେ ତାଙ୍କରି ଆଦର୍ଶ ଗ୍ରହଣ କଲେ ସହଜରେ ପୂର୍ଣ୍ଣ ଜୀବନ ପ୍ରାପ୍ତ କରିପାରିବା ।

ସୃଷ୍ଟିର କ୍ରମବିକାଶ ଚାଲୁଛି ଜଡ଼ରୁ ମନ ପର୍ଯ୍ୟନ୍ତ ଅଜ୍ଞାନ ସ୍ତରରେ । ଏହି ଅଜ୍ଞାନତା ଯୋଗୁଁ ଆମ୍ଭେମାନେ ଜୀବନର ସର୍ବାଙ୍ଗୀନ ବିକାଶ ସମ୍ବନ୍ଧେ ସଚେତନ ହୋଇପାରି ନ ଥିଲୁ । ବର୍ତ୍ତମାନ ମନର ବିକାଶ ଶେଷ ଅବସ୍ଥାରେ । ଏହାପରେ ପୃଥିବୀରେ ପ୍ରତିଷ୍ଠା ହେବ ଅତିମାନସ ବିଜ୍ଞାନ-ଚେତନା । ବିକାଶ ଗତି କରିବ ଅଜ୍ଞାନରୁ ବିଜ୍ଞାନ ସ୍ତରରେ । ତା'ର ସମୟ ଆସିଛି । ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି । ଏହି ଶକ୍ତି ଦ୍ୱାରା ମନୁଷ୍ୟର ମନ, ପ୍ରାଣ, ଶରୀର ରୂପାନ୍ତର ହେବ । ସେ ମନ, ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ଆତ୍ମାର ନେତୃତ୍ୱରେ ଅତିମାନସ ଶକ୍ତି ଦ୍ୱାରା ପରିଚାଳିତ ହେବ । ଏହିମାନେ ହେବେ ନୂତନ ସତ୍ୟଯୁଗର ଅଗ୍ରଦୂତ ।

ବର୍ତ୍ତମାନ ଛାତ୍ରଛାତ୍ରୀମାନଙ୍କୁ ଚିରାଚରିତ, ସଙ୍କୁଚିତ, ସୀମିତ ପନ୍ଥାକୁ ବିଶାଳ ବ୍ୟାପକତାରେ ପରିଣତ କରିବାକୁ ହେବ । ଅର୍ଥାତ୍ ବିଦ୍ୟାଧ୍ୟୟନ ଦ୍ୱାରା ମାନସିକ ବିକାଶ ସଙ୍ଗେ, ଶରୀର, ପ୍ରାଣ ତଥା ଆତ୍ମାର ପୂର୍ଣ୍ଣ ବିକାଶ ସକାଶେ ପ୍ରଯତ୍ନ କରିବାକୁ ହେବ । ଏହି ସମଗ୍ର ସତ୍ତା ପୂର୍ଣ୍ଣରୂପେ ବିକଶିତ ହୁଅନ୍ତି ଶ୍ରୀଅରବିନ୍ଦଙ୍କ ଆଦର୍ଶଗ୍ରହଣପୂର୍ବକ ବିଦ୍ୟାଧ୍ୟୟନ କରିବାରେ । କାରଣ ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର ହୁଏ । ବ୍ୟକ୍ତି ଏହାକୁ ଆଦର୍ଶ ବା ଲକ୍ଷ୍ୟରୂପେ ଗ୍ରହଣ କଲେ ସେ କ୍ରମଶଃ ଅଧିକାଧିକ ଭାବେ ସମସ୍ତ ସତ୍ତାର ପୂର୍ଣ୍ଣତା ଦିଗରେ ଗତିକରେ । ଏହି ସକାଶେ ସୁବିଧା ଅନୁସାରେ ଛାତ୍ରଛାତ୍ରୀମାନେ ସ୍କୁଲ, ଛାତ୍ରାବାସ ବା ଗ୍ରାମରେ 'ଶ୍ରୀଅରବିନ୍ଦ ଛାତ୍ରସାମଜ' ସ୍ଥାପନ କରନ୍ତୁ । ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ସପ୍ତାହରେ କୌଣସି ନିର୍ଦ୍ଦିଷ୍ଟ ଦିନ ତଥା ନିର୍ଦ୍ଦିଷ୍ଟ ସମୟରେ ଏକତ୍ର ହୁଅନ୍ତୁ । ଶ୍ରୀମାଶ୍ରୀଅରବିନ୍ଦଙ୍କ ଫଟୋ କୌଣସି ଉତ୍ତମ ସ୍ଥାନରେ ବା ଚୌକି ଉପରେ ଶୁଦ୍ଧ ବସ୍ତ୍ର ଉପରେ ପ୍ରତିଷ୍ଠା କରନ୍ତୁ । ପୁଷ୍ପ, ଧୂପ ଦିଅନ୍ତୁ । ପ୍ରଥମରେ କେତେ ମିନିଟ ସମସ୍ତେ ନୀରବ ପ୍ରାର୍ଥନା ଧ୍ୟାନ କରନ୍ତୁ । ପରେ ଜଣେ ନିମ୍ନଲିଖିତ ବହି କ୍ରମଶଃ ପଢ଼ନ୍ତୁ, ଅନ୍ୟମାନେ ଶୁଣନ୍ତୁ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସଂପୂର୍ଣ୍ଣରୂପେ ନୀରବତା ପାଳନ କରନ୍ତୁ । କୌଣସି ଗପ ବା କଥାବାର୍ତ୍ତା ଏକେବାରେ ନିଷେଧ । ଯେଉଁମାନେ ଯୋଗ ଦେଇଥିବେ ସେମାନଙ୍କ ନାମ ଗୋଟିଏ କାଗଜରେ ଲେଖି ରଖନ୍ତୁ । ମାସ ଶେଷରେ ଚାରୋଟି ଯାକ ରିପୋର୍ଟ 'ନବଜ୍ୟୋତି କାର୍ଯ୍ୟାଳୟ'କୁ ପଠାଇ ଦିଅନ୍ତୁ । ଉତ୍ତର ପାଇବାକୁ ଚାହିଁଲେ ଷ୍ଟାମ୍ପ ପଠାନ୍ତୁ । ଏହି ରିପୋର୍ଟ ପଠାଇବା ଦ୍ୱାରା ଆଶ୍ରମ ସଙ୍ଗେ ଗୋଟିଏ ସ୍ଥୂଳ ସମ୍ବନ୍ଧ ରହିବ ଏବଂ ଅନ୍ୟାନ୍ୟ 'ଶ୍ରୀଅରବିନ୍ଦ ଛାତ୍ରସମାଜ' ତଥା 'ଶ୍ରୀଅରବିନ୍ଦ ପାଠଚକ୍ର'ରେ ହେଉଥିବା ଅନୁଷ୍ଠାନର ଖବର ପାଇପାରିବ । ଏହାରି ଦ୍ୱାରା ଓଡ଼ିଶାର ସମସ୍ତ 'ଶ୍ରୀଅରବିନ୍ଦ ଛାତ୍ରସମାଜ' ତଥା ସମସ୍ତ 'ଶ୍ରୀଅରବିନ୍ଦ ପାଠଚକ୍ର' ସହିତ ସମ୍ପର୍କ ସ୍ଥାପିତ ହୋଇପାରିବ ।

ପଠନୀୟ ପୁସ୍ତକତାଲିକା

'କିଏ ଏଇ ମା', 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ', 'ଗାର୍ହସ୍ଥ୍ୟ ଧର୍ମ', 'ଦିବ୍ୟଯୁଗ-ସ୍ଥାପନାରେ ନାରୀ', 'ମା'ଙ୍କ ଆଶୀର୍ବାଦ', 'ଛାତ୍ର-ଜୀବନରେ ଉନ୍ନତିର ମାର୍ଗ', 'ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା' ଓ ଲୋକ-ସାହିତ୍ୟର ଅନ୍ୟାନ୍ୟ ବହି ।

ଶ୍ରୀମା ଶ୍ରୀଅରବିନ୍ଦଙ୍କ ପୁସ୍ତକାବଳୀ

ମା, ଯୋଗାଧାର, ଯୋଗପ୍ରଦୀପ, ସର୍ବୋତ୍ତମ ଆବିଷ୍କାର, ଯୋଗ ସମନ୍ୱୟ ଇତ୍ୟାଦି ।

ସର୍ବାଙ୍ଗୀନ ଶିକ୍ଷାରେ ଜୀବନ ପୂର୍ଣ୍ଣତାପ୍ରାପ୍ତ ହୁଏ । ଶିକ୍ଷା ଯେତେ ବ୍ୟାପକ ହୁଏ ଜୀବନ ସେତେ ମହାନ୍, ବିଶାଳ, ସମୃଦ୍ଧ ଏବଂ ଐଶ୍ୱର୍ଯ୍ୟ-ଜ୍ଞାନ-ଆନନ୍ଦ-ଶାନ୍ତି-ସାମର୍ଥ୍ୟଯୁକ୍ତ ହୁଏ । ବ୍ୟକ୍ତିର ଜୀବନବିକାଶ ଅନୁସାରେ ସେ ନିଜର, ପରିବାର, ଗ୍ରାମ, ଦେଶ ଓ ଜଗତର ହିତସାଧନ କରିପାରେ । ବ୍ୟକ୍ତି ଛାତ୍ରାବସ୍ଥାରେ ଯେଉଁ ଭଲ, ମନ୍ଦ ଆଂଶିକ ବା ପୂର୍ଣ୍ଣାଙ୍ଗ ଶିକ୍ଷାପ୍ରାପ୍ତ କରେ ତାହା ବିକଶିତ ହୋଇ ଜୀବନକୁ ସର୍ବାଙ୍ଗସୁନ୍ଦର ଅଥବା ଅଙ୍ଗହୀନ କରି ଗଢ଼ିତୋଳେ । ଛାତ୍ରାବସ୍ଥାହିଁ ଯଥାର୍ଥରେ ଜୀବନବିକାଶର ମହତ୍ତ୍ୱପୂର୍ଣ୍ଣ ଭିତ୍ତି । ଜୀବନର ଶିକ୍ଷାଭିତ୍ତିକୁ ଯଥାର୍ଥ ତଥା ସର୍ବାଙ୍ଗୀନ କରା ନ ହେବାରୁ ବ୍ୟକ୍ତି ସ୍ୱୟଂ ଚାହୁଁଥିବା ଦୁଃଖବିହୀନ ପରମ ସୁଖ-ଶାନ୍ତି-ଐଶ୍ୱର୍ଯ୍ୟ-ଜ୍ଞାନ ପ୍ରାପ୍ତ କରିପାରୁ ନାହିଁ କିଂବା ଦେଶ ତଥା ଜଗତର ସର୍ବାଙ୍ଗୀନ ହିତସାଧନ ହୋଇ ପାରୁ ନାହିଁ ।

ବ୍ୟକ୍ତିଜୀବନର ଆଧାର ମନ, ପ୍ରାଣ, ଶରୀର ତଥା ଆତ୍ମା । ଏହି ଚାରିସତ୍ତାର ସଂଯୋଗରେ ବ୍ୟକ୍ତି ଜୀବିତ ରହି କର୍ମ କରେ । ଏହି ଚାରିଟି ପରସ୍ପରସମ୍ବନ୍ଧିତ ଏବଂ କୃଷିବେଉଷଣ ସଦୃଶ ପରସ୍ପର ପରିପୂରକ । ଉତ୍ତମରୂପେ ଚାଷ, ଖତ, ସମୟ ଅନୁସାରେ ଆବଶ୍ୟକ ଜଳ ଦେଲେ କୃଷି ଉତ୍ତମ ଫଳ ଦିଏ । ଚାଷ, ଖତ, ଜଳ ମଧ୍ୟରୁ କୌଣସି ଗୋଟିକୁ ବାଦ୍ ଦେଲେ ଯେପରି ଫଳ ଉତ୍ତମ ଆଶାନୁରୂପ ହୁଏ ନାହିଁ, ସେହିପରି ଛାତ୍ର ମନ, ପ୍ରାଣ, ଶରୀର ତଥା ଆତ୍ମା ମଧ୍ୟରୁ କୌଣସି ଗୋଟିଏ ସତ୍ତାର ଶିକ୍ଷାକୁ ବାଦ୍ ଦେଲେ ଜୀବନ ସବଳ, ନୀରୋଗ ହୁଏ ନାହିଁ, କିଂବା ସୁଖ, ଶାନ୍ତି, ଐଶ୍ୱର୍ଯ୍ୟ ପ୍ରାପ୍ତ ହୁଏ ନାହିଁ, ବରଂ ଲକ୍ଷ୍ୟମାର୍ଗ ଛାଡ଼ି ସେ ବିପଥରେ ଗମନ କରେ । ସୃଷ୍ଟି ଆରମ୍ଭରୁ ଏ ପର୍ଯ୍ୟନ୍ତ ବ୍ୟକ୍ତିର ମନ, ପ୍ରାଣ, ଶରୀର ତଥା ଆତ୍ମା – ଏହି ସମଗ୍ର ସତ୍ତାର ଶିକ୍ଷା ଦିଆହୋଇ ନାହିଁ । ସେହି କାରଣରୁ ଜୀବନ ଅପୂର୍ଣ୍ଣ ରହୁଅଛି ଏବଂ ଦେଶ ଦୁଃଖକଷ୍ଟ ଦରିଦ୍ରତା ଭୋଗ କରୁଅଛି ।

ଶରୀର

ପ୍ରାଣ, ମନ ତଥା ଆତ୍ମାର ପ୍ରେରଣାରେ ଶରୀର ଦ୍ୱାରା କର୍ମ ସାଧିତ ହୁଏ । ସେ ଜଡ଼, ତା'ର କର୍ମ ଶକ୍ତିର ଅଭାବ, କିନ୍ତୁ ସେ ମନ, ପ୍ରାଣ ଓ ଆତ୍ମାର ଆଧାର । ସ୍ଥୂଳଶରୀରର ଆଶ୍ରୟ ବିନା ଏହିସବୁ ସତ୍ କର୍ମ କରିବାରେ ଅସମର୍ଥ । ଶରୀର ଅତ୍ୟନ୍ତ ନିରୀହ, ମନ-ପ୍ରାଣର କ୍ରୀତଦାସ । ମନ-ପ୍ରାଣ ନିଜ ନିଜ ବାସନା କାମନା ପୂର୍ଣ୍ଣ କରିବା ସକାଶେ ତା' ଉପରେ ସର୍ବଦା ଅତ୍ୟାଚାର କରନ୍ତି, ପ୍ରାଣ ସ୍ୱଭାବତଃ ଅସୁର, ସ୍ୱାଦ ଲାଳସା ଯୋଗୁଁ ଶରୀରର ଆବଶ୍ୟକରୁ ଅଧିକ ଅନିୟମିତ ଉଦରର ପ୍ରତିକୂଳ ଭୋଜନ କରାଏ । ଶରୀରର ଯୋଗ୍ୟତା ଅଯୋଗ୍ୟତାକୁ ବିଚାର ନ କରି ଭୋଗବାସନା ପୂର୍ଣ୍ଣ କରେ; ଅଧିକାର, ନେତୃତ୍ୱ ରକ୍ଷା କରିବା ସକାଶେ ଶରୀର ପାଇଁ ବିଶ୍ରାମର ନିର୍ଦ୍ଦିଷ୍ଟ ସମୟ ପ୍ରତି ଦୃଷ୍ଟି ଦିଏ ନାହିଁ । ବୁଦ୍ଧି ଅତ୍ୟନ୍ତ ତୀବ୍ର ହୋଇଥିବା ସତ୍ତ୍ୱେ ଆତ୍ମାଲୋକ ଅଭାବରୁ ପ୍ରାଣର ଆଦେଶ ଅନୁସାରେ ଶରୀର ପ୍ରତି ଭୃକ୍ଷେପ ନ କରି କର୍ମ କୌଶଳ ବଢ଼ାଏ । ଏହିମାନଙ୍କ ଅତ୍ୟାଚାରରେ ଶରୀର ରୋଗଗ୍ରସ୍ତ ହେଲେ ଉଦ୍ଦଣ୍ଡ ପ୍ରାଣ,

ତୀବ୍ର ବୁଦ୍ଧି କର୍ମ କରିପାରନ୍ତି ନାହିଁ । କର୍ମ କରିବା ସକାଶେ ଶରୀରକୁ ସୁସ୍ଥ ସବଳ ରଖିବା ଏକାନ୍ତ ଆବଶ୍ୟକ । ସୁସ୍ଥ ଶରୀର ବିନା ସାଂସାରିକ କାର୍ଯ୍ୟ ସମ୍ପନ୍ନ ହୁଏ ନାହିଁ, କିଂବା ଅଧ୍ୟାତ୍ମ ସିଦ୍ଧି ପ୍ରାପ୍ତ ହୁଏ ନାହିଁ । ଏକ ସଙ୍ଗରେ ବ୍ୟକ୍ତିର ଶରୀର, ମନ, ପ୍ରାଣ ତଥା ଆତ୍ମାର ଶିକ୍ଷା ଦ୍ୱାରା ତା'ର ସର୍ବାଙ୍ଗୀନ ବିକାଶ ହୁଏ ଏବଂ ସେ ମହାନ୍ ଅସାଧାରଣ କାର୍ଯ୍ୟ କରିପାରେ, ତଥା ସଂସାରର ସ୍ଥାୟୀ ହିତସାଧନା କରେ । ଅନ୍ୟାନ୍ୟ ସତ୍ତାର ଶିକ୍ଷାକୁ ବାଦ୍ ଦେଇ ଅଥବା ଗୌଣ ସ୍ଥାନ ଦେଇ ଗୋଟିଏ ସତ୍ତାର ଶିକ୍ଷାକୁ ପ୍ରାଧାନ୍ୟ ଦେଲେ ବ୍ୟକ୍ତିର ଜୀବନରେ ବହୁତ ତ୍ରୁଟି ରହିଯାଏ ।

ପ୍ରାଣ

ଶାରୀରିକ ବଳ ତଥା ନୃତ୍ୟ, ସଙ୍ଗୀତ, ଶିଳ୍ପ – ଯାବତୀୟ କାରୁକାର୍ଯ୍ୟ କଳା ଏବଂ ଅସାଧାରଣ ସାହସ, ଅଲୌକିକ ଧୈର୍ଯ୍ୟ – ସମସ୍ତ ପ୍ରକାର କର୍ମଶକ୍ତି ପ୍ରାଣର । ଏହିସବୁ ଗୁଣ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ନିହିତ ଥାଏ । ସେସବୁର ବିକାଶ ହୁଏ ଶିକ୍ଷା ଦ୍ୱାରା । ବିନା ଶିକ୍ଷାରେ ବ୍ୟକ୍ତି ମଧ୍ୟରେ ଯଦି କୌଣସି ଗୁଣ ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରକାଶ ହୁଏ ତେବେ ସେ ଅସାଧାରଣ ବ୍ୟକ୍ତିରୂପେ ଗଣ୍ୟ ହୁଏ । ପ୍ରାଣର ଏହିସବୁ ଗୁଣଥିବା ସତ୍ତ୍ୱେ ତା'ର ବୁଦ୍ଧି, ବିବେକ ଓ ଯଥାର୍ଥ ଜ୍ଞାନର ଅଭାବ ଥାଏ । ଏହିସବୁ ଶକ୍ତିକୁ କର୍ମରେ ବିନିଯୋଗ କରିବା ସକାଶେ ସେ ସର୍ବଦା ମନ, ବୁଦ୍ଧି ଓ ଆତ୍ମାର ଆଶ୍ରିତ ।

କିନ୍ତୁ ପ୍ରାଣ ମହାନ୍ ଶକ୍ତିଶାଳୀ ହେବା ସତ୍ତ୍ୱେ ସ୍ୱଭାବତଃ ବିବେକବିହୀନ । କାମ, କ୍ରୋଧ, ଲୋଭ, ମୋହ, ଈର୍ଷା, ହିଂସା, ଅହଂ, ସ୍ୱାର୍ଥ, ନାମ, ଯଶଃ, ଅଧିକାର ଲାଳସାରେ ସେ ପୂର୍ଣ୍ଣ । ସାଧାରଣ ଅବସ୍ଥାରେ ତା'ର ଭୃତ୍ୟ ବୁଦ୍ଧି । ବୁଦ୍ଧିକୁ ନିଜ ବଶରେ ରଖି ତାହାରି ସାହାଯ୍ୟରେ ଶରୀର ଦ୍ୱାରା କାମନାବାସନା ପୂର୍ଣ୍ଣ କରେ ଏବଂ ଯାବତୀୟ ଅନୁଚିତ କର୍ମ କରେ । କିନ୍ତୁ ଯଥାର୍ଥ ମାର୍ଗରେ ପରିଚାଳିତ ହୁଏ ଓ ଉତ୍ତମ କାର୍ଯ୍ୟ କରିପାରେ ଆତ୍ମାର ପ୍ରେରଣାରେ ।

ବୁଦ୍ଧି ଏବଂ ଆତ୍ମାର ବିକାଶ ଛଡ଼ା ପ୍ରାଣ ଅଧିକ ବିକଶିତ ନ ହୋଇଥିବା ବ୍ୟକ୍ତି ସାଧାରଣ ଅବସ୍ଥାରେ ପଶୁ ସଦୃଶ ନିଜ ଶରୀର, ପରିବାର ପାଳନପୋଷଣ, ଇନ୍ଦ୍ରିୟଭୋଗ-ବିଳାସରେ ଜୀବନ ଅତିବାହିତ କରେ । ଆତ୍ମପ୍ରଭାବ ବ୍ୟତିରେକେ ବ୍ୟକ୍ତି ପାରିପାର୍ଶ୍ୱିକ ଅବସ୍ଥା, ସାଙ୍ଗସାଥୀ ତଥା ଶିକ୍ଷାନୁସାରେ ଶାରୀରିକ ବଳର ବିକାଶରେ ପହିଲମାନ ହୁଏ ଏବଂ ଶରୀର ଉପରେ କେତେକାଂଶରେ ନିୟନ୍ତ୍ରଣ ହାସଲ କରେ । ସାଧାରଣ ନିୟମିତ ଧାରାନୁଯାୟୀ କେତେକ ପରିମାଣରେ ରୋଗ, ଜରାରୁ ମୁକ୍ତ ହୁଏ ଏବଂ ଏହି ଆଦର୍ଶ ସମାଜ ସମ୍ମୁଖରେ ରଖିପାରେ । ଆତ୍ମାର ଜାଗରଣ ବିନା କଳାଶିକ୍ଷାରେ ବ୍ୟକ୍ତି କୁସଙ୍ଗ ପ୍ରଭାବରେ କଳାର ଦୁରୁପଯୋଗ କରେ ।

ଆତ୍ମାର ବିକାଶ ବିନା ବ୍ୟକ୍ତିର ପ୍ରାଣ ଅଧିକ ଉନ୍ନତ ବା ଶକ୍ତିଶାଳୀ ହେଲେ ସେ ମନ-ବୁଦ୍ଧିକୁ ଭୃତ୍ୟ କରେ । ତାହାରି ସାହାଯ୍ୟରେ ସେ ଚୋରି, ଡକାୟତି, ହିଂସା, ଲଢ଼ାଇ, ଝଗଡ଼ା ଇତ୍ୟାଦି ନିଷିଦ୍ଧ କର୍ମ କରେ । ବ୍ୟକ୍ତିର ଯଦି ପ୍ରାଣଶକ୍ତି ଅଧିକ ପ୍ରବଳ ହୋଇଥାଏ, ବୁଦ୍ଧି ଯଦି ମହାନ୍ ଓ ତୀବ୍ର ହୋଇଥାଏ; କିନ୍ତୁ ଆତ୍ମା ଜାଗ୍ରତ୍ ହୋଇ ନ ଥାଏ ତେବେ ସେ ବ୍ୟକ୍ତି ହୁଏ ଅସୁର । ନିଜର ଅହଂ, ସ୍ୱାର୍ଥ, ବାସନାକାମନା ପୂର୍ଣ୍ଣ କରିବା ସକାଶେ ବହୁ ବ୍ୟକ୍ତିଙ୍କୁ ପୀଡ଼ା ଦିଏ । ବହୁ ବ୍ୟକ୍ତିଙ୍କୁ ହତ୍ୟା କରେ, ବହୁ ଦେଶକୁ ଅଧିକାର କରେ, ନିଜ ସିଦ୍ଧାନ୍ତ ନିଜ ଦେଶରେ ବା ଅନ୍ୟ ଦେଶରେ ପ୍ରତିଷ୍ଠା କରିପାରେ ।

ଏହିପରି ପ୍ରାଣ ମହାନ୍ ଓ ଶକ୍ତିଶାଳୀ ଏବଂ ବୁଦ୍ଧି ତୀବ୍ର ଥିବା ବ୍ୟକ୍ତିଙ୍କର ଯଦି ନିଜ ଅଜ୍ଞାତରେ ଆତ୍ମାର ପ୍ରଭାବ କିଛି ଅଂଶରେ ତାଙ୍କ ମନ-ପ୍ରାଣ ଉପରେ ପଡ଼େ ତେବେ ତାଙ୍କର ବିବେକ ଉତ୍ପନ୍ନ ହୁଏ । ସେମାନେ ହୁଅନ୍ତି ନୀତିବାଦୀ, ବିବେକ ଦ୍ୱାରା ସେମାନଙ୍କ ବୁଦ୍ଧି ଉଦ୍ଭାସିତ ହେବାରୁ ସେମାନଙ୍କ ବୁଦ୍ଧି ଆଉ ପ୍ରାଣର କାମନାବାସନା ପୂର୍ଣ୍ଣ କରିବାର ଭୃତ୍ୟ ହୋଇ ରହେ ନାହିଁ, ବିବେକଯୁକ୍ତ ବୁଦ୍ଧି ହୁଏ ପ୍ରାଣର କେତେକାଂଶରେ ସ୍ୱାମୀ, ପ୍ରାଣର ଅନୁଚିତ ବାସନାକାମନା ପୂର୍ଣ୍ଣ କରିବାର ଯନ୍ତ୍ର ନ ହୋଇ ତାକୁ ଯଥାର୍ଥ ମାର୍ଗରେ ପରିଚାଳିତ କରିବାକୁ ଚେଷ୍ଟା କରେ । ଏହିପରି ନୀତିବାଦୀ ବ୍ୟକ୍ତି

ଅସୁର ହୁଅନ୍ତି ନାହିଁ । ନିଜର ଏବଂ ଅନ୍ୟର ତଥା ନିଜ ଦେଶ ତଥା ଅନ୍ୟ ଦେଶର ହିତସାଧନ କରିବାକୁ ଚେଷ୍ଟା କରନ୍ତି । କେତେକ ପରିମାଣରେ ସଫଳ ବି ହୁଅନ୍ତି । କିନ୍ତୁ ଏଥିରେ ତାଙ୍କର ଅହଂ ଓ ସ୍ୱାର୍ଥ ଦୂର ହୁଏ ନାହିଁ । ଏହି ଅହଂ ଓ ସ୍ୱାର୍ଥ ଥିବା ଯୋଗୁଁ ତାଙ୍କ ଦ୍ୱାରା ଜଗତରେ କୌଣସି ସ୍ଥାୟୀ ହିତ ସାଧିତ ହୁଏ ନାହିଁ ।

ବ୍ୟକ୍ତିର ପ୍ରାଣଶକ୍ତି ମହାନ୍, ପ୍ରବଳ ଥାଇ, ବୁଦ୍ଧିବିକାଶ ଯଦି ଅନ୍ୟ ବ୍ୟକ୍ତି ତୁଳନାରେ କମ୍ ଥାଏ, ତେବେ ସେ ନେତା ହୋଇପାରେ; ତଥା ନିଜଠାରୁ ଅଧିକ ବୁଦ୍ଧିବିକାଶ ହୋଇଥିବା ବ୍ୟକ୍ତିକୁ ନିଜ ଅଧିକାରରେ ରଖି ତା'ର ପରାମର୍ଶ ଦ୍ୱାରା କାର୍ଯ୍ୟ କରିପାରେ । ଯେଉଁ ବ୍ୟକ୍ତିର ପ୍ରାଣଶକ୍ତି ପ୍ରବଳ ନ ଥାଇ ବୁଦ୍ଧି ଖୁବ୍ ତୀବ୍ର ଥାଏ ସେ ଅନ୍ୟ ଉପରେ ଅଧିକାର ବିସ୍ତାର କରିପାରେ ନାହିଁ କିଂବା ନେତା ହୋଇ ପାରେ ନାହିଁ; ଓକିଲ ହୋଇପାରେ, ବିଜ୍ଞାନବେତ୍ତା ହୋଇ ଆଶ୍ଚର୍ଯ୍ୟଜନକ ନୂତନ ବସ୍ତୁ ଆବିଷ୍କାର କରିପାରେ । ଅନ୍ୟ ଉପରେ ନିଜ ପ୍ରଭାବ ପକାଇବା କାର୍ଯ୍ୟ ପ୍ରାଣଶକ୍ତିର । ଏହି ପ୍ରାଣଶକ୍ତି ଆତ୍ମା ଦ୍ୱାରା ନିୟନ୍ତ୍ରିତ ତଥା ପରିଚାଳିତ ହେଲେ ଜଗତର ସମସ୍ତ ପ୍ରକାର ହିତସାଧନ କରିପାରେ । ଆତ୍ମନିୟନ୍ତ୍ରଣ ଛଡ଼ା ପ୍ରାଣର ଯେଉଁ ଗୁଣ ବିକଶିତ ହୋଇଥାଏ ବ୍ୟକ୍ତି ତାହାକୁ ନିଜର ସ୍ୱାର୍ଥ, ଅହଂ ଓ ବାସନା ପୂର୍ଣ୍ଣ କରିବାରେ ପ୍ରୟୋଗ କରେ ।

ମନ-ବୁଦ୍ଧି

ମନ-ବୁଦ୍ଧି ଯୁକ୍ତିତର୍କ ଓ କର୍ମକୌଶଳରେ ନିପୁଣ । ଭୌତିକ ଜଗତରେ ବୁଦ୍ଧିର ସ୍ଥାନ ଅତ୍ୟନ୍ତ ଉନ୍ନତ । ବୁଦ୍ଧି ଓ ପ୍ରାଣ ସାହାଯ୍ୟରେ ଶରୀର ଦ୍ୱାରା ବ୍ୟକ୍ତି ଆଶ୍ଚର୍ଯ୍ୟଜନକ ବସ୍ତୁ ଆବିଷ୍କାର କରିପାରେ । ସେ ଆକାଶରେ ଉଡ଼ିପାରେ, ଜଳ ଭିତରେ ଗୃହ ନିର୍ମାଣ କରିପାରେ, ଗ୍ରହ ଉପଗ୍ରହରେ ପହଞ୍ଚି ପାରେ । ଭୌତିକ ପ୍ରକୃତିକୁ ସେ କେତେକାଂଶରେ ଅଧିକାର ପରିପାରେ । ବୁଦ୍ଧି ଖୁବ୍ ଉନ୍ନତ ହେବା ସତ୍ତ୍ୱେ ତା'ର ଜ୍ଞାନ ସୀମିତ ହୋଇଥାଏ । ସ୍ଥୂଳ ବସ୍ତୁ ଛଡ଼ା ତାହାର ସୂକ୍ଷ୍ମ ଜ୍ଞାନର ଅଭାବ ଥାଏ । ବୁଦ୍ଧି ଏତେ ତୀବ୍ର ହେବା ସତ୍ତ୍ୱେ ସେ ସ୍ୱଭାବତଃ ଶକ୍ତିହୀନ । ଅତ୍ୟନ୍ତ ବୁଦ୍ଧିଥିବା ବ୍ୟକ୍ତିର ଯଦି ପ୍ରାଣଶକ୍ତି ପ୍ରବଳ ନ ଥାଏ ତେବେ ସେ ପ୍ରାଣପ୍ରଧାନ ବ୍ୟକ୍ତିର ନେତୃତ୍ୱ ଅଧୀନରେ ରହି ପରାମର୍ଶ ଦେଇପାରେ, ନେତା ହୋଇପାରେ ନାହିଁ ।

ବ୍ୟକ୍ତିର ଯଦି ମନ-ବୁଦ୍ଧିର ବିକାଶ ସହିତ ପ୍ରାଣ ଶକ୍ତିଶାଳୀ ଥାଏ ଏବଂ ସେ ଅଜ୍ଞାତରେ ଆତ୍ମାର ସ୍ପର୍ଶପାଏ, ତେବେ ସେ କେତେକାଂଶରେ ସମାଜର ହିତସାଧନ କରେ ତଥା ଦେଶର ଉନ୍ନତିସାଧନ କରେ । କିନ୍ତୁ ବୁଦ୍ଧି ଯଦି ଜ୍ଞାତସାରରେ ଆତ୍ମାର ସ୍ପର୍ଶ ପାଏ ତେବେ ତା'ର ବିବେକଜ୍ଞାନ ଉତ୍ପନ୍ନ ହୁଏ । ସେ ମନ-ପ୍ରାଣ ଦ୍ୱାରା ଆଉ ଅସତ୍ ମାର୍ଗରେ ପରିଚାଳିତ ନ ହୋଇ ପ୍ରାଣକୁ ଉତ୍ତମ କାର୍ଯ୍ୟରେ ଲଗାଏ, ଉତ୍ତମ ମାର୍ଗରେ ପରିଚାଳିତ କରେ । ବ୍ୟକ୍ତି ସମାଜ ତଥା ଦେଶରେ ସତ୍ୟପ୍ରତିଷ୍ଠା କରିବାକୁ ଚେଷ୍ଟାକରେ । ବୁଦ୍ଧି ଆତ୍ମାର ପ୍ରଭାବ ଯେତେ ପରିମାଣରେ ଗ୍ରହଣ କରୁଥାଏ ସେହି ପରିମାଣରେ ସେ ହେଉଥାଏ ପ୍ରାଣର ସ୍ୱାମୀ । ପ୍ରାଣର ବାସନା କାମନା ପୂର୍ଣ୍ଣ କରିବାକୁ ଓ ଅବାଞ୍ଛିତ କାର୍ଯ୍ୟ କରିବାକୁ ନିଷେଧ କରିଦିଏ । ଯେତେବେଳେ ସେ ପୂର୍ଣ୍ଣରୂପେ ଆତ୍ମପ୍ରଭାବକୁ ଗ୍ରହଣ କରେ ଏବଂ ଆତ୍ମଧର୍ମରେ ରୂପାନ୍ତରିତ ହୁଏ ସେତେବେଳେ ସେ ପୂର୍ଣ୍ଣରୂପେ ହୁଏ ପ୍ରାଣର ସ୍ୱାମୀ । ଆତ୍ମପ୍ରଭାବ ଗ୍ରହଣ କରିବାକୁ ସେ ପ୍ରାଣକୁ ବାଧ କରେ । ଏହା ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ ଆତ୍ମଧର୍ମରେ ରୂପାନ୍ତରିତ ହେଲେ । ଯେପର୍ଯ୍ୟନ୍ତ ଏହି ରୂପାନ୍ତର ନ ହୁଏ ସେପର୍ଯ୍ୟନ୍ତ ବ୍ୟକ୍ତିର କର୍ମ ସର୍ବାଙ୍ଗସୁନ୍ଦର ହୁଏ ନାହିଁ କିଂବା ସେ ଦୁଃଖକଷ୍ଟ ଓ ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ ନାହିଁ । ତାହାର ଜୀବନ ଅପୂର୍ଣ୍ଣ ରହେ । ଶରୀର, ମନ, ପ୍ରାଣ ଓ ଆତ୍ମା – ଏହି ସତ୍ତାଗୁଡ଼ିକ ଯଦିଓ ପରସ୍ପର ଆଶ୍ରିତ ଏବଂ ପରସ୍ପରର ପରିପୂରକ, ତଥାପି ଆତ୍ମା ସେସବୁର ପ୍ରାଣ । କାରଣ ଆତ୍ମାଲୋକରେ ସେସବୁ ଆଲୋକିତ ହୁଅନ୍ତି ଏବଂ ଯଥାର୍ଥ ମାର୍ଗରେ ପରିଚାଳିତ ହୁଅନ୍ତି ।

ଆତ୍ମା

ଆତ୍ମା ବିବେକ, ଜ୍ଞାନ, ଆନନ୍ଦ, ଅନ୍ତର୍ଦିବ୍ୟଦୃଷ୍ଟି, ଶାନ୍ତି, ସମତା, ଅହିଂସା, ନିଃସ୍ୱାର୍ଥପରତା, ସାମଞ୍ଜସ୍ୟତା, ପରୋପକାର ଆଦି ଦିବ୍ୟ ଗୁଣରେ ବିଭୂଷିତ ଏବଂ ଭଗବତ୍‌ସ୍ୱରୂପ । ମନ, ପ୍ରାଣ, ଶରୀର ଏବଂ ଆତ୍ମା – ଏହି ଚାରିସତ୍ତା ଆସିଛନ୍ତି ଭଗବନାଙ୍କଠାରୁ । ମନ, ପ୍ରାଣ ଓ ଶରୀର ଯଦିଓ ଭଗବତ୍ ତତ୍ତ୍ୱରୁ ଆସିଲେ ତଥାପି ଭଗବାନଙ୍କ ଇଚ୍ଛାରେ ସେସବୁ ବିକୃତ ହୋଇ ଅଜ୍ଞାନରେ ଡୁବିଗଲେ । କିନ୍ତୁ ଆତ୍ମା ରହିଲା ଅବିକୃତ ଭଗବତ୍‌ସ୍ୱରୂପରେ ଦିବ୍ୟଗୁଣ ଧାରଣ କରି ଏହି ସଂସାରର ବହୁରୂପ ମଧ୍ୟରେ ନିଜକୁ ପ୍ରକାଶ କରିବା ସକାଶେ । ସ୍ୱୟଂ ଭଗବାନ୍ ଆତ୍ମାରୂପେ ମନ, ପ୍ରାଣ ଓ ଶରୀରର ପଶ୍ଚାତରେ ସେସବୁକୁ ଧାରଣ କରି ରହିଲେ । ପ୍ରାଣ ଓ ଶରୀର ମଧ୍ୟରେ ଆତ୍ମା ଦିବ୍ୟସ୍ୱରୂପରେ ବିଦ୍ୟମାନ ଥିବାରୁ ସେସବୁ ମୂଳ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବାର ସମ୍ଭାବନା ରହିଲା । ଏହି ସମ୍ଭାବନାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଏବଂ ଜୀବନର ପୂର୍ଣ୍ଣତା । ଏହି ଲକ୍ଷ୍ୟପ୍ରାପ୍ତିହିଁ ପ୍ରତ୍ୟେକ ବ୍ୟକ୍ତିର କାମ୍ୟ ତଥା ଭଗବାନଙ୍କ ସୃଷ୍ଟିର ଉଦ୍ଦେଶ୍ୟ ।

ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଏହି ଲକ୍ଷ୍ୟର ରହସ୍ୟ ଜ୍ଞାତ ହୁଏ ଆତ୍ମାର ଜାଗରଣ ବା ବିକାଶରେ । ଯେପର୍ଯ୍ୟନ୍ତ ବ୍ୟକ୍ତିର ଆତ୍ମା ବିକଶିତ ବା ଜାଗ୍ରତ୍ ହୋଇ ନ ଥାଏ ସେପର୍ଯ୍ୟନ୍ତ ବ୍ୟକ୍ତିର ବୁଦ୍ଧି ଯେତେ ତୀବ୍ର, ପ୍ରାଣ ଯେତେ ଶକ୍ତିଶାଳୀ, ଓ ସଂସାରରେ ସେ ଯେତେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟକରୁ ପଛକେ ଜୀବନର ଲକ୍ଷ୍ୟ ସମ୍ବନ୍ଧରେ ସେ ସଚେତନ ହୁଏ ନାହିଁ କିଂବା ଲକ୍ଷ୍ୟସିଦ୍ଧି କରିପାରେ ନାହିଁ । ଯେପରି ଆତ୍ମାକୁ ବାଦ୍ ଦେଇ ମନ, ପ୍ରାଣ ଓ ଶରୀରର ବିକାଶରେ ବ୍ୟକ୍ତିକୁ ପରମାନନ୍ଦ, ପରମଶାନ୍ତି ପ୍ରାପ୍ତ ହୁଏ ନାହିଁ, ସେହିପରି ମନ, ପ୍ରାଣ ଓ ଶରୀରର ବିକାଶକୁ ବାଦ୍‌ଦେଇ କେବଳ ଆତ୍ମବିକାଶ ଦ୍ୱାରା ବ୍ୟକ୍ତି ସାଂସାରିକ କାର୍ଯ୍ୟ ସିଦ୍ଧ କରିପାରେ ନାହିଁ । ସେ ଗୃହସଂସାରକର୍ମ ପରିତ୍ୟାଗ କରି ସନ୍ନ୍ୟାସ ମାର୍ଗରେ ନିର୍ବାଣ, ମୁକ୍ତି ବା ଭଗବତ୍ ପ୍ରାପ୍ତି କରେ । ସଂସାର ଯେଉଁ ଦୁଃଖକଷ୍ଟରେ ଥାଏ ତାକୁ ସେହିପରି ଛାଡ଼ିଦିଏ । ଏହି ଚାରି ସତ୍ତାର ବିକାଶ ତଥା ଆତ୍ମାର ଧର୍ମରେ ମନ, ପ୍ରାଣ ଓ ଶରୀର ତା'ର ମୂଳ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହୁଅନ୍ତି ଓ ଯଥାର୍ଥ ଲକ୍ଷ୍ୟ ପ୍ରାପ୍ତ କରନ୍ତି ଶ୍ରୀଅରବିନ୍ଦଙ୍କ ଯୋଗରେ ।

ଜୀବନର ଲକ୍ଷ୍ୟ

ପ୍ରତ୍ୟେକ ବ୍ୟକ୍ତି ସ୍ୱାଭାବିକ ରୂପେ ସ୍ୱତଃସ୍ଫୂର୍ତ୍ତ ଭାବରେ ଯାହା ଚାହାନ୍ତି ତାହାହିଁ ଯଥାର୍ଥରେ ଜୀବନର ଲକ୍ଷ୍ୟ । ସଂସାରର କୌଣସି ବ୍ୟକ୍ତି ଏହି ଚାହିଁବାରୁ ବାଦ୍‌ଯାଏ ନାହିଁ । ସମସ୍ତ ବ୍ୟକ୍ତି ଚାହାନ୍ତି ଦୁଃଖବିହୀନ ଅଖଣ୍ଡ ପରମାନନ୍ଦ ତଥା ରୋଗ, ବୃଦ୍ଧତ୍ୱରୁ ମୁକ୍ତ ଅମରତ୍ୱ । ଏହାହିଁ ନିର୍ବିବାଦରେ ସମସ୍ତ ବ୍ୟକ୍ତିଙ୍କର ଲକ୍ଷ୍ୟ । କୌଣସି ଗୋଟିଏ ବ୍ୟକ୍ତି ସୁଖ ସଙ୍ଗେ ଦୁଃଖ, ରୋଗ, ବୃଦ୍ଧତ୍ୱକୁ ଚାହେଁ ନାହିଁ । ବ୍ୟକ୍ତିର ମନ, ପ୍ରାଣ, ଶରୀର ଆତ୍ମଜ୍ଞାନରେ ଉଦ୍‌ଭାସିତ ହୋଇ ନ ଥିବାରୁ ତୀବ୍ରବୁଦ୍ଧି ପ୍ରଧାନ ବ୍ୟକ୍ତି, ଶାସ୍ତ୍ରଜ୍ଞ ପଣ୍ଡିତ, ଭୌତିକ-ବିଜ୍ଞାନବାଦୀ, ଦେଶର ବଡ଼ ବଡ଼ ନେତାମାନେ ବି ଜୀବନର ଏହି ଯଥାର୍ଥ ଲକ୍ଷ୍ୟ ସମ୍ବନ୍ଧରେ ସଚେତ ହୁଅନ୍ତି ନାହିଁ । ଶିକ୍ଷା, ପାରିପାର୍ଶ୍ୱିକ ଅବସ୍ଥା, ସଂଗ ପ୍ରଭାବରେ ଭ୍ରମବଶ ହୋଇ ସେହି ଦୁଃଖବିହୀନ ପରମ ସୁଖକୁ ସାଂସାରିକ ବସ୍ତୁ, ଚୋରି, ଡକାୟତି, ପରିବାର, ଧନ, ମହତ୍ତ୍ୱ, ଅଧିକାର ପ୍ରାପ୍ତି, ବିଦ୍ୟାର୍ଜନ, ଡାକ୍ତର, ଇଞ୍ଜିନିୟର, ବିଜ୍ଞାନବେତ୍ତା ହେବା, ଦେଶନେତା, ମନ୍ତ୍ରୀ ହେବାରେ ତଥା ଇନ୍ଦ୍ରିୟର ଭୋଗବିଳାସରେ ଖୋଜନ୍ତି । ଏହିସବୁ ବସ୍ତୁରେ ସୁଖ ସଙ୍ଗେ ଦୁଃଖ ବିଦ୍ୟମାନ ଥାଏ । ସେଥିପାଇଁ ବ୍ୟକ୍ତିର ଚାହିଁବା ପୂର୍ଣ୍ଣ ହୁଏ ନାହିଁ । ବ୍ୟକ୍ତିର ଏହି ଚାହିଁବା ଏବଂ ଏହି ଲକ୍ଷ୍ୟ ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ, ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ତା'ର ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହେବାରେ ।

ଛାତ୍ରମାନଙ୍କ କର୍ତ୍ତବ୍ୟ

ପ୍ର : ଆମ୍ଭେମାନେ ସ୍ପଷ୍ଟରୂପେ ମନ, ପ୍ରାଣ, ଶରୀର ତଥା ଆତ୍ମାର ଭିନ୍ନ ଭିନ୍ନ କର୍ମ ବୁଝିପାରିଲୁ । ଏହି ଚାରିସତ୍ତାର ବିକାଶ ବିନା ଜୀବନ ପୂର୍ଣ୍ଣ ହୁଏ ନାହିଁ, ତଥା ଜୀବନରେ ଲକ୍ଷ୍ୟ ପ୍ରାପ୍ତି ବିନା ବ୍ୟକ୍ତିଜୀବନ ଦୁଃଖ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ପରମାନନ୍ଦ, ପରମ ଶାନ୍ତି ପ୍ରାପ୍ତକରି ଜନ୍ମ ମରଣରୁ ମୁକ୍ତ ହୁଏ ନାହିଁ, ଏଥିରେ ଆମ୍ଭମାନଙ୍କର ସନ୍ଦେହ ନାହିଁ ।

ଜୀବନର ନିର୍ବିବାଦରୂପେ ଲକ୍ଷ୍ୟ ମନ, ପ୍ରାଣ, ଶରୀର ସତ୍ତାରେ ଭଗବତ୍‌ପ୍ରାପ୍ତି । ଭଗବାନ୍ ପରମ ଆନନ୍ଦ, ପରମ ଶାନ୍ତି, ପରମ ସାମର୍ଥ୍ୟ । ସେ ସମଗ୍ର ସତ୍ତାରେ ଉପଲବ୍ଧ ହୁଅନ୍ତି ମନ, ପ୍ରାଣ, ଶରୀର ଦିବ୍ୟତ୍ୱରେ ରୂପାନ୍ତରିତ ହେବାରେ । କାରଣ ଭଗବାନ୍ ଦିବ୍ୟ, ସେ ଅଦିବ୍ୟ ବସ୍ତୁରେ ପ୍ରକଟ ହୋଇ ପାରନ୍ତି ନାହିଁ । ରୂପାନ୍ତରିତ ମନ, ପ୍ରାଣ, ଶରୀର ହୁଏ ପୂର୍ଣ୍ଣରୂପେ ରୋଗ, ଜରା, ମୃତ୍ୟୁ, ଅଜ୍ଞାନ, ଦୁଃଖକଷ୍ଟରୁ ମୁକ୍ତ । ବ୍ୟକ୍ତି ବାସକରେ ପରମାନନ୍ଦରେ । ଏହି ଲକ୍ଷ୍ୟକୁ ଅଜ୍ଞାତ ରୂପେ ସମସ୍ତ ପ୍ରାଣୀ ସୃଷ୍ଟି ଆରମ୍ଭରୁ ଚାହିଁ ଆସୁଛନ୍ତି । ଏହା ଆମ୍ଭେମାନେ ସ୍ପଷ୍ଟରୂପେ ବୁଝିପାରିଲୁ ।

ଆମ୍ଭେମାନେ ଛାତ୍ର ଅବସ୍ଥାରେ ବିଦ୍ୟାଧ୍ୟୟନ ତଥା ସଂସାରକର୍ମ ତ୍ୟାଗ ନ କରି ଏହାକୁ କିପରି ପ୍ରାପ୍ତ କରି ପାରିବୁ ଏହାର ପ୍ରଣାଳୀ ସରଳ ଭାଷାରେ ବୁଝାଇ ଦିଅ ?

ଉ : ପଢ଼ିବା, ସ୍ନାନ, ଭୋଜନ ଇତ୍ୟାଦି ସମସ୍ତ କର୍ମ ତ୍ୟାଗ ନ କରି ମା'ଙ୍କ ସେବା ଭାବରେ କରି ମା'ଙ୍କୁ ସମର୍ପଣ କଲେ ଆମ୍ଭେ ନିଜ ଜୀବନର ଲକ୍ଷ୍ୟ ପ୍ରାପ୍ତ କରିପାରିବା । ଏଥିରେ ସାହାଯ୍ୟ କରେ ମା'ଙ୍କ ନାମ ସ୍ମରଣ ।

ନିଷ୍ଠା ସହିତ ଏତିକି କଲେ ନିଷେଧ ତଥା ଜୀବନର ଅହିତକର ଦୁଃଖ, ଶୋକପ୍ରଦ କର୍ମର ତ୍ୟାଗ, ଏବଂ ଏହି ଲକ୍ଷ୍ୟପ୍ରାପ୍ତି ସକାଶେ ଅଭୀପ୍ସା ମଧ୍ୟ କରିପାରିବା । ବ୍ୟକ୍ତି ଯେଉଁ ସମୟରେ ସଚେତ ହୁଏ, ସେହି ସମୟରୁ ଏହି କର୍ମ ଆଚରଣ କରିବା ଉଚିତ । ଏହି ସକାଶେ ବୟସ, ଶିକ୍ଷା ବା ଅବସ୍ଥା ନିର୍ଦ୍ଧାରିତ ନ ଥାଏ । କିନ୍ତୁ ସବୁଠାରୁ ଉତ୍ତମ ଉପଯୋଗୀ ସମୟ ବା ଅବସ୍ଥା ଛାତ୍ରମାନଙ୍କର ।

ଛାତ୍ରମାନଙ୍କର ଶିକ୍ଷା

ବାଲ୍ୟ ଅବସ୍ଥା କୋମଳ ଲତା ସଦୃଶ ନମନୀୟ, ସୁନ୍ଦର ପୁଷ୍ପ ସଦୃଶ ଗ୍ରହଣଶୀଳ । ବାଲ୍ୟ ଅବସ୍ଥାରେ ଯେଉଁ ଶିକ୍ଷା ପ୍ରାପ୍ତହୁଏ ତାହା ସମସ୍ତ ଜୀବନରେ ବିକାଶ ହୁଏ । ସେହି ସକାଶେ ବାଲ୍ୟ ଅବସ୍ଥା କେବଳ ଶିକ୍ଷା ସକାଶେ ନିର୍ଦ୍ଧାରିତ ହୋଇଛି । କିନ୍ତୁ ଉପଯୁକ୍ତ ସମୟ ଆସି ନ ଥିବାରୁ ଆମ୍ଭେମାନେ ମନ, ପ୍ରାଣ, ଶରୀର ତଥା ଆତ୍ମାର ସର୍ବାଙ୍ଗୀନ ଶିକ୍ଷା ତ୍ୟାଗ କରି କେବଳ ମନର ବିକାଶ ସକାଶେ ବିଦ୍ୟାଧ୍ୟୟନ ଶିକ୍ଷା ଗ୍ରହଣ କରୁ, ତଦ୍ଦ୍ୱାରା ବୁଦ୍ଧି ବିକାଶ ହୋଇ ଶିଖରରେ ପହଞ୍ଚେ । ଅନ୍ୟ ସତ୍ତା ଅବିକଶିତ ଅନ୍ଧକାରରେ ପଡ଼ି ରହିଥାଏ । ଜୀବନ ହୋଇଥାଏ ଅପୂର୍ଣ୍ଣ । ବର୍ତ୍ତମାନ ସର୍ବାଙ୍ଗୀନ ଶିକ୍ଷାର ସମୟ ଆସିଛି, ଆସୁଥିବା ନୂତନ ଯୁଗଧର୍ମ ଅନୁସାରେ ବ୍ୟକ୍ତି ମନ ଦ୍ୱାରା ପରିଚାଳିତ ନ ହୋଇ ଅତିମାନସ ସତ୍ୟ ଦ୍ୱାରା ପରିଚାଳିତ ହେବ । ତା'ର ହେବ ଆତ୍ମଧର୍ମ । ସେହିମାନେ ହେବେ ନୂତନ ସତ୍ୟଯୁଗର ଅତିମାନବ ।

ଶରୀର ଶିକ୍ଷା

ପୂର୍ବେ ଆଲୋଚନା ହୋଇଛି ମନ, ପ୍ରାଣ, ଆତ୍ମାର ଆଧାର ଶରୀର । ଶରୀର ଦ୍ୱାରାହିଁ କର୍ମ ସମ୍ପାଦନ ହୁଏ । ଶରୀରକୁ ସୁସ୍ଥ, ସବଳ, ନମନୀୟ ରଖିବା ସକାଶେ ଆସନ, ବ୍ୟାୟାମ ତଥା ଶାରୀରିକ କେତେକ ନିର୍ଦ୍ଦିଷ୍ଟ ନିୟମ ଛାତ୍ରଜୀବନରେ ପାଳନ କରିବା ଏକାନ୍ତ ଆବଶ୍ୟକ ।

ଶିଶୁ ଶିକ୍ଷା

୧ : ମା'ମାନେ ଶିଶୁ ଅବସ୍ଥାରୁ ପିଲାମାନଙ୍କ ଶିକ୍ଷା ତଥା ସ୍ୱାସ୍ଥ୍ୟ ସକାଶେ ବିଶେଷ ସାବଧାନ ରହିବା ଉଚିତ । କାଖରେ କାଖେଇବା, ବାୟୁ ଯାତାୟାତ କରୁ ନ ଥିବା ଘରେ ଶିଶୁକୁ ରଖିବା ଉଚିତ ନୁହେଁ । ଖୋଲା ବାୟୁରେ ଅନ୍ତତଃ କିଛି ସମୟ ରଖିବା ଉଚିତ ।

୨ : ସାଧାରଣତଃ ମା'ମାନେ ଶିଶୁର ଉଦରକୁ ରବର ବ୍ୟାଗ୍ ମନେକରନ୍ତି, ସେଥିରେ ଖାଦ୍ୟ ଜବରଦସ୍ତି ଭର୍ତ୍ତି କରୁ ଥାଆନ୍ତି । ଶିଶୁର ଜଠରାଗ୍ନି ଦୁର୍ବଳ ହୁଏ, ନାନା ପ୍ରକାର ରୋଗ ଉତ୍ପନ୍ନ ହୁଏ । ଏହା ଭବିଷ୍ୟତ୍ ଜୀବନ ସକାଶେ ବିଶେଷ ଅହିତକର ହୁଏ । ଶିଶୁମାନଙ୍କୁ ଆବଶ୍ୟକ ଶୁଦ୍ଧ, ପରିଷ୍କାର, ସ୍ୱାସ୍ଥ୍ୟକର ଭୋଜନ ଦେବା ଉଚିତ । କ୍ଷୁଧା ଲାଗିଲେ ଅଳ୍ପ ଅଳ୍ପ କରି ଖାଦ୍ୟ ଦିଆଯାଇ ପାରେ । କିନ୍ତୁ ଏକ ସଙ୍ଗେ ଆବଶ୍ୟକରୁ ଅଧିକ ଭୋଜନ କଦାପି ଦେବେ ନାହିଁ ।

୩ : ଶିଶୁ ଅନ୍ନଭୋଜନ କରିବାକୁ ଆରମ୍ଭ କଲେ ତା'ର ଭୋଜନ ସମୟ ନିର୍ଦ୍ଦିଷ୍ଟ ରଖିବା ଉଚିତ । ବିଶେଷତଃ ପ୍ରାତଃକାଳରେ ଖାଲି ପେଟରେ ମିଠା ଦେବା ଉଚିତ ନୁହେଁ, ତଦ୍ଦ୍ୱାରା କ୍ଷୁଧା ପ୍ରବଳ ହୁଏ ନାହିଁ । ଅନ୍ନ ତଥା ତରକାରି ଏବଂ ଦୁଗ୍ଧରୁ ଯେଉଁ ତତ୍ତ୍ୱ ଶରୀରକୁ ମିଳେ ତାହା ମିଠା ଖାଇବା ଦ୍ୱାରା ମିଳେ ନାହିଁ । ପିଲାକୁ ମିଠା ଦେବାକୁ ହେଲେ ଭୋଜନ ପରେ ଦେଇପାର ।

୪ : ଶିଶୁ ଗର୍ଭରେ ଥିବା ସମୟରେ ଏବଂ ଅଜ୍ଞାନ ଅବସ୍ଥାରେ ତା' ସମ୍ମୁଖରେ କୌଣସି ଅସତ୍ କର୍ମ ବା ଅସତ୍ୟ, ଅଶ୍ଳୀଳ କଥାବାର୍ତ୍ତା କରିବା ଉଚିତ ନୁହେଁ । ଏହାର ପ୍ରଭାବ ଶିଶୁର ସ୍ୱଭାବରେ ପଡ଼େ ଏବଂ କୁସଂସ୍କାରରେ ପରିଣତ ହୁଏ ।

୫ : ଶିଶୁ ଚାଲିବାକୁ ଆରମ୍ଭ କଲେ, ତାହାରି ଦ୍ୱାରା ତା'ର ବ୍ୟାୟାମ ଆରମ୍ଭ ହୁଏ । ଏପରି ପ୍ରଣାଳୀରେ ଖେଳେଇବାକୁ ହେବ ଯାହା ଦ୍ୱାରା ସେ ଅଧିକ ଚାଲି ପାରିବ ବା ଦୌଡ଼ି ପାରିବ । ତିନିବର୍ଷ ବୟସ ହୋଇଗଲେ ମା'ମାନେ ଶିଶୁକୁ ଖେଳେଇବା ସମୟରେ କିଂବା ଶିଶୁ ସହିତ କଥାବାର୍ତ୍ତା କରିବା ସମୟରେ ଧାର୍ମିକ, ନୈତିକ ଶବ୍ଦ ଅଥବା ମା'ଙ୍କ ନାମ କିଂବା ଭଗବାନଙ୍କ ନାମ ଶିକ୍ଷା ଦେଇପାରନ୍ତି ।

୬ : ପାଞ୍ଚବର୍ଷରୁ ଦଶବର୍ଷ ବୟସପର୍ଯ୍ୟନ୍ତ ବାଳକ-ବାଳିକାମାନଙ୍କୁ ଚାଲିବା, ଦୌଡ଼ିବା ଏବଂ ଅଙ୍ଗପ୍ରତ୍ୟଙ୍ଗ ପରିଚାଳନା କରିବା ସକାଶେ ଖେଳର ବ୍ୟବସ୍ଥା କରିବା ଉଚିତ । ଏହି ସମୟରେ ଗଳ୍ପ ବା କାହାଣୀରୂପେ ଭକ୍ତଚରିତ୍ର, ରାମାୟଣ, ମହାଭାରତ, ଭାଗବତ ଆଦି ଗ୍ରନ୍ଥ ଏବଂ ନିର୍ଭୀକ, ସାହସୀ, ବୀର, ଯୋଦ୍ଧା, ପତିବ୍ରତାର କାହାଣୀ, ପ୍ରହ୍ଲାଦ, ଧ୍ରୁବ, ଅର୍ଜୁନ, ଭୀଷ୍ମପିତାମହ, ଶ୍ରୀରାମଙ୍କ ଆଦର୍ଶ ଚରିତ୍ର ଏବଂ ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ, ପତିବ୍ରତାର ପ୍ରଭାବ ଗଳ୍ପରୂପେ ଶୁଣେଇବା ଉଚିତ ।

୭ : ଛାତ୍ରଛାତ୍ରୀମାନେ ଦଶବର୍ଷ ବୟସରେ ସ୍କୁଲର ବ୍ୟାୟାମଶାଳାରେ ଅଭିଜ୍ଞ ଶିକ୍ଷକଙ୍କ ନିର୍ଦ୍ଦେଶରେ ବ୍ୟାୟାମ ଓ ଆସନ କରିପାରନ୍ତି । ଏହାର ସୁଯୋଗ ନ ଥିଲେ ସ୍ୱୟଂ ନିଜ ଘରେ 'ଛାତ୍ରଜୀବନରେ ଉନ୍ନତିର ମାର୍ଗ', 'ଦିବ୍ୟଯୁଗ ସ୍ଥାପନାରେ ନାରୀ' ଏବଂ 'ପୂର୍ଣ୍ଣାଙ୍ଗ ଜୀବନରେ ଶରୀର ଚର୍ଚ୍ଚା' ପୁସ୍ତକରେ ଆଲୋଚିତ ହୋଇଥିବା ଆସନ ତଥା ବ୍ୟାୟାମ କରିପାରନ୍ତି । ସେଥିରେ ସମସ୍ତ ନିୟମ ଉଲ୍ଲେଖ କରା ହୋଇଛି । ନିୟମ ପଢ଼ିବା ଏବଂ ପାଳନ କରିବା ଏକାନ୍ତ ଆବଶ୍ୟକ ।

୮ : ବାଳକ ବାଳିକାମାନେ ନଅ କିଂବା ଦଶ ବର୍ଷ ବୟସରୁ ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ ଜାଣି ତାହା ଅଖଣ୍ଡରୂପେ ପାଳନ କରିବେ । ବ୍ରହ୍ମଚର୍ଯ୍ୟ ହେଉଛି ଜୀବନର ସାରତତ୍ତ୍ୱ । ବ୍ରହ୍ମଚର୍ଯ୍ୟ ନଷ୍ଟ ନ ହେଲେ ଶରୀର ହୁଏ ବଳବାନ୍, ଦୃଢ଼; ପ୍ରାଣ ହୁଏ ସଂଯତ ଏବଂ ଶକ୍ତିଶାଳୀ; ମନ ହୁଏ ତୀବ୍ର ବୁଦ୍ଧି ଏବଂ ବିବେକଯୁକ୍ତ । ବ୍ରହ୍ମଚର୍ଯ୍ୟ ପାଳନରେହିଁ ଆତ୍ମା ହୁଏ ଜାଗ୍ରତ୍, ଜୀବନର ପରମ ଲକ୍ଷ୍ୟ ଭଗବାନ୍ ପ୍ରାପ୍ତ ହୁଅନ୍ତି । ବ୍ରହ୍ମଚର୍ଯ୍ୟ ରକ୍ଷା ବିନା ବିଶେଷତଃ କମ୍ ବୟସରେ ବ୍ରହ୍ମଚର୍ଯ୍ୟର

ନଷ୍ଟ କରିବା ଦ୍ୱାରା ଶରୀର ହୁଏ ବହୁପ୍ରକାର ରୋଗର ସ୍ଥାୟିଗୃହ, ପ୍ରାଣ ହୁଏ ଅତ୍ୟନ୍ତ ଅସ୍ଥିର ଏବଂ ଉତ୍ତେଜିତ, ମନ-ବୁଦ୍ଧି ହୁଏ ଚଞ୍ଚଳ, ସ୍ମରଣଶକ୍ତି ହୁଏ ହ୍ରାସ । ଜୀବନ ହୁଏ ଦୁଃଖ, ଶୋକ, ଦ୍ୱନ୍ଦ୍ୱମୟ । ବାଳକ ବାଳିକାମାନେ ବିବାହ ପର୍ଯ୍ୟନ୍ତ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବା ଏକାନ୍ତ ଆବଶ୍ୟକ । ବିଶେଷତଃ ବାଳିକାମାନଙ୍କ ସକାଶେ ଅପରିହାର୍ଯ୍ୟ । ଯେଉଁ ବାଳିକା-ବାଳକମାନେ ଭଗବତ୍‌ପ୍ରାପ୍ତି ଲକ୍ଷ୍ୟ ଗ୍ରହଣ କରି ତାହାରି ପ୍ରାପ୍ତିର ପ୍ରଯତ୍ନ କରନ୍ତି ସେମାନେ ବିବାହ ନ କରି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିପାରନ୍ତି । ଯେଉଁମାନଙ୍କର ତୀବ୍ର ବୈରାଗ୍ୟ ନ ଥାଏ ସେମାନେ ଭଗବତ୍‌ପ୍ରାପ୍ତିର ସାଧନା ଗ୍ରହଣ କରି ବିବାହ କରିପାରନ୍ତି । କିନ୍ତୁ ପୁରୁଷମାନେ ଏକ ପତ୍ନୀବ୍ରତ, ସ୍ତ୍ରୀମାନେ ପାତିବ୍ରତା ଧର୍ମ ପାଳନପୂର୍ବକ, ପଶୁ ସଦୃଶ ବ୍ରହ୍ମଚର୍ଯ୍ୟ ନଷ୍ଟ ନ କରି ଦୁଇଟି ସନ୍ତାନ ଉତ୍ପାଦନ କରିପାରନ୍ତି । ପରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନପୂର୍ବକ ଜୀବନର ସମସ୍ତ ଆବଶ୍ୟକ କର୍ମ ସମ୍ପାଦନ କରି ଜୀବନର ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇ ପାରନ୍ତି ।

ଶିଶୁପ୍ରତି ପିତାମାତାଙ୍କ କର୍ତ୍ତବ୍ୟ

ଶିଶୁର ଉନ୍ନତିର ଆଧାର ପ୍ରସ୍ତୁତ କରିବା ନିର୍ଭର କରେ ପିତାମାତାଙ୍କ ଉପରେ; ବିଶେଷତଃ ମାତା ଉପରେ । ପିତାମାତା ଯେଉଁ ଚରିତ୍ର ତଥା ଯେଉଁ ସ୍ୱଭାବର ହୋଇଥାଆନ୍ତି ତାହାର ସମ୍ପୂର୍ଣ୍ଣ ପ୍ରଭାବ ପଡ଼େ ଶିଶୁ ଉପରେ । କୋଟିକରେ ଗୋଟିଏ ଶିଶୁର ଯଦି ବଳଶାଳୀ ପୂର୍ବ ଜନ୍ମର ସଂସ୍କାର ଥାଏ, ତେବେ ପିତାମାତାଙ୍କ ପାରିପାର୍ଶ୍ୱିକ ସଂସ୍କାରରୁ ସେ ରକ୍ଷା ହୁଏ ।

ସନ୍ତାନର ଉନ୍ନତି ଚାହୁଁଥିବା ପିତାମାତା ସନ୍ତାନର ହିତ ସକାଶେ ନିଜେ ସଦ୍‌ଗୁଣବାନ୍ ହେବା ଉଚିତ । ମା'ର ଜୀବନର ଲକ୍ଷ୍ୟଜ୍ଞାନ ଥିଲେ ଗର୍ଭରେ ଆସିବା ସମୟରୁ ଶିଶୁ ଅବସ୍ଥାପର୍ଯ୍ୟନ୍ତ ସେ ଉତ୍ତମ ଆଚରଣ, ଉତ୍ତମ କାର୍ଯ୍ୟ, ଉତ୍ତମ ବ୍ୟବହାର କରି ସତ୍ୟ ଏବଂ ନ୍ୟାୟଯୁକ୍ତ ବଚନ ଉଚ୍ଚାରଣ କରେ । ଏହି ଉତ୍ତମ ସଂସ୍କାର ତା' ରକ୍ତ ସହିତ ମିଶିଯାଏ । ଏହାର ଉଦାହରଣସ୍ୱରୂପ ଗୋଟିଏ ଗ୍ରାମ୍ୟ କାହାଣୀ ଓ ଅନ୍ୟଟି ଏକ ପୌରାଣିକ ଘଟଣା ଉଲ୍ଲେଖ କରିବା ।

ଗୋଟିଏ ଗ୍ରାମରେ ଜଣେ ମିଥ୍ୟାବାଦୀ ଥିଲେ । ତାଙ୍କର ଗୋଟିଏ ପୁତ୍ର ହେଲା । ସେ ଭାବିଲେ –''ମୋ ପାଖରେ ପୁତ୍ର ରହିଲେ ମିଥ୍ୟା କହିବା ଶିଖିଯିବ ।'' ଅତଏବ ସ୍ପଷ୍ଟରୂପେ କଥା କହିବା ପୂର୍ବରୁ ତାକୁ ମାମୁ ଘରେ ଛାଡ଼ିଆସିଲେ । ପୁଅକୁ ସାତ, ଆଠବର୍ଷ ହେବା ପରେ ତାକୁ ଘରକୁ ଆଣିବା ସମୟରେ ପୁଅର ସତ୍ୟ କହିବା ପରୀକ୍ଷା କରିବାକୁ ଚାହିଁଲେ । ରାସ୍ତାରେ ଗୋଟିଏ ନଈ ପଡ଼ିଲା । ପାରି ହେବା ସମୟରେ ପିତା ମିଛରେ କହିଲେ –''ଗୋଟିଏ ମାଛ ମାରିହେଲା ।'' ପୁଅ କହିଲା – ''ମାଛ ମାରିହେବା ସମୟରେ ପାଣି ମୋ ଉପରେ ପଡ଼ିଲା ।'' ଏକଥା ଶୁଣିବା ମାତ୍ରେ ପିତା ଉପରେ ବଜ୍ର ପଡ଼ିଗଲା । ନିଜ କର୍ମ ଉପରେ ବହୁତ ଅନୁତାପ ଆସିଲା ।

ଅନ୍ୟ ବିଷୟଟି ହେଲା ଭାଗବତରେ ବର୍ଣ୍ଣିତ ପରମା ଭକ୍ତା ମଦାଳସାଙ୍କ ଚରିତ୍ର । ମଦାଳସା ରାଜକନ୍ୟା ଥିଲେ । ସେ ସେହି ରାଜାଙ୍କୁ ବିବାହ କରିବାକୁ ପ୍ରତିଜ୍ଞା କରିଥିଲେ ଯେଉଁ ରାଜା ଏକପତ୍ନୀବ୍ରତ ପାଳନ କରିବେ ଏବଂ ସନ୍ତାନମାନେ ଉତ୍ପନ୍ନ ହେବାର ବାର ବର୍ଷ ପର୍ଯ୍ୟନ୍ତ ସନ୍ତାନମାନଙ୍କୁ ନିଜ ନିକଟକୁ ନ ନେଇ ତାଙ୍କ (ମଦାଳସାଙ୍କ) ନିକଟରେ ବାରବର୍ଷ ପର୍ଯ୍ୟନ୍ତ ରହିବା ପାଇଁ ସମ୍ମତ ହେବେ । ତାଙ୍କ ସଂକଳ୍ପ ଥିଲା ତାଙ୍କ ଗର୍ଭରେ ଯେଉଁ ଆତ୍ମା ଆସିବ ପୁନରାୟ ସେ ମାତା ଗର୍ଭକୁ ଯିବ ନାହିଁ । ଅର୍ଥାତ୍ ଭଗବତ୍ ପ୍ରାପ୍ତି କରିବ । ସେହି ସକାଶେ ସେ ଏହି ପ୍ରତିଜ୍ଞା କରିଥିଲେ । ଏହି ସର୍ତ୍ତକୁ ଜଣେ ରାଜା ସହର୍ଷେ ସ୍ୱୀକାର କଲେ । ମଦାଳସା ଥିଲେ ପତିବ୍ରତା ଏବଂ ଭଗବତ୍ ଭକ୍ତିପରାୟଣା, ସତ୍ୟବାଦିନୀ ଏବଂ ସଦାଚାରିଣୀ । ତାଙ୍କ ମୁଖରୁ ସର୍ବଦା ଭଗବତ୍ ନାମ ଉଚ୍ଚାରଣ ହେଉଥାଏ । ସେ ସମସ୍ତ କର୍ମ କରନ୍ତି ଭଗବାନଙ୍କ ସେବାରୂପେ । କର୍ମ କରିବା ସମୟରେ ତଥା ଅନ୍ୟାନ୍ୟ ସମୟରେ ତାଙ୍କ ହୃଦୟରେ ଭଗବାନ୍ ବିରାଜମାନ ଥା'ନ୍ତି । ତାଙ୍କରି ଉଦ୍ଦେଶ୍ୟରେ ସେ ଶାରୀରିକ କର୍ମ କରି ତାଙ୍କୁହିଁ ସମର୍ପଣ କରନ୍ତି । ଘର, ପରିବାର, ସମସ୍ତ ସମ୍ପତ୍ତିର ମାଲିକ ଭଗବାନ୍ ବୋଲି ତାଙ୍କ ଚେତନାରେ ସ୍ପଷ୍ଟ ଥାଏ । ପତିସେବା କରନ୍ତି ଭଗବାନଙ୍କ ପ୍ରତିନିଧି ଧାରଣାରେ । ତାଙ୍କର ସମସ୍ତ

ଗତିବୃତ୍ତି, ମନୋଭାବ, ଚେତନ ଭଗବତ୍ ପ୍ରଭାବରେ ପ୍ରଭାବିତ ହୋଇଥାଏ । ମନୁଷ୍ୟର ଚେତନା ଅନୁସାରେ ପାରିପାର୍ଶ୍ୱିକ ଅବସ୍ଥା ଗଢ଼ିଉଠେ । ତା' ପାଖକୁ ଆସିବା ବ୍ୟକ୍ତି, ତା' ସହିତ କଥାବାର୍ତ୍ତା କରିବା ବ୍ୟକ୍ତି, ତା' ଠାରୁ କୌଣସି ବସ୍ତୁ ଗ୍ରହଣ କରିବା ବ୍ୟକ୍ତି, ତା'ର ପାରିପାର୍ଶ୍ୱିକ ଅବସ୍ଥାର ପ୍ରଭାବ ଗ୍ରହଣ କରନ୍ତି । ଏହି କାରଣରୁ ବ୍ୟକ୍ତି ସତ୍‌ସଙ୍ଗ କରନ୍ତି । କୁସଙ୍ଗ ବର୍ଜନ କରନ୍ତି । ତୁଳସୀଦାସ କହିଛନ୍ତି :—

''ହାନି କୁସଙ୍ଗ ସୁ ସଗତି ଲାହୁ
ଲୋକହୁ ବେଦ ବିଦିତ ସବ କାହୁଁ ।''

''କୁସଙ୍ଗରେ ହାନି ହୁଏ । ସୁସଙ୍ଗରେ ଲାଭ ହୁଏ । ଏହା ଲୋକ ବ୍ୟବହାର ତଥା ଶାସ୍ତ୍ରରେ ପ୍ରମାଣିତ ହୋଇଅଛି ।'' ସମ୍ପର୍କର ଯଦି ଏପରି ପ୍ରଭାବ, ତେବେ ପିତାମାତାଙ୍କ ଶରୀରତତ୍ତ୍ୱରୁ ଉତ୍‌ପନ୍ନ ହେବା ସନ୍ତାନର ଗୁଣଧର୍ମ ପିତାମାତାଙ୍କ ସଦୃଶ ହେବା ସ୍ୱାଭାବିକ ।

ଶିଶୁର ଶରୀରତତ୍ତ୍ୱରେ ପିତାମାତଙ୍କ ଗୁଣଧର୍ମ ବିଦ୍ୟମାନ ଥାଏ । ଶିଶୁ ଗର୍ଭାବସ୍ଥାରେ ଥିବା ସମୟରେ ମା' ଯେପରି କର୍ମ କରେ ତାହା ବୀଜରୂପେ ଶିଶୁର ଆଧାରରେ ପ୍ରତିଷ୍ଠା ହୁଏ । ସେ ବାଲ୍ୟ ଅବସ୍ଥାରେ ଯେଉଁ ବାତାବରଣରେ ଲାଳିତପାଳିତ ହୁଏ ସେହି ବାତାବରଣର ପ୍ରଭାବ ତା' ଚେତନାରେ ପ୍ରତିଷ୍ଠା ହୁଏ । ପିତାମାତାଙ୍କ ଉତ୍ତମ ତତ୍ତ୍ୱରେ ଯଦି ଶିଶୁର ଶରୀରଗଠନ ହୋଇ ଉତ୍ତମ ବାତାବରଣରେ ପାଳନପୋଷଣ ହୋଇଥାଏ, ତେବେ ତା'ର ସୁସଂସ୍କାରର ଆଧାର ତୟାର ହୋଇଯାଏ । ଏହି ସମସ୍ତ ଅନୁକୂଳ ପରିସ୍ଥିତି ମଦାଳସାଙ୍କର ଥିଲା ।

ମା' ମଦାଳସାଙ୍କ ଗର୍ଭରେ ଶିଶୁ ଆସିବା ଦିନଠାରୁ ଭଗବାନଙ୍କ ପ୍ରସାଦର ରସ ଗ୍ରହଣ କରୁଥିଲା । ଭଗବାନଙ୍କ ନାମ, ଭଗବାନଙ୍କ ଗୁଣଗାନ, ଭଗବତ୍ ଧ୍ୟାନର ପ୍ରଭାବ ପ୍ରାପ୍ତ କରୁଥିଲା । ମଦାଳସା କ୍ଷୀରପାନ କରାଇବା ସମୟରେ, ସ୍ନାନ କରାଇବା ସମୟରେ, ଭୋଜନ କରାଇବା ସମୟରେ, ଖେଳେଇବା ସମୟରେ, ଭଗବତ୍ ନାମ ଗୁଣଗାନ କରନ୍ତି । ଶିଶୁ ଶୁଣେ । ଚାରି, ପାଞ୍ଚ ବର୍ଷ ବୟସରେ ମା' ପଢ଼ାଇବା ଆରମ୍ଭ କରନ୍ତି ଭଗବାନଙ୍କ ଚରିତ୍ରରୁ । ଶିଶୁର ସଂସ୍କାରରେ କୁସଂସ୍କାର ପ୍ରବେଶ କରିପାରେ ନାହିଁ । ତା'ର ମନ, ବୁଦ୍ଧି, ପ୍ରାଣ ଦୂଷିତ ହୁଅନ୍ତି ନାହିଁ, ଅନ୍ତର ଆତ୍ମାର ପ୍ରେରଣା ବିକୃତ ନ ହୋଇ ମନରେ ପ୍ରକାଶ ହୁଏ । ଅନ୍ତର ଆତ୍ମାର ପ୍ରେରଣାହିଁ ଜ୍ଞାନ । ସେମାନେ ସ୍ୱତଃସ୍ଫୂର୍ତ୍ତଭାବେ ବୁଝିପାରନ୍ତି ଜୀବନର ଏକମାତ୍ର ଲକ୍ଷ୍ୟ ପରମାନନ୍ଦସ୍ୱରୂପ ପରମାତ୍ମାପ୍ରାପ୍ତି । ମଦାଳସା ଶିଶୁର ବାରବର୍ଷ ବୟସ ପୂର୍ଣ୍ଣ ହେଲେ ତାକୁ ପିତାଙ୍କ ପାଖକୁ ପଠାଇଦିଅନ୍ତି । ଶିଶୁ ମାତାଙ୍କ ଚରଣରେ ପ୍ରଣାମ କରି ଭଣ୍ଡାରରୁ ସନ୍ନ୍ୟାସ ଉପଯୋଗୀ କଷାୟ ବସ୍ତ୍ର, କମଣ୍ଡଳୁ, କୌପୀନ ଧାରଣ କରି ପିତାଙ୍କୁ ପ୍ରଣାମ କରି ତପସ୍ୟା ସକାଶେ ଜଙ୍ଗଲ ଚାଲିଯାଆନ୍ତି । ଏହିପରି ଛଅଟି ପୁଅ ଚାଲିଗଲେ । ଶେଷକୁ ସପ୍ତମ ପୁତ୍ର ସାତ ବର୍ଷ ବୟସ ହେବା ସମୟରେ ରାଜା ମଦାଳସାଙ୍କୁ କହିଲେ, ''ଆମ୍ଭମାନଙ୍କର ବୃଦ୍ଧ ଅବସ୍ଥା ପ୍ରାପ୍ତ ହେଲା । ଆମ୍ଭମାନଙ୍କ ଜୀବନର ଲକ୍ଷ୍ୟ ପ୍ରାପ୍ତି କରିବା ଉଚିତ । ଅନ୍ୟଥା ପୁନରାୟ ଏହି ଦୁଃଖଦ୍ୱନ୍ଦ୍ୱ ଭୋଗିବାକୁ ପଡ଼ିବ । ତୁମେ ଯଦି ଏହି ଶେଷ ସନ୍ତାନକୁ ମୋତେ ଦିଅନ୍ତ ତେବେ ଏହାକୁ ରାଜ୍ୟଭାର ଦେଇ ଆମ୍ଭେମାନେ ତପସ୍ୟା କରିବାକୁ ଯାଇପାରନ୍ତେ ।'' ରାଣୀ ରାଜାଙ୍କ ପ୍ରସ୍ତାବ ସ୍ୱୀକାର କରି ଗୋଟିଏ ଶ୍ଲୋକ ଲେଖି ଗୋଟିଏ ସୁବର୍ଣ୍ଣ ତାବିଜ ଭିତରେ ରଖି ପୁଅର ବାହୁରେ ବାନ୍ଧିଦେଲେ । କହିଲେ —''ଯେତେବେଳେ ତୋତେ ଅଧିକ ବିପଦ ପଡ଼ିବ, ସେତେବେଳେ ଏହାକୁ ଖୋଲିବୁ ।''

ରାଜା ଛୋଟ ପୁଅକୁ ସାତବର୍ଷ ଅବସ୍ଥାରେ ରାଜନୀତି ଶାସ୍ତ୍ର ପଢ଼ାଇ ଉପଯୁକ୍ତ ଅବସ୍ଥାରେ ରାଜ୍ୟଭାର ତାକୁ ଦେଇ ମଦାଳସାଙ୍କ ସହିତ ତପସ୍ୟାର୍ଥେ ବନଗମନ କଲେ । ଜଙ୍ଗଲରେ କେତେ ଦିନ ତପସ୍ୟା କରିବା ପରେ ତପସ୍ୱିପୁତ୍ରମାନଙ୍କ ସହ ଦେଖାହେଲା । କେତେ ବର୍ଷ ଅତୀତ ହେବା ପରେ ମା' ମଦାଳସା ବଡ଼ ପୁଅକୁ କହିଲେ — ''ତୁମେମାନେ ଜନ୍ମ ମରଣ ସଂକଟରୁ ଉଦ୍ଧାର ହୋଇଗଲ । ତୁମ ଛୋଟଭାଇ ସେହି ସଂକଟରେ ଅଛି । ତାକୁ ଉଦ୍ଧାର କର । ମା'ଙ୍କ କଥାରେ ସନ୍ନ୍ୟାସୀ ବଡ଼ପୁଅ ଯାଇ ରାଜା ହୋଇଥିବା ଛୋଟ ଭାଇକୁ ଭଗବତ୍‌ପ୍ରାପ୍ତିର ଉପଦେଶ ଦେଲେ । କିନ୍ତୁ ମନୁଷ୍ୟ ମୋହଗ୍ରସ୍ତ ହୋଇଥିଲେ ଯଥାର୍ଥ ଉପଦେଶ ବୁଝିପାରେ ନାହିଁ । ରାଜା ସନ୍ନ୍ୟାସୀ ଭାଇଙ୍କ ଉପଦେଶକୁ

କୌଣସି ଗୁରୁତ୍ୱ ନ ଦେଇ ତିରସ୍କାର କଲେ । ସନ୍ନ୍ୟାସୀ ଭାଇ ନିରାଶ ହୋଇ ନିଜ ମାମୁ କାଶୀରାଜାଙ୍କ ପାଖରେ ପହଞ୍ଚି ନିଜ ରାଜ୍ୟ ପ୍ରାପ୍ତି କରିବା ଅଭିଳାଷ ପ୍ରକାଶ କଲେ । ମାମୁଙ୍କ କଥା ମଦାଳସାଙ୍କ ଛୋଟ ପୁତ୍ର ନ ମାନିବାରୁ ମାମୁ ଯୁଦ୍ଧ କଲେ । ଯୁଦ୍ଧରେ ମଦାଳସାଙ୍କ ପୁତ୍ର ପରାସ୍ତ ହୋଇ ଜୀବନ ରକ୍ଷା କରିବା ସକାଶେ ଏକ ଜଙ୍ଗଲକୁ ପଳାଇଗଲେ । ଯୁଦ୍ଧ-ବିଜୟ ପରେ ମଦାଳସାଙ୍କ ବଡ଼ ପୁଅ ରାଜ୍ୟ ସ୍ୱୀକାର ନ କରି ମାମୁଙ୍କୁ ଦେଇଦେଲେ । କହିଲେ, ମୁଁ ରାଜ୍ୟପ୍ରାପ୍ତ କରିବାକୁ ଆସି ନ ଥିଲି । ମା'ଙ୍କ ଆଜ୍ଞାନୁସାରେ ଛୋଟ ଭାଇକୁ ରାଜ୍ୟଚ୍ୟୁତ କରିବାକୁ ଆସିଥିଲି । ସେ ମଧ୍ୟ ନିଜ ତପସ୍ୟାସ୍ଥାନକୁ ଚାଲିଆସିଲେ ।

ମଦାଳସାଙ୍କ ଛୋଟ ପୁତ୍ର ରାଜ୍ୟ ଓ ସେବକବିହୀନ ଅବସ୍ଥାରେ କ୍ଷୁଧାରେ ପ୍ରପୀଡ଼ିତ ହୋଇ ଏହା ଅଧିକ ବିପଦ ସମୟ ବୋଲି ମନେକଲେ ଏବଂ ତାବିଜ ଖୋଲି ଦେଖିଲେ । ସେଥିରେ ଲେଖା ହୋଇଥିଲା ଏହି ଶ୍ଲୋକ :—

ଶୁଦ୍ଧୋଽସି ବୁଦ୍ଧୋଽସି ନିରଞ୍ଜନୋଽସି
ସଂସାରମାୟା ପରିବର୍ଜିତୋଽସି ।
ସଂସାର ସ୍ୱପ୍ନଂ ତ୍ୟଜ ମୋହ ନିଦ୍ରାଂ
ମଦାଳସା ବାକ୍ୟ ସୁବାଚ ପୁତ୍ର ।

ଏହି ଶ୍ଲୋକଟି ପଢ଼ିବାମାତ୍ରେ ତାଙ୍କର ପୂର୍ବ ସଂସ୍କାର ଜାଗ୍ରତ୍ ହେଲା, ତାଙ୍କର ରାଜ୍ୟର ମୋହ ଦୂର ହୋଇଗଲା । ସେ ଅତ୍ୟନ୍ତ ଆନନ୍ଦିତ ହୋଇ ସାଧନା କରିବା ସକାଶେ ଗୁରୁ-ଅନ୍ୱେଷଣ କରିବାକୁ ବାହାରିଲେ । ତପସ୍ୱିପିତାମାତା ତଥା ସମସ୍ତ ଭାଇଙ୍କ ସହ ଦେଖାହେଲା, ସେମାନଙ୍କ ସହିତ ସେ ବି ତପସ୍ୟା କଲେ ।

ପ୍ରଶ୍ନ : ଏହି ଦୁଇଟି ଉଦାହରଣରୁ ପାଠକମାନେ କ'ଣ ଗ୍ରହଣ କରିବେ ?

ଉତ୍ତର : ନିଜ ସନ୍ତାନର ଉନ୍ନତ ଜୀବନ ଚାହୁଁଥିବା ବ୍ୟକ୍ତି ପ୍ରଥମରେ ନିଜେ ସତ୍ୟ, ସଦାଚାର ଆଚରଣ କରିବାକୁ ହେବ । ପ୍ରଥମ ଉଦାହରଣରୁ ମିଥ୍ୟା, ଅସତ୍ୟ ତ୍ୟାଗ କରିବାକୁ ହେବ । ଅନ୍ୟଟିରୁ ସତ୍ୟ, ନ୍ୟାୟ ଗ୍ରହଣ କରିବାକୁ ହେବ । ସନ୍ତାନମାନଙ୍କ ଉପରେ ଉପଦେଶର ପ୍ରଭାବ ପଡ଼େ ନାହିଁ; ପଡ଼େ ଆଚରଣର ।

ପ୍ରଶ୍ନ : ମଦାଳସାଙ୍କ ଚରିତ୍ରରୁ ଉଦାହରଣର ଯଥାର୍ଥ ଉଦ୍ଦେଶ୍ୟ କେତେକ ବ୍ୟକ୍ତି ବୁଝି ନ ପାରି ନିଜ ସନ୍ତାନ ସନ୍ନ୍ୟାସୀ ହୋଇଯିବା ଆଶଙ୍କା କରିପାରନ୍ତି । ଏହାର ସମାଧାନ କରନ୍ତୁ ?

ଉତ୍ତର : ମଦାଳସା ସନ୍ନ୍ୟାସଜୀବନର ଉଦ୍ଦେଶ୍ୟରେ ତାଙ୍କ ସନ୍ତାନମାନଙ୍କୁ ଶିକ୍ଷା ଦେଇଥିଲେ । ସେ ସମୟରେ ସେହି ସନ୍ନ୍ୟାସ-ଶିକ୍ଷାର ଆବଶ୍ୟକ ଥିଲା । ସେହି ସକାଶେ ସନ୍ନ୍ୟାସୀ ହୋଇଗଲେ । ବର୍ତ୍ତମାନ ଜୀବନର ପୂର୍ଣ୍ଣ ବିକାଶର ସମୟ ଆସିଛି । ଶ୍ରୀମାଶ୍ରୀଅରବିନ୍ଦ ସେହି ଶିକ୍ଷାଦେବା ସକାଶେ ଏହି ପୃଥିବୀପୃଷ୍ଠକୁ ଆସିଛନ୍ତି । ଅତଏବ ସନ୍ନ୍ୟାସୀର ଭୟ ନାହିଁ । ବର୍ତ୍ତମାନ ଯୁଗପରିବର୍ତ୍ତନ ସମୟରେ ସଂସାରତ୍ୟାଗୀ ସନ୍ନ୍ୟାସୀର ଆବଶ୍ୟକତା ନାହିଁ । ଆବଶ୍ୟକ, ଜୀବନକୁ ଦୁଃଖ, କଷ୍ଟ, ରୋଗ, ମୃତ୍ୟୁ, ବୃଦ୍ଧତ୍ୱ ଅଧୀନରୁ ମୁକ୍ତ କରି ସର୍ବାଙ୍ଗ ସୁନ୍ଦର କରିବା ।

ସେସମୟରେ କର୍ମ ଏବଂ ସନ୍ନ୍ୟାସଜୀବନର ସାମଞ୍ଜସ୍ୟ ନ ଥିଲା । ସନ୍ନ୍ୟାସଜୀବନର ସ୍ଥାନ ଉଚ୍ଚରେ ଥିଲା । ସେହି ସକାଶେ ମଦାଳସା ନିଜ ସନ୍ତାନକୁ ସନ୍ନ୍ୟାସ ଶିକ୍ଷା ଦେଇଥିଲେ । ଶିକ୍ଷା ପ୍ରଭାବରେ ସେମାନେ ସନ୍ନ୍ୟାସ ଗ୍ରହଣ କରିଥିଲେ । ସେସମୟରେ ସନ୍ନ୍ୟାସ ଗ୍ରହଣ ଛଡ଼ା ଦୁଃଖ, କଷ୍ଟ, ଜନ୍ମ, ମୃତ୍ୟୁ ଅଧୀନରୁ ମୁକ୍ତ ହେବାର ଉପାୟ ନ ଥିଲା ।

ବର୍ତ୍ତମାନ ଶ୍ରୀମାଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣିଛନ୍ତି । ତାହାରି ଦ୍ୱାରା ମନ, ପ୍ରାଣ, ଶରୀର ରୂପାନ୍ତରିତ ହେବ । କେବଳ ପରମାତ୍ମା ପ୍ରକାଶ ହେବେ ମନ, ପ୍ରାଣ, ଶରୀରରେ । ତା'ର ସମସ୍ତ କର୍ମ ହେବ ଭଗବତ୍ ଶକ୍ତି ଦ୍ୱାରା । ଏହି ଶରୀର ହେବ ଭଗବାନଙ୍କ ଆବାସଭୂମି । ସଂସାର ହେବ ଦିବ୍ୟଧାମ । ବର୍ତ୍ତମାନ ସନ୍ନ୍ୟାସର ଆବଶ୍ୟକତା ନାହିଁ । ଆବଶ୍ୟକ କେବଳ ପୂର୍ଣ୍ଣ ଜୀବନର । ଏହି ଜୀବନ ହେବ ସତ୍ୟଯୁଗର । ବର୍ତ୍ତମାନ କଳି ଶେଷ । ସତ୍ୟଯୁଗର ଆରମ୍ଭ ।

ପ୍ରଶ୍ନ : ମନ, ପ୍ରାଣ, ଶରୀର ତଥା ଆତ୍ମାର ବିକାଶର ଆବଶ୍ୟକତା ସ୍ପଷ୍ଟଭାବେ ଆଲୋଚନା କରାହେଲା । ଏହି ଚାରି ସତ୍ତାର ବିକାଶରେ ବ୍ୟକ୍ତିର ଜୀବନ ପୂର୍ଣ୍ଣ ହୁଏ, ଆନନ୍ଦମୟ ହୁଏ । ତା'ଦ୍ୱାରା ଅନ୍ୟର ତଥା ଦେଶ ଏବଂ ଜଗତର

ଯଥେଷ୍ଟ ହିତ ହୁଏ । ଏଥିରେ ସନ୍ଦେହ କରିବାର କାରଣ ନାହିଁ । ତଥାପି ଏହି ପୂର୍ଣ୍ଣାଙ୍ଗ ବିକାଶ ଆମ୍ଭମାନଙ୍କ ସକାଶେ ସଂପୂର୍ଣ୍ଣ ନୂତନ । ସ୍ପଷ୍ଟଭାବେ କହିବା ସତ୍ତ୍ୱେ ଆମ୍ଭେମାନେ ବୁଝିପାରି ମଧ୍ୟ ସମୟ ସମୟରେ ସନ୍ଦେହ କରୁ । ସେହି ସନ୍ଦେହ ଦୂର କରିବା ସକାଶେ ଆଲୋଚନା ହୋଇ ଥିବା ବିଷୟକୁ ପୁନର୍ବାର ଭିନ୍ନରୂପେ ବୁଝିବା ଆବଶ୍ୟକ ହେଉଅଛି । ସରଳ ଭାବରେ ବୁଝାଇ ଦିଅନ୍ତୁ ।

ମନ, ପ୍ରାଣ, ଶରୀର ତଥା ଆତ୍ମାର ପୂର୍ଣ୍ଣାଙ୍ଗ ବିକାଶ ତଥା ଜୀବନର ଲକ୍ଷ୍ୟ ଦୁଃଖବିହୀନ ପରମାନନ୍ଦ ପ୍ରାପ୍ତି । ଏହି ଲକ୍ଷ୍ୟଜ୍ଞାନ ହୁଏ କିପରି ଓ ଏହାର ପ୍ରାପ୍ତି ସକାଶେ ପ୍ରବୃତ୍ତ ହେବାର ପ୍ରଣାଳୀ କ'ଣ ?

ଉତ୍ତର : ଏହି ଲକ୍ଷ୍ୟଜ୍ଞାନ ହୁଏ ତଥା ଲକ୍ଷ୍ୟପ୍ରାପ୍ତିର ଯଥାର୍ଥ ପ୍ରଣାଳୀ ବ୍ୟକ୍ତି ବୁଝିପାରେ ତଥା ଆଚରଣ କରିପାରେ ଆତ୍ମା ଜାଗ୍ରତ୍ ହେବାରେ । ଆତ୍ମା ସ୍ୱତଃସ୍ଫୂର୍ତ୍ତଭାବେ ଭଗବାନଙ୍କ କୃପାରୁ ଜାଗ୍ରତ୍ ହୁଏ ଅଥବା ଲକ୍ଷ୍ୟପ୍ରାପ୍ତି କରିଥିବା ବ୍ୟକ୍ତିଙ୍କ ସମ୍ପର୍କ, ଅଥବା ଲକ୍ଷ୍ୟ ଆଲୋଚନା ହୋଇଥିବା ଶାସ୍ତ୍ର ବା ପୁସ୍ତକ ଅଧ୍ୟୟନ କିଂବା ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ର-ସମାଜରେ ସଭ୍ୟ ଭାବରେ ସମ୍ମିଳିତ ହେବାରେ ।

ପ୍ରଶ୍ନ : ଏହି ଲକ୍ଷ୍ୟପ୍ରାପ୍ତି ଏହି ଜୀବନରେ ପୂର୍ଣ୍ଣ ହେବା ଉଚିତ, ଏହା ଠିକ୍ । କିନ୍ତୁ ଏହା କିଛି ଲୋକଙ୍କ ସକାଶେ ହୋଇପାରେ, ପ୍ରତ୍ୟେକ ବ୍ୟକ୍ତି ସକାଶେ ଏହାର ଆବଶ୍ୟକତା କ'ଣ ? ଏହାର ପ୍ରଣାଳୀ କ'ଣ ?

ଉତ୍ତର : ପ୍ରତ୍ୟେକ ବ୍ୟକ୍ତି ଜ୍ଞାତରେ ବା ଅଜ୍ଞାତରେ ଏହି ପୂର୍ଣ୍ଣ ଜୀବନ ଚାହାନ୍ତି । ପ୍ରତ୍ୟେକ ବ୍ୟକ୍ତିର ଚାହିଁବାହିଁ ତାହାର ଆବଶ୍ୟକତା ବିଷୟରେ ଅକାଟ୍ୟ ପ୍ରମାଣ ।

ପ୍ରତ୍ୟେକ ବ୍ୟକ୍ତି ଚାହାନ୍ତି ଦୁଃଖବିହୀନ ପରମାନନ୍ଦ, ପରମଜ୍ଞାନ । କୌଣସି ବ୍ୟକ୍ତି ଦୁଃଖ ଚାହେଁ ନାହିଁ । କୌଣସି ବିଷୟ ନ ଜାଣିବାକୁ କେହି ଚାହେଁ ନାହିଁ । ଶାନ୍ତି, ସନ୍ତୋଷ, ସମତାଦି ଦିବ୍ୟଗୁଣ ପ୍ରାପ୍ତ ନ କରିବା କୌଣସି ବ୍ୟକ୍ତି ଚାହେଁ ନାହିଁ ଅର୍ଥାତ୍ ସମସ୍ତେ ଏହାକୁହିଁ ଚାହାନ୍ତି । ସେମାନଙ୍କର ଚେତନାରେ ଏହା ସ୍ପଷ୍ଟ ନ ଥାଏ । ସେ ସକାଶେ ନିଜ ଅଜ୍ଞାତ ଚାହିଁବାକୁ ବୁଝିପାରନ୍ତି ନାହିଁ କିଂବା ପ୍ରଯତ୍ନ କରନ୍ତି ନାହିଁ ।

ପ୍ରଶ୍ନ : ଏଥିରୁ ସ୍ପଷ୍ଟ ବୁଝାଯାଉଛି, ମନ, ପ୍ରାଣ, ଶରୀର ତଥା ଆତ୍ମାର ବିକାଶ ସକାଶେ ଶିକ୍ଷା ତଥା ଜୀବନର ଲକ୍ଷ୍ୟପ୍ରାପ୍ତି ସକାଶେ ପ୍ରଯତ୍ନ କରିବା ଆବଶ୍ୟକ । କିନ୍ତୁ ସଂସାରରେ ବହୁତ ବଡ଼ ବଡ଼ ଋଷି, ମୁନି, ସାଧୁ, ସନ୍ଥ, ମହାପୁରୁଷ ପଣ୍ଡିତ ହୋଇ ଯାଇଛନ୍ତି । ଏହି ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରଚାର କେହି କରି ନାହାନ୍ତି । ଏହାର କାରଣ କ'ଣ ?

ଉତ୍ତର : ଏହାର କାରଣ ହେଉଛି ଆତ୍ମାର ବିକାଶର ସମୟ ଆସି ନ ଥିଲା । ଏହି ଚାରି ସତ୍ତାର ବିକାଶ ବିଷୟରେ ବେଦ, ଉପନିଷଦରେ ବର୍ଣ୍ଣିତ ଅଛି । ମନର ବିକାଶ ଶେଷ ହୋଇ ନ ଥିବାରୁ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରଚାର ହୋଇ ନାହିଁ । ତା'ର ସମୟ ଆସିଛି, ମା' ଶ୍ରୀଅରବିନ୍ଦ ଏହି ପୂର୍ଣ୍ଣାଙ୍ଗ ଶିକ୍ଷା ଦେବା ସକାଶେ ଏହି ପୃଥିବୀକୁ ଆସିଛନ୍ତି । ଆଦର୍ଶରୂପେ ନିଜ ଆଶ୍ରମରେ ଏହି ଶିକ୍ଷାର ବ୍ୟବସ୍ଥା କରିଛନ୍ତି ।

ପ୍ରଶ୍ନ : ଆମ୍ଭେମାନେ ଛାତ୍ର । ବର୍ତ୍ତମାନ ଆମର ବିଦ୍ୟା ଅଧ୍ୟୟନ କରିବା ସମୟ । ଏଥିରେ ତ୍ରୁଟି ନ କରି କେଉଁ ପ୍ରଣାଳୀରେ ଏହି ସର୍ବାଙ୍ଗୀନ ବିକାଶ ପ୍ରାପ୍ତ କରିବୁ, ଆମ୍ଭଙ୍କୁ ବୁଝାଇ ଦିଅନ୍ତୁ ।

ଉତ୍ତର : ପୂର୍ଣ୍ଣାଙ୍ଗ ବିକାଶର ଲକ୍ଷ୍ୟ ରଖି ପ୍ରଯତ୍ନ କଲେ ବିଦ୍ୟାଶିକ୍ଷାରେ କୌଣସିମତେ ତ୍ରୁଟି ହେବ ନାହିଁ, ବରଂ ସେଥିରେ ବିଶେଷ ସାହାଯ୍ୟ ମିଳିବ । ଶାରୀରିକ ଶିକ୍ଷା ଦ୍ୱାରା ଶରୀର ସୁସ୍ଥ, ନୀରୋଗ ରହିଲେ ଭଲ ପଢ଼ିପାରିବ । ପ୍ରାଣିକ ଶିକ୍ଷାରେ ବହୁବିଧ କର୍ମ ସମ୍ପାଦନ, ବହୁବିଧ କଳା ଅଭ୍ୟାସ ତଥା ବ୍ରହ୍ମଚର୍ଯ୍ୟ ପାଳନ କଲେ ପ୍ରାଣର ଚଞ୍ଚଳତା ଓ ଉଦ୍‌ବେଗ ନଷ୍ଟ ହେବ । ବିଦ୍ୟାଶିକ୍ଷାରେ ଅଶୁଦ୍ଧ ପ୍ରାଣ ଦ୍ୱାରା ଯେଉଁସବୁ ବାଧା ଏବଂ ଚଞ୍ଚଳତା ଉତ୍ପନ୍ନ ହୋଇ ବାଧା ଦେଉଥିଲା ତାହା ପରିବର୍ତ୍ତେ ତୁମକୁ ସାହାଯ୍ୟ ମିଳିବ । ପୂର୍ବରୁ ଯେଉଁସବୁ ବାଧା ଏବଂ ଚଞ୍ଚଳତା ଶିକ୍ଷାରେ ପ୍ରତିବନ୍ଧକ ସୃଷ୍ଟି କରୁଥିଲା, ସତ୍‌ଶିକ୍ଷା ଦ୍ୱାରା ତାହା ପରିବର୍ତ୍ତେ ତୁମକୁ ସାହାଯ୍ୟ ମିଳିବ । ସତ୍‌ଶିକ୍ଷା ଦ୍ୱାରା ନୈତିକତା ଗ୍ରହଣ କରିବାରୁ ପ୍ରାଣର ଉଦ୍ଧତତା ରହିବ ନାହିଁ । ପ୍ରତିକୂଳ କର୍ମ ଦ୍ୱାରା ବିଦ୍ୟା ଉପାର୍ଜନରେ ଯେଉଁ ବାଧା ସୃଷ୍ଟି ହେଉଥିଲା ତାହା ଦୂର କରିପାରିବ । ଶିକ୍ଷାରେହିଁ ସମସ୍ତ ଶକ୍ତି ପ୍ରୟୋଗ କରିପାରିବ । ଆତ୍ମ-ଶିକ୍ଷା ଦ୍ୱାରା ତୁମର ବିବେକ ଏବଂ ଜ୍ଞାନ

ଉତ୍ପନ୍ନ ହେବ । ତୁମେ ନିଜେ ଜୀବନର ଯେଉଁ ଯଥାର୍ଥ ଲକ୍ଷ୍ୟ ପରମାନନ୍ଦ, ପରମ ଜ୍ଞାନ, ପରମ ଶାନ୍ତିସ୍ୱରୂପ ଭଗବାନଙ୍କୁ ଅସ୍ପଷ୍ଟ ଓ ଅଜ୍ଞାତଭାବେ ଚାହୁଁଥିଲ ତାହା ତୁମ୍ଭ ଚେତନାରେ ସ୍ପଷ୍ଟ ହୋଇଉଠିବ, ଏବଂ ତାହାକୁ ଗ୍ରହଣ କରିବ । ତାହାରି ପ୍ରାପ୍ତି ସକାଶେ ତୁମେ ସ୍ୱାଭାବିକ ବିଦ୍ୟାଶିକ୍ଷାକୁ ଉତ୍ତମ ସର୍ବାଙ୍ଗସୁନ୍ଦର କରିପାରିବ । ଜୀବନର ଯଥାର୍ଥ ଲକ୍ଷ୍ୟ ଏବଂ ଆତ୍ମା ବିଷୟରେ ସଚେତ ହେବା ଦ୍ୱାରା ତୁମେ ସତ୍ୟ ଆଚରଣ କରିବ । ସେଥିରେ ତୁମର ବୁଦ୍ଧି ହେବ ସାହସ, ଧୈର୍ଯ୍ୟ ଓ ନିର୍ଭୀକତା । ଯେଉଁ ବିଦ୍ୟାଶିକ୍ଷା ତୁମେ କରୁଛ ତାହା ଦ୍ୱାରା ତୁମେ ନିଜେ ପ୍ରାପ୍ତ କରିବ ଜୀବନର ଲକ୍ଷ୍ୟ, ନିବାସ କରିବ ପରମାନନ୍ଦ ଓ ପରମଶାନ୍ତିରେ, ମୁକ୍ତ ହେବ ରୋଗ, ଜରା ଓ ମୃତ୍ୟୁର ଅଧୀନରୁ, ଏକତ୍ୱ ସ୍ଥାପନ କରିବ ଭଗବାନଙ୍କ ସହିତ । ଶରୀର, ମନ, ପ୍ରାଣ ଏବଂ ଆତ୍ମାର ଶିକ୍ଷା ବିଷୟରେ ଅନ୍ୟତ୍ର ଆଲୋଚନା ହୋଇଛି ।

ବ୍ରହ୍ମଚର୍ଯ୍ୟ

ପୂର୍ବରୁ ଆଲୋଚିତ ମନ, ପ୍ରାଣ, ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତର ଏବଂ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ଉପଲବ୍ଧି ତଥା ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ସଂପୂର୍ଣ୍ଣ ମୁକ୍ତ ଲକ୍ଷ୍ୟ ସିଦ୍ଧ ହୁଏ ତଥା ସମର୍ପଣ ପୂର୍ଣ୍ଣ ହୁଏ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ଧାରଣରେ । ଗୃହସ୍ଥାଶ୍ରମରେ ରହିବା ବ୍ୟକ୍ତି ସାଧନାର ଆରମ୍ଭରେ ବ୍ରହ୍ମଚର୍ଯ୍ୟ ଧାରଣ କରି ନ ପାରିଲେ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ଚେଷ୍ଟା କରିବେ ତଥା ସାଧନାରେ ଅଗ୍ରସର ହେଲେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବେ । ଅଖଣ୍ଡ ବ୍ରହ୍ମଚର୍ଯ୍ୟ ଧାରଣ ଛଡ଼ା ଏହି ଲକ୍ଷ୍ୟସିଦ୍ଧି ଅସମ୍ଭବ ।

ଲକ୍ଷ୍ୟସିଦ୍ଧି ଛଡ଼ା ବ୍ରହ୍ମଚର୍ଯ୍ୟ ପାଳନ ସାଧାରଣ ଜୀବନ ପକ୍ଷେ ମହାନ୍ ଉପଯୋଗୀ । ସାଧାରଣ ବ୍ୟକ୍ତି ବ୍ରହ୍ମଚର୍ଯ୍ୟ ନଷ୍ଟ କଲେ ମନ ଅସ୍ଥିର ହୁଏ, ମେଧାଶକ୍ତି ନଷ୍ଟ ହୁଏ, ସ୍ନାୟୁ ଦୁର୍ବଳ ହୁଏ । ସେ ଗଭୀର ଚିନ୍ତା କରିପାରେ ନାହିଁ, ଧୈର୍ଯ୍ୟ ନ ଥାଏ, ଅସହିଷ୍ଣୁ ହୁଏ । କଥାରେ କଥାରେ ରାଗେ, ଶାରୀରିକ ବଳ ନଷ୍ଟ ହୁଏ ଏବଂ ବହୁ ପ୍ରକାର ରୋଗ ଉତ୍ପନ୍ନ ହୁଏ । ବ୍ରହ୍ମଚର୍ଯ୍ୟ ପାଳନରେ ସାଂସାରିକ କର୍ମ ଦକ୍ଷତା ସହିତ କରିପାରେ, ଉତ୍ତମ ସ୍ୱାସ୍ଥ୍ୟ ଲାଭ କରେ । ଏପରିକି ଅଧ୍ୟାତ୍ମ ସାଧନାରେ ମନ, ପ୍ରାଣ, ଶରୀରରେ ଭଗବାନଙ୍କୁ ଉପଲବ୍ଧି କରି ରୋଗ, ମୃତ୍ୟୁ ଓ ବୃଦ୍ଧତ୍ୱରୁ ପୂର୍ଣ୍ଣ ମୁକ୍ତ ହୋଇପାରେ ।

ପ୍ରଶ୍ନ : ଏକ ଦିଗରେ ଶାସ୍ତ୍ର ଓ ଆଧ୍ୟାତ୍ମିକ ବ୍ୟକ୍ତି, ମୁନିଋଷିମାନେ ବ୍ରହ୍ମଚର୍ଯ୍ୟ ପାଳନର ଭୂରି ଭୂରି ପ୍ରଶଂସା କରନ୍ତି; ଅନ୍ୟ ଦିଗରେ ପଶୁପକ୍ଷୀଠାରୁ ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତ ପ୍ରାଣୀ ଇନ୍ଦ୍ରିୟତୃପ୍ତି, ପ୍ରାଣର ବାସନା, କାମନା ପୂର୍ଣ୍ଣ କରିବା ଚାହାନ୍ତି । ଅଧିକାଂଶ ବ୍ୟକ୍ତି ଇନ୍ଦ୍ରିୟତୃପ୍ତିକୁହିଁ ସର୍ବଶ୍ରେଷ୍ଠ ସୁଖ ମନେକରନ୍ତି । ପ୍ରାଣର ବାସନା ପୂର୍ଣ୍ଣ କରିବାରେ କେତେକ ବ୍ୟକ୍ତି ସଂପତ୍ତି, ସ୍ୱାସ୍ଥ୍ୟ, ମାନ, ସମ୍ମାନ, କୁଳମର୍ଯ୍ୟାଦା ନଷ୍ଟ କରନ୍ତି । ଯଦି ବ୍ରହ୍ମଚର୍ଯ୍ୟ ପାଳନ କରିବାରେ ଏତେ ଲାଭ ହୁଏ, ତେବେ ସାଧାରଣ ମନୁଷ୍ୟଠାରୁ ବୁଦ୍ଧିପ୍ରଧାନ ବ୍ୟକ୍ତି ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ନଷ୍ଟ କରନ୍ତି କାହିଁକି ?

ଉତ୍ତର : ନଷ୍ଟ କରନ୍ତି ବ୍ରହ୍ମଚର୍ଯ୍ୟ ମହତ୍ତ୍ୱ ନ ଜାଣି – ଅଜ୍ଞାନ ମୋହ ଏବଂ ଇନ୍ଦ୍ରିୟ କବଳରେ କବଳିତ ହୋଇ । ବ୍ରହ୍ମଚର୍ଯ୍ୟ ରକ୍ଷା ହୁଏ ଯେତେବେଳେ ବ୍ୟକ୍ତି ନିଜ ଜୀବନର ଯଥାର୍ଥ ଲକ୍ଷ୍ୟ ଜାଣି ତା'ର ପ୍ରାପ୍ତି ସକାଶେ ପ୍ରଯତ୍ନ କରେ ।

ମନୁଷ୍ୟଜୀବନରେ ଉନ୍ନତିର ଭିତ୍ତି ବା ଆଧାର ବ୍ରହ୍ମଚର୍ଯ୍ୟ । ବ୍ରହ୍ମଚର୍ଯ୍ୟ ପାଳନ ଏବଂ ସଂଯମ ଦ୍ୱାରା ବ୍ୟକ୍ତି ସଂସାର-କର୍ମରେ ଉନ୍ନତି କରିପାରେ ଏବଂ ଅଧ୍ୟାତ୍ମ-ସାଧନାରେ ଜୀବନର ଯେଉଁ ପରମ ଲକ୍ଷ୍ୟ – ଅଖଣ୍ଡ ସୁଖ, ଶାନ୍ତିସ୍ୱରୂପ ଭଗବାନ୍ – ତାଙ୍କୁ ବ୍ୟକ୍ତି ସମସ୍ତ ସତ୍ତାରେ ପ୍ରାପ୍ତ କରି ଜନ୍ମ-ମରଣ ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ ।

ବ୍ରହ୍ମଚର୍ଯ୍ୟ ପାଳନ ଛଡ଼ା ଏହି ସିଦ୍ଧି ଏକେବାରେ ଅସମ୍ଭବ । ବ୍ରହ୍ମଚର୍ଯ୍ୟହିଁ ମନୁଷ୍ୟର ସାରାତିସାର ବସ୍ତୁ । ଏହାରି ପାଳନରେ ଶରୀର ପୁଷ୍ଟ, ବଳବାନ୍, ରୋଗମୁକ୍ତ ହୁଏ । ଶରୀରରେ ସୌନ୍ଦର୍ଯ୍ୟ ବୃଦ୍ଧି ହୁଏ, ଆଳସ୍ୟ ଦୂର ହୁଏ । କର୍ମରେ ପ୍ରବୃତ୍ତି ହୁଏ; ପ୍ରାଣ, ମନ ଶୁଦ୍ଧ, ସୁସ୍ଥିର ହୁଏ । ଆତ୍ମା ଜାଗ୍ରତ୍ ହୁଏ ଏବଂ ମନ, ପ୍ରାଣ ଶରୀରକୁ ଯଥାର୍ଥ ମାର୍ଗରେ ପରିଚାଳନା କରେ । ମନ, ପ୍ରାଣ, ଶରୀରର ବିକାଶ ସକାଶେ ବ୍ରହ୍ମଚର୍ଯ୍ୟହିଁ ଶକ୍ତି ଯୋଗାଏ । ବ୍ରହ୍ମଚର୍ଯ୍ୟ ନଷ୍ଟ ହେଲେ ବ୍ୟକ୍ତି ଅହଂ, ସ୍ୱାର୍ଥ ଦୂର କରିପାରେ ନାହିଁ । ଏହି ଅହଂ, ସ୍ୱାର୍ଥ ଯୋଗୁଁ ସେ ଯଥାର୍ଥ ଭାବେ ଅନ୍ୟର ଏବଂ ସଂସାରର

ହିତ କରିପାରେ ନାହିଁ। ଆତ୍ମା ଜାଗ୍ରତ୍ ହୁଏ, ସ୍ୱାର୍ଥ ଦୂର ହୁଏ ବ୍ରହ୍ମଚର୍ଯ୍ୟ ପାଳନରେ। ସମସ୍ତ ସଦ୍‌ଗୁଣର ଆଶ୍ରୟ ବ୍ରହ୍ମଚର୍ଯ୍ୟ ପାଳନ।

ପଶୁପକ୍ଷୀ ଅଜ୍ଞାନ। ସେମାନଙ୍କ ବୁଦ୍ଧି ବିବେକ ନ ଥାଏ। ସେଥିପାଇଁ ସେମାନେ ଜୀବନରେ ଯଥାର୍ଥରେ ହିତ, ଅହିତ ବୁଝିପାରନ୍ତି ନାହିଁ। ସେମାନେ ପରିଚାଳିତ ହୁଅନ୍ତି ପ୍ରକୃତି ଦ୍ୱାରା। ପ୍ରକୃତି ବିରୋଧରେ କିଛି କରିବା ସେମାନଙ୍କ ପକ୍ଷେ ସମ୍ଭବ ହୁଏ ନାହିଁ। ସେମାନଙ୍କ ବୁଦ୍ଧି ଏବଂ ବିବେକ ଅଭାବରୁ ସେମାନେ ବ୍ରହ୍ମଚର୍ଯ୍ୟ ମହତ୍ତ୍ୱ ବୁଝିପାରନ୍ତି ନାହିଁ। ପ୍ରକୃତିର ବଶ୍ୟତାରେ ବ୍ରହ୍ମଚର୍ଯ୍ୟ ନଷ୍ଟ କରନ୍ତି।

ମନୁଷ୍ୟ ଆସିଛନ୍ତି ପଶୁଠାରୁ। ସେମାନଙ୍କୁ ପ୍ରାପ୍ତ ହୋଇଛି ପଶୁ ଅପେକ୍ଷା ଅଧିକ ମନ-ବୁଦ୍ଧି। କିନ୍ତୁ ଆତ୍ମା ଜାଗ୍ରତ୍ ନ ହୋଇ ଥିବାରୁ ସେମାନଙ୍କ ପ୍ରାଣରେ ବିଦ୍ୟମାନ ଅଛି ପଶୁତ୍ୱ। ସେହି ସକାଶେ ବ୍ୟକ୍ତି-ଶରୀର ମନୁଷ୍ୟ ପାଇବା ସତ୍ତ୍ୱେ ପଶୁସଦୃଶ ବ୍ରହ୍ମଚର୍ଯ୍ୟ ନଷ୍ଟ କରେ। ଯେଉଁମାନେ ଯେତେ ପରିମାଣରେ ବ୍ରହ୍ମଚର୍ଯ୍ୟ ସଂଯମ କରନ୍ତି, ସେମାନେ ସେତେ ପରିମାଣରେ ପଶୁତ୍ୱକୁ ଅତିକ୍ରମ କରି ମନୁଷ୍ୟତ୍ୱକୁ ପ୍ରାପ୍ତ ହୁଅନ୍ତି। ଅନ୍ୟ ଯେଉଁମାନେ ଏକପତ୍ନୀବ୍ରତ ବା ଏକପତିବ୍ରତ ଧର୍ମ ପାଳନ ପୂର୍ବକ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି, ସେମାନେ ଆଦର୍ଶ ଗୃହସ୍ଥ ହୁଅନ୍ତି। ଯେଉଁମାନେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି, ସେମାନେ ପୂର୍ଣ୍ଣ ମନୁଷ୍ୟତ୍ୱକୁ ପ୍ରାପ୍ତ ହୁଅନ୍ତି। କିନ୍ତୁ ସେମାନଙ୍କ ଜୀବନରେ ମନ, ପ୍ରାଣ, ଶରୀର ତଥା ଆତ୍ମାର ପୂର୍ଣ୍ଣ ବିକାଶ ହୁଏ ନାହିଁ। ପୂର୍ଣ୍ଣ ବିକାଶ ହୁଏ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ତଥା ବ୍ରହ୍ମଚର୍ଯ୍ୟ ଦିବ୍ୟତତ୍ତ୍ୱରେ ରୂପାନ୍ତର ହେବାରେ। ତେବେଯାଇ ବ୍ୟକ୍ତି ସଂପୂର୍ଣ୍ଣ ରୂପେ ପଶୁତ୍ୱରୁ ମୁକ୍ତ ହୁଏ ତଥା ମନ, ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ଭଗବାନଙ୍କ ଦ୍ୱାରା ପରିଚାଳିତ ହୁଏ। ସେ ହୁଏ ଭଗବାନଙ୍କ ଯଥାର୍ଥ ଯନ୍ତ୍ର। ଏହିମାନେ ହୁଅନ୍ତି ଅତିମାନବ। ଏହି ଅତିମାନବଜାତି ପ୍ରତିଷ୍ଠା ସକାଶେ ଭଗବାନଙ୍କ ସୃଷ୍ଟି ଏବଂ ଭଗବାନଙ୍କ ସଂକଳ୍ପ।

ପ୍ରଶ୍ନ : ଭଗବାନ୍ ନିଜକୁ ପ୍ରକାଶ କରିବା ସକାଶେ ସୃଷ୍ଟି କରିଛନ୍ତି। କ୍ରମବିକାଶ ଜଡ଼ରୁ ପଶୁପକ୍ଷୀ ମଧ୍ୟଦେଇ ବର୍ତ୍ତମାନ ମନୁଷ୍ୟରେ ପହଞ୍ଚିଛି। ଏହାକୁ ଅତିକ୍ରମ କରି ସେ ଅତିମାନବତ୍ୱକୁ ପ୍ରାପ୍ତ ହେବ; କିନ୍ତୁ ଏହି ବିକାଶରେ ବ୍ରହ୍ମଚର୍ଯ୍ୟ ପାଳନର ଆବଶ୍ୟକତା କ'ଣ ? ସ୍ପଷ୍ଟରୂପେ ବୁଝେଇ ଦିଅନ୍ତୁ –

ଉତ୍ତର : ବ୍ରହ୍ମଚର୍ଯ୍ୟରେ ରହିଛି ଅସାଧାରଣ ଶକ୍ତି। ସେହି ଶକ୍ତିହିଁ ମନୁଷ୍ୟର ମନ-ପ୍ରାଣ-ଶରୀରକୁ ଆବଶ୍ୟକ ଉପାଦାନ ଯୋଗାଇ ଅତିମାନସ ଶକ୍ତିକୁ ଧାରଣ କରିବା ତଥା ରୂପାନ୍ତରିତ ହେବାକୁ ଯୋଗ୍ୟ କରେ। ତେବେ ବ୍ୟକ୍ତି ମନ, ପ୍ରାଣ, ଶରୀରରେ ଅତିମାନସ ଶକ୍ତି ଅବତରଣ କରି ସେସବୁକୁ ଦିବ୍ୟତତ୍ତ୍ୱରେ ରୂପାନ୍ତର କରିପାରେ। ବ୍ରହ୍ମଚର୍ଯ୍ୟ ସାହାଯ୍ୟରେ ବ୍ୟକ୍ତିର ସତ୍ତାର ରୂପାନ୍ତର ହେଉ ଥିବାରୁ ସେ ଅଜ୍ଞାନ ଶକ୍ତି – ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ପୂର୍ଣ୍ଣମୁକ୍ତ ହୁଏ। ବ୍ୟକ୍ତି ମଧ୍ୟରେ ହୁଅନ୍ତି ଭଗବାନ୍ ପୂର୍ଣ୍ଣରୂପେ ପ୍ରକାଶ। ସେ ସମସ୍ତ ସତ୍ତାରେ ପ୍ରାପ୍ତ କରେ ଭଗବାନଙ୍କ ସହିତ ଏକତ୍ୱ ଏବଂ ନିବାସ କରେ ପୂର୍ଣ୍ଣରୂପେ ବିଜ୍ଞାନ ତଥା ଆନନ୍ଦରେ। ବିକାଶର ଦୁଇଟି ସ୍ତର : ଗୋଟିଏ ଅଜ୍ଞାନ, ଅନ୍ୟଟି ଜ୍ଞାନ ଏବଂ ଆନନ୍ଦ। ଶାସ୍ତ୍ରରେ ଏହାକୁହିଁ କୁହାହେଉଛି ଅପରାର୍ଦ୍ଧ ଏବଂ ପରାର୍ଦ୍ଧ। ଜଡ଼ରୁ ମନୁଷ୍ୟ ପର୍ଯ୍ୟନ୍ତ ଅପରାର୍ଦ୍ଧ। ଏହି ସ୍ତରର ପ୍ରାଣୀମାନଙ୍କୁ ପରିଚାଳନା କରେ ଅଜ୍ଞାନ ଅପରା-ଶକ୍ତି। ଏହାର ଊର୍ଦ୍ଧ୍ୱସ୍ତର ଅତିମାନସ ବିକାଶ ଏବଂ ଆନନ୍ଦ। ଏହା ପରାର୍ଦ୍ଧ। ଏହି ସ୍ତରର ପ୍ରାଣୀ ଦିବ୍ୟ। ଏମାନେ ନିବାସ କରନ୍ତି ବିଜ୍ଞାନ ଏବଂ ଆନନ୍ଦରେ। ଏମାନେ ପରିଚାଳିତ ହୁଅନ୍ତି ବିଜ୍ଞାନ ପରମାନନ୍ଦସ୍ୱରୂପା ଆଦ୍ୟା ଶକ୍ତି ଦ୍ୱାରା। କ୍ରମବିବର୍ତ୍ତନର ବିଧାନ ଅନୁସାରେ ଅପରାର୍ଦ୍ଧ ଅଜ୍ଞାନ ସ୍ତରର ମାନବଙ୍କୁ ପରାର୍ଦ୍ଧରେ ପ୍ରବେଶ କରିବାକୁ ହେବ। ଅପରାର୍ଦ୍ଧ ସ୍ତରର ଧର୍ମ ଯେପରି ଅଜ୍ଞାନ, ଅଦିବ୍ୟ; ସେହିପରି ପରାର୍ଦ୍ଧ ସ୍ତରର ଧର୍ମ ଦିବ୍ୟ ଏବଂ ବିଜ୍ଞାନ ଆନନ୍ଦ। ସେ ସ୍ତରରେ ପ୍ରବେଶ କରିବାକୁ ହେଲେ ସେହି ସ୍ତରର ଧର୍ମ ଅନୁସାରେ ବ୍ୟକ୍ତିର ସମସ୍ତ ସତ୍ତା, ସମସ୍ତ ତତ୍ତ୍ୱର ରୂପାନ୍ତର ଆବଶ୍ୟକ। ମନୁଷ୍ୟ ପର୍ଯ୍ୟନ୍ତ ଅପରାର୍ଦ୍ଧ ଭୂମିରେ ମଧ୍ୟ ବହୁତ ସ୍ତର ବା ବିଭେଦ। ପଶୁମାନଙ୍କର ମନ, ବୁଦ୍ଧି, ବିଚାର ବିବେକ ନ ଥାଏ। ସେମାନେ ଜୀବନବିକାଶର ରହସ୍ୟ ଜାଣିପାରନ୍ତି ନାହିଁ। ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଭୋଜନ, ନିଦ୍ରା ତଥା ମୈଥୁନରେ ସମାପ୍ତ କରନ୍ତି। ସେମାନେ ବହୁତ ମନ୍ଥର ଗତିରେ ଅଜ୍ଞାତରେ ପ୍ରକୃତି ଦ୍ୱାରା ପରିଚାଳିତ ହୁଅନ୍ତି ମନୋମୟ ମନୁଷ୍ୟ ସ୍ତରକୁ।

ମନୁଷ୍ୟ ଯଦ୍ୟପି ନିବାସ କରେ ଅପରାର୍ଦ୍ଧ, ଅଜ୍ଞାନ ସ୍ତରରେ ତଥାପି ତାକୁ ପ୍ରାପ୍ତ ହୋଇଥାଏ ମନ-ବୁଦ୍ଧି ତଥା ବିଚାର । ଯେଉଁ ବ୍ୟକ୍ତିଙ୍କର କେବଳ ମନ-ବୁଦ୍ଧି ବିକାଶ ହୋଇଥାଏ କିନ୍ତୁ ଆତ୍ମା ଦ୍ୱାରା ପ୍ରଭାବିତ ହୋଇ ନ ଥାଏ, ସେମାନେ ଭଲ, ମନ୍ଦ, ହିତ ଅହିତ କିଛି ଅଂଶରେ ବୁଝିପାରନ୍ତି । ସେମାନଙ୍କ ବୁଦ୍ଧି ଯଦି ତୀବ୍ର ଥାଏ, ତେବେ ସେମାନେ ବଡ଼ ବଡ଼ ନେତା ହୋଇପାରନ୍ତି । ବେପାର ବାଣିଜ୍ୟରେ ବହୁତ ଅର୍ଥ ଉପାର୍ଜନ କରିପାରନ୍ତି ଅଥବା ଜାଗତିକ କାର୍ଯ୍ୟ ବିଶେଷ ଦକ୍ଷତା ସହିତ କଳ କୌଶଳରେ ସମ୍ପାଦନ କରିପାରନ୍ତି । କିନ୍ତୁ ସେମାନଙ୍କ ପ୍ରାଣ ଶୁଦ୍ଧ ହୋଇ ନ ଥାଏ କିଂବା ଆତ୍ମାର ପ୍ରଭାବରେ ପ୍ରଭାବିତ ହୋଇ ନ ଥାଏ । ସେଥିରେ ଥାଏ ପୂର୍ଣ୍ଣରୂପେ ପଶୁତ୍ୱ । ଏହିପରି ବ୍ୟକ୍ତିର ପାଶବିକ ଅଶୁଦ୍ଧି, ଦୁର୍ବାର ପ୍ରାଣ ବିକଶିତ ବୁଦ୍ଧିକୁ ଜବରଦସ୍ତି ଟାଣି ନେଇ ନିଜ ବାସନା ପୂର୍ଣ୍ଣ କରିବାରେ ନିୟୋଜିତ କରେ । ବିକଶିତ ବୁଦ୍ଧିରେ ଆତ୍ମାର ପ୍ରଭାବ ନ ଥିବାରୁ ବିବେକ ଉତ୍ପନ୍ନ ହୁଏ ନାହିଁ । ଏହିପରି ବ୍ୟକ୍ତି ମୋହବଶତଃ ବୁଦ୍ଧି ପ୍ରାଣକୁ ଯଥାର୍ଥ ମାର୍ଗରେ ପରିଚାଳିତ କରିବା ପରିବର୍ତ୍ତେ ତା'ର ଦାସତ୍ୱ ସ୍ୱୀକାର କରେ । ସେ ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ ବୁଝିପାରେ ନାହିଁ; ପଶୁସଦୃଶ ବ୍ରହ୍ମଚର୍ଯ୍ୟ ନଷ୍ଟ କରିବାରେ ପ୍ରାଣର ସେବା କରେ । ଯେଉଁ ବୁଦ୍ଧିପ୍ରଧାନ ବ୍ୟକ୍ତିଙ୍କର ପ୍ରାଣ ମନରେ କିଛି ଅଂଶର ଆତ୍ମାର ପ୍ରଭାବ ପଡ଼ିଥାଏ ସେହି ପୁରୁଷମାନେ ନୈତିକ ନିୟମ ଅନୁସାରେ ଏକପତ୍ନୀବ୍ରତ ଏବଂ ନାରୀମାନେ ଏକପତିବ୍ରତ ଧର୍ମପାଳନ କରନ୍ତି । ଯେଉଁମାନଙ୍କର ଏଥିରେ ଦୃଢ଼ନିଷ୍ଠା ଥାଏ ସେମାନେ ପୂର୍ଣ୍ଣରୂପେ ବ୍ରହ୍ମଚର୍ଯ୍ୟ ଧାରଣ କରନ୍ତି । କ୍ରମଶଃ ଏହି ପ୍ରଣାଳୀରେ ବ୍ୟକ୍ତି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିପାରେ । କିନ୍ତୁ ଏହାଛଡ଼ା ଆତ୍ମା ଯେଉଁମାନଙ୍କର ଜାଗ୍ରତ୍ ହୁଏ, ସେମାନେ ଅଧ୍ୟାତ୍ମ ସାଧନା ଆରମ୍ଭ କରନ୍ତି ଏବଂ ଅଖଣ୍ଡରୂପେ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି । ସେମାନଙ୍କୁ କ୍ରମବିକାଶ ପ୍ରଣାଳୀରେ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ହୁଏ ନାହିଁ ।

ପ୍ର : ବ୍ରହ୍ମଚର୍ଯ୍ୟ ପାଳନ ସକାଶେ କ୍ରମବିକାଶର ପ୍ରଣାଳୀ କ'ଣ ?

ଉ : ନୈତିକ ବ୍ୟବସ୍ଥା ଅନୁଯାୟୀ କ୍ରମଶଃ ପରିବାର, ବର୍ଣ୍ଣ, ଧର୍ମ, ପତିବ୍ରତ ଏବଂ ପତ୍ନୀବ୍ରତ ନିୟମ ଅନୁସାରେ ବ୍ରହ୍ମଚର୍ଯ୍ୟ ସଂଯମପୂର୍ବକ ବ୍ୟକ୍ତି ଅଧ୍ୟାତ୍ମ ସତ୍ୟ ଆଶ୍ରୟରେ ପୂର୍ଣ୍ଣ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ଧାରଣ କରିପାରେ ।

ପଶୁମାନଙ୍କର କୁଟୁମ୍ବ, ପରିବାର, ବିବାହ-ବଂଧନ ନ ଥାଏ । ସେମାନେ ସ୍ୱଚ୍ଛନ୍ଦରେ ବ୍ରହ୍ମଚର୍ଯ୍ୟ ନଷ୍ଟ କରନ୍ତି । ପଶୁମାନଙ୍କର ଅଧିକ ବ୍ରହ୍ମଚର୍ଯ୍ୟ ନଷ୍ଟ ହେବାରୁ ସେମାନେ ବୁଦ୍ଧି, ବିବେକ ଧାରଣ କରିପାରନ୍ତି ନାହିଁ । ପଶୁପରେ ମନୋମୟ ସ୍ତରରେ ମନୁଷ୍ୟ ପ୍ରବେଶ କରିବା ମାତ୍ରେ ତାକୁ ବୁଦ୍ଧି ଏବଂ ବିବେକ ପ୍ରାପ୍ତ ହୁଏ । ସେଇଥିପାଇଁ ତାକୁ ବ୍ରହ୍ମଚର୍ଯ୍ୟ ସଂଯମର ସୁଯୋଗ ମିଳେ । ବ୍ରହ୍ମଚର୍ଯ୍ୟ ସଂଯମ ସକାଶେ ହେଲା ବର୍ଣ୍ଣ ଓ ଧର୍ମ । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ତଥା ଅନ୍ତ୍ୟଜ ନିର୍ଦ୍ଧାରିତ କରାହେଲା ଓ ନିଜ ପାରିବାରିକ ସମ୍ବନ୍ଧ ଭିନ୍ନ ଅନ୍ୟ ପରିବାରରେ ବିବାହ – ଏହି ନିୟମ ଦ୍ୱାରା କେତେ ପରିମାଣରେ ବ୍ରହ୍ମଚର୍ଯ୍ୟ ନିୟନ୍ତ୍ରିତ କରାହେଲା । ଅନ୍ତ୍ୟଜ ଏବଂ ଶୂଦ୍ର ବର୍ଣ୍ଣରେ ନାରୀମାନେ ଏକପତି ତ୍ୟାଗ କରି କିଂବା ପତିର ମୃତ୍ୟୁ ପରେ ଅନ୍ୟ ପତି ଗ୍ରହଣ କରିବାର ବ୍ୟବସ୍ଥା ଥିଲା । କିନ୍ତୁ ବୈଶ୍ୟ, କ୍ଷତ୍ରିୟ ଏବଂ ବ୍ରାହ୍ମଣ ବର୍ଣ୍ଣରେ ନାରୀ ସକାଶେ ଗୋଟିଏ ପତିର ବିଧାନ ଥିଲା । ଏହା ଥିଲା ସମାଜର ନିୟମ । ଏହାର ପ୍ରତିକୂଳ ଆଚରଣ କରିବା ବ୍ୟକ୍ତିଙ୍କୁ ସମାଜ ସ୍ୱୀକାର କରୁ ନ ଥିଲା । ବ୍ୟକ୍ତିର ଉଚ୍ଚତର ସତ୍ୟ ବା ଚେତନାକୁ ଧାରଣ କରିବାର ସାମର୍ଥ୍ୟ ହୁଏ କେବଳ ବ୍ରହ୍ମଚର୍ଯ୍ୟ ପାଳନ କରିବାରେ । ସତ୍ୟଯୁଗରୁ ଆଜିପର୍ଯ୍ୟନ୍ତ ସମସ୍ତ ଅଧ୍ୟାତ୍ମ ସାଧକମାନେ ଉଚ୍ଚତର ସତ୍ୟ ଉପଲବ୍ଧି କରନ୍ତି ବ୍ରହ୍ମଚର୍ଯ୍ୟ ଧାରଣ କରିବା ଦ୍ୱାରା ।

ମନୁଷ୍ୟ ମନୋମୟ ଚେତନାସ୍ତର ପରେ ବିଜ୍ଞାନମୟ ଏବଂ ଆନନ୍ଦମୟ ଚେତନାସ୍ତର । ଏହି ବିଜ୍ଞାନ ଏବଂ ଆନନ୍ଦ ସତ୍ୟ ଧାରଣ କରିବାର ଏକମାତ୍ର ସାମର୍ଥ୍ୟ ପ୍ରାପ୍ତ ହୁଏ ବ୍ରହ୍ମଚର୍ଯ୍ୟ ସଂଯମ ତଥା ତାକୁ ଦିବ୍ୟତତ୍ତ୍ୱରେ ରୂପାନ୍ତର କରିବାରେ । କ୍ରମବିବର୍ତ୍ତନ ଅନୁସାରେ ବ୍ୟକ୍ତିର ଲକ୍ଷ୍ୟ ବିଜ୍ଞାନ, ଆନନ୍ଦ, ସତ୍ୟରେ ପ୍ରବେଶ କରିବା । ଏହି ସକାଶେ କ୍ରମବିକାଶ-ପ୍ରଣାଳୀରେ ବ୍ୟକ୍ତିକୁ ଅଗ୍ରସର କରାଇବା ସକାଶେ ନୈତିକ ଏବଂ ବର୍ଣ୍ଣ ଧର୍ମର ବ୍ୟବସ୍ଥା କରା ହୋଇଥିଲା । ଏହି ରହସ୍ୟ ନ ଜାଣି ଅଧିକାଂଶ ଆଧୁନିକ ବ୍ୟକ୍ତିମାନେ ନୈତିକ, ସାମାଜିକ ନିୟମଶୃଙ୍ଖଳାକୁ କୁସଂସ୍କାର କହି ଇନ୍ଦ୍ରିୟ ଭୋଗ ବିଳାସରେ ବ୍ରହ୍ମଚର୍ଯ୍ୟ ନଷ୍ଟ କରିବା ସଙ୍ଗେ ସଙ୍ଗେ ଜୀବନର ବିକାଶ ତଥା ଜୀବନର ପୂର୍ଣ୍ଣତାମାର୍ଗ ରୁଦ୍ଧ କରୁଛନ୍ତି ।

ପ୍ର : ଜୀବନବିକାଶରେ ଏପରି ସାହାଯ୍ୟକାରୀ ନୈତିକତାର ଅଧଃପତନର କାରଣ କ'ଣ ?

ଉ : ଏହାର କାରଣ – ଯୁଗ ପରିବର୍ତ୍ତନ । ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ମନୁଷ୍ୟ ମାନସିକ ଅଜ୍ଞାନଯୁକ୍ତ ଅର୍ଦ୍ଧଜ୍ଞାନ ଚେତନାକୁ ଅତିକ୍ରମ କରି ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଆନନ୍ଦ ଚେତନାରେ ବାସ କରିବାର ସମୟ ଆସିଛି । ନୈତିକତାର କାଳ ସମାପ୍ତ ହୋଇଯିବାରୁ ତାହା ଧରାଶାୟୀ ହୋଇଅଛି । ନୂତନ ଯୁଗର ବିଜ୍ଞାନ, ଅତିମାନସ ସତ୍ୟ ପୃଥିବୀରେ ପ୍ରତିଷ୍ଠା ହୋଇ ନାହିଁ । ଏହି କାରଣରୁ ସମାଜ, ଦେଶ ଓ ଜଗତର ଭୟଙ୍କର ବିଶୃଙ୍ଖଳା ସୃଷ୍ଟି ହୋଇଅଛି । ଶ୍ରୀଅରବିନ୍ଦଙ୍କ ଆଦର୍ଶ ଅନୁସାରେ ବ୍ୟକ୍ତି ଏହି ନୂତନ ସତ୍ୟକୁ ଗ୍ରହଣ କରିବାକୁ ଯେତେ ଅଧିକ ପ୍ରଯତ୍ନ କରିବ, ସେହି ଅନୁପାତରେ ବିଶୃଙ୍ଖଳା ଦୂର ହେଉଥିବ ଏବଂ ସତ୍ୟ ପ୍ରତିଷ୍ଠା ହେଉଥିବ ଏବଂ ଅନ୍ୟମାନେ ଏହି ରହସ୍ୟକୁ ବୁଝି ସତ୍ୟର ଆଶ୍ରୟ ନେଉଥିବେ ।

ପ୍ର : ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ସମସ୍ତ ସତ୍ତାରେ ଭଗବତ୍ ପ୍ରାପ୍ତି । ଏହା ହୁଏ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନରେ । ଗୃହସ୍ଥାଶ୍ରମୀ ସକାଶେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ସମ୍ଭବ ନୁହେଁ । ସେମାନେ କ'ଣ ଲକ୍ଷ୍ୟସିଦ୍ଧି କରିପାରିବେ ନାହିଁ ?

ଉ : ଗୃହସ୍ଥାଶ୍ରମୀମାନେ କ୍ରମଶଃ ବ୍ରହ୍ମଚର୍ଯ୍ୟ ପ୍ରଣାଳୀରେ ଅଗ୍ରସର ହେଲେ ଶେଷରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବେ ଏବଂ ଲକ୍ଷ୍ୟରେ ପହଞ୍ଚି ପାରିବେ । ପ୍ରଥମରେ ବିବାହ ପର୍ଯ୍ୟନ୍ତ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ଅବଶ୍ୟ ପାଳନ କରିବା ଏକାନ୍ତ ଆବଶ୍ୟକ । ବିବାହ ପରେ ନିଜକୁ ସଂଯତ ରଖି କେବଳ ଦୁଇଟି ସନ୍ତାନ ଲାଭ କରିବେ । ପରେ ପୂର୍ଣ୍ଣଭାବେ ବ୍ରହ୍ମଚର୍ଯ୍ୟ ସଂଯମ କରି ପାରିବେ । ବିବାହ ପରେ ଠିକ୍ ଠିକ୍ ଏପରି ଯେଉଁମାନେ ବ୍ରହ୍ମଚର୍ଯ୍ୟ ପାଳନ ନ କରି ପାରିବେ, ସେମାନେ ଅନ୍ତତଃ ଏହିରୂପେ ପାଳନ କରିବାକୁ ଚେଷ୍ଟା କରିବେ ।

ପ୍ର : ବ୍ରହ୍ମଚର୍ଯ୍ୟ ପାଳନର ଉପାୟ କ'ଣ ?

ଉ : ପ୍ରଧାନ ଏବଂ ଏକମାତ୍ର ଉପାୟ ହେଲା ଭଗବତ୍ ପ୍ରାପ୍ତିକୁ ଜୀବନର ଏକାନ୍ତ ଲକ୍ଷ୍ୟରୂପେ ଗ୍ରହଣ କରିବା । ଲକ୍ଷ୍ୟ ଯଦି ଆନ୍ତରିକତା ସହ ଗ୍ରହଣ କରାହୁଏ, ତେବେ ବ୍ରହ୍ମଚର୍ଯ୍ୟ ପାଳନ ସକାଶେ ସ୍ୱତଃସ୍ଫୂର୍ତ୍ତଭାବେ ବ୍ୟକ୍ତିର ଆଗ୍ରହ ଜନ୍ମେ । ଲକ୍ଷ୍ୟ ଗ୍ରହଣ ଛଡ଼ା ଅନ୍ୟ କୌଣସି ଉପାୟରେ ବ୍ରହ୍ମଚର୍ଯ୍ୟ ପାଳନ ସମ୍ଭବ ନୁହେଁ ।

ପ୍ର : ହଠଯୋଗୀମାନେ ବହୁପ୍ରକାର ବାହ୍ୟକ୍ରିୟାରେ ବ୍ରହ୍ମଚର୍ଯ୍ୟ ଧାରଣ କରନ୍ତି । ଏହା କ'ଣ ମିଥ୍ୟା ଧାରଣା ?

ଉ : ଧାରଣା ସତ୍ୟ । କିନ୍ତୁ ଜୀବନର ଲକ୍ଷ୍ୟ ଭଗବତ୍‌ପ୍ରାପ୍ତି ବିନା ଆନ୍ତରିକ ଦୃଢ଼ସଂକଳ୍ପ ହୁଏ ନାହିଁ । ସେହି ସକାଶେ ସମସ୍ତ ପ୍ରକାର ବାହ୍ୟକ୍ରିୟା ଅର୍ଥହୀନ ହୁଏ । ବ୍ରହ୍ମଚର୍ଯ୍ୟପାଳନରେ ସାମାନ୍ୟରୂପେ ସାହାଯ୍ୟ କରେ ଆସନ । ଆସନ ବ୍ୟତିକ୍ରମରେ କିଛି କ୍ଷତି ହୁଏ ନାହିଁ କିନ୍ତୁ ପ୍ରାଣାୟାମ ବିଶେଷତଃ ବଜ୍ରାବଳୀକ୍ରିୟାରେ ଟିକିଏ ଅନିୟମିତ ବା ବ୍ୟତିକ୍ରମ ହେଲେ ଜୀବନ ନଷ୍ଟ ହୋଇଯାଏ । ଯଦି ସିଦ୍ଧଗୁରୁ ପାଖରେ ଥିବେ, କ୍ରିୟା ଏକେବାରେ ଯଥାର୍ଥ ତଥା ନିର୍ଦୋଷରେ ହେଉଥିବ, କ୍ରିୟାର ରୀତିରେ ବ୍ୟତିକ୍ରମ ଘଟୁ ନ ଥିବ, କ୍ରିୟାସମୟରେ ମାନସିକ କାମନାବାସନା ସମ୍ବନ୍ଧୀୟ ଚିନ୍ତା ବା ପ୍ରାଣର ଆଦାନପ୍ରଦାନ ଏକେବାରେ ନ ଥିବ, ତେବେ ବଜ୍ରାବଳୀକ୍ରିୟା ସିଦ୍ଧ ହୁଏ, ଅର୍ଥାତ୍ ଯୋଗୀ ରେତସକୁ ବ୍ରହ୍ମାଣ୍ଡକୁ ନେଇ ଯାଇପାରେ; ଏବଂ ସେଥିରେ ତା'ର ଅଧିକାର ପ୍ରାପ୍ତ ହୁଏ । ବଜ୍ରାବଳୀକ୍ରିୟା ସିଦ୍ଧି କରିବାରେ ଶହେ ସାଧକ ମଧ୍ୟରୁ ଅନେଶତ ଧାତୁରୋଗ ତଥା ଅନ୍ୟାନ୍ୟ ବହୁତ ପ୍ରକାର ରୋଗରେ ପତିତ ହୋଇ ଜୀବନ ନଷ୍ଟ କରିଛନ୍ତି । ଏହି କ୍ରିୟାର କୁପରିଣାମ ଭୋଗୁଥିବା ବହୁତ ସାଧକଙ୍କୁ ଦେଖିଛି । କୌଣସି ବ୍ୟକ୍ତି ବ୍ରହ୍ମଚର୍ଯ୍ୟପାଳନ ସକାଶେ ବାହ୍ୟକ୍ରିୟା ମୋହରେ କଦାପି ପଡ଼ିବା ଉଚିତ ନୁହେଁ । ଏହା ଯଥାର୍ଥରେ ସଂଯମ ହୁଏ ମାନସିକ ବିଚାର ସଂଯମରେ ।

ଶ୍ରୀଅରବିନ୍ଦଙ୍କ ଅତିମାନସ ରୂପାନ୍ତରଯୋଗରେ ବ୍ରହ୍ମଚର୍ଯ୍ୟ ପାଳନ ସକାଶେ କୌଣସି ପ୍ରକାର ବାହ୍ୟ ପ୍ରାଣାୟାମ ବା ବଜ୍ରାବଳୀକ୍ରିୟାର ଆଶ୍ରୟ ନିଆହୁଏ ନାହିଁ । ଏଥିରେ ବିପଦ ଥିବା ସଙ୍ଗେ ସଙ୍ଗେ ଏହି କ୍ରିୟା ଦ୍ୱାରା ରେତସ ରୂପାନ୍ତର ହୁଏ ନାହିଁ । ରୂପାନ୍ତର ନ ହେଲେ ଶ୍ରୀଅରବିନ୍ଦଙ୍କ ଯୋଗ ସିଦ୍ଧ ହୁଏ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗରେ ମନ, ପ୍ରାଣ, ଶରୀର ତଥା ରେତସର ଗୁଣଧର୍ମ ତଥା ତତ୍ତ୍ୱ ଦିବ୍ୟ-ତତ୍ତ୍ୱରେ ରୂପାନ୍ତର ହୁଏ । ଏହା କୌଣସି ଯୌଗିକ ପ୍ରକ୍ରିୟା ଦ୍ୱାରା ହୁଏ ନାହିଁ; ହୁଏ ଅତିମାନସ ଶକ୍ତି ଦ୍ୱାରା । ତେବେ ସାଧକ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଅଜ୍ଞାନ, ଦୁଃଖ, କଷ୍ଟରୁ ସଂପୂର୍ଣ୍ଣରୂପେ

ମୁକ୍ତ ହୁଏ । ତା'ର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହୁଏ । ସେ ନିବାସ କରେ ଭଗବତ୍ ଅତିମାନସ ଚେତନାରେ; ପରିଚାଳିତ ହୁଏ ଭଗବତ୍ ସଂକଳ୍ପ, ଭଗବତ୍ ଶକ୍ତି ଦ୍ୱାରା । ଏହାଫଳରେ ସଂସାରରୁ ଅଭାବ, ଦୁଃଖ, କଷ୍ଟ, ହିଂସା, ଯୁଦ୍ଧ, ମିଥ୍ୟାଚାର, ଅନ୍ୟାୟ, ଅସତ୍ୟ ଦୂର ହୁଏ । ସଂସାର ସ୍ୱର୍ଗରେ ପରିଣତ ହୁଏ । ଏହାହିଁ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ, ଭଗବାନଙ୍କ ସଂକଳ୍ପ ତଥା ଭଗବାନଙ୍କ ସୃଷ୍ଟି ।

ଆତ୍ମ ବିକାଶର ଉପାୟ

ଆତ୍ମାର ବିକାଶ ବା ଜାଗ୍ରତ୍ ହେବାର ଉପାୟ ହେଲା, ନିଜକୁ ପ୍ରଶ୍ନ କରୁଥିବା ଯେପର୍ଯ୍ୟନ୍ତ ସନ୍ତୋଷଜନକ ଉତ୍ତର ନ ପାଇବା ।

ସାଂସାରିକ ଯେକୌଣସି କାର୍ଯ୍ୟ କର, ପ୍ରଥମରେ ସେ ବିଷୟରେ ଚିନ୍ତା କର । ଯଦି କୌଣସି କାର୍ଯ୍ୟରେ ପାଞ୍ଚହଜାର ଟଙ୍କା ଖର୍ଚ୍ଚ କର ତେବେ ହିସାବ ଲଗାଅ,– ଏଥିରେ ମାସିକ ସୁଧ ଏତେ ଟଙ୍କା, ଅମୁକ କାର୍ଯ୍ୟରେ ଲଗାଇଲେ ତା' ଅପେକ୍ଷା କେତେ ବେଶୀ ମିଳିବ ? ତେବେ ସେକାର୍ଯ୍ୟରେ ତୁମେ ପ୍ରସ୍ତୁତ ହୁଅ । ପ୍ରତ୍ୟେକ କାର୍ଯ୍ୟ ପୂର୍ବରୁ ବିଚାର କରିସାରି ତାକୁ ଆରମ୍ଭ କର । ସେହିପରି ନିଜ ଜୀବନ କେଉଁ ସକାଶେ ? – ଏହି ବିଷୟରେ ନିଜକୁ ପ୍ରଶ୍ନ କର, ପ୍ରଥମରେ ବୁଦ୍ଧି ନିଜ ଯୁକ୍ତିରେ ଉତ୍ତର ଦେବ । ବୁଦ୍ଧିର ଉତ୍ତର ସମାପ୍ତ ହେଲେ ଆତ୍ମା ଦେଖାଇଦେବ ଯଥାର୍ଥ ମାର୍ଗ । ଯେଉଁମାନେ ବୁଦ୍ଧିଯୁକ୍ତିରେ ସନ୍ତୁଷ୍ଟ ହୁଅନ୍ତି, ସେମାନେ ଆତ୍ମାର ନିର୍ଦ୍ଦେଶ ପାଆନ୍ତି ନାହିଁ; ଜୀବନର ଯଥାର୍ଥ ସତ୍ୟରୁ ବହୁଦୂରରେ ରହନ୍ତି ।

ପ୍ର : ଆମେ କ'ଣ ଚାହୁଁ ? ଆମକୁ କ'ଣ କରିବାକୁ ହେବ ?

ଉତ୍ତର : ଆମେ ଚାହୁଁ ନିଜ ପରିବାର ବେଶ୍ ସୁଖ, ଶାନ୍ତିରେ ରହୁ; ଭୋଜନ, ବସ୍ତ୍ର, ରହିବା ଗୃହର ଅଭାବ ନ ରହୁ । ଚୋରି, ହିଂସା, ଅତ୍ୟାଚାର ଦେଶରୁ ଦୂର ହୋଇଯାଉ । ସମସ୍ତ ବ୍ୟକ୍ତି ସୁଖ, ଶାନ୍ତିରେ ରହନ୍ତୁ । ଏହାହିଁ ବ୍ୟକ୍ତିର ଚାହିଁବା । ଏହିସକାଶେ ସମାଜ, ପିତାମାତା, ପରିବାରକୁ ସେବା କରିବାକୁ ହେବ । ଏହାହିଁ ବ୍ୟକ୍ତିର କର୍ତ୍ତବ୍ୟ ।

ପ୍ର : ଆତ୍ମମାନଙ୍କ ଚାହିଁବା ହେଲା ସୁଖ, ଶାନ୍ତିରେ ରହିବା ଏବଂ ଭୋଜନ, ବସ୍ତ୍ର, ଗୃହର ଅଭାବ ନ ହେବା । ଏହା କ'ଣ ହେଉଛି ?

ଉ : ନାହିଁ, ଆତ୍ମମାନଙ୍କ ଚାହିଁବା ପୂର୍ଣ୍ଣ ହୋଇ ନାହିଁ । ତାହା ପୂର୍ଣ୍ଣ ହୁଏ ଦେଶକୁ ଉନ୍ନତ କରିବାରେ । ବ୍ୟକ୍ତି ଉଦରପୂର୍ଣ୍ଣ ଭୋଜନ ପାଏ ନାହିଁ, ପିନ୍ଧିବା ବସ୍ତ୍ରର ବ୍ୟବସ୍ଥା କରିପାରେ ନାହିଁ, ପିଲାକୁ ପଢ଼େଇପାରେ ନାହିଁ, ରହିବାକୁ ଗୃହ ନିର୍ମାଣ କରିପାରେ ନାହିଁ । ଏହି ଅଭାବରେ ସେ ଦୁଃଖ କଷ୍ଟ ଭୋଗେ, ଚୋରି କରେ, ହିଂସା କରେ, ଅନ୍ୟର ଅନିଷ୍ଟ କରେ । ସୁଖ, ଶାନ୍ତି ପାଏ ନାହିଁ ।

ଦେଶରେ କଳକାରଖାନା, କୃଷି, ବାଣିଜ୍ୟ ବୃଦ୍ଧି କଲେ ଏହିସବୁ ଦୂର ହୋଇଯାଏ । ବ୍ୟକ୍ତିର ଚାହିଁବା ପ୍ରାପ୍ତ ହୁଏ ଦେଶସେବାରେ ।

ପ୍ର : ଆପଣ ଯେଉଁ ଉତ୍ତର ଦେଲେ, ସୃଷ୍ଟି ଆରମ୍ଭରୁ ଏହି ଉତ୍ତର ଦିଆହୋଇ ଆସୁଅଛି, କିନ୍ତୁ ସୁଖ, ଶାନ୍ତି ପ୍ରଶ୍ନର ସମସ୍ୟା ସମାଧାନ ହୋଇ ନାହିଁ । ପ୍ରଥମ ପ୍ରଶ୍ନ ହେଲା – ଭୋଜନ, ବସ୍ତ୍ର ଯେଉଁ ଦେଶରେ ଅଭାବ ନାହିଁ, ସେ ଦେଶ ଏବଂ ସେ ଦେଶର ବ୍ୟକ୍ତି ଚାହିଁବା ଅନୁସାରେ ସୁଖ, ଶାନ୍ତି କ'ଣ ପାଇଛନ୍ତି ? ସେ ଦେଶରେ ହିଂସା, ଚୋରି, ଅନ୍ୟାନ୍ୟ ସମସ୍ତ ପ୍ରକାର ଅସଦାଚରଣ କ'ଣ ହେଉ ନାହିଁ ?

ଏହାର ଉତ୍ତର ଏକେବାରେ ସ୍ପଷ୍ଟ । ସମୃଦ୍ଧିଶାଳୀ ଦେଶ ସୁଖ, ଶାନ୍ତିରେ ନାହିଁ । ଏହାର ପ୍ରମାଣ ହେଲା ସେ ଦେଶରେ ହିଂସା, ଚୋରି, ଅନ୍ୟାୟ ତଥା ସମସ୍ତପ୍ରକାର ଅସଦାଚରଣ ହେଉଅଛି । ଦ୍ୱିତୀୟ ପ୍ରଶ୍ନ ହେଲା – ଯଦି ଦେଶକୁ ସମୃଦ୍ଧିଶାଳୀ କରିବା ଦ୍ୱାରା ଦେଶବାସୀ ଭୋଜନ, ବସ୍ତ୍ର ପାଇ ସୁଖ, ଶାନ୍ତିରେ ରହନ୍ତି, ତେବେ ନେତାମାନେ

ଦେଶକୁ କଳକାରଖାନା, କୃଷି, ବାଣିଜ୍ୟରେ ସମୃଦ୍ଧିଶାଳୀ କରିବାକୁ ପ୍ରଯତ୍ନ କରନ୍ତେ । ପୁଣି ସେମାନେ ନିଜ ଅଧିକାର, ନିଜ ନେତୃତ୍ୱ ରକ୍ଷାକରିବା ସକାଶେ ନିର୍ବାଚନରେ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ଖର୍ଚ୍ଚ କରନ୍ତେ ନାହିଁ । ହଜାର ହଜାର ଗୁଣ୍ଡାଙ୍କ ଆବଶ୍ୟକତା ହୁଅନ୍ତା ନାହିଁ । ଲକ୍ଷ ଲକ୍ଷ ଲୋକଙ୍କୁ ଗୁଳିରେ ଉଡ଼େଇ ଦିଅନ୍ତେ ନାହିଁ । ବହୁପ୍ରକାର ଅସତ୍ୟ ଆଚରଣରେ ଅନ୍ୟର ଅର୍ଥ ଆତ୍ମସାତ୍ କରନ୍ତେ ନାହିଁ । ଅନ୍ୟ ନିରୀହ ଦେଶକୁ ଆକ୍ରମଣ କରି ତା'ର ସର୍ବନାଶ କରନ୍ତେ ନାହିଁ । ଏହାଦ୍ୱାରା କ'ଣ ବ୍ୟକ୍ତିର ଚାହିଁବା ସୁଖ, ଶାନ୍ତି ପ୍ରାପ୍ତ ହେଉଅଛି ?

ଉ : ଏହାଦ୍ୱାରା ବ୍ୟକ୍ତିର ଚାହିଁବା ସୁଖ, ଶାନ୍ତି ପ୍ରାପ୍ତ ହେଉ ନାହିଁ । କିନ୍ତୁ ଅନ୍ୟକୁ ହତ୍ୟା କରିବା, ଅନ୍ୟ ଦେଶକୁ ଆକ୍ରମଣ କରି ଧ୍ୱଂସ କରିବା ଉଦ୍ଦେଶ୍ୟ ହେଉଛି ଏହାଦ୍ୱାରା ପୃଥିବୀରେ ଅଖଣ୍ଡ ସୁଖ, ଶାନ୍ତି ସ୍ଥାପନ କରିବା, କାରଣ ଅନ୍ୟ ସିଦ୍ଧାନ୍ତରେ ବ୍ୟକ୍ତି ବା ଅନ୍ୟ ଧର୍ମାବଲମ୍ବୀ ବ୍ୟକ୍ତି ରହିଲେ ମତଭେଦ ସୃଷ୍ଟି ହେବ, ପରସ୍ପର ସଂଘର୍ଷ ହେବ । ଏହାଦ୍ୱାରା ବ୍ୟକ୍ତିର ସୁଖ, ଶାନ୍ତିରେ ବ୍ୟାଘାତ ଘଟିବ । ଅନ୍ୟ ଧର୍ମ, ଅନ୍ୟ ସିଦ୍ଧାନ୍ତ ଗ୍ରହଣ କରିଥିବା ବ୍ୟକ୍ତି ତଥା ଦେଶକୁ ସମାପ୍ତ କରିଦେଲେ ଆଉ ଦ୍ୱିମତ ହେବ ନାହିଁ । ପୃଥିବୀ ସୁଖ, ଶାନ୍ତିରେ ରହିବ ।

ପ୍ର : ଆପଣଙ୍କର ଯେଉଁ ଉତ୍ତର ତାହା କେବଳ ସ୍ୱପ୍ନ-ରାଜ୍ୟର କଳ୍ପନାବିଳାସ ନା ଯଥାର୍ଥତା ସମ୍ବନ୍ଧେ କିଛି ଭାବିଛନ୍ତି ? ଏହି ଉତ୍ତରଟି ଯଦି ୪୦ ବର୍ଷପୂର୍ବେ ଦେଇଥାଆନ୍ତେ, ତେବେ ବହୁତ ବ୍ୟକ୍ତି ବିଶ୍ୱାସ କରିଥାଆନ୍ତେ । ପ୍ରତ୍ୟକ୍ଷ ଘଟଣା ଦେଖି ଆପଣଙ୍କ ଉତ୍ତରକୁ ବିଶ୍ୱାସ କରିବୁ କିପରି, ମାନିବୁ ବା କିପରି ? ସଂସାର କଥାକୁ ଛାଡ଼, ଯେଉଁ ଦେଶମାନଙ୍କରେ ଏହି ସିଦ୍ଧାନ୍ତ ପ୍ରତିଷ୍ଠା ହୋଇଛି, ସେହି ଦେଶମାନଙ୍କରେ ନିଜ ଅଧିକାର, ନିଜ ନେତୃତ୍ୱ ସକାଶେ ପ୍ରକାଶ୍ୟରେ ଏବଂ ଅପ୍ରକାଶ୍ୟରେ ଲକ୍ଷ ଲକ୍ଷ ଲୋକଙ୍କୁ ହତ୍ୟା କରାହେଉଛି । ଏହିସବୁ ଯେଉଁ ଉତ୍ତର ଦେଲେ, ସେଥିରେ ଆମ୍ଭର ଯେଉଁ ପ୍ରଶ୍ନ ଥିଲା —''ଆମ୍ଭେ କ'ଣ ଚାହୁଁ ? ଆମ୍ଭକୁ କ'ଣ କରିବାକୁ ହେବ ?'' ଏହାର ଉତ୍ତର ପ୍ରଶ୍ନର ସ୍ପର୍ଶ ବି କଲା ନାହିଁ । ସମାଧାନତା ଦୂରର କଥା ।

ଏହିଠାରୁ ପ୍ରଶ୍ନକର୍ତ୍ତା ଏବଂ ଉତ୍ତରଦାତା ପରିବର୍ତ୍ତନ ହେଲେ ।

ପ୍ର : ଆମ୍ଭେ କ'ଣ ଚାହୁଁ ?

ଉ : ଏହାର ଯଥାର୍ଥ ଉତ୍ତର ହେଉଛି, ଆମ୍ଭେ ଚାହୁଁ ଦୁଃଖବିହୀନ ପରମ ସୁଖ, ପରମ ଶାନ୍ତି ।

ପ୍ର : ଆମ୍ଭକୁ କ'ଣ କରିବାକୁ ହେବ ?

ଉ : ପ୍ରଥମରେ ଜାଣିବାକୁ ହେବ ଦୁଃଖବିହୀନ ପରମ ସୁଖ, ପରମ ଶାନ୍ତିର ସ୍ୱରୂପ; କରିବାକୁ ହେବ ତାହା ପ୍ରାପ୍ତିର ଯଥାର୍ଥ ପ୍ରଯତ୍ନ । ଏହାହିଁ ପ୍ରତ୍ୟେକ ମନୁଷ୍ୟର ଚାହିଁବା; ଏହାରି ପ୍ରାପ୍ତି ସକାଶେ କର୍ମ କରିବା ।

ପ୍ର : ଦୁଃଖବିହୀନ ପରମସୁଖ କାହାକୁ କହନ୍ତି ?

ଉ : ଯେଉଁ ସୁଖକୁ ସଂସାରର କୌଣସି ପ୍ରତିକୂଳ ଅବସ୍ଥା ବା ଦୁଃଖ ଦ୍ୱନ୍ଦ୍ୱ ବିଚଳିତ କରିପାରନ୍ତି ନାହିଁ । ତାହା ସର୍ବଥା ଅଖଣ୍ଡ, ଅବିକମ୍ପିତ ଥାଏ । ଏହି ପରମାନନ୍ଦକୁହିଁ ସମସ୍ତ ବ୍ୟକ୍ତି ଜ୍ଞାତରେ ତଥା ଅଜ୍ଞାତରେ ଚାହାନ୍ତି । ଏହି ପରମାନନ୍ଦ କୌଣସି ସାଂସାରିକ ବସ୍ତୁ ବା ଭୋଜନ, ବସ୍ତ୍ର ଯଥେଷ୍ଟ ହେବାରେ ପ୍ରାପ୍ତ ହୁଏ ନାହିଁ । ପ୍ରାପ୍ତ ହୁଏ ଅନ୍ତରରେ ଅନ୍ତର ଆତ୍ମା ଶରୀର ଆଧାରରେ ନେତୃତ୍ୱ ସ୍ଥାପନ କଲେ । ଏହାଛଡ଼ା ପରମାନନ୍ଦ କୌଣସି ସାଂସାରିକ ବସ୍ତୁରେ ଆଜିପର୍ଯ୍ୟନ୍ତ ପ୍ରାପ୍ତ ହୋଇ ନାହିଁ ।

ପ୍ର : ଆପଣ ଯେଉଁ ପରମାନନ୍ଦ କଥା କହିଲେ, ସଂସାରରେ ବହୁତ ଅଳ୍ପ ବ୍ୟକ୍ତିଙ୍କୁ ବାଦ୍‌ଦେଲେ ବାକି ସମସ୍ତ ବ୍ୟକ୍ତି ଏହି ପରମାନନ୍ଦ ନାମ ଶୁଣି ନ ଥିବେ । ଆହୁରି ମଧ୍ୟ ଆବାଳବୃଦ୍ଧବନିତା ସମସ୍ତେ ଚାହାନ୍ତି କିପରି ? ସାଧାରଣ ସମସ୍ତ ବ୍ୟକ୍ତି ଚାହାନ୍ତି ସେମାନଙ୍କୁ ଭୋଜନ, ବସ୍ତ୍ର ମିଳୁ, ଧନସମ୍ପତ୍ତି ପ୍ରାପ୍ତ ହେଉ, ରୋଗଶୋକ ଦୂର ହେଉ, କୁଟୁମ୍ବ, ପରିବାର, ଦେଶ, ଜାତି ସୁଖରେ ରହନ୍ତୁ, ନିଜର ଯଶଃ ପ୍ରସାର ହେଉ, ଲୋକେ ପ୍ରଶଂସା କରନ୍ତୁ, ଅଧିକାର, ଐଶ୍ୱର୍ଯ୍ୟ ପ୍ରାପ୍ତ ହେଉ । ଏହାହିଁ ସମସ୍ତ ବ୍ୟକ୍ତି ଚାହାନ୍ତି । ପରମାନନ୍ଦକୁ କିଏ ଚାହେଁ ?

ଉତ୍ତର : ପ୍ରତ୍ୟେକ ବ୍ୟକ୍ତି ଅଜ୍ଞାତରେ ଏହି ସମସ୍ତ ବସ୍ତୁରେ ଚାହାନ୍ତି ପରମାନନ୍ଦ । ଏହି ଜ୍ଞାନ ଥାଏ ଆତ୍ମାର;

କିନ୍ତୁ ଆତ୍ମା ଆବୃତ ଥାଏ ମନ-ପ୍ରାଣର ଆବରଣରେ । ଆତ୍ମପ୍ରକାଶ ବିନା ଅର୍ଦ୍ଧ ଆଲୋକିତ ମନ, ପ୍ରାଣ ନିଜ ଚାହିଁବା ଠିକ୍ ଠିକ୍ ବୁଝିପାରନ୍ତି ନାହିଁ । ଭ୍ରମବଶତଃ ପରମାନନ୍ଦଙ୍କୁ ଜାଗତିକ ବସ୍ତୁରେ ଖୋଜନ୍ତି । ଏହାର ସ୍ପଷ୍ଟ ପ୍ରମାଣ ହେଉଛି ବ୍ୟକ୍ତି ପ୍ରଶଂସା ଚାହାନ୍ତି । ସେଥିରେ ସୁଖ ମିଳେ, ଅପ୍ରଶଂସାରେ ଦୁଃଖ ହୁଏ । ସେହି ସକାଶେ ଅପ୍ରଶଂସା କେବେ ବି ଚାହାନ୍ତି ନାହିଁ । ସେମାନଙ୍କ ଚାହିଁବା ବସ୍ତୁର ବିପରୀତ – ଯେଉଁଥିରେ ଦୁଃଖ ମିଳେ – ତାହା କେହି ବି ଚାହାନ୍ତି ନାହିଁ । ଏପରିକି ଚୋର, ଡକାଏତ, ଆତ୍ମଘାତୀ ଅଜ୍ଞାନବଶତଃ ସୁଖ ଉଦ୍ଦେଶ୍ୟରେହିଁ ଏହି ଦୁଷ୍କର୍ମରେ ପ୍ରବୃତ୍ତ ହୁଅନ୍ତି ।

ପରମାନନ୍ଦ ପ୍ରାପ୍ତ କରିବା ମନୁଷ୍ୟର ଏକମାତ୍ର ଲକ୍ଷ୍ୟ । ଏହି ସକାଶେ ଈଶ୍ୱରଙ୍କ ସୃଷ୍ଟି । କ୍ରମବିକାଶ ଆରମ୍ଭରୁ ଜଡ଼, ବୃକ୍ଷଲତା, ପଶୁପକ୍ଷୀ ଏହି ପରମାନନ୍ଦଙ୍କ ପ୍ରାପ୍ତି ଉଦ୍ଦେଶ୍ୟରେ ବିକାଶମାର୍ଗରେ ଅଗ୍ରସର ହେଉଛନ୍ତି । ସେମାନେ ଯେତେ ଅଗ୍ରସର ହେଉଛନ୍ତି, ସେମାନଙ୍କ ଚାହିଁବା କ୍ରମଶଃ ସ୍ପଷ୍ଟ ହେଉଅଛି । ବୃକ୍ଷଲତା ପରମାନନ୍ଦ ପାଇବା ସକାଶେ ଉପରକୁ ଉଠନ୍ତି । ପଶୁପକ୍ଷୀ ଭୋଜନରେ, ଅସ୍ପଷ୍ଟଭାବେ ଅଧିକାରରେ ପରମାନନ୍ଦ ଖୋଜନ୍ତି । ପଶୁ ଅପେକ୍ଷା ଏହା ଅଧିକ ସ୍ପଷ୍ଟ ହୁଏ ମନୁଷ୍ୟ ମଧ୍ୟରେ । ଏହା ସ୍ପଷ୍ଟ ହୁଏ ମନୁଷ୍ୟର ଆତ୍ମା ଜାଗ୍ରତ୍ ହେବାରେ ।

ଆତ୍ମ ବିକାଶ ବା ଜାଗ୍ରତର ଉପାୟ

ପ୍ର : ଆପଣଙ୍କ କହିବା ଯୁକ୍ତିଯୁକ୍ତ ମନେହେଉଛି । ପ୍ରତ୍ୟେକ ବ୍ୟକ୍ତି ଯଥାର୍ଥରେ ସମସ୍ତ କର୍ମରେ ଦୁଃଖ ନ ଚାହିଁ ସୁଖ ଚାହୁଁଛନ୍ତି । ସଂସାରରେ ସମସ୍ତ କର୍ମରେ ଦୁଃଖ ଥାଏ, କିନ୍ତୁ ଭଗବତ୍‌ସ୍ୱରୂପ ପରମାନନ୍ଦରେ ଥାଏ ଦୁଃଖ ଦ୍ୱନ୍ଦ୍ୱର ସର୍ବଦା ଅଭାବ, ଯଥାର୍ଥରେ ଏହି ପରମାନନ୍ଦ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଆମକୁ କରିବାକୁ ହେବ ଲକ୍ଷ୍ୟପ୍ରାପ୍ତିର ଉପାୟ । ଏହାକୁ ଜାଣିବାମାତ୍ରେ ଅଥବା ଜାଣିବା ପୂର୍ବରୁ ଆମ୍ଭେମାନେ ଆତ୍ମାର ସମ୍ବନ୍ଧେ ସଚେତନ ହେଉଥିବା । ଆତ୍ମା ଜାଗ୍ରତ୍ ହେବାରେହିଁ ବ୍ୟକ୍ତି ଜୀବନର ପୂର୍ଣ୍ଣତାର ସନ୍ଧାନ ପାଏ ଏବଂ ତାହା ପ୍ରାପ୍ତ କରେ । ଏଥିରେ ଆଉ ସନ୍ଦେହ ରହିଲା ନାହିଁ । ତେବେ ଲକ୍ଷ୍ୟପ୍ରାପ୍ତିର କ'ଣ ଉପାୟ କହନ୍ତୁ ?

ଉ : ଲକ୍ଷ୍ୟପ୍ରାପ୍ତିର ଉପାୟ ହେଲା ନିଜେ ଏବଂ ନିଜର ଯାହାକିଛି ସମସ୍ତ ମା'ଙ୍କୁ ସମର୍ପଣ କରିବା । ସମର୍ପଣ ପୂର୍ଣ୍ଣ ହେବା ସକାଶେ ଏବଂ ସମର୍ପଣର ପ୍ରତିକୂଳ କର୍ମ, ଗତିବୃତ୍ତି, ବିଚାର ତ୍ୟାଗ ତଥା ଲକ୍ଷ୍ୟପ୍ରାପ୍ତି ସକାଶେ ଅଭୀପ୍ସା ଅର୍ଥାତ୍ ସମର୍ପଣ; ଅଭୀପ୍ସା ତଥା ପ୍ରତିକୂଳ କର୍ମର ତ୍ୟାଗ ହେଲା ଲକ୍ଷ୍ୟପ୍ରାପ୍ତିର ଉପାୟ ବା ସାଧନା ।

ସବୁଠାରୁ ସରଳ ଉପାୟ ହେଲା ଘରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ରଖ । ଘରର ମାଲିକ ତାଙ୍କୁହିଁ ମାନିନିଅ । ଘର, ପରିବାର, ସମ୍ପତ୍ତି ସମସ୍ତ କିଛି ତାଙ୍କୁହିଁ ସମର୍ପଣ କର । ଘରର କାର୍ଯ୍ୟ ଏବଂ କୃଷି, ବାଣିଜ୍ୟ, ଚାକିରି, ଦେଶସେବା ଇତ୍ୟାଦି ସମସ୍ତ କର୍ମ ତଥା ପରିବାର ପ୍ରତି କର୍ତ୍ତବ୍ୟକୁ ତାଙ୍କରି ସେବା ଭାବରେ କର । ଧାରଣା କର ଏହି କାର୍ଯ୍ୟ ସକାଶେ ମୋତେ ଭଗବାନ୍ ପଠାଇଛନ୍ତି ।

ପ୍ର : ସମର୍ପଣ କରିବା ଉଚିତ ଭଗବାନଙ୍କୁ । କାରଣ ଭଗବାନ୍ ହେଉଛନ୍ତି ପରମସତ୍ୟ । ଭଗବାନଙ୍କୁ ଛାଡ଼ି ମା'ଙ୍କୁ ସମର୍ପଣ କରିବାକୁ କାହିଁକି କହୁଛନ୍ତି ?

ଉ : ମା' ଏହି କାର୍ଯ୍ୟ କରିବାକୁ ଏହି ସଂସାରକୁ ଆସିଅଛନ୍ତି ଏବଂ ଆମକୁ ସାହାଯ୍ୟ କରିବା ସକାଶେ ଅପେକ୍ଷା କରିଅଛନ୍ତି । ମା'ଙ୍କୁ ସମର୍ପଣ କଲେ ତାଙ୍କ ଶକ୍ତି ଅଧିକରୁ ଅଧିକ ଆମ ମଧ୍ୟରେ ରୂପାନ୍ତର କାର୍ଯ୍ୟ କରିପାରିବ । ମା' ଭଗବାନଙ୍କ ଅଂଶ, ପ୍ରତିଭୂ, ଶକ୍ତି । ମା'ଙ୍କୁ ସମର୍ପଣ, ମା'ଙ୍କ ନାମସ୍ମରଣର ଅର୍ଥ ଭଗବାନଙ୍କୁ ସମର୍ପଣ ଏବଂ ଭଗବାନଙ୍କ ନାମସ୍ମରଣ ।

ଭଗବାନ୍ ପରମ ଦିବ୍ୟ । ମନୁଷ୍ୟର ମନ, ପ୍ରାଣ, ଶରୀର ଯଦ୍ୟପି ଭଗବାନଙ୍କଠାରୁ ଆସିଛି ତଥାପି ବିକୃତ ହୋଇ ସମ୍ପୂର୍ଣ୍ଣରୂପେ ଅଦିବ୍ୟରେ ପରିଣତ ହୋଇଛି । ସେହି କାରଣରୁ ମନୁଷ୍ୟ ଭଗବାନଙ୍କୁ ଭୁଲି ଯାଇଅଛି । ଏପରିକି ଭଗବାନଙ୍କ ଅସ୍ତିତ୍ୱକୁ ବି ସ୍ୱୀକାର କରୁ ନାହିଁ । ସଂସାରରୁ ଅଧର୍ମ ଦୂର କରି ସତ୍ୟ ପ୍ରତିଷ୍ଠା କରିବାକୁ ହେଲେ ଭଗବାନ୍

ସ୍ୱୟଂ ମନୁଷ୍ୟ ଆଉ ବିକୃତ ତତ୍ତ୍ୱର ଶରୀର ଧାରଣ କରିଥାନ୍ତି । ଭଗବାନ୍ ସେହି ବିକୃତ ତତ୍ତ୍ୱର ଶରୀର ଧାରଣ କରନ୍ତି ଏବଂ ମନୁଷ୍ୟର ସ୍ୱଜାତି ହୁଅନ୍ତି । ସ୍ୱଜାତି ଯୋଗୁଁ ଅଧିକାଂଶ ବ୍ୟକ୍ତି ସହଜରେ ଭଗବାନଙ୍କ ସହିତ ପିତା, ପୁତ୍ର, ମିତ୍ର ତଥା ଗୁରୁ ଏବଂ ଇଷ୍ଟ ସମ୍ପର୍କ ପ୍ରତିଷ୍ଠା କରନ୍ତି ଏହି ସମ୍ବନ୍ଧରୁ ଅଧିକାଂଶ ବ୍ୟକ୍ତିଙ୍କ ମଧ୍ୟରେ ସତ୍ୟ ପ୍ରତିଷ୍ଠା ହୁଏ ।

ବର୍ତ୍ତମାନ ପୃଥିବୀରେ ଅତିମାନସ ସତ୍ୟ ପ୍ରତିଷ୍ଠା ହେବାର ସମୟ ଆସିଛି । ଏହି କାର୍ଯ୍ୟ କରିବା ସକାଶେ ଭଗବାନଙ୍କ ଅଂଶ, ପ୍ରତିଭୂ ବା ସ୍ୱୟଂ ଭଗବାନ୍ ଶ୍ରୀମା ଶ୍ରୀଅରବିନ୍ଦଙ୍କରୂପେ ମନୁଷ୍ୟଶରୀରରେ ପ୍ରଘଟ ହୋଇ ନିଜ ତପସ୍ୟାରେ ଅତିମାନସ ଶକ୍ତିକୁ ପୃଥିବୀରେ ଉତାରି ଆଣି ରୂପାନ୍ତର କାର୍ଯ୍ୟ କରାଉଛନ୍ତି । ତାଙ୍କର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହୋଇଛି । ଆମେ ମା'ଙ୍କୁ ସମର୍ପଣ କରିବା ଦ୍ୱାରା ସହଜରେ ତାଙ୍କ ସାହାଯ୍ୟ ନିର୍ଦ୍ଦେଶ ପାଇପାରିବା ।

ପ୍ର : ମନୁଷ୍ୟର ଯଥାର୍ଥ ଲକ୍ଷ୍ୟ ଏବଂ ତାହାର ପ୍ରାପ୍ତିର ଉପାୟ ବୁଝିପାରିଲୁ । କିନ୍ତୁ ବର୍ତ୍ତମାନ ଦେଶର ଯେଉଁ ଦାରିଦ୍ର୍ୟ, ହିଂସା, ସ୍ୱାର୍ଥ ତାହା ଦୂର ହେବ କିପରି ? ଏହି ସନ୍ଦେହଟିକୁ ଦୂର କରନ୍ତୁ ।

ଉ : ଦାରିଦ୍ର୍ୟ, ହିଂସା, ସ୍ୱାର୍ଥ ଦୂରହେବ ଓ ପୃଥିବୀରେ ସତ୍ୟ, ନ୍ୟାୟ, ମୈତ୍ରୀ ପ୍ରତିଷ୍ଠା ହେବ ଏହି ଲକ୍ଷ୍ୟସିଦ୍ଧି ଦ୍ୱାରା ।

ଦାରିଦ୍ର୍ୟ, ଦୁଃଖ କଷ୍ଟର କାରଣ ହେଉଛି ଅଜ୍ଞାନତା । ଅଜ୍ଞାନତା ଯୋଗୁଁ ବ୍ୟକ୍ତି ନିଜ ସ୍ୱାର୍ଥ ସକାଶେ ଠିକ୍ କାର୍ଯ୍ୟ କରେ ନାହିଁ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅଧିକାଂଶ ବ୍ୟକ୍ତି ଚୋରି କରନ୍ତି । ସେହି ସକାଶେ ଦେଶର ଉନ୍ନତି ହୁଏ ନାହିଁ କିଂବା ଦାରିଦ୍ର୍ୟ ଦୂର ହୁଏ ନାହିଁ । ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ଦିବ୍ୟତ୍ୱରେ ରୂପାନ୍ତର ହେଲେ ତା'ର ହେବ ଆତ୍ମଧର୍ମ । ଆତ୍ମଧର୍ମରେ ଅଜ୍ଞାନ, ସ୍ୱାର୍ଥ, ଅହଂ ସର୍ବଥା ଅଭାବ । ଏହା ଦୂର ହେଲେ ବ୍ୟକ୍ତି ଚୋରି, ଧପ୍‌ପାବାଜି କରିବ ନାହିଁ । ଦେଶର ଉନ୍ନତି ହେବ ଏବଂ ଦାରିଦ୍ର୍ୟ ଦୂର ହେବ । ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ହେବ ।

କର୍ମ ଓ ଶିକ୍ଷାର ଭିତ୍ତି ଯୋଗ

କର୍ମଶିକ୍ଷା ହେଲା ମନୁଷ୍ୟର ଉନ୍ନତିର ପ୍ରଧାନ ଉପାୟ । ଏହାର ଉଦ୍ଦେଶ୍ୟ ହେଉଛି ମନୁଷ୍ୟ ଜୀବନରେ ପୂର୍ଣ୍ଣତା ଆଣିବା । ଏହା ତେବେ ପୂର୍ଣ୍ଣ ହୋଇପାରେ ଯେବେ ଏହାର ଭିତ୍ତି ଯୋଗ ହୁଏ । ଯୋଗ ବିନା ଏହା ଆଂଶିକ ଏବଂ ଅପୂର୍ଣ୍ଣ ଫଳ ଦିଏ ।

ବହୁତ ଲୋକଙ୍କର ଧାରଣା ଯେ ଆଧ୍ୟାତ୍ମିକ ଜୀବନ ଆଉ ସାମାଜିକ ଜୀବନ ଏଦୁଇଟି ଏକେବାରେ ବିରୋଧୀ ଦିସା, ଏହା ମଧ୍ୟରେ କୌଣସି ସାମଞ୍ଜସ୍ୟ ନାହିଁ । ଏପରି ବିଚାର ଯଦ୍ୟପି ଭିତ୍ତିହୀନ ଏବଂ ଅସତ୍ୟ, ତଥାପି ଲୋକେ ମନେ କରନ୍ତି ଏହାହିଁ ଠିକ୍ । ଏହାର କାରଣ ଏହି ଯେ ମଧ୍ୟ ଯୁଗର ଅଧ୍ୟାତ୍ମ-ମାର୍ଗ ଦର୍ଶକମାନେ ଏପରି ଆଦର୍ଶ ରଖିଥିଲେ ଯେ ଏହି ଦୁଇ ମାର୍ଗ ଭିନ୍ନ ଭିନ୍ନ ଦିସା ବୋଲି ମନେ ହେଉଥିଲା । ଯଦ୍ୟପି ପରେ ଏହା ମଧ୍ୟରେ କିଛି ସାମଞ୍ଜସ୍ୟ ସ୍ଥାପନ କରିବାକୁ ଚେଷ୍ଟା କରା ହୋଇଥିଲା, ତାହା ସଫଳ ହୋଇ ନାହିଁ । ସେନେଇ ଲୋକମାନଙ୍କର ଅଧ୍ୟାତ୍ମ ନାମ ଶୁଣିବା ମାତ୍ରେ ଗୋଟିଏ ସଂସାର ତ୍ୟାଗୀ ବୀତରାଗ ସନ୍ନ୍ୟାସୀର କଥା ମନରେ ଆସେ ଆଉ ରାଗ ହୁଏ ଯେ ଏହି ଅଧ୍ୟାତ୍ମବାଦ ସଂସାର ଉନ୍ନତିରେ ଏକମାତ୍ର ବାଧକ । ଯେତେଦୂର ହୁଏ ଏଥିରୁ ଅଲଗା ରହି ସଂସାର ଉନ୍ନତି କାର୍ଯ୍ୟରେ ଲାଗି ପଡ଼ିବା ଉଚିତ ।

ଏହି ଭ୍ରମ ଦୂର କରିବା ସକାଶେ ଶ୍ରୀଅରବିନ୍ଦ ମନୁଷ୍ୟ ଜାତିର ସମ୍ମୁଖରେ ରଖି ଅଛନ୍ତି ସଂସାର ଆଉ ଯୋଗ ମଧ୍ୟରେ ସାମଞ୍ଜସ୍ୟ ନୁହେଁ, ଏକ ଅନ୍ୟର ପୂରକ, ଅର୍ଥାତ୍ ଏକକୁ ଛାଡ଼ିଦେଲେ ଅନ୍ୟଟି ଅପୂର୍ଣ୍ଣ ରହିବ । ଏହା କେବଳ ତାଙ୍କ ଦର୍ଶନ ଶାସ୍ତ୍ରରେ ଲେଖି ନାହାନ୍ତି, କିନ୍ତୁ କର୍ମର ମଧ୍ୟ ଆଦର୍ଶ ରୂପ ଦେବାକୁ ଭିତ୍ତିରୂପେ ପଣ୍ଡିଚେରୀ ଆଶ୍ରମରେ ନାନାବିଧ କର୍ମ ସ୍ରୋତ ପ୍ରବାହିତ କରି ଅଛନ୍ତି । ଏହିସବୁର ବିକାଶକୁ ଏବେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ବିଶ୍ୱ ବିଦ୍ୟାଳୟ ପୂର୍ଣ୍ଣ ରୂପ ଦେବାକୁ ଯାଉଅଛି ।

ଅନେକେ କୁହନ୍ତି ଯେ ଆମ୍ଭମାନଙ୍କର ଆଧ୍ୟାତ୍ମିକତା ସଙ୍ଗେ କୌଣସି ସମ୍ପର୍କ ନାହିଁ, ଆମ୍ଭେ ଆଧୁନିକ ବାଦକୁ ଗ୍ରହଣ କରି, ପରସ୍ପର ଭାଇଚାରା ସ୍ଥାପନ କରି ଆନନ୍ଦରେ ଦିନ କଟେଇ ନେବୁ । କୌଣସି କାର୍ଯ୍ୟର ମୂଳରେ ଯଦି ଏହିପରି ଆଂଶିକ ମନୋଭାବ ରହିବ, ତେବେ ତାହାର ଫଳ ଅବଶ୍ୟ ଅପୂର୍ଣ୍ଣ ହେବ, ଯାହାକି ଆଜି ପ୍ରତ୍ୟକ୍ଷରୂପେ ସମସ୍ତଙ୍କ ସମ୍ମୁଖରେ ଦେଖା ଯାଉଅଛି । ବିଚାର କଲେ ଜଣା ପଡ଼ିବ ଯୋଗ ଛଡ଼ା ଜୀବନ ଅପୂର୍ଣ୍ଣ, ପୁଣି ସଂସାରର ପ୍ରତ୍ୟେକ କାର୍ଯ୍ୟ ଅପୂର୍ଣ୍ଣ ଓ ବିକୃତ । ଉଦାହରଣ ସ୍ୱରୂପ,– ପଢ଼ିବା ଦ୍ୱାରା ମନବୁଦ୍ଧିର ବିକାଶ ହୁଏ, ଶୁଦ୍ଧ ହୁଏ ନାହିଁ, ଯାହାର ପରିଣାମରେ ଦେଶସେବା, ମନୁଷ୍ୟ ଜାତିର ସେବା ପ୍ରଭୃତି ଉନ୍ନତ କାର୍ଯ୍ୟରେ ମଧ୍ୟ ବହୁତ ତ୍ରୁଟି ଦେଖାଯାଏ – ଅହଂକାର, ପ୍ରଭୁତ୍ୱ, ସ୍ୱାର୍ଥପରତା ଇତ୍ୟାଦି । ଏହାର ଏକମାତ୍ର ତ୍ରୁଟି ହେଲା, ଯୋଗ ଦ୍ୱାରା ସମତା ପ୍ରାପ୍ତ ନ କରିଥିବାରୁ ଅଥବା ଯୋଗକୁ ଲକ୍ଷ୍ୟରୂପେ ଗ୍ରହଣ ନ କରି ଥିବାରୁ, କାହାରି କାହାରି ଉନ୍ନତ ଜୀବନରେ ମଧ୍ୟ ପ୍ରାଣ ଶୁଦ୍ଧ ନ ହୋଇ ଭୋଗ ବିଳାସ ଆଡ଼କୁ ଦୌଡ଼ି ନିମ୍ନଗାମୀ ହୁଏ, କିନ୍ତୁ ସେହି ବ୍ୟକ୍ତି ଯୋଗ ସାହାଯ୍ୟରେ ଅସାଧାରଣ କାର୍ଯ୍ୟ କରିପାରି ଥାଆନ୍ତା । ସାଂସାରିକ ଶିକ୍ଷା ପ୍ରାୟ ଅନାବଶ୍ୟକ ମନେକରି ତାକୁ ଏପରି ଭାବେ ଛାଡ଼ି ଦିଆ ହୁଏ ଯେ ପରିଣାମରେ ବରାବର ନାନା ଦୁଃଖ ରୋଗ ଭୋଗିବାକୁ ହୁଏ, ଶେଷରେ ଡାକ୍ତର ହାତରେ ନିଜକୁ ସମର୍ପଣ କରିଦେବାକୁ ହୁଏ, ଏପରି କି ପେଟରେ ଟିକିଏ ଦରଜ ହେଲେ ତାହା ଜାଣି ଦୂର କରିବାର କୌଣସି ଉପାୟ ନାହିଁ । ଫେରେ ଉଦର ପୋଷଣ ସକାଶେ ଯେଉଁ ଜୀବିକା କରାହୁଏ, ସେଥିରେ କି ଶାନ୍ତି ଅଛି ? ନା ପରସ୍ପର ମୈତ୍ରୀ ଅଛି ? ଦେଶର ସଙ୍ଗେ, ବିଦେଶର ସଙ୍ଗେ ବ୍ୟବହାର କରି, କ'ଣ ସୁଖଶାନ୍ତି ପାଉ, ନା ଆନନ୍ଦ ଅନୁଭବ କରୁ, ନା ଯେଉଁ ଭାଇଚାରା ଆଦର୍ଶ କଥା କହୁ, ତାହା କି କାର୍ଯ୍ୟରେ ଆସେ ? ଆସେ ନାହିଁ । ନାହିଁ କି ? ତାହାର କାରଣ ହେଲା ସବୁ ପ୍ରକାର ସ୍ୱାର୍ଥପରତା, ଅହଂକାର ଇତ୍ୟାଦି ମନରେ ଭର୍ତ୍ତି ହୋଇଅଛି, ଏସବୁ ଯୋଗ ଦ୍ୱାରା ଶୁଦ୍ଧ ନ ହେଲେ ତାହା ସବୁ ସେହିପରି ରହିବ ।

ଆଉ ଗୋଟିଏ ବିଷୟ ପ୍ରତି ଦୃଷ୍ଟି ଦିଅନ୍ତୁ । ଶରୀର, ପ୍ରାଣ, ମନ ଇତ୍ୟାଦିର ବିକାଶ ହେଲା ଅନିବାର୍ଯ୍ୟ । ଏହା ଛଡ଼ା ମନୁଷ୍ୟ ଜୀବନ ଅପୂର୍ଣ୍ଣ ରହେ ଏବଂ ମନୁଷ୍ୟ ମଧ୍ୟରେ ପଶୁତ୍ୱ ଦେଖାଯାଏ । ଏଥିରେ ପୂର୍ଣ୍ଣତାକୁ ପ୍ରାପ୍ତ ହେବା ପ୍ରାୟ ନିର୍ଭର କରେ ଶିକ୍ଷା, ବାତାବରଣ ଏବଂ ଗ୍ରହଣଶୀଳତା ଉପରେ । କିନ୍ତୁ ଏହାର ବେଶୀ ପ୍ରଭାବ ପଡ଼େ ବାଲ୍ୟାବସ୍ଥାରେ । ସେସମୟରେ ବହୁତ କିଛି ପରିବର୍ତ୍ତନ ହେବାର ସମ୍ଭାବନା ଥାଏ; ଯେପରିକି କଞ୍ଚା ମାଟିର ଅବସ୍ଥାରେ ନାନାବିଧ ପାତ୍ର ଗଢ଼ା ଯାଇପାରେ । ପିଲାଙ୍କୁ ସେହିପରି ବ୍ୟକ୍ତି ଶିକ୍ଷା ଦେଇ ପାରନ୍ତି, ଯେକି ଯୋଗୀ, ଆଉ ଭଲ ବାତାବରଣ ସୃଷ୍ଟି କରି ପାରନ୍ତି । ସେନେଇ ପୁରାତନ କାଳରେ ମୁନି ଋଷିଙ୍କ ଆଶ୍ରମରୁ ରାଜକୁମାର ଏବଂ ଅନ୍ୟାନ୍ୟ ବାଳକମାନେ ଶିକ୍ଷା ପ୍ରାପ୍ତ କରି ସୁଚାରୁ ରୂପେ ନାନା ପ୍ରକାର କାର୍ଯ୍ୟ କରୁଥିଲେ; ଶାସନ କାର୍ଯ୍ୟରେ, ଶିକ୍ଷା ବିଭାଗରେ, ଯୁଦ୍ଧରେ ଏବଂ ଅନ୍ୟାନ୍ୟ ବିବିଧ ବିଭାଗରେ । ସେମାନଙ୍କର ସାଂସାରିକ ବିଦ୍ୟା ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକ ବିଦ୍ୟାର ଶିକ୍ଷା ଥିଲା । କିନ୍ତୁ ଆଜି କାଲି ଆମ୍ଭେମାନେ ଏପରି ଦେଖୁ ନାହୁଁ, ଏହାର କାରଣ ହେଲା ଏହିଯେ ସେମାନେ ଆଧ୍ୟାତ୍ମିକ ପ୍ରକାଶ ସହ ସଂସାରର ପ୍ରତ୍ୟେକ ଛୋଟ ବଡ଼ କାର୍ଯ୍ୟ କରୁଥିଲେ, ସେନେଇ ସେମାନଙ୍କ ଜୀବନରେ ଏକ ସଙ୍ଗେ ବହୁମୁଖୀ କର୍ମସ୍ରୋତ ପ୍ରବାହିତ ହେବା ସତ୍ତ୍ୱେ ଅନ୍ତରରେ ସ୍ଥିରତା ରହୁଥିଲା । ପରବର୍ତ୍ତୀ ଯୁଗରେ ଆଧ୍ୟାତ୍ମିକ ଓ ବ୍ୟବହାରିକ କାର୍ଯ୍ୟକୁ ଏକେବାରେ ପୃଥକ୍ କରି ଦିଆହେଲା । ଯାହା ଫଳରେ କିଛି ଲୋକ କେବଳ ଆଧ୍ୟାତ୍ମିକତାକୁ ମୁକ୍ତି ମାନି ସଂସାରରୁ ଉଦାସୀନ ହୋଇଗଲେ, ବାକି ସବୁ ସଂସାରକୁ ସର୍ବସ୍ୱ ମାନି ମନେ କଲେ ଯେ ଆଧ୍ୟାତ୍ମିକତା କେବଳ ଗୃହତ୍ୟାଗୀ ବୀତରାଗ ସନ୍ନ୍ୟାସୀମାନଙ୍କ ସକାଶ । ଏହାର ଫଳ ସ୍ୱରୂପ, ଅଧ୍ୟାତ୍ମବାଦୀମାନେ ବାହାରର ଯାବତୀୟ ବ୍ୟବହାରକୁ ଛାଡ଼ି ଦେବାରୁ ତାଙ୍କର ବାହ୍ୟସତ୍ତା ଯେପରିକି ସେହିପରି ଅଶୁଦ୍ଧ ରହିଗଲା, ମାତ୍ର ଆତ୍ମା ଯେକି ସଦାମୁକ୍ତ ସେ ମୁକ୍ତ ହୋଇଗଲା । ସେ ସକାଶେ ଏମାନେ ପୂର୍ଣ୍ଣତାକୁ ପ୍ରାପ୍ତ କରି ପାରିଲେ ନାହିଁ । ଏମାନେ ସ୍ୱୟଂ ବାହ୍ୟ ସତ୍ତାକୁ ଅଶୁଦ୍ଧ ଅବସ୍ଥାରେ ଛାଡ଼ି ଦେବାରୁ ଏମାନଙ୍କ ଦ୍ୱାରା ମନୁଷ୍ୟ ଜାତିକୁ ସେପରି କିଛି ଲାଭ ହେଲା ନାହିଁ, ଯେପରିକି ସଂସାରକୁ ଆବଶ୍ୟକ ଥିଲା । ଲୋକେ ଆଧ୍ୟାତ୍ମିକତାକୁ ଏପରି ଭାବେ ଭୁଲିଗଲେ ଯେ ତାଙ୍କ ପାଖରେ ଯେପରି ଏହା ଗୋଟାଏ ଅନାବଶ୍ୟକ, ନିରର୍ଥକ ବସ୍ତୁ ହୋଇ ପଡ଼ିଲା । ଏହାର ପରିଣାମ କ'ଣ ହେଲା ଏହା ଆଜି ପ୍ରତ୍ୟେକଙ୍କ ସମ୍ମୁଖରେ । ଯେପରିକି ଜଣେ ଖୁବ୍ ବିଦ୍ୱାନ, ଏକ ଦିଗରେ ଖୁବ୍ ବିକାଶ, କିନ୍ତୁ ଜୀବନର ଅନ୍ୟ ଦିଗରେ ଦେଖିଲେ ବୁଝାଯାଏ ଯେ ଜୀବନରେ ଯାହା ଅଧିକ ଭାଗ ସତ୍ୟ ଏବଂ ଯେଉଁ ସୂକ୍ଷ୍ମ ଶକ୍ତିମାନେ ଅଛନ୍ତି, ଏସବୁ ସମ୍ବନ୍ଧରେ ଏକେବାରେ ବିଦେଶୀ, ପୁଣି ବି ସାଂସାରିକ ଛୋଟ ଛୋଟ ବ୍ୟବହାର ବିଷୟରେ – କୁଟୁମ୍ବ, ଗ୍ରାମବାସୀ ଓ ଅନ୍ୟାନ୍ୟଙ୍କ ସଙ୍ଗେ ବ୍ୟବହାର ଜ୍ଞାନ ନାହିଁ । ଏହିପରି ଅଧିକାଂଶ କ୍ଷେତ୍ରରେ ଘଟେ । ଜୀବନ ନିର୍ବାହ ଦିଗରେ ମଧ୍ୟ ସେହିପରି, ଏକ ଅନ୍ୟର ସଙ୍ଗେ ମୈତ୍ରୀ ରଖି ପାରୁ ନାହିଁ, ଅନ୍ୟର ସର୍ବନାଶ କରି ନିଜର ସୁବିଧା, ଭୋଗ ବିଳାସ ପ୍ରତି ସର୍ବଦା ଇଚ୍ଛା କରୁଛି । ଆଉ ଜଣେ ନିଜର ପ୍ରଭୁତ୍ୱ ସକାଶେ ଅନ୍ୟ ପ୍ରତି ଯେତେଦୂର ଦୁର୍ବ୍ୟବହାର କରାଯାଇ ପାରେ ତାହା କରିବାକୁ ଟିକିଏ ବି ପଛଘୁଞ୍ଚା ଦିଏ ନାହିଁ । ଏସବୁ ତ୍ରୁଟିର ଏକମାତ୍ର କାରଣ ହେଲା ଜୀବନରୁ ଯୋଗକୁ ବାଦ୍ ଦେବାରୁ । ଏହିସବୁ ବେଶୀ ପରିମାଣରେ ନିର୍ଭର କରେ ଶିକ୍ଷା ଉପରେ । ପ୍ରଥମରେ ବାଳକ ଶିକ୍ଷା ପାଏ ପିତାମାତା ଏବଂ ଅଧ୍ୟାପକଙ୍କଠାରୁ; ସେମାନେ ଯଦି ସ୍ୱୟଂ ମିଥ୍ୟା କହି ବାଳକକୁ ସତ୍ୟ କହିବାକୁ ଶିକ୍ଷା ଦିଅନ୍ତି, ନିଜେ ସ୍ୱାର୍ଥ ସକାଶେ ସମସ୍ତ କର୍ମ କରି ପିଲାଙ୍କୁ ସ୍ୱାର୍ଥତ୍ୟାଗର ଉପଦେଶ ଦିଅନ୍ତି, ସ୍ୱୟଂ ହିଂସା କରି ସମତାର ଉପଦେଶ ଦିଅନ୍ତି, ତେବେ ତାହାର ପରିଣାମ ତାହାହିଁ ହୁଏ, ଯାହାକି ଆଜି ଆମ୍ଭେମାନେ ଦେଖୁଅଛୁ ।

ଆଜି ଆମ୍ଭ ଦେଶରେ କିଛି ଭାଇ ଗୋଟିଏ ସମତାର ଆଦର୍ଶ ସ୍ଥାପନ କରିବାକୁ ବହୁତ ବ୍ୟଗ୍ର । ସେମାନେ ଚାହୁଁଛନ୍ତି ସମସ୍ତଙ୍କୁ ଭୋଜନ, ବସ୍ତ୍ର ଆଉ ରହିବାକୁ ମିଳିଲେ, ବାସ୍, ସମତା ହେଲା । ଏହା ଅବଶ୍ୟ ଗୋଟିଏ ଉଚ୍ଚ ଭାବ ବୋଲି ଉପରୁ ଦିଶୁଛି । ପ୍ରକୃତରେ କ'ଣ ଏହା ଠିକ୍, ଗୋଟିଏ ଗଛରେ ବହୁତ ଫଳ ଫଳୁଛି, ତା' ମଧ୍ୟରେ ତ' ବଡ଼, ଛୋଟ, ଭଲ, ମନ୍ଦ ରହୁଛି । ଖେତରେ ମଧ୍ୟ ଏକ ପ୍ରକାର ବିହନ ବୁଣା ହୁଏ, ପାଣି ଇତ୍ୟାଦି ସମାନ ଭାବେ ଦିଆହୁଏ, ସେଥିରେ କି ସବୁ ଗଛ ସମାନ ହୁଏ ? କୌଣସି ବସ୍ତୁ ବାହାରେ ସମାନ ହେବା ସମ୍ଭବ ନୁହେଁ । ଯଦି ସମସ୍ତଙ୍କୁ ସମାନ

ଭାବରେ ଭୋଜନ, ବସ୍ତ୍ର ଇତ୍ୟାଦିର ବ୍ୟବସ୍ଥା କରି ଦିଆହୁଏ, ତେବେ କ'ଣ ଗୋଟାଏ ସମତା ଆସିବ ? ପ୍ରତ୍ୟେକ ବ୍ୟକ୍ତିର ତ' ଭୋଜନ ବେଶୀ, କମି, ଯଦି ସମାନ କରି ଦିଆହୁଏ, ଯାହାର କମ୍ ହେବ ସେ ଅଶାନ୍ତ ହେବ, ଫେରେ କମ୍ ଖାଇବା ଲୋକ ବେଶୀ ଖାଇବା ଲୋକଙ୍କ ପ୍ରତି ଈର୍ଷା କରିବ । ଫେରେ ଏହି ବିଷମତାର ସମାଧାନ ଯଦି କୌଣସି ପ୍ରକାର ହୋଇଯାଏ, ତେବେ ଭିତରେ ଥିବା ରିପୁମାନେ ଅନ୍ୟ କୌଣସି ମାର୍ଗକୁ ଅବଲମ୍ବନ କରି ନାନାପ୍ରକାର ଗୋଳମାଳ ସୃଷ୍ଟି କରିବେ । କିନ୍ତୁ ଏହାର ସମାଧାନ ଅଛି ଭିତରେ । ବାହାର ଉପଚାରରେ ସ୍ଥାୟୀ ଫଳ ହେବ ନାହିଁ । କ'ଣ ମଥାରେ ଥିବା ଘା ଉପରେ ସିମେଣ୍ଟ ଲଗାଇ ଦେଲେ ଘା' ଶୁଖିଯିବ କି ? ଘା' ତେବେ ଶୁଖିବ ଯେବେ ଔଷଧ ଦ୍ୱାରା ଭିତରର ଆରୋଗ୍ୟ ହେବ । ସେହିପରି ଯେପର୍ଯ୍ୟନ୍ତ ଭିତରେ ହିଂସା, ଦ୍ୱେଷ, ଅହଂକାର, ସ୍ୱାର୍ଥପରତା, ପ୍ରଭୁତ୍ୱ ପ୍ରଭୃତି ନାନାପ୍ରକାର ପ୍ରେରଣା ଦେଉ ଅଛନ୍ତି ସେପର୍ଯ୍ୟନ୍ତ ଉପରର କୌଣସି ସମାଧାନରେ ଏମାନେ ଚୁପ୍ ହୋଇଯିବେ ନାହିଁ । ଏକ ରାସ୍ତା ବନ୍ଦ ହେଲେ ଅନ୍ୟ ରାସ୍ତାରେ ବାହାରି ଆସିବେ । ସମତା ସ୍ଥାପନ କରିବାକୁ ହେଲେ ପ୍ରଥମରେ ଯୋଗ ସାଧନା ଦ୍ୱାରା ଏମାନଙ୍କୁ ରୂପାନ୍ତର କରିବାକୁ ହେବ ଏବଂ ନିଜର ସତ୍ୟ ସତ୍ତାକୁ ପାଇ ସେଥିରେ ବାସ କରିବାକୁ ହେବ । ଯେବେ ନିଜକୁ ସବୁରି ଭିତରେ ଦେଖିବ ତେବେ ଅନ୍ୟ ସଙ୍ଗେ ଅସାମଞ୍ଜସ୍ୟ ରହିବ କେଉଁଠି ? ହିଂସା, ଦ୍ୱେଷ କିଏ କାହା ସଙ୍ଗରେ କରିବ ? ଅନ୍ତରରେ ସାମ୍ୟଭାବ ହେଲେ ବାହାର ବିଷମତାରେ ବି ସମତା ହେବ । ଯେପରିକି ଶରୀରରେ ବିଭିନ୍ନ ଅଙ୍ଗ ଅଛନ୍ତି, ପ୍ରତ୍ୟେକ ନିଜ ନିଜ ଯୋଗ୍ୟତାନୁସାରେ ଛୋଟ ବଡ଼ ସବୁ କାର୍ଯ୍ୟ କରୁଛନ୍ତି, କେହି କାହା ପ୍ରତି ରାଗ, ଦ୍ୱେଷ, ଘୃଣା କରୁନାହାନ୍ତି । ଏପରିକି ବହୁତ ସମୟରେ ଦାନ୍ତ ଜିଭକୁ କାମୁଡ଼ି ଦିଏ, ଜିଭ କେବେ ବି ତାହା ପ୍ରତି ରାଗ କରେ ନାହିଁ । ହାତ ସମସ୍ତ କାର୍ଯ୍ୟ କରେ, ମଇଳା ଧୁଏ, ତଥାପି ମନେ କରେ ନାହିଁ ଯେ ଏମାନେ ''ସବୁ ପେଟୁ'', ବସି ଖାଇବେ, ମୁଁ କାମ କରିବି, ଖାଇବାକୁ ଦେବି । ଏହାର ଏକମାତ୍ର କାରଣ ହେଲା, ଏମାନଙ୍କର ଏକତ୍ୱ ବୋଧ ମଜ୍ଜାଗତ ହୋଇଅଛି । ନିଜ ହାତ ନଖ ବାଜି ରକ୍ତ ବୋହିଲେ ରାଗ ହୁଏ ନାହିଁ, କିନ୍ତୁ ଅନ୍ୟ ଲୋକର ଗୋଡ଼ ଟିକିଏ ବାଜିଲେ ରାଗ ହୁଏ କାହିଁକି ? ତାହାକୁ ଆମ୍ଭେମାନେ ଆତ୍ମଠାରୁ ପୃଥକ୍ ମନେକରୁ ବୋଲି । ଭିତରୁ ପୃଥକ୍ ବୋଧ ନ ଗଲେ ବାହାର ଉପାୟରେ କୌଣସିମତେ ସମତା ସ୍ଥାପିତ ହୋଇ ପାରିବ ନାହିଁ ।

ପ୍ରତ୍ୟେକ ଛୋଟ ଛୋଟ ବ୍ୟବହାରିକ କାର୍ଯ୍ୟରୁ ନେଇ ବଡ଼ ବଡ଼ କାର୍ଯ୍ୟ ପର୍ଯ୍ୟନ୍ତ କିପରି ସାମ୍ୟ ସ୍ଥାପନ କରିବାକୁ ହୁଏ, ଏହାର ଆଦର୍ଶ ଦେଖିବାକୁ ହେଲେ, ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମରେ ଦେଖା ଯାଇପାରେ । ଆଶ୍ରମରେ ସାଧକମାନେ ପ୍ରତ୍ୟେକ ଛୋଟ ବଡ଼ କାର୍ଯ୍ୟ କରନ୍ତି, ଆବଶ୍ୟକ ଅନୁସାରେ ଭିନ୍ନ ଭିନ୍ନ ସ୍ଥାନରେ ରୁହନ୍ତି, ଦରକାର ଅନୁଯାୟୀ ବି ଭିନ୍ନ ଭିନ୍ନ ବସ୍ତୁ ବ୍ୟବହାର କରନ୍ତି, କିନ୍ତୁ ବାହ୍ୟ ଦୃଷ୍ଟିରେ ବିଷମତା ଦେଖା ଯାଉଥିଲେ ସୁଦ୍ଧା ସେମାନଙ୍କର ପରସ୍ପର ସାମଞ୍ଜସ୍ୟ ଥାଏ । ଏହାର କାରଣ ହେଲା ଏହି ଯେ ଶ୍ରୀଅରବିନ୍ଦ ଏବଂ ମା' ସେମାନଙ୍କୁ ଯେଉଁ ଆଦର୍ଶ ଦେଇଛନ୍ତି, ତାହା ବହୁତ ବିଶାଳ, ତାହା ପାଖରେ ଏସବୁ ମୂଲ୍ୟହୀନ । ପ୍ରଧାନ ଲକ୍ଷ୍ୟକୁ ମାନି ନେବା ପରେ ମନୁଷ୍ୟ ଯେଉଁ ଛୋଟ ଛୋଟ ବସ୍ତୁ ସକାଶେ ମାରକାଟ କରୁ ଅଛନ୍ତି, ସେସବୁ ଏପରି ନିରର୍ଥକ ହୋଇ ଯାଆନ୍ତି ଯେ ଫେରେ ସାଧକକୁ ଆକ୍ରମଣ କରି ସେଥିରେ ବାନ୍ଧି ରଖି ପାରନ୍ତି ନାହିଁ । ସଂସାରର ଅବସ୍ଥାକୁ ଶୀଘ୍ର ସୁଧାର କରିବାକୁ ହେଲେ ମନୁଷ୍ୟକୁ ଖାଇବା, ପିନ୍ଧିବା ଲକ୍ଷ୍ୟକୁ ଛାଡ଼ି ଅନ୍ୟ ଗୋଟିଏ ବଡ଼ ଲକ୍ଷ୍ୟ ଗ୍ରହଣ କରିବା ଉଚିତ । ଯେତେବେଳେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ହୁଏ, ସେତେବେଳେ ସମସ୍ତଙ୍କର ଲକ୍ଷ୍ୟ ଥାଏ ଆମ୍ଭେ ଅନ୍ୟକୁ କିପରି ଜିତିବୁ, ଫେରେ ସେତେବେଳେ କେବେ ବି ମନେ ହୁଏ ନାହିଁ ଯେ ''ଆମ୍ଭ ପ୍ରାନ୍ତକୁ ଏହା ଦରକାର'', ''ଆମ ଜିଲ୍ଲାରେ ଏହା କମି ଅଛି ।''

ସଂସାରକୁ ଯେତେବେଳେ ଯେଉଁ ଆଦର୍ଶର ଆବଶ୍ୟକ ହୁଏ, ସେତେବେଳେ ତାହାହିଁ ସ୍ଥାପନ କରିବାକୁ ସ୍ୱୟଂ ଭଗବାନ୍ ଅଥବା ତାଙ୍କ ବିଭୂତି ପୃଥିବୀ ପରେ ଆସି ମନୁଷ୍ୟ ଶରୀର ଧାରଣ କରି ମନୁଷ୍ୟ ଜାତିର ସମ୍ମୁଖରେ ତାହାହିଁ ରଖନ୍ତି, ଯାହାକୁ ସେ ଆଦର୍ଶ ମାନି ଲକ୍ଷ୍ୟରେ ପହଞ୍ଚି ଯାଏ । ପୂର୍ବେ ଅବତାର ଓ ମହାପୁରୁଷମାନେ ଆସି ସମୟ ଓ ମନୁଷ୍ୟ ଚେତନାରେ ବିକାଶ ଅନୁସାର ସେମାନଙ୍କୁ ଗୋଟିଏ ଅବସ୍ଥାରୁ ଅନ୍ୟ ଗୋଟିଏ ଅବସ୍ଥାରେ ପହଞ୍ଚାଇ ଦେଇ ଅଛନ୍ତି । ସେ ସକାଶ ଯୁଗ ପରିବର୍ତ୍ତନସମୟରେ ପୁରୁଣା ଆଦର୍ଶକୁ ଜାବୁଡ଼ି ଧରି ରହିଲେ ଚଳିବ ନାହିଁ, ବରଂ ପ୍ରକୃତି

ତାହା ଜବରଦସ୍ତି କରାଇ ନେଇଯିବ । ସବୁଠାରୁ ଭଲ ଏହି ଯେ ପ୍ରକୃତି ଯେଉଁ ବିକାଶ କରୁଅଛି, ଆମ୍ଭେମାନେ ସେଥିରେ ଯୋଗଦେଲେ, ଆମ୍ଭର ପରିବର୍ତ୍ତନର ଦୁଃଖ ଯନ୍ତ୍ରଣାମୟ ଲମ୍ବା ସମୟ କମ୍ ହୋଇଯିବ । ଏହି ସମୟକୁ କମ୍ ଆଉ କଠିନ କାର୍ଯ୍ୟକୁ ସରଳ କରିବାକୁ ମହାପୁରୁଷମାନେ ପୃଥିବୀକୁ ଆସନ୍ତି ।

ବର୍ତ୍ତମାନ ଜାତି ଯେଉଁ ଅବସ୍ଥାରେ ପହୁଞ୍ଚି ଅଛି, ସେଥିରେ ପୁରାତନ କୌଣସି ଆଦର୍ଶ ସମସ୍ୟାର ସମାଧାନ କରି ପାରିବ ନାହିଁ । ସେନେଇ ଶ୍ରୀଅରବିନ୍ଦ ଠିକ୍ ସେହି ସମୟରେ ଆସିଲେ ଯେଉଁ ସମୟରେ ତାଙ୍କରି ଆଦର୍ଶର ଆବଶ୍ୟକ ଥିଲା । ବର୍ତ୍ତମାନ ସଂସାରକୁ ଉନ୍ନତି, ବିଶାଳ, ବଳଶାଳୀ କରିବାକୁ ହେବ, କିନ୍ତୁ ତାହାର ମୂଳଭିତ୍ତି ହେବ ଯୋଗ । ଏକମାତ୍ର ଯୋଗହିଁ ସଂସାରର ଉନ୍ନତିକୁ ନିୟନ୍ତ୍ରଣ କରିବାକୁ, ଠିକ୍ ପଥରେ ଚାଳନ କରିବାକୁ ସମର୍ଥ ହେବ । ଯୋଗ ବିନା ସଂସାର ଉଦ୍ଦଣ୍ଡ, ବଳଶାଳୀ, ଅମାନିଆ ଘୋଡ଼ାପରି ସ୍ୱେଚ୍ଛାଚାରୀ ହୋଇଯିବ ।

ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ହେଲା ସଂସାରରୁ ଅଲଗା ହୋଇ ମୁକ୍ତି ପାଇବା ନୁହେଁ, କିନ୍ତୁ ଯୋଗ ଦ୍ୱାରା ସଂସାରକୁ ଉନ୍ନତ କରିବା, ଆଉ ପୂର୍ବେ ସଂସାର-ତ୍ୟାଗୀ ଯୋଗୀମାନେ ଯେଉଁ ଅବସ୍ଥାକୁ ପ୍ରାପ୍ତ କରୁଥିଲେ ସେହି ଅବସ୍ଥାକୁ ଏହି ସଂସାରରେ ରହି ପ୍ରାପ୍ତ କରି, ଏହି ଦୁଃଖମୟ ସଂସାରକୁ ସ୍ୱର୍ଗରେ ପରିଣତ କରିବା । ସେ କହନ୍ତି ଜୀବନ ମାତ୍ରହିଁ ଯୋଗ, ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି ଅଜଣା ଭାବେ ପ୍ରକୃତିର ପ୍ରେରଣାରେ ଯୋଗ କରୁଅଛନ୍ତି । କିପରି ? ଯେପରି ଅନ୍ଧବ୍ୟକ୍ତି କୌଣସି ଅଜ୍ଞାତ ବସ୍ତୁକୁ କାଶୀରେ ହଜେଇ ଅଯୋଧ୍ୟାର ସଡ଼କରେ ହାତ ଉଣ୍ଡାଳି ଖୋଜେ ।

ମନୁଷ୍ୟ ଚାହେଁ ଅମରତ୍ୱ, ମରିବାକୁ କେବେ ବି ଚାହେଁ ନାହିଁ, ଏହାହିଁ ତାହାର ଅନ୍ତରାତ୍ମାର ଉଦ୍ଦେଶ୍ୟ । କିନ୍ତୁ ଏହା ଜାଣି ବି, ଏହାକୁ ଲକ୍ଷ୍ୟମାନି ବି, ସେ ଉପାୟ କରି ଶିଖି ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ହେଉଛି, ମୃତ୍ୟୁ ଉପରେ ବିଜୟ ପ୍ରାପ୍ତ କରି ଅମରତ୍ୱ ପ୍ରାପ୍ତ କରିବା ।

ମନୁଷ୍ୟ ରୋଗୀ ଆଉ ବୁଢ଼ା ହେବାକୁ ଚାହେଁ ନାହିଁ, ଶ୍ରୀଅରବିନ୍ଦଙ୍କ ଯୋଗରେ ରୋଗ ଆଉ ବାର୍ଦ୍ଧକ୍ୟ ଉପରେ ବିଜୟ ।

ମନୁଷ୍ୟ ଚାହେଁ ଆନନ୍ଦ, କିନ୍ତୁ ଖୋଜେ ବିଷୟରେ । ଶ୍ରୀଅରବିନ୍ଦ ଯୋଗରେ ଯେ ସତ୍-ସ୍ୱରୂପ ପରମାତ୍ମା, ସତ୍, ଚିତ୍, ଆନନ୍ଦ ସ୍ୱରୂପ ତାଙ୍କୁ ପ୍ରାପ୍ତ କରିବା, ତାଙ୍କ ସଙ୍ଗେ ଏକତ୍ୱ ହେବା, ପରମ ଆନନ୍ଦରେ ବାସ କରିବା ।

ମନୁଷ୍ୟ ଚାହେଁ ପ୍ରଭୁତ୍ୱ, ଚାହେଁ ମୁକ୍ତି, ସ୍ୱାତନ୍ତ୍ର୍ୟ କିନ୍ତୁ ଏସବୁର ଯଥାର୍ଥ ସ୍ୱରୂପ ନ ଜାଣି ପ୍ରକୃତିର ଗୋଲାମ ହୋଇ କାଠ ପିତୁଳି ପରି ନାଚୁଥାଏ, କାମ, କ୍ରୋଧ, ମୋହ, ମତ୍ସର ଇତ୍ୟାଦିରେ, ଆଉ ମନେକରେ ମୁଁ ବଡ଼ଲୋକ, ବହୁଲୋକଙ୍କ ଉପରେ ମୋର ପ୍ରଭୁତ୍ୱ ।

ଶ୍ରୀଅରବିନ୍ଦ ଯୋଗରେ ଯେଉଁ ଶକ୍ତିମାନେ ନିର୍ଜୀବ ମେସିନ୍ ପରି ଇଚ୍ଛା ମୁତାବକ ମନୁଷ୍ୟକୁ ଚଳାଉ ଅଛନ୍ତି, ସେମାନଙ୍କର ଯେ ମୂଳ ପ୍ରେରକ ତାଙ୍କ ସହିତ ଏକ ହୋଇ, ଏହି ପ୍ରକୃତିରୁ ମୁକ୍ତ ହୋଇ, ଏମାନଙ୍କୁ ସଂଚାଳନା କରିବା । ମନୁଷ୍ୟର ଇଚ୍ଛା ନୁହେଁ ଯେ ସେ ସଂସାର ଛାଡ଼ି ଚାଲିଯିବ, କିନ୍ତୁ କିପରି ଏଠାରେ ରହିବ ତାହାର ଉପାୟ ଜାଣି ନ ଥିବାରୁ, ତାକୁ ବାଧହୋଇ ଯିବାକୁ ହୁଏ । ଶ୍ରୀଅରବିନ୍ଦ କହୁଅଛନ୍ତି ଏହି ସଂସାରକୁ ସ୍ୱର୍ଗରେ ପରିଣତ କରି ନେବାକୁ ହେବ, ସୁଖରେ ରହିବାକୁ ସ୍ୱର୍ଗ ଯିବାକୁ ଉତ୍ସାହ ହେବ ନାହିଁ । ଅଳ୍ପ ଶବ୍ଦରେ କହିବାକୁ ହେଲେ ଦିବ୍ୟ-ଜୀବନ; ଶରୀର-ମନ-ପ୍ରାଣର ପୂର୍ଣ୍ଣ ଦିବ୍ୟ ରୂପାନ୍ତର ।

ବହୁତ କାଳରୁ ମନୁଷ୍ୟ ଅଜ୍ଞାତ ଭାବରେ ସେଇ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଅଛି, ଭୁଲ ପଥରେ ଚାଲୁଅଛି, ଆଉ ତା'ର ଅନ୍ତର ଆତ୍ମାର ଯଥାର୍ଥ ଲକ୍ଷ୍ୟକୁ ବିକୃତ ଭାବେ ଉପଯୋଗ କରୁଅଛି । ଆଜି ଶ୍ରୀମା ଶ୍ରୀଅରବିନ୍ଦ ମନୁଷ୍ୟ ଆତ୍ମାର ଲକ୍ଷ୍ୟ ପୂରା କରିବାକୁ, ମନୁଷ୍ୟକୁ ପୂର୍ଣ୍ଣତା ଆଣିଦେବାକୁ, ମନୁଷ୍ୟଜାତିର ସମ୍ମୁଖରେ ଏହି ଆଦର୍ଶ ରଖି ଅଛନ୍ତି ଏବଂ ଏହି ଦିବ୍ୟ-ଜୀବନକୁ ମୂର୍ତ୍ତିମାନ ରୂପ ଦେବା ନିମିତ୍ତ ପଣ୍ଡିଚେରୀରେ ଆଶ୍ରମ ସ୍ଥାପନ କରି ଅଛନ୍ତି । ଆଶ୍ରମର ଅଧିଷ୍ଠାତ୍ରୀ ଆଉ ଶ୍ରୀଅରବିନ୍ଦ ଯୋଗ ଓ ଆଦର୍ଶର ସ୍ଥୂଳ ରୂପ ଦେବାର ସଂଆଳିକା ହେଉଛନ୍ତି ମା' । ତାଙ୍କର ସ୍ଥୂଳ ଏବଂ ସୂକ୍ଷ୍ମ ନିର୍ଦ୍ଦେଶରେ ଏ ଯୋଗର ସାଧକମାନେ ସାଧନା କରୁ ଅଛନ୍ତି ।

ବିଦ୍ୟା ଶିକ୍ଷା ଓ କର୍ମର ଭିତ୍ତି ଯୋଗ, ଆଉ ଏହି ଶିକ୍ଷା ଓ କର୍ମ ଦ୍ୱାରା, ମନ, ପ୍ରାଣ, ଶରୀର ଆଉ ନାନା ପ୍ରକାର ସୂକ୍ଷ୍ମଶକ୍ତି ସବୁ କିପରି ଜାଗ୍ରତ୍ ଓ ବିକଶିତ ହେବେ, ଏହାକୁ ମୂର୍ତ୍ତିମାନ୍ କରିବାକୁ ଶ୍ରୀମା ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ବିଶ୍ୱ ବିଦ୍ୟାଳୟ ସ୍ଥାପନା କରି ସ୍ୱୟଂ ସମସ୍ତ ଭାର ଗ୍ରହଣ କରି ଅଛନ୍ତି ।

ସର୍ବାଙ୍ଗୀନ ଶିକ୍ଷାହିଁ ଜୀବନର ଭିତ୍ତି

ସର୍ବାଙ୍ଗୀନ ଶିକ୍ଷାରେ ଜୀବନ ପୂର୍ଣ୍ଣତା ପ୍ରାପ୍ତ ହୁଏ । ଶିକ୍ଷା ଯେତେ ବ୍ୟାପକ ହୁଏ ଜୀବନ ତେତେ ମହାନ୍, ବିଶାଳ, ସମୃଦ୍ଧିଶାଳୀ ଏବଂ ଐଶ୍ୱର୍ଯ୍ୟ, ଜ୍ଞାନ, ଆନନ୍ଦ, ଶାନ୍ତି, ସାମର୍ଥ୍ୟଯୁକ୍ତ ହୁଏ । ବ୍ୟକ୍ତି-ଜୀବନର ବିକାଶ ଅନୁସାରେ ସେ ନିଜର ପରିବାର, ଗ୍ରାମ, ଦେଶ, ଜଗତର ହିତ ସାଧନ କରିପାରେ । ବ୍ୟକ୍ତି ଛାତ୍ର ଅବସ୍ଥାରେ ଯେଉଁ ଭଲ, ମନ୍ଦ ଆଂଶିକ ବା ପୂର୍ଣ୍ଣ ଶିକ୍ଷା ପ୍ରାପ୍ତ କରେ, ତାହା ବିକାଶପ୍ରାପ୍ତ ହୋଇ ଜୀବନକୁ ସର୍ବାଙ୍ଗସୁନ୍ଦର ଅଥବା ଅଙ୍ଗହୀନକରି ଗଢ଼ିତୋଳେ । ଛାତ୍ର ଅବସ୍ଥାହିଁ ଯଥାର୍ଥରେ ଜୀବନ-ବିକାଶର ମହତ୍ତ୍ୱପୂର୍ଣ୍ଣ ଭିତ୍ତି । ଜୀବନର ଶିକ୍ଷା-ଭିତ୍ତିକୁ ଯଥାର୍ଥ ତଥା ସର୍ବାଙ୍ଗୀନ କରି ନ ହେବାରୁ ବ୍ୟକ୍ତି ସ୍ୱୟଂ ଚାହୁଥିବା ଦୁଃଖବିହୀନ ପରମ ସୁଖ, ଶାନ୍ତି, ଐଶ୍ୱର୍ଯ୍ୟ, ଜ୍ଞାନ ପ୍ରାପ୍ତ କରି ପାରୁ ନାହିଁ କିଂବା ଦେଶ, ଜଗତର ସର୍ବାଙ୍ଗୀନ ହିତ ସାଧିତ ହୋଇପାରୁ ନାହିଁ ।

ବ୍ୟକ୍ତି ଜୀବନର ଆଧାର ମନ, ପ୍ରାଣ, ଶରୀର, ଆଉ ଆତ୍ମା । ଏହି ଚାରି ସତ୍ତା, ସଂଯୋଗରେ ବ୍ୟକ୍ତି ଜୀବିତ ରହି କର୍ମ କରେ । ଏହି ଚାରି ସତ୍ତା ପରସ୍ପର ସମ୍ବନ୍ଧିତ ଏବଂ କୃଷିବେତ୍ତାଷଣ ସଦୃଶ ପରସ୍ପରର ପରିପୂରକ । ଉତ୍ତମରୂପେ ଚାଷ, ଖତ, ସମୟ ଅନୁସାରେ ଆବଶ୍ୟକ ଜଳ ଦେଲେ କୃଷି ଉତ୍ତମ ଫଳଦିଏ । ଚାଷ, ଖତ, ଜଳ ମଧ୍ୟରୁ କୌଣସି ଗୋଟିକୁ ବାଦ୍ ଦେଲେ ଯେପରି ଫଳ ଉତ୍ତମ, ଆଶାନୁରୂପ ହୁଏ ନାହିଁ, ସେହିପରି ଛାତ୍ରର ମନ, ପ୍ରାଣ, ଶରୀର ଏବଂ ଆତ୍ମା ମଧ୍ୟରୁ କୌଣସି ଗୋଟିଏ ସତ୍ତାର ଶିକ୍ଷା ବାଦ୍ ଦେଇ ଜୀବନ ସବଳ, ନୀରୋଗ ହୁଏ ନାହିଁ କିଂବା ସୁଖ, ଶାନ୍ତି, ଐଶ୍ୱର୍ଯ୍ୟ, ଜ୍ଞାନ ପ୍ରାପ୍ତ ହୁଏ ନାହିଁ; ବରଂ ଲକ୍ଷ୍ୟ ମାର୍ଗ ଛାଡ଼ି ବିପଥରେ ଗମନ କରେ । ସୃଷ୍ଟି ଆରମ୍ଭରୁ ଏପର୍ଯ୍ୟନ୍ତ ବ୍ୟକ୍ତିର ମନ, ପ୍ରାଣ, ଶରୀର, ଆତ୍ମା – ଏହି ସତ୍ତାର ସମଗ୍ର ଶିକ୍ଷା ଦିଆ ହେଉ ନାହିଁ । ସେହି କାରଣରୁ ଜୀବନ ଅପୂର୍ଣ୍ଣ ରହୁଅଛି ଏବଂ ଦେଶ ଦୁଃଖ, କଷ୍ଟ, ଦରିଦ୍ରତା ଭୋଗ କରୁଅଛି ।

ଶରୀର ଦ୍ୱାରା କର୍ମ ହୁଏ । ଶରୀର ଜଡ଼; ତା'ର କର୍ମ ଶକ୍ତି ସୁପ୍ତ । କର୍ମ ପ୍ରେରଣା ଦିଅନ୍ତି ପ୍ରାଣ, ମନ, ବୁଦ୍ଧି ଏବଂ ଆତ୍ମା । ଏହି ଚାରି ସତ୍ତା ବିକାଶ ପ୍ରାପ୍ତ ହୁଅନ୍ତି ଶିକ୍ଷା ଦ୍ୱାରା । ଆତ୍ମାର ଶିକ୍ଷା ବିନା ଏହିସବୁ ବିକାଶ ପୂର୍ଣ୍ଣତା ପ୍ରାପ୍ତ ହୁଏ ନାହିଁ କିଂବା ବ୍ୟକ୍ତିକୁ ପ୍ରାପ୍ତ ଥିବା ଗୁଣ ସେ ଦେଶ ଓ ସଂସାରର ସେବାରେ ବିନିଯୋଗ କରିପାରେ ନାହିଁ; ଅଧିକ ସ୍ଥଳେ, ବ୍ୟକ୍ତିର ପତନ ଘଟାଏ, ଅଥବା ଅନ୍ୟର ଅହିତ ଅନ୍ୟ ଦେଶର ବିନାଶ କାର୍ଯ୍ୟରେ ପ୍ରୟୋଗ କରେ ।

ଆତ୍ମା ଜ୍ଞାନ, ଆନନ୍ଦ, ସୌନ୍ଦର୍ଯ୍ୟାଦି ସଦ୍‌ଗୁଣରେ ପରିପୂର୍ଣ୍ଣ । ଶିକ୍ଷା ଦ୍ୱାରା ସେହି ଆତ୍ମାବିକାଶ ପ୍ରାପ୍ତ ହେଲେ ମନ, ପ୍ରାଣ, ଶରୀରକୁ ଯଥାର୍ଥ ମାର୍ଗରେ ପରିଚାଳିତ କରେ ଏବଂ ବ୍ୟକ୍ତିଜୀବନର ସର୍ବାଙ୍ଗୀନ ବିକାଶ ହୁଏ । ବ୍ୟକ୍ତିକୁ ପ୍ରାପ୍ତ ହୋଇଥିବା ଗୁଣ ଉତ୍ତମ କର୍ମରେ ଯୁକ୍ତ ହୁଏ । ଏହି ଚାରି ସତ୍ତାର ବିକାଶରେ ବ୍ୟକ୍ତିର ଜୀବନ ହୁଏ ପୂର୍ଣ୍ଣ ।

ଶରୀର, ପ୍ରାଣ, ମନ ଓ ଆତ୍ମାର କର୍ମ

ଶରୀର : ଶରୀର ଦ୍ୱାରା କର୍ମ ହୁଏ । ଶରୀର ଜଡ଼, ତା'ର କର୍ମଶକ୍ତିର ଅଭାବ । କିନ୍ତୁ ସେ ମନ, ପ୍ରାଣ ଏବଂ ଆତ୍ମାର ଆଧାର । ସ୍ଥୂଳ ଶରୀରର ଆଶ୍ରୟ ବିନା ଏହି ସବୁ ସତ୍ତା କର୍ମକରିବାରେ ଅସମର୍ଥ । ପ୍ରାଣ, ମନ କିଂବା ଆତ୍ମାର ପ୍ରେରଣାରେ ଶରୀର ଦ୍ୱାରା କର୍ମ ହୁଏ । ଶରୀର ଅତ୍ୟନ୍ତ ନିରୀହ, ମନ ପ୍ରାଣର କ୍ରୀତଦାସ । ମନ, ପ୍ରାଣ, ନିଜ ନିଜ ବାସନା କାମନା ପୂର୍ଣ୍ଣ କରିବା ସକାଶେ ତା' ଉପରେ ସର୍ବଦା ଅତ୍ୟାଚାର କରନ୍ତି ।

ପ୍ରାଣ ସ୍ୱଭାବତଃ ଅସୁର । ସ୍ୱାଦ ଲାଳସା ଯୋଗୁଁ ଶରୀରର ଆବଶ୍ୟକତାରୁ ଅଧିକ, ଅନିୟମିତ, ଉଦରର ପ୍ରତିକୂଳ ଭୋଜନ କରାଏ, ଶରୀରର ଯୋଗ୍ୟତା ଅଯୋଗ୍ୟତାକୁ ବିଚାର ନ କରି ଭୋଗବାସନା ପୂର୍ଣ୍ଣ କରେ । ଅଧିକାର, ନେତୃତ୍ୱ ରକ୍ଷା କରିବା ସକାଶେ ଶରୀର ବିଶ୍ରାମର ନିର୍ଦ୍ଦିଷ୍ଟ ସମୟକୁ ଭୃକ୍ଷେପ କରେ ନାହିଁ । ବୁଦ୍ଧି ଅତ୍ୟନ୍ତ ତୀବ୍ର ହୋଇଥିବା

ସତ୍ତ୍ୱେ ଆତ୍ମାର ଆଲୋକ ଅଭାବରୁ ପ୍ରାଣର ଆଦେଶ ଅନୁସାରେ ଶରୀର ପ୍ରତି ଭୃକ୍ଷେପ ନ କରି କର୍ମର କୌଶଳ ବତାଏ । ଏହିମାନଙ୍କ ଅତ୍ୟାଚାରରେ ଶରୀର ରୋଗଗ୍ରସ୍ତ ହେଲେ ଉଦ୍ଦଣ୍ଡ ପ୍ରାଣ ଶକ୍ତି, ତୀବ୍ର ବୁଦ୍ଧି ବିଦ୍ୟା ନିରର୍ଥକ ହୁଏ ।

କର୍ମ କରିବା ସକାଶେ ଶରୀରକୁ ସୁସ୍ଥ ସବଳ ରଖିବା ଏକାନ୍ତ ଆବଶ୍ୟକ । ସୁସ୍ଥ ଶରୀର ବିନା ସାଂସାରିକ କାର୍ଯ୍ୟ ସଂପନ୍ନ ହୁଏ ନାହିଁ କିଂବା ଅଧ୍ୟାତ୍ମ ବୁଦ୍ଧି ପ୍ରାପ୍ତ ହୁଏ ନାହିଁ । ଏକ ସଙ୍ଗରେ ବ୍ୟକ୍ତିର ଶରୀର, ମନ, ପ୍ରାଣ ଓ ଆତ୍ମାର ଶିକ୍ଷା ଦ୍ୱାରା ତା'ର ସର୍ବାଙ୍ଗୀନ ବିକାଶ ହୁଏ ଏବଂ ସେ ମହାନ୍ ଅସାଧାରଣ କାର୍ଯ୍ୟ କରିପାରେ ଏବଂ ସଂସାରରେ ସ୍ଥାୟୀ ହିତ ସାଧନ କରେ । ଅନ୍ୟାନ୍ୟ ସତ୍ତାର ଶିକ୍ଷାକୁ ବାଦ୍‌ଦେଇ କିଂବା ଗୌଣ ସ୍ଥାନ ଦେଇ ଗୋଟିଏ ସତ୍ତାର ଶିକ୍ଷାକୁ ପ୍ରାଧାନ୍ୟ ଦେଲେ ବ୍ୟକ୍ତି ଜୀବନରେ ବହୁତ ତ୍ରୁଟି ରହିଯାଏ ।

ପ୍ରାଣ : ଶାରୀରିକ ବଳ, ନୃତ୍ୟ, ସଙ୍ଗୀତ, ଶିଳ୍ପ, ଯାବତୀୟ କାରୁକାର୍ଯ୍ୟ ଏବଂ ଅସାଧାରଣ ସାହସ, ଅଲୌକିକ ଧୈର୍ଯ୍ୟ, ସମସ୍ତ ପ୍ରକାର କର୍ମଶକ୍ତି ହେଉଛି ପ୍ରାଣର । ଏହିସବୁ ଗୁଣ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ନିହିତ ଥାଆନ୍ତି । ତାହା ସବୁ ବିକାଶ ହୁଅନ୍ତି ଶିକ୍ଷା ଦ୍ୱାରା । ବିନା ଶିକ୍ଷାରେ ଯଦି କୌଣସି ଗୁଣ କୌଣସି ବ୍ୟକ୍ତି ମଧ୍ୟରେ ସ୍ୱତଃସ୍ଫୂର୍ତ୍ତ ଭାବେ ପ୍ରକାଶ ହୁଏ, ସେ ଅସାଧାରଣ ବ୍ୟକ୍ତି ରୂପେ ଗଣ୍ୟ ହୁଏ । ପ୍ରାଣର ଏହିସବୁ ଗୁଣ ଥିବା ସତ୍ତ୍ୱେ ତା'ର ବୁଦ୍ଧି ବିବେକ ଏବଂ ଯଥାର୍ଥ ଜ୍ଞାନର ଅଭାବ । ଏହିସବୁ ଶକ୍ତି କର୍ମରେ ବିନିଯୋଗ କରିବା ସକାଶେ ସେ ସର୍ବଥା ମନ, ବୁଦ୍ଧି ଏବଂ ଆତ୍ମାର ଆଶ୍ରିତ । କିନ୍ତୁ ସେ ମହାନ୍ ଶକ୍ତିଶାଳୀ ଥିବା ସତ୍ତ୍ୱେ ସ୍ୱଭାବତଃ ଅସୁର । କାମ, କ୍ରୋଧ, ଲୋଭ, ମୋହ ଈର୍ଷା, ହିଂସା, ଅହଂ, ସ୍ୱାର୍ଥ, ନାମଯଶଃ, ଅଧିକାର ଲାଳସାରେ ସେ ପୂର୍ଣ୍ଣ । ସାଧାରଣ ଅବସ୍ଥାରେ ତା'ର ଭୃତ୍ୟ ଥାଏ ବୁଦ୍ଧି । ବୁଦ୍ଧିକୁ ନିଜ ବଶରେ ରଖି ତା'ରି ସାହାଯ୍ୟରେ ଶରୀର ଦ୍ୱାରା ସେ ବାସନା କାମନା ପୂର୍ଣ୍ଣକରେ ଏବଂ ଯାବତୀୟ ଅନୁଚିତ କର୍ମ କରେ; କିନ୍ତୁ ଆତ୍ମାର ପ୍ରେରଣା ଦ୍ୱାରା ତାହା ଯଥାର୍ଥ ମାର୍ଗରେ ପରିଚାଳିତ ହୁଏ, ଉତ୍ତମ କର୍ମ କରିପାରେ ।

ବୁଦ୍ଧି ଏବଂ ଆତ୍ମାର ବିକାଶ ଛଡ଼ା ପ୍ରାଣ ଅଧିକ ବିକାଶ ନ ହୋଇଥିବା ସାଧାରଣ ଅବସ୍ଥାରେ ବ୍ୟକ୍ତି ପଶୁ ସଦୃଶ ନିଜ ଶରୀର, ପରିବାର ପାଳନପୋଷଣ, ଇନ୍ଦ୍ରିୟ ଭୋଗ ବିଳାସରେ ଜୀବନ ବ୍ୟତୀତ କରେ ।

ଆତ୍ମଜାଗୃତି ବିନା କଳା ଶିକ୍ଷାରେ ବ୍ୟକ୍ତି କୁସଙ୍ଗ ପ୍ରଭାବରେ କଳାର ଦୁରୁପଯୋଗ କରେ ।

ଆତ୍ମବିକାଶ ବିନା ବ୍ୟକ୍ତିର ପ୍ରାଣ ଅଧିକ ବିକଶିତ ବା ଶକ୍ତିଶାଳୀ ହେଲେ ସେ ମନ ବୁଦ୍ଧିକୁ ଭୃତ୍ୟ କରେ । ତାହାରି ସାହାଯ୍ୟରେ ସେ ଚୋରି, ଡକାୟତି, ହିଂସା, ଲଢ଼ାଇ, ଝଗଡ଼ା ଇତ୍ୟାଦି ନିଷିଦ୍ଧ କର୍ମ କରେ । ବ୍ୟକ୍ତିର ପ୍ରାଣଶକ୍ତି ଯଦି ଅତ୍ୟଧିକ ପ୍ରବଳ ହୋଇଥାଏ, ବୁଦ୍ଧି ଯଦି ମହାନ୍ ତୀବ୍ର ହୋଇଥାଏ, କିନ୍ତୁ ଆତ୍ମା ଜାଗ୍ରତ୍ ହୋଇ ନ ଥାଏ, ତେବେ ସେ ବ୍ୟକ୍ତି ହୁଏ ଅସୁର । ନିଜର ଅହଂ, ସ୍ୱାର୍ଥ, ବାସନା, କାମନା ପୂର୍ଣ୍ଣ କରିବା ସକାଶେ ବହୁ ବ୍ୟକ୍ତିଙ୍କୁ ପୀଡ଼ା ଦିଏ, ବହୁ ବ୍ୟକ୍ତିଙ୍କୁ ହତ୍ୟାକରେ, ବହୁ ଦେଶକୁ ଅଧିକାର କରେ, ନିଜ ସିଦ୍ଧାନ୍ତ ନିଜ ଦେଶରେ ବା ବହୁ ଦେଶରେ ପ୍ରତିଷ୍ଠା କରିପାରେ ।

ଏହିପରି ମହାନ୍ ଶକ୍ତିଶାଳୀ ପ୍ରାଣ, ତୀବ୍ର ବୁଦ୍ଧି ଥିବା ବ୍ୟକ୍ତିଙ୍କର ନିଜ ଅଜ୍ଞାତରେ ଆତ୍ମାର ପ୍ରଭାବ ଯଦି କିଛି ଅଂଶରେ ଉନ୍ମନ ପ୍ରାଣ ଉପରେ ପଡ଼େ, ତେବେ ତାଙ୍କର ବିବେକ ଉତ୍ପନ୍ନ ହୁଏ । ସେମାନେ ହୁଅନ୍ତି ନୀତିବାଦୀ । ବିବେକ ଦ୍ୱାରା ସେମାନଙ୍କ ବୁଦ୍ଧି ଉଦ୍ଭାସିତ ହେବାରୁ ତାଙ୍କ ବୁଦ୍ଧି ପ୍ରାଣର ବାସନା, କାମନା ପୂର୍ଣ୍ଣ କରିବାର ଭୃତ୍ୟ ହୋଇ ରହେ ନାହିଁ । ବିବେକଯୁକ୍ତ ବୁଦ୍ଧି ହୁଏ ପ୍ରାଣର; କେତେକ ଅଂଶରେ ସ୍ୱାମୀର ପ୍ରାଣର ଅନୁଚିତ କାମନା, ବାସନା ପୂର୍ଣ୍ଣ କରିବାର ଯନ୍ତ୍ର ନ ହୋଇ ତା'କୁ ଯଥାର୍ଥ ମାର୍ଗରେ ପରିଚାଳିତ କରିବାକୁ ଚେଷ୍ଟା କରେ । ଏହିପରି ନୈତିକବାଦୀ ଅସୁର ହୁଅନ୍ତି ନାହିଁ । ନିଜର ଏବଂ ଅନ୍ୟର ତଥା ନିଜ ଦେଶ ତଥା ଅନ୍ୟ ଦେଶର ହିତ ସାଧନ କରିବାକୁ ଚେଷ୍ଟା କରନ୍ତି, କେତେକ ପରିମାଣରେ ସିଦ୍ଧ ବି କରନ୍ତି । କିନ୍ତୁ ଏଥିରେ ତାଙ୍କର ଅହଂ, ସ୍ୱାର୍ଥ ଦୂର ହୁଏ ନାହିଁ । ଏହି ଅହଂ ସ୍ୱାର୍ଥ ଥିବା ଯୋଗୁଁ ତାଙ୍କ ଦ୍ୱାରା ଜଗତରେ କୌଣସି ସ୍ଥାୟୀ ହିତ ସାଧନ ହୁଏ ନାହିଁ ।

ବ୍ୟକ୍ତିର ପ୍ରାଣଶକ୍ତି ମହାନ୍ ପ୍ରବଳ ଥାଇ ବୁଦ୍ଧି ବିକାଶ ଯଦି ଅନ୍ୟ ବ୍ୟକ୍ତି ତୁଳନାରେ କମ୍ ଥାଏ, ତେବେ ସେ ନେତା ହୋଇ ପାରେ; ନିଜଠାରୁ ଅଧିକ ବୁଦ୍ଧିମାନ୍ ବ୍ୟକ୍ତିକୁ ନିଜ ଅଧିକାରରେ ରଖି ତା' ପରାମର୍ଶ ଦ୍ୱାରା କାର୍ଯ୍ୟ କରି

ପାରେ । ଆଉ ବ୍ୟକ୍ତିର ପ୍ରାଣଶକ୍ତି ପ୍ରବଳ ନ ଥାଇ ବୁଦ୍ଧି ଯଦି ମହାନ୍ ତୀବ୍ର ଥାଏ, ସେ ଅନ୍ୟ ଉପରେ ଅଧିକାର ବିସ୍ତାର କରିପାରେ ନାହିଁ କିଂବା ନେତା ହୋଇପାରେ ନାହିଁ । ଓକିଲ ହୋଇପାରେ, ବିଜ୍ଞାନବେତ୍ତା ହୋଇ ମହାନ୍ ନୂତନ ବସ୍ତୁ ଆବିଷ୍କାର କରିପାରେ । ଅନ୍ୟ ଉପରେ ଅଧିକାର କରିବା, ଅନ୍ୟ ଉପରେ ନିଜ ପ୍ରଭାବ ପକାଇବା କାର୍ଯ୍ୟ ପ୍ରାଣଶକ୍ତିର । ଏହି ପ୍ରାଣଶକ୍ତି ଆତ୍ମା ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ ହୋଇ ଜଗତର ସମସ୍ତ ପ୍ରକାର ହିତ ସାଧନ କରିପାରେ; କିନ୍ତୁ ଆତ୍ମନିୟନ୍ତ୍ରଣ ଛଡ଼ା ତା' ପ୍ରାଣର ଯେଉଁ ଗୁଣ ବିକାଶ ହୋଇ ଥାଏ, ତାହା ସେ ନିଜର ସ୍ୱାର୍ଥ, ଅହଂ; ବାସନା, କାମନା ପୂର୍ଣ୍ଣ କରିବାରେ ପ୍ରୟୋଗ କରେ ।

ମନ ବୁଦ୍ଧି

ମନ ବୁଦ୍ଧି ମହାନ୍ କୌଶଳୀ । ଯୁକ୍ତି, ତର୍କ, କର୍ମ-କୌଶଳରେ ନିପୁଣ । ଭୌତିକ ଜଗତରେ ବୁଦ୍ଧିର ସ୍ଥାନ ଅତ୍ୟନ୍ତ ଉନ୍ନତ । ବୁଦ୍ଧି ପ୍ରାଣ ଓ ଶରୀର ସାହାଯ୍ୟରେ ଆଶ୍ଚର୍ଯ୍ୟଜନକ ବସ୍ତୁ ଆବିଷ୍କାର କରିପାରେ, ଆକାଶରେ ଉଡ଼ିପାରେ, ଜଳରେ ଗୃହ ନିର୍ମାଣ କରିପାରେ, ଗ୍ରହ ଉପଗ୍ରହରେ ପହୁଞ୍ଚିପାରେ, ଭୌତିକ ପ୍ରକୃତି ଉପରେ କେତେକ ଅଂଶରେ ଅଧିକାର କରିପାରେ । ବୁଦ୍ଧି ମହାନ୍ ଉନ୍ନତ ହେବା ସତ୍ତ୍ୱେ ତା'ର ଜ୍ଞାନ ସୀମିତ; ସ୍ଥୂଳବସ୍ତୁ ଛଡ଼ା ସୂକ୍ଷ୍ମଜ୍ଞାନର ଅଭାବ । ବୁଦ୍ଧି ଏତେ ମହାନ୍ ହେବା ସତ୍ତ୍ୱେ ସେ ଶକ୍ତିହୀନ । ବୁଦ୍ଧି ଅତ୍ୟନ୍ତ ତୀବ୍ର ଥିବା ବ୍ୟକ୍ତିର ଯଦି ପ୍ରାଣଶକ୍ତି ପ୍ରବଳ ନ ଥାଏ, ତେବେ ସେ ପ୍ରାଣପ୍ରଧାନ ବ୍ୟକ୍ତିର ନେତୃତ୍ୱ ଅଧୀନରେ ରହି ପରାମର୍ଶ ନେଇପାରେ । କିନ୍ତୁ ଜ୍ଞାତରେ ଆତ୍ମାର ସ୍ପର୍ଶ ପାଇଲେ କିଂବା ଆତ୍ମାର ପ୍ରଭାବରେ ପ୍ରଭାବିତ ହେଲେ ସେ ଆଉ ପ୍ରାଣର ଆଜ୍ଞାକାରୀ ଭୃତ୍ୟ, ପରାମର୍ଶଦାତା ବା ମନ୍ତ୍ରୀ ହୋଇ ରହେ ନାହିଁ । ଆତ୍ମାର ପ୍ରଭାବ ସେ ଯେତେ ପରିମାଣରେ ଗ୍ରହଣ କରୁଥାଏ, ସେତେ ପରିମାଣରେ ସେ ହେଉଥାଏ ପ୍ରାଣର ସ୍ୱାମୀ । ପ୍ରାଣର ବାସନା, କାମନା ପୂର୍ଣ୍ଣ କରିବା ପରିବର୍ତ୍ତେ ଅବାଞ୍ଛିତ କାର୍ଯ୍ୟକୁ ନିଷିଦ୍ଧକରିଦିଏ । ଯେତେବେଳେ ପୂର୍ଣ୍ଣରୂପେ ଆତ୍ମପ୍ରଭାବକୁ ଗ୍ରହଣ କରି ବ୍ୟକ୍ତି ଆତ୍ମା ଦ୍ୱାରା ପରିଚାଳିତ ହୁଏ ସେତେବେଳେ ସେ ହୁଏ ପ୍ରାଣର ସ୍ୱାମୀ । ସେ ପ୍ରାଣକୁ ଯଥାର୍ଥ ମାର୍ଗରେ ପରିଚାଳିତ କରେ ଏବଂ ଉତ୍ତମ କର୍ମ କରାଏ, ଆତ୍ମପ୍ରଭାବ ଗ୍ରହଣ କରିବାକୁ ପ୍ରାଣକୁ ବାଧ କରେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ମନ ଓ ପ୍ରାଣ ରୂପାନ୍ତର ହେଲେ ଏହା ହୁଏ । ଯେପର୍ଯ୍ୟନ୍ତ ଅତିମାନସ ଶକ୍ତି ଦ୍ୱାରା ମନ ଓ ପ୍ରାଣ ଆତ୍ମଧର୍ମରେ ରୂପାନ୍ତରିତ ହୋଇ ନ ଥା'ନ୍ତି, ସେପର୍ଯ୍ୟନ୍ତ ବ୍ୟକ୍ତିର କର୍ମ ସର୍ବାଙ୍ଗସୁନ୍ଦର ହୁଏ ନାହିଁ କିଂବା ସେ ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ ନାହିଁ । ଜୀବନ ଅପୂର୍ଣ୍ଣ ରହେ, ଲକ୍ଷ୍ୟ ପ୍ରାପ୍ତ ହୁଏ ନାହିଁ । ଶରୀର, ମନ, ପ୍ରାଣ ଏବଂ ଆତ୍ମା ଏହି ସତ୍ତାମାନ ଯଦ୍ୟପି ପରସ୍ପରର ଆଶ୍ରିତ ଏବଂ ପରସ୍ପରର ପରିପୂରକ, ତଥାପି ଆତ୍ମା ସେସବୁର କ୍ରିୟାଶକ୍ତି, କାରଣ ଆତ୍ମାର ଆଲୋକରେ ସେସବୁ ଆଲୋକିତ ହୁଅନ୍ତି ଏବଂ ଯଥାର୍ଥ ମାର୍ଗରେ ପରିଚାଳିତ ହୁଅନ୍ତି ।

ଆତ୍ମା : ଆତ୍ମା, ବିବେକ, ଜ୍ଞାନ, ଆନନ୍ଦ, ଆନ୍ତର ଦିବ୍ୟଦୃଷ୍ଟି, ଶାନ୍ତି, ସମତା, ଅହିଂସା, ନିଃସ୍ୱାର୍ଥତା, ସାମଞ୍ଜସ୍ୟ ଅନ୍ୟର ହିତାଦି ଦିବ୍ୟ ଗୁଣରେ ବିଭୂଷିତ ଏବଂ ଭଗବତ୍ ସ୍ୱରୂପ । ମନ, ପ୍ରାଣ, ଶରୀର ଏବଂ ଆତ୍ମା – ଏହି ଚାରିସତ୍ତା ଭଗବାନଙ୍କରହିଁ ସ୍ୱରୂପ, ଆସିଛନ୍ତି ଭଗବାନଙ୍କଠାରୁ । ଭଗବାନ୍ ସୃଷ୍ଟି କରିବା ସଙ୍କଳ୍ପ କରି ବହୁ ହେବା ଉଦ୍ଦେଶ୍ୟରେ ମନ, ପ୍ରାଣ, ଶରୀର ସ୍ୱୟଂ ସୃଷ୍ଟିକଲେ । ମନ, ପ୍ରାଣ, ଶରୀର ଯଦ୍ୟପି ଭଗବତ୍‌ତତ୍ତ୍ୱରୁ ଆସିଲେ, ତଥାପି ଭଗବାନଙ୍କ ଇଚ୍ଛାରେ ସେସବୁ ବିକୃତ ହୋଇ ଅଜ୍ଞାନରେ ଡୁବିଗଲେ । ଏହି ସଂସାରର ବହୁରୂପ ମଧ୍ୟରେ ନିଜକୁ ପ୍ରକାଶ କରିବା ସକାଶେ ଆତ୍ମାରୂପେ ମନ, ପ୍ରାଣ ଶରୀରର ପଶ୍ଚାତରେ ଭଗବାନ୍ ସେସବୁକୁ ଧାରଣ କରି ରହିଲେ । ଆତ୍ମାର ଜ୍ଞାନ ରହିଲା ଅବିକୃତ । ମନ, ପ୍ରାଣ, ଶରୀର ମଧ୍ୟରେ ଆତ୍ମା ଦିବ୍ୟ ସ୍ୱରୂପରେ ବିଦ୍ୟମାନ ଥିବାରୁ ସେ ସବୁର ମୂଳ ଦିବ୍ୟତ୍ୱରେ ରୂପାନ୍ତରିତ ହେବାର ସମ୍ଭାବନା ରହିଲା । ଏହି ସମ୍ଭାବନାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଏବଂ ଜୀବନର ପୂର୍ଣ୍ଣତା । ଏହି ଲକ୍ଷ୍ୟ ପ୍ରାପ୍ତିହିଁ ପ୍ରତ୍ୟେକ ବ୍ୟକ୍ତିର କାମ୍ୟ ଏବଂ ଭଗବାନଙ୍କ ସୃଷ୍ଟିର ଉଦ୍ଦେଶ୍ୟ । ପ୍ରତ୍ୟେକ ବ୍ୟକ୍ତିର ଜୀବନର ଏହି ଲକ୍ଷ୍ୟ

ରହସ୍ୟ ଜ୍ଞାତହୁଏ ଆତ୍ମଜାଗୃତି ବା ବିକାଶରେ । ଯେପର୍ଯ୍ୟନ୍ତ ବ୍ୟକ୍ତିର ଆତ୍ମା ବିକଶିତ ବା ଜାଗ୍ରତ୍ ନ ହୋଇଛି, ସେପର୍ଯ୍ୟନ୍ତ ବ୍ୟକ୍ତିର ବୁଦ୍ଧି ଯେତେ ତୀବ୍ର, ପ୍ରାଣ ଯେତେ ଶକ୍ତିଶାଳୀ ହେଉ, ସେ ସଂସାରରେ ଯେତେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରୁ ପଛକେ ଜୀବନର ଲକ୍ଷ୍ୟ ସମ୍ବନ୍ଧରେ ସେ ସଚେତ ହୁଏ ନାହିଁ କିଂବା ଲକ୍ଷ୍ୟ ସିଦ୍ଧି କରି ପାରେ ନାହିଁ । ଯେପରି ଆତ୍ମାକୁ ବାଦ୍ ଦେଇ ମନ, ପ୍ରାଣ, ଶରୀରର ବିକାଶରେ ବ୍ୟକ୍ତିକୁ ପରମାନନ୍ଦ, ପରମ ଶାନ୍ତି ପ୍ରାପ୍ତ ହୁଏ ନାହିଁ, ସେହିପରି ମନ, ପ୍ରାଣ, ଶରୀରକୁ ବାଦ୍‌ଦେଇ କେବଳ ଆତ୍ମା ବିକାଶ ଦ୍ୱାରା ବ୍ୟକ୍ତି ସଂସାରର କର୍ମ ସିଦ୍ଧି କରିପାରେ ନାହିଁ; ଗୃହ, ସଂସାର କର୍ମ ପରିତ୍ୟାଗ କରି ସନ୍ନ୍ୟାସ ମାର୍ଗରେ ନିର୍ବାଣ ମୁକ୍ତି ବା ଭଗବତ୍ ପ୍ରାପ୍ତି କରେ । ସଂସାର ଯେଉଁ ଦୁଃଖକଷ୍ଟରେ ଥାଏ ତା'କୁ ସେହିପରି ଛାଡ଼ିଦିଏ । ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା ଏହି ଚାରି ସତ୍ତାର ବିକାଶ ହୁଏ; ଆତ୍ମଧର୍ମରେ ମନ, ପ୍ରାଣ, ଶରୀର ତା'ର ମୂଳ ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହୁଅନ୍ତି ଏବଂ ଯଥାର୍ଥ ଲକ୍ଷ୍ୟ ପ୍ରାପ୍ତ କରନ୍ତି ।

ଜୀବନର ଲକ୍ଷ୍ୟ

ପ୍ରତ୍ୟେକ ବ୍ୟକ୍ତି ସ୍ୱାଭାବିକ ରୂପେ ସ୍ୱତଃସ୍ଫୂର୍ତ୍ତ ଭାବେ ଯାହା ଚାହାନ୍ତି, ତାହାହିଁ ଯଥାର୍ଥରେ ଜୀବନର ଲକ୍ଷ୍ୟ । ସଂସାରରେ ଗୋଟିଏ ବ୍ୟକ୍ତି ଏହି ଚାହିବାରୁ ବାଦ୍ ଯାଏ ନାହିଁ । ସମଗ୍ର ବ୍ୟକ୍ତି ଚାହାନ୍ତି ଦୁଃଖବିହୀନ ଅଖଣ୍ଡ ପରମାନନ୍ଦ, ରୋଗ, ବୃଦ୍ଧତ୍ୱରୁ ମୁକ୍ତି, ଅମରତ୍ୱ । ଏହାହିଁ ନିର୍ବିବାଦରେ ସମସ୍ତ ବ୍ୟକ୍ତିର ଲକ୍ଷ୍ୟ । ଗୋଟିଏ ବ୍ୟକ୍ତି ସୁଖ ସଙ୍ଗେ ଦୁଃଖ, ରୋଗ, ବୃଦ୍ଧତ୍ୱ ଚାହେ ନାହିଁ । କିନ୍ତୁ ବ୍ୟକ୍ତିର ମନ, ପ୍ରାଣ, ଶରୀର, ଆତ୍ମଜ୍ଞାନରେ ଉଦ୍ଭାସିତ ହୋଇ ନ ଥିବାରୁ ମହାନ୍ ବୁଦ୍ଧି ପ୍ରଧାନ ବ୍ୟକ୍ତି ଶାସ୍ତ୍ରଜ୍ଞ ପଣ୍ଡିତ, ଭୌତିକ ବିଜ୍ଞାନବାଦୀ, ଦେଶର ମହାନ୍ ନେତାମାନେ ମଧ୍ୟ ଜୀବନର ଏହି ଯଥାର୍ଥ ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୁଅନ୍ତି ନାହିଁ । ଶିକ୍ଷା, ପାରିପାର୍ଶ୍ୱିକ ଅବସ୍ଥା, ସଂଗପ୍ରଭାବରେ ଭ୍ରମବଶ ହୋଇ ସେହି ଦୁଃଖବିହୀନ ପରମ ସୁଖକୁ ସଂସାର-ବସ୍ତୁ, ଚୋରି, ଡକାୟତି, ପରିବାର, ଧନ, ମହତ୍ତ୍ୱ, ଅଧିକାର ପ୍ରାପ୍ତି, ବିଦ୍ୟାର୍ଜନ, ଡାକ୍ତର, ଇଂଜିନିଅର, ବିଜ୍ଞାନବିତ୍ ହେବା, ଦେଶନେତା ବା ମନ୍ତ୍ରୀ ହେବାରେ ଏବଂ ଇନ୍ଦ୍ରିୟ ଭୋଗବିଳାସରେ ଖୋଜନ୍ତି । ଏହି ସବୁ ବସ୍ତୁରେ ସୁଖ ସଙ୍ଗେ ଦୁଃଖ ବିଦ୍ୟମାନ ଥାଏ । ସେ ସକାଶେ ବ୍ୟକ୍ତିର ଚାହିବା ପୂର୍ଣ୍ଣ ହୁଏ ନାହିଁ । ବ୍ୟକ୍ତିର ଏହି ଚାହିବା ଏବଂ ଏହି ଲକ୍ଷ୍ୟ ପ୍ରାପ୍ତି ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ତା'ର ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବାରେ । ଏହି ରୂପାନ୍ତର ହୁଏ ମା'ଙ୍କ ଚରଣରେ ନିଜକୁ ନିଃଶେଷ ଭାବେ ସମର୍ପଣ କଲେ ।

କେତେକ ପ୍ରଶ୍ନର ଉତ୍ତର

ପ୍ର : ଆଜିକାଲି ସ୍କୁଲ କଲେଜର ଛାତ୍ରମାନେ କାହିଁକି ଏପରି ବିଶୃଙ୍ଖଳଭାବେ ଆନ୍ଦୋଳନ ଏବଂ ଧର୍ମଘଟ କରୁଅଛନ୍ତି ?

ଉ : ଜୀବନର ଯଥାର୍ଥ ଲକ୍ଷ୍ୟ ନ ଜାଣିଥିବା ଯୋଗୁଁ । ଛାତ୍ରମାନଙ୍କ ଜୀବନର ଲକ୍ଷ୍ୟ ସର୍ବାଙ୍ଗୀନ ବିକାଶ । ଏହି ଲକ୍ଷ୍ୟପ୍ରାପ୍ତିର ଯଥାର୍ଥ ଉପାୟ ଆଚରଣ କରିବା କର୍ତ୍ତବ୍ୟ । ଜୀବନର ଲକ୍ଷ୍ୟ ଏବଂ କର୍ତ୍ତବ୍ୟଜ୍ଞାନହିଁ ମନୁଷ୍ୟକୁ ଯଥାର୍ଥ ମାର୍ଗରେ ପରିଚାଳିତ କରେ । ଏହି ଜ୍ଞାନ ବିନା ସବୁ ସମୟରେ ବ୍ୟକ୍ତି ପଥଭ୍ରଷ୍ଟ ହୁଏ ।

ବର୍ତ୍ତମାନ ଯୁଗ ପରିବର୍ତ୍ତନ ସମୟ । ସଂସାର, ସମାଜ, ଶାସନକୁ ପରିଚାଳନା କରୁଥିବା ନୈତିକତାର ଭିତ୍ତି ସଂପୂର୍ଣ୍ଣରୂପେ ଭୁଶୁଡ଼ି ପଡ଼ିଅଛି । ନୂତନ ସତ୍ୟ ପ୍ରତିଷ୍ଠା ହୋଇ ନାହିଁ । ଏହି କାରଣରୁ ସଂସାରର ସମସ୍ତ କ୍ଷେତ୍ରରେ, ସମସ୍ତ ଶ୍ରେଣୀରେ ବିଶୃଙ୍ଖଳା ଦୃଷ୍ଟିଗୋଚର ହେଉଛି । ଏଥିରୁ ଛାତ୍ରମାନେ ମଧ୍ୟ ବାଦ୍ ଯାଇ ନାହାନ୍ତି । ଏହି ସମୟରେ ଯେଉଁମାନେ ଆଗଭଳି ନୂତନ ଯୁଗର ସତ୍ୟକୁ ଗ୍ରହଣ କରିବେ ସେହିମାନେ ହେବେ ନୂତନ ଯୁଗର ଅଗ୍ରଦୂତ । ଏହି

ସୁଯୋଗ ବିଶେଷ ରୂପେ ଛାତ୍ରଛାତ୍ରୀମାନଙ୍କ ସକାଶେ । ବର୍ତ୍ତମାନ ସେମାନଙ୍କର ଜୀବନରେ ଜ୍ଞାନ ଅର୍ଜନ କରିବାର ସୁଯୋଗ । କିନ୍ତୁ ସେମାନେ ଜୀବନର ଲକ୍ଷ୍ୟ ଅନୁସରଣ ଏବଂ ଶିକ୍ଷା ଓ ସଦ୍‌ଗୁଣ ଗ୍ରହଣ କରିବା ବିଚାର କରୁ ନାହାନ୍ତି, ସେହି ସକାଶେ ସେମାନେ ନିଜ ଜୀବନ ନଷ୍ଟ କରୁ ଅଛନ୍ତି ।

ଦେଶର ଭବିଷ୍ୟତ୍ ନିର୍ଭର କରେ ଛାତ୍ରଛାତ୍ରୀମାନଙ୍କ ଉପରେ । ସେମାନେ ନିଜ ଜୀବନକୁ ଶୃଙ୍ଖଳିତ ନ କଲେ, ସେମାନଙ୍କ ଦ୍ୱାରା ନିଜର ପରିବାରର, ଦେଶର ତଥା ଜଗତର ହିତ ହୋଇପାରିବ ନାହିଁ ଏହି ଦାୟିତ୍ୱକୁ ଛାତ୍ରମାନେ କେବେ ବିଚାର କରୁ ନାହାନ୍ତି ।

ପ୍ର : ଛାତ୍ରମାନେ କହୁଛନ୍ତି ଆମ୍ଭମାନଙ୍କ କାର୍ଯ୍ୟ ଯଥାର୍ଥ । ଆମ୍ଭ ଦେଶନେତାମାନେ ଭୋଟ ନେବା ସମୟରେ ସିଧା ସ୍ୱର୍ଗକୁ ଉଡାରି ଆଣିବା ପରି ଲମ୍ବାଲମ୍ବା କଥା କହୁଛନ୍ତି । ଶାସନ ଅଧିକାର ପାଇଯିବା ପରେ ନିଜ ସଂଘ ଦୃଢ଼ କରିବା କିଂବା ନିଜ ସ୍ୱାର୍ଥ ସାଧନ କରିବା କାର୍ଯ୍ୟରେ ଲାଗି ପଡୁଛନ୍ତି । ଦେଶ ବା ଗୋଷ୍ଠୀଙ୍କ ଦୁଃଖ କଷ୍ଟକୁ ଦୃଷ୍ଟି ଦେଉ ନାହାନ୍ତି । ନେତାମାନଙ୍କର ଏହି ଆଚରଣକୁ ଅନୁକରଣ କରୁଛନ୍ତି ଅଫିସର ଏବଂ କର୍ମଚାରୀ । ଏହି କାରଣରୁ ହେଉଛି ଦେଶରେ ବିଶୃଙ୍ଖଳା । ଏପରି ଶାସନ ଦ୍ୱାରା ଦେଶର ଉନ୍ନତି ହେଉ ନାହିଁ କିଂବା ଜନତା ସୁଖ, ଶାନ୍ତିରେ ରହି ପାରୁ ନାହାନ୍ତି । ଏପରି ବିଶୃଙ୍ଖଳା ଶାସନ ବିରୋଧରେ ଆମ୍ଭମାନଙ୍କ ଆନ୍ଦୋଳନ ଯୁକ୍ତିଯୁକ୍ତ ନୁହେଁ କାହିଁକି ?

ଉ : ଯୁକ୍ତିଯୁକ୍ତ ନ ହେବାର କାରଣ ହେଲା ତୁମ୍ଭମାନଙ୍କର ନିଜ ଉଚ୍ଚ ଆଦର୍ଶର ଅଭାବ । ତୁମ୍ଭେମାନେ ଶାସନ ଅଧିକାର ପ୍ରାପ୍ତ ନେତାମାନଙ୍କ ଆଚରଣର ପ୍ରତିବାଦରେ ଯେଉଁ ବିଶୃଙ୍ଖଳା କର୍ମ କରୁଅଛ ତାହା ବର୍ଷା ପାଣିରୁ ରକ୍ଷା ହେବା ଉଦ୍ଦେଶ୍ୟରେ କୂଅରେ ଡେଇଁ ପଡ଼ିବା ସଦୃଶ । ତୁମ୍ଭେମାନେ ଯଦି ଏହି ଯୁଗପରିବର୍ତ୍ତନ ସମୟରେ ଜୀବନର ସର୍ବାଙ୍ଗୀନ ବିକାଶ ସକାଶେ ନୂତନ ଯୁଗର ସତ୍ୟ ଗ୍ରହଣ କରନ୍ତ ତେବେ ତୁମ୍ଭେମାନେ ହୁଅନ୍ତ ନୂତନ ଯୁଗର ଅଗ୍ରଦୂତ । ତୁମ୍ଭମାନଙ୍କର ଆଚରିତ କର୍ମ ହୁଅନ୍ତା ସମାଜରେ ଆଦର୍ଶ । ଏହି ଅବସ୍ଥାରେ ବିଶୃଙ୍ଖଳାର ଆଶ୍ରୟ ନ ନେଇ ଯଦି ସତ୍ୟ, ନ୍ୟାୟ, ଯଥାର୍ଥ ଯୁକ୍ତିରେ ଶାସନର ପ୍ରତିବାଦ କରିଥା'ନ୍ତ, ତେବେ ସମାଜ ତୁମକୁ ପୂଜା କରନ୍ତା । ଶାସକ ନେତାମାନଙ୍କ ମସ୍ତକ ନତ ହୁଅନ୍ତା । ତୁମ୍ଭେମାନେ ଭବିଷ୍ୟତ୍ ସମାଜ ଏବଂ ଦେଶ ଶାସନରେ କାର୍ଯ୍ୟ କରନ୍ତ । ତୁମ୍ଭରି ଦ୍ୱାରା ହୁଅନ୍ତା ନୂତନ ଯୁଗର ଭିତ୍ତି ସ୍ଥାପନ ଏବଂ ଦେଶର ଉନ୍ନତି । ଏହା ନ କରି ଜୀବନର ଉନ୍ନତି ସକାଶେ ଜ୍ଞାନାର୍ଜନ କରିବାର ଲକ୍ଷ୍ୟ, ବିଦ୍ୟା ତଥା ସଦ୍‌ଗୁଣ ଶିକ୍ଷା କରିବାର କର୍ତ୍ତବ୍ୟ ତ୍ୟାଗ କରି ଆନ୍ଦୋଳନ ଏବଂ ଧର୍ମଘଟ କରି ପସନ୍ଦ କରୁଥିବା ନେତାମାନଙ୍କ କର୍ମକୁ ଅତିକ୍ରମକରି ବିଶୃଙ୍ଖଳାର ଶିଖରରେ ପହୁଞ୍ଚି ଯାଉଅଛ । ଯେଉଁ ଦେଶର ହିତ କଥା କହୁଅଛ, ସେହି ଦେଶର ସମ୍ପତ୍ତିକୁ ନଷ୍ଟ କରୁଅଛ । ଯଦି ଏହି ବିଶୃଙ୍ଖଳା ଆଚରଣରେ ଉପସ୍ଥିତ ଶାସନ ଭାଙ୍ଗିଯାଏ, ତେବେ ଆମ ଦେଶର ଯେଉଁ ଶାସକ ପୂର୍ବେ ଥିଲେ, ସେମାନଙ୍କର ଯେଉଁ ସ୍ୱଭାବ ଥିଲା, ସେହିପରି ରହିବ; ସେହିମାନଙ୍କ ଦ୍ୱାରା ନୂତନ ଶାସନ ତୁମ ଇଚ୍ଛାନୁରୂପ ହେବ ବୋଲି ତୁମେ କିପରି ଭାବୁଛ ?

ସେହିମାନେ ଯେତେବେଳେ ଶାସନାଧିକାରରେ ଥିଲେ, ସେତେବେଳେ ତାଙ୍କ ଶାସନ, ତାଙ୍କ ବ୍ୟବହାର ତୁମ୍ଭର ପସନ୍ଦ ହେଉ ନ ଥିଲା । ତାଙ୍କ ଶାସନ ଭାଙ୍ଗିବାକୁ ଚେଷ୍ଟା କଲ । ସେମାନଙ୍କ ପରିବର୍ତ୍ତେ ବର୍ତ୍ତମାନ ଶାସକ ଆସିଲେ । ତାଙ୍କ ଶାସନ ତୁମକୁ ପସନ୍ଦ ହେଲା ନାହିଁ । ତାକୁ ଯଦି ଭାଙ୍ଗ, ସେ ପୁରୁଣା ଶାସକ ଶାସନରେ ଆସିବେ; ତୁମର ତା'ବି ପସନ୍ଦ ହେବ ନାହିଁ । ତୁମେ ଧର୍ମଘଟ ଆନ୍ଦୋଳନ କରି ତା'କୁ ବି ଭାଙ୍ଗିବ । ତୁମର କାମ ହେବ ନିଜ ଜୀବନର ଉନ୍ନତିକର କର୍ତ୍ତବ୍ୟରୁ ବିମୁଖ ହୋଇ ବିଶୃଙ୍ଖଳା ସୃଷ୍ଟିକରି ଶାସନ ଭାଙ୍ଗିବା, ଯାହାଦ୍ୱାରା ଦେଶରେ ରହିଥିବା ଶୃଙ୍ଖଳା ସମୂଳେ ନାଶ ହେବ; ତୁମ୍ଭରି ଯୋଗୁଁ ହେବ ଦେଶର ସମ୍ପୂର୍ଣ୍ଣ ବିଶୃଙ୍ଖଳା । ଯେଉଁ ଛାତ୍ରମାନଙ୍କ ଉପରେ ଦେଶର ଉନ୍ନତି ନିର୍ଭର କରେ, ସେହି ଛାତ୍ରମାନଙ୍କ ଦ୍ୱାରା ହେଉଛି ଦେଶର ଅଧପତନ ।

ପ୍ର : ତୁମ କହିବା ଯୁକ୍ତିଯୁକ୍ତ ପ୍ରତୀତ ହେଉଥିବା ସତ୍ତ୍ୱେ ବର୍ତ୍ତମାନ ଅବସ୍ଥାରେ ତାହା ଗ୍ରହଣଯୋଗ୍ୟ ବୋଲି ମନେ ହେଉ ନାହିଁ । ସ୍ୱର୍ଗରୁ ତୋଳି ଆଣିଲା ପରି ତୁମେ ଆଦର୍ଶ କଥା କହୁଛ, ତାହା ଆମ୍ଭେମାନେ ସମାଜଶାସକ ତଥା ଅନ୍ୟ କୌଣସି କ୍ଷେତ୍ରରେ ଦେଖୁ ନାହୁଁ । ସର୍ବତ୍ର ଅଶାନ୍ତି, ଅସତ୍ୟ, ସ୍ୱାର୍ଥ, ଛଳକପଟର ତାଣ୍ଡବ ନୃତ୍ୟ । ଦେଶ-ନେତାମାନେ

ହେଉଛନ୍ତି ଆମ୍ଭର ଆଦର୍ଶ । ସେମାନଙ୍କ ଆଚରଣ ସର୍ବତ୍ର ବିଦିତ । ଅନ୍ତରରେ ସେମାନଙ୍କ ବାକ୍ୟର ବିପରୀତ ଭାବ ଏବଂ ପ୍ରତ୍ୟକ୍ଷ କର୍ମ । ଆମ୍ଭେମାନେ ଉତ୍ତମ ଆଦର୍ଶ ଶିଖିବୁ କେଉଁଠୁ ? ସମ୍ଭବତଃ ଦେଶର ଦୁର୍ଦ୍ଦଶା ତୁମ ଦୃଷ୍ଟିରେ ପଡ଼ି ନାହିଁ । ଦେଶର ଦୀନହୀନ ପରିସ୍ଥିତି ନ ଜାଣିଥିବା ଯୋଗୁଁ ଆମ ଛାତ୍ର ଆନ୍ଦୋଳନକୁ ଦୋଷ ଦେଉଅଛ । ଲୋକ ବର୍ତ୍ତମାନ ଅଧିକ ସଂଖ୍ୟାରେ ପୂର୍ଣ୍ଣ ଉଦର ଭୋଜନ, ଶରୀର ଆଚ୍ଛାଦନ କରିବାକୁ ବସ୍ତ୍ର ପାଉ ନାହାନ୍ତି । ବେକାର ସଂଖ୍ୟା ବଢ଼ିଚାଲିଛି । ପଢ଼ି ପାସ୍ କରିଥିବା ବ୍ୟକ୍ତିଙ୍କୁ ଜୀବିକା ଯୋଗେଇ ଦେବା ପରିବର୍ତ୍ତେ କର୍ମରେ ନିଯୁକ୍ତ ହେଉଥିବା ବ୍ୟକ୍ତିଙ୍କୁ ଛଟାଇ ହେଉଅଛି । ସବୁ କ୍ଷେତ୍ରରେ ମୂଳରୁ ଶେଷ ପର୍ଯ୍ୟନ୍ତ ସବୁ ଶ୍ରେଣୀର ବ୍ୟକ୍ତି ଦେଶର ଜନତାର ହିତ ଚିନ୍ତା ନ କରି ନିଜ ନିଜ ପକେଟ ଭର୍ତ୍ତି କରୁଅଛନ୍ତି । ଶହେ ଟଙ୍କା ଆତ୍ମସାତ୍ କରି ଦେଶର ବା ଜନତାର ଲକ୍ଷେ ଟଙ୍କା କ୍ଷତି କରୁଅଛନ୍ତି । ସରକାରଙ୍କ ତରଫରୁ ଦେଶହିତ ସକାଶେ କୋଟିଏ ଟଙ୍କା କାଗଜ ପତ୍ରରେ ଲେଖା ହେଲେ ଯଥାର୍ଥରେ ଲକ୍ଷେ ଟଙ୍କା ଖର୍ଚ୍ଚ ହେଉ ଅଛି । ଧନୀମାନେ ଗରିବମାନଙ୍କ ରକ୍ତ ଶୋଷି ଖାଉଛନ୍ତି । ଏପରି ଅବସ୍ଥାରେ ଶାସନ ବିରୁଦ୍ଧ ଆମ ଛାତ୍ର ଆନ୍ଦୋଳନ ଯୁକ୍ତିଯୁକ୍ତ ବୋଲି ଆମ୍ଭେ ମନେ କରୁଅଛୁ । ସୁତରାଂ ଏପରି ଶାସନକୁ ଭାଙ୍ଗି ଦିଆ ନ ହେଲେ ଦେଶରେ ଦୁର୍ନୀତି ବଢ଼ିବ । ଏହି ଅବସ୍ଥା ପ୍ରତି ତୁମେ ଦୃଷ୍ଟି ନ ଦେଇଥିବା ଯୋଗୁଁ ଉପସ୍ଥିତ ଶାସନକୁ ସମର୍ଥନ କରୁଅଛ ।

ଉ : ବର୍ତ୍ତମାନ ଶାସନ ସନ୍ତୋଷଜନକ ନୁହେଁ କିଂବା ତା'କୁ ଆମ୍ଭେ ସମର୍ଥନ କରୁ ନାହୁଁ । କିନ୍ତୁ ଏହା ଅପେକ୍ଷା ଉତ୍ତମ ପ୍ରଣାଳୀର ଶାସନ ନ ଜାଣି, ସ୍ୱୟଂ ଆଚରଣ ନ କରି, ନିଜ ଶିକ୍ଷା ସମୟକୁ ନଷ୍ଟକରି, ନିଜ ଜୀବନ ତଥା ଦେଶରେ ବିଶୃଙ୍ଖଳା ସୃଷ୍ଟି କରିବାରୁ ତୁମ ଛାତ୍ର ଆନ୍ଦୋଳନକୁ ଯୁକ୍ତିଯୁକ୍ତ ନୁହେଁ ବୋଲି କହୁ ଅଛୁ ।

ପ୍ର : କୌଣସି ନୂତନଶାସନ ପ୍ରଣାଳୀ ଆବିଷ୍କାର ନ କରି ପ୍ରଚଳିତ ଶାସନ ପ୍ରଣାଳୀ ଭାଙ୍ଗି ଦେବା ତୁମ ବିଚାରରେ ଯୁକ୍ତିଯୁକ୍ତ ନୁହେଁ । ଯଦି ଉପସ୍ଥିତ ଶାସନ ନୂତନ ପ୍ରଣାଳୀ ଭାଙ୍ଗି ଦିଆ ନ ହୁଏ ତେବେ ଶାସନ ପ୍ରଣାଳୀ ଆବିଷ୍କାର ହେବ କିପରି ?

ଉ : ଗଛର ଗୋଟିଏ ଡାଳରେ ପାଦ ନ ରଖି ଅନ୍ୟ ଡାଳରୁ ପାଦଟି ଉଠେଇ ନେଲେ ପଡ଼ି ଆଣ୍ଠୁ, ଗଣ୍ଠି ଛିଡ଼ିଯିବା ସଦୃଶ ତୁମ ଯୁକ୍ତି । ଗୋଟିଏ ଉତ୍ତମ ଶାସନର ପଦ୍ଧତି ଆବିଷ୍କାର ନ କରି ପୁରାତନ ପଦ୍ଧତିକୁ ଭାଙ୍ଗି ଦେଲେ ଦେଶର ପରିସ୍ଥିତି ଅଧିକ ଦୈନ୍ୟ ହେବ । ଯଥାର୍ଥ ପ୍ରଣାଳୀ ହେଲା; ନୂତନ ପଦ୍ଧତି ଖୋଜି ବାହାର କରିବା ।

ପ୍ର : କେଉଁ ଉପାୟରେ ତୁମେ ଶାସନ ପ୍ରଣାଳୀ ଆବିଷ୍କାର କରିବ ?

ଉ : ଏହାର ଉପାୟ ହେଲା ବର୍ତ୍ତମାନ ଉପସ୍ଥିତ ସମସ୍ତ ପ୍ରକାର ଶାସନପ୍ରଣାଳୀ ଅଧ୍ୟୟନ କରିବା ଏବଂ ଭବିଷ୍ୟତ୍ ଉତ୍ତମ ଶାସନପ୍ରଣାଳୀ ବିଷୟରେ କହିଥିବା ମହାପୁରୁଷଙ୍କ ବାର୍ତ୍ତାକୁ ଆନ୍ତରିକ ଭାବେ ବିଚାର କରିବା ।

ପୂର୍ଣ୍ଣାଙ୍ଗ ଶିକ୍ଷା

ପୂର୍ଣ୍ଣାଙ୍ଗ ଶିକ୍ଷାର ଉଦ୍ଦେଶ୍ୟ ହେଲା ଜୀବନର ପୂର୍ଣ୍ଣତା, ମନ-ପ୍ରାଣ-ଶରୀର ସହିତ ଆତ୍ମାର ବିକାଶ ।

ଉପସ୍ଥିତ ମନୁଷ୍ୟଜୀବନ ଅପୂର୍ଣ୍ଣ । ତା'ର ମନ-ପ୍ରାଣ-ଶରୀରର ବିକାଶ ହୋଇଅଛି, ଆତ୍ମାର ବିକାଶ ହୋଇ ନାହିଁ । ଆତ୍ମାର ବିକାଶ ନ ହୋଇଥିବାରୁ ସେ ଚାହୁଁଥିବା ଜ୍ଞାନ, ଆନନ୍ଦ, ସୁଖଶାନ୍ତି ପାଇ ପାରୁ ନାହିଁ କିଂବା ଜୀବନର ଲକ୍ଷ୍ୟ ବା ଜୀବନର ପୂର୍ଣ୍ଣତା ସମ୍ବନ୍ଧେ ସଚେତ ହୋଇ ପାରୁ ନାହିଁ । କିନ୍ତୁ ତା' ମଧ୍ୟରେ ଅବିକଶିତ ରୂପେ ଆତ୍ମା ଉପସ୍ଥିତ ଥିବାରୁ ସେ ଜୀବନର ଲକ୍ଷ୍ୟ ବା ଜୀବନର ପୂର୍ଣ୍ଣତା ଆଡ଼କୁ ଅସ୍ପଷ୍ଟ, ଅଜ୍ଞାତ ଓ ଅଚେତରୂପେ ଯାତ୍ରା କରୁଅଛି । କ୍ରମବିକାଶ ଅନୁସାରେ ମନର ବିକାଶ ସମାପ୍ତ ହେବାରୁ ଆତ୍ମବିକାଶ ହେବାର ସମୟ ଉପସ୍ଥିତ ହୋଇଅଛି । ସେହି ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ରୂପାନ୍ତରକାରିଣୀ ଅତିମାନସ ପରାର୍ଦ୍ଧ ଦିବ୍ୟ ଶକ୍ତିକୁ ଏହି ପୃଥିବୀରେ ଅବତରଣ କରାଇ ଅଛନ୍ତି । ସେହି ଶକ୍ତି ପ୍ରତି ବ୍ୟକ୍ତି ଉନ୍ମୁକ୍ତ ହେଲେ ତା'ର ମନ-ପ୍ରାଣ-ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବ । ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ, ଅଜ୍ଞାନତାରୁ ସଂପୂର୍ଣ୍ଣରୂପେ ମୁକ୍ତ ହେବ, ପୃଥିବୀ ସ୍ୱର୍ଗରେ ପରିଣତ ହେବ । ପ୍ରଥମରେ ଏହି ସତ୍ୟ ସମ୍ବନ୍ଧେ କେତେକ ବ୍ୟକ୍ତି ଜାଣିବେ, ତା' ମଧ୍ୟରୁ କେତେକ ବ୍ୟକ୍ତି ଗ୍ରହଣ କରିବେ ଏବଂ ପରିଚାଳିତ ହେବେ । ତା' ମଧ୍ୟରୁ କେତେକ ବ୍ୟକ୍ତିଙ୍କର ମନ-ପ୍ରାଣ-ଶରୀର ଆତ୍ମାର ଗୁଣଧର୍ମରେ ରୂପାନ୍ତରିତ ହେବାକୁ ଲାଗିବ । ଅଳ୍ପ କେତେକ ବ୍ୟକ୍ତିଙ୍କର ଏହି ରୂପାନ୍ତର ପୂର୍ଣ୍ଣ ହେଲେ ସେହିମାନେ ହେବେ ଅତିମାନବ । ସଂସାର ପରିଣତ ହେବ ସ୍ୱର୍ଗରେ । ଅର୍ଥାତ୍, ବ୍ୟକ୍ତି, ପରିବାର, ସମାଜ ତଥା ଶାସନରୁ ଅହଂ, ସ୍ୱାର୍ଥ, ମିଥ୍ୟାଚାର, ଅସତ୍ୟ, ଅନ୍ୟାୟ, ଲାଞ୍ଚ, ମିଛ ଇତ୍ୟାଦି ଦୂର ହେବ ଏବଂ ଦେଶ ସମୃଦ୍ଧିଶାଳୀ ହେବ । ଜଣେ ବ୍ୟକ୍ତି ବି ଦରିଦ୍ର ହୋଇ ରହିବ ନାହିଁ । ଝଡ଼ତୋଫାନ, ଅକାଳମୃତ୍ୟୁ ହେବ ନାହିଁ । ପରିବାରରେ କଳହ, ଗ୍ରାମରେ ବିବାଦ, ରାଜନୀତିରେ ଦଳଗତ ସ୍ୱାର୍ଥ, ଦେଶ ଦେଶ ମଧ୍ୟରେ ଯୁଦ୍ଧ ଆଦି ରହିବ ନାହିଁ । ଏହା ହେବ ସାଧନା ନ କରୁଥିବା, ରୂପାନ୍ତର ନ ହୋଇଥିବା ବ୍ୟକ୍ତି, ସମାଜ ତଥା ଦେଶରେ ।

ବର୍ତ୍ତମାନ ବ୍ୟକ୍ତି, ପରିବାର, ସମାଜ, ଶାସନ ତଥା ଦେଶ ଏବଂ ବିଦେଶ, ସମସ୍ତ ସଂସାରରେ ଯେଉଁ ବିଶୃଙ୍ଖଳା, କପଟ, ଛଳ, ହିଂସା, ଦ୍ୱେଷ, ସ୍ୱାର୍ଥ, ଅହଂ ଆଦି କ୍ରିୟାଶୀଳ ହୋଇଛି, ଯାହାଦ୍ୱାରା ଦରିଦ୍ର ଦେଶ ତଥା ମହାନ୍ ଧନଶାଳୀ ଦେଶ ବି ଅଶାନ୍ତିରେ ଅଣନିଃଶ୍ୱାସୀ ହୋଇଯାଇଛନ୍ତି, ଜୀବନ ଦୁର୍ବିଷହ ହୋଇପଡ଼ିଛି । ଏହି ସଂକଟରୁ ଉଦ୍ଧାର ହେବାର ଅନ୍ୟ କୌଣସି ମାର୍ଗ ନାହିଁ । ବ୍ୟକ୍ତି ବ୍ୟକ୍ତିକୁ, ସମାଜ ଶାସନକୁ, ଏକ ଦଳ ଅନ୍ୟ ଦଳକୁ କେବଳ ଦୋଷାରୋପ କରୁଛନ୍ତି । ସମସ୍ୟାର ସମାଧାନ ଅଭେଦ୍ୟ ଦୁର୍ଗରୂପେ ସମସ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ଉପସ୍ଥିତ ହୋଇଅଛି ।

ଯୁଗ ପରିବର୍ତ୍ତନର ସନ୍ଧିକ୍ଷଣ ଯୋଗୁଁ ଏହି ସମସ୍ୟା ସମ୍ମୁଖକୁ ଆସିଅଛି । କ୍ରମବିକାଶ ଅନୁସାରେ ମନର ବିକାଶ ସମାପ୍ତ ହେବାରୁ ମନ ଦ୍ୱାରା ନିର୍ଦ୍ଧରିତ ନୈତିକତା ସଂପୂର୍ଣ୍ଣରୂପେ ଭାଙ୍ଗି ଯାଇଅଛି । ସେହି କାରଣରୁ ମନୁଷ୍ୟ ମଧ୍ୟରେ କେତେକ ପରିମାଣରେ ଦବି ରହିଥିବା ଅହଂ ସ୍ୱାର୍ଥାଦି ଅସତ୍ୟ, ଅନ୍ୟାୟ, ଅନ୍ଧକାର ଶକ୍ତିର ଗୁଣଧର୍ମ ମୁକ୍ତରୂପେ କ୍ରିୟାଶୀଳ ହୋଇଅଛି । ଏହାହିଁ ବିଶୃଙ୍ଖଳା ତଥା ଅନ୍ୟାୟ, ଅସତ୍ୟ, ଦୁର୍ନୀତିର କାରଣ । ଏହା ଦୂର କରିବାକୁ ଦେଶନେତାମାନେ ବୁଦ୍ଧିବିଚାର ଦ୍ୱାରା ଯେତେ ପ୍ରକାର ଉପାୟ ପ୍ରୟୋଗ କରୁଛନ୍ତି ତାହା ସବୁ ବ୍ୟର୍ଥରେ ପରିଣତ ହେଉଅଛି । ଏହା ସମାଧାନ ହେବ ଅତିମାନସ ସତ୍ୟଯୁଗର ସତ୍ୟକୁ ଗ୍ରହଣ କରିବା ଦ୍ୱାରା, ଯେଉଁ ନୂତନ ଯୁଗର ଅତିମାନସ ସତ୍ୟକୁ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀରେ ପ୍ରତିଷ୍ଠା କରିଛନ୍ତି । ସେହି ସତ୍ୟକୁ ଯେତେ ଅଧିକ ବ୍ୟକ୍ତି ଜାଣିବେ, ଗ୍ରହଣ କରିବେ, ଆଚରଣ କରିବେ, ସେହି ଅନୁପାତରେ ବ୍ୟକ୍ତି ମଧ୍ୟରୁ, ପରିବାର, ସମାଜ, ଶାସନରୁ ଦୁର୍ନୀତି କ୍ରମଶଃ ଦୂର ହେବ । ଯେତେବେଳେ କିଛି ବ୍ୟକ୍ତିଙ୍କର ପୂର୍ଣ୍ଣ ରୂପାନ୍ତର ହେବ ସେତେବେଳେ ଅଜ୍ଞାନ ଶକ୍ତି ଦ୍ୱାରା ଶାସିତ ମୃତ୍ୟୁପୁରୀ ସ୍ୱର୍ଗରେ ପରିଣତ ହେବ । ଏହି ସତ୍ୟ କ୍ରିୟାଶୀଳ ହେବ ସାଧକମାନଙ୍କ ଗୋଷ୍ଠୀର ବା ସାଧନାଳୟ ଓ ଶିକ୍ଷାକେନ୍ଦ୍ର ମାଧ୍ୟମରେ ।

ଶିକ୍ଷା।

ଜୀବନ ନିର୍ମାଣ ହୁଏ ଶିକ୍ଷା ଦ୍ୱାରା । ଶିଶୁ ଗର୍ଭସ୍ଥ ହେବା ସମୟରେ ପିତାମାତାଙ୍କ ମନୋଭାବ ଯେପରି ଥାଏ ସେହି ଅନୁସାରେ ତା'ର ସଂସ୍କାରର ଭିତ୍ତି ସ୍ଥାପିତ ହୁଏ । ସେ ଗର୍ଭରେ ଥିବା ସମୟରୁ ତା'ର ଶିକ୍ଷାରମ୍ଭ ହୁଏ ମା'ର ଆଚରଣ ଅନୁସାରେ । ସେ ଭୂମିଷ୍ଠ ହେବା ପରେ ମା'ର ଆଚରଣ ପ୍ରଭାବ ସହିତ ପରିବାର ତଥା ପାରିପାର୍ଶ୍ୱିକ ବାତାବରଣର ପ୍ରଭାବ ପଡ଼େ ତା' ଉପରେ । ସ୍କୁଲ ଶିକ୍ଷା ତଥା ସ୍କୁଲ ବାତାବରଣର ପ୍ରଭାବରେ ଶିଶୁର ଚରିତ୍ର ଗଠନ ହୁଏ । ଶିଶୁର ପୂର୍ବଜନ୍ମର ପ୍ରବଳ ଉତ୍ତମ ସଂସ୍କାର ଥିଲେ ବାଲ୍ୟାବସ୍ଥାର ପ୍ରତିକୂଳ ବାତାବରଣ ଅଧିକ କ୍ଷତି କରିପାରେ ନାହିଁ । କିନ୍ତୁ କିଛି ପରିମାଣରେ ପଛକୁ ଟାଣିଆଣେ । ଯେଉଁ ଶିଶୁମାନଙ୍କର ପୂର୍ବଜନ୍ମର ପ୍ରବଳ ଉତ୍ତମ ସଂସ୍କାର ନ ଥାଏ ସେମାନଙ୍କର ଉତ୍ତମ ଚରିତ୍ରର ଭିତ୍ତି ସ୍ଥାପନ ହୋଇପାରେ ନାହିଁ । ଏହି ରହସ୍ୟ ପିତାମାତା ଏବଂ ସ୍କୁଲ ଶିକ୍ଷକ ବୁଝନ୍ତି ନାହିଁ । ସ୍ୱୟଂ ଉତ୍ତମ ଆଚରଣ ନ କରି ଶିଶୁମାନଙ୍କୁ ପ୍ରତିକୂଳ କର୍ମରୁ ନିବୃତ୍ତ କରାଇ ଉତ୍ତମ ଗୁଣବାନ୍ ହେବା ସକାଶେ ଆଖି ଦେଖାନ୍ତି, ଧମକ ଦିଅନ୍ତି, ଭୟ ଦେଖାନ୍ତି, ଗାଳି ଦିଅନ୍ତି; ସ୍କୁଲରେ ଶିକ୍ଷକମାନେ ପିଟନ୍ତି । ଏହା ଫଳରେ ଶିଶୁ ମଧ୍ୟରେ ଭୟ ପ୍ରବେଶ କରେ । ତା'ର ଅବିକଶିତ ସତ୍ତା ବିକାଶ ହେବାରେ ବାଧାପ୍ରାପ୍ତ ହୁଏ । ପ୍ରତିକ୍ରିୟାସ୍ୱରୂପ ତା' ମଧ୍ୟରେ ହିଂସା, ସ୍ୱାର୍ଥ, ଈର୍ଷାଦି ପ୍ରତିକୂଳ ଗୁଣ ବଢ଼ିବାକୁ ଲାଗେ । ଶିଶୁଜୀବନହିଁ କଞ୍ଚା ମାଟି ସଦୃଶ । କଞ୍ଚା ମାଟିକୁ ଯେକୌଣସି ଆକାର ଦିଆଯାଇ ପାରେ । କିନ୍ତୁ ସେହି ଆକାର ବା ପାତ୍ରକୁ ପୋଡ଼ି ଦେବା ପରେ ତା'ର ନମନୀୟତା କଠୋରତାରେ ପରିଣତ ହୋଇଯାଏ । ସେହିପରି ଶିଶୁ । ଶିଶୁ ଅବସ୍ଥାରେ ଯେପରି ଶିକ୍ଷା ଦିଆଯାଏ ତା'ର ସଂସ୍କାର, ଚରିତ୍ର, ଆଚରଣ, ବ୍ୟବହାର ସେହିପରି ହୁଏ । ନିଜ ଶିଶୁକୁ ଉତ୍ତମ ଚରିତ୍ରବାନ୍ କରିବାକୁ ହେଲେ ପିତାମାତା ଉତ୍ତମ ଆଚରଣ କରିବା ତଥା ସ୍କୁଲ ଶିକ୍ଷକମାନେ ମଧ୍ୟ ଉତ୍ତମ ଆଚରଣ କରିବା ଉଚିତ ଯଦ୍ଦ୍ୱାରା ସନ୍ତାନ ତଥା ଛାତ୍ରମାନଙ୍କର ଉନ୍ନତି ସଙ୍ଗେ ସଙ୍ଗେ ପିତାମାତା ତଥା ଶିକ୍ଷକଙ୍କର ବି ଯଥାର୍ଥ ଶିକ୍ଷା ହେବ । ଏହା ହୋଇପାରିବ ସେମାନେ ନୂତନ ଅତିମାନସ ଯୁଗର ଅତିମାନସ ସତ୍ୟ ଗ୍ରହଣ ତଥା ତା'ରି ଅନୁସାରେ ଆଚରଣ କଲେ । ସଂସାରର ଉନ୍ନତିରେ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଶିକ୍ଷକମାନେ ଅଧ୍ୟାତ୍ମ ଭିତ୍ତିରେ କର୍ମ ନ କଲେ ସେମାନେ ଯଥାର୍ଥ ଶିକ୍ଷା ଦେଇ ପାରିବେ ନାହିଁ । ପିତାମାତା ତଥା ଶିକ୍ଷକମାନେ ଉତ୍ତମ ଆଚରଣ ନ କରି ସନ୍ତାନ ବା ଛାତ୍ରଛାତ୍ରୀମାନଙ୍କଠାରୁ ଉତ୍ତମ ଗୁଣ ଆଶା କଲେ ତାହା ବ୍ୟର୍ଥତାରେ ପରିଣତ ହୁଏ । ଏହାର ପ୍ରତ୍ୟକ୍ଷ ପ୍ରମାଣ ଜଗତ୍ ସମ୍ମୁଖରେ ରହିଅଛି ।

ଏଠାରେ ଗୋଟିଏ ଗଳ୍ପର ଉଦାହରଣ ଦେବା :

ପୂର୍ବେ ପାଠଶାଳାରେ ଶିକ୍ଷା ଦିଆ ହେଉଥିଲା । ଜଣେ ଛାତ୍ରର ପିତା ମାଷ୍ଟରକୁ କହିଲା, ''ମୋ ପୁଅ ଗୁଡ଼ ଖାଉଅଛି । ପରିଣାମରେ କାଛୁକୁଣ୍ଡିଆ ଭୋଗୁଅଛି । ମୁଁ ମନା କରିବା ସତ୍ତ୍ୱେ ସେ ଗୁଡ଼ ଖାଇବା ଛାଡୁ ନାହିଁ ।'' ମାଷ୍ଟର ଶୁଣି ଚୁପ୍ ରହିଲେ । ଗୋଟିଏ ମାସ ବିତିଯବା ପରେ ସେହି ପିଲାକୁ ମାଷ୍ଟର କହିଲେ, ''ଗୁଡ଼ ଖାଇବା ବନ୍ଦ କରିବ, ଅଧିକ ମିଠା ଖାଇବା ଦ୍ୱାରା କାଛୁକୁଣ୍ଡିଆ ହୁଏ ।'' ସେହି ଦିନଠାରୁ ସେ ପିଲା ଗୁଡ଼ ଖାଇବା ବନ୍ଦ କରିଦେଲା । ପରେ ସେ ପିଲାର ପିତା ମାଷ୍ଟରଙ୍କ ପାଖକୁ ଆସି ପଚାରିଲେ, ''ମୁଁ ଏକ ମାସ ପୂର୍ବରୁ ଆପଣଙ୍କୁ ମୋ ପୁଅ କଥା କହିଥିଲି । କିନ୍ତୁ ସେ ସମୟରେ ଆପଣ କିଛି ଉତ୍ତର ଦେଇ ନ ଥିଲେ । ମାସକ ପରେ ଆପଣ ମନା କିରବାରୁ ମୋ ପୁଅ ଗୁଡ଼ ଖାଇବା ଛାଡ଼ି ଦେଇଛି । ସେତେବେଳେ କାହିଁକି ମନା କଲେ ନାହିଁ ?'' ମାଷ୍ଟର କହିଲେ, ''ସେ ସମୟରେ ମୁଁ ସ୍ୱୟଂ ଗୁଡ଼ ଖାଉଥିଲି । ସେ ସମୟରେ ମନା କରିଥିଲେ ତା'ର ପ୍ରଭାବ ପଡ଼ି ନ ଥା'ନ୍ତା । ସେ ସକାଶେ ମୁଁ ପ୍ରଥମରେ ଗୁଡ଼ ଖାଇବା ବନ୍ଦ କରି ପରେ ତୁମ ପୁଅକୁ ମନା କରବାରୁ ସେ ଗୁଡ଼ ଖାଇବା ଶୀଘ୍ର ଛାଡ଼ିଲା ।''

ଉପରେ ଦୁଇଟି ବିପରୀତ ଘଟଣା କୁହାହେଲା ।

ପ୍ରଥମଟି ହେଲା, ''ବ୍ୟକ୍ତି ତା'ର ଶିଶୁ ଅବସ୍ଥାରେ ଯେଉଁ ପ୍ରକାର ଶିକ୍ଷା ପାଇଥିବ, ବଡ଼ ହେବା ପରେ ତାହା ପୋଡ଼ା ହାଣ୍ଡି ସଦୃଶ ପରିବର୍ତ୍ତନ ହେବ ନାହିଁ ।''

ଅନ୍ୟଟି ହେଉଛି, ''ଶିଶୁକୁ ଉତ୍ତମ ଶିକ୍ଷା ଦେବା ସକାଶେ ପିତାମାତା ତଥା ଶିକ୍ଷକ ଉତ୍ତମ ଆଚରଣ କରିବା ଉଚିତ ।''

ପିତାମାତା ତଥା ଶିକ୍ଷକ ବାଲ୍ୟାବସ୍ଥାରୁ ଯଦି ଉତ୍ତମ ଆଚରଣ କରି ନ ଥିବେ ତେବେ ବର୍ତ୍ତମାନ ଶିଶୁ ଏବଂ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେବା ସକାଶେ ଉତ୍ତମ ଆଚରଣ କରିବେ କିପରି ? ଏହି ସକାଶେ କରିପାରିବେ, ବର୍ତ୍ତମାନ ଅତିମାନସ ଶକ୍ତି କ୍ରିୟାଶୀଳ ହୋଇଅଛି । ପୁରାତନ କାଳରେ ସ୍ୱଭାବ ବା ସଂସ୍କାରର ପରିବର୍ତ୍ତନ ଅତ୍ୟନ୍ତ କଠିନ ଥିବାରୁ ପୁରାତନ ସମସ୍ତ ଯୋଗୀ ମନ-ପ୍ରାଣ-ଶରୀର ଛାଡ଼ି କେବଳ ଆତ୍ମାକୁ ନେଇ ମୁକ୍ତି, ନିର୍ବାଣ ଅଥବା ଭଗବତ୍ ପ୍ରାପ୍ତି କରିଥିଲେ । ଯଥାର୍ଥରେ ଯେଉଁ କାର୍ଯ୍ୟ ଅଭ୍ୟାସରେ ପରିଣତ ହୋଇଯାଇଥାଏ, ତାହା ଛାଡ଼ିବାକୁ ବହୁତ କଠିନ ହୁଏ । ଯେପରି ପାନ, ବିଡ଼ି, ସିଗାରେଟ, ଗଞ୍ଜେଇ, ଅଫିମ, ମଦ୍ୟ ଇତ୍ୟାଦି । ବାଲ୍ୟାବସ୍ଥାର ଅଭ୍ୟାସ ଛାଡ଼ିବା ପୂର୍ବେ ଅସାଧ୍ୟ ଥିଲା । ବର୍ତ୍ତମାନ ନାହିଁ । ଅତିମାନସ ଶକ୍ତି ପୃଥିବୀରେ ପ୍ରତିଷ୍ଠା ଲାଭ କରି ସାରିଛି ।

ଯଦି ପିତାମାତା ତଥା ଶିକ୍ଷକମାନେ ଏହି ଅତିମାନସ ଶକ୍ତି ପ୍ରତି ଉନ୍ମୁକ୍ତ ହୋଇ ଚେଷ୍ଟା କରିବେ, ତେବେ ସେମାନଙ୍କର ବାଲ୍ୟାବସ୍ଥାରୁ ପରିଣତ ହୋଇଥିବା ସଂସ୍କାର ବା ସ୍ୱଭାବକୁ ଉତ୍ତମ ଗୁଣଧର୍ମରେ ରୂପାନ୍ତରିତ କରିପାରିବେ । ଯେଉଁ ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ ଏବଂ ସେ ଅଲଂଘନୀୟ ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ସଂପୂର୍ଣ୍ଣରୂପେ ମୁକ୍ତ ହେବ, ସେହି ଅତିମାନସ ଶକ୍ତି ସକାଶେ ମନୁଷ୍ୟର ସ୍ୱଭାବ ପରିବର୍ତ୍ତନ ଅସାଧ୍ୟ ହୋଇ ରହିବ ନାହିଁ । ଏହି କାରଣରୁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠା ଏକାନ୍ତ ଆବଶ୍ୟକ ଯାହା ଦ୍ୱାରା ଛାତ୍ରଛାତ୍ରୀ ତଥା ସେମାନଙ୍କ ପିତାମାତା ଓ ଶିକ୍ଷକମାନେ ନିଜ ପ୍ରକୃତିକୁ ପରିବର୍ତ୍ତିତ କରିପାରିବେ ।

ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର

ପୃଥିବୀରେ ଅତିମାନବ ଜାତି, ଅତିମାନସ ନୂତନ ଯୁଗ ପ୍ରତିଷ୍ଠା ହେବାର ଭିତ୍ତି ବା ଆଧାର ହେଉଛି ପାଠଚକ୍ର, ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ର ତଥା ଆଶ୍ରମ ବା ସାଧନାଳୟ ପ୍ରତିଷ୍ଠା । ପ୍ରୌଢ଼ ବ୍ୟକ୍ତିମାନେ ପାଠଚକ୍ର ଦ୍ୱାରା ଅତିମାନସ ସତ୍ୟ ବିଷୟରେ ସଚେତ ହୋଇପାରିବେ ଏବଂ ଗ୍ରହଣ କରିପାରିବେ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଦ୍ୱାରା ବାଳକବାଳିକା, ସେମାନଙ୍କ ମାତାପିତା ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଜୀବନ ଉନ୍ନତ ହେବ । ଗୃହତ୍ୟାଗୀ ସାଧକମାନଙ୍କ ଜୀବନର ସର୍ବାଙ୍ଗୀନ ବିକାଶ ସକାଶେ ସାଧନାଳୟ । ଏହିପ୍ରକାର ସଂସ୍ଥା ଦ୍ୱାରା ସମାଜର ସବୁ ଶ୍ରେଣୀର ବ୍ୟକ୍ତି ମଧ୍ୟରୁ କେତେକ ବ୍ୟକ୍ତି ଅତିମାନସ ସତ୍ୟକୁ ଗ୍ରହଣ କରିବାର ସୁଯୋଗ ପାଇ ପାରିବେ । କିନ୍ତୁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଦ୍ୱାରା ଏହି ସତ୍ୟ ଅଧିକ ବ୍ୟାପକଭାବେ ପ୍ରସାର ହୋଇପାରିବ ।

ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ ଶିକ୍ଷୟିତ୍ରୀ ହେବେ ସାଧକ ଏବଂ ସାଧିକା । ସେମାନଙ୍କ କାର୍ଯ୍ୟ ବେତନ ନେବା ସକାଶେ ସ୍କୁଲରେ ହାଜିରା ପକାଇବା ହେବ ନାହିଁ । ସେମାନଙ୍କ ଶିକ୍ଷା ଦେବା କାର୍ଯ୍ୟ ହେବ ନିଜ ଜୀବନରେ ଭଗବତ୍ ପ୍ରାପ୍ତି କରିବାର ଉପାୟ ବା ସାଧନା । ସେମାନେ ହେବେ ଅଧ୍ୟାତ୍ମ ବିଦ୍ୟାଶିକ୍ଷାର ଛାତ୍ରଛାତ୍ରୀ । ସେହିମାନଙ୍କର ଅଧ୍ୟାତ୍ମ ସାଧନାର ବାତାବରଣର ପ୍ରଭାବ ପଡ଼ିବ ଛାତ୍ରଛାତ୍ରୀ ତଥା ସେମାନଙ୍କ ପିତାମାତାଙ୍କ ଉପରେ । ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଅଧ୍ୟାତ୍ମ ମନୋଭାବ ଯେତେ ଅଧିକ ହେବ ଛାତ୍ରଛାତ୍ରୀମାନେ ଜ୍ଞାତ ବା ଅଜ୍ଞାତରେ ସେତେ ଅଧିକ ଅଧ୍ୟାତ୍ମ ପ୍ରଭାବ ଗ୍ରହଣ କରିବେ । ସେମାନଙ୍କ ଗ୍ରହଣ ଦ୍ୱାରା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଧ୍ୟାତ୍ମ ବାତାବରଣ ସୃଷ୍ଟି ହେବ । ତଦ୍ଦ୍ୱାରା ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅନ୍ୟମାନଙ୍କର ବି ଲାଭ ହେବ । ଛାତ୍ରଛାତ୍ରୀମାନଙ୍କର ଆଧାରରେ ଅତିମାନସ ସତ୍ୟର ପ୍ରଭାବରେ ସେମାନଙ୍କର ଉତ୍ତମ ସଂସ୍କାର ବୀଜରୂପେ ପ୍ରତିଷ୍ଠିତ ହେବ ଏବଂ ସେମାନଙ୍କର ମନ-ପ୍ରାଣ-ଶରୀର ତଥା ଆତ୍ମାର ସର୍ବାଙ୍ଗୀନ ବିକାଶ ହେବାର ସୁଯୋଗ ମିଳିବ । ଅତିମାନସ ଶକ୍ତିର ପ୍ରଭାବରେ ସେମାନଙ୍କର ସୁନ୍ଦର ଚରିତ୍ର ଗଠନ ହେବ । ମନ-ବୁଦ୍ଧିରେ ପଡ଼ିଥିବା ଅଜ୍ଞାନତାର ଘନ ଆବରଣ କ୍ରମଶଃ ପତଳା ହେବାକୁ ଲାଗିବ । ଅର୍ଥାତ୍, ବାଲ୍ୟାବସ୍ଥାରୁ ସେମାନଙ୍କର କ୍ରମଶଃ

ଦୁର୍ଗୁଣ ବୃଦ୍ଧି ନ ହୋଇ ସଦ୍‌ଗୁଣ ବିକାଶ ହେବାକୁ ଲାଗିବ ଏବଂ ଯେଉଁ ବାଳକବାଳିକା ଏହି ଅତିମାନସ ସତ୍ୟ ସମ୍ବନ୍ଧେ ସଚେତ ହୋଇ ଏହାକୁ ଗ୍ରହଣ କରିବେ ସେମାନଙ୍କ ଆଧାରରେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରିବ, ଅଜ୍ଞାନ ତଥା ପ୍ରାଣର ଦୁର୍ଗୁଣ, ହିଂସା, ଦ୍ୱେଷ, ଅହଂ, ସ୍ୱାର୍ଥ, କାମ, କ୍ରୋଧ ଇତ୍ୟାଦି ରିପୁଗଣଙ୍କୁ କ୍ରମଶଃ ରୂପାନ୍ତର କରି ଜ୍ଞାନ, ଆନନ୍ଦ, ଶାନ୍ତି, ସମତା, ଅନ୍ୟର ହିତ ଇତ୍ୟାଦି ସଦ୍‌ଗୁଣରେ ପରିଣତ କରିବ । ସେମାନଙ୍କର ମନ, ବୁଦ୍ଧି ଏବଂ ପ୍ରାଣ କ୍ରମଶଃ ଶୁଦ୍ଧ, ପବିତ୍ର ହେବାରୁ ସେମାନେ ଅନ୍ୟର ମଙ୍ଗଳ କାମନା କରିବେ ଏବଂ କାର୍ଯ୍ୟରେ ମଧ୍ୟ ପରିଣତ କରିବେ । ସେହିମାନଙ୍କର ମନ-ପ୍ରାଣ-ଶରୀରର ହେବ ସର୍ବାଙ୍ଗୀନ ବିକାଶ ତଥା ଦିବ୍ୟତତ୍ତ୍ୱରେ ରୂପାନ୍ତର । ଏହିପରି ବ୍ୟକ୍ତି ହେବେ ଅତିମାନବ, ଆଗମନୀ ଅତିମାନସ ସତ୍ୟଯୁଗର ଅଗ୍ରଦୂତ । ଏହିମାନଙ୍କ ଦ୍ୱାରା ନିଜର, ପରିବାର, ଦେଶ ତଥା ଜଗତର ଯଥାର୍ଥ ହିତ ସାଧନ ହେବ । ବର୍ତ୍ତମାନ ଦେଶରେ ଯେଉଁ ବିଶୃଙ୍ଖଳା, ଅନ୍ୟାୟ, ଅସତ୍ୟ ପ୍ରବଳଭାବେ କ୍ରିୟାଶୀଳ ହୋଇଅଛି, ଏସବୁ ଦୂର ହେବ ଅତିମାନସ ସତ୍ୟକୁ ଗ୍ରହଣ କରିବା ଦ୍ୱାରା । ଏହାଛଡ଼ା ଅନ୍ୟ ପନ୍ଥା ନାହିଁ ।

ଆମ୍ଭେମାନେ ଅର୍ଦ୍ଧଜ୍ଞାନ ମନବିଶିଷ୍ଟ ମାନବ-ସଂସ୍କାର ନେଇ ଜନ୍ମଗ୍ରହଣ କରିଅଛୁ, ସେହି ବାତାବରଣରେ ପାଳନ ପୋଷଣ ହୋଇଅଛୁ, ସେହିପରି ଶିକ୍ଷା ମଧ୍ୟ ପାଇଅଛୁ । ସେହି କାରଣରୁ ଆମ୍ଭମାନଙ୍କ ମାନସିକ ଚେତନା ସଙ୍କୁଚିତ ଏବଂ ସୀମିତ ହୋଇଅଛି । ଏହି ସୀମିତତା ଯୋଗୁଁ ଉପସ୍ଥିତ ଅତିମାନସ ସତ୍ୟ ସମ୍ବନ୍ଧେ ସଚେତ ହୋଇପାରୁ ନାହୁଁ କିଂବା ତାହାରି ଦ୍ୱାରା ଏହି ଉପସ୍ଥିତ ସମସ୍ୟାର ସମାଧାନ ହେବ ବୋଲି ଭାବି ପାରୁ ନାହୁଁ । ମନ ଦ୍ୱାରା ନିର୍ଦ୍ଧାରିତ ନୈତିକତା, ଯାହା ସଂପୂର୍ଣ୍ଣରୂପେ ଭାଙ୍ଗିଯାଇଅଛି, ତାହାରି ଦ୍ୱାରା ସମସ୍ୟା ସମାଧାନ କରିବା ମରୀଚିକାରେ ଜଳ ଧାରଣା କରିବା ସଦୃଶ ଆଶା ପୋଷଣ କରୁଅଛି; ତଥା ଏହି ଆଶା ନିରାଶାରେ ପରିଣତ ହେଉଥିବା ଅନୁଭବ କରିବା ସତ୍ତ୍ୱେ ସମସ୍ୟାର ଯଥାର୍ଥ ସମାଧାନ ଖୋଜୁ ନାହୁଁ । ଏହାହିଁ ଆମ୍ଭମାନଙ୍କର ଅସୁବିଧା । ଏହି ଅସୁବିଧା ଉପସ୍ଥିତ ବାଳକବାଳିକାମାନଙ୍କ ସକାଶେ ହେବ ନାହିଁ । ସେମାନେ ସହଜରେ ଅତିମାନସ ସତ୍ୟକୁ ଗ୍ରହଣ କରିପାରିବେ । କାରଣ ବର୍ତ୍ତମାନ ଅତିମାନସ ସତ୍ୟ ପୃଥିବୀରେ ପ୍ରତିଷ୍ଠା ହୋଇସାରିଛି । ତା'ରି ବାତାବରଣର ପ୍ରଭାବ ପୃଥିବୀରେ କମ୍ ପରିମାଣରେ ପଡ଼ିଲେ ମଧ୍ୟ ପ୍ରସାରିତ ହୋଇଚାଲିଛି । ଅତିମାନସର ପ୍ରଭାବ ପଡ଼ିଥିବା ଏହି ଅପରାର୍ଦ୍ଧ ମୃତ୍ୟୁପୁରୀତତ୍ତ୍ୱରୁ ଉପସ୍ଥିତ ଶିଶୁମାନଙ୍କର ଶରୀର-ମନ-ପ୍ରାଣ ଗଠନ ହୋଇଥିବାରୁ ଅତିମାନସ ସତ୍ୟଚେତନାକୁ ଗ୍ରହଣ କରିବା ସେମାନଙ୍କ ପକ୍ଷେ ସମ୍ଭବ ହୋଇପାରିଛି । ଶିଶୁମାନଙ୍କୁ ବାଲ୍ୟାବସ୍ଥାରୁ ପୂର୍ଣ୍ଣାଙ୍ଗ ଶିକ୍ଷା ଦିଆଗଲେ ସେମାନେ ସେହି ଶିକ୍ଷାରେ ବିକାଶ କରିଚାଲିବେ । ଏହି କାରଣରୁ ଅତିମାନସ ଦିବ୍ୟଯୁଗ ପ୍ରତିଷ୍ଠା ସକାଶେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ଏକାନ୍ତ ଆବଶ୍ୟକ । ଏହାରି ଦ୍ୱାରା ବ୍ୟକ୍ତି, ପରିବାର, ସମାଜ ତଥା ସଂସାରର କଲ୍ୟାଣ ହେବ । ଏହି ଅତିମାନସ ସତ୍ୟ ଗ୍ରହଣ କରିବା ଛଡ଼ା ବ୍ୟକ୍ତି ପାଇଁ ଅନ୍ୟ ପନ୍ଥା ନାହିଁ ।

ଶିକ୍ଷାର ପରିବର୍ତ୍ତନ ଏକାନ୍ତ ଆବଶ୍ୟକ

ସମୟୋପଯୋଗୀ ଶିକ୍ଷା ହେବା ଉଚିତ । ବାଲ୍ୟାବସ୍ଥାରେ ଯେଉଁ ଶିକ୍ଷା ଦିଆଯାଏ, ପ୍ରୌଢ଼ାବସ୍ଥାରେ ସେ ଶିକ୍ଷାର ପରିବର୍ତ୍ତନ ହୁଏ । ସେହିପରି ଯୁଗୋପଯୋଗୀ ଶିକ୍ଷା ହେବା ଉଚିତ । ଉପସ୍ଥିତ ଶିକ୍ଷା ବହୁତ ପୁରାତନ ଯୁଗର । ଅର୍ଥାତ୍, ମନର ବିକାଶ ନ ହୋଇଥିବା ସମୟରୁ ଏହି ଶିକ୍ଷା ଚାଲି ଆସୁଥିଲା । ବ୍ରିଟିଶ୍ ଶାସନ ସମୟରୁ ଶିକ୍ଷା ଆହୁରି ଦୂଷିତ ହୋଇଗଲା । ଶିକ୍ଷାର ଲକ୍ଷ୍ୟ ଜୀବନର ବିକାଶ ପରିବର୍ତ୍ତେ ହେଲା ଚାକିରି କରି ପଇସା ରୋଜଗାର କରିବା କିଂବା ଅଧିକାର ପ୍ରାପ୍ତ କରିବା । ଏହାହିଁ ଜୀବନର ହେଲା ପ୍ରଧାନ ଲକ୍ଷ୍ୟ । ଅଧିକାର ସମ୍ମୁଖରେ ନିଜର, ପରିବାରର, ସମାଜର ତଥା ଦେଶର ଯଥାର୍ଥ ହିତ ହେଲା ଗୌଣ ବା ନଗଣ୍ୟ । ଖୁବ୍ ଅଳ୍ପ ବ୍ୟକ୍ତିଙ୍କ ଛଡ଼ା ଅଧିକାଂଶ ବ୍ୟକ୍ତି ନିଜର ସୁଖ, ସୁବିଧା ସକାଶେ ଧନ ଏବଂ ଅଧିକାର ପ୍ରାପ୍ତ କରିବାକୁ ଚେଷ୍ଟା କରୁଅଛନ୍ତି । ତାହା ପ୍ରାପ୍ତ ହେଲେ ତାକୁ ସ୍ଥାୟୀଭାବେ ରଖିବା ସକାଶେ ସବୁପ୍ରକାର ସତ୍, ଅସତ୍ ଉପାୟ କରୁଅଛନ୍ତି । ନିଜର ଏହି ସ୍ୱାର୍ଥ ଯୋଗୁଁ ଅନ୍ୟର ସର୍ବନାଶ ତଥା ଦେଶର

ଅହିତ କରିବାକୁ ବି ପଣ୍ଟାପୃଦ ହେଉ ନାହାନ୍ତି । ଏହା ହୋଇଛି ଆମ୍ଭମାନଙ୍କର ଆଦିମ ସ୍ୱାର୍ଥ ଏବଂ ଅଜ୍ଞାନ ସଂସ୍କାର ଯୋଗୁଁ । ଏହାକୁ ପରିପୁଷ୍ଟ କରୁଛି ଆଧୁନିକ ଶିକ୍ଷା । ଏହି କୁସଂସ୍କାର ଦୂର ହେବ ପ୍ରଚଳିତ ଶିକ୍ଷା ପରିବର୍ତ୍ତେ ପୂର୍ଣ୍ଣାଙ୍ଗ ଶିକ୍ଷା ମାଧ୍ୟମରେ ଅତିମାନସ ସତ୍ୟକୁ ଗ୍ରହଣ କରିବା ଦ୍ୱାରା । ଏହି ଅତିମାନସହିଁ ଆଗମନୀ ଯୁଗର ସତ୍ୟ । ସଂସାରର ସମସ୍ତ ବ୍ୟକ୍ତି ଅଜ୍ଞାତରୂପେ ଭ୍ରମ ମାର୍ଗରେ ସେହି ନୂତନ ଯୁଗ ଆଡ଼କୁ ଯାତ୍ରା କରୁଅଛନ୍ତି କିନ୍ତୁ ତା' ସମ୍ବନ୍ଧେ ସଚେତ ନ ଥିବା ଯୋଗୁଁ ଲକ୍ଷ୍ୟପ୍ରାପ୍ତିର ମାର୍ଗଭ୍ରଷ୍ଟ ହୋଇ ନାନା ପ୍ରକାର ଦୁଃଖକଷ୍ଟ ଭୋଗୁ ଅଛନ୍ତି । ଏହି ପୂର୍ଣ୍ଣାଙ୍ଗ ଶିକ୍ଷା ଦ୍ୱାରା ଆମେ ଆମର ଯଥାର୍ଥ ଲକ୍ଷ୍ୟ ଜାଣିପାରିବା ଏବଂ ଯଥାର୍ଥ ମାର୍ଗରେ ମଧ୍ୟ ଯାତ୍ରା କରିପାରିବା । ସେ ସକାଶେ ପୂର୍ଣ୍ଣାଙ୍ଗ ଶିକ୍ଷା ବର୍ତ୍ତମାନ ଅବସ୍ଥାରେ ଏକାନ୍ତ ଆବଶ୍ୟକ ଏବଂ ଅପରିହାର୍ଯ୍ୟ ।

ପୂର୍ଣ୍ଣାଙ୍ଗ ଶିକ୍ଷାର ଶିକ୍ଷକ

ପୂର୍ଣ୍ଣାଙ୍ଗ ଶିକ୍ଷାର ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ହେବେ ସାଧକ । ସେମାନେ ଜୀବନର ଯଥାର୍ଥ ଲକ୍ଷ୍ୟ ଜାଣିବେ, ଗ୍ରହଣ କରିବେ ଏବଂ ଆଚରଣ କରିବେ, ଯେଉଁ ଲକ୍ଷ୍ୟକୁ ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ସୃଷ୍ଟି ଆରମ୍ଭରୁ ଆମ୍ଭେମାନେ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଅଜ୍ଞାତରୂପେ ସେହି ଲକ୍ଷ୍ୟ ଆଡ଼କୁ ଭୁଲ୍‌ଭ୍ରାନ୍ତି ମାର୍ଗରେ ଯାତ୍ରା କରିଆସୁଅଛୁ । ସଂସାରର ସମସ୍ତ ବ୍ୟକ୍ତି ଦୁଃଖ, ରୋଗ, ମୃତ୍ୟୁ, ବୃଦ୍ଧତ୍ୱ, ଅଜ୍ଞାନକୁ ନ ଚାହିଁ ଦୁଃଖବିହୀନ ପରମ ସୁଖ, ମୃତ୍ୟୁବିହୀନ ଅମରତ୍ୱ, ରୋଗବିହୀନ ନୀରୋଗତ୍ୱ, ବୃଦ୍ଧତ୍ୱବିହୀନ ଚିରଯୌବନ, ଅଜ୍ଞାନବିହୀନ ପରମ ଜ୍ଞାନ ଅଜ୍ଞାତରୂପେ ଚାହିଁ ଆସୁଅଛନ୍ତି ଏବଂ ଏହାକୁ ପ୍ରାପ୍ତ କରିବା ସକାଶେ ବାଞ୍ଛିତ ଅବାଞ୍ଛିତ ସକଳ କର୍ମ ମଧ୍ୟ କରୁଅଛନ୍ତି । ଏହାହିଁ ସମସ୍ତ ବ୍ୟକ୍ତିଙ୍କର ଜୀବନର ଲକ୍ଷ୍ୟ । କିନ୍ତୁ ମନର ବିକାଶ ସମାପ୍ତ ହୋଇ ନ ଥିବା ତଥା ମନର ଊର୍ଦ୍ଧ୍ୱ ଅତିମାନସ ସତ୍ୟ ଏହି ପୃଥବୀରେ ପ୍ରତିଷ୍ଠା ହୋଇ ନ ଥିବା ଯୋଗୁଁ ଆମ୍ଭମାନଙ୍କ ଚାହିଁବା ଆମ୍ଭମାନଙ୍କ ପାଖରେ ଅଜ୍ଞାତ ହୋଇ ରହିଥିଲା । କିନ୍ତୁ ବର୍ତ୍ତମାନ ଅତିମାନସ ଶକ୍ତି ଏହି ପୃଥିବୀରେ ରୂପାନ୍ତର କ୍ରିୟା କରୁଅଛି । ଆଦର୍ଶରୂପେ ଅତିମାନସ ଶକ୍ତି ଗ୍ରହଣ କରିବା ସାଧନାକେନ୍ଦ୍ର ଆଶ୍ରମ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷା ବିଦ୍ୟମାନ ଅଛି । ଆମ୍ଭେମାନେ ନିଜ ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତ ହେବା ତଥା ଆଚରଣ କରିବାର ସମୟ ଆସିଅଛି ।

ପୂର୍ଣ୍ଣାଙ୍ଗ ଶିକ୍ଷାର ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି ଲକ୍ଷ୍ୟ ଗ୍ରହଣ କରିବେ ଏବଂ ଲକ୍ଷ୍ୟପ୍ରାପ୍ତିର ଉପାୟ ବା ସାଧନାରୂପେ ଆନ୍ତରିକ ଆଗ୍ରହ ସହିତ ଛାତ୍ରଛାତ୍ରୀମାନଙ୍କୁ, ଶିକ୍ଷା ଦେବେ । ଛାତ୍ରଛାତ୍ରୀମାନେ ନିଜ ନିଜ ସ୍ୱଭାବ ଏବଂ ବିକାଶ ଅନୁସାରେ ଯେଉଁ ପ୍ରଣାଳୀରେ ପଢ଼ି ପାରିବେ ଏବଂ ବୁଝି ପାରିବେ ସେହି ପ୍ରଣାଳୀରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ସେମାନଙ୍କୁ ଶିକ୍ଷା ଦେବେ ଏବଂ ବୁଝାଇ ଦେବେ । ଏହି କାର୍ଯ୍ୟ ସେମାନଙ୍କର ଲକ୍ଷ୍ୟପ୍ରାପ୍ତିର ସାଧନା ହେବାରୁ କର୍ତ୍ତବ୍ୟରେ କୌଣସି ପ୍ରକାର ତ୍ରୁଟି କରିବେ ନାହିଁ । କର୍ତ୍ତବ୍ୟରେ ତ୍ରୁଟି କରିବା ଅର୍ଥ ନିଜ ସାଧନାରେ ବା ଜୀବନର ବିକାଶରେ ହାନି କରିବା । ସେମାନେ ସବୁ ସମୟରେ 'ମା' ଏହି ନାମ ସ୍ମରଣ କରିବେ ତଥା ସମସ୍ତ କର୍ମ ମା'ଙ୍କ ଚରଣରେ ସମର୍ପଣ କରିବେ । କିଛି ସମୟ ଧ୍ୟାନ କରିବେ, କିଛି ସମୟ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଗ୍ରନ୍ଥ ଅଧ୍ୟୟନ କରିବେ । ଛୋଟ ଛୋଟ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେବା ସମୟରେ, ଗଳ୍ପ କହିବା ସମୟରେ, ଖେଳାଇବା ସମୟରେ କେବେ କେବେ ଉଚିତ ଅବସ୍ଥା ଦେଖି ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତ କରାଇ ଦେଉଥିବେ । ଛାତ୍ରଛାତ୍ରୀମାନଙ୍କୁ ଯେଉଁଥିରେ ଭୟ ହେବ ସେପରି ଆଚରଣ କଦାପି କରିବେ ନାହିଁ । ସବୁ ସମୟରେ ଏପରି ପରିବେଶ ସୃଷ୍ଟି କରିବେ ଯେପରି ସେମାନେ ପ୍ରସନ୍ନତାରେ, ଆଗ୍ରହରେ, ଉତ୍ସାହରେ ପଢ଼ିବେ ଏବଂ ଖେଳିବେ । ଭୟ ଦେଖାଇ କୌଣସି କାର୍ଯ୍ୟ କରାଇବେ ନାହିଁ । ଧମକେଇବା, ମାରିବା ଧାରଣା ବି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମନରେ କେବେ ଆସିବା ଉଚିତ ନୁହେଁ । ଏହି ପ୍ରକାର ଆଚରଣ କରିବାହିଁ ହେବ ସେମାନଙ୍କର ସାଧନା ।

ପ୍ରଥମରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର କର୍ତ୍ତବ୍ୟରେ ତ୍ରୁଟି ରହିପାରେ । କିନ୍ତୁ ଉପରୋକ୍ତ ଲକ୍ଷ୍ୟ ରଖି କାର୍ଯ୍ୟ କଲେ

କ୍ରମଶଃ ତ୍ରୁଟି ଦୂର ହୋଇଯାଏ । ସାଧକର ସାଧନାର ପ୍ରଥମ ଅବସ୍ଥାରେ ଯେପରି ବହୁତ ତ୍ରୁଟି ଥାଏ, କିନ୍ତୁ ଆନ୍ତରିକତା ସହ ସାଧନା ମାର୍ଗରେ ଗତି କଲେ କ୍ରମଶଃ ତ୍ରୁଟିସବୁର ସଂଶୋଧନ ହୁଏ, ଠିକ୍ ସେହିପରି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଶିକ୍ଷାକର୍ମ ସାଧନା ।

ଏହିପରି ଆଚରଣ ଛାତ୍ରଛାତ୍ରୀମାନଙ୍କ ପିତାମାତାମାନେ କରିବା ଉଚିତ । ସେମାନେ ଯଦି ନିଜେ ସୁଖ, ଶାନ୍ତି, ଆନନ୍ଦରେ ରହିବାକୁ ଚାହାନ୍ତି ଏବଂ ନିଜ ସନ୍ତାନମାନଙ୍କର ଉନ୍ନତି, ଉତ୍ତମ ଗୁଣ ଚାହାନ୍ତି ତଥା ସମାଜରେ ସେମାନେ ଆଦର୍ଶ ମାନବ ହେବାର ଆଶା ରଖନ୍ତି ତେବେ ନିଜ ଗୃହରେ ପ୍ରଥମେ ଶାନ୍ତି ଶୃଙ୍ଖଳା ପ୍ରତିଷ୍ଠା କରନ୍ତୁ । ଘରର ସମସ୍ତ କର୍ମ ନିୟମିତରୂପେ ଶୃଙ୍ଖଳିତଭାବେ କରନ୍ତୁ । ପରିବାର ମଧ୍ୟରେ ଏବଂ ପତି ପତ୍ନୀ ମଧ୍ୟରେ ପ୍ରତିବାଦ କିଂବା ଝଗଡ଼ା କରନ୍ତୁ ନାହିଁ । ଘର, ପରିବାର ତଥା ନିଜେ ଭଗବାନଙ୍କର ବୋଲି ମନେକରି ମା'ଙ୍କ ସେବା ଭାବରେ ନିଜ ସକାଶେ, ପରିବାର ସକାଶେ କରିବା ସମସ୍ତ କର୍ମକୁ ମା'ଙ୍କ ଚରଣରେ ସମର୍ପଣ କରନ୍ତୁ । 'ମା' ଏହି ନାମ ସ୍ମରଣ କରନ୍ତୁ । ଏହିପରି ଆଚରଣ କଲେ ଗୃହରେ ଉତ୍ତମ ବାତାବରଣ ସୃଷ୍ଟି ହୁଏ । ଗୃହ, ସମସ୍ତ ପରିବାର ତଥା ନିଜ ଶିଶୁସନ୍ତାନମାନଙ୍କ ଉପରେ ଉତ୍ତମ ପ୍ରଭାବ ପଡ଼େ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଉପରେ ଶିକ୍ଷାର ଯେଉଁ ଉତ୍ତମ ପ୍ରଭାବ ପଡ଼ିଥାଏ ତାହା ନଷ୍ଟ ହୁଏ ନାହିଁ ବରଂ ବୃଦ୍ଧି ହୁଏ । ଏହିପରି ଗୃହର ଉତ୍ତମ ବାତାବରଣ ପଡ଼ୋଶୀ ତଥା ଅନ୍ୟାନ୍ୟ ସଂପର୍କୀୟ ବ୍ୟକ୍ତିଙ୍କ ଉପରେ ପଡ଼େ ।

ବିବାଦ ନ ହେବାର ଉପାୟ

ବିବାଦ, ପ୍ରତିବାଦ, ଝଗଡ଼ା ହୁଏ ଅହଂ ଏବଂ ସ୍ୱାର୍ଥ ଯୋଗୁଁ । ପ୍ରତ୍ୟେକ ବ୍ୟକ୍ତିର ସ୍ୱଭାବ ଭିନ୍ନ । ଗଛର ଦୁଇଟି ପତ୍ର ଯେପରି ସମାନ ନୁହନ୍ତି, ସେହିପରି ଦୁଇ ଜଣଙ୍କ ସ୍ୱଭାବ, ବିଚାର, ଧାରଣା, ଆଚରଣ ସମାନ ନୁହେଁ । ପ୍ରତ୍ୟେକ ବ୍ୟକ୍ତିର ଅହଂ, ସ୍ୱାର୍ଥ ଥିବାରୁ ଏବଂ ସ୍ୱଭାବ ଭିନ୍ନ ହୋଇଥିବାରୁ ପତିର ବିଚାର ପତ୍ନୀ ସହିତ, ପିତାର ବିଚାର ପୁତ୍ର ସହିତ, ମାତାର ବିଚାର ଝିଅ ସହିତ ମିଳେ ନାହିଁ । ଜଣଙ୍କର ଆଚରଣ, ବ୍ୟବହାର ଅନ୍ୟକୁ ପ୍ରତିକୂଳ ହୁଏ । ପ୍ରତ୍ୟେକ ବ୍ୟକ୍ତିର ଧାରଣା – ନିଜର ବିଚାର ଠିକ୍, ଅନ୍ୟର ଭୁଲ୍ । ଜଣେ ଗୋଟିଏ କଥା କହିଲେ ଅନ୍ୟ ଜଣେ ସଙ୍ଗେ ସଙ୍ଗେ ପ୍ରତିବାଦ କରେ । ଏହିପରି ପ୍ରତିବାଦ ବଢ଼ିଲେ ପରେ ଝଗଡ଼ା ହୁଏ । ଝଗଡ଼ା କରିବା ଦୁଇ ବ୍ୟକ୍ତିଙ୍କ ଅଶାନ୍ତିର ପ୍ରଭାବ ସମସ୍ତ ଗୃହର ବାତାବରଣକୁ ନଷ୍ଟ କରେ । ଏଥିରେ ନିଜର ପରିବାର ତଥା ସନ୍ତାନମାନଙ୍କ ଉତ୍ତମ ଚରିତ୍ର ଗଠନରେ ବହୁତ ବାଧା ପଡ଼େ ।

ପ୍ରତ୍ୟେକ ବ୍ୟକ୍ତିର ଭିନ୍ନ ଭିନ୍ନ ସ୍ୱଭାବ ହେବା ସତ୍ତ୍ୱେ ପରସ୍ପର ମଧ୍ୟରେ ସାମଞ୍ଜସ୍ୟ ରଖିବାର ଉପାୟ ହେଲା – ଜଣକ ବିଚାର ଯଦି ଠିକ୍ ନୁହେଁ ବୋଲି ଭାବୁଛି ତେବେ ସେ ବ୍ୟକ୍ତି କହିବା ସମୟରେ ନୀରବ ରୁହ, ପ୍ରତିବାଦ କର ନାହିଁ କିଂବା ଅନ୍ତରରେ ତା' ପ୍ରତି ଦ୍ୱେଷ, ଈର୍ଷା ରଖ ନାହିଁ । ଅନୁକୂଳ ପରିସ୍ଥିତିକୁ ଅପେକ୍ଷା କର । ଯେତେବେଳେ ସେ ବ୍ୟକ୍ତି ଶାନ୍ତ, ପ୍ରସନ୍ନ ଅବସ୍ଥାରେ ଥିବେ ଏବଂ ତୁମ କହିବାକୁ ସେ ପ୍ରସନ୍ନତା ସହ ଗ୍ରହଣ କରିବେ, ସେହି ସମୟରେ ତୁମ ବିଚାର ବ୍ୟକ୍ତ କଲେ ସେ ବ୍ୟକ୍ତି ସହଜରେ ଗ୍ରହଣ କରିବେ ଏବଂ ପ୍ରତିବାଦ କରିବେ ନାହିଁ । କିନ୍ତୁ ନିଜ ଭିତରେ ଈର୍ଷା, ବିରୋଧ ନ ଥିବ, ଥିବ ଶାନ୍ତ, ପ୍ରସନ୍ନତାର ଅବସ୍ଥା । ଏହିପରି ଆଚରଣ, ବ୍ୟବହାର କଲେ ଭବିଷ୍ୟତରେ ନିଜ ନିଜ ମଧ୍ୟରେ ଝଗଡ଼ା ହେବ ନାହିଁ । ଅନ୍ୟମାନେ ମଧ୍ୟ ଏହିପରି ଆଚରଣ କରିବାକୁ ଶିଖିବେ ।

ଏହିରୂପେ ପରସ୍ପର ମଧ୍ୟରେ ବ୍ୟବହାର କଲେ ପତି-ପତ୍ନୀ, ପିତା-ପୁତ୍ର, ଶାଶୂ-ବୋହୂ, ଭାଇ-ଭାଇ ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟ ବୃଦ୍ଧି ହେବ ଏବଂ କ୍ରମଶଃ ଆମ୍ଭେମାନେ ଅଧ୍ୟାତ୍ମ ମାର୍ଗରେ ଗତି କରିବା ତଥା ଅନ୍ତରାତ୍ମାର ଚେତନାରେ ବାସ କରିବାକୁ ଆରମ୍ଭ କରିବା । ଗୃହରେ ରହି ଏହି ପ୍ରକାର ଆଚରଣ କଲେ ଆମ୍ଭେମାନେ ଜୀବନର ଯଥାର୍ଥ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହେଉଥିବା । ଏଥିରେ ନିଜର ପରିବାର, ସନ୍ତାନସନ୍ତତି ତଥା ସଂସାରର ମଙ୍ଗଳ,

ଜୀବନର ଉନ୍ନତି ଏବଂ ଜୀବନର ସାର୍ଥକତା ଲାଭ ହେବ । ଏହି ଆଚରଣ ଆମ୍ଭେମାନେ ଗ୍ରହଣ କରିପାରିବା ପୂର୍ଣ୍ଣାଙ୍ଗ ଶିକ୍ଷା ମାଧ୍ୟମରେ । ପୂର୍ଣ୍ଣାଙ୍ଗ ଶିକ୍ଷାରେ ଛାତ୍ରଛାତ୍ରୀ, ସେମାନଙ୍କ ପିତାମାତା, ପରିବାର ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଜୀବନର ପୂର୍ଣ୍ଣତା ଏବଂ ଲକ୍ଷ୍ୟର ସିଦ୍ଧି ହୁଏ । ଏହି କାରଣରୁ ପୂର୍ଣ୍ଣାଙ୍ଗ ଶିକ୍ଷା ଏକାନ୍ତ ଆବଶ୍ୟକ ।

ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା

ପୂର୍ବେ କୁହା ହୋଇଛି ଓଡ଼ିଶାରେ ମା'ଙ୍କର ଯେଉଁ କାର୍ଯ୍ୟ ହୋଇଛି, ତାହା ସବୁ ହୋଇଛି ସ୍ୱତଃସ୍ଫୂର୍ତ୍ତଭାବେ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ସମ୍ବନ୍ଧେ ସେହି ସମାନ ଉକ୍ତି । କୌଣସି ବ୍ୟକ୍ତି ପୂର୍ବରୁ କୌଣସି ପ୍ରଣାଳୀ ନିର୍ଦ୍ଧାରିତ କରି ନ ଥିଲେ ।

୧୯୭୦ ମସିହା ଫେବ୍ରୁଆରି ଦର୍ଶନକୁ ଆସିଥିଲେ ଶ୍ରୀ ସୁନୀଲ ବିହାରୀ ମହାନ୍ତି ଏବଂ ରାମନାଥ ପଣ୍ଡା । ଅନ୍ୟ ବିଷୟରେ ପ୍ରପତ୍ତିଙ୍କ ସହିତ କଥାବାର୍ତ୍ତା ହେବା ସମୟରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଭୁବନେଶ୍ୱରରେ ପ୍ରତିଷ୍ଠା କରିବାକୁ ବ୍ୟକ୍ତ କଲେ ଏବଂ ପ୍ରପତ୍ତିଙ୍କ ସମ୍ମତିରେ ଚିଠି ଲେଖି ମା'ଙ୍କଠାରୁ ଆଶୀର୍ବାଦ ନେଇଗଲେ । ଅନ୍ୟାନ୍ୟ ଅସୁବିଧା ଯୋଗୁଁ ସଙ୍ଗେ ସଙ୍ଗେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହୋଇ ପାରିଲା ନାହିଁ । ହେଲା ୧୯୭୦ ଜୁଲାଇ ତା୧୫ରିଖରେ । ପ୍ରତିଷ୍ଠା ସମୟରେ ଡକ୍‌ଟର ରଘୁନାଥ ପାଣି, ପଞ୍ଚାନନ ମହାନ୍ତି ତଥା ଅନ୍ୟମାନେ ସହଯୋଗ କରିଥିଲେ । କିନ୍ତୁ ବିପିନବିହାରୀ ପଟ୍ଟନାୟକ ତଥା ତାଙ୍କର ଧର୍ମପତ୍ନୀ ପ୍ରୀତି ପଟ୍ଟନାୟକ ପ୍ରାଣପଣେ ଅକ୍ଲାନ୍ତ ପରିଶ୍ରମ କରିବା ଯୋଗୁଁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଟି ଗଢ଼ି ଉଠିଲା । ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ହେଲା ଓଡ଼ିଶାରେ ସର୍ବପ୍ରଥମ ।

କୌଣସି ଉତ୍ତମ କାର୍ଯ୍ୟ ହେଲେ ପ୍ରଥମରେ ବାଧାବିଘ୍ନ ବହୁତ ଆସେ । ଏହି କାର୍ଯ୍ୟରେ ମଧ୍ୟ ବାଧାବିଘ୍ନ ବହୁତ ଆସିଲା । ପ୍ରପତ୍ତିଙ୍କ ସହିତ ମା'ଙ୍କର ଅନ୍ୟାନ୍ୟ ଭକ୍ତଙ୍କ ସହଯୋଗ, ପ୍ରଯତ୍ନ ଏବଂ ଶ୍ରମ ଯୋଗୁଁ ବାଧାବିଘ୍ନ ଦୂର ହେଲା ଏବଂ ଏହିମାନଙ୍କ ସହଯୋଗରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବିକାଶ ହେବାକୁ ଲାଗିଲା । ଆଜି ଏହା ଉଚ୍ଚ ଇଂରାଜୀ ସ୍କୁଲ ସମକକ୍ଷରେ ଉପନୀତ ହୋଇଅଛି । ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଟି ଓଡ଼ିଶାରେ ସର୍ବପ୍ରଥମ ହେବା ସତ୍ତ୍ୱେ ଆଦର୍ଶ ମଧ୍ୟ ।

ଏହାପରେ ଅନ୍ୟମାନଙ୍କ ସହଯୋଗରେ ବୀରବର ସାହୁଙ୍କ ଐକାନ୍ତିକ ପରିଶ୍ରମ ଓ ଅର୍ଥବ୍ୟୟରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହେଲା ଗୋପୀନାଥପୁରରେ । କେତେକ ମାତୃଭକ୍ତଙ୍କ ସହଯୋଗରେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସାହସ, ଧୈର୍ଯ୍ୟ, ତ୍ୟାଗ, ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ପୁରୀରେ ଶ୍ରୀଅରବିନ୍ଦ ଧାମରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସ୍ଥାପନ ହେଲା । ଜଗବନ୍ଧୁ ଦାସଙ୍କ ପ୍ରଯତ୍ନରେ ରାଉରକେଲାରେ, ରମେଶ ମହାପାତ୍ରଙ୍କ ଦ୍ୱାରା ଭୁବନେଶ୍ୱର ଆଚାର୍ଯ୍ୟବିହାରରେ, ଗୋବିନ୍ଦଚନ୍ଦ୍ର ନାଏକଙ୍କ ଅଦମ୍ୟ ପରିଶ୍ରମ ଯୋଗୁଁ କେନ୍ଦୁଝର ଜିଲାର ତେନ୍ତୁଳିନଣ୍ଡାରେ, ଗଦାଧର ଓ ପ୍ରସାଦଙ୍କ ସହିତ ମା'ଙ୍କର ଅନ୍ୟଭକ୍ତବୃନ୍ଦଙ୍କ ସହଯୋଗରେ କଟକର ମାତୃଭବନରେ, ରମେଶ ତଥା ଶାରଦାପ୍ରସନ୍ନଙ୍କ ପରିଶ୍ରମରେ ଗନାଇଲୋରେ, ନିର୍ମଳ ଷଡ଼ଙ୍ଗୀ ସହିତ ଅନ୍ୟ ମାତୃଭକ୍ତଙ୍କ ପ୍ରଯତ୍ନରେ ବାରିପଦାରେ ଏବଂ ସମ୍ବଲପୁର ପାଠଚକ୍ର ସଦସ୍ୟମାନଙ୍କ ଉଦ୍‌ଯୋଗରେ ସମ୍ବଲପୁରରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗଢ଼ିଉଠିଲା । ଏହିସବୁ ଶିକ୍ଷାକେନ୍ଦ୍ର ହେଉଛି ପ୍ରଥମ ପର୍ଯ୍ୟାୟର । ତା'ପରେ ବହୁ ସ୍ଥାନରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗଢ଼ିଉଠୁଛି ଏବଂ ବହୁ ସ୍ଥାନରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହେବା ସକାଶେ ପ୍ରଯତ୍ନ ମଧ୍ୟ କରାହେଉଛି ।

ପାଠଚକ୍ର ସଦୃଶ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିବା ସହଜ ନୁହେଁ । ଏଥିରେ ବହୁତ ପ୍ରକାର ବାଧାବିଘ୍ନ ଏବଂ ବହୁତ ସମସ୍ୟାର ସମ୍ମୁଖୀନ ହେବାକୁ ହୁଏ । ବ୍ୟବସ୍ଥାପକଙ୍କୁ ଅକ୍ଲାନ୍ତ ପରିଶ୍ରମ କରିବାକୁ ହୁଏ । ଅଧ୍ୟାତ୍ମ ଅତିମାନସର ସତ୍ୟ ଗ୍ରହଣ କରିଥିବା ଏବଂ ଆନ୍ତରିକତା ସହ ସାଧନା ମନୋଭାବରେ ଶିକ୍ଷା ଦେବା ଭଳି ଉତ୍ସାହୀ ଶିକ୍ଷକ ଆବଶ୍ୟକ । ଶିକ୍ଷକମାନଙ୍କର ଭୋଜନ ତଥା ବସ୍ତ୍ରାଦି ସକାଶେ ଏବଂ ସ୍କୁଲ୍ ପରିଚାଳନା ସକାଶେ ଅର୍ଥର ପ୍ରୟୋଜନ । ଶିକ୍ଷାର ପ୍ରଣାଳୀ ନୂତନ ହେବା ଯୋଗୁଁ ଶିକ୍ଷକମାନଙ୍କର ଟ୍ରେନିଂ ଆବଶ୍ୟକ । ଏହାଛଡ଼ା ଏହି ଶିକ୍ଷାପ୍ରଣାଳୀ ନୂତନ ହୋଇଥିବାରୁ

ଏଥିରେ ବିରୋଧ ହେବା ସ୍ୱାଭାବିକ । କାରଣ, ପୁରାତନ ପ୍ରଣାଳୀ ଅପେକ୍ଷା ନୂତନ ପ୍ରଣାଳୀ ଯେତେ ମହତ୍ତ୍ୱପୂର୍ଣ୍ଣ ହେଲେ ମଧ୍ୟ ପୁରାତନ ପ୍ରଣାଳୀ ଛାଡ଼ି ନୂତନ ପ୍ରଣାଳୀ ଗ୍ରହଣ କରିବା ବ୍ୟକ୍ତିସ୍ୱଭାବର ବିପରୀତ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଏହିସବୁ ସମସ୍ୟା ।

ପ୍ରପତ୍ତି ଓ ତାଙ୍କର ସହଯୋଗୀ ବନ୍ଧୁମାନେ ନାନା ଅସୁବିଧା ଓ ବାଧାବିଘ୍ନର ସମ୍ମୁଖୀନ ତଥା ସବୁପ୍ରକାର ସମସ୍ୟାର ସମାଧାନ ସକାଶେ ଆପ୍ରାଣ ଚେଷ୍ଟା କରି ଆସୁଅଛନ୍ତି – ନୂତନ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କୁ ଉପଯୁକ୍ତ ଶିକ୍ଷକ ଯୋଗାଇବା ଏବଂ ଶିକ୍ଷକମାନଙ୍କର ଟ୍ରେନିଂର ବ୍ୟବସ୍ଥା କରିବା, ଅଳ୍ପ ଦିନ ଅନ୍ତରରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କୁ ଯାଇ ସେଠାରେ ଉପୁଜିଥିବା ସମସ୍ୟାର ସମାଧାନ କରିବା, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିବା, ଉତ୍ସାହୀ ବ୍ୟବସ୍ଥାପକମାନଙ୍କୁ ଉଚିତ ପରାମର୍ଶ ଦେବା ତଥା ଶିକ୍ଷକମାନଙ୍କ ଖର୍ଚ୍ଚ ଏବଂ ସ୍କୁଲ୍ ପରିଚାଳନାର ଆବଶ୍ୟକ ବ୍ୟୟ ସକାଶେ ପ୍ରଯତ୍ନ କରି ଆସୁଅଛନ୍ତି । ତାଙ୍କର ଏହି କାର୍ଯ୍ୟରେ ସହଯୋଗ କରୁଅଛନ୍ତି ସ୍କୁଲର ପରିଚାଳକ ଏବଂ ଶିକ୍ଷକ ତଥା ମା'ଙ୍କର ଉତ୍ସାହୀ ଭକ୍ତ ଓ ସାଧକଗଣ ।

ମା'ଙ୍କର ଭକ୍ତ ଓ ସାଧକମାନଙ୍କ ଆନ୍ତରିକ ଉତ୍ସାହ, ସହଯୋଗ ଓ ପ୍ରଯତ୍ନ ଯୋଗୁଁ ଅଳ୍ପ ଦିନ ମଧ୍ୟରେ ଓଡ଼ିଶାରେ ପ୍ରାୟ ୧୫ ।୨୦ଟି ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହୋଇସାରିଛି । ବହୁତ ସ୍ଥାନରେ ମଧ୍ୟ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ସକାଶେ ତୟାରି ଚାଲିଛି । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଯେତେ ଅଧିକ ପ୍ରତିଷ୍ଠା ହେବ ସେତେ ଅଧ୍ୟାତ୍ମ ବାତାବରଣ ସୃଷ୍ଟି ହେବ ତଥା ସେହି ଅନୁପାତରେ ସଂସାରରୁ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ରୂପାନ୍ତରିତ ହେବାକୁ ଲାଗିବ ।

ଯଥାର୍ଥ ସ୍ୱାଧୀନତା ପାଇଁ ଶିକ୍ଷା

ବ୍ରିଟିଶ୍ ରାଜତ୍ୱ ସମୟରେ ଆମ ଦେଶର ଲୋକେ ବହୁ ଦୁଃଖକଷ୍ଟରେ ଥିଲେ । ଯେତେବେଳେ ସ୍ୱାଧୀନତା ଆନ୍ଦୋଳନ ହେଲା, ସେତେବେଳେ ଭାରତବର୍ଷର ଅଧିକାଂଶ ବ୍ୟକ୍ତି ଜାଣିଲେ ଯେ ସମସ୍ତ ବ୍ୟକ୍ତିଙ୍କ ଲାଗି ସ୍ୱାଧୀନତା ଆବଶ୍ୟକ । ବହୁତ ଧନ ଓ ଜନର କ୍ଷୟ ହେଲା । ତା'ପରେ ସ୍ୱରାଜ୍ୟ ମିଳିଲା । ସ୍ୱରାଜ୍ୟ ମିଳିଛି ସତ, କିନ୍ତୁ ଆମେ ଯଥାର୍ଥରେ ସ୍ୱାଧୀନ ହୋଇ ନାହୁଁ । ଏହି ଯେଉଁ ସାମାଜିକ ଓ ରାଜନୈତିକ ସ୍ୱାଧୀନତା ମିଳିଛି, ତା' ଦ୍ୱାରା ଆମେ ଯେଉଁ ବିଦେଶୀମାନଙ୍କର ପଦଦଳିତ ହୋଇଥିଲୁ ସେଥିରୁ ମୁକ୍ତ ହୋଇଛୁ । ଆମରି ଦେଶରେ ଲୋକେ ଆମକୁ ଶାସନ କରୁଛନ୍ତି; କିନ୍ତୁ ଆମର ଯେଉଁ ଯଥାର୍ଥ ପରାଧୀନତା ରହିଛି ସେ ସମ୍ବନ୍ଧେ ଆମେ ଏ ପର୍ଯ୍ୟନ୍ତ ସଚେତନ ହୋଇ ନାହୁଁ । ଆମର ଯଥାର୍ଥ ପରାଧୀନତା ହେଉଛି – ଆମେ ଯାହା ଚାହୁଁଛୁ ତାହା କରିପାରୁନୁ । ଆମେ ଅନ୍ୟ ଏକ ଶକ୍ତି ଦ୍ୱାରା ପରିଚାଳିତ ହେବାକୁ ବାଧ ହେଉଛୁ । ଆମେ ଚାହୁଁ ନାହିଁ ହିଂସା, ପରନ୍ତୁ ହିଂସା କରିବାକୁ ବାଧ ହେଉଛୁ; ଚାହୁଁ ନାହିଁ ରାଗ କିନ୍ତୁ ରାଗ କରିବାକୁ ବାଧ ହେଉଛୁ । ହିଂସା, ଦ୍ୱେଷ, ଲୋଭ, ମୋହ, ଈର୍ଷା, ବିରୋଧ ଆମେ ଚାହୁଁ ନାହିଁ, ପରନ୍ତୁ ସେମାନେ ଆମକୁ ଜୋର୍ କରି ସେମାନଙ୍କ କାର୍ଯ୍ୟରେ ଲଗାଉଛନ୍ତି । ଆମେ ଚାହୁଁ ନାହିଁ ରୋଗ, କିନ୍ତୁ ତାହା ଜବରଦସ୍ତି ଆସୁଛି । ଆମେ ବୃଦ୍ଧତ୍ୱ, ମୃତ୍ୟୁ, ଅଜ୍ଞାନତା ମଧ୍ୟ ଚାହୁଁ ନାହିଁ । ଆମେ ପ୍ରତ୍ୟେକ ବ୍ୟକ୍ତି ଏଥିରୁ ମୁକ୍ତ ହେବାକୁ ଚାହୁଁ କିନ୍ତୁ ମୁକ୍ତ ହୋଇ ପାରୁ ନାହିଁ । ଏଇ ହେଉଛି ଯଥାର୍ଥ ପରାଧୀନତା ।

ଯେଉଁ ବାହ୍ୟ ପରାଧୀନତା ଥିଲା ସେଥିରୁ ତ ଆମେ ମୁକ୍ତ ହେଲୁ, କିନ୍ତୁ ଯେଉଁଟି ଯଥାର୍ଥ ବା ଆଭ୍ୟନ୍ତରୀଣ ପରାଧୀନତା ସେଥିରୁ ଆମେ ମୁକ୍ତ ହୋଇ ନାହୁଁ । ଆଉ ଏ ପରାଧୀନତା ଯେ ଯଥାର୍ଥରେ ପରାଧୀନତା ଏ ବିଷୟରେ ଆମେ ସଚେତନ ବି ନୋହୁଁ । ସଚେତ ନ ହେବା ଯୋଗୁଁ ଏଥିରୁ ଆମେ ମୁକ୍ତ ହେବା ଲାଗି ପ୍ରଯତ୍ନ କରି ପାରୁନୁ । କିନ୍ତୁ ଆମକୁ ସଚେତନ କରିବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ପୃଥିବୀପୃଷ୍ଠକୁ ଆସି ଅତିମାନସ ଶକ୍ତିକୁ ପୃଥିବୀପୃଷ୍ଠକୁ ନେଇଆସିଲେ, ଯାହାଦ୍ୱାରା ଆମର ଯଥାର୍ଥ ପରାଧୀନତା ସମ୍ବନ୍ଧରେ ଆମେ ସଚେତନ ହେବୁ । ପ୍ରଥମେ ସଚେତ ହେଲେ ଯାଇ ଏହି ପରାଧୀନତାରୁ ମୁକ୍ତ ହୋଇ ଯଥାର୍ଥ ସ୍ୱାଧୀନତା ଲାଭ କରିବା ନିମନ୍ତେ ପ୍ରଯତ୍ନ କରିବୁ ।

ଏହି ସମୟ ଆସିଛି । ଯେଉଁ ପରାଧୀନତାର ଯୁଗ ଥିଲା ତାହା ଶେଷ ହୋଇଯାଇଛି । ବର୍ତ୍ତମାନ ଯଥାର୍ଥ ସ୍ୱାଧୀନତା ପ୍ରାପ୍ତ କରିବାର ଯୁଗ ଆମ ସାମନାକୁ ଆସିଛି । ଏ ଯୁଗ ନେଇ ଆସିଛନ୍ତି ଶ୍ରୀମା ଓ ଶ୍ରୀଅରବିନ୍ଦ । ପରନ୍ତୁ ପରାଧୀନତା ସ୍ୱୀକାର କରିବା ଆମର ଯେଉଁ ଅଭ୍ୟାସ, ଏ ସୃଷ୍ଟି ଆରମ୍ଭ ହେବା ଦିନରୁ ତାହା ଚାଲିଆସିଛି । ଆମରି ରକ୍ତ, ମାଂସ, ଶିରା, ପ୍ରଶିରାରେ ତାହା ଏପରି ଏକତ୍ୱ ପ୍ରାପ୍ତ ହୋଇ ଯାଇଅଛି ଯେ ଆମେ ତାକୁ ଯଥାର୍ଥ ପରାଧୀନତା ବୋଲି ଭାବି ପାରୁନୁ । ବରଂ ଏ ପରାଧୀନତାକୁ ଆମେ ସ୍ୱାଧୀନତା ଧାରଣା କରି ତାକୁ ଆବାହନ କରୁଛୁ । ଏଥିରୁ ମୁକ୍ତ ହେବାକୁ ଚାହିଁବା ଦୂରରେ ଥାଉ, ପରନ୍ତୁ ସେ ପରାଧୀନତାକୁ ଆମେ ସ୍ୱାଧୀନତା ମନେ କରୁଛୁ । ଏ ହେଉଛି ଅଜ୍ଞାନତା । ଅଜ୍ଞାନତାର ବଶବର୍ତ୍ତୀ ହୋଇ ଏ ପର୍ଯ୍ୟନ୍ତ ଆମେ ପରିଚାଳିତ ହୋଇ ଆସୁଛୁ । କିନ୍ତୁ ସମୟ ଆସିଛି, ନୂତନ ଯୁଗ ଆସିବ । ନୂତନ ଯୁଗର ଧର୍ମ ହେବ ଯଥାର୍ଥ ସ୍ୱାଧୀନତା, ଯେଉଁ ସ୍ୱାଧୀନତା ହେଉଛି ଆତ୍ମାମାନଙ୍କ ଜୀବନର ଲକ୍ଷ୍ୟ ଓ ଭଗବାନଙ୍କ ସଂକଳ୍ପ ତଥା ସୃଷ୍ଟି ହେବାର ମୂଳ ଉଦ୍ଦେଶ୍ୟ । ଏହି ସକାଶେ କ୍ରମବିକାଶ ଅନୁସାରେ ଆମେ ଅଗ୍ରସର ହୋଇ ଆସୁଛୁ ।

ମନର ବିକାଶ ସମାପ୍ତ ହୋଇଛି । ବର୍ତ୍ତମାନ ମନର ଊର୍ଦ୍ଧ୍ୱରେ ଯେଉଁ ଯଥାର୍ଥ ସ୍ୱାଧୀନତାର ଅବସ୍ଥା ରହିଛି ତାହା ପ୍ରାପ୍ତ କରି ପରମ ଆନନ୍ଦ, ପରମ ଜ୍ଞାନରେ ବାସ କରିବା, ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବାକୁ ହେବ । ଏହା ହେଉଛି ଯଥାର୍ଥ ସ୍ୱାଧୀନତାର ଅବସ୍ଥା । ଆମେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ ଓ ଅଜ୍ଞାନତାରୁ ପୂର୍ଣ୍ଣ ମୁକ୍ତ ହେବା । ଏହି ସମୟ ଆସିଛି, ଏଥିଲାଗି ଯଥାର୍ଥ ପ୍ରଯତ୍ନ କରିବା ଉଚିତ । କିନ୍ତୁ ଯେତେ ପ୍ରକାର ପ୍ରଯତ୍ନ ଅଛି ସବୁଠାରୁ ଉତ୍ତମ ହେଉଛି ଶିକ୍ଷା ।

ବାଲ୍ୟ ଅବସ୍ଥାରେ ପିଲାଙ୍କ ହୃଦୟ ବହୁତ କୋମଳ ଥାଏ, ପବିତ୍ର ଥାଏ, ସେଥିରେ ଅନ୍ୟ ସଂସ୍କାର ନ ଥାଏ । ଯଦି ଏହି ସମୟରୁ ଆମେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାଦାନ ସମ୍ବନ୍ଧେ ସଚେତନ ହେବା, ତାହା ବହୁତ ଉତ୍ତମ । ଆମର ଆଜି ପର୍ଯ୍ୟନ୍ତ ଯେଉଁ ଶିକ୍ଷା ପ୍ରଚଳିତ ହୋଇ ଆସୁଛି ତାହା ହେଉଛି ମନର ଶିକ୍ଷା । ମନ ଦ୍ୱାରା ଶିକ୍ଷାର ଅର୍ଥ ଆମେ କିଛି ବହିପତ୍ର ଅଧ୍ୟୟନ କରି ଡିଗ୍ରୀପ୍ରାପ୍ତ ହେବା ଯାହା ଫଳରେ ଆମେ ଚାକିରି କରିବା, ଅଥବା ବ୍ୟବସାୟ କରିବା, ପଇସାପତ୍ର ରୋଜଗାର କରି ପରିବାରକୁ ପରିଚାଳନା କରିବା, ଅଥବା ସୁଖ, ଶାନ୍ତିରେ ରହିବା – ଏଇ ହେଉଛି ଆମର ଉଦ୍ଦେଶ୍ୟ ।

କିନ୍ତୁ ଯଥାର୍ଥ ବିଦ୍ୟାଧ୍ୟୟନର ଉଦ୍ଦେଶ୍ୟ ଏହା ନୁହେଁ । ଯଥାର୍ଥ ଶିକ୍ଷାର ଉଦ୍ଦେଶ୍ୟ ହେଉଛି ଆମର ମନ, ପ୍ରାଣ, ଶରୀର, ଆତ୍ମା ଏହି ଚାରି ସତ୍ତାର ବିକାଶ ଯାହା ଫଳରେ ଆମେ ଯଥାର୍ଥରେ ପରାଧୀନତାରୁ ମୁକ୍ତ ହେବୁ । ପ୍ରାଣର ଯେଉଁସବୁ ଗୁଣଧର୍ମ ହିଂସା, ଦ୍ୱେଷ, ଈର୍ଷା, ଲୋଭ, ବିରୋଧ, ମୋହ, ଅଜ୍ଞାନ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଏଥିରୁ ଆମେ ମୁକ୍ତ ହେବାହିଁ ଯଥାର୍ଥ ଶିକ୍ଷା । ଯେଉଁ ନୂତନ ଯୁଗ ଆସିବ, ସେହି ନୂତନ ଯୁଗ ସକାଶେ ଆମେ ଅଗ୍ରସର ହେବା ଲାଗି ଏହି ଶିକ୍ଷା ଆବଶ୍ୟକ ।

ଏଠାରେ ପ୍ରଶ୍ନ ଉଠେ ଯଦି ଏତେ ବଡ଼ ଜିନିଷଟି ଆସିବ, ତେବେ ଏହି ଯେଉଁ ପାଠଚକ୍ର ହେଉଛି ଓ ଏହି ଛୋଟ ଛୋଟ ଦଶ କୋଡ଼ିଏଟି ପିଲାଙ୍କୁ ନେଇ ଯେଉଁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହେଉଛି ଏହାରି ଦ୍ୱାରା କ'ଣ ଏତେ ବଡ଼ କାର୍ଯ୍ୟ ସମ୍ଭବ ହୋଇ ପାରିବ ? ଆଚ୍ଛା, ସ୍ୱରାଜ୍ୟ ଆନ୍ଦୋଳନ ଯେତେବେଳେ ହେଲା ସେତେବେଳେ କେତେ ସଂଖ୍ୟାରେ ଲୋକ ଏଥିରେ ଯୋଗ ଦେଇଥିଲେ ? ଚାରି, ପାଞ୍ଚ ଜଣ ଆରମ୍ଭ କଲେ । କ୍ରମଶଃ ୫୦ ବର୍ଷ ଲାଗିଲା ତାକୁ ବ୍ୟାପକ ଭାବେ ପ୍ରସାରିତ କରିବାକୁ । କିନ୍ତୁ ତାହା ଥିଲା ଭୌତିକ ସ୍ୱାଧୀନତା । ଏ ଯେଉଁ ଆଭ୍ୟନ୍ତରୀଣ ସ୍ୱାଧୀନତା ସୃଷ୍ଟି ସର୍ଜନା ହେବା ଦିନୁ ଚାଲିଛି ତାହା ତ ଦୁଇ, ଚାରି ବର୍ଷରେ ହେବ ନାହିଁ, ତା' ଲାଗି ସମୟ ଦରକାର । କିନ୍ତୁ ହେବ ନିଶ୍ଚୟ । ତେଣୁ ଆମକୁ ଏହିପରି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଯେଉଁଠି ସୁବିଧା ହେବ ନିର୍ମାଣ କରିବା, ସମ୍ମିଳନୀ କରିବା, କ୍ୟାମ୍ପ କରିବା, ପାଠଚକ୍ର ଆଦି କରିବାକୁ ହେବ ଯାହାଦ୍ୱାରା ସେହି ସତ୍ୟ ସମ୍ବନ୍ଧେ ସଚେତନ ହେବା ଏବଂ ସେହି ସତ୍ୟକୁ ଗ୍ରହଣ କରିବା ସହଜ ହେବ । ଆଉ କିଛି ଲୋକ ଅଗ୍ରସର ହେଲେ କ୍ରମଶଃ ସେହି ରୂପାନ୍ତରକାରିଣୀ ଅତିମାନସ ଶକ୍ତି ଆସି ବ୍ୟାପକ ଭାବେ କାମ କରି ପାରିବ ଏବଂ ଆମେ ଜୀବନର ଯଥାର୍ଥ ଲକ୍ଷ୍ୟ ଆଡ଼କୁ ଗତି କରି ପାରିବା ।

ଛାତ୍ରଜୀବନର ଲକ୍ଷ୍ୟ ଓ ସାଧନା

ଛାତ୍ରମାନଙ୍କ ଉପରେ ନିର୍ଭର କରେ ଦେଶ, କୁଳ ତଥା ଘରର ଉନ୍ନତି । ସେହିମାନେ ହୁଅନ୍ତି ଭବିଷ୍ୟତରେ ଦେଶସେବକ, ନେତା ତଥା ଶାସକ । ସେମାନଙ୍କ ଚରିତ୍ରର ସଦ୍‌ଗୁଣ ବା ଦୁର୍ଗୁଣ ଅନୁସାରେ ସେମାନେ କରନ୍ତି ସତ୍ ବା ଅସତ୍ କର୍ମ । ବାଲ୍ୟ ଅବସ୍ଥାରେ ଶିକ୍ଷା ଦ୍ୱାରା ସେମାନେ ସଦ୍‌ଗୁଣ ବା ଦୁର୍ଗୁଣ ଗ୍ରହଣ କଲେ ତାହା ବିକଶିତ ହୁଏ ସମସ୍ତ ଜୀବନରେ । ସଦ୍‌ଗୁଣ ଗ୍ରହଣ କରି ଯୋଗ୍ୟତା ପ୍ରାପ୍ତ କରିଥିଲେ ସେମାନଙ୍କ ଦ୍ୱାରା ହୁଏ ଦେଶର ସୁଧାର ଏବଂ ଉନ୍ନତି । ଅସଦ୍‌ଗୁଣରେ ହୁଏ ନିଜର, ଅନ୍ୟର ତଥା ଦେଶର ସର୍ବନାଶ । ଏହି ସତ୍ୟକୁ ଆମ୍ଭ ଦେଶର ନେତାମାନେ ଉପଲବ୍ଧି କରିପାରି ନାହାନ୍ତି । ଛାତ୍ରମାନଙ୍କ ଶିକ୍ଷାର ସୁଧାର ପ୍ରତି ଦୃଷ୍ଟି ନ ଦେଇ ଇଉରୋପକୁ ଅନୁକରଣ କରୁଛନ୍ତି । ଛାତ୍ରମାନେ ମଧ୍ୟ ନିଜର କର୍ତ୍ତବ୍ୟ ସମ୍ବନ୍ଧେ କିଛି ବିଚାର ନ କରି ଚିରାଚରିତ ପନ୍ଥାକୁ ଅନୁସରଣ କରୁଅଛନ୍ତି । ଯେପର୍ଯ୍ୟନ୍ତ ଛାତ୍ରମାନେ ସଚେତ ହୋଇ ନିଜର ମନ, ପ୍ରାଣ, ଶରୀର ତଥା ଆତ୍ମାର ପୂର୍ଣ୍ଣ ବିକାଶ ନିମିତ୍ତ ଯଥାର୍ଥ ଶିକ୍ଷା ଗ୍ରହଣ ନ କରିବେ ସେ ପର୍ଯ୍ୟନ୍ତ ସେମାନଙ୍କ ଦ୍ୱାରା ନିଜର ଏବଂ ଦେଶର ଉନ୍ନତି ବା ସୁଧାର ହୋଇପାରିବ ନାହିଁ ।

ଭାରତର ସ୍ୱଧର୍ମ ଆଧ୍ୟାତ୍ମିକତା

ପ୍ରତ୍ୟେକ ମନୁଷ୍ୟର ଯେପରି ସ୍ୱଭାବ ଏବଂ ଆତ୍ମାର ଉନ୍ନତିର ମାର୍ଗ ଭିନ୍ନ ଭିନ୍ନ ସେହିପରି ପ୍ରତ୍ୟେକ ଦେଶର । ଦେଶ କେବଳ ପାହାଡ଼ ପର୍ବତ, ନଦନଦୀ, ଗ୍ରାମ ସହର ବିଶିଷ୍ଟ ଜଡ଼ଭୂମି ବା ଜଡ଼ବସ୍ତୁ ନୁହେଁ । ତା'ର ଜୀବନ୍ତ, ଜାଗ୍ରତ୍ ଆତ୍ମା ଅଛି । ମନୁଷ୍ୟ ଯେପରି ସଂସାରର ସମସ୍ତ ଐଶ୍ୱର୍ଯ୍ୟ ପ୍ରାପ୍ତ ହେଲେ ବି ଆତ୍ମବିକାଶ ବିନା କୌଣସି ଉପାୟରେ ସୁଖ, ଶାନ୍ତି ଲାଭ କରିପାରେ ନାହିଁ, ସେହିପରି ଦେଶ । ଦେଶରେ ବହୁବିଧ ଶସ୍ୟ ଉତ୍ପାଦନ, ବହୁ ବାଣିଜ୍ୟ-ବ୍ୟାପାର, ବହୁପ୍ରକାର କଳକାରଖାନା ହେଉ; ଆଶ୍ଚର୍ଯ୍ୟଜନକ, ଜଡ଼ବିଜ୍ଞାନ ଦ୍ୱାରା ଚମତ୍କାର ବସ୍ତୁ ଆବିଷ୍କୃତ ହେଉ; ଭୋଗବିଳାସର ବହୁପ୍ରକାର ଭୌତିକ ବସ୍ତୁ – ରେଳଗାଡ଼ି, ମୋଟର, ଟେଲିଫୋନ୍, ଟେଲିଭିଜନ୍, ସିନେମା, ରେଡ଼ିଓ ଆଦି ଆବିଷ୍କୃତ ହେଉ, ତଥାପି ଯେପର୍ଯ୍ୟନ୍ତ ତା' ଆତ୍ମା ଜାଗ୍ରତ୍ ନ ହୁଏ ସେପର୍ଯ୍ୟନ୍ତ ସେ ସୁଖଶାନ୍ତିରେ ରହିପାରେ ନାହିଁ । ସବୁ ସମୟରେ ସଂଘର୍ଷ ଲାଗିରହିଥାଏ । ମନୁଷ୍ୟର ଯେପରି ଗୋଟିଏ ଦିଗରେ କର୍ମ, ଅନ୍ୟ ଦିଗରେ ଆତ୍ମାର ବିକାଶରେ ପୂର୍ଣ୍ଣତା ହୁଏ, ସେହିପରି ଦେଶର । ଦେଶର ଭୌତିକ ଉନ୍ନତି ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକ ଉନ୍ନତିର ଆବଶ୍ୟକ ।

ଆତ୍ମା ଏବଂ କର୍ମ ଏହି ଉଭୟର ବିକାଶ ବିନା ଦେଶ ଏବଂ ବ୍ୟକ୍ତି ପୂର୍ଣ୍ଣତା ପ୍ରାପ୍ତ ହୁଏ ନାହିଁ କିଂବା ସୁଖଶାନ୍ତିରେ ରହିବାର ପ୍ରଶ୍ନ ଉଠିପାରେ ନାହିଁ । କ୍ରମବିକାଶ ପ୍ରଣାଳୀ ଅନୁସାରେ ଏହି ବିକାଶର ପୂର୍ଣ୍ଣତାର ସମୟ ଆସି ନ ଥିବାରୁ ବ୍ୟକ୍ତି ଏହି ରହସ୍ୟ ହୃଦୟଙ୍ଗମ କରିପାରି ନ ଥିଲା କିଂବା ଦେଶ ଏବଂ ବ୍ୟକ୍ତି ଏହି ଉଭୟ ବସ୍ତୁକୁ ପୂର୍ଣ୍ଣ ରୂପେ ପ୍ରାପ୍ତ ହୋଇ ପାରି ନ ଥିଲା । ତଥାପି ଆଦିମକାଳରୁ ଭାରତର ଆଧାର ଥିଲା ଅଧ୍ୟାତ୍ମ ସତ୍ୟ । ଯଦ୍ୟପି ଏହା ପୂର୍ଣ୍ଣ ରୂପେ ଗ୍ରହଣ କରି ନ ଥିଲା ତଥାପି ମୁଖ୍ୟ ରୂପେ ଗ୍ରହଣ କରିଥିଲା । ପରମ୍ପରାକ୍ରମେ ଭାରତର ସାଧୁସନ୍ଥ, ମୁନିଋଷି ଅଧ୍ୟାତ୍ମ ସତ୍ୟକୁ ଧରି ରଖିଆସୁଛନ୍ତି । ମାତ୍ର ଏହି ସତ୍ୟ ପୂର୍ଣ୍ଣ ରୂପେ ଗ୍ରହଣ କରି ନ ଥିବାରୁ ଏହା ସହିତ କର୍ମର ସାମଞ୍ଜସ୍ୟ ସ୍ଥାପନ ହୋଇପାରିଲା ନାହିଁ । ସେହି କାରଣରୁ ଭାରତ ଯଥାର୍ଥ ସୁଖଶାନ୍ତି ଉପଲବ୍ଧି କରିପାରିଲା ନାହିଁ; ବାରଂବାର ବିଦେଶୀ ଆକ୍ରମଣରେ ଆକ୍ରାନ୍ତ ହେଉଥିଲା; କେବେ କେବେ ଆଭ୍ୟନ୍ତରୀଣ ପରସ୍ପର ସଂଘର୍ଷ ଯୋଗୁଁ ଦେଶର ସର୍ବନାଶ ହେଉଥିଲା ତଥା ବିଦେଶୀର ଅଧୀନ ହେଉଥିଲା । କିନ୍ତୁ ତା' ମୂଳଭିତ୍ତି ଅଧ୍ୟାତ୍ମ ସତ୍ୟ ଥିବାରୁ ବିଧର୍ମୀମାନଙ୍କର ବାରଂବାର ଆକ୍ରମଣ ସତ୍ତ୍ୱେ ସେ ତିଷ୍ଠି ପାରିଥିଲା ।

ଅନ୍ୟାନ୍ୟ ଦେଶ ଅଧ୍ୟାତ୍ମ ସତ୍ୟକୁ ଯଦ୍ୟପି ସାମୟିକ ରୂପେ ଗ୍ରହଣ କରିଥିଲେ ତଥାପି ଭାରତ ସଦୃଶ ସ୍ଥାୟିରୂପରେ

ଧରି ରଖିପାରି ନ ଥିଲେ । ସେହି ସକାଶେ ସେହିସବୁ ଦେଶ ଆତ୍ମ-ବିକାଶକୁ ଏକେବାରେ ବାଦ୍ ଦେଲେ । ଆତ୍ମାର ଅସ୍ତିତ୍ୱକୁ ସ୍ୱୀକାର ନ କରି ଭୌତିକ କର୍ମ ବା ଭୌତିକ ବସ୍ତୁକୁ ଜୀବନକୁ ଲକ୍ଷ୍ୟ ରୂପେ ଗ୍ରହଣ କଲେ । ତାହା ପ୍ରାପ୍ତ ହେବାକୁ ସମସ୍ତ ଶକ୍ତି ପ୍ରୟୋଗ କଲେ । ଭୌତିକ ବସ୍ତୁର ଯେତେ ବିକାଶ ହେଲା, ଅନ୍ତରାତ୍ମା ସେତେ ଆବରଣରେ ରହିଲା ତଥା ଜୀବନରେ ସୁଖଶାନ୍ତି ପରିବର୍ତ୍ତେ ଅନ୍ତରରେ ଦୁଃଖ, ଦ୍ୱନ୍ଦ୍ୱ, ଭୟ, ଉଦ୍‌ବେଗ, ଅଶାନ୍ତି ବଢ଼ିବାକୁ ଲାଗିଲା । ଆତ୍ମାରୁ ସେମାନେ ପୂର୍ଣ୍ଣ ରୂପେ ସମ୍ବନ୍ଧ ତ୍ୟାଗ କରିବାରୁ ସେମାନଙ୍କୁ ସତ୍ୟ ପ୍ରତୀତ ହେଲା ଭୌତିକ ଜଡ଼ବାଦ ।

ବିଦେଶୀ ଜଡ଼ବାଦର ପ୍ରଭାବ ଆସି ପଡ଼ିଲା ଆମର ଅଧ୍ୟାତ୍ମ ଆଧାରିତ ଭାରତରେ । ଦେଶ ପରାଧୀନ ହେବାରୁ ନିଜସ୍ୱ କିଛି ରହିଲା ନାହିଁ । ଶିକ୍ଷାଦୀକ୍ଷା ହେଲା ଜଡ଼ବାଦକୁ ଭିତ୍ତି କରି । ଶିକ୍ଷାବିତ୍ ମଧ୍ୟ ନିଜ ଦେଶର ଆତ୍ମଧର୍ମ ଅଧ୍ୟାତ୍ମ ସତ୍ୟକୁ ଏକେବାରେ ଭୁଲିଗଲେ, ପାଶ୍ଚାତ୍ୟର ଜଡ଼ବାଦକୁ ନକଲ କଲେ । ଦେଶ ସ୍ୱତନ୍ତ୍ର ହେଲା, ମାତ୍ର ସ୍ୱଧର୍ମରେ ପ୍ରତିଷ୍ଠିତ ହୋଇପାରିଲା ନାହିଁ, ସମ୍ମୁଖରେ ଆଦର୍ଶ ରହିଲା ୟୁରୋପୀୟ ସଭ୍ୟତାର । ଭାରତର ନେତାଗଣ ଏହି ବିଷୟ ହୃଦୟଙ୍ଗମ କରିପାରିଲେ ନାହିଁ । ସ୍ୱତନ୍ତ୍ର ଭାରତରେ ବିଦେଶୀ ଶିକ୍ଷା ଓ ବିଦେଶୀ ନୀତି କାଏମ ରଖିଲେ । ନିଜ ଆତ୍ମ-ଧର୍ମ ଅଧ୍ୟାତ୍ମ ସତ୍ୟର ସନ୍ଧାନ ନ କରି ଇଉରୋପର ଅର୍ଥନୀତିକୁ ନିଜର କରିନେଲେ । ବିଦେଶୀ ପ୍ରଣାଳୀରେ କେବଳ ଭୌତିକ କର୍ମ ଦ୍ୱାରା ଦେଶ ଉନ୍ନତିର ପ୍ରଯତ୍ନ କଲେ । ତାହାଫଳରେ ଅଭାବ-ଅନଟନ, ଅନ୍ୟାୟ-ଅସତ୍ୟ, ଅଶାନ୍ତି ଓ ଦ୍ୱନ୍ଦ୍ୱ ବଢ଼ିଲା । ଉଦରପୂର୍ଣ୍ଣ ଅନ୍ନ ମିଳିଲା ନାହିଁ । ଉଦରଜ୍ୱଳା ନିବୃତ୍ତି ସକାଶେ ଅନ୍ୟ ଦେଶର ମୁଖ ଦେଖିବାକୁ ପଡ଼ିଲା । ତଳୁ ଉପର ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଅଜ୍ଞାନ, ସ୍ୱାର୍ଥ, ମିଥ୍ୟାଚାରର ରାଜ୍ୟ ହେଲା । ଏହାର ସୁଧାର ସକାଶେ ଯେତେ ପ୍ରଯତ୍ନ କରାହେଲା ତାହା ସବୁ ବ୍ୟର୍ଥରେ ପରିଣତ ହେଲା । ଏହି ବିଫଳତା ଦେଖୁଥିବା ସତ୍ତ୍ୱେ ଆମ ଦେଶନେତାମାନଙ୍କର ନିଦ ଭାଙ୍ଗିଲା ନାହିଁ ।

ଯେପର୍ଯ୍ୟନ୍ତ ଭାରତ ଆତ୍ମାର ବିକାଶ ସହିତ କର୍ମର ମିଳନ ନ ହୋଇଛି, ଯେପର୍ଯ୍ୟନ୍ତ ବ୍ୟକ୍ତିର ଆତ୍ମ ଉପଲବ୍ଧି ସହିତ କର୍ମର ସମନ୍ୱୟ ନ ହୋଇଛି ତେତେ ଦିନ ପର୍ଯ୍ୟନ୍ତ କୌଣସି ବାହ୍ୟ ଉପାୟରେ ବର୍ତ୍ତମାନ ସମସ୍ୟାର ସମାଧାନ ହେବ ନାହିଁ କିଂବା ଦେଶ ତଥା ବ୍ୟକ୍ତି ସୁଖଶାନ୍ତି ଲାଭ କରିପାରିବ ନାହିଁ । ଏହି ପରିବର୍ତ୍ତନର ଏକ ବିଶେଷ ଭାଗ ହେଉଛନ୍ତି ଛାତ୍ରମାନେ । ସେହିମାନେ ହେବେ ଭବିଷ୍ୟତରେ କର୍ମୀ । ସେମାନଙ୍କର ଶିକ୍ଷାର ପରିବର୍ତ୍ତନ ବର୍ତ୍ତମାନର ନେତାମାନଙ୍କ ଦ୍ୱାରା ହେବା ହଠାତ୍ ସମ୍ଭବ ନୁହେଁ । ସେମାନେ ସ୍ୱୟଂ ବିଚାର କରିବେ ଏବଂ ଜାଗ୍ରତ୍ ହେବେ ନିଜର ମନ-ପ୍ରାଣ-ଶରୀର ତଥା ଆତ୍ମା-ଶିକ୍ଷାକୁ ଗ୍ରହଣ କରିବେ । ତେବେ ହେବ ନିଜର ଯଥାର୍ଥ ଉନ୍ନତି, ଦେଶର ଭବିଷ୍ୟତ୍ ଉଜ୍ଜ୍ୱଳ । ମନ, ପ୍ରାଣ, ଶରୀର ଥାଆନ୍ତି ଅଜ୍ଞାନ ଦ୍ୱାରା ଆବୃତ । କେବଳ ଆତ୍ମା ଥାଏ ମୋହମାୟା, ଅଜ୍ଞାନରୁ ମୁକ୍ତ । ଆତ୍ମା ଜାଗ୍ରତ୍ ହେଲେ ମନ, ପ୍ରାଣ, ଶରୀରକୁ ଯଥାର୍ଥ ମାର୍ଗରେ ପରିଚାଳିତ କରେ ଏବଂ ଜୀବନର ଏକମାତ୍ର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି ବୁଝାଇଦିଏ । ଭଗବତ୍ ପ୍ରାପ୍ତିରେ ବ୍ୟକ୍ତିର ଜୀବନ ଏବଂ କର୍ମ ହୁଏ ପୂର୍ଣ୍ଣ । ସେ ନିବାସ କରେ ପରମାନନ୍ଦରେ । ମନୁଷ୍ୟ ପରମାନନ୍ଦରେ ନିବାସ କରିବାର ସମୟ ଆସିଛି ।

ଏହାହିଁ ଭଗବାନଙ୍କର ସଂକଳ୍ପ । କ୍ରମ-ବିବର୍ତ୍ତନ ନିୟମ ଅନୁସାରେ ମନର ବିକାଶ ଶେଷ ହୋଇଅଛି । ଆସିଛି ନୂତନ ସତ୍ୟଯୁଗର ଅତିମାନସ ସତ୍ୟ । ଏହାରି ପ୍ରତିଷ୍ଠାରେ ସଂସାର ହେବ ସ୍ୱର୍ଗରେ ପରିଣତ । ଏହି ସତ୍ୟକୁ ସମଗ୍ର ସଂସାରରେ ପ୍ରସାର କରିବା ସକାଶେ ଭାରତ ବିଦେଶୀ ଆକ୍ରମଣ ସତ୍ତ୍ୱେ ବଞ୍ଚି ରହିଛି । ଯେଉଁ ଭାରତବାସୀ ଏହି ସତ୍ୟକୁ ଗ୍ରହଣ କରିବେ ସେହିମାନେ ହେବେ ଆଗାମୀ ସତ୍ୟଯୁଗର ଅଗ୍ରଦୂତ । ସବୁକାଳରେ ନୂତନ ସତ୍ୟ ବିକୀର୍ଣ୍ଣ କରିବା ସକାଶେ ଭଗବାନ୍ ଭାରତକୁହିଁ ବାଛି ନେଇଥାଆନ୍ତି । ଯେଉଁ ନୂତନ ଧର୍ମ ସମଗ୍ର ସଂସାରରେ ପ୍ରସାରିତ ହୁଏ, ତାହାର ଆବିର୍ଭାବ ହୁଏ ଭାରତରେ । ତାହାର ପ୍ରମାଣ ସ୍ୱରୂପ ଭଗବାନ୍ ବାରଂବାର ଭାରତରେ ଅବତାର ନିଅନ୍ତି । ଋଷି, ମୁନି, ସାଧୁ, ସନ୍ଥ, ଆଚାର୍ଯ୍ୟ ଓ ମହାପୁରୁଷମାନଙ୍କର ନିବାସ ସ୍ଥାନହିଁ ଭାରତ । ଯଦାକଦା ଅନ୍ୟ ଦେଶରେ କୌଣସି ମହାପୁରୁଷ କେବେ ଜନ୍ମ ଗ୍ରହଣ କରିଛନ୍ତି, କିନ୍ତୁ ସେମାନେ ଅଧ୍ୟାତ୍ମ ଶିକ୍ଷା ପ୍ରାପ୍ତ ହୋଇଛନ୍ତି ଭାରତୀୟ ମହାପୁରୁଷଙ୍କଠାରୁ ।

ସ୍ୱାର୍ଥ

ସ୍ୱାର୍ଥ ସମସ୍ତ ପ୍ରକାର ଦୁଃଖଦ୍ୱନ୍ଦ୍ୱର କାରଣ । ସମସ୍ତ ସଦ୍‌ଗୁଣ ପ୍ରତିଷ୍ଠିତ ହୁଏ ବ୍ୟକ୍ତି ସ୍ୱାର୍ଥ ତ୍ୟାଗ କଲେ । ତେବେ ସେ ମହତ୍ କାର୍ଯ୍ୟ ସାଧନ କରିପାରେ । ସ୍ୱାର୍ଥପରାୟଣ ବ୍ୟକ୍ତି ଯଦି ସାମର୍ଥ୍ୟ ଓ ଯୋଗ୍ୟତା ପ୍ରାପ୍ତ ହୋଇଥାଆନ୍ତି, ତେବେ ମୁଖରେ କହନ୍ତି ଉଚ୍ଚ ଆଦର୍ଶର କଥା, କର୍ମ କରନ୍ତି ତା' ବିପରୀତ । ଯଥାର୍ଥରେ ସ୍ୱାର୍ଥ ତ୍ୟାଗ ହୁଏ ଓ ସଦ୍‌ଗୁଣ ପ୍ରାପ୍ତ ହୁଏ ଆତ୍ମ-ବିକାଶରେ । ଆତ୍ମଜାଗ୍ରତ୍ ବ୍ୟକ୍ତିହିଁ ଲକ୍ଷ୍ୟ ରୂପେ ଗ୍ରହଣ କରନ୍ତି ଭଗବାନଙ୍କୁ । ଭଗବାନ୍ ହେଉଛନ୍ତି ସମସ୍ତ ସଦ୍‌ଗୁଣର ମୂଳକାରଣ । ବ୍ୟକ୍ତିର ଆନ୍ତରିକ ସମ୍ବନ୍ଧ ଭଗବାନଙ୍କ ସହିତ ଯେତେ ପରିମାଣରେ ସ୍ଥାପିତ ହେଉଥାଏ ସେହି ଅନୁପାତରେ କ୍ରମଶଃ ଦୁର୍ଗୁଣ ହ୍ରାସ ହୁଏ, ସଦ୍‌ଗୁଣ ବିକଶିତ ହୁଏ ।

ସ୍ୱାର୍ଥର ସ୍ୱରୂପ

ବ୍ୟକ୍ତି ନିଜେ ଭଲ ଭୋଜନ କରିବା, ଭଲରେ ରହିବା, ଧନ-ମାନ-ଯଶଃ ପ୍ରାପ୍ତ ହେବା ଉଦ୍ଦେଶ୍ୟରେ କର୍ମ କରିବାହିଁ ହେଲା ବ୍ୟକ୍ତିଗତ ସ୍ୱାର୍ଥ । ଏହି ଧାରଣା ପରିବାର, ଗ୍ରାମ, ଦେଶ ପ୍ରତି ରଖି କର୍ମ କରିବା ହେଲା ବ୍ୟାପକ ସ୍ୱାର୍ଥ । ନିଜ ସ୍ୱାର୍ଥ ସକାଶେ କର୍ମ କରିବା ପାଶବିକ ସ୍ୱାର୍ଥ । ପଶୁମାନେ କେବଳ ନିଜ ପାଇଁ କର୍ମ କରନ୍ତି । ଏପରି ବ୍ୟକ୍ତିର ଶରୀର ମନୁଷ୍ୟର, କିନ୍ତୁ ଚେତନା ପଶୁର । ଏହି ସ୍ୱାର୍ଥ ଯେତେ ବ୍ୟାପକ ହୁଏ ମନୁଷ୍ୟର ତେତେ ପଶୁତ୍ୱ ହ୍ରାସ ହୁଏ ଏବଂ ମନୁଷ୍ୟତ୍ୱ ବୃଦ୍ଧି ହୁଏ । ବ୍ୟକ୍ତିର ଏହି ଲକ୍ଷ୍ୟ ବ୍ୟାପକ ହେବା ସଙ୍ଗେ ସଙ୍ଗେ ତା'ର ଚେତନାର ସୀମିତତା କ୍ରମଶଃ ବିସ୍ତୀର୍ଣ୍ଣ ହୁଏ । ତଥାପି ଦେଶର ଉନ୍ନତି ଲକ୍ଷ୍ୟ ପର୍ଯ୍ୟନ୍ତ ବ୍ୟକ୍ତିର ଥାଏ ବ୍ୟକ୍ତିଗତ ସ୍ୱାର୍ଥ । ସେ ସେହି ଲକ୍ଷ୍ୟସିଦ୍ଧିରେ ନିଜର ସୁଖ ଏବଂ ତୃପ୍ତି ଚାହେଁ । ବ୍ୟକ୍ତି ନିଜ ସୁଖ-ସୁବିଧା, ମାନ-ଯଶଃ ସକାଶେ ଯେପରି ଅନ୍ୟର ସର୍ବନାଶ କରିପାରେ ସେହିପରି ନିଜ ଦେଶର ଉନ୍ନତି ସକାଶେ ଅନ୍ୟ ଦେଶ ଏବଂ ଅନ୍ୟ ବ୍ୟକ୍ତିର ସର୍ବନାଶ କରିପାରେ । ନିଜ ସୁଖ-ସୁବିଧା ପାଇଁ କର୍ମ କରିବା ପାଶବିକ ସ୍ୱାର୍ଥ ଏବଂ ଦେଶ ଅଥବା ଅନ୍ୟର ସୁଖସୁବିଧା ପାଇଁ କର୍ମ କରିବା ବ୍ୟାପକ ସ୍ୱାର୍ଥ ହେଲେହେଁ ତା' ମୂଳତତ୍ତ୍ୱ ଏକ । କାରଣ ବ୍ୟାପକ ସ୍ୱାର୍ଥର ପାଶ୍ଚାତ୍‌ରେ ଥାଏ ବ୍ୟକ୍ତିଗତ ସ୍ୱାର୍ଥ, ଅର୍ଥାତ୍ ଅହଂତୁଷ୍ଟି । ଏହି ଲକ୍ଷ୍ୟ ଥିବା ପର୍ଯ୍ୟନ୍ତ ବ୍ୟକ୍ତି ଯଥାର୍ଥରେ ନିଜର ଏବଂ ଦେଶର ହିତ କରିପାରେ ନାହିଁ କିଂବା ତା' ଜୀବନର ଯେଉଁ ଯଥାର୍ଥ ଲକ୍ଷ୍ୟ ପରମ ସୁଖ, ପରମ ଶାନ୍ତି ତାହା ପ୍ରାପ୍ତ ହୋଇପାରେ ନାହିଁ । ବ୍ୟକ୍ତି ଯେତେବେଳେ ଜୀବନର ଲକ୍ଷ୍ୟ ଭଗବାନଙ୍କୁ ଜାଣେ ସେତେବେଳେ ସେ ଠିକ୍ ଠିକ୍ ଦେଶସେବା କରିପାରେ ।

ମନ, ପ୍ରାଣ ତଥା ଆତ୍ମାର ସଂଯୋଗରେ ମନୁଷ୍ୟ ହୁଏ ଜୀବନ୍ତ ଏବଂ କରେ କର୍ମ । ମନ, ପ୍ରାଣ ଏବଂ ଆତ୍ମାର ଆଧାର ବା ଆଶ୍ରୟ ଶରୀର । ଶରୀର ଛଡ଼ା ଏସବୁ କୌଣସି କର୍ମ କରିପାରନ୍ତି ନାହିଁ । ଏହି ଚାରି ସତ୍ତାର ବିକାଶରେ ମନୁଷ୍ୟ ପୂର୍ଣ୍ଣତା ପ୍ରାପ୍ତ ହୁଏ । ତାକୁ ପ୍ରାପ୍ତ ହୁଏ ଜ୍ଞାନ, ଶକ୍ତି-ସାମର୍ଥ୍ୟ । ତେବେ ସେ କରିପାରେ ହିତ ନିଜର ଏବଂ ଅନ୍ୟର । ସମୟ ଆସି ନ ଥିବାରୁ ବ୍ୟକ୍ତି ଏହି ଚାରି ସତ୍ତାର ବିକାଶର ଧାରଣା କରିପାରୁ ନ ଥିଲେ । ସେହି ସକାଶେ ନିଜ ଲକ୍ଷ୍ୟ ସମ୍ବନ୍ଧେ ଅଜ୍ଞାତ ରହିଥିଲେ ଏବଂ ଦେଶର ଉନ୍ନତି-କାର୍ଯ୍ୟ କରିପାରୁ ନ ଥିଲେ । ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ନୂତନ ଯୁଗ ସକାଶେ ମନୁଷ୍ୟକୁ ନିଜର ଚାରିଟି ସତ୍ତାକୁ ବିକଶିତ କରିବାକୁ ହେବ, ତେବେ ହେବ ତା' ପୂର୍ଣ୍ଣତାପ୍ରାପ୍ତି । ସୃଷ୍ଟି ଆରମ୍ଭରୁ ଏହି ଚାରି ସତ୍ତାର ସାମୂହିକ ବିକାଶ-ମାର୍ଗ ଛାଡ଼ି କେବଳ ଗୋଟିଏ ବା ଦୁଇଟି ସତ୍ତାର ବିକାଶ କରିବାକୁ ବ୍ୟକ୍ତି ପ୍ରଯତ୍ନ କରୁଅଛନ୍ତି । ସେହି ସକାଶେ ଆଜିପର୍ଯ୍ୟନ୍ତ ସଂସାରରେ ସୁଖଶାନ୍ତି ପ୍ରାପ୍ତ ହୋଇ ନାହିଁ । ଏହିସବୁ ସତ୍ତାର ବିକାଶ ହୁଏ ଏବଂ ଏଗୁଡ଼ିକ ପରିଶୁଦ୍ଧ ଓ ରୂପାନ୍ତରିତ ହୁଏ ଅତିମାନସ ଶକ୍ତି ଦ୍ୱାରା । ସେହି ଅତିମାନସ ଶକ୍ତି ଏପର୍ଯ୍ୟନ୍ତ ପୃଥିବୀରେ ଅବତରଣ କରି ନ ଥିଲା । ମା'ଶ୍ରୀଅରବିନ୍ଦ ଭଗବାନଙ୍କ ସଂକଳ୍ପରୁ ନିଜ ତପସ୍ୟାରେ ତାହାକୁ ଏହି ପୃଥିବୀରେ ଉତାରି ଆଣିଅଛନ୍ତି । ସେହି ଶକ୍ତି ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ ।

ସେ ମୁକ୍ତ ହେବ ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ଓ ନିବାସ କରିବ ପରମ ଆନନ୍ଦ, ପରମ ଜ୍ଞାନରେ । ଯେଉଁମାନେ ଏହି ସତ୍ୟକୁ ଗ୍ରହଣ କରି ସାଧନାରେ ବ୍ରତୀ ହେବେ, ସେହିମାନେ ହେବେ ନୂତନ ଯୁଗର ଅତିମାନବ । ଏହା ଫଳରେ ସଂସାରରୁ ଦୁଃଖଦ୍ୱନ୍ଦ୍ୱ, ଅନ୍ୟାୟ ଓ ଅସତ୍ୟ ବିଦୂରିତ ହେବ । ପୃଥିବୀ ସ୍ୱର୍ଗରେ ପରିଣତ ହେବ । ଏହାହିଁ ଭଗବାନଙ୍କର ସଂକଳ୍ପ । ତାହାର ସମୟ ମଧ୍ୟ ଆସିଛି ।

ଏହି ଯୁଗପରିବର୍ତ୍ତନର ସମୟରେ ବ୍ୟକ୍ତି ସତ୍ୟକୁ ଗ୍ରହଣ କଲେ ନୂତନ ଯୁଗର ଅତିମାନବ ହେବ । ଅନ୍ଧକାର ଶକ୍ତିକୁ ଗ୍ରହଣ କଲେ ତାହା ଦ୍ୱାରା ରସାତଳୁ ଚାଲିଯିବ । ବର୍ତ୍ତମାନ ମନୁଷ୍ୟକୁ ବାଛି ନେବାକୁ ହେବ ସତ୍ୟ ଅଥବା ଅସତ୍ୟ । ଏହି ସତ୍ୟକୁ ବାଛି ନେବାର ବା ଗ୍ରହଣ କରିବାର ଉପାୟ ହେଲା – ଅଭୀପ୍ସା, ସମର୍ପଣ ଏବଂ ପ୍ରତିକୂଳ କର୍ମର, ଚିନ୍ତା, ଭାବନା, ବିଚାର ତଥା ସନ୍ଦେହ, ନିରାଶା, ହତାଶା ଏବଂ କୁସଙ୍ଗର ପରିତ୍ୟାଗ । ଏହା ହୋଇପାରେ ନିଜେ ଏବଂ ନିଜର ଯାହାକିଛି ସମସ୍ତ ମା'ଙ୍କ ଚରଣରେ ସମର୍ପଣ କରିବା ଦ୍ୱାରା । କାରଣ ମା'ଙ୍କ ସାହାଯ୍ୟ ଛଡ଼ା ଅନ୍ଧକାର ଶକ୍ତିର କଳକୌଶଳପୂର୍ଣ୍ଣ ଆକ୍ରମଣରୁ ମୁକ୍ତ ହେବା ଅସମ୍ଭବ । ସତ୍ୟକୁ ଗ୍ରହଣ କରିବାରେ ବ୍ୟକ୍ତିକୁ ସାହାଯ୍ୟ କରି ପୃଥିବୀରେ ଅତିମାନସ ସତ୍ୟ ସ୍ଥାପନା କରିବା ସକାଶେ ମା' ଏହି ଧରାତଳକୁ ଆସିଅଛନ୍ତି । ମା' ଘୋଷଣା କରିଛନ୍ତି :–

''Men, countries, continents !
The choice is imperative :
Truth or the abyss.''
(ମନୁଷ୍ୟ, ଦେଶ, ମହାଦେଶସକଳ !
ବାଛିନିଅ ଗୋଟିଏ ପକ୍ଷ – ଅନ୍ୟ ପନ୍ଥା ନାହିଁ –
ପୂର୍ଣ୍ଣସତ୍ୟ ଅଥବା ରସାତଳ ।)

ଏହି ୧୯୬୭ ସାଲ ଯୁଗପରିବର୍ତ୍ତନର ସମୟ । ନୂତନ ସତ୍ୟ ଆସିଛି । ଏହାର ମାର୍ଗ ରୋଧ କରିବା ସକାଶେ ଅନ୍ୟାୟ-ଅସତ୍ୟ ଦଳବଳସହ ସମସ୍ତ ଶକ୍ତି ପ୍ରୟୋଗ କରି ପ୍ରାଣପଣେ ଚେଷ୍ଟା କରୁଅଛି । କିନ୍ତୁ ସତ୍ୟ ସର୍ବଥା ଅବ୍ୟର୍ଥ । ତା' ଅବାଧ ଗତିକୁ ଅନ୍ଧକାର ଶକ୍ତି ରୁଦ୍ଧ କରି ନ ପାରେ । ବ୍ୟକ୍ତି ସତ୍ୟକୁ ଗ୍ରହଣ କଲେ ନୂତନ ଦିବ୍ୟ ଯୁଗର ଅଗ୍ରଦୂତ ହୋଇପାରିବ । ଏହାକୁ ଗ୍ରହଣ କରିବାର ଉପାୟ ହେଲା ମନ-ପ୍ରାଣ-ଶରୀର ଏବଂ ଆତ୍ମାର ବିକାଶ । ଏହି ବିକାଶରେ ଶିକ୍ଷାନୁଷ୍ଠାନ ରୂପେ ମା' ପଣ୍ଡିଚେରୀରେ ଆଶ୍ରମ ଗଠନ କରିଅଛନ୍ତି । ସେହି ଆଦର୍ଶକୁ ଛାତ୍ରମାନେ ଗ୍ରହଣ କଲେ ପୂର୍ଣ୍ଣତା ପ୍ରାପ୍ତ ହେବେ ଏବଂ ନୂତନ ସତ୍ୟର ଅଗ୍ରଦୂତ ହୋଇପାରିବେ । ସେହିମାନଙ୍କ ଦ୍ୱାରା ହେବ ନିଜର ଏବଂ ସଂସାରର ଯଥାର୍ଥ ଉନ୍ନତି । ଏହି ଆଦର୍ଶ ପ୍ରସାର ସକାଶେ ମା'ଙ୍କ ଆଶୀର୍ବାଦ ଏବଂ ଅନୁମୋଦନକ୍ରମେ ''ଶ୍ରୀଅରବିନ୍ଦ ଛାତ୍ରସମିତି'' ଗଠନ କରାହୋଇଛି ଯାହାଦ୍ୱାରା ଛାତ୍ରମାନେ ମନ, ପ୍ରାଣ, ଶରୀର ତଥା ଆତ୍ମାର ବିକାଶ ନିମିତ୍ତ ଆଦର୍ଶ ଗ୍ରହଣ କରିବେ ।

ଏହିସବୁ ବିଷୟ କ୍ରମଶଃ ଆଲୋଚନା କରିବା :

(୧) ମନର ବିକାଶ ହୁଏ ବିଦ୍ୟାଧ୍ୟୟନ ତଥା ଅନ୍ୟାନ୍ୟ କର୍ମ ଦ୍ୱାରା । ବିଦ୍ୟାଧ୍ୟୟନର ପ୍ରଣାଳୀ ଏଠାରେ ଆଲୋଚନା କରା ହେଉ ନାହିଁ । କାରଣ ବିଦ୍ୟାଧ୍ୟୟନର ପ୍ରଣାଳୀ ଯେପରି ହେଉ, ଆତ୍ମ-ବିକାଶ ବା ଭଗବତ୍‌ପ୍ରାପ୍ତି ଲକ୍ଷ୍ୟକୁ ବ୍ୟକ୍ତି ଗ୍ରହଣ କଲେ ତା' ବିଦ୍ୟାଧ୍ୟୟନରେ ଯାହା ତ୍ରୁଟି ଥିବ ତାହା ସଂଶୋଧିତ ହୋଇଯିବ ।

(୨) ପ୍ରାଣ ବିକଶିତ ହୁଏ ତଥା ପରିଶୁଦ୍ଧ ହୁଏ ବ୍ରହ୍ମଚର୍ଯ୍ୟପାଳନ ତଥା ଉତ୍ତମ-କର୍ମ ସମ୍ପାଦନ କରି ଭଗବାନଙ୍କ ଚରଣରେ ସମର୍ପଣ କରିବାରେ । ଅନ୍ୟ ପ୍ରବନ୍ଧରେ ବ୍ରହ୍ମଚର୍ଯ୍ୟପାଳନ ତଥା ସମର୍ପଣ ବିଷୟ ଆଲୋଚିତ ହେବ । ଏଠାରେ ଆଲୋଚନା କରାହେବ ଆତ୍ମ-ବିକାଶ ସମ୍ବନ୍ଧରେ ।

ଆତ୍ମ-ବିକାଶ

ମନ-ପ୍ରାଣ-ଶରୀରର ନେତା ବା ଧାରକ ଆତ୍ମା । ସେ ଶୁଦ୍ଧ-ପବିତ୍ର, ଜ୍ଞାନାନନ୍ଦଯୁକ୍ତ ଭଗବତ୍ ପ୍ରତିଭୂ ବା ଅଂଶ । ତତ୍ତ୍ୱତଃ ଭଗବାନଙ୍କ ସହିତ ଏକ । ଏହା ମଧ୍ୟରେ ଜ୍ଞାନ, ବିବେକ, ପରମ ଶାନ୍ତି, ଶକ୍ତି ଆଦି ସମସ୍ତ ଦିବ୍ୟ ଗୁଣ ବିଦ୍ୟମାନ । କିନ୍ତୁ ଅଶୁଦ୍ଧ ମନ-ପ୍ରାଣ ଦ୍ୱାରା ଆବୃତ । ଏହାରି ଶୁଦ୍ଧଜ୍ୟୋତିଃର ପ୍ରେରଣା ବିକୃତ ହୁଏ ଅଶୁଦ୍ଧ ମନ-ପ୍ରାଣ-ଶରୀରରେ । କାରଣ ମନ-ପ୍ରାଣ-ଶରୀର ହିଂସା, ଦ୍ୱେଷ, ଅହଂ, ସ୍ୱାର୍ଥ ଆଦି ଅଜ୍ଞାନ ଶକ୍ତିର ଆବରଣରେ ଆବୃତ ଥାଆନ୍ତି । ଆତ୍ମାର ବିଶୁଦ୍ଧ ପ୍ରେରଣାକୁ କ୍ରିୟାନ୍ୱିତ କରନ୍ତି ନିଜ ଅଶୁଦ୍ଧ ସ୍ୱଭାବ ଅନୁସାରେ । ଏହିସବୁ ସତ୍ତା ଶୁଦ୍ଧ ହୁଅନ୍ତି ନିଜର ସମସ୍ତ କର୍ମ ମା'ଙ୍କୁ ସମର୍ପଣ କରିବାରେ । ଯାହାକିଛି ଭୋଜନ କର, ଯାହାକିଛି କର୍ମ କର, ତୁମେ ନିଜେ ଓ ତୁମର ଯାହା – ସବୁକିଛି ମା'ଙ୍କୁ ସମର୍ପଣ କର, ଅର୍ଥାତ୍ ମନେକର – ଏହି ସବୁ ବସ୍ତୁ ମା'ଙ୍କର । ସମର୍ପଣ ବିଷୟ ''ଲୋକସାହିତ୍ୟ''ର ''ସମର୍ପଣ ଓ ବାଧାବିଘ୍ନ'' ପୁସ୍ତକରେ ଆଲୋଚିତ ହୋଇଅଛି ।

ଏହି ସମର୍ପଣ ସହିତ କିଛି ସମୟ ହୃଦୟର ଗଭୀରରେ ମା'ଙ୍କ ଫଟୋକୁ ଧ୍ୟାନ କର । ଏହି ଧ୍ୟାନ ତଥା ସମର୍ପଣ ଏବଂ ପ୍ରତିକୂଳ ବସ୍ତୁତ୍ୟାଗ ଦ୍ୱାରା ଆତ୍ମା ଜାଗ୍ରତ୍ ହୁଏ ଏବଂ ମସ୍ତକ ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତି ଅବତରଣ କରେ । ପ୍ରଥମରେ ଏହିପରି ଆରମ୍ଭ କର । ''ଲୋକସାହିତ୍ୟ''ର 'ଛାତ୍ରଜୀବନରେ ଉନ୍ନତିର ମାର୍ଗ', 'ଗାର୍ହସ୍ଥ୍ୟ ଧର୍ମ', 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ' ଇତ୍ୟାଦି ବହି ପଢ଼ । ସେହି ଅନୁସାରେ ଆଚରଣ କର । ଏହା ସହିତ ନିରନ୍ତର ମା'ଙ୍କ ନାମ ସ୍ମରଣ କଲେ ବିଶେଷ ସହାୟତା ମିଳେ । ତୁମେ ଯଦି ଆଗ୍ରହ ସହିତ ଏହା କରିପାର, ତେବେ ତୁମ ମଧ୍ୟରେ ମା'ଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ କ୍ରମଶଃ ବୃଦ୍ଧି ହେବ । ଏହିସବୁ କର୍ମ କରିବାରେ ଆନନ୍ଦ ପ୍ରାପ୍ତ ହେବ । ସମର୍ପଣ ଉତ୍ତରୋତ୍ତର ବୃଦ୍ଧି ହେବ । ତୁମ ମଧ୍ୟରେ ବିବେକ, ଜ୍ଞାନ, ଭକ୍ତି ଉତ୍ପନ୍ନ ହେବ । ତୁମେ ପରିଚାଳିତ ହେବ ଆତ୍ମା ଦ୍ୱାରା ଯଥାର୍ଥ ମାର୍ଗରେ ।

ଶ୍ରୀଅରବିନ୍ଦ ଆଲୋଚନାଚକ୍ର

ସପ୍ତାହରେ ଏକ ଦିନ, ବିଶେଷତଃ ରବିବାର ଦିନ, କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ଓ ନିର୍ଦ୍ଦିଷ୍ଟ ସମୟରେ ସମିତିର ମେମ୍ବରମାନେ ଏକତ୍ରିତ ହୁଅନ୍ତୁ । ସେଠାରେ ମା'ଶ୍ରୀଅରବିନ୍ଦଙ୍କ ଫଟୋ ରଖି ପୁଷ୍ପ ଓ ଧୂପ ଅର୍ପଣ କରନ୍ତୁ । ପ୍ରଥମରେ ପାଞ୍ଚ ମିନିଟ୍ ନିଜ ହୃଦୟରେ ମା'ଙ୍କ ଫଟୋ ଧ୍ୟାନ କରି ବିକ୍ଷିପ୍ତ ଚେତନାକୁ ଏକାଗ୍ର କରନ୍ତୁ । ପରେ କିଛି ସମୟ ମା'ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଜଣେ ପଢ଼ନ୍ତୁ ଏବଂ ଅନ୍ୟମାନେ ଶୁଣନ୍ତୁ । ଶ୍ରୀମାଶ୍ରୀଅରବିନ୍ଦଙ୍କ ସାହିତ୍ୟ ବୁଝିବାକୁ କଠିନ ହେଲେ ''ଲୋକସାହିତ୍ୟ''ର ''ଛାତ୍ର-ଜୀବନରେ ଉନ୍ନତିର ମାର୍ଗ'', ''ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ'', ''ଗାର୍ହସ୍ଥ୍ୟ-ଧର୍ମ'' ଇତ୍ୟାଦି ପଢ଼ନ୍ତୁ । ଅନ୍ୟ ମେମ୍ବରମାନଙ୍କୁ ବୁଝାଇ ଦିଅନ୍ତୁ । ଅନୁଷ୍ଠାନଟି ଏକଘଣ୍ଟା ହେବା ଉଚିତ । ଶେଷରେ ଦୁଇ, ଚାରି ମିନିଟ୍ ଧ୍ୟାନ କରିବା ପରେ ସମାପ୍ତ କରନ୍ତୁ । ଅନୁଷ୍ଠାନ କାଳରେ କୌଣସି ପ୍ରକାର କଥାବାର୍ତ୍ତା ଏକେବାରେ ନିଷେଧ । ଯଦି ପ୍ରଶ୍ନ କରିବାର ଥାଏ ତେବେ ସଭା ଶେଷରେ କିଂବା ଶେଷ ହେବାର ପାଞ୍ଚ ମିନିଟ୍ ପୂର୍ବରୁ ପ୍ରଶ୍ନୋତ୍ତର ସମୟ ରଖିପାରନ୍ତି ।

ବ୍ୟକ୍ତିଗତ ଜୀବନର ନିୟମ

ସମସ୍ତ ପ୍ରକାର ନିଶାଦ୍ରବ୍ୟ, ସମସ୍ତ ପ୍ରକାର ଧୂମପାନ ସର୍ବଥା ନିଷେଧ । ଏହା ଦ୍ୱାରା ଶାରୀରିକ ତଥା ମାନସିକ କ୍ଷତି ହୁଏ । ଭୋର ୩ଟାରୁ ୫ଟା ମଧ୍ୟରେ ଉଠିଯିବା ଉଚିତ । ଉଠିବା ସଙ୍ଗେ ସଙ୍ଗେ 'ମା' ଏହି ନାମ ସ୍ମରଣ କରି ବିଛଣାରେ ବସ । ୫ ମିନିଟ୍ ମା'ଙ୍କ ଫଟୋ ବା ରୂପ ହୃଦୟ ମଧ୍ୟରେ ଧ୍ୟାନ କର । ପରେ ଶୌଚସ୍ନାନ ଶେଷ କରି କିଛି

ସମୟ ଆସନ ବା ବ୍ୟାୟାମ କର । ପରେ କିଛି ସମୟ ଧ୍ୟାନ କର । ତା'ପରେ ପାଠ୍ୟପୁସ୍ତକ ପଢ଼ ବା ଅନ୍ୟ କର୍ମ କର । ଠିକ୍ ସମୟରେ ସ୍କୁଲ ଯିବ ଏବଂ ଠିକ୍ ସମୟରେ ଫେରି, ନିତ୍ୟକର୍ମ ଶେଷ କରି କିଛି ଜଳପାନ କର । ପରେ ବ୍ୟାୟାମ କର । ଅଥବା ଖୋଲା ସ୍ଥାନରେ ଜୋର୍‌ରେ ଚାଲ କିଂବା ଦୌଡ଼ । ଫେରି ୫ କିଂବା ୧୦ ମିନିଟ୍ ଚିତ୍ ହୋଇ ଶୋଇପଡ଼ି ଶରୀରକୁ ଢ଼ିଲା ଛାଡ଼ିଦିଅ । ପରେ ପଢ଼ାପଢ଼ି କର କିଂବା ଅନ୍ୟ ଆବଶ୍ୟକ କାର୍ଯ୍ୟ କର । ରାତ୍ରି ଭୋଜନ କରି ବିଶ୍ରାମ କର । ଭୋର ୩ଟାରୁ ୫ଟା ମଧ୍ୟରେ ଉଠିବା ସକାଶେ ଶୋଇବା ସମୟ ନିର୍ଦ୍ଧାରିତ କରିନିଅ ଯେପରି ନିଦ୍ରା ପୂରା ହୋଇପାରେ । ନିଦ୍ରାର ସମୟ କମ୍ ହେଲେ ଆଳସ୍ୟ ରହିବ, କର୍ମରେ ରୁଚି ହେବ ନାହିଁ । ଭୋଜନ କର୍ମ ମା'ଙ୍କୁ ଅର୍ପଣ କର । ଚାଲିବା, ବୁଲିବା, ବ୍ୟାୟାମ, ସ୍ନାନାଦି କର୍ମ କରିବା ସମୟରେ ମା'ଙ୍କ ନାମ ସ୍ମରଣ କର । ରାତ୍ରିରେ ନିଦ୍ରା ନ ଆସିବା ପର୍ଯ୍ୟନ୍ତ ମା'ଙ୍କୁ ଧ୍ୟାନ କର କିଂବା ନାମ ସ୍ମରଣ କର ।

ସରଳ ହୃଦୟ ବାଳକ-ବାଳିକା

ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ପୁରାତନ ଯୁଗ ସମାପ୍ତ ହୋଇସାରିଛି । ନୂତନ ଅତିମାନସ ସତ୍ୟ ଯଦ୍ୟପି ପୃଥିବୀରେ ବିଦ୍ୟମାନ ଅଛି ତଥାପି ଅତିମାନସ ସତ୍ୟଯୁଗ କ୍ରିୟାଶୀଳ ହୋଇ ନାହିଁ । ଉପସ୍ଥିତ ସମୟ ହେଉଛି ଯୁଗ ପରିବର୍ତ୍ତନର ସନ୍ଧିକ୍ଷଣ । ଏହି କାରଣରୁ ସଂସାରରେ ଅଧିକ ଅସତ୍ୟ, ମିଥ୍ୟାଚାରର କ୍ରିୟା ଦୃଷ୍ଟିଗୋଚର ହେଉଅଛି । ଏହି ଅବାଞ୍ଛିତ ବାହ୍ୟ ପରିସ୍ଥିତିର ପଶ୍ଚାତ୍‌ରେ ଅତିମାନସ ସତ୍ୟଯୁଗ ଶିଶୁରୂପେ ପ୍ରାଦୁର୍ଭୂତ ହୋଇସାରିଛି ।

ଏହି ସମୟରେ ଯେଉଁମାନେ ଏହି ନୂତନ ଅତିମାନସ ସତ୍ୟ ସମ୍ବନ୍ଧେ ସଚେତ ହୋଇଅଛନ୍ତି, ଯେଉଁମାନେ ଗ୍ରହଣ କରିଅଛନ୍ତି ସେହିମାନେ ଭାଗ୍ୟବାନ୍ । ସେମାନଙ୍କଠାରୁ ଅଧିକ ଭାଗ୍ୟବାନ୍ ସେମାନଙ୍କର ସଂସ୍ପର୍ଶରେ ଥିବା ବାଳକ-ବାଳିକା । ବାଳକ-ବାଳିକାମାନଙ୍କ ହୃଦୟ ଶୁଦ୍ଧ, ସରଳ, ନିଷ୍କପଟ, ସ୍ୱଚ୍ଛ ବସ୍ତ୍ରତୁଲ୍ୟ । ଏହି ସମୟରେ ସେମାନଙ୍କୁ ଯଦି ଗୃହରେ ତଥା ଶିକ୍ଷାରେ ଅତିମାନସ ସତ୍ୟର ପରିବେଶ ପ୍ରାପ୍ତ ହେବ ତେବେ ସେମାନଙ୍କର ସ୍ୱଚ୍ଛ ବସ୍ତ୍ର ସଦୃଶ ହୃଦୟରେ ଉତ୍ତମ ରଙ୍ଗ ସଦୃଶ ସତ୍ୟର ପ୍ରଭାବ ପଡ଼ି ସଂସ୍କାରରେ ପରିଣତ ହେବ । ସେମାନଙ୍କର ମନ, ପ୍ରାଣ, ଶରୀର ତଥା ଆତ୍ମାର ସର୍ବାଙ୍ଗୀନ ବିକାଶ ହେବ । ସେମାନଙ୍କ ମଧ୍ୟରେ ସମସ୍ତ ସଦ୍‌ଗୁଣ ନିବାସ କରିବ । ସେହିମାନେ ହେବେ ନୂତନ ଅତିମାନସ ଯୁଗ ଅତିମାନବର ଅଗ୍ରଦୂତ । ସେହିମାନେ ହେବେ ଉପସ୍ଥିତ ମାନବ ଗୁଣ ଧର୍ମ ବ୍ୟବହାରରୁ ସଂପୂର୍ଣ୍ଣ ଭିନ୍ନ । ସେହିମାନେ ଅତିମାନସ ସତ୍ୟ ଦ୍ୱାରା ପରିଚାଳିତ ହେବେ ଆଗମନୀ ସତ୍ୟ ଯୁଗ ଆଡ଼କୁ, ଯେଉଁ ଅତିମାନସ ସତ୍ୟଯୁଗ ଆତ୍ମେମାନେ ବାସ କରୁଥିବା ଯୁଗଠାରୁ ସଂପୂର୍ଣ୍ଣ ଭିନ୍ନ ନୁହେଁ, ସଂପୂର୍ଣ୍ଣ ବିପରୀତ ମଧ୍ୟ । ସେ ଯୁଗ ଧର୍ମରେ ହିଂସା, ଦ୍ୱେଷ, ବୈର, ବିରୋଧ, ଅହଂ, ସ୍ୱାର୍ଥ, ଅଜ୍ଞାନ, ଦୁଃଖକଷ୍ଟ ରହିବ ନାହିଁ । ସେଯୁଗର ବ୍ୟକ୍ତି ମନ-ପ୍ରାଣ-ଶରୀରରେ ଉପଲବ୍ଧି କରିବ ଭଗବାନଙ୍କୁ, ନିବାସ କରିବ ପରମାନନ୍ଦ, ପରମଜ୍ଞାନସ୍ୱରୂପ ଭଗବାନଙ୍କ ମଧ୍ୟରେ, ପରିଚାଳିତ ହେବ ଭଗବାନଙ୍କ ଦ୍ୱାରା । ଏହି ଅଜ୍ଞାନ, ଦୁଃଖ-କଷ୍ଟପୂର୍ଣ୍ଣ ମୃତ୍ୟୁପୁରୀ ପରିଣତ ହେବ ସ୍ୱର୍ଗରେ ।

ଯେଉଁ ପିତାମାତା ନିଜ ସନ୍ତାନମାନଙ୍କର ସର୍ବାଙ୍ଗୀନ ବିକାଶ, ସର୍ବ ଦିବ୍ୟଗୁଣଭୂଷଣ, ଆଦର୍ଶ ମାନବ, ନୂତନ ଅତିମାନସ ସତ୍ୟଯୁଗ ଆଡ଼କୁ ଅଗ୍ରଦୂତ ବା ଯାତ୍ରୀ ହେବାକୁ ଚାହାନ୍ତି ସେମାନେ ଅତିମାନସ ସତ୍ୟକୁ ଗ୍ରହଣ କରନ୍ତୁ । ଏହାକୁ ଲକ୍ଷ୍ୟ ରଖି ଘରେ କଳିକଜିଆ, ବାଦବିବାଦ, ପ୍ରତିବାଦ, ରାଗ ତ୍ୟାଗ କରନ୍ତୁ । ପିଲାଙ୍କ ଉପରେ ରାଗ କରନ୍ତୁ ନାହିଁ, ଆଖି ତରାଟନ୍ତୁ ନାହିଁ, ଭୁଲ୍‌ରେ ବି ମାରନ୍ତୁ ନାହିଁ, ତା' ସଙ୍ଗେ ସଙ୍ଗେ ବାହ୍ୟ ଗେହ୍ଲାବସର କରି ପିଲାଙ୍କ ମୁହଁ ବଢ଼ାନ୍ତୁ ନାହିଁ । ଘରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ରଖନ୍ତୁ, ଧୂପ-ପୁଷ୍ପ ଅର୍ପଣ କରନ୍ତୁ । କିଛି ସମୟ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସାହିତ୍ୟ ତଥା ଲୋକ-ସାହିତ୍ୟ ଆଲୋଚନା କରନ୍ତୁ । କିଛି ସମୟ ଧ୍ୟାନ କରନ୍ତୁ । ଘର, ପରିବାର ମା'ଙ୍କର ମାନି ତାଙ୍କରି ସେବା ଭାବରେ ସମସ୍ତ କର୍ମ କରି ତାଙ୍କୁ ସମର୍ପଣ କରନ୍ତୁ । ଘରକୁ କରନ୍ତୁ ଅଧ୍ୟାତ୍ମ ସାଧନାର ଆଶ୍ରମ । ପରିବାର ହୁଅନ୍ତୁ ଅତିମାନସ ସତ୍ୟ ଉପଲବ୍ଧି କରିବା ପ୍ରୟାସୀ ବା ସାଧକ । ଏହି ଆଦର୍ଶ ଆଚରଣ କଲେ ସ୍ୱୟଂ ଦ୍ୱନ୍ଦ୍ୱ, ଦୁଃଖକଷ୍ଟ, ମନସ୍ତାପରୁ ବହୁ ପରିମାଣରେ ମୁକ୍ତ ହୋଇ ଲକ୍ଷ୍ୟ ଆଡ଼କୁ ଯାତ୍ରା କରିପାରିବେ । ସନ୍ତାନମାନେ ସତ୍ୟ ଉପଲବ୍ଧି ସକାଶେ ମହାନ୍ ସୁଯୋଗ ପାଇବେ । ସେମାନଙ୍କର ହୃଦୟରେ ଉତ୍ତମ ଅତିମାନସ ସତ୍ୟର ପ୍ରଭାବ ପଡ଼ିବ ।

ଏହା ସଙ୍ଗେ ଅତିମାନସ ସତ୍ୟ ଆଧାରରେ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରନ୍ତୁ । ଏହି ଅତିମାନସ ଆଧାରିତ ଶିକ୍ଷାନୁଷ୍ଠାନର ପ୍ରାଣ ହେଉଛନ୍ତି ଶିକ୍ଷକ । ଶିକ୍ଷକମାନେ ସାଧକ ହେଲେ ସେମାନଙ୍କର ସମସ୍ତ କର୍ମ ସହିତ ଶିକ୍ଷା ହେବ ଅତିମାନସ ସତ୍ୟ ଆଧାରରେ । ଯଥାର୍ଥରେ ଶିକ୍ଷା ହେବ ଅତିମାନସ ସତ୍ୟ ଶିକ୍ଷାର କେନ୍ଦ୍ର । ସେଠାରେ ସପ୍ତାହରେ ଗୋଟିଏ ନିର୍ଦ୍ଦିଷ୍ଟ ଦିନ, ନିର୍ଦ୍ଦିଷ୍ଟ ସମୟରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ରଖି ଧୂପ-ପୁଷ୍ପ ଅର୍ପଣ କରିବେ । ଶିକ୍ଷକମାନଙ୍କ ସହିତ ସମସ୍ତ ଛାତ୍ରଛାତ୍ରୀ ବସି କିଛି ସମୟ ନୀରବରେ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ଧ୍ୟାନ କରିବେ । ପରେ ପିଲାଙ୍କ ସାଧନା,

ଶିକ୍ଷା, ଆଲୋକୋନ୍ମୁଖ ତରୁଣମାନଙ୍କ ପ୍ରତି, ଛାତ୍ରଜୀବନରେ ଉନ୍ନତିର ମାର୍ଗ, ଛାତ୍ରମାନଙ୍କ ପ୍ରତି, ଛାତ୍ରସମାଜ ଗଠନ, ପୂର୍ଣ୍ଣାଙ୍ଗ ଜୀବନରେ ଶରୀରଚର୍ଚ୍ଚା, ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ ଇତ୍ୟାଦି ବହି ଜଣେ ପଢ଼ିବେ ଏବଂ ଛାତ୍ରମାନେ ବୁଝିପାରିବା ଭାଷାରେ ସେମାନଙ୍କୁ ବୁଝେଇ ଦେବେ ।

ଶିଶୁମାନଙ୍କ ହୃଦୟ କୋମଳ ଲତା ସଦୃଶ । କୋମଳ ଅବସ୍ଥାରେ ଲତାକୁ ଯେପରି ଚାହିଁବ ସେପରି ସିଧାସଳଖ କରିପାରିବ । କିନ୍ତୁ ଲତା ପ୍ରୌଢ଼ ବା ପାକଳ ହୋଇ ବଙ୍କାଟଙ୍କା ହେବା ପରେ ସିଧାସଳଖ କରିବା ସମ୍ଭବ ହେବ ନାହିଁ । ଶିଶୁମାନଙ୍କୁ ବାଲ୍ୟାବସ୍ଥାରୁ ଅତିମାନସ ସତ୍ୟଭିତ୍ତିରେ ଶିକ୍ଷା ଦିଆ ହେଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଦର୍ଶ ମାନବ ହେବେ ଏବଂ କୁଳ ତଥା ସମାଜ ଓ ଦେଶର ଉନ୍ନତି କରିପାରିବେ । ଏହିପରି ସ୍କୁଲ୍ ବହୁଳ ପରିମାଣରେ ହୋଇପାରିବ ଯଦି ପାଠଚକ୍ର ବିସ୍ତୃତଭାବେ ପ୍ରତିଷ୍ଠା ହେବ । କାରଣ ପାଠଚକ୍ର ପ୍ରସାରରେ ସାଧନାସମ୍ପନ୍ନ ଶିକ୍ଷକ ତିଆରି ହୋଇପାରିବେ । ଶିକ୍ଷକମାନେ ସାଧକ ନ ହେଲେ ଏହି ନୂତନ ଆଦର୍ଶ ସ୍କୁଲରେ ଅତିମାନସ ବାତାବରଣ ସୃଷ୍ଟି ହୋଇପାରିବ ନାହିଁ । ଏହିପରି ସ୍କୁଲର ବିସ୍ତାରରେ ଆସ୍ତେ ଆସ୍ତେ ଉଚ୍ଚଶିକ୍ଷାର ସ୍କୁଲ ଏବଂ କଲେଜ ମଧ୍ୟ ପ୍ରତିଷ୍ଠିତ ହେବ । ଏହି ଅତିମାନସ ଆଧାରିତ ଶିକ୍ଷା ଫଳରେ ସତ୍ୟ ଭିତ୍ତିରେ ହେବ ବ୍ୟବସାୟ, କୃଷି ତଥା ରାଜନୀତି । ଏହି ଅତିମାନସ ସତ୍ୟ ଯେତେ ବିସ୍ତୃତ ହେବ ସେହି ଅନୁସାରେ ବ୍ୟକ୍ତି ଓ ସମାଜରୁ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର କମ୍ ହେବ ଏବଂ ଅତିମାନସ ସତ୍ୟଯୁଗର ସତ୍ୟ କ୍ରିୟା ପ୍ରସାର ହେବ । ଏହାଛଡ଼ା ବ୍ୟକ୍ତି, ସମାଜ, ଦେଶ ତଥା ଜଗତରେ କ୍ରିୟାଶୀଳ ହେଉଥିବା ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର, ଦୁଃଖକଷ୍ଟ ଦୂର ହେବାର ଅନ୍ୟ ଉପାୟ ନାହିଁ । ଯେଉଁମାନେ ନିଜର, ପରିବାର ତଥା ସନ୍ତାନମାନଙ୍କର, ସମାଜ, ଦେଶ ତଥା ଜଗତର ହିତ ଚାହାନ୍ତି ସେମାନେ ଅତିମାନସ ସତ୍ୟକୁ ଗ୍ରହଣ କରନ୍ତୁ ଏବଂ ତା'ର ପ୍ରସାର ସକାଶେ କର୍ମ କରନ୍ତୁ । ଶ୍ରୀମା'ଙ୍କ ଶତବାର୍ଷିକୀରେ ଏହି କର୍ମହିଁ ଭଗବାନଙ୍କର ଯଥାର୍ଥ ସେବା ।

ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଲକ୍ଷ୍ୟ ଓ ପରିଚାଳନା

ଶିକ୍ଷା, ଶିକ୍ଷାର୍ଥୀ ଓ ଶିକ୍ଷକ

ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଲକ୍ଷ୍ୟ ଏବଂ ଶିକ୍ଷାର ଆଧାର ଯେପରି ପ୍ରଚଳିତ ଶିକ୍ଷାର ଲକ୍ଷ୍ୟ ଓ ଶିକ୍ଷାର ଆଧାରଠାରୁ ଭିନ୍ନ ସେହିପରି ପ୍ରଚଳିତ ଶିକ୍ଷାକେନ୍ଦ୍ରର ସମସ୍ୟା-ସମାଧାନର ପ୍ରଣାଳୀଠାରୁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମସ୍ୟା-ସମାଧାନର ପ୍ରଣାଳୀ ମଧ ଭିନ୍ନ । କିନ୍ତୁ ଆତ୍ମମାନଙ୍କର ମନ-ପ୍ରାଣ-ଶରୀରର ପୂର୍ବ ସଂସ୍କାର ଥିବାରୁ ଏହି ନୂତନ ପୂର୍ଣ୍ଣାଙ୍ଗ ଶିକ୍ଷାର ଆଧାର ଏବଂ ଲକ୍ଷ୍ୟ ତଥା ସେଥିରେ ଉପୁଜୁଥିବା ସମସ୍ୟା-ସମାଧାନ ପ୍ରଣାଳୀ ବିଷୟରେ ସଚେତ ହୋଇ ପାରୁ ନାହୁଁ । ସେହି କାରଣରୁ ସମସ୍ୟା ଉତ୍ପନ୍ନ ହେଉଛି ଏବଂ ସମସ୍ୟାର ସମାଧାନ ହେବାରେ ମଧ ଅସୁବିଧା ଘଟୁଅଛି ।

ପୁରାତନ ଶିକ୍ଷାର ଆଧାର କେବଳ ବୁଦ୍ଧିର ବିକାଶ ତା'ର ଲକ୍ଷ୍ୟ ଜୀବନ ନିର୍ବାହ ପାଇଁ ସାଂସାରିକ କାର୍ଯ୍ୟ କରିବା ସକାଶେ ଯୋଗ୍ୟତା ପ୍ରାପ୍ତ କରିବା ଅର୍ଥାତ୍ ବିଦ୍ୟାଶିକ୍ଷା ଦ୍ୱାରା ଡାକ୍ତର, ଇଞ୍ଜିନିୟର, ଆଇନଜ୍ଞ ହେବା ଅଥବା ବ୍ୟବସାୟ ବା ଶାସନ ବିଭାଗରେ ପରିବାର, ସମାଜ, ଦେଶ ସକାଶେ କାର୍ଯ୍ୟ କରିବା । ଆମ ମନ, ପ୍ରାଣ, ଶରୀରର ଯେଉଁ ଗୁଣଧର୍ମ – ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ଲୋଭ, ମୋହ, କାମକ୍ରୋଧାଦି ରିପୁ ଅଛନ୍ତି, ଯେଉଁ ରିପୁମାନଙ୍କ କ୍ରିୟା ଯୋଗୁଁ ପ୍ରତ୍ୟେକ ମନୁଷ୍ୟ ଅସୁଖ ଓ ଅଶାନ୍ତିରେ ରହୁଅଛନ୍ତି, ପରିବାରରେ କଳହ, ସମାଜରେ ବିଦ୍ରୋହ, ଦେଶର ଉନ୍ନତିରେ ମହାନ୍ ବାଧା ଏବଂ ବିଶୃଙ୍ଖଳା, ଚୋରି ଡକାୟତି, ଘୁଷ୍‌ଖୋରି ହେଉଅଛି, ସେହି ରିପୁମାନଙ୍କ ସମ୍ବନ୍ଧେ ପ୍ରଚଳିତ ଶିକ୍ଷା ସଚେତନ କରାଏ ନାହିଁ କିଂବା ଏହି ରିପୁମାନଙ୍କୁ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ କରିବାର କଳ୍ପନା ବି କରେ ନାହିଁ । ଏହି ରିପୁମାନଙ୍କର ଭାଗବତ ଦିବ୍ୟତତ୍ତ୍ୱରେ ଯେପର୍ଯ୍ୟନ୍ତ ରୂପାନ୍ତର ନ ହେବ, ସେପର୍ଯ୍ୟନ୍ତ ବ୍ୟକ୍ତି, ପରିବାର, ସମାଜ-ଶାସନରୁ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ବିଶୃଙ୍ଖଳା ଦୂର ହେବ ନାହିଁ କିଂବା କୌଣସି ପ୍ରକାର ସମସ୍ୟାର ଆଇନ ଦ୍ୱାରା ଯଥାର୍ଥ, ସ୍ଥାୟୀ ସମାଧାନ ହେବ ନାହିଁ ।

ପ୍ରଚଳିତ ଶିକ୍ଷାର ବିସ୍ତାର ହୋଇ ଚାଲିଥିବା ସତ୍ତ୍ୱେ ଅନ୍ୟାୟ, ଅସତ୍ୟ ମଧ ବଢ଼ି ଚାଲିଅଛି । ଏହା ପ୍ରତ୍ୟେକ ବ୍ୟକ୍ତିଙ୍କ ସମ୍ମୁଖରେ ବିଦ୍ୟମାନ ଅଛି ।

ପୂର୍ଣ୍ଣାଙ୍ଗ ଶିକ୍ଷାର ଆଧାର ଅଧାତ୍ମ ଅତିମାନସ ସତ୍ୟ । ତା'ର ଲକ୍ଷ୍ୟ ସେହି ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ଏବଂ ସେସବୁର ଗୁଣଧର୍ମ ଅହଂ, ସ୍ୱାର୍ଥ, ଲୋଭ, ମୋହ, ହିଂସା, ଦ୍ୱେଷ, ଈର୍ଷା, ବିରୋଧ, କାମ କ୍ରୋଧାଦି ରିପୁଙ୍କର ଭାଗବତ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବା । ବ୍ୟକ୍ତି ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଏବଂ ଦୁଃଖକଷ୍ଟରୁ ସଂପୂର୍ଣ୍ଣରୂପେ ମୁକ୍ତ ହେବ ଏବଂ ଦିବ୍ୟ ଅତିମାନସ ଶକ୍ତି ଦ୍ୱାରା ପରିଚାଳିତ ହେବ । କିଛି ବ୍ୟକ୍ତିଙ୍କର ରୂପାନ୍ତର ପୂର୍ଣ୍ଣ ହେଲେ ସଂସାରରୁ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର, ଚୋରି, ଡକାୟତି, ଘୁଷ୍‌ଖୋରି, ଯୁଦ୍ଧ ବିଗ୍ରହ ଦୂର ହେବ । ଏହି ସଂସାର ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ବର୍ତ୍ତମାନ ଯେପରି ପଶୁ ଥାଇ ମନୁଷ୍ୟ ଜାତି ଅଛନ୍ତି, ସେହିପରି ମନୁଷ୍ୟ ଥାଇ ଦିବ୍ୟ ମାନବଜାତି ପୃଥିବୀରେ ପ୍ରତିଷ୍ଠା ହେବ । ମାନବ ଏବଂ ଅତିମାନବ ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ରହିବ । ଏହି ରୂପାନ୍ତର ଅଗ୍ରସର ହେବା ଅନୁପାତରେ ସଂସାରରୁ କ୍ରମଶଃ ଅସତ୍ୟ, ମିଥ୍ୟାଚାର କମ୍ ହେବାକୁ ଲାଗିବ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମସ୍ୟା ମଧ ଅଧାତ୍ମ ପ୍ରଣାଳୀରେ, ପରସ୍ପର ମଧ୍ୟରେ ଆଲୋଚନା କରି ଆନ୍ତରିକଭାବେ ସମାଧାନ କରିବାକୁ ହେବ ।

ବର୍ତ୍ତମାନ ଯୁଗ ପରିବର୍ତ୍ତନର ସନ୍ଧିକ୍ଷଣ । ପୁରାତନ ଯୁଗର ନୈତିକତା ସଂପୂର୍ଣ୍ଣରୂପେ ଭାଙ୍ଗି ଯାଇଅଛି । ନୂତନ ଅତିମାନସ ସତ୍ୟକୁ ସମାଜ ଗ୍ରହଣ କରିପାରି ନାହିଁ । ଏହି କାରଣରୁ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ଚରମ ସୀମାରେ ପହଞ୍ଚିଅଛି । ମନ-ପ୍ରାଣ-ଶରୀର ତା'ର ଗୁଣଧର୍ମ ଅତିମାନସ ଶକ୍ତି ଦ୍ୱାରା ଭାଗବତ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବାଛଡ଼ା ଅନ୍ୟ ପନ୍ଥା ନାହିଁ । ଏହି ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ଅନ୍ୟ କୌଣସି ଉପାୟରେ ଦୂର ହେବ ନାହିଁ ।

ବ୍ୟକ୍ତି, ସମାଜ, ଦେଶ, ଜଗତ୍ ପରିଚାଳିତ ହେଉଛି ଭାଗବତୀ ଏବଂ ଅନ୍ଧକାର ଶକ୍ତି ଦ୍ୱାରା; ଏହି ଦୁଇ ଶକ୍ତିଙ୍କ ଆଧାର ମନୁଷ୍ୟ । ମନୁଷ୍ୟ ମଧ୍ୟରେ ଏହି ଦୁଇ ଶକ୍ତି ରହି ମନୁଷ୍ୟକୁ ଯନ୍ତ୍ର କରି କ୍ରିୟା କରନ୍ତି । ଅନ୍ଧକାର ଶକ୍ତିର ଯନ୍ତ୍ର ମନୁଷ୍ୟ, ମନ-ପ୍ରାଣ-ଶରୀରର ଗୁଣଧର୍ମ ଅହଂ, ସ୍ୱାର୍ଥ, କାମ, କ୍ରୋଧ, ଲୋଭ, ମୋହ, ଈର୍ଷା, ବିରୋଧ, ଆଳସ୍ୟ, ତମସ୍, ସନ୍ଦେହ, ଅବିଶ୍ୱାସ ଛନ୍ଦକପଟ ଇତ୍ୟାଦି ରିପୁ । ଭାଗବତୀ ଶକ୍ତିର ଯନ୍ତ୍ର ଆତ୍ମାର ଗୁଣଧର୍ମ – ଶାନ୍ତି, ସନ୍ତୋଷ, ଦୟା, କରୁଣା, ଭାଗବତ ବିଶ୍ୱାସ, ଭଗବତ୍ ଭକ୍ତି, ଭଗବତ୍ ଚରଣରେ ସମର୍ପଣ ଇତ୍ୟାଦି ଦିବ୍ୟଗୁଣ । ଜଡ଼ ଶରୀରରୁ ପ୍ରାଣ, ମନ ସ୍ତର ପର୍ଯ୍ୟନ୍ତ ଅନ୍ଧକାର ଅଜ୍ଞାନ ଶକ୍ତିର ରାଜତ୍ୱ ବା ଶାସନ । ମନୁଷ୍ୟ ମଧ୍ୟରେ ଏବଂ ସଂସାରରେ ଭାଗବତୀ ଶକ୍ତି ଯଦ୍ୟପି ବିଦ୍ୟମାନ ଅଛନ୍ତି ତଥାପି ତାଙ୍କର ଶାସନରେ ଅଧିକାର ନାହିଁ । ଅଧିକାର ଅନ୍ଧକାର ଶକ୍ତିର । ଭାଗବତୀ ଶକ୍ତି ଅନ୍ଧକାର ଶକ୍ତିର ପଶ୍ଚାତରେ ରହିଥାଆନ୍ତି । ଭଗବାନ୍ ସ୍ୱବିଧାନ ଅନୁସାରେ ଅନ୍ଧକାର ଶକ୍ତିକୁ କିଛି ସୀମା ପର୍ଯ୍ୟନ୍ତ ସ୍ୱତନ୍ତ୍ରତା ଦେଇଥାଆନ୍ତି । କିନ୍ତୁ ସୃଷ୍ଟିକୁ ପୂର୍ଣ୍ଣ ରୂପେ ଅଧିକାର କରି ସର୍ବନାଶ କରିବା ସକାଶେ ଦିଅନ୍ତି ନାହିଁ । ଯେବେ ଯେବେ ଅନ୍ଧକାର ଶକ୍ତି ପ୍ରବଳ ହୁଏ ସେହି ସମୟରେ ଭଗବାନ୍ ଅବତାର ନିଅନ୍ତି ଏବଂ ଆଚାର୍ଯ୍ୟ, ମହାପୁରୁଷମାନେ ସଂସାରକୁ ଆସି ଅଧ୍ୟାତ୍ମ ସତ୍ୟକୁ ପ୍ରସାର କରି ଭାଗବତୀ ଶକ୍ତିର କ୍ରିୟାକୁ ବୃଦ୍ଧି କରନ୍ତି, ଅନ୍ଧକାର ଶକ୍ତିର କ୍ରିୟା ଓ ଅଧର୍ମକୁ ହ୍ରାସ କରନ୍ତି । କ୍ରମବିକାଶ ଅନୁସାରେ ଜଡ଼ ଶରୀର, ପ୍ରାଣ, ମନର ବିକାଶ ହୋଇ ଶେଷ ସୀମାକୁ ପହଞ୍ଚି ସାରିଛି । ଅପରାର୍ଦ୍ଧର ସୀମା ଯେଉଁ ମନ ତାହାକୁ ଅତିକ୍ରମ କରି ପରାର୍ଦ୍ଧର ସତ୍ୟରେ ପ୍ରବେଶ କରିବା ସମୟ ଆସିଅଛି । ଏହି କାର୍ଯ୍ୟ କରିବା ସକାଶେ ଶ୍ରୀମାଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀରେ ପ୍ରତିଷ୍ଠା କରିଛନ୍ତି । ବ୍ୟକ୍ତିର ମନ-ପ୍ରାଣ-ଶରୀର ଭାଗବତ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେଲେ ମନ ପର୍ଯ୍ୟନ୍ତ ଥିବା ଅପରାର୍ଦ୍ଧର ସୀମାକୁ ଉଲ୍ଲଙ୍ଘନ କରି ସେ ପରାର୍ଦ୍ଧରେ ପହଞ୍ଚିବ । ଏହି ମୃତ୍ୟୁପୁରୀ ଅପରାର୍ଦ୍ଧ ଏବଂ ସାକେତ, ଗୋଲୋକ, ବୈକୁଣ୍ଠ ଦିବ୍ୟ ପରାର୍ଦ୍ଧ ମଧ୍ୟରେ ଆଉ ବ୍ୟବଧାନ ରହିବ ନାହିଁ । ଏହି ମୃତ୍ୟୁପୁରୀ ଅପରାର୍ଦ୍ଧରେ ଦିବ୍ୟ ପରାର୍ଦ୍ଧ ପ୍ରତିଷ୍ଠିତ ହେବ । ଏହି ରୂପାନ୍ତରକାରିଣୀ ଅତିମାନସ ଶକ୍ତି ପ୍ରତି ଯେତେ ଅଧିକ ବ୍ୟକ୍ତି ଉନ୍ମୁକ୍ତ ହେବେ ସେହି ଉନ୍ମୁକ୍ତତା ଅନୁପାତରେ ବ୍ୟକ୍ତି ମଧ୍ୟରେ ଅତିମାନସ ଶକ୍ତି, ମନ, ପ୍ରାଣ, ଶରୀର ତଥା ସେସବୁର ଗୁଣଧର୍ମ ଅହଂ, ସ୍ୱାର୍ଥାଦି ରିପୁମାନଙ୍କୁ ଦିବ୍ୟ ତତ୍ତ୍ୱରେ ରୂପାନ୍ତର କରିବ । ଏହି ରୂପାନ୍ତର ଯେତେ ଅଗ୍ରସର ହେବ ତା'ର ଦିବ୍ୟ ପ୍ରଭାବ ପୃଥିବୀ ବାତାବରଣରେ ସେତେ ଅଧିକ ପଡ଼ିବ ଏବଂ ବାତାବରଣ ଶୁଦ୍ଧ ହେବ । ସେହି ଶୁଦ୍ଧ ବାତାବରଣର ପ୍ରଭାବ ସମସ୍ତ ସଂସାରରେ ସମସ୍ତ ପ୍ରାଣୀ, ଏପରିକି ବୃକ୍ଷଲତା ଉପରେ ବି ପଡ଼ିବ । ଏହି ରୂପାନ୍ତର କାର୍ଯ୍ୟ ଆରମ୍ଭ ହୋଇ ଅଗ୍ରସର ହୋଇଚାଲିଛି । କିନ୍ତୁ ଏହି ଅତିମାନସ ଶକ୍ତି ପ୍ରତି ବହୁତ ସଂଖ୍ୟାରେ ବ୍ୟକ୍ତି ଉନ୍ମୁକ୍ତ ହୋଇ ନାହାନ୍ତି । ଯେଉଁ ସାଧକମାନେ ତୀବ୍ରଭାବେ ସାଧନା କରୁଅଛନ୍ତି ସେମାନଙ୍କ ସାଧନାର ଅଗ୍ରଗତିରେ ଅନ୍ଧକାର ଶକ୍ତି ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ଇତ୍ୟାଦି ରିପୁଙ୍କୁ ଅଧିକ କ୍ରିୟାଶୀଳ କରାଇ ପ୍ରବଳ ବାଧା ଦେଉଅଛି । ଅତିମାନସ ସତ୍ୟର କେନ୍ଦ୍ର ସାଧନାଳୟ, ପାଠଚକ୍ର ତଥା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର । ଏହି ସଂସ୍ଥାମାନଙ୍କରେ ମଧ୍ୟ ଅନ୍ଧକାର ଶକ୍ତି ପ୍ରବଳ ବାଧା ସୃଷ୍ଟି କରୁଅଛି । ଏହିସବୁ କ୍ରିୟା ଯୋଗୁଁ ସଂସାରରେ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର ଇତ୍ୟାଦି ପ୍ରତିକୂଳ ଶକ୍ତି ପ୍ରବଳଭାବେ ବୃଦ୍ଧି ହେଉଥିବା ଦୃଷ୍ଟିଗୋଚର ହେଉଅଛି ।

କିନ୍ତୁ ଅତିମାନସ ଶକ୍ତି ଅମୋଘ । ତା'ର ସମ୍ମୁଖରେ ଅନ୍ଧକାର ଶକ୍ତି ତିଷ୍ଠି ରହି ପାରିବ ନାହିଁ । ବିଶାଳ ପାଳଗଦାକୁ ସାମନ୍ୟ ଅଗ୍ନି କଣା ଭସ୍ମ କରିବା ସଦୃଶ ପୃଥିବୀରେ ପ୍ରବେଶ କରୁଥିବା ଅଥବା କେବଳ ପାଦ ରଖିଥିବା ଅତିମାନସ ଶକ୍ତି ଅନ୍ଧକାର ଶକ୍ତିକୁ ରୂପାନ୍ତରିତ କରିବ ଏବଂ ଏହି ପୃଥିବୀରେ ଅନ୍ଧକାର ଶକ୍ତିର ଶାସନ ପରିବର୍ତ୍ତେ ଅତିମାନସ ଶକ୍ତିର ଶାସନ ପ୍ରତିଷ୍ଠିତ ହେବ । ଏହି ମୃତ୍ୟୁପୁରୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ଏହି ଅତିମାନସ ଶକ୍ତି ପ୍ରତି ଯେତେ ଅଧିକ ବ୍ୟକ୍ତି ଉନ୍ମୁକ୍ତ ହେବେ ଅତିମାନସ ଶକ୍ତି ସେମାନଙ୍କ ମଧ୍ୟରେ ସେତେ ଅଧିକ ରୂପାନ୍ତର କାର୍ଯ୍ୟ କରିବ ଏବଂ ପୃଥିବୀ ବାତାବରଣରେ ତା'ର ଅଧିକ ପ୍ରଭାବ ପଡ଼ିବ । କାରଣ ବ୍ୟକ୍ତିର ମନ-ପ୍ରାଣ-ଶରୀର ତତ୍ତ୍ୱ ବିଶ୍ୱତତ୍ତ୍ୱ ସହ ଏକ । ଅର୍ଥାତ୍ ବିଶ୍ୱତତ୍ତ୍ୱରୁ ବ୍ୟକ୍ତିର ମନ, ପ୍ରାଣ, ଶରୀରର ତତ୍ତ୍ୱ ଆସିଛି । ବ୍ୟକ୍ତି ମଧ୍ୟରେ ଥିବା ତତ୍ତ୍ୱର ରୂପାନ୍ତର ସହିତ ବିଶ୍ୱତତ୍ତ୍ୱ ମଧ୍ୟ ରୂପାନ୍ତରିତ ହେବ । ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ବୃଦ୍ଧି ହେଲେ ବର୍ତ୍ତମାନ ଅନ୍ଧକାର ଶକ୍ତିର ପ୍ରଭାବ ଯେପରି

ବଢ଼ିଚାଲିଛି, ତାହାର ଅଗ୍ରଗତି ସ୍ଥଗିତ ହେବ ଏବଂ ଅତିମାନସ ଶକ୍ତିର ପ୍ରଭାବ ବିସ୍ତାର ଅନୁପାତରେ ଅନ୍ଧକାର ଶକ୍ତିର ପ୍ରଭାବ କ୍ରମଶଃ ହ୍ରାସ ହେବାକୁ ଆରମ୍ଭ କରିବ ତଥା ଅତିମାନସ ଶକ୍ତି ଦ୍ୱାରା ଯେତେ ଅଧିକ ବ୍ୟକ୍ତିଙ୍କ ମଧ୍ୟରେ ରୂପାନ୍ତର କ୍ରିୟା ବୃଦ୍ଧି ହେଉଥିବ, ସେହି ଅନୁପାତରେ ଅନ୍ଧକାର ଶକ୍ତିର କ୍ରିୟା – ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଚୋରି, ଡକାୟତି, ଘୁଷ୍‌ଖୋରି କମ୍ ହେଉଥିବ । କିଛି ବ୍ୟକ୍ତିଙ୍କର ପୂର୍ଣ୍ଣ ରୂପାନ୍ତର ହେଲେ ସଂସାରରେ ଅନ୍ଧକାର ଶକ୍ତିର କ୍ରିୟା ସଂପୂର୍ଣ୍ଣରୂପେ ଲୋପ ହେବ । ଏହି ମୃତ୍ୟୁପୁରୀ ଦିବ୍ୟସ୍ୱର୍ଗରେ ପରିଣତ ହେବ । ଅତିମାନସ ଶକ୍ତିର କ୍ରିୟା ବୃଦ୍ଧି ସକାଶେ ପାଠଚକ୍ର, ସାଧନାଳୟ ତଥା ବିଶେଷ ରୂପେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବହୁଳ ପ୍ରତିଷ୍ଠା ହେବା ଏକାନ୍ତ ଆବଶ୍ୟକ । ପୂର୍ଣ୍ଣାଙ୍ଗ ଶିକ୍ଷା ଦ୍ୱାରା ଛାତ୍ରଛାତ୍ରୀ, ପରିଚାଳକ ଏବଂ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ କିଛି ମାତ୍ରାରେ ଅତିମାନସ ରୂପାନ୍ତର ବିଷୟରେ ଜାଣିବେ, କିଛି ଅଂଶରେ ଗ୍ରହଣ କରିବେ ଏବଂ ନାମଜପ କରିବେ, କିଛି ମାତ୍ରାରେ ସାଧନା ମନୋବୃତ୍ତି ରହିବା ଦ୍ୱାରା ଏହାର ଉତ୍ତମ ପ୍ରଭାବ ବିଶ୍ୱ-ବାତାବରଣରେ ପଡ଼ିବ ଏବଂ ଅଗ୍ରସର ହୋଇଥିବା ସାଧକମାନଙ୍କ ରୂପାନ୍ତର ସାଧନାରେ ସାହାଯ୍ୟ କରିବ । ଅର୍ଥାତ୍ ସେମାନଙ୍କ ସାଧନାରେ ବାଧା ଦେଉଥିବା ଅନ୍ଧକାର ଶକ୍ତିର ପ୍ରଭାବ କମ୍ ହେବ ସେମାନଙ୍କ ସାଧନାର ଅଗ୍ରଗତିର ପ୍ରଭାବ ବିଶ୍ୱବାତାବରଣରେ ପଡ଼ିବ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷା କ୍ରମଶଃ ଅଧାମ୍ ପ୍ରଣାଳୀରେ ଗତି କରିବ । ଏହି ଯୋଗରେ ବିଶ୍ୱତତ୍ତ୍ୱ ରୂପାନ୍ତରିତ ହେଉଥିବାରୁ ସାଧନା ସାମୂହିକ ତଥା ପରସ୍ପରର ସହାୟକ । ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଯେତେ ଅଧିକ ବିସ୍ତାର ହେବ ତେତେ ଅନ୍ଧକାର ଶକ୍ତିର ପ୍ରଭାବ ହ୍ରାସ ହେବ ଏବଂ ଏହା ମଧ୍ୟରୁ କେତେକ ସଂଖ୍ୟାରେ ବ୍ୟକ୍ତି ସାଧନା-ମାର୍ଗରେ ଅଗ୍ରସର ହେବେ । ସେହି ସାଧକମାନଙ୍କ ମଧ୍ୟରୁ ଅଳ୍ପ କେତେକ ବ୍ୟକ୍ତି ଉଚ୍ଚକୋଟୀର ସାଧକରୂପେ ଅଗ୍ରସର ହେବେ । ସାଧକ-ଶ୍ରେଣୀ ପାବଚ୍ଛ ସଦୃଶ ଆରମ୍ଭରୁ ଶେଷପର୍ଯ୍ୟନ୍ତ ସମ୍ବନ୍ଧିତ ରହିବ । ପ୍ରାଇମେରୀ ସ୍କୁଲ ପ୍ରାୟ ପ୍ରତ୍ୟେକ ଗ୍ରାମରେ ରହିଅଛି ତଥା ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି, କିନ୍ତୁ ଉଚ୍ଚ ଶିକ୍ଷାକେନ୍ଦ୍ରରେ ପ୍ରବେଶ କରିବା ସମୟରୁ କଲେଜ, ଇଞ୍ଜିନିୟରିଂ, ମେଡ଼ିକାଲ କଲେଜରେ ପହଞ୍ଚିବା ପର୍ଯ୍ୟନ୍ତ କ୍ରମଶଃ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବହୁତ କମ୍ ହେଉଛି । ପ୍ରାଇମେରୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅନୁପାତରେ ବହୁତ କମ୍ ବ୍ୟକ୍ତି ଏମ୍.ଏ. ପାସ୍ କରୁଛନ୍ତି ଏବଂ ଡାକ୍ତର, ଇଞ୍ଜିନିୟର, ଆଇ.ଏ.ଏସ୍ ଅଫିସର ହେଉଅଛନ୍ତି ଏବଂ ଦେଶ ନେତା ହୋଇ ଶାସନ କରୁଅଛନ୍ତି । ପାରିବାରିକ ଜୀବନରୁ ଆରମ୍ଭ କରି ଡାକ୍ତର, ଇଞ୍ଜିନିୟର ଏବଂ ଦେଶଶାସକ ପର୍ଯ୍ୟନ୍ତ ସମାଜର ସବୁ ସ୍ତରରେ ବିଦ୍ୟାର ଆବଶ୍ୟକ । ଦେଶର ଭିନ୍ନ ଭିନ୍ନ କାର୍ଯ୍ୟରେ ଶିକ୍ଷାର ଆବଶ୍ୟକ । ପ୍ରାଇମେରୀ ଶିକ୍ଷା ବ୍ୟାପକ ଭାବେ ହେବାରୁ ସମାଜର ବିଭିନ୍ନ ସ୍ତରରେ ଉପଯୋଗ ହେଉଅଛି ଏବଂ ସର୍ବୋଚ୍ଚ ଶିକ୍ଷିତ ବ୍ୟକ୍ତିଙ୍କ ଦ୍ୱାରା ଦେଶ ଓ ଜଗତର ଉତ୍ତମ କାର୍ଯ୍ୟ ତଥା ଶାସନ କାର୍ଯ୍ୟ ଚାଲୁଅଛି । ସେହିପରି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବହୁ ପରିମାଣରେ ପ୍ରତିଷ୍ଠିତ ହେଲେ ସେମାନଙ୍କ ମଧ୍ୟରୁ ଅଳ୍ପ କେତେକ ବ୍ୟକ୍ତି ସାଧନାର ଉଚ୍ଚତର ଅବସ୍ଥାକୁ ପ୍ରାପ୍ତ ହେବେ । ପ୍ରାଇମେରୀ ସମସ୍ତ ଛାତ୍ରଛାତ୍ରୀ ଯଦ୍ୟପି ଏମ୍.ଏ.ପାସ୍ କରୁ ନାହାନ୍ତି କିଂବା ସମସ୍ତେ ଡାକ୍ତର ଇଞ୍ଜିନିୟର ହେଉ ନାହାନ୍ତି, ତଥାପି କିଛି ପରିମାଣରେ ଶିକ୍ଷା ନିଶ୍ଚୟ ପ୍ରାପ୍ତ କରୁଅଛନ୍ତି ଏବଂ ସମାଜର ବିଭିନ୍ନ ସ୍ତରରେ ସେହି ବିଦ୍ୟାର ଉପଯୋଗ ହେଉଅଛି ।

ସେହିପରି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମସ୍ତ ଛାତ୍ରଛାତ୍ରୀ ଯଦ୍ୟପି ରୂପାନ୍ତରର ଉଚ୍ଚକୋଟୀର ସାଧନାରେ ଉପନୀତ ହେବେ ନାହିଁ, ତଥାପି ଏମାନେ ବହୁମାତ୍ରାରେ ଅତିମାନସ ଶକ୍ତିର ସ୍ପର୍ଶ ପାଇବେ ଏବଂ ଅତିମାନସ ଶକ୍ତି ପ୍ରତି ଉନ୍ମୁକ୍ତ ରହିବେ । ଏମାନଙ୍କ ମଧ୍ୟରୁ ବହୁତ ଅଳ୍ପ – ଖୁବ୍ ଅଳ୍ପ ଯେଉଁ ବ୍ୟକ୍ତି ରୂପାନ୍ତର-ସାଧନାରେ ବିଶେଷ ଅଗ୍ରସର ହେବେ ସେହିମାନଙ୍କ ମଧ୍ୟରେ ଅତିମାନସ ଶକ୍ତି ରୂପାନ୍ତର-କ୍ରିୟା କରିବ ଏବଂ ତା'ର ପ୍ରଭାବ ସଂସାରର ବାତାବରଣରେ ପଡ଼ିବ । ସେହି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଯେଉଁମାନେ ସାଧନାରେ ଅଗ୍ରସର ହୋଇଥିବେ, ସେମାନେ କ୍ରମଶଃ ଅଧିକ ସାଧନାରେ ଅଗ୍ରସର ହେବାକୁ ଚେଷ୍ଟା କରିବେ, ନାମଜପ କରିବେ ଏବଂ ଅତିମାନସ ଶକ୍ତି ପ୍ରତି ଅଧିକ ଉନ୍ମୁକ୍ତ ହେବେ ।

ପୂର୍ଣ୍ଣାଙ୍ଗ ଶିକ୍ଷା ଦ୍ୱାରା ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୋଇ ଅତିମାନସ ଶକ୍ତି ପ୍ରତି ଉନ୍ମୁକ୍ତ ହୋଇଥିବା ଛାତ୍ରଛାତ୍ରୀମାନେ ପରିବାର ପାଳନ-ପୋଷଣ ସକାଶେ ସମାଜ, ଦେଶରେ ବା ଶାସନ ବିଭାଗରେ ଯେଉଁ କାର୍ଯ୍ୟ କରିବେ, ବ୍ୟକ୍ତିଗତ

ଅହଂ ସ୍ୱାର୍ଥକୁ ଚରିତାର୍ଥ କରିବା ସକାଶେ ସେମାନେ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ଓ ବିଶୃଙ୍ଖଳାକୁ ପ୍ରଶ୍ରୟ ଦେବେ ନାହିଁ । ଏହି ସମସ୍ତ କାର୍ଯ୍ୟ ହେବ ସେମାନଙ୍କ ଲକ୍ଷ୍ୟ ପ୍ରାପ୍ତିର ସାଧନା । ଅର୍ଥାତ୍ ଶରୀର-ନିର୍ବାହ ସକାଶେ ଯେଉଁ କର୍ମ କରିବେ ତାହା ହେବ ରୂପାନ୍ତରର ସାଧନା । ଏହିସବୁ କର୍ମ ଲକ୍ଷ୍ୟପ୍ରାପ୍ତିର ସାଧନା ହେବାରୁ ଏଥିରେ ବ୍ୟକ୍ତିଗତ ସ୍ୱାର୍ଥ ରହିବ ନାହିଁ; ଆନ୍ତରିକତା ସହ କର୍ମ କରିବେ । କର୍ମରେ ଲକ୍ଷ୍ୟପ୍ରାପ୍ତିର ସାଧନା ମନୋଭାବ ରହିବାରୁ, ମନ-ପ୍ରାଣ-ଶରୀରରେ ଅତିମାନସ ଶକ୍ତିର ପ୍ରଭାବ ପଡ଼ିବ ଏବଂ ସ୍ୱାଭାବିକରୂପେ କର୍ମରେ ଦକ୍ଷତା ଆସିବ । ସ୍ୱାର୍ଥ ଛଡ଼ା ଆନ୍ତରିକତା ସହ କର୍ମରେ ଦକ୍ଷତା ପ୍ରାପ୍ତ ହେଲେ ସମସ୍ତ କର୍ମକ୍ଷେତ୍ରରେ ଉନ୍ନତି ହେବ, ଏବଂ କ୍ରମଶଃ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଘୁଷ୍‌ଖୋରି, ଚୋରି, ଡକାୟତି ଦୂର ହେବ । ସମସ୍ତ କର୍ମକ୍ଷେତ୍ରରେ ଉନ୍ନତି ହେବା ସଙ୍ଗେ ସଙ୍ଗେ ଦେଶ ସମୃଦ୍ଧିଶାଳୀ ହେବ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବ୍ୟବସ୍ଥାପକ ତଥା ଶିକ୍ଷକ-ଶିକ୍ଷୟିତ୍ରୀମାନେ ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ କ'ଣ ଓ ସେମାନେ ଏହି ଲକ୍ଷ୍ୟପ୍ରାପ୍ତିର ସାଧକ ତଥା ସେମାନଙ୍କର ସମସ୍ତ କର୍ମ ଲକ୍ଷ୍ୟ-ପ୍ରାପ୍ତିର ସାଧନା — ଏହା ଠିକ୍ ଠିକ୍ ହୃଦୟଙ୍ଗମ କରି ନ ଥିବାରୁ ଶିକ୍ଷାକେନ୍ଦ୍ରରେ ନାନା ପ୍ରକାର ସମସ୍ୟା ଦେଖା ଦେଉଅଛି । ଏହି ଲକ୍ଷ୍ୟ ସମ୍ବନ୍ଧେ ସଚେତନ ହେବା ସକାଶେ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ପରିଚାଳକମାନେ ଗୋଟିଏ ପାଠଚକ୍ର ପ୍ରତିଷ୍ଠା କରନ୍ତୁ ଏବଂ ପାଠଚକ୍ରରେ ଅତିମାନସ ରୂପାନ୍ତର-ଯୋଗ ବିଷୟରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ଲେଖା ତଥା ଏହାରି ଆଧାରରେ ଅନ୍ୟାନ୍ୟ ଲେଖା ଓ ପୁସ୍ତକମାନ ଆଲୋଚନା କରନ୍ତୁ । ତେବେ ପୂର୍ଣ୍ଣାଙ୍ଗ ଶିକ୍ଷାରେ ଅଂଶ ଗ୍ରହଣ କରୁଥିବା ଭାଇଭଉଣୀମାନେ ସାଧନାରେ ପ୍ରବୃତ୍ତ ହେବେ ଏବଂ ଉପୁଜୁଥିବା ସବୁ ପ୍ରକାର ସମସ୍ୟାର ସମାଧାନ ଶାନ୍ତିରେ କରିପାରିବେ ।

ପ୍ରତ୍ୟେକ ମନୁଷ୍ୟର ସ୍ୱଭାବ ଭିନ୍ନ ଏବଂ ମନର ଜ୍ଞାନ ସୀମିତ । ସେହି କାରଣରୁ ଗୋଟିଏ ଘଟଣା ବା ଗୋଟିଏ ବସ୍ତୁକୁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସ୍ୱଭାବ ଅନୁସାରେ ଭିନ୍ନ ଭିନ୍ନ ରୂପେ ବିଚାର କରନ୍ତି । ଅଧିକାଂଶ ସ୍ଥଳରେ ଥାଏ ବିଚାର ପଶ୍ଚାତରେ ଅହଂ ଏବଂ ସ୍ୱାର୍ଥ । ସେହି କାରଣରୁ ପରିବାରଠାରୁ ଆରମ୍ଭ କରି ସଂସାରର ସମସ୍ତ କାର୍ଯ୍ୟ କ୍ଷେତ୍ରରେ ମତଭେଦ, ବାଦ-ବିବାଦ, କଳି ଦେଖାଦିଏ ଏବଂ ବିଭାଜନ ତଥା କନ୍ଦଳ ସୃଷ୍ଟି ହୁଏ । ମନ ବୁଦ୍ଧିର ଏହାହିଁ ଗୁଣଧର୍ମ । ସମଗ୍ର ବିଶ୍ୱରେ ଏହାହିଁ ବ୍ୟାପ୍ତରୂପେ କ୍ରିୟାଶୀଳ ହୋଇଅଛି ।

ପ୍ରଚଳିତ ଶିକ୍ଷାକେନ୍ଦ୍ରରେ କୌଣସି ସମସ୍ୟା ଅନୁଷ୍ଠାନର ଉନ୍ନତିରେ ବାଧା, ଛାତ୍ରଛାତ୍ରୀଙ୍କ ଉତ୍ତମ ସଂସ୍କାର ଗଠନରେ ପ୍ରତିବନ୍ଧକ ବୋଲି ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଉପରିସ୍ଥ ଉଚ୍ଚ ଅଫିସରମାନେ ହୃଦୟଙ୍ଗମ କରନ୍ତି ନାହିଁ । ସେମାନେ ଜୀବନର ସର୍ବାଙ୍ଗୀନ ବିକାଶ, ଜୀବନର ପୂର୍ଣ୍ଣାଙ୍ଗ ଲକ୍ଷ୍ୟ ସମ୍ବନ୍ଧେ ସଚେତ ନ ଥା'ନ୍ତି । ସେହି କାରଣରୁ ସମସ୍ୟା ଉତ୍ପନ୍ନ ହେଉଥିବା କର୍ମ ଲକ୍ଷ୍ୟପ୍ରାପ୍ତିର ବାଧକ, ଜୀବନର ସର୍ବାଙ୍ଗୀନ ବିକାଶର ଅବରୋଧକ ବୋଲି ଭାବନ୍ତି ନାହିଁ କିଂବା ସମସ୍ୟା ଉତ୍ପନ୍ନ ହେଉଥିବା କର୍ମକୁ ତ୍ୟାଗ କରିବାକୁ ଚେଷ୍ଟା କରନ୍ତି ନାହିଁ; ବରଂ ଆଇନାନୁସାରେ ଦଣ୍ଡରୁ ରକ୍ଷା ପାଇବା ସକାଶେ ଛଳେ-ବଳେ-କୌଶଳେ ଚେଷ୍ଟା କରନ୍ତି । ଅନ୍ୟମାନେ ସେହି ଦୋଷ କରୁଥିବା ସତ୍ତ୍ୱେ ଯେଉଁମାନେ ଧରାପଡ଼ନ୍ତି ଏବଂ ଦଣ୍ଡ ବିଧାନରୁ ରକ୍ଷା ପାଇବା ସକାଶେ କୌଣସି ଉପାୟ କରିପାରନ୍ତି ନାହିଁ ସେମାନଙ୍କୁ ଦଣ୍ଡବିଧାନ କରାହୁଏ । ଏହାଫଳରେ ବ୍ୟକ୍ତି କରିଥିବା ପ୍ରତିକୂଳ କର୍ମକୁ ଦୋଷ ଜାଣି ଆନ୍ତରିକଭାବେ ତ୍ୟାଗ ନ କରି ନିଜ ମଧ୍ୟରେ ପ୍ରତିକ୍ରିୟାକୁ ସ୍ଥାନ ଦିଅନ୍ତି ଏବଂ ସୁଯୋଗ ମିଳିଲେ ପ୍ରତିଶୋଧ ନେବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ; ସଂଘ ଗଠନ କରନ୍ତି ଏବଂ ନାନା ପ୍ରକାର ସମସ୍ୟା ଉତ୍ପନ୍ନ କରି, ହରତାଳ କରି ଦୀର୍ଘଦିନ ପର୍ଯ୍ୟନ୍ତ ସ୍କୁଲ କଲେଜ ବନ୍ଦ କରନ୍ତି । ଏହିସବୁ କର୍ମ ଦ୍ୱାରା ଶିକ୍ଷାନୁଷ୍ଠାନର ବାତାବରଣ ଦୂଷିତ ହୁଏ । ଏହାର କୁପ୍ରଭାବ ଛାତ୍ରଛାତ୍ରୀମାନଙ୍କ ଉପରେ ପଡ଼ି ସଂସ୍କାରରେ ପରିଣତ ହୁଏ । ସେହି ଛାତ୍ରଛାତ୍ରୀମାନେ ବଡ଼ ହୋଇ କଲେଜ ମାଟି ମାଡ଼ିଲେ ଶିକ୍ଷକମାନଙ୍କୁ ଅତିକ୍ରମ କରିଯାଆନ୍ତି । ଏହା କେବଳ ସିଦ୍ଧାନ୍ତମୂଳକ କଥା ନୁହେଁ, ଏହା ପ୍ରତ୍ୟେକ ବ୍ୟକ୍ତିର ସମ୍ମୁଖରେ ବିଦ୍ୟମାନ ।

ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମଧ୍ୟ ଏଥିରୁ ବାଦ୍ ଯାଇ ନାହିଁ । କାରଣ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ବ୍ୟବସ୍ଥାପକ ତଥା ରୂପାନ୍ତର ଲକ୍ଷ୍ୟ ଗ୍ରହଣ କରିବା ସାଧକମାନେ ବି ଲକ୍ଷ୍ୟ ସମ୍ବନ୍ଧେ ସତତ ସଚେତ ହୋଇ ନାହାନ୍ତି । ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଅହଂ, ସ୍ୱାର୍ଥ, ଈର୍ଷା, ବିରୋଧ, କାମ, କ୍ରୋଧ, ଲୋଭ, ମୋହାଦି ରିପୁ କ୍ରିୟାଶୀଳ ଅଛନ୍ତି ।

ତାହା ସହିତ ଅନ୍ଧକାର ଶକ୍ତିର ଛଳନା ଓ ଛଦ୍ମ ପରାମର୍ଶ ବ୍ୟକ୍ତିଙ୍କୁ ବିମୋହିତ କରି ଦେଉଛି । ଏହି କାରଣରୁ ସଂସ୍କାର କର୍ମୀ, କର୍ମକର୍ତ୍ତାମାନଙ୍କ ମଧ୍ୟରେ ସଂଘର୍ଷ, ମତଭେଦ ଯୋଗୁଁ ନାନାପ୍ରକାର ସମସ୍ୟା ଉପୁଜୁଅଛି । ଏହିସବୁ ସମସ୍ୟା ପୁରାତନ ପ୍ରଣାଳୀରେ ସମାଧାନ ନ ହୋଇ ଅଧ୍ୟାତ୍ମ ଅତିମାନସ ପ୍ରଣାଳୀରେ ସମାଧାନ ହେବା ଏକାନ୍ତ ପ୍ରୟୋଜନ ।

ସମାଧାନ

ସମାଧାନର ଉପାୟ ହେଲା ସଂସ୍କାର କର୍ମୀମାନେ ଲକ୍ଷ୍ୟ ସମ୍ବନ୍ଧେ ସତତ ସଚେତ ହେବେ ଏବଂ କର୍ମର ମହତ୍ତ୍ୱ ହୃଦୟଙ୍ଗମ କରିବେ । ସେମାନଙ୍କୁ ଏହି ଭଗବତ୍ କାର୍ଯ୍ୟରେ ଅଂଶ ଗ୍ରହଣ କରିବାକୁ ଭଗବାନ୍ ସୁଯୋଗ ଦେଇ ଅଛନ୍ତି । ଯୋଗସମନ୍ୱୟର ପ୍ରଥମ ପରିଚ୍ଛେଦରେ ଶ୍ରୀଅରବିନ୍ଦ କହିଛନ୍ତି, ''ଯେ ଭଗବାନଙ୍କୁ ବାଛିଥାଏ ସେ ଭଗବାନଙ୍କ ଦ୍ୱାରା ବଛାହୋଇ ସାରିଥାଏ ।'' ଆମେ ଏତେ ବଡ଼ ମହତ୍ତ୍ୱପୂର୍ଣ୍ଣ ଭାଗବତ ସେବା କାର୍ଯ୍ୟ ପ୍ରାପ୍ତ ହୋଇଅଛୁ । ଏତେ ବଡ଼ ମହତ୍ତ୍ୱପୂର୍ଣ୍ଣ ଭାଗବତ କାର୍ଯ୍ୟରେ ଅଂଶ ଗ୍ରହଣ ତଥା ଦୁର୍ଲଭ୍ୟ ଲକ୍ଷ୍ୟ ପ୍ରାପ୍ତିର ସୁଅବସର ଭଗବତ୍ କୃପାରୁ ପ୍ରାପ୍ତ ହୋଇଅଛୁ । କିନ୍ତୁ ମୋହ, ମାୟା, ଅଜ୍ଞାନଗ୍ରସ୍ତ ମନ, ପ୍ରାଣ, ଶରୀରର ଅହଂ, ସ୍ୱାର୍ଥ, କାମ, କ୍ରୋଧ, ଲୋଭ, ମୋହାଦି ରିପୁଙ୍କ କବଳରେ ପଡ଼ି ସଂସ୍କାର ସହକର୍ମୀମାନଙ୍କ ସହିତ ବାଦ ବିବାଦ, ସଂଘର୍ଷ କରି ନିଜର ଲକ୍ଷ୍ୟ ପ୍ରାପ୍ତି ମାର୍ଗରେ ନିଜେ ବାଧା ସୃଷ୍ଟି କରୁଅଛୁ । ସଂସ୍କାର ଉନ୍ନତିରେ ମଧ୍ୟ ବାଧା ସୃଷ୍ଟି କରୁଅଛୁ, ଛାତ୍ରଛାତ୍ରୀମାନଙ୍କର ଉତ୍ତମ ସଂସ୍କାର-ଗଠନର ଅବରୋଧ କରୁଅଛୁ ଏବଂ ପୃଥିବୀରେ ଦିବ୍ୟମାନବଜାତି ପ୍ରତିଷ୍ଠା ପାଇଁ ଯେଉଁ ମହତ୍ତ୍ୱପୂର୍ଣ୍ଣ ଭାଗବତ ସେବାକାର୍ଯ୍ୟ ଆମକୁ ମିଳିଛି ସେଥିରେ ବିଭ୍ରାଟ ସୃଷ୍ଟି କରି ଭାଗବତ ବିରୁଦ୍ଧ ଆଚରଣ କରୁଅଛୁ । ଏହି ରହସ୍ୟ ବୁଝିଲେ କିଂବା ଆଲୋଚନା ହେଲେ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ପରିଚାଳକମାନେ ନିଜ ଅନ୍ତରରୁ ସଂଘର୍ଷ, ବାଦ-ବିବାଦ ତ୍ୟାଗ କରିବା ସକାଶେ ମାତୃ ଶକ୍ତି ନିକଟରେ ନିଜକୁ ସମର୍ପଣ କରିବେ ଏବଂ ଏଥିରୁ ମୁକ୍ତ ହେବା ସକାଶେ ଅଭୀପ୍ସା କରିବେ । ଏହି ରହସ୍ୟ ଯଦି କର୍ମକର୍ତ୍ତା ଓ ଶିକ୍ଷକ-ଶିକ୍ଷୟିତ୍ରୀମାନେ ବୁଝି ନ ଥିବେ ତେବେ ଏହି ବିଷୟ ଜାଣିଥିବା ବ୍ୟକ୍ତି ସେମାନଙ୍କୁ ବୁଝାଇ ଦେବେ । ଏହାହିଁ ଅତିମାନସ ଅଧ୍ୟାତ୍ମ ସଂସ୍ଥାମାନଙ୍କରେ ସମସ୍ୟା-ସମାଧାନର ଉପାୟ । ଏଥିରେ ବିଶେଷ ସାହାଯ୍ୟ କରେ ନାମଜପ ।

ଉପସ୍ଥିତ କର୍ତ୍ତବ୍ୟ

ଆମ୍ଭମାନଙ୍କର କର୍ତ୍ତବ୍ୟ ହେଲା ମନ ପ୍ରାଣର ସଂସ୍କାରଗତ ପ୍ରତିକୂଳ ରୀତି ନୀତି, ସ୍ୱଭାବଗତ ଅଭ୍ୟାସ ଅଧୀନରୁ ମୁକ୍ତ ହୋଇ ଆଗନ୍ତୁକ ସତ୍ୟକୁ ଗ୍ରହଣ କରିବା ଏବଂ ତାହାରି ଦ୍ୱାରା ନିଜକୁ ଗଢ଼ି ତୋଳିବା । ଏଥିରେହିଁ ହେବ ନିଜର, ପରିବାରର, ଦେଶ ଆଉ ଜଗତର ହିତ ।

ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ମାନସିକ, ସମାଜଗତ, ନୈତିକତା ଭାଙ୍ଗିଯାଇ ସାରିଛି । ନୂତନ ଯୁଗର ଅଧାତ୍ମ ଅତିମାନସ ସତ୍ୟ ପୃଥିବୀରେ ପ୍ରତିଷ୍ଠା ହୋଇ ନାହିଁ । ଆମ୍ଭେମାନେ ଯଦି ଏହି ରହସ୍ୟ ବୁଝି ନୂତନ ସତ୍ୟକୁ ଗ୍ରହଣ କରନ୍ତୁ, ତେବେ ଉପସ୍ଥିତ ବିଶୃଙ୍ଖଳା, ଦୁଃଖ, କଷ୍ଟରୁ ମୁକ୍ତ ହୋଇ ନୂତନ ଯୁଗର ଅଗ୍ରଦୂତ ହେବା ମାର୍ଗରେ ଅଗ୍ରସର ହୁଅନ୍ତୁ; ଏବଂ ସଂସାରରୁ ଦୁଃଖ, କଷ୍ଟ, ଅଶାନ୍ତି, ଅସତ୍ୟ ଶୀଘ୍ର ଦୂରକରି ପାରନ୍ତୁ ।

ଆମ୍ଭେମାନେ ଏହା ନ କରି ଭାଙ୍ଗିଯାଇଥିବା ନୈତିକତାକୁ ଧରି ରଖିବା ବାହାନାରେ ନିଜର ସ୍ୱାର୍ଥ ଅହଂକୁ ସନ୍ତୋଷ ଦେବା ସକାଶେ ଧାର୍ମିକତା ତଥା ନୈତିକତାର କଥା କହୁଅଛୁ ଏବଂ ଭାଷଣ ଦେଉଅଛୁ, ଖବର କାଗଜରେ ଲେଖୁଅଛୁ, ଏହାରି ଦ୍ୱାରା ଦେଶର ଉନ୍ନତି ହେବାର ଆଶା କରୁଅଛୁ । ଏହିପରି ପ୍ରଚାର ସମସ୍ତ ସଂସାରରେ ବିଶେଷତଃ ଭାରତବର୍ଷରେ ପନ୍ଦର କୋଡ଼ିଏ ବର୍ଷରୁ କ୍ରମଶଃ ଅଧିକାଧିକ ପ୍ରତ୍ୟକ୍ଷଭାବେ ବ୍ୟର୍ଥତାରେ ପରିଣତ ହେଉଥିବା ସତ୍ତ୍ୱେ ଅନ୍ୟ କୌଣସି ଉପାୟ ଖୋଜୁ ନାହୁଁ ।

ଆମ୍ଭେମାନେ କହୁଛୁ ଦେଶ ଉନ୍ନତିର କଥା; କରୁଛୁ ନିଜ ସ୍ୱାର୍ଥ ସିଦ୍ଧି । ନିଜ ସ୍ୱାର୍ଥ ସକାଶେ ଯେତିକି ଅର୍ଥ ଆତ୍ମସାତ୍ କରୁଛୁ, ତା'ର ଶହେଗୁଣ କ୍ଷତି କରୁଛୁ ଦେଶ ବାବଦରେ । ଏହା ହେଉଛି ସମସ୍ତ ଶ୍ରେଣୀର ବ୍ୟକ୍ତିମାନଙ୍କ ମଧ୍ୟରେ । ଏହି ସ୍ୱାର୍ଥରୁ କୌଣସି ଗୋଟିଏ ଶ୍ରେଣୀର ବ୍ୟକ୍ତି ବାଦ୍ ଯାଇନାହାନ୍ତି । ସମାଜର ଶ୍ରେଷ୍ଠ ବ୍ୟକ୍ତିମାନେ ଦେଶର ହିତ କଥା କହୁଅଛନ୍ତି; ଦେଶ ହିତ ସକାଶେ ସର୍ବସ୍ୱ ତ୍ୟାଗ କରିବାର ଆଦର୍ଶ ଲୋକଙ୍କୁ ଦେଖାଉଅଛନ୍ତି; ଭାବୁଅଛନ୍ତି ସେହିମାନେ ନେତୃସ୍ଥାନ ଗ୍ରହଣ କଲେ ଜନତାଙ୍କୁ ସୁଖଶାନ୍ତିରେ ରଖିବେ ଏବଂ ଦେଶର ଉନ୍ନତି ସାଧନ କରିବେ । ଏହି ଧାରଣାରେ ସେମାନେ ବାକି ରହିଥିବା ଅଳ୍ପ କିଛି ଶୃଙ୍ଖଳା ଭାଙ୍ଗି ଦେବାକୁ ଚାହି ଅଛନ୍ତି, ସେଥିରେ ସମର୍ଥନ ଦେଉଅଛନ୍ତି କିଂବା ତା'ର ଉପାୟ କରୁଅଛନ୍ତି । ବର୍ତ୍ତମାନ ଶୃଙ୍ଖଳା ଯଦ୍ୟପି ସନ୍ତୋଷଜନକ ବା ଉନ୍ନତିମୂଳକ ନୁହେଁ, ତଥାପି ଏହାପରେ ଉତ୍ତମ ଶୃଙ୍ଖଳା କିପରି ବା କ'ଣ ଆଣିବେ ସେ କଥା ଭାବୁ ନାହାନ୍ତି । କେବଳ ଶୃଙ୍ଖଳା ଭାଙ୍ଗି ଦେବାଟା ମୂଳମନ୍ତ୍ର କରି ନେଇଅଛନ୍ତି ।

ବର୍ତ୍ତମାନ ଯେଉଁ କ୍ଷେତ୍ରରେ ଯେଉଁ ବ୍ୟକ୍ତିମାନେ ଅଛନ୍ତି, ସେହିବ୍ୟକ୍ତି ରହିବେ; ସେମାନଙ୍କର ଯେପରି ସ୍ୱାର୍ଥ, ଯେପରି ସ୍ୱଭାବ, ଯେପରି ମନୋଭାବ ଅଛି ତାହା ସବୁ ସେହିପରି ରହିବ । ତୁମେ ଶାସନ କ୍ଷେତ୍ରରେ ପ୍ରବେଶ କଲେ ତୁମରି ଚାହିଥିବା ଅଥବା କରିଥିବା ବିଶୃଙ୍ଖଳା ତୁମରି ସମ୍ମୁଖକୁ ପୂର୍ବାପେକ୍ଷା ଅଧିକ ତୀବ୍ର ଭାବେ ଆସିବ । ସେତେବେଳେ ଏହାର ସମାଧାନ ତୁମେ ଖୋଜି ପାଇବ ନାହିଁ । ତୁମେ ଯେଉଁମାନଙ୍କୁ ଅଧିକାରରୁ ବିତାଡ଼ିତ କରିଥିବ ସେହିମାନେ ତୁମରି ଅସ୍ତ୍ରରେ ତୁମକୁ ବିତାଡ଼ିତ କରିବେ । ଏହି ବିଶୃଙ୍ଖଳାର ସମାଧାନ ହେବ ନାହିଁ । ଏହି ଦ୍ୱନ୍ଦ୍ୱ ଯୋଗୁଁ ଦେଶରେ କ୍ରମଶଃ ଅବନତି ଏବଂ ଅଶାନ୍ତି ବୃଦ୍ଧି ପାଉଥିବ । ଏହି ବିଷୟକୁ ଆମ ଦେଶର ଛାତ୍ରମାନେ ବିଚାର ନ କରି ଗତାନୁଗତିକ ନେତାମାନଙ୍କ ଆଦର୍ଶ ଗ୍ରହଣ କରୁଅଛନ୍ତି ।

ଛାତ୍ରମାନଙ୍କ ଉପରେ ଦେଶର ଭବିଷ୍ୟତ୍ ଉନ୍ନତି ନିର୍ଭର କରେ । ଛାତ୍ର ସମୟ ହେଉଛି ଜୀବନ ବିକାଶର ସର୍ବଶ୍ରେଷ୍ଠ ଅବସ୍ଥା । ଏହି ଅବସ୍ଥାରେ ସେମାନେ ଯେଉଁ ସଦ୍‌ଗୁଣ, ସତ୍‌ଶିକ୍ଷା ଗ୍ରହଣ କରନ୍ତି, ତାହାହିଁ ଭବିଷ୍ୟତ୍ ଜୀବନରେ ବିକାଶ ହୁଏ । ଏହି ସମୟରେ ଯଦି ସେମାନେ ସତ୍‌ଶିକ୍ଷା ଗ୍ରହଣ ନ କରି ସ୍ୱାର୍ଥ, ହିଂସା, କୂଟ କପଟ, ଶୃଙ୍ଖଳାର ବିପରୀତ ବିଶୃଙ୍ଖଳା, ନୀତିର ବିରୋଧୀ ଅନୀତି, ନିୟମର ବିପରୀତ ଅନିୟମିତତା ଆଚରଣ କରନ୍ତି, ତେବେ ଭବିଷ୍ୟତ୍

ଜୀବନରେ ତାହାରହିଁ ବିକାଶ ହେବ । ସେହିମାନେ ଦେଶରେ କାର୍ଯ୍ୟକଲେ ସେମାନଙ୍କ ଦ୍ୱାରା ନିଜର, ପରିବାରର, ଦେଶ ତଥା ସଂସାରର ଉନ୍ନତି ନ ହୋଇ ଅଧଃପତନ ହେବ । ଏହି ବିଷୟରେ ଆମ୍ଭ ଦେଶର ଅଧିକାଂଶ ନେତାମାନେ ସଚେତ ହୋଇ ନାହାନ୍ତି କିଂବା ଏହି ବିଶୃଙ୍ଖଳା ସୁଧାରି ନେବାକୁ ପ୍ରଯତ୍ନ କରୁ ନାହାନ୍ତି, ବରଂ ଇଚ୍ଛା କରିଛନ୍ତି, କିଂବା ପ୍ରେରଣା ଦେଇଛନ୍ତି । ଏହି କାରଣରୁ କୁହାଯାଇପାରେ ଏହି ବିଶୃଙ୍ଖଳା ନିମନ୍ତେ ଦାୟୀ ଆମ ଦେଶର ନେତାମାନେ । ଏହି ଦାୟିତ୍ୱକୁ ଦେଶନେତାମାନେ ଭାବିବାକୁ ଚେଷ୍ଟା କରୁ ନାହାନ୍ତି । ସେମାନେ ଯଦି ସଦ୍‌ଗୁଣର ଆଦର୍ଶ ଛାତ୍ରମାନଙ୍କ ସମ୍ମୁଖରେ ରଖିଥାଆନ୍ତେ, ସେମାନଙ୍କ ବିଶୃଙ୍ଖଳାକୁ ପ୍ରତିବାଦ କରିଥାଆନ୍ତେ, ସମର୍ଥନ, ଏବଂ ପ୍ରେରଣା ଦେଇ ନ ଥା'ନ୍ତେ, ତେବେ ଛାତ୍ରମାନଙ୍କର ଆଜି ଏପରି ବିଶୃଙ୍ଖଳ ଅବସ୍ଥା କଦାପି ହୋଇ ନ ଥା'ନ୍ତା । ଏହି ଅବସ୍ଥାର ପ୍ରଧାନ କାରଣ ଯଦ୍ୟପି ହେଉଛି ଯୁଗ ପରିବର୍ତ୍ତନ, ତଥାପି ଏହି ବିଷୟରେ ଆମ ଦେଶର ନେତାମାନେ ସଚେତ ହୋଇଥିଲେ ଏହି ଅବସ୍ଥାର ଶୀଘ୍ର ପରିବର୍ତ୍ତନ ଘଟୁଥା'ନ୍ତା । କ୍ରମବିକାଶ ଅନୁସାରେ ନୈତିକତାର ଯୁଗ ସମାପ୍ତ ହୋଇଯାଇଛି, ସେହି କାରଣରୁ ବ୍ୟକ୍ତିଙ୍କର ନୈତିକତା ଉପରେ ଆସ୍ଥା ନାହିଁ । ଯେଉଁ ନୈତିକତା ଯୋଗୁଁ ପୁତ୍ରକନ୍ୟାମାନେ ପିତାମାତାଙ୍କ ଆଜ୍ଞାପାଳନ କରିବା ଗୌରବ ମନେ କରୁଥିଲେ, ଛାତ୍ରମାନେ ଶିକ୍ଷକମାନଙ୍କୁ ପିତାମାତାଙ୍କଠାରୁ ଅଧିକ ସମ୍ମାନ କରୁଥିଲେ, ସେହି ପୁତ୍ରକନ୍ୟାମାନେ ପିତାମାତାଙ୍କ ଆଜ୍ଞାକୁ ତାଙ୍କ ସ୍ୱତନ୍ତ୍ରତା ବା ଅନ୍ୟ ଶବ୍ଦରେ ସ୍ୱେଚ୍ଛାଚାରିତାରେ ବାଧା ବୋଲି ମନେ କରୁଅଛନ୍ତି । କେତେକ ଛାତ୍ର ମାଡ଼ର ଭୟ ଦେଖାଇ ଶିକ୍ଷକମାନଙ୍କଠାରୁ ନିଜ ସ୍ୱାର୍ଥ ହାସଲ କରୁଅଛନ୍ତି ।

ଛାତ୍ର ଆନ୍ଦୋଳନର ଧମକ ଦେଇ ପୂର୍ବକାଳର ଗୁରୁଭକ୍ତିର ପ୍ରତିଶୋଧ ଆଦାୟ କରୁଅଛନ୍ତି । ଅଳ୍ପ କିଛି ଶିକ୍ଷକଙ୍କୁ ବାଦ୍ ଦେଲେ ଅଧିକାଂଶ ଶିକ୍ଷକ ଛାତ୍ରମାନଙ୍କଠାରୁ ବଳନ୍ତି । ପୂର୍ବ ଶିକ୍ଷକମାନଙ୍କ ସଦୃଶ ବର୍ତ୍ତମାନ ଶିକ୍ଷକଙ୍କର ଯେପରି ଛାତ୍ରମାନଙ୍କ ହିତଚିନ୍ତା ବା ସ୍ନେହ ନାହିଁ, କିଂବା ଆନ୍ତରିକଭାବେ ଛାତ୍ରର ଉନ୍ନତି ସକାଶେ ଶିକ୍ଷା ଦେଉ ନାହାନ୍ତି, ସେହିପରି ଛାତ୍ର । ଏହି ନୈତିକତାର ପତନ କେବଳ ସ୍କୁଲ କଲେଜରେ ନୁହେଁ, ସମସ୍ତ କ୍ଷେତ୍ରରେ, ସମାଜର ଏକେବାରେ ଆରମ୍ଭରୁ ଶେଷପର୍ଯ୍ୟନ୍ତ ପରିବାର ଓ ବ୍ୟବସାୟ, ଶାସନ ବିଭାଗରେ ସ୍ପଷ୍ଟରୂପେ ଦେଖା ଦେଇଅଛି । ଏହି ନୈତିକତାର ପତନକୁ କୌଣସି ବ୍ୟକ୍ତି ଅସ୍ୱୀକାର କରି ପାରିବେ ନାହିଁ ।

ସେହି ନୈତିକତା କଦାପି ଫେରି ଆସିବ ନାହିଁ । ସଂସାରରେ ସତ୍ୟପ୍ରତିଷ୍ଠା ହେବ । ସେହି ଅଧ୍ୟାତ୍ମ ସତ୍ୟକୁ ବ୍ୟକ୍ତି ଚାହିଲେ ତାହା ମାନସିକ ବିଚାର ବା ନୈତିକତାର ସ୍ଥାନ ଗ୍ରହଣ କରିବ । ତେବେ ବ୍ୟକ୍ତି ପରିଚାଳିତ ହେବ ଅନ୍ତରରେ ପ୍ରତିଷ୍ଠିତ ସତ୍ୟ ପ୍ରେରଣାରେ । ଏହାରି ଦ୍ୱାରା ନୂତନ ସତ୍ୟ-ଶୃଙ୍ଖଳା ବ୍ୟକ୍ତି ମଧ୍ୟରେ ଏବଂ ସମାଜରେ ତଥା ରାଜନୀତିରେ ପ୍ରତିଷ୍ଠା ହେବ । ଏହାଛଡ଼ା ଅନ୍ୟ କୌଣସି ଉପାୟରେ ଶୃଙ୍ଖଳା ପ୍ରତିଷ୍ଠା ହେବ ନାହିଁ କିଂବା ଦେଶର ଉନ୍ନତି ହେବ ନାହିଁ । ଏହି ରହସ୍ୟ ଜାଣିଥିବା ବ୍ୟକ୍ତି ସଂଖ୍ୟାରେ ବହୁତ କମ୍ । କେତେକ ବ୍ୟକ୍ତି ଏହି ରହସ୍ୟ ଜାଣନ୍ତି ନାହିଁ, କେତେକ ବ୍ୟକ୍ତି ବିଶ୍ୱାସ କରନ୍ତି ନାହିଁ, କେତେକ ବିରୋଧ କରନ୍ତି ।

ପୃଥିବୀରେ ନୂତନ ଯୁଗର ଅଧ୍ୟାତ୍ମ ଧର୍ମ ପ୍ରତିଷ୍ଠାର ରହସ୍ୟ ଯେଉଁମାନେ ଜାଣନ୍ତି ନାହିଁ ବା ବିଶ୍ୱାସ କରନ୍ତି ନାହିଁ, ସେହିମାନଙ୍କ ମଧ୍ୟରୁ ଯେଉଁମାନେ ନେତୃସ୍ଥାନ ଅଧିକାର କରିଅଛନ୍ତି କିଂବା ଶାସନ ଅଧିକାରରେ ଅଛନ୍ତି; ସେମାନେ ଭାଙ୍ଗି ଧରାଶାୟୀ ହୋଇଥିବା ପୂର୍ବ-ନୈତିକତା ତଥା ପରମ୍ପରାଗତ ସମାଜ ଶାସନପ୍ରଣାଳୀର ଉପର ଖୋଳପାଟାକୁ କୌଣସିମତେ ଛାଡ଼ିବାକୁ ଚାହାନ୍ତି ନାହିଁ । ନିଜର ଅଧିକାରଗତ କିଲାର ମୂଳଦୁଆ ଭୁଶୁଡ଼ି ପଡ଼ିଥିବା ସତ୍ତ୍ୱେ ଉପରୁ ଏପରିଭାବେ ଜାବୁଡ଼ି ଧରି ରଖିଅଛନ୍ତି ଯେ ସେଥିରେ ନୂତନ ପ୍ରଣାଳୀ ପ୍ରବେଶ ସହଜସାଧ୍ୟ ନୁହେଁ ।

ଅନ୍ୟ ଯେଉଁମାନେ ନୂତନ ଅଧ୍ୟାତ୍ମ ଯୁଗଧର୍ମକୁ କୁସଂସ୍କାର ବୋଲି ଧାରଣା କରି ବିରୋଧ କରନ୍ତି, ସେମାନେ ଗୁଳି ଜୋରରେ ଭିତରୁ ଶଢ଼ି ଯାଇଥିବା ନୈତିକତା ଏବଂ ସମାଜ ଶାସନଗତ ଖୋଳପାଟିକୁ ଭାଙ୍ଗି ଦେବାକୁ ଚାହାନ୍ତି । ଯଦି ବ୍ୟକ୍ତିର ପ୍ରାଣ ମହାନ୍ ପ୍ରବଳ, ବୁଦ୍ଧି ମହାନ୍ ତୀବ୍ର ଥାଏ, ତେବେ ବହୁ ସଂଖ୍ୟାରେ ବ୍ୟକ୍ତି ତା'ର ଅନୁଗତ ହୋଇପାରନ୍ତି । ସେ ରାବଣ, ହିରଣ୍ୟକଶିପୁ ସଦୃଶ ନିଜ ସିଦ୍ଧାନ୍ତ ସ୍ୱୀକାର ନ କରୁ ଥିବା ବ୍ୟକ୍ତିକୁ ବନ୍ଧୁକ ଗୁଳି ପ୍ରଭାବରେ ସିଧା ସ୍ୱର୍ଗ ପଠାଇ ଦେଇ ଏକଚ୍ଛତ୍ର ରାଜ୍ୟ କରନ୍ତି । ନିଜ ସିଦ୍ଧାନ୍ତ ବିରୋଧରେ ଜଣେ ବ୍ୟକ୍ତିର ଗୋଟିଏ କଥା କହିବାର

ସାହସ ନ ଥାଏ । କିନ୍ତୁ ଏହିପରି ବ୍ୟକ୍ତିଙ୍କର ସତ୍ୟଦୃଷ୍ଟି ନ ଥାଏ । ସେ ସ୍ୱୟଂ ଯଥାର୍ଥ ସତ୍ୟ ମାର୍ଗରେ ପରିଚାଳିତ ହୁଅନ୍ତି ନାହିଁ କିଂବା ଜନତାକୁ ସତ୍ୟ ପଥରେ ପରିଚାଳିତ କରିପାରନ୍ତି ନାହିଁ । ଏହି ପରିବର୍ତ୍ତନଟି ବର୍ଷା ଭୟରେ କୂଅରେ ଡେଇଁପଡ଼ିବା ସଦୃଶ ହୁଏ । ଏଥିରେ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶରେ ଅତ୍ୟନ୍ତ ବାଧାପଡ଼େ । ଏହାକୁ ପ୍ରକୃତି(Nature) ଅଧିକ ଦିନ ବରଦାସ୍ତ କରିପାରେ ନାହିଁ । ସାମୟିକ ରୂପେ କିଛି ଦିନ ଚଳିପାରେ, ଶେଷରେ ଭୟଙ୍କର ପ୍ରତିକ୍ରିୟା ହୁଏ ।

ସବୁଠାରୁ ଉତ୍ତମ, ନିରାପଦ, ଶାନ୍ତି-ଶୃଙ୍ଖଳାପୂର୍ଣ୍ଣ ପ୍ରଣାଳୀ ହେଲା ନୂତନ ଯୁଗର ଅଧ୍ୟାତ୍ମ ଅତିମାନସ ସତ୍ୟ ଗ୍ରହଣ କରିବା । ଏହାରି ଦ୍ୱାରା ବ୍ୟକ୍ତି ସାହସ, ଧୈର୍ଯ୍ୟ, ସାତ୍ତ୍ୱିକ ଶକ୍ତି, ସତ୍ୟଦୃଷ୍ଟି ପ୍ରାପ୍ତ ହୁଏ । ସେ ସତ୍ୟ ଆଶ୍ରୟରେ ନିର୍ଭୀକ ଭାବେ ପୂର୍ବର ନିଷ୍କ୍ରିୟ, ସ୍ୱାର୍ଥ ଓ ଅହଂପୂର୍ଣ୍ଣ ପ୍ରଣାଳୀକୁ ଭାଙ୍ଗି ନୂତନ ପ୍ରଣାଳୀ, ନୂତନ ବିଧାନ, ସମାଜ ଓ ଶାସନର ପ୍ରତିଷ୍ଠା କରିପାରେ ।

ସମସ୍ତ କ୍ଷେତ୍ରରୁ ସମସ୍ତ ପ୍ରକାର ବାଧା ପ୍ରାପ୍ତ ହେଉଥିବା ସତ୍ତ୍ୱେ ସେ ସତ୍ୟ ସାହାଯ୍ୟରେ ଏହିସବୁ ବାଧା ବିପତ୍ତିକୁ ଅତିକ୍ରମ କରି ଗନ୍ତବ୍ୟ ପଥରେ ଅଗ୍ରସର ହୁଏ । ଏହି ଯୁଗ ପରିବର୍ତ୍ତନ ସମୟରେ ବ୍ୟକ୍ତି ତଥା ଦେଶର ଉନ୍ନତି ସକାଶେ ନୂତନ ଯୁଗର ସତ୍ୟ ଆଶ୍ରୟ ବିନା ଅନ୍ୟ କୌଣସି ଉପାୟରେ ଯୁଗୋପଯୋଗୀ ଯଥାର୍ଥ ପରିବର୍ତ୍ତନ ଆଣିବା ଏକେବାରେ ସମ୍ଭବ ନୁହେଁ ।

।। ବିଚାର ।।

ଏହି ନୂତନ ଯୁଗର ପୃଥିବୀରେ ସତ୍ୟ ପ୍ରତିଷ୍ଠାର ଅଧିକ ଦାୟିତ୍ୱ ଛାତ୍ରମାନଙ୍କ ଉପରେ । ଛାତ୍ରମାନେହିଁ ଭବିଷ୍ୟତ୍ ଯୁଗର ଅଗ୍ରଦୂତ । ସେମାନେ ଯଦି ନିଜ ଦାୟିତ୍ୱ ସମ୍ବନ୍ଧେ ସଚେତ ନ ହୋଇ ଖିଆଲୀ ମାର୍ଗରେ ପରିଚାଳିତ ହୁଅନ୍ତି, ତେବେ ସଂସାରରେ ଅଧିକ ଦୁଃଖ-ଦ୍ୱନ୍ଦ୍ୱ ସୃଷ୍ଟି ହେବ ଏବଂ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ହେବାରେ ବିଳମ୍ବ ଘଟିବ । ସେମାନଙ୍କୁ ସଂସାରର ପରିସ୍ଥିତି, କର୍ତ୍ତବ୍ୟ, ଭବିଷ୍ୟତ୍ କର୍ମ,— ଏହି ତିନିଟି ବିଷୟ ନିଜ ନିଜ ପ୍ରବୃତ୍ତି ଅନୁସାରେ ଯୁକ୍ତିବୁଦ୍ଧି, ମହାପୁରୁଷଙ୍କ ନିର୍ଦ୍ଦେଶ ଅଥବା ନିଜ ବିଚାରରେ ଯଥାର୍ଥରେ ନିର୍ଣ୍ଣୟ କରିବାକୁ ହେବ । ଯଦି ଠିକ୍ ନିର୍ଣ୍ଣୟ କରିପାରିବେ ତେବେ ବର୍ତ୍ତମାନ ସମାସ୍ୟାର ସମାଧାନ ସହଜରେ କରିପାରିବେ ।

ଭାଙ୍ଗିଯାଇଥିବା ନୈତିକ ପ୍ରଣାଳୀ ଫେରାଇ ଆଣିବା ସମ୍ଭବ ନୁହେଁ । ଏହା କ୍ରମବିବର୍ତ୍ତନର ବିରୁଦ୍ଧ । ଏହାକୁ ସମର୍ଥନ କରୁଛି ଅତୀତର ବିକାଶ । ବରାବର ନୂତନ ପ୍ରଣାଳୀରେ ମନୁଷ୍ୟ ଏବଂ ବିଶ୍ୱ ଅଗ୍ରସର ହେଉଅଛି । ବିକାଶ ଜଡ଼ରୁ ବୃକ୍ଷ, ଲତା, ପଶୁ, ପକ୍ଷୀ ମଧ୍ୟ ଦେଇ ମନୁଷ୍ୟରେ ପହୁଞ୍ଚି ଅଛି । ମନୁଷ୍ୟ କ୍ରମବିବର୍ତ୍ତନ ପ୍ରଣାଳୀ ଅନୁସାରେ ବିଜ୍ଞାନଯୁକ୍ତ ଅତିମାନବରେ ଉପନୀତ ହେବ । ଏହାହିଁ ହେବ ନୂତନ ଯୁଗର ଅଧ୍ୟାତ୍ମ ଅତିମାନସ ଧର୍ମ । ଏହାହିଁ ଶ୍ରୀମା ଏବଂ ମହାପୁରୁଷ ଶ୍ରୀଅରବିନ୍ଦଙ୍କ ଆଦର୍ଶ ବା ସିଦ୍ଧାନ୍ତ । ସେମାନେ ଏହି ସତ୍ୟକୁ ଉପଲବ୍ଧି କରିଛନ୍ତି, ଏଥିରେ ବିକାଶ କରିଛନ୍ତି, ଏହାକୁ ଭୌତିକ ଗୁଣ ଦେବାକୁ ଅର୍ଥାତ୍ ପୃଥିବୀରେ ଅତିମାନବଜାତି ପ୍ରତିଷ୍ଠା କରିବାକୁ ମା' ପ୍ରଯତ୍ନ କରୁଅଛନ୍ତି । ଅତିମାନବଜାତି, ଅତିମାନସ ବିଜ୍ଞାନ, ସତ୍ୟ ପୃଥିବୀରେ ପ୍ରତିଷ୍ଠା ହେବା ଯୁକ୍ତି, ଶାସ୍ତ୍ର ଦ୍ୱାରା ସମର୍ଥିତ ଏବଂ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଉପଲବ୍ଧିରେ ପ୍ରାପ୍ତ ।

ଏହି ସତ୍ୟ ପ୍ରଣାଳୀକୁ ଦେଶବାସୀ, ବିଶେଷତଃ ଛାତ୍ରମାନେ ଗ୍ରହଣ କଲେ ନିଜ ଜୀବନର ସର୍ବାଙ୍ଗୀନ ଉନ୍ନତି କରିପାରିବେ ଏବଂ ଦେଶର ଯଥାର୍ଥ ଉନ୍ନତି କରି ପାରିବେ ।

ଛାତ୍ରମାନଙ୍କ ସମ୍ମୁଖରେ ଦୁଇଟି ଆଦର୍ଶ ବିଦ୍ୟମାନ ଅଛି । ଗୋଟିଏ ବର୍ତ୍ତମାନ ଆଲୋଚନା କରାହେଲା । ଅନ୍ୟଟି ହେଲା ଭୌତିକ ବିଜ୍ଞାନ । ଏହି ଆଲୋଚନାର ସିଦ୍ଧାନ୍ତ ପ୍ରତ୍ୟକ୍ଷ ଯୁକ୍ତିଯୁକ୍ତ, ଶାସ୍ତ୍ରସମ୍ମତ ଏବଂ ମହାପୁରୁଷଙ୍କ ଉପଲବ୍ଧି ହୋଇଥିବା ସତ୍ତ୍ୱେ ଯେଉଁ ଛାତ୍ରମାନେ ଏହାକୁ ବିଶ୍ୱାସ କରିପାରୁ ନାହାନ୍ତି; ସେମାନେ ଅର୍ଥଶୂନ୍ୟ ଉପସ୍ଥିତ ରାଜନୈତିକ ପ୍ରଣାଳୀରେ ପ୍ରବେଶ କରନ୍ତୁ ନାହିଁ; ଯେଉଁ ସମୁଦ୍ରରେ ଦେଶର ମହାନ୍ ନେତାମାନେ ଥଳ-କୂଳ ନ ପାଇ ହାବୁଡୁବ

ଖାଉଛନ୍ତି । ଏହା ଏକେବାରେ ପ୍ରତ୍ୟକ୍ଷ ଘଟଣା । ଏହି ଅସଫଳତା ଦେଖୁଥିବା ସତ୍ତ୍ୱେ ସେହି ଭ୍ରାନ୍ତ ମାର୍ଗରେ ଯାତ୍ରାକରି ବିକାଶଶୀଳ ଛାତ୍ରଜୀବନ ନଷ୍ଟ କରିବା ଉଚିତ ନୁହେଁ । ଯଦି ଯଥାର୍ଥରେ ଦେଶର ଉନ୍ନତି, ଦେଶରେ ଶାନ୍ତି, ଶୃଙ୍ଖଳା, ଐଶ୍ୱର୍ଯ୍ୟ ଚାହୁଁଛ, ତେବେ ଦ୍ୱିତୀୟ ଭୌତିକ ବିଜ୍ଞାନବାଦୀଙ୍କର ବିଚାର-ପ୍ରଣାଳୀର ଆଦର୍ଶ ଗ୍ରହଣ କର । ସେମାନେ ନୂତନ ବସ୍ତୁ ଆବିଷ୍କାର କରିବା ସକାଶେ ବିଚାର କରନ୍ତି ଏବଂ ସେଥିରେ ଏକାଗ୍ରତା କରନ୍ତି । ତୁମ୍ଭେମାନେ ସେହିପରି ନୂତନ ପ୍ରକାଶ ସକାଶେ ଇଚ୍ଛାକର ଏବଂ ସେଥିରେ ଏକାଗ୍ରତା କର, ତେବେ ସ୍ପଷ୍ଟ ରୂପେ ଯଥାର୍ଥ ନିର୍ଭୁଲ୍ ନୂତନ ସତ୍ୟ ପ୍ରଣାଳୀ ପାଇବ । ସେହି ନୂତନ ପ୍ରଣାଳୀ ପୃଥିବୀ ବାତାବରଣରେ ବିଦ୍ୟମାନ ଅଛି । ତୁମେ ନିଜ ଅନ୍ତର ଅନୁଭୂତିରେ ପାଇଲେ ଆଉ ତୁମର ସନ୍ଦେହ ରହିବ ନାହିଁ । ତାହାରି ଦ୍ୱାରା ଯଥାର୍ଥରେ ନିଜର ଏବଂ ଦେଶର ତଥା ଜଗତର କଲ୍ୟାଣ କରିପାରିବ ।

ନୂତନ ଯୁଗରେ ସଂସ୍କୃତ ଓ ନାରୀସମାଜର ଭୂମିକା

ସଂସ୍କୃତ ହେଉଛି ଦେବଭାଷା ଓ ଆଦ୍ୟଭାଷା । ବେଦ, ଉପନିଷଦ୍‌ସବୁ ସଂସ୍କୃତ ଭାଷାରେ ଲିଖିତ । ସଂସାରରେ ଯେତେ ଭାଷା ପ୍ରଚଳିତ ହେଉଛି ସବୁ ଭାଷା ସେଇ ସଂସ୍କୃତରୁ ଆସିଛି । ସଂସ୍କୃତ ହେଉଛି ମୂଳ ଭାଷା ।

ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ପଶୁଜାତି ଥାଇ ଯେପରି ମନୁଷ୍ୟ ଜାତି ପୃଥିବୀରେ ପ୍ରତିଷ୍ଠା ହୋଇ ଅଛନ୍ତି ସେହପରି ମନୁଷ୍ୟ ଜାତି ଥାଇ ପୃଥିବୀରେ ଅତିମାନବ ଜାତି ପ୍ରତିଷ୍ଠା ହେବ । ସେମାନଙ୍କର ହେବ ଦିବ୍ୟ ଶରୀର । ସେମାନେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ-କଷ୍ଟ, ଅଜ୍ଞାନରୁ ସଂପୂର୍ଣ୍ଣ ମୁକ୍ତ ରହିବେ ।

ସେମାନଙ୍କର ରୂପାନ୍ତରିତ ମନ-ପ୍ରାଣ-ଶରୀର ସଂପୂର୍ଣ୍ଣରୂପେ ଭଗବାନଙ୍କ ସଙ୍ଗେ ଏକତ୍ୱ ପ୍ରାପ୍ତ କରିବ । ସେମାନଙ୍କର ଚେତନା ହେବ ଅତିମାନସ ଚେତନା । ସେମାନେ ଭଗବତ୍ ଶକ୍ତି ଦ୍ୱାରା ପରିଚାଳିତ ହେବେ । ଯଦ୍ୟପି ସେମାନେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରିବେ, ସେମାନଙ୍କର ଯଦ୍ୟପି ସବୁକିଛି ଦିବ୍ୟତ୍ୱ ପ୍ରାପ୍ତ ହେବ ତଥାପି ମନୁଷ୍ୟ ଜାତି ସହିତ ସେମାନଙ୍କର ପୂର୍ଣ୍ଣରୂପେ ସମ୍ପର୍କ ରହିବ । କାରଣ ସେମାନଙ୍କର ଚେତନା ହେବ ଭଗବତ୍ ଚେତନା । ସେମାନେ ନିଜକୁ ସମସ୍ତ ପ୍ରାଣୀ ମଧ୍ୟରେ ଉପଲବ୍ଧି କରିବେ ।

ଏହି ପୃଥିବୀରେ ପରାର୍ଦ୍ଧର ଭଗବତ୍ ଧାମ ପ୍ରତିଷ୍ଠା ହେବ । ଅର୍ଥାତ୍ ଏ ମୃତ୍ୟୁପୁରୀ ଭଗବତ୍ ଦିବ୍ୟ ଧାମରେ ପରିଣତ ହେବ । ସେତେବେଳେ ସଂସ୍କୃତ ଭାଷାର ବ୍ୟବହାର ବିପୁଳ ଭାବରେ ଦେଖାଦେବ ।

ଏହି ସକାଶେ ସଂସ୍କୃତ ଭାଷାର ପ୍ରସାର ଆବଶ୍ୟକ । ଯେପରି ଆମେ ଅତିମାନସ ନୂତନ ଦିବ୍ୟଯୁଗ ଆଡ଼କୁ ପ୍ରଗତି କରିବା ସକାଶେ ପାଠଚକ୍ର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାଧ୍ୟମରେ ଶ୍ରୀଅରବିନ୍ଦଙ୍କ ଯୋଗକୁ ଗ୍ରହଣ କରୁଛୁ ସେହିପରି ଏ ସଂସ୍କୃତ ଭାଷାର ପ୍ରସାର ଆବଶ୍ୟକ ।

ଏହି ଯେଉଁ ନୂତନ ଅତିମାନସ ଯୁଗ ପୃଥିବୀରେ ପ୍ରତିଷ୍ଠା ହେବ ସେଥିରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିବ ନାରୀମାନଙ୍କର । କାରଣ ପୃଥିବୀରେ ନୂତନ ଜାତି ପ୍ରତିଷ୍ଠା ହେବ । କିନ୍ତୁ ସେହି ନୂତନ ଯୁଗ ଆଡ଼କୁ ଅଗ୍ରଗତି କରିବ ବର୍ତ୍ତମାନର ଉପସ୍ଥିତ ମନୁଷ୍ୟ । ଏହିମାନଙ୍କର ମନ-ପ୍ରାଣ-ଶରୀର ଆସିବ ଗାର୍ହସ୍ଥ୍ୟ ଆଶ୍ରମରୁ । ଗାର୍ହସ୍ଥ୍ୟ ଆଶ୍ରମରେ ସନ୍ତାନମାନେ ଉତ୍ତମ ସଂସ୍କାର ଗ୍ରହଣ କରନ୍ତି ମା'ଙ୍କଠାରୁ । ମା'ର ପ୍ରଭାବ ସନ୍ତାନମାନଙ୍କ ଉପରେ ଖୁବ୍ ବେଶୀ ପଡ଼ିଥାଏ । କାରଣ ମା' ସନ୍ତାନକୁ ଗର୍ଭରେ ଧାରଣ କରେ । ମା'ର ଦୈନନ୍ଦିନ ଆଚରଣର ପ୍ରଭାବ ସନ୍ତାନ ଉପରେ ପଡ଼େ । ମା'ର ଶରୀରର କ୍ଷୀର ପାନ କରି ସନ୍ତାନର ଶରୀର ବୃଦ୍ଧି ହୁଏ । ଖାଇବା, ପିଇବା, ରହିବା ସମସ୍ତ ଲାଳନପାଳନ ହୁଏ ମା'ଙ୍କ ଦ୍ୱାରା । ମା' ଯେପରି ଆଚରଣ କରିବ ସନ୍ତାନ ମଧ୍ୟରେ ତାହାହିଁ ହେବ ସଂସ୍କାର । ତା' ଛଡ଼ା ଗୃହଲକ୍ଷ୍ମୀ ହେଉଛି ମା' । ଗୋଟିଏ ମହିଳା ଯଦି ସତ୍‌ଚରିତ୍ରବତୀ ହୁଏ ସେ ସମସ୍ତ ଘରର ବାତାବରଣକୁ ପରିବର୍ତ୍ତନ କରିଦିଏ ।

ପୁରାତନ ଯୋଗ ମହିଳାମାନଙ୍କ ସକାଶେ ଅପରିହାର୍ଯ୍ୟ ନ ଥିଲା । ତାହା ଥିଲା ବ୍ୟକ୍ତିଗତ ସାଧନା । କିନ୍ତୁ ଏ ହେବ ଗୋଟିଏ ନୂତନ ଜାତି ପ୍ରତିଷ୍ଠା । ମା'ର ସନ୍ତାନମାନେ ହେବେ ଏଥିରେ ଅଗ୍ରଦୂତ । ସେ ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗରେ ମହିଳାମାନଙ୍କର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଅତଏବ ମହିଳାମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବା ସକାଶେ ମହିଳା ପାଠଚକ୍ର ପ୍ରତିଷ୍ଠା କରନ୍ତୁ, 'ଦିବ୍ୟଯୁଗ ସ୍ଥାପନାରେ ନାରୀ', 'ଗାର୍ହସ୍ଥ୍ୟ ଧର୍ମ', 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ', 'ରୂପାନ୍ତର ଯୋଗରେ ନାମ ଜପ' ଭଲଭାବେ ଅଧ୍ୟୟନ କରି ସେହି ଅନୁସାରେ ଆଚରଣ କରନ୍ତୁ । ସନ୍ତାନମାନଙ୍କୁ ଶିକ୍ଷାଦେବା ସକାଶେ ମା'ମାନେ 'ଛାତ୍ରମାନଙ୍କ ପ୍ରତି', 'ଛାତ୍ରଜୀବନରେ ଉନ୍ନତିର ମାର୍ଗ' ବହି ପଢ଼ି ସନ୍ତାନମାନଙ୍କୁ ସେହି ଅନୁସାରେ ଆଚରଣ କରିବା ସକାଶେ ଶିକ୍ଷା ଦିଅନ୍ତୁ ।

ଏହିସବୁ କାର୍ଯ୍ୟ ନୂତନ ଜୀବନ ସକାଶେ ଯେପରି ଆବଶ୍ୟକ ସଂସ୍କୃତ ଭାଷାର ମଧ୍ୟ ସେହିପରି ଆବଶ୍ୟକ । ମହିଳା ସମାଜରେ ସଂସ୍କୃତ ଭାଷାର ପ୍ରସାର ହେବା ବହୁତ ଆବଶ୍ୟକ ।

ଓଡ଼ିଶା ଉପରେ ମା'ଙ୍କର ବହୁତ କୃପା । ସେ ସକାଶେ ଓଡ଼ିଶାବାସୀ ଏହି ନୂତନ ଯୋଗର ସତ୍ୟକୁ ଗ୍ରହଣ କରିବା ସକାଶେ ତତ୍ପର ହେଉଛନ୍ତି । ଆମ୍ଭେମାନେ ମା'ଙ୍କ ଚରଣରେ ପ୍ରାର୍ଥନା କରିବା ଆମ ମା-ଭଉଣୀମାନେ, ଏହି ସତ୍ୟକୁ ଗ୍ରହଣ କରି ଲକ୍ଷ୍ୟ ପ୍ରାପ୍ତି ମାର୍ଗରେ ଅଗ୍ରସର ହୁଅନ୍ତୁ ।

ବେକାର ସମସ୍ୟାର ସମାଧାନ

ଆଜିକାଲି ଭାରତ ସମ୍ମୁଖରେ ବେକାର ସମସ୍ୟା ଜଟିଳ ରୂପ ଧାରଣ କରିଅଛି । ତା'ର ମୂଳ କାରଣ ନ ଖୋଜି ବାହ୍ୟ ଉପାୟରେ ଯେତେ ପ୍ରଯତ୍ନ କରାହେଉଅଛି ତାହା ସଫଳ ହୋଇ ପାରୁ ନାହିଁ ।

ବେକାରର ମୂଳ କାରଣ ହେଉଛି ଆଳସ୍ୟ । ତାହା ଦୂର ହେବ ମନ-ପ୍ରାଣ-ଶରୀର ସହିତ ଆତ୍ମାର ବିକାଶରେ । ଏଥିରେହିଁ ଜୀବନର ପୂର୍ଣ୍ଣତା । ଏହି ଲକ୍ଷ୍ୟକୁ ଗ୍ରହଣ କରି ମନ-ପ୍ରାଣ-ଶରୀର ସହିତ ଆତ୍ମାକୁ କ୍ରିୟାଶୀଳ କଲେ ଜାଗତିକ ସମସ୍ତ କାର୍ଯ୍ୟରେ ପ୍ରାପ୍ତ ହେବ ଦକ୍ଷତା; ନିଜ ମଧ୍ୟରେ ତଥା ପରିବାରରେ ପ୍ରତିଷ୍ଠା ହେବ ଶାନ୍ତି, ସାମଞ୍ଜସ୍ୟ; ସମାଜରେ ପ୍ରତିଷ୍ଠା ହେବ ଶୃଙ୍ଖଳା, ଦେଶରୁ ଦୂର ହେବ ଦୁର୍ନୀତି, ଦେଶ ହେବ ସମୃଦ୍ଧିଶାଳୀ । ଜୀବନରେ ଏହି ଲକ୍ଷ୍ୟ ଗ୍ରହଣ କରିବା ଛଡ଼ା ବେକାର ସମସ୍ୟାର ସମାଧାନ ତଥା ଦୁର୍ନୀତି ଦୂର ହେବାର ଅନ୍ୟ ଉପାୟ ନାହିଁ । ଅନ୍ୟ ଉପାୟରେ ସାମୟିକ ରୂପେ, ଅସ୍ଥାୟିଭାବେ କିଛି ଅଂଶରେ ସମସ୍ୟାର ସମାଧାନ ହୋଇପାରେ କିନ୍ତୁ ସ୍ଥାୟୀ ସମାଧାନ ସମ୍ଭବ ନୁହେଁ ।

ଜୀବନରେ ମନ-ପ୍ରାଣ-ଶରୀର ସହିତ ଆତ୍ମାର ପୂର୍ଣ୍ଣ ବିକାଶ ହେବାର ସମୟ ଆସି ନ ଥିଲା । କ୍ରମବିକାଶ ଅନୁସାରେ ଜଡ଼ ଓ ପ୍ରାଣର ବିକାଶ ପରେ ମନୁଷ୍ୟ ମଧ୍ୟରେ ମନର ବିକାଶ ହେଲା । ମନର ବିକାଶରେ ସାହାଯ୍ୟ କରିବା ସକାଶେ ବିଦ୍ୟା ଶିକ୍ଷାର ପ୍ରୟୋଜନ ହେଲା । ମନର ବିକାଶ ସମାପ୍ତ ହୋଇ ନ ଥିବାରୁ ଜୀବନର ଯଥାର୍ଥ ଲକ୍ଷ୍ୟ ବ୍ୟକ୍ତିର ବୁଦ୍ଧିରେ ପ୍ରକାଶ ହେଲା ନାହିଁ କିଂବା ଆତ୍ମାର ବିକାଶ ସକାଶେ କୌଣସି ପ୍ରଯତ୍ନ କରା ହେଲା ନାହିଁ । ମନର ବିକାଶ ପୂର୍ବରୁ ଏହା ସମ୍ଭବ ବି ନ ଥିଲା ।

ଜୀବନରେ ମନ-ପ୍ରାଣ-ଶରୀର ସହିତ ଆତ୍ମାର ସର୍ବାଙ୍ଗୀନ ବିକାଶରେ ଜୀବନର ପୂର୍ଣ୍ଣତା — ଏହାହିଁ ଜୀବନର ଲକ୍ଷ୍ୟ । ଜୀବନରେ ଏହି ଲକ୍ଷ୍ୟର ପ୍ରାପ୍ତିରେହିଁ ଦୁଃଖବିହୀନ ପରମ ସୁଖପ୍ରାପ୍ତି । ଏହାକୁହିଁ ସମସ୍ତ ବ୍ୟକ୍ତି ଅଜ୍ଞାତ ଓ ଅସ୍ପଷ୍ଟଭାବେ ଚାହିଁ ଆସୁଅଛନ୍ତି । ଜଣେ ବ୍ୟକ୍ତିକୁ ବାଦ୍ ନ ଦେଇ ସଂସାରର ସମସ୍ତ ବ୍ୟକ୍ତି ଦୁଃଖ ଚାହାନ୍ତି ନାହିଁ । ସମସ୍ତ ବ୍ୟକ୍ତି ସୁଖ ଚାହାନ୍ତି ଏବଂ ସୁଖ ପ୍ରାପ୍ତି ସକାଶେ ପଢ଼ନ୍ତି, ଚାକିରି, ବ୍ୟବସାୟ, ରାଜନୀତି କରନ୍ତି । କେହି କେହି ଚୋରି, ଡକାୟତି ମଧ୍ୟ କରନ୍ତି, ଅନ୍ୟାୟ, ଅସତ୍ୟ ଆଚରଣ ବି କରନ୍ତି । ଦୁଃଖବିହୀନ ପରମ ସୁଖ ଜୀବନର ଲକ୍ଷ୍ୟ — ଏହି ଲକ୍ଷ୍ୟ ପ୍ରାପ୍ତି ସକାଶେ ବ୍ୟକ୍ତି ସମସ୍ତ କର୍ମ କରୁଛନ୍ତି ବୋଲି ତାଙ୍କ ବୁଦ୍ଧିରେ ସ୍ପଷ୍ଟ ନ ଥାଏ । ପରମ ସୁଖ ସ୍ୱରୂପର ଜ୍ଞାନ ଅଭାବରୁ ତା'ରି ପ୍ରାପ୍ତିର ଉପାୟ ମଧ୍ୟ ଭୁଲ୍ ହୁଏ । ଅର୍ଥାତ୍ ସମସ୍ତ ବ୍ୟକ୍ତି ଅଜ୍ଞାତ ପରମ ସୁଖକୁ ସାଂସାରିକ ଧନ, ପରିବାର, ଅଧିକାରରେ ଖୋଜୁ ଅଛନ୍ତି । କିନ୍ତୁ ଏସବୁ ପରମ ସୁଖ ପ୍ରାପ୍ତିର ସାଧନ । ଏହିସବୁ ସାଧନକୁ ଭ୍ରମବଶତଃ ବ୍ୟକ୍ତି ଲକ୍ଷ୍ୟ ମାନି ନେଇ ଥିବାରୁ ଅସ୍ପଷ୍ଟଭାବେ ଚାହୁଁଥିବା ଦୁଃଖବିହୀନ ପରମସୁଖ ପାଉ ନାହାନ୍ତି । ସାମୟିକରୂପେ ସାମାନ୍ୟ ପ୍ରାଣିକ ସୁଖ ପ୍ରାପ୍ତି ସଙ୍ଗେ ସଙ୍ଗେ ଦୁଃଖ ଭୋଗୁଅଛନ୍ତି । ଯଥାର୍ଥ ଦୁଃଖବିହୀନ ପରମସୁଖ ପ୍ରାପ୍ତ ହୁଏ ବ୍ୟକ୍ତିର ଆତ୍ମା ସହିତ ମନ-ପ୍ରାଣ-ଶରୀରର ପୂର୍ଣ୍ଣ ବିକାଶ ତଥା ଆତ୍ମ-ଧର୍ମରେ ମନ-ପ୍ରାଣ-ଶରୀରର ରୂପାନ୍ତର ହେଲେ । ଏହାହିଁ ବ୍ୟକ୍ତି-ଜୀବନର ସର୍ବାଙ୍ଗୀନ ବିକାଶ ତଥା ପୂର୍ଣ୍ଣତା । ସଂସାରର ସମସ୍ତ ଆବଶ୍ୟକ କର୍ମ ଏହି ଲକ୍ଷ୍ୟ ପ୍ରାପ୍ତିର ସାଧନା ।

ମନର ବିକାଶ ଶେଷ ତଥା ଆତ୍ମାର ବିକାଶ ଏବଂ ଆତ୍ମ-ଧର୍ମରେ ମନ-ପ୍ରାଣ-ଶରୀରର ରୂପାନ୍ତର ହେବାର ସମୟ ଆସିବାରୁ ଶ୍ରୀମା ଶ୍ରୀଅରବିନ୍ଦ ପୃଥିବୀରେ ଅତିମାନସ ଶକ୍ତି ପ୍ରତିଷ୍ଠା କରିଅଛନ୍ତି । ଆଶ୍ରମ ତଥା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଦ୍ୱାରା ଆସ୍ପମାନଙ୍କୁ ଜୀବନରେ ପୂର୍ଣ୍ଣତାର ଲକ୍ଷ୍ୟ ସମ୍ବନ୍ଧେ ସଚେତ କରାଇଅଛନ୍ତି । ବ୍ୟକ୍ତି ଏହି ଲକ୍ଷ୍ୟ ଗ୍ରହଣ କଲେ ଏହାରି ପ୍ରାପ୍ତି ସକାଶେ ମନ-ପ୍ରାଣ-ଶରୀରରେ ସାଧନାରୂପେ କର୍ମ କରିବ । କର୍ମ ଦ୍ୱାରା ମନ-ପ୍ରାଣ-ଶରୀରରେ ସୁପ୍ତ ଥିବା କର୍ମକାରିଣୀ ଶକ୍ତି ଜାଗ୍ରତ୍ ହେବ । ତେବେ ମନ-ପ୍ରାଣ-ଶରୀରରେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରିବା ସକାଶେ ଉପଯୁକ୍ତ କ୍ଷେତ୍ର ପାଇ ପାରିବ । ମନ-ପ୍ରାଣ-ଶରୀରରେ ଅତିମାନସ ଶକ୍ତିର ରୂପାନ୍ତର କ୍ରିୟାରେ ସେସବୁ ପୂର୍ଣ୍ଣ

ବିକାଶଲାଭ କରିବ ଏବଂ ଆତ୍ମ-ଧର୍ମରେ ରୂପାନ୍ତରିତ ହେବ । ତେବେ ହେବ ଜୀବନର ପୂର୍ଣ୍ଣତା ଏବଂ ପ୍ରାପ୍ତ ହେବ ପରମ ସୁଖ ।

ମନର ବିକାଶ ଶେଷ ନ ହୋଇ ଥିବାରୁ ବ୍ୟକ୍ତି କେବଳ ମନର ବିକାଶ ସକାଶେ ଶିକ୍ଷାର ଆଶ୍ରୟ ନେଲା । ମନ ଶିକ୍ଷା ଦ୍ୱାରା କ୍ରିୟାଶୀଳ ହେବାରୁ ଶୀଘ୍ର ବିକାଶ କରିପାରିଲା । ଦୁଇ ଶହ ବର୍ଷ ପୂର୍ବେ ମନର ବିକାଶ ଅବସ୍ଥା ପ୍ରତି ଦୃଷ୍ଟି ଦେଲେ ଦେଖି ପାରିବା ବର୍ତ୍ତମାନ ଇଞ୍ଜିନିୟରିଂ, ଚିକିତ୍ସା ବିଜ୍ଞାନ, ଜଡ଼ବିଜ୍ଞାନ ଆଦି ବହୁତ ବିକାଶ ହୋଇଅଛି । ଜୀବନରେ ପୂର୍ଣ୍ଣତାର ଲକ୍ଷ୍ୟ ନ ଥିବାରୁ ଶାରୀରିକ ବିକାଶ, ପ୍ରାଣର ବିକାଶ ତଥା ଆତ୍ମାର ବିକାଶ ସଂପୂର୍ଣ୍ଣରୂପେ ଯେପରି ବାଦ୍ ହୋଇଅଛି, ସେହିପରି ପୁରାତନ ଯୋଗରେ ବ୍ୟକ୍ତିଗତଭାବେ ଅଳ୍ପ କେତେକ ବ୍ୟକ୍ତି କେବଳ ଆତ୍ମବିକାଶ ସାଧନା କରି ମନ-ପ୍ରାଣ-ଶରୀରକୁ ସଂପୂର୍ଣ୍ଣରୂପେ ବାଦ୍ ଦେଇଅଛନ୍ତି ।

ସାମୂହିକରୂପେ ଆତ୍ମାର ବିକାଶ ନ ହେବା ତଥା ଆତ୍ମାର ପ୍ରଭାବ ମନ-ପ୍ରାଣ-ଶରୀର ଉପରେ ନ ପଡ଼ିବା ଯୋଗୁଁ ବୁଦ୍ଧି ଜୀବନର ପୂର୍ଣ୍ଣତା ସମ୍ବନ୍ଧେ ସଚେତନ ହୋଇ ପାରି ନାହିଁ । ଶରୀର-ବିକାଶର ମହତ୍ତ୍ୱ ଅଜ୍ଞାତ ରହିବାରୁ ବ୍ୟକ୍ତି ମନର ବିକାଶ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ଶରୀର-ବିକାଶର କର୍ମକୁ ବାଦ୍ ଦେଇ ଅଛି । ବ୍ୟକ୍ତି ପଢ଼ା ଶେଷ କରିବା ପରେ ଆଳସ୍ୟର ବଶ ହେବାରୁ କର୍ମରେ ପ୍ରବୃତ୍ତ ହୋଇ ନାହିଁ । ଶାରୀରିକ କ୍ରିୟା ନ ହେବାରୁ ଶରୀରରେ ସୁପ୍ତ ଥିବା ବହୁମୁଖୀ କର୍ମର ପ୍ରକାଶ ହେଲା ନାହିଁ କିଂବା କର୍ମର ପ୍ରେରଣା ଆସିଲା ନାହିଁ । ବ୍ୟକ୍ତି ପଢ଼ା ଶେଷ କରି ଚାକିରି ସକାଶେ ବୁଲିଲା ।

ଦୁଇ ଶହ ବର୍ଷ ପୂର୍ବେ ବୁଦ୍ଧିରେ ଥିବା ଯେଉଁ ଅସାଧାରଣ ଜଡ଼ ବିଜ୍ଞାନ, ଚିକିତ୍ସା ବିଜ୍ଞାନ, ଶିଳ୍ପ ବିଜ୍ଞାନ ସୁପ୍ତ ଥିଲେ, ସେସବୁ ଆଜି ଶିକ୍ଷା ଦ୍ୱାରା ପ୍ରକାଶ ହୋଇ ମନୁଷ୍ୟକୁ ଯେପରି ଆଶ୍ଚର୍ଯ୍ୟ କରିଦେଉଛି ସେହିପରି ଶରୀରରେ ବହୁପ୍ରକାର କର୍ମର ସମ୍ଭାବନା ସୁପ୍ତ ଅଛି । କେବଳ ଶରୀର କ୍ରିୟାଶୀଳ ନ ହେବାରୁ ତାହା ପ୍ରକାଶ ହୋଇ ପାରୁ ନାହିଁ ।

ଯେଉଁ ବଡ଼ ବଡ଼ ଅଫିସର, ଧନୀ ବ୍ୟକ୍ତି ସବାରିର ଆଶ୍ରୟରେ ଥାଆନ୍ତି, ଶାରୀରିକ ପରିଶ୍ରମ କରନ୍ତି ନାହିଁ, ସେମାନେ ଏକ ମାଇଲ ରାସ୍ତା ବି ଚାଲି ପାରନ୍ତି ନାହିଁ । ଟିକିଏ ଗରମ ସର୍ଦ୍ଦି ହେଲେ ବେମାରରେ ପଡ଼ନ୍ତି । ଅଧଘଣ୍ଟାଏ କୋଦାଳ ହାଣିବା କାମ ତାଙ୍କ ପକ୍ଷେ ଅସମ୍ଭବ ହୁଏ । ଏପରିକି ନିଜ ପିନ୍ଧିବା ଲୁଗା ବି ଧୋଇ ପାରନ୍ତି ନାହିଁ । କାରଣ ଶରୀର କ୍ରିୟାଶୀଳ ନ ହେବାରୁ ଶରୀରରେ ସୁପ୍ତ କର୍ମକାରିଣୀ ଶକ୍ତି ଜାଗ୍ରତ୍ ହୁଏ ନାହିଁ, ବରଂ ଆଳସ୍ୟ ଶରୀରକୁ ଜଡ଼ତା ଆଡ଼କୁ ଟାଣି ନେଇଯାଏ । ଅଧିକାଂଶ ବୁଦ୍ଧିବିକାଶ ବ୍ୟକ୍ତିଙ୍କର ଶରୀର ତଥା ପ୍ରାଣ ଏବଂ ଆତ୍ମ-ବିକାଶରେ ଶୂନ ରଖା ହୋଇଥାଏ । ବୁଦ୍ଧିପ୍ରଧାନ ବ୍ୟକ୍ତିଙ୍କୁ ଅନୁସରଣ କରନ୍ତି ତାଙ୍କ ପଶ୍ଚାତରେ ଆସୁଥିବା ସନ୍ତାନଗଣ । ସେମାନଙ୍କ ଜୀବନରେ ପୂର୍ଣ୍ଣାଙ୍ଗ ବିକାଶର ଜ୍ଞାନ ନ ଥିବାରୁ ପଢ଼ାଲେଖା ଜାଣିଥିବା ବ୍ୟକ୍ତିଙ୍କ ସକାଶେ କେବଳ ପରାଧୀନ ଚାକିରିହିଁ ଗୌରବ ବୋଲି ସେମାନଙ୍କ ସଂସ୍କାରରେ ପରିଣତ ହୋଇ ଯାଇଥାଏ । ସେମାନଙ୍କ ଦୃଷ୍ଟିରେ ''ସ୍ୱାବଲମ୍ବୀ କୃଷି ତଥା ଅନ୍ୟାନ୍ୟ ଶାରୀରିକ ପରିଶ୍ରମ କରିବା ବ୍ୟକ୍ତି ମୂର୍ଖ ଏବଂ ନୀଚ ଶ୍ରେଣୀର । ଅନ୍ୟର ଅଧୀନରେ ଚାକିରି କରିବା, ମାଲିକର ନିର୍ଦ୍ଦେଶରେ ପରିଚାଳିତ ହେବା ଗୌରବର ବିଷୟ ।'' ଏହି ଭୁଲ୍ ଧାରଣା ବ୍ୟକ୍ତିର ସଂସ୍କାରରେ ପରିଣତ ହୋଇଅଛି । ବୁଦ୍ଧି ସ୍ୱଭାବତଃ ଅର୍ଦ୍ଧଜ୍ଞାନ ବିଶିଷ୍ଟ । ସେଥିରେ ଆତ୍ମାର ପ୍ରକାଶ ନ ପଡ଼ିବା ଯୋଗୁଁ ଏହି ଭ୍ରମଧାରଣା ହୋଇଅଛି । ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ଦ୍ୱାରା ଆତ୍ମାର ପ୍ରଭାବ ବୁଦ୍ଧିରେ ପଡ଼ିଲେ ସେ ଜୀବନ-ଲକ୍ଷ୍ୟର ମହାନତା ଅନୁଭବ କରିପାରିବ । ତେବେ ଜୀବନର ପୂର୍ଣ୍ଣତା ସକାଶେ ଶାରୀରିକ କର୍ମ ଦ୍ୱାରା ଶରୀରର ବିକାଶ ଅନିବାର୍ଯ୍ୟ ବୋଲି ସେ ହୃଦୟଙ୍ଗମ କରିବ ଏବଂ ଶାରୀରିକ କର୍ମରେ ନୀଚ ଧାରଣା କରିବ ନାହିଁ । ବ୍ୟକ୍ତିର ମନ-ପ୍ରାଣ-ଶରୀର ସହିତ ଆତ୍ମବିକାଶରେ ଜୀବନର ପୂର୍ଣ୍ଣତା — ଏହି ଲକ୍ଷ୍ୟ ଗ୍ରହଣ କଲେ ସେ ଶିଶୁ ଅବସ୍ଥାରୁ ବ୍ୟାୟାମ ତଥା ଶାରୀରିକ କର୍ମ କରିବାକୁ ଆରମ୍ଭ କରିବ । ସେ ପଢ଼ା ଶେଷ କରିବା ସଙ୍ଗେ ସଙ୍ଗେ ବେକାର ହୋଇ ଚାକିରି ସକାଶେ ବୁଲି ଜୀବନ ନଷ୍ଟ କରିବ ନାହିଁ । ସେ କର୍ମରେ ପ୍ରବୃତ୍ତ ହେବ ଏବଂ କର୍ମର ବହୁ ପ୍ରକାର ପ୍ରେରଣା ପାଇବ । ଅଭାବଗ୍ରସ୍ତ ହେବ ନାହିଁ କିଂବା ଆଳସ୍ୟର କବଳରେ ପଡ଼ି ଜୀବନ ନଷ୍ଟ କରିବ ନାହିଁ । ସେ ଜୀବନର ସର୍ବାଙ୍ଗୀନ ବିକାଶ ତଥା ପୂର୍ଣ୍ଣତା ଲକ୍ଷ୍ୟକୁ ଗ୍ରହଣ

କରି ଲକ୍ଷ୍ୟପ୍ରାପ୍ତିର ଉପାୟରୂପେ ଶାରୀରିକ ବ୍ୟାୟାମ ତଥା କର୍ମ, ପ୍ରାଣର ବିକାଶ ସକାଶେ ଶିଳ୍ପକଳା ଏବଂ ପ୍ରାଣର ସଂଯମ, ମନର ବିକାଶ ସକାଶେ ବିଦ୍ୟାଶିକ୍ଷା, ଆତ୍ମାର ବିକାଶ ସକାଶେ ମନ-ପ୍ରାଣ-ଶରୀରରେ ସମସ୍ତ ଆବଶ୍ୟକ ଉତ୍ତମ କର୍ମ ଲକ୍ଷ୍ୟପ୍ରାପ୍ତିର ଉପାୟରୂପେ କରି ମା'ଙ୍କ ଚରଣରେ ସମର୍ପଣ କରିବ ।

ଉପାୟ

ସଂସାରରେ ଜଣକୁ ବାଦ୍ ନ ଦେଇ ଆବାଳବୃଦ୍ଧବନିତା ସମସ୍ତ ବ୍ୟକ୍ତିଙ୍କ ଜୀବନର ଏହି ଗୋଟିଏ ଲକ୍ଷ୍ୟ, ମନ-ପ୍ରାଣ-ଶରୀର ସହିତ ଆତ୍ମାର ପୂର୍ଣ୍ଣ ବିକାଶରେ ଜୀବନର ପୂର୍ଣ୍ଣତା ହୋଇଥିବାରୁ ଗୋଟିଏ ପ୍ରଣାଳୀରେ ସମସ୍ତ ବ୍ୟକ୍ତି ଏହି ଲକ୍ଷ୍ୟକୁ ବୁଝି ପାରିବେ ନାହିଁ କିଂବା ଗ୍ରହଣ କରି ତା'ର ପ୍ରାପ୍ତି ସକାଶେ ଉପାୟ କରି ପାରିବେ ନାହିଁ ।

ଛାତ୍ରଛାତ୍ରୀମାନଙ୍କ ସକାଶେ ଉତ୍ତମ ପ୍ରଣାଳୀ ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷା । ସେମାନେ ଶିକ୍ଷା ଦ୍ୱାରା ଜୀବନର ଲକ୍ଷ୍ୟ ସନ୍ଧାନ ପାଇବା ସଙ୍ଗେ ସଙ୍ଗେ ମନ-ପ୍ରାଣ-ଶରୀର ତଥା ଆତ୍ମାର ବିକାଶ ସକାଶେ କର୍ମର ଶିକ୍ଷା ମଧ୍ୟ ପାଇ ପାରିବେ । ଛାତ୍ରଛାତ୍ରୀମାନଙ୍କ ଯୋଗୁଁ ସେମାନଙ୍କ ପିତାମାତାମାନେ ଜୀବନର ପୂର୍ଣ୍ଣତା ଲକ୍ଷ୍ୟର ମହତ୍ତ୍ୱ ହୃଦୟଙ୍ଗମ କରିବେ ଏବଂ ଆଚରଣ କରିବେ ଯଦ୍ଦ୍ୱାରା ପାରିବାରିକ ଜୀବନ ଶାନ୍ତିଶୃଙ୍ଖଳାରେ ପରିଚାଳିତ ହେବ । ଗୃହରେ କଳି, ବାଦବିବାଦ, ମନୋମାଳିନ୍ୟ ହେବ ନାହିଁ । ପ୍ରତ୍ୟେକ ବ୍ୟକ୍ତି ବିଭିନ୍ନ କର୍ମ କରିବା ଦ୍ୱାରା ଅଭାବ ଦୂର ହେବ, ଜୀବନ ଶାନ୍ତି-ସୁଖମୟ ହେବ ଏବଂ କ୍ରମଶଃ ଆଳସ୍ୟ, ନିଦ୍ରା, ରୋଗ ଆଦି କମ୍ ହେବାକୁ ଲାଗିବ । ଏହି ଉପକାରିତା ସେମାନେ ହୃଦୟଙ୍ଗମ କଲେ ଆଗ୍ରହରେ ଆଚରଣ କରିବାକୁ ଆରମ୍ଭ କରିବେ ଏବଂ ସଙ୍ଗେ ସଙ୍ଗେ ସଦ୍ୟ ଫଳ ମଧ୍ୟ ଉପଲବ୍ଧି କରି ପାରିବେ ।

ଅନ୍ୟମାନେ ଏହି ଲକ୍ଷ୍ୟ ଗ୍ରହଣ କରିବେ ପାଠଚକ୍ର, ମହିଳା ପାଠଚକ୍ର ତଥା ସାଧନା କେନ୍ଦ୍ର ମାଧ୍ୟମରେ ।

ପୂର୍ଣ୍ଣାଙ୍ଗ ଶିକ୍ଷା

ପୂର୍ଣ୍ଣାଙ୍ଗ ଶିକ୍ଷାର ଛାତ୍ରଛାତ୍ରୀମାନେ ମନର ବିକାଶ ସକାଶେ ବିଦ୍ୟାଧ୍ୟୟନ କରିବେ, ପ୍ରାଣର ବିକାଶ ସକାଶେ ଚିତ୍ରାଙ୍କନ, ସଙ୍ଗୀତ, ନାଟ୍ୟ, ସିଲାଇ କାର୍ଯ୍ୟ, ବୁଣାବୁଣି କରିବା ତଥା ଅନ୍ୟାନ୍ୟ ଚାରୁକଳାପୂର୍ଣ୍ଣ କାର୍ଯ୍ୟ କରିବା ସହିତ ପ୍ରାଣର ସଞ୍ଜମ ରକ୍ଷାକରିବେ । ଶରୀର ବିକାଶ ସକାଶେ ବ୍ୟାୟାମ ଏବଂ ପ୍ରତିଦିନ ଏକ ଘଣ୍ଟା ଅଥବା ଅଧଘଣ୍ଟା ସମୟ ଦେଇ ସ୍କୁଲ୍ ବଗିଚାରେ ଫୁଲଫଳ ଗଛ ଲଗାଇବେ ଏବଂ ସେଥିରେ ଜଳ ଦେବେ । ଆତ୍ମବିକାଶ ସକାଶେ ମନ-ପ୍ରାଣ-ଶରୀରର ସମସ୍ତ କର୍ମ ଲକ୍ଷ୍ୟପ୍ରାପ୍ତି ମନୋଭାବରେ ମା'ଙ୍କୁ ସମର୍ପଣ କରିବେ ।

ପାଠଚକ୍ରର ମେମ୍ବର, ସାଧନାଳୟରେ ସମ୍ପର୍କ ରଖିଥିବା ବ୍ୟକ୍ତି ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କ ପିତାମାତା (ଘରର ସମସ୍ତ ପରିବାର – ପିତାପୁତ୍ର, ଶାଶୁ, ବୋହୂ, ପୁଅ-ଝିଅମାନେ) ପ୍ରତିଦିନ ଏକ ଘଣ୍ଟା ବାଡ଼ିରେ ଶାରୀରିକ କାର୍ଯ୍ୟ କରିବେ । ବାଡ଼ିରେ ଦେଶୀ ଆଳୁ, ଅମୃତଭଣ୍ଡା, କଲରା, ଲଙ୍କାମରିଚ, କଖାରୁ, ଖଡ଼ାଲେଉଟିଆ ଶାଗ ଇତ୍ୟାଦି ପନିପରିବା ଚାଷ କରିବେ । ଘରେ ଝିଅବୋହୂମାନେ ସିଲାଇ କରିବେ, ମୋଜା, ସ୍ୱେଟର୍, ବ୍ୟାଗ ଇତ୍ୟାଦି ବୁଣିବେ । ଗୃହରେ ଗୋରୁ, ଗାଈ ପାଳିବେ । ଏହି ସମସ୍ତ କର୍ମ ଲକ୍ଷ୍ୟ ପ୍ରାପ୍ତିର ସାଧନାରୂପେ ସମ୍ପାଦନ କରି ମା'ଙ୍କ ଚରଣରେ ସମର୍ପଣ କରିବା ଦ୍ୱାରା ଆତ୍ମା ଅଧିକରୁ ଅଧିକ ବିକାଶ ହେବ ଏବଂ ଅତିମାନସ ଶକ୍ତି ମନ-ପ୍ରାଣ-ଶରୀରରେ ରୂପାନ୍ତର କ୍ରିୟା କରିବାକୁ ଆରମ୍ଭ କରିବ । ରୂପାନ୍ତର କ୍ରିୟା ସଙ୍ଗେ ସଙ୍ଗେ କ୍ରମଶଃ ଅତିମାନସ ଶକ୍ତି ତଥା ଆତ୍ମାର ପ୍ରକାଶ ପଡ଼ିବ ମନ-ପ୍ରାଣ-ଶରୀରରେ ଯାହା ଫଳରେ ବ୍ୟକ୍ତି ଯେଉଁ କାର୍ଯ୍ୟ କରୁଥିବ ସେଥିରେ ଅସାଧାରଣ ଦକ୍ଷତା ପ୍ରାପ୍ତ କରିବ ଏବଂ ଉତ୍ତମରୂପେ ସମ୍ପାଦନ କରିପାରିବ । ବିଦ୍ୟାର୍ଥୀମାନେ ଉତ୍ତମରୂପେ ପଢ଼ିପାରିବେ, ଡାକ୍ତରମାନେ

ସହଜରେ ରୋଗ ଚିହ୍ନି ଉପଯୁକ୍ତ ଔଷଧର ବ୍ୟବସ୍ଥା କରିପାରିବେ, ଇଞ୍ଜିନିୟରମାନେ ସହଜରେ ଜଟିଳ କାର୍ଯ୍ୟର କୌଶଳ ବୁଝିପାରିବେ, ବୈଜ୍ଞାନିକମାନେ ଆଶ୍ଚର୍ଯ୍ୟଜନକ ବସ୍ତୁ ଆବିଷ୍କାର କରିପାରିବେ । ଯେଉଁ ସଂସ୍ଥାରେ ଏପରି ବ୍ୟକ୍ତି କାର୍ଯ୍ୟ କରିବେ ସେମାନେ ଆନ୍ତରିକତା ସହ ଉତ୍ତମରୂପେ ଆଗ୍ରହରେ କର୍ମ କରି ସମର୍ପଣ କରିପାରିବେ, ଠକିବାର ପ୍ରଶ୍ନ ଉଠିବ ନାହିଁ । କାରଣ ସେମାନଙ୍କ କର୍ମ ହେବ ଅକଳ୍ପନୀୟ ଗୌରବପୂର୍ଣ୍ଣ ଲକ୍ଷ୍ୟ ପ୍ରାପ୍ତିର ସାଧନା । ଏହି ମନୋଭାବରେ କର୍ମ ହେଲେ ସଂସ୍ଥାର ତଥା ଦେଶର ମହାନ୍ ଉନ୍ନତି ହେବ ଏବଂ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାରାଦି ଦୁର୍ନୀତି ସ୍ୱତଃସ୍ଫୂର୍ତ୍ତଭାବେ ଦୂର ହେବ ।

ପଢ଼ା ଶେଷ କରିବା ପରେ ବ୍ୟକ୍ତି ଚାକିରି ନ ପାଇ ବେକାର ହୋଇ ବୁଲିବେ ନାହିଁ । ନିଜ ମଧ୍ୟରୁ ନାନା ପ୍ରକାର କର୍ମର ପ୍ରେରଣା ପାଇବେ । ଜୀବନର ପୂର୍ଣ୍ଣତା ସକାଶେ ତଥା ଶରୀର-ରୂପାନ୍ତର ସକାଶେ, ଶାରୀରିକ ଚେତନା ଜାଗ୍ରତ୍ ହେବା ସକାଶେ ଶାରୀରିକ କର୍ମ ଅନିବାର୍ଯ୍ୟ ଜାଣି ସେ କର୍ମରେ ଛୋଟ ବଡ଼ ବିଚାର କରିବେ ନାହିଁ, ବରଂ ଶାରୀରିକ ପରିଶ୍ରମ କାର୍ଯ୍ୟକୁ ଅଧିକ ପସନ୍ଦ କରିବେ ଏବଂ ଶାରୀରିକ କର୍ମ ଦ୍ୱାରା ଯଥେଷ୍ଟ ଉପାର୍ଜନ କରିପାରିବେ ।

ଜୀବନର ପୂର୍ଣ୍ଣତା ଲକ୍ଷ୍ୟ ଗ୍ରହଣ କରି ତା'ର ପ୍ରାପ୍ତି ସକାଶେ ସାଧନାରୂପେ ସମସ୍ତ କର୍ମ କରି ସମର୍ପଣ କରିବା ଦ୍ୱାରା ଜାଗତିକ କର୍ମରେ ଉନ୍ନତି ଏବଂ ଦେଶ ସମୃଦ୍ଧିଶାଳୀ ହେବା ସଙ୍ଗେ ସଙ୍ଗେ ଆତ୍ମେମାନେ ଆନ୍ତର ବିକାଶ କରିବା ଏବଂ ଯେଉଁ ମୁକ୍ତି ନିର୍ବାଣ ଭଗବତ୍ ପ୍ରାପ୍ତି ସକାଶେ ସନ୍ନ୍ୟାସୀମାନେ ଗୃହ, ସଂସାର, ମନ-ପ୍ରାଣ-ଶରୀର ତଥା ସମସ୍ତ କର୍ମ ତ୍ୟାଗ କରୁଥିଲେ, ସେହି ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି ଏହି ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ପାଇପାରିବା ଏବଂ ଯେଉଁ ପରମାନନ୍ଦ ସକାଶେ ଭଗବାନ୍ ସୃଷ୍ଟି ସର୍ଜନା କରିଛନ୍ତି, ଆତ୍ମେମାନେ ସୃଷ୍ଟି ଆରମ୍ଭରୁ ଯେଉଁ ଲକ୍ଷ୍ୟ ପ୍ରାପ୍ତିକୁ ଚାହିଁ ଆସିଛୁ ତାହା ପ୍ରାପ୍ତ କରିପାରିବା । ଏହି ମୃତ୍ୟୁପୁରୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ହେବ । ଏପରି ମହାନ୍ ସୁଯୋଗ ଆତ୍ମମାନଙ୍କ ସମ୍ମୁଖରେ ବିଦ୍ୟମାନ ଅଛି, ଏହାକୁ ବୁଝିବାରେ ମଧ୍ୟ ଅସୁବିଧା ନାହିଁ, ତଥାପି ଆତ୍ମମାନଙ୍କ ମନ-ପ୍ରାଣ-ଶରୀର ବିକୃତ ଅଜ୍ଞାନତତ୍ତ୍ୱରୁ ଆସିଥିବା ଯୋଗୁଁ ଏତେ ସ୍ପଷ୍ଟ, ଏତେ ପ୍ରତ୍ୟକ୍ଷ ଲକ୍ଷ୍ୟକୁ ବୁଝିବାରେ ତଥା ଗ୍ରହଣ କରିବାରେ କଠିନ ହେଉଅଛି । ନିମ୍ବ ପିତା ଚୋବାଇବା ପରେ ରସଗୋଲା ଖାଇଲେ ସୁସ୍ୱାଦୁ ରସଗୋଲା ପିତା ଲାଗିବା ସଦୃଶ ଏତେ ଉତ୍ତମ ବସ୍ତୁକୁ ଆମର କୁସଂସ୍କାର ଯୋଗୁଁ ଆମେ ବୁଝି ପାରୁ ନାହୁଁ କିଂବା ତା'ର ସଦ୍ୟ ଉତ୍ତମ ଫଳ ଅନୁଭବ କରି ପାରୁ ନାହୁଁ । କିନ୍ତୁ ପିତା ମୁଖରେ ରସଗୋଲା ଖାଇ ଚାଲିଲେ ମୁଖରେ ଥିବା ପିତା କ୍ରମଶଃ ଦୂର ହେବ ଏବଂ ରସଗୋଲାର ଯଥାର୍ଥ ସ୍ୱାଦ ଅନୁଭବ ହେବା ସଦୃଶ ଆତ୍ମେମାନେ ଜୀବନର ପୂର୍ଣ୍ଣତା, ଏହି ଅନିବାର୍ଯ୍ୟ ଲକ୍ଷ୍ୟକୁ ଗ୍ରହଣ କରି ତା'ରି ପ୍ରାପ୍ତି ସକାଶେ ସାଧନାରୂପେ କର୍ମ କରି ଚାଲିଲେ ତା'ର ମହତ୍ତ୍ୱ ହୃଦୟଙ୍ଗମ କରିପାରିବା ଏବଂ ଉପଲବ୍ଧି କରିପାରିବା । ଏହାରି ଦ୍ୱାରାହିଁ ବେକାର ସମସ୍ୟାର ସମାଧାନ ହେବ, ଦେଶରୁ ଅସତ୍ୟ, ଅନ୍ୟାୟ, ଦୁର୍ନୀତି ଦୂର ହେବ ଏବଂ ଏହି ମୃତ୍ୟୁପୁରୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ ।

ଭକ୍ତ ଚରିତ

ସିଦ୍ଧ ମହାତ୍ମା

ଭୂମିକା

ଅଧ୍ୟାତ୍ମ ଜଗତର ମହାପୁରୁଷମାନଙ୍କର ଜୀବନୀ ଲେଖିବା ଏକାନ୍ତ ଦୁରୁହ ବ୍ୟାପାର । କାରଣ ସେମାନଙ୍କର ଯଥାର୍ଥ ଜୀବନ ଏବଂ ବ୍ୟକ୍ତିତ୍ୱ ଅନ୍ତର୍ମୁଖୀ । ଏକମାତ୍ର ଦିବ୍ୟଦୃଷ୍ଟିସମ୍ପନ୍ନ ଜଣେ ମହାପୁରୁଷ ହୁଏତ ଆଉ ଜଣେ ମହାପୁରୁଷର ପ୍ରକୃତ ଜୀବନକୁ ଉପଲବ୍ଧି କରିପାରନ୍ତି । ଆମ୍ଭେମାନେ ନିମ୍ନଚେତନାରେ ବାସ କରୁଥିବାରୁ ମହାତ୍ମାଙ୍କର ଯଥାର୍ଥ ପରିଚୟ ସମ୍ବନ୍ଧରେ ଅନଭିଜ୍ଞ ରହୁ, ତଥାପି ତାଙ୍କର ଯତ୍‌କିଞ୍ଚିତ୍ ଗୁଣଗାନ କରି ମଧ୍ୟ ନିଜର କଲ୍ୟାଣ ମାର୍ଗରେ ପ୍ରବେଶ କରିବାରୁ ବଞ୍ଚିତ ହେଉ ନାହିଁ ।

ବାବା ରଘୁନାଥ ଦାସଙ୍କର ମହନୀୟ ଜୀବନବୃତ୍ତାନ୍ତ ଉତ୍ତର ପ୍ରଦେଶରେ, ବିଶେଷତଃ ଫଏଜାବାଦ, ବାରବଙ୍କି, ଲକ୍ଷ୍ନୌ, ସୀତାପୁର, ରାୟବାରଲି ଜିଲ୍ଲାମାନଙ୍କରେ ଏତେ ପ୍ରସିଦ୍ଧ ଓ ଜନପ୍ରିୟ ଯେ ଏବେ ବି ଲୋକେ ସେ ବିଷୟ ଶ୍ରଦ୍ଧାପ୍ଲୁତ ହୃଦୟରେ ଚର୍ଚ୍ଚା କରନ୍ତି । ଏବେ ମଧ୍ୟ ବାବା ରଘୁନାଥ ଦାସଙ୍କର ମଠ ''ବଡ଼ଛାଉଣୀ'' ନାମରେ ଅଯୋଧ୍ୟାରେ ପ୍ରଖ୍ୟାତ । ଦୈନିକ ସେଠାରେ ଦୁଇ ତିନି ଶହ ସାଧୁସନ୍ଥ ଭୋଜନ କରନ୍ତି । ଉତ୍ସବ ଦିନମାନଙ୍କରେ ସହସ୍ରାଧିକ ସାଧୁସନ୍ଥଙ୍କ ସମାଗମ ଓ ଭୋଜନ ହୁଏ । ବର୍ତ୍ତମାନ ବାବା ରଘୁନାଥ ଦାସଙ୍କ ଗାଦିରେ ଚତୁର୍ଥ ମହନ୍ତ ରୂପେ ବାବା କୌଶଲକିଶୋର ଦାସ ଅଧିଷ୍ଠିତ ଅଛନ୍ତି ।

ମୋର ଗୁରୁଦେବ ଶ୍ରୀରାମଚରଣ ଦାସ ମୌନୀ ବାବା, ତଦୀୟ ଜ୍ୟେଷ୍ଠ ଗୁରୁଭ୍ରାତା ବାବା ମଧୁସୂଦନ ଦାସ ତଥା ଅନ୍ୟାନ୍ୟ ବହୁ ଅବଧବାସୀଙ୍କ ନିକଟରୁ ମୁଁ ବାବା ରଘୁନାଥ ଦାସଙ୍କ ଜୀବନର ଘଟଣାବଳୀ ସଂଗ୍ରହ କରିଥିଲି । ତାହାଛଡ଼ା ହିନ୍ଦୀ ଭାଷାରେ କାବ୍ୟାକାରରେ ମୁଦ୍ରିତ ତାଙ୍କର ବିଖ୍ୟାତ ଜୀବନଚରିତ ''ରଘୁନାଥ ହାଟ'' ତଥା ମୋ ଗୁରୁଦେବଙ୍କ ରଚିତ ''ବିଶ୍ରାମ ସାଗର'' ଗ୍ରନ୍ଥ ସାହାଯ୍ୟରେ ଏହି ଜୀବନୀଟି ଭଗବାନଙ୍କ କୃପାରୁ ରଚିତ ହୋଇପାରିଛି । ଭକ୍ତ ପାଠକମାନଙ୍କୁ ମହାତ୍ମା ରଘୁନାଥ ଦାସଜିଙ୍କ ଜୀବନଚରିତମୂଳକ ଏହି ଗ୍ରନ୍ଥଟି ବୈରାଗ୍ୟ ଭଗବତ୍ ଭକ୍ତିର ପ୍ରେରଣା ଦେଇପାରିବ ବୋଲି ଦୃଢ଼ ବିଶ୍ୱାସ ।

— ଲେଖକ

ସିଦ୍ଧ ମହାତ୍ମା

ସନ୍ଥ-ଶିରୋମଣି ସିଦ୍ଧଭକ୍ତ ମହାପୁରୁଷ ଶ୍ରୀ ନାଭାଜି ନିଜ ଭକ୍ତମାଳାର ବନ୍ଦନାରେ ଲେଖିଛନ୍ତି :

''ଭକ୍ତି ଭକ୍ତ ଭଗବନ୍ତ ଗୁରୁ ଚତୁର ନାମ ବପୁ ଏକ
ଇନକେ ପଦ ବନ୍ଦନ କିଏ ନାଶତ ବିଘ୍ନ ଅନେକ ।''

ଅର୍ଥାତ୍, ଭକ୍ତି, ଭକ୍ତ, ଭଗବାନ୍, ଗୁରୁ – ଏହି ଭିନ୍ନ ଭିନ୍ନ ଚାରି ନାମ, କିନ୍ତୁ ସ୍ୱରୂପତଃ ଏକ । ଏହାଙ୍କ ଚରଣ ବନ୍ଦନା କଲେ ଅନେକ ବିଘ୍ନ ନାଶ ହୁଏ ।

''ସନ୍ତନ ନିରନୈ କିୟୋମଛି ଶ୍ରୁତି ପୁରାନ ଇତିହାସ
ଭଜିବେ କୋ ଦୁଇ ସୁଘର କୈ ହରି କୈ ହରି କେ ଦାସ ।''

ଅର୍ଥାତ୍, ସବୁ ସଚ୍ଚ ଶ୍ରୁତି, ପୁରାଣ, ଇତିହାସକୁ ମନ୍ଥନ କରି ଏହାହିଁ ନିର୍ଣ୍ଣୟ କଲେ ଯେ ହରି (ଭଗବାନ୍) ଅଥବା ହରିଙ୍କ ଦାସଙ୍କୁ ଭଜନ କରିବା ଉତ୍ତମ (ଏକମାତ୍ର ପରମ ଆବଶ୍ୟକ) ।

ଗୋସ୍ୱାମୀ ଶ୍ରୀ ତୁଳସୀ ଦାସଜି ତାଙ୍କ ପରମ ପ୍ରସିଦ୍ଧ ରାମାୟଣରେ ଲେଖିଛନ୍ତି :

''ମୋରେ ମନ ପ୍ରଭୁ ଅସ ବିଶ୍ୱାସା ।
ରାମତେ ଅଧିକ ରାମକର ଦାସା ।
ରାମସିନ୍ଧୁ ଘନ ସଜ୍ଜନ ଧୀରା ।
ଚନ୍ଦନ ତରୁହରି ସନ୍ତସମୀରା ।''

ଅର୍ଥାତ୍, ହେ ପ୍ରଭୁ ! ମୋର ଏହି ବିଶ୍ୱାସ ଯେ ଶ୍ରୀରାମଚନ୍ଦ୍ରଙ୍କଠାରୁ ତାଙ୍କ ଦାସ (ଭକ୍ତ) ଶ୍ରେଷ୍ଠ, କାରଣ ରାମଚନ୍ଦ୍ର ସମୁଦ୍ର, ଧୀର ସଜ୍ଜନ ମେଘ, ହରି ଚନ୍ଦନତରୁ ସଚ୍ଚ ସମୀର ।

ସଚ୍ଚ ମହାପୁରୁଷଙ୍କ ଜୀବନଚରିତ ପଠନ ଦ୍ୱାରା ଭଗବାନଙ୍କ ଦୟା, କରୁଣା, ଭକ୍ତି, ବାତ୍ସଲ୍ୟାଦି ଦିବ୍ୟଗୁଣରେ ବିଶ୍ୱାସ ହୁଏ, ଭଗବାନଙ୍କ ସର୍ବଶକ୍ତିମତ୍ତା ଏବଂ ସର୍ବରକ୍ଷଣତା ପ୍ରତି ନିର୍ଭରତା ଜନ୍ମେ । ବ୍ୟକ୍ତି ସାଧନାରେ ପ୍ରବୃତ୍ତ ହୋଇ ଭଗବାନଙ୍କୁ ପ୍ରାପ୍ତ କରି ଜନ୍ମ-ମରଣ ଘୋର ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ । ଏହି କାରଣରୁ ଆସ୍ତେମାନେ ଆଜି ମହାତ୍ମା ବାବା ରଘୁନାଥ ଦାସଜି ମହାରାଜଙ୍କର ଜୀବନର କେତେକ ଘଟନା ସଂକ୍ଷେପରେ ଗାନ କରି ନିଜକୁ କୃତାର୍ଥ କରିବା ।

ବାବା ଶ୍ରୀ ରଘୁନାଥ ଦାସଜି ମହାରାଜଙ୍କ ପୂର୍ବପୁରୁଷମାନେ ବାସ କରୁଥିଲେ ଅବଧପ୍ରାନ୍ତ (ଉତ୍ତର ପ୍ରଦେଶ) ଅଯୋଧ୍ୟା ଏବଂ ଲକ୍ଷ୍ନୌର ନିକଟବର୍ତ୍ତୀ ସୀତାପୁର ଜିଲ୍ଲାର ପଏନ୍ତପୁର ଗ୍ରାମରେ । ସେ କାନ୍ୟକୁବ୍ଜ ବ୍ରାହ୍ମଣ ଥିଲେ । କୁଳପରମ୍ପରା ଅନୁସାରେ ସେମାନେ ରାଜଗୁରୁ, ଶାସ୍ତ୍ରବେତ୍ତା, ପଣ୍ଡିତ, ସଦାଚାରୀ, ଧର୍ମନିଷ୍ଠ ବ୍ରାହ୍ମଣ ଥିବା ସତ୍ତ୍ୱେ ସଚ୍ଚସେବାରେ ସେମାନଙ୍କର ଶ୍ରଦ୍ଧା ଥିଲା । ବହୁତ ସଚ୍ଚ ମହାତ୍ମା ତାଙ୍କ ଘରକୁ ଆସୁଥିଲେ । ଥରେ ଏକ ସଚ୍ଚମଣ୍ଡଳୀ ଆସି ତାଙ୍କ ଘର ପାଖରେ ତିନିଦିନ ବିଶ୍ରାମ କଲେ । ରଘୁନାଥଙ୍କ ପିତା ଦୁର୍ଗାପ୍ରସାଦ ଏବଂ ତାଙ୍କର ଅନ୍ୟ ଭାଇମାନେ ଭକ୍ତି ସହ ସଚ୍ଚସେବା କଲେ । ସେମାନେ ସେବାରେ ସନ୍ତୁଷ୍ଟ ହୋଇ ବିଦା ହୋଇଯିବା ସମୟରେ ସେହି ମଣ୍ଡଳୀର

ପ୍ରଧାନ ମହାତ୍ମା ଆଶୀର୍ବାଦ ଦେଇ କହିଲେ, ''ତୁମ୍ଭ କୁଳରେ ଗୋଟିଏ ତେଜସ୍ୱୀ, ଶକ୍ତିଶାଳୀ, ପରମ ଭାଗବତ ସୁତ ଉତ୍ପନ୍ନ ହେବ । ତୁମ୍ଭମାନଙ୍କ କୁଳକୁ ପବିତ୍ର କରି, ସଂସାରରେ ଭଗବାନ୍ ଶ୍ରୀରାମଚନ୍ଦ୍ରଙ୍କ ଭକ୍ତି ପ୍ରଚାର କରି ଭବସମୁଦ୍ରରେ ନିମଜ୍ଜିତ ଅସଂଖ୍ୟ ନରନାରୀଙ୍କୁ ଉଦ୍ଧାର କରିବ; ଏବଂ ନିଜର ଅମର କୀର୍ତ୍ତି ସଂସାରରେ ସ୍ଥାପନ କରିବ ।''

ଜନ୍ମ ତଥା ବାଲ୍ୟାବସ୍ଥା

କିଛି ଦିନ ପରେ ଦୁର୍ଗାପ୍ରସାଦଙ୍କ ପତିବ୍ରତା ଧର୍ମପତ୍ନୀଙ୍କର ଗର୍ଭଧାରଣ ହେଲା । ତାଙ୍କ ଶରୀରରେ ଗୋଟିଏ ଅଲୌକିକ ତେଜଃ (କାନ୍ତି) ପ୍ରକାଶିତ ହେଲା । ଘରର ଲୋକେ ଅନୁମାନ କଲେ ସମ୍ଭବତଃ ମହାତ୍ମାଙ୍କ ଆଶୀର୍ବାଦ ଫଳରୁ ଏହି ଗର୍ଭରୁ ପରମ ଭାଗବତ ପୁତ୍ର ଉତ୍ପନ୍ନ ହେବ । ଗର୍ଭବୃଦ୍ଧି ସଙ୍ଗେ ସଙ୍ଗେ କ୍ରମଶଃ ଘରର ସୁଖ ସମ୍ପଦ ବୃଦ୍ଧି ହେବାକୁ ଲାଗିଲା । ଶ୍ରାବଣ ଶୁକ୍ଳ ତୃତୀୟା ସମ୍ବତ୍ ୧୮୬୬, ଗୁରୁବାର ମଧ୍ୟାହ୍ନ କାଳରେ ବାବା ରଘୁନାଥ ଦାସଜି ମହାରାଜ ମାତାଗର୍ଭରୁ ଜନ୍ମଗ୍ରହଣ କଲେ । ଘର, ଗ୍ରାମ ଆନନ୍ଦରେ ଉଛୁଳି ପଡ଼ିଲା । ତାଙ୍କ ଘରେ ଜନ୍ମୋତ୍ସବ ବିଶେଷଭାବେ ପାଳନ କରାଗଲା । ସମାଜର ବିଧିବିଧାନ ଅନୁସାରେ ଷଷ୍ଠୀ, ବାରରାତ୍ରି ଯଥାବିଧିରେ ପାଳିତ ହୋଇ ପୁତ୍ରର ନାମ ରଘୁନାଥ ରଖାଗଲା ।

ରଘୁନାଥଙ୍କ ଶରୀର ଅତ୍ୟନ୍ତ ସୁନ୍ଦର, ଗୌରବର୍ଣ୍ଣ । ଶରୀର ବୃଦ୍ଧି ସଙ୍ଗେ ସଙ୍ଗେ ବଢ଼ିବାକୁ ଲାଗିଲା ବାଲ୍ୟଚପଳତା । ଦେଖିବା ଲୋକର ମନ ମୁଗ୍ଧ । ବାଲ୍ୟଚପଳ-ଲୀଳାରେ ଘର ତଥା ଗ୍ରାମର ଲୋକେ ଆନନ୍ଦରେ ବିଭୋର ।

ପ୍ରଭାବଶାଳୀ ପୁରୁଷଙ୍କ ବ୍ୟକ୍ତିତ୍ୱର ପରିଚୟ ବାଲ୍ୟାବସ୍ଥାରୁ ମିଳେ । ବାଲ୍ୟାବସ୍ଥାରେ ଖେଳିବା ସମୟରେ ତାଙ୍କ ସାଥୀ ବାଳକମାନେ ତାଙ୍କ ନିର୍ଦ୍ଦେଶ ପାଳନ କରନ୍ତି । ସେ ନିଜ ସାଥୀଙ୍କ ସଙ୍ଗେ ଖେଳିବା ସମୟରେ ସେମାନଙ୍କ ସଙ୍ଗେ ସୀତାରାମ ନାମକୀର୍ତ୍ତନ ଉଚ୍ଚ ସ୍ୱରରେ କରନ୍ତି । ଏବଂ କୀର୍ତ୍ତନ ପରେ ପଦ୍ମାସନରେ ବସି ଏକେବାରେ ଧ୍ୟାନମଗ୍ନ ହୋଇଯାନ୍ତି । ତାଙ୍କ ସାଥୀ ପିଲାମାନେ ପ୍ରଥମ କେତେଦିନ ତ' ଆଶ୍ଚର୍ଯ୍ୟ ହୋଇଗଲେ । ପରେ କ୍ରମଶଃ ବୁଝିପାରି ରଘୁନାଥଙ୍କୁ ଶ୍ରଦ୍ଧା ଓ ଭକ୍ତି କରିବାକୁ ଲାଗିଲେ । ଏହି ଘଟନା କ୍ରମଶଃ ସମସ୍ତ ଗ୍ରାମରେ ବ୍ୟାପ୍ତ ହୋଇଗଲା । ଲୋକେ ଭାବିଲେ ସନ୍ଥଙ୍କ ଆଶୀର୍ବାଦ ସତ୍ୟରେ ପରିଣତ ହେଲା, ରଘୁନାଥ ଦିନେ ପରମ ସନ୍ଥ ହେବ ଏବଂ ବହୁତ ପ୍ରାଣୀଙ୍କୁ ଭବସାଗରରୁ ଉଦ୍ଧାର କରିବ ।

ଉପଯୁକ୍ତ ସମୟରେ ରଘୁନାଥଙ୍କୁ ତାଙ୍କ ପିତା ପାଠଶାଳାକୁ ପଠାଇଲେ । ତାଙ୍କ ବୁଦ୍ଧି କୁଶାଗ୍ର ଥିଲା । କିନ୍ତୁ ତାଙ୍କ ମନ ଶ୍ରୀସୀତାରାମଙ୍କ ଚରଣ-କମଳ-ରସାସ୍ୱାଦନରେ ଏପରି ମୁଗ୍ଧ ଥିଲା ଯେ ତାଙ୍କୁ ପଢ଼ିବାକୁ ଭଲ ଲାଗୁ ନ ଥିଲା । ସେଥିଯୋଗୁଁ ସେ ବେଶୀ ପଢ଼ିପାରି ନ ଥିଲେ । ତଥାପି ବାଲ୍ୟାବସ୍ଥାରୁ ଘର ଓ ଗ୍ରାମର ବୟୋବୃଦ୍ଧ ବ୍ୟକ୍ତି ତାଙ୍କ ପରାମର୍ଶକୁ ଅମାନ୍ୟ କରୁ ନ ଥିଲେ । ତାଙ୍କ ଘରର ପରମ୍ପରା ଅନୁସାରେ ତାଙ୍କ ପୂର୍ବପୁରୁଷମାନେ ପାଞ୍ଚକଳସ ଚିନି ସରବତ୍ ଓ ନାନା ପ୍ରକାର ମିଷ୍ଟାନ୍ନ ଦେଇ ତାଜିଆକୁ ପୂଜା କରୁଥିଲେ । ରଘୁନାଥ ଏ ଘଟନା ଦେଖି ତାଙ୍କ ପିତାଙ୍କ ଜ୍ୟେଷ୍ଠଭ୍ରାତାଙ୍କୁ କହିଲେ, ''ନିଜ ଧର୍ମର ଇଷ୍ଟ ଶ୍ରୀରାମଚନ୍ଦ୍ରଙ୍କୁ ଛାଡ଼ି ଅନ୍ୟ ଧର୍ମର ଇଷ୍ଟଙ୍କୁ ପୂଜା କରିବା ଉଚିତ ନୁହେଁ । କୀର୍ତ୍ତନ କର, ଏହି ସରବତ୍ ଆଉ ମିଷ୍ଟାନ୍ନକୁ ଶ୍ରୀରାମଚନ୍ଦ୍ରଙ୍କ ଚରଣରେ ନିବେଦନ କରି ତାଙ୍କ ପ୍ରସାଦ ସେବନ କର । ଆଜିଠାରୁ ଆଉ ତାଜିଆ ପୂଜା କର ନାହିଁ ।'' ତାଙ୍କ ପିତାଙ୍କ ଜ୍ୟେଷ୍ଠଭ୍ରାତା ଥିଲେ ବିଦ୍ୱାନ୍ ପଣ୍ଡିତ । ବହୁତ ସମୟରେ କେତେକ ବିଦ୍ୱାନ୍ ଲୋକ ପୂର୍ବ ପନ୍ଥାକୁ କାଏମ ରଖିବାକୁ ଶାସ୍ତ୍ରର ଆଶ୍ରୟ ନିଅନ୍ତି । ସେ କହିଲେ, ''ଏକ ଈଶ୍ୱର ନାନାରୂପେ ପ୍ରଘଟ ହୋଇ ଅଛନ୍ତି, ଇଷ୍ଟରେ ପ୍ରଭେଦ କରିବା ଅଜ୍ଞାନତାର କାରଣ; ଅତଏବ ତାଜିଆ ପୂଜା କରିବା ଆମ୍ଭ ଇଷ୍ଟନିଷ୍ଠାର ବିରୋଧୀ ନୁହେଁ ।''

ରଘୁନାଥ ଉତ୍ତର ଦେଲେ, ''ସମାଜ-ଧର୍ମ ଓ ନୀତି ଦେଶ, କାଳ, ପାତ୍ର ଅନୁସାରେ ନିର୍ଦ୍ଧାରିତ ହୁଏ । ବର୍ତ୍ତମାନ କାଳରେ ଇଷ୍ଟ ଏବଂ ଧର୍ମରେ ସୀମିତ ନିଷ୍ଠାର ଆବଶ୍ୟକ । ଅନ୍ୟଥା ଈଶ୍ୱର ଏକ, ଏହି ବାକ୍ୟ-ଜ୍ଞାନକୁ ଆଶ୍ରୟ କରି

ତାଜିଆ ପୂଜା ଦ୍ୱାରା ହିନ୍ଦୁମାନଙ୍କୁ ମୁସଲମାନ ହେବାରେ ପ୍ରଶ୍ରୟ ମିଳିବ । ଏହି ଆଚରଣ ସମାଜର ବିରୋଧୀ । ଈଶ୍ୱର ଏକ– ଏହା ଏକେବାରେ ସତ୍ୟ । କିନ୍ତୁ ଏହା ବାକ୍ୟ-ଜ୍ଞାନରେ ନୁହେଁ, ଅନୁଭୂତିରେ ପ୍ରାପ୍ତ କରିବାକୁ ହେବ । ଏହି ଜ୍ଞାନ ପ୍ରାପ୍ତ କରିବା ପରେ ଯଦି ବ୍ୟକ୍ତି ସନ୍ନ୍ୟାସ ଗ୍ରହଣ ନ କରି ସମାଜରେ ରହେ, ତେବେ ତାକୁ ସମାଜର ଆଦର୍ଶ ଏବଂ ଶୃଙ୍ଖଳା ବଜାୟ ରଖିବାକୁ, ସମାଜର ନିୟମ ମଧ୍ୟ ପାଳନ କରିବାକୁ ହୁଏ ।'' ବାଳକ ରଘୁନାଥଙ୍କ କଥା ଯୁକ୍ତିଯୁକ୍ତ ଜାଣି ତାଙ୍କ ପିତାଙ୍କ ଜ୍ୟେଷ୍ଠଭ୍ରାତା ଏହି ପରାମର୍ଶ ସ୍ୱୀକାର କଲେ ।

ଯୌବନ ଅବସ୍ଥା ଏବଂ ବିବାହ

ଏବେ ରଘୁନାଥ ବାଲ୍ୟାବସ୍ଥାକୁ ଅତିକ୍ରମ କରି କୈଶୋର ଏବଂ ତତ୍‌ପରେ ଯୌବନ ଅବସ୍ଥାକୁ ପ୍ରାପ୍ତ ହେଲେ । ବୟସର ବୃଦ୍ଧି ସଙ୍ଗେ ସଙ୍ଗେ ତାଙ୍କର ସାଂସାରିକ ଯୋଗ୍ୟତା ଏବଂ ଭଗବତ୍ ଭକ୍ତି ଉଭୟ ବିକଶିତ ହେବାକୁ ଲାଗିଲା । ଭଗବତ୍ ଭକ୍ତି ଛଡ଼ା ମନୁଷ୍ୟ ଯେଉଁ ଭୌତିକ ଜ୍ଞାନ, କର୍ମକୌଶଳ, ନାମଯଶଃ ପ୍ରାପ୍ତି କରେ ତାହା ଅପୂର୍ଣ୍ଣ, ଅଶୁଦ୍ଧ, ଭ୍ରାନ୍ତିଯୁକ୍ତ ହୁଏ । ବହୁତ ସମୟରେ ତାହା ମନୁଷ୍ୟକୁ କୁମାର୍ଗରେ ପ୍ରେରିତ କରେ । ରଘୁନାଥଙ୍କର ଇଚ୍ଛା ନ ଥିବା ସତ୍ତ୍ୱେ ପୂର୍ବ ସଂସ୍କାର ଯୋଗୁଁ ପିତାମାତା ଏବଂ ଗୁରୁଜନଙ୍କ ଆଗ୍ରହରେ ସେ ଏକ ରୂପଶୀଳା, ଗୁଣଯୁକ୍ତା, ସୁଲକ୍ଷଣା କନ୍ୟାର ପାଣିଗ୍ରହଣ କଲେ । ରଘୁନାଥଙ୍କୁ ଘରର ପ୍ରତ୍ୟେକ ବ୍ୟକ୍ତି ନିଜ ସନ୍ତାନଠାରୁ ଅଧିକ ସ୍ନେହ କରନ୍ତି । ତେଣୁ ତାଙ୍କ ବିବାହ ବହୁ ସମାରୋହରେ କରାଗଲା । ତାଙ୍କ ପରିବାରର ବ୍ୟକ୍ତି ତାଙ୍କୁ ବିଷୟରଜ୍ଜୁରେ ବାନ୍ଧି ଦେଲେ ଏବଂ ତାଙ୍କଠାରୁ ବିୟୋଗ ହେବାର ଯେଉଁ ଆଶଙ୍କା ଥିଲା, ସେଥିରୁ ମୁକ୍ତ ହେଲେ ବୋଲି ମନେକଲେ ।

ମାତ୍ର, ଯେ ଥରେ ଭଗବତ୍ ପ୍ରେମାମୃତ ଆସ୍ୱାଦନ କରେ, ତାକୁ ବିଷୟ-ବନ୍ଧନ ସ୍ଥାୟିରୂପେ ବାନ୍ଧି ରଖିପାରେ ନାହିଁ । ରଘୁନାଥ ପରମା ସୁନ୍ଦରୀ ସଦ୍‌ଗୁଣବତୀ ସ୍ତ୍ରୀ ପାଇ ମଧ୍ୟ ସେଥିରେ ସୁଖୀ ହେଲେ ନାହିଁ । ଯେଉଁ ବିଷୟ-ସୁଖ ସକାଶେ ସଂସାରର ଲୋକ ପାଗଳ, ସେହି ସୁଖ ଜଣେ ଭଗବତ୍ ଭକ୍ତକୁ ଆବଦ୍ଧ କରି ରଖିପାରିଲା ନାହିଁ । ସେ ବାରଂବାର ଭାବିବାକୁ ଲାଗିଲେ ଯେଉଁ ଶରୀରର ଚର୍ମ ତଳେ ମାଂସ, ରକ୍ତ, ବିଷ୍ଠା ପରିପୂର୍ଣ୍ଣ, ଯେଉଁ ଚର୍ମ ଦୂର କରିଦେଲେ ସେହି ଶରୀର ଦେଖିବାକୁ ଘୃଣା ଲାଗେ; ତାହା ସକାଶେ ଜୀବନର ଉଦ୍ଦେଶ୍ୟ ଓ ପରମ ସୁଖକୁ ଜଳାଞ୍ଜଳି ଦେବା କେତେ ବଡ଼ ମୂର୍ଖତା ! ଏହା ଭାବି ସଂସାର ତ୍ୟାଗ କରି ଗଙ୍ଗାକୂଳରେ ଏକାନ୍ତରେ ସାଧନା କରିବାକୁ ସେ ସ୍ଥିର କଲେ । ବିବାହର ଖୁବ୍ ଅଳ୍ପଦିନ ପରେ ନବବିବାହିତା, ସୁକୁମାରୀ, ପତିପରାୟଣା ସୁନ୍ଦରୀ ପତ୍ନୀକୁ କିଛି ନ କହି, ପିତା, ମାତା ଏବଂ ପରିବାରର ଅନ୍ୟାନ୍ୟ ବ୍ୟକ୍ତିଙ୍କ ଅଜ୍ଞାତରେ ଦିନେ ପ୍ରାତଃକାଳରେ ଗୃହତ୍ୟାଗ କରି ଗଙ୍ଗାଭିମୁଖେ ଯାତ୍ରା କଲେ ।

ଗୃହତ୍ୟାଗ

କିଛିଦୂର ଯିବା ପରେ ଦୁଇଜଣ ସହପାଠୀ ମିତ୍ରଙ୍କ ସଙ୍ଗେ ତାଙ୍କର ଦେଖାହେଲା । ସେମାନଙ୍କୁ ନିଜ ମିତ୍ର ଜାଣି ସେମାନଙ୍କ ଆଗ୍ରହ ଓ ପ୍ରଶ୍ନର ଉତ୍ତରରେ ସେ ନିଜର ଯାତ୍ରାର ଅଭିପ୍ରାୟ କହିଦେଲେ । ସେମାନେ ଶୁଣିବା ମାତ୍ରେ ଶୀଘ୍ର ଯାଇ ରଘୁନାଥଙ୍କ ପିତାମାତାଙ୍କୁ ଖବର ଦେଇଦେଲେ । ଏହି ହୃଦୟବିଦୀର୍ଣ୍ଣକାରୀ ଖବର ଘରେ ଓ ଗ୍ରାମରେ ବ୍ୟାପିଗଲା । ଘର ଓ ଗ୍ରାମର ଲୋକମାନେ ବ୍ୟାକୁଳ ହୋଇ ଅଶ୍ରୁପୂର୍ଣ୍ଣ ନେତ୍ରରେ ରଘୁନାଥଙ୍କୁ ଫେରାଇ ଆଣିବା ସକାଶେ ତାଙ୍କ ମାର୍ଗ ଅନୁସରଣ କଲେ । ଛୋଟ ଛୋଟ ବାଳକ ଓ ଘରର ଅନ୍ୟାନ୍ୟ ବୋହୂମାନେ ଘରୁ ନ ବାହାରି ରଡ଼ିଛାଡ଼ି ରୋଦନ କଲେ । କିନ୍ତୁ ନବବିବାହିତା ଧର୍ମପତ୍ନୀର ଅବସ୍ଥା କ'ଣ ? ଅବଳା ସବୁ ସମୟରେ ଅବଳା । ତା'ର ଆଶ୍ରୟ କେଉଁଠି ? କିଶୋର ଅବସ୍ଥା ପର୍ଯ୍ୟନ୍ତ ପିତାମାତାଙ୍କର ଆଶ୍ରିତା, ତା'ର ସମସ୍ତ ଆଶା ଭରସା ପିତାମାତା । ଯେଉଁ ପିତାମାତା ତା'ର ରକ୍ଷକ, ଯାହାଙ୍କ ପାଖରେ ତା'ର ହୃଦୟ ଉନ୍ମୁକ୍ତ, ଯେଉଁମାନଙ୍କର କଲିଜାର ସେ ଏକ ଅଂଶବିଶେଷ, ତାଙ୍କ ସ୍ନେହର ସଞ୍ଚାଳି,

ହଠାତ୍ ଦିନେ ସେମାନଙ୍କଠାରୁ ତ୍ୟକ୍ତା ଓ ନିର୍ବାସିତା । ସେହି ଅବସ୍ଥା କିପରି ଦାରୁଣ ! ତାହା କିପରି ହୃଦୟବିଦାରକ ଦୁଃଖ ! ହାୟରେ ଦାରୁଣ ନିର୍ଦୟ ବିଧାତା ! ତୋତେ ଏତିକିରେ ସନ୍ତୋଷ ହେଲା ନାହିଁ; ଯେ ମୃତ ତାକୁ ପୁଣି ବିଷ ଦେବାରେ ତୁ ଟିକିଏ ପାଣ୍ଟାଉପଦ ହେଲୁ ନାହିଁ ! ବିଚାରୀ ଅବଳାର ପିତାମାତାଙ୍କ ବିଚ୍ଛେଦରେ ହୃଦୟ ଫାଟି ଯେଉଁ ସଦ୍ୟ ଘା' ହୋଇଥିଲା, ତାହା ସେପର୍ଯ୍ୟନ୍ତ ଶୁଖି ନ ଥିଲା । ନୂତନ ଆଶ୍ରୟଦାତା, ଜୀବନସାଥୀ, ହୃଦୟଦେବତା ପତିଙ୍କର ତୁ ବିଚ୍ଛେଦ କରାଇ ସେହି ସଦ୍ୟ ଘା'ରେ ଲବଣ ପକାଇଦେଲୁ ! ଅବଳା କ'ଣ ତୋର ଚିରଶତ୍ରୁ ? ତା'ପ୍ରତି ତୋର ଟିକିଏ ହେଲେ ଦୟା ନ ଥାଏ ? ସମସ୍ତେ ରଘୁନାଥଙ୍କୁ ଫେରାଇବାକୁ ଦୌଡ଼ି ଆସିଲେ । ବୋହୂ ବିଚାରୀ କ'ଣ କରିବ ? ସେ କ'ଣ ସମସ୍ତଙ୍କ ପରି ଦୌଡ଼ିଯାଇ ତା'ର ହୃଦୟଦେବତାର ମୁଖପଦ୍ମ ଥରେ ତୃପ୍ତ ନେତ୍ରରେ ଦେଖି ତା'ର ହୃଦୟାଗ୍ନିକୁ ଶୀତଳ କରିପାରିବ ? ଆରେ ନିଷ୍ଠୁର ସମାଜ ! ନିରାଶ୍ରୟା ଅବଳା ପ୍ରତି ତୋର ଏତେ ନୃଶଂସତା ? ଯିଏ ତା'ର ପ୍ରାଣର ଈଶ୍ୱର, ଯାହାର ଚରଣରେ ସେ ତନ, ମନ ସର୍ବସ୍ୱ ଅର୍ପଣ କରିଛି, ତା'ର ଅନ୍ତିମ ବିଚ୍ଛେଦରେ ଥରେ ତାକୁ ଦେଖିବା ସକାଶେ ଘରୁ ବାହାରିବାକୁ ତୋର ନିଷେଧାଜ୍ଞା ! ଏହି ଖବର ଶୁଣିବାମାତ୍ରେ ପ୍ରଜ୍ୱଳିତ ବିୟୋଗାଗ୍ନିରେ ତା'ର ଚେତନା ଶୂନ୍ୟ ହୋଇଗଲା । ସେ ଗଛ କାଟିଲା ପରି ମୂର୍ଚ୍ଛିତା ହୋଇ ଭୂମିରେ ପଡ଼ିଗଲା । ତାକୁ ସଚେତ କରାଇବା ବ୍ୟକ୍ତି ମଧ୍ୟ କେହି ନ ଥିଲେ ।

କିଛି ସମୟପରେ ପିତା, ମାତା-ପିତାଙ୍କ ଜ୍ୟେଷ୍ଠଭ୍ରାତା ଏବଂ ଘର ଓ ଗ୍ରାମର ଅନ୍ୟାନ୍ୟ ବ୍ୟକ୍ତିମାନେ ରଘୁନାଥଙ୍କୁ ଭେଟି ତାଙ୍କୁ ଘେରିଯାଇ ଉଚ୍ଚ ସ୍ୱରରେ କାନ୍ଦିବାକୁ ଲାଗିଲେ । ସେଠାରେ କାହାରି ମୁଖରେ ପଦେ କଥା ନାହିଁ, ସମସ୍ତଙ୍କ ମୁଖରେ ହୃଦୟବିଦାରକ ଶୋକାର୍ତ୍ତନାଦ, ନେତ୍ରରେ ତପ୍ତ ଅଶ୍ରୁଜଳ । ସେହି ଶୋକାର୍ତ୍ତ କୋଳାହଳ ଯୋଗୁଁ ନିକଟବର୍ତ୍ତୀ ଗ୍ରାମବାସୀ ଓ ପଥିକମାନେ ସେଠାରେ ଏକତ୍ର ହୋଇଗଲେ । ସମସ୍ତେ ଏକ ସ୍ୱରରେ କହିଲେ, ''ରଘୁନାଥ, ଆମ୍ଭମାନଙ୍କ ପ୍ରାଣ ସଙ୍ଗରେ ନେଇ ଶରୀର ଏଠାରେ ଛାଡ଼ିଯାଅ ନାହିଁ, ଘରକୁ ଫେରିଚାଲ ।'' ଯଦ୍ୟପି ଗୁରୁଜନ, ପିତାମାତା, ଭାଇ, ଭଉଣୀ, ସାଙ୍ଗସାଥୀମାନଙ୍କର ଅପାର ମୋହ, ଅସାଧାରଣ ସ୍ନେହମମତା ବନ୍ଧନ ଆଉ ସେମାନଙ୍କ ଦୈନ୍ୟ, କରୁଣ କ୍ରନ୍ଦନ ହୃଦୟକୁ ଦ୍ରବିତ କରି ଦେଉଥିଲା, ତଥାପି ରଘୁନାଥଙ୍କ ବୈରାଗ୍ୟ ଆଉ ଦୃଢ଼ ନିଶ୍ଚୟତାକୁ ତାହା ଭଙ୍ଗ କରିପାରିଲା ନାହିଁ । ଯାହାର ଯଥାର୍ଥ ଜ୍ଞାନ ଉଦୟ ହୋଇଛି, ଯେ ସଂସାରର କ୍ଷଣସ୍ଥାୟୀ ସ୍ୱପ୍ନତୁଲ୍ୟ ପରିବାର, ସାଙ୍ଗସାଥୀଙ୍କର ସ୍ୱରୂପକୁ ଜାଣିଛି, ଯେ କୁହୁକରୂପୀ ମୋହମାୟାକୁ ଭେଦ କରି, ତା' ପଶ୍ଚାତରେ ଥିବା ସତ୍ୟର ଦର୍ଶନ କରିଛି, ତାକୁ ପରିବାର, ସ୍ତ୍ରୀ, ପୁତ୍ରାଦିର ଆସକ୍ତି ବାନ୍ଧିପାରେ ନାହିଁ ।

ସେମାନେ ନିଜନିଜ ଶକ୍ତି ଅନୁସାରେ କହି ପୁଣି ବୁଝାଇ ରଘୁନାଥଙ୍କୁ ଘରକୁ ଫେରାଇ ନେବାକୁ ଖୁବ୍ ଆଗ୍ରହ ପ୍ରକାଶ କଲେ । କିନ୍ତୁ ରଘୁନାଥ ସେଥିରେ ସମ୍ମତ ନ ହୋଇ ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲେ, ''ମୁଁ ଗଙ୍ଗାସ୍ନାନ କରି କିଛିଦିନ ପରେ ଫେରିଆସିବି । ସେମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇ ରଘୁନାଥଙ୍କ ସଙ୍ଗେ ତାଙ୍କ ପିତାଙ୍କ ଭ୍ରାତୁଷ୍ପୁତ୍ର ମଥୁରାପ୍ରସାଦଙ୍କୁ ପଠାଇବାକୁ ବହୁତ ଆଗ୍ରହ ପ୍ରକାଶ କଲେ । ସେମାନଙ୍କ ଆଗ୍ରହ ସ୍ୱୀକାର କରି ସେମାନଙ୍କଠାରୁ ବିଦା ହୋଇ ସେ ଲକ୍ଷ୍ନୌ ଅଭିମୁଖେ ଯାତ୍ରା କଲେ । କୌଣସି ଉପାୟରେ ମଥୁରାପ୍ରସାଦଙ୍କୁ ଫେରାଇଦେବାକୁ ଭାବି, କିଛି ସ୍ଥିର କରି ନ ପାରି ଭଗବାନ୍ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରାର୍ଥନା କରି ରାତ୍ରିରେ ଗୋଟିଏ ଗ୍ରାମରେ ନିଦ୍ରାମଗ୍ନ ହେଲେ । ଶ୍ରୀ ହନୁମାନ୍, ଶ୍ରୀରାମଙ୍କ ଅନନ୍ୟ ଭକ୍ତ, ସର୍ବଦା ରାମଭକ୍ତଙ୍କ ସହାୟକ । ସେ ସ୍ୱପ୍ନରେ ରଘୁନାଥଙ୍କୁ କହିଲେ, ''ଇଂରେଜ ସେନାନାୟକ ରାପଟ୍ ସାହେବଙ୍କ କ୍ୟାମ୍ପ୍‌ରେ ଚାକିରି କର, ଏଥିରେ ତୋର ଭବିଷ୍ୟତ୍ ମାର୍ଗ ସଫା ହୋଇଯିବ ।'' ସ୍ୱପ୍ନ ପରେ ବହୁତ ଆନନ୍ଦ ହୋଇ ଅତି ତ୍ୱରାରେ ରାପଟ୍ ସାହେବଙ୍କ କ୍ୟାମ୍ପ୍‌କୁ ଯାଇ ସେଠାରେ ଚାକିରି କଲେ । ରାପଟ୍ ସାହେବଙ୍କ ଅନୁମତିରେ ଜଣେ ସିପାହି ସଙ୍ଗରେ ଭାଇ ମଥୁରାପ୍ରସାଦଙ୍କୁ ଫେରାଇ ଦେଲେ । ରାପଟ୍ ସାହେବ ସେନାନାୟକ ହେବା ସତ୍ତ୍ୱେ ଖ୍ରୀଷ୍ଟାନ୍ ଧର୍ମର ଜଣେ ଭକ୍ତ ଥିଲେ । ସେ ନିଜେ କ୍ୟାମ୍ପ୍‌ରେ ସୈନିକମାନଙ୍କୁ ଧାର୍ମିକ କୃତ୍ୟ ସ୍ୱଚ୍ଛନ୍ଦରେ କରିବାକୁ ଅନୁମତି ଏବଂ ଉତ୍ସାହ ଦେଉଥିଲେ । ସୁତରାଂ ଅଧିକାଂଶ ସୈନିକ ସରକାରୀ କାର୍ଯ୍ୟରୁ ନିବୃତ୍ତ ହେବା ମାତ୍ରେ ଧ୍ୟାନ, ଜପ, ରାମାୟଣ ଚର୍ଚ୍ଚା ଆଉ କୀର୍ତ୍ତନରେ ଲାଗି ଯାଉଥିଲେ ।

ସୈନିକଜୀବନ ଏବଂ ଦୀକ୍ଷାପ୍ରାପ୍ତି

ଆଜିକାଲି ପରି ସେତେବେଳେ ସୈନିକମାନଙ୍କର ବହୁତ କାର୍ଯ୍ୟ ନ ଥିଲା । ଦିନରାତି ମଧ୍ୟରେ ଦୁଇଘଣ୍ଟା ପହରା, ଦୁଇ, ତିନି ଘଣ୍ଟା ଯୁଦ୍ଧବିଦ୍ୟା ଅଧ୍ୟୟନ ଓ କସରତ କରିବାକୁ ହେଉଥିଲା । ଏହି ସୁବିଧା ଥିବା ଯୋଗୁଁ ସାଧନା କରିବାକୁ ରଘୁନାଥ ସମୟ ପାଇଲେ ଏବଂ ତାଙ୍କ ସାଧନା ବହୁତ ଅଗ୍ରସର ହେଲା । କିଛିଦିନ ମଧ୍ୟରେ ତାଙ୍କ ସତ୍‌କର୍ମ, ନିଷ୍ଠା ଆଉ ଭଗବତ୍ ଭକ୍ତି ସୈନିକ ଓ ସେନାନାୟକଙ୍କୁ ମୁଗ୍ଧ କରିଦେଲା । ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇଗଲେ । ଯେ ଭଗବାନଙ୍କର ପ୍ରିୟ ସେ ସମସ୍ତ ପ୍ରାଣୀଙ୍କର ମଧ୍ୟ ପ୍ରିୟ ।

ରଘୁନାଥ ଚାକିରି କରିବାର ଆଠମାସ ପରେ, ଏକମାସ କୋଡ଼ିଏ ଦିନ ଛୁଟି ନେଇ ଆଉ ଚାରି, ପାଞ୍ଚ ଜଣ ସାଥୀଙ୍କୁ ନେଇ ପ୍ରୟାଗର (ମାଘ ମାସ) କୁମ୍ଭମେଳାକୁ ଗଲେ । ରାସ୍ତାରେ କେତେଦିନ ଅତିବାହିତ କରି ସେ ପ୍ରୟାଗରେ ପହଞ୍ଚିଲେ । ସେଠାରେ ତ୍ରିବେଣୀ ସ୍ନାନ କଲେ; ହଜାର ହଜାର ଊର୍ଦ୍ଧ୍ୱପୁଣ୍ଡ୍ର, ତିଳକ, ତୁଳସୀମାଳା, ଗେରୁଆବସ୍ତ୍ର, ଦଣ୍ଡଧାରୀ, ତ୍ରିପୁଣ୍ଡ୍ର ରୁଦ୍ରାକ୍ଷମାଳାଧାରୀ ସାଧୁ, ସଚ୍ଚମାନଙ୍କୁ ଦର୍ଶନ କରି ଆନନ୍ଦରେ ବିଭୋର ହୋଇଗଲେ । ମୌନୀ ବଳଦେବ ଦାସ ନାମକ ଜଣେ ଅଯୋଧ୍ୟାବାସୀ ସିଦ୍ଧ ସଚ୍ଚଙ୍କଠାରୁ ସେ ମନ୍ତ୍ରଦୀକ୍ଷା ଗ୍ରହଣ କଲେ । ଗୁରୁଦେବ ତାଙ୍କ ନାମ ରଖିଲେ ରଘୁନାଥ ଦାସ । ସେ ଗୁରୁଦେବଙ୍କ ସେବାରେ ଏକମାସ ରହି ତାଙ୍କଠାରୁ ଆଜ୍ଞା ପ୍ରାପ୍ତ କରି ରାପଟ୍ ସାହେବଙ୍କ କ୍ୟାମ୍ପ୍‌କୁ ଫେରି ଆସିଲେ ।

ଗୁରୁଦୀକ୍ଷା ପ୍ରାପ୍ତ କରିବା ପରେ ରଘୁନାଥଙ୍କ ରାମଭକ୍ତି, ପ୍ରେମ ଉତ୍ତରୋତ୍ତର ବୃଦ୍ଧି ହେବାକୁ ଲାଗିଲା । ସେ ସବୁସମୟରେ ଶ୍ରୀସୀତାରାମଙ୍କ ରୂପମାଧୁରୀରେ ନିମଗ୍ନ ରହିଲେ । ହୃଦୟରେ ଶ୍ରୀସୀତାରାମଙ୍କ ରୂପ, ମୁଖରେ ତାଙ୍କ ନାମଜପ, ଶରୀରରେ କର୍ମ ଏବଂ ନିୟମିତରୂପେ ପ୍ରତିଦିନ ଦୁଇଘଣ୍ଟା ତୁଳସୀକୃତ ରାମାୟଣର ଅର୍ଥ ଚର୍ଚ୍ଚା କରୁଥିଲେ । ସଂଧ୍ୟାରେ ଧ୍ୟାନ କରିବା ପରେ ଭୋଜନ କରି ରାତ୍ରି ବାରଟା ପର୍ଯ୍ୟନ୍ତ ରାମାୟଣ ପଢୁଥିଲେ । ରାତ୍ରି ବାରଟାରୁ ଦୁଇଟା ପର୍ଯ୍ୟନ୍ତ ତାଙ୍କର କ୍ୟାମ୍ପ୍‌ରେ ପହରାଦେବା କାମ ଥିଲା ।

ରଘୁନାଥରୂପେ ଶ୍ରୀରାମଙ୍କ ପହରା

ଦିନେ ସାଧୁମାନଙ୍କର ଜମାଉତ ଆସି କ୍ୟାମ୍ପ୍‌ର କିଛି ଦୂରରେ ଗୋଟିଏ ପୁଷ୍କରିଣୀ କୂଳରେ ଅବସ୍ଥାନ କଲା । ଯେ ସ୍ୱୟଂ ଭକ୍ତ, ଭଗବତ୍ ଭକ୍ତ ତାଙ୍କର ପ୍ରାଣରୁ ପ୍ରିୟ । ରଘୁନାଥ ଏ ଖବର ପାଇ ଦିନେ ସନ୍ଧ୍ୟା ସମୟରେ ସାଧୁମାନଙ୍କ ପାଖକୁ ଦର୍ଶନ କରିବାକୁ ଗଲେ । ସେଦିନ କୌଣସି ଉତ୍ସବ ଉପଲକ୍ଷେ ସଚ୍ଚମାନେ ସମସ୍ତ ରାତ୍ରି ଜାଗ୍ରତ୍ ରହି ସତ୍‌ସଙ୍ଗ ଏବଂ ରାମାୟଣ ଚର୍ଚ୍ଚାର ବ୍ୟବସ୍ଥା କରିଥିଲେ । ସେଠାରେ ରଘୁନାଥ ସତ୍‌ସଙ୍ଗ ଆଉ ରାମାୟଣ ଚର୍ଚ୍ଚା ଶୁଣି ଭଗବତ୍ ପ୍ରେମରେ ବିଭୋର ହୋଇ ପହରାଦେବା କଥା ଏକେବାରେ ଭୁଲିଗଲେ । ଆଉ ସଚ୍ଚମାନଙ୍କ ସତ୍‌ସଙ୍ଗ ସମାପ୍ତ ହେବା ପରେ ପହରାଦେବାର ସମୟ ବ୍ୟତୀତ ହୋଇଯିବା ଦେଖି ରଘୁନାଥ ବହୁତ ବ୍ୟସ୍ତ ହୋଇପଡ଼ିଲେ । ସୂଚନା ନ ଦେଇ କାର୍ଯ୍ୟରେ ଅନୁପସ୍ଥିତ ରହିବା ସୈନିକର ବି ଅପରାଧ । ସେଥିପାଇଁ ସେ ବହୁତ ଚିନ୍ତିତ ହୋଇ ତାଙ୍କର ପହରାଦାର ସାଥୀଙ୍କୁ କହିଲେ, ''ଭାଇ, ରାତ୍ରି ପହରାରେ ମୁଁ ହାଜିର ହୋଇପାରିଲି ନାହିଁ ।'' ସାଥୀଜଣଙ୍କ ଆଶ୍ଚର୍ଯ୍ୟ ହୋଇ କହିଲେ, ''ବୋଧହୁଏ କାଲି ରାତ୍ରିରେ ଭକ୍ତିରେ ବିଭୋର ଥିଲ, ତେଣୁ ଏପରି କହୁଛ । ପ୍ରତିଦିନ ତୁମେ ରାମାୟଣ ପଢ଼ିବା ପରେ କାହାରି ବିନା ଡାକରେ ପହରା ଦେବାକୁ ଆସ । କାଲି ରାମାୟଣ ପଢ଼ିବା ଛାଡ଼ି ତୁମେ ଶୋଇପଡ଼ିଥିଲ, ମୁଁ ଆସି ଡାକିବାରୁ ସୀତାରାମ ନାମ ଜପ କରି ଉଠିଲ, ଆଉ ନିଜ ପୋଷାକ, ଜୋତା ପିନ୍ଧି, ଟୋପି ଲଗାଇ ବନ୍ଧୁକ ସହ ଯାଇ ପହରା ଦେଲ ।'' ଅନ୍ୟ ଦୁଇଜଣ କହିଲେ, ''ତୁମ୍ଭେ ଆମ୍ଭ ସ୍ଥାନରେ ପହରାଦେବାରୁ ଆମ୍ଭେମାନେ କାର୍ଯ୍ୟରୁ ନିବୃତ୍ତ ହୋଇ ସେଠାରୁ ଆସିଗଲୁ ।'' ଏକଥା ଶୁଣି ରଘୁନାଥ ଚୁପ୍ ହୋଇଗଲେ । ସେ ମନେ ମନେ ଭାବିଲେ ଯେ ଏହି

କୃତ ତାଙ୍କ ପ୍ରଭୁଙ୍କର । ନିଜ ସମ୍ମାନ ବୃଦ୍ଧି ହେବା ଭୟରେ ସେ ଚର୍ଚ୍ଚା ସେତିକିରେ ସମାପ୍ତ କଲେ । ଭଗବାନଙ୍କର ଯେ ଅନନ୍ୟ ଭକ୍ତ ସେ ଯଶଃ ଚାହେଁ ନାହିଁ, କିନ୍ତୁ ଭଗବାନ୍ ନିଜ ଭକ୍ତକୁ ଯଶଃ ନ ଦେଇ ସନ୍ତୁଷ୍ଟ ହୋଇ ରହିପାରନ୍ତି ନାହିଁ ।

ସଞ୍ଚମାନଙ୍କ ଜମାଉତ ବର୍ତ୍ତମାନ ଅଛି । ରଘୁନାଥ ସରକାରୀ କାର୍ଯ୍ୟ ଓ ନିଜର କାର୍ଯ୍ୟ ଶୀଘ୍ର ଶେଷ କରି ଜମାଉତରେ ପହଞ୍ଚିଗଲେ । ପରେ କ୍ୟାମ୍ପ୍‌ର ଅନ୍ୟାନ୍ୟ ସିପାହି ଏବଂ ତାଙ୍କ ସଙ୍ଗେ ପହରା ଦେଉଥିବା କେତେକ ସିପାହି ମଧ୍ୟ ଆସିଲେ । ସତ୍‌ସଙ୍ଗ ଓ ରାମାୟଣ ଚର୍ଚ୍ଚା ଶୁଣିବା ଲୋକେ ସମସ୍ତେ ଆନନ୍ଦରେ ମଗ୍ନ ହୋଇଗଲେ । ରଘୁନାଥ ପ୍ରେମରେ ମସ୍ତ ହୋଇ ଜାଗତିକ ସମସ୍ତ କାର୍ଯ୍ୟ ଭୁଲି ପରମାନନ୍ଦରେ ଆତ୍ମବିସ୍ମୃତ ହୋଇଗଲେ । ତାଙ୍କ ସାଥୀ ପହରାଦାର ଠିକ୍ ସମୟରେ ରଘୁନାଥଙ୍କୁ ସାବଧାନ କରାଇ, ଦୁହେଁ ପହରାଦେବା ସକାଶେ ସାଧୁମାନଙ୍କଠାରୁ ଆଜ୍ଞା ମାଗିଲେ । ସାଧୁମାନେ ବିସ୍ମିତ ହୋଇ ପଚାରିଲେ, ''ରଘୁନାଥର କ'ଣ ଏ ସମୟରେ ପହରା ଅଛି ?''

ସିପାହି – ହଁ ମହାରାଜ, ଆମ୍ଭ ଦୁଇଜଣଙ୍କର ପହରା ରାତ୍ରି ବାରଟାଠାରୁ ଦୁଇଟା ପର୍ଯ୍ୟନ୍ତ ।

ସଞ୍ଚ – କାଲି ତ' ରଘୁନାଥ ସମସ୍ତ ରାତ୍ରି ଏଠାରେ ଥିଲେ ।

ସିପାହି – ନାହିଁ ମହାରାଜ, ସେ କାଲି ମୋ ସଙ୍ଗେ ପହରା ଦେଇଛନ୍ତି, ବୋଧହୁଏ ଅନ୍ୟ କେହି ହୋଇଥିବ ।

ସଞ୍ଚ – ଅନ୍ୟ କେହି ! ଆମ୍ଭେ କ'ଣ ଚିହ୍ନି ନାହୁଁ ? ରଘୁନାଥ, କାଲି ତୁମେ ସମସ୍ତ ରାତ୍ରି ଏଠାରେ ନ ଥିଲ ?

ରଘୁନାଥ ନତମସ୍ତକ ହୋଇ ଗମ୍ଭୀରଭାବେ କହିଲେ, ''ହଁ ମହାରାଜ, ମୁଁ ଏଠାରେ ଥିଲି ।''

ସିପାହି ଆଶ୍ଚର୍ଯ୍ୟ ହୋଇ କହିଲେ, ''ତେବେ ମୋ ସଙ୍ଗେ ପହରାଦେଲା କିଏ ?''

ସଞ୍ଚ – ପହରାଦେଲେ ଭକ୍ତବତ୍ସଳ ରାମଚନ୍ଦ୍ର ।

ରଘୁନାଥଙ୍କ ସହିତ ତାଙ୍କ ସାଥୀମାନେ ଫେରି ଆନନ୍ଦରେ ଗଦଗଦ ହୋଇ କ୍ୟାମ୍ପ୍‌ର ଅନ୍ୟାନ୍ୟ ସିପାହିଙ୍କୁ ସମସ୍ତ ଘଟନା କହିଦେଲେ । ଆଉ ରଘୁନାଥଙ୍କ ସହିତ ପୂର୍ବରାତ୍ରିରେ ପହରା ଦେଇଥିବା ସିପାହି, ତାଙ୍କୁ ଡାକିଥିବା ସିପାହି ଏବଂ ତାଙ୍କ ପରେ ତାଙ୍କୁ ଛୁଟି ଦେଇଥିବା ସିପାହିମାନେ କୃତଜ୍ଞତା ସହିତ ତାଙ୍କୁ ବହୁତ ଅନୁନୟ ବିନୟପୂର୍ବକ କହିଲେ, ''ତୁମ୍ଭରି ଦୟାରୁ ଆମ୍ଭଙ୍କୁ ଭଗବାନଙ୍କ ଦର୍ଶନ ମିଳିଲା ।'' ଭୋର ହେଉ ହେଉ ଏହାର ସତ୍ୟତା ବୁଝିବା ସକାଶେ କେତେକ ସିପାହି ସାଧୁମାନଙ୍କ ପାଖକୁ ଯାଇ ସେମାନଙ୍କୁ ଏକଥା ପଚାରିଲେ ଏବଂ ସେମାନଙ୍କ ଉତ୍ତର ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ଏ ଖବର କ୍ୟାମ୍ପ୍‌ରେ ବ୍ୟାପ୍ତ ହୋଇଗଲା । ପୂର୍ବରୁ ରଘୁନାଥ ସମସ୍ତଙ୍କର ପ୍ରିୟ ଥିଲେ, ସମସ୍ତେ ତାଙ୍କୁ ସମ୍ମାନ କରୁଥିଲେ । କିନ୍ତୁ ଏ ଘଟନା ପରେ ତାଙ୍କୁ ବହୁତ ଲୋକ ମହାପୁରୁଷ ଭାବି ତାଙ୍କଠାରୁ ମନ୍ତ୍ର ଉପଦେଶ ନେଲେ ।

କିଛିଦିନ ପରେ ଭିନଗଡ଼ର ରାଜା କର ନ ଦେବାରୁ ଆଇନଅମାନ୍ୟ ଅପରାଧ ଯୋଗୁଁ ଭିନଗଡ଼ ଉପରେ ଚଢ଼ାଉ କରିବା ସକାଶେ ଆଦେଶ ହେଲା । ରାପଟ୍ ସାହେବଙ୍କ ଆଦେଶରେ ତାଙ୍କ ସଙ୍ଗେ ସମସ୍ତ ସେନା ଭିନଗଡ଼କୁ ଆକ୍ରମଣ କରିବା ଉଦ୍ଦେଶ୍ୟରେ ଯାତ୍ରା କଲେ । ସୈନ୍ୟଦଳ ରାସ୍ତାରେ କିଛିଦିନ ବ୍ୟତୀତ କରି ରାମନବମୀ ଦିନ ପ୍ରାୟ ଦିନ ୧୨ ଘଣ୍ଟା ସମୟରେ ଭିନଗଡ଼ର ସରହଦରେ ପହଞ୍ଚି ସେଠାରେ ଅବସ୍ଥାନ କଲେ । ରାତ୍ରିରେ ଆକ୍ରମଣ କରିବା ସ୍ଥିର କରି ସ୍ନାନ, ଭୋଜନ ସକାଶେ ସେନାନାୟକ ସୈନ୍ୟମାନଙ୍କୁ ଆଦେଶ ଦେଲେ ।

ରଘୁନାଥ ଧ୍ୟାନସ୍ଥ, ଶ୍ରୀରାମ ଯୁଦ୍ଧରେ ପ୍ରବୃତ୍ତ

ରଘୁନାଥ ଶୀଘ୍ର ସ୍ନାନ ଶେଷ କଲେ । ତାଙ୍କର ପରମପ୍ରିୟ ଇଷ୍ଟ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମଦିନ ଯୋଗୁଁ ଆନନ୍ଦରେ ତାଙ୍କ ହୃଦୟ ପରିପୂର୍ଣ୍ଣ ହୋଇଗଲା । ସେତେବେଳେ ଭୋଜନର ଚିନ୍ତା କାହୁଁ ଆସିବ ? ପ୍ରେମାବେଗରେ କ୍ଷୁଧାର ପ୍ରବେଶ ମାର୍ଗ ବନ୍ଦ ହୋଇଗଲା । ସେ ଗୋଟିଏ ନିର୍ଜନ ସ୍ଥାନକୁ ଯାଇ ନିଜ ଇଷ୍ଟଦେବଙ୍କ ଧ୍ୟାନରେ ମଗ୍ନ ହୋଇଗଲେ । ତାଙ୍କ ବାହ୍ୟଚେତନା ପ୍ରେମ-ସମାଧିରେ ବୁଡ଼ିଗଲା ।

ଭିନଙ୍ଗଗଡ଼ ରାଜା ଖବର ପାଇ ରାପଟ୍ ସାହେବଙ୍କ ସେନା ପ୍ରସ୍ତୁତ ନ ଥିବା ଅବସ୍ଥାରେ ପ୍ରାୟ ଦିନ ତିନିଘଣ୍ଟା ସମୟରେ ଆକ୍ରମଣ ଆରମ୍ଭ କରିଦେଲା । ରାପଟ୍ ସାହେବ ଯୁଦ୍ଧ ବିଗୁଲ୍ ବଜାଇ ଶତ୍ରୁର ଆକ୍ରମଣରୁ ରକ୍ଷାପାଇବା ସକାଶେ ଯୁଦ୍ଧର ସମ୍ମୁଖୀନ ହେଲେ; କିନ୍ତୁ ସେନା ପୂର୍ବରୁ ପ୍ରସ୍ତୁତ ନ ଥିବାରୁ ବହୁତ ସମୟ ଶତ୍ରୁ ସେନାର ସମ୍ମୁଖୀନ ହୋଇପାରିଲେ ନାହିଁ । ଦୁଇଘଣ୍ଟା ଯୁଦ୍ଧ ପରେ ପଶ୍ଚାତ୍‌ପଦ ହେଲେ । ଶତ୍ରୁସେନାର ଉତ୍ସାହ ବଢ଼ିଗଲା । ସେମାନେ ତୀବ୍ରଭାବରେ ଆକ୍ରମଣ କଲେ ଏବଂ ଶେଷରେ ରାପଟ୍ ସାହେବଙ୍କ ସେନା ଛତ୍ରଭଙ୍ଗ ଦେବାକୁ ଆରମ୍ଭ କଲେ । ଏହି ବିପଦ ଅବସ୍ଥାରେ ରଘୁନାଥ ସେନା ସମ୍ମୁଖରେ ରହି ଏପରି ତୀବ୍ରଭାବରେ ତୋପ ଫୁଟାଇଲେ ଯେ ଶତ୍ରୁସେନା ଆଉ ଅଗ୍ରସର ହୋଇପାରିଲେ ନାହିଁ । ରାପଟ ସାହେବଙ୍କ ସେନା ପୁନର୍ବାର ଫେରି ଶତ୍ରୁ ସେନାକୁ ଆକ୍ରମଣ କରି ବିଜୟ ପ୍ରାପ୍ତ କଲେ ଏବଂ ଭିନଙ୍ଗଗଡ଼ର ରାଜାଙ୍କୁ ବନ୍ଦୀ କରି ଆଣିଲେ ।

ଏହି ଯୁଦ୍ଧରେ ରଘୁନାଥଙ୍କ ବୀରତ୍ୱ ଓ ସାହସିକତା ଦେଖି ଫେରିବା ପରେ ଉଚ୍ଚ ପଦ ଓ ପୁରସ୍କାର ଦେବା ସକାଶେ ସାହେବ ତାଙ୍କୁ ଖୋଜିବାକୁ ଆରମ୍ଭ କଲେ । ସେହି ସମୟରେ ରଘୁନାଥଙ୍କ ସମାଧି ଭଙ୍ଗ ହେଲା । ସେ ସେନାର ଜୟଧ୍ୱନି ଶୁଣି କ୍ୟାମ୍ପକୁ ଫେରିଲେ । ଯୁଦ୍ଧ ଶେଷ ହୋଇଥିବା ଘଟନା ଦେଖି ନିଜକୁ ବହୁତ ଅପରାଧୀ ଜାଣି ଅତ୍ୟନ୍ତ ଗ୍ଲାନି ସହିତ ରାପଟ ସାହେବଙ୍କଠାରୁ କ୍ଷମା ମାଗିବାକୁ ଗଲେ । ସାହେବ ଦୂରରୁ ଦେଖି ଦୌଡ଼ି ଆସି ରଘୁନାଥଙ୍କୁ କୁଣ୍ଢାଇ ପକାଇଲେ । ରଘୁନାଥଙ୍କୁ କିଛି କହିବାକୁ ଅବସର ନ ଦେଇ ନିଜେ କହିଲେ, ''ଆଜି ତୁମେ ସମସ୍ତ ସେନାଙ୍କୁ ବଞ୍ଚାଇଦେଲ । ଯୁଦ୍ଧ-ବିଜୟର ସୁଯଶଃ ତୁମ୍ଭର । ଆଜିଠାରୁ ତୁମେ କ୍ୟାପ୍‌ଟେନ୍ ପଦରେ ନିଯୁକ୍ତ ହେଲ ଆଉ ଏତେ ଟଙ୍କା ତୁମ୍ଭର ପୁରସ୍କାର ।''

ଏକଥା ଶୁଣି ରଘୁନାଥଙ୍କ ମୁଖରୁ କୌଣସି କଥା ସ୍ଫୁରିଲା ନାହିଁ । ସେ ଏକେବାରେ ଆଶ୍ଚର୍ଯ୍ୟ ହୋଇ ଛିଡ଼ା ହୋଇ ରହିଲେ । କିଛି ସମୟ ପରେ କହିଲେ, ''ଆପଣଙ୍କ କଥା ମୁଁ କିଛି ବୁଝିପାରୁ ନାହିଁ । ସ୍ନାନ ଓ ଭୋଜନ ସକାଶେ ଆପଣ ଆଦେଶ ଦେବାପରେ ସେ ସମୟରେ ଯୁଦ୍ଧ ହେବ ନାହିଁ ଜାଣି ଏକ ନିର୍ଜନ ସ୍ଥାନରେ ମୁଁ ଧ୍ୟାନରେ ବସିଗଲି । ସେନାର ଜୟଧ୍ୱନିରେ ମୋ'ର ଧ୍ୟାନଭଙ୍ଗ ହେବାରୁ ଆପଣଙ୍କ ପାଖକୁ ଅପରାଧ ମାର୍ଜନା କରିବା ସକାଶେ ପ୍ରାର୍ଥନା କରିବାକୁ ଆସିଛି; ଯୁଦ୍ଧରେ ମୁଁ ଏକେବାରେ ଯୋଗ ଦେଇ ନାହିଁ ।''

ସାହେବ କହିଲେ, ''ତୁମ ଯୁଦ୍ଧ ମୁଁ ଏକା ଦେଖି ନାହିଁ; ସମସ୍ତ ସେନା ଦେଖିଛି ।'' ସମସ୍ତ ସେନା ମଧ୍ୟ ତାହାହିଁ କହିଲେ । ଏକଥା ଶୁଣି ଆଉ ସେ ଛିଡ଼ା ହୋଇ ରହିପାରିଲେ ନାହିଁ । ପ୍ରଭୁଙ୍କ ପ୍ରତି ପ୍ରେମ ଓ କୃତଜ୍ଞତାରେ ତାଙ୍କ ହୃଦୟ ପୂର୍ଣ୍ଣ ହୋଇଗଲା । ସେ ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ, ଗଛକାଟିଲା ପରି ଭୂମିରେ ପଡ଼ିଗଲେ; ତାଙ୍କ ନେତ୍ରରୁ ଜଳଧାରା ପରି ଅଶ୍ରୁ ପ୍ରବାହିତ ହେବାକୁ ଲାଗିଲା । ନିଜେ ସାହେବ ଓ ସିପାହି ତାଙ୍କୁ ଉଠାଇ, ବସାଇ ବହୁତ ପ୍ରକାର ବୁଝାଇବାକୁ ଲାଗିଲେ । ରଘୁନାଥ ସଚେତ ହୋଇ ହାତ ଯୋଡ଼ି କହିଲେ, ''ତୁମ୍ଭେମାନେ ବହୁତ ଭାଗ୍ୟବାନ୍, ସ୍ୱୟଂ ଭଗବାନଙ୍କୁ ଦର୍ଶନ କଲ । ସାହେବ, ଯଦି ମୋତେ ଉପହାର ଯଥାର୍ଥରେ ଦେବାକୁ ଚାହୁଁଛନ୍ତି, ତେବେ ଦୟାକରି ମୋତେ ଚାକିରିରୁ ଛୁଟି ଦେଇଦିଅନ୍ତୁ । ମୁଁ କେତେ ଅଧମ ! ମୋ ସକାଶେ ମୋ ପ୍ରଭୁଙ୍କୁ ମୋ'ପରି ପୋଷାକ ପିନ୍ଧି, ଜୋତା ମାଡ଼ି ଆପଣଙ୍କ ନିର୍ଦ୍ଦେଶକୁ ପାଳନ କରି ସିପାହିର କାର୍ଯ୍ୟ କରିବାକୁ ପଡ଼ିଲା !''

ସାହେବ ଭକ୍ତ ଥିଲେ, ସୁତରାଂ ସେ ବହୁତ ପ୍ରଭାବିତ ହୋଇ କହିଲେ, ''ରଘୁନାଥ, ମୁଁ ତୁମ୍ଭର ଇଚ୍ଛା ବିରୋଧରେ କିଛି କରିବି ନାହିଁ । ତୁମେ ଯେଉଁଥିରେ ପ୍ରସନ୍ନ ହେବ ମୁଁ ତାହାହିଁ କରିବି । ତୁମ୍ଭେ ବର୍ତ୍ତମାନ ଯାହା ଚାହଁ, ତାହା କର । କିନ୍ତୁ ମୋର ଏହି ପ୍ରାର୍ଥନା ତୁମେ ସ୍ୱୀକାର କର । ତୁମ୍ଭଙ୍କୁ ଉଚ୍ଚରୁ ଉଚ୍ଚ ପଦ ଦେବି, ତାହା ତୁମ୍ଭେ ଗ୍ରହଣ କର, ଏବଂ କୌଣସି କାର୍ଯ୍ୟ ନ କରି ସ୍ୱତନ୍ତ୍ରରୂପେ ସାଧନା କର ତଥା ଆମ୍ଭମାନଙ୍କ ସଙ୍ଗରେ ଥାଅ । ଯଦି ଏଥିରେ ତୁମ୍ଭଙ୍କୁ ସନ୍ତୋଷ ନ ଆସେ ତେବେ କ୍ୟାମ୍ପର ନିକଟରେ ରୁହ, ସାଧନା କର, ତୁମ୍ଭ ସେବା ଆମ୍ଭେମାନେ କରିବୁ ।'' ସେନାପତି ଆଉ ସିପାହିମାନଙ୍କର ବହୁତ ଆଗ୍ରହ ଦେଖି ସେ ଆଉ ଛ'ମାସ ରହିବାକୁ ସ୍ୱୀକାର କଲେ ।

ଗୁରୁଙ୍କ ଦର୍ଶନ, ଗଙ୍ଗାକୂଳେ ପଦଯାତ୍ରା

କିଛିଦିନ ପରେ ରାପଟ୍ ସାହେବ ସେନା ସହିତ ମିରଟ୍‌କୁ ବଦଳି ହୋଇଗଲେ । ସେହି ସମୟରେ ରଘୁନାଥଙ୍କ ଗୁରୁ ଭ୍ରମଣ କରି ମିରଟରେ ପହଞ୍ଚିଲେ । ଅକସ୍ମାତ୍ ଗୁରୁଙ୍କ ଦର୍ଶନ ପାଇ ରଘୁନାଥଙ୍କ ପ୍ରେମ ଉଛୁଳି ପଡ଼ିଲା । ସିଦ୍ଧଗୁରୁ, ପରମ ଅଧିକାରୀ ଶିଷ୍ୟ ମିଳନରେ ଯେଉଁ ପରମାନନ୍ଦ ପ୍ରାପ୍ତ ହୁଏ, ତାହା ବର୍ଣ୍ଣନାତୀତ । ଗୁରୁ ବି ତାଙ୍କ ପ୍ରେମରେ, ତାଙ୍କ ପାଖରେ ଦୁଇମାସ ରହିବା ପରେ ବିଦା ହୋଇଗଲେ । ଏହାପରେ ରଘୁନାଥଙ୍କର ସେଠାରେ ରହିବା ଅସମ୍ଭବ ହେଲା । ତାଙ୍କର ସେତେବେଳକୁ ଛ'ମାସ ମଧ୍ୟ ପୂର୍ଣ୍ଣ ହୋଇଯାଇଥିଲା । ତାଙ୍କୁ ରହିବା ସକାଶେ ସେନାପତି ଆଉ ସୈନିକ ବହୁତ ପ୍ରଯତ୍ନ କରି ଶେଷରେ ଅନିଚ୍ଛା ସତ୍ତ୍ୱେ ବିଦାୟ ଦେଲେ । ସେମାନେ କହିଲେ, ''ଆମ୍ଭମାନଙ୍କର ଏତିକି ପ୍ରାର୍ଥନା, ଆମ୍ଭମାନଙ୍କୁ ଆପଣଙ୍କ ଦର୍ଶନରୁ ବଞ୍ଚିତ କରିବେ ନାହିଁ ।''

ରଘୁନାଥ ରାମପ୍ରେମରେ ବିହ୍ୱଳ ହୋଇ ହରଦ୍ୱାର ଅଭିମୁଖେ ଯାତ୍ରାକଲେ । ହରଦ୍ୱାର ଗଙ୍ଗାରେ ସ୍ନାନ କରି ନିଜର ଶରୀରନିର୍ବାହ ଉପଯୋଗୀ ଅତ୍ୟଳ୍ପ ବସ୍ତୁ ରଖି ଅବଶିଷ୍ଟ ସମସ୍ତ ଦାନ କରିଦେଲେ । ସେ ତା'ପରେ ବୈଷ୍ଣବ ସଜ୍ଜବେଶ ଧାରଣ କରି ଗଙ୍ଗା କୂଳେ କୂଳେ କାଶୀକୁ ଯାତ୍ରା କରିଥିଲେ ।

ବାବା ରଘୁନାଥ ଦାସ ମହାରାଜଙ୍କୁ ହରଦ୍ୱାରରୁ ଯାଇ କାଶୀରେ ପହଞ୍ଚିବାକୁ ଦଶ ବର୍ଷ ଲାଗିଥିଲା । ଦୀର୍ଘ ଦଶ ବର୍ଷ ଭିତରେ ସେ କେବେ ବି ଗଙ୍ଗାକୂଳ ଛାଡ଼ି ନ ଥିଲେ । ସେ ଭିକ୍ଷା କରୁ ନ ଥିଲେ । ଯାହା ଅନାୟାସରେ ଭଗବତ୍ କୃପାରେ ମିଳିଯାଉଥିଲା, ତାହା ସ୍ୱୟଂ ପାକ କରି ଦିନରାତ୍ରି ମଧ୍ୟରେ କେବଳ ଥରେ ଭୋଜନ କରୁଥିଲେ । କୌଣସି କୌଣସି ସ୍ଥାନରେ ବର୍ଷେ, ଦୁଇ ବର୍ଷ, କେବେ କେବେ ଦୁଇ ବର୍ଷରୁ ମଧ୍ୟ ଅଧିକ ସମୟ ରହୁଥିଲେ । କେତେ ପାପୀ, ତାପୀ, ରୋଗୀ, ଦୁଃଖୀଙ୍କ ରୋଗ, ଦୁଃଖତାପ ଦୂର କରି ତାଙ୍କୁ ଭଗବତ୍ ସମ୍ମୁଖ କରାଇ ଦେଇଥିଲେ । ଅସଂଖ୍ୟ ବ୍ୟକ୍ତିଙ୍କୁ ରାମତାରକ ମନ୍ତ୍ର ଦେଇ ସେମାନଙ୍କୁ ଜନ୍ମ-ମରଣ ଘୋର ଦ୍ୱନ୍ଦ୍ୱରୁ ମୁକ୍ତ କରି ଭଗବତ୍ ପ୍ରାପ୍ତି କରାଇ ଦେଇଥିଲେ । ଦିନେ ସେ ଗଙ୍ଗାକୂଳରେ ନିର୍ଜନରେ ଗୋଟିଏ ବଟବୃକ୍ଷ ତଳେ ରାତ୍ରିରେ ନିବାସ କଲେ । ପ୍ରାତଃସ୍ନାନ କରି ଶ୍ରୀରାମଙ୍କ ଧ୍ୟାନରେ ତାଙ୍କର ସମାଧି ହୋଇଗଲା । ସେହି ସମାଧି ଅବସ୍ଥାରେ କେତେ ଘଣ୍ଟା ଅତୀତ ହୋଇଗଲା । ପ୍ରଗାଢ଼ ସମାଧି ଅବସ୍ଥାରେ ବାହ୍ୟ କୋଳାହଳର ପ୍ରଭାବ ଆନ୍ତର ଚେତନାକୁ ସ୍ପର୍ଶ କରେ ନାହିଁ । କିନ୍ତୁ ସମାଧି ଭଙ୍ଗ ପରେ ହଠାତ୍ ଆନ୍ତର ଚେତନାରୁ ବାହ୍ୟ ଚେତନା ଆସେ ନାହିଁ । ଅନ୍ତରରେ ଚେତନା କେନ୍ଦ୍ରିତ ଥାଏ, ଆଉ ଧୀରେ ଧୀରେ ବାହ୍ୟ ଜ୍ଞାନ ଆସିବାକୁ ଆରମ୍ଭ କରେ । ଶ୍ରୀ ମହାରାଜଙ୍କ ସମାଧି ଭଙ୍ଗ ହେବା ସଙ୍ଗେ ସଙ୍ଗେ ବାହ୍ୟ କୋଳାହଳ ଯୋଗୁଁ ତାଙ୍କ ନେତ୍ର ଖୋଲିଗଲା । ସେ ଅର୍ଦ୍ଧ ବାହ୍ୟଜ୍ଞାନ ଅବସ୍ଥାରେ ଦେଖିଲେ ତାଙ୍କ ସମ୍ମୁଖରେ ଗୋଟିଏ ନୂତନ ବସ୍ତ୍ରାବୃତ ମୃତ ବାଳକ ଶୋଇଅଛି । ବହୁତ ବ୍ୟକ୍ତି ଉଚ୍ଚସ୍ୱରରେ ହୃଦୟବିଦାରକ କରୁଣ କ୍ରନ୍ଦନ କରୁଅଛନ୍ତି । ମହାରାଜାଙ୍କ ସଙ୍କେତ ବୁଝିପାରି ମୃତ ବାଳକର ପିତାମାତା ଶୋକାକୁଳ ଅର୍ଦ୍ଧସ୍ଫୁଟ ଶବ୍ଦରେ କହିଲେ, ''ମହାରାଜ, ଏହି ମୃତ ବ୍ରାହ୍ମଣ ବାଳକ ଆମର ଏକମାତ୍ର ସନ୍ତାନ । ଆମ ଗ୍ରାମରେ ମହାମାରୀରେ ବହୁତ ନର-ନାରୀ, ବାଳ-ବୃଦ୍ଧ ଅକାଳରେ କାଳ କବଳରେ ପଡ଼ିଗଲେ । ଆଜି ପ୍ରାତଃକାଳରେ ଏହି ଶିଶୁ ମଧ୍ୟ ସେହି ପଥ ଅନୁସରଣ କଲା । ଆପଣଙ୍କୁ ଦର୍ଶନ କରି ହୃଦୟରେ କିଛି ଆଶା ସଞ୍ଚାର ହୋଇଅଛି । ପ୍ରଭୁ ! ଆପଣ ଭଗବାନଙ୍କ ଭକ୍ତ । ସାମାନ୍ୟ ଏହି ଦୀନ ବ୍ରାହ୍ମଣ ବାଳକକୁ ଜୀବନ ଦାନକରି ଆମ୍ଭମାନଙ୍କୁ ରକ୍ଷା କରନ୍ତୁ । ନଚେତ୍ ଏହାରି ସହିତ ଆମେ ଦୁଇଜଣ ଏହି ଗଙ୍ଗା ନଦୀରେ ପ୍ରାଣ ବିସର୍ଜନ କରିବୁ । ମହାରାଜାଙ୍କ ଆନ୍ତର ଚେତନା ସେତେବେଳେ ପୂର୍ଣ୍ଣରୂପେ ବାହ୍ୟ ଚେତନା ସଙ୍ଗେ ସଂପୃକ୍ତ ହୋଇ ନ ଥିଲା । ସେ ନିମଗ୍ନ ରହିଥିଲେ ଆନ୍ତର ଚେତନାରେ । ତାଙ୍କ ବାହ୍ୟ ଇନ୍ଦ୍ରିୟ ଚକ୍ଷୁ, କର୍ଣ୍ଣ ବାହାରେ କେବଳ ଦେଖୁଥିଲେ ଓ ଶୁଣୁଥିଲେ । ବାହାରର ଶବ୍ଦ ଓ ଦୃଶ୍ୟ ଆନ୍ତର ଚେତନାକୁ ଅଭିଭୂତ କରି ନ ଥିଲା । ତାଙ୍କର ମନ ବୁଦ୍ଧି ସେତେବେଳେ ନିଷ୍କ୍ରିୟ ଅବସ୍ଥାରେ ଥିଲା । ଏହି ଅବସ୍ଥାରେ ବ୍ୟକ୍ତି ଯାହା କହେ ତାହା ଅନ୍ତରାତ୍ମା ଅଥବା ଊର୍ଦ୍ଧସ୍ଥ ପରମାତ୍ମାଙ୍କ ପ୍ରେରଣାରେ କହେ । ମହାରାଜଙ୍କ ଆନ୍ତର ପ୍ରେରଣାରେ ମୁଖରୁ ଉଚ୍ଚାରିତ ହେଲା, ''ତୁମ୍ଭେମାନେ ସୀତାରାମ ନାମ ଧ୍ୱନି କର । ଏ

ବାଳକ ବଞ୍ଚିଯିବ ।'' ସେମାନେ ସେହିପରି କରିବାରୁ ମୃତ ବାଳକର ନାସାରନ୍ଧ୍ରରେ ଶ୍ୱାସ ଚାଲିଲା । କିଛିକ୍ଷଣ ପରେ ବାଳକର ଅଙ୍ଗ ପରିଚାଳିତ ହେବାକୁ ଆରମ୍ଭ କଲା । ଗ୍ରାମର ଲୋକେ ମହାମାରୀ ଭୟରେ ଗ୍ରାମଛାଡ଼ି ଗଙ୍ଗାକୂଳେ ରହିବାକୁ ନିଶ୍ଚିତ କରି ଆସିଥିଲେ । ସେମାନଙ୍କୁ ମହାରାଜ କହିଲେ, ''ତୁମେମାନେ ରାମଧ୍ୱନି କରି ଗ୍ରାମକୁ ଫେରିଯାଅ । ଆଉ ମହାମାରୀ ତୁମ ଗ୍ରାମରେ ରହିବ ନାହିଁ ।'' ଏହା କହି ଶ୍ରୀ ମହାରାଜ ହଠାତ୍ ସେ ସ୍ଥାନରୁ ଗଙ୍ଗାକୂଳେ କୂଳେ ଗମନ କଲେ । ଯେଉଁଠି ତାଙ୍କ ପ୍ରସିଦ୍ଧି ହେଉଥିଲା, ଅଧିକ ଲୋକେ ଦର୍ଶନକୁ ଆସୁଥିଲେ, ଯେଉଁଠି ଲୋକେ ବିଶେଷ ଆଦର କରୁଥିଲେ, ସେ ସ୍ଥାନ ତ୍ୟାଗକରି ସେ ଗୋପନରେ ଗଙ୍ଗାକୂଳର ଅନ୍ୟସ୍ଥାନକୁ ଯାଇ ବାସ କରୁଥିଲେ । ଏହିପରି ଦୀର୍ଘ ଦଶ ବର୍ଷପରେ ବିଶ୍ୱନାଥଧାମ କାଶୀପୁରରେ ପହଞ୍ଚି ଗଙ୍ଗା ନଦୀର ରାଜଘାଟରେ ସ୍ନାନ କଲେ ।

କାଶୀବାସ

ପାବନପୁରୀ କାଶୀରେ ପହଞ୍ଚିବା ମାତ୍ରେ ସେ ଭଗବତ୍ ଭକ୍ତିରେ ମଗ୍ନ ହୋଇଗଲେ । ଅନ୍ତ ସମୟରେ ଶ୍ରୀବିଶ୍ୱନାଥଙ୍କ ଦ୍ୱାରା ରାମ ନାମ ଉପଦେଶ ପାଇ କାଶୀରେ ମୃତ ବ୍ୟକ୍ତିମାନଙ୍କୁ ମୁକ୍ତି ପ୍ରାପ୍ତ ହୁଏ । ଏଥିରୁ ପୁରୀର ପ୍ରଭାବ, ରାମନାମର ମହତ୍ତ୍ୱ, ଶ୍ରୀ ଶିବାଜିଙ୍କର କରୁଣା ସ୍ମରଣ କରି ତାଙ୍କ ଭଗବତ୍ ପ୍ରେମ ଦୁଇଗୁଣ ବୃଦ୍ଧି ହେଲା । ସେ ସେହି ବିଶ୍ୱନାଥଙ୍କ କାଶୀଧାମରେ କିଛି ଦିନ ନିବାସ କଲେ ।

ଗୁଡ଼ ପାଖକୁ ପିମ୍ପୁଡ଼ି ନ ଆସି ରହିପାରନ୍ତି ନାହିଁ । ସୁଗନ୍ଧ ପୁଷ୍ପ ଭ୍ରମରକୁ ନିମନ୍ତ୍ରଣ କରେ ନାହିଁ । ସେହିପରି ଶ୍ରୀଗୁରୁଦେବ ଶିବପୁରୀ ପବିତ୍ର ଜାଣି ସେଠାରେ ସାଧନା କରିବା ନିମନ୍ତେ ମନସ୍ଥ କରି କହିଲେ । ସୁତରାଂ ଦୁଃଖପ୍ରପୀଡ଼ିତ ବ୍ୟକ୍ତି ନିଜ ଦୁଃଖତାପ ଦୂର କରିବାକୁ ତାଙ୍କ ପାଖରେ ପହଞ୍ଚିବାକୁ ଲାଗିଲେ । ଜ୍ଞାନପିପାସୁ ନିଜ ନିଜ ଜ୍ଞାନପ୍ରାପ୍ତିରୂପ ତୃଷ୍ଣା ନିବୃତ୍ତ କରିବାକୁ ଆସିଲେ । ଜ୍ଞାନିଜନ ଜ୍ଞାନଚର୍ଚ୍ଚାରେ ଜ୍ଞାନାନନ୍ଦରେ ନିମଗ୍ନ ରହିବାକୁ, ଭକ୍ତଜନ ଭଗବତ୍ ଭକ୍ତି ବର୍ଣ୍ଣନା, ଭଗବତ୍ ଗୁଣଗାନରେ ପରମାନନ୍ଦ ପ୍ରାପ୍ତି କରିବାକୁ ବିବିଧ ସ୍ଥାନରୁ ଆସି ସେଠାରେ ଏକତ୍ର ହେଲେ ।

ଶ୍ରୀ ଅବଧ ପ୍ରାନ୍ତରେ ଶ୍ରୀ ଅଯୋଧ୍ୟା କାଶୀ, ହରଦ୍ୱାର, ହୃଷୀକେଶ, ପ୍ରୟାଗ, ବଦ୍ରିକାଶ୍ରମ ପ୍ରଭୃତି ପବିତ୍ର ତୀର୍ଥସ୍ଥାନରେ ବରାବର ସାଧକ, ସିଦ୍ଧ ମହାତ୍ମା ବାସ କରନ୍ତି । ଭାରତବର୍ଷ ପୃଥିବୀରେ ପୁଣ୍ୟକ୍ଷେତ୍ର । ଅନ୍ୟାନ୍ୟ ଦେଶ ଅପେକ୍ଷା ଭାରତରେହିଁ ଭଗବାନ୍ ଅଧିକବାର ଅବତାର ନେଇଅଛନ୍ତି । ଅନ୍ୟାନ୍ୟ ଦେଶ ଅପେକ୍ଷା ଏହି ଦେଶରେ ଅଧିକ ମୁନି, ଋଷି, ସାଧୁ, ସନ୍ଥ ଜନ୍ମଗ୍ରହଣ କରିଅଛନ୍ତି । ଇତିହାସରେ ଅନ୍ୟ ଦେଶ ଅପେକ୍ଷା ଭାରତବର୍ଷ ସ୍ୱଭାବତଃ ଅଧ୍ୟାତ୍ମ, ଧର୍ମପରାୟଣ ଦେଶ । ଭାରତବାସୀ ଗୃହକାର୍ଯ୍ୟ ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକତାକୁ ବାଦ୍ ଦିଅନ୍ତି ନାହିଁ । ସେମାନେ ସମୟ ପାଇ ଏହିସବୁ ପୁଣ୍ୟ କ୍ଷେତ୍ରକୁ ଯାଇ, ସାଧୁସନ୍ଥଙ୍କୁ ଦର୍ଶନ କରି ସେମାନଙ୍କ ସଦୁପଦେଶ ଗ୍ରହଣ କରି ଜୀବନକୁ ସନ୍ମାର୍ଗରେ ପରିଚାଳିତ କରନ୍ତି । ଏହି କାରଣରୁ କୌଣସି ତୀର୍ଥସ୍ଥାନରେ କୌଣସି ମହାତ୍ମା ବାସ କଲେ ତାଙ୍କ ଖ୍ୟାତି ଶୀଘ୍ର ବ୍ୟାପିଯାଏ । ଶ୍ରୀଗୁରୁଦେବଙ୍କ କାଶୀନିବାସ ଆଉ ସୀମିତ ହୋଇ ରହିପାରିଲା ନାହିଁ । କ୍ରମଶଃ ପ୍ରଚାରିତ ହୋଇ କୌଶଳକିଶୋର ଶ୍ରୀରାମଚନ୍ଦ୍ରଙ୍କ ଜନ୍ମସ୍ଥାନ ଅଯୋଧ୍ୟାରେ ପହଞ୍ଚିଗଲା । ମୌନୀ ବଳରାମ ଦାସ ମହାରାଜ ନିଜ ପ୍ରିୟ ଶିଷ୍ୟର ଖବର ପାଇ ସଙ୍ଗେ ସଙ୍ଗେ ଗୋଟିଏ ଶିଷ୍ୟକୁ ପଠାଇ ଶ୍ରୀ ଅବଧ ଆସିବାକୁ ତାଙ୍କୁ ପ୍ରେରଣା ଦେଲେ । ଗୁରୁଙ୍କ ପ୍ରେମପୂର୍ଣ୍ଣ ଖବର ପାଇବା ମାତ୍ରେ ଶ୍ରୀ ମହାରାଜ ଗୁରୁଭକ୍ତିରେ ବିଭୋର ହୋଇଗଲେ । ଗୁରୁଙ୍କ ଦର୍ଶନ ସକାଶେ ତାଙ୍କ ହୃଦୟ ଅସ୍ଥିର ହୋଇପଡ଼ିଲା । ସେ ସେହିକ୍ଷଣି ନିଜ ଗୁରୁଭ୍ରାତାଙ୍କ ସଙ୍ଗେ ଶ୍ରୀ ଅବଧ ଯାତ୍ରା କଲେ ।

ଅବଧ ଯାତ୍ରା

ଯେଉଁ ରାମଚନ୍ଦ୍ର ତାଙ୍କ ଜୀବନର ସର୍ବଶ୍ରେଷ୍ଠ ପରମପ୍ରିୟ ଇଷ୍ଟ, ଯେ ତାଙ୍କ ଜୀବନର ଆଧାର, ହୃଦୟଦେବତା,

ଯାହାଙ୍କ ପ୍ରେମରେ ସେ ଦିନ ରାତି ପାଗଳ, ଯେଉଁ ପ୍ରେମ ସମ୍ମୁଖରେ ସଂସାର ବିଷୟିପ୍ରେମ ନୀରସ ଓ ଶୁଷ୍କ; ସେହି ରାମଚନ୍ଦ୍ରଙ୍କ ଜନ୍ମଭୂମି ଦର୍ଶନ ଉଦ୍ଦେଶ୍ୟରେ ଆଜି ଶ୍ରୀ ମହାରାଜ ମହାନ୍ ଯାତ୍ରା କରୁଅଛନ୍ତି । ସେ ଚାଲୁଛନ୍ତି ଯନ୍ତ୍ରବତ୍, ଶରୀର-ଶୁଦ୍ଧି ଆଦୌ ନାହିଁ । ତାଙ୍କ ମନ-ଭ୍ରମର ଶ୍ରୀରାମଚନ୍ଦ୍ରଙ୍କ ଚରଣକମଳରେ ବିଚରଣ କରୁଅଛି । ସେ ଶ୍ରୀରାମଚନ୍ଦ୍ରଙ୍କ ଚପଳ ବାଲ୍ୟଲୀଳାରେ ନିମଗ୍ନ ହୋଇଛନ୍ତି । ସେ ମା କୌଶଲ୍ୟା, କୈକେୟୀ ଓ ସୁମିତ୍ରା ଶିଶୁ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କୁ ଝୁଲଣାରେ ଝୁଲାଉଛନ୍ତି । ତାଙ୍କ ଚତୁର୍ଦିଗରେ ସଖୀମାନେ ବୃତ୍ତାକାରରେ ଦଣ୍ଡାୟମାନ ହୋଇ ସୁମଧୁର ସ୍ୱରରେ ଗୀତ ଗାନ କରୁଛନ୍ତି । ପୁରବାସୀଙ୍କ ନେତ୍ର ଦିବା ରାତ୍ରି ସେହି ଦିବ୍ୟାମୃତ ପାନ କରି ଅତୃପ୍ତ ରହୁଛି । ପୁରବାସୀମାନେ ବିବଶ ହୋଇ ଗୃହକାର୍ଯ୍ୟ କରୁଛନ୍ତି । କିନ୍ତୁ ତାଙ୍କ ମନ ସର୍ବଦା ମଗ୍ନ ରହୁଅଛି ମନୋମୁଗ୍ଧକାରୀ ଚାରିଶିଶୁଙ୍କ ଲୀଳାରେ । ଜାଗ୍ରତ୍ ଅବସ୍ଥାରେ ଚାଲିବା, ବୁଲିବା, ସ୍ନାନ କରିବା ଆଦି କାର୍ଯ୍ୟରେ ନିରନ୍ତର ଶ୍ରୀ ମହାରାଜଜି ନିଜ ମାନସପଟରେ ଦର୍ଶନ କରୁଛନ୍ତି ଏହି ଲୀଳା । ନିଦ୍ରାବସ୍ଥାରେ ସ୍ୱପ୍ନ ଜଗତରେ ମଧ୍ୟ ସେଥିରେ ବିଚରଣ କରୁଅଛନ୍ତି । ସେତେବେଳେ ତାଙ୍କ ସକାଶେ ସ୍ୱପ୍ନ ଆଉ ଜାଗ୍ରତ୍ ସମାନ । ଏହି ଅବସ୍ଥାରେ ଉନ୍ମତ୍ତବତ୍ କିଛି ଦିନ ବ୍ୟତୀତ କରି ସେ ଶ୍ରୀ ଅବଧ ସୀମାରେ ପହଞ୍ଚିଲେ ।

ଦୂରରୁ ଶ୍ରୀଅବଧପୁରୀ ଦର୍ଶନ କରିବାମାତ୍ରେ ଶ୍ରୀ ମହାରାଜଙ୍କ ହୃଦୟ ପ୍ରେମରେ ଉଛୁଳି ପଡ଼ିଲା । ତାଙ୍କ ମନ, ପ୍ରାଣ, ଚିନ୍ତା, ବିଚାର ପ୍ରଭୃତି ପୂର୍ବରୁ ପ୍ରେମପ୍ରବାହରେ ନିମଜ୍ଜିତ ହୋଇଥିଲା । କେବଳ ଅର୍ଦ୍ଧଶରୀର ଜ୍ଞାନ ଥିଲା । ଶ୍ରୀଅବଧର ପବିତ୍ର ରେଣୁ ସ୍ପର୍ଶରେ ସେହି ପ୍ରେମ ପ୍ରବଳ ବେଗରେ ପ୍ରବାହିତ ହୋଇ ସେତକ ଭସାଇନେଲା । ଶ୍ରୀ ମହାରାଜ ସେହିଠାରେ ପ୍ରେମ-ସମାଧିରେ ମଗ୍ନ ହୋଇ ବାହ୍ୟଜ୍ଞାନ ଶୂନ୍ୟ ହୋଇ ଛିଡ଼ା ଛିଡ଼ା ପଡ଼ିଗଲେ । କିଛି ସମୟ ପରେ ତାଙ୍କ ସଙ୍ଗେ ଥିବା ଗୁରୁଭାଇ ତାଙ୍କୁ ଉଠାଇ ସଚେତ କରି ଶ୍ରୀଗୁରୁ ମହାରାଜଙ୍କ ପାଖକୁ ଘେନିଆସିଲେ । ଶ୍ରୀ ମହାରାଜ ତାଙ୍କ ଗୁରୁଦେବଙ୍କୁ ଦର୍ଶନ କରି ତାଙ୍କ ଚରଣରେ ସାଷ୍ଟାଙ୍ଗ ଦଣ୍ଡବତ କରିବା ସଙ୍ଗେ ସଙ୍ଗେ ଗୁରୁଦେବ ବିଭୋର ହୋଇ ନିଜ ପ୍ରିୟ ଶିଷ୍ୟଙ୍କୁ ଉଠାଇ ହୃଦୟରେ ଲଗାଇ ନେଲେ । ଏହି ଗୁରୁ ଶିଷ୍ୟଙ୍କ ମିଳନ ଅବସ୍ଥା ଅବର୍ଣ୍ଣନୀୟ । ଲେଖନୀ ସ୍ତମ୍ଭିତ, ବାକ୍ୟ ନିସ୍ପନ୍ଦ । ଗୁରୁ ଶିଷ୍ୟ ଉଭୟ ମିଳି ଏକ ଦିବ୍ୟ ଅଲୌକିକ ପ୍ରେମରେ ମଗ୍ନ ହୋଇଗଲେ ।

ଗୁରୁଦର୍ଶନ ଏବଂ ଗୃହ ପ୍ରତ୍ୟାବର୍ତ୍ତନ

ଶ୍ରୀ ମହାରାଜଙ୍କୁ ତାଙ୍କ ଗୁରୁଦେବ ରହିବାକୁ ଗୋଟିଏ ପର୍ଣ୍ଣକୁଟୀର ଦେଲେ । ମହାରାଜଜି ସେହି କୁଟୀରରେ ରହି ଶ୍ରୀରାମଙ୍କ ଧ୍ୟାନ ଜପରେ ସମୟ ଅତିବାହିତ କଲେ । ନିୟମିତରୂପେ ସତ୍‌ସଙ୍ଗ ସକାଶେ ବହୁ ସନ୍ଥ ମହାତ୍ମା ଏକତ୍ର ହୁଅନ୍ତି । ଭଗବତ୍ ଚର୍ଚ୍ଚାରେ ନୂତନ ନୂତନ ଆନନ୍ଦ ଅନୁଭବ କରନ୍ତି । ଏହିପରି କିଛିଦିନ ବ୍ୟତୀତ ହେବା ପରେ ଶ୍ରୀ ମହାରାଜଙ୍କର ସ୍ମରଣ ହେଲା ଘରୁ ଆସିବା ସମୟର କଥା । ସେ ତାଙ୍କ ପରିବାରର ବ୍ୟକ୍ତିଙ୍କୁ କହି ଆସିଥିଲେ ସେ ଗଙ୍ଗାସ୍ନାନ କରି ଫେରିଆସିବେ । ସେ ତାଙ୍କ ପ୍ରତିଜ୍ଞା ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ନିଜ ଗୁରୁଦେବଙ୍କ ଆଜ୍ଞାରେ ଜନ୍ମସ୍ଥାନ ଅଭିମୁଖରେ ଯାତ୍ରା କଲେ । ଯେଉଁମାନଙ୍କ ମନ ଭଗବତ ଚରଣକମଳରେ ଚଞ୍ଚରିକ, ସେମାନେ ଘରେ ରହନ୍ତୁ ବା ବଣରେ ରହନ୍ତୁ ତାଙ୍କ ସକାଶେ ଉଭୟ ସମାନ । ଶ୍ରୀ ମହାରାଜଜିଙ୍କ ଶ୍ରୀ ଅବଧରୁ ଯାତ୍ରା କରି କିଛିଦିନ ପରେ ବାରବଙ୍କି ଜିଲ୍ଲା ଅନ୍ତର୍ଗତ ଗୂଢ଼ ଗ୍ରାମରେ ପହଞ୍ଚିଲେ । ଏହି ଗୂଢ଼ ଗ୍ରାମରେ ମହାରାଜଙ୍କ ସ୍ମାରକ ସ୍ଥାନ ଆଜିପର୍ଯ୍ୟନ୍ତ ଅଛି । ସେଠାରେ ବହୁତ ବ୍ୟକ୍ତି ଏକତ୍ର ହୋଇ ତୁଳସୀ ରାମାୟଣ ବାଦ୍ୟ ସହିତ ସ୍ୱର ତାଳରେ ଗାନ କରୁଥିଲେ । ରାମାୟଣ ରାମନାମ ଶ୍ରୀ ମହାରାଜଙ୍କର ପ୍ରାଣରୁ ଅଧିକ ପ୍ରିୟ । ରାମାୟଣ ଗାନ ଶୁଣି ଯିବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା । ସେ ସେଠାରେ ବସି ରାମାୟଣ ଶୁଣିଲେ । ସେହି ସଭାରେ ଅବସରପ୍ରାପ୍ତ ରାପଟ୍ ସାହେବଙ୍କ ସେନାର ଜଣେ ବ୍ରାହ୍ମଣ ସିପାହି ଥିଲେ । ସେ ମହାରାଜଙ୍କୁ ଚିହ୍ନି ତାଙ୍କୁ ବହୁତ ଅନୁନୟ ବିନୟ କରି ତାଙ୍କଠାରୁ ରାମତାରକ ମନ୍ତ୍ର ଉପଦେଶ ନେଇ ତାଙ୍କୁ ଗୁରୁରୂପେ ବରଣ କଲେ । ସେ ଗ୍ରାମର ଲୋକେ ବହୁତ ଆଗ୍ରହ କରି ଶ୍ରୀ ମହାରାଜଙ୍କୁ ତିନିମାସ ରଖିଲେ । ପରେ

ସେମାନଙ୍କଠାରୁ ବିଦାୟ ନେଇ ଲକ୍ଷ୍ନୌ ଦେଇ ସୀତାପୁର ଅନ୍ତର୍ଗତ ନୈମିଷାରଣ୍ୟରେ ପହଞ୍ଚି ଚକ୍ରତୀର୍ଥରେ ସ୍ନାନ କରି ନିଜ ଜନ୍ମସ୍ଥାନରେ ପଦାର୍ପଣ କଲେ । ଶ୍ରୀମହାରାଜଙ୍କ ଆଗମନର ଖବର ଅଳ୍ପକ୍ଷଣରେ ଗ୍ରାମରେ ବ୍ୟାପିଗଲା । ନବବଧୂ, ଛୋଟଶିଶୁଙ୍କୁ ଛାଡ଼ି ସମସ୍ତ ନରନାରୀ, ବାଳ, ବୃଦ୍ଧ ଶ୍ରୀ ମହାରାଜଙ୍କୁ ଦର୍ଶନ କରିବାକୁ ଘରୁ ବାହାରି ଆସିଲେ । ଗ୍ରାମ ଦାଣ୍ଡ ଜନସମୂହରେ ପୂର୍ଣ୍ଣ ହୋଇଗଲା । ତାଙ୍କ ଭ୍ରାତାମାନେ ଆସି ମହାରାଜଙ୍କୁ ଘରକୁ ନେଇଗଲେ । ତାଙ୍କ ଧର୍ମପତ୍ନୀ, ମାତା ଓ ଭ୍ରାତାମାନଙ୍କର ଆନନ୍ଦର ସୀମା ରହିଲା ନାହିଁ । ଶ୍ରୀ ମହାରାଜ ଘରୁ ଯିବା ପରେ ତାଙ୍କ ପିତା ଓ ପିତାଙ୍କ ଭ୍ରାତାମାନେ ପରଲୋକ ଗମନ କରି ସାରିଥିଲେ । ମାତା ଓ ଭ୍ରାତାଙ୍କ ବହୁତ ଆଗ୍ରହ ଯୋଗୁଁ ଶ୍ରୀ ମହାରାଜ କିଛି ଦିନ ଗୃହରେ ଅବସ୍ଥାନ କଲେ ।

ଶ୍ରୀ ମହାରାଜଜି ଗୃହରେ ରହିବା ଦିନଠାରୁ ବରାବର ସଜ୍ଜ, ମହାତ୍ମା, ବିଦ୍ୱାନ୍, ପଣ୍ଡିତ ଆସିବାକୁ ଲାଗିଲେ । ପ୍ରତିଦିନ ରାମାୟଣ, ଭଗବତ, ସତ୍‌ସଙ୍ଗ ଚାଲିଲା । ମହାରାଜଙ୍କ ପ୍ରଭାବରୁ ଗ୍ରାମଲୋକେ ପରସ୍ପର ବୈର ବିବାଦ ଛାଡ଼ି ସମସ୍ତେ ଭଗବତ୍ ଭକ୍ତ ହୋଇଗଲେ । ମାତା, ଭ୍ରାତା, ଧର୍ମପତ୍ନୀଙ୍କୁ ସଙ୍ଗରେ ନେଇ ସେ ବଦ୍ରିକାଶ୍ରମ ଦର୍ଶନ କରି ଫେରିଆସିଲେ । ବୃଦ୍ଧା ମାତା ତାଙ୍କ ଅନ୍ତିମ ସମୟ ଜାଣି ନିଜ ପୁତ୍ର ଭକ୍ତ ରଘୁନାଥଙ୍କୁ ଡାକି କହିଲେ, ''ସୁତ, ତୋତେ ମୁଁ ଏହାହିଁ ମାଗୁଛି, ମୋର ମୃତ୍ୟୁପରେ ମୁଁ ବୈକୁଣ୍ଠରେ ଭଗବତ୍ ପ୍ରାପ୍ତି କରିବି, ମୋତେ ଏହି ବର ଦେ ।'' ଶ୍ରୀମହାରାଜଜି ବହୁତ ପ୍ରକାର ଶାସ୍ତ୍ରାନୁସାରେ ବୁଝାଇ କହିଲେ, ''ତୁମେ ତୁମର ଶୁଭ କର୍ମାନୁସାରେ ସଦ୍‌ଗତି ପାଇବ । ମୋର କହିବା ଦରକାର ନାହିଁ ।'' କିନ୍ତୁ ମା' ଏଥିରେ ଏକେବାରେ ସମ୍ମତ ନ ହୋଇ ଆଗ୍ରହ କରିବାରୁ ଶ୍ରୀ ମହାରାଜ କହିଲେ, ''ତୁମେ ମୃତ୍ୟୁ ପରେ ବୈକୁଣ୍ଠରେ ଭଗବତ୍ ପ୍ରାପ୍ତ ହେବ ।'' ଏହା ଶୁଣିବା ମାତ୍ରେ ତାଙ୍କ ମାତା ରାମ ରାମ ଉଚ୍ଚାରଣ କରୁ କରୁ ଶେଷ ନିଃଶ୍ୱାସ ପରିତ୍ୟାଗ କରି ବୈକୁଣ୍ଠରେ ଭଗବତ୍ ପ୍ରାପ୍ତି କଲେ । ଏ ଘଟନା ଶୁଣି କେତେକ ବ୍ୟକ୍ତି ଏହାର ସତ୍ୟାସତ୍ୟ ଜାଣିବାକୁ ଆଗ୍ରହ କଲେ ଏବଂ ନାନା ପ୍ରକାର ଆଲୋଚନା କରିବାକୁ ଲାଗିଲେ । ଯେଉଁମାନେ ଭଗବତ୍ ଭକ୍ତ, ଭଗବାନଙ୍କ ମଧ୍ୟରେ ଯେଉଁମାନଙ୍କ ନିବାସ, ସେମାନେ ନିନ୍ଦା-ସ୍ତୁତିର ଊର୍ଦ୍ଧ୍ୱରେ । କେହି ବିଶ୍ୱାସ କରୁ ବା ଅବିଶ୍ୱାସ କରୁ ସେଥିରେ ତାଙ୍କର କିଛି ନ ଥାଏ । କିନ୍ତୁ ତାଙ୍କ ଭାଇ ଓ ମିତ୍ରମାନେ ତ' ସାଧାରଣ ଚେତନାର ଊର୍ଦ୍ଧ୍ୱରେ ନାହାନ୍ତି । ସେମାନଙ୍କୁ ଲୋକଙ୍କ କଟୁ ସମାଲୋଚନା ତିକ୍ତ ଲାଗିଲା । ସେମାନେ ବହୁତ ପ୍ରାର୍ଥନାପୂର୍ବକ କହିଲେ, ''ତୁମ ସକାଶେ ନିନ୍ଦା-ସ୍ତୁତି ସମାନ, କିନ୍ତୁ ଆମ୍ଭେମାନେ ସାଧାରଣ ମନୁଷ୍ୟ, ଆମ୍ଭ ପକ୍ଷେ ତୁମ ନିନ୍ଦା ଅସହ୍ୟ । ତୁମେ ସମର୍ଥ, କେବଳ ଆମ୍ଭମାନଙ୍କ ସକାଶେ ମା'ଙ୍କୁ ବର ଦେବା ସତ୍ୟତାର ପ୍ରମାଣ ଦିଅ, ସେଥିରେ ନିନ୍ଦା କରିବା ବ୍ୟକ୍ତିଙ୍କର ବି କଲ୍ୟାଣ ହେଉ ।'' ମହାରାଜ କହିଲେ, ''ଆଚ୍ଛା ଭଗବାନଙ୍କର ଯେପରି ଇଚ୍ଛା ହେବ ସେହିପରି ହେବ ।'' ଚିତା ତିଆରି ହେଲା, ମୃତ ଶରୀରକୁ ଚିତା ଉପରେ ରଖି ସମସ୍ତ ବିଧିବିଧାନ ସମାପ୍ତ ହେବା ପରେ ଅଗ୍ନି ଦେବା ପୂର୍ବରୁ ଶ୍ରୀ ମହାରାଜ କହିଲେ, ''ଯଦି ମୋ ବାକ୍ୟକୁ ଶ୍ରୀରାମ ସତ୍ୟ କରିଛନ୍ତି ତେବେ ମୃତ ଶରୀରର ଦକ୍ଷିଣ ବକ୍ଷରୁ କ୍ଷୀର ସ୍ରବିତ ହେଉ ।'' – ଏହି ବାକ୍ୟ ଉଚ୍ଚାରଣ ସଙ୍ଗେସଙ୍ଗେ ପ୍ରତ୍ୟକ୍ଷ ଦେଖାଗଲା ମୃତ ଶରୀରର ଦକ୍ଷିଣ ସ୍ତନରୁ ଦୁଗ୍ଧ ପ୍ରବାହିତ ହେଲା । ଆଉ ଚିତା ସ୍ଥାନର ବାତାବରଣ ଅଲୌକିକ ଦିବ୍ୟାନନ୍ଦରେ ପରିପୂର୍ଣ୍ଣ ହୋଇଗଲା । ସମସ୍ତ ବ୍ୟକ୍ତି ଆଶ୍ଚର୍ଯ୍ୟ ହୋଇ ମହାରାଜଜିଙ୍କ ଚରଣରେ ପଡ଼ି ସ୍ତୁତି କଲେ । ମାତାଙ୍କର ମୃତସଂସ୍କାର କ୍ରିୟା ଶାସ୍ତ୍ର ବିଧିବିଧାନାନୁସାରେ ସମାପ୍ତ ହେଲା ।

ଅଯୋଧ୍ୟାରେ ତପସ୍ୟାଜୀବନ

ମା'ଙ୍କ ମୃତସଂସ୍କାର କ୍ରିୟା ପରେ ଶ୍ରୀ ମହାରାଜଙ୍କ ଗୃହବାସ ଏକ ବର୍ଷ ପୂର୍ଣ୍ଣ ହେଲା । ସେ ସମସ୍ତ ପରିବାରକୁ କହିଲେ, ''ବର୍ତ୍ତମାନ ମୁଁ ଅଯୋଧ୍ୟା ଯାଇ ଶ୍ରୀରାମଚନ୍ଦ୍ରଙ୍କ ଭଜନ ଧ୍ୟାନରେ ସମସ୍ତ ଜୀବନ ଉତ୍ସର୍ଗ କରିବାକୁ ଚାହେଁ ।'' ଏକଥା ଶୁଣିବାମାତ୍ରେ ସମସ୍ତ ବ୍ୟକ୍ତି ଏକ ସଙ୍ଗେ ଉଚ୍ଚ ସ୍ୱରରେ କାନ୍ଦିବାକୁ ଲାଗିଲେ । ଶ୍ରୀ ମହାରାଜ ସମସ୍ତଙ୍କୁ ବୁଝାଇ ସାନ୍ତ୍ୱନା ଦେଲେ । କିନ୍ତୁ ତାଙ୍କ ଧର୍ମପତ୍ନୀ ତାଙ୍କ ଚରଣ ଧରି କାନ୍ଦି କହିଲେ, ''ମୋର ତ' ତୁମ ଛଡ଼ା କୌଣସି

ଅବଲମ୍ବନ ନାହିଁ, ମୋତେ ସଙ୍ଗେ ନେଇ ଅଯୋଧ୍ୟା ଚାଲ, ମୁଁ ତୁମ ସଙ୍ଗେ ରହି ତୁମ ସେବା କରି ଉଦ୍ଧାର ହୋଇଯିବି, ଅନ୍ୟଥା ମୃତ ଶରୀର ଏଠାରେ ରହିଯିବ, ପ୍ରାଣ ତୁମ ସଙ୍ଗରେ ଯିବ ।'' ମହାରାଜ ବହୁତ ବୁଝାଇ ଦେଖିଲେ ଯେ ଏହାକୁ ସଙ୍ଗେ ନ ନେଲେ ଏ ଅବଶ୍ୟ ଶରୀର ତ୍ୟାଗ କରିଦେବ । ତେଣୁ ତାଙ୍କୁ ସଙ୍ଗେ ନେଇ ଶ୍ରୀ ଅବଧ ଯାତ୍ରା କଲେ । ଶ୍ରୀଗୁରୁ ମହାରାଜ ପ୍ରିୟ ଶିଷ୍ୟକୁ ଦେଖି ଅତ୍ୟନ୍ତ ଆନନ୍ଦିତ ହେଲେ । ଶ୍ରୀଗୁରୁଦେବଙ୍କ ଆଜ୍ଞାରେ ଶ୍ରୀ ମହାରାଜ ଦୁଇଟି ପର୍ଣ୍ଣଶାଳା ନିର୍ମାଣ କରାଇ ଗୋଟିକରେ ସ୍ୱୟଂ ଏବଂ ଅନ୍ୟଟିରେ ତାଙ୍କ ଧର୍ମପତ୍ନୀ ବାସ କଲେ । ତିନି, ଚାରି ବର୍ଷ ପରେ ପତିପରାୟଣା ସାଧ୍ୱୀ ତପସ୍ୱିନୀ ଧର୍ମପତ୍ନୀ ଶ୍ରୀରାମଙ୍କ ନାମ ଜପ ସହ ନଶ୍ୱର ଶରୀର ତ୍ୟାଗ କରି ସାକେତ ଦିବ୍ୟଧାମରେ ଶ୍ରୀରାମଚନ୍ଦ୍ରଙ୍କ ସେବାକୁ ପ୍ରାପ୍ତ ହେଲେ । ପରେ ମହାରାଜଙ୍କ ଗୁରୁଦେବ ବାବା ମୌନୀ ବଳରାମ ଦାସ ମଧ୍ୟ ସାକେତ ଧାମକୁ ପ୍ରାପ୍ତ ହେଲେ । ଗୁରୁଦେବଙ୍କ ବିୟୋଗରେ ତାଙ୍କୁ ବହୁତ ଦୁଃଖ ହେଲା । ତାଙ୍କ ଭଣ୍ଡାର, ଅର୍ଥାତ୍ ମୃତ୍ୟୁର ତେର ଦିନରେ ସାଧୁମାନଙ୍କ ଭୋଜନ ସମାପ୍ତ ହେବା ପରେ ମହାରାଜଜି ସମସ୍ତ ବାହ୍ୟ କାର୍ଯ୍ୟରୁ ନିବୃତ୍ତ ହୋଇ ଅଯୋଧ୍ୟା ଅନ୍ତର୍ଗତ ବାସୁଦେବ ଘାଟରେ ପର୍ଣ୍ଣକୁଟୀର ନିର୍ମାଣ କରି ଅଖଣ୍ଡ ରାମ ଭଜନରେ ତନ୍ମୟ ହୋଇଗଲେ । ଶ୍ରୀ ମହାରାଜ ବାସୁଦେବ ଯେଉଁ ଘାଟରେ ଭଜନ କରିଥିଲେ, ତାହାର ଆୟତନ ପ୍ରାୟ ସାତଆଠ ଏକର ଜମି ହେବ । ସେଠାରେ ବର୍ତ୍ତମାନ ଶ୍ରୀରାମଚନ୍ଦ୍ରଙ୍କ ବିଶାଳ ମନ୍ଦିର ତିଆରି ହୋଇଛି । ଶ୍ରୀ ମହାରାଜଜି ଯେଉଁ ବୃକ୍ଷ ତଳେ ଧ୍ୟାନ କରୁଥିଲେ, ସେହି ବିଶାଳ ଅଶ୍ୱତ୍‌ଥ ବୃକ୍ଷ ତଳେ ଗୋଟିଏ ପକ୍କା ମଣ୍ଡପ ତିଆରି ହୋଇଛି । ସେହି ସ୍ଥାନରେ କିଛି ମାସ ରହିବାର ସୌଭାଗ୍ୟ ଏହି ଲେଖକକୁ ପ୍ରାପ୍ତ ହୋଇଥିଲା ।

ଐକାନ୍ତିକ ସାଧନା

ଶ୍ରୀ ମହାରାଜଙ୍କ ଭଜନ ଥିଲା ରାମନାମ ଜପ ଏବଂ ହୃଦୟରେ ଶ୍ରୀରାମଙ୍କ ଧ୍ୟାନ । ଅଳ୍ପକିଛି ଦିନ ପରେ ମହାରାଜଙ୍କ ଖ୍ୟାତି କ୍ରମଶଃ ବଢ଼ିଲା । କେତେ ଭବ-ତାପ-ପୀଡ଼ିତ ବ୍ୟକ୍ତି ଜନ୍ମ-ମରଣ ଦ୍ୱନ୍ଦ୍ୱରୁ ନିବୃତ୍ତି ପାଇବା ସକାଶେ ଶ୍ରୀ ମହାରାଜଙ୍କ ଶରଣାପନ୍ନ ହୋଇ ଶ୍ରୀରାମତାରକ ମନ୍ତ୍ର ଉପଦେଶ ନେଲେ ଏବଂ ବୈରାଗ୍ୟ ଭେକ ଧାରଣ କରି ଶ୍ରୀ ମହାରାଜଙ୍କ ନିର୍ଦ୍ଦେଶରେ ସାଧନା କରିବାକୁ ଲାଗିଲେ । ଆଉ କେତେକ ବୀତରାଗୀ ସନ୍ଥ ମହାତ୍ମା ନିଜ ସାଧନାରେ ସାହାଯ୍ୟ ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ତାଙ୍କ ସମୀପରେ ନିବାସ କଲେ । ଏହିରୂପେ କ୍ରମଶଃ ବୀତରାଗୀ ତ୍ୟାଗୀ ସାଧୁ ସନ୍ଥଙ୍କ ସଂଖ୍ୟା ବଢ଼ିବାକୁ ଲାଗିଲା । ତାଙ୍କ ସମୀପରେ ନିବାସ କରିଥିବା ସମସ୍ତ ସାଧୁସନ୍ଥ ଏବଂ ଶିଷ୍ୟଙ୍କ ଭୋଜନ, ବସ୍ତ୍ର, ରହିବାର ସ୍ଥାନ ପ୍ରବନ୍ଧର ଭାର ଶ୍ରୀ ମହାରାଜଙ୍କୁ ବହନ କରିବାକୁ ହେଲା । ଶ୍ରୀ ମହାରାଜ ବଡ଼ ବଡ଼ ପର୍ଣ୍ଣକୁଟୀର ତିଆରି କରାଇଦେଲେ । ସେଥିରେ ସନ୍ଥମାନେ ନିବାସ କଲେ । ସେହି ପର୍ଣ୍ଣକୁଟୀରରେ ମଧ୍ୟ ସମସ୍ତଙ୍କ ପାଇଁ ରୋଷେଇ ହୁଏ । ସନ୍ଥଙ୍କ ପଙ୍ଗତ ଅର୍ଥାତ୍ ଭୋଜନ ସମୟରେ ଯେକୌଣସି ବ୍ୟକ୍ତି ଆସେ, ତାହାକୁ ମନା ନ ଥାଏ । ଏପରିକି ଭୋଜନ ହେବା ପରେ ରାତ୍ରି ନଅଟା ପର୍ଯ୍ୟନ୍ତ ଭୋଜନପ୍ରାର୍ଥୀ ଯେ କେହି ବ୍ୟକ୍ତିକୁ ଭୋଜନ ଦିଆଯାଉଥାଏ । ଶ୍ରୀମହାରାଜଙ୍କୁ ବାହାରୁ ବହୁତ ଦୂରରୁ ଗରିବଠାରୁ ରାଜା ମହାରାଜା ପର୍ଯ୍ୟନ୍ତ ଆସି ଦର୍ଶନ କରନ୍ତି ଓ ତାଙ୍କଠାରୁ ଉପଦେଶ ପ୍ରାପ୍ତ କରି କୃତାର୍ଥ ହୁଅନ୍ତି । ଯେଉଁମାନେ ମଠକୁ ଆସନ୍ତି ସେମାନେ ଭୋଜନ ନ କରି ଫେରନ୍ତି ନାହିଁ । ଅଳ୍ପ କେଇ ବର୍ଷ ମଧ୍ୟରେ ସନ୍ଥ ଆଉ ଦର୍ଶନାର୍ଥୀଙ୍କ ସଂଖ୍ୟା ଏତେ ବଢ଼ିଗଲା ଯେ ଏତେ ବଡ଼ ସ୍ଥାନ ମଧ୍ୟ ଯଥେଷ୍ଟ ହେଲା ନାହିଁ । ସ୍ଥାନ କମ୍ ହେବା କାରଣରୁ ଶ୍ରୀ ମହାରାଜ ସେ ସ୍ଥାନ ଛାଡ଼ି ଅଳ୍ପଦୂରରେ ସରଯୁ ନଦୀ କୂଳେ ସ୍ୱର୍ଣ୍ଣକୁଣ୍ଡର ବହୁତ ନିକଟରେ ପର୍ଣ୍ଣକୁଟୀର ନିର୍ମାଣ କରି ସେଠାରେ ଅନ୍ୟାନ୍ୟ ସନ୍ଥଙ୍କ ସଙ୍ଗେ ନିବାସ କଲେ ।

ସନ୍ଥମାନଙ୍କ ସଂଖ୍ୟା ବରାବର କ୍ରମଶଃ ବୃଦ୍ଧି ହେବାରୁ ଅଧିକ ସ୍ଥାନରେ ପର୍ଣ୍ଣକୁଟୀର ନିର୍ମାଣ କରିବାକୁ ହେଲା । ଶ୍ରୀ ମହାରାଜଙ୍କ ଦ୍ୱାରା ଅଧିକ ଜମି ଅଧିକୃତ ହେବାରୁ ଅଯୋଧ୍ୟା ରାଜା ନିଜ କର୍ମଚାରୀଙ୍କୁ ପଠାଇ ଖବରଦେଲେ, ''ସାଧୁଙ୍କର ଭଜନ କରିବା ଉଚିତ, ଏତେ ଜମି ଅଧିକାର କରିବା ପ୍ରୟୋଜନ କ'ଣ ?'' ଏକଥା ଶୁଣିବା ମାତ୍ରେ

ଶ୍ରୀ ମହାରାଜ ସେଠାରୁ ଉଠି ଚାଲିଗଲେ । ସନ୍ଥମାନେ ମଧ୍ୟ ତାଙ୍କ ଅନୁଗମନ କଲେ । ଅଯୋଧ୍ୟା ରାଜ୍ୟର ସରହଦ ଛାଡ଼ି ଅନ୍ୟ ରାଜ୍ୟର ଜମିଦାରିରେ ସରଯୂ ନଦୀ କୂଳେ ପହଞ୍ଚି ସେଠାରେ ଶ୍ରୀ ମହାରାଜ ସନ୍ଥଙ୍କ ସହିତ ଆସନ ଲଗାଇଦେଲେ । ସେହି ସ୍ଥାନର ରାଜା ଖବର ପାଇବା ମାତ୍ରେ ମନ୍ତ୍ରୀ ଓ କର୍ମଚାରୀମାନଙ୍କ ସହିତ ଆସି ମହାରାଜଙ୍କୁ ଦର୍ଶନ କଲେ, ଆଉ ହାତଯୋଡ଼ି ପ୍ରାର୍ଥନା କଲେ, ''ଏସବୁ ଜମି ଆପଣଙ୍କର, ମୁଁ ତ' ଆପଣଙ୍କର ଜଣେ ସେବକ, ମୋ ଉପରେ ଦୟାକରି ଏଠାରେ ନିବାସ କରନ୍ତୁ ।'' ସେ ତତ୍‌କ୍ଷଣାତ୍ ସନ୍ଥମାନଙ୍କ ସକାଶେ ପର୍ଣ୍ଣକୁଟୀର ତିଆରି କରିବା ପାଇଁ ମନ୍ତ୍ରୀଙ୍କୁ ହୁକୁମ ଦେଇ ଶ୍ରୀ ମହାରାଜଙ୍କ ଚରଣରେ ପ୍ରଣାମ କରି ବିଦାହେଲେ ।

ଶ୍ରୀ ମହାରାଜ ଅଯୋଧ୍ୟା ଛାଡ଼ି ଚାଲିଆସିବା ପରେ ଅଯୋଧ୍ୟା ରାଜା ବହୁତ ପଶ୍ଚାତ୍ତାପ କଲେ । ସେ ମନ୍ତ୍ରୀଙ୍କୁ ପଠାଇ ମହାରାଜଙ୍କୁ ଫେରି ଆସିବାକୁ ପ୍ରାର୍ଥନା କଲେ । ମହାରାଜ ଅସ୍ୱୀକାର କରିବାରୁ ସେ ସ୍ୱୟଂ ଆସି ହାତଯୋଡ଼ି ପ୍ରଣାମ କରି ପ୍ରାର୍ଥନା କରି କହିଲେ, ''ମୋ ଅପରାଧ କ୍ଷମା କରି ଅଯୋଧ୍ୟାର ପୂର୍ବ ସ୍ଥାନକୁ ଫେରନ୍ତୁ । ମୁଁ ଆପଣଙ୍କୁ ସଙ୍ଗେ ନ ନେଇ ଏକା ଫେରିବି ନାହିଁ ।'' ତାଙ୍କ ପୂର୍ବ ପର୍ଣ୍ଣକୁଟୀର ଥିଲା ଅଯୋଧ୍ୟା ପାଞ୍ଚକୋଶ ଆୟତନ ମଧ୍ୟରେ, ଯେଉଁ ଆୟତନରେ ଶ୍ରୀ ଚକ୍ରବର୍ତ୍ତୀ ମହାରାଜ ଦଶରଥଙ୍କର ମହଲ ଥିଲା । ୧୪ କୋଶ ଆୟତନ ମଧ୍ୟରେ ତାଙ୍କ ଜିଲ୍ଲା ଅଫିସ, କର୍ମଚାରୀ ଆଉ ସେନାମାନଙ୍କ ନିବାସ ସ୍ଥାନ । ୮୦ କ୍ରୋଶ ଆୟତନରେ ଥିଲା ଅଯୋଧ୍ୟା ସହର । ବାସୁଦେବ ଘାଟ ଏବଂ ସ୍ୱର୍ଣ୍ଣକୁଣ୍ଡ, ଯେଉଁ ଦୁଇ ସ୍ଥାନରେ ମହାରାଜା ପୂର୍ବେ ଥିଲେ, ତାହା ପାଞ୍ଚକୋଶ ଆୟତନ ମଧ୍ୟରେ । ଅଯୋଧ୍ୟା ରାଜାଙ୍କ ସରହଦ ଛାଡ଼ି ପରେ ଯେଉଁ ବେଲାର ଘାଟରେ ରହିଲେ ତାହା ହେଉଛି ଅଯୋଧ୍ୟା ୮୪ କ୍ରୋଶ ଆୟତନ ମଧ୍ୟରେ । ଅଯୋଧ୍ୟା ମହାରାଜା ଶ୍ରୀ ମହାରାଜଙ୍କୁ ବେଲାରଘାଟରୁ ଫେରାଇ ଆଣିଲେ ଅଯୋଧ୍ୟା ପାଞ୍ଚକୋଶ ଆୟତନ ଅନ୍ତର୍ଗତ ପୂର୍ବସ୍ଥାନକୁ । କିନ୍ତୁ ମହାରାଜ ତାଙ୍କ ପୂର୍ବ ନିବାସ ସ୍ୱର୍ଣ୍ଣକୁଣ୍ଡ ପାଖରେ କୁଟୀର ତୟାରି ଥିବା ସତ୍ତ୍ୱେ ସେଠାରେ ନ ରହି ଲୋକସମୂହରୁ ପୃଥକ୍ ସରଯୂ ପାର ମାଝାରେ ରହିବାକୁ ନିଜ ଇଚ୍ଛା ପ୍ରକାଶ କଲେ ଏବଂ ରାଜାଙ୍କୁ ବୁଝାଇ ଦେଲେ । ରାଜା ପ୍ରସନ୍ନ ମନରେ କହିଲେ, ''ଆପଣଙ୍କ ପ୍ରସନ୍ନତାରେ ସରଯୂ କୂଳ ମାଝାରେ ରହନ୍ତୁ । ମୋର ସେଥିରେ ପ୍ରସନ୍ନତା, କିନ୍ତୁ ରହନ୍ତୁ ଅଯୋଧ୍ୟା ପାଞ୍ଚ କ୍ରୋଶ ଆୟତନ ମଧ୍ୟସ୍ଥ ମୋର ଏହି ଭୂମିରେ । ମୋର ଏହିମାତ୍ର ପ୍ରାର୍ଥନା ଆଉ ଏହି ସେବା ।'' ଏହିପରି କହି ତତ୍‌କ୍ଷଣାତ୍ ବହୁତ ନୌକା ମଗାଇ ନେଲେ । ସମସ୍ତ ସନ୍ଥ ପାର ହେବା ପରେ ତାଙ୍କ ନିଜ ନୌକାରେ ଶ୍ରୀ ମହାରାଜ ଆଉ ମନ୍ତ୍ରୀଙ୍କ ସହିତ ସେ ପାର ହେଲେ । ଅଯୋଧ୍ୟା ରାଜା ଶ୍ରୀ ମହାରାଜଙ୍କୁ ମାଝାରେ ଛାଡ଼ି ପ୍ରଣାମ କରି ବିଦାୟ ନେଇ ମନ୍ତ୍ରୀଙ୍କ ସହିତ ଫେରିଲେ ।

ମାଝାରେ ବହୁତ ପର୍ଣ୍ଣକୁଟୀର ତିଆରି ହୋଇଗଲା । ମଧ୍ୟସ୍ଥ ପର୍ଣ୍ଣକୁଟୀରରେ ଶ୍ରୀ ମହାରାଜଙ୍କ ଆସନ ରହିଲା । ତାହାକୁ କେନ୍ଦ୍ର କରି ଚତୁଃପାର୍ଶ୍ୱରେ ସନ୍ଥମାନଙ୍କ କୁଟୀର ତିଆରି ହେଲା । ସରଯୂ ନଦୀକୂଳରେହିଁ ଅଯୋଧ୍ୟା ନଗରୀ । ଅଯୋଧ୍ୟା ନିକଟରେ ସରଯୂ ନଦୀରୁ ଅନ୍ୟ ଗୋଟିଏ ସ୍ରୋତ ପ୍ରବାହିତ ହୋଇ କେତେ କୋଶ ଜମିକୁ ବୃତ୍ତାକାରରେ ଘେରି ପୁନରାୟ ସରଯୂର ପ୍ରଧାନ ସ୍ରୋତରେ ସମ୍ମିଳିତ ହୋଇଥିଲା । ସେହି ସରଯୂ ଗର୍ଭଭୂମିରେ ଝାଉଁ ଜଙ୍ଗଲ ହୋଇ ଯାଇଥିଲା ସେହି ଭୂମି ମାଝା ନାମରେ ପ୍ରଖ୍ୟାତ ଥିଲା । ସେହି ସ୍ଥାନର ଶୋଭା ଶ୍ରୀ ମହାରାଜଙ୍କ ଜୀବନଚରିତ ଲେଖାରେ କବି ସୁନ୍ଦର ଭାବରେ ବର୍ଣ୍ଣନା କରିଅଛନ୍ତି ।

ଏହି ମହାରାଜଙ୍କ ଶିଷ୍ୟ ମୌନୀ ରାମଶରଣ ଦାସ ମହାରାଜ ଯେ କି ଲେଖକର ଗୁରୁଦେବ, ପରେ ସେହି ମାଝାରେ ନିବାସ କରୁଥିଲେ । ସେହି ସମୟରେ ଲେଖକକୁ ସେ ସ୍ଥାନରେ ରହିବାର ସୁଯୋଗ ପ୍ରାପ୍ତ ହୋଇଥିଲା ଝାଉଁ ଜଙ୍ଗଲ ମଧ୍ୟରେ । ସରଯୂ କୂଳରେ ସାଧକମାନଙ୍କର ସୁନ୍ଦର ପର୍ଣ୍ଣକୁଟୀର ସାମନା ଆଉ ପାଖ ଭୂମିକୁ ଲିପାଲିପି କରି ଏପରି ସୁନ୍ଦର କରିଥାଆନ୍ତି ଯେ ସେହି ସ୍ଥାନ ଦେଖିବା ମାତ୍ରେ ମନରେ ସାତ୍ତ୍ୱିକଭାବ ଉତ୍ପନ୍ନ ହୁଏ ଏବଂ ସେଠାରେ ବସିରହି ନିର୍ନିମେଷ ଦୃଷ୍ଟିରେ ସେହି ଦୃଶ୍ୟ ଦେଖିବାକୁ ମନହୁଏ । ଦୃଷ୍ଟି ଖୋଲିଲେ ମନୋମୁଗ୍ଧକାରୀ ସରଯୂର ପ୍ରବାହ, ସନ୍ଥମାନଙ୍କ ପବିତ୍ର କୁଟୀର, ତୁଳସୀମଞ୍ଜରୀଯୁକ୍ତ ସୁରମ୍ୟ ଲିପାଭୂମି ବଳପୂର୍ବକ ମନୁଷ୍ୟ ମନକୁ ଆକର୍ଷଣ କରେ ।

ବର୍ତ୍ତମାନ ସେ ଶୋଭା ନାହିଁ, ସରଯୂର ଦୁଇଟିଯାକ ସ୍ରୋତ ଏକତ୍ର ହୋଇ ଯାଇଛି । ସରଯୂରେ ପ୍ରସ୍ତର ବନ୍ଧ

ଏବଂ ପୋଲ ହେବାରୁ ମାଝି ବି ସମାପ୍ତ ହୋଇ ଯାଇଛି । ସେ ସମୟ ପରି ତ୍ୟାଗୀ, ସନ୍ଥ, ମହାତ୍ମାମାନେ ମଧ୍ୟ ଆଉ ସେଠାରେ ନାହାନ୍ତି ।

ମହାରାଜ ସରଯୂ ନଦୀର ଗର୍ଭ-ଭୂମି ମାଝିରେ ନିବାସ କରିବାରୁ ତାଙ୍କ ଦର୍ଶନ ସର୍ବସାଧାରଣଙ୍କ ପକ୍ଷରେ ସହଜ ନ ଥିଲା । କିନ୍ତୁ ଶ୍ରଦ୍ଧାଳୁ ଭକ୍ତ, ଭକ୍ତିପିପାସୁ, ତ୍ୟାଗିସନ୍ଥଙ୍କ ଭିଡ଼ ବରାବର ଲାଗି ରହୁଥିଲା । ମହାରାଜଙ୍କ ସୁଖ୍ୟାତି ଶୁଣି ରିମା ନରେଶ ଭକ୍ତ ରଘୁରାଜ ସିଂହ ନିଜ ପାତ୍ର ଅମାତ୍ୟବର୍ଗ ସହିତ ଦର୍ଶନକୁ ଆସିଲେ । ସେ ଥିଲେ ବହୁତ ବଡ଼ ଭକ୍ତ ଏବଂ ସନ୍ଥସେବୀ । ତାଙ୍କର ସନ୍ଥମାନଙ୍କଠାରେ ବିଶେଷ ନିଷ୍ଠା ଥିଲା । ସେ ତୁଳସୀ ଦାସଙ୍କ ବିନୟ ପତ୍ରିକାର ଟୀକା ଲେଖିଛନ୍ତି, ଆଉ ବହୁ ଭକ୍ତଙ୍କ ଜୀବନୀ ମଧ୍ୟ ଲେଖିଛନ୍ତି । ସେ ମହାରାଜଙ୍କୁ ଦର୍ଶନ କରି ବଡ଼ ଆନନ୍ଦିତ ହେଲେ ଏବଂ ଭଗବତ୍ ଦର୍ଶନ ଓ ଭକ୍ତିପ୍ରାପ୍ତିର ଉପାୟ ପଚାରିଲେ । ଏହି ପ୍ରଶ୍ନୋତ୍ତର ଓ ସତ୍‌ସଙ୍ଗ ଚର୍ଚ୍ଚା ସମୟରେ ଗୋଟିଏ ସେବକ ଦ୍ୱାରା କୌଣସି ଏକ ପତ୍ର ପାଇ ରାଜା ଅତ୍ୟନ୍ତ ବ୍ୟଥିତ ହୋଇ ପଡ଼ିଲେ । ରାଜକୁମାର ଅତ୍ୟନ୍ତ ବେମାର ଥିବା ଖବର ପତ୍ରରୁ ଜାଣି ଶ୍ରୀ ମହାରାଜଙ୍କୁ ଜଣାଇଲେ । ମହାରାଜ କିଛି ସମୟ ଧ୍ୟାନସ୍ଥ ହେବା ପରେ କହିଲେ, ''ରାଜକୁମାର ପୂର୍ଣ୍ଣ ସୁସ୍ଥ ହେବା ଖବର କାଲି ସକାଳ ପତ୍ରରୁ ପାଇବେ ।'' ରାଜା ପ୍ରସନ୍ନ ହୋଇ କିଛି ସମୟ ପରେ ବିଦାୟ ନେଇ ମାଝିରୁ ଅଯୋଧ୍ୟାକୁ ଫେରି ଆସିଲେ । ତହିଁଆର ଦିନ ସରଯୂ ନଦୀ ପାରହୋଇ ମହାରାଜଙ୍କ ପାଖକୁ ଗଲେ । ତାଙ୍କ ସଙ୍ଗେ ସତ୍‌ସଙ୍ଗ ହେବା ସମୟରେ ପୂର୍ବ ଦିନ ପରି ସେବକ ଆଣି ପତ୍ରଟିଏ ଦେଲା । ରାଜକୁମାର ପୂର୍ଣ୍ଣ ସୁସ୍ଥ ହୋଇଥିବା ଖବର ପତ୍ରରୁ ପାଇ ରାଜା ବଡ଼ ଆନନ୍ଦିତ ହେଲେ; ସତ୍‌ସଙ୍ଗ ସମାପ୍ତ ହେବା ପରେ ଶ୍ରୀ ମହାରାଜଙ୍କ ଚରଣରେ ଦୁଇ ସହସ୍ର ସ୍ୱର୍ଣ୍ଣମୁଦ୍ରା ଅର୍ପଣ କରି ସାଧୁ-ସନ୍ଥଙ୍କ ସକାଶେ ଶମ୍ଭୁଭେଖ ଭଣ୍ଡାରାର ବ୍ୟବସ୍ଥା କଲେ । ଶ୍ରୀ ମହାରାଜଙ୍କ ଆଜ୍ଞାପ୍ରାପ୍ତ କରି ସେ ବିଦାୟ ନେଲେ । ଶମ୍ଭୁଭେଖ ଭଣ୍ଡାରାର ଅର୍ଥ – ପ୍ରତ୍ୟେକ ବ୍ୟକ୍ତିଙ୍କୁ ଖଣ୍ଡିଏ ଲୁଗା ଆଉ ପୂର୍ଣ୍ଣଗ୍ରାସ ମିଷ୍ଟାନ୍ନ ଭୋଜନ ଦିଆହୁଏ । ଜଣଙ୍କ ଭୋଜନ ଦୁଇଜଣ ଖାଇ ପାରିବେ । ଏଥିରେ ସାଧୁ, ସନ୍ଥ, ଅମିର, ଗରିବ, ଭିକ୍ଷୁକ, ଦରିଦ୍ର ଯେ କେହି ଆସିବ ସମସ୍ତଙ୍କୁ ଦିଆଯିବ । ନାହିଁ ଶବ୍ଦ କାହାରିକୁ କୁହାଯିବ ନାହିଁ । ପ୍ରାୟ ୧୫/୨୦ ହଜାର ବ୍ୟକ୍ତିଙ୍କ ପାଇଁ ଭୋଜନର ବ୍ୟବସ୍ଥା କରିବାକୁ ହୁଏ ।

ମହାରାଜଙ୍କ ଦର୍ଶନକୁ ବହୁ ଦୂରଦୂରାନ୍ତରୁ ଦର୍ଶନାର୍ଥୀ ଆସୁଥିଲେ । କିନ୍ତୁ ସରଯୂ ନଦୀ ପାରହେବାକୁ ସେମାନଙ୍କୁ ବହୁତ ଅସୁବିଧା ହେଉଥିଲା । ଦିନେ ମହାରାଜଙ୍କ ଦର୍ଶନକୁ ତାଙ୍କ ଶିଷ୍ୟ ଜଣେ ଉଚ୍ଚପଦସ୍ଥ ଅଫିସର ଫଏଜାବାଦରୁ ଆସିଥିଲେ । ସରଯୂ ପାର ହୋଇ ନୌକାରୁ ଉତୁରିବା ସମୟରେ ଗୋଡ଼ ଖସିଯିବାରୁ ପାଣିରେ ପଡ଼ିଗଲେ, ଲୁଗା ଓଦା ଓ କାଦୁଅ ହୋଇଗଲା । ସେ ମହାରାଜଙ୍କୁ ଦର୍ଶନ କରି ହାତଯୋଡ଼ି ପ୍ରାର୍ଥନା କଲେ, ''ଆପଣ ପୂର୍ବ ଆଶ୍ରମ ସ୍ୱର୍ଣ୍ଣକୁଣ୍ଡ ଛାଉଣୀକୁ ଚାଲନ୍ତୁ । ବହୁତ ଲୋକ ଆପଣଙ୍କ ଦର୍ଶନରୁ ବଞ୍ଚିତ ହେଉଛନ୍ତି ଏବଂ ଏଠାକୁ ଆସିବାକୁ ଲୋକଙ୍କୁ ବିଶେଷ ଅସୁବିଧା ହେଉଅଛି ।'' ତାଙ୍କ ପ୍ରାର୍ଥନା ସ୍ୱୀକାର କରି ଶ୍ରୀ ମହାରାଜ ମାଝିରୁ ଆସି ସ୍ୱର୍ଣ୍ଣକୁଣ୍ଡ ଛାଉଣୀରେ ନିବାସ କଲେ ।

ମହାରାଜଙ୍କ ସ୍ୱର୍ଣ୍ଣକୁଣ୍ଡ ଆଶ୍ରମ ସରଯୂ ନଦୀ କୂଳରେ । ସ୍ଥାନ ବହୁତ ବିସ୍ତୃତ । ମଧ୍ୟସ୍ଥାନ ଅଶ୍ୱତ୍‌ଥ ବୃକ୍ଷତଳେ ବଡ଼ ଚୌତରା ଉପରେ ନିର୍ମାଣ ହେଲା ଶ୍ରୀ ମହାରାଜଙ୍କ କୁଟୀର ଏବଂ ତାହାର ଚତୁଃପାର୍ଶ୍ୱରେ ବିସ୍ତୃତ ଆକାରରେ ନିର୍ମାଣ କରାଗଲା ସନ୍ଥ-କୁଟୀର । ସେ ସମୟରେ ମହାରାଜଙ୍କ ଛାଉଣୀରେ ପ୍ରତିଦିନ ଏକ ହଜାରରୁ ଅଧିକ ସଂଖ୍ୟାରେ ସନ୍ଥ ନିବାସ କରୁଥିଲେ । କାର୍ତ୍ତିକ ମାସ, ରାମନବମୀ ଆଉ ଶୁଭଦିନମାନଙ୍କରେ ଦୁଇ, ତିନି ହଜାରରୁ ଅଧିକ ସନ୍ଥ ଏକତ୍ର ହେଉଥିଲେ । ସମସ୍ତ ସନ୍ଥଙ୍କ ପାଇଁ ଭୋଜନ ମହାରାଜଙ୍କ ଭୋଜନାଳୟରେ ତୟାରି ହେଉଥିଲା । ମହାରାଜଙ୍କ ଛାଉଣୀରେ ଯେଉଁ ସାଧୁସନ୍ଥ ଥିଲେ ସେମାନଙ୍କ ବ୍ୟତୀତ ବାହାରୁ ଯେଉଁ ଭକ୍ତ, ଯୋଗୀ, ସନ୍ନ୍ୟାସୀ, ସାଧୁ, ସନ୍ଥ ଏବଂ ଧନୀ, ଦରିଦ୍ର, ଭିକ୍ଷୁକ, ମଠର ସେବକ, ଗୃହୀ ଶିଷ୍ୟ ଆସୁଥିଲେ ସମସ୍ତଙ୍କୁ ଭୋଜନ ଦିଆ ହେଉଥିଲା; କାହାରିକୁ ମନା ନ ଥିଲା । ଶ୍ରୀ ମହାରାଜ ମାଝିରୁ ଆସି ପୂର୍ବ ସ୍ୱର୍ଣ୍ଣକୁଣ୍ଡ ଛାଉଣୀରେ ନିବାସ କରିବାରୁ ଲୋକଙ୍କୁ ଆସିବାକୁ ସୁବିଧା ହେଲା । କ୍ରମଶଃ ଦର୍ଶନାର୍ଥୀ, ସନ୍ଥ ଓ ଭୋଜନାର୍ଥୀଙ୍କ ସଂଖ୍ୟା ବଢ଼ିଲା ।

କଳକଳ ନାଦରେ ସ୍ୱଚ୍ଛ ପ୍ରବାହିତ ସରଯୁ କୂଳରେ ସନ୍ଥମାନଙ୍କର କୁଟୀର । କୁଟୀର ପାଖେ ପାଖେ ତୁଳସୀ ଏବଂ ପୁଷ୍ପ ଉଦ୍ୟାନ । ମହାରାଜଙ୍କ କୁଟୀରର ଚତୁଃପାର୍ଶ୍ୱରେ ସନ୍ଥମାନେ ବସି ରାମଧୁନ କରନ୍ତି । ଦର୍ଶନାର୍ଥୀ, ଭକ୍ତ, ଭୋଜନାର୍ଥୀମାନେ ଆସି ମଧ୍ୟ ସନ୍ଥମାନଙ୍କ ପାଖରେ ବସି ରାମଧୁନ୍‌ରେ ଯୋଗ ଦିଅନ୍ତି । ପ୍ରାୟ ଦୁଇହଜାର ବ୍ୟକ୍ତିଙ୍କ ସୁମଧୁର ରାମଧୁନ ଉଚ୍ଚାରଣ* କୋଶେ ବାଟ ପର୍ଯ୍ୟନ୍ତ ଶୁଣାଯାଏ । ଆଉ ଦୂରରୁ ଶୁଣିବା ବ୍ୟକ୍ତିର ମନକୁ ସ୍ୱରଯୁକ୍ତ ରାମନାମ ବଲାତ୍କାରରେ ଆକର୍ଷଣ କରେ । ଯେଉଁ ସ୍ଥାନରେ ଦୁଇ ହଜାର ବ୍ୟକ୍ତିଙ୍କ ଦ୍ୱାରା ରାମନାମ କୀର୍ତ୍ତନ ହୁଏ ସେ ସ୍ଥାନର ମହତ୍ତ୍ୱ ପାଠକମାନେ ଅନୁମାନ କରିପାରିବେ । ବହୁତ ପ୍ରକାର ଦୁଃଖପୀଡ଼ିତ, ପାପୀ, ତାପୀ ବ୍ୟକ୍ତି ଆସି ପୁଣ୍ୟକ୍ଷେତ୍ର ଅଯୋଧ୍ୟାର ସରଯୁ କୂଳେ ଶ୍ରୀ ମହାରାଜଙ୍କୁ ଦର୍ଶନ କରି ଦୁଃଖ-ତାପରୁ ମୁକ୍ତ ହୁଅନ୍ତି । ଭୋର ୩ ଘଣ୍ଟାଠାରୁ ମଧ୍ୟାହ୍ନ ୧୨ ଘଣ୍ଟା ଏବଂ ଦିନ ୩ ଘଣ୍ଟାଠାରୁ ରାତ୍ର ୯ ଘଣ୍ଟା ପର୍ଯ୍ୟନ୍ତ ରାମଧୁନ ହୁଏ । ୯ ଘଣ୍ଟା ସମୟରେ ଭଗବାନଙ୍କ ଆଳତି ହୁଏ । ତା'ପରେ ବାଦ୍ୟ ସହିତ ରାମାୟଣ ଗାନ ହୁଏ । ଅଧିକାଂଶ ସନ୍ଥ ଦୈନିକ କେବଳ ସେହି ମଧ୍ୟାହ୍ନ ସମୟରେ ଥରେମାତ୍ର ଭୋଜନ କରନ୍ତି । ଅନ୍ୟ କେହି କେହି ଆଳତି ପରେ କିଛି କିଛି ଭୋଜନ କରନ୍ତି । ରାମାୟଣ ଗାନ ରାତ୍ରି ପ୍ରାୟ ୧୨ଟା ପର୍ଯ୍ୟନ୍ତ ହୁଏ । ଏହା ଥିଲା ଦୈନିକ ନିୟମ । ରାମଧୁନ ସମୟ ମଧ୍ୟରେ କେତେକ ସନ୍ଥ ଏକତ୍ର ହୋଇ କେଉଁଠି ସତ୍‌ସଙ୍ଗ କରନ୍ତି, କେଉଁଠି ଜଣେ ବକ୍ତା ରାମାୟଣ ଅର୍ଥ କରନ୍ତି ଏବଂ ବହୁତ ଶ୍ରୋତା ବସି ଶୁଣନ୍ତି; ଅନ୍ୟ କେଉଁଠି କୌଣସି ସନ୍ଥଙ୍କ ପାଖରେ କେତେକ ସନ୍ଥ ବସି ସାଧନା ସମ୍ବନ୍ଧରେ ପ୍ରଶ୍ନ କରନ୍ତି ଏବଂ ମନୋଯୋଗ ସହକାରେ ଉତ୍ତର ଶୁଣନ୍ତି । ଏହିପରି ସବୁ ସମୟରେ ସେଠାରେ ଭାଗବତ ଚର୍ଚ୍ଚା ହେଉଥାଏ । ଏହାଦ୍ୱାରା ଏପରି ବାତାବରଣ ସୃଷ୍ଟି ହୋଇଥାଏ ଯେ ବ୍ୟକ୍ତି ସେ ସ୍ଥାନକୁ ଯିବାମାତ୍ରେ ମନରୁ ସ୍ୱଭାବତଃ ନାନା ପ୍ରକାର ଦୁର୍ଭାବନା ଦୂର ହୁଏ ଓ ଭାଗବତ ଭାବ ଜାଗ୍ରତ୍ ହୁଏ ।

ଶ୍ରୀ ମହାରାଜଙ୍କ ଆଶ୍ରମ ସବୁ ସମ୍ପ୍ରଦାୟ, ସବୁପ୍ରକାର ସନ୍ଥମାନଙ୍କ ସକାଶେ ଉନ୍ମୁକ୍ତ ଥିଲା । ସବୁ ସମ୍ପ୍ରଦାୟ ଏବଂ ସବୁ ଶ୍ରେଣୀର ସନ୍ଥ ମହାତ୍ମା ସେଠାରେ ଏକତ୍ର ହେଉଥିଲେ । କେଉଁଠି ଜୈନ ସନ୍ଥ ବସି ଛୋଟ ପୋକ ନିଃଶ୍ୱାସ ଦ୍ୱାରା ଉଦରକୁ ଯାଇ ମରିଯିବା ଭୟରେ ନାସା ଉପରେ ଛୋଟ ଲୁଗା ପରଦା ଦେଇ ଜ୍ୟୋତିଃପ୍ରକାଶ ଧ୍ୟାନରେ ବସିଥାଆନ୍ତି ତ' କେଉଁଠି ବୌଦ୍ଧ ସନ୍ଥ ଶୂନ୍ୟରେ ଚେତନାକୁ ଲୟ କରି ସମାଧିସ୍ଥ ହୋଇଥାଆନ୍ତି । ଗୋରଖପନ୍ଥୀ ଅଲେଖ ନିରଞ୍ଜନଙ୍କୁ ଜଗାଉଥାଆନ୍ତି । କେଉଁଠି ସନ୍ନ୍ୟାସୀ, କେଉଁଠି ଉଦାସୀ, ନାନକ, ଦାଦୁ, କବୀର, ରୈଦାସପନ୍ଥୀ ସନ୍ଥ ନିଜ ନିଜ ସାଧନାରେ ରତ ହୋଇଥାଆନ୍ତି । କେଉଁଠି ବିଭୂତିବିଭୂଷିତ କୌପୀନଧାରୀ ସନ୍ଥ, କେଉଁଠି ଊର୍ଦ୍ଧ୍ୱବାହୁ, କେଉଁଠି ଏକ ପଦରେ ସ୍ଥିତ ଊର୍ଦ୍ଧ୍ୱବାହୁ, କେଉଁଠି ମସ୍ତକ ଭୂମିରେ ରଖି ପାଦ ଊର୍ଦ୍ଧ୍ୱକୁ କରି ଶୀର୍ଷାସନରେ ସ୍ଥିତ ସନ୍ଥମାନେ ଧ୍ୟାନମଗ୍ନ ହୋଇଥାଆନ୍ତି । କେହି ବା ବୈଶାଖ, ଜ୍ୟେଷ୍ଠ ମଧ୍ୟାହ୍ନ ରୌଦ୍ରରେ ଚତୁଃପାର୍ଶ୍ୱରେ ପାଞ୍ଚ ସ୍ଥାନରେ ଅଥବା ଚଉରାଶୀ ସ୍ଥାନରେ ଧୁନି ଜାଳି ମଧ୍ୟରେ ବସି ଧ୍ୟାନସ୍ଥ ହୋଇ ମନ୍ତ୍ର ଜପ କରନ୍ତି । କେହି କେହି ସନ୍ଥ ପୌଷ, ମାଘ ମାସ ଶୀତରେ ଭୋର ୩ ଘଣ୍ଟା ସମୟରୁ ୮ ଘଣ୍ଟା ପର୍ଯ୍ୟନ୍ତ ସରଯୁରେ ଗଳା ପର୍ଯ୍ୟନ୍ତ ଜଳରେ ଛିଡ଼ାହୋଇ ମନ୍ତ୍ର ଜପ କରନ୍ତି । କେହି ଫଳ ଆହାରୀ, କେହି କ୍ଷୀର ଆହାରୀ, କେହି ଲବଣ ତ୍ୟାଗୀ, କେହି ମଧୁର ତ୍ୟାଗୀ, କେହି ସ୍ୱପାକୀ । ଏହିରୂପେ ବହୁ ପ୍ରକାରର ସନ୍ଥ ସେଠାରେ ଏକତ୍ର ହୋଇଥାଆନ୍ତି । ସେହିପରି ବହୁବିଧ କର୍ମକାଣ୍ଡୀ ସନ୍ଥ ଏକତ୍ର ହୋଇ ସେହି ସେହି ସ୍ଥାନରେ ଶୋଭା ବୃଦ୍ଧି କରୁଥାଆନ୍ତି । ଯେପରି ବହୁ ରଙ୍ଗର ପୁଷ୍ପ ଉଦ୍ୟାନର ଶୋଭାକୁ ବୃଦ୍ଧି କରନ୍ତି ସେହିପରି ଶ୍ରୀମହାରାଜଙ୍କ ଆଶ୍ରମରେ ବହୁ ପ୍ରକାର, ବହୁ ସଂଖ୍ୟାର ସନ୍ଥ ନିବାସ କରୁଥାଆନ୍ତି । ବହୁ ସଂଖ୍ୟାରେ ବ୍ୟକ୍ତି ପ୍ରତିଦିନ ଭୋଜନ କରୁଥିବାରୁ ତାଙ୍କ ଆଶ୍ରମର ନାମ ''ବଡ଼ଛାଉଣୀ'' ନାମରେ ଲୋକମୁଖରେ ପ୍ରଚଳିତ ହୋଇଥିଲା । ତା'ପରେ ବଡ଼ଛାଉଣୀ ନାମରେ ପ୍ରସିଦ୍ଧ ହେଲା ।

---

* ଅର୍ଦ୍ଧେକ ବ୍ୟକ୍ତି ପ୍ରଥମେ ଉଚ୍ଚ ସ୍ୱରରେ ଉଚ୍ଚାରଣ କରନ୍ତି, ''ଜୟ ସୀତାରାମ, ସୀତାରାମ, ସୀତାରାମ, ଜୟ ସୀତାରାମ ।'' ତା'ପରେ ସେମାନେ ଚୁପ୍ ହୋଇଯାଆନ୍ତି ଏବଂ ଅବଶିଷ୍ଟ ଅର୍ଦ୍ଧେକ ବ୍ୟକ୍ତି ସେହିପରି ଉଚ୍ଚାରଣ କରନ୍ତି । ଏହିପରି ଦିନ ମଧ୍ୟରେ ୧୦।୧୨ ଘଣ୍ଟା ବା ତଦୂର୍ଦ୍ଧ୍ୱ ସମୟ ବରାବର ରାମଧୁନ କରାଯାଏ ।

ଶ୍ରୀ ମହାରାଜ ମଧ୍ୟ ପତ୍ର ଓ ଘାସ ଛପର ହୋଇଥିବା ପର୍ଣ୍ଣକୁଟୀରରେ ନିବାସ କରୁଥିଲେ । ସମସ୍ତସଙ୍ଗମାନଙ୍କ ରହିବାସ୍ଥାନ ''ସଙ୍ଗନିବାସ'' ନାମରେ ବହୁତ ଦୂର ପର୍ଯ୍ୟନ୍ତ ଲମ୍ବା ଲମ୍ବା ପର୍ଣ୍ଣକୁଟୀର ନିର୍ମିତ ହୋଇଥିଲା । କଞ୍ଚା ଅନ୍ନ, ରୋଷାଇର ଆବଶ୍ୟକ ସମସ୍ତ ବସ୍ତୁ ରହିବା ସ୍ଥାନ କୋଠାର, ଭୋଜନ ତୟାରି ହେବା ସ୍ଥାନ ପାକଶାଳା ଇତ୍ୟାଦି ଥିଲା ପର୍ଣ୍ଣକୁଟୀର । ସରଯୂ କୂଳରେ ସମସ୍ତ ପର୍ଣ୍ଣକୁଟୀର ଦୂରରୁ ଗୋଟିଏ ଛୋଟ ଗ୍ରାମ ପରି ଶୋଭା ପାଉଥିଲା । ବହୁ ବ୍ୟକ୍ତିଙ୍କ ଭୋଜନ ଏକତ୍ର ତିଆରି ହେବା ସକାଶେ ବହୁତ ବଡ଼ ବଡ଼ ପାତ୍ରର ଆବଶ୍ୟକ ହେଉଥିଲା । ଏତେ ବଡ଼ ବଡ଼ ପାତ୍ର ହେବା ସତ୍ତ୍ୱେ ପ୍ରତିଦିନ ତାକୁ ମାଜି ସ୍ୱଚ୍ଛ କରି ଦିଆ ହେଉଥିଲା । ଭୋଜନ ତୟାରି ହୋଇ ଭଗବାନଙ୍କୁ ଭୋଗ ଲାଗିବା ପରେ ଗୋଟିଏ ବଡ଼ ଉଚ୍ଚା ମଞ୍ଚ ଉପରେ ଚଢ଼ି ବହୁତ ଉଚ୍ଚ ସ୍ୱରରେ ଶବ୍ଦ କରିପାରିବା ଚାରି ଜଣ ସାଧୁ ଏକ ସ୍ୱରରେ କହୁଥିଲେ, ''ପଙ୍ଗତକୁ ହରି ହର'' । ଏହି ଶବ୍ଦର ଅର୍ଥ – ସ୍ତ୍ରୀପୁରୁଷ, ଧନୀ-ଦରିଦ୍ର, ଶିବ ତଥା ବିଷ୍ଣୁ ଭକ୍ତ ଯେ କେହି ଭୋଜନ କରି ପାରନ୍ତି । ଗୋଟିଏ ଦିଗରେ ସମସ୍ତ ସଙ୍ଗମାନଙ୍କ ପଙ୍ଗତ, କିଛି ଛଡ଼ାରେ ଅନ୍ୟ ସମସ୍ତ ବ୍ୟକ୍ତିଙ୍କର ପଙ୍ଗତ ହୁଏ । ଏତେ ବଡ଼ ପଙ୍ଗତ ପରିବେଷଣ କରିବାରେ ଯଦ୍ୟପି ଦକ୍ଷ ସଙ୍ଗ ସୂପକାର ଥାଆନ୍ତି ତଥାପି କେବଳ ପରିବେଷଣ କରିବାରେ ଅଧଘଣ୍ଟାରୁ କିଛି ଅଧିକ ସମୟ ଲାଗେ । ପରିବେଷଣ ସମାପ୍ତ ହେଲେ ଏକ ସଙ୍ଗରେ ସମସ୍ତେ ଭୋଜନ କରନ୍ତି । ପରିବେଷଣ ସମୟରେ ସମସ୍ତ ବ୍ୟକ୍ତି ବହୁତ ଉଚ୍ଚସ୍ୱରରେ ରାମଧୁନ କରନ୍ତି । ପଙ୍ଗତ ସମୟରେ ଶ୍ରୀ ମହାରାଜ ସ୍ୱୟଂ ଛିଡ଼ାହୋଇ ପଙ୍ଗତ ଦେଖନ୍ତି ଏବଂ ଯାହାକୁ ଯାହା ଦରକାର ଦେଖି ପରଶିବା ବ୍ୟକ୍ତିଙ୍କୁ ଡାକି ତାଙ୍କୁ ଦେବାକୁ ନିର୍ଦ୍ଦେଶ ଦିଅନ୍ତି । ସେ ନିଜେ ନିଜ ହାତରେ ରୋଷାଇ ତୟାର କରି ଠାକୁରଙ୍କୁ ଭୋଗ ଲଗାଇ ପ୍ରସାଦ ସେବନ କରନ୍ତି ।

ଦିନକୁ ଦିନ ଅଧିକାଧିକ ଶ୍ରୀ ମହାରାଜଙ୍କ ନାମ ବିଖ୍ୟାତ ହେଲା । ବଡ଼ ବଡ଼ ସାଧୁ ସଙ୍ଗ, ଦରିଦ୍ର, ଧନୀ, ରାଜା, ମହାରାଜା ଶ୍ରୀ ମହାରାଜଙ୍କ ଦର୍ଶନକୁ ଆସିଲେ । ମହାରାଜଙ୍କୁ ବହୁ ରାଜା ଗ୍ରାମ ଖଞ୍ଜା କରିବାକୁ ଏବଂ ପର୍ଣ୍ଣକୁଟୀର ପରିବର୍ତ୍ତେ ପକ୍କା ମନ୍ଦିର ତିଆରି କରିଦେବାକୁ ବହୁତ ପ୍ରାର୍ଥନା କଲେ । କିନ୍ତୁ ମହାରାଜଜି ନିଜ ନିଷ୍ଠା ଏବଂ ଭଗବାନଙ୍କ ପ୍ରତି ଦୃଢ଼ ବିଶ୍ୱାସରେ ଅଚଳ ରହିଲେ । ଶ୍ରୀ ମହାରାଜଙ୍କ ସିଦ୍ଧାନ୍ତ ଥିଲା ସେ ଭଗବାନଙ୍କ ସେବକ । ତାଙ୍କ ପାଖକୁ ଯେଉଁ ଧନ ଆସେ ତାହା ଭଗବାନଙ୍କ ବିଧାନ ଅନୁସାରେ ଆସେ । ସେହି ଧନର ଯଥାର୍ଥ ଉପଯୋଗ ହୁଏ ଭଗବତ୍ ଭକ୍ତ, ସଙ୍ଗ, ମହାତ୍ମା, କ୍ଷୁଧାର୍ତ୍ତ ଦରିଦ୍ରନାରାୟଣଙ୍କ ସେବାରେ । ତାଙ୍କର ଦୃଢ଼ ବିଶ୍ୱାସ ଓ ନିଷ୍ଠା ଥିଲା ଯେ ଧନର ମାଲିକ ଭଗବାନ୍ । ଭଗବାନଙ୍କ ତରଫରୁ ସେ କେବଳ ବ୍ୟବସ୍ଥାପକ । ସେହି କାରଣରୁ ତାଙ୍କର ଧନରେ ମମତା ବା ଲୋଭ ନ ଥିଲା; ଥିଲା ସେବା ଭାବ; ଧନର ସତ୍-ଉପଯୋଗର ବିବେକ । ତାଙ୍କ ଶିଷ୍ୟ, ସେବକମାନେ ଗୁରୁଙ୍କ ଆଜ୍ଞା ପାଳନ କରିବାକୁ ପ୍ରାଣପଣେ ଚେଷ୍ଟା କରୁଥିଲେ । ତାଙ୍କ ନିର୍ଦ୍ଦେଶକୁ ଶିରୋଧାର୍ଯ୍ୟ କରି ସଙ୍ଗଙ୍କ ସେବାରେ ତତ୍ପର ରହୁଥିଲେ । ସଙ୍ଗ, ଭିକ୍ଷୁକ, ଦରିଦ୍ର ଅଥବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ କେବେ ବି ନିରାଶ କରାଯାଉ ନ ଥିଲା । ସେମାନଙ୍କର ଚାହିଁବା ଅନୁସାରେ ସିଦ୍ଧ ଭୋଜନ, ରୋଷେଇର ସରଞ୍ଜାମ, ଲୁଗା, ଶୀତ ଦିନେ କମ୍ବଳ, ରୋଷେଇର ପାତ୍ର ଆଉ ଲୋଟା ବିତରଣ କରା ହେଉଥିଲା । ଶ୍ରୀ ମହାରାଜଙ୍କ ଭଣ୍ଡାର କୁବେର ଭଣ୍ଡାର ସଦୃଶ ଭରା ରହୁଥିଲା । ଆଜିକାଲି ବ୍ୟକ୍ତି ଏହାକୁ ଅତିରଞ୍ଜନ ବୋଲି କହିପାରନ୍ତି, କିନ୍ତୁ ଯଥାର୍ଥରେ ଏହା ସତ୍ୟ ଘଟନା । ଯଦି ବ୍ୟକ୍ତି ଧନରୁ ସ୍ୱାର୍ଥ ଆଉ ଲୋଭ ତ୍ୟାଗ କରି ଅନ୍ୟର ସେବାରେ ଯଥାର୍ଥ ଉପଯୋଗ କରେ, ତେବେ ତାଙ୍କ ପାଖକୁ ସ୍ୱାଭାବିକରୂପେ ଧନ ଆସେ । ଆଜିକାଲି ଲକ୍ଷ ଲକ୍ଷ ଟଙ୍କା ଯଜ୍ଞରେ ଖର୍ଚ୍ଚ ହେଉଛି; ସେ ଧନ କୁଆଡୁ କିପରି ଆସୁଛି ? ଲୋକେ ଜାଣୁଛନ୍ତି ଯେ ଧନ ଭଲ କାର୍ଯ୍ୟରେ ଲାଗିବ । ଅଳ୍ପ ଦିନର ଘଟନା, ଯଦି କେହି ତାଙ୍କର ଶିଷ୍ୟ ମୌନୀ ବାବାଙ୍କ ଉଦାର ଦାନ ସ୍ୱଚକ୍ଷୁରେ ଦେଖିଥାଏ, ସେ ସ୍ୱାଭାବିକରୂପେ ଏହାକୁ ବିଶ୍ୱାସ କରିପାରିବ । ଲେଖକ ଶ୍ରୀ ମହାରାଜ ମୌନୀ ବାବାଙ୍କଠାରୁ ବୈଷ୍ଣବ ଦୀକ୍ଷା ନେବା ପରେ ମହାରାଜଙ୍କ ସେବାରେ ରହିବାକୁ ସୁଯୋଗ ପାଇଥିଲା । ମାଘମାସ ମକର ସଂକ୍ରାନ୍ତି ଦିନ ପର୍ଣ୍ଣଶାଳା ମଧ୍ୟଭାଗରେ କଞ୍ଚା ଡାଲି ଓ ଚାଉଳ ମିଶାଇ କେତେ ଭରଣ ସ୍ତୂପାକାରରେ ଠୁଳ କରାହେଲା । ଏହା ଥିଲା ମୋ ପକ୍ଷରେ ଗୋଟିଏ ନୂତନ ଦୃଶ୍ୟ । କୌତୂହଳପୂର୍ବକ ମହାରାଜଜିଙ୍କୁ ପଚାରିଲି, ''ଏ ଚାଉଳଡ଼ାଲି କ'ଣ ହେବ ?'' ସେ ଉତ୍ତର ଦେଲେ, ''ଆଜି ମକର ସଂକ୍ରାନ୍ତି, ବ୍ରାହ୍ମଣମାନେ ଆସି ସବୁ ନେଇନେବେ । ତୁ କ'ଣ ମୋ ଗୁରୁ ମହାରାଜଙ୍କ ଦାନ

ସମ୍ବନ୍ଧରେ କିଛି ଶୁଣି ନାହୁଁ ? ବର୍ତ୍ତମାନ ଯାହା ଦେଖୁଛୁ ତାହା ତା'ର ଶହେ ଭାଗରୁ ଏକ ଭାଗ ହେବ ନାହିଁ । ଆଜି ଜଣେ ସାଧୁବ୍ରାହ୍ମଣମାନଙ୍କୁ ନିଜ ହାତରେ ଇଚ୍ଛା ଅନୁସାରେ ଦେବେ, କିନ୍ତୁ ମୋ ଗୁରୁ ମହାରାଜଙ୍କ ସମୟରେ ଚାଉଳ, ଡାଲି ଜମା କରି ଦିଆହେଉଥିଲା ବ୍ରାହ୍ମଣମାନେ ନିଜ ହାତରେ ଇଚ୍ଛାନୁସାରେ ନେଇ ଯାଉଥିଲେ । ନିୟମ ଥିଲା ଜଣେ ବ୍ୟକ୍ତି ଦୁଇଥର ନେବ ନାହିଁ । ଏହି ନିୟମ ସମସ୍ତେ ପାଳନ କରୁଥିଲେ । ଜଣେ ଦରିଦ୍ର ବ୍ରାହ୍ମଣ ଦୁଇଥର ନେଇ ସରଯୁକୂଳ ଝାଉଁ ଜଙ୍ଗଲରେ ରଖି ଆସିଥିଲେ । ଏହି ଘଟନା କେହି ଦେଖି ବ୍ରାହ୍ମଣର ରଖିଥିବା ଚାଉଳକୁ ଚୋରି କରିନେଲା । ବ୍ରାହ୍ମଣ ତୃତୀୟ ଥର ଯାଇ ରଖିଥିବା ସ୍ଥାନରେ ପୂର୍ବର ଚାଉଳ ନ ପାଇ ଫେରିଆସି ରାଗିଯାଇ ମହାରାଜଙ୍କୁ କହିଲେ, 'ମୁଁ ଏତେ ପରିଶ୍ରମ କରି ଚାଉଳ ବୋଝ ବୁହାଇ ମାଝାରେ ରଖି ଆସିଥିଲି, କେହି ଚୋରି କରି ନେଇଗଲା ।' ମହାରାଜଜି ବହୁତ ଶାନ୍ତ ଆଉ ଦୟାପୂର୍ଣ୍ଣ ଭାବରେ କହିଲେ, 'ଆଚ୍ଛା ତୋର ଯେତେ ଦରକାର ଅଖାରେ ଭରତି କର, ସାଧୁମାନେ ତୋ ଘରେ ପହଞ୍ଚାଇ ଦେବେ ।' ସେ ନିଜ ଇଚ୍ଛାରେ ଦୁଇ, ତିନି ଅଖାରେ ଗୋଟିଏ ବ୍ୟକ୍ତି ଯେତେ ନେଇପାରିବ ଭର୍ତ୍ତିକଲା । ମହାରାଜଜି ସାଧୁମାନଙ୍କ ଦ୍ୱାରା ତା' ଘରେ ପହଞ୍ଚାଇ ଦେଲେ । ଏହା ପ୍ରକୃତରେ ସତ୍ୟ ଘଟନା ।'' ବଙ୍ଗଳା, ଓଡ଼ିଶା, ମାନ୍ଦ୍ରାଜ ପରି ଅଯୋଧ୍ୟା ପ୍ରାନ୍ତ ଏତେ ଦରିଦ୍ର ନୁହେଁ । ସେମାନେ ପରିଶ୍ରମ କରି ଜୀବିକା ନିର୍ବାହ କରିବା ପସନ୍ଦ କରନ୍ତି । ଦାନ ନେବା ଅଥବା ଦାତବ୍ୟ ଅନ୍ନ ଭୋଜନ କରିବାକୁ ସେମାନେ କାମନା କରନ୍ତି ନାହିଁ । ସେମାନେ କର୍ତ୍ତବ୍ୟ ଅନୁସାରେ ଦାନ କରିବା ଅଧିକ ପସନ୍ଦ କରନ୍ତି । ସେତେବେଳେ ଶସ୍ତା ସମୟର ପରିସ୍ଥିତିକୁ ବର୍ତ୍ତମାନ ସମୟର ବ୍ୟକ୍ତି ଅନୁମାନ କରିବା କଠିନ । ଉତ୍ତର ପ୍ରଦେଶରେ ଚାଳିଶ ବର୍ଷ ପୂର୍ବେ ଘିଅ ଟଙ୍କାକୁ ଦେଢ଼ ସେର, ଦୁଧ ମହଣ ଦୁଇ ଟଙ୍କା ଥିଲା । ଏହା ଶୁଣିବା ନୁହେଁ ସ୍ୱଚକ୍ଷୁରେ ଦେଖିବା ଘଟନା ।

ଶ୍ରୀ ମହାରାଜଜିଙ୍କ ଆଶ୍ରମରେ ପ୍ରାର୍ଥୀକୁ କେବେ ବି ମନା କରାହୁଏ ନାହିଁ । ମହାରାଜଜିଙ୍କର ନିୟମ ଥିଲା ଦେବା ଛଡ଼ା କେହି ନାହିଁ କରିପାରିବେ ନାହିଁ । ଭୋଜନ ପାଇଁ କୌଣସି ପ୍ରଶ୍ନ ନାହିଁ, ଯେ କେହି ଆସିବ ସେ ବସି ଭୋଜନ କରିବ । ପଙ୍ଗତରେ ସାଧୁମାନଙ୍କର ଭୋଜନ ସରିଯିବା ପରେ ଅବଶିଷ୍ଟ ଭୋଜନସାମଗ୍ରୀକୁ ମହଜୁଦ ରଖି ଦିଆହୁଏ । ପରେ ଦୂରଦୂରାନ୍ତରୁ କୌଣସି ବ୍ୟକ୍ତି ଆସି ପହଞ୍ଚିଲେ ତାଙ୍କୁ ଭୋଜନ ବରାବର ଦିଆହେଉଥାଏ ।

ଥରେ କେତେଜଣ ଗାୟାଳ ପିଲା ରୋଷାଇ ଘରେ ପଶି ଭୋଜନ ଚୋରି କରୁଥିବା ସମୟରେ ଧରାପଡ଼ିଲେ । ମହାରାଜଜିଙ୍କ କାନକୁ ସେକଥା ଗଲା । ମହାରାଜ ସବୁ ଗାୟାଳ ପିଲାଙ୍କୁ ଡାକି କହିଲେ, ''ତୁମ୍ଭେମାନେ ଚୋରି କର ନାହିଁ, ପଙ୍ଗତରେ ଉଦରପୂର୍ଣ୍ଣ ଭୋଜନ କରିଯାଅ ।'' ତା'ପରେ ମହାରାଜ ସାଧୁଙ୍କୁ କହିଲେ, ''ଏମାନଙ୍କୁ ଭୋଜନ ମିଳୁ ନାହିଁ, ସେଥିପାଇଁ ଚୋରି କରୁଛନ୍ତି; ଭୋଜନ ପାଇଲେ ଚୋରି କରିବେ କାହିଁକି ?''

ମହାରାଜଜିଙ୍କ ମଠରେ ପଙ୍ଗତରେ ହିସାବ ନ ଥାଏ, କେବେ ଦୁଇ ହଜାର, କେବେ ତିନି ହଜାର । ସାଧୁଙ୍କ ଭୋଜନ ପରେ ରାତ୍ରି ୯ ଘଣ୍ଟା ପର୍ଯ୍ୟନ୍ତ ଭୋଜନ ବିତରଣ ଚାଲିଥାଏ । ଏହାଛଡ଼ା ପ୍ରାର୍ଥୀ ବ୍ୟକ୍ତିଙ୍କୁ ଚାଉଳ ଡାଲି, ରୋଷାଇ ପାତ୍ର, ଲୋଟା ଏବଂ ଲୁଗାପଟା ଇତ୍ୟାଦି ବରାବର ଦିଆ ହୁଏ । ମହାରାଜଙ୍କ ଉଦ୍ଦେଶ୍ୟ ଜାଣି ତାଙ୍କ ଶିଷ୍ୟମାନେ କୌଣସି ଯାଚକଙ୍କୁ ନାହିଁ ଶବ୍ଦ ଶୁଣାନ୍ତି ନାହିଁ ।

ବରାବର ଦେଖାଯାଇଛି ଭଗବାନଙ୍କର ଅନନ୍ୟ ଭକ୍ତ ଭଗବତ୍‌ପ୍ରାପ୍ତ ମହାତ୍ମାମାନେ ବି ପରୀକ୍ଷାରୁ ମୁକ୍ତ ନୁହନ୍ତି । ସାଧାରଣ ଜନତାଙ୍କ କଲ୍ୟାଣ ସକାଶେ, ଭକ୍ତଙ୍କ ଯଶଃ ବୃଦ୍ଧି ପାଇଁ ଭକ୍ତମାନଙ୍କ ପରୀକ୍ଷା ହୁଏ । ଏହାକୁ ଭଗବାନ୍ ମଧ୍ୟ ଅନୁମୋଦନ କରନ୍ତି । ମନୁଷ୍ୟର ସ୍ୱଭାବ ବିଚିତ୍ର । କେହି କେହି ଦୁଷ୍ଟପ୍ରକୃତିର ଲୋକ ଗୁଣରେ ଦୋଷ ଦେଖେ । ତା' ନିଜ ମଧ୍ୟରେ ଥିବା ଦୋଷକୁ ଅନ୍ୟ ଉପରେ ଆରୋପ କରି ସଦ୍‌ଗୁଣକୁ ଦୁର୍ଗୁଣ ମନେକରେ । ଏପରି ଲୋକ ସବୁସମୟରେ କମ୍ ବହୁତ ରହିଥା'ନ୍ତି ।

କିସୁନ୍ ଦାସ ନାମରେ ଜଣେ ସାଧୁ ମହାରାଜଙ୍କ ଛାଉଣୀରେ ରହିଥିଲେ । ମହାରାଜଙ୍କ ଦାନ, ଉଦାର ହୃଦୟତା, ଦୟା, କରୁଣା, ଜ୍ଞାନ, ଭକ୍ତି ସଦ୍‌ଗୁଣାଦି କିସୁନ ଦାସଙ୍କ ବୁଦ୍ଧିରେ ବିପରୀତ ଭାବେ ଅନୁଭବ ହେଉଥିଲା । ସେ ମନେ କରୁଥିଲେ, ''ମହାରାଜଜି ବଡ଼ ଧୂର୍ତ୍ତ, ଭଲ ଭାବରେ ଲୋକଙ୍କ ସଙ୍ଗେ କଥାବାର୍ତ୍ତା କରି ରାଜା ମହାରାଜାଙ୍କୁ ଶିଷ୍ୟ କରି

ନେଇଛନ୍ତି । ସେମାନଙ୍କଠାରୁ ଅପର୍ଯ୍ୟାପ୍ତ ଧନ ପାଇ, ତାହା ଦାନ କରି ନିଜର ନାମଯଶଃ ପ୍ରଚାର କରୁଅଛନ୍ତି । ଯଥାର୍ଥରେ ଭଗବତ୍ କରୁଣା ପ୍ରାପ୍ତ କରିଛନ୍ତି ବୋଲି ମନେ ହେଉ ନାହିଁ । ଯଦି ମୋ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି ତେବେ ଠିକ୍ ମହାତ୍ମା ବୋଲି ମୁଁ ମାନିବି, ଅନ୍ୟଥା ତାଙ୍କ କପଟତା ପ୍ରକାଶ ହୋଇଯିବ । ଏହି ଦୁର୍ଭାବନା ହୃଦୟରେ ଧରି ଛଦ୍ମ ଉତ୍ସାହରେ କୋଠାରୀ ପୂରଣ ଦାସଙ୍କ ସହିତ କୋଠାରରେ ବହୁତ ଦକ୍ଷତା ସହିତ କାର୍ଯ୍ୟ କରିବାକୁ ଲାଗିଲେ । ଯେଉଁ ବ୍ୟକ୍ତି ଦାୟିତ୍ୱରେ ଆଶ୍ରମର ଡାଲି, ଚାଉଳ, ଘିଅ, ଚିନି ଓଗେର ଆସବାବ ଥାଏ, ତାକୁ କୋଠାରୀ ଏବଂ ଯେଉଁ ସ୍ଥାନରେ ଉକ୍ତ ଜିନିଷପତ୍ର ଥାଏ, ତାହାକୁ କୋଠାର କୁହାଯାଏ ।

କୋଠାରରେ କିସୁନ୍ ଦାସଙ୍କର କପଟତାପୂର୍ଣ୍ଣ କାର୍ଯ୍ୟଦକ୍ଷତାରେ ପୂରଣ ଦାସ ମୁଗ୍ଧ ହୋଇଗଲେ ଏବଂ କ୍ରମଶଃ କୋଠାରର ଭାର ତାଙ୍କ ଉପରେ ଛାଡ଼ିଦେଲେ । କିଛିଦିନ ପରେ କପଟଭାବଯୁକ୍ତ ଶ୍ରଦ୍ଧା ଦେଖାଇ ପୂରଣ ଦାସଙ୍କର ସେ ପୂର୍ଣ୍ଣରୂପେ ବିଶ୍ୱାସର ପାତ୍ର ହୋଇଗଲେ । ତୀର୍ଥଯାତ୍ରା କରିବା ସଚ୍ଛମାନଙ୍କର ପରମ୍ପରାଗତ ନିୟମ । ପୂରଣ ଦାସଙ୍କ ଉପରେ ଦାୟିତ୍ୱପୂର୍ଣ୍ଣ କୋଠାରର ଭାର ଥିବାରୁ ସେପର୍ଯ୍ୟନ୍ତ ସେ ତୀର୍ଥଯାତ୍ରାକୁ ଯାଇ ନ ଥିଲେ । କିସୁନ୍ ଦାସଙ୍କୁ ଉପଯୁକ୍ତ ମନେକରି, ତାଙ୍କୁ କୋଠାରର ଭାର ଦେଇ, ତୀର୍ଥଯାତ୍ରା କରିବା ନିଶ୍ଚୟ କରି, ସେ ଏହି ପ୍ରସ୍ତାବ ଶ୍ରୀ ମହାରାଜଜିଙ୍କ ପାଖରେ ନିବେଦନ କଲେ । ଅଯୋଧ୍ୟାରେ ଉଚ୍ଚକୋଟୀର ମହାତ୍ମାମାନେ କୌଣସି ସାଧୁ ତୀର୍ଥଯାତ୍ରାରେ ଯିବାକୁ ଚାହିଁଲେ, ମନାକରନ୍ତି ନାହିଁ । ଶ୍ରୀ ମହାରାଜଜି ମଧ୍ୟ ମନା ନ କରି ପୂରଣ ଦାସଙ୍କ ପ୍ରସ୍ତାବକୁ ଅନୁମୋଦନ କରି ତାଙ୍କୁ ଯିବାକୁ ଆଜ୍ଞା ଦେଇଦେଲେ । କିସୁନ୍ ଦାସ ପୂରଣ ଦାସଙ୍କ ଅପେକ୍ଷା ଅତି କୁଶଳତା ସହିତ କୋଠାରର କାର୍ଯ୍ୟ କରି ଶ୍ରୀ ମହାରାଜ ତଥା ଅନ୍ୟାନ୍ୟ ସଚ୍ଛମାନଙ୍କୁ ମୁଗ୍ଧ କରିଦେଲେ ।

କୌଣସି ବ୍ୟକ୍ତି ନିଜ ବ୍ୟୟରେ ସଚ୍ଛମାନଙ୍କୁ ଭୋଜନ କରାଇଲେ, ସେହି ଭୋଜନକୁ ଭଣ୍ଡାରା କୁହାଯାଏ । ସେଥିରେ ପ୍ରତିଦିନ ସାଧାରଣ ଭୋଜନ ଅପେକ୍ଷା ନାନା ଧରଣର ବିଶିଷ୍ଟ ମିଷ୍ଟାନ୍ନ ତିଆରି ହୁଏ; ଅନ୍ୟାନ୍ୟ ମଠରୁ ସଚ୍ଛମାନଙ୍କୁ ନିମନ୍ତ୍ରଣ କରାହୋଇ ଭୋଜନ ଦିଆହୁଏ । ଜଣେ ବ୍ୟକ୍ତି ମହାରାଜଙ୍କ ପାଖକୁ ଆସି ଅଯୋଧ୍ୟାର ସମସ୍ତ ସଚ୍ଛଙ୍କ ଭଣ୍ଡାରା ଭୋଜନ ଉପଲକ୍ଷରେ ଟଙ୍କା ଦେଲେ । ତା'ର ପରଦିନ ସଚ୍ଛମାନଙ୍କ ଭୋଜନ ବ୍ୟବସ୍ଥା ସ୍ଥିର ହେଲା । ଭଣ୍ଡାରାର ପୂର୍ବ ରାତ୍ରିରେ ସମସ୍ତ ମିଷ୍ଟାନ୍ନ ତିଆରି ହେବା ଉପଲକ୍ଷ୍ୟରେ ଭିନ୍ନ ଭିନ୍ନ ବସ୍ତୁ ପ୍ରସ୍ତୁତ କରାଗଲା ଏବଂ ପୁରି, ବୁନ୍ଦିଆ, ମାଲପୁଆ ପ୍ରଭୃତି ଘିଅରେ ଛଣା ହେବାର କାର୍ଯ୍ୟ ଆରମ୍ଭ କରାଗଲା । ପ୍ରାୟ ଦଶ ହଜାରରୁ ଊର୍ଦ୍ଧ୍ୱସଚ୍ଛଙ୍କ ସକାଶେ ଭଣ୍ଡାରାରେ ମାଲପୁଆ, ବୁନ୍ଦିଆ ଇତ୍ୟାଦିରେ ଘୃତର ପ୍ରଚୁର ଖର୍ଚ୍ଚ । ଏହିସବୁ ମିଷ୍ଟାନ୍ନ ରାତ୍ରିରେ ତିଆରି ହୁଏ ଏବଂ ପ୍ରାତଃ ସମୟରେ କେବଳ ତରକାରି ପ୍ରସ୍ତୁତ କରାହୁଏ । ପରୀକ୍ଷା କରିବାର ଏହି ସୁଯୋଗ ପାଇ କୋଠାରୀ କିସୁନ୍ କୋଠାରରେ ଥିବା ଘୃତକୁ ଡାଲି ଚାଉଳ ଥିବା ସ୍ଥାନରେ ଗୁପ୍ତ ଭାବରେ ରଖି ତା' ଉପରେ ବହୁତ ଖାଲି ଅଖା ଘୋଡ଼ାଇ ଦେଲେ । ଅର୍ଦ୍ଧରାତ୍ରି ସମୟରେ ଘୃତ ଶେଷ ହୋଇଯିବା ଖବର ଶ୍ରୀ ମହାରାଜଜିଙ୍କୁ ଦେଲେ । ଯାଡ଼େ ଚୁଲିରେ କଡ଼ାଇ ବସିଛି । ମହାରାଜଜି ତତ୍‌କ୍ଷଣାତ୍ ସାଧୁମାନଙ୍କୁ ପଠାଇ ଅଯୋଧ୍ୟା ବଜାରର ଦୋକାନୀମାନଙ୍କୁ ଉଠାଇ ତାଙ୍କ ଦୋକାନମାନଙ୍କରୁ ଘୃତ କ୍ରୟ କରି ଅଣାଇଲେ । ସେଥିରେ ମଧ୍ୟ ପୂରା ହେଲା ନାହିଁ । ଅଯୋଧ୍ୟା ବର୍ତ୍ତମାନ ବି ବଡ଼ ସହର ନୁହେଁ, ସେସମୟରେ କେବଳ ସାଧାରଣ ଦୋକାନମାନ ଥିଲା । ସେମାନଙ୍କ ପାଖରେ ଅଧିକ ଘୃତ ନ ଥିଲା ।

ସେ ସମୟରେ ସାଧୁମାନଙ୍କର ପ୍ରଥାନୁସାରେ ମଠର ସବୁଠାରୁ ଭଲ ସାଧକଙ୍କୁ ରୋଷେଇ ଭାର ଦିଆ ଯାଉଥିଲା । ରୋଷାଇ କରିବା ବ୍ୟକ୍ତିର ହୃଦୟ ଶୁଦ୍ଧ, ଭାବ ପବିତ୍ର ହେଲେ ତାହାର ପ୍ରଭାବ ଭୋଜନ କରିବା ବ୍ୟକ୍ତିଙ୍କ ଉପରେ ପଡ଼େ । ମୋର ଗୁରୁ ମହାରାଜ ଉଚ୍ଚକୋଟୀର ସାଧକ ଥିଲେ । ତାଙ୍କୁ ତାଙ୍କ ଗୁରୁଦେବ ବାବା ରଘୁନାଥ ଦାସଜି ମହାରାଜ ରୋଷାଇର ସଞ୍ଚାଳକ ପଦରେ ନିଯୁକ୍ତ କରିଥିଲେ । ରୋଷାଇର ଘୃତ ଶେଷ ହେବା ଖବର ସେ ତାଙ୍କ ଗୁରୁଦେବଙ୍କ ଚରଣରେ ନିବେଦନ କଲେ । ଶ୍ରୀ ମହାରାଜ କିଛି ସମୟ ନୀରବ ହୋଇ ରହିଲେ । କୌଣସି ଉପାୟ ନ ଦେଖି ପଚାରିଲେ, ''କେତେ ଘଡ଼ା ଘିଅ ଆବଶ୍ୟକ ହେବ ?'' ମୋର ଗୁରୁ ମହାରାଜ ଉତ୍ତର ଦେଲେ ଯେ ''କୋଡ଼ିଏ ଘଡ଼ା ଘିଅ ଦେଇ ସମସ୍ତ କାର୍ଯ୍ୟ ଶେଷ ହୋଇଯିବ ।'' ଶ୍ରୀ ମହାରାଜ କୋଡ଼ିଏ ଜଣ ସଚ୍ଛଙ୍କୁ ଡାକି କହିଲେ, ''ତୁମେମାନେ

ପ୍ରତ୍ୟେକେ ଗୋଟିଏ ଗୋଟିଏ ଘଟ ନେଇ ସରଯୁ କୂଳକୁ ଯାଅ, ପ୍ରଥମରେ ପ୍ରାର୍ଥନା କର, କୁହ, 'ମିଷ୍ଟାନ୍ନ ତିଆରି କାର୍ଯ୍ୟ ଚାଲୁଅଛି, ଘୃତ ଶେଷ ହୋଇଗଲା, ମହାରାଜଜି କହିଛନ୍ତି, ତୁ କୋଡ଼ିଏ ଘଟ ଘୃତ ଦେ, କାଲି ମହାରାଜଜି ଫଏଜାବାଦରୁ ଘିଅ ମଗାଇ ତୋତେ ଦେଇଦେବେ ।'' ମହାରାଜଜିଙ୍କ କହିବାନୁସାରେ ସାଧୁମାନେ ସରଯୁ କୂଳକୁ ଯାଇ ସେହିପରି ପ୍ରାର୍ଥନା କରି କହି ନଦୀରୁ କୋଡ଼ିଏ ଘଟ ଜଳ ଆଣି ଜଳୁଥିବା ଚୁଲି ଉପରେ ଘିଅ କଡ଼ାଇରେ ଢାଳିଲେ । କଡ଼େଇରେ ପଡ଼ିବା ସଙ୍ଗେ ସଙ୍ଗେ ଜଳ ଘୃତରେ ପରିଣତ ହେଲା ଏବଂ ମିଷ୍ଟାନ୍ନ ତିଆରି କାର୍ଯ୍ୟ ସୁଚାରୁରୂପେ ଶେଷ ହେଲା । ତହିଁ ଆରଦିନ କୋଡ଼ିଏ ଘଟ ଘିଅ ମଗାଇ ଶ୍ରୀ ମହାରାଜଜି ସରଯୁ ନଦୀକୁ ଅର୍ପଣ କରାଇଦେଲେ । ସନ୍ଥମାନଙ୍କ ଭଣ୍ଡାରା ବହୁତ ସମାରୋହରେ ଶେଷ ହେଲା । ଏହି ଘଟଣା ଅଯୋଧ୍ୟାରେ ଆଜି ପର୍ଯ୍ୟନ୍ତ ଲୋକମୁଖରେ ପ୍ରସିଦ୍ଧ । ଏପରିକି ପ୍ରତ୍ୟେକ ପ୍ରାନ୍ତର ବୈଷ୍ଣବ ସାଧୁମାନଙ୍କ ମଧ୍ୟରେ କେଉଁଠି କିଛି ବିକୃତ ବା କେଉଁଠି ଠିକ୍ ଶୁଦ୍ଧ ଭାବରେ ଏହା ସୁବିଦିତ ।

ଭକ୍ତ ଭଗବାନଙ୍କୁ ସମର୍ପଣ କରି ତାଙ୍କରି ଆଶ୍ରୟରେ ନିଶ୍ଚିତ ହୋଇ ରହେ । ସେ ଜାଣେ ଯେ ତା'ର ବ୍ୟକ୍ତିଗତ କରାମତି କିଛି ନାହିଁ, ସବୁ ଭଗବାନଙ୍କର । ସେଥିପାଇଁ କୌଣସି ଆଶ୍ଚର୍ଯ୍ୟଜନକ ଅନୁଭୂତିରେ ଭକ୍ତର ଗର୍ବ ହୁଏ ନାହିଁ । ଭକ୍ତକୁ ଯେଉଁ ମାନସମ୍ମାନ ପ୍ରାପ୍ତ ହୁଏ ଭକ୍ତ ତାହା ଭଗବାନଙ୍କୁ ସମର୍ପଣ କରିଦିଏ । କେବେ କେବେ ବିରୁଦ୍ଧଶକ୍ତି ଭକ୍ତକୁ ପରୀକ୍ଷା କରିବାକୁ ଚାହିଁଲେ ସେଥିରେ ସେ ବାଧା ଦିଅନ୍ତି ନାହିଁ । ବରଂ ବିରୋଧୀ ଶକ୍ତିର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସକାଶେ ଭକ୍ତକୁ ସାହାଯ୍ୟ କରନ୍ତି । ସେଥିରେ ଭକ୍ତର ନାମ ଯଶଃ ପ୍ରସାର ହୁଏ ।

ଫଏଜାବାଦରେ ରାମଦାସ ନାମରେ ଜଣେ ବୈଶ୍ୟଥିଲା । ସେ ଆସି ନିଜ ଦୁଃଖଦରିଦ୍ରତା ସମ୍ବନ୍ଧରେ ମହାରାଜଙ୍କ ଚରଣରେ ପ୍ରାର୍ଥନା କଲା । ମହାରାଜଜି ଦୟାରେ ଦ୍ରବିତ ହୋଇ କହିଲେ, ''ଏଠାରେ ପ୍ରତିଦିନ ଯେତେ ଜିନିଷ ଖର୍ଚ୍ଚ ହେଉଛି, ତାହାସବୁ ତୁ ଛାଉଣୀକୁ ଯୋଗାଇ ଦେ ।'' ଏହା କହି କିଛି ଟଙ୍କା ଦେଲେ । ରାମଦାସ ସେହି ଦିନଠାରୁ ଛାଉଣୀରେ ଯେତେ ଯାହା ଖର୍ଚ୍ଚ ହୁଏ ତାହା ସବୁ ଯୋଗାଇବାକୁ ଲାଗିଲା ଏବଂ ଅଳ୍ପ କେତେମାସ ମଧ୍ୟରେ ଗୋଟିଏ ବଡ଼ ବେପାରୀ ହୋଇଉଠିଲା ।

ସମ୍ବତ୍ ୧୯୩୪ରେ ଦୁର୍ଭିକ୍ଷ ପଡ଼ିଲା । ବହୁତ ଲୋକ ଖାଇବାକୁ ନ ପାଇ ବାସସ୍ଥାନ ଛାଡ଼ି ଭିକ୍ଷାର ଆଶ୍ରୟ ନେଲେ । କେତେକ ଉଦରଜ୍ୱାଳା ସହ୍ୟ କରି ନ ପାରି ଚୋରି କଲେ । ଚାରିଦିଗରେ କ୍ଷୁଧାର ଆର୍ତ୍ତନାଦ ଅନ୍ନାଭାବରେ ଲୋକଙ୍କ ଶରୀର କଙ୍କାଳଗତ ହୋଇଗଲା । ସେମାନଙ୍କ ଆର୍ତ୍ତନାଦରେ ସହୃଦୟ ବ୍ୟକ୍ତିଗଣ ପ୍ରସ୍ତୁତ ଖାଦ୍ୟସାମଗ୍ରୀ ଭୋଜନ କରିପାରିଲେ ନାହିଁ ।

ଶ୍ରୀ ମହାରାଜଙ୍କ ନାମ ଶୁଣି ଅନ୍ନକଷ୍ଟରୁ, ଦୁର୍ଭିକ୍ଷପୀଡ଼ାରୁ ମୁକ୍ତି ପାଇବା ପାଇଁ ବହୁ ସଂଖ୍ୟାର ଲୋକ ଛାଉଣୀ ଚାରି ପାଖରେ ଏକତ୍ର ହୋଇ ଅନ୍ନଦାନ ପାଇଁ ଉଚ୍ଚ ସ୍ୱରରେ ପ୍ରାର୍ଥନା କରିବାକୁ ଲାଗିଲେ । ଶ୍ରୀ ମହାରାଜ ସେମାନଙ୍କର କରୁଣ ହୃଦୟବିଦାରକ ବ୍ୟାକୁଳ ବାଣୀ ଶୁଣି ଭଗବାନଙ୍କ ପାଖରେ ସେମାନଙ୍କର କ୍ଷୁଧାଗ୍ନି ଶାନ୍ତ କରିବା ପାଇଁ ପ୍ରାର୍ଥନା କଲେ । ଭଗବାନ୍ ନିଜ ଭକ୍ତର ପ୍ରାର୍ଥନା ସଦୈବ ଶୁଣନ୍ତି ଏବଂ ତାଙ୍କ ମନୋରଥ ପୂର୍ଣ୍ଣ କରନ୍ତି । ଭଗବାନ୍ ତାଙ୍କ ପ୍ରାର୍ଥନା ମଞ୍ଜୁର କଲେ । ଭଗବାନଙ୍କ ଚେତନା ସଙ୍ଗରେ ଭକ୍ତର ଚେତନା କେତେକ ଅଂଶରେ ଏକ ହୋଇଥାଏ । ଶ୍ରୀ ମହାରାଜ ଭଗବାନଙ୍କ ନିର୍ଦ୍ଦେଶ ଜାଣି ସମସ୍ତ ସେବକ ଏବଂ କୋଠାରୀ କିସୁନ୍ ଦାସଙ୍କୁ ଡାକି କହିଲେ, ''ଦେଖ, ଏହିସବୁ ଆର୍ତ୍ତନାଦ କରିବା ବ୍ୟକ୍ତି ଦରିଦ୍ରନାରାୟଣ । ନାରାୟଣ ଦରିଦ୍ରରୂପ ପ୍ରାପ୍ତ ହୋଇଛନ୍ତି ଆମ୍ଭମାନଙ୍କୁ କୃତାର୍ଥ କରିବା ପାଇଁ । ତୁମ୍ଭେମାନେ କାହାକୁ କୌଣସି ବସ୍ତୁ ଦେବାକୁ ମନାକରିବ ନାହିଁ, କଠୋର ଅଥବା ଅନାଦର ବଚନ କହି ତିରସ୍କାର କରିବ ନାହିଁ । ଏମାନଙ୍କୁ ତିରସ୍କାର କରିବା ଅର୍ଥ ହେବ ଭଗବାନଙ୍କୁ ତିରସ୍କାର କରିବା । ଯେଉଁମାନେ ଭଣ୍ଡାରାରେ ଭୋଜନ କରିବେ ସେମାନଙ୍କୁ ଭୋଜନ ଦିଅ, ଯେଉଁମାନେ ନିଜେ ନିଜେ ରୋଷାଇ କରିବେ ସେମାନଙ୍କୁ ରୋଷାଇସାମଗ୍ରୀ ସବୁ ଦିଅ ।'' ଏହି କାର୍ଯ୍ୟ ସକାଶେ ସେ କେତେଜଣ ଶିଷ୍ୟଙ୍କୁ ନିଯୁକ୍ତ କଲେ ଏବଂ କୋଠାରୀ କିସୁନ୍ ଦାସଙ୍କୁ କହିଲେ, ''କୋଠାର ଭଗବାନଙ୍କର । ତୁମେ ଦେବାରେ କୃପଣତା ପ୍ରକାଶ କରିବ ନାହିଁ ଯାହାର ଯାହା ଦରକାର ଦେଉଥିବ ।''

ଅସରଳ ତାର୍କିକହୃଦୟ ବ୍ୟକ୍ତି ସରଳ ନିଷ୍କପଟ ବାକ୍ୟର ଅର୍ଥ କରନ୍ତି ନିଜ କୁଟିଳତା ଅନୁସାରେ । କୋଠାରୀ କିସୁନ୍ ଦାସ ସେହିପରି କୁଟିଳହୃଦୟ ବ୍ୟକ୍ତି ଥିଲେ । ସେ ଦେଖିଲେ ସରଯୁ ଜଳ ଘୃତରେ ପରିଣତ ହୋଇଥିଲା, ସେଥିରେ ତାଙ୍କର ସନ୍ତୋଷ ଆସି ନ ଥିଲା । ସେ ଭାବିଲେ ଏହି ଦୁର୍ଭିକ୍ଷ ସମୟରେ ଅସଂଖ୍ୟ ଲୋକଙ୍କୁ ମହାରାଜଜି କିପରି ଭୋଜନ ଦେବେ ଏହିଠାରେ ଭଲ ଭାବରେ ପରୀକ୍ଷା କରିବା । ଏହି ଉଦ୍ଦେଶ୍ୟ ରଖି ଯେ ଯାହା ଯେତେ ପରିମାଣରେ ମାଗେ ସେ ତାହା ଅପେକ୍ଷା ଅଧିକ ଦିଅନ୍ତି, ତଥାପି କୋଠାର ଖାଲି ହୁଏ ନାହିଁ । ଦିନେ କିସୁନ୍ ଦାସ ଏହିପରି ପାପ ମନରେ ରଖି ଗୁପ୍ତଭାବରେ ଫଏଜାବାଦ ଯାଇ ସେହି ବଣିଆ ରାମଦାସକୁ ଭେଟିଲେ ଯେଉଁ ଗରିବ ବଣିଆ ରାମଦାସକୁ ଶ୍ରୀ ମହାରାଜଜି ଟଙ୍କା ଦେଇ ବେପାର କରିବାରେ ସାହାଯ୍ୟ କରିଥିଲେ ଓ ଯଦ୍ଦ୍ୱାରା ସେ ଅଳ୍ପକାଳ ମଧ୍ୟରେ ପ୍ରଚୁର ଧନ ଉପାର୍ଜନ କରିପାରିଥିଲା । ତାକୁ କିସୁନ୍ ଦାସ କହିଲେ, ''ଭାଇ ଦେଖ, ମୁଁ ତୋର ହିତ କଥା କହିବାକୁ ଆସିଛି । ଯଦି ଏହା ଉଚିତ ମନେକରୁ ତେବେ କର, କିନ୍ତୁ ମୋ କହିବା ଗୁପ୍ତ ରଖିବୁ । ବର୍ତ୍ତମାନ ଦୁର୍ଭିକ୍ଷ ସମୟ, ଛାଉଣୀରେ ଦଶ ହଜାରରୁ ଅଧିକ ବ୍ୟକ୍ତି ଏକତ୍ର ହୋଇଛନ୍ତି, ଆଉ ପ୍ରତିଦିନ ଭୋଜନାର୍ଥୀଙ୍କ ସଂଖ୍ୟା ବଢୁଛି । ତୁ ଯଦି ଉଧାର ଦେଉ, ଅଧିକ ପରିମାଣରେ ଟଙ୍କା ବାକି ହୋଇଗଲେ ଶ୍ରୀ ମହାରାଜ ପରିଶୋଧ କରିବେ କିପରି, ଟଙ୍କା କେଉଁଠୁ ଆଣିବେ ? ସେ ତ ସାଧୁ, ତାଙ୍କର ଘର ନା ସମ୍ପତ୍ତି ! ଆଜି ଏଠାରେ ଅଛନ୍ତି, କାଲି କମଣ୍ଡଳୁ ଉଠାଇ ଯାଇ ଅନ୍ୟ ଜାଗାରେ ବସିବେ । ତୁ ତୋ ଧନ ପାଇବୁ କିପରି ? ଦଶ, ବାର ହଜାର ଟଙ୍କା ପର୍ଯ୍ୟନ୍ତ ବାକି ଦେଇପାରୁ, ତା'ପରେ କହିବୁ ବାକି ପରିଶୋଧ କରି ନଗଦ ଜିନିଷ ନିଅ । ବାକି ପରିଶୋଧ ନ କଲେ ନଗଦ ଜିନିଷ ବନ୍ଦ କରିଦେବୁ ।'' ଏହି କଥା ବଣିକ ରାମଦାସକୁ ଯୁକ୍ତିଯୁକ୍ତ ମନେହେଲା ଏବଂ ସେ ତାହାହିଁ କରିବା ନିଶ୍ଚୟ କଲା । କିସୁନ୍ ଦାସ ନିଜ କାର୍ଯ୍ୟ ସିଦ୍ଧ କରିନେଲେ ଭାବି ସେହିପରି ଗୁପ୍ତଭାବରେ ଛାଉଣୀକୁ ଫେରିଆସିଲେ ।

ଏହିପରି ଚାରି, ଛଅ ଦିନ ଅତୀତ ହୋଇଗଲା ଓ ରାମଦାସ ବଣିଆର ଛାଉଣୀ ଯୋଗାଇବା ଜିନିଷର ମୂଲ୍ୟ ପ୍ରାୟ ଦଶ, ବାର ହଜାର ଟଙ୍କା ହୋଇଗଲା । କିସୁନ୍ ଦାସ ଉପଯୁକ୍ତ ସମୟ ଜାଣି କୋଠାରରେ ବଞ୍ଚିଥିବା କିଛି ଜିନିଷକୁ ଗୁପ୍ତ ସ୍ଥାନରେ ରଖିଦେଲେ ଏବଂ ଯାଇ ଶ୍ରୀ ମହାରାଜଙ୍କୁ କହିଲେ, ''ଆଜି କୋଠାରରୁ ସମସ୍ତ ଜିନିଷ ସମାପ୍ତ ହୋଇ ଯାଇଛି'' ମହାରାଜ ଶୁଣିବା ମାତ୍ରେ ଫଏଜାବାଦ ରାମଦାସ ବଣିଆ ପାଖରୁ ପୂର୍ବବତ୍ ଜିନିଷ ଉଧାର ଆଣିବାକୁ ସାଧୁମାନଙ୍କୁ ପଠାଇ ଦେଲେ । କିନ୍ତୁ କିସୁନ୍ ଦାସଙ୍କ ପୂର୍ବ ପରାମର୍ଶ ଅନୁସାରେ ବାକି ନେଇଥିବା ଜିନିଷର ଦାମ୍ ପରିଶୋଧ ନ କରି ପୁନରାୟ ଉଧାର ଦେବାକୁ ରାମଦାସ ମନାକଲେ । ସାଧୁମାନେ ନିରାଶ ହୋଇ ଫେରିଆସି ମହାରାଜଜିଙ୍କୁ ସମସ୍ତ ଘଟନା କହିଲେ ।

ଯେଉଁଠାରେ ଉଦାରତା, ଦୟାର ସୀମା ନାହିଁ, ସେହିଠାରେ କୁଟିଳତା ଓ କପଟତାର ଖେଳ । ଯେଉଁ ଗରିବ ବଣିଆ ମହାରାଜଙ୍କ କୃପାରୁ ଧନୀ ହୋଇଛି, ଯିଏ ବଡ଼ଛାଉଣୀକୁ ଜିନିଷ ଯୋଗାଇ ଦରିଦ୍ରତାକୁ ସ୍ୱପ୍ନ ସଦୃଶ ଭୁଲି ଯାଇଛି, ଆଜି ସେହି ବଣିଆ ରାମଦାସର ଅତୀତ କଥା ସ୍ମରଣରେ ଆସୁ ନାହିଁ । ଏହା ବି ଭଗବାନଙ୍କର ଲୀଳା । ଛାଉଣୀରେ ଭୋଜନ ସମୟ ଅତୀତ ହୋଇଗଲା । ଭୋଜନାର୍ଥୀ କ୍ଷୁଧା କ୍ଷୁଧା ବୋଲି ଆର୍ତ୍ତନାଦ କରୁଅଛନ୍ତି । କ୍ଷୁଧା ଗୋଟିଏ ଅସନ୍ତୋଷୀ ରାକ୍ଷସୀ । ଭୋଜନ ତିଆରିଥିବ, ବ୍ୟକ୍ତି ସନ୍ତୋଷ ହୋଇ ବସି ରହିପାରେ, କିନ୍ତୁ ଭୋଜନ ନ ଥିଲେ ଭୋଜନ ନ ମିଳିବା ଆଶଙ୍କାରେ ଯଥାର୍ଥ କ୍ଷୁଧା ଲାଗିବା ପୂର୍ବରୁ ବ୍ୟକ୍ତି ଭୟଭୀତ ହୋଇ କ୍ଷୁଧାର କବଳରେ ନିଜକୁ ସମର୍ପଣ କରିଦିଏ । ମନୁଷ୍ୟର ଧୈର୍ଯ୍ୟ ରହେ ନାହିଁ । ସେ ଆର୍ତ୍ତନାଦ କରିବା ଛଡ଼ା ତା'ର ଅନ୍ୟ କୌଣସି ଉପାୟ ନ ଥାଏ । ସେଦିନ ଛାଉଣୀରେ ଥିବା ସମସ୍ତ ସଜ୍ଜ ଓ ସମସ୍ତ ଶରଣାର୍ଥୀ ଅନାହାରରେ ରହିଲେ । ମହାରାଜଜି ନିଜେ ମଧ୍ୟ ଢୋକେ ପାଣି ମୁଖରେ ଦେଇ ନ ଥିଲେ । ଏହିପରି ଅବସ୍ଥାରେ ଅପରାହ୍ଣ ଚାରିଟା ସମୟ ହେଲା । ସମୟ ବୃଦ୍ଧି ସଙ୍ଗେ ସଙ୍ଗେ କ୍ଷୁଧାର୍ତ୍ତମାନଙ୍କ ବ୍ୟାକୁଳତା ବଢ଼ିବାକୁ ଲାଗିଲା । ପ୍ରତ୍ୟେକ ସମାଜରେ ସବୁ ସ୍ୱଭାବର ଲୋକ ଥାଆନ୍ତି । ସେହି କ୍ଷୁଧାର୍ତ୍ତମାନଙ୍କ ମଧ୍ୟରେ ଯେଉଁମାନେ ଭଲ ସ୍ୱଭାବର ଥିଲେ ସେମାନେ ଚୁପ୍ ହୋଇ ବସି ରହିଲେ; ଅସହିଷ୍ଣୁ ଓ ବିଚାରହୀନ ଲୋକେ ଶ୍ରୀ ମହାରାଜଜିଙ୍କୁ ଏଣୁତେଣୁ କହିବାକୁ ଲାଗିଲେ । ଶ୍ରୀ ମହାରାଜଜିଙ୍କର ପ୍ରତିଦିନ ନିୟମ ଥିଲା

ଅପରାହ୍ଣ ୪ ଘଣ୍ଟା ସମୟରେ ଭାଙ୍ଗ ପିଇସାରି ସ୍ନାନ ଶୌଚାଦି କ୍ରିୟା ସମ୍ପନ୍ନ କରିବା । ନୀତି ନିୟମ ଅନୁସାରେ ଜଣେ ଶିଷ୍ୟ ଭାଙ୍ଗ ଆଣି ସ୍ନାନକୁ ଯିବାକୁ ଶ୍ରୀ ମହାରାଜଜିଙ୍କୁ କହିଲେ । ଅତିଥିମାନେ କ୍ଷୁଧାର୍ତ୍ତ ଥିବାରୁ ସେ ଭାଙ୍ଗ ଗ୍ରହଣ କଲେ ନାହିଁ କି ସ୍ନାନକୁ ଗଲେ ନାହିଁ, ଶ୍ରୀରାମଚନ୍ଦ୍ରଙ୍କ ଧ୍ୟାନରେ ମଗ୍ନ ହୋଇଗଲେ । ଧ୍ୟାନାବସ୍ଥାରେ କିସୁନ୍ ଦାସଙ୍କ ସମସ୍ତ କପଟ କାର୍ଯ୍ୟ ବୁଝିପାରିଲେ । ସେହି ସଙ୍ଗେ ସଙ୍ଗେ ଭଗବାନଙ୍କ କୃପାରୁ କ୍ଷୁଧାର୍ତ୍ତମାନଙ୍କର କ୍ଷୁଧା ଶାନ୍ତ ହୋଇଗଲା । ସେମାନେ ପାଟି କରିବା ବନ୍ଦ କରି ଶାନ୍ତ ଭାବରେ ବସି ରହିଲେ । ଶ୍ରୀ ମହାରାଜଜିଙ୍କ ନିକଟରେ ବହୁତ ସନ୍ଥ, ଦର୍ଶନାର୍ଥୀ, ଅତିଥି, କ୍ଷୁଧାର୍ତ୍ତ ଏବଂ କିସୁନ୍ ଦାସ ମଧ୍ୟ ବସିଥିଲେ । ଏହି ସମୟରେ ଗୋଟିଏ ଆଲୌକିକ ଶୋଭା ଓ ପ୍ରଭାଯୁକ୍ତ ମହିଳା ହଠାତ୍ ଆସି ମହାରାଜଙ୍କ ପାଖରେ ଦୁଇଟି ବନ୍ଧାଥଳି ରଖିଦେଇ ସମସ୍ତେ ଚାହୁଁ ଚାହୁଁ ଚାଲିଗଲେ । ଉପସ୍ଥିତ ବ୍ୟକ୍ତିମାନଙ୍କ ମଧ୍ୟରୁ କେହିହେଲେ ତାଙ୍କୁ କିଛି ପଚାରିପାରିଲେ ନାହିଁ । ଶ୍ରୀ ମହାରାଜଜି ଆଖି ଖୋଲି ମେଘଗମ୍ଭୀର ଶାନ୍ତସ୍ନିଗ୍ଧ ସ୍ନେହପୂର୍ଣ୍ଣ ସ୍ୱରରେ କିସୁନ୍ ଦାସଙ୍କୁ କହିଲେ, ''ଏହି ଦୁଇଟି ଥଳି ଖୋଲି ଦେଖ ।'' କିସୁନ୍ ଦାସ ଥଳିଦୁଇଟି ଖୋଲି ଦେଖିବା ସଙ୍ଗେ ସଙ୍ଗେ ଭୟ, ଲଜ୍ଜା ଓ ସଙ୍କୋଚରେ ବୁଡ଼ିଯାଇ ଅନତି ସ୍ୱରରେ କହିଲେ — ଗୋଟିଏ ଥଳିରେ ସୁବର୍ଣ୍ଣ ମୋହର ଏବଂ ଅନ୍ୟଟିରେ ଟଙ୍କା । ଶ୍ରୀ ମହାରାଜଙ୍କ ଆଜ୍ଞାରେ ଗଣିବାରୁ ସଂଖ୍ୟାରେ ଏକ ଏକ ହଜାର ହେଲା ।

କିସୁନ୍ ଦାସଙ୍କୁ ନିଜ ଘୃଣ୍ୟ କାର୍ଯ୍ୟ ସକାଶେ ଅପାର ଦୁଃଖ ହେଲା । ସେ ପଶ୍ଚାତ୍ତାପ ଅଗ୍ନିରେ ଜଳିବାକୁ ଲାଗିଲେ । ନିଜକୁ ସମ୍ଭାଳି ନ ପାରି ଶ୍ରୀ ମହାରାଜଙ୍କ ଚରଣରେ ପଡ଼ି ଉଚ୍ଚ ସ୍ୱରରେ କ୍ରନ୍ଦନ କଲେ । ଦର୍ଶନାର୍ଥୀମାନେ ଏ ଘଟନା ଦେଖି ଏହାର କାରଣ ବୁଝି ନ ପାରି ଆଶ୍ଚର୍ଯ୍ୟ ଭାବରେ ଚିତ୍ରପିତୁଳା ପରି ନିର୍ନିମେଷ ନୟନରେ ଚାହିଁ ରହିଲେ । ଶ୍ରୀ ମହାରାଜ କିସୁନ୍ ଦାସଙ୍କୁ ତଳୁ ଉଠାଇନେଇ ଆଲିଙ୍ଗନ କଲେ । କିସୁନ୍ ଦାସ କହିଉଠିଲେ, ''ନାଇଁ, ନାଇଁ, ଏ ପାପୀକୁ ଆପଣଙ୍କ ପବିତ୍ର ଶରୀରରେ ସ୍ପର୍ଶ କରାନ୍ତୁ ନାହିଁ । ମୁଁ ମୂଢ଼, ମହାପାପୀ, ବଞ୍ଚକ, କପଟୀ; ଆପଣଙ୍କ ପରି ମହାପୁରୁଷ ପରମ ବୈଷ୍ଣବଙ୍କର ଦ୍ରୋହୀ । ମୋର ଦୋଷ ଅକ୍ଷମଣୀୟ, ମୁଁ କଠୋର ଦଣ୍ଡର ପାତ୍ର । ମୋର କଳୁଷିତ କର୍ମରୁ ଆଜି ଏତେ ଲୋକ ଅନାହାରରେ ବସିଅଛନ୍ତି, ଆପଣ ମଧ୍ୟ ଏକ ବୁନ୍ଦା ଜଳ ମୁଖରେ ଦେଇ ନାହାନ୍ତି ।'' ଏତିକି କହିବାରେ ତାଙ୍କ କଣ୍ଠ ରୁଦ୍ଧ ହୋଇ ଆସିଲା ଓ ସେ ଆଉ କିଛି କହି ନ ପାରି ବଡ଼ ପାଟିରେ କାନ୍ଦିବାକୁ ଲାଗିଲେ । ଶ୍ରୀ ମହାରାଜଜି ବୁଝାଇ ଶାନ୍ତ କରାଇବା ପରେ, ପୂର୍ବେ ଶ୍ରୀ ମହାରାଜଙ୍କ ତପସ୍ୟାଶକ୍ତିର ପରୀକ୍ଷା ନେବା ସକାଶେ କୋଠାରରେ ଯେପରି ଘିଅ ଗୋପନ ରଖିଥିଲେ, ଏଥର ଖାଦ୍ୟସାମଗ୍ରୀ ସେହିପରି କୋଠାରରେ ଗୁପ୍ତ ଭାବରେ ରଖି, ଉଧାର ଦେବାକୁ ବଣିଆକୁ ମନା କରିଥିଲେ, ଏହି ସମସ୍ତ କହି ନିଜ ପ୍ରାୟଶ୍ଚିତ୍ତ ସକାଶେ ଶ୍ରୀ ମହାରାଜଙ୍କଠାରୁ ଦଣ୍ଡ ପ୍ରାର୍ଥନା କଲେ । ଶ୍ରୀ ମହାରାଜ ଶାନ୍ତ ଓ ଭଗବତ୍ ପ୍ରେମ ଭକ୍ତିରେ ଗଦଗଦ ହୋଇ କହିଲେ, ''କିସୁନ୍ ଦାସ, ଶାନ୍ତ ହୋଇ ଶୁଣ । ମୋ ପ୍ରଭୁଙ୍କର ଇଚ୍ଛା ବିରୋଧରେ ଗଛର ପତ୍ର ହଲେ ନାହିଁ । ତୁମ ମଧ୍ୟରେ ଯେଉଁ ଶକ୍ତି ପରୀକ୍ଷା ନେବାର ପ୍ରେରଣା ଦେଲା, ମୋ ପ୍ରଭୁ କ'ଣ ତାହା ବନ୍ଦ କରି ପାରି ନ ଥା'ନ୍ତେ ? ମୋ ପ୍ରଭୁ ଯଦ୍ୟପି ନିଜ ଭକ୍ତର ପରୀକ୍ଷା ସ୍ୱୟଂ ନିଅନ୍ତି ନାହିଁ, ସର୍ବଥା ସାହାଯ୍ୟ କରନ୍ତି, ତଥାପି ଅନ୍ୟ ଶକ୍ତିର ପରୀକ୍ଷାରେ ବାଧା ଦିଅନ୍ତି ନାହିଁ । ସେହି ପରୀକ୍ଷାରେ ଭକ୍ତର ଭଗବତ୍ ବିଶ୍ୱାସ ଦୃଢ଼ ହୁଏ, ବିପଦର ସମ୍ମୁଖୀନ ହେବାର ଶକ୍ତି ବଢ଼େ । ଏଥିରେ ତୋର କୌଣସି ଦୋଷ ନାହିଁ । ସେତେବେଳେ ଅନ୍ୟ ଶକ୍ତିର ବଶୀଭୂତ ହୋଇ ଏହି ପରୀକ୍ଷା ନେଲୁ, ବର୍ତ୍ତମାନ ସେହି ଶକ୍ତି କବଳରୁ ମୁକ୍ତ ହେବାରୁ ପଶ୍ଚାତ୍ତାପ କରୁଅଛୁ । ଯଥାର୍ଥରେ ତୁ ମୋ ପାଖରେ ବ୍ୟକ୍ତିଗତଭାବେ କୌଣସି ଅପରାଧ କରି ନାହୁଁ । ତୋ ଦ୍ୱାରା ଯାହା ଅପରାଧ ହୋଇଥିଲା, ତାହା ତୋର ପଶ୍ଚାତ୍ତାପ ଅଗ୍ନିରେ ଭସ୍ମୀଭୂତ ହୋଇ ସାରିଲାଣି । ତୁ ଆଉ ଦଣ୍ଡର ପାତ୍ର ନୋହୁଁ । ଯଦି ନିଜ ସନ୍ତୋଷ ସକାଶେ ଦଣ୍ଡ ଚାହୁଁଛୁ ତେବେ ଅନନ୍ୟ ଭାବରେ ଭଗବାନଙ୍କୁ ଭକ୍ତି କର ।'' ଏହିପରି ବହୁତ ପ୍ରକାର ସାନ୍ତ୍ୱନା ପାଇବା ପରେ ମହାରାଜଙ୍କଠାରୁ ଆଜ୍ଞା ନେଇ ତତ୍କ୍ଷଣାତ୍ ଫଏଜାବାଦ ଯାଇ ସେହି ବଣିଆକୁ ସୁବର୍ଣ୍ଣ ମୋହର ଦେଇ ମାଲପୁଆର ବସ୍ତୁ ଖରିଦ କରି ଆଣିଲେ । ରାତ୍ରିରେ ମାଲପୁଆ ତିଆରି ହେଲା ଓ ତହିଁ ଆରଦିନ ଛାଉଣୀରେ ମାଲପୁଆର ଭଣ୍ଡାରା ହେଲା । ଅତିଥି ଓ ସନ୍ଥମାନେ ପୂର୍ବ ଦିନ ଯେଉଁ କ୍ଷୁଧା କଷ୍ଟ ଅନୁଭବ କରିଥିଲେ ତାହାସବୁ ଭୁଲି ଆନନ୍ଦରେ ମଗ୍ନ ହୋଇଗଲେ । ସେହି ଦିନଠାରୁ କୋଠାରରେ ବସ୍ତୁ ପୂର୍ଣ୍ଣ ହୋଇ ରହିଲା । କୋଠାରରେ କୌଣସି ବସ୍ତୁ

'ନାହିଁ', ଏପରି ଶବ୍ଦ ମହାରାଜଜିଙ୍କୁ ଶୁଣିବାକୁ ହେଲା ନାହିଁ । ପ୍ରତିଦିନ ନିୟମାନୁସାରେ ଯେଉଁ ଭୋଜନ ତିଆରି ହେବାର କଥା ତାହା ହୁଏ ଏବଂ ତା'ଛଡ଼ା ସପ୍ତାହରେ ପ୍ରାୟ ୫/୬ ଦିନ ଶେଠ ସାହୁକାରମାନେ ଆସି ଛାଉଣୀରେ ସମସ୍ତ ବ୍ୟକ୍ତିଙ୍କ ସକାଶେ ମିଠାଇ, ଖିରି, ମାଲପୁଆର ଭଣ୍ଡାରା ଦିଅନ୍ତି । ଛାଉଣୀରେ ସନ୍ଥ ଓ ଶରଣାର୍ଥୀମାନେ ମିଷ୍ଟାନ୍ନ ଭୋଜନରେ ଅରୁଚି ପ୍ରକାଶ କଲେ । କିଛି ଦିନ ପରେ ଦୁର୍ଭିକ୍ଷ ପୀଡ଼ା ଦୂର ହୋଇଗଲା । ଶରଣାର୍ଥୀମାନେ ନିଜ ନିଜ ସ୍ଥାନକୁ ଚାଲିଗଲେ । ପୂର୍ବ ପରି ଦୁଇ, ତିନି ହଜାର ସନ୍ଥ ଛାଉଣୀରେ ରହି ରାମଧୁନରେ ମଗ୍ନ ରହିଲେ ।

ପୂର୍ବେ କୁହାଯାଇଥିବା କୋଠାରୀ ପୂରଣ ଦାସ ତୀର୍ଥଯାତ୍ରାରୁ ଫେରିଆସିବାରୁ କିସୁନ୍ ଦାସ କୋଠାରର ସମସ୍ତ କାର୍ଯ୍ୟ ତାଙ୍କୁ ଦେଇ ପୂର୍ବ ପରି ତାଙ୍କ ସଙ୍ଗେ କୋଠାରରେ କାର୍ଯ୍ୟ କଲେ ।

ଦିନେ ସୁଅବସର ପାଇ କିସୁନ୍ ଦାସ ମହାରାଜଙ୍କ ପାଖକୁ ଆସି ଶ୍ରଦ୍ଧା ଭକ୍ତି ସହିତ ମହାରାଜଜିଙ୍କ ଚରଣରେ ସାଷ୍ଟାଙ୍ଗ ଦଣ୍ଡବତ କଲେ । ଶ୍ରୀ ମହାରାଜଜିଙ୍କ ନିର୍ଦ୍ଦେଶାନୁସାରେ ତାଙ୍କ ପାଖରେ ବସି ହାତ ଯୋଡ଼ି ସାଧନାର ଗୂଢ଼ ରହସ୍ୟ, ସାଧନାପ୍ରଣାଳୀ ଏବଂ କ୍ରିୟା, ସାଧନାରେ ବାଧାବିଘ୍ନ ଇତ୍ୟାଦି ବିଷୟରେ ବହୁତ ପ୍ରଶ୍ନ କଲେ । ଶ୍ରୀ ମହାରାଜ କିସୁନ୍ ଦାସଙ୍କୁ ଅଧିକାରୀ ଜାଣି ତାଙ୍କ ନିଷ୍କପଟ ପ୍ରଶ୍ନର ଉଚିତ ଉତ୍ତରରେ ସମସ୍ତ ବିଷୟ ବୁଝାଇ ଦେଲେ । କିସୁନ୍ ଦାସଙ୍କ ଚିଦାକାଶରେ ଜ୍ଞାନ-ଭାନୁ ପ୍ରକାଶିତ ହୋଇ ମୋହ ଅନ୍ଧକାର ଦୂର କରିଦେଲା । ସେ ପ୍ରେମବିଭୋର ହୋଇ ଶ୍ରୀ ମହାରାଜଙ୍କ ଚରଣରେ ପଡ଼ି ଗଦଗଦ ସ୍ୱରରେ ପୂର୍ବ ଘଟନା ବର୍ଣ୍ଣନପୂର୍ବକ କୃତଜ୍ଞତା ଜ୍ଞାପନ କରି ନାନାବିଧ ସ୍ତୁତି କଲେ । ଶ୍ରୀ ମହାରାଜଙ୍କ ଆଶୀର୍ବାଦ ପ୍ରାପ୍ତ କରି ତାଙ୍କ ନିର୍ହେତୁକୀ କୃପାକୁ ସ୍ମରଣ କରି ଭଗବତ୍ ଭଜନରେ ନିମଗ୍ନ ହେଲେ ।

ଶ୍ରୀ ମହାରାଜଙ୍କ ରାମଧୁନ, ସନ୍ଥମାନଙ୍କ ସଂଖ୍ୟା, ଦର୍ଶନାର୍ଥୀମାନଙ୍କ ଯିବା ଆସିବା କ୍ରମଶଃ ବୃଦ୍ଧି ହେବାକୁ ଲାଗିଲା । ଛାଉଣୀର ବାତାବରଣ ସମ୍ବନ୍ଧରେ ସେ ସମୟରେ ସେଠାରେ ବାସ କରୁଥିବା ସନ୍ଥମାନଙ୍କଠାରୁ ଶୁଣିବାକୁ ମିଳିଥିଲା । ସେଠାରେ ସବୁ ସମୟରେ ରାମଧୁନ ଆଉ ସତ୍‌ସଙ୍ଗଚର୍ଚ୍ଚା ଚାଲିଥାଏ । ସେଠାକୁ ବ୍ୟକ୍ତି ଯାଇ ଅନ୍ୟ କଥା ଭାବିବାର ଅବସର ପାଏ ନାହିଁ । ସେଠାକୁ ଯେକୌଣସି ବ୍ୟକ୍ତି ଆସେ, ସେ ସନ୍ଥମାନଙ୍କ ଦର୍ଶନ ପାଏ, ସ୍ୱୟଂ ରାମଧୁନ କରେ, ଭଗବତ୍ ଚର୍ଚ୍ଚା ଶୁଣେ, ଭଗବତ୍ ମହାପ୍ରସାଦରେ ଉଦର ପୂର୍ଣ୍ଣ କରି ମାନସିକ ଓ ଶାରୀରିକ ଶାନ୍ତି ପ୍ରାପ୍ତ କରି ଘରକୁ ଫେରେ । ମହାରାଜଙ୍କ ପାଖକୁ ଏକାନ୍ତ ଗୁପ୍ତରେ ବାସ କରୁଥିବା ସନ୍ଥ ଏବଂ ବହୁ ଲୋକ-ପ୍ରସିଦ୍ଧ ଓ ବହୁ ପ୍ରକାରର ସନ୍ଥ ଆସୁଥିବାରୁ ସେଠାରେ ନିବାସ କରୁଥିବା ବ୍ୟକ୍ତିଙ୍କୁ ଅନାୟାସରେ ସେମାନଙ୍କ ଦର୍ଶନ ପ୍ରାପ୍ତ ହେଉଥାଏ । ପ୍ରକୃତରେ ଶ୍ରୀ ମହାରାଜ ଧର୍ମ, ଅର୍ଥ, କାମ ମୋକ୍ଷ ସକଳ ବ୍ୟକ୍ତିଙ୍କୁ ପ୍ରଦାନ କରି ସୁଖୀ କରୁଥିଲେ । ଏହିପରି ମହାପୁରୁଷମାନେ ସଂସାରକୁ ଆସନ୍ତି ନିଜ କଲ୍ୟାଣ ସକାଶେ ନୁହେଁ, ଭଗବାନଙ୍କ ନିର୍ଦ୍ଦେଶରେ ଲୋକକଲ୍ୟାଣାର୍ଥେ ।

ଦୁଇ ପଇସାର ଭଣ୍ଡାରା

ଆଉ ଗୋଟିଏ ଘଟନା । ଦିନେ ଦକ୍ଷିଣ ଭାରତରୁ ଜଣେ ବୃଦ୍ଧା ଶ୍ରୀ ଅଯୋଧ୍ୟାରେ ପହଞ୍ଚିଲେ । ସେ ମଇଳା ଲୁଗା ପିନ୍ଧିଥିଲେ, ତାଙ୍କ ବାହ୍ୟ ବେଶରୁ ଜଣା ପଡୁଥିଲା ସେ ଯେପରି ଏକ ଗରିବ ବୁଢ଼ୀ । ସେ କେତେକ ମଠକୁ ଯାଇ ଦୁଇ ପଇସାରେ ଭଣ୍ଡାରା ଭୋଜନ କରିବାକୁ ପ୍ରାର୍ଥନା କଲେ । ଦୁଇ ପଇସାରେ ଭଣ୍ଡାରା ଭୋଜନ କରିବା ପରିହାସ କରିବା ଛଡ଼ା ଆଉ କିଛି ନୁହେଁ । କେହି ଶାନ୍ତସ୍ୱଭାବର ମହାତ୍ମା ବିରକ୍ତ ନ ହୋଇ କହିଦେଲେ ଦୁଇ ପଇସାରେ ଭଣ୍ଡାରା ହୋଇପାରିବ ନାହିଁ । କେହି ପରିହାସପ୍ରିୟ ମହାତ୍ମା କହିଲେ, ''ଅଗସ୍ତ୍ୟ ଋଷି ଯେପରି ଗଣ୍ଡୂଷରେ ସମୁଦ୍ର ଶୋଷଣ କରିଥିଲେ, ତୁ ସେହିପରି ଦୁଇ ପଇସାରେ ଅବଧରେ ଦୁଇ ହଜାର ସାଧୁଙ୍କୁ ଭୋଜନ କରାଇବୁ ?'' କୌଣସି ମଠରେ ମହାତ୍ମାଙ୍କ ଉଦ୍ଦଣ୍ଡ ଶିଷ୍ୟ ସେବକ ଭଣ୍ଡାରା କଥା ଶୁଣିବାମାତ୍ରେ କହିଲେ, ''ତୁହ୍ମାରୀ ମଥା ଖରାପ ହୁଆ ହୈ, ଦୋ ପଇସା କି ଭଣ୍ଡାରା କର୍‌ନେ ଚଲୀ; ଚଲୋ, ନିକଲ ଇହାଁସେ ।'' କେହି ସରଳହୃଦୟ ସନ୍ଥ ଭଣ୍ଡାରା କଥା ଶୁଣି, ବୁଢ଼ୀର

ସରଳ ହୃଦୟ, ଶ୍ରଦ୍ଧା ଉପରେ ଦୟାର୍ଦ୍ର ହୋଇ ଆଦରପୂର୍ବକ ପାଖରେ ବସାଇ ପ୍ରସାଦ ଚରଣାମୃତ ଦେଲେ ଏବଂ କହିଲେ, ''ଭୋଲି (ମାଈ) ମା, ଦୁଇ ପଇସାରେ ଭଣ୍ଡାରା ହୋଇପାରିବ ନାହିଁ। ଭଗବାନ୍ ଧନ ଚାହାନ୍ତି ନାହିଁ, ଚାହାନ୍ତି ପ୍ରେମ। ତୁ ଅବଧରେ ସାଧୁ ସଚ୍ଚଙ୍କୁ ଦର୍ଶନ କର, ସରଯୁରେ ସ୍ନାନ କର, ଏଠାରେ ଯେଉଁ ମଠରେ ଇଚ୍ଛା ସେହି ମଠରେ ପ୍ରସାଦ ସେବନ କର। ଅନ୍ୟ କୌଣସି ମଠରେ ଯଦି ଭୋଜନ ନ ମିଳେ, ତେବେ ଅଯୋଧ୍ୟାରେ ଯେତେ ଦିନ ରହିବୁ, ଏଠାକୁ ଆସି ଭୋଜନ କରିଯାଆ।'' ଏହିପରି କେଉଁଠି ଆଦର, କେଉଁଠି ଅନାଦର, ପରିହାସ, ଆଉ ସାନ୍ତ୍ୱନା ପାଇ ବହୁତ ଆସ୍ଥାନରୁ ଫେରି ଶେଷରେ ବୁଢ଼ୀ ବଡ଼ଛାଉଣୀ ଶ୍ରୀ ମହାରାଜଙ୍କ ଆସ୍ଥାନକୁ ଆସି ଶ୍ରୀ ମହାରାଜଙ୍କୁ ପ୍ରଣାମ କରି ଦୁଇଟି ପଇସା ସାମନାରେ ରଖିଦେଇ କହିଲା, ''ମହାରାଜଜି, ଏହି ଦୁଇ ପଇସାରେ ଆଜି ମୋ ତରଫରୁ ଭଣ୍ଡାରା କରିଦିଅନ୍ତୁ।'' ଏକଥା ଶୁଣି ବୁଢ଼ୀର ଶ୍ରଦ୍ଧା ଆଉ ଆଗ୍ରହ ଦେଖି ଜଣେ ସଚ୍ଚଙ୍କୁ ଡାକି କହିଲେ, ''ଏହି ଦୁଇ ପଇସା ନେଇ ବଜାରରୁ ହେଙ୍ଗୁ ଖରିଦ କରି ଆଣି ଡାଲିରେ ଛୁଙ୍କ ଲଗାଇଦିଅ। ହେଙ୍ଗୁର ସୁଗନ୍ଧରେ ସମସ୍ତ ଡାଲି, ତରକାରି ସୁଗନ୍ଧରେ ପୂର୍ଣ୍ଣ ହୋଇଯିବ। ଏହି ବୁଢ଼ୀ ମା' ତରଫରୁ କାଲି ସଚ୍ଚମାନଙ୍କୁ ଭଣ୍ଡାରା ଭୋଜନ କରାଇ ଏହା ନାମରେ ଜୟ ବୋଲାଇଦିଅ। ସଚ୍ଚମାନଙ୍କ ପଙ୍ଗତରେ ଭୋଜନ ପରଶା ହେବା ପରେ ପ୍ରତିଦିନ ଇଷ୍ଟଦେବ ଏବଂ ଆସ୍ଥାନର ମହନ୍ତଙ୍କୁ, ତାଙ୍କ ଗୁରୁ ପରମ୍ପରାକୁ ଜୟ ବୋଲାହୁଏ। ଯେଉଁମାନେ ଭଣ୍ଡାରା ଭୋଜନ ଦିଅନ୍ତି ଉପଯୁକ୍ତ ଜୟ ବୋଲାହେବା ପରେ ତାଙ୍କୁ ଏବଂ ତାଙ୍କ ପିତା, ମାତା, ପରିବାରମାନଙ୍କୁ ଜୟ ବୋଲାହୁଏ।

ଶ୍ରୀ ମହାରାଜଙ୍କ ନିର୍ଦ୍ଦେଶାନୁସାରେ ସେହିପରି କରାଗଲା। ଶ୍ରୀ ମହାରାଜଜି ବୁଢ଼ୀକୁ କହିଲେ, ''କାଲି ତୁ ଆସି ଭଣ୍ଡାରାରେ ସଚ୍ଚମାନଙ୍କୁ ଦର୍ଶନ କରିବୁ ଏବଂ ପ୍ରସାଦ ସେବନ କରିବୁ। ବୁଢ଼ୀ ବହୁତ ଉତ୍ସାହ ଓ ଆଗ୍ରହରେ ତହିଁ ଆରଦିନ ସକାଳୁ ଆସି ରାମଧୁନରେ ବସି ପ୍ରେମ, ଭକ୍ତି ସହିତ ରାମଧୁନ କଲେ। ସେ ଭଣ୍ଡାରାରେ ସଚ୍ଚମାନଙ୍କ 'ଜୟ' ବୋଲିବା ଶୁଣି ଶ୍ରୀ ମହାରାଜଙ୍କ ସଚ୍ଚସ୍ୱଭାବ ଓ ଉଦାର ଗୁଣରେ ମୁଗ୍ଧ ହୋଇଗଲେ। ତତ୍‌କ୍ଷଣାତ୍ ଯାଇ ନିଜେ ଭଲ ଲୁଗା ପିନ୍ଧି ନିଜର ସେବକ ଆଉ ଦାସୀମାନଙ୍କୁ ସଙ୍ଗେ ନେଇ ଶ୍ରୀ ମହାରାଜଙ୍କ ସମ୍ମୁଖରେ ବହୁ ସ୍ୱର୍ଣ୍ଣମୁଦ୍ରା, ବହୁତ ଭଣ୍ଡାରା ଭୋଜନର ବସ୍ତୁ ରଖି ସଚ୍ଚମାନଙ୍କ ଭଣ୍ଡାରାରେ ଖର୍ଚ୍ଚ କରିବାକୁ ପ୍ରାର୍ଥନା କଲେ। ଶ୍ରୀ ମହାରାଜଜି ସେହିସବୁ ବସ୍ତୁରେ କେତେଦିନ ପର୍ଯ୍ୟନ୍ତ ଭଣ୍ଡାରା କରାଇଲେ। ଅଯୋଧ୍ୟାରୁ ବହୁତ ସଚ୍ଚଙ୍କୁ ନିମନ୍ତ୍ରଣ କଲେ। ସେ ବୁଢ଼ୀର ଯେତେଦିନ ପର୍ଯ୍ୟନ୍ତ ଭଣ୍ଡାରା ହେଲା ସେତେଦିନ ପର୍ଯ୍ୟନ୍ତ ତାହାର 'ଜୟ' ବୋଲାହେଲା। ଭଣ୍ଡାରା ଶେଷ ହେବା ପରେ ଶ୍ରୀ ମହାରାଜଙ୍କୁ ବହୁତ ବିନୟ ପୂର୍ବକ ପ୍ରଣାମ କରି ଆଉ କେତେକ ମୁଦ୍ରା ସମର୍ପଣ କରି ନିଜ ପ୍ରଦେଶକୁ ଫେରିଗଲେ।

ସରଯୁର ଭୂମିଦାନ

ସେ ସମୟରେ ଶ୍ରୀ ମହାରାଜଙ୍କ ବଡ଼ଛାଉଣୀ ସରଯୁ କୂଳରେ ଥିଲା। ଛାଉଣୀର ଅତି ସମୀପରେ ତୀବ୍ରଧାରା ପ୍ରବାହିତ ହେଉଥିଲା। ଦିନେ ଗୋଟିଏ ପିଲା ଖେଳୁ ଖେଳୁ ସରଯୁ ବନ୍ଧରୁ ସ୍ରୋତର ପ୍ରବାହରେ ପଡ଼ିଗଲା। ସ୍ରୋତରେ ଅଗାଧ ଜଳ। ଶିଶୁର ପିତାମାତା ବ୍ୟାକୁଳ ହୋଇ ପାଟି କରିବାରୁ ଜଣେ ସଚ୍ଚ ଡେଇଁପଡ଼ି ପହଁରି ପହଁରି ଜୀବିତାବସ୍ଥାରେ ପିଲାଟିକୁ ଉଦ୍ଧାର କଲେ। ଏହି କୃତ୍ୟ ଦେଖି ଶ୍ରୀମହାରାଜ ଏକ ଘଟ ଆଖୁରସ ଓ ଏକ ଘଟ କ୍ଷୀର ମଗାଇ ସରଯୁକୁ ଅର୍ପଣ କରି କିଛି ଜମି ଛାଡ଼ି ଦୂରକୁ ଅପସରି ଯିବାକୁ ହାତଯୋଡ଼ି ପ୍ରାର୍ଥନା କଲେ। ସେହି ଦିନଠାରୁ ସରଯୁର ପ୍ରବାହ ଅନ୍ୟ କୂଳକୁ ପ୍ରାୟ ଏକ ମାଇଲ ଦୂରକୁ ଚାଲିଗଲା ଏବଂ ଛାଉଣୀ ପାଖରେ ଯେଉଁଠି ତୀବ୍ର ଧାରା ଥିଲା ସେଠାରେ ବାଲି ପୋତି ପକାଇଲା। ଛାଉଣୀ ପାଖରେ ବହୁତ ଜମି ପତିତ ମିଳିବାରୁ ସମସ୍ତଙ୍କ ଚଳାଚଳ ପକ୍ଷେ ସୁବିଧା ହେଲା। ଆଜି ପର୍ଯ୍ୟନ୍ତ ସରଯୁ ଧାରା ଛାଉଣୀ ଆଡ଼କୁ ଫେରି ନ ଥିଲା। ଆଜିକାଲି ତ' ପଥରବନ୍ଧ ହେଉଛି, ଭବିଷ୍ୟତରେ ଜଳଧାରା ଫେରିବାର କୌଣସି ପ୍ରଶ୍ନ ନାହିଁ।

ଦିନେ ଜଣେ ଗରିବ ବ୍ରାହ୍ମଣ ନିଜ କନ୍ୟା ବିବାହର ଅର୍ଥ ଅଭାବ ଯୋଗୁଁ ଶ୍ରୀ ମହାରାଜଜିଙ୍କୁ ପ୍ରାର୍ଥନା କଲେ।

ସେହିକ୍ଷଣି ଜଣେ ଶିଷ୍ୟକୁ ଡାକି ମହାରାଜ ବିବାହର ଆବଶ୍ୟକ ସମସ୍ତ ବସ୍ତ୍ର, ପାତ୍ର ଆଦି ସବୁ ଦେଇଦେଲେ । ବ୍ରାହ୍ମଣ ଏହା ନେଇ ବିଦାହୋଇ ଯିବା ସମୟରେ ମହାରାଜଜି କହିଲେ, ''କିଛିକ୍ଷଣ ଅପେକ୍ଷା କର । ଜଣେ ଭକ୍ତ ଆସୁଛି, ସେ ଯାହା ପୂଜା ଅର୍ପଣ କରିବ, ତୁମେ ନେଇ ବିବାହ କାର୍ଯ୍ୟରେ ଲଗାଇବ ।'' କିଛି ସମୟ ପରେ ଜଣେ ଭକ୍ତ ଆସି ମହାରାଜଙ୍କ ଚରଣରେ ଚାଳିଶ ଟଙ୍କା ଅର୍ପଣ କଲେ । ସେ ଟଙ୍କା ବ୍ରାହ୍ମଣକୁ ଦେଇ କହିଲେ, ''ଏହାକୁ ବିବାହରେ ଖର୍ଚ୍ଚ କରିବ । ଆଉ ଶହେ ଟଙ୍କା ନିଅ, ଏଥିରେ ତୁମ କନ୍ୟାକୁ ଅଳଙ୍କାର ଦେବ ।'' ବ୍ରାହ୍ମଣ ବିଶେଷ ଆନନ୍ଦିତ ହୋଇ ପ୍ରଣାମ କରି ଫେରିଗଲେ ।

ଭୋଜନରେ ପକ୍କା ନିଅଁ

ଶ୍ରୀ ମହାରାଜଙ୍କ ଖ୍ୟାତି ଉତ୍ତରୋତ୍ତର ବୃଦ୍ଧି ହେବାରୁ ଅଧିକ ସଙ୍ଖ, ଦର୍ଶନାର୍ଥୀ ଆସିବାକୁ ଲାଗିଲେ । ସବୁ ସମୟରେ ସେଠାରେ ଦୁଇ ହଜାରରୁ ଅଧିକ ସଙ୍ଖ ନିବାସ କରନ୍ତି । କେବେ କେବେ ଜମାଉତ ଆସିଲେ କିଂବା ରାମନବମୀର ସମୟ ହେଲେ ଚାରି, ପାଞ୍ଚ ହଜାର ସଙ୍ଖ ହୁଅନ୍ତି । ଦର୍ଶନାର୍ଥୀ ଆଉ କ୍ଷୁଧାର୍ତ୍ତମାନଙ୍କ ସହିତ ପାଞ୍ଚ ହଜାରରୁ ଅଧିକ ବ୍ୟକ୍ତିଙ୍କ ଭୋଜନ ତିଆରି ହୁଏ । ଏତେ ଭୋଜନ ତିଆରି, ସଙ୍ଖମାନଙ୍କ ନିବାସ ନିମିତ୍ତ ସଙ୍ଖଶାଳା, ଭୋଜନଦ୍ରବ୍ୟ ରହିବା ସ୍ଥାନ କୋଠାର, ଶ୍ରୀ ମହାରାଜଙ୍କ ରହିବା ସ୍ଥାନ, ସବୁ ହେଉଥିଲା ଘାସର କୁଡ଼ିଆରେ । ଜୋର୍‌ରେ ବତାସ ହେଲେ କୁଡ଼ିଆ ସବୁ ଉଡ଼ିଯାଏ, କିନ୍ତୁ କୋଠାର ଆଉ ଶ୍ରୀ ମହାରାଜଙ୍କ ରହିବା ଛଣଘାସ ନିର୍ମିତ କୁଡ଼ିଆକୁ କୌଣସି ପ୍ରକାରେ କାଠ, ବାଉଁଶ ଦେଇ ଧରାଧରି କରି ରଖା ହେଉଥିଲା ।

ଏହିସବୁ ଦେଖି ଗୋଣ୍ଡାର ରାଜା ଦିନେ ଆସି ଶ୍ରୀ ମହାରାଜଙ୍କୁ କହିଲେ, ''ମହାରାଜ, କୁଡ଼ିଆରେ ବହୁତ ଅସୁବିଧା ହେଉଛି, ପ୍ରତିବର୍ଷ ବଦଳାଇବାକୁ ହେଉଛି, କେବେ କେବେ ବତାସରେ ଉଡ଼ିଯାଉଛି । ମୋ ପ୍ରାର୍ଥନା ସ୍ୱୀକାର କରି ପକ୍କା ମନ୍ଦିର ତିଆରି ହେବାରେ ଯାହା ଖର୍ଚ୍ଚ ହେବ ସେହି ସେବା ମୋଠାରୁ ଗ୍ରହଣ କରନ୍ତୁ ।'' ଶ୍ରୀ ମହାରାଜଜି ମନାକରିବା ସତ୍ତ୍ୱେ ରାଜା ଅତ୍ୟନ୍ତ ଆଗ୍ରହୀ ହେବାରୁ ସେ କହିଲେ, ''ଆଚ୍ଛା, ଦ୍ରବ୍ୟ ନେଇଆସ, ସେଥିରେ ଏପରି ନିଅଁ ଦିଆହେବ, ଯାହା କେବେ ବି ନଷ୍ଟ ହେବ ନାହିଁ ।'' ଏହା କହି ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ରାଜାଙ୍କୁ ଆସିବାକୁ କହିଲେ । ରାଜା ମନ୍ଦିର ତିଆରି ଉଦ୍ଦେଶ୍ୟରେ ବହୁତ ଧନ ମହାରାଜଜିଙ୍କୁ ଅର୍ପଣ କରି ଚାଲିଗଲେ । ଶ୍ରୀ ମହାରାଜଜି ''ସମ୍ଭୂଭେଖ'' ଭଣ୍ଡାରା କରିବା ଉଦ୍ଦେଶ୍ୟରେ ମାଲପୁଆ, ଲଡୁ କଚୋଡ଼ି ଇତ୍ୟାଦି ମିଷ୍ଟାନ୍ନ ତିଆରି ହେବାର ବସ୍ତୁ ଘିଅ, ଚିନି, ମଇଦା, ଲୁଗା ଓଗର ମଗାଇନେଲେ । ପୂର୍ବେ କୁହାଯାଇଛି 'ସମ୍ଭୂଭେଖ' ଭଣ୍ଡାରାର ଅର୍ଥ ଅଯୋଧ୍ୟାର ଯେତେ ସଙ୍ଖ ସମସ୍ତେ, ଆଉ ଗରିବରୁ ଅମିର ପର୍ଯ୍ୟନ୍ତ ଅଯୋଧ୍ୟା ଓ ଫଏଜାବାଦର ସମସ୍ତ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରି ଦିଆହୁଏ । ଯେ କେହି ଆସନ୍ତି ପ୍ରତ୍ୟେକଙ୍କୁ ଖଣ୍ଡିଏ ଲୁଗା ଓ ମିଷ୍ଟାନ୍ନ ଭୋଜନ ଦିଆହୁଏ । କାହାକୁ ମନା କରାହୁଏ ନାହିଁ । ଗୋଟିଏ ବ୍ୟକ୍ତିର ଯେଉଁ ପାରଷ ଦିଆହୁଏ, ସାଧାରଣତଃ ଦୁଇଟି ବ୍ୟକ୍ତିର ଭୋଜନ । ମିଷ୍ଟାନ୍ନ ଓଗର ସମସ୍ତ ବସ୍ତୁ ତିଆରି ହୋଇଗଲା । ସେଦିନ ଛାଉଣୀ ଲୋକଗହଳିରେ ପୂର୍ଣ୍ଣ ହୋଇଗଲା । ଯେଉଁ ଆଡ଼କୁ ଦୃଷ୍ଟି ଯାଏ ସେ ଆଡ଼େ କେବଳ ମନୁଷ୍ୟଙ୍କ ମୁଣ୍ଡ ଦେଖାଯାଏ । ସେଦିନ ମନ୍ଦିରର ନିଅଁ ଦେବାର ଜାଣି ରାଜା ନିଜର ଅମାତ୍ୟବର୍ଗ ସହିତ ଛାଉଣୀରେ ଉପସ୍ଥିତ ହୋଇ ଦେଖିଲେ କେବଳ ଲୋକାରଣ୍ୟ । ଇଟା, ଚୂନର କୌଣସି ନିଦର୍ଶନ ନାହିଁ । ନିଅଁ ଖୋଳା ହେବାର କେଉଁଠି ଚିହ୍ନ ଏପର୍ଯ୍ୟନ୍ତ ନାହିଁ । ଏହିସବୁ ରହସ୍ୟ ବୁଝିବାରେ ମନ ଏକାଗ୍ର ନ କରି ରାଜାସାହେବ ସିଧା ମହାରାଜଙ୍କ ଦର୍ଶନକୁ ଗଲେ, ଶ୍ରୀ ମହାରାଜଙ୍କ ନିର୍ଦ୍ଦେଶରେ ତାଙ୍କ ପାଖରେ ବସି ବଡ଼ପ୍ରସନ୍ନତାରେ ମହାରାଜଙ୍କ ଉପଦେଶ ଶୁଣିବାକୁ ଲାଗିଲେ । ସେହି ସତ୍‌ସଙ୍ଗ ମଧ୍ୟରେ ରାଜାସାହେବ ସୁବିଧା ପାଇ ପଚାରିଲେ, ''ମହାରାଜଜି ଆଜି ନିଅଁ ଦେବାର ମୁହୂର୍ତ୍ତ, କିନ୍ତୁ ଇଟା, ଚୂନ ଦେଖାଯାଉ ନାହିଁ । କୌଣସି ସ୍ଥାନରେ ନିଅଁ ଖୋଳା ହେଉଥିବାର ଦେଖାଯାଉ ନାହିଁ ।'' ଶ୍ରୀ ମହାରାଜଜି କହିଲେ, ''ମୋ ସଙ୍ଗରେ ଆ, ମୁଁ ତୋତେ ଦେଖାଇଦେବି । ନିଅଁ ଏପରି ମଜଭୁତରେ ପଡ଼ିଛି ଯେ କେବେହେଲେ ନଷ୍ଟ

ହେବ ନାହିଁ।'' ଗୋଟିଏ ବିରାଟ ସ୍ଥାନରେ ଯେଉଁଠି କେତେ ହଜାର ସନ୍ଥ ଆଉ ଅନ୍ୟାନ୍ୟ ବ୍ୟକ୍ତିଙ୍କର ପଙ୍ଗତ ପୃଥକ୍ ପୃଥକ୍ ହୋଇ ବସିଛି, ଦେଢ଼ଶ, ଦୁଇଶ ବ୍ୟକ୍ତି କେବଳ ପରିବେଷଣ କରୁଅଛନ୍ତି, ସେହି ସ୍ଥାନକୁ ଶ୍ରୀ ମହାରାଜଜି ରାଜାଙ୍କୁ ନେଇଗଲେ। ପରିବେଷଣ ସମୟରେ ଏତେ ସଂଖ୍ୟକ ବ୍ୟକ୍ତିଙ୍କ ଗଗନବ୍ୟାପୀ ରାମଧୁନ ଏବଂ ତତ୍ପରେ ନିତ୍ୟ ନିୟମିତ 'ଜୟ' ବୋଲା ହେବା ପରେ ରାଜା ଏବଂ ତାଙ୍କ ପିତାମାତାଙ୍କୁ ଜୟ ବୋଲା ହେଲା। ଶ୍ରୀ ମହାରାଜ ନିର୍ଦ୍ଦେଶ କରି ତାଙ୍କୁ ଅନ୍ୟ ସ୍ଥାନକୁ ନେଇଗଲେ। ଯେଉଁ ବ୍ୟକ୍ତିମାନେ ପଙ୍ଗତରେ ଭୋଜନ କରୁ ନ ଥିଲେ ସେମାନଙ୍କୁ ସେଠାରେ ଲୁଗା ଆଉ ମିଷ୍ଟାନ୍ନ ପାରୁଷ ଦିଆଯାଉଥିଲା।

ଏହିସବୁ ଦେଖି ମନ୍ଦିରର ମଜଭୁତ ନିଅଁ ଅର୍ଥ ବୁଝିପାରି ରାଜା ଚୁପ୍ ହୋଇ ରହିଲେ। ସେ ଯଦ୍ୟପି ଏହାର ରହସ୍ୟ ଠିକ୍ ଠିକ୍ ବୁଝିପାରିଲେ ନାହିଁ ତଥାପି ଶ୍ରୀ ମହାରାଜଙ୍କ ପ୍ରତି ତାଙ୍କର ଅସାଧାରଣ ବିଶ୍ୱାସ ଓ ଶ୍ରଦ୍ଧା ଥିବାରୁ ସେ ସନ୍ତୁଷ୍ଟ ହୋଇଗଲେ। କିନ୍ତୁ ରାଜାସାହେବ ଯେପରି ପ୍ରସନ୍ନ ହେବା ଉଚିତ ଥିଲା ସେପରି ନ ହେବା ଜାଣି ମହାରାଜ କହିଲେ, ''ଦେଖ, ଯେଉଁମାନେ ଗୃହତ୍ୟାଗୀ, ବୀତରାଗ ସନ୍ଥ, ସେମାନଙ୍କ ପକ୍କା ଘରର ଆବଶ୍ୟକତା ନ ଥାଏ। ସେମାନେ କୁଡ଼ିଆରେ ରହିପାରନ୍ତି ଆଉ ଗଛମୂଳେ ମଧ୍ୟ ରହିପାରନ୍ତି। କିନ୍ତୁ ଭୋଜନର ଆବଶ୍ୟକତା ସେମାନଙ୍କର ଥାଏ। ଯେଉଁ ସନ୍ଥ ନିଜକୁ ଭଗବାନଙ୍କ ଚରଣରେ ନିବେଦନ କରିଦିଏ ଭଗବାନ୍ ତାହାର ହୃଦୟରେ ବାସ କରନ୍ତି। ଯାହା ହୃଦୟରେ ଭଗବାନଙ୍କର ନିବାସ, ତାହାଦ୍ୱାରା ଯେଉଁ କାର୍ଯ୍ୟ ହୁଏ ତାହା ହୁଏ ଭଗବାନଙ୍କ ପ୍ରେରଣାରେ। ସେ ଯାହା କହେ ତା' ମୁଖରେ କହନ୍ତି ଭଗବାନ୍। ସେ ଯାହା ଖାଏ ତାହା ମୁଖରେ ଭୋଜନ କରନ୍ତି ଭଗବାନ୍। ସନ୍ଥ, ଭଗବାନ୍ ଏକ। ଭଗବାନ୍ ଆପ୍ତକାମ, ତାଙ୍କର କିଛି ଅଭାବ ନାହିଁ, କିନ୍ତୁ ତାଙ୍କୁ ପ୍ରାପ୍ତ କରିବାର ଯେତେ ଉପାୟ ଅଛି ସବୁଠାରୁ ସରଳ ଉପାୟ ସନ୍ଥସେବା। ଭୋଜନ ସେବାରେ ସନ୍ଥମାନେ ବହୁତ ସନ୍ତୁଷ୍ଟ ହୁଅନ୍ତି। ଭକ୍ତ ସନ୍ତୁଷ୍ଟ ହେଲେ ଭଗବାନ୍ ଅସନ୍ତୁଷ୍ଟ ହେବାର ପ୍ରଶ୍ନ ନ ଥାଏ। ତୁଳସୀଦାସ କହିଛନ୍ତି, 'ମୋରେ ମନ ପ୍ରଭୁ ଅସ ବିଶ୍ୱାସା। ରାମତେ ଅଧିକ ରାମକର ଦାସା।' ଅର୍ଥାତ୍, 'ହେ ପ୍ରଭୁ, ରାମଠାରୁ ତାଙ୍କ ଦାସ ଶ୍ରେଷ୍ଠ, ଏହା ମୋର ବିଶ୍ୱାସ।' ଫେର୍ ଶରୀର ନାଶବାନ୍, ପକ୍କା ତ' ନୁହେଁ; ଘର ପକ୍କା କରିବାର ଆବଶ୍ୟକ କ'ଣ ? ସନ୍ଥମାନଙ୍କର ଯେଉଁଥିରେ ଅଶାନ୍ତି ନ ହୁଏ, ତାହାହିଁ କରିବା ଉଚିତ।'' ଏକଥା ଶୁଣି ରାଜାସାହେବ ବହୁତ ପ୍ରସନ୍ନ ହୋଇ ଶ୍ରୀ ମହାରାଜଙ୍କ ଚରଣରେ ସାଷ୍ଟାଙ୍ଗ ଦଣ୍ଡବତ କରି ହାତଯୋଡ଼ି କହିଲେ, ''ଅଯୋଧ୍ୟାର ସମସ୍ତସନ୍ଥ ଆଉ ଯେକୌଣସି ଭୋଜନାର୍ଥୀ ବ୍ୟକ୍ତିଙ୍କୁ ସାତଦିନ ପର୍ଯ୍ୟନ୍ତ ଭୋଜନ ଆଉ ପ୍ରତ୍ୟେକଙ୍କୁ ଖଣ୍ଡିଏ ଲେଖାଏଁ ଲୁଗା ଦିଆଯାଉ।'' ମହାରାଜଙ୍କ ଆଜ୍ଞା ପାଇ ରାଜାସାହେବ ଲୁଗା, ଭଣ୍ଡାରାର ସମସ୍ତ ବସ୍ତୁ ମଗାଇଦେଲେ। ଏକ ସପ୍ତାହ ଧୁମ୍‌ଧାମରେ ଭଣ୍ଡାରା ଚାଲିଲା। ଶେଷରେ ରାଜାସାହେବ ମହାରାଜଙ୍କ ଚରଣ ଧରି ପ୍ରାର୍ଥନା କଲେ, ''ପ୍ରଭୁ, ମୁଁ ଆଉ କିଛି ଚାହୁଁ ନାହିଁ, ମୋତେ ଭଗବତ୍ ଭକ୍ତି ପ୍ରଦାନ କରନ୍ତୁ।'' ଶ୍ରୀ ମହାରାଜ ଭଗବାନଙ୍କ ପ୍ରେରଣାରେ 'ଏବମସ୍ତୁ' କହିଲେ। ରାଜାସାହେବ ଆନନ୍ଦରେ ଗଦଗଦ ହୋଇ ଚରଣରେଣୁ ମସ୍ତକରେ ଓ ହୃଦୟରେ ଲଗାଇ ଘରକୁ ଫେରିଲେ।

ଅରତୁରେ ଖରଭୁଜ

ଦିନେ ବହୁ ସଂଖ୍ୟାରେ ବିଭୂତିଭୂଷିତ କୌପୀନଧାରୀ ତ୍ୟାଗୀ ସନ୍ଥଙ୍କ ଜମାଉତ ଆସିଲେ। ପ୍ରଣାମାନ୍ତେ ଶ୍ରୀ ମହାରାଜ କଥାପ୍ରସଙ୍ଗରେ କହିଲେ, ''ଆପଣମାନଙ୍କ ରୁଚି ଅନୁସାରେ ଭୋଜନ କରନ୍ତୁ।'' ମହାରାଜଙ୍କ କହିବା ଅଭିପ୍ରାୟ ମିଷ୍ଟାନ୍ନ ହୋଇପାରେ, କାରଣ, ସାଧାରଣତଃ ବିଭୂତିଧାରୀ ତ୍ୟାଗୀ ସନ୍ଥ ମିଷ୍ଟାନ୍ନକୁ ପସନ୍ଦ କରନ୍ତି। ଜମାଉତରେ ମହନ୍ତ କହିଲେ, ''ସବୁ ସନ୍ଥ ମାଲପୁଆ ଭୋଜନ କରିବାକୁ ଚାହୁଁଛନ୍ତି। କେତେକ ଫଳାହାରୀ ମହାତ୍ମାଙ୍କ ଇଚ୍ଛା ଖରଭୁଜ ଭୋଜନ କରିବାକୁ।'' ଏକଥା ଶୁଣିବାମାତ୍ରେ ମହାରାଜଙ୍କ ପାର୍ଶ୍ୱବର୍ତ୍ତୀ ଏବଂ ଦର୍ଶନାର୍ଥୀମାନେ ଆଶ୍ଚର୍ଯ୍ୟ ହୋଇ ଭାବିଲେ, ''ପୌଷ ମାସରେ ଖରଭୁଜ କୁଆଡୁ ମିଳିବ ?'' ଶ୍ରୀ ମହାରାଜଜି ଶୁଣିବା ମାତ୍ରେ ଅଧିକାରୀଙ୍କୁ ଡାକି କହିଲେ, ''ମାଲପୁଆ

ରୋଷେଇ କରି ସନ୍ଥମାନଙ୍କୁ ଭୋଜନ କରାଅ ।'' ଏହାପରେ ସେ ଚକ୍ଷୁ ବନ୍ଦ କରି ଧ୍ୟାନମଗ୍ନ ହୋଇଗଲେ । ଦୁଇଘଣ୍ଟା ପରେ ଦୁଇ, ତିନିଜଣ ବ୍ୟକ୍ତି ଗୋକେଇରେ କୌଣସି ବସ୍ତୁ ମୁଣ୍ଡେଇ ଆସି ସିଧା ମହାରାଜଜିଙ୍କ ପାଖକୁ ଯାଇ ଗୋକେଇମାନ ରଖି କହିଲେ, ''ଶ୍ରୀ ମହାରାଜଜି, ଆମ୍ଭ ଘର ଅମୁକ ସ୍ଥାନରେ, ଆମ୍ଭମାନଙ୍କ ନାମ ଅମୁକ । ଆମ୍ଭେମାନେ ଏବର୍ଷ ଅରତୁରେ କୌତୁକବଶତଃ ଏହି ଖରଭୁଜ ଲଗେଇଥିଲୁ, ରାମଜିଙ୍କ କୃପାରୁ ସେଥିରେ ଫଳ ଧରି ପାଚିଗଲା । ଆମ୍ଭେମାନେ ଭାବିଲୁ ଯେ ଅରତୁ ଫଳ ରାମଜିଙ୍କ କୃପାରୁ ହେଲା, ତାହା ସନ୍ଥ ସେବାରେ ଲାଗିଯାଉ, କୃପାକରି ଗ୍ରହଣ କରନ୍ତୁ । ଏହା କହି ପ୍ରଣାମ କଲେ, ମହାରାଜଙ୍କଠାରୁ ପ୍ରସାଦ ଗ୍ରହଣ କରି ଫେରିଗଲେ । ଏ ଘଟନା ଦେଖି ସନ୍ଥ ଆଉ ଦର୍ଶନାର୍ଥୀମାନେ ଆଶ୍ଚର୍ଯ୍ୟ ଆଉ ଆନନ୍ଦରେ ଡୁବିଗଲେ । ସନ୍ଥମାନେ ଭୋଜନ କରି ଶ୍ରୀ ମହାରାଜଙ୍କଠାରୁ ବିଦାୟ ନେଇ ପ୍ରୟାଗରେ ମକରସ୍ନାନ କରିବାକୁ ଚାଲିଗଲେ ।

ଊର୍ଦ୍ଧ୍ୱବାହୁ ସନ୍ଥ

ଭାରତବର୍ଷରେ ଭଗବତ୍ ପ୍ରାପ୍ତିର ଯେପରି ବହୁତ ମାର୍ଗ, ବହୁ ସିଦ୍ଧାନ୍ତ, ବହୁ ସଂପ୍ରଦାୟ, ସେହିପରି ବହୁ ପ୍ରକାର କାୟକ୍ଲେଶ, ହଠତପସ୍ୟା ମଧ୍ୟ ପ୍ରଚଳିତ ଅଛି । ଶୀତ ଦିନରେ ଉଷାକାଳରେ ଜଳରେ ରହିବା, ବୈଶାଖ ଜ୍ୟେଷ୍ଠମାସର ମଧ୍ୟାହ୍ନ ସୂର୍ଯ୍ୟତାପରେ ନିଜ ଚାରିପାର୍ଶ୍ୱରେ ପାଞ୍ଚ ଅଥବା ଚଉରାଶୀ ଧୁନିରେ ଅଗ୍ନି ପ୍ରଜ୍ୱଳିତ କରି ତନ୍ମଧ୍ୟରେ ବସିରହିବା, ନିଜର ଦୁଇଟି ହାତ ଊର୍ଦ୍ଧ୍ୱକୁ ସବୁ ସମୟରେ ଉତ୍ତୋଳନ କରି ରଖିବା, ନିଜର ସ୍ନାନ, ଭୋଜନ, ଶୌଚ ଇତ୍ୟାଦି କ୍ରିୟା ନିଜ ହାତରେ ନ କରିବା, କେହି ମୁଖରେ ଭୋଜନ କରାଇଦେଲେ, ଜଳ ପିଆଇଦେଲେ, ସ୍ନାନ କରାଇଦେଲେ କରିନେବା ନତୁବା ବିନା ଆହାର, ବିନା ସ୍ନାନ, ବିନା ବସ୍ତ୍ରରେ ରହିବା, ଗୋଟିଏ ପାଦରେ ଛିଡ଼ା ହୋଇ ରହିବା — ଏହିସବୁ କାୟକ୍ଲେଶ ତପସ୍ୟା । ଜଣେ ଊର୍ଦ୍ଧ୍ୱବାହୁ ତପସ୍ୱୀ ସନ୍ଥ ତିନି, ଚାରିଜଣ ଶିଷ୍ୟଙ୍କ ସଙ୍ଗେ ମହାରାଜଜିଙ୍କୁ ପ୍ରଣାମ କଲେ । କିଛି ସମୟ କଥାବାର୍ତ୍ତା କରିବା ପରେ ମହାରାଜଜି କହିଲେ, ''ଏହି ଊର୍ଦ୍ଧ୍ୱବାହୁ କାୟକ୍ଲେଶ ତପସ୍ୟା କରିବାରେ ପ୍ରୟୋଜନ କ'ଣ ? ଭଗବାନ୍ ପ୍ରାପ୍ତ ହୁଅନ୍ତି ପ୍ରେମ, ଭକ୍ତି, ଆତ୍ମସମର୍ପଣ ଦ୍ୱାରା ।'' ତପସ୍ୱୀ ସନ୍ଥ କହିଲେ, ''ମୁଁ ବିଶ୍ୱାସ କରେ କେବଳ କାୟକ୍ଲେଶରେହିଁ ଭଗବାନ୍ ପ୍ରାପ୍ତ ହୁଅନ୍ତି । ଆପଣଙ୍କ କହିବା ଅନୁସାରେ ଯଦି ପ୍ରେମ, ଭକ୍ତି, ଆତ୍ମସମର୍ପଣରେ ଭଗବାନ୍ ପ୍ରାପ୍ତ ହୁଅନ୍ତି ତେବେ ମୋ ଊର୍ଦ୍ଧ୍ୱବାହୁ ଯଦି ପୂର୍ବପରି ନିମ୍ନକୁ ଆସି କ୍ରିୟାଶୀଳ ହୋଇପାରେ ତେବେ ଆପଣଙ୍କ କଥା ବିଶ୍ୱାସ କରିପାରେ ।'' ଶ୍ରୀ ମହାରାଜଜି କହିଲେ, ''ମୋ ରାମଜି ସର୍ବସମର୍ଥ, ତାଙ୍କ ସକାଶେ ଆଶ୍ଚର୍ଯ୍ୟ କ'ଣ ଅଛି ? ତୁମେ ନିଜ ଊର୍ଦ୍ଧ୍ୱବାହୁ ତଳକୁ ଆଣି ପରିଚାଳନା କର ।'' ଏହା କହିବା ସଙ୍ଗେ ସଙ୍ଗେ ଅନାୟାସରେ ଦୁଇ ଊର୍ଦ୍ଧ୍ୱବାହୁ ତଳକୁ ପୂର୍ବବତ୍ ଆସି ଇଚ୍ଛାନୁସାରେ ପରିଚାଳିତ ହେଲା । ଏ ଘଟନା ଦେଖି ତପସ୍ୱୀ ସନ୍ଥଙ୍କ ଆଶ୍ଚର୍ଯ୍ୟର ପାରାବାର ରହିଲା ନାହିଁ । ସେ କହିଲେ, ''ଦଶ ବର୍ଷରୁ ଏହି ହାତ ଊର୍ଦ୍ଧ୍ୱକୁ ରହିଥିବାରୁ ରକ୍ତସଞ୍ଚାଳନ କ୍ରିୟା ବନ୍ଦ ହୋଇ ଶିରାପ୍ରଶିରା ଶୁଖିଯାଇ ମାଂସ ବଦ୍ଧ ହୋଇ ଯାଇଥିଲା । ଯଦି ଏହି ହାତକୁ ତଳକୁ ଆଣି କ୍ରିୟାଶୀଳ କରିବାକୁ ହୋଇଥା'ନ୍ତା ତେବେ କେତେମାସ ପର୍ଯ୍ୟନ୍ତ ନିୟମିତ ଔଷଧ ମାଲିସ କରି କେତେ ଉପଚାର କରିବାକୁ ପଡ଼ିଥା'ନ୍ତା, କେବଳ ଗୋଟିଏ ବାକ୍ୟରେ ହୋଇଗଲା ।'' ସେ ବହୁତ ସନ୍ତୁଷ୍ଟ ହୋଇ ମହାରାଜଙ୍କଠାରୁ ସାଧନାର ବହୁତ ବିଷୟ ପଚାରି ଜାଣି ସାଧନା କଲେ । ସେହି ଦିନଠାରୁ ଊର୍ଦ୍ଧ୍ୱବାହୁ ତପସ୍ୟା ଛାଡ଼ିଦେଲେ ।

ମାନସ ପୂଜା

ଭଗବତ୍ ପ୍ରାପ୍ତିର ବହୁତ ମାର୍ଗ । ଯେଉଁ ମାର୍ଗରେ ବ୍ୟକ୍ତିର ନିଷ୍ଠା ଆଉ ବିଶ୍ୱାସ ହୁଏ ସେଥିରେ ସେ ଭଗବାନଙ୍କୁ ପ୍ରାପ୍ତ କରିପାରେ । ଭକ୍ତିମାର୍ଗର ସାଧନା ବହୁତ ପ୍ରକାରର ଅଛି । ତନ୍ମଧ୍ୟରୁ ଗୋଟିଏ ହେଉଛି ମାନସ ପୂଜା । କେବଳ ମନରେ ଭଗବାନଙ୍କ ସ୍ଥାନ ସାକେତ, ବୈକୁଣ୍ଠ, ଗୋଲୋକ ଅଥବା ଦିବ୍ୟ ଅଯୋଧ୍ୟା, ବୃନ୍ଦାବନରେ ଭଗବାନଙ୍କ ମନ୍ଦିର,

ସିଂହାସନ, ସେଥିରେ ପାର୍ଶ୍ୱଦ ସହିତ ବିରାଜମାନ ଭଗବାନଙ୍କ ସ୍ୱରୂପ ମନନ କରି ତାଙ୍କୁ ସ୍ନାନ, ବସ୍ତ୍ର, ଅଳଙ୍କାର, ପୁଷ୍ପମାଳା ପରିଧାନ, ନାନାପ୍ରକାର ମିଷ୍ଟାନ୍ନ ନୈବେଦ୍ୟ ନିବେଦନ ମାନସ କଳ୍ପନା ଦ୍ୱାରା କରିବାକୁ ହୁଏ । ଏହି ସାଧନାପ୍ରଣାଳୀ ବହୁତ ଉତ୍କୃଷ୍ଟ, ଆନନ୍ଦ ଦାୟକ, ମନ ଏକାଗ୍ରତା ସକାଶେ ଗୋଟିଏ ଅବ୍ୟର୍ଥ ଉପାୟ । ଏଥିରେ ସାଧକ ଦିନ ରାତି ପ୍ରେମ ଓ ଆନନ୍ଦନିଶାରେ ଡୁବି ରହିପାରେ ।

ଦିନେ ଚିତ୍ରକୂଟରୁ ଶ୍ରୀ ରାମଚରଣ ଦାସ ନାମକ ଜଣେ ମାନସପୂଜକ ଉତ୍କୃଷ୍ଟ ସାଧକ ରାମନବମୀକୁ ଶ୍ରୀ ଅଯୋଧ୍ୟା ଆସିଥାନ୍ତି । ସରଯୁ ସ୍ନାନ କରି ବହୁତ ମନ୍ଦିରରେ ଦର୍ଶନ କରି ଫେରିବା ପରେ ଅଯୋଧ୍ୟାର ଅବଧବିହାରୀ ଦାସ ନାମକ ଜଣେ ସଜ୍ଜଙ୍କ କହିବାନୁସାରେ ଶ୍ରୀ ମହାରାଜଙ୍କ ଦର୍ଶନକୁ ଆସିଲେ । ତାଙ୍କର ସବୁ ସମୟରେ ମାନସପୂଜା ଚାଲିଥାଏ । ରାସ୍ତାରେ ଆସିବା ସମୟରେ ଭଗବାନଙ୍କୁ ସ୍ନାନ କରାଇ, ବସ୍ତ୍ରଭୂଷଣ ପରିଧାନ କରାଇ ନୈବେଦ୍ୟ ଅର୍ପଣ କରିବା ପରେ ଭାବିଲେ, ''ସଜ୍ଜ ଚିହ୍ନିବା କଠିନ, ବାହ୍ୟ ସଜ୍ଜ ସେବା ବା ବାକ୍ୟ ଦ୍ୱାରା ଚିହ୍ନିବାର ଉପାୟ ନାହିଁ, ଫେର୍ ଯଥାର୍ଥ ସଜ୍ଜ କିଏ କିପରି ଜାଣିବା ?'' ଏହି ସନ୍ଦେହରେ ପଡ଼ି ବିଚାର କରୁ କରୁ ଶ୍ରୀ ମହାରାଜଙ୍କ ପାଖରେ ପହଞ୍ଚି ଦଣ୍ଡବତ କରିବାକୁ ଲାଗିଲେ । ଶ୍ରୀ ମହାରାଜ କହିଲେ, ''ପ୍ରଥମରେ ଭଗବାନଙ୍କୁ ଆଚମନ କରାଇ ତା'ପରେ କଥାବାର୍ତ୍ତା କର ।'' ଏକଥା ଶୁଣିବା ମାତ୍ରେ ସେ ସଚେତ ହୋଇଗଲେ । ଆସିବା ସମୟରେ ଭଗବାନଙ୍କୁ ନୈବେଦ୍ୟ ଅର୍ପଣ କରିଥିଲେ, କିନ୍ତୁ ''ସଜ୍ଜ କିପରି ଚିହ୍ନାଯିବ'' ଏହି ବିଚାର ଆସିବାରୁ ଭଗବାନଙ୍କୁ ଆଚମନ କରାଇବା ଭୁଲି ଯାଇଥିଲେ । ଅସ୍ଥିର ହୋଇ ଭଗବାନଙ୍କୁ ଆଚମନ କରାଇ ତାମ୍ବୁଳ ଅର୍ପଣ କରିବା ପରେ ଶ୍ରୀ ମହାରାଜଙ୍କୁ ଦଣ୍ଡପ୍ରଣାମ କରି ଭଗବତ୍ ଚର୍ଚ୍ଚାରେ ନିମଗ୍ନ ହୋଇଗଲେ । ଶ୍ରୀ ରାମଚରଣ ଦାସ ରାମାୟଣରେ ପ୍ରକାଣ୍ଡ ପଣ୍ଡିତ ତଥା ଉଚ୍ଚକୋଟୀର ସଜ୍ଜ ଥିଲେ । ମହାରାଜଜିଙ୍କ ସଙ୍ଗେ ଦେଖାହେବାରୁ ଦୁଇଜଣ ପରସ୍ପର ବିଶେଷ ଆନନ୍ଦିତ ହେଲେ । ମହାରାଜଜିଙ୍କ ଆଗ୍ରହରେ ଛାଉଣୀରେ ଭଗବତ୍ ପ୍ରସାଦ ଭୋଜନ କରି ବିଦାୟ ନେଇ ଫେରିଲେ ।

ଶ୍ରୀ ମହାରାଜଙ୍କ ନାମ, ଯଶଃ ଶୁଣି କେତେ ରାଜା ଆସି କିଛି ଗ୍ରାମ ଦାନ କରିବାକୁ ବହୁତ ବିନୟ କରିଥିଲେ । କିନ୍ତୁ ମହାରାଜ ଦୃଢ଼ତା ସହିତ ଅସ୍ୱୀକାର କରିଥିଲେ । ତାଙ୍କର ଧାରଣା ଥିଲା ସଜ୍ଜଙ୍କର ଭଗବାନଙ୍କ ଭରସାରେ ରହିବା ଉଚିତ, ଜମିଦାରୀ ଜମି ରଖିବା ଗାର୍ହସ୍ଥ୍ୟ ଆଶ୍ରମର ବ୍ୟକ୍ତିମାନଙ୍କ କାମ । ସଜ୍ଜମାନେ ସଂସାର କର୍ମରେ ଲିପ୍ତ ହେଲେ ଭଗବାନଙ୍କୁ ଭୁଲିଯିବେ । ସେ ତାଙ୍କ ଜୀବନକାଳରେ କେତେ ରାଜା, ମହାରାଜ, ଧନୀ ଶେଠଙ୍କ ପକ୍କା ମନ୍ଦିର ଓ ବିନା ଖଜଣାରେ ଗ୍ରାମଦାନର ଆଗ୍ରହକୁ ବହୁ ଦୃଢ଼ତା ସହିତ ଅସ୍ୱୀକାର କରିଥିଲେ । ତାଙ୍କ ମଠରେ ପ୍ରତିଦିନ ଏତେ ସଂଖ୍ୟକ ବ୍ୟକ୍ତିଙ୍କ ଭୋଜନ ଓ ପ୍ରଚୁର ଦାନ ଦିଆ ଯାଉଥିବା ସତ୍ତ୍ୱେ ତାଙ୍କର ଥିଲା ଅଯାଚକ ଆକାଶବୃତ୍ତି । ତାଙ୍କ ଜୀବନରେ ସେ କେବେହେଲେ ଅର୍ଥର ଅଭାବ ବୋଧ କରି ନ ଥିଲେ । ଯାହା ଯେତେବେଳେ ଆବଶ୍ୟକ ହେଉଥିଲା ସେସବୁ ଶ୍ରୀରାମଙ୍କ କୃପାରୁ ଆସି ଯାଉଥିଲା ।

ଶ୍ରୀ ମହାରାଜଜି ସବୁ ସମୟରେ ଧ୍ୟାନମଗ୍ନ ରହୁଥିଲେ, ତାଙ୍କ ମନ ଭଗବାନଙ୍କ ଲୀଳାରେ ଲୀନ ରହୁଥିଲା । ସେ ସବୁ ସମୟରେ ଚକ୍ଷୁ ବନ୍ଦ କରି ବସୁଥିଲେ, ଯେତେବେଳେ ଆବଶ୍ୟକ ପଡୁଥିଲା କେବଳ ଗୋଟାଏ କଥା କହି ପୁନରାୟ ଆଖି ବନ୍ଦ କରି ଦେଉଥିଲେ । ତାଙ୍କ ଭଜନ ଧ୍ୟାନ ନିରନ୍ତର ତୈଳଧାରବତ୍ ଅଖଣ୍ଡିତ ରୂପେ ଚାଲୁଥିଲା, ତଥାପି ସବୁ ସମୟରେ ବହୁସଂଖ୍ୟକ ଲୋକ ତାଙ୍କୁ ଘେରି ରହୁଥିବାରୁ ସେ ଏକାନ୍ତରେ ରହିବା ସ୍ଥିର କରି ସବୁ ସଜ୍ଜଙ୍କଠାରୁ ବିଦାୟ ନେଇ ଗୋଟିଏ ନୌକାରେ ସରଯୁ ଜଳରେ ନିବାସ କଲେ । ନୌକା ସରଯୁ ଜଳ ମଧ୍ୟରେ ରହିବାରୁ ଦର୍ଶନାର୍ଥୀ ଆଉ ଅନ୍ୟ ସଜ୍ଜମାନେ ତାଙ୍କ ପାଖକୁ ଯାଇପାରିଲେ ନାହିଁ । ମହାରାଜଜି ଅଖଣ୍ଡ ଧ୍ୟାନରେ ତଲ୍ଲୀନ ରହିଲେ । ମହାରାଜଜି ଛାଉଣୀ ଛାଡ଼ି ଏକାନ୍ତରେ ରହିବାରୁ ସଜ୍ଜମାନଙ୍କୁ ବହୁ ଦୁଃଖ ହେଲା, କିନ୍ତୁ ସେମାନେ ପୂର୍ବବତ୍ ଛାଉଣୀରେ ରହି ରାମଧୁନ କରୁଥିଲେ ।

ଖୁବ୍ ଅଳ୍ପଦିନ ପରେ ସ୍ୱପ୍ନରେ ହନୁମାନଜି ଶ୍ରୀ ମହାରାଜଜିଙ୍କୁ କହିଲେ ''ଲୋକଙ୍କ କଲ୍ୟାଣ ସକାଶେ ଶ୍ରୀରାମଚନ୍ଦ୍ରଜି ତୁମକୁ ଏହି ପୃଥିବୀକୁ ପଠାଇଥିଲେ । ଭଗବାନଙ୍କ କାର୍ଯ୍ୟ ଛାଡ଼ି ଏକାନ୍ତରେ କାହିଁକି ବସିରହିଲ ?'' ଆଖି ଖୋଲିବା

ମାତ୍ରେ ଗୋଟିଏ ଜ୍ୟୋତିଃ ଆଉ ଶାନ୍ତି ମଧ୍ୟରେ ନିଜକୁ ଦେଖିଲେ । ଶ୍ରୀ ହନୁମାନଜିଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଅନୁସାରେ ତା' ପରଦିନ ପୁନରାୟ ଛାଉଣୀକୁ ପ୍ରତ୍ୟାବର୍ତ୍ତନ କଲେ ।

ଶ୍ରୀ ମହାରାଜଜିଙ୍କ ଛାଉଣୀକୁ ଆଗମନରେ ସଚ୍ଚ ଏବଂ ଶିଷ୍ୟମାନଙ୍କୁ ଅପାର ଆନନ୍ଦ ହେଲା । ଏହି ସ୍ୱପ୍ନ ବିଷୟ ଶ୍ରୀ ମହାରାଜଜି ତାଙ୍କର ''ହରିନାମ ସୁମରିଣୀ'' ଗ୍ରନ୍ଥରେ ଲେଖିଛନ୍ତି ।

ପ୍ରତିଦିନ ବହୁ ସଚ୍ଚ, ବହୁ ଦର୍ଶନାର୍ଥୀ ଶ୍ରୀ ମହାରାଜଜିଙ୍କୁ ଦର୍ଶନ କରିବାକୁ ଆସନ୍ତି, ନାନା ପ୍ରକାର ପ୍ରଶ୍ନ କରି, ଉପଦେଶ ଗ୍ରହଣ କରି ଆନନ୍ଦିତ ହୋଇ ଫେରନ୍ତି । ଜଣେ ବ୍ରାହ୍ମଣ ଶ୍ରୀ ମହାରାଜଜିଙ୍କଠାରୁ ଦୀକ୍ଷା ଗ୍ରହଣ କରି ଭକ୍ତି, ଜ୍ଞାନ, କର୍ମ ଓ ସାଧନା ସମ୍ବନ୍ଧେ ବହୁତ ପ୍ରକାର ପ୍ରଶ୍ନ କଲେ । ପାପ ଓ କୁପ୍ରକୃତିରୁ ନିବୃତ୍ତ ହେବାର ପ୍ରଶ୍ନର ଉତ୍ତରରେ ଶ୍ରୀ ମହାରାଜଜି ଗୋଟିଏ ଗଳ୍ପ ଦ୍ୱାରା ସୁନ୍ଦରଭାବେ ବୁଝାଇଦେଲେ । ସେହି ଗଳ୍ପଟି ନିମ୍ନରେ ଦିଆଗଲା :

ଜଣେ ସିଦ୍ଧ ମହାତ୍ମା ଥିଲେ । ତାଙ୍କର ବହୁତ ଶିଷ୍ୟ ଆଉ ଭକ୍ତ ଥିଲେ । ସେମାନେ ସମସ୍ତେ ଦିନେ ଆସି କହିଲେ, ମହାରାଜଜି, ଆପଣ ସର୍ବସମର୍ଥ, ଆପଣଙ୍କ ଶକ୍ତିରେ ଆମ୍ଭମାନଙ୍କ ପାପ ଏବଂ ପ୍ରାପପ୍ରବୃତ୍ତି ନଷ୍ଟ କରି ଆମ୍ଭମାନଙ୍କୁ ଭଗବତ୍ ପ୍ରାପ୍ତିର ଅଧିକାରୀ କରିଦିଅନ୍ତୁ ।'' ମହାତ୍ମାଜି ଭାବିଲେ ''ଯଦି ମୁଁ ଏମାନଙ୍କୁ ସିଧା ସିଧା କହିବି 'ବ୍ୟକ୍ତି ପ୍ରଯତ୍ନ କଲେ ଭଗବାନଙ୍କ କୃପା ହୁଏ, ଅତଏବ ତୁମ୍ଭେମାନେ ପ୍ରଯତ୍ନପୂର୍ବକ ପାପ କର୍ମ ତ୍ୟାଗ କର'– ଏହି ଉକ୍ତିରେ ଏମାନେ ସନ୍ତୁଷ୍ଟ ହେବେ ନାହିଁ ଏବଂ ବୁଝି ନ ପାରି ଅଧାତ୍ମ ମାର୍ଗ ତ୍ୟାଗ କରିବେ ।'' ସେଥିସକାଶେ ସେ ଏପରି ଗୋଟିଏ ଉପାୟ ରଚନା କଲେ ଯେ ତାଙ୍କ ଶିଷ୍ୟମାନେ ବାଧ୍ୟ ହୋଇ ପାପରୁ ନିବୃତ୍ତ ହେବାକୁ ପ୍ରଯତ୍ନ କଲେ ।

ସେ କହିଲେ, ''ମୁଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରି ତୁମ୍ଭମାନଙ୍କୁ ପାପରୁ ମୁକ୍ତ କରିଦେବି । କିନ୍ତୁ ତୁମ୍ଭମାନଙ୍କୁ ମୋର ଏହି ସର୍ତ୍ତ ମାନିବାକୁ ପଡ଼ିବ । ଏଥିରେ ତ୍ରୁଟି କଲେ ଭଗବାନ୍ ତୁମର ପାପ କ୍ଷମା କରିବେ ନାହିଁ । ସେ ସର୍ତ୍ତ ହେଲା : ଦିନ ରାତ୍ରି ମଧ୍ୟରେ ତୁମ୍ଭେମାନେ ଯେଉଁ ଦୋଷ ବା ପାପ କରିବ, ପ୍ରତିଦିନ ଆସି ଏହି ସତ୍‌ସଙ୍ଗ ସଭାରେ ଉଚ୍ଚସ୍ୱରରେ କହିଦେବ । ଏହିପରି ଗୋଟିଏ ବର୍ଷ କରିବା ପରେ ମୁଁ ତୁମର ସମସ୍ତ ପାପ କ୍ଷମା କରାଇ ଦେବି ।'' ଗୁରୁଙ୍କଠାରୁ ଏହି ଆଦେଶ ପାଇ ଭକ୍ତମାନେ ନିଜ ନିଜ ଗୃହକୁ ଫେରିଗଲେ । ଯେଉଁମାନଙ୍କର ତୀବ୍ର ଅଭୀପ୍ସା ନ ଥିଲା ସେମାନେ ପ୍ରଯତ୍ନ କଲେ ନାହିଁ କିଂବା ପାପରୁ ବା ଦୋଷରୁ ମୁକ୍ତ ହୋଇ ପାରିଲେ ନାହିଁ । ନିଜର ଦୋଷ ସମସ୍ତଙ୍କ ସମ୍ମୁଖରେ ବ୍ୟକ୍ତ କରିବା ଲଜ୍ଜାର ବିଷୟ ଜାଣି ସେମାନେ ଗୁରୁଙ୍କ ପାଖକୁ ଆସିବା ଛାଡ଼ିଦେଲେ । ଯେଉଁମାନଙ୍କର ତୀବ୍ର ବୈରାଗ୍ୟ ଓ ଜ୍ୱଳନ୍ତ ଅଭୀପ୍ସା ଥିଲା, ସେମାନେ ନିଜ ଦୋଷ, ପାପ ସମସ୍ତଙ୍କ ସମ୍ମୁଖରେ ବ୍ୟକ୍ତ କରିବା ଲଜ୍ଜାର ବିଷୟ ଜାଣି ସେଥିରୁ ନିବୃତ୍ତ ହେବା ସକାଶେ ପ୍ରାଣପଣେ ପ୍ରଯତ୍ନ କଲେ । ସେମାନେ ଭଗବାନଙ୍କୁ ପ୍ରାର୍ଥନା କଲେ ଏବଂ ତାଙ୍କରି ସହାୟତାରେ ଶାରୀରିକ ପାପରୁ ମଧ୍ୟ ନିବୃତ୍ତ ହେଲେ; ମାନସିକ ପାପ ଅର୍ଥାତ୍ ଦୂଷିତ ବିଚାର ଓ ଦୂଷିତ ଚିନ୍ତାରୁ ମୁକ୍ତ ହୋଇ ପାରିଲେ ନାହିଁ । ଗୁରୁଙ୍କ ଆଦେଶାନୁସାରେ ସେମାନଙ୍କୁ ନିଜର ମାନସିକ ପାପ ସଭାରେ କହିବାକୁ ପଡ଼ିଲା । ଏଥିରେ ସେମାନଙ୍କୁ ବହୁତ ଲଜ୍ଜା ହେଲା । ସେମାନେ ମାନସିକ ପାପରୁ ମୁକ୍ତ ହେବା ସକାଶେ ତୀବ୍ରଭାବେ ଭଗବାନଙ୍କୁ ସ୍ମରଣ କରିବାକୁ ଲାଗିଲେ । ଭଗବତ୍ ସ୍ମରଣ ହେବାରୁ କ୍ରମଶଃ ପାପବାସନା ଦୂର ହୋଇଗଲା । ମନୁଷ୍ୟ ମନ ଗୋଟିଏ ପାତ୍ର ସଦୃଶ । ତାହା କେବେ ଖାଲି ରହେ ନାହିଁ । ପାତ୍ରରେ ଅନ୍ୟବସ୍ତୁ ନ ଥିଲେ ତାହା ବାୟୁରେ ପୂର୍ଣ୍ଣ ଥାଏ, ଅନ୍ୟ ବସ୍ତୁ ଆସିବା ପରିମାଣ ଅନୁସାରେ ବାୟୁ ବାହାରିଯାଏ; ସେହିପରି ମନୁଷ୍ୟ-ମନରେ ଭଗବାନଙ୍କ ଚିନ୍ତା ଯେତେ ଅଧିକ ହୁଏ ଅନ୍ୟ ଚିନ୍ତା ସେତେ କମ୍ ହୁଏ । ଯେତେବେଳେ ଭଗବତ୍ ସ୍ମରଣରେ ମାନସ ପାତ୍ର ପୂର୍ଣ୍ଣ ହୁଏ, ସେତେବେଳେ ଅନ୍ୟ ବିଚାର ପାଇଁ ସ୍ଥାନ ନ ଥାଏ; ସେତେବେଳେ ବ୍ୟକ୍ତି ହୁଏ ନିଷ୍କାମ । ବର୍ଷକ ପରେ ସେମାନେ ଭଗବାନଙ୍କ ଅନନ୍ୟ ଭକ୍ତ ହୋଇଗଲେ । ସେମାନଙ୍କ ମଧ୍ୟରେ ଶାନ୍ତି, ସନ୍ତୋଷ, ଆନନ୍ଦାଦି ଦିବ୍ୟଗୁଣ ପ୍ରତିଷ୍ଠିତ ହେଲା । ସେମାନେ ଏହି ଅବସ୍ଥା ସକାଶେ ଗୁରୁଦେବଙ୍କୁ କହିଥିଲେ । ଗୁରୁଦେବ ସୁନ୍ଦର ଯୁକ୍ତିରେ ସେମାନଙ୍କ ଦ୍ୱାରା ସାଧନା କରାଇ ସେମାନଙ୍କୁ ନିଜ ନିଜ ଅଭୀଷ୍ଟ ଲକ୍ଷ୍ୟ ସିଦ୍ଧ କରାଇଦେଲେ ।

ଏହି ଉପଦେଶ ପ୍ରତ୍ୟେକ ପ୍ରାଣୀ ସକାଶେ । ବ୍ୟକ୍ତି ପ୍ରଯତ୍ନ କଲେ ସାଂସାରିକ ବସ୍ତୁ ପ୍ରାପ୍ତ କରି ସାଂସାରିକ

ଜୀବନ ନିର୍ବାହ କରେ ଏବଂ ଅଧ୍ୟାତ୍ମ ସାଧନାରେ ମଧ୍ୟ ଲକ୍ଷ୍ୟ ସିଦ୍ଧି କରେ । ଯେଉଁମାନେ ତାମସିକ ପ୍ରକୃତିର ଲୋକ ସେମାନେ ଭାଗ୍ୟ, ଦୈବ ଦୁହାଇ ଦେଇ ବସିରହନ୍ତି, ଦୁଃଖ ଭୋଗ କରନ୍ତି ।

ଦେଶବିଦେଶରୁ, ବହୁ ଦୂରଦୂରାନ୍ତରୁ ବହୁପ୍ରକାର ଦୁଃଖୀ, ପାପୀ, ତାପୀ ବ୍ୟକ୍ତି ଆସି ମହାରାଜଙ୍କୁ ଦର୍ଶନ କରନ୍ତି । ପ୍ରତିଦିନ ମହାରାଜଙ୍କ ପାଖରେ ଲୋକଙ୍କ ଭିଡ଼ ଲାଗିରହିଥାଏ । ଶ୍ରୀ ମହାରାଜ ଏତେ ଲୋକଙ୍କ ମଧ୍ୟରେ ଚକ୍ଷୁ ବନ୍ଦ କରି ନିରନ୍ତର ଧ୍ୟାନମଗ୍ନ ରହିଥା'ନ୍ତି । ତାଙ୍କ ସମୀପରେ ଗୋଟିଏ ଅଲୌକିକ ଶାନ୍ତି ଓ ଆନନ୍ଦର ବାତାବରଣ ସୃଷ୍ଟି ହୋଇଥାଏ । ବ୍ୟକ୍ତି ସେଠାରେ ପହଞ୍ଚିବା ମାତ୍ରେ ତା'ର ପ୍ରଶ୍ନର ଉତ୍ତର ତା' ଅନ୍ତରରୁ ମିଳିଯାଏ । ତା'ର ଦୁଃଖ କଷ୍ଟ ଦୂର ହୋଇଯାଏ । ତାଙ୍କ ବସିବା ସ୍ଥାନ ସଦୈବ ନୀରବ ଓ ଶାନ୍ତ ଥାଏ । ଯଦି କୌଣସି ବ୍ୟକ୍ତି କିଛି ପ୍ରଶ୍ନ କରେ ତେବେ ସେ ଚକ୍ଷୁ ବନ୍ଦକରି ଶୁଣୁଥାଆନ୍ତି । ତା'ର ବହୁତ ପ୍ରଶ୍ନର ଉତ୍ତରରେ ସେ ବହୁତ ଅଳ୍ପ ଶବ୍ଦ କହି ନୀରବ ହୋଇଯାଆନ୍ତି ।

ବର୍ଷାଋତୁରେ ସରଯୂ ନଦୀର ପ୍ରବାହ ଏକ ମାଇଲରୁ ଅଧିକ ହୁଏ । ପ୍ରଖର ସ୍ରୋତ ଓ ପ୍ରଚଣ୍ଡ ବାୟୁ ଯୋଗୁଁ ନୌକା ଚଳାଚଳ ଅସମ୍ଭବ ହୋଇପଡ଼େ । ଆଜିକାଲି ଷ୍ଟିମର ଚାଲୁଛି, ସେତେବେଳେ ଷ୍ଟିମର ନ ଥିଲା । କିନ୍ତୁ ନୌକା ଥିଲା ବହୁତ ବଡ଼ ବଡ଼ । ଦିନେ ବହୁତ ସଂଖ୍ୟାରେ ଯାତ୍ରୀ ନୌକାରେ ପୂର୍ଣ୍ଣ ଥିଲେ । ମଝି ନଈରେ ନୌକା ପହଞ୍ଚିବା ସମୟରେ ତୀବ୍ର ଝଞ୍ଝା ବାୟୁ ଯୋଗୁଁ ନୌକା ସ୍ରୋତ ଭଉଁରିରେ ପଡ଼ିଗଲା । ନୌକା ଚାଳକ ବହୁ ପ୍ରଯତ୍ନ କରିବା ସତ୍ତ୍ୱେ ନୌକା ବୁଡ଼ିବାକୁ ଲାଗିଲା । ବାହକ ଉଚ୍ଚ ସ୍ୱରରେ କହିଦେଲେ, ''ନୌକା ବୁଡୁଅଛି, ତୁମ୍ଭେମାନେ ନିଜ ନିଜ ଇଷ୍ଟଦେବଙ୍କୁ ସ୍ମରଣ କର ।'' ଯାତ୍ରୀମାନେ ବ୍ୟାକୁଳ ହୋଇ ଏକ ସ୍ୱରରେ ଉଦ୍ଧାର ହେବା ନିମିତ୍ତ ମହାରାଜାଙ୍କୁ ଡାକିଲେ । ମହାରାଜଜି ସେସମୟରେ ଭକ୍ତମାନଙ୍କ ମଧ୍ୟରେ ବସି ସେମାନଙ୍କୁ କୌଣସି ଉପଦେଶ ଦେଉଥିଲେ । ତାଙ୍କ ବିଷୟ ସମାପ୍ତ ହେବା ପୂର୍ବରୁ ସେ ହଠାତ୍ ଆଖି ବନ୍ଦ କରି ଧ୍ୟାନସ୍ଥ ହୋଇଗଲେ । ଭକ୍ତମଣ୍ଡଳୀ ଏକେବାରେ ନୀରବ । କେତେ ମିନିଟ ପରେ ଆଖି ଖୋଲିବାରୁ ଭକ୍ତମାନେ କୌତୂହଳରେ ପଚାରିଲେ, ''ମହାରାଜଜି, କେଉଁଠି କ'ଣ ଘଟିଲା ଯେ ଆପଣ ହଠାତ୍ କଥା ବନ୍ଦ କରି ଧ୍ୟାନସ୍ଥ ହୋଇଗଲେ ?'' ମହାରାଜଜି କହିଲେ, ''ଅପେକ୍ଷା କର, କିଛି ସମୟ ପରେ ଖବର ପାଇବ ।'' ତେଣେ ଠିକ୍ ନୌକା ଡୁବିବା ଅବସ୍ଥାରେ ଥିଲା, କେତେ ଝଲକା ପାଣି ମଧ୍ୟ ନୌକାରେ ପଶି ଯାଇଥିଲା । ଲୋକେ ସ୍ୱଚକ୍ଷୁରେ ଦେଖିଲେ ହଠାତ୍ ମହାରାଜ ମଝି ଧାରରେ ଆସି ନୌକାକୁ ସ୍ରୋତ ଭଉଁରିରୁ ତୀବ୍ର ଗତିରେ ବହୁଦୂର ଟାଣିଆଣି କୂଳର କିଛି ଦୂରରେ ଛାଡ଼ିଦେଲେ । ଧୀବର ସାବଧାନ ହୋଇ ଅକ୍ଳେଶରେ ନୌକାକୁ କୂଳରେ ଲଗାଇଦେଲା । ଯାତ୍ରୀମାନେ ମହାରାଜଙ୍କ କୃପାରୁ ମୃତ୍ୟୁମୁଖରୁ ରକ୍ଷା ପାଇଗଲେ । ସେମାନଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେମାନେ ଶ୍ରୀ ମହାରାଜଙ୍କର ଜୟ ଜୟ ଗାନ କରି ଛାଉଣୀରେ ଶ୍ରୀ ମହାରାଜଙ୍କ ପାଖକୁ ଆସି ଦଣ୍ଡବତ କରି ସମସ୍ତ ଘଟନା କହିଲେ । ଶ୍ରୀ ମହାରାଜଙ୍କ ସମୀପରେ ବସିଥିବା ବ୍ୟକ୍ତିମାନେ ଶ୍ରୀ ମହାରାଜଙ୍କର ଏହି କାର୍ଯ୍ୟରେ ବଡ଼ ଆନନ୍ଦିତ ହେଲେ । ମହାରାଜଜି ଶିଷ୍ୟଙ୍କୁ ଡାକି ନୌକାରେ ଆସିଥିବା ବ୍ୟକ୍ତିମାନଙ୍କୁ ପ୍ରସାଦ ଦେଲେ ଏବଂ ଭଗବାନଙ୍କୁ ଭଜନ କରିବାକୁ ଉପଦେଶ ଦେଇ ବିଦାକଲେ । ସେ କହିଲେ, ''ଭଗବାନ୍ ସବୁ ସମୟରେ ବିଦ୍ୟମାନ । ତାଙ୍କୁ ବ୍ୟାକୁଳ ହୋଇ ଡାକିଲେ ସେ ପ୍ରଗଟ ହୋଇ ଭକ୍ତକୁ ରକ୍ଷା କରନ୍ତି ।

ପୂର୍ବାପେକ୍ଷା ଅଧିକ ସଂଖ୍ୟାରେ ଦର୍ଶନାର୍ଥୀ, ସଜ୍ଜ, ଜିଜ୍ଞାସୁ, ଗୃହସ୍ଥ ଭଦ୍ରବ୍ୟକ୍ତି ଏବଂ ସଂସାର-ବିରକ୍ତ ସାଧୁମାନେ ମହାରାଜଙ୍କ ଦର୍ଶନକୁ ଆସିଲେ । ସେମାନେ ଉପଦେଶ ପ୍ରାପ୍ତ କରିବା ସକାଶେ ନାନା ପ୍ରକାର ପ୍ରଶ୍ନ ପଚାରୁଥିଲେ । ସଜ୍ଜମାନେ ରାମଧୁନ କରୁଥା'ନ୍ତି, ମହାରାଜଙ୍କ ପାଖରେ ସତ୍‌ସଙ୍ଗ ଚାଲୁଥାଏ । ଦିନେ ସତ୍‌ସଙ୍ଗ ପ୍ରସଙ୍ଗରେ ଶ୍ରୀ ମହାରାଜଜି ଗଙ୍ଗାକୂଳେ ଭ୍ରମଣ କରିବା ସମୟରେ ଶୃଙ୍ଗବେରପୁରଠାରେ ଗଙ୍ଗାକୂଳରେ ଜ୍ଞାନଦୃଷ୍ଟିପ୍ରାପ୍ତ ସିଦ୍ଧସଜ୍ଜ ବିଦ୍ୟାଧରଙ୍କୁ ଦର୍ଶନ କରି ତାଙ୍କଠାରୁ ଶୁଣିଥିବା ତାଙ୍କର ଘଟନା ବର୍ଣ୍ଣନା କଲେ ।

ଜ୍ଞାନଦୃଷ୍ଟିପ୍ରାପ୍ତ ସିଦ୍ଧସନ୍ଥ ବିଦ୍ୟାଧର

ବିଦ୍ୟାଧର ନାମରେ ଜଣେ ବ୍ରାହ୍ମଣ ଥିଲେ । ସେ ଥିଲେ ଖୁବ୍ ସୁନ୍ଦର ଓ ଧନଧାନ୍ୟ ପରିପୂର୍ଣ୍ଣ ଅବସ୍ଥାସମ୍ପନ୍ନ ବ୍ୟକ୍ତି । ଚାଳିଶ ବର୍ଷ ପାରିବାରିକ ଜୀବନ ବ୍ୟତୀତ କରିବା ପରେ ଦିନେ ସଂସାର ଦୁଃଖ-ଦ୍ୱନ୍ଦ ଦେଖି ତାଙ୍କ ମନରେ ବୈରାଗ୍ୟ ଜାତ ହେଲା । ସେ ଜୀବନର ଲକ୍ଷ୍ୟ ପରମାନନ୍ଦ ସ୍ୱରୂପ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ଘର, ପରିବାର, ସଂସାର ତ୍ୟାଗ କରି ହିମାଳୟ ଯାତ୍ରା କଲେ । ହିମାଳୟ ବଦ୍ରୀନାରାୟଣ ଯିବା ମାର୍ଗ ଶ୍ରୀନଗରରେ ଗୋଟିଏ ରୂପଯୌବନପ୍ରାପ୍ତା ସୁନ୍ଦରୀ ସ୍ତ୍ରୀକୁ ଜଳଘଟ ନେଇ ଯିବା ସମୟରେ ଦେଖି କାମପୀଡ଼ିତ ହୋଇ କିଛିଦୂର ତା' ପଛରେ ଗଲେ । ହଠାତ୍ ତାଙ୍କ ମଧ୍ୟରେ ଜ୍ଞାନୋଦୟ ହେବାରୁ ତୀବ୍ର ପଶ୍ଚାତ୍ତାପ ଅଗ୍ନିରେ ତାଙ୍କ ହୃଦୟ ଜଳିବାକୁ ଲାଗିଲା । ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ସେହିଠାରେ ବସିପଡ଼ିଲେ । ହୃଦୟ ବ୍ୟାକୁଳ ଓ ବୁଦ୍ଧିଭ୍ରମ ହୋଇଗଲା । ସେ ନିଜ ବୁଦ୍ଧିର ତର୍କରେ ଭାବିଲେ ଯେ ବିଧାତାର ସମସ୍ତ ଦୋଷ, ସେ ସ୍ତ୍ରୀକୁ ଏପରି ସୌନ୍ଦର୍ଯ୍ୟ କାହିଁକି ଦେଲା । ସ୍ତ୍ରୀ ସମସ୍ତ ଅନର୍ଥର କାରଣ । ସେ ନିଜ ରୂପଲାବଣ୍ୟରେ ପୁରୁଷକୁ ଆକର୍ଷଣ କରେ । ନା, ନା, ସ୍ତ୍ରୀର ଦୋଷ ନୁହେଁ, ଦୋଷ ପୁରୁଷ ଆଖିର । ସେ ଯଦି ନ ଦେଖେ ତେବେ ସ୍ତ୍ରୀ ପୁରୁଷକୁ ଆକର୍ଷଣ କରିବ କିପରି ? ପ୍ରଥମରୁ ବୁଦ୍ଧି ଭ୍ରମ ହୋଇ ସାରିଥିଲା । ତୀବ୍ର ବୈରାଗ୍ୟ ସହିତ କ୍ରୋଧ ସାଥୀ ହୋଇ ଆଖିକୁ ଦଣ୍ଡଦେବା ଉଦ୍ଦେଶ୍ୟରେ ବୁଦ୍ଧିକୁ ବିବଶ କରି ପ୍ରେରଣା ଦେଲେ । ସେ ରାଗରେ ପାଖରେ ଥିବା କୁଶକୁ ଉପାଡ଼ିଆଣି ତୀକ୍ଷ୍ଣ କଣ୍ଟା ସଦୃଶ କୁଶମୂଳ ଦ୍ୱାରା ନିର୍ଦୟଭାବେ ଦୁଇ ଆଖିକୁ ଫୋଡ଼ିଦେଲେ । ଦୁଇ ଆଖିରୁ ରକ୍ତଧାରା ପ୍ରବାହିତ ହେଲା । ସେ ଅନ୍ଧ ହୋଇଗଲେ । ସେ ପଥ ନ ପାଇ ଚକ୍ଷୁପୀଡ଼ାରେ ସେହିଠାରେ ବ୍ୟଥିତ ହୋଇ ବିଶେଷ ଗ୍ଲାନିରେ ପଡ଼ି ରହିଲେ । ସେହି ଅବସ୍ଥାରେ ଜଣେ ବୃଦ୍ଧ ସନ୍ଥ ସେଠାକୁ ଆସି ଚକ୍ଷୁ ଫୋଡ଼ିବା କାରଣ ପଚାରିଲେ । ଉତ୍ତରରେ ବିଦ୍ୟାଧର ଗୃହ, ପରିବାର ପରିତ୍ୟାଗ କରିବା ଓ ଚକ୍ଷୁ ଫୋଡ଼ିବାର କାରଣ କହିଦେଲେ । ଏହା ଶୁଣିବା ପରେ ବୃଦ୍ଧ ସନ୍ଥ କହିଲେ, ''ତୁମେ ଭଗବାନଙ୍କ ଦର୍ଶନ ସକାଶେ ସଂସାର ପରିତ୍ୟାଗ କରି ଆସିଲ, ଯଦି ଆଖି ଫୋଡ଼ିଦେଲ ଫେର ଭଗବତ୍ ଦର୍ଶନ କରିବ କିପରି ? କାମ ଆଉ କ୍ରୋଧ ଭଗବତ୍ ପ୍ରାପ୍ତିର ଶତ୍ରୁ । ତୁମେ କ୍ରୋଧକୁ ଜୟ ନ କରି ତା'ର ବଶୀଭୂତ ହୋଇ ଆଖି ଫୋଡ଼ିଦେଲ । ଆଖି ଭଗବତ୍ ପ୍ରାପ୍ତିର ସହାୟକ, ଆଖି ଥିଲେ ତୁମେ ଯମନିୟମାଦି ସାଧନ କରିପାରି ଥାଆନ୍ତ । ଆଖିର ପ୍ରକୃତ ଦୋଷ ନୁହେଁ, ଦୋଷ ପ୍ରାଣ ଏବଂ ମନର । ମନ, ପ୍ରାଣ ବଶ ହୋଇଥିଲେ ସୁନ୍ଦରୀ ସ୍ତ୍ରୀକୁ ମାତାରୂପେ କିଂବା ଜଗଜ୍ଜନନୀରୂପେ ଦେଖି ଥାଆନ୍ତ । ତୁମ ବୁଦ୍ଧି ଭ୍ରମ ହେବାରୁ ଭଗବତ୍ ପ୍ରାପ୍ତିର ସହାୟକ ନେତ୍ରକୁ ନଷ୍ଟ କଲ । ତୁମେ ତପସ୍ୟା କରିପାରିବ ନାହିଁ କିଂବା ଭଗବତ୍ ପ୍ରାପ୍ତି କରିପାରିବ ନାହିଁ ।''

'ଭଗବତ୍ ପ୍ରାପ୍ତି ହୋଇ ପାରିବ ନାହିଁ'– ଏହି ଶବ୍ଦ ଶୁଣିବା ମାତ୍ରେ ବିଦ୍ୟାଧର ମୂର୍ଚ୍ଛିତ ହୋଇଗଲେ । ବୃଦ୍ଧ ସନ୍ଥ ଏପରି ଅବସ୍ଥା ଦେଖି ବହୁତ ପଶ୍ଚାତ୍ତାପ କରି ତାଙ୍କ ମୂର୍ଚ୍ଛାଭଙ୍ଗ କରିବା ସକାଶେ ପ୍ରଯତ୍ନ କଲେ । କିନ୍ତୁ ମୂର୍ଚ୍ଛାଭଙ୍ଗ ନ ହେବାରୁ ମୃତ୍ୟୁର ଆଶଙ୍କା ହେଲା । ତାହାର କାରଣ ସେ ନିଜେ ଜାଣି ବହୁ ବ୍ୟଥିତ ଏବଂ ବ୍ୟତିବ୍ୟସ୍ତ ହୋଇପଡ଼ି ବିଦ୍ୟାଧରଙ୍କ ମୂର୍ଚ୍ଛାଭଙ୍ଗ ହେବା ସକାଶେ ଭଗବାନଙ୍କୁ ପ୍ରାର୍ଥନା କଲେ ।

ବିଦ୍ୟାଧର ଗୋଟିଏ ଦୀର୍ଘଶ୍ୱାସ ନେଇ ଉଠି ବସିପଡ଼ିଲେ । 'ଭଗବତ୍ ପ୍ରାପ୍ତି ହୋଇ ପାରିବ ନାହିଁ' – ଏହି ସ୍ମୃତି ଆସିବା ମାତ୍ରେ ହୃଦୟ ବିଦୀର୍ଣ୍ଣ ଓ ଆଶା ନିରାଶାରେ ପରିଣତ ହୋଇଯିବାରୁ ସେ ଅତ୍ୟନ୍ତ ବିକଳ ହୋଇ ସନ୍ଥଙ୍କ ଚରଣ ଧରି କହିଲେ, ''ଭଗବତ୍ ପ୍ରାପ୍ତି ନ ହେଲେ ଭାର ସଦୃଶ ଏହି ଶରୀରକୁ ଗୋଟିଏ କ୍ଷଣ ମଧ୍ୟ ରଖିବାକୁ ମୁଁ ଚାହେଁ ନାହିଁ । ଆଶୀର୍ବାଦ କରନ୍ତୁ, ଏହି ଶରୀର ବର୍ତ୍ତମାନ ତ୍ୟାଗ କରି ଯେପରି ଅନ୍ୟ ଜନ୍ମରେ ଭଗବତ୍ ପ୍ରାପ୍ତି କରିପାରେ ।'' ସେ ଆଉକିଛି କହିପାରିଲେ ନାହିଁ । କଣ୍ଠରୁଦ୍ଧ ହୋଇଆସିଲା । ବୃଦ୍ଧ ସନ୍ଥ ବିଦ୍ୟାଧରଙ୍କର ଶରୀର ପ୍ରତି ଅନାସକ୍ତି, ତୀବ୍ର ବୈରାଗ୍ୟ, ଭଗବତ୍ ପ୍ରେମ ଏବଂ ଭଗବତ୍ ପ୍ରାପ୍ତିର ଉତ୍କଣ୍ଠା ଦେଖି ମୁଗ୍ଧ ହୋଇଗଲେ । ସେ କହିଲେ, ''ବିଦ୍ୟାଧର, ତୁମେ ଭଗବାନଙ୍କର ଅନନ୍ୟ ଭକ୍ତ, ତୁମ ପରି ଭକ୍ତଠାରୁ ଭଗବାନ୍ ଏକ କ୍ଷଣ ପୃଥକ୍ ହୁଅନ୍ତି ନାହିଁ । ତୁମେ ଭଗବାନଙ୍କ

ସକାଶେ ସବୁକିଛି ତ୍ୟାଗ କରିଛ, ଭଗବାନ୍ ମଧ୍ୟ ତୁମ ସଙ୍ଗେ ସଙ୍ଗେ ଅଛନ୍ତି । କେବଳ ତୁମର ବାହାର ଆଚରଣ ଦୂର ନ ହୋଇ ଥିବାରୁ ତୁମେ ତାଙ୍କୁ ଦେଖିପାରୁ ନାହଁ । ମୁଁ ତୁମକୁ ସାଧନା ପ୍ରଣାଳୀ କହିଦେଉଛି, ତୁମେ ଭଗବାନଙ୍କୁ ପ୍ରାପ୍ତ କରିପାରିବ । ଭଗବାନଙ୍କୁ ଏହି ଚକ୍ଷୁରେ ଦେଖିହୁଏ ନାହିଁ, ଦେଖିହୁଏ ଦିବ୍ୟଚକ୍ଷୁ ଦ୍ୱାରା; ଯେଉଁ ଚକ୍ଷୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଦେଇଥିଲେ । ତୁମେ ଗ୍ଲାନି, ଚିନ୍ତା, ଶୋକ ଦୂର କର ।''

'ଭଗବତ୍ ପ୍ରାପ୍ତି କରି ପାରିବ'– ଏହି ଅମୃତ ବାଣୀ ଶୁଣିବାମାତ୍ରେ ବିଦ୍ୟାଧରଙ୍କ ଶରୀରରେ ନୂତନ ଜୀବନ ପ୍ରବେଶ କଲା । ସେ ଆନନ୍ଦରେ ବିଭୋର ହୋଇଗଲେ । ଆନନ୍ଦରେ ତାଙ୍କ ହୃଦୟ ନୃତ୍ୟ କରିବାକୁ ଲାଗିଲା । ସେ ବୃଦ୍ଧ ସନ୍ଥଙ୍କ ଚରଣ ଧରି କହିଲେ, ''ପ୍ରଭୁ, ଆଉ ବିଳମ୍ବ କର ନାହିଁ, ମୋତେ ଉପାୟ ବତାଅ ଯେପରି ମୁଁ ଭଗବାନଙ୍କୁ ଦର୍ଶନ କରିପାରେ ।''

ବିଦ୍ୟାଧରଙ୍କର ତୀବ୍ର ବୈରାଗ୍ୟ ଯୋଗୁଁ ମୋହ ଦୂର ହୋଇ ସାରିଥିଲା । ବୃଦ୍ଧ ସନ୍ଥଙ୍କ କୃପାରୁ ତାଙ୍କର ହୃଦୟାବରଣ ଦୂର ହୋଇଗଲା । ସେ ତତ୍କ୍ଷଣାତ୍ ଆତ୍ମଜ୍ଞାନ ପ୍ରାପ୍ତ ହେଲେ । ସମସ୍ତ ଚରାଚରରେ ଭଗବାନ୍ ପରିପୂର୍ଣ୍ଣରୂପେ ଅଛନ୍ତି । କିନ୍ତୁ ମନୁଷ୍ୟର ଚର୍ମଚକ୍ଷୁର ଭେଦଦୃଷ୍ଟି, ଭେଦଜ୍ଞାନ ଯୋଗୁଁ ସେ ଦେଖିପାରେ ନାହିଁ । ଚର୍ମଚକ୍ଷୁ ନଷ୍ଟ ହେବାରୁ ବାହ୍ୟ ବିଭେଦ ଦୂର ହେଲା ଏବଂ ବୃଦ୍ଧ ସନ୍ଥଙ୍କ ସ୍ପର୍ଶରେ ଅନ୍ତର୍ଦୃଷ୍ଟି ଖୋଲିଗଲା । ସେ ଚରାଚର ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଭଗବାନଙ୍କୁ ଦେଖି ପାରିଲେ । ମହାତ୍ମାଙ୍କ ଦ୍ୱାରା ବିଦ୍ୟାଧରଙ୍କୁ ଏହି ଆତ୍ମୋପଲବ୍ଧି ହେବା ପରେ ବୃଦ୍ଧ ମହାତ୍ମା ତାଙ୍କୁ ନିଜ ପାଖରେ କିଛି ଦିନ ରଖି ଜ୍ଞାନୋପଦେଶ ତଥା ସାଧନାର ନାନା ପ୍ରକାର ରହସ୍ୟ ଶିକ୍ଷା ଦେଲେ । ପରେ ତାଙ୍କୁ ସଙ୍ଗରେ ନେଇ ହରିଦ୍ୱାରରେ ଗଙ୍ଗା ସ୍ନାନ କରାଇ, ଗୋକର୍ଣ୍ଣତୀର୍ଥ, ନୈମିଷାରଣ୍ୟ, ପ୍ରୟାଗ ଆଦି ତୀର୍ଥ ଦେଇ ଶୃଙ୍ଗବେରପୁର ଗଙ୍ଗାକୂଳ ଜଙ୍ଗଲରେ ଉପନୀତ ହେଲେ । ବୃଦ୍ଧ ସନ୍ଥ ବିଦ୍ୟାଧରଙ୍କୁ କହିଲେ, ''ଏହି ସ୍ଥାନ ତୁମ ସାଧନା ସକାଶେ ବହୁତ ଉପଯୁକ୍ତ ହେବ । ଏଠାରେ ନିର୍ବିଘ୍ନରେ ସାଧନା କରିପାରିବ । ଭଗବତ୍ କୃପାରୁ ତୁମକୁ ଆତ୍ମଜ୍ଞାନ ପ୍ରାପ୍ତ ହୋଇଛି । ଏଠାରେ ତୁମକୁ ଭଗବାନ୍ ଦିବ୍ୟ, ସଚ୍ଚିଦାନନ୍ଦ ସଗୁଣ ବିଗ୍ରହରେ ଦର୍ଶନ ଦେବେ । ମୁଁ ଦଣ୍ଡକାରଣ୍ୟକୁ ସାଧନା କରିବାକୁ ଯାଉଛି ।'' ବିଦ୍ୟାଧର ଗୁରୁ-ଆଜ୍ଞା ଶିରୋଧାର୍ଯ୍ୟ କରି ତାଙ୍କ ଚରଣରଜ ମସ୍ତକରେ ଲଗାଇ ପ୍ରେମବିଭୋର ହୋଇ ପ୍ରଣାମ କଲେ । ବୃଦ୍ଧ ସନ୍ଥ ଆଶୀର୍ବାଦ ଦେଇ ବିଦାୟ ନେଇ ଦଣ୍ଡକାରଣ୍ୟକୁ ଗମନ କଲେ । ସେଠାରେ ବିଦ୍ୟାଧର ଗୁରୁଙ୍କ ନିର୍ଦ୍ଦେଶାନୁସାରେ ବନ୍ୟ ଫଳ, ପତ୍ର ଓ ଗଙ୍ଗାଜଳ ସେବନ କରି ସାଧନାରେ ରତ ରହି ଭଗବତ୍ ଦର୍ଶନ ଲାଭ କଲେ ।

ବାବା ରଘୁନାଥ ଦାସଜି ମହାରାଜ ପାର୍ଶ୍ୱସ୍ଥ ଶ୍ରୋତାମାନଙ୍କୁ ସମ୍ବୋଧନ କରି କହିଲେ, ''ମୁଁ ଗଙ୍ଗାକୂଳରେ ଯାତ୍ରା କରିବା ସମୟରେ ସେହି ସିଦ୍ଧ ସନ୍ଥଙ୍କ ନିବାସ ସ୍ଥାନରେ ପହଞ୍ଚିଲି । ସେ ସ୍ଥାନର ବାତାବରଣ ପବିତ୍ର ଥିଲା । ସାଧାରଣ ସ୍ଥାନଠାରୁ ବିଲକ୍ଷଣ ପ୍ରତୀତ ହେଉଥିଲା । ମହାତ୍ମାଙ୍କ ଶରୀର ଜ୍ୱଳନ୍ତ ଅଗ୍ନିତୁଲ୍ୟ ଦୀପ୍ତିମାନ୍, ଶିରଜଟା ଶରୀର ଅପେକ୍ଷା ଢେର ଲମ୍ବା ଥିଲା । ନେତ୍ରବିହୀନ ହେବା ସତ୍ତ୍ୱେ ସେ ନେତ୍ରଯୁକ୍ତ ବ୍ୟକ୍ତିତୁଲ୍ୟ ଯାତାୟାତ କରୁଥିଲେ । ମୁଁ ମହାରାଜଙ୍କୁ ଦର୍ଶନ କରି ଦୂରରୁ ସାଷ୍ଟାଙ୍ଗ ଦଣ୍ଡବତ କରି ନୀରବରେ ୬ ଘଣ୍ଟା ବସିରହିଲି । ମହାତ୍ମାଜି ଧ୍ୟାନରୁ ଉଠି ଗଙ୍ଗାସ୍ନାନ କରି ଫେରିବା ସମୟରେ ମୁଁ ତାଙ୍କ ପଛେ ପଛେ ଗଲି । ସେ ଆସନରେ ବସି ମୋତେ ପଚାରିଲେ, 'ତୁ କେଉଁଠୁ ଆସିଲୁ ? ମୁଁ ମୋର ସମସ୍ତ ଘଟନା କହିବା ପରେ ନିବେଦନ କଲି, 'ପ୍ରଭୁ ଶ୍ରୀରାମଙ୍କୁ ଭଜନ କରି ଗଙ୍ଗାକୂଳେ ବିଚରଣ କରୁଅଛି । ପ୍ରଭୁଙ୍କ ଅସୀମ କୃପାରୁ ଆପଣଙ୍କ ଦର୍ଶନ ପାଇ ମୁଁ କୃତାର୍ଥ ହୋଇଅଛି । ଆପଣଙ୍କ ଦର୍ଶନରେ ମୋର ସମସ୍ତ କାର୍ଯ୍ୟ ସିଦ୍ଧ ହେଲା ।' ଏହା କହି ମହାତ୍ମାଙ୍କ ଚରଣରଜ ନେଇ ମସ୍ତକରେ ଲଗାଇଲି । ସେ କହିଲେ, 'ତୁ ଶ୍ରୀରାମଙ୍କ ପରମ ଭକ୍ତ, କୃପାପାତ୍ର, ତୁ ମୋ ବଂଶରେ ଜନ୍ମଗ୍ରହଣ କରିଅଛୁ । ତୋ ଦ୍ୱାରା ଶ୍ରୀରାମ-ଭକ୍ତି ପ୍ରଚାର ହେବ । ବହୁତ ଦୁଃଖ ତାପ-ପୀଡ଼ିତ ନରନାରୀଙ୍କୁ ତୁ ଉଦ୍ଧାର କରିବୁ ।' ସେ ମୋ ପିତା, ପ୍ରପିତାମାନଙ୍କ ନାମ ଏବଂ ଗ୍ରାମର ନାମ ବିଶଦଭାବେ ବର୍ଣ୍ଣନା କଲେ । ମୁଁ ପଚାରିଲି, 'ଆପଣ କେତେ ବର୍ଷ ଏଠାରେ ଅଛନ୍ତି ? ଆପଣ ଗୋଟିଏ ସ୍ଥାନରେ ରହି ମୋ ପିତା, ପ୍ରପିତାମାନଙ୍କ ନାମ, ଗ୍ରାମ ଏବଂ ଆପଣଙ୍କ ବଂଶରେ ମୋର ଜନ୍ମ ବୋଲି ଜାଣିଲେ କିପରି ?' ସେ ଉତ୍ତର

ଦେଲେ, 'ମୋର ଏଠାରେ ତପସ୍ୟା କରିବା ଆଠ ଶହ ବର୍ଷ ହୋଇଗଲା । ମୋତେ ଜ୍ଞାନଦୃଷ୍ଟି ପ୍ରାପ୍ତ ହୋଇଛି, ମୁଁ ଏଠାରେ ରହି ସମସ୍ତ କିଛି ଦେଖିପାରେ ଏବଂ ଜାଣିପାରେ । ତୋତେ ଅପେକ୍ଷା କରିଥିଲି । ମୋ କାର୍ଯ୍ୟ ଶେଷ ହୋଇଛି, ମୁଁ ଶରୀର ତ୍ୟାଗ କରିବି । ତୁ ଏହି ଶରୀରକୁ ଗଙ୍ଗାରେ ଭସାଇ ଦେବୁ ।' ଏତିକି କହି, ମୋତେ ହୃଦୟରେ ଲଗାଇନେଲେ । ମୁଁ ସ୍ପଷ୍ଟରୂପେ ଅନୁଭବ କଲି ଯେ ତାଙ୍କ ଶରୀରସ୍ପର୍ଶରେ ପ୍ରତ୍ୟକ୍ଷ ଭାବରେ କିଛି ବସ୍ତୁ ମୋ ଶରୀରରେ ପ୍ରବେଶ କଲା । ସେ ସାଧନାର ରହସ୍ୟ ଜ୍ଞାନ ଉପଦେଶ ଦେଲେ । କିଛି ସମୟ ମୋତେ ସ୍ଥିରଦୃଷ୍ଟିରେ ଦେଖିବା ପରେ ସମାଧିସ୍ଥ ହୋଇଗଲେ । ତାଙ୍କ ପ୍ରାଣବାୟୁ ବ୍ରହ୍ମାଣ୍ଡ ଫୋଡ଼ି ବାହାରି ଗଲା । ମୁଁ ତାଙ୍କ ଶରୀରକୁ ଗଙ୍ଗାରେ ବିସର୍ଜନ କଲି ଏବଂ ତାଙ୍କରି ଆଶ୍ରମରେ ଆଠ ବର୍ଷ ରହି ସାଧନା କଲି । ଯେପର୍ଯ୍ୟନ୍ତ ମନୁଷ୍ୟର ଜ୍ଞାନଦୃଷ୍ଟି ପ୍ରାପ୍ତ ନ ହୁଏ ସେପର୍ଯ୍ୟନ୍ତ ସେ ଭଗବାନଙ୍କୁ ଦର୍ଶନ କରିପାରେ ନାହିଁ ।''

ଶେଷ ଜୀବନର ଘଟନା

ଶ୍ରୀ ମହାରାଜଙ୍କର ଅସଂଖ୍ୟ ବୀତରାଗ ଏବଂ ଗୃହୀ ଶିଷ୍ୟ ଥିଲେ । ବୀତରାଗ ଶିଷ୍ୟମାନଙ୍କ ମଧ୍ୟରେ ରଘୁବର ଦାସ, ମଧୁସୂଦନ ଦାସ, ଭଗବାନ ଦାସ ଏବଂ ତାଙ୍କ ଗାଦିର ମହନ୍ତ ଶ୍ରୀ ଜଗନ୍ନାଥ ଦାସ ତଥା ଲେଖକଙ୍କର ଗୁରୁଦେବ ରାମଘାଟ ନିବାସୀ ପ୍ରସିଦ୍ଧ ମହାତ୍ମା ଶ୍ରୀ ମୌନୀ ବାବା ବିଶେଷ କୃପାପାତ୍ର ଥିଲେ ।

ଶ୍ରୀ ମହାରାଜଙ୍କର କେବେ ଟଙ୍କା ଗଣା ହୋଇ ରଖା ହେଉ ନ ଥିଲା । ଯେତେବେଳେ ଯାହା ଖର୍ଚ୍ଚ ହୁଏ, ସେତେବେଳେ ସେ ମୁଠା ମୁଠା କରି ଦେଇ ଦିଅନ୍ତି । ଖର୍ଚ୍ଚ କରିବା ବ୍ୟକ୍ତି ଗଣି ଜିନିଷପତ୍ର ଖର୍ଦ୍ଦି କରନ୍ତି ।

ଥରେ ଜଣେ ସଦ୍ଧ ମହାରାଜଜିଙ୍କୁ ପଚାରିଲେ, ''ଆପଣଙ୍କର କ'ଣ ଉପାସନା ? ଅର୍ଥାତ୍ ସାଧନାର ଲକ୍ଷ୍ୟ କ'ଣ ?'' ଶ୍ରୀ ମହାରାଜଜି ଉତ୍ତର ଦେଲେ, ''ଏହି ଆଶ୍ରମରେ କୌଣସି ବ୍ୟକ୍ତି ଉପବାସ ନ ରହନ୍ତୁ — ଏହାହିଁ ମୋର ଉପାସନା ।''

ସେ ସମୟରେ ଅଯୋଧ୍ୟାରେ ସିଦ୍ଧ ମହାତ୍ମା ଥିଲେ ଚରିତ୍ରନାୟକ, ବାବା ରଘୁନାଥ ଦାସ, ଶ୍ରୀ ଯୁଗଳାନନ୍ୟ ଶରଣୀ, ଉମାପତି ତେୱାରୀଜି । ଏମାନେ କେହି କାହା ସଙ୍ଗେ ଦେଖା ନ କରି ନିଜ ନିଜ ଆସନରେ ରହି କଥାବାର୍ତ୍ତା କରୁଥିଲେ ।

ସାଧାରଣତଃ ଶ୍ରୀ ମହାରାଜଙ୍କ ଆଶ୍ରମରେ ସେ ସମୟରେ ପ୍ରତିଦିନ ପ୍ରାୟ ତିନିହଜାର ବ୍ୟକ୍ତିଙ୍କ ପାଇଁ ଭୋଜନ ପ୍ରସ୍ତୁତ ହେଉଥିଲା । ରାମନବମୀ, ଝୁଲଣ ଏବଂ ବିଶେଷ ଶୁଭଦିନମାନଙ୍କରେ ପାଞ୍ଚ ହଜାରରୁ ଅଧିକ ବ୍ୟକ୍ତି ଭୋଜନ କରୁଥିଲେ । ଯେଉଁଦିନ ମିଷ୍ଟାନ୍ନର ବିଶେଷ ଭଣ୍ଡାରା ହୁଏ, ସେଦିନ ରାତ୍ରି ୯ଟା ପର୍ଯ୍ୟନ୍ତ ଭୋଜନ ଚାଲୁଥାଏ । ଥରେ ଜଣେ ସାଧୁ କହିଲେ, ''ଭଣ୍ଡାରାରେ ଦରିଦ୍ର କାଙ୍ଗାଳ ଲୋକମାନେ ବହୁତ ଗୋଳମାଳ ଏବଂ ପାଟିତୁଣ୍ଡ କରୁଛନ୍ତି; ଆପଣଙ୍କ ଆଜ୍ଞା ହେଲେ ମୁଁ ଠିକ୍ ଠିକ୍ ବ୍ୟବସ୍ଥା କରିଦେବି ।'' ମହାରାଜଜି କହିଲେ, ''ଠିକ୍ ଠିକ୍ ଏହି ବ୍ୟବସ୍ଥା କରିବୁ ଯେ, ଗରିବମାନଙ୍କୁ ଭିତରକୁ ଆସିବାକୁ ଦେବୁ ନାହିଁ । ଦରିଦ୍ର ମଧ୍ୟରେ ନାରାୟଣ ଅଛନ୍ତି । ଅତଏବ ତୋର ଏପରି ବ୍ୟବସ୍ଥାର ଆବଶ୍ୟକ ନାହିଁ ।''

ପ୍ରତି ଅମାବାସ୍ୟାକୁ ଗରିବ ଲୋକଙ୍କୁ ଦୁଇ ପଇସା ଓ ପ୍ରତି ପୂର୍ଣ୍ଣିମାକୁ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ଚାରିଅଣା ଲେଖାଏଁ ବଣ୍ଟା ହୁଏ । ସେଠାରେ କାହାକୁ ନାହିଁ ବୋଲି କୁହାହୁଏ ନାହିଁ, ସେଥିପାଇଁ ସଂଖ୍ୟା ବରାବର ବଢୁଥାଏ । ଥରେ ଜଣେ ସଦ୍ଧ ଆସି କହିଲେ, ''ବିଦ୍ୟାର୍ଥୀଙ୍କ ସଂଖ୍ୟା ବହୁତ ଅଧିକ ହେଉଛି, ପଇସା ପୂରା ହେବ ନାହିଁ ।'' ଶ୍ରୀ ମହାରାଜଜି କହିଲେ, ''ଯାହାର ବିଦ୍ୟାର୍ଥୀ ସେ ଜାଣେ ।'' ସେହି ସମୟରେ ଗୋଟିଏ କାଳୀବୁଢ଼ୀ ଅତ୍ୟନ୍ତ ମଇଳା ମୁଣିଟିଏ ମହାରାଜାଙ୍କ ପାଖରେ ରଖିଦେଇ ଚାଲିଗଲା । ମୁଣିଟି ଅଧିକ ମଇଳା ହୋଇଥିବାରୁ ଜଣେ ସଦ୍ଧ ଗୋଟିଏ ବାଡ଼ି ଅଗରେ ଉଠେଇବାକୁ ଲାଗିଲେ । ମହାରାଜଜି କହିଲେ, ''ସେଥିରେ ଟଙ୍କାଥିବା କଥା ଜାଣିଲେ ଘୃଣା ନ କରି ଆଦରପୂର୍ବକ ହାତରେ ଉଠାଇନିଅନ୍ତ । ହାତରେ ଦେଖ, ଭିତରେ କ'ଣ ଅଛି ?'' ତା' ଭିତରେ ଥିଲା ସୁବର୍ଣ୍ଣ ମୋହର ।

ଶ୍ରୀ ମହାରାଜଜିଙ୍କ ଶରୀର ଗୌରବର୍ଣ୍ଣ, ଲମ୍ବା ଏବଂ ବିଶାଳ ବାହୁ, ଲଲାଟ ଚୌଡ଼ା, ନେତ୍ର ବଡ଼ ବଡ଼, ଶରୀରର କାନ୍ତି ଅଧ୍ୟାତ୍ମ ଜ୍ୟୋତିଃରେ ଦେଦୀପ୍ୟମାନ ଥିଲା । ସନ୍ଥ ଭକ୍ତମାନଙ୍କ ମଧ୍ୟରେ ସେ ତାରାଗଣଙ୍କ ମଧ୍ୟରେ ଚନ୍ଦ୍ରମା ସଦୃଶ ଶୋଭା ପାଉଥିଲେ । ସନ୍ଥ ଭକ୍ତଙ୍କ ରାମଧୁନର ତୁମୁଳ ନାଦରେ ଆକାଶ ଗୁଞ୍ଜାୟମାନ ହେଉଥିଲା । ସେହି ସମୟରେ ଜଣେ ଶିକାରୀ ବନ୍ଧୁକ ହସ୍ତରେ ଧରି ଉପନୀତ ହେଲା । ଗୋଟିଏ କୁକୁର ତାହାକୁ ଦେଖି ଭୟଙ୍କର ଭାବେ ଭୁକିବାରୁ ସେ ରାଗାନ୍ୱିତ ହୋଇ କୁକୁରକୁ ଗୁଳି କରିବାକୁ ଉଦ୍ୟତ ହେଲା । ସେ ସାଧୁମାନଙ୍କର ନିଷେଧକୁ ଗ୍ରାହ୍ୟ କଲା ନାହିଁ । ଶ୍ରୀମହାରାଜାଜି ଆଶ୍ରମ ମଧ୍ୟରେ କୌଣସି ଜୀବହତ୍ୟା କରିବାକୁ ନିଷେଧ କରିଥିଲେ । ସାଧୁମାନଙ୍କୁ ଅଗ୍ରାହ୍ୟ କରି କୁକୁରକୁ ମାରିବା ସକାଶେ ଶିକାରୀ ଗୁଳି ଭରିବା ଦେଖି ଶ୍ରୀ ମହାରାଜଜି ଉଠି ଛିଡ଼ା ହୋଇଗଲେ । ଶାନ୍ତ, ଗମ୍ଭୀର ଅଥଚ ତେଜୋ ପୂର୍ଣ୍ଣ ଭାବରେ କହିଲେ, ''ଏହାକୁ ଶ୍ରୀରାମ ରକ୍ଷା କରିବେ, ତୋର ଶକ୍ତି ନାହିଁ ଯେ ତୁ ଏହାକୁ ମାରି ପାରିବୁ ।'' ଶିକାରୀ ଏକଥା ଶୁଣିବା ମାତ୍ରେ କହିଲା, ''କିପରି ତୁମ ଶ୍ରୀରାମ ରକ୍ଷା କରିବେ ଦେଖିବି ।'' ଏହା କହି ଗୁଳି ଫାୟାର କଲା । ବହୁତ ଜୋର୍‌ରେ ଶବ୍ଦ ହେଲା, କିନ୍ତୁ ଗୁଳି ଫାୟାର ହେଲା ନାହିଁ । ବନ୍ଧୁକ ନଳି ଫାଟିଗଲା, ଶିକାରୀ ପଛଆଡ଼କୁ କଚାଡ଼ି ହୋଇ ପଡ଼ିଲା । ସଚେତ ହୋଇ ମହାରାଜଜିଙ୍କ ପାଖକୁ ଆସିବାରୁ ଶ୍ରୀ ମହାରାଜଜି କହିଲେ, ''ଆରେ ବେହୋସ୍ ତୁ ହୋସ୍ କର୍‌ତା ନେହିଁ, ଦୋଷ୍ ତୁ ଦେଗା କୌନ୍‌କାରେ ?'' ଅର୍ଥାତ୍, ''ଆରେ, ଅଚେତ ତୁ ସଚେତ ନ ହେଲେ ଦୋଷ କାହାକୁ ଦେବୁ ? ଅର୍ଥାତ୍ ତୋର ମୃତ୍ୟୁ ଆଉ ଚାରିଦଣ୍ଡ ବାକି ଅଛି । ଯଦି ଜୀବନର ସୁଧାର କରିବାକୁ ଚାହୁଁ ତେବେ ଶୀଘ୍ର ରାମମନ୍ତ୍ର ଉପଦେଶ ନେଇ ଜପ କର ।'' ସେ ଶୁଣିବା ମାତ୍ରେ ମହାରାଜଙ୍କଠାରୁ ମନ୍ତ୍ର ଉପଦେଶ ନେଇ ସରଯୁକୂଳେ ବସି ଏକାଗ୍ର ମନରେ ଜପ କଲା । ଜପ କରୁ କରୁ କିଛି ସମୟ ପରେ ଶରୀର ତ୍ୟାଗ କରି ପରଲୋକ ଗମନ କଲା । ସନ୍ଥମାନେ ତା' ଶବକୁ ସରଯୁ ଜଳରେ ସଂସ୍କାର କରିଦେଲେ । ସମସ୍ତ ଜୀବନ ଜୀବହିଂସାକାରୀ ପାପୀ ଶ୍ରୀ ମହାରାଜଙ୍କ କୃପାରୁ କିଛି କ୍ଷଣ ମଧ୍ୟରେ ଉଦ୍ଧାର ହୋଇଗଲା । ଏହାହିଁ ସନ୍ଥଙ୍କର ଅହେତୁକୀ କୃପା ।

ଶ୍ରୀ ମହାରାଜଙ୍କ ଦର୍ଶନକୁ କାଶ୍ମୀରରୁ ତତ୍‌କାଳୀନ ରାଜା ଏବଂ ଅନ୍ୟାନ୍ୟ ରାଜାମାନେ ବରାବର ଆସୁଥିଲେ । ଥରେ ଜଣେ ରାଜା ଆସିବା ଖବର ପାଇ ଶ୍ରୀ ମହାରାଜଜି କିଛି ଜମିରେ ଶିଷ୍ୟଙ୍କ ଦ୍ୱାରା ଚୌକା ଲଗାଇଦେଲେ । ଚୌକା ଲାଗିବା ଦେଖି ରାଜା ପଚାରିଲେ, ''ଏହି ଚୌକା କାହିଁକି ଲାଗୁଛି ?'' ଶ୍ରୀ ମହାରାଜଜି ପରିହାସରେ ଉତ୍ତର ଦେଲେ, ''ରାଜାମାନଙ୍କୁ ଭୂମି କମ୍ ପଡ଼େ । ସେଥିପାଇଁ ତୁମକୁ ଏତକ ଭୂମି ଦେଉଛି ।'' ଏକଥା ଶୁଣି ରାଜା ହସିବାକୁ ଲାଗିଲେ । କ୍ରମଶଃ ଶ୍ରୀମହାରାଜଜିଙ୍କ ଦର୍ଶନକୁ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ଲୋକ ଆସିଲେ । ଛାଉଣୀ ସବୁ ସମୟରେ ଲୋକାରଣ୍ୟ । ଭୋଜନ ପଙ୍‌କ୍ତି ଅଧିକାଧିକ ବିସ୍ତାର ହେଲା । ଶ୍ରୀ ମହାରାଜଙ୍କର ବୈରାଗୀ ଓ ଗୃହସ୍ଥ ଶିଷ୍ୟ ଲକ୍ଷାଧିକ ଥିଲେ । ତାଙ୍କ କୃପାରୁ କେତେ ପାପୀ ତାପୀ ଦୁରାଚାରୀ ବ୍ୟକ୍ତି ଉଦ୍ଧାର ହେଲେ । ତାଙ୍କ ଉପସ୍ଥିତିରେ ଦେବା ବ୍ୟତୀତ ନାହିଁ ଶବ୍ଦ ନ ଥିଲା ।

ଶ୍ରୀ ମହାରାଜ ଶେଷ ସମୟ ପର୍ଯ୍ୟନ୍ତ ଦିନେ ହେଲେ କେବେ ରୋଗଗ୍ରସ୍ତ ହୋଇ ନ ଥିଲେ । ଶରୀର ସୁସ୍ଥ ସବଳ ଥିଲା । ସେ ଶେଷ ପର୍ଯ୍ୟନ୍ତ ସରଯୁସ୍ନାନ ଓ ନିଜର ନିତ୍ୟକର୍ମ କରି ନେଉଥିଲେ । ପ୍ରଥମରେ ସେ ନିଜ ହାତରେ ରୋଷେଇ କରି ଭଗବାନଙ୍କୁ ଅର୍ପଣ କରି ଭୋଜନ କରୁଥିଲେ । ପରେ ତାଙ୍କ ଗାଦିର ମହନ୍ତ ଶ୍ରୀ ଜଗନ୍ନାଥ ଦାସଜି ତାଙ୍କ ସକାଶେ ରୋଷେଇ କରି ଦେଉଥିଲେ । ଗହମ ଧୁଆ ହୋଇ ମାଛି ନ ବସିବ ବୋଲି ଜାଲ ତଳେ ଶୁଖା ହେଉଥିଲା । ତାଙ୍କ ଖାଦ୍ୟଦ୍ରବ୍ୟରେ ମାଛି ବସିଲେ ସେ ଭୋଜନ କରୁ ନ ଥିଲେ ଓ ପ୍ରତିଦିନ ସନ୍ଥଙ୍କ ପଙ୍ଗତ ସମୟରେ ସ୍ୱୟଂ ଛିଡ଼ା ହୋଇ ଦେଖୁଥିଲେ ଏବଂ ପରିବେଷଣ କରାଉଥିଲେ । ଦରିଦ୍ରଠାରୁ ଅମିର ପର୍ଯ୍ୟନ୍ତ ଯେ କେହି ଆସୁଥିଲା ତାକୁ ଭୋଜନ ମିଳୁଥିଲା । ସାଧୁମାନେ ଜୋର୍‌ରେ ଡାକୁଥିଲେ, ''ଯେ କେହି ଭୋଜନ କରିବାକୁ ଚାହେଁ ଆସ ।'' ଦିନେ ଆଗ୍ରାର ଜନୈକ ପୂଜାରୀ ଦୁଇଟି ଚିତ୍ରପଟ ତିଆରି କରିଆଣି ଶ୍ରୀ ମହାରାଜଜିଙ୍କୁ ଅର୍ପଣ କଲେ । ଗୋଟିଏ ଚିତ୍ରପଟରେ ସୁନ୍ଦର ମୋଟା ଅକ୍ଷରରେ ଲେଖାଥିଲା 'ରଘୁନାଥ' । ଏହି ଅକ୍ଷର ମଧ୍ୟରେ ଭଗବାନଙ୍କ ଚବିଶ ଅବତାର ଅଙ୍କିତ ହୋଇଥିଲା ।

ଅନ୍ୟ ଚିତ୍ରପଟରେ ନିମ୍ନଲିଖିତ ଶ୍ଲୋକଟି ଲେଖାଥିଲା :

କନକ-କୁଣ୍ଡଳ-ମଣ୍ଡିତ-ଗଣ୍ଡୟା
ଜଘନ-ଦେଶ-ନିବେଶିତ-ବୀଣୟା
ଅମର-ରାଜପୁରେଶ୍ୱର-କନ୍ୟୟା
ତବ ୟଶୋ ବିମଳଂ ପରିଗୀୟତେ ॥

ଏହି ଚିତ୍ରପଟ ଦେଖିବା ସଙ୍ଗେ ସଙ୍ଗେ ଶ୍ରୀ ମହାରାଜଜି କହିଲେ, ''ସାକେତ ଯିବାର ସମୟ ଆସିଗଲା ।'' ସେହି ଦିନଠାରୁ କ୍ରମଶଃ ମଠର ସମସ୍ତ ଦାୟିତ୍ୱ ତାଙ୍କ ଶିଷ୍ୟ ଜଗନ୍ନାଥ ଦାସଙ୍କୁ ଦେଇଦେଲେ ।

ବିକ୍ରମ ସମ୍ୱତ୍ ୧୯୩୯ ପୌଷ ଶୁକ୍ଳ ଦଶମୀ ଦିନ ସରଯୁ-ସ୍ନାନ କରିଆସି ଧ୍ୟାନସ୍ଥ ହୋଇ ବସିଗଲେ । ଦିନ ଏଗାର ଘଣ୍ଟା ସମୟରେ ପଚାରିଲେ, ''ଦଶମୀ ଆଉ କେତେ ସମୟ ବାକି ଅଛି ?'' ଜଣେ ଶିଷ୍ୟ ଉତ୍ତର ଦେଲେ, ''ଦଶମୀ ଶେଷ ହୋଇ ଏକାଦଶୀ ଆରମ୍ଭ ହୋଇଗଲାଣି ।'' ଏହା ଶୁଣିବାମାତ୍ରେ ସେ ସମାଧିସ୍ଥ ହୋଇଗଲେ । ସେହି ସମାଧି ହେଲା ମହାସମାଧି । ସେ ସମାଧି ଆଉ କେବେ ଭଙ୍ଗ ହୋଇ ନାହିଁ । ସେ ସେହି ସମାଧି ଅବସ୍ଥାରେ ଏହି ପଞ୍ଚ ଭୌତିକ ଶରୀର ତ୍ୟାଗ କରି ଦିବ୍ୟ ଚିନ୍ମୟ ଶରୀରରେ ଶ୍ରୀ ସୀତାରାମଙ୍କ ନିତ୍ୟ ଶାଶ୍ୱତ ସେବାପ୍ରାପ୍ତ ହେଲେ । ସେହି ସମୟରେ ମୋର ଗୁରୁଦେବ ସେଠାରେ ଉପସ୍ଥିତ ଥିଲେ । ସେ କହୁଥିଲେ, ''ଶ୍ରୀ ମହାରାଜଜି ମହାସାମାଧିରେ ଶରୀର ତ୍ୟାଗ କରିବା ସମୟରେ ତାଙ୍କ ହୃଦୟ ନୀଳ ଜ୍ୟୋତିଃରେ ଦେଦୀପ୍ୟମାନ ହୋଇଉଠିଲା ।'' ଏହି ଜ୍ୟୋତିଃକୁ ସେ ସମୟରେ ଉପସ୍ଥିତ ସମସ୍ତ ବ୍ୟକ୍ତି ଦର୍ଶନ କରିଥିଲେ । ଏପରି ମହାପୁରୁଷମାନେ ଭଗବାନଙ୍କ ନିର୍ଦ୍ଦେଶରେ ଲୋକକଲ୍ୟାଣାର୍ଥେ ଏହି ପୃଥିବୀକୁ ଆସନ୍ତି ।

ମୁଁ ଓଡ଼ିଶାରୁ ଯାଇ ମୋର ଗୁରୁଦେବ ରାମଘାଟନିବାସୀ, ଅଯୋଧ୍ୟାବାସୀ ପ୍ରସିଦ୍ଧ ମହାତ୍ମା ଶ୍ରୀ ମୌନିଜି ମହାରାଜଙ୍କ ସେବାରେ ଥିଲି । ମୋର ଗୁରୁ ଥିଲେ ସିଦ୍ଧ ରଘୁନାଥ ଦାସ ମହାରାଜଙ୍କ ଶିଷ୍ୟ । ତାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ମୋ ଗୁରୁଦେବ ଏବଂ ବାବା ମଧୁସୂଦନ ଦାସ, ମାତ୍ର ଏହି ମହାପୁରୁଷ ଦୁଇଜଣ ଜୀବିତ ଥିଲେ । ବାବା ମଧୁସୂଦନ ଦାସଜି ରହୁଥିଲେ ମହାରାଜଙ୍କ ଗାଦି ବଡ଼ଛାଉଣୀରେ । ମୋର ଗୁରୁଦେବ ମୌନୀ ବାବା ରହୁଥିଲେ ରାମ ଘାଟରେ । କେବେ କେବେ ବାବା ମଧୁସୂଦନ ଦାସ ମୋର ଗୁରୁଦେବଙ୍କ ପାଖକୁ ଆସି ଦୁଇ, ତିନି ଦିନ ରହୁଥିଲେ । ସେମାନଙ୍କ ଗୁରୁଭାଇ ମଧ୍ୟରୁ କେବଳ ସେହି ଦୁଇଜଣ ଜୀବିତ ଥିଲେ ଏବଂ ପୂର୍ବେ ଏକ ସଙ୍ଗେ ବହୁଦିନ ନିବାସ ତଥା କାର୍ଯ୍ୟକ୍ରମ କରିବାରୁ ପରସ୍ପର ମଧ୍ୟରେ ବିଶେଷ ଘନିଷ୍ଠତା ଥିଲା । ଦୁଇ ଗୁରୁଭାଇଙ୍କର ଏକତ୍ର ମିଳନ ହେଲେ ବାବା ରଘୁନାଥ ଦାସଜି ମହାରାଜଙ୍କ ଜୀବନ ଘଟନା ଚର୍ଚ୍ଚା କରନ୍ତି । କେବେକେବେ ସେହି ଚର୍ଚ୍ଚାରେ ଏପରି ତନ୍ମୟ ହୋଇଯାଆନ୍ତି ଯେ ଅର୍ଦ୍ଧରାତ୍ରି ହୋଇଯାଏ । ମୁଁ ଗୁରୁଦେବଙ୍କ ସେବାରେ ଥାଏ । ସେଥିସକାଶେ ମୋତେ ତାଙ୍କ ସମୀପରେ ରହିବାର ସୁଯୋଗ ମିଳେ । ମୁଁ ନୀରବରେ ବସି ସବୁ ଘଟନା ଶୁଣୁଥାଏ । ସେହି ଶୁଣିବା ଘଟନା ତଥା ''ରଘୁନାଥ ହାଟ'' ନାମରେ ବାବା ରଘୁନାଥ ଦାସଙ୍କ ଜୀବନଚରିତ ଏବଂ ମୋର ଗୁରୁଦେବଙ୍କ ବିରଚିତ ''ବିଶ୍ରାମ ସାଗର'' ଗ୍ରନ୍ଥରେ ଯାହା ବର୍ଣ୍ଣନା ହୋଇଥିଲା । ସେହିସବୁ ସତ୍ୟ ଘଟନା ଅବଲମ୍ବନରେ ଏହି ଗ୍ରନ୍ଥଲେଖା ଭଗବତ୍ କୃପାରୁ ସମାପ୍ତ ହେଲା । ଏଥିରେ ସମସ୍ତ ସତ୍ୟ ଘଟନା ବର୍ଣ୍ଣନା କରିବାକୁ ପ୍ରୟାସ କରାହୋଇଛି । ଏହି କ୍ଷୁଦ୍ର ଲେଖାଟିକୁ ଜଗତ୍‌ପିତା ଓ ଜଗଜ୍ଜନନୀଙ୍କ ଚରଣରେ ଅର୍ପଣ କରୁଅଛି ।

ଭକ୍ତ ଚରିତମାଳା

ପ୍ରକାଶକଙ୍କ ଟିପ୍‌ପଣୀ

ନବଜ୍ୟୋତି (ତ୍ରୈମାସିକ) ପତ୍ରିକାରେ ୧୯୬୬ ନଭେମ୍ବରଠାରୁ ୧୯୬୮ ନଭେମ୍ବର ପର୍ଯ୍ୟନ୍ତ ଧାରାବାହିକ ଭାବେ ପ୍ରକାଶିତ ଶ୍ରୀ ରାମକୃଷ୍ଣ ଦାସଙ୍କ ଲିଖିତ ୬ଟି ଭକ୍ତଚରିତର ସମାହାରରେ 'ଭକ୍ତଚରିତମାଳା' ନାମରେ ଏକ କ୍ଷୁଦ୍ର ପୁସ୍ତକ ୧୯୭୪ ମସିହାରେ ପ୍ରକାଶ ହୋଇଥିଲା । ଉକ୍ତ ପୁସ୍ତକଟି ଓଡ଼ିଶାର ଜନସାଧାରଣଙ୍କଠାରେ ଅତ୍ୟନ୍ତ ଆଦୃତ ହୋଇଥିଲା ଓ ଖୁବ୍ ଶୀଘ୍ର ଏହାର ପ୍ରଥମ ମୁଦ୍ରଣ ବିକ୍ରି ହୋଇ ଯାଇଥିବାରୁ ଏହାର ଦ୍ୱିତୀୟ ମୁଦ୍ରଣ ସମୟରେ 'ନବଜ୍ୟୋତି'ରେ ୧୯୬୯ ଠାରୁ ୧୯୭୪ ପର୍ଯ୍ୟନ୍ତ ଧାରାବାହିକଭାବେ ପ୍ରକାଶିତ ଲେଖକଙ୍କର ଅବଶିଷ୍ଟ ଭକ୍ତଚରିତଗୁଡ଼ିକୁ ନେଇ ଉକ୍ତ ପୁସ୍ତକର ଏକ ପରିବର୍ଦ୍ଧିତ ସଂସ୍କରଣ ପ୍ରକାଶ କରାଯାଇଥିଲା । ଏଥର ଏହାର ତୃତୀୟ ମୁଦ୍ରଣ ପ୍ରକାଶ ପାଉଛି । ଆଶା କରୁଛୁ, ଭକ୍ତିରସରେ ରସାଣିତ ଏହି 'ଭକ୍ତଚରିତମାଳା' ପୁସ୍ତକଟି ଓଡ଼ିଶାର ଜନସାଧାରଣଙ୍କୁ ଭଗବତ୍ ପ୍ରେମରେ ଉଦ୍‌ବୁଦ୍ଧ କରିବ ।

– ପ୍ରକାଶକ

ବାଳକ ଭକ୍ତ ରଙ୍ଗନାଥ

ଭଗବାନଙ୍କ ଚରିତ ଯେପରି ଅପାର ସମୁଦ୍ର, ଭକ୍ତଙ୍କ ଚରିତ ମଧ୍ୟ ସେହିପରି ଅଗମ୍ୟ ଅରଣ୍ୟ । ମନ-ବୁଦ୍ଧିରେ ତାହାର ଥଳ ପାଇବା ଅସମ୍ଭବ । ବ୍ୟକ୍ତି ଯେତେ ଗଭୀର ଚେତନାରେ ପ୍ରବେଶ କରେ ସେହି ଅନୁସାରେ ଭଗବାନ୍ ଏବଂ ଭକ୍ତଙ୍କ ଚରିତ ହୃଦୟଙ୍ଗମ କରିବାକୁ ଆରମ୍ଭ କରେ । ଯେପରି ବହୁମୂଲ୍ୟ ମଣିମାଣିକ୍ୟ ଓ ସୁବର୍ଣ୍ଣର ନାନାବିଧ ବସ୍ତୁର ଭଣ୍ଡାର ଘର ମଧ୍ୟରେ ଥାଇ ବାହାରର ଦ୍ୱାର ବନ୍ଦ ଥାଏ; ଘର ମଧ୍ୟରେ ଥିବା ବହୁମୂଲ୍ୟ ରତ୍ନ ସମ୍ବନ୍ଧେ ଅଜ୍ଞାତ ଥିବା ବ୍ୟକ୍ତି ସାଧାରଣ ଘର ବୋଲି ମନେକରେ, ଠିକ୍ ସେହିପରି ସାଧାରଣ ଚେତନାରେ ଥିବା ବ୍ୟକ୍ତି ଭଗବାନ୍ ଏବଂ ଭକ୍ତଙ୍କ ଆନ୍ତର ଅବସ୍ଥା ଜାଣି ନ ପାରି ସେମାନଙ୍କ ବାହ୍ୟ ଶାରୀରିକ ବ୍ୟବହାରରୁ ସାଧାରଣ ମନୁଷ୍ୟ ବୋଲି ଧାରଣା କରେ ଏବଂ ସେମାନଙ୍କ କରୁଣାରୁ ବଞ୍ଚିତ ହୁଏ । ଏଥିରେ ଲାଭବାନ୍ ହୁଅନ୍ତି ନମନୀୟ ସ୍ୱଭାବର ବ୍ୟକ୍ତି ।

ଭଗବାନ୍ ଭକ୍ତ ସହିତ କିପରି ସମ୍ବନ୍ଧ ରଖନ୍ତି, କିପରି ବ୍ୟବହାର କରନ୍ତି, କେଉଁ ପ୍ରଣାଳୀରେ କୃପା କରନ୍ତି, ତାହା ଜାଣିବା ଅସମ୍ଭବ । ଭଗବାନଙ୍କର ପ୍ରତ୍ୟେକ ଭକ୍ତ ସହିତ ସମ୍ବନ୍ଧ ଭିନ୍ନ, ଏକଠାରୁ ଅନ୍ୟର ପୂର୍ଣ୍ଣତଃ ପୃଥକ୍ ଏବଂ ବହୁ କ୍ଷେତ୍ରରେ ବିପରୀତ । କେଉଁ ଭକ୍ତର ଭାବରେ ବଶ ହୋଇ ଶିଶୁରୂପେ ସ୍ତନ୍ୟ ପାନ କରନ୍ତି, କଥା କହିବା ଶିଖନ୍ତି, ତାଳିରେ ନାଚନ୍ତି, ତର୍ଜନାରେ ଭୟଭୀତ ହୁଅନ୍ତି । କେଉଁ ଭକ୍ତ ପାଖରେ ଷୋଡ଼ଶପ୍ରକାର ପୂଜା ପାଆନ୍ତି । କେଉଁ ଭକ୍ତ ଘରେ ଚାକିରି କରି ସଞ୍ଜୁଡ଼ି ବାସନ ଧୋଇବାଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ କରନ୍ତି । କେଉଁ ଭକ୍ତ ଜ୍ଞାନପ୍ରାପ୍ତ ହୋଇ ଭଗବାନଙ୍କୁ ଜାଣି ଶରଣାପନ୍ନ ହୁଏ । କେଉଁ ଭକ୍ତକୁ ନିଜେ ଅଥବା ନିଜର ଭକ୍ତ ଦ୍ୱାରା ଆଣି ଶରଣାପନ୍ନ କରାନ୍ତି । ଆଜି ଯେଉଁ ଭକ୍ତଙ୍କ ଚରିତ ଗାନ କରିବା ତାଙ୍କୁ ବାଲ୍ୟାବସ୍ଥାରୁ ଭଗବାନ୍ ନିଜ ଭକ୍ତ ଦ୍ୱାରା ଆଣି ପାଳନ ପୋଷଣ କରାଇ ନିଜ ଅଭିମୁଖୀ କରାଇଥିଲେ ।

ଦକ୍ଷିଣ ପ୍ରଦେଶରେ କରବିର (କୋହ୍ଲାପୁର) ପାଖରେ ଉର୍ଣ୍ଣାନଦୀ କୂଳରେ ଗୋଟିଏ ଗ୍ରାମରେ ଏକ ବ୍ରାହ୍ମଣପରିବାର ରହୁଥିଲେ । ସ୍ତ୍ରୀ-ପୁରୁଷ ଦୁଇଜଣ, ସେମାନଙ୍କର ଗୋଟିଏ ଶିଶୁ ଥିଲା । ବ୍ରାହ୍ମଣଦମ୍ପତି ଥିଲେ ସଦାଚାରୀ ଏବଂ ଧର୍ମପରାୟଣ । ଘରେ ଶାଳଗ୍ରାମ ପୂଜା ହେଉଥିଲା, ତୁଳସୀ ଚଉରା ଥିଲା । ବ୍ରାହ୍ମଣୀର ହୃଦୟ ଯେପରି ଶୁଦ୍ଧ ଥିଲା ସେ ସେହିପରି ଘରଦ୍ୱାର ପରିଷ୍କାରପରିଚ୍ଛନ୍ନ ରଖୁଥିଲା । ଏକ ଅନ୍ୟକୁ ସୁଖରେ ରଖିବାକୁ ବରାବର ଚେଷ୍ଟା କରୁଥିଲେ । ଦୁଇଜଣଙ୍କ ମଧ୍ୟରେ ଥିଲା ଧାର୍ମିକ, ଅକୃତ୍ରିମ ପ୍ରେମ । ସେହି ସକାଶେ ସେମାନଙ୍କ ଜୀବନ ଥିଲା ସୁଖଶାନ୍ତିମୟ ।

ସୁଖଦିନ ସବୁ ସମୟରେ ସ୍ଥାୟୀ ହୋଇ ରହେ ନାହିଁ । ଦିନ ପରେ ରାତି, ରାତି ପରେ ଦିନ, ଶଗଡ଼ ଚକ ସଦୃଶ ତଳ ଉପର ହେଉଥାଏ । ଏହାହିଁ ସାଂସାରିକ ସୁଖର ସ୍ୱରୂପ । ଆଜି ଯେଉଁ ବସ୍ତୁରେ ବ୍ୟକ୍ତି ସୁଖ ଅନୁଭବ କରେ, କାଲି ତାହା ନାଶ ହେଲେ ଦୁଃଖରେ ଜର୍ଜରିତ ହୋଇପଡ଼େ । ସାଂସାରିକ ବସ୍ତୁ ନାଶବାନ୍, ଦୁଃଖଶୋକର କାରଣ । କେବଳ ଶାଶ୍ୱତ ସୁଖ ଭଗବାନ୍ ।

ମନୁଷ୍ୟ ସୁଖ ଆଶାରେ ସମସ୍ତ କର୍ମ କରେ, ନାନାପ୍ରକାର ସଂକଳ୍ପ କରେ; କେବେ ଦୁଃଖର ନାମ ବି ନିଏ ନାହିଁ । ମୃତ୍ୟୁ ଶିର ଉପରେ ନୃତ୍ୟ କରୁଥାଏ, ବଳିପଶୁ ତୃଣ ଚରିବା ସଦୃଶ ସେ ସୁନ୍ଦର ଘର କରେ, ବାଗ୍‌ବଗିଚା ଲଗାଏ, ଭୋଗବିଳାସର ସାମଗ୍ରୀ ପ୍ରସ୍ତୁତ କରୁଥାଏ । ହଠାତ୍ ଦିନେ ଖବର ନ ଦେଇ ମୃତ୍ୟୁ ଆସି ପ୍ରାଣକୁ ନେଇ ଚାଲିଯାଏ । ତା'ର ସମସ୍ତ ସୁଖଭୋଗର ସାମଗ୍ରୀ ରହେ ଏହିଠାରେ, ସେ ଦୁଇହାତ ପ୍ରସାର କରି ନିଜ କର୍ମକୁ ସଙ୍ଗରେ ନେଇ ଯାଏ ଅନ୍ୟ ସ୍ଥାନକୁ । ଏହି ବିପତ୍ତି ଆସିଲା ବ୍ରାହ୍ମଣ ପରିବାରରେ । ଗ୍ରାମରେ ଭୟଙ୍କର ହଇଜା ହେଲା । ଦେଖୁ ଦେଖୁ କେତେ ନରନାରୀ, ବାଳକବାଳିକା ମୃତ୍ୟୁମୁଖରେ ପଡ଼ିଲେ । ବ୍ରାହ୍ମଣୀ ମଧ୍ୟ ପତିକୁ ତ୍ୟାଗ କରି ପୁତ୍ରସ୍ନେହରୁ ବଞ୍ଚିତ ହୋଇ, କୋମଳ ଶିଶୁକୁ ନିରାଶ୍ରୟ ଭାବରେ ଛାଡ଼ି ମୃତ୍ୟୁର ଆକ୍ରମଣରେ ସଂସାର ଛାଡ଼ି ଚାଲିଗଲା । ଏହି

ଦୁର୍ଘଟଣାରେ ବ୍ରାହ୍ମଣଙ୍କୁ ହେଲା ଅସହନୀୟ ଦୁଃଖ । ଶିଶୁର ଲାଳନପାଳନର ଭାର ପଡ଼ିଲା ବ୍ରାହ୍ମଣଙ୍କ ଉପରେ । ଏଥିରେ ବି ବିଧାତା ସନ୍ତୁଷ୍ଟ ହେଲା ନାହିଁ । ଅଳ୍ପ କେତେ ଦିନ ମଧ୍ୟରେ ବ୍ରାହ୍ମଣ ମଧ୍ୟ ପଡ଼ିଲେ ହଇଜା କବଳରେ । ନିଷ୍ଠୁର, ନିର୍ଦ୍ଦୟ ମୃତ୍ୟୁ ମାତୃହୀନ ଅରକ୍ଷିତ ଅଢ଼େଇ ବର୍ଷର ଶିଶୁ ଉପରେ ଦୟା ନ କରି ବ୍ରାହ୍ମଣକୁ ଇହଧାମରୁ ନେଇ ଚାଲିଗଲା ।

ଗ୍ରାମର କିଛି ଦୂରରେ ଜଣେ ସଚ୍ଚ ରହୁଥିଲେ । ସେ ଥିଲେ ଉଚ୍ଚକୋଟୀର ମହାତ୍ମା । ସେ ମାୟାମମତାର ଉର୍ଦ୍ଧ୍ୱରେ ଥିଲେ । ତାଙ୍କ ଅନୁଭବରେ ଥିଲା ସଂସାରର ସକଳ ସମ୍ବନ୍ଧ ବନ୍ଧନର କାରଣ । ବ୍ରାହ୍ମଣଦମ୍ପତିଙ୍କର ମୃତ୍ୟୁ ଓ ଶିଶୁର ଅରକ୍ଷିତ ଅବସ୍ଥାର ଖବର ପାଇବାମାତ୍ରେ ତାଙ୍କ ହୃଦୟରେ ଗୋଟିଏ ଦୟାର ସ୍ରୋତ ଉଲ୍ଲୋଳିତ ହୋଇଆସିଲା । ସେ ଦୌଡ଼ିଯାଇ ଅନାଥ ଶିଶୁକୁ ନିଜ କୁଡ଼ିଆକୁ ଘେନି ଆସିଲେ । ସଂସାରତ୍ୟାଗୀ ବୀତରାଗୀ ସଚ୍ଚ ମାତାପିତାଙ୍କଠାରୁ ଶହେଗୁଣ ସ୍ନେହରେ ଶିଶୁକୁ ଲାଳନପାଳନ କଲେ । ଶିଶୁକୁ ସ୍ନାନ କରାଇବା, ରୋଷେଇ କରି ଖୁଆଇବା ଇତ୍ୟାଦି ହେଲା ତାଙ୍କର ପ୍ରଧାନ କାର୍ଯ୍ୟ । ଶିଶୁ ଯେଉଁଥିରେ ପ୍ରସନ୍ନ ରହୁଥିଲା ସେ ସେହିପରି କରୁଥିଲେ । ସ୍ୱାଦିଷ୍ଟ ଫଳ, ବିଭିନ୍ନପ୍ରକାରର ଖେଳଣା ତାକୁ ଯୋଗାଇ ଦେଉଥିଲେ । ତା' ସଙ୍ଗେ ଶିଶୁ ସଦୃଶ ଖେଳି ଆନନ୍ଦିତ ହେଉଥିଲେ ।

ମହାତ୍ମାଙ୍କ କୁଡ଼ିଆ ଗ୍ରାମ ବାହାରେ ନଦୀକୂଳରେ ଏକାନ୍ତରେ ଥିଲା । କୁଡ଼ିଆ ନିକଟରେ କ୍ଷୁଦ୍ର କ୍ଷୁଦ୍ର ମନୋରମ ବଣଜଙ୍ଗଲ ଶୋଭା ପାଉଥିଲା, ବାତାବରଣ ଥିଲା ସାତ୍ତ୍ୱିକ । ମହାତ୍ମା ଭଗବତ୍ ଭଜନରେ ମଗ୍ନ ରହୁଥିଲେ । ଗ୍ରାମଠାରୁ ଦୂରରେ ଥିବାରୁ ସଂସାରୀ ବିଷୟ କାମ, କ୍ରୋଧ, ଲୋଭ, ମୋହ ଆଦି ସେଠାରେ ପ୍ରବେଶ କରିପାରୁ ନ ଥିଲା । କୁତ୍ସିତତା, ଦୂଷିତ ଚେଷ୍ଟା ସେଠାରେ ନ ଥିଲା । ଭୋଗବାସନାର ବସ୍ତୁ ସେଠାରେ ସର୍ବଥା ଅଭାବ ଥିଲା । ସେଠାକୁ ଆସୁଥିଲେ ଭଗବତ୍ ଆଶ୍ରିତ ଭକ୍ତ, ସାଧୁସେବୀ ଏବଂ ସଚ୍ଚରିତ୍ର ବ୍ୟକ୍ତି । ଭୋଜନ ମଧ୍ୟ ଥିଲା ସାତ୍ତ୍ୱିକ । ମହାତ୍ମାଜି ଥିଲେ ଆହାର, ବିହାର, ନିତ୍ୟକର୍ମରେ ମହାନ୍ ନିଷ୍ଠାବାନ୍ । ସେଠାରେ ହେଉଥିଲା ଦିବାରାତ୍ରି ଭଗବତ୍ ଭଜନ, ଧ୍ୟାନ ଏବଂ ଗୁଣାନୁବାଦ । ବାତାବରଣର ବିଶେଷ ପ୍ରଭାବ ଥାଏ । ଯେଉଁ ବାତାବରଣରେ ବ୍ୟକ୍ତି ରହେ ସେହି ବାତାବରଣର ଅଣୁପରମାଣୁ ଦିବାଶର୍ବରୀ ତା' ମଧ୍ୟରେ ପ୍ରବେଶ କରୁଥାଏ, ପ୍ରତି ଶ୍ୱାସପ୍ରଶ୍ୱାସରେ ସେହି ବାତାବରଣର ପ୍ରଭାବକୁ ସେ ଆହରଣ କରୁଥାଏ । ତାହା ସଂସ୍କାରରୂପେ ସଂଗଠିତ ହେଉଥାଏ ନିଜ ଆଧାରରେ ।

ବ୍ୟକ୍ତି ସଂସାର-ପରିବାରରେ ରହିଥାଏ । ହିଂସା, ଦ୍ୱେଷ, ଈର୍ଷ୍ୟା, ବିରୋଧ, କାମ, କ୍ରୋଧ, ଲୋଭ, ମୋହର ବାତାବରଣରେ ଲାଳିତପାଳିତ ହୁଏ । ସେହି ପ୍ରଭାବରେ ଗଠିତ ହୁଏ ତା'ର ଶରୀର । କେହି କେହି ଖୁବ୍ ଭାଗ୍ୟବାନ୍ ବ୍ୟକ୍ତି ଥାଆନ୍ତି, ତାଙ୍କ ଉପରେ ଭଗବାନଙ୍କର ବିଶେଷ କୃପା ଥାଏ । ତାଙ୍କ ଆଧାର ବିଶେଷ ବଳବାନ୍ ସାତ୍ତ୍ୱିକ ତତ୍ତ୍ୱରେ ଗଠିତ ହୋଇଥାଏ, ଭଗବତ୍ କୃପାକବଚ ମାତୃଗର୍ଭରୁ ଆବୃତ ହୋଇଥାଏ । ସେହି ଭାଗ୍ୟବାନ୍ ବ୍ୟକ୍ତି ଦୂଷିତ ବାତାବରଣରେ ଲାଳିତପାଳିତ ହୋଇ ମଧ୍ୟ ସେହି ପ୍ରଭାବରୁ ସର୍ବଥା ସୁରକ୍ଷିତ ଥାଆନ୍ତି । ଏହିପରି ମହାନ୍ ଆତ୍ମାଙ୍କ ସଂଖ୍ୟା ହୁଏ ବହୁତ କମ୍ ।

ଶିଶୁ ମାତାଗର୍ଭରୁ ଦୂଷିତ ବାତାବରଣରୁ ମୁକ୍ତ ଥିଲା । ପିତାମାତା ସାତ୍ତ୍ୱିକ, ସଚ୍ଚରିତ୍ର, ଭଗବତ୍ ଭକ୍ତ ଥିଲେ । ଅଧିକାଂଶ ସମୟରେ ଭଗବତ୍ ଚର୍ଚ୍ଚା ହେଉଥିଲା । ସେମାନଙ୍କ ମୃତ୍ୟୁ ପରେ ଶିଶୁ ଲାଭ କଲା ମହାତ୍ମାଙ୍କ ସୁରକ୍ଷିତ ବାତାବରଣ । ମହାତ୍ମାଙ୍କ ଭଜନ ଓ ସତ୍‌ସଙ୍ଗ ପ୍ରଭାବରେ ଶିଶୁର ଅନ୍ତଃସ୍ଥଳରେ କୌଣସି ଦୂଷିତ ତତ୍ତ୍ୱ ପ୍ରବେଶ କରିପାରିଲା ନାହିଁ । ପୂର୍ବ ସଂସ୍କାରର ଯେଉଁ ଦୋଷ ଥିଲା ତାହା ଅଧ୍ୟାତ୍ମ ବାତାବରଣର ତଳେ ପଡ଼ି ଦବି ରହିଗଲା । ଦୂଷିତ ବିଚାର, ଦୂଷିତ ଭାବନା, ଦୂଷିତ କ୍ରିୟା ସହ ସେ ଏକେବାରେ ଅପରିଚିତ ରହିଲା । ମହାତ୍ମା ତାଙ୍କୁ ବିଦ୍ୟାଧ୍ୟୟନ କରାଇବା ସଙ୍ଗେ ଅଧ୍ୟାତ୍ମ ଶିକ୍ଷା ଦେଉଥିଲେ । ଶିଶୁର ପୂର୍ବଜନ୍ମର ଉତ୍ତମ ସଂସ୍କାର ଥିଲା ଅଥବା ମହାତ୍ମାଜିଙ୍କର ପୂର୍ବଜନ୍ମର କୌଣସି ସମ୍ବନ୍ଧ ଥିଲା କିଂବା ଭଗବତ୍ ପ୍ରେରଣା ଥିଲା, କହିବା କଠିନ । ଯେଉଁ କାରଣରୁ ହେଉ, ମହାତ୍ମାଜି ଚାହୁଁଥିଲେ, ତାଙ୍କୁ ଯେଉଁସବୁ ଜ୍ଞାନ ପ୍ରାପ୍ତ ଥିଲା ସେସବୁକୁ ବାଳକର ଆଧାରରେ ଏକସଙ୍ଗେ ଢାଳିଦେବାକୁ । ବାଳକର ମଧ୍ୟ ମହାତ୍ମାଜିଙ୍କ ପ୍ରତି ଅକୃତ୍ରିମ ଶ୍ରଦ୍ଧା, ଭକ୍ତି, ନିଷ୍ଠା ଥିଲା । ସେହି କାରଣରୁ ମହାତ୍ମାଙ୍କ ପ୍ରଦତ୍ତ ଜ୍ଞାନ, ଭକ୍ତିକୁ ସେ ଗ୍ରହଣ କରିପାରୁଥିଲା । ଏହାର ଫଳସ୍ୱରୂପ ଷୋଳବର୍ଷ ବୟସରେ ସେ ଜଣେ ମହାନ୍ ସାଧକ ହୋଇପାରିଥିଲେ । ତାଙ୍କ ହୃଦୟ-ମନ୍ଦିରରେ

ଭକ୍ତି-ମନ୍ଦାକିନୀର ସ୍ରୋତ ପ୍ରବାହିତ ହୋଇଥିଲା । ଜ୍ଞାନର ପ୍ରକାଶରେ ଅନ୍ତର ଓ ବାହାର ଦେଦୀପ୍ୟମାନ ହୋଇଉଠିଲା । ଆଚରଣ ହୋଇଉଠିଲା ସତ୍ୟ । ତାଙ୍କ ବାକ୍ୟ ଅମୋଘ । ମୁଖରୁ ଯାହା ଉଦ୍‌ଗାରିତ ହେଉଥିଲା ତାହା ହେଉଥିଲା ସତ୍ୟ । ତାଙ୍କର ମନ-ପ୍ରାଣର ବାସନାକାମନା ଅନ୍ତରାତ୍ମାର ଅଭୀପ୍‌ସାଗ୍ନିରେ ଭସ୍ମ ହୋଇ ଯାଇଥିଲା । ସେ ଅନ୍ତର ଓ ବାହାରେ ହେଲେ ଯଥାର୍ଥ ମହାତ୍ମା । ଭକ୍ତିରେ ତାଙ୍କ ହୃଦୟ ହୋଇଉଠିଲା ବିଶାଳ ଏବଂ ମହାନ୍, ବ୍ରହ୍ମତେଜଃରେ ଶରୀର ହେଲା ସମୁଜ୍ଜ୍ୱଳ ।

ଏହି ସଂସାର ମୃତ୍ୟୁଭୂମି । ଏଠାରେ ମୃତ୍ୟୁ ଅନିବାର୍ଯ୍ୟ । ଭକ୍ତ, ମହାତ୍ମା, ଜ୍ଞାନୀ, ରାଜା, ରଙ୍କ ସମସ୍ତଙ୍କ ମସ୍ତକରେ ମୃତ୍ୟୁ ନୃତ୍ୟ କରିଥାଏ । ସମୟ ଆସିଲେ ଗୋଟିଏ ମିନିଟ ବିଳମ୍ବ ନ କରି ନେଇଚାଲିଯାଏ । ମହାତ୍ମାଙ୍କର ସମୟ ଆସିଲା । ସେ ଏହି ନଶ୍ୱର ଶରୀର ପରିତ୍ୟାଗ କରି ଭଗବାନଙ୍କ ପରମଧାମକୁ ଚାଲିଗଲେ । ମାତାପିତାବିହୀନ ନିରାଶ୍ରୟ ବାଳକର ସରଳ କୋମଳ ହୃଦୟରେ ବଜ୍ରପାତ ହେଲା । ମହାତ୍ମା ଥିଲେ ତାଙ୍କର ପିତା, ମାତା, ଗୁରୁ ତଥା ସର୍ବସ୍ୱ । ତାଙ୍କର ଚିରବିୟୋଗରେ ବାଳକର ହୃଦୟ ବିଦୀର୍ଣ୍ଣ ହୋଇଯାଇଥାଆନ୍ତା, କିନ୍ତୁ ମହାତ୍ମାଙ୍କର କୃପା ତଥା ଭଗବତ୍ ଭକ୍ତିର ପ୍ରଭାବରୁ ଏହି ଦାରୁଣ ବେଦନାକୁ ସେ ସହର୍ଷେ ବରଦାସ୍ତ କରିପାରିଥିଲେ ।

ମହାତ୍ମା ତାଙ୍କୁ ରଙ୍ଗନାଥ ନାମରେ ଡାକୁଥିଲେ । ଏହି ନାମରେ ସେ ପ୍ରସିଦ୍ଧ ହେଲେ । ତାଙ୍କର ବୟସ ସେତେବେଳେ ଷୋହଳ । ମହାତ୍ମାଜି ଥିବା ସମୟରେ ରଙ୍ଗନାଥଙ୍କ ହୃଦୟରେ ଭଗବତ୍ ଭକ୍ତି, ପ୍ରେମ, ଜ୍ଞାନ ଢାଳିଦେଇଥିଲେ । ସେ ଚାଲିଗଲା ପରେ ତାହା ସ୍ୱତଃସ୍ଫୂର୍ତ୍ତଭାବେ ପ୍ରବାହିତ ହେବାକୁ ଲାଗିଲା । ରଙ୍ଗନାଥ ସେହି ଚେତନା-ସ୍ରୋତରେ ଦିନରାତି ଡୁବି ରହିଲେ । ଯାହା ଅଯାଚିତଭାବେ ପ୍ରାପ୍ତ ହେଉଥିଲା ସେ ଭୋଜନ କରିନେଉଥିଲେ, ସମସ୍ତ ସମୟ ଭଗବତ୍ ଭଜନ, ଧ୍ୟାନ, ସ୍ମରଣରେ ବ୍ୟତୀତ କରୁଥିଲେ । ତାଙ୍କର ଏହି ସାଧନନିଷ୍ଠା କ୍ରମଶଃ ପ୍ରସାରିତ ହେବାକୁ ଲାଗିଲା । ଦୁଃଖତାପ-ପୀଡ଼ିତ ତଥା ଭଗବତ୍‌ପ୍ରାପ୍ତି-ଅଭୀପ୍ସୁ ବ୍ୟକ୍ତି ତାଙ୍କ ଦର୍ଶନକୁ ଆସିଲେ । ସେମାନଙ୍କ ପ୍ରାର୍ଥନା ସ୍ୱୀକାର କରି ଦିନରାତି ଅଷ୍ଟପ୍ରହର ମଧ୍ୟରୁ ଏକ ପ୍ରହର କୁଡ଼ିଆ ଭିତରୁ ବାହାରକୁ ଆସି ଭଗବତ୍ ଚର୍ଚ୍ଚା ତଥା ଉପଦେଶରେ ଦୁଃଖକଷ୍ଟପୀଡ଼ିତ ବ୍ୟକ୍ତିଙ୍କୁ ଆନନ୍ଦ ପ୍ରଦାନ କଲେ । ବାକୀ ସମୟ ଏକାନ୍ତରେ ଭଗବତ୍ ଆନନ୍ଦରେ ତଲ୍ଲୀନ ରହିଲେ ।

ରଙ୍ଗନାଥଙ୍କର ବାକ୍‌ସିଦ୍ଧି ତୀବ୍ରଭାବେ ଚତୁର୍ଦିଗରେ ପ୍ରସାରିତ ହୋଇଗଲା । ଏହା ଶୁଣି ଥରେ ଗୋଟିଏ ବ୍ୟକ୍ତି ରଙ୍ଗନାଥଙ୍କ ନିକଟକୁ ଆସି ଧନ ଅଭାବର ଦୁଃଖ ନିବେଦନ କଲେ । ଯଥାର୍ଥରେ ତାଙ୍କର ଧନର ଅଭାବ ଥିଲା, କିନ୍ତୁ ଧନ ଅଭାବର ଦୁଃଖ ନ ଥିଲା, ଦୁଃଖ ଥିଲା ଅଜ୍ଞାନପ୍ରସୂତ କାମନାବାସନା ଏବଂ ଅସନ୍ତୋଷର । ଯେଉଁମାନଙ୍କ ପାଖରେ ପ୍ରଚୁର ଧନ ଥାଏ, ସେମାନେ କ'ଣ ସୁଖ, ଶାନ୍ତି, ଆନନ୍ଦରେ ଥାଆନ୍ତି ? ସେହି ପ୍ରଚୁର ଧନ ଥିବା ସତ୍ତ୍ୱେ ସେମାନେ ଅଭାବ ବୋଧ କରି ଅଧିକ ଧନ ଚାହାନ୍ତି ନାହିଁକି ? ସେହିପରି ଇନ୍ଦ୍ରିୟର ବିଷୟ । ବ୍ୟକ୍ତି ମନେକରେ ଇନ୍ଦ୍ରିୟବିଷୟ-ସେବନରେ ସୁଖ ମିଳେ, କିନ୍ତୁ ଯେତେ ଅଧିକ ବିଷୟ ସେବନ କରେ, ତେତେ ଅଧିକ କ୍ଷୁଧାପିପାସା, କାମନାବାସନା ପ୍ରବଳ ହୁଏ । ପରିଣାମରେ ବ୍ୟକ୍ତି ଉପରେ ଦୁଃଖ, ଶୋକ, ଭୟର ପର୍ବତ ଭାଙ୍ଗିପଡ଼େ । ବ୍ୟକ୍ତି ସେଥିରୁ ମୁକ୍ତ ହୋଇପାରେ ନାହିଁ, ସେହି ଦୁଃଖାଗ୍ନିରେ ଭସ୍ମ ହେଉଥାଏ । ଯଥାର୍ଥରେ ବ୍ୟକ୍ତିର ଆତ୍ମା ଚାହେଁ ପରମାନନ୍ଦ । ଏହାର ସ୍ୱରୂପ ବ୍ୟକ୍ତି ବୁଝି ନ ପାରି ଅଜ୍ଞାନମୋହବଶତଃ ସେହି ପରମାନନ୍ଦକୁ ଚାହେଁ ବିଷୟରେ । ବିଷୟର ପରିଣାମ ସର୍ବଥା ଭୟଙ୍କର ଦୁଃଖ ଏବଂ ଶୋକ । କିନ୍ତୁ ପରମାନନ୍ଦ ପ୍ରାପ୍ତ ହୁଏ ପରମାନନ୍ଦସ୍ୱରୂପ ଭଗବାନଙ୍କୁ ପ୍ରାପ୍ତ ହେଲେ ।

ରଙ୍ଗନାଥଜି ଜ୍ଞାନୀ ମହାତ୍ମା ଥିଲେ । ସେ ସଂସାରମୋହରୁ ମୁକ୍ତ ହୋଇସାରିଥିଲେ । ଦୁଃଖର କାରଣ କାମନାବାସନା ବୋଲି ସେ ଉତ୍ତମ ରୂପେ ବୁଝିପାରିଥିଲେ । ସେ ଧନାର୍ଥୀ ବ୍ୟକ୍ତିଙ୍କୁ ବହୁପ୍ରକାର ବୁଝାଇଲେ, କିନ୍ତୁ ସେଥିରେ ତାଙ୍କୁ ସନ୍ତୋଷ ହେଲା ନାହିଁ । ଶେଷରେ ସେ ବ୍ୟକ୍ତି କହିଲେ, ''ମୁଁ ଧନର କ୍ଷୁଧାର୍ତ୍ତୀ, ଧନଛଡ଼ା ଅନ୍ୟ କୌଣସି ବସ୍ତୁରେ ମୋର ଦୁଃଖ ଦୂର ହେବ ନାହିଁ । ତୁମେ ଥରେ କହିଦିଅ – ମୋର ଖୁବ୍ ଧନ ହୋଇଯାଉ, ବାସ୍, ମୁଁ କୃତକୃତ୍ୟ ହୋଇଯିବି ।''

ମହାତ୍ମା ରଙ୍ଗନାଥଜି ବ୍ୟକ୍ତିର ଆଗ୍ରହରେ ଅପ୍ରସନ୍ନ ନ ହୋଇ ତା' ଅଜ୍ଞାନ ଅବସ୍ଥାରେ ଦୟା କରି ଶାନ୍ତ ମଧୁର ସ୍ୱରରେ କହିଲେ, ''ଭାଇ, ମୁଁ କହିଦେଲେ ତୁମକୁ ଧନ ପ୍ରାପ୍ତ ହେବ, ଏହା କ'ଣ ନିଶ୍ଚିତ ? ଧନପ୍ରାପ୍ତି ବ୍ୟକ୍ତିର ପ୍ରାରବ୍ଧ ଉପରେ ନିର୍ଭର କରେ । ତା'ଛଡ଼ା ମୁଁ ଜାଣୁଛି ଧନପ୍ରାପ୍ତିରେ ତୁମକୁ ସୁଖ ପ୍ରାପ୍ତ ହେବ ନାହିଁ, ହେବ ସନ୍ତୋଷପ୍ରାପ୍ତିରେ । ତୁମେ ନ ଜାଣିଥିବାରୁ ଧନ ଚାହୁଁଛ, ଧନରେ ଦୁଃଖ ମିଳିବ ଜାଣି ମୁଁ ତୁମକୁ ଧନପ୍ରାପ୍ତି ହେଉ ବୋଲି କହିବି କିପରି ? ଆଚ୍ଛା, ମୋ କଥା ଯଦି ବୁଝି ନ ପାରୁଛ ନିଜେ ଦେଖିନିଅ । ତୁମେ ଭଗବାନଙ୍କୁ ପ୍ରାର୍ଥନା କର, ତୁମ ପାଇଁ ଯାହା ଉଚିତ ହେବ, ତା'ର ବ୍ୟବସ୍ଥା ଭଗବାନ୍ କରିବେ ।'' ଏତିକି କହିବା ସଙ୍ଗେ ସଙ୍ଗେ ବ୍ୟକ୍ତିର ଆଖି ବନ୍ଦ ହୋଇଗଲା, ଶରୀରର ସମସ୍ତ ଇନ୍ଦ୍ରିୟର ବହିର୍ମୁଖୀ କ୍ରିୟା ବନ୍ଦ ହୋଇଗଲା । ସେ ପାର୍ଥିବ ଚେତନାକୁ ଅତିକ୍ରମ କରି ଅନ୍ୟ ଚେତନାରାଜ୍ୟରେ ପ୍ରବେଶ କଲେ । ଦେଖିଲେ ବହୁତ ଧନୀ ବ୍ୟକ୍ତିଙ୍କୁ । କେହି 'ନରକ'ରେ ପଡ଼ିଛନ୍ତି, କେହି ଅତ୍ୟନ୍ତ ରୋଗଗ୍ରସ୍ତ ହୋଇ ଶଯ୍ୟାରେ ପଡ଼ି ଦାରୁଣ ଯନ୍ତ୍ରଣା ଭୋଗ କରୁଛନ୍ତି । କୌଣସି ଧନୀ ବ୍ୟକ୍ତି ଅତ୍ୟନ୍ତ ବୃଦ୍ଧ ହୋଇଯାଇ କୁଟୁମ୍ବର ନିରାଦରରୁ ବହୁତ କ୍ଷୁବ୍ଧ ହେଉଛି । ତନ୍ମଧ୍ୟରୁ ଜଣେ ଧନୀ ବ୍ୟକ୍ତି କହିଲେ, ''ଏହି ଧନଲୋଭରୁ ମୁଁ ଯେଉଁ ଜଘନ୍ୟ ପାପ କରିଥିଲି ତା'ର ଫଳସ୍ୱରୂପ ଆଜି ଏହି ନରକ ଭୋଗୁଛି । ଏହି ଯନ୍ତ୍ରଣା ଆଉ ସହ୍ୟ ହେଉ ନାହିଁ । ଏଥିରୁ ଉଦ୍ଧାର ହେବାର କୌଣସି ଉପାୟ ନାହିଁ । ମୁଁ ଯେଉଁ କ୍ରୂର କର୍ମ କରିଥିଲି, ତା'ର ଉଚିତ ଫଳ ପାଇଛି । କେତେ ଗରିବ ବ୍ୟକ୍ତି ଋଣ ପରିଶୋଧ କରିଛନ୍ତି, ସେମାନଙ୍କ ଲିଖିତ ହ୍ୟାଣ୍ଡନୋଟ୍ ଫେରସ୍ତ ନ ଦେଇ ପୁନରାୟ ସେମାନଙ୍କଠାରୁ ମିଥ୍ୟା ମୋକଦ୍ଦମାରେ ଧନ ଆଦାୟ କରିଛି । କେତେକଙ୍କର ଯଥାର୍ଥ ମଜୁରି ଦେଇ ନାହିଁ । ଗରିବ ବ୍ୟକ୍ତିଙ୍କ ସାହାଯ୍ୟ ସକାଶେ ଆସିଥିବା ଦାତବ୍ୟ ଟଙ୍କା ନିଜେ ଆତ୍ମସାତ୍ କରିଛି । ଧାନରେ ଅଗାଡ଼ି ମିଶାଇ କରଜ ଦେଇଛି । ଖାଣ୍ଟି ଜିନିଷରେ ଅନ୍ୟ ଜିନିଷ ମିଶାଇ ଖାଣ୍ଟି ଜିନିଷର ଦାମ୍ ନେଇ ଲୋକଙ୍କୁ ଠକାଇଛି । ଏହିପରି ଧନଲୋଭରେ ନିଜ ସ୍ୱାର୍ଥ ସକାଶେ କେତେ ଲୋକଙ୍କର ଅନିଷ୍ଟ କରିଛି । ସେ ସମୟରେ ଯଦ୍ୟପି ଲୋକମାନେ ମୋତେ ବଡ଼ଲୋକ ବୋଲି ମାନୁଥିଲେ, ତଥାପି ଈର୍ଷ୍ୟା, ବିରୋଧ ଯୋଗୁଁ ହୃଦୟ ଜଳୁଥିଲା । ବର୍ତ୍ତମାନ ତ ଦୁଃଖ କଷ୍ଟର ସୀମା ନାହିଁ ।''

ଅନ୍ୟ ବ୍ୟକ୍ତି କହିଲା – ''ଧନମଦରେ ମତ୍ତ ହୋଇ ଅହଙ୍କାରବଶତଃ କେତେ ଲୋକଙ୍କର କେତେ ଅନିଷ୍ଟ କରିଛି, କେତେ ଦୁଷ୍କର୍ମ କରିଛି; କେତେ କେତେ ଆତତାୟୀ ଡକାୟତଙ୍କୁ ନିଜର ଅନୁଗତ କରିବା ସକାଶେ କୌଶଳରେ ଫାଶୀରୁ ରକ୍ଷା କରିଛି । ନିଜ ପକ୍ଷ ଦୃଢ଼ କରିବା ସକାଶେ ସବୁ ସମୟରେ ଡକାୟତ, ଗୁଣ୍ଡା ତଥା ଅନ୍ୟର ଅନିଷ୍ଟକାରୀ ଦୁଷ୍ଟ ବ୍ୟକ୍ତିଙ୍କୁ ବରାବର ସାହାଯ୍ୟ କରିଛି । ସେହିମାନଙ୍କ ସାହାଯ୍ୟରେ ଅନ୍ୟର ଯେ କେତେ ଅନିଷ୍ଟ କରିଛି ତା'ର ହିସାବ ନାହିଁ । ଏପରି ଜଘନ୍ୟ ପାପ କର୍ମରେ ରତ ଥାଇ ଅନ୍ୟାୟରେ ଉପାର୍ଜିତ ଧନ ମଧ୍ୟରୁ କିଛି ହାସପାତାଳ, ସ୍କୁଲକୁ ଦାନ ଦେଇ ଦାତା ନାମରେ ଲୋକଙ୍କୁ ପ୍ରବଞ୍ଚନା କରିଛି । ଆଜି ତାହାରି ପରିଣାମରେ ଏହି ନରକାଗ୍ନିରେ ଭସ୍ମୀଭୂତ ହେଉଛି ।''

ଆଉ ଜଣେ କହିଲା – ''ଧନ ଦ୍ୱାରା ମୋର ପନ୍ଦର ଦୋଷ ଉତ୍ପନ୍ନ ହୋଇଥିଲା – ଦମ୍ଭ, ଦର୍ପ, ଅଭିମାନ, କ୍ରୋଧ, ହିଂସା, ମମତା, ମୋହ, ଲୋଭ, କାମ, ଅସତ୍ୟ, ପ୍ରମାଦ, ଦୁଃସଙ୍ଗ, ଦ୍ୟୁତ, ବିଳାସ ଏବଂ ଇନ୍ଦ୍ରିୟାସକ୍ତି । ଏହିସବୁ ଦୋଷରୁ ମୁଁ ଯେଉଁ ଦାରୁଣ ପାପ କରିଥିଲି ତାହାରି ପରିଣାମ ଆଜି ଭୋଗ କରୁଛି । ସେହିସବୁ ପାପକର୍ମ ସ୍ମରଣ ହେବାମାତ୍ରେ ହୃଦୟ ବିଦୀର୍ଣ୍ଣ ହୋଇଯାଉଛି ।''

ଧନପ୍ରାର୍ଥୀ ବ୍ୟକ୍ତି ଏହିସବୁ ଘଟଣା ଦେଖି ଏବଂ ସେମାନଙ୍କଠାରୁ ଶୁଣିବା ପରେ ଭୟରେ ବିଶେଷ କାତର ହୋଇପଡ଼ିଲା । ସେହି ସମୟରେ ବନ୍ଦ ନେତ୍ର ଖୋଲିଗଲା । କ୍ରମଶଃ ଆନ୍ତର ଚେତନାରୁ ବାହ୍ୟ ଚେତନାକୁ ଫେରିଆସିଲା । କିନ୍ତୁ ତା' ନେତ୍ରରେ ସେହି ଧନଲୋଭୀ ବ୍ୟକ୍ତିଙ୍କ ଦାରୁଣ ଦୁଃଖଯନ୍ତ୍ରଣା ପ୍ରତ୍ୟକ୍ଷ ଦେଖାଯାଉଥିଲା ଭଳି ମନେହେଉଥିଲା; ସେମାନଙ୍କ ବ୍ୟାକୁଳ କ୍ରନ୍ଦନ ଓ ଦୁଃଖପୂର୍ଣ୍ଣ କାହାଣୀ ତା' କର୍ଣ୍ଣରେ ଗୁଞ୍ଜାୟମାନ ହେଉଥିଲା । ଦେଖିଲା, ମହାତ୍ମା ଶ୍ରୀ ରଙ୍ଗନାଥ ଦୟା ଏବଂ କରୁଣାପୂର୍ଣ୍ଣ ଦୃଷ୍ଟିରେ ତା' ଆଡ଼କୁ ଚାହିଁ ମନ୍ଦ ମନ୍ଦ ହସୁଛନ୍ତି । ତା' ନାମ ଥିଲା ରାମଚନ୍ଦ୍ର । ଏହି ଦୃଶ୍ୟ ଏବଂ ପାପ କାହାଣୀର ଉତ୍ତମ ପ୍ରଭାବ ତା' ହୃଦୟରେ ବିଶେଷ ରୂପେ ପଡ଼ିଥିଲା । ତା' ସହିତ ଥିଲା ମହାତ୍ମା ରଙ୍ଗନାଥଙ୍କର କୃପା । ଭଗବାନଙ୍କ ଅନୁକମ୍ପାରୁ ତା'ର ଧନକାମନା ନଷ୍ଟ ହୋଇଗଲା । ସେ ପ୍ରେମରେ ବିହ୍ୱଳ ହୋଇ

ମହାତ୍ମା ରଙ୍ଗନାଥଙ୍କ ଚରଣଦୁଇଟି ଧରି ସାଷ୍ଟାଙ୍ଗ ପଡ଼ିଗଲା; କହିଲା, ''ଗୁରୁଦେବ, ମୋ ଉପରେ କୃପାକର, ଏପରି ଉପାୟ କହିଦିଅ ଯଦ୍ଦ୍ୱାରା ନିଜ ଜୀବନ ସଫଳ କରିପାରେ। ମୋର ଧନର ଆଉ ଆବଶ୍ୟକତା ନାହିଁ, ମୁଁ ଚାହୁଁଛି ଭଗବତ୍ ପ୍ରେମ, ଭଗବତ୍ ଅବ୍ୟଭିଚାରିଣୀ ଭକ୍ତି। ମୋ ଉପରେ ଦୟାକର।'' ରାମଚନ୍ଦ୍ରଙ୍କର ଏପରି ସୁନ୍ଦର ପରିବର୍ତ୍ତନ ଦେଖି ମହାତ୍ମା ରଙ୍ଗନାଥ ବଡ଼ ପ୍ରସନ୍ନ ହେଲେ। ଭଗବାନଙ୍କ ପ୍ରତ୍ୟକ୍ଷ କୃପା ଦେଖି ସେ ଗଦ୍‌ଗଦ ହୋଇ କହିଲେ, ''ଭାଇ ରାମଚନ୍ଦ୍ର, ଯେପର୍ଯ୍ୟନ୍ତ ଚିତ୍ତରେ ଭୋଗର କାମନା ପୂରି ରହିଥାଏ ସେପର୍ଯ୍ୟନ୍ତ ମୋହ-ଅନ୍ଧକାର ଦୂର ହୁଏ ନାହିଁ। ଏହି ମୋହ-ଅନ୍ଧକାର ଥିଲେ ଶୋକସନ୍ତାପରୁ ମୁକ୍ତି ମିଳେ ନାହିଁ। ଭୋଗବାସନାର ବିନାଶ ଭଗବତ୍ କୃପା ଅଥବା ଭଗବତ୍ କୃପା ପରିଚାଳିତ ସଚ୍ଚମହାତ୍ମାଙ୍କ ଦ୍ୱାରା ହୋଇପାରେ।'' ମହାତ୍ମା ରଙ୍ଗନାଥ କହିଲେ, ''ଭାଇ, ଧନ ଯଥାର୍ଥରେ ଭଗବାନଙ୍କର। ଧନର ଅନ୍ୟ ନାମ ଲକ୍ଷ୍ମୀ। ଲକ୍ଷ୍ମୀ ଭଗବାନଙ୍କର ସେବିକା। ସେ କେବଳ ଚାହାନ୍ତି ଭଗବାନଙ୍କର ସେବା। ଯଦି ବ୍ୟକ୍ତି ଧନ ଭଗବାନଙ୍କର ଜାଣି ନିଜକୁ ତା'ର ରକ୍ଷାର ଟ୍ରଷ୍ଟି ବା କାର୍‌ପଟ୍‌ଦାର୍ ମନେକରେ, ତେବେ ସେ ଧନକୁ ଯଥାର୍ଥ ଭାବରେ ଉପଯୋଗ କରିପାରେ। ଏପରି ବ୍ୟକ୍ତିକୁ ଲକ୍ଷ୍ମୀଦେବୀ ସନ୍ମାର୍ଗରେ ସହାୟତା କରନ୍ତି।

''ଯେଉଁ ବ୍ୟକ୍ତି ଅଜ୍ଞାନ, ମୋହ ଓ ଲୋଭରେ ପଡ଼ି ଭଗବାନଙ୍କ ସେବିକା ଲକ୍ଷ୍ମୀଙ୍କୁ ନିଜର ବୋଲି ମନେକରି ତାହା ଉପଭୋଗ କରିବାକୁ ଚେଷ୍ଟା କରେ, ଭୋଗବିଳାସରେ ଲଗାଏ, ଅଧିକାରପ୍ରାପ୍ତିର ଯନ୍ତ୍ରରୂପେ ବ୍ୟବହାର କରେ, ତା' ଉପରେ ଲକ୍ଷ୍ମୀ ହୁଅନ୍ତି ଭୟଙ୍କର ରୁଷ୍ଟ। ତାଙ୍କ ରୁଷ୍ଟତା ସଙ୍ଗେ ସଙ୍ଗେ ବ୍ୟକ୍ତିର ସନ୍ମାର୍ଗ ରୁଦ୍ଧ କରିଦିଅନ୍ତି। କାମ, କ୍ରୋଧ, ଲୋଭ, ମୋହ, ମଦ, ମତ୍ସର; ଉନ୍ମୁକ୍ତ କରିଦିଅନ୍ତି ଭୋଗବିଳାସ, ଇନ୍ଦ୍ରିୟଲୋଲୁପତାର ସିଧା ନରକର ମାର୍ଗ। ଧନ ଯୋଗୁଁ ବ୍ୟକ୍ତି ଜୀବିତାବସ୍ଥାରେ ଈର୍ଷ୍ୟା, ବିରୋଧ, ସ୍ୱାର୍ଥର ଅଗ୍ନିରେ ଜଳୁଥାଏ। ମୃତ୍ୟୁ ପରେ ନିମ୍ନ ପ୍ରାଣର ଜଗତରେ ଦୁଃଖକଷ୍ଟରୂପ ନରକାଗ୍ନିରେ ଭସ୍ମୀଭୂତ ହେଉଥାଏ।

''ଭଗବାନଙ୍କ ଶକ୍ତି ଲକ୍ଷ୍ମୀଦେବୀଙ୍କର ବହୁ ଐଶ୍ୱର୍ଯ୍ୟ ଶକ୍ତି ମଧ୍ୟରୁ ଧନ ଗୋଟିଏ ଐଶ୍ୱର୍ଯ୍ୟ ଶକ୍ତି। ଧନ ଦ୍ୱାରା ବହୁତ ଉତ୍ତମ କାର୍ଯ୍ୟ ସମ୍ପନ୍ନ ହୁଏ। ବ୍ୟକ୍ତି ଧନକୁ ଭଗବାନଙ୍କର ଶକ୍ତି, ନିଜକୁ ସେବକ ଜାଣି ଭଗବାନଙ୍କ ସେବାରୂପେ କାମନାବାସନାଶୂନ୍ୟ ହୋଇ ଯଥାର୍ଥ ଏବଂ ଉତ୍ତମ କାର୍ଯ୍ୟରେ ଉପଯୋଗ କଲେ ସେହି ଧନ ଦ୍ୱାରା ବ୍ୟକ୍ତି ପରମାନନ୍ଦସ୍ୱରୂପ ଭଗବାନଙ୍କୁ ପ୍ରାପ୍ତ ହୋଇ ଜନ୍ମମରଣରୁ ମୁକ୍ତ ହୁଏ। ସେହି ଧନକୁ ଆସକ୍ତି, ଲୋଭ, ମୋହବଶତଃ ନିଜର ମନେକରି ଭୋଗବିଳାସ, ଅଯସ-ଆରାମ, ସ୍ୱାର୍ଥ, ହିଂସାରେ ବ୍ୟୟ କଲେ ତା'ର କୁପରିଣାମ ଭୋଗ କରିବାକୁ ହୁଏ। ମନୁଷ୍ୟର ଧନ ଯେତିକି ଆବଶ୍ୟକ ତାହା ଯଥାର୍ଥ ପରିଶ୍ରମରେ ମିଳିଯାଏ; କିନ୍ତୁ ବ୍ୟକ୍ତି ମୋହ ଓ ଲୋଭରେ ଅଧିକ ଧନ ଚାହେଁ ଏବଂ ଅସତ୍ୟ, ଅନ୍ୟାୟ ଉପାୟରେ ଧନ ଉପାର୍ଜ୍ଜନ କରି ନିଜର ଆତ୍ମାକୁ ନରକକୁ ଠେଲିଦିଏ। ବ୍ୟକ୍ତି ସଂଯମୀ ନ ହୋଇ କାମବଶ ହୋଇ ଅଧିକ ସନ୍ତାନ ଉତ୍ପନ୍ନ କରେ; ଉପାର୍ଜ୍ଜନରୁ ଅଧିକ ଧନ ଆବଶ୍ୟକ ହୁଏ; ସେଥିପାଇଁ ସେ ଅନ୍ୟାୟରେ ଧନ ଉପାର୍ଜ୍ଜନ କରେ ବା ଧନାଭାବରେ ଦୁଃଖ ପାଏ। ନିଜ ସ୍ତ୍ରୀ, ଦୁଇଟି ସନ୍ତାନ – ଏହିରୂପେ ଚାରିପ୍ରାଣୀଙ୍କ ସକାଶେ ବ୍ୟକ୍ତି ଚେଷ୍ଟା କଲେ ନ୍ୟାୟରେ ଧନ ଉପାର୍ଜ୍ଜନ କରି ସୁଖଶାନ୍ତିରେ ରହିପାରେ। କିନ୍ତୁ ବ୍ୟକ୍ତି ଇନ୍ଦ୍ରିୟସଂଯମର ଅଭାବ, ଅହଂ-ସ୍ୱାର୍ଥର ପୁଷ୍ଟି ଓ ତୁଷ୍ଟି, ଭୋଗବିଳାସର ଦାସତ୍ୱ ଯୋଗୁଁ ଧନ ଆବଶ୍ୟକ କରେ, ଅଭାବ ବୋଧ କରେ, ଅନ୍ୟାୟ-ଅସତ୍ୟରେ ଉପାର୍ଜ୍ଜନ କରେ, ଜୀବିତାବସ୍ଥାରେ ସେଥିରେ ସୁଖଶାନ୍ତି ପରିବର୍ତ୍ତେ ଦୁଃଖଦ୍ୱନ୍ଦ୍ୱ ଭୋଗେ, ମୃତ୍ୟୁ ପରେ ଅସଦ୍‌ଗତିକୁ ପ୍ରାପ୍ତ ହୁଏ। ଏହି ଧନାସକ୍ତି ଏବଂ ଧନାଭାବରୁ ମୁକ୍ତ ହେବାର ଉପାୟ ହେଲା ଭଗବତ୍ ଭକ୍ତି। ଯେପର୍ଯ୍ୟନ୍ତ ମନୁଷ୍ୟ ମୋହ-ଅଜ୍ଞାନର କବଳରେ ପଡ଼ିଥାଏ ସେପର୍ଯ୍ୟନ୍ତ ସେ କୌଣସି ବାହ୍ୟ ଉପାୟରେ ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହୋଇପାରେ ନାହିଁ। ଜନ୍ମମରଣର ଦାରୁଣ ଯନ୍ତ୍ରଣା-ଚକ୍ରରେ ଭ୍ରମୁଥାଏ। ଏହି ମୋହଅଜ୍ଞାନରୁ ମୁକ୍ତ ହେବାର ସହଜ ଓ ସରଳ ଉପାୟ ଭଗବତ୍ ଭକ୍ତି।

''ବ୍ୟକ୍ତି ଯେତେ ପାପୀ, ଦୁରାଚାରୀ, ପତିତ ହୋଇଥାଉ, ସେ ଯଦି ଆନ୍ତରିକ ଭାବରେ ତହିଁରୁ ମୁକ୍ତ ହେବାକୁ ଚାହେଁ ଏବଂ ଭଗବାନଙ୍କ ଶରଣ ନିଏ, ତେବେ ତା'ର ପୂର୍ବର ସମସ୍ତ ଦୋଷତ୍ରୁଟିକୁ ଭ୍ରୁକ୍ଷେପ ନ କରି ଭଗବାନ୍ ନିଜ ଶରଣରେ ଗ୍ରହଣ କରନ୍ତି। ସେ ଯଦି ଭଗବାନଙ୍କର ଏହି କୃପାକୁ ଧରି ରଖିପାରେ, ପୂର୍ବ ସଂସ୍କାର ଏବଂ ଅଭ୍ୟାସ ତଥା

ବିରୋଧୀ ଶକ୍ତିଙ୍କ ଆକ୍ରମଣକୁ ଉତ୍ତର ନ ଦେଇ ସେଥିରୁ ରକ୍ଷା ହେବାକୁ ଭଗବାନଙ୍କୁ ପ୍ରାର୍ଥନା କରେ, ତେବେ ଛୋଟ ଶିଶୁକୁ ମା ରକ୍ଷା କରିବା ସଦୃଶ ଭଗବାନ୍ ସମସ୍ତ ବାଧାବିପତ୍ତିରୁ ତାକୁ ରକ୍ଷା କରୁଥା'ନ୍ତି । ଶେଷରେ ନିଜ ଚରଣରେ ଆଶ୍ରୟ ଦେଇ ଅଭୟ କରିଦିଅନ୍ତି ।

''ଭଗବାନ୍ ଯଥାର୍ଥରେ ଆମର ପ୍ରାଣର ପ୍ରିୟ, ଆମର ଦିବ୍ୟ ସତ୍ତା । ଆମ୍ଭେମାନେ ଭଗବାନଙ୍କ ସହିତ ଅଭିନ୍ନ, ଏକ । କିନ୍ତୁ ଆମ୍ଭେମାନେ ଅଜ୍ଞାନଅନ୍ଧକାରରେ ମୋହିତ ହୋଇ ନିଜକୁ ଏବଂ ନିଜର ଯଥାର୍ଥ ସତ୍ତା ଭଗବାନଙ୍କୁ ଭୁଲିଯାଇଛୁ । ସେହି ସକାଶେ ଦୁଃଖକଷ୍ଟ ଭୋଗୁଛୁ । ଆମ୍ଭେମାନେ ସେହି ଆନନ୍ଦଘନଙ୍କ ଅଂଶ ବା ପ୍ରତିଭୂ । ଥରେ ତାଙ୍କୁ ଜାଣିପାରିଲେ, ଚିହ୍ନି ପାରିଲେ ତାଙ୍କୁ ଛାଡ଼ି ବଞ୍ଚି ରହିବା କଠିନ ହୋଇପଡ଼ିବ । ନିଜର ମନ-ପ୍ରାଣ, ସମସ୍ତ ସତ୍ତା ବାସନାକାମନାରେ ଧାବିତ ହେବାର ଅଭ୍ୟାସ ପରିତ୍ୟାଗ କରି ଏକମୁଖୀ ହୋଇ ତାଙ୍କରି ଆଡ଼କୁ ଦୌଡ଼ିଯିବ । ଏକ କ୍ଷଣ ବିୟୋଗ ବରଦାସ୍ତ କରିପାରିବ ନାହିଁ । ଏଥିରେହିଁ ମନୁଷ୍ୟଜୀବନର ସଫଳତା । ଅନ୍ୟଥା ମନୁଷ୍ୟ ଦ୍ୱିପଦବିଶିଷ୍ଟ ପଶୁ ।

''ମନୁଷ୍ୟର ଏକମାତ୍ର କର୍ତ୍ତବ୍ୟ ଏହି ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତିଲାଭ ତଥା ଭଗବତ୍‌ପ୍ରାପ୍ତି କରିବା ସକାଶେ ପ୍ରାଣପଣେ ପ୍ରଯତ୍ନଶୀଳ ହେବା । ଏହାର ଉପାୟ ଭଗବତ୍ ଭଜନ ବା ଭଗବାନଙ୍କ ଚରଣରେ ସମର୍ପଣ । ମୁଁ ତୁମକୁ ଦ୍ୱାଦଶାକ୍ଷର ମନ୍ତ୍ର ଦେଉଛି, ତୁମେ କାମିନୀ, କାଞ୍ଚନ ତଥା ମାନ-ପ୍ରତିଷ୍ଠାର ମୋହ ତ୍ୟାଗ କରି ଏହି ମନ୍ତ୍ରକୁ ନିୟମିତରୂପେ ପ୍ରତିଦିନ ଶ୍ରଦ୍ଧା, ବିଶ୍ୱାସ ଓ ନିଷ୍ଠା ସହିତ ଅଧିକରୁ ଅଧିକ ଜପ କର; ମନ୍ତ୍ର ହେଲା 'ଓଁ ନମୋ ଭଗବତେ ବାସୁଦେବାୟ' । ସାବଧାନ, ବଡ଼ ବଡ଼ ପ୍ରଲୋଭନ ଆସିବ, ବିରୋଧୀଶକ୍ତିମାନଙ୍କର ଭୟଙ୍କର ଆକ୍ରମଣ ହେବ, କିନ୍ତୁ ଭଗବାନଙ୍କ ଆଶ୍ରୟ, ଭଗବାନଙ୍କ ଶକ୍ତିର ଭରସାରେ ତୁମେ ଅବିଚଳିତ ରହିବ । କୌଣସିପ୍ରକାର ପ୍ରଲୋଭନକୁ ଉତ୍ତର ଦେବ ନାହିଁ । ଭଗବାନ୍ ଭକ୍ତବତ୍ସଳ, କୃପାସିନ୍ଧୁ, ଅଶରଣ-ଶରଣ । ତୁମର ନିଷ୍ଠା ନିଷ୍କପଟ ହେଲେ ସେ ସମସ୍ତ ବାଧାବିପତ୍ତିରୁ ରକ୍ଷା କରି ନିଜ ଶରଣରେ ସ୍ୱୀକାର କରିନେବେ ।''

ଭଗବାନଙ୍କ ବିଧାନ ବିଚିତ୍ର । ମନୁଷ୍ୟ ଆଶା କରିଥାଏ କିଛି, ଚାହେଁ କିଛି, ମାଗେ କିଛି, କିନ୍ତୁ ପାଏ ସ୍ୱପ୍ନରେ ଭାବି ନ ଥିବା ବସ୍ତୁ । ରାମଚନ୍ଦ୍ର କୁମାର ଥିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା କୌଣସି ଉପାୟରେ ପ୍ରଚୁର ଧନ ପାଇଗଲେ ଭୋଗବିଳାସସାମଗ୍ରୀ ସଂଗ୍ରହ କରି ବିବାହ କରିବେ ଏବଂ ଆମୋଦ-ପ୍ରମୋଦ, ଭୋଗ-ବିଳାସରେ ସୁଖମୟ ଜୀବନ ବ୍ୟତୀତ କରିବେ । ଯଥାର୍ଥରେ ଏପରି ମୋହଗ୍ରସ୍ତ, ଇନ୍ଦ୍ରିୟଲୋଲୁପ ଜୀବନ ସୁଖମୟ ନୁହେଁ । କାମନାବାସନାର ତୃପ୍ତିରେ ସୁଖଶାନ୍ତି କେବେ ବି ମିଳେ ନାହିଁ । ସେଥିରେ ସର୍ବକାଳରେହିଁ ମିଳେ ଦୁଃଖ । କାମନାବାସନା ସିଧା ନେଇଯାଏ ନରକକୁ । ଭ୍ରମରେ ପଡ଼ି ଧନପ୍ରାପ୍ତି ଆଶାରେ ରାମଚନ୍ଦ୍ର କେତେ ଉପାୟ କଲେ, କେତେ ସାଧୁମାନଙ୍କ ପଛରେ ଗୋଡ଼େଇ ସୁନା ତିଆରି କରିବା ଫନ୍ଦାରେ ପଡ଼ିଥିଲେ । ଶେଷରେ ସବୁଠାରୁ ନିରାଶ ହୋଇ ମହାତ୍ମା ରଙ୍ଗନାଥଙ୍କ ବାକ୍ୟ-ସିଦ୍ଧି କଥା ଶୁଣି ଆସିଥିଲେ ଧନପ୍ରାପ୍ତିର ଆଶାରେ । ହେଲା ଏକେବାରେ ବିପରୀତ । ଯେଉଁ ଧନରେ ସେ ଏତେ ଆସକ୍ତ ଥିଲେ ଆଜି ମହାତ୍ମା ରଙ୍ଗନାଥଙ୍କ ସତ୍‌ସଙ୍ଗ ଏବଂ କୃପା ଯୋଗୁଁ ସେହି ଧନର ଯଥାର୍ଥ ସ୍ୱରୂପ ତଥା ଧନାସକ୍ତିର କୁପରିଣାମ ସେ ଉତ୍ତମରୂପେ ବୁଝିପାରିଲେ । ଧନର ବାସନା ଦୂର ହୋଇଗଲା । ମହାତ୍ମା ରଙ୍ଗନାଥଙ୍କଠାରୁ ଉପଦେଶ ନେଇ ଦ୍ୱାଦଶାକ୍ଷର 'ବାସୁଦେବ ମନ୍ତ୍ର' ବିଧିପୂର୍ବକ ଜପ କରିବାକୁ ଲାଗିଲେ । ମନ୍ତ୍ରଜପ, ହୃଦୟରେ ଭଗବତ୍ ଧ୍ୟାନ ଦ୍ୱାରା ତାଙ୍କ ମନ-ପ୍ରାଣ କ୍ରମଶଃ ଶୁଦ୍ଧ ହେବାକୁ ଲାଗିଲା । ସେହି ସଙ୍ଗେ ସଙ୍ଗେ ମନ୍ତ୍ରଜପ ଏବଂ ଧ୍ୟାନରେ ଅଧିକ ରୁଚି ଉତ୍ପନ୍ନ ହେଲା । ଶେଷରେ ଭଜନରେ ଏକେବାରେ ତଲ୍ଲୀନ ହୋଇଗଲେ ।

ବ୍ୟକ୍ତି ଭଗବାନଙ୍କୁ ଛାଡ଼ି ସଂସାରର ବସ୍ତୁ ଯେପର୍ଯ୍ୟନ୍ତ ଚାହୁଁଥାଏ ସେପର୍ଯ୍ୟନ୍ତ ସେ କାମନାବାସନାର ଅଗ୍ନିରେ ଦଗ୍ଧ ହେଉଥାଏ । ତାହା କେବେ ବି ଶାନ୍ତ ହୁଏ ନାହିଁ । ଗୋଟିଏ କାମନା ପୂରା ହେଲେ ଅନ୍ୟ ଉପସ୍ଥିତ ହୁଏ । ତା'ର ସୀମା ନ ଥାଏ । କାମନାର ମୂଲୋତ୍ପାଟନ ହୁଏ ଭଗବତ୍ ଭକ୍ତିରେ । ରାମଚନ୍ଦ୍ର ଯେଉଁ ଧନ ସକାଶେ ଲାଳାୟିତ ଥିଲେ, ଚାହୁଁଥିଲେ, ସେପର୍ଯ୍ୟନ୍ତ ତାହା ଦୂରରେ ଥିଲା । ସେ ତାକୁ ତ୍ୟାଗ କରି ଭଗବାନଙ୍କୁ ଚାହିଁବାରୁ ସେହି ଧନ ଛାୟା ସଦୃଶ ତାଙ୍କ ପାଖରେ ରହିବାକୁ ଇଚ୍ଛା କଲା । ରାମଚନ୍ଦ୍ରଙ୍କ ଭଜନନିଷ୍ଠା କ୍ରମଶଃ ପ୍ରସାରିତ ହେବାରୁ ଧନୀଲୋକମାନେ ନିଜ

ନିଜ କାମନାବାସନା ପୂର୍ଣ୍ଣ କରିବା ସକାଶେ ଧନ ଭେଟି ଦେବାକୁ ଆସିଲେ । ସାଧନାରେ ବାଧାରୂପେ ଏହିସବୁ ପ୍ରଲୋଭନ ବରାବର ଆସେ । କିନ୍ତୁ ମହାତ୍ମା ରଙ୍ଗନାଥଙ୍କ କୃପାରୁ ରାମଚନ୍ଦ୍ର ସଜାଗ ଥିଲେ । ସାଧନାରେ ଧନ ବାଧାସ୍ୱରୂପ ଜାଣି ଗ୍ରହଣ ନ କରି ନିଜ ସାଧନାମାର୍ଗରେ ଦୃଢ଼ତା ସହିତ ଯାତ୍ରା କଲେ । ତାଙ୍କର ସମସ୍ତ ଇନ୍ଦ୍ରିୟ ଭଗବତ୍ ଭଜନ, ଧ୍ୟାନରେ ଏକାଗ୍ର ହୋଇଗଲା । ତାଙ୍କ ଚେତନା ଭଗବନ୍ମୟ ହୋଇଗଲା । ଦିନେ ସେ ଭଗବତ୍ ଧ୍ୟାନରେ ଏକେବାରେ ମଗ୍ନ ଥିଲେ । ଭଗବାନ୍ ସ୍ୱୟଂ ତାଙ୍କ ସମ୍ମୁଖରେ ପ୍ରକଟ ହୋଇ ତାଙ୍କ ସମାଧି ଭଙ୍ଗ କଲେ । ସେ ସ୍ଥୂଳ ନେତ୍ର ଖୋଲି ଭଗବାନଙ୍କ ସାକ୍ଷାତ୍ ଦର୍ଶନ ପାଇ କୃତକୃତ୍ୟ ହୋଇ ଗଲେ । ସେ ଭଗବାନଙ୍କ ଚରଣରେ ପଡ଼ିଗଲେ । ତାଙ୍କ ନେତ୍ରରୁ ଅଶ୍ରୁ ବର୍ଷା ହେବାକୁ ଲାଗିଲା, କଣ୍ଠ ଗଦ୍‌ଗଦ୍, ସ୍ୱେଦ, କମ୍ପ ଆଦି ଅଷ୍ଟସାତ୍ତ୍ୱିକ ଭାବ ତାଙ୍କ ଶରୀରରେ ପ୍ରକାଶ ହେଲା । ଭଗବାନ୍ ନିଜ କରକମଳ ତାଙ୍କ ମସ୍ତକରେ ରଖି ତାଙ୍କୁ ଉଠାଇନେଲେ । ସେ ଅନ୍ତର-ଉଦ୍‌ଗାରିତ ଭାଷାରେ ଭଗବାନଙ୍କୁ ସ୍ତୁତି କରିବାକୁ ଲାଗିଲେ । କିଛି ସମୟ ଭଗବାନ୍ ଦର୍ଶନ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ । ରାମଚନ୍ଦ୍ରଙ୍କ ଜୀବନ ସଫଳ ହେଲା । ତାଙ୍କ ପିତାମାତା ଧନ୍ୟ ହୋଇଗଲେ । ତାଙ୍କ କୁଳ ଓ ସେ ସ୍ଥାନ ପବିତ୍ର ହୋଇଗଲା ।

ବୋଲ ଭକ୍ତ ଏବଂ ଭଗବାନଙ୍କୁ ଜୟ ।

(ଭକ୍ତ-ଚରିତ ସାହାଯ୍ୟରେ ଲିଖିତ)

ଭକ୍ତ ମନକୋଜି ବୋଧଲା

ଭକ୍ତ ମନକୋଜି ବୋଧଲା ମହାରାଷ୍ଟ୍ର ବରାର (ବରାଡ଼) ପ୍ରାନ୍ତର ଧାମନଗାଁର ପଟେଲ ଥିଲେ । ଅର୍ଥାତ୍ ସେ ଗ୍ରାମର ମୁଖିଆ ବା ମାମଲତ୍‌କାର ଥିଲେ । ତାଙ୍କ ସ୍ତ୍ରୀଙ୍କ ନାମ ଥିଲା ମାମାତାଇ । ତାଙ୍କର ଯାମାଜି ନାମରେ ଗୋଟିଏ ପୁତ୍ର, ଭାଗୀରଥୀ ନାମରେ ଗୋଟିଏ କନ୍ୟା ଥିଲା । ମନକୋଜି ବୋଧଲା ଥିଲେ ଭକ୍ତ, ଜ୍ଞାନୀ ଏବଂ ସହୃଦୟ ବ୍ୟକ୍ତି । ତାଙ୍କ ସ୍ତ୍ରୀ ମାମାତାଇ ଥିଲେ ପତିବ୍ରତା, ସଦ୍‌ଗୁଣବତୀ, ସୁଗୃହିଣୀ । ଯେପରି ମଞ୍ଜି ସେପରି ଗଛ । ଆମ୍ବ ମଞ୍ଜିରୁ ଆମ୍ବଡ଼ା ଗଛ ହୁଏ ନାହିଁ । ମଞ୍ଜି ମଧ୍ୟରେ ଯେପରି ଗଛର ପୂର୍ଣ୍ଣ ଆକାର, ଗୁଣଧର୍ମ ନିହିତ ଥାଏ ସେହିପରି ପିତାମାତାଙ୍କ ତତ୍ତ୍ୱରେ ପିତାମାତାଙ୍କ ସଦ୍‌ଗୁଣ ଏବଂ ଦୁର୍ଗୁଣ ପ୍ରାପ୍ତ ହୁଏ ସନ୍ତାନମାନଙ୍କୁ । ସନ୍ତାନମାନଙ୍କ ନିଜ କର୍ମ ଅନୁସାରେ ତାହା ହ୍ରାସ ତଥା ବୃଦ୍ଧି ହୋଇଥାଏ । ପିତାମାତା ଯେପରି କର୍ମ କରନ୍ତି, ବିଶେଷତଃ ମାତାର କର୍ମ ଶିଶୁମାନଙ୍କ ଅଜ୍ଞାତରେ ସେମାନଙ୍କ ଚେତନାରେ ସଂସ୍କାରରୂପେ ପ୍ରତିଷ୍ଠିତ ହୁଏ । ସନ୍ତାନମାନଙ୍କ ସଂସ୍କାରକୁ ବିଶେଷ ପ୍ରେରଣା ଦିଏ ପିତାମାତାଙ୍କ ଉପସ୍ଥିତ କର୍ମ । ସେହି ପ୍ରେରଣାରେ ସନ୍ତାନମାନେ ସ୍ୱତଃ ପ୍ରେରିତ ହୋଇ ତଦ୍‌ରୂପ କର୍ମ ଅଥବା ତଦପେକ୍ଷା ଉତ୍ତମ ବା ଜଘନ୍ୟ କର୍ମରେ ପ୍ରବୃତ୍ତ ହୁଅନ୍ତି ।

ଯାମାଜି ତଥା ଭାଗୀରଥୀଙ୍କୁ ପିତାମାତାଙ୍କର ଉତ୍ତମ ଗୁଣ ଏବଂ କର୍ମର ସଂସ୍କାର ପ୍ରାପ୍ତ ଥିଲା । ପିତାମାତାଙ୍କ ଉପସ୍ଥିତ କର୍ମର ଉତ୍ତମ ପ୍ରଭାବ ସେମାନଙ୍କ ଅନ୍ତରରେ ପ୍ରତିଷ୍ଠିତ ହେଲା । ସେମାନେ ସ୍ୱତଃସ୍ଫୂର୍ତ୍ତଭାବେ ସଦ୍‌ଗୁଣ ଲାଭ କରିପାରିଲେ ଏବଂ ଭଗବତ୍ ଭକ୍ତିରେ ପ୍ରବୃତ୍ତ ହେଲେ । ପୁତ୍ର ତଥା କନ୍ୟାଙ୍କର ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ବିନୟ, ଦୟା, ଶାନ୍ତି, ଆନନ୍ଦ, ସମତାଦି ଦିବ୍ୟ ଗୁଣ ତଥା ଭଗବତ୍ ଭକ୍ତି ବିକଶିତ ହେବାକୁ ଲାଗିଲା । ପିତା, ମାତା, ପୁତ୍ର ଏବଂ କନ୍ୟାଙ୍କର ଜୀବନର ଲକ୍ଷ୍ୟ ଥିଲା ଭଗବତ୍ ପ୍ରାପ୍ତି । ପ୍ରତ୍ୟେକ ମନୁଷ୍ୟର ମଧ୍ୟ ଏହାହିଁ ଲକ୍ଷ୍ୟ । ଏହି ଲକ୍ଷ୍ୟକୁ ବ୍ୟକ୍ତି ଯଥାର୍ଥଭାବେ ଗ୍ରହଣ କଲେ ଲକ୍ଷ୍ୟପ୍ରାପ୍ତିର ପ୍ରତିକୂଳ ଅସତ୍ କର୍ମକୁ ସତତ ସଚେତ ହୋଇ ତ୍ୟାଗ କରେ ଏବଂ ସଦ୍‌ଗୁଣ ପ୍ରାପ୍ତ ହୁଏ । ବ୍ୟକ୍ତିର କୌଣସି ଉଚ୍ଚ ଲକ୍ଷ୍ୟ ନ ଥିଲେ ପାରିପାର୍ଶ୍ୱିକ ପ୍ରଭାବ ଅନୁସାରେ ସେ ସତ୍ କର୍ମ କରିପାରେ ଅଥବା ଅସତ୍ କର୍ମରେ ପ୍ରବୃତ୍ତ ହୋଇ ଜୀବନକୁ ନଷ୍ଟ କରିପାରେ । ପିତାମାତାଙ୍କ ପ୍ରଭାବରୁ ଯାମାଜି ତଥା ଭାଗୀରଥୀର ଭଗବତ୍ ଲକ୍ଷ୍ୟ ନିର୍ଦ୍ଧାରିତ ଥିଲା । ସେହି ଲକ୍ଷ୍ୟପ୍ରାପ୍ତି ସକାଶେ ପିତାମାତାଙ୍କ ସହିତ ସେମାନେ ଘରର ସମସ୍ତ କର୍ମ ଭଗବାନଙ୍କ ସେବାରୂପେ ସମ୍ପାଦନ କରି ଭଗବାନଙ୍କ ଚରଣରେ ନିବେଦନ କରୁଥିଲେ । ଗୃହକର୍ମ ବା ଯେକୌଣସି କର୍ମ କରିବା ସମୟରେ ସେମାନେ ମୁଖରେ ଭଗବତ୍ ନାମ ଅଥବା ଚରିତ ଗାନ କରୁଥିଲେ । ଭୋକୀ-ଶୋଷୀ, ଅତିଥି-ଅଭ୍ୟାଗତ କେହି ନିରାଶ ହୋଇ ଗୃହରୁ ଫେରୁ ନ ଥିଲେ । ଗୃହର କୌଣସି ବ୍ୟକ୍ତିର ମୁଖରେ 'ନାହିଁ' ଶବ୍ଦ ନ ଥିଲା । ସମସ୍ତଙ୍କୁ କୋମଳ, ମଧୁର, ବିନମ୍ର ବଚନରେ ସମ୍ବୋଧନ କରୁଥିଲେ । ତାଙ୍କ ଘର ଯଥାର୍ଥରେ ଅଧ୍ୟାତ୍ମ ସାଧନାଶ୍ରମରେ ପରିଣତ ହୋଇଥିଲା ।

ମନକୋଜି ବୋଧଲା ଦାନଦକ୍ଷିଣାରେ ପଶ୍ଚାତ୍‌ପଦ ହେଉ ନ ଥିଲେ । ତାଙ୍କ ଗୃହ ଧନଧାନ୍ୟ, ସୁନାରୁପା, ଟଙ୍କାପଇସାରେ ପୂର୍ଣ୍ଣ ଥିଲା । ଗୋଶାଳାରେ ଗୋରୁ, ମଇଁଷି ଧାଡ଼ି ଧାଡ଼ି ହୋଇ ବନ୍ଧା ହୋଇଥିଲେ । ଏତେ ଧନସମ୍ପଦ ଥିବା ସତ୍ତ୍ୱେ ମନକୋଜି ଥିଲେ ସେଥିରେ ଅନାସକ୍ତ । ସେ ସମସ୍ତ ସମ୍ପତ୍ତିକୁ ଭଗବାନଙ୍କର ଜାଣିଥିଲେ । ଏହିପରି ଭାବ ଥିଲା ସ୍ତ୍ରୀ ଏବଂ ପୁତ୍ର ତଥା କନ୍ୟାଙ୍କର ।

ଭକ୍ତ ବୋଧଲାଙ୍କର ଇଷ୍ଟ ଥିଲେ ପଣ୍ଢରପୁରର ପଣ୍ଢରୀନାଥ । ସେ ପ୍ରତି ଏକାଦଶୀକୁ ନିୟମିତରୂପେ ପଣ୍ଢରପୁର ଯାଆନ୍ତି । ନିର୍ଜଳା ଏକାଦଶୀ ବ୍ରତ କରନ୍ତି । ପଣ୍ଢରପୁରସ୍ଥ ଚନ୍ଦ୍ରଭାଗା ନଦୀରେ ସ୍ନାନ କରି ରାତ୍ରିରେ ଜାଗରଣ କରନ୍ତି । ଜିହ୍ୱାରେ ଥାଏ ନିରନ୍ତର ନାମ ଉଚ୍ଚାରଣ, ହୃଦୟରେ ଥାଏ ପ୍ରେମପୂର୍ଣ୍ଣ ଭକ୍ତି । ସେ ପଣ୍ଢରୀନାଥଙ୍କ ଦର୍ଶନରେ ନିଜକୁ ଭୁଲି ଯାଆନ୍ତି । ନେତ୍ରରୁ ଅଶ୍ରୁବର୍ଷା ହୁଏ, କଣ୍ଠ ଗଦ୍‌ଗଦ ହୋଇ ଶବ୍ଦ ଉଚ୍ଚାରିତ ହୋଇପାରେ ନାହିଁ; ରୋମାଞ୍ଚ, କମ୍ପ ଆଦି

ଦିବ୍ୟ ସାତ୍ତ୍ୱିକ ଚିହ୍ନ ଶରୀରରେ ପ୍ରକାଶିତ ହୁଏ । ଦର୍ଶନ ସମୟରେ ସେ ବିଭୋର ହୋଇ କେବେ କେବେ ଛିଡ଼ା ହୋଇପାରନ୍ତି ନାହିଁ । ଭଗବାନଙ୍କ ଚରଣରେ ସାଷ୍ଟାଙ୍ଗ ପଡ଼ିଯାଆନ୍ତି । ସେହି ଅବସ୍ଥାରେ ଘଣ୍ଟା ଘଣ୍ଟା ବିତିଯାଏ । ଦ୍ୱାଦଶୀ ଦିନ ଭୋରରୁ ଚନ୍ଦ୍ରଭାଗା ନଦୀରେ ସ୍ନାନ କରି ଭଜନ-ଧ୍ୟାନରୁ ନିବୃତ୍ତ ହୋଇ ବ୍ରାହ୍ମଣ ତଥା ଗରିବଙ୍କୁ ଭୋଜନ କରାନ୍ତି । ଶେଷରେ ସ୍ୱୟଂ ଦ୍ୱାଦଶୀ ପାରଣା କରନ୍ତି । ତ୍ରୟୋଦଶୀ ଦିନ ଘରକୁ ଫେରନ୍ତି । ଏହି ନିୟମ ବହୁତ ବର୍ଷରୁ ତାଙ୍କର ଚାଲି ଆସୁଥିଲା ।

ଭଗବାନଙ୍କ ଚରଣରେ ପହଞ୍ଚିବାରେ ଭକ୍ତିମାର୍ଗ ବହୁତ ସରଳ । ଭଗବାନ୍ ଭକ୍ତିରେହିଁ ବଶ ହୁଅନ୍ତି । ଭକ୍ତ ପ୍ରେମରେ ଭଗବାନ୍ ନିଜ ଐଶ୍ୱର୍ଯ୍ୟ ଏକେବାରେ ଭୁଲି ଭକ୍ତକୁ ଆନନ୍ଦ ଦେବା ସକାଶେ ବହୁବିଧ ଲୀଳା କରନ୍ତି । ଭକ୍ତି ଗୋଟିଏ, ଭାବ ବହୁତ । ଯେତେ ଭକ୍ତ ସେମାନଙ୍କ ସ୍ୱଭାବ ଅନୁସାରେ ତେତେ ପ୍ରକାର ଭିନ୍ନ ଭିନ୍ନ ଭାବ । ଗଛଲତାଗୁଡ଼ିକର ପତ୍ରଗୁଡ଼ିକରେ ଯେପରି ବିଷମତା, ପ୍ରତ୍ୟେକ ମନୁଷ୍ୟର ରୂପ ଏବଂ ସ୍ୱଭାବ ଯେପରି ବିଚିତ୍ର, ସେହିପରି ଭକ୍ତର ଭାବ । ଏକ ଅନ୍ୟ ସଙ୍ଗେ ମିଳେ ନାହିଁ । ଅନ୍ୟର ଭାବକୁ ଅନୁକରଣ କରିବା ଉଚିତ ନୁହେଁ । ଭଗବାନଙ୍କ ପ୍ରତି ଭାବ ନିଜ ନିଜ ଅନ୍ତରରୁ ଉତ୍ପନ୍ନ ହୁଏ । ଏହାହିଁ ମନୁଷ୍ୟର ସ୍ୱଧର୍ମ । ଭକ୍ତିମାର୍ଗ ଯଦ୍ୟପି ସରଳ, ପଦେ ପଦେ ଭଗବତ୍ କୃପା ଏବଂ ରକ୍ଷା ଥାଏ, ତଥାପି ବାଧାବିଘ୍ନରୁ ଖାଲି ନ ଥାଏ । ବାଧାବିଘ୍ନ ଆସେ ନିଜ ମନ-ପ୍ରାଣରୁ । ସେଥିରେ ସହଯୋଗ କରନ୍ତି ପ୍ରତିକୂଳ ଅନ୍ଧକାର ଶକ୍ତି । ଅନ୍ଧକାର ଶକ୍ତିର ଆକ୍ରମଣରେ ଭଗବାନ୍ ବାଧା ଦିଅନ୍ତି ନାହିଁ । କିନ୍ତୁ ତାକୁ ଅତିକ୍ରମ କରିବା ସକାଶେ ଭକ୍ତକୁ ବୁଦ୍ଧି, ବିବେକ, ବଳ, ଧୈର୍ଯ୍ୟ, ସାହସ, ବିଶ୍ୱାସ, ଭରସା ଏବଂ ଶକ୍ତି ଦିଅନ୍ତି । ଏହାରି ଦ୍ୱାରା ଭକ୍ତର ଆଧାର ପ୍ରଶସ୍ତ, ଦୃଢ଼ ହୁଏ; ଭବିଷ୍ୟତରେ ଆସୁଥିବା ଭଗବତ୍ ପ୍ରେମ, ଜ୍ଞାନ, ଶକ୍ତିକୁ ଧାରଣ କରିବାକୁ ସମର୍ଥ ହୁଏ । ଏଥିରେ ହୁଏ ଭକ୍ତର ପରୀକ୍ଷା ଏବଂ ସାଧନାରେ ଉନ୍ନତି ।

ଭକ୍ତ ମନକୋଜି ବୋଧଳାଙ୍କର ପରୀକ୍ଷା ସମୟ ଆସିଲା । ଦେଶରେ ଅକାଳ ପଡ଼ିଲା । ବହୁ ବ୍ୟକ୍ତି ଅନ୍ନାଭାବରେ ମୃତ୍ୟୁ ମୁଖରେ ପଡ଼ିଲେ । ବହୁତଙ୍କର ଅସ୍ଥିଚର୍ମାବୃତ କଙ୍କାଳ ମାତ୍ର ରହିଲା । କ୍ଷୁଧାଦେବୀର ତାଣ୍ଡବନୃତ୍ୟ ଚାଲିଲା ସେହି ପ୍ରାନ୍ତରେ । ବୋଧଳାଜି ଭାବିଲେ, ''ଏହି ଧନର ଉପଯୋଗିତା କ'ଣ ? ଏହା କେଉଁ ସକାଶେ ? ଏହା ଭଗବାନଙ୍କର, ଭଗବାନଙ୍କ ସେବାରେ ଲାଗିବା ଉଚିତ । ବର୍ତ୍ତମାନ ଦରିଦ୍ରନାରାୟଣ ଏହି ସେବା ଚାହୁଁଅଛନ୍ତି ।'' ଏହି ପ୍ରସ୍ତାବରେ ସ୍ତ୍ରୀ, ପୁତ୍ର ଏବଂ କନ୍ୟା ଅତ୍ୟନ୍ତ ହର୍ଷୋଲ୍ଲାସ ସହିତ ସମ୍ମତି ଦେଲେ ଏବଂ ସେବା ସକାଶେ ପ୍ରସ୍ତୁତ ହେଲେ । ଅନ୍ନବିତରଣ ଆରମ୍ଭ ହେଲା । ହଜାର ହଜାର କ୍ଷୁଧାର୍ତ୍ତ ଏକତ୍ରିତ ହେଲେ । ଘରେ ଯେତେ ମରେଇ ଥିଲା, ବାହାର ପାଳଗଦାରେ ଯେତେ ଧାନ ଥିଲା ସବୁ ଶେଷ ହେଲା । ଘରେ ଥିବା ଟଙ୍କାପଇସା, ସୁନାରୁପା, ଗାଈଗୋରୁ, ମଇଁଷି ତଥା ଅଳଙ୍କାରପତ୍ର, ଗୃହର ଆସବାବ – ଖଟପଲଙ୍କ, କଂସାବାସନାଦି ବିକ୍ରି ହୋଇ ଧାନ ଖରିଦ କରି ବିତରଣ କରାହେଲା । ଘର ଏବଂ ଅଳ୍ପ କିଛି ଭୂସମ୍ପତ୍ତି ଛଡ଼ା ସମସ୍ତ ଜମି ବିକ୍ରି ହୋଇ ଦରିଦ୍ରଙ୍କ ସେବାରେ ଲାଗିଲା ଏବଂ ଅକାଳର ସମୟ ବ୍ୟତୀତ ହୋଇଗଲା । ବୋଧଳାଜି ସ୍ୱୟଂ ମଜୁରି କରି ସ୍ତ୍ରୀ, ପୁତ୍ର, କନ୍ୟାଙ୍କୁ ପାଳନପୋଷଣ କଲେ । ତାଙ୍କର ସମସ୍ତ ସମ୍ପତ୍ତି ନଷ୍ଟ ହୋଇଯିବାରୁ ସେ ମଜୁରି କରି ଚଳୁଥିଲେ, କିନ୍ତୁ ତାଙ୍କର ତଥା ତାଙ୍କ ପରିବାରର ଦରିଦ୍ରତାର ଦୁଃଖ ଲେଶମାତ୍ର ନ ଥିଲା । ସେମାନେ ଭଗବତ୍ ଭକ୍ତିରେ ମହାନ୍ ଆନନ୍ଦ ଅନୁଭବ କରୁଥିଲେ । ସେହି ଅଭାବ ଅବସ୍ଥାରେ ବି ଭୋକୀ-ଶୋଷୀ, ଅତିଥି-ଅଭ୍ୟାଗତ ଖାଲି ହାତରେ ଫେରୁ ନ ଥିଲେ । ସମ୍ପତ୍ତିରେ ବ୍ୟକ୍ତି ସୁଖୀ ହୁଏ ନାହିଁ, ହୁଏ ଅନ୍ତରରେ ଅଭାବ ନ ଥିଲେ । ଅଭାବ ଦୂର ହୁଏ କେବଳ ଭଗବତ୍ ଭକ୍ତିରେ । ବୋଧଳାଜି ଭଗବାନଙ୍କ ଅପାର କରୁଣାରୁ ଏହି ପ୍ରଥମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଏହାପରେ ଆସିଲା ଦ୍ୱିତୀୟ ପରୀକ୍ଷା ।

ଭଗବାନଙ୍କ ସଂସାର ବିଚିତ୍ର । ଭଗବାନଙ୍କ ଭକ୍ତ ଅନ୍ୟର ହିତ କରନ୍ତି, କିନ୍ତୁ ସେଥିରେ ଗାତ୍ରଦାହ ହୁଏ ଦୁଷ୍ଟ ବ୍ୟକ୍ତିଙ୍କର । ସେମାନେ କାହାର ଉତ୍କର୍ଷ ବରଦାସ୍ତ କରିପାରନ୍ତି ନାହିଁ । ବୋଧଳାଜିଙ୍କ ନିର୍ଭୀକତା, ଆଡ଼ମ୍ବର-ଶୂନ୍ୟ ଯଥାର୍ଥ ତ୍ୟାଗର ପ୍ରଶଂସା ହେବାକୁ ଲାଗିଲା । ତାଙ୍କର ଯଶଃ ଚାରିଆଡ଼େ ବ୍ୟାପିଗଲା । ସମସ୍ତଙ୍କ ମୁଖରେ ଧନ୍ୟ ଧନ୍ୟ । ଏହି ପ୍ରଶଂସାର ଆକାଶଚୁମ୍ବୀ ଅଗ୍ନିଶିଖାରେ ଦୁଷ୍ଟ ବ୍ୟକ୍ତିଙ୍କର ହୃଦୟ ଜଳିପୋଡ଼ି ଦଗ୍ଧ ହୋଇଗଲା । ସେମାନେ ବୋଧଳାଜିଙ୍କ

ଦରିଦ୍ରତାରୁ ଲାଭ ଉଠାଇ ନିଜ ଦଗ୍ଧ ହୃଦୟ ଶାନ୍ତ କରିବା ଉଦ୍ଦେଶ୍ୟରେ କେତେକ ବ୍ୟକ୍ତିଙ୍କୁ ପ୍ରବର୍ତ୍ତାଇ ରାଜାଙ୍କ ଖଜଣା ଅସୁଲ କରୁଥିବା ଅଫିସରଙ୍କ ପାଖରେ କହିଲେ, ''ମନକୋଜି ବୋଧଳାଠାରୁ ନିର୍ଦ୍ଦିଷ୍ଟ ଦିନରେ ପ୍ରଥମରେ ଖଜଣା ଅସୁଲ କର । ସେ ନ ଦେଲେ ଆମ୍ଭେମାନେ କେହି ଦେବୁ ନାହିଁ ।'' ସେମାନେ ଜାଣିଥିଲେ ଯେ ବୋଧଳାଙ୍କ ପାଖରେ ଟଙ୍କା ନାହିଁ । କେହି ମହାଜନ ବି ତାଙ୍କୁ ଟଙ୍କା ଦେବେ ନାହିଁ । ଖଜଣା ଅସୁଲ କରୁଥିବା ଅଫିସର ମନେକଲେ, ''ଦୁର୍ଭିକ୍ଷ କାଳରେ ଜଣକ ଖଜଣା ଦେବାରେ ଯଦି ସହଜରେ ସମସ୍ତଙ୍କ ଖଜଣା ଆଦାୟ ହୋଇଯିବ ତେବେ ସେହି ଜଣକୁ ଧରିବା ଉଚିତ ହେବ ।'' ଏକଥା ଶୁଣିବା ସଙ୍ଗେ ସଙ୍ଗେ ସେ ନିଜ କର୍ମଚାରୀମାନଙ୍କୁ ପଠାଇଦେଲେ । ସେମାନେ ବୋଧଳାଜିଙ୍କୁ ଖଜଣା ଦେବା ସକାଶେ ଜୁଲମ୍ କଲେ । କହିଲେ, ''କାଲି ନିର୍ଦ୍ଦିଷ୍ଟ ସମୟରେ ଖଜଣା ନ ଦେଲେ ଘର କୋରଖ କରାହେବ ଏବଂ ଘରୁ ବାହାର କରିଦିଆ ହେବ ।'' ଏକଥା କହି ସେମାନେ ଚାଲିଗଲେ । ବୋଧଳାଙ୍କ ମଜୁରି ପଇସାରୁ ମାମାତାଇ କିଛି ବଞ୍ଚାଇ ରଖିଥିଲେ । ସେହି ପଇସା ନେଇ ବୋଧଳାଜି ନଗାଉ ନାମରେ ଗୋଟିଏ ମହାଜନଙ୍କ ପାଖରେ ପହଞ୍ଚିଲେ । କହିଲେ, ''ସୁଧ ବାବଦରେ ପ୍ରଥମରୁ ମୋଠାରୁ ଏତକ ପଇସା ରଖି ମୋତେ ଏତେ ଟଙ୍କା କରଜ ଦିଅ ।'' ମହାଜନ ବୋଧଳାଙ୍କ ସତ୍ୟତା ଆଗରୁ ଜାଣିଥିଲେ । ସେଥିପାଇଁ କାଲି ସକାଳେ ଟଙ୍କା ଦେବା କଥାକହି ବୋଧଳାଙ୍କୁ ବିଦା କଲେ । ବୋଧଳାଜି ଫେରିବା ପରେ ମହାଜନ ଖବର ପାଇଲେ, ସେ ଦରିଦ୍ରଙ୍କୁ ଅନ୍ନଦାନ କରି ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛନ୍ତି । ମହାଜନଙ୍କ ମନ ପରିବର୍ତ୍ତନ ହୋଇଗଲା । ସେ ଭାବିଲେ, ''ପାଖରେ ଧନ ଥିଲେ ମନୁଷ୍ୟ ସତ୍ୟ ରକ୍ଷା କରେ, ପାଖରେ ନ ଥିଲେ ସତ୍ୟରକ୍ଷା ସକାଶେ ଧନ ଆଣିବ କେଉଁଠୁ ? ତା' ଛଡ଼ା ଖଜଣା ସକାଶେ ଟଙ୍କା ନ ରଖି ଗୋରୁଗାଈ, କଂସାଥାଳି ପର୍ଯ୍ୟନ୍ତ ବିକ୍ରିକରି ଦାନଦେବା ବ୍ୟକ୍ତିକୁ କରଜ ଦେବା ଉଚିତ ନୁହେଁ ।'' ତହିଁ ଆରଦିନ ସକାଳୁ ବୋଧଳାଜି ଆସିବା ସଙ୍ଗେ ସଙ୍ଗେ ଟଙ୍କା ଦେବାକୁ ଅସ୍ୱୀକାର କରି ମହାଜନ ତାଙ୍କୁ ଫେରାଇ ଦେଲେ । ବୋଧଳାଜି ନିରାଶ ହୋଇ ଘରକୁ ଫେରିଆସି ମାମାତାଇଙ୍କୁ ସମସ୍ତ ଘଟଣା ଜଣାଇଦେଲେ ଏବଂ କହିଲେ, ''ଚିନ୍ତାକର ନାହିଁ, ଆମ ପଣ୍ଡରୀନାଥ ଆମକୁ ନିଶ୍ଚୟ ରକ୍ଷା କରିବେ ।'' ଏତିକି କହି ସେ ଚାଲିଗଲେ ଅନ୍ୟ ମହାଜନ ପାଖକୁ । ଦ୍ୱିପ୍ରହର ହୋଇଗଲା । ହାବିଲଦାର ପିଆଦାମାନଙ୍କୁ ସଙ୍ଗରେ ନେଇ ବୋଧଳାଙ୍କ ଘରେ ପହଞ୍ଚିଲେ । ସେହି ଅବସରରେ ଦୁଷ୍ଟ ଲୋକମାନେ ପ୍ରଚାର କରିଦେଲେ ଯେ ଟଙ୍କା ନ ଦେଇ ପାରିବାରୁ ବୋଧଳା ଲୁଚି ପଳାଇଗଲା । ପରସ୍ପର କହିବାକୁ ଲାଗିଲେ, ''ବଡ଼ ଦାନୀ ହୋଇଥିଲା । ପଣ୍ଡରୀନାଥ, ପଣ୍ଡରୀନାଥ କହି ପାଗଳଙ୍କ ପରି ନାଚୁ ଥିଲା । ଏବେ ପଣ୍ଡରୀନାଥ ଆସି ବଚ୍ଚାକୁ ରଖନ୍ତୁ ।'' ସେ ସମୟରେ ରାଜାମାନଙ୍କ ଶାସନରେ ଖଜଣା ସକାଶେ କୋର୍ଟରେ ନାଲିସ କରିବା ପ୍ରଣାଳୀ ନ ଥିଲା । କାସ୍ତକାର ବା ମକଦମା ନିର୍ଦ୍ଧାରିତ ଦିନରେ ଟଙ୍କା ନ ଦେଇପାରିଲେ ଉପରିସ୍ଥ ଅଫିସରଙ୍କ ହୁକୁମରେ ହାବିଲଦାର ଘର କୋରଖ କରୁଥିଲେ ଏବଂ ଘରୁ ବ୍ୟକ୍ତିଙ୍କୁ ବାହାର କରି ତାଲା ବନ୍ଦ କରିଦେଉଥିଲେ । ବୋଧଳାଜି ନିର୍ଦ୍ଦିଷ୍ଟ ଦିନରେ ଖଜଣା ଦେଇପାରିଲେ ନାହିଁ, ହାବିଲଦାର ମାମାତାଇ ତଥା ତାଙ୍କ ପୁତ୍ରପୁତ୍ରୀଙ୍କୁ ଘରୁ ବାହାର କରିଦେଲେ; ଘରେ ପଶି ଟଙ୍କାକର ଜିନିଷ ମଧ୍ୟ ପାଇଲେ ନାହିଁ ଏବଂ ଘରେ ତାଲା ବନ୍ଦ କରିଦେଲେ । ମାମାତାଇ ପୁତ୍ରକନ୍ୟାଙ୍କ ସଙ୍ଗେ ଆସି ବସିଲେ ଦାଣ୍ଡରେ, ଗୋଟିଏ ଗଛ ମୂଳରେ । ଏହି ଦୃଶ୍ୟରେ ଷଡ଼ଯନ୍ତ୍ରକାରୀ ଦୁଷ୍ଟମାନଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେମାନେ ଅନ୍ୟକୁ ଶୁଣାଇ ଶୁଣାଇ କହିଲେ, ''ଦେଖିଲ ବୋଧଳାର ଭକ୍ତିର ପ୍ରଭାବ ? ଧାନଚାଉଳ, ସମ୍ପତ୍ତିବାଡ଼ି, ଟଙ୍କାପଇସା ଭିକମଗାମାନଙ୍କୁ ଖୁଆଇଦେଇ ସ୍ତ୍ରୀ, ପୁତ୍ରକନ୍ୟାଙ୍କୁ ଗଛମୂଳେ ବସାଇ ଦେଲା । ମଥା ଖରାପ ନ ହେଲେ ଏପରି ହୁଅନ୍ତା ?'' ଅନ୍ୟ ଜଣେ ଦୁଷ୍ଟ ବ୍ୟକ୍ତି କହିଲା, ''ସେ ରାତ୍ରିରେ ବିଠଲ୍, ବିଠଲ୍ କହି ପାଗଳ ପରି ନାଚୁଥିଲା, ନିଜେ ଶୋଉ ନ ଥିଲା କି ଅନ୍ୟକୁ ଶୁଆଇ ଦେଉ ନ ଥିଲା । ନ ଶୋଇବା ଯୋଗୁଁ ମସ୍ତିଷ୍କବିକୃତି ହୋଇଗଲା ।''

ଭଗବାନ୍ ଭକ୍ତର ଦୁଃଖ ବରଦାସ୍ତ କରିପାରନ୍ତି ନାହିଁ । ଭକ୍ତକୁ ରକ୍ଷା କରିବା ସକାଶେ ଭକ୍ତ ସଙ୍ଗେ ଛାୟା ସଦୃଶ ରହିଥାଆନ୍ତି, ଭକ୍ତର ବିପଦକୁ ଦୂର କରନ୍ତି, ଭକ୍ତ ଉପରେ ଆସୁଥିବା ପ୍ରହାରକୁ ନିଜ ଉପରେ ନେଇନିଅନ୍ତି । ଠିକ୍ ସେହି ସମୟରେ ଧାମଣ ଗ୍ରାମର ବିଠ୍ୟା ମହାଁର (ମହାଁର ହେଲେ ବାଉରି ସଦୃଶ ଏକ ଜାତି) ଆସି ବୋଧଳାଙ୍କ ଘରେ ଚାବି

ବନ୍ଦ କରିଥିବା ଅଫିସରଙ୍କୁ ବିନୀତ ଭାବରେ ଜୁହାର କଲେ । ସେ କହିଲେ, ''ଏହି ଖଜଣା ମନକୋଜି ବୋଧଳା ପଠାଇଛନ୍ତି । ଏହାକୁ ନେଇ ରସିଦ ଦିଅନ୍ତୁ ।'' ଅଫିସର ଟଙ୍କା ଗଣିନେଲେ ତଥା ରସିଦ ଲେଖି ଦସ୍ତଖତ କରି ଦେଇଦେଲେ । ସେ ସଙ୍ଗେ ସଙ୍ଗେ ଘର ଚାବି ଖୋଲିଦେଲେ ଏବଂ ମାମାତାଇ ତଥା ତାଙ୍କ ପୁତ୍ରକନ୍ୟାଙ୍କୁ ଘରକୁ ଯିବା ସକାଶେ ଆଦର-ସତ୍କାରପୂର୍ବକ କହିଲେ । ସେ ମନକୋଜିଙ୍କ ପ୍ରତିଜ୍ଞା ସତ୍ୟ ଦେଖି ବିଶେଷ ଆନନ୍ଦିତ ହେଲେ । ଘରେ ଟଙ୍କାକର ଜିନିଷ ନ ଥିବା ସତ୍ତ୍ୱେ ନିଜ ବଚନ ରକ୍ଷା କରିବା ସକାଶେ ପୁତ୍ରକନ୍ୟାଙ୍କୁ ଉପବାସ ରଖି ଏତେ ଟଙ୍କା ଦେଇଦେବା ଦେଖି ଅଫିସର ଭକ୍ତ ମନକୋଜି ବୋଧଳାଙ୍କୁ ମନେ ମନେ ବିଶେଷ ପ୍ରଶଂସା କଲେ । ତାଙ୍କ ପ୍ରତି ବିଶେଷ ଅନୁରକ୍ତି ଏବଂ ସହାନୁଭୂତି ଉତ୍ପନ୍ନ ହେଲା । ଭକ୍ତ ବୋଧଳାଙ୍କ ବିରୋଧରେ କହିଥିବା ଦୁଷ୍ଟ ବ୍ୟକ୍ତିଙ୍କ ଉପରେ ସେ ଭୟଙ୍କର ଭାବେ ରାଗିଗଲେ ଏବଂ ଏକପ୍ରହର ମଧ୍ୟରେ ଖଜଣା ନ ଦେଲେ ସମସ୍ତଙ୍କ ଘର କୋରଖ ହେବା କଥା ରୋଷଯୁକ୍ତ ଭାବରେ ଦୃଢ଼ତା ସହିତ କହିଲେ ଏବଂ ନିଜ କର୍ମଚାରୀମାନଙ୍କୁ ହୁକୁମ ମଧ୍ୟ ଦେଇଦେଲେ । ଦରିଦ୍ର ଅବସ୍ଥାରେ ମନକୋଜି ବୋଧଳା ଏତେ ଟଙ୍କା କେଉଁଠୁ ଆଣିଲେ, ଏହି କଥାରେ ଦୁଷ୍ଟ ଲୋକମାନେ ବିଶେଷ ଆଶ୍ଚର୍ଯ୍ୟ ହୋଇପଡ଼ିଲେ ଏବଂ ନିଜ ନିଜ ଘର କୋରଖ ହେବା ହୁକୁମ ଶୁଣି ଭୟରେ ସେମାନଙ୍କ ହୃଦୟ କମ୍ପିଲା । ପ୍ରହରକ ମଧ୍ୟରେ କଂସାବାସନ ବନ୍ଧକ ଦେଇ, ଗୋରୁ ବାଛୁରୀ ବିକି ଏବଂ ଟଙ୍କାକ ଧନ ଆଠ ଅଣାରେ ଦେଇ କୌଣସିମତେ ଖଜଣା ପରିଶୋଧ କରି ଅଫିସରଙ୍କୁ ବିଦା କଲେ ।

ଭକ୍ତ ମନକୋଜି ବୋଧଳା ଟଙ୍କା କରଜ ପାଇଁ ବହୁ ଜାଗା ବୁଲି ବୁଲି ଫେରିଲେ । କିଏ ଅବା ଦିଅନ୍ତା ? ସୁଧ ସହିତ ସୁରୁଖୁରୁରେ ମୂଳଧନ ଆଦାୟ ହେବାର ଆଶା ନ ଦେଖିଲେ ମହାଜନମାନେ କରଜ କାହିଁକି ଦିଅନ୍ତେ ? ତାଙ୍କ ଘରେ କ'ଣ ଟଙ୍କା ଶଢ଼ିଯାଉଥିଲା ? ବୋଧଳାଜି ସତ୍ୟବାଦୀ । ସେ ନିର୍ଦିଷ୍ଟ ଦିନରେ ଖଜଣା ଦେବା କଥା କହି କିପରି ମନା କରିବେ ? ସେ ଘରକୁ ଫେରିଲେ ନାହିଁ । ଶେଷରେ ଗୋଟିଏ ସ୍ଥାନରୁ ଟଙ୍କା ପାଇ ସିଧା ଅଫିସରଙ୍କ କଚେରିକୁ ଗଲେ । ଅଫିସରଙ୍କୁ କହିଲେ, ''ହଜୁର, ଟଙ୍କା ଯୋଗାଡ଼ ହେବାରେ ବିଳମ୍ବ ହୋଇଗଲା, କ୍ଷମା କରନ୍ତୁ, ଖଜଣା ଟଙ୍କା ଗଣି ନିଅନ୍ତୁ ।'' ଅଫିସର କହିଲେ, ''ତୁମେ ଘରେ ନ ଥିବା ସମୟରେ ତୁମ ସ୍ତ୍ରୀ କେଉଁଠୁ ଟଙ୍କା ମଗାଇ ପଠାଇ ଦେଇଛନ୍ତି । ଦେଖ, ମୁଁ ରସିଦ କାଟି ଦେଇଛି । ମୁଁ ଯାଇ ଘର କୋରଖ କରି ତୁମ ଘରେ ତାଲା ବନ୍ଦ କରାଇ ଦେଇଥିଲି, କିନ୍ତୁ ତୁମ ଚାକର ବିଠ୍ୟା ମହାଁର ଟଙ୍କା ଆଣି ଦେବାରୁ ସଙ୍ଗେ ସଙ୍ଗେ ତୁମ ଘର ଖୋଲାଇ ଦେଲି ଏବଂ ରସିଦ ମଧ୍ୟ କାଟିଦେଲି । ରସିଦ ବହି ଦେଖିନିଅ । ବୋଧହୁଏ ତୁମ ଚାକର ବିଠ୍ୟା କେଉଁଠୁ ଟଙ୍କା ଆଣିଥିବ ।'' ଏକଥା ଶୁଣି ବୋଧଳାଜି ଘରକୁ ଆସି ମାମାତାଇଙ୍କୁ ପଚାରିଲେ, ''ତୁମେ ଟଙ୍କା କେଉଁଠୁ ଆଣି ବିଠ୍ୟା ମହାଁର ଦ୍ୱାରା ଅଫିସରଙ୍କୁ ଖଜଣା ଦେଲ ?'' ମାମାତାଇ କହିଲେ – ''ମୁଁ ଟଙ୍କା କେଉଁଠୁ ଆଣନ୍ତି ?'' ତା'ପରେ ବୋଧଳାଜି ସିଧା ଗଲେ ବିଠ୍ୟା ମହାଁର ଘରକୁ । ବିଠ୍ୟା ମହାଁର କହିଲା, ''ଟଙ୍କା କିଏ, ମୁଁ କିଏ ? ମୋ ଘର ବିକିଲେ ସେତେ ଟଙ୍କା ହେବ ନାହିଁ, ମୋତେ ବା ଟଙ୍କା ଦେବ କିଏ ? ମୁଁ ତ କାଲି ଦିନସାରା ଘରୁ ବାହାରି ନାହିଁ ।'' ଏକଥା ଶୁଣି ଭକ୍ତ ମନକୋଜିଙ୍କ ହୃଦୟ ଭଗବାନଙ୍କ ପ୍ରତି କୃତଜ୍ଞତାରେ ଉଛୁଳି ପଡ଼ିଲା । ଆଉ ସେ ନିଜକୁ ସମ୍ଭାଳି ପାରିଲେ ନାହିଁ । ଆଖିରୁ ଲୁହଧାର ବହି ଚାଲିଲା । ଶରୀର କମ୍ପିବାକୁ ଲାଗିଲା, ଲୋମ ଟାଙ୍କୁରି ଉଠିଲା; ସମସ୍ତ ଶରୀରରୁ ଝାଳ ବହିଗଲା । ଏହାହିଁ ଉତ୍କୃଷ୍ଟ ଭକ୍ତିର ଲକ୍ଷଣ । ଭଗବାନ୍ ବିଠ୍ୟା ବାଉରି ରୂପ ଧାରଣ କରି ଅଫିସରଙ୍କୁ ଜୁହାର କରି ଟଙ୍କା ଦେବା କଥା ସ୍ମରଣ ହେବାମାତ୍ରେ ତାଙ୍କର ହୃଦୟ ବିଦୀର୍ଣ୍ଣ ହୋଇଗଲା । ଏହି କଥାଟିକୁ ସେ ଆଉ ଭୁଲିପାରିଲେ ନାହିଁ । ସବୁ ସମୟରେ ଭଗବାନଙ୍କ ନାମ ସ୍ମରଣରେ ଡୁବି ରହିଲେ । ଭଗବତ୍ ଦର୍ଶନ ସକାଶେ ତାଙ୍କର ସମସ୍ତ ସତ୍ତା ବ୍ୟାକୁଳ ହୋଇ ଉଠିଲା ।

ଭଗବାନ୍ କରୁଣାମୟ, ଭକ୍ତବତ୍ସଳ । ସେ ଭକ୍ତର ଇଚ୍ଛା ପୂର୍ତ୍ତି କରିବାରେ ସର୍ବଥା ତତ୍ପର ଥାଆନ୍ତି । ଭକ୍ତ ବୋଧଳାଙ୍କର ତୀବ୍ର ଅଭୀପ୍ସା ଦେଖି ଭଗବାନ୍ ପ୍ରକଟ ହୋଇ ଦର୍ଶନ ଦେଲେ । ବୋଧଳାଙ୍କର ଭଗବତ୍ ପ୍ରେମ ଅଧିକାଧିକ ବଢ଼ିଚାଲିଲା ।

ପ୍ରତ୍ୟେକ ଭକ୍ତର ସ୍ୱଭାବ ତଥା ତା'ର ଆତ୍ମାର ସ୍ଥିତି ଅନୁସାରେ ଭଗବାନ୍ ତା'ର ବିଧାନ କରନ୍ତି । ଭଗବାନଙ୍କ

ପ୍ରତ୍ୟେକ ବିଧାନ ହୁଏ ଭକ୍ତର କଲ୍ୟାଣ ସକାଶେ । ସେଥିରେ ତା'ର ହୃଦୟ ପବିତ୍ର ହୁଏ, ସେ ଭଗବାନଙ୍କ କରୁଣା ଅନୁଭବ କରେ, ତା'ର ସାହସ, ଧୈର୍ଯ୍ୟ ବୃଦ୍ଧିପାଏ, ସେ ପ୍ରତିକୂଳ ଶକ୍ତିର ଆକ୍ରମଣକୁ ଅତିକ୍ରମ କରିବା ସକାଶେ ଭଗବାନଙ୍କ ସାହାଯ୍ୟ ପାଇପାରେ । ଭଗବାନଙ୍କ କରୁଣା ହୁଏ ଭିନ୍ନ ଭିନ୍ନ ରୂପେ । କାହା ଉପରେ ସମସ୍ତ ଐଶ୍ୱର୍ଯ୍ୟ ଢାଳି ଦିଅନ୍ତି ତ କାହାକୁ ସୁଦାମା ସଦୃଶ ଭିକ୍ଷୁକ ଅବସ୍ଥାରେ ରଖନ୍ତି । ଏହି ଉଭୟ ଅବସ୍ଥାରେ ଥାଏ ଭଗବାନଙ୍କର ଅସୀମ କରୁଣା ।

ବୋଧଳାଙ୍କର ଐଶ୍ୱର୍ଯ୍ୟର ଅବସ୍ଥା ଗତ ହୋଇଯାଇଛି, ଆସିଛି ଦରିଦ୍ର ଅବସ୍ଥା । ଐଶ୍ୱର୍ଯ୍ୟ ପରେ ଦରିଦ୍ର ଅବସ୍ଥାରେ ହୁଏ ଭକ୍ତିର ଯଥାର୍ଥ ପରୀକ୍ଷା । ଘରେ କାଣିକଉଡ଼ିର ସମ୍ପତ୍ତି ନାହିଁ । ବିକ୍ରି ହୋଇ ନ ଥିବା ଯାହା ଅଳ୍ପ ଜମି ଥିଲା ସେଥିରୁ ଫସଲ କଟା ହୋଇ ନ ଥାଏ । ଗ୍ରାମରେ ପ୍ରତିଦିନ ମୂଲ ମିଳେ ନାହିଁ । ଏକାଦଶୀ ଆସିଲା । ପୂର୍ବ ନିୟମାନୁସାରେ ବୋଧଳାଜି ପଣ୍ଢରପୁର ଯିବେ । ପଇସା ଅଭାବର ଚିନ୍ତା ଆସିଲା ମାମାତାଇଙ୍କୁ । ବୋଧଳାଜି କିନ୍ତୁ ଅବିଚଳ । ଜଙ୍ଗଲରୁ କାଠ ଭାଙ୍ଗି ଆଣିଲେ; ତାକୁ ବିକ୍ରି କରି ଘରେ ସ୍ତ୍ରୀପିଲାଙ୍କ ପାଇଁ ଭୋଜନର ବ୍ୟବସ୍ଥା କରି ସେ ଯାତ୍ରା କଲେ ପଣ୍ଢରପୁର । ପୂର୍ବ ନିୟମ ଅନୁସାରେ ଏକାଦଶୀ ଦିନ ନିର୍ଜଳା ଉପବାସ କଲେ । ପଣ୍ଢରୀନାଥଙ୍କ ଦର୍ଶନରେ ସେ ଶରୀରର ବୁଦ୍ଧିଶୁଦ୍ଧି ସବୁ ଭୁଲିଗଲେ । ତାଙ୍କ ଚେତନା ଭକ୍ତିର ତୀବ୍ର ସ୍ରୋତରେ ଭାସିଗଲା । ଏକାଦଶୀକୁ ବହୁତ ଭକ୍ତ ପଣ୍ଢରପୁର ଆସନ୍ତି ଏବଂ ସମସ୍ତ ରାତ୍ରି ଜାଗରଣ କରି କୀର୍ତ୍ତନ କରନ୍ତି । ବହୁ ଭକ୍ତଙ୍କ ସମ୍ମିଳିତ କୀର୍ତ୍ତନରେ ଭଗବତ୍ ଭକ୍ତିର ବାତାବରଣ ସୃଷ୍ଟି ହୁଏ । ସେହି କୀର୍ତ୍ତନରେ ଯିଏ ସମ୍ମିଳିତ ହୁଏ ତା' ହୃଦୟରେ ଭଗବତ୍ ପ୍ରେମ ଉଛୁଳି ପଡ଼େ । ବୋଧଳାଜିଙ୍କ କଥା ଛାଡ଼ । କୀର୍ତ୍ତନ ପଦ ଗାଇବା ମାତ୍ରେ ତାଙ୍କ ଚେତନାରେ ଭଗବତ୍ ପ୍ରେମ ଉଛୁଳି ପଡ଼େ । କୀର୍ତ୍ତନ ପଦ ଗାଇବା ମାତ୍ରେ ତାଙ୍କ ଚେତନାର ଭଗବତ୍ ଦିବ୍ୟଧାମରେ ବିଚରଣ କରେ । ସେ ଉନ୍ମତ୍ତ ହୋଇ କେବେ ନାଚନ୍ତି, କେବେ ଭଗବତ୍ ପ୍ରେମରେ ବିଭୋର ହୋଇ କାନ୍ଦନ୍ତି । ଏହିପରି ଦିବ୍ୟାନନ୍ଦ ଅବସ୍ଥାରେ ରାତ୍ରି ଶେଷ ହେଲା । ଦ୍ୱାଦଶୀ ଦିନ ପ୍ରାତଃସ୍ନାନ ଶେଷ କରି ପଣ୍ଢରୀନାଥଙ୍କ ଦର୍ଶନ କଲେ । ତାଙ୍କର ନିୟମ ଥିଲା ଦ୍ୱାଦଶୀକୁ ଚନ୍ଦ୍ରଭାଗା ନଦୀକୂଳରେ ବ୍ରାହ୍ମଣଭୋଜନ ଏବଂ ଦରିଦ୍ର ଭୋଜନ କରାଇ ସେହିଦିନ ସେଠାରେ ରହି ତ୍ରୟୋଦଶୀ ଦିନ ଘରକୁ ଫେରିବା । ତାଙ୍କ ପାଖରେ ଗୋଟିଏ ବୋଲି ପଇସା ନ ଥିଲା । କିନ୍ତୁ ନିୟମନିଷ୍ଠ ବୋଧଳା ହିମତ ନ ହାରି ଜଙ୍ଗଲକୁ ଗଲେ, ବିଡ଼ାଏ କାଠ ଭାଙ୍ଗିଆଣିଲେ । ସେତେବେଳେ ସବୁ ଜିନିଷ ଥିଲା ଶସ୍ତା । ତିନି ପଇସାରେ କାଠ ବିଡ଼ାଟି ବିକ୍ରି କରି ଅଟା କିଣିଲେ । କେବଳ ଶୁଖିଲା ଅଟା । ବ୍ରାହ୍ମଣଭୋଜନର ପ୍ରଶ୍ନ ନ ଥିଲା । କେହି ବ୍ରାହ୍ମଣ ନେବାକୁ ରାଜି ହେଲେ ନାହିଁ । ସେଠାରେ ବଡ଼ ବଡ଼ ଶେଠ, ସାହୁକାରମାନଙ୍କର ନାନାବିଧ ମିଷ୍ଟାନ୍ନଭୋଜନ, ଅଣ୍ଟାପୂରା ଦକ୍ଷିଣା ଛାଡ଼ି ଶୁଖିଲା ଅଟା କିଏ ନିଅନ୍ତା ! ଶେଷରେ ଆସିଲେ ଅସ୍ଥିକଙ୍କାଳବିଶିଷ୍ଟ ବୃଦ୍ଧ ବ୍ରାହ୍ମଣ । ବାଡ଼ି ଧରି ଆସ୍ତେ ଆସ୍ତେ ଆସି ବୋଧଳାଙ୍କ ପାଖରେ ପହଞ୍ଚିଲେ । ଏପରି ବୃଦ୍ଧ ବ୍ରାହ୍ମଣଙ୍କୁ ଶୁଖିଲା ଅଟା ଯାଚିବାର ସାହସ ବୋଧଳାଙ୍କର ନ ଥିଲା । ବୃଦ୍ଧ ସ୍ୱୟଂ କହିଲେ, ''ଭଗତ, ମୋତେ ବହୁତ ଭୋକ ଲାଗିଛି, କିଛି ଭୋଜନ ଦେ ।'' ବୋଧଳାଜି ଉତ୍ତର ଦେଲେ, ''ମହାରାଜ, କେବଳ ଶୁଖିଲା ଅଟା ଛଡ଼ା ଆଉ କିଛି ନାହିଁ ।'' ବ୍ରାହ୍ମଣଦେବତା କହିଲେ, ''ଗୋବର ଘଷି ପଡ଼ିଆରେ ପଡ଼ିଛି, ଯା' ଶୀଘ୍ର ଗୋଟେଇ ଆଣ, ମୁଁ ଏହି ଅଟାକୁ ଭିଜାଇ ବାଟି ତିଆରି କରି କ୍ଷୁଧା ନିବୃତ୍ତି କରିବି ।'' ଏଥିରେ ବୋଧଳାଙ୍କର ଅତ୍ୟନ୍ତ ପ୍ରସନ୍ନତା ହେଲା । ଭଗବାନଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ହୃଦୟ ପୂର୍ଣ୍ଣ ହୋଇଗଲା । ଭଗବାନ୍ ଦୟାକରି ତାଙ୍କ ନିୟମ ରକ୍ଷା କରିବା ସକାଶେ ବ୍ରାହ୍ମଣଙ୍କୁ ପଠାଇଦେଲେ ବୋଲି ସେ ଭାବିଲେ । ବାଟି ତିଆରି ପରେ ନଇଁ ନଇଁ ବାଡ଼ି ଧରି ଆସିଲେ ଅତ୍ୟନ୍ତ ବୃଦ୍ଧା । ତାଙ୍କର ଦାନ୍ତ ବୋଲି କିଛି ନ ଥାଏ । ବ୍ରାହ୍ମଣଙ୍କୁ କହିଲେ, ''ତୁମେ ଭୋଜନ କରିବ, ମୁଁ ଉପବାସ ରହିବି ? ଭଗତ ଦାନରେ ମୋର କ'ଣ ହିଁସା ନାହିଁ ?'' ବ୍ରାହ୍ମଣ ପରିହାସରେ କହିଲେ; ''ତୋର ସବୁ ସମୟରେ ହିଁସା ଅଛି; ବସ୍, ଭୋଜନ କର ।'' ଭଗତ ବୁଝିପାରିଲେ ଯେ ସେହି ବୃଦ୍ଧା ବ୍ରାହ୍ମଣଦେବତାଙ୍କ ପତ୍ନୀ । ବାଟି ତୟାର ହେଲା, ଭଗତ ପତ୍ର ମାଗି ଆଣିଲେ । ବ୍ରାହ୍ମଣ ଏବଂ ବ୍ରାହ୍ମଣୀ ଭୋଜନରେ ବସିଲେ ଏବଂ କହିଲେ, ''ଭଗତ, ତୁ ବି ଭୋଜନ କର ।'' ବୋଧଳାଜି ଭାବିଲେ, ''ତିନିପଇସାରେ ଅଟା, ଜଣକୁ ନିଅଣ୍ଟ, ଫେର୍ ଦୁଇଜଣ, ସେଥିରେ ପୁଣି ମୁଁ ?'' ଭଗତ ହାତ

ଯୋଡ଼ି କହିଲେ, ''ମହାରାଜ, ଆପଣ ଏବଂ ମା' ଭୋଜନ କରନ୍ତୁ, ଶେଷରେ ପତ୍ରରେ ଲାଗିଥିବା ପ୍ରସାଦ ଏକକଣିକା ମୁଁ ନେଇନେବି । ମୋର ପ୍ରାର୍ଥନା, ଆପଣ ସନ୍ତୁଷ୍ଟ ହୋଇ ଭୋଜନ କରନ୍ତୁ, ମୋ ସକାଶେ ବଞ୍ଚାଇ ରଖନ୍ତୁ ନାହିଁ ।'' ବ୍ରାହ୍ମଣ ବ୍ରାହ୍ମଣୀଙ୍କ ଭୋଜନ ଶେଷ ହେଲା, ସେମାନେ ପୂର୍ଣ୍ଣ ତୃପ୍ତ ହୋଇଥିବା ଭଗତ ବୁଝିପାରିଲେ, କିନ୍ତୁ ପତ୍ରରେ ବଳିଥିଲା ଜଣେ ବ୍ୟକ୍ତିର ଭୋଜନ । ଭଗତ ସମ୍ମୁଖରେ ସେମାନେ ପୂରା ଭୋଜନ କଲେ, ପୁଣି ଏତେ ବଞ୍ଚିଲା କିପରି ? ବ୍ରାହ୍ମଣବ୍ରାହ୍ମଣୀ ବହୁତ ସନ୍ତୁଷ୍ଟ ହୋଇ ଭଗତକୁ ଆଶୀର୍ବାଦ ଦେଲେ; କହିଲେ, ''ଭଗତ, ଆଜି ତୋ ଅନ୍ନରେ ଯେତେ ସ୍ୱାଦ ଥିଲା ବହୁବର୍ଷରୁ କୌଣସି ଭୋଜନରେ ଏପରି ସ୍ୱାଦ ପାଇ ନ ଥିଲୁ । ତୁ ଭୋଜନ କର, ଆମେ ଯାଉଛୁ ।'' ତାଙ୍କ ମୁଖରୁ ବାକ୍ୟ ସମାପ୍ତ ହେବା ସଙ୍ଗେ ସଙ୍ଗେ ସେମାନେ ସେହିଠାରେ ଅଦୃଶ୍ୟ । ଭ୍ରମ ହେବାର କୌଣସି କାରଣ ନ ଥିଲା, ଏକେବାରେ ପ୍ରତ୍ୟକ୍ଷ ଘଟଣା । ଶ୍ରୀକୃଷ୍ଣ ଓ ମା' ରୁକ୍ମିଣୀ ବୃଦ୍ଧ ବ୍ରାହ୍ମଣ ଓ ବୃଦ୍ଧା ବ୍ରାହ୍ମଣୀ ରୂପରେ ଆସି ଭଗତଙ୍କ ପ୍ରେମ-ଉତ୍ସର୍ଗ ଭୋଜନ ଗ୍ରହଣ କଲେ, ଏହା ସ୍ପଷ୍ଟରୂପେ ଭଗତ ଅନ୍ତରରେ ଅନୁଭବ କଲେ । ତାଙ୍କର ଆନନ୍ଦର ପାରାବାର ରହିଲା ନାହିଁ । ସେ ସାକ୍ଷାତ୍ ଭଗବତ୍ ପ୍ରସାଦ ଗ୍ରହଣ କଲେ । ସେହି ପ୍ରସାଦ-ସେବନରେ ତାଙ୍କର ଜନ୍ମ କୃତାର୍ଥ ହୋଇଗଲା । ସମସ୍ତ ପିତୃଲୋକ ଉଦ୍ଧାର ହୋଇଗଲେ । ସେହି ପ୍ରସାଦର ସ୍ୱାଦ ସେ କଳ୍ପନା କରିପାରିଲେ ନାହିଁ । ସେ ସ୍ୱାଦ ଥିଲା ଦିବ୍ୟଲୋକର ଅମୃତର ସ୍ୱାଦ । ଉତ୍ତର ପ୍ରଦେଶରେ ଅଟାରେ ବହୁବିଧ ମସଲା ଏବଂ ଘୃତ ଦେଇ ଅଟା ମାଡ଼ି ଗୋଲ ଗୋଲ ମଣ୍ଡାପିଠା ସଦୃଶ କରି ଘଷିନିଆଁରେ ରଖିଦିଅନ୍ତି । ଅଗ୍ନିରେ ପାକ ହୁଏ । ତାହାର ସ୍ୱାଦ ଭଲ ହୁଏ । କିନ୍ତୁ ଖାଲି ଅଟାବାଟିକୁ କେବଳ କ୍ଷୁଧାନିବୃତ୍ତି ସକାଶେ ଲୋକେ ଖାଆନ୍ତି, ସେଥିରେ ସ୍ୱାଦ ନ ଥାଏ । ସେଦିନ ଖାଲି ଅଟାବାଟିରେ ଥିଲା ଅମୃତର ସ୍ୱାଦ । ଭଗତ ଉଦରପୂର୍ଣ୍ଣ ଭୋଜନ କଲେ । ଭଗବାନଙ୍କ ପ୍ରସାଦ ଜାଣି ପତ୍ର ଚାଟିକରି ଖାଇଲେ । ଭଗବତ୍ ପ୍ରେମରେ ତାଙ୍କ ମନ-ପ୍ରାଣ-ଶରୀର ପୂର୍ଣ୍ଣ ହୋଇଗଲା । ପ୍ରସାଦସେବନ ପରେ ପ୍ରେମବିହ୍ୱଳ ହୋଇ ସେହି ନଦୀକୂଳରେ ସମାଧିସ୍ଥ ହୋଇ ରହିଲେ । ରାତ୍ରି ମଧ୍ୟ ବିତିଗଲା । କେବଳ ଆନନ୍ଦହିଁ ଆନନ୍ଦ । ନିଦ୍ରାର ସ୍ଥାନ ନ ଥିଲା । ତ୍ରୟୋଦଶୀ ଦିନ ଭୋରରୁ ଚନ୍ଦ୍ରଭାଗା ନଦୀରେ ସ୍ନାନ କରି ପଣ୍ଢରୀନାଥଙ୍କୁ ଦର୍ଶନ କଲେ । ସେ ଅନୁଭବ କଲେ ଯେପରି ତାଙ୍କୁ ଦେଖି ଭଗବାନ୍ ହସୁଛନ୍ତି । ବୋଧଳା ଅତ୍ୟନ୍ତ ପ୍ରେମ ଗଦ୍‌ଗଦ ସ୍ୱରରେ କହିଲେ, ''ପ୍ରଭୁ, ତୁମ ଦୟାକୁ ଧନ୍ୟ । ତୁମେ ନାନାପ୍ରକାର ମିଷ୍ଟାନ୍ନ ଛାଡ଼ି ଶୁଖିଲା ଅଟାର ବାଟି ନିଜେ ତିଆରି କରି ଭୋଜନ କଲ । ଏହା ତୁମର ଅପାର କରୁଣା ଏବଂ ଦୟା ।''

ଭଗବାନ୍ କହିଲେ, ''ଭାଇ, ତୋ ପରି ଭକ୍ତର ପତ୍ର, ଫଳ, ତଣ୍ଡୁଳକୁ ମୁଁ ଅପେକ୍ଷା କରିଥାଏ । ପାଇବାମାତ୍ରେ କୋଟିନିଧି ପରି ଗ୍ରହଣ କରେ । ବଡ଼ ବଡ଼ ଧନୀମାନେ ବହୁବିଧ ମିଷ୍ଟାନ୍ନ ଭୋଜନ କରାନ୍ତି, କିନ୍ତୁ ମୋତେ ଦିଅନ୍ତି ନାହିଁ । ତୁ ଯଦି ଦେଖିବାକୁ ଚାହୁଁ କାଲି ଅମୁକ ସ୍ଥାନକୁ ଯିବୁ, ମୁଁ ମଧ୍ୟ ସେଠାକୁ ଯିବି ।''

ତହିଁ ଆରଦିନ ବୋଧଳା ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଗଲେ । ସେଠାରେ ବହୁପ୍ରକାର ମିଷ୍ଟାନ୍ନ ତିଆରି ହୋଇଥିଲା । ହଜାର ସଂଖ୍ୟାର ବ୍ରାହ୍ମଣ ଭୋଜନ ସକାଶେ ନିମନ୍ତ୍ରିତ ହୋଇ ଆସିଥିଲେ । ଶେଠଜି ସ୍ୱୟଂ ଛିଡ଼ା ହୋଇଥା'ନ୍ତି । ତାଙ୍କ ବିଶ୍ୱସ୍ତ ସେବକ ତାଲିକାଖାତାରୁ ନାମ ଦେଖି ବ୍ରାହ୍ମଣମାନଙ୍କୁ ବସାଉଥା'ନ୍ତି । ସେହି ସମୟରେ ଗୋଟିଏ କୁରୂପ ଅସ୍ଥିକଙ୍କାଳଯୁକ୍ତ ବୃଦ୍ଧ ବ୍ରାହ୍ମଣ ମଇଳା ଗାମୁଛା ପିନ୍ଧି ବାଡ଼ି ଧରି ନଇଁ ନଇଁ ଟଳଟଳ ହୋଇ ଚାଲି ପହଞ୍ଚିଲେ । କହିଲେ, ''ଶେଠଜି, ମୋତେ ବହୁତ କ୍ଷୁଧା ଲାଗୁଛି । ମୁଁ ଭୋଜନ କରିବାକୁ ଚାହେଁ ।'' ଶେଠଜି ପଚାରିଲେ, ''ଏହାର ନାମ ଖାତାରେ ଅଛି କି ?'' ତାଲିକାଖାତା ଦେଖୁଥିବା ବ୍ୟକ୍ତି ନାମ ପଚାରି ଖାତା ଦେଖି ମନାକରିଦେଲେ । ଶେଠଜି କହିଲେ, ''ବିନା ନିମନ୍ତ୍ରିତ ବ୍ରାହ୍ମଣକୁ ଭୋଜନ ଦେଲେ ହଜାର ହଜାର ସଂଖ୍ୟାର କାଙ୍ଗାଳ, ଜାତି କୁଜାତି ପଇତାଟାଏ ପକାଇ ପହଞ୍ଚିଯିବେ, ଧର୍ମକର୍ମ ଭ୍ରଷ୍ଟ ହେବ । ଏଠାରେ ବିନା ନିମନ୍ତ୍ରିତ ବ୍ୟକ୍ତିଙ୍କୁ ଭୋଜନ ମିଳିବ ନାହିଁ ।'' କିନ୍ତୁ ବ୍ରାହ୍ମଣ ଅତ୍ୟନ୍ତ ଆଗ୍ରହରେ କହିଲେ, ''ଏଠାରେ ଏତେ ବ୍ରାହ୍ମଣ ଭୋଜନ କରିବେ, ସେଥିରେ ଆଉ ଜଣେ ମିଶିଲେ କମି ପଡ଼ିବ ନାହିଁ ।'' ଏହା କହି ପରଷା ହେଉଥିବା ପଙ୍‌କ୍ତିରେ ବସିପଡ଼ିଲେ । ଏପରି ଧୃଷ୍ଟତା ଶେଠମହାଶୟ ବରଦାସ୍ତ କରିପାରିଲେ ନାହିଁ, କେତେ କ'ଣ କହି ବୃଦ୍ଧ ବ୍ରାହ୍ମଣଙ୍କୁ ବାହାର କରିଦେବା ସକାଶେ ଚପରାସୀକୁ ହୁକୁମ ଦେଲେ । ସେ ବ୍ରାହ୍ମଣଙ୍କ

ବାହୁ ଧରି ଟାଣି ଟାଣି ପଂକ୍ତିରୁ ବାହାର କରିଦେଲେ । ବୋଧଳା ଦୂରରେ ଛିଡ଼ାହୋଇ ସବୁ ତାମସା ଦେଖୁଥାଆନ୍ତି । ବ୍ରାହ୍ମଣଙ୍କ ପଂକ୍ତି ଲାଗିଥାଏ । ବହୁପ୍ରକାର ମିଷ୍ଟାନ୍ନ ପରଷା ହେଉଥାଏ । ହଠାତ୍ ଆକାଶରେ ଘୋଟି ଆସିଲା ଘୋର ବରଷା ସଙ୍ଗେ ପ୍ରବଳ ଝଡ଼ବତାସ । ଏଣେ ବ୍ରାହ୍ମଣମାନଙ୍କ ପରଷାପତ୍ର ଉଡ଼ିଗଲା ଓ ପାଣିରେ ଭାସିଗଲା । ବ୍ରାହ୍ମଣମାନେ ଏଣେତେଣେ ପଳାଇଗଲେ । ବୃଦ୍ଧ ବ୍ରାହ୍ମଣ ଭକ୍ତ ବୋଧଳାଙ୍କୁ କହିଲେ, ''ଦେଖିଲୁ, ଧନାଭିମାନୀ ବ୍ୟକ୍ତି ମୋତେ କିଛି ଦିଅନ୍ତି ? ଦିଅନ୍ତି କେବଳ ନିଜ ଅଭିମାନ, ଅହଂକାର ତଥା ନାମଯଶଃକୁ ।'' ବୋଧଳାଜି ଭଗବାନଙ୍କୁ ପ୍ରଣାମ କଲେ ଓ ଭଗବାନ୍ ଅନ୍ତର୍ଦ୍ଧାନ ହୋଇଗଲେ । ବୋଧଳାଜି ପଣ୍ଢରପୁର ଫେରିଆସି ରାତ୍ରିରେ ରହିଲେ । ତହିଁ ଆରଦିନ ଭଗବାନଙ୍କୁ ଦର୍ଶନ କରି ଘରକୁ ଯାତ୍ରା କଲେ ।

ଭକ୍ତ ବୋଧଳା ଭଗବତ୍ ପ୍ରେମରେ ବିଭୋର ହୋଇ ଚାଲୁଥାଆନ୍ତି । କ୍ଷୁଧାତୃଷାର ଧାରଣା ନ ଥାଏ । କିନ୍ତୁ ଦ୍ୱିପ୍ରହରର ତୀବ୍ର ଖରା ଥାଏ । ମାର୍ଗ ମଧ୍ୟରେ ଦେଖିଲେ ଗୋଟିଏ ବଗିଚା । ଫଳଫୁଲରେ ପୂର୍ଣ୍ଣ । ସେ ଭାବିଲେ, ''ଏ ରାସ୍ତାରେ ମୁଁ ବରାବର ଯାଏ, ଏ ବଗିଚା କେବେ ଦେଖି ନାହିଁ, ଏ ଆସିଲା କୁଆଡୁ ?'' ସେ ପୁଣି ମନେକଲେ, ''ଏଠାରେ ବଗିଚା ଥିବ, ବୋଧହୁଏ ମୁଁ ଲକ୍ଷ୍ୟ କରି ନ ଥିବି ।'' ଠିକ୍ ସେହି ସମୟରେ ଗୋଟିଏ ସ୍ତ୍ରୀଲୋକ ଗୋକେଇ ମୁଣ୍ଡାଇ ଭଗତଙ୍କ ପାଖରେ ପହଞ୍ଚିଲେ । ସେ କହିଲେ, ''ଭଗତଜି, ତୁମେ କ୍ଷୁଧାର୍ତ୍ତ ମନେ ହେଉଛ । ଏହି ବଗିଚାର ମାଳୀ ମୋର ପତି । ସେ ପଣ୍ଢରୀନାଥଙ୍କ ଯାତ୍ରୀଙ୍କୁ ବହୁତ ସମ୍ମାନ କରନ୍ତି । ତୁମେ ପଣ୍ଢରୀନାଥଙ୍କ ଯାତ୍ରୀ, ବଗିଚାକୁ ଚାଲ, ଆମ ବଗିଚାକୁ ତୁମ ଚରଣରଜ ସ୍ପର୍ଶରେ ପବିତ୍ର କର । କିଛି ଭୋଜନ କରି, ବିଶ୍ରାମ କରି ଘରକୁ ଯାଅ ।'' ମା'ଙ୍କ ସ୍ନେହକରୁଣାପୂର୍ଣ୍ଣ ଅମୃତମୟ ବାଣୀରେ ଭଗତଙ୍କ କଣ୍ଠ ଗଦ୍‌ଗଦ ହୋଇଗଲା । ସେ ମା'ଙ୍କ ସଙ୍ଗେ ବଗିଚାକୁ ଆସିଲେ । ବଗିଚାର ମାଳୀ ଭଗତଙ୍କୁ ଦେଖି କୋଟିନିଧି ମିଳିଲା ପରି ଆନନ୍ଦିତ ହେଲେ । ଭଗତଙ୍କୁ ବହୁତ ଆଦରସତ୍କାର ସହିତ ବସାଇ ଭୋଜନ କରିବାକୁ ବିନତି କଲେ । ମା' ଗୋକେଇରୁ ରୁଟି, ତରକାରି ଓ ଗରମ ଦୁଧ ବାହାର କରି ଗୋଟିଏ ପତରରେ ପରଷି ଦେଲେ । ବଗିଚାର ଫଳ ମଧ୍ୟ ଭୋଜନ ଶେଷରେ ଦେଲେ । ଭଗତ ଅମୃତ ତୁଲ୍ୟ ଭୋଜନ କରି ବିଶ୍ରାମ ନେଲେ । ଖରା ନଇଁବାରୁ ବଗିଚାର ମାଳୀ ଏବଂ ମାଳିନୀଙ୍କୁ ପ୍ରଣାମ କରି ବାହାରିଲେ । ବଗିଚାରୁ ବାହାରି ପଛକୁ ଚାହିଁବା ମାତ୍ରେ ବଗିଚାର ଚିହ୍ନବର୍ତ୍ତ ନ ଥିଲା । ମାଳୀ ଏବଂ ମାଳିନୀ ଆସିବେ କୁଆଡୁ ? ତାଙ୍କୁ ଭୋଜନ ଓ ବିଶ୍ରାମ ଦେବା ସକାଶେ ପ୍ରଭୁ ଏହି ଲୀଳା କଲେ ବୋଲି ଭଗତ ବୁଝିପାରି ଆନନ୍ଦମଗ୍ନ ହୋଇ ଘରକୁ ଯାତ୍ରା କଲେ ।

ଭଗତ ସବୁ ସମୟରେ ଭଗବାନଙ୍କ ପ୍ରେମଭକ୍ତିରେ ମଗ୍ନ । ତାଙ୍କ ଦୃଷ୍ଟିରେ ସମସ୍ତ କିଛି ଭଗବନ୍ମୟ । କାହା ସଙ୍ଗେ ବୈର ନା ବିରୋଧ । ତାଙ୍କର ସମସ୍ତ ସତ୍ତାରେ ଭଗବତ୍ ଭକ୍ତି ଓତପ୍ରୋତ ଥାଏ, କିନ୍ତୁ କାର୍ଯ୍ୟ କରନ୍ତି ଶରୀରରେ । ତାଙ୍କ କ୍ଷେତରେ ବହୁତ ଯୁଆର ଫଳିଥାଏ । ଯୁଆରକୁ ଖାଆନ୍ତି ପକ୍ଷୀ । ପକ୍ଷୀ ହୁରୁଡ଼େଇବା ସକାଶେ ସେ ଯାଆନ୍ତି କ୍ଷେତକୁ । ପ୍ରତ୍ୟେକ ବସ୍ତୁ, ପ୍ରତ୍ୟେକ ପ୍ରାଣୀର ପଶ୍ଚାତ୍‌ରେ ସେ ଦେଖନ୍ତି ନିଜ ଇଷ୍ଟଦେବଙ୍କୁ । ପକ୍ଷୀମାନଙ୍କୁ ସେ ଉଡ଼ାଇବେ କିପରି ? ସେ ହିଡ଼ମୁଣ୍ଡରେ ବସି ଭଗବତ୍ ନାମ ସ୍ମରଣ କରନ୍ତି, ପକ୍ଷୀସବୁ ଖାଆନ୍ତି ଫସଲ । ଗାଁ ଲୋକେ ଏହି ଘଟଣା କହିଲେ ତାଙ୍କ ପତ୍ନୀ ମାମାତାଇଙ୍କୁ । ଏପରି ବି କହିଲେ, ''ଯୁଆର ଯେ ମାଗେ, ତାକୁ ଭଗତଜି ଦେଇଦିଅନ୍ତି ।'' ମାମାତାଇ ଯଦ୍ୟପି ଭଗବାନଙ୍କ କୃପା ପାଇଥିଲେ ତଥାପି ସବୁ ସମୟ ସମାନ ନ ଥାଏ । ସେ ଭାବିଲେ, ''ଯଦି ସବୁ ଫସଲ ଜମିରେ ବିତରଣ ହେବ, ଘର କିପରି ଚଳିବ ?'' ସେ କ୍ଷେତକୁ ଯାଇ ପତିଙ୍କୁ କୀର୍ତ୍ତନ କରିବାର ଦେଖିଲେ; କହିଲେ, ''ପଣ୍ଢରୀନାଥଙ୍କ ଶପଥ ଦେଇ କହୁଛି, ଆଜିଠାରୁ ତୁମେ ଯୁଆର ଗଛରୁ ଭାଙ୍ଗି ଗୋଟିଏ ବି କାହାକୁ ଦେବ ନାହିଁ ।''

ତା'ପରେ ଗୋଟିଏ ସାଧୁମଣ୍ଡଳୀ ଆସି ଭଗତଜିଙ୍କୁ କହିଲେ, ''କିଛି ଯୁଆର ଦିଅ, ଆମେ ଅଗ୍ନିରେ ପୋଡ଼ି ଖାଇବୁ ।'' ଭଗତଜି କହିଲେ, ''ମୋ ସ୍ତ୍ରୀ ପଣ୍ଢରୀନାଥଙ୍କ ଶପଥ ଦେଇ କହିଛି ମୁଁ ନିଜ ହାତରେ ଯୁଆର ଭାଙ୍ଗି ଦେଇପାରିବି ନାହିଁ ।'' ସାଧୁମାନେ କହିଲେ, ''ତୁମେ ହାତରେ ନ ଭାଙ୍ଗ, ଆମେ ଭାଙ୍ଗିନେବୁ ।'' ସାଧୁମାନେ ଭଗତଜିଙ୍କୁ ଜାଣନ୍ତି, ସେ ସାଧୁମାନଙ୍କୁ ବାଧାଦେବେ ନାହିଁ । ଜଣେ ସାଧୁ ଭାଙ୍ଗିବାକୁ ଆରମ୍ଭ କଲେ, ତାଙ୍କ ପଛରେ ସମସ୍ତ ସାଧୁ

କିଆରିରେ ପଶି ଯୁଆର ଭାଙ୍ଗିଲେ । ତାଙ୍କ ଦେଖାଦେଖି ଅନ୍ୟାନ୍ୟ ଯାତ୍ରୀ ମଧ୍ୟ ଯୁଆର ଭାଙ୍ଗିନେଲେ । କିଛି ଘଣ୍ଟା ପରେ ଭଗତଙ୍କ କ୍ଷେତରୁ ଫସଲ ଶେଷ ହୋଇଗଲା । ସେ ଘରକୁ ଫେରିଆସିଲେ । ଏହି ଖବର ମାମାତାଇ ପାଇ ଭଗତଙ୍କୁ ପଚାରିଲେ । ଭଗତ କହିଲେ, ''ତୋରି ଶପଥ ମୁଁ ବରାବର ପାଳନ କରିଛି । ଗୋଟିଏ ଯୁଆର ନିଜ ହାତରେ ଭାଙ୍ଗି କାହାକୁ ଦେଇ ନାହିଁ । କିନ୍ତୁ ଭଗବତ୍ ଭକ୍ତ, ସାଧୁ ତଥା ପଣ୍ଢରୀନାଥଙ୍କ ଯାତ୍ରୀଙ୍କୁ ମନା କରନ୍ତି କିପରି ? ଏହା ତ ଭଗବାନଙ୍କ କୃପା; ଭଗବାନଙ୍କ କ୍ଷେତ, ଭଗବତ୍ ଭକ୍ତଙ୍କ ସେବାରେ ଲାଗିଲା ।'' ଏଥିରେ ମାମାତାଇ ଖୁବ୍ ପ୍ରସନ୍ନ ହେଲେ ।

ବର୍ତ୍ତମାନ ଯୁଆର ଶେଷ ହୋଇଗଲା । ଆଉ ଜଗିବା କାମ ନ ଥିଲା । ଭଗତଜି କ୍ଷେତକୁ ଆଉ ଯାଉ ନ ଥିଲେ । କିନ୍ତୁ ଗ୍ରାମର ଲୋକ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ — ବୋଧଳାଜିଙ୍କ ଉଜୁଡ଼ି ଯାଇଥିବା କ୍ଷେତ ପୁଣି ଯୁଆରରେ ପୂର୍ଣ୍ଣ ହୋଇଛି । ଆଶ୍ଚର୍ଯ୍ୟାନ୍ୱିତ ହୋଇ କେତେ ଲୋକ ଏକଥା ବୋଧଳା ଓ ମାମାତାଇଙ୍କୁ କହିଲେ । ସେମାନେ ଏହା ଶୁଣି କୌତୂହଳରେ ଯାଇ କ୍ଷେତ ଦେଖି ଭଗବତ୍ ପ୍ରେମ-ସମୁଦ୍ରରେ ଡୁବିଗଲେ । କ୍ଷେତ ଯୁଆରରେ ପୂର୍ଣ୍ଣ । ଏପରି ଫଳ ସେମାନେ କେବେ ଦେଖି ନ ଥିଲେ । ଭଗବତ୍ କୃପାରେ ସବୁ ଅସମ୍ଭବ ସମ୍ଭବ ହୋଇପାରେ । ଯୁଆର କାଟିଆଣି ଅମଳ କରି ଘରେ ରଖିଲେ । ଭଗବାନଙ୍କ ଭରସାରେ ନିର୍ଭୟ, ନିଶ୍ଚିନ୍ତ ହୋଇ ଭଗବାନଙ୍କ ପ୍ରେମଭକ୍ତିରେ ଶେଷ ଜୀବନ ବ୍ୟତୀତ କଲେ । ଭଗବାନଙ୍କ ନାମ ସ୍ମରଣପୂର୍ବକ ଏହି ନଶ୍ୱର ଶରୀର ତ୍ୟାଗ କରି ଭଗବାନଙ୍କ ଦିବ୍ୟଧାମରେ ଭଗବତ୍ ସେବା ପ୍ରାପ୍ତ ହେଲେ ।

ବୋଲ ଭକ୍ତ ଏବଂ ଭଗବାନଙ୍କ ଜୟ ।

(ଭକ୍ତ-ଚରିତ ଆଧାରରେ ଲିଖିତ)

'ଭକ୍ତମାଳ'ର ରଚୟିତା ପରମ ଭକ୍ତ ନାଭାଜି

ନାଭାଜି ହିନ୍ଦୀ ଭାଷାରେ ସୁନ୍ଦର କବିତାରେ ଭାରତର ସମସ୍ତ ପ୍ରାନ୍ତର ସମସ୍ତ ସଂପ୍ରଦାୟର ଅନେକ ଭକ୍ତଙ୍କ ଜୀବନଚରିତ ଲେଖିଛନ୍ତି । କବିତାଗୁଡ଼ିକ ଯେପରି ଶ୍ରୁତିମଧୁର, ଚରିତ ସେହିପରି ମନୋମୁଗ୍ଧକର । ପଢ଼ିଲେ ଛାଡ଼ିବାକୁ ଇଚ୍ଛା ହୁଏ ନାହିଁ । ତାଙ୍କ 'ଭକ୍ତମାଳା' ସନ୍ଥସମାଜ ତଥା ସାଧାରଣ ଜନତାରେ ଯେପରି ପ୍ରାମାଣିକ, ସେହିପରି ଆଦରଣୀୟ । ସମସ୍ତ ଧର୍ମ-ସଂପ୍ରଦାୟର ଧାର୍ମିକ ବ୍ୟକ୍ତିମାନେ ଅତ୍ୟନ୍ତ ଆଦରରେ ନାଭାଜିଙ୍କ 'ଭକ୍ତମାଳ' ଅଧ୍ୟୟନ କରନ୍ତି । ଅନେକ ସ୍ଥଳରେ ପଣ୍ଡିତମାନେ ବ୍ୟାସଗାଦିରେ 'ଭକ୍ତମାଳ'ରେ ଥିବା ଚରିତ ପୁରାଣରୂପେ ବ୍ୟାଖ୍ୟା କରନ୍ତି । ସଭାସଦ୍‌ଗଣ ନୀରବ ହୋଇ ଶୁଣି ମୁଗ୍ଧ ହୋଇଯାଆନ୍ତି । ନାଭାଜିଙ୍କ 'ଭକ୍ତମାଳ' ଅଧ୍ୟୟନ ଦ୍ୱାରା ଅସଂଖ୍ୟ ମାର୍ଗଚ୍ୟୁତି ନରନାରୀ ଭଗବତ୍ ଶରଣ ହୋଇ ପରମାନନ୍ଦ ଲାଭ କରିଛନ୍ତି; ଜନ୍ମମରଣରୁ ନିବୃତ୍ତି ଲାଭ କରି ପରମପଦ ପ୍ରାପ୍ତ ହୋଇଛନ୍ତି । ନାଭାଜି ସେହି ଗ୍ରନ୍ଥର ନାମ ନିଜେହିଁ ରଖିଛନ୍ତି 'ଭକ୍ତମାଳା' । ଅର୍ଥାତ୍ ସେ ବିଭିନ୍ନପ୍ରକାର ଭକ୍ତଙ୍କ ଚରିତ ଏକତ୍ର ରଚନା କରି ଭିନ୍ନ ଭିନ୍ନ ରଙ୍ଗର 'ପୁଷ୍ପ' ମାଳା ସଦୃଶ ଗୁନ୍ଥି ଶୋଭାବୃଦ୍ଧି କରିଛନ୍ତି । ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପୁଷ୍ପ ଶୋଭାୟମାନ ହୋଇଥାଏ, କିନ୍ତୁ ବହୁ ରଙ୍ଗର ପୁଷ୍ପ ମାଳାଯୁକ୍ତ ହେଲେ ତା'ର ଶୋଭା ଅତ୍ୟନ୍ତ ବୃଦ୍ଧି ହୁଏ । ସେହିପରି ଭକ୍ତମାନଙ୍କ ଚରିତ । ଭକ୍ତମାନଙ୍କର ବହୁପ୍ରକାର ଭାବଭକ୍ତି ଚିତ୍ରିତ ହୋଇ ଗୋଟିଏ ସୁନ୍ଦର ମାଳାରେ ପରିଣତ ହୋଇଛି । ପାଠକମାନେ ଏହି ସୁନ୍ଦର ମାଳାକୁ ନିଜ ହୃଦୟରୂପ ଗଳାରେ ଧାରଣ କଲେ ସେମାନଙ୍କର ଶୋଭା ଏତେ ବୃଦ୍ଧି ପାଏ ଏବଂ ରୂପ ଏତେ ପରିବର୍ତ୍ତିତ ହୋଇଯାଏ ଯେ ଭଗବାନ୍ ସେମାନଙ୍କୁ ଏହି ମୃତ୍ୟୁପୁରୀରେ ରହିବାକୁ ଦିଅନ୍ତି ନାହିଁ । ସେମାନଙ୍କୁ ନିଜ ଦିବ୍ୟଧାମ, ସାକେତ, ଗୋଲୋକ, ବୈକୁଣ୍ଠରେ ଶୋଭାମଣ୍ଡିତ ହେବା ପାଇଁ ସେଠାକୁ ନେଇଯାଆନ୍ତି । ଅର୍ଥାତ୍ ସେମାନେ ଜନ୍ମ-ମରଣ-ଦ୍ୱନ୍ଦ୍ୱରୁ ନିବୃତ୍ତ ହୋଇ ଭଗବତ୍ ଦିବ୍ୟଧାମକୁ ପ୍ରାପ୍ତ ହୁଅନ୍ତି ।

ଭକ୍ତ-ଚରିତରେ ସାମ୍ପ୍ରଦାୟିକ ସଂକୀର୍ଣ୍ଣ ମନୋଭାବ ନ ଥାଏ । ତାଙ୍କ ଜୀବନର ପ୍ରତ୍ୟେକ ଘଟଣାରେ ଭଗବତ୍ ବିଶ୍ୱାସ, ଭଗବତ୍ ନିଷ୍ଠା, ଭଗବାନଙ୍କ ପ୍ରତି ସମର୍ପଣ, ଭଗବତ୍ ଆନନ୍ଦ ସିନ୍ଧୁରେ ନିମଜ୍ଜନାଦି ଭାବର ସ୍ରୋତ ପ୍ରବାହିତ ହେଉଥାଏ । ବକ୍ତା ଓ ଶ୍ରୋତାର ମନ-ପ୍ରାଣଜନିତ ମଳିନତା ସେହି ଭାବସ୍ରୋତରେ ପ୍ରବାହିତ ହୋଇଯାଏ । ସେମାନଙ୍କର ଆତ୍ମଭାବ ଜାଗ୍ରତ ହୁଏ । ଭକ୍ତମାନଙ୍କ ଦିବ୍ୟ ଭାବରୂପ ସୂର୍ଯ୍ୟ ସେମାନଙ୍କ ଚରିତରେ ସର୍ବଦା ପ୍ରକାଶିତ ହୋଇଥାଏ, ବକ୍ତା ଓ ଶ୍ରୋତାମାନେ ସେହି ଦିବ୍ୟ ଚରିତର ସଂସ୍ପର୍ଶରେ ଆସିଲେ ସେମାନଙ୍କ ମୋହାନ୍ଧକାର ଦୂର ହୁଏ, ସେମାନଙ୍କ ଅନ୍ତଃକରଣରେ ତାହାର ପ୍ରଭାବ ପଡ଼େ । ସେତେବେଳେ ସେମାନେ ଭଗବତ୍ ଭକ୍ତିରସ ଆସ୍ୱାଦନ କରନ୍ତି । ଅନ୍ୟାନ୍ୟ ଯେତେପ୍ରକାର ସାଧନା ଅଛି, ସବୁଠାରୁ ସହଜ ଏବଂ ସଦ୍ୟଫଳପ୍ରସୂ ସାଧନା ହେଉଛି ଭକ୍ତମାନଙ୍କ ଚରିତ ଅଧ୍ୟୟନ । ନାଭାଜି ସ୍ୱୟଂ ଲେଖିଛନ୍ତି :

''ଭକ୍ତି ଭକ୍ତ ଭଗବନ୍ତ ଗୁରୁ, ଚତୁର ନାମ ବପୁ ଏକ ।
ଇନକେ ପଦ ବନ୍ଦନ କିଏ, ନାଶତ ବିଘ୍ନ ଅନେକ ॥୧॥
ମଙ୍ଗଳ ଆଦି ବିଚାରି ରହ, ବସ୍ତୁ ନ ଔର ଅନୂପ ।
ହରିଜନ କୌ ୟଶ ଗାବତେ, ହରିଜନ ମଙ୍ଗଲରୂପ ॥୨॥
ସବ ସନ୍ତନ ନିର୍ଣ୍ଣୟ କିୟୌ, ଶ୍ରୁତି ପୁରାଣ ଇତିହାସ ।
ଭଜିବେ କୌ ଦୋଇ ସୁଘର, କୈ ହରି, କୈ ହରିଦାସ ॥୩॥
(ଶ୍ରୀଗୁରୁ) ଅଗ୍ରଦେବ ଆଜ୍ଞା ଦଇ, ଭକ୍ତନ କୌ ୟଶ ଗାଓ ।
ଭବସାଗର କେ ତରନ କୌ, ନାହିନ ଔର ଉପାଓ ॥୪॥''

ଭାବାର୍ଥ – (‘ଭକ୍ତମାଳ’ର ଆରମ୍ଭରେ ନାଭାଜି ଏହି ମନ୍ତ୍ର ଉଚ୍ଚାରଣ କରିଛନ୍ତି) ଭକ୍ତି, ଭକ୍ତ, ଭଗବାନ୍, ଗୁରୁ – ଏହି ନାମ ଚାରି, କିନ୍ତୁ ତତ୍ତ୍ୱତଃ ଏକ । ଏମାନଙ୍କ ଚରଣ ବନ୍ଦନା କଲେ ଅନେକ ବିଘ୍ନ ନାଶ ହୁଏ । ଅର୍ଥାତ୍ ଜନ୍ମ-ମରଣ-ବିଘ୍ନରୁ ବ୍ୟକ୍ତି ମୁକ୍ତି ପାଏ ।

ସଂସାରରେ ଯେତେ ମଙ୍ଗଳମୟ କର୍ମ ଅଛି, ସବୁଠାରୁ ଉତ୍ତମ ହେଉଛି ଭକ୍ତମାନଙ୍କ ଚରିତ । ସେମାନେ ମଙ୍ଗଳସ୍ୱରୂପ, ସେମାନଙ୍କ ଚରିତ ଅଧ୍ୟୟନ ଦ୍ୱାରା ବ୍ୟକ୍ତି ମଙ୍ଗଳସ୍ୱରୂପ ହୋଇଯାଏ । ସବୁ ସନ୍ଥ, ମହାତ୍ମା ନିଜ ଅନୁଭବ ତଥା ବେଦ, ଶାସ୍ତ୍ର ମନ୍ଥନପୂର୍ବକ ନିର୍ଣ୍ଣୟ କରିଛନ୍ତି ଯେ ଜନ୍ମମରଣରୁ ନିବୃତ୍ତ ହେବା ତଥା ଜୀବନରେ କଲ୍ୟାଣ ପ୍ରାପ୍ତ ହେବା ସକାଶେ ଉପାୟ ହେଲା ଭଗବତ୍ ଭଜନ ବା ଭକ୍ତଙ୍କ ଭଜନ । ଏଥିସକାଶେ ପୂଜ୍ୟ ନାଭାଜିଙ୍କ ଗୁରୁଦେବ ଶ୍ରୀ ଅଗ୍ରଦାସଜି ତାଙ୍କୁ ‘ଭକ୍ତମାଳ’ ରଚନା କରିବା ସକାଶେ ଆଜ୍ଞା ଦେଲେ । ସଂସାର ଜନ୍ମ-ମରଣ-ସିନ୍ଧୁ ପାର ହେବା ସକାଶେ ଆଉ ଅନ୍ୟ ଉପାୟ ନାହିଁ । ଭଗବାନ୍ ଏବଂ ଭକ୍ତଙ୍କ ଉପାସନା ଛଡ଼ା ଜନ୍ମମରଣରୁ ମୁକ୍ତ ହେବାର ଅନ୍ୟ ସମସ୍ତପ୍ରକାର ସାଧନ କୁହୁକ ସଦୃଶ ମିଥ୍ୟା, ମାୟା, ଭ୍ରମ । ଏହା ଅକାଟ୍ୟ ସିଦ୍ଧାନ୍ତ । ଭକ୍ତଙ୍କ ଚରିତଗାନ ଦ୍ୱାରା ବ୍ୟକ୍ତିଚେତନାରେ ଭକ୍ତଙ୍କ ଭାବ ପ୍ରବେଶ କରେ ଏବଂ ତା’ର ଭଗବତ୍ ଭକ୍ତିରେ ସ୍ୱତଃସ୍ଫୂର୍ତ୍ତଭାବେ ସ୍ପୃହା ଜାଗ୍ରତ ହୁଏ । ଏହି କାରଣରୁ ଭକ୍ତ-ଚରିତ ଅଧ୍ୟୟନ ଭଗବତ୍ ପ୍ରାପ୍ତିର ସହଜ ଉପାୟ ।

‘ଭକ୍ତମାଳ’ର ରଚୟିତା ଶ୍ରୀ ନାଭାଜି ମହାରାଜଙ୍କ ଜୀବନଚରିତ ‘ଭକ୍ତମାଳ’ର ଟୀକାକାର ଶ୍ରୀ ପ୍ରିୟାଦାସଜି ମହାରାଜ ଲେଖିଛନ୍ତି ।

ନାଭାଜି

ନାଭାଜିଙ୍କର ଜନ୍ମ ହୋଇଥିଲା ଦକ୍ଷିଣ ପ୍ରାନ୍ତରେ । ତାଙ୍କ ପିତାମାତାଙ୍କ ନାମ ଉଲ୍ଲେଖ ନାହିଁ । ଜନ୍ମତିଥି ଏବଂ ସମ୍ବତ୍ ମଧ୍ୟ ନିର୍ଣ୍ଣୟ ହୋଇ ନାହିଁ । କିନ୍ତୁ ଶ୍ରୀ ନାଭାଜି ଥିଲେ ଶ୍ରୀ ସମ୍ପ୍ରଦାୟର ଅନ୍ୟତମ ଆଚାର୍ଯ୍ୟ ଶ୍ରୀ ରାମାନନ୍ଦ ମହାରାଜଙ୍କ ପ୍ରଶିଷ୍ୟ । ଅର୍ଥାତ୍ ତାଙ୍କର ଦୁଇପିଢ଼ି ଗାଦି ପରେ ନାଭାଜି ହୋଇଥିଲେ ।

ସେ ସମୟରେ ଦକ୍ଷିଣ ପ୍ରଦେଶରେ ଭୟଙ୍କର ଦୁର୍ଭିକ୍ଷ ପଡ଼ିଥିଲା । ଅନ୍ନାଭାବରେ ବହୁ ବ୍ୟକ୍ତି ମୃତ୍ୟୁମୁଖରେ ପତିତ ହେଲେ । ନାଭାଜି ଥିଲେ ଜନ୍ମରୁ ଅନ୍ଧ । ଭୋଜନ ଅଭାବରୁ ଉଦରଜ୍ୱାଳା ବରଦାସ୍ତ ନ କରିପାରି ତାଙ୍କ ମାତା ତାଙ୍କୁ ସଙ୍ଗରେ ନେଇ ଘରୁ ବାହାରି ଆସିଥିଲେ । ମାତ୍ର ଅନ୍ନାଭାବରୁ ବ୍ୟାକୁଳ ଅବସ୍ଥାରେ ପୁତ୍ରର ମୃତ୍ୟୁ ସ୍ୱଚକ୍ଷୁରେ ଦେଖି ବରଦାସ୍ତ ନ କରିପାରିବା ଯୋଗୁଁ ଭଗବାନଙ୍କ ଭରସାରେ ତାଙ୍କୁ ଏକାକୀ ଛାଡ଼ି ଚାଲିଗଲେ । ଅନ୍ଧ ନାଭାଜି ଗୋଟିଏ ନିର୍ଜନ ସ୍ଥାନରେ ଅସହାୟରୂପେ ଥିଲେ ଏକା ।

ସେତେବେଳେ ପ୍ରସିଦ୍ଧ ସିଦ୍ଧ ମହାତ୍ମା କୀଲ୍‌ହଜି ଏବଂ ଅଗ୍ରଦାସଜି ମହାରାଜ ଦକ୍ଷିଣ ପ୍ରାନ୍ତରେ ଭ୍ରମଣ କରୁଥିଲେ । ନିର୍ଜନ ସ୍ଥାନରେ ଅନ୍ଧ ନାଭାଜିଙ୍କୁ ମହାତ୍ମା ଦୁଇଜଣ ଦେଖିବାମାତ୍ରେ ତାଙ୍କ ପ୍ରତି ଦୟା ଆସିଗଲା । ନାଭାଜିଙ୍କର ବୟସ ସେତେବେଳେ ଥିଲା ପାଞ୍ଚ । କିନ୍ତୁ ସାଧାରଣ ପାଞ୍ଚବର୍ଷର ବାଳକ ଅପେକ୍ଷା ତାଙ୍କ ବୁଦ୍ଧି ଏବଂ ଜ୍ଞାନ ଅଧିକ ବିକଶିତ ହୋଇଥିଲା । ପଚାରିବାରୁ ନିଜ ନାମ ନାରାୟଣ ବୋଲି କହିଲେ ତଥା ଦୁଃଖରେ କାନ୍ଦିବାକୁ ଲାଗିଲେ । ତାଙ୍କ ନିଃସହାୟ ଦୈନ୍ୟ ଅବସ୍ଥାରେ ମହାତ୍ମାଙ୍କ ହୃଦୟ ବିଗଳିତ ହୋଇଗଲା । ମହାତ୍ମା ତାଙ୍କ ଅନ୍ତରତମ ପ୍ରଦେଶରେ ପ୍ରବେଶ କରି ନିଜ ଦିବ୍ୟଦୃଷ୍ଟିରେ ତାଙ୍କ ଭବିଷ୍ୟତ କର୍ମ ଏବଂ ତାଙ୍କ ଆତ୍ମାର ମହାନତା ଦେଖି ପାରିଲେ । କୀଲ୍‌ହଜି ନିଜ କମଣ୍ଡଳୁରୁ ମୁଠିଏ ଜଳ ନାଭାଜିଙ୍କ ନେତ୍ରରେ ସିଞ୍ଚିଦେଲେ । ଜଳ ସ୍ପର୍ଶ ସଙ୍ଗେ ସଙ୍ଗେ ତାଙ୍କ ନେତ୍ର ଖୋଲିଗଲା । ସେ ଗଦ୍‌ଗଦ ହୋଇ ମହାତ୍ମାଙ୍କ ଚରଣରେ ପଡ଼ିଗଲେ । ତାଙ୍କ ହୃଦୟ ମହାତ୍ମାଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । କୀଲ୍‌ହଜି ତାଙ୍କୁ ଉଠାଇ ବସାଇ ଆଶ୍ୱାସନା ଦେଇ କହିଲେ, ‘‘ବତ୍ସ, ଆଉ ଭୟ ନାହିଁ, ତୁ କ’ଣ ଚାହୁଁଛୁ ?’’ ନାରାୟଣ ଶୋକଯୁକ୍ତ ଅସ୍ପଷ୍ଟ ଶବ୍ଦରେ ନିଜ ଜୀବନ ମହାତ୍ମାଙ୍କ ସେବାରେ ଉତ୍ସର୍ଗ କରିବା ସକାଶେ ପ୍ରାର୍ଥନା କଲେ । କୀଲ୍‌ହଜି ନିଜ ଦିବ୍ୟଦୃଷ୍ଟିରେ

ନାଭାଜିଙ୍କ ଭବିଷ୍ୟତ୍ ଏବଂ ଭଗବତ୍ ଭକ୍ତିର ଲକ୍ଷଣ ଦେଖିପାରିଲେ ଏବଂ ତାଙ୍କୁ ସଙ୍ଗରେ ନେଇ ଉତ୍ତର ଭାରତର ଜୟପୁର ଅନ୍ତର୍ଗତ ପ୍ରସିଦ୍ଧ 'ଗଳତାଗାଦି'କୁ ଗଲେ । ସେହି 'ଗଳତାଗାଦି' ଆଜି ବି ରାମାନନ୍ଦୀ ବୈଷ୍ଣବମାନଙ୍କ ପୀଠସ୍ଥାନ ରୂପେ ବିଦିତ । ସେଠାରେ ନାରାୟଣଙ୍କୁ ମାଳା, ତିଳକ, କୌପୀନ, ଆଡ଼ବନ୍ଧ ଏବଂ ନାମ – ଏହି ପଞ୍ଚ ସଂସ୍କାର ସହ ଶ୍ରୀରାମତାରକମନ୍ତ୍ର ଦୀକ୍ଷା ଦେବାକୁ ଶ୍ରୀ କୀଲ୍‌ହଜି ତାଙ୍କ ଛୋଟ ଗୁରୁଭାଇ ଶ୍ରୀ ଅଗ୍ରଦାସଜିଙ୍କୁ ଆଦେଶ ଦେଲେ । ଶ୍ରୀ ଅଗ୍ରଦାସଜି ନାରାୟଣଙ୍କ ନାମ ରଖିଲେ 'ନାଭା' । ପରେ ସଛମାନଙ୍କ ଦ୍ୱାରା 'ନାଭାଜି' ନାମରେ ପ୍ରସିଦ୍ଧ ହୋଇଗଲେ । ଗାର୍ହସ୍ଥ୍ୟ ଆଶ୍ରମ ପରିତ୍ୟାଗ କରି ବ୍ୟକ୍ତି ସନ୍ନ୍ୟାସ ଆଶ୍ରମରେ ପ୍ରବେଶ କଲେ ଦୀକ୍ଷାଗ୍ରହଣ ଦ୍ୱାରା ତା'ର ନୂତନ ଜନ୍ମ ମାନ୍ୟ ହୁଏ । ତା'ର ନାମ, ଜାତି, ଗୋତ୍ର ଇତ୍ୟାଦି ପରିବର୍ତ୍ତିତ ହୁଏ । ସେ ହୁଏ ଭଗବାନଙ୍କ ଦାସ । ଯଥାର୍ଥରେ ବ୍ୟକ୍ତି ଦୀକ୍ଷା ଗ୍ରହଣ କରିବାମାତ୍ରେ ତା' ଚେତନାରେ ଏପରି ଗଭୀର ପ୍ରଭାବ ପଡ଼େ ଯେ ସେ ନିଜକୁ ଗାର୍ହସ୍ଥ୍ୟ ଆଶ୍ରମରୁ ପୃଥକ୍ ବୋଲି ଅନୁଭବ କରେ । ନାଭାଜି ନିଜକୁ ଏକେବାରେ ନୂତନ ଜନ୍ମ ଗ୍ରହଣ କରିବା ସଦୃଶ ଅନୁଭବ କଲେ । ତାଙ୍କ ମନ, ପ୍ରାଣ, ଚେତନାରେ ଏକ ନୂତନ ଭାବଧାରା ପ୍ରବାହିତ ହେଲା । ଗୁରୁଦେବ ତାଙ୍କୁ ନାମଜପ ଏବଂ ମନ୍ତ୍ରଜପର ବିଧିବିଧାନ କହିଦେଲେ, ହୃଦୟରେ ଧ୍ୟାନର ପ୍ରଣାଳୀ ବତାଇଦେଲେ । ନାଭାଜିଙ୍କ ଉତ୍ସାହ ଶୁକ୍ଳପକ୍ଷର ଚନ୍ଦ୍ରମା ସଦୃଶ ବୃଦ୍ଧି ହେବାକୁ ଲାଗିଲା ।

ବୈଷ୍ଣବ ସଛମାନେ ଧ୍ୟାନଧାରଣା, ଜପତପ ଦ୍ୱାରା ଆନ୍ତରିକ ଶୁଦ୍ଧିକୁ ଯେପରି ମହତ୍ତ୍ୱ ଦିଅନ୍ତି ସେହିପରି ବାହ୍ୟ ସ୍ନାନ, ଶୌଚ, ପବିତ୍ରତାକୁ ମଧ୍ୟ ମହତ୍ତ୍ୱ ଦେଇଥା'ନ୍ତି । ନୂତନ ଶିଷ୍ୟ ହେଲେ ବାହ୍ୟ ପବିତ୍ରତାର ନୀତିନିୟମ କଠୋରତା ସହ ପାଳନ କରିବାକୁ ହୁଏ । ଯେପର୍ଯ୍ୟନ୍ତ ବାହ୍ୟ ନିୟମ ଶିଷ୍ୟର ସ୍ୱଭାବରେ ପରିଣତ ନ ହୁଏ ସେପର୍ଯ୍ୟନ୍ତ ତାଙ୍କୁ ପଙ୍ଗତରେ ସାଧୁମାନେ ବସାନ୍ତି ନାହିଁ । କିଛି ଦୂରରେ ଭୋଜନ ଦିଅନ୍ତି । ନାଭାଜିଙ୍କର ଅତ୍ୟନ୍ତ ଉତ୍ସାହ ଥିବାରୁ ଅଳ୍ପ ବୟସ ହେଲେ ବି ଖୁବ୍ କମ୍ ଦିନରେ ସେ ସଛମାନଙ୍କ ନିୟମ ପାଳନ କରିପାରିଥିଲେ । ସଛ ଏବଂ ଗୁରୁଙ୍କ ସେବା କରିବାକୁ ତାଙ୍କର ଅତ୍ୟନ୍ତ ଆଗ୍ରହ ଥିଲା । ମନୁଷ୍ୟ ସତ୍ୟଭାବରେ ଯାହା ଚାହେଁ ତାହା ଅବଶ୍ୟ ପାଏ । ସେ ସ୍ୱତଃପ୍ରେରିତ ହୋଇ ସଛ ତଥା ଗୁରୁଙ୍କ ସେବାରେ ନିଜକୁ ନିୟୋଜିତ କଲେ । ତାଙ୍କ ସେବାରେ ଗୁରୁଦେବ ଅତ୍ୟନ୍ତ ପ୍ରସନ୍ନ ହେଲେ । ସଛଙ୍କ ସେବା, ସଛମାନଙ୍କ ଭୋଜନ ପରେ ପତ୍ରରେ ଅବଶିଷ୍ଟ ଥିବା ପ୍ରସାଦ ସେବନ କରିବା ସକାଶେ ଗୁରୁ ଆଜ୍ଞା ଦେଲେ । ଗୁରୁ ଶିଷ୍ୟ ଉପରେ ନିଜ ମତ ଲଦି ଦିଅନ୍ତି ନାହିଁ, ନିର୍ଦ୍ଦେଶ ଦିଅନ୍ତି ସେହି ଶିଷ୍ୟର ଆନ୍ତର ଭାବ ଅନୁସାରେ । ନାଭାଜିଙ୍କର ଗୁରୁ ତଥା ସଛସେବାରେ ପ୍ରବୃତ୍ତି ଥିଲା । ସେହି ସକାଶେ ଶ୍ରୀ ଅଗ୍ରଦାସଜି ମହାରାଜ ତାଙ୍କୁ ସଛସେବା ତଥା ସଛଙ୍କ ଭୋଜନର ଅବଶିଷ୍ଟ ଉଚ୍ଛିଷ୍ଟ (ସିଦ୍‌ପ୍ରସାଦ) ସେବନ କରିବାକୁ ନିର୍ଦ୍ଦେଶ ଦେଲେ । ଏଥିରେ ତାଙ୍କ ଉତ୍ସାହ ବହୁଗୁଣରେ ବଢ଼ିଗଲା । ସେ ଅତ୍ୟନ୍ତ ଆଗ୍ରହ ସହ ସଛ ଏବଂ ଗୁରୁଙ୍କ ସେବାରେ ନିଜକୁ ନିଯୁକ୍ତ କରିଦେଲେ, ସଛମାନଙ୍କ ପ୍ରସାଦ ଆନନ୍ଦରେ ସେବନ କରିବାକୁ ଲାଗିଲେ । ବସ୍ତୁର ଗୁଣ ନିର୍ଭର କରେ ହୃଦୟର ଭାବ ଉପରେ । ଭୋଜନର ଅବଶିଷ୍ଟାଂଶ ହୁଏ ଉଚ୍ଛିଷ୍ଟ । ଉଚ୍ଛିଷ୍ଟ ସର୍ବଥା ଦୁର୍ଗୁଣ । ଗୀତା ତାହାକୁ ତାମସିକ ଭୋଜନ କହିଛି । ଉଚ୍ଛିଷ୍ଟ ଭୋଜନରେ ନାନାପ୍ରକାର ରୋଗ ଉତ୍ପନ୍ନ ହୁଏ । ବ୍ୟକ୍ତିର ଯେଉଁ ରୋଗ ବା କୁପ୍ରବୃତ୍ତି ଥାଏ ସେହି ରୋଗ ଓ ବୃତ୍ତିର ପ୍ରଭାବ ପଡ଼େ ଉଚ୍ଛିଷ୍ଟ ଆହାର କରୁଥିବା ବ୍ୟକ୍ତି ଉପରେ । ଅତଏବ ଉଚ୍ଛିଷ୍ଟ ସର୍ବଥା ବର୍ଜନୀୟ । କିନ୍ତୁ ହୃଦୟର ପବିତ୍ର ଭାବରେ ବସ୍ତୁର ପ୍ରଭାବ ସର୍ବଥା ସୁନ୍ଦର ଫଳ ଦିଏ । ହୃଦୟର ପବିତ୍ର ଭାବ, ଶ୍ରଦ୍ଧାଭକ୍ତି ସହ ଗୁରୁ ତଥା ଶ୍ରେଷ୍ଠ ଅଧାମ୍ ସାଧୁସଛଙ୍କ ଉଚ୍ଛିଷ୍ଟ ଭୋଜନରେ ବ୍ୟକ୍ତିର ମନ, ପ୍ରାଣ, ଶରୀରରେ ସେମାନଙ୍କର ଦିବ୍ୟଗୁଣ ଏବଂ ଦିବ୍ୟଭାବର ପ୍ରଭାବ ପଡ଼େ । ମନ, ପ୍ରାଣ, ଶରୀର ଶୁଦ୍ଧ ହୁଏ, ଅନ୍ତରାତ୍ମା ଜାଗ୍ରତ ହୁଏ । ଆନ୍ତରିକତା ସହ ଯଦି ବ୍ୟକ୍ତି ଗୁରୁ ଏବଂ ସଛମାନଙ୍କ ସେବା କରେ, ତେବେ ସେ କୌଣସି ସାଧନା ନ କରି ବି ବିନା ପ୍ରୟାସରେ ଲକ୍ଷ୍ୟସିଦ୍ଧି କରିପାରେ । କିନ୍ତୁ ନିଷ୍ଠା ହେବା ଉଚିତ ଆନ୍ତରିକ ଏବଂ ସ୍ୱତଃସ୍ଫୂର୍ତ୍ତ । ଅନ୍ୟର ଅନୁକରଣରେ ବିଶେଷ ଫଳ ହୁଏ ନାହିଁ । ଭଗବତ୍ ପ୍ରାପ୍ତିର ମାର୍ଗ ଅନେକ; ତା' ମଧ୍ୟରୁ ଗୁରୁ ଏବଂ ସଛସେବା ଗୋଟିଏ । ସଛ ଏବଂ ଗୁରୁସେବାନିଷ୍ଠା ଦ୍ୱାରା ବହୁ ଭକ୍ତ ଭଗବତ୍ ପ୍ରାପ୍ତି କରିଛନ୍ତି । ଏହାର ଏକ ସୁନ୍ଦର ଉଦାହରଣ ହେଉଛନ୍ତି ଶଙ୍କରାଚାର୍ଯ୍ୟଙ୍କର ଏକ ଶିଷ୍ୟ ।

ପୃଥିବୀବିଖ୍ୟାତ ଶଙ୍କରାଚାର୍ଯ୍ୟଙ୍କର ବହୁ ଶିଷ୍ୟ ଥିଲେ । ସେମାନେ ଥିଲେ ଉଚ୍ଚକୋଟୀର ଏବଂ ବିଦ୍ୱାନ୍ ।

ସେମାନଙ୍କ ମଧ୍ୟରେ ଜଣେ ଥିଲେ ଯେ କି ବିଦ୍ୟାଲାଭ କରି ନ ଥିଲେ, କିନ୍ତୁ ଆନ୍ତରିକ ନିଷ୍ଠା, ଶ୍ରଦ୍ଧା ଓ ଭକ୍ତି ସହିତ ଗୁରୁସେବା କରୁଥିଲେ । ଏହାଛଡ଼ା ସେ ଆଉ କିଛି ଜାଣନ୍ତି ନାହିଁ । ପ୍ରତିଦିନ ଆଚାର୍ଯ୍ୟ ଶାସ୍ତ୍ରର ବ୍ୟାଖ୍ୟା କରି ଶିଷ୍ୟମାନଙ୍କୁ ଶୁଣାନ୍ତି । ତାହାର ଗୂଢ଼ ମର୍ମ ବୁଝନ୍ତି ବିଦ୍ୱାନ୍ ଶିଷ୍ୟମାନେ । ନ ପଢ଼ିଥିବା ଗୁରୁସେବକ ଶିଷ୍ୟଜଣକ କେବଳ ଗୋଟିଏ ଜାଗାରେ ବସି ଶୁଣନ୍ତି । ଶିଷ୍ୟମାନଙ୍କ ଧାରଣାରେ ସେ କିଛି ବୁଝନ୍ତି ନାହିଁ । ଦିନେ ଆଚାର୍ଯ୍ୟ ସମସ୍ତ ଶିଷ୍ୟଙ୍କୁ କହିଲେ, ''କାଲି ବେଦାନ୍ତର ଗୂଢ଼ତତ୍ତ୍ୱ, ସାଧନାର ଗୁପ୍ତ ରହସ୍ୟ ଆଲୋଚନା ହେବ, ତୁମେମାନେ ସାବଧାନ ହୋଇ ଶୁଣିବ । ତହିଁ ଆରଦିନ ସବୁ ଶିଷ୍ୟ ଅତି ଉତ୍ସାହରେ ନିର୍ଦିଷ୍ଟ ସମୟ ପୂର୍ବରୁ ଉପସ୍ଥିତ ହେଲେ; ସମୟ ହୋଇଗଲା, ବ୍ୟାଖ୍ୟା ଆରମ୍ଭ ହେଉ ନ ଥାଏ । ପ୍ରଧାନ ଶିଷ୍ୟ ପଦ୍ମପାଦ ହାତ ଯୋଡ଼ି କହିଲେ, ''ଭଗବନ୍, ସମୟ ହୋଇଗଲାଣି, ସମସ୍ତ ଶିଷ୍ୟ ଉପସ୍ଥିତ ଅଛନ୍ତି ।'' ଆଚାର୍ଯ୍ୟ ପାଦ ସବୁ ଦିଗକୁ ଦୃଷ୍ଟି ଦେଇ ଦେଖିଲେ ଏବଂ ନୀରବ ରହିଲେ । କିଛି ସମୟ ପରେ ପୁନରାୟ ପଦ୍ମପାଦ କହିଲେ, ''ଭଗବନ୍, ଆଜି ଭାଷଣ ଆରମ୍ଭ କରୁ ନାହାନ୍ତି କାହିଁକି ?'' ଆଚାର୍ଯ୍ୟ କହିଲେ, ''ଅମୁକ ଶିଷ୍ୟ ଆସୁ ।'' ଅନ୍ୟ ଜଣେ ବିଦ୍ୱାନ୍ ଶିଷ୍ୟ ଆଶ୍ଚର୍ଯ୍ୟ ହୋଇ କହିଲେ, ''ଭଗବନ୍, ସେ କିଛି ପଢ଼ାଲେଖା ଜାଣେ ନାହିଁ, କିଛି ବୁଝେ ବି ନାହିଁ, କେବଳ ଏଠାରେ ବସିଥାଏ, ତାକୁ କାହିଁକି ଅପେକ୍ଷା କରୁଛନ୍ତି ?''

ସମସ୍ତେ ନୀରବ । ସେହି ସମୟରେ ଜଣେ ଶିଷ୍ୟ ଦୌଡ଼ିକରି ଗଲେ ତାଙ୍କୁ ଡାକିଆଣିବା ସକାଶେ । ସେତେବେଳେ ସେ ଆଚାର୍ଯ୍ୟଙ୍କ କୌପୀନ ଧୋଇ ଶୁଖାଉଥିଲେ । ସେ ସ୍ୱପ୍ନରେ ବି କେବେ କଳ୍ପନା କରି ନ ଥିଲେ ଯେ ତାଙ୍କ ସକାଶେ ଆଚାର୍ଯ୍ୟଙ୍କ ଭାଷଣ ଅପେକ୍ଷା କରିପାରେ । ଖବର ପାଇବାମାତ୍ରେ ତାଙ୍କ ହୃଦୟ ସଂକୋଚ, ଭୟ ଓ କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ସେ ଏକ ନିଃଶ୍ୱାସରେ ଦୌଡ଼ି ଆଚାର୍ଯ୍ୟଙ୍କ ପାଖରେ ପହଞ୍ଚି ତାଙ୍କ ଚରଣସ୍ପର୍ଶ ସହ ପ୍ରଣାମ କଲେ । ଆଚାର୍ଯ୍ୟ ଗମ୍ଭୀର ଶବ୍ଦରେ କହିଲେ, ''ବେଦାନ୍ତ ତଥା ସାଧନାର ଏହି ଗୂଢ଼ ରହସ୍ୟ ଆଜି ତୁ ବ୍ୟାଖ୍ୟା କର ।'' ଆଚାର୍ଯ୍ୟଙ୍କର ଆଜ୍ଞା, ସେଥିରେ ଆପତ୍ତି କରିବାର କିଛି ନ ଥିଲା । ସେ ସୁନ୍ଦରଭାବେ ବ୍ୟାଖ୍ୟା କରି ଚାଲିଲେ । ଏପରି ଗୂଢ଼ ବିଷୟକୁ ଏପରି ସରଳ ଭାଷାରେ ବ୍ୟାଖ୍ୟା ପଣ୍ଡିତମାନଙ୍କ କଳ୍ପନାର ଅତୀତ ଥିଲା । ସେମାନେ ଶୁଣି ଆଶ୍ଚର୍ଯ୍ୟରେ ଡୁବିଗଲେ । ଏହା ଥିଲା ଗୁରୁସେବାର ମହତ୍ତ୍ୱ । ସେବା ଦ୍ୱାରା ଗୁରୁ ଏବଂ ସଙ୍ଘ ପ୍ରସନ୍ନ ହୁଅନ୍ତି । ତାଙ୍କ ଅନ୍ତଃକରଣରୁ ସେବକର କଲ୍ୟାଣ ଭାବନା ସ୍ୱତଃସ୍ଫୂର୍ତ୍ତଭାବେ ଜାଗ୍ରତ ହୁଏ । ସେହି ଶୁଭ ଭାବନା ସେବକର ଅଶୁଦ୍ଧ ମନ, ପ୍ରାଣ, ଶରୀରକୁ ଶୁଦ୍ଧ କରିଦିଏ । ଏହି କାରଣରୁ ଗୁରୁ-ସଙ୍ଘ-ସେବାର ମହତ୍ତ୍ୱ ଶାସ୍ତ୍ରପୁରାଣରେ ବିଶେଷଭାବେ ବର୍ଣ୍ଣିତ ହୋଇଛି ।

ନାଭାଜି ଥିଲେ ବାଳକ । ସଙ୍ଘ ଓ ଗୁରୁଙ୍କ ସେବାରେ ଥିଲା ଶ୍ରଦ୍ଧା ଏବଂ ଭକ୍ତି । ଉତ୍ସାହ ଆଳସ୍ୟକୁ ଭକ୍ଷଣ କରିଯାଏ । ସେ ବାଳକ ଅବସ୍ଥାରେ ସଙ୍ଘମାନଙ୍କ ସକାଶେ ଦାନ୍ତକାଠି ଭାଙ୍ଗିଆଣି ଦିଅନ୍ତି । କମଣ୍ଡଳୁରେ ଜଳ ଭରି ନେଇଆସନ୍ତି । ତାଙ୍କ ଆସନ ଝାଡ଼ି ସଫା କରନ୍ତି । ତାଙ୍କ ରହିବା ସ୍ଥାନରେ ଝାଡୁ ଦେଇ, ଲିପି ପରିଷ୍କାର କରନ୍ତି । ସେମାନଙ୍କ କୌପୀନ, ଆଞ୍ଚୋଳା ଧୋଇଆଣି ଶୁଖାନ୍ତି । ଯେତେବେଳେ ସଙ୍ଘମାନେ ବିଶ୍ରାମ କରନ୍ତି, ସେ ସେମାନଙ୍କ ପଦସେବା କରନ୍ତି । ତାଙ୍କ ସେବାରେ ସଙ୍ଘମାନେ ବିଶେଷ ସନ୍ତୁଷ୍ଟ ହୁଅନ୍ତି ଏବଂ ଆନ୍ତରିକ ସ୍ନେହରେ ନିଜ ଉଚ୍ଛିଷ୍ଟ ପ୍ରସାଦ ତାଙ୍କୁ ଭୋଜନ କରିବାକୁ ଦିଅନ୍ତି । ତାଙ୍କର ଆନ୍ତରିକ ଉତ୍ସାହ ଯୋଗୁଁ ଦିନକୁ ଦିନ ଗୁରୁ ତଥା ସଙ୍ଘସେବାରେ ଶ୍ରଦ୍ଧା ବଢ଼ିଲା । ଆଳସ୍ୟ ଦୂର ହୋଇଗଲା । ଯେଉଁ ବାଲ୍ୟ ଅବସ୍ଥାରେ ବାଳକ ଅନ୍ତତଃପକ୍ଷେ ଆଠ ଘଣ୍ଟା ଶୁଏ, ସେହି ବାଳକ ଅବସ୍ଥାରେ ନାଭାଜିଙ୍କର ନିଦ୍ରା ବହୁତ କମ୍ ହୋଇଗଲା । ନିଦ୍ରା ଦ୍ୱାରା ଶରୀର ଯେଉଁ ବିଶ୍ରାମ ପାଏ ଏବଂ କ୍ଲାନ୍ତି ଦୂର ହୋଇଯାଏ, ତାହା ପୂରା ହେଲା ତାଙ୍କର ସଙ୍ଘମାନଙ୍କ ସେବାରେ ଉତ୍ସାହ ଓ ଶ୍ରଦ୍ଧା ଦ୍ୱାରା । ପ୍ରତିଦିନ ସଙ୍ଘ ତଥା ଗୁରୁଙ୍କ ବିଶ୍ରାମ ପରେ ସେ ବିଶ୍ରାମ କରନ୍ତି । କିନ୍ତୁ ସେମାନଙ୍କ ଉଠିବା ପୂର୍ବରୁ ନାଭାଜି ସ୍ନାନଶୌଚରୁ ନିବୃତ୍ତ ହୋଇ ସେମାନଙ୍କ ସେବାରେ ଉପସ୍ଥିତ ହୁଅନ୍ତି । ତାଙ୍କର ଏହି ଗୁରୁ-ସଙ୍ଘ-ସେବା ଦ୍ୱାରା ଜ୍ଞାନ, ବିବେକ, ଭକ୍ତି କ୍ରମଶଃ ବୃଦ୍ଧି ହେଲା ଏବଂ ଅସଦ୍‌ଗୁଣ ଦୂର ହୋଇଗଲା ।

ଶ୍ରୀ ଗୁରୁଦେବ ଅଗ୍ରଦାସଜି ମହାରାଜଙ୍କ ସ୍ନାନ ପରେ ନାଭାଜି ତାଙ୍କ ଲେଙ୍ଗୁଟି ଧୋଇଦିଅନ୍ତି । ସ୍ନାନରୁ ଫେରିବା ପୂର୍ବରୁ ତାଙ୍କ ପୂଜାସ୍ଥାନ ଗୋବରରେ ଲିପି ଆସନ ବିଛାଇଦିଅନ୍ତି । ପୂଜା ନିମିତ୍ତ ପୁଷ୍ପ, ତୁଳସୀ ଆଣି ରଖନ୍ତି । ଗୁରୁଦେବ

ତିଳକ ଧାରଣ କରିବା ପରେ ପାତ୍ର ଧୋଇ ଯଥାସ୍ଥାନରେ ରଖିଦିଅନ୍ତି । ଗୁରୁଦେବ ଆଖି ବନ୍ଦ କରି ଆନ୍ତର ମାନସ ସେବାରେ ତଲ୍ଲୀନ ରହନ୍ତି, ନାଭାଜି ସେଠାରେ ନୀରବରେ ଛିଡ଼ାହୋଇ ଆସ୍ତେ ଆସ୍ତେ ପଙ୍ଖା କରନ୍ତି ।

ମାନସ ସେବା

ମାନସ ପୂଜାର ଅର୍ଥ ଭଗବାନଙ୍କୁ ମାନସିକ କଳ୍ପନାରେ ପୂଜା କରିବା । ମାନସ ପୂଜା ହୁଏ ହୃଦୟ ଗଭୀରରେ ଅଥବା ହାର୍ଦିକ ଭାବନା ଦ୍ୱାରା ସାକେତ, ଗୋଲୋକ, ବୈକୁଣ୍ଠରେ । ମାନସ ପୂଜାରେ ବ୍ୟକ୍ତିର ମନ ଲାଗିଗଲେ ସେ ନିଦ୍ରାରୁ ଉଠିବାଠାରୁ ରାତ୍ରିରେ ଶୋଇବା ପର୍ଯ୍ୟନ୍ତ ସେହି ପୂଜା ଆନନ୍ଦରେ ବୁଡ଼ି ରହିଥାଏ । ପ୍ରତିଦିନ ନିୟମ ଅନୁସାରେ ଶ୍ରୀ ଅଗ୍ରଦାସଜି ମହାରାଜ ମାନସ ପୂଜାରେ ନିମଗ୍ନ ହୋଇଥିଲେ । ଶ୍ରୀ ନାଭାଜି ପଙ୍ଖା କରୁଥିଲେ । ସେହି ସମୟରେ ଶ୍ରୀ ଅଗ୍ରଦାସଜି ମହାରାଜଙ୍କ ଜନୈକ ଶିଷ୍ୟ ଜାହାଜରେ ସମୁଦ୍ରଯାତ୍ରା କରୁଥିଲେ । ଜାହାଜ ପଡ଼ିଲା ଗୋଟିଏ ସମୁଦ୍ର ଆବର୍ତ୍ତରେ । ବାହକର ସମସ୍ତ ପ୍ରୟାସ ବ୍ୟର୍ଥ ହେଲା । ଜାହାଜ ଡୁବିବା ଅବସ୍ଥାରେ । ସେହି ଶିଷ୍ୟ ବ୍ୟାକୁଳତାରେ ଜାହାଜ ରକ୍ଷା ସକାଶେ ଶ୍ରୀ ଅଗ୍ରଦାସଜିଙ୍କୁ ସ୍ମରଣ କଲେ । ତାଙ୍କ ବ୍ୟାକୁଳ ପ୍ରାର୍ଥନା ଯୋଗୁଁ ଶ୍ରୀ ଅଗ୍ରଦାସଜିଙ୍କ ବୃତ୍ତି ମାନସ ପୂଜାରୁ ହଟିଗଲା । ନାଭାଜି ସମସ୍ତ ଘଟଣା ଦିବ୍ୟ ଦୃଷ୍ଟିରେ ଦେଖୁଥିଲେ । ଗୁରୁଦେବଙ୍କ ମାନସ ପୂଜାରେ ବାଧା ପଡ଼ିବା ଜାଣି ଜାହାଜକୁ ପଙ୍ଖାହାୱାରେ ଆବର୍ତ୍ତରୁ ପାର କରିଦେଲେ ଏବଂ ଗୁରୁଦେବଙ୍କୁ କହିଲେ, ''ଆପଣ ଆନନ୍ଦରେ ମାନସ ପୂଜା କରନ୍ତୁ । ଜାହାଜ ରକ୍ଷା ହୋଇ ବହୁଦୂର ଯାଇସାରିଛି ।'' ଏକଥା ଶୁଣି ଆନ୍ତରିକ ଧ୍ୟାନ ଅବସ୍ଥାରେ ଗମ୍ଭୀର ଶବ୍ଦରେ ଗୁରୁଦେବ ପଚାରିଲେ, ''କହିବା ବ୍ୟକ୍ତି କିଏ ?'' ଏହା କହି ଆଖି ଖୋଲି ସମ୍ମୁଖରେ ପଙ୍ଖା କରୁଥିବା ପ୍ରିୟ ଶିଷ୍ୟ ନାଭାଜିଙ୍କୁ ଦେଖିଲେ । ନାଭାଜି ହାତ ଯୋଡ଼ି ବିନୀତନମ୍ର ସ୍ୱରରେ ଉତ୍ତର ଦେଲେ, ''ପ୍ରଭୁ, ଯେଉଁ ଅନାଥ ବାଳକକୁ ସିଦ୍‌ପ୍ରସାଦ ଦେଇ ସ୍ନେହରେ ପାଳନ କରିଥିଲେ, କହିବା ବ୍ୟକ୍ତି ସେହି ।'' ଏକଥା ଶୁଣି ଗୁରୁଜିଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେ ଭାବିଲେ, ''ସନ୍ଥମାନଙ୍କ ସେବା, ସେମାନଙ୍କ ପ୍ରସାଦସେବନ ତଥା ସେମାନଙ୍କ ଅତ୍ୟନ୍ତ କୃପାରୁ ଏହାକୁ ଏତେ ସାମର୍ଥ୍ୟ ଏବଂ ଦିବ୍ୟଦୃଷ୍ଟି ପ୍ରାପ୍ତ ହୋଇଛି । ଏଠାରେ ପଙ୍ଖା କରୁଥିବା ଅବସ୍ଥାରେ ମୋ ଅନ୍ତରର ମାନସ ପୂଜା ଏବଂ ସମୁଦ୍ରସ୍ଥ ଜାହାଜର ସମସ୍ତ ଘଟଣା ଦେଖିପାରିଲା ତଥା ଜାହାଜ ରକ୍ଷା କରିପାରିଲା ।'' ତାଙ୍କୁ ଆଜ୍ଞା ଦେଲେ, ''ବସ୍, ସନ୍ଥମାନଙ୍କ କୃପା ତୁ ଲାଭ କରିଛୁ । ତାଙ୍କରି କୃପାରୁ ତାଙ୍କରି ଜୀବନଚରିତ, ଗୁପ୍ତ ଓ ପ୍ରକଟ ଗୁଣ, ସ୍ୱରୂପ, ହୃଦୟର ଭାବ ବର୍ଣ୍ଣନା କର ।'' ଏହି ବିଷୟ ପ୍ରିୟାଦାସଜି ମହାରାଜ ଲେଖିଛନ୍ତି :

''ମାନସୀ ସ୍ୱରୂପ ମେଁ ଲଗେ ହୈଁ ଅଗ୍ରଦାସ ଜୂବୈ ।
କରତ ବୟାର ନାଭା ମଧୁର ସଁଭାର ସୌଁ ॥
ଚଢ଼ ୍ୟୋ ହୋ ଜହାଜ ପୈ ଜୁ ଶିଷ୍ୟ ଏକ, ଆପଦା ମୈ କର ୍ୟୋ ।
ଧ୍ୟାନ, ଖ୍‌ଚୈ ୍ୟୌ ମନ ଛୁଟୈ ୍ୟୌ ରୂପସାର ସୌଁ ॥
କହତ ସମର୍ଥ ଗୟୌ ବୋହିତ ବହୁତ ଦୂରି ଆଓ ଛବି ପୂରି ।
ଫିର ଢରୌ ତାହୀ ଢାର ସୌଁ ॥
ଲୋଚନ ଉଘାରି କୈ ନିହାରି, କହୈ ୍ୟୌ ବୋଲୈ ୍ୟୌ କୌନ ?
ବହି ଜୌନ ପାଲୈ ୍ୟୌ ସୀଥ ଦୈ ଦୈ ସୁକୁଁବାର ସୌଁ ॥
ଅଚରଜ ଦୟୋ ନୟୋ ୟହାଁ ଲୌଁ ପ୍ରବେଶ ଭୟୋ ।
ମନ ସୁଖ ଛୟୋ ଜାନ୍ୟୋ ସଂତନ ପ୍ରଭାବ କୋ ॥
ଆଜ୍ଞା ତବ ଦଈ ଭଈ ତୋପୈ ସାଧୁ କୃପା ।
ଉନହୀଁ କୋ ରୂପ ଗୁଣ କହୋ ହିୟ ଭାବ କୋ ॥''

ଗୁରୁଦେବଙ୍କର ଏହି ଆଜ୍ଞା ଶୁଣି ନାଭାଜି ହାତ ଯୋଡ଼ି ବିନୀତ ଭାବରେ ପ୍ରାର୍ଥନା କଲେ, ''ପ୍ରଭୁ, ଆପଣଙ୍କ କୃପାରୁ ଭଗବାନଙ୍କ ଚରିତ ରଚନା କରିବାକୁ ସାହସ କରିପାରେ, କିନ୍ତୁ ସନ୍ଥମାନଙ୍କ ଚରିତ ଜାଣିବା ମହାନ୍ କଠିନ । ତାହା ଅତ୍ୟନ୍ତ ଗୁପ୍ତ । ସନ୍ଥଭକ୍ତଙ୍କର ଭଗବାନଙ୍କ ପ୍ରତି ହାର୍ଦିକ ଭାବ ଯେପରି ବିଚିତ୍ର ସେହିପରି ଭକ୍ତିର ସ୍ୱରୂପ ବି ଅଗମ୍ୟ ।'' ଅଗ୍ରଦାସଜି ମହାରାଜ କହିଲେ, ''ଯିଏ ସମୁଦ୍ର ମଧ୍ୟରେ ଜାହାଜ ତୋତେ ଦେଖାଇ ଦେଲେ ସେହି ତୋ ହୃଦୟରେ ବସି ସନ୍ଥଭକ୍ତଙ୍କ ଗୁପ୍ତ ଭକ୍ତିଭାବର ରହସ୍ୟ କହିବେ ।''

''ବୋଲ୍ୟୋ କର ଜୋରି ୟାକୋ ପାବତ ନ ଓର ଛୋର ।
ଗାଓଁ ରାମକୃଷ୍ଣ ନହୀଁ ପାଓଁ ଭକ୍ତି ଦାବ କୋ ॥
କହୀ ସମୁଝାଇ ଓଇ ହୃଦୟ ଆଇ କହୈଁ ସବ ।
ଜିନ ଲୈ ଦିଖାଇ ଦଇ ସାଗର ମୈଁ ନାବ କୋ ॥''

ଗୁରୁଦେବ ଶ୍ରୀ ଅଗ୍ରଦାସଜି ମହାରାଜଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ଶ୍ରୀ ନାଭାଜି ମହାରାଜ ଭକ୍ତ-ଚରିତ ସୁନ୍ଦର କବିତାରେ ରଚନା କଲେ । ସେହି ଗ୍ରନ୍ଥର ନାମ ରଖିଲେ 'ଭକ୍ତମାଳ' । ସେହି 'ଭକ୍ତମାଳ' କବିତାର ଟୀକା କଲେ ବୃନ୍ଦାବନବାସୀ ସନ୍ଥ ପ୍ରିୟାଦାସଜି ମହାରାଜ । ଶ୍ରୀ ନାଭାଜି ଥିଲେ ରାମଉପାସକ, ଶ୍ରୀ ରାମାନନ୍ଦ ସଂପ୍ରଦାୟର । ସେ ନିବାସ କରୁଥିଲେ ଜୟପୁର ଅନ୍ତର୍ଗତ ପ୍ରସିଦ୍ଧ ଗଳତାଗାଦିରେ । ରାମାନନ୍ଦୀ ବୈଷ୍ଣବଙ୍କର ସେହି ପବିତ୍ର ପୀଠସ୍ଥାନ ଏବେ ମଧ୍ୟ ବିଦ୍ୟମାନ ଅଛି । ଶ୍ରୀ ପ୍ରିୟାଦାସଜି ଥିଲେ କୃଷ୍ଣ-ଉପାସକ, ନିମ୍ବାର୍କ ସଂପ୍ରଦାୟର । ତାଙ୍କ ନିବାସସ୍ଥାନ ଥିଲା ବୃନ୍ଦାବନରେ । ସେ ଥିଲେ ନାଭାଜିଙ୍କର ସମକାଳୀନ କିଂବା କିଛି ଅଳ୍ପ ବର୍ଷ ଅନ୍ତରରେ । ଶ୍ରୀ ଅଗ୍ରଦାସଜି ମହାରାଜ 'ଭକ୍ତମାଳ' ରଚନା କରିବାକୁ ଶ୍ରୀ ନାଭାଜି ଆଜ୍ଞା ଦେଇଥିବା ବିଷୟ ଶ୍ରୀ ନାଭାଜି 'ଭକ୍ତମାଳ' ଆରମ୍ଭରେ ସ୍ୱୟଂ କବିତାରେ ବର୍ଣ୍ଣନ କରିଛନ୍ତି । 'ଭକ୍ତମାଳ'କୁ ଆଧାର କରି ସନ୍ଥମାନଙ୍କ ସାହାଯ୍ୟରେ ଶ୍ରୀ ନାଭାଜିଙ୍କ ଜୀବନଚରିତ ଯେତିକି ଉପଲବ୍ଧ ହୋଇପାରିଲା ଶ୍ରୀ ପ୍ରିୟାଦାସଜି ମହାରାଜ ତାହାହିଁ ବର୍ଣ୍ଣନା କଲେ । କିନ୍ତୁ ଏହାଛଡ଼ା ତାଙ୍କ ଜୀବନରେ ବହୁତ ଆଶ୍ଚର୍ଯ୍ୟଜନକ ଘଟଣା ଆଜି ବି ସନ୍ଥସମାଜରେ ବିଶେଷ ପ୍ରଚଳିତ । କାରଣ ଶ୍ରୀ ନାଭାଜି ମହାରାଜଙ୍କ ପରମ୍ପରାରେ ବହୁ ସଂଖ୍ୟାରେ ବୈଷ୍ଣବ ଥିଲେ ଏବଂ ମଠ ସ୍ଥାପନା ହୋଇଥିଲା । ସେହି ସକାଶେ ତାଙ୍କ ଜୀବନଚରିତ ପରମ୍ପରାଗତ ପ୍ରାପ୍ତ ହୋଇଆସୁଛି ।

ଶ୍ରୀ ରାମାନନ୍ଦ ସଂପ୍ରଦାୟରେ ବୈଷ୍ଣବ ଭାଷାରେ କୁହାହୁଏ 'ବାରଟି ଦ୍ୱାରା' । ଅର୍ଥାତ୍ ସେ ସଂପ୍ରଦାୟର ବହୁତ ସିଦ୍ଧ ମହାପୁରୁଷ ଥିଲେ । ତନ୍ମଧ୍ୟରେ ଥିଲେ ବାରଜଣ ପ୍ରଧାନ । ଏହିମାନଙ୍କର ବହୁ ସଂଖ୍ୟାରେ ଅନୁଯାୟୀ ହେଲେ ଏବଂ ମଠ ସ୍ଥାପନା ହେଲା । ଏହିମାନଙ୍କ ନାମ ପ୍ରଚଳିତ 'ଦ୍ୱାରା' । ଏହି 'ଦ୍ୱାରା' ଶବ୍ଦଟି ବିଶେଷ ମହତ୍ତ୍ୱପୂର୍ଣ୍ଣ ଓ ରହସ୍ୟମୟ । ସାଧୁମାନେ ତୀର୍ଥଯାତ୍ରାରେ ଯାଆନ୍ତି । ସେମାନଙ୍କୁ ଅନୁସରଣ କରନ୍ତି ଭିକାରି । ସେମାନେ ସାଧୁବେଶ ଧାରଣ କରି ବୈଷ୍ଣବମାନଙ୍କ ଆଶ୍ରମରେ ପହଞ୍ଚି ଯାଆନ୍ତି । ତିଳକ ଲଗାନ୍ତି, କଣ୍ଠି, କୌପୀନ ଏବଂ ଆଞ୍ଚଳା ଧାରଣ କରନ୍ତି ବୈଷ୍ଣବଙ୍କ ସଦୃଶ । ତିଳକ ଏବଂ କଣ୍ଠିରେ ଯେଉଁ ପ୍ରଭେଦ ଥାଏ ସେମାନେ ଜାଣନ୍ତି ନାହିଁ । ସେଥିରେ ସେମାନେ ଧରାପଡ଼ିଯାଆନ୍ତି । ଏଥିରୁ ବହୁପରିମାଣରେ ରକ୍ଷା ପାଆନ୍ତି ଗୁପ୍ତ ପୁଲିସ । ସେମାନେ ଧରାପଡ଼ନ୍ତି 'ଦ୍ୱାରା' ଶବ୍ଦଟି ପଚାରିବାରେ । ଅର୍ଥାତ୍ ପଚରା ହୁଏ, ''ତୁମର କେଉଁ 'ଦ୍ୱାରା' ?'' ଏହାର ଉତ୍ତର ସେମାନେ ଦେଇପାରନ୍ତି ନାହିଁ । ଗୁପ୍ତ ପୁଲିସମାନଙ୍କୁ ନିୟମିତରୂପେ ସନ୍ଥମାନଙ୍କ ଆଶ୍ରମରେ ରହି ଦୀକ୍ଷା ଗ୍ରହଣ କରିବାକୁ ହୁଏ ଏବଂ ଚାରି ଛଅ ମାସ ରହି ସେବା କରି ଏହିସବୁ ଗୁପ୍ତରହସ୍ୟ ଜାଣିବାକୁ ହୁଏ, ତେବେ ସେମାନେ ସନ୍ଥମାନଙ୍କ ମଠରେ ପ୍ରବେଶ କରିପାରନ୍ତି । ଶ୍ରୀ ନାଭାଜି ହେଉଛନ୍ତି ଶ୍ରୀ ସଂପ୍ରଦାୟର 'ବାରଟି ଦ୍ୱାରା' ମଧ୍ୟରୁ ଗୋଟିଏ 'ଦ୍ୱାରା'ର ପ୍ରବର୍ତ୍ତକ । ତାଙ୍କର ବହୁ ଅନୁଯାୟୀ ଏବଂ ମହୁ ମଠ । ତାଙ୍କ ଦ୍ୱାରା ବୈଷ୍ଣବ ମଧ୍ୟରେ ବହୁତ ସିଦ୍ଧ ମହାତ୍ମା ହୋଇଛନ୍ତି । ଶ୍ରୀ ନାଭାଜି ମହାରାଜ ଥିଲେ ଶ୍ରୀ ତୁଳସୀଦାସଜି

ମହାରାଜଙ୍କ ସମସାମୟିକ । ନାଭାଜିଙ୍କ 'ଭକ୍ତମାଳ' ସଚ୍ଛସମାଜ ତଥା ସାଧାରଣ ଜନତା ମଧ୍ୟରେ ବିଶେଷ ଆଦୃତ । ତାଙ୍କ 'ଭକ୍ତମାଳ' କୋଟି କୋଟି ନରନାରୀଙ୍କ ଜାଗତିକ ଦୁଃଖକଷ୍ଟତପ୍ତ ହୃଦୟରେ ସୁଶୀତଳ ଭକ୍ତଭାଗୀରଥୀର ସ୍ରୋତ ପ୍ରବାହିତ କରି ଜନ୍ମମରଣର ମହାବନ୍ଧନରୁ ମୁକ୍ତ କରିଛି । ଆଜି ଆମ୍ଭେମାନେ ଶ୍ରୀ ନାଭାଜିଙ୍କ ଜୀବନଚରିତ ପାଠ କରିବା ଦ୍ୱାରା ଆମ୍ଭମାନଙ୍କ ଜୀବନ କୃତାର୍ଥ ହେଲା ।

ବୋଲ ଭକ୍ତ ଏବଂ ଭକ୍ତବତ୍ସଳ ଭଗବାନଙ୍କୁ ଜୟ ।

ଭକ୍ତ ନାମଦେବଜି

ପରମ ଭକ୍ତ ନାମଦେବଜି ମହାରାଷ୍ଟ୍ର ସଚ୍ଛସମାଜରେ ପ୍ରସିଦ୍ଧ ମହାତ୍ମା ଥିଲେ । (ସେ ଜନ୍ମଗ୍ରହଣ କରିଥିଲେ ବିକ୍ରମ ସମ୍ୱତ୍ ୧୩୨୭ କାର୍ତ୍ତିକ ଶୁକ୍ଳ ପ୍ରତିପଦ ରବିବାର ସୂର୍ଯ୍ୟୋଦୟ ସମୟରେ । ଗ୍ରାମର ନାମ ଥିଲା ନରସିବ୍ରାହ୍ମଣୀ । ବର୍ତ୍ତମାନ ତା'ର ନାମ ହୋଇଛି 'ନରସିଂହପୁର' । ଦକ୍ଷିଣପ୍ରାନ୍ତ ହାଇଦ୍ରାବାଦ ଅନ୍ତର୍ଗତ କୃଷ୍ଣାନଦୀ କୂଳରେ ଏହା ଅବସ୍ଥିତ ।) ନାମଦେବଜିଙ୍କ ପିତାଙ୍କ ନାମ ଥିଲା ଦାମା ସେଠ, ମାତାଙ୍କ ନାମ ଗୋଣାଇ । ଗୋଣାଇଙ୍କ ପିତାଙ୍କ ନାମ ଥିଲା ବାମଦେବ । ସେ ଜାତିରେ ଥିଲେ ଦରଜି ।

ନାମଦେବଙ୍କ ପିତା ଦାମା ସେଠଙ୍କ ପୂର୍ବ ଚାରିପିଢ଼ିରେ ଯଦୁ ସେଠ ଥିଲେ ଭଗବାନ୍ ପାଣ୍ଡୁରଙ୍ଗଙ୍କର ପ୍ରସିଦ୍ଧ ଅନନ୍ୟ ଭକ୍ତ । ନାମଦେବଙ୍କ ମାତା ଗୋଣାଇଙ୍କର ବାଲ୍ୟାବସ୍ଥାରେ ଦାମା ସେଠଙ୍କ ସହିତ ବିବାହ ହୋଇଥିଲା । କିନ୍ତୁ ବିବାହର କିଛି ସମୟ ପରେ ତାଙ୍କ ପତି ପରଲୋକ ଗମନ କରିବାରୁ ସେ ଆସି ପିତା ବାମଦେବଙ୍କ ଗୃହରେ ନିବାସ କରିଥିଲେ । ବାମଦେବ ଥିଲେ ଭଗବାନ୍ (ବିଠଲ) ପାଣ୍ଡୁରଙ୍ଗଙ୍କ ଅନନ୍ୟ ଭକ୍ତ । ଘରେ ଭଗବାନ୍ ବିଠଲଙ୍କ ପ୍ରତିମା ପ୍ରତିଷ୍ଠା କରି ସେବା ପୂଜା କରନ୍ତି ଏବଂ ବିଠଲ ଭଗବାନଙ୍କୁ ଘରର ମାଲିକ ମନେକରି ତାଙ୍କରି ସେବା ଭାବରେ ସମସ୍ତ କାର୍ଯ୍ୟ କରନ୍ତି । ସେ ସବୁକିଛି ସମର୍ପଣ କରିଥାଆନ୍ତି ଶ୍ରୀ ପାଣ୍ଡୁରଙ୍ଗଙ୍କ ଚରଣରେ ।

ପୁତ୍ରୀ ଗୋଣାଇଙ୍କର ବାଲ୍ୟାବସ୍ଥାରୁ ବିଠଲ ଭଗବାନଙ୍କ ପ୍ରତି ଅନନ୍ୟ ଭକ୍ତି ଥିଲା । କିନ୍ତୁ ତାଙ୍କର ବାର ବର୍ଷ ବୟସରେ ଭଗବାନଙ୍କ ପ୍ରତି ଅତ୍ୟନ୍ତ ଶ୍ରଦ୍ଧା, ଆଗ୍ରହ ଦେଖି ପିତା ବାମଦେବ ତାଙ୍କୁ ଭଗବାନ୍ ପାଣ୍ଡୁରଙ୍ଗଙ୍କ ସେବା ପୂଜା କରିବା ସକାଶେ ସ୍ୱୀକୃତି ଦେଇଦେଲେ ଏବଂ ଯାହା ଆବଶ୍ୟକ ତାଙ୍କରିଠାରୁ ମାଗିନେବାକୁ କହିଲେ । ପିତାଙ୍କଠାରୁ ଅନୁମତି ପାଇ ଗୋଣାଇଙ୍କୁ ବିଶେଷ ଆନନ୍ଦ ହେଲା । ପୂର୍ବଠାରୁ ସେ ଅଧିକ ଉତ୍ସାହରେ ନିରନ୍ତର ଭଗବାନଙ୍କ ନାମ ସ୍ମରଣ କଲେ ଏବଂ ଘରର ସମସ୍ତ କର୍ମ ଭଗବାନ୍ ପାଣ୍ଡୁରଙ୍ଗଙ୍କ ପ୍ରୀତ୍ୟର୍ଥେ ସମ୍ପାଦନ କଲେ । ଭୋରରୁ ନିଦ ଭାଙ୍ଗିବା ସଙ୍ଗେ ଭଗବାନଙ୍କ ନାମ ସ୍ମରଣପୂର୍ବକ ଉଠି ବସି କିଛି ସମୟ ଧ୍ୟାନ କରନ୍ତି । ପରେ ବିଛଣା ତ୍ୟାଗ କରି ଭଗବତ୍ ସେବା ଭାବରେ ଘରଦ୍ୱାର ସଫା କରି ଚୌକା ଲଗାଇ ସ୍ନାନ କରି ଭଗବାନଙ୍କ ପୂଜା ସେବା ସକାଶେ ତୁଳସୀ, ପୁଷ୍ପ ଆଣି ରଖିଦିଅନ୍ତି । ଭଗବାନଙ୍କ ସେବା ପୂଜା ପାରଖତ (ପାତ୍ର) ମାଜି, ଧୋଇ, ଚନ୍ଦନ ଘଷି ରଖିଦିଅନ୍ତି ଏବଂ ଭଗବାନଙ୍କୁ ଭୋଗ ଲଗାଇବା ସକାଶେ ରୋଷେଇରେ ଲାଗିପଡ଼ନ୍ତି । ପରେ ପିତା ବାମଦେବ ଆସି ଠାକୁରଙ୍କୁ ସ୍ନାନ କରାଇ ବସ୍ତ୍ର ଅଳଙ୍କାର ପିନ୍ଧାଇ ଚନ୍ଦନ, ପୁଷ୍ପ ମଣ୍ଡନ କରି ଧୂପ, ଆଳତି କରନ୍ତି ଏବଂ କନ୍ୟା କରିଥିବା ରୋଷାଇଦ୍ରବ୍ୟ ଭୋଗ ଲଗାନ୍ତି । ଭଗବତ୍ ସେବା ଭାବରେ କର୍ମ କରିବାରେ ଗୋଣାଇଙ୍କୁ ଏପରି ଆନନ୍ଦ ମିଳେ ଯେ ଚାଲିବାରେ ତାଙ୍କ ପାଦ ତଳେ ଲାଗେ ନାହିଁ । ଭଗବତ୍ ନାମ ଗୋଟିଏ ମୁଖରେ ଜପ କରିବାରେ ତାଙ୍କୁ ସନ୍ତୋଷ ହୁଏ ନାହିଁ । ସେ ଚାହାନ୍ତି ତାଙ୍କର ହଜାର ଜିହ୍ୱା ହୋଇଥିଲେ ସେ ଭଗବତ୍ ନାମ ସ୍ମରଣ କରନ୍ତେ । କ୍ରମଶଃ ତାଙ୍କର ଭଗବତ୍ ପ୍ରେମ-ଭକ୍ତି ବୃଦ୍ଧି ହେବା ସଙ୍ଗେ ସଙ୍ଗେ ତାଙ୍କୁ ଯୌବନ ଅବସ୍ଥା ମଧ୍ୟ ପ୍ରାପ୍ତ ହେଲା । ଜୀବନ ମଧ୍ୟରେ ଯୌବନ ଅବସ୍ଥାହିଁ ଶକ୍ତିଶାଳୀ । ଯୌବନ ଅବସ୍ଥାରେ ବ୍ୟକ୍ତି ମନ୍ଦ ଅଥବା ଉତ୍ତମ ଯେକୌଣସି କାର୍ଯ୍ୟ କରିବାରେ ତତ୍ପର ହେଲେ ସେ ତାହା ସିଦ୍ଧ କରିପାରେ । ଏହି ଅବସ୍ଥାରେ ବ୍ୟକ୍ତିର ପ୍ରାଣ ଶକ୍ତିଶାଳୀ ଥାଏ । ତା'ର ଉଚ୍ଚ ଆଦର୍ଶ ନ ଥିଲେ ଶକ୍ତିଶାଳୀ ନିମ୍ନ ପ୍ରାଣ ତାକୁ ପତନାଭିମୁଖେ ଟାଣିନିଏ ଏବଂ ପତନ କରାଏ । ଏହି ଅବସ୍ଥାରେ ଶକ୍ତିଶାଳୀ ପ୍ରାଣ ଯଦି ଭଗବତ୍ ଅଭିମୁଖୀ ହୁଏ ତେବେ ଭଗବତ୍ ପ୍ରାପ୍ତି କିଂବା ଭଗବତ୍ ଦର୍ଶନରେ ବିଳମ୍ବ ହୁଏ ନାହିଁ । ଗୋଣାଇଙ୍କର ଭଗବତ୍ ଦର୍ଶନ ଅଭିଳାଷ ତୀବ୍ରରୁ ତୀବ୍ରତର ହେବାକୁ ଲାଗିଲା । ତାଙ୍କ ଚେତନାରେ କେବଳ ଭଗବତ୍ ଦର୍ଶନ ଛଡ଼ା ଅନ୍ୟ କିଛି କାମନା ରହିଲା ନାହିଁ । ଭଗବାନ୍ ତ ସର୍ବତ୍ର ବିଦ୍ୟମାନ ଥା'ନ୍ତି କିନ୍ତୁ ବ୍ୟକ୍ତିର ଆନ୍ତରିକ ଭକ୍ତି ତଥା ତୀବ୍ର ଅଭୀପ୍ସା ହେଲେ ସେ ଦର୍ଶନ ଦିଅନ୍ତି । ଗୋଣାଇଙ୍କ ନିଷ୍କପଟ ଭକ୍ତି ଯୋଗୁଁ ଭଗବାନ୍ ତ୍ରିଭୁବନମୋହନ ତାଙ୍କ ସମ୍ମୁଖରେ ପ୍ରକଟ ହେଲେ । ଭଗବାନଙ୍କ ଅତୁଳନୀୟ

ସୌନ୍ଦର୍ଯ୍ୟରୂପ ଦର୍ଶନରେ ଗୋଣାଇ ଆନନ୍ଦ-ସମୁଦ୍ରରେ ଡୁବିଗଲେ । ତାଙ୍କର ବାହ୍ୟ ଜ୍ଞାନ ରହିଲା ନାହିଁ । ସେ ଭଗବାନଙ୍କ ଚରଣରେ ପଡ଼ିଗଲେ । ଭଗବାନ୍ ବରଦ ହସ୍ତରେ ଗୋଣାଇଙ୍କୁ ଉଠାଇନେଲେ ଏବଂ ଅତ୍ୟନ୍ତ କୋମଳ ଶବ୍ଦରେ ଆଶ୍ୱାସନା ଦେଇ ଈପ୍ସିତ ବର ମାଗିବାକୁ କହିଲେ । ଭଗବାନଙ୍କ ଦର୍ଶନରେ ଭକ୍ତର କାମନା ରହେ ନାହିଁ । କିନ୍ତୁ କୌଣସି ଭକ୍ତ ଯଦି ଭଗବାନଙ୍କଠାରୁ କିଛି ମାଗେ ତେବେ ସେଥିରେ ଭଗବାନଙ୍କର ପ୍ରେରଣା ଥାଏ କିଂବା ପୂର୍ବର ସୁପ୍ତ କାମନା ଥାଏ । କେବେକେବେ ଭଗବାନ୍ କୃପା କରି ସେହି ପୂର୍ବ କାମନାରେ ପ୍ରେରଣା ଭକ୍ତ ଅନ୍ତରରେ ଜାଗ୍ରତ କରାଇ ଦିଅନ୍ତି । ଅଥବା ତାଙ୍କ ଅନନ୍ୟ ଭକ୍ତା ଗୋଣାଇଙ୍କ ଗର୍ଭରୁ ପରମ ଭକ୍ତ ଉତ୍ପନ୍ନ ହୋଇ ତାଙ୍କୁ ପୁତ୍ର ସୁଖ ଦେବାରେ ଭଗବାନଙ୍କ ଅଭିପ୍ରାୟ ଥାଇପାରେ । ଯାହା ବି ହେଉ ଗୋଣାଇଙ୍କର ପୁତ୍ରକାମନା ଉତ୍ପନ୍ନ ହେଲା । ସେ ଭଗବାନଙ୍କଠାରୁ ଗୋଟିଏ ପୁତ୍ର ମାଗିଲେ । ଭଗବାନ୍ ତଥାସ୍ତୁ କହି ଗୋଣାଇକୁ ସ୍ପର୍ଶ କରି ଅନ୍ତର୍ଦ୍ଧାନ ହୋଇଗଲେ । ସେହି ସମୟରୁ ଗୋଣାଇଙ୍କର ଗର୍ଭସଞ୍ଚାର ହେଲା ।

ଭଗବାନ୍ ସର୍ବସମର୍ଥ ହେବା ସଙ୍ଗେ ସଙ୍ଗେ ସେ ଭକ୍ତବାଞ୍ଛାକଳ୍ପତରୁ । ଭକ୍ତ ସକାଶେ ତାଙ୍କର ଅଦେୟ କିଛି ନ ଥାଏ । ସେ ସର୍ବଥା ସ୍ୱତନ୍ତ୍ର; ପ୍ରକୃତିର ନିର୍ଦ୍ଧାରିତ ନିୟମର ବହୁ ଊର୍ଦ୍ଧ୍ୱରେ । ଭକ୍ତ ସକାଶେ ସେ ସମସ୍ତପ୍ରକାର ମର୍ଯ୍ୟାଦା ଭଙ୍ଗ କରିବାରେ ପଶ୍ଚାତ୍‌ପଦ ନ ହୋଇ ପିତା, ପୁତ୍ର, ପତି, ଭୃତ୍ୟ ହୋଇପାରନ୍ତି । ବିଧବା ଗୋଣାଇଙ୍କୁ ପୁତ୍ରସନ୍ତାନ ଦେବାରେ ତାଙ୍କ ପକ୍ଷେ ଆଶ୍ଚର୍ଯ୍ୟ କିଛି ନ ଥିଲା । ଭଗବାନଙ୍କ କୃପାରୁ ଗୋଣାଇଙ୍କ ଗର୍ଭ ବୃଦ୍ଧି ହେବାକୁ ଲାଗିଲା । ଗର୍ଭର ଲକ୍ଷଣ ଦେଖି ଗ୍ରାମର ମହିଳାମାନେ ପରସ୍ପର ଚର୍ଚ୍ଚା କରିବାକୁ ଲାଗିଲେ । କେତେକ ଦୁଷ୍ଟପ୍ରକୃତିର ବ୍ୟକ୍ତି ଥାଆନ୍ତି, ସେମାନେ ଅନ୍ୟର ସୋରିଷ ସଦୃଶ ଦୋଷକୁ ପାହାଡ଼ କରି ଛିଡ଼ା କରାନ୍ତି, ଭଲରେ ମନ୍ଦ ଆରୋପ କରନ୍ତି । ପରନିନ୍ଦା କରିବାରେ ସେମାନଙ୍କର ସହସ୍ର ଜିହ୍ୱା ହୋଇଯାଏ । ବିଧବା ଗୋଣାଇଙ୍କ ଗର୍ଭ ହେବା ଖବର ଅକ୍ଲାନ୍ତଭାବେ ପ୍ରଚାର କଲେ । ଏହି ଖବର ପିତା ବାମଦେବଙ୍କ କାନ ପର୍ଯ୍ୟନ୍ତ ଆସିଲା । ବାମଦେବ ନିଜ କନ୍ୟା ଗୋଣାଇଙ୍କ ସ୍ୱଭାବରେ ପରିଚିତ ଥିଲେ । କନ୍ୟା ଗୋଣାଇ ଯଥାର୍ଥ ସତ୍ୟ ଘଟଣା ପ୍ରକାଶ କରିବ ବୋଲି ସେ ବିଶ୍ୱାସ କରୁଥିଲେ । ସେହି ସକାଶେ ସେ ଗୋଣାଇଙ୍କୁ ଡାକି ଶୁଣିଥିବା ଘଟଣା ପଚାରିଲେ । ପିତାଙ୍କ ପ୍ରଶ୍ନରେ ଗୋଣାଇ ଭଗବାନଙ୍କ ଦର୍ଶନ ଏବଂ ଭଗବାନଙ୍କଠାରୁ ପୁତ୍ର ଚାହିଁଥିବା ତଥା ଭଗବାନଙ୍କ ସଂସ୍ପର୍ଶରେ ଗର୍ଭ ରହିଥିବା ସତ୍ୟ ଘଟଣା କହିଦେଲେ । ଯେଉଁମାନଙ୍କର ଭଗବତ୍ ଭକ୍ତିରେ ହୃଦୟ ଶୁଦ୍ଧ ହୋଇଯାଏ ସେମାନଙ୍କୁ ସତ୍ୟାସତ୍ୟ ବୁଝିବାରେ ଅସୁବିଧା ହୁଏ ନାହିଁ । ପିତା ବାମଦେବ ପୁତ୍ରୀର ସତ୍ୟ ବାକ୍ୟ ନିଜ ଅନ୍ତରରେ ଉପଲବ୍ଧି କଲେ ଏବଂ ଭଗବତ୍ ସଂସ୍ପର୍ଶରେ ତଥା ଭଗବତ୍ କୃପାସ୍ୱରୂପ ସନ୍ତାନକୁ ଗର୍ଭରେ ଧାରଣ କରିଥିବାରୁ ଗୋଣାଇଙ୍କ ଚେହେରା ତଥା ତାଙ୍କ ମୁଖମଣ୍ଡଳରେ ଅସାଧାରଣ କାନ୍ତି ପ୍ରତ୍ୟକ୍ଷଭାବେ ପିତା ବାମଦେବ ଦେଖିପାରିଲେ । ଭଗବାନଙ୍କ ସାକ୍ଷାତ୍ କୃପା ତାଙ୍କ ପୁତ୍ରୀ ପ୍ରତି ହୋଇଥିବା ଜାଣି ସେ ଆନନ୍ଦରେ ଅଭିଭୂତ ହୋଇପଡ଼ିଲେ । ଭଗବାନଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ହୃଦୟ ପୂର୍ଣ୍ଣ ହୋଇଗଲା ।

ଗୋଣାଇଙ୍କ ଗର୍ଭବୃଦ୍ଧି ସଙ୍ଗେ ସଙ୍ଗେ ଭଗବାନଙ୍କ ପ୍ରତି ତାଙ୍କ ଭକ୍ତି ବି ବୃଦ୍ଧି ହେଉଥାଏ । ସେ ଘରର ସମସ୍ତ କାର୍ଯ୍ୟ କରୁଥାଆନ୍ତି କିନ୍ତୁ ମୁଖରେ ଭଗବତ୍ ନାମଚରିତ ଗାନ କରୁଥାଆନ୍ତି । ତାଙ୍କ ମନ ଭଗବାନଙ୍କ ଲଳିତ ଲୀଳାରେ ବିଚରଣ କରୁଥାଏ । ତାଙ୍କ ଗର୍ଭସ୍ଥ ସନ୍ତାନ ସାକ୍ଷାତ୍ ଭଗବତ୍ କୃପାର ମୂର୍ତ୍ତିମାନ୍ ବିଗ୍ରହ ଥିଲେ । ସେଥିରେ ମା ଗୋଣାଇଙ୍କର ଦିବାନିଶି ଭଗବତ୍ ସ୍ମରଣ ସୁବର୍ଣ୍ଣରେ ସୁଗନ୍ଧସ୍ୱରୂପ ପରମ ସୁଯୋଗ ପ୍ରାପ୍ତ ହେଲା । ଗର୍ଭସ୍ଥ ଶିଶୁର ମନ-ପ୍ରାଣ-ଶରୀର ତନ୍ତ୍ରରେହିଁ ଭଗବତ୍ ଭକ୍ତି ସଂସ୍କାରରୂପେ ନିହିତ ରହିଲା ।

ଆନନ୍ଦର ଦିନ ଯିବାରେ ବିଳମ୍ବ ହୁଏ ନାହିଁ । ଦେଖୁ ଦେଖୁ ଗୋଣାଇଙ୍କର ପ୍ରସବର ସମୟ ଆସିଗଲା । ସମ୍ବତ୍ ୧୩୨୭ କାର୍ତ୍ତିକ ଶୁକ୍ଳପକ୍ଷ ପ୍ରତିପଦ ରବିବାର ସୂର୍ଯ୍ୟୋଦୟ ସମୟରେ ଶିଶୁ ଗୋଣାଇଙ୍କ ଗର୍ଭରୁ ଭୂମିଷ୍ଠ ହେଲେ । ଅଜା ବାମଦେବଙ୍କ ଆନନ୍ଦର ସୀମା ରହିଲା ନାହିଁ । ରହିବ ବା କିପରି ? ଭଗବାନଙ୍କର ସାଧାରଣ କୃପା ତ ନୁହେଁ, ସାକ୍ଷାତ୍ ଭଗବତ୍ କୃପା ଶିଶୁରୂପେ ତାଙ୍କ ଗୃହରେ ଜନ୍ମଗ୍ରହଣ କରିଛନ୍ତି । ଅଜା ବାମଦେବ ଆନନ୍ଦରେ ବିଭୋର ହୋଇ ସାଧୁ, ସଜ୍ଜ, ବ୍ରାହ୍ମଣ ତଥା ଦରିଦ୍ରଙ୍କୁ ଦାନ ଦେଲେ । ଗୃହରେ ବହୁ ସମାରୋହରେ ଉତ୍ସବ ହେଲା ଏବଂ ଯଥାର୍ଥ ସମୟରେ ପୁତ୍ରର ନାମ ରଖାହେଲା ନାମଦେବ ।

ନାମଦେବ ଶୁକ୍ଳପକ୍ଷ ଚନ୍ଦ୍ରମା ସଦୃଶ ବଢ଼ିବାକୁ ଲାଗିଲେ । ତାଙ୍କ ବାଲ୍ୟାବସ୍ଥାରୁହିଁ ଭଗବତ୍ ଭକ୍ତିର ଲକ୍ଷଣ ତାଙ୍କ ଅଙ୍ଗରେ ଶୋଭା ପାଉଥିଲା । ତାଙ୍କ ମା ନାମଦେବଙ୍କୁ କ୍ଷୀରପାନ କରାଇବା ସମୟରେ ଭଗବତ୍ ନାମ, ଭଗବତ୍ ଚରିତ ଗାନ କରନ୍ତି, ନାମଦେବ କ୍ଷୀରପାନ ବନ୍ଦ କରି କାନ ଦେଇ ମନ୍ତ୍ରମୁଗ୍ଧ ସଦୃଶ ଶୁଣନ୍ତି । ଅଜା ବାମଦେବ ଭଗବାନଙ୍କୁ ସ୍ନାନ କରାଇ ଆଭୂଷଣ ଧାରଣ କରାଇ ଆଳତି କରିବା ସମୟରେ ନାମଦେବ ମା କୋଳରୁ ଓହ୍ଲାଇ ଭଗବତ୍ ପ୍ରତିମା ଧରିବାକୁ ଆଣ୍ଠେଇ ଆଣ୍ଠେଇ ଚାଲିଯାଆନ୍ତି । ଭଗବତ୍ ଚରିତ ଗାନ କିଂବା ଭଗବତ୍ ନାମ କୀର୍ତ୍ତନ ହେଲେ ସେ ପାଷାଣ ପ୍ରତିମା ସଦୃଶ ଅଚଳ, ଅବିକମ୍ପିତ ଅବସ୍ଥାରେ କାନ ଡେରି ଶୁଣନ୍ତି ।

ନାମଦେବଜି ଅସ୍ପଷ୍ଟଭାବେ କଥା କହିବାକୁ ଆରମ୍ଭ କଲେ ବିଠଲଙ୍କ ନାମ ଉଚ୍ଚାରଣରେ । ସ୍ତୁତି କରିବା ଶିଖିଲେ ଅଜା ତଥା ମା'ଙ୍କ ସଙ୍ଗରେ । ନମସ୍କାର କଲେ ସେମାନଙ୍କ ନମସ୍କାର ଦେଖି । ତାଙ୍କର ଖେଳ ହେଉଥିଲା ମା'ଙ୍କଠାରୁ ଶୁଣିଥିବା ଭଗବତ୍ ଲୀଳାର । ନାମଦେବଜିଙ୍କର ବାଲ୍ୟାବସ୍ଥାରେ ଭଗବତ୍ ଭକ୍ତିର ପ୍ରଭାବ ସମସ୍ତ ସତ୍ତାରେ ଓତପ୍ରୋତ ହୋଇଥିଲା । ନାମଦେବଜି କ୍ରମଶଃ ବଡ଼ ହେବା ସଙ୍ଗେ ସଙ୍ଗେ ତାଙ୍କ ଭକ୍ତିଲତା ପଲ୍ଲବିତ ହେବାକୁ ଲାଗିଲା । ପୂର୍ବ ସଂସ୍କାର ତଥା ଅଜା ଏବଂ ମା'ଙ୍କ ଆଚରଣର ପ୍ରଭାବ ତାଙ୍କ ଜୀବନରେ ବିଶେଷରୂପେ ପଡ଼ିଥିଲା । ସେ ବାଲ୍ୟାବସ୍ଥାରୁ ନିରନ୍ତର ବିଠଲଙ୍କ ନାମ, ବିଠଲଙ୍କ ଗୁଣ ଗାନ କରୁଥିଲେ । ଭଲ ପଥର ପାଇଲେ ବିଠଲ ଭାବି ତାଙ୍କୁ ସ୍ନାନ କରାଇ, ଲୁଗା ପିନ୍ଧାଇ, ଫୁଲ ଦେଇ ଧୂପ-ଆଳତି କରୁଥିଲେ । ବିଠଲଙ୍କ ପ୍ରତି ତାଙ୍କର ଅଗାଧ ଭକ୍ତି ଉତ୍ପନ୍ନ ହୋଇଥିଲା । ସେ କିଛି ବଡ଼ ହେବା ପରେ ବିଠଲଙ୍କୁ ପୂଜା କରିବାକୁ ବାରଂବାର ଆଗ୍ରହ ପ୍ରକାଶ କଲେ । କିନ୍ତୁ ଅଜା ଏବଂ ମାତା ବାଳକ ଜାଣି ପୂଜା କରିବାକୁ ଅନୁମତି ଦେଉ ନ ଥିଲେ । ଆଜିକାଲି ନୂତନ ସଭ୍ୟତାରେ ଅନୁପ୍ରାଣିତ ଆଧୁନିକ ଶିକ୍ଷିତ ବ୍ୟକ୍ତିଗଣ ଛୋଟପିଲାଙ୍କ ସାମନାରେ ମିଥ୍ୟା କହନ୍ତି, ଅସତ୍, ଅନ୍ୟାୟ ଆଚରଣ କରନ୍ତି, ସିଗାରେଟ୍ ଖାଆନ୍ତି, ମଦ ପିଅନ୍ତି ଏବଂ ବିଛୁଆତି ଗଛ ଲଗାଇ ସେଥିରୁ ତୁଳସୀର ଗୁଣ ଆଶା କରିବା ସଦୃଶ ସନ୍ତାନଠାରୁ ସତ୍ ଚରିତ୍ର ଆଶା କରନ୍ତି । ସେମାନଙ୍କ ଆଶା ଆଶାରେହିଁ ରହିଯାଏ । ପିତାମାତାଙ୍କ ବିଶେଷ ପ୍ରଭାବ ପଡ଼େ ସନ୍ତାନ ଉପରେ । ନିଜ ସନ୍ତାନଠାରୁ ସଦ୍‌ଗୁଣ ଆଶା କରୁଥିବା ପିତାମାତା ସଦ୍‌ଗୁଣ ଗ୍ରହଣ କରିବା ଉଚିତ । ନିଜେ ଅସତ୍ ଆଚରଣ କରି ସନ୍ତାନମାନଙ୍କଠାରୁ ସଦ୍‌ଗୁଣ ଆଶା କରିବା ସର୍ବଥା ବୃଥା ।

କିନ୍ତୁ ଭଗବାନ୍ ଭକ୍ତବାଞ୍ଛାକଳ୍ପତରୁ । ଭକ୍ତର ନିଷ୍କପଟ ଆନ୍ତରିକ ଇଚ୍ଛାକୁ ସର୍ବଦା ପୂରଣ କରନ୍ତି । ଭଗବାନଙ୍କ ପାଖରେ ଅସମ୍ଭବ ବୋଲି କିଛି ନ ଥାଏ । ସେ ସର୍ବସମର୍ଥ । ସମସ୍ତ ଅସମ୍ଭବକୁ ସମ୍ଭବ କରିପାରନ୍ତି । ଅନନ୍ୟ ଶ୍ରଦ୍ଧାଳୁ ବାଳକ ନାମଦେବଙ୍କ ଇଚ୍ଛା ଭଗବାନ୍ ପୂରା କଲେ । ଦିନେ ନାମଦେବଙ୍କ ଅଜାଙ୍କୁ କୌଣସି କାର୍ଯ୍ୟବଶତଃ ବାହାରକୁ ଯିବାକୁ ପଡ଼ିଲା । ବିଠଲଙ୍କୁ ସେବା କରିବା ସକାଶେ ସେ ନାମଦେବଙ୍କୁ ନିର୍ଦ୍ଦେଶ ଦେଲେ । ସମ୍ଭବତଃ ଏହା ଥିଲା ବିଠଲଙ୍କ ପ୍ରେରଣା । ସେ କହିଲେ, ''ନାମ, ବିଠଲଙ୍କୁ ପୂଜା କରିବୁ, ଭୋଗ ଦେଇ ପ୍ରସାଦ ନେବୁ ।''

ନାମଦେବ ଏହି ଆଦେଶ ଶୁଣିବା ସମୟରୁ ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ରାତିରେ ନିଦ ହେଲା ନାହିଁ । ବିଠଲଙ୍କୁ ପୂଜା କରିବା ଆନନ୍ଦରେ ବିଭୋର । କିପରି ରାତି ପାହିଲେ ସେ ବିଠଲଙ୍କ ପୂଜାରେ ଉପସ୍ଥିତ ହେବେ । ରାତି ପାହିବାମାତ୍ରେ ପ୍ରଥମରେ ସ୍ନାନ କରି ତୁଳସୀ, ପୁଷ୍ପ ଆଣି ରଖିଲେ । ଅଜାଙ୍କ ପୂଜା ଦେଖିବା ଅନୁସାରେ ଭଗବାନଙ୍କୁ ସ୍ନାନ କରାଇ, ବସ୍ତ୍ର ପରିଧାନ କରାଇ, ଚନ୍ଦନ-ପୁଷ୍ପ-ତୁଳସୀରେ ମଣ୍ଡନ କଲେ । ମା'ଙ୍କ ନିର୍ଦ୍ଦେଶରେ ଦୁଧ ଆଉଟିଲେ । ସେଥିରେ ମିଶ୍ରି ପକାଇ ଭଗବାନଙ୍କ ସମ୍ମୁଖରେ ଗୋଟିଏ ବଡ଼ କଟରାରେ ଆଣି ରଖିଲେ । ଭଗବାନ୍ ଅତ୍ୟନ୍ତ ପ୍ରସନ୍ନତାରେ ହସୁଥିବା ପରି ସେ ଅନୁଭବ କରୁଥିଲେ । ପରଦା ଲଗାଇ ପରଦାର ବାହାରେ ବସିଲେ । ପ୍ରତିମା ସାକ୍ଷାତ୍‌ରୂପେ ଭୋଗ ଭକ୍ଷଣ କରନ୍ତି ନାହିଁ ବୋଲି ସେ ଜାଣି ନ ଥିଲେ । ତାଙ୍କର ଦୃଢ଼ ବିଶ୍ୱାସ ଥିଲା ପ୍ରତିମା ଭୋଗ ଭକ୍ଷଣ କରନ୍ତି । କିଛି କିଛି ସମୟ ପରେ ପରଦା ହଟାଇ ଭଗବାନ୍ ଦୁଧ ପିଉଛନ୍ତି କି ନାହିଁ ଦେଖୁ ଥାଆନ୍ତି । ଏହିପରି ବହୁତ ସମୟ ବ୍ୟତୀତ ହୋଇଗଲା, କିନ୍ତୁ ବିଠଲ ଦୁଧ ପିଇଲେ ନାହିଁ । ଏଥିରେ ନାମଦେବଙ୍କୁ ବଡ଼ କଷ୍ଟ ହେଲା । ସେ ଭାବିଲେ, ''ପୂଜାରେ ତ୍ରୁଟି ଥିବା ଯୋଗୁଁ ଭଗବାନ୍ ମୋ ଭୋଗ ସ୍ୱୀକାର କଲେ ନାହିଁ । ଭଗବାନ୍ ଖାଇଲେ ନାହିଁ, ମୁଁ କିପରି ଖାଇବି ?''

ଦୁଧ ଢାଳିଦେଲେ, ମା'ଙ୍କୁ କିଛି କହିଲେ ନାହିଁ । ମା'ର ମନେହେଲା, ''ନାମଦେବ ଠାକୁରଙ୍କୁ ଭୋଗ ଲଗାଇ ଦୁଧ ପିଇଦେଇଛି ।'' ସେ ଆଉ ଭୋଜନ ସକାଶେ ଆଗ୍ରହ କଲେ ନାହିଁ । କିନ୍ତୁ ନାମଦେବଙ୍କର ଗୋଟିଏ ଚିନ୍ତା, ''ପୂଜାରେ କ'ଣ ତ୍ରୁଟି ରହିବାରୁ ଭଗବାନ୍ ଭୋଗ ସ୍ୱୀକାର କଲେ ନାହିଁ ?'' ଏହା ଭାବି ଆଖିରୁ ଲୁହ ବୁହାଉଥାଆନ୍ତି । ରାତ୍ରିରେ ନିଦ ନାହିଁ । ଭୋର ହେଲା । ପୂର୍ବପରି ସ୍ନାନ କରି ବହୁତ ସାବଧାନରେ ପୂଜା କରିବା ପରେ ଦୁଧ ଆଣି ରଖିଲେ । ପ୍ରତିମାଙ୍କ ମୁଖମଣ୍ଡଳ ଦେଦୀପ୍ୟମାନ ହୋଇଥାଏ । ନାମଦେବ ହାତ ଯୋଡ଼ି ପ୍ରାର୍ଥନା କଲେ, ''ପ୍ରଭୁ, ମୁଁ ବାଳକ, ତୁମ ପୂଜାପଦ୍ଧତି କିଛି ଜାଣେ ନାହିଁ । କାଲିଠାରୁ ତୁମେ ଉପବାସ ଅଛ, ଦୟାକରି ଆଜି ଦୁଧ ପିଇନିଅ ।''

ନାମଦେବ ପରଦା ଟାଣିଦେଇ ବାହାରେ ବସିଲେ । ବାରଂବାର ପରଦାରେ ମୁଣ୍ଡ ଗଳାଇ ଦେଖୁଥାଆନ୍ତି । ଦୁଧ ସେହିପରି ରଖା ହୋଇଥାଏ । ବହୁତ ସମୟ ପରେ ନିରାଶ ହୋଇ ଦୁଧକୁ ବାହାରେ ଢାଳିଦେଇ ଦୁଃଖରେ ବସି କାନ୍ଦିଲେ । ଏହିପରି ଦୁଃଖ ଏବଂ ଚିନ୍ତାରେ ଦିନ ତଥା ରାତି ବ୍ୟତୀତ ହେଲା । ତହିଁ ଆରଦିନ ଭୋରରୁ ଉଠି ସ୍ନାନ କରି ପୂର୍ବାପେକ୍ଷା ବହୁତ ସାବଧାନ ହୋଇ ପୂଜା ଶେଷ କରି ସେ ଦୁଧ ଭଗବାନଙ୍କ ସମ୍ମୁଖରେ ରଖିଲେ । ମନେହେଉଥିଲା ଯେପରି ଭଗବାନ୍ ଗତକାଲିଠାରୁ ଆଜି ଅଧିକ ପ୍ରସନ୍ନ ଅଛନ୍ତି ଏବଂ ନାମଦେବଙ୍କୁ ଡାକୁଛନ୍ତି । ପରଦା ଲଗାଇ ହାତ ଯୋଡ଼ି କହିଲେ, ''ବାସ୍ ପ୍ରଭୁ, ଦୁଇଦିନ ହେଲା ପୂର୍ଣ୍ଣ ଉପବାସ ଅଛ, ଆଜି ଦୁଧ ପିଇବାକୁ ପଡ଼ିବ ।'' ଏହା କହି ପରଦା ବାହାରେ ବସିଲେ । କିଛି ସମୟ ପରେ ଦେଖିଲେ ଦୁଧ ରଖାହୋଇଛି । ସେ ଭାବିଲେ ଭଗବାନ୍ ଯଦି ସେବା ସ୍ୱୀକାର ନ କଲେ, ତେବେ ଏ ଶରୀର ରଖି ଲାଭ କ'ଣ ?'' ଗୋଟିଏ ତୀକ୍ଷ୍ଣ ଛୁରୀ ଆଣି ଭଗବାନଙ୍କ ସମ୍ମୁଖରେ ନିଜ ବେକରେ ଭୁସିଦେଲେ । ବେକରେ ଛୁରୀ ଲାଗିବା ପୂର୍ବରୁ ଭଗବାନ୍ ପ୍ରକଟ ହୋଇ ନାମଦେବଙ୍କ ହାତ ଧରିପକାଇ କହିଲେ, ''ଆଚ୍ଛା, ମୁଁ ଦୁଧ ପିଇନେଉଛି ।''* ଏହା କହି ଭଗବାନ୍ ସ୍ୱୟଂ ଦୁଧ କଟୋରା ନେଇ ପିଇବାକୁ ଆରମ୍ଭ କଲେ । ଭଗବାନଙ୍କ ଦର୍ଶନରେ ନାମଦେବଙ୍କ ସମସ୍ତ ଇନ୍ଦ୍ରିୟ ସ୍ଥଗିତ ହୋଇଗଲା । ତାଙ୍କ ହୃଦୟ ଆନନ୍ଦରେ ପୂର୍ଣ୍ଣ ହୋଇଗଲା । ସେ ନିସ୍ତବ୍ଧ ହୋଇ ଏକ ଦୃଷ୍ଟିରେ ଭଗବାନଙ୍କୁ କେବଳ ଦେଖୁଥାଆନ୍ତି । ନେତ୍ରରୁ ଆନନ୍ଦାଶ୍ରୁ ବର୍ଷା ହେଉଥାଏ । ତାଙ୍କର ଯଦି ହଜାର ନେତ୍ର ଥାଆନ୍ତା, ତଥାପି ଭଗବାନଙ୍କ ଦର୍ଶନରେ ସେ ତୃପ୍ତ ହୋଇ ନ ଥାଆନ୍ତେ । ମାତ୍ର ଦୁଇଟି ନେତ୍ର, ସେଥିରେ ତୃପ୍ତ ହେବେ କିପରି ? ସେ ଚାହୁଁଥାଆନ୍ତି ଭଗବାନଙ୍କୁହିଁ ଆଖିରେ ରଖିନେବାକୁ । ଭଗବାନଙ୍କ ପ୍ରେରଣାରେ କିଛି ସମୟ ପରେ ନାମଦେବ ସାବଧାନ ହେଲେ । କହିଲେ, ''ପ୍ରଭୁ, ସବୁ ଦୁଧ ପିଇନେବ, ମୋତେ ପ୍ରସାଦ ମିଳିବ ନାହିଁ ?'' ଭଗବାନ୍ ବାଳକର ସରଳ ଭକ୍ତିରେ ମୁଗ୍ଧ ହୋଇ ତାଙ୍କ ମସ୍ତକରେ ଅତ୍ୟନ୍ତ ସ୍ନେହରେ ହସ୍ତ ରଖି କହିଲେ, ''ନାମଦେବ, ନେ ।'' ଏହା କହି କଟୋରା ନାମଦେବଙ୍କ ହାତକୁ ବଢ଼ାଇ ଦେଲେ । ଭଗବାନଙ୍କ ପ୍ରସାଦ ଗ୍ରହଣ କରି ଏବଂ ଭଗବାନଙ୍କ ଦର୍ଶନ ପାଇ ନାମଦେବଙ୍କ ଜନ୍ମ କୃତାର୍ଥ ହୋଇଗଲା । ତାଙ୍କ ନେତ୍ର ଏବଂ ମୁଖମଣ୍ଡଳ ଗୋଟିଏ ଦିବ୍ୟତେଜଃରେ ଉଦ୍ଭାସିତ ହୋଇଗଲା । ନାମଦେବ ବିଶେଷ ଆନନ୍ଦରେ ମନ୍ଦିରରୁ ବାହାରି ଆସିଲେ । ସେ ନିବାସ କରୁଥା'ନ୍ତି ଶରୀରରେ, ତାଙ୍କ ଚେତନା ବିଚରଣ କରୁଥାଏ ଭଗବାନଙ୍କ ଦିବ୍ୟ ଆନନ୍ଦ, ସୌନ୍ଦର୍ଯ୍ୟଲାବଣ୍ୟାଦି ଦିବ୍ୟଗୁଣବିଭୂଷିତ ଅଲୌକିକ ରୂପରେ । ସୂର୍ଯ୍ୟଦେବ ଅସ୍ତାଚଳକୁ ବିଜେ କଲେ । ନାମଦେବଙ୍କୁ ସମସ୍ତ ଦିନ ଏକକ୍ଷଣ ସଦୃଶ ବୋଧ ହେଲା ।

ସଂଧ୍ୟା ସମୟରେ ଆସିଲେ ବାମଦେବ । ନାମଦେବଙ୍କ ଚେହେରାରେ କିଛି ଭିନ୍ନତା ଅନୁଭବ କଲେ । ପ୍ରଥମେ ପଚାରିଲେ, ''ନାମଦେବ, ତୁ ଭଗବାନଙ୍କୁ ପୂଜା କରି ଭୋଗ ଲଗାଇଥିଲୁ ?'' ନାମଦେବ ଉତ୍ତର ଦେଲେ, ''ଭଗବାନଙ୍କ ସହିତ ମୋର ପରିଚୟ ନ ଥିଲା, ମୁଁ ପୂଜାପଦ୍ଧତି ଜାଣି ନ ଥିଲି । ସେ ଦୁଇଦିନ ଭୋଗ ସ୍ୱୀକାର କଲେ ନାହିଁ । ତୃତୀୟ ଦିନ ଅତି କଷ୍ଟରେ ଦୁଧ ପିଇବାକୁ ଆରମ୍ଭ କଲେ । ମୋ ସକାଶେ ପ୍ରସାଦ ଛାଡ଼ିବାକୁ ଚାହୁଁ ନ ଥିଲେ । ମୁଁ ମାଗିବାରୁ

* ନାମଦେବଙ୍କ ହୃଦୟରେ ଭକ୍ତି ଥିଲା । ସେ ଭକ୍ତିରେ ବିଭୋର ହୋଇ ଗଳାରେ ଛୁରୀ ମାରିଥିଲେ । ତାଙ୍କ ସରଳ ଭକ୍ତି ପ୍ରଭାବରୁ ଭଗବାନ୍ ପ୍ରକଟ ହୋଇ ତାଙ୍କ ହାତରୁ ଛୁରୀ ଧରିନେଲେ । ଭଗବାନଙ୍କୁ ଦର୍ଶନ କରିବା ସକାଶେ ଛୁରୀ ନିଜ ଗଳାରେ ମାରିବା ପଦ୍ଧତି ନୁହେଁ । ଏପରି ଭ୍ରମ ଧାରଣା କରିବା କୌଣସି ବ୍ୟକ୍ତି ପକ୍ଷେ ଆଦୌ ଉଚିତ ନୁହେଁ ।

ମୋତେ ପ୍ରସାଦ ଦେଲେ ।'' ବାମଦେବ କିଛି ସମୟ ନୀରବ ହୋଇ ଗମ୍ଭୀରତାରେ ପଚାରିଲେ, ''ଭଗବାନ୍ କ'ଣ ତୋ ସାମନାରେ ଦୁଧ ପିଇଲେ ?'' ନାମଦେବ କହିଲେ, ''ସାମନାରେ କ'ଣ ? ମୁଁ ଦେଖୁଥିଲି ସେ ନିଜ ହାତରେ କଟରା ନେଇ ଦୁଧ ପିଉଥିଲେ । ମୋତେ ଟିକିଏ ପ୍ରସାଦ ଦେବାକୁ ଚାହୁଁ ନ ଥିଲେ ।'' ''ଆଚ୍ଛା, କାଲି ସକାଳେ ମୋ ଆଗରେ ତୁ ଯଦି ଠାକୁରଜିଙ୍କୁ ଦୁଧ ପିଆଇଦେବୁ, ତେବେ ମୁଁ ତୋ କଥା ବିଶ୍ୱାସ କରିବି ।'' ନାମଦେବ କହିଲେ, ''ବହୁତ ଆଚ୍ଛା । କାଲି ସକାଳେ ଦେଖିନିଅ ।'' ବାମଦେବ ମନେମନେ ଭାବିଲେ, ''ବାଳକ ଉପରେ ଭଗବାନ୍ କୃପା କରି ଦର୍ଶନ ଦେଇଛନ୍ତି । ଭଗବତ୍ ଦର୍ଶନ ପ୍ରଭାବରେ ତା'ର ମୁଖମଣ୍ଡଳ ତେଜୋମୟ ହୋଇଥିବାର ଦେଖାଯାଉଛି ।''

ସକାଳ ହେଲା । ନିୟମାନୁସାରେ ବାମଦେବ ଭଗବାନଙ୍କ ସେବାପୂଜା ସମାପ୍ତ କଲେ । ନାମଦେବଜି ଦୁଧ କଟରା ନେଇ ରଖିଲେ, କିନ୍ତୁ ଭଗବାନ୍ ପିଇଲେ ନାହିଁ । କିଛି ସମୟ ପରେ ନାମଦେବଜି ଦୁଧ ପିଇବାକୁ ବହୁତ ଅନୁନୟବିନୟ କରିବାରୁ ତାଙ୍କ ବାକ୍ୟ ସତ୍ୟ କରିବା ସକାଶେ ଭଗବାନ୍ ଦୁଧ ପିଇଲେ । ଏହା ଦେଖି ବାମଦେବ କୃତକୃତ୍ୟ ହୋଇଗଲେ । ନାମଦେବଙ୍କ ପ୍ରପିତା ହେବା କେବଳ ଭଗବାନଙ୍କ ଅପାର କରୁଣା ବୋଲି ସେ ବୁଝିପାରିଲେ । ନାଭାଜି ସ୍ୱୟଂ ଲେଖିଛନ୍ତି – ''ବାଲଦସା ବିଠଲ ପାନି ଜାକେ ପୟ ପୀୟୋ ।'' ''ବାଳକ ଅବସ୍ଥାରେ ଯାହା ହାତରୁ ବିଠଲ ଦୁଧ ପିଇଥିଲେ ।'' ନାମଦେବଙ୍କ ଭକ୍ତି ପ୍ରଭାବରେ ଭଗବାନ୍ ଓ ତାଙ୍କ ମଧ୍ୟରେ ଥିବା ପରଦା ବହୁ ପରିମାଣରେ ଦୂର ହୋଇଗଲା । ଭଗବାନ୍ ପ୍ରଗଟ ହୋଇ ତାଙ୍କ ସହିତ କଥାବାର୍ତ୍ତା କରୁଥିଲେ । ଏହା ଘଟିଥିଲା ତାଙ୍କ ବାଲ୍ୟକାଳରେ । ସେହିଦିନଠାରୁ ତାଙ୍କ ଭକ୍ତିର ପ୍ରଭାବ ଚାରିଦିଗରେ ବିଚ୍ଛୁରିତ ହୋଇଗଲା ।

ନାମଦେବଜି ନଅବର୍ଷ ବୟସରେ ପଣ୍ଢରପୁର ବାରକରି ଭକ୍ତମଣ୍ଡଳୀରେ ବାଳଭାଗବତ ନାମରେ ପ୍ରସିଦ୍ଧି ଲାଭ କରିଥିଲେ । ସେଠିକାର ସାମାଜିକ ପ୍ରଥାନୁସାରେ ସେହି ଅଳ୍ପ ବୟସରେ ତାଙ୍କୁ ଗୋବିନ୍ଦ ସେଠ ସଦାବର୍ତ୍ତୀଙ୍କ କନ୍ୟା ରାଜାଇଙ୍କ ସହିତ ବିବାହ କରିଦିଆହେଲା । ସେ ଅତି ଛୋଟ ଅବସ୍ଥାରୁ ଭଗବତ୍ ଭକ୍ତିରେ ଡୁବି ରହୁଥିଲେ । ସଂସାରର ଜ୍ଞାନ କିଛି ନ ଥିଲା । ବିବାହର ପ୍ରଭାବ ତାଙ୍କ ଉପରେ କିଛି ପଡ଼ିଲା ନାହିଁ । ତାଙ୍କ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଭଗବତ୍ ଭକ୍ତି ମଧ୍ୟ ଉତ୍ତରୋତ୍ତର ପ୍ରଗାଢ଼ରୁ ପ୍ରଗାଢ଼ତର ହେଲା । ତାଙ୍କ ମନ ସଂସାରକର୍ମରେ ଲାଗିଲା ନାହିଁ । ସେ ଦିନରାତି ଭଜନକୀର୍ତ୍ତନରେ ଡୁବିରହୁଥିଲେ । ଏହି ଅବସ୍ଥାରେ ତାଙ୍କ ପ୍ରପିତାଙ୍କ ପରଲୋକବାସ ହୋଇଗଲା । ଘରର ଭାର ପଡ଼ିଲା ନାମଦେବଙ୍କ ଉପରେ । ମା ଏବଂ ସ୍ତ୍ରୀର ତାଡ଼ନାରେ ସେ ଲୁଗା ବେପାର କଲେ । ସେ ଶରୀରରେ କୌଣସିପ୍ରକାରେ କାର୍ଯ୍ୟ କରନ୍ତି, କିନ୍ତୁ ତାଙ୍କର ସମସ୍ତ ବୃତ୍ତି ଲାଗିରହୁଥାଏ ଭଗବାନଙ୍କ ଚରଣରେ । ତାଙ୍କ ନାମ ଶୁଣି ତାଙ୍କ ଦର୍ଶନ ସକାଶେ ବହୁଦୂରରୁ ସାଧୁସନ୍ଥମାନେ ଆସୁଥାଆନ୍ତି । ତାଙ୍କ ପାଖରେ ଯାହା ଥାଏ, ସମସ୍ତ ସନ୍ଥସେବାରେ ଲଗାଇଦିଅନ୍ତି । ଦିନେ ଗୋଟିଏ ସନ୍ଥମଣ୍ଡଳୀକୁ ସମସ୍ତ ଲୁଗା ବାଣ୍ଟିଦେଲେ । ମୂଳଧନ ବି ରଖିଲେ ନାହିଁ । ସେହି ଦିନରୁ ହେଲା ବେପାର ବନ୍ଦ । ସ୍ତ୍ରୀ ଏବଂ ମା'ଙ୍କର ଆଗ୍ରହ ଏବଂ ଜବରଦସ୍ତି ଯୋଗୁଁ ଆରମ୍ଭ କଲେ କୁଳଗତ ସିଲାଇ କାମ । ସେଥିରେ ଯାହା ମିଳେ ପରିବାର ପୋଷଣ ହୁଏ, ସନ୍ଥସେବା ମଧ୍ୟ ହୁଏ । ତାଙ୍କର ଭଗବତ୍ ନାମରେ ଦୃଢ଼ ବିଶ୍ୱାସ ଥିବାରୁ ସେ ସର୍ବଥା ନିର୍ଭୀକ ରହୁଥିଲେ ।

ତାଙ୍କ ଭକ୍ତି ପ୍ରଭାବ ଶୁଣି ଦିଲ୍ଲୀ ବାଦଶାହ ସିକନ୍ଦର ଲୋଦ୍ଦୀ ତାଙ୍କୁ ଥରେ ଡକାଇ କହିଲେ, ''ମୁଁ ଶୁଣିଛି ତୁମେ ଭଗବାନ୍(ସାହେବ)ଙ୍କ ସାକ୍ଷାତ୍କାର ପାଇଛ । ମୋତେ ସାହେବଙ୍କୁ ଦର୍ଶନ କରାଇଦିଅ ଏବଂ କୌଣସିପ୍ରକାର କରାମତି ଦେଖାଅ ।'' ନାମଦେବ ଉତ୍ତର ଦେଲେ, ''ଯଦି ମୋର କରାମତି ଥାଆନ୍ତା, ତେବେ ମୁଁ ଉଦରପାଳନ ସକାଶେ ଦରଜି କାମ କରନ୍ତି କାହିଁକି ? ସମସ୍ତ ଦିନ ପରିଶ୍ରମ କରିବାରେ ଯାହା ପ୍ରାପ୍ତ ହୁଏ ସନ୍ଥମାନଙ୍କ ସହିତ ବାଣ୍ଟି ଭୋଜନ କରେ । କେବଳ ସନ୍ଥମାନଙ୍କ କୃପାରୁ ମୋତେ ଭକ୍ତ ବୋଲି ଲୋକେ କହନ୍ତି ।'' ବାଦଶାହ କହିଲେ, ''ତାହା ହେବ ନାହିଁ, ଏଇ ମୃତ ଗାଈକୁ ବଞ୍ଚାଇଦେଇ ଘରକୁ ଚାଲିଯାଅ । ଅନ୍ୟଥା ଏଠାରୁ ଯାଇପାରିବ ନାହିଁ ।'' ଏକଥା ଶୁଣି ନାମଦେବଜି ଗୋଟିଏ ପଦ ଗାଇଲେ –

''ବିନତୀ ସୁନୁ ଜଗଦୀଶ ହମାରୀ ।
ତେରୌ ଦାସ ଆସ ମୋହିଁ ତେରୀ, ଇତ କରୁ କାନ ମୁରାରୀ ॥
ଦୀନାନାଥ ! ଦୀନ ହ୍ୱୈ ଟେରତ, ଗାୟହିଁ କୈଁା ନ ଜିୟାଓ ।
ଆଛେ ସବୈ ଅଙ୍ଗ ହୈଁ ୟାକେ, ମେରେ ୟଶହିଁ ବଢ଼ାଓ ॥
ଜୋ କହୋ ୟାକେ କରମହିଁ ମେଁ ନହିଁ ଜୀବନ ଲିଖ୍ୟୋ ବିଧାତା ।
ତୋ ଅବ ନାମଦେବ ଆୟୁଷ ତେଁ ହୋହୁ ତୁମହିଁ ଦାତା ॥''

''ହେ ପ୍ରଭୁ, ମୋ ପ୍ରାର୍ଥନା ଶୁଣ, ମୁଁ ତୁମରି ଦାସ ଏବଂ ତୁମରି ଆଶ୍ରୟ ଛଡ଼ା ମୋର ଅନ୍ୟ ଆଶ୍ରୟ ନାହିଁ, ମୋ ପ୍ରାର୍ଥନା ପ୍ରତି ଟିକିଏ କର୍ଣ୍ଣ ଦିଅ । ତୁମେ ଦୀନନାଥ, ମୁଁ ଦୀନ ହୋଇ ତୁମକୁ ଡାକୁଛି, ଗାଇକୁ ଜୀବିତ କରିଦିଅ, ଏହାର ସମସ୍ତ ଅଙ୍ଗ ଭଲ ଅଛି ଏବଂ ଜୀବଦାନ ଦେବ ତୁମେ, ଏଥିରେ ମୋର କିଛି କରିବାର ନାହିଁ; କିନ୍ତୁ ଏହି କାର୍ଯ୍ୟ ଦ୍ୱାରା ତୁମେ ମୋ ଯଶଃକୁ ବଢ଼ାଅ । ଯଦି କହ ଏହାର କର୍ମରେ ବିଧାତା ଜୀବନ ଲେଖି ନାହିଁ, ତେବେ ହେ ପ୍ରଭୁ, ନାମଦେବ ଆୟୁଷରୁ ଏହାକୁ ଦାନ କର ।''

ଭକ୍ତ ପ୍ରାର୍ଥନା ଭଗବାନ୍ ଶୁଣି ଗାଇକୁ ଜୀବିତ କରିଦେଲେ । ଏହି ଚମତ୍କାରିତା ଦେଖି ମୁସଲମାନ ବାଦଶାହ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ କିଛି ଗ୍ରାମ ଦେବାକୁ ଆଗ୍ରହ କଲେ । ନାମଦେବଜି ଦୃଢ଼ତା ସହ ତାହା ଅସ୍ୱୀକାର କଲେ । ଶେଷରେ ବାଦଶାହ ସୁବର୍ଣ୍ଣ ଓ ମଣିଜଡ଼ିତ ବହୁମୂଲ୍ୟ ଗୋଟିଏ ପଲଙ୍କ ଦେଲେ । ବାଦଶାହଙ୍କର ବହୁତ ଆଗ୍ରହ ଦେଖି ନାମଦେବଜି ସେହି ପଲଙ୍କକୁ ମୁଣ୍ଡାଇ ଚାଲିବାକୁ ଆରମ୍ଭ କଲେ । ବାଦଶାହ କହିଲେ, ''ପଲଙ୍କ ନେବାର ଲୋକ ତୁମ ସଙ୍ଗେ ପଠାଉଛି, ସେମାନେ ତୁମ ଘରେ ଦେଇ ଫେରିଆସିବେ ।'' କିନ୍ତୁ ନାମଦେବଜି ନିଜ ମଥାରେ ମୁଣ୍ଡାଇନେବା ପସନ୍ଦ କରିବାରୁ ବାଦଶାହ ଅଧିକ ଜୋର୍ କଲେ ନାହିଁ । କିନ୍ତୁ ବହୁମୂଲ୍ୟ ପଲଙ୍କ ଡକାୟତ ରାସ୍ତାରେ ଛଡ଼ାଇ ନେଇପାରନ୍ତି, ସେହି ଆଶଙ୍କାରେ ତାଙ୍କ ପଛରେ ପଲଙ୍କ ରକ୍ଷା ସକାଶେ କିଛି ଲୋକ ପଠାଇଦେଲେ । ନାମଦେବଜି ପଲଙ୍କ ଆଣି ଭଗବାନଙ୍କୁ ସମର୍ପଣ କରି ଯମୁନାଜଳରେ ପକାଇ ଦେଇ ଘରକୁ ଫେରିଆସିଲେ । ବାଦଶାହଙ୍କ ସେବକମାନେ ଏ ଘଟଣା ଦେଖି ସେହିଠାରୁ ଫେରି ବାଦଶାହଙ୍କୁ ସମସ୍ତ ଘଟଣା କହିଦେଲେ । ଏହି ଘଟଣା ଶୁଣି ବାଦଶାହ କ୍ରୋଧ ସହିତ ତାଙ୍କ ନିର୍ଲୋଭତାରେ ଆଶ୍ଚର୍ଯ୍ୟ ବି ହେଲେ । ସେହିକ୍ଷଣି ଲୋକ ପଠାଇ ନାମଦେବଜିଙ୍କୁ ଡକାଇ ଆଣିଲେ । ନାମଦେବଜି ଆସି ବାଦଶାହଙ୍କୁ କହିଲେ, ''ମୋତେ ପୁନରାୟ କାହିଁକି ଡାକିଲେ ?'' ବାଦଶାହ କହିଲେ, ''ମୁଁ ସେହିପରି ଗୋଟିଏ ପଲଙ୍କ ତୟାର କରାଉଛି, କାରିଗରମାନେ ସେ ପଲଙ୍କଟିକୁ ଥରେ ଦେଖିବାକୁ ଚାହୁଁଛନ୍ତି; ତୁମେ ସେଇଟିକୁ ଥରେ ଦେଖିବାକୁ ଦିଅ ।'' ଏହି କଥାରେ ନାମଦେବଜି କୌଣସି ଉତ୍ତର ନ ଦେବାରୁ ସେଥିରେ ତାଙ୍କର ସମ୍ମତି ଥିବାର ଜଣାଗଲା । ଏଥିରେ ବାଦଶାହ ଅଧିକ ସନ୍ଦେହ ସହ ବିସ୍ମିତ ହେଲେ ଏବଂ ଏହି ରହସ୍ୟ ଜାଣିବା ବିଳମ୍ବତାରେ ଧୈର୍ଯ୍ୟ ରଖିପାରିଲେ ନାହିଁ । ମନ୍ତ୍ରୀ ତଥା ଦରବାରର ଅନ୍ୟ ସେବକମାନଙ୍କ ସହିତ ସେ ସ୍ୱୟଂ ନାମଦେବଙ୍କ ସଙ୍ଗେ ଯାତ୍ରା କଲେ । ନାମଦେବଜି ଯମୁନା କୂଳରେ ପହଞ୍ଚି ଜଳରେ ପ୍ରବେଶ କରିଗଲେ ଏବଂ ସେହି ଜଳ ମଧ୍ୟରୁ ଗୋଟା ଗୋଟା କରି ବହୁତ ପଲଙ୍କ ବାହାର କରିଆଣି କୂଳରେ ରଖିଲେ । ବାଦଶାହଙ୍କୁ କହିଲେ, ''ଏହା ମଧ୍ୟରୁ ତୁମର ଯେଉଁ ଗୋଟିକ ହୋଇଥିବ ଚିହ୍ନି ନିଅ ।'' ଏହି ଘଟଣାରେ ବାଦଶାହ ବହୁତ ଭୟଭୀତ ହୋଇ ନାମଦେବଜିଙ୍କୁ ପ୍ରାର୍ଥନା କରି କହିଲେ, ''ମୋଦ୍ୱାରା ଭକ୍ତ-ଅପରାଧ ହେବାରୁ ଭଗବାନ୍ ମୋ ଉପରେ ଅପ୍ରସନ୍ନ ହୋଇଛନ୍ତି, ମୋ ଅପରାଧ କ୍ଷମା କରାଇଦିଅନ୍ତୁ ।'' ନାମଦେବଜି କହିଲେ, ''ଆଜିଠାରୁ ସନ୍ଥମାନଙ୍କୁ କୌଣସିପ୍ରକାର କଷ୍ଟ ନ ଦେବାକୁ ପ୍ରତିଜ୍ଞା କର, ତେବେ ତୁମ ଅପରାଧ ଭଗବାନ୍ କ୍ଷମା କରିଦେବେ ।'' ବାଦଶାହ ପ୍ରତିଜ୍ଞା କଲେ ତଥା ନାମଦେବଙ୍କୁ ବହୁତ ଅନୁନୟବିନୟ କରି ଫେରିଯିବାକୁ ଚାହିଁଲେ । ବାଦଶାହ ଯିବା ସମୟରେ ନାମଦେବଜି କହିଲେ, ''ମୋତେ ପୁନର୍ବାର କେବେ ଡକାଇବ ନାହିଁ ।'' ଏହା ମଧ୍ୟ ସେ ଶିରୋଧାର୍ଯ୍ୟ କଲେ ।

ନାମଦେବଜିଙ୍କ ହୃଦୟ ଭଗବାନଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ସେ ପଣ୍ଢରୀନାଥଙ୍କ ଦର୍ଶନ କରି ଘରକୁ ଫେରିବା ନିଶ୍ଚୟ କରି ଯାତ୍ରା ଆରମ୍ଭ କଲେ । ଦର୍ଶନ କରିବା ମନୋରଥ ଯୋଗୁଁ ଭଗବାନଙ୍କ ଭକ୍ତି-ସ୍ରୋତରେ ତାଙ୍କର ସମସ୍ତ ଇନ୍ଦ୍ରିୟ ନିମଜ୍ଜିତ ହୋଇଗଲା । ତାଙ୍କର ସମସ୍ତ ବୃତ୍ତି ଭଗବତ୍ ଚିନ୍ତନରେ ଡୁବିଗଲା । ସେ ଯନ୍ତ୍ରବତ୍ ଚାଲି ପଣ୍ଢରପୁରରେ ବିଠଲଙ୍କ ମନ୍ଦିରରେ ପହଞ୍ଚିଲେ । ମନ୍ଦିରରେ ଦର୍ଶନାର୍ଥୀଙ୍କର ଥିଲା ବହୁତ ଭିଡ଼ । ମନ୍ଦିର ବାହାରେ ଥିଲା ସେମାନଙ୍କର ବହୁତ ଜୋତା । ତାଙ୍କର ଏକେବାରେ ବାହ୍ୟଜ୍ଞାନ ନ ଥିଲା, ସେ ନିଜ ଜୋତାକୁ କେଉଁଠି ରଖିବେ ଭାବିପାରିଲେ ନାହିଁ । ଜୋତାକୁ ଚାଦରରେ ରଖି ଅଣ୍ଟାରେ ବାନ୍ଧି ଲୋକ ଭିଡ଼କୁ ଦୁଇହାତରେ ପାଖେଇ ଦେଇ ସିଧା ଭଗବାନଙ୍କ ପାଖରେ ପହଞ୍ଚିଗଲେ । ଦର୍ଶନରେ ତାଙ୍କ ପାର୍ଥିବ ଚେତନା ଭଗବତ୍ ରୂପାନନ୍ଦରେ ନିମଗ୍ନ ହୋଇଗଲା । ସେ ପଦ ଗାଇବାକୁ ଆରମ୍ଭ କରୁଥିଲେ । ସେହି ସମୟରେ କୌଣସି ବ୍ୟକ୍ତି ତାଙ୍କ ଅଣ୍ଟାରେ ବନ୍ଧା ହୋଇଥିବା ଜୋତାକୁ ଦେଖିନେଲେ । ଭଗବାନଙ୍କ ମନ୍ଦିର ଅତ୍ୟନ୍ତ ପବିତ୍ର ସ୍ଥାନକୁ ଜୋତା ଆଣିବା ତାଙ୍କୁ ସହ୍ୟ ହେଲା ନାହିଁ । ଏହା ଭଗବାନଙ୍କ ପ୍ରତି ଅପମାନ ବୋଲି ସେ ମନେକଲେ । ତାଙ୍କର ହେଲା ଭୟଙ୍କର ରାଗ । ସେ ରାଗରେ ଉତ୍ତେଜିତ ହୋଇ ନାମଦେବଙ୍କ ଉପରେ ବିଧା, ଚାପୁଡ଼ା ବୃଷ୍ଟି କଲେ । ଏଥିରେ ସହଯୋଗ କଲେ ମନ୍ଦିରର ପୂଜାରୀ ତଥା ଅନ୍ୟ ଦର୍ଶନାର୍ଥୀମାନେ । ନାମଦେବଜିଙ୍କୁ ପେଲାପେଲି, ଧକ୍‌କାଧକ୍‌କି କରି ଟାଣିଓଟାରି ମନ୍ଦିରରୁ ବାହାର କରିଦେଲେ । ନାମଦେବଜିଙ୍କର ହୋସ୍ ଆସିଲା । ସେ ନିଜ ଅପରାଧ ବୁଝିପାରିଲେ । ଦେଉଳ ପଛଆଡ଼େ ବସି ଯାହା କହିଥିଲେ, ନାଭାଜିଙ୍କ 'ଭକ୍ତମାଳ'ର ଟୀକାକାର ପ୍ରିୟାଦାସଜି ଲେଖିଛନ୍ତି –

''ବେଠେ ପିଛବାରେ ଜାଇ 'କୀନୀ ଜୁ ଉଚିତ ୟହ,
ଲୀନୀ ଜୋ ଲଗାଇ ଚୋଟ, ମେରେ ମନ ଭାଇୟେ ।
କାନ ଦୈକୈଁ ସୁନୋ ଅବ, ଚାହତ ନ ଔର କଛୁ,
ଠୌର ମୋକୌଁ ୟହୀ, ନିତ ନେମ-ପଦ ଗାଇୟେ' ।
ମୁନତ ହୀ ଆନି କରି କରୁନା-ବିକଲ ଭୟୋ,
ଫେର୍ୟୋ ଦ୍ୱାର, ଇତୈଁ ଗହି ମନ୍ଦିର ଫିରାଇୟୈଁ ।
ଜେତିକ ବେ ସୋତୀ ମୋତୀ ଆବ-ସୀ ଉତରି ଗଈ,
ଭଈ ହିୟେ ପ୍ରୀତି, ଗହେ ପାୟଁ ସୁଖଦାଇୟୈଁ ॥''

ଦେଉଳ ପଛଆଡ଼େ ବସି କହିଲେ, ''ପ୍ରଭୁ, ଲୋକେ ମୋତେ ମାରି ଆଘାତ କରି ମନ୍ଦିରରୁ ବାହାର କରିଦେବା ଉଚିତ ଥିଲା । ମୁଁ ଦୋଷ କରିଥିଲି, ଦଣ୍ଡ ପାଇବା ସ୍ୱାଭାବିକ ଥିଲା । ସେ ସକାଶେ ମୁଁ ଦୁଃଖ ମନେକରୁ ନାହିଁ । କିନ୍ତୁ ମୋ ସକାଶେ ଅନ୍ୟ କୌଣସି ସ୍ଥାନ ନାହିଁ । କେବଳ ତୁମରି ଦରବାରହିଁ ମୋର ଆଶ୍ରୟସ୍ଥଳ । ପ୍ରଭୁ, ମୋ ପ୍ରାର୍ଥନାକୁ ଟିକିଏ କାନ ଦେଇ ଶୁଣ । ପ୍ରଭୁ, ମୁଁ ଆଉ କିଛି ଚାହୁଁ ନାହିଁ, ଚାହୁଁଛି ତୁମ ପାଖରେ ଯେପରି ସ୍ତୁତିଗାନ କରି ତୁମକୁ ଶୁଣାଉଥିଲି ସେହିପରି ଶୁଣାଇବି ।'' ଏତିକି ପ୍ରାର୍ଥନା କରି ପଦ ଗାଇବା ଆରମ୍ଭ କଲେ । ଭଗବାନ୍ ଭକ୍ତର ଆନ୍ତରିକ କରୁଣ ପ୍ରାର୍ଥନାରେ ଦ୍ରବିତ ହୋଇଗଲେ । ଭଗବାନଙ୍କ କୃପାରେ ମନ୍ଦିର ବୁଲି ନାମଦେବଜି ଯେଉଁଠି ବସିଥିଲେ ସେହି ଦିଗକୁ ଦ୍ୱାର ହୋଇଗଲା । ଏହି ଆଶ୍ଚର୍ଯ୍ୟ ଘଟଣା ଦେଖି ବଡ଼ ବଡ଼ ବେଦଜ୍ଞ ବ୍ରାହ୍ମଣମାନଙ୍କର ମୋଡିରୁ ପାଣି ଉତରି ଯିବା ସଦୃଶ ମୁଖ ଶୁଖିଗଲା । ନାମଦେବଙ୍କ ପ୍ରତି ସେମାନଙ୍କର ଭକ୍ତି ଏବଂ ସମ୍ମାନ ଭାବ ଉତ୍ପନ୍ନ ହେଲା । ସେମାନେ ନାମଦେବଜିଙ୍କ ଚରଣରେ ପଡ଼ି ନିଜ ଅପରାଧର କ୍ଷମା ଚାହିଁଲେ ।

ଭଗବାନଙ୍କ କୃପା ଦେଖି ନାମଦେବଙ୍କ ହୃଦୟ କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ସେ ଭଗବାନଙ୍କ ସ୍ତୁତିଗାନରେ ଶରୀରର ଶୁଦ୍ଧି ବୁଦ୍ଧି ଭୁଲିଗଲେ ।

ଭଗବାନଙ୍କ ସହିତ ନାମଦେବଙ୍କର ଏକତ୍ୱବୋଧ ଅଧିକରୁ ଅଧିକ ହେବାକୁ ଲାଗିଲା । ସେ ପ୍ରତ୍ୟେକ କାର୍ଯ୍ୟ ଭଗବାନଙ୍କ ସାକ୍ଷାତ୍ ନିର୍ଦ୍ଦେଶ ତଥା ପ୍ରେରଣାରେ କରୁଥିଲେ ।

ଦିନେ ସନ୍ଧ୍ୟା ସମୟରେ ନାମଦେବଜିଙ୍କ ଛପର ଘରେ ଅଗ୍ନି ଲାଗିଲା । ସେ ସବୁ ବସ୍ତୁ, ସମସ୍ତ ଘଟଣାରେ ଭଗବାନଙ୍କୁ ଅନୁଭବ କରୁଥିଲେ । ''ଭଗବାନଙ୍କ ବିଧାନ ଛଡ଼ା ଅନ୍ୟ କିଛି ଘଟେ ନାହିଁ''– ଏଥିରେ ତାଙ୍କର ଅଟଳ, ଦୃଢ଼ ବିଶ୍ୱାସ ଥିଲା । ସେ ଅଗ୍ନିରେହିଁ ନିଜ ଇଷ୍ଟଦେବ ପ୍ରାଣପ୍ରିୟଙ୍କୁ ଦେଖିପାରିଲେ । ଅଗ୍ନିରୂପେ ଭଗବାନ୍ ପ୍ରକଟ ହୋଇଥିବାରୁ ପୂଜାରୂପେ ଘରର ସମସ୍ତ ବସ୍ତୁ ଆଣି ଆନନ୍ଦରେ ଅଗ୍ନିରେ ପକାଉଥିଲେ । ତାଙ୍କର ଏପରି ଭାବ ଦେଖି ଭଗବାନ୍ ପ୍ରକଟ ହୋଇ କହିଲେ, ''ନାମଦେବ, ତୁ ଅଗ୍ନିରେ ବି ମୋତେ ଦେଖୁଛୁ ?'' ନାମଦେବ ହାତ ଯୋଡ଼ି କହିଲେ, ''ପ୍ରଭୁ, ତୁମେ କେଉଁଠି ନାହଁ ? ଘର ତୁମର, ତୁମ ଘରେ ତୁମ ଛଡ଼ା ଅନ୍ୟ କେହି ଆସିପାରେ ?'' – ''ତୁମ୍ଭରୋ ଭବନ ଔର ସକୈ କୌନ ଆଇ ଇହାଁ ?''

ଏକଥା ଶୁଣି ଭଗବାନ୍ ପ୍ରସନ୍ନ ହେଲେ ଏବଂ ରାତିକ ମଧ୍ୟରେ ଘର ଛପର କରିଦେଲେ । ''ଭଏ ୟୋଁ ପ୍ରସନ, ଛାନି ଛାଇ ଆପ ସାରିୟୈ ।''

ସନ୍ଧ୍ୟାରେ ଗ୍ରାମର ସମସ୍ତ ଲୋକ ଘର ପୋଡ଼ିଯାଇଥିବା ଦେଖିଥିଲେ । ସକାଳେ ପୂର୍ବାପେକ୍ଷା ଅଧିକ ସୁନ୍ଦର ଛପର ଦେଖି ସେମାନଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଏପରି ସୁନ୍ଦର ଛପର ଗ୍ରାମବାସୀମାନେ କେବେ ଦେଖି ନ ଥିଲେ । ସେମାନେ କହିଲେ, ''ନାମଦେବଜି, ତୁମ ଘର ଯେଉଁ ବ୍ୟକ୍ତି ଛପର କରିଛନ୍ତି ତାଙ୍କ ନାମ କହ, ଆମ୍ଭେମାନେ ତାଙ୍କୁ ଅଧିକ ମଜୁରି ଦେଇ ଆମ ଘର ଛପର କରାଇ ନେବୁ ।'' ନାମଦେବଜି ଲେଖିଛନ୍ତି –

''ଲୋଗ ପରୋସିନ ପୂଛୈଁ ରେ ନାମା କିନ ୟହ ଛାନି ଛୟାଇ ।
ତାତେ ଅଧିକ ମଜୁରୀ ଦୈହୋଁ, ବେଗହି ଦେଉ ବତାଇ ।''
ନାମଦେବଜି ସେମାନଙ୍କୁ ଉତ୍ତର ଦେଇଛନ୍ତି –
''ବୈଠିୟା ପ୍ରୀତି ମଜୁରୀ ମାଁଗୈ, ଜୋ କୋଇ ଛାନି ଛବାବୈ ।
ଭାଇ ବନ୍ଧୁ ସଗେ ସୋଁ ତୋରେ ବୈଠିୟା ଆପୁ ହୀ ଆବୈ ॥
ଜୂଁ ଠେ ଫଲ ସବରୀ କେ ଖାୟେ ରଖି ସ୍ଥାନ ବିସରାବୈ ।
ଦୁର୍ୟୋଧନ କେ ମେବାତ୍ୟାଗେ ସାଗ ବିଦୁର ଘର ଖାବୈ ॥
କଚନ ଛାନି ପଦ୍ମପଟ ଦୀନେ ପ୍ରୀତି କୀ ଗାଁଠ ଜୁରାଇ ।
ଗୋବିନ୍ଦ କେ ଗୁନ ଭନେ 'ନାମଦେବ' ଜିନ ୟହ ଛାନି ଛବାଇ ॥''

''ଛପର କରିବା ବ୍ୟକ୍ତି ବିଠଲ ଟଙ୍କାପଇସା ଚାହେଁ ନାହିଁ । ସେ କେବଳ ଛପର କରାଇବା ବ୍ୟକ୍ତିଙ୍କଠାରୁ ପ୍ରେମଭକ୍ତି ଚାହେଁ । ଭାଇବନ୍ଧୁ, କୁଟୁମ୍ବ, ପରିବାରରୁ ମମତା ତ୍ୟାଗ କଲେ ବିଠଲ ଆପେ ଆସନ୍ତି । ସେହି ବିଠଲ ରଖିମାନଙ୍କ ସ୍ଥାନକୁ ନ ଯାଇ ପଚାରି ପଚାରି ଶବରୀ କୁଟିଆକୁ ଯାଇ ଅଇଁଠା ଫଳ ଖାଇଥିଲେ । ଦୁର୍ଯ୍ୟୋଧନର ନାନାପ୍ରକାର ଉତ୍ତମ ଭୋଜନ ତ୍ୟାଗ କରି ପ୍ରେମବଶରେ ବିଦୁର ଘରେ ଶାଗ ଖାଇ ମହାନ୍ ଆନନ୍ଦ ଅନୁଭବ କରିଥିଲେ । ସେହି ଭଗବାନ୍ ତାଙ୍କର କୃପାରୂପ କାଞ୍ଚନ ଓ ପଦ୍ମରାଗମଣିରେ ଛପର କରି ପ୍ରେମରୂପ ଗଣ୍ଠି ଦିଅନ୍ତି । ଏହିପରି ଛପର କରିଥିବା ବ୍ୟକ୍ତି ଗୋବିନ୍ଦଙ୍କର ଗୁଣ ନାମଦେବ ଗାନ କରେ ।''

ଏହିସବୁ ଘଟଣାରେ ନାମଦେବଜିଙ୍କର ଭକ୍ତି ବିଶେଷରୂପେ ପ୍ରସାରିତ ହେବାକୁ ଲାଗିଲା । ସେ ପୂର୍ବରୁ ଅଧିକାଂଶ ସମୟ ଘରୁ ଆସି ପଣ୍ଢରପୁରରେ ରହୁଥିଲେ । ଶେଷରେ ଘର ଛାଡ଼ି ଆସି ପଣ୍ଢରପୁରରେ ନିବାସ କଲେ ।

ସେ ସମୟରେ ପଣ୍ଢରପୁରରେ ବହୁତ ଉଚ୍ଚକୋଟୀର ଭକ୍ତ ଥିଲେ । ସେମାନଙ୍କ ସମ୍ପର୍କରେ ନାମଦେବଙ୍କୁ ବିଶେଷ ପ୍ରସନ୍ନତା ହେଉଥିଲା ।

ପଣ୍ଢରପୁରରେ ଜଣେ ଶେଠ ନିବାସ କରୁଥିଲେ । ସେ ଥିଲେ ସରଳ ଓ ହୃଦୟବାନ୍ ବ୍ୟକ୍ତି । ପ୍ରାୟ ସାଧୁ ବ୍ରାହ୍ମଣ, ଦୁଃଖୀରଙ୍କିଙ୍କୁ କିଛି କିଛି ଦାନ କରୁଥିଲେ । ଦିନେ ତାଙ୍କ ମନରେ ଜାଗିଲା ନିଜ ଶରୀର ଓଜନରେ ସୁବର୍ଣ୍ଣ ଦାନ କରିବାକୁ । ଦିନ ନିର୍ଦିଷ୍ଟ ହେଲା । ସାଧୁ ବ୍ରାହ୍ମଣଙ୍କୁ ନିମନ୍ତ୍ରଣ ହେଲା । ନିଜ ଶରୀର ଓଜନରେ ସୁବର୍ଣ୍ଣ ତଉଲି ସେଥିରୁ ଦାନ କଲେ । ବହୁତ ବ୍ୟକ୍ତି ଆସିଲେ, ଦାନ ନେଇ ଚାଲିଗଲେ । ଏତେ ସୁବର୍ଣ୍ଣ ଦାନ ଦେବା ତ ସହଜ ନୁହେଁ, ଏଥିରେ ତାଙ୍କର ଗର୍ବ ହେବା ସ୍ୱାଭାବିକ ଥିଲା । କିନ୍ତୁ ତାଙ୍କ ଦୃଷ୍ଟି ଥିଲା ନାମଦେବଜିଙ୍କ ଉପରେ । ନାମଦେବଜି ଆସିଲେ ନାହିଁ । ଏତେ ବଡ଼ ଭକ୍ତ ନାମଦେବଜି ନ ଆସିଲେ ଦାନ ପୂରା ହେବ କିପରି ? ଶେଷରେ ତାଙ୍କୁ ବହୁତ ବିନୟ କରି ଡକାଇ ଆଣିଲେ । ନାମଦେବଜି କହିଲେ, ''ଶେଠଜି, ଏତେ ସଚ୍ଚମହାତ୍ମା, ବ୍ରାହ୍ମଣଙ୍କୁ ଦାନ ଦେଇଛ, ସେଥିରେ ତୁମ ଦାନ ସାର୍ଥକ ହୋଇସାରିଛି ।'' ଶେଠଜି ହାତ ଯୋଡ଼ି କହିଲେ, ''ନାହିଁ ମହାରାଜ, ତୁମେ କିଛି ସ୍ୱୀକାର କର ।'' ଶେଠଜିଙ୍କର ବହୁତ ଆଗ୍ରହ ଏବଂ ଅନ୍ତରରେ ଦାନର ଗର୍ବ ନାମଦେବଜି ଦେଖିପାରିଲେ । ଶେଠଙ୍କ କଲ୍ୟାଣ ସକାଶେ ଭଗବାନଙ୍କ ପ୍ରେରଣାରେ ଗୋଟିଏ ତୁଳସୀପତ୍ରରେ ରାମନାମରୁ ଅଧା କେବଳ 'ରା' ଲେଖି କହିଲେ, ''ଆଚ୍ଛା, ତୁମର ଯଦି ଅଧିକ ଆଗ୍ରହ ତେବେ ଏହାରି ଓଜନରେ ସୁବର୍ଣ୍ଣ ମୋତେ ଦେଇଦିଅ ।'' ଶେଠଜି ହାତ ଯୋଡ଼ି କହିଲେ, ''ମହାରାଜ, କୃପା କରି ଏତେ କଷ୍ଟ ସ୍ୱୀକାର କରି, ଏତେ ଦୂରରୁ ଆସିଛନ୍ତି, ଏତେ ଟିକିଏ ସୁନା ନେବେ କ'ଣ ? ଅଧିକ କିଛି ନିଅନ୍ତୁ ।'' ନାମଦେବଜି କହିଲେ, ''ପ୍ରଥମରେ ମୋତେ ଏହାରି ଓଜନରେ ଦେଇଦିଅ, ପରେ ଯେତେ ଇଚ୍ଛା, ତେତେ ଦେବ ।'' ତରାଜୁ ଆସିଲା । ଗୋଟିଏ ପାଖରେ ରଖା ହେଲା ଅଧା ରାମନାମ ଲିଖିତ ତୁଳସୀପତ୍ର, ଅନ୍ୟ ପାଖରେ ରହିଲା ସୁନା । ପ୍ରଥମରେ ଅଳ୍ପ ସୁନା ରଖାଗଲା । କିନ୍ତୁ ତୁଳସୀପତ୍ର ଥିବା ପଲା ନ ଉଠିବାରୁ କ୍ରମଶଃ ଅଧିକ ଅଧିକ ସୁବର୍ଣ୍ଣ ରଖାଗଲା । ଶେଠଙ୍କ ଶରୀର ସମାନ ଓଜନ ହୋଇଥିବା ସୁନା ମଧ୍ୟରୁ ଅବଶିଷ୍ଟ ଥିବା ସୁନା ପଲାରେ ରଖିବା ସମାପ୍ତ ହେବାରୁ ଘରେ ରଖାହୋଇଥିବା ସୁବର୍ଣ୍ଣ ଆସିଲା । ଶେଷରେ ଆସିଲା ଅଳଙ୍କାରପତ୍ର, ତଥାପି ତୁଳସୀପତ୍ର ଥିବା ପଲା ଉଠିଲା ନାହିଁ । ଘରେ ଥିବା ଟଙ୍କାପଇସା ଅଣାଇ ଶେଠଜି ରଖିଲେ, କୌଣସିମତେ ତରାଜୁ ସମାନ ହେଲା ନାହିଁ । ସମସ୍ତ ସମ୍ପତ୍ତି ଶେଷ ହେଲାପରେ ନାମଦେବଜି କହିଲେ, ''ଶେଠଜି, ତୁମ ଜୀବନରେ କରିଥିବା ଦାନପୁଣ୍ୟ, ତୀର୍ଥବ୍ରତ ସମସ୍ତ ସଂକଳ୍ପ କରି ରଖି ଦେଖ ।'' ଶେଠଜି ତାହାହିଁ କଲେ । ସେଥିରେ ତରାଜୁ ସମାନ ନ ହେବାରୁ ଶେଠଜିଙ୍କର ଦାନପୁଣ୍ୟର ଦମ୍ଭ ଦୂର ହେଲା । ସେ ନାମଦେବଜିଙ୍କ ଚରଣରେ ପଡ଼ି ନିଜ ଉଦ୍ଧାର ସକାଶେ କାତର ହୋଇ ପ୍ରାର୍ଥନା କଲେ । ଭଗବାନଙ୍କ କୃପାରୁ ଶେଠଜିଙ୍କ ଆନ୍ତରିକ ବ୍ୟାକୁଳତା ଦେଖି ନାମଦେବଜି କହିଲେ, ''ଭାଇ, ଦାନପୁଣ୍ୟ, ତୀର୍ଥବ୍ରତାଦି ଉତ୍ତମ କର୍ମ । ସେଥିରେ ଚିତ୍ତ ଶୁଦ୍ଧି ହୁଏ, କିନ୍ତୁ ଭଗବାନଙ୍କ ଚରଣରେ ବ୍ୟକ୍ତି ନିଜକୁ ଅର୍ପଣ ନ କଲେ ଜୀବନର ଯଥାର୍ଥ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି କରିପାରେ ନାହିଁ କିଂବା ଜନ୍ମମରଣ, ଦୁଃଖକଷ୍ଟରୁ ଉଦ୍ଧାର ହୋଇ ପରମାନନ୍ଦ ମଧ୍ୟରେ ନିବାସ କରିପାରେ ନାହିଁ । ଜୀବନର ଯଥାର୍ଥ ସୁଖ ପ୍ରାପ୍ତ ହୁଏ ଭଗବତ୍ ଭକ୍ତିରେ । ସଂସାରରେ ଯାହାକିଛି ଦେଖୁଛ, ସମସ୍ତ ଭଗବାନଙ୍କର । ତୁମେ ନିଜକୁ ଭଗବାନଙ୍କ ଚରଣରେ ନିବେଦନ କରିଦିଅ । ଘର, ପରିବାର, ସମ୍ପତ୍ତି ଭଗବାନଙ୍କର ବୋଲି ମାନିନିଅ । ନିଜକୁ ଭଗବାନଙ୍କ ସେବକ ମନେକରି ଭଗବତ୍ ସେବାରୂପେ ସମସ୍ତ କର୍ମ କରି ଭଗବାନଙ୍କ ଚରଣରେ ତାହା ସମର୍ପଣ କର । ନିରନ୍ତର ଭଗବାନଙ୍କ ନାମ ସ୍ମରଣ କର ।'' ଶେଠଜି ଧର୍ମପରାୟଣ ବ୍ୟକ୍ତି ଥିଲେ । ଭଗବାନଙ୍କ ନାମ ସ୍ମରଣ କରୁଥିଲେ, ଭକ୍ତି ମଧ୍ୟ ଥିଲା । କିନ୍ତୁ ଭଗବାନଙ୍କ ଅପେକ୍ଷା ଅଧିକ ଭରସା ଥିଲା ଦାନପୁଣ୍ୟ, ତୀର୍ଥୋପବାସ ଉପରେ । ଭଗବତ୍ ଉପଲବ୍ଧି ହୁଏ ସମସ୍ତ ଦାନପୁଣ୍ୟକୁ ଭଗବତ୍ ଚରଣରେ ଅର୍ପଣ କରି, ସମସ୍ତ ଆଶ୍ରୟ ତ୍ୟାଗ କରି ଏକମାତ୍ର ଭଗବାନଙ୍କ ଆଶ୍ରୟ ନେବାରେ । ଏହି ଜ୍ଞାନ ପ୍ରାପ୍ତ ହୁଏ ସଚ୍ଚ, ଗୁରୁ, ଭଗବତ୍ କୃପାରେ । ଶେଠଜିଙ୍କ ଉପରେ ଭଗବାନ୍ କୃପା କରିବାରୁ ସଚ୍ଚ ନାମଦେବଜି ତାଙ୍କୁ ପ୍ରାପ୍ତ ହେଲେ ଏବଂ ତାଙ୍କର ମୋହାବରଣ ଦୂର କଲେ । ତାଙ୍କର ଦାନପୁଣ୍ୟ ଉପରେ ଥିବା ଭରସା ଦୂର ହେଲା, ନାମଦେବଙ୍କ କୃପାରୁ ସେ ଭଗବାନଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଭରସା ରଖି ଭକ୍ତି କଲେ ।

ନାମଦେବଜିଙ୍କର ଭଗବାନଙ୍କ ସହିତ ଅତ୍ୟନ୍ତ ଘନିଷ୍ଠ ସମ୍ବନ୍ଧ ହୋଇଯାଇଥିଲା । ଭଗବାନ୍ ତାଙ୍କ ସହିତ ଖେଳକୌତୁକ ବରାବର କରୁଥିଲେ । ସେ ତ ଆନନ୍ଦ ସ୍ୱରୂପ । ଭକ୍ତ ସହିତ ଖେଳ କରିବାକୁ ଭଲ ପାଆନ୍ତି । ପଣ୍ଢରପୁରରେ

ଏକାଦଶୀ ବ୍ରତ ବହୁତ ପ୍ରଚଳିତ । ଏକାଦଶୀ ଦିନ ସମସ୍ତ ଭକ୍ତ ବାହାରୁ ଆସି ପଣ୍ଢରପୁରରେ ଏକତ୍ର ହୁଅନ୍ତି । ସମସ୍ତ ଦିନ ନିର୍ଜଳା ଉପବାସ କରି ଭଜନ, ଧ୍ୟାନ କରନ୍ତି । ରାତ୍ରିରେ ଜାଗରଣ କରି କୀର୍ତ୍ତନ କରନ୍ତି । ଏକାଦଶୀ ବ୍ୟତୀତ ହେବା ପରେ ଦ୍ୱାଦଶୀ ଦିନ ଅନ୍ନଗ୍ରହଣ କରନ୍ତି । ଦିନେ ଏକାଦଶୀ ବ୍ରତ ଥିଲା । ଜଣେ ଅତ୍ୟନ୍ତ ଦୁର୍ବଳ, ବୃଦ୍ଧ ବ୍ରାହ୍ମଣ ଆସି ନାମଦେବଙ୍କୁ କହିଲେ, ''ମୁଁ ବହୁତ କ୍ଷୁଧାର୍ତ୍ତ, ମୋତେ ଅନ୍ନଭୋଜନ ଦେଇ ମୋ ପ୍ରାଣରକ୍ଷା କର ।'' ନାମଦେବଜି କହିଲେ, ''ବ୍ରାହ୍ମଣଦେବ, ଆଜି ଏକାଦଶୀ, ଆଜି କୌଣସିମତେ ଅନ୍ନ ଦେଇପାରିବି ନାହିଁ ।'' ନାମଦେବଜି ନିଜ ନିଷ୍ଠାରେ ଅଟଳ ରହିଲେ । ଶେଷରେ ଅନ୍ନ ଅଭାବରୁ ବୃଦ୍ଧ ବ୍ରାହ୍ମଣଙ୍କ ପ୍ରାଣପକ୍ଷୀ ଶରୀର ଛାଡ଼ି ଚାଲିଗଲା । ସମସ୍ତ ବ୍ୟକ୍ତି କହିଲେ, ନାମଦେବଙ୍କୁ ବ୍ରହ୍ମହତ୍ୟାପାପ ଲାଗିଲା । କିନ୍ତୁ ନାମଦେବଜି ଟିକିଏ ମାତ୍ର ବିଚଳିତ ହେଉ ନ ଥା'ନ୍ତି । ବ୍ରାହ୍ମଣଙ୍କ ଶବଦାହ କରିବା ସକାଶେ ଚନ୍ଦ୍ରଭାଗା ନଦୀ କୂଳରେ କାଷ୍ଠ ଏକତ୍ର କରାଗଲା । ନାମଦେବଜି ବ୍ରାହ୍ମଣଙ୍କ ଶବ ନେଇ ଚିତାରେ ସ୍ୱୟଂ ବସିଗଲେ ଏବଂ ଅଗ୍ନି ଲଗାଇବାକୁ ନିଜ ସାଥୀଲୋକଙ୍କୁ କହିଦେଲେ । ମୃତ ବ୍ରାହ୍ମଣ ଭଗବାନଙ୍କ ରୂପରେ ପ୍ରକଟ ହୋଇ ନାମଦେବଙ୍କୁ ଚିତାରୁ ଟାଣିଆଣିଲେ । ନାମଦେବଜି ଖୁବ୍ ଆନନ୍ଦିତ ହେଲେ ଓ ଭଗବାନଙ୍କ ଚରଣରେ ମସ୍ତକ ରଖିଦେଲେ ।

ପ୍ରତି ଏକାଦଶୀ ନିୟମ ଅନୁସାରେ ଥରେ ରାତ୍ରିଜାଗରଣ ଏବଂ କୀର୍ତ୍ତନ ହେଉଥିଲା । ଦୈବାତ୍ ସେଦିନ ଘରେ ଜଳ ନ ଥିଲା । ଜଳ ପିଇବା ସକାଶେ ଚନ୍ଦ୍ରଭାଗା ନଦୀରୁ ଜଳ ଆଣିବା ଛଡ଼ା ଅନ୍ୟ ଉପାୟ ନ ଥାଏ । ଚନ୍ଦ୍ରଭାଗା ନଦୀଘାଟରେ ଥାଆନ୍ତି ବହୁତ ଭୟଙ୍କର ପ୍ରେତ । ଯିଏ ଯାଏ, ସେଠାରେ ସେ ମୃତ୍ୟୁପ୍ରାପ୍ତ ହୁଏ । ସେହି ସକାଶେ ସେଠାକୁ ରାତ୍ରିରେ କେହି ଯାଆନ୍ତି ନାହିଁ । ନାମଦେବଙ୍କର ଭୟ ନ ଥାଏ । ସେ ଭୟ କରିବେ କାହାକୁ ? ସେ ତ ପ୍ରତ୍ୟେକ ବସ୍ତୁରେ ଭଗବାନଙ୍କୁ ଦେଖନ୍ତି । ନାମଦେବ ସ୍ୱୟଂ ଜଳ ଆଣିବାକୁ ଗଲେ । କେତେଗୁଡ଼ିଏ ପ୍ରେତ ଭୟଙ୍କର ବିକଟାଳ ରୂପ ଧାରଣ କରି ପ୍ରକଟ ହେଲେ । ସେହି ପ୍ରେତମାନଙ୍କ ମଧ୍ୟରେ ନିଜ ପ୍ରଭୁଙ୍କୁ ଦେଖି ନାମଦେବଜି ଭକ୍ତିଭରେ ଏହି ପଦ ଗାଇଲେ –

''ୟେ ଆଏ ମେରେ ଲମ୍ବକନାଥ ।
ଧରତୀ ପାଁବ ସ୍ୱର୍ଗ ଲୌଁ ମାଥୌ ଜୋଜନ ଭରି-ଭରି ହାଥ ॥
ଶିବ ସନକାଦିକ ପାର ନ ପାବେଁ ତୈସେଇ ସଖା ବିରାଜତ ସାଥ ।
ନାମଦେବକେ ସ୍ୱାମୀ ଅନ୍ତର୍ୟାମୀ କୀହ୍ନୈ୍ୟା ମୋହି ସନାଥ ॥''

ଭଗବାନ୍ ଯଦ୍ୟପି ପ୍ରତ୍ୟେକ ବସ୍ତୁରେ ବିଦ୍ୟମାନ ଥାଆନ୍ତି, ତଥାପି ବ୍ୟକ୍ତି ମାନସିକ ଚେତନାର ସୀମାରେ ବନ୍ଦୀ ହୋଇ ରହିଥିବାରୁ ଦୃଶ୍ୟମାନ ବସ୍ତୁକୁ ଭେଦ କରି ତା'ର ଅଭ୍ୟନ୍ତରସ୍ଥ ଭଗବାନଙ୍କୁ ଦେଖିପାରେ ନାହିଁ । ସେ ଏହି ପୃଥକତ୍ୱ, ଭେଦ, ମୋହ, ଅଜ୍ଞାନରେ ପଡ଼ି ବିଭିନ୍ନ ବସ୍ତୁ ବା ରୂପର ପାର୍ଥିବ ଗୁଣଧର୍ମ ଅନୁସାରେ ଦୁଃଖୀ-ସୁଖୀ ହୁଏ; ଶତ୍ରୁ-ମିତ୍ର ଧାରଣା କରେ । ନାମଦେବଜି ଏହି ଅଜ୍ଞାନମୋହକୁ ଅତିକ୍ରମ କରିସାରିଥିଲେ । ସେ ପ୍ରତ୍ୟେକ ବସ୍ତୁର ଅନ୍ତରାଳରେ ଭଗବାନଙ୍କୁ ଦେଖୁଥିଲେ । ଭଗବାନ୍ ଥିଲେ ତାଙ୍କ ସମ୍ମୁଖରେ ନିରାବରଣ । ଭଗବାନ୍ ପ୍ରକଟ ହୋଇ ନାମଦେବଙ୍କୁ ଅତ୍ୟନ୍ତ କୋମଳ ମେଘଗମ୍ଭୀର ସ୍ୱରରେ କହିଲେ, ''ନାମଦେବ ତୁ ପ୍ରେତ ମଧ୍ୟରେ ବି ମୋତେ ଦେଖୁଛୁ ?'' ନାମଦେବ ହାତ ଯୋଡ଼ି ଅତ୍ୟନ୍ତ ବିନୀତ ହୋଇ ପ୍ରେମଭରେ କହିଲେ, ''ପ୍ରଭୁ, ତୁମେ କେଉଁଠାରେ ନ ଥାଅ ? ତୁମ ଛଡ଼ା କ'ଣ କୌଣସି ରୂପ ହୋଇପାରେ, ମୋତେ କହନ୍ତୁ ?'' ଭଗବାନ୍ ଅତ୍ୟନ୍ତ ପ୍ରସନ୍ନ ହୋଇ ନାମଦେବଙ୍କ ମସ୍ତକରେ ବରଦ ହସ୍ତ ରଖିଦେଲେ ।

ମହାରାଷ୍ଟ୍ରରେ ଜ୍ଞାନେଶ୍ୱର ନାମରେ ଜଣେ ମହାନ୍ ପ୍ରସିଦ୍ଧ ସିଦ୍ଧମହାତ୍ମା ଥିଲେ । ତାଙ୍କର ଭଗବାନଙ୍କ ସହିତ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତ ହୋଇଥିଲା । ସେ ତୀର୍ଥଯାତ୍ରାକୁ ଯିବା ସମୟରେ ନାମଦେବଜିଙ୍କୁ ତାଙ୍କ ସଙ୍ଗରେ ଯିବାକୁ କହିଲେ ।

ନାମଦେବଜି ଉତ୍ତର ଦେଲେ, ''ତୁମେ ବିଠଲ ଭଗବାନଙ୍କଠାରୁ ଆଜ୍ଞା ନେଇନିଅ, ମୁଁ ତୁମ ସଙ୍ଗରେ ଯିବି ।'' ଜ୍ଞାନେଶ୍ୱରଜି ବିଠଲଙ୍କୁ ପଚାରିଲେ । ବିଠଲ ଉତ୍ତର ଦେଲେ, ''ତୁ ନାମଦେବକୁ ସଙ୍ଗରେ ନେଇପାରୁ, କିନ୍ତୁ ତା'ର ସମସ୍ତ ଭାର ତୋ ଉପରେ ରହିବ ।''– ଏହା କହି ନାମଦେବଙ୍କୁ ଜ୍ଞାନେଶ୍ୱରଙ୍କ ହାତରେ ଦେଇଦେଲେ । ଜ୍ଞାନେଶ୍ୱରଙ୍କ ସହିତ ନାମଦେବଜି ବହୁତ ତୀର୍ଥ ଭ୍ରମଣ କରି ବିକାନେର ସମୀପବର୍ତ୍ତୀ କୌଣସି ସ୍ଥାନରେ ପହଞ୍ଚିଲେ । ଦୁଇଜଣ ବିଶେଷ ତୃଷାର୍ତ୍ତ ହୋଇପଡ଼ିଲେ । ସେ ସ୍ଥାନରେ ଜଳର ଅଭାବ ସବୁ ସମୟରେ ଥାଏ । ଜଳ ଖୋଜି ଖୋଜି ଦୁଇ ମହାତ୍ମା ପହଞ୍ଚିଲେ ଗୋଟିଏ କୂପ ପାଖରେ । କୂପ ଥିଲା ବହୁତ ଗଭୀର । ଜ୍ଞାନେଶ୍ୱରଙ୍କୁ ବହୁ ପ୍ରକାର ସିଦ୍ଧି ପ୍ରାପ୍ତ ଥିଲା । ସେ ଲଘିମା ସିଦ୍ଧି ଦ୍ୱାରା କୂପ ମଧ୍ୟରେ ପ୍ରବେଶ କରି ଜଳପାନ କରିନେଲେ ଏବଂ ନାମଦେବଜିଙ୍କ ସକାଶେ ଜଳ ଘେନିଆସିଲେ । ନାମଦେବଜି କହିଲେ, ''କ'ଣ ମୋ ଚିନ୍ତା ମୋ ପ୍ରଭୁ ବିଠଲଙ୍କୁ ନାହିଁ ? ସେ କ'ଣ ମୋତେ ଜଳ ଦେଇପାରିବେ ନାହିଁ ?'' ତାଙ୍କ ମୁଖରୁ ଏତିକି ଶବ୍ଦ ବାହାରିବା ମାତ୍ରେ କୂପ ଜଳରେ ପୂର୍ଣ୍ଣ ହୋଇ ବାହାରକୁ ବହିବାକୁ ଲାଗିଲା । ନାମଦେବଜି ସେହିଠାରେ ଜଳପାନ କରିନେଲେ । ସମସ୍ତ ତୀର୍ଥଯାତ୍ରା ଶେଷ କରି ସେ ପଣ୍ଢରପୁରରେ ପହଞ୍ଚିଲେ । ଭଗବାନଙ୍କୁ ଦର୍ଶନ କରି ଗଦ୍‌ଗଦ୍ ହୋଇ କହିଲେ, ''ପ୍ରଭୁ, କେବଳ ମୋର ଭ୍ରମ ଦୂର କରିବା ସକାଶେ ମୋତେ ତୀର୍ଥଯାତ୍ରାକୁ ପଠାଇଥିଲ । କିନ୍ତୁ ତୁମ ଦର୍ଶନରେ ଯେଉଁ ପରମାନନ୍ଦ ପ୍ରାପ୍ତ ହୁଏ, ତୀର୍ଥରେ ତାହା ପାଇଲି ନାହିଁ ।''

ଦିନେ ଗୋଟିଏ ଭଣ୍ଡାର (ଭୋଜନ ପଙ୍ଗତ) ହୋଇଥିଲା । ସେଥିରେ ବହୁତ ସନ୍ଥ ଏକତ୍ରିତ ହୋଇଥିଲେ । ସେ ସମୟରେ ଥିଲେ ପ୍ରସିଦ୍ଧ ମହାତ୍ମା ଗୋରା କୁମ୍ଭାର, ବିଶୋବା ଖେଚର, ନାମଦେବଜି, ଜ୍ଞାନଦେବଜି, ସୋପାନଦେବ, ଚାଙ୍ଗଦେବ, ମୁକ୍ତାବାଈ ତଥା ଅନ୍ୟ ବହୁତ ସନ୍ଥ ଏବଂ ଭକ୍ତ । ମୁକ୍ତାବାଈଙ୍କର ବୟସ ଥିଲା କମ୍ । ଗୋରା କୁମ୍ଭାର ଥିଲେ ସମସ୍ତଙ୍କଠାରୁ ବୟୋବୃଦ୍ଧ । ତାଙ୍କୁ ସମସ୍ତେ ଚାଚାଜି (ଅଜା) କହନ୍ତି । ନାମଦେବଙ୍କ ସହିତ ସମସ୍ତ ସନ୍ଥ ଭୋଜନ କରୁଥିଲେ । ମୁକ୍ତାବାଈ ହାତରେ ହାଣ୍ଡି ବାଡ଼େଇବା କାଠର ଥପି ଧରି ଗୋରା କୁମ୍ଭାରଙ୍କୁ କହିଲେ, ''ଚାଚାଜି, ଏ କ'ଣ ହୁଏ ?'' ଗୋରା କୁମ୍ଭାର ଉତ୍ତର ଦେଲେ, ''ଏଥିରେ କଚା ହାଣ୍ଡି ଗଢ଼ା ହୁଏ ।'' ମୁକ୍ତାବାଈ କହିଲେ, ''ଆମେ ସମସ୍ତେ କଚା ହାଣ୍ଡି ସଦୃଶ, ଆମ୍ଭମାନଙ୍କୁ ଗଢ଼ ।'' ଗୋରାଜି କହିଲେ, ''ଆଚ୍ଛା, ବର୍ତ୍ତମାନ ଦେଖୁଛି, କିଏ କଚା ଅଛି ।'' ଏହା କହି ସେହି ହାଣ୍ଡି ବାଡ଼େଇବା ଥପି ଉଠାଇ ଭୋଜନ କରୁଥିବା ସନ୍ଥମାନଙ୍କ ମୁଣ୍ଡରେ ପାହାରେ ପାହାରେ ଲଗାଇଲେ । କିନ୍ତୁ ନାମଦେବଙ୍କ ମଥାରେ ବାଡ଼େଇବା ସମୟରେ ନାମଦେବ ରାଗିଗଲେ । ଗୋରା କୁମ୍ଭାର ମୁକ୍ତାବାଈଙ୍କୁ ସମ୍ବୋଧନ କରି କହିଲେ, ''ଏହି ନାମା କଚା ।'' ଏଥିରେ ନାମଦେବଙ୍କୁ ବହୁତ ଦୁଃଖ ହେଲା । ସମ୍ଭବତଃ ଏହି ଘଟଣାର ପ୍ରେରକ ଥିଲେ ବିଠଲ । ନାମଦେବ ସିଧା ବିଠଲଙ୍କ ମନ୍ଦିରକୁ ଆସି ସମସ୍ତ ଘଟଣା କହିଲେ । ବିଠଲ ଉତ୍ତର ଦେଲେ, ''ଗୋରା ଠିକ୍ କହିଛି, ତୁ ଏ ପର୍ଯ୍ୟନ୍ତ ଗୁରୁ କରି ନାହୁଁ ।'' ନାମଦେବ କହିଲେ, ''ପ୍ରଭୁ, ଗୁରୁଙ୍କ ଦ୍ୱାରା ତୁମେ ପ୍ରାପ୍ତ ହୁଅ, ତୁମେ ତ ପ୍ରାପ୍ତ ହୋଇଛ, ପୁଣି ଗୁରୁଙ୍କର ଆବଶ୍ୟକତା କ'ଣ ?'' ବିଠଲ କହିଲେ, ''ଗୁରୁଙ୍କ ଛଡ଼ା ଦୃଢ଼ ସମତ୍ୱର ଜ୍ଞାନ ପ୍ରାପ୍ତ ହୁଏ ନାହିଁ ।'' ନାମଦେବ କହିଲେ, ''ପ୍ରଭୁ, ତୁମେ କହିଦିଅ ମୁଁ କାହାକୁ ଗୁରୁରୂପେ ଗ୍ରହଣ କରିବି ।'' ବିଠଲ କହିଲେ, ''ବିଶୋବା ଖେଚର ।'' ନାମଦେବଜି ସେହିଦିନଠାରୁ ବିଶୋବା ଖେଚରଙ୍କୁ ଖୋଜିବାକୁ ଯାତ୍ରାରମ୍ଭ କଲେ । ବହୁତ ବ୍ୟକ୍ତିଙ୍କୁ ପଚାରି ବୁଝି କେତେଦିନ ପରେ ବିଶୋବା ଖେଚରଙ୍କ ପାଖରେ ପହଞ୍ଚିଲେ । ସେ ସମୟରେ ବିଶୋବା ଖେଚର ଗୋଟିଏ ଶିବ ମନ୍ଦିରରେ ଶିବଲିଙ୍ଗ ଉପରେ ଗୋଡ଼ ରଖି ଶୋଇଥିଲେ । ନାମଦେବ ଦେଖିବାମାତ୍ରେ ତାଙ୍କ ମନରେ ଆସିଲା, ''ଯିଏ ଶିବଲିଙ୍ଗ ଉପରେ ଗୋଡ଼ ରଖି ଶୋଇଛନ୍ତି, ତାଙ୍କୁ ଗୁରୁ କରିବା ସକାଶେ ବିଠଲ ପଠାଇଲେ !'' ନାମଦେବ ପଚାରିଲେ, ''ଗୁରୁଦେବ, ତୁମେ ଶିବଲିଙ୍ଗ ଉପରେ ଗୋଡ଼ କାହିଁକି ରଖିଛ ?'' ସେ କହିଲେ, ''ନାମଦେବ, ଶିବଲିଙ୍ଗ ନ ଥିବା ସ୍ଥାନରେ ମୋ ଗୋଡ଼ ରଖି ଦେ ।'' ନାମଦେବ ତାହାହିଁ କଲେ । କିନ୍ତୁ ଯେଉଁଠାରେ ଗୋଡ଼ ରଖନ୍ତି ସେଠାରେ ଶିବଲିଙ୍ଗ । ଶିବଲିଙ୍ଗ ଛଡ଼ା ଅନ୍ୟ ସ୍ଥାନ ତାଙ୍କୁ ମିଳିଲା ନାହିଁ । ସେ ହାତ ଯୋଡ଼ି କହିଲେ, ''ପ୍ରଭୁ, ମୋତେ ଶିଷ୍ୟରୂପେ ଗ୍ରହଣ କରି ଉପଦେଶ ଦିଅ ।'' ସେ କହିଲେ, ''ତୋତେ ବିଠଲ ପଠାଇଛନ୍ତି, ମୁଁ ଜାଣେ; କିନ୍ତୁ ତୁ ଏପର୍ଯ୍ୟନ୍ତ ଉପଦେଶ ପାଇ ନାହୁଁ ?'' ନାମଦେବ ଉତ୍ତର ଦେଲେ, ''ପ୍ରଭୁ, ଏପର୍ଯ୍ୟନ୍ତ ଉପଦେଶ ପାଇ ନ ଥିଲି,

ବର୍ତ୍ତମାନ ଯଥାର୍ଥ ଜ୍ଞାନ ତୁମରି କୃପାରୁ ଲାଭ କଲି । ବିଠଲ ଏହି ସକାଶେ ମୋତେ ତୁମ ପାଖକୁ ପଠାଇଲେ ।'' ଗୁରୁଦେବ କହିଲେ, ''ଭଗବାନ୍ ସର୍ବତ୍ର ପରିପୂର୍ଣ୍ଣ । ଭଗବାନଙ୍କ ଛଡ଼ା କୌଣସି ସ୍ଥାନ କିଂବା କୌଣସି ବସ୍ତୁ ନାହିଁ । ଏହି ଉପଲବ୍ଧିହିଁ ଯଥାର୍ଥ ସମତା ।'' ବୋଧହୁଏ ନାମଦେବଙ୍କୁ ଦୀକ୍ଷା ଗ୍ରହଣ କରାଇବା ଉଦ୍ଦେଶ୍ୟରେ ଏହି ଅପୂର୍ଣ୍ଣତାକୁ ଭଗବାନ୍ ପୂରଣ କରାଇ ନ ଥିଲେ । ସେ ଗୁରୁଙ୍କଠାରୁ ଉପଦେଶ ଗ୍ରହଣ କରି ଆସି ସିଧା ମନ୍ଦିରରେ ପହଞ୍ଚିଲେ । ଭଗବାନଙ୍କ ଦର୍ଶନରେ ତାଙ୍କ ହୃଦୟ ଉଛୁଳି ପଡ଼ିଲା । ସେ ଆନନ୍ଦରେ କୃତକୃତ୍ୟ ହୋଇଗଲେ । କହିଲେ, ''ଭଗବାନ୍, ସବୁ ତୁମ୍ଭରି ଲୀଳା ।'' ଭଗବାନ୍ ଅତ୍ୟନ୍ତ ପ୍ରସନ୍ନ ହୋଇ ନାମଦେବଙ୍କୁ ବିଦାକଲେ ।

ନାମଦେବଙ୍କ କୁଟିଆରେ ବରାବର କୀର୍ତ୍ତନ ଏବଂ ସତ୍‌ସଙ୍ଗ ହୁଏ । ବହୁତ ଭକ୍ତ ବହୁତ ଦୂରରୁ ଆସି ନାମଦେବଙ୍କୁ ଦର୍ଶନ କରନ୍ତି ଏବଂ ତାଙ୍କ ସତ୍‌ସଙ୍ଗ ଲାଭ କରନ୍ତି; ସେମାନଙ୍କ ହୃଦୟରେ ଭଗବତ୍ ଭକ୍ତି-ସ୍ରୋତ ପ୍ରବାହିତ ହୁଏ । ନାମଦେବଙ୍କ ସଂସ୍ପର୍ଶରେ ଆସି ବହୁତ ନାସ୍ତିକ ଭଗବାନଙ୍କ ଭକ୍ତ ହୋଇଗଲେ, କେତେ ଦୁଃଖତାପପୀଡ଼ିତ ବ୍ୟକ୍ତି ଜନ୍ମମରଣରୂପ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ପରମପଦ ପ୍ରାପ୍ତ ହେଲେ । ନାମଦେବଙ୍କ ଯଶଃ ବହୁଦୂରରେ ବ୍ୟାପ୍ତ ହୋଇଗଲା । ଭଗବତ୍ ଭକ୍ତଙ୍କ ହୃଦୟରେ କାହା ପ୍ରତି ଦ୍ୱେଷଭାବ ନ ଥାଏ । ସେ ସର୍ବବସ୍ତୁରେ ନିଜ ଇଷ୍ଟଦେବଙ୍କୁ ଦେଖନ୍ତି ଏବଂ ସମସ୍ତଙ୍କର କଲ୍ୟାଣ ଚାହାନ୍ତି । କିନ୍ତୁ ଏପରି ସଜ୍ଜନଙ୍କ ପ୍ରତି ବିଦ୍ୱେଷ ରଖିବା ବ୍ୟକ୍ତିଙ୍କର କେବେ ବି ଅଭାବ ନ ଥାଏ । ବିନା କାରଣରେ ପରୋପକାରୀ ସଜ୍ଜନଙ୍କୁ ସେମାନେ ନିନ୍ଦା କରନ୍ତି, ତାଙ୍କ ବିରୋଧରେ ମିଥ୍ୟା ପ୍ରଚାର କରନ୍ତି, ତାଙ୍କର ଅନିଷ୍ଟ କରିବା ସକାଶେ ସର୍ବଥା ତତ୍ପର ଥାଆନ୍ତି । କିନ୍ତୁ ସେଥିରେ ତାଙ୍କର କିଛି କ୍ଷତି ହୁଏ ନାହିଁ । ବରଂ ସେଥିରେ ତାଙ୍କ ଆନ୍ତର ଚେତନାରେ ସମତ୍ୱ ବୃଦ୍ଧି ହୁଏ । କ୍ଷତି ହୁଏ ଦ୍ୱେଷ ରଖିଥିବା ନିନ୍ଦୁକ ବ୍ୟକ୍ତିଙ୍କର । ଏପରି ପରମ ସଜ୍ଜ ନାମଦେବଙ୍କ ପ୍ରତି ବି ବହୁତ ବ୍ୟକ୍ତି ଦ୍ୱେଷ ରଖିଥାଆନ୍ତି । ନାମଦେବଙ୍କ କୀର୍ତ୍ତି ପ୍ରସାରିତ ହେବା ସଙ୍ଗେ ସଙ୍ଗେ ସେମାନଙ୍କ ଦ୍ୱେଷ ବି ବୃଦ୍ଧି ପାଉଥାଏ । ସେମାନେ କହନ୍ତି – ନାମଦେବ ଧୂର୍ତ୍ତ ଏବଂ ଭଣ୍ଡ ସାଧୁ । କେତେକ ଯାଦୁମନ୍ତ୍ରରେ ଲୋକଙ୍କୁ ଚମତ୍କାରିତା ଦେଖାଇ ପ୍ରଭାବିତ କରି ଠକାଉଛି । ସେମାନଙ୍କର ଏହି ପ୍ରଚାରରେ ସେହିପରି ପ୍ରକୃତିର ଲୋକ ବି ବିଶ୍ୱାସ କରନ୍ତି । କିନ୍ତୁ ଯେଉଁମାନଙ୍କ ଆତ୍ମା ଟିକିଏ ଜାଗ୍ରତ ଥାଏ, ମନ-ପ୍ରାଣ ଶୁଦ୍ଧ ଥାଏ, ସେମାନେ ଏସବୁ ମିଥ୍ୟା ରଚନାକୁ କର୍ଣ୍ଣପାତ ନ କରି ନାମଦେବଙ୍କ ସତ୍‌ସଙ୍ଗରେ ମହାନ୍ ଲାଭ ପ୍ରାପ୍ତ ହୁଅନ୍ତି । ସେହି ଗ୍ରାମରେ ଜଣେ ବ୍ରାହ୍ମଣୀ ଥିଲେ । ସେ ନାମଦେବଙ୍କ ସତ୍‌ସଙ୍ଗକୁ ବରାବର ଆସୁଥିଲେ । ତାଙ୍କର ଭଗବାନଙ୍କ ପ୍ରତି ଭକ୍ତି ଥିଲା । ନାମଦେବଙ୍କ ସତ୍‌ସଙ୍ଗରେ ତାଙ୍କର ଭଗବତ୍ ଭକ୍ତି ବୃଦ୍ଧି ପାଇବାକୁ ଲାଗିଲା । ନାମଦେବଙ୍କ ସତ୍‌ସଙ୍ଗରେ ଏବଂ କୀର୍ତ୍ତନରେ ନରନାରୀ ସମସ୍ତେ ଆସନ୍ତି । ବ୍ରାହ୍ମଣୀ ମହିଳାମାନଙ୍କ ସହିତ ବସି ସତ୍‌ସଙ୍ଗ ଶୁଣନ୍ତି ଏବଂ କୀର୍ତ୍ତନ କରନ୍ତି । ଏଥିରେ ବ୍ରାହ୍ମଣୀଙ୍କ ପତିଙ୍କୁ ବହୁତ ଖରାପ ଲାଗେ । ସେ କହନ୍ତି, ''ଆମେ ଉଚ୍ଚବର୍ଣ୍ଣ ବ୍ରାହ୍ମଣ, ଆମେ କାହିଁକି ମୂର୍ଖ ଦରଜି ପାଖକୁ ଯିବା ?'' ଏଥିରେ କିନ୍ତୁ ବ୍ରାହ୍ମଣୀ ପ୍ରଭାବିତ ହୁଅନ୍ତି ନାହିଁ କିଂବା ନାମଦେବଙ୍କ ସତ୍‌ସଙ୍ଗକୁ ଯିବା ବନ୍ଦ କରନ୍ତି ନାହିଁ । ପତ୍ନୀର ଏହି କାର୍ଯ୍ୟ ପତିଙ୍କର ଯଦ୍ୟପି ଅପ୍ରିୟ ଥିଲା ତଥାପି ତାଙ୍କର ବୁଦ୍ଧି, ବିନୟ, ସଦାଚାରିତା, ପତିପରାୟଣତା ତଥା ଗୃହକର୍ମରେ ଅତ୍ୟନ୍ତ ଦକ୍ଷତା ଯୋଗୁଁ ତାଙ୍କ ଉପରେ ଅତ୍ୟାଚାର କରୁ ନ ଥିଲେ । କିନ୍ତୁ ଲୋକଙ୍କଠାରୁ ଏହି କାର୍ଯ୍ୟ ବିରୋଧରେ ଶୁଣିଲେ ପତ୍ନୀ ପ୍ରତି ରାଗ କରୁଥିଲେ । ତାଙ୍କର ଗୋଟିଏ ମାତ୍ର ପୁତ୍ର ଥିଲା, ଦୈବଯୋଗେ ତା'ର ମୃତ୍ୟୁ ହେଲା । ନାମଦେବଙ୍କ ପ୍ରତି ବିରୋଧଭାବ ରଖୁଥିବା ବ୍ୟକ୍ତି ଥିଲେ ବ୍ରାହ୍ମଣର ମିତ୍ର । ସେମାନେ କହିଲେ, ''ତୁମ ପତ୍ନୀ ନୀଚଜାତି ଦରଜିର ସତ୍‌ସଙ୍ଗକୁ ଯିବା ପାପରୁ ପୁତ୍ରର ମୃତ୍ୟୁ ହେଲା ।'' ଶୋକ, ମୋହ, କାମ, କ୍ରୋଧ ଇତ୍ୟାଦି ଅବସ୍ଥାରେ ବ୍ୟକ୍ତିର ବିବେକ ନଷ୍ଟ ହୋଇଯାଏ । ବିବେକ ବିହୀନ ବ୍ୟକ୍ତି ଭଲମନ୍ଦ ବିଚାର କରିପାରେ ନାହିଁ । କୁସଙ୍ଗରେ ପଡ଼ି କୌଣସିପ୍ରକାର ଅବିହିତ କାର୍ଯ୍ୟ କରିପାରେ । ପୁତ୍ରଶୋକରେ ବ୍ରାହ୍ମଣର ବୁଦ୍ଧି ଭ୍ରଷ୍ଟ ହୋଇଯାଇଥିଲା । ଅନ୍ୟ ଲୋକଙ୍କଠାରୁ ଏପରି ଶୁଣି ଶୋକ ଅବସ୍ଥାରେ ଭୟଙ୍କର କ୍ରୋଧ ଜାତ ହେଲା । ବିବେକର ନାମ ରହିଲା ନାହିଁ । ପୁତ୍ରଶୋକାକୁଳା ପତ୍ନୀକୁ ନାନାପ୍ରକାରେ କୁବାକ୍ୟ କହି ମାରି ଘରୁ ବାହାର କରିଦେଲେ । କହିଲେ – ''ଏହି ମୃତ ପୁତ୍ରକୁ ନେଇ ଦରଜିଘରେ ଯାଇ ରହ ।'' ବ୍ରାହ୍ମଣୀ ଥିଲେ ଭଗବାନଙ୍କ ଭକ୍ତା । କେତେ ବିପତ୍ତିରେ ବି ଭକ୍ତ ଭଗବାନଙ୍କ ଆଶ୍ରୟ ଭୁଲେ ନାହିଁ । ବ୍ରାହ୍ମଣୀ ମୃତ ପୁତ୍ରକୁ ଧରି ନାମଦେବଙ୍କ

ଚରଣରେ ମସ୍ତକ ରଖି ଅତ୍ୟନ୍ତ ବ୍ୟାକୁଳ ହୋଇ କାନ୍ଦିଲେ । ତାଙ୍କ ହୃଦୟବିଦାରକ କ୍ରନ୍ଦନଧ୍ୱନି ଉପସ୍ଥିତ ବ୍ୟକ୍ତିଙ୍କ ହୃଦୟକୁ ବିଦୀର୍ଣ୍ଣ କରିଦେଲା । ସମସ୍ତଙ୍କ ନେତ୍ରରୁ ଅଶ୍ରୁ ବର୍ଷା ହେଲା । ନାମଦେବ ସାନ୍ତ୍ୱନା ଦେଇ ପଚାରିବାରୁ ବ୍ରାହ୍ମଣୀ ସମସ୍ତ ଘଟଣା କହିଲେ ।

ଏକଥା ଶୁଣି ଭଗବତ୍ ବିଶ୍ୱାସୀ ନାମଦେବ ଭଗବାନଙ୍କ ଚରଣାମୃତ ଆଣି ମୃତ ପୁତ୍ରର ମୁଖରେ ଦେଇଦେଲେ । ଚରଣାମୃତ ସ୍ପର୍ଶମାତ୍ରେ ମୃତ ପୁତ୍ର ଜୀବିତ ହୋଇଉଠିଲା । ବ୍ରାହ୍ମଣୀ ଆସିବା ପରେ ବ୍ରାହ୍ମଣ ଆଉ ଗୃହରେ ଶାନ୍ତିରେ ରହି ପାରିଲେ ନାହିଁ । ସେ ମଧ୍ୟ ବ୍ୟାକୁଳ ହୋଇ ବ୍ରାହ୍ମଣୀ ପଛେ ପଛେ ଆସି ଏହିସବୁ ଦୃଶ୍ୟ ଦେଖୁଥିଲେ । ସେ ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ । ନାମଦେବଙ୍କ ଚରଣରେ ସାଷ୍ଟାଙ୍ଗ ପଡ଼ି ରଡ଼ିଛାଡ଼ି କାନ୍ଦିଲେ । ନାମଦେବଜି ସାନ୍ତ୍ୱନା ଦେଇ ଉଠାଇ ବସାଇଲେ । ସେ ନାମଦେବଙ୍କ ଚରଣ ଧରି କହିଲେ, ''ପ୍ରଭୁ, ତୁମେ ଯେପରି ପରମସନ୍ଥ, ତୁମର ମୁଁ ଘୋର ଅପରାଧ କରିଛି,— ଭଗବାନ୍ ମୋର ଏହି ଅପରାଧ କ୍ଷମା କରିବେ ନାହିଁ ? ପ୍ରଭୁ, ଏପରି ପାପୀର ଉଦ୍ଧାର କ'ଣ ନାହିଁ ?'' ନାମଦେବ ତାଙ୍କୁ ବହୁତ ବୁଝାଇ ଉପଦେଶ ଦେଲେ । ସେ ପତ୍ନୀ ପାଖରେ ନିଜ ଦୋଷ ସ୍ୱୀକାର କରି ପତ୍ନୀ ଏବଂ ପୁତ୍ରକୁ ନେଇ ଘରକୁ ଗଲେ । ସେହିଦିନଠାରୁ ବ୍ରାହ୍ମଣ ନାମଦେବଙ୍କ ଭକ୍ତ ହୋଇଗଲେ । ପ୍ରତିଦିନ ପୁତ୍ର ଏବଂ ପତ୍ନୀ ସହିତ ସେ ନାମଦେବଙ୍କ ସତ୍‌ସଙ୍ଗ ଏବଂ କୀର୍ତ୍ତନରେ ଯୋଗ ଦେଲେ । ନାମଦେବଙ୍କର ଏହିସବୁ କୀର୍ତ୍ତି ବୃଦ୍ଧି ସଙ୍ଗେ ସଙ୍ଗେ କେତେ ଦୁଷ୍ଟ, ହିଂସ୍ର ମନୋବୃତ୍ତିସମ୍ପନ୍ନ ବ୍ୟକ୍ତିଙ୍କର ଦ୍ୱେଷ ବି ବୃଦ୍ଧି ହେବାକୁ ଲାଗିଲା ।

ଦିନେ ଜଣେ ଭକ୍ତ ବ୍ରାହ୍ମଣ ଭଣ୍ଡାର (ଭୋଜନ) ତୟାର କରି ସାଧୁ ଏବଂ ବ୍ରାହ୍ମଣମାନଙ୍କୁ ନିମନ୍ତ୍ରଣ କଲେ । ଭୋଜନର ସମୟ ଆସିଲା । ବ୍ରାହ୍ମଣ ଏବଂ ସନ୍ଥ ଏକତ୍ରିତ ହେଲେ । ସନ୍ଥମଣ୍ଡଳୀରେ ଆସିଲେ ନାମଦେବ । ପତର ପଡ଼ିବାର ସମୟ ହେଲା । ନାମଦେବଙ୍କ ପ୍ରତି ବିରୋଧ ରଖିଥିବା କେତେକ ବ୍ରାହ୍ମଣ କହିଲେ, ''ଜାତି, କୁଳ, ଗୋତ୍ର ନ ଥିବା କୁଜାତି ଦରଜି ସହିତ ଆମ୍ଭେମାନେ ଭୋଜନ କରିବୁ ନାହିଁ ।'' ଏଥିରେ ପ୍ରତିବାଦ ମଧ୍ୟ କଲେ ସାଧୁମାନେ । ଶେଷରେ ନାମଦେବ ନିର୍ଣ୍ଣୟ କରାଇ ଦେଲେ ଯେ ପ୍ରଥମେ ବ୍ରାହ୍ମଣମାନେ ଭୋଜନ କରନ୍ତୁ, ପରେ ସନ୍ଥମାନେ ଭୋଜନ କରିବେ । ଏହି ନିର୍ଣ୍ଣୟ ସାଧୁମାନଙ୍କର ଏକେବାରେ ପସନ୍ଦ ନ ଥିଲା । ତଥାପି ନାମଦେବଙ୍କ ନିର୍ଣ୍ଣୟ ଭାଙ୍ଗି ପାରିଲେ ନାହିଁ । ବ୍ରାହ୍ମଣଙ୍କ ମଧ୍ୟରୁ ଯେଉଁମାନେ ଦ୍ୱେଷ ରଖିଥିଲେ ସେମାନେ ସମସ୍ତ ବ୍ରାହ୍ମଣଙ୍କୁ ପରାମର୍ଶ ଦେଲେ, ''ଆମ୍ଭେମାନେ ଆବଶ୍ୟକ ଭୋଜନ ଅପେକ୍ଷା ଅଧିକ ଭୋଜନ ନେଇ ପତରରେ ଅଇଁଠା ଛାଡ଼ିଯିବା । ଅଧିକ ଭୋଜନ ନେଲେ ଭୋଜନଦ୍ରବ୍ୟ କମ୍ ପଡ଼ିବ, ଫଳରେ ସାଧୁମାନେ ଭୋଜନ କରିପାରିବେ ନାହିଁ ।'' ଏହି ମନୋଭାବ ରଖି ଅଧିକ ଅଧିକ ପରଷାଇ ନେଲେ । ଭୋଜନ ଆରମ୍ଭ ସଙ୍ଗେ ସଙ୍ଗେ ହେଲା ଜଳ ସହିତ ପଥର ବୃଷ୍ଟି । ବାହାରେ ବସିଥିବା ସାଧୁମାନେ ଘର ଭିତରକୁ ଚାଲିଗଲେ । ଘରେ ବା ଛପର ତଳେ ଆଉ ସ୍ଥାନ ନ ଥିଲା । ପଥର ଆଘାତ ସହ୍ୟ କରି ନ ପାରି ବ୍ରାହ୍ମଣମାନେ ପତର ଛାଡ଼ି ପଳାଇଲେ । କିନ୍ତୁ ପଥର ଆଘାତରୁ ରକ୍ଷା ହେବାର ସ୍ଥାନ ପାଇଲେ ନାହିଁ । ସେମାନଙ୍କ ମଧ୍ୟରୁ ଯେଉଁମାନେ ନିଷ୍କପଟ ସ୍ୱଭାବର ଥିଲେ, ସାଧୁମାନଙ୍କ ପ୍ରତି ଦ୍ୱେଷ ରଖୁ ନ ଥିଲେ, ସେହିମାନେ କହିଲେ, ''ପରମ ସନ୍ଥ ନାମଦେବଙ୍କର ଅପରାଧ କରିବାର ଏହି ଫଳ, ଚାଲ ନାମଦେବଙ୍କୁ କ୍ଷମାପ୍ରାର୍ଥନା କରିବା ।'' ପ୍ରାଣ ସଂକଟ ସମୟରେ ବ୍ୟକ୍ତିର ଅହଂ କାମ କରେ ନାହିଁ । ନାମଦେବଙ୍କ ପ୍ରତି ବିରୋଧ ମନୋଭାବ ରଖିଥିବା ବ୍ୟକ୍ତି ଆର୍ତ୍ତସ୍ୱରରେ ନାମଦେବଙ୍କୁ ପ୍ରାର୍ଥନା କଲେ । ନାମଦେବଙ୍କର ତ କାହା ପ୍ରତି ବୈରଭାବ ନ ଥାଏ । ପଥର ବୃଷ୍ଟି ହେବା ସଙ୍ଗେ ସଙ୍ଗେ ବ୍ରାହ୍ମଣମାନଙ୍କ ରକ୍ଷା ସକାଶେ ସେ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ । ବ୍ରାହ୍ମଣମାନେ ନାମଦେବଙ୍କ ପାଖରେ ନିଜ ଦୋଷ ସ୍ୱୀକାର କରିବା ମାତ୍ରେ ଶିଳାବୃଷ୍ଟି ବନ୍ଦ ହେଲା, ବ୍ରାହ୍ମଣମାନେ ସୁସ୍ଥ ହେଲେ । ନାମଦେବଙ୍କ ପାଖରେ ବହୁତ ଅନୁନୟବିନୟ କରି ନିଜ ଅପରାଧର କ୍ଷମା ଚାହିଁଲେ ଏବଂ କହିଲେ, ''କାଲି ଆମ୍ଭେମାନେ ଭଣ୍ଡାର କରିବୁ, ପ୍ରଥମରେ ସନ୍ଥମାନେ ଭୋଜନ କରିବେ, ପରେ ଆମ୍ଭେମାନେ ଭୋଜନ କରିବୁ ।'' ନାମଦେବଜି କହିଲେ, ''ଆଜି କାହିଁକି ଉପବାସରେ ଫେରିବେ ? ଚାଲ ବସ, ବର୍ତ୍ତମାନ ସମସ୍ତେ ପୂର୍ଣ୍ଣ ଭୋଜନ କରି ପରେ ଯିବେ ।'' ବ୍ରାହ୍ମଣମାନେ ନାମଦେବଙ୍କ ମହିମା ଜାଣିଥିଲେ, ସେଥିସକାଶେ ଏକଥା ଅସମ୍ଭବ ମନେ ନ କରି ଭୋଜନ ସକାଶେ

ସାଧୁ ଏବଂ ବ୍ରାହ୍ମଣମାନେ ପଙ୍ଗତରେ ବସିଲେ । ନାମଦେବଜି ରୋଷାଇ ଘରକୁ ଗଲେ । ଭୋଜନଦ୍ରବ୍ୟ ଥିଲା ଖୁବ୍ କମ୍ । ସେଥିରୁ ନାମଦେବଜି ଦେବାକୁ ଆରମ୍ଭ କଲେ । ସାଧୁ, ବ୍ରାହ୍ମଣ ତଥା ଯେକୌଣସି ବ୍ୟକ୍ତି ଆସିଲେ, ସମସ୍ତ ବ୍ୟକ୍ତି ପୂର୍ଣ୍ଣ ଭୋଜନ କଲେ, ଶେଷରେ ବି ବଞ୍ଚି ରହିଲା । ଭୋଜନ ପରେ ନାମଦେବଙ୍କ ସଚ୍ଛସ୍ୱଭାବକୁ ପ୍ରଶଂସା କରି ସମସ୍ତେ ନିଜ ନିଜ ସ୍ଥାନକୁ ଫେରିଲେ ।

ଥରେ ନାମଦେବଜି ପଥଯାତ୍ରା କରିବା ସମୟରେ ଗୋଟିଏ ସ୍ଥାନରେ ରୋଟି ତୟାର କଲେ । ଘିଅ ଆଣି ଆସିବା ସମୟରେ ଦେଖିଲେ ହଠାତ୍ ଗୋଟିଏ କୁକୁର ଆସି ସମସ୍ତ ରୋଟି ନେଇଗଲା । ନାମଦେବଜି ଘିଅ କଟରା ହାତରେ ଧରି ତା' ପଛରେ ଦୌଡ଼ିଲେ ଏବଂ କହିଲେ, ''ରୋଟିରେ ଘିଅ ଲଗା ହୋଇ ନାହିଁ, ରୋଟି ଖାଇବ କିପରି ? ଘିଅ ଲଗାଇ ଦେବି, ତେବେ ଖାଇବ ।'' କୁକୁର ନାମଦେବଜିଙ୍କ କଥା ନ ଶୁଣି ଦୌଡୁଥାଏ, ନାମଦେବଜି ତା' ପଛରେ ଦୌଡୁଥାଆନ୍ତି । ସେ ଦୌଡ଼ି ଦୌଡ଼ି ବହୁତ କ୍ଲାନ୍ତ ହୋଇଗଲେ, ଆଉ ଦୌଡ଼ିବାର ଶକ୍ତି ରହିଲା ନାହିଁ । ଭଗବାନ୍ କୁକୁର ମଧ୍ୟରୁ ପ୍ରକଟ ହୋଇ କହିଲେ, ''ଆଚ୍ଛା, ରୋଟିରେ ଘିଅ ଲଗାଇ ଦେ । ତୁ ଦୌଡ଼ି ଦୌଡ଼ି ଥକିଗଲୁଣି ।'' ଭଗବାନଙ୍କ ଦର୍ଶନରେ ନାମଦେବଜି କୃତକୃତ୍ୟ ହୋଇଗଲେ । ଏହିପରି ଭଗବାନ୍ ନାମଦେବଜିଙ୍କ ସହ ବହୁତ ଖେଳକୌତୁକ କରୁଥିଲେ । ନାମଦେବଜିଙ୍କ ଚେତନା ଭଗବନ୍ମୟ ହୋଇ ଯାଇଥିଲା । ଭଗବାନ୍ ନାମଦେବଙ୍କ ପାଖରୁ ପୃଥକ୍ ହୋଇପାରୁ ନ ଥିଲେ । ନାମଦେବଜିଙ୍କ ଦ୍ୱାରା ବହୁ ନରନାରୀ ଭଗବତ୍ ଭକ୍ତି ପ୍ରାପ୍ତ ହୋଇ ଜନ୍ମ-ମରଣ-ଦ୍ୱନ୍ଦ୍ୱରୁ ମୁକ୍ତ ହୋଇଥିଲେ । ପଣ୍ଢରପୁରର ବାରକରି ସଂପ୍ରଦାୟ ନାମଦେବଜିଙ୍କ ଦ୍ୱାରା ବିଶେଷରୂପେ ପରିବର୍ଦ୍ଧିତ ହୋଇଥିଲା । ସେ ବିଃ ସଂଃ ୧୪୦୭ରେ ଅଶୀବର୍ଷ ବୟସରେ ଇହଧାମ-ଲୀଳା-ସମ୍ବରଣ କରିଥିଲେ । ତାଙ୍କ ଶରୀର ଅଦୃଶ୍ୟ ହୋଇଛି, କିନ୍ତୁ ତାଙ୍କ ଯଶୋକୀର୍ତ୍ତି, ତାଙ୍କ ଭଗବତ୍ ଭକ୍ତିର ପ୍ରଭାବ ଆଜି ବି ସଚ୍ଛଜନମାନଙ୍କ ହୃଦୟାନନ୍ଦକୁ ପରିବର୍ଦ୍ଧିତ କରୁଛି । ମହାରାଷ୍ଟ୍ର ସଚ୍ଛସମାଜରେ ତାଙ୍କ ଯଶଃ, ତାଙ୍କ ଦ୍ୱାରା ରଚିତ ଜ୍ଞାନ-ଭକ୍ତି, ଭଗବତ୍ ଯଶୋଗାନ ଆଜି ବି ଗାନ ହେଉଛି ।

ଭକ୍ତ ନାମଦେବଜିଙ୍କ ଜୀବନରେ ବହୁତ ଚମତ୍କାରପୂର୍ଣ୍ଣ ଘଟଣା ଘଟିଥିଲା । ସେଥିମଧ୍ୟରୁ କେତେକ ଘଟଣା ''ଭକ୍ତମାଳ'' ରଚୟିତା ଶ୍ରୀ ନାଭାଜି ବହୁତ ସଂକ୍ଷେପରେ ତାଙ୍କ ''ଭକ୍ତମାଳ'' ଗ୍ରନ୍ଥରେ କବିତାରେ ବର୍ଣ୍ଣନ କରିଛନ୍ତି । ତାଙ୍କ କବିତା ଏଠାରେ ଉଦ୍ଧୃତ ହେଲା :

''ବାଲଦସା ବୀଠଲୁ ପାନି ଜାକେ ପୟ ପୀୟୌ ।
ମୃତକ ଗଉ ଜିବାୟ ପରଚୌ ଅସୁରନ କୌଁ ଦୀୟୌ ॥
ସେଜ ସଲିଲ ତେଁ କାଢ଼ି ପହିଲେ ଜୈସେଁହୀ ହୋତୀ ।
ଦେବଲ ଓଲଟ୍ୟୋ ଦେଖି ସକୁଚି ରହେ ସବ ହୀ ସୋତୀ ॥
ପଁଡୁରନାଥ କୃତ ଅନୁଗ ଜେଁୟା ଛାନି ସ୍ୱକର ଛଇ ଘାସ କୀ ।
ନାମଦେବ ପ୍ରତିଗ୍ୟା ନିର୍ବହୀ (ତେଁୟା) ତ୍ରେତା ନରହରିଦାସ କୀ ॥''

ଏହାର ଭାବାର୍ଥ ଏହି ଯେ – ନାମଦେବଙ୍କ ବାଲ୍ୟାବସ୍ଥାରେ ତାଙ୍କ ହାତରୁ ଭଗବାନ୍ ଦୁଧ ପିଇଥିଲେ । ମୃତ ଗାଈକୁ ଜୀବଦାନ ଦେଇ ମୁସଲମାନ ରାଜାକୁ ଭଗବାନଙ୍କ ପରିଚୟ ଦେଇଥିଲେ । ମୁସଲମାନ ବାଦଶାହ ଦେଇଥିବା ରତ୍ନଜଡ଼ିତ ପଲଙ୍କକୁ ଯମୁନା ନଦୀରେ ପକାଇ ଦେଇଥିଲେ ଏବଂ ପୁନରାୟ ନଦୀଜଳରୁ ସେହିପରି ବହୁ ପଲଙ୍କ ବାହାର କରି ଦେଇଥିଲେ । ତାଙ୍କ ପ୍ରାର୍ଥନାରେ ପଣ୍ଢରୀନାଥଙ୍କ ଦେଉଳ ବୁଲିଯାଇଥିଲା । ଭଗବାନ୍ ଭାଇ ସଦୃଶ ନିଜ ହାତରେ ତାଙ୍କ ଘର ଘାସରେ ଛପର କରିଥିଲେ । ଭଗବାନ୍ ତ୍ରେତୟା ଯୁଗରେ ଯେପରି ନରହରିଦାସ, ପ୍ରହ୍ଲାଦଙ୍କ ପ୍ରତିଜ୍ଞା ରଖି ଖମ୍ଭରୁ ବାହାର ହୋଇଥିଲେ, ସେହିପରି ନାମଦେବଙ୍କ ସକାଶେ ମୃତ ବ୍ରାହ୍ମଣ ତଥା ପ୍ରେତ ମଧ୍ୟରେ ପ୍ରକଟ ହୋଇ ନାମଦେବଜିଙ୍କୁ ପରମ ଆନନ୍ଦ ଦେଇଥିଲେ ।

ନାମଦେବଜିଙ୍କ ଜୀବନଚରିତ ମରାଠୀ ତଥା ଅନ୍ୟାନ୍ୟ ଭାଷାରେ ବହୁତ ବିସ୍ତୃତଭାବେ ଲିପିବଦ୍ଧ ଅଛି । ନାଭାଜି ତାଙ୍କ ''ଭକ୍ତମାଳ'' ଗ୍ରନ୍ଥରେ ବହୁତ ସଂକ୍ଷେପରେ ନାମଦେବଜିଙ୍କ ଜୀବନର କେତେକ ଘଟଣା କବିତାରେ ବର୍ଣ୍ଣନ କରିଛନ୍ତି । ପ୍ରିୟାଦାସଜି ସେହି କବିତାର ଟୀକା କରିବା ସମୟରେ ଅନ୍ୟାନ୍ୟ ଭାଷାରେ ଲିଖିତ ନାମଦେବଜିଙ୍କ ଜୀବନଚରିତ ମିଳାଇ ତା'ର ସତ୍ୟାସତ୍ୟ ନିର୍ଣ୍ଣୟ କରି ସେଥିରେ ଆଉ କେତେକ ଘଟଣା ସମ୍ମିଳିତ କରିଛନ୍ତି । ପ୍ରିୟାଦାସଜି ନାଭାଜିଙ୍କ ''ଭକ୍ତମାଳା''ର ଟୀକା କରିବା ସମୟରେ ନାମଦେବଙ୍କ ଶରୀର ତ୍ୟାଗ ବେଶୀ ଦିନ ହୋଇ ନ ଥିଲା । ପ୍ରିୟାଦାସଜି ସଙ୍ଗ ଥିଲେ । ସେ ସ୍ୱୟଂ ଭ୍ରମଣ କରି ଭକ୍ତମାନଙ୍କ ରହିବା ସ୍ଥାନକୁ ଯାଇ ସେମାନଙ୍କ ଜୀବନର ଘଟଣା ଜାଣି ଟୀକା ଲେଖିଥିଲେ । ଅତଏବ ପ୍ରିୟାଦାସଜୀଙ୍କ ଟୀକା ବିଶେଷ ପ୍ରାମାଣିକ । ତଥାପି ଏହି ଲେଖାରେ ଶ୍ରୀ ନାଭାଜିଙ୍କ ଲିଖିତ ନାମଦେବଜିଙ୍କ ଜୀବନର ଘଟଣାବଳି ନିଆ ହୋଇଛି । ପାଠକମାନେ ଶ୍ରୀ ନାଭାଜିଙ୍କ କବିତାରୁ ବୁଝିପାରିବେ । ଅନ୍ୟ କେତେକ ଘଟଣା ପ୍ରିୟାଦାସଜିଙ୍କ ଟୀକା ତଥା ଅନ୍ୟାନ୍ୟ ଭାଷାରେ ଲେଖା ହୋଇଥିବା ନାମଦେବଙ୍କ ଜୀବନଚରିତରୁ ନିଆ ହୋଇଛି । ଆଶାକରେ ପାଠକମାନେ ଏଥିରୁ ବିଶେଷ ଉପକୃତ ହେବେ ।

ବୋଲ ଭକ୍ତ ଓ ଭଗବାନଙ୍କୁ ଜୟ ।

ଭକ୍ତ ପ୍ରତାପ ରାୟ

ଭଗବାନଙ୍କ ସଂସାର ଯେପରି ବିଚିତ୍ର, ମନୁଷ୍ୟମାନଙ୍କ ସ୍ୱଭାବ ଯେପରି ବିଭିନ୍ନ, ସେହିପରି ଭକ୍ତଙ୍କର ଭାବ । ଯେତେ ଭକ୍ତ ସେତେ ଭାବ । ଦୁଇଟି ଭକ୍ତଙ୍କର ଭାବ ଏକ ସଦୃଶ ହୁଏ ନାହିଁ । କେହି କେହି ଭକ୍ତ ଭଗବାନଙ୍କୁ ଭକ୍ତି କରନ୍ତି, ତାଙ୍କଠାରୁ ସାଂସାରିକ ବସ୍ତୁ, ଧନ, ପୁତ୍ର ଚାହାନ୍ତି । କେହି କେହି ଏସବୁ ନ ଚାହିଁ ଭଗବତ୍ ମାର୍ଗରେ ବାଧାରୂପେ ଛିଡ଼ାହୋଇଥିବା ପ୍ରତିକୂଳ ଅବସ୍ଥାରୁ ମୁକ୍ତି ଚାହାନ୍ତି । କେହି ଏସବୁ ନ ଚାହିଁ କେବଳ ଭଗବାନଙ୍କ ଦର୍ଶନ ଚାହାନ୍ତି । ଏହି ସମସ୍ତ ଭକ୍ତ, ଭଗବାନଙ୍କୁ ବିଶ୍ୱାସ ନ କରିବା ବ୍ୟକ୍ତି ବା ଭଗବାନଙ୍କୁ ଭକ୍ତି ନ କରିବା ବ୍ୟକ୍ତିଙ୍କଠାରୁ ଅତ୍ୟନ୍ତ ଉତ୍ତମ । କାରଣ ଭଗବାନ୍ ଆପ୍ତକାମ । ମନୁଷ୍ୟ କାମନାର କୀଟ । ପ୍ରଥମରେ ବ୍ୟକ୍ତି ଭଗବାନଙ୍କ ସମ୍ମୁଖୀନ ହେବା ସମୟରେ ତା'ର କାମନାବାସନା ପୂର୍ଣ୍ଣ ଥାଏ । ସେହି ସକାଶେ ସେ ଭଗବାନଙ୍କଠାରୁ ସାଂସାରିକ ବସ୍ତୁ ମାଗେ । ଭଗବାନଙ୍କ ସଂସ୍ପର୍ଶ ପାଇବା ଦ୍ୱାରା କ୍ରମଶଃ ତା' ମନ-ପ୍ରାଣ ଶୁଦ୍ଧ ହୁଏ, କାମନା କ୍ଷୀଣ ହୁଏ । ତେବେ ସେ ସାଂସାରିକ ବସ୍ତୁ ଚାହେଁ ନାହିଁ, କେବଳ ଭଗବତ୍ ପ୍ରାପ୍ତି ମାର୍ଗରେ ବାଧା ଦୂର କରିବାକୁ ଚାହେଁ; ଆଉ କିଛି ମାର୍ଗ ଅଗ୍ରସର ହେବାପରେ ବାଧା ଅଧିକ ପରିମାଣରେ ଦୂର ହୋଇଗଲେ ଭଗବାନଙ୍କ ପ୍ରତି ଅଧିକ ବିଶ୍ୱାସ ଓ ନିର୍ଭରତା ଉତ୍ପନ୍ନ ହୁଏ । ତା' ସତ୍ତାସବୁ ଭଗବାନଙ୍କ ଦର୍ଶନ ସକାଶେ ବ୍ୟାକୁଳ ହୋଇପଡ଼ନ୍ତି । ସେ ଭଗବାନଙ୍କ ଦର୍ଶନ ଚାହେଁ । ଏହାପରେ ଆସେ ଭଗବାନଙ୍କ ଉପରେ ପୂର୍ଣ୍ଣ ନିର୍ଭରତାର ଅବସ୍ଥା, ବ୍ୟକ୍ତି ସବୁ ସମୟରେ ଭଗବାନଙ୍କ ଉପସ୍ଥିତି ଅନୁଭବ କରେ । ଭଗବାନ୍ ତା' ନିଜର ବୋଲି ଦୃଢ଼ ବିଶ୍ୱାସ ଉତ୍ପନ୍ନ ହୁଏ । ସେତେବେଳେ ବ୍ୟକ୍ତି ଭଗବାନଙ୍କ ଦର୍ଶନ ବା ମୋକ୍ଷ ଚାହେଁ ନାହିଁ । ତାକୁ ଭଗବତ୍ ଦର୍ଶନ ଏବଂ ମୁକ୍ତି, ଏହି ଉଭୟ ଅବସ୍ଥା ପ୍ରାପ୍ତ ହୋଇଥାଏ । ତା' ସକାଶେ ନିନ୍ଦା-ପ୍ରଶଂସା, ମାନ-ଅପମାନ, ସୁଖ-ଦୁଃଖ ସବୁ ସମାନ; ସମସ୍ତ ଘଟଣାରେ ସେ ଭଗବାନଙ୍କ ବିଧାନ ଦେଖେ । ଭଗବାନଙ୍କ ସହିତ ତା' ଚେତନା ଏକ ହୋଇଯାଇଥାଏ; ତା' ଦୃଷ୍ଟିରେ ଭଗବାନଙ୍କଠାରୁ ଭିନ୍ନ କୌଣସି ବସ୍ତୁ ନ ଥାଏ । ତା'ର ଅନିଷ୍ଟକାରୀ ବ୍ୟକ୍ତି ମଧ୍ୟରେ ସେ ଭଗବାନଙ୍କୁ ଦେଖେ; ମହାନ୍ ପ୍ରତିକୂଳ ଅବସ୍ଥାରେ ବି ସେ ବିଚଳିତ ହୁଏ ନାହିଁ । କିନ୍ତୁ ଏହି ଅବସ୍ଥାରେ ସିଧା ସିଧା ବ୍ୟକ୍ତି ପହଞ୍ଚି ପାରେ ନାହିଁ । ପ୍ରତି ଅବସ୍ଥାରେ ପରୀକ୍ଷା ଦେବାକୁ ହୁଏ, ତେବେ ସେ ଶେଷ ଲକ୍ଷ୍ୟରେ ପହଞ୍ଚେ । ଏହି ଅବସ୍ଥା ସାଧାରଣ ବ୍ୟକ୍ତିର କଳ୍ପନାରେ ଆସେ ନାହିଁ । ଏପରି ଜଣେ ଭକ୍ତଙ୍କ ଚରିତ ଆଜି ଆମ୍ଭେମାନେ ଅଧ୍ୟୟନ କରିବା ।

ଭକ୍ତ ପ୍ରତାପ ରାୟ ଜାତିରେ କ୍ଷତ୍ରିୟ ଥିଲେ । ତାଙ୍କ ପୂର୍ବଜ ବହୁ ବର୍ଷ ପୂର୍ବରୁ ହିନ୍ଦୀ ଭାଷାଭାଷୀ ପ୍ରାନ୍ତରୁ ଆସି ପଶ୍ଚିମ ବଙ୍ଗଳା ହରସୋଲା ନାମକ ଗ୍ରାମରେ ବାସ କରିଥିଲେ । ବହୁ ବର୍ଷରୁ ବଙ୍ଗଳାରେ ରହିବା ଯୋଗୁଁ ତାଙ୍କ ପଢ଼ିବା ଲେଖିବା ବୋଲଚାଲ ପ୍ରାନ୍ତ ଅନୁରୂପ ହୋଇଥିଲା । କିନ୍ତୁ ତାଙ୍କ ପରମ୍ପରାକ୍ରମେ ବୈଷ୍ଣବ ଧର୍ମ ଚାଲିଆସୁଥିବାରୁ ଭୋଜନରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା । ତାଙ୍କ ପିତାଙ୍କ ନାମ ଥିଲା ଭାନୁ ରାୟ । ମାତାଙ୍କ ନାମ କୁସୁମୀ । ମାତାପିତା ଦୁଇଜଣ ଭଗବତ୍ ଭକ୍ତ ଏବଂ ଧାର୍ମିକପ୍ରକୃତିର ବ୍ୟକ୍ତି ଥିଲେ । ଭାନୁ ରାୟଙ୍କର ଜମିବାଡ଼ି, ଗୋରୁଗାଈ, ଧନସମ୍ପତ୍ତି ପ୍ରଚୁର ଥିଲା । ମହାଜନୀ କାରବାର ମଧ୍ୟ ଚାଲୁଥିଲା । ଅଳ୍ପ ସୁଧରେ ଟଙ୍କାପଇସା ଓ ଧାନଚାଉଳ କରଜ ଦେଉଥିଲେ । କିନ୍ତୁ ଭଗବାନଙ୍କ ଭଜନରେ ମସ୍ତ ରହୁଥିଲେ । ଲୋକଙ୍କ ପାଖରେ ତାଙ୍କ ଆଚରଣର ସମ୍ମାନ ଥିଲା । ତାଙ୍କ ସତ୍ୟ ଓ ନ୍ୟାୟପରାୟଣତା ଯୋଗୁଁ ସେ ଅତ୍ୟନ୍ତ ଲୋକପ୍ରିୟ ଥିଲେ । ପ୍ରତାପ ରାୟ ଥିଲେ ତାଙ୍କର ଏକମାତ୍ର ପୁତ୍ର ଏବଂ ଲକ୍ଷ୍ମୀ ଓ ମାଧବୀ ନାମ୍ନୀ ତାଙ୍କର ଦୁଇ କନ୍ୟା ଥିଲେ ।

ସନ୍ତାନର ସଂସ୍କାର ଏବଂ ସ୍ୱଭାବ ନିର୍ମିତ ହୁଏ ମାତା ଗର୍ଭରୁ । ମା'ର ବିଚାର, ଆଚରଣ, ଭୋଜନ ତଥା ବ୍ୟବହାର ସନ୍ତାନର ରକ୍ତ ସଙ୍ଗେ ମିଶିଯାଏ । ସେହି ସକାଶେ ପୂର୍ବେ ମା'ମାନେ ଗର୍ଭାଧାନ ସମୟରୁ ଧାର୍ମିକ, ଆଧ୍ୟାତ୍ମିକ ଶାସ୍ତ୍ର ଓ ପୁରାଣ, ଭକ୍ତ, ବୀର ଯୋଦ୍ଧାଙ୍କ ଚରିତ ପଢ଼ନ୍ତି; ଦେବମନ୍ଦିର, ସଚ୍ଛମହାତ୍ମା ଓ ମହାପୁରୁଷଙ୍କୁ ମଧ୍ୟ ଦର୍ଶନ କରନ୍ତି । ନିୟମିତରୂପେ ସତ୍ୟ ଆଚରଣ, ସତ୍ୟ ଭାଷଣ ଓ ନିୟମିତ ଆହାର କରନ୍ତି । ଇନ୍ଦ୍ରିୟସଂଯମପୂର୍ବକ ତପସ୍ୱିନୀ

ଜୀବନ ବ୍ୟତୀତ କରନ୍ତି । ଏହିପରି ସୁମାତାଠାରୁ ଉତ୍ପନ୍ନ ହୁଅନ୍ତି ସୁସନ୍ତାନ । ପ୍ରତାପ ରାୟଙ୍କର ମାତା ଥିଲେ ଏହିପରି ସୁମାତା । ଏହିପରି ସୁମାତାଙ୍କ ଗର୍ଭରେ ଉନ୍ନତ ଆତ୍ମା ଜନ୍ମଗ୍ରହଣ କରନ୍ତି । ପ୍ରତାପ ରାୟଙ୍କୁ ମାତା ଗର୍ଭରୁ ଯେପରି ଉତ୍ତମ ସଂସ୍କାର ପ୍ରାପ୍ତ ଥିଲା, ସେହିପରି ଥିଲା ତାଙ୍କ ଗୃହର ପବିତ୍ର ବାତାବରଣ । ସେ ଭୂମିଷ୍ଠ ହେବା ଦିନରୁ ସେହି ଗର୍ଭସ୍ଥ ଉତ୍ତମ ସଂସ୍କାର ବୃଦ୍ଧି ହେବାକୁ ଲାଗିଲା । ତାଙ୍କ ପିତାମାତା ଥିଲେ ଶ୍ରୀକୃଷ୍ଣଙ୍କ ଭକ୍ତ । ଘରେ ଗୋପାଳଜିଙ୍କ ପ୍ରତିମା ରଖି ପୂଜା କରନ୍ତି । ସ୍ତୁତି ପଢ଼ି ନମସ୍କାର କରନ୍ତି । ଘରେ ଭାଗବତ ବୋଲାହୁଏ, ଭଗବତ୍ ନାମକୀର୍ତ୍ତନ ହେଉଥାଏ । ସମୟ ସମୟରେ ସାଧୁମହାତ୍ମାମାନେ ଘରକୁ ଆସି ଭଗବତ୍ ଚର୍ଚ୍ଚା କରନ୍ତି । ଏହିସବୁ ଉତ୍ତମ କର୍ମ ଦ୍ୱାରା ଘରର ବାତାବରଣ ଶୁଦ୍ଧ ଥାଏ । ଏହିପରି ଶୁଦ୍ଧ ବାତାବରଣ ତଥା ପିତାମାତାଙ୍କ ଉତ୍ତମ ଆଚରଣ ପ୍ରଭାବରେ ପ୍ରତାପ ରାୟ ଲାଳିତପାଳିତ ହେଲେ । ପ୍ରତିକୂଳ ପ୍ରଭାବ ତାଙ୍କୁ ସ୍ପର୍ଶ କରିପାରିଲା ନାହିଁ । ସେ କଥା କହିବା ଆରମ୍ଭ କରିବା ସମୟରୁ ପିତାମାତାଙ୍କ ପ୍ରଭାବରେ ଭଗବତ୍ ସ୍ମରଣ, କୀର୍ତ୍ତନ କରୁଥିଲେ ଏବଂ ଭଗବାନଙ୍କର ବହୁ ସ୍ତୁତି ମୁଖସ୍ଥ କରି ଗୋପାଳଜିଙ୍କ ସମ୍ମୁଖରେ ଗାନ କରୁଥିଲେ । ତାଙ୍କର ଭଗବାନଙ୍କ ପ୍ରତି ସ୍ୱତଃସ୍ଫୂର୍ତ୍ତଭାବେ ପ୍ରେମଭକ୍ତି ଉତ୍ପନ୍ନ ହେଉଥିଲା । ବାଲ୍ୟ ଅବସ୍ଥାରେ ସନ୍ତାନ ପିତାମାତାଙ୍କର ଯେଉଁ ସଂସ୍କାର ଗ୍ରହଣ କରେ, ଯେଉଁ ଶିକ୍ଷା ପାଏ, ତାହା ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ବିକଶିତ ହେଉଥାଏ ।

ଭାନୁ ରାୟଙ୍କର ପ୍ରତାପ ରାୟ ଏକମାତ୍ର ପୁତ୍ର ଥିବାରୁ ପିତାମାତା ତାଙ୍କୁ ସ୍ନେହ କରୁଥିଲେ; କିନ୍ତୁ ସେ ସ୍ନେହ ଦ୍ୱାରା ତାଙ୍କ ଜୀବନରେ ପ୍ରତିକୂଳ ଅଭ୍ୟାସ ହେଉ ନ ଥିଲା । ସେ ପିତାମାତାଙ୍କ ପାଖରେ ଜିଦ୍ କରୁ ନ ଥିଲେ । ତାଙ୍କର ଉଭଣୀମାନଙ୍କ ପ୍ରତି ଈର୍ଷାଭାବ ନ ଥିଲା; ସ୍ନାନ, ଭୋଜନ, ନିଜର ଲୁଗା ଧୋଇବା, ବିଛଣା କରିବା ଇତ୍ୟାଦି ନିଜ ହାତରେ କରିନେଉଥିଲେ । ଘରେ ପର୍ଯ୍ୟାପ୍ତ ସମ୍ପତ୍ତି ଥିବାସତ୍ତ୍ୱେ ତାଙ୍କର ବିଳାସବ୍ୟସନ ନ ଥିଲା । ଅଳିଅଳରେ ବା ବ୍ୟର୍ଥରେ ପଇସା ଖର୍ଚ୍ଚ କରୁ ନ ଥିଲେ । ନିଜ କାମ ସକାଶେ ଅନ୍ୟ ଉପରେ ନିର୍ଭର ନ ରଖି ସ୍ୱୟଂ କରିନେଉଥିଲେ । ବାଲ୍ୟାବସ୍ଥାରୁ ଯେଉଁମାନଙ୍କର ଆତ୍ମନିର୍ଭରଶୀଳ ଅଭ୍ୟାସ ଥାଏ ସେମାନେ କୌଣସି ଅବସ୍ଥାରେ ଦୁଃଖ ଅନୁଭବ କରନ୍ତି ନାହିଁ । ଯେଉଁ ପିତାମାତାମାନେ ପୁତ୍ରସ୍ନେହରେ ଏହି ଅଭ୍ୟାସରୁ ସନ୍ତାନକୁ ବଞ୍ଚିତ ରଖନ୍ତି ସେମାନେ ଅଜ୍ଞାତରେ ସନ୍ତାନର ଅହିତ କରନ୍ତି । ତୁଳସୀ ଦୁଇପତ୍ରରୁ ବାସିବା ନ୍ୟାୟରେ ପ୍ରତାପ ରାୟଙ୍କର ସ୍ୱଭାବରେ ବାଲ୍ୟାବସ୍ଥାରୁ ସଦ୍‌ଗୁଣ ପ୍ରତିଷ୍ଠିତ ହୋଇଥିଲା । ତାଙ୍କ ବ୍ୟବହାର ଥିଲା ମନୋମୁଗ୍ଧକର । ଯାହା ସହିତ ସେ ଥରେ କଥାବାର୍ତ୍ତା କରୁଥିଲେ ସେ ତାଙ୍କୁ ଭୁଲୁ ନ ଥିଲେ । ପ୍ରତାପ ରାୟଙ୍କର ବଡ଼ ଭଉଣୀର ନାମ ଲକ୍ଷ୍ମୀ, ଛୋଟ ଭଉଣୀର ନାମ ମାଧବୀ ଥିଲା । ସେସମୟରେ ବାଲ୍ୟ ଅବସ୍ଥାରେ ବିବାହ ହେଉଥିଲା । ଲକ୍ଷ୍ମୀର ବିବାହ ଆଗେ ହୋଇଯାଇଥିଲା । ପ୍ରତାପ ରାୟଙ୍କ ବିବାହ ହେଲା ତେର ବର୍ଷ ବୟସରେ । ମାଧବୀର ବିବାହ ହେଲା ଏଗାର ବର୍ଷ ବୟସରେ । ସାଧାରଣତଃ ତେର ବର୍ଷ ବୟସରେ ପିଲାମାନଙ୍କର ବିଷୟ ଜ୍ଞାନ ହୁଏ ନାହିଁ; ପ୍ରତାପ ରାୟ ବାଲ୍ୟାବସ୍ଥାରୁ ଭଗବତ୍ ଭକ୍ତ ଥିବାରୁ ତାଙ୍କର ବିବାହ ସମ୍ବନ୍ଧରେ କୌଣସି ଧାରଣା ନ ଥିଲା । ସେ ସକାଶେ ସେ ବିବାହ ବିରୋଧରେ ପ୍ରତିବାଦ କରିବାର କୌଣସି ପ୍ରଶ୍ନ ଉଠିଲା ନାହିଁ । ତାଙ୍କୁ ତେର ବର୍ଷ ବୟସରେ ତାଙ୍କ ପିତାମାତା ଉତ୍ତମ କୁଳ, ସୁଲକ୍ଷଣା, ରୂପଗୁଣସମ୍ପନ୍ନା ମାଳତୀ ନାମ୍ନୀ କନ୍ୟା ସହିତ ବିବାହ କରିଦେଲେ । ପ୍ରତାପ ରାୟଙ୍କ ବିବାହର ଚାରି ପାଞ୍ଚ ଦିନ ପରେ ତାଙ୍କ ଛୋଟ ଭଉଣୀ ମାଧବୀର ଏଗାର ବର୍ଷ ବୟସରେ ମଧ୍ୟ ବିବାହ ସମ୍ପନ୍ନ ହେଲା । ସେସମୟର ପ୍ରଥା ଅନୁସାରେ ବିବାହ ପରେ ପ୍ରତାପ ରାୟଙ୍କ ପତ୍ନୀ ରହିଲେ ତାଙ୍କ ପିତା ଗୃହରେ । ପ୍ରତାପ ରାୟ ନିଜ ଗୃହରେ ରହି ବିଦ୍ୟାଧ୍ୟୟନ କଲେ । ସେତେବେଳେ ମୁସଲମାନ ଶାସନ ଥିଲା । ସ୍କୁଲ କଲେଜ କିଛି ନ ଥିଲା । ଜଣେ ପଣ୍ଡିତଙ୍କ ଦ୍ୱାରା ପ୍ରତାପ ରାୟଙ୍କ ବିଦ୍ୟାଧ୍ୟୟନ ସମାପ୍ତ ହେବାରୁ ସେ ପିତାଙ୍କ ମହାଜନି, ଜମିଦାରି ତଥା ଚାଷ ଆଦି ଅନ୍ୟାନ୍ୟ କାର୍ଯ୍ୟରେ ସହଯୋଗ କଲେ । ସମୟ ଅନୁସାରେ ବୋହୂ ବି ଘରକୁ ଆସିଲା । କିଛି ବର୍ଷ ପରେ ପ୍ରତାପ ରାୟଙ୍କର ଗୋଟିଏ ସୁସନ୍ତାନ ଉତ୍ପନ୍ନ ହେଲା । ତା' ନାମ ରଖାଗଲା ଦୀନବନ୍ଧୁ । ପ୍ରତାପ ରାୟଙ୍କ ୨୩ ବର୍ଷ ବୟସରେ ତାଙ୍କ ପିତା ଭାନୁ ରାୟ ଏହି ନଶ୍ୱର ଶରୀର ତ୍ୟାଗ କରି ପରଲୋକ ଗମନ କଲେ । ପିତୃବିୟୋଗ ସଙ୍ଗେ ସଙ୍ଗେ ଘରର ସମସ୍ତ ଦାୟିତ୍ୱ ତାଙ୍କ ଉପରେ ପଡ଼ିବାରୁ ସେ ବିଶେଷ ଦୁଃଖିତ

ହେବା ସ୍ୱାଭାବିକ ଥିଲା । କିନ୍ତୁ ତାଙ୍କ ହୃଦୟରେ ଭଗବତ୍ ଭକ୍ତି ଏବଂ ଜ୍ଞାନ ପ୍ରକାଶ ହୋଇ ଥିବାରୁ ସେ ସଂସାରର ଗତି ହୃଦୟଙ୍ଗମ କରି ପାରିଥିଲେ । ଏହାହିଁ ସଂସାରର ନିୟମ ତଥା ଭଗବାନଙ୍କ ବିଧାନ ଜାଣି ବିଚଳିତ ହେଲେ ନାହିଁ ।

ପିତା ଭଗବତ୍ ଭକ୍ତ ଥିଲେ; ସମସ୍ତ ବସ୍ତୁ ଭଗବାନଙ୍କର ଜାଣିଥିବାରୁ ତାଙ୍କର କୌଣସି ବସ୍ତୁରେ ଆସକ୍ତି ନ ଥିଲା, ଭଗବତ୍ ନାମ ସ୍ମରଣପୂର୍ବକ ସେ ଶରୀରତ୍ୟାଗ କଲେ । ଏପରି ଅବସ୍ଥାରେ ବ୍ୟକ୍ତି ଶରୀରତ୍ୟାଗ କରି ଦିବ୍ୟଧାମରେ ଭଗବତ୍ ସେବା ପ୍ରାପ୍ତ ହୁଏ । ସେହି ଦିବ୍ୟଧାମର ପରମାନନ୍ଦ ମନୁଷ୍ୟର କଳ୍ପନାର ଅତୀତ । ଏହା ପ୍ରତାପ ରାୟ ଜାଣିଥିଲେ । ଫେର୍ ପିତାଙ୍କ ସକାଶେ ଦୁଃଖ କରନ୍ତେ କାହିଁକି ? ଦୁଃଖ କରନ୍ତି ମୋହଗ୍ରସ୍ତ ଅଜ୍ଞାନ ପ୍ରାଣୀ । ସେ ପିତାଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ଅନ୍ନବସ୍ତ୍ର, ଧନ ଉଦାର ହୃଦୟରେ ଦାନ କଲେ । ପ୍ରତାପ ରାୟ ଥିଲେ ଭକ୍ତ । ଭଗବାନଙ୍କ କୃପାରୁ ସମ୍ପତ୍ତିରେ ତାଙ୍କର ମୋହ ନ ଥିଲା । ସେ ଘର, ପରିବାର, ସମସ୍ତ ସମ୍ପତ୍ତି ଭଗବାନଙ୍କର ଜାଣି ଭଗବତ୍ ସେବା ଭାବରେ କର୍ମ କରି ଭଗବାନଙ୍କୁ ସମର୍ପଣ କରନ୍ତି । ଭଗବାନ୍ ମାଲିକ, ସେ ସେବକଭାବେ କାର୍ଯ୍ୟ କରିବାରୁ କର୍ମରେ ମହାନ୍ ଆନନ୍ଦ ଅନୁଭବ କରନ୍ତି । କର୍ମ କରନ୍ତି ଶରୀରରେ, ମନ ଲାଗିଥାଏ ଭଗବାନଙ୍କ ଚରଣକମଳରେ ।

ମା'ର ବୃଦ୍ଧାବସ୍ଥା । ପ୍ରତାପ ରାୟ ଏବଂ ତାଙ୍କ ପତିବ୍ରତା ଧର୍ମପରାୟଣା ପତ୍ନୀ ମାଳତୀ ଉତ୍ସାହ ସହିତ ମା'ଙ୍କ ସେବା କରନ୍ତି । ପିତା ଭାନୁ ରାୟଙ୍କ ଶରୀରତ୍ୟାଗର କିଛି ବର୍ଷ ପରେ ମା' ସାମାନ୍ୟ ବେମାର ହେଲେ; ସେ ସମୟରେ ତାଙ୍କ ସେବାରେ ପୁତ୍ର ଏବଂ ପୁତ୍ରବଧୂ ଉଭୟ ଉପସ୍ଥିତ ଥାଇ ଭଗବତ୍ ନାମ ଶୁଣାଉଥିଲେ । ସେହି ସମୟରେ ସେ ନିଜେ ଭଗବତ୍ ନାମ ଉଚ୍ଚାରଣପୂର୍ବକ ନଶ୍ୱର ଶରୀର ତ୍ୟାଗ କଲେ । ପ୍ରତାପ ରାୟ ମା'ଙ୍କ ଅନ୍ତ୍ୟେଷ୍ଟି କ୍ରିୟା ବହୁତ ଉତ୍ସାହରେ କଲେ ଏବଂ ମୁକ୍ତ ହସ୍ତରେ ଦାନ ଦକ୍ଷିଣା ଦେଇ ବ୍ରାହ୍ମଣମାନଙ୍କୁ ସନ୍ତୁଷ୍ଟ କଲେ । ମା' ବୃଦ୍ଧା ଥିଲେ, ଘରର କାର୍ଯ୍ୟ କିଛି ବୁଝୁ ନ ଥିଲେ । ସମସ୍ତ କାର୍ଯ୍ୟ କରୁଥିଲେ ପ୍ରତାପ ରାୟ, କିନ୍ତୁ ମାନସିକ ଧାରଣା ଅନୁସାରେ ପିତାଙ୍କ ଅନ୍ତେ ସେ ଥିଲେ ମା'ଙ୍କ ଛତ୍ର ଛାୟାରେ । ମା' ଚାଲିଯିବାରୁ ପୂର୍ଣ୍ଣରୂପେ ସମସ୍ତ ଦାୟିତ୍ୱ ପଡ଼ିଲା ପ୍ରତାପ ରାୟଙ୍କ ଉପରେ । ପ୍ରତାପ ରାୟଙ୍କର ଆସିଲା ଗୋଟିକ ପରେ ଗୋଟିଏ ପରୀକ୍ଷାର ସମୟ । ବିପଦରେହିଁ ଭକ୍ତର ହୁଏ ଭଗବାନଙ୍କ ପ୍ରତି ବିଶ୍ୱାସ ଏବଂ ନିର୍ଭରତାର ପରୀକ୍ଷା । ସବୁ ଅନୁକୂଳ, ଯାହା ଦରକାର ତାହା ଭଗବାନଙ୍କଠାରୁ ଚାହିଁଲେ ମିଳିଯାଏ, ରୋଗ ଦୂର ହୁଏ, ମକଦ୍ଦମାରେ ଜୟ ହୁଏ, ଶତ୍ରୁ ପରାସ୍ତ ହୁଏ । ଏହାହିଁ ଭଗବାନଙ୍କ ମହିମା, ଏହାହିଁ ଭଗବତ୍ ଭକ୍ତିର ପ୍ରତାପ । ଏଥିରେ ବିଶ୍ୱାସ ହେବା ସ୍ୱାଭାବିକ । ଏପରି ଅବସ୍ଥାରେ ନାସ୍ତିକ ବି ବିଶ୍ୱାସ କରେ । କିନ୍ତୁ ଭକ୍ତିର ପରୀକ୍ଷା ହୁଏ ପ୍ରତିକୂଳ ଅବସ୍ଥାରେ । ଯେତେବେଳେ ବିପଦର ମେଘ ଗର୍ଜ୍ଜନ କରି ଚାରିଆଡୁ ଘୋଟିଆସେ, ମିତ୍ର ଶତ୍ରୁରେ ପରିଣତ ହୁଏ, ପ୍ରଶଂସା ସ୍ଥାନରେ ଆସେ ତୀବ୍ର ନିନ୍ଦା, ଆଦର ସ୍ଥାନରେ ଆସେ ଘୃଣା, ସମ୍ପତ୍ତି ସ୍ଥାନରେ ଆସେ ଦରିଦ୍ରତା, ସମସ୍ତ କାର୍ଯ୍ୟରେ ହୁଏ ବିଫଳତା, ସେତିକିବେଳେ ହୁଏ ଭକ୍ତର ପରୀକ୍ଷା । ସେହି ବିପଦ ସମୟରେ ଯଦି ଭକ୍ତ ଭଗବାନଙ୍କ ଉପରେ ଦୃଢ଼ ନିର୍ଭରଶୀଳ ହୋଇ ଅବିଚଳିତ ରହେ, ଭଗବାନଙ୍କ କରୁଣା ଅନୁଭବ କରେ ତେବେ ତା' ଭକ୍ତି-ସୁନା ଅଗ୍ନିରେ ପୋଡ଼ି ବଣିଆ ନିହାଇରେ ପିଟିବାରେ ତା'ର ଯଥାର୍ଥ ବର୍ଣ୍ଣ ଚମକିବା ସଦୃଶ ତା' ଭକ୍ତି-ଭାନୁ ଦେଦୀପ୍ୟମାନ ହୁଏ । ବିପଦ ସମୟରେ ବି ଭଗବାନ୍ ଭକ୍ତକୁ ଛାଡ଼ି ଯାଆନ୍ତି ନାହିଁ । ସେ ତା' ଅନ୍ତରାଳରେ ରହି ତା' ମସ୍ତକରେ ବରଦ ହସ୍ତ ରଖିଥାଆନ୍ତି । ବିଶ୍ୱାସୀ ଭକ୍ତ ତାହା ଦେଖିପାରେ, ଅନୁଭବ କରିପାରେ । ସେହି ବଳରେ ସେ ନିର୍ଭୀକ ରହେ । ବିପଦକୁ ପରବାୟ କରେ ନାହିଁ । କିନ୍ତୁ ଯେଉଁମାନେ ସ୍ୱାର୍ଥୀ ଭକ୍ତ, କେବଳ ଭଗବାନଙ୍କଠାରୁ ସ୍ୱାର୍ଥ ସିଦ୍ଧି କରିବା ଚାହାନ୍ତି, ସେହିମାନେ ବିପଦରେ ବିଚଳିତ ହୁଅନ୍ତି ଏବଂ ଭଗବାନଙ୍କ ପ୍ରତି ବିଶ୍ୱାସ ହରାନ୍ତି, ସେମାନେ ଭଗବାନଙ୍କ ଚରଣରେ ଯଥାର୍ଥରେ ନିଜକୁ ସମର୍ପଣ କରି ନ ଥା'ନ୍ତି ।

ପ୍ରତାପ ରାୟଙ୍କର ଜାଗତିକ ଦୃଷ୍ଟିରେ ସୁଖର ସମୟ ବ୍ୟତୀତ ହେଲା । ବିପଦ ପରେ ବିପଦର ଅଧ୍ୟାୟ ଆରମ୍ଭ ହେଲା । କିନ୍ତୁ ପ୍ରତାପ ରାୟ ତଥା ତାଙ୍କ ଧର୍ମପତ୍ନୀ ମାଳତୀ ମହାନ୍ ବିପଦରେହିଁ ଭଗବତ୍ ଦିବ୍ୟାନନ୍ଦ ଅନୁଭବ କରୁଥିଲେ । ପ୍ରତାପ ରାୟଙ୍କ ପିତା ଏବଂ ମାତା ଜଣକ ପରେ ଜଣେ ଏହି ସଂସାର ତ୍ୟାଗ କରି ଚାଲିଗଲେ । ତାଙ୍କର ଥିଲା ଏକମାତ୍ର ବାରବର୍ଷ ବୟସର ସନ୍ତାନ ଦୀନବନ୍ଧୁ । ତା'ର ରୂପ ଯେପରି ସୁନ୍ଦର, ଗୁଣ ସେହିପରି ମଧୁର । ତା' ସହିତ ସୁନାରେ

ସୁଗନ୍ଧ ସଦୃଶ ଥିଲା ଭଗବତ୍ ଭକ୍ତି । ଏପରି ରୂପଗୁଣସମ୍ପନ୍ନ ଏକମାତ୍ର ସନ୍ତାନ ପ୍ରତି ପିତାମାତାଙ୍କର ଅସାଧାରଣ ସ୍ନେହ ହେବା ସ୍ୱାଭାବିକ । ସଂସାରୀ ବ୍ୟକ୍ତିଙ୍କର ତ' ପୁତ୍ର ନିଜ ପ୍ରାଣରୁ ଅତ୍ୟଧିକ ପ୍ରିୟ ।

ପ୍ରତାପ ରାୟଙ୍କ ପୁତ୍ର ଦୀନବନ୍ଧୁକୁ ବାରବର୍ଷ ବୟସରେ ହଠାତ୍ ଦିନେ ଜ୍ୱର ହେଲା । ମା' ମାଳତୀ ବ୍ୟସ୍ତ ହୋଇ ପତିଦେବଙ୍କୁ କହିଲେ । ସଙ୍ଗେ ସଙ୍ଗେ ବୈଦ୍ୟ ଡକା ହେଲା, ଉପଚାର ଆରମ୍ଭ ହେଲା । କିନ୍ତୁ ଔଷଧର କିଛି ଫଳ ହେଲା ନାହିଁ, ଜ୍ୱର ବଢ଼ିବାକୁ ଲାଗିଲା । ଶେଷରେ ହେଲା ସନ୍ନିପାତ । ସେ ସମୟର ଭଲ ଭଲ ବୈଦ୍ୟ ଏବଂ ମୁସଲମାନ ହକିମ ଆସିଲେ, ବହୁ ପ୍ରକାର ଔଷଧ ଦେଲେ, ସବୁ ହେଲା ବ୍ୟର୍ଥ । କିନ୍ତୁ ଏକମାତ୍ର ପୁତ୍ର ମୃତ୍ୟୁମୁଖରେ ଥିବା ଅବସ୍ଥାରେ ପ୍ରତାପ ରାୟ ଏବଂ ତାଙ୍କ ସାଧ୍ୱୀ ପତ୍ନୀ ମାଳତୀ ତା' ଖଟ ଉପରେ ବସି ସେବା କରୁଥାଆନ୍ତି । ପୁତ୍ରର ମୃତ୍ୟୁର ସମସ୍ତ ଲକ୍ଷଣ ଦେଖି ସେମାନେ ଧୈର୍ଯ୍ୟଚ୍ୟୁତ ନ ହୋଇ, ପୁତ୍ରକୁ ସଚେତ କରି, ସଂସାର ଅସାର ଏବଂ ଏକମାତ୍ର ଭଗବାନ୍ ସାର ବୋଲି ବୁଝାଉଥାଆନ୍ତି ଏବଂ ଭଗବତ୍ ନାମ ସ୍ମରଣ କରିବାକୁ ପ୍ରେରଣା ଦେଉଥାନ୍ତି । ସ୍ୱୟଂ ମଧ୍ୟ ଭଗବତ୍ ନାମ ସ୍ମରଣ କରୁଥାଆନ୍ତି । ପୁତ୍ରର ଅନ୍ତିମ ସମୟରେ ନିଜ କୋଳରେ ବସାଇ ଭଗବତ୍ ନାମ ଉଚ୍ଚାରଣ କରୁ କରୁ ତା' ପ୍ରାଣପକ୍ଷୀ ଉଡ଼ିଗଲା । ଏହାହିଁ ଯଥାର୍ଥ ସେବା । ଏଥିରେହିଁ ମନୁଷ୍ୟ ଜନ୍ମମରଣ ମହାନ୍ ଦୁଃଖରୁ ନିବୃତ୍ତ ହୁଏ । ଜ୍ଞାନ-ସୂର୍ଯ୍ୟ ନିଜ ହୃଦୟାକାଶରେ ପ୍ରକାଶ ନ ହେଲେ ବ୍ୟକ୍ତି ନିଜ ସନ୍ତାନସନ୍ତତିଙ୍କର ମୃତ୍ୟୁ ବିୟୋଗରେ ଦାରୁଣ ଦୁଃଖ ଅନୁଭବ କରେ; ପରିବାରର ବ୍ୟାକୁଳତାର ପ୍ରତିକ୍ରିୟାସ୍ୱରୂପ ମୃତ ଆତ୍ମା ତା'ର ସୂକ୍ଷ୍ମ ଭୌତିକ ଶରୀର ନଷ୍ଟ ନ ହେବା ପର୍ଯ୍ୟନ୍ତ ବହୁତ କଷ୍ଟ ପାଏ । ପ୍ରତାପ ରାୟ ଏବଂ ତାଙ୍କ ଧର୍ମପତ୍ନୀ ଭଗବତ୍ ଭକ୍ତି ପ୍ରଭାବରେ ସଂସାରର ମୋହକୁ ଅତିକ୍ରମ କରି ପାରିଥିଲେ । ସେ ସଂସାରର ମୋହମାୟା, ପିତାପୁତ୍ରର ଅସ୍ଥାୟୀ ସମ୍ବନ୍ଧ ପଶ୍ଚାତ୍‌ରେ ଆତ୍ମାକୁ ଅନୁଭବ କରୁଥିଲେ । ସେହି ସକାଶେ ସେ ଗୋଟିଏ ମାତ୍ର ସଦ୍‌ଗୁଣବିଭୂଷିତ ପୁତ୍ରର ମୃତ୍ୟୁରେ ଅଧୈର୍ଯ୍ୟ ନ ହୋଇ ଅବିଚଳିତ ରହିଲେ । ସେ ସ୍ପଷ୍ଟଭାବେ ବୁଝି ପାରିଥିଲେ ଯେ ସଂସାର ଭଗବାନଙ୍କର, ଆତ୍ମା ଭଗବାନଙ୍କ ଅଂଶ ବା ପ୍ରତିଭୂ । ବିକାଶ ସକାଶେ ଜନ୍ମମରଣ ଅବଶ୍ୟମ୍ଭାବୀ । ଆତ୍ମା ଜନ୍ମ ନିଏ, ଭଗବତ୍ ବିଧାନ ଅନୁସାରେ ମାତାପିତା ହୁଅନ୍ତି, ମୃତ୍ୟୁ ପରେ ସେ ଅନ୍ୟତ୍ର ବିକାଶ ସକାଶେ ଚାଲିଯାଏ । ଏହା ଭଗବାନଙ୍କ ସୃଷ୍ଟିର ଲୀଳା । ନାଟକ ସଦୃଶ ସଂସାରକୁ ସତ୍ୟ ମାନି ଏହା ସକାଶେ ଶୋକ କରିବା କେବଳ ମୋହ ଏବଂ ଅଜ୍ଞାନତା । ବ୍ୟକ୍ତିକୁ ଜ୍ଞାନ ପ୍ରାପ୍ତ ହେଲେ ସେ ନିଜ ଉପରେ ଆସିବା ଦୁଃଖରେ ବିଚଳିତ ହୁଏ ନାହିଁ । ଏହି ପରୀକ୍ଷା ହେଲା ତାଙ୍କ ପୁତ୍ରର ମୃତ୍ୟୁରେ । ସେହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ପ୍ରତାପ ରାୟ । ଏହାର କିଛି ଦିନ ପରେ ଆସିଲା ଅନ୍ୟ ଗୋଟିଏ ଘଟଣା ।

ପ୍ରତାପ ରାୟଙ୍କ ଛୋଟ ଭଉଣୀ ମାଧବୀର ପତି ବଲ୍ଲଭ ରାୟ ବେମାର ହେଲେ । ବହୁତପ୍ରକାର ଚିକିତ୍ସାରେ ମଧ୍ୟ ଭଲ ହେଲେ ନାହିଁ । ରୋଗ ବୃଦ୍ଧି ହେଲା, ସେ ମୃତ୍ୟୁଶଯ୍ୟାରେ ପଡ଼ିଲେ । ଚିକିତ୍ସା ବ୍ୟର୍ଥ ହେବାରୁ ପ୍ରତାପ ରାୟଙ୍କ ବଡ଼ ଭଉଣୀ ଲକ୍ଷ୍ମୀ ବ୍ୟାକୁଳ ହୋଇ ପ୍ରତାପ ରାୟଙ୍କୁ କହିଲେ, ''ପ୍ରତାପ, ତୁ ମାଧବୀକୁ ବିପଦରୁ ରକ୍ଷା କରିବା ସକାଶେ ଭଗବାନଙ୍କୁ ପ୍ରାର୍ଥନା କର । ଭଗବାନ୍ ତୋ ପ୍ରାର୍ଥନା ଅବଶ୍ୟ ଶୁଣିବେ ଏବଂ ବଲ୍ଲଭ ରାୟଙ୍କୁ ମୃତ୍ୟୁମୁଖରୁ ନିଶ୍ଚୟ ଉଦ୍ଧାର କରିବେ ।''

ପ୍ରତାପ ରାୟ ଭଗବାନଙ୍କ ଚରଣରେ ନିଜକୁ ସମ୍ପୂର୍ଣ୍ଣରୂପେ ସମର୍ପଣ କରିଦେଇଥିଲେ । ତାଙ୍କର ଦୃଢ଼ ବିଶ୍ୱାସ ଥିଲା, ତାଙ୍କ ନିଜର ହିତ ତାଙ୍କଠାରୁ ଅନନ୍ତ ଗୁଣେ ଭଗବାନ୍ ଜାଣନ୍ତି ଏବଂ ତାହାର ବିଧାନ କରନ୍ତି । ସେହି ସକାଶେ ଲୋକଦୃଷ୍ଟିରେ ମହାନ୍ ବିପଦରେ ବି ସେ ଭଗବାନଙ୍କ କୃପା ଅନୁଭବ କରନ୍ତି । ଭଗବତ୍ ଭକ୍ତିର ପ୍ରାରମ୍ଭିକ ଅବସ୍ଥାରେ ବ୍ୟକ୍ତି ଏହି ରହସ୍ୟ ଠିକ୍ ଠିକ୍ ବୁଝିପାରେ ନାହିଁ, ଏବଂ ସେଥିରେ ଦୃଢ଼ ରହିପାରେ ନାହିଁ । ନିଜ ସୀମିତ ବୁଦ୍ଧିରେ ସେ ଯାହା ଉତ୍ତମ ବୋଲି ମନେକରେ ତା' ସକାଶେ ଭଗବାନଙ୍କ ପାଖରେ ପ୍ରାର୍ଥନା କରେ । ବହୁତ ସମୟରେ ହୁଏ ଭଗବାନଙ୍କ ବିଧାନର ବିପରୀତ । ସେଥିରେ ହୁଏ ନିଜ ସାଧନା ବ୍ୟାହତ ଏବଂ ମାର୍ଗ ହୁଏ ଜଟିଳ । ଏହି କାରଣରୁ ଭଗବାନଙ୍କଠାରୁ ଅନ୍ୟ କିଛି ନ ଚାହିଁ କେବଳ ସମର୍ପଣ କରିବାକୁ ଅଭୀପ୍ସା କରିବା ଉତ୍ତମ । ଯଦି ଚାହିଁବାକୁ ହୁଏ, କେବଳ ପ୍ରତିକୂଳ ଅବସ୍ଥାରେ ଧୈର୍ଯ୍ୟ, ସାହସ ରଖି ସମର୍ପଣ, ଅଭୀପ୍ସା କରିବାକୁ ଚାହିଁବା ଉଚିତ । ଚାହିଁବା ଦ୍ୱାରା

କିପରି ଭଗବାନଙ୍କ ବିଧାନ ବ୍ୟାହତ ହୁଏ, ବଲ୍ଲଭ ରାୟଙ୍କୁ ମୃତ୍ୟୁରୁ ରକ୍ଷା କରିବା ସକାଶେ ପ୍ରତାପ ରାୟଙ୍କ ପ୍ରାର୍ଥନାରୁ ତାହା ବୁଝିପାରିବା ।

ଭଗବାନଙ୍କଠାରୁ କିଛି ଚାହିଁବାରେ ଭୁଲ୍ ହୁଏ ବୋଲି ପ୍ରତାପ ରାୟ ଜାଣିଥିଲେ । କିନ୍ତୁ ବଡ଼ ଭଉଣୀ ଲକ୍ଷ୍ମୀର ଆଗ୍ରହ, ସାନ ଭଉଣୀ ମାଧବୀ ବ୍ୟାକୁଳ ହୋଇପଡ଼ିବା ଆଶଙ୍କାରେ ସେ ଭଗବାନଙ୍କୁ ପ୍ରାର୍ଥନା କରିବାକୁ ସ୍ୱୀକାର କଲେ । ଏଥିରେ ଲକ୍ଷ୍ମୀକୁ ସନ୍ତୋଷ ହେଲା । ସେ ବିଶ୍ୱାସ କଲା ପ୍ରତାପ ରାୟର ପ୍ରାର୍ଥନାରେ ଭଗବାନଙ୍କ କୃପାରୁ ବଲ୍ଲଭ ରାୟ ଆରୋଗ୍ୟ ହୋଇଯିବେ ।

ବଲ୍ଲଭ ରାୟଙ୍କ ମୃତ୍ୟୁଶଯ୍ୟାର ଗୋଟିଏ ପାଖରେ ପ୍ରତାପ ରାୟ, ଅନ୍ୟ ପାଖରେ ଲକ୍ଷ୍ମୀ ଏବଂ ମାଧବୀ ଦୁଇ ଭଉଣୀ ଥାଆନ୍ତି । ରାତ୍ରିର ତୃତୀୟ ପ୍ରହର । ପ୍ରତାପ ରାୟଙ୍କୁ କିଛି ପରିମାଣରେ ତନ୍ଦ୍ରା ଆସିଗଲା । କିନ୍ତୁ ପୂର୍ଣ୍ଣ ରୂପେ ସଚେତନ ଥିଲେ । ସେହି ତନ୍ଦ୍ରାବସ୍ଥାରେ ଦେଖିଲେ, ଘର ହଠାତ୍ ଜ୍ୟୋତିଃରେ ଜକଜକ ହୋଇଗଲା । ଦିବ୍ୟ ଶରୀରଧାରୀ ଚାରୀ ଭଗବତ୍ ପାର୍ଷଦ ସେହି ଜ୍ୟୋତିଃ ମଧ୍ୟରେ ପ୍ରକଟ ହେଲେ । ବଲ୍ଲଭଙ୍କର ଆତ୍ମାଙ୍କୁ କହିଲେ, ''ତୁମେ ବହୁତ ପୁଣ୍ୟବାନ୍ । ପୂର୍ବଜନ୍ମରେ ତୁମେ ଭଗବତ୍ ଦିବ୍ୟ ଧାମ ପ୍ରାପ୍ତ ହୋଇଥାଆନ୍ତ, କିନ୍ତୁ ମାଧବୀ ପ୍ରତି ତୁମର କିଛି ଅଂଶରେ ଆସକ୍ତି ବାକୀ ରହିଯାଇ ଥିବାରୁ ତୁମକୁ ଏହି ଜନ୍ମ ନେବାକୁ ପଡ଼ିଲା । ବର୍ତ୍ତମାନ ତାହା ପୂର୍ଣ୍ଣ ହୋଇଯାଇଛି । ତୁମେ ଭଗବତ୍ ଧାମର ଅଧିକାରୀ । ମାଧବୀର ମଧ୍ୟ ଆଉ ବାସନା ବାକୀ ନାହିଁ । ସେ ସତୀ ହୋଇ ତୁମ ଚିତାରେ ଦେହ ତ୍ୟାଗ କରି ତୁମ ସହିତ ପରମଧାମକୁ ପ୍ରାପ୍ତ ହେବ । କିନ୍ତୁ ଏହି କାର୍ଯ୍ୟରେ ପ୍ରତାପ ରାୟ ବାଧା ଦେଇପାରନ୍ତି । ସେ ତୁମ ଜୀବନରକ୍ଷା ସକାଶେ ପ୍ରାର୍ଥନା କରିବାକୁ ଚାହୁଁଛନ୍ତି । ସେ ଯଦି ପ୍ରାର୍ଥନା କରିବେ ତେବେ ତାଙ୍କର ପ୍ରାର୍ଥନା ଭଗବାନ୍ ଅବଶ୍ୟ ରକ୍ଷା କରିବେ । ଆମ୍ଭେମାନେ ଫେରିଯିବୁ ।'' ଏ କଥା ଶୁଣି ବଲ୍ଲଭଙ୍କ ଆତ୍ମା ଉତ୍ତର ଦେଲେ, ''ଭଗବାନ୍, ପ୍ରତାପ ରାୟ ଭଗବତ୍ ଭକ୍ତ । ସଂସାରୀ ମୋହମାୟା ପରେ ତାଙ୍କ ଚେତନା । ସେ ଭଗବାନଙ୍କ ବିଧାନରେହିଁ ସର୍ବଦା ଆନନ୍ଦିତ ହୁଅନ୍ତି ଏବଂ ଜାଣନ୍ତି ମନୁଷ୍ୟଜନ୍ମର ସାର୍ଥକତା ଭଗବତ୍ ପ୍ରାପ୍ତିରେ । ମୋର ଜନ୍ମଜନ୍ମାନ୍ତରର ଆଶା ପୂର୍ଣ୍ଣ ହେବାର ସୁଯୋଗ ଆସିଛି । ଏପରି ସୁଅବସରରେ ସେ କାହିଁକି ବାଧା ଦେବେ ? ଭଗବନ୍, ଆଉ ବିଳମ୍ବ କର ନାହିଁ; ମୋତେ ଶୀଘ୍ର ନେଇଚାଲ । ଅନନ୍ତ କାଳରୁ ବିୟୋଗ ହୋଇଥିବା ପ୍ରଭୁଙ୍କ ସାମୀପ୍ୟ ପ୍ରାପ୍ତ ହୋଇ ମୁଁ କୃତକୃତ୍ୟ ହେବି ।'' ଏହି ସମୟରେ ପ୍ରତାପ ରାୟଙ୍କ ନେତ୍ର ଖୋଲିଗଲା । ତାଙ୍କ ମନ, ପ୍ରାଣ, ଶରୀରାଦି ସମସ୍ତ ସତ୍ତାରେ ଗୋଟିଏ ଆନନ୍ଦସ୍ରୋତ ପ୍ରବାହିତ ହେଉଥିବାର ସେ ଅନୁଭବ କଲେ । ତାଙ୍କ ଦୃଷ୍ଟି ପଡ଼ିଲା ବଲ୍ଲଭଙ୍କ ଚେହେରା ଉପରେ । ସେ ଅଚେତନ ଅବସ୍ଥାରେ ଥିଲେ । ତାଙ୍କ ଶରୀରରେ ଜ୍ୟୋତିଃ ଜକଜକ ହେଉଥିଲା । ପ୍ରତାପ ରାୟଙ୍କ ସମସ୍ତ ସତ୍ତା ଆନନ୍ଦରେ ପୂର୍ଣ୍ଣ ଥିବାରୁ ତାଙ୍କ ମୁଖରୁ ଗୋଟିଏ ହେଲେ ଶବ୍ଦ ବାହାରୁ ନ ଥିଲା । ସେହି ସମୟରେ ମାଧବୀ ଆନନ୍ଦରେ ବିଭୋର ହୋଇ ପ୍ରତାପ ରାୟଙ୍କୁ ସମ୍ବୋଧନ କରି କହିଲେ, ''ଭାଇ, ମୁଁ ବର୍ତ୍ତମାନ ଗୋଟିଏ ବିଚିତ୍ର ସ୍ୱପ୍ନ ଦେଖିଲି । ଭଗବାନଙ୍କ ପାର୍ଷଦ ପତିଦେବଙ୍କୁ ନେବା ସକାଶେ ଗୋଟିଏ ଦିବ୍ୟ ରଥ ଆଣି ଆସିଥିଲେ । ମୋତେ ସେହି ରଥରେ ବସାଇ ଦିବ୍ୟ ବୈକୁଣ୍ଠଧାମ ଦର୍ଶନ କରାଇଲେ । କହିଲେ, ''ତୋତେ ଏବଂ ତୋ ପତିଦେବଙ୍କୁ ଏହି ଧାମକୁ ନେଇଆସିବାକୁ ଆସିଛୁ, କିନ୍ତୁ ତୋ ଭାଇ ପ୍ରତାପ ରାୟ ଏଥିରେ ବାଧା ଦେବାକୁ ଚାହୁଁଛି ।'' ଏତିକି କହି ମାଧବୀ ପୁନରାୟ ସଂଜ୍ଞାହୀନ ହୋଇଗଲେ ଏବଂ କିଛି ସମୟ ପରେ ସଚେତ ହୋଇ ପ୍ରତାପ ରାୟଙ୍କୁ କହିଲେ, ''ଭାଇ, ଆମ୍ଭେମାନେ ମରୁ ନାହୁଁ । ଋଷି, ମୁନି ଜନ୍ମଜନ୍ମାନ୍ତର ତପସ୍ୟା କରି ଯେଉଁ ଧାମକୁ ପ୍ରାପ୍ତ ହୁଅନ୍ତି ସେଠାକୁ ଆମ୍ଭେମାନେ ଯାଉଅଛୁ । ଆମ୍ଭମାନଙ୍କ ଏହି ପରମ ସୌଭାଗ୍ୟ ସୁଖରେ ତୁମେ କାହିଁକି ବାଧା ଦେବ ?'' ଏହା କହିବା ପରେ ସମସ୍ତ ସ୍ୱପ୍ନର ଘଟଣା ପ୍ରତାପ ରାୟଙ୍କୁ ଶୁଣାଇ ଦେଲେ । ପ୍ରତାପ ରାୟ ଯେଉଁ ସ୍ୱପ୍ନ ବା ସୂକ୍ଷ୍ମ ଦୃଶ୍ୟ ଦେଖିଥିଲେ ମାଧବୀ ଠିକ୍ ତାହାହିଁ କହିଲେ । ଏଥିରେ ପ୍ରତାପ ରାୟଙ୍କ ସ୍ୱପ୍ନ ଅଧିକରୁ ଅଧିକ ସତ୍ୟ ପ୍ରତୀତ ହେଲା । ଏହିପରି ଦୃଶ୍ୟ ବା ସ୍ୱପ୍ନ ଯେଉଁମାନଙ୍କୁ ହୁଏ ତାହାର ସତ୍ୟତାରେ ସ୍ୱପ୍ନଦ୍ରଷ୍ଟାର ତିଳେ ହେଲେ ସନ୍ଦେହ ନ ଥାଏ । କିନ୍ତୁ ଯେଉଁମାନଙ୍କୁ ଏହି ଅନୁଭୂତି ପ୍ରାପ୍ତ ନ ଥାଏ ସେମାନେ ନିଜର ସନ୍ଦେହାତ୍ମକ ମନରେ କଳ୍ପନା ବା ଧାରଣା ବୋଲି କହିପାରନ୍ତି । ପ୍ରତାପ ରାୟ

ମନେ ମନେ କହିଲେ, ''ମୁଁ ଭଗବାନଙ୍କ ବିଧାନର ବିରୋଧ ବଲ୍ଲଭକୁ ଜୀବିତ ରଖିବା ସକାଶେ ଭଗବାନଙ୍କୁ ପ୍ରାର୍ଥନା କରି କେତେ ବଡ଼ ଭୁଲ୍ କରିବାକୁ ଯାଉଥିଲି । ଭଗବାନ୍ ସର୍ବଶକ୍ତିମାନ୍, ସର୍ବନିୟନ୍ତା ଏବଂ ଦୟାକରୁଣାଦି ଦିବ୍ୟଗୁଣର ଆଧାର । ସେ ସର୍ବଦା ଆମ୍ଭମାନଙ୍କ ଉତ୍ତମରୁ ଉତ୍ତମ ମଙ୍ଗଳ କରନ୍ତି । କିନ୍ତୁ ଆମ୍ଭେମାନେ ଅଜ୍ଞାନ, ମୋହମାୟାର ବଶବର୍ତ୍ତୀ ହୋଇ ଭବିଷ୍ୟତ୍ ଜ୍ଞାନ ଅଭାବରୁ କ୍ଷୁଦ୍ର ବୁଦ୍ଧି ସୀମାରେ ନିଜର ଯେଉଁ ମଙ୍ଗଳ ଚାହୁଁ ତାହା ଯଥାର୍ଥରେ ଅମଙ୍ଗଳ । ନିଜ କଲ୍ୟାଣ ସକାଶେ ଭଗବାନଙ୍କଠାରୁ କିଛି ଚାହିଁବାର ଅର୍ଥ ନିଜକୁ ଠକିବା । କେବେ କେବେ ଆମ୍ଭେମାନେ ଭଗବାନଙ୍କଠାରୁ ଅଜ୍ଞାନତାବଶତଃ ନିଜ କଲ୍ୟାଣର ବିପରୀତ ବସ୍ତୁ ମାଗିନେଉ । କିନ୍ତୁ ଭଗବାନ୍ କରୁଣାସିନ୍ଧୁ ଏବଂ ଦୀନବନ୍ଧୁ । ଆମ୍ଭମାନଙ୍କ ମୂର୍ଖତାପୂର୍ଣ୍ଣ କର୍ତ୍ତବ୍ୟକୁ ଦୃଷ୍ଟି ନ ଦେଇ ଆମ୍ଭମାନଙ୍କ ଭୁଲ୍ ବୁଝାଇଦିଅନ୍ତି ତଥା ଆମ୍ଭମାନଙ୍କର ଅକଲ୍ୟାଣ ବସ୍ତୁ ଦିଅନ୍ତି ନାହିଁ । ସବୁଠାରୁ ଭଲ ହୁଏ ଭଗବାନଙ୍କଠାରୁ କିଛି ନ ଚାହିଁ କେବଳ ତାଙ୍କ ଚରଣରେ ନିଜକୁ ନିବେଦନ କରିଦେବା ।'' ମାଧବୀର ସ୍ୱପ୍ନ ଘଟଣା ବଡ଼ ଭଉଣୀ ଲକ୍ଷ୍ମୀ ଶୁଣି ତାକୁ ବି ସନ୍ତୋଷ ହେଲା । ଏହି ସମୟରେ ବଲ୍ଲଭଙ୍କ ଆଖି ଖୋଲିଗଲା । ତାଙ୍କ ଚେହେରାରେ ଗୋଟିଏ ଜ୍ୟୋତିଃ ଜକଜକ ହେଲା । ଭଗବତ୍ ନାମ ଉଚ୍ଚାରଣ କରୁ କରୁ ତାଙ୍କ ବ୍ରହ୍ମାଣ୍ଡ ଫାଟିଗଲା ଏବଂ ପ୍ରାଣପକ୍ଷୀ ଉଡ଼ିଗଲା । ପତିର ଚିତାରେ ମାଧବୀ ସତୀ ହୋଇ ଶରୀର ତ୍ୟାଗ କଲେ । ଏହି ଘଟଣାରେ ପ୍ରତାପ ରାୟଙ୍କ ଭଗବତ୍ ବିଶ୍ୱାସ ଦୃଢ଼ରୁ ଦୃଢ଼ତର ହେଲା ।

ମନୁଷ୍ୟ ଯେଉଁ ଆସକ୍ତିବଶତଃ ନାନାପ୍ରକାର ଅସତ୍ୟ, ଅନ୍ୟାୟ କାର୍ଯ୍ୟ କରେ, ପ୍ରତାପ ରାୟଙ୍କର ସେହି ସମସ୍ତ ଆସକ୍ତି ଭଗବତ୍ ଚରଣରେ ସମର୍ପିତ ହୋଇସାରିଥିଲା । ସେ ଭଗବତ୍ ସେବା ଭାବରେ ଗୃହର ସମସ୍ତ କାର୍ଯ୍ୟ କରୁଥିଲେ । ତାଙ୍କର ପରମ୍ପରାରୁ ମହାଜନୀ କାମ ଚାଲିଆସିଥିଲା । ସେ ଲୋକଙ୍କ ସୁବିଧା ସକାଶେ ଅତି ଅଳ୍ପ ସୁଧରେ ଟଙ୍କା, ଧାନ, ଚାଉଳ ଆଦି କରଜ ଦେଉଥିଲେ । ସେ ରଖିଥିଲେ ଗୋଟାଏ ଲୁହାର ବଡ଼ ସିନ୍ଦୁକ । ଯେଉଁମାନେ କରଜ ନେଉଥିଲେ ସେମାନେ ସୁନାରୁପା ଆଣି ସେହି ସିନ୍ଦୁକରେ ନିଜ ନାମ ସହ କେତେ ଟଙ୍କା ନେଲେ ତାହା ଲେଖି ବନ୍ଧକ ଦ୍ରବ୍ୟ ରଖି ଦେଉଥିଲେ, ସୁବିଧା ଅନୁସାରେ ଟଙ୍କା ଫେରସ୍ତ ଦେଇ ନିଜ ବସ୍ତୁ ନେଇ ଯାଉଥିଲେ । ପ୍ରତାପ ରାୟ କେବଳ ତାଙ୍କ ଖାତାରେ ନାମ ଏବଂ ଟଙ୍କା ଲେଖି ନେଉଥିଲେ । ଯେଉଁ ଗରିବ ବ୍ୟକ୍ତି ସୁଧ ଦେଇ ପାରୁ ନ ଥିଲା ତାକୁ ମାଫ୍ କରିଦେଉଥିଲେ । ତାଙ୍କର ଏହି ସତ୍ୟ, ଦୟା ବ୍ୟବହାର ତଥା ଭଗବତ୍ ଭକ୍ତିର ପ୍ରଭାବରେ ସମସ୍ତ ବ୍ୟକ୍ତି ହୃଦୟରେ ଆଦରସମ୍ମାନ କରିବାକୁ ଲାଗିଲେ । ତାଙ୍କ ଯଶଃ କ୍ରମଶଃ ବିସ୍ତାର ହେବାକୁ ଲାଗିଲା ।

ସଂସାରରେ କେତେକ ଲୋକ ଥାଆନ୍ତି, ଅନ୍ୟର ସଦ୍‌ଗୁଣ ତଥା ଯଶଃରେ ସେମାନଙ୍କ ଗାତ୍ରଦାହ ହୁଏ ସେମାନେ ସଜ୍ଜନ, ସଚ୍ଛସ୍ୱଭାବ ବ୍ୟକ୍ତିଙ୍କ ଅନିଷ୍ଟ ଚିନ୍ତାରେ ସୁଖନିଦ୍ରା ପାଇ ପାରନ୍ତି ନାହିଁ । ଏହି ସ୍ୱଭାବର କେତେକ ବ୍ୟକ୍ତି ପ୍ରତାପ ରାୟଙ୍କ ଯଶଃ ବରଦାସ୍ତ କରିପାରିଲେ ନାହିଁ । ତାଙ୍କ ଯଶଃରେ କଳଙ୍କ ଲଗାଇବାର ଉପାୟ ଖୋଜିବାକୁ ଲାଗିଲେ । ପ୍ରତାପ ରାୟଙ୍କ ସରଳତା, ନିଷ୍କପଟତା ଓ ନିର୍ବୈରତାରୁ ଲାଭ ଉଠାଇବା ସକାଶେ କେତେକ ଦୁଷ୍ଟସ୍ୱଭାବର ଧୂର୍ତ୍ତ ଲୋକ ପରାମର୍ଶ କରି, ଗୋଟିଏ ଗୋଟିଏ ଅତ୍ୟନ୍ତ ସୁନ୍ଦର ଥଳିରେ ବାଲିଗରଡ଼ା ଏବଂ ପଥର ରଖି ଜଣ ଜଣ ହୋଇ ପ୍ରତାପ ରାୟଙ୍କ ପାଖକୁ ଆସିଲେ । ପ୍ରତାପ ରାୟଙ୍କୁ କହିଲେ, ''ଆମ୍ଭର ଟଙ୍କା ବହୁତ ଦରକାର, ଏହି ସୁନାରୁପାର ଗହଣାଥଳିଟି ରଖି ଏତେ ଟଙ୍କା ଦିଅ, କିଛି ମାସ ପରେ ମୂଳ ସହିତ ସୁଧ ଦେଇ ଆମ ଗହଣା ଆମେ ନେଇନେବୁ ।'' ଏହିପରି ଭିନ୍ନ ଭିନ୍ନ ରୂପେ ସମସ୍ତେ କହିଲେ । ପ୍ରତାପ ରାୟ ସେଥିରେ ସମ୍ମତ ହେଲେ ଏବଂ ଟଙ୍କା ଗଣିଦେଲେ । ସେମାନଙ୍କ ନାମ ଲେଖି ସେମାନଙ୍କୁ କହିଲେ, ''ତୁମ ଥଳି ନିଜ ନିଜ ହାତରେ ରଖ, ଟଙ୍କା ଦେଇ ଉଠାଇ ନେବ ।'' ସେମାନେ ତାହାହିଁ କଲେ । ସେମାନଙ୍କ ଷଡ଼ଯନ୍ତ୍ର ଅନୁସାରେ ସେ ସମୟରେ ସେ ସ୍ଥାନକୁ ନିଜ ଦଳର ବ୍ୟକ୍ତି ଛଡ଼ା ନ ଜାଣିଥିବା ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ବି ଡାକି ଆଣିଥିଲେ । ପ୍ରତାପ ରାୟଙ୍କର ଧନରେ ଲୋଭ ନ ଥିଲା, ସେ ଭଗବାନଙ୍କ ସେବାରୂପେ କାମ କରୁଥିଲେ । ଏହିପରି କାରବାର ତାଙ୍କର ବହୁ ଦିନରୁ ଚାଲି ଆସୁଥିଲା । ତାଙ୍କ ସତ୍ୟତାରେ ଲୋକଙ୍କର ଅତ୍ୟନ୍ତ ବିଶ୍ୱାସ ଥିଲା । ଦେବାନେବାରେ ମଧ୍ୟ କୌଣସି ଅସୁବିଧା ହେଉ ନ ଥିଲା । ଏହି ନୀଚସ୍ୱଭାବ ବ୍ୟକ୍ତିଙ୍କ କପଟତା ସମ୍ବନ୍ଧରେ ତାଙ୍କର କୌଣସି ଧାରଣା ହେଲା ନାହିଁ । ସେ କେବେ ବି ସେମାନଙ୍କ ଥଳି ଖୋଲି ଦେଖି ନ ଥିଲେ, ତାହା ଯେପରି

ଥିଲା ସେପରି ରଖା ହୋଇଥିଲା । ଏକ ନିର୍ଦିଷ୍ଟ ଦିନରେ ଟଙ୍କା ଆଣି ସେମାନେ ପହଞ୍ଚିଲେ । ସୁଧ ସହିତ ମୂଳଧନ ପ୍ରତାପ ରାୟଙ୍କୁ ଦେଇ ନିଜ ନିଜ ଥଳି ନେଇ ସମସ୍ତଙ୍କ ସାମନାରେ ଖୋଲିଲେ । ଥଳିରୁ ବାହାରିଲା ଖଣ୍ଡପଥର ଓ ବାଲିଗରଡ଼ା ତଥା ଲୁହା ଓ ପିତଳର ଅଳଙ୍କାର । ସେ ସମୟରେ ପିତଳ ଓ କଂସାର ଅଳଙ୍କାର ବ୍ୟବହାର ହେଉଥିଲା । ଏହା ସମସ୍ତଙ୍କ ସାମନାରେ ଦେଖାଇ ପ୍ରତାପ ରାୟଙ୍କୁ ଚୋର, ଠକ, ଧୂର୍ତ୍ତ କହି ବହୁତ ତିରସ୍କାର କରି ପୋଲିସକୁ ଡାକିଆଣିଲେ । ଥଳି ରଖିବା ସମୟରେ ବହୁତ ବ୍ୟକ୍ତି ସାକ୍ଷୀ ଥିଲେ, ଖୋଲିବା ସମୟରେ ବି ବହୁତ ଲୋକ ଦେଖିଲେ । ସେତେବେଳେ ଥିଲା ମୁସଲମାନ ଶାସନ । ଧୂର୍ତ୍ତମାନେ ମୁସଲମାନ କାଜିଙ୍କୁ କହିଲେ, ''ପ୍ରତାପ ରାୟ ଖୁବ୍ ଚାଲାକ, ଏହିପରି ଠକବୃତ୍ତି କରି ବହୁତ ସମ୍ପତ୍ତି ଏକତ୍ର କରିଛି । ସେ ଆମ୍ଭମାନଙ୍କର ସୁନାରୁପା ଯାହା ଆତ୍ମସାତ୍ କରିଛି, ତାହା ଆମ୍ଭେମାନେ ପାଇଲେ ତୁମ୍ଭଙ୍କୁ ଅଧେ ଦେଇଦେବୁ ।'' ଏହିପରି ମିଥ୍ୟା କହି କାଜିଙ୍କୁ ପ୍ରଲୋଭନ ଦେଇ ପ୍ରତାପ ରାୟଙ୍କ ଉପରେ ମିଥ୍ୟାରେ ଅତ୍ୟଧିକ ସୁନାରୁପା ଦାବି କଲେ । କୋର୍ଟରେ ନାଲିସ୍ କଲେ, ''ଆମ୍ଭେମାନେ ଏତେ ଏତେ ଟଙ୍କାର ସୁନା ଓ ରୁପାର ଗହଣା ରଖି ଟଙ୍କା ଆଣିଥିଲୁ, ଟଙ୍କା ଶୁଝିବା ପରେ ଧୂର୍ତ୍ତ ପ୍ରତାପ ରାୟ ଆମ୍ଭମାନଙ୍କ ଅଳଙ୍କାର ଆତ୍ମସାତ୍ କରି ଆମ୍ଭମାନଙ୍କ ଥଳିରେ ପଥର ଭର୍ତ୍ତି କରି ରଖିଛି । ଆମ୍ଭେମାନେ ଅଳଙ୍କାର ଥଳି ରଖିବା ସମୟରେ ବହୁତ ଲୋକ ସାକ୍ଷୀ ଅଛନ୍ତି ଏବଂ ଆମ୍ଭେମାନେ ଟଙ୍କା ପରିଶୋଧ କରି ଥଳି ନେଇ ଖୋଲିବା ସମୟରେ ଥଳିରୁ ବାଲିଗରଡ଼ା ଏବଂ ପଥର ବାହାରିବାର ମଧ୍ୟ ବହୁତ ଲୋକ ଦେଖିଛନ୍ତି ।'' ଏହା କହି ଦୁଷ୍ଟ ଲୋକମାନେ କୋର୍ଟରେ ଥଳିସବୁ ଖୋଲି ପଥର ଦେଖାଇ ଦେଲେ । ଜଜ୍ଙ୍କ ପ୍ରଶ୍ନରେ ପ୍ରତାପ ରାୟ କହିଲେ, ''ଏମାନେ ଥଳି ଆଣି ନିଜ ହାତରେ ସିନ୍ଦୁକରେ ଯେଉଁ ଯେଉଁ ସ୍ଥାନରେ ରଖିଥିଲେ ସେହି ସ୍ଥାନରୁ ସେମାନେ ଉଠାଇ ନେଇଛନ୍ତି, ମୁଁ ଥଳି ଖୋଲି ନାହିଁ କି ଦେଖି ନାହିଁ । ମୁଁ ସମସ୍ତ ବ୍ୟକ୍ତିଙ୍କ ସହିତ ଏହିପରି କରେ ।'' ଜଜ୍ ପଚାରିଲେ, ''ସିନ୍ଦୁକ ଚାବି କାହା ପାଖରେ ଥାଏ, ତୁମ ପାଖରେ ନା ଖାତକଙ୍କ ପାଖରେ ?'' ପ୍ରତାପ ରାୟ ଉତ୍ତର ଦେଲେ, ''ମୋ ପାଖରେ ।''

ଦୁଷ୍ଟ ଲୋକମାନେ କହିଲେ, ''ନିରୀହ, ସରଳ, ଗରିବ ଲୋକଙ୍କୁ ପ୍ରତାପ ରାୟ ଏହିପରି ବରାବର ଠକାଏ । ସେମାନଙ୍କ ସୁନାରୁପା ସେମାନଙ୍କ ଦ୍ୱାରା ରଖାଇନିଏ, ପରେ ସେଥିରୁ ବାହାର କରି କେତେକ ରଖି କହିଦିଏ, 'ମୁଁ ତୁମ ଥଳି ଖୋଲି ନାହିଁ, ତୁମେ ଯାହା ରଖିଥିଲ ତାହାହିଁ ଅଛି ।' ସେମାନେ ମୁହଁ କାନ ଆଉଁସି ରହନ୍ତି ।'' ସେହି ସମୟରେ ଆଉ କେତେକ ଧୂର୍ତ୍ତ ଲୋକ କହିଲେ, ''ଆମ୍ଭମାନଙ୍କ ସହିତ ଏହିପରି କରିଛି ।'' ସେମାନଙ୍କ କହିବା ଅନୁସାରେ ସେମାନଙ୍କ ସୁନାରୁପା ହିସାବ ହେଲା । ଅନ୍ୟଠାରୁ ମିଥ୍ୟା କହି ବିନା ପରିଶ୍ରମରେ ଠକିନେବାର ଲୋକ ତ ଅଭାବ ନ ଥା'ନ୍ତି, ବହୁତ ଲୋକ ବାହାରିଲେ; ପ୍ରତାପ ରାୟଙ୍କ ସମ୍ପତ୍ତିଠାରୁ ଲୋକଙ୍କ ଦାବି ଅଧିକ ହୋଇ ପଡ଼ିଲା । ପ୍ରତାପ ରାୟଙ୍କ ସମସ୍ତ ସମ୍ପତ୍ତି ଜବତ୍ କରାଗଲା ଏବଂ ତାଙ୍କୁ କାରାଦଣ୍ଡର ରାୟ ଶୁଣାଇ ଦିଆହେଲା ।

ଜନତା ମତ 'ଭେଡ଼ିଆ ଧଷାଣ' । ଗୋଟିଏ ମେଣ୍ଢା କୂଅରେ ପଡ଼ିଲେ ଅନ୍ୟ ସମସ୍ତ ମେଣ୍ଢା ବିଚାର ନ କରି ତାକୁହିଁ ଅନୁସରଣ କରନ୍ତି । ଜନତା ସେହିପରି । ସେମାନଙ୍କର ସତ୍ୟ, ଅସତ୍ୟ, ସାଧୁ, ଅସାଧୁ ବିଚାର କରିବାର ଶକ୍ତି ନ ଥାଏ । ଆଜି ଯାହାକୁ କେତେକ ବୁଦ୍ଧିବାଦୀ ବ୍ୟକ୍ତି କହନ୍ତି ସାଧୁ, ଜନତା ତାଙ୍କରି ଗୁଣ ଗାନ କରେ, କାଲି ସେହିମାନେ ସେହି ବ୍ୟକ୍ତିକୁ ଚୋର କହିଲେ, ଜନତା କିଛି ବିଚାର ନ କରି ସେହିମାନଙ୍କ ସ୍ୱରରେ ସ୍ୱର ମିଳାଏ । ପ୍ରତାପ ରାୟଙ୍କ ପ୍ରତି ହେଲା ଠିକ୍ ସେହିପରି ।

ଏକ ଦିନ ପୂର୍ବେ ଜନତା ହୃଦୟରେ ପ୍ରତାପ ରାୟ ଥିଲେ ସଜ୍ଜନ, ସତ୍ୟବାଦୀ ମହାନ୍ ସନ୍ଥ । ଆଜି ଯେଉଁଠି ଦେଖ ସେଇଠି ପ୍ରତାପ ରାୟଙ୍କ ନିନ୍ଦା, ତାଙ୍କରି ଆଲୋଚନା । କେହି କହୁଥାଏ, ''କଳିର ଶେଷ ସମୟ, ନ ହେଲେ ଏପରି ଠକ, ଧୂର୍ତ୍ତ, କପଟୀ ବକ ଭକ୍ତକୁ ପୃଥିବୀ ଧାରଣ କରନ୍ତା କିପରି ?'' ଅନ୍ୟ କହେ, ''ପ୍ରତାପ ରାୟ ପକ୍କା ଚୋର, ଲୋକଙ୍କୁ ଠକିବା ସକାଶେ ମସ୍ତକରେ ଚିତା କାଟି, ଗଳାରେ ମାଳା ପିନ୍ଧି ମୁଖରେ ହରିନାମ କହିବା ସମୟରେ କିଏ ତାକୁ ଠକ ବୋଲି କହିପାରିବ ?'' ରାସ୍ତାରେ ସ୍ଥାନେ ସ୍ଥାନେ ପୁରୁଷ, ସ୍ତ୍ରୀ, ବାଳକ, ବୃଦ୍ଧ ଛିଡ଼ାହୋଇ ଆଶ୍ଚର୍ଯ୍ୟ ତଥା ଘୃଣାଦୃଷ୍ଟିରେ ପ୍ରତାପ ରାୟଙ୍କ ମୁଖକୁ କଟମଟ କରି ଚାହିଁଥାଆନ୍ତି । କେହି କେହି ତାଙ୍କ ମୁହଁରେ କହିଦେଉ ଥାଆନ୍ତି, ''ଦେଖନା, ଏ ପକ୍କା ଚୋର, ଅସତ୍ୟର ଭାଣ୍ଡ ଫୁଟି ସାରିଲାଣି, ଜେଲ୍ ଭୋଗିବାକୁ ଯାଉଛି, କିନ୍ତୁ ଜେଲ୍କୁ ଭ୍ରୁକ୍ଷେପ ନାହିଁ କିଂବା

ଟିକିଏ ହେଲେ ଚେହେରାରେ ଉଦାସୀନତା ନାହିଁ । ମୁଖରେ ପୁଣି ହରି ହରି । ଏହି ଧୂର୍ତ୍ତ ବ୍ୟକ୍ତିମାନେ ସାଧୁସଜ୍ଜନଙ୍କୁ ବଦନାମ କଲେ । ମୁଖରେ ନାମ, ଅଣ୍ଟାରେ ଛୁରୀ ।'' ଯାହା ମନରେ ଯାହା ଆସେ ତାହା ଉଦ୍‌ଗାର କରୁଥାଆନ୍ତି । ଲୋକଙ୍କୁ ନିନ୍ଦା କରିବା ସାଧାରଣତଃ ଅଧିକାଂଶ ବ୍ୟକ୍ତିଙ୍କର ସ୍ୱଭାବ । କାହାରି କାହାରି ପରନିନ୍ଦା ସକାଶେ ହଜାର ଜିହ୍ୱା ବାହାରି ଆସେ ।

ପ୍ରତାପ ରାୟଙ୍କ ଚେତନା ମାନସ ସ୍ତରର ବହୁ ଊର୍ଦ୍ଧ୍ୱରେ ଥିଲା । ବ୍ୟକ୍ତି ଯେଉଁ ଅପଯଶଃ ଅପମାନ ସହି ନ ପାରି ନିଜ ନିର୍ଦୋଷୀ ସ୍ତ୍ରୀ, କନ୍ୟାକୁ ନିର୍ବାସିତ କରି ସେହି ଗ୍ଲାନିରେ ମୃତ୍ୟୁ ବରଣ କରନ୍ତି ଅଥବା ମହାନ୍ ପାପକୁ ଭୁକ୍ଷେପ ନ କରି ଆତ୍ମହତ୍ୟା କରନ୍ତି ସେହି ଅପମାନ ପ୍ରତାପ ରାୟଙ୍କୁ ସ୍ପର୍ଶ କରି ପାରୁ ନାହିଁ । ତାଙ୍କ ଚେତନା ରମଣ କରୁଛି ଭଗବାନଙ୍କ ଅଲୌକିକ ସୌନ୍ଦର୍ଯ୍ୟ-ମାଧୁର୍ଯ୍ୟ-ଲାବଣ୍ୟଯୁକ୍ତ ଚରଣକମଳରେ । ତାଙ୍କ ମନ ନିନ୍ଦା ଅପଯଶଃରୁ ଅସ୍ପୃଷ୍ଟ ରହୁଛି ଜଳରେ କମଳପତ୍ର ଥିବା ସଦୃଶ । ତାଙ୍କ ହାତରେ ହାତକଡ଼ି ପଡ଼ିଛି, ଅଣ୍ଟାରେ ଦଉଡ଼ି ବନ୍ଧା ହୋଇଅଛି, ମଝି ସଡ଼କରେ ପୋଲିସ ଚୋରକୁ ନେଇଯିବା ସଦୃଶ ନେଇ ଯାଉଅଛନ୍ତି । ସଡ଼କର ଦୁଇ କଡ଼ରେ ଲୋକଙ୍କ ଭିଡ଼ ଲାଗିଛି, ଦୁଷ୍ଟ ଲୋକମାନେ ତାଙ୍କୁ ଯେତେ ଧିକ୍‌କାରି ପାରିବେ ଧିକ୍‌କାରୁଛନ୍ତି । କିନ୍ତୁ ତାଙ୍କୁ କିଛି ସ୍ପର୍ଶ କରୁ ନାହିଁ । ସେ ଭଗବତ୍ ଆନନ୍ଦରେ ନିମଗ୍ନ ରହିଛନ୍ତି । ଏହି ଅବସ୍ଥାର ନାମ ସମତା । ଅନୁଭବୀ ଛଡ଼ା ଏହି ଅବସ୍ଥା ଅନ୍ୟ କେହି ଜାଣିପାରନ୍ତି ନାହିଁ, ନିଜେ ବାସ କରିଥିବା ଅବସ୍ଥାନୁସାରେ ଅନ୍ୟକୁ ବିଚାର କରନ୍ତି । ପ୍ରତାପ ରାୟଙ୍କ ଦେବଦୁର୍ଲଭ ଅବସ୍ଥା ଅଜ୍ଞାନ ଜନତା ପାଖରେ ଛଳନା । ପ୍ରତାପ ରାୟ ରହିଲେ କାରାଗାରରେ ।

କୋର୍ଟରୁ ପ୍ରତାପ ରାୟ କାରାଗୃହକୁ ଯିବା ସମୟରେ ସେ ତାଙ୍କ ସ୍ତ୍ରୀଙ୍କୁ କହିଲେ, ''କଠିନରୁ କଠିନ ପରିସ୍ଥିତିରେ ଭଗବତ୍ କୃପା ଉପରେ ନିର୍ଭର ରହି ଭଗବତ୍ ସ୍ମରଣ କରିବୁ । କୌଣସି ପରିସ୍ଥିତିରେ ଭଗବାନଙ୍କ ପ୍ରତି ଅବିଶ୍ୱାସ କରିବୁ ନାହିଁ । ଭାଇ ଗୃହରେ ରହି ଭଗବତ୍ ସ୍ମରଣ କରିବୁ ।'' ପତିଙ୍କର ଏତିକି ଉପଦେଶ ଶୁଣିବା ସମୟରେ ତାଙ୍କ ଆଖିରୁ ଝର ଝର ହୋଇ ଅଶ୍ରୁ ଝରିପଡ଼ିଲା, ପଣତରେ ଆଖି ପୋଛି ଭଗବାନଙ୍କ ନାମ ସ୍ମରଣ କରି ଘରକୁ ଆସିଲେ । କିଛି ସମୟ ପରେ ପୋଲିସ ଆସି ପ୍ରତାପ ରାୟଙ୍କ ସ୍ତ୍ରୀଙ୍କୁ ଘରୁ ବାହାର କରି ଘରେ ତାଲା ବନ୍ଦ କରିଦେଲେ । ପ୍ରତାପ ରାୟଙ୍କ ସ୍ତ୍ରୀ ଆସିବା ସମୟରେ ଠାକୁରଙ୍କ ମୂର୍ତ୍ତି ଏବଂ ଠାକୁରଙ୍କର ଯେତେ ଅଳଙ୍କାର ଥିଲା ସମସ୍ତ ଲୁଗାପେଟରାରେ ରଖି ନେଇଆସିଲେ । ଏହା ଦେଖିଥିଲେ ବିପକ୍ଷ ଲୋକ ମଧ୍ୟରୁ କେହି ଜଣେ । ସେ ସଙ୍ଗେ ସଙ୍ଗେ ପୋଲିସଙ୍କୁ ଜଣାଇଦେଲେ । ପୋଲିସ ପେଟରା ଖୋଲି ଠାକୁରଙ୍କର ଅଳଙ୍କାରକୁ ନେଇଗଲେ ଏବଂ ଜବତ ହୋଇଥିବା ସମ୍ପତ୍ତି ଚୋରି କରି ନେଇଯିବା ଅଭିଯୋଗ କରି ତାଙ୍କୁ ବି ଜେଲ୍ ପଠାଇଦେଲେ । ଜେଲ୍‌ର କର୍ତ୍ତୃପକ୍ଷ ଥିଲେ ଭଲ ଲୋକ, ପ୍ରତାପ ରାୟଙ୍କ ସ୍ତ୍ରୀଙ୍କୁ ପ୍ରତାପ ରାୟଙ୍କ ପାଖରେ ରହିବାକୁ ଦେଲେ ।

ପ୍ରତାପ ରାୟ ବାଲ୍ୟାବସ୍ଥାରୁ ଭଗବତ୍ ଭକ୍ତି କରିଆସୁଥିଲେ । ସମସ୍ତ ଜୀବନ ଥିଲା ତାଙ୍କର ସତ୍ୟ ଏବଂ ନ୍ୟାୟର ଭିତ୍ତିରେ ପ୍ରତିଷ୍ଠିତ । ତାଙ୍କ ଉପରେ ଗୋଟିଏ ପରେ ଗୋଟିଏ ହୋଇ ବହୁ ଭୟଙ୍କର ବିପଦ ଆସିଲା, ଯାହାକି ଚୋର, ଡକାୟତ ଜୀବନରେ ଘଟେ ନାହିଁ । ଶେଷରେ ଜେଲ୍, ତା'ପରେ ନିଜ ଠାକୁର ଅଳଙ୍କାର ନେଇଆସିବାରେ ହେଲା ଚୋରର ଅପରାଧ ! ସାଧାରଣ ବ୍ୟକ୍ତି ଏହିସବୁ ଘଟଣାରେ ଭଗବତ୍ ଭକ୍ତି ଛାଡ଼ିଦେଇ କହିଥା'ନ୍ତେ, ''ଭଗବାନ୍ ବୋଲି କିଛି ନାହିଁ । ଗଜ, ଧ୍ରୁବ, ପ୍ରହ୍ଲାଦ, ଦ୍ରୌପଦୀ କଥାସବୁ କବିକଳ୍ପନା । ମୁନି, ଋଷି, ସାଧୁ, ସଜ୍ଜ, ଭକ୍ତ ସବୁ ଠକ । ଭଗବାନ୍ ଯଦି ଥାଆନ୍ତେ ତାଙ୍କ ନିଜ ଆଶ୍ରିତକୁ ରକ୍ଷା କରନ୍ତେ ନାହିଁ ? ଯଦି ରକ୍ଷା ନ କରିପାରନ୍ତି ତେବେ ତାଙ୍କୁ ଭକ୍ତି କରିବା ଆବଶ୍ୟକ କ'ଣ ?'' କିନ୍ତୁ ପ୍ରତାପ ରାୟ ଅନନ୍ୟ ଭକ୍ତ । ସେ ନିଜକୁ ଭଗବାନଙ୍କ ଚରଣରେ ନିବେଦନ କରିସାରିଥିଲେ । ଭଗବାନ୍ ତାଙ୍କ ରକ୍ଷକ, ଭଗବାନଙ୍କ ଇଚ୍ଛା ବିରୋଧରେ କିଛି ଘଟେ ନାହିଁ ବୋଲି ସେ ଅନୁଭବ କରିସାରିଥିଲେ । ସେ ସକାଶେ କୌଣସି ପରିସ୍ଥିତିରେ ବିଚଳିତ ନ ହୋଇ ଜେଲ୍‌ରେ ପ୍ରାର୍ଥନା କଲେ, ''ପ୍ରଭୁ, ତୁମେ କରୁଣାମୟ । ଆମ୍ଭେମାନେ ପତିତ ଜୀବ, ମୋହବଶତଃ ଧନ ପରିବାର ସମ୍ବନ୍ଧରେ ଆସକ୍ତ ହୋଇ ତୁମକୁ ଭୁଲିଯାଉ, ସେଥିରୁ ତୁମେ ଦୟାକରି ଉଦ୍ଧାର କର । ତା'ପରେ ଆସେ ଧର୍ମ, ପରୋପକାର, ଲୋକସେବାର ମୋହ ତଥା ଲୋକପ୍ରଶଂସା ଓ ସମ୍ମାନର ଅମୃତରୂପ ବିଷ । ଏହି ଛଦ୍ମରୂପଧାରୀ ବିଷର ଯଥାର୍ଥ ସ୍ୱରୂପ ବ୍ୟକ୍ତି ବୁଝି ନ ପାରି ଏହାକୁ

ଆଗ୍ରହରେ ପାନ କରେ ଏବଂ ତୁମ ଅଭୟ ଚରଣରୁ ଦୂରରେ ରହେ । ତୁମେ ଯାହା ଉପରେ ଦୟାକର ଏହିସବୁ ଆସକ୍ତି ଦୂର କରିଦିଅ । ପ୍ରଭୁ, ଆଜିପର୍ଯ୍ୟନ୍ତ ଯେଉଁ ଧର୍ମଭାବର ବନ୍ଧନକୁ ମୁଁ ଚିହ୍ନିପାରି ନ ଥିଲି, ତ୍ୟାଗ କରିପାରି ନ ଥିଲି, ଯେଉଁ ପ୍ରଶଂସା ମୋର ପ୍ରିୟ ଥିଲା, ତୁମେ ଅତ୍ୟନ୍ତ ଦୟାକରି ଆଜି ତାହାସବୁ ଦୂର କରିଦେଇଛ । ତୁମକୁ ସ୍ମରଣ କରିବାର ଏକାନ୍ତବାସର ସୁଯୋଗ ଦେଇଛ । ଏହା ତୁମର ପରମ ଦୟା । ସଂସାରରେ ଯେଉଁ ନିନ୍ଦା ଏବଂ ପ୍ରଶଂସା, ଏସବୁ ମୂଲ୍ୟହୀନ ଏବଂ ସ୍ୱପ୍ନବତ୍ । କିନ୍ତୁ ଆମ୍ଭେମାନେ ମୋହଗ୍ରସ୍ତ ଜୀବ, ସେହି ସ୍ୱପ୍ନକୁ ସତ୍ୟ ମାନି ତା' ସକାଶେ ପ୍ରଯତ୍ନ କରୁ ଏବଂ ଦେବଦୁର୍ଲଭ ମନୁଷ୍ୟ ଶରୀର ପାଇ ଜନ୍ମମରଣ ଦ୍ୱନ୍ଦ୍ୱରୁ ମୁକ୍ତ ହେବାର ଉପାୟ ନ କରି ଜୀବନ ନଷ୍ଟ କରୁ । ପ୍ରଭୁ, ତୁମରି ନିର୍ହେତୁକୀ କୃପାରୁ ବ୍ୟକ୍ତି ଏହା ବୁଝିପାରେ ଏବଂ ତୁମରି କରୁଣାରୁ ଏଥିରୁ ଉଦ୍ଧାର ହୁଏ । ପ୍ରଭୁ, ଆଉ ଯେପରି କୌଣସି କାମନା ଉତ୍ପନ୍ନ ନ ହୁଏ, ଏହାହିଁ ମୋର ପ୍ରାର୍ଥନା । ପ୍ରଭୁ, ମୁଁ ଅତ୍ୟନ୍ତ ନୀଚ, ତୁମ ଦର୍ଶନର ଅଧିକାରୀ ନୁହେଁ; ତୁମ ଦର୍ଶନ ବଡ଼ ବଡ଼ ଋଷି ଏବଂ ମହାନ୍ ସାଧକମାନଙ୍କୁ ହୁଏ । ମୋର ଏତିକି ମାତ୍ର ପ୍ରାର୍ଥନା, ତୁମ ଚରଣରେ ପ୍ରେମ, ତୁମ ଭଜନ ଉତ୍ତରୋତ୍ତର ବଢୁଥାଉ ।'' ପ୍ରତାପ ରାୟଙ୍କ ଏହି ପ୍ରାର୍ଥନାରେ ମାଳତୀଙ୍କ ଚେତନା ଏପରି ତାଦାତ୍ମ୍ୟ ହୋଇଥାଏ ଯେ ଗୋଟିଏ ମୁଖରେ ଦୁଇଜଣଙ୍କ ଶବ୍ଦ ପ୍ରକାଶ ହେବା ସଦୃଶ ଭଗବାନ୍ ଗ୍ରହଣ କରୁଥା'ନ୍ତି ।

ହଠାତ୍ ଜେଲ୍‌ର କୋଠରିଟିରେ ସହସ୍ର ସୂର୍ଯ୍ୟର ଅମୃତମୟ ଜ୍ୟୋତିଃ ବିଚ୍ଛୁରିତ ହୋଇଗଲା । ସେହି ଜ୍ୟୋତି ମଧ୍ୟରୁ ପ୍ରଘଟ ହେଲେ ତ୍ରିଭଙ୍ଗୀ ମୂର୍ତ୍ତି ଶ୍ରୀକୃଷ୍ଣ । ତାଙ୍କ ମୁନି-ମନ-ମୋହନ ଅଲୌକିକ ରୂପ ଦର୍ଶନରେ ପ୍ରତାପ ରାୟ ଏବଂ ମାଳତୀଙ୍କ ଦେହର ବୁଦ୍ଧିଶୁଦ୍ଧି ବିଲୋପ ହୋଇଗଲା । ସେ ଚିତ୍ର ପ୍ରତିମା ସଦୃଶ ତୃଷିତ ନିର୍ନିମେଷ ନେତ୍ରରେ ଭଗବତ୍ ରୂପସୁଧା ପାନ କରିବାକୁ ଲାଗିଲେ । ଭଗବାନ୍ ମେଘଗମ୍ଭୀର ଶବ୍ଦରେ କହିଲେ, ''ବତ୍ସ ପ୍ରତାପ ! ତୁମ୍ଭମାନଙ୍କ ନିଷ୍ଠା, ନିଷ୍କାମ ପ୍ରେମଭକ୍ତିରେ ଅତ୍ୟନ୍ତ ପ୍ରସନ୍ନ ହୋଇ ତୁମକୁ ଦର୍ଶନ ଦେବାକୁ ଆସିଲି । ମୋ ଦର୍ଶନ ଉତ୍‌କଣ୍ଠାରେ ଯେଉଁମାନେ ଅତ୍ୟନ୍ତ ବ୍ୟାକୁଳ ହୋଇ ଏକ ନିମିଷକୁ ଯୁଗ ସଦୃଶ ବ୍ୟତୀତ କରନ୍ତି ସେହି ପ୍ରିୟ ଭକ୍ତକୁ ମୁଁ ଦର୍ଶନ ଦିଏ । କିନ୍ତୁ ଯେଉଁମାନେ ମୋ ଦର୍ଶନ ନ ଚାହିଁ ନିଜକୁ ସର୍ବତୋଭାବରେ ମୋତେ ଅର୍ପଣ କରି ନିରନ୍ତର ମୋତେ ସ୍ମରଣ କରନ୍ତି, ମୋ ସ୍ୱରୂପହିଁ ଯେଉଁମାନଙ୍କ ଜୀବନର ଆଧାର ସେହିମାନେ ମୋର ଅତ୍ୟନ୍ତ ପ୍ରିୟ ଏବଂ ସେମାନେ ନ ଚାହିଁବା ସତ୍ତ୍ୱେ ସେମାନଙ୍କୁ ମୁଁ ପ୍ରଥମରେ ଦର୍ଶନ ଦିଏ । ତୁ ଏବଂ ମାଳତୀ କଠିନ ଅଗ୍ନିପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛ । ମୁଁ ଭକ୍ତକୁ ପରୀକ୍ଷା କରେ ନାହିଁ, ସାହାଯ୍ୟ କରେ । କିନ୍ତୁ ଭକ୍ତର ଭକ୍ତି ବୃଦ୍ଧି ଓ ମୋ ପ୍ରାପ୍ତି ପାଇଁ ତା'ର ଆଧାର ତିଆରି ହେବା ସକାଶେ ଶତ୍ରୁଶକ୍ତି ଦ୍ୱାରା ବିପଦ ଆସିଲେ ତାହା ମୁଁ ନିବାରଣ କରେ ନାହିଁ, ତାହା ଅତିକ୍ରମ କରିବା ସକାଶେ ତାକୁ ଆବଶ୍ୟକ ଶାନ୍ତି, ଜ୍ଞାନ, ବିବେକ, ଧୈର୍ଯ୍ୟ ଓ ସାହସ ଦିଏ ଏବଂ ରକ୍ଷା କରେ । ମୋହରି ସାହାଯ୍ୟରେ ସେ ପ୍ରତିକୂଳ ଅବସ୍ଥାସବୁ ଅତିକ୍ରମ କରିବା ଦ୍ୱାରା ଲକ୍ଷ୍ୟ ଦିଗରେ ତୀବ୍ରଭାବେ ଅଗ୍ରସର ହୁଏ । କିନ୍ତୁ ଏହି ରହସ୍ୟ ସାଧାରଣ ଲୋକେ ଜାଣନ୍ତି ନାହିଁ, ଏହି ରହସ୍ୟ ଜାଣେ ମୋ ଭକ୍ତ । ସେ କୌଣସି ପରିସ୍ଥିତିରେ ବିଚଳିତ ନ ହୋଇ ଅଧିକାଧିକ ମୋ କୃପା ଅନୁଭବ କରେ । ତୁ ମୋର ଅତ୍ୟନ୍ତ ପ୍ରିୟ ଭକ୍ତମାନଙ୍କ ମଧ୍ୟରୁ ଜଣେ । ମାଳତୀ ତୋତେ ପତିରୂପେ ପାଇ କୃତାର୍ଥ ହୋଇଛି । ମୋ ଭକ୍ତ ସହିତ ଯାହାର ନିଷ୍କପଟ ସମ୍ପର୍କ ଥାଏ, ସେ ମଧ୍ୟ ମୋ ଦର୍ଶନ ପ୍ରାପ୍ତ ହୁଏ । ପ୍ରତାପ, ତୋର ଯାହା ଇଚ୍ଛା ତାହା ମାଗିନେ ।'' ପ୍ରତାପ ରାୟ କହିଲେ, ''ପ୍ରଭୁ, ଦୟାକରି ଏହାହିଁ ଦିଅନ୍ତୁ, ତୁମ ଭଜନ ସ୍ମରଣରେ ଉତ୍ତରୋତ୍ତର ନିତ୍ୟନୂତନ ରୁଚି ଉତ୍ପନ୍ନ ହେଉ ।'' ଭଗବାନ୍ 'ତଥାସ୍ତୁ' କହି ତତ୍‌କ୍ଷଣାତ୍ ଅନ୍ତର୍ଦ୍ଧାନ ହୋଇଗଲେ ।

ପ୍ରତାପ ରାୟ ଓ ମାଳତୀଙ୍କ ସ୍ଥିତି ବିଚିତ୍ର । ସେମାନଙ୍କ ଶରୀର ଥାଏ ଜେଲ୍‌ରେ, ଚେତନା ନିମଜ୍ଜନ କରିଥାଏ ପରମାନନ୍ଦ ପରମଶାନ୍ତିର ସମୁଦ୍ରରେ । ତାଙ୍କ ଆନନ୍ଦର ବାତାବରଣର ପ୍ରଭାବ ପ୍ରସାରିତ ହୋଇଥାଏ ସମସ୍ତ ଜେଲ୍‌ରେ । ଜେଲ୍ କର୍ମଚାରୀମାନେ ପ୍ରତାପ ରାୟ ତଥା ମାଳତୀଙ୍କୁ ଦେବତା ସଦୃଶ ସମ୍ମାନ କରନ୍ତି । ତାଙ୍କର କୌଣସିପ୍ରକାର ଅସୁବିଧା ହେବାକୁ ଦିଅନ୍ତି ନାହିଁ । ତାଙ୍କ ସକାଶେ ଜେଲ୍‌ଖାନା ହୋଇଥାଏ ସାଧନାର ଆଶ୍ରମ । କଏଦୀମାନେ ବି ତାଙ୍କୁ ହୃଦୟ ଗଭୀରରେ ସମ୍ମାନ କରନ୍ତି । କଏଦୀ ଏବଂ କର୍ମଚାରୀମାନେ ପ୍ରତାପ ରାୟ ତଥା ମାଳତୀଙ୍କର କୌଣସିପ୍ରକାର ସେବାର ସୁଯୋଗକୁ ଅପେକ୍ଷା କରି ରହିଥାଆନ୍ତି ।

ଏବେ ମିଥ୍ୟା ଷଡ଼ଯନ୍ତ୍ରକାରୀଙ୍କ ଅବସ୍ଥା ଆଲୋଚନା କରିବା । ବିନା ଦୋଷରେ ପ୍ରତାପ ରାୟ ତଥା ମାଳତୀଙ୍କୁ ଜେଲ୍‌ଦେବା ଦିନଠାରୁ ଷଡ଼ଯନ୍ତ୍ରକାରୀ ଏବଂ ବିଚାରାଧୀଶ କାଜିଙ୍କ ଘରେ ହେଲା କଳହ, ପଡ଼ୋଶୀମାନଙ୍କ ସହିତ ହେଲା ବିବାଦ, ଉପର ଅଫିସରଙ୍କ ସଙ୍ଗେ ମନୋମାଳିନ୍ୟ ହେବାରୁ ମନରେ ହେଲା ଅଶାନ୍ତି । ଚୋରି, ଦଗାବାଜି ତଥା ପୁତ୍ରକନ୍ୟାମାନଙ୍କର ବିଳାସବ୍ୟସନ ଏବଂ ଅସତ୍ କର୍ମରେ ଧନ ହେଲା ନଷ୍ଟ, ନିନ୍ଦା ଅପଯଶଃ ହେଲା ସମାଜରେ । ଅସତ୍ୟର ଭାଣ୍ଡ ଫୁଟିଗଲା । ଜନତାଠାରୁ ଆରମ୍ଭ କରି ସରକାରୀ ଅଫିସର, କର୍ମଚାରୀ ପର୍ଯ୍ୟନ୍ତ ପ୍ରତାପ ରାୟଙ୍କ ସତ୍ୟତା ଏବଂ ଷଡ଼ଯନ୍ତ୍ରକାରୀ ତଥା କାଜିଙ୍କ ଅନ୍ୟାୟ-ଅତ୍ୟାଚାରିତା ପ୍ରସାର ହେବାକୁ ଲାଗିଲା । ସେମାନେ ସମସ୍ତଙ୍କର ହେଲେ ଘୃଣାର ପାତ୍ର । ଏହି ମାନସିକ ଦୁଶ୍ଚିନ୍ତା ସଙ୍ଗେ ସଙ୍ଗେ କାଜି ତଥା କେତେକ ଷଡ଼ଯନ୍ତ୍ରକାରୀଙ୍କୁ କୁଷ୍ଠରୋଗ ହେଲା । ମାନସିକ ଦୁଶ୍ଚିନ୍ତା ସହିତ ଭୟଙ୍କର ଶାରୀରିକ ରୋଗ ଯୋଗୁଁ ସେମାନେ ନରକଯନ୍ତ୍ରଣା ଭୋଗିବାକୁ ଲାଗିଲେ ।

କାଜିର ସ୍ତ୍ରୀ ଥିଲା ବହୁତ ବୁଦ୍ଧିମତୀ । ସେ ପ୍ରଥମେ ପତିର ପ୍ରତାପ ରାୟଙ୍କ ପ୍ରତି ଅନ୍ୟାୟର ବିରୋଧ କରିଥିଲା । କିନ୍ତୁ ସେତେବେଳେ କାଜି ସ୍ତ୍ରୀର କଥାକୁ ଭ୍ରୁକ୍ଷେପ କରି ନ ଥିଲା । କିନ୍ତୁ ପତି ବିପଦରେ ପଡ଼ିବା ଆଶଙ୍କାରେ ସ୍ତ୍ରୀ ବହୁତ ଦୁଃଖିତା ହେଉଥିଲା । ପତି ଉପରେ ଏକ ଏକ କରି ଭୟଙ୍କର ବିପଦ ଆସିବାରୁ ସେ ପତିର ବୁଦ୍ଧି ପରିବର୍ତ୍ତନ ସକାଶେ ଭଗବାନଙ୍କ ପାଖରେ ପ୍ରାର୍ଥନା କଲା ଏବଂ ପତିକୁ ବିନୀତ ଭାବରେ ବୁଝାଇ କହିଲା, ''ପ୍ରତାପ ରାୟ ଏବଂ ମାଳତୀ ଭଗବାନଙ୍କ ଅନନ୍ୟ ଭକ୍ତ ଏବଂ ସତ୍ୟ ତଥା ନ୍ୟାୟପରାୟଣ, ନିରପରାଧ ଏବଂ ଅନ୍ୟର ହିତ କରିବା ବ୍ୟକ୍ତି । ସେମାନଙ୍କୁ ମିଥ୍ୟା ଓ ଅନ୍ୟାୟରେ ଦଣ୍ଡ ଦେବାରୁ ଏହି ଭୟଙ୍କର କୁଫଳ ଭୋଗିବାକୁ ପଡୁଛି । ଏହି ଘୋର ବିପଦରୁ ଉଦ୍ଧାର ଓ ଆତ୍ମାର ସଦ୍‌ଗତି ସକାଶେ ପ୍ରତାପ ରାୟଙ୍କ ଚରଣରେ ପଡ଼ି କ୍ଷମାଭିକ୍ଷା କର, ତାଙ୍କୁ ଜେଲ୍‌ରୁ ମୁକ୍ତ କରି ସମସ୍ତ ସମ୍ପତ୍ତି ଫେରସ୍ତ ଦିଅ ।'' ସମ୍ପଦ ସମୟରେ ବ୍ୟକ୍ତି ଇନ୍ଦ୍ରଚନ୍ଦ୍ରଙ୍କୁ ମାନେ ନାହିଁ । ବିପଦରେ ପଡ଼ିଲେ ମନୁଷ୍ୟର ହୋସ୍ ଆସେ । କାଜି ସ୍ତ୍ରୀର କଥା ଏଡ଼ାଇ ପାରିଲେ ନାହିଁ । ପ୍ରଥମରେ ଉଜିରମାନଙ୍କୁ ପ୍ରତାପ ରାୟଙ୍କ ପ୍ରତି ଭୁଲ୍‌ରେ ଅନ୍ୟାୟ ହୋଇଥିବା କଥା କହି ତାଙ୍କ ସମ୍ପତ୍ତି ଫେରସ୍ତ ଏବଂ ଜେଲ୍‌ରୁ ମୁକ୍ତି ସକାଶେ ଆଦେଶ ଦେଲେ; ସ୍ତ୍ରୀ ସହିତ ଜେଲ୍‌ରେ ପ୍ରତାପ ରାୟଙ୍କ ପାଖକୁ ଯାଇ ତାଙ୍କ ଚରଣରେ ପ୍ରଣାମ କରି ନିଜ ଅପରାଧ ପାଇଁ କ୍ଷମାପ୍ରାର୍ଥନା କଲେ । ଏହି ଖବର ସାରା ସହରରେ ବ୍ୟାପ୍ତ ହୋଇଗଲା । ଷଡ଼ଯନ୍ତ୍ରକାରୀମାନେ ବି ଜେଲ୍‌ରେ ପ୍ରତାପ ରାୟଙ୍କ ପାଖରେ ପହଞ୍ଚି ଚରଣରେ ପଡ଼ି କ୍ଷମାପ୍ରାର୍ଥନା କଲେ । ପ୍ରତାପ ରାୟଙ୍କ ପ୍ରାର୍ଥନାରେ ସେମାନଙ୍କ ରୋଗ ଦୂର ହେବାକୁ ଆରମ୍ଭ କଲା । ପ୍ରତାପ ରାୟ ଏବଂ ମାଳତୀ ଜେଲ୍‌ରୁ ମୁକ୍ତ ହେବା ସମୟରେ ରାସ୍ତାରେ ଲୋକାରଣ୍ୟ ହୋଇଗଲା । ତାଙ୍କୁ ବହୁତ ସମାରୋହରେ ଆଣି ତାଙ୍କ ନିଜ ଗୃହରେ ପହଞ୍ଚାଇ ଦେଲେ । ଦର୍ଶନାର୍ଥୀମାନେ ଭଗବାନଙ୍କ କୃପା, ଭକ୍ତର ମହିମା ଓ ଗୁଣ ଗାନ କରି ଘରକୁ ଫେରିଲେ । ପ୍ରତାପ ରାୟ ସମସ୍ତ ସମ୍ପତ୍ତି ଧାର୍ମିକ ସଂସ୍ଥା ତଥା ଗରିବଙ୍କୁ ଦାନ କରି ମାଳତୀ ସହିତ ବୃନ୍ଦାବନକୁ ଚାଲିଗଲେ । ସେଠାରେ ତିରିଶ ବର୍ଷ ଭଗବତ୍ ଭଜନ କରି ନଶ୍ୱର ଶରୀର ତ୍ୟାଗ କରି ନିତ୍ୟ ଗୋଲୋକରେ ଶ୍ରୀରାଧାକୃଷ୍ଣଙ୍କ ନିତ୍ୟସେବା ପ୍ରାପ୍ତ ହେଲେ ।

ଏହି ଭକ୍ତଚରିତରୁ ଶିକ୍ଷା କରିବାର ପ୍ରଧାନ ବିଷୟ ତିନୋଟି । ପ୍ରଥମଟି ଭଗବତ୍ ଚରଣରେ ନିଜକୁ ସମର୍ପଣ କରିବା ଏବଂ କୌଣସି ପ୍ରତିକୂଳ ଘଟଣାରେ ଅଧୈର୍ଯ୍ୟ ନ ହୋଇ ଭଗବତ୍ ରକ୍ଷାରେ ତଥା ବିଧାନରେ ଦୃଢ଼ ବିଶ୍ୱାସ ରଖି ଭଗବାନଙ୍କଠାରୁ କିଛି ନ ଚାହିଁବା । ଏହାର ଉଦାହରଣ ହେଉଛନ୍ତି ପରମ ଭକ୍ତ ପ୍ରତାପ ରାୟ । ଦ୍ୱିତୀୟଟି ବିନା ଅପରାଧରେ କୌଣସି ବ୍ୟକ୍ତିର ଅନିଷ୍ଟ କଲେ ପରିଣାମରେ କିପରି ଭୟଙ୍କର ଦଣ୍ଡ ମିଳେ ତାହାର ଉଦାହରଣ ହେଉଛନ୍ତି କାଜି ଏବଂ ଅନ୍ୟ ଷଡ଼ଯନ୍ତ୍ରକାରୀମାନେ । ତୃତୀୟଟି କ୍ଷମା । ଶତ୍ରୁ ଯଦି ବିପଦରୁ ରକ୍ଷା ପାଇବାକୁ ପ୍ରାର୍ଥନା କରେ ତାକୁ ରକ୍ଷା କରିବା । ଏହି ଚରିତରୁ ପ୍ରଧାନତଃ ଏହି ତିନୋଟି ବିଷୟ ଆମ୍ଭେମାନେ ଶିକ୍ଷା କରିପାରିବା ।

ବୋଲ ଭକ୍ତ ଏବଂ ଭଗବାନଙ୍କ ଜୟ ।

ସନ୍ଥ ବିଶୋବା ସରାଫ

ସନ୍ଥ ବିଶୋବା ସରାଫ ଥିଲେ ନାମଦେବଙ୍କ ଗୁରୁ । ପଣ୍ଢରୀଦେବଙ୍କ ଆଜ୍ଞାରେ ପ୍ରସିଦ୍ଧ ସନ୍ଥ ନାମଦେବ ଏହି ସନ୍ଥଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ଏହି ସନ୍ଥ ବିଶୋବା ଥିଲେ ଜ୍ଞାନଦେବଙ୍କ ଶିଷ୍ୟ । ତାଙ୍କୁ କେଉଁଠି ବିଶୋବା ସରାଫ ଏବଂ କେଉଁଠି ବିଶୋବା ଖେଚର ନାମରେ କୁହାଯାଇଛି । ଯଥାର୍ଥରେ ଏହି ଦୁଇ ନାମ ଗୋଟିଏ ବ୍ୟକ୍ତିର । ଅନୁମାନ ହୁଏ ତାଙ୍କ ନାମ ଥିଲା ବିଶୋବା ଖେଚର । ସେ ବ୍ୟବସାୟ କରୁଥିବାରୁ ଲୋକେ ତାଙ୍କୁ କହୁଥିଲେ ବିଶୋବା ସରାଫ । ସେ ସମୟରେ ବ୍ୟବସାୟୀ ବ୍ୟକ୍ତିଙ୍କୁ ମହାରାଷ୍ଟ୍ର ପ୍ରାନ୍ତରେ ସରାଫ କହୁଥିଲେ । ତାଙ୍କ ଜନ୍ମସ୍ଥାନ ଥିଲା ପଣ୍ଢରପୁରଠାରୁ ପଚାଶ କୋଶ ଦୂର ପ୍ରାଚୀନ ଶିବକ୍ଷେତ୍ର ନାଗନାଥ ଔଂଡିଆ ଗ୍ରାମରେ । ଏହି ସ୍ଥାନ ବିଶେଷ ଜାଗ୍ରତ ଏବଂ ଶଙ୍କରଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଏହି ନାଗନାଥ ଗୋଟିଏ । ସନ୍ଥ ବିଶୋବା ଜନ୍ମଗ୍ରହଣ କରିଥିଲେ ଯଜୁର୍ବେଦୀ ବ୍ରାହ୍ମଣ କୁଳରେ ।

ଭକ୍ତ ବିଶୋବାଙ୍କର ଥିଲେ ସତୀ ସାଧ୍ୱୀ ପତିଆଜ୍ଞାକାରିଣୀ ଧର୍ମପତ୍ନୀ ଏବଂ ଚାରି ପୁତ୍ର । ସେମାନଙ୍କର ଜୀବନ ଥିଲା ଶୁଦ୍ଧ ସାତ୍ତ୍ୱିକ ସରଳ । ସେମାନେ ଆନ୍ତରିକ ଭକ୍ତିଭାବରେ ସନ୍ଥସେବା କରୁଥିଲେ । ଭକ୍ତ ବିଶୋବା ବ୍ୟବସାୟ କରିବା ସତ୍ତ୍ୱେ ତାଙ୍କ ଚିତ୍ତ ନିରନ୍ତର ଭଗବାନଙ୍କ ଚରଣକମଳରେ ନିବାସ କରୁଥିଲା । ସେ ଜଣେ ଆଦର୍ଶ ଗୃହସ୍ଥ ସନ୍ଥ ଥିଲେ ଏବଂ ଗାର୍ହସ୍ଥ୍ୟ ଧର୍ମର ନିୟମ ଅନୁସାରେ ସାଧୁସେବା କରୁଥିଲେ । ତାଙ୍କର ଅତିଥିସେବା ପ୍ରାଣରୁ ଅଧିକ ପ୍ରିୟ ଥିଲା । ରୋଷେଇ ତିଆରି ହେବା ପରେ ଯଦି କେହି ସାଧୁସନ୍ଥ ଅଭ୍ୟାଗତ ଅଥବା କ୍ଷୁଧାର୍ତ୍ତ ତାଙ୍କ ଘରକୁ ଆସୁଥିଲେ ପ୍ରତ୍ୟେକ ସନ୍ତାନ ଆଗ୍ରହରେ କହୁଥିଲେ, ''ମୁଁ ବିନା ଭୋଜନରେ ରହିବି, ମୋ ଭୋଜନ ଅଭ୍ୟାଗତଙ୍କୁ ଦିଆଯାଉ ।'' ପିଲାମାନଙ୍କର ଏପରି ମନୋଭାବ ଏବଂ ସାଧୁସେବାରେ ଆଗ୍ରହ ଦେଖି ବିଶୋବାଙ୍କୁ ବହୁତ ଆନନ୍ଦ ପ୍ରାପ୍ତ ହେଉଥିଲା । ବିଶୋବା ଅଭ୍ୟାଗତମାନଙ୍କୁ ସାକ୍ଷାତ୍ ଭଗବାନଙ୍କ ରୂପରେ ଦେଖୁଥିଲେ । ସେମାନଙ୍କୁ କେବଳ ଭୋଜନ ଦେଇ ବିଦାକରି ଦେଉ ନ ଥିଲେ । ଜଣେ ସନ୍ଥ ଅଭ୍ୟାଗତଙ୍କୁ ଦେଖିବା ମାତ୍ରେ ତାଙ୍କ ଆନନ୍ଦର ସୀମା ରହୁ ନ ଥିଲା, ହୃଦୟ ଉଲ୍ଲାସରେ ପରିପୂର୍ଣ୍ଣ ହେଉଥିଲା, ସେ ପ୍ରେମରେ ବିଭୋର ହୋଇପଡୁଥିଲେ, ଅତିଥିଙ୍କ ପ୍ରସନ୍ନତା ସକାଶେ ସବୁପ୍ରକାର ସେବା କରୁଥିଲେ । ପତିଙ୍କ ଆନ୍ତରିକ ଇଚ୍ଛା ଅନୁସାରେ ପତ୍ନୀ ତାଙ୍କ ଆଜ୍ଞା ପାଳନ କରିବାକୁ ସତତ ତତ୍ପର ରହୁଥିଲେ । ଏହି ଆଚରଣ ତଥା ମନୋଭାବର ପ୍ରଭାବ ପଡୁଥିଲା ସନ୍ତାନମାନଙ୍କ ଉପରେ । ସେମାନଙ୍କ ସଦ୍‌ଗୁଣ ଜୀବନରେ ବିକାଶ ହେଉଥିଲା ।

ଜଣେ ଅତିଥି ସନ୍ଥ ବିଶୋବାଙ୍କ ଘରକୁ ଆସିଲେ, ସେ ତାଙ୍କୁ ଆଦର ସତ୍କାରରେ ଚରଣ ଧୋଇ ଆସନରେ ବସାଇ ପତ୍ନୀ ତଥା ସନ୍ତାନମାନଙ୍କୁ କହୁଥିଲେ, ''ଆଜି ଆମ୍ଭମାନଙ୍କର ବଡ଼ ସୌଭାଗ୍ୟର ଦିନ । ଭଗବାନ୍ କୃପା କରି ଅତିଥି ବେଶରେ ଆମ ଗୃହ ପବିତ୍ର କରିବା ସକାଶେ ଆସିଛନ୍ତି । ତାଙ୍କ ସେବାରେ ଆମ୍ଭମାନଙ୍କ ଜୀବନ କୃତାର୍ଥ କରିବା ।'' ଏ କଥା ଶୁଣି ପତ୍ନୀ ତଥା ସନ୍ତାନମାନଙ୍କର ଅତିଥିସେବାରେ ଦୁଇଗୁଣ ଉତ୍ସାହ ବୃଦ୍ଧି ହେଉଥିଲା । ସେମାନେ ଆନ୍ତରିକ ନିଷ୍କପଟ ଭାବରେ ସେବା କରୁଥିଲେ । ସୁନା ପୋଡ଼ିଲେ ଯେପରି ଶୁଦ୍ଧ ହୁଏ ସେହିପରି ବିପଦ ପଡ଼ିଲେ ଭକ୍ତି ଉଜ୍ଜ୍ୱଳ ହୁଏ । ଯେପର୍ଯ୍ୟନ୍ତ କୌଣସି ବାଧାବିଘ୍ନ ନାହିଁ, ସବୁ କାର୍ଯ୍ୟ ଠିକ୍ ଠିକ୍ ଚାଲୁଥାଏ, ତାହା ଯଥାର୍ଥ କି ଅଯଥାର୍ଥ ବୁଝାଯାଏ ନାହିଁ, ବୁଝାଯାଏ ପରୀକ୍ଷାରେ । ଭଗବାନ୍ ଭକ୍ତଙ୍କୁ ପରୀକ୍ଷା କରନ୍ତି ନାହିଁ କିଂବା ବିପଦ ତାଙ୍କ ଉପରେ ଲଦନ୍ତି ନାହିଁ । ବିପଦରେ ଭଗବାନ୍ ସାହାଯ୍ୟ କରନ୍ତି କିନ୍ତୁ ପରୀକ୍ଷା କରନ୍ତି ବିରୋଧୀ ଶକ୍ତି । ଭକ୍ତର ଭକ୍ତି ଦୃଢ଼ କରିବା ସକାଶେ ଭଗବାନ୍ ବିରୋଧୀ ଶକ୍ତିର ଆକ୍ରମଣକୁ ପ୍ରତିରୋଧ କରନ୍ତି ନାହିଁ କିନ୍ତୁ ତହିଁରୁ ରକ୍ଷା କରନ୍ତି । କୌଣସି ଉଚ୍ଚ କାର୍ଯ୍ୟରେ ଅବଶ୍ୟମ୍ଭାବୀ ରୂପେ ପରୀକ୍ଷା ଆସେ ।

ଦକ୍ଷିଣ ପ୍ରାନ୍ତରେ ଭୟଙ୍କର ଦୁର୍ଭିକ୍ଷ ପଡ଼ିଲା । ସେ ସମୟରେ ଅନ୍ନ ମହଣ ଦୁଇଟଙ୍କା ଥିଲା, କିନ୍ତୁ ଦୁର୍ଭିକ୍ଷ ଯୋଗୁଁ ଟଙ୍କାରେ ଦୁଇସେର ଚାଉଳ ବିକ୍ରି ହେଲା – ଆଜିକାଲି ପରି ସେ ସମୟରେ ପଇସା ଶସ୍ତା ନ ଥିଲା । ସାଧାରଣ ଗ୍ରାମର ଲୋକଙ୍କ ପାଖରେ ପଇସା ବହୁତ କମ୍ ଥିଲା । ଅଧିକ ସ୍ଥଳରେ ଜିନିଷପତ୍ର ବଦଳରେ ବସ୍ତୁ ମିଳୁଥିଲା । ପଇସା ଥିଲା

ମଧ୍ୟବିତ୍ତ ଶ୍ରେଣୀ ଅଥବା ଧନୀ ମହାଜନଙ୍କ ପାଖରେ । ସେ ସମୟରେ ରେଳ ନ ଥିଲା । ଗୋଟିଏ ପ୍ରାନ୍ତରୁ ଧାନ ଚାଉଳ ଯାଇ ଅନ୍ୟ ପ୍ରାନ୍ତର ଅଭାବ ଦୂର କରିବାର ଉପାୟ ନ ଥିଲା । ସେହି ସକାଶେ ସବୁ ସ୍ଥାନରେ ପଇସା ହେଲେ ବି ଅନ୍ନ ପ୍ରାପ୍ତ ହେଉ ନ ଥିଲା । ବହୁତ ବ୍ୟକ୍ତି ଅନ୍ନାଭାବରେ ଶରୀର ତ୍ୟାଗ କଲେ । ଚାରିଆଡ଼େ ହାହାକାର ପଡ଼ିଲା ।

ବିଶୋବାଙ୍କ ନାମ ଶୁଣି କ୍ଷୁଧାର୍ତ୍ତ ବିଶୋବାଙ୍କ ଦ୍ୱାରରେ ଠୁଳ ହେବାକୁ ଲାଗିଲେ । ଅଭ୍ୟାଗତଙ୍କୁ ଭଗବତ୍ ସ୍ୱରୂପ ମାନୁଥିବା ଭକ୍ତ ବିଶୋବାଙ୍କ ହୃଦୟ ବିଗଳିତ ହୋଇଗଲା । ତାଙ୍କ ଘରେ ଥିବା ଧାନ ଅମାର ଖୋଲି ଦରିଦ୍ରନାରାୟଣଙ୍କ ସେବା କରିବାକୁ ଲାଗିଲେ । ଯେଉଁଠି ଗୁଡ଼ ଥାଏ ପିମ୍ପୁଡ଼ି ସେଇଠି ଲାଗନ୍ତି । ବିଶୋବାଙ୍କ ଅପେକ୍ଷା ବହୁତ ବଡ଼ ବଡ଼ ଧନୀ ଲୋକ ଥିଲେ । କିନ୍ତୁ କ୍ଷୁଧାର୍ତ୍ତ ସେମାନଙ୍କ ଦ୍ୱାରକୁ ଯାଉ ନ ଥିଲେ । ଅଧିକରୁ ଅଧିକ ସଂଖ୍ୟାରେ ଠୁଳ ହେଉଥିଲେ ବିଶୋବାଙ୍କ ଦ୍ୱାରରେ । ସେମାନଙ୍କ ଆର୍ତ୍ତ କରୁଣ ଶବ୍ଦ ହୃଦୟ ବିଗଳିତ କରି ଦେଉଥିଲା । ବିଶୋବା କିଛି ନ ଭାବି ପ୍ରସନ୍ନତା ଏବଂ ଉତ୍ସାହରେ ସମସ୍ତ ଅତିଥିଙ୍କୁ ଅନ୍ନଦାନ କରୁଥିଲେ । ଏପରି ଦାନରେ କୁବେରଙ୍କ ଭଣ୍ଡାର ବି ଖାଲି ହୋଇପାରେ ।

ଅଳ୍ପ ଦିନ ମଧ୍ୟରେ ଧାନ ଅମାର ସବୁ ଖାଲି ହୋଇଗଲା, ଘରେ ଥିବା ଟଙ୍କାରେ ଧାନ କ୍ରୟ କରି ଦାନ କଲେ, ଦିନକୁ ଦିନ କ୍ଷୁଧାର୍ତ୍ତ ବୃଦ୍ଧି ପାଉଥାଆନ୍ତି । ଟଙ୍କା ଶେଷ ହେବା ପରେ ଘରର ଗୋରୁଗାଈ, ଜିନିଷପତ୍ର ବିକ୍ରି କରି ଧାନ ଖର୍ଦି କରି ଅତିଥିସେବା କଲେ । ଏହା ବି କେତେ ଦିନ ଚାଲନ୍ତା ? ଶେଷରେ ସ୍ତ୍ରୀଙ୍କ ଅଳଙ୍କାର, କଂସାବାସନ, ଆସବାବପତ୍ର ବିକ୍ରି ଶେଷ ହେଲା । ଘରେ କିଛି ନାହିଁ, ଦରିଦ୍ରନାରାୟଣଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବୃଦ୍ଧି ହେବାକୁ ଲାଗୁଥାଏ, ବିଶୋବାଙ୍କର ଧନ ଶେଷ ହୋଇଥିଲା କିନ୍ତୁ ହୃଦୟ ଦରିଦ୍ର ହୋଇ ନ ଥିଲା, କ୍ଷୁଧାର୍ତ୍ତଙ୍କ ଆର୍ତ୍ତନାଦ ସେ ବରଦାସ୍ତ କରି ପାରୁ ନ ଥିଲେ । ସେ ନିଜ ଗ୍ରାମରୁ କେତେ କୋଶ ଦୂରରେ ଥିବା କାସେଗାଁଓ ନିବାସୀ ଜଣେ ଧନାଢ୍ୟ ପଠାଣଙ୍କଠାରୁ ଟଙ୍କା କରଜ ଆଣିବାକୁ ଗଲେ । ବିଶୋବାଙ୍କ ଧନାଢ୍ୟତା ତଥା ସତ୍ୟବାଦିତା ସମ୍ବନ୍ଧେ ମୁସଲମାନ ପରିଚିତ ଥିଲେ । ପ୍ରଚଳିତ ସୁଧ ଅପେକ୍ଷା ଅଧିକ ସୁଧରେ ବିଶୋବାଙ୍କୁ କେଇ ହଜାର ଦଙ୍କା ଦେଇ ତାଙ୍କଠାରୁ ହେଣ୍ଡ୍ ନୋଟ୍ ଲେଖାଇ ନେଲେ । ବିଶୋବା ଟଙ୍କା ପାଇବା ପରେ ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ମନେ ମନେ ଭାବିଲେ, ''ଏହି ଟଙ୍କାରେ ଅନ୍ନ ଖର୍ଦି ହେଲେ କେତେଦିନ ପର୍ଯ୍ୟନ୍ତ ଦରିଦ୍ରନାରାୟଣଙ୍କ ସେବା ଚାଲିବ । ତା'ପରେ ସମ୍ଭବତଃ ଦୁର୍ଭିକ୍ଷ କମ୍ ହୋଇଯିବ ।'' ଟଙ୍କା ଆଣି ଘରେ ପହଞ୍ଚିଲେ । ଅନ୍ନ ଖର୍ଦି ହେଲା, ଦରିଦ୍ରନାରାୟଣଙ୍କୁ ଅନ୍ନ ବଣ୍ଟାହେଲା । ଏହି କାର୍ଯ୍ୟରେ ବିଶୋବାଙ୍କ ସହିତ ତାଙ୍କ ପରିବାର ବିଶେଷ ଆନନ୍ଦ ଅନୁଭବ କଲେ । ଅତିଥିସେବାରେ ଆଳସ୍ୟ ଆସୁ ନ ଥିଲା କିଂବା ଭୋକ ଲାଗୁ ନ ଥିଲା । ଦିନରାତି ପରିଶ୍ରମ କରିବା ସତ୍ତ୍ୱେ ସେମାନଙ୍କର କ୍ଲାନ୍ତି ବି ଆସୁ ନ ଥିଲା ।

ଭକ୍ତ ବିଶୋବାଙ୍କର ଦରିଦ୍ର ଅବସ୍ଥାରେ ଭକ୍ତିପୂର୍ଣ୍ଣ ସେବାଭାବ ଦେଖି ଭଗବାନଙ୍କ ସିଂହାସନ ହଲିଗଲା । ଭଗବାନଙ୍କର ଭକ୍ତ ଅତ୍ୟନ୍ତ ପ୍ରିୟ । ଛୋଟ ଶିଶୁର ଖେଳ ଖେଳିବା ଦେଖି ଯେପରି ପିତାମାତା ଆନନ୍ଦିତ ହୁଅନ୍ତି ସେହିପରି ଭକ୍ତର ନିଷ୍କପଟ ଭକ୍ତିଯୁକ୍ତ ଭଗବତ୍ କର୍ମରେ ଶାଶ୍ୱତ ଆନନ୍ଦସ୍ୱରୂପ ଭଗବାନ୍ ବି ଆନନ୍ଦିତ ହୁଅନ୍ତି । ଭକ୍ତ ସହିତ ଖେଳିବା ତାଙ୍କର ଅତ୍ୟନ୍ତ ପ୍ରିୟ । ଭକ୍ତମାନଙ୍କ ସଙ୍ଗେ ଖେଳିବା ପାଇଁ ସେମାନଙ୍କୁ ପିତାମାତା ରୂପେ ସ୍ୱୀକାର କରି ସେମାନଙ୍କ ଗର୍ଭରେ ଅନାଦି ଅଜନ୍ମା ଭଗବାନ୍ ଜନ୍ମଗ୍ରହଣ କରନ୍ତି । ନାନାପ୍ରକାର ଶିଶୁସୁଲଭ ଖେଳକୌତୁକରେ ଭକ୍ତମାନଙ୍କୁ ଆନନ୍ଦ ଦିଅନ୍ତି ।

ଆଜି ଭଗବାନ୍ ଗୋଟିଏ ନୂତନ ଖେଳ ଖେଳିବା ସକାଶେ ଭକ୍ତ ବିଶୋବାଙ୍କ ଦ୍ୱାରରେ ଉପସ୍ଥିତ ହେଲେ । ଶହ ଶହ ଦରିଦ୍ର ନାରାୟଣ ଅନ୍ନ ସକାଶେ ବିଶୋବାଙ୍କ ଦ୍ୱାରରେ ଏକତ୍ରିତ ହୋଇ ଭକ୍ତ ବିଶୋବା ତଥା ତାଙ୍କ ଭଗବାନଙ୍କ ଜୟ ଜୟକାର କରୁଥାଆନ୍ତି । ବିଶୋବା ଧର୍ମପତ୍ନୀ ତଥା ପୁତ୍ରମାନଙ୍କ ସହିତ ଅତ୍ୟନ୍ତ ଭକ୍ତିଭାବରେ ଅତିଥିନାରାୟଣଙ୍କୁ ଅନ୍ନ ବିତରଣ କରୁଥାଆନ୍ତି । ଏହି ସମୟରେ କ୍ଷୁଧାର୍ତ୍ତମାନଙ୍କ ପଶ୍ଚାତ୍‌ରେ ଗୋଟିଏ ଅସ୍ଥିକଙ୍କାଳଯୁକ୍ତ ଅତ୍ୟନ୍ତ ବୃଦ୍ଧ ବ୍ୟକ୍ତି ଉପସ୍ଥିତ ହେଲେ । ତାଙ୍କ ମସ୍ତକର ଶୁଭ୍ର କେଶ ତେଲ ଅଭାବରୁ ଫୁରୁଫୁରୁ ହୋଇ ଉଡୁଥିଲା, ମୁଖ ଦନ୍ତଶୂନ୍ୟ, ଶରୀରର ଚର୍ମାବୃତ ଅସ୍ଥି ସହଜରେ ଗଣି ହୋଇ ପାରୁଥିଲା । ପିନ୍ଧିଥିବା ଛିଣ୍ଡା ମଇଳା ଲୁଗା ଅଗ୍ନିରେ ପକାଇଲେ ଜଳିବାରେ

ସନ୍ଦେହ ଥିଲା । ଅନ୍ନାଭାବରୁ ବି ବାଡ଼ି ଆଶ୍ରୟରେ ଛିଡ଼ା ହେବାରେ ଥର ଥର ହୋଇ ପଡ଼ିଯିବାର ଗତି ହେଉଥିଲା । ଥର ଥର ଦୁର୍ବଳ କଣ୍ଠସ୍ୱରରେ ଅନ୍ନଦାତାଙ୍କୁ ଜୟ, ମାଲିକଙ୍କୁ ଜୟ ଶବ୍ଦ ଶୁଣାଯାଉଥିଲା । ଜୟ ସଙ୍ଗେସଙ୍ଗେ ଶୁଣାଯାଉଥିଲା, ''ମୁଁ ବହୁତ ଦିନରୁ ଉପାସ, ପେଟରେ ଗୋଟିଏ ଦାନା ନାହିଁ । ମୁଠାଏ ଅନ୍ନ ଦେବା ଦୂରର କଥା, କେହି ଦୁଃଖ ଶୁଣିବାକୁ ଚାହୁଁ ନାହାନ୍ତି କିଂବା କଥା ପଦେ କହୁ ନାହାନ୍ତି । ତୁମର ନାମ ଶୁଣି ଆସିଛି, ମୁଠିଏ ଅନ୍ନ ଦୟା କର । ଭଗବାନ୍ ତୁମର ମଙ୍ଗଳ କରିବେ । ନାରାୟଣ ହରି ।''

ବିଶୋବା କ୍ଷୁଧାର୍ତ୍ତଙ୍କୁ ଅନ୍ନ ବିତରଣ କରୁଥିବା ସମୟରେ ସେମାନଙ୍କ ପଛଆଡୁ ଏହି ଆର୍ତ୍ତ ଶବ୍ଦ ଶୁଣି ଶବ୍ଦ ଆସୁଥିବା ସ୍ଥାନକୁ ଦୃଷ୍ଟି ଦେଲେ । ବୃଦ୍ଧଙ୍କ ଦୈନ୍ୟ, ଦୁର୍ବଳ, ଅସହାୟ ଅବସ୍ଥା ଦେଖି ତାଙ୍କ ହୃଦୟ ଦ୍ରବିତ ହୋଇଗଲା । ଶୀଘ୍ର ଶୀଘ୍ର ଅନ୍ନବିତରଣ ଶେଷ କରି ଦୌଡ଼ି ବୃଦ୍ଧଙ୍କ ପାଖରେ ପହଞ୍ଚିଲେ । ତାଙ୍କୁ କିଛି ନ କହି, କିଛି ନ ପଚାରି ପିନ୍ଧିଥିବା ଅତ୍ୟନ୍ତ ଛିଣ୍ଡା, ମଇଳା ବସ୍ତ୍ରକୁ ଘୃଣା ନ କରି ତାଙ୍କୁ ଦୁଇ ହାତରେ ଉଠାଇ ଘରକୁ ନେଇଆସିଲେ । ତାଙ୍କୁ ନିଜେ ପରିଷ୍କାର ଭାବରେ ସ୍ନାନ କରାଇ, ବସ୍ତ୍ର ପିନ୍ଧାଇ ଉତ୍ତମ ଆସନରେ ବସାଇଲେ । ସମସ୍ତ ପରିବାର ପ୍ରଫୁଲ୍ଲ ହୃଦୟରେ ବୃଦ୍ଧ ଅତିଥିଙ୍କୁ ତୃପ୍ତିପୂର୍ବକ ଭୋଜନ କରାଇବାକୁ ଚାହୁଁଥାଆନ୍ତି । ଘରେ ରୋଷାଇ ହେଉଥିବା ଅନ୍ନବ୍ୟଞ୍ଜନ ତଥା ଅନ୍ୟାନ୍ୟ ଖାଦ୍ୟବସ୍ତୁ ଯାହା ଥିଲା ଏବଂ ଅଳ୍ପ ସମୟ ମଧ୍ୟରେ ଯାହା ଉତ୍ତମ ଖାଦ୍ୟ ତିଆରି ହୋଇପାରିଥିଲା ତାହା ତାଙ୍କୁ ପରଷି ଦେଲେ । ବିଚିତ୍ର ବୃଦ୍ଧଙ୍କର ଆନନ୍ଦର ସୀମା ରହିଲା ନାହିଁ । ଶରୀର ଦୁର୍ବଳ ଯୋଗୁଁ ହାତରେ ଗ୍ରାସ ଉଠାଇ ମୁଖରେ ଦେବାରେ ହାତ ଥର ଥର ହୋଇ କମ୍ପୁଥିଲା । କିନ୍ତୁ ମୁଖରେ ଗ୍ରାସ ଦେବାରେ ତ୍ରୁଟି ହେଉ ନ ଥିଲା । ଯେକୌଣସି ଭୋଜନ ବସ୍ତୁ ଶେଷ ହେବା ପୂର୍ବରୁ ବିଶୋବାଙ୍କ ସ୍ତ୍ରୀ ଅତ୍ୟନ୍ତ ହର୍ଷରେ ପରଷି ଦେଉଥିଲେ । ବିଶୋବା ବସି ଆସ୍ତେ ଆସ୍ତେ ପଙ୍ଖା କରୁଥିଲେ । ସମସ୍ତ ପରିବାରର ଗୋଟିଏ କାର୍ଯ୍ୟ, ଗୋଟିଏ ହାର୍ଦିକ ଭାବ ଓ ଗୋଟିଏ ଉଦ୍ଦେଶ୍ୟ ଥିଲା – ବହୁ ଦିନରୁ କ୍ଷୁଧାର୍ତ୍ତ, ବୃଦ୍ଧ, ଦୁର୍ବଳ ଅତିଥିଙ୍କୁ ଉତ୍ତମ ଭୋଜନରେ ସନ୍ତୁଷ୍ଟ କରିବା ।

ମନୁଷ୍ୟର ସମସ୍ତ କର୍ମ ନିର୍ଭର କରେ ଆନ୍ତରିକ ନିଷ୍କପଟ ଭାବ ଉପରେ । ଯେଉଁ ବ୍ୟକ୍ତି ନାମ, ଯଶଃ, ପ୍ରତିଷ୍ଠା ଅଥବା ଅର୍ଥପ୍ରାପ୍ତି ଉଦ୍ଦେଶ୍ୟରେ ଦାନ କରନ୍ତି ବା କର୍ମ କରନ୍ତି ସେମାନଙ୍କୁ ତାହାହିଁ ମିଳେ । ସେମାନଙ୍କ ଦ୍ୱାରକୁ ଭଗବାନ୍ ବାର ବାର ଆସନ୍ତି, ଅନୁନୟ ବିନୟ କରି ହୃଦୟ-ଗୃହରେ ପ୍ରବେଶ କରିବାକୁ ଚାହାନ୍ତି । କିନ୍ତୁ ଦ୍ୱାର ଅହଂସ୍ୱାର୍ଥରେ ଦୃଢ଼ରୂପେ ବନ୍ଦ ଥାଏ, ପ୍ରବେଶ କରି ପାରନ୍ତି ନାହିଁ । ଦ୍ୱାର ଖୋଲିବାର ଉପାୟରୂପେ ଯଦି କୌଣସି ବସ୍ତୁ ଭଗବାନ୍ ଚାହାନ୍ତି, ବ୍ୟକ୍ତି ଦୃଷ୍ଟିରେ ସେ ଅପାତ୍ର ବା ଅନଧିକାରୀ ପ୍ରତୀତ ହୁଅନ୍ତି । ପ୍ରତିଥର ତାଙ୍କୁ ଫେରିଯିବାକୁ ପଡ଼େ । କିନ୍ତୁ ନିଷ୍କପଟ ହୃଦୟରେ, ଭଗବତ୍ ସେବାଭାବ ସହ କର୍ମରେ ଯେଉଁ ବ୍ୟକ୍ତିର ହୃଦୟ-ମନ୍ଦିର ଉନ୍ମୁକ୍ତ ହୋଇଯାଏ, ଭଗବାନ୍ ତହିଁରେ ବିରାଜମାନ ହୁଅନ୍ତି ।

ବିଶୋବା ଏବଂ ତାଙ୍କ ପରିବାରଙ୍କ ଅତିଥିସେବାରେ ଅହଂ, ସ୍ୱାର୍ଥ, ନାମଯଶଃ ଅଥବା କୌଣସି ସାଂସାରିକ ବସ୍ତୁର ଲାଳସା ବା ଲୋଭ ନ ଥିଲା । ସେମାନେ ଭଗବାନଙ୍କୁ ପ୍ରାପ୍ତି ଉଦ୍ଦେଶ୍ୟରେ ଅତିଥିକୁ ଭଗବତ୍ ସ୍ୱରୂପ ଭାବି ସେବା କରୁଥିଲେ । ସେହି ସେବାରେ ସେମାନଙ୍କ ହୃଦୟରୁ ଆବରଣ ଦୂର ହୋଇଯାଇଥିଲା । ଭଗବାନ୍ ଯଦ୍ୟପି ଆସିଥିଲେ ଛଦ୍ମରୂପରେ, ସେମାନେ ଭଗବାନଙ୍କ ଯଥାର୍ଥ ସ୍ୱରୂପ ଯଦ୍ୟପି ଜାଣିପାରି ନ ଥିଲେ ତଥାପି ସେମାନଙ୍କ ହୃଦୟ-ଆବରଣ ଦୂର ହୋଇଥିବାରୁ ସେମାନଙ୍କ ଆତ୍ମାର ପ୍ରେରଣା ସେମାନେ ପାଇଲେ । ସେମାନେ ଅଜ୍ଞାନରେ ଆତ୍ମାର ପ୍ରଭାବରେ ପ୍ରଭାବିତ ହୋଇ ସ୍ୱତଃସ୍ଫୂର୍ତ୍ତ ଭାବରେ ଅତିଥିକୁ ନିଷ୍କପଟ ହାର୍ଦିକ ପ୍ରେମରେ ସେବା କରି ପାରିଲେ । ଯେଉଁମାନେ ନିଷ୍କପଟ ଆନ୍ତରିକ ଭଗବତ୍ ସେବା ଭାବରେ କୌଣସି କର୍ମ କରନ୍ତି ସେମାନେ କୌଣସି ପରିସ୍ଥିତିରେ ଭୁଲ୍ କରି ବିପଦରେ ପଡ଼ନ୍ତି ନାହିଁ । ସେମାନଙ୍କୁ ସବୁ ସମୟରେ ଭଗବତ୍ ଶକ୍ତି ଛୋଟ ଶିଶୁକୁ ମା' ରକ୍ଷା କରିବା ସଦୃଶ ସଙ୍ଗେ ସଙ୍ଗେ ଛାୟା ସଦୃଶ ରହି ରକ୍ଷା କରେ । ଏହିପରି ଘଟଣାରେ ଆମ୍ଭେମାନେ ଧାରଣା କରୁ ଭଗବାନ୍ ଭକ୍ତର ପରୀକ୍ଷା କରିବାକୁ ଛଦ୍ମବେଶରେ ଆସନ୍ତି । କିନ୍ତୁ ଯଥାର୍ଥରେ ତାହା ନୁହେଁ । ଭଗବାନ୍ ଯଦି ସର୍ବଜ୍ଞ ନ ହୋଇଥା'ନ୍ତେ ତେବେ ପରୀକ୍ଷା କରନ୍ତେ । ଭଗବାନଙ୍କ ପାଖରେ ଭକ୍ତର ଆନ୍ତରିକ ଭାବ ଗୁପ୍ତ ନ ଥାଏ । ସେଥିପାଇଁ ତାଙ୍କୁ ପରୀକ୍ଷା

କରିବାକୁ ପଡ଼େ ନାହିଁ । ଭଗବାନ୍ ଭକ୍ତର ଭାବରେ ବିଭୋର ହୋଇ ଆସନ୍ତି ଭକ୍ତ ସହିତ ଖେଳ ଖେଳିବାକୁ । ଭକ୍ତ ପାଖରେ ସେ ତାଙ୍କର ସମସ୍ତ ଐଶ୍ୱର୍ଯ୍ୟ ଭୁଲିଯାଆନ୍ତି । ଭକ୍ତକୁ ଆନନ୍ଦ ଦେବା ସକାଶେ ସେ ବହୁତ ରୂପରେ ଆସନ୍ତି ।

ଆଜି ବିଶୋବା ତଥା ତାଙ୍କ ପରିବାର ଧନ୍ୟ ହୋଇଗଲେ । ଆଜି ଭଗବାନ୍ ତାଙ୍କ ଘରେ ଅତିଥି ରୂପରେ ବସି ଭୋଜନ କରୁଛନ୍ତି । ସମସ୍ତ ପରିବାର ଆନନ୍ଦରେ ଭୋଜନ କରାଉଛନ୍ତି । ଭୋଜନ ସମାପ୍ତ ହେଲା – ଭକ୍ତ ପ୍ରେମରେ ଭଗବାନ୍ ଆଉ ନିଜକୁ ଅପ୍ରକଟ ରଖିପାରିଲେ ନାହିଁ । ଭଗବାନ୍ ନିଜ ସ୍ୱରୂପରେ ସମସ୍ତଙ୍କୁ ଆଶୀର୍ବାଦ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ । ଭକ୍ତ ପରିବାରଙ୍କର ଜୀବନ କୃତାର୍ଥ ହୋଇଗଲା । ସମସ୍ତ ସାଧନାର ପରମ ଫଳ ସେମାନେ ପାଇଗଲେ । ସଂସାର ବିଚିତ୍ର । ସେଥିରେ ସବୁପ୍ରକାର ବ୍ୟକ୍ତି ଆସନ୍ତି । ଯେଉଁ ଭଗବତ୍ ଭକ୍ତମାନେ ସମସ୍ତ ପ୍ରାଣୀରେ ଭଗବାନଙ୍କୁ ଦେଖନ୍ତି, ସେମାନଙ୍କର କାହା ସହିତ ବିରୋଧ ନ ଥାଏ । ସେମାନଙ୍କ ପ୍ରତି ଦ୍ୱେଷ ରଖିବା ବ୍ୟକ୍ତିଙ୍କର ବି ଅଭାବ ନ ଥାଏ । ବିଶୋବାଙ୍କ ନିଷ୍କପଟ ଦାନଶୀଳତାର ପ୍ରସାରିତ ଯଶଃ କେତେକ ଦୁଷ୍ଟସ୍ୱଭାବ ବ୍ୟକ୍ତି ସହିପାରୁ ନ ଥା'ନ୍ତି । ତାଙ୍କୁ ବିପଦରେ ପକାଇବା ସକାଶେ ବାରଂବାର ଛିଦ୍ର ଖୋଜୁଥା'ନ୍ତି । ତାଙ୍କର ସମସ୍ତ ସଂପତ୍ତି ଦାନରେ ସମାପ୍ତ ହେବା ପରେ ବି ପୂର୍ବବତ୍ ଅନ୍ନଦାନ ଚାଲୁଥିବା ଦେଖି ସେମାନେ ସଂଧାନ କରି ମୁସଲମାନ ମହାଜନ ଠାରୁ କରଜ ଆଣିଥିବା ଜାଣିପାରିଲେ । ସେମାନେ ସ୍ପଷ୍ଟଭାବେ ବୁଝିପାରିଥିଲେ ଯେ ସେହି ସମୟରେ ବିଶୋବାଙ୍କ ପାଖରେ ଟଙ୍କା ନ ଥିଲା । ଦୁର୍ଭିକ୍ଷ ସମୟରେ ଦାନରେ ଦେବାଳିଆ ବ୍ୟକ୍ତିଙ୍କୁ ଅନ୍ୟାନ୍ୟ ମହାଜନଙ୍କଠାରୁ କରଜ ମିଳିବା ଆଶା ନ ଥିଲା । ଏହି ସୁଯୋଗ ପାଇ ବିଶୋବାଙ୍କ ଯଶଃ ସହିପାରୁ ନ ଥିବା ବ୍ୟକ୍ତିମାନେ ମୁସଲମାନ ମହାଜନଙ୍କ ପାଖରେ ପହଞ୍ଚିଲେ ଏବଂ ବିଶୋବାଙ୍କ ଦରିଦ୍ରତା ବିଷୟରେ ସମସ୍ତ କହିଲେ । ସେମାନେ କହିଲେ, ''ପୂର୍ବ ସତ୍ୟବାଦୀ, ପ୍ରତିଜ୍ଞାନିଷ୍ଠ ବିଶୋବା ବର୍ତ୍ତମାନ ସେପରି ନାହିଁ । ସେ ବର୍ତ୍ତମାନ ଅର୍ଦ୍ଧପାଗଳ । ଭିକାରିକାଙ୍ଗାଳିଙ୍କୁ ସମସ୍ତ ସମ୍ପତ୍ତି ବାଣ୍ଟି ସାରିଲାଣି । ସେ ବର୍ତ୍ତମାନ ଦରିଦ୍ର, ରାସ୍ତାର ଭିକାରି; ତୁମର ଏତେ ହଜାର ଟଙ୍କା ସେ ଦେଇପାରିବ ନାହିଁ ।'' ଏ କଥା ଶୁଣି ମୁସଲମାନ ମହାଜନ ଆଶ୍ଚର୍ଯ୍ୟ ହୋଇଗଲେ । କହିଲେ, ''ବିଶୋବାଙ୍କ ଦରିଦ୍ରତା ସମ୍ବନ୍ଧେ ମୁଁ କିଛି ଜାଣି ନ ଥିଲି । ତାଙ୍କୁ ବଡ଼ ବ୍ୟବସାୟୀ ତଥା ସତ୍ୟନିଷ୍ଠ ବୋଲି ଜାଣିଥିଲି । ସେ ପ୍ରକୃତରେ ସତ୍ୟନିଷ୍ଠ । କିନ୍ତୁ ଦରିଦ୍ର ଅବସ୍ଥାରେ ସତ୍ୟ ରଖିବେ କିପରି ?'' ଏହା କହି କିଛି ସିପାହି ସଙ୍ଗେ ନେଇ ବିଶୋବାଙ୍କ ଘରେ ପହଞ୍ଚିଲେ । ତାଙ୍କୁ କହିଲେ, ''ତୁମେ ମୋଠାରୁ ବିଶ୍ୱାସଘାତକତାରେ ଟଙ୍କା ଆଣିଛ । ତୁମ ଦରିଦ୍ରତା ବିଷୟରେ ଜାଣିଥିଲେ ଟଙ୍କା ଦେଇ ନ ଥା'ନ୍ତି ।'' ବିଶୋବା କହିଲେ, ''ଦରିଦ୍ର ହେଲେ କ'ଣ ହେବ, ମୋ ସତ୍ୟତା ଭଗବାନ୍ ଅବଶ୍ୟ ରଖିବେ ।'' ମୁସଲମାନ ବହୁତ ରାଗିଯାଇ କହିଲା, ''ତୁମ ଭଗବାନ୍ ଫଗବାନ୍ ମୁଁ ଜାଣେ ନାହିଁ, ସଙ୍ଗେ ସଙ୍ଗେ ଟଙ୍କା ଆଣ ।'' ବିଶୋବା ତାଙ୍କୁ ଶାନ୍ତ କରିବାକୁ ଯେତେ ଚେଷ୍ଟା କରୁଥା'ନ୍ତି ମୁସଲମାନର ସେତେ ରାଗ ବଢୁଥାଏ, କିନ୍ତୁ ସତ୍ୟତାର ସବୁ ସମୟରେ ସମ୍ମାନ ଥାଏ । ଭଗବାନଙ୍କ ଭକ୍ତର କେବେ ଅନିଷ୍ଟ ହୁଏ ନାହିଁ । ତାଙ୍କୁ ରକ୍ଷା କରନ୍ତି ଭଗବାନ୍ । ଠିକ୍ ସେହି ସମୟରେ ସେହି ଅଞ୍ଚଳରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ବିଶୋବାଙ୍କ ପାଖକୁ ଆସିଲେ । ସେ ବିଶୋବାଙ୍କୁ ବିଶେଷ ସମ୍ମାନ କରନ୍ତି, ବିଶୋବାଙ୍କ ସତ୍ୟତାରେ ତାଙ୍କର କେବେ ବି ଅବିଶ୍ୱାସ ନ ଥାଏ । ସେ ମହାଜନ ଏବଂ ଖାତକଙ୍କ ସହିତ କଥାବାର୍ତ୍ତା କରି ସାତଦିନରେ ବିଶୋବା ସମସ୍ତ ଟଙ୍କା ପରିଶୋଧ କରିବା ନିର୍ଣ୍ଣୟ କରିଦେଲେ ଏବଂ ସ୍ୱୟଂ ଜାମିନି ହେଲେ ।

ଦୃଢ଼ବିଶ୍ୱାସୀ ବିଶୋବା ଭଗବାନଙ୍କ ନିର୍ଭରତାରେ ଆନନ୍ଦରେ ରହିଲେ । ପାଞ୍ଚଦିନ ସମାପ୍ତ ହୋଇ ଛଅଦିନ ଆସିଲା । ରାତି ପାହିଲେ ସାତଦିନ ହେବ । କିନ୍ତୁ ବିଶୋବାଙ୍କ ପାଖରେ ଫଟାପାହୁଲା ନ ଥାଏ । ସେହି ଦୁର୍ଭିକ୍ଷ ସମୟରେ ଏତେ ହଜାର ଟଙ୍କା କେହି ଦେବେ, ଏହା ସ୍ୱପ୍ନରେ ବି ଆଶା କରାଯାଇପାରେ ନାହିଁ । ବିଶୋବାଙ୍କ ସୁଦୃଢ଼ ଆଶ୍ରୟ ଏକମାତ୍ର ଭଗବାନଙ୍କ ଛଡ଼ା ଆଉ କେହି ନ ଥିଲେ । ସେହି ଆଶ୍ରୟ କେବେ ବି ବ୍ୟର୍ଥ ହୁଏ ନାହିଁ । କୁରୁସଭାରେ ପିତାମହ ଭୀଷ୍ମ ଏବଂ ଦ୍ରୋଣାଚାର୍ଯ୍ୟଙ୍କ ଉପସ୍ଥିତିରେ କୁଳବଧୂ ଦ୍ରୌପଦୀଙ୍କ ବସ୍ତ୍ର ଶେଷ ହେଲା ନାହିଁ । ବିବସ୍ତ୍ରକରିବା ସମୟରେ ଭଗବାନ୍ ଦ୍ରୋପଦୀଙ୍କ ଲଜ୍ଜା ରକ୍ଷା କରିଥିଲେ । ଦୁଃଶାସନର ଶହେ ହାତୀର ଥିବା ବଳ ଥକିଗଲା । ଦ୍ରୋପଦୀଙ୍କ ବସ୍ତ୍ର ଶେଷ ହେଲା ନାହିଁ ।

ସେହି ଭଗବାନଙ୍କ ଆଶ୍ରିତ ଭକ୍ତ ବିଶୋବା ଭଗବାନଙ୍କୁ ପ୍ରାର୍ଥନା କଲେ, ''ହେ ମୋର ପରମ ଆଶ୍ରୟ ପ୍ରଭୁ, ଆଜିପର୍ଯ୍ୟନ୍ତ ମୋତେ ସବୁ ସମୟରେ ରକ୍ଷାକରି ଆସିଛ । ଆଜି ରକ୍ଷାକର । ମୋ ବଚନ ଅସତ୍ୟ ହେବା ସକାଶେ ମୋତେ ଅଧିକ ଚିନ୍ତା ନାହିଁ । ଅଧିକ ଚିନ୍ତା ତୁମ ଭକ୍ତିରେ କଳଙ୍କ ଲାଗିବାରେ । ପ୍ରଭୁ, ମୁଁ ଯଥାର୍ଥରେ ତୁମ ଭକ୍ତ ହେବା ଯୋଗ୍ୟ ନୁହେଁ । ମୋ ମଧ୍ୟରେ ଭକ୍ତିବିରୋଧୀ ଦୁର୍ଗୁଣ ପୂର୍ଣ୍ଣ ହୋଇ ରହିଛି । କିନ୍ତୁ ଲୋକେ କହନ୍ତି, 'ବିଶୋବା ଭଗବାନଙ୍କ ଭକ୍ତ', ମୋ ସତ୍ୟଭଙ୍ଗ ହେବାରେ ତୁମ ବିମୁଖ ବ୍ୟକ୍ତିକୁ ଭଗବାନ୍ ନ ଥିବା କଥା କହିବାର ସୁଯୋଗ ମିଳିବ । ତା' ଛଡ଼ା ପ୍ରଭୁ, ମୋ ସକାଶେ ଯେଉଁ ବ୍ୟକ୍ତି ଜାମିନି ହୋଇଛନ୍ତି ତାଙ୍କ ଗତି କ'ଣ ହେବ ? ଏହି ସଂକଟରେ ଏକମାତ୍ର ସାହା ତୁମେ । ପ୍ରଭୁ, ତୁମେ ମୋର ପିତା, ମାତା, ଭାଇ, ବନ୍ଧୁ, ଜନ୍ମମରଣର ସାଥୀ; ତୁମେ ମୋ ସକାଶେ ଯାହା ନିର୍ଦ୍ଧାରଣ କରିବ, ତାହାହିଁ ମୋର ଶିରୋଧାର୍ଯ୍ୟ । ତୁମେ ଯଦି ମୋ ସକାଶେ ମୃତ୍ୟୁ ଆଣିଦେବ ସେଥିରେହିଁ ମୋର ପରମ କଲ୍ୟାଣ । ତୁମ ଚରଣ ଆଶ୍ରୟ ଛଡ଼ା ମୋର ଅନ୍ୟ କିଛି ନାହିଁ ।'' ଏପରି ପ୍ରାର୍ଥନାରେ ବିଶୋବାଙ୍କ କଣ୍ଠ ରୁଦ୍ଧ ହୋଇଗଲା, ଦୁଇ ନେତ୍ରରୁ ଅନବରତ ଅଶ୍ରୁ ବର୍ଷଣ ହେଉଥାଏ । ପୁଲକ, କମ୍ପ, ସ୍ୱେଦ, ରୋମାଞ୍ଚ ଆଦି ପ୍ରେମର ଅଷ୍ଟ ସାତ୍ତ୍ୱିକ ଭାବ ତାଙ୍କ ଶରୀରରେ ପ୍ରକାଶ ହେଲା – ସେ ଭଗବତ୍ ପ୍ରେମାନନ୍ଦସମୁଦ୍ରରେ ଡୁବିଗଲେ ।

ଭଗବାନ୍ ଭକ୍ତକୁ ରକ୍ଷା କରିବାରେ ସତତ ସଜାଗ ଥା'ନ୍ତି । ବିଶୋବାଙ୍କ ଚୁକ୍ତିର ଛ'ଦିନ ଶେଷ ହୋଇ ସାତଦିନ ସକାଳୁ ଭକ୍ତବତ୍ସଳ ଭଗବାନ୍ ବିଶୋବାଙ୍କ ଗୁମାସ୍ତା ରୂପ ଧାରଣ କରି ମହାଜନ ମୁସଲମାନଙ୍କ କଚେରିରେ ଉପସ୍ଥିତ ହେଲେ । ମୁସଲମାନ ମହାଜନଙ୍କୁ ସଲାମ କରି କହିଲେ, ''ମାଲିକ, ମୁଁ ବିଶୋବାଙ୍କ ଗୁମାସ୍ତା । ଆପଣଙ୍କଠାରୁ ନେଇଥିବା କରଜ ଟଙ୍କା ପରିଶୋଧ କରିବା ସକାଶେ ସେ ମୋତେ ପଠାଇଛନ୍ତି । ଆପଣ ମୂଳ ଏବଂ ସୁଧ ହିସାବ କରି ଟଙ୍କା ନେଇ ହେଣ୍ଡ୍ ନୋଟ୍ ଫେରସ୍ତ ଦିଅନ୍ତୁ ।'' ଗୁମାସ୍ତା ସାଧାରଣ ଗୁମାସ୍ତା ନ ଥିଲେ । ତାଙ୍କ ଶବ୍ଦରେ ଅମୃତ ବର୍ଷା ହେଉଥିଲା । ମୁସଲମାନ ମହାଜନ କୌଣସି ସୁକୃତରୁ ଭକ୍ତ ବିଶୋବାଙ୍କ ସହିତ ମହାଜନୀ ସମ୍ବନ୍ଧ ଯୋଗୁଁ ଏହି ସୁଯୋଗ ପାଇଲେ । ବିଶୋବାଙ୍କ ସତ୍ୟତାରେ ମୁସଲମାନ ମୁଗ୍ଧ ହୋଇ ତାଙ୍କ ସହିତ କରିଥିବା ଦୁର୍ବ୍ୟବହାର ସ୍ମରଣ କରି ଲଜ୍ଜିତ ହେବାକୁ ଲାଗିଲେ । ବହୁତ ସ୍ନେହରେ ଗୁମାସ୍ତାଙ୍କୁ ପାଖରେ ବସାଇ ଦେଇଥିବା ଟଙ୍କା ଏବଂ ସୁଧ ହିସାବ କରିଦେଲେ । ଗୁମାସ୍ତା ମୂଳ ଟଙ୍କା ସହିତ କଡ଼ା ବରକଡ଼ା ସୁଧ ପରିଶୋଧ କରିଦେଲେ । ମହାଜନ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ବିଶୋବା ଦେଇଥିବା ହେଣ୍ଡ୍ ନୋଟ୍ ଚିରି କରି ଗୁମାସ୍ତାଙ୍କୁ ଦେଇଦେଲେ ।

ବିଶୋବା ଭଗବତ୍ ପ୍ରେମାନନ୍ଦରେ ରାତ୍ରି ବ୍ୟତୀତ କରି ନିତ୍ୟ ନିୟମାନୁସାରେ ଭୋରରୁ ସ୍ନାନ କରି ଭଗବତ୍ ଧ୍ୟାନ ଏବଂ ସ୍ମରଣ କଲେ । ଭଗବଦ୍‌ଗୀତା ପୋଥି ପଢ଼ିବା ସକାଶେ ଖୋଲିବାରୁ ତା' ମଧ୍ୟରୁ ବାହାରିଲା ଚିରା ହେଣ୍ଡ୍ ନୋଟ୍, ଯେଉଁ ହେଣ୍ଡ୍ ନୋଟ୍ ମୁସଲମାନ ମହାଜନଙ୍କୁ ଦେଇ ଟଙ୍କା ଆଣିଥିଲେ । ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସଙ୍ଗେ ସଙ୍ଗେ ସିଧା ମୁସଲମାନ ମହାଜନଙ୍କ ପାଖକୁ ଗଲେ । ସେ ଦେଖିବା ମାତ୍ରେ ବିଶୋବାଙ୍କୁ ବହୁତ ସମ୍ମାନ କରି ବସାଇ, ଆସିବାର କାରଣ ପଚାରିଲେ । ବିଶୋବାଙ୍କ ହୃଦୟ ସରଳ ଥିଲା, ସେ ତରତରରେ କହିଲେ, ''ଆଜି ଆପଣଙ୍କ ଟଙ୍କା ପରିଶୋଧ କରିବାର ନିର୍ଦ୍ଦିଷ୍ଟ ଦିନ । କିନ୍ତୁ ଏ ପର୍ଯ୍ୟନ୍ତ ଟଙ୍କାର ବ୍ୟବସ୍ଥା ହୋଇପାରି ନାହିଁ ।'' ମହାଜନ ଆଶ୍ଚର୍ଯ୍ୟରେ କହିଲେ, ''ଆଜି ତୁମ ଗୁମାସ୍ତା ଆସି ସମସ୍ତ ଟଙ୍କା ଦେଇ ହେଣ୍ଡ୍‌ନୋଟ ଫେରସ୍ତ କରି ନେଇ ଯାଇଛି । ମୁଁ ନିଜେ ଟଙ୍କା ରଖି ହେଣ୍ଡ୍ ନୋଟ୍ ଚିରି ତାକୁ ଦେଇଥିଲି । ମୋ ମହାଜନୀ ଖାତାରେ ଅସୁଲ ଦିଆ ହୋଇଛି । ତୁମେ ସ୍ୱୟଂ ଦେଖିନିଅ ଏବଂ ମୋ କର୍ମଚାରୀମାନଙ୍କୁ ପଚାର, ସେମାନଙ୍କ ସମ୍ମୁଖରେ ମୁଁ ଟଙ୍କା ରଖିଛି ।'' ଏ କଥା ଶୁଣି ବିଶୋବା ସିଧା ଗୁମାସ୍ତାଙ୍କ ଘରକୁ ଯାଇ ପଚାରିଲେ, ''ତୁମେ କେଉଁଠାରୁ ଟଙ୍କା ଆଣି ମୁସଲମାନ ମହାଜନଙ୍କ ଋଣ ପରିଶୋଧ କରିଛ ?'' ଏହା ଶୁଣିବା ମାତ୍ରେ ଗୁମାସ୍ତା ଆଶ୍ଚର୍ଯ୍ୟ ହୋଇ ବିଶୋବାଙ୍କ ଆଡ଼କୁ ଚାହିଁ କହିଲେ, ''ଆଜିକାଲି ସମୟରେ ମୋତେ ଏତେ ଟଙ୍କା କିଏ ଦେବ ? ମୁଁ ଆପଣଙ୍କୁ ନ ପଚାରି ମହାଜନଙ୍କ ଋଣ ପରିଶୋଧ କରନ୍ତି କିପରି ?'' ଏହା ଶୁଣିବା ମାତ୍ରେ ବିଶୋବା ଭଗବାନଙ୍କ ଦୟା ବୁଝିପାରିଲେ । ଭଗବାନ୍ ଗୁମାସ୍ତା ବେଶ ଧାରଣ କରି ମୁସଲମାନ ଘରକୁ ଯାଇ ସଲାମ କରି ଟଙ୍କା ଦେବା କଥା ସ୍ମରଣ କରି ଭଗବାନଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ହୃଦୟ ବିଦୀର୍ଣ୍ଣ

ହୋଇପଡ଼ିଲା, ଗଳା ରୁଦ୍ଧ ହୋଇଗଲା, ଦୁଇ ନେତ୍ରରୁ ଅଶ୍ରୁଧାରା ପ୍ରବାହିତ ହେଲା, ସେ ଭଗବତ୍ ପ୍ରେମସମାଧିରେ ବାହ୍ୟଜ୍ଞାନଶୂନ୍ୟ ହୋଇଗଲେ । ଏହି ଘଟଣା କଥା କଥାରେ ବିଜୁଳି ସଦୃଶ ଚାରିଆଡ଼େ ପ୍ରସାର ହୋଇଗଲା । ବହୁତ ଲୋକ ଏକତ୍ର ହୋଇଗଲେ । କେତେ ଘଣ୍ଟା ପରେ ବିଶୋବା ବାହ୍ୟଜ୍ଞାନ ପ୍ରାପ୍ତ ହେବାରୁ ଏକତ୍ର ହୋଇଥିବା ବ୍ୟକ୍ତି ବିଶୋବାଙ୍କ ପ୍ରତି ଭଗବାନଙ୍କ ଦୟା, ବିଶୋବାଙ୍କ ଭକ୍ତି, ଦାନ ଏବଂ ନିଷ୍ଠା ଗୁଣ ଗାନ କରି ଧୀରେ ଧୀରେ ନିଜ ଘରକୁ ଚାଲିଗଲେ । ବିଶୋବା ସେହି ସମୟରେ ସ୍ତ୍ରୀ ଓ ପୁତ୍ରମାନଙ୍କୁ ଘରର ଦାୟିତ୍ୱ ଦେଇ ଘର ଛାଡ଼ି ପଣ୍ଢରପୁର ଚାଲିଗଲେ ।

ସେଠାରେ ତାଙ୍କ ବୈରାଗ୍ୟ ଏବଂ ଭଗବତ୍ ଭକ୍ତି କେତେଗୁଣ ବଢ଼ିଗଲା । ସେ ନିରନ୍ତର ଭଗବାନଙ୍କ ନାମସ୍ମରଣ ଏବଂ ଭଗବାନଙ୍କ ଧ୍ୟାନରେ ମଗ୍ନ ରହୁଥା'ନ୍ତି । ଭଗବାନଙ୍କ ପ୍ରେମ ଓ ଭକ୍ତିରେ ହୃଦୟ ଉଲ୍ଲସିତ ହେଉଥାଏ । ଜାଗ୍ରତ ଅବସ୍ଥାରେ ଯେପରି ଭଗବତ୍ ଭକ୍ତିରେ ନିରନ୍ତର ନିମଗ୍ନ ହୋଇ ରହିଥା'ନ୍ତି, ସେହିପରି ରାତ୍ରିରେ । କିଛି ସମୟ ନିଦ୍ରା ଆସିଲେ ସ୍ୱପ୍ନରାଜ୍ୟରେ ବି ଭଗବାନଙ୍କ ସହିତ ଭଗବତ୍ ସେବାରେ ବିଚରଣ କରୁଥା'ନ୍ତି । ତାଙ୍କର ଭଗବତ୍ ଭକ୍ତି ଦିନକୁ ଦିନ ବଢୁଥାଏ ।

ସେହି ସମୟରେ ଜ୍ଞାନଦେବ ବି ଅଳ୍ପ ବୟସରେ ପଣ୍ଢରପୁରରେ ବହୁତ ଉଚ୍ଚକୋଟୀର ମହାପୁରୁଷରୂପେ ମାନ୍ୟ ହୋଇଥିଲେ । ଚଉଦଶହ ବର୍ଷର ହଠଯୋଗୀ ଚାଙ୍ଗଦେବ ତାଙ୍କରି ଆଜ୍ଞାରେ ତାଙ୍କ ଛୋଟ ଭଉଣୀ ମୁକ୍ତାବାଇଙ୍କଠାରୁ ଦୀକ୍ଷା ଗ୍ରହଣ କରି ଶିଷ୍ୟତ୍ୱ ସ୍ୱୀକାର କରିଥିଲେ । ଭକ୍ତି ଏବଂ ଜ୍ଞାନ ମଧ୍ୟରେ ହୋଇଥିବା ବିବାଦର ସମନ୍ୱୟ କରିବାକୁ ଜ୍ଞାନଦେବ ଚେଷ୍ଟା କରିଥିଲେ । କିନ୍ତୁ ଏହାର ପୂର୍ଣ୍ଣ ସମନ୍ୱୟ ହୁଏ ଅତିମାନସ ଚେତନାରେ ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା ।

ଭକ୍ତ ବିଶୋବାଙ୍କୁ ଭକ୍ତି ପ୍ରାପ୍ତ ହୋଇଥିଲା । ସେ ଜ୍ଞାନଦେବଙ୍କ ଜ୍ଞାନ ଏବଂ ଯୋଗରେ ପ୍ରଭାବିତ ହୋଇ ତାଙ୍କଠାରୁ ଦୀକ୍ଷା ଗ୍ରହଣ କଲେ ଏବଂ ଜ୍ଞାନେଶ୍ୱର ମଣ୍ଡଳରେ ସମ୍ମିଳିତ ହେଲେ । ସେ ତାଙ୍କ ଅଭଙ୍ଗ କବିତାରେ ସ୍ପଷ୍ଟଭାବେ ଲେଖିଛନ୍ତି :

''ମେରେ ଗୁରୁ ହୈଁ ଜ୍ଞାନେଶ୍ୱର
ଜୋ ମହାବିଷ୍ଣୁ କା ଅବତାର ।''

ତାଙ୍କ ଗୁରୁ ଥିଲେ ଜ୍ଞାନେଶ୍ୱର କିନ୍ତୁ ସେ ଜ୍ଞାନେଶ୍ୱରଙ୍କ ବଡ଼ଭାଇ ସୋପାନଦେବଙ୍କୁ ବି ଗୁରୁରୂପେ ମାନୁଥିଲେ । ବିଶୋବା ଯଥାର୍ଥରେ ଭକ୍ତି ଏବଂ ଜ୍ଞାନରେ ସିଦ୍ଧ ମହାତ୍ମା ଥିଲେ । ସେ ପଣ୍ଢରପୁରରେ ବାସ କରୁଥିଲେ, କେବେ କେବେ ଅନ୍ୟତ୍ର ବି ଭ୍ରମଣ କରୁଥିଲେ ।

ଥରେ ପଣ୍ଢରୀନାଥ ନାମଦେବଙ୍କୁ ବିଶୋବାଙ୍କଠାରୁ ଗୁରୁଦୀକ୍ଷା ନେବାକୁ ପଠାଇଥିଲେ । ପଣ୍ଢରୀନାଥଙ୍କ କହିବାନୁସାରେ ନାମଦେବ ବିଶୋବାଙ୍କ ପାଖକୁ ଗଲେ । ଏହା ଜାଣି ବିଶୋବା ଗୋଟିଏ ଶିବଲିଙ୍ଗ ଉପରେ ଗୋଡ଼ ରଖି ଶୋଇଥିଲେ । ନାମଦେବ ତାଙ୍କ ପାଖରେ ପହଞ୍ଚି ଏ ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ନାମଦେବ ଥିଲେ ଭକ୍ତ, ଶିବଲିଙ୍ଗ ଉପରେ ଗୋଡ଼ ରଖିବା ତାଙ୍କ ଦୃଷ୍ଟିରେ ଅନୁଚିତ ଥିଲା । ବିଶୋବା ନାମଦେବଙ୍କ ମନୋଭାବ ଜାଣି କହିଲେ, ''ଯେଉଁଠାରେ ଶିବଲିଙ୍ଗ ନାହିଁ ସେହିଠାରେ ମୋ ଗୋଡ଼ ରଖିଦେ ।'' ନାମଦେବ ଯେଉଁଠି ବିଶୋବାଙ୍କ ଗୋଡ଼ ରଖୁଥିଲେ, ସେଠାରେ ଶିବଲିଙ୍ଗ ପ୍ରକଟ ହେଉଥିଲେ । ନାମଦେବ ଦୀକ୍ଷା ପାଇ ଗୁରୁଙ୍କ ଚରଣ ଧରି ପଡ଼ିଗଲେ । ନାମଦେବଙ୍କ ଦୀକ୍ଷାର ଅର୍ଥ ହେଲା, ଭଗବାନ୍ ସର୍ବସ୍ଥାନରେ ପରିପୂର୍ଣ୍ଣ । ଏହି ଜ୍ଞାନ ଉପଲବ୍ଧି ଥିଲା ବିଶୋବାଙ୍କର, ସେ ନିଜକୁ ମଧ୍ୟ ଭଗବାନଙ୍କଠାରୁ ପୃଥକ୍ ମନେକରୁ ନ ଥିଲେ । ନାମଦେବ ସଦ୍‌ଗୁରୁ ବିଶୋବାଙ୍କ ମହିମା ନିଜ ଅଭଙ୍ଗ କବିତାରେ ଗାନ କରିଛନ୍ତି । ବିଶୋବା ଭକ୍ତି ଏବଂ ଜ୍ଞାନ ଏହି ଉଭୟରେ ସିଦ୍ଧିଲାଭ କରିଥିଲେ । ପଣ୍ଢରପୁର ଭକ୍ତମଣ୍ଡଳୀରେ ବିଶୋବା ମହାନ୍ ପ୍ରସିଦ୍ଧିଲାଭ କରିଥିଲେ ।

ମହାଜ୍ଞାନୀ ପରମ ଭକ୍ତ ବିଶୋବାଙ୍କର ଜୟ ।

ସନ୍ଥ ରୂପକଳାଜି

ସନ୍ଥଙ୍କ ମହିମା ଅପାର । ଶାସ୍ତ୍ର, ପୁରାଣ, କବି, ପଣ୍ଡିତମାନେ ସନ୍ଥମାନଙ୍କ ଚରିତ୍ରର ବହୁବିଧ ବର୍ଣ୍ଣନ କରିଛନ୍ତି । କେହି କେହି ମହାତ୍ମା ଭଗବାନଙ୍କଠାରୁ ଭକ୍ତକୁ ଅଧିକ ଗୌରବ ଦିଅନ୍ତି :

''ମୋରେ ମନ ପ୍ରଭୁ ଅଶ ବିଶ୍ୱାସା
ରାମତେ ଅଧିକ ରାମକର ଦାସା,
ରାମସିନ୍ଧୁ ଘନ ସଜ୍ଜନ ଧିରା
ଚନ୍ଦନ ତରୁ ହରି ସନ୍ତ ସମୀରା ।''

ଶ୍ରୀ ଗୋସ୍ୱାମୀ ତୁଳସୀ ଦାସ କହୁଛନ୍ତି, ''ହେ ପ୍ରଭୁ, ଭଗବାନ୍ ରାମଙ୍କଠାରୁ ତାଙ୍କ ସେବକ ଅଧିକ ବୋଲି ମୋର ବିଶ୍ୱାସ । କାରଣ ଭକ୍ତ ଦ୍ୱାରାହିଁ ଭଗବାନଙ୍କୁ ଆମ୍ଭେମାନେ ଜାଣିପାରୁ । ଅନ୍ୟଥା ଭଗବାନଙ୍କୁ ଜାଣିବାର ଉପାୟ ନ ଥିଲା । ଶ୍ରୀରାମ ସମୁଦ୍ର ସଦୃଶ । ସମୁଦ୍ର ଜଳ ଯେପରି ପ୍ରତ୍ୟେକ ବ୍ୟକ୍ତିକୁ ପ୍ରାପ୍ତ ହୁଏ ନାହିଁ, ସେହିପରି ଭଗବାନଙ୍କୁ ବି ଆମ୍ଭେମାନେ ଜାଣୁ ନାହିଁ । ମେଘ ଯେପରି ସମୁଦ୍ରରୁ ଜଳ ନେଇ ବର୍ଷା କରି ସମସ୍ତଙ୍କୁ ଦିଏ, ସେହିପରି ସନ୍ଥମାନେ ସାଧନା କରି ଭଗବାନଙ୍କୁ ଉପଲବ୍ଧି କରନ୍ତି ଏବଂ ଆମ୍ଭମାନଙ୍କୁ ଉପଦେଶ ଦେଇ, ଶାସ୍ତ୍ର ଲେଖି ସଂସାର ଦୁଃଖାଗ୍ନିରେ ଜଳୁଥିବା ଆମ୍ଭମାନଙ୍କ ହୃଦୟରେ ଭଗବାନଙ୍କ ଜ୍ଞାନ, ଭକ୍ତି, ଦୟା, କରୁଣା ଜଳ ବର୍ଷାକରି ଶାନ୍ତି ପ୍ରଦାନ କରନ୍ତି । ଚନ୍ଦନତରୁ ସଦୃଶ ଭଗବାନଙ୍କ ଲଳିତ ଲୀଳା ବିଦ୍ୟମାନ ଥାଏ, କିନ୍ତୁ ସନ୍ଥମାନେ ସମୀର ସଦୃଶ ଭଗବତ୍ ଲୀଳାକୁ ସ୍ପର୍ଶ ବା ପ୍ରାପ୍ତ କରି ଆମ୍ଭମାନଙ୍କର ଦୁଃଖତାପରେ ତପ୍ତ ହୃଦୟକୁ ଶୀତଳ କରନ୍ତି ।'' ଅର୍ଥାତ୍ ପରମାନନ୍ଦସ୍ୱରୂପ ଭଗବାନ୍ ସନ୍ଥମାନଙ୍କ ଦ୍ୱାରା ପ୍ରାପ୍ତ ହେଉଥିବାରୁ ଭକ୍ତ ଦୃଷ୍ଟିରେ ଭଗବାନଙ୍କଠାରୁ ଭଗବାନଙ୍କ ସେବକ ଅଧିକ ଆଦରର ପାତ୍ର । ଯଥାର୍ଥରେ ସନ୍ଥମାନଙ୍କ ଦ୍ୱାରାହିଁ ଭଗବାନଙ୍କ ଜ୍ଞାନ, ଭକ୍ତି ପ୍ରାପ୍ତ କରି ବ୍ୟକ୍ତି ଦୁଃଖଦ୍ୱନ୍ଦ୍ୱ, ଜନ୍ମମରଣର ମହାନ୍ ବିପଦରୁ ରକ୍ଷା ପାଆନ୍ତି । ଆଜି ଆମ୍ଭେମାନେ ଏହିପରି ପରମ ଭକ୍ତ ଅଯୋଧ୍ୟାନିବାସୀ ସନ୍ଥ ଶ୍ରୀ ରୂପକଳାଜିଙ୍କ ଚରିତ ପାଠ କରି ଜୀବନକୁ ସଫଳ କରିବା ।

ପ୍ରସିଦ୍ଧ ସନ୍ଥ ରୂପକଳାଜି ବିହାର ପ୍ରାନ୍ତ ଛାପରା ଜିଲା ମୋବାରକପୁର ଗ୍ରାମରେ ଭକ୍ତ କେବଳକୃଷ୍ଣଙ୍କ ପୁତ୍ର ତପସ୍ୱୀରାମଙ୍କ ଦ୍ୱିତୀୟ ଧର୍ମପତ୍ନୀଙ୍କ ଗର୍ଭରୁ ଆନୁମାନିକ ୧୮୪୦ରୁ ୧୮୪୫ ମସିହା ମଧ୍ୟରେ ଶ୍ରାବଣ କୃଷ୍ଣପକ୍ଷ ନବମୀ ତିଥିରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ନାମ ରଖାହୋଇଥିଲା ସୀତାରାମଶରଣ ଭଗବାନପ୍ରସାଦ । କିନ୍ତୁ ତାଙ୍କ ନାମ ପ୍ରଚଳିତ ଥିଲା ଭଗବାନପ୍ରସାଦ ।

ଅନୁମାନ ହୁଏ ଶିଶୁ ଭଗବାନପ୍ରସାଦଙ୍କର ପୂର୍ବଜନ୍ମରେ ଯୋଗସିଦ୍ଧି ପୂର୍ଣ୍ଣ ହେବାର କିଛି ବାକି ଥିଲା । ସେହି ସକାଶେ ଗୀତାବାକ୍ୟ ଅନୁସାରେ ସେ ଗୋଟିଏ ଭକ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । କେବଳକୃଷ୍ଣ ଥିଲେ ଉଚ୍ଚକୋଟୀର ଭକ୍ତ । ତାଙ୍କର ତିନିପୁତ୍ର ମଧ୍ୟରୁ ଗୋଟିଏ ପୁତ୍ର ଗୃହସଂସାର ତ୍ୟାଗ କରି ଅଯୋଧ୍ୟାରେ ପ୍ରସିଦ୍ଧ ସନ୍ଥ ହୋଇଥିଲେ । ଅନ୍ୟ ପୁତ୍ର ଭଗବାନପ୍ରସାଦଙ୍କ ପିତା ଏବଂ ତାଙ୍କ ପିତାଙ୍କ ଭାଇ ଯଦ୍ୟପି ଥିଲେ ଗୃହସ୍ଥାଶ୍ରମରେ ତଥାପି ତାଙ୍କ ଆଚରଣ ଥିଲା ଭକ୍ତର । ଭକ୍ତ ପରିବାରରେ ଭଗବାନପ୍ରସାଦଙ୍କର ଜନ୍ମ ହେବାରୁ ମାତାଗର୍ଭରୁ ତାଙ୍କ ସଂସ୍କାର ତଥା ରକ୍ତରେ ଭଗବତ୍ ଭକ୍ତି ଓତପ୍ରୋତ ହୋଇଥିଲା ।

ସେ ସମୟରେ କେବଳକୃଷ୍ଣ ଚାକିରି କରୁଥିଲେ ପ୍ରୟାଗ (ଏଲାହାବାଦ)ରେ, ଗୋଟିଏ ନୀଳରଙ୍ଗ କମ୍ପାନୀରେ । ତାଙ୍କ ପାଖରେ ସମସ୍ତ ପରିବାର ସହିତ ଥିଲେ ଭଗବାନପ୍ରସାଦଙ୍କ ମା । ଭଗବାନପ୍ରସାଦ ଜନ୍ମ ଗ୍ରହଣ କରିଥିଲେ ତୀର୍ଥରାଜ ପ୍ରୟାଗରେ । ଭଗବାନପ୍ରସାଦଙ୍କ ଜନ୍ମର ଚାରିପାଞ୍ଚଦିନ ମଧ୍ୟରେ ତାଙ୍କ ପିତା ତପସ୍ୱୀରାମଙ୍କ ଚାକିରିରେ

ପଦୋନ୍ନତି ହେଲା ଏବଂ ପ୍ରପିତା କେବଳକୃଷ୍ଣ ସତ୍ୟନ୍ୟାୟପୂର୍ବକ ଦକ୍ଷତା ସହ କାର୍ଯ୍ୟ କରିଥିବା ଯୋଗୁଁ ତାଙ୍କୁ କମ୍ପାନୀ ତରଫରୁ ବହୁମୂଲ୍ୟ ପାରିତୋଷିକ ଉପହାର ମିଳିଥିଲା । ଏହିସବୁ ଘଟନା ସୁପୁତ୍ର ଭଗବାନପ୍ରସାଦଙ୍କ ଜନ୍ମର ଶୁଭ ଲକ୍ଷଣ ବୋଲି ଲୋକେ ଅନୁମାନ କରୁଥିଲେ । ଅଜା କେବଳକୃଷ୍ଣଙ୍କର ଶିଶୁ ଭଗବାନପ୍ରସାଦଙ୍କ ପ୍ରତି ଅତ୍ୟନ୍ତ ସ୍ନେହ ଥିଲା । ସେ ଅଫିସରୁ ଆସି ନାତିର ବାଲ୍ୟ କଲ୍ଲୋଳ ଖେଳ ଘଣ୍ଟାଏ ଦେଖି ଆନନ୍ଦ ଅନୁଭବ କରିବା ପରେ ଅନ୍ୟ କାର୍ଯ୍ୟ କରୁଥିଲେ । ଏହିପରି ବି ଥିଲା ଘରର ଏବଂ ସାହିପଡ଼ିଶା ଲୋକଙ୍କର । କ୍ରମଶଃ ଭଗବାନପ୍ରସାଦ ବଢ଼ିବାକୁ ଲାଗିଲା । ଅଜା କେବଳକୃଷ୍ଣଙ୍କ ଭକ୍ତି ପ୍ରଭାବ ତଥା ଭକ୍ତ ପରିବାରର ଆଚରଣର ପ୍ରଭାବରୁ ଶିଶୁ ଭଗବାନପ୍ରସାଦ କଥା କହିବା ଆରମ୍ଭ କରିବା ସଙ୍ଗେ ସଙ୍ଗେ ସୀତାରାମ ନାମ ଏବଂ ରାମାୟଣର ପଦ ଶୁଣି ଅସ୍ପଷ୍ଟ ଶବ୍ଦରେ ଉଚ୍ଚାରଣ କରିବାକୁ ଲାଗିଲେ । ଏଥିରେ ଭକ୍ତ ପରିବାରକୁ ବିଶେଷ ଆନନ୍ଦ ହେଉଥିଲା ଏବଂ ସେମାନେ ବାଳକକୁ ବାରଂବାର ଭଗବତ୍ ନାମ ଓ ରାମାୟଣ ପଦ ଗାଇବାକୁ ଉତ୍ସାହିତ କରୁଥିଲେ ।

ଭକ୍ତମାନଙ୍କ ସ୍ୱଭାବ ହେଉଛି ସନ୍ଥ ମହାତ୍ମାଙ୍କ ଦର୍ଶନ । କେବଳକୃଷ୍ଣ ବରାବର ସନ୍ଥ ମହାତ୍ମାଙ୍କ ଦର୍ଶନକୁ ଯାଆନ୍ତି ଏବଂ ଶିଶୁ ଭଗବାନପ୍ରସାଦଙ୍କୁ ସଙ୍ଗେ ନେଇଯା'ନ୍ତି । ସନ୍ଥମାନଙ୍କ ଆଶ୍ରମରେ ଭଗବତ୍ ସ୍ତୁତି ଏବଂ କୀର୍ତ୍ତନ ହୁଏ । ଶିଶୁ ଭଗବାନପ୍ରସାଦ ସାଧୁମାନଙ୍କ ଆଶ୍ରମକୁ ଯିବା ସଙ୍ଗେସଙ୍ଗେ ସେମାନଙ୍କ ସହିତ କୀର୍ତ୍ତନ କରନ୍ତି ଏବଂ ଭଗବତ୍ ସ୍ତୁତି ଗାନ କରନ୍ତି । ଶିଶୁର କୋମଳ କଣ୍ଠରେ କୀର୍ତ୍ତନ ଏବଂ ଭଗବତ୍ ପ୍ରାର୍ଥନା ଶୁଣିବାକୁ ଅତ୍ୟନ୍ତ ପ୍ରିୟ ଲାଗେ । ସନ୍ଥମାନେ ଅତ୍ୟନ୍ତ ପ୍ରସନ୍ନ ହୋଇ ତାଙ୍କୁ ବହୁତ ଭଗବତ୍ ପ୍ରାର୍ଥନା ଗୀତ ଶିଖାଇଦେଲେ । ଏହା ଫଳରେ ଶିଶୁ ଭଗବାନପ୍ରସାଦ ଖେଳିବା, ବୁଲିବା, ସ୍ନାନ କରିବା, ଭୋଜନ କରିବା ସମୟରେ ଭଗବତ୍ ନାମଜପ ଅଥବା ପ୍ରାର୍ଥନା ଗାଉଥିଲେ । ଛ' ସାତବର୍ଷ ବୟସରେ ଗୋଟିଏ ପଥରକୁ ଭଗବାନଙ୍କ ବିଗ୍ରହ ଭାବରେ ପୂଜା ମଧ୍ୟ କରୁଥିଲେ । ଭଗବାନପ୍ରସାଦଙ୍କର କୀର୍ତ୍ତନ, ପ୍ରାର୍ଥନାରେ ମୁଗ୍ଧ ହୋଇ ଅଜା କେବଳକୃଷ୍ଣ ଆଠବର୍ଷ ବୟସ ପର୍ଯ୍ୟନ୍ତ ସ୍କୁଲକୁ ପଠାଇ ନ ଥିଲେ ।

ସ୍କୁଲଶିକ୍ଷା

ଭଗବାନପ୍ରସାଦ ଆଠବର୍ଷ ବୟସରେ ସ୍କୁଲରେ ପ୍ରବେଶ କଲେ । ସେସମୟର ଶିକ୍ଷାପଦ୍ଧତି ଅନୁସାରେ ତାଙ୍କୁ ହିନ୍ଦୀ ଏବଂ ପାର୍ସୀ ପଢ଼ିବାକୁ ହେଲା । ତାଙ୍କ ବୁଦ୍ଧି ତୀକ୍ଷ୍ଣ ଥିଲା । ଭଗବତ୍ ଭକ୍ତି ପ୍ରଭାବରେ ତାହା ଶୁଦ୍ଧ ହେବାରୁ ସେ ଶିଶୁ ଅବସ୍ଥାରୁ ଅଳ୍ପ ପ୍ରୟାସରେ ସମସ୍ତ କାର୍ଯ୍ୟ ଉତ୍ତମରୂପେ ସମ୍ପାଦନ କରିପାରୁଥିଲେ । ଅଳ୍ପ ଦିନରେ ସେ ତୁଳସୀଦାସଙ୍କ ରାମାୟଣ ପଢ଼ିବା ଆରମ୍ଭ କଲେ । ତୁଳସୀଦାସଙ୍କ ରାମାୟଣ ଗୋଟିଏ ଅଦ୍ୱିତୀୟ ଭକ୍ତିସାହିତ୍ୟ । ରାମାୟଣର ଶିକ୍ଷା ଯଦି କେହି କିଛି ଅଂଶରେ ଗ୍ରହଣ କରିପାରେ ତେବେ ତା'ର ଜୀବନ ସର୍ବାଙ୍ଗସୁନ୍ଦର ହେବାରେ ସନ୍ଦେହ ନ ଥାଏ ।

ଭକ୍ତମାନଙ୍କର ଜୀବନ ଆଧାରହିଁ ରାମାୟଣ । ଶିଶୁ ଭଗବାନପ୍ରସାଦଙ୍କ ହୃଦୟରେ ଭକ୍ତିସ୍ରୋତ ପ୍ରବାହିତ ହେଉଥିଲା । ରାମାୟଣ ସଂଯୋଗରେ ତାହା ତୀବ୍ରବେଗ ଧାରଣ କଲା । ସ୍କୁଲ ମାଷ୍ଟର ଥିଲେ ଶ୍ରୀରାମଙ୍କ ଭକ୍ତ, ରାମାୟଣର ଜ୍ଞାତା । ଭକ୍ତମାନଙ୍କର ଭକ୍ତଙ୍କ ସଙ୍ଗେ ସାକ୍ଷାତ ହେଲେ ତାଙ୍କୁ ଭଗବତ୍ ଦର୍ଶନ ସଦୃଶ ଆନନ୍ଦ ପ୍ରାପ୍ତ ହୁଏ । ଶିଶୁ ଭଗବାନପ୍ରସାଦଙ୍କର ଭଗବତ୍ ଭକ୍ତି ତଥା ମିତଭାଷିତା, ଶାନ୍ତ, ବିନୟାଦି ସଦ୍‌ଗୁଣ ଦେଖି ଶିକ୍ଷକ ବିଶେଷ ମୁଗ୍ଧ ହୋଇ ତାଙ୍କୁ ଅତ୍ୟନ୍ତ ସ୍ନେହରେ ପଢ଼ାଉଥିଲେ; ଏବଂ ଭଗବତ୍ ଭକ୍ତି ତଥା ରାମାୟଣର ଗୂଢ଼ ବିଷୟରେ ଭଗବାନପ୍ରସାଦଙ୍କ ପ୍ରଶ୍ନର ଉତ୍ତର ପ୍ରସନ୍ନତା ସହିତ ଦେଉଥିଲେ । ସ୍କୁଲରେ ଭଗବାନପ୍ରସାଦଙ୍କର କେବଳ ଭୌତିକ ବିଦ୍ୟା ଶିକ୍ଷା ନ ଥିଲା, ତା' ସଙ୍ଗେ ଥିଲା ଅଧ୍ୟାତ୍ମ ଶିକ୍ଷା । ଭଗବାନଙ୍କ କୃପାରୁ ତାଙ୍କୁ ସ୍କୁଲ ମାଷ୍ଟର ସଦ୍‌ଗୁରୁରୂପେ ପ୍ରାପ୍ତ ହୋଇଥିଲେ । ସେ ଅଳ୍ପ ଦିନରେ ପ୍ରଥମ ଶ୍ରେଣୀରେ ନିମ୍ନ ମାଧ୍ୟମିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ପାଇ ଉଚ୍ଚଶିକ୍ଷା ସକାଶେ ଛାପରା ହାଇସ୍କୁଲରେ ପ୍ରବେଶ କଲେ । ତାଙ୍କର ଦୁଇଟି କାର୍ଯ୍ୟ ପ୍ରଧାନ ଥିଲା । ଗୋଟିଏ ପଢ଼ିବା, ଅନ୍ୟଟି ଭଗବତ୍ ସ୍ମରଣ । ସ୍କୁଲ ପଢ଼ା ପରେ ଅନ୍ୟ ସମୟରେ ଭଗବତ୍ ସ୍ମରଣ ସକାଶେ ସେ ଏକାନ୍ତତାକୁ ବିଶେଷ ପସନ୍ଦ କରୁଥିଲେ ।

ଏହା ନିଶ୍ଚୟ, ଭଗବାନଙ୍କ ଆଶ୍ରିତ ବ୍ୟକ୍ତିକୁ ଭଗବାନ୍ ସବୁ ସମୟରେ ସାହାଯ୍ୟ କରନ୍ତି ଏବଂ ସଙ୍ଗେ ସଙ୍ଗେ ଛାୟା ସଦୃଶ ରହି ରକ୍ଷା କରନ୍ତି । ଏହାର ଉଦାହରଣ ଛାତ୍ର ଭଗବାନପ୍ରସାଦଙ୍କ ଜୀବନରେ ବହୁତ ଘଟନାରେ ପାଇପାରିବା ।

ବିହାରର ପଛା ହେଉଛି, କୌଣସି ବନ୍ଧୁବାନ୍ଧବଙ୍କ ଘରେ ପ୍ରଥମ ସନ୍ତାନ ହେଲେ ତାଙ୍କ ଘରକୁ ନୂଆ ଲୁଗା ଏବଂ ମିଠାଇ ପଠାଇବାକୁ ହୁଏ । ଭଗବାନପ୍ରସାଦଙ୍କ ପରିବାରର ଜଣେ ବନ୍ଧୁ, ମୁନ୍‌ସି ରାମାନୁଗ୍ରହ ସିଂହ ମୁକ୍ତିଆର ଛାପରାସହରର ଦହିଆବାଁ ମହଲାରେ ସପରିବାର ରହୁଥିଲେ । ତାଙ୍କ ପରିବାରରେ ଗୋଟିଏ ସନ୍ତାନ ଜନ୍ମଗ୍ରହଣ କରିଥିଲା । ସେ ସକାଶେ ଭଗବାନପ୍ରସାଦଙ୍କ ପିତା କେତେକ ନୂଆ ଲୁଗା ଗୋଟିଏ ପୁଡ଼ିଆରେ ବାନ୍ଧି ମିଠାଇ ସହିତ ତାଙ୍କ ବନ୍ଧୁ ମୁନ୍‌ସିଙ୍କ ଘରକୁ ନେବା ସକାଶେ ଭଗବାନପ୍ରସାଦଙ୍କୁ କହିଲେ ଏବଂ ତାଙ୍କ ସଙ୍ଗେ ଗୋଟିଏ ଚାକର ଦେଲେ । ସେ ପ୍ରାନ୍ତରେ ଗୋଟିଏ ଘୋଡ଼ା ଦ୍ୱାରା ପରିଚାଳିତ 'ଏକ୍କା' ସବାରିରେ ଲୋକେ ଯାତାୟାତ କରୁଥିଲେ । ଭଗବାନପ୍ରସାଦ ଚାକର ଏବଂ ମିଠାଇ ତଥା ଲୁଗାପୁଡ଼ା ସହିତ ଏକ୍କାରେ ବସି ଭଗବାନଙ୍କ ସ୍ମରଣରେ ମସ୍ତ ହୋଇଗଲେ । ଘୋଡ଼ା ଦୌଡ଼ିବା ସମୟରେ ଗାଡ଼ିଟା ଅଧିକା ହଲେ । ଯଦି ବ୍ୟକ୍ତି ଅସାବଧାନ ଥାଏ ତେବେ ପଡ଼ିଯାଇପାରେ । ଏକ୍କାବାଲା ପ୍ରାୟହିଁ ଘୋଡ଼ାକୁ ଦୌଡ଼ାନ୍ତି । ଘୋଡ଼ା ଦୌଡ଼ିବା ସମୟରେ ରାସ୍ତାରେ ଲୁଗା ପୁଡ଼ା ଏବଂ ମିଠାଇ ପୁଡ଼ା ପଡ଼ିଯାଇଛି । ଭଗବାନପ୍ରସାଦ ଭଗବତ୍ ସ୍ମରଣ ଯୋଗୁଁ ପୁଡ଼ାକୁ ଲକ୍ଷ୍ୟ କରି ନ ଥିଲେ, ଚାକର ଅସାବଧାନ ଥିଲା । ମୁନସିଙ୍କ ଘର ନିକଟରେ ପହଞ୍ଚି ଲୁଗା ଏବଂ ମିଠାଇ ପୁଡ଼ା ନ ଦେଖି ବିଶେଷ ଅନୁତାପ କରି ଭଗବାନପ୍ରସାଦ କାନ୍ଦିବାକୁ ଲାଗିଲେ । 'ଏକ୍କା' ମୁନ୍‌ସିଙ୍କ ଦାଣ୍ଡରେ ପହଞ୍ଚିଲା । ଏକ୍କା ଦେଖିବା ମାତ୍ରେ ମୁନ୍‌ସି ପାଛୋଟି ଆସି ଭଗବାନପ୍ରସାଦଙ୍କୁ କାନ୍ଦୁଥିବାର ଦେଖି ଚକିତ ହୋଇ ପଚାରି ଚାକରଠାରୁ ସମସ୍ତ ଘଟନା ବୁଝିଲେ ଏବଂ ଭଗବାନପ୍ରସାଦଙ୍କୁ ସାନ୍ତ୍ୱନା ଦେଇ ଏକ୍କାରୁ ଉତାରି ନେଲେ । ଠିକ୍ ସେହି ସମୟରେ ମୁନ୍‌ସିଙ୍କର ଜଣେ ଚାକର ସେହି ଲୁଗା ଏବଂ ମିଠାଇଗଣ୍ଠିଲିଟି ଆଣି କହିଲେ, ''ଏ ଗଣ୍ଠିଲିଟି ରାସ୍ତାରୁ ପାଇଛି, ଏହା ତୁମ୍ଭର ନୁହେଁ କି ?'' ନିଜ ଲୁଗା ଏବଂ ମିଠାଇ ଗଣ୍ଠିଲି ପାଇ ଭଗବାନପ୍ରସାଦ ବିଶେଷ ଆନନ୍ଦିତ ହେଲେ ଏବଂ ଭଗବାନଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ହୃଦୟ ପୂର୍ଣ୍ଣ ହୋଇଗଲା ।

ବ୍ୟକ୍ତି ଭଗବାନଙ୍କ ଉପରେ ନିର୍ଭରଶୀଳ ହେଲେ ପ୍ରତି ସମୟରେ ଭଗବାନ୍ କିପରି ପ୍ରେରଣା ଦିଅନ୍ତି ଭଗବାନ-ପ୍ରସାଦଙ୍କର ଅନ୍ୟ ଗୋଟିଏ ଘଟନାରୁ ବୁଝି ପାରିବା । ଭଗବାନଙ୍କ କୃପାରୁ ସେ ଭଲ ପଢ଼ନ୍ତି । କିନ୍ତୁ ଯେତେବେଳେ ମନରେ ଅନୁରାଗ ହୁଏ ସେତେବେଳେ ସେ ପଢ଼ା ବନ୍ଦ କରି ଭଗବାନଙ୍କୁ ସ୍ମରଣ କରନ୍ତି । ଦିନେ ସେ ଛପୟା ରାମାୟଣ ମନେ ମନେ ଗାନ କରୁଥିଲେ :

''ଶ୍ରୀପତି, ରଘୁପତି, ଅବଧପତି ରାଖଲେହୁ ଶରଣ ଆପନା ।
କୃପା କରହୁ ଶ୍ରୀରାମଚନ୍ଦ୍ର, ମମହରହୁ ଶୋକ ସନ୍ତାପନା ॥''

ସେହି ସମୟରେ ମାଷ୍ଟର କ୍ଲାସରେ ପିଲାମାନଙ୍କୁ ପ୍ରଶ୍ନ ପଚାରୁ ଥିଲେ । କିନ୍ତୁ ଭଗବାନପ୍ରସାଦଙ୍କର ପଢ଼ା ସମୟରେ ଅନ୍ୟମନସ୍କତା ଦେଖି ମାଷ୍ଟର ବିରକ୍ତ ହୋଇ ପ୍ରଶ୍ନ କଲେ, ''ରଘୁବଂଶୀ ରାଜାଙ୍କ ରାଜଧାନୀର ନାମ କ'ଣ ?'' ତାଙ୍କ ଗାନ ଶ୍ରୀପତି, ରଘୁପତି ଶେଷ ହୋଇଥିଲା, ତା'ପରେ ଅବଧପତି କହିବା ସ୍ୱାଭାବିକ ଥିଲା । ତାଙ୍କ ମନ ଭଗବାନଙ୍କ ତରଫ ଲାଗି ରହିଥିଲା, ମାଷ୍ଟରଙ୍କ ପ୍ରଶ୍ନ ପ୍ରତି ସେ ଏକେବାରେ ଅସାବଧାନ ଥିଲେ । ସେହି ଅସାବଧାନ ଅବସ୍ଥାରେ ତାଙ୍କ ମୁହଁରୁ ଜୋରରେ ଉଚ୍ଚାରଣ ହେଲା ''ଅବଧ'' । ଏହି ଉତ୍ତରରେ ମାଷ୍ଟର ଏକେବାରେ ଆଶ୍ଚର୍ଯ୍ୟ ହୋଇ କହିଲେ, ''ଏ ଅସାବଧାନ ଅବସ୍ଥାରେ ଏପରି ଯଥାର୍ଥ ଉତ୍ତର ଦେଇପାରେ !''

ଭଗବାନପ୍ରସାଦ ଖୁବ୍ ଭଲ ପଢୁଥିଲେ । ମେଟ୍ରିକ ଶେଷ ବର୍ଷରେ ସେ ''ତନମନକି ସ୍ୱରୂପ'' ନାମରେ ହିନ୍ଦୀ ଭାଷାରେ ଗୋଟିଏ ପୁସ୍ତକ ଲେଖି ସ୍କୁଲ ଇନ୍‌ସ୍ପେକ୍ଟର ଡକ୍ଟର ଫେଲନ୍ ସାହେବଙ୍କୁ ଦେଇଥିଲେ । ସେ ପୁସ୍ତକ ଦେଖି ଇନ୍‌ସ୍ପେକ୍ଟର ବହୁତ ପ୍ରସନ୍ନ ହୋଇ ଭଗବାନପ୍ରସାଦଙ୍କୁ ସ୍କୁଲର ସବ୍‌ଇନ୍‌ସ୍ପେକ୍ଟର ପୋଷ୍ଟରେ ମାସିକ ୩୦ଟଙ୍କା

ବେତନରେ ନିଯୁକ୍ତ କରିଦେଲେ । ଚାକିରି କରିବାର କିଛିଦିନ ପରେ ଛପରା ଜିଲ୍ଲା ପୁରଗ୍ରାମନିବାସୀ ମୁନ୍‌ସି ଠାକୁରପ୍ରସାଦଙ୍କ କୁଳଶୀଳସମ୍ପନ୍ନା କନ୍ୟା ସହିତ ତାଙ୍କର ବିବାହ ହୋଇଥିଲା । ତେତ୍ରିଶ ବର୍ଷ ଗୃହସ୍ଥାଶ୍ରମରେ ରହିବା ପରେ ଧର୍ମପତ୍ନୀଙ୍କର ସ୍ୱର୍ଗବାସ ହୋଇଗଲା । କିନ୍ତୁ କୌଣସି ସନ୍ତାନ ନ ହେବା ସତ୍ତ୍ୱେ ଭଗବାନପ୍ରସାଦ ଆଉ ଦ୍ୱିତୀୟ ବିବାହ କରି ନ ଥିଲେ ।

ଭଗବାନପ୍ରସାଦ ବାଲ୍ୟ ଅବସ୍ଥାରୁ ଯଦ୍ୟପି ଭଗବତ୍ ଭକ୍ତିରସ ଆସ୍ୱାଦ କରିଆସୁଥିଲେ ତଥାପି ଗୁରୁ ବିନା ତାହାର ସର୍ବାଙ୍ଗୀଣ ବିକାଶ ହୋଇ ନ ଥିଲା । ମହାତ୍ମା ଶ୍ରୀରାମଚରଣ ଦାସଜିଙ୍କର B.N. ରେଲ୍‌ୱେ ଏକମା। ଷ୍ଟେସନ ସମୀପ ପରସା ଗ୍ରାମରେ ମଠ ଥିଲା । କିନ୍ତୁ ସେ ପ୍ରତିବର୍ଷ କେତେକ ସଙ୍ଗଙ୍କ ସହିତ ସାରା କାର୍ତ୍ତିକ ମାସ ସରଯୂ କୂଳେ ଗୋଦନାସେମରିୟାରେ ନିବାସ କରୁଥିଲେ । ଭଗବାନପ୍ରସାଦ ବିବାହର ଏକ ବର୍ଷ ପରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଏହି ମହାତ୍ମାଙ୍କଠାରୁ ସେହି ସ୍ଥାନରେ ଦୀକ୍ଷା ଗ୍ରହଣ କରିଥିଲେ । ଆଜି ବି ସେହି ସ୍ଥାନରେ ସେହି କାର୍ତ୍ତିକ ପୂର୍ଣ୍ଣମାସୀରେ ବଡ଼ ସମାରୋହରେ ଯାତ୍ରା ବା ମେଳା ହେଉଛି । ଏହିଠାରେ ଋଷି ଗୌତମଙ୍କ ଆଶ୍ରମ ଥିଲା ଏବଂ ତାଙ୍କ ପତ୍ନୀ ଅହଲ୍ୟାଙ୍କ ଉଦ୍ଧାର ହୋଇଥିବାର ଲୋକପ୍ରବାଦ ଅଛି ।

ଚାକିରି ଜୀବନ

ଏହି ସଂକ୍ଷିପ୍ତ ଜୀବନଚରିତରେ ଯେଉଁ ମସିହା ଦିଆହୋଇଛି ତାହା ଏକେବାରେ ନିର୍ଦିଷ୍ଟ ବୋଲି ମନେ ହେଉ ନାହିଁ । କେବଳ ସମୟ ଜାଣିବା ସକାଶେ ଆନୁମାନିକଭାବେ ଉଲ୍ଲେଖ କରାହୋଇଛି । ପ୍ରାୟ ୧୮୬୩ ଅଗଷ୍ଟ ତା. ୧୪କୁ ଭଗବାନପ୍ରସାଦ ୩୦ ଟଙ୍କା ବେତନରେ ସ୍କୁଲ ସବ୍‌ଇନ୍‌ସ୍ପେକ୍ଟର କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ । ଏକ ବର୍ଷ ପରେ ୧୮୬୪ ମସିହାରେ ତାଙ୍କ ବେତନ ୫୦ ଟଙ୍କା କରାହେଲା ଏବଂ ସ୍କୁଲ ଡେପୁଟି ଇନ୍‌ସ୍ପେକ୍ଟର କାର୍ଯ୍ୟରେ ସାରନପୁରୀକୁ ବଦଳି କରାଗଲା ।

ସମ୍ଭବତଃ ଚାକିରିର ପ୍ରଥମ ଅବସ୍ଥାରେ ତାଙ୍କ ଭଗବତ୍ ଭକ୍ତି କିଛିମାତ୍ରାରେ ଶିଥିଳ ହୋଇଥିଲା । ସାଧନା ଅବସ୍ଥାରେ ଅନୁକୂଳ ଏବଂ ପ୍ରତିକୂଳ ପରିବେଶରେ ସାଧନା ସାମୟିକରୂପେ ଶିଥିଳ ଏବଂ ତୀବ୍ର ହୋଇଥାଏ । କିଛି ବର୍ଷ ପରେ ସେ ବିଶେଷ ସାବଧାନ ହୋଇ ପୁନରାୟ ସାଧନାରେ ପ୍ରବୃତ୍ତ ହେଲେ । ଭଗବତ୍ କୃପା ତଥା ଭଗବତ୍ ଭକ୍ତି ଯୋଗୁଁ ବୁଦ୍ଧି ଶୁଦ୍ଧ ହୋଇଥିବାରୁ ଭଗବାନପ୍ରସାଦ କୁଶଳତା ପୂର୍ବକ କର୍ମ କରୁଥିଲେ । ତାଙ୍କ କାର୍ଯ୍ୟର ଦକ୍ଷତା ଦେଖି ଉଚ୍ଚ ଅଫିସରମାନେ ତାଙ୍କ ପଦୋନ୍ନତି କରିଥିଲେ । ୧୮୬୭ ମସିହାରେ ତାଙ୍କ ବେତନ ୮୦ ଟଙ୍କା କରାହେଲା ଏବଂ ପୂର୍ଣ୍ଣିୟା ଜିଲ୍ଲାର ଜିଲ୍ଲା ସ୍କୁଲ ଡେପୁଟି ଇନ୍‌ସ୍ପେକ୍ଟର ପଦରେ ନିଯୁକ୍ତ କରାହେଲା ତଥା ସେହି ସଙ୍ଗେ ସେହି ସ୍କୁଲରେ ହେଡ୍‌ମାଷ୍ଟର କାର୍ଯ୍ୟରେ ମଧ୍ୟ ନିଯୁକ୍ତ ହେଲେ ଏବଂ ସେ ଏହି ଦୁଇଟି କାର୍ଯ୍ୟ ଦକ୍ଷତା ସହିତ ସଂପାଦନ କରୁଥିଲେ । ଅଳ୍ପ ଦିନରେ ସ୍କୁଲର ବହୁତ ଉନ୍ନତି ହେଲା । ତାଙ୍କର କାର୍ଯ୍ୟଦକ୍ଷତା ଦେଖି ସେହି ଜିଲ୍ଲାର କଲେକ୍ଟର ବାର୍ଗନ ସାହେବ ତାଙ୍କୁ ସଂସ୍କୃତ ତଥା ପାର୍ସୀ ପଢ଼ିବାକୁ ପ୍ରେରଣା ଦେଲେ । ସେହି ସମୟରେ ସେ ବଙ୍ଗଳା ଭାଷା ମଧ୍ୟ ଶିଖି ନେଇଥିଲେ । ଦୁଇବର୍ଷ ମଧ୍ୟରେ ଉଭୟ କାର୍ଯ୍ୟରେ ତଥା ପଢ଼ାରେ ତାଙ୍କ ଦକ୍ଷତା ଦେଖି ଉପର ଅଫିସର ତାଙ୍କୁ ୧୮୬୯ ମସିହାରେ ମାସିକ ବେତନ ୧୦୦ ଟଙ୍କାରେ ମୁଙ୍ଗେର ଜିଲ୍ଲାକୁ ବଦଳି କରିଦେଲେ । ତାଙ୍କର କାର୍ଯ୍ୟରେ ଯେପରି ଦକ୍ଷତା ଥିଲା ସେହିପରି ଭଗବତ୍ ଭକ୍ତିରେ ବି ତୀବ୍ରତା ଥିଲା । ସେ ଯଦ୍ୟପି ରାମ-ଉପାସକ ବୈଷ୍ଣବ ଥିଲେ ଏବଂ କଣ୍ଠି, ତିଳକ ଧାରଣ କରିଥିଲେ ତଥାପି ଅନ୍ୟ ଧର୍ମକୁ ଘୃଣା କରୁ ନ ଥିଲେ, ବରଂ ଯଥେଷ୍ଟ ସମ୍ମାନ କରୁଥିଲେ ।

ଥରେ ଭଗବାନପ୍ରସାଦ ଯେଉଁ ରେଳଗାଡ଼ି କକ୍ଷରେ ଯାତ୍ରା କରୁଥିଲେ ସେହି କକ୍ଷରେ ସୟଦ୍ ଅବ୍‌ଦୁଲ୍ ଗଫୁର ଆସି ବସିଲେ । ଏହି ଦୁଇଜଣଙ୍କ ବ୍ୟତୀତ ଅନ୍ୟ କେହି ନ ଥିଲେ । ଭଗବାନପ୍ରସାଦଙ୍କ ମସ୍ତକରେ ତିଳକ, ଗଳାରେ ମାଳା ଦେଖି ସୟଦ୍ ଅବ୍‌ଦୁଲ୍ ଗଫୁର ବିଶେଷ ଘୃଣାଦୃଷ୍ଟିରେ ଦେଖିଲେ ଏବଂ କିଛି ସମୟ ପରେ ନମାଜ ପଢ଼ିବା ଆରମ୍ଭ କଲେ । ତାଙ୍କ ନମାଜ ପଢ଼ିବା ସମୟରେ ଭଗବାନପ୍ରସାଦ ଉଠି ଛିଡ଼ା ହୋଇ ଭଗବତ୍ ସ୍ମରଣରେ ଲୀନ ହୋଇଗଲେ ।

ମୌଲବିସାହେବ ନମାଜ ସମାପ୍ତ କରି ପ୍ରଶ୍ନ କଲେ, ''ତୁମେ କାହିଁକି ଛିଡ଼ାହେଲ ?'' ଭଗବାନପ୍ରସାଦ ଉତ୍ତର ଦେଲେ, ''ଭଗବାନଙ୍କ ଉପସ୍ଥିତି ଯୋଗୁଁ । କାରଣ, ଯିଏ ଯେଉଁଠାରେ ଭଗବାନଙ୍କୁ ସ୍ମରଣ କରେ ଭଗବାନ୍ ସେହିଠାରେ ଉପସ୍ଥିତ ହୁଅନ୍ତି ।'' ମୌଲବି କହିଲେ —''ତୁମେ କ'ଣ ଭାବ ଖୁଦା ଏକ ?'' ଭଗବାନପ୍ରସାଦ ଉତ୍ତର ଦେଲେ, ''ବେସକ, ଖୁଦା ଏକ, ଏକ ଖୁଦାକୁ ବ୍ୟକ୍ତି ଭିନ୍ନ ଭିନ୍ନ ନାମରେ ଉପାସନା କରନ୍ତି ।'' ଏହି ଉତ୍ତରରେ ମୌଲବି ସାହେବ ବହୁତ ଖୁସିହେଲେ ଏବଂ ଧର୍ମ ସମ୍ବନ୍ଧେ ତାଙ୍କ ସହିତ ବହୁତ ଆଳାପ ଆଲୋଚନା କଲେ । ତାଙ୍କ ଠିକଣା ନେଇ ତାଙ୍କ ସହିତ ପତ୍ର ବ୍ୟବହାର ମଧ୍ୟ କରୁଥିଲେ ।

୧୮୭୩ ମସିହାରେ ବିହାରରେ ଭୟଙ୍କର ଦୁର୍ଭିକ୍ଷ ପଡ଼ିଥିଲା । ଅନ୍ନ ଅଭାବରୁ ହଜାର ହଜାର ଲୋକ କାଳ ଦ୍ୱାରା କବଳିତ ହେଲେ । ଭଗବାନପ୍ରସାଦ ଲୋକଙ୍କ ଦୁର୍ଦ୍ଦଶା ବରଦାସ୍ତ କରି ନ ପାରି ସ୍ୱେଚ୍ଛାରେ ଜିଲ୍ଲା କଲେକ୍‌ଟରଙ୍କୁ କହି ସରକାରଙ୍କ ତରଫରୁ ଅନ୍ନ ବିତରଣ କାର୍ଯ୍ୟ କରିଥିଲେ । ମୁଙ୍ଗେର ଜିଲ୍ଲାର ସେ ସମୟର ଜଏଣ୍ଟ ମାଜିଷ୍ଟ୍ରେଟ୍ ଏଚ୍. ଜେ. ନ୍ୟୁବେରୀ ସାହେବ ଲେଖିଥିଲେ, ''ଭଗବାନପ୍ରସାଦ ଅନ୍ନ ରଖିବା ଏବଂ ବିତରଣ କରିବାର ବ୍ୟବସ୍ଥା ସେହିପରି ସାହସ, ପରିଶ୍ରମ ଏବଂ ଦକ୍ଷତା ସହିତ କଲେ ଯେପରି ସେ ସ୍କୁଲ ବ୍ୟବସ୍ଥା ଦକ୍ଷତା ସହ କରନ୍ତି ।''

୧୮୭୫ ମସିହାରେ ତାଙ୍କର ମାସିକ ବେତନ ୧୫୦ ଟଙ୍କା ଏବଂ ୧୮୭୮ରେ ୨୦୦ ଟଙ୍କା ହେଲା । ସେ ଚାକିରି କରିବା ସମୟରେ ବିହାରର ବହୁତ ଜିଲ୍ଲାରେ କାର୍ଯ୍ୟ କରିଥିଲେ, କିନ୍ତୁ ମୁଙ୍ଗେର ଜିଲ୍ଲାରେ ୧୨ ବର୍ଷ ରହିଥିଲେ । ଭଗବାନପ୍ରସାଦ ସାଧୁସେବାରେ ବହୁତ ଟଙ୍କା ଖର୍ଚ୍ଚ କରୁଥିଲେ । ଥରେ ବହୁତ ସାଧୁ ମୁଙ୍ଗେର ଆସିଥିଲେ, ସେମାନଙ୍କ ସେବାରେ ତାଙ୍କର ସମସ୍ତ ଟଙ୍କା ଖର୍ଚ୍ଚ ହୋଇଗଲା, ନିଜ ଖର୍ଚ୍ଚ ସକାଶେ କିଛି ନ ଥିଲା । ଜଣେ ମୁସଲମାନ ମୁକ୍ତାରକୁ ସ୍ୱପ୍ନ ହେବାରୁ ଭଗବାନପ୍ରସାଦଙ୍କର ଯେତିକି ଟଙ୍କା ଆବଶ୍ୟକ ଥିଲା ସେତିକି ଟଙ୍କା ଆଣି ତାଙ୍କୁ ଦେଲେ ଏବଂ ସ୍ୱପ୍ନରେ ଆଦେଶ ହୋଇଥିବା କଥା କହିବାରୁ ସେ ଭଗବାନଙ୍କ ପ୍ରସାଦ ମନେକରି ଗ୍ରହଣ କଲେ ।

ଭଗବତ୍‌କୃପା

ଥରେ ଭଗବାନପ୍ରସାଦ ଛୁଟି ନେଇ ଇଷ୍ଟଧାମ ଶ୍ରୀ ଅଯୋଧ୍ୟା ଯାଇଥିଲେ । ସେଠାରେ ରାମକୋଟରେ ଆନନ୍ଦଭବନ ମହାତ୍ମା ଶ୍ରୀ ପ୍ରେମଲତାଜିଙ୍କ ପାଖରେ ଶ୍ରୀସୀତାରାମଙ୍କର ଚିତ୍ରପଟ ଦେଖି ଏପରି ମୁଗ୍ଧ ହୋଇଗଲେ ଯେ ଛୁଟି ପୂରା ହୋଇଯିବାର କେତେଦିନ ପରେ ବହୁ କଷ୍ଟରେ ଅଯୋଧ୍ୟାରୁ ଫେରି ଆସିଲେ ଓ ତାଙ୍କ ବିଳମ୍ବର କାରଣ ସ୍ପଷ୍ଟରୂପେ ଉପରିସ୍ଥ ଅଫିସରଙ୍କୁ କହିଦେଲେ । ତାଙ୍କର ସତ୍ୟ ତଥା ନିଷ୍କପଟ ବାକ୍ୟ ଶୁଣି ସେ ପ୍ରସନ୍ନତା ପୂର୍ବକ ଭଗବାନପ୍ରସାଦ ଯେତେ ଅଧିକ ଦିନ ଥିଲେ ସେଥିସକାଶେ ଛୁଟି ମଞ୍ଜୁର କରିଦେଲେ ।

ଥରେ ଛାପରା ଜିଲାର ବୈଷ୍ଣବ ରାମାନନ୍ଦ ସଂପ୍ରଦାୟର ମହନ୍ତ ଶ୍ରୀ ରାମଧାନ ଦାସଜି ତାଙ୍କ ମଠରେ ରାମଲୀଳାର ବ୍ୟବସ୍ଥା କରିଥିଲେ । ଏହି ଲୀଳା ହୋଇଥିଲା ଫାଲ୍‌ଗୁନ ଅମାବାସ୍ୟାରୁ ଚୈତ୍ର କୃଷ୍ଣପକ୍ଷ ଦଶମୀ ପର୍ଯ୍ୟନ୍ତ । ଏଥିରେ ବହୁତ ଟଙ୍କା ଖର୍ଚ୍ଚ ହୋଇଥିଲା ଏବଂ ବହୁ ରାମଲୀଳା-ମଣ୍ଡଳୀକୁ ନିମନ୍ତ୍ରଣ କରା ହୋଇଥିଲା ।*

ଏହି କାର୍ଯ୍ୟରେ ହାତୁଆରାଜା ତଥା ବିହାରର ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ଭଗବାନପ୍ରସାଦଙ୍କ ପିତା ଅର୍ଥ ସାହାଯ୍ୟ କରିଥିଲେ ଏବଂ ସେଥିରେ କାର୍ଯ୍ୟ କରିଥିଲେ । ସେ ସଭାରେ ବଡ଼ ବଡ଼ ଅଫିସର ଏବଂ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଭଗବାନପ୍ରସାଦ ଖବର ପାଇ ଛୁଟି ନେଇ ସେହି ଉତ୍ସବରେ ସମ୍ମିଳିତ ହୋଇଥିଲେ ।

---

* ଓଡ଼ିଶାରେ ଯାତ୍ରାଦଳ ସଦୃଶ ବିହାର ଏବଂ ଉତ୍ତର ପ୍ରଦେଶରେ ରାମଲୀଳା-ମଣ୍ଡଳୀ ଅଛନ୍ତି । ରାମଲୀଳାକୁ ରାମାୟଣର ପ୍ରତୀକରୂପେ ମାନ୍ୟ କରାହୁଏ । ଅର୍ଥାତ୍ ମନ୍ଦିର ପ୍ରତିମାକୁ ଯେପରି ଭଗବାନ୍ ମାନି ପୂଜା କରାହୁଏ, ସେହିପରି ସୀତା, ରାମ, ହନୁମାନ ଓଗେର ଲୀଳାର ପାତ୍ରଙ୍କୁ ତାଙ୍କ ଯଥାର୍ଥ ସ୍ୱରୂପର ପ୍ରତୀକରୂପେ ମାନ୍ୟ କରାହୁଏ ଏବଂ ଭକ୍ତିଭାବରେ ପୂଜା ବି କରାହୁଏ । ଲୀଳାମଣ୍ଡଳୀ ପ୍ରତି ଦର୍ଶକମାନଙ୍କର ଶୁଦ୍ଧ ଭକ୍ତିଭାବ ଥାଏ ।

ପୂର୍ବେ କୁହା ହୋଇଛି ଭଗବାନପ୍ରସାଦ ରାମ-ଉପାସକ ଥିଲେ ଏବଂ ରାମମନ୍ତ୍ର ଦୀକ୍ଷା ନେଇଥିଲେ । ବୈଷ୍ଣବ ସଂପ୍ରଦାୟରେ ଭଗବାନଙ୍କୁ ଯେଉଁଭାବେ ବା ଯେଉଁ ସମ୍ବନ୍ଧ ରଖି ଉପାସନା କରାହୁଏ ତାକୁ କୁହାଯାଏ ରସ ବା ସମ୍ବନ୍ଧ । ଦାସ୍ୟ, ବାତ୍ସଲ୍ୟ, ସଖ୍ୟ, ଶାନ୍ତ ଏବଂ ମଧୁର – ଏହାହିଁ ପାଞ୍ଚ ପ୍ରକାର ସମ୍ବନ୍ଧ ବା ପଞ୍ଚରସ । ଭଗବାନପ୍ରସାଦଙ୍କର ଥିଲା ମଧୁର ରସ । ସେ ନିଜକୁ ସୀତାଙ୍କର ଦାସୀ ଭାବରେ ଉପାସନା କରୁଥିଲେ । ତାଙ୍କର ସମ୍ବନ୍ଧ ନାମ ଥିଲା ରୂପକଳା । ସେ ଶ୍ରୀ ଅବଧ ଯିବାପରେ ଏହି ନାମରେ ପ୍ରଖ୍ୟାତ ଥିଲେ । କିନ୍ତୁ ଚାକିରି କରିବା ସମୟରେ ଏହି ଭାବରେ ତନ୍ମୟ ହୋଇ ଉପାସନା କରୁଥିଲେ । ସେଠାରେ ରାମଲୀଳାର ଭିନ୍ନ ଭିନ୍ନ ପ୍ରକରଣ ହେଉଥିଲା । ସୀତାରାମ ପୋଷାକରେ ଦୁଇଟି ଛୋଟ ଛୋଟ ପିଲା ସିଂହାସନରେ ବିରାଜମାନ ହୋଇଥିଲେ । ତାଙ୍କ ପାଖରେ ସେହି ରାମଲୀଳାମଣ୍ଡଳୀର ଷୋଳଟି ପିଲା ସଖୀ ବେଶରେ ପୋଷାକ ପିନ୍ଧି ନୃତ୍ୟ ସହ ଗାନ କରିବାକୁ ଲାଗିଲେ । ସେଠାକାର ବାତାବରଣ ଭଗବତ୍ ଉପସ୍ଥିତିରେ ପୂର୍ଣ୍ଣ ହୋଇଗଲା । ସମସ୍ତ ଦର୍ଶନାର୍ଥୀ ମନ୍ତ୍ରମୁଗ୍ଧ ହୋଇ ଦେଖୁଥିଲେ । ଭଗବାନପ୍ରସାଦ ସେହି ଲୀଳାରେ ଏକେବାରେ ତନ୍ମୟ ହୋଇଗଲେ । ବାହ୍ୟଜ୍ଞାନ ଅନ୍ତର୍ଚେତନାରେ ଲୀନ ହୋଇଗଲା । ସେ ସାକେତ ଦିବ୍ୟଧାମରେ ସୀତାରାମଙ୍କ ସମ୍ମୁଖରେ ସଖୀରୂପେ ନୃତ୍ୟ କରୁଥିବା ଆବେଶ ତାଙ୍କ ସ୍ଥୂଳ ଚେତନାକୁ ଆବୃତ କରିଦେଲା । ସଭାରେ ତାଙ୍କ ପିତା, ହାତୁଆରାଜା ତଥା ବଡ଼ ବଡ଼ ଅଫିସର ଥିବା ସତ୍ତ୍ୱେ ସେ ଉଠି ନୃତ୍ୟ କରୁଥିବା ସଖୀମାନଙ୍କ ସହିତ ସମ୍ମିଳିତ ହୋଇ ନୃତ୍ୟ କରିବାକୁ ଲାଗିଲେ । ପୂର୍ବର ଯେଉଁ ବାତାବରଣ ଥିଲା ଭଗବାନପ୍ରସାଦଙ୍କ ଆନ୍ତରିକ ପ୍ରବଳ ଭାବ ଏବଂ ଭାବର ଆବେଶ ଦ୍ୱାରା ତାହା ଆହୁରି ଘନୀଭୂତ ହୋଇଗଲା । ସମସ୍ତ ସଭା ନିସ୍ତବ୍ଧ; ସମସ୍ତ ଦର୍ଶନାର୍ଥୀ ପ୍ରତିମା ସଦୃଶ ନିଶ୍ଚଳ । କାହାରି ମୁଖରେ ଗୋଟିଏ ଶବ୍ଦ ନ ଥାଏ । ଏହିପରି ଘଣ୍ଟାଏ ଦେଢ଼ଘଣ୍ଟା ନୃତ୍ୟ କରିବା ପରେ ତାଙ୍କ ସ୍ଥୂଳ ଶରୀର ଭଗବତ୍ ଭକ୍ତିରସର ଦିବ୍ୟ ଆବେଶ ଆଉ ବରଦାସ୍ତ କରି ପାରିଲା ନାହିଁ । ସେ ସେଠାରେ ମୂର୍ଚ୍ଛିତ ହୋଇ ପଡ଼ିଗଲେ । ନୃତ୍ୟ ବନ୍ଦ ହୋଇଗଲା । ସଭାର ନିସ୍ତବ୍ଧତା ଭଙ୍ଗହେଲା । କେତେଜଣ ଭଗବାନପ୍ରସାଦଙ୍କୁ ଉଠେଇ ନେଇ ଉପଚାର କଲେ; ବହୁତ ସମୟ ପରେ ସେ ସଚେତ ହେଲେ । ସେହିଦିନଠାରୁ ତାଙ୍କ ଭଗବତ୍ ଭକ୍ତିଭାବ ଦ୍ୱାରା ତାଙ୍କ ସଂପର୍କୀୟ ବହୁତ ବ୍ୟକ୍ତି ପ୍ରଭାବିତ ହେଲେ ।

ଭଗବାନପ୍ରସାଦ ଡେପୁଟି ଇନ୍‌ସ୍ପେକ୍‌ଟର ଥିବା ସମୟରେ ସ୍କୁଲ ପରିଦର୍ଶନ କରିବାକୁ ଗୋପାଳ କାନ୍ଧେଇ ଥିବା ସବାରିରେ ଯାତାୟାତ କରୁଥିଲେ । ଥରେ ଭାଗଲପୁର ଜିଲ୍ଲାରେ ସ୍କୁଲ ପରିଦର୍ଶନକୁ ଯିବା ସମୟରେ ରାସ୍ତାରେ ଗୋଟିଏ ପାହାଡ଼ୀ ଶୁଖିଲା ନଦୀ ପାର ହେବାକୁ ପଡ଼ିଲା । ନଦୀବନ୍ଧ ତୀକ୍ଷ୍ଣ ଥିବାରୁ ସେ ସବାରିରୁ ଉତରି ପଡ଼ିଲେ । ଗୋପାଳମାନେ ନଦୀ ପାର ହୋଇ ଅନ୍ୟ କୂଳରେ ପହଞ୍ଚିଗଲେ । ଭଗବାନପ୍ରସାଦ ଆସ୍ତେ ଆସ୍ତେ ଚାଲି ଠିକ୍ ମଝି ନଦୀରେ ହୋଇଛନ୍ତି ସେହି ସମୟରେ ବହୁତ ଜୋରରେ ତାଙ୍କ ଶରୀର ଅପେକ୍ଷା ଅଧିକ ଉଚ୍ଚରେ ନଈବଢ଼ି ଆସିଗଲା । ପାହାଡ଼ୀ ନଦୀରେ ଏହିପରି ବଢ଼ି ହୁଏ । ପ୍ରଖର ସ୍ରୋତ ତାଙ୍କୁ ବୁଡ଼େଇ ଭସେଇ ନେଇଯାଇ ଥାଆନ୍ତା । କିନ୍ତୁ ସେ ଯେଉଁଠାରେ ଛିଡ଼ା ହୋଇଥିଲେ ସେଠାରେ ତାଙ୍କୁ ହୋଇଥିଲା ଆଣ୍ଠୁଏ ପାଣି । ତାଙ୍କ ଲୁଗା ପର୍ଯ୍ୟନ୍ତ ଓଦା ହୋଇ ନ ଥିଲା । ସେ ଛିଡ଼ା ହୋଇଥିବା ସ୍ଥାନର ଚାରିଦିଗରେ ଜଳର ସ୍ରୋତ ଏତେ ଗଭୀର ଏବଂ ତୀବ୍ର ଥିଲା ଯେ ତାଙ୍କର ଆଗକୁ ବା ପଛକୁ ଯିବାର ଉପାୟ ନ ଥିଲା । ସେ ସେହି ନଦୀସ୍ରୋତ ମଝିରେ ବହୁତ ସମୟ ଛିଡ଼ା ହୋଇ ରହିଲେ । ପରେ ପାଣି କମ୍ ହୋଇଗଲା । ସେ ନିରାପଦରେ ନଦୀ ପାରହୋଇ ଆସିଲେ । ଏହି ଆଶ୍ଚର୍ଯ୍ୟ ଘଟନା ଦେଖୁଥିଲେ ସବାରିବାହକ ଗୋପାଳମାନେ । ପରେ ପଚାରିବାରୁ ଜଣାଗଲା ସେ ଯେଉଁଠି ଛିଡ଼ା ହୋଇଥିଲେ ସେ ସ୍ଥାନ ଗୋଟିଏ ଉଚ୍ଚ ପଥର ସଦୃଶ ସେ ଅନୁଭବ କରୁଥିଲେ । ସେଠାରୁ ତାଙ୍କ ପାଦ ଚଳୁ ନ ଥିଲା । ଏହା ଥିଲା ଭଗବାନଙ୍କ ଶକ୍ତିର ପ୍ରଭାବ । ବଢ଼ି ଛାଡ଼ିବାପରେ ଦେଖାଗଲା ସେଠାରେ ପ୍ରକୃତରେ କୌଣସି ପଥର ନ ଥିଲା ।

ଭକ୍ତ ଭଗବାନପ୍ରସାଦଙ୍କ ହୃଦୟ ଥିଲା ବହୁତ ଉଦାର ଏବଂ ଦୟାପୂର୍ଣ୍ଣ । ଅନ୍ୟର ଦୁଃଖ ଦେଖି ସେ ବରଦାସ୍ତ କରିପାରୁ ନ ଥିଲେ । କୌଣସି ବ୍ୟକ୍ତିକୁ ବିପଦରୁ ଉଦ୍ଧାର କରିବା ସକାଶେ ନିଜ ପାଖରେ ଟଙ୍କା ନ ଥିଲେ ଅନ୍ୟଠାରୁ ଧାର କରି ସାହାଯ୍ୟ କରୁଥିଲେ । ସେ ଥିଲେ ଅତ୍ୟନ୍ତ ନିଷ୍ପାପର ବ୍ୟକ୍ତି; ନିଜ ବେତନ ଛଡ଼ା ଚାକିରି ସଂପର୍କରେ

ଅନ୍ୟଠାରୁ ଗୋଟିଏ ପଇସାର ବସ୍ତୁ ଗ୍ରହଣ କରୁ ନ ଥିଲେ । ଥରେ କେତେକ ଟଙ୍କା ନିର୍ଦ୍ଦିଷ୍ଟ ଦିନରେ ଦେବା ସକାଶେ କହି ଅନ୍ୟଠାରୁ ଧାର ଆଣିଲେ । ନିର୍ଦ୍ଦିଷ୍ଟ ସମୟ ମାତ୍ର ଏକ ଦିନ ବାକି ଥିଲା । ଟଙ୍କା ପରିଶୋଧ ସକାଶେ ତାଙ୍କ ପାଖରେ କିଛି ଟଙ୍କା ନ ଥିଲା । ତାଙ୍କ ବାକ୍ୟ ଅସତ୍ୟ ହେବାଯୋଗୁଁ ସେ ବିଶେଷ ଚିନ୍ତିତ ହୋଇ ଭଗବତ୍ ସ୍ମରଣ କରୁଥିଲେ । ଠିକ୍ ସନ୍ଧ୍ୟା ସମୟ । ଜଣେ ବ୍ୟକ୍ତି ତାଙ୍କ ପାଖରେ ପହଞ୍ଚି କହିଲେ – ''ମୁଁ କାଶୀର ଅମୁକ ମାରୱାଡ଼ିଙ୍କ ଚାକର । ଆପଣଙ୍କ ସତ୍ୟବାଦିତା ବିଷୟରେ ମୋ ମାଲିକ ବିଶେଷ ପରିଚିତ । ଆପଣଙ୍କର ଏତେ ଟଙ୍କା ଆବଶ୍ୟକ ଜାଣି ସେ ଟଙ୍କା ଦେଇ ମୋତେ ପଠାଇଛନ୍ତି, ଆପଣ ରଖନ୍ତୁ ଏବଂ ଖର୍ଚ୍ଚ କରନ୍ତୁ । କାଲି ମାଲିକଙ୍କ ଗୁମାସ୍ତା ଆସି ଆପଣଙ୍କଠାରୁ ହ୍ୟାଣ୍ଡନୋଟ୍ କରାଇ ନେବେ । ଆମ ମାଲିକଙ୍କର ଆପଣଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ।'' ଏହା କହି ଟଙ୍କା ଦେଇ ନମସ୍କାର କରି ଚାଲିଗଲେ । ବାବୁ ଭଗବାନପ୍ରସାଦ ଭଗବାନଙ୍କ ପ୍ରେରଣା ଜାଣି ପ୍ରସନ୍ନତା ସହିତ ଟଙ୍କା ରଖିଲେ । ତହିଁ ଆରଦିନ ସକାଳୁ ନିତ୍ୟକର୍ମ ସାରି ଯାହାଙ୍କୁ ଟଙ୍କା ଦେବାର ଥିଲା ତାଙ୍କୁ ଦେଇଦେଲେ ଏବଂ ହ୍ୟାଣ୍ଡନୋଟ୍ ଲେଖି ଟଙ୍କା ଦେଇଥିବା ବ୍ୟକ୍ତିଙ୍କୁ ପ୍ରତୀକ୍ଷା କରିବାକୁ ଲାଗିଲେ । ସନ୍ଧ୍ୟା ହେଲା, ରାତ୍ରି ପ୍ରହରେ ବିତିଗଲା, କିନ୍ତୁ କୌଣସି ବ୍ୟକ୍ତିର ଦେଖା ସାକ୍ଷାତ୍ ନାହିଁ । ତିନି ଚାରିଦିନ ପରେ କାଶୀରେ ଥିବା ତାଙ୍କ ପରିଚିତ ମିତ୍ରମାନଙ୍କ ପାଖକୁ ପତ୍ର ଲେଖି ଲୋକ ପଠାଇଲେ । ସେମାନେ ମହାଜନ ମାରୱାଡ଼ି ବ୍ୟକ୍ତିଙ୍କ ନାମ ପଚାରି ବହୁତ ଅନୁସନ୍ଧାନ କରିବାରେ ଜଣାହେଲା ସେହି ନାମର ମହାଜନ ମାରୱାଡ଼ି କାଶୀରେ କେହି ନ ଥିଲେ । ଏହାଥିଲା ଭକ୍ତଙ୍କ ''ୟୋଗକ୍ଷେମଂ ବହାମ୍ୟହମ୍'' ଭଗବାନଙ୍କ ପ୍ରତିଜ୍ଞାର ପ୍ରତ୍ୟକ୍ଷ କୃପା ।

ଥରେ ଭଗବାନପ୍ରସାଦବାବୁ ବିହାର ପ୍ରାନ୍ତ ବାଙ୍କିପୁରରେ ବସି ସ୍ୱାଭାବିକଭାବେ ଭଗବତ୍ ସ୍ମରଣ କରୁଥିଲେ । ତାଙ୍କ ଚେତନା ଭଗବତ୍ ସ୍ମରଣରେ ଏକୀଭୂତ ହୋଇଗଲା, ତାଙ୍କର ବାହ୍ୟଜ୍ଞାନ ରହିଲା ନାହିଁ । ଏହି ଅବସ୍ଥାରେ କିଛି ସମୟ ରହିବା ପରେ ସେ ସଚେତ ହୋଇ ନିଜକୁ ଗୋଟିଏ ନୂତନ ସ୍ଥାନରେ ପାଇଲେ । ସେ ସ୍ଥାନରେ ଥିଲେ ତାଙ୍କ ଭାଇ ରାମଚନ୍ଦ୍ର ପ୍ରସାଦ ତଥା ତାଙ୍କର ଜଣେ ମିତ୍ର ଶ୍ରୀ ରାମହିତ ଉପାଧ୍ୟାୟ । ସେଠିକାର ଲୋକଙ୍କୁ ପଚାରିବାରେ ଜଣାଗଲା ସେ ସ୍ଥାନ ବୃନ୍ଦାବନ । ଏଥିରେ ସେ ଯେପରି ଆଶ୍ଚର୍ଯ୍ୟ ହେଲେ ସେହିପରି ଆନନ୍ଦର ସୀମା ରହିଲା ନାହିଁ । ଭଗବାନଙ୍କ କୃପା, ଦୟା ତଥା ଖେଳର ଅନୁଭବରେ ତାଙ୍କ ହୃଦୟ କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ଭଗବତ୍ ପ୍ରେମରେ ବିଭୋର ହୋଇ ସେମାନେ ତିନିଜଣଯାକ ବୃନ୍ଦାବନ, ବଂଶୀବଟ, ଯମୁନାତଟ, ବିବିଧଘାଟ, ନିଧିବନ ଓ ବିହାରୀଜିଙ୍କୁ ଦର୍ଶନ କଲେ ଏବଂ ପ୍ରସାଦସେବନ କଲେ । ଭୋଜନ ପରେ ସେ ସେହି ଭଗବତ୍ ପ୍ରେମାନନ୍ଦରେ ଡୁବିଗଲେ । ସଚେତ ହୋଇ ନିଜକୁ ପୂର୍ବେ ଥିବା ବାଙ୍କିପୁରରେ ପାଇଲେ । ବୃନ୍ଦାବନ ଦର୍ଶନ ଏକେବାରେ ସ୍ଥୂଳ ଶରୀରରେ ପ୍ରତ୍ୟକ୍ଷରୂପେ ହୋଇଥିଲା । ସ୍ୱପ୍ନଧାରଣା କରି ନିଜକୁ ବୁଝାଇ ଦେବା ସମ୍ଭବ ନ ଥିଲା । ସ୍ଥୂଳ ଶରୀର ବିହାରରୁ ବୃନ୍ଦାବନ ଗଲା କିପରି ? ଏହାହିଁ ଆଶ୍ଚର୍ଯ୍ୟ ଘଟନା । ବ୍ୟକ୍ତି ସମ୍ମୁଖରେ କୌଣସି ଆଶ୍ଚର୍ଯ୍ୟଜନକ ଘଟନା ପ୍ରତ୍ୟକ୍ଷରୂପେ ଘଟିଲେ ସେଥିରେ ଅବିଶ୍ୱାସ ନ ଥାଏ, ତଥାପି ଅନ୍ୟଠାରୁ ତାହାର ସତ୍ୟାସତ୍ୟ ଜାଣିବାକୁ ଇଚ୍ଛା ହୁଏ । ଭଗବାନପ୍ରସାଦବାବୁଙ୍କର ସ୍ଥୂଳ ଶରୀରରେ ବୃନ୍ଦାବନ ଦର୍ଶନରେ ଯଦ୍ୟପି ଅବିଶ୍ୱାସ ନ ଥିଲା ତଥାପି ବୃନ୍ଦାବନରେ ତାଙ୍କ ସଙ୍ଗେ ଥିବା ତାଙ୍କ ଭାଇ ରାମଚନ୍ଦ୍ରପ୍ରସାଦ ଏବଂ ରାମହିତ ଉପାଧ୍ୟାୟଙ୍କୁ ପତ୍ର ଲେଖି ପଚାରିଲେ । ସେମାନଙ୍କ ସହିତ ସ୍ଥୂଳ ଶରୀରରେ ବୃନ୍ଦାବନରେ ଦେଖା ହୋଇଥିବା କଥା ସେମାନେ ମଧ୍ୟ ପତ୍ରର ଉତ୍ତରରେ ଲେଖିଥିଲେ ।

୧୮୮୪ ମସିହାରେ ଭଗବାନପ୍ରସାଦବାବୁଙ୍କୁ ଗେଜେଟେଡ୍ ଅଫିସର କରାହେଲା ଏବଂ ମାସିକ ବେତନ ୩୦୦ ଟଙ୍କା କରି ଦିଆହେଲା । କିଛି ଦିନ ପରେ ପାଟଣା ବଦଳି କରାହେଲା । ୧୮୯୧ ମସିହାରେ ତାଙ୍କ ଧର୍ମପତ୍ନୀଙ୍କ ସ୍ୱର୍ଗବାସ ହୋଇଥିଲା ।

ପୂର୍ବରୁ କୁହାହୋଇଛି, ତାଙ୍କ କାର୍ଯ୍ୟ ଥିଲା ସ୍କୁଲ ପରିଦର୍ଶନ କରିବା । ଥରେ ସେ ସ୍କୁଲ ପରିଦର୍ଶନ କରିବାକୁ ଯାଇଥିଲେ । ସେହି ସମୟରେ ସ୍କୁଲବିଭାଗ ଇନ୍‌ସ୍ପେକ୍ଟର ମାର୍ଟିନ୍ ସାହେବ ଗୋଟିଏ ପତ୍ର ଦ୍ୱାରା ଲେଖି ପଠାଇଥିଲେ, ''ଅମୁକ ତାରିଖରେ ଶିକ୍ଷାବିଭାଗ ଡିରେକ୍ଟର ସାହେବ ଚାଲିଯିବେ । ତା' ପୂର୍ବରୁ ଅମୁକ ସ୍ଥାନରେ ତୁମେ ତାଙ୍କୁ ଦେଖା

କରି ଅମୁକ ବିଷୟରେ ତାଙ୍କ ସମ୍ମତି ନେଇନିଅ ।'' ମାର୍ଟିନ୍ ସାହେବ ଚିଠି ପଠାଇଥିଲେ ଠିକ୍ ସମୟରେ, କିନ୍ତୁ କୌଣସି କାରଣରୁ ଭଗବାନପ୍ରସାଦ ପାଇଲେ ବିଳମ୍ବରେ । ସେହିଦିନ ଡିରେକ୍ଟରଙ୍କ ଚାଲିଯିବାର କଥା । କୌଣସିପ୍ରକାରେ ତାଙ୍କ ପାଖରେ ପହଞ୍ଚିବାର ଉପାୟ ନ ଥିଲା । ଭଗବାନପ୍ରସାଦ ବିଶେଷ ଚିନ୍ତିତ ହୋଇପଡ଼ିଲେ । କୌଣସି ବିପଦ ଆସିଲେ ସେ ଭଗବାନଙ୍କୁ ସ୍ମରଣ କରନ୍ତି । ସେହି ସମୟରେ ସେ ଭଗବତ୍ ସ୍ମରଣରେ ତଲ୍ଲୀନ ହୋଇଗଲେ । ବାହ୍ୟ ଚେତନା ଆନ୍ତର ଚେତନାରେ ଡୁବିଗଲା । ସେହି ଅବସ୍ଥାରେ କେତେ ସମୟ ବ୍ୟତୀତ ହୋଇଗଲା । ଘଣ୍ଟି ଶବ୍ଦ ଶୁଣି ଆଖି ଖୋଲିଗଲା, ସେ ଉଠି ବସିପଡ଼ିଲେ । ନିଜକୁ ବାଙ୍କିପୁର ରେଲ ଷ୍ଟେସନ ବିଶ୍ରାମାଗାରରେ ପାଇଲେ । ତାଙ୍କର ସାଧାରଣ ବସ୍ତ୍ର ପରିବର୍ତ୍ତେ ଅଫିସ ପୋଷାକ ଏବଂ ତାଙ୍କ ସଙ୍ଗେ ଡିରେକ୍ଟରଙ୍କଠାରୁ ଅର୍ଡ଼ର ନେବା ଫାଇଲ୍ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । ସେ ଶୁଣିଥିଲେ ଡିରେକ୍ଟର ବାଙ୍କିପୁର ଆସୁଥିବା ଡାକଗାଡ଼ିରେ ଦାନପୁରରୁ ଛାଡ଼ିବାର ଘଣ୍ଟାର ଶବ୍ଦ । ଷ୍ଟେସନରେ ଗାଡ଼ି ପହଞ୍ଚିବା ପୂର୍ବରୁ ଭଗବାନପ୍ରସାଦ ପ୍ଲାଟଫର୍ମରେ ପହଞ୍ଚିଗଲେ । ଡିରେକ୍ଟରଙ୍କ ସହିତ ଦେଖା କରି ଆବଶ୍ୟକ ବିଷୟରେ ଫାଇଲ୍‌ରେ ସାହେବଙ୍କଠାରୁ ଦସ୍ତଖତ କରାଇ ନେଲେ । ଗାଡ଼ି ଚାଲିଗଲା, ସେ ପୁନରାୟ ବିଶ୍ରାମାଗାରରେ ଆସି ବସିଲେ, ଭଗବାନଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ହୃଦୟ ପୂର୍ଣ୍ଣ ହୋଇଗଲା । ସେ ଭଗବତ୍ ପ୍ରେମରେ ଡୁବିଗଲେ । ବାହ୍ୟଜ୍ଞାନ ଶୂନ୍ୟ ହୋଇଗଲା । କିଛି ସମୟ ପରେ ସେ ଡିରେକ୍ଟରଙ୍କୁ ଦେଖା କରିବା ସମୟରେ ପୋଷାକ ତଥା ଫାଇଲ୍ ସହିତ ପୂର୍ବ ସ୍ଥାନରେ ନିଜକୁ ପାଇଲେ । ଭକ୍ତ ଭଗବାନପ୍ରସାଦଙ୍କର ଚାକିରିଜୀବନ ସମୟରେ ଏହିପରି ଅଲୌକିକ ଘଟନା ବାରଂବାର ଘଟିଥିଲା ।

ଯେଉଁମାନେ ଏ ବିଷୟ ଠିକ୍ ଠିକ୍ ଜାଣନ୍ତି ନାହିଁ ସେମାନେ ଅବିଶ୍ୱାସ କରିପାରନ୍ତି । ଏହା ତ ମନୁଷ୍ୟ ମନର ଧର୍ମ । ଏହିସବୁ ଘଟନା ସତ୍ୟ । ଭଗବାନପ୍ରସାଦ ଚାକିରିରୁ ଅବ୍ୟାହତି ପାଇବା ପରେ ଅଯୋଧ୍ୟାରେ ଶେଷ ଜୀବନ ପର୍ଯ୍ୟନ୍ତ ସାଧୁ ବେଶରେ ବାସ କରିଥିଲେ । ସେ ଜୀବିତ ଅବସ୍ଥାରେ ଥିବା ସମୟରେ ଲେଖକ ଅଯୋଧ୍ୟାରେ ଥିଲା । ଏହିସବୁ ଘଟନା ସେ ସମୟରେ ଲୋକ ମୁଖରେ ବିଶେଷ ପ୍ରଚଳିତ ଥିଲା । ତାଙ୍କ ସମକାଳୀନ ତଥା ତାଙ୍କ ସହିତ ରହିଥିବା ବହୁତ ବ୍ୟକ୍ତିଙ୍କଠାରୁ ଏହିସବୁ ଘଟନା ଶୁଣାଯାଇଛି । ତାଙ୍କ ଜୀବନୀ ''ରୂପକଳାଚରିତାମୃତ''ରେ ଏହିସବୁ ଘଟନା ବିସ୍ତୃତଭାବେ ଆଲୋଚିତ ହୋଇଛି ।

ଭଗବାନଙ୍କର ବାରଂବାର ଏହିପରି ଅଲୌକିକ କୃପା ଅନୁଭବ କରି ଭଗବାନପ୍ରସାଦ ନିଶ୍ଚୟ କରିଥିଲେ ଯେ କାର୍ଯ୍ୟରୁ ଅବ୍ୟାହତ ପାଇବା ସଙ୍ଗେ ସଙ୍ଗେ ଅଯୋଧ୍ୟା ଯାଇ ଶେଷ ଜୀବନ ପର୍ଯ୍ୟନ୍ତ ସାଧନା କରିବେ । ସେ କାର୍ଯ୍ୟ କରିବା ସମୟରେ କେବେ ରୋଗଗ୍ରସ୍ତ ହୋଇ ନ ଥିଲେ । ତାଙ୍କର ଭୋଜନ, ବିଶ୍ରାମ, ସ୍ନାନ ନିର୍ଦ୍ଦିଷ୍ଟ ନିୟମିତ ଥିଲା । ଭଗବାନଙ୍କ ଭକ୍ତି ଯୋଗୁଁ ତାଙ୍କର କାର୍ଯ୍ୟଦକ୍ଷତାକୁ ସମସ୍ତ ଉପରିସ୍ଥ ଅଫିସର ଏବଂ ନିମ୍ନସ୍ଥ କର୍ମଚାରୀ ମୁକ୍ତକଣ୍ଠରେ ପ୍ରଶଂସା କରୁଥିଲେ । ୩୦ ବର୍ଷ ଚାକିରି କରିବା ପରେ ୧୬୪ ଟଙ୍କା ପେନ୍‌ସନ୍ ପାଇ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମସ୍ଥାନ ଅଯୋଧ୍ୟାଧାମରେ ଶେଷ ଜୀବନ ପର୍ଯ୍ୟନ୍ତ ସେ ଭଗବତ୍ ଭକ୍ତିରେ ମଗ୍ନ ରହିଥିଲେ ।

ଅଯୋଧ୍ୟାବାସ

ଭଗବାନପ୍ରସାଦ ଚାକିରିରୁ ଅବସର ନେଇ ଅଯୋଧ୍ୟା ଆସିଲେ । ସେ ପୂର୍ବରୁ ଯଦ୍ୟପି ଭଗବାନଙ୍କର ଅନନ୍ୟ ଭକ୍ତ ଥିଲେ ଏବଂ ମନ୍ତ୍ରଦୀକ୍ଷା ପ୍ରାପ୍ତ କରିଥିଲେ ତଥାପି ଗୃହତ୍ୟାଗୀ ବୈରାଗୀ ବୈଷ୍ଣବ ହେବାକୁ ହେଲେ କୌଣସି ସିଦ୍ଧମହାତ୍ମାଙ୍କୁ ସଦ୍‌ଗୁରୁ ରୂପେ ବରଣ କରି ତାଙ୍କଠାରୁ ପଞ୍ଚସଂସ୍କାର ସହିତ ଆଞ୍ଚୋଲା ଲେଙ୍ଗୁଟି ଗ୍ରହଣ କରିବାକୁ ହୁଏ । ଏହି ପ୍ରଥା ଅନୁସାରେ ଅଯୋଧ୍ୟାରେ ପ୍ରମୋଦବନନିବାସୀ ପ୍ରସିଦ୍ଧ ମହାତ୍ମା ଶ୍ରୀ ରାମଚରଣ ଦାସଙ୍କଠାରୁ ଭକ୍ତ ଭଗବାନପ୍ରସାଦ ଆଞ୍ଚୋଲା ଲେଙ୍ଗୁଟି ଗ୍ରହଣ କଲେ ଏବଂ ବୈରାଗୀ ସଜ୍ଜବେଶରେ ମହାତ୍ମାଙ୍କ ଆଶ୍ରମରେ ରହିଲେ । ତାଙ୍କର ସଜ୍ଜନାମ ହେଲା ''ରୂପକଳା'' ।

ମହାତ୍ମା ରୂପକଳାଜି ସଚ୍ଚବେଶରେ ଅଯୋଧ୍ୟାରେ ବାସକରିବା ସମୟରେ ଶେଷ ଜୀବନ ପର୍ଯ୍ୟନ୍ତ ଅଯୋଧ୍ୟା ବାହାରେ କେବେ ବି ପାଦ ରଖି ନ ଥିଲେ । ଶ୍ରୀ ଅଯୋଧ୍ୟାଧାମ ପ୍ରତି ତାଙ୍କର କିପରି ନିଷ୍ଠାଥିଲା ତାହା ଭାଷାରେ ବ୍ୟକ୍ତ କରିବା ସମ୍ଭବ ନୁହେଁ । ସେ ବିହାରରୁ ଅଯୋଧ୍ୟା ଆସିବା ସମୟରେ ମୋଗଲସରାଇ ଜଙ୍କ୍‌ସନ୍‌ରେ ଗାଡ଼ି ବହୁତ ସମୟ ବିଶ୍ରାମ କରେ । ବହୁସ୍ଥାନର ଗାଡ଼ି ସେ ଜଙ୍କ୍‌ସନ୍‌ଦେଇ ଯାତାୟାତ କରେ । ସେ ଗାଡ଼ିରେ ବସିଥିଲେ । ଗୋଟିଏ ଗାଡ଼ି ଅଯୋଧ୍ୟା ହୋଇ ଆସିଥିବା ଶୁଣି ସେ ନିଜକୁ ସମ୍ଭାଳି ପାରିଲେ ନାହିଁ । ଆନନ୍ଦରେ ବିଭୋର ହୋଇ ଗାଡ଼ିରୁ ଉତରି ଅଯୋଧ୍ୟାଦେଇ ଫେରିଆସିଥିବା ଗାଡ଼ିକୁ ସାଷ୍ଟାଙ୍ଗ ଦଣ୍ଡବତ କଲେ, ଦୁଇନେତ୍ରରୁ ଆନନ୍ଦାଶ୍ରୁଧାରା ପ୍ରବାହିତ ହେଲା । ତାଙ୍କର ଭଗବାନ୍ ଶ୍ରୀରାମଙ୍କ ପ୍ରତି ଯେପରି ଅକୃତ୍ରିମ ଅନନ୍ୟ ଭକ୍ତି ଥିଲା, ସେହିପରି ଶ୍ରୀ ଅଯୋଧ୍ୟାଧାମ ପ୍ରତି ମଧ୍ୟ ଥିଲା ।

ଶ୍ରୀ ରୂପକଳାଜି ଅଯୋଧ୍ୟାରେ ପ୍ରମୋଦବନର ଶ୍ରୀ ମହାତ୍ମା ରାମଚରଣ ଦାସଜିଙ୍କ ଆଶ୍ରମରେ ରହିବା ଦିନରୁ କ୍ରମଶଃ ବିହାର, ଅବଧପ୍ରାନ୍ତ, ମଧ୍ୟପ୍ରଦେଶ ତଥା ଅନ୍ୟାନ୍ୟ ସ୍ଥାନରୁ ତାଙ୍କ ଦର୍ଶନକୁ ଭକ୍ତଲୋକ ଆସୁଥିଲେ ଏବଂ ତାଙ୍କ ସଦୁପଦେଶରେ ଅସଂଖ୍ୟ ନରନାରୀ ଭଗବତ୍ ଆଶ୍ରିତ ହୋଇ ଭବସାଗରରୁ ଉଦ୍ଧାର ହେଉଥିଲେ । ରୂପକଳାଜି ସବୁ ସମୟରେ ଦର୍ଶନାର୍ଥୀଙ୍କ ସହିତ ଦେଖା କରୁ ନ ଥିଲେ । ତାଙ୍କ ନିର୍ଦ୍ଧାରିତ ସମୟ ଥିଲା ଅପରାହ୍ଣ ସାଢ଼େ ତିନିଟା ସମୟ । ସେହି ସମୟରେ ଭକ୍ତଲୋକ ଆସି ଦର୍ଶନ କରୁଥିଲେ ଏବଂ ନାନାପ୍ରକାର ପ୍ରଶ୍ନ-ଉତ୍ତର ଏବଂ ସତ୍‌ସଙ୍ଗ ଆଲୋଚନା ହେଉଥିଲା ।

ମହାତ୍ମା ରୂପକଳାଜିଙ୍କର ଧର୍ମକାର୍ଯ୍ୟରେ ଅର୍ଥବ୍ୟୟ କରିବା ସ୍ୱଭାବ ଥିଲା । ସେହି ସକାଶେ କେବେ କେବେ ଅର୍ଥର ଅଭାବ ହେଉଥିଲା । ଅର୍ଥ ଅଭାବ ସମୟରେ ଭଗବାନ୍ ବରାବର ଗୁପ୍ତରୂପେ ସାହାଯ୍ୟ କରୁଥିଲେ । କେବେ ତାଙ୍କ ତକିଆ ତଳୁ କିଂବା ବିଛଣା ତଳୁ ଅକସ୍ମାତ୍ ଭାବେ ଟଙ୍କା କିଂବା ନୋଟ୍ ମିଳୁଥିଲା । କିଂବା କେହି ଅପରିଚିତ ବ୍ୟକ୍ତି ଆକସ୍ମିକଭାବେ ଦେଇ ଯାଉଥିଲେ । ଥରେ ଟଙ୍କାର ଅଭାବ ଥିଲା । ଜଣେ ଅପରିଚିତ ବ୍ୟକ୍ତି ଗୋଟିଏ ସାଦା ଲଫାପା ଆଣି ଶ୍ରୀ ରୂପକଳାଜିଙ୍କ ହସ୍ତକୁ ଦେଇ କହିଲେ, ''ଏହାକୁ ରଖନ୍ତୁ, ମୁଁ ବର୍ତ୍ତମାନ ଆସୁଛି ।'' ରୂପକଳାଜି ବହୁତ ସମୟ ଅପେକ୍ଷା କଲେ, ସେ ବ୍ୟକ୍ତି ନ ଆସିବାରୁ ଖୋଲା ଲଫାପା ମଧ୍ୟରୁ ୪୫୦ ଟଙ୍କାର ନୋଟ ଦେଖି ସେହିପରି ରଖିଦେଲେ । ଛଅଦିନ ପରେ ସ୍ୱପ୍ନରେ ଭଗବାନ୍ କହିଲେ, ''ଲଫାପା ଟଙ୍କା ତୋ ଖର୍ଚ୍ଚ ସକାଶେ ।''

ଥରେ ସୀତାମଢି ବୁଲାକିପୁର ନିବାସୀ ଓକିଲ ବଳଦେବନାରାୟଣ ସିଂହ ଅଯୋଧ୍ୟା ଆସିଥିଲେ । ଅଯୋଧ୍ୟା ଷ୍ଟେସନରେ ତୀର୍ଥସ୍ନାନର ନିୟମ ଅନୁସାରେ ପଣ୍ଡାମାନେ ତାଙ୍କୁ ଘେରିଗଲେ । ସେ କହିଲେ ପଇସା ନ ନେଉଥିବା ମହାତ୍ମା ଯଦି ଥାଆନ୍ତି ମୁଁ ତାଙ୍କୁ ଦର୍ଶନ କରିବାକୁ ଚାହେଁ । ସେମାନେ ମହାତ୍ମା ରୂପକଳାଙ୍କ ନାମ ଏବଂ ବାସସ୍ଥାନ ତଥା ଦର୍ଶନର ସମସ୍ତ ବୃତ୍ତାନ୍ତ କହିବାରୁ ସେ ଦଶବାରଟି ପ୍ରଶ୍ନ ରଚନା କରି ତାଙ୍କ ଦର୍ଶନକୁ ଗଲେ । ରୂପକଳାଜିଙ୍କୁ ଦର୍ଶନ କରି ତାଙ୍କ ନିର୍ଦ୍ଦେଶ ଅନୁସାରେ ତାଙ୍କ ସମୀପରେ ବସିଲେ । ସେ ପ୍ରଶ୍ନ କରିବା ପୂର୍ବରୁ ତାଙ୍କ ମନରେ ଯେଉଁସବୁ ପ୍ରଶ୍ନ ଥିଲା ଶ୍ରୀ ରୂପକଳାଜି ସେହିସବୁ ପ୍ରଶ୍ନର ଉତ୍ତର ଦେଇଦେଲେ । ଏହି ଘଟନା ପରେ ସେ ଅତ୍ୟନ୍ତ ପ୍ରଭାବିତ ହୋଇ ସେହିଦିନଠାରୁ ଶ୍ରୀରାମଙ୍କ ଭକ୍ତ ହୋଇଗଲେ ।

ଥରେ ଖେଦନଲାଲ ଏବଂ ତାଙ୍କ ଧର୍ମପତ୍ନୀ ଅଯୋଧ୍ୟା ଦର୍ଶନ କରିବାକୁ ଆସିଥିଲେ । ଘରକୁ ଫେରିଯିବା ବେଳେ ଷ୍ଟେସନକୁ ଯିବା ସମୟରେ ଶ୍ରୀ ରୂପକଳାଜିଙ୍କୁ ଦର୍ଶନ କଲେ; ତାଙ୍କଠାରୁ ବିଦାୟ ନେଇ ସେହି ଆଶ୍ରମର ଠାକୁରଙ୍କୁ ଦର୍ଶନ କରିବାକୁ ଗଲେ । ପ୍ରଥମରେ ଗଲେ ତାଙ୍କ ସ୍ତ୍ରୀ, ପଛରେ କିଛି ଦୂରରେ ଥିଲେ ଖେଦନଲାଲ୍ । ତାଙ୍କ ସ୍ତ୍ରୀଙ୍କ ଦୃଷ୍ଟି ଶ୍ରୀସୀତାରାମଙ୍କ ପ୍ରତିମା ଉପରେ ପଡ଼ିବା ମାତ୍ରେ ଉଭୟ ପ୍ରତିମା ମନ୍ଦିରରୁ ବାହାରି ତାଙ୍କ ଆଡ଼କୁ ଚାଲି ଚାଲି ଆସିବାକୁ ଆରମ୍ଭ କଲେ । ପ୍ରତିମା ଚାଲିବା ଆଶ୍ଚର୍ଯ୍ୟଜନକ ଘଟନା ସେ ଦେଖିଲେ । ଏହି ଆଶ୍ଚର୍ଯ୍ୟ ଘଟନା ଯୋଗୁଁ ଅଥବା ମନ, ପ୍ରାଣ ଅଶୁଦ୍ଧ ଥିବାରୁ ସେ ଭୟଭୀତ ହୋଇଗଲେ । ଭୟ ହେବା ସଙ୍ଗେ ସଙ୍ଗେ ଚାଲି ଆସୁଥିବା ଭଗବାନଙ୍କ ମୂର୍ତ୍ତି ଅନ୍ତର୍ଦ୍ଧାନ ହୋଇଗଲେ । ପତି ଓ ପତ୍ନୀ ଉଭୟେ ମନ୍ଦିରରେ ଦର୍ଶନ ସାରି ସିଧା ଷ୍ଟେସନକୁ ଆସିଲେ ଏବଂ ଗାଡ଼ିରେ ବସି ଘରକୁ ଚାଲିଗଲେ । ଏହି ଘଟନା ପତ୍ନୀ ପତିଙ୍କୁ କହି ନ ଥିଲେ । ଘରେ ପହଞ୍ଚିବାର ଦିନକ ପରେ ରୂପକଳାଜିଙ୍କ

ପତ୍ର ପାଇଲେ । ସେଥିରେ ଲେଖାଥିଲା – ''ତୁମ ପତ୍ନୀଙ୍କୁ ଭଗବାନଙ୍କ ଦର୍ଶନ ହୋଇଥିଲା । ସେ ଯଦି ଭୟଭୀତ ହୋଇ ନ ଥା'ନ୍ତେ ତେବେ ତାଙ୍କ ଉପରେ ଆହୁରି ଅଧିକ କୃପା ହୋଇଥା'ନ୍ତା ।'' ପତ୍ର ପଢ଼ି ସେ କିଛି ବୁଝିପାରିଲେ ନାହିଁ, କିନ୍ତୁ ପତ୍ନୀଙ୍କୁ ପଚାରି ସମସ୍ତ ଘଟଣା ଜାଣି ବିଶେଷ ଆଶ୍ଚର୍ଯ୍ୟ ହେଲେ ।

ସେ ସମୟରେ ଯେଉଁମାନଙ୍କର ତୀବ୍ର ବୈରାଗ୍ୟ ହେଉଥିଲା ସେମାନେ ଘରସଂସାର ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରୁଥିଲେ । ସମାଜର ଅଧିକାଂଶ ବ୍ୟକ୍ତି ନ୍ୟାୟ, ଅନ୍ୟାୟରେ ପରିବାର ପାଳନପୋଷଣ ଓ ନିଜ ସୁଖସୁବିଧାରେ ବ୍ୟସ୍ତ ରହୁଥିଲେ । ଖୁବ୍ କମ୍ ସଂଖ୍ୟାରେ ବ୍ୟକ୍ତି ସାଧାରଣ ନୈତିକ ଧର୍ମ ପାଳନ କରୁଥିଲେ । ଅଧ୍ୟାତ୍ମ ସତ୍ୟରେ ପ୍ରତିଷ୍ଠିତ ହୋଇ ସଂସାର କର୍ମ କରିବା ସାଧାରଣ ଜନତା ବିଶେଷତଃ ବିହାର ପ୍ରାନ୍ତ ବ୍ୟକ୍ତିଙ୍କ ଧାରଣାରେ ନ ଥିଲା । ସେମାନେ ବିଦେଶୀ ଆଦର୍ଶର ପ୍ରଭାବରେ ପ୍ରଭାବିତ ହୋଇ ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି କେବେ ଭାବୁ ନ ଥିଲେ । ଅନୁମାନ ହୁଏ, ଅଧ୍ୟାତ୍ମ ସତ୍ୟ ଭିତ୍ତିରେ ସଂସାର, ସମାଜ ଓ ଚାକିରିରେ ରହି କର୍ମ କରିବା ଆଦର୍ଶ ବିହାର ପ୍ରାନ୍ତର ବ୍ୟକ୍ତିମାନଙ୍କୁ ଦେବା ସକାଶେ ମହାତ୍ମା ଶ୍ରୀ ରୂପକଳାଜି ତଥା ଅନ୍ୟ ମହାତ୍ମା ଶ୍ରୀ ରାମାଜି ସେହି ବିହାର ପ୍ରାନ୍ତରେ, ସେହି ଏକହିଁ ସମୟରେ ଜନ୍ମଗ୍ରହଣ କରିଥିଲେ । ଏହି ଦୁଇ ମହାତ୍ମାଙ୍କ ଦ୍ୱାରା ବିହାର ପ୍ରାନ୍ତରେ ସେହି ସମୟରେ ଅଧ୍ୟାତ୍ମ ସତ୍ୟ ନଦୀବନ୍ୟା ସଦୃଶ ପ୍ରସାରିତ ହୋଇଥିଲା ।

ଶ୍ରୀ ରୂପକଳାଜିଙ୍କର ଚାକିରିଜୀବନ ତଥା ସଦ୍ଗୁରୁଜୀବନର ପ୍ରଭାବ ଜନତା ଉପରେ କିପରି ପଡ଼ିଥିଲା ଏଠାରେ ତାହା ଖୁବ୍ ସଂକ୍ଷେପରେ ଆଲୋଚନା କରିବା । ତାଙ୍କ ଜୀବନରେ ଭଗବାନଙ୍କ କୃପା, ଭଗବାନଙ୍କ ସାହାଯ୍ୟ, ଭଗବାନଙ୍କ ରକ୍ଷା ଯେପରି ପଦେ ପଦେ ଥିଲା ସେହିପରି ସେ ଭଗବାନଙ୍କ ପ୍ରେମାନନ୍ଦରେ ସବୁ ସମୟରେ ନିମଗ୍ନ ରହୁଥିଲେ । ସେ ସର୍ବଦା ଆନନ୍ଦ ଏବଂ ଶାନ୍ତିରେ ନିବାସ କରୁଥିବାରୁ ପ୍ରତ୍ୟେକ ବ୍ୟକ୍ତି ସହିତ ତାଙ୍କ ବ୍ୟବହାର ଅତ୍ୟନ୍ତ ମଧୁର ଥିଲା । ତାଙ୍କ ବ୍ୟବହାରରେ ତାଙ୍କ ନିଜର ଅର୍ଦଳି (ଚପରାସୀ) ଠାରୁ ଉପରିସ୍ଥ ଅଫିସର ପର୍ଯ୍ୟନ୍ତ ଖୁସି ରହୁଥିଲେ । ତାଙ୍କର ଭଗବାନଙ୍କ ଉପରେ ବିଶ୍ୱାସ, ନିର୍ଭରତା ଥିବାରୁ ତାଙ୍କ ମଧ୍ୟରେ ଭଗବାନଙ୍କ ଶକ୍ତି ପ୍ରେରଣା ଦେଉଥିଲା । ସେ ଭଗବାନଙ୍କ ଶକ୍ତି ସାହାଯ୍ୟରେ ବିଶେଷ ଦକ୍ଷତା ସହିତ ସମସ୍ତ କର୍ମ ସଂପାଦନ କରୁଥିଲେ । ତାଙ୍କ କର୍ମକୁଶଳତା ଯୋଗୁଁ ସମୟ ସମୟରେ ଜିଲା କଲେକ୍ଟର ତାଙ୍କୁ ସାମୟିକ ରୂପେ ବିଭିନ୍ନ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ଦେଉଥିଲେ ଏବଂ ତାଙ୍କ କର୍ମକୁଶଳତାକୁ ସମସ୍ତ ଉପରିସ୍ତ ଅଫିସର ଭୂରି ଭୂରି ପ୍ରଶଂସା କରୁଥିଲେ । କାର୍ଯ୍ୟଦକ୍ଷତା ପ୍ରାପ୍ତ ହୁଏ ଅଧ୍ୟାତ୍ମ ସତ୍ୟ ଭିତ୍ତିରେ କର୍ମ କରିବାରେ । କାରଣ, ଅଧ୍ୟାତ୍ମ ସତ୍ୟ ପ୍ରାପ୍ତିରେ ବ୍ୟକ୍ତିର ସ୍ୱାର୍ଥ ତଥା ହିଂସା ଦୂର ହୋଇଯାଏ ଏବଂ ଭଗବାନଙ୍କ ସହିତ ବ୍ୟକ୍ତି କେତେକ ଅଂଶରେ ଏକତ୍ୱ ପ୍ରାପ୍ତ ହୁଏ । ଏହି ଏକତ୍ୱପ୍ରାପ୍ତି ଯୋଗୁଁ ଭାଗବତୀ ଶକ୍ତି ବ୍ୟକ୍ତିକୁ କର୍ମର ପ୍ରେରଣା ଏବଂ କର୍ମ କରିବାର ଶକ୍ତି ତଥା କୌଶଳ ଦିଏ । ଭାଗବତୀ ଶକ୍ତି ସାହାଯ୍ୟରେ ବ୍ୟକ୍ତି ସାଧାରଣ ବ୍ୟକ୍ତିଙ୍କ ଅପେକ୍ଷା ଯେକୌଣସି କର୍ମ ଉତ୍ତମ ତଥା ନିଖୁଣ ରୂପେ କରିପାରେ । ବର୍ତ୍ତମାନ ସଂସାରର ଯେଉଁ ବିଶୃଙ୍ଖଳା, କର୍ମରେ ଅବହେଳା, ତାହା ଦୂର ହେବ କେବଳ ଅଧ୍ୟାତ୍ମ ସତ୍ୟ ଭିତ୍ତିରେ କର୍ମ କରିବାରେ ।

ଶ୍ରୀ ରୂପକଳାଜି ଗାର୍ହସ୍ଥ୍ୟ ଆଶ୍ରମରେ ରହି, ଗୃହସଂସାର, ଚାକିରି କରିବା ଅବସ୍ଥାରେ ଅଧ୍ୟାତ୍ମ ସତ୍ୟ ଉପଲବ୍ଧି, ଭଗବାନଙ୍କ ପ୍ରତ୍ୟକ୍ଷ କୃପା ଲାଭ କରିବା ଆଦର୍ଶର ପ୍ରଭାବ ବିହାର ପ୍ରାନ୍ତର ଜନସାଧାରଣଙ୍କ ଉପରେ ବିଶେଷରୂପେ ପଡ଼ିଥିଲା । ସେହି ସମୟରେ ଅଧିକସଂଖ୍ୟକ ବ୍ୟକ୍ତି ଭଗବାନଙ୍କ ଭକ୍ତ ହୋଇଥିଲେ ।

ଶ୍ରୀ ରୂପକଳାଜି ଚାକିରିରୁ ଅବସର ନେଇ ଅଯୋଧ୍ୟାରେ ବୈରାଗୀ ବୈଷ୍ଣବ ଦୀକ୍ଷା ଗ୍ରହଣ କରିବା ପରେ ଶେଷ ଜୀବନ ପର୍ଯ୍ୟନ୍ତ ଅଯୋଧ୍ୟା ସୀମାର ବାହାରେ ପାଦ ରଖି ନ ଥିଲେ । କିନ୍ତୁ ଅଯୋଧ୍ୟାରେ ରହି ଉତ୍ତରପ୍ରଦେଶ ଏବଂ ବିଶେଷତଃ ବିହାର ପ୍ରାନ୍ତରେ ଅଧ୍ୟାତ୍ମ ସତ୍ୟ ପ୍ରସାର କରିବାରେ ବହୁ ପ୍ରୟାସ କରି ସଫଳତା ପ୍ରାପ୍ତ ହୋଇଥିଲେ । ଅଯୋଧ୍ୟାରେ ରହିବା ପରଠାରୁ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ବିହାରରୁ ସବୁ ଶ୍ରେଣୀର ବହୁ ବ୍ୟକ୍ତି ତାଙ୍କ ପାଖକୁ ଆସୁଥିଲେ । ସେହିମାନଙ୍କ ଦ୍ୱାରା ବିହାରରେ ଗ୍ରାମେ ଗ୍ରାମେ କୀର୍ତ୍ତନମଣ୍ଡଳୀ ସ୍ଥାପନ କରାଇଥିଲେ ଏବଂ ପ୍ରତିବର୍ଷ ସେହି କୀର୍ତ୍ତନମଣ୍ଡଳୀଗୁଡ଼ିକର ଗୋଟିଏ ସମ୍ମିଳନୀ ଉତ୍ତରପ୍ରଦେଶ ଏବଂ ବିହାରର ବିଶେଷ ସ୍ଥାନରେ ବହୁ ସମାରୋହରେ

କରାଉଥିଲେ । ସେହି ସମ୍ମିଳନୀ-ଅନୁଷ୍ଠାନ ପ୍ରତିବର୍ଷ ଡିସେମ୍ବର ମାସ ଶେଷ ସପ୍ତାହରେ ତିନିଦିନ ବ୍ୟାପୀ ହେଉଥିଲା । ସେଥିରେ ବିଭିନ୍ନ ସ୍ଥାନରେ ବହୁ କୀର୍ତ୍ତନମଣ୍ଡଳୀ, ବହୁ ସାଧୁସନ୍ଥ, ଭକ୍ତ ତଥା ବିଦ୍ୱାନ୍ ବ୍ୟକ୍ତି ଯୋଗ ଦେଉଥିଲେ । ଦୂରରୁ ଆସିଥିବା ଦର୍ଶନାର୍ଥୀଙ୍କ ସଂଖ୍ୟା ପାଞ୍ଚ ହଜାରରୁ ଦଶହଜାର ପର୍ଯ୍ୟନ୍ତ ହେଉଥିଲା ଏବଂ ସେମାନଙ୍କ ରହିବା ତଥା ଭୋଜନର ସମସ୍ତ ବ୍ୟବସ୍ଥା କରାଯାଉଥିଲା । ସେହି ସମ୍ମିଳନୀରେ ପ୍ରଥମ ଦିନ ସମସ୍ତ କୀର୍ତ୍ତନମଣ୍ଡଳୀର କୀର୍ତ୍ତନ ହେଉଥିଲା, ଦ୍ୱିତୀୟ ଦିନ ଭକ୍ତ, ସନ୍ଥ ଓ ପଣ୍ଡିତମାନଙ୍କର ଭଗବତ୍ ଭକ୍ତି, କୀର୍ତ୍ତନର ଉପଯୋଗିତା, ଜୀବନର ଲକ୍ଷ୍ୟ, ମନୁଷ୍ୟର କର୍ତ୍ତବ୍ୟ ଇତ୍ୟାଦି ବିଷୟରେ ଭାଷଣ ଦିଆ ହେଉଥିଲା । ଶେଷ ଦିନ ବିଶେଷ ସମାରୋହରେ ନଗରକୀର୍ତ୍ତନ ହେଉଥିଲା । ସେହି ସ୍ଥାନର ବାତାବରଣ ଏପରି ପ୍ରଭାବଶାଳୀ ହେଉଥିଲା ଯେ ସେଥିରେ ଯୋଗ ଦେଉଥିବା ଅଧିକାଂଶ ବ୍ୟକ୍ତି ନିଜ ନିଜ ଗ୍ରାମରେ କୀର୍ତ୍ତନମଣ୍ଡଳୀ ସ୍ଥାପନ କରୁଥିଲେ ଏବଂ ଅଷ୍ଟପ୍ରହରୀ, ଚବିଶପ୍ରହରୀ, ନବାହ୍ନିକ (ଅଖଣ୍ଡଭାବେ ନଅ ଦିନ) କୀର୍ତ୍ତନ ଅନୁଷ୍ଠାନ ତଥା ମହୋତ୍ସବ କରାଉଥିଲେ । ଏହା ଦ୍ୱାରା ନିଜ ଗ୍ରାମର ତଥା ଅନ୍ୟ ଗ୍ରାମର ବହୁ ବ୍ୟକ୍ତିଙ୍କର କଲ୍ୟାଣ ହେଉଥିଲା ।

ଶ୍ରୀ ରୂପକଳାଜି ଦୁଇଟି ବିଶେଷ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ । ଗୋଟିଏ ଶ୍ରୀ ନାଭାଜିଙ୍କ ଭକ୍ତମାଳାର ବିସ୍ତାର ଟୀକା ଏବଂ ଅଧ୍ୟାତ୍ମ ଗ୍ରନ୍ଥ ରଚନା, ଅନ୍ୟଟି ଅଖିଳଭାରତ କୀର୍ତ୍ତନମଣ୍ଡଳୀ ଏବଂ ସମ୍ମିଳନୀର ପ୍ରତିଷ୍ଠା । ଏହି ଦୁଇଟି କାର୍ଯ୍ୟ ଦ୍ୱାରା ବହୁ ନରନାରୀଙ୍କର କଲ୍ୟାଣ ହୋଇଛି, ବହୁ ପତିତ ବିପଦଗାମୀ ବ୍ୟକ୍ତି ଭକ୍ତ ହୋଇଛନ୍ତି । ଶ୍ରୀ ରୂପକଳାଜି ଏହି ସଂସାର ତ୍ୟାଗ କରିଯିବା ପରେ ବି ତାଙ୍କର ଦୃଢ଼ ସଂକଳ୍ପ ଦ୍ୱାରା ପ୍ରତିଷ୍ଠିତ କୀର୍ତ୍ତନ ସମ୍ମିଳନୀ ଆଜିପର୍ଯ୍ୟନ୍ତ ପୂର୍ବପରି ଚାଲୁଛି । ସେ ଗୋଟିଏ ସ୍ଥାନରେ ରହି ତାଙ୍କ ଭଗବତ୍ ଭକ୍ତିର ପ୍ରଭାବରେ ଯେଉଁ ମହତ୍ତ୍ୱପୂର୍ଣ୍ଣ ଜନକଲ୍ୟାଣ କାର୍ଯ୍ୟ କରିଯାଇଛନ୍ତି ତାହା କଳ୍ପନା କରିବା ଅସମ୍ଭବ ।

ଭଗବାନ୍ ତାଙ୍କୁ ଅସାଧାରଣ ଶକ୍ତି ଦେଇଥିଲେ । ତାଙ୍କ ଜୀବନ ଚମତ୍କାର ଘଟନାରେ ପରିପୂର୍ଣ୍ଣ । ବହୁ ଭକ୍ତ ତାଙ୍କର ଦର୍ଶନ କରିବାକୁ ଆସୁଥିଲେ । ସେମାନେ ଆସିବା ପୂର୍ବରୁ ତାଙ୍କ ପାଖକୁ କୌଣସି ସୂଚନା ଦେଇ ନ ଥାନ୍ତି କିନ୍ତୁ ଶ୍ରୀ ରୂପକଳାଜି ପୂର୍ବରୁ ସେମାନଙ୍କ ରହିବା ଓ ଭୋଜନ କରିବାର ସମସ୍ତ ବ୍ୟବସ୍ଥା କରି ରଖିଥା'ନ୍ତି । ବହୁ ବ୍ୟକ୍ତି ତାଙ୍କୁ ନାନା ପ୍ରଶ୍ନ ପଚାରିବାକୁ ଲେଖିକରି ଆଣିଥା'ନ୍ତି, କିନ୍ତୁ ସେହି ପ୍ରଶ୍ନସବୁ ପଚାରିବା ପୂର୍ବରୁ ଶ୍ରୀ ରୂପକଳାଜି ଉତ୍ତର ଦେଇଦିଅନ୍ତି । କେତେକ ଭକ୍ତଙ୍କର ଅସାଧାରଣ ଦୁର୍ଘଟନା ହୁଏ, ସେମାନେ ତାଙ୍କୁ ତାହା ଜଣାଇବା ପୂର୍ବରୁ ଶ୍ରୀ ରୂପକଳାଜିଙ୍କ ତାରବାର୍ତ୍ତା ପହଞ୍ଚେ ଏବଂ ସେମାନେ ଶୀଘ୍ର ଭଲ ହୁଅନ୍ତି । ତାଙ୍କ ଆଶୀର୍ବାଦରେ ବହୁ ସଂଖ୍ୟକ ରୋଗୀ ଅସାଧାରଣ ରୋଗରୁ ମୁକ୍ତ ହୋଇଛନ୍ତି । ତାଙ୍କ ସଂସ୍ପର୍ଶରେ ଆସିଥିବା ବହୁ ବ୍ୟକ୍ତି ଭଗବତ୍ ଭକ୍ତ ହୋଇଛନ୍ତି, ସେ ବହୁ ବ୍ୟକ୍ତିଙ୍କୁ ଦାରିଦ୍ର୍ୟ, ରୋଗଶୋକରୁ ମୁକ୍ତ କରିଛନ୍ତି, ବହୁ ବ୍ୟକ୍ତିଙ୍କୁ ଅଧ୍ୟାତ୍ମ ସାଧନାରେ ସାହାଯ୍ୟ କରିଛନ୍ତି । କିନ୍ତୁ ବିଶେଷଭାବେ ଉପକୃତ ହୋଇଛନ୍ତି ବିହାର ପ୍ରାନ୍ତର ବହୁ ବ୍ୟକ୍ତି । ସେହି ସମୟରେ ବିହାର ପ୍ରାନ୍ତର ଗ୍ରାମମାନଙ୍କରେ କୌଣସି କୌଣସି ସ୍ଥାନରେ ଲୋକେ ଏକତ୍ର ହୋଇ ଗଞ୍ଜେଇ, ଅଫିମ, ଧୂମପାନ ତଥା ମଦ୍ୟପାନରେ ମସ୍ତ ହୋଇ ନାନା ପ୍ରକାର ନିରର୍ଥକ ଗପ ଓ ତାସ, ପଶାଖେଳ ଆଦିରେ ସମୟ ତଥା ଜୀବନ ନଷ୍ଟ କରୁଥିଲେ । ଶ୍ରୀ ରୂପକଳାଜିଙ୍କ ପ୍ରଭାବରେ ସେହିସବୁ ସ୍ଥାନରେ ପ୍ରତିଷ୍ଠିତ ହୋଇଥିଲା କୀର୍ତ୍ତନମଣ୍ଡଳୀ । ଅଫିମ, ଗଞ୍ଜେଇ, ମଦ୍ୟପାନ କରୁଥିବା ବ୍ୟକ୍ତି ସେହିସବୁ ଦୁର୍ବ୍ୟସନ ତ୍ୟାଗ କରି ହୋଇଥିଲେ ଭଗବାନଙ୍କର ଭକ୍ତ ଏବଂ କରୁଥିଲେ ସଂକୀର୍ତ୍ତନ । ଏହିରୂପେ ବହୁ ନରନାରୀଙ୍କୁ ଉଦ୍ଧାର କରି ଶ୍ରୀ ରୂପକଳାଜି ୧୯୩୨ ମସିହା ଜାନୁୟାରି ୪ ତାରିଖ ଭୋର ତିନିଘଣ୍ଟା ପନ୍ଦର ମିନିଟରେ ଏହି ନଶ୍ୱର ଶରୀର ତ୍ୟାଗ କରି ସାକେତ ଧାମରେ ଶ୍ରୀ ସୀତାରାମଙ୍କ ନିତ୍ୟସେବାରେ ସମ୍ମିଳିତ ହୋଇଥିଲେ ।

ଏହା ପୂର୍ବରୁ ଶ୍ରୀ ରୂପକଳାଜି ଶରୀର ତ୍ୟାଗ କରିବା ବିଷୟ ପତ୍ର ଦ୍ୱାରା ତାଙ୍କ ଭକ୍ତମାନଙ୍କୁ ଜଣାଇ ଦେଇଥିଲେ ଏବଂ ସମସ୍ତ ଭକ୍ତମଣ୍ଡଳୀ ତା ୩୦.୧୨.୧୯୩୧ ରିଖରେ ଏକତ୍ରିତ ହୋଇ ତାଙ୍କୁ ଦର୍ଶନ କରିଥିଲେ ଏବଂ କଥାବାର୍ତ୍ତା କରି ତାଙ୍କ ଶ୍ରୀହସ୍ତରୁ ପ୍ରସାଦସେବନ କରିଥିଲେ । ତାଙ୍କ କୃପାରୁ ଅସଂଖ୍ୟ ନରନାରୀଙ୍କର ବହୁ କଲ୍ୟାଣ ସାଧିତ ହୋଇଥିଲା, ସେମାନେ ତାଙ୍କୁ ଗୁରୁଙ୍କଠାରୁ ଅଧିକ ସମ୍ମାନ ଏବଂ ଭକ୍ତି କରୁଥିଲେ କିନ୍ତୁ ସେ କାହାକୁ ଦୀକ୍ଷା ଦେଇ ନ ଥିଲେ ।

ଶ୍ରୀ ରୂପକଳାଜି ମହାରାଜ ଅଯୋଧ୍ୟାରେ ଜୀବିତ ଅବସ୍ଥାରେ ଥିବା ସମୟରେ ଏହି ପ୍ରବନ୍ଧର ଲେଖକ ସେଠାରେ ଥିଲା ଏବଂ ତାଙ୍କର ବହୁତ କୃପାପାତ୍ର ତଥା ଭକ୍ତମାନଙ୍କ ସହିତ ଘନିଷ୍ଠ ସମ୍ବନ୍ଧ ମଧ୍ୟ ଥିଲା । ଶ୍ରୀ ରୂପକଳାଜିଙ୍କ ଜୀବନରେ ଯେଉଁସବୁ ଚମତ୍କାର ଘଟନା ଘଟିଥିଲା ସେ ସବୁ ତାଙ୍କର ଜୀବନୀ ''ଶ୍ରୀ ରୂପକଳା ଚରିତାମୃତ'' ନାମକ ପୁସ୍ତକରେ ଆଲୋଚିତ ହୋଇଛି ଏବଂ ଲୋକମୁଖରେ ପ୍ରଚଳିତ ଅଛି । ତାଙ୍କର ବହୁ କୃପାପାତ୍ର ଭକ୍ତମାନଙ୍କ ସହିତ ଯେଉଁସବୁ ଚମତ୍କାର ଘଟନା ଘଟିଥିଲା ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଏହି ଲେଖକ ଜାଣେ ଏବଂ ସେମାନଙ୍କଠାରୁ ବହୁ ଘଟନା ଶୁଣିଛି । ତାଙ୍କୁ ଗୁରୁରୂପେ ମାନ୍ୟ କରୁଥିବା କେତେଜଣ ମହାତ୍ମାଙ୍କ ସହ ବହୁଦିନ ରହିବାର ସୁଯୋଗ ମଧ୍ୟ ମିଳିଥିଲା । ଶ୍ରୀ ରୂପକଳାଜି ମହାରାଜ ଯଥାର୍ଥରେ ଭଗବାନଙ୍କର ଅନନ୍ୟ ଭକ୍ତ ଥିଲେ । ତାଙ୍କ ଚରିତ ପଠନ କରି ଆମ୍ଭେମାନେ ଭଗବାନଙ୍କ କୃପା ଲାଭ କରି ପାରିବା ।

ବୋଲ ଭକ୍ତ ଏବଂ ଭଗବାନଙ୍କ ଜୟ ।

ବିଲ୍ୱମଙ୍ଗଳ

ଦକ୍ଷିଣପ୍ରାନ୍ତ କୃଷ୍ଣାବେଣୀ ନଦୀକୂଳରେ ଗୋଟିଏ ଗ୍ରାମରେ ଏକ ବ୍ରାହ୍ମଣ ପରିବାରରେ ବିଲ୍ୱମଙ୍ଗଳ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ରାମଦାସ ସଦାଚାରୀ ବ୍ରାହ୍ମଣ ଥିଲେ ଏବଂ ତାଙ୍କୁ ବାଲ୍ୟାବସ୍ଥାରୁ ଉତ୍ତମ ଶିକ୍ଷା ଦେଇଥିଲେ । ପିତାମାତା ଓ କୁଳ ପ୍ରଭାବରୁ ସେ ନିୟମିତରୂପେ ସନ୍ଧ୍ୟା କରୁଥିଲେ, ଗାୟତ୍ରୀ ମନ୍ତ୍ର ଜପ କରୁଥିଲେ । ସଦାଚାର ଥିଲା ତାଙ୍କ ଜୀବନର ଗୋଟିଏ ପ୍ରଧାନ ଅଙ୍ଗ । ଉପଯୁକ୍ତ ବୟସରେ କୁଳଶୀଳସମ୍ପନ୍ନା ଗୋଟିଏ ସୁନ୍ଦରୀ କନ୍ୟା ସହିତ ତାଙ୍କର ବିବାହ ହେଲା । ତାଙ୍କ ଧର୍ମପତ୍ନୀ ପତିବ୍ରତା, ମଧୁରଭାଷିଣୀ, ସେବାପରାୟଣା ଇତ୍ୟାଦି ଉତ୍ତମ ଗୁଣରେ ବିଭୂଷିତା ଥିଲେ । ସଦ୍‌ଗୁଣବତୀ ପତ୍ନୀ ପାଇ ବିଲ୍ୱମଙ୍ଗଳ ଅତ୍ୟନ୍ତ ପ୍ରସନ୍ନତାରେ କିଛିଦିନ ବ୍ୟତୀତ କଲେ । ବିଲ୍ୱମଙ୍ଗଳଙ୍କ ବିବାହର ଅଳ୍ପ ଦିନ ପରେ ପିତାମାତା ଉଭୟ ଇହସଂସାର ତ୍ୟାଗ କରି ପରଲୋକ ଗମନ କଲେ । ବିଲ୍ୱମଙ୍ଗଳ ଥିଲେ ଯୁବକ, ଧନସମ୍ପତ୍ତି ଥିଲା ପର୍ଯ୍ୟାପ୍ତ । ତାଙ୍କର ଅଭିଭାବକ କେହି ନ ଥିବାରୁ ସେ ହେଲେ ସ୍ୱତନ୍ତ୍ର । ଯୁବାବସ୍ଥାରେ ଧନ ଥାଇ ମୁରବି ନ ରହିଲେ ଅବିବେକୀ ପୁରୁଷର ଯାହା ହୁଏ ବିଲ୍ୱମଙ୍ଗଳଙ୍କର ତାହାହିଁ ହେଲା ।

''ଯୌବନଂ ଧନସମ୍ପତ୍ତିଃ ପ୍ରଭୁତ୍ୱମବିବେକିତା ।
ଏକୈକମପ୍ୟନର୍ଥାୟ କିମୁ ୟତ୍ର ଚତୁଷ୍ଟୟମ୍ ॥''

''ଯୌବନ, ଧନ, ପ୍ରଭୁତ୍ୱ ତଥା ଅବିବେକ ଏହି ଚାରୋଟି ମଧ୍ୟରୁ ଗୋଟିଏ ଥିଲେ ମହାନ୍ ଅନର୍ଥ କରେ; କିନ୍ତୁ ଯେଉଁଠାରେ ଏହି ଚାରି ଏକତ୍ର ହୁଅନ୍ତି ସେସବୁ ଯେ କ'ଣ କରନ୍ତି ସେକଥା କଳ୍ପନା କରିହୁଏ ନାହିଁ ।'' ଦୁର୍ଭାଗ୍ୟବଶତଃ ବିଲ୍ୱମଙ୍ଗଳଙ୍କୁ ଅସଦାଚାରୀ ମିତ୍ରମାନଙ୍କ ସଙ୍ଗ ପ୍ରାପ୍ତ ହେଲା । କୁସଙ୍ଗର ପ୍ରଭାବ ପଡ଼ିଲା ବିଲ୍ୱମଙ୍ଗଳଙ୍କ ଉପରେ । ଏହାଫଳରେ ତାଙ୍କ କୁପ୍ରବୃତ୍ତି କ୍ରମଶଃ ଜାଗ୍ରତ୍ ହେଲା । କୌଣସି ଦୂଷିତ ମୁହୂର୍ତ୍ତରେ ବିଲ୍ୱମଙ୍ଗଳଙ୍କର ଚିନ୍ତାମଣି ନାମରେ ଜଣେ ସୁନ୍ଦରୀ ବେଶ୍ୟା ସହିତ ସାକ୍ଷାତ୍ ହୋଇଗଲା । ସେହି ଥରକ ସାକ୍ଷାତରେ ବିଲ୍ୱମଙ୍ଗଳଙ୍କ ଘୋର ପତନ ଘଟିଲା । ସଦ୍‌ଗୁଣବତୀ ସତୀ ସାଧ୍ୱୀ ସୁନ୍ଦରୀ ପତ୍ନୀକୁ ତିରସ୍କାର କରି ସେ ବେଶ୍ୟା କବଳରେ ପଡ଼ିଗଲେ । ବ୍ୟକ୍ତିର ଥରେ ପତନ ହେଲେ ଭଗବତ୍ କୃପା ଛଡ଼ା ସେଥିରୁ ନିଜ ସାମର୍ଥ୍ୟରେ ଉଦ୍ଧାର ହେବା ସମ୍ଭବ ନୁହେଁ । ବରଂ କୁପ୍ରବୃତ୍ତି କ୍ରମଶଃ ବୃଦ୍ଧି ପାଇ ବ୍ୟକ୍ତିକୁ ନରକକୁ ଟାଣିନିଏ । ଏହାହିଁ ହେଲା ବିଲ୍ୱମଙ୍ଗଳଙ୍କର ଅବସ୍ଥା ।

ଚିନ୍ତାମଣିର ମୋହମାୟା କୁହୁକ ଜାଲରେ ପଡ଼ିବା ଦିନଠାରୁ ସେ ଧର୍ମକର୍ମ, ସଦାଚାରକୁ ଜଳାଞ୍ଜଳି ଦେଲେ । ଘରକାମ କରୁଥା'ନ୍ତି, ମନ ଥାଏ ଚିନ୍ତାମଣି ପାଖରେ । ଶେଷରେ ଘରକାମ କରିବାରେ ସେ ଆଉ ସମର୍ଥ ହେଲେ ନାହିଁ । ଦିନରାତି ଚିନ୍ତାମଣି ପାଖରେ ରହିବାକୁ ଲାଗିଲେ । ଘରେ ଯାହା ଗଚ୍ଛିତ ଧନ ଥିଲା ଚିନ୍ତାମଣିକୁ ଦେବାରେ ସମାପ୍ତ ହୋଇଗଲା । ବିଲ୍ୱମଙ୍ଗଳଙ୍କ ଧର୍ମପତ୍ନୀ ଭୂସମ୍ପତ୍ତି ଓ ବାଡ଼ିବଗିଚାର ଆୟରୁ କୌଣସି ଉପାୟରେ ଘରଖର୍ଚ୍ଚ ଚଳାଉଥା'ନ୍ତି । ବିଲ୍ୱମଙ୍ଗଳ ସ୍ତ୍ରୀକୁ ଖୁସିରେ ପଦେ କଥା ବି କୁହନ୍ତି ନାହିଁ । ଭୋଜନ କରି ଘରେ ଯାହା ପଇସା ଥାଏ ତାହା ନେଇ ଚିନ୍ତାମଣି ଘରକୁ ଚାଲିଯା'ନ୍ତି । ପତିବ୍ରତା ସ୍ତ୍ରୀ ବିଚାରୀ କବାଟ କୋଣରେ ବସି କାନ୍ଦି କାନ୍ଦି ଦିନ କଟାଏ ଏବଂ ବିଲ୍ୱମଙ୍ଗଳଙ୍କର ପରିବର୍ତ୍ତନ ନିମିତ୍ତ ଭଗବାନଙ୍କୁ ପ୍ରାର୍ଥନା କରେ ।

ବିଲ୍ୱମଙ୍ଗଳଙ୍କର ଚିନ୍ତାମଣି ପ୍ରତି ଅତ୍ୟଧିକ ମୋହ-ଆସକ୍ତି ବୃଦ୍ଧି ପାଇବାରୁ ବୁଦ୍ଧି ବିବେକ ନଷ୍ଟ ହୋଇଗଲା । ତାଙ୍କ ମନ-ପ୍ରାଣ କେନ୍ଦ୍ରିତ ହେଲା ଚିନ୍ତାମଣିକୁ ଖୁସୀ କରିବାରେ । ଖୁସୀ କରିବାର ଉତ୍କୃଷ୍ଟ ଉପାୟ ଧନ । ସେହି ଧନ ସକାଶେ ବିଲ୍ୱମଙ୍ଗଳଙ୍କୁ ଚୋରି ଡକାୟତି ଆଦି ସମସ୍ତ କୁକର୍ମ କରିବାକୁ ହେଲା । ମନୁଷ୍ୟ କାମାସକ୍ତିରେ କିପରି ନିଷିଦ୍ଧ ଘୃଣିତ କାର୍ଯ୍ୟ କରିପାରେ ତା'ର ପ୍ରତ୍ୟକ୍ଷ ଉଦାହରଣ ହେଲେ ବିଲ୍ୱମଙ୍ଗଳ । ତାଙ୍କର ପ୍ରତ୍ୟେକ ଦିନ ଘରକୁ ଯିବା-

ଆସିବା ବନ୍ଦ ହୋଇଗଲା । କେବଳ ଧନର ଅତ୍ୟାବଶ୍ୟକ ହେଲେ ଘର ଅଚଳନ୍ତି ବସ୍ତୁ ବିକ୍ରୟ କରି ଟଙ୍କା ପଇସା ନେବାକୁ ଆସୁଥିଲେ ।

ବିଲ୍ୱମଙ୍ଗଳଙ୍କର ଏପରି ପତନ ପରିସ୍ଥିତିରେ ତାଙ୍କ ସ୍ତ୍ରୀ ତାଙ୍କୁ ଘୃଣା କରୁ ନ ଥିଲେ କିଂବା କୁବାକ୍ୟ ବା କଟୁ ବାକ୍ୟ କହୁ ନ ଥିଲେ । ବିଲ୍ୱମଙ୍ଗଳଙ୍କର ଯେତେବେଳେ କ୍ଷଣକ ସକାଶେ ପୂର୍ବ ସଂସ୍କାରବଶତଃ ଚେତନା ଆସୁଥିଲା ସେତେବେଳେ ସେ ନିଜ ସ୍ତ୍ରୀଙ୍କୁ ହୃଦୟରେ ସମ୍ମାନ କରୁଥିଲେ ଏବଂ ତାଙ୍କ ପ୍ରତି ନିଜର ବ୍ୟବହାର ଯୋଗୁଁ ପରିତାପ କରୁଥିଲେ । କିନ୍ତୁ ଏହି ଅବସ୍ଥା ହେଉଥିଲା କ୍ଷଣକ ସକାଶେ । ପର ମୁହୂର୍ତ୍ତରେ ସେ ଭୁଲି ଯାଉଥିଲେ ।

ବିଲ୍ୱମଙ୍ଗଳଙ୍କ ପିତୃଶ୍ରାଦ୍ଧ ସକାଶେ ତାଙ୍କ ସ୍ତ୍ରୀ ସବୁ ଜିନିଷପତ୍ର ଆୟୋଜନ କରିଥିଲେ । ପିତୃଶ୍ରାଦ୍ଧ ଦିନ ବିଲ୍ୱମଙ୍ଗଳ ନ ଆସିଲେ ସେ ନିଜେ ଶ୍ରାଦ୍ଧ କରିବା ନିଶ୍ଚିତ କରିଥିଲେ ଏବଂ ବନ୍ଧୁବାନ୍ଧବମାନଙ୍କୁ ନିମନ୍ତ୍ରଣ କରିଥିଲେ । ବିଲ୍ୱମଙ୍ଗଳଙ୍କର ପିତୃଶ୍ରାଦ୍ଧ ଦିବସ ଆସିଲା । ବନ୍ଧୁବାନ୍ଧବ, ସାହିପଡ଼ିଶା ବିଲ୍ୱମଙ୍ଗଳଙ୍କ ଘରକୁ ଆସିଥା'ନ୍ତି । ଶ୍ରାଦ୍ଧର ବ୍ୟବସ୍ଥା ହୋଇଥାଏ । ବିଲ୍ୱମଙ୍ଗଳଙ୍କର ହୋସ୍ କେଉଁଠି ? ତାଙ୍କ ଚେତନାରେ ଚିନ୍ତାମଣି ଛଡ଼ା ଆଉ ତ କିଛି ନ ଥାଏ । ପିତୃଶ୍ରାଦ୍ଧ କଥା ମନେ ପଡ଼ିବ କିପରି ? ସେ ଅଜାଣତରେ କୌଣସି କାରଣରୁ ଘରକୁ ଆସିଲେ । ସ୍ତ୍ରୀର ଅତ୍ୟନ୍ତ ବିନମ୍ର ପ୍ରାର୍ଥନା, ବନ୍ଧୁବାନ୍ଧବମାନଙ୍କର ଲଜ୍ଜାସଙ୍କୋଚବଶତଃ ପିତୃଶ୍ରାଦ୍ଧ ସକାଶେ ବିଲ୍ୱମଙ୍ଗଳକୁ ରହିବାକୁ ପଡ଼ିଲା । ସବୁକିଛି ବ୍ୟବସ୍ଥା କରିଥିଲେ ତାଙ୍କ ସ୍ତ୍ରୀ । ବିଲ୍ୱମଙ୍ଗଳ କେବଳ ପୁରୋହିତଙ୍କ ପାଖରେ ବସି ଶ୍ରାଦ୍ଧ କର୍ମ କରିବା କଥା ।

ପୁରୋହିତ ଆସିଲେ ଶ୍ରାଦ୍ଧ ଆରମ୍ଭ ହେଲା । ପୁରୋହିତଙ୍କ ନିର୍ଦ୍ଦେଶ ଅନୁସାରେ ବିଲ୍ୱମଙ୍ଗଳ ଶ୍ରାଦ୍ଧ କର୍ମ କରୁଥା'ନ୍ତି । ତାଙ୍କ ମନ ଚିନ୍ତାମଣି ପାଖରେ ଥାଏ । କୌଣସିମତେ ଶ୍ରାଦ୍ଧ କାର୍ଯ୍ୟ ଶେଷ କରି ଚିନ୍ତାମଣି ପାଖକୁ ଯିବାକୁ ତାଙ୍କ ମନ ଛଟପଟ କରୁଥାଏ । ଶ୍ରାଦ୍ଧ ଶେଷ ହେଲା, ବନ୍ଧୁବାନ୍ଧବମାନଙ୍କର ଖିଆପିଆ ଚାଲିଲା । ଭୋଜନ ଶେଷ ହେବା ପରେ ବିଲ୍ୱମଙ୍ଗଳ ଯିବାକୁ ବାହାରିବା ସମୟରେ ଏପରି ଗୋଟିଏ ଗୋଟିଏ ଘଟନା ଘଟୁଥିଲା ଯେ ତାଙ୍କୁ ବାଧ ହୋଇ ରହିବାକୁ ପଡୁଥିଲା । ସେ ଯିବାକୁ ଅତ୍ୟନ୍ତ ବ୍ୟସ୍ତ ହେବା ସତ୍ତ୍ୱେ ଯାଇପାରୁ ନ ଥିଲେ । ସନ୍ଧ୍ୟା ବ୍ୟତୀତ ହୋଇ ରାତି ହେଲା । ଥିଲା ବର୍ଷା ଦିନ । ଚାରିଦିଗରୁ କଳା ମେଘ ଘୋଟିଥାଏ । ଅନ୍ଧକାର ଯୋଗୁଁ ନିଜ ହାତ ଦେଖାଯାଉ ନ ଥାଏ । ବିଲ୍ୱମଙ୍ଗଳ ଆଉ ଥୟ ଧରି ରହି ପାରିଲେ ନାହିଁ; ଘରୁ ବାହାରି ପଡ଼ିଲେ । ବାଟ-ଅବାଟ, ସାପ-ବିଛା, ଭୂତ-ପ୍ରେତଙ୍କୁ ଭ୍ରୁକ୍ଷେପ ନ କରି କୃଷ୍ଣାବେଣୀ ନଦୀକୂଳରେ ପହଞ୍ଚିଲେ । ନଦୀ ପାର ହୋଇ ଚିନ୍ତାମଣିର ଘରକୁ ଯିବାକୁ ହେବ । ବଢ଼ି ଯୋଗୁଁ ନଦୀ ଜଳରେ ପୂର୍ଣ୍ଣ । ବର୍ଷା ଆଶଙ୍କାରେ ନାବିକମାନେ ନାବ ବାନ୍ଧି ଘରକୁ ଯାଇଥା'ନ୍ତି । ବିଲ୍ୱମଙ୍ଗଳ ନାବିକମାନଙ୍କୁ ଡାକିଲେ । ଏ ପାଖ ସେ ପାଖ ବହୁତ ଦୌଡ଼ାଦୌଡ଼ି କଲେ । ପାଖରେ ଘରଗ୍ରାମ ନ ଥିଲା, ଶୁଣନ୍ତା କିଏ ? ନଦୀକୂଳରେ ବିଲ୍ୱମଙ୍ଗଳଙ୍କର ବହୁତ ସମୟ ନଷ୍ଟ ହୋଇଗଲା । ସେ ସମୟରେ ପ୍ରାୟ ଅର୍ଦ୍ଧରାତ୍ର । ଚାରିଆଡ଼େ ନିସ୍ତବ୍ଧ । ଜଳପୂର୍ଣ୍ଣ ଦୀର୍ଘ ନଦୀର ତୀବ୍ର ସ୍ରୋତକୁ ପହଁରି ପାର ହୋଇଯିବା କୌଣସି ବ୍ୟକ୍ତି ପକ୍ଷେ ସମ୍ଭବ ନ ଥିଲା । ବିଲ୍ୱମଙ୍ଗଳ ଚିନ୍ତାମଣିର ବିଚ୍ଛେଦ ଆଉ ବରଦାସ୍ତ କରିପାରିଲେ ନାହିଁ । ଜୀବନକୁ ଜଳାଞ୍ଜଳି ଦେଇ ନଦୀକୁ ଡେଇଁପଡ଼ିଲେ । କିଛିଦୂର ପହଁରିବା ପରେ ଗୋଡ଼ହାତ ଥକି ଅବଶ ହୋଇଗଲା । ବିଲ୍ୱମଙ୍ଗଳଙ୍କର ବ୍ୟକ୍ତିଗତ ପ୍ରୟାସ ସମାପ୍ତ । ନଦୀସ୍ରୋତରେ ମୃତ୍ୟୁ ନିଶ୍ଚିତ ।

ଭଗବାନ୍ କରୁଣାମୟ । ପ୍ରାଣୀ ପ୍ରତି ଅହେତୁକୀ କୃପା କରନ୍ତି । ସେ ସବୁ ସ୍ଥାନରେ ବିଦ୍ୟମାନ ଥା'ନ୍ତି । ଆଜି ମହାପତିତ ବିଲ୍ୱମଙ୍ଗଳଙ୍କ ଉପରେ କୃପା କରିବାର ସମୟ ଆସିଛି । ବିଲ୍ୱମଙ୍ଗଳ ଠିକ୍ ବୁଡ଼ିଯିବା ସମୟରେ ଭଗବାନଙ୍କ କୃପାରୁ ତାଙ୍କ ହାତ ପଡ଼ିଗଲା ଗୋଟିଏ ଶବ ଉପରେ । ଭଗବାନଙ୍କ ପ୍ରେରଣାରେ ସେ ଶବ ଉପରେ ବସିଗଲେ ଏବଂ ତୀବ୍ର ସ୍ରୋତକୁ ପାର ହୋଇ ଅନ୍ୟ କୂଳରେ ପହଞ୍ଚିଗଲେ । ଭଗବାନ୍ ଯାହାକୁ ରକ୍ଷା କରନ୍ତି ତାକୁ ମାରିବାର କାହାରି ସାଧ୍ୟ ନ ଥାଏ । କିନ୍ତୁ ବିଲ୍ୱମଙ୍ଗଳ ମହାମୋହରେ ମୋହିତ ହୋଇ ଥିବାରୁ ଭଗବାନଙ୍କର ଏହି କୃପା ବୁଝିପାରୁ ନ ଥା'ନ୍ତି । ତାଙ୍କର ଶରୀରରେ ଜ୍ଞାନ ନ ଥାଏ । ଶବ ଉପରେ ବସିଥିବାରୁ ତାଙ୍କ ଶରୀରରେ ପଚା ମାଂସ ଲାଗିଥାଏ ଏବଂ ଶରୀରରୁ ଦୁର୍ଗନ୍ଧ ବାହାରୁଥାଏ । ଏହି ଜ୍ଞାନ ତାଙ୍କର ନ ଥାଏ । କେବଳ ଚିନ୍ତାମଣି ପାଖରେ ପହଞ୍ଚିବା ଉତ୍ସାହରେ ଜଳରେ

ଶରୀର ପରିଷ୍କାର ନ କରି ଦୌଡ଼ି ଦୌଡ଼ି ଚିନ୍ତାମଣି ଘରେ ପହଞ୍ଚିଲେ । ବିଲ୍ୱମଙ୍ଗଳଙ୍କର ପିତୃଶ୍ରାଦ୍ଧ, ଅନ୍ଧକାର ରାତ୍ରି, କୃଷ୍ଣାନଦୀ ଜଳରେ ପୂର୍ଣ୍ଣ, ଏଣୁ ଏହି ଅସମୟରେ ବିଲ୍ୱମଙ୍ଗଳଙ୍କର ଆସିବାର କୌଣସି ସମ୍ଭାବନା ନ ଥିଲା । ସେଥିପାଇଁ ଚିନ୍ତାମଣି ଦ୍ୱାର ବନ୍ଦ କରି ଘୋର ନିଦ୍ରାରେ ନିମଗ୍ନ ଥିଲା ।

ବିଲ୍ୱମଙ୍ଗଳ ବହୁତ ଡାକିଲେ । କିନ୍ତୁ ଚିନ୍ତାମଣି ଶୁଣିପାରିଲା ନାହିଁ । ବିଲ୍ୱମଙ୍ଗଳ ଅତ୍ୟନ୍ତ ଅସ୍ଥିର ହୋଇପଡ଼ିଲେ । ତାଙ୍କୁ ଏକ ଏକ କ୍ଷଣ ଏକ ଏକ ବର୍ଷ ସଦୃଶ ବୋଧ ହେଲା । ଚାଳ ଡେଇଁ ଚିନ୍ତାମଣି ଘରକୁ ଯିବା ଛଡ଼ା ଅନ୍ୟ ଉପାୟ ନ ଥିଲା । ଚାଳ କିଂବା ପାଚେରିରେ ଓହଳିଥିବା ସର୍ପକୁ ମୋହବଶରେ ଦଉଡ଼ି ମନେ କରି ତାକୁ ଧରି ପାଚେରିରେ ଚଢ଼ି ଚିନ୍ତାମଣି ଦ୍ୱାରକୁ ଡେଇଁ ପଡ଼ିଲେ । ପଡ଼ିଯିବା ଆଘାତ ଯୋଗୁଁ ବିଲ୍ୱମଙ୍ଗଳଙ୍କର ଆଉ ଉଠିବାକୁ ଶକ୍ତି ନ ଥିଲା । ବିଲ୍ୱମଙ୍ଗଳଙ୍କର ପଡ଼ିବା ଶବ୍ଦ ଶୁଣି ଚିନ୍ତାମଣିର ନିଦ ଭାଙ୍ଗିଗଲା ଏବଂ ସେ ଆଲୁଅ ଆଣି ଦ୍ୱାରକୁ ଆସି ବିଲ୍ୱମଙ୍ଗଳ ପଡ଼ିଥିବା ଅବସ୍ଥାରେ ଦେଖି ଆଶ୍ଚର୍ଯ୍ୟ ହୋଇପଡ଼ିଲେ । ଶରୀରରୁ ପଚା ମାଂସର ଦୁର୍ଗନ୍ଧ ବାହାରୁଥାଏ, ପିନ୍ଧିଥିବା ଲୁଗା ଚିରିଚାରି ଯାଇଥାଏ, ଶରୀର କ୍ଷତବିକ୍ଷତ ହୋଇଥାଏ । ଚିନ୍ତାମଣି ବିଲ୍ୱମଙ୍ଗଳକୁ ଉଠାଇନେଇ କୂଅରୁ ପାଣି କାଢ଼ି ସ୍ନାନ କରାଇଦେଲା ଏବଂ ଲୁଗା ପିନ୍ଧିବାକୁ ଦେଇ ଘରକୁ ନେଇ ପଚାରିଲା, ''ତୁମେ ଏପରି ଭୟଙ୍କର ଭାବେ ବଢୁଥିବା ନଦୀ ପାର ହେଲ ଏବଂ କିପରି ଚାଳରେ ଚଢ଼ି ଅଗଣାକୁ ଆସିଲ ?'' ବିଲ୍ୱମଙ୍ଗଳଙ୍କର ସେପର୍ଯ୍ୟନ୍ତ ଭାବିବାର ଯଥାର୍ଥ ବିବେକ ନ ଥାଏ । ସେ କହିଲେ, ''ତୋ'ରି ପଠାଇଥିବା ନାବରେ ମୁଁ ନଦୀ ପାରହେଲି ଏବଂ ମୋ ସକାଶେ ଚାଳରେ ବାନ୍ଧି ରଖିଥିବା ଦୌଡ଼ି ଧରି ଚାଳରେ ଚଢ଼ି ଅଗଣାକୁ ଡେଇଁପଡ଼ିଲି ।''

ପ୍ରିୟାଦାସଜିଙ୍କ ଉକ୍ତି :

''ନବକା ପଠାଇ, ଦ୍ୱାର ଲାବ ଲଟକାଇଁ ଦେଖି ମେରେ
ମନ ଭାଈ, ମୈଁ ତୋ ତବୈ ଲଈ ଜାନି କୈଁ ।''

ବିଲ୍ୱମଙ୍ଗଳଙ୍କର ପାଗଳର ପ୍ରଳାପ ସଦୃଶ ଏହି ଉତ୍ତର ଶୁଣି ତାଙ୍କ ବୁଦ୍ଧିବିବେକ ମୋହରେ ଭ୍ରମ ହୋଇଥିବା ଜାଣି ଚିନ୍ତାମଣି ଅନ୍ତରରେ ବିଲ୍ୱମଙ୍ଗଳଙ୍କୁ ଘୃଣା କରି, ରାଗରେ କହିଲା, ''ତୋ ସକାଶେ ଯେଉଁ ଦୌଡ଼ି ବାନ୍ଧି ରଖିଥିଲି, ତୁ ଯାହାକୁ ଧରି ପାଚେରି ଚଢ଼ିଥିଲୁ, ଚାଲ ତାକୁ ଦେଖା ।'' ଚିନ୍ତାମଣି ହାତରେ ଆଲୁଅ ଥାଏ, ବିଲ୍ୱମଙ୍ଗଳ ଯାଇ ଲଟକିଥିବା ସର୍ପକୁ ଦେଖାଇ ଦେବାରୁ ଭୟ ତଥା ଆଶ୍ଚର୍ଯ୍ୟରେ ଚିନ୍ତାମଣି ହାତରୁ ଆଲୁଅ ପଡ଼ିଗଲା । ସେ ଦୁଇ ଆଖିରେ ଦୁଇ ହାତ ଦେଇ କାବା ହୋଇ ଛିଡ଼ା ହୋଇ ରହିଲା । କିଛିକ୍ଷଣ ପରେ ବିଲ୍ୱମଙ୍ଗଳ ପ୍ରତି ଥିବା ରାଗ ଦୁଇଗୁଣ ହୋଇଗଲା । ସେ ବିରକ୍ତ ହୋଇ କହିଲା :

''ଜୈସୋ ମନ ମେରେ ହାଡ଼-ଚାମ ସୌଁ
ଲଗାୟୋ, ତୈସୋ ସ୍ୟାମ ସୌଁ ଲଗାବୈ
ତୋପୈ ଜାନିୟୈଁ ସୟାନି କୈଁ
ମୈଁ ତୋ ଭୟେ ଭୋର ଭଜୌଁ ଯୁଗଲକିଶୋର
ଅବ, ତେରୀ ତୁହୀ ଜାନୈ ଚାହୌ କରୌ ମନ ମାନକୈଁ ॥''

''ମୋର ଏହି ହାଡ଼ଚମଯୁକ୍ତ ଶରୀରରେ ତୁ ଯେପରି ପ୍ରେମ କରୁଛୁ (ମନ ଲଗାଉଛୁ) ସେହିପରି ଯଦି ଶ୍ରୀକୃଷ୍ଣ ଭଗବାନ୍ (ଶ୍ୟାମ)ଙ୍କୁ ପ୍ରେମ କରିଥା'ନ୍ତୁ, ତେବେ ମୁଁ ତୋତେ ବୁଦ୍ଧିମାନ୍ ବୋଲି କହନ୍ତି । ତୋର ଯାହା ଇଚ୍ଛା ତାହା କର । କିନ୍ତୁ ଭୋର ହେବା ମାତ୍ରେ ମୁଁ ଭଗବାନଙ୍କ ଶରଣ ନେଇ ଭଗବାନଙ୍କୁ ଭଜନ କରିବି ।''

ବୈରାଗ୍ୟ

ଯେଉଁ ଚିନ୍ତାମଣି ସକାଶେ ବିଲ୍ୱମଙ୍ଗଳ ସର୍ବସ୍ୱ ଜଳାଞ୍ଜଳି ଦେଇ ପ୍ରାଣର ପ୍ରାଣ, ଜୀବନର ଆଧାର, ଗଳାର ମାଳାରୂପେ ତାକୁ ଧାରଣ କରିଥିଲେ; ଯାହା ସକାଶେ ସେ ଜୀବନକୁ କ୍ଷଣକରେ ତ୍ୟାଗ କରିବାକୁ ପ୍ରସ୍ତୁତ ଥିଲେ, ତା'ର ଏପରି ତୀକ୍ଷ୍ଣ ବାକ୍ୟବାଣ ଯାହା ନିର୍ମମ ପ୍ରାଣଘାତକ ତୀକ୍ଷ୍ଣ ତୀରଠାରୁ ଶକ୍ତିଶାଳୀ, ତାହା ତାଙ୍କ ହୃଦୟର ମୋହ-ଅଜ୍ଞାନ-ଅନ୍ଧକାରକୁ ଛିନ୍ନଭିନ୍ନ କରିପକାଇଲା । ମୋହାବରଣ ଦୂର ହେବାରୁ ତାଙ୍କ ଅନ୍ତରବାସୀ ଅନ୍ତରାତ୍ମା ମୁକ୍ତ ହୋଇଗଲେ । ବିଲ୍ୱମଙ୍ଗଳ କିଛିକ୍ଷଣ ଥକାହୋଇ ପ୍ରାଣହୀନ କାଷ୍ଠ ସଦୃଶ ନୀରବ ହୋଇ ଛିଡ଼ାହୋଇ ରହିଲେ । ତାଙ୍କ ଅନ୍ତରାତ୍ମା ଅନ୍ତରରୁ କହିଲେ, ''ବିଲ୍ୱମଙ୍ଗଳ, ତୋ ସକାଶେ ଏହି କ୍ଷଣ ଅମୃତ ସୁଯୋଗ । ଚିନ୍ତାମଣିର କଟୁବାକ୍ୟକୁ ଗୁରୁ ଉପଦେଶ ମାନି ଏହି ମୁହୂର୍ତ୍ତରେ ତୋର ଚିରସାଥୀ ଭଗବାନଙ୍କ ଶରଣରେ ଚାଲ । ବିଲ୍ୱମଙ୍ଗଳଙ୍କ ମନ-ପ୍ରାଣ ତଥା ସମସ୍ତ ଇନ୍ଦ୍ରିୟଙ୍କ କୋଳାହଳ ନିସ୍ତବ୍ଧ ଥିଲା । ସେ ଅନ୍ତରାତ୍ମାଙ୍କ ବାଣୀ ସ୍ପଷ୍ଟରୂପେ ଶୁଣିପାରିଲେ ଏବଂ ଭଗବାନଙ୍କ କୃପାରୁ ଚିନ୍ତାମଣିର ବାକ୍ୟକୁ ଗୁରୁ ଉପଦେଶ ସଦୃଶ ଗ୍ରହଣ କରି ଚିନ୍ତାମଣିର ପାଦସ୍ପର୍ଶପୂର୍ବକ ପ୍ରଣାମ କରି କହିଲେ, ''ଚିନ୍ତାମଣି, ତୁ ମୋର ଗୁରୁ, ତୋ ଉପଦେଶ ଶିରୋଧାର୍ଯ୍ୟ ।'' ଏହା କହି ସେଠାରୁ ଚାଲିଗଲେ । ଆଉ ଥରେମାତ୍ର ମୁହଁ ଫେରାଇ ଚିନ୍ତାମଣି ଆଡ଼କୁ ଅନାଇଲେ ନାହିଁ ।

ଏହି ଦୃଶ୍ୟ ଚିନ୍ତାମଣିର ହୃଦୟକୁ ଖୁବ୍ ପ୍ରବଳ ବେଗରେ ଏକ ଧକ୍କା ଦେଲା । ବିଲ୍ୱମଙ୍ଗଳ ଦଉଡ଼ି ମନେକରି ପାଚେରିରେ ଚଢ଼ିବା ସର୍ପକୁ ଦେଖି ଚିନ୍ତାମଣିର ମୋହମାୟା ଦୂର ହୋଇ ଯାଇଥିଲା । ଯାହା ବାକି ଥିଲା ତାହା ବିଲ୍ୱମଙ୍ଗଳଙ୍କୁ ଭଗବତ୍ ଶରଣରେ ଯିବା ଦେଖି ଦୂର ହୋଇଗଲା । ଭୋର ହେବା ମାତ୍ରେ ସେ ସଞ୍ଚିତ ଧନସମ୍ପତ୍ତି, ଅଳଙ୍କାର ତଥା ମୂଲ୍ୟବାନ୍ ବସ୍ତ୍ର ଗରିବଙ୍କୁ ଦାନ କରିଦେଲା । ଗୋଟିଏ ସ୍ୱଚ୍ଛ ବସ୍ତ୍ର ପରିଧାନ କରି, ଲଲାଟରେ ଊର୍ଦ୍ଧ୍ୱପୁଣ୍ଡ୍ର ତିଳକ ଧାରଣ କରି, ହସ୍ତରେ ଗୋଟିଏ ବୀଣା ଗ୍ରହଣ କରି ଭଗବତ୍ ଗୁଣଗାନ କରି ଘରୁ ବାହାରି ପଡ଼ିଲା ।

ଏହାହିଁ ଭଗବାନଙ୍କର ଅହେତୁକୀ କୃପା । ଏହି କୃପା ବିନା କାରଣରେ ଆସେ । ମୃତ ଶରୀର ଦ୍ୱାରା ପ୍ରଖରସ୍ରୋତ ଜଳପୂର୍ଣ୍ଣ ନଦୀ ପାରହେବା ଏବଂ ସର୍ପକୁ ଧରି ପାଚେରିରେ ଚଢ଼ିବା ଏକେବାରେ ଅସ୍ୱାଭାବିକ, କିନ୍ତୁ ଏହାହିଁ ଭଗବାନଙ୍କର କୃପା । ପ୍ରତ୍ୟେକ ବ୍ୟକ୍ତି ଜୀବନରେ କେବେ ନା କେବେ ଭିନ୍ନ ଭିନ୍ନରୂପେ ଭଗବତ୍ କୃପା ପ୍ରାପ୍ତ ହୁଅନ୍ତି । ଯେଉଁ ବ୍ୟକ୍ତି ସଚେତନ ହୋଇ ଭଗବତ୍ କୃପା ଗ୍ରହଣ କରନ୍ତି ତାଙ୍କର ଜୀବନ ସାର୍ଥକ ହୁଏ । ଯେ ଅଚେତନ ରହି ମନ-ପ୍ରାଣ ଦ୍ୱାରା ଅନ୍ତର ଗୃହକୁ ଦୃଢ଼ଭାବେ ବନ୍ଦ ରଖିଥାଏ, ଭଗବତ୍ କୃପାର ଆବାହନକୁ କାନ ଦିଏ ନାହିଁ, ତା' ପାଖରୁ ଭଗବତ୍ କୃପା ଫେରିଯାଏ ।

ବିଲ୍ୱମଙ୍ଗଳ ତଥା ଚିନ୍ତାମଣି ସଚେତ ଥିଲେ । ଭଗବତ୍ କୃପାକୁ ଧାରଣ କରି ସେହି ସୁଯୋଗର ଯଥାର୍ଥ ଉପଯୋଗ କଲେ । ବିଲ୍ୱମଙ୍ଗଳ ଗଲେ ଗୋଟିଏ ଦିଗରେ, ଚିନ୍ତାମଣି ଗଲେ ଅନ୍ୟ ଦିଗରେ ।

ବିଲ୍ୱମଙ୍ଗଳଙ୍କର ଅନ୍ତରାତ୍ମା ଜାଗ୍ରତ୍ ହୋଇଛନ୍ତି । ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି ସେ ବୁଝି ପାରିଛନ୍ତି । ତାଙ୍କ ହୃଦୟର ସଂସାରୀ ପ୍ରେମ ପରିବର୍ତ୍ତିତ ହୋଇ ଭଗବତ୍ ପ୍ରେମରେ ପରିଣତ ହୋଇଛି । ସେ ମୁଖରେ ହରିନାମ ଗାନ କରୁଛନ୍ତି । ହୃଦୟରେ ଭଗବତ୍ ପ୍ରେମ ପୂର୍ଣ୍ଣ ହୋଇ ନେତ୍ର ମଧ୍ୟଦେଇ ଲୋତକରୂପେ ପ୍ରବାହିତ ହେଉଛି । ଏହି ଅବସ୍ଥାରେ ଯେଉଁ ଆଡ଼କୁ ମୁଖ ସେଇ ଦିଗରେ ବିଲ୍ୱମଙ୍ଗଳ ଗତି କରୁଛନ୍ତି ।

ଭଗବତ୍ ବିଧାନ ଅନୁସାରେ ବିଲ୍ୱମଙ୍ଗଳଙ୍କୁ ମହାତ୍ମା ସୋମଗିରିଙ୍କର ଦର୍ଶନ ହେଲା । ମହାତ୍ମାଙ୍କୁ ଦର୍ଶନ କରି ବିଲ୍ୱମଙ୍ଗଳ କୃତକୃତ୍ୟ ହୋଇଗଲେ । ତାଙ୍କୁ ପ୍ରଣାମ କରି ଭଗବତ୍ ପ୍ରାପ୍ତିର ଉପାୟ ପ୍ରାର୍ଥନା କଲେ । ଉପଯୁକ୍ତ ଶିଷ୍ୟ ପାଇ ସୋମଗିରି ଅତ୍ୟନ୍ତ ହର୍ଷରେ ବିଲ୍ୱମଙ୍ଗଳଙ୍କୁ ନିଜ ମଠକୁ ନେଇ ବିଧିବିଧାନରେ ପଞ୍ଚସଂସ୍କାର ସହିତ ସନ୍ନ୍ୟାସ ବିଧି ଅନୁସାରେ ଆଞ୍ଚୋଲା, ଲେଙ୍ଗୁଟି, ମାଳା, ତିଳକ ଓ ମନ୍ତ୍ର ଦୀକ୍ଷା ଦେଲେ ଏବଂ ସାଧନାର ଗୂଢ଼ ରହସ୍ୟ ଉପଦେଶ ଦେଲେ । ବିଲ୍ୱମଙ୍ଗଳ ଉପଯୁକ୍ତ ଗୁରୁ ତଥା ଯଥାର୍ଥ ଶିକ୍ଷା ପାଇ ଭକ୍ତିରସଶାସ୍ତ୍ର ଅଧ୍ୟୟନ ଦ୍ୱାରା ତାଙ୍କର ଭଗବତ୍ ପ୍ରେମ

ଉତ୍ତରୋତ୍ତର ବିକାଶ ହେବାକୁ ଲାଗିଲା । ସେ ଶ୍ରୀକୃଷ୍ଣଙ୍କ ଦର୍ଶନ ସକାଶେ ଅତ୍ୟନ୍ତ ବ୍ୟାକୁଳ ହୋଇପଡ଼ିଲେ । ଏକ ବର୍ଷ ଗୁରୁଙ୍କ ସେବାରେ ରହିବା ପରେ ଗୁରୁଙ୍କ ଆଜ୍ଞା ପ୍ରାପ୍ତ କରି ଶ୍ରୀକୃଷ୍ଣଙ୍କ ଦର୍ଶନ ସକାଶେ ବୃନ୍ଦାବନ ଯାତ୍ରା ଆରମ୍ଭ କରିଦେଲେ । ସାଧୁ ବିଲ୍ୱମଙ୍ଗଳଙ୍କ ହୃଦୟ ଭଗବତ୍ ପ୍ରେମରେ ପ୍ଲାବିତ ଥିଲା, ମୁଖରେ ହରିନାମ ଗାନ କରୁଥିଲେ, ନେତ୍ରରୁ ପ୍ରେମାଶ୍ରୁ ପ୍ରବାହିତ ହେଉଥିଲା । ସେ ଭଗବତ୍ ପ୍ରେମରେ ଉନ୍ମତ୍ତ ହୋଇ କ୍ଷୁତ୍‌ପିପାସା ଭୁଲି ରାସ୍ତା ଚାଲୁଥିଲେ । ଗ୍ରୀଷ୍ମଋତୁ ଥିଲା; ପଥଯାତ୍ରାରେ କ୍ଲାନ୍ତ ହୋଇ ଗ୍ରାମ ସମୀପ ଗୋଟିଏ ପୁଷ୍କରିଣୀକୂଳ ଗଛଛାଇରେ ବସି ହରିନାମ ସ୍ମରଣ କଲେ ।

ଗ୍ରାମ୍ୟ ମହିଳାମାନେ ସେହି ପୁଷ୍କରିଣୀରେ ସ୍ନାନ କରୁଥିଲେ । ବିଲ୍ୱମଙ୍ଗଳ କିଛି ସମୟ ବସିବା ପରେ ସ୍ନାନ କରୁଥିବା ମହିଳାମାନଙ୍କ ଉପରେ ତାଙ୍କର ଦୃଷ୍ଟି ପଡ଼ିଲା । ବିଲ୍ୱମଙ୍ଗଳ ଦୃଷ୍ଟି ସଂଯମ କରିବାକୁ ଚେଷ୍ଟା କଲେ କିନ୍ତୁ ପୂର୍ବ କୁପ୍ରକୃତି ଏତେ ପ୍ରବଳଭାବେ ଆକ୍ରମଣ କଲା ଯେ ସେଥିରେ ବିଲ୍ୱମଙ୍ଗଳ ସଫଳ ହୋଇ ପାରିଲେ ନାହିଁ । ତାଙ୍କ ଦୃଷ୍ଟି ଜବରଦସ୍ତି ମହିଳାମାନଙ୍କ ପ୍ରତି ଆକର୍ଷିତ ହୋଇଗଲା । ମହିଳାମାନଙ୍କ ମଧ୍ୟରେ ଜଣେ ଅତ୍ୟନ୍ତ ସୁନ୍ଦରୀ ସ୍ତ୍ରୀ ସ୍ନାନ କରୁଥିଲେ । ତାଙ୍କ ପ୍ରତି ବିଲ୍ୱମଙ୍ଗଳ ଅତ୍ୟନ୍ତ ଆସକ୍ତ ହୋଇପଡ଼ିଲେ । କାମାଗ୍ନିରେ ତାଙ୍କ ହୃଦୟ ଦଗ୍‌ଧ ହେବାକୁ ଲାଗିଲା । ସେ କାମାନ୍ଧ ହୋଇ ଲଜ୍ଜା ସରମ ଭୁଲିଗଲେ । ସ୍ନାନ ପରେ ସେହି ସୁନ୍ଦରୀ ସ୍ତ୍ରୀଟି ନିଜ ଘରକୁ ଯିବା ସମୟରେ ସେ କିଛି ଦୂରରେ ରହି ତା' ପଛେ ପଛେ ତା' ଘରକୁ ଗଲେ । ବିଲ୍ୱମଙ୍ଗଳଙ୍କ ଗତିବୃତ୍ତିରୁ ତାଙ୍କ କୁପ୍ରବୃତ୍ତି ମହିଳା ବୁଝି ପାରିଥିଲେ । ତାଙ୍କ ପଛରେ ଆସୁଥିବା ଦେଖି ତାଙ୍କୁ ଲଜ୍ଜା ହେଉଥିଲା । ସେ ନିଜକୁ ଅପମାନିତା ମନେକରି, ରାଗରେ ଗୃହରେ ପ୍ରବେଶ କରି ଦ୍ୱାର ବନ୍ଦ କରିଦେଇ ନିଜ ପତିଙ୍କୁ ସମସ୍ତ ଘଟନା କହିଦେଲେ । ସାଧୁ ବିଲ୍ୱମଙ୍ଗଳ ବସି ରହିଲେ ଦାଣ୍ଡ ପିଣ୍ଡାରେ ।

ଘରେ ପତିପତ୍ନୀଙ୍କ ଛଡ଼ା ଅନ୍ୟ କେହି ନ ଥିଲେ । ଉଭୟେ ଥିଲେ ଭଗବତ୍ ଭକ୍ତ । ପତ୍ନୀ ପତିଙ୍କୁ ଭଗବତ୍ ବିଗ୍ରହରୂପେ ସେବା କରୁଥିଲେ ଏବଂ ଆଜ୍ଞାପାଳନ କରୁଥିଲେ । ସାଧୁସଜ୍ଜନଙ୍କୁ ସେବାସମ୍ମାନ କରିବା ସେମାନଙ୍କର ବ୍ରତ ଥିଲା । ପତ୍ନୀଙ୍କଠାରୁ ଏକଥା ଶୁଣି ସେ କିଛି ନିର୍ଣ୍ଣୟ କରି ପାରିଲେ ନାହିଁ । ସଜ୍ଜ-ଅତିଥି ଗୃହରେ ଉପସ୍ଥିତ, ତାଙ୍କର ସେବା କରିବା ତାଙ୍କ କର୍ତ୍ତବ୍ୟ । ଅନ୍ୟ ଦୃଷ୍ଟିରୁ ତାଙ୍କ ପତ୍ନୀ ପ୍ରତି ସଜ୍ଜଙ୍କର କୁଭାବନା ନୈତିକ ତଥା ଅଧ୍ୟାତ୍ମ ଧର୍ମର ବିପରୀତ । ଏହି ଜଟିଳ ସମସ୍ୟା ସେ ସମାଧାନ କରି ନ ପାରି ଶାନ୍ତ ନୀରବ ହୋଇ ଭଗବାନଙ୍କର ଆଦେଶ ନିଜ ଅନ୍ତରରୁ ଚାହିଁଲେ ଏବଂ ସଜ୍ଜ ବିଲ୍ୱମଙ୍ଗଳଙ୍କ ବାସନା ପୂର୍ଣ୍ଣ କରିବା ସକାଶେ ନିଜ ଅନ୍ତରରୁ ଆଦେଶ ପାଇଲେ । ଭଗବତ୍ ନିର୍ଦ୍ଦେଶରେ ମାନସିକ ଉଚିତ-ଅନୁଚିତର ବିଚାର ନ ଥାଏ । ଯେଉଁ ଭକ୍ତମାନେ ନିଷ୍କପଟ ଭାବରେ ଭଗବାନଙ୍କ ଅନ୍ତର ଆଦେଶକୁ ପାଳନ କରନ୍ତି ସେଥିରେ କୌଣସି ପ୍ରକାର ବିପଦ ନ ଥାଏ, ତାହାଦ୍ୱାରା ଭଗବାନ୍ କଲ୍ୟାଣ କରନ୍ତି । ଏହି ଦୃଢ଼ ବିଶ୍ୱାସ ଉକ୍ତ ଦମ୍ପତିଙ୍କର ଥିଲା । ପରେ ଭଗବତ୍ ନିର୍ଦ୍ଦେଶ ପାଇବା ମାତ୍ରେ ଆନନ୍ଦ ଉତ୍ସାହରେ ଦାଣ୍ଡକୁ ଯାଇ ବିଲ୍ୱମଙ୍ଗଳଙ୍କୁ ପ୍ରଣାମ କଲେ ଏବଂ ପାଦ ଧୋଇ ଘରକୁ ଆଣି ଯଥାଯୋଗ୍ୟ ଆଦର ସତ୍କାର କଲେ । ତାଙ୍କୁ ଭୋଜନ କରାଇ ଗୋଟିଏ ଏକାନ୍ତ କକ୍ଷରେ ବିଛଣା କରାଇ ତାଙ୍କ ବାସନା ପୂର୍ଣ୍ଣ କରିବା ସକାଶେ ନିଜ ପତ୍ନୀଙ୍କୁ ଆଦେଶ ଦେଲେ । ପତିପରାୟଣା ପତ୍ନୀ ପତିଙ୍କର ଆଦେଶ ପାଇ ବିଲ୍ୱମଙ୍ଗଳ ବିଶ୍ରାମ କରୁଥିବା କକ୍ଷକୁ ଗଲେ ଏବଂ ବିଲ୍ୱମଙ୍ଗଳ ଯେଉଁ ବାସନା ସକାଶେ ତାଙ୍କ ଗୃହକୁ ଆସିଥିଲେ ତାହା ପୂର୍ଣ୍ଣ କରିବାକୁ କହିଲେ । ଏହା ଭଗବତ୍ ଭକ୍ତା ପତିବ୍ରତାର ବାକ୍ୟ ନ ଥିଲା, ଥିଲା ଭଗବାନଙ୍କ ଜ୍ଞାନଜ୍ୟୋତିଃ । ତାହା ଶବ୍ଦରୂପେ ବିଲ୍ୱମଙ୍ଗଳଙ୍କ ମଧ୍ୟରେ ପ୍ରବେଶ କରି ତାଙ୍କ ହୃଦୟକୁ ପ୍ରକାଶ କରିଦେଲା । ଦିବ୍ୟ ପ୍ରକାଶରେ ମୋହାନ୍ଧକାର ଦୂର ହୋଇଯିବାରୁ ବିଲ୍ୱମଙ୍ଗଳ ପତିପତ୍ନୀଙ୍କ ଭକ୍ତିଭାବ ବୁଝି ପାରିଲେ ଏବଂ ମନେ ମନେ ଭାବିଲେ, ''ଏହି ପତିପତ୍ନୀ ଯଥାର୍ଥରେ ଭଗବାନଙ୍କର ଭକ୍ତ । ଭଗବାନ୍ ଏବଂ ଭକ୍ତ ମଧ୍ୟରେ ଏମାନଙ୍କର ଅଭେଦଭାବନା । ମୋ ପରି ଭଣ୍ଡ ସାଧୁଙ୍କୁ ଭଗବତ୍ ସ୍ୱରୂପ ମାନି ମୋ ଘୃଣ୍ୟ ଭାବ ଯୋଗୁଁ ମୋତେ ଦଣ୍ଡ ନ ଦେଇ ନିଷ୍କପଟ ଭାବରେ ମୋର ସେବା କଲେ । ଭଗବତ୍ ଭକ୍ତି ସକାଶେ ସମାଜର ଶ୍ରେଷ୍ଠ ମହାନ୍ ପତିବ୍ରତା ଧର୍ମକୁ ବିନା ସ୍ୱାର୍ଥରେ ପତିପତ୍ନୀ ଉଭୟେ ତ୍ୟାଗ କରିବାକୁ ପ୍ରସ୍ତୁତ ହେଲେ । ଏହିମାନେ ଯଥାର୍ଥରେ ମୋର

ଶିକ୍ଷାଦାତା ଗୁରୁ । ଗୁରୁ ପ୍ରତି ପାପବୁଦ୍ଧି ଏହି ଦୃଷ୍ଟି ଯୋଗୁଁ ହେଉଛି । ଏହି ଦୃଷ୍ଟିହିଁ ପାପର ମୂଳ କାରଣ ।'' ଭକ୍ତିପରାୟଣା ପତିବ୍ରତା ପ୍ରତି ମାତୃଭାବ ରଖି ତାଙ୍କ ଆଡ଼କୁ ଅତ୍ୟନ୍ତ ଭକ୍ତି ଭାବରେ ଚାହିଁ କହିଲେ, ''ଦେବି, ତୁମ କେଶରେ ଥିବା ଲୌହସୂଚୀରୁ ଗୋଟିଏ ମୋତେ ଦିଅ ।'' ସରଳହୃଦୟା ପତିବ୍ରତା କିଛି ନ ଭାବି କେଶରୁ ଗୋଟିଏ ସୂଚୀ ବାହାର କରି ସଦ୍ଧ ବିଲ୍ୱମଙ୍ଗଳଙ୍କ ହାତରେ ଦେଲେ । ସୂଚୀ ପାଇବାମାତ୍ରେ ସେଥିରେ ସେ ନିଜ ଦୁଇ ନେତ୍ରକୁ ଫୋଡ଼ିଦେଲେ ।* ଏହି ଦୃଶ୍ୟ ଦେଖି ମହିଳାଟି ଚିତ୍କାର କରି ବାହାରକୁ ଆସିଲେ । ପତ୍ନୀର ଭୟତ୍ରସ୍ତ ଚିତ୍କାର ଶୁଣି ପତି ଦୌଡ଼ି ଆସି ବିଲ୍ୱମଙ୍ଗଳଙ୍କ ନେତ୍ରରୁ ରକ୍ତ ବାହାରୁଥିବା ଦେଖି ବ୍ୟସ୍ତ ହୋଇପଡ଼ିଲେ । ପତ୍ନୀଠାରୁ ସବୁଘଟନା ଶୁଣି ବିଲ୍ୱମଙ୍ଗଳକୁ ଘରେ ରଖି ସେବା କରିବା ସକାଶେ ପ୍ରାର୍ଥନା କଲେ । ବିଲ୍ୱମଙ୍ଗଳ କହିଲେ, ''ତୁମ୍ଭମାନଙ୍କର ଦୃଢ଼ ଭଗବତ୍ ଭକ୍ତି ଏବଂ ଭକ୍ତ ଭଗବାନ୍ ମଧ୍ୟରେ ଅଭେଦ ଭାବର ପ୍ରତ୍ୟକ୍ଷ ଆଚରଣ ଦ୍ୱାରା ସେବା କରି ମୋତେ ମୋହନିଦ୍ରାରୁ ଜାଗ୍ରତ୍ କରାଇ ଦିବ୍ୟ ଜ୍ଞାନ ପ୍ରଦାନ କରିଛ । ଏହି ସେବାରେ ମୋ ଜୀବନ କୃତାର୍ଥ ହୋଇଛି । ଏହାଠାରୁ ଆଉ ଅଧିକ ସେବା କ'ଣ କରିବ ?'' ସେମାନଙ୍କୁ ଅନୁନୟ ବିନୟ କରି ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କ ଦର୍ଶନ ସକାଶେ ବିଲ୍ୱମଙ୍ଗଳ ବାହାରିପଡ଼ିଲେ ।

ଭଗବତ୍ ଦର୍ଶନ

ଆଜିଠାରୁ ବିଲ୍ୱମଙ୍ଗଳଙ୍କ ନାମ ହେଲା ସୁରଦାସ । ସୁରଦାସଙ୍କ ବୈରାଗ୍ୟ ତଥା ଭଗବତ୍ ପ୍ରେମ ଦେଖି ଉକ୍ତ ପତି-ପତ୍ନୀ ନିରୁତ୍ତର ହୋଇ ତାଙ୍କ ପଛରେ କିଛିଦୂର ଯାଇ ଫେରି ଆସିଲେ ।

ସୁରଦାସଙ୍କ ନେତ୍ରରୁ ରକ୍ତ ସହିତ ପ୍ରେମାଶ୍ରୁ ପ୍ରବାହିତ ହେଉଥାଏ । କିନ୍ତୁ ସେ ପୀଡ଼ା ଅନୁଭବ କରୁ ନ ଥାନ୍ତି । ମୁଖରେ ହରିନାମ ଗାନ କରୁଥାନ୍ତି; ହୃଦୟ ଭଗବତ୍ କୃତଜ୍ଞତାରେ ପୂର୍ଣ୍ଣ ଥାଏ । ସେ ଶରୀରଜ୍ଞାନ ଭୁଲିଗଲେ, ଯେଉଁଆଡ଼େ ଗୋଡ଼ ପଡୁଥାଏ ସେହିଆଡ଼େ ଚାଲୁଥାନ୍ତି । ଭଗବତ୍ ପ୍ରେମଭକ୍ତିରେ ସେ ଉନ୍ମତ୍ତ । କ୍ଷୁଧା-ତୃଷ୍ଣା, ଖରା-ବର୍ଷା, କଣ୍ଟା-ପଥରର ଜ୍ଞାନ ନ ଥାଏ । କିନ୍ତୁ ମନ-ପ୍ରାଣ ହେଉଛି ଶରୀର ଆଶ୍ରିତ । ଇଞ୍ଜିନ୍‌ରେ କୋଇଲା, ଜଳ ସଦୃଶ ଶରୀରର ଆଧାର ହେଉଛି ଅନ୍ନ, ଜଳ । କୋଇଲା, ଜଳ ବିନା ଯେପରି ଇଞ୍ଜିନ୍ ଚାଲେ ନାହିଁ ସେହିପରି ଅନ୍ନ, ଜଳ ବିନା ଶରୀର ଅବଶ ହୋଇଯାଏ । ବିଲ୍ୱମଙ୍ଗଳଙ୍କ ଶରୀର ଅବଶ ହୋଇ ପଡ଼ିଲା । ସେ ଗୋଟିଏ ନିର୍ଜନ ଗହୀର ବିଲରେ ବସିପଡ଼ିଲେ ।

ଯେ ସମସ୍ତ ଆଶାଭରସା ତ୍ୟାଗ କରି ଭଗବାନଙ୍କ ଆଶ୍ରୟ ନିଏ ଭଗବାନ୍ ତା' ସହିତ ଛାୟା ସଦୃଶ ରହି ରକ୍ଷା କରନ୍ତି । ଭକ୍ତ ଭଗବାନଙ୍କୁ ସର୍ବସ୍ୱ ସମର୍ପଣ କରିଦେଲେ ଭଗବାନ୍ ନିଜକୁ ଭକ୍ତ ହସ୍ତରେ ଦେଇଦିଅନ୍ତି । ବିଲ୍ୱମଙ୍ଗଳଙ୍କ ଶରୀର ଅବଶ ହେବାରୁ ସେ ଚାଲିପାରୁ ନ ଥିଲେ; କିନ୍ତୁ ତାଙ୍କ ହୃଦୟ ଭଗବତ୍ ପ୍ରେମରେ ପୂର୍ଣ୍ଣ ଥିଲା । ମୁଖରୁ ଭଗବତ୍ ନାମ, ନେତ୍ରରୁ ପ୍ରେମାଶ୍ରୁ ବର୍ଷା ହେଉଥିଲା । ସେ ଦୁର୍ବଳ ଅବସ୍ଥାରେ ଭଗବତ୍ ଭକ୍ତି ଆନନ୍ଦରେ ନିମଗ୍ନ ଥିଲେ ।

ଗୋଟିଏ ଅଳ୍ପ ବୟସର ଶିଶୁ ଆସି କହିଲେ, ''ସୁରଦାସ, ତୁ କ୍ଷୁଧା ତୃଷ୍ଣାରେ ଅତ୍ୟନ୍ତ ପୀଡ଼ିତ ମନେହେଉଛୁ । ତୋ ସକାଶେ ମୁଁ ଭୋଜନ ଓ ଜଳ ନେଇଆସିଛି, ଭୋଜନ କର, ଜଳ ପିଇନେ ।'' ଶିଶୁର ଶବ୍ଦ ନ ଥିଲା, ଥିଲା ଦିବ୍ୟ ଅମୃତ । ବିଲ୍ୱମଙ୍ଗଳଙ୍କ କର୍ଣ୍ଣରନ୍ଧ୍ର ମଧ୍ୟଦେଇ ତାହା ତାଙ୍କ ଅନ୍ତରରେ ପ୍ରବେଶ କଲା । ସେ ସେହି ଅମୃତ ଆସ୍ୱାଦନ କରି କୃତକୃତ୍ୟ ହୋଇଗଲେ । ତାଙ୍କ ଶରୀରରୁ ସମସ୍ତ ଦୁର୍ବଳତା ଦୂର ହୋଇଗଲା । ସେ ପୂର୍ବାପେକ୍ଷା ଶହେଗୁଣ ବଳ, ତେଜଃ ଲାଭ କରି ଉଠି ବସିଲେ । ଶିଶୁର ଶବ୍ଦ ସୁରଦାସଙ୍କ ହୃଦୟ ଓ ମନକୁ ପୂର୍ଣ୍ଣରୂପେ ଅଧିକାର କରିନେଲା । ସୁରଦାସ କହିଲେ, ''ବାପା, ତୋ ନାମ କ'ଣ ?'' ''ମୋର ବହୁତ ନାମ ।'' ''ତୁ କେଉଁଠି ରହୁ ?'' ''ମୁଁ ଏହି ନିକଟ ଗ୍ରାମରେ ରହି ଗୋରୁ ଚରାଏ । ତୁ ଭୋଜନ ଓ ଜଳପାନ କର ।'' – ଶିଶୁ କହିଲେ । ସୁରଦାସ ଶିଶୁହସ୍ତରୁ ଭୋଜନ ଓ ଜଳ ଗ୍ରହଣ କଲେ । ତାଙ୍କର ଜନ୍ମଜନ୍ମାନ୍ତରର କ୍ଷୁଧା-ତୃଷ୍ଣା ଦୂର ହୋଇଗଲା । ଶିଶୁ କହିଲେ, ''ସୁରଦାସ, ଦିନ ଗଡ଼ିଗଲାଣି, ମୋ ଲାଠି ଧର, ମୋ ସଙ୍ଗେ ସଙ୍ଗେ ଆ ।'' କିଛି ଦୂରରେ ଗୋଟିଏ ଡୋଟାରେ ଘନ ବୃକ୍ଷଛାୟାରେ

* ସେ ସମୟରେ ମହିଳାମାନେ ମସ୍ତକ କେଶର ବେଣୀକୁ ଲମ୍ବା ଲମ୍ବା ସୂଚୀରେ ଗୁଚ୍ଛି ଥା'ନ୍ତି ।

ବସାଇଦେଇ କହିଲେ, ''ତୁ, ଏହିଠାରେ ବିଶ୍ରାମ କର; ମୁଁ ତୋ ସକାଶେ ପ୍ରତିଦିନ ଭୋଜନ, ଜଳ ଦେଇଯିବି ।'' ଏହା କହି ସୁରଦାସଙ୍କ ମନକୁ ସଙ୍ଗରେ ନେଇ କପଟୀ ଶିଶୁ ଚାଲିଗଲେ । ଅନ୍ଧ ସୁରଦାସ ବିଚରା କ'ଣ କରନ୍ତେ । ଶିଶୁଙ୍କ ପ୍ରଥମ ଶବ୍ଦ ତାଙ୍କ ହୃଦୟକୁ ଅଧିକାର କରି ନେଇଥିଲା । ଶିଶୁବାକ୍ୟକୁ ଉଲ୍ଲଙ୍ଘନ କରିବାର ଶକ୍ତି, ସାମର୍ଥ୍ୟ ତାଙ୍କର ନ ଥିଲା । ସେ ସେଠାରେ ଶିଶୁପ୍ରେମରେ ବିଭୋର ହୋଇ ରହିଲେ । ସବୁ ସମୟରେ ତାଙ୍କ ପାଖରେ ଶିଶୁ ବସି କଥା କହୁଥା'ନ୍ତେ, ସେ ଶୁଣି ଆନନ୍ଦିତ ହୁଅନ୍ତେ – ଏହାହିଁ ସେ ଚାହୁଁଥିଲେ । ସେ ଶ୍ରୀକୃଷ୍ଣଙ୍କ ନାମଗୁଣ ଗାନ କରୁଥା'ନ୍ତି, ନେତ୍ରରୁ ଅଶ୍ରୁବୃଷ୍ଟି ହେଉଥାଏ, କିନ୍ତୁ ହୃଦୟକୁ ପୂର୍ଣ୍ଣରୂପେ ଅଧିକାର କରିଥାଏ ସେହି ମନୋମୋହନକାରୀ ଶିଶୁ । ସୁରଦାସ ସ୍ୱପ୍ନରେ, ଜାଗ୍ରତରେ ଶିଶୁର ପ୍ରତୀକ୍ଷାରେ ରହିଥା'ନ୍ତି । ଶିଶୁ ବରାବର ଭୋଜନ ଦେଇଯାନ୍ତି, ମିଠା ମିଠା ଦୁଇ ପଦ କଥା କହି ସୁରଦାସଙ୍କ ମନ ତଥା ହୃଦୟକୁ ସଙ୍ଗରେ ନେଇ ଚାଲିଯା'ନ୍ତି । ସୁରଦାସ ତାଙ୍କ ପାଇଁ ଛଟପଟ ହେଉଥା'ନ୍ତି । ସୁରଦାସଙ୍କର ସମସ୍ତ ଆସକ୍ତି କେନ୍ଦ୍ରିତ ହେଲା ଶିଶୁର କୋମଳ ମନୋମୋହନକାରୀ ବାକ୍ୟରେ । ସେ କ୍ଷଣକ ପାଇଁ ହେଲେ ଶିଶୁକୁ ଭୁଲି ପାରିଲେ ନାହିଁ । ସେ ଭାବିଲେ, ''ଯେଉଁ ବିପଦ ପାଇଁ ଘର, ପରିବାର, ଚିନ୍ତାମଣିକୁ ଛାଡ଼ିଲି, ଆଖି ଫୁଟାଇ ବସିଲି, ସେହି ବିପଦ ଶିଶୁରୂପେ ଏଠାରେ ପହଞ୍ଚିଲା । ଏହି ପ୍ରବଳ ମୋହ ଶ୍ରୀକୃଷ୍ଣଙ୍କ ଦର୍ଶନରେ ମହାନ୍ ବାଧା । ନା, ଆଉ ଏଠାରେ ରହିବି ନାହିଁ । ଏହା କହି ସୁରଦାସ ଉଠି ଚାଲିବାକୁ ଲାଗିଲେ । ଏହା ଥିଲା ତାଙ୍କ ମନର କ୍ଷଣିକ ବିଚାର । କିନ୍ତୁ ହୃଦୟ ଶିଶୁଠାରେ କ୍ଷଣେ ମାତ୍ର ପୃଥକ୍ ହେବାକୁ ଚାହୁଁ ନ ଥିଲା । ବ୍ୟକ୍ତି ଅନ୍ୟ ସକଳ ବାଧାବିପତ୍ତିରୁ ମୁକ୍ତ ହୋଇପାରେ; କିନ୍ତୁ ଥରେ ଯଦି ସେହି ଚିତ୍ତଚୋରର ହାବୁଡ଼ରେ ପଡ଼େ, ତେବେ ସେଥିରୁ ମୁକ୍ତ ହେବାର ଆଉ ଅନ୍ୟ ଉପାୟ ନ ଥାଏ । ମନୁଷ୍ୟର ମନ-ପ୍ରାଣ-ଆତ୍ମା ସମସ୍ତ ସତ୍ତା ତାଙ୍କରି ଚରଣକମଳରେ ଭ୍ରମର ସଦୃଶ ପ୍ରେମ-ମକରନ୍ଦ ପାନ କରୁଥାଏ । ସୁରଦାସଙ୍କ ଶରୀର ଯାତ୍ରା ଆରମ୍ଭ କଲା । ମାତ୍ର ମନ-ପ୍ରାଣ-ହୃଦୟ ଶିଶୁ ବିୟୋଗରେ ବ୍ୟାକୁଳ ହୋଇପଡ଼ିଲା । ଯେ ସେହି ଶିଶୁକୁ ଚାହେଁ, ସେ ତା' ଠାରୁ କ୍ଷଣକ ପାଇଁ ପୃଥକ୍ ହୋଇପାରେ ନାହିଁ । ସୁରଦାସଙ୍କ ହୃଦୟର ବ୍ୟାକୁଳତା ଜାଣି ତତ୍‌କ୍ଷଣାତ୍ ସେହି ଶିଶୁ ପହଞ୍ଚିଗଲେ । ମୃଦୁହାସ୍ୟରେ କହିଲେ, ''ସୁରଦାସ, ମୋ ଉପରେ ରାଗି କରି କୁଆଡ଼େ ଚାଲିଯାଉଛୁ ?'' ଶିଶୁର ପ୍ରେମପୂର୍ଣ୍ଣ ମୋହିନୀ ମନ୍ତ୍ରବାଣୀ ଶୁଣିବା ମାତ୍ରେ ସୁରଦାସଙ୍କ ଉପର ମନରେ ଯେଉଁ ବୈରାଗ୍ୟ ଥିଲା ତାହା ସେହିକ୍ଷଣି ଉଭେଇଗଲା ଏବଂ ହୃଦୟ ଆନନ୍ଦରେ ପୂର୍ଣ୍ଣ ହୋଇଗଲା । ସେ ଚାହୁଁ ଥିଲେ ଶିଶୁକୁ ହୃଦୟମନ୍ଦିରରେ ରଖି ବନ୍ଦ କରି ଦେବେ, ଆଉ କେବେ ଛାଡ଼ିବେ ନାହିଁ । ଏହି ହୃଦୟର ଭାବକୁ ପ୍ରକାଶ ନ କରି ସେ କହିଲେ, ''ବାପା, ମୁଁ ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କ ଦର୍ଶନ ସକାଶେ ଯାଉଛି ।''– ''ତୁ ତ ଦେଖିପାରୁ ନାହୁଁ, ଯିବୁ କିପରି ? ମୋ ହାତ ଧର, ମୁଁ ତୋତେ ବୃନ୍ଦାବନରେ ପହଞ୍ଚାଇଦେବି ।'' ଏହା କହି ଶିଶୁ ସୁରଦାସଙ୍କର ହାତ ଆଡ଼କୁ ନିଜ ହାତ ବଢ଼ାଇ ଦେଲେ । ସୁରଦାସ ଶିଶୁର ହାତକୁ ଧରିବା ମାତ୍ରେ ତାଙ୍କର ଅନ୍ତର୍ଦୃଷ୍ଟି ଉନ୍ମୁକ୍ତ ହୋଇଗଲା । ସେ ମନୋମୋହନକାରୀ କପଟୀ ଶିଶୁକୁ ଚିହ୍ନିପାରିଲେ ।

''ପ୍ରଭୁ, ଯେଉଁମାନେ ତୁମରି ଚରଣରେ ସର୍ବସ୍ୱ ସ୍ୱାହା କରି ଦେଇଛନ୍ତି, ସେମାନଙ୍କର ଆଉ ଅଛି କିଏ ? ଅଛ କେବଳ ତୁମେ । ତୁମେ ସେମାନଙ୍କର ସର୍ବସ୍ୱ । ସେହିମାନେ ଯଥାର୍ଥରେ ସନାଥ । ସେମାନଙ୍କର ସମସ୍ତ ଭାର ତୁମ ଉପରେ । ତୁମେ କରୁଣାସାଗର ବାଞ୍ଛାକଳ୍ପତରୁ । ତୁମର ଏହି ଉଦାର ଗୁଣ ଯୋଗୁଁ ସମସ୍ତପ୍ରକାର ଅସହାୟ ବ୍ୟକ୍ତି ତୁମରି ଶରଣ ନିଅନ୍ତି । ଯେ ସମସ୍ତ ଆଶାଭରସାବିହୀନ ହୋଇ ତୁମକୁ ଡାକେ ତା' ଡାକ ଶେଷ ହେବା ପୂର୍ବରୁ ତୁମେ ତାକୁ ରକ୍ଷା କର । ରାଜସଭାରେ ଦ୍ରୌପଦୀ ବିବସ୍ତ୍ର ହେବା ସମୟରେ ତାଙ୍କ ମୁଖରୁ ଶବ୍ଦ ଶେଷ ହେବା ପୂର୍ବରୁ ସେଠାରେ ସ୍ୱୟଂ ବସ୍ତ୍ରରୂପ ଧାରଣ କଲ । ତୁମ ଛଡ଼ା ଅନ୍ଧ ସୁରଦାସଙ୍କ ହାତ ଧରି ପଥ ଦେଖାଇବ କିଏ ? ତୁମଛଡ଼ା ସଂସାରରେ କିଏ ଅଛି ଯେ ଆଶ୍ରିତ ବ୍ୟକ୍ତିର ଆଶ୍ରୟ ହେବ ? ଧନ୍ୟ ପ୍ରଭୁ ତୁମ ଭକ୍ତବତ୍ସଳତା, ଦୟା, କରୁଣା ଗୁଣକୁ । ଏହିପରି ଅସହାୟ ଶରଣାଗତ ବ୍ୟକ୍ତିଙ୍କ ସକାଶେ ତୁମ ଦ୍ୱାର ସର୍ବଥା ବିନା ବାଧାରେ ଉନ୍ମୁକ୍ତ ଥାଏ । ନିଜେ ଦୟାବଶ ହୋଇ ଅସହାୟ ବ୍ୟକ୍ତିଙ୍କୁ ଅଭୟ ଦେବା ସକାଶେ ବାହୁ ପ୍ରସାର କରି ତୁମେ ବସିଥାଅ । କିନ୍ତୁ ଆମ୍ଭେମାନେ କିପରି ଅଭାଗା, ଏପରି କୃପାସିନ୍ଧୁ ସ୍ୱାମୀଙ୍କୁ ଭୁଲି କାକର ଦ୍ୱାରା ତୃଷ୍ଣା ନିବାରଣ କରିବାକୁ ଚାହୁଁଅଛୁ ।''

ଅନ୍ତର୍ଦୃଷ୍ଟି ଉନ୍ମୁକ୍ତ

ସେହି ଯଥାର୍ଥରେ ସୁଖୀ, ସଂସାରରେ ଜନ୍ମ ନେବାରେ ତାହାରି ଜୀବନ ସାର୍ଥକ ଯେ ତୁମରି ଚରଣରେ ସର୍ବସ୍ୱ ସମର୍ପଣ କରି ତୁମରି ଅଭୟ ବାହୁ ତଳେ ଆଶ୍ରୟ ନେଇଛି ।

ସୁରଦାସ ଆଜି ଧନ୍ୟ । ଆଖି ଫୋଡ଼ିବାର କଳ୍ପନାତୀତ ଫଳ ସେ ଆଜି ପ୍ରାପ୍ତ ହୋଇଛନ୍ତି । ସ୍ୱୟଂ ଅଶେଷ ବ୍ରାହ୍ମାଣ୍ଡନାୟକ ମୁନି-ମନ-ଅଗୋଚର ପ୍ରଭୁ ସୁରଦାସଙ୍କ ହାତରେ ନିଜ ହାତ ଧରେଇଦେଇ ତାଙ୍କୁ ରାସ୍ତା ଚଳାଉଛନ୍ତି । ସୁରଦାସଙ୍କ ପିତା-ମାତା, ପରିବାର, ବନ୍ଧୁବାନ୍ଧବ ସମସ୍ତେ ଆଜି କୃତାର୍ଥ । ହେ ପ୍ରଭୁ, ତୁମେ ତୁମ ଆଶ୍ରିତକୁ ଯଦି କୋଟିଏ ପିତାମାତା, ବନ୍ଧୁ, ସଖାଠାରୁ ଅନନ୍ତ ଗୁଣରେ ଲାଳନ-ପାଳନ, ସ୍ନେହମମତା ନ କରନ୍ତ, ସମସ୍ତ ବିପଦ-ଆପଦରୁ ରକ୍ଷା ନ କରନ୍ତ, ତେବେ ଭକ୍ତର ଅସ୍ତିତ୍ୱ ରହନ୍ତା କେଉଁଠି ? ଭକ୍ତ ତୁମର ପ୍ରିୟ, ତୁମେ ତାଙ୍କର ପ୍ରାଣର ପ୍ରାଣ ।

ଶ୍ରୀକୃଷ୍ଣ କିଛି ସମୟ ପରେ କହିଲେ, ''ସୁରଦାସ, ତୁ ବୃନ୍ଦାବନରେ ପହଞ୍ଚିଗଲୁ । ଏହାହିଁ ବୃନ୍ଦାବନ । ତୁ ଏଠାରେ ରହ, ମୁଁ ଯାଉଛି । ସୁରଦାସ ଶିଶୁକୁ ଚିହ୍ନି ନ ପାରିବା ଯୋଗୁଁ ପୂର୍ବେ ତାଙ୍କ ପ୍ରତି ବୈରାଗ୍ୟ ଆସିଥିଲା । ଆଜି ସେ ଅନ୍ତର ଦୃଷ୍ଟିରେ ନିଜ ଇଷ୍ଟଦେବଙ୍କୁ ଚିହ୍ନି ନେଇଛନ୍ତି । ତାଙ୍କ ସ୍ନିଗ୍ଧ ଲାବଣ୍ୟ ମନୋମୋହନ ରୂପସମୁଦ୍ରରେ ସେ ବୁଡ଼ି ବିଭୋର ହୋଇ ଯାଇଛନ୍ତି । ତାଙ୍କ ହୃଦୟରେ ଶ୍ରୀକୃଷ୍ଣଙ୍କ ପ୍ରେମାନନ୍ଦ-ସ୍ରୋତ ପ୍ରବଳ ବେଗରେ ପ୍ରବାହିତ ହେଉଛି । ସେ ଚାହୁଁଛନ୍ତି ଶ୍ରୀକୃଷ୍ଣଙ୍କୁ ନିଜ ହୃଦୟରେ ବନ୍ଦ କରି ରଖିନେବେ, କ୍ଷଣକ ସକାଶେ ଛାଡ଼ିବେ ନାହିଁ । ଶ୍ରୀକୃଷ୍ଣଙ୍କ ଯିବା କଥା ଶୁଣି ଶ୍ରୀକୃଷ୍ଣଙ୍କ ହାତକୁ ଆହୁରି ଦୃଢ଼ ଭାବରେ ଧରିଲେ । ଶ୍ରୀକୃଷ୍ଣ କହିଲେ, ''ସୁରଦାସ, ମୋ ହାତ ଛାଡୁଛୁ କି ନାହିଁ ?'' ''ନା, ମୁଁ ତୁମକୁ ଛାଡ଼ିପାରିବି ନାହିଁ ।'' ସୁରଦାସ ଉତ୍ତର ଦେଲେ । ଏକଥା ଶୁଣିବା ମାତ୍ରେ ଶ୍ରୀକୃଷ୍ଣ ବଳପୂର୍ବକ ନିଜ ହାତ ସୁରଦାସଙ୍କ ହାତରୁ ଛଡ଼େଇ ନେଲେ । ସୁରଦାସ କହିଲେ :

''ହାଥ ଛୁଡ଼ାଏ ଜାତ ହୌ, ନିବଲ ଜାନିକୈ ମୋହି ।
ହୃଦୟତେଁ ଜବ ଜାହୁଗେ, ସବଲ ବଦୌଁ ଗୋ ତୋହି ॥''

ଅର୍ଥାତ୍ :

''ମୋତେ ଦୁର୍ବଳ ଜାଣି ହାତ ଛଡ଼େଇ ନେଇଗଲ, ଯଦି ମୋ ହୃଦୟରୁ ଯାଇପାର ତେବେ ତୁମକୁ ସବଳ ବୋଲି କହିବି ।''

ଏ ତ ନୂଆ କଥା ନୁହେଁ । ଯେଉଁ ଭକ୍ତ ସର୍ବସ୍ୱ ଭଗବାନଙ୍କ ଚରଣରେ ନିବେଦନ କରିସାରିଥାଏ, ଅହଂସ୍ୱାର୍ଥର ନାମଗନ୍ଧ ନ ଥାଏ, ସେହି ଭକ୍ତମାନଙ୍କ ସହିତ ଭଗବାନ୍ ଖେଳକୌତୁକ, ପ୍ରେମକଳହ କରନ୍ତି । ସେଥିରେ ସେ ବହୁତ ମଜା ପା'ନ୍ତି । ସୁରଦାସଙ୍କ ସଙ୍ଗେ କଳି କରି ଶ୍ରୀକୃଷ୍ଣ ଚାଲିଗଲେ, ସୁରଦାସ ସେହିଠାରେ ବସିରହିଲେ ।

ସୁରଦାସ ବର୍ତ୍ତମାନ ବୃନ୍ଦାବନରେ । ଯେଉଁ ବୃନ୍ଦାବନରେ ପ୍ରାଣପ୍ରିୟ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବା ସକାଶେ ସର୍ବସ୍ୱ ତ୍ୟାଗ କରି ଆଖି ଫୋଡ଼ିଥିଲେ ସେହି ବୃନ୍ଦାବନରେ ସେ ପହଞ୍ଚିଛନ୍ତି । ସେହି ବୃନ୍ଦାବନ ତାଙ୍କ ପ୍ରାଣପ୍ରିୟ ଶ୍ରୀକୃଷ୍ଣଙ୍କ ଲୀଳାସ୍ଥଳୀ, ତା'ର ପ୍ରତି ଧୂଳିକଣାରେ ଶ୍ରୀକୃଷ୍ଣଙ୍କ ପଦ ଅଙ୍କିତ ହୋଇଛି । ସମସ୍ତ ବୃକ୍ଷଲତା ଶ୍ରୀକୃଷ୍ଣଙ୍କ ପ୍ରେମରେ ପାଳିତ । ବୃନ୍ଦାବନରେ ପଶୁପକ୍ଷୀ ଶ୍ରୀକୃଷ୍ଣଙ୍କ ପ୍ରେମରେ ପାଗଳ । ବୃନ୍ଦାବନର ସମସ୍ତ ବସ୍ତୁରେ ଶ୍ରୀକୃଷ୍ଣଙ୍କ ପ୍ରେମ ଓତପ୍ରୋତ । ବୃନ୍ଦାବନ ଶ୍ରୀକୃଷ୍ଣଙ୍କ ସ୍ୱରୂପ । ବୃନ୍ଦାବନ ଶ୍ରୀକୃଷ୍ଣଙ୍କ ନିତ୍ୟ ଲୀଳାସ୍ଥଳୀ । ବୃନ୍ଦାବନ ଛାଡ଼ି ଶ୍ରୀକୃଷ୍ଣ ଏକକ୍ଷଣ ଅନ୍ୟତ୍ର ରହିପାରନ୍ତି ନାହିଁ । ଏହି ରହସ୍ୟ ଅନୁଭବ କରନ୍ତି ତାଙ୍କ ଅନ୍ତରଙ୍ଗ ଭକ୍ତ ।

ଶ୍ରୀକୃଷ୍ଣଙ୍କ ପ୍ରତ୍ୟକ୍ଷ ଦର୍ଶନ

ଆଜି ସେହି ବୃନ୍ଦାବନରେ ସୁରଦାସ ଭଗବତ୍ ପ୍ରେମ-ସମୁଦ୍ରରେ ଭାସୁଛନ୍ତି । ବୃକ୍ଷଲତା, ପଶୁପକ୍ଷୀରେ ସେ ଅନୁଭବ କରୁଛନ୍ତି ଶ୍ରୀକୃଷ୍ଣଙ୍କୁ । ପ୍ରତି ଧୂଳିକଣାରେ ପ୍ରକାଶିତ ହେଉଛି ସେହି ନଟନାଗର ଶ୍ରୀକୃଷ୍ଣଙ୍କ ମୁନିମନୋମୋହିନୀ ରୂପ । କର୍ଣ୍ଣକୁହରରେ ଗୁଞ୍ଜରିତ ହେଉଛି ଶ୍ରୀକୃଷ୍ଣଙ୍କ ବଂଶୀଧ୍ୱନି । ଏହି ଆନନ୍ଦରେ ସୁରଦାସ ନିମଗ୍ନ । କ୍ଷୁଧା, ତୃଷ୍ଣା ଓ ଶରୀରର ଜ୍ଞାନ ନାହିଁ । ଏହି ଅବସ୍ଥାରେ ଶ୍ରୀକୃଷ୍ଣ ହାତରେ ଦୁଧ-ଭାତର ଦାନାଟିଏ ନେଇ ସୁରଦାସଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ବଂଶୀ ବଜାଇବାକୁ ଲାଗିଲେ । ଯେଉଁ ବଂଶୀଧ୍ୱନିରେ ପଥର ତରଳି ଯାଏ, ମହାନ୍ ଜ୍ଞାନୀ-ଋଷି-ମୁନି ବ୍ରହ୍ମଜ୍ଞାନ ଭୁଲି ପ୍ରେମ-ପାଗଳ ହୋଇଯା'ନ୍ତି, ଯେଉଁ ବଂଶୀଧ୍ୱନି ଶୁଣି ଗୋପୀମାନେ ପତିପୁତ୍ର ଘରପରିବାର ତ୍ୟାଗ କରି ବଣକୁ ଦୌଡ଼ି ଆସିଥିଲେ, ସେହି ବଂଶୀଧ୍ୱନି ଶୁଣିବା ମାତ୍ରେ ସୂର୍ଯ୍ୟ ପ୍ରକାଶରେ କମଳ ପ୍ରସ୍ଫୁଟିତ ହେବା ସଦୃଶ ସୁରଦାସ ଯେଉଁ ନେତ୍ରକୁ ସୂଚୀରେ ଫୋଡ଼ି ଅନ୍ଧ ହୋଇଥିଲେ ସେହି ନେତ୍ର ଖୋଲିଗଲା । ଶ୍ରୀକୃଷ୍ଣ ତାଙ୍କ ସମ୍ମୁଖରେ ତ୍ରିଭଙ୍ଗୀ ଠାଣିରେ ଛିଡ଼ା ହୋଇଥା'ନ୍ତି । ଚରଣକମଳରେ ସୁବର୍ଣ୍ଣ ନୂପୁର ଶୋଭା ପାଉଥାଏ । ମୁନି-ମନ-ମୋହିନୀ ବଂଶୀ ବଜାଉଥା'ନ୍ତି । ମସ୍ତକରେ ମୟୂରମୁକୁଟ, ଗଳାରେ ବୈଜୟନ୍ତୀ ମାଳା ଶୋଭା ପାଉଥାଏ । ଶ୍ରୀକୃଷ୍ଣଙ୍କ ଅଲୌକିକ ରୂପଲାବଣ୍ୟସିନ୍ଧୁରେ ସୁରଦାସ ବୁଡ଼ି ତାଙ୍କ ଚରଣରେ ପଡ଼ିଗଲେ । ତାଙ୍କର ଶରୀରସ୍ମୃତି ସଂପୂର୍ଣ୍ଣ ବିଲୁପ୍ତ ହୋଇଗଲା । ଏହି ଅବସ୍ଥାରେ ଶ୍ରୀକୃଷ୍ଣ ସୁରଦାସଙ୍କୁ ଉଠାଇ ହୃଦୟରେ ଲଗାଇଲେ । ଦୁଧଭାତ ଦନା ଦେଇ ଶ୍ରୀକୃଷ୍ଣ ଅନ୍ତର୍ଦ୍ଧାନ ହୋଇଗଲେ । କିନ୍ତୁ ନିବାସ କଲେ ସୁରଦାସଙ୍କ ନେତ୍ରରେ । ସୁରଦାସଙ୍କ ନେତ୍ର ଯେଉଁଠି ପଡ଼େ ସେଇଠି ସେ ଶ୍ରୀକୃଷ୍ଣଙ୍କୁ ଦେଖନ୍ତି । ଶ୍ରୀକୃଷ୍ଣ ଆଉ ତାଙ୍କ ପାଖରୁ ଅନ୍ତର ହୁଅନ୍ତି ନାହିଁ । ଏହି ପ୍ରେମାନନ୍ଦ ଅବସ୍ଥାରେ ସେ ଚିନ୍ତାମଣିକୁ ସ୍ମରଣ କଲେ । ଚିନ୍ତାମଣିର ଉପଦେଶରୁ ତାଙ୍କୁ ଏହି ଅଲୌକିକ ଭଗବତ୍ ପ୍ରେମ ପ୍ରାପ୍ତ ହୋଇଥିବା ଭାବି ସେ ଚିନ୍ତାମଣି ପ୍ରତି ମନେ ମନେ କୃତଜ୍ଞତା ଜ୍ଞାପନ କଲେ ।

ସୁରଦାସ ଚିନ୍ତାମଣିଙ୍କୁ ସ୍ମରଣ କରିଥିବା ନାଭାଜିଙ୍କ ଭକ୍ତମାଳରେ ପ୍ରିୟାଦାସଜି ତାଙ୍କ ଟୀକାରେ ଲେଖିଛନ୍ତି :

''ମାନିକୈ ପ୍ରତାପ ଚିନ୍ତାମଣି ମନ-ମାଁଝ ଭଈ,
'ଚିନ୍ତାମନି ଜୈତି' ଆଦି ବୋଲେ ରସ-ରାସ ହୈ ॥''

''ଚିନ୍ତାମଣିର ଉପଦେଶର ପ୍ରଭାବରୁ ମୋତେ ଭଗବତ୍ ଦର୍ଶନ ଏବଂ ଭଗବତ୍ ପରମ ପ୍ରେମ ପ୍ରାପ୍ତ ହୋଇଛି । ଏହା ଭାବି ଆନନ୍ଦରେ ବିଭୋର ହୋଇ 'ଚିନ୍ତାମଣିର ଜୟ ହେଉ', ଏହି ଶବ୍ଦ ବିଲ୍ୱମଙ୍ଗଳ ଉଚ୍ଚାରଣ କଲେ ।''

ଶ୍ରୀକୃଷ୍ଣଙ୍କ ଦର୍ଶନ ହେବା ପରେ ସୁରଦାସ ସଂସ୍କୃତରେ ସ୍ୱରଚିତ ''ଶ୍ରୀକୃଷ୍ଣକର୍ଣ୍ଣାମୃତ'' ଗ୍ରନ୍ଥରେ ଲେଖିଛନ୍ତି :

''ଚିନ୍ତାମଣିର୍ଜୟତି ସୋମଗିରିର୍ଗୁରୁର୍ମେ
ଶିକ୍ଷାଗୁରୁଶ୍ଚ ଭଗବନ୍ ଶିଖିପୁଚ୍ଛମୌଳିଃ ।''

''ଚିନ୍ତାମଣିର ଜୟ ହେଉ । ମୋର ଦୀକ୍ଷାଗୁରୁ ସୋମଗିରି ଏବଂ ଶିକ୍ଷାଗୁରୁ ମସ୍ତକରେ ମୟୂରମୁକୁଟ ଧାରଣ କରିଥିବା ଶ୍ରୀକୃଷ୍ଣ ।''

ଚିନ୍ତାମଣିଙ୍କର ଭଗବତ୍ ଦର୍ଶନ

ପାଠକ ଚିନ୍ତାମଣିଙ୍କୁ ଭୁଲି ନ ଥିବେ । ଯେଉଁଦିନ ବିଲ୍ୱମଙ୍ଗଳ ଶ୍ରୀକୃଷ୍ଣଙ୍କ ପ୍ରାପ୍ତି ସକାଶେ ଚିନ୍ତାମଣିର ଉପଦେଶ ଶିରୋଧାର୍ଯ୍ୟ କରି ଚିନ୍ତାମଣିକୁ ଛାଡ଼ି ଆସିଥିଲେ, ସେହିଦିନ ଚିନ୍ତାମଣି ବସ୍ତ୍ର, ଅଳଙ୍କାର, ଧନସମ୍ପତ୍ତି ଗରିବଙ୍କୁ ବାଣ୍ଟି ସନ୍ନ୍ୟାସିନୀ ବେଶରେ ଗୃହତ୍ୟାଗ କରି ଶ୍ରୀକୃଷ୍ଣଙ୍କ ଦର୍ଶନ ସକାଶେ ଯାତ୍ରା କରିଥିଲେ । କେତେ ପୁଣ୍ୟକ୍ଷେତ୍ରରେ ସାଧୁସଙ୍ଗଙ୍କୁ ଦର୍ଶନ କରି ଭଗବତ୍ ପ୍ରେମରେ ନିମଗ୍ନ ରହୁଥିଲେ ।

ବୃନ୍ଦାବନରେ ଭକ୍ତ ବିଲ୍ୱମଙ୍ଗଳ ସୁରଦାସଙ୍କୁ ଭଗବତ୍ ଦର୍ଶନ ହୋଇଥିବା ଶୁଣି ସେ ପୂର୍ବ ସ୍ନେହକୁ ସ୍ମରଣ କରି ତାଙ୍କୁ ଦର୍ଶନ କରିବା ସକାଶେ ବୃନ୍ଦାବନରେ ପହଞ୍ଚିଲେ । ଚିନ୍ତାମଣିକୁ ବିଲ୍ୱମଙ୍ଗଳ ଦେଖିବା ମାତ୍ରେ ଅତ୍ୟନ୍ତ ସମ୍ମାନ ସହିତ ଉଠି ଛିଡ଼ା ହେଲେ ଏବଂ ତାକୁ ଆଦର ସହକାରେ ପାଖରେ ବସାଇ ପ୍ରତ୍ୟହ ଶ୍ରୀକୃଷ୍ଣଙ୍କ ହାତରୁ ପାଉଥିବା ଦୁଧଭାତ ଦନା ଚିନ୍ତାମଣିକୁ ଦେଲେ । ଚିନ୍ତାମଣି ପଚାରିଲେ, ''ଏହି ଦୁଧଭାତ କେଉଁଠୁ ପାଇଲ ?'' ''ଶ୍ରୀକୃଷ୍ଣ ପ୍ରତିଦିନ ମୋତେ ଦେଇଯା'ନ୍ତି''– ସୁରଦାସ ଉତ୍ତର ଦେଲେ । ''ତୁମକୁ ଶ୍ରୀକୃଷ୍ଣ ଦେଇଛନ୍ତି ତୁମେ ଗ୍ରହଣ କର । ମୋତେ ଶ୍ରୀକୃଷ୍ଣ ଦେଲେ ମୁଁ ତାଙ୍କରି ହାତରୁ ଗ୍ରହଣ କରିବି ।'' ଚିନ୍ତାମଣି ଭୋଜନ ନ କରିବାରୁ ସୁରଦାସ ମଧ୍ୟ ଗୋଟିଏ ଦାନା ମୁଖରେ ଦେଲେ ନାହିଁ । ଉଭୟେ ଶ୍ରୀକୃଷ୍ଣଙ୍କ ଗୁଣଗାନ କଲେ । ଶ୍ରୀକୃଷ୍ଣ ସ୍ୱୟଂ ଆସି ଚିନ୍ତାମଣିକୁ ଦର୍ଶନ ଦେଲେ ଏବଂ ଦୁଧଭାତ ଦନା ଦେଇଗଲେ । ଶ୍ରୀକୃଷ୍ଣଙ୍କ ଦର୍ଶନରେ ଚିନ୍ତାମଣି କୃତକୃତ୍ୟ ହୋଇ ଶେଷ ଜୀବନ ପର୍ଯ୍ୟନ୍ତ ବୃନ୍ଦାବନରେ ବାସ କରିଥିଲେ ।

ବିଲ୍ୱମଙ୍ଗଳ ଏବଂ ଚିନ୍ତାମଣି ଉଭୟ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରି ଶ୍ରୀକୃଷ୍ଣ ପ୍ରେମ-ସମୁଦ୍ରରେ ଦିବାନିଶି ଡୁବି ରହୁଥିଲେ ଏବଂ ସମୟ କ୍ରମେ ନଶ୍ୱର ଶରୀର ତ୍ୟାଗ କରି ଗୋଲୋକ ନିତ୍ୟ ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କ ସେବା ପ୍ରାପ୍ତ ହେଲେ ।

ଶ୍ରୀ ନାଭାଜି ଭକ୍ତମାଳ ତଥା ଅନ୍ୟାନ୍ୟ ବ୍ୟକ୍ତିଙ୍କଦ୍ୱାରା ରଚିତ ବିଲ୍ୱମଙ୍ଗଳଙ୍କ ଜୀବନଚରିତରେ ତାଙ୍କ ସତୀ ସାଧ୍ୱୀ ଭଗବତ୍ ଭକ୍ତା ପତ୍ନୀଙ୍କ ବିଷୟରେ କିଛି ଉଲ୍ଲେଖ କରାହୋଇ ନାହିଁ । କିନ୍ତୁ ତାଙ୍କର ସଦ୍‌ଗତି ଏବଂ ଭଗବତ୍ ପ୍ରାପ୍ତି ନିଶ୍ଚିତ ହୋଇଥିବ । ସେ ଯେପରି ପତିପରାୟଣା ସତୀ ଥିଲେ ସେହିପରି ଭଗବତ୍ ଭକ୍ତା ଥିଲେ । ଭଗବତ୍ ଭକ୍ତି ଛଡ଼ା ସ୍ୱାର୍ଥ ଏବଂ ଅହଂ କୌଣସି ବ୍ୟକ୍ତି ତ୍ୟାଗ କରିପାରେ ନାହିଁ । ଯୁବାବସ୍ଥାରେ ପତି ଦ୍ୱାରା ତିରସ୍କୃତା ହୋଇ ସେ ପତିକୁ ହିଂସା କରିବା ପରିବର୍ତ୍ତେ ପତିର କଲ୍ୟାଣ ସକାଶେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ ଏବଂ ବିଲ୍ୱମଙ୍ଗଳଙ୍କୁ ସମ୍ମାନ କରୁଥିଲେ । ଅତଏବ ତାଙ୍କର ଉଦ୍ଧାର ନିଶ୍ଚିତ ।

ବୃନ୍ଦାବନରେ ତିନିଜଣ ମହାନ୍ ସନ୍ଥ ସୁରଦାସ ନାମରେ ପ୍ରଖ୍ୟାତ ଥିଲେ । ତିନିଜଣ ଯାକ କବି ଏବଂ ମହାନ୍ ଭକ୍ତ ଥିଲେ । ପ୍ରତ୍ୟେକେ ଭଗବାନଙ୍କୁ ସ୍ଥୂଳ ଦୃଷ୍ଟିରେ ମଧ୍ୟ ଦର୍ଶନ କରିଥିଲେ । ତିନିଜଣ ସନ୍ଥଙ୍କ ମଧ୍ୟରୁ ପ୍ରତ୍ୟେକେ ସୁରଦାସ ନାମରେ ପରିଚିତ ଥିବାରୁ କେଉଁ ଚରିତ କେଉଁ ସୁରଦାସଙ୍କର ନିର୍ଣ୍ଣୟ କରିବାରେ ପାଠକମାନଙ୍କୁ ଅସୁବିଧା । ଏହି ଅସୁବିଧା ଦୂର କରିବା ସକାଶେ ଏଠାରେ ସୁରଦାସଙ୍କ ପରିଚୟ ଦେବା ଉଚିତ ହେବ । ଉପରୋକ୍ତ 'ଶ୍ରୀକୃଷ୍ଣକର୍ଣ୍ଣାମୃତ' ଗ୍ରନ୍ଥର ରଚୟିତା ହେଉଛନ୍ତି ବିଲ୍ୱମଙ୍ଗଳ ସୁରଦାସ ।

'ସୁରସାଗର' ତଥା ଅନ୍ୟ ବହୁ ଗ୍ରନ୍ଥ ରଚୟିତା, ମହାନ୍ ସଂଗୀତଜ୍ଞ ଆଚାର୍ଯ୍ୟ ବଲ୍ଲଭାଚାର୍ଯ୍ୟଙ୍କ ଶିଷ୍ୟ ସୁରଦାସ ସେମାନଙ୍କ ମଧ୍ୟରୁ ଜଣେ । ତୃତୀୟ ସୁରଦାସଙ୍କ ନାମ ଥିଲା ମଦନମୋହନ ସୁରଦାସ । ସେ ବି କବି ଥିଲେ । ସେ ନେତ୍ରରେ ଦେଖି ପାରୁଥିଲେ । ତାଙ୍କୁ କେଉଁ ସକାଶେ ସୁରଦାସ କୁହାହୋଇଛି ତାହା ଉଲ୍ଲେଖ ନାହିଁ କିନ୍ତୁ ଏହି ମହାନ୍ ସନ୍ଥ ତିନିଜଣ ସୁରଦାସଙ୍କୁ ପାଠକମାନେ ବୁଝିପାରିବା ସକାଶେ ଏଠାରେ ସେମାନଙ୍କର ସଂକ୍ଷିପ୍ତ ପରିଚୟ ଦିଆଗଲା ।

ବୋଲ ଭକ୍ତ ଭଗବାନଙ୍କର ଜୟ ।

ଭକ୍ତ ରାମଦାସଜି

ନାଭାଜି ତାଙ୍କ ଭକ୍ତମାଳରେ ଭକ୍ତ ରାମଦାସଜିଙ୍କ ଚରିତ୍ର ବର୍ଣ୍ଣନ କରିଛନ୍ତି । ଆଜି ମଧ୍ୟ ଉତ୍ତର ପ୍ରଦେଶ, ଗୁଜରାଟ, ମଧ୍ୟପ୍ରଦେଶ, ବିଶେଷତଃ ଦ୍ୱାରିକା ତଥା ଡାକୋରର ଧାର୍ମିକ ଜନସମାଜରେ ଭକ୍ତ ରାମଦାସଙ୍କ ଭକ୍ତିପ୍ରଭାବ ପରମ୍ପରାକ୍ରମେ ପ୍ରଚଳିତ ଓ ଜନସ୍ମୃତିରେ ଆଲୋଚିତ ହୋଇ ଆସୁଛି । ଆଜି ଆମ୍ଭେମାନେ ନାଭାଜିଙ୍କ ଭକ୍ତମାଳର ପ୍ରିୟାଦାସଜିଙ୍କ ଟୀକା ଆଧାରରେ ଭକ୍ତ ରାମଦାସଜିଙ୍କ ଜୀବନର ଦୃଢ଼ଭକ୍ତି ଓ ନିଷ୍ଠାର ଗୋଟିଏ ଘଟନା ଲେଖି ପଢ଼ି, ଶୁଣି ନିଜ ଜୀବନକୁ ସାର୍ଥକ କରିବା ।

ଭକ୍ତ ରାମଦାସଙ୍କ ଜନ୍ମ ଗୋଟିଏ ବ୍ରାହ୍ମଣ ପରିବାରରେ ଦ୍ୱାରିକା ନିକଟସ୍ଥ ପ୍ରସିଦ୍ଧ ତୀର୍ଥସ୍ଥାନ ଡାକୋରରେ ହୋଇଥିଲା । ପୂର୍ବ ସଂସ୍କାର ଏବଂ ପିତାମାତାଙ୍କ ପ୍ରଭାବରୁ ତାଙ୍କର ବାଲ୍ୟାବସ୍ଥାରୁ ଭଗବତ୍ ଭକ୍ତି ଉତ୍ପନ୍ନ ହୋଇଥିଲା । ସେ ସାଧୁ-ସନ୍ଥ, ଭକ୍ତ ତଥା ଭଗବାନଙ୍କ ବିଗ୍ରହ-ଦର୍ଶନରେ ବିଶେଷ ଆନନ୍ଦିତ ହେଉଥିଲେ । ତାଙ୍କର ଶ୍ରୀକୃଷ୍ଣ ନାମ-ଜପରେ ଅତ୍ୟନ୍ତ ନିଷ୍ଠା ସହିତ ପ୍ରୀତି ଥିଲା । ସେ ନିୟମିତ ରୂପେ ନିଷ୍ଠା ସହିତ ପ୍ରତି ଏକାଦଶୀକୁ ଦ୍ୱାରିକା ଯାଇ ଭଗବାନ୍ ରଣଛୋଡ଼ଜିଙ୍କ ଦର୍ଶନ କରୁଥିଲେ ଏବଂ ରାତ୍ରି ଜାଗରଣ କରି ତହିଁ ଆରଦିନ ସକାଳୁ ଘରକୁ ଫେରି ଯାଉଥିଲେ । ତାଙ୍କ ଭକ୍ତିଭାବ, ନମ୍ରତା, ସରଳତା ତଥା ନିଷ୍କପଟ, ନିର୍ଲୋଭତା ଗୁଣରେ ରଣଛୋଡ଼ଜିଙ୍କ ପୂଜାରୀ ତଥା କାର୍ଯ୍ୟକର୍ତ୍ତା ଏବଂ ଅନ୍ୟ ବ୍ୟକ୍ତିମାନେ ମୁଗ୍ଧ ଥିଲେ । ତାଙ୍କ ବୟସ ବୃଦ୍ଧି ସହିତ ଭଗବତ୍-ଦର୍ଶନ ନିଷ୍ଠା, ଭଗବତ୍ ଭକ୍ତିରେ ଅନୁରାଗ ବୃଦ୍ଧି ହେବାକୁ ଲାଗିଲା । ଭଗବାନ୍ ଦିବ୍ୟ ଗୁଣର ଭଣ୍ଡାର । ଭଗବାନଙ୍କୁ ଭକ୍ତି କଲେ ବ୍ୟକ୍ତିର ଆଧାର ଧାରଣ କରିବା ଶକ୍ତି ଅନୁସାରେ ଶାନ୍ତି, ସନ୍ତୋଷ, ଧୈର୍ଯ୍ୟ, ସାହସ, ସହନଶୀଳତା, ଭକ୍ତି, ଜ୍ଞାନାଦି ଦିବ୍ୟଗୁଣର ପ୍ରକାଶ ହୁଏ । ଏହି ଦିବ୍ୟ ଗୁଣ ଯୋଗୁଁ ସେ କାହାରି ପ୍ରତି ହିଂସା, ଦ୍ୱେଷ ନ ରଖି ପ୍ରାଣିମାତ୍ରରେ ଆତ୍ମଭାବ ରଖନ୍ତି ଏବଂ ସମସ୍ତଙ୍କର ପ୍ରିୟ ହୁଅନ୍ତି । ତାଙ୍କୁ କୌଣସି ବ୍ୟକ୍ତି ସନ୍ଦେହ ବା ଅବିଶ୍ୱାସ କରନ୍ତି ନାହିଁ । ରାମଦାସଙ୍କର ଏହିସବୁ ଦିବ୍ୟଗୁଣ ମଧ୍ୟରୁ ତାଙ୍କ ଜୀବନରେ ଘଟିଥିବା ଭଗବତ୍ ଭକ୍ତିର ଗୋଟିଏ ଘଟନା ଏଠାରେ ଆଲୋଚନା କରିବା ।

ପ୍ରକୃତିର ନିୟମ ଅନୁସାରେ ରାମଦାସ ବାର୍ଦ୍ଧକ୍ୟ ଅବସ୍ଥା ପ୍ରାପ୍ତ ହେଲେ । କିନ୍ତୁ ସେ ନିୟମିତରୂପେ ତାଙ୍କ ଜନ୍ମସ୍ଥାନ ଡାକୋରରୁ ଦ୍ୱାରିକାକୁ ଏକାଦଶୀ ଜାଗରଣ ତଥା ରଣଛୋଡ଼ଜିଙ୍କ ଦର୍ଶନ କରିବା ସକାଶେ ଆସୁଥିଲେ । ତାଙ୍କ ନିଷ୍କପଟ ଭକ୍ତି, ଅନନ୍ୟ ନିଷ୍ଠା ଯୋଗୁଁ ଭଗବାନ୍ ରଣଛୋଡ଼ଜି ସ୍ୱୟଂ ସାକ୍ଷାତ୍ ଦର୍ଶନ ଦେଇ କହିଲେ, ''ରାମଦାସ, ତୁ ବୃଦ୍ଧ ହୋଇଗଲୁଣି, ଚାଲିବାରେ କଷ୍ଟ ହେଉଛି, ତୁ ଆଉ ମୋତେ ଦର୍ଶନ କରିବାକୁ ଆସିବୁ ନାହିଁ ।'' ଭକ୍ତମାନେ ଭଗବାନଙ୍କ ସଙ୍କଳ୍ପରେ ପରିଚାଳିତ ହେବାରେ ନିଜର ସୌଭାଗ୍ୟ ମନେ କରନ୍ତି । ଭଗବାନଙ୍କ ଆଜ୍ଞା ସେମାନଙ୍କ ଶିରୋଧାର୍ଯ୍ୟ କିନ୍ତୁ ଭକ୍ତମାନଙ୍କ ନିଷ୍ଠା ପବିତ୍ର । କେହି କେହି ଭକ୍ତ ଭଗବାନଙ୍କ ସେବା ତଥା ଦର୍ଶନରୁ ବଞ୍ଚିତ ହେବାରେ ଭଗବାନଙ୍କ ଆଜ୍ଞା ପାଳନ କରିବାରେ ଅସମର୍ଥ ହୁଅନ୍ତି । ଭଗବାନ୍ ଭକ୍ତର ନିଷ୍ଠା ବୃଦ୍ଧି କରିବା ସକାଶେ ଅଥବା ଭକ୍ତ ରାମଦାସଙ୍କ ଘରେ ସ୍ୱୟଂ ବିରାଜମାନ ହେବା ସକାଶେ ଏହା କହିଥିଲେ । ରାମଦାସ ଉତ୍ତର ଦେଲେ, ''ଭଗବାନ୍, ତୁମ୍ଭଙ୍କୁ ଏକାଦଶୀ ଦିନ ଦର୍ଶନ ନ କରି ମୁଁ ରହିପାରିବି ନାହିଁ ।'' ଭଗବାନ୍ ଚୁପ୍ ହୋଇଗଲେ । ରାମଦାସ ମଧ୍ୟ ପ୍ରତି ଏକାଦଶୀକୁ ଆସି ଦର୍ଶନ କରିବା ଏବଂ ରାତ୍ରି ଜାଗରଣ କରିବା ବଜାୟ ରଖିଥିଲେ ।

ରାମଦାସଙ୍କର ବୃଦ୍ଧାବସ୍ଥା ଅଧିକରୁ ଅଧିକ ବୃଦ୍ଧି ହେଲା । ଚାଲିବା ଶକ୍ତି ମଧ୍ୟ ହ୍ରାସ ହୋଇପଡ଼ିଲା । ଦିନେ ରଣଛୋଡ଼ଜି ରାମଦାସଙ୍କୁ କହିଲେ, ''ତୁ ଆଗାମୀ ଏକାଦଶୀକୁ ଗୋଟିଏ ଗାଡ଼ି ଆଣି ଆସିବୁ, ରାତ୍ରିରେ ମୋତେ ନେଇ ତୋ ଘରେ ପ୍ରତିଷ୍ଠା କରିବୁ ।'' ଏକଥା ଶୁଣି ରାମଦାସଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ଦିନ ଗଣୁଥାନ୍ତି । ଏକାଦଶୀ ଆସିଲା । ସେଦିନ ସେ ଗୋଟିଏ ବଳଦ ଗାଡ଼ି ଆଣି ଠାକୁରଙ୍କ ବେଢ଼ା ମଧ୍ୟରେ ମନ୍ଦିର ପାଖରେ ରଖିଦେଲେ ଏବଂ ପୂର୍ବବତ୍ ଭଗବାନଙ୍କୁ ଦର୍ଶନ କରି ରାତ୍ରି ଜାଗରଣ କଲେ । ରାମଦାସଙ୍କୁ ମନ୍ଦିର ପୂଜାରୀ ତଥା କାର୍ଯ୍ୟକର୍ତ୍ତାମାନେ

ଜାଣନ୍ତି ଏବଂ ଆଦର ସମ୍ମାନ କରନ୍ତି । ବୃଦ୍ଧାବସ୍ଥା ଯୋଗୁଁ ଚାଲି ପାରୁ ନ ଥିବାରୁ ବଳଦ ଗାଡ଼ିରେ ବସି ଆସିଥିବା ଅନୁମାନ କରି କେହି କୌଣସି ପ୍ରକାର ସନ୍ଦେହ କଲେ ନାହିଁ । ନିତ୍ୟ-ନିୟମ ଅନୁସାରେ ଠାକୁରଙ୍କ ଭୋଗ ଲାଗିଲା । ଶୟନ ଆରତି ପରେ ଠାକୁରଙ୍କୁ ଶୟନ କରାଇ ମନ୍ଦିର ବନ୍ଦକରି ପୂଜାରୀମାନେ ଚାଲିଗଲେ । ଏକାଦଶୀ ଜାଗରଣ କରିବା ବ୍ୟକ୍ତିମାନେ ମନ୍ଦିର ବେଢ଼ାର ଗୋଟିଏ ପାଖରେ ବସିରହି କୀର୍ତ୍ତନ କଲେ । ରାମଦାସ ସେଦିନ କୀର୍ତ୍ତନରେ ବସିଲେ ନାହିଁ । ସେ କେବଳ ଠାକୁରଙ୍କୁ ନେବାର ସୁଯୋଗ ଦେଖୁଥାଆନ୍ତି । ସମୟ ଅର୍ଦ୍ଧନିଶି ହୋଇଗଲା । ମନ୍ଦିର ଶୂନ୍‌ଶାନ୍ । ଜାଗରଣ କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ନିଦ୍ରା ଛାଡ଼ିଲା ନାହିଁ । କେହି କୀର୍ତ୍ତନ କରୁ କରୁ ନିଦ୍ରାଭାରରେ ତାଙ୍କ ବେକ ଝୁଙ୍କିଗଲା । କାହାର 'ହରେ' ଶବ୍ଦଟି ଉଚ୍ଚାରଣ ଶେଷ ନ ହେଉଣୁ ସେ କାନ୍ଥକୁ ଆଉଜି ପଡ଼ିଲେ । କିଏ ବସି ବସି ଘୁଙ୍ଗୁଡ଼ି ମାରିବା ଆରମ୍ଭ କଲେ । ଏହି ଅବସରରେ ରାମଦାସଜି ଠାକୁର ରଣଛୋଡ଼ଜିଙ୍କୁ ନେବା ଉଦ୍ଦେଶ୍ୟରେ କବାଟରେ ହାତ ଦେବା ସଙ୍ଗେ ସଙ୍ଗେ ମନ୍ଦିରର ଦ୍ୱାର ଖୋଲିଗଲା । ମନେହେଲା ଯେପରି ମନ୍ଦିରର ଦ୍ୱାର ବନ୍ଦ ହୋଇ ନ ଥିଲା । ରାମଦାସଜି ପୂର୍ବରୁ ବଳଦଗାଡ଼ି ଠିକ୍‌କରି ମନ୍ଦିର ଦ୍ୱାରରେ ରଖିଥାଆନ୍ତି । ମନ୍ଦିର ମଧ୍ୟରେ ପ୍ରବେଶ କରି କବାଟକୁ ଆଉଜାଇ ଦେଲେ । ଠାକୁରଙ୍କ ଯେତେ ଅଳଙ୍କାର ଥିଲା ସବୁ ଉତାରି ମନ୍ଦିରରେ ରଖିଦେଲେ, କେବଳ ଠାକୁରଙ୍କ ମୂର୍ତ୍ତିକୁ ଉଠେଇ ଗାଡ଼ିରେ ରଖିଦେଲେ । ଏତେବଡ଼ ପାଷାଣମୂର୍ତ୍ତି ଏତେ ଉଶ୍ୱାସ ହୋଇଗଲା ଯେ ରାମଦାସଜିଙ୍କୁ ଉଠାଇ ଆଣିବାରେ କୌଣସି ଅସୁବିଧା ହେଲା ନାହିଁ । ସେ ରଣଛୋଡ଼ଜିଙ୍କୁ ବଳଦଗାଡ଼ିରେ ବସେଇ ଗାଡ଼ି ଚଳେଇ ମନ୍ଦିର ବେଢ଼ାରୁ ବାହାରି ଚାଲିଗଲେ । ବୁଢ଼ା ବଳଦ ଆସ୍ତେ ଆସ୍ତେ ଚାଲୁଥା'ନ୍ତି ଆଉ ରାମଦାସ ଭଗବତ୍ ଭକ୍ତି ତଥା କୃପାର ଆନନ୍ଦରେ ନିମଗ୍ନ ହୋଇ ଗାଡ଼ି ଚଳାଉଥା'ନ୍ତି ।

ଏଣେ ରାତ୍ରିର ଶେଷ ସମୟରେ ପ୍ରତିଦିନ ନିୟମାନୁସାରେ ପୂଜାରୀମାନେ ସ୍ନାନ କରି ମନ୍ଦିରକୁ ଆସିଲେ । ପ୍ରତିଦିନ ପରି ଦ୍ୱାରରେ ତାଲା ପଡ଼ିଥିଲା । ତାଲା ଖୋଲି କବାଟ ଫିଟାଇ ମନ୍ଦିରରେ ପ୍ରବେଶ କରି ବିଗ୍ରହଶୂନ୍ୟ ସିଂହାସନ ଦେଖି ସେମାନେ ଚକିତ ହୋଇଗଲେ । ରଣଛୋଡ଼ଙ୍କ ସବୁ ଗହଣା ମନ୍ଦିରରେ ପଡ଼ିଛି କିନ୍ତୁ ଠାକୁର ନାହାନ୍ତି । ଦ୍ୱାର ବନ୍ଦ ଅବସ୍ଥାରେ ଠାକୁରଙ୍କୁ କିଏ ନେଲା କିପରି ? ସଙ୍ଗେ ସଙ୍ଗେ ଠାକୁର ଚୋରି ହେବା କଥା ହୁରି ପଡ଼ିଗଲା । ରାମଦାସ ଠାକୁରଙ୍କୁ ଚୋରି କରିଛନ୍ତି ଅନୁମାନ କରି ପୂଜାରୀମାନେ ରାଗରେ ଜର୍ଜରିତ ହୋଇ ମୁହଁରେ ଯାହା ଆସିଲା ରାମଦାସଙ୍କୁ ଗାଳିଦେବାକୁ ଲାଗିଲେ ଏବଂ ପୂଜାରୀ ତଥା ମନ୍ଦିରସଂଚାଳକମାନେ ରାମଦାସଙ୍କୁ ମାରି ପିଟି ଠାକୁରଙ୍କୁ ଛଡ଼ାଇ ଆଣିବା ଉଦ୍ଦେଶ୍ୟରେ ରାମଦାସଙ୍କ ଘର ଅଭିମୁଖେ ଯାତ୍ରା କଲେ । ସମସ୍ତଙ୍କ ଆଖି ରାଗରେ ଲାଲ, ରାମଦାସଙ୍କୁ ଚୋର, ଠକ, କପଟୀ, ବଗୁଲାଭକ୍ତ ଆଦି ଯାହା ତାହା ଗାଳି ଦେଇ ଅତି ଜୋର୍‌ରେ ଚାଲୁଥା'ନ୍ତି ।

ସେତେବେଳକୁ ରାମଦାସଜି ଡାକୋରରେ ନିଜ ଗ୍ରାମର ଗୋଟିଏ ପୁଷ୍କରିଣୀ ପାଖରେ ପହଞ୍ଚିଥା'ନ୍ତି । ମନ୍ଦିରର ପୂଜାରୀମାନେ ଠାକୁରଙ୍କୁ ଛଡ଼େଇ ନେଇଯିବାର ଆଶଙ୍କା ତାଙ୍କର ମଧ୍ୟ ଥିଲା । ସେ ସତର୍କ ହୋଇ ପଛକୁ ଚାହିଁ ଚାହିଁ ଗାଡ଼ି ଚଳାଉଥା'ନ୍ତି । ପଛରେ କେତେଗୁଡ଼ିଏ ଲୋକଙ୍କ ପାଟି ଶୁଭିଲା । ସେ ନିରୀକ୍ଷଣ କରି ପୂଜାରୀମାନଙ୍କୁ ଦେଖି ହଠାତ୍ ଗାଡ଼ିରୁ ଠାକୁରଙ୍କୁ ଆଣି ସେଇ ପାଖ ପୁଷ୍କରିଣୀର ପାଣି ମଧ୍ୟରେ ଗୋଟିଏ ନିର୍ଦିଷ୍ଟ ସ୍ଥାନରେ ରଖି ଦୌଡ଼ି ଆସି ଗାଡ଼ିରେ ବସି ପୂର୍ବବତ୍ ଗାଡ଼ି ଚଳେଇବାକୁ ଆରମ୍ଭ କଲେ ।

ପୂଜାରୀମାନେ ଆଗରୁ ରାଗିଥିଲେ । ରାମଦାସ ଠାକୁରଙ୍କୁ ଚୋରି କରି ଆଣିବାରେ ସେମାନେ ନିଃସନ୍ଦେହ ଥିଲେ । ଦୂରରୁ ରାମଦାସଙ୍କ ବଳଦଗାଡ଼ି ଦେଖିବା ମାତ୍ରେ ସେମାନଙ୍କ ରାଗ ଦୁଇଗୁଣ ବଢ଼ିଗଲା । ସେମାନେ ଏକ ସଙ୍ଗରେ ଉଚ୍ଚସ୍ୱରରେ କହିଲେ, ''ହେ ଚୋର, କପଟୀ ରାମଦାସ, ଗାଡ଼ି ବନ୍ଦକର । ଚୋରିର ଶାସ୍ତି ପ୍ରଥମରେ ନେ, ପରେ କଥା କହିବୁ । ଏକଥା ଶୁଣି ରାମଦାସ ଗାଡ଼ିରୁ ଓହ୍ଲାଇ ପଡ଼ିଲେ । ସେମାନେ ଗାଡ଼ିରେ ଠାକୁରଙ୍କୁ ନ ଖୋଜି ରାମଦାସଙ୍କୁ ମାରିବାକୁ ଲାଗିଲେ । ରାମଦାସଙ୍କ ଶରୀରରେ କ୍ଷତ ହୋଇ ରକ୍ତ ବୋହିଲା । ସେ ମୂର୍ଚ୍ଛିତ ହୋଇ ପଡ଼ିଗଲେ । ପୂଜାରୀମାନେ ବୃଦ୍ଧ ରାମଦାସଙ୍କୁ ଆଉ ଅଧିକ ନ ମାରି ଗାଡ଼ିରୁ ଠାକୁରଙ୍କୁ ନେବାକୁ ଗଲେ । କିନ୍ତୁ ଠାକୁରଙ୍କୁ ନ ପାଇ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ପଶ୍ଚାତ୍ତାପ କରିବାକୁ ଲାଗିଲେ । ସେହି ସମୟରେ ଜଣେ କହିଲେ, ''ରାମଦାସକୁ

ଏହି ପୁଷ୍କରିଣୀ ଆଡ଼କୁ ଆସିବା ମୁଁ ଦେଖିଛି, ସମ୍ଭବ ଠାକୁରଙ୍କୁ ଏହି ପୁଷ୍କରିଣୀରେ ବୁଡ଼ାଇ ଦେଇଥିବ । ଏକଥା ଶୁଣି ସମସ୍ତେ ପୁଷ୍କରିଣୀକୁ ଗଲେ । ଜଳ ଲାଲ ହୋଇଥିବା ଦେଖି କିଛି ନ ଭାବି ପୁଷ୍କରିଣୀ ଜଳମଧ୍ୟରେ ପ୍ରବେଶ କରି ଠାକୁରଙ୍କୁ ଖୋଜିଲେ । ଠାକୁରଙ୍କୁ ପାଇ ବିଶେଷ ଆନନ୍ଦିତ ହେଲେ ଏବଂ ଜଳ ଲାଲ ହେବାର କାରଣ ଭାବିବାକୁ ଲାଗିଲେ । ସେହି ସମୟରେ ଠାକୁରଙ୍କ ପଥର ପ୍ରତିମାରୁ ବାକ୍ୟ ସେମାନେ ଶୁଣିବାକୁ ପାଇଲେ : ''ତୁମ୍ଭେମାନେ ମୋ ବୃଦ୍ଧ ଭକ୍ତ ରାମଦାସକୁ ନୃଶଂସ ଭାବେ ଯେଉଁ ପ୍ରହାର କରିଛ ତାହା ସବୁ ମୁଁ ନିଜେ ଶରୀରରେ ଗ୍ରହଣ କରି ରାମଦାସକୁ ବଞ୍ଚାଇଥିଲି । ସେଇ ପ୍ରହାରରେ ମୋ ଶରୀର କ୍ଷତ-ବିକ୍ଷତ ହେବାରୁ ତା'ର ରକ୍ତରେ ଏହି ପୁଷ୍କରିଣୀର ଜଳ ଲାଲ ହୋଇଯାଇଛି । ମୁଁ ଆଉ ତୁମ୍ଭମାନଙ୍କ ସଙ୍ଗେ ଯିବି ନାହିଁ । ମୋରି ଓଜନର ସୁନା ରାମଦାସଠାରୁ ନେଇ ଚାଲିଯାଅ'' । ପୂଜାରୀମାନଙ୍କୁ ବହୁତ ଭୟ ଏବଂ ଦୁଃଖ ହେଲା । ସେମାନେ ରାମଦାସଙ୍କୁ ନୃଶଂସ ଭାବେ ପ୍ରହାର କରିଥିବା ଦୋଷ ବୁଝି ପାରିଲେ ଏବଂ ତାଙ୍କ ଚରଣରେ ପଡ଼ି କ୍ଷମାଭିକ୍ଷା କଲେ । ଭଗବାନଙ୍କୁ ନେଇଯିବା ସକାଶେ ଭଗବାନଙ୍କୁ ବହୁତ ପ୍ରାର୍ଥନା କଲେ । ଭଗବାନ୍ କହିଲେ, ''ମୁଁ ରାମଦାସ ଘରେ ରହିବି । ମୋର ଗୋଟିଏ ପ୍ରସ୍ତର ପ୍ରତିମା ଅମୁକ ସ୍ଥାନରେ ଅଛି, ତାକୁ ନେଇ ପୂଜାକର । ସେଠାରେ ମୋର ଉପସ୍ଥିତି ରହିବ ।'' ଭଗବାନ୍ ରାମଦାସକୁ କହିଲେ, ''ତୋ ଧର୍ମପତ୍ନୀ କାନରେ ଯେଉଁ ବାଉଳି ଅଛି ତାକୁ ଓଜନ କରିଦେ ।'' ଏହି କଥା ରାମଦାସଙ୍କ ଛଡ଼ା ଅନ୍ୟ କେହି ଶୁଣି ପାରିଲେ ନାହିଁ । ରାମଦାସ ସେହିକ୍ଷଣି ଘରକୁ ଯାଇ ତାଙ୍କ ପତ୍ନୀଙ୍କ କାନରେ ଥିବା ସୁନା ବାଉଳି ଆଣିଲେ, ନିକିତିରେ ଠାକୁର ରଣଛୋଡ଼ଜିଙ୍କ ପ୍ରତିମା ଗୋଟିଏ ପାଖରେ, ରାମଦାସଙ୍କ ସୁନାବାଉଳି ଗୋଟିଏ ପାଖରେ ରଖାହେଲା । କିନ୍ତୁ ବାଉଳି ପଲା ଏତେ ଓଜନ ହେଲା ଯେ ତଳୁ ଉଠିଲା ନାହିଁ । ଭଗବାନ୍ ରାମଦାସଙ୍କ ଘରେ ରହିବାକୁ ଚାହାନ୍ତି, ଏହା ପୂଜାରୀମାନେ ସ୍ପଷ୍ଟ ବୁଝିପାରି ଭଗବାନଙ୍କ ଚରଣରେ ପ୍ରଣାମ କରି ନିଜ ଦୋଷ ସକାଶେ କ୍ଷମା ମାଗି ଦ୍ୱାରିକା ଫେରିଗଲେ । ଭଗବାନଙ୍କ କହିବା ସ୍ଥାନରେ ଭଗବାନଙ୍କ ପ୍ରତିମା ପାଇ ତାଙ୍କୁ ଆଣି ବହୁତ ସମାରୋହରେ ମନ୍ଦିରରେ ପ୍ରତିଷ୍ଠା କଲେ ।

ଭଗବାନଙ୍କ କୃପା ଦେଖି ରାମଦାସଙ୍କ ହୃଦୟ କୃତଜ୍ଞତାରେ ଭରିଗଲା । ସେ ନିଜକୁ ଅଧମ, ଅକିଞ୍ଚନ ଭାବି ଭଗବାନଙ୍କ କରୁଣା ସ୍ମରଣ କରି ଭଗବତ୍ ପ୍ରେମରେ ନିମଗ୍ନ ହୋଇଗଲେ । ଅତ୍ୟନ୍ତ ଆନନ୍ଦରେ ରଣଛୋଡ଼ଜିଙ୍କ ପ୍ରତିମା ଆଣି ନିଜ ଘରେ ପ୍ରତିଷ୍ଠା କଲେ ଏବଂ ଭଗବାନଙ୍କ ସେବାପୂଜାରେ ଡୁବିରହିଲେ । ଦିନ କେତେବେଳେ ହୁଏ, ରାତି କେତେବେଳେ ଆସେ, ସେ ଜାଣି ପାରନ୍ତି ନାହିଁ । ଦିବାନିଶି ଭଗବତ୍ ଭକ୍ତିରେ ନିଜକୁ ଭୁଲି ଯାଇଥାଆନ୍ତି । ଭଗବାନ୍ ସ୍ୱୟଂ ଆସି ରାମଦାସଙ୍କ ଘରେ ରହିବା ଖବର କଥାରେ କଥାରେ ବ୍ୟାପିଗଲା । କେତେ ଭକ୍ତ ଆସି ରାମଦାସଙ୍କ ଘରେ ଠାକୁର ଥିବା ସ୍ଥାନରେ ସୁନ୍ଦର ମନ୍ଦିର ତିଆରି କରାଇ ଦେଇଥିଲେ ଏବଂ ଭଗବାନଙ୍କ ଭୋଗର ବିଶେଷ ବ୍ୟବସ୍ଥା କଲେ । ଆଜି ବି ସକାଳଠାରୁ ରାତ୍ରିରେ ଭଗବାନଙ୍କ ଶୟନ ପର୍ଯ୍ୟନ୍ତ ବହୁତବାର ବହୁପ୍ରକାର ମିଷ୍ଟାନ୍ନ ଭୋଗ ଲାଗେ । ରାମଦାସଙ୍କ ବଂଶଧରମାନେ ଆଜି ମଧ୍ୟ ପରମ୍ପରା କ୍ରମେ ଭଗବାନଙ୍କ ସେବାପୂଜା ଆଦି ବହୁତ ସମାରୋହରେ କରୁଅଛନ୍ତି । ଗୁଜରାଟର ଡାକୋରରେ ରଣଛୋଡ଼ଜିଙ୍କ ମନ୍ଦିର ବହୁତ ପ୍ରସିଦ୍ଧ ଏବଂ ମହାନ୍ ତୀର୍ଥସ୍ଥାନ ମାନ୍ୟ ହେଉଅଛି । ହଜାର ହଜାର ଲକ୍ଷ ଲକ୍ଷ ନରନାରୀ ଦର୍ଶନକୁ ଯାଉଅଛନ୍ତି । ଚାରିଧାମ ମଧ୍ୟରେ ଦ୍ୱାରିକା ଗୋଟିଏ ଧାମ । କିନ୍ତୁ ଦ୍ୱାରିକା ଧାମ ଯାତ୍ରା ପୂର୍ଣ୍ଣ ହୁଏ ଡାକୋରରେ ରଣଛୋଡ଼ଜିଙ୍କୁ ଦର୍ଶନ କରିବାରେ ।

ବୋଲ ଭକ୍ତ ଏବଂ ଭଗବାନଙ୍କ ଜୟ ।

ଭକ୍ତ ହରିପାଳଜି ନିଷ୍କିଚନ

ଭଗବାନ୍ ଭାବଗ୍ରାହୀ । ସେ ହୃଦୟର ନିଷ୍କପଟ ଭାବକୁ ଗ୍ରହଣ କରନ୍ତି । ତାଙ୍କ ପାଖରେ କପଟରେ ଭକ୍ତ ହେବାର ସୁଆଙ୍ଗ ଚଳେ ନାହିଁ । ନୈତିକତା ସଦୃଶ ଭକ୍ତର ଭାବ ନିୟମ-ନିର୍ଦ୍ଧାରିତ ହୋଇ ନ ଥାଏ । ପ୍ରତ୍ୟେକ ଭକ୍ତଙ୍କର ହୃଦୟ-ଗଭୀରରୁ ସ୍ୱତଃସ୍ଫୂର୍ତ୍ତଭାବେ ଭିନ୍ନ ଭିନ୍ନ ଭକ୍ତିଭାବ ପ୍ରକାଶ ହୁଏ । ସେହି ଆନ୍ତରିକ ଭକ୍ତିଭାବଯୁକ୍ତ କର୍ମ ନୈତିକ ଦୃଷ୍ଟିରେ ଅବିହିତ ପ୍ରତୀତ ହେଲେ ମଧ୍ୟ ସେଥିରେ ଯଥାର୍ଥରେ ଦୋଷ ନ ଥାଏ । ସେହି ଆନ୍ତରିକ ଭାବ-ଯୁକ୍ତ ସେବାକୁ ଭଗବାନ୍ ଗ୍ରହଣ କରନ୍ତି । ସେହି ସେବାରେ ଥାଏ ତାଙ୍କର ଆତ୍ମ-ପ୍ରେରଣା । କେତେକ ଭକ୍ତଙ୍କ ଚରିତ୍ରରେ ଦେଖାଯାଏ ଯେ ସେମାନଙ୍କ କର୍ମ ସାମାଜିକତାର ପ୍ରତିକୂଳ ହେଲେ ମଧ୍ୟ ସେହି କର୍ମ ଦ୍ୱାରା ସେମାନେ ଲକ୍ଷ୍ୟ-ସିଦ୍ଧି କରିପାରନ୍ତି ।

ଆଜି ଆମ୍ଭେମାନେ ଏପରି ଜଣେ ଭକ୍ତଙ୍କ ଚରିତ ଆଲୋଚନା କରିବା ଯାହା ନୈତିକ ଦୃଷ୍ଟିରେ ଅନୁଚିତ ପ୍ରତୀତ ହେଉଥିଲେ ମଧ୍ୟ ସେହି କର୍ମର ପଶ୍ଚାତରେ ତାଙ୍କର ଅହଂ-ସ୍ୱାର୍ଥ-ବିହୀନ ଭକ୍ତି ଥିବାରୁ ସେହି କର୍ମ ଦ୍ୱାରା ସେ ଭଗବାନଙ୍କୁ ପ୍ରାପ୍ତ ହୋଇଥିଲେ । ଏହିପରି ଭକ୍ତମାନଙ୍କ କର୍ମ ଆଦର୍ଶରୂପେ ଗ୍ରହଣ କରାଯାଏ ନାହିଁ । କେବଳ ସେମାନଙ୍କର ଭଗବାନଙ୍କ ପ୍ରତି ଥିବା ଶୁଦ୍ଧ ଭକ୍ତି ଏବଂ ଭାବର ପ୍ରଭାବ ପାଠକ-ପାଠିକାମାନଙ୍କ ହୃଦୟରେ ସୁପ୍ତ ଥିବା ଭଗବତ୍ ଭକ୍ତି ତଥା ବିଶ୍ୱାସକୁ ପ୍ରକାଶିତ କରିବାରେ ବହୁତ ସାହାଯ୍ୟ କରେ । ଏହି ଭକ୍ତ-ଚରିତ ନାଭାଜିଙ୍କ ଭକ୍ତମାଳାରେ ବହୁତ ପ୍ରସିଦ୍ଧ । ସଚ୍ଛ ସମାଜରେ ଏହି ଚରିତ୍ରରେ ବହୁତ ଆଦର ଏବଂ ଏହା ପ୍ରାମାଣିକ । ଭକ୍ତ ହରିପାଳଜି ଏକ ବ୍ରାହ୍ମଣ ପରିବାରରେ ଜନ୍ମ-ଗ୍ରହଣ କରିଥିଲେ । ତାଙ୍କ ପିତା-ମାତାଙ୍କ ପ୍ରଭାବରୁ ତଥା ପୂର୍ବଜନ୍ମର ଓ ଭଗବତ୍ ସଚ୍ଛଙ୍କ କୃପାରୁ ବାଲ୍ୟକାଳରୁ ତାଙ୍କ ହୃଦୟରେ ଭଗବତ୍ ଭକ୍ତି ଉତ୍ପନ୍ନ ହୋଇଥିଲା । ସେ ନିୟମିତ ରୂପେ ବ୍ରାହ୍ମ ମୁହୂର୍ତ୍ତରେ ଉଠି ଭଗବତ୍ ନାମ ସ୍ମରଣ କରନ୍ତି । ଭଗବାନ୍ ଶ୍ରୀକୃଷ୍ଣଙ୍କ ବିଗ୍ରହକୁ ହୃଦୟରେ ଧାରଣ କରିଥାଆନ୍ତି । ସେ ଭଗବତ୍ ଭକ୍ତ, ସାଧୁ, ସଚ୍ଛଙ୍କ ସେବାରେ ବହୁତ ଆନନ୍ଦ ଅନୁଭବ କରନ୍ତି ।

ଏହି ଘଟନା ପ୍ରାୟ ଷୋଳଶହ ସମ୍ବତ୍ସରର ବହୁତ ପୂର୍ବର । ହରିପାଳଜିଙ୍କ ଭକ୍ତି ବୃଦ୍ଧି ହେବା ସଙ୍ଗେ ସଙ୍ଗେ ସଚ୍ଛ-ସେବାରେ ତାଙ୍କର ଅଧିକାଧିକ ପ୍ରବୃତ୍ତି ହେଲା । କାଳକ୍ରମେ ପିତା-ମାତା ସ୍ୱର୍ଗବାସ କଲେ । ହରିପାଳଜି ଉପଯୁକ୍ତ ବୟସରେ ଗୋଟିଏ ଗୁଣବତୀ କନ୍ୟାର ପାଣି ଗ୍ରହଣ କଲେ । ସୌଭାଗ୍ୟବଶତଃ ତାଙ୍କ ପତ୍ନୀ ମଧ୍ୟ ହେଲେ ଭଗବତ୍ ଭକ୍ତା ଏବଂ ସଚ୍ଛ-ସେବାପରାୟଣା । ଉଭୟଙ୍କର ଏକହିଁ ପ୍ରକାର ମନୋଭାବ ଥିବାରୁ ହରିପାଳଜିଙ୍କୁ ସଚ୍ଛ-ସେବାରେ ଅସୁବିଧା ହେଲା ନାହିଁ । ଯେଉଁଠାରେ ସଚ୍ଛସେବା ହୁଏ ସେଠାକୁ ସଚ୍ଛମାନେ ବରାବର ଆସନ୍ତି । ଭକ୍ତର ଭାବ ସଚ୍ଛଙ୍କୁ ଆକର୍ଷିତ କରିଆଣେ । ହରିପାଳଜିଙ୍କ ଘରକୁ ସାଧୁ, ସଚ୍ଛ ଆସିଲେ ତାହା ଭଗବାନ୍ ଆସିବା ସଦୃଶ ତାଙ୍କୁ ପ୍ରତୀତ ହୁଏ । ସେ ଅତ୍ୟନ୍ତ ଭକ୍ତି-ଭାବରେ ସଚ୍ଛସେବା କରନ୍ତି । ତାଙ୍କ ଆନ୍ତରିକ ଭାବଯୁକ୍ତ ସେବାରେ ସଚ୍ଛମାନେ ଅତ୍ୟନ୍ତ ପ୍ରସନ୍ନ ହୋଇ କିଛିଦିନ ରହି ତାଙ୍କୁ ଆଶୀର୍ବାଦ କରି ଚାଲିଯାଆନ୍ତି । ତାଙ୍କ ସାଧୁ-ସେବାର ଚର୍ଚ୍ଚା ଦୂର-ଦୂରାନ୍ତର ବ୍ୟାପିଗଲା । ଅଧିକରୁ ଅଧିକ ସଚ୍ଛ ତାଙ୍କ ଗୃହକୁ ଆସିଲେ । ସଚ୍ଛଙ୍କ ସେବାରେ ତାଙ୍କ ସମସ୍ତ ସମ୍ପତ୍ତି ଶେଷ ହୋଇଗଲା । କିନ୍ତୁ ସଚ୍ଛଙ୍କ ଆସିବା କମ୍ ହେବା ପରିବର୍ତ୍ତେ ବୃଦ୍ଧି ପାଇଲା । ଶେଷରେ ସଚ୍ଛ ସେବାର ଅନ୍ୟ ଉପାୟ ନ ଦେଖି ସେ ଭାବିଲେ, ''ବହୁତ କୃପଣ ଲୋକ ଅନ୍ୟାୟ ଅସତ୍ୟରେ ଧନ ଉପାର୍ଜନ କରି ଯକ୍ଷ ସଦୃଶ ସାଇତି ରଖିଅଛନ୍ତି । ସତ୍ କର୍ମରେ ବ୍ୟୟ କରୁ ନାହାନ୍ତି କିଂବା ଦୁଃଖୀ-ଦରିଦ୍ରଙ୍କୁ ଗୋଟିଏ ପଇସା ଦେଉ ନାହାନ୍ତି । ମରିଯିବା ପରେ ସେହି ଧନଟି ପୁତ୍ର-କନ୍ୟାମାନେ ଭୋଗବିଳାସରେ ଉଡ଼ାଉଛନ୍ତି । ସେ ଧନ ସତ୍କାର୍ଯ୍ୟରେ ଲାଗୁ ନାହିଁ । ଧନ ଯଥାର୍ଥରେ ଭଗବାନଙ୍କର, ଭଗବାନ୍ କିଂବା ଭଗବାନଙ୍କ ଆଶ୍ରିତ ଭକ୍ତମାନଙ୍କ ସେବାରେ ଲାଗିବା ଉଚିତ । ଲୋଭୀ, ପାଷଣ୍ଡବ୍ୟକ୍ତି ଏହା ବୁଝନ୍ତି ନାହିଁ । ସେମାନଙ୍କ ଧନ ଯଦି କୌଣସି ପ୍ରକାରେ ସଚ୍ଛ-ସେବାରେ ଲାଗନ୍ତା ସେଥିରେ ସେମାନଙ୍କର କଲ୍ୟାଣ ହୁଅନ୍ତା ।'' ଏହା ଭାବି କୃପଣ ଓ ଲୋଭୀ ବ୍ୟକ୍ତିଙ୍କ ଧନ ଚୋରିକରି ସଚ୍ଛସେବାରେ ଲଗାଇଲେ । ସଚ୍ଛ-ସେବା ଛଡ଼ା ନିଜ କାର୍ଯ୍ୟରେ ସେହି ଧନର

ଗୋଟିଏ ମାତ୍ର ପଇସା ଖର୍ଚ୍ଚ କରୁ ନ ଥିଲେ । ଏହିପରି ସଜ୍ଜ-ସେବା ତଥା ଭଗବାନଙ୍କ ପ୍ରତି ଭକ୍ତି ଯୋଗୁଁ ତାଙ୍କର ଭଗବତ୍ ବିଶ୍ୱାସ ଅଧିକରୁ ଅଧିକ ବୃଦ୍ଧି ହେଉଥିଲା । ସେ ନିରନ୍ତର ଭଗବତ୍ ନାମ ସ୍ମରଣ କରୁଥିଲେ । ସଜ୍ଜମାନଙ୍କ ଦର୍ଶନରେ ତାଙ୍କ ହୃଦୟ ଆନନ୍ଦରେ ପୂର୍ଣ୍ଣ ହେଉଥିଲା । ସେ ସଜ୍ଜ ସେବାରେ କେବେ ତୃପ୍ତ ହେଉ ନ ଥିଲେ, ଅଧିକରୁ ଅଧିକ ସଜ୍ଜସେବା କରିବାକୁ ତାଙ୍କର ପ୍ରବୃତ୍ତି ହେଉଥିଲା ।

ଦିନେ ସଜ୍ଜ-ମଣ୍ଡଳୀ ଭକ୍ତ ନିଷ୍କିଚନଙ୍କ ଘରକୁ ଆସିଲେ । ସଜ୍ଜମାନଙ୍କ ଦର୍ଶନରେ ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ସେମାନଙ୍କୁ ଭୂମିଷ୍ଠ ଦଣ୍ଡବତ କଲେ । ସେମାନଙ୍କ ଚରଣ ନିଜ ହସ୍ତରେ ଧୋଇ ଆସନରେ ବସାଇଲେ । ସେ ଚାହୁଁ ଥାଆନ୍ତି ସଜ୍ଜମାନଙ୍କୁ ଉତ୍ତମ ଭୋଜନ କରାଇବାକୁ । କିନ୍ତୁ ଘରେ ଫଟା ପାହୁଲା ନ ଥାଏ । ସୂର୍ଯ୍ୟ ଅସ୍ତ ହେବାର ସମୟ । ସଜ୍ଜମାନଙ୍କୁ ରାତ୍ରିରେ ଭୋଜନ କରାଇବାର କଥା । ରଖିଥିବା ଧନ ଯେତେବେଳେ ଇଚ୍ଛା ସେତେବେଳେ ଉଠାଇ ଆଣିବା ସଦୃଶ ଚୋରି କରିବା ସମ୍ଭବ ନୁହେଁ । ଭକ୍ତ ନିଷ୍କିଚନ ସଜ୍ଜ ସେବାର ଅନ୍ୟ କୌଣସି ଉପାୟ ନ ଦେଖି ଭଗବାନଙ୍କୁ ସ୍ମରଣ କରି ତାଙ୍କ ଧ୍ୟାନରେ ମଗ୍ନ ହୋଇଗଲେ ।

ଭଗବାନ୍ ନିଷ୍କପଟ ପ୍ରେମ ଚାହାନ୍ତି । ଯେ ସରଳହୃଦୟରେ ଭଗବାନଙ୍କ ଶରଣ ନିଏ ଭଗବାନ୍ ତାକୁ ସବୁ ସମୟରେ ସମସ୍ତ ବିପତ୍ତିରୁ ରକ୍ଷା କରନ୍ତି । ଭକ୍ତ ନିଷ୍କିଚନଙ୍କ ଆନ୍ତରିକ ଆବାହନରେ ଦ୍ୱାରିକାନାଥଙ୍କ ଆସନ ଟଳିଲା । ସେ ଜଣେ ଶେଠରୂପେ ଭକ୍ତ ନିଷ୍କିଚନଙ୍କ ଘରକୁ ଯିବାକୁ ବାହାରିଲେ । ଭଗବାନଙ୍କ ଉଦ୍ଦେଶ୍ୟ ବୁଝି ପାରି ରୁକ୍ମିଣୀଜୀ ମଧ୍ୟ ବହୁମୂଲ୍ୟ ଅଳଙ୍କାରରେ ସଜ୍ଜିତ ହୋଇ ଶେଠରୂପଧାରୀ ଭଗବାନଙ୍କ ପତ୍ନୀ ରୂପେ ତାଙ୍କ ସହିତ ଯାତ୍ରା କଲେ । ଯଥାର୍ଥରେ ତାଙ୍କୁ କେଉଁଠିକୁ ଯିବାଆସିବା କରିବାକୁ ହୁଏ ନାହିଁ, ସେ ସବୁଠାରେ ଥାଆନ୍ତି । ସେ ଯେଉଁଠାରେ ପ୍ରକଟ ହେବାକୁ ଚାହାନ୍ତି ସେହିଠାରେ ପ୍ରକଟ ହୋଇଥାଆନ୍ତି । ସେତେବେଳେ ସୂର୍ଯ୍ୟ ଅସ୍ତ ହୋଇସାରି ଥିଲେ । ସନ୍ଧ୍ୟା ସମୟ ହୋଇ ଯାଇଥିଲା । ଭକ୍ତ ନିଷ୍କିଚନ ଭଗବାନଙ୍କ ଧ୍ୟାନର ଆନନ୍ଦରେ ଡୁବିଯାଇଥିଲେ । ଶେଠଜି ତାଙ୍କ ପତ୍ନୀଙ୍କ ସହିତ ଭକ୍ତ ନିଷ୍କିଚନଙ୍କ ଦ୍ୱାରରେ ଉପସ୍ଥିତ ହୋଇ ଡାକିଲେ । ଶେଠଜିଙ୍କ ଡାକ ଶୁଣି ନିଷ୍କିଚନ ଘରୁ ବାହାରି ଆସିଲେ ଏବଂ ଶେଠଜିଙ୍କ ଆସିବାର କାରଣ ପଚାରିଲେ । ଶେଠଜି କହିଲେ, ''ଭାଇ ଆଜିକାଲି ଚୋର-ଡକାୟତଙ୍କ ଉପଦ୍ରବ ବହୁତ । ସାମ୍ନାରେ ଜଙ୍ଗଲ, ଏହାକୁ ପାର ହୋଇ ଯିବାକୁ ହେବ । ତୁମେ ଆମ ସଙ୍ଗେ ଆସ, ଏହି ଜଙ୍ଗଲ ପାର କରାଇ ଦେଇ ଫେରିଆସିବ । ମୁଁ ତୁମକୁ କିଛି ପଇସା ଦେଇ ଦେବି ।'' ଭକ୍ତ ଦେଖିଲେ ଶେଠଜି ତଥା ତାଙ୍କ ଧର୍ମପତ୍ନୀଙ୍କ ଗଳାରେ ତୁଳସୀମାଳା, ଲଲାଟରେ ତିଳକ ନାହିଁ । ତାଙ୍କ ସଙ୍ଗେ କଥାବାର୍ତ୍ତା ତଥା ମଜୁରି ନିଶ୍ଚୟ କରିବାରେ ବୁଝିପାରିଲେ ଯେ, ସେ ବହୁତ କୃପଣ ଏବଂ ଅନ୍ୟକୁ ଠକିବାରେ ପ୍ରବୀଣ । କିନ୍ତୁ ଶେଠଜିଙ୍କ ପତ୍ନୀଙ୍କ ଦେହରେ ବହୁମୂଲ୍ୟ ଅଳଙ୍କାର ଥିବା ତାଙ୍କ ଉଦ୍ଦେଶ୍ୟ ପୂରା ହେବା ଧାରଣାରେ ଶେଠଜିଙ୍କ ସହିତ ମଜୁରି ନିର୍ଣ୍ଣୟ କରିବାରେ ବିବାଦ ନ କରି ମୋଟା ଠେଙ୍ଗାଟି ଘରୁ ଆଣି ଶେଠଜିଙ୍କ ଆଗେ ଆଗେ ଚାଲିଲେ । ଜଙ୍ଗଲ ଥିଲା ଖୁବ୍ ନିକଟ । କଥାବାର୍ତ୍ତା କରି ଆସିବାବେଳକୁ ଅନ୍ଧକାର ହୋଇ ଯାଇଥିଲା । ଅଳ୍ପକ୍ଷଣରେ ଜଙ୍ଗଲରେ ପହଞ୍ଚିଗଲେ । ଭକ୍ତଜି ଜାଣିଶୁଣି ଗୋଟିଏ ଅବାଟରେ ସେମାନଙ୍କୁ ନେଇଗଲେ ଏବଂ ଠେଙ୍ଗା ଦେଖାଇ ସେମାନଙ୍କ ସମ୍ମୁଖରେ ଛିଡ଼ାହୋଇ କହିଲେ, ''ତୁମ ପାଖରେ ଯାହା ଟଙ୍କା-ପଇସା ଏବଂ ଗହଣା ଅଛି ତାହା ସବୁ ରଖିଦିଅ ।'' କିନ୍ତୁ ଶେଠଜି ଏକେବାରେନିର୍ଭୀକ ଭାବେ କହିଲେ, ''ଟଙ୍କା ଏବଂ ଅଳଙ୍କାର ନେଇ ତୁ କ'ଣ କରିବୁ ?'' ଭକ୍ତ ଉତ୍ତର ଦେଲେ, ''ସଜ୍ଜମାନେ ମୋ ଘରକୁ ଆସିଛନ୍ତି, ତାଙ୍କୁ ଭୋଜନ କରାଇବି ।'' ଶେଠଜି କହିଲେ, ''ଏପରି ଚୋରି-ଡକାୟତି କାର୍ଯ୍ୟ କରି ସଜ୍ଜସେବା କରିବାରେ କ'ଣ ଭଗବାନ୍ ପ୍ରସନ୍ନ ହେବେ ? ବରଂ ତୋର ଏହି ଦୁଷ୍କର୍ମର କୁଫଳ ତୋତେ ଭୋଗିବାକୁ ପଡ଼ିବ ।'' ଭକ୍ତ ଉତ୍ତର ଦେଲେ, ''ତୁମ୍ଭେମାନେ ଯେପରି ଅସତ୍ୟ-ଅନ୍ୟାୟରେ ଧନ ଉପାର୍ଜନ କରିଛ, ସେହି ଧନ ଚୋରିଡକାୟତି କରି ନେଲେ କୌଣସି ଦୋଷ ଲାଗିବ ନାହିଁ । ବରଂ ସେହି ଧନ ସଜ୍ଜ-ସେବାରେ ଲାଗିଲେ ତୁମର ମଙ୍ଗଳ ହେବ । ଏଥିରେ ମୋର କୌଣସି ବ୍ୟକ୍ତିଗତ ସ୍ୱାର୍ଥ ନ ଥିବାରୁ ମୋତେ କୁଫଳ ଭୋଗିବାକୁ ପଡ଼ିବ ନାହିଁ । ଏହା କହି ଠେଙ୍ଗା ଦେଖାଇ କହିଲେ ସଜ୍ଜ-ସେବାରେ ବିଳମ୍ବ ହେଉଛି, ଶୀଘ୍ର ସବୁ ଟଙ୍କା ଏବଂ ଅଳଙ୍କାର ଦେଇଦିଅ । ମୁଁ ତୁମ୍ଭମାନଙ୍କୁ ଠିକ୍ ରାସ୍ତାରେ ପହଞ୍ଚାଇ ଦେଇ ଚାଲିଯିବି ।''

ଏକଥା ଶୁଣି ଶେଠଜିଙ୍କ ଧର୍ମପତ୍ନୀ ସମସ୍ତ ଅଳଙ୍କାର ବାହାର କରି ତଳେ ରଖିଦେଲେ । ହରିପାଳଜି ବହୁତ ଖୁସି ହୋଇ ସମସ୍ତ ଅଳଙ୍କାର ଉଠାଇ ବାନ୍ଧିବାର ଦେଖି ଶେଠଜି କହିଲେ, ''ହରିପାଳ, ଆଜିଠାରୁ ଏହି ଚୋରି-ଡକାୟତି ଆଦି ଖରାପ କାର୍ଯ୍ୟ କରିବା ଛାଡ଼ିଦେ ।'' ସେ ବାକ୍ୟରେ ଏତେ ଶକ୍ତି ଥିଲା ଯେ ସେଥିରେ ହରିପାଳ ଭୟଭୀତ ହୋଇ କହିଲେ, ''ଏହି କର୍ମ ଛାଡ଼ିଦେଲେ ସଙ୍ଗ-ସେବା କରିବି କିପରି ?'' ଶେଠଜି ଉତ୍ତର ଦେଲେ, ''ସଙ୍ଗ-ସେବା ସକାଶେ ଯାହା ଦରକାର ହେବ ତାହା ତୋ ଘରେ ପହଞ୍ଚିଯିବ ।'' ଏ କଥା ଶୁଣିବା ମାତ୍ରେ ତାଙ୍କ ଆନ୍ତର ପ୍ରେରଣାରେ ସେ ହାତ ଯୋଡ଼ି କହିଲେ, ''ପ୍ରଭୁ ତୁମେ କିଏ, ତାହା ମୋତେ ସତ ସତ କୁହ ।'' ଶେଠଜି ଉତ୍ତର ଦେଲେ, ''ତୁ ଯାହାର ଦର୍ଶନ ସକାଶେ ସଙ୍ଗ-ସେବା କରୁଛୁ ମୁଁ ସେହି ଶ୍ରୀକୃଷ୍ଣ । ଏହା କହି ନିଜ ସ୍ୱରୂପରେ ଶ୍ରୀକୃଷ୍ଣ ଏବଂ ମା ରୁକ୍ମିଣୀ ପ୍ରକଟ ହୋଇଗଲେ । ଭକ୍ତ ହରିପାଳ ଭଗବାନଙ୍କ ସାକ୍ଷାତ୍ ଦର୍ଶନ ପାଇ ଆନନ୍ଦସମୁଦ୍ରରେ ଡୁବିଗଲେ ଏବଂ ଭଗବାନଙ୍କ ଚରଣରେ ପଡ଼ିଗଲେ । ଭଗବାନ୍ ତାଙ୍କ ମସ୍ତକରେ ଶ୍ରୀହସ୍ତ ରଖି ଉଠେଇ ଦେଲେ ଏବଂ କହିଲେ, ''ହରିପାଳ, ଯେ ମୋତେ ନିଷ୍କପଟ ଭାବେ ଚାହେଁ ମୁଁ ତା' ସଙ୍ଗେ ସଙ୍ଗେ ବରାବର ରହିଥାଏ । ମୃତ୍ୟୁ ପରେ ତୁ ଏବଂ ତୋ ଧର୍ମପତ୍ନୀ ଉଭୟେ ମୋ ଦିବ୍ୟଧାମରେ ମୋର ସେବା-ପ୍ରାପ୍ତ ହେବ ।'' ଏହା କହି ଭଗବାନ୍ ଅନ୍ତର୍ଦ୍ଧାନ ହୋଇଗଲେ । ସେହିଦିନଠାରୁ ହରିପାଳଙ୍କ ସଙ୍ଗ-ସେବା ଉତ୍ତରୋତ୍ତର ବୃଦ୍ଧି ହେବାକୁ ଲାଗିଲା । ଯେତେ ସଂଖ୍ୟାରେ ସଙ୍ଗ ଆସୁଥିଲେ ସେମାନଙ୍କ ଭୋଜନର ସମସ୍ତ ଦ୍ରବ୍ୟ ହରିପାଳଜିଙ୍କ ଘରକୁ ଲୋକଙ୍କ ଦ୍ୱାରା ଆସୁଥିଲା । ଭକ୍ତ ହରିପାଳଜି ଯେତେ ଦିନ ଜୀବିତ ଥିଲେ ତାଙ୍କ ଧର୍ମପତ୍ନୀଙ୍କ ସହିତ ସେ ସଙ୍ଗ-ସେବା ଏବଂ ଭଗବତ୍ ଭକ୍ତିରେ ସମୟ ଅତିବାହିତ କଲେ । ବୃଦ୍ଧ ଅବସ୍ଥାରେ ଏହି ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ଦିବ୍ୟଧାମରେ ପତ୍ନୀଙ୍କ ସହିତ ଶ୍ରୀକୃଷ୍ଣଙ୍କ ସେବା ପ୍ରାପ୍ତ ହେଲେ ।

ବୋଲ ଭକ୍ତ ଏବଂ ଭଗବାନଙ୍କ ଜୟ ।

ଭକ୍ତ ବ୍ୟାସଦାସଜି

ସନ୍ଥ ବ୍ୟାସଦାସଜିଙ୍କ ଗାର୍ହସ୍ଥ୍ୟାଶ୍ରମର ନାମ ଥିଲା ଶ୍ରୀ ହରିରାମ ଶୁକ୍ଲ । ଟିକମଗଡ଼ ଅନ୍ତର୍ଗତ ଓରଛା ଧନାଢ୍ୟ ବ୍ରାହ୍ମଣ କୁଳରେ ଶ୍ରୀ ସୁମୋଖନ ଶୁକ୍ଲଙ୍କ ଧର୍ମପତ୍ନୀ ପଦ୍ମାବତୀ ଦେବୀଙ୍କ ଗର୍ଭରୁ ସନ ୧୫୬୭ ଇସିବିସନ ୧୫୧୦ ମାର୍ଗଶିର କୃଷ୍ଣ ପଞ୍ଚମୀରେ ସନ୍ଥ ବ୍ୟାସଦାସଜି ଜନ୍ମଗ୍ରହଣ କରିଥିଲେ । ଶ୍ରୀ ସୁମୋଖନଜି ରାଜପୁତନା ଟିକମଗଡ଼ ଓରଛା ମହାରାଜା ମଧୁକର ସା'ଙ୍କର କୁଳପୁରୋହିତ ଥିବା ଯୋଗୁଁ ତାଙ୍କ ଗୃହ ଧନସମ୍ପତ୍ତିରେ ପୂର୍ଣ୍ଣ ଥିଲା । ସେ ପୁତ୍ରର ଜନ୍ମୋତ୍ସବ ମହାସମାରୋହରେ ପାଳନ କଲେ ଏବଂ ସେ ବୈଷ୍ଣବ ଥିବା ଯୋଗୁଁ ପୁତ୍ରର ନାମ ରଖିଲେ ଶ୍ରୀ ହରିରାମ ।

ହରିରାମଙ୍କ ଲାଳନପାଳନ ଉତ୍ତମରୂପେ କରାହେଲା । ଦେଖୁ ଦେଖୁ ଶୁକ୍ଲପକ୍ଷ ଚନ୍ଦ୍ରମାଙ୍କ ସଦୃଶ ସେ କ୍ରମଶଃ ବଡ଼ ହେବାକୁ ଲାଗିଲେ । ବିଦ୍ୟାଶିକ୍ଷାର ସମୟ ଆସିଲା । ସୁମୋଖନଜି ସ୍ୱୟଂ ଧୁରନ୍ଧର ପଣ୍ଡିତ ଥିଲେ । ରାଜପୁରୋହିତ ଥିବା ଯୋଗୁଁ ପୁତ୍ରକୁ ବିଦ୍ୟାଶିକ୍ଷା ଦେବାରେ ଅସୁବିଧା ନ ଥିଲା । ସେ ଚାହୁଁଥିଲେ ତାଙ୍କ ପୁତ୍ର ଦିଗ୍‌ବିଜୟୀ ପଣ୍ଡିତରୂପେ ରାଜଦରବାରରେ ପ୍ରତିଷ୍ଠାଲାଭ କରୁ । ସେ ସକାଶେ ସେ ବାଲ୍ୟକାଳରୁ ସଂସ୍କୃତ ବିଦ୍ୟା ଶିକ୍ଷାର ଉତ୍ତମ ବ୍ୟବସ୍ଥା କରିଦେଲେ । ସେସମୟରେ ବ୍ରାହ୍ମଣ କୁଳରେ ବାଲ୍ୟାବସ୍ଥାରେ ବିବାହର ପ୍ରଥା ଥିଲା । ସେହି ଅନୁସାରେ ହରିରାମଙ୍କୁ ଗୋଟିଏ ରୂପଗୁଣସମ୍ପନ୍ନା ବାଳିକା ସହିତ ବିବାହ କରିଦିଆହେଲା । ବିବାହ ପରେ ଉଚ୍ଚ ବିଦ୍ୟାଶିକ୍ଷା ସକାଶେ ତାଙ୍କୁ ଜଗତ୍ ବିଖ୍ୟାତ ସଂସ୍କୃତ ବିଦ୍ୟାଶିକ୍ଷାର ପ୍ରଧାନ ପୀଠ ବନାରସ (କାଶୀ)କୁ ପଠାଇ ଦିଆହେଲା । ହରିରାମ ଥିଲେ ମେଧାବୀ, ତାଙ୍କ ବୁଦ୍ଧି ଥିଲା ଅତ୍ୟନ୍ତ ତୀକ୍ଷ୍ଣ । ସେ ଅଳ୍ପ ବର୍ଷ ମଧ୍ୟରେ ବେଦ, ଉପନିଷଦ, ଦର୍ଶନ, ନ୍ୟାୟ, ବ୍ୟାକରଣ, ଶାସ୍ତ୍ର, ପୁରାଣରେ ମହାନ୍ ପାଣ୍ଡିତ୍ୟ ଅର୍ଜନ କରିଥିଲେ ।

ସେସମୟରେ ପଣ୍ଡିତମାନେ ଶାସ୍ତ୍ରାର୍ଥ କରି ଅନ୍ୟ ପଣ୍ଡିତମାନଙ୍କୁ ପରାସ୍ତ କରି ଦିଗ୍‌ବିଜୟୀ ପଣ୍ଡିତ ହେବାର ଗୌରବ ଅର୍ଜନ କରୁଥିଲେ । ହରିରାମ ଯେପରି ମେଧାବୀ ପଣ୍ଡିତ, ରାଜପୁରୋହିତଙ୍କ ପୁତ୍ର, ସେହି କାର୍ଯ୍ୟରୁ କ୍ଷାନ୍ତ ହୁଅନ୍ତେ କିପରି ? ବିଦ୍ୟାଶିକ୍ଷା କରିଥିବା ଗୁରୁଙ୍କ ଛଡ଼ା ବନାରସର ସମସ୍ତ ପ୍ରଧାନ ପଣ୍ଡିତମାନଙ୍କ ସହିତ ଶାସ୍ତ୍ରାର୍ଥ କଲେ ଏବଂ ବିଜୟପ୍ରାପ୍ତ ହୋଇ ଦିଗ୍‌ବିଜୟୀ ପଣ୍ଡିତ ରୂପେ ପ୍ରତିଷ୍ଠିତ ହେଲେ । ଅଳ୍ପ ବୟସରୁ ତାଙ୍କର ଯୋଗ୍ୟତା ଦେଖି ବନାରସ ବିଦ୍ୟାଳୟରେ ତାଙ୍କୁ ଅଧ୍ୟାପନା କାର୍ଯ୍ୟ ଦିଆଗଲା । ଏତେ ଅଳ୍ପ ବୟସରେ ପାଣ୍ଡିତ୍ୟର ପ୍ରଖ୍ୟାତି ଓ ସମ୍ମାନ ଯୋଗୁଁ ତାଙ୍କ ଅହଂକାର ବହୁତ ବୃଦ୍ଧି ହେଲା । ତାଙ୍କୁ ପତନରୁ ରକ୍ଷା କରିବା ସକାଶେ ଦିନେ ରାତିରେ ହରିରାମ ଶୋଇଥିବା ଅବସ୍ଥାରେ ଶ୍ରୀଶଙ୍କରଜି ଜଣେ ସାଧୁ ବେଶରେ ତାଙ୍କୁ ଭଗବତ୍ ଭକ୍ତି ବିନା ଜୀବନ ତଥା ବିଦ୍ୟାର ବ୍ୟର୍ଥତା ବୁଝାଇ ଭଗବାନଙ୍କ ଭକ୍ତିର ଉପଦେଶ ଦେଇଥିଲେ । ସ୍ୱପ୍ନ ପରେ ତାଙ୍କ ନିଦ୍ରା ଭଙ୍ଗ ହୋଇଯିବାରୁ ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । ସେ ଅନୁଭବ କଲେ ଯେ ତାହା ଏକ ସ୍ୱପ୍ନ ନ ଥିଲା, ଥିଲା ଏକ ବାସ୍ତବ ଘଟନା । ସ୍ୱୟଂ ଶିବ ତାଙ୍କ ଉପରେ ଦୟାକରି ସଦୁପଦେଶ ଦେଲେ । ସେହି ଅନୁଭୂତିରୁ ତାଙ୍କ ଧାରଣା ଓ ମନୋବୃତ୍ତି ସଂପୂର୍ଣ୍ଣ ପରିବର୍ତ୍ତିତ ହୋଇଥିଲା । ସଂସାର ପ୍ରତି ପୂର୍ଣ୍ଣ ବୈରାଗ୍ୟ ଏବଂ ଭଗବତ୍ ପ୍ରାପ୍ତି ସକାଶେ ଅନ୍ତରରେ ବ୍ୟାକୁଳତାର ବହ୍ନି ପ୍ରଜ୍ୱଳିତ ହେବାକୁ ଲାଗିଲା । ସେ କାଶୀରୁ ଫେରି ନିଜ ଜନ୍ମସ୍ଥାନ ଓରଛା ଆସିଲେ ।

କାଶୀରେ ଦିଗ୍‌ବିଜୟୀ ପଣ୍ଡିତ ଉପାଧି ପ୍ରାପ୍ତ ହେବାରୁ ରାଜଦରବାରରେ ତାଙ୍କର ବହୁତ ସମ୍ମାନ ହେଲା କିନ୍ତୁ ସେ ସାକ୍ଷାତ୍ ଶିବଙ୍କ କୃପା ପ୍ରାପ୍ତି କରିଥିବାରୁ ତାଙ୍କୁ ସେହି ସମ୍ମାନ ଅହଂର ଗହ୍ୱରକୁ ଟାଣି ନେଇ ମୋହାନ୍ଧ କରି ପାରିଲା ନାହିଁ । ସେ ମନେ ମନେ ଗୋଟିଏ ଉତ୍ତମ ଗୁରୁଙ୍କୁ ଖୋଜୁଥିଲେ । ଭଗବାନଙ୍କ ବିଧାନ ଅନୁସାରେ ବୃନ୍ଦାବନର ହିତହରିବଂଶଜିଙ୍କ ଶିଷ୍ୟ ଶ୍ରୀ ନବଳଦାସଜିଙ୍କ ଦର୍ଶନ ପ୍ରାପ୍ତ ହେଲା । ସେ ଅତ୍ୟନ୍ତ ଆଦର ସମ୍ମାନ ସହ ଅନୁନୟ-ବିନୟ କରି ତାଙ୍କୁ ନିଜ ଘରେ ରଖି ସେବା କଲେ । ଭଗବତ୍ ଭକ୍ତି ବିଷୟରେ ବହୁ ପ୍ରକାର ଆଲୋଚନା ତାଙ୍କ ସହିତ ହେଲା । ନବଳଦାସଙ୍କ ସମ୍ପର୍କ ଅଧିକ ଦିନ ସେ ଚାହୁଁଥିଲେ । କିନ୍ତୁ ନବଳଦାସ ବୃନ୍ଦାବନ ଯିବାକୁ ବହୁତ ବ୍ୟଗ୍ର ହେବାରୁ ତାଙ୍କୁ

ବିଦାୟ ଦେଇ ସେ ନିଜେ ବୃନ୍ଦାବନ ଯିବାକୁ ବ୍ୟଗ୍ର ହୋଇ ପଡ଼ିଲେ; ଏବଂ ବୃନ୍ଦାବନ ଯାଇ ଶ୍ରୀ ହିତହରିବଂଶଜିଙ୍କଠାରୁ ଦୀକ୍ଷାମନ୍ତ୍ର ଉପଦେଶ ନେଲେ । ଗୁରୁଦେବ ତାଙ୍କ ନାମ ରଖିଲେ ବ୍ୟାସଦାସ । ସେ କିଛିଦିନ ଗୁରୁଙ୍କ ସେବାରେ ତାଙ୍କ ସାମୀପ୍ୟରେ ରହି ତାଙ୍କଠାରୁ ସାଧନ-ଭଜନର ପଦ୍ଧତି ଶିକ୍ଷାକରି ଘରକୁ ଫେରିଆସିଲେ । ଘରେ ଶ୍ରୀରାଧାକୃଷ୍ଣଙ୍କ ବିଗ୍ରହ ପ୍ରତିଷ୍ଠା କଲେ ଏବଂ ଭଗବତ୍ ସେବାପୂଜା, ସନ୍ଥସେବା ତଥା ଭଗବତ୍ ଭକ୍ତିରେ ସମୟ ଅତିବାହିତ କଲେ ।

ସେ ଥିଲେ ମହାନ୍ ବିଦ୍ୱାନ୍ । ତା' ସହିତ ଭଗବତ୍ ଭକ୍ତି ବିରାଜମାନ ହେବାରୁ ସୁବର୍ଣ୍ଣରେ ସୁଗନ୍ଧ ସଦୃଶ ଶୋଭା ବୃଦ୍ଧି ହେଲା । ରାଜା ତାଙ୍କୁ ସମ୍ମାନ ସହିତ ଭକ୍ତି କରୁଥିଲେ । ସମୟ ଅନୁସାରେ ତାଙ୍କର ଗୋଟିଏ କନ୍ୟା ଓ ତିନିଗୋଟି ପୁତ୍ରସନ୍ତାନ ହୋଇଥିଲେ । କନ୍ୟାର ବିବାହ ସମୟ ଆସିଲା । ବହୁ ସମାରୋହରେ ବିବାହ ପାଇଁ ପ୍ରସ୍ତୁତି ଚାଲିଲା । ବରଯାତ୍ରୀ, ବନ୍ଧୁ ବାନ୍ଧବ, ସାହିପଡ଼ିଶା ଏବଂ ଅନ୍ୟାନ୍ୟ ବ୍ୟକ୍ତିଙ୍କ ଭୋଜନ ସକାଶେ ବହୁ ପ୍ରକାର ମିଷ୍ଟାନ୍ନ ତୟାର କରାହେଲା । ଉତ୍ତମ ମିଷ୍ଟାନ୍ନ ଦେଖି ବ୍ୟାସଦାସଜିଙ୍କ ମନେହେଲା, ''ଏହା ସନ୍ଥଙ୍କ ସେବାରେ ଲାଗିବା ଉଚିତ ।'' ସଙ୍ଗେ ସଙ୍ଗେ ସନ୍ଥମାନଙ୍କୁ ଡାକି ଭୋଜନର ବ୍ୟବସ୍ଥା କରାଇଲେ ଏବଂ ଯେଉଁ ସନ୍ଥମାନେ ଆସି ନ ଥିଲେ ସେମାନଙ୍କ ଆଶ୍ରମରେ ପହଞ୍ଚାଇ ଦେଲେ । ମୁକ୍ତ ହସ୍ତରେ ସନ୍ଥମାନଙ୍କୁ ଭୋଜନ କରାଇ ଦେବା ପରେ ବି ବହୁତ ମିଷ୍ଟାନ୍ନ ବଳି ପଡ଼ିଲା । ବରଯାତ୍ରୀ, ବନ୍ଧୁ-ବାନ୍ଧବ, ସାହିପଡ଼ିଶା, ଦୁଃଖିରଙ୍କି ଖାଇ ନେଇ ସାରିବା ପରେ ବି ମିଷ୍ଟାନ୍ନ ଶେଷ ହୋଇ ନ ଥିଲା । ଏହା ସାକ୍ଷାତ୍ ଭଗବତ୍ କୃପା ।

କନ୍ୟାର ବିବାହ ପରେ ଶ୍ରୀ ବ୍ୟାସଦାସଜି ବୃନ୍ଦାବନକୁ ଯିବାକୁ ବ୍ୟଗ୍ର ହୋଇ ପଡ଼ିଲେ । ତାଙ୍କର ସମସ୍ତ ସମ୍ପତ୍ତିକୁ ପୁତ୍ର ରାମଦାସ, ବିଳାସଦାସ, କିଶୋରୀଦାସକୁ ବାଣ୍ଟିଦେବା ଉଦ୍ଦେଶ୍ୟରେ ତିନିଟି ବସ୍ତୁ ରଖିଲେ । ଗୋଟିଏ ଭାଗରେ ରଖିଲେ ଧନସମ୍ପତ୍ତି, ଅନ୍ୟଭାଗରେ ରଖିଲେ ଠାକୁରଙ୍କ ସେବା-ପୂଜା । ତୃତୀୟ ଭାଗରେ ରଖିଲେ ବୈଷ୍ଣବ ସାମ୍ପ୍ରଦାୟିକ ଚିହ୍ନ ଶ୍ୟାମବନ୍ଧନୀ ଏବଂ ସାମ୍ପ୍ରଦାୟିକ ଛାପ । ପୁତ୍ରମାନଙ୍କୁ କହିଲେ, ''ନିଜ ଇଚ୍ଛା ଅନୁସାରେ ଏହି ତିନି ବସ୍ତୁରୁ ଗୋଟିଏ ଗୋଟିଏ ବସ୍ତୁ ନେଇପାର ।'' ରାମଦାସ ନେଲେ ଧନସମ୍ପତ୍ତି, ବିଳାସଦାସ ଠାକୁରଙ୍କ ସେବା-ପୂଜାକୁ ବାଛିଲେ ଓ କିଶୋରୀଦାସ ନେଲେ ଶ୍ୟାମବନ୍ଧନୀ ଏବଂ ତିଳକ ଛାପ ।

ବ୍ୟାସଦାସଜି କିଶୋରୀଦାସକୁ ସ୍ୱାମୀ ହରିଦାସଙ୍କ ଶିଷ୍ୟ କରାଇ ତାଙ୍କୁ ବୈରାଗୀ ବୈଷ୍ଣବ ତିଳକ ଛାପ ଦିଆଇଦେଲେ । ସେ ସ୍ୱାମୀ ହରିଦାସଜି ମହାରାଜଙ୍କ ଆଶ୍ରମରେ ବୈରାଗୀ ବୈଷ୍ଣବରୂପେ ଭଗବତ୍ ଭକ୍ତି ସାଧନାରେ ଲୀନ ରହିଲେ । କିଶୋରୀଦାସଜି ଉଚ୍ଚକୋଟୀର ସନ୍ଥ ହୋଇଥିଲେ । ଦିନେ କିଶୋରୀଦାସଜି ଗାଉଥିବା ଗୋଟିଏ ପଦ ଶ୍ରୀ ବ୍ୟାସଦାସଜି ଶୁଣିଲେ । ସେହିଦିନ ରାତିରେ ନିକୁଞ୍ଜରେ ଶ୍ରୀକୃଷ୍ଣ-ଶ୍ରୀରାଧାଙ୍କ ସମ୍ମୁଖରେ ଲଳିତାଦି ସଖୀ ସେହି ପଦକୁ ଗାଉଥିବାର ଆନ୍ତର ଅନୁଭୂତିରେ ସେ ଦେଖିଲେ । ଶ୍ରୀ ବ୍ୟାସଦାସଜି ଘରର ସମସ୍ତ କାର୍ଯ୍ୟ ଶେଷକରି ବୃନ୍ଦାବନ ଚାଲିଗଲେ ଏବଂ ନିଜ ଗୁରୁ ଶ୍ରୀ ହରିବଂଶଜି ମହାରାଜାଙ୍କଠାରୁ ବୈରାଗୀବେଶ ଧାରଣ କରି ବୃନ୍ଦାବନରେ ଗୋଟିଏ ନିକୁଞ୍ଜରେ ନିବାସ କଲେ ।

ଶ୍ରୀ ବ୍ୟାସଦାସଜି ଓରଛା ରାଜଦରବାର ଛାଡ଼ି ଆସିବାରୁ ରାଜାଙ୍କ ସମେତ ରାଜଦରବାରର ବ୍ୟକ୍ତିଙ୍କୁ ବହୁତ ଦୁଃଖ ହେଲା । ଘରର ବ୍ୟକ୍ତି ତଥା ତାଙ୍କ ଧର୍ମପତ୍ନୀଙ୍କ ଦୁଃଖର କଥା କହିଲେ ସରିଲା ନାହିଁ । ବ୍ୟାସଦାସଜିଙ୍କୁ ଫେରାଇ ଆଣିବା ସକାଶେ ରାଜା ମନ୍ତ୍ରୀଙ୍କୁ ପଠାଇଲେ । ସେ ବୃନ୍ଦାବନରେ ପହଞ୍ଚି ଶ୍ରୀ ବ୍ୟାସଦାସଜିଙ୍କୁ ବହୁତ ପ୍ରକାର ବୁଝାଇ ତାଙ୍କର ପରିବାରଙ୍କ ଦୁଃଖଶୋକ ବର୍ଣ୍ଣନା କରି ବ୍ୟାସଦାସଙ୍କୁ ଫେରାଇ ଘରକୁ ନେଇଯିବା ସକାଶେ ବହୁତ ଚେଷ୍ଟା କଲେ । ଶେଷରେ ମନ୍ତ୍ରୀ ନିରାଶ ହୋଇ ଫେରି ମହାରାଜାଙ୍କୁ ସମସ୍ତ ସମାଚାର କହିଦେଲେ ।

ବ୍ୟାସଦାସଜି ମହାନ୍ ବିଦ୍ୱାନ୍ ଥିଲେ କିନ୍ତୁ ଶଙ୍କର ଭଗବାନଙ୍କ ସ୍ୱପ୍ନାଦେଶ ପାଇବା ଦିନରୁ ତାଙ୍କ ସ୍ୱଭାବ ଏକେବାରେ ପରିବର୍ତ୍ତିତ ହୋଇଯାଇଥିଲା । ନମ୍ରତା, ଅନ୍ୟ ପ୍ରତି ସ୍ନେହ, ଶ୍ରଦ୍ଧା, ସହାନୁଭୂତି ତାଙ୍କ ଜୀବନର ଅଙ୍ଗରୂପେ ଶୋଭା ପାଉଥିଲା । ମହାନ୍ ପଣ୍ଡିତଙ୍କର ଏପରି ସଦ୍‌ଗୁଣ ପ୍ରାପ୍ତ ହେବାରୁ ସୁବର୍ଣ୍ଣରେ ସୁଗନ୍ଧସଦୃଶ ସମସ୍ତ ବ୍ୟକ୍ତିଙ୍କ ପ୍ରିୟପାତ୍ର ହୋଇଥିଲେ । ଓରଛା ରାଜା ଭଗବତ୍ ଭକ୍ତ ଥିଲେ । ଏପରି ବିଦ୍ୱାନ୍ ଭକ୍ତ କୁଳପୁରୋହିତ ଚାଲିଯିବାରୁ ସେ

ବିଶେଷ ଦୁଃଖ ଅନୁଭବ କଲେ । ବ୍ୟାସଦାସଜିଙ୍କର ନ ଆସିବାର ଖବର ମନ୍ତ୍ରୀଙ୍କଠାରୁ ପାଇ ସେ ମନ୍ତ୍ରୀ ତଥା ଅନୁଗତ ବ୍ୟକ୍ତିଙ୍କ ସହିତ ପୁରୋହିତଙ୍କୁ ଫେରାଇ ଆଣିବାକୁ ବୃନ୍ଦାବନ ଯାତ୍ରାକଲେ ।

ଶ୍ରୀକୃଷ୍ଣଙ୍କ ଲୀଳାଭୂମି ବୃନ୍ଦାବନ ଦର୍ଶନରେ ତାଙ୍କର ବିଶେଷ ଆନନ୍ଦ ଅନୁଭବ ହେଲା । ସେସମୟରେ ବ୍ୟାସଦାସଜି ଗୋଟିଏ କୁଟିରରେ ରହି ଭଗବତ୍ ଭକ୍ତିରେ ନିମଗ୍ନ ରହୁଥିଲେ । ରାଜାଙ୍କୁ ତାଙ୍କ ପରିଚାରଙ୍କ ସହିତ ନିଜ କୁଟିରରେ ପାଇ ସେ ବହୁତ ଆନନ୍ଦିତ ହେଲେ । ରାଜାଙ୍କୁ ତାଙ୍କ ପରିସ୍ଥିତି ଅନୁସାରେ ସମ୍ମାନର ସହିତ ସତ୍କାର କଲେ । ବ୍ୟାସଦାସଜିଙ୍କୁ ଓରଛା ଫେରାଇ ଆଣିବା ସକାଶେ ରାଜା ଅତ୍ୟନ୍ତ ଆଗ୍ରହ ପ୍ରକାଶ କଲେ । କିନ୍ତୁ ତାଙ୍କର ଭଗବତ୍ ଭକ୍ତିରେ ଦୃଢ଼ତା ଦେଖି ଗାର୍ହସ୍ଥ୍ୟାଶ୍ରମରେ ରହିବାକୁ ଆଗ୍ରହ କଲେ ନାହିଁ । ଫେରିଯାଇ ସେହି ଓରଛାରେ ବୈରାଗୀ ସଦ୍ଗୁରୁପେ ରହି ସାଧନ-ଭଜନ କରିବାକୁ ବିଶେଷ ଆଗ୍ରହୀ ହେଲେ । ସେ ବୃନ୍ଦାବନ କୌଣସିମତେ ନ ଛାଡ଼ିବାରୁ ଗୋଟିଏ ଦିନ ସକାଶେ ରାଜାଙ୍କ ସଙ୍ଗେ ଯାଇ ପରିବାର ତଥା ଓରଛାବାସୀଙ୍କୁ ଦର୍ଶନ ଦେଇ ଫେରିଆସିବା ସକାଶେ ରାଜା ଅତ୍ୟନ୍ତ ଅନୁନୟବିନୟ ହୋଇ କହିଲେ । ରାଜାଙ୍କର ଅତ୍ୟନ୍ତ ଆଗ୍ରହ ଦେଖି ତାଙ୍କ ଆଗ୍ରହରେ ଆଘାତ ନ ଦେଇ ଇଚ୍ଛା ନ ଥିବା ସତ୍ତ୍ୱେ ଯିବା ସକାଶେ ସ୍ୱୀକୃତି ଦେଇଦେଲେ ।

କିନ୍ତୁ ନେତ୍ରରୁ ଅହରହ ଅଶ୍ରୁ ବର୍ଷା ହେବାକୁ ଲାଗିଲା । ସେ ଗୋଟିଏ ଗଛକୁ ଧରୁଥା'ନ୍ତି, ହୃଦୟ ବିଦାରକ ସ୍ୱରରେ ଶୋକଯୁକ୍ତ ହୋଇ କହୁଥା'ନ୍ତି, ''ମୁଁ ବଡ଼ ଅପରାଧୀ, ବଡ଼ ପାପୀ, ଏହି ଦିବ୍ୟଧାମରେ ବାସ କରିବାର ଅଧିକାରୀ ମୁଁ ନୁହେଁ, ସେହି ସକାଶେ ମୋତେ ତ୍ୟାଗ କଲ । ମୁଁ ତୁମକୁ ଛାଡ଼ି ରହିବି କିପରି ?'' ଗୋଟିଏ ବାଛୁରୀକୁ ଧରି ତାକୁ ଗଳାରେ ଲଗାଇ ନେଇ ଭୋ ଭୋ ହୋଇ କାନ୍ଦି କହୁଥାଆନ୍ତି, ''ତୁମେ କେଡ଼େ ଭାଗ୍ୟବାନ୍, ଶ୍ରୀକୃଷ୍ଣଙ୍କ ଚରଣରେ ଯେଉଁ ଭୂମି ଅଙ୍କିତ ସେହି ଭୂମିରେ ତୁମେ ବିଚରଣ କରୁଛ; ଶ୍ରୀକୃଷ୍ଣଙ୍କ ସ୍ନେହରେ ଲାଳିତପାଳିତ ହେଉଛ, ମୋର ଘୋର ଦୁଷ୍କୃତ ଯୋଗୁଁ ମୋତେ ତୁମ୍ଭମାନଙ୍କ ସଙ୍ଗରୁ ତ୍ୟାଗ କରିଦେଲ ।'' ଏହିପରି ପଶୁପକ୍ଷୀ, ବୃକ୍ଷଲତାମାନଙ୍କୁ ସମ୍ବୋଧନ କରି ଉଚ୍ଚ ସ୍ୱରରେ କାନ୍ଦୁଥାଆନ୍ତି । ତାଙ୍କ ଦୁଇ ନେତ୍ରରୁ ଲୋତକର ପ୍ରବାହରେ ବକ୍ଷସ୍ଥଳ ସହିତ ପିନ୍ଧା ବସ୍ତ୍ର ଆର୍ଦ୍ର ହୋଇ ଯାଉଥାଏ । ଏପରି ଦୃଶ୍ୟ ଦେଖି ରାଜା ତାଙ୍କୁ ଓରଛା ନେଇଯିବା ଆଗ୍ରହ ତ୍ୟାଗ କରିଦେଲେ ଏବଂ ତାଙ୍କ ଚରଣରେ ପ୍ରଣାମ କରି ନିଜ ଅପରାଧ ସକାଶେ କ୍ଷମା ମାଗିବା ସଙ୍ଗେ ସଙ୍ଗେ ତାଙ୍କଠାରୁ ଦୀକ୍ଷା ନେବାକୁ ପ୍ରାର୍ଥନା କଲେ । ରାଜାଙ୍କ ଆଗ୍ରହରେ ବ୍ୟାସଦାସଜି ତାଙ୍କୁ ବୈଷ୍ଣବ ଦୀକ୍ଷାମନ୍ତ୍ର ଉପଦେଶ ଦେଇ ଶିଷ୍ୟରୂପେ ଗ୍ରହଣ କଲେ । ରାଜା ବ୍ୟାସଦାସଙ୍କଠାରୁ ଦୀକ୍ଷା ଗ୍ରହଣ କରି ଓରଛା ଫେରି ଆସିଲେ । ଏହି ଟିକମଗଡ଼ ଓରଛା ରାଜାଙ୍କ ବଂଶପରମ୍ପରାରେ କିପରି ଭକ୍ତିଭାଗୀରଥୀ ପ୍ରବାହିତ ହେଉଥିଲା ତା'ର ପରିଚୟ ସକାଶେ ଏଠାରେ ଗୋଟିଏ ସାକ୍ଷାତ୍ ପ୍ରାମାଣିକ ଘଟନା ଉଲ୍ଲେଖ କରିବା ।

ଏହି ରାଜାଙ୍କ ବଂଶପରମ୍ପରାରେ ରାଜାମାନେ ଶ୍ରୀକୃଷ୍ଣଙ୍କ ଭକ୍ତ ଓ ରାଣୀମାନେ ଶ୍ରୀରାମଙ୍କ ଭକ୍ତା ହେଉଥିବା ଦେଖାଯାଉଅଛି । ସେହି ବଂଶର ରାଜା ଏବଂ ରାଣୀ ଅଯୋଧ୍ୟାରେ କନକ-ଭବନ ନାମରେ ବିଶାଳ ରାମ ମନ୍ଦିର ତୟାର କରାଇଅଛନ୍ତି । ଥରେ ରାଜା ବୃନ୍ଦାବନ ଯାଇ ଓରଛା ଫେରିଆସିଲେ ଏବଂ ରାଣୀଙ୍କୁ ଅଯୋଧ୍ୟାରୁ ଫେରି ଆସିବାକୁ ଚିଠି ପଠାଇଲେ । ରାଣୀଙ୍କ ଆସିବା ବିଳମ୍ବ ହେବାରୁ ରାଜା ବ୍ୟଙ୍ଗରେ ଲେଖିଲେ, ''ଏକା ଆସିବ ନାହିଁ, ଶ୍ରୀରାମଙ୍କୁ ସଙ୍ଗରେ ନେଇଆସିବ ।'' ଏହି ବ୍ୟଙ୍ଗ ବାକ୍ୟରେ ରାଣୀଙ୍କୁ ବହୁତ ବ୍ୟଥା ହେଲା । ସେ ଭାବିଲେ, ''ଆଉ ରାଜଧାନୀକୁ ଫେରିବି ନାହିଁ । ଏହି ଅଯୋଧ୍ୟାରେହିଁ ପ୍ରାଣ ବିସର୍ଜନ କରିବି ।'' ଏହା ନିଶ୍ଚୟ କରି ଦିନେ ଅର୍ଦ୍ଧରାତ୍ର ସମୟରେ ଏକା ଉଠି ଶରୀର ତ୍ୟାଗ କରିବା ଉଦ୍ଦେଶ୍ୟରେ ସରଯୁ ନଦୀର ପ୍ରଖର ସ୍ରୋତରେ ବୁଡ଼ିଗଲେ । ବୁଡ଼ିଯିବା ସଙ୍ଗେ ସଙ୍ଗେ ତାଙ୍କ ହୃଦୟରେ ଶ୍ୟାମବର୍ଣ୍ଣର ଶ୍ରୀସୀତାରାମଙ୍କର ଦୁଇଟି ବିଶାଳ ପ୍ରସ୍ତରବିଗ୍ରହ ଆସି ଲାଗିଗଲା ଏବଂ ସ୍ରୋତ ସ୍ଥଗିତ ହୋଇଗଲା । ବୁଡ଼ିଯିବା ଭଳି ଗଭୀର ଜଳ ପରିବର୍ତ୍ତେ ତାଙ୍କ ଅଣ୍ଟାପର୍ଯ୍ୟନ୍ତ ଜଳ ହୋଇଗଲା । ଶ୍ରୀରାମଙ୍କ ସେହି ପ୍ରସ୍ତରବିଗ୍ରହ କହିଲେ, ''ଅମୁକ ନକ୍ଷତ୍ରରେ ମୋତେ ନେଇ ଘରକୁ ଯାତ୍ରା କରିବୁ । ଯେଉଁଠାରେ ସେ ନକ୍ଷତ୍ର ସମାପ୍ତ ହେବ ସେହିଠାରେ ମୁଁ ରହିବି ।'' ଭଗବାନଙ୍କ ମୁଖରୁ ବାଣୀ ଶୁଣି ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ଭଗବାନଙ୍କ ପ୍ରତି କୃତଜ୍ଞତାରେ ତାଙ୍କ

ହୃଦୟ ଉଚ୍ଛୁଳି ଉଠିଲା । ଯେଉଁ ପ୍ରସ୍ତରବିଗ୍ରହକୁ ଚାରିଜଣ ଲୋକ ଉଠାଇ ପାରନ୍ତେ ସେହି ବିଗ୍ରହ ଏତେ ଉଶ୍ୱାସ ହୋଇଗଲା ଯେ ରାଣୀ ସହଜରେ ସେହି ସୀତାରାମଙ୍କର ଦୁଇଟି ବିଗ୍ରହକୁ କୋଳ କରି ତାଙ୍କ ନିବାସସ୍ଥାନ ଶ୍ରୀସୀତାରାମଙ୍କ ମନ୍ଦିର (କନକଭବନ)କୁ ନେଇଆସି ସିଂହାସନରେ ବିରାଜମାନ କରାଇ ସେବା-ପୂଜାରେ ଲାଗିପଡ଼ିଲେ । ସେବା-ପୂଜା ସମାପ୍ତ ହେବା ପରେ ରାଜାଙ୍କ ପାଖକୁ ବ୍ୟକ୍ତି ପଠାଇ ଚିଠି ଲେଖିଲେ, ''ପରମ କୃପାଳୁ ଶ୍ରୀରାମ ଓରଛା ଯିବାକୁ ଆଜ୍ଞା ଦେଇଛନ୍ତି । ତାଙ୍କୁ ଅମୁକ ନକ୍ଷତ୍ରରେ ନେଇଯିବାକୁ ହେବ ।'' ରାଜା ଏହି ଖବର ପାଇବା ସଙ୍ଗେ ସଙ୍ଗେ ମନ୍ତ୍ରୀ-ପରିଚାରକଙ୍କ ସହିତ ସବାରି ନେଇ ଅଯୋଧ୍ୟା କନକଭବନରେ ଶ୍ରୀସୀତାରାମଙ୍କୁ ଦର୍ଶନ କରି କୃତକୃତ୍ୟ ହୋଇଗଲେ ଏବଂ ରାଣୀଙ୍କ ଭକ୍ତିକୁ ପ୍ରଶଂସା କରିବା ଭଳି ଶବ୍ଦ ପାଇପାରୁ ନ ଥିଲେ ।

ଶ୍ରୀରାମଙ୍କ ଆଜ୍ଞାନୁସାରେ ନିର୍ଦିଷ୍ଟ ନକ୍ଷତ୍ରରେ ଗୋଟିଏ ଉତ୍ତମ ସବାରି ସଜ୍ଜିତ କରାଇ ସେଥିରେ ଶ୍ରୀସୀତାରାମଙ୍କ ବିଗ୍ରହ ବିରାଜମାନ କରାଇ ରାଜା, ରାଣୀ, ମନ୍ତ୍ରୀ, ସମସ୍ତ ପରିକର ଏବଂ ପଣ୍ଡିତମଣ୍ଡଳୀଙ୍କ ସହିତ ବହୁ ସମାରୋହରେ ଯାତ୍ରାକଲେ । ରାସ୍ତାରେ ବହୁତ ସମୟ ବ୍ୟତୀତ ହୋଇଗଲା । ଓରଛା ରାଜ୍ୟର ରାଜଧାନୀର ଖୁବ୍ ଅଳ୍ପ ଦୂରରେ ଶ୍ରୀ ବିଗ୍ରହଙ୍କ ସବାରି ଆଉ ଚାଲିଲା ନାହିଁ । ପଣ୍ଡିତମାନେ ପଞ୍ଜିକା ଦେଖି କହିଲେ, ''ଭଗବାନଙ୍କ ନିର୍ଦେଶିତ ନକ୍ଷତ୍ର ସମାପ୍ତ ହୋଇଯାଇଛି ।'' ଠାକୁରଙ୍କ ବିଗ୍ରହ ସେହିଠାରେ ରହିଲେ ଏବଂ ବିଶାଳ ମନ୍ଦିର ତୟାର କରାହେଲା । ଠାକୁରଙ୍କ ସେବାପୂଜା ରାଣୀ ସ୍ୱୟଂ କଲେ । ରାଣୀଙ୍କ ବୃଦ୍ଧାବସ୍ଥା ହୋଇଗଲା । ଦିନେ ଶ୍ରୀରାମଚନ୍ଦ୍ରଙ୍କ ବିଗ୍ରହ ରାଣୀଙ୍କୁ କହିଲେ, ''ତୋର ବୃଦ୍ଧାବସ୍ଥା ହୋଇଗଲାଣି । ବସିକରି ପୂଜାକର ।'' ରାଣୀ କହିଲେ, ''ତୁମେ ଛିଡ଼ାହୋଇଛ, ମୁଁ ବସିବି କିପରି ?'' ଶ୍ରୀରାମଙ୍କ ବିଗ୍ରହ କହିଲେ, ''ଆଚ୍ଛା, ମୁଁ ବସିଯାଉଛି ।'' ଛିଡ଼ାହୋଇଥିବା ବିଗ୍ରହ ବସିଗଲେ । ଏହା ଏକେବାରେ ସତ୍ୟ ଘଟନା । ସେସମୟରେ ହଜାର ହଜାର ଲକ୍ଷ ଲକ୍ଷ ଲୋକ ଏହି ପ୍ରତ୍ୟକ୍ଷ ଘଟନାର ସାକ୍ଷୀ । ଶ୍ରୀ ନାଭାଜି ନିଜ ଭକ୍ତମାଳାରେ ମଧ୍ୟ ଏହି ଘଟନା ଲେଖିଛନ୍ତି । ସେହି ରାଜବଂଶର ଅଯୋଧ୍ୟାର ସର୍ବଶ୍ରେଷ୍ଠ ସୀତାରାମଙ୍କ କନକଭବନ ମନ୍ଦିର ଆଜି ବି ବିଦ୍ୟମାନ ଅଛି । ଆଜି ବି ତା'ର ବ୍ୟବସ୍ଥା ରାଜାଙ୍କ ବଂଶଜ କରୁଛନ୍ତି । ମହାଭାରତ ଯୁଗର ଯୁଧିଷ୍ଠିରଙ୍କ ସମୟରୁ ଏବଂ ତା' ପୂର୍ବରୁ କନକଭବନ ମନ୍ଦିର ଥିଲା । ତାହା କାଳକ୍ରମେ ଜୀର୍ଣ୍ଣ ହୋଇଯାଇଥିଲା । ଜୀର୍ଣ୍ଣ ମନ୍ଦିରର ଉଦ୍ଧାର କରିଥିଲେ ରାଜା ବିକ୍ରମାଦିତ୍ୟ । ତା'ପରେ ମନ୍ଦିର ଭୂମିସାତ୍ ହୋଇ ପଡ଼ିଥିଲା । ପୁନର୍ନିର୍ମାଣ କଲେ ଟିକମଗଡ଼ ଓରଛା ରାଜା ଏବଂ ରାଣୀ । ସେହି ବିଶାଳ ମନ୍ଦିର କନକଭବନ ନାମରେ ଆଜି ବି ଅଯୋଧ୍ୟାରେ ଶୋଭାପାଉଛି ।

ବ୍ୟାସଦାସଜିଙ୍କ ଚରିତ୍ର ମଧ୍ୟରେ ରାଜା ମଧୁକରସା'ଙ୍କ ବଂଶସ୍ଥ ରାଣୀଙ୍କ ଚରିତ୍ରର ଗୋଟିଏ ଘଟନା ବର୍ଣ୍ଣନା କରାଗଲା । ଏହି ଘଟନାଟି ପଢ଼ିବାରେ ପାଠକମାନଙ୍କର ଆଗ୍ରହ ହେବ ଏବଂ ଭଗବାନଙ୍କ ପ୍ରତି ବିଶ୍ୱାସ ଦୃଢ଼ୀଭୂତ ହେବ । ଏହି କାରଣରୁ ଏହି ଘଟନାଟି ଏଠାରେ ଆଲୋଚନା କରାଗଲା । ଏବେ ଆମେ ଛାଡ଼ିଥିବା ଶ୍ରୀ ବ୍ୟାସଦାସଜିଙ୍କ ଚରିତ୍ରକୁ ଆସିବା । ସନ୍ଥମାନେ ଉଚ୍ଚକୋଟୀର ମହାତ୍ମାଙ୍କ ସମୀପରେ ରହି ସାଧନ-ଭଜନ କରିବା ପସନ୍ଦ କରନ୍ତି । ଭଗବାନଙ୍କ ପ୍ରସ୍ତର, ଧାତୁବିଗ୍ରହର ସେବା-ପୂଜା ଭକ୍ତ-ସନ୍ଥଙ୍କ ସକାଶେ ଭକ୍ତିର ପ୍ରଧାନ ଅଙ୍ଗ । ବ୍ୟାସଦାସଙ୍କ କୁଟିରରେ ଭଗବାନଙ୍କ ଆର୍ଚା ବିଗ୍ରହ ପୂଜା-ସେବା ହେଉଥିଲା । ସନ୍ଥମାନେ ଆସି ନିବାସ କରିବାରୁ ସନ୍ଥସେବା ହେବାକୁ ଆରମ୍ଭ ହେଲା । ଶ୍ରୀ ବ୍ୟାସଦାସଜି ମହାରାଜ ତିଳକ ଏବଂ ତୁଳସୀମାଳା ଧାରଣ କରିଥିବା ସନ୍ଥମାନଙ୍କୁ ଭଗବତ୍‌ସ୍ୱରୂପ ରୂପେ ସମ୍ମାନ ତଥା ସେବା କରୁଥିଲେ । ଶ୍ରୀ ବ୍ୟାସଦାସଜି ମହାରାଜ ସନ୍ଥମାନଙ୍କ ସହିତ, ଭଗବାନଙ୍କ ସହିତ ଭଗବତ୍ ସେବା-ପୂଜା, ସାଧନ-ଭଜନରେ ବୁଡ଼ି ରହୁଥିଲେ ।

ଓରଛାର ମହାରାଜ ବ୍ୟାସଦାସଜିଙ୍କୁ ବୃନ୍ଦାବନରୁ ଫେରାଇ ନେଇଯିବା ପାଇଁ ରାଜପରିବାର ତଥା ବ୍ୟାସଦାସଜିଙ୍କ ପରିବାର ଦୃଢ଼ ଆଶା ପୋଷଣ କରି ଚାତକ ସଦୃଶ ଚାହିଁ ରହିଥିଲେ । ରାଜା ଶିଷ୍ୟତ୍ୱ ଗ୍ରହଣ କରି ଫେରିଯିବା ଖବର ପାଇ ସମସ୍ତଙ୍କୁ ବିଶେଷ ଦୁଃଖ ହେଲା । କିନ୍ତୁ ତାଙ୍କର ଧର୍ମପତ୍ନୀଙ୍କ ମସ୍ତକରେ ବଜ୍ର ପଡ଼ିବା ସଦୃଶ ଅନୁଭବ କରି ଶୋକରେ ବୁଡ଼ିଗଲେ । ଏହିପରି କିଛି ଦିନ ବ୍ୟତୀତ ହେବା ପରେ ସେ ବୃନ୍ଦାବନରେ ସନ୍ନ୍ୟାସୀ ପତିଙ୍କ ସେବାରେ ନିଜ ଜୀବନକୁ ନିୟୋଜିତ କରିବା ଉଦ୍ଦେଶ୍ୟରେ ନିଜର ଆତ୍ମୀୟମାନଙ୍କ ସହିତ ଓରଛାରୁ ବୃନ୍ଦାବନ ଆସି ଶ୍ରୀ ବ୍ୟାସଦାସଜିଙ୍କ

କୁଟିରରେ ପହଞ୍ଚିଲେ । ସଚ୍ଚମାନେ ଶ୍ରୀ ବ୍ୟାସଦାସଜିଙ୍କୁ ବହୁତ ଆଗ୍ରହ କରିବାରୁ ଭଗବାନଙ୍କ ସେବା ତଥା ସଚ୍ଚମାନଙ୍କ ସେବା ସକାଶେ ଶ୍ରୀ ବ୍ୟାସଦାସଜି ତାଙ୍କ ଧର୍ମପତ୍ନୀଙ୍କୁ ନିଜ କୁଟିରରେ ରହିବାକୁ ଅନୁମତି ଦେଲେ ଏବଂ ସେ ଅତ୍ୟନ୍ତ ଉତ୍ସାହରେ ନିଜର ଅଳଙ୍କାର ଉତାରି ରଖିଦେଇ ସନ୍ନ୍ୟାସିନୀ ବେଶରେ ଭଗବତ୍ ସଚ୍ଚସେବାରେ ଲାଗି ପଡ଼ିଲେ ।

ଯେଉଁ ବ୍ୟକ୍ତିଙ୍କ ମଧ୍ୟରେ ଭଗବତ୍ ଭକ୍ତି ପ୍ରବଳ ଥାଏ ସେ ଭଗବତ୍ ପ୍ରତିମା ତଥା ରାମଲୀଳାରେ ଶ୍ରୀରାମ, ଶ୍ରୀସୀତା ଏବଂ ରାସଲୀଳାରେ ଶ୍ରୀକୃଷ୍ଣ ଶ୍ରୀରାଧା ରୂପ ଧାରଣ କରିଥିବା ପିଲାମାନଙ୍କୁ ଦେଖିବା ସମୟରେ ସାକ୍ଷାତ୍ ଇଷ୍ଟଦେବରୂପେ ତାଙ୍କ ଭାବ ଉଦ୍ରେକ ହୁଏ । ଶ୍ରୀ ବ୍ୟାସଦାସଜିଙ୍କ ମଧ୍ୟରେ ଭଗବତ୍ ଭକ୍ତି ପ୍ରବଳ ଥିଲା ।

ଦିନେ ରାସନୃତ୍ୟ ହେଉଥାଏ । ବୃନ୍ଦାବନର ସଚ୍ଚ, ମହନ୍ତ, ମହାତ୍ମା ତଥା ଅନ୍ୟାନ୍ୟ ଭକ୍ତ-ଦର୍ଶକ ବସିଥାଆନ୍ତି । ଶ୍ରୀରାଧା ବିଗ୍ରହ ତନ୍ମୟ ହୋଇ ନୃତ୍ୟ କରିବା ସମୟରେ ତାଙ୍କ ଗୋଡ଼ରୁ ଘୁଙ୍ଗୁର ଛିଡ଼ିଗଲା । ନୃତ୍ୟରସରେ ବ୍ୟାଘାତ ହେବା ଦେଖି ସେ ନିଜେ ଧାରଣ କରିଥିବା ଯଜ୍ଞୋପବୀତ ଉତାରି ଶ୍ରୀୟାଦେବୀଙ୍କ ନୂପୁରଗୁଚ୍ଛି ତାଙ୍କ ଚରଣରେ ବାନ୍ଧିଦେଲେ । ସେତେବେଳେ ସଚ୍ଚ-ସମାଜରେ କଣ୍ଠିତିଳକ ତଥା ଶିଖାସୂତ୍ର ତ୍ୟାଗ କରିବା ସମ୍ପ୍ରଦାୟ ବିରୁଦ୍ଧ କାର୍ଯ୍ୟ ଥିଲା । କିନ୍ତୁ ସେ ଭକ୍ତିରେ ବିଭୋର ହୋଇ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ପରବାୟ କରି ନ ଥିଲେ ।

ଶ୍ରୀ ବ୍ୟାସଦାସଜିଙ୍କର ଭଗବାନଙ୍କ ପ୍ରତ୍ୟେକ ସେବାରେ ଅସାଧାରଣ ନିଷ୍ଠା ଥିଲା । ସେ ସ୍ୱୟଂ ଠାକୁରଙ୍କୁ ସେବା-ପୂଜା କରୁଥିଲେ । ଦିନେ ଠାକୁରଙ୍କୁ ସ୍ନାନ କରାଇ ବସ୍ତ୍ରଭୂଷଣ ପରିଧାନ କରାଇ ମସ୍ତକରେ ଜରିର ଗୋଟିଏ ପାଗ ବାନ୍ଧୁ ଥିଲେ । ବହୁତ ସମୟ ବ୍ୟତୀତ ହୋଇଗଲା । କିନ୍ତୁ ପାଗ ବାନ୍ଧିପାରିଲେ ନାହିଁ । ଜରିର ପାଗ ଥିବାରୁ ବାନ୍ଧିବା ସମୟରେ ଖସି ଯାଉଥାଏ । ଅନ୍ୟାନ୍ୟ ସେବାରେ ବିଳମ୍ବ ହେବାକୁ ଲାଗିଲା । ସେ ବ୍ୟଙ୍ଗରେ ଠାକୁରଜିଙ୍କୁ କହିଲେ, ''ମୋ ପାଗ ବାନ୍ଧିବା ଯଦି ପସନ୍ଦ ନ ହେଉଛି ନିଜେ ବାନ୍ଧି ନିଅ ।'' ଏହା କହି ଚାଲିଗଲେ । କିଛି ସମୟ ପରେ ଆସି ଦେଖିଲେ ଠାକୁରଙ୍କ ମସ୍ତକରେ ସୁନ୍ଦର ଭାବେ ସେହି ଜରିପାଗ ବନ୍ଧା ହୋଇଛି । ସେ କହିଲେ, ''ତୁମେ ଯଦି ଏତେ ସୁନ୍ଦର ପାଗ ବାନ୍ଧିପାର, ମୋ ପାଗବନ୍ଧାକୁ କାହିଁକି ପସନ୍ଦ କରିବ ?''

ଶ୍ରୀ ବ୍ୟାସଦାସଜି ସମସ୍ତ ସଚ୍ଚମାନଙ୍କ ସଙ୍ଗେ ବସି ପ୍ରସାଦ ସେବନ କରନ୍ତି । ତାଙ୍କ ଧର୍ମପତ୍ନୀ ପରିବେଷଣ କରନ୍ତି । ଦିନେ ଦୁଧ ପରଶିବା ସମୟରେ ବ୍ୟାସଦାସଜି ମହାରାଜଙ୍କ ପାତ୍ରରେ ଦୁଧ ସହିତ ସର ପଡ଼ିଗଲା । ସେ ଜାଣିକରି ନିଜ ପତି ପ୍ରତି ଅଧିକ ଭାବରଖି ଦୁଧ ସହିତ ସର ପକାଇ ଦେଇଥିବା ଧାରଣା କରି ବ୍ୟାସଦାସଜି ଅତ୍ୟନ୍ତ ଅସନ୍ତୁଷ୍ଟ ହୋଇ ତାଙ୍କ ପରଶିବା ସେବାରୁ ବଞ୍ଚିତ କରିଦେଲେ । ସେବାରୁ ବଞ୍ଚିତା ହେବା ଦୁଃଖରେ ତାଙ୍କ ପତ୍ନୀ ତିନିଦିନ ଭୋଜନ ନ କରିବାରୁ ତାଙ୍କ ଶରୀର କୃଶ ହୋଇଗଲା । ଅନ୍ୟ ସଚ୍ଚମାନେ ବହୁତ କହିବାରୁ ବ୍ୟାସଦାସଜି କହିଲେ, ''ଯଦି ତା'ର ସମସ୍ତ ଅଳଙ୍କାର ବିକ୍ରିକରି ସଚ୍ଚଙ୍କ ସେବାରେ ଲଗାଇ ଦେବ ତେବେ ତାକୁ ପୁନରାୟ ସେବାକରିବାକୁ ଦିଆଯିବ ।'' ତାଙ୍କ ପତ୍ନୀ ସହର୍ଷରେ ସମସ୍ତ ଅଳଙ୍କାର ବିକ୍ରିକରି ସଚ୍ଚଙ୍କ ସେବାରେ ଲଗାଇଦେଲେ ଏବଂ ସେହି ଦିନଠାରୁ ସେ ଆନ୍ତର ନିଷ୍ଠା ସହିତ ସମଭାବରେ ସଚ୍ଚ-ସେବା କଲେ । ସଚ୍ଚ ବ୍ୟାସଦାସଜିଙ୍କର ଭଗବାନ୍ ଶ୍ରୀକୃଷ୍ଣ ଏବଂ ଅହ୍ଲାଦିନୀ ଶକ୍ତି ଶ୍ରୀରାଧାଙ୍କ ପ୍ରତି ଅନନ୍ୟ ନିଷ୍ଠା ଥିଲା । ସେ ଭଗବତ୍ ବିଗ୍ରହ (ପ୍ରତିମା) ତଥା ରାସରେ ଲୀଳା କରିବା ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ଲୀଳା ବିଗ୍ରହରେ ସାକ୍ଷାତ୍ ଶ୍ରୀରାଧା ଶ୍ରୀକୃଷ୍ଣଙ୍କୁ ଉପଲବ୍ଧି କରୁଥିଲେ । ସଚ୍ଚମାନଙ୍କ ପ୍ରତି ତାଙ୍କର ଅସାଧାରଣ ନିଷ୍ଠା ଥିଲା । ଶରୀର ଥିବା ପର୍ଯ୍ୟନ୍ତ ସେ ବୃନ୍ଦାବନରେ ବାସ କଲେ । ସେ ଭଗବତ୍ ଭକ୍ତିପ୍ରେମ-ରସରେ ବୁଡ଼ି ରହୁଥିଲେ । ଶରୀର ତ୍ୟାଗକରି ଶ୍ରୀକୃଷ୍ଣଙ୍କ ନିତ୍ୟ ଗୋଲୋକରେ ଯୁଗଳ ସରକାରଙ୍କ ସେବା ପ୍ରାପ୍ତ ହେଲେ । ଶ୍ରୀ ନାଭାଜିଙ୍କ ଲିଖିତ ଭକ୍ତମାଳାରେ ଥିବା ଶ୍ରୀ ବ୍ୟାସଦାସଜି ମହାରାଜଙ୍କ ଚରିତ୍ରରୁ ପାଠକମାନଙ୍କ ସକାଶେ ଏଠାରେ କେତୋଟି ଘଟନା ମାତ୍ର ଆଲୋଚନା କରାଗଲା ।

ବୋଲ ଭକ୍ତ ଏବଂ ଭଗବାନଙ୍କ ଜୟ ।

ଜସୂସ୍ୱାମୀଜି

ଜସୂ ସ୍ୱାମୀ କେ ବୃଷଭ ଚୋରି ବ୍ରଜବାସୀ ଲ୍ୟାଏ ।
ତୈସେଇ ଦିଏ ଶ୍ୟାମ ବରଷ ଦିନ ଖେତ ଜୁତାଏ ॥
– ନାଭାଜିଙ୍କ ଭକ୍ତମାଳ (ଛପୟ) ୫୪

''ଜସୂସ୍ୱାମୀଜିଙ୍କ ବଳଦ ବ୍ରଜବାସୀ ଚୋର ଚୋରି କରି ନେଇଥିଲେ । କିନ୍ତୁ ତାଙ୍କ ଚାଷ କାର୍ଯ୍ୟରେ ଅସୁବିଧା ନ ହେବା ସକାଶେ ଶ୍ୟାମସୁନ୍ଦରଙ୍କ କୃପାରୁ ପୂର୍ବ ବଳଦ ସ୍ଥାନରେ ଅବିକଳ ସେହିପରି ଦୁଇଟି ବଳଦ ବନ୍ଧା ହୋଇ ରହିଲେ । ଜସୂସ୍ୱାମୀ ନିଜର ବଳଦ ଚୋରି ହେବା ବୁଝିପାରିଲେ ନାହିଁ । ବର୍ଷେ ପର୍ଯ୍ୟନ୍ତ ଶ୍ରୀକୃଷ୍ଣଙ୍କ ଦତ୍ତ ବଳଦ ଦ୍ୱାରା ଚାଷ କରୁଥିଲେ ।''

ଭଗବାନଙ୍କ ସହିତ ଭକ୍ତର କି ସଂପର୍କ, ଭଗବାନ୍ ଭକ୍ତ ସକାଶେ କ'ଣ କରନ୍ତି ତାହା ଭକ୍ତର ବାହ୍ୟ କର୍ମ ବାହ୍ୟ ଆଚରଣରୁ ଆମ୍ଭେମାନେ ବାହ୍ୟ ଦୃଷ୍ଟିରେ ଦେଖିପାରିବା ନାହିଁ କିଂବା ମନରେ ବୁଝିପାରିବା ନାହିଁ । ଯିଏ ନିଜକୁ ଭଗବାନଙ୍କ ଚରଣରେ ସମର୍ପଣ କରିଦିଅନ୍ତି, ଛୋଟ ଶିଶୁ ମା' ଉପରେ ନିର୍ଭରଶୀଳ ହେବା ସଦୃଶ ତାଙ୍କ ଉପରେ ଭରସା ରଖନ୍ତି, ତାଙ୍କୁ ଭଗବାନ୍ ସର୍ବଦା ରକ୍ଷା କରୁ ଥାଆନ୍ତି । କୌଣସି ବିପଦ ଭକ୍ତର ଜ୍ଞାତ ସାରରେ ବା ଅଜ୍ଞାତସାରରେ ଆସିଲେ ତାହା ଦୂର କରନ୍ତି । ଏହିପରି ଉଦାହରଣ ଆମ୍ଭେମାନେ ପଢୁଥାଇ, ଶୁଣୁଥାଇ ଏବଂ ଦେଖୁଥାଇ । କିନ୍ତୁ ଆମ୍ଭେମାନେ ମୋହଅଜ୍ଞାନ ଅନ୍ଧକାରରେ ପଡ଼ିଥିବାରୁ ସର୍ବସମର୍ଥ ଦୟା, କରୁଣା, ଜ୍ଞାନ, ଆନନ୍ଦସ୍ୱରୂପ ଭକ୍ତବତ୍ସଳ ଭଗବାନଙ୍କୁ ଛାଡ଼ି ଜାଗତିକ ବସ୍ତୁରେ ଅଭିଳଷିତ ସୁଖସୁବିଧା ଖୋଜୁଥାଇଁ ଏବଂ ସେଥିପାଇଁ ମୃଗତୃଷ୍ଣାରେ ସର୍ବଦା ଜଳର ଅଭାବ ସଦୃଶ ଦୁଃଖ-ଦ୍ୱନ୍ଦ୍ୱ ଭୋଗ କରୁଥାଇଁ । ଯେଉଁମାନେ ବହୁତ ଭାଗ୍ୟବାନ୍, ଯେଉଁମାନେ ଭଗବାନଙ୍କ ଆଶ୍ରୟ ନିଅନ୍ତି, ସେମାନେ କିପରି ସୁଖ ଶାନ୍ତି, ଆନନ୍ଦ ନିର୍ଦ୍ୱନ୍ଦ୍ୱରେ ରହନ୍ତି ଆଜି ସେହିପରି ଭକ୍ତ ଜସୂସ୍ୱାମୀଙ୍କ ଚରିତ ବିଷୟରେ ଆଲୋଚନା କରିବା ।

ଶ୍ରୀ ଜସୂସ୍ୱାମୀଙ୍କ ଚରିତ ଶ୍ରୀ ନାଭାଜିଙ୍କ 'ଭକ୍ତମାଳ'ରେ ବର୍ଣ୍ଣିତ ହୋଇଛି । ଉତ୍ତର ପ୍ରଦେଶରେ ଗଙ୍ଗା ଏବଂ ଯମୁନା ନଦୀର ମଧ୍ୟଭୂମିରେ ଶ୍ରୀ ଜସୂସ୍ୱାମିଜି ଗୋଟିଏ ଆଶ୍ରମରେ ନିବାସ କରୁଥିଲେ । ସେ ଥିଲେ ତ୍ୟାଗୀ ସନ୍ଥ । ସନ୍ଥମାନଙ୍କର ଜାତି, ଗୋତ୍ର, ଜନ୍ମସ୍ଥାନର ପରିଚୟ ଦିଆହୁଏ ନାହିଁ । ଗାର୍ହସ୍ଥ୍ୟାଶ୍ରମ ପରିତ୍ୟାଗ କରି ସନ୍ନ୍ୟାସାଶ୍ରମରେ ପ୍ରବେଶ କଲେ ଶାସ୍ତ୍ର ଅନୁସାରେ ବୈରାଗୀ ସାଧୁମାନଙ୍କର ନୂତନ ଜନ୍ମ ମାନ୍ୟ ହୁଏ । ସେ ସକାଶେ ପୂର୍ବାଶ୍ରମ ପରିଚୟ ଆବଶ୍ୟକ ହୁଏ ନାହିଁ ।

ସମସ୍ତ ସନ୍ଥଭକ୍ତ ଯଦ୍ୟପି ଭଗବାନଙ୍କୁ ଭକ୍ତି କରନ୍ତି, ସମସ୍ତଙ୍କର ଲକ୍ଷ୍ୟ ଏକ ଥାଏ, ତଥାପି ପ୍ରତ୍ୟେକଙ୍କର ସାଧନା-ପ୍ରଣାଳୀ ଭିନ୍ନ । ଯେପରି ଗଛର ପତ୍ର, ସଂସାରର ସମସ୍ତ ପ୍ରାଣୀ ଅବିକଳ ଏକ ସଦୃଶ ଅନ୍ୟ ନ ଥାଏ, ଠିକ୍ ସେହିପରି ସନ୍ଥଭକ୍ତମାନଙ୍କର ଭଗବତ୍‌ପ୍ରାପ୍ତିର ମାର୍ଗ ଏକର ଅନ୍ୟ ସଦୃଶ ନ ଥାଏ । ପ୍ରତ୍ୟେକ ମନୁଷ୍ୟର ସ୍ୱଭାବ ଯେପରି ଭିନ୍ନ, ଭଗବତ୍ ପ୍ରାପ୍ତିର ମାର୍ଗ ମଧ୍ୟ ସେହିପରି ସ୍ୱତନ୍ତ୍ର । ଏହି ନ୍ୟାୟରେ ଶ୍ରୀ ଜସୂସ୍ୱାମୀଙ୍କର ଲକ୍ଷ୍ୟପ୍ରାପ୍ତିର ମାର୍ଗ ଅନ୍ୟାନ୍ୟ ସାଧୁସନ୍ଥମାନଙ୍କଠାରୁ ସଂପୂର୍ଣ୍ଣ ଭିନ୍ନ ଥିଲା । ସେ ଦିନରାତି ଧ୍ୟାନସ୍ଥ ହୋଇ ଆଖି ବନ୍ଦକରି ବସି ରହୁ ନ ଥିଲେ କିଂବା ପଦ୍ମାସନ ସିଦ୍ଧାସନରେ ବସି ମାଳାଜପ କରୁ ନ ଥିଲେ । ସେ ଆଶ୍ରମରେ ଶ୍ରୀଭଗବାନଙ୍କ ବିଗ୍ରହ ପ୍ରତିଷ୍ଠା କରି ସେବାପୂଜା କରୁଥିଲେ ଏବଂ ସନ୍ଥଭକ୍ତମାନଙ୍କ ସେବା କରୁଥିଲେ । ଠାକୁରଙ୍କ ନାମରେ କିଛି ଜମି ଥିଲା । ସେ ହଳେ ବଳଦ ରଖି ଚାଷ କରୁଥିଲେ । ସେଥିରୁ ଆମଦାନୀ ଶସ୍ୟ ଦ୍ୱାରା ସାଧୁସନ୍ଥମାନଙ୍କ ସେବା କରୁଥିଲେ । ତାଙ୍କର ଭଗବାନଙ୍କ ଉପରେ ଯେପରି ଦୃଢ଼ ବିଶ୍ୱାସ-ଭରସା ଥିଲା ସେହିପରି ସନ୍ଥମାନଙ୍କ ସେବାରେ ନିଷ୍ଠା ଥିଲା ।

ଯେଉଁଠାରେ ଆନ୍ତରିକ ପ୍ରେମ-ଭକ୍ତିରେ ସଚ୍ଚସେବା ହୁଏ ସେଠାକୁ ପୁଷ୍ପର ସୁଗନ୍ଧିରେ ଭ୍ରମର ଆକର୍ଷିତ ହୋଇ ଆସିବା ସଦୃଶ ସଚ୍ଚମାନେ ଆସନ୍ତି । ଜସୂଜିଙ୍କ ସଚ୍ଚସେବାର ପ୍ରଖ୍ୟାତି ଶୁଣି ସଚ୍ଚମାନେ ଆସିବାକୁ ଲାଗିଲେ । ସଚ୍ଚମାନଙ୍କ ଦର୍ଶନ ପାଇ ଜସୂଜି ବଡ଼ ଆନନ୍ଦିତ ହୋଇ ଆନ୍ତରିକ ନିଷ୍କପଟ ପ୍ରେମ ସହିତ ସଚ୍ଚମାନଙ୍କ ସେବା କରୁଥିଲେ । ଭଗବତ୍ ତଥା ସଚ୍ଚସେବାରେ ତାଙ୍କୁ ଅତ୍ୟନ୍ତ ଆନନ୍ଦ ମିଳୁଥିଲା । ଯେତେ ସଂଖ୍ୟାରେ ସଚ୍ଚ ତାଙ୍କ ଆଶ୍ରମକୁ ଆସୁଥିଲେ ସେମାନଙ୍କ ଭୋଜନ ଏବଂ ଅନ୍ୟାନ୍ୟ ଆବଶ୍ୟକ ବସ୍ତୁ ସେ ଯୋଗାଉ ଥିଲେ । କିନ୍ତୁ କେବେ ବସ୍ତୁର ଅଭାବ ହେଉ ନ ଥିଲା । ଏହା ଥିଲା ଭଗବାନଙ୍କ କୃପା ଏବଂ ସଚ୍ଚସେବାର ମହତ୍ତ୍ୱ ।

ଆଶ୍ରମ ଏବଂ ଆଶ୍ରମ ବସ୍ତୁ ତାଙ୍କର ବୋଲି ସେ କେବେ ଭାବୁ ନ ଥିଲେ । ତାଙ୍କ ଚେତନାରେ ବି ଏ ଧାରଣା ନ ଥିଲା । ସେ ସ୍ପଷ୍ଟ ଭାବେ ଅନୁଭବ କରୁଥିଲେ — ସେ ନିଜେ ଏବଂ ସମସ୍ତ ବସ୍ତୁ ଭଗବାନଙ୍କର । ସେ କେବଳ ଭଗବାନଙ୍କ ସେବକ ।

ପ୍ରତିଦିନ କାର୍ଯ୍ୟକ୍ରମ ଅନୁସାରେ ଜସୂଜି ଦିନେ ରାତିରେ ପ୍ରସାଦସେବନ କାର୍ଯ୍ୟ ଶେଷ କରି, ଭଗବାନଙ୍କ ବିଗ୍ରହକୁ ଶୟନ କରାଇ, ନିଜେ ଭଗବତ୍ ସ୍ମରଣ କରୁକରୁ ନିଦ୍ରିତ ହୋଇଗଲେ । ସେହି ଅବସରରେ କେତେକ ବ୍ରଜବାସୀ ଚୋର ଆସି ତାଙ୍କ ଗୋଶାଳାରୁ ଚାଷ କରୁଥିବା ଦୁଇଟି ବଳଦକୁ ଚୋରି କରି ନେଇଗଲେ । ଜସୂସ୍ୱାମୀ ଭଗବାନଙ୍କ ଉପରେ ପୂର୍ଣ୍ଣ ନିର୍ଭରଶୀଳ ଥିଲେ । ସେଥି ସକାଶେ ଜସୂଜିଙ୍କୁ ସବୁସମୟରେ ରକ୍ଷାକରିବା ଭବାନଙ୍କର କାମ ଥିଲା । ସେଦିନ ବି ଭଗବାନ୍ ଜସୂଜିଙ୍କର ଅସୁବିଧା ହେବାକୁ ଦେଲେ ନାହିଁ । ଚୋରି ଯାଇଥିବା ବଳଦଙ୍କ ସ୍ଥାନରେ ଅବିକଳ ସେହିପରି ଦୁଇଟି ବଳଦ ଭଗବାନଙ୍କ କୃପାରୁ ବନ୍ଧାହୋଇ ରହିଲେ । ଏବଂ ପୂର୍ବପରି ବର୍ଷେ ପର୍ଯ୍ୟନ୍ତ ଚାଷକାର୍ଯ୍ୟ କରୁଥିଲେ । ଏହି ରହସ୍ୟ ଜସୂଜି ଯଦ୍ୟପି ଜାଣି ନ ଥିଲେ ତଥାପି ସ୍ୱତଃସ୍ଫୂର୍ତ୍ତଭାବେ ଭଗବତ୍ କୃପାପ୍ରାପ୍ତ ବଳଦଙ୍କର ଯତ୍ନ ଅଧିକ ସ୍ନେହର ସହିତ ସେ କରୁଥିଲେ ।

ଏହିପରି ଗୋଟିଏ ବର୍ଷ ବ୍ୟତୀତ ହେବା ପରେ ଚୋରମାନେ ଦିନେ ହାଟକୁ ଯାଇଥିଲେ । ସେଠାରେ ଗୋରୁ ବିକ୍ରି ହୁଅନ୍ତି । ସେମାନେ ଦେଖିଲେ ଚୋରିକରି ଆଣିଥିବା ବଳଦ ଯୋଡ଼ିଙ୍କୁ । ସେମାନେ ଆସିବା ସମୟରେ ଘରେ ବଳଦ ଦେଖି ଆସିଥିଲେ । ଏତେ ଶୀଘ୍ର କିଏ କିପରି ଆଣିଲା ? ଏହି ଦ୍ୱନ୍ଦ୍ୱ ସେମାନଙ୍କ ମନରେ ଆସିଲା । କିନ୍ତୁ ନିଜେ ଧରାପଡ଼ିଯିବା ଭୟରେ କାହାକୁ ପଚାରି ପାରୁ ନ ଥିଲେ । କିଛିକ୍ଷଣ ଦ୍ୱନ୍ଦ୍ୱରେ ପଡ଼ି ବଳଦ ଦେଖିବା ସକାଶେ ଘରକୁ ଗଲେ ଏବଂ ଘରେ ଯେଉଁ ସ୍ଥାନରେ ବଳଦ ବନ୍ଧା ହୋଇଥିଲେ ଠିକ୍ ସେହି ସ୍ଥାନରେ ବନ୍ଧା ହୋଇଥିବା ଦେଖି ଆସିଲେ । ଏହିପରି ଦୁଇ ତିନି ଥର ଯିବା ଆସିବା କରି ଦୁଇ ସ୍ଥାନରେ ବଳଦ ଦେଖି ସେମାନେ ଆଶ୍ଚର୍ଯ୍ୟରେ ବୁଡ଼ିଗଲେ । ଅତ୍ୟନ୍ତ ଦ୍ୱନ୍ଦ୍ୱ ଯୋଗୁଁ ସେମାନେ ବ୍ୟତିବ୍ୟସ୍ତ ହୋଇପଡ଼ିଲେ । ବୁଦ୍ଧି ବିଚାର ନିସ୍ତେଜ ହୋଇଗଲା । ଯନ୍ତ୍ରବତ୍ ଅନ୍ୟ କେଉଁ ଶକ୍ତିର ପ୍ରେରଣାରେ ବଳଦର ତଥ୍ୟ ଜାଣିବା ସକାଶେ ଜସୂସ୍ୱାମୀଙ୍କ ଆଶ୍ରମକୁ ଆସିଲେ ଏବଂ ଅସ୍ତବ୍ୟସ୍ତଭାବେ ପଚାରିଲେ, ''ସ୍ୱାମୀଜି, ଆପଣଙ୍କ ବଳଦ ହାଟକୁ ପଠାଇଛନ୍ତି କି ?'' ସ୍ୱାମୀଜି ଉତ୍ତର ଦେଲେ 'ନାହିଁ' । ଆଚ୍ଛା, ''ଆପଣଙ୍କ ବଳଦ ଚୋରି ହୋଇଛି ?'' ଚୋରମାନେ ପଚାରିଲେ । ସ୍ୱାମୀଜି ଉତ୍ତର ଦେଲେ, ''ନାହିଁ, ଆମ ବଳଦ ଏହିଠାରେ ଅଛନ୍ତି ଏବଂ ଚାଷକାର୍ଯ୍ୟ କରୁଛନ୍ତି । କେବେ ବି ଚୋରିଯାଇ ନାହାନ୍ତି ।'' ''କ'ଣ ଆପଣ ସେ ବଳଦଙ୍କୁ ଆମକୁ ଦେଖାଇ ପାରିବେ ?'' ଚୋରମାନେ ପ୍ରଶ୍ନ କଲେ । ସ୍ୱାମୀଜି ଚୋରମାନଙ୍କୁ ନେଇ ନିଜ ବଳଦଙ୍କୁ ଦେଖାଇଦେଲେ । ବଳଦ ଦେଖିବା ମାତ୍ରେ ସେମାନଙ୍କ ହୋସ୍ ଉଡ଼ିଗଲା । ତିନି ସ୍ଥାନରେ ଏକହି ପ୍ରକାର ବଳଦ ! ବର୍ଣ୍ଣ, ଚିହ୍ନ, ରୂପରେ ଟିକିଏ ମାତ୍ର ପାର୍ଥକ୍ୟ ନାହିଁ ! କି ଆଶ୍ଚର୍ଯ୍ୟ ! ସେମାନେ ହକା ବକା ହୋଇ ବଳଦଙ୍କୁ ଏବଂ ସ୍ୱାମୀଜିଙ୍କୁ ଦେଖୁଥାଆନ୍ତି କିନ୍ତୁ କିଛି କହିପାରୁ ନ ଥା'ନ୍ତି । ସେମାନଙ୍କ ଅସ୍ୱାଭାବିକ ଅବସ୍ଥା ଦେଖି ସ୍ୱାମୀଜି ମଧ୍ୟ ଆଶ୍ଚର୍ଯ୍ୟ ହେଉଥାଆନ୍ତି ।

କିଛିକ୍ଷଣ ଏହି ଅବସ୍ଥା ପରେ ମଧ୍ୟ ସେମାନଙ୍କ ମୁହଁରୁ ଆଉ କିଛି ଶବ୍ଦ ଉଚ୍ଚାରଣ ହେଲା ନାହିଁ । ସେମାନେ ଭଗବାନଙ୍କ ସାକ୍ଷାତ୍ କୃପା ବୁଝି ପାରିଲେ ଏବଂ ଦୌଡ଼ି ଘରକୁ ଗଲେ । ଦୁଇଟିଯାକ ବଳଦ ଆଣି ସ୍ୱାମୀଜିଙ୍କ ପାଖରେ ପହଞ୍ଚି ତାଙ୍କ ଚରଣରେ ପଡ଼ି ରଡ଼ି ଛାଡ଼ି କାନ୍ଦିବାକୁ ଲାଗିଲେ । ସ୍ୱାମୀଜି ବହୁତ ସାନ୍ତ୍ୱନା ଦେଇ ସେମାନଙ୍କୁ ଉଠେଇ

ବସେଇ କାରଣ ପଚାରିଲେ । ସେମାନେ ବର୍ଷକ ପୂର୍ବରୁ ଚୋରିକରି ନେଇଥିବା, ହାଟରେ ତଥା ଏଠାରେ ଅବିକଳ ବଳଦ ଦେଖିବା ଘଟନା କହିଲେ । ନିଜ ଘୃଣ୍ୟ ଚୋରିକାମ ପାଇଁ ସେମାନେ ବହୁତ ଅନୁତାପ କଲେ । ସେମାନେ ନିଜ ଅପରାଧର ପ୍ରାୟଶ୍ଚିତ୍ତ ସକାଶେ ପ୍ରାର୍ଥନା କଲେ । ସଙ୍ଗେ ସଙ୍ଗେ ଦୁଇଟି ବଳଦ ସ୍ୱାମୀଜିଙ୍କୁ ଫେରାଇ ଦେଲେ । ଚୋରଙ୍କ ଦୁଇଟି ବଳଦ ଆସିବା ସଙ୍ଗେ ସଙ୍ଗେ ପୂର୍ବ ବଳଦ ଅନ୍ତର୍ଦ୍ଧାନ ହୋଇଗଲେ ।

ଚୋରମାନଙ୍କ ବ୍ୟାକୁଳ ପ୍ରାର୍ଥନାରେ ସ୍ୱାମୀଜିଙ୍କ ହୃଦୟ ଅତ୍ୟନ୍ତ ଦ୍ରବିତ ହୋଇଗଲା । ସେମାନଙ୍କ ପ୍ରାର୍ଥନାରେ ସେମାନଙ୍କୁ ପଞ୍ଚସଂସ୍କାର ସହିତ ମନ୍ତ୍ର ଉପଦେଶ ଦେଇ ଶିଷ୍ୟ କରିନେଲେ । ସେମାନଙ୍କୁ ସେଦିନ ଆଶ୍ରମରେ ରଖି ଭଗବତ୍ ପ୍ରସାଦ ଭୋଜନ କରାଇଲେ ତଥା ଅଧିକାରୀ ଜାଣି ଭଗବାନଙ୍କ ପ୍ରତି ସମର୍ପଣ, ବିଶ୍ୱାସ, ନିର୍ଭରତାର ରହସ୍ୟ ବୁଝାଇଦେଲେ । ସେମାନେ ନିଜ ଦୁର୍ଗୁଣ ବୁଝିପାରିଲେ । ଭଗବାନଙ୍କ ନିର୍ହେତୁକୀ କୃପା, ସ୍ୱାମୀଜିଙ୍କ ସହାନୁଭୂତି ଦେଖି ତାଙ୍କ ହୃଦୟ କୃତଜ୍ଞତାରେ ପୂର୍ଣ୍ଣ ହୋଇ ଯାଉଥିଲା । ସେମାନେ ସାବଧାନ ରହିବାକୁ ଚେଷ୍ଟା କରୁଥିଲେ ମଧ୍ୟ ହୃଦୟରୁ କୃତଜ୍ଞତାର ଶୋକ ପ୍ରବଳ ବେଗରେ ଆସି ମୁଖ ଦ୍ୱାରା ଉଚ୍ଚ ସ୍ୱରରେ ପ୍ରକାଶ ହେଉଥିଲା । ସେମାନେ ବାରଂବାର ସ୍ୱାମୀଜିଙ୍କୁ ପ୍ରଣାମ କରି ଘରକୁ ଫେରିଗଲେ । ପୂର୍ବ ଚୌର୍ଯ୍ୟବୃତ୍ତି ତ୍ୟାଗକରି ଗୁରୁଙ୍କ ଉପଦେଶ ମାର୍ଗରେ ଭଗବତ୍ ଭକ୍ତିରେ ନିମଗ୍ନ ରହି ଗୃହର ସମସ୍ତ କର୍ମ ଭଗବତ୍ ସେବା ଭାବରେ କରି ଭଗବାନଙ୍କୁ ସମର୍ପଣ କଲେ । ସେମାନେ ଧାନ, ଗହମ, ମୁଗ, ହରଡ଼, ପନିପରିବା, ଘିଅ, ଦୁଧ ଯାହାସବୁ ଉତ୍ପନ୍ନ କରୁଥିଲେ ପ୍ରଥମରେ ସଚ୍ଚସେବା ସକାଶେ ସ୍ୱାମୀଜିଙ୍କ ଆଶ୍ରମରେ ପହଞ୍ଚାଇ ଦେଉଥିଲେ, ପରେ ଘରେ ଖର୍ଚ୍ଚ କରୁଥିଲେ । ଘରେ ଠାକୁରଙ୍କ ମୂର୍ତ୍ତି ରଖି ସେବାପୂଜା କରୁଥିଲେ ଏବଂ ଭଗବତ୍ ନାମ ସଂକୀର୍ତ୍ତନ କରୁଥିଲେ । ଏହି ପ୍ରଭାବରେ ସ୍ତ୍ରୀ, ପୁତ୍ର, କନ୍ୟା ସମସ୍ତେ ପ୍ରଭାବିତ ହୋଇ ଭଗବାନଙ୍କ ନାମ ସ୍ମରଣ ସହିତ ଭଗବାନଙ୍କ ଉଦ୍ଦେଶ୍ୟରେ ସମସ୍ତ କର୍ମ କରୁଥିଲେ । ସେମାନଙ୍କ ଘର ଆଶ୍ରମରେ ପରିଣତ ହୋଇଥିଲା । ଏକ ମୁହୂର୍ତ୍ତ ପୂର୍ବରୁ ଯେଉଁମାନେ ଚୋର ଥିଲେ ସେମାନେ ଉତ୍ତମ ସମ୍ପର୍କରେ ଆସି କିପରି ସାଧୁ ହେଲେ ଏହି ଚରିତ୍ରରୁ ଆମ୍ଭେମାନେ ବୁଝିପାରିବା ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

ପରମ ଭକ୍ତ ରୈଦାସ

ସଦାଚାର ଶ୍ରୁତିଶାସ୍ତ୍ର ବଚନ ଅବିରୁଦ୍ଧ ଉଚାରେ୍ୟା ।
ନୀର କ୍ଷୀର ବିବରନ ପରମହଂସନି ଉର ଧାରେ୍ୟା ॥
ଭଗବତ୍ କୃପା ପ୍ରସାଦ ପରମ ଗତି ଇହି ତନ ପାଇ ।
ରାଜସିଂହାସନ ବୈଠି ଗ୍ୟାତି ପରତୀତି ଦିଖାଇ ॥
ବରଣାଶ୍ରମ ଅଭିମାନ ତଜି ପଦ ରଜ ବନ୍ଦହିଁ ଜାସକୀ ।
ସନ୍ଦେହ ଗ୍ରନ୍ଥି ଖଣ୍ଡନ ନିପୂନ ବାନୀ ବିମଳ ରୈଦାସ କୀ ॥୫୯॥

— ନାଭାଜିଙ୍କ ଭକ୍ତମାଳ

ପରମ ଭକ୍ତ ରୈଦାସଙ୍କ ନାମ ସମସ୍ତ ସାଧୁ, ସନ୍ଥ, ଭକ୍ତ, ଯୋଗୀ, ସନ୍ନ୍ୟାସୀ ଏବଂ ଅଧିକାଂଶ ସାଧାରଣ ଗୃହସ୍ଥ ବ୍ୟକ୍ତି ମଧ୍ୟ ଜାଣନ୍ତି । ଶ୍ରୀ ନାଭାଜିଙ୍କ ପ୍ରସିଦ୍ଧ ଭକ୍ତମାଳରେ ତାଙ୍କ ଜୀବନ ଚରିତ ଅତ୍ୟନ୍ତ ଶୋଭା ପାଉଛି । ଶ୍ରୀସମ୍ପ୍ରଦାୟର ଅନ୍ୟତମ ଆଚାର୍ଯ୍ୟ ଶ୍ରୀ ରାମାନନ୍ଦ ସ୍ୱାମୀଜି ମହାରାଜଙ୍କ ପ୍ରଧାନ ଦ୍ୱାଦଶ ଶିଷ୍ୟ ମଧ୍ୟରେ ରୈଦାସଜି ଥିଲେ ଜଣେ । ସେ ଅତ୍ୟନ୍ତ ସରଳ ତଥା ସ୍ପଷ୍ଟ ଭାଷାରେ ସଦାଚାର, ଭକ୍ତି ବିଷୟରେ ଯାହା ଲେଖିଛନ୍ତି ତାହା ବେଦ ପୁରାଣ ଓ ଶାସ୍ତ୍ରସମ୍ମତ । ହଂସ ନୀର ଏବଂ କ୍ଷୀରକୁ ପୃଥକ୍ କରିବା ସଦୃଶ ଯେଉଁ ପରମହଂସମାନେ ଅହଂସ୍ୱାର୍ଥକୁ ଅଧାମ୍ ସତ୍ୟଠାରୁ ପୃଥକ୍ କରନ୍ତି, ସେହି ପରମହଂସମାନେ ଶ୍ରୀ ରୈଦାସଙ୍କ ବାଣୀକୁ ହୃଦୟରେ ଧାରଣ କରିଥା'ନ୍ତି । ଭଗବାନଙ୍କ କୃପାରୁ ଶ୍ରୀ ରୈଦାସଜି ଏହି ଭୌତିକ ଶରୀରରେ ପରମପଦ ପ୍ରାପ୍ତ କରିଥିଲେ ତଥା ନିଜ ଶରୀରରେ ଯଜ୍ଞୋପବୀତ ଚିହ୍ନ ଦେଖାଇ ନିଜର ସଂପର୍କୀୟ ବ୍ୟକ୍ତି ତଥା ଅନ୍ୟମାନଙ୍କୁ ବିଶ୍ୱସ୍ତ କରାଇଥିଲେ । ବଡ଼ ବଡ଼ ବ୍ୟକ୍ତି ଉଚ୍ଚବର୍ଣ୍ଣରେ ଜାତ ହେବାର ଅଭିମାନ ଛାଡ଼ି ତାଙ୍କ ଚରଣରଜକୁ ନିଜ ମସ୍ତକରେ ଧାରଣ କରିଥିଲେ । ସେହି ରୈଦାସଙ୍କ ନିର୍ମଳ ବାଣୀ ସନ୍ଦେହ ଗ୍ରନ୍ଥି ଖୋଲିବାରେ ଅତ୍ୟନ୍ତ ସମର୍ଥ ଥିଲା । ଶ୍ରୀ ନାଭାଜି ତାଙ୍କ ଭକ୍ତମାଳରେ ଶ୍ରୀ ରୈଦାସଙ୍କ ଚରିତ୍ର ଯେଉଁ କବିତାରେ ବର୍ଣ୍ଣନ କରିଛନ୍ତି, ସେଥିରେ ନିମ୍ନରେ ଉଲ୍ଲେଖ ହେବା ପୂର୍ବଜନ୍ମର ଘଟନାର କୌଣସି ସଂକେତ ନାହିଁ । କିନ୍ତୁ ପ୍ରିୟାଦାସଙ୍କ ଟୀକାରେ ତାଙ୍କ ପୂର୍ବ ଜନ୍ମର ଘଟନା ଉଲ୍ଲେଖ ଥିବାରୁ ଏଠାରେ ମଧ୍ୟ ଦିଆଗଲା ।

ଆଚାର୍ଯ୍ୟ ଶ୍ରୀ ରାମାନନ୍ଦ ସ୍ୱାମୀଙ୍କର ଜଣେ ବ୍ରହ୍ମଚାରୀ ଶିଷ୍ୟ ଥିଲେ । ସେ ପ୍ରତିଦିନ ଭିକ୍ଷାକରି ଅଟା ଆଣୁଥିଲେ । ସେହି ଅଟାରେ ତିଆରି ରୋଟି ଭଗବାନଙ୍କଠାରେ ଭୋଗ ଲାଗୁଥିଲା । ସନ୍ଥମାନେ ଭୋଜନ କରୁଥିଲେ । ସ୍ୱାମୀଜିଙ୍କର କୁଡ଼ିଆ ପାଖରେ ଜଣେ ବଣିକ ବ୍ୟବସାୟୀ ବାସକରୁଥିଲେ । ନିଜ ଘରୁ ସିଧା ନବା ସକାଶେ ସେ ବ୍ରହ୍ମଚାରୀଙ୍କୁ ବହୁବାର ଆଗ୍ରହକରି କହିଥିଲେ । କିନ୍ତୁ ସ୍ୱାମୀଜି ମନାକରି ଥିବାରୁ ବ୍ରହ୍ମଚାରୀ ତାଙ୍କ ଘରୁ ସିଧା ନେଇ ନ ଥିଲେ । ଦିନେ ଅଧିକ ବର୍ଷା ହେଉଥିବାରୁ ବ୍ରହ୍ମଚାରୀ ଭିକ୍ଷା ସକାଶେ ଅନ୍ୟତ୍ର ନ ଯାଇ ସ୍ୱାମୀଜିଙ୍କ ଆଜ୍ଞା ଉଲ୍ଲଙ୍ଘନ କରି ସେହି ବଣିକ ବ୍ୟବସାୟୀଙ୍କ ଘରୁ ସିଧା ନେଇ ଆସିଥିଲେ ।

ଭୋଜନ ତୟାର ହୋଇଗଲା । ସ୍ୱାମୀଜି ଭଗବାନଙ୍କ ପ୍ରତିମା ସମ୍ମୁଖରେ ଭୋଗଥାଳି ରଖି ପ୍ରତିଦିନ ଭୋଗ ଲଗାଇବା ପ୍ରଣାଳୀ ଅନୁସାରେ ଧ୍ୟାନସ୍ଥ ହୋଇଗଲେ । କିନ୍ତୁ ଠାକୁରଜି ଭୋଗ ଗ୍ରହଣ ନ କରିବା ସେ ଧ୍ୟାନ ଅବସ୍ଥାରେ ଜାଣିପାରିଲେ । ସ୍ୱାମୀଜି ପୂର୍ବରୁ ଆନ୍ତରିକ ଚେତନାରେ ଜାଣି ଥିଲେ ଯେ, ସେ ବ୍ୟବସାୟୀ ବହୁ ଅନ୍ୟାୟରେ ନୀଚ କାର୍ଯ୍ୟରେ ଧନ ଉପାର୍ଜନ କରେ । ସେହି ସକାଶେ, ସେ ତା'ଘରୁ ଭିକ୍ଷା ଆଣିବାକୁ ମନା କରିଥିଲେ । କିନ୍ତୁ ସେଦିନ ଠାକୁରଜିଙ୍କୁ ଭୋଗ ନ ଲାଗିବାରୁ ସ୍ୱାମୀଜି ଭିକ୍ଷା ଆଣିଥିବା ବ୍ରହ୍ମଚାରୀ ଶିଷ୍ୟକୁ ଡାକି କେଉଁଠାରୁ ଭିକ୍ଷା ଆଣିଥିବା ବିଷୟ ପଚାରିଲେ । ସ୍ୱାମୀଜି ନିଷେଧ କରିଥିବା ସତ୍ତ୍ୱେ ସେହି ବ୍ୟବସାୟୀ ଘରୁ ସିଧା ଆଣିଥିବା ଶୁଣି ସ୍ଥୂଳରୂପେ ସନ୍ଧାନ

କରିବାରେ ଜଣାଗଲା, ସେ ବଣିକ ବ୍ୟବସାୟୀ ଜଣେ ମୋଚି ସହଯୋଗୀ ସହିତ ବ୍ୟବସାୟ କରି ବହୁ ନୀଚ କାର୍ଯ୍ୟ ଓ ନୀଚ ଉପାୟରେ ଧନ ଉପାର୍ଜନ କରେ । ଅଶୁଦ୍ଧ ଅନ୍ନ ସନ୍ଥ ଭୋଜନ କଲେ ସେମାନଙ୍କ ବୁଦ୍ଧି ଅଶୁଦ୍ଧ ହେବ । ସେହି ସକାଶେ ସ୍ୱାମୀଜି ଅଶୁଦ୍ଧ ଅନ୍ନ ସ୍ୱୀକାର କରୁ ନ ଥିଲେ । ସେଦିନ ଠାକୁରଙ୍କ ଭୋଗ ଲାଗିଲା ନାହିଁ କିଂବା ସନ୍ଥମାନେ ଭୋଜନ କଲେ ନାହିଁ । ବ୍ରହ୍ମଚାରୀ ଶିଷ୍ୟ ସ୍ୱାମୀଜିଙ୍କ ଆଜ୍ଞା ଅବଜ୍ଞା କରିଥିବାରୁ ତାଙ୍କୁ ମୋଚି ଗୃହରେ ଜନ୍ମ ନେବାକୁ ସ୍ୱାମୀଜି ଅଭିଶାପ ଦେଲେ । ସମୟ ଅନୁସାରେ ବ୍ରହ୍ମଚାରୀ ଶିଷ୍ୟ ଶରୀର ତ୍ୟାଗ କରି ସମ୍ବତ୍ ୧୩୭୧ ମାଘ ପୂର୍ଣ୍ଣମାସୀ ଦିନ ମୁକ୍ତିଦାତ୍ରୀ ବିଶ୍ୱନାଥଙ୍କ କାଶୀପୁରୀରେ ଗୋଟିଏ ମୋଚି କୁଳରେ ଜନ୍ମ ଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ରଘୁ । ମା'ଙ୍କ ନାମ ଉଲ୍ଲେଖ କରାହୋଇ ନାହିଁ । ତାଙ୍କ ପିତା ଜୋତା ସିଲାଇ କରି ଜୀବିକା ନିର୍ବାହ କରୁଥିଲେ । ଶିଶୁ ଜନ୍ମ ହେବା ପରେ ମାତୃସ୍ତନ୍ୟ ପାନ କଲେ ନାହିଁ । ତାକୁ ଛୁଇଁ ଦେଲେ ସେ ରୋଦନ କରୁଥିଲେ । ଏହି କାରଣରୁ ତାଙ୍କ ପିତାମାତା ବିଶେଷ ଦୁଃଖିତ ହେଲେ ।

ଏହି ସମୟରେ ଶ୍ରୀ ରାମାନନ୍ଦ ସ୍ୱାମୀଜିଙ୍କୁ ଆକାଶବାଣୀ ହେଲା, ''ତୁମ ଶିଷ୍ୟ ରଘୁମୋଚି ଘରେ ଜନ୍ମ ଗ୍ରହଣ କରି ଅଛି । ତାକୁ ସାହାଯ୍ୟ କର ।'' ସ୍ୱାମୀଜି ଶୁଣିବା ମାତ୍ରେ ଶିଷ୍ୟଙ୍କ ସହିତ ରଘୁ ଗୃହରେ ପହଞ୍ଚିଲେ । ଆଚାର୍ଯ୍ୟ ସ୍ୱାମୀ ରାମାନନ୍ଦଜି ନୀଚ ମୋଚି ଘରକୁ ଆସିବାର ଦେଖି ରଘୁ ଏବଂ ତା'ର ସ୍ତ୍ରୀ ଆଶ୍ଚର୍ଯ୍ୟ ସମୁଦ୍ରରେ ଡୁବି ଗଲେ ଏବଂ ବହୁ ଦୂରରୁ ସାଷ୍ଟାଙ୍ଗ ଦଣ୍ଡବତ କରିବା ପରେ ଉଠି ଛିଡ଼ାହୋଇ ହାତଯୋଡ଼ି ନବଜାତ ଶିଶୁ କ୍ଷୀର ପାନ ନ କରୁଥିବା ଘଟନା ନିବେଦନ କଲେ । ସ୍ୱାମୀଜି ଶିଶୁ ପାଖକୁ ଯାଇ ତାକୁ ରାମନାମ ଦୀକ୍ଷା ଦେଲେ ଏବଂ ମାତୃ କ୍ଷୀର ପାନ କରିବାକୁ ଆଦେଶ ଦେଲେ । ସ୍ୱାମୀଜିଙ୍କ ଆଦେଶରେ ଶିଶୁ ମାତୃ କ୍ଷୀର ପାନ କଲେ । ସ୍ୱାମୀଜି ଶିଶୁର ନାମ ରୈଦାସ ରଖି ଚାଲିଗଲେ । ରୈଦାସଜି ବାଲ୍ୟ ଅବସ୍ଥାରୁ ପ୍ରସନ୍ନ ରହୁଥିଲେ । କ୍ଷୁଧା ବା ଅନ୍ୟ କୌଣସି କାରଣରୁ ସେ ସାଧାରଣ ଶିଶୁ ସଦୃଶ କାନ୍ଦୁ ନ ଥିଲେ । ସେ କ୍ରମଶଃ ବଡ଼ ହେଲେ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବେ ନିରନ୍ତର ରାମନାମ ଜପ କରୁଥିଲେ । ତାଙ୍କର ବାଲ୍ୟ ଅବସ୍ଥାରୁ ଶାନ୍ତ, ଅଚଞ୍ଚଳ ଅବସ୍ଥା ତଥା ରାମନାମ ଜପ ଦେଖି ଲୋକେ ଆଶ୍ଚର୍ଯ୍ୟ ହେବା ସଙ୍ଗେ ସଙ୍ଗେ ତାଙ୍କୁ ଖୁବ୍ ଭଲ ପାଉଥିଲେ । କିନ୍ତୁ ପିତା ଥିଲେ ଏହାର ବିପରୀତ । ରୈଦାସଙ୍କ ଶାନ୍ତ ସ୍ଥିର ଗମ୍ଭୀର ସ୍ୱଭାବରେ ସେ ଚିନ୍ତିତ ହୋଇପଡ଼ିଲେ । କାମରେ ଲଗାଇ ଦେଲେ ସ୍ୱଭାବ ପରିବର୍ତ୍ତନ ହେବ। ଆଶାରେ ତାଙ୍କୁ ଅଳ୍ପ ବୟସରୁ ଜୋତା ସିଲାଇ କାର୍ଯ୍ୟ ଶିଖାଇଦେଲେ ତଥା କାର୍ଯ୍ୟରେ ଲଗାଇଦେଲେ । ରୈଦାସଜି ଭଗବତ୍ ସ୍ମରଣ ତଥା ଧ୍ୟାନ ସଙ୍ଗେ ସଙ୍ଗେ ଉତ୍ତମରୂପେ ଜୋତା ସିଲାଇ କରିପାରିଲେ । ପୁଅର କାର୍ଯ୍ୟଦକ୍ଷତାରେ ଅତ୍ୟନ୍ତ ପ୍ରସନ୍ନ ହୋଇ ଗୋଟିଏ ସ୍ୱଜାତି କନ୍ୟା ସହିତ ବିବାହ କରାଇଦେଲେ । ଦୈବଯୋଗକୁ ରୈଦାସଙ୍କ ସ୍ୱଭାବ ଯେପରି ଥିଲା, ସେ କନ୍ୟାଟିର ସ୍ୱଭାବ ମଧ୍ୟ ତଦ୍ରୂପ ଥିଲା । ସେ ଭଗବତ୍ ନାମ ସ୍ମରଣ ପୂର୍ବକ ଘରର ସମସ୍ତ କାର୍ଯ୍ୟ ଦକ୍ଷତାର ସହ କରୁଥିଲେ ।

ରୈଦାସଜିଙ୍କ ଜୋତାସିଲାଇ କାର୍ଯ୍ୟରେ ପିତା ପ୍ରସନ୍ନ ଥିଲେ । କିନ୍ତୁ ସାଧୁମାନଙ୍କ ସଙ୍ଗରେ ଅଧିକ ସମୟ ବ୍ୟୟକରିବା ତଥା ବିନା ପଇସାରେ ସାଧୁସନ୍ଥଙ୍କୁ ଜୋତା ଦେଇଦେବା ତାଙ୍କ ପସନ୍ଦ ନ ଥିଲା । ବହୁବାର ମନାକରିବା ସତ୍ତ୍ୱେ ସେ ନିଜ ସ୍ୱଭାବ ଛାଡ଼ି ନ ପାରିବାରୁ ତାଙ୍କ ଉପରେ ବିରକ୍ତ ହୋଇ ତାଙ୍କୁ ଧର୍ମପତ୍ନୀଙ୍କ ସହିତ ତାଙ୍କୁ ଘରୁ ବାହାର କରିଦେଲେ ଏବଂ ଘର ପଛଆଡ଼େ କୁଡ଼ିଆ କରି ରହିବାକୁ କହିଲେ । ଘରୁ ଗୋଟିଏ କାଣିକଉଡ଼ି ଦେଲେ ନାହିଁ । ରୈଦାସଜି ଏହାକୁ ଭଗବାନଙ୍କ ଆଶୀର୍ବାଦ ମାନି ଘାସପତ୍ରରେ ଗୋଟିଏ କୁଡ଼ିଆ ତିଆରି କରି ସେଥିରେ ନିଜର ଧର୍ମପତ୍ନୀଙ୍କ ସହିତ ଆନନ୍ଦରେ ନିବାସ କଲେ । ଯେଉଁମାନେ ଆନ୍ତରିକତା ସହ ଭଗବାନଙ୍କ ଉପରେ ନିର୍ଭରଶୀଳ ହୁଅନ୍ତି, ସେମାନଙ୍କ ସକାଶେ ପ୍ରତ୍ୟେକ ବିଧାନ ଭଗବାନଙ୍କ ଦ୍ୱାରା ହୁଏ । ରୈଦାସଜି ପିତାଙ୍କ ଶାସନରୁ ମୁକ୍ତ ହୋଇ ଆନନ୍ଦପୂର୍ବକ ସନ୍ଥସଙ୍ଗ ଏବଂ ସନ୍ଥସେବା ତଥା ଭଗବତ୍ ଭଜନରେ ସମୟ ବ୍ୟତୀତ କଲେ । ବଣରେ ମଲ୍ଲୀଫୁଲ ଫୁଟିଲେ ତା'ସୁଗନ୍ଧରେ ଯେପରି ଭ୍ରମର ଆକର୍ଷିତ ହୋଇଆସନ୍ତି ସେହିପରି ରୈଦାସଙ୍କ ଭଗବତ୍ ଭଜନ ଓ ଭକ୍ତି ପ୍ରଭାବରେ ତାଙ୍କ ନୀଚ କୁଳକୁ ପରବାୟ ନ କରି ବଡ଼ ବଡ଼ ବିଦ୍ୱାନ୍ ପଣ୍ଡିତ ସାଧୁସନ୍ଥ ବି ତାଙ୍କ ପାଖକୁ ଆସିଲେ । ସେମାନଙ୍କ ସଙ୍ଗରେ ଭଗବତ୍ ଚର୍ଚ୍ଚାକରି ରୈଦାସଙ୍କୁ ବହୁତ ଆନନ୍ଦ ମିଳିଲା । ଅଧିକ ସନ୍ଥ ଆସିବାରୁ ରୈଦାସ ସେମାନଙ୍କ ସକାଶେ ଗୋଟିଏ ପୃଥକ୍

କୁଡ଼ିଆ ତିଆରି କରିଦେଲେ । ସେମାନଙ୍କ ସକାଶେ ରୋଷେଇ ବ୍ୟବସ୍ଥା କରି ଦେଲେ । ସେମାନେ ରୋଷେଇ କରି ଭଗବାନଙ୍କୁ ଭୋଗ ଲଗାଇ ଭୋଜନ କଲେ । ସେମାନଙ୍କର ଯେତେବେଳେ ଯେଉଁ ବସ୍ତୁର ଆବଶ୍ୟକ ହେଲା ରୈଦାସଜି ତାହା ସବୁ ଯୋଗାଇଦେଲେ । ଭଗବାନଙ୍କୁ ନିଜ ହାତରେ ସେବା ପୂଜା କରିବା ସକାଶେ ଅନ୍ତରରେ ଅତ୍ୟନ୍ତ ଆଗ୍ରହ ହେବାରୁ ସେ ଭଗବାନଙ୍କ ଧାତୁ ପ୍ରତିମା ପ୍ରତିଷ୍ଠା କରି ନିଜେ ସେବାପୂଜା କଲେ ଏବଂ ଜୋତା ସିଲାଇ କରିବା ସମୟରେ ପ୍ରତିମାରେ ପ୍ରତ୍ୟକ୍ଷରୂପେ ଭଗବାନଙ୍କୁ ଦେଖି ପାରୁଥିଲେ । ସେ ଜୋତା ସିଲାଇ କରି ଯାହା ଉପାର୍ଜନ କରୁଥିଲେ ସେଥିରେ ସାଧୁସଚ୍ଚଙ୍କ ସେବା କରୁଥିଲେ ଏବଂ ପତ୍ନୀ ସହିତ ନିଜେ ଜୀବନ ନିର୍ବାହ କରୁଥିଲେ । କିନ୍ତୁ ଧନ ପ୍ରତି ଟିକିଏ ମାତ୍ର ଆସକ୍ତି ନ ଥିଲା । ତାଙ୍କ ନିର୍ଲୋଭତାର ପରୀକ୍ଷା ନେବା ସକାଶେ ଦିନେ ସ୍ୱୟଂ ଭଗବାନ୍ ସାଧୁ ବେଶରେ ତାଙ୍କ ପାଖକୁ ଆସିଲେ । ରୈଦାସଙ୍କ ଭକ୍ତିଭାବ ଓ ସଚ୍ଚସେବାରେ ବହୁତ ପ୍ରସନ୍ନ ହୋଇ ଗୋଟିଏ ପରଶମଣି ବାହାର କରି ଲୁହାକୁ ସ୍ୱର୍ଶ କରି ତାଙ୍କ ସମ୍ମୁଖରେ ସୁନା କରିଦେଲେ । କହିଲେ, ''ଏହି ପଥରର କରାମତି ତ ଦେଖିଲ, ଏହାକୁ ରଖ; ମୁଁ ତୀର୍ଥ ଯାତ୍ରାରୁ ଆସିଲେ ନେବି । ଯେତେ ଇଚ୍ଛା ସେତେ ଲୁହା ସ୍ୱର୍ଶ କରାଇଲେ ସେ ଲୁହା ସୁନା ହୋଇଯିବ ।''

ରୈଦାସ ନିରାସକ୍ତ ଭାବେ କହିଲେ, ''ଠାକୁରଙ୍କ କୁଡ଼ିଆ ଚାଳରେ ଖୋସିଦିଅ ।'' ସଚ୍ଚଜି ପରଶମଣିକୁ କୁଡ଼ିଆ ଚାଳରେ ଖୋସିଦେଇ ଚାଲିଗଲେ । ତେର ମାସ ପରେ ପୁନରାୟ ରୈଦାସଙ୍କ ପାଖକୁ ଆସି ତାଙ୍କ ପୂର୍ବ କୁଡ଼ିଆରେ କିଛି ପରିବର୍ତ୍ତନ ନ ଦେଖି ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ''ସଚ୍ଚଜି ! ତୁମେ ସେ ପରଶମଣି କ'ଣ କଲ ?'' ରୈଦାସଜି ଉତ୍ତର ଦେଲେ, ''ଯେଉଁଠାରେ ଖୋସିଥିଲେ ସେଠାରେ ଦେଖନ୍ତୁ, ସେଇଠାରେ ଥିବ ।'' ସଚ୍ଚଜି ଖୋସିଥିବା ସ୍ଥାନରୁ ପରଶମଣି ପାଇ ପୁନରାୟ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ''ଏପରି ଅମୂଲ୍ୟ ମଣି ପାଇ ଏହାର କୌଣସି ଉପଯୋଗ କଲ ନାହିଁ ?'' ରୈଦାସଜି ଉତ୍ତର ଦେଲେ, ''ମୋର ପରମ ଐଶ୍ୱର୍ଯ୍ୟ ଭଗବାନ୍ । ତାଙ୍କୁ ମୁଁ ଦିବାନିଶି ସର୍ବଦା ଦେଖୁଛି । ଏହି ଭୌତିକ ଐଶ୍ୱର୍ଯ୍ୟରେ ମୋର ମନ ବଳୁ ନାହିଁ ।'' ସଚ୍ଚଜି ଏକଥା ଶୁଣି ପରଶମଣି ନେଇ ଚାଲିଗଲେ । ପରଦିନଠାରୁ ପ୍ରତିଦିନ ଠାକୁରଙ୍କ ସିଂହାସନରୁ ପାଞ୍ଚଟି ସୁବର୍ଣ୍ଣ ମୋହର ବାହାରିଲା । ଏଥିରେ ରୈଦାସଜି ଭୟଭୀତ ହୋଇ ମୋହର ଛୁଇଁଲେ ନାହିଁ । କେବଳ ଉପର ଆସନଟି ଝାଡ଼ି ସେହି ମୋହର ଉପରେ ବିଛାଇ ଦେଉଥିଲେ । ଭଗବାନ୍ ରୈଦାସଙ୍କୁ ସ୍ୱପ୍ନରେ କହିଲେ, ''ମୋର ପ୍ରସାଦରୂପେ ମୋହର ଗ୍ରହଣ କର ଏବଂ ମନ୍ଦିର ତିଆରି କରି ମୋ ପ୍ରତିମା ପ୍ରତିଷ୍ଠା କର ତଥା ସାଧୁ ସଚ୍ଚଙ୍କ ସେବା କର ।''

ରୈଦାସଜି ଭଗବାନଙ୍କ ଆଜ୍ଞାମାନି ପ୍ରତିଦିନ ପ୍ରାପ୍ତ ହେଉ ଥିବା ପାଞ୍ଚ ସୁବର୍ଣ୍ଣ ମୋହରରେ ଭଗବାନଙ୍କର ଗୋଟିଏ ଅତ୍ୟନ୍ତ ସୁନ୍ଦର ମନ୍ଦିର ତଥା ସାଧୁ ସଚ୍ଚଙ୍କ ନିବାସ ସକାଶେ ଗୋଟିଏ ସଚ୍ଚନିବାସ ତିଆରି କଲେ ତଥା ଭଗବାନଙ୍କର ସେବା ପୂଜାର ଉତ୍ତମ ବ୍ୟବସ୍ଥା କଲେ । ମନ୍ଦିର ତିଆରି ଏବଂ ସଚ୍ଚସେବା ହେବାରୁ ପୂର୍ବାପେକ୍ଷା ବହୁ ସଂଖ୍ୟାରେ ସାଧୁ ସଚ୍ଚ ଆସିଲେ । ସବୁସମୟରେ ଭଜନ ସତ୍‌ସଙ୍ଗ ଚାଲିଲା । କିନ୍ତୁ ସେ ସବୁ ସମୟରେ ଭଗବତ୍ ଚେତନାରେ ନିବାସ କରୁଥିଲେ ଅର୍ଥାତ୍ ଭଗବାନଙ୍କ ଚେତନା ସହିତ ନିଜ ଚେତନା ଏକ କରିଦେଇ ଥିଲେ । ତାଙ୍କର ଗୋଟିଏ କବିତାରୁ ଏହା ସ୍ପଷ୍ଟ ହେଉଛି –

''ପ୍ରଭୁଜି ! ତୁମ ଚନ୍ଦନ, ହମ ପାନୀ ।
ଜାକୀ ଅଁ ଗ-ଅଁ ଗ ବାସ ସମାନୀ ॥
ପ୍ରଭୁଜି ! ତୁମ ଘନ, ବନ ହମ ମୋରା ।
ଜୈସେ ଚିତବତ ଚନ୍ଦ ଚକୋରା ॥
ପ୍ରଭୁଜି ! ତୁମ ଦୀପକ ହମ ବାତି ।
ଜାକୀ ଜ୍ୟୋତି ବରୈ ଦିନ-ରାତି ॥

ପ୍ରଭୁଜି ! ତୁମ ମୋତି, ହମ ଧାଗା ।
ଜୈସେ ସୋନହିଁ ମିଲତ ସୁହାଗା ॥
ପ୍ରଭୁଜି ! ତୁମ ସ୍ୱାମୀ ହମ ଦାସା ।
ଐସୀ ଭଗତି କରୈ ରୈଦାସା ॥''

ତାଙ୍କର ଭଗବାନଙ୍କ ସହିତ ଏହି ଯେଉଁ ନିବିଡ଼ ତନ୍ମୟ ଅବସ୍ଥା କେବଳ ଧ୍ୟାନସ୍ଥ ଅବସ୍ଥାରେ ନୁହେଁ, ଜୋତା ସିଲାଇ କରିବା ତଥା ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ କରିବା ସମୟରେ ରହୁଥିଲା । ସେ ଭଗବତ୍ ଆନନ୍ଦରେ ବୁଡ଼ିରହି ସମସ୍ତ କର୍ମ କରୁଥିଲେ । ତାଙ୍କ ଭଗବାନଙ୍କ ପ୍ରତି ଭକ୍ତି, ସଚ୍ଚସେବା ତଥା ସଚ୍ଚସଙ୍ଗର ମହତ୍ତ୍ୱ କ୍ରମଶଃ ପ୍ରସାରିତ ହେବାକୁ ଲାଗିଲା । ଦୂର ଦୂରାନ୍ତରୁ ବହୁତ ବ୍ୟକ୍ତି ତାଙ୍କ ଦର୍ଶନକୁ ଆସିବାକୁ ଲାଗିଲେ । ତାଙ୍କ ରଚିତ କବିତା ବଡ଼ ବଡ଼ ସାଧୁସଚ୍ଚ, ପରମହଂସମାନେ ଗାନ କଲେ ।

ରୈଦାସଜି ନୀଚ ମୋଚି କୁଳରେ ଜନ୍ମ ହୋଇ ଭଗବାନଙ୍କର ଏପରି ବିଶାଳ ମନ୍ଦିର ତିଆରି କରାଇଲେ । ସାଧୁସଚ୍ଚଙ୍କ ଦ୍ୱାରା ସେବାପୂଜାର ଅତ୍ୟନ୍ତ ଉତ୍ତମ ବ୍ୟବସ୍ଥା ବି କଲେ ତଥା ଭଗବତ୍ ଭକ୍ତି ପ୍ରଭାବରୁ ଲୋକଙ୍କ ଦ୍ୱାରା ଅତ୍ୟଧିକ ସମ୍ମାନିତ ମଧ୍ୟ ହେଲେ । ଏହିସବୁ କାର୍ଯ୍ୟ ଦେଖି ବ୍ରାହ୍ମଣମାନେ ବରଦାସ୍ତ କରିପାରିଲେ ନାହିଁ । ଈର୍ଷାରେ ସେମାନଙ୍କ ହୃଦୟ ଜଳିବାକୁ ଲାଗିଲା ।

ରୈଦାସଜି ଭଗବତ୍ ଭକ୍ତିର ଯେଉଁ ଉଚ୍ଚାତିଉଚ୍ଚ ଶିଖରରେ ପହଞ୍ଚିଥିଲେ, ସେଠାରେ ଅହଂ, ସ୍ୱାର୍ଥ, ନାମ ଯଶଃର ଆସକ୍ତି, କାମନାବାସନା ପହଞ୍ଚିପାରୁ ନ ଥିଲା । କିନ୍ତୁ ନାମ ଯଶଃ ଛାୟା ସଦୃଶ ତାଙ୍କ ପଛରେ ଗୋଡ଼ାଉଥିଲା । ସଂସାର-ଆସକ୍ତ ବ୍ୟକ୍ତି ଏହିସବୁ ବସ୍ତୁ ପାଇବା ପାଇଁ ଦିନରାତି ପ୍ରଯତ୍ନ କରନ୍ତି, କିନ୍ତୁ ପାଆନ୍ତି ନାହିଁ । ଅନ୍ୟକୁ ପ୍ରାପ୍ତ ହେଲେ ସେମାନଙ୍କ ହୃଦୟ ବିଦ୍ରୋହାଗ୍ନିରେ ପ୍ରଜ୍ୱଳିତ ହୁଏ । ପଣ୍ଡିତ ବ୍ରାହ୍ମଣମାନଙ୍କର ଗାତ୍ରଦାହ ହେଲା । ସେମାନେ ବରଦାସ୍ତ କରି ନ ପାରି ରାଜଦରବାରରେ ପହଞ୍ଚିଲେ ଏବଂ ନୀଚ ମୋଚିକୁଳ-ଉତ୍ପନ୍ନ ରୈଦାସର ବ୍ରାହ୍ମଣୋଚିତ କାର୍ଯ୍ୟ, ମନ୍ଦିର ନିର୍ମାଣ କରି ଠାକୁରଙ୍କ ସେବାପୂଜା କରାଇବା ଏବଂ କରିବା ବେଦ-ଶାସ୍ତ୍ରର ବିରୋଧ ଓ ବର୍ଣ୍ଣଧର୍ମର ପ୍ରତିକୂଳ ବୋଲି ରାଜସଭାରେ ଶାସ୍ତ୍ରପ୍ରମାଣ ସହ ଘୋଷଣା କଲେ । ପୁନରାୟ କହିଲେ, 'ଏହି ଅନ୍ୟାୟ କରିଥିବା ମୋଚି ରୈଦାସଙ୍କୁ ଧର୍ମବିରୋଧାଚରଣର ଦଣ୍ଡ ନ ଦିଆହେଲେ ରାଜ୍ୟରେ ଅଧର୍ମର ପ୍ରସାର ହେବ ଏବଂ ପ୍ରଜା ଅଧର୍ମ ଆଚରଣ କରିବେ ।' ଏହିପରି ବହୁରୂପେ ରୈଦାସଙ୍କ ଉପରେ ଦୋଷାରୋପଣ କଲେ । ରାଜା ବ୍ରାହ୍ମଣମାନଙ୍କ ଅଭିଯୋଗ ଶୁଣି ରୈଦାସଙ୍କୁ ଡକେଇ ପଚାରି ସମସ୍ତ ଘଟନା ବୁଝିଲେ । କିନ୍ତୁ ଏହା ପୂର୍ବରୁ ସେ ରୈଦାସଙ୍କ ଆନ୍ତରିକ ଭକ୍ତିଭାବ ବିଷୟରେ ପରିଚିତ ଥିଲେ । ରୈଦାସଙ୍କ ନିଷ୍କପଟ ସତ୍ୟ ଭକ୍ତିଭାବରେ ଭଗବତ୍ ପ୍ରତିମା ସେବା ପୂଜା ବିଷୟ ଶୁଣି ପ୍ରସନ୍ନ ହେଲେ ଏବଂ କହିଲେ, ''ଭଗବାନ୍ ଜାତି ଗୋତ୍ରକୁ ମହତ୍ତ୍ୱ ଦିଅନ୍ତି ନାହିଁ, ଦିଅନ୍ତି ଆନ୍ତରିକ ନିଷ୍କପଟ ଭକ୍ତିକୁ । ଭକ୍ତିଭାବରେ ସମସ୍ତ ବ୍ୟକ୍ତିଙ୍କର ଭଗବତ୍ ପୂଜାର ଅଧିକାର ଅଛି ।'' ରାଜାଙ୍କର ଏହି ନ୍ୟାୟରେ ବ୍ରାହ୍ମଣମାନେ ବହୁତ ଦୁଃଖରେ ଫେରିଆସିଲେ । କିନ୍ତୁ ରୈଦାସଙ୍କ ନାମ ଯଶଃର ଅଧିକ ପ୍ରସାର ହେବାକୁ ଲାଗିଲା । ଏଥିରେ ବ୍ରାହ୍ମଣମାନଙ୍କ ଈର୍ଷା ଅତ୍ୟଧିକ ବଢ଼ିଗଲା ।

ତା'ପରେ ଆହୁରି ଗୋଟିଏ ଘଟନା ଘଟିଲା । ଚିତୌଡ଼ ରାଜ୍ୟର ରାଣୀ ଭଗବାନଙ୍କର ଅତ୍ୟନ୍ତ ଭକ୍ତା ଥିଲେ । କିନ୍ତୁ ଗୁରୁଙ୍କଠାରୁ ମନ୍ତ୍ର ଗ୍ରହଣ କରି ନ ଥିଲେ । ତାଙ୍କର ଇଚ୍ଛା ଥିଲା ଜଣେ ସିଦ୍ଧଗୁରୁ ପ୍ରାପ୍ତ ହେଲେ ତାଙ୍କଠାରୁ ମନ୍ତ୍ର ଗ୍ରହଣ କରିବେ । ରୈଦାସଙ୍କ ଭକ୍ତି ପ୍ରଭାବ ସେ ସମୟରେ ସର୍ବତ୍ର ପ୍ରସାରିତ ହୋଇଥିଲା । ରାଣୀ ତାଙ୍କ ନାମ ଶୁଣି ନିଜ ପରିଜନଙ୍କ ସହିତ କାଶୀଧାମରେ ପହଞ୍ଚିଲେ । ବିଶ୍ୱନାଥଙ୍କୁ ଦର୍ଶନ କରିବା ପରେ ପରମସଚ୍ଚ ରୈଦାସଙ୍କୁ ଦର୍ଶନ କଲେ, ଏବଂ ତାଙ୍କଠାରୁ ମନ୍ତ୍ରଦୀକ୍ଷା ନେବା ସକାଶେ କରଯୋଡ଼ି ପ୍ରାର୍ଥନା କରି ତାଙ୍କ ଚରଣରେ ମସ୍ତକ ରଖିଦେଲେ । ରୈଦାସଜି ରାଣୀଙ୍କ ଆନ୍ତରିକ ନିଷ୍କପଟ ଶ୍ରଦ୍ଧା, ଭକ୍ତି ପ୍ରାର୍ଥନା ସ୍ୱୀକାର କରି ତାଙ୍କୁ ମନ୍ତ୍ର ଉପଦେଶ ଦେଲେ । ଏହି ଖବର କଥାରେ

କଥାରେ ସମଗ୍ର କାଶୀରେ ପ୍ରଚାରିତ ହୋଇଗଲା । ଏହି ଘଟନାଟି ବ୍ରାହ୍ମଣମାନଙ୍କୁ ଅସହ୍ୟ ହୋଇ ପଡ଼ିଲା । ସେମାନେ କହିଲେ, ''ଘୋର କଳିକାଳ ଆସିଗଲା । ସବୁଠାରୁ ନିକୃଷ୍ଟ ବର୍ଣ୍ଣ ଶ୍ରେଷ୍ଠ ବର୍ଣ୍ଣକୁ ଦୀକ୍ଷା ଦେଲେ । ଆଉ ସଂସାର ରହିବ ନାହିଁ । ପ୍ରଳୟ ହୋଇ ଯିବ ।'' ଏହିପରି କହି ସବୁ ବ୍ରାହ୍ମଣ ପଣ୍ଡିତ ଏକତ୍ର ହୋଇ ରାଜାଙ୍କ ପାଖକୁ ଗଲେ । ମୋଚିକୁଳ ଉତ୍ପନ୍ନ ରୈଦାସଙ୍କର ଉଚ୍ଚକୁଳ ଉତ୍ପନ୍ନ ରାଣୀଙ୍କୁ ଦୀକ୍ଷା ଦେବା ଶାସ୍ତ୍ରର ବିରୋଧ ତଥା ଅନ୍ୟାୟ ବୋଲି ବେଦ ଶାସ୍ତ୍ରର ବହୁ ପ୍ରମାଣ ଦେଲେ, ତଥା ଘୋର ବିରୋଧ କଲେ । ଏହି ବିଷୟରେ ଉଚିତ ନ୍ୟାୟ କରିବା ସକାଶେ ରାଜା ରୈଦାସଙ୍କୁ ଡକେଇନେଲେ, ଏବଂ ସଭା ସମ୍ମୁଖରେ ଗୋଟିଏ ସୁନ୍ଦର ସିଂହାସନରେ ଭଗବାନଙ୍କ ଧାତୁ ବିଗ୍ରହ ବିରାଜମାନ କରାଇ ସବୁ ବ୍ରାହ୍ମଣ ଏବଂ ରୈଦାସଙ୍କୁ ସମ୍ବୋଧନ କରି କହିଲେ, ''ଏହି ଭଗବତ୍ ପ୍ରତିମାକୁ ବିଧିବିଧାନ ବେଦମନ୍ତ୍ରରେ କିଂବା ଭକ୍ତିରେ ଆବାହନ କରନ୍ତୁ; ଭଗବାନ୍ ଯାହା ପାଖକୁ ଯିବେ, ସେହି ମନ୍ତ୍ରଦୀକ୍ଷା ଦେବାର ଅଧିକାରୀ ଏବଂ ଯୋଗ୍ୟ ମାନ୍ୟ ହେବ । ରାଜାଙ୍କର ଏହି ନିର୍ଣ୍ଣୟ ଶୁଣି ବ୍ରାହ୍ମଣମାନେ ସ୍ୱର ସହିତ ବେଦମନ୍ତ୍ର ବହୁତ ସମୟ ପର୍ଯ୍ୟନ୍ତ ଗାନ କଲେ କିନ୍ତୁ ଭଗବତ୍ ପ୍ରତିମା ଟିକିଏ ଘୁଞ୍ଚିଲେ ନାହିଁ । ବ୍ରାହ୍ମଣମାନେ ନିରାଶ ହୋଇ ବସିଲେ ।

ରୈଦାସଜି ଛିଡ଼ାହୋଇ ଗୋଟିଏ ପଦ ଗାଇବା ସଙ୍ଗେ ସଙ୍ଗେ ଭଗବତ୍ ପ୍ରତିମା ରୈଦାସଙ୍କ କୋଳକୁ ଆସିଗଲେ । ସମସ୍ତଙ୍କ ସମ୍ମୁଖରେ ଏହି ଘଟନା ଘଟିଲା । ଏଥିରେ ବ୍ରାହ୍ମଣମାନେ ବହୁତ ଲଜ୍ଜିତ ହେଲେ । କିନ୍ତୁ ରୈଦାସଙ୍କ ପ୍ରତି ସେମାନଙ୍କର ଈର୍ଷା ନିବୃତ୍ତ ହେଲା ନାହିଁ ।

ଚିତୌଡ଼ ରାଣୀ କିଛିଦିନ କାଶୀବାସ କରି ଗୁରୁଙ୍କଠାରୁ ଭଜନ, ଧ୍ୟାନ ତଥା ସାଧନାର ରହସ୍ୟ ଶିକ୍ଷା କଲେ । ଗୁରୁଙ୍କଠାରୁ ଆଜ୍ଞା ନେଇ ଚିତୌଡ଼ ଫେରିଗଲେ । କିଛିଦିନ ବ୍ୟତୀତ ହେବା ପରେ ଗୁରୁଙ୍କୁ ଦର୍ଶନ କରିବା ତଥା ସେଠିକା ବ୍ୟକ୍ତିଙ୍କୁ ଦର୍ଶନ ସୁଯୋଗ ଦେବା ସକାଶେ ରାଣୀ ଗୋଟିଏ ପ୍ରାର୍ଥନାପତ୍ର ଲେଖି ବିଶିଷ୍ଟ କର୍ମଚାରୀଙ୍କୁ ଗୁରୁଙ୍କ ନିକଟକୁ ପଠାଇ ଦେଲେ । ଗୁରୁଦେବ ରାଣୀଙ୍କ ପ୍ରାର୍ଥନା ସ୍ୱୀକାର କରି ସନ୍ଥଙ୍କ ସହିତ ଚିତୌଡ଼ ପହଞ୍ଚିଲେ । ରାଣୀ ତଥା ତାଙ୍କ ପରିବାରବର୍ଗ ଗୁରୁଙ୍କ ଦର୍ଶନରେ ବିଶେଷ ଆନନ୍ଦିତ ହେଲେ । ଗୁରୁଦେବ କିଛିଦିନ ରହିବା ପରେ ରାଣୀ ଗୋଟିଏ ବଡ଼ ଧରଣର ଭୋଜନ ଭଣ୍ଡାରା ଦେବାକୁ ଇଚ୍ଛା ପ୍ରକଟ କରି ଅନ୍ୟାନ୍ୟ ସନ୍ଥ ଏବଂ ବ୍ରାହ୍ମଣମାନଙ୍କୁ ନିମନ୍ତ୍ରଣ କଲେ । ସନ୍ଥମାନେ ପକ୍କା ଭୋଜନ ତିଆରି କଲେ । ବ୍ରାହ୍ମଣମାନେ ନିଜେ ପକ୍କାଭୋଜନ ତିଆରି କରି ପୃଥକ୍ ଭୋଜନ ପଙ୍ଗତ କରିବାକୁ କହିବାରୁ, ସେମାନଙ୍କ କହିବା ଅନୁସାରେ ସମସ୍ତ ସାମଗ୍ରୀ ଦିଆଗଲା । ବ୍ରାହ୍ମଣମାନେ ପୃଥକ୍ ପକ୍କା ଅନ୍ନ ତିଆରି କଲେ ଏବଂ ସେମାନଙ୍କର ପୃଥକ୍ ପଙ୍ଗତ ହେଲା । ସାଧୁମାନଙ୍କର ମଧ୍ୟ ପୃଥକ୍ ପଙ୍ଗତ ହେଲା । ଭୋଜନ କରିବା ସମୟରେ ଦେଖାଗଲା ପ୍ରତ୍ୟେକ ଦୁଇଜଣ ବ୍ରାହ୍ମଣଙ୍କ ପରେ ଗୋଟିଏ ଗୋଟିଏ ରୈଦାସ ବସି ବ୍ରାହ୍ମଣଙ୍କ ସହିତ ତାଙ୍କରି ପଙ୍ଗତରେ ଭୋଜନ କରୁଛନ୍ତି, ଏବଂ ତାଙ୍କ ଶରୀର ମଧ୍ୟରେ ସୁବର୍ଣ୍ଣ ରଙ୍ଗର ଯଜ୍ଞୋପବୀତର ଜ୍ୟୋତିଃ ଚମକୁଛି । ଏହି ପ୍ରତ୍ୟକ୍ଷ ଦୃଶ୍ୟ ସମସ୍ତ ବ୍ରାହ୍ମଣ ଏବଂ ଅନ୍ୟାନ୍ୟ ଦର୍ଶନାର୍ଥୀ ସ୍ୱଚକ୍ଷୁରେ ଦେଖିଲେ । ଏହି ଦୃଶ୍ୟରେ ବ୍ରାହ୍ମଣମାନଙ୍କର ରୈଦାସଙ୍କ ପ୍ରତି ଥିବା ଈର୍ଷାଭାବ ଦୂର ହେଲା, ଏବଂ ସେମାନେ ରୈଦାସଙ୍କ ଚରଣ ସ୍ପର୍ଶକରି ନିଜ ନିଜ ଅପରାଧର କ୍ଷମା ଭିକ୍ଷା କଲେ ତଥା ବହୁ ସଂଖ୍ୟାରେ ବ୍ରାହ୍ମଣ ରୈଦାସଙ୍କ ଶିଷ୍ୟ ହୋଇଗଲେ । ରୈଦାସଜି କିଛିଦିନ ସେଠାରେ ରହି ସନ୍ଥମାନଙ୍କ ସହିତ ପୁନରାୟ କାଶୀ ଫେରିଆସିଲେ ।

କବୀର, ରୈଦାସ ଏବଂ ମୀରାବାଇ ସମକାଳୀନ ବୋଲି ବହୁ ସନ୍ଥ ଲେଖକଙ୍କ ମତ ପ୍ରକାଶିତ ହୋଇଛି । ଏହା ଯୁକ୍ତିଯୁକ୍ତ ବୋଲି ମନେହେଉଛି । ସବୁଠାରୁ ଅକାଟ୍ୟ ପ୍ରମାଣ ମିଳୁଛି ଆଚାର୍ଯ୍ୟ ଶ୍ରୀ ରାମାନନ୍ଦଙ୍କ ସଂପ୍ରଦାୟର ପ୍ରମାଣିକ ଗ୍ରନ୍ଥରୁ । ସ୍ୱାମୀଜିଙ୍କ ଶିଷ୍ୟ କବୀର ଏବଂ ରୈଦାସ ଉଭୟ ଥିଲେ । ଏହାର ବହୁ ପ୍ରମାଣ ଅଛି ।

ସନ୍ଥ କବୀରଙ୍କ ସାଧନା ଯେପରି ଉଚ୍ଚକୋଟୀର ଥିଲା, ରୈଦାସଙ୍କର ସାଧନା ମଧ୍ୟ ସେହିପରି ଉଚ୍ଚକୋଟୀର ଥିଲା । କବୀର ଯେପରି ଭଗବତ୍ ପ୍ରାପ୍ତି ଅଧ୍ୟାତ୍ମ-ସତ୍ୟ ଉପଲବ୍ଧିରେ ବର୍ଣ୍ଣ-ଧର୍ମ, ନୈତିକ-ଧର୍ମ, ଉଚ୍ଚକୁଳର ଅଭିମାନ, ଅହଂକାର ଗର୍ବକୁ କଠୋର ଶକ୍ତିଶାଳୀ ତଥା ତିରସ୍କାରୀ ଶବ୍ଦରେ ଖଣ୍ଡନ କରିଛନ୍ତି, ରୈଦାସ ମଧ୍ୟ ନିଜ କବିତାରେ ସେହିପରି କରିଛନ୍ତି । କିନ୍ତୁ ଉଭୟଙ୍କ କବିତା ହୃଦୟସ୍ପର୍ଶୀ, ଶକ୍ତିଶାଳୀ, ଯୌକ୍ତିକତାରେ ପୂର୍ଣ୍ଣ, ଶାସ୍ତ୍ରସମ୍ମତ ହେବା ସତ୍ତ୍ୱେ

ରୈଦାସଙ୍କ କବିତା ଅଧିକ କୋମଳ ଥିଲା । ତାଙ୍କ କବିତାରୁ ଗୋଟିଏ ଏଠାରେ ଉଦ୍ଧୃତ କରିବା ।

''ରୈଦାସ ରାତ ନ ସୋଇଏ, ଦିବସ ନ କରିୟେ ସ୍ୱାଦ ।
ଅହନିଶି ହରିଜନ ସୁମରିୟେ, ଛାଁଡ଼ି ସକଳ ପ୍ରତିବାଦ ॥'' — ରୈଦାସ

ସତ୍‌ସଙ୍ଗ ବିଷୟରେ :

''ଗଲୀ-ଗଲୀ କୌ ଜଲୁ ବହି ଆୟୋ ସୁରସରି ଜାୟ ସମାୟୋ ।
ସଙ୍ଗତି କେ ପରତାପ ମହାତମ, ନାମ ଗଙ୍ଗୋଦକ ପାୟୋ ॥
ସ୍ୱାତି ବୁଁ ଦ ବରସୈ ଫଣି ଉପର, ସୀସ ବିଷୈ ହୋ ଜାଇ ।
ବହୀ ବୂଁ ଦକୈ ମୋତି ଉପଜେ, ସଙ୍ଗତିକୀ ଅଧିକାଇ ॥
ଜାତି ଭୀ ଓଛୀ, କରମ ଭୀ ଓଛା, ଓଛା କସବ ହମାରା ।
ନୀଚେ ସେ ପ୍ରଭୁ ଉଁଚ କିୟୋ ହୈ, କହୈ ''ରୈଦାସ'' ଚମାରା ॥''

''ଗଳି ଗଳିରେ ଅପବିତ୍ର ନର୍ଦମାଜଳ ବହିଆସି ସୁରସରି ଗଙ୍ଗାରେ ମିଶିଗଲେ ସେହି ଅପବିତ୍ର ଜଳ ସଙ୍ଗ ପ୍ରଭାବର ମାହାତ୍ମ୍ୟ ଯୋଗୁଁ ପବିତ୍ର ଗଙ୍ଗାଜଳରୂପେ ବ୍ୟକ୍ତି ପାନକରି ପବିତ୍ର ହୁଅନ୍ତି, ସେ ଅନ୍ୟ ଏକ ଉଦାହରଣ ଦେଇଛନ୍ତି — ସ୍ୱାତିବୁନ୍ଦ ସର୍ପ ଉପରେ ପଡ଼ିଲେ ବିଷ ହୋଇଯାଏ, ଏବଂ ସେହି ସ୍ୱାତିବୁନ୍ଦ ସଙ୍ଗତିର ପ୍ରଭାବରେ ମୋତିରେ ପରିଣତ ହୁଏ ।

ମୋର ଜାତି ବି ଖରାପ, କର୍ମ ବି ଖରାପ, ରହିବା ସ୍ଥାନ ବି ଖରାପ କିନ୍ତୁ ଭଗବାନଙ୍କ ଆଶ୍ରୟ ସଙ୍ଗତି ପାଇବାରୁ ଭଗବାନ୍ ନୀଚରୁ ଉଚ୍ଚ କରିଦେଲେ । ଏହା କହୁଛି ଚମାର ରୈଦାସ ।'' ଚମାର ଅର୍ଥ ମୋଚି ।

ପରମସନ୍ଥ ରୈଦାସ ଶହେ ପାଞ୍ଚବର୍ଷ ବୟସରେ ଏହି ନଶ୍ୱର ଶରୀର ତ୍ୟାଗକରି ଭଗବତ୍ ନିତ୍ୟଧାମ ପ୍ରାପ୍ତ ହୋଇଥିଲେ ଏବଂ ସେ ଜୀବିତ ଅବସ୍ଥାରେ ଅସଂଖ୍ୟ ପାପତାପ ପୀଡ଼ିତ ନରନାରୀଙ୍କୁ ଭଗବତ୍ ପ୍ରାପ୍ତି କରାଇଥିଲେ । ତାଙ୍କ ସ୍ଥୂଳ ଶରୀର ନାହିଁ କିନ୍ତୁ ତାଙ୍କର ହୃଦୟସ୍ପର୍ଶୀ କବିତା ଆଜି ବି ବହୁବ୍ୟକ୍ତିଙ୍କୁ ସନ୍ମାର୍ଗର ନିର୍ଦ୍ଦେଶ ଦେଉଛି ତଥା କେତେ ବିପଥଗାମୀ ବ୍ୟକ୍ତିଙ୍କୁ ସୁପଥକୁ ଆଣୁଛି । ଶ୍ରୀ-ସମ୍ପ୍ରଦାୟର ଅନ୍ୟତମ ଆଚାର୍ଯ୍ୟ ସ୍ୱାମୀ ଶ୍ରୀ ରାମାନନ୍ଦଙ୍କ ପ୍ରଧାନ ଦ୍ୱାଦଶ ଶିଷ୍ୟ ମଧ୍ୟରେ କବୀର ଏବଂ ରୈଦାସ ଥିଲେ ଯେଉଁ ରାମାନନ୍ଦ ସଂପ୍ରଦାୟର ବୈଷ୍ଣବ ସମସ୍ତ ଭାରତବର୍ଷରେ ପ୍ରସାରିତ ହୋଇଛନ୍ତି । କିନ୍ତୁ ଅଧିକ ସଂଖ୍ୟାରେ ନିବାସ କରନ୍ତି ଅଯୋଧ୍ୟାରେ । ଶ୍ରୀରାମାନନ୍ଦ ସମ୍ପ୍ରଦାୟର ସାଧନାପ୍ରଣାଳୀ ଧ୍ୟାନ, ମାନସପୂଜା ଓଗେର ଯଦ୍ୟପି ବହୁପ୍ରକାର ଅଛି ତଥାପି ଅଧିକ ଜୋର ଦିଆହୋଇଛି ବିଭିନ୍ନ ପ୍ରଣାଳୀରେ ନାମଜପ ଉପରେ । ସେହି ସଂପ୍ରଦାୟରେ ବହୁତ ସଂଖ୍ୟାରେ ଉଚ୍ଚକୋଟୀର ସନ୍ଥ ଏବଂ ଭକ୍ତ ହୋଇ ଯାଇଛନ୍ତି ।

ମୀରାବାଈଙ୍କ ଗୋଟିଏ କବିତାରୁ ସେ ରୈଦାସଙ୍କ ଶିଷ୍ୟ ହେବା ପ୍ରମାଣ ମିଳୁଛି ।
ଯଥା :

''ନହାଁ ମୈଁ ପୀହର ସାସରେ ରେ, ନହାଁ ପିୟା ଜୀ କେ ପାସ ।
'ମୀରା'କେ ଗୋବିନ୍ଦ ମିଲିୟା ରେ, ଗୁରୁ ମିଲିୟା ରୈଦାସ ॥
'ମୀରା' ମହାନେ ସଂତୋଁହୈଁ ମୈଁ, ସଂତକୀ ଦାସ ।
ଚେତନ ସଂତା ସୈନ ଥେ, ଦୀସତ ଗୁରୁ ରୈଦାସ ॥

'ମୀରା' ସଦ୍‌ଗୁରୁ ଦେବ କୀ, କରୈ ବନ୍ଦନା ଆସ
ଚିତ ଚେତନ ଆତମ କହ୍ୟା, ଧନ୍ୟ ଭଗତ ରୈଦାସ ॥''

— ମୀରାବାଈ

କବୀର, ରୈଦାସ ଯେଉଁ ସମୟରେ ଥିଲେ ସେହି ସମୟରେ ମୀରାବାଈ ଏବଂ ଗୋସ୍ୱାମୀ ତୁଳସୀଦାସ ଥିବାର ବି ପ୍ରମାଣ ମିଳୁଛି । ଅନୁମାନ ହେଉଛି କବୀର ଏବଂ ରୈଦାସଙ୍କ ବୃଦ୍ଧ ଅବସ୍ଥା ସମୟରେ ମୀରାବାଈ ଏବଂ ତୁଳସୀଦାସ ଅଳ୍ପ ବୟସର ଥିଲେ । କବୀର ଏବଂ ରୈଦାସଜି ଚାଲିଯିବା ପରେ ଗୋସ୍ୱାମୀ ତୁଳସୀଦାସ ଏବଂ ମୀରାବାଈ ରହୁଥିଲେ । ଶ୍ରୀ ତୁଳସୀ ଦାସଜି ମୀରାବାଈଙ୍କୁ ଦେଇଥିବା ପତ୍ର ତାଙ୍କ ବିନୟ ପତ୍ରିକା ଗ୍ରନ୍ଥରେ ରହିଛି । କିନ୍ତୁ ସେସମୟରେ ବହୁ ଉଚ୍ଚକୋଟୀର ସନ୍ଥ ଭାରତବର୍ଷର ସବୁଆଡ଼େ ହୋଇଥିଲେ । ସେମାନଙ୍କର ଦାନ କେବଳ ଭାରତକୁ ନୁହେଁ ସମଗ୍ର ସଂସାରକୁ ।

ପରମସନ୍ଥ ଶ୍ରୀ ରୈଦାସଜି ଭୌତିକ ଶରୀର ତ୍ୟାଗ କରିଛନ୍ତି କିନ୍ତୁ ତାଙ୍କ ଅଧ୍ୟାତ୍ମ ପ୍ରଭାବ ଆଜି ବି ବିଦ୍ୟମାନ ଅଛି । ଆମ୍ଭେମାନେ ଆଜି ଶ୍ରୀ ରୈଦାସଙ୍କ ସଂକ୍ଷିପ୍ତ ଜୀବନ ଚରିତ ଗାନ କରି ନିଜକୁ କୃତାର୍ଥ କରିବା ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

ପଦ୍ମନାଭଜି

ପରମ ଭକ୍ତ ପଦ୍ମନାଭଜିଙ୍କ ଭଗବତ୍ ନାମନିଷ୍ଠା ଭକ୍ତମାଳ ରଚୟିତା ଶ୍ରୀନାଭାଜିଙ୍କ ହୃଦୟକୁ ଏତେ ପ୍ରଭାବିତ କରିଥିଲା ଯେ, ସେ ତାଙ୍କ ଜୀବନର ଅନ୍ୟାନ୍ୟ ଘଟନା କିଛି ନ କହି, ପ୍ରଥମରେ ଭଗବତ୍ ନାମର ମହିମା ଏବଂ ତାଙ୍କ ନାମନିଷ୍ଠା ବର୍ଣ୍ଣନା କରିଅଛନ୍ତି ।

''ନାମ ମହାନିଧି ମନ୍ତ୍ର, ନାମହିଁ ସେବା ପୂଜା ।
ଜପ ତପ ତୀରଥ ନାମ, ନାମ ବିନ ଔର ନ ପୂଜା ॥
ନାମ ପ୍ରୀତି ନାମ ବୈର, ନାମକ ହି ନାମି ବୋଲୈ ।
ନାମ ଅଜାମିଲ ସାଖି ନାମ ବନ୍ଧନ ତେ ଖୋଲେ ॥
ନାମ ଅଧିକ ରଘୁନାଥ ତେ ରାମ ନିକଟ ହନୁମତ କହ୍ୟୋ ।
କବିର କୃପା ତେ ପରମ ତତ୍ତ୍ୱ ପଦ୍ମନାଭ ପରଚୌ ଲହ୍ୟୋ ॥୬୮॥''

ପରମ ଭକ୍ତ ପଦ୍ମନାଭଜିଙ୍କର ଭଗବତ୍ ନାମ ପରମ ନିଧି, ସବୁଠାରୁ ଶ୍ରେଷ୍ଠ ମହାମନ୍ତ୍ର ଥିଲା । ସେ ନାମଜପକୁହିଁ ଭଗବାନଙ୍କ ଯଥାର୍ଥ ସେବାପୂଜା ମାନୁଥିଲେ । ସେ କେବଳ ନାମକୁହିଁ ଜପ, ତପ, ସବୁ ତୀର୍ଥ ମଧ୍ୟରେ ଶ୍ରେଷ୍ଠ ତୀର୍ଥ ବୋଲି ଉପଲବ୍ଧି କରିଥିଲେ । ନାମଜପ ଛଡ଼ା ଅନ୍ୟ କୌଣସି ପ୍ରକାର ସାଧନା ପ୍ରତି ତାଙ୍କର ରୁଚି ବା ଶ୍ରଦ୍ଧା ନ ଥିଲା । ନାମଜପ କରିବା ବ୍ୟକ୍ତିଙ୍କ ପ୍ରତି ତାଙ୍କର ଅତ୍ୟନ୍ତ ପ୍ରୀତି ଥିଲା । ନାମନିନ୍ଦୁକ ବ୍ୟକ୍ତି ସହିତ ସେ କୌଣସି ସମ୍ପର୍କ ରଖୁ ନ ଥିଲେ । ନାମଜପକୁହିଁ ସେ ସାକ୍ଷାତ୍ ଶ୍ରୀରାମରୂପେ ଉପାସନା କରୁଥିଲେ । ଶ୍ରୀରାମ ଏବଂ ନାମ ଉଭୟକୁହିଁ ସେ ଏକ ତତ୍ତ୍ୱ ବୋଲି ମାନିଥିଲେ । ଭଗବତ୍ ନାମ ପ୍ରଭାବର ସାକ୍ଷୀ ହେଉଛନ୍ତି ଅଜାମିଳ । ସେ ପୁତ୍ରର ନାମ ନାରାୟଣ କହି ଉଦ୍ଧାର ହୋଇଥିଲେ । ଭଗବତ୍ ନାମ ସଂସାରର ଅଜ୍ଞାନ, ଜନ୍ମମରଣାଦି ସମସ୍ତ ପ୍ରକାର ଦୁଃଖ, କଷ୍ଟ, ବନ୍ଧନରୁ ମୁକ୍ତ କରେ । ଏପରିକି ଶ୍ରୀରାମଙ୍କଠାରୁ ତାଙ୍କ ନାମ ବଡ଼ ବୋଲି ଭକ୍ତଶିରୋମଣି ଶ୍ରୀହନୁମାନଜି ଶ୍ରୀରାମଙ୍କୁ କହିଥିଲେ । ଗୁରୁଦେବ ପରମସନ୍ଥ ଶ୍ରୀ କବୀରଙ୍କ କୃପାରୁ ଶ୍ରୀରାମନାମ ପରମ ତତ୍ତ୍ୱରୂପେ ଶ୍ରୀପଦ୍ମନାଭଜିଙ୍କର ଉପଲବ୍ଧି ହୋଇଥିଲା । ଶ୍ରୀହନୁମାନଜି ଶ୍ରୀରାମଙ୍କୁ କହିଥିଲେ,

''ରାମ ତତୋଽଧିକଂ ନାମ ଇତି ମେ ନିଶ୍ଚିତା ମତି
ତ୍ୱୟୈକା ତାରିତାଽଯୋଧ୍ୟା ନାମ୍ନା ତୁ ଭୁବନତ୍ରୟମ୍ ॥''

''ପ୍ରଭୁ, ଆପଣଙ୍କଠାରୁ ଆପଣଙ୍କ ନାମ ବଡ଼ । ଏହାହିଁ ମୋର ଧ୍ରୁବ ବିଶ୍ୱାସ । ଆପଣ ଅବତାର ନେଇ କେବଳ ଅଯୋଧ୍ୟାବାସୀଙ୍କୁ ଉଦ୍ଧାର କରିଥିଲେ । କିନ୍ତୁ ଆପଣଙ୍କ ନାମ ତିନି ଭୁବନର ଅସଂଖ୍ୟ ପ୍ରାଣୀଙ୍କୁ ଉଦ୍ଧାର କରୁଅଛି ।''

ଶ୍ରୀ ପଦ୍ମନାଭଜି ମହାପୁରୁଷ ଶ୍ରୀ କବୀରଜିଙ୍କ ଶିଷ୍ୟ ଥିଲେ । ଗୃହତ୍ୟାଗୀ ସନ୍ଥମାନଙ୍କ ପୂର୍ବ ଆଶ୍ରମ, ପିତାମାତାଙ୍କ ନାମ ଏବଂ ବାସସ୍ଥାନର ପରିଚୟ ଶାସ୍ତ୍ରରେ ନିଷେଧ ଥିବାରୁ ତାଙ୍କ ଜୀବନଚରିତରେ ତାହାସବୁ ଉଲ୍ଲେଖ ହୋଇ ନ ଥିଲା ।

ପଦ୍ମନାଭଜି ଥିଲେ ମହାନ୍ ଶାସ୍ତ୍ରବେତ୍ତା ପଣ୍ଡିତ । ସେସମୟରେ ପ୍ରଚଳିତ ପଦ୍ଧା ଅନୁସାରେ ସେ ଦିଗ୍‌ବିଜୟୀ ପଣ୍ଡିତ ଉପାଧି ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ଅନ୍ୟାନ୍ୟ ସ୍ଥାନରେ ବହୁ ପଣ୍ଡିତଙ୍କ ସହିତ ଶାସ୍ତ୍ରାର୍ଥ କରି ସେମାନଙ୍କୁ ପରାଜୟ

କରି କାଶୀରେ ପହଞ୍ଚିଲେ । କାଶୀ ପଣ୍ଡିତଙ୍କୁ ଶାସ୍ତ୍ରାର୍ଥରେ ପରାଜୟ କଲେ ସେ ଦିଗ୍‌ବିଜୟୀ ପଣ୍ଡିତ ଉପାଧି ପାଇପାରିବେ, ଏହା ତାଙ୍କର ଉଦ୍ଦେଶ୍ୟ ଥିଲା । କାଶୀ ପଣ୍ଡିତମାନଙ୍କୁ ତାଙ୍କ ବିଦ୍ୱତ୍ତାର ପ୍ରଭାବ ବିଦିତ ଥିଲା । ସେମାନେ ହାରିଯିବା ଭୟରେ ତାଙ୍କ ସହିତ ଶାସ୍ତ୍ରାର୍ଥ ନ କରି ସର୍ବସମ୍ମତିକ୍ରମେ ତାଙ୍କୁ ପରମସନ୍ଥ କବୀରଜିଙ୍କ ପାଖକୁ ପଠାଇବା ନିଶ୍ଚୟ କଲେ । ସେମାନେ ଜାଣିଥିଲେ ପଦ୍ମନାଭଜି ଶାସ୍ତ୍ରବେତ୍ତା ତଥା କର୍ମକାଣ୍ଡୀ ପଣ୍ଡିତ କିନ୍ତୁ ଅଧ୍ୟାତ୍ମ ବିଦ୍ୟାରେ ଶୂନ୍ୟ । କବୀରଜି ଯଦ୍ୟପି ଶାସ୍ତ୍ରର ପଣ୍ଡିତ ନ ଥିଲେ ତଥାପି ତାଙ୍କ ଆତ୍ମଜ୍ଞାନ ସମ୍ମୁଖରେ ବଡ଼ ବଡ଼ ପଣ୍ଡିତ ନତମସ୍ତକ ହୋଇଥିବା କଥା କାଶୀପଣ୍ଡିତମାନେ ଦେଖିସାରିଥିଲେ ।

ପଦ୍ମନାଭଜିଙ୍କୁ କାଶୀପଣ୍ଡିତମାନେ କହିଲେ, ''କବୀରଜି ମହାନ୍ ପଣ୍ଡିତ, ତୁମେ ଶାସ୍ତ୍ରାର୍ଥରେ ତାଙ୍କୁ ପରାଜୟ କରିପାରିଲେ ଦିଗ୍‌ବିଜୟୀ ପଣ୍ଡିତ ହୋଇପାରିବ ।'' ପଣ୍ଡିତମାନଙ୍କ କହିବା ଅନୁସାରେ ପଦ୍ମନାଭଜି କବୀରଜିଙ୍କ ପାଖରେ ପହଞ୍ଚିଲେ । ସେ କହିଲେ, ''କାଶୀପଣ୍ଡିତମାନେ ତୁମ ସହିତ ଶାସ୍ତ୍ରଚର୍ଚ୍ଚା କରିବା ସକାଶେ ମୋତେ ପଠାଇଅଛନ୍ତି ଏବଂ ତୁମ୍ଭ ପାଣ୍ଡିତ୍ୟକୁ ଭୂରି ଭୂରି ପ୍ରଶଂସା କରିଅଛନ୍ତି ।'' ଏହା ଶୁଣିବାମାତ୍ରେ ଶ୍ରୀ କବୀରଜି ମହାରାଜ ସବୁ ରହସ୍ୟ ବୁଝିପାରି ହସି କହିଲେ, ''ଭାଇ, ମୁଁ ଶାସ୍ତ୍ରସମ୍ବନ୍ଧେ କ'ଣ ଜାଣେ ? ତଥାପି ତୁମେ ଏତେବଡ଼ ପଣ୍ଡିତ ହୋଇ କୃପା କରି ମୋତେ ଦର୍ଶନ ଦେଲ, ଏଥିରେହିଁ ମୋର ସନ୍ତୋଷ । ତା'ଛଡ଼ା ମୁଁ ତୁମ୍ଭଙ୍କୁ ନିଜଠାରୁ ପୃଥକ୍ ଦେଖୁ ନାହିଁ, ଫେର୍ ଶାସ୍ତ୍ରାର୍ଥ କରିବି କିପରି ?''

ପଦ୍ମନାଭଜି ମହାନ୍ ପଣ୍ଡିତ ଥିଲେ । ଶ୍ରୀ କବୀରଜିଙ୍କ ତତ୍ତ୍ୱପୂର୍ଣ୍ଣ ବାକ୍ୟକୁ ସିଧା ସିଧା ମାନିନେବାର ଅର୍ଥ ତାଙ୍କ ପାଖରେ ହାରିଯିବା ପ୍ରମାଣ ହେବ । ସେସକାଶେ କବୀରଜିଙ୍କ ବାକ୍ୟ ଖଣ୍ଡନ କରି କହିଲେ, ''ଭିନ୍ନ ନ ମାନିଲେ କ'ଣ ହେଲା; ପ୍ରତ୍ୟେକ ବ୍ୟକ୍ତିର ମାର୍ଗ ଭିନ୍ନ ।'' କବୀରଜି କହିଲେ, ''ମାର୍ଗ ଭିନ୍ନ ହେବା ସତ୍ତ୍ୱେ ଲକ୍ଷ୍ୟ ଏକ । ଯେପରି ଗୋଟିଏ ଗନ୍ତବ୍ୟ ସ୍ଥାନରେ ପହଞ୍ଚିବାର ମାର୍ଗ ଭିନ୍ନ ଥାଏ, ସେହିପରି ଏକହିଁ ପରମତତ୍ତ୍ୱ ଭଗବାନଙ୍କୁ ପ୍ରାପ୍ତ କରିବାର ସାଧନାପ୍ରଣାଳୀ ଭିନ୍ନ ହେବା ସତ୍ତ୍ୱେ ପ୍ରାପ୍ତି ଏକହିଁ ହୋଇଥାଏ । ଭଗବତ୍ ପ୍ରାପ୍ତିର ଯେତେ ଭିନ୍ନ ଭିନ୍ନ ମାର୍ଗ ଅଛି, ସମସ୍ତ ମାର୍ଗର ବ୍ୟକ୍ତିଙ୍କ ପକ୍ଷେ ନାମସ୍ୱରୂପ ଗ୍ରାହ୍ୟ ଏବଂ ସର୍ବଶ୍ରେଷ୍ଠ । ଶ୍ରୀରାମନାମ ବ୍ୟତୀତ ଅନ୍ୟାନ୍ୟ ଯେତେ ସାଧନ ଏବଂ ଶାସ୍ତ୍ର ବିଧିବିଧାନ କର୍ମକାଣ୍ଡ କ୍ରିୟାକର୍ମ ସବୁ ବ୍ୟର୍ଥ ।'' ପଦ୍ମନାଭଜିଙ୍କୁ କବୀରଜିଙ୍କ ଏହି ବାକ୍ୟ ବହୁତ କଟୁ ପ୍ରତୀତ ହେଲା । ସେ ମହାନ୍ ପଣ୍ଡିତ ଏବଂ ଶାସ୍ତ୍ର ବିଧିବିଧାନ କର୍ମକାଣ୍ଡରେ ଅଧିକ ବିଶ୍ୱାସ ନିଷ୍ଠା ରଖୁଥିଲେ । ''ଭଗବତ୍ ନାମ ଛଡ଼ା କର୍ମକାଣ୍ଡ ବ୍ୟର୍ଥ,''– ଏହି ଶବ୍ଦ ତାଙ୍କ ହୃଦୟକୁ ତୀର ସଦୃଶ ଆଘାତ କରିଦେଲା । କିନ୍ତୁ କବୀରଜିଙ୍କ ଅଧ୍ୟାତ୍ମ ପ୍ରଭାବରେ ତାଙ୍କ ପାଣ୍ଡିତ୍ୟ ଶକ୍ତି ଅପ୍ରତିଭ ହୋଇସାରିଥିଲା । ସେ' ନେଇ ସେ ଅଧିକ ଉତ୍ତେଜିତ ହୋଇପାରିଲେ ନାହିଁ । କେବଳ ରୁକ୍ଷ ଶବ୍ଦରେ କହିଲେ, ''ଏହାର ପ୍ରମାଣ କ'ଣ ?'' କବୀରଜି କହିଲେ, ''କାଲି ଆସ, ପ୍ରମାଣ ପାଇବ ।''

ପଦ୍ମନାଭଜି ମ୍ଳାନବଦନରେ କବୀରଜିଙ୍କଠାରୁ ଫେରିଲେ । କବୀରଜି ତାଙ୍କର ଜଣେ ଶିଷ୍ୟଙ୍କୁ କହିଲେ, ''ଏହି ପଣ୍ଡିତଙ୍କୁ ଯେଉଁଠାରେ ଦେଖିବୁ, ପାଞ୍ଚ ସାତ ଥର ରାମନାମ ଉଚ୍ଚାରଣ କରିବୁ ।'' ତହିଁ ଆରଦିନ ପଦ୍ମନାଭଜି ସ୍ନାନ କରି ସାନ୍ଧ୍ୟବନ୍ଦନ ତଥା ଶାସ୍ତ୍ରବିଧିରେ ହବନ କରିବାକୁ ଯିବା ସମୟରେ କବୀରଜିଙ୍କ ଶିଷ୍ୟଙ୍କ ସଙ୍ଗେ ଦେଖାହେଲା, ସେ ଜୋରରେ ପାଞ୍ଚ ସାତ ବାର ରାମନାମ ଉଚ୍ଚାରଣ କଲେ ।

ପଦ୍ମନାଭଜି ସାନ୍ଧ୍ୟବନ୍ଦନ କରିବା ପୂର୍ବରୁ ଜଣେ ଅପବିତ୍ର ବ୍ୟକ୍ତିଠାରୁ ରାମଶବ୍ଦ ଶୁଣି ନିଜକୁ ଅପବିତ୍ର ହୋଇଯିବା ମନେକଲେ ଏବଂ ମନେ ମନେ ବହୁତ ରାଗିଗଲେ । ତାଙ୍କ ଦୃଷ୍ଟିରେ ସେ ବ୍ୟକ୍ତି ଥିଲା ଅତି ଦୁଷ୍ଟ ଏବଂ ଅପବିତ୍ର । ଏହି ଅପବିତ୍ରତାଠାରୁ ମୁକ୍ତ ହେବା ସକାଶେ ପୁନରାୟ ଗଙ୍ଗାସ୍ନାନ କଲେ ।

ସେ ପ୍ରତିଦିନ ମନ୍ତ୍ରବଳରେ କାଠରୁ ଅଗ୍ନି ଉତ୍ପନ୍ନ କରି ହବନ କରନ୍ତି । ସେହି ସକାଶେ ତାଙ୍କର ଶାସ୍ତ୍ରମନ୍ତ୍ର ଏବଂ କର୍ମକାଣ୍ଡରେ ଅଧିକ ବିଶ୍ୱାସ ଥିଲା । କିନ୍ତୁ ସେଦିନ ବହୁ ଚେଷ୍ଟା କରି ମନ୍ତ୍ର ଦ୍ୱାରା ଅଗ୍ନି ଉତ୍ପନ୍ନ କରିପାରିଲେ ନାହିଁ କିଂବା ହୋମ କରିପାରିଲେ ନାହିଁ । ସମୟ ବିଳମ୍ବ ହେବାରୁ ସମସ୍ତ ନିତ୍ୟକର୍ମ ବନ୍ଦ ରଖି କବୀରଜିଙ୍କ ପାଖକୁ ଗଲେ । ତାଙ୍କ ମୁଖ ମ୍ଳାନ ଥିଲା । ସେ ଚିନ୍ତାଗ୍ରସ୍ତ ଥିବା ତାଙ୍କ ମୁଖମଣ୍ଡଳରୁ ଜଣା ପଡୁଥିଲା । କବୀରଜି ତାଙ୍କୁ ଦେଖିବାମାତ୍ରେ ପଚାରିଲେ,

''ତୁମ୍ଭେ ଅତ୍ୟଧିକ ଚିନ୍ତିତ ମନେହେଉଛ ?'' ପଦ୍ମନାଭଜି ଉତ୍ତରରେ ପ୍ରତି ଦିନର ନିୟମ ଅନୁସାରେ ଆଜି ଅଗ୍ନି ପ୍ରଜ୍ୱଳିତ ନ ହେବା ଏବଂ ପ୍ରାତଃକାଳର ନିତ୍ୟ ନିୟମ ନ ହେବା ଯୋଗୁଁ ଚିନ୍ତିତ ଥିବା କଥା କହିଲେ । କବୀରଜି କହିଲେ, ''ତୁମ୍ଭର ଧର୍ମଭଙ୍ଗ ହେବାର କାରଣ ହୋଇପାରେ ତୁମ୍ଭେ ରାମନାମକୁ ଅବଜ୍ଞା କରିଥିବ ।'' କବୀରଜିଙ୍କ ଦର୍ଶନ ହେବା ଫଳରେ ବହୁ ବର୍ଷର ପ୍ରାତଃକାଳୀନ ନିୟମ ଭଙ୍ଗ ହେଲା । ସେହି କାରଣରୁ ପଣ୍ଡିତଙ୍କ ପାଣ୍ଡିତ୍ୟ ଗର୍ବ ତଥା ମନ୍ତ୍ରବଳରେ ଅଗ୍ନି ଉତ୍ପନ୍ନ କରୁଥିବା କର୍ମକାଣ୍ଡ ବା ସିଦ୍ଧିର ଅହଂକାର ନଷ୍ଟ ହୋଇଥିଲା । ସେ ସତ୍ୟ ଘଟନାଟି ଅନତି ସ୍ୱରରେ କହିଲେ, ''ହଁ ମହାରାଜ, ଜଣେ ବ୍ୟକ୍ତି ଅପବିତ୍ର, ଅଶୁଦ୍ଧ ଅବସ୍ଥାରେ ରାମନାମ କହିବାରୁ ମୋର ମନେହେଲା ଶାସ୍ତ୍ରଜ୍ଞାନ ପ୍ରାପ୍ତି ବିନା ମୂର୍ଖଙ୍କ ମୁଖରୁ ନାମ ଶୁଣିବାରେ ମନ, ପ୍ରାଣ ଅଶୁଦ୍ଧ ହୁଏ । ମନ, ପ୍ରାଣ ଶୁଦ୍ଧ କରିବା ସକାଶେ ମୁଁ ଗଙ୍ଗା ସ୍ନାନ କରିଥିଲି ।'' କବୀରଜି କହିଲେ, ''ତୁମ୍ଭେ ରାମନାମକୁ ନିନ୍ଦା କରି ବହୁତ ଅପରାଧ କଲ । ଭଗବାନଙ୍କ ନାମ ସ୍ୱୟଂ ପବିତ୍ର । ନାମ ଉଚ୍ଚାରଣ ସକାଶେ ଶୁଦ୍ଧି, ଅଶୁଦ୍ଧି, ତଥା ଶାସ୍ତ୍ରଜ୍ଞାନର କୌଣସି ଆବଶ୍ୟକ ନ ଥାଏ । ନାମ ପରମ ପବିତ୍ର, ନାମ ଉଚ୍ଚାରଣରେହିଁ ସମସ୍ତ ଅପବିତ୍ରତା ପବିତ୍ର ହୁଏ । ଶଙ୍କରଜି ଶାସ୍ତ୍ର, ପୁରାଣ, ବେଦ ମନ୍ଥନ କରି ତା'ର ସାରତତ୍ତ୍ୱ କେବଳ ଦୁଇ ଅକ୍ଷର ''ରାମ'' ନାମ ଗ୍ରହଣ କରିଛନ୍ତି । ଯଥାର୍ଥରେ ରାମନାମର ଅପାର ମହିମା । କେବଳ ଶାସ୍ତ୍ରପୁରାଣ ଅଧ୍ୟୟନରେ ଏହାର ଉପଲବ୍ଧି ହୁଏ ନାହିଁ, ହୁଏ ଭଗବାନ୍ କିଂବା ସନ୍ଥଙ୍କ କୃପାରୁ । ତୁମେ ପାଣ୍ଡିତ୍ୟ ପ୍ରାପ୍ତ ହୋଇଛ କିନ୍ତୁ ନାମର ମହିମା ଉପଲବ୍ଧି କରିପାରି ନାହଁ ।'' ପରମ ସନ୍ଥ କବିରଜିଙ୍କର ଏହା କେବଳ ବାକ୍ୟ ନ ଥିଲା, ବାକ୍ୟ ସଙ୍ଗେ ଥିଲା ରାମନାମର ମହାନ୍ ଶକ୍ତି । ସେହି ଶକ୍ତି ପଣ୍ଡିତଙ୍କ ଆତ୍ମାକୁ ଆବୃତ କରି ରଖିଥିବା ପାଣ୍ଡିତ୍ୟ ଗର୍ବକୁ ଛିନ୍ନଭିନ୍ନ କରିଦେଲା । ତାଙ୍କ ଆତ୍ମାର ଆବରଣ ଦୂର ହେବାରୁ ସେ ରାମନାମର ମହତ୍ତ୍ୱ କିଛି ଅଂଶରେ ବୁଝିପାରିଲେ ଏବଂ ଶ୍ରୀ କବୀରଜିଙ୍କ ଶିଷ୍ୟତ୍ୱ ଗ୍ରହଣ କରିବା ସକାଶେ ତାଙ୍କ ଚରଣରେ ପଡ଼ି ପ୍ରାର୍ଥନା କଲେ । ତାଙ୍କ ପ୍ରାର୍ଥନା ସ୍ୱୀକାର କରି କବୀରଜି ତାଙ୍କୁ ରାମନାମ ଦୀକ୍ଷା ଦେଲେ । ଗୁରୁଦେବଙ୍କ କୃପାରୁ ପଣ୍ଡିତ ପଦ୍ମନାଭଜି ରାମନାମର ମହିମା ଉପଲବ୍ଧି କରିପାରିଲେ ତଥା ସମସ୍ତ ଶାସ୍ତ୍ରର ସାରତତ୍ତ୍ୱ କେବଳ ଭଗବତ୍ ନାମ ବୋଲି ତାଙ୍କର ହୃଦୟଙ୍ଗମ ହୋଇଗଲା । ସେ ଶାସ୍ତ୍ର ପୁରାଣର ଚର୍ଚ୍ଚା ତଥା ବହୁ ବର୍ଷରୁ ଆଚରଣ କରି ଆସୁଥିବା ଶାସ୍ତ୍ରୀୟ ସାନ୍ଧ୍ୟବନ୍ଦନ, ହୋମ ଇତ୍ୟାଦି କର୍ମକାଣ୍ଡ ତ୍ୟାଗ କରି କେବଳ ରାମନାମ ଜପରେ ନିମଗ୍ନ ହୋଇଗଲେ । ସେ ଯେତେ ଯେତେ ରାମନାମ ଜପରେ ଡୁବିଲେ ତାଙ୍କୁ ସେତେସେତେ ରାମନାମର ଅପାର ଶକ୍ତି ଅନୁଭବ ହେବାକୁ ଲାଗିଲା । ସେ କାଶୀରେ ନିବାସ କଲେ ।

ସେହି ସମୟରେ ଜଣେ ଧନୀବ୍ୟକ୍ତି କାଶୀରେ ବାସ କରୁଥିଲେ । ତାଙ୍କୁ ଗଳିତ କୁଷ୍ଠ ହୋଇଗଲା । ସମସ୍ତ ଶରୀରରେ ଘା ହୋଇଗଲା, ଏବଂ ପୋକ ପଡ଼ିଗଲେ । ପୀଡ଼ା ବରଦାସ୍ତ କରି ନ ପାରି ଗଙ୍ଗାଜଳରେ ପ୍ରାଣବିସର୍ଜନ କରିଦେବା ନିଶ୍ଚୟ କଲେ । ସେ ଗଙ୍ଗାରେ ପ୍ରାଣବିସର୍ଜନ କରିବା ସକାଶେ ବିଶ୍ୱାସୀ ଅନୁଚର ସାହାଯ୍ୟରେ ଗଙ୍ଗାକୂଳକୁ ଆସିଲେ ଏବଂ ତା'ରି ସାହାଯ୍ୟରେ ଗୋଟିଏ ଲୁଗାରେ ବାଲି ବାନ୍ଧି ଗଳାରେ ଲଗାଇ ବୁଡ଼ିଯିବାକୁ ତୟାରି କରିବା ସମୟରେ ମହାତ୍ମା ପଦ୍ମନାଭଜି ଦେଖିନେଲେ । ପଚାରି ସମସ୍ତ ଘଟନା ଜାଣି କହିଲେ, ''ବୃଦ୍ଧଙ୍କର ପୋଟଳା ଖୋଲିଦିଅ ।'' ସେ ବୃଦ୍ଧଙ୍କୁ ସମ୍ବୋଧନ କରି କହିଲେ, ''ଚିନ୍ତା କର ନାହିଁ, ଗଙ୍ଗାକୂଳକୁ ଆସିଛ, ସ୍ନାନ କରିନିଅ । ତିନିଥର ରାମନାମ ଉଚ୍ଚାରଣ କର, କୁଷ୍ଠ ରୋଗରୁ ସଂପୂର୍ଣ୍ଣ ମୁକ୍ତ ହୋଇଯିବ ।'' ବୃଦ୍ଧ ଏପରି ଆଶ୍ୱାସନା ବାଣୀ ଶୁଣି ଅପାର ଆନନ୍ଦରେ ତିନିଥର ରାମନାମ କହି ଗଙ୍ଗାରେ ମୁଣ୍ଡ ବୁଡ଼େଇ ଉଠିଲାବେଳକୁ ଶରୀରରେ କୁଷ୍ଠ ରୋଗର ଚିହ୍ନବର୍ଣ୍ଣ ନ ଥିଲା । ଯେଉଁ ଅଙ୍ଗସବୁ ଛିଡ଼ି ଯାଇଥିଲା, ତାହାସବୁ ପୂର୍ଣ୍ଣ ହୋଇଗଲା ଏବଂ ଶରୀରର ବର୍ଣ୍ଣ ତେଜୋଦୀପ୍ତ ହୋଇଗଲା । ବୃଦ୍ଧ ତାଙ୍କଠାରୁ ରାମନାମ ଦୀକ୍ଷା ନେଲେ । ଏହି ଅବସରରେ ଗଙ୍ଗାକୂଳରେ ଲୋକଙ୍କର ଭିଡ଼ ଲାଗିଗଲା । ଏହି ଦୃଶ୍ୟରେ ସମସ୍ତ ଦର୍ଶନାର୍ଥୀ ଆଶ୍ଚର୍ଯ୍ୟଚକିତ ହୋଇ ରାମନାମ ଉଚ୍ଚାରଣ କରିବାକୁ ଲାଗିଲେ । ବୃଦ୍ଧ ଘରକୁ ଫେରିଯାଇ ସମସ୍ତ କାର୍ଯ୍ୟକର୍ମ ଛାଡ଼ି ରାମନାମ ଜପରେ ନିମଗ୍ନ ରହିଲେ ।

ପଦ୍ମନାଭଜି ଯାଇ ଗୁରୁଦେବ କବୀରଜିଙ୍କୁ ସମସ୍ତ ଘଟନା କହିଲେ । କବୀରଜି କହିଲେ, ''ତୁ ଆଜିପର୍ଯ୍ୟନ୍ତ ବି ରାମନାମର ପ୍ରଭାବ ଉପଲବ୍ଧି କରିପାରିଲୁ ନାହିଁ । ରାମନାମ ତିନିଥର ଉଚ୍ଚାରଣ କରିବାର କୌଣସି ଆବଶ୍ୟକତା ନ

ଥିଲା । କେବଳ ଗୋଟିଏ ଅକ୍ଷର 'ରା' ଅଥବା 'ମ' ଯଦି ଉଚ୍ଚାରଣ କରିଥାନ୍ତେ ତେବେ ସେ ସମସ୍ତ ପ୍ରକାର ରୋଗ ଏବଂ ଜନ୍ମମରଣରୁ ମୁକ୍ତ ହୋଇଥାଆନ୍ତେ ।'' ଗୁରୁଦେବଙ୍କ ଏହି ବାକ୍ୟରୁ ପଦ୍ମନାଭଜିଙ୍କୁ ରାମନାମର ପ୍ରଭାବ ଆହୁରି ଅଧିକ ଉପଲବ୍ଧି ହେଲା । ସେ ଶେଷ ଜୀବନ ପର୍ଯ୍ୟନ୍ତ ରାମନାମ ଜପରେ ନିମଗ୍ନ ରହି ଭଗବାନଙ୍କ ନିର୍ଦ୍ଦେଶରେ ଶରୀରତ୍ୟାଗ କରି ଭଗବତ୍ ଧାମ ପ୍ରାପ୍ତ ହେଲେ । ତାଙ୍କ ଜୀବନକାଳରେ ବହୁ ଚମତ୍କାର ଘଟନା ଘଟିଥିଲା । କିନ୍ତୁ ତା' ମଧ୍ୟରୁ ଶ୍ରୀ ନାଭାଜିଙ୍କ ଭକ୍ତମାଳା ପ୍ରିୟାଦାସଜିଙ୍କ ଟୀକାରେ ଏହି ଘଟନାଟି ବର୍ଣ୍ଣିତ ଥିବାରୁ ଏଠାରେ କେବଳ ସେହି ଘଟନାଟିର ଆଲୋଚନା କରାହେଲା ।

ଯଥାର୍ଥରେ ଭଗବତ୍ ନାମଜପର ଅପାର ମହିମା । ସମସ୍ତ ପ୍ରକାର ସାଧନାରେ ନାମଜପର ବିଶେଷ ସ୍ଥାନ ରହିଛି । ଶ୍ରୀଅରବିନ୍ଦଙ୍କ ଯୋଗରେ ବି କେବଳ ମା'ଙ୍କ ନାମ ଅଥବା ମା'ଙ୍କ ନାମ ସହିତ ଶ୍ରୀଅରବିନ୍ଦଙ୍କ ନାମ ସ୍ମରଣ ସକାଶେ ଶ୍ରୀଅରବିନ୍ଦ କହି ଅଛନ୍ତି । *Letters of Sri Aurobindo,* Second series ରେ ଶ୍ରୀଅରବିନ୍ଦଙ୍କ ଏହି ମର୍ମରେ ଗୋଟିଏ ଚିଠି ଅଛି ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

ଶ୍ରୀ ରସିକମୁରାରିଜି

''ତନ ମନ ଧନ ପରିବାର ସହିତ ସେବତ ସଂତନ କହଁ ।
ଦିବ୍ୟ ଭୋଗ ଆରତି ଅଧିକ ହରି ହୂତେ ହିୟ ମଁହ ॥
ଶ୍ରୀ ବୃନ୍ଦାବନ ଚନ୍ଦ୍ର ଶ୍ୟାମ-ଶ୍ୟାମା ରଂଗ ଭୀନେ ।
ମଗନ ପ୍ରେମ ପୀୟୂଷ ପୟଧ ପରଚୈ ବହୁ ଦିନେ ॥
ଶ୍ରୀହରିପ୍ରିୟ ଶ୍ୟାମାନନ୍ଦବର ଭଜନ ଭୂମି ଉଦ୍ଧାର କିୟୋ ।
ଶ୍ରୀ ରସିକମୁରାରି ଉଦାର ଅତି ମତଗଜହିଁ ଉପଦେଶ ଦିୟୌ ॥''

ନାଭାଜି ଭକ୍ତମାଳ – ॥୯୫॥

''ଶ୍ରୀ ରସିକମୁରାରିଜି ତନ, ମନ, ଧନରେ ପରିବାର ଅର୍ଥାତ୍ ଶିଷ୍ୟ ସହିତ ସନ୍ଥମାନଙ୍କର ସେବା କରୁଥିଲେ । ଭଗବାନଙ୍କଠାରୁ ଭଗବାନଙ୍କ ଭକ୍ତଙ୍କୁ ଅଧିକ ଆଦର ସହିତ ଉତ୍ତମ ଭୋଗ ଦେଇ ଆରତି କରୁଥିଲେ । ଶ୍ରୀ ବୃନ୍ଦାବନ ଚନ୍ଦ୍ର ଶ୍ରୀରାଧାକୃଷ୍ଣଙ୍କ ପ୍ରୀତିରଙ୍ଗରେ ରଙ୍ଗି ତାଙ୍କ ପ୍ରେମାମୃତ ସମୁଦ୍ରରେ ଡୁବି ରହୁଥିଲେ । ଭଗବାନଙ୍କ ପ୍ରତି ଦୃଢ଼ ନିଷ୍ଠାର ପରିଚୟ କେଇଥର ଦେଇଥିଲେ । ନିଜ ଗୁରୁଦେବ ଶ୍ରୀ ଶ୍ୟାମାନନ୍ଦଜିଙ୍କ ଭଜନସ୍ଥଳୀ, ଦାନ ମିଳିଥିବା ଗୋଟିଏ ଗ୍ରାମ, ତତ୍କାଳୀନ ରାଜା ଛଡ଼େଇ ନେଇଥିଲେ । କିନ୍ତୁ ଭଗବାନଙ୍କ ପ୍ରତି ଭକ୍ତି ନିଷ୍ଠା ପ୍ରଭାବରେ ସେ ପୁନରାୟ ରାଜାଙ୍କଠାରୁ ତାହା ପ୍ରାପ୍ତ କରିଥିଲେ । ସେ ସ୍ୱଭାବତଃ ଅତ୍ୟନ୍ତ ଉଦାର ଥିଲେ । ଥରେ ସେ ଗୋଟିଏ ମଦମତ୍ତ ଦୁଷ୍ଟ ଆତଙ୍କକାରୀ ହସ୍ତୀକୁ ଉପଦେଶ ଦେଇ ତା'ର ଦୁଷ୍ଟ ସ୍ୱଭାବକୁ ଶାନ୍ତ କରି ତାକୁ ଶିଷ୍ୟ କରି ନେଇଥିଲେ ।''

ଶ୍ରୀ ନାଭାଜି ମହାରାଜ ସନ୍ଥ, ଭକ୍ତ, ମହାପୁରୁଷମାନଙ୍କ ଜୀବନଚରିତ ବହୁ ସଂକ୍ଷେପରେ ବର୍ଣ୍ଣନା କରିଅଛନ୍ତି । ଶ୍ରୀ ପ୍ରିୟାଦାସଜି ମହାରାଜ ସେହି କବିତାକୁ ଟୀକା ଲେଖିବା ସମୟରେ ସେହିସବୁ ପ୍ରସିଦ୍ଧ ଘଟନାର ସନ୍ଧାନ ନେଇ ବିସ୍ତାର କରି ବ୍ୟାଖ୍ୟା କରିଅଛନ୍ତି । ତା'ରି ଆଧାରରେ ସନ୍ଥ ଶ୍ରୀ ରସିକ ମୁରାରିଜିଙ୍କ ଚରିତ ଲେଖିବାକୁ ପ୍ରୟାସ କରୁଅଛି । ଭକ୍ତମାନଙ୍କ ଆନ୍ତରିକ ଭକ୍ତିଭାବ ଅତ୍ୟନ୍ତ ଗୂଢ଼ ଏବଂ ଅଗମ୍ୟ । ଯଥାର୍ଥରେ ତାହା ଅଗାଧ ସମୁଦ୍ର । କେବଳ ଭଗବତ୍ କୃପାରୁ ଯତ୍କିଞ୍ଚିତ ପ୍ରାପ୍ତ ହୁଏ, ତାହାହିଁ ବ୍ୟକ୍ତି ଲେଖନୀରେ ବ୍ୟକ୍ତ କରିପାରେ ।

ଶ୍ରୀ ରସିକମୁରାରିଜି ମହାରାଜ ଭଗବାନ୍ ଶ୍ରୀରାଧାକୃଷ୍ଣଙ୍କ ପ୍ରେମ-ଭକ୍ତି-ସମୁଦ୍ରରେ ଯେପରି ନିମଜ୍ଜନ କରିଥିଲେ, ସେହିପରି ଅଥବା ତା'ଠାରୁ ଅଧିକ ଭଗବତ୍ ଭକ୍ତସନ୍ଥମାନଙ୍କୁ ସେବା ପୂଜା କରୁଥିଲେ । ତାଙ୍କର ଭଗବାନ୍ ଥିଲେ ପ୍ରାଣରୁ ପ୍ରିୟ । ଭଗବାନଙ୍କର ଭକ୍ତ ଥିଲେ ତାଙ୍କଠାରୁ ବି ଅତ୍ୟନ୍ତ ପ୍ରିୟ । ସେହି ସକାଶେ ସେ ସନ୍ଥମାନଙ୍କୁ ଭଗବାନଙ୍କଠାରୁ ଅଧିକ ସେବା ପୂଜା କରି ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଥିଲେ । ଏହି ବିଷୟ ନାଭାଜି ତାଙ୍କ କବିତାରେ ଅତ୍ୟନ୍ତ ସ୍ପଷ୍ଟଭାବେ ଲେଖିଅଛନ୍ତି ।

ସନ୍ଥମାନଙ୍କ ପରମ୍ପରାରୁ ସନ୍ଥସେବା ପ୍ରଚଳିତ ହୋଇ ଆସୁଅଛି । କୌଣସି ସନ୍ଥ-ଆଶ୍ରମରେ ଯେକୌଣସି ସନ୍ଥ ସ୍ୱଚ୍ଛନ୍ଦରେ ରହିପାରନ୍ତି । କିନ୍ତୁ ଶ୍ରୀ ରସିକମୁରାରି ଦାସଙ୍କ ସନ୍ଥସେବା ପରମ୍ପରାପ୍ରାପ୍ତ ପଦ୍ଧତିରୁ ସଂପୂର୍ଣ୍ଣ ଭିନ୍ନ । ସେ ସନ୍ଥମାନଙ୍କୁ ଭଗବାନଙ୍କଠାରୁ ଅଭିନ୍ନ ଭାବ ରଖି ସେବା କରନ୍ତି । ତାଙ୍କ ସନ୍ଥସେବାରେ ସୁନାମ ପ୍ରସାର ହେବାରୁ ବହୁ ସଂଖ୍ୟାରେ ସନ୍ଥମାନେ ତାଙ୍କ ଆଶ୍ରମକୁ ଆସନ୍ତି । ସେ ସେମାନଙ୍କ ସେବାରେ ତନ, ମନ, ଧାନ ସବୁ ଅର୍ପଣ କରି ସେମାନଙ୍କୁ ସୁଖ ଆରାମ ଦେବା ସକାଶେ ବରାବର ଚେଷ୍ଟା କରୁଥାଆନ୍ତି । ସେମାନଙ୍କୁ ଉତ୍ତମ ଭୋଜନ କରାନ୍ତି । କୌପୁନି ଧୋଇବା, ଆସନ ଲଗେଇବା, ଗୋଡ଼ ମୋଡ଼ିଦେବା, ଯାହାର ଯେଉଁ ବସ୍ତୁ ଦରକାର ତତ୍କ୍ଷଣାତ୍ ନିବେଦନ କରିବା କାର୍ଯ୍ୟ ନିଜେ ଏବଂ ନିଜର ଶିଷ୍ୟମାନଙ୍କ ସହିତ କରନ୍ତି । ''ଭଗବତ୍ ଭକ୍ତି, ଭଗବାନ୍, ଭଗବାନଙ୍କ ଭକ୍ତ –

ଏହି ତିନୋଟି ପୃଥକ୍ ନାମ କିନ୍ତୁ ତତ୍ତ୍ୱତଃ ଏକ ।'' ନାଭାଜିଙ୍କ ଏହି ସିଦ୍ଧାନ୍ତକୁ ସେ ନିଜ ଜୀବନ ତଥା କର୍ମରେ ଆଚରଣ କରିଅଛନ୍ତି ।

ସେ ସନ୍ଥମାନଙ୍କ ଚରଣାମୃତ ନେଇ ଗୋଟିଏ କଳସରେ ପୂର୍ଣ୍ଣ କରି ଗୋଟିଏ ସୁଶୋଭିତ ସିଂହାସନରେ ଭଗବତ୍ ପ୍ରତିମା ସଦୃଶ ପ୍ରତିଷ୍ଠା କରିଥାଆନ୍ତି । ସେହି କଳସରେ ପୁଷ୍ପ, ଚନ୍ଦନ, ଧୂପ ଅର୍ପଣ କରନ୍ତି ଏବଂ ଆରତି କରନ୍ତି । ସେହି ଚରଣାମୃତ ସେ ପାନ କରନ୍ତି । ଏହା ତାଙ୍କର ନିତ୍ୟ ନିୟମ ଥିଲା । ତାଙ୍କ ସନ୍ଥସେବାରେ ଆନ୍ତରିକ ନିଷ୍ଠା ଯୋଗୁଁ ଅଧିକରୁ ଅଧିକ ସନ୍ଥ ତାଙ୍କ ଆଶ୍ରମକୁ ଆସିଲେ । ସନ୍ଥମାନଙ୍କ ଆଗମନରେ ସେ ଅତ୍ୟନ୍ତ ଆନନ୍ଦିତ ହୋଇ ଶିଷ୍ୟମାନଙ୍କ ସହିତ ସେବାରେ ନିମଗ୍ନ ରହିଲେ ।

ଶ୍ରୀ ରସିକମୁରାରିଜି ତାଙ୍କ ଗୁରୁଦେବଙ୍କ ବାର୍ଷିକ ଜନ୍ମୋତ୍ସବ ବାରଦିନ ପାଳନ କରୁଥିଲେ । ସେ ସମୟରେ ବହୁ ଦୂରରୁ ସନ୍ଥମାନେ ଆସୁଥିଲେ । ପ୍ରତିଦିନର ସନ୍ଥମାନଙ୍କ ସଂଖ୍ୟାଠାରୁ ସେସମୟରେ କେଇଗୁଣ ଅଧିକ ହେଉଥିଲେ । ସେ ବହୁତ ଉତ୍ସାହରେ ନାନା ପ୍ରକାର ମିଷ୍ଟାନ୍ନ ତଥା ବିବିଧ ପ୍ରକାର ଭୋଜନ ତୟାର କରାଇ ଭଗବାନଙ୍କୁ ଭୋଗ ଲଗାଇ ସନ୍ଥମାନଙ୍କୁ ଭୋଜନ କରାଉଥିଲେ । ତାଙ୍କର ନିଷ୍ଠା ଥିଲା ସନ୍ଥମାନଙ୍କ ବେଶରେ । ସେ ସନ୍ଥମାନଙ୍କ ଗୁଣ, ଅଗୁଣ, ଚରିତ୍ର ଦେଖୁ ନ ଥିଲେ । ଯିଏ ସନ୍ଥବେଶ ଧାରଣ କରି ତାଙ୍କ ପାଖକୁ ଆସୁଥିଲେ, ସେ ତାଙ୍କୁ ଇଷ୍ଟଦେବରୂପେ ପୂଜା ସତ୍କାର କରୁଥିଲେ । ଥରେ ତାଙ୍କ ଗୁରୁଦେବଙ୍କ ବାର୍ଷିକ ଜନ୍ମୋତ୍ସବ ହୋଇଥିଲା । ପଙ୍ଗତରେ ବହୁ ସନ୍ଥ ଭୋଜନ କରୁଥିଲେ । ସେହି ସମୟରେ ମୁରାରିଜି ଜଣେ ଶିଷ୍ୟଙ୍କୁ ସନ୍ଥଙ୍କ ଚରଣାମୃତ ଆଣିବାକୁ କହିଲେ । ସନ୍ଥମାନେ ଭୋଜନ କରିବା ସମୟରେ ତାଙ୍କ ଚରଣର କିଛି ଅଂଶ ଧୋଇ ଚରଣାମୃତ ନିଆହୁଏ । ଗୁରୁଙ୍କ ଆଜ୍ଞା ଅନୁସାରେ ଶିଷ୍ୟ ସନ୍ଥଙ୍କ ଚରଣାମୃତ ଆଣି ଗୁରୁଦେବଙ୍କୁ ଦେଇଦେଲେ । ଶ୍ରୀ ରସିକଜି ସନ୍ଥଙ୍କ ଚରଣାମୃତକୁ ନତମସ୍ତକ ହୋଇ ପ୍ରଣାମ କଲେ ଏବଂ ଆନନ୍ଦ ସହିତ ପାନ କଲେ । ସଙ୍ଗେ ସଙ୍ଗେ କହିଲେ, ''ସନ୍ଥମାନଙ୍କ ଚରଣାମୃତରେ ଯେଉଁ ସ୍ୱାଦ ଥାଏ, ଆଜି ସେ ସ୍ୱାଦ ନାହିଁ ।'' ପାଖରେ ଥିବା ଦୁଇ ଚାରିଜଣ ଭକ୍ତଙ୍କୁ ମଧ୍ୟ ଚରଣାମୃତ ଦେଇ ସ୍ୱାଦ ଚଖାଇଲେ ଏବଂ ଚରଣାମୃତ ନେଇଥିବା ଶିଷ୍ୟଙ୍କୁ କହିଲେ, ''ତୁ ସବୁ ସନ୍ଥଙ୍କ ଚରଣାମୃତ ଆଣିଛୁ ?'' ସେ ଭୟଭୀତ ହୋଇ କହିଲେ, ''ମହାରାଜ ! ଜଣେ କୁଷ୍ଠରୋଗୀ ସନ୍ଥ ଥିଲେ, ତାଙ୍କ ଚରଣାମୃତ ଆଣି ନାହିଁ ।'' ଏକଥା ଶୁଣିବା ମାତ୍ରେ ସଙ୍ଗେ ସଙ୍ଗେ ଯାଇ କୁଷ୍ଠରୋଗୀ ସନ୍ଥଙ୍କ ଚରଣ ଉତ୍ତମରୂପେ ଧୋଇ ଚରଣାମୃତ ଆଣି ପାନ କରି ବିଶେଷ ଆନନ୍ଦିତ ହେଲେ । ଏହାହିଁ ଆନ୍ତରିକ ନିଷ୍ଠାର ପ୍ରତ୍ୟକ୍ଷ ପ୍ରଭାବ ।

ଭଗବାନ୍ ସର୍ବତ୍ର, ସର୍ବବସ୍ତୁ, ସମସ୍ତ ବ୍ୟକ୍ତି ମଧ୍ୟରେ ବିଦ୍ୟମାନ ଥାଆନ୍ତି । ବ୍ୟକ୍ତିର ଦୃଢ଼ ନିଷ୍ଠା ଯେଉଁଠାରେ ହୁଏ, ଭଗବାନଙ୍କୁ ସେ ସେହିଠାରେ, ସେହି ବ୍ୟକ୍ତି ମଧ୍ୟରେ ଉପଲବ୍ଧି କରେ । ତାଙ୍କର ଦୃଢ଼ ନିଷ୍ଠା ଥିଲା ''ବେଶଧାରୀ ସନ୍ଥଙ୍କ ମଧ୍ୟରେ ଭଗବାନ୍ ପ୍ରକଟ ଅଛନ୍ତି ।'' ଏହି ନିଷ୍ଠା ଯୋଗୁଁ ତାଙ୍କ ସକାଶେ ଭଗବାନ୍ ସନ୍ଥଙ୍କ ମଧ୍ୟରେ ପ୍ରକଟ ଥିଲେ ଏବଂ ତାଙ୍କ ଚରଣାମୃତ ତାଙ୍କ ସକାଶେ ଅମୃତ ତୁଲ୍ୟ ଥିଲା । ଏହି ନିଷ୍ଠା ସ୍ୱତଃସ୍ଫୂର୍ତ୍ତଭାବେ ଆସେ ଅନ୍ତରରୁ । ଅନ୍ତରର ନିଷ୍ଠାଛଡ଼ା ବୁଦ୍ଧି ଦ୍ୱାରା ଅନୁକରଣ କଲେ ବିପଦ ଆସେ ।

ଥରେ ତାଙ୍କ ଗୁରୁଦେବଙ୍କ ବାର୍ଷିକ ଜନ୍ମୋତ୍ସବରେ ବହୁସଂଖ୍ୟାରେ ବିଭୂତିଧାରୀ ତ୍ୟାଗୀ ସନ୍ଥ ଆସି ତାଙ୍କ ଆଶ୍ରମର ନିକଟସ୍ଥ ଆମ୍ବ ବଗିଚାରେ ନିବାସ କଲେ । ସନ୍ଥମାନଙ୍କ ଆଗମନ ଶୁଣି ସେ ଆନନ୍ଦ ବିଭୋର ହୋଇ ସେମାନଙ୍କ ଦର୍ଶନକୁ ଗଲେ । ସେହି ସମୟରେ ଜଣେ ସନ୍ଥ ହୁକା ଟାଣୁଥିଲେ । ବିଭୂତିଧାରୀ ତ୍ୟାଗୀ ସନ୍ଥମାନଙ୍କ ମଧ୍ୟରୁ ଅଧିକ ସଂଖ୍ୟାରେ ଗଞ୍ଜେଇ ଖାଆନ୍ତି ଏବଂ ଧୂଆଁ ପତ୍ର ମଳି ଚିଲମରେ ରଖି ଗଞ୍ଜେଇ ଟାଣିବା ସଦୃଶ ଟାଣନ୍ତି । ହୁକା ଟାଣିବା ପ୍ରଚଳିତ ନ ଥାଏ । ଜଣେ ସନ୍ଥ ହୁକା ଟାଣୁ ଥିଲେ । ଶ୍ରୀ ରସିକମୁରାରିଜିଙ୍କୁ ଦେଖି ତାଙ୍କୁ ଅଧିକ ସଂକୋଚ ଲାଗିଲା । ସେ ଶୀଘ୍ର ହୁକାକୁ ଲୁଚେଇ ଦେଲେ । ସନ୍ଥଙ୍କ ସଂକୋଚ ଦୂର କରିବା ପାଇଁ ସେ ସେହିଠାରେ ବସିପଡ଼ି ପେଟରେ ବିଶେଷ ଦରଜ ହେଉଥିବା ଭଙ୍ଗିରେ ପେଟକୁ ହାତରେ ଧରିଲେ ଏବଂ ଶରୀରରେ ମଧ୍ୟ ସେହିପରି ଭଙ୍ଗି ଦେଖାଇଲେ । ଏପରି ଦେଖିବା ମାତ୍ରେ କେତେକ ସନ୍ଥ ଦୌଡ଼ି ଆସି ପଚାରିବାରୁ ସେ କହିଲେ, ''ହୁକା ଟିକିଏ

ଟାଣିଲେ ପେଟବ୍ୟଥା ଭଲ ହୋଇଯିବ ।'' ଏକଥା ଶୁଣି ସନ୍ଥଜି ଶୀଘ୍ର ହୁକା ତୟାର କରି ନେଇଆସିଲେ ଏବଂ ରସିକଜିଙ୍କୁ ଦେଇଦେଲେ । ସନ୍ଥଙ୍କର ସଂକୋଚ ଦୂର କରିବା ସକାଶେ ସେ ଦୁଇଚାରି ଥର ହୁକା ଟାଣିବା ପରେ ପେଟ ଭଲ ହୋଇଥିବା କହି ସନ୍ଥମାନଙ୍କୁ ଦର୍ଶନ ପ୍ରଣାମ କରି ଫେରିଆସିଲେ ।

ଦିନେ ମିଷ୍ଟାନ୍ନର ଭଣ୍ଡାରା ହୋଇଥିଲା । ସନ୍ଥମାନେ ଭୋଜନ କରୁଥିଲେ । ସେହି ସମୟରେ ନିଜ ରହିବା ସ୍ଥାନରେ ଶ୍ରୀ ରସିକଜି ଜଣେ ରାଜାଙ୍କ ସହିତ କେତେକ ଶିଷ୍ୟଙ୍କୁ ଉପଦେଶ ଦେଉଥିଲେ । ପଙ୍ଗତରେ ବସି ଭୋଜନ କରୁଥିବା ଜଣେ ସନ୍ଥଙ୍କ ହାତରେ ଗୋଟିଏ ସୋଠା ଥିଲା । ଗୋଟିଏ ମୋଟା କିନ୍ତୁ ଲମ୍ବାରେ ଛୋଟ ଲାଠିକୁ ସନ୍ଥମାନେ ସୋଠା କହନ୍ତି । ସେହି ସନ୍ଥ ନିଜ ଭୋଜନ କରୁଥିବା ପତ୍ର ପାଖରେ ଆଉ ଗୋଟିଏ ପତ୍ର ପକାଇଥିଲେ । ଶ୍ରୀ ରସିକମୁରାରିଜିଙ୍କ ଶିଷ୍ୟ ପରିବେଷଣ କରିବା ସମୟରେ ସେ କହୁଥିଲେ, ''ମୋ ସୋଠା ସକାଶେ ଏହି ପତ୍ରରେ ଭୋଜନ ପରଶ ।'' ଶିଷ୍ୟ ଦେଉ ନ ଥିଲେ । ସେ କହୁଥିଲେ, ''ସୋଠା କ'ଣ ଖାଇବ ?'' ଏହିପରି ପ୍ରତିବାଦରେ ପ୍ରାୟ ଭୋଜନ ଶେଷ ହେଲା । ଶେଷ ପର୍ଯ୍ୟନ୍ତ ତାଙ୍କ ସୋଠାକୁ ଭୋଜନ ପରଶା ନ ହେବାରୁ ସେ ରାଗିଗଲେ । (ଅର୍ଥାତ୍ ସୋଠା ନାମରେ ଗୋଟିଏ ପାଶ୍ୱ ସାଙ୍ଗରେ ନେବାକୁ ଚାହୁଁଥିଲେ ।) ନିଜ ଅବଶିଷ୍ଟ ଅଇଁଠା ଭୋଜନ ପତ୍ର ଆଣି ଶ୍ରୀ ମୁରାରିଜିଙ୍କ ମସ୍ତକ ଉପରେ ପକାଇ କହିଲେ, ''ମୋ ସୋଠାକୁ ଭୋଜନ ମିଳିଲା ନାହିଁ, ତୋ ଭୋଜନ ତୁ ନେ, ମୁଁ ଯାଉଛି ।'' ଏହି ଘଟଣା ବସିଥିବା ଶିଷ୍ୟ ରାଜା ତଥା ଅନ୍ୟମାନେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଶ୍ରୀ ମୁରାରିଜି, ଉଠି ଛିଡ଼ାହୋଇ ଆନ୍ତରିକ ଶାନ୍ତ ଏବଂ ନମ୍ର ନିଷ୍କପଟ ସ୍ୱରରେ ହାତଯୋଡ଼ି କହିଲେ, ''ପ୍ରଭୁ, ମୁଁ ଆଜିପର୍ଯ୍ୟନ୍ତ ଆପଣମାନଙ୍କ ଚରଣାମୃତ ନେଉଥିଲି, କିନ୍ତୁ ଆଜି ଦୟାକରି ସିଦ୍‌ପ୍ରସାଦ ମୋତେ ଦେଇ କୃତାର୍ଥ କଲେ ।'' ଏହା କହି ଆଦର ସହିତ ପ୍ରସାଦ ହାତରେ ଧରି କହିଲେ, ''ମହାରାଜ ଆପଣଙ୍କ ସୋଠା ସକାଶେ ଯେତେ ଇଚ୍ଛା ସେତେ ପ୍ରସାଦ ନିଅନ୍ତୁ ।'' ନିଜେ ଯାଇ ଆଦର ସତ୍କାର ସହିତ ସନ୍ଥଙ୍କୁ ପ୍ରସାଦ ଦେଇଦେଲେ ଏବଂ ପ୍ରଣାମ କରି ବିଦା କଲେ । ପାର୍ଶ୍ୱ ନ ଦେଇଥିବା ଶିଷ୍ୟକୁ ସେହି ଦିନଠାରୁ ସନ୍ଥଙ୍କ ସେବାରୁ ବିରତ କରିଥିଲେ । ଶିଷ୍ୟ ସକାଶେ ଏହି ଦଣ୍ଡ ଉଚିତ ବି ଥିଲା । ସେବାର ଅର୍ଥ ସନ୍ତୁଷ୍ଟ କରିବା । ସେବାରେ ନୀତିର ସ୍ଥାନ ନ ଥାଏ ।

ଶ୍ରୀ ରସିକମୁରାରିଜି ଯେଉଁ ଆଶ୍ରମରେ ସନ୍ଥସେବା କରୁଥିଲେ, ସେ ସ୍ଥାନର କିଛି ଦୂରରେ ପୂର୍ବ ରାଜା ତାଙ୍କ ଗୁରୁଦେବ ଶ୍ୟାମାନନ୍ଦଜିଙ୍କୁ ଗୋଟିଏ ଗ୍ରାମ ଦାନ କରିଥିଲେ । ସେହି ସ୍ଥାନରେ ଶ୍ରୀଶ୍ୟାମାନନ୍ଦଜିମହାରାଜ ଭଜନ କରୁଥିଲେ । ତତ୍‌କାଳୀନ ରାଜା ଦୁଷ୍ଟପ୍ରକୃତିର ଥିଲେ । ସେ ସାଧୁସନ୍ଥଙ୍କୁ ସମ୍ମାନ କରୁ ନ ଥିଲେ । ଦାନ ଦେଇଥିବା ବସ୍ତୁ ଅପହରଣ କରିବା ଯଦ୍ୟପି ଅନ୍ୟାୟ ଥିଲା, ସେ ତାହାପ୍ରତି ଭ୍ରୁକ୍ଷେପ ନ କରି ଦାନ ଦେଇଥିବା ଗ୍ରାମକୁ ଛଡ଼ାଇ ନେଲେ । ଏହି କାରଣରୁ ଗୁରୁଦେବ ଜଣେ ଶିଷ୍ୟକୁ ଶ୍ରୀ ରସିକମୁରାରିଜିଙ୍କ ପାଖକୁ ପଠାଇ ଖବର ଦେଲେ, ''ତୁ ଯେଉଁଠାରେ ବସିଥିବୁ, ସେହିଠାରୁ ଉଠିଆସିବୁ ।''

ଶ୍ରୀ ରସିକମୁରାରିଜିଙ୍କ ଭଗବତ୍ ନିଷ୍ଠା, ସନ୍ଥସେବା ନିଷ୍ଠା ଯେପରି ଥିଲା, ସେହିପରି ମଧ୍ୟ ଗୁରୁନିଷ୍ଠା ଥିଲା । ସେ ଗୁରୁଦେବଙ୍କ ଆଜ୍ଞା ବିନାବିଚାରରେ ଶିରୋଧାର୍ଯ୍ୟ କରୁଥିଲେ । ସେ ଭୋଜନ କରିବା ସମୟରେ ଗୁରୁଙ୍କ ଖବର ପାଇବା ମାତ୍ରେ ଭୋଜନ ଛାଡ଼ି ହାତ ମୁଖ ନ ଧୋଇ ଗୁରୁଙ୍କ ପାଖକୁ ଚାଲିଗଲେ । ଗୁରୁଦେବଙ୍କ ଚରଣରେ ସାଷ୍ଟାଙ୍ଗ ଦଣ୍ଡବତ କରିବା ସମୟରେ ହସ୍ତମୁଖରେ ଝୁଟା ଲାଗିଥିବାର ଗୁରୁଦେବ ଦେଖି ପଚାରିବୁଝି ହସ୍ତମୁଖ ଧୋଇବାକୁ ଆଜ୍ଞା ଦେଲେ । ପରେ ଦୁଷ୍ଟ ରାଜାଠାରୁ ଗ୍ରାମ ଫେରାଇ ଆଣିବାକୁ କହିଲେ । ଗୁରୁଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ଶ୍ରୀ ରସିକଜି ରାଜାଙ୍କ ରାଜଧାନୀରେ ପହଞ୍ଚିଲେ । ଦରବାରରେ କାମ କରୁଥିବା କେତେକ ଅଫିସର୍ ଏବଂ କର୍ମଚାରୀ ତାଙ୍କର ଶିଷ୍ୟ ଥିଲେ । ଗୁରୁଦେବଙ୍କ ଆଗମନର ଖବର ପାଇ ସେମାନେ ଯାଇ ଆଦର ସତ୍କାର ସହିତ ଆଣି ଉତ୍ତମ ସ୍ଥାନରେ ନିବାସ କରାଇ ଗୁରୁଙ୍କ ସେବାରେ ନିଯୁକ୍ତ ରହିଲେ ଏବଂ ଦରବାରରେ ଅନୁପସ୍ଥିତର ତିନିଦିନ ଛୁଟି ନେଲେ । ଗୁରୁଦେବଙ୍କୁ କହିଲେ, ''ରାଜା ବଡ଼ ଦୁଷ୍ଟ ସ୍ୱଭାବର, ଆପଣ ତାଙ୍କ ପାଖକୁ ଯାଆନ୍ତୁ ନାହିଁ । ସେ ଆପଣଙ୍କର ଅନିଷ୍ଟ କରିପାରେ । ଆମ୍ଭେମାନେ ମନ୍ତ୍ରୀଙ୍କୁ କହି ଗ୍ରାମ ଫେରସ୍ତ ଦେବାକୁ ଚେଷ୍ଟା କରୁଛୁ ।'' ରସିକମୁରାରିଜି କହିଲେ, ''ତୁମ୍ଭେମାନେ ଚିନ୍ତା କର ନାହିଁ ।

ଆମ୍ଭ ପ୍ରଭୁ ରାଜାଠାରୁ ବହୁତ ଶକ୍ତିଶାଳୀ । ରାଜା ମୋର କିଛି କରିବ ନାହିଁ ।'' ଶ୍ରୀ ରସିକମୁରାରିଜି ଆସିବା ଖବର ରାଜାଙ୍କୁ ମଧ୍ୟ ମିଳିଗଲା । ରାଜା ନିଜ ଅନୁଚର ଦ୍ୱାରା ଶ୍ରୀ ରସିକମୁରାରିଜିଙ୍କୁ ଦରବାରକୁ ଡକାଇ ପଠାଇଲେ ଏବଂ ଦରବାରରେ କହିଲେ, ''ଯଦି ସାଧୁ କିଛି କରାମତି ଦେଖାଇବ ତେବେ ଗ୍ରାମ ଫେରସ୍ତ ଦେବି ।'' ଏହି ଖବର ପାଇ ଶିଷ୍ୟମାନେ ଭୟଭୀତ ହୋଇ ଫେରିଯିବାକୁ ଗୁରୁଦେବଙ୍କୁ ପ୍ରାର୍ଥନା କଲେ । ଗୁରୁଦେବ ସେମାନଙ୍କୁ ଆଶ୍ୱାସନା ଦେଇ ରାଜଦରବାରକୁ ଯିବା ସକାଶେ ତୟାର ହୋଇଗଲେ । ଶିଷ୍ୟମାନେ ଗୁରୁଦେବଙ୍କୁ ପାଲିଙ୍କିରେ ବସେଇ ତାଙ୍କ ପଛେ ପଛେ ଦରବାରକୁ ଯିବାକୁ ଆରମ୍ଭ କଲେ । ଶ୍ରୀ ରସିକଜି ଦରବାରକୁ ଆସିବା ଖବର ପାଇ ଗୋଟିଏ ପ୍ରସିଦ୍ଧ ମତ୍ତ ହସ୍ତୀକୁ ଶ୍ରୀ ରସିକମୁରାରିଜିଙ୍କ ସବାରି ସମ୍ମୁଖରେ ଛାଡ଼ି ଦେଲେ । ହାତୀର ଦୌରାତ୍ମକ ସ୍ୱଭାବ ପୂର୍ବରୁ ଲୋକମାନଙ୍କୁ ବିଦିତ ଥିଲା । ହାତୀକୁ ଦେଖିବା ମାତ୍ରେ ମାର୍ଗରେ ଥିବା ଲୋକେ ଛିନ୍ନଭିନ୍ନ ହୋଇ ଏଣେ ତେଣେ ପଳାଇଗଲେ । ପାଲିଙ୍କିବାହକ ଗୋପାଳମାନେ ବି ପାଲିଙ୍କି ଛାଡ଼ି ଜୀବନ ନେଇ ପଳାଇଲେ । ଚାରିଆଡ଼େ ସୋରଗୋଳରେ ରାଜମାର୍ଗ ଉଚ୍ଛୁଳି ପଡ଼ିଲା । ଶ୍ରୀ ରସିକମୁରାରିଜିଙ୍କ ପାଲିଙ୍କି ପାଖକୁ କ୍ରୂରକର୍ମା ମତ୍ତଗଜ ଭୟଙ୍କର ଭାବେ ଦୌଡ଼ି ଆସିଲା ।

ଶ୍ରୀ ମୁରାରିଜି ନିର୍ଭୀକ, ଶାନ୍ତ, ଗମ୍ଭୀର ବାଣୀରେ ସମ୍ବୋଧନ କରି ହାତୀକୁ କହିଲେ, ''ହରେକୃଷ୍ଣ ! ହରେକୃଷ୍ଣ ! କହ ଏବଂ ଏହି ତମୋ ଗୁଣକୁ ତ୍ୟାଗ କର ।'' ଏତିକି ଶୁଣିବା ମାତ୍ରେ ତା'ର ଯେଉଁ କ୍ରୂର ଭାବ ଶରୀରରେ ପ୍ରକଟ ହୋଇଥିଲା ତାହା ଶାନ୍ତ ହୋଇଗଲା ଏବଂ ସେ ଥକା ମାରିଲା ପରି ନିଶ୍ଚଳଭାବେ ଛିଡ଼ା ହୋଇ ରହିଲା । ତା'ର ଦୁଇ ନେତ୍ରରୁ ଧାରା ପ୍ରବାହ ଅଶ୍ରୁଜଳ ବର୍ଷା ହେବାକୁ ଲାଗିଲା । ହାତୀ ବସିପଡ଼ି ଶ୍ରୀ ରସିକଜିଙ୍କ ଚରଣରେ ନିଜ ଥୋର ସହିତ ମସ୍ତକ ରଖିଦେଲା । ଶ୍ରୀ ରସିକମୁରାରିଜି ଆଶ୍ୱାସନା ଦେଇ ତା' ମସ୍ତକରେ ହସ୍ତ ରଖିଦେଲେ ଏବଂ ତା' କର୍ଣ୍ଣରେ ଭଗବତ୍ ନାମମନ୍ତ୍ର ଉପଦେଶ ଦେଲେ ତଥା ଗଳାରେ ତୁଳସୀମାଳି ବାନ୍ଧିଦେଲେ । କ୍ରୂରମତ୍ତହସ୍ତୀର ଏପରି ପରିବର୍ତ୍ତନ ଖବର ତୁଣ୍ଡେ ତୁଣ୍ଡେ ଚାରିଆଡ଼େ ବ୍ୟାପିଗଲା । ଲୋକେ ଯିଏ ଯେଉଁଠାରେ ଶୁଣିଲେ ସେହିଠାରୁ ଉଠି ହାତୀକୁ ଦେଖିବାକୁ ଦୌଡ଼ିଆସିଲେ । ହାତୀ ଶ୍ରୀମୁରାରିଜିଙ୍କ ଚରଣରେ ମସ୍ତକ ରଖିଥାଏ । ତା' ଦୁଇନେତ୍ରରୁ ଅନବରତ ଅଶ୍ରୁପାତ ହେଉଥାଏ । ଶ୍ରୀ ରସିକଜି ତା'ର ନାମ ରଖିଲେ ଗଜ ଗୋପାଳ ଦାସ । ଦର୍ଶକମାନେ ଏହି ଦୃଶ୍ୟ ନିର୍ନିମେଷ ଦୃଷ୍ଟିରେ ଦେଖୁଥାଆନ୍ତି । ସେ ସ୍ଥାନରେ ଲୋକାରଣ୍ୟ ହୋଇଗଲା ।

ଏହି ଖବର ପାଇବା ମାତ୍ରେ ସ୍ୱୟଂ ରାଜା ଘଟନାସ୍ଥଳକୁ ଆସି ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ମୁରାରିଜିଙ୍କ ଚରଣରେ ମସ୍ତକ ରଖି ନିଜ ଅପରାଧ ସକାଶେ କ୍ଷମା ପ୍ରାର୍ଥନା କଲେ । ଜବତ କରି ନେଇଥିବା ଗ୍ରାମକୁ ଫେରସ୍ତ ଦେବା ସଙ୍ଗେ ସଙ୍ଗେ ଅନ୍ୟ କେତେକ ନୂତନ ଗ୍ରାମ ମଧ୍ୟ ମୁରାରିଜିଙ୍କ ସେବାରେ ସମର୍ପିତ କଲେ । ରାଜାଙ୍କ ବିନୀତ ପ୍ରାର୍ଥନାରେ ଶ୍ରୀ ରସିକଜି ସନ୍ତୁଷ୍ଟ ହୋଇ ତାଙ୍କ ମସ୍ତକରେ ହସ୍ତ ରଖି ଆଶୀର୍ବାଦ ଦେଲେ ତଥା ଭଗବାନଙ୍କୁ ଭକ୍ତି କରିବା ଏବଂ ସନ୍ଥମାନଙ୍କୁ ସମ୍ମାନ କରିବା ସକାଶେ ଉପଦେଶ ମଧ୍ୟ ଦେଲେ । ଶ୍ରୀ ରସିକମୁରାରିଜିଙ୍କ ଉପଦେଶ ଶିରୋଧାର୍ଯ୍ୟ କରି ରାଜା ପ୍ରାର୍ଥନା କଲେ, ''ମହାରାଜ, ଆପଣ ଏହି କ୍ରୂରକର୍ମା ମତ୍ତହସ୍ତୀକୁ ଉଦ୍ଧାର କରି ତା' ଜୀବନ ସାର୍ଥକ କରିଛନ୍ତି । ଆଜିଠାରୁ ତାକୁ ନିଜ ସେବାରେ ସ୍ୱୀକାର କରନ୍ତୁ ।'' ମହାରାଜ ରାଜାଙ୍କ ପ୍ରାର୍ଥନା ସ୍ୱୀକାର କରିନେଲେ । ଏହିକଥା ଶୁଣିବାମାତ୍ରେ ହାତୀ ନିଜ ଶୁଣ୍ଢରେ ଶ୍ରୀ ଗୁରୁଦେବଙ୍କ ଚରଣ ସ୍ପର୍ଶ କରିବା ପରେ ରାଜାଙ୍କ ଚରଣ ସ୍ପର୍ଶ କରି ଉଠି ଛିଡ଼ା ହୋଇଗଲା । ରାଜା ଶ୍ରୀ ମହାରାଜାଙ୍କଠାରୁ ଆଶୀର୍ବାଦ ପାଇ ବିଦାୟ ହୋଇ ଫେରି ଆସିଲେ । ଶ୍ରୀ ମୁରାରିଜି ଶିଷ୍ୟ ତଥା ଗଜ ଗୋପାଳ ଦାସ ସହିତ ନିଜ ଆଶ୍ରମକୁ ଆସିଲେ ।

ଗଜ ଗୋପାଳ ଦାସ ଆଶ୍ରମରେ ରହିଲେ । ତାଙ୍କର ନିୟମ ଥିଲା ପ୍ରତିଦିନ ଭଗବାନଙ୍କ ଚରଣାମୃତ ତଥା ସନ୍ଥମାନଙ୍କ ଚରଣାମୃତ ପାନ କରିବା ପରେ ସନ୍ଥମାନଙ୍କ ସିଦ୍‌ପ୍ରସାଦ ଭୋଜନ କରିବା । ସନ୍ଥମାନେ ଭୋଜନ କରିବା ପରେ ଯେଉଁ ଉଚ୍ଛିଷ୍ଟ ଅବଶିଷ୍ଟ ରହିଥାଏ, ତାକୁ ସିଦ୍‌ପ୍ରସାଦ କୁହାଯାଏ । ଚରଣାମୃତ ଏହି ସିଦ୍‌ପ୍ରସାଦ ପାଇବା ପର୍ଯ୍ୟନ୍ତ ଗଜ ଗୋପାଳ ଦାସ ଜଳପର୍ଯ୍ୟନ୍ତ ଗ୍ରହଣ କରୁ ନ ଥିଲେ । ତାଙ୍କ ଗଳାରେ ତୁଳସୀମାଳା, ମସ୍ତକରେ ଊର୍ଦ୍ଧ୍ୱପୁଣ୍ଡ୍ରତିଳକ ସର୍ବଦା ଶୋଭା ପାଉଥିଲା । ସେ ସନ୍ଥମାନଙ୍କୁ ଦେଖିବାମାତ୍ରେ ତାଙ୍କ ଥୋର ହସ୍ତ ଚରଣରେ ରଖି ପ୍ରଣାମ କରୁଥିଲେ ।

ତାଙ୍କର ସମସ୍ତ ଆଚରଣ ସନ୍ଥ ସଦୃଶ ହୋଇଥିଲା । ସେ କାହାକୁ କେବେ ହିଂସା କରୁ ନ ଥିଲେ । ଯେଉଁମାନେ ଚାଉଳ, ଡାଲି, ପରିବାପତ୍ର ମୁଣ୍ଡେଇ ହାଟକୁ ବିକ୍ରି କରିବାକୁ ଯାଉଥିଲେ, ଗଜ ଗୋପାଳ ଦାସ ସେମାନଙ୍କ ମୁଣ୍ଡରୁ ଚାଉଳ, ପରିବା ଉଠାଇ ଆଣି ସାଧୁମାନଙ୍କ ସେବାରେ ରଖି ଦେଉଥିଲେ । ସେମାନେ ଆସି ଶ୍ରୀ ରସିକମୁରାରିଜି ମହାରାଜଙ୍କ ପାଖରେ ପ୍ରାର୍ଥନା କଲେ । ଗୁରୁଦେବ ଗଜ ଗୋପାଳ ଦାସଙ୍କୁ କହିଲେ, ''ଲୋକମାନଙ୍କୁ କଷ୍ଟ ଦେଇ ସନ୍ଥ ସେବା କରିବା ଠିକ୍ ନୁହେଁ ।'' ସେହି ଦିନଠାରୁ ଗଜ ଗୋପାଳ ଦାସଜି ସେ କର୍ମ ସଂପୂର୍ଣ୍ଣରୂପେ ଛାଡ଼ିଦେଲେ । ଅଧିକାଂଶ ସାଧୁସନ୍ଥ ଗୁରୁଙ୍କ ଆଜ୍ଞା ତଥା ସନ୍ଥମାନଙ୍କର ଯେଉଁସବୁ ନିୟମ ପାଳନ କରିପାରୁ ନ ଥିଲେ, ଗଜ ଗୋପାଳ ଦାସ ଶୁଣିବା ମାତ୍ରେ ତାହା ସହଜରେ ଦୃଢ଼ତା ସହିତ ପାଳନ କରି ପାରୁଥିଲେ । ଏହା ତାଙ୍କ ଜୀବନରେ ଆଶ୍ଚର୍ଯ୍ୟ ଘଟନା ଥିଲା ।

ଶ୍ରୀ ଗୁରୁମହାରାଜ ସନ୍ଥମାନଙ୍କୁ କହିଲେ, ''ସନ୍ଥ ଜମାଉତର ମହନ୍ତ ଗଜ ଗୋପାଳ ଦାସକୁ କରାହେଲା, ସେ ସନ୍ଥଙ୍କ ସହିତ ଭ୍ରମଣ କରିବ । ଗୁରୁଙ୍କ ଆଜ୍ଞାରେ ଗଜ ଗୋପାଳ ଦାସଙ୍କ ଜମାଉତରେ ବହୁତ ସଂଖ୍ୟାରେ ସନ୍ଥ ରହୁଥିଲେ । ଜମାଉତରେ ଆଗେ ଗଜ ଗୋପାଳ ଦାସ ଚାଲନ୍ତି । ତାଙ୍କ ପିଠିରେ ଶ୍ରୀଠାକୁରଜି ଶ୍ରୀରାଧାକୃଷ୍ଣ ବିଗ୍ରହ ସିଂହାସନରେ ବିରାଜମାନ ଥାଆନ୍ତି । ଠାକୁରଙ୍କ ପୂଜାର ସମସ୍ତ ସାମଗ୍ରୀ ଥାଏ । ତାଙ୍କ ପଛେ ପଛେ ସମସ୍ତ ସନ୍ଥମଣ୍ଡଳୀ ଚାଲନ୍ତି । ଗଜ ଗୋପାଳ ଦାସଙ୍କ ନାମ ଶୁଣିବା ମାତ୍ରେ ହଜାର ହଜାର ନରନାରୀ ତାଙ୍କ ଦର୍ଶନକୁ ଆସନ୍ତି ଏବଂ ସନ୍ଥମାନଙ୍କୁ ଚାଉଳ, ଡାଲି, ପରିବା, ଘିଅ, ଚିନି ଆଦି ସମସ୍ତ ବସ୍ତୁ ଭେଟି ଦିଅନ୍ତି । ସାଧୁମାନେ ଭଣ୍ଡାରା ଭୋଜନ କରନ୍ତି । ଲୋକଙ୍କ ଆଗ୍ରହ ଯୋଗୁଁ କେଉଁଠାରେ ଦୁଇ ଚାରିଦିନ, ମାସେ ରହି ପୁନରାୟ ଭ୍ରମଣକୁ ଚାଲିଯାଆନ୍ତି । ଏହିପରି ସବୁ ସ୍ଥାନରେ ହୁଏ ।

ଗଜ ଗୋପାଳ ଦାସଙ୍କ ଏହି ଖ୍ୟାତି ଜଣେ ଦୁଷ୍ଟ ରାଜା ଶୁଣି ତାଙ୍କ ନିଷ୍ଠା ପରୀକ୍ଷା କରିବା ସକାଶେ ହୁକୁମ ଦେଲା, ''ଯିଏ ଗଜ ଗୋପାଳ ଦାସକୁ ଧରି ଆଣିଦେବ, ତାକୁ ବହୁତ ଟଙ୍କା ପୁରସ୍କାର ଦିଆଯିବ ।''

ଗଜ ଗୋପାଳ ଦାସ ସନ୍ଥଜମାଉତଙ୍କ ସଙ୍ଗେ ଯାଆନ୍ତି । ଯେଉଁଠାରେ ସନ୍ଥଙ୍କ ପଡ଼ାଉ ପଡ଼େ ଅର୍ଥାତ୍ ଯେଉଁଠାରେ ରୁହନ୍ତି ସେମାନେ ଗଜ ଗୋପାଳ ଦାସଙ୍କ ପିଠିରୁ ଶ୍ରୀଠାକୁରଙ୍କ ସିଂହାସନ ଉତାରିଆଣି ସେବାପୂଜା ଏବଂ ରୋଷେଇ କରନ୍ତି । ଗଜ ଗୋପାଳ ଦାସ ଦୂରସ୍ଥାନରେ ମଳମୂତ୍ର ତ୍ୟାଗ କରି କୌଣସି ଜଳାଶୟ ବା ନଦୀରେ ସ୍ନାନ କରନ୍ତି, ଏବଂ ସନ୍ଥମାନଙ୍କ ପଙ୍ଗତ ସମୟ ପୂର୍ବରୁ ଫେରିଆସି ପ୍ରଥମରେ ସନ୍ଥ ଚରଣାମୃତ, ଠାକୁରଜିଙ୍କ ଚରଣାମୃତ ପାନ କରନ୍ତି; ସନ୍ଥମାନଙ୍କ ପଙ୍ଗତ ପରେ ସେମାନଙ୍କ ସିଦ୍‌ପ୍ରସାଦ ଗ୍ରହଣ କରନ୍ତି ।

ଗଜ ଗୋପାଳ ଦାସ ଦୂରକୁ ସ୍ନାନ କରିବାକୁ ଯିବା ସମୟରେ ଦୁଷ୍ଟ ରାଜାର ଅନୁଚରମାନେ ତାଙ୍କୁ ଧରି ଆଣିବାକୁ ଚେଷ୍ଟା କରନ୍ତି କିନ୍ତୁ ତାଙ୍କର ସମସ୍ତ ଚେଷ୍ଟା ବ୍ୟର୍ଥ ହୁଏ । କେହି ତାଙ୍କ ପାଖକୁ ଯାଇପାରନ୍ତି ନାହିଁ । ସେ କେବଳ ସନ୍ଥମାନଙ୍କୁ ସମ୍ମାନ କରନ୍ତି । କିନ୍ତୁ କୌଣସି ଦୁଷ୍ଟ ଲୋକର ବଳପୂର୍ବକ ଧରିବାର ସାହସ ନ ଥାଏ । ରାଜା ଅଧିକ ଧନ ପୁରସ୍କାର ଦେବାକୁ କହିବାରୁ ଜଣେ ବ୍ୟକ୍ତି ସାଧୁବେଶ ଧାରଣ କରି କଣ୍ଠି ତିଳକ ଲଗାଇ ଯାଇ ପହଞ୍ଚିଲା ଏବଂ କହିଲା, ''ମୋ ସଙ୍ଗେ ସଙ୍ଗେ ଆସ । ଗୋପାଳ ଦାସ ସନ୍ଥବେଶକୁ ସମ୍ମାନ କରି ତା' ପଛେ ପଛେ ଗଲେ । ରାଜଧାନୀରେ ପହଞ୍ଚି, ପରେ ସନ୍ଥବେଶଧାରୀ ଦୁଷ୍ଟ ବ୍ୟକ୍ତି ତାଙ୍କୁ ଗୋଟିଏ ସୁଦୃଢ଼ ଲୁହାବାଡ଼ ମଧ୍ୟରେ ବନ୍ଦି କରିଦେଲା । ଗଜ ଗୋପାଳ ଦାସଙ୍କୁ ସନ୍ଥ, ଭଗବାନଙ୍କ ଚରଣାମୃତ, ସନ୍ଥଙ୍କ ସିଦ୍‌ପ୍ରସାଦ ନ ମିଳିବା ଯୋଗୁଁ ସେ ତିନି ଦିନ ପର୍ଯ୍ୟନ୍ତ ଜଳ ସ୍ପର୍ଶ କଲେ ନାହିଁ । ତିନି ଦିନ ପରେ ରାଜା ଆଜ୍ଞାରେ ସେହି ସନ୍ଥବେଶଧାରୀ ଦୁଷ୍ଟ ବ୍ୟକ୍ତି ଗଜ ଗୋପାଳ ଦାସଙ୍କୁ ଜଳ ପିଆଇବା ସକାଶେ ଗଙ୍ଗା ନଦୀକୁ ନେଇଗଲେ । ଗଜ ଗୋପାଳ ଦାସ ଗଙ୍ଗା ପ୍ରବାହରେ ପ୍ରବେଶ କରି ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ପରମଧାମକୁ ଚାଲିଗଲେ ।

ଗଜ ଗୋପାଳ ଦାସ ଶରୀର ତ୍ୟାଗ କରିବା ପୂର୍ବରୁ ତାଙ୍କ ଗୁରୁଦେବ ଶ୍ରୀ ରସିକମୁରାରିଜି ଆଶ୍ରମରେ ଶରୀର ତ୍ୟାଗ କରି ଭଗବତ୍ ଧାମକୁ ପ୍ରାପ୍ତ ହୋଇ ସାରିଥିଲେ ।

ଶ୍ରୀ ରସିକମୁରାରିଜି ମହାରାଜ ଭଗବତ୍ ଦିବ୍ୟାନନ୍ଦରେ ଯେପରି ନିମଗ୍ନ ରହୁଥିଲେ, ସେହିପରି ସନ୍ଥସେବାରେ

ଅପାର ଆନନ୍ଦ ଅନୁଭବ କରୁଥିଲେ । ତାଙ୍କର ଭଗବତ୍ ଭକ୍ତିର ନିଷ୍ଠା, ଗୁରୁନିଷ୍ଠା ତଥା ସଜ୍ଜସେବାର ନିଷ୍ଠା ଅସାଧାରଣ ଥିଲା । ଶ୍ରୀ ନାଭାଜି ମହାରାଜ ନିଜ କବିତାରେ ଶ୍ରୀ ରସିକମୁରାରିଜିଙ୍କ ଜୀବନର ଯେଉଁସବୁ ଘଟନା ଲେଖିଥିଲେ, ତାକୁହିଁ ଶ୍ରୀପ୍ରିୟାଦାସଜି ମହାରାଜ ନିଜ ଟୀକାରେ ବିସ୍ତାରିତ ବ୍ୟାଖ୍ୟା କରିଥିଲେ । ସେହି ଘଟନା ଏଠାରେ ଆଲୋଚନା କରାହେଲା । କିନ୍ତୁ ଶ୍ରୀ ମହାରାଜଙ୍କ ଜୀବନର ବହୁ ଅଲୌକିକ ଘଟନା ଅଛି । ଏଠାରେ ତାହାସବୁ ଆଲୋଚନା କରାହୋଇ ନାହିଁ ।

ସଂସାରରେ ବହୁତ ସଜ୍ଜ ମହାତ୍ମା ବହୁତ ପାପୀ ତାପୀ ବ୍ୟକ୍ତିଙ୍କୁ ସେ ଉଦ୍ଧାର କରିଛନ୍ତି । ବହୁତ ଦୁଃଖପ୍ରପୀଡ଼ିତ ବ୍ୟକ୍ତିଙ୍କୁ ପରମ ଗତି ପ୍ରଦାନ କରିଛନ୍ତି; ବହୁତଙ୍କୁ ପରମ ସାଧୁରେ ପରିଣତ କରିଛନ୍ତି ।

କିନ୍ତୁ ଶ୍ରୀ ରସିକଜି ମହାରାଜ କ୍ରୁରକର୍ମା ପଶୁ ହସ୍ତୀକୁ ମହାନ୍ ସଜ୍ଜ କରି ଦେଇଛନ୍ତି ।

ବୋଲ ଭକ୍ତ ତଥା ଭଗବାନଙ୍କୁ ଜୟ ।

ଭକ୍ତ ଗଙ୍ଗାଧର ଦାସ

ଭକ୍ତ ଗଙ୍ଗାଧର ଉତ୍କଳ ପ୍ରାନ୍ତ ପୁରୀ ଜିଲ୍ଲା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଏକ ବୈଶ୍ୟ ପରିବାରରେ ମହାରାଜା ପ୍ରତାପରୁଦ୍ରଙ୍କ ଶାସନ ସମୟରେ ଜନ୍ମଗ୍ରହଣ କରିଥିଲେ । ଗଙ୍ଗାଧରଙ୍କ ପତ୍ନୀଙ୍କର ନାମ ଥିଲା ଶ୍ରୀୟାଦେବୀ । ସତୀ ଶ୍ରୀୟାଦେବୀଙ୍କର ପତିବ୍ରତା ଧର୍ମରେ ଅତ୍ୟନ୍ତ ନିଷ୍ଠା ଥିଲା । ସେ ପତିଙ୍କୁ ଭଗବତ୍ ଭାବରେ ଭକ୍ତି କରୁଥିଲେ ଏବଂ ତାଙ୍କର ସେବା କରୁଥିଲେ ।

ଗଙ୍ଗାଧରଙ୍କର କୌଣସି ସନ୍ତାନ ନ ଥିଲେ । ତାଙ୍କର ସମ୍ପତ୍ତିବାଡ଼ି ମଧ୍ୟ ନ ଥିଲା । ସେ ଶୁଣ୍ଠି, ପିପ୍‌ପଳି ଓ ଗୃହର ଆବଶ୍ୟକ ତେଜରାତି ଜିନିଷର ଗୋଟିଏ ଛୋଟ ବ୍ୟବସାୟ କରି ଜୀବନଯାପନ କରୁଥିଲେ । କେବେ କେବେ ହାଟରେ ବିକ୍ରି କରିବାକୁ ଯାଉଥିଲେ ତ କେବେ କେବେ ଗ୍ରାମମାନଙ୍କରେ ବୁଲି ବୁଲି ବିକ୍ରି କରୁଥିଲେ । ଠକାଇବା ଅଥବା ଖରାପ ଜିନିଷ ମିଶାଇବା ତାଙ୍କ ସ୍ୱଭାବରେ ନ ଥିଲା । ସତ୍ୟ ମାର୍ଗରେ ଯାହା ଉପାର୍ଜନ କରୁଥିଲେ ସେଥିରେ ଦୁଇ ପ୍ରାଣୀ ଆନନ୍ଦରେ ଚଳିଯାଉଥିଲେ । କେହି ତୃଷାର୍ତ୍ତ, କ୍ଷୁଧାର୍ତ୍ତ, ଅତିଥି ଅଭ୍ୟାଗତ, ବ୍ରାହ୍ମଣ ବୈଷ୍ଣବ ଘରକୁ ଆସିଲେ ଶକ୍ତି ଅନୁସାରେ ସେମାନଙ୍କ ସେବା କରୁଥିଲେ ଏବଂ ମଧୁର ବିନୟ ବଚନରେ ସେମାନଙ୍କୁ ସନ୍ତୁଷ୍ଟ କରୁଥିଲେ । ସବୁ ସମୟରେ ଭଗବାନଙ୍କ ନାମ ଜପ, ଭଗବତ ଲୀଳା ସ୍ମରଣ ତଥା ଭଗବତ୍ ଧ୍ୟାନରେ ପତିପତ୍ନୀ ଆନନ୍ଦରେ ସମୟ ଅତିବାହିତ କରୁଥିଲେ । ପରଚର୍ଚ୍ଚା ବା ଅନ୍ୟର ଅହିତ ଚିନ୍ତା କରିବାକୁ ସମୟ ନ ଥିଲା, ପ୍ରାଣିମାତ୍ରର ମଙ୍ଗଳ କାମନା କରୁଥିଲେ । କିନ୍ତୁ ସନ୍ତାନ-ସନ୍ତତି ନ ଥିବାର ଅଭାବ ଗଙ୍ଗାଧରଙ୍କୁ କେବେ ବି ଅନୁଭୂତ ହେଉ ନ ଥିଲା ।

ଗ୍ରାମର କେତେକ ମହିଳାଙ୍କର ସ୍ୱଭାବ ଥାଏ – ଯେଉଁଠାରେ ଦୁଇ ତିନିଜଣ ମହିଳା ଏକତ୍ରିତ ହୁଅନ୍ତି ସେମାନେ ପରସ୍ପର ସୁଖଦୁଃଖ ଚର୍ଚ୍ଚା କରନ୍ତି । ସେହି ସଙ୍ଗେ ସଙ୍ଗେ ଅନ୍ୟ ଚର୍ଚ୍ଚା ବି କରନ୍ତି । ତା' ସଙ୍ଗେ ସଙ୍ଗେ ଗଙ୍ଗାଧରଙ୍କ ପତ୍ନୀଙ୍କ ସନ୍ତାନ ନ ଥିବା ଏବଂ ସନ୍ତାନବିହୀନା ନାରୀର ମୁଖ ଦେଖିବା ଅମଙ୍ଗଳ ବୋଲି କୁହନ୍ତି । ଏହି କଥାବାର୍ତ୍ତା ଶୁଣିଥିବା ଅନ୍ୟ ନାରୀମାନେ ଗଙ୍ଗାଧରଙ୍କ ପତ୍ନୀ ଶ୍ରୀୟାଦେବୀଙ୍କୁ ଆସି କହନ୍ତି । ସେଥିରେ ଶ୍ରୀୟାଦେବୀ କିଛି ସମୟ ସକାଶେ ନିଜକୁ ହୀନମାନୀ ମନେକରି ଦୁଃଖ ଅନୁଭବ କରନ୍ତି, କିନ୍ତୁ ପରେ ସବୁ ଭୁଲିଯା'ନ୍ତି ।

କ୍ରମଶଃ ଦୁଇଜଣଙ୍କୁ ବୃଦ୍ଧାବସ୍ଥା ପ୍ରାପ୍ତ ହେଲା । ଆଉ ସନ୍ତାନ ହେବାର ସମୟ ରହିଲା ନାହିଁ । ସନ୍ତାନ ନ ଥିବା ନାରୀକୁ ଗ୍ରାମର ମୋହ-ଅଜ୍ଞାନଗ୍ରସ୍ତ ପରିବାର ତଥା ସମ୍ପତ୍ତିକୁ ସର୍ବସ୍ୱ ମାନୁଥିବା ନରନାରୀମାନେ ଘୃଣା କରନ୍ତି ଏବଂ ଅଲକ୍ଷଣୀ ବୋଲି ଧାରଣା କରନ୍ତି । ଏପରିକି କୌଣସି ଶୁଭ କର୍ମରେ ସନ୍ତାନ ନ ଥିବା ବ୍ୟକ୍ତିକୁ ଦେଖିଲେ ଅଶୁଭର ଆଶଙ୍କା ମଧ୍ୟ କରନ୍ତି । ଏଥିରେ ଯଦି କୌଣସି ସତ୍ୟତା ଥାଆନ୍ତା ତେବେ ବାଲ୍ୟାବସ୍ଥାରୁ ଗୃହପରିବାରତ୍ୟାଗୀ ଅଧ୍ୟାତ୍ମ ସାଧକ, ସାଧୁସନ୍ଥଙ୍କୁ କେହି ଆଦର ସମ୍ମାନ କରୁ ନ ଥା'ନ୍ତେ । ଏହି ଧାରଣା ସଂପୂର୍ଣ୍ଣ ଭିତ୍ତିହୀନ ମୂର୍ଖତାପୂର୍ଣ୍ଣ କୁସଂସ୍କାର । ତଥାପି ଗ୍ରାମର କେତେକ ମୋହାନ୍ଧ ନରନାରୀ ପତିବ୍ରତା, ଭଗବତ ଭକ୍ତିପରାୟଣା ଶ୍ରୀୟାଦେବୀଙ୍କ ପ୍ରତି ଦୁର୍ବ୍ୟବହାର କରିବାରେ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ ।

ଏହିସବୁ ବ୍ୟବହାର ଦେଖି ଶ୍ରୀୟାଦେବୀ ଦିନେ ପତିଙ୍କୁ କହିଲେ, ''ପତିଦେବ, ଆମ୍ଭର ସନ୍ତାନ ନ ଥିବା ଯୋଗୁଁ କେତେକ ଲୋକ ଦାଣ୍ଡରେ, ହାଟବାଟରେ, ଦେବ ମନ୍ଦିରରେ, ମେଳା-ମହୋତ୍ସବରେ ମୋତେ ଦେଖିଲେ କଥା କହନ୍ତି ନାହିଁ, ପାଖରେ ବସିବାକୁ ଘୃଣା କରନ୍ତି, ମୋ ପାଖରୁ ନିଜର ସନ୍ତାନମାନଙ୍କୁ ଦୂରେଇ ରଖନ୍ତି; କେହି କେହି ମୋତେ ଦେଖି ତଳକୁ ମୁହଁ କରି ଚାଲିଯା'ନ୍ତି । ଆଉ କେତେକ ବ୍ୟକ୍ତି ବିରକ୍ତ ଭାବରେ ମୁହଁ ବୁଲେଇ ଚାଲିଯା'ନ୍ତି । ପୁନଶ୍ଚ କେହି କେହି ମୋତେ ଶୁଣେଇ ଶୁଣେଇ କହନ୍ତି, 'ଆଣ୍ଠୁକୁଡ଼ୀ ମୁଖ ଦେଖିଲେ ଖାଇବାକୁ ମିଳେ ନାହିଁ । ଏପରି ଅଲକ୍ଷଣୀକୁ ଭଗବାନ୍ କାହିଁକି ଜନ୍ମ ଦେଲା ?' ଏପରି ବ୍ୟବହାର ତଥା ବଚନ ଶୁଣିଲେ ମୋତେ ବହୁତ ଦୁଃଖ ହୁଏ । ଆମ୍ଭଭାଗ୍ୟରେ ତ' ପୁତ୍ର ନାହିଁ, ଚାହିଁଲେ ପାଇବା କେଉଁଠୁ ? ଆମ୍ଭର ଏହି ଦୁଃଖ ଭଗବାନ୍ ନିବାରଣ କଲେ ନାହିଁ,

ସେକଥା ଭାବିଲେ କ'ଣ ହେବ ? ତେବେ କୌଣସି ଗୋଟିଏ ବ୍ରାହ୍ମଣ ପୁତ୍ରକୁ ବ୍ରତ କରାଇ ଦିଅ କିଂବା ନିଜ ଜାତି ଗୋତ୍ରରେ କୌଣସି ଦରିଦ୍ର ବ୍ୟକ୍ତିକୁ କିଛି ଟଙ୍କା ଦେଇ ଗୋଟିଏ ପିଲାକୁ ପୁଅ କରି ଆଣ; ତାକୁ ନିଜ ପୁତ୍ର ସଦୃଶ ପାଳିବା ଏବଂ ଲୋକ ଅପବାଦ ତଥା ଘୃଣାରୁ ରକ୍ଷା ପାଇବା । ଏହା ଠିକ୍ ଉପାୟ ବୋଲି ମନେହୁଏ, କିନ୍ତୁ ତୁମେ ଯେପରି ଠିକ୍ ମନେକର ତାହାହିଁ କର ।''

ଏକଥା ଶୁଣି ପତିଦେବ କହିଲେ, ''ନିଶ୍ଚୟ ଗୋଟିଏ ପୁତ୍ର ଆଣିବା, ତୁ ତାକୁ ନିଜ ପୁତ୍ର ସଦୃଶ ପ୍ରତିପାଳନ କରିବୁ ।'' ଏହା କହି ଗଙ୍ଗାଧର କିଛି ଟଙ୍କା ଧରି ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଲେ । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ଭଗବାନଙ୍କ ପ୍ରତିମା ତିଆରି ହେଉଥିବା ସ୍ଥାନରେ ପହଞ୍ଚିଲେ । କିଛି ଟଙ୍କା ଦେଇ ସର୍ବଲକ୍ଷଣଯୁକ୍ତ ଶ୍ରୀକୃଷ୍ଣଙ୍କ ଗୋଟିଏ ପିତଳ ପ୍ରତିମା ଆଣି ଅତ୍ୟନ୍ତ ପ୍ରସନ୍ନତାରେ ଗୃହକୁ ଆସିଲେ, ଏବଂ ପତ୍ନୀକୁ ଦେଇ କହିଲେ, ''ଏହାକୁ ନେ, ଏ ହିଁ ସମସ୍ତ ସଂସାରକର୍ତ୍ତା ତଥା ଗତିମୁକ୍ତିର ବିଧାତା । ଏହି କୃଷ୍ଣଙ୍କୁ ନନ୍ଦ ଯଶୋଦା ପୁତ୍ର ଭାବରେ ସେବା କରି ଜୀବିତ ଅବସ୍ଥାରେ ଭଗବତ୍ ଆନନ୍ଦରେ ବୁଡ଼ି ରହିଲେ, ଶରୀର ତ୍ୟାଗ କରି ତାଙ୍କୁହିଁ ପ୍ରାପ୍ତ ହେଲେ । ବ୍ରହ୍ମା, ଇନ୍ଦ୍ରାଦି ସମସ୍ତ ଦେବତା ଏହାଙ୍କୁହିଁ ସେବା କରନ୍ତି । ଏହାଙ୍କ ବ୍ୟତୀତ ଦୁଃଖଦ୍ୱନ୍ଦ୍ୱ, ଜନ୍ମମରଣରୁ ମୁକ୍ତି ଦେବାର ସାମର୍ଥ୍ୟ ଅନ୍ୟ କାହାରି ନାହିଁ । ଏହି ଦୃଢ଼ ବିଶ୍ୱାସ ହୃଦୟରେ ରଖି ଆନ୍ତରିକ ଭାବଭକ୍ତି ଓ ପୁତ୍ରସ୍ନେହରେ ଏହାଙ୍କୁହିଁ ସେବା କର । ତୁ ଯାହା ଚାହିଁବୁ ଏ ତାହାହିଁ ପୂର୍ଣ୍ଣ କରିବେ । ଏଥିରେ ଟିକିଏ ମାତ୍ର ସନ୍ଦେହ ରଖିବୁ ନାହିଁ ।''

ଶ୍ରୀୟାଦେବୀ ପତିଙ୍କୁ ଭଗବତ୍ ଭାବରେ ସର୍ବଦା ଭକ୍ତି କରନ୍ତି । ପତିଙ୍କ ବାକ୍ୟରେ ତାଙ୍କର ସନ୍ଦେହ ନ ଥାଏ । ପତିଙ୍କଠାରୁ ଏକଥା ଶୁଣି ତାଙ୍କୁ ବିଶେଷ ଆନନ୍ଦ ପ୍ରାପ୍ତ ହେଲା । ସେ କୋଟିନିଧି ସଦୃଶ ଶ୍ରୀକୃଷ୍ଣ ପ୍ରତିମାକୁ ନେଇ ପଞ୍ଚାମୃତରେ ସ୍ନାନ କରାଇ ଉତ୍ତମ ବସ୍ତ୍ର, ଅଳଙ୍କାର ପରିଧାନ କରାଇଲେ । ସୁନ୍ଦର ସିଂହାସନରେ କୋମଳ ଆସନ ବିଛାଇ ଶ୍ରୀକୃଷ୍ଣଙ୍କ ପ୍ରତିମାକୁ ବିରାଜମାନ କରାଇଲେ ଏବଂ ସର, କ୍ଷୀର ତଥା ଉତ୍ତମ ପଦାର୍ଥ ଶ୍ରୀକୃଷ୍ଣଙ୍କୁ ନିବେଦନ କଲେ । ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ଭାବିଲେ, ''ଏତେ ଦିନ ପରେ ଆଜି ଯେଉଁ ପୁତ୍ରଙ୍କୁ ପାଇଲି ତାଙ୍କୁହିଁ ସେବାପୂଜା କରି ଆମ୍ଭେ ଦୁଇ ପ୍ରାଣୀ ଏହି ଭବସାଗରରୁ ଉଦ୍ଧାର ହେବୁ ।'' ଭଗବାନ୍ ଆନ୍ତରିକ ଭାବ ଗ୍ରହଣ କରନ୍ତି । ଯିଏ ଭଗବାନଙ୍କୁ ଯେଉଁ ଭାବରେ ଭକ୍ତି କରେ ଭଗବାନ୍ ଠିକ୍ ସେହି ଭାବରେ ତାକୁ ପ୍ରାପ୍ତ ହୁଅନ୍ତି । ଏହି ସକାଶେ ଜ୍ଞାନ ମାର୍ଗଠାରୁ ଭକ୍ତି ମାର୍ଗ ଅପେକ୍ଷାକୃତ ସହଜ ତଥା ସରସ ବୋଲି କୁହାଯାଇଛି । ଭକ୍ତି ମାର୍ଗରେ ଭଗବାନଙ୍କୁ ପିତା, ପୁତ୍ର, ସଖା, ସ୍ୱାମୀ ବା ମାଲିକ ତଥା ପତି ଏବଂ ଶାନ୍ତ ଭାବରେ ଭକ୍ତି କରାହୁଏ । ଏହିସବୁ ଭାବରେ ଆଦର୍ଶ ପ୍ରତିଷ୍ଠା କରିବା ସକାଶେ ଭଗବାନ୍ ଅବତାର ନେଇ ପିତା, ପୁତ୍ର, ସଖା, ସ୍ୱାମୀ ତଥା ପତି ଭାବରେ ପ୍ରାପ୍ତ ହୁଅନ୍ତି । ବୈଷ୍ଣବ ଧର୍ମର ଭକ୍ତି ମାର୍ଗରେ ଶାନ୍ତ ଭାବ ସହିତ ଏହି ପାଞ୍ଚ ପ୍ରକାର ଭାବକୁ ପଞ୍ଚରସ ମଧ୍ୟ କୁହାଯାଏ । ଏହି ପଞ୍ଚ ରସ ମଧ୍ୟରୁ ଭକ୍ତର କୌଣସି ରସରେ ନିଷ୍ଠା ତଥା ଆନ୍ତରିକତା ହେଲେ ଭଗବାନ୍ ଠିକ୍ ସେହି ଭାବ ଅନୁସାରେ ବ୍ୟବହାର କରନ୍ତି ଏବଂ ପ୍ରାପ୍ତ ହୁଅନ୍ତି । ଭଗବାନ୍ ସର୍ବସମର୍ଥ । ସେ ସମସ୍ତ ଭାବ ଠିକ୍ ଠିକ୍ ଭାବେ ଗ୍ରହଣ କରିପାରନ୍ତି । ନନ୍ଦ, ଯଶୋଦା, ମହାରାଜା ଦଶରଥ, ମହାରାଣୀ କୌଶଲ୍ୟାଦେବୀଙ୍କୁ ପୁତ୍ରରୂପେ ପ୍ରାପ୍ତ ହେବା ସମୟରେ ଠିକ୍ ସାଧାରଣ ବାଳକ ସଦୃଶ ପିତାମାତାଙ୍କ ପାଖରେ ଅଳି କରନ୍ତି, ଯେଉଁ ବସ୍ତୁ ନେବାକୁ ଚାହାନ୍ତି ତାହା ନିଅନ୍ତି, ବାଲ୍ୟ ଚପଳତା ପ୍ରକାଶ କରନ୍ତି ଏବଂ ନାନାପ୍ରକାର ଖେଳ, କୌତୁକରେ ପିତାମାତାଙ୍କୁ ଆନନ୍ଦ ଦିଅନ୍ତି । ଯଶୋଦାଙ୍କଠାରୁ ଛାଟରେ ପିଟା ହେବା ଭୟରେ ତ୍ରସ୍ତ ହୋଇ ଅଶ୍ରୁ ବର୍ଷା କରନ୍ତି । ଭକ୍ତ ତାଙ୍କର ଅତ୍ୟନ୍ତ ପ୍ରିୟ । ଭକ୍ତ ଯେଉଁ ଭାବରେ ଚାହେଁ ତାକୁ ସେ ସେହି ଭାବରେ ଆନନ୍ଦ ଦିଅନ୍ତି ।

ଗଙ୍ଗାଧର ତଥା ଶ୍ରୀୟାଦେବୀଙ୍କର ଥିଲା ଠିକ୍ ପୁତ୍ର ଭାବ । ଶ୍ରୀୟାଦେବୀ ତାଙ୍କୁ ପୁତ୍ରରୂପେ ତୈଳ, କୁଙ୍କୁମ ଲଗାଇ ସ୍ନାନ କରାନ୍ତି, ଉତ୍ତମ ବସ୍ତ୍ର ପରିଧାନ କରାନ୍ତି, କର୍ପୂର ଚନ୍ଦନ ଲଗାନ୍ତି, ନାନା ପ୍ରକାର ଅଳଙ୍କାର ପିନ୍ଧାଇ ବହୁବିଧ ପୁଷ୍ପରେ ମଣ୍ଡନ କରନ୍ତି; ଉତ୍ତମ ଦ୍ରବ୍ୟ ଭୋଗ ଲଗାନ୍ତି । ନିଜର ଜନ୍ମିତ ପୁତ୍ର ପ୍ରତି ଯେପରି ସ୍ନେହ ମମତା ଠିକ୍ ସେହିପରି ଶ୍ରୀକୃଷ୍ଣ ପ୍ରତିମାଙ୍କ ପ୍ରତି କରନ୍ତି । ପୁତ୍ରକୁ ଭୋଜନ କରାଇବା ପରେ ପତିପତ୍ନୀ ଭୋଜନ କରନ୍ତି । ପୁତ୍ରର

ଭୋଜନ ପୂର୍ବରୁ ସେମାନେ ଜଳ ବି ଗ୍ରହଣ କରନ୍ତି ନାହିଁ । କେନ୍ଦୁ, ବରକୋଳି, ଆମ୍ବ, ପଣସ, ପିଜୁଳି, କଦଳୀ, ନେଉଆ, ଆତ ଇତ୍ୟାଦି ଯେଉଁ ଋତୁରେ ଯେଉଁ ଫଳ କିଂବା ଭୁଜା, ଚୁଡ଼ା, ମୁଆଁ, ଖଜା, କାକରା, ସମୟ ଅନୁସାରେ ଯେଉଁ ମିଷ୍ଟାନ୍ନ ଗ୍ରାମକୁ ବିକ୍ରି ହେବାକୁ ଆସେ ଶ୍ରୀୟାଦେବୀ ଅତି ଶ୍ରଦ୍ଧାରେ କିଣିଆଣି ପୁତ୍ରକୁ ଦିଅନ୍ତି । ଗଙ୍ଗାଧର ଦୋକାନ ପସରା ନେଇ ହାଟବାଟକୁ ଗଲେ ଯେଉଁଠାରେ ଯେଉଁ ଖାଦ୍ୟଦ୍ରବ୍ୟ ପାଆନ୍ତି ଅତି ଶ୍ରଦ୍ଧାରେ ଆଣି ଘରେ ପହଞ୍ଚିବା ମାତ୍ରେ ପ୍ରଥମେ ପୁତ୍ରକୁ ଦିଅନ୍ତି । ଶ୍ରୀୟାଦେବୀ ସବୁ ସମୟରେ ପୁତ୍ରକୁ କୋଳରେ ଧରିଥା'ନ୍ତି, କେବେ କେବେ ଅତି ସ୍ନେହରେ ମୁଖରେ ଚୁମ୍ବନ ବି ଦିଅନ୍ତି । ଗୃହକାର୍ଯ୍ୟ କରିବା ସକାଶେ ପୁତ୍ର ପାଖରୁ ଅନ୍ତର ହେଲେ ମଧ୍ୟ ତାଙ୍କ ମନ ପୁତ୍ର ପାଖରେ ଥାଏ । ସେ କାର୍ଯ୍ୟ ଛାଡ଼ି ମଝିରେ ମଝିରେ ଆସି ପୁତ୍ରକୁ ଦେଖିଯାଆନ୍ତି । ରୋଷେଇ ଆଦି କାର୍ଯ୍ୟରେ ରତ ରହିବା ଯୋଗୁଁ ଯଦି ପୁତ୍ର ପାଖକୁ ଆସିବାରେ ଅଳ୍ପ ବିଳମ୍ବ ହୁଏ ତେବେ ସେ ଅତ୍ୟନ୍ତ ବ୍ୟସ୍ତ ହୋଇ ପଡ଼ନ୍ତି । ଚଞ୍ଚଳ କାମ ଶେଷ କରି ପୁତ୍ର ପାଖକୁ ଦୌଡ଼ି ଆସନ୍ତି । କୋଳ କରି କହନ୍ତି, ''ମୁଁ ବଡ଼ ଅଲକ୍ଷଣୀ, ତୋତେ ଏକା ଛାଡ଼ି ତେଣେ କାମରେ ଲାଗିଥିଲି ।'' ଏପରି କହି ମୁଖରେ ଚୁମ୍ବନ ଦେଇ କୋଳରେ ଜାକି ଧରନ୍ତି । ତାଙ୍କ ଚେତନାରେ ପୁତ୍ର ଛଡ଼ା ଅନ୍ୟ କିଛି ନ ଥାଏ । ସେ ପୁତ୍ର ସ୍ନେହରେ ସର୍ବଦା ନିମଜ୍ଜି ଥାନ୍ତି । ପଦ୍ମାଙ୍କଠାରୁ ବହୁ ଗୁଣରେ ପଡି ବି ଶ୍ରୀକୃଷ୍ଣଙ୍କୁ ପୁତ୍ର ଭାବରେ ସ୍ନେହ କରନ୍ତି ।

ଏହିପରି ବହୁତ ଦିନ ବ୍ୟତୀତ ହୋଇଗଲା । ଗଙ୍ଗାଧର ପ୍ରତିଦିନ ଦୋକାନ ପସରା ନେଇ ହାଟରେ କିଂବା ଗ୍ରାମରେ ବିକ୍ରି କରି ଘରକୁ ଫେରି ଆସୁଥିଲେ । ବିକ୍ରି ଖର୍ଦି କରିବା ସମୟରେ ମନ ଶ୍ରୀକୃଷ୍ଣଙ୍କ ପାଖରେ ରହୁଥିଲା । ଦିନେ ତାଙ୍କୁ ଘରଠାରୁ ଦୂର ଜାଗାକୁ ଯିବାକୁ ହେଲା । ସେ ପଦ୍ମାଙ୍କୁ କହିଲେ, ମୁଁ ବ୍ୟବସାୟରେ ଦୂର ସ୍ଥାନକୁ ଯିବି । ଫେରିବାରେ କିଛି ଦିନ ଲାଗିଯାଇ ପାରେ । ପୁତ୍ର ତୋତେ ଲାଗିଲା । ତୁ କ୍ଷଣକ ପାଇଁ ବି କୁଆଡ଼କୁ ଯିବୁ ନାହିଁ । ସବୁ ସମୟରେ ପୁତ୍ର ପାଖରେ ରହିଥିବୁ ।'' ଏହିପରି ପଦ୍ମାଙ୍କୁ କହି ପୁତ୍ରଠାରୁ ବିଦାୟ ନେଇ ପସରାଟି ମୁଣ୍ଡରେ ରଖି ସେ ଯାତ୍ରା କଲେ । ପୁତ୍ର ପାଖରେ ମନ ଥାଏ କିନ୍ତୁ ସେ ବୁଲି ଜିନିଷପତ୍ର ଖର୍ଦିବିକ୍ରି କରନ୍ତି । ଖର୍ଦିବିକ୍ରି କାର୍ଯ୍ୟରେ ତିନିଟି ଦିନ ବିତିଗଲା । କିନ୍ତୁ ତାଙ୍କୁ ତିନି ଯୁଗ ସଦୃଶ ଲାଗିଲା । ପୁତ୍ରକୁ ନ ଦେଖିବା ଯୋଗୁଁ ସେ ବହୁତ ବ୍ୟାକୁଳ ହୋଇପଡ଼ିଲେ । କୌଣସି ମତେ କାର୍ଯ୍ୟ ଶେଷ କରି ପୁତ୍ର ସକାଶେ ନାନାଦି ମିଠା ଫଳ ଏବଂ ମିଠାଇ ଖର୍ଦି କରି ପୁତ୍ରକୁ ଦେଖିବା ପାଇଁ ବ୍ୟଗ୍ର ହୋଇ ଶୀଘ୍ର ଶୀଘ୍ର ଚାଲି ଘରକୁ ଆସିଲେ । ଗ୍ରାମ ଯେତେ ନିକଟ ହେଉଥାଏ ପୁତ୍ରକୁ ଦେଖିବା ଲାଳସା ସେତେ ତୀବ୍ର ହେଉଥାଏ ଏବଂ ସେ ସେତେ ତରତରରେ ଚାଲୁଥା'ନ୍ତି । ପୁତ୍ରର ସ୍ମରଣ ଯୋଗୁଁ ବାଟରେ ଖାଲ ଢିପର ଜ୍ଞାନ ତାଙ୍କର ରହୁ ନ ଥାଏ । ଏକେ ତ' ବୃଦ୍ଧାବସ୍ଥା, ଦୁଇରେ ପୁତ୍ରଠାରେ ମନୋନିବେଶ ଥିବାରୁ ରାସ୍ତାକୁ ଦେଖିପାରୁ ନ ଥା'ନ୍ତି । ଦୈବଯୋଗେ ପାଦ ପକାଇବା ସମୟରେ ଗୋଟାଏ ସ୍ଥାନରେ ଗୋଡ଼ ପଡ଼ି ଖସିଗଲା । ସେହି ସ୍ଥାନଟି କେଇ ପୁରୁଷ ଖାଲ ଏବଂ ଅସମତଳ ଥିଲା । ଏତେ ଖାଲରେ ପଡ଼ିଯିବା ଯୋଗୁଁ ତାଙ୍କ ଅଙ୍ଗପ୍ରତ୍ୟଙ୍ଗରେ ବହୁତ ଆଘାତ ଲାଗିଲା । ଆଘାତ ଯୋଗୁଁ କିଛି ମୁହୂର୍ତ୍ତ ମଧ୍ୟରେ ପ୍ରାଣ ଛାଡ଼ିଯିବା ଅବସ୍ଥା ଆସିଗଲା । ସେ କହିଲେ, ''ଆରେ ମୋ କୃଷ୍ଣ, ମୁଁ ବହୁ ପାପୀ ଓ ମୂର୍ଖ । ଅନ୍ତ ସମୟରେ ତୋ ମୁଖମଣ୍ଡଳ ଦେଖିପାରିଲି ନାହିଁ ।'' ଏହିପରି ବାରଂବାର ଶ୍ରୀକୃଷ୍ଣଙ୍କ ନାମ ସ୍ମରଣ କରୁ କରୁ ପିଣ୍ଡରୁ ପ୍ରାଣ ଛାଡ଼ିଗଲା । ଗଙ୍ଗାଧର ପଡ଼ିଯିବା ସମୟରେ ଗ୍ରାମର କେହି ଜଣେ ଲୋକ ଦୌଡ଼ି ଆସିଲେ । କିନ୍ତୁ ଦେଖିଲେ ପିଣ୍ଡରେ ପ୍ରାଣ ନାହିଁ । ସେ ତାଙ୍କ ପଦ୍ମାଙ୍କ ପାଖକୁ ଯାଇ ଗଙ୍ଗାଧରଙ୍କ ମୃତ୍ୟୁର ଖବର ଦେଇଦେଲେ ।

ଶ୍ରୀୟାଦେବୀ ଏହା ଶୁଣିବା ମାତ୍ରେ ଅତ୍ୟନ୍ତ ଶୋକରେ ଅଭିଭୂତ ହୋଇ ପୁତ୍ର ପାଖକୁ ଦୌଡ଼ିଯାଇ କହିଲେ, ''ଆରେ ମୋ କୃଷ୍ଣ, ତୁ ତ ଅରକ୍ଷ ଲୋକଙ୍କର ରକ୍ଷକ, ଦୀନଜନର ବନ୍ଧୁ, ତୋ ପିତା ଗ୍ରାମ ବାହାରେ ମରି ପଡ଼ିଛନ୍ତି । ତୋତେ ମୁଁ ପଚାରୁଛି, ମୁଁ କ'ଣ କରିବି ତୁ କହ ?'' ଏକଥା ଶୁଣି ଭକ୍ତର ବିପତ୍ତି ନିବାରଣ କରିବା ସକାଶେ ଚକ୍ର ଧାରଣ କରିଥିବା ଜଗତର ନାଥ, ବିଶ୍ୱମ୍ଭର, ଅନ୍ତର୍ଯାମୀ, ବୈକୁଣ୍ଠବାସୀ, ଭାବଗ୍ରାହୀ ଶ୍ରୀକୃଷ୍ଣ କହିଲେ, ''ମା, ତୁ କାହିଁକି ଚିନ୍ତା କରୁଛୁ ? ପିତା ପଥଶ୍ରାନ୍ତ ହୋଇ ନିଦ୍ରା ଯାଇଛନ୍ତି । ତୁ ଯାଇ କହ, 'ଏକା ପୁତ୍ରକୁ ଛାଡ଼ି ଏଠାରେ ପଡ଼ିଛ କାହିଁକି ? ଶୀଘ୍ର ଉଠ, ଘରକୁ ଚାଲ, ଏକା ପୁତ୍ର ଘରେ କାନ୍ଦୁଥିବ ।' ଏହା କହି ପିତାଙ୍କୁ ଉଠାଇ ଘେନିଆ ।''

ପୁତ୍ରଠାରୁ ଏକଥା ଶୁଣି ଶ୍ରୀୟାଦେବୀ ଅତ୍ୟନ୍ତ ଆନନ୍ଦରେ, ଅତ୍ୟନ୍ତ ବ୍ୟଗ୍ରରେ ଯାଇ ପତିଙ୍କ ପାଖରେ ପହଞ୍ଚିଲେ, ଦେଖିଲେ ଶରୀରରେ ପ୍ରାଣ ନାହିଁ, ମୃତ ଅବସ୍ଥାରେ ପଡ଼ିଛନ୍ତି । ସେତେବେଳକୁ ସେଠାରେ ବହୁସଂଖ୍ୟକ ନରନାରୀ ଛିଡ଼ା ହୋଇ ଦେଖୁଥା'ନ୍ତି । ଶ୍ରୀୟାଦେବୀ ପତିଙ୍କ ମସ୍ତକରେ ହାତ ଦେଇ କହିଲେ, ''ମୁଁ ପୁତ୍ରକୁ ଛାଡ଼ି ଏକା ଆସିଛି । ମୋ ସଙ୍ଗେ କେହି ନାହାନ୍ତି, ଶୀଘ୍ର ଉଠ, ସାଥିରେ ଘରକୁ ଯିବା । ଅନ୍ୟଥା ପୁତ୍ରର ସେବାରେ ବିଳମ୍ବ ହେବ । ଆମ୍ଭମାନଙ୍କ ପ୍ରଧାନ କଥା ପୁତ୍ରର ସେବା ।'' ଏହି କଥା କହିବା ମାତ୍ରେ ପତିଙ୍କ ପ୍ରାଣ ଫେରି ଆସିଲା । ନିଦ୍ରାରୁ ଉଠିବା ସଦୃଶ ଚକ୍ଷୁ ମଳି ଅନାଇଲେ । ନିଜ ପାଖରେ ପତ୍ନୀଙ୍କୁ ଦେଖି କହିଲେ, ''ଏଠାକୁ ଏକା କାହିଁକି ଆସିଛୁ ? ପୁତ୍ରକୁ କ'ଣ କଲୁ ?'' ପତ୍ନୀ ତାଙ୍କ ମୃତ୍ୟୁର ଘଟନା ତଥା ପୁତ୍ରର କହିବା କଥା ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ସମସ୍ତ କହିଲେ । ଏକଥା ଶୁଣିବା ମାତ୍ରେ ଗଙ୍ଗାଧର ଆଶ୍ଚର୍ଯ୍ୟ ଓ ଆନନ୍ଦରେ ଅଭିଭୂତ ହୋଇଗଲେ ଏବଂ ସଙ୍ଗେ ସଙ୍ଗେ ଉଠି ଶ୍ରୀକୃଷ୍ଣଙ୍କ ନାମଗୁଣ ଗାନପୂର୍ବକ ପତ୍ନୀଙ୍କ ସହ ଅତ୍ୟନ୍ତ ଆନନ୍ଦରେ ଶୀଘ୍ରତାରେ ଘରକୁ ଫେରିଲେ । ଘରେ ପ୍ରବେଶ କରିବା ମାତ୍ରେ ପ୍ରଥମରେ ପୁତ୍ର ପାଖକୁ ଗଲେ । ପୁତ୍ରକୁ କୋଳରେ ଧରି, ଆଣିଥିବା ଅପୂର୍ବ ଫଳ, ମିଠାଇସବୁ ଖାଇବାକୁ ଦେଲେ, ଅତ୍ୟନ୍ତ ଆନନ୍ଦରେ ବାରଂବାର ପୁତ୍ର ମୁଖରେ ଚୁମ୍ବନ ଦେଲେ । ଆନନ୍ଦରେ ବିଭୋର ହୋଇ ପତିଙ୍କ କୋଳରୁ ପୁତ୍ରକୁ ନେଇ ପତ୍ନୀ କୋଳ କରନ୍ତି; ପତି ମଧ୍ୟ ପତ୍ନୀଙ୍କ କୋଳରୁ ପୁତ୍ରକୁ ନେଇ ହୃଦୟରେ ଲଗାଇ ନିଅନ୍ତି । ଏହିପରି କିଛି ସମୟ ପରେ ପୁତ୍ରକୁ ତା' ଆସନରେ ବସାଇ ପୂର୍ବାପେକ୍ଷା ବହୁଗୁଣେ ପତିପତ୍ନୀ ସେବା କଲେ ।

ଏହି ଆନନ୍ଦରେ ଦିବସ ବ୍ୟତୀତ ହୋଇଗଲା । ରାତ୍ରିରେ ଶୋଇବା ସମୟରେ ଗଙ୍ଗାଧର କହିଲେ, ''ସର୍ବ ଐଶ୍ୱର୍ଯ୍ୟଦାତ୍ରୀ ଲକ୍ଷ୍ମୀଙ୍କର ପତି, ସମସ୍ତ ପ୍ରାଣୀର କର୍ତ୍ତା, ଅର୍ଥ, ଧର୍ମ, କାମ, ମୋକ୍ଷ – ଚତୁର୍ବର୍ଗ ଫଳଦାତା – ଏପରି ସମର୍ଥ ପୁତ୍ର ମୁଁ ପାଇ ମୋ କଷ୍ଟ କାହିଁକି ଗଲା ନାହିଁ ? ଏହି ବୃଦ୍ଧାବସ୍ଥାରେ ଗ୍ରାମ ଗ୍ରାମରେ ବିକ୍ରି କରିବାକୁ ନ ଗଲେ ଆମକୁ ଭୋଜନ ମିଳୁ ନାହିଁ । ଆହା କରିବାକୁ ବି କେହି ନାହିଁ ।'' ଗଙ୍ଗାଧରଙ୍କ ଏହି ପ୍ରାର୍ଥନା ଶେଷ ହେବା ସଙ୍ଗେ ସଙ୍ଗେ ଶ୍ରୀକୃଷ୍ଣ ତାଙ୍କ ହୃଦୟରେ ପ୍ରକଟ ହୋଇ ମନୁଷ୍ୟ ସଦୃଶ କହିଲେ, ''ହେ ପିତାମାତା, ତୁମ୍ଭେମାନେ ଚିନ୍ତା କର ନାହିଁ । ମୋ ପରି ପୁତ୍ର ଥାଉ ଥାଉ ତୁମେ ଭୟ କରୁଛ କାହାକୁ ? ତୁମ୍ଭେମାନେ ଯାହା ଚାହିଁଛ ତାହା ନିଶ୍ଚୟ ପାଇବ, ଏଥିରେ ସନ୍ଦେହ ନାହିଁ । ତୁମ୍ଭମାନଙ୍କ କାମନା ଅନୁସାରେ ତୁମ୍ଭ ଘରେ ଧନରତ୍ନ ପୂର୍ଣ୍ଣ ହେଉ ।'' ଏହା କହି ଭଗବାନ୍ ଅନ୍ତର୍ଦ୍ଧାନ ହୋଇଗଲେ ।

ଶ୍ରୀକୃଷ୍ଣ ଗଙ୍ଗାଧରଙ୍କ ଅନ୍ତରରୁ ଅନ୍ତର୍ଦ୍ଧାନ ହେଲେ କିନ୍ତୁ ସେ ବୁଝିପାରିଲେ ଯେ ତାଙ୍କ ଗୃହରେ ପ୍ରତିମାରୂପେ ଥିବା ପୁତ୍ର ଶ୍ରୀକୃଷ୍ଣ ବି ଚାଲିଗଲେ । ଏହି କାରଣରୁ ସେ ଉଠି ପୁତ୍ରର ସିଂହାସନ ପାଖକୁ ଦୌଡ଼ିଯାଇ ଦେଖିଲେ ପୁତ୍ର ଚାଲିଯାଇଛି । କିନ୍ତୁ ଘର ଧନରତ୍ନରେ ପୂର୍ଣ୍ଣ ହୋଇଛି । ପୁତ୍ରକୁ ନ ଦେଖି ଗଙ୍ଗାଧରଙ୍କୁ ବହୁତ ଦୁଃଖ ହେଲା । ସେ ଦୁଃଖରେ ଅଭିଭୂତ ହୋଇ ସେହିଠାରେ ପଡ଼ିଗଲେ । ନିଜକୁ ବହୁତ ଧିକ୍‌କାର କରି କହିଲେ – ''ଯାହା ମହିମା ବ୍ରହ୍ମାଦି ଦେବତାଙ୍କୁ ଅଗୋଚର, ଯିଏ ବାଞ୍ଛା କଳ୍ପତରୁ, ଏପରି ମହାନ୍ ପ୍ରଭୁ ହୋଇକରି ବି ନିଜ ଭକ୍ତ ଉପରେ ଅତ୍ୟନ୍ତ ଦୟା କରନ୍ତି । ଭକ୍ତ ଚାହିଁବା ଅନୁସାରେ ପୁତ୍ର, ପିତା, ସଖାରୂପେ ପ୍ରାପ୍ତ ହୁଅନ୍ତି ଏବଂ ନାନା ପ୍ରକାର ଆନନ୍ଦ ଦେଇ ନିଜ ସେବାରେ ନିଜ ଶାଶ୍ୱତ ଧାମକୁ ବି ନେଇଯାନ୍ତି । ମୁଁ ଅତ୍ୟନ୍ତ ମୂର୍ଖ, ମୋ ବୁଦ୍ଧି ବହୁତ ମନ୍ଦ । ମୁଁ ଧନ ଲୋଭରେ ବିବେକଶୂନ୍ୟ ହୋଇଗଲି । ସାକ୍ଷାତ୍ ସମସ୍ତ ଐଶ୍ୱର୍ଯ୍ୟର ପତି ପରମବ୍ରହ୍ମଙ୍କୁ ପୁତ୍ରରୂପେ ପାଇକରି ବି କାମନା କବଳରେ ପଡ଼ିଗଲି । କାମନା ଏବଂ ପରମ ପ୍ରଭୁ ଭଗବାନ୍ ଏକ ସଙ୍ଗେ ରହନ୍ତି ନାହିଁ । ମୁଁ ମନ୍ଦମତି, ଏହା ନ ଜାଣି କାମନା କଲି ଏବଂ ମୋ ପରମପ୍ରିୟ ପୁତ୍ରକୁ ହରାଇଲି । ମୋ ପୁତ୍ର ବିହୁନେ ଏ ଧନ ଏବଂ ଏହି ଜୀବନ କ'ଣ ହେବ ?'' ଏହିପରି ବହୁ ପଶ୍ଚାତ୍ତାପ କରି ପତିପତ୍ନୀ କୃଷ୍ଣଲୀଳା ସ୍ମରଣ କରି ଉଚ୍ଚ ସ୍ୱରରେ କାନ୍ଦି କାନ୍ଦି କହିଲେ, ''ହେ ପୁତ୍ର ଶ୍ରୀକୃଷ୍ଣ, ତୁ କୁଆଡ଼େ ଗଲୁ ? ଆମ୍ଭମାନଙ୍କୁ ସଙ୍ଗେ କାହିଁକି ନ ନେଲୁ ? ହେ ପୁତ୍ର, ତୁ ଚାହିଁ ନ ଥିଲେ ଆମ୍ଭର ଧନ-କାମନା କାହିଁକି ଆସିଥା'ନ୍ତା ? ତୁ ପରମ ଜ୍ଞାନ ଏବଂ ପରମ ଆନନ୍ଦର ମୂର୍ତ୍ତିମାନ ସ୍ୱରୂପ । ତୁ ଯାହା ହୃଦୟରେ ବିରାଜମାନ ଥାଉ ତା' ହୃଦୟରେ କାମନା ଆସିବ କେଉଁଠୁ ? ବୋଧହୁଏ ତୁ ସ୍ୱୟଂ ଇଚ୍ଛା କରି ତୋର ରକ୍ଷାକବଚ ଆମ୍ଭଠାରୁ ଦୂର କରି ନେବାରୁ

କାମନା-ରାକ୍ଷସ ପ୍ରବେଶ କରିବାକୁ ସୁଯୋଗ ପାଇଲା । ସମ୍ଭବତଃ ତୁ ଏହାହିଁ ଚାହିଁଥିଲୁ । ତୋ ଛଡ଼ା ଏହି ଶରୀର ରହି କ'ଣ କରିବ ? ତୁ ଯଦି ଛାଡ଼ି ଚାଲିଗଲୁ ଏହି ଶରୀର ରହିବ କାହିଁକି ?'' ଏହିପରି କହି ଗଙ୍ଗାଧର ଶ୍ରୀକୃଷ୍ଣ ନାମ ସ୍ମରଣ କଲେ । ତାଙ୍କ ସମସ୍ତ ଇନ୍ଦ୍ରିୟ ଶ୍ରୀକୃଷ୍ଣଙ୍କ ଚରଣରେ ଏକାଗ୍ର ହୋଇଗଲା । ଶ୍ରୀକୃଷ୍ଣଙ୍କ ସହିତ ଏକାତ୍ମ ହୋଇ, ଶ୍ରୀକୃଷ୍ଣଙ୍କ ଭାବରେ ଡୁବି ଶ୍ରୀକୃଷ୍ଣ ନାମ କହୁ କହୁ ସେ ଶରୀର ତ୍ୟାଗ କଲେ ।

ଗଙ୍ଗାଧରଙ୍କ ପତ୍ନୀ ପୁତ୍ରର ଅନୁପସ୍ଥିତିରେ ଶୋକସାଗରରେ ଡୁବିଯାଇଥିଲେ । ପତି ଶ୍ରୀକୃଷ୍ଣ ନାମ ସ୍ମରଣ କରି ପ୍ରାଣତ୍ୟାଗ କରିବାରୁ ସେ ଆଉ ଶୋକ କଲେ ନାହିଁ । ଭାବିଲେ, ''ପ୍ରାଣର ପ୍ରିୟ ପୁତ୍ର ମୋତେ ଛାଡ଼ି ଚାଲିଗଲେ । ପତି ମଧ୍ୟ ପୁତ୍ରକୁ ସ୍ମରଣ କରି ଶରୀରତ୍ୟାଗ କଲେ । ମୋର ଜୀବନଲୀଳା ସମାପ୍ତ ହେଲା ।'' ଯୁବତୀମାନଙ୍କ ଧର୍ମ ଅନୁସାରେ ଉଚିତ ପ୍ରଣାଳୀରେ ପତିଙ୍କ ଚିତାରେ ପତିଙ୍କ ସହ ପୁତ୍ର ପାଖକୁ ଯିବା — ଶ୍ରୀୟାଦେବୀ ଏହାହିଁ ନିଶ୍ଚିତ କରିନେଲେ । ଭୋର ହେଲା । ଶ୍ରୀକୃଷ୍ଣଙ୍କ କୃପାରୁ ତାଙ୍କ ଗୃହରେ ଯେଉଁ ଧନସମ୍ପତ୍ତି ହୋଇଥିଲା ତାହା ବ୍ରାହ୍ମଣ, ସାଧୁ, ଦରିଦ୍ରମାନଙ୍କୁ ଦାନ କରିଦେଲେ ଏବଂ ପତିଙ୍କ ଚିତାର ସମସ୍ତ ଦ୍ରବ୍ୟର ବ୍ୟବସ୍ଥା କରାଇନେଲେ । ଘରେ ଆଉ କିଛି ମାତ୍ର ଧନ ରଖିଲେ ନାହିଁ ।

ସାହିପଡ଼ିଶାଙ୍କ ସହିତ ବିଶେଷ ସମାରୋହରେ ପତିଙ୍କ ଶବ ନିଆହେଲା । ଗ୍ରାମର ବାହାରେ ଗୋଟିଏ ସ୍ଥାନରେ ଚନ୍ଦନ କାଷ୍ଠରେ ଚିତା ତିଆରି କରାହେଲା । ସେଥିରେ ବହୁତ ଘୃତ ମଧ୍ୟ ଢଳାହେଲା । ଶ୍ରୀୟାଦେବୀ ସ୍ନାନ କରି ନୂତନ ବସ୍ତ୍ର ପରିଧାନ କଲେ ତଥା ପତିବ୍ରତା ନାରୀମାନଙ୍କ ଉପଯୋଗୀ ଶିଙ୍ଗାର କରି ପତିଦେବଙ୍କୁ କୋଳରେ ଧରି ଚିତାରେ ପ୍ରବେଶ କଲେ । ମୁଖରେ ଶ୍ରୀକୃଷ୍ଣଙ୍କ ନାମ ସ୍ମରଣ କରୁଥା'ନ୍ତି । ହୃଦୟରେ ଶ୍ରୀକୃଷ୍ଣଙ୍କ ଧ୍ୟାନ ଥାଏ । ପ୍ରବଳ ଅଗ୍ନି ଯୋଗୁଁ ଅଳ୍ପ କ୍ଷଣରେ ଶ୍ରୟାଦେବୀଙ୍କ ଭଗବତ୍ ନାମ ସ୍ମରଣ ବନ୍ଦ ହୋଇଗଲା । ସେହି ସମୟରେ ଭଗବାନ୍ ସ୍ୱୟଂ ଆସି ସେମାନଙ୍କ ଆତ୍ମାକୁ ନେଇ ନିଜ ଧାମକୁ ଚାଲିଗଲେ । ସେଠାରେ ଉପସ୍ଥିତ ବ୍ୟକ୍ତି ଭଗବାନଙ୍କୁ ସ୍ପଷ୍ଟ ଦେଖିପାରିଲେ ନାହିଁ, କିନ୍ତୁ ଆକାଶରେ ହେଉଥିବା ଜୟ ଜୟ ଧ୍ୱନି ଶୁଣି ପାରିଲେ ତଥା ଗୋଟିଏ ଆଲୋକର ପ୍ରକାଶ ଚିତାରୁ ବାହାରି ବିଜୁଳି ବେଗରେ ଆକାଶକୁ ଯିବାର ଦେଖିପାରିଲେ ।

ଏହି ଦୃଶ୍ୟ ଦେଖିଥିବା ବ୍ୟକ୍ତି ଶ୍ରୀ ଗଙ୍ଗାଧର ତଥା ତାଙ୍କ ଧର୍ମପତ୍ନୀଙ୍କର ଜୟ ଜୟକାର କଲେ । ଗଙ୍ଗାଧର ତଥା ତାଙ୍କ ପତ୍ନୀଙ୍କୁ ଗୋଟିଏ ମୁଖରେ ପ୍ରଶଂସା କରି ସନ୍ତୁଷ୍ଟ ହେଉ ନ ଥିଲେ, ସମସ୍ତେ ହଜାର ହଜାର ମୁଖରେ ପ୍ରଶଂସା କରିବାକୁ ଚାହୁଁଥିଲେ । କିଛି ସମୟ ସେ ସ୍ଥାନରେ ରହି ଗଙ୍ଗାଧର ଏବଂ ତାଙ୍କ ପତ୍ନୀଙ୍କ ଭାବ ହୃଦୟରେ ରଖି ଭଗବତ୍ ନାମ ସ୍ମରଣପୂର୍ବକ ନିଜ ନିଜ ଘରକୁ ଫେରିଲେ ।

ଗଙ୍ଗାଧର ଏବଂ ତାଙ୍କ ପତ୍ନୀ ବହୁତ ପଢ଼ା ଲେଖା କରି ନ ଥିଲେ କିଂବା ସାଧନାର ପଦ୍ଧତି ଅନୁସାରେ କୌଣସି ନିୟମିତ ସାଧନା କରି ନ ଥିଲେ । କିନ୍ତୁ ସେମାନଙ୍କର ଥିଲା ନିଷ୍କପଟ ଓ ଆଡ଼ମ୍ବରଶୂନ୍ୟ ଭଗବାନଙ୍କ ପ୍ରତି ପୁତ୍ର ଭାବରେ ଭକ୍ତି ଏବଂ ଦୃଢ଼ବିଶ୍ୱାସ । ଭଗବାନଙ୍କୁ ପ୍ରାପ୍ତ ହେବାର ଏହାହିଁ ଅତ୍ୟନ୍ତ ସହଜ ମାର୍ଗ । ଏହା ସହଜ ହେବା ସତ୍ତ୍ୱେ ମହାନ୍ ଶକ୍ତିଶାଳୀ ମଧ୍ୟ । କେବଳ ଶୁଦ୍ଧଭାବ ଯୋଗୁଁ ଭଗବାନ୍ ସେମାନଙ୍କୁ ପୁତ୍ରରୂପେ ପ୍ରାପ୍ତ ହେଲେ ଏବଂ ଜନ୍ମମରଣ, ଦୁଃଖକଷ୍ଟରୁ ମୁକ୍ତ କରି ନିଜ ପରମଧାମରେ ନିତ୍ୟ ସେବାର ସୁଯୋଗ ଦେଲେ । କାମନା, ବାସନା, ଅହଂ, ସ୍ୱାର୍ଥ ତ୍ୟାଗ କରି କେବଳ ଶୁଦ୍ଧ ଭାବରେ ଭଗବତ୍ ନାମ ସ୍ମରଣ କଲେ ବ୍ୟକ୍ତି ଭଗବାନଙ୍କୁ ପ୍ରାପ୍ତ ହୋଇ ପାରିବ । ଏହାହିଁ ଭଗବାନଙ୍କର ଜୀବ ପ୍ରତି ଅତ୍ୟନ୍ତ କରୁଣା ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

ଭକ୍ତ ରଘୁଦାସ

କ୍ଷେତ୍ରମାନଙ୍କ ମଧ୍ୟରେ ଶ୍ରେଷ୍ଠ ପୁରୁଷୋତ୍ତମ କ୍ଷେତ୍ରଠାରୁ ପ୍ରାୟ ୨୫ ମାଇଲ ଦୂର ପୁରୀ ଜିଲ୍ଲା ପିପିଲି ଗ୍ରାମରେ ଗୋଟିଏ ଧୀବର ପରିବାରରେ ସମ୍ଭବତଃ ସପ୍ତଦଶ ଶତାବ୍ଦୀରେ ରଘୁଦାସଙ୍କ ଜନ୍ମ ହୋଇଥିଲା । ତାଙ୍କର ପିତାମାତା ତାଙ୍କ ନାମ ରଖିଥିଲେ ରଘୁ । ରଘୁ ବେହେରା ନାମରେ ଲୋକେ ତାଙ୍କୁ ଡାକୁଥିଲେ । ସେସମୟର ସାମାଜିକ ପରିସ୍ଥିତି ଅନୁସାରେ ତାଙ୍କ ପିତାମାତାଙ୍କର ନାମ, ଜନ୍ମତିଥି, ଜନ୍ମସାଲ ଉଲ୍ଲେଖ କରିବା ପ୍ରୟୋଜନ ମନେହୋଇ ନ ଥିଲା । ସାମାଜିକ ଦୃଷ୍ଟିରେ ରଘୁ ମଧ୍ୟ ପଢ଼ାଲେଖାରେ ପ୍ରତିଷ୍ଠିତ ବ୍ୟକ୍ତି ନ ଥିଲେ । ସେ ସକାଶେ ''ଦାର୍ଢ୍ୟତା ଭକ୍ତି'' ଗ୍ରନ୍ଥକାର ତାଙ୍କର ପାରିବାରିକ ପରିଚୟକୁ ମହତ୍ତ୍ୱ ନ ଦେଇ ତାଙ୍କ ଜୀବନର ଯେଉଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଘଟନା ଭଗବତ୍ ଭକ୍ତି ତାହାକୁହିଁ ଆଲୋଚନା କରିଥିଲେ ଯାହାଦ୍ୱାରା ପାଠକମାନଙ୍କୁ ଜୀବନର ଯଥାର୍ଥ ସତ୍ୟମାର୍ଗ ପ୍ରାପ୍ତ ହେବାରେ ଶକ୍ତିଶାଳୀ ପ୍ରେରଣା ମିଳିପାରିବ ।

ଭଗବାନଙ୍କ ମାୟା ଅତ୍ୟନ୍ତ ପ୍ରବଳ । ତାଙ୍କ ଆଶ୍ରିତ ବ୍ୟକ୍ତିଙ୍କ ଛଡ଼ା ସଂସାରର ମୂର୍ଖ, ପଣ୍ଡିତ, ଧନୀ, ଦରିଦ୍ର, ସମସ୍ତ ବ୍ୟକ୍ତି ତାଙ୍କରି ମାୟାରେ ନାଚୁଥାଆନ୍ତି । କାମ, କ୍ରୋଧ, ଲୋଭ, ମୋହ, ଅହଂ, ସ୍ୱାର୍ଥର ଶାସନରେ ରହି କ୍ରୀତଦାସ ତଥା ନିର୍ଜୀବ ଯନ୍ତ୍ର ସଦୃଶ ପରିଚାଳିତ ହେଉଥାନ୍ତି । କିନ୍ତୁ ଏହି ବିବଶ ଅଧୀନତା ବିଷୟରେ କେବେ ଚିନ୍ତା କରନ୍ତି ନାହିଁ କିଂବା ଏଥିରୁ ମୁକ୍ତ ହେବା ସକାଶେ କେବେ ବି ଭାବନ୍ତି ନାହିଁ । କୁକୁର ଶୁଖିଲା ହାଡ଼ ଚୋବାଇ ନିଜ ମୁଖର କ୍ଷତ-ବିକ୍ଷତରୁ ପ୍ରାପ୍ତ ରୁଧିର ପାନ କରି ତୃପ୍ତ ହେବା ସଦୃଶ କିଂକର୍ତ୍ତବ୍ୟବିମୂଢ଼ ହୋଇ ସେଥିରେହିଁ ସୁଖ ମାନୁଥାଆନ୍ତି । ଭଗବାନଙ୍କ କୃପା ଯେଉଁମାନଙ୍କ ଉପରେ ହୁଏ ସେହିମାନେ ନିଜ ଜୀବନ ସମ୍ବନ୍ଧେ ସଚେତ ହୁଅନ୍ତି ଏବଂ ଜନ୍ମ-ମରଣର ଦୁଃଖ-କଷ୍ଟରୁ ମୁକ୍ତ ହେବାକୁ ପ୍ରଯତ୍ନ କରନ୍ତି । ଅନ୍ୟଥା ସଂସାରର ସମସ୍ତ ବ୍ୟକ୍ତି ଯନ୍ତ୍ର ସଦୃଶ ଦୁଃଖ-କଷ୍ଟ ଓ ଜନ୍ମ-ମରଣର ଚକ୍ରରେ ଘୂରୁଥାଆନ୍ତି । ରଘୁଙ୍କ ଉପରେ ଭଗବାନ୍ କୃପା କରିଥିଲେ । ସେ ସଂସାରରେ ଜନ୍ମଗ୍ରହଣ କରିଥିବା ଅଭିପ୍ରାୟ ବୁଝିପାରି ଭଗବାନଙ୍କ ଭକ୍ତି ପ୍ରତାପରେ ଜୀବିତ ଅବସ୍ଥାରେ ସ୍ୱୟଂ ଭଗବାନଙ୍କୁ ସାକ୍ଷାତ୍ ଦର୍ଶନ କରୁଥିଲେ ତଥା ଭଗବତ୍ ଦିବ୍ୟାନନ୍ଦରେ ନିମଗ୍ନ ରହୁଥିଲେ । ତାଙ୍କ ସମ୍ପର୍କରେ ଆସିଥିବା ବହୁ ନରନାରୀଙ୍କୁ ଭଗବତ୍ ଭକ୍ତିର ପ୍ରଭାବରେ ଉଦ୍ଧାର ମଧ୍ୟ କରିଥିଲେ । ତାଙ୍କ ଜୀବନଚରିତ ଅଧ୍ୟୟନ କରି ଆଜି ବି ପାଠକମାନେ ଜୀବନର ଯଥାର୍ଥ ରହସ୍ୟ ବୁଝି ଭଗବତ୍ ପ୍ରାପ୍ତିର ଯଥାର୍ଥ ମାର୍ଗ ଅନୁସରଣ କରୁଅଛନ୍ତି ଏବଂ ଭବିଷ୍ୟତରେ କରିବେ ।

ରଘୁ ତାଙ୍କ ପିତାମାତାଙ୍କର ଗୋଟିଏ ମାତ୍ର ସନ୍ତାନ ଥିଲେ । ତାଙ୍କ ପିତାଙ୍କ ଜୀବିତ ଅବସ୍ଥାରେ କିଂବା ମୃତ୍ୟୁ ପରେ ରଘୁଙ୍କର ବିବାହ ହୋଇଥିଲା ଗୋଟିଏ ସଦ୍‌ଗୁଣବତୀ କନ୍ୟା ସହିତ । ପିତାଙ୍କ ମୃତ୍ୟୁ ପରେ ମାତା ତଥା ପତ୍ନୀଙ୍କ ଭରଣପୋଷଣର ଦାୟିତ୍ୱ ପଡ଼ିଲା ତାଙ୍କରି ଉପରେ । ତାଙ୍କ ପିତା ମାଛ ମାରି ବିକ୍ରି କରି ସେଥିରେ କୁଟୁମ୍ବର ଭରଣପୋଷଣ କରୁଥିଲେ । ରଘୁ ବାଲ୍ୟାବସ୍ଥାରୁ ବି ପିତାଙ୍କ ସହିତ ସେହି ମାଛ ମାରିବା ବୃତ୍ତିଟି ଶିକ୍ଷା କରିଥିଲେ । ଏହି ବୃତ୍ତିଟି ତାଙ୍କ କୁଳପରମ୍ପରାରୁ ଚାଲି ଆସୁଥିଲା । କୁଟୁମ୍ବପାଳନର ଅନ୍ୟ ଉପାୟ ନ ଦେଖି ରଘୁ ମଧ୍ୟ ସେହି ବୃତ୍ତିଟି ଗ୍ରହଣ କଲେ ।

ରଘୁଙ୍କ ଘର ପାଖରୁ ପୁରୀ ମାତ୍ର ୨୦/୨୫ ମାଇଲ ଦୂର । ପୁରୀରେ ବାର ମାସରେ ତେର ଯାତ୍ରା ହୁଏ । ଦର୍ଶନାର୍ଥୀମାନେ ତାଙ୍କରି ଗ୍ରାମ ଦେଇ ବରାବର ଯାତାୟାତ କରନ୍ତି । ରଘୁଙ୍କର ବାଲ୍ୟାବସ୍ଥାରୁ ଭଗବତ୍ ଭକ୍ତି ଏବଂ ସାଧୁସନ୍ଥଙ୍କ ଦର୍ଶନରେ ଆଗ୍ରହ ଜନ୍ମଜାତ ଗୁଣ ଥିଲା । ଦର୍ଶନାର୍ଥୀମାନଙ୍କୁ ଦେଖି ତାଙ୍କ ହୃଦୟ ଆନନ୍ଦରେ ନାଚି ଉଠୁଥିଲା । ସେ ଯାତ୍ରୀମାନଙ୍କ ସଙ୍ଗେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ଚନ୍ଦନଯାତ୍ରା, ସ୍ନାନ-ଉତ୍ସବ ଆଦି ସବୁ ଯାତ୍ରା ଯାଉଥିଲେ ଏବଂ ଶ୍ରୀଜଗନ୍ନାଥଙ୍କ ଦର୍ଶନ ତଥା ସାଧୁସନ୍ଥଙ୍କ ସତ୍‌ସଙ୍ଗରେ ବିଶେଷ ଆନନ୍ଦ ଅନୁଭବ କରୁଥିଲେ । ସାଧୁମାନଙ୍କ ନାମକୀର୍ତ୍ତନ ରଘୁଙ୍କୁ ବହୁତ ଭଲ ଲାଗୁଥିଲା । କୀର୍ତ୍ତନ ସମୟରେ ରଘୁଙ୍କ ହୃଦୟ ଭକ୍ତିଭାବରେ ପୂର୍ଣ୍ଣ ହୋଇ ଯାଉଥିଲା, ଦୁଇ ନେତ୍ରରୁ ଅଶ୍ରୁ ବର୍ଷା ହେଉଥିଲା । ଏହିପରି ପୁରୀରେ ଦିନେ ଦୁଇ ଦିନ ସନ୍ଥମାନଙ୍କ ମଠରେ ରହି କୁଟୁମ୍ବ ପୋଷିବା ଚିନ୍ତାରେ ରଘୁ ଫେରୁଥିଲେ । ଏପରି ପୁରୀ ଯିବା ଏବଂ ସାଧୁସନ୍ଥମାନଙ୍କ ସଙ୍ଗ କରିବା ତାଙ୍କ ଜୀବନର ଗୋଟିଏ ପ୍ରଧାନ ଅଙ୍ଗ

ହୋଇଗଲା । ସଙ୍ଗର ପ୍ରଭାବ ଶାସ୍ତ୍ର ପୁରାଣରେ ଯେପରି ବର୍ଣ୍ଣିତ ହୋଇଅଛି ସେହିପରି ପ୍ରତ୍ୟକ୍ଷଭାବେ ମଧ୍ୟ ଦେଖାଯାଉଛି । ଯେପରି ସତ୍ ବା ଅସତ୍ ସଙ୍ଗ କରିବ ସେହିପରି ପ୍ରଭାବ ନିଜ ମଧ୍ୟରେ ପଡ଼ିବ ଏବଂ ସଂସ୍କାରରେ ପରିଣତ ହେବ । ଗୋସ୍ୱାମୀ ତୁଳସୀ ଦାସ କହିଛନ୍ତି :

''ହାନି କୁସଙ୍ଗ ସୁସଙ୍ଗତି ଲାହୂ
ଲୋକହୁଁ ବେଦ ବିଦିତ ସବକାହୂ ।''

''କୁସଙ୍ଗରେ ହାନି ହୁଏ, ସୁସଙ୍ଗରେ ଲାଭ ହୁଏ । ଏହା ଲୌକିକ ବ୍ୟବହାରରେ ପ୍ରତ୍ୟକ୍ଷ ଦେଖାଯାଉଛି; ବେଦ, ଶାସ୍ତ୍ର, ପୁରାଣରେ ମଧ୍ୟ ଶୁଣାଯାଉଛି ।'' ରଘୁଙ୍କର ସଜ୍ଜନମାନଙ୍କ ସତ୍‌ସଙ୍ଗ ପ୍ରଭାବରେ ତାଙ୍କ ମଧ୍ୟରେ ଥିବା ଭକ୍ତି-ଲତା ଉତ୍ତରୋତ୍ତର ପଲ୍ଲବିତ ଓ ପୁଷ୍ପିତ ହେବାକୁ ଲାଗିଲା ।

ରଘୁ ଥରେ ପୁରୀ ଯାଇଥିଲେ । ଜଣେ ବୈଷ୍ଣବ ସଜ୍ଜନଙ୍କଠାରୁ ଦୀକ୍ଷା ନେବା ସକାଶେ ପ୍ରାର୍ଥନା କଲେ । ସଜ୍ଜନ ଅଧିକାରୀ ଶିଷ୍ୟ ଜାଣି ରଘୁଙ୍କୁ ପଞ୍ଚସଂସ୍କାର ସହିତ ମନ୍ତ୍ର ଉପଦେଶ ଦେଲେ । ତାଙ୍କ ନାମ ରଖିଲେ ରଘୁଦାସ । ଗଳାରେ ତୁଳସୀ ମାଳା, ଲଲାଟରେ ତିଳକ, ଅଣ୍ଟାରେ ଡୋର ଏବଂ କୌପୁନି, ଭଗବତ୍ ସେବକସୂଚକ ନାମ ତଥା ମନ୍ତ୍ର ଉଦଦେଶକୁ ପଞ୍ଚସଂସ୍କାର ବା ଦୀକ୍ଷା କୁହାଯାଏ । ଦୀକ୍ଷା ଗ୍ରହଣକୁହିଁ ସଜ୍ଜ ତଥା ଶାସ୍ତ୍ର ନୂତନ ଜନ୍ମ ମାନନ୍ତି । ପୂର୍ବ ଜନ୍ମଗତ ସମ୍ବନ୍ଧ ବିଚ୍ଛେଦ ହୁଏ ।

ରଘୁଙ୍କର ଶାନ୍ତି, ସନ୍ତୋଷ, ଦୟା କ୍ଷମାଦି ଜନ୍ମଗତ ସଦ୍‌ଗୁଣ ଥିଲା । ସେ ପରିବାରରେ ବାଲ୍ୟାବସ୍ଥାରୁ ଲାଳିତପାଳିତ ହୋଇଆସିବା ସତ୍ତ୍ୱେ ପୂର୍ବ ସଂସ୍କାର ତଥା ଭଗବାନଙ୍କ କୃପାରୁ ତାଙ୍କ ଉପରେ ପରିବାରର କୁପ୍ରଭାବ ପଡ଼ି ନ ଥିଲା । ସେ ବାଲ୍ୟାବସ୍ଥାରୁ କିଛି ପଢ଼ା-ଲେଖା ନ ଜାଣିବା ସତ୍ତ୍ୱେ ସ୍ୱାଭାବିକରୂପେ ଭଗବତ୍ ନାମ ସ୍ମରଣ କରୁଥିଲେ । କିନ୍ତୁ ଗୁରୁଙ୍କଠାରୁ ଦୀକ୍ଷା ପ୍ରାପ୍ତ ହେବା ପରେ ତାଙ୍କ ସମସ୍ତ ସଦ୍‌ଗୁଣ ଅଧିକାଧିକ ବିକଶିତ ହେବାକୁ ଲାଗିଲା । ରଘୁ ଗଳାରେ ତୁଳସୀମାଳ, ଲଲାଟରେ ଊର୍ଦ୍ଧ୍ୱପୁଣ୍ଡ୍ର ତିଳକ ଧାରଣ କରି ମୁଖରେ ଭଗବତ୍ ନାମ ସ୍ମରଣପୂର୍ବକ ଭଗବତ୍ ଭକ୍ତିରେ ଉନ୍ମତ୍ତ ହୋଇ ଘରକୁ ଫେରିଲେ ।

ଏଥରକ ରଘୁ ପୁରୀରୁ ଫେରିବା ପରେ ତାଙ୍କର ସ୍ୱଭାବରେ ବହୁତ ପରିବର୍ତ୍ତନ ଆସିଥିଲା । ସେ ମାଛ ମାରିବାକୁ ଚାହୁଁ ନ ଥିଲେ । ନିରପରାଧ ମାଛକୁ ଧରିବା ସମୟରେ ଦୁଃଖ ଅବସାଦରେ ତାଙ୍କ ହୃଦୟ ବିଦୀର୍ଣ୍ଣ ହୋଇ ଯାଉଥିଲା । ସେ ବ୍ୟାକୁଳ ହୋଇ କହୁଥିଲେ, ''ହେ ପ୍ରଭୁ, ପରିବାର ପୋଷଣ ସକାଶେ କ'ଣ ଅନ୍ୟ ଉପାୟ ନାହିଁ ? ବିନା ଦୋଷରେ ଜୀବହତ୍ୟା ତୁଲ୍ୟ ଘୋର ପାପରୁ ଉଦ୍ଧାର ହେବି କିପରି ?'' ଏହିପରି ଦୁଃଖ ଅନୁଭବ କରିବା ସତ୍ତ୍ୱେ ବି ପରିବାରପୋଷଣର ଅନ୍ୟ ଉପାୟ ନ ଦେଖି ବିବଶ ହୋଇ ମାଛ ମାରି ତାକୁ ବିକ୍ରି କରି ଭୋଜନଦ୍ରବ୍ୟ କିଣି ଘରକୁ ଫେରୁଥିଲେ । ଅନିଚ୍ଛାରେ ବାଧ ହୋଇ ବ୍ୟକ୍ତି କେତେ ଦିନ କର୍ମ କରିପାରେ ? ରଘୁଙ୍କର ଅନୁତାପ ଦିନକୁ ଦିନ ବଢ଼ିଲା । ମାଛ ମାରିବାକୁ ହୃଦୟ ତୀବ୍ର ବିରୋଧ କଲା । ମନ, ପ୍ରାଣ, ଶରୀର ତଥା ହୃଦୟ ତାଙ୍କ ନିଶ୍ଚୟତାରେ ସହଯୋଗ କଲେ । ରଘୁ ହୃଦୟରେ କେହି କହିଲା, ''ରଘୁ, ନିରୀହ ପ୍ରାଣୀ ମାଛକୁ ଆଉ ମାର ନାହିଁ ।'' ଏହା ଶୁଣି ମାଛ ନ ମାରିବା ସକାଶେ ରଘୁ ଦୃଢ଼ସଂକଳ୍ପ ହୋଇ ତହିଁ ଆରଦିନ ଆଉ ମାଛ ମାରିବାକୁ ଗଲେ ନାହିଁ । ଘରେ ବସି ଭଗବତ୍ ନାମ ସ୍ମରଣ କଲେ ।

ରୋଷେଇ କରିବା ସମୟ ହେଲା । ଘରେ ଗୋଟିଏ ବୋଲି ଦାନା ନାହିଁ । ଏହା ଦିନକର ଘଟନା ନୁହେଁ । ପ୍ରତିଦିନ ଏହିପରି ଘଟେ । ରଘୁ ବସି ହରିନାମ ଜପ କରନ୍ତି, ମା ଏବଂ ଧର୍ମପତ୍ନୀ ଦୁଇ ଚାରିପଦ ଶୁଣାଇଦେବା ପରେ ରଘୁ ମାଛ ମାରିବାକୁ ଯାଆନ୍ତି । ଏହା କେତେ ଦିନ ଚଳିବ ? ଧୈର୍ଯ୍ୟର ଗୋଟିଏ ସୀମା ଥାଏ । ରଘୁଙ୍କର କର୍ମରେ ଅନିଚ୍ଛା ପ୍ରବୃତ୍ତିରେ ଧର୍ମପତ୍ନୀ ବିରକ୍ତ ହୋଇଗଲେ । ରଗ ରଗ ହୋଇ ଶାଶୂଙ୍କୁ କହିଲେ, ''ଘରେ ମୁଠାଏ ବୋଲି ଚାଉଳ ନାହିଁ, ତୁମ ପୁଅ ନିଶ୍ଚିନ୍ତ ହୋଇ ହରିନାମ ଜପ କରୁଛନ୍ତି; ପ୍ରତିଦିନ କିଏ କହିବାକୁ ଯିବ ?'' ଏପରି କହି ବୋହୂ ଚୁପ୍

ହୋଇଗଲେ । ରାଗ ଗୋଟାଏ ସଂକ୍ରାମକ ଶକ୍ତି । ଜଣେ ବ୍ୟକ୍ତି ଅନ୍ୟକୁ (କ୍ରୋଧ) ରାଗରେ କହିଲେ, ଶୁଣିବା ବ୍ୟକ୍ତିକୁ ବି ରାଗ ଆକ୍ରମଣ କରେ । ବୋହୂ କଥା ଶୁଣିବାମାତ୍ରେ ଶାଶୂର ମଧ୍ୟ ପୁଅ ପ୍ରତି ରାଗ ହେଲା । ସେ ତମ ତମ ହୋଇ ଯାଇ ରଘୁ ସାମନାରେ ଛିଡ଼ା ହୋଇ କର୍କଶ ଶବ୍ଦରେ କହିଲେ, ''ରଘୁ ତୋ ବେକରେ ଦୁଇ ପ୍ରାଣୀ ବନ୍ଧା; ତୋର କୌଣସି ଦକ ନାହିଁ କି ଚିନ୍ତା ନାହିଁ, ବସି ବସି ହରିନାମ ଜପିବୁ । ଏହିପରି କଲେ ତୋତେ କିଏ ଖାଇବାକୁ ଦେଇଯିବ ? ଦିନେ ନାହିଁ ନା କାଳେ ନାହିଁ, ପ୍ରତିଦିନ ତୋତେ ନ କହିଲେ ତୁ ଉଠିବୁ ନାହିଁ । ଏହା ଘରକରଣା ଲକ୍ଷଣ ନୁହେଁ । ଗାଁରେ କ'ଣ ଆଉ କେହି ଘର କରି ନାହାନ୍ତି ? ସେମାନେ କ'ଣ ତୋରି ପରି କରୁଛନ୍ତି ? ଆମକୁ ଉପବାସ ରଖି ମଝି ଦରିଆରେ ଭସେଇ ତୁ କ'ଣ ସନ୍ନ୍ୟାସୀ ହେବୁ ?'' ଏହିପରି କେତେ କ'ଣ ରାଗରେ କହିଲେ । ମା'ର ଭର୍ତ୍ସନାରେ ରଘୁ ଅତ୍ୟନ୍ତ ବିକ୍ଷୁବ୍ଧ ହୋଇପଡ଼ିଲେ । ''ଅତି ସଂଘର୍ଷଣ କରଇଜୋ କୋଇ । ଅନଳ ପ୍ରଚାଟ ଚନ୍ଦନ ତେ ହୋଇ ।'' ''ଚନ୍ଦନ ଅତ୍ୟନ୍ତ ଶୀତଳ, କିନ୍ତୁ ଦୁଇଟି ଚନ୍ଦନ କାଠକୁ ଅତ୍ୟନ୍ତ ଘର୍ଷଣ କଲେ ସେଥିରୁ ଅଗ୍ନି ଉତ୍ପନ୍ନ ହୁଏ ।'' ରଘୁଙ୍କର ଯଦ୍ୟପି ଅତ୍ୟନ୍ତ ଶାନ୍ତ ସ୍ୱଭାବ ତଥାପି ମା ଏବଂ ସ୍ତ୍ରୀର ପ୍ରତିଦିନ ତାଡ଼ନା, ବିଶେଷତଃ ସେହିଦିନ ମା'ଙ୍କର କ୍ରୋଧଯୁକ୍ତ ଭର୍ତ୍ସନାରେ ରଘୁଙ୍କ ହୃଦୟରେ କ୍ରୋଧ ଜାତ ହେଲା । ସେ ମା'ଙ୍କୁ କିଛି ନ କହି ରାଗରେ ଜାଲ ଉଠେଇ ମାଛ ମାରିବାକୁ ଗଲେ ଏବଂ ଭାବିଲେ, ''ନର୍କରେ ପଡ଼େ ବା ଯାହା ହେଉ, ଏମାନଙ୍କର ଦୌରାତ୍ମ୍ୟ କିଏ ସହିବ ? ତୁମେ ଚୋରି କର କି ମଣିଷ ମାର, ବା ଜୀବହତ୍ୟା କର, ସେଥିରେ ତାଙ୍କର କିଛି ନାହିଁ, ତାଙ୍କୁ କେବଳ ଖାଇବାକୁ ଆଣିଦିଅ ।'' ରଘୁ ଏହିପରି ଭାବୁଥାଆନ୍ତି ଏବଂ ମୁଖରେ ହରିନାମ ଉଚ୍ଚାରଣ କରି ଗୋଟିଏ ବଡ଼ ପୁଷ୍କରିଣୀରେ ପଶି ଜାଲ ପକାଇଲେ । କିଛି ସମୟ ପରେ ଜଗନ୍ନାଥଙ୍କ କୃପାରୁ ଜାଲରେ ପଡ଼ିଲା ଗୋଟିଏ ବଡ଼ ରୋହିମାଛ । ତାକୁ ପାଣିରୁ ଆଣି ଶୁଖିଲାରେ ପକାଇ ତା'ର ସୁନ୍ଦର ରୂପ ଲାଲ ଲାଲ ପକ୍ଷ ଦେଖି ରଘୁଙ୍କର ହୃଦୟରେ ଅସହ୍ୟ ବ୍ୟଥା ହେଲା । ଦୁଇ ନେତ୍ରରୁ ଅଶ୍ରୁବର୍ଷା ହେବାକୁ ଲାଗିଲା । ସେ ମୁଣ୍ଡରେ ହାତ ଦେଇ ଭାବିଲେ, ''ହାୟ ଭଗବାନ୍, ଏତେ ସୁନ୍ଦର ନିରୀହ ମାଛକୁ ମାରିବି କିପରି ? ତୁମେ ତ' ଏହି ମତ୍ସ୍ୟରୂପରେ ଅବତାର ନେଇଥିଲ । ତୁମ ସ୍ୱରୂପ ମତ୍ସ୍ୟକୁ ମାରି ମୁଁ ବଞ୍ଚି ରହିବି କିପରି ? ନ ଖାଇ ବରଂ ଶରୀରତ୍ୟାଗ କରିବି, ଏହାକୁ ମାରିବି ନାହିଁ ।'' ଏହି ବିଚାର ସଙ୍ଗେ ସଙ୍ଗେ ମାନସ ପଟରେ ଆସିଲା ସ୍ତ୍ରୀ ତଥା ମାତାଙ୍କର କ୍ରୋଧଯୁକ୍ତ ଭର୍ତ୍ସନା, ତା' ପ୍ରଭାବରେ ରଘୁର ମନରେ ମଧ୍ୟ ଆସିଲା କ୍ରୋଧ । ସେ ନିର୍ଦୟଭାବେ ମାରିବା ଉଦ୍ଦେଶ୍ୟରେ ମାଛ ତଣ୍ଟିରେ ହାତ ଦେଇ ଦାବିବା ସମୟରେ ମାଛ ମୁଖ ବିସ୍ତାର କରି ''ନାରାୟଣ ରକ୍ଷାକର'' ଶବ୍ଦଟି ଉଚ୍ଚାରଣ କଲା । ସେ ଶବ୍ଦ ଶୁଣିବାମାତ୍ରେ ରଘୁଙ୍କୁ କୋଟିନିଧି ପ୍ରାପ୍ତଠାରୁ ଅତ୍ୟନ୍ତ ଆନନ୍ଦ ଅନୁଭବ ହେଲା । ତାଙ୍କ ହୃଦୟ ଆନନ୍ଦରେ ଉଛୁଳି ପଡ଼ିଲା । ସେ ଭାବ ବିଭୋର ହୋଇ ନିଜକୁ ଏବଂ ସଂସାରକୁ ଭୁଲିଗଲେ । ନେତ୍ରରୁ ଅଶ୍ରୁ ବର୍ଷା ହେଲା ଏବଂ ଶରୀରରେ ଭକ୍ତିର ଅଷ୍ଟସାତ୍ତ୍ୱିକ ଭାବ ସ୍ପଷ୍ଟରୂପେ ପ୍ରକାଶିତ ହେଲା । ତାଙ୍କ ହୃଦୟ ଭଗବାନଙ୍କ ପ୍ରତି କୃତଜ୍ଞତାରେ ବିଦୀର୍ଣ୍ଣ ହୋଇପଡ଼ିଲା । ସେ ଆନନ୍ଦରେ ବିଭୋର ହୋଇ ଉଚ୍ଚ ସ୍ୱରରେ ଭଗବତ୍ ନାମ ସହିତ ରୋଦନ କରିବାକୁ ଲାଗିଲେ ।

ତାହା କେବଳ ଶବ୍ଦ ନ ଥିଲା । ଥିଲା ଶବ୍ଦରୂପେ ସାକ୍ଷାତ୍ ଜ୍ଞାନ, ଆନନ୍ଦ, ଭଗବାନଙ୍କ ସ୍ୱରୂପ । ରଘୁଙ୍କ ଅନ୍ତରରେ ତାହା ପ୍ରବେଶ କରି ତାଙ୍କର ଜନ୍ମଜନ୍ମାନ୍ତରର ପାପ, ଅଜ୍ଞାନ, ଅନ୍ଧକାରକୁ ଭସ୍ମ କରି ଜ୍ଞାନ ଜ୍ୟୋତିଃ ପ୍ରକାଶ କରିଦେଲା । ଆଜି ରଘୁଙ୍କ ଜୀବନ ସାର୍ଥକ ହୋଇଗଲା । ତାଙ୍କ ମାତା ପିତା କୃତାର୍ଥ ହୋଇଗଲେ । ସେ ଭାବିଲେ, ''ଯେଉଁ ନାରାୟଣ ସର୍ବଜୀବ ମଧ୍ୟରେ ବାସ କରିଅଛନ୍ତି, ସର୍ବସ୍ଥାନରେ ପରିପୂର୍ଣ୍ଣ ହୋଇ ରହିଅଛନ୍ତି ସେହି ନାରାୟଣ ଆଜି ଏହି ମାଛର ମୁଖ ମଧ୍ୟଦେଇ 'ନାରାୟଣ' ଉଚ୍ଚାରଣ କରିଅଛନ୍ତି । ସେହି ନାରାୟଣଙ୍କ ସାକ୍ଷାଦ୍ଦର୍ଶନ ଛଡ଼ା ଜୀବନ ସର୍ବଥା ବ୍ୟର୍ଥ ।'' ଏହା ଭାବି ମାଛକୁ ଜୀବିତ ଅବସ୍ଥାରେ ନେଇ ଗୋଟିଏ ଏକାନ୍ତ ଜଙ୍ଗଲ ପାହାଡ଼ ଝରଣା ପାଖରେ ପହଞ୍ଚିଲେ । ସେହି ଝରଣା ଜଳରେ ମାଛକୁ ଛାଡ଼ି ଭଗବାନଙ୍କୁ ଦର୍ଶନ କରିବା ସକାଶେ ଦୃଢ଼ସଙ୍କଳ୍ପ କରି ସେହିଠାରେ ବସି ନାରାୟଣ ନାମ ଜପ କଲେ । ଭଗବତ୍ ଦର୍ଶନର ବ୍ୟାକୁଳତା ତଥା ତୀବ୍ର ଅଭୀପ୍ସା ଏବଂ ନାମଜପର ଦିବ୍ୟ ଆନନ୍ଦ ଯୋଗୁଁ ତାଙ୍କ ମନ ସ୍ଥିର ହୋଇଗଲା । ସେ ଶରୀର-ଶୁଦ୍ଧି ଭୁଲି ନାମଜପରେ ତଲ୍ଲୀନ ହୋଇଗଲେ । ତାଙ୍କର କ୍ଷୁଧା, ତୃଷା, ଦିବସ ତଥା ନିଶିର ଜ୍ଞାନ ରହିଲା ନାହିଁ । ଏହିପରି ନିରନ୍ତର ନାମଜପରେ ତିନି ଦିନ, ତିନି ରାତି ବ୍ୟତୀତ ହୋଇଗଲା । ରଘୁ ଗୋଟିଏ

ଆସନରେ ବସି ନାମଜପ କରୁଥାଆନ୍ତି । ତିନି ଦିନ ପରେ ରଘୁଙ୍କ ପାଖରେ ଜଣେ ବ୍ରାହ୍ମଣ ପହଞ୍ଚି ପଚାରିଲେ – ''ହେ ତପସ୍ୱୀ, ଏଠାରେ ବସି କାହିଁକି ତପସ୍ୟା କରୁଛ ? ତୁମ ନାମ କ'ଣ ? ତୁମେ କେଉଁ ଗୋତ୍ରରେ ଜନ୍ମଗ୍ରହଣ କରିଛ ? ତୁମର କ'ଣ ଘରଦ୍ୱାର ନାହିଁ ? ଏଠାରେ ବସି ଭଗବତ୍ ନାମ ଜପ କରୁଛ କେଉଁ ସକାଶେ ?'' ଏକଥା ଶୁଣି ରଘୁ ଆଖି ଖୋଲି ସାମ୍ନାରେ ତେଜସ୍ୱୀ ବ୍ରାହ୍ମଣଙ୍କୁ ଦେଖି ପ୍ରଣାମ କରି କହିଲେ – ''ମୁଁ ଜାତିରେ କୈବର୍ତ୍ତ (କେଉଟ) । କୁଟୁମ୍ବ ପାଳନ ସକାଶେ ମାଛ ଧରି ବିକ୍ରି କରେ । ସେଥିରେ ପରିବାରଟି ପାଳନପୋଷଣ ହୁଏ । ଦିନେ ଏହି ଝରଣାରେ ଥିବା ରୋହିମାଛଟି ମୋ ଜାଲରେ ପଡ଼ିଲା । ତାକୁ ମାରିବା ସମୟରେ ଏହି ମାଛଟି ତୁଣ୍ଡ ବିସ୍ତାର କରି ''ନାରାୟଣ ରଖ'' ବୋଲି ଡାକଦେଲା । ମୀନଠାରୁ ନାରାୟଣ ନାମ ଶୁଣି ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଗଲି । ସେହି ମାଛଟିକୁ ଆଣି ଏହି ଘୋର ବନର ଝରଣା ଜଳରେ ଛାଡ଼ି ଜଗି ବସିଅଛି ଯେଉଁ ସର୍ବବ୍ୟାପୀ ଭଗବାନ୍ ମାଛ ମଧ୍ୟରେ ନାରାୟଣ ନାମ ଶୁଣାଇଛନ୍ତି ତାଙ୍କୁ ଦର୍ଶନ କରିବା ସକାଶେ । ତାଙ୍କୁ ଦର୍ଶନ କଲେ ଘରକୁ ଫେରିଯିବି । ତାଙ୍କ ଦର୍ଶନ ଛଡ଼ା ଏହି ଜୀବନରେ ମୋର ପ୍ରାୟୋଜନ ନାହିଁ । ଏହାହିଁ ମୋର ଦୃଢ଼ ସଂକଳ୍ପ । ଏହି ସକାଶେ ମୁଁ ଏଠାକୁ ଆସିଛି । ମୁଁ ମୋର ମନର କଥା କହିଦେଲି । ଏବେ ଆପଣ ନିଜ କାର୍ଯ୍ୟରେ ଯାଆନ୍ତୁ । ମୋର ଭଗବତ୍ ସ୍ମରଣରେ ବିଳମ୍ବ ହେଉଛି ।'' ଏହା କହି ପୁନରାୟ ଭଗବତ୍ ନାମ ସ୍ମରଣ କଲେ ।

ବ୍ରାହ୍ମଣ କହିଲେ, ''ରଘୁ, ତୋର ଏହା ମନର ଭ୍ରମ । ମାଛ କ'ଣ ନାରାୟଣ ନାମ ଉଚ୍ଚାରଣ କରିବା ସମ୍ଭବ ? ଏହା ବିଶ୍ୱାସଯୋଗ୍ୟ ନୁହେଁ । ଯଦି ଏହା ସତ୍ୟ ହୁଏ, ତେବେ ନାମ ଉଚ୍ଚାରଣ କରିବା ବ୍ୟକ୍ତି ଭଗବାନ୍ । ଭଗବାନ୍ କ'ଣ ତୋତେ ଦର୍ଶନ ଦେବେ ? ବଡ଼ ବଡ଼ ମୁନି, ଋଷି, ଯୋଗୀ ଯାହାଙ୍କୁ ଧ୍ୟାନରେ ପାଆନ୍ତି ନାହିଁ, ଯାହାଙ୍କ ଦର୍ଶନ ଇନ୍ଦ୍ର ଚନ୍ଦ୍ରାଦି ଦେବତାଙ୍କୁ ଦୁର୍ଲଭ, ଯାହାଙ୍କୁ ପାଇବା ସକାଶେ ଯୋଗୀମାନେ ଜନ୍ମ ଜନ୍ମାନ୍ତର ବିବିଧ ଯୋଗ ସାଧନାରେ ଲିପ୍ତ ରହନ୍ତି, ଯାହାଙ୍କ ଦର୍ଶନ ସକାଶେ ଭକ୍ତମାନେ ଗୃହ ପରିବାର ସମସ୍ତ ତ୍ୟାଗ କରି ତାଙ୍କରି ଭକ୍ତିରେ ବିଭୋର ହୋଇପଡ଼ନ୍ତି, ସେହି ଭଗବାନଙ୍କୁ ଦର୍ଶନ କରିବା ଇଚ୍ଛାକରି ଶରୀରକୁ କଷ୍ଟ ଦେଇ ନ ଖାଇ ନ ପିଇ ବସି ନାମ ସ୍ମରଣ କରିବାରେ କିଛି ଫଳ ହେବ ନାହିଁ । ତୁ ଘରକୁ ଫେରିଯାଆ, ସୁଖରେ ପରିବାର ସହିତ ରହ ।''

ରଘୁ କହିଲେ, ''ପ୍ରଭୁ, ଭଗବାନ୍ ଯଦି ଦର୍ଶନ ନ ଦେବେ ତେବେ ଘରକୁ ଫେରିଯିବା କଥା ନାହିଁ । ତାଙ୍କ ଦର୍ଶନ କଠିନ ହୋଇପାରେ । କିନ୍ତୁ ମୋ ମୃତ୍ୟୁରେ କୌଣସି ଅସୁବିଧା ନାହିଁ । ମୁଁ ପ୍ରାଣକୁ ତାଙ୍କରି ଚରଣରେ ସମର୍ପିତ କରିସାରିଛି । ସେ ଦୀନବନ୍ଧୁ, କରୁଣାର ସମୁଦ୍ର, ପତିତପାବନ । ପତିତକୁ ଉଦ୍ଧାର କରିବା ସକାଶେ ନୀଳାଚଳରେ ପତିତପାବନ ବାନା ଉଡ଼ାଉଅଛନ୍ତି । ଭୃତ୍ୟକୁ ରକ୍ଷାକରିବା ସକାଶେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରିଅଛନ୍ତି । ଭଗବାନଙ୍କ ଏହି ଦୟା କରୁଣା ଗୁଣ ଯୋଗୁଁ ତାଙ୍କ ଦର୍ଶନ ପାଇବା ସକାଶେ ମୁଁ ଦୃଢ଼ ବିଶ୍ୱାସ କରିଅଛି । ସେ ଯଦି ଦୀନ ପ୍ରତି ଦୟା ନ କରନ୍ତେ, ସେ ଯଦି ଦୟାର ସମୁଦ୍ର ନ ହୋଇଥାଆନ୍ତେ, ତାଙ୍କ ଆଶ୍ରିତ ପାପୀମାନଙ୍କୁ ଉଦ୍ଧାର ନ କରନ୍ତେ, ତେବେ ଏହି ସଂସାର ପାପଭାରାକ୍ରାନ୍ତରେ ନଷ୍ଟ ହୋଇଯାଆନ୍ତା । ଏପରି କାହାର ସାମର୍ଥ୍ୟ ଅଛି, ସେ ନିଜ ପ୍ରଯତ୍ନରେ ଭଗବାନଙ୍କୁ ପ୍ରାପ୍ତ ହୋଇପାରିବ ? ମନୁଷ୍ୟ ଯେତେ ପାପୀ, ଦୁରାଚାରୀ ହୋଇଥାଉ, ସେ ଯଦି ଭଗବାନଙ୍କ ଶରଣ ହୋଇ ପୂର୍ବ ପାପ ପୁନରାବୃତ୍ତି ନ କରିବା ସକାଶେ ଦୃଢ଼ସଂକଳ୍ପ ହୁଏ, ତେବେ ଭଗବାନ୍ ତାକୁ ସ୍ୱୀକାର କରିନିଅନ୍ତି । ମୁଁ ଯଦ୍ୟପି ଘୋର ପାପୀ, ବାଲ୍ୟାବସ୍ଥାରୁ କ୍ରୂର, ନିର୍ଦ୍ଦୟ ସ୍ୱଭାବବଶ ହୋଇ ନିଜର ଉଦରଜ୍ୱାଳା ଶାନ୍ତ କରିବା ସକାଶେ ନିରୀହ ଜୀବହତ୍ୟା କରିଆସୁଛି ତଥାପି ଭଗବାନ୍ କରୁଣାସିନ୍ଧୁ । ସେ ମୋ ଦୋଷ, ଅପରାଧ ନ ଦେଖି ନିଶ୍ଚୟ ଦର୍ଶନ ଦେଇ ମୋତେ କୃତାର୍ଥ କରିବେ । ଏହା ମୋର ଦୃଢ଼ବିଶ୍ୱାସ । ଅନ୍ୟଥା ଏହି ଜୀବନ ତାଙ୍କରି ଚରଣରେ ପୂର୍ବରୁ ସମର୍ପଣ କରିସାରିଛି । ଭଗବାନଙ୍କ ଦର୍ଶନଛଡ଼ା ଜୀବିତ ଅବସ୍ଥାରେ ଘରକୁ ଫେରିବା କଦାପି ସମ୍ଭବ ନୁହେଁ । ପ୍ରଭୁ, ଆପଣଙ୍କୁ ପ୍ରଣାମ କରୁଛି । ଆପଣ ନିଜ କାର୍ଯ୍ୟରେ ଯାଆନ୍ତୁ ।'' ଏହା କହି ପ୍ରଣାମ କରି ରଘୁ ପୂର୍ବବତ୍ ନାମସ୍ମରଣ କଲେ ।

ଭଗବାନଙ୍କ ଲୀଳା ଅତ୍ୟନ୍ତ ବିଚିତ୍ର । ମନୁଷ୍ୟବୁଦ୍ଧିରେ ବିଚାର କଲେ ଭ୍ରମରେ ପଡ଼ିବା ଛଡ଼ା ଅନ୍ୟ ବାଟ ନ ଥାଏ । ମନ ସେଠାରେ ପହଞ୍ଚିପାରେ ନାହିଁ । ଭଗବାନ୍ ଅନ୍ତର୍ଯାମୀ, ସବୁ ଜାଣନ୍ତି । ରଘୁଙ୍କ ଆନ୍ତରିକ ନିଷ୍ଠା ତଥା ନିଜ

ଦୟା କରୁଣା ଗୁଣରେ ରଘୁକୁ ଦର୍ଶନ ଦେବାକୁ ଆସିଛନ୍ତି । କିନ୍ତୁ କଥାବାର୍ତ୍ତା କରୁଛନ୍ତି ସେ ଯେପରି ରଘୁର ହୃଦୟ ସମ୍ବନ୍ଧେ ଅପରିଚିତ । ଏହି କାରଣରୁ ଭଗବାନ୍ ବୁଦ୍ଧିର ଅଗମ୍ୟ । ହୃଦୟହୀନ, ଭାବ ଭକ୍ତିଶୂନ୍ୟ, ଅତିଶୟ ତାର୍କିକ, ବୁଦ୍ଧିବାଦୀ ବ୍ୟକ୍ତି ଭଗବାନଙ୍କୁ କଦାପି ପ୍ରାପ୍ତ ହୋଇପାରନ୍ତି ନାହିଁ । କିନ୍ତୁ ଘୋରପାପୀ, ପତିତ, ମୂର୍ଖ ଅଥବା ମହାନ୍ ବୁଦ୍ଧିପ୍ରଧାନ ବ୍ୟକ୍ତି ଯଦି ବୁଦ୍ଧିର ଅଭିମାନ ଛାଡ଼ି ଛୋଟ ଶିଶୁ ସଦୃଶ ଭଗବାନଙ୍କ ଶରଣ ନିଅନ୍ତି ତେବେ ଭଗବାନ୍ ତାଙ୍କର ସମସ୍ତ ଦୋଷ, ପାପକୁ ଭ୍ରୂକ୍ଷେପ ନ କରି ତାଙ୍କୁ ନିଜର ଶରଣରେ ନେଇ ପରମ ପବିତ୍ର କରିଦିଅନ୍ତି । ଗୋସ୍ୱାମୀ ତୁଳସୀ ଦାସ କହିଛନ୍ତି – ''କୈଶେହୁ ପାମର ପାତକି ଯୋଲହି ନାମ କି ଓଟ, ସୁନାଗାଣ୍ଡି ଯେଉ ବାନ୍ଧେଉ ଫେରେ ପାର ଖେଉନ ଖରୋ ଖୋଣ୍ଡ ।'' ''ଯେତେ ବଡ଼ ପାମର ପାତକୀ ହୋଇଥାଉ, ସେ ଯଦି ଭଗବାନଙ୍କର ନାମର ଆଶ୍ରୟ ନିଏ ତେବେ ଦରିଦ୍ର ଯେପରି ସୁନା ପାଇ ଛିଣ୍ଡା କନାରେ ଗଣ୍ଠି ଉପରେ ବହୁ ଗଣ୍ଠି ଦେଇ ବାନ୍ଧି ରଖେ, ଆଉ ଠିକ୍ ସୁନା ବା ଖରାପ ସୁନା ଯେପରି ପରୀକ୍ଷା କରେ ନାହିଁ ସେହିପରି ଭଗବାନ୍ ତାଙ୍କ ଆଶ୍ରିତର ପାପ-ଦୋଷକୁ ନ ଦେଖି ନିଜର ଭକ୍ତ କରିନିଅନ୍ତି ।''

ଭଗବାନଙ୍କ ପାଖରେ ରଘୁର ଆନ୍ତରିକ ଭକ୍ତି, ନିଷ୍ଠା, ବିଶ୍ୱାସ ଅଜ୍ଞାତ ନ ଥିଲା । ସେ ଦର୍ଶନ ଦେବା ସକାଶେ ଆସିଥିଲେ । କିନ୍ତୁ ରଘୁଙ୍କ ନିଷ୍ଠା, ଭକ୍ତି ଏବଂ ବିଶ୍ୱାସର ପରୀକ୍ଷା କରୁଥିଲେ ନିଜ ଜାଣିବା ସକାଶେ ନୁହେଁ, ଭକ୍ତର କୀର୍ତ୍ତି ବୃଦ୍ଧି କରିବା ସକାଶେ; ଯେଉଁ ଭକ୍ତି, ନିଷ୍ଠା, ବିଶ୍ୱାସ ଅନ୍ୟ ସକାଶେ ଆଦର୍ଶ ହୋଇପାରିବ । ଭକ୍ତର ଭାବ ଓ ଭକ୍ତିରେ ଭଗବାନ୍ ଅତ୍ୟନ୍ତ ପ୍ରସନ୍ନ ହୋଇ କହିଲେ, ''ରଘୁ, ମୁଁ ଜଗତର ଈଶ୍ୱର, ଭଗବାନ୍ । ମୀନ ଗର୍ଭରେ ମୁଁ ହିଁ ତୋତେ ନାମ ଶୁଣାଇଥିଲି । ଏବେ ତୁ ଇଚ୍ଛିତ ବର ମାଗିନେ ।'' ରଘୁ କହିଲେ, ''ପ୍ରଭୁ, ଥରେ ଆପଣଙ୍କ ନିଜ ସ୍ୱରୂପରେ ମୋତେ ଦର୍ଶନ ଦିଅନ୍ତୁ । ଏହି ଚର୍ମ ନେତ୍ରରେ ଦର୍ଶନ କରି କୃତକୃତ୍ୟ ହୋଇଯିବି ଏବଂ ଜନ୍ମମୃତ୍ୟୁରୁ ନିସ୍ତାର ପାଇବି ।'' ରଘୁର ପ୍ରାର୍ଥନା ଶୁଣି ତତ୍‌କ୍ଷଣାତ୍ ଭଗବାନ୍ ଚତୁର୍ଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରି ନାରାୟଣରୂପେ ପ୍ରକଟ ହେଲେ । ରଘୁ ଭଗବାନଙ୍କ ତ୍ରୈଲୋକ୍ୟମୋହନ ସୁନ୍ଦର ଲାବଣ୍ୟ ରୂପ ଦେଖିବା ମାତ୍ରେ ଉଠି ଛିଡ଼ା ହୋଇଗଲେ । ଭଗବାନଙ୍କ ଯେଉଁ ଅଙ୍ଗରେ ତାଙ୍କ ନେତ୍ର ପଡୁଥିଲା, ଚୁମ୍ବକରେ ଲୁହା ଲାଗିଲା ସଦୃଶ ଆଉ ବାହାରି ପାରୁ ନ ଥିଲା । ତାଙ୍କ ଅଙ୍ଗପ୍ରତ୍ୟଙ୍ଗ ବସ୍ତ୍ର ଆଭୂଷଣ ସୌନ୍ଦର୍ଯ୍ୟ ଲାବଣ୍ୟର ମୂର୍ତ୍ତିମାନ ବିଗ୍ରହ ଥିଲା । ଭଗବାନଙ୍କ ଅଲୌକିକ ରୂପ ନିଜ ସମ୍ମୁଖରେ ଦେଖି ତାଙ୍କ ଦୟା କରୁଣା ଗୁଣ ସ୍ମରଣ କରି ରଘୁଙ୍କ ହୃଦୟ କୃତଜ୍ଞତା ତଥା ଭକ୍ତିରେ ପୂର୍ଣ୍ଣ ହୋଇଗଲା । ଦୁଇ ନେତ୍ରରୁ ଶ୍ରାବଣର ବର୍ଷାଧାର ସଦୃଶ ଅଶ୍ରୁ ବହୁଥାଏ । ଶରୀରରେ ପୁଲକ ଏବଂ ସ୍ୱେଦ, ଅଷ୍ଟ ସାତ୍ତ୍ୱିକ ଭାବ ପ୍ରକଟ ହୋଇଥାଏ । ସେ ଶରୀରରେ ଶୁଦ୍ଧି ବୁଦ୍ଧି ଭୁଲି ଭଗବାନଙ୍କ ଚରଣରେ ପଡ଼ି ତାଙ୍କ ଦୁଇଟି ଚରଣ ଧରି ସମାଧିସ୍ଥ ହୋଇଗଲେ । ଶରୀରର ତ ଶୁଦ୍ଧି ନାହିଁ, ମନ-ପ୍ରାଣର କ୍ରିୟା ଆସିବ କେଉଁଠୁ ? ଏହିପରି କିଛି ସମୟ ରହିବା ପରେ ଭଗବାନ୍ ନିଜ ଶ୍ରୀକରରେ ରଘୁଙ୍କ ଦୁଇ ହାତକୁ ଧରି ଉଠାଇ ଛିଡ଼ା କରାଇଦେଲେ । ସେତେବେଳେ ରଘୁଙ୍କ ମୁଖରୁ ଗୋଟିଏ ଶବ୍ଦ ବାହାରିବା ଅବସ୍ଥା ନ ଥିଲା । ତାଙ୍କ ତୀବ୍ର ଭକ୍ତି ଭାବାବେଗକୁ ଭଗବାନ୍ ନିଜ ପ୍ରଭାବରେ କିଛି ଅଂଶରେ ଶାନ୍ତ କରି କହିଲେ – ''ରଘୁ, ତୋର ଯାହା ଇଚ୍ଛା ତାହା ମାଗିନେ ।'' ରଘୁ ଉତ୍ତରରେ ଦୁଇ ହାତ ଯୋଡ଼ି ପ୍ରାର୍ଥନା କଲେ, ''ହେ ଚକ୍ରଧାରୀ, ଭକ୍ତବତ୍ସଳ ପ୍ରଭୁ, ମୁଁ ଆପଣଙ୍କ ଚରଣରେ ନମନ କରୁଅଛି । ହେ ପ୍ରଭୁ, ବ୍ରହ୍ମା, ଇନ୍ଦ୍ରାଦି ଦେବତା ଏବଂ ଶ୍ରେଷ୍ଠ ଯୋଗୀମାନେ ଧ୍ୟାନରେ ଯାହାଙ୍କ ଚରଣ ପୂଜନ କରନ୍ତି, କିନ୍ତୁ ପ୍ରତ୍ୟକ୍ଷ ଦର୍ଶନ ପାଆନ୍ତି ନାହିଁ ସେହି ପ୍ରଭୁ ଏହି ପାତକୀ ଜୀବଘାତୀ ଛାର ପାଇଁ ଦୟାବଶରେ ଏଠାରେ ବିଜେ କରିଅଛନ୍ତି । ଏହାଠାରୁ ଆଉ ଅଧିକ କ'ଣ ଅଛି ଯେ ମୁଁ ମାଗିବି ? କେବଳ ତୁମ୍ଭରି ଦର୍ଶନ ପାଉଥିବା ଛଡ଼ା ଅନ୍ୟ କିଛି ମାଗିବାର ନାହିଁ । ତୁମ୍ଭରି ଚରଣରେ ନିଜକୁ ନିଃଶେଷଭାବେ ସମର୍ପଣ କରୁଅଛି ।'' ଭଗବାନ୍ ପୁନରାୟ କହିଲେ, ''ତୁ ଯାହା ଚାହୁଁ ନିଃସଙ୍କୋଚରେ ମାଗିନେ ।''

ରଘୁ କହିଲେ, ''ପ୍ରଭୁ, ଯେବେ ବର ଦେବାକୁ କୃପା କଲେ ତେବେ ଯେବେ ତୁମ୍ଭ ଦର୍ଶନ ସକାଶେ ହୃଦୟରେ ଇଚ୍ଛା କରୁଥିବି ସେହି ସମୟରେ ତୁମ୍ଭର ଦର୍ଶନ ପାଉଥିବି ଏବଂ ମୋର କୁଳପରମ୍ପରାଗତ ମାଛ ମାରିବା ପ୍ରବୃତ୍ତିରୁ ମୁକ୍ତ ରହିବି ତଥା ତୁମ୍ଭରି ନାମ ସ୍ମରଣପୂର୍ବକ ଶରୀର ତ୍ୟାଗ କରି ତୁମ୍ଭରି ଚରଣ ପ୍ରାପ୍ତ ହେବି । ପ୍ରଭୁ, କୃପା କରି ଏହି ବର ଦିଅନ୍ତୁ ।'' ଭଗବାନ୍ 'ତଥାସ୍ତୁ' କହି ଅନ୍ତର୍ଦ୍ଧାନ ହୋଇଗଲେ ।

ରଘୁଙ୍କର ବିଚାର, ଧାରଣା, ଚିନ୍ତାରେ ଭଗବାନ୍ ଓତପ୍ରୋତ ହୋଇଗଲେ । ଭଗବାନଙ୍କ ଛଡ଼ା ତାଙ୍କର ଆଉ କିଛି ରହିଲା ନାହିଁ । ସେ କରତାଳ ବଜାଇ ଭଗବାନଙ୍କ ନାମସ୍ମରଣ କରୁଥାଆନ୍ତି, ନେତ୍ରଦ୍ୱୟରୁ ଅଶ୍ରୁ ବର୍ଷା ହେଉଥାଏ । ସେ ଶରୀରର ଶୁଦ୍ଧି ବୁଦ୍ଧି ଭୁଲି ଉନ୍ମତ୍ତ ସଦୃଶ ବନରୁ ବାହାରି ଗୃହାଭିମୁଖେ ଗମନ କଲେ । ରଘୁ ଘରକୁ ଫେରି ନ ଆସିବାରୁ ତାଙ୍କ ମା ଏବଂ ଧର୍ମପତ୍ନୀ ଚାରିଆଡ଼େ ଖୋଜାଖୋଜି କରୁଥିଲେ । କେଉଁଠାରେ ରଘୁଙ୍କର ସନ୍ଧାନ ନ ମିଳିବାରୁ ତାଙ୍କ ମୃତ୍ୟୁ ଆଶଙ୍କାରେ ଚୁଲି ନିର୍ଜଳା ରଖି କାନ୍ଦବୋବାଳି ଛାଡ଼ିଲେ । ଗ୍ରାମର ଲୋକମାନେ ମଧ୍ୟ ବହୁସ୍ଥାନରେ ଖୋଜି ଶେଷରେ ରଘୁଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରି ବିଶେଷ ଦୁଃଖିତ ହୋଇଥିଲେ । ଏହିପରି ତିନି ଦିନ ବ୍ୟତୀତ ହୋଇଯିବା ପରେ ରଘୁକୁ କରତାଳ ସହିତ ହରିନାମ କୀର୍ତ୍ତନ କରି ଆସୁଥିବା ଦେଖି ସମସ୍ତେ ଖୁସିହେଲେ ଏବଂ କେହି ଦୌଡ଼ି ତାଙ୍କ ମାତା ଏବଂ ଧର୍ମପତ୍ନୀକୁ ମଧ୍ୟ ରଘୁ ଆସିବା ଖବର ଦେଇଦେଲେ । ରଘୁ ଆଗରେ ଚାଲିଥାଆନ୍ତି । ତାଙ୍କୁ ଅନୁସରଣ କରୁଥାଆନ୍ତି ଗ୍ରାମର ନରନାରୀ ଏବଂ ପିଲାମାନେ । ଲୋକରେ ଦାଣ୍ଡ ଭର୍ତ୍ତି ହୋଇଥାଏ । ସବୁ ଜାଗାରେ ସବୁପ୍ରକାର ଲୋକେ ଥାଆନ୍ତି । କେହି କେହି ଭଲରେ ବି ମନ୍ଦ ଦେଖନ୍ତି । ତାହାରି ମଧ୍ୟରୁ କେହି କେହି କହୁଥାଆନ୍ତି, ''ରଘୁ ବହୁତ ଧୂର୍ତ୍ତ, ପରିଶ୍ରମ କରି କୁଟୁମ୍ବ ପାଳିବା ଭୟରେ କିଛିଦିନ କେଉଁଠାରେ ଲୁଚି ରହିଥିଲା । ଏବେ ବିରାଡ଼ି-ବୈଷ୍ଣବ ସାଜି ପତ୍ନୀକୁ ଡରାଇବା ସକାଶେ ପ୍ରଭୁ ନାମ କୀର୍ତ୍ତନ କରି ଘରକୁ ଫେରିଲା । ଏହାହିଁ ଠକ, ଠାପୁଆମାନଙ୍କ ଲକ୍ଷଣ ।'' କେହି କୁହନ୍ତି, ''ନା, ଏପରି ନୁହେଁ, ରଘୁଙ୍କ ଶାନ୍ତ, ସୌମ୍ୟ, ତେଜସ୍ୱୀ, କାନ୍ତିଯୁକ୍ତ ଅବସ୍ଥା ପୂର୍ବେ ଆମ୍ଭେ କେବେ ବି ଦେଖି ନ ଥିଲୁ । ଶାନ୍ତି ଯେପରି ତାଙ୍କ ଶରୀରକୁ ଘେରି ରହିଛି । ତାଙ୍କ ଦର୍ଶନମାତ୍ରେ ଭଗବତ୍ ଭକ୍ତିଭାବ ଅନ୍ତରରୁ ସ୍ୱତଃ ଜାତ ହେଉଛି । ରଘୁ ସାଧାରଣ ବ୍ୟକ୍ତି ନୁହନ୍ତି । ଭଗବାନଙ୍କର ଅତ୍ୟନ୍ତ କୃପାପାତ୍ର ।'' ଏହିପରି ନିଜ ନିଜ ସ୍ୱଭାବ ଅନୁସାରେ ରଘୁଙ୍କ ବିଷୟରେ ଚର୍ଚ୍ଚା କରି ନିଜ ନିଜ ଘରକୁ ଗଲେ । ରଘୁଙ୍କୁ ଦେଖି ତାଙ୍କ ପତ୍ନୀ ଏବଂ ମା'ଙ୍କୁ କୋଟିନିଧି ମିଳିବା ସଦୃଶ ଆନନ୍ଦ ହେଲା । ତାଙ୍କୁ ନେଇ ବହୁ ଆନନ୍ଦ ସହିତ ଭୋଜନ କରାଇଲେ ଏବଂ ତାଙ୍କଠାରୁ ସବୁବୃତ୍ତାନ୍ତ ଶୁଣି ବିଶେଷ ଆନନ୍ଦ ଅନୁଭବ କଲେ ।

ରଘୁଙ୍କର ଆନ୍ତର ଚେତନା ଏବଂ ବାହ୍ୟ କର୍ମରେ ପୂର୍ଣ୍ଣ ପରିବର୍ତ୍ତନ ସ୍ପଷ୍ଟରୂପେ ଦେଖାଗଲା । ସେ ପୂର୍ବରୁ ମାଳା ତିଳକ ଧାରଣ କରିଥିଲେ, ଏବେ ବିରକ୍ତ ବୈଷ୍ଣବ ସଦୃଶ ଲୁଗା ପିନ୍ଧିଲେ ଏବଂ ଧୀବରର ବୃତ୍ତି ମାଛ ମାରିବା ତ୍ୟାଗ କରି ଭଗବତ୍ ଧ୍ୟାନ ତଥା ନାମ ଜପରେ ନିମଗ୍ନ ରହିଲେ । ପ୍ରତିଦିନ ନିଜର ନିତ୍ୟକର୍ମ ସମାପ୍ତ କରି ଭଗବାନଙ୍କ ନାମକୀର୍ତ୍ତନପୂର୍ବକ ଗ୍ରାମ ଦାଣ୍ଡରେ କେବଳ ଚାଲିଯାଆନ୍ତି । କାହାକୁ କିଛି କୁହନ୍ତି ନାହିଁ କିଂବା ମାଗନ୍ତି ନାହିଁ । ତାଙ୍କ ପରିବାରର ଯାହା ଆବଶ୍ୟକ ଥାଏ ଲୋକେ ଯାଚି କରି ଦେଇଦିଅନ୍ତି । ସେହି ଭିକ୍ଷା ଅନ୍ନରେ ତିନି ପ୍ରାଣୀ ଆନନ୍ଦରେ ଚଳନ୍ତି । ରଘୁଙ୍କ ଭଗବତ୍ ଭକ୍ତି ପ୍ରଭାବରୁ ତାଙ୍କ ମା, ଧର୍ମପତ୍ନୀ ମଧ୍ୟ ଭଗବାନଙ୍କୁ ଭକ୍ତି କଲେ ଏବଂ ଭଗବାନଙ୍କ ନାମ ସ୍ମରଣ କଲେ । ତାଙ୍କ ଗୃହ ହୋଇଗଲା ଭଗବାନଙ୍କ ମନ୍ଦିର । ଏବେ ରଘୁ ନାମ ହେଲା ରଘୁଦାସ । ତାଙ୍କୁ ଲୋକେ 'ଦାସେ' ନାମରେ ସମ୍ବୋଧନ କଲେ ।

ଦାସଙ୍କର ଅତ୍ୟନ୍ତ ଶାନ୍ତ ସ୍ୱଭାବ । ସେ ସର୍ବଦା ଭଗବତ୍ ଆନନ୍ଦରେ ନିମଗ୍ନ ରହୁଥିଲେ । କାହା ସଙ୍ଗେ କୌଣସି ଅନାବଶ୍ୟକ କଥାଭାଷା ବା ବ୍ୟବହାର ନ ଥିଲା । ସେହି ସକାଶେ ସେ ଥିଲେ ଗ୍ରାମ ପିଲାମାନଙ୍କର ଖେଳର ପିତୁଳା । ସେ ଯେବେ ଭିକ୍ଷା ସକାଶେ ବାହାରନ୍ତି ସଙ୍ଗେ ସଙ୍ଗେ ପିଲାମାନେ ତାଙ୍କ ପଛରେ ଗୋଡ଼େଇ ନାମକୀର୍ତ୍ତନର ନକଲ କରନ୍ତି ଏବଂ ଟାହି ଟାପରାରେ କେତେ କ'ଣ କୁହନ୍ତି । କିନ୍ତୁ ଦାସେ ପିଲାମାନଙ୍କ ଆଚରଣକୁ କେବେ ଭ୍ରୁକ୍ଷେପ କରନ୍ତି ନାହିଁ ।

ଦିନେ ଦାସେ ଗ୍ରାମର ଗୋଟିଏ ମଣ୍ଡପରେ ବସି ଭଗବାନଙ୍କ ନାମ ସ୍ମରଣ କରୁଥିଲେ । ତାଙ୍କୁ ଦେଖି ଦାଣ୍ଡରେ ଖେଳୁଥିବା ପିଲାମାନେ ଘେରିଗଲେ । ତାଙ୍କ ଶାନ୍ତ ନୀରବତା ଥିଲା ପିଲାମାନଙ୍କର କୌତୂହଳର ବିଷୟ । ସେ ପିଲାମାନଙ୍କୁ କିଛି ନ କହୁଥିବାରୁ ପିଲାଙ୍କ ମୁହଁ ବଢ଼ି ଯାଇଥିଲା । ଦାସଙ୍କୁ ପିଲାମାନେ ଟାହି ଟାପରା କରି କହିଲେ, ''କୁଟୁମ୍ବ ପୋଷି ନ ପାରି ଛଦ୍ମ ତପସ୍ୱୀ ରୂପ ଧାରଣ କରି ଭିକ୍ଷା ମାଗି ଖାଉଛି ଏବଂ ନିଜକୁ ସାଧୁ ବୋଲି ପରିଚୟ ଦେଉଛି ।'' ଏହିପରି କେତେ କ'ଣ ଗାଳି ଦେଇ ଧୂଳି ଉଡ଼ାଇଲେ । କୌଣସି ଅଧିକ ଦୁଷ୍ଟ ପିଲା ତାଙ୍କ ଗଳାରୁ ମାଳା ବାହାର କରିବାକୁ ହାତ

ଲଗେଇଲା । କେହି ଚୁମୁଟି ଦେଇ ପଳେଇଲା । ଏହିପରି ପିଲାଙ୍କ ଉପଦ୍ରବ ଯୋଗୁଁ ଦାସେ ଉଠି ନିଜ ଗୃହକୁ ଗମନ କଲେ । ଦାସେ ଉଠିଯିବା ସମୟରେ ଜଣେ ଅତ୍ୟନ୍ତ ଦୁଷ୍ଟ ପିଲାର ହାତରେ ଗୋଟିଏ ବାଡ଼ି ଥିଲା । ବାଡ଼ିର ଅଗ୍ରଭାଗରେ ତାମ୍ରଣ ସଦୃଶ ମୁନିଆ ଲୁହା ଲଗା ହୋଇଥିଲା । ସେ ତାଙ୍କ ପଛରେ ଦୌଡ଼ିଯାଇ ତାଙ୍କ ନିତମ୍ବ ଅର୍ଥାତ୍ ପିଠିପାଖ ଜଙ୍ଘର ଉପରିଭାଗରେ ଲୁହାଯୁକ୍ତ ବାଡ଼ିରେ ଜୋରରେ ଭୁସିଦେଲା । ଲୁହା ମାଂସରେ ପଶିଯିବାରୁ ରୁଧିରଧାରା ବହିଚାଲିଲା । ଦାସଙ୍କୁ ବହୁ ପୀଡ଼ା ହେବାରୁ ସେ ପଛକୁ ବୁଲିପଡ଼ି କହିଲେ, ''ବିନା ଦୋଷ, ବିନା ଅପରାଧରେ ତୁ ଯଦି ମୋତେ ଏତେବଡ଼ ଦଣ୍ଡ ଦେଲୁ, ତୋତେ ଭଗବାନ୍ ଦଣ୍ଡ ଦିଅନ୍ତୁ, ତୋ ପିତାମାତା ମଧ୍ୟ ତୋ ସକାଶେ ରୋଦନ କରନ୍ତୁ ।'' ଏହା କହି କିଛି ଖୋଜ ଯିବା ପରେ ସେହି ବାଳକଟି ସେହିଠାରେ ପଡ଼ି ପ୍ରାଣ ହରାଇଲା । ସମସ୍ତ ପିଲା ଯାଇ ତାକୁ ଉଠେଇ ଦେଖିଲେ, ତା' ପିଣ୍ଡରୁ ପ୍ରାଣ ବାହାରି ଯାଇଥିଲା । ସେମାନେ ଯାଇ ତା' ମାତା ପିତାକୁ ସମସ୍ତ ଘଟନା କହିଦେଲେ । ସେମାନେ ଶୁଣିବାମାତ୍ରେ ସେ ସ୍ଥାନକୁ ଦୌଡ଼ିଆସି ପୁତ୍ରକୁ ଉଠେଇ କାନ ଫୁଙ୍କି, ନାଡ଼ି ଦେଖି ବହୁ ପ୍ରଯତ୍ନ କରିବା ପରେ ବି ପ୍ରାଣ ଫେରିଆସିଲା ନାହିଁ । ସେମାନେ ଶୋକାକୁଳ ହୋଇ ପୁତ୍ରକୁ ନେଇ ଦାସଙ୍କ ପାଦତଳେ ଶୁଆଇ ଦେଇ କହିଲେ, ''ତୁମେ ସମଦର୍ଶୀ, ଭଗବାନଙ୍କ ପ୍ରିୟ ଭକ୍ତ । ତୁମର କେହି ଶତ୍ରୁ ମିତ୍ର ନାହିଁ । ବିନା କାରଣରେ ତୁମର ଅପରାଧ କରିବାରୁ ତାକୁ ଭଗବାନ୍ ଦଣ୍ଡ ଦେଲେ । ଏବେ ପୁତ୍ରର ସମସ୍ତ ଦୋଷ ଆମ୍ଭେମାନେ ନତମସ୍ତକରେ ମାଗିନେଉଛୁ । ଦୟାକରି ଆମ ପୁତ୍ରର ସମସ୍ତ ଦୋଷ କ୍ଷମା କରି ତାକୁ ଜୀବନଦାନ ଦିଅ । ତୁମ କୀର୍ତ୍ତି ଯୁଗ ଯୁଗ ଧରି ରହିବ । ଆମର ଗୋଟିଏ ମାତ୍ର ପୁତ୍ର । ତା' ବିନା ଆମ୍ଭେ ଜୀବିତ ରହିପାରିବୁ ନାହିଁ । ଏହିଠାରେ ତୁମରି ଚରଣରେ ଆମ୍ଭେ ଦୁଇପ୍ରାଣୀ ପ୍ରାଣ ବିସର୍ଜନ କରିବୁ ।'' ଏହା କହି ଦାସଙ୍କ ଦୁଇ ଚରଣ ଧରି ପତିପତ୍ନୀ ଉଚ୍ଚ ସ୍ୱରରେ ରୋଦନ କରିବାକୁ ଲାଗିଲେ । ସେଠାରେ ଲୋକାରଣ୍ୟ ହୋଇଥାଏ । ସମସ୍ତେ ବିସ୍ମିତ ହୋଇ ଘଟନା ଦେଖୁଥା'ନ୍ତି । ଏହା ଶୁଣି ରଘୁଦାସ ଭଗବାନଙ୍କୁ ଅନ୍ତରରେ ସ୍ମରଣ କରି କହିଲେ, ''ସମସ୍ତ ବ୍ୟକ୍ତି ଶୁଣ, ମୋର ଯଦି ଏଥିରେ ଦୋଷ ଥାଏ, ତେବେ ମୋତେ ଦଣ୍ଡ ଦିଅ । ସେ ଅପରାଧ କରିବାରୁ ଭଗବାନ୍ ତାକୁ ଦଣ୍ଡ ଦେଲେ । ମୋର ଯଦି କିଛି ଦୋଷ ନ ଥାଏ ତେବେ ମୋ ପ୍ରଭୁଙ୍କ କୃପାରୁ ଏହି ମୃତ ବାଳକ ଜୀବିତ ହୋଇଉଠୁ । ଭଗବାନଙ୍କ କୀର୍ତ୍ତି ଯୁଗେ ଯୁଗେ ଥାଉ । ତୁମେମାନେ ସମସ୍ତେ ଭଗବାନଙ୍କ ନାମ ସ୍ମରଣ କରି ବାଳକକୁ ଉଠିବାକୁ ଡାକ ।'' ଏକଥା ଶୁଣିବାମାତ୍ରେ ସମସ୍ତ ବ୍ୟକ୍ତି ଏବଂ ବାଳକର ପିତାମାତା ହରିନାମ ଉଚ୍ଚାରଣ କରି ବାଳକର ହସ୍ତ ଧରି ଉଠିବାକୁ କହି ଉଠେଇ ଦେଲେ । ବାଳକ ନିଦ୍ରାରୁ ଉଠିବା ସଦୃଶ ଉଠି ବସି ଚକ୍ଷୁ ମଳି ସମସ୍ତଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ସମସ୍ତ ଘଟନା ଜାଣି ଦାସଙ୍କ ଚରଣରେ ସାଷ୍ଟାଙ୍ଗ ଦଣ୍ଡବତ କଲା ଏବଂ ଦୁଇହସ୍ତ ଯୋଡ଼ି ଅତ୍ୟନ୍ତ କୃତଜ୍ଞତାରେ ନିଜ ଦୋଷ କ୍ଷମା ପ୍ରାର୍ଥନା କଲା । ଦାସଙ୍କଠାରୁ ଆଶୀର୍ବାଦ ପାଇ ବାରଂବାର ଦାସଙ୍କ ଚରଣରେ ପ୍ରଣାମ କଲା । ତା'ର ପିତାମାତା ଦାସଙ୍କୁ ପ୍ରଣାମ କରି ନାନାପ୍ରକାର ବିନୟ କରି ପୁତ୍ରକୁ ସଙ୍ଗେ ନେଇ ଘରକୁ ଫେରିଲେ । ଦର୍ଶକମାନେ ବି ଦାସଙ୍କ ପଦବନ୍ଦନା କରି ଦାସଙ୍କ ଗୁଣ ଗାଇ ନିଜ ନିଜ ଘରକୁ ଫେରିଗଲେ ।

ଭଗବାନଙ୍କ ଦୟା ପ୍ରତ୍ୟକ୍ଷ ଦେଖି ଦାସଙ୍କ ହୃଦୟ କୃତଜ୍ଞତାରେ ବିଦୀର୍ଣ୍ଣ ହୋଇଗଲା । ସେ ଘରକୁ ଯାଇ ଭଗବାନଙ୍କ ନାମସ୍ମରଣରେ ନିମଗ୍ନ ହୋଇଗଲେ ।

ଭଗବାନଙ୍କ ଭକ୍ତ ସର୍ବଥା ଯଶଃ-କୀର୍ତ୍ତିରୁ ଦୂରରେ ରୁହନ୍ତି । କିନ୍ତୁ ଯେଉଁମାନେ ନିଜକୁ ଭଗବାନଙ୍କ ଚରଣରେ ନିଃଶେଷଭାବେ ସମର୍ପଣ କିରଦିଅନ୍ତି, ସେମାନଙ୍କ ମଧ୍ୟରୁ ଯାହାକୁ ଭଗବାନ୍ ନିଜ ଯନ୍ତ୍ରରୂପେ ବ୍ୟବହାର କରି ତାଙ୍କ ଦ୍ୱାରା ଦୁଃଖ-ତାପ-ପୀଡ଼ିତ ପ୍ରାଣୀଙ୍କୁ ଉଦ୍ଧାର କରିବାକୁ ଚାହାନ୍ତି ସେହିମାନଙ୍କ ଯଶଃ-କୀର୍ତ୍ତି ସେ ସ୍ୱୟଂ ପ୍ରସାର କରାନ୍ତି ଏବଂ ତାଙ୍କ ଦ୍ୱାରା ବହୁ ବ୍ୟକ୍ତିଙ୍କୁ ଉଦ୍ଧାର କରାନ୍ତି । ଅନୁମାନ ହୁଏ, ଭଗବାନ୍ ରଘୁଦାସଙ୍କୁ ନିଜ ଯନ୍ତ୍ରରୂପେ କାର୍ଯ୍ୟ କରାଇବାକୁ ଚାହିଁଥିଲେ । ସେହି କାରଣରୁ ତାଙ୍କ ଯଶଃ-କୀର୍ତ୍ତିର ବିସ୍ତାର ବ୍ୟବସ୍ଥା ସେ ସ୍ୱୟଂ କରିଥିଲେ । ମୃତ ବାଳକ ଜୀବିତ ହେବା ପରେ ତାଙ୍କ ଯଶଃ-କୀର୍ତ୍ତି କଥା କଥାରେ ପ୍ରସାର ହୋଇଗଲା ।

ସେ ଯାହାକୁ ଯାହା କହୁଥିଲେ, ତାଙ୍କ ମୁଖରୁ ଯେଉଁ ବଚନ ବାହାରୁଥିଲା, ତାହା ସତ୍ୟ ହେଉଥିଲା । ଲୋକେ ବହୁ ଦୂରଦୂରାନ୍ତରୁ ଆସୁଥିଲେ ଏବଂ ଭୋଜନଦ୍ରବ୍ୟ, ବସ୍ତ୍ର ଇତ୍ୟାଦି ଆବଶ୍ୟକ ବସ୍ତୁ ଭେଟପୂଜା ଦେଇ ନିଜ ନିଜ ଦୁଃଖ

ନିବେଦନ କରୁଥିଲେ । ଦାସଙ୍କଠାରୁ ଭଗବାନଙ୍କ ଭକ୍ତିର ମହିମା ଶୁଣି ଉପଦେଶ ଗ୍ରହଣ କରି ଦୁଃଖକଷ୍ଟରୁ ମୁକ୍ତ ହେଉଥିଲେ । ଭଗବାନଙ୍କ ପ୍ରତି ବିଶ୍ୱାସ, ଭକ୍ତି ପ୍ରାପ୍ତ ହୋଇ ଆନନ୍ଦରେ ଫେରୁଥିଲେ । ତାଙ୍କ ଯଶଃ-କୀର୍ତ୍ତି ଅପାରୁ ଅପାର ବଢ଼ିଲା । ବହୁସଂଖ୍ୟାରେ ଲୋକେ ତାଙ୍କ ଦର୍ଶନକୁ ଆସିବାକୁ ଲାଗିଲେ ।

ଯଶଃ-କୀର୍ତ୍ତି ସର୍ବଥା ଭଗବତ୍ ପ୍ରାପ୍ତି ମାର୍ଗରେ ବାଧକ । ବହୁତ ସାଧକ ଭଗବତ୍ ମାର୍ଗ ଚ୍ୟୁତ ହୁଅନ୍ତି ଏହି ଯଶଃ-କୀର୍ତ୍ତି-ରାକ୍ଷସୀର କବଳରେ ପଡ଼ି । କିନ୍ତୁ ରଘୁଦାସ ନିଜକୁ ଭଗବାନଙ୍କଠାରେ ସମର୍ପଣ କରି ଦେଇଥିଲେ । ତାଙ୍କର ସମସ୍ତ ଇନ୍ଦ୍ରିୟ ଭଗବଦଭିମୁଖୀ ହୋଇସାରିଥିଲା । ଭଗବତ୍ କୃପା ସର୍ବଦା ତାଙ୍କୁ ରକ୍ଷା କରୁଥିଲା । ସେହି ସକାଶେ ଯଶଃ-କୀର୍ତ୍ତି ଦ୍ୱାରା ତାଙ୍କର କୌଣସି କ୍ଷତି ନ ହୋଇ ଭଗବତ୍ ଭକ୍ତି ଉତ୍ତରୋତ୍ତର ବୃଦ୍ଧି ହେଉଥିଲା । ସେ ଭଗବତ୍ ଭକ୍ତିରେ ଡୁବି ରହୁଥିଲେ । ଏହିପରି ବହୁଦିନ ବ୍ୟତୀତ ହୋଇଗଲା । ଦିନେ ତାଙ୍କ ଧର୍ମପତ୍ନୀ ଭଗବାନଙ୍କୁ ଭୋଗ ଲଗାଇବା ସକାଶେ ରୋଷେଇ ତୟାର କରି ଆଣି ଦାସଙ୍କ ପାଖରେ ରଖିଦେଲେ । ''ଦାସେ ଯେତେବେଳେ ଚାହିଁବେ ଭଗବାନଙ୍କ ଦର୍ଶନ ପାଇବେ ।'' ଏହି ବର ଭଗବାନଙ୍କଠାରୁ ସେ ମାଗି ନେଇଥିଲେ । ତାଙ୍କର ଯେତେବେଳେ ଭଗବତ୍ ଦର୍ଶନ ସକାଶେ ତୀବ୍ର ଅଭୀପ୍ସା ହୁଏ, ସେତେବେଳେ ଭଗବାନ୍ ପ୍ରକଟ ହୁଅନ୍ତି । ସେଦିନ ଭଗବାନଙ୍କୁ ପ୍ରତ୍ୟକ୍ଷଭାବେ ଭୋଗ ଲଗାଇବା ସକାଶେ ତାଙ୍କ ହୃଦୟରୁ ତୀବ୍ର ଅଭୀପ୍ସା ଉତ୍ପନ୍ନ ହେଲା । ଭଗବାନ୍ ଦାସଙ୍କ ସମ୍ମୁଖରେ ପ୍ରକଟ ହୋଇଗଲେ । ତା' ପୂର୍ବରୁ ଦାସେ ଭଗବତ୍ ଚିନ୍ତନରେ ଅଭିଭୂତ ହୋଇ ସାରିଥିଲେ । ଏବେ ଭଗବାନଙ୍କୁ ସାକ୍ଷାତ୍ ଦର୍ଶନ କରି ଏକେବାରେ ଆନନ୍ଦରେ ନିମଗ୍ନ ହୋଇଗଲେ । ତାଙ୍କ ଶରୀର-ଶୁଦ୍ଧି ରହିଲା ନାହିଁ । କେବଳ ତାଙ୍କ ଚେତନାରେ ରହିଲେ ଭଗବାନ୍ । ଶରୀର-ଶୁଦ୍ଧି, ମନର ବିଚାର ନ ଥିବା ଯୋଗୁଁ ଭଗବାନଙ୍କୁ ପ୍ରଣାମ ନ କରି କେବଳ ଉତ୍ତମ ଆସନରେ ବସାଇ ତାଙ୍କୁ ଭୋଗ ଲଗାଇଲେ । ଦାସେ ଭଗବାନଙ୍କ ମୁଖରେ ଗ୍ରାସ ଦେଉଥାଆନ୍ତି, ସେ ଭୋଜନ କରୁଥାଆନ୍ତି । ସେହି ସମୟରେ ଶ୍ରୀଜଗନ୍ନାଥଙ୍କ ଭୋଗ ଲାଗିବା ସକାଶେ ମହାରାଜାଙ୍କ ନିର୍ଦ୍ଦେଶରେ ସେବକମାନେ ନାନାବିଧ ଭୋଗଦ୍ରବ୍ୟ ଭାର କରି ନେଇ ମନ୍ଦିର ଅନ୍ତର୍ଗତ ଭୋଗମଣ୍ଡପରେ ଠୁଳ କଲେ । ଦ୍ୱାର ବନ୍ଦ ହେଲା । ପଣ୍ଡା ପୂଜାରେ ବସିଲେ । ଭୋଗ ସମୟରେ ସେଠିକା ପ୍ରଣାଳୀ ଅନୁସାରେ ବିଧିବିଧାନ ଶେଷ ହେବା ପରେ ପଣ୍ଡାଙ୍କ ଚଳୁରେ ଭଗବାନଙ୍କ ପ୍ରତିଛାୟା ଦେଖାଗଲେ ଭଗବାନ୍ ଭୋଗ ସ୍ୱୀକାର କରିଥିବା ମାନ୍ୟ ହୁଏ । ଶ୍ରୀଜଗନ୍ନାଥଙ୍କ ପ୍ରତିଛାୟା ଚଳୁରେ ଦେଖା ନ ଗଲେ ସମସ୍ତ ଭୋଗ ପୋତା ହୁଏ । ସେଦିନ ପଣ୍ଡାଜି ବହୁତ ସମୟ ଧ୍ୟାନସ୍ଥ ହୋଇ ବସିବା ସତ୍ତ୍ୱେ ଶ୍ରୀଜଗନ୍ନାଥ ଚଳୁରେ ଦେଖାଗଲେ ନାହିଁ । ପଣ୍ଡାଜି ବିଶେଷ ଚିନ୍ତିତ ହୋଇ ଶ୍ରୀଜଗନ୍ନାଥ ମଣୋହି ନ କରିଥିବା ଖବର ମହାରାଜାଙ୍କୁ ଦେଲେ । କି ଅପରାଧ ଯୋଗୁଁ ଶ୍ରୀଜଗନ୍ନାଥ ମଣୋହି କଲେ ନାହିଁ ଏହି ଅନୁତାପରେ ମହାରାଜ ଗରୁଡ଼ସ୍ତମ୍ଭ ପାଖରେ କୁଶ ଆସନ ବିଛାଇ ଭଗବାନଙ୍କୁ ପ୍ରାର୍ଥନା କରୁ କରୁ ତାଙ୍କ ଚେତନା ଲୟ ହୋଇଗଲା ଅଥବା କିଛି ତନ୍ଦ୍ରା ଆସିଗଲା । ସେହି ଅବସ୍ଥାରେ ଭଗବାନ୍ ରାଜା ସମ୍ମୁଖରେ ଛିଡ଼ାହୋଇ କହିଲେ, ''ହେ ରାଜନ, ତୁମର ଦୁଃଖ କରିବାର କାରଣ କିଛି ନାହିଁ । ତୁମ ଦ୍ୱାରା କୌଣସି ଅପରାଧ ହୋଇ ନାହିଁ । କିନ୍ତୁ ଭୋଗ ଲାଗିବା ସମୟରେ ଆମ୍ଭେ ମନ୍ଦିରରେ ନ ଥିଲୁ । ପିପିଲି ଗ୍ରାମର ରଘୁଦାସ ଘରେ ଆମ୍ଭେ ଭୋଜନ କରୁଥିଲୁ । ସେ ଭାବଭୋଳ ହୋଇ ଆମ୍ଭକୁ ଭୋଜନ କରାଉଥିଲେ । ସେ ମୋତେ ଯଦି ଛାଡ଼ନ୍ତା ତେବେ ମୁଁ ଏଠାକୁ ଆସନ୍ତି । ମୁଁ ତ' ଭକତ ଭାବରେ ବଶ । ଭକ୍ତ ଯଦି ଆନ୍ତରିକ ଭାବ ସହିତ ଅଣୁମାତ୍ର ଦିଏ ତାକୁ ମୁଁ ପର୍ବତ ସଦୃଶ ଗ୍ରହଣ କରେ । ତୁ ବର୍ତ୍ତମାନ ପିପିଲି ଯାଇ ରଘୁଦାସ ଏବଂ ତା'ର ପରିବାରକୁ ଆଣି ଏହି କ୍ଷେତ୍ରରେ ରହିବାର ବ୍ୟବସ୍ଥା କରିଦେ । ତେବେ ମୁଁ ମଣୋହି କରିବି ।'' ଏତିକି କହି ଭଗବାନ୍ ଅନ୍ତର୍ଦ୍ଧାନ ହୋଇଗଲେ । ଭଗବାନଙ୍କ ଶ୍ରୀମୁଖରୁ ଏହା ଶୁଣି ତତ୍କ୍ଷଣାତ୍ ନୃପମଣି ଉଠି ଆନନ୍ଦରେ ବିଭୋର ହୋଇଗଲେ । ସେ ସେହିକ୍ଷଣି ଅଶ୍ୱାରୋହଣ କରି ସେବକମାନଙ୍କୁ ସଙ୍ଗେ ନେଇ ପିପିଲିରେ ରଘୁଦାସଙ୍କ ଘରେ ପହଞ୍ଚିଲେ । ସ୍ୱୟଂ ରାଜା ଘୋଡ଼ାରୁ ଉତରି ରଘୁଙ୍କ ଦାଣ୍ଡରେ ଦାସଙ୍କୁ ବହୁତ ଡାକିଲେ । କିନ୍ତୁ ଦାସେ ଭଗବତ୍ ପ୍ରେମରେ ବିଭୋର ଥିବା ଯୋଗୁଁ ଶୁଣି ପାରିଲେ ନାହିଁ । ଶ୍ରୀ ମହାରାଜ ସ୍ୱୟଂ ଆସିଥିବା ଦେଖି ଦାସଙ୍କ ଧର୍ମପତ୍ନୀ ଏବଂ ମା ମହାରାଜାଙ୍କୁ ପୂଜା କରି ଗୃହକୁ ନେଇଗଲେ । ରାଜାଙ୍କ ଆଗମନରେ କଥା କଥାରେ ଗ୍ରାମର ଲୋକ ଏକତ୍ରିତ ହୋଇଗଲେ । ରାଜା

ରଘୁଦାସଙ୍କ ଘରକୁ ଯାଇ ରଘୁଦାସଙ୍କୁ ଦେଖିଲେ । ଦାସଙ୍କର ଶରୀରଜ୍ଞାନ ନ ଥିଲା । ତାଙ୍କ ଶରୀରକ୍ରିୟାରୁ ଜଣାପଡୁଥିଲା ତାଙ୍କ ଚେତନା କୌଣସି ଅଜ୍ଞାତ ରାଜ୍ୟରେ ବିଚରଣ କରୁଥିଲା । ସେ ହସ୍ତରେ ଭୋଜନ ଉଠେଇ କାହାର ମୁଖରେ ଦେଉଥିବା ଦେଖାଯାଉଥିଲା କିନ୍ତୁ ଗ୍ରହଣ କରୁଥିବା ବ୍ୟକ୍ତି ଦେଖାଯାଉ ନ ଥିଲେ । ରାଜା ଛିଡ଼ାହୋଇ ଦେଖୁଥା'ନ୍ତି । କିଛି ସମୟ ପରେ ଭଗବାନ୍ ଅନ୍ତର୍ଦ୍ଧାନ ହୋଇଗଲେ । ଭଗବାନଙ୍କ ବିୟୋଗରେ ତାଙ୍କ ନେତ୍ରରୁ ଅଶ୍ରୁଧାରା ବହିଲା । ସେ ବେଶୁଦ୍ଧ ଅବସ୍ଥାରେ ହାୟ ମୋ ପ୍ରଭୁ କୁଆଡ଼େ ଗଲେ କହି ଭୂମିରେ ଗଡ଼ିଗଲେ । ଏହି ଦୃଶ୍ୟ ଦେଖି ରାଜାଙ୍କ ହୃଦୟ ପ୍ରଭୁଙ୍କ ପ୍ରେମରେ ଉଛୁଳି ପଡ଼ିଲା । ତାଙ୍କ ନେତ୍ରରୁ ଅଶ୍ରୁବର୍ଷା ହେବାକୁ ଲାଗିଲା । ସେ ଦାସଙ୍କୁ ଦୁଇ ହାତରେ ଉଠାଇ ହୃଦୟରେ ଲଗାଇନେଲେ । କହିଲେ, ''ଦାସେ, ମୁଁ ତୁମକୁ ଆଜି ଦର୍ଶନ କରିବାରୁ ମୋ ଜୀବନ ସାର୍ଥକ ହୋଇଗଲା । ତୁମେ ପ୍ରେମରେ ଜଗନ୍ନାଥଙ୍କୁ ବଶ କରି ରଖିଛ । ତୁମ ପିତାମାତା ଧନ୍ୟ । ତୁମେ ଏହି ପୃଥିବୀକୁ ପବିତ୍ର କରିବାକୁ ଆସିଛ ।'' ଏହା କହି ତାଙ୍କ ହାତଧରି କ୍ଷେତ୍ରକୁ ଯିବା ସକାଶେ ପ୍ରଭୁଙ୍କ ଆଜ୍ଞା ଶୁଣାଇ ଦେଲେ ଏବଂ ପରିବାର ସହିତ ଦାସଙ୍କୁ କ୍ଷେତ୍ରକୁ ନେଇଯିବାର ବ୍ୟବସ୍ଥା ତତ୍କ୍ଷଣାତ୍ କରାଇଲେ । ରାଜାଙ୍କ ଆଜ୍ଞାରେ ହସ୍ତୀକୁ ନାନାପ୍ରକାରେ ସଜ କରାଇ ତା ପୃଷ୍ଠ ସିଂହାସନରେ ଦାସଙ୍କୁ ବସାଇ ଦିଆହେଲା । ତାଙ୍କ ମାତା ଏବଂ ଧର୍ମପତ୍ନୀଙ୍କ ସକାଶେ ମଧ୍ୟ ଉତ୍ତମ ସବାରିର ବ୍ୟବସ୍ଥା କରାହେଲା । ବହୁ ସମାରୋହରେ ଦାସଙ୍କୁ କ୍ଷେତ୍ରକୁ ନେଇ ଯାଉଥିବା ଦେଖି ଅପର୍ଯ୍ୟାପ୍ତ ଲୋକ ଦାସଙ୍କ ପଛେ ପଛେ ଚାଲିଲେ । କିଛି ସମୟ ପରେ ଆନନ୍ଦପୂର୍ବକ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପହଞ୍ଚିଲେ । ଶ୍ରୀଜଗନ୍ନାଥଙ୍କ ସହିତ ସୁଭଦ୍ରା ଏବଂ ବଳଭଦ୍ରଙ୍କୁ ଦର୍ଶନ କରି ଦାସେ ଆନନ୍ଦବିଭୋର ହୋଇଗଲେ । ଭଗବାନଙ୍କ ସେବାପୂଜା ସମାପ୍ତ ପରେ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଦାସେ ପରିବାର ସହିତ ରହିବାର ବ୍ୟବସ୍ଥା ରାଜା କରିଦେଲେ ଏବଂ ସେହି ସ୍ଥାନରେ ତାଙ୍କ ସକାଶେ ଉତ୍ତମ ଗୃହ ନିର୍ମାଣ କରି ତାଙ୍କ ଭୋଜନ ଏବଂ ଅନ୍ୟାନ୍ୟ ଆବଶ୍ୟକ ସକାଶେ ସ୍ଥାୟୀ ବ୍ୟବସ୍ଥା କରିଦେଲେ । ଦାସଙ୍କର ସମସ୍ତପ୍ରକାର ସୁବିଧା କରି ଦାସଙ୍କୁ ବହୁ ସମ୍ମାନ କରି ତାଙ୍କଠାରୁ ବିଦାୟ ନେଇ ରାଜା ରାଜମହଲକୁ ଫେରିଗଲେ । ଦାସେ ପୁରୁଷୋତ୍ତମ କ୍ଷେତ୍ରରେ ବହୁତ ଆନନ୍ଦରେ ଭଗବତ୍ ସେବା ଏବଂ ଭଜନାନନ୍ଦରେ ଡୁବି ରହିଲେ । ସେ ଶ୍ରୀଜଗନ୍ନାଥଙ୍କ ଛଡ଼ା ଅନ୍ୟ କୌଣସି ଦେବାଦେବୀଙ୍କୁ ଜାଣୁ ନ ଥିଲେ । ଯେକୌଣସି ଦୁଃଖୀ-ଦରିଦ୍ରକୁ ଭୋଜନ ଦେଇ ସନ୍ତୋଷ କରୁଥିଲେ । ଜୀବିତ ଥିବା ପର୍ଯ୍ୟନ୍ତ ଭଗବତ୍ ଭକ୍ତିରେ ଡୁବି ରହୁଥିଲେ ଏବଂ ଅସଂଖ୍ୟ ନରନାରୀଙ୍କୁ ଭଗବତ୍ ସମ୍ମୁଖ କରାଇ ସେମାନଙ୍କୁ ଜନ୍ମମରଣ ଦୁଃଖତାପରୁ ମୁକ୍ତ କରାଇଥିଲେ । ଉପଯୁକ୍ତ ସମୟରେ ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ନିତ୍ୟ ଧାମରେ ଭଗବତ୍ ସେବା ପ୍ରାପ୍ତ ହୋଇଥିଲା । ତାଙ୍କ ଜୀବନରେ ବହୁ ଅଦ୍ଭୁତ ଘଟନା ଘଟିଥିଲା । କିନ୍ତୁ 'ଦାର୍ଢ୍ୟତା ଭକ୍ତି'ଗ୍ରନ୍ଥର ରଚୟିତା ଦାସଙ୍କ ଜୀବନ-ଘଟନାରୁ ଯେତିକି 'ଦାର୍ଢ୍ୟତା ଭକ୍ତି'ରେ ବର୍ଣ୍ଣନ କରିଥିଲେ ତାହାରି ମୂଳଗତ ତଥ୍ୟ କିଛିମାତ୍ର ପରିବର୍ତ୍ତନ ନ କରି ତା'ରି ଆଧାରରେ ଏହି ଲେଖାଟି ସମାପ୍ତ କରି ଶ୍ରୀମା ଶ୍ରୀଅରବିନ୍ଦଙ୍କ ଚରଣରେ ନିବେଦନ କଲି ।

ଭଗବାନଙ୍କ ଭକ୍ତ ସଂସାରକୁ ଆସି ତାଙ୍କ ଭଗବତ୍ ଭକ୍ତି ପ୍ରଭାବରେ ବହୁ ଦୁଃଖତାପ ପୀଡ଼ିତ ନରନାରୀଙ୍କୁ ଜନ୍ମମରଣ ଭବସାଗରରୁ ଉଦ୍ଧାର କରିଦିଅନ୍ତି । ସେ ନଶ୍ୱର ଶରୀର ତ୍ୟାଗ କରି ଭଗବାନଙ୍କୁ ପ୍ରାପ୍ତ ହେବା ପରେ ବି ତାଙ୍କ ଭକ୍ତି-ପ୍ରଭାବ ସଂସାର ବାତାବରଣରେ ଅକ୍ଷୟ ହୋଇ ରହିଥାଏ । କେବେ କୌଣସି ବ୍ୟକ୍ତି ତାଙ୍କୁ ସ୍ମରଣ କରିବା, ତାଙ୍କ ଜୀବନଚରିତ ପଢ଼ିବା ଦ୍ୱାରା ତା' ମଧ୍ୟରେ ତାଙ୍କ ଭକ୍ତି ପ୍ରଭାବ ପ୍ରବେଶ କରି ତାକୁ ଉଚିତ ମାର୍ଗର ନିର୍ଦ୍ଦେଶ ଦିଏ । ଏହା କେବଳ କଳ୍ପନା ନୁହେଁ, ପ୍ରତ୍ୟକ୍ଷ ଘଟନା ।

ବାଲ୍ୟାବସ୍ଥାରେ ମୋର ଯେତେବେଳେ ସାତ ଆଠ ବର୍ଷ ବୟସ ହୋଇଥିଲା ସେହି ସମୟରେ ଭଗବାନଙ୍କ କୃପାରୁ ଦାର୍ଢ୍ୟତା ଭକ୍ତି ଗ୍ରନ୍ଥଟି ପଢ଼ିବାର ସୁଯୋଗ ପାଇଥିଲି । ଏହି ରଘୁଦାସଙ୍କ ଚରିତ୍ର ପ୍ରଭାବରୁ ମୋ ଜୀବନର ଧାରା ପରିବର୍ତ୍ତିତ ହୋଇଥିଲା ।

ବୋଲ ଭକ୍ତ ଏବଂ ତାଙ୍କ ଭଗବାନଙ୍କୁ ଜୟ ।

ଭକ୍ତ ରଘୁନାଥ

ଭକ୍ତ ରଘୁନାଥଙ୍କ* ପିତାଙ୍କ ନାମ କୃଷ୍ଣଚନ୍ଦ୍ର ମହାପାତ୍ର ଓ ମାତାଙ୍କ ନାମ କମଳା ଦେବୀ ଥିଲା । କୃଷ୍ଣଚନ୍ଦ୍ର ମହାପାତ୍ର ବହୁତ ବଡ଼ ଧନାଢ୍ୟ ଜମିଦାର ଥିଲେ । ସେ ବଙ୍ଗଳା ପ୍ରାନ୍ତ ହରିପୁର ନାମରେ ଗୋଟିଏ ଛୋଟ ସହରରେ ନିବାସ କରୁଥିଲେ । ତାଙ୍କର ପର୍ଯ୍ୟାପ୍ତ ଧନ ଥିବା ସତ୍ତ୍ୱେ ସେ ଲୋଭୀ କିଂବା କୃପଣ ନ ଥିଲେ । ଅତିଥି ଅଭ୍ୟାଗତ କେହି ତାଙ୍କ ଦ୍ୱାରରୁ ଫେରୁ ନ ଥିଲେ । ସାଧୁସଜ୍ଜଙ୍କ ସେବା ହେଉଥିଲା । ତାଙ୍କ ପତ୍ନୀ କମଳାଦେବୀ ଥିଲେ ପତିପରାୟଣା ଏବଂ ସାଧ୍ୱୀ । ପତି-ଆଜ୍ଞା ଶିରୋଧାର୍ଯ୍ୟ କରି ପତିଙ୍କ କାର୍ଯ୍ୟରେ ସେ ସଂପୂର୍ଣ୍ଣରୂପେ ସହଯୋଗ କରୁଥିଲେ ।

ସଦାଚାରୀ ଧାର୍ମିକ ଗୃହସ୍ଥଙ୍କ ଗୃହରେ ଭକ୍ତ, ଯୋଗୀ, ମହାପୁରୁଷମାନେ ଜନ୍ମଗ୍ରହଣ କରନ୍ତି । କୃଷ୍ଣଚନ୍ଦ୍ର ତଥା କମଳାଦେବୀଙ୍କ ଆନ୍ତରିକ ସତ୍ ସଂକଳ୍ପର ଫଳସ୍ୱରୂପ ତାଙ୍କୁ ଭକ୍ତ ରଘୁନାଥ ପୁତ୍ରରୂପେ ପ୍ରାପ୍ତ ହୋଇଥିଲେ । ରଘୁଙ୍କର କୌଣସି ଭାଇ ଭଉଣୀ ନ ଥିଲେ । ରଘୁନାଥଙ୍କୁ ଜନ୍ମସଂସ୍କାରଗତ ଭଗବତ୍ ଭକ୍ତି ବାଲ୍ୟାବସ୍ଥାରୁ ପ୍ରାପ୍ତ ହୋଇଥିଲା । ତାଙ୍କ ଭଗବତ୍ ଭକ୍ତି ବୃଦ୍ଧି ହେବାରେ ପିତାମାତାଙ୍କ ସତ୍ ଆଚରଣ, ଅତିଥି ଅଭ୍ୟାଗତ ଓ ସଜ୍ଜସେବା ବହୁତ ଅଧିକ ସାହାଯ୍ୟ କରିଥିଲା । ସେ ବାଲ୍ୟାବସ୍ଥାରୁ ମନ୍ଦିରକୁ ଯାଇ ଭଗବାନଙ୍କୁ ଦର୍ଶନ କରୁଥିଲେ । ସାଧୁସଜ୍ଜଙ୍କୁ ଦେଖି ଭକ୍ତିଭରେ ପ୍ରଣାମ କରି ନିଜ ଘରକୁ ଡାକିଆଣି ସେବା କରୁଥିଲେ । ପ୍ରାଣୀମାତ୍ର ପ୍ରତି ଦୟା – ତାଙ୍କ ସ୍ୱଭାବରେ ପରିଣତ ହୋଇଥିଲା । ସ୍ୱାର୍ଥ ଓ ହିଂସାରୁ ସେ ସର୍ବଦା ଦୂରରେ ଥିଲେ ।

ଦିନ ଯିବାରେ ସମୟ ଲାଗେ ନାହିଁ । ଦେଖୁ ଦେଖୁ ରଘୁନାଥଙ୍କ ବୟସ ହେଲା ଷୋହଳ । ସେସମୟରେ କନ୍ୟାର ବାଲ୍ୟାବସ୍ଥା ଓ ପୁତ୍ରର କିଶୋର ଅବସ୍ଥାରେ ବିବାହ-ପ୍ରଥା ଥିଲା । ଏହି ପ୍ରଥା ଭାରତବର୍ଷରେ ଅଷ୍ଟାଦଶ ଶତାବ୍ଦୀର ଶେଷପର୍ଯ୍ୟନ୍ତ ପ୍ରଚଳିତ ହୋଇ ଆସୁଥିଲା । କୃଷ୍ଣଚନ୍ଦ୍ର ପୁତ୍ର ରଘୁନାଥଙ୍କ ବିବାହଯୋଗ୍ୟ ବୟସ ପ୍ରାପ୍ତି ହେବା ଜାଣି ଅତି ଉତ୍ସାହ ସହ ବହୁତ ସମାରୋହରେ ମଧ୍ୟବଙ୍ଗଳାର କଳାବତୀପୁର ଗ୍ରାମର ଗଙ୍ଗାଧର କରଣଙ୍କ ରୂପଗୁଣସମ୍ପନ୍ନା କନ୍ୟା ଅନ୍ନପୂର୍ଣ୍ଣାଙ୍କ ସହିତ ବିବାହ ନିଧାର୍ଯ୍ୟ କରିଦେଲେ । ସେତେବେଳେ ଅନ୍ନପୂର୍ଣ୍ଣାଙ୍କ ବୟସ ମାତ୍ର ନ' ବର୍ଷ । ଗଙ୍ଗାଧର ଯେପରି ଶକ୍ତିଶାଳୀ ଜମିଦାର ଥିଲେ, ସେହିପରି ଧନସମ୍ପତ୍ତି ମଧ୍ୟ ପର୍ଯ୍ୟାପ୍ତ ଥିଲା । ତାଙ୍କର ଥିଲେ ସାତ ପୁଅ । ଅନ୍ନପୂର୍ଣ୍ଣା ଥିଲେ ସବୁ ଭାଇଙ୍କଠାରୁ କନିଷ୍ଠା ଏକମାତ୍ର କନ୍ୟା । ଗଙ୍ଗାଧର ଏବଂ ତାଙ୍କ ପରିବାର ବହୁ ଧନଲୋଭୀ, କୃପଣ ତଥା ପ୍ରଜାଶୋଷକ ଥିଲେ । ସେମାନେ ଧନସଞ୍ଚୟ କରିବାରେ ଥିଲେ ପ୍ରବଳ ଧୁରନ୍ଧର । ଅନ୍ନପୂର୍ଣ୍ଣା ଏକମାତ୍ର କନ୍ୟା ଥିବାରୁ ତାଙ୍କ ପ୍ରତି ପିତାମାତା ତଥା ଭାଇମାନଙ୍କର ଅତ୍ୟନ୍ତ ସ୍ନେହ ଥିଲା । ତାଙ୍କୁ ବାଲ୍ୟାବସ୍ଥାରୁ ଅତ୍ୟନ୍ତ ଅଲିଅଳରେ ଲାଳନପାଳନ କରିଆଣିଥିଲେ । ସେହି ସ୍ନେହଯୋଗୁଁ ସେମାନେ ଧନ ପ୍ରତି ଲୋଭ ନ ରଖି, କୃପଣତାକୁ ଭୁଲି ପ୍ରଚୁର ଅର୍ଥ ବ୍ୟୟ କରି ତାଙ୍କର ବିବାହ ବହୁ ସମାରୋହରେ ସମ୍ପନ୍ନ କଲେ । ଯୌତୁକ ଦେବାରେ ସେମାନେ ଥିଲେ ମୁକ୍ତହସ୍ତ । ସେସମୟର ପ୍ରଥାନୁସାରେ ବିବାହ ପରେ ବୋହୂ ଅଳ୍ପଦିନ ସକାଶେ ଶଶୁରଘରକୁ ଆସେ ଏବଂ ନ' ଦିନ କିଂବା ଅଠର ଦିନ ରହି ପିତାଗୃହକୁ ପ୍ରତ୍ୟାବର୍ତ୍ତନ କରେ । ଏହି ନିୟମ ଅନୁସାରେ ଅନ୍ନପୂର୍ଣ୍ଣା ମଧ୍ୟ ପତିଗୃହରୁ ଫେରି ପିତାଙ୍କ ଗୃହରେ ନିବାସ କଲେ । ଏହାପରେ ରଘୁନାଥ ଏବଂ ଅନ୍ନପୂର୍ଣ୍ଣାଙ୍କ ଜୀବନର ଘାଟିମୋଡ଼ ତଥା କଠୋର ପରୀକ୍ଷାର ସମୟ ଉପସ୍ଥିତ ହେଲା ।

ସେସମୟରେ ସ୍କୁଲ କଲେଜ ନ ଥିଲା । ଘରେ ଅଧ୍ୟାପକ ରହି ପିଲାମାନଙ୍କୁ ବିଦ୍ୟା ଶିକ୍ଷା ଦେଉଥିଲେ । ରଘୁ ମଧ୍ୟ ଘରେ ଅଧ୍ୟାପକଙ୍କଠାରୁ ବିଦ୍ୟାଶିକ୍ଷା କରିଥିଲେ । ବିବାହ ପର୍ଯ୍ୟନ୍ତ ସେ ଥିଲେ ଛାତ୍ର । ଜମିଦାରୀ ମହାଜନୀ କାର୍ଯ୍ୟ ପିତା କୃଷ୍ଣଚନ୍ଦ୍ର ବୁଝୁଥିଲେ । ସେସମୟେ ରଘୁନାଥ କିଛି ବି ଜାଣି ନ ଥିଲେ । ଠିକ୍ ବିବାହ ପରେ ପରେ ପ୍ରବଳ ବନ୍ୟାରେ

* ଭକ୍ତ ରଘୁନାଥଙ୍କ ଚରିତ ଉତ୍କଳ ଭାଷାରେ 'ଦାର୍ଢ୍ୟତା ଭକ୍ତି' ଗ୍ରନ୍ଥରେ 'ରଘୁ ଅରକ୍ଷିତ' ନାମରେ ପ୍ରସିଦ୍ଧ ।

ଫସଲ ନଷ୍ଟ ହେଲା, ଲୋକମାନଙ୍କ ଘରଦ୍ୱାର ଭାସିଗଲା, ବହୁତ ଲୋକ ପ୍ରାଣ ହରାଇଲେ । ଘର ଭାସିଯିବାରୁ ଗଚ୍ଛିତ ଥିବା ଧାନ, ଚାଉଳ ନଷ୍ଟ ହୋଇଗଲା । ବନ୍ୟା ଛାଡ଼ିବା ପରେ ଲୋକମାନେ କ୍ଷୁଧାରେ ଆର୍ତ୍ତନାଦ ଛାଡ଼ିଲେ । ଦୟାର୍ଦ୍ର କୃଷ୍ଣଚନ୍ଦ୍ର କ୍ଷୁଧାର୍ତ୍ତଙ୍କ ବିକଳ ଆର୍ତ୍ତନାଦ ସହି ନ ପାରି ଗଚ୍ଛିତ ଥିବା ସବୁ ଧାନ ଚାଉଳ ବିତରଣ କରିଦେଲେ ଏବଂ ଘରେ ଥିବା ସୁନା, ରୁପା, ଟଙ୍କା ଦେଇ ଧାନ, ଚାଉଳ ଖରିଦ କରି ଲୋକଙ୍କୁ ସାହାଯ୍ୟ କଲେ । ଏହିପରି ଲଗାଲଗି ଦୁଇ ତିନି ବର୍ଷ ବନ୍ୟା ତଥା ମରୁଡ଼ି ଯୋଗୁଁ ଶସ୍ୟ ଉତ୍ପନ୍ନ ହେଲା ନାହିଁ । ପ୍ରଜାଙ୍କଠାରୁ ଖଜଣା ଆଦାୟ କରିବା ଦୂରେଥାଉ ଘରେ ଯାହା ଥିଲା ବିକ୍ରି କରି କୃଷ୍ଣଚନ୍ଦ୍ର ଦରିଦ୍ରଙ୍କୁ ଦାନ କଲେ । ଦୁର୍ଭିକ୍ଷରେ ଜନତା ପୀଡ଼ିତ ତଥା ନିଜର ସମ୍ପତ୍ତିନଷ୍ଟ ଚିନ୍ତାରେ କୃଷ୍ଣଚନ୍ଦ୍ର ଭୀଷଣ ରୋଗରେ ଆକ୍ରାନ୍ତ ହୋଇପଡ଼ିଲେ ।

ବୈଦ୍ୟ, କବିରାଜଙ୍କ ଦ୍ୱାରା ବହୁତ ଉପଚାର କରାହେଲା କିନ୍ତୁ କୌଣସି ଫଳ ହେଲା ନାହିଁ । ରୋଗ ବଢ଼ିବାକୁ ଲାଗିଲା । ତାଙ୍କ ପାଖରେ ବସି ରଘୁନାଥ ଏବଂ କମଳାଦେବୀ ରୋଦନ କରୁଥା'ନ୍ତି । ସେମାନଙ୍କୁ ସାନ୍ତ୍ୱନା ଦେଇ କୃଷ୍ଣଚନ୍ଦ୍ର ରଘୁନାଥଙ୍କୁ ପାଖକୁ ଡାକି ମୁଣ୍ଡ ଆଉଁସି ହାତ ଧରି କହିଲେ, ''ତୁମ୍ଭେମାନେ ଚିନ୍ତା କର ନାହିଁ, ଏହି ସଂସାରରୁ ଦିନେ ସମସ୍ତଙ୍କୁ ଯିବାକୁ ହେବ । ମୋର ସମୟ ହୋଇଗଲା, ମୁଁ ଯାଉଛି । ତୁମ୍ଭମାନଙ୍କୁ ଭଗବାନ୍ ରକ୍ଷା କରିବେ । ମୋର ଯାହା କରଜ ଅଛି ସେସବୁକୁ ସମ୍ପତ୍ତିବାଡ଼ି ବିକି ଶୁଝିଦେବୁ ।'' ଏତିକି କହି ଭଗବତ୍ ନାମ ସ୍ମରଣପୂର୍ବକ ସେ ନଶ୍ୱର ଶରୀର ପରିତ୍ୟାଗ କଲେ ।

ପତିବ୍ରତା କମଳାଦେବୀ ପତିଙ୍କ ସହିତ ତାଙ୍କ ଚିତାଗ୍ନିରେ ଝାସ ଦେଲେ । ଏକା ରହିଲେ ରଘୁନାଥ । ପିତାମାତାଙ୍କ ବିୟୋଗରେ ତାଙ୍କୁ ଅପାର ଦୁଃଖ ହେଲା । ନିଜକୁ ଅସହାୟ ମନେକରି ଦୁଃଖ-ସାଗରରେ ଡୁବିଗଲେ । ଅନ୍ୟମାନେ ବହୁତ ବୁଝାଇବାରୁ କର୍ମଚାରୀ, ଚାକରବାକର, ସାଇପଡ଼ିଶା, ବନ୍ଧୁବାନ୍ଧବଙ୍କ ସାହାଯ୍ୟରେ ପିତାମାତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ଉତ୍ତମରୂପେ ସମାପ୍ତ କଲେ ଏବଂ ପିତାଙ୍କ କହିବାନୁସାରେ ସମ୍ପତ୍ତିବାଡ଼ି ବିକ୍ରି କରି ମହାଜନଙ୍କ କରଜ ଶୁଝିଦେଲେ ।

ରଘୁନାଥ ବାଲ୍ୟକାଳରୁ ଅଧିକ ସ୍ନେହରେ ଲାଳିତପାଳିତ ହୋଇଆସିଥିଲେ । ଗୃହପରିଚାଳନା ତଥା ଜମିଦାରି ବୁଝିବା କାର୍ଯ୍ୟରେ ତାଙ୍କର ଅଭିଜ୍ଞତା ନ ଥିଲା । କର୍ମଚାରୀ, ଚାକରମାନେ ଯେଉଁଠି ଯାହା ପାଇଲେ ଘେନି ପଳାଇଗଲେ । ଖଜଣା ଆଦାୟ ହେଲା ନାହିଁ । ନିର୍ଦ୍ଦିଷ୍ଟ ସମୟରେ ମାଲଗୁଜାରି ନ ଦେବାରୁ ଜମିଦାରି ନିଲାମ ହୋଇଗଲା । ଏହିରୂପେ ଅଳ୍ପ ବର୍ଷରେ ରଘୁନାଥଙ୍କ ସମସ୍ତ ସମ୍ପତ୍ତି ନଷ୍ଟ ହୋଇଗଲା । ସେ ଦରିଦ୍ର ହୋଇଗଲେ । ସମ୍ପଦରେ ବହୁ ମିତ୍ର ହୁଅନ୍ତି, କିନ୍ତୁ ବିପଦରେ କେହି ମୁଖ ଦେଖାନ୍ତି ନାହିଁ ।

ରଘୁନାଥଙ୍କ ଶଶୁର ଗଙ୍ଗାଧରଙ୍କର ପ୍ରଚୁର ସମ୍ପତ୍ତି ଥିଲା । କିନ୍ତୁ ରଘୁନାଥଙ୍କ ଅଯୋଗ୍ୟତାରୁ ସମସ୍ତ ସମ୍ପତ୍ତି ନଷ୍ଟ ହେବା ଯୋଗୁଁ ସେ ରଘୁନାଥଙ୍କୁ କୌଣସି ସାହାଯ୍ୟ କରିବା ଦୂରେଥାଉ ତାଙ୍କୁ ଆଦୌ ପଚାରିଲେ ବି ନାହିଁ । ଅନ୍ନପୂର୍ଣ୍ଣା ବିବାହ ପରେ ପତିଗୃହରୁ ଫେରିଯିବା ପରେ ପୁନରାୟ ପତିଗୃହକୁ ଆସି ନ ଥିଲେ । ତାଙ୍କର ବୟସ ସେତେବେଳେ ବାର କିଂବା ତେର ବର୍ଷ ହୋଇଥିଲା । ତାଙ୍କୁ ରଘୁନାଥଙ୍କ ଦରିଦ୍ରତା ବିଷୟରେ ଅଧିକ ଜଣା ନ ଥିଲା । ଜାଣିଥିଲେ ବି ସେ କ'ଣ ବା କରିଥା'ନ୍ତେ ।

ରଘୁନାଥଙ୍କର ବାଲ୍ୟାବସ୍ଥାରୁ ଭଗବତ୍ ଭକ୍ତି ଥିଲା । ପିତାମାତାଙ୍କ ମୃତ୍ୟୁ ତଥା ସମ୍ପତ୍ତି ନଷ୍ଟ ହେବା ପରେ ତାଙ୍କ ବୈରାଗ୍ୟ ତୀବ୍ର ହୋଇଗଲା । ସେ ଭଗବତ୍ ନାମ ସ୍ମରଣ କରି ଗୃହ ପରିତ୍ୟାଗ କଲେ । ତାଙ୍କ ମୁଖରୁ ଭଗବାନଙ୍କ ନାମ ଉଚ୍ଚାରିତ ହେଉଥାଏ । ହୃଦୟରେ ଭଗବାନଙ୍କ ଧ୍ୟାନ ଆନନ୍ଦରେ ସେ ମଗ୍ନ ଥା'ନ୍ତି । ଭିକ୍ଷା କରି ସେ ଭୋଜନ କରନ୍ତି । ବିଧାତାର ବିଧାନ ବିଚିତ୍ର । ଯେଉଁ ରଘୁନାଥ ଦୁଧଫେଣ ସଦୃଶ ଶେଯରେ ଶୋଉ ଥିଲେ, ଯାହାଙ୍କ ସେବାରେ କେତେ ଦାସଦାସୀ ଥିଲେ, ଯାହାଙ୍କୁ ବିବିଧ ପ୍ରକାର ମିଷ୍ଟାନ୍ନ ରୁଚୁ ନ ଥିଲା, ଯେ ଧନୀ ପିତାମାତାଙ୍କ ନୟନତାରା ହୋଇଥିଲେ, ସେହି ରଘୁନାଥ ଆଜି ଅରକ୍ଷିତ । ମାଗିବାରେ ଯାହା ମିଳିଲା ତା' ଖାଉଛନ୍ତି; ମଇଳା ଛିଣ୍ଡା ଲୁଗା ପିନ୍ଧୁଛନ୍ତି, କାହା ପିଣ୍ଡାରେ କିଂବା ଗଛ ମୂଳରେ ଶୋଉଛନ୍ତି । ଆଜି ଯଦି କୁବେରସମ ଧନପତି ଜମିଦାର ପିତା କୃଷ୍ଣଚନ୍ଦ୍ର ଏବଂ ମାତା

କମଳାଦେବୀ ପୁତ୍ର ରଘୁନାଥଙ୍କୁ ଏହି ଭିକାରି ଅରକ୍ଷିତ ଅବସ୍ଥାରେ ଦେଖନ୍ତେ ତେବେ ସେମାନଙ୍କ ହୃଦୟ ଦୁଇଫାଳ ହୋଇ ଫାଟିଯାନ୍ତା । ହାୟରେ ଦୈବ, ତୋ ବିଧାନ କେତେ ନିଷ୍ଠୁର ! କାଲି ଯେ ରାଜା ଆଜି ସେ ପଥର ଭିକାରି ! ତୋର ଟିକେ ଦୟାମାୟା ନ ଥାଏ !

ଭଗବାନଙ୍କ କୃପା ବୁଝିବା ସ୍ଥୂଳବୁଦ୍ଧି ପକ୍ଷେ ଅଗମ୍ୟ । ଭଗବାନ୍ କାହାକୁ କୃପା କରି ଧନସମ୍ପତ୍ତି ଢାଳିଦିଅନ୍ତି, କାହା ଉପରେ କୃପା କରି ତା'ର ଧନସମ୍ପତ୍ତି ଅପହରଣ କରି ନିଜର କରିନିଅନ୍ତି । ଜୀବ ସକାଶେ ଯଥାର୍ଥ ଭଗବାନଙ୍କ କୃପା ବା ଭଗବତ୍ ଭକ୍ତି ପରମ ଅମୂଲ୍ୟ ସମ୍ପଦ, ଶରୀର ଧାରଣ କରିବାର ସାର୍ଥକତା । ଯେଉଁ ଧନସମ୍ପତ୍ତି, ଅଧିକାର, ମାନସମ୍ମାନ ଭଗବାନଙ୍କଠାରୁ ଦୂରକୁ ନେଇଯାଏ ସେସବୁ ଯଥାର୍ଥରେ ଦୁଃଖଦ୍ୱନ୍ଦ୍ୱର କାରଣ । ଭଗବାନଙ୍କ ଅହେତୁକୀ କୃପା ରଘୁନାଥଙ୍କ ଉପରେ ହୋଇଛି । ଧନସମ୍ପତ୍ତି, ମାନସମ୍ମାନରୂପକ ଦୃଢ଼ବନ୍ଧନରୁ ସେ ମୁକ୍ତ ହୋଇଛନ୍ତି । ଭଗବତ୍ ଭକ୍ତି ଯୋଗୁଁ ଭିକ୍ଷାନ୍ନ ତାଙ୍କୁ ମହାନ୍ ଆନନ୍ଦ ଦେଉଛି । ସେ ସଂସାର-ବନ୍ଧନରୁ ମୁକ୍ତ ହୋଇ ନିର୍ଦ୍ୱନ୍ଦ୍ୱ ହେବାରୁ ତାଙ୍କ ଭଗବତ୍ ଭକ୍ତିର ବୃଦ୍ଧି ସଙ୍ଗେ ସଙ୍ଗେ ଜ୍ଞାନ-ସୂର୍ଯ୍ୟ ମଧ୍ୟ ଉଦିତ ହୋଇଛି । ସେ ଭାବୁଛନ୍ତି – ''ମୁଁ ଏଠାରେ ରହିବି କାହିଁକି ? ମୋର ପ୍ରଭୁ ତ୍ରିଭୁବନ କର୍ତ୍ତା, ଭକ୍ତି ମୁକ୍ତିଦାତା, ଦୀନଜନର ଆଶ୍ରୟଦାତା, ଭକ୍ତବାଞ୍ଛା କଳ୍ପତରୁ ନୀଳାଚଳ ପୁରୁଷୋତ୍ତମ କ୍ଷେତ୍ରରେ ବିରାଜମାନ ହୋଇଛନ୍ତି । ସେହି ପରମପ୍ରଭୁଙ୍କ ଚରଣ ଦର୍ଶନ କରି ମୋର ସମସ୍ତ ଦୁଃଖକଷ୍ଟ ଜଣାଇବି । ତାଙ୍କ ମହାପ୍ରସାଦ କୈବଲ୍ୟ ଭୋଜନ କରି ତାଙ୍କ ନାମଗୁଣ ଗାନ କରି ତାଙ୍କର ଚରଣ ଦର୍ଶନ କରି ଜୀବନ ବିତାଇବି । ସେହି ପୁଣ୍ୟ କ୍ଷେତ୍ରରେ ଶରୀର ତ୍ୟାଗ କରି ପ୍ରଭୁଙ୍କ ଚରଣ ପ୍ରାପ୍ତ ହେବି ।'' ଏହା ଭାବି ସେ ଶ୍ରୀକ୍ଷେତ୍ରକୁ ଯାତ୍ରାରମ୍ଭ କଲେ । କିଛିଦିନ ପରେ ପୁରୀକ୍ଷେତ୍ରରେ ପହଞ୍ଚିଲେ । ପ୍ରଭୁଙ୍କ ବଡ଼ଦାଣ୍ଡ ଦେଖି ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ଆନନ୍ଦମଗ୍ନ ହୋଇ ଦର୍ଶନ ଉଦ୍ଦେଶ୍ୟରେ ମନ୍ଦିରରେ ପ୍ରବେଶ କଲେ । ଗରୁଡ଼ସ୍ତମ୍ଭ ପାଖରେ ଛିଡ଼ାହୋଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଦେହଶୁଦ୍ଧି ଭୁଲିଗଲେ ଏବଂ ସେଠାରେ ପ୍ରାର୍ଥନା କଲେ, ''ପ୍ରଭୁ, ମୋ ମାତାପିତା ଦୁହେଁ ମୋତେ ଅରକ୍ଷିତ କରି ଛାଡ଼ି ଚାଲିଗଲେ । ସଂସାରରେ ମୋର ରକ୍ଷାକର୍ତ୍ତା କେହି ନାହିଁ । ପ୍ରଭୁ, ମୁଁ ତୁମ ଚରଣରେ ଶରଣ ପଶୁଛି । ମୋତେ ନିଜର କିଣାଦାସ ଜାଣି ଅଭୟ ଚରଣରେ ଶରଣ ଦିଅ ।'' – ଏହିପରି ପ୍ରଭୁଙ୍କୁ ସ୍ତୁତି କରୁ କରୁ ଦୁଇ ନୟନରୁ ଅଶ୍ରୁବର୍ଷା ହେବାକୁ ଲାଗିଲା, କଣ୍ଠ ରୁଦ୍ଧ ହୋଇଗଲା । ରଘୁନାଥ ଅନୁଭବ କଲେ ଯେପରି ପ୍ରଭୁ ଅଭୟ କର ପ୍ରସାରି ଅଭୟ ଦେଇ କହୁଛନ୍ତି – ''ରଘୁନାଥ, ଭୟ ନାହିଁ, ମୁଁ ତୋତେ ବହୁ ପୂର୍ବରୁ ଶରଣରେ ସ୍ୱୀକାର କରିଛି । ନିର୍ଭୟରେ ମୋରି କ୍ଷେତ୍ରରେ ରହି ମହାପ୍ରସାଦ ସେବନ କରି ଆନନ୍ଦରେ ନିବାସ କର ।'' ରଘୁନାଥଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେହି ଦିନଠାରୁ ସେ ଭଗବତ୍ ନାମ ସ୍ମରଣପୂର୍ବକ ପରମାନନ୍ଦରେ ମଗ୍ନ ହୋଇ କ୍ଷେତ୍ରରେ ବିଚରଣ କରନ୍ତି । ସଛମାନଙ୍କ ମଠ ଏବଂ ମନ୍ଦିରରୁ ଭିକ୍ଷାରେ ଯାହା ମହାପ୍ରସାଦ ମିଳେ ତାହାହିଁ ଭୋଜନ କରି ରାତ୍ରିରେ ସିଂହଦ୍ୱାର ବଡ଼ଦାଣ୍ଡ ସଡ଼କରେ ଶୋଇଯାନ୍ତି । ମଙ୍ଗଳଆରତି ସମୟରୁ କେଇ ଘଣ୍ଟାପର୍ଯ୍ୟନ୍ତ ଗରୁଡ଼ସ୍ତମ୍ଭ ପାଖରେ ଛିଡ଼ାହୋଇ ଭଗବତ୍ ନାମସ୍ମରଣ ତଥା ସ୍ତୁତିରେ ଆନନ୍ଦମଗ୍ନ ହୋଇଯାନ୍ତି ଏବଂ ପରେ ଭଗବତ୍ ନାମସ୍ମରଣ ପୂର୍ବକ ମନ୍ଦିର ହତା ମଧ୍ୟରେ କିଂବା ମଠମାନଙ୍କରେ ମହାପ୍ରସାଦ ଭିକ୍ଷା କରି ଶ୍ରୀକ୍ଷେତ୍ରରେ ବିଚରଣ କରନ୍ତି । ଭଗବତ୍ ଭକ୍ତିର ଆନନ୍ଦରେ ତାଙ୍କର ସମସ୍ତ ଦୁଃଖକଷ୍ଟ ବିସ୍ମରଣ ହୋଇଗଲା । ନିଜର ବିବାହିତା ପତ୍ନୀଙ୍କର ସ୍ମୃତି ବି ରହିଲା ନାହିଁ ।

ରଘୁନାଥଙ୍କ ଶଶୁର ଗଙ୍ଗାଧର ରଘୁନାଥଙ୍କ ସମ୍ପତ୍ତି ନଷ୍ଟ ହେବା ଖବର ଆଗରୁ ପାଇଥିଲେ । କିନ୍ତୁ ଗ୍ରାମେ ଗ୍ରାମେ ଅରକ୍ଷିତରୂପେ ଭିକ୍ଷା ମାଗିବା ତଥା ପୁରୀକ୍ଷେତ୍ରରେ ଭିକାରିରୂପେ ଭିକ୍ଷା ମାଗି ଜୀବନଧାରଣ କରୁଥିବା ଖବର ପାଇ ରଘୁନାଥଙ୍କୁ ବହୁତ ଘୃଣା କଲେ ତଥା କୁତ୍ସିତ କଠୋର ଶବ୍ଦରେ ଗାଳିଦେଲେ । ସଙ୍ଗେ ସଙ୍ଗେ ନିଜ ସ୍ତ୍ରୀ ତଥା ପୁତ୍ରମାନଙ୍କୁ ଡାକି ରଘୁନାଥଙ୍କ ଭିକାରି ଆଚରଣକୁ ତୀବ୍ରଭାବେ ସମାଲୋଚନା କଲେ । ସେ କହିଲେ, ''ରଘୁନାଥର ପିତା କୃଷ୍ଣଚନ୍ଦ୍ର ମହାପାତ୍ର ଯେତେବେଳେ ଧନାଢ୍ୟ ଜମିଦାର ଥିଲେ ସେତେବେଳେ ଆମ୍ଭେ ନିଜ କନ୍ୟାକୁ ଜମିଦାର ପୁତ୍ର ରଘୁନାଥକୁ ବିବାହ ଦେଇଥିଲୁ, ଭିକାରି ରଘୁ ଅରକ୍ଷିତକୁ ଦେଇ ନ ଥିଲୁ । ସେତେବେଳେ ସେ ଆମ୍ଭର ସମାସ୍କନ୍ଦ ଥିଲା । ଆଜି ରଘୁନାଥ ଜମିଦାର ପୁତ୍ର ରହିଲା ନାହିଁ । ସେ ଦାଣ୍ଡର ଭିକାରି ରଘୁ ଅରକ୍ଷିତ । ସ୍ନେହରେ ଲାଳିତପାଳିତ, ଦାସ-ଦାସୀ

ଦ୍ୱାରା ସେବିତ, ସୁଶୀଳା, ସଦ୍‌ଗୁଣଯୁକ୍ତା, ସାତପୁତ୍ରରେ ଏକମାତ୍ର ଅଲିଅଳ କନ୍ୟାକୁ ଭିକାରି ରଘୁ ଅରକ୍ଷିତକୁ ଦେବା ଘୋର ଅନ୍ୟାୟ ହେବ । ମୋ କନ୍ୟା କ'ଣ ଭିକାରି ସହିତ ଭିକ ମାଗିବ ? ଆମ୍ଭେ କ'ଣ ସମାଜରେ ମୁଖ ଦେଖାଇ ପାରିବା ?'' ଗଙ୍ଗାଧରଙ୍କ ଏହି ବାକ୍ୟରେ ସାତପୁତ୍ର ଏବଂ ପତ୍ନୀ ଏକସ୍ୱରରେ କହିଲେ, ''କଦାପି ହେବ ନାହିଁ, ଅନ୍ନପୂର୍ଣ୍ଣାକୁ ଉତ୍ତମ ସ୍ଥାନରେ ବିବାହ ଦେବା ।'' ଗଙ୍ଗାଧର ଯେପରି ଅଧର୍ମୀ ତାଙ୍କ ପତ୍ନୀ ତଥା ପୁତ୍ରମାନେ ବି ସେହିପରି ଅଧର୍ମୀ ।

ସେସମୟରେ ସତୀତ୍ୱର ସମ୍ମାନ ଥିଲା । ନାରୀମାନେ ପତିଙ୍କୁ ହୃଦୟର ଦେବତା ଜାଣି ପାତିବ୍ରତ୍ୟ ଧର୍ମ ପାଳନ କରୁଥିଲେ । ଧର୍ମ ଜୀବନର ଆଧାର ଥିଲା । ଅନ୍ନପୂର୍ଣ୍ଣା କେବଳ ବାଳିକା ନ ଥିଲେ । ତାଙ୍କୁ ସେତେବେଳେ ପନ୍ଦର ଷୋହଳ ବର୍ଷ ହୋଇଥିଲା । ସେ କିଶୋରୀ ଅବସ୍ଥା ପ୍ରାପ୍ତ ହୋଇଥିଲେ । ସେ ଦୂରରେ ଛିଡ଼ାହୋଇ ପିତାମାତା ତଥା ଭାଇମାନଙ୍କ ପ୍ରସ୍ତାବ ଶୁଣି ମସ୍ତକରେ ବଜ୍ରପାତ ହେବା ସଦୃଶ ଦାରୁଣ ଦୁଃଖ ଅନୁଭବ କରିବାକୁ ଲାଗିଲେ । ଯଦ୍ୟପି ଅଧର୍ମୀ ଗଙ୍ଗାଧରଙ୍କ ରକ୍ତରୁ ତାଙ୍କର ଶରୀର ଉତ୍ପନ୍ନ ହୋଇଥିଲା ତଥାପି ତାଙ୍କର ପୂର୍ବଜନ୍ମର ଉତ୍ତମ ସଂସ୍କାର ଥିଲା । ଭଗବାନଙ୍କ ବିଧାନରୁ ଭିକାରି ରଘୁନାଥ ତଥା ଧନିପୁତ୍ରୀ ଅନ୍ନପୂର୍ଣ୍ଣା ଥିଲେ ଗୋଟିଏ ସ୍ୱଭାବର । ଉଭୟଙ୍କ ହୃଦୟରେ ନାଶବାନ୍ ବାହ୍ୟ ଜାକଜମକ, ଧନସମ୍ପଦ, ସମାଜ-ସମ୍ମାନର ଆଦର ନ ଥିଲା, ଥିଲା ଭଗବତ୍ ଭକ୍ତିର । ସେହି ସକାଶେ ଅନ୍ନପୂର୍ଣ୍ଣାଙ୍କର ପତିଭକ୍ତି, ସତୀତ୍ୱ ପ୍ରାଣରୁ ଅତ୍ୟନ୍ତ ପ୍ରିୟ ଥିଲା ଏବଂ ଭଗବତ୍ ପ୍ରାପ୍ତି ଥିଲା ତାଙ୍କର ଜନ୍ମଗତ ସାଧନା । ସେହି ସମୟରେ ତାଙ୍କ ଅନ୍ତରରୁ ଦୃଢ଼ପ୍ରତିଜ୍ଞା ଜାତ ହେଲା – ''ନିଜ ପତିଙ୍କ ଚରଣ ସେବା ଅଥବା ଶରୀର ତ୍ୟାଗ ।''

କିନ୍ତୁ ଗଙ୍ଗାଧର ଏବଂ ତାଙ୍କ ପୁତ୍ରମାନେ ସେମାନଙ୍କ ନୂତନ ପ୍ରସ୍ତାବାନୁଯାୟୀ ଅନ୍ନପୂର୍ଣ୍ଣାଙ୍କୁ ଦ୍ୱିତୀୟ ବିବାହ ଦେବା ସକାଶେ ଉତ୍ତମ ପାତ୍ର ଖୋଜିବାକୁ ଲାଗିପଡ଼ିଲେ । ସେହି ଦେଶରେ ରାଜଦରବାରରେ ଥିବା ଜଣେ (ପାତ୍ର) ଉଚ୍ଚପଦସ୍ଥ ଅଫିସର ବାସୁ ମହାପାତ୍ରଙ୍କ ପୁତ୍ର ସହିତ ଆସନ୍ତା ଫାଲ୍‌ଗୁନ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଅନ୍ନପୂର୍ଣ୍ଣାଙ୍କ ବିବାହ ସ୍ଥିର ହୋଇଗଲା । ଗଙ୍ଗାଧର ଯେପରି ଅଧାର୍ମିକ ଏବଂ ଶକ୍ତିଶାଳୀ ଧନୀ, ବାସୁ ମହାପାତ୍ର ମଧ୍ୟ ଥିଲେ ସେହିପରି ଅଧିକାର-ଗର୍ବୀ ତଥା ଶକ୍ତିଶାଳୀ, ଦୁଷ୍ଟ । ଅନ୍ୟଲୋକମାନେ ଏହି ଅଧାର୍ମିକ ବିବାହକୁ ଯଦ୍ୟପି ପସନ୍ଦ କରୁ ନ ଥିଲେ ତଥାପି ବିରୋଧ ବି କରିବାର ଶକ୍ତି ସାମର୍ଥ୍ୟ ନ ଥିଲା ।

ଏଥିରେ ପତିବ୍ରତା ଅନ୍ନପୂର୍ଣ୍ଣାଙ୍କ ହୃଦୟ ଶୋକାଗ୍ନିରେ ଜଳିବାକୁ ଲାଗିଲା । ସେ ଅତ୍ୟନ୍ତ ବିକଳ ହୋଇ ଭଗବାନଙ୍କ ନାମ ସ୍ମରଣପୂର୍ବକ ଭାବିଲେ, ''ମୋର ପ୍ରାଣର ପତି, ଜୀବନର ସାଥୀ ବିଦ୍ୟମାନ ଥାଇ ଏମାନେ ମୋତେ ଆଉ ଜଣକୁ ବିବାହ କରିଦେବେ ? ଏମାନେ ମୋତେ ଧର୍ମପଥରୁ ଟାଣିଆଣି ବ୍ୟଭିଚାରିଣୀ କରିବାକୁ ଚାହୁଁଛନ୍ତି ? ଏହା କଦାପି ହେବ ନାହିଁ । ଏହି ଶରୀରକୁ ମୁଁ ପ୍ରାଣପତିଙ୍କ ଚରଣରେ ସମର୍ପଣ କରିସାରିଛି । ଏହି ଶରୀରରେ ମୋ ପତିଙ୍କ ଛଡ଼ା ଅନ୍ୟ କାହାରି ଅଧିକାର ନାହିଁ ।'' ଏହି ବିଚାର ସଙ୍ଗେ ସଙ୍ଗେ ତାଙ୍କ ଅନ୍ତରରୁ ଆତ୍ମବଳ ଏବଂ ଭଗବତ୍ ବିଶ୍ୱାସ ଉତ୍ପନ୍ନ ହେଲା । ସେ ଆନ୍ତରିକ ଦୃଢ଼ତା ସହିତ ମନେ ମନେ କହିଲେ, ''କଦାପି ଏହା ହେବ ନାହିଁ । ମୋ ପ୍ରଭୁ ମୋତେ ନିଶ୍ଚୟ ରକ୍ଷା କରିବେ । ସେ କରୁଣାମୟ, ଦ୍ରୌପଦୀଙ୍କ ଲଜ୍ଜା ନିବାରଣ କରିଛନ୍ତି; କେତେ ଆଶ୍ରିତଜନଙ୍କ ବିପଦ ଦୂର କରିଛନ୍ତି । ମୋତେ ନିଶ୍ଚୟ ରକ୍ଷାକରିବେ । ମୋ ମୃତ୍ୟୁ ଯଦି ମୋ ପ୍ରଭୁ ଚାହାନ୍ତି ତେବେ ସହର୍ଷରେ ମୁଁ ତାହାହିଁ ବରଣ କରିବି । କିନ୍ତୁ ମୋ ପ୍ରାଣପତିଙ୍କ ଚରଣସେବା ଛଡ଼ା ଅନ୍ୟ ପୁରୁଷକୁ ଦେଖିବି ନାହିଁ ।'' ଏହି ଭାବରେ ସେ ତନ୍ମୟ ହୋଇଗଲେ । କିଛି ସମୟ ପରେ ତାଙ୍କ ଅନ୍ତରରୁ ପ୍ରେରଣା ଆସିଲା, ''ତୋ ପତି ପୁରୀ ଶ୍ରୀକ୍ଷେତ୍ରରେ ଅଛନ୍ତି ତୁ ଜାଣୁ । ତାଙ୍କ ପାଖକୁ ତୁ ଖବର ଦେ । ସେ ଆସି ତୋତେ ନେଇ ଯା'ନ୍ତୁ ।'' ଏହି ବିଚାର ଆସିବାରୁ ତାଙ୍କ ବ୍ୟାକୁଳତା ଦୂର ହେଲା । ସେ ପୁରୁଷୋତ୍ତମ କ୍ଷେତ୍ରକୁ ଯାଉଥିବା ବ୍ୟକ୍ତିଙ୍କ ସନ୍ଧାନ କରିବାକୁ ଲାଗିଲେ । ସେହି ଗ୍ରାମର କେତେକ ବ୍ୟକ୍ତି ଶ୍ରୀଜଗନ୍ନାଥଙ୍କ ଦର୍ଶନକୁ ପୁରୁଷୋତ୍ତମ କ୍ଷେତ୍ର ଯାଉଥିବା ଖବର ପାଇ ନିଜ ପତିଦେବଙ୍କ ପାଖକୁ ଲେଖିଲେ, ''ତୁମର ଦରିଦ୍ର ଅବସ୍ଥା ଜାଣି ମୋ ପିତା ଏବଂ ଭାଇମାନେ ଫାଲ୍‌ଗୁନ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ମୋର ଦ୍ୱିତୀୟ ବିବାହ ଠିକ୍ କରିଛନ୍ତି । ତୁମ

ଚରଣରେ ମୁଁ ନିଜକୁ ସମର୍ପିତ କରିସାରିଛି । ଏହି ଶରୀର ତୁମର । ତୁମେ ଯଦି ଫାଲ୍‌ଗୁନ ଶୁକ୍ଳପକ୍ଷ ପଞ୍ଚମୀ ତିଥି ପୂର୍ବରୁ ଏଠାରେ ନ ପହଞ୍ଚ ତେବେ ନିଶ୍ଚୟ ଜାଣିବ ମୁଁ ଆତ୍ମହତ୍ୟା କରିବି । ଏହା ମୋର ଦୃଢ଼ପ୍ରତିଜ୍ଞା । ସ୍ତ୍ରୀ ହତ୍ୟା ପାପ ତୁମକୁ ଲାଗିବ । ଆସିବା ନ ଆସିବା ତୁମ ଇଚ୍ଛା । କିନ୍ତୁ ମୁଁ ଦିନ ଗଣୁଛି ।'' ଚିଠିଟି ଏହିପରି ଲେଖି ଶ୍ରୀଜଗନ୍ନାଥଙ୍କ ଦର୍ଶନକୁ ଯାଉଥିବା ବ୍ୟକ୍ତିଙ୍କ ପାଖରେ ପହଞ୍ଚି ଚିଠିଟି ଦେଇ ପତିଙ୍କ ପରିଚୟ କହିଦେଲେ ଏବଂ କରୁଣ ବିନୀତ ବାକ୍ୟରେ କହିଲେ, ''ମୋତେ ନିଜ କନ୍ୟା ଜାଣି ଏହି ଚିଠିଟି ମୋ ସ୍ୱାମୀଙ୍କୁ ଦେଇ ମୋତେ ଏହି ଘୋର ସଂକଟରୁ ଉଦ୍ଧାର କର । ମୋ ଜୀବନ ଥିବା ପର୍ଯ୍ୟନ୍ତ ତୁମ ଉପକାର ମୁଁ ଭୁଲିବି ନାହିଁ ।'' ସେମାନଙ୍କ ଆନ୍ତରିକ ସହାନୁଭୂତି ଅନ୍ନପୂର୍ଣ୍ଣାଙ୍କ ପ୍ରତି ପୂର୍ବରୁ ଥିଲା । ନିଜର ସଦ୍‌ଗୁଣ ଯୋଗୁଁ ସେ ସମସ୍ତଙ୍କର ଆଦରର ପାତ୍ରୀ ଥିଲେ । ତାଙ୍କର କରୁଣ ପ୍ରାର୍ଥନାରେ ଯାତ୍ରୀ ଦ୍ରବୀଭୂତ ହୋଇ ପତ୍ରଟିକୁ ତାଙ୍କ ପତିଙ୍କୁ ନିଶ୍ଚୟ ଦେବା ପ୍ରତିଶ୍ରୁତି ଦେଲେ ଏବଂ ନିର୍ଦ୍ଦିଷ୍ଟ ଦିନରେ ପୁରୀ ଯାତ୍ରା କଲେ । ସେସମୟରେ ରେଳଗାଡ଼ି ନ ଥିଲା, ପଦଯାତ୍ରାରେ ଯିବାକୁ ହେଉଥିଲା ।

ପତିଙ୍କ ଆଗମନ ଚିନ୍ତାରେ ଅନ୍ନପୂର୍ଣ୍ଣାଙ୍କୁ କ୍ଷୁଧା ନ ଥାଏ କିଂବା ନିଦ୍ରା ନ ଥାଏ । ଦିନରାତି ଭଗବତ୍ ନାମସ୍ମରଣ ତଥା ପ୍ରାର୍ଥନାରେ ସମୟ ବ୍ୟତୀତ କରୁଥାଆନ୍ତି । ଅନ୍ନପୂର୍ଣ୍ଣାଙ୍କ ବ୍ୟବହାରରୁ ପିତାମାତା ତଥା ଭାଇମାନେ ବୁଝିପାରିଲେ ଯେ ସେ ନିଜ ପତି ଛଡ଼ା ଅନ୍ୟ ସ୍ଥାନରେ ବିବାହ କରିବାକୁ ଚାହାନ୍ତି ନାହିଁ । ଏହା ଜାଣିବା ସତ୍ତ୍ୱେ ସେମାନେ ଅନ୍ନପୂର୍ଣ୍ଣାଙ୍କୁ କିଛି ପଚାରନ୍ତି ନାହିଁ କିଂବା ଅନ୍ନପୂର୍ଣ୍ଣା କିଛି କହନ୍ତି ନାହିଁ । କହିବେ ବା କିପରି ? କ'ଣ ରଘୁନାଥ ନିକଟରେ ଅଛନ୍ତି ଯେ ସେ କହିବେ । ଏହି କାରଣରୁ ସେ କେବଳ ଭଗବାନଙ୍କ ଉପରେ ଦୃଢ଼ବିଶ୍ୱାସ ରଖି ତାଙ୍କୁହିଁ ଡାକୁଥାଆନ୍ତି ।

କଳାବତୀପୁରରୁ ଯାଇଥିବା ଯାତ୍ରୀମାନେ ଶ୍ରୀକ୍ଷେତ୍ରରେ ପହଞ୍ଚି ଗୋଟିଏ ସ୍ଥାନରେ ନିବାସ କଲେ ଏବଂ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ । ଅନ୍ନପୂର୍ଣ୍ଣାଙ୍କ ଚିଠି କଥା ସେମାନଙ୍କର ମନେଥାଏ । କେତେ ଲୋକଙ୍କୁ ରଘୁ ଅରକ୍ଷିତଙ୍କ ନାମ ପଚାରିଲେ ଏବଂ ଅନ୍ନପୂର୍ଣ୍ଣାଙ୍କ ବତାଇଥିବା ଚିହ୍ନରେ ତାଙ୍କୁ ଖୋଜିବାକୁ ଲାଗିଲେ । ସେଠାରେ ସବୁଦିନ ଯାତ୍ରୀଙ୍କ ଗହଳଚହଳ ଲାଗିଥାଏ । ବହୁତ ଲୋକଗହଳିରେ ଚିହ୍ନିତ ଅନୁସାରେ ବ୍ୟକ୍ତିଙ୍କୁ ଚିହ୍ନିବା କଠିନ ହୋଇପଡ଼େ । ତଥାପି ଦିନେ ଦୁଇଦିନ ପରେ ରଘୁନାଥଙ୍କୁ ସିଂହଦ୍ୱାରରେ ଭେଟି ତାଙ୍କ ନାମ, ଧାମ, ପିତାନାମ ପଚାରି ତାଙ୍କୁ ଅନ୍ନପୂର୍ଣ୍ଣାଙ୍କ ଚିଠି ଖଣ୍ଡିକ ଦେଇଦେଲେ । ରଘୁନାଥ ଚିଠିଟି ପଢ଼ି ଚିନ୍ତାମଗ୍ନ ହୋଇପଡ଼ିଲେ । ସେ ଭାବିଲେ, ''କଳାବତୀପୁର ପୁରୀକ୍ଷେତ୍ରରୁ ମାସକର ରାସ୍ତା, ବିବାହର ନିର୍ଦ୍ଦିଷ୍ଟ ତିଥି ମାତ୍ର ୫/୧୦ ଦିନ ବାକି, କିପରି ପହଞ୍ଚିବି ? ନ ପହଞ୍ଚିଲେ ଅନ୍ନପୂର୍ଣ୍ଣା ଆତ୍ମହତ୍ୟା ନିଶ୍ଚୟ କରିବ ।'' ଏହାର ସମାଧାନ ରଘୁନାଥଙ୍କ ପାଖରେ କିଛି ନ ଥିଲା । ସେ ଚିଠିଟି ଧରି ପ୍ରଭୁଙ୍କ ପାଖକୁ ଚାଲିଗଲେ । ସାଷ୍ଟାଙ୍ଗ ଦଣ୍ଡବତ କରି ଦୁଇହାତ ଯୋଡ଼ି କହିଲେ, ''ପ୍ରଭୁ, ଆଶ୍ରିତଜନଙ୍କ ଦୁଃଖ ନିବାରଣ କରିବା ସକାଶେ ହସ୍ତରେ ସୁଦର୍ଶନଚକ୍ର ଧାରଣ କରିଅଛ । ତୁମେ ଚିନ୍ତାର୍ତ୍ତ ଜନଙ୍କର ଚିନ୍ତାମଣି, ଭକ୍ତବାଞ୍ଛା ପୂର୍ଣ୍ଣ କରିବାରେ କାମଧେନୁ ଏବଂ କଳ୍ପବୃକ୍ଷଠାରୁ ଅନନ୍ତ ଗୁଣରେ ଉଦାର । ଭକ୍ତର ଘୋର ବିପଦସ୍ୱରୂପ ଅନ୍ଧକାର ଦୂର କରିବାରେ ତୁମେ ସୂର୍ଯ୍ୟ ସଦୃଶ । ପ୍ରଭୁ, ମୋତେ ଏହି ସଂକଟରୁ ଉଦ୍ଧାର କରିବା ସକାଶେ ତୁମ ଛଡ଼ା ଅନ୍ୟ କେହି ନାହିଁ ।'' ଏହିପରି ସ୍ତୁତି କରୁ କରୁ ରାତ୍ରି ହୋଇଗଲା । ରଘୁନାଥ ଛିଣ୍ଡା ମସିଣା ଖଣ୍ଡିଏ ଆଣି ପ୍ରଭୁଙ୍କ ସିଂହଦ୍ୱାରରେ ସେଦିନ ଚିନ୍ତିତ, ବ୍ୟଥିତ, ବ୍ୟାକୁଳତା ସହିତ ଭଗବାନଙ୍କୁ ସ୍ମରଣ କରି ଶୋଇପଡ଼ିଲେ ।

ଭଗବାନ୍ ଥରେ ଯାହାକୁ ସ୍ୱୀକାର କରିନିଅନ୍ତି ତାକୁ ରକ୍ଷା କରିବାର ଭାର ସର୍ବଦା ବହନ କରନ୍ତି । ଭକ୍ତର ବ୍ୟାକୁଳ ଆର୍ତ୍ତ ଡାକକୁ କର୍ଣ୍ଣ ଡେରି ରହିଥାଆନ୍ତି । ରଘୁନାଥଙ୍କ ଆର୍ତ୍ତ ପ୍ରାର୍ଥନା ଭଗବାନ୍ ଶ୍ରୀଜଗନ୍ନାଥ ତତ୍‌କ୍ଷଣାତ୍ ଶୁଣିନେଲେ ଏବଂ ନିଜର ମାୟାରେ ରଘୁନାଥଙ୍କୁ ନିଦ୍ରିତ ଅବସ୍ଥାରେ କଳାବତୀପୁର ତାଙ୍କ ଶଶୁର ଗଙ୍ଗାଧରଙ୍କ ଘର ଦ୍ୱାରରେ ପହଞ୍ଚାଇ ଦେଲେ । ଭୋର ହୋଇଗଲା । ରଘୁନାଥ ନିଦ୍ରାରୁ ଉଠି ଭଗବତ୍ ନାମ ସ୍ମରଣ କରିବାକୁ ଲାଗିଲେ । ଆଖି ଖୋଲିବା ମାତ୍ରେ ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେଠାରେ ତାଙ୍କର ଶୋଇବା ଜାଗା ପ୍ରଭୁଙ୍କ ସିଂହଦ୍ୱାର ନ ଥିଲା । ଗୋଟିଏ ଅପରିଚିତ ସ୍ଥାନ । ବିବାହ ପରେ ସେ କେବେ ଶଶୁର ଘରକୁ ଆସି ନ ଥିଲେ । ଏହି କାରଣରୁ ସେ ସେସ୍ଥାନ ଚିହ୍ନିପାରିଲେ ନାହିଁ । ସେ ଭାବିବାକୁ ଲାଗିଲେ, ''ମୁଁ ଏଠାକୁ ଆସିଲି କିପରି ? କିଏ ମୋତେ ନେଇଆସିଲା ?''

କେହି କେହି ବ୍ୟକ୍ତି ସେବାଟେ ଯାତାୟାତ କରୁଥିବା ଦେଖି ସେସ୍ଥାନର ନାମ ସେ ସେମାନଙ୍କୁ ପଚାରିଲେ । ସେମାନେ କହିଲେ, ''ଏହି ସହରର ନାମ କଳାବତୀପୁର । ଏହି ଉଚ୍ଚ ଅଟ୍ଟାଳିକାଟି ଜମିଦାର ଗଙ୍ଗାଧର କରଣଙ୍କର ।'' ଏକଥା ଶୁଣିବା ମାତ୍ରେ ରଘୁନାଥଙ୍କର ଆନନ୍ଦର ସୀମା ରହିଲା ନାହିଁ ଏବଂ ଭାବିଲେ, ''ଭଗବାନ୍ କୃପା କରି ଏଠାରେ ମୋତେ ପହଞ୍ଚାଇ ଦେଲେ । ମୋ ପ୍ରଭୁଙ୍କ ଛଡ଼ା ଏହା ଅନ୍ୟ କିଏ କରନ୍ତା ! ଯେଉଁ ପ୍ରଭୁଙ୍କ ସଂକଳ୍ପ ମାତ୍ର କୋଟି କୋଟି ବ୍ରହ୍ମାଣ୍ଡ ସୃଷ୍ଟି ହୁଏ ଏବଂ ଧ୍ୱଂସପ୍ରାପ୍ତ ହୁଏ ତାଙ୍କ ସକାଶେ ଏହି କାର୍ଯ୍ୟ ସାମାନ୍ୟ ମାତ୍ର !'' ରଘୁନାଥ ଏହିପରି ଭାବୁ ଭାବୁ ତାଙ୍କର ଶାଳକ କବାଟ ଖୋଲି ଦାଣ୍ଡକୁ ଆସିଲେ । ପିଣ୍ଡାରେ ଛିଣ୍ଡା ମଇଳା ଲୁଗା ପିନ୍ଧି ଛିଣ୍ଡା କତରାରେ ଭିକ୍ଷୁକ ଅବସ୍ଥାରେ ରଘୁନାଥଙ୍କୁ ଦେଖି ଦୌଡ଼ିଯାଇ ପିତାମାତାଙ୍କୁ କହିଲେ, ''ତୁମ ଜ୍ୱାଇଁ ଆସି କିପରି ଭିକ୍ଷୁକ ବେଶରେ ଦାଣ୍ଡରେ ବସିଛନ୍ତି ଆସି ଦେଖ ।''

ଏକଥା ଶୁଣିବା ମାତ୍ରେ ଗଙ୍ଗାଧର, ତାଙ୍କ ପତ୍ନୀ, କନ୍ୟା ଅନ୍ନପୂର୍ଣ୍ଣା ଏବଂ ପୁତ୍ରମାନେ ଦୌଡ଼ିଆସିଲେ । ରଘୁନାଥଙ୍କୁ ଭିକ୍ଷୁକରୂପେ ଆସିବା ଦେଖି ସମସ୍ତଙ୍କ ମୁହଁ ଶୁଖିଗଲା । କିନ୍ତୁ ଅନ୍ନପୂର୍ଣ୍ଣାଙ୍କ ଆନନ୍ଦର ସୀମା ରହିଲା ନାହିଁ । ଭଗବାନଙ୍କ ପ୍ରତି କୃତଜ୍ଞତା-ସମୁଦ୍ରରେ ତାଙ୍କର ସମସ୍ତ ସତ୍ତା ଡୁବିଗଲା, ସେ ମନେ ମନେ ଭଗବାନଙ୍କୁ କେତେ ସ୍ତୁତି କଲେ । ଗଙ୍ଗାଧର, ତାଙ୍କ ପତ୍ନୀ ତଥା ପୁତ୍ରମାନେ କପଟତାରେ ରଘୁନାଥଙ୍କୁ ଆଦର କରି ଘରକୁ ନେଇଗଲେ, ସ୍ନାନ କରାଇ ଉତ୍ତମ ବସ୍ତ୍ର ପରିଧାନ କରାଇ ଉତ୍ତମ ଭୋଜନ କରାଇଲେ ଏବଂ କପଟତାପୂର୍ଣ୍ଣ ସ୍ନେହରେ କେତେ କଥାବାର୍ତ୍ତା କଲେ ।

ସେସମୟରେ ବୋହୂ ଓ ଝିଅମାନେ ନିଜ ପତିଙ୍କ ସହିତ ଅନ୍ୟମାନଙ୍କ ସମ୍ମୁଖରେ ଦେଖାସାକ୍ଷାତ କିଂବା କଥାବାର୍ତ୍ତା କରୁ ନ ଥିଲେ । ଏହି ପ୍ରଥା ସମସ୍ତ ଭାରତବର୍ଷରେ ବିଶେଷତଃ ଓଡ଼ିଶା ଏବଂ ବଙ୍ଗଳାରେ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରଚଳିତ ଥିଲା । ଅନ୍ନପୂର୍ଣ୍ଣା କେତେ ବ୍ୟାକୁଳ ପ୍ରାର୍ଥନା କରି ଭଗବାନଙ୍କ ଦୟାରୁ ପତି ପ୍ରାପ୍ତ ହୋଇଛନ୍ତି; ରଘୁନାଥଙ୍କ ଆନ୍ତରିକ ବ୍ୟାକୁଳତାରେ ଶ୍ରୀଜଗନ୍ନାଥ ଦ୍ରବୀଭୂତ ହୋଇ ତାଙ୍କୁ ନିଜ ପତ୍ନୀଙ୍କ ପାଖରେ ପହଞ୍ଚାଇ ଦେଇଛନ୍ତି । ଉଭୟ ଉଭୟଙ୍କୁ ନେତ୍ର ଭରି ଦେଖି ଦୁଇପଦ କଥା କହି ହୃଦୟାଗ୍ନିକୁ ଶାନ୍ତ କରିବାକୁ ଚାହୁଁଛନ୍ତି, କିନ୍ତୁ ସାମାଜିକ କଠୋର ନିୟମ ଯୋଗୁଁ କେହି କାହା ସମ୍ମୁଖ ହୋଇପାରୁ ନାହାନ୍ତି କିଂବା ନେତ୍ର ଭରି ଦେଖି ଦୁଇପଦ ଅମୃତମୟ କଥା କହି ହୃଦୟର ବିୟୋଗ ଅଗ୍ନିଜ୍ୱାଳାକୁ ଶାନ୍ତ କରିପାରୁ ନାହାନ୍ତି । କେବଳ ଅନ୍ନପୂର୍ଣ୍ଣା ଦୂରରୁ ଉହାଡ଼ରୁ ରହି ନିଜ ପତିକୁ ଦେଖି ନିଜକୁ ସାନ୍ତ୍ୱନା ଦେଉଛନ୍ତି ।

ଭୋଜନ ସମାପ୍ତ ହେଲା । ରଘୁନାଥ ଗୋଟିଏ କକ୍ଷରେ ବିଶ୍ରାମ ନେଲେ । ଅନ୍ନପୂର୍ଣ୍ଣା ଭୋଜନ କରୁଥା'ନ୍ତି । ଗଙ୍ଗାଧର ତାଙ୍କ ପତ୍ନୀ ଏବଂ ପୁତ୍ରମାନଙ୍କ ସହ ଗୋଟିଏ ଏକାନ୍ତ କକ୍ଷରେ ମନ୍ତ୍ରଣା କରୁଥା'ନ୍ତି । ଗଙ୍ଗାଧର କହିଲେ, ''ଆଶ୍ଚର୍ଯ୍ୟର କଥା, ଭିକାରି ରଘୁନାଥ କିପରି ପହଞ୍ଚିଗଲେ ? ଅନ୍ନପୂର୍ଣ୍ଣା ପରି ସୁଲକ୍ଷଣୀ ସୁକୁମାରୀ ଝିଅକୁ ଏଇ ଭିକାରିକୁ ଦେଇ ଆମ୍ଭେମାନେ ଶାନ୍ତିରେ ରହିବା କିପରି ? ସମାଜରେ ମୁହଁ ଦେଖାଇବା କାହାକୁ ? ଅନ୍ନପୂର୍ଣ୍ଣା ବି ଭିକାରି ସଙ୍ଗେ ବୁଲିବ ବା କିପରି ? ରଘୁନାଥ ଜୀବିତ ଅବସ୍ଥାରେ ଥିଲେ ଅନ୍ନପୂର୍ଣ୍ଣାକୁ ଅନ୍ୟଠାରେ ବିଭାଦେବା ଉଚିତ ମଧ୍ୟ ହେବ ନାହିଁ । ଆଜି ରାତିରେ ରଘୁନାଥକୁ ଭୋଜନ ସହିତ ଗରଳ ବିଷ ଦେଇ ମାରିଦେବା । ହଠାତ୍ ସର୍ପାଘାତରେ ମରିଥିବା କହି ଭୋର ହେଉ ହେଉ ଶବକୁ ନ ପୋଡ଼ି ପୋତି ପକାଇବା । ଅନ୍ନପୂର୍ଣ୍ଣା ଧନୀ ଘରେ ବିବାହ ହେଲେ ସୁଖଶାନ୍ତିରେ ରହିବ ।'' ଏହି ପ୍ରସ୍ତାବକୁ ସମସ୍ତେ ସହର୍ଷରେ, ଏକସ୍ୱରରେ ସମର୍ଥନ କଲେ । ବିଷ ମଗେଇ ଅଣାଗଲା । ଅନ୍ନପୂର୍ଣ୍ଣାଙ୍କ ଅଜଣାରେ ଭୋଜନଦ୍ରବ୍ୟରେ ବିଷ ମିଶ୍ରିତ କରି ରଘୁନାଥଙ୍କୁ ଭୋଜନ କରାଇବା ଠିକ୍ ହେଲା ।

ଅନ୍ନପୂର୍ଣ୍ଣା ପତିବ୍ରତା, ସତୀ ତଥା ଭଗବାନଙ୍କ ଆଶ୍ରିତା । ତାଙ୍କ ହୃଦୟ ଅତ୍ୟନ୍ତ ପବିତ୍ର । ପବିତ୍ର ହୃଦୟରେ କୌଣସି ଗୂଢ଼ ଜ୍ଞାନ ବା ବ୍ୟାବହାରିକ ଛଳକପଟ, କୌଣସି ମିଥ୍ୟାଚାର ବୁଝିବାରେ ଅସୁବିଧା ହୁଏ ନାହିଁ । ସେମାନଙ୍କ ପରସ୍ପର ଭିତରେ ଫୁସ୍‌ଫାସ୍ କଥାବାର୍ତ୍ତାରୁ ପତିଙ୍କୁ ଭୋଜନରେ ବିଷ ଦେଇ ମାରିବା ଷଡ଼ଯନ୍ତ୍ର ସେ ନିଃସନ୍ଦେହରୂପେ ବୁଝିପାରିଲେ ଏବଂ ଏହି ଖବର କି ଉପାୟରେ ପତିଙ୍କୁ ଦେବେ ତାହା ଚିନ୍ତା କରିବାକୁ ଲାଗିଲେ । ପିତାମାତା ତଥା

ଭାଇମାନେ ଅନ୍ନପୂର୍ଣ୍ଣାଙ୍କ ଅଜ୍ଞାତରେ ଯଦ୍ୟପି ସମସ୍ତ ଷଡ୍‌ଯନ୍ତ୍ର କରିଥିଲେ ତଥାପି କୌଣସିମତେ ଅନ୍ନପୂର୍ଣ୍ଣା ଜାଣି ଗୁପ୍ତରୂପେ ରଘୁନାଥଙ୍କୁ କହିଦେବା ଆଶଙ୍କାରେ ସେମାନେ ରଘୁନାଥଙ୍କ ସଙ୍ଗେ ସଙ୍ଗେ ରହିଲେ ଏବଂ ଅନ୍ନପୂର୍ଣ୍ଣାଙ୍କୁ ନିଜ ପତିଙ୍କୁ କହିଦେବା ସୁଯୋଗ ଯେପରି ନ ମିଳେ ସେହିପରି ବ୍ୟବସ୍ଥା କଲେ । ପାପିନୀ ଗଙ୍ଗାଧରଙ୍କ ସ୍ତ୍ରୀ ଝିଅକୁ ଅନ୍ୟ କାର୍ଯ୍ୟରେ ଲଗାଇ ନିଜେ ନାନାପ୍ରକାର ବ୍ୟଞ୍ଜନ, ଖିରି, ପୁରି, ପିଠାରେ କାଳକୂଟ ବିଷ ମିଶାଇ ତିଆରି କଲେ ।

ଯାହାର କେହି ଆଶ୍ରୟ ନ ଥା'ନ୍ତି ତା'ର ଆଶ୍ରୟ ବିଶ୍ୱନିୟନ୍ତା ଭଗବାନ୍ । ଏହା ଭାବି ଅନ୍ନପୂର୍ଣ୍ଣା ମନେ ମନେ ଭଗବାନଙ୍କୁ ଡାକିବାକୁ ଲାଗିଲେ । ଭଗବାନଙ୍କ କୃପାରୁ ପତିଙ୍କୁ ଲେଖି ଜଣାଇ ଦେବାକୁ ନିଜ ଅନ୍ତରରୁ ପ୍ରେରଣା ପାଇଲେ । ''ଏଥିରେ ବିଷ ଅଛି, ଖାଇବ ନାହିଁ ।''– ଏହି ବାକ୍ୟଟି ଗୋଟିଏ ଛୋଟ ତାଳପତ୍ରରେ ଲେଖି ଗୋଟିଏ ପିଠା ମଧ୍ୟରେ ଦେଇଦେବାକୁ ସୁଯୋଗ ଖୋଜିଲେ । ବିଷମିଶ୍ରିତ ଭୋଜନ ଥାଳି ତିଆରି ହେବା ସମୟରେ ପାକଶାଳାରେ ଅନ୍ନପୂର୍ଣ୍ଣା ପହଞ୍ଚି ସମସ୍ତଙ୍କ ଅଜାଣତରେ ତିଆରି ହୋଇ ରହିଥିବା ଗୋଟିଏ ପିଠାରେ ଛୋଟ ତାଳପତ୍ର ଲେଖାଖଣ୍ଡଟି ପୂରାଇ ସେ ପିଠାଟିକୁ ପରଷା ହୋଇଥିବା ଥାଳିରେ ମଧ୍ୟଭାଗରେ ରଖିଦେଲେ । ଭୋଜନ ଥାଳିଟି ଗଙ୍ଗାଧରଙ୍କ ସ୍ତ୍ରୀ ନେଇ ରଘୁନାଥଙ୍କ ସମୀପରେ ରଖିଦେଲେ । ରଘୁନାଥ ଜଗନ୍ନାଥଙ୍କୁ ଧ୍ୟାନ କରି ଭୋଜନଦ୍ରବ୍ୟ ସମର୍ପଣ କଲେ ଏବଂ ଚିଠି ଥିବା ପିଠାଟି ମୁଖରେ ଦେବା ଉଦ୍ଦେଶ୍ୟରେ ଭାଙ୍ଗିଦେଲେ । ପିଠା ଭିତରୁ ଛୋଟ ତାଳପତ୍ର ଟିକକ ଦେଖି ପଢ଼ିନେଲେ । ପିଠାରେ ଚିଠି ଥିବା ବିଷୟ ଅନ୍ୟମାନେ କେହି ଜାଣି ନ ଥିଲେ, ସେସକାଶେ ଅନ୍ୟମାନଙ୍କର ସେଥିପ୍ରତି ଦୃଷ୍ଟି ଆକର୍ଷିତ ହୋଇ ନ ଥିଲା । କେବଳ ଅନ୍ନପୂର୍ଣ୍ଣା ଉହାଡ଼ରେ ଛିଡ଼ାହୋଇ ଯଦ୍ୟପି ଦେଖି ନେଇଥିଲେ ତଥାପି ଅପଲକ ନେତ୍ରରେ ଚାହିଁ ରହିଥିଲେ ଏବଂ କଦାଚିତ୍ ବିଷମିଶ୍ରିତ ଭୋଜନ ଗ୍ରହଣ କରିପକାଇବେ, ଏହି ଭୟରେ ତାଙ୍କ ହୃଦୟ କମ୍ପୁଥିଲା । ସେ ବ୍ୟାକୁଳ ହୋଇ ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ । ତାଙ୍କ ପାପିନୀ ମା' ଭାବିଲା, ''ବର୍ତ୍ତମାନ ରଘୁନାଥ ଖାଇବା ସଙ୍ଗେ ସଙ୍ଗେ ବିଷଜ୍ୱାଳାରେ ପଡ଼ିଯିବ । ଅନ୍ନପୂର୍ଣ୍ଣା ଏଠାରେ ରହିଲେ ଅନର୍ଥ ହୋଇପାରେ, ଏହାକୁ ଏଠାରୁ ନେଇଯିବା ଉଚିତ ।'' ଏହି କପଟତାକୁ ହୃଦୟରେ ରଖି ମୁଖରେ କୋମଳ ବଚନରେ କହିଲେ, ''ଜ୍ୱାଇଁ ଖାଇବେ, ଆମ୍ଭେମାନେ ମଧ୍ୟ ଖାଇବାର ବ୍ୟବସ୍ଥା କରିବା ।'' ଏହା କହି ଅନ୍ନପୂର୍ଣ୍ଣାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କ ହାତ ଧରି ଭିତର ଖଞ୍ଜାକୁ ନେଇଗଲେ ଏବଂ ଅନ୍ନପୂର୍ଣ୍ଣାଙ୍କ ସଙ୍ଗେ ସଙ୍ଗେ ରହି ଏପରି କାର୍ଯ୍ୟର ବ୍ୟବସ୍ଥା କଲେ ଯେପରି ଅନ୍ନପୂର୍ଣ୍ଣା ବାହାର ଖଞ୍ଜାକୁ ଆସି ରଘୁନାଥଙ୍କ ବିଷୟରେ କିଛି ଜାଣି ନ ପାରନ୍ତି ।

ରଘୁନାଥ ଚିଠିରୁ ଭୋଜନରେ ବିଷମିଶ୍ରିତ ହେବା ଜାଣି ଭାବିଲେ, ''ମୁଁ ମୂଢ଼, ବିଷମିଶ୍ରିତ ଭୋଜନଦ୍ରବ୍ୟ ଭଗବାନଙ୍କୁ ନୈବେଦ୍ୟ କରିଦେଲି । ମୋର ପରମପ୍ରଭୁ, ଜୀବନର ଜୀବନଙ୍କୁ ବିଷ ଦେଲି । ମୁଁ ନ ଖାଇ କ'ଣ ଅମର ହୋଇ ରହିବି ? ଏହି ଶରୀର ଦିନେ ନା ଦିନେ ମୃତ୍ୟୁ ପ୍ରାପ୍ତ ହେବ । ଆଜି ଭଗବାନଙ୍କ ପ୍ରସାଦ ଛାଡ଼ି ବଞ୍ଚି ରହିବି କାହିଁକି ? ଭଗବାନଙ୍କୁ ଅର୍ପିତ ବସ୍ତୁ ଆଜି ମୁଁ କଦାପି ତ୍ୟାଗ କରିପାରିବି ନାହିଁ ।'' ଏହି ନିଶ୍ଚୟତାରେ ପ୍ରତିଷ୍ଠିତ ହୋଇ ଭଗବତ୍ ନାମ ସ୍ମରଣପୂର୍ବକ ନିର୍ଦ୍ୱନ୍ଦ୍ୱରେ ଭୋଜନ କଲେ । ଭୋଜନରେ କାଳକୂଟ ଜହର ଏତେ ପରିମାଣରେ ଥିଲା ଯେ ଗୋଟିଏ ହାତୀ ଖାଇଥିଲେ ତା'ର ପ୍ରାଣ ବି ରହି ନ ଥା'ନ୍ତା । ଭୋଜନ ସମାପ୍ତ ନ ହେଉଣୁ ରଘୁନାଥ ଆଉ ବସିରହି ପାରିଲେ ନାହିଁ, ବିଷଜ୍ୱାଳାରେ ତାଙ୍କ ମଥା ଭ୍ରମିତ ହୋଇଗଲା, ଆଖିରେ ସବୁ ସ୍ଥାନ ଘୂରିବାକୁ ଲାଗିଲା, ଉଦରରେ ଘୋର ଜ୍ୱାଳା ଉତ୍ପନ୍ନ ହେବାକୁ ଲାଗିଲା । ସେ ବ୍ୟାକୁଳ ହୋଇ ପଡ଼ିଗଲେ । ଉଠିବାର ଶକ୍ତି ରହିଲା ନାହିଁ, ବୁଦ୍ଧି ଭ୍ରମ ହୋଇଗଲା । ସେ ସେହି ଭୋଜନ ସ୍ଥାନରେ ପଡ଼ି ମାଛକୁ ଜଳରୁ ବାହାର କରି ଶୁଖିଲାରେ ପକାଇବାରେ ଛଟପଟ ହେବା ସଦୃଶ ସେଠାରେ ପଡ଼ି ଛଟପଟ ହେବାକୁ ଲାଗିଲେ । ଅଳ୍ପ ସମୟ ଭିତରେ ତାଙ୍କ ପ୍ରାଣପକ୍ଷୀ ଉଡ଼ିଗଲା । ଗଙ୍ଗାଧର ଏବଂ ତାଙ୍କ ପୁତ୍ରମାନେ ରଘୁନାଥଙ୍କୁ ମୃତ ଅବସ୍ଥାରେ ଦେଖି ଖୁସିହେଲେ ଏବଂ କବାଟ ବନ୍ଦ କରି ଦୃଢ଼ ତାଲା ପକାଇଦେଲେ । ''ଭୋର ହେଉ ହେଉ ଶବକୁ ନେଇ ନ ପୋଡ଼ି ପୋତି ପକାଇବେ,* ଦୈବାତ୍ ସର୍ପଦଂଶନ ଯୋଗୁଁ

* ସର୍ପଦଂଶନରେ ମୃତ ବ୍ୟକ୍ତିଙ୍କୁ ପୋଡ଼ନ୍ତି ନାହିଁ ।

ରଘୁନାଥଙ୍କ ମୃତ୍ୟୁ ହେଲା ବୋଲି ପ୍ରଚାର କରିବେ ।'' ଭାବି ଏହାହିଁ ସ୍ଥିର କଲେ ଏବଂ କହିଲେ, ''ରଘୁନାଥଙ୍କର ମୃତ୍ୟୁ ହେବାରୁ ଆମ ଅନ୍ନପୂର୍ଣ୍ଣାର ରକ୍ଷା ହୋଇଗଲା । ସେ ସୁଖ ଭୋଗରେ ଜୀବନ ଅତିବାହିତ କରିବ ।''

ଯେପର୍ଯ୍ୟନ୍ତ ମନୁଷ୍ୟ ଭୌତିକ ଚେତନାରେ ବାସ କରେ ସେପର୍ଯ୍ୟନ୍ତ ଅଜ୍ଞାନ-ମୋହରେ ମୋହିତ ହୋଇ ଉତ୍ତମ ଭୋଜନ, ଉତ୍ତମ ବସ୍ତ୍ର, ଜାକଜମକ ଗୃହ, ଇନ୍ଦ୍ରିୟ-ଭୋଗବିଳାସ, ସମ୍ମାନ, ଅଧିକାର, ଧନସମ୍ପତ୍ତିକୁ ସର୍ବଶ୍ରେଷ୍ଠ ମନେକରେ ଏବଂ ଏଥିରେ ସୁଖଲାଭ ଆଶା କରି ନ୍ୟାୟ ଅନ୍ୟାୟରେ ଏହାକୁହିଁ ପ୍ରାପ୍ତ ହେବା ସକାଶେ ନାନା ଉପାୟ କରୁଥାଏ । ମୃଗତୃଷ୍ଣାରେ ଜଳର ଭ୍ରମ ସଦୃଶ ସର୍ବଦା ଦୁଃଖ, ଦ୍ୱନ୍ଦ୍ୱ, ତ୍ରାସାଦି ଦାବାନଳରେ ଦଗ୍ଧ ହେଉଥାଏ । ବ୍ୟକ୍ତି ଏହି ଭୌତିକ ଚେତନାର ଊର୍ଦ୍ଧ୍ୱରେ ଅବସ୍ଥିତ ଭଗବତ୍ ଚେତନାରେ ଜ୍ଞାନ ଓ ଆନନ୍ଦ ପ୍ରାପ୍ତ ହେଲେ ସୁନ୍ଦର ବିଷଫଳ ସଦୃଶ ସଂସାରରେ ସୁଖ ଚାହିଁବା ଭ୍ରମ ଧାରଣା ଦୂର ହୁଏ ।

ଗଙ୍ଗାଧର ଏବଂ ତାଙ୍କ ପୁତ୍ରମାନେ ମୋହ, ମାୟା, ଅଜ୍ଞାନରେ ମୋହିତ ଥିବାରୁ ଏହି ନାଶବାନ୍ ସଂସାର, ଇନ୍ଦ୍ରିୟସୁଖ ଏବଂ ଧନସମ୍ପତ୍ତିରେ ଅନ୍ନପୂର୍ଣ୍ଣାଙ୍କର ସୁଖ ଆଶା କରୁଅଛନ୍ତି । କିନ୍ତୁ ଅନ୍ନପୂର୍ଣ୍ଣା ଅଜ୍ଞାନ ଓ ଅନ୍ଧକାରର ଊର୍ଦ୍ଧ୍ୱରେ ଅବସ୍ଥିତ ଭଗବତ୍ ଜ୍ଞାନ, ଆନନ୍ଦ, ଆଲୋକରେ ସୁପକ୍ୱ ରସାଳ ବିଷଫଳ ସଦୃଶ ସଂସାରସ୍ୱରୂପକୁ ଦେଖି ସାରିଛନ୍ତି । ସେହି ସକାଶେ ତାଙ୍କୁ ସଂସାରର ମାୟାଜାଲ ବାନ୍ଧି ରଖିପାରି ନାହିଁ ।

ଗଙ୍ଗାଧର ଏବଂ ପୁତ୍ରମାନେ ରଘୁନାଥଙ୍କ ମୃତ୍ୟୁରେ ଅତ୍ୟନ୍ତ ଖୁସି ତଥା ଲୋକେ ଜାଣିବାର ଭୟରେ ତ୍ରସ୍ତ ହୋଇ ଶୋଇବା ସକାଶେ ବିଛଣାକୁ ଗଲେ । ଅନିଷ୍ଟ ହୋଇଥିବା ବ୍ୟକ୍ତିର ଯେତେ କଷ୍ଟ ହୁଏ ତାହା ଅପେକ୍ଷା ଅଧିକ କଷ୍ଟ, ଅଧିକ ଭୟ ହୁଏ ଅନିଷ୍ଟ କରିଥିବା ବ୍ୟକ୍ତିର । ସେମାନେ ବିଛଣାରେ ଶୋଇଲେ ସତ କିନ୍ତୁ ନାନାପ୍ରକାର ଅନିଷ୍ଟକର ଚିନ୍ତା ଯୋଗୁଁ ସେମାନଙ୍କୁ ନିଦ ଆସିଲା ନାହିଁ ।

ରଘୁନାଥ ତାଳପତ୍ର ଚିଠି ପଢ଼ିଥିବା ଅନ୍ନପୂର୍ଣ୍ଣା ଯଦ୍ୟପି ଦେଖିଥିଲେ ଏବଂ ସେ ଏହା ଜାଣିବା ପରେ ଭୋଜନ କରି ନ ଥିବେ — ଏହି ଧାରଣା ଯଦିଓ ସେ ତାଙ୍କର ବୁଦ୍ଧିର ଉପରିଭାଗରେ ଅନୁମାନ କରୁଥିଲେ ତଥାପି ଅଜ୍ଞାତ ଭୟାବହ ଆଶଙ୍କାରେ ତାଙ୍କ ମନ ଅତ୍ୟନ୍ତ ବ୍ୟାକୁଳ ହେଉଥିଲା । ତାଙ୍କୁ ଗୋଟିଏ ମୁହୂର୍ତ୍ତ ଗୋଟିଏ ଯୁଗ ସଦୃଶ ଜଣା ପଡୁଥିଲା । ସେ ଅତ୍ୟନ୍ତ କାତର ହୋଇ ବ୍ୟାକୁଳ ହୃଦୟରେ ଭଗବତ୍ ନାମ ସ୍ମରଣ କରୁଥିଲେ । କୌଣସି କାର୍ଯ୍ୟରେ ମନ ନ ଲାଗିବା ସତ୍ତ୍ୱେ ମା'ର ନିର୍ଦ୍ଦେଶ ଅନୁସାରେ ଅନିଚ୍ଛାରେ କାର୍ଯ୍ୟ କରୁଥିଲେ । ସେସମୟର ପ୍ରଥାନୁସାରେ ପିତାମାତା ତଥା ଭାଇମାନଙ୍କ ସମ୍ମୁଖରେ ପତିଙ୍କ ପାଖକୁ ଯିବାର ଉପାୟ ନ ଥିଲା । ତେଣୁ ସେ କେବଳ ସେମାନଙ୍କ ନିଦ୍ରିତ ଅବସ୍ଥାକୁ ଅପେକ୍ଷା କରି ରହିଥିଲେ । ମା'ର ବହୁତ ଆଗ୍ରହ ସତ୍ତ୍ୱେ ସେ ଟୋପାଏ ବି ପାଣି ମୁଖରେ ଦେଲେ ନାହିଁ । ସମସ୍ତ କାର୍ଯ୍ୟ ଶେଷରେ ମା' ସହିତ ସେ ବିଛଣାରେ ଶୋଇଲେ ।

ଅନ୍ନପୂର୍ଣ୍ଣାଙ୍କ ପାଖକୁ ନିଦ ଆସିବ କେଉଁଠୁ ? ପତିଙ୍କ ବିପଦ ଆଶଙ୍କାରେ ତାଙ୍କ ହୃଦୟ ଭୟ, ଉଦ୍‌ବେଗ, ବ୍ୟାକୁଳତା ଯୋଗୁଁ ଉଠୁଥାଏ ପଡୁଥାଏ । ସେ କେବଳ ଭଗବାନଙ୍କୁ ପ୍ରାର୍ଥନା କରୁଥାଆନ୍ତି । ଅର୍ଦ୍ଧରାତ୍ର । ମା' ନିଦ୍ରାରେ ଅଚେତ । ସେହି ସମୟରେ ଅନ୍ନପୂର୍ଣ୍ଣା ଉଠି ପାଦ ଚିପି ଚିପି ଆସ୍ତେ ଆସ୍ତେ କବାଟ ଖୋଲିଲେ ଏବଂ ତାଙ୍କ ପତି ରହୁଥିବା ତଥା ଭୋଜନ କରୁଥିବା କକ୍ଷ ପାଖରେ ପହଞ୍ଚିଲେ । ଦ୍ୱାରରେ ସୁଦୃଢ଼ ତାଲା ପଡ଼ିଥିବା ଦେଖି ତାଙ୍କ ମସ୍ତକରେ ବଜ୍ର ପଡ଼ିଗଲା । ହୃଦୟ କମ୍ପିବାକୁ ଲାଗିଲା । ପତିଙ୍କ ମୃତ୍ୟୁ ହୋଇଥିବା ସେ ନିଶ୍ଚିତରୂପେ ବୁଝିପାରିଲେ । ସମସ୍ତ ସ୍ଥାନରେ, ଅଣୁପରମାଣୁରେ ଦୁଃଖ-ଶୋକ ନୃତ୍ୟ କରୁଥିବା ସେ ଅନୁଭବ କଲେ । ଚାରିଆଡ଼େ କାଳନିଶା ଘୋଟି ରହିଥିଲା । ସେ କଚାଡ଼ି ହୋଇ ପଡ଼ି ମୂର୍ଚ୍ଛିତ ହୋଇଗଲେ । କିଛି ସମୟ ପରେ ଚେତା ଫେରିବାରୁ ତାଙ୍କ ହୃଦୟରେ ଭଗବାନଙ୍କ ଉପସ୍ଥିତି ସେ ଅନୁଭବ କଲେ । ଭଗବାନ୍ ଯେପରି ତାଙ୍କ ହୃଦୟରେ ବିରାଜିତ ହୋଇ ତାଙ୍କୁ ବରଦ ହସ୍ତରେ ନିର୍ଭୟ ଦେଉଥିବା ସେ ଦେଖିଲେ । ହାତଯୋଡ଼ି ସେ ପ୍ରାର୍ଥନା କଲେ, ''ପ୍ରଭୁ, ମୁଁ ଅନାଥିନୀ ବାଳିକା ତୁମର । ମୋର ତୁମ ଛଡ଼ା ଆଉ କେହି ଆଶ୍ରୟ ନାହିଁ । ତୁମେ ଅନାଥର ନାଥ, କରୁଣାସିନ୍ଧୁ, ଦୀନବନ୍ଧୁ; ତୁମେ ସଦା ନିରାଶ୍ରୟର ଆଶ୍ରୟ । ତୁମେ ଦ୍ରୌପଦୀଙ୍କ ଲଜ୍ଜା ନିବାରଣ ସକାଶେ ବସ୍ତ୍ର-ରୂପ ଧାରଣ କରିଥିଲ, ଭୀମଙ୍କୁ ବିଷରୁ ରକ୍ଷା କରିଥିଲ,

ମୀରାବାଈଙ୍କ ଗରଳକୁ ଅମୃତରେ ପରିଣତ କରିଥିଲ, ଆହତ ଜନର ଦୁଃଖ ଦୂର କରିବା ସକାଶେ ତୁମେ ତା'ର ଡାକକୁ କର୍ଣ୍ଣ ଡେରି ବସିଥାଅ । ପ୍ରଭୁ, ଆଜି ଏହି ଅନାଥିନୀ ନିରାଶ୍ରୟା ବାଳିକା ଉପରେ ଦୟାକର । ଏହି ବିଷଜ୍ୱାଳାରୁ ମୋ ପତିଙ୍କୁ ଉଦ୍ଧାର କରି ପ୍ରାଣଦାନ ଦିଅ ।'' ଏହିପରି ପ୍ରାର୍ଥନା କରୁ କରୁ ସେ ଭଗବତ୍ ଆନନ୍ଦସମୁଦ୍ରରେ ଡୁବିଗଲେ । ସମସ୍ତ ଘଟନା ବିସ୍ମୃତ ହୋଇଗଲା । ସେ ଭଗବତ୍ ପ୍ରେମରେ ଏକେବାରେ ସମାଧିସ୍ଥ ହୋଇଗଲେ । ସେହି ଅବସ୍ଥାରେ ସେ ଦେଖିଲେ – ରଘୁନାଥଙ୍କ ମୃତ ଶରୀର ପଡ଼ିଥିବା କକ୍ଷଟି ଜ୍ୟୋତିଃରେ ଝକମକ ହୋଇଉଠିଲା । ଭଗବାନ୍ ରଘୁନାଥଙ୍କ ପାଖରେ ବସି ତାଙ୍କ ମସ୍ତକରେ ହାତ ବୁଲାଇ ''ରଘୁନାଥ, ଉଠ'' ଏତିକି କହି ତାଙ୍କ ହାତ ଧରି ଉଠାଇ ବସାଇ ଦେଲେ । ଏହି ସମୟରେ ଅନ୍ନପୂର୍ଣ୍ଣାଙ୍କ ପ୍ରେମସମାଧି ଭଗ୍ନ ହୋଇଗଲା । ସେ ଆଖି ଖୋଲି ଦେଖିଲେ । ତାଙ୍କ ଦୃଷ୍ଟିରେ ଦ୍ୱାର ବନ୍ଦ ନ ଥିଲା । ଆବରଣରୂପେ ଥିବା ଗୃହର କାନ୍ଥ ଅଦୃଶ୍ୟ ହୋଇଗଲା, କେବଳ ରହିଲେ ଜ୍ୟୋତିଃପୁଞ୍ଜ ମଧ୍ୟରେ ଭଗବାନ୍ ଏବଂ ଭଗବାନଙ୍କ କୋଳରେ ରଘୁନାଥ । ପତିବ୍ରତା ଅନ୍ନପୂର୍ଣ୍ଣା ଆଶ୍ଚର୍ଯ୍ୟରେ ଡୁବିଗଲେ । ଭାବିବାକୁ ଲାଗିଲେ, ''ଏହା ସ୍ୱପ୍ନ ନା ମୋର ଜାଗ୍ରତ ଅବସ୍ଥା । ନା, ନା, ଏହା ସ୍ୱପ୍ନ ନୁହେଁ, ଅନାଥିନୀ ବାଳିକା ଉପରେ ସାକ୍ଷାତ୍ ଭଗବାନଙ୍କର ପରମ କୃପା । ଏହି ଅନାଥିନୀ ନିରାଶ୍ରୟା ଦୁଃଖିନୀର ବ୍ୟାକୁଳ ଡାକ ଶୁଣି ପ୍ରଭୁ ଦୟା କଲେ, ବିଷଜ୍ୱାଳାରେ ମୃତ ପତିଙ୍କୁ ଜୀବନ ଦାନ ଦେଲେ । ଏପରି ଦୟାଳୁ ପ୍ରଭୁଙ୍କ ଚରଣରେ କିପରି ପୂର୍ଣ୍ଣରୂପେ ନିଜକୁ ସମର୍ପଣ କରି ତାଙ୍କରି ଆଶ୍ରିତା ହୋଇ ସର୍ବଥା ରହିବି ।'' ଏହିପରି ଭାବନାରୁ ଭଗବାନଙ୍କ ପ୍ରତି ଅତ୍ୟନ୍ତ କୃତଜ୍ଞତା ଭାବ ତାଙ୍କ ହୃଦୟରେ ଅଧିକ ଉଦ୍ରେକ ହେଲା, ସେ ଭଗବତ୍ ପ୍ରେମରେ ପୁନରାୟ ସମାଧିସ୍ଥ ହୋଇଗଲେ ।

ରଘୁନାଥଙ୍କ ଆଖି ଖୋଲିଗଲା । ସେ ପ୍ରଗାଢ଼ ନିଦ୍ରାରୁ ଉଠିଲା ପରି ମନେହେଲା । ବିଷଜ୍ୱାଳାର କୌଣସି ପ୍ରଭାବ ନ ଥିଲା । ତାଙ୍କ ମନ, ପ୍ରାଣ ଓ ଶରୀରର ରୋମ ରୋମରେ ଆନନ୍ଦ ସମାହିତ ହୋଇଥିଲା । ତାଙ୍କ ଦୃଷ୍ଟିରେ ଭଗବତ୍ ଜ୍ୟୋତିଃର ସମୁଦ୍ର । ସେ ସେହି ଆନନ୍ଦ ସମୁଦ୍ରରେ ଡୁବି ରହିଥିଲେ । କିଛିସମୟ ପରେ ପୂର୍ଣ୍ଣରୂପେ ବାହ୍ୟ ଚେତନାରେ ଆସିବାରୁ ଭାବିଲେ, ''ପ୍ରବଳ ବିଷଜ୍ୱାଳାରେ ମୋର ସମସ୍ତ ଶରୀର ଦଗ୍ଧ ହେଉଥିଲା । ସେହି ଅସହ୍ୟ ଯନ୍ତ୍ରଣାରେ ମୁଁ ମୃତ୍ୟୁ କବଳରେ କବଳିତ ଥିଲି । ଭଗବାନ୍ ଦୟାକରି ମୋତେ ମୃତ୍ୟୁ ଏବଂ ବିଷଜ୍ୱାଳାରୁ ରକ୍ଷା କଲେ ।'' ଏହା ଭାବି ଭଗବତ୍ କୃପାରେ ଅଭିଭୂତ ହୋଇ ଅର୍ଦ୍ଧ ସମାଧି ଅବସ୍ଥାରେ ଭଗବତ୍ ନାମ ସ୍ମରଣ କରିବାକୁ ଲାଗିଲେ । ଏକ ମୁହୂର୍ତ୍ତ ବାହ୍ୟଜ୍ଞାନ ଆସିଲେ ଆସ୍ତେ ଆସ୍ତେ ଭଗବତ୍ ନାମ ସ୍ମରଣ କରୁଥିଲେ ଏବଂ ସଙ୍ଗେ ସଙ୍ଗେ ଆନ୍ତର ଚେତନାରେ ସମାହିତ ହୋଇ ଯାଉଥିଲେ । ସେସମୟରେ ଶବ୍ଦରେ ନାମ ଉଚ୍ଚାରଣ ବନ୍ଦ ହୋଇ ଅନ୍ତରରେ ହେଉଥିଲା ।

ଅନ୍ନପୂର୍ଣ୍ଣା କିଛିସମୟ ପରେ ପୂର୍ଣ୍ଣରୂପେ ବାହ୍ୟ ଚେତନାକୁ ଆସିଗଲେ । ପୁନରାୟ ପୂର୍ବପରି ରଘୁନାଥଙ୍କ ଦ୍ୱାର ବନ୍ଦ, ଦୃଢ଼ ତାଲା ଦୃଷ୍ଟିଗୋଚର ସଙ୍ଗେ ସଙ୍ଗେ ରଘୁନାଥଙ୍କ ଭଗବତ୍ ପ୍ରେମାପ୍ଲୁତ ନାମସ୍ମରଣ ଶୁଣି ବିଶେଷ ଆନନ୍ଦ ଅନୁଭବ କଲେ ଏବଂ ଭଗବତ୍ ଆନନ୍ଦରେ ଡୁବି ରହିଥିବା ଅବସ୍ଥାରେ ଆସ୍ତେ ଆସ୍ତେ ଚାଲି ନିଜ ମା' ଶୋଇଥିବା କକ୍ଷରେ ଉପନୀତ ହେଲେ । ଭଗବତ୍ ଆନନ୍ଦ ସମ୍ମୁଖରେ ନିଦ୍ରା-ତମସର ପ୍ରବେଶ ନ ଥାଏ । ସେ ନିଜ ବିଛଣାରେ ବସି ଭଗବତ୍ ନାମସ୍ମରଣରେ ନିମଗ୍ନ ରହିଲେ ।

ଭୋର ହେବାର କିଛି ସମୟ ପୂର୍ବରୁ ମୃତ ରଘୁନାଥଙ୍କ ଶବସଂସ୍କାର କରିବା ଉଦ୍ଦେଶ୍ୟରେ ଗଙ୍ଗାଧର ପୁତ୍ରମାନଙ୍କ ସହିତ ରଘୁନାଥଙ୍କ ମୃତ ଶରୀର ରହିଥିବା କକ୍ଷରେ ପହଞ୍ଚିଲେ । ସେହି ସମୟରେ ଗଙ୍ଗାଧରଙ୍କ ପତ୍ନୀ ମଧ୍ୟ ଆସିଲେ । ଦ୍ୱାରର ଚାବି ଖୋଲା ହେଲା । କବାଟ ଫିଟାଇ ସେମାନେ ଯାହା ଦେଖିଲେ ସେଥିରେ ସେମାନେ ଆଶ୍ଚର୍ଯ୍ୟ-ସମୁଦ୍ରରେ ଏକେବାରେ ଡୁବିଗଲେ । ରଘୁନାଥ ବସିଛନ୍ତି, ତାଙ୍କ ମୁଖମଣ୍ଡଳ ଜ୍ୟୋତିଃରେ ପ୍ରଦୀପ୍ତମାନ ହେଉଛି । ସେ ଅର୍ଦ୍ଧ-ଚେତନ ଅବସ୍ଥାରେ ବସି ସମୟ ସମୟରେ 'ଶ୍ରୀରାମ ଗୋବିନ୍ଦ ହରେ ମୁରାରେ' ନାମସ୍ମରଣ କରୁଛନ୍ତି । ତାଙ୍କ ନେତ୍ରରୁ ପ୍ରେମାଶ୍ରୁ ବର୍ଷା ହେଉଛି । ଏହି ଦୃଶ୍ୟ ଦେଖି ସେମାନଙ୍କ ମୁଖରୁ ଗୋଟିଏ ବି ଶବ୍ଦ ବାହାରିଲା ନାହିଁ । କିଛି ସମୟ ସ୍ତମ୍ଭୀଭୂତ ଅବସ୍ଥାରେ ରହିବା ପରେ ବିଚାର କଲେ, ''ଏ ସାଧାରଣ ମନୁଷ୍ୟ ନୁହେଁ, ବିଷ ଖାଇ ମୃତ୍ୟୁ ପ୍ରାପ୍ତ ହେବା ପରେ ଜୀବଦାନ ପାଇଛି । ଏ ନିଜ ପ୍ରଭାବରେ ଆମର ଅନିଷ୍ଟ କରିପାରେ ।'' ଏହି ଭୟରେ ଗଙ୍ଗାଧର, ତାଙ୍କର ପତ୍ନୀ

ଏବଂ ପୁତ୍ରମାନେ ସମସ୍ତେ ହାତଯୋଡ଼ି ବହୁ ବିନୟପୂର୍ବକ ପ୍ରାର୍ଥନା କଲେ ଏବଂ ନିଜ ଅପରାଧ ସକାଶେ କ୍ଷମା ଚାହିଁଲେ ।

ରଘୁନାଥ କହିଲେ, ''ଏଥିରେ ଆପଣମାନଙ୍କର କିଛି ଦୋଷ ନାହିଁ । ବୋଧହୁଏ ପୂର୍ବଜନ୍ମରେ ମୁଁ କାହାକୁ ବିଷ ଦେଇଥିବି ସେହି ସକାଶେ ମୋତେ ବିଷ ପାନ କରିବାକୁ ହେଲା । କିନ୍ତୁ ମୋ ପ୍ରାଣର ପ୍ରଭୁ ଦେଖି ଶ୍ରୀଜଗନ୍ନାଥ ଦୟାକରି ମୋତେ ଜୀବନଦାନ ଦେଲେ । ମୋତେ ଦରିଦ୍ରଦେଖି ଆପଣଙ୍କ ଝିଅକୁ ଅନ୍ୟ କାହାକୁ ବିବାହ ଦେବା ଉଦ୍ଦେଶ୍ୟରେ ମୋତେ ବିଷ ଦେବାରେ ଆପଣମାନେ ନିମିତ୍ତ ମାତ୍ର ହୋଇଛନ୍ତି । ଯଦି ଧର୍ମକୁ ଭୟ ଥାଏ ତେବେ ମୋ ପତ୍ନୀକୁ ମୋତେ ଦେଇଦିଅନ୍ତୁ । ଦିଅନ୍ତୁ ବା ନ ଦିଅନ୍ତୁ – ଏହା ଆପଣଙ୍କ ଇଚ୍ଛା । ମୁଁ ଯାଉଛି ।'' ଏହା କହି ଭଗବତ୍ ନାମ ସ୍ମରଣ କରି ଘରୁ ବାହାରି ଚାଲିବାକୁ ଲାଗିଲେ । ସମସ୍ତ ପରିବାର ରଘୁନାଥଙ୍କ ପଛେ ପଛେ ଯାଇ କହିଲେ, ''ଆଉ ଗୋଟିଏ ଦିନ ରୁହ । ଆମ୍ଭେ କନ୍ୟା-ବିଦାୟର ଆୟୋଜନ କରିଦେବୁ, ତୁମେ ତୁମ ପତ୍ନୀକୁ ସଙ୍ଗରେ ନେଇଯିବ । ରଘୁନାଥ ଦୃଢ଼ତା ସହିତ କହିଲେ, ''ମୁଁ ଏଠାରେ ଆଉ ଘଡ଼ିଏ ବି ରହିବି ନାହିଁ ।'' ରଘୁନାଥଙ୍କ ପ୍ରତିଜ୍ଞା ଦେଖି ତାଙ୍କୁ ଦାଣ୍ଡରେ ବସାଇ ପିତା ପୁତ୍ର ଏବଂ ପତ୍ନୀ ସହିତ ଅନ୍ନପୂର୍ଣ୍ଣାଙ୍କ ପାଖକୁ ଆସିଲେ । ଦେଖିଲେ ଅନ୍ନପୂର୍ଣ୍ଣା ବସିଛନ୍ତି, ତାଙ୍କର ବାହ୍ୟ ଚେତନା ଯେପରି ଅନ୍ୟ କେଉଁ ସ୍ଥାନରେ ଅଛି ।

ପିତା ଅନ୍ନପୂର୍ଣ୍ଣାଙ୍କୁ କହିଲେ, ''ଅନ୍ନପୂର୍ଣ୍ଣା ତୋ ପତି ରଘୁନାଥ ଯାଉଛି; ସେ ଭିକାରି, ରହିବାକୁ ସ୍ଥାନ ନାହିଁ କିଂବା ଭୋଜନ କରିବା ସକାଶେ ଅନ୍ନ ନାହିଁ; ତୁ ତା' ସଙ୍ଗରେ ଯିବୁ ନା ଏହିଠାରେ ରହିବୁ ? ଲଜ୍ଜା ଛାଡ଼ି ସଫା ସଫା କହ ।'' ଭଗବାନ୍ ପତିଙ୍କୁ ଜୀବନଦାନ ଦେଇଥିବା ଦେଖିବା ସମୟରୁ ଅନ୍ନପୂର୍ଣ୍ଣାଙ୍କର ଲଜ୍ଜା, ଭୟ, ସଂକୋଚ ଛାଡ଼ି ଯାଇଥିଲା । ସେ ନିର୍ଭୀକ ତଥା ନମ୍ର ସ୍ୱରରେ ଉତ୍ତର ଦେଲେ, ''ମୁଁ ଯିବି ମୋ ସ୍ୱାମୀଙ୍କ ସହିତ । ସେ ଭିକାରି ହେଲେ ମୁଁ ତାଙ୍କର ହେବି ଭିକ୍ଷାପାତ୍ର । ସେ ଭିକାରି ହୁଅନ୍ତୁ ବା ଧନୀ ହୁଅନ୍ତୁ, ମୁଁ ତାଙ୍କର ଦାସୀ । ଏଇ ଶରୀର ତାଙ୍କ ଚରଣରେ ସମର୍ପିତ ହୋଇସାରିଛି । ମୋତେ ଘରେ ରଖିଲେ ତୁମର ଅମଙ୍ଗଳ ହେବ ।'' ଏତିକି କହିବା ପରେ ଅନ୍ୟକୁ ବିବାହ ଦେବା ପ୍ରସ୍ତାବ ସ୍ମରଣ ହେବାରୁ ତାଙ୍କ ହୃଦୟ କ୍ରୋଧରେ ଜଳିବାକୁ ଲାଗିଲା । ସେ ଦୃଢ଼ ଓ ରୋଷଯୁକ୍ତ ଶବ୍ଦରେ କହିଲେ, ''ତୁମେ ମୋର ପିତା, ମୁଁ ତୁମର ପୁତ୍ରୀ, ମୁଁ ତୁମକୁ ଅଧିକ କ'ଣ କହିବି ? ତୁମେ କ'ଣ ଭାବିଛ ମୋତେ ଅନ୍ୟଜଣକୁ ବିବାହ ଦେଇ ଦୋଚାରୁଣୀ କରିବ ? ମୁଁ ସେପରି କନ୍ୟା ନୁହେଁ, ଅନ୍ୟ ପୁରୁଷର ମୁହଁ କଦାପି ଦେଖିବି ନାହିଁ । ମୋ ପତିଙ୍କ ସହିତ ଯଦି ମୋତେ ଯିବାକୁ ନ ଦିଅ ତେବେ ମୁଁ ଆତ୍ମହତ୍ୟା କରିବି । ସେ ପାପ ତୁମକୁ ଲାଗିବ । ଏଥିରେ ମୁଁ ଦୃଢ଼ନିଶ୍ଚୟ ।'' ଏହା ଶୁଣିବା ମାତ୍ରେ ଦୁହିତାଙ୍କୁ ବସ୍ତ୍ରଭୂଷଣରେ ଭୂଷିତ କରି ବହୁତ ଧନରତ୍ନ ସହିତ ରଘୁନାଥଙ୍କ ପାଖକୁ ନେଇଯିବା ଉଦ୍ଦେଶ୍ୟରେ ବାହାରିଲେ । ଯିବା ସମୟରେ ଅନ୍ନପୂର୍ଣ୍ଣା ଭକ୍ତିଭରେ ପିତାମାତା, ଭାଇଭାଉଜମାନଙ୍କ ଚରଣ ସ୍ପର୍ଶ କରି ପ୍ରଣାମ କଲେ ଏବଂ କହିଥିବା କଠୋର ଶବ୍ଦ ସକାଶେ କ୍ଷମାପ୍ରାର୍ଥନା କରି ସେମାନଙ୍କ ଚରଣଧୂଳି ମସ୍ତକରେ ଲଗାଇ ପ୍ରସନ୍ନତାପୂର୍ବକ ବିଦାୟ ନେଲେ । ସେମାନେ ଅନ୍ନପୂର୍ଣ୍ଣାଙ୍କୁ ରଘୁନାଥଙ୍କ ପାଖକୁ ନେଇ ତାଙ୍କ ହାତ ରଘୁନାଥଙ୍କ ହସ୍ତରେ ସମର୍ପି ଦେଇ କହିଲେ, ''ଆଜିଠାରୁ ଅନ୍ନପୂର୍ଣ୍ଣାର ଦାୟିତ୍ୱ ତୁମ ଉପରେ । ତୁମେ ନିଜ ପତ୍ନୀକୁ ସଙ୍ଗରେ ନେଇଯାଅ । ଆମର ଅପରାଧ କ୍ଷମା କରି ଆମ ଉପରେ ଦୟା ରଖିଥାଅ ।''

ଅନ୍ନପୂର୍ଣ୍ଣାଙ୍କର ଲଜ୍ଜା ସଙ୍କୋଚ ପୂର୍ବରୁ ଦୂର ହୋଇଥିଲା । ସେ ପିତାମାତା, ଭାଇ ଏବଂ ଦୂରରୁ ଛିଡ଼ାହୋଇ ଦେଖୁଥିବା ଭାଉଜ ଏବଂ ଅନ୍ୟାନ୍ୟ ଦର୍ଶନାର୍ଥୀଙ୍କ ସମ୍ମୁଖରେ ପତିଙ୍କ ଚରଣରେ ଅଭିବାଦନ କଲେ ଏବଂ କହିଲେ, ''ଏହି ଦାସୀ ତୁମ ସେବାରେ ଉପସ୍ଥିତ, ଯେଉଁଆଡ଼େ ଇଚ୍ଛା ହେବ ଏହି ଦାସୀକୁ ସଙ୍ଗେ ନେଇ ଯାତ୍ରା କରନ୍ତୁ ।'' ରଘୁନାଥ ପତ୍ନୀଙ୍କ ହସ୍ତ ଧରି ଭଗବତ୍ ନାମ ସ୍ମରଣପୂର୍ବକ ଯାତ୍ରା ଆରମ୍ଭ କଲେ । ଅନ୍ନପୂର୍ଣ୍ଣା ପତିଙ୍କ ସଙ୍ଗେ କେତେଦୂର ଯିବା ପର୍ଯ୍ୟନ୍ତ ପିତାମାତା ଓ ଭାଇଭାଉଜମାନେ ମନଦୁଃଖରେ ଛିଡ଼ାହୋଇ ଦେଖୁଥିଲେ । ଅନ୍ନପୂର୍ଣ୍ଣା ଏବଂ ରଘୁନାଥ ଅଦୃଶ୍ୟ ହେବାରୁ ଅତ୍ୟନ୍ତ ମନ ଦୁଃଖରେ ଘରକୁ ଫେରିଲେ ।

ଗଙ୍ଗାଧର ତଥା ତାଙ୍କ ପୁତ୍ରମାନେ ଅଜ୍ଞାନ-ମୋହରେ ମୋହିତ ହୋଇଥିବା ଯୋଗୁଁ ସେମାନଙ୍କର ଯଥାର୍ଥ-

ଅଯଥାର୍ଥ ବିଚାର କରିବାର ବିବେକ ନ ଥିଲା । ରଘୁ ଏବଂ ଅନ୍ନପୂର୍ଣ୍ଣାଙ୍କୁ ପ୍ରତ୍ୟକ୍ଷଭାବେ ଭଗବାନ୍ ରକ୍ଷା କରୁଥିବାର ସେମାନେ ସ୍ୱଚକ୍ଷୁରେ ଦେଖିବା ସତ୍ତ୍ୱେ ସେମାନଙ୍କ ବୁଦ୍ଧିକୁ ଏହା ସ୍ପର୍ଶ କରିପାରୁ ନ ଥିଲା । ନିଜ କନ୍ୟା ତଥା ନିଜ ଭଉଣୀ ପ୍ରତି ସଂସାରୀ ମୋହ, ଆସକ୍ତି ସେମାନଙ୍କୁ ବିମୂଢ଼ କରି ସାରିଥିଲା । ସେମାନେ ଘରକୁ ଫେରିଯିବା ପରେ ଅନ୍ନପୂର୍ଣ୍ଣା ଭିକାରି ରଘୁନାଥଙ୍କ ସହିତ ଦ୍ୱାର ଦ୍ୱାର ବୁଲି ଭିକ୍ଷାମାଗିବା କଥା ସ୍ମରଣ ହେବା ମାତ୍ରେ ସେମାନଙ୍କ ହୃଦୟ ବ୍ୟାକୁଳ ହୋଇପଡ଼ିଲା । ସେମାନେ ଶୋକରେ ଅଭିଭୂତ ହୋଇଗଲେ । ''ହାୟରେ ବିଧାତା, ଯେଉଁ ଅନ୍ନପୂର୍ଣ୍ଣାକୁ କେତେ ଦାସଦାସୀ ସେବା କରୁଥିଲେ, ଯିଏ ଅଲିଅଳିରେ ବଢ଼ି କୁଟାଖଣ୍ଡକୁ ଦିଖଣ୍ଡ କରୁ ନ ଥିଲା, ସେହି ଅନ୍ନପୂର୍ଣ୍ଣା ପତି ସହିତ ଭିକ୍ଷାପାତ୍ର ଧରି ଭିକ୍ଷା ମାଗିବ ! ଆମ୍ଭେମାନେ ସମାଜରେ ମୁଖ ଦେଖାଇ ପାରିବା ? ନା, ଏହା ହେବ ନାହିଁ ।'' ଏହା ଭାବି ସଙ୍ଗେ ସଙ୍ଗେ ବାସୁ ମହାପାତ୍ରଙ୍କୁ ଖବର ଦେଲେ, ''ଆମ୍ଭେ ଯେଉଁ କନ୍ୟା ଅନ୍ନପୂର୍ଣ୍ଣାକୁ ତୁମ ପୁତ୍ର ସହିତ ବିବାହ ଠିକ୍ କରିଥିଲୁ ସେହି କନ୍ୟାକୁ ତା ପତି ସଙ୍ଗରେ ନେଇଯାଉଛି । ବହୁପ୍ରକାର ଚେଷ୍ଟା କରି ଆମ୍ଭେ ରଖିପାରିଲୁ ନାହିଁ । ତୁମେ ଯଦି ଚାହଁ ତୁମ ଅନ୍ନପୂର୍ଣ୍ଣାକୁ ତା' ପତି ହାତରୁ ଛଡ଼ାଇ ଆଣି ତୁମ ପୁତ୍ର ସହିତ ବିବାହ ଦେଇପାର ।''

ବାସୁ ମହାପାତ୍ର ରାଜାଙ୍କ ପ୍ରଧାନ ଅଫିସରଙ୍କ ମଧ୍ୟରେ ଜଣେ ଥିଲେ । ତାଙ୍କର ପ୍ରତିପତ୍ତି ଅଧିକ ଥିଲା । ଅଜ୍ଞାନମୋହିତ ପ୍ରାଣୀକୁ ଅଧିକାର ପ୍ରାପ୍ତ ହେଲେ ତା'ର ଦୁରୁପଯୋଗ ହେବା ସ୍ୱାଭାବିକ । ସେ ଖବର ପାଇବା ସଙ୍ଗେ ସଙ୍ଗେ ରାଗରେ ଜର୍ଜରିତ ହୋଇ ଜଣେ ଭିକାରି ଦ୍ୱାରା ତାଙ୍କର ଅପମାନ ହେଉଥିବା ଅନୁଭବ କରି ବହୁ ସିପାହି ପଠାଇ ରଘୁନାଥଙ୍କୁ ମାରିପିଟି ବାନ୍ଧି ଅନ୍ନପୂର୍ଣ୍ଣାଙ୍କ ସହିତ ନେଇ ଆସିବାକୁ ଆଦେଶ ଦେଲେ । ସେନାମାନେ କ୍ଷିପ୍ର ପଦକ୍ଷେପରେ ଆସି ଦୂରରୁ ଡାକିଲେ, ''ହେ ନାରୀଚୋର, ତୋର ଏତେ ସାହସ ! ପ୍ରାଣରେ ଆଶା ଥିଲେ ଅନ୍ନପୂର୍ଣ୍ଣାକୁ ଦେଇ ପ୍ରାଣ ନେଇ ପଳା । ଅନ୍ୟଥା ତୋତେ ବାନ୍ଧିନେଇ ଦରବାରରେ ଶାସ୍ତି ଦେବୁ ଏବଂ ଅନ୍ନପୂର୍ଣ୍ଣାଙ୍କୁ ମାଲିକଙ୍କ ସମ୍ମୁଖରେ ଉପସ୍ଥିତ କରିବୁ ।'' ବହୁ କୋଳାହଳ ତଥା ଏପରି ଡାକ ଶୁଣିବାମାତ୍ରେ ରଘୁ ଏବଂ ଅନ୍ନପୂର୍ଣ୍ଣା ପଛକୁ ଅନାଇଲେ । ସମସ୍ତଙ୍କୁ ଦେଖିବା ସଙ୍ଗେ ସଙ୍ଗେ ରଘୁ ଅନ୍ନପୂର୍ଣ୍ଣାଙ୍କୁ ଆଗେ ରଖି ନିଜେ ପଛରେ ରହିଲେ । ଅନ୍ନପୂର୍ଣ୍ଣା କହିଲେ, ''ପତିଦେବ, ସବୁ ସଙ୍କଟରୁ ଭଗବାନ୍ ରକ୍ଷା କଲେ, କିନ୍ତୁ ବର୍ତ୍ତମାନ ମୋର ମୃତ୍ୟୁ ନିଶ୍ଚିତ । ଏମାନେ ତୁମକୁ ମାରି ମୋତେ ନେଇଯିବେ । ପ୍ରାଣତ୍ୟାଗ କରିବା ଛଡ଼ା ମୋର ଅନ୍ୟ କୌଣସି ଉପାୟ ରହିବ ନାହିଁ । ଏବେ ଆଉ କ'ଣ କରିବା ?'' ରଘୁ କହିଲେ, ''ପ୍ରିୟେ, ତୁମେ ପ୍ରତ୍ୟକ୍ଷଭାବେ ଭଗବାନଙ୍କ କୃପାକୁ ଦେଖିକରି ବି ଭୁଲିଯାଉଛ ! ମୋ ପ୍ରଭୁଙ୍କର ଇନ୍ଦ୍ରଚନ୍ଦ୍ରାଦି ଭୃତ୍ୟ, ସେ ଚାହିଁବାମାତ୍ରେ ସୃଷ୍ଟି ସର୍ଜନା ଏବଂ ସୃଷ୍ଟି ନାଶ ହୋଇପାରେ । ସେହିଁ ତୁମ ସହିତ ମୋତେ ଭେଟ କରାଇଛନ୍ତି, ମୃତ୍ୟୁମୁଖରୁ ରକ୍ଷା କରିଛନ୍ତି । ସେହି ପ୍ରଭୁ ଏହି ବିପଦରୁ ରକ୍ଷା କରିବେ । ତାଙ୍କର ପ୍ରତିଜ୍ଞା ହେଉଛି ଆଶ୍ରିତକୁ ରକ୍ଷା କରିବା । ସେହି ସକାଶେ ସେ ଦାରୁମୂର୍ତ୍ତିରୂପେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରି ବିରାଜମାନ ହୋଇଛନ୍ତି । ତୁମେ ତାଙ୍କୁ ସ୍ମରଣ କର, ଭୟ କରିବାର କୌଣସି କାରଣ ନାହିଁ ।'' ଏହିପରି କଥାବାର୍ତ୍ତା ହେଉ ହେଉ ସେନାମାନେ ନିକଟରେ ପହଞ୍ଚିଗଲେ । କିନ୍ତୁ ସାମ୍ନାରେ କଳା ଏବଂ ଧଳା ଅଶ୍ୱାରୋହୀ ଶକ୍ତିଶାଳୀ ତେଜସ୍ୱୀ ଆୟୁଧଧାରୀ ଦୁଇଜଣ ଯୋଦ୍ଧା ଦୃଷ୍ଟିଗୋଚର ହେଲେ । ସେମାନେ ଅତ୍ୟନ୍ତ କୋମଳ ଏବଂ ସ୍ନେହପୂର୍ଣ୍ଣ ବାଣୀରେ ରଘୁ ଏବଂ ଅନ୍ନପୂର୍ଣ୍ଣାଙ୍କୁ କହିଲେ, ''ତୁମ୍ଭମାନଙ୍କର ଘର କେଉଁଠି ? କେଉଁଠୁ ଆସିଲ, କେଉଁଠାକୁ ଯିବ ? ତୁମ୍ଭ ସଙ୍ଗରେ କ'ଣ ଆଉ କେହି ନାହାନ୍ତି ? ତୁମ୍ଭ ପଛରେ ବହୁତ ଅସ୍ତ୍ରଧାରୀ ସୈନ୍ୟ ଆସୁଛନ୍ତି କାହିଁକି ? ତୁମ୍ଭେ ସେମାନଙ୍କୁ ଜାଣ ?'' ରଘୁନାଥ ଦୁଇ ଯୋଦ୍ଧାଙ୍କୁ ଦେଖିବା ମାତ୍ରେ ସେମାନଙ୍କ ପ୍ରତି ସ୍ୱାଭାବିକରୂପେ ଅକର୍ଷିତ ହୋଇ ସାରିଥିଲେ । ସେ ହାତ ଯୋଡ଼ି ପ୍ରଣାମ କରି ଅତ୍ୟନ୍ତ ମୃଦୁ ବାଣୀରେ କହିଲେ, ''ପ୍ରଭୁ, ସମସ୍ତ ଘଟନା କହିବାକୁ ସମୟ ନାହିଁ । ମୁଁ ମୋ ପତ୍ନୀଙ୍କୁ ସଙ୍ଗରେ ନେଇ ଯାଉଛି । ଏମାନେ ମୋତେ ମାରି ମୋ ପତ୍ନୀଙ୍କୁ ଛଡ଼ାଇ ନେବାକୁ ଆସୁଛନ୍ତି । ମୋର ସଖା, ସହୋଦର, ସହାୟକ ଅନ୍ୟ କେହି ନାହାନ୍ତି । କେବଳ ମୋର ଏକମାତ୍ର ପ୍ରଭୁ ନୀଳାଚଳନାଥ । ସେହିଁ ମୋତେ ରକ୍ଷା କରିବେ ।'' ଏକଥା ଶୁଣି ଦୁଇଯୋଦ୍ଧା ରଘୁନାଥ ଓ ଅନ୍ନପୂର୍ଣ୍ଣାଙ୍କୁ ମଝିରେ ରଖି ସମ୍ମୁଖରେ ତଥା ପଶ୍ଚାତ୍‌ରେ ରହିଲେ

ଏବଂ କହିଲେ, ''ତୁମ୍ଭେମାନେ ନିର୍ଭୟରେ ଚାଲ, ଆମ୍ଭେ ତୁମ୍ଭଙ୍କୁ ରକ୍ଷା କରିବୁ ।'' ଏହା ଶୁଣିବାମାତ୍ରେ ରଘୁନାଥ ଏବଂ ଅନ୍ନପୂର୍ଣ୍ଣାଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେମାନେ ଭଗବାନଙ୍କ ରକ୍ଷା ପ୍ରତ୍ୟକ୍ଷଭାବେ ଅନୁଭବ କଲେ । କିନ୍ତୁ ଯୋଦ୍ଧାରୂପୀ ଭଗବାନଙ୍କୁ ଚିହ୍ନିପାରିଲେ ନାହିଁ । ସେମାନଙ୍କ ଆଜ୍ଞାନୁସାରେ ନିର୍ଭୟରେ ଭଗବାନଙ୍କ ନାମ ସ୍ମରଣ କରି ଗମନ କଲେ । କିନ୍ତୁ ପଛରୁ ଆସୁଥିବା ସେନାମାନଙ୍କୁ ଦେଖାଗଲା ଅସ୍ତ୍ରଶସ୍ତ୍ରଧାରୀ ମହାପରାକ୍ରମୀ ଅସଂଖ୍ୟ ସୈନ୍ୟ ଦ୍ୱାରା ସୁରକ୍ଷିତ ହୋଇ ରଘୁନାଥ ଏବଂ ଅନ୍ନପୂର୍ଣ୍ଣା ଯାଉଛନ୍ତି । ସେମାନଙ୍କ ପାଖକୁ ଗଲେ ଜୀବିତ ଅବସ୍ଥାରେ ଫେରିବା ସମ୍ଭବ ହେବ ନାହିଁ । ଏହା ଭାବି ସେମାନେ ଭୟଭୀତ ହୋଇ ଗରୁଡ଼ ତ୍ରାସରେ ସର୍ପ, ସର୍ପ ଭୟରେ ମଣ୍ଡୁକ, ସିଂହ ଭୟରେ ମୃଗ ପଳାଇବା ସଦୃଶ ପ୍ରାଣାତଙ୍କିତ ହୋଇ ଏଣେତେଣେ ପଳାଇଲେ । ଦୁଇ ଯୋଦ୍ଧା ରଘୁ ଏବଂ ଅନ୍ନପୂର୍ଣ୍ଣାଙ୍କୁ ସେହି ରାଜ୍ୟର ସୀମା ପାର କରାଇ କହିଲେ, ତୁମ୍ଭର ଆଉ ଭୟ ନାହିଁ, ତୁମ୍ଭେମାନେ ଯାଅ, ଆମ୍ଭେ ବିଦାୟ ନେଉଛୁ ।'' ରଘୁ ଏବଂ ଅନ୍ନପୂର୍ଣ୍ଣା ଯଦ୍ୟପି ଭଗବାନଙ୍କୁ ସେସମୟରେ ଚିହ୍ନିପାରିଲେ ନାହିଁ ତଥାପି ଅଜ୍ଞାତ ଆନ୍ତର ପ୍ରେରଣାରେ ଭଗବାନଙ୍କ ସଦୃଶ ତାଙ୍କୁ ସ୍ତୁତିକଲେ ଏବଂ ବାରଂବାର ପ୍ରଣାମ କରି କହିଲେ, ''ତୁମ୍ଭରି କୃପାରୁ ଆମ୍ଭର ପ୍ରାଣ ରକ୍ଷା ହେଲା ଅନ୍ୟଥା ଆମ୍ଭେ ଯମପୁରରେ ପହଞ୍ଚିଥା'ନ୍ତୁ''– ଏହିପରି ବହୁ ବିନୟ କରି ପୁନରାୟ ଆନ୍ତରିକ କୃତଜ୍ଞତାରେ ପ୍ରଣାମ କରି ତାଙ୍କଠାରୁ ବିଦାୟ ନେଇ ପୁରୁଷୋତ୍ତମ କ୍ଷେତ୍ର ଅଭିମୁଖେ ଅଗ୍ରସର ହେଲେ ।

ସେସମୟରେ ରାସ୍ତାରେ ବହୁ ଜଙ୍ଗଲ ତଥା ପାହାଡ଼ ଅତିକ୍ରମ କରିବାକୁ ହେଉଥିଲା ଏବଂ ପଥରେ ଚୋରି, ଡକାୟତି, ହିଂସ୍ର ଜନ୍ତୁମାନଙ୍କ ଦ୍ୱାରା ବିପଦ ବି ଥିଲା । ଏପରି ପରିସ୍ଥିତିରେ ଅନ୍ନପୂର୍ଣ୍ଣାଙ୍କ ପାଖରେ ସୁନା ଅଳଙ୍କାର ଏବଂ ଟଙ୍କା ଥିବା ସତ୍ତ୍ୱେ ଭଗବାନଙ୍କ ଉପରେ ଦୃଢ଼ ବିଶ୍ୱାସ ରଖି ତାଙ୍କରି ନାମ ସ୍ମରଣ କରି ସେମାନେ ବହୁ ଦିନ ପରେ ନିରାପଦରେ ନୀଳାଚଳ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଲେ । ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ଦୁଇଜଣ ଆନନ୍ଦରେ ବିଭୋର ହୋଇଗଲେ । ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଅନ୍ନପୂର୍ଣ୍ଣାଙ୍କୁ ତାଙ୍କ ପିତାମାତାଙ୍କ ଦ୍ୱାରା ପ୍ରାପ୍ତ ହୋଇଥିବା ଟଙ୍କାରେ ଗୋଟିଏ ଛୋଟ ଚାଳଘର ଖର୍ଦିକରି ଦୁଇଜଣ ବାସ କଲେ ।

ସେମାନଙ୍କର ସାଂସାରିକ ଚିନ୍ତା ବା ବନ୍ଧନ କିଛି ନ ଥିଲା । ଥିଲା କେବଳ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଏବଂ ଭଗବତ୍ ସ୍ମରଣ । ଦୁଇ ପ୍ରାଣୀ ବ୍ରାହ୍ମମୁହୂର୍ତ୍ତରେ ଉଠନ୍ତି, ସ୍ନାନ ପରେ ଅନ୍ନପୂର୍ଣ୍ଣା ଗୃହକାର୍ଯ୍ୟ କରନ୍ତି, ରଘୁନାଥ ଶ୍ରୀଜଗନ୍ନାଥଙ୍କ ମନ୍ଦିରକୁ ଚାଲିଯାନ୍ତି । ତାଙ୍କ ମନରେ ଅନ୍ୟ ଚିନ୍ତା ନ ଥାଏ । ସେ କେବେ କଳାମଣ୍ଡପରେ ଭଗବାନଙ୍କ ନାମ ଏବଂ ବିବିଧ ଲୀଳା ଗାନ କରି ଭାବରେ ବିଭୋର ହୋଇଯା'ନ୍ତି; ନେତ୍ରରୁ ଅଶ୍ରୁଧାର ବହୁଥାଏ । କେବେ ନାନା ଅଙ୍ଗଭଙ୍ଗୀ କରି ଭଗବତ୍ ଲୀଳାରେ ତନ୍ମୟ ହୋଇ ନୃତ୍ୟ କରନ୍ତି, କେବେ ଆନନ୍ଦରେ ଗଡ଼ିଯାଆନ୍ତି, କେବେ ଗରୁଡ଼ସ୍ତମ୍ଭର ପଶ୍ଚାତ୍‌ରେ ରହି ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିକୁ ଅପଲକ ନୟନରେ ଦର୍ଶନ କରି ଏକାବେଳେ ସ୍ତମ୍ଭୀଭୂତ ହୋଇଯାନ୍ତି, ନେତ୍ରରୁ ଅଶ୍ରୁଧାର ବହୁଥାଏ, ତାଙ୍କର ଶରୀର ଜ୍ଞାନ ନ ଥାଏ । କେବେ ହାତରେ କରତାଳ ବଜାଇ ଭଗବତ୍ ନାମଲୀଳାଗାନରେ ଉନ୍ମତ୍ତ ସଦୃଶ ନୃତ୍ୟ କରନ୍ତି, କେବେ ପୂରାପୂରି ନୀରବ ଅବସ୍ଥାରେ ନିଶ୍ଚଳ ପ୍ରତିମା ସଦୃଶ ଛିଡ଼ା ହୋଇ ରହନ୍ତି । ତିନିଧୂପ ପଞ୍ଚ ଅବକାଶରେ ସେ ମନ୍ଦିରରେ ଉପସ୍ଥିତ ରହି ଭଗବତ୍ ଆନନ୍ଦରେ ଶରୀର ତଥା ସଂସାରକୁ ଭୁଲିଯା'ନ୍ତି । ଏହାପରେ ଭିକ୍ଷା ସକାଶେ ରଘୁନାଥ ଯାଆନ୍ତି । ମୁଖରେ ଭଗବାନଙ୍କ ନାମ ଉଚ୍ଚାରଣ କରୁଥା'ନ୍ତି । ହୃଦୟରେ ଭଗବାନଙ୍କର ଧ୍ୟାନ ଥାଏ । ତାଙ୍କରି କୃପାରୁ ଭିକ୍ଷାରେ ଯାହା ମିଳେ ତାହା ଆଣି ପତ୍ନୀଙ୍କୁ ଦେଇଦିଅନ୍ତି । ତାଙ୍କ ଗୃହଟି ଥିଲା ଭଗବାନଙ୍କ ମନ୍ଦିର ସଦୃଶ । ଯେପରି ସଫାସୁତୁରା ସେହିପରି ଶୁଦ୍ଧ ବାତାବରଣ । ପତ୍ନୀ ଅନ୍ନପୂର୍ଣ୍ଣା ଗୃହରେ କାର୍ଯ୍ୟ ଭଗବାନଙ୍କ ସେବା ଭାବରେ ଅତ୍ୟନ୍ତ ଉତ୍‌ଫୁଲ୍ଲତାରେ କରୁଥା'ନ୍ତି । ଭିକ୍ଷାଦ୍ରବ୍ୟ ପାଇବା ସଙ୍ଗେ ସଙ୍ଗେ ରନ୍ଧନ କରନ୍ତି । ସମସ୍ତ ଭୋଜନଦ୍ରବ୍ୟ ଭଗବାନଙ୍କୁ ଅର୍ପଣ କରିବା ପରେ ପତିଦେବଙ୍କୁ ପରଷି ଦିଅନ୍ତି । ପତିଙ୍କ ଭୋଜନ ପରେ ଅନ୍ନପୂର୍ଣ୍ଣା ଭୋଜନ କରନ୍ତି । ପତିଙ୍କ ଭୋଜନ ପୂର୍ବରୁ ଅନ୍ନପୂର୍ଣ୍ଣା ଜଳ ପର୍ଯ୍ୟନ୍ତ ଗ୍ରହଣ କରନ୍ତି ନାହିଁ । ପତିଙ୍କୁ ଗୁରୁରୂପେ ମାନି ତାଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ କରନ୍ତି ଏବଂ ଆନ୍ତରିକତାସହ ପତିସେବା କରନ୍ତି । ପରସ୍ପର ମଧ୍ୟରେ ଏପରି ଭକ୍ତି ଓ ସ୍ନେହ ଥାଏ ଯେ ଯେପରି ଗୋଟିଏ

ପ୍ରାଣ, ଦୁଇଟି ଶରୀର । ଏପରି ହେବା ସ୍ୱାଭାବିକ । ଦୁଇଜଣ ଭଗବାନଙ୍କ ଭକ୍ତ, ଏକ ଲକ୍ଷ୍ୟ, ଲକ୍ଷ୍ୟପ୍ରାପ୍ତିରେ ପରସ୍ପର ଏକ ଅନ୍ୟର ସହାୟକ ଥିଲେ । ଦୁଇଜଣ ଭଗବତ୍ ଭଜନର ଆନନ୍ଦରେ ନିବାସ କରୁଥିଲେ ।

ରଘୁନାଥଙ୍କର ସାଧୁସଙ୍ଗଙ୍କ ପ୍ରତି ସ୍ୱାଭାବିକ ଭକ୍ତି ଥିଲା । ଜୀବମାତ୍ରରେ ତାଙ୍କର ଦୟା । ସେ ଥିଲେ ଅନ୍ୟର ହିତାକାଙ୍କ୍ଷୀ । କପଟ-କୁଟିଳତା ତାଙ୍କୁ କେବେ ସ୍ପର୍ଶ କରି ନ ଥିଲା । ସେ ନିଜେ ଭିକ୍ଷା କରନ୍ତି କିନ୍ତୁ ତାଙ୍କ ଦ୍ୱାରକୁ କୌଣସି ସନ୍ଥ, ବ୍ରାହ୍ମଣ ଅଥବା ଭିକ୍ଷାର୍ଥୀ ଆସିଲେ ତାଙ୍କୁ ନିଜ ଆତ୍ମୀୟରୁ ଅଧିକ ମନେ କରି ଅନ୍ନଦାନ ଦେଇ ସେବା କରନ୍ତି । ସେ କେବେ ବି କୌଣସି ବିଷୟରେ ଚିନ୍ତା କରନ୍ତି ନାହିଁ କିଂବା ତାଙ୍କର କେବେ ବି ଅଭାବବୋଧ ନ ଥାଏ ।

ପୁଷ୍ପ ପ୍ରସ୍ଫୁଟିତ ହେଲେ ସୁଗନ୍ଧ ଯେପରି ଚାରିପାଖରେ ବିଚ୍ଛୁରିତ ହୁଏ ସେହିପରି ରଘୁ ଏବଂ ଅନ୍ନପୂର୍ଣ୍ଣାଙ୍କ ଭକ୍ତି ମୁଖେ ମୁଖେ ପ୍ରସାରଲାଭ କଲା । ରଘୁ ଜଣେ ଭଗବତ୍ ଭକ୍ତ ତଥା ସାଧୁ, ସନ୍ଥ, ଅଭ୍ୟାଗତଙ୍କ ସେବକ – ଏକଥା ଲୋକେ ଜାଣିଗଲେ । ଦୂରରୁ ଆସୁଥିବା ସାଧୁସନ୍ଥମାନେ ବି ଭୋଜନ ସକାଶେ ରଘୁଙ୍କ ଘରେ ପହଞ୍ଚି ଯାଉଥିଲେ । ପୁରୀ କଳିଯୁଗର ଧାମ । ଶ୍ରୀରାମ ଶ୍ରୀକୃଷ୍ଣାଦି ସମସ୍ତ ଅବତାରଙ୍କର ମୂଳ କାରଣ ସାକାର-ନିରାକାର ଊର୍ଦ୍ଧ୍ୱସ୍ଥ ସଚ୍ଚିଦାନନ୍ଦ ପୁରୁଷୋତ୍ତମ ତତ୍ତ୍ୱଙ୍କ ପ୍ରତୀକ ଶ୍ରୀଜଗନ୍ନାଥ । ସମସ୍ତ ଅଧ୍ୟାତ୍ମ ଧର୍ମର ସମନ୍ୱୟ ସଚ୍ଚିଦାନନ୍ଦଙ୍କ ଉପଲବ୍ଧିରେ । ଏହି କାରଣରୁ ସମସ୍ତ ସଂପ୍ରଦାୟର ଅଧ୍ୟାତ୍ମ ସାଧକମାନଙ୍କ ସମନ୍ୱୟସ୍ଥଳ ଶ୍ରୀପୁରୁଷୋତ୍ତମ କ୍ଷେତ୍ର । ସମସ୍ତ ଅଧ୍ୟାତ୍ମ ସାଧକ ତଥା ସିଦ୍ଧ ଏବଂ ସାଧାରଣ ଧାର୍ମିକ ଜନତା ଆସନ୍ତି ଶ୍ରୀଜଗନ୍ନାଥଙ୍କ ଦର୍ଶନକୁ । ସାଧୁସନ୍ଥ୍ୟାସୀମାନେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ସାରିବା ପରେ ଆନ୍ତରିକ ଶ୍ରଦ୍ଧାଭକ୍ତିରେ ଭୋଜନ ଦେଇ ସେବା କରୁଥିବା କୌଣସି ଦାତାଙ୍କ ନାମ ଯଦି ପଚାରନ୍ତି ତେବେ କ୍ଷେତ୍ରବାସୀମାନେ ଦରିଦ୍ର ରଘୁନାଥଙ୍କ ଘରକୁ ପଠାଇ ଦିଅନ୍ତି । ସେମାନେ ରଘୁନାଥଙ୍କ ଘରେ ପହଞ୍ଚିଲେ ରଘୁ ଏବଂ ଅନ୍ନପୂର୍ଣ୍ଣାଙ୍କୁ ବିଶେଷ ଆନନ୍ଦ ଲାଗେ । ସେମାନେ ଆନ୍ତରିକ ଶ୍ରଦ୍ଧାଭକ୍ତିରେ ଭଗବାନଙ୍କ ସଦୃଶ ସାଧୁସନ୍ଥମାନଙ୍କୁ ଶକ୍ତି ଅନୁସାରେ ଭୋଜନ ଦେଇ ସେବା କରନ୍ତି ।

ଦିନେ କେତେଜଣ ସନ୍ଥ ରଘୁନାଥଙ୍କ କୁଡ଼ିଆରେ ପହଞ୍ଚିଲେ । ସେମାନଙ୍କ ଦର୍ଶନରେ ରଘୁନାଥଙ୍କୁ ଅପାର ଆନନ୍ଦ ଅନୁଭୂତ ହେଲା । ସେମାନଙ୍କ ଚରଣ ଧୋଇ ସେ ସେମାନଙ୍କୁ ଆସନରେ ବସାଇଲେ, ହାତ ଯୋଡ଼ି ଆଜ୍ଞାକୁ ଅପେକ୍ଷା କଲେ । ସାଧୁମାନେ କହିଲେ, ''ଆମ୍ଭେ ଉତ୍ତର ଭାରତରୁ ଆସି ପ୍ରଭୁଙ୍କୁ ଦର୍ଶନ କରିସାରିଛୁ । ଆଜି ଆମ୍ଭମାନଙ୍କୁ ଭୋଜନ କରାଇଦିଅ, ଆମ୍ଭେମାନେ ଚାଲିଯିବୁ ।'' ରଘୁ ଏକଥା ଶୁଣି ବିଶେଷ ଆନନ୍ଦିତ ହେଲେ । କିନ୍ତୁ ଘରେ ଗୋଟିଏ ମାତ୍ର ଦାନା ନ ଥିଲା । ରଘୁ ଅନ୍ନପୂର୍ଣ୍ଣାଙ୍କୁ ସମସ୍ତ ବୃତ୍ତାନ୍ତ କହିଲେ । ଅନ୍ନପୂର୍ଣ୍ଣା ପ୍ରସନ୍ନତା ସହ କହିଲେ, ''ପତିଦେବ, ଚିନ୍ତା କରିବାର କୌଣସି କାରଣ ନାହିଁ । ଭଗବାନ୍ ସମସ୍ତଙ୍କୁ ଭୋଜନ ଦେଉଛନ୍ତି, ମନୁଷ୍ୟ କେବଳ ନିମିତ୍ତ ମାତ୍ର । ମୋ ଅଙ୍ଗର ଅଳଙ୍କାର ନେଇନିଅ, ମହାଜନଙ୍କ ପାଖରେ ବନ୍ଧକ ଦେଇ ଟଙ୍କା ଘେନିଆସ, ସାଧୁସେବା କର ।'' ରଘୁ ଅନ୍ନପୂର୍ଣ୍ଣାଙ୍କ ଭକ୍ତି ଦେଖି ବିଶେଷ ଆନନ୍ଦିତ ହେଲେ । କହିଲେ, ''ମୁଁ ଭିକ୍ଷା ମାଗେ । ଏହି ଅଳଙ୍କାର ମୋ ହାତରେ ଦେଖି କେହି ସନ୍ଦେହ କରିପାରେ । ଅତଏବ ତୁମେ ନିଜେ ନେଇଯାଅ, ମହାଜନଙ୍କ ପାଖରେ ବନ୍ଧକ ରଖି କିଛି ଟଙ୍କା ଘେନିଆସ । ଆଠଦିନ ମଧ୍ୟରେ ସୁଧ ସହିତ ମୂଳଧନ ଦେଇ ଅଳଙ୍କାର ଫେରାଇ ଆଣିବା ।'' ଅନ୍ନପୂର୍ଣ୍ଣା ପତିଙ୍କୁ ସର୍ବସ୍ୱ ସମର୍ପଣ କରିସାରିଛନ୍ତି । ପତି ଆଜ୍ଞା ଶିରୋଧାର୍ଯ୍ୟ କରି ମହାଜନଙ୍କ ପାଖକୁ ଯାଇ ଅଳଙ୍କାର ବନ୍ଧକ ରଖି ଟଙ୍କା କରଜ ଚାହିଁଲେ । ମହାଜନ ଅନ୍ନପୂର୍ଣ୍ଣାଙ୍କ ସୌନ୍ଦର୍ଯ୍ୟ ତଥା କୋମଳ ବଚନରେ ମୋହିତ ହୋଇ କିଛିସମୟ ନିସ୍ତବ୍ଧ ରହିବା ପରେ କହିଲେ, ''ତୁମର ଯେତେ ଟଙ୍କା ଆବଶ୍ୟକ ତାହା ମୁଁ ଦେଇଦେଉଛି, ଅଳଙ୍କାର ବନ୍ଧକ ଦେବା ଆବଶ୍ୟକ ନାହିଁ । କିନ୍ତୁ ମୁଁ ତୁମଠାରୁ ସ୍ତ୍ରୀ-ସୁଖ ଚାହେଁ । ଏହି ପ୍ରସ୍ତାବରେ ଯଦି ସମ୍ମତି ଦିଅ ତେବେ ଟଙ୍କା ନେଇଯାଅ ।'' ଏ କଥା ଶୁଣିବାମାତ୍ରେ ଅନ୍ନପୂର୍ଣ୍ଣାଙ୍କ ମସ୍ତକରେ ବଜ୍ର ପଡ଼ିବା ସଦୃଶ ମନେହେଲା । ଜଣେ ପତିବ୍ରତା ଭଗବତ୍ ଭକ୍ତିପରାୟଣା ନାରୀ ସକାଶେ ଏହି ପ୍ରସ୍ତାବ କେତେ ଅପ୍ରୀତିକର ତାହା କୌଣସି ପତିବ୍ରତା ନାରୀହିଁ ଅନୁଭବ କରିପାରେ । ଅନ୍ନପୂର୍ଣ୍ଣା ସାଧାରଣ ପତିବ୍ରତା ନାରୀ ନ ଥିଲେ । ସେ ନିଜ ପତିଙ୍କୁ ସାକ୍ଷାତ୍ ଭଗବାନ୍ ମନେକରି ଭକ୍ତି କରୁଥିଲେ । ଭଗବାନଙ୍କ ପ୍ରତି ତାଙ୍କ ଆତ୍ମସମର୍ପଣ ଏବଂ ଦୃଢ଼ବିଶ୍ୱାସ ଥିଲା; ସମସ୍ତ ବିପଦରୁ ଭଗବାନ୍ ରକ୍ଷା କରନ୍ତି, ଏଥିରେ ତାଙ୍କର ତିଳେମାତ୍ର ସନ୍ଦେହ

ନ ଥିଲା । ତାଙ୍କ ଶୁଦ୍ଧ ବୁଦ୍ଧିରେ ବିବେକ ଉତ୍ପନ୍ନ ହୋଇଥିଲା । ସେଥିସକାଶେ ମହାଜନଙ୍କ ଅପ୍ରୀତିକର ପ୍ରସ୍ତାବରେ ବିଚଳିତ ନ ହୋଇ ଭଗବାନଙ୍କୁ ସ୍ମରଣ କରି କିଛି ସମୟ ପରେ ଫେରି ଆସୁଛି କହି ନିଜ ଘରକୁ ଫେରିଗଲେ ଏବଂ ପତିଦେବଙ୍କୁ ସମସ୍ତ ଘଟନା କହିଦେଲେ ।

ଯେଉଁମାନେ ଭଗବାନଙ୍କ ଭକ୍ତ ସେମାନେ ପ୍ରତିକୂଳ ଘଟନାରେ ବିଚଳିତ ହୁଅନ୍ତି ନାହିଁ । ଭଗବାନଙ୍କଠାରୁ ଯଥାର୍ଥ ସମାଧାନ ଚାହାନ୍ତି । ନିଜ ଅନ୍ତରରୁ ଭଗବାନଙ୍କର ଯେଉଁ ପ୍ରେରଣା ପାଆନ୍ତି – ତାହା ଲୋକଦୃଷ୍ଟି ଏବଂ ନୈତିକତାର ବିରୋଧ ହେଲେ ମଧ୍ୟ – ବିନା ଦ୍ୱିଧାରେ ସେମାନେ ତାହା ପାଳନ କରନ୍ତି । ଏହା ରଘୁନାଥଙ୍କ ସକାଶେ ଥିଲା ଅତ୍ୟନ୍ତ ଜଟିଳ ସମସ୍ୟା ଏବଂ ମହାନ୍ ପରୀକ୍ଷାର ସମୟ । ଗୋଟିଏ ଦିଗରେ ସାଧୁସେବା, ନିଷ୍ଠାପୂର୍ଣ୍ଣ କର୍ତ୍ତବ୍ୟ, ଅନ୍ୟ ଦିଗରେ ନିଜର ପତିବ୍ରତା, ପତିପରାୟଣା ପତ୍ନୀର ସତୀତ୍ୱ ନଷ୍ଟ । ଏହି ଜଟିଳ ସମସ୍ୟାର ସମାଧାନ ରଘୁନାଥ କରି ନ ପାରି ନୀରବ ହୋଇ ଧ୍ୟାନସ୍ଥ ହୋଇଗଲେ ଏବଂ ଅନ୍ତରରୁ ଭଗବାନଙ୍କ ନିର୍ଦ୍ଦେଶକୁ ପ୍ରତୀକ୍ଷା କଲେ । ନିଷ୍କପଟ ଭାବରେ ଆନ୍ତରିକତା ସହିତ ଯେ ନିଜ ଅନ୍ତରରେ ଭଗବାନଙ୍କ ନିର୍ଦ୍ଦେଶ ଚାହେଁ ସେ ଅବଶ୍ୟ ତାହା ପାଏ । କିନ୍ତୁ ସାଧନାର ଆରମ୍ଭ ଅବସ୍ଥାରେ ସାଧକ ନିଜର ବାସନା-କାମନାର ପ୍ରେରଣାକୁ ପ୍ରମାଦବଶତଃ ଭଗବତ୍ ନିର୍ଦ୍ଦେଶ ମାନି ଘୋର ଅନର୍ଥ କରିପାରେ । କିନ୍ତୁ ରଘୁନାଥଙ୍କର ସେ ଅବସ୍ଥା ପାର ହୋଇଯାଇଥିଲା । ତାଙ୍କର ଚେତନାରେ ବାସନା-କାମନା ଭଗବତ୍ ନିର୍ଦ୍ଦେଶରେ ଛଦ୍ମରୂପରେ ଆସିବାର ଭ୍ରମପାଚେରି ଭାଙ୍ଗିଯାଇଥିଲା । ଅନ୍ତରରୁ ପ୍ରେରଣା ମିଳିଲା, ''ରଘୁନାଥ, ମହାଜନର ପ୍ରସ୍ତାବ ସ୍ୱୀକାର କରି ଅନ୍ନପୂର୍ଣ୍ଣା ଟଙ୍କା ଆଣୁ ।'' ଏହି ନିର୍ଦ୍ଦେଶ ଜାଣିବାମାତ୍ରେ ରଘୁନାଥ ପ୍ରସନ୍ନତା ସହ ପତ୍ନୀଙ୍କୁ କହିଲେ, ''ତୁମେ ମହାଜନଙ୍କ ପ୍ରସ୍ତାବ ସ୍ୱୀକାର କରି ଟଙ୍କା ଘେନିଆସ ଏବଂ ଆଜି ସନ୍ଧ୍ୟାରେ ପ୍ରଥମ ପ୍ରହରରେ ଆମ ଘରକୁ ଆସିବା ସକାଶେ କହିଦିଅ ।'' ଅନ୍ନପୂର୍ଣ୍ଣାଙ୍କର ସର୍ବସ୍ୱ ହେଉଛନ୍ତି ତାଙ୍କର ପତିଦେବ । ପତି-ଆଜ୍ଞା ପାଳନରେ ତାଙ୍କର ଟିକିଏ ମାତ୍ର ଦ୍ୱିଧା ନ ଥାଏ । ସେ ପତିଙ୍କୁ ଭଗବାନ୍ ତଥା ଗୁରୁରୂପେ ଭକ୍ତି କରନ୍ତି । ପତି ତାଙ୍କ ପ୍ରାଣରପ୍ରିୟ । ସେ ପତି ଆଜ୍ଞା ଶିରୋଧାର୍ଯ୍ୟ କରି ଭଗବତ୍ ନାମ ସ୍ମରଣ ଏବଂ ହୃଦୟରେ ଭଗବାନଙ୍କୁ ଧ୍ୟାନ କରି ଯାଇ ମହାଜନଙ୍କ ପାଖରେ ପହଞ୍ଚିଲେ । ମହାଜନଙ୍କ ପ୍ରସ୍ତାବରେ ସମ୍ମତି ଦେଇ ତାଙ୍କୁ ସେହିଦିନ ରାତ୍ରିର ପ୍ରଥମ ପ୍ରହରରେ ତାଙ୍କ ଘରକୁ ଆସିବାକୁ କହିଦେଲେ । ମହାଜନ ବହୁତ ଖୁସିହୋଇ ଆବଶ୍ୟକ ଟଙ୍କା ଦେଇଦେଲେ । ପତିପରାୟଣା ଅନ୍ନପୂର୍ଣ୍ଣାଦେବୀ ଆସି ପତିଦେବଙ୍କ ଚରଣରେ ଟଙ୍କା ନିବେଦନ କଲେ । ରଘୁନାଥ ଟଙ୍କା ପାଇବା ସଙ୍ଗେ ସଙ୍ଗେ ମନ୍ଦିରକୁ ଯାଇ ଖିରି, ଖଚୁଡ଼ି, ସରୁ ଅନ୍ନ, ବହୁପ୍ରକାର ତରକାରି, ସରପୁଳି, ଗଜା, ଅମାଲୁ, ଖଜା, କାନ୍ତିକାକରା, ସରପଣା, ମିଠାଦଧି ଇତ୍ୟାଦି ବହୁପ୍ରକାର ଦ୍ରବ୍ୟ ତିଆରି କରି ଶ୍ରୀଜଗନ୍ନାଥଙ୍କୁ ଭୋଗ ଲଗାଇବା ସକାଶେ ବରାଦ ଦେଇଦେଲେ ଏବଂ ଟଙ୍କା ମଧ୍ୟ ଗଣିଦେଲେ । ବ୍ୟବସ୍ଥାପକମାନେ ସେହି ଅନୁସାରେ ଶ୍ରୀଜଗନ୍ନାଥଙ୍କୁ ଭୋଗ ଲଗାଇଲେ ଏବଂ ମହାପ୍ରସାଦ ରଘୁନାଥଙ୍କ ଘରେ ପହଞ୍ଚାଇ ଦେଲେ । ମହାପ୍ରସାଦ ଦେଖି ରଘୁନାଥ ଅତ୍ୟନ୍ତ ପ୍ରସନ୍ନ ହୋଇ ମହାପ୍ରସାଦକୁ ସାଷ୍ଟାଙ୍ଗ ଦଣ୍ଡବତ କଲେ ଏବଂ ବହୁ ସମ୍ମାନ ସହିତ ଅଗଣାରେ ରଖିଲେ । ସଜ୍ଜମାନଙ୍କୁ ଡାକି ପଙ୍ଗତ ବସାଇ କଦଳୀପତ୍ରରେ ବହୁବିଧ ମହାପ୍ରସାଦ ସ୍ୱୟଂ ପରଷିଲେ । ସଜ୍ଜମାନଙ୍କୁ ବହୁ ଆଗ୍ରହରେ ଭୋଜନ କରାଇଲେ । ସଜ୍ଜମାନେ ଭୋଜନ ଶେଷ କରି ରଘୁନାଥଙ୍କୁ ଆଶୀର୍ବାଦ ଦେଇ ଚାଲିଗଲେ ।

ସନ୍ଧ୍ୟା ସମୟରେ ରଘୁନାଥ ଅନ୍ନପୂର୍ଣ୍ଣାଙ୍କୁ କହିଲେ, ''ଅନ୍ନପୂର୍ଣ୍ଣା, ଆମ୍ଭର ଧର୍ମକର୍ମ, ଗତିମୁକ୍ତି ସବୁକିଛି ଭଗବାନ୍ । ଭଗବାନଙ୍କ ଆଜ୍ଞା ଆମ୍ଭମାନଙ୍କର ସର୍ବଶ୍ରେଷ୍ଠ । ଭଗବାନଙ୍କ ଆଜ୍ଞା ସମ୍ମୁଖରେ ଧର୍ମକର୍ମ, ନୀତିନିୟମର କୌଣସି ସ୍ଥାନ ନାହିଁ । ଭଗବାନଙ୍କ ଆଜ୍ଞାରେ ଯଦି ନର୍କରେ ରହିବାକୁ ହୁଏ ତେବେ ତାହା ଆମ୍ଭମାନଙ୍କ ସକାଶେ ବୈକୁଣ୍ଠ । ଭଗବାନଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ମହାଜନର ପ୍ରାଣିକ ଲାଳସା ପୂର୍ଣ୍ଣ କରିବୁ । ମୁଁ ଯାଉଛି ।'' ଏହା କହି ରଘୁନାଥ ଘରୁ ବାହାର ହୋଇଗଲେ । ଅନ୍ନପୂର୍ଣ୍ଣା ଘରେ ରହି ଭଗବତ୍ ଧ୍ୟାନ ଏବଂ ନାମଜପରେ ଏକାଗ୍ର ହୋଇଗଲେ ।

ଘରେ ଦୀପ ଜଳୁଥାଏ । ଅନ୍ନପୂର୍ଣ୍ଣା ଖଟ ଉପରେ ବସିଥା'ନ୍ତି । ସେହି ସମୟରେ ମହାଜନ କାମାତୁର ହୋଇ ରଘୁନାଥଙ୍କ ଘରକୁ ଆସିଲେ । ଗୃହରେ ଅନ୍ୟକେହି ନ ଥିଲେ । ପତିବ୍ରତା ଅନ୍ନପୂର୍ଣ୍ଣାଦେବୀ ଥିବା କକ୍ଷରେ ଦୀପାଲୋକ

ଦେଖି ମହାଜନ ବ୍ୟଗ୍ରତାରେ ସେଠାରେ ପହଞ୍ଚିଲେ । କକ୍ଷର ଦୃଶ୍ୟ ଦେଖି ସେ ହତଜ୍ଞାନ ହୋଇଗଲେ । କକ୍ଷଟି ଜ୍ୟୋତିଃରେ ପୂର୍ଣ୍ଣ ଥିଲା । ଭଗବାନ୍ ଶଙ୍ଖ-ଚକ୍ର-ଗଦା-ପଦ୍ମ ଧାରଣ କରି ପରମସତୀ ଅନ୍ନପୂର୍ଣ୍ଣାଙ୍କୁ କୋଳରେ ବସାଇଥିଲେ । ଏହି ଦୃଶ୍ୟ ଦେଖି ମହାଜନ ଭୟଭୀତ ହୋଇ ଥର ଥର ହୋଇ କମ୍ପିବାକୁ ଲାଗିଲେ । ତାଙ୍କ ମସ୍ତକରୁ ପାଦ ପର୍ଯ୍ୟନ୍ତ ସମସ୍ତ ଶରୀରରୁ ଝାଳ ବୋହିଗଲା । ତାଙ୍କର ଛିଡ଼ା ହେବାକୁ ସାମର୍ଥ୍ୟ ରହିଲା ନାହିଁ । ସେ ଦୁଇହାତ ଯୋଡ଼ି ସାଷ୍ଟାଙ୍ଗରେ ପଡ଼ିଗଲେ । ଦୁଇ ନେତ୍ରରୁ ଅଶ୍ରୁ ବର୍ଷା ହେବାକୁ ଲାଗିଲା । ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଉଚ୍ଚସ୍ୱରରେ କାନ୍ଦିବାକୁ ଲାଗିଲେ, ''ମୁଁ କେତେ ବଡ଼ ପାପୀ, ଅଜ୍ଞାନୀ, ସାକ୍ଷାତ୍ ଜ୍ୱଳନ୍ତ ଅଗ୍ନିରେ ଝାସ ଦେବାକୁ ଆସିଛି । ନିଜ ମାତା ପ୍ରତି ଦୁର୍ବୁଦ୍ଧି କରିବା ସଦୃଶ ସାକ୍ଷାତ୍ ଲକ୍ଷ୍ମୀ ସଦୃଶ ପତିବ୍ରତା ମାତା ପ୍ରତି ମୁଁ ଦୂଷିତ ଭାବରଖିଲି । ସାକ୍ଷାତ୍ ବିଷଧର ସର୍ପକୁ ଧରିବା ସଦୃଶ ପରମସତୀ ମାତା ପ୍ରତି ମୁଁ କି ମନ୍ଦମତି କଲି !''

ଅନ୍ନପୂର୍ଣ୍ଣା ମହାଜନଙ୍କୁ ତାଙ୍କ ପାଦ ତଳେ ସାଷ୍ଟାଙ୍ଗରେ ପଡ଼ିଥିବା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । କହିଲେ, ''ମହାଜନ, ଏ କି ବିପରୀତ କଥା ! ତୁମେ ମୋ ପାଦ ତଳେ କାହିଁକି ପଡ଼ିଛ ?'' ଏ କଥା ଶୁଣି ମହାଜନ ଦୁଇ ହାତ ଯୋଡ଼ି କହିଲେ, ''ମାତା, ମୁଁ ତୁମ ପ୍ରତି କୁଭାବନା ରଖି ଯେଉଁ ଅପରାଧ କରିଛି ସେଥିପାଇଁ ମୋତେ କ୍ଷମା ଦିଅ । ହେ ମା', ଶିଶୁ ଅଜ୍ଞାନ ଅବସ୍ଥାରେ ମାତା ଗର୍ଭରେ ଥାଇ ପଦପ୍ରହାର କଲେ ମା' ସନ୍ତାନର ଦୋଷ ଧରେ ନାହିଁ । ତୁମେ ପରମସତୀ, ଭଗବାନଙ୍କ ଅତ୍ୟନ୍ତ କୃପାପାତ୍ରୀ ବୋଲି ମୁଁ ଜାଣି ନ ଥିଲି । ମୁଁ ନିପଟ ମୂର୍ଖ । କିନ୍ତୁ ଶିଶୁର ଅପରାଧ ଯେପରି ମା' କ୍ଷମା କରେ ସେହିପରି ତୁମେ ମୋ ଅପରାଧକୁ ନ ଦେଖି ମୋ ଉପରେ କୃପା କରିଛ । ମୋତେ ଭବସାଗରରୁ ଉଦ୍ଧାର କରିଛ । ମା', ତୁମେ ଯଥାର୍ଥରେ ଜଗଜ୍ଜନନୀ । ମୁଁ ତୁମ ପ୍ରତି ଦୁର୍ଭାବନା ରଖି ଆସିଥିଲି । କିନ୍ତୁ ତୁମେ ସେ ଦୋଷ ନ ଦେଖି ମୋତେ ଭବସାଗରରୁ ଉଦ୍ଧାର କଲ । ତୁମର କୃପାଦୃଷ୍ଟିରୁ ମୁଁ ତୁମ ସହିତ ଭଗବାନଙ୍କୁ ଦର୍ଶନ କରି କୃତାର୍ଥ ହେଲି । ଆଜିଠାରୁ ତୁମେ ମୋର ଗୁରୁ ଏବଂ ସାକ୍ଷାତ୍ ଗର୍ଭଧାରିଣୀ ଜନନୀ । ମୋ ଦୋଷ କ୍ଷମା କର ।'' ଏତିକି କହି ପୁନର୍ବାର ସେ ପରମସତୀଙ୍କ ଚରଣରେ ଲୋଟିଗଲେ । ଏହିପରି ବହୁତ ସମୟ ବିତିଗଲା । ମହାଜନ ଚାଲିଯାଇଥିବାର ଅନୁମାନ କରି ରଘୁନାଥ ଘରକୁ ଆସିଲେ । ଦେଖିଲେ ଅନ୍ନପୂର୍ଣ୍ଣାଙ୍କ ଚରଣରେ ମହାଜନ ସାଷ୍ଟାଙ୍ଗରେ ପଡ଼ି ରୋଦନ କରୁଛନ୍ତି । ଏହି ଦୃଶ୍ୟ ଦେଖି ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ କହିଲେ, ''କାରଣ କ'ଣ ? ତୁମେ ଏପରି ହୋଇ ପଡ଼ିଛ କାହିଁକି ?'' ଏକଥା ଶୁଣିବା ମାତ୍ରେ ମହାଜନ ଉଠି ରଘୁଙ୍କ ଚରଣରେ ପଡ଼ିଗଲେ । ସାବଧାନ ହୋଇ କହିଲେ, ''ଗୁରୁଦେବ, ମୋତେ ପଚାରୁଛନ୍ତି କାହିଁକି ? ଦେଖନ୍ତୁ, ସାକ୍ଷାତ୍ ଭଗବାନ୍ ମା' ଅନ୍ନପୂର୍ଣ୍ଣାଙ୍କୁ କୋଳରେ ବସାଇ ବିରାଜମାନ ହୋଇଛନ୍ତି ।'' ଏକଥା ଶୁଣି ରଘୁନାଥ ଏବଂ ଅନ୍ନପୂର୍ଣ୍ଣା ଚକିତ ହୋଇ ଚାହିଁଦେଲେ । ଚାହିଁବାମାତ୍ରେ ଭଗବାନ୍ ମୁହୂର୍ତ୍ତକ ପାଇଁ ଦର୍ଶନ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ । ମହାଜନ, ରଘୁନାଥ ଏବଂ ଅନ୍ନପୂର୍ଣ୍ଣା ଭଗବତ୍ ଦିବ୍ୟ ଆନନ୍ଦ-ସମୁଦ୍ରରେ ବୁଡ଼ିଗଲେ । ଦିବ୍ୟ ଆନନ୍ଦରେ ବିଭୋର ହେବାରୁ ସେମାନଙ୍କର ବାହ୍ୟଜ୍ଞାନ ରହିଲା ନାହିଁ ।

ରଘୁନାଥ ମହାଜନଙ୍କୁ ହୃଦୟରେ ଲଗାଇନେଇ କହିଲେ, ''ଭାଇ, ତୁମେ ବହୁତ ଭାଗ୍ୟବାନ୍, ପୂର୍ବ ଜନ୍ମରେ ଭଗବାନଙ୍କୁ ଭକ୍ତି କରିଥିଲ, ସେହି ସକାଶେ ଭଗବାନଙ୍କ ଦର୍ଶନ ପାଇଲ ।'' ମହାଜନ କହିଲେ, ''ନାହିଁ ଗୁରୁଦେବ, ମୁଁ ତ' ଘୋର ପାପୀ । ସାକ୍ଷାତ୍ ମା'ଙ୍କ ପ୍ରତି କୁଭାବନା ନେଇ ଆସିଥିଲି । କିନ୍ତୁ ମା' ନିଜ ସନ୍ତାନ ପ୍ରତି ଦୟାବଶ ହୋଇ ମୋତେ ଭଗବାନଙ୍କ ଦର୍ଶନ କରାଇ କୃତାର୍ଥ କରିଦେଲେ । ଆଜିଠାରୁ ଆପଣ ଦୁଇ ଜଣ ମୋର ଗୁରୁ । ଆପଣଙ୍କ କୃପାରୁ ମୁଁ ଭଗବତ୍ ପ୍ରାପ୍ତି କଲି । ମୋ ଦୋଷ କ୍ଷମା କରନ୍ତୁ ।'' ଏହା କହି ପୁନରାୟ ଶ୍ରୀ ରଘୁନାଥ ଏବଂ ମା' ଅନ୍ନପୂର୍ଣ୍ଣାଙ୍କ ଚରଣରେ ପ୍ରଣାମ କଲେ ଏବଂ ସାଧୁମାନଙ୍କ ସେବା ସକାଶେ କିଛି ଟଙ୍କା ଦେଇ ପ୍ରାର୍ଥନା କଲେ, ''ସାଧୁମାନଙ୍କ ଚର୍ଚ୍ଚା ସକାଶେ ଯାହା ଯେତେବେଳେ ଆବଶ୍ୟକ ହେବ ଏହି ଶିଶୁ ସନ୍ତାନର ସେବା ସ୍ୱୀକାର କରିବା ସକାଶେ କୃପା ବରାବର ରହୁ । ଏହାହିଁ ମୋର ପ୍ରାର୍ଥନା ।'' ରଘୁ ଏବଂ ଅନ୍ନପୂର୍ଣ୍ଣା ମହାଜନଙ୍କୁ ଆଶ୍ୱାସନା ତଥା କୋମଳ ବଚନରେ ସାନ୍ତ୍ୱନା ଦେଇ ବିଦା କଲେ । ସେହିଦିନଠାରୁ ସେହି ମହାଜନ ରଘୁନାଥ ତଥା ମା' ଅନ୍ନପୂର୍ଣ୍ଣାଙ୍କୁ

ଗୁରୁରୂପେ ଗ୍ରହଣ କରି ଭଗବତ୍ ଭକ୍ତିରେ ଦିନ ଅତିବାହିତ କଲେ । ସେ ଭଗବାନଙ୍କ ସେବା ଭାବରେ ବ୍ୟବସାୟ କରୁଥା'ନ୍ତି, ସମୟ ସମୟରେ ରଘୁନାଥ ଏବଂ ଅନ୍ନପୂର୍ଣ୍ଣାଙ୍କ ପାଖକୁ ଆସି ଭଗବତ୍ ଚର୍ଚ୍ଚା ଶୁଣି କୃତକୃତ୍ୟ ହୁଅନ୍ତି ।

ଏହିପରି ଭାବରେ ଭଗବତ୍ ଭକ୍ତି-ସମୁଦ୍ରରେ ତିନିଜଣ ନିମଗ୍ନ ରହି ଶ୍ରୀକ୍ଷେତ୍ରରେ ନିଜ ନିଜ ଗୃହରେ ବାସ କଲେ ତଥା ଶରୀର-ଯାତ୍ରା ସମାପ୍ତ କରି ଶ୍ରୀକ୍ଷେତ୍ରରେ ଶରୀର ତ୍ୟାଗ କରି ଭଗବତ୍ ଧାମରେ ଭଗବତ୍ ପ୍ରାପ୍ତି କଲେ । ତାଙ୍କ ସ୍ଥୂଳ ଶରୀର ବର୍ତ୍ତମାନ ଆମେ ଦେଖିପାରୁ ନାହୁଁ କିନ୍ତୁ ତାଙ୍କ ଚରିତ ଗାନ କଲେ ତାଙ୍କର ଅଗାଧ ଭକ୍ତି-ସମୁଦ୍ରରୁ କିଛି ବିନ୍ଦୁ ଅବଶ୍ୟ ପାଇପାରିବା ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

ଭକ୍ତି ବିଭୂଷିତା ନାରୀରତ୍ନ

ପ୍ରକାଶକଙ୍କ ଟିପ୍‌ପଣୀ

ଏହି ପୁସ୍ତକର ପ୍ରଥମ ମୁଦ୍ରଣ ''ସାଧ୍‌କା-ସଂସାର'' ନାମରେ ପ୍ରକାଶିତ ହୋଇଥିଲା । ବର୍ତ୍ତମାନ ଏହାର ଦ୍ୱିତୀୟ ସଂସ୍କରଣରେ ନାମ ପରିବର୍ତ୍ତନ କରି ''ଭକ୍ତିବିଭୂଷିତା ନାରୀରତ୍ନ'' ରଖାହୋଇଛି । ପୁସ୍ତକଟିର କଳେବର ମଧ୍ୟ ବୃଦ୍ଧି ପାଇଛି । ''ବିଚିତ୍ର ବିଭୂତି'' ଓ ''ନବଜ୍ୟୋତି'' ପତ୍ରିକାର ବିଭିନ୍ନ ସଂଖ୍ୟାରେ ପୂର୍ବରୁ ପ୍ରକାଶିତ ନାରୀ-ଭକ୍ତମାନଙ୍କର ଜୀବନୀଗୁଡ଼ିକ ସଂଗ୍ରହ କରି ଏଠାରେ ଏକତ୍ର ସ୍ଥାନ ଦିଆଯାଇଛି । ଏହାଦ୍ୱାରା ଭକ୍ତି-ସାଧକ ତଥା ଭକ୍ତି-ଅନୁରାଗୀ ସାଧାରଣ ପାଠକମାନେ ବିଶେଷ ଉପକୃତ ହେବେ ବୋଲି ଆଶାକରୁ ।

– ପ୍ରକାଶକ

ରାଣୀ ରତ୍ନାବତୀ

ନର ବା ନାରୀ ପ୍ରତ୍ୟେକ ବ୍ୟକ୍ତି ଭଗବାନଙ୍କ ଭକ୍ତିର ଅଧିକାରୀ । ଭଗବତ୍ ଭକ୍ତି ଛଡ଼ା ମନୁଷ୍ୟଜୀବନ ବ୍ୟର୍ଥ, ଶୁଷ୍କ, ନିରାନନ୍ଦ, ଅଶାନ୍ତ, ଦୁଃଖଯାତନାମୟ । ଭଗବତ୍ ଭକ୍ତିରେହିଁ ମାନବଜନ୍ମ ସଫଳହୁଏ, ଜୀବନ ପରମ ଶାନ୍ତି, ପରମାନନ୍ଦମୟ ହୁଏ; ତା' ମଧ୍ୟରେ ନ୍ୟାୟ, ସତ୍ୟ, ଅହିଂସା, ସମତା, ଦୟା, କରୁଣା, ଶାନ୍ତି, ସନ୍ତୋଷାଦି ଦିବ୍ୟଗୁଣ ପ୍ରକାଶିତ ହୁଏ । ଭକ୍ତହିଁ ପ୍ରାଣୀମାତ୍ରର ପ୍ରିୟ, ସମସ୍ତେ ତା'ର ମିତ୍ର । ସେ ପ୍ରାଣୀମାତ୍ରରେ ନିଜ ଇଷ୍ଟଦେବଙ୍କୁ ଦର୍ଶନ କରେ । ଭଗବତ୍ ଶକ୍ତି ପ୍ରଭାବରେ ହିଂସ୍ରଜନ୍ତୁ ହିଂସା ତ୍ୟାଗ କରି ଭକ୍ତର ମିତ୍ର ହୋଇଯାନ୍ତି । ହିଂସ୍ରଜନ୍ତୁମାନେ ଭକ୍ତର ଭାବରେ ହିଂସା କିପରି ତ୍ୟାଗ କରନ୍ତି, ଆଜି ଆମ୍ଭେମାନେ ତାହା ପୂଜ୍ୟ ନାଭାଜି ମହାରାଜଙ୍କ ଲିଖିତ ଭକ୍ତମାଳର ରାଣୀ ରତ୍ନାବତୀଙ୍କ ଚରିତରୁ ଆଲୋଚନା କରିବା ।

ଆଁବେରର ପ୍ରସିଦ୍ଧ ମହାରାଜା ମାନସିଂହଙ୍କର ରାଜା ମାଧୋସିଂହ ଥିଲେ ଛୋଟ ଭାଇ । ମାଧୋସିଂହଙ୍କ ଧର୍ମପତ୍ନୀଙ୍କ ନାମ ଥିଲା ରତ୍ନାବତୀ । ରତ୍ନାବତୀଙ୍କ ରୂପ ଯେପରି ସୁନ୍ଦର ଥିଲା, ସେହିପରି ସେ ସଦ୍‌ଗୁଣରେ ବିଭୂଷିତା ଥିଲେ । ତାଙ୍କ ହୃଦୟ ଥିଲା ଶୁଦ୍ଧ, ପବିତ୍ର, ସୌହାର୍ଦ୍ଦ୍ୟରେ ପୂର୍ଣ୍ଣ । ସେ ପ୍ରତ୍ୟେକ ବ୍ୟକ୍ତି ପ୍ରତି ସଦ୍‌ବ୍ୟବହାର କରୁଥିଲେ । ତାଙ୍କ ବ୍ୟବହାରରେ ପରିବାରର ସକଳ ବ୍ୟକ୍ତି ଏବଂ ଦାସଦାସୀ ମୁଗ୍ଧ ଥିଲେ । ତାଙ୍କର ସୁନ୍ଦର ବ୍ୟବହାର ଯୋଗୁଁ ଦାସୀମାନେ ତାଙ୍କ ସେବା ସକାଶେ ପ୍ରାଣ ଉତ୍ସର୍ଗ କରିବାକୁ କୁଣ୍ଠାବୋଧ କରୁ ନ ଥିଲେ । ସେ ଦାସୀମାନଙ୍କୁ ନିଜ ନିଜ କାର୍ଯ୍ୟରେ ସ୍ୱାତନ୍ତ୍ର୍ୟ ଦେଇଥିଲେ ।

ଭଗବାନ୍ ଭାବରେ ବଶ । ଭଗବାନଙ୍କ ଚରଣରେ ଯେ ନିଜକୁ ସମର୍ପଣ କରେ ସେ ତା'ର ନିଜର ହୋଇଯା'ନ୍ତି । ତାଙ୍କ ନିକଟରେ କେହି ଉଚ୍ଚ-ନୀଚ, ବଡ଼-ଛୋଟ ନ ଥା'ନ୍ତି । ସେ ଭକ୍ତର ଅଧୀନ, ଭକ୍ତ ତାଙ୍କର ସର୍ବସ୍ୱ । ଭକ୍ତ ସଙ୍ଗେ ସେ ଛାୟା ସଦୃଶ ରହିଥା'ନ୍ତି । ରତ୍ନାବତୀଙ୍କ ମହଲରେ ଜଣେ ଦାସୀ ଶ୍ରୀକୃଷ୍ଣଙ୍କ ଭକ୍ତା ଥିଲେ । ସେ ଶ୍ରୀକୃଷ୍ଣଙ୍କର ଗୋଟିଏ ସୁନ୍ଦର ପ୍ରତିମା ରଖି ଏକାନ୍ତରେ ପୂଜା କରନ୍ତି । ଶ୍ରୀକୃଷ୍ଣଙ୍କ ମୂର୍ତ୍ତିକୁ ସ୍ନାନ କରାଇ, ବସ୍ତ୍ର-ଭୂଷଣ, ପୁଷ୍ପରେ ବିଭୂଷିତ କରି ଧୂପ, ଦୀପ, ନୈବେଦ୍ୟ ସମର୍ପଣ କରି ହାତ ଯୋଡ଼ି ପ୍ରାର୍ଥନା କରନ୍ତି । ସେ ସମୟରେ ତାଙ୍କ ନେତ୍ରରୁ ଅଶ୍ରୁ ପ୍ରବାହିତ ହୁଏ । ସେ କେବେ କେବେ ବାହ୍ୟଜ୍ଞାନଶୂନ୍ୟା ହୋଇଯା'ନ୍ତି । ସେହି ଅବସ୍ଥାରେ ରତ୍ନାବତୀ ଆସ୍ତେ ଆସ୍ତେ ତାଙ୍କ ପାଖକୁ ଯାଇ ଛିଡ଼ାହୋଇ ଦେଖନ୍ତି । ଦାସୀ ବାହ୍ୟଜ୍ଞାନପ୍ରାପ୍ତା ହେବା ସମୟରେ ତା'ର ଅଜାଣତରେ ସେ ପାଦ ଦାବି ଚାଲିଆସନ୍ତି, ଯେପରି ଦାସୀ ତାଙ୍କର ଦେଖିବା କଥା ଜାଣି ନ ପାରେ । ରତ୍ନାବତୀ ରାଜକନ୍ୟା ଥିଲେ । ଅଲିଅଳ ଜେମାରୂପେ ତାଙ୍କର ଲାଳନପାଳନ ହୋଇଥିଲା । ବାଲ୍ୟାବସ୍ଥାରୁ ସୁଖମୟ ଜୀବନ ବ୍ୟତୀତ ହୋଇ ଆସୁଥିଲା । ମନୁଷ୍ୟ ବିପଦ ବା ଦୁଃଖକଷ୍ଟରେ ପଡ଼ିଲେ କିଛି ଭାବେ, ସୁଖରେ କିଛି ଭାବିବା ଆବଶ୍ୟକ ହୁଏ ନାହିଁ । ରତ୍ନାବତୀଙ୍କ ଜୀବନରେ କେବେହେଲେ ଦୁଃଖ ଆସି ନ ଥିଲା । ସେଥିନେଇ ତାଙ୍କୁ କେବେ ବିଶେଷ କିଛି ଭାବିବାକୁ ହୋଇ ନ ଥିଲା । ତଥାପି ତାଙ୍କ ମଧ୍ୟରେ କୌଣସି ସତ୍ତା ଭଗବତ୍ ଭକ୍ତି ପ୍ରତି ଆକୃଷ୍ଟ ହୋଇଥିଲା । ସେ ଅଜ୍ଞାତରେ ଦାସୀର ଭଗବତ୍ ଭକ୍ତିରେ ମୁଗ୍ଧା ଥିଲେ । ଦାସୀକୁ ସେ କେବଳ ଭଲ ପାଉ ନ ଥିଲେ, ଅନ୍ତରରେ ସମ୍ମାନ କରୁଥିଲେ । ଦାସୀର ପୂଜା ସମୟରେ ସେ ପ୍ରାୟ ପ୍ରତ୍ୟହ ଯାଇ ଉହାଡ଼ରେ ଛିଡ଼ାହୋଇ ଦେଖୁଥିଲେ । ଦାସୀର ପୂଜା ଧ୍ୟାନ ତାଙ୍କୁ ଖୁବ୍ ଭଲ ଲାଗୁଥିଲା । ଦାସୀକୁ ସେ ଅନ୍ତରରେ ଉତ୍ତରୋତ୍ତର ସମ୍ମାନ କରିବାକୁ ଲାଗିଲେ । ଦାସୀକୁ କିଛି ନ କହି ତା'ର କାମ ଏତେ କମ୍ କରିଦେଲେ, ଯେପରି ସେ ଅଧିକ ସମୟ ଭଗବତ୍ ସେବାରେ ବ୍ୟତୀତ କରିପାରିବ ।

ଭଗବାନଙ୍କଠାରୁ ଯେ ଅନ୍ତରରେ ଯାହା ଚାହେଁ, ଭଗବାନ୍ ତାକୁ ତାହା ଦିଅନ୍ତି । କିନ୍ତୁ ଭାଗ୍ୟହୀନ ଲୋକ ଭଗବାନଙ୍କୁ ଭକ୍ତି କରନ୍ତି ନାହିଁ କିଂବା ଭଗବାନଙ୍କଠାରୁ ଅନ୍ତରରେ କିଛି ଚାହାନ୍ତି ନାହିଁ । ଯେ କେହି ସଂସାରୀ ଲୋକ ଭଗବାନଙ୍କୁ ଡାକନ୍ତି ତାଙ୍କର ଫରମାସୀର ସୀମା ରହେ ନାହିଁ, କିନ୍ତୁ ଅନନ୍ୟ ଭକ୍ତଙ୍କୁ ସଂସାରର ଭୋଗ-ଐଶ୍ୱର୍ଯ୍ୟରେ ଆନନ୍ଦ ମିଳେ

ନାହିଁ; ସେ ଚାହାନ୍ତି ଭଗବାନଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ, ଭକ୍ତି । ସେ ଭଗବାନଙ୍କ ନାନାବିଧ ଲୀଳା-ରସ ଆସ୍ୱାଦନ କରି ତାଙ୍କରି ଯନ୍ତ୍ର ହୋଇ ସମସ୍ତ କର୍ମ ତାଙ୍କରି ସେବାରୂପେ କରିବାକୁ ଚାହାନ୍ତି । ଭଗବାନ୍ ଭାବର ବଶ । ଭକ୍ତର ଚାହିଦା ପୂର୍ଣ୍ଣ କରିବା ତାଙ୍କ କାମ । ସେ ଭକ୍ତର ହୃଦୟରେ ମନୋମୁଗ୍ଧକାରୀ ନାନାପ୍ରକାର ଲୀଳା ପ୍ରକାଶ କରି ଭକ୍ତକୁ ଆନନ୍ଦ-ସମୁଦ୍ରରେ ଡୁବେଇ ଦିଅନ୍ତି । ରତ୍ନାବତୀଙ୍କର ସେହି ଦାସୀଟି ସେହି କୋଟିର ଭକ୍ତା ଥିଲେ । ତାଙ୍କ ହୃଦୟରୁ ସାଂସାରିକ କାମନାବାସନା ଦୂର ହୋଇ ଯାଇଥିଲା । ସେ ଚାହୁଁଥିଲେ ପ୍ରେମାନନ୍ଦରେ ଡୁବି ରହିବାକୁ । ଭଗବାନ୍ ତାଙ୍କ ଇଚ୍ଛା ପୂର୍ଣ୍ଣ କରି, ତାଙ୍କ ସହିତ ମାନସ ଚେତନାର ଊର୍ଦ୍ଧ୍ୱରେ ବହୁପ୍ରକାର ଲୀଳା କରି ତାଙ୍କୁ ସୁଖ ଦେଉଥିଲେ । ଦାସୀ ସର୍ବଦା ଭଗବାନଙ୍କ ମାନସ ସେବାରେ ବିଭୋର ରହୁଥିଲେ । ଯେତେବେଳେ ସେ ହାତ ଯୋଡ଼ି 'ହା ନାଥ', 'ହା ପ୍ରାଣନାଥ' କହି ଡାକୁଥିଲେ ସେତେବେଳେ ତାଙ୍କ ହୃଦୟର ପ୍ରେମତରଙ୍ଗ ଉଛୁଳି ପଡ଼ି ତାଙ୍କ ପଶ୍ଚାତରେ ଛିଡ଼ା ହୋଇଥିବା ରାଣୀ ରତ୍ନାବତୀଙ୍କ ମାନସପଟରେ ଥିବା ଆବରଣକୁ ଭସାଇ ନେଇ ଯାଉଥିଲା । ଭାଗବତ ପ୍ରେମର ଅସାଧାରଣ ଆକର୍ଷଣଶକ୍ତି ଅଛି । ତାହାର ସ୍ପର୍ଶରେ ଆସିଲେ ମନୁଷ୍ୟହୃଦୟକୁ ତାହା ଅଧିକାର କରିନିଏ; ସେଥିରୁ ମନୁଷ୍ୟ ମୁକ୍ତ ହୋଇପାରେ ନାହିଁ । ଚୈତନ୍ୟ ମହାପ୍ରଭୁ ପ୍ରେମୋନ୍ମାଦ ଅବସ୍ଥାରେ ଯାହାକୁ ସ୍ପର୍ଶ କରିଦେଉଥିଲେ ସେ ଉନ୍ମତ୍ତ ହୋଇ ନୃତ୍ୟ କରିବାକୁ ଲାଗୁଥିଲା । ଦାସୀଙ୍କର ସେହି ଭଗବତ୍ ପ୍ରେମ ରାଣୀ ରତ୍ନାବତୀଙ୍କ ହୃଦୟକୁ ଅଧିକାର କରିନେଲା । ଦାସୀ ପ୍ରେମାବେଗରେ ଭଗବତ୍ ପ୍ରାର୍ଥନା କରିବା ସମୟରେ ରାଣୀଙ୍କ ନେତ୍ରରୁ ପ୍ରେମାଶ୍ରୁଧାରା ପ୍ରବାହିତ ହେବାକୁ ଲାଗିଲା । ଦାସୀର ଭଗବତ୍ ସେବା ସମୟକୁ ସେ ପ୍ରତୀକ୍ଷା କରିବାକୁ ଲାଗିଲେ । ସେ ସମୟରେ ସେ ସମସ୍ତ କାର୍ଯ୍ୟ ଛାଡ଼ି ଦାସୀଙ୍କ ଭଗବତ୍ ସେବା ତାଙ୍କ ଅଜ୍ଞାତରେ ନିୟମିତ ରୂପେ ଦେଖିବାକୁ ବାଦ୍ ଦେଲେ ନାହିଁ । ତାଙ୍କୁ ସେଥିରେ ବଡ଼ ଆନନ୍ଦ ମିଳିଲା । ଭଗବତ୍ ଭକ୍ତିର ଶକ୍ତି ଠିକ୍ ଚୁମ୍ବକ ଶକ୍ତି ପରି । କୌଣସି ବ୍ୟକ୍ତି ହୃଦୟରେ କୌଣସି କୋଣ ଟିକିଏ ଯଦି ଭଗବାନଙ୍କ ପ୍ରତି ଉନ୍ମୁକ୍ତ ଥାଏ, ତେବେ ଭକ୍ତର ସଂସ୍ପର୍ଶରେ ଆସିବା ମାତ୍ରେ ସେ ଆକର୍ଷିତ ହୋଇଆସେ । କିନ୍ତୁ ଚୁମ୍ବକ ଯେପରି କାଠକୁ ଆକର୍ଷଣ କରିପାରେ ନାହିଁ, ସେହିପରି କାମନାବାସନାଦି ଦୁର୍ଗୁଣରେ ଯାହାର ହୃଦୟ ଆବୃତ ଥାଏ, ତାହାର ଆତ୍ମାକୁ ଭଗବତ୍ ଭକ୍ତି ସ୍ପର୍ଶ କରିପାରେ ନାହିଁ । ରାଣୀ ରତ୍ନାବତୀଙ୍କ ହୃଦୟ ଥିଲା ଉନ୍ମୁକ୍ତ । ଭକ୍ତା ଦାସୀର ଭକ୍ତି-ସଂସ୍ପର୍ଶରେ ସେ ଆସି ଆକର୍ଷିତ ହୋଇ ଭଗବାନଙ୍କ ଚରଣରେ ନିଜକୁ ଉତ୍ସର୍ଗ କରିଦେଲେ । କ୍ରମଶଃ ଭକ୍ତିର ଆବେଗ ବୃଦ୍ଧି ହେବାକୁ ଲାଗିଲା । ଭକ୍ତିର ନିୟମ ହେଉଛି ତାହା ବୃଦ୍ଧିପ୍ରାପ୍ତ ହେଲେ ମନୋନିର୍ମିତ, ସମାଜ-ନିର୍ଦ୍ଧାରିତ ବଡ଼-ଛୋଟ ଧାରଣାର ସୀମାକୁ ଭାଙ୍ଗିଦିଏ । ଦିନେ ଦାସୀ ପୂଜାସେବା ଶେଷ କରି ପ୍ରାର୍ଥନା କରିବାକୁ ଲାଗିଲେ, ''ହେ ମନୋମୋହନ, ହେ ବ୍ରଜଚନ୍ଦ୍ର, ହେ ରାଧାପ୍ରାଣଧନ, ତୋ ବଂଶୀବିଭୂଷିତ, ସୁନ୍ଦର ଶ୍ରୀମୁଖ ଥରେ ଦେଖାଇ ଦେ । ତୁ କ'ଣ ମୋତେ ଅଧମ ଦାସୀ ଜାଣି ଦର୍ଶନ ଦେବାକୁ କୁଣ୍ଠିତ ହେଉଛୁ ? ନାହିଁ, ନାହିଁ, ନାଥ, ତୁ ତ ଦୀନଜନ ବନ୍ଧୁ, ଦରିଦ୍ରର ସଖା । ତୁ ଭକ୍ତିବଶରେ ସଦନା କଂସେଇ ଘରେ ରହି ତାକୁ ଆନନ୍ଦ ଦେଉଥିଲୁ । ଶବରୀର ଅଇଁଠା ଫଳ, ବିଦୁର ସ୍ତ୍ରୀର କଦଳୀ ଚୋପା ଖାଇଥିଲୁ । ତୋ ପାଖରେ ଛୋଟ ବଡ଼ ନାହିଁ । ତୁ ଭକ୍ତିର ବଶ । ହେ ନାଥ, ମୋର ଭକ୍ତି ନାହିଁ କିଂବା ତୋ ଚରଣରେ ଅନୁରାଗ ନାହିଁ । ତୁ କେବଳ ନିଜ କୃପାରେ ଦୟାପରବଶ ହୋଇ ମୋତେ ଥରେ ଦର୍ଶନ ଦେ ।'' ନେତ୍ରରୁ ଅଶ୍ରୁଧାରା ବହୁଥାଏ, ରୋମ ପୁଲକିତ, ଶରୀର କମ୍ପନରେ ଥାଏ, ଏତିକି କହିବା ପରେ ଦାସୀ ବାହ୍ୟଜ୍ଞାନଶୂନ୍ୟା ହୋଇଗଲା ।

ରାଣୀ ରତ୍ନାବତୀଙ୍କର ଆଜି ଭଗବତ୍ ପ୍ରେମ-ଭକ୍ତିରେ ହୃଦୟ ଗଦ୍‌ଗଦ୍ ହୋଇଗଲା । ସେ ଦାସୀକୁ ବହୁତ ସୌଭାଗ୍ୟବତୀ ମନେକରି ନିଜକୁ କହିଲେ, ''ତୋ ଶରୀରରେ ରାଣୀଚିହ୍ନ କେଉଁଠି ଅଛି ? ଯଦି ଥାଏ ଭଗବତ୍ ଭକ୍ତି ଛଡ଼ା ନିରର୍ଥକ । ଯେଉଁ ହୃଦୟରେ ଭଗବତ୍ ଭକ୍ତି ନାହିଁ ସେ ପଶୁ ତୁଲ୍ୟ । ଭଗବତ୍ ଭକ୍ତି ପ୍ରାପ୍ତିରେ ଯଦି ଏହି ରାଣୀତ୍ୱ ବାଧକ, ଆଜି ବର୍ତ୍ତମାନ ଏହାକୁ ତ୍ୟାଗ କରୁଛି ।'' ଏହି ବିଚାର ସଙ୍ଗେ ସଙ୍ଗେ ରାଣୀଙ୍କ ନେତ୍ରରୁ ଅଶ୍ରୁ ପ୍ରବାହିତ ହେଲା । ସେ ଭଗବତ୍ ଭକ୍ତିରେ ବିଭୋର ହୋଇ ବସିପଡ଼ି ଦାସୀଙ୍କୁ ସ୍ପର୍ଶ କଲେ । ରାଣୀଙ୍କ ସ୍ପର୍ଶରେ ଦାସୀ ବାହ୍ୟଜ୍ଞାନ ପ୍ରାପ୍ତ ହୋଇ ରାଣୀଙ୍କୁ ଭକ୍ତିବିଭୋର ଅବସ୍ଥାରେ ଦେଖି ଆଶ୍ଚର୍ଯ୍ୟ ତଥା ଲଜ୍ଜା-ସଙ୍କୋଚରେ ବିସ୍ମିତ ହୋଇ କହିଲେ, ''ମହାରାଣୀ, ଆପଣ ଏଠାକୁ କିପରି ଆସିଲେ ?''

ରାଣୀ ଉତ୍ତରରେ କହିଲେ, ''ଦାସୀ, ତୁ ପ୍ରକୃତରେ ଭାଗ୍ୟବତୀ । ମୋତେ କହ, ତୁ ଏପରି ଭଗବତ୍ ପ୍ରେମ-ଭକ୍ତି କେଉଁଠାରୁ ପାଇଲୁ ? ମୋତେ ଏହି ପ୍ରେମ-ଭକ୍ତି ମାର୍ଗ ତୁ ବତାଇ ଦେ ।''

ଦାସୀ ସରଳ ତଥା ନିଷ୍କପଟ ହୃଦୟରେ ଆଦର-ସମ୍ମାନପୂର୍ବକ ଉତ୍ତର ଦେଲେ, ''ମହାରାଣୀ, ଆପଣଙ୍କୁ ଘରସଂସାର କରିବାକୁ ହେବ । ଘରର ଦାୟିତ୍ୱ, ସମାଜର ପ୍ରତିଷ୍ଠା ନିର୍ଭର କରେ ଆପଣଙ୍କ ଉପରେ । ଭଗବତ୍ ଭକ୍ତିମାର୍ଗରେ ଥରେ ପ୍ରବେଶ କଲେ ସେଥିରୁ ବାହାରିବା ଯେପରି କଠିନ, ସେହିପରି ସମାଜ-ବନ୍ଧନରୁ ମୁକ୍ତ ହେବା କଠିନ । ଏହି ଦୁଇଟି ସମସ୍ୟାର ସଂଘର୍ଷ ଜୀବନରେ ଚାଲେ । ତା'ଛଡ଼ା ଆପଣ ଏମାର୍ଗରେ ପ୍ରବେଶ କଲେ ସମାଜ ତଥା ପରିବାର ଆପଣଙ୍କ ଜୀବନଯାତ୍ରାରେ ବାଧା ସୃଷ୍ଟି କରି ଆପଣଙ୍କ ଜୀବନକୁ ସଂକଟାପନ୍ନ କରି ତୋଳିବ । ଆପଣଙ୍କ ପକ୍ଷେ ସବୁଠାରୁ ଭଲ ହେବ ଏ ମାର୍ଗରେ ପ୍ରବେଶ ନ କରି ଆମୋଦପ୍ରମୋଦରେ ଜୀବନ ବ୍ୟତୀତ କରିବା । ବୃଥାରେ ବିପଦକୁ ଡାକି ଆଣିବାରେ ଲାଭ କ'ଣ ? ତା'ଛଡ଼ା ଏକ ଦିଗରେ ଆସିବ ବିପତ୍ତି, ଅନ୍ୟ ଦିଗରେ ଭଗବତ୍ ପ୍ରାପ୍ତି ବି ଏତେ ସହଜ ନୁହେଁ । ଭଗବତ୍ ପ୍ରାପ୍ତି ମାର୍ଗରେ ନିଜ ମନ-ପ୍ରାଣ ସହିତ ବରାବର ସଂଗ୍ରାମ କରିବାକୁ ପଡ଼ିବ । ଭଗବାନ୍ ଦୂରରେ ଛିଡ଼ାହୋଇ କୌତୁକ ଦେଖୁଥିବେ, ଦେଖାଦେବେ ନାହିଁ କି ଧରାପଡ଼ିବେ ନାହିଁ । ନାନାପ୍ରକାର ଆମୋଦପ୍ରମୋଦ, ଭୋଗବିଳାସ ଛାଡ଼ି ଏହି ସଂଘର୍ଷପୂର୍ଣ୍ଣ ମାର୍ଗରେ କାହିଁକି ପ୍ରବେଶ କରିବେ ?''

ଏକଥା ଶୁଣି ରାଣୀ ରତ୍ନାବତୀଙ୍କର ଉତ୍କଣ୍ଠା ଆହୁରି ବଢ଼ିଗଲା । ସେ ଦାସୀର ହାତ ଧରି କହିଲେ, ''ତୋତେ ଯେଉଁ ଭଗବତ୍ ଭକ୍ତି ପ୍ରାପ୍ତ ହୋଇଛି ତାହାର ଏକ କଣା ଉଡ଼ିଆସି ମୋ ଉପରେ ପଡ଼ିଛି । ସେତିକିରେ ମୋତେ ଏହିସବୁ ସାଂସାରିକ ଭୋଗବିଳାସ, ଐଶ୍ୱର୍ଯ୍ୟ, ମାନ-ପ୍ରତିଷ୍ଠା ତୁଚ୍ଛ, ନିରସ, ସାରହୀନ ବୋଲି ପ୍ରତୀତ ହେଉଛି । ସେହି ଭଗବତ୍ ଭକ୍ତି ଅମୂଲ୍ୟ ରତ୍ନପ୍ରାପ୍ତି ମାର୍ଗରେ ଯେତେପ୍ରକାର ବାଧାବିପତ୍ତି, ଯେତେ ସଂଗ୍ରାମ ତୁ ବର୍ଣ୍ଣନା କଲୁ, ସେସବୁ ତୁଚ୍ଛ । ତାହା ସକାଶେ ଯଦି ନିଜ ହାତରେ ମସ୍ତକ କାଟି ଦେଇଦେବାକୁ ହୁଏ, ତାହା ବହୁତ ଶସ୍ତା ।''

ରାଣୀଙ୍କର ଏପରି ଦୃଢ଼ ସଂକଳ୍ପ, ନିଷ୍ଠା ଓ ଉତ୍ସାହ ଦେଖି ଦାସୀ ଭଗବତ୍ ଭକ୍ତିର ରହସ୍ୟ ଉପଦେଶ ଦେଲେ । ଦାସୀ ଆଉ ଦାସୀ ହୋଇ ରହିଲେ ନାହିଁ, ସେ ହେଲେ ରାଣୀଙ୍କର ଗୁରୁ । ଆମୋଦପ୍ରମୋଦ, ଭୋଗବିଳାସର ରାଣୀମହଲ ହେଲା ଭକ୍ତମାନଙ୍କ ସତ୍‌ସଙ୍ଗ ମନ୍ଦିର । ରାଣୀଙ୍କର ଭକ୍ତିଭାବର ପ୍ରଭାବ ପଡ଼ିଲା ଅନ୍ୟ ଦାସୀମାନଙ୍କ ଉପରେ । ରାଣୀ-ବାସରେ ଦିନରାତି ଭଗବତ୍ ଲୀଳା, ଭକ୍ତିର ରହସ୍ୟ, ଭଗବାନଙ୍କ କୃପା, ଦୟା, କରୁଣା ଚର୍ଚ୍ଚା ଚାଲିଲା । ହୃଦୟରେ ଭଗବତ୍ ପ୍ରେମାଗ୍ନିରେ ଭଗବତ୍ ବିଷୟକ ଚର୍ଚ୍ଚା ଘୃତାହୁତି ତୁଲ୍ୟ ହୋଇ ପ୍ରେମାଗ୍ନିକୁ ପ୍ରଜ୍ୱଳିତ କଲା । ଦାସୀ ସହିତ ଦିନରାତି ଶ୍ରୀକୃଷ୍ଣଙ୍କ ବାଲ୍ୟ-ମାଖନ ଚୋରି, ଗୋଚାରଣ, ରାସକ୍ରୀଡ଼ାର ଲଳିତ ମାଧୁର୍ଯ୍ୟ ଲୀଳା ଶ୍ରବଣ କରି ରାଣୀଙ୍କର ଶ୍ରୀକୃଷ୍ଣ ଦର୍ଶନ ସକାଶେ ହୃଦୟ ବ୍ୟାକୁଳ ହୋଇପଡ଼ିଲା । ସେ ଅଧୈର୍ଯ୍ୟ ହୋଇ ଦାସୀକୁ କହିଲେ :

''କଛୁକ ଉପାୟ କୀଜୈ, ମୋହନ ଦିଖାୟ ଦୀଜୈ,
ତବ ହୀ ତୋ ଜୀଜୈ ୱୈତୋ ଆନି ଉର ଅରେ ହୈଁ ।'' (ଭକ୍ତମାଳ)

''ଏପରି କିଛି ଉପାୟ କରି ମୋତେ ମୋହନର ଦର୍ଶନ କରାଇଦିଅ, ତେବେ ଏହି ଜୀବନ ରହିବ । ସେ ମୋ ହୃଦୟରେ ଆସି ଘର କରି ଗଲେଣି ।''

ଦାସୀ କହିଲେ :

''ଦରଶନ ଦୂର ରାଜ ଛୋଡ଼ୈ ଲୋଟୈ ଧୂର ପୈ ନ
ପାବ ଛବି ପୂର ଏକ ପ୍ରେମ ବସ କରେ ହୈଁ ।'' (ଭକ୍ତମାଳ)

''ମହାରାଣୀ, ଦର୍ଶନ ସହଜ ନୁହେଁ, ଯେଉଁମାନେ ରାଜପାଟ ଛାଡ଼ି ଧୂଳିରେ ଲୋଟୁଛନ୍ତି, ସେମାନେ ଭଗବତ୍ ଦର୍ଶନ ପାଉ ନାହାନ୍ତି । କିନ୍ତୁ ଭଗବାନଙ୍କୁ ବଶ କରିବାର ଗୋଟିଏ ଉପାୟ 'ପ୍ରେମ' । ତୁମେ ତାଙ୍କୁ ପ୍ରେମରେ ବଶ କରିପାର ।''

ରାଣୀ ରତ୍ନାବତୀଙ୍କ ହୃଦୟରେ ଭଗବତ୍ ଭକ୍ତି ପ୍ରତିଷ୍ଠିତ ହୋଇ ସାରିଥିଲା । ଜୀବନର ପରମ ଫଳ ଭଗବତ୍ ପ୍ରାପ୍ତି ବୋଲି ସେ ହୃଦୟଙ୍ଗମ କରିସାରିଥିଲେ । ଭଗବତ୍ ପ୍ରାପ୍ତିରେ ସାଂସାରିକ ସମସ୍ତ ଐଶ୍ୱର୍ଯ୍ୟର ତ୍ୟାଗ, ପରଲୋକ ସକାଶେ ସମସ୍ତପ୍ରକାର ତପସ୍ୟା— ଯମ, ନିୟମ, ସଂଯମ, ଆସନ, ପ୍ରାଣାୟାମ, ଜ୍ଞାନ, ଯୋଗ ସମସ୍ତ ମୂଲ୍ୟହୀନ ବୋଲି ସେ ମନେକରିଥିଲେ । ତାଙ୍କ ପାଖରେ ଏପରି କୌଣସି ବସ୍ତୁ ନ ଥିଲା ଯାହାକୁ ଦେଇ ସେ ଭଗବତ୍ ଦର୍ଶନ ଦାବି କରିପାରିଥା'ନ୍ତେ । ଭଗବତ୍ ପ୍ରାପ୍ତିରେ ମନୁଷ୍ୟର ତପସ୍ୟା— ଯମ, ନିୟମ, ଆସନ, ପ୍ରାଣାୟାମ, ଧ୍ୟାନ, ଧାରଣା, ଯୋଗ, ଭକ୍ତି, ଜ୍ଞାନର ଅଭିମାନ ବାଧକ । ଅର୍ଥାତ୍ ବ୍ୟକ୍ତି ଯେପର୍ଯ୍ୟନ୍ତ ମନେକରେ ସେ ତପସ୍ୟା ତଥା ଯୌଗିକ କ୍ରିୟା, ଜ୍ଞାନ, ଭକ୍ତି ଦ୍ୱାରା ଭଗବାନଙ୍କୁ ପ୍ରାପ୍ତ କରିପାରିବ, ସେପର୍ଯ୍ୟନ୍ତ ଭଗବାନ୍ ତା'ଠାରୁ ବହୁ ଦୂରରେ ରହନ୍ତି । ଭଗବତ୍ ପ୍ରାପ୍ତିର ଉପାୟ, ସଂସାରରେ କୌଣସି ସାଂସାରିକ ବସ୍ତୁ ନାହିଁ; ଏପରିକି ଅଧ୍ୟାତ୍ମ ସାଧନାରେ ବି ଭଗବତ୍ ପ୍ରାପ୍ତି ହୁଏ ନାହିଁ, ହୁଏ ଭଗବତ୍ କୃପାରେ ।*

ରାଣୀ ରତ୍ନାବତୀ ଭଗବତ୍ ପ୍ରେମ-ଭକ୍ତି-ସମୁଦ୍ରରେ ଡୁବି ଯାଇଥିଲେ । ଭଗବାନ୍ ଥିଲେ ତାଙ୍କ ପ୍ରାଣର ପ୍ରିୟ । ଭଗବାନଙ୍କ ସକାଶେ ସେ ଐଶ୍ୱର୍ଯ୍ୟ, ଭୋଗ, ମୋକ୍ଷ ତ୍ୟାଗ କରିବାକୁ ପ୍ରସ୍ତୁତ ଥିଲେ । ଦାସୀଙ୍କ କହିବା ଅନୁସାରେ ଭଗବାନ୍ ଶ୍ରୀକୃଷ୍ଣଙ୍କର ଗୋଟିଏ ଦିବ୍ୟ ବିଗ୍ରହ ରଖି ତନ-ମନ-ଧନରେ ତାଙ୍କର ସେବା-ପୂଜା ଆରମ୍ଭ କଲେ । ସମସ୍ତ ଦିନ ଭଗବତ୍ ସେବାନନ୍ଦରେ ନିମଗ୍ନ ରହିଲେ । ସ୍ୱପ୍ନରେ ଶ୍ରୀକୃଷ୍ଣଙ୍କ ଲୀଳାମାଧୁରୀରେ ବିଚରଣ କଲେ । ତାଙ୍କ ମନରେ ଉତ୍ସାହ ଦିନରେ ଦୁଇଗୁଣ ଓ ରାତିରେ ଚାରିଗୁଣ ବଢ଼ିବାକୁ ଲାଗିଲା । ତାଙ୍କ ଦୃଷ୍ଟିରେ ଶ୍ରୀକୃଷ୍ଣଙ୍କ ପ୍ରତିମା ଧାତୁନିର୍ମିତ ନ ଥିଲା, ଥିଲା ଜୀବନ୍ତ, ଜାଗ୍ରତ୍ ବିଗ୍ରହ । ସେ ଅତି ଉତ୍ସାହରେ ଭୋର ଚାରିଟାରୁ ଉଠି ସ୍ନାନ କରି ଶୟନ କରିଥିବା ଶ୍ରୀକୃଷ୍ଣଙ୍କ ବିଗ୍ରହକୁ ପ୍ରେମରେ ଗୀତ ଗାଇ ଜାଗ୍ରତ୍ କରାନ୍ତି । ତାଙ୍କୁ ଅତର ଲଗାଇ ସୁବାସିତ ଜଳରେ ସ୍ନାନ କରାଇ ଦିଅନ୍ତି । ଦିବ୍ୟ ପୀତାମ୍ବର ବସନ ପରିଧାନ କରାଇ ଚରଣରୁ ମସ୍ତକ ପର୍ଯ୍ୟନ୍ତ ସମସ୍ତ ଅଙ୍ଗକୁ ଭୂଷଣରେ ସୁସଜ୍ଜିତ କରାନ୍ତି । ସ୍ୱୟଂ ପୁଷ୍ପମାଲ୍ୟ ଗୁଚ୍ଛି ଶ୍ରୀକୃଷ୍ଣଙ୍କୁ ପିନ୍ଧାଇ ଦିଅନ୍ତି । ନାନାପ୍ରକାର ସୁସ୍ୱାଦୁ ଫଳ, ମିଷ୍ଟାନ୍ନ ଭୋଗ ଲଗାନ୍ତି । ସେ ଅନୁଭବ କରନ୍ତି ଯେ ସ୍ୱୟଂ ଶ୍ରୀକୃଷ୍ଣ ଭୋଜନ କରୁଅଛନ୍ତି । ପରେ ଆଳତି କରି ଭଗବତ୍ ପ୍ରେମରେ ବିଭୋର ହୋଇ, ତାଙ୍କ ଗୋଚାରଣ, ଗୋପବାଳକମାନଙ୍କ ସଙ୍ଗେ ଖେଳ, ବ୍ରଜ-ବ୍ରାହ୍ମଣୀଙ୍କଠାରୁ ଭୋଜନ-ଭିକ୍ଷା, ଗୋପୀମାନଙ୍କ ସଙ୍ଗେ ପ୍ରେମ-ଦ୍ୱନ୍ଦ୍ୱ, ସର-ଲବଣି ଖାଇବାକୁ ଗୋପୀମାନଙ୍କ ଗାନ ତଥା ତାଳିରେ ନୃତ୍ୟ ଇତ୍ୟାଦି ଗୀତ ଗାନ କରନ୍ତି । ସେ ଅନୁଭବ କରନ୍ତି, ଶ୍ରୀକୃଷ୍ଣ ସେହିସବୁ ଲୀଳା ତାଙ୍କ ସମ୍ମୁଖରେ ଯେପରି କରୁଅଛନ୍ତି । ତାଙ୍କ ମନ-ଭ୍ରମର ଶ୍ରୀକୃଷ୍ଣଙ୍କ ଲଳିତ-ଲୀଳା-ପ୍ରସ୍ଫୁଟିତ କୁସୁମ-କାନନରେ ଭ୍ରମଣ କରୁଥାଏ, ସେ ଆନନ୍ଦବିଭୋର ହୋଇ ଶ୍ରୀକୃଷ୍ଣଙ୍କ ସକାଶେ ନାନାପ୍ରକାର ଖାଦ୍ୟଦ୍ରବ୍ୟ ରୋଷାଇ କରନ୍ତି, ଭୋଗ ଲଗାନ୍ତି, ପରେ ତାମ୍ବୁଳ ଦେଇ ଶୟନ କରାନ୍ତି । ଏହିପରି ତାଙ୍କର ସମସ୍ତ ଇନ୍ଦ୍ରିୟ ଶ୍ରୀକୃଷ୍ଣଙ୍କ ସେବାରେ ଲାଗିଥାଏ । ମନୁଷ୍ୟ ଯେପରି ଯେଉଁ କାର୍ଯ୍ୟ କରେ ତା'ର ଚେତନା ସେହିପରି ହୋଇଯାଏ । ଚେତନା ଏକ, ମନୁଷ୍ୟ

---

* ପାଠକ ଏହାର ଯଥାର୍ଥ ଅର୍ଥ ନ ବୁଝି ଭୁଲ୍ ଅର୍ଥ କରିବେ ନାହିଁ । ଭଗବତ୍ ପ୍ରାପ୍ତିର ଉପାୟ ସାଧନା । ସାଧନା ଛଡ଼ା ଭଗବତ୍ ପ୍ରାପ୍ତି ହୁଏ ନାହିଁ । କାରଣ ସାଧନାରେହିଁ ମନ-ପ୍ରାଣ-ଶରୀରର ରୂପାନ୍ତର ସାଧିତ ହୁଏ, ତେବେହିଁ ଭଗବାନ୍ ପ୍ରକାଶ ହୁଅନ୍ତି । ସାଧନା କରିବାକୁ ହୁଏ, କିନ୍ତୁ ସାଧନାରେ ବ୍ୟକ୍ତିଗତ କର୍ତ୍ତବ୍ୟବୋଧ ଏବଂ ଅହଂକୁ ତ୍ୟାଗ କରିବାକୁ ହୁଏ । ଅହଂପୂର୍ଣ୍ଣ ଅବସ୍ଥାରେ ଭଗବତ୍ ପ୍ରାପ୍ତି ହୁଏ ନାହିଁ । ଅହଂର ସମର୍ପଣରେ ଭଗବତ୍ ପ୍ରାପ୍ତି ହୁଏ । ଯେତେବେଳେ ବ୍ୟକ୍ତି ନିଜେ ନିଜକୁ ଭଗବତ୍ ଚରଣରେ ସମର୍ପଣ କରିଦିଏ, ସେତେବେଳେ ସେ ଭଗବାନଙ୍କର ହୋଇଯାଏ, ତା' ମଧ୍ୟରେ ଭଗବତ୍ ଶକ୍ତି କ୍ରିୟା କରନ୍ତି, ଭଗବାନଙ୍କ ଦ୍ୱାରା ସେ ପରିଚାଳିତ ହୁଏ । ସେ ନିଜେ ଭଗବାନଙ୍କ ବସ୍ତୁ ହୋଇଯିବାରୁ ତା'ର ସମସ୍ତ ସାଧନା ଭଗବାନଙ୍କର ହୋଇଯାଏ । ତା'ର ନିଜର ସାଧନା ବା ଅନ୍ୟ କୌଣସି ବସ୍ତୁ ନ ଥାଏ । ଏଥିରେ ମନୁଷ୍ୟର ଅହଂ ବିଲୁପ୍ତ ହୁଏ । ତେବେହିଁ ଭଗବାନ୍ ପ୍ରାପ୍ତ ହୁଅନ୍ତି । ଏହି ରହସ୍ୟ ଭକ୍ତହିଁ ବୁଝିପାରନ୍ତି ।

ଜାଗ୍ରତ୍ ଅବସ୍ଥାରେ ଯେଉଁ କାର୍ଯ୍ୟ କରେ, ସ୍ୱପ୍ନରେ ମଧ୍ୟ ତାହାହିଁ ଦେଖେ । ରାଣୀ ରତ୍ନାବତୀ ଜାଗ୍ରତ୍ ଅବସ୍ଥାରେ ଶ୍ରୀକୃଷ୍ଣଙ୍କ ଲୀଳାରେ ତନ୍ମୟ ହୋଇଯାନ୍ତି, ସ୍ୱପ୍ନରେ ମଧ୍ୟ ସେହି ଲୀଳାରେ ସ୍ୱପ୍ନରାଜ୍ୟରେ ବିଚରଣ କରନ୍ତି । ଜାଗ୍ରତ୍ ତଥା ସ୍ୱପ୍ନରେ ତାଙ୍କ ଚେତନା ଶ୍ରୀକୃଷ୍ଣମୟ ହୋଇଥାଏ ।

ଯଦି କେହି ଭଗବାନଙ୍କ ଛଡ଼ା ଅନ୍ୟ କିଛି ନ ଚାହେଁ, ଭଗବାନ୍ ତା' ପାଖରେ ସର୍ବଦା ନିବାସ କରନ୍ତି । ତାକୁ ଅଗ୍ନିପରୀକ୍ଷା ମଧ୍ୟ ଦେଇ ଗତି କରିବାକୁ ହୁଏ । ପରୀକ୍ଷାରେ ପୂର୍ଣ୍ଣତଃ ଭଗବାନଙ୍କର ସହାୟତା ରହିଥାଏ । ଭକ୍ତର ସୁଯଶଃ ବିସ୍ତାର ସକାଶେ ଭକ୍ତର ପରୀକ୍ଷାରେ ଭଗବାନ୍ ସମ୍ମତି ଦିଅନ୍ତି । ରାଣୀଙ୍କର ପରୀକ୍ଷା ସମୟ ଆସିଲା । ରାଜଧାନୀକୁ ବରାବର ସାଧୁସନ୍ଥ ଆସନ୍ତି କିନ୍ତୁ ରାଣୀ ରତ୍ନାବତୀ ଦର୍ଶନ କରିପାରନ୍ତି ନାହିଁ । ତାଙ୍କ ଦର୍ଶନର ତୀବ୍ର ଇଚ୍ଛା ମନରେହିଁ ରହିଯାଏ ।

ଥରେ ଜଣେ ଭଗବତ୍ ପ୍ରେମୀ ସିଦ୍ଧ ମହାତ୍ମା ରାଜଭବନରେ ଆସି ପହଞ୍ଚିଲେ । ତାଙ୍କର ଭକ୍ତିଭାବ ରାଜମହଲରେ ଚର୍ଚ୍ଚା ହେଲା । ଦାସୀମାନେ ରାଣୀଙ୍କୁ ଖବର ଦେଲେ । ରାଣୀ ମହାତ୍ମାଙ୍କ ଦର୍ଶନ ସକାଶେ ବ୍ୟଗ୍ର ହୋଇପଡ଼ିଲେ । ଦାସୀ (ଗୁରୁ)ଙ୍କୁ ପଚାରିଲେ :

''ପୂଛୀ ବା ଖବାସୀ ସୋଁ ଜୁ 'ରାନୀ' କୌନ ଅଙ୍ଗ ଜାକେ,
ଇତନୀ ଅଟକ ସଙ୍ଗ-ଭଙ୍ଗ ସୁଖ ଭାରିୟେ ।'' (ଭକ୍ତମାଳ)

''କୁହ ମୋ ଶରୀରର କେଉଁ ଅଙ୍ଗଟି ରାଣୀ, ଯାହା ସକାଶେ ମୋତେ ସନ୍ଥଦର୍ଶନ ତଥା ସତ୍‌ସଙ୍ଗଜନିତ ମହାନ୍ ସୁଖରୁ ବଞ୍ଚିତ ହେବାକୁ ପଡୁଛି ।''

ରାଣୀ ଏତିକି କହି ରାଜପରିବାରର ନିୟମ ଭଙ୍ଗ କରି ଯାଇ ମହାତ୍ମାଙ୍କୁ ଦର୍ଶନ କଲେ ଏବଂ ମହାତ୍ମାଙ୍କ ସତ୍‌ସଙ୍ଗରେ ବହୁତ ଆନନ୍ଦିତ ହେଲେ । ପୂର୍ବରୁ ରାଜଭବନକୁ ବରାବର ସାଧୁସନ୍ଥ ଆସୁଥିଲେ, କିନ୍ତୁ ରାଣୀଙ୍କ ପ୍ରେମ-ଭକ୍ତି କାରଣରୁ ଅଧିକ ସଂଖ୍ୟାରେ ସାଧୁସନ୍ଥ ଆସିବାକୁ ଆରମ୍ଭ କଲେ । ରାଣୀ ରତ୍ନାବତୀ ନିଃସଂକୋଚରେ ସନ୍ଥମାନଙ୍କଠାରୁ ଭଗବତ୍ ଚର୍ଚ୍ଚା ଶୁଣି ପରମ ଆନନ୍ଦିତ ହେଲେ । ରାଣୀଙ୍କର ଏପରି ମର୍ଯ୍ୟାଦାଭଙ୍ଗ ସମଗ୍ର ରାଜ୍ୟରେ ଚର୍ଚ୍ଚା ହେବାକୁ ଲାଗିଲା । ଯେତେ ମୁଖ ସେତେ କଥା । କେହି ପ୍ରଶଂସା କରୁଥାଏ ତ କେହି ନିନ୍ଦା କରୁଥାଏ । ରାଜପରିବାରର କେତେକ ବ୍ୟକ୍ତିଙ୍କୁ ରାଣୀ ରତ୍ନାବତୀଙ୍କ ଆଚରଣ ଦୁର୍ବିନୀତ ବୋଧ ହେଲା । ତାହା ସେମାନେ ବରଦାସ୍ତ କରିପାରିଲେ ନାହିଁ । ରାଜା ମାଧୋସିଂହ ସେ ସମୟରେ ଦିଲ୍ଲୀ ଦରବାରରେ ଥିଲେ । ରାଜପରିବାରର ସେହି ଲୋକମାନେ ମାଧୋସିଂହଙ୍କ ପାଖକୁ କିଛି ବାହୁଲ୍ୟ କରି ଏ ବିଷୟରେ ପତ୍ର ଲେଖି ଲୋକ ପଠାଇଦେଲେ । ରାଜା ମାଧୋସିଂହ ସେହି ପତ୍ର ପଢ଼ି ତଥା ପ୍ରେରିତ ବ୍ୟକ୍ତିଠାରୁ ରାଣୀଙ୍କର ଏପରି ଆଚରଣ ଶୁଣି କ୍ରୋଧରେ ଜର୍ଜରିତ ହୋଇଗଲେ । ତାଙ୍କର ଆଖି ଲାଲ ହୋଇଗଲା, ଶରୀର କମ୍ପିବାକୁ ଲାଗିଲା । ସେହି ସମୟରେ ରାଣୀ ରତ୍ନାବତୀଙ୍କ ଗର୍ଭରୁ ଜାତ ରାଜକୁମାର ପ୍ରେମସିଂହ ଆସି ପିତା ମାଧୋସିଂହଙ୍କ ଚରଣରେ ପ୍ରଣାମ କଲେ । ମା'ଙ୍କ ଆଚରଣ ସନ୍ତାନ ଉପରେ ପଡ଼ିବା ସ୍ୱାଭାବିକ । ସେ ଗର୍ଭରେ ଥିବା ସମୟରୁ ଭଗବତ୍ ଭକ୍ତିର ପ୍ରଭାବ ତାଙ୍କ ଅସ୍ଥିମଜ୍ଜା ସହିତ ଓତପ୍ରୋତଭାବେ ଜଡ଼ିତ ହୋଇଯାଇଛି । ବାଲ୍ୟାବସ୍ଥାରୁ ମା'ଙ୍କ ଭକ୍ତି-ପ୍ରେମର ତତ୍ତ୍ୱ ମା'ଙ୍କ ଦୁଗ୍ଧ ପାନ ସଙ୍ଗେ ଗ୍ରହଣ କରି ଆସିଛନ୍ତି । ଶିଶୁ ଅବସ୍ଥାର ସଂସ୍କାର, ଭକ୍ତି ବାତାବରଣ ପ୍ରଭାବରୁ ଉତ୍ତରୋତ୍ତର ବିକଶିତ ହୋଇଚାଲିଛି । ତାଙ୍କ ହୃଦୟରେ ଭାଗୀରଥୀ ତୁଲ୍ୟ ଭଗବତ୍ ଭକ୍ତି ପ୍ରବାହିତ ହେଉଅଛି । ମୁଖରେ ଅମୃତମୟ ନାମ, ଲଲାଟରେ ଊର୍ଦ୍ଧ୍ୱପୁଣ୍ଡ୍ର ତିଳକ, ଗଳାରେ ତୁଳସୀମାଳା ଶୋଭା ପାଉଅଛି । ସେତେବେଳେ ତାଙ୍କର ବୟସ ୨୧ ବର୍ଷ । ପୁତ୍ରର ଏହା ନୂତନ ବେଶ ନୁହେଁ, ସେ ବାଲ୍ୟାବସ୍ଥାରୁ ଏହି ବେଶରେ ଦେଖି ଆସୁଛନ୍ତି । କିନ୍ତୁ ରାଣୀ କୁଳମର୍ଯ୍ୟାଦା ଲଙ୍ଘନ କରି ସାଧୁସନ୍ଥଙ୍କୁ ଦର୍ଶନ କରୁଥିବା, ସେମାନଙ୍କ ସତ୍‌ସଙ୍ଗ ବାର୍ତ୍ତା ଶୁଣୁଥିବା ଖବରରେ ସେ କ୍ରୋଧରେ ହତଜ୍ଞାନ ହୋଇଥିଲେ ।

ବର୍ତ୍ତମାନ ପୁତ୍ରର ବୈଷ୍ଣବ ବେଶ ଅଗ୍ନିରେ ଘୃତାହୁତିରୂପେ କାର୍ଯ୍ୟ କଲା । ପୁତ୍ର ଚରଣ ସ୍ପର୍ଶ କରିବା ଦେଖି ସେ କ୍ରୋଧରେ ପ୍ରଜ୍ୱଳିତ ହୋଇ ତିରସ୍କାର ସହ ବ୍ୟଙ୍ଗସୂଚକ ଶବ୍ଦରେ ପୁତ୍ରକୁ ଅପମାନିତ କରିବା ଉଦ୍ଦେଶ୍ୟରେ ସମସ୍ତଙ୍କ ସମ୍ମୁଖରେ ତାଙ୍କୁ ସମ୍ବୋଧନ କରି କହିଲେ, ''ଆ, ସାଧୁଆଣୀ ପୁତ୍ର !'' ଏଥିରେ ରାଜକୁମାର ବହୁତ ଦୁଃଖ ଅନୁଭବ କଲେ । ସେ ନୀରବରେ ସେଠାରୁ ଚାଲିଆସିଲେ । ପିତାଙ୍କ ଦୁର୍ବ୍ୟବହାର କାରଣ ଲୋକଙ୍କଠାରୁ ଜାଣି ସେ ଭାବିଲେ, ''ଏହା ପିତାଙ୍କର ତିରସ୍କାର ନୁହେଁ, ବରଦାନ । ପିତା ମୋତେ ସାଧୁଆଣୀ ପୁତ୍ର ବୋଲି କହିଛନ୍ତି, ଏବେ ମୋତେ ଯଥାର୍ଥରେ ସାଧୁଆଣୀ ପୁତ୍ର 'ସାଧୁ' ହେବାକୁ ହେବ ।''

ପୁତ୍ର ପ୍ରେମସିଂହ ନିଜ ମାତା ରତ୍ନାବତୀଙ୍କ ପାଖକୁ ପତ୍ର ଲେଖିଲେ, ''ମାତାଜି, ତୁମେ ଧନ୍ୟ, ତୁମ ହୃଦୟରେ ଭଗବାନଙ୍କ ଭକ୍ତି ଜାଗ୍ରତ୍ ହୋଇଅଛି, ତୁମ ମନ ନିରନ୍ତର ଭଗବାନଙ୍କ ଚରଣାରବିନ୍ଦ-ମକରନ୍ଦ-ସୁଧା ପାନ କରୁଅଛି । ଏହା ଭଗବାନଙ୍କର ଅପାର କରୁଣା । ତୁମ ପରି ଭଗବତ୍ ଭକ୍ତିପରାୟଣା ଜନନୀଙ୍କ ଗର୍ଭରୁ ଜାତ ହୋଇ ମୁଁ ମଧ୍ୟ ଧନ୍ୟ ହୋଇଗଲି । କିନ୍ତୁ ମା, ପ୍ରାଣ ଚାଲିଯାଉ, ଭକ୍ତିର ନିଷ୍ଠା ଓ ଭକ୍ତିର ଟେକରେ ଆଞ୍ଚ ନ ଲାଗୁ । ପିତାଜି ମୋତେ ପୂର୍ଣ୍ଣ ସଭାରେ ସାଧୁଆଣୀର ପୁତ୍ର ବୋଲି କହିଛନ୍ତି, ମୁଁ ଠିକ୍ ଠିକ୍ ସାଧୁଆଣୀର ପୁତ୍ର ହୋଇ ରହିବାକୁ ଚାହେଁ । ଦେଖ ମା, ମୋର ଏହି ପ୍ରାର୍ଥନା ଯେପରି ବ୍ୟର୍ଥ ନ ହୁଏ ।''

ପୁତ୍ରର ଏହି ପତ୍ର ପଢ଼ି ମା'ଙ୍କ ହୃଦୟ ଭକ୍ତିରେ ପୂର୍ଣ୍ଣ ହୋଇଗଲା । ସେ ଆନନ୍ଦରେ ମଗ୍ନା ହୋଇଗଲେ । ପୁତ୍ରର ଏପରି ଭକ୍ତିନିଷ୍ଠାକୁ ଭଗବାନଙ୍କ କୃପା ବୋଲି ଅନୁଭବ କରି ତାଙ୍କ ହୃଦୟ ଭଗବାନଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ସେ ପୁତ୍ରକୁ ସୁପୁତ୍ର ମନେକଲେ । ଭାବିଲେ, ''ଯଥାର୍ଥରେ ସୁପୁତ୍ର ସେହି ଯେ ଭଗବତ୍ ଭକ୍ତ ହୋଇ ନିଜକୁ ଉଦ୍ଧାର କରେ, ପିତାମାତାଙ୍କର ସୁଯଶଃ ବଢ଼ାଏ । ଭଗବତ୍ ଭକ୍ତି ଛଡ଼ା ମନୁଷ୍ୟର ହୃଦୟ ମନ ଶୁଦ୍ଧ ହୁଏ ନାହିଁ । ସେ ନିଜର ତଥା ଅନ୍ୟର ଯଥାର୍ଥ ହିତ କରିବା ପରିବର୍ତ୍ତେ ଅହିତ କରେ । ଅନ୍ୟାୟ ଅପଯଶଃ କାର୍ଯ୍ୟ କରି ପିତାମାତାଙ୍କ ଯଶଃରେ କଳଙ୍କ ଲଗାଏ ତଥା ସେମାନଙ୍କ ସୁକୃତ କ୍ଷୟ କରେ । ପୁତ୍ର ଭଗବତ୍ ଭକ୍ତ ନ ହେଲେ ମା ବରଂ ବନ୍ଧ୍ୟା ରହିବା ଭଲ ।''

ମାତା ସୁମିତ୍ରା ପୁତ୍ର ଲକ୍ଷ୍ମଣଙ୍କୁ କହିଥିଲେ :

''ପୁତ୍ରବତୀ ଯୁବତୀ ଜଗ ସୋଇ ।
ରଘୁପତି ଭଗତୁ ଜାସୁ ସୁତୁ ହୋଇ ॥
ନତରୁ ବାଁଝ ଭଲି ବାଦି ବିଆନି,
ରାମ ବିମୁଖ ସୁତ ତେ ହିତ ଜାନୀ ।''

(ରାମଚରିତମାନସ, ଅଯୋଧ୍ୟାକାଣ୍ଡ, ଦୋ-୭୫)

ଅର୍ଥ : ଯେଉଁ ମା'ର ପୁତ୍ର ଭଗବତ୍ ଭକ୍ତ ହୁଏ ସେହି ମା ଯଥାର୍ଥରେ ପୁତ୍ରବତୀ । ପୁତ୍ର ବିନା ମା ବନ୍ଧ୍ୟା ରହିବା ଭଲ, କିନ୍ତୁ ରାମବିମୁଖ ସୁତ ପ୍ରସବ କରିବା ଭଲ ନୁହେଁ ବରଂ ଏପରି ପୁତ୍ର ଦ୍ୱାରା ନିଜ ହିତ-ସୁକୃତିରେ ହାନି ହୁଏ ।

ରାଣୀ ରତ୍ନାବତୀଙ୍କର ଭଗବତ୍ ଭକ୍ତି-ସ୍ରୋତ ବହୁଦିନ ପୂର୍ବରୁ ଭୋଗ-ବାସନାକୁ ଭସାଇ ନେଇ ସାରିଥିଲା । କେବଳ କୁଳପରମ୍ପରା ରୀତିରେ ବିନା ଇଚ୍ଛାରେ ସେ ରାଜକୀୟ ବେଶଭୂଷା ଧାରଣ କରୁଥିଲେ । ପୁତ୍ରର ପତ୍ର ପାଇବା ମାତ୍ରେ ରାଜକୀୟ ଭୂଷଣ, ବସନ, ଅତର, ପୁଷ୍ପାଦି ତ୍ୟାଗ କରି ସାଦା ରେଶମୀ ବସ୍ତ୍ର ପରିଧାନ କଲେ । ଦିନରାତି ଭଗବତ୍ ପୂଜନ-ଭଜନରେ ସମୟ ବ୍ୟତୀତ କଲେ । ସେ ପୁତ୍ର ପାଖକୁ ଲେଖିଲେ :

''ଭଇ ମୋଡ଼ି ଆଜ, ତୁମ ହିତ କରି ଜାଁଚିଯେ ।'' (ଭକ୍ତମାଳ)

ଅର୍ଥ : ''ମୁଁ ସତକୁ ସତ ସାଧୁଆଣୀ (ମୋଡ଼ି) ହୋଇଛି, ତୁ ଆସି ଦେଖିପାରୁ ।''

ଏହି ପତ୍ର ପାଇ ପୁତ୍ର ପ୍ରେମସିଂହ ଆନନ୍ଦରେ ବିଭୋର ହୋଇଗଲେ । ଏ ଖବର ପାଇବା ମାତ୍ରେ ରାଜା ମାଧୋସିଂହ କ୍ଷୁଧାର୍ତ୍ତ ସିଂହ ସଦୃଶ ରାଗରେ ହତଜ୍ଞାନ ହୋଇଗଲେ । ପୁତ୍ର ପଠାଇଥିବା ପତ୍ର ଫଳରେ ରାଣୀ ସାଧୁଆଣୀ ବେଶ ଧାରଣ କରିଥିବା ଘଟଣାକୁ ପିତାଙ୍କର ପୁତ୍ର ପ୍ରତି ଅପମାନର ପ୍ରତିକ୍ରିୟା ଜାଣି ମାଧୋସିଂହ ପୁତ୍ରକୁ ବଧ କରିବାକୁ ତୟାର ହୋଇଗଲେ । ପୁତ୍ର ଏ ଖବର ପାଇ ଏହାର ପ୍ରତିରୋଧ ସକାଶେ ମଧ୍ୟ ତୟାର ହେଲେ । କିନ୍ତୁ ମନ୍ତ୍ରୀମାନେ ରାଜାଙ୍କୁ ବୁଝାଇ ତାଙ୍କୁ ଏ କାର୍ଯ୍ୟରୁ କ୍ଷାନ୍ତ କରାଇଲେ । କିନ୍ତୁ ରାଜାଙ୍କର ରାଣୀଙ୍କ ପ୍ରତି ଯେଉଁ କ୍ରୋଧ ଥିଲା ତାହା ଶାନ୍ତ ହେଲା ନାହିଁ । ସେ ରାଣୀଙ୍କୁ ମାରିବା ସକାଶେ ଦିଲ୍ଲୀରୁ ରାଜଧାନୀକୁ ଚାଲିଆସିଲେ । ରାଜା ମାଧୋସିଂହ ନିଜ ଲୋକଙ୍କୁ ରାଣୀଙ୍କ ସମ୍ବନ୍ଧେ ପଚାରିଲେ । ସ୍ୱଭାବ ଅନୁସାରେ ଲୋକେ କିଛି ବାହୁଲ୍ୟ କରି କହିଲେ । ସେଥିରେ ରାଜାଙ୍କର ଭୟଙ୍କର ରାଗ ହେଲା । ସେ ରାଣୀଙ୍କୁ ବଧ କରିବାକୁ ପ୍ରସ୍ତୁତ ହୋଇଗଲେ । କିନ୍ତୁ ତାଙ୍କ ହିତାକାଙ୍କ୍ଷୀ ଲୋକମାନେ କହିଲେ, ''ପ୍ରତ୍ୟକ୍ଷଭାବେ ରାଣୀଙ୍କୁ ବଧ କରିବାରେ ରାଜକୁମାର ଘୋର ପ୍ରତିବାଦ କରିବେ, ତେଣୁ କୌଣସି ଗୁପ୍ତ ଉପାୟରେ ରାଣୀଙ୍କୁ ବଧ କରିବା ଉଚିତ । ରାଣୀଙ୍କୁ ବଧ କରିବା ବିଷୟରେ ବହୁତ ପ୍ରକାର ପରାମର୍ଶ ରାଜାଙ୍କ ସମ୍ମୁଖରେ ଉପସ୍ଥାପିତ କରାଗଲା । ଶେଷରେ ଗୋଟିଏ ପରାମର୍ଶ ରାଜାଙ୍କୁ ଯୁକ୍ତିଯୁକ୍ତ ମନେହେଲା । ପରାମର୍ଶଟି ହେଲା,— ''ରାଣୀ ପୂଜନ କରିବା ସମୟରେ ସିଂହ-ପିଞ୍ଜରା ଆଣି ରାଣୀଙ୍କ ବାସଗୃହରେ ଛାଡ଼ି ଦିଆଯାଉ; ସିଂହ ରାଣୀଙ୍କୁ ଖାଇବା ପରେ ପ୍ରଚାର କରିଦିଆ ହେବ ଯେ ସିଂହ ପିଞ୍ଜରାରୁ ବାହାରି ରାଣୀଙ୍କୁ ଖାଇଗଲା ।'' ଏହାହିଁ ଯଥାର୍ଥ ଉପାୟ ବୋଲି ରାଜାଙ୍କୁ ମନେ ହେଲା ।

ରାଣୀ ରତ୍ନାବତୀ ଭଗବତ୍ ଭକ୍ତିରେ ନିମଗ୍ନ ହୋଇ ଭଗବାନଙ୍କ ବିଗ୍ରହ ପୂଜା କରୁଥା'ନ୍ତି । ସେ ଏକେବାରେ ଭଗବତ୍ ପ୍ରେମରେ ବିଭୋର । ତାଙ୍କର ସମସ୍ତ ଇନ୍ଦ୍ରିୟ ଭଗବନ୍ମୟ ହୋଇଯାଇଅଛି । ସେହି ସମୟରେ ଜଣେ ଦାସୀ ଭୟତ୍ରସ୍ତ ସ୍ୱରରେ କହିଲା, ''ମହାରାଣୀ, ସିଂହ ଆସିଲା ।'' ରାଣୀ ସେ ସମୟରେ ବାହ୍ୟଜ୍ଞାନଶୂନ୍ୟ । ପୁନରାୟ ରାଣୀଙ୍କୁ ସ୍ପର୍ଶ କରି ଦାସୀ କହିଲା, ''ସିଂହ ଆସିଗଲା ।'' ସେତେବେଳକୁ ସିଂହ ଆସି ପୂଜାଗୃହରେ ପ୍ରବେଶ କରିସାରିଲାଣି । ଦାସୀମାନେ ଏଣେତେଣେ ପଳାଇଲେ । ରାଣୀ ଅନ୍ତଶ୍ଚେତନାରେ ଭଗବତ୍ ଭକ୍ତିରେ ତନ୍ମୟ ଥିଲେ । ଦାସୀର ସ୍ପର୍ଶ ଯୋଗୁଁ ହଠାତ୍ ଆଖି ଖୋଲିଲେ ମଧ୍ୟ ତାଙ୍କର ବୃତ୍ତିଚୟ ଅନ୍ତର୍ମୁଖୀ ଥିଲା । ସେ ଅର୍ଦ୍ଧ-ବାହ୍ୟ-ଜ୍ଞାନ ଅବସ୍ଥାରେ ଆଖି ଖୋଲି ଦେଖିଲେ ସିଂହ ତାଙ୍କ ସମୀପରେ ଠାକୁରଙ୍କ ସମ୍ମୁଖରେ ଛିଡ଼ା ହୋଇଅଛି । ସେ ନିର୍ଭୟରେ ଧୀର, ସ୍ଥିର, ଶାନ୍ତ, ଭଗବତ୍ ଭାବରେ ବିଭୋର ହୋଇ କହିଲେ, ''ଆଜି ମୋର ବଡ଼ ଭାଗ୍ୟ, ପ୍ରହ୍ଲାଦର ପ୍ରଭୁ ନରସିଂହ ଭଗବାନ୍ ମୋ ପୂଜା ସ୍ୱୀକାର କରିବାକୁ ଆସିଛନ୍ତି ।'' ସେ ସମୟରେ ଠାକୁରଙ୍କ ପାଖରେ ସମସ୍ତ ପୂଜାର ସାମଗ୍ରୀ ବିଦ୍ୟମାନ ଥିଲା । ସିଂହ ସେଠାରେ ବସିଗଲା । ସେ ପ୍ରେମରେ ବିଭୋଳ ହୋଇ ପ୍ରଥମେ ସିଂହକୁ ଊର୍ଦ୍ଧ୍ୱପୁଣ୍ଡ୍ର ତିଳକ ଲେପନ କଲେ, ଗଳାରେ ପୁଷ୍ପମାଳା ପିନ୍ଧାଇ ଦେଲେ, ଆଳତି କରି ନରସିଂହ ପ୍ରଭୁଙ୍କ ରୂପରେ ସିଂହକୁ ସ୍ତୁତି କଲେ । ଏହି ଘଟଣା ସମସ୍ତଙ୍କ ସମ୍ମୁଖରେ ବହୁତ ସମୟ ପର୍ଯ୍ୟନ୍ତ ହେଉଥିଲା । ଯେଉଁ ଷଡ଼ଯନ୍ତ୍ରକାରୀମାନେ ସିଂହର ପିଞ୍ଜରା ଆଣି ଖୋଲି ଦେଇଥିଲେ, ସେହିମାନେ ପୁନରାୟ ସିଂହକୁ ପିଞ୍ଜରାରେ ବନ୍ଦ କରିବା ଉଦ୍ଦେଶ୍ୟରେ ଛିଡ଼ାହୋଇ ଅପେକ୍ଷା କରିଥିଲେ । ରାଣୀ ରତ୍ନାବତୀଙ୍କ ପୂଜା ସମାପ୍ତ ହେବା ପରେ ସିଂହ ପୂଜାଗୃହରୁ ବାହାରି ଷଡ଼ଯନ୍ତ୍ରକାରୀଙ୍କ ମଧ୍ୟରୁ କେତେଜଣଙ୍କୁ ଯମପୁରୀକୁ ପଠାଇ ଦେଇ ପିଞ୍ଜରାରେ ପ୍ରବେଶ କଲା ।

ରାଜା ମାଧୋସିଂହ ରାଣୀଙ୍କ ମୃତ୍ୟୁ ଖବର ପାଇ ନିଜ କ୍ରୋଧକୁ ଶାନ୍ତ କରିବା ଉଦ୍ଦେଶ୍ୟରେ ଅପେକ୍ଷା କରି ବସିଥିଲେ । କିନ୍ତୁ ରାଣୀଙ୍କ ଦ୍ୱାରା ସିଂହର ପୂଜା ଓ ଷଡ଼ଯନ୍ତ୍ରକାରୀଙ୍କ ମୃତ୍ୟୁ ଯେଉଁମାନେ ସ୍ୱଚକ୍ଷୁରେ ଦେଖିଥିଲେ ସେମାନେ ରାଜାଙ୍କୁ ସମସ୍ତ ଘଟଣା ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ଶୁଣାଇ ଦେଲେ । ଏହି ଖବରରେ ରାଜାଙ୍କ ରାଗ କ୍ଷଣକରେ ଉଡ଼ିଗଲା; ରାଣୀଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି ଉତ୍ପନ୍ନ ହେଲା । ସୁତରାଂ ରାଣୀଙ୍କ ପ୍ରତି କରିଥିବା ଅପରାଧରେ ତାଙ୍କୁ ବହୁତ ପଶ୍ଚାତ୍ତାପ ହେଲା । ରାଣୀଙ୍କ ପ୍ରତି ତାଙ୍କର ସ୍ତ୍ରୀ ଭାବ ପରିବର୍ତ୍ତେ ଭଗବତ୍ ଭକ୍ତ, ପୂଜ୍ୟ, ଦେବୀ ଭାବ ଉତ୍ପନ୍ନ ହେଲା । ସେ ନିଜ ଅପରାଧ କ୍ଷମା ସକାଶେ ତତ୍କ୍ଷଣାତ୍ ରାଣୀଙ୍କ ପୂଜାଗୃହକୁ ଆସିଲେ ।

ଭଗବାନ୍ ସିଂହ ରୂପରେ ରାଣୀଙ୍କ ପୂଜା-ସେବା ସ୍ୱୀକାର କରୁଥିବାରୁ ସେ ଭଗବାନଙ୍କ ପ୍ରତି କୃତଜ୍ଞତା ତଥା ପ୍ରେମରେ ସ୍ତୁତି କରୁ କରୁ ପ୍ରେମରେ ବିଭୋର ହୋଇଯାଇଥିଲେ, ସେହି ସମୟରେ ରାଜା ଆସି ପ୍ରଣାମ କଲେ । ଦାସୀମାନେ କହିଲେ, ''ମହାରାଣୀ, ମହାରାଜା ଆସି ପ୍ରଣାମ କରୁଅଛନ୍ତି ।'' ରାଣୀ ଉତ୍ତର ଦେଲେ, ''ସେ ନନ୍ଦଲାଲଙ୍କୁ ପ୍ରଣାମ କରୁଅଛନ୍ତି ।'' ରାଜା କହିଲେ, ''ମୋ ଆଡ଼କୁ ଥରେ ଦୃଷ୍ଟି ଫେରାଅ ।'' ରାଣୀ ଉତ୍ତର ଦେଲେ, ''ମୁଁ କ'ଣ କରିବି, ମୋ ଆଖି ଶ୍ୟାମସୁନ୍ଦରଙ୍କ ଚରଣରେ ଆବଦ୍ଧ ହୋଇଛି ।'' ରାଜା କହିଲେ, ''ରାଜ୍ୟ, ସମ୍ପତ୍ତି, ଦାସଦାସୀ ସବୁକିଛି ତୁମରି, ବର୍ତ୍ତମାନ ତୁମେ ଯାହା ଚାହଁ, ତାହା କର ।'' ରାଣୀ କହିଲେ, ''ମୋର ରାଜ୍ୟ, ସମ୍ପତ୍ତି, ଧନ, ଐଶ୍ୱର୍ଯ୍ୟ ସବୁକିଛି ଏହି ଶ୍ୟାମସୁନ୍ଦର । ମୋତେ ଏହାଙ୍କୁ ସେବା କରିବାକୁ ଅନୁମତି ଦିଅ ।'' ରାଜା ଆନନ୍ଦରେ ଗଦ୍‌ଗଦ ହୋଇ କହିଲେ, ''ତୁମକୁ ଯହିଁରେ ପ୍ରସନ୍ନତା ତାହାହିଁ କର । ତୁମ ପ୍ରତି ମୋର ଯେଉଁ ଦୁର୍ବ୍ୟବହାର ଥିଲା, ତାହା ଭୁଲିଯାଅ ।'' ରାଣୀ କହିଲେ, ''ମୋ ଶ୍ୟାମସୁନ୍ଦରଙ୍କ ଇଚ୍ଛା ବ୍ୟତୀତ ଅନ୍ୟ କାହାରି ଇଚ୍ଛା ପୂର୍ଣ୍ଣ ହୁଏ ନାହିଁ । ତୁମେ ଯାହା କରିଛ, ତହିଁରେ ଶ୍ୟାମସୁନ୍ଦରଙ୍କ ଅନୁମତି ଥିବ । ତୁମର କୌଣସି ଦୋଷ ନାହିଁ ।'' ଏହା ଶୁଣି ରାଜା ଭଗବତ୍ ଭକ୍ତିରେ ତନ୍ମୟ ହୋଇଗଲେ । ଏହା ରାଣୀଙ୍କ ଭଗବତ୍ ଭକ୍ତିର ପ୍ରଭାବ ଥିଲା ।

ଦିନେ ମହାରାଜା ମାନସିଂହ ତଥା ମାଧୋସିଂହ ଦୁଇଭାଇ ନଦୀ ପାର ହେଉଥିଲେ । ତାଙ୍କ ସଙ୍ଗେ ଅମାତ୍ୟବର୍ଗ ଓ ସେନା ମଧ୍ୟ ଥିଲେ । କେତେକ ନୌକା ପାର ହୋଇ ସାରିଥିଲା, କେତେକ ପଛରେ ଥିଲା । କିନ୍ତୁ ମହାରାଜା ମାନସିଂହଙ୍କ ନୌକା ନଦୀର ମଝିଧାରରେ ପହଞ୍ଚିଥିଲା । ସେହି ସମୟରେ ଭୟଙ୍କର ଝଡ଼ତୋଫାନ ହେବାରୁ ନୌକା ଜଳ-ଆବର୍ତ୍ତରେ ପଡ଼ି ଆଗକୁ କିଂବା ପଛକୁ ଯାଇ ପାରିଲା ନାହିଁ । ନୌକାରେ କେତେ ଝଲକା ଜଳ ପଶିଗଲା । ନୌକା ଠିକ୍ ବୁଡ଼ିବା ଅବସ୍ଥାରେ । ମହାରାଜା ମାନସିଂହ ବ୍ୟଗ୍ର ହୋଇ ଛୋଟଭାଇଙ୍କୁ କହିଲେ, ''ମାଧୋ, ଏବେ ଜୀବନର ଶେଷ ସମୟ ଆସିଗଲା ।'' ମାଧୋସିଂହ ଉତ୍ତର ଦେଲେ, ''ନାହିଁ ମହାରାଜା, ଆପଣଙ୍କ ଭ୍ରାତୃବଧୂ ଭଗବାନଙ୍କର ଅନନ୍ୟା ଭକ୍ତା, ତାଙ୍କୁ ସ୍ମରଣ କଲେ ଆମ୍ଭେମାନେ ବଞ୍ଚିଯିବା ।'' ଦୁଇଭାଇ ରତ୍ନାବତୀଙ୍କୁ ସ୍ମରଣ କରିବା ସଙ୍ଗେ ସଙ୍ଗେ ନୌକା ଆଖି ପିଛୁଳାକେ ମଝିଧାରର ଆବର୍ତ୍ତରୁ ବାହାରି ତୀବ୍ର ବେଗରେ କୂଳକୁ ଚାଲିଗଲା । ଏ ଘଟଣାରେ ମହାରାଜା ମାନସିଂହ ବିସ୍ମୟାଭିଭୂତ ହୋଇଗଲେ । ଭ୍ରାତୃବଧୂଙ୍କ ପ୍ରତି ତାଙ୍କର ବହୁତ ଶ୍ରଦ୍ଧା ତଥା ସମ୍ମାନ ଉଦ୍ରେକ ହେଲା । ସେ ସମୟର ପ୍ରଥା ଅନୁସାରେ ଛୋଟଭାଇର ସ୍ତ୍ରୀକୁ ଦେଖିବା ଅଥବା କଥାବାର୍ତ୍ତା କରିବା ସାମାଜିକ ନିୟମର ବିରୁଦ୍ଧ ଥିଲା । କିନ୍ତୁ ମହାରାଜା ମାନସିଂହଙ୍କର ରାଣୀ ରତ୍ନାବତୀଙ୍କ ପ୍ରତି ଭ୍ରାତୃବଧୂ ଭାବ ନ ଥିଲା । ସେ ତାଙ୍କୁ ଭଗବତ୍ ଭକ୍ତା ଦେବୀରୂପେ ସମ୍ମାନ କରୁଥିଲେ । ବହୁତ ଆଗ୍ରହ ସହକାରେ ଛୋଟଭାଇ ମାଧୋସିଂହଙ୍କ ସହ ଯାଇ ରାଣୀ ରତ୍ନାବତୀଙ୍କୁ ମହାରାଜା ମାନସିଂହ ଦର୍ଶନ କରି ବହୁତ ଆନନ୍ଦିତ ହେଲେ । ରାଣୀ ରତ୍ନାବତୀଙ୍କ ଭକ୍ତିର ପ୍ରଭାବରୁ ରାଜା ତଥା ରାଜପରିବାରର ସମସ୍ତେ ନିଜ ନିଜକୁ ଗୌରବାନ୍ୱିତ ମନେକଲେ ।

ଏପରି ଭଗବତ୍ ଭକ୍ତା ଦେବୀ ସବୁ ସମୟରେ ବନ୍ଦନୀୟା ଏବଂ ପୂଜ୍ୟା । ଏପରି ଭକ୍ତଙ୍କ ଦର୍ଶନ ଏବଂ ଉପଦେଶରେ ଅସଂଖ୍ୟ ନରନାରୀ ଉଦ୍ଧାର ହୁଅନ୍ତି । ସେମାନେ ଇହସଂସାର ତ୍ୟାଗ କରିବା ପରେ ମଧ୍ୟ ସେମାନଙ୍କ ଭକ୍ତି ଓ ପ୍ରେମ ଏହି ବାୟୁମଣ୍ଡଳରେ ଉପସ୍ଥିତ ଥାଏ, ସେମାନଙ୍କ ଚରିତ ଅଧ୍ୟୟନ କରିବା ଦ୍ୱାରା ସେମାନଙ୍କ ଭକ୍ତି ଓ ପ୍ରେମର ସ୍ପର୍ଶରେ ପାଠକମାନଙ୍କ ହୃଦୟ ପ୍ଲାବିତ ହୋଇଯାଏ । ଭକ୍ତମାନେ ଜୀବିତ ଅବସ୍ଥାରେ ଏବଂ ଶରୀରତ୍ୟାଗ କରିବା ପରେ ବି ଅନ୍ୟର ହିତସାଧନ କରନ୍ତି । ଏପରି ଭକ୍ତମାନଙ୍କ ଚରଣରେ ବାରଂବାର ଆନ୍ତରିକ ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଇ ଆମ୍ଭେମାନେ କୃତକୃତ୍ୟ ହେବା ।

ବୋଲ ଭକ୍ତ ଏବଂ ଭଗବାନଙ୍କର ଜୟ ।

ନିର୍ମଳା

ନିର୍ମଳା ପଣ୍ଡିତ ବିଶ୍ୱନାଥଙ୍କ ଏକମାତ୍ର କନ୍ୟା ଥିଲା । ପଣ୍ଡିତ ବିଶ୍ୱନାଥ ଗୁଜୁରାଟୀ ଗୌଡ଼ ବ୍ରାହ୍ମଣ ଥିଲେ । ସେ ଗୁଜୁରାଟରୁ ଆସି କାଶୀରେ ବସବାସ କରିଥିଲେ । ବିଶ୍ୱନାଥଙ୍କର ପ୍ରଚୁର ସମ୍ପତ୍ତି ବା ଭୋଗବିଳାସର ବସ୍ତୁ ନ ଥିଲା । ତଥାପି ସାଧାରଣଭାବେ ଚଳିବାରେ କୌଣସି ଅସୁବିଧା ନ ଥିଲା । ସେ ବଡ଼ ବିଦ୍ୱାନ୍ ଥିଲେ । ତାଙ୍କର ସଂସ୍କୃତ ପାଠଶାଳା ଥିଲା । ସେ ବିଦ୍ୟାର୍ଥୀମାନଙ୍କୁ ବଡ଼ ଶ୍ରଦ୍ଧାରେ ବ୍ୟାକରଣ, ନ୍ୟାୟ, ମୀମାଂସାଦି ଦର୍ଶନ ଶିକ୍ଷା ଦେଉଥିଲେ । ସେ ଦର୍ଶନଶାସ୍ତ୍ର ତଥା ବ୍ୟାକରଣରେ ମହାନ୍ ପଣ୍ଡିତ ଥିବା ସତ୍ତ୍ୱେ ଶୁଷ୍କ ପୋଥିପଢ଼ା ବକ୍ତା ନ ଥିଲେ । ତାଙ୍କ ହୃଦୟରେ ଭଗବତ୍-ଭକ୍ତି-ଭାଗୀରଥୀ-ସ୍ରୋତ ପ୍ରବାହିତ ହେଉଥିଲା । ସେ ପ୍ରତିଦିନ ସନ୍ଧ୍ୟା ସମୟରେ ବାଲ୍ମୀକି ରାମାୟଣ କଥା କହୁଥିଲେ । ତାଙ୍କ କଥା ଏପରି ଲାଳିତ୍ୟପୂର୍ଣ୍ଣ, ମନୋମୁଗ୍ଧକର ହେଉଥିଲା ଯେ କୌଣସି ଶ୍ରୋତା ଥରେ ତାଙ୍କ ପୁରାଣ କଥା ଶୁଣିଲେ ଆଉ ତାଙ୍କ ପାଖକୁ ନ ଆସି ରହିପାରୁ ନ ଥିଲା । ସେ କଥା କହିବା ସମୟରେ କହୁଥିବା ବିଷୟ ସହିତ ଏକେବାରେ ତନ୍ମୟ ହୋଇ ଯାଉଥିଲେ । ବୀରରସ ପ୍ରସଂଗରେ ତାଙ୍କ ଚେହେରା ତଥା ଶବ୍ଦରେ ବୀରରସ ଫୁଟି ଉଠୁଥିଲା; ଶୋକ ପ୍ରସଂଗରେ ନେତ୍ରରୁ ଅଶ୍ରୁଧାରା ପ୍ରବାହିତ ହେଉଥିଲା । ଭଗବତ୍ ଭକ୍ତି ପ୍ରସଂଗରେ ସେ ଏକେବାରେ ମସ୍ତ ହୋଇ ଭଗବତ୍ ପ୍ରେମରେ ବିଭୋର ହୋଇ ଯାଉଥିଲେ । ଶ୍ରୀରାମଙ୍କ ବନଗମନ, ସୀତାହରଣ ପ୍ରସଙ୍ଗରେ ଶୋକକୁ ସମ୍ଭରଣ କରିବା ତାଙ୍କ ପକ୍ଷେ ଅସାଧ୍ୟ ଥିଲା ।

ପଣ୍ଡିତ ବିଶ୍ୱନାଥଙ୍କ ଧର୍ମପତ୍ନୀ ସଦାଚାରିଣୀ, ପତିବ୍ରତା, ଭଗବତ୍ ଭକ୍ତା ଥିଲେ । ପତି-ଆଦେଶ, ପତିସେବା ତାଙ୍କର ବ୍ରତ ଥିଲା । ତାଙ୍କର ନିର୍ମଳା ଛଡ଼ା ଆଉ କୌଣସି ସନ୍ତାନ ନ ଥିଲେ । ସେମାନଙ୍କ ଘର ଯଥାର୍ଥରେ ଥିଲା ଋଷି ଆଶ୍ରମ । ପିତାମାତା ଭକ୍ତ ତଥା ଚରିତ୍ରବାନ୍ ହେଲେ ସେମାନଙ୍କ ପ୍ରଭାବ ସନ୍ତାନ ଉପରେ ମାତା ଗର୍ଭରୁ ପଡ଼େ । ମନୁଷ୍ୟ ଯେଉଁ ବାତାବରଣରେ ବାସକରେ, ଶ୍ୱାସପ୍ରଶ୍ୱାସରେ ସେହି ତତ୍ତ୍ୱ ଗ୍ରହଣ କରେ । ସେହି ଅନୁସାରେ ତା'ର ଚରିତ୍ର ଗଠିତ ହୁଏ । ନିର୍ମଳା ବାଲ୍ୟକାଳରୁ ପିତାଙ୍କଠାରୁ ବାଲ୍ମୀକି ରାମାୟଣ ଚରିତ ଶୁଣୁଥିଲା; ପିତାମାତାଙ୍କ ଧ୍ୟାନ-ପୂଜନ ଦେଖୁଥିଲା । ଏହିସବୁ ପ୍ରଭାବରେ ବାଲ୍ୟାବସ୍ଥାରୁ ନିର୍ମଳା ହୃଦୟରେ ଗୋଟିଏ କ୍ଷୀଣ ଭକ୍ତି-ସ୍ରୋତ ପ୍ରବାହିତ ହେଲା । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ବାତାବରଣର ପ୍ରଭାବ, ପିତାମାତାଙ୍କ ପ୍ରଭାବରୁ ତା' ହୃଦୟରେ ଥିବା କ୍ଷୀଣ ଭକ୍ତି-ସ୍ରୋତ କ୍ରମଶଃ ବୃଦ୍ଧି ହୋଇ ଜଗତପ୍ଲାବିନୀ ଭାଗୀରଥୀରେ ପରିଣତ ହେଲା । ପିତା ତାକୁ ସଂସ୍କୃତ ପଢ଼ାଇଦେଲେ, କେତେକ ଭଗବତ୍ ସ୍ତୁତି ମୁଖସ୍ଥ କରାଇଦେଲେ । ସେ ଭଗବତ୍ ସ୍ତୁତି ଗାନ କରି ଏକେବାରେ ତନ୍ମୟ ହୋଇ ଯାଉଥିଲା ।

ନିର୍ମଳାର ନାମ ଅନୁସାରେ ତା'ର ଗୁଣ ଥିଲା । କଳିଯୁଗର କାଳିମା ତାକୁ ସ୍ପର୍ଶ କରି ନ ଥିଲା । ନିର୍ମଳାର ରୂପ ଯେପରି ସୁନ୍ଦର ଥିଲା ତା' ଅପେକ୍ଷା ଅଧିକ ସୁନ୍ଦର ଓ ପବିତ୍ର ଥିଲା ତା'ର ମନ, ପ୍ରାଣ, ହୃଦୟ । ସେ ନାରୀ ରୂପରେ ସ୍ୱର୍ଗର ଦିବ୍ୟ ଦେବୀ, ଭକ୍ତିର ବିଗ୍ରହ, ବୈରାଗ୍ୟର ମୂର୍ତ୍ତି ଥିଲା । ତା'ର କୌଣସି ବସ୍ତୁରେ ଆସକ୍ତି ନ ଥିଲା, କୌଣସି ବସ୍ତୁ ସେ ଚାହୁଁ ନ ଥିଲା । ତା'ର ଏକମାତ୍ର ଲକ୍ଷ୍ୟ, ଏକମାତ୍ର ପ୍ରେମ, ଏକମାତ୍ର ଆସକ୍ତି, ଏକମାତ୍ର ଭକ୍ତି ଥିଲା ଶ୍ରୀରାମଙ୍କ ଚରଣରେ । ସେ ପ୍ରାଣରୁ ଅଧିକ ଭଲ ପାଉଥିଲା ଶ୍ରୀରାମଙ୍କୁ । ତାଙ୍କରି ଚରଣରେ ସେ ନିଜର ସର୍ବସ୍ୱ ମନ, ପ୍ରାଣ, ଶରୀରକୁ ସମର୍ପଣ କରି ସାରିଥିଲା । ତାଙ୍କରି ଇଚ୍ଛାରେହିଁ ସେ ବଞ୍ଚି ରହିଥିଲା ଓ ତାଙ୍କ ଇଚ୍ଛାରେ ମୃତ୍ୟୁକୁ ବରଣ କରିବାକୁ ପ୍ରସ୍ତୁତ ଥିଲା । ସଂସାରର ଭୋଗବାସନା ତାକୁ ସ୍ପର୍ଶ କରି ନ ଥିଲା । ଶରୀରକୁ ବସ୍ତ୍ରଭୂଷଣ, ଅତର, କୁସୁମରେ ସୁସଜ୍ଜିତ କରିବା ତା'ର କଳ୍ପନାତୀତ ଥିଲା । ସେ ଭୋର ଚାରିଟାରୁ ଉଠି ସ୍ନାନ କରି ଶ୍ରୀରାମଙ୍କ ଧ୍ୟାନ, ପୂଜନ କରେ, ପରେ ଶ୍ରୀରାମଙ୍କ ସେବାରୂପେ ଝାଡୁ ଦେବା, ଚୌକା ଲଗାଇବା, ରୋଷେଇ କରିବା, ରନ୍ଧନଦ୍ରବ୍ୟ ପରଷିବା କାର୍ଯ୍ୟରେ ଲାଗିପଡ଼େ । ଏକ ପ୍ରହର ରାତ୍ରିରେ ତା'ର ସମସ୍ତ କାର୍ଯ୍ୟ ସମାପ୍ତ ହୁଏ ।

ନିର୍ମଳା ପରିଷ୍କାର ମୋଟା ଶାଢ଼ି ପରିଧାନ କରେ । ଅଖା ଉପରେ ଶୁଏ । ଅବଧ ପ୍ରାନ୍ତରେ ଭୟଙ୍କର ଶୀତ ହୁଏ ।

ଦୁଇ, ତିନୋଟି କମ୍ବଳ ହେଲେ ବ୍ୟକ୍ତି ନିଶ୍ଚିନ୍ତ ହୋଇ ଶୋଇପାରେ । ଏପରି ଶୀତରେ ଭୂଇଁ ଥଣ୍ଡା ହେବା ସ୍ୱାଭାବିକ । କମ୍ବଳ ଛଡ଼ା ଅନ୍ୟ ବିଛଣା ଶୀତ ସମ୍ଭାଳି ପାରେ ନାହିଁ । ଅନ୍ୟ କିଛି ବିଛଣାରେ ଲୋକ ଶୋଇଲେ ତା'ର ଓଠ ଓ ଆଣ୍ଠୁ ଥଣ୍ଡାରେ ଏକତ୍ର ହୋଇଯାଏ । କିନ୍ତୁ ସେହି ଶୀତରୁ ରକ୍ଷା ପାଇବାକୁ ନିର୍ମଳାର ବିଶେଷ କିଛି ନ ଥିଲା, ଥିଲା କେବଳ ବିଛଣା ପାଇଁ ଝୋଟବୁଣା ଚଟ, ଘୋଡ଼ି ହେବାକୁ ଗୋଟିଏ କମ୍ବଳ ଓ ପିନ୍ଧିବାକୁ ଗୋଟିଏ ତୁଳାଦାର କୋଟ୍ ।

ନିର୍ମଳା ରାତିରେ ଘର କାମ କରିସାରିବା ପରେ ଭୂଇଁରେ ଝୋଟଚଟ ଉପରେ କୁଶ ଆସନ ବିଛାଇ ବସି ଧ୍ୟାନ, ପୂଜନ, ସ୍ତୁତିଗାନ କରେ । ପରେ କୁଶ ଆସନ ଉଠାଇ ଦେଇ ଖାଲି ଚଟ ଉପରେ ଶ୍ରୀରାମଙ୍କୁ ଧ୍ୟାନ କରି ତାଙ୍କରି ନାମ ଜପ କରୁ କରୁ ଶୋଇପଡ଼େ । ଭୋର ଚାରିଟା ପୂର୍ବରୁ ନିଦ୍ରାଭଙ୍ଗ ସଙ୍ଗେ ସଙ୍ଗେ ଶ୍ରୀରାମଙ୍କ ନାମ ଜପ କରୁ କରୁ ଉଠି ବସେ ଏବଂ ଧ୍ୟାନ ଆରମ୍ଭ କରିଦିଏ । ଶୋଇବା ପୂର୍ବରୁ ଜପ, ଧ୍ୟାନ କରୁ କରୁ ଶୋଇ ଉଠିବା ସଙ୍ଗେ ସଙ୍ଗେ ଜପ, ଧ୍ୟାନ କଲେ ନିଦ୍ରା ସମୟ ବ୍ୟର୍ଥରେ ଯାଏ ନାହିଁ । ସେ ସମୟ ମଧ୍ୟ ଭଗବତ୍ ସ୍ମରଣର ଅନ୍ତର୍ଗତ ହୁଏ । କାରଣ ଶୋଇବା ସମୟରେ ବ୍ୟକ୍ତିର ଯେଉଁ ଚେତନା ଥାଏ ନିଦ୍ରା ଅବସ୍ଥାରେ ସେ ସେହି ଚେତନା ସ୍ତରରେ ବିଚରଣ କରେ । ପରେ ଚାରିଟା ବାଜିଲେ ଶୌଚ-ସ୍ନାନକୁ ଯାଏ । ବାଲ୍ୟାବସ୍ଥାରୁ ନିର୍ମଳାର ମନ ଭଗବାନଙ୍କ ଚରଣାରବିନ୍ଦରେ ଯେପରି ଅନୁରକ୍ତ ଥିଲା ସେହିପରି ଉତ୍ସାହର ସହିତ ଶରୀରରେ ଭଗବତ୍ ସେବା କରୁଥିଲା । ଭଗବତ୍ ଭକ୍ତିରେ ତା' ମନ-ପ୍ରାଣ ନିର୍ମଳ ହୋଇଥିବାରୁ ତା'ର ବ୍ୟବହାର ପ୍ରତ୍ୟେକ ପ୍ରାଣୀ ସହିତ ନିଷ୍କପଟ ଏବଂ ସ୍ନେହପୂର୍ଣ୍ଣ ଥିଲା । ସେଥିପାଇଁ ସେ ପ୍ରତ୍ୟେକ ପ୍ରାଣୀଙ୍କୁ ଭଲ ପାଉଥିଲା, ପ୍ରତ୍ୟେକ ପ୍ରାଣୀ ତାକୁ ମଧ୍ୟ ଭଲ ପାଉଥିଲେ ।

ନିର୍ମଳାର ଭଗବତ୍ ଭକ୍ତି ବୃଦ୍ଧି ହେବାକୁ ଲାଗିଲା । ସଂସାର ନିୟମ ଅନୁସାରେ ବିବାହ ମନୁଷ୍ୟର ଗୋଟାଏ ଅନିବାର୍ଯ୍ୟ ଅଙ୍ଗ ବୋଲି ସମାଜର ପରମ୍ପରାଗତ ଧାରଣା । ସନ୍ତାନକୁ ବିବାହ ନ ଦେଲେ ତା' ଜୀବନର ଗୋଟାଏ କିଛି କମ୍ ରହିଯାଏ ବୋଲି ପିତାମାତା ଭାବନ୍ତି । ଏହି ଧାରଣା ଭ୍ରମାତ୍ମକ । ମନୁଷ୍ୟ ଜୀବନରେ ସୁଖ ଚାହେଁ, ବୈବାହିକ ଜୀବନରେ ସୁଖ ଆଶା କରେ, କିନ୍ତୁ ଯଥାର୍ଥ ସୁଖ ସେଥିରେ ମିଳେ ନାହିଁ, ତାହାର ଅଭାବ ରହିଯାଏ । ସେ ଅଭାବ ପୂର୍ଣ୍ଣ ହୁଏ ଭଗବତ୍ ଭକ୍ତିରେ । ଅତଏବ ଜୀବନର ପ୍ରଧାନ ଉଦ୍ଦେଶ୍ୟ, ବୈବାହିକ ଜୀବନ ନୁହେଁ, ଭଗବତ୍ ଭକ୍ତି । ନିର୍ମଳାକୁ ତାହା ସୁଲଭ ଥିଲା । ତାହାର ବିବାହର ଆବଶ୍ୟକତା ନ ଥିଲା । କିନ୍ତୁ ତା'ର ପିତାମାତାଙ୍କ ଆଗ୍ରହ ତଥା ସାମାଜିକ ନିୟମ ବିରୋଧରେ ସେ ପ୍ରତିବାଦ କଲା ନାହିଁ । ଗୋଲାପ ରାଓ ନାମରେ ସୁଶୀଳ, ସଦାଚାରୀ, ଭକ୍ତିମାନ୍ ଯୁବକ ସହିତ ତା'ର ବିବାହ ପିତାଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଗଲା । ଗୋଲାପ ରାଓ ଯଥାର୍ଥରେ କେବଳ ରୂପରେ ଗୋଲାପ ପରି ନ ଥିଲେ, ସଦାଚାରରେ ମଧ୍ୟ ଗୋଲାପ ସଦୃଶ ଥିଲେ ।

ବିଶ୍ୱନାଥ ମହାନ୍ ପଣ୍ଡିତ ଥିବା ସତ୍ତ୍ୱେ ଭଗବାନଙ୍କର ଅନନ୍ୟ ଭକ୍ତ । ମନୁଷ୍ୟଜୀବନରେ ଏହା ସୁବର୍ଣ୍ଣରେ ସୁଗନ୍ଧ । ସାଧାରଣତଃ ବିଦ୍ୱାନ୍ ପଣ୍ଡିତ ଅହଂକାରର ପ୍ରତିମୂର୍ତ୍ତି ହୁଅନ୍ତି । କିନ୍ତୁ ବିଶ୍ୱନାଥଙ୍କ ହୃଦୟରେ ଭଗବତ୍-ଭକ୍ତି-ଭାଗୀରଥୀ ପ୍ରବାହିତ ହୋଇଥିବାରୁ ତାଙ୍କ ବିଦ୍ୟାକୁ ସୁଶୋଭିତ କରୁଥିଲା ନିଷ୍କପଟ ବିନୟ । ତା' ସଙ୍ଗେ ଥିଲା ଲୋଭରହିତ ନିସ୍ପୃହା । ପଣ୍ଡିତ ହୋଇ ଲୋଭ ତ୍ୟାଗ କଲେ କିପରି ସମ୍ମାନ ମିଳେ ତାହାର ଉଦାହରଣ ଥିଲେ ପଣ୍ଡିତ ବିଶ୍ୱନାଥ । ସେ ବିଦ୍ୟାର୍ଥୀମାନଙ୍କୁ ବିଦ୍ୟାଦାନ କରି ସେମାନଙ୍କଠାରୁ ଅର୍ଥ ଗ୍ରହଣ କରିବା ଦୂରେ ଥାଉ ସେମାନଙ୍କ ଶାରୀରିକ ସେବା ସ୍ୱୀକାର କରୁ ନ ଥିଲେ । ଯେ ଆଶା ତ୍ୟାଗ କରେ ତା' ପାଖକୁ ସବୁକିଛି ଆସେ । ଲୋକେ ବିଶ୍ୱନାଥଙ୍କ ସେବା କରିବାକୁ ଚାହୁଁଥିଲେ, କିନ୍ତୁ ତାଙ୍କର ନିସ୍ପୃହା ଓ ନିର୍ଲୋଭତା ଯୋଗୁଁ ସେମାନଙ୍କ ଇଚ୍ଛା ମନ ମଧ୍ୟରେ ରହି ଯାଉଥିଲା । ବହୁ ଦିନରୁ ଆଶା ରଖିଥିବା ବ୍ୟକ୍ତିଙ୍କର ଆଶା ପୂର୍ଣ୍ଣ ହେବାର ସମୟ ଆସିଲା । ବିଶ୍ୱନାଥଙ୍କର ଏକମାତ୍ର କନ୍ୟା ନିର୍ମଳାର ବିବାହ ଉତ୍ସବରେ ମିତ୍ର ତଥା ଶୁଭେଚ୍ଛୁ ବ୍ୟକ୍ତିମାନେ ଅଂଶ ଗ୍ରହଣ କରିବା ସ୍ୱାଭାବିକ । ସେଥିରେ ବିଶ୍ୱନାଥ ନିଷେଧ କରିବାରେ ଅସମର୍ଥ ଥିଲେ । ଲୋକେ ଉତ୍ସାହ ସହିତ ନିଜ ନିଜ ଶକ୍ତି ଅନୁସାରେ ଉଦାର ହୃଦୟରେ ଡାଲି, ଚାଉଳ, ପନିପରିବା, ଲୁଗାପଟା, ତେଲ, ଘିଅ, ଟଙ୍କାପଇସା, ଅଳଙ୍କାର ଓଗେର ନାନାଦି ଦ୍ରବ୍ୟ ଉପହାର ସହ ଉପସ୍ଥିତ ହେଲେ । କାର୍ଯ୍ୟର ବ୍ୟବସ୍ଥା ସେହିମାନଙ୍କର । ବିଶ୍ୱନାଥଙ୍କୁ ବିଶେଷ କିଛି ପରିଶ୍ରମ କରିବାକୁ ହେଲା ନାହିଁ । ବିବାହ ଖୁବ୍ ଧୁମ୍‌ଧାମ୍, ସମାରୋହରେ ହେଲା । ମିଷ୍ଟାନ୍ନ ତଥା ଅନ୍ନ

ଉଭୟପ୍ରକାର ଭୋଜନ ତିଆରି ହୋଇଥିଲା । ନିଜ ନିଜ ରୁଚି ଅନୁସାରେ ବ୍ୟକ୍ତି ଭୋଜନ କରୁଥିଲେ । ଯେ କେହି ଆସୁଥିଲା ଭୋଜନ ନ କରି ଫେରୁ ନ ଥିଲା । ଆଗନ୍ତୁକମାନେ ଏପରି ସମାରୋହପୂର୍ଣ୍ଣ ବିବାହ ଏବଂ ସୁନ୍ଦର ବ୍ୟବସ୍ଥା ଦେଖି ଆଶ୍ଚର୍ଯ୍ୟ ହୋଇପଡ଼ିଲେ । ବିଶ୍ୱନାଥଙ୍କର ଅନ୍ୟ ସନ୍ତାନ ନ ଥିବାରୁ ଗୋଲାପ ଓ ନିର୍ମଳା ତାଙ୍କ ଘରେ ରହିଲେ ।

ବିଧାତାର ବିଧାନ ବିଚିତ୍ର । ସେ ହୃଦୟହୀନ ବ୍ୟକ୍ତି ସଦୃଶ ସ୍ୱତନ୍ତ୍ର । ବିଧାତାର ବିଧାନକୁ ଅନ୍ୟଥା କରିବାକୁ କାହାର ଶକ୍ତି ନାହିଁ । ପୁଷ୍ପକଳିକା ପ୍ରସ୍ଫୁଟିତ ହୋଇ ତା'ର ସୌରଭ ପ୍ରକାଶ କରିବା ପୂର୍ବରୁ ତୁଷାର ଦ୍ୱାରା ଝାଉଁଳି ନଷ୍ଟ ହୋଇଯାଏ । ବାଳକ ସଦ୍‌ଗୁଣ ଗ୍ରହଣ କରି ଯୁବାବସ୍ଥାରେ ପଦାର୍ପଣ କରି ସଂସାରକ୍ଷେତ୍ରରେ କର୍ମପ୍ରସାର କରିବା ସମୟରେ ମୃତ୍ୟୁ ମୁଖରେ କବଳିତ ହୁଏ । ତା'ର ପିତାମାତା, ଭାଇବନ୍ଧୁ ମଥା ପିଟି ମରନ୍ତି । ବିଧାତାକୁ ସେ ଦୁଃଖ ସ୍ପର୍ଶ କରେ ନାହିଁ । ବିଧାତା କି ଦାରୁଣ ! ଏପରି କରିବାର ଥିଲେ ସେ ଜନ୍ମ ଦିଏ କାହିଁକି ?

ଗୋଲାପ ରାଓ ତଥା ନିର୍ମଳାର ଦାମ୍ପତ୍ୟ ସୁଖ ବିଧାତା ସହି ପାରିଲା ନାହିଁ । ବିବାହର ଏକ ବର୍ଷ ପରେ ହଇଜା ରୋଗରେ ଗୋଲାପ ରାଓ ସଂସାରରୁ ବିଦା ହୋଇ ଚାଲିଗଲେ । କିନ୍ତୁ ବିଶ୍ୱନାଥଙ୍କ ଉପରେ ବଜ୍ରପାତ ହେଲା । ନିର୍ମଳା ଛଡ଼ା ତାଙ୍କ ଆଗ ପଛରେ କେହି ନ ଥିଲେ । ନିର୍ମଳା ଥିଲା ତାଙ୍କରି ଏକମାତ୍ର କନ୍ୟା । ତା' ମଧ୍ୟରେ ଭଗବତ୍ ଭକ୍ତି, ଶାନ୍ତି, ନିଃସ୍ୱାର୍ଥପରତା, ନିରହଂକାର ଭାବ, ଦୟା, ତ୍ୟାଗ ଆଦି ସମସ୍ତ ସଦ୍‌ଗୁଣ ବିଦ୍ୟମାନ ଥିଲା । ସନ୍ତାନ ପ୍ରତି ପିତାମାତାଙ୍କର ସ୍ୱାଭାବିକ ସ୍ନେହ ଥାଏ; ସଦ୍‌ଗୁଣଯୁକ୍ତ ସନ୍ତାନ ପିତାମାତାଙ୍କର ପ୍ରାଣରୁ ଅଧିକ ପ୍ରିୟ ହୁଏ । ମନୁଷ୍ୟ ନିଜ ଦାରୁଣ ବେଦନା ସହ୍ୟ କରିପାରେ । କିନ୍ତୁ ସ୍ନେହପାତ୍ରର ସାଧାରଣ ଦୁଃଖକୁ ବରଦାସ୍ତ କରିବାରେ ଅସମର୍ଥ ହୁଏ । ନବ ବିବାହିତା କନ୍ୟାର ପତିବିୟୋଗରେ ପଣ୍ଡିତ ବିଶ୍ୱନାଥଙ୍କୁ ବହୁତ ଦୁଃଖ ଲାଗିଲା । କିନ୍ତୁ ଭଗବାନଙ୍କ କୃପାରୁ ତାହା ବହୁତ ସମୟ ସ୍ଥାୟୀ ନ ହୋଇ ଭଗବାନଙ୍କ ସ୍ମରଣରେ ପରିବର୍ତ୍ତିତ ହୋଇଗଲା । ସେହି ବ୍ୟଥିତ ଅବସ୍ଥାରେ ତାଙ୍କ ପରମାରାଧ୍ୟ ଶ୍ରୀରାମଚନ୍ଦ୍ରଙ୍କ ଚରଣରେ ପ୍ରାର୍ଥନା କଲେ, ''ହେ କରୁଣାମୟ, ମୋତେ ତଥା ତୁମ ସେବିକା ବାଳିକାକୁ ଦୁଃଖ-ସାଗରରୁ ଉଦ୍ଧାର କର । ତୁମ ଛଡ଼ା ଏ ସଂସାରରେ ମୋର ଅନ୍ୟ କେହି ନାହିଁ । ତୁମେ ମୋର ମାତା, ପିତା, ବନ୍ଧୁ, ସଖା, ସର୍ବସ୍ୱ । ତୁମରି ନିର୍ଦ୍ଦେଶରେ ଇନ୍ଦ୍ର, ଚନ୍ଦ୍ର, ସୂର୍ଯ୍ୟ ନିଜ ନିଜ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି । ତୁମରି ନେତ୍ରନିର୍ଦ୍ଦେଶ 'ଅଘଟନ-ଘଟନ-ପଟୀୟସୀ', ତୁମ୍ଭ ମାୟା ସଂସାର ସର୍ଜନା, ପାଳନ, ସଂହାର କରୁଅଛି । ତୁମେ ପାହାଡ଼କୁ ଧୂଳିକଣା କରିପାର, ଧୂଳିକଣାକୁ ମଧ୍ୟ ପାହାଡ଼ କରିପାର । ତୁମେ ସର୍ବଶକ୍ତିମାନ୍ । ପ୍ରଭୁ, ମୋ ଉପରେ ଦୟା କରି ଦର୍ଶନ ଦିଅ ଏବଂ ଏହି ଦୁଃଖରୁ ଉଦ୍ଧାର କର ।'' ଏହିପରି ପ୍ରାର୍ଥନା କରୁ କରୁ ପଣ୍ଡିତ ବିଶ୍ୱନାଥ ବେହୋସ ହୋଇ ପଡ଼ିଗଲେ । ବ୍ୟାକୁଳତାରେ ତାଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା, କଣ୍ଠ ରୁଦ୍ଧ ହୋଇଗଲା । ଭଗବାନ୍ ଭକ୍ତ ସଙ୍ଗେ ସଙ୍ଗେ ଛାୟା ସଦୃଶ ରହିଥାଆନ୍ତି । ଭକ୍ତର ଦୁଃଖ ଦୂର କରିବା ତାଙ୍କର ସ୍ୱଭାବ । ଭଗବାନ୍ ନିଜ ଶକ୍ତି ସୀତାଦେବୀଙ୍କ ସଙ୍ଗେ ଦିବ୍ୟ ସ୍ୱରୂପରେ ସିଂହାସନ ସହିତ ବିଶ୍ୱନାଥଙ୍କ ସମ୍ମୁଖରେ ପ୍ରଘଟ ହେଲେ, ଅଭୟ କରକମଳ ସ୍ପର୍ଶ କରି ଉଠେଇ ଦେଲେ । ବିଶ୍ୱନାଥ ଭଗବାନଙ୍କ ଅଭୟ କରକମଳ ସ୍ପର୍ଶରେ ନୂତନ ଜନ୍ମ ପାଇ ନେତ୍ର ଖୋଲି ସମ୍ମୁଖରେ ଚିରଅଭିଳଷିତ ପ୍ରଭୁଙ୍କ ଦର୍ଶନ ପାଇ କୃତକୃତ୍ୟ ହୋଇଗଲେ । ତାଙ୍କର ସମସ୍ତ ଦୁଃଖ ଦୂର ହୋଇଗଲା । ସେ ଆନନ୍ଦରେ ବିଭୋର ହୋଇ ସୀତାରାମଙ୍କ ଯୁଗଳଚରଣରେ ଦଣ୍ଡାକାର ପଡ଼ିଗଲେ । ଭଗବାନ୍ ନିଜ କରୁଣା ଗୁଣରେ ବିଶ୍ୱନାଥଙ୍କୁ ଦର୍ଶନ ଦେଲେ । ଏହି କୃତଜ୍ଞତା ଏବଂ ଭଗବାନଙ୍କ କୃପାକୁ ସ୍ମରଣ କରି ତାଙ୍କ ହୃଦୟ ଦ୍ରବିତ ହୋଇ ନେତ୍ରରୁ ଆନନ୍ଦାଶ୍ରୁ ପ୍ରବାହିତ ହେଲା । ଶ୍ରୀରାମ ମେଘଗମ୍ଭୀର, କୋମଳ ଶବ୍ଦରେ କହିଲେ, ''ବିଶ୍ୱନାଥ, ତୁ ମୋ ଭକ୍ତ, ତୁ କ'ଣ ଜାଣୁ ନାହିଁ ମୋର ପ୍ରତ୍ୟେକ ବିଧାନ ଭକ୍ତର କଲ୍ୟାଣ ସକାଶେ । ନିର୍ମଳା ବିଧବା ହେବାରେ ତା'ର ଓ ତୋର କଲ୍ୟାଣ ନିହିତ ଅଛି । ପୂର୍ବଜନ୍ମ ଘଟଣା ଶୁଣ ।''

ବିଶ୍ୱନାଥ ଓ ନିର୍ମଳାର ପୂର୍ବଜନ୍ମ ଘଟଣା

''ପୂର୍ବଜନ୍ମରେ ତୁ ସଦାଚାରୀ ବ୍ରାହ୍ମଣ ଥିଲୁ; ନିର୍ମଳା ତୋର କନ୍ୟା ଥିଲା । ତୋ ନାମ ଥିଲା ଜଗଦୀଶ, ନିର୍ମଳାର

ନାମ ଥିଲା ସରସ୍ୱତୀ । ତୋର ତଥା ସରସ୍ୱତୀର ସମସ୍ତ ସଦ୍‌ଗୁଣ ଥିଲା । ତୋ ପଡ଼ୋଶୀ ଗୋଟିଏ କ୍ଷତ୍ରିୟ ଥିଲା । ସେ ଥିଲା ଖୁବ୍ ଦୁଷ୍ଟ ତଥା ତା'ର ବୁଦ୍ଧି ଥିଲା ବହୁତ ତୀବ୍ର ଓ କପଟପୂର୍ଣ୍ଣ । ଠକିବା ବିଦ୍ୟାରେ ସେ ଥିଲା ବହୁତ ଚତୁର । ତା'ର କୁଦୃଷ୍ଟି ଥିଲା ସରସ୍ୱତୀ ଉପରେ । ସୁତରାଂ ସେ ତୋ ସହିତ କପଟ ମିତ୍ରତା ସ୍ଥାପନ କରି ତୋର ସହୃଦୟ ହୋଇଗଲା । ମନ ମଧ୍ୟରେ ଦୂଷିତ ଭାବ ରଖି ଉପରେ ସାତ୍ତ୍ୱିକ ଭାବ ଦେଖାଇ ସରସ୍ୱତୀ ସହିତ ମିତ୍ରତା ସ୍ଥାପନ କଲା । ସରସ୍ୱତୀର ନିଜ ପତି ସହିତ ବୈମନସ୍ୟ ଉତ୍‌ପନ୍ନ କରିବା ଉଦ୍ଦେଶ୍ୟରେ ବହୁପ୍ରକାର ଷଡ଼ଯନ୍ତ୍ର କଲା । ପରିଣାମରେ ସରସ୍ୱତୀ ନିଜ ପତିକୁ ତିରସ୍କାର କଲା ଏବଂ ତୁ ସରସ୍ୱତୀର କର୍ତ୍ତବ୍ୟକୁ ସମର୍ଥନ କରୁଥିଲୁ । ପିତାପୁତ୍ରୀଙ୍କ ଦୁର୍ବ୍ୟବହାରରେ ସରସ୍ୱତୀର ପତି ଅତ୍ୟନ୍ତ ଦୁଃଖିତ ହୋଇ ତୋତେ ତଥା ସରସ୍ୱତୀକୁ ଅଭିଶାପ ଦେଲା । ଅଭିଶାପ ଦେବା ଅବଶ୍ୟ ପାପ, କିନ୍ତୁ ମନୁଷ୍ୟ ବ୍ୟଥିତ ହେଲେ ତା'ର ଜ୍ଞାନ ନଷ୍ଟ ହୋଇଯାଏ । ମନୁଷ୍ୟ ରାଗରେ ଈର୍ଷାବଶ ହୋଇ ହଜାର ଗାଳି ଦେଲେ ତା'ର ପ୍ରଭାବ ପଡ଼େ ନାହିଁ, କିନ୍ତୁ ପୀଡ଼ିତ ହୋଇ ଅନ୍ତଃକରଣରୁ ଅଭିଶାପ ଦେଲେ ତା'ର ପ୍ରଭାବ ପଡ଼େ । ଶେଷରେ ସରସ୍ୱତୀ ସହିତ ତା' ପତିର ଘୋର ବିରୋଧ ହେବା ପରେ ସେହି ଛଦ୍ମଭାବାପନ୍ନ ବ୍ୟକ୍ତି ସରସ୍ୱତୀ ପ୍ରତି ଅସତ୍ ପ୍ରସ୍ତାବ ପ୍ରକାଶ କଲା । ସେଥିରେ ସରସ୍ୱତୀ ବହୁତ ବିସ୍ମିତ ତଥା ପଶ୍ଚାତ୍ତାପ କରି ତା' ମିତ୍ରତା ତ୍ୟାଗ କଲା; ଏକପତିନିଷ୍ଠାରେ କଳଙ୍କ ଲାଗିବାକୁ ଦେଇ ନ ଥିଲା । ସରସ୍ୱତୀର ସମସ୍ତ ସଦ୍‌ଗୁଣ ଥିବା ସତ୍ତ୍ୱେ ତା'ର ଏତିକିମାତ୍ର ଅପରାଧ ଥିଲା— ସେ ବିନା ଅପରାଧରେ ନିଜ ପତିକୁ ଅପମାନ ତଥା ତିରସ୍କାର କରିଥିଲା । ତୁ ତୋ'ର କନ୍ୟାର ଅନ୍ୟାୟକୁ ସମର୍ଥନ କରିଥିଲୁ । ସେହି କାରଣରୁ ତୁମ ଦୁହିଙ୍କୁ ପୁନରାୟ ଏହି ଦୁଃଖ ଭୋଗ କରିବାକୁ ପଡ଼ିଲା । ଯେ ମୋ ଆଶ୍ରୟ ନିଏ ତା'ର କୌଣସି ବିପଦ ସ୍ଥାୟୀ ହୋଇ ରହେ ନାହିଁ । ଯାହା ହୃଦୟରେ ମୋ ପ୍ରତି ଭକ୍ତି ଥାଏ ତାକୁ ସେ ସମସ୍ତ ବାଧାବିପତ୍ତିରୁ ମୁକ୍ତ କରି ମୋ ସମୀପରେ ପହଞ୍ଚାଇ ଦିଏ । ମୋ ଭକ୍ତ ଅପରାଧ କଲେ ତା'ର ଫଳ ତାକୁ ଭୋଗିବାକୁ ପଡ଼େ । କିନ୍ତୁ ମୋ ଭକ୍ତି ପ୍ରଭାବରେ ସେହି ଦୁଃଖ ଆନନ୍ଦରେ ପରିଣତ ହୁଏ । ଯଦ୍ୟପି ତୋ କନ୍ୟା ପୂର୍ବଜନ୍ମ ଦୋଷରୁ ବୈଧବ୍ୟକୁ ପ୍ରାପ୍ତ ହୋଇଅଛି ତଥାପି ବୈଧବ୍ୟରେ ସ୍ତ୍ରୀମାନଙ୍କୁ ଯେଉଁ ଅନୁତାପ କରିବାକୁ ହୁଏ ମୋ ଭକ୍ତି ପ୍ରଭାବରୁ ତାକୁ ତାହା ସ୍ପର୍ଶ କରିପାରି ନାହିଁ । ଏକମାତ୍ର କନ୍ୟାର ବୈଧବ୍ୟ ଯୋଗୁଁ ଯେଉଁ ବ୍ୟାକୁଳତା ତୋତେ ସମସ୍ତ ଜୀବନବ୍ୟାପୀ ଅଭିଭୂତ କରିଥାଆନ୍ତା, ମୋ କୃପାରୁ ତାହା ଅଳ୍ପକ୍ଷଣ ପରେ ଦୂର ହୋଇଗଲା । ମୋର ଭକ୍ତିଦେବୀଙ୍କୁ ଯେ ଆହ୍ୱାନ କରେ ସେ ସମସ୍ତ ବିପଦ-ଆପଦରୁ ରକ୍ଷାକରି ମୋତେ ତା' ହୃଦୟରେ ପ୍ରତିଷ୍ଠା କରିଦିଏ । ମୁଁ ସବୁକିଛି ତ୍ୟାଗ କରିପାରେ, କିନ୍ତୁ ଭକ୍ତକୁ ତ୍ୟାଗ କରିପାରେ ନାହିଁ । ଭକ୍ତ ସଙ୍ଗେ ଦିବାନିଶି ରହିଥାଏ । ମୁଁ ଯେଉଁଠାରେ ଥାଏ ସେଠାକୁ ବିପଦ ଆସେ ନାହିଁ । ଯେଉଁ ବିପଦ ଆସେ ତାହା ଅନିଷ୍ଟ ନ କରି ପରମ ସୁଖ ଆଡ଼କୁ ନେଇଯାଏ । ତୁମ୍ଭମାନଙ୍କର ଏହି ଦୁଃଖରେ ଭକ୍ତିଦେବୀଙ୍କ କୃପା ବିଦ୍ୟମାନ । ଏହାରି ଦ୍ୱାରା ତୁମ୍ଭମାନଙ୍କର ଚିରଦିନ ସକାଶେ ସମସ୍ତ ଦୁଃଖ ଦୂର ହୋଇଯିବ ।'' ଏତିକି କହି ଭଗବାନ୍ ଅନ୍ତର୍ଦ୍ଧାନ ହୋଇଗଲେ ।

ଏହା ଥିଲା ପ୍ରତ୍ୟକ୍ଷ ଘଟଣା । କିନ୍ତୁ ବିଶ୍ୱନାଥ ଭଗବତ୍ ଆନନ୍ଦରେ ଏପରି ତନ୍ମୟ ହୋଇଯାଇଥିଲେ ଯେ ଭଗବାନ୍ ଅନ୍ତର୍ଦ୍ଧାନ ହେବା ପରେ ତାଙ୍କୁ ସ୍ୱପ୍ନ ସଦୃଶ ପ୍ରତୀତ ହେଲା । ସେହି ସମୟରେ ନିର୍ମଳା ପିତାଙ୍କ ପାଖକୁ ଆସିଲା । ନିର୍ମଳାର ବୈଧବ୍ୟ ରୂପ ଦେଖି ବିଶ୍ୱନାଥଙ୍କ ହୃଦୟ ପୁନରାୟ ବ୍ୟାକୁଳ ହୋଇ ପଡ଼ିଲା । କିନ୍ତୁ ନିର୍ମଳାର ସାଧନା ବିଶ୍ୱନାଥଙ୍କଠାରୁ ବହୁତ ଉଚ୍ଚ ଭୂମିକାରେ ଥିଲା । ସେଠାରେ ବୈଧବ୍ୟ ବେଦନା ପହଞ୍ଚି ପାରୁ ନ ଥିଲା । ସେ ପିତାଙ୍କୁ କହିଲା, ''ପିତାଜି, ତୁମେ ବ୍ୟାକୁଳ ହେଉଛ କାହିଁକି ? ପୃଥିବୀ କର୍ମଭୂମି, ମୃତ୍ୟୁପୁରୀ, ଏଠାକୁ ବ୍ୟକ୍ତି ଆସନ୍ତି କର୍ମ କରିବାକୁ, ନିଜ ନିଜ କର୍ମ ସମାପ୍ତ ହେଲେ ଚାଲିଯାଆନ୍ତି । ହାଟକୁ ଯାଇଥିବା ବ୍ୟକ୍ତିମାନଙ୍କ ବସ୍ତୁ ବିକ୍ରୟ ହୋଇଗଲେ କ'ଣ କିଏ କାହାକୁ ଅପେକ୍ଷା କରେ ? ସମସ୍ତେ ନିଜ ନିଜ ମାର୍ଗରେ ଚାଲିଯାଆନ୍ତି । ଏହି ସଂସାର ହାଟ ସଦୃଶ । ଭିନ୍ନ ଭିନ୍ନ ପରିବାରରେ ବ୍ୟକ୍ତିମାନେ ଏକତ୍ରିତ ହୁଅନ୍ତି; କର୍ମ ଶେଷ ହେଲେ ଏଠାର ସମ୍ବନ୍ଧ ଛାଡ଼ି ଅନ୍ୟ ପରିବାରରେ ଜନ୍ମ ହୋଇ ନୂତନ ସମ୍ବନ୍ଧ ସ୍ଥାପନ କରନ୍ତି । ଏହା ଏକେବାରେ ସତ୍ୟ ଏବଂ ପ୍ରତ୍ୟକ୍ଷରୂପେ ଦୃଷ୍ଟିଗୋଚର ହେବା ସତ୍ତ୍ୱେ ମନୁଷ୍ୟ ମୋହ ଅଜ୍ଞାନବଶରେ 'ମୁଁ' 'ମୋର' ଭାବ ରଖି ମିଥ୍ୟା ବିପଦ ନିଜ ଉପରେ ଆରୋପ କରି ନିଜେ ପୀଡ଼ିତ ହୁଏ । ମନୁଷ୍ୟର ମୃତ୍ୟୁ ପରେ ତା'ର ସମସ୍ତ ତତ୍ତ୍ୱ ବିଶ୍ୱତତ୍ତ୍ୱ ସଙ୍ଗେ ମିଶିଯାଏ । ଆତ୍ମା ଅମର, ତା'ର କେବେ ବି ନାଶ ହୁଏ ନାହିଁ, ବ୍ୟକ୍ତି ଏହା ଜାଣି ମଧ୍ୟ ମୃତ ବ୍ୟକ୍ତି ସକାଶେ

ଶୋକ କରେ । ଏହି ଅଜ୍ଞାନ ଦୂର ହୁଏ ଭଗବତ୍ କୃପାରୁ ତାଙ୍କ ଭକ୍ତି ପ୍ରଭାବରେ ଅଥବା ପରମ ଜ୍ଞାନ ପ୍ରାପ୍ତିରେ । ପିତାଜି, ତୁମେ ଭଗବତ୍ ଭକ୍ତ ଏବଂ ଜ୍ଞାନୀ, ତୁମେ ଶୋକ କରୁଛ କାହିଁକି ? ଯଥାର୍ଥରେ ପତିର ପରମ ପତି, ପରମାତ୍ମା, ପରମେଶ୍ୱର ଶ୍ରୀରାମଚନ୍ଦ୍ରଜି ସର୍ବାବସ୍ଥାରେ ମୋ ସଙ୍ଗେ ଅଛନ୍ତି । ତାଙ୍କର କେବେ ବି ବିୟୋଗ ହୁଏ ନାହିଁ, ଫେର୍ ଶୋକ କରିବାର କ'ଣ ଅଛି ? ପତି ଭୋଗ୍ୟବସ୍ତୁ ନୁହନ୍ତି, ଭଗବତ୍ ପ୍ରାପ୍ତିର ସହାୟକ ବା ଉପାୟ । ଲକ୍ଷ୍ୟପ୍ରାପ୍ତି ପର୍ଯ୍ୟନ୍ତ ଉପାୟର ଆବଶ୍ୟକ ଥାଏ । ଲକ୍ଷ୍ୟ ଭଗବାନ୍, ଭଗବତ୍ ପ୍ରାପ୍ତି ପରେ ଉପାୟର ଆବଶ୍ୟକତା ନ ରହିଲେ ଭଗବାନ୍ ତାହା ଦୂର କରିଦିଅନ୍ତି । ଏହା ତୁମେ ଭଲଭାବେ ଜାଣ । ଭଗବାନ୍ ଯାହା କରନ୍ତି ସବୁ ଭକ୍ତର ମଙ୍ଗଳ ସକାଶେ । ଭଗବାନଙ୍କ ପ୍ରତ୍ୟେକ ବିଧାନରେ ମଙ୍ଗଳ ଓତପ୍ରୋତଭାବେ ଜଡ଼ିତ ଥାଏ । ତାହା ବାହ୍ୟ ଦୃଷ୍ଟିରେ ଭୟଙ୍କର ପ୍ରତୀତ ହେବା ସତ୍ତ୍ୱେ ତା' ମଧ୍ୟରେ ନିହିତ ଥାଏ କଲ୍ୟାଣ, ଭଗବାନଙ୍କ କୃପା । ପିତାଜି, ବିଶ୍ୱାସ କରନ୍ତୁ, ଏଥିରେହିଁ ଆତ୍ମମାନଙ୍କର ପରମ କଲ୍ୟାଣ ହେବ ।''

ବିଶ୍ୱନାଥ ଯେଉଁ କନ୍ୟା ନିର୍ମଳାର ବୈଧବ୍ୟରେ ମର୍ମାହତ ହୋଇଥିଲେ ସେହି କନ୍ୟାର ଏପରି ଜ୍ଞାନ, ବୈରାଗ୍ୟ, ଭକ୍ତିଯୁକ୍ତ ବାଣୀ ଶୁଣି, ତା'ର ଦୃଢ଼ ଭଗବତ୍ ଶ୍ରଦ୍ଧା ଦେଖି ବହୁତ ସନ୍ତୁଷ୍ଟ ହେଲେ । ତାଙ୍କ ହୃଦୟ ଭଗବତ୍ ଭକ୍ତି-ସିନ୍ଧୁରେ ତରଙ୍ଗାୟିତ ହେବାକୁ ଲାଗିଲା । ସେ କହିଲେ, ''ନିର୍ମଳା, ତୁ ଭଗବାନଙ୍କର ବିଭୂତି, ଭଗବତ୍ ସାମୀପ୍ୟପ୍ରାପ୍ତ ନିତ୍ୟକୋଟିର ଦେବୀ । ମୁଁ ତୋତେ କନ୍ୟାରୂପେ ପାଇ 'ପିତା' ଶବ୍ଦର ସାର୍ଥକତା ଲାଭ କରିଛି । ତୋ ମାତାକୁ ଧନ୍ୟ, ସେ ତୋତେ ଗର୍ଭରେ ଧାରଣ କରି ଲାଳନପାଳନ କରିଥିଲା । ତୁ ମୋର କନ୍ୟା ନୋହୁ, ଜ୍ଞାନ-ଭକ୍ତିରେ ମାତା ।'' ବିଶ୍ୱନାଥଙ୍କ ପତ୍ନୀ ମଧ୍ୟ ଭକ୍ତା ଏବଂ ପତିବ୍ରତା ଥିଲେ । ପିତା-ପୁତ୍ରୀଙ୍କର ଏପରି ଭାବ ଦେଖି ତାଙ୍କର ମଧ୍ୟ ଶୋକ ଦୂର ହୋଇଗଲା । ପିତାମାତାଙ୍କ ସହିତ ନିର୍ମଳା ଭଗବତ୍ ଭକ୍ତିରେ ନିମଗ୍ନ ହୋଇ ଆନନ୍ଦରେ ନିବାସ କଲା ।

ଘରେ ଶ୍ରୀରାମସୀତାଙ୍କ ବିଗ୍ରହ ଥିଲା । ନିର୍ମଳା ନିୟମିତରୂପେ ବ୍ରାହ୍ମମୁହୂର୍ତ୍ତରେ ଉଠି ସ୍ନାନାଦି କ୍ରିୟା ଶେଷ କରି ଜପ, ଧ୍ୟାନ ତଥା ଭଗବତ୍ ସେବା-ପୂଜା କରେ । ଭଗବାନଙ୍କ ନିମିତ୍ତ ଘରର ସମସ୍ତ କାର୍ଯ୍ୟ ଏବଂ ରୋଷାଇ କରେ । ବୃଦ୍ଧ ପିତାମାତାଙ୍କ ସେବା କରେ । ଏଥିରେହିଁ ତାକୁ ପରମାନନ୍ଦ ମିଳେ । ଯାହା ହୃଦୟରେ ଭକ୍ତି-ଭାଗୀରଥୀ-ସ୍ରୋତ ପ୍ରବାହିତ ହେଉଥାଏ ସେ ପ୍ରତ୍ୟେକ ଅବସ୍ଥାରେ ପରମାନନ୍ଦ ଅନୁଭବ କରେ ।

କିଛି ବର୍ଷ ପରେ ପିତାମାତା ଭଗବାନ୍ ସୀତାରାମଙ୍କ ନାମ ସ୍ମରଣ କରୁ କରୁ ଏକହି ଦିନରେ ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ଅମର ଧାମକୁ ଯାତ୍ରା କଲେ । ନିର୍ମଳାକୁ ଭଗବାନଙ୍କ ନିତ୍ୟ ସାନ୍ନିଧ୍ୟ ପ୍ରାପ୍ତି ନିର୍ଭୟ, ରସମୟ, ଆନନ୍ଦମୟ, ଭକ୍ତିମୟ, ଜ୍ଞାନମୟ, ଦିବ୍ୟ, ଚିନ୍ମୟ କରି ଦେଇଥିଲା । ସର୍ବାବସ୍ଥାରେ ତା'ର ଏହି ସ୍ଥିତି ବିଦ୍ୟମାନ ରହୁଥିଲା । ସେଥିନେଇ ପିତା-ମାତାଙ୍କ ବିୟୋଗ-ଦୁଃଖ ତାକୁ ସ୍ପର୍ଶ କରିପାରିଲା ନାହିଁ । ସେ ବହୁତ ଉତ୍ସାହରେ ପିତାମାତାଙ୍କ ସଂସ୍କାର ଗଙ୍ଗା ତଟରେ ବହୁ ସମାରୋହରେ କରାଇଲା । ସେମାନଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ଘରର ସମସ୍ତ ସମ୍ପତ୍ତି ବ୍ୟୟ କରିଦେଲା । ଘରର ସମସ୍ତ ବସ୍ତୁ ଦାନ ଦେବା ପରେ କାଶୀର କିଛି ଦୂରରେ ଗଙ୍ଗା କୂଳରେ ଗୋଟିଏ କୁଟୀରରେ ଭଗବାନଙ୍କ ଭଜନ-ଧ୍ୟାନରେ ତିରିଶ ବର୍ଷ ବ୍ୟତୀତ କରି ନଶ୍ୱର ଶରୀରକୁ ଗଙ୍ଗାମାତାଙ୍କ କୋଳରେ ଛାଡ଼ି ଶ୍ରୀରାମସୀତାଙ୍କ ଦିବ୍ୟ ସାକେତରେ ତାଙ୍କ ସେବା ପ୍ରାପ୍ତ ହେଲା । ଦିବ୍ୟଦେବୀ, ନିତ୍ୟମୁକ୍ତ ନିର୍ମଳା ନଶ୍ୱର ଶରୀର ତ୍ୟାଗ କରି ଏହି ସଂସାରରୁ ଚାଲିଗଲେ, କିନ୍ତୁ ତାଙ୍କ ସ୍ମୃତି ଆଜି କେତେ ନରନାରୀଙ୍କୁ ଭଗବଦଭିମୁଖୀ ହେବାରେ ସାହାଯ୍ୟ କରୁଅଛି ।

ବୋଲ ଭକ୍ତିମତୀ ନିର୍ମଳାଦେବୀଙ୍କର ଜୟ ।

('ମହିଳା-ରତ୍ନ' ଆଧାରରେ ଲିଖିତ)

ଭଉଣୀ ସରସ୍ୱତୀ

କେତେ ଶହ ବର୍ଷ ପୂର୍ବର ଘଟଣା । ଗୋଟିଏ ନଗରରେ ମତିମାନ ଏବଂ ଶ୍ରୀକୀର୍ତ୍ତି ନାମରେ ଧର୍ମପରାୟଣ ଭଗବତ୍ ଭକ୍ତ ପତିପତ୍ନୀ ବାସ କରୁଥିଲେ । ଘର ଧନସମ୍ପଦରେ ପୂର୍ଣ୍ଣ ଥିଲା । ସେବକସେବିକା ଆଜ୍ଞାକାରୀ ଥିଲେ । ଏମାନେ ସଦାଚାରୀ ଭଗବତ୍ ଭକ୍ତ ଥିବାରୁ କାହା ସହିତ ଅସଦ୍‌ବ୍ୟବହାର କରୁ ନ ଥିଲେ । ଏମାନଙ୍କର କେହି ଶତ୍ରୁ ନ ଥିବାରୁ ଜୀବନ ସୁଖଶାନ୍ତିରେ ବ୍ୟତୀତ ହେଉଥିଲା । ଗୃହର ଶୋଭା ଶିଶୁ । ଯଦ୍ୟପି ସେମାନଙ୍କର ପୁତ୍ରସନ୍ତାନ ନ ଥିଲା ତଥାପି ଏକମାତ୍ର ଶିଶୁକନ୍ୟା ସରସ୍ୱତୀ ଉପରେ ପିତାମାତାଙ୍କର ସମସ୍ତ ସ୍ନେହ କେନ୍ଦ୍ରିତ ହୋଇଥିଲା ।

ପତିପତ୍ନୀ ଦୁଇଜଣଯାକ ଥିଲେ ଶ୍ରୀକୃଷ୍ଣଙ୍କର ଭକ୍ତ । ଘରେ ଶ୍ରୀ ଗୋପାଳଜିଙ୍କ ସୁବର୍ଣ୍ଣ ପ୍ରତିମା ସ୍ଥାପନ କରିଥିଲେ । ତାଙ୍କ ସେବା-ପୂଜା ସକାଶେ ଶୁଚଦେବ ନାମକ ଜଣେ ଭଗବତ୍ ଭକ୍ତ ବୃଦ୍ଧ ବ୍ରାହ୍ମଣ ନିଯୁକ୍ତ ହୋଇଥିଲେ । ଶୁଚଦେବଙ୍କର କୌଣସି ସନ୍ତାନ ନ ଥିଲେ । ସେ ବାଳଗୋପାଳଙ୍କୁ ବାତ୍ସଲ୍ୟ ମମତାରେ ନିଜର ଶିଶୁ ସନ୍ତାନ ମନେକରି ପରମ ସ୍ନେହରେ ସେବା-ପୂଜା କରୁଥିଲେ । ତାଙ୍କ ଦୃଷ୍ଟିରେ ଗୋପାଳଜି ସୁବର୍ଣ୍ଣ ଧାତୁ ପ୍ରତିମା ନ ଥିଲେ, ଥିଲେ ସାକ୍ଷାତ୍ ନନ୍ଦନନ୍ଦନ ବୃନ୍ଦାବନଚନ୍ଦ୍ର, ଯଶୋଦାପ୍ରାଣପ୍ରିୟ ବାଳଗୋପାଳ । ସେ ଶୀତ ଦିନେ ବାଳଗୋପାଳଙ୍କ ସକାଶେ ତୁଳାଶେଯ ତିଆରି କରି ଶୀତ ନିବୃତ୍ତି ସକାଶେ ଘୋଡ଼ାଇ ଦିଅନ୍ତି, ଗରମ ଦିନେ ମଳୟ-ଚନ୍ଦନ ଲେପ ଦେଇ କୁଶ ଚେରରେ ପରଦା ତିଆରି କରି ଜଳରେ ଓଦା କରି ଝୁଲାନ୍ତି ଏବଂ ପଙ୍ଖା କରନ୍ତି । ପ୍ରତ୍ୟେକ ଋତୁର ପ୍ରଥମ ଫଳ ଗୋପାଳଜିଙ୍କୁ ଭୋଗ ଦିଅନ୍ତି । ଗୋପାଳଜି ଛୋଟ ପିଲା, ତାଙ୍କୁ ଭୋକ ଲାଗେ, ସେଥିପାଇଁ ସମୟ ସମୟରେ ଫଳ ଅଥବା ମିଠାଇ ଭୋଗ ଲଗାନ୍ତି । କୌଣସି ଖେଳନା ବିକ୍ରି ଆସିଲେ ପ୍ରଥମେ ଗୋପାଳଜିଙ୍କ ସକାଶେ କିଣା ହୁଏ; କେହି ବଜାର ହାଟକୁ ଗଲେ ଗୋପାଳଜିଙ୍କ ମନୋରଞ୍ଜନ ସକାଶେ ନୂଆ ନୂଆ ଜିନିଷ ମଗାନ୍ତି ।

ଭଗବାନ୍ ଭାବଗ୍ରାହୀ । ସେ ଭକ୍ତର ଭାବରେ ବଶ । ଭକ୍ତ ସକାଶେ ସେ ସମସ୍ତ ଐଶ୍ୱର୍ଯ୍ୟ ଭୁଲି ଭକ୍ତର ଭାବାନୁସାରେ ତା'ର ପ୍ରଭୁ, ପିତା, ସଖା, ଶିଶୁସନ୍ତାନ ହୋଇ ଆନନ୍ଦ ଦିଅନ୍ତି । ଶୁଚଦେବଙ୍କ ବାତ୍ସଲ୍ୟଭାବ ଥିଲା ନିଷ୍କପଟ ଏବଂ ଦୃଢ଼ । ଭଗବାନ୍ ତାଙ୍କ ଭାବରେ ବଶ ହୋଇ ପ୍ରତ୍ୟକ୍ଷ ଶିଶୁ ରୂପେ ତାଙ୍କ ପାଖରେ ଖେଳନ୍ତି, ତାଙ୍କ ହାତରେ ଅର୍ପିତ ଭୋଗ ଆଗ୍ରହରେ ଗ୍ରହଣ କରନ୍ତି । କୌଣସି ଜିନିଷ ସକାଶେ ଅଳି କଲେ ନ ନେଇ ଛାଡ଼ନ୍ତି ନାହିଁ । ଭକ୍ତ ଓ ଭଗବାନଙ୍କ ଭାବ ଅଗମ୍ୟ । ବେଦ, ପୁରାଣ ତାହା ବର୍ଣ୍ଣନା କରିପାରେ ନାହିଁ । ଋଷିମୁନିଙ୍କ ଘୋର ତପସ୍ୟାରେ ଏକ ମୁହୂର୍ତ୍ତ ସକାଶେ ଭଗବାନଙ୍କ ଦର୍ଶନ ଦୁର୍ଲଭ ହୁଏ । କିନ୍ତୁ ଭକ୍ତର ଭାବ ନିଷ୍କଳଙ୍କ ହେଲେ ସେ ଭକ୍ତ ସଙ୍ଗେ ସଙ୍ଗେ ଥାଆନ୍ତି । ଧନ୍ୟ ଭକ୍ତବତ୍ସଳ ଭଗବାନ୍ ! ଶୁଚଦେବଙ୍କ ବାତ୍ସଲ୍ୟ ଲୀଳା ସମ୍ବନ୍ଧେ ମତିମାନ ଏବଂ ଶ୍ରୀକୀର୍ତ୍ତି କିଛି ଜାଣନ୍ତି ନାହିଁ । କେବଳ ଶୁଚଦେବ ଗୋପାଳଜିଙ୍କ ପ୍ରତିମାର ସେବକ ବୋଲି ଜାଣିଥାଆନ୍ତି ।

ସରସ୍ୱତୀ କ୍ରମଶଃ ଗୁରୁଣ୍ଡିବାକୁ ଆରମ୍ଭ କଲା । ବେଳେବେଳେ ସେ ଆଣ୍ଠୁରେ ଚାଲି ଚାଲି ଗୋପାଳଜିଙ୍କ ପୂଜାଗୃହରେ ପ୍ରବେଶ କରେ ଏବଂ ଚପଳତା ଛାଡ଼ି ଶାନ୍ତ ଭାବରେ ବସି ପୂଜା ଦେଖେ ଏବଂ କେବେ କେବେ ଗୋପାଳଜିଙ୍କ ପ୍ରତିମାଙ୍କୁ ଦେଖି ଆନନ୍ଦିତ ହୁଏ । କିଛି ଦିନ ପରେ ସରସ୍ୱତୀ କାନ୍ଥ ଭରାଦେଇ ଚାଲିଲା । ଶୁଚଦେବଙ୍କ ପୂଜା ସମୟରେ ନିୟମିତରୂପେ ଆସିବାକୁ ଆରମ୍ଭ କଲା । ସରସ୍ୱତୀ ଶିଶୁ, ତା' ହୃଦୟ ଚନ୍ଦ୍ରମା ସଦୃଶ ସ୍ୱଚ୍ଛ, ନେତ୍ର ପବିତ୍ର, ଆକୃତିରେ ଶାନ୍ତି ବିଦ୍ୟମାନ । ଶିଶୁ ପ୍ରତି ପବିତ୍ର ସ୍ନେହ ହେବା ସ୍ୱାଭାବିକ । କିନ୍ତୁ ଶିଶୁ ମଧ୍ୟରେ ଯଦି ବାଲ୍ୟକାଳରୁ ସଦ୍‌ଗୁଣ ପରିଲକ୍ଷିତ ହୁଏ, ତେବେ ତାକୁ ପ୍ରତ୍ୟେକ ବ୍ୟକ୍ତି ସ୍ନେହ ନ କରି ରହିପାରନ୍ତି ନାହିଁ । ପୂଜାରୀ ଶୁଚଦେବଙ୍କର ବାଳଗୋପାଳଙ୍କ ପ୍ରତି ପୁତ୍ରଭାବ, ସରସ୍ୱତୀ ପ୍ରତି କନ୍ୟା ଭାବ ସ୍ୱତଃସ୍ଫୂର୍ତ୍ତ ଭାବେ ଉତ୍ପନ୍ନ ହେଲା । ସରସ୍ୱତୀ ଆସ୍ତେ ଆସ୍ତେ ଚାଲିଲା ଏବଂ ଅସ୍ପଷ୍ଟ ଶବ୍ଦରେ କଥା କହିଲା । ଏବେ ସରସ୍ୱତୀ ଅଧିକାଂଶ ସମୟରେ ଗୋପାଳଜିଙ୍କ ମନ୍ଦିରରେ ରହେ, ପୂଜା, ଆଳତି ଦେଖେ; ଶୁଚଦେବଙ୍କ ସଙ୍ଗରେ ସ୍ତୁତି ଗାନ କରେ । ଶୁଚଦେବ ଗୋପାଳଜିଙ୍କ ପାଖରେ ଭୋଗ ଲଗାଇ ସରସ୍ୱତୀକୁ ପ୍ରସାଦ ଦେଇଦିଅନ୍ତି ।

ସରସ୍ୱତୀ ଅତି ଉତ୍ସାହରେ ଗୋପାଳଜିଙ୍କ ପ୍ରସାଦ ପାଏ । ଗୋପାଳଜିଙ୍କ ପ୍ରସାଦ ଛଡ଼ା ତା' ପିତାମାତା ଉତ୍ତମ ମିଷ୍ଟାନ୍ନ ଦେଲେ ମଧ୍ୟ ସେ ଖାଏ ନାହିଁ ।

ସରସ୍ୱତୀର କ୍ରମଶଃ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ତା' ଅନ୍ତରରୁ ଗୋପାଳଜିଙ୍କ ପ୍ରତି ଭ୍ରାତୃଭାବ ଉତ୍ପନ୍ନ ହେଲା । ଭାଇ ଗୋପାଳଜିଙ୍କୁ ଭୋଗ ଲଗାଇବାକୁ ଏବଂ ତାଙ୍କ ସଙ୍ଗେ ଖେଳିବାକୁ ତା'ର ତୀବ୍ର ଇଚ୍ଛା ହେଲା । ସେ ଦିନେ ପୂଜାରୀଙ୍କୁ କହିଲା, ''ମହାରାଜ, ଆଜି ମୁଁ ଗୋପାଳ ଭାଇଙ୍କୁ ଭୋଗ ଦେବି ।'' ଏଥିରେ ଶ୍ରୁତଦେବ ସମ୍ମତ ହେଉ ନ ଥିଲେ । ଗୋପାଳଜି ସ୍ୱୟଂ କହିଲେ, ''ସରସ୍ୱତୀ ଭୋଗ ଦେବାକୁ ଚାହୁଁଛି, ଆଜି ସେ ଭୋଗ ଦେଉ ।'' ଶ୍ରୁତଦେବ ବହୁତ ପ୍ରସନ୍ନତା ସହିତ ସରସ୍ୱତୀକୁ ଭୋଗ ଲଗାଇବାକୁ ଅନୁମତି ଦେଲେ । ସେ ଦିନ ଗୋପାଳଜି ସରସ୍ୱତୀ ହାତର ଭୋଗ ବହୁତ ଆନନ୍ଦରେ ଗ୍ରହଣ କଲେ ଏବଂ ଶେଷ ପ୍ରସାଦ ସରସ୍ୱତୀକୁ ଦେଲେ । ଗୋପାଳଜି ଓ ସରସ୍ୱତୀଙ୍କ ମଧ୍ୟରେ ଭାଇଭଉଣୀ ଭାବ ଦେଖି ଶ୍ରୁତଦେବ ବହୁତ ଖୁସିହେଲେ ତଥା ସରସ୍ୱତୀକୁ ନିଜର ପୁତ୍ରଠାରୁ ଅଧିକ ସ୍ନେହ କଲେ ।

ସରସ୍ୱତୀ ଆଉ ପିତାମାତାଙ୍କ ପାଖରେ ଅଧିକ ସମୟ ରହେ ନାହିଁ କିଂବା ଘର ବାହାରକୁ କେବେ ବି ଅନ୍ୟମାନଙ୍କ ସହିତ ଖେଳିବାକୁ ଯାଏ ନାହିଁ । ଗ୍ରାମର ଅନ୍ୟ ବାଳକ ତଥା ବାଳିକାମାନେ ସରସ୍ୱତୀ ସହିତ ଖେଳିବାକୁ ଆସନ୍ତି, କିନ୍ତୁ ତା'ର ଅସମ୍ମତି ଦେଖି ନିରାଶ ହୋଇ ଫେରି ଯାଆନ୍ତି । ସରସ୍ୱତୀ ସବୁ ସମୟରେ ଭାଇ ଗୋପାଳଜିଙ୍କ ସଙ୍ଗେ ବହୁପ୍ରକାର ବାଲ୍ୟ ଖେଳ ଖେଳେ, କେତେ କଥାବାର୍ତ୍ତା କରେ, ଗୋପାଳଜିଙ୍କ ଛଡ଼ା ଏକ ମୁହୂର୍ତ୍ତ ତା' ପକ୍ଷେ ଯୁଗ ଭଳି ପ୍ରତୀତ ହୁଏ ।

ସରସ୍ୱତୀର ଗୋପାଳ ଭାଇଙ୍କ ସଙ୍ଗେ ଖେଳ ବିଷୟ ତା'ର ପିତାମାତା ଜାଣନ୍ତି ନାହିଁ । ଜାଣନ୍ତି କେବଳ ପୂଜାରୀ ଶ୍ରୁତଦେବ । ସରସ୍ୱତୀର ଗୋପାଳ ଭାଇ ପ୍ରତି ସ୍ନେହ ବୃଦ୍ଧି ହୋଇ ଦୃଢ଼ରୁ ଦୃଢ଼ତର ହେବାକୁ ଲାଗିଲା । ଭଉଣୀ ସରସ୍ୱତୀର ହୃଦୟରେ ଗୋପାଳ ଭାଇଙ୍କ ମୂର୍ତ୍ତି, ମନରେ ଗୋପାଳ ଭାଇଙ୍କ ଚିନ୍ତା, ହାତରେ ଗୋପାଳ ଭାଇଙ୍କ ସେବା ଛଡ଼ା ଆଉ ତା'ର କିଛି ନ ଥିଲା । ଜାଗ୍ରତରେ ଗୋପାଳ ଭାଇଙ୍କ ସଙ୍ଗେ ଖେଳ, ସ୍ୱପ୍ନରେ ତାଙ୍କରି ସଙ୍ଗେ ନିବାସ । ସରସ୍ୱତୀର ମନ-ପ୍ରାଣ ଜାଗ୍ରତ୍ ତଥା ସ୍ୱପ୍ନରେ ଗୋପାଳ ଭାଇମୟ ହୋଇଗଲା । ସେ ଖୁବ୍ ଭୋରରୁ ଉଠି ସ୍ନାନ କରେ । ବଗିଚାରୁ ଗୋପାଳ ଭାଇଙ୍କ ସକାଶେ ସୁନ୍ଦର ସୁନ୍ଦର ପୁଷ୍ପ, ତୁଳସୀ ଉତାରି ଆଣେ । ଅତି ସ୍ନେହରେ ଫୁଲମାଳ ଗୁନ୍ଥି ଗୋପାଳ ଭାଇଙ୍କ ଗଳାରେ ପିନ୍ଧାଇ ଦିଏ । ଗୋପାଳ ଭାଇଙ୍କ ସେବା-ପୂଜା ପରେ ତାଙ୍କୁ ନିଜ ହାତରେ ଖୁଆଇ ଦିଏ, ତାଙ୍କ ସଙ୍ଗେ କିଛି ସମୟ ଖେଳି, କଥାବାର୍ତ୍ତା କରି ଗୋପାଳ ଭାଇଙ୍କ ରୋଷେଇରେ ଶ୍ରୁତଦେବଙ୍କୁ ସାହାଯ୍ୟ କରେ । ଗୋପାଳଜିଙ୍କୁ ଭୋଗ ଦେବା ପରେ ଶ୍ରୁତଦେବ ତାଙ୍କୁ ଶୟନ କରାଇ ଦିଅନ୍ତି । ସେହି ସମୟରେ ସରସ୍ୱତୀ ଗୋପାଳ ଭାଇଙ୍କ ପ୍ରସାଦ ସେବନ କରେ ଏବଂ ପରେ ବିଶ୍ରାମ କରେ । ଗୋପାଳ ଭାଇ ଯେପର୍ଯ୍ୟନ୍ତ ନିଦ୍ରା ନ ଯାଆନ୍ତି ସେପର୍ଯ୍ୟନ୍ତ ସରସ୍ୱତୀ ତାଙ୍କ ମନ୍ଦିରରେ ଥାଏ ।

ସରସ୍ୱତୀର ବୁଦ୍ଧି ବହୁତ ତୀବ୍ର ଥିଲା । ସେ ଶ୍ରୁତଦେବଙ୍କଠାରୁ ଘରେ ବିଦ୍ୟାଶିକ୍ଷା କରିଥିଲା । ସେଇଥିରେହିଁ ସେ ଏପରି ଯୋଗ୍ୟତା ପ୍ରାପ୍ତ କରିଥିଲା ଯେ ଶ୍ରୁତଦେବ ତାକୁ ଗୀତା, ରାମାୟଣ ଏବଂ ଅନ୍ୟାନ୍ୟ ଶାସ୍ତ୍ର ପଢ଼ାଇ ପାରିଲେ । ସରସ୍ୱତୀ ଶ୍ରୁତଦେବଙ୍କୁ ପିତାଠାରୁ ଅଧିକ ସମ୍ମାନ କରେ, ତାଙ୍କରି ଆଜ୍ଞା ତଥା ଉପଦେଶାନୁସାରେ ସମସ୍ତ କର୍ମ କରେ ଏବଂ ଭଗବାନଙ୍କ ବିଷୟରେ ବହୁତ କଥା ପଚାରେ । ଶ୍ରୁତଦେବ ବହୁତ ସ୍ନେହରେ ତାକୁ ବୁଝାଇ ଦିଅନ୍ତି । ସରସ୍ୱତୀର ବାଲ୍ୟାବସ୍ଥାରୁ ଭଗବତ୍ ଭକ୍ତି ଥିବାରୁ ତା'ର ମନ ସଂସାର ଆସକ୍ତିରୁ ମୁକ୍ତ ଥିଲା । କିନ୍ତୁ ସେ ପିତାମାତାଙ୍କର ଏକମାତ୍ର ସନ୍ତାନ ଥିବାରୁ ସେମାନଙ୍କ ସ୍ନେହ-ସଲିଳ ସରସ୍ୱତୀ ଉପରେ ପ୍ରବାହିତ ହେଉଥିଲା । ସରସ୍ୱତୀର ବୟସ ହେଲା ବାର । ସେ ସମୟରେ କୁମାରୀ କନ୍ୟାର ବିବାହ ପ୍ରଥା ଥିଲା । ପିତାମାତା ସରସ୍ୱତୀର ବିବାହ ପାଇଁ ସ୍ଥିର କଲେ । ସରସ୍ୱତୀର ମନ ଗୋପାଳ ଭାଇ ଛଡ଼ା ଅନ୍ୟ କୌଣସି ବସ୍ତୁରେ ଆସକ୍ତ ନ ଥିଲା । ତେଣୁ ବିବାହ ପ୍ରସ୍ତାବ ତା'ର ପସନ୍ଦ ନ ହେବା ସ୍ୱାଭାବିକ ଥିଲା । ତା'ର ତ ସର୍ବସ୍ୱ ଗୋପାଳ ଭାଇ, ତା'ର ବିବାହରେ ଅସମ୍ମତି କଥା ଗୋପାଳଭାଇଙ୍କୁ କହିଲା । କିନ୍ତୁ ଗୋପାଳଭାଇଙ୍କ ଆଗ୍ରହ ତଥା ଆଦେଶରେ ସେ ବିବାହ କରିବାକୁ ପିତାମାତାଙ୍କ ପ୍ରସ୍ତାବରେ ବିରୋଧ କଲା ନାହିଁ । ଗୋପାଳ ଭାଇଙ୍କ ସଙ୍ଗେ ସର୍ତ୍ତ ରଖାଗଲା ଯେ ଭଉଣୀ ସରସ୍ୱତୀ ଯେତେବେଳେ ସ୍ମରଣ କରିବ ସେତେବେଳେ ଗୋପାଳ

ଭାଇ ପହଞ୍ଚିବେ । ପିତାମାତାଙ୍କ ବ୍ୟବସ୍ଥାନୁସାରେ ଗୋଟିଏ କୁଳୀନ ବଂଶରେ ସୁଦର୍ଶନ ନାମକ ଯୁବକଙ୍କ ସହିତ ସରସ୍ୱତୀର ବିବାହ ହୋଇଗଲା । ବିବାହରେ ବରଯାତ୍ରୀ ତଥା ସେମାନଙ୍କର ଅନ୍ୟ ଲୋକଙ୍କର ଆଦର-ସତ୍କାର, ଭୋଜନ ଆଶ୍ଚର୍ଯ୍ୟଜନକଭାବେ ହେଲା । ବ୍ୟବସ୍ଥାପକ ଏବଂ କର୍ମକର୍ତ୍ତା କିଏ କେଉଁଠୁ ଆସିଲେ, ପଦାର୍ଥ ସବୁ କିଏ ଆଣିଲା, ଚର୍ଚ୍ଚା କିଏ କଲା, କେହି କାହାକୁ ଚିହ୍ନନ୍ତି ନାହିଁ, ସୁତରାଂ କାର୍ଯ୍ୟ ସୁଚାରୁରୂପେ ଚାଲୁଥାଏ । ସରସ୍ୱତୀର ପନ୍ଦର ବର୍ଷ ବୟସରେ ପତିଗୃହକୁ ଗମନ ସମୟରେ ଏହିପରି ମଧ୍ୟ ହେଲା । ଯୌତୁକ ବସ୍ତୁର ହିସାବ ନ ଥିଲା । କିଏ ଆଣି ଥିଲା କେହି ଜାଣନ୍ତି ନାହିଁ । ସବୁ ଥିଲା ଗୋପାଳ ଭାଇଙ୍କ କରାମତି ।

ବିବାହ ପରେ ପତିଗୃହକୁ ପୁନରାଗମନ ପର୍ଯ୍ୟନ୍ତ ସରସ୍ୱତୀ ପିତୃଗୃହରେ ରହିଥିଲା । ପିତାମାତାଙ୍କ ପାଖରେ ଧନସମ୍ପତ୍ତି ପୂର୍ଣ୍ଣ ଥିଲା, ସେବା କରିବାକୁ ଦାସଦାସୀଙ୍କର ଅଭାବ ନ ଥିଲା । ଭୋଗବିଳାସର ବସ୍ତୁ ସରସ୍ୱତୀର ଆବଶ୍ୟକ ନ ଥିବା ସତ୍ତ୍ୱେ କେବଳ ମା'ର ଆଗ୍ରହ ତଥା ମା'ର ପ୍ରସନ୍ନତା ସକାଶେ ସୁନ୍ଦର, ମୂଲ୍ୟବାନ୍ ବସ୍ତ୍ର, ବହୁମୂଲ୍ୟ ଅଳଙ୍କାର, ସୁଗନ୍ଧିତ ତୈଳ ଇତ୍ୟାଦି ବ୍ୟବହାର କରୁଥିଲା ।

ସରସ୍ୱତୀର ପୁନରାଗମନ ସମୟରେ ଗୋପାଳ ଭାଇ ଗୁପ୍ତରୂପେ ଭଉଣୀ ସଙ୍ଗେ ତା' ପତିଗୃହକୁ ଯାଇଥିଲେ । ସେଠାରେ ଦୁଇଦିନ ରହି ସରସ୍ୱତୀକୁ ବହୁତପ୍ରକାର ସାନ୍ତ୍ୱନା ଦେଇ ବିଦାୟ ନେଲେ ।

ସରସ୍ୱତୀର ପତି ସୁଦର୍ଶନ ବହୁତ ଧାର୍ମିକ ସଦାଚାରୀ ଭଗବତ୍ ଭକ୍ତ ଥିଲେ । ତାଙ୍କ ପିତାମାତା ମଧ୍ୟ ପୁତ୍ର ଭଳି ଧାର୍ମିକ ବ୍ୟକ୍ତି ଥିଲେ । ସରସ୍ୱତୀର ଭଗବତ୍ ପ୍ରେମର କୌଣସି ପ୍ରତିକୂଳ ବସ୍ତୁ ନ ଥିଲା ।

ସରସ୍ୱତୀ ସ୍ମରଣ କରିବା ମାତ୍ରେ ଗୋପାଳ ଭାଇ ଦର୍ଶନ ଦିଅନ୍ତି । ଦିନେ ସରସ୍ୱତୀ ଭାଇ ଗୋପାଳଙ୍କୁ ପଚାରିଲା, ''ଭାଇ, ଯେତେବେଳେ ମୁଁ ବହୁତ ଛୋଟ ଥିଲି, ମନ୍ଦିରକୁ ଯାଇ ପୂଜା ଦେଖୁଥିଲି ସେତେବେଳେ ମନେ ହେଉଥିଲା ଯେପରି ତୁମେ ମୋତେ ଦେଖି ବହୁତ ପ୍ରସନ୍ନତାପୂର୍ବକ ହସୁଥିଲ । ପୂଜାରିଜି ଭୋଗ ଲଗାଇବା ସମୟରେ ମୋର ମନେ ହେଉଥିଲା ଯେପରି ତୁମେ ଖାଉଥିଲ । ମନ୍ଦିର ଛଡ଼ା ମୋତେ ଅନ୍ୟ କେଉଁଠି ଭଲ ଲାଗୁ ନ ଥିଲା । ଦିନେ ଯେବେ ମୁଁ ଭୋଗ ଲଗାଇବାକୁ ବହୁତ ଆଗ୍ରହ ପ୍ରକାଶ କରୁଥିଲି କିନ୍ତୁ ପୂଜାରିଜି ମନା କରୁଥିଲେ ସେତେବେଳେ ମୁଁ ଅନୁଭବ କଲି ଯେପରି ତୁମେ ପୂଜାରିଜିଙ୍କୁ କହିଲ, ''ସରସ୍ୱତୀ ଭୋଗ ଲଗାଇବାକୁ ଚାହୁଁଛି, ତାକୁ ଭୋଗ ଲଗାଇବାକୁ ଦିଅ । ତା' ହାତରେ ଭୋଗ ଗ୍ରହଣ କରିବାରେ ମୋତେ ବହୁତ ଆନନ୍ଦ ମିଳେ ।'' ସେ ତୁମ କଥା ଶୁଣିଲେ କି ନା, କିନ୍ତୁ ମୋତେ ଭୋଗ ଲଗାଇବାକୁ ଅନୁମତି ଦେଇ ସେ ମନ୍ଦିରରୁ ବାହାରି ଗଲେ । ମୁଁ ଭୋଗ ରଖିଲି, ପରଦା ପକାଇଦେଲି, କିନ୍ତୁ ତୁମେ ଖାଇଲ ନାହିଁ । ଭାଇ, ସେଦିନ ମୋତେ ବହୁତ ଦୁଃଖ ହେଲା । ମୁଁ ଭାବିଲି, ''ପୂଜାରିଜି ଭୋଗ ଲଗାଇବାର ବିଧିବିଧାନ ସବୁ ଜାଣନ୍ତି । ସେଥିନେଇ ଗୋପାଳ ଭାଇ ପ୍ରସନ୍ନତାପୂର୍ବକ ଭୋଗ ଗ୍ରହଣ କରନ୍ତି, ମୁଁ ଅବୋଧ ବାଳିକା, ଭୋଗ ଲଗାଇବା ଜାଣେ ନାହିଁ, ସେହି ସକାଶେ ଗୋପାଳ ଭାଇ ଖାଉ ନାହାନ୍ତି । ମୁଁ ଅପେକ୍ଷା କରି ବସିରହିଲି । ତୁମେ ନ ଖାଇବାରୁ ମୋତେ କାନ୍ଦ ମାଡ଼ିଲା । ମୋ କାନ୍ଦିବା ଦେଖି ତୁମେ ପ୍ରତିମାରୁ ପ୍ରକଟ ହୋଇ ଭୋଜନ କଲ । ମୋତେ ଖୁସି ଲାଗିଲା । ପରେ ବରାବର କଥାବାର୍ତ୍ତା ହେଲା, ଆମେ ଦୁଇଜଣ ଖେଳିଲୁ । ତୁମେ ମୋର ବଡ଼ ଭାଇ ବୋଲି ପୂଜାରିଜି ଚିହ୍ନେଇ ଦେଇଥିଲେ । କିନ୍ତୁ ତୁମେ ମନା କରିଥିଲ ବୋଲି ତୁମ ବିଷୟରେ ମୁଁ ମା ତଥା ବାପାଙ୍କୁ କହି ନ ଥିଲି । ତୁମ କହିବାନୁସାରେ ମୁଁ ଏଠାକୁ ଚାଲି ଆସିଲି । ସୁତରାଂ ତୁମ ଛଡ଼ା ମୋତେ ଆଉ କୌଣସି ବସ୍ତୁ ଆନନ୍ଦ ଦେଇ ପାରିବ ନାହିଁ । ଏବେ ମୋତେ ଜାଣିବାକୁ ବହୁତ ଆଗ୍ରହ ହେଉଛି ପ୍ରକୃତରେ ତୁମେ କିଏ । ପିତାମାତାଙ୍କ ପାଖରେ ଧାତୁ ପ୍ରତିମା ରୂପରେ ସିଂହାସନରେ ବସିଥାଅ । ମୋ ସହିତ କଥାବାର୍ତ୍ତା, ଖେଳ କରିବା କଥା ମୋ ପିତାଙ୍କ ପାଖରେ ଗୁପ୍ତ ରଖିଥାଅ । ଆଜି ମୋତେ ସତ କଥା କୁହ, ପ୍ରକୃତରେ ତୁମେ କିଏ ? ତୁମେ ଯଦି ଭଗବାନ୍ ହୋଇଥାଅ, ତେବେ ମୋ ଭାଇ ହେବ କିପରି ? ତୁମେ ମୋ ଭାଇ ବୋଲି ଯଦି ସ୍ୱୀକାର ନ କର ତେବେ ମୋର ଧୈର୍ଯ୍ୟ ରହିବ ନାହିଁ, ମୁଁ ଆଉ ବଞ୍ଚିପାରିବି ନାହିଁ ।''

ଛୋଟ ଭଉଣୀ ସରସ୍ୱତୀର ସରଳ ଓ ନିଷ୍କପଟ ପ୍ରଶ୍ନର ଉତ୍ତରରେ ଗୋପାଳଭାଇ କହିଲେ, ''ସରସ୍ୱତୀ, ପ୍ରକୃତରେ ମୁଁ ତୋ ଭାଇ, ତଥାପି ମୁଁ ଭଗବାନ୍ । ଏହି ସମସ୍ତ ସଂସାର ମୁହିଁ ସର୍ଜନା କରିଛି, ମୋରି ମାୟା ଦ୍ୱାରା ତାହା ପରିଚାଳିତ

ହୁଏ । ଭକ୍ତମାନେ ମୋତେ ରାମ, କୃଷ୍ଣ, ବିଷ୍ଣୁ, ଶିବ ରୂପରେ ଭଗବାନ୍ ବୋଲି ମାନି ପୂଜା କରନ୍ତି । ଜ୍ଞାନୀମାନେ ନିରାକାର, ନାମରୂପରହିତ ନିର୍ବିଶେଷ ସତ୍ତାରୂପେ ଚିନ୍ତନ କରି ସେହି ସତ୍ତା ସଙ୍ଗେ ଏକତ୍ୱ ପ୍ରାପ୍ତ କରନ୍ତି । ସୁତରାଂ ମୋର ଯଥାର୍ଥ ସ୍ୱରୂପ କେହି ବି ଜାଣନ୍ତି ନାହିଁ । ରାମ, କୃଷ୍ଣ, ବିଷ୍ଣୁ, ଶିବ ତଥା ନିର୍ବିଶେଷ ସତ୍ତାରୂପେ ମଧ୍ୟ ମୁଁ ବିଦ୍ୟମାନ । ମୁହିଁ ଏକ ସମୟରେ ରାମ, କୃଷ୍ଣ, ବିଷ୍ଣୁ, ଶିବ ଏବଂ ନିର୍ବିଶେଷ ସତ୍ତା ତଥା ଏହି ଉଭୟର ଧର୍ତ୍ତା ପୁରୁଷୋତ୍ତମ ସତ୍-ଚିତ୍-ଆନନ୍ଦ । ମୋରି ପରାତ୍ପର ପୁରୁଷୋତ୍ତମ ସଚ୍ଚିଦାନନ୍ଦ ତତ୍ତ୍ୱରେହିଁ ସଗୁଣ ଏବଂ ନିର୍ଗୁଣ ବିଦ୍ୟମାନ । ମୁଁ ସକଳ ରୂପରେ ପ୍ରକଟ ହୋଇଥିବା ସତ୍ତ୍ୱେ ନିରାକାର, ମୁଁ ସମସ୍ତ କର୍ମ କରି ମଧ୍ୟ ନିଷ୍ତ୍ରିୟ । ସଂସାରରେ ଯାହାକିଛି ଦୃଶ୍ୟମାନ ବସ୍ତୁ ସମସ୍ତ କିଛି ମୋରି ସ୍ୱରୂପ । ମୁହିଁ ଭିନ୍ନ ଭିନ୍ନ ରୂପେ ପ୍ରଘଟ ହୋଇଛି । ମୋ ଛଡ଼ା ସଂସାରରେ ଅନ୍ୟ କିଛି ନାହିଁ । ତୁ ମଧ୍ୟ ମୋର ଅଂଶବିଶେଷ । ତୋର ମନ-ପ୍ରାଣ-ଶରୀରର ତତ୍ତ୍ୱ ମୋର ବିକୃତ ରୂପ, ତୋର ଆତ୍ମା ଯେ କି ମୋର ପ୍ରତିଭୂ ବା ଅଂଶ ସେ ସ୍ୱରୂପରେ ସ୍ଥିତ । ତୁ ଯେଉଁ ବ୍ରହ୍ମାଣ୍ଡ ଦେଖୁଛୁ ସେ ବି ମୋରି ରୂପ । ଏହିପରି କୋଟି କୋଟି ବ୍ରହ୍ମାଣ୍ଡ ମୋର ପ୍ରତି ଲୋମରେ ଲାଗି ରହିଅଛି ।''

ଏକଥା ଶୁଣି ସରସ୍ୱତୀ ଭୟରେ କାତର ହୋଇ ଦୁଇ ହାତରେ ଆଖି ବୁଜିପକାଇ କହିଲା, ''ଗୋପାଳ ଭାଇ, ତୁମେ ଏତେ ଐଶ୍ୱର୍ଯ୍ୟଶାଳୀ, ପୁଣି ମୋ ପରି ଅଜ୍ଞାନୀ ବାଳିକାର ଭାଇ ହୋଇ ସ୍ନେହରେ ଏପରି କଥା କହୁଛ କିପରି ?'' ଗୋପାଳ ଭାଇ ହସି କହିଲେ, ''ସରସ୍ୱତି, ତୁ ପାଗଳୀ; ମୋତେ ଯିଏ ଯେଉଁ ଭାବରେ ଭଜେ ମୁଁ ତାକୁ ସେହି ରୂପରେ ପ୍ରାପ୍ତ ହୁଏ । ତୁ ଜାଣି ନାହୁଁ, ରାଜା ତା'ର ସମସ୍ତ ପ୍ରଜାଙ୍କୁ ଶାସନ କରେ, ଦଣ୍ଡ ଦିଏ, ତାକୁ ସମସ୍ତେ ପ୍ରଭୁ ବୋଲି ମାନନ୍ତି । କିନ୍ତୁ ତା'ର ନିଜ ଛୋଟ ଶିଶୁ ପାଖରେ ସେ ଘୋଡ଼ା ହୁଏ, ତା' ଶିଶୁ ତା' ପିଠିରେ ସବାର ହୁଏ । ତା' ଆଖିରେ ଆଙ୍ଗୁଳି ପୂରାଏ । ଶିଶୁର ପିତା ସ୍ନେହବଶରେ ଶିଶୁକୁ ଏହି କାର୍ଯ୍ୟରେ ଉତ୍ସାହ ଦିଏ । ତାକୁ ଏଥିରେ ଅପାର ଆନନ୍ଦ ମିଳେ । ସେହିପରି ମୁଁ । ମୁଁ ଭକ୍ତର ଭାବରେ ବଶ । ଭକ୍ତର ଭାବ ଅନୁସାରେ ମୋତେ ରୂପ ଧାରଣ କରିବାକୁ ହୁଏ । ଭକ୍ତ ମୋର ପ୍ରିୟ । ଭକ୍ତ ପଛେ ପଛେ ମୁଁ ଛାୟା ସଦୃଶ ଥାଏ । ଭକ୍ତ ଛଡ଼ା ମୋତେ ବୈକୁଣ୍ଠ ବି ଭଲ ଲାଗେ ନାହିଁ । ମୋତେ ଯିଏ ସବୁକିଛି ଦେଇ ମୋର ହୋଇଯାଏ ତାକୁ ଦେବା ପାଇଁ ମୋ ପାଖରେ କିଛି ନ ଥାଏ, କୌଣସି ବସ୍ତୁ ତା'ର ଯୋଗ୍ୟ ହୁଏ ନାହିଁ, ମୁଁ ନିଜକୁ ତାକୁ ଦେଇଦିଏ । ଭଉଣୀ ସରସ୍ୱତୀ, ତୋର ନିଷ୍କପଟ ପବିତ୍ର ପ୍ରେମ ମୋତେ କିଣି ନେଇଛି । ତୋ ସକାଶେ ମୋ ତୁଳନାରେ ତୋର ପିତାମାତା, ପତିପୁତ୍ର, ଧନସଂପଦ, ମାନସମ୍ମାନ, ସ୍ୱର୍ଗ-ମୋକ୍ଷ କିଛି ବି ନାହିଁ । ତୁ କେବଳ ମୋତେ ଚାହୁଁଅଛୁ । ମୁଁ ତୋର ସର୍ବସ୍ୱ । ମୋ ଛଡ଼ା ସଂସାରରେ କୌଣସି ବସ୍ତୁ ତୋତେ ସୁଖ ଦେଇପାରିବ ନାହିଁ । ତୋ ଅନନ୍ୟ ପ୍ରେମଭକ୍ତିରେ ମୁଁ ବଶ ହୋଇଛି । ବ୍ୟକ୍ତି ନାନାପ୍ରକାର ବ୍ରତ, ଉପବାସ, ଦାନ, ଯଜ୍ଞ କରି ମୋତେ ପାଏ ନାହିଁ, କିନ୍ତୁ ଭକ୍ତର ପ୍ରେମ-ରଜ୍ଜୁ ମୋତେ ବାନ୍ଧି ପକାଏ । ଭଉଣୀ ସରସ୍ୱତୀ, ମୋ ଭକ୍ତିପ୍ରଭାବରେ ମୋ ସ୍ୱରୂପ ତୋ ପାଖରେ ଅବିଦିତ ରହିବ ନାହିଁ । ଯେ କେହି କେବଳ ଭକ୍ତିଯୋଗ ଦ୍ୱାରା ମୋତେ ସର୍ବସ୍ୱ ଅର୍ପଣ କରିଦିଏ, ତାକୁ ସମସ୍ତକିଛି ପ୍ରାପ୍ତ ହୁଏ । କିନ୍ତୁ ତୁ ମୋର ସ୍ୱରୂପ ଜାଣିବା ପରେ ବି ମୁଁ ତୋର ଗୋପାଳ ଭାଇ, ତୁ ମୋର ଭଉଣୀ ସରସ୍ୱତୀ, ଏହି ଭାଇଭଉଣୀ ଭାବ ରହିବ । ଏହି ପବିତ୍ର ଭାବ ଅତ୍ୟନ୍ତ ମଧୁର ।

ଏହା କହି ଭଉଣୀ ସରସ୍ୱତୀ ମସ୍ତକରେ ଗୋପାଳ ଭାଇ ନିଜ ହସ୍ତ ଆଙ୍ଗୁଳି ସ୍ପର୍ଶ କରିଦେଲେ । ସରସ୍ୱତୀର ଚେତନା ଏକ ଉଚ୍ଚତର ଚେତନା ସଙ୍ଗେ ଏକ ହୋଇଗଲା । ସେ ଦେଖିଲେ କୋଟି କୋଟି ବ୍ରହ୍ମାଣ୍ଡ ଗୋପାଳ ଭାଇଙ୍କ ଗୋଟିଏ ଗୋଟିଏ ଲୋମରେ ଲାଗି ରହିଅଛି । ତାଙ୍କରି ମଧ୍ୟରେ ସମସ୍ତ ପାହାଡ଼, ପର୍ବତ, ନଦନଦୀ ବିଦ୍ୟମାନ । ସେ ଅନୁଭବ କଲେ ଯେ ତରୁ-ତୃଣ, ନଦୀ-ହ୍ରଦ, ପଶୁ-ପକ୍ଷୀ, ଚର-ଅଚର, ମନୁଷ୍ୟ, ଦେବତାଦି ସବୁକିଛି ଏକ ସତ୍-ଚିତ୍-ଆନନ୍ଦ ପୁରୁଷୋତ୍ତମ ତତ୍ତ୍ୱର ଭିନ୍ନ ଭିନ୍ନ ରୂପ । ସେହି ଏକହି ତତ୍ତ୍ୱ ନାନା ରୂପ ଧାରଣ କରିଅଛନ୍ତି । ସେହି ଏକହି ତତ୍ତ୍ୱରେ ଆତ୍ମାରାମ ମୁନି ରମଣ କରୁଅଛନ୍ତି, ଅଭେଦ୍ୟ ମନୀଷୀ ସେହି ନିର୍ବିଶେଷ ନିରାକାର ନିଷ୍ତ୍ରିୟ ସତ୍ତାରେ ନାମ ରୂପ ବିଲୀନ କରି ଅଭେଦ୍ୟ ଏକ ହୋଇଅଛନ୍ତି । ସେହି ତତ୍ତ୍ୱକୁ ଭକ୍ତମାନେ ନିଜ ଇଷ୍ଟଦେବ ସୌନ୍ଦର୍ଯ୍ୟ, ଦୟା, କରୁଣା, ଭକ୍ତବତ୍ସଳତା, ଦିବ୍ୟଗୁଣଗଣାଳୟ, ଶ୍ରୀରାମ, ଶ୍ରୀକୃଷ୍ଣ, ଶିବ, ଦୁର୍ଗାରୂପେ ପୂଜା କରୁଅଛନ୍ତି, ଭକ୍ତି କରୁଅଛନ୍ତି, ଆତ୍ମସମର୍ପଣ କରୁଅଛନ୍ତି,

ତାଙ୍କରି ହୋଇ ତାଙ୍କରି ଦିବ୍ୟାନନ୍ଦ, ପ୍ରେମ, ପରାଭକ୍ତିରେ ନିଜକୁ ନିମଜ୍ଜନ କରୁଅଛନ୍ତି । ଅନ୍ୟ କେହି ଭକ୍ତ ତାଙ୍କୁ ସମସ୍ତ ସତ୍ତା ପୂର୍ଣ୍ଣରୂପେ ସମର୍ପଣ କରୁଅଛନ୍ତି । ତାଙ୍କ ସହିତ ସମସ୍ତ ସତ୍ତାରେ ଏକ ହୋଇ ତାଙ୍କରି ଯନ୍ତ୍ରରୂପେ ପରିଚାଳିତ ହେଉଅଛନ୍ତି । ତାଙ୍କରି ସଂକଳ୍ପ ସେମାନଙ୍କ ମଧ୍ୟରେ କ୍ରିୟାଶୀଳ ହେଉଅଛି । ସେମାନଙ୍କ ମନ, ପ୍ରାଣ, ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହୋଇଅଛି । ଭଗବାନଙ୍କ ଆନନ୍ଦ, ଜ୍ଞାନ, ଶାନ୍ତି, ସମତା, ଭକ୍ତି, ଶକ୍ତିର ସ୍ରୋତ ସେମାନଙ୍କ ମଧ୍ୟରେ ପ୍ରବାହିତ ହେଉଅଛି । ଏହାସବୁ ଦେଖିବା ପରେ ଗୋପାଳ ଭାଇ ତାଙ୍କ ହସ୍ତ ଅଙ୍ଗୁଳି ସରସ୍ୱତୀ ମସ୍ତକରୁ ଉଠେଇ ନେଲେ ।

ସରସ୍ୱତୀର ସମାଧି ଭଙ୍ଗହେଲା । ସେ ଗୋପାଳ ଭାଇଙ୍କ ଚରଣରେ ମସ୍ତକ ରଖି କହିଲେ, ''ଭାଇ, ଆଜିପର୍ଯ୍ୟନ୍ତ ମୁଁ ତୁମ୍ଭଙ୍କୁ କେବଳ ମୋ ଭାଇ ବୋଲି ଜାଣିଥିଲି । କିନ୍ତୁ ତୁମେ ତ ସବୁକିଛି, ତୁମ ଛଡ଼ା ଅନ୍ୟ କିଛି ବି ନାହିଁ । ଏହି ଜ୍ଞାନ ତୁମ୍ଭ କୃପାରୁ ପ୍ରାପ୍ତ ହେଲା । କିନ୍ତୁ ଭାଇ, ଏହି ଜ୍ଞାନ ଥିବା ସତ୍ତ୍ୱେ ତୁମେ ମୋତେ ଗୋପାଳ ଭାଇରୂପେ ବହୁତ ଭଲ ଲାଗୁଛ । ତୁମ୍ଭରି କୃପାରୁ ତୁମ୍ଭ ପ୍ରତି ଏହି ଭ୍ରାତୃଭାବ ରହିଥାଉ ।'' ଗୋପାଳ ଭାଇ ଏଥିରେ ସମ୍ମତ ହୋଇ କହିଲେ, ''ମୁଁ ପୂର୍ବରୁ ଏହା କହିଅଛି ।''

ଗୋପାଳ ଭାଇ କହିଲେ, ''ସରସ୍ୱତୀ, ତୋର ପତି ମୋର ପୁରାତନ ଭକ୍ତ । ପୂର୍ବେ ଏ ଅବନ୍ତିକା ପୁରୀରେ ବ୍ରାହ୍ମଣ ଥିଲା । ତୁ ତା'ର ଧର୍ମପତ୍ନୀ ଥିଲୁ । ଦୁଇଜଣ ମୋର ପରମ ଭକ୍ତ ଥିଲ । ମୋ ବିଧାନ ଅନୁସାରେ ଏଠାରେ ତୁମ ଦୁହିଙ୍କୁ ଜନ୍ମନେବାକୁ ହୋଇଛି । ମୋତେ ଭକ୍ତି କରି ତୁମ ଜନ୍ମ ସାର୍ଥକ ହେଲା । ତୁମେ ମୋ ପରମ ଧାମକୁ ପ୍ରାପ୍ତ ହେବ । ଏହା ମୋର ସଂକଳ୍ପ, ଯେ ମୋତେ ଥରେ ଭକ୍ତି କରେ ସେ ସର୍ବଦା ମୋର ହୋଇ ରହିଥାଏ । ମୁଁ ତାକୁ କେବେ ବି ତ୍ୟାଗ କରେ ନାହିଁ । ଫେର୍ ତୁମ୍ଭେମାନେ ଯେପରି ଭାଗ୍ୟବାନ୍ ଭକ୍ତ ମୋ ସକାଶେ ସମସ୍ତ ଭୋଗ, ଆସକ୍ତି, ମାନସମ୍ମାନ, କାମନାବାସନା ଇତ୍ୟାଦି ତ୍ୟାଗ କରିଅଛ, ମୁଁ ତୁମ୍ଭମାନଙ୍କୁ କେବେ ବି ଛାଡ଼ି ରହିପାରିବି ନାହିଁ ।'' ଭଗବାନ୍ ଏତିକି କହି ସରସ୍ୱତୀକୁ କୃପାଦୃଷ୍ଟିରେ ଚାହିଁ ଅନ୍ତର୍ଦ୍ଧାନ ହୋଇଗଲେ ।

ସେହି ସମୟଠାରୁ ସରସ୍ୱତୀର ମୁଖାକୃତି, ଶରୀରର ତେଜଃ, କହିବା, ଶୁଣିବା, ବ୍ୟବହାର କରିବାରେ ବିଲକ୍ଷଣ ପରିବର୍ତ୍ତନ ଆସିଲା । ଦେଖିଲେ ମନେ ହେଉଥିଲା ଯେପରି ସରସ୍ୱତୀ ଦିବ୍ୟଲୋକର ବିଗ୍ରହ । ଭଗବାନଙ୍କ ପ୍ରେରଣାରେ ତାଙ୍କ ପତିଙ୍କର ପୂର୍ବ ଜନ୍ମର ସମସ୍ତ ଘଟଣା ସ୍ମରଣ ହୋଇ ଆସିଲା । ଭଗବାନ୍ କୃପା କରି ତାଙ୍କୁ ଦର୍ଶନ ଦେଲେ । ପତିପତ୍ନୀ ଦୁହେଁ ଆନନ୍ଦରେ ଜୀବନ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ସେବା-ପୂଜା କରି ଦିବ୍ୟାନନ୍ଦରେ ବିଭୋର ହୋଇ ଶେଷରେ ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ଦିବ୍ୟଧାମକୁ ପ୍ରାପ୍ତ ହେଲେ ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

ଭକ୍ତିମତୀ ଲୀଳାବତୀ

ପ୍ରାୟ ଦୁଇ ଶହ ବର୍ଷ ପୂର୍ବେ ଭକ୍ତିମତୀ ଲୀଳାବତୀ ଜନ୍ମଗ୍ରହଣ କରିଥିଲେ ଚନ୍ଦନନଗର ନିକଟ ମଧୁପୁର ନାମକ ଗୋଟିଏ ଛୋଟ ଗ୍ରାମରେ । ତାଙ୍କ ପିତାଙ୍କ ନାମ ଥିଲା ନାରାୟଣକାନ୍ତ, ମାତାଙ୍କ ନାମ ଥିଲା ରତ୍ନେଶ୍ୱରୀ । ସେମାନେ ଥିଲେ ବ୍ରାହ୍ମଣ, କିନ୍ତୁ ଯଥାର୍ଥରେ ବ୍ରାହ୍ମଣ । ବ୍ରାହ୍ମଣୋଚିତ ସମସ୍ତ ଗୁଣ ନାରାୟଣକାନ୍ତଙ୍କଠାରେ ବିଦ୍ୟମାନ ଥିଲା । ସେ ଧାର୍ମିକ, ନିର୍ଲୋଭ, ସନ୍ତୋଷୀ, ସଦାଚାରୀ, ସଂଯମୀ ଏବଂ ବିଦ୍ୱାନ୍ ପଣ୍ଡିତ ଥିଲେ । ତାଙ୍କ ହୃଦୟ-ଉଦ୍ୟାନରେ ଭକ୍ତିଦେବୀ ବିହାର କରୁଥିଲେ । ଗ୍ରାମରେ ଗୋଟିଏ ସଂସ୍କୃତ ପାଠଶାଳା ଥିଲା । ସେଥିରେ ନାରାୟଣକାନ୍ତ ଅଧ୍ୟାପକ ଥିଲେ । ସେଥିରୁ ଯାହା ପ୍ରାପ୍ତ ହେଉଥିଲା ସେଥିରେ ପତିପତ୍ନୀ ଆନନ୍ଦରେ ଜୀବିକାନିର୍ବାହ କରୁଥିଲେ । ଭୋକୀ, ଶୋଷୀ, ଅତିଥି-ଅଭ୍ୟାଗତ ତାଙ୍କ ଦ୍ୱାରରୁ ନିରାଶାରେ ଫେରୁ ନ ଥିଲେ ।

ନାରାୟଣକାନ୍ତ ଯେପରି ସନ୍ତୋଷୀ, ସଦାଚାରୀ, ଭଗବତ୍ ଭକ୍ତ ଥିଲେ, ସେହିପରି ତାଙ୍କ ଧର୍ମପତ୍ନୀ ରତ୍ନେଶ୍ୱରୀ ନିର୍ଲୋଭା, ପତିପରାୟଣା, ଭଗବତ୍‌ଭକ୍ତିରତା, ପରିଶ୍ରମୀ ଥିଲେ । ଅୟସଆରାମ, ଭୋଗବିଳାସ, ଜାକଜମକ ତାଙ୍କ ହୃଦୟକୁ ସ୍ପର୍ଶ କରି ନ ଥିଲା । ନାରାୟଣକାନ୍ତ ବ୍ରାହ୍ମମୁହୂର୍ତ୍ତରୁ ଉଠି ସ୍ନାନ ସନ୍ଧ୍ୟା ସମାପ୍ତ କରି ଗାୟତ୍ରୀ ମନ୍ତ୍ର ଜପ, ବେଦପାଠ ଏବଂ ଧ୍ୟାନରେ ନିମଗ୍ନ ରହୁଥିଲେ । ରତ୍ନେଶ୍ୱରୀ ପତିଙ୍କ ସ୍ନାନ ପୂର୍ବରୁ ନିଜେ ସ୍ନାନ କରି ପତିଙ୍କ ପୂଜାପାତ୍ର ସବୁ ମାଜି ଧୋଇ ରଖି ଦେଉଥିଲେ । ତାଙ୍କ ପୂଜାର ସମସ୍ତ ସାମଗ୍ରୀ ଏକତ୍ର କରି ତାଙ୍କ ପୂଜାଗୃହରେ ରଖି ଘରଦ୍ୱାର, ତୁଳସୀଚଉରା ଲିପାପୋଛା କରି, ତୁଳସୀରେ ଜଳ ଦେଇ ଭଗବାନଙ୍କ ଧ୍ୟାନରେ ବସିଯାଉଥିଲେ । ପତିଦେବଙ୍କ ପୂଜା ସମାପ୍ତ ହେବା ପୂର୍ବରୁ ସେ ଧ୍ୟାନରୁ ଉଠି ତାଙ୍କ ସକାଶେ ରୋଷେଇ କାର୍ଯ୍ୟରେ ଲାଗି ପଡୁଥିଲେ । ପତିଦେବଙ୍କ ପୂଜାପାଠ ଶେଷ ହେବା ସଙ୍ଗେ ସଙ୍ଗେ ତାଙ୍କୁ ଭୋଜନ ପରଷି ଦେଇ ପାଖରେ ବସି ପଙ୍ଖା କରୁଥିଲେ । ପତିଦେବଙ୍କ ଯିବା ପରେ ତାଙ୍କରି ଥାଳିରେ ଭୋଜନ କରି କଂସାବାସନ ଧୋଇ ପରିଷ୍କାର କରି ଦେଉଥିଲେ । ଘରେ ମାତ୍ର ଦୁଇ ପ୍ରାଣୀ, ପିଲା ଝିଲାର ଅଳି ନ ଥାଏ । ଦିନରାତି ଭଗବାନଙ୍କ ସେବାରୂପେ ଘର କାମ ସବୁ କରି ଭଗବତ୍ ଭକ୍ତିରେ ବ୍ରାହ୍ମଣଦମ୍ପତି ଆନନ୍ଦରେ ଦିନ କଟାଉଥିଲେ । ରତ୍ନେଶ୍ୱରୀଙ୍କ ହୃଦୟ ଯେପରି ସରଳ, ନିଷ୍କପଟ, ପବିତ୍ର ଥିଲା ତାଙ୍କ ଘର ମଧ୍ୟ ସେହିପରି ପରିଷ୍କାରପରିଚ୍ଛନ୍ନ ଥିଲା । ମନୁଷ୍ୟ ହୃଦୟ ଯେପରି ପବିତ୍ର ଥାଏ, ତା'ର କାର୍ଯ୍ୟ ମଧ୍ୟ ସେହିପରି ପବିତ୍ର ହୁଏ ।

ନାରାୟଣକାନ୍ତ ପାଠଶାଳା ଚାଲିଯିବା ପରେ ରତ୍ନେଶ୍ୱରୀ ଘରେ ବସିରହନ୍ତି ନାହିଁ କିଂବା ସାହିପଡ଼ିଶା ଘର ଯାଇ ପରନିନ୍ଦା, ପରଚର୍ଚ୍ଚାରେ ହୃଦୟକୁ କଳୁଷିତ କରିବା ତାଙ୍କର ପ୍ରବୃତ୍ତି ନ ଥାଏ । ବ୍ରାହ୍ମଣୀ ପରିଷ୍କାରପରିଚ୍ଛନ୍ନ ଦୁଆରେ କେତୋଟି ବଡ଼ କପାଗଛ ଲଗାଇଥା'ନ୍ତି । ସେଥିରୁ ବାରମାସ କପା ଆମଦାନି ହେଉଥାଏ । ସେହି କପା ତୁଳାରୁ ବ୍ରାହ୍ମଣୀ ସୂତା କାଟନ୍ତି, ପଣ୍ଡିତଜି ଯଜ୍ଞୋପବୀତ ତିଆରି କରନ୍ତି । ତାଙ୍କ ଯଜମାନ ଏବଂ ବ୍ରାହ୍ମଣ ଶାସନରେ ତାଙ୍କ ଯଜ୍ଞୋପବୀତର ଖୁବ୍ ଆଦର ଥାଏ । ସେଥିରୁ କିଛି ପଇସା ମିଳେ । ସେମାନଙ୍କର ଆବଶ୍ୟକତା କମ୍ ଥିଲା, ଜୀବନ ଅୟସଆରାମରୁ ଦୂରରେ ଥିଲା; ଦୁଇଜଣ ପରିଶ୍ରମ କରୁଥିଲେ ଏବଂ ଆନନ୍ଦରେ ରହୁଥିଲେ । ମନୁଷ୍ୟ ପରିଶ୍ରମ କରନ୍ତି ନାହିଁ, ସିଗାରେଟ, ବିଡ଼ି, ପାନ, ଚା' କୁଅଭ୍ୟାସର ଦାସ ହୋଇ ଆବଶ୍ୟକତା ବଢ଼ାନ୍ତି । ଧନ ଅଭାବ ହୁଏ, ଦୁଃଖକଷ୍ଟ ଭୋଗି ଜୀବନ ଅଶାନ୍ତିରେ କଟାନ୍ତି; ଆବଶ୍ୟକତା ପୂର୍ଣ୍ଣ କରିବା ସକାଶେ ଅନ୍ୟାୟରେ ଧନ ଉପାର୍ଜନ କରି ଜୀବନକୁ ଦ୍ୱନ୍ଦ୍ୱମୟ କରନ୍ତି । ଏହା ହୁଏ ଭଗବତ୍ ଭକ୍ତିର ଅଭାବ ଓ ବିବେକହୀନତାରୁ । ପ୍ରତ୍ୟେକ ଗୃହସ୍ଥ ବ୍ୟକ୍ତି ଏହି ଭକ୍ତଦମ୍ପତିଙ୍କ ଆଦର୍ଶକୁ ଗ୍ରହଣ କରିବା ଉଚିତ ।

ବ୍ରାହ୍ମଣୀ ସମସ୍ତ ଦିନ କାମରେ ଲାଗିରହି ମୁଖରେ ସୀତାରାମ ନାମ ଜପ କରୁଥା'ନ୍ତି । କେବେ କେବେ ଭଗବାନଙ୍କ ଲୀଳା ଗୀତ ଗାଇ ତନ୍ମୟ ହୋଇଯା'ନ୍ତି । କେବେ କେବେ ଅନୁରାଗରେ ଲୟ ସହ ଗା'ନ୍ତି :

''ମେରେ ମନ ରାମହିଁ ରାମ ରଟୈରେ ।
ରାମ ନାମ ଜପ ଲୀଜୈ ମନୁଆଁ,କୋଟିକ ପାପ କଟୈରେ ।।''

ଅର୍ଥାତ୍, ହେ ମନ, ତୁ ରାମ ନାମ ରଟ, ତୁ ରାମ ନାମ ଜପ କଲେ ତୋର କୋଟି କୋଟି ପାପ କଟିଯିବ ।

ବ୍ରାହ୍ମଣୀ ଭଗବତ୍ ଭକ୍ତିରେ ମସ୍ତ ହୋଇ ସମସ୍ତ କର୍ମ କରୁଥା'ନ୍ତି । ସନ୍ଧ୍ୟା ପୂର୍ବରୁ ପତିଦେବ ଆସିବା ମାତ୍ରେ ହର୍ଷ ସହିତ ପିଢ଼ା ପାଣି ଆଣି ପିଢ଼ାରେ ପତିଦେବଙ୍କ ପାଦ ରଖି ଜଳରେ ଧୋଇଦିଅନ୍ତି, ନିଜ ପଣତ କାନିରେ ପତିଙ୍କ ପାଦ ପୋଛି ତାଙ୍କ ହାତରୁ ବହିପତ୍ର ନେଇ ରଖିଦିଅନ୍ତି । ଘରେ ଯାହା ଥାଏ, ତାଙ୍କୁ ଭୋଜନ କରିବାକୁ କିଛି ଦେଇ ମିଠା ମିଠା ଦୁଇ, ଚାରି କଥା କହି ନିଜ କାର୍ଯ୍ୟରେ ଲାଗନ୍ତି । ସନ୍ଧ୍ୟା ସମୟରେ ପତିଦେବ ସନ୍ଧ୍ୟା କରନ୍ତି; ବ୍ରାହ୍ମଣୀ ତୁଳସୀ ଚୌରାରେ ସଞ୍ଜ ଦେଇ ରୋଷେଇରେ ଲାଗିପଡ଼ନ୍ତି ।

ସନ୍ତାନ-କାମନା

ଏହିପରି ଭଗବତ୍ ଭକ୍ତିର ଆନନ୍ଦରେ ବ୍ରାହ୍ମଣ ପରିବାର କେତେବର୍ଷ ବ୍ୟତୀତ କଲେ । କ୍ରମଶଃ ଯୌବନ ଅବସ୍ଥା ହ୍ରାସ ହୋଇ ବୃଦ୍ଧତ୍ୱ ଆଗମନର ସଙ୍କେତ ମିଳିଲା । ପଣ୍ଡିତ ନାରାୟଣକାନ୍ତ ଜ୍ଞାନୀ ତଥା ଭକ୍ତ ଥିଲେ । ସଂସାର ନଶ୍ୱର, ଭଗବତ୍ ପ୍ରାପ୍ତି ଜୀବନର ଏକମାତ୍ର ଲକ୍ଷ୍ୟ ବୋଲି ସେ ହୃଦୟଙ୍ଗମ କରିଥିଲେ । କିନ୍ତୁ ବ୍ରାହ୍ମଣୀ ଯଦ୍ୟପି ଭଗବତ୍ ଭକ୍ତା ଥିଲେ ତଥାପି ସନ୍ତାନଲାଳସା ତାଙ୍କ ମାତୃହୃଦୟରେ କେବେ କେବେ ମେଘରେ ବିଜୁଳି ସଦୃଶ ଚମକି ଯାଉଥିଲା । ସେ ତୁଳସୀ ଚଉରାରେ ସଞ୍ଜ ଦେବାକୁ ଯିବା ସମୟରେ ଭାବୁଥିଲେ, ''ଗୋଟିଏ ଛୋଟ ଶିଶୁ ଥିଲେ ମୋ ପଣତ ଧରି ଅସ୍ପଷ୍ଟ ଶବ୍ଦରେ କ'ଣ କ'ଣ କହି ଆସୁଥାଆନ୍ତା । ମୁଁ ସଞ୍ଜ ଦେଇ ପ୍ରଣାମ କରିବା ସମୟରେ ସେ ବି ପ୍ରଣାମ କରୁଥାଆନ୍ତା । ଯେତେବେଳେ ସେ ଅସ୍ପଷ୍ଟ ଶବ୍ଦରେ କିଛି କହି ମୋ ବେକରେ ଓହଳି ପଡୁଥାଆନ୍ତା, ସେତେବେଳେ ମୁଁ ସମସ୍ତ ଦୁଃଖ ଭୁଲି ଆନନ୍ଦ ଅନୁଭବ କରନ୍ତି ।'' ଏହି କାମନା ତାଙ୍କର କ୍ରମଶଃ ତୀବ୍ରରୁ ତୀବ୍ରତର ହେବାକୁ ଲାଗିଲା । ସେ ବୃନ୍ଦାବତୀଙ୍କ ପାଖରେ ସନ୍ତାନ ସକାଶେ ବରାବର ପ୍ରାର୍ଥନା କରନ୍ତି । କିନ୍ତୁ ତାଙ୍କର ପ୍ରାର୍ଥନା ସଫଳ ହୁଏ ନାହିଁ । କେତେଥର ପତିଦେବଙ୍କୁ ମନର ବାସନା କହିବାକୁ ସଂକଳ୍ପ କରି, ଲଜ୍ଜା ତଥା ସଂକୋଚରେ ମନର କଥା ମନରେ ରଖନ୍ତି । ଏପରି ଦ୍ୱନ୍ଦ୍ୱ ବେଶୀ ଦିନ ଚାଲିଲା ନାହିଁ । ଶେଷରେ ସାହସ କରି ନିଜର ମନର ବେଦନା ପତିଦେବଙ୍କ ଚରଣରେ ନିବେଦନ କରିବାକୁ ବାଧ ହେଲେ । ପଣ୍ଡିତ ନାରାୟଣକାନ୍ତ ପତ୍ନୀ କଥାକୁ କୌଣସି ମୂଲ୍ୟ ନ ଦେଇ ହସି କରି କହିଲେ, ''ସନ୍ତାନଟିଏ ହେଲେ ପିତାମାତାଙ୍କୁ ସିଧା ବୈକୁଣ୍ଠକୁ ପଠାଇଦେବ ? ପାଗଳି, ତୁ କ'ଣ ଦେଖୁ ନାହୁଁ ଯେଉଁମାନଙ୍କର ସନ୍ତାନ ଅଛି ସେମାନେ କେତେ ସୁଖରେ ଅଛନ୍ତି ? ପରମ ସୁଖ କେବଳ ଭଗବତ୍ ଭକ୍ତି ତଥା ଭଗବତ୍ ଜ୍ଞାନରେ । ଆମ୍ଭମାନଙ୍କ ସକାଶେ ଉଚିତ ହେବ ଭଗବାନଙ୍କ ବିଧାନକୁ ମାନି ସେଥିରେ ସନ୍ତୁଷ୍ଟ ରହିବା । ଆମ୍ଭମାନଙ୍କର ଯେଉଁଥିରେ ଯଥାର୍ଥରେ ମଙ୍ଗଳ ହେବ ସେ ଜାଣନ୍ତି ତଥା ତାଙ୍କ କୃପାରୁ ସେହି ଉପାୟ ମଧ୍ୟ ଜଣାପଡ଼େ । ଭଗବାନଙ୍କ ପ୍ରତି କେବେ ବି ଅବିଶ୍ୱାସ କର ନାହିଁ ।'' ଏଥିରେ ବ୍ରାହ୍ମଣୀ ସନ୍ତୁଷ୍ଟ ହେଲେ ନାହିଁ । କିନ୍ତୁ ପତିଙ୍କ ସଙ୍ଗେ ପ୍ରତିବାଦ କରିବା ଠିକ୍ ମନେ ନ କରି ଚୁପ୍ ରହିଗଲେ । ନାରାୟଣକାନ୍ତ ପତ୍ନୀର ମନୋଭାବ ବୁଝିପାରି କିଛି ସମୟ ଗମ୍ଭୀର ହୋଇ ବିଚାର କଲେ । କହିଲେ, ''ଆଚ୍ଛା, ତୋର ସନ୍ତାନ ସକାଶେ ଯଦି ଏପରି କାମନା ତେବେ ଭଗବାନଙ୍କ ଚରଣରେ ନିବେଦନ କରିବା । ସେ ସର୍ବଶକ୍ତିମାନ୍ ପ୍ରଭୁ । ତାଙ୍କରି କୃପାରେ ଅସମ୍ଭବ ସମ୍ଭବ ହୋଇପାରେ ।'' ସନ୍ତାନ ସକାଶେ ପ୍ରଭୁଙ୍କ ଆରାଧନା କି ଉପାୟରେ କରାହେବ, ଚିନ୍ତା କରିବାକୁ ଲାଗିଲେ । ଭଗବାନଙ୍କର କାମ ଭକ୍ତର ମନସ୍କାମନା ପୂର୍ଣ୍ଣ କରିବା । ତାଙ୍କରି ପ୍ରେରଣାରେ ଜଣେ ବ୍ୟକ୍ତି ହଠାତ୍ ଆସି ବ୍ରାହ୍ମଣଦମ୍ପତିଙ୍କୁ କହିଲେ, ''ଯେଉଁମାନେ କୌଣସି କାମନା ସିଦ୍ଧି ସକାଶେ 'ଶ୍ରୀବୈଦ୍ୟନାଥ'ଙ୍କ ପାଖରେ ରହି ନିୟମ ପାଳନପୂର୍ବକ ଅନୁଷ୍ଠାନ କରନ୍ତି, ଶ୍ରୀ ବୈଦ୍ୟନାଥ ସେମାନଙ୍କ ମନସ୍କାମନା ପୂର୍ଣ୍ଣ କରନ୍ତି ଅଥବା ମନା

କରିଦିଅନ୍ତି ।'' ଏକଥା ଶୁଣି ବ୍ରାହ୍ମଣଦମ୍ପତି ବହୁତ ପ୍ରସନ୍ନ ହେଲେ । ସେମାନେ ଭଗବାନଙ୍କ ପ୍ରେରଣା ବୋଲି ମନେକରି ବୈଦ୍ୟନାଥ ଧାମ ଯାଇ ସେଠାରେ ରହି ଅନୁଷ୍ଠାନ କରିବାକୁ ସଂକଳ୍ପ କଲେ ।

ଅନୁଷ୍ଠାନ

ସେ ଯୁଗରେ ରେଳଗାଡ଼ି, ବସ୍ ପ୍ରଭୃତି ଯାନବାହନ ନ ଥିଲା । ହଜାର ହଜାର କୋଶ ରାସ୍ତା ପଦଯାତ୍ରା କରିବାକୁ ହେଉଥିଲା । ବ୍ରାହ୍ମଣଦମ୍ପତି ତିନିମାସରେ ବୈଦ୍ୟନାଥ ଧାମରେ ପହଞ୍ଚିଲେ । ବୈଦ୍ୟନାଥଙ୍କ ମନ୍ଦିର ପାଖରେ ଏମାନେ ନିବାସ କଲେ । ଦୁଇଜଣଯାକ ତପସ୍ୟା ଆରମ୍ଭ କଲେ । ଅନ୍ନ ତ୍ୟାଗ କରି ଚବିଶ ଘଣ୍ଟା ମଧ୍ୟରେ ମଧ୍ୟାହ୍ନ ସମୟରେ କିଛି କ୍ଷୀର ତଥା ଫଳ ଆହାର କରିବା ପାଇଁ ଶପଥ ନେଲେ । ପତିପତ୍ନୀ ବ୍ରାହ୍ମମୁହୂର୍ତ୍ତରେ ସ୍ନାନ କରନ୍ତି । ରତ୍ନେଶ୍ୱରୀ ପତିଙ୍କ ପୂଜନ ସାମଗ୍ରୀ ସବୁ ଯୋଗାଇ ଦିଅନ୍ତି । ନାରାୟଣକାନ୍ତ ସନ୍ଧ୍ୟାବନ୍ଦନ, ଜପ ସମାପ୍ତ କରି ସଂକଳ୍ପ ସହ ଗୋପାଳ ସହସ୍ର ନାମ ଅନୁଷ୍ଠାନ ନିୟମରେ ବିଧିବିଧାନ ଅନୁସାରେ ପଢ଼ନ୍ତି । ରତ୍ନେଶ୍ୱରୀ ବସି ପ୍ରେମ, ଭକ୍ତି ସହିତ ଶୁଣନ୍ତି । ସଂକଳ୍ପ ଅନୁସାରେ ଗୋପାଳ ସହସ୍ର ନାମ ଅନୁଷ୍ଠାନ ପୂରା ପାଞ୍ଚ ମାସରେ ସମାପ୍ତ ହେଲା । ଅନୁଷ୍ଠାନ ପୂର୍ଣ୍ଣ ହେବା ପରେ ନିୟମାନୁସାରେ ହୋମ ଏବଂ ବ୍ରାହ୍ମଣ ଭୋଜନ କରାହେଲା । କିନ୍ତୁ ଭଗବାନ୍ ବୈଦ୍ୟନାଥଙ୍କର କୌଣସି ଆଦେଶ ମିଳିଲା ନାହିଁ । ଦମ୍ପତି ବହୁତ ଚିନ୍ତାଗ୍ରସ୍ତ ହୋଇ ବ୍ୟାକୁଳ ହୃଦୟରେ ବୈଦ୍ୟନାଥଙ୍କୁ ପ୍ରାର୍ଥନା କରି ନିଦ୍ରାଦେବୀଙ୍କ କୋଳରେ ଆଶ୍ରୟ ନେଲେ । ସେହି ଦମ୍ପତିଙ୍କୁ ସ୍ୱପ୍ନରେ ଆଦେଶ ହେଲା : ତୁମ୍ଭେମାନେ ଘରକୁ ଫେରିଯାଅ । ଆଜିଠାରୁ ଏଗାର ମାସ ଶେଷରେ ତୁମ୍ଭର ଗୋଟିଏ ସୁନ୍ଦରୀ, ସଦ୍‌ଗୁଣବତୀ, ଭଗବତ୍ ଭକ୍ତା କନ୍ୟା ଜାତ ହେବ । ସେ ପିତା ତଥା ପତିକୁଳକୁ ପବିତ୍ର କରିବ । ସ୍ୱପ୍ନ ପରେ ନିଦ୍ରାଭଙ୍ଗ ହେବାରୁ ପରସ୍ପରଙ୍କ କଥାବାର୍ତ୍ତାରୁ ଉଭୟଙ୍କୁ ଏକହି ପ୍ରକାର ସ୍ୱପ୍ନ ହେବା ଜାଣି ଦୁହେଁ ବହୁତ ଆନନ୍ଦିତ ହେଲେ ଏବଂ ବାରଂବାର ଭଗବାନଙ୍କ ଚରଣରେ କୃତଜ୍ଞତା ଜ୍ଞାପନ କଲେ । ପ୍ରାତଃକାଳରେ ଶୌଚସ୍ନାନ ଶେଷ କରି ବାବା ବୈଦ୍ୟନାଥଙ୍କୁ ଦର୍ଶନ କରି ପୂଜାରୀମାନଙ୍କଠାରୁ ବିଦାୟ ନେଇ ଅତି ହର୍ଷରେ ଗୃହକୁ ଯାତ୍ରା କଲେ । କିଛି ମାସ ପରେ ଗ୍ରାମରେ ପହଞ୍ଚିବାରୁ ବନ୍ଧୁବାନ୍ଧବ, ସାହିପଡ଼ିଶା, ଇଷ୍ଟମିତ୍ରମାନେ ଆସି ଦେଖି ବହୁତ ଖୁସିହେଲେ ।

ଲୀଳାବତୀଙ୍କ ଜନ୍ମ ଓ ବାଲ୍ୟାବସ୍ଥା

ଯଥାସମୟରେ ରତ୍ନେଶ୍ୱରୀଙ୍କ ଗର୍ଭରୁ ଗୋଟିଏ ସଦ୍‌ଗୁଣଯୁକ୍ତା ସୁନ୍ଦରୀ କନ୍ୟା ଜାତ ହେଲା । ବୈଦ୍ୟନାଥଙ୍କ ପ୍ରସାଦସ୍ୱରୂପ କନ୍ୟା ଜାତ ହୋଇ ଥିବାରୁ ତା' ସକାଶେ ଗ୍ରାମଲୋକମାନେ ଆନନ୍ଦ ଉତ୍ସାହରେ କୀର୍ତ୍ତନ, ଗାନ, ଭୋଜନାଦି କାର୍ଯ୍ୟ ଖୁବ୍ ସମାରୋହରେ କଲେ । କନ୍ୟାର ନାମ ରଖାହେଲା ଲୀଳାବତୀ । ବ୍ରାହ୍ମଣଦମ୍ପତି ବହୁତ କଷ୍ଟରେ କନ୍ୟାରତ୍ନ ପାଇଥିବାରୁ ସେମାନଙ୍କ ଆନନ୍ଦର ସୀମା ରହୁ ନ ଥାଏ । ରତ୍ନେଶ୍ୱରୀ ଘରର ସମସ୍ତ କର୍ମ କରୁଥା'ନ୍ତି କିନ୍ତୁ ମନ ଥାଏ କନ୍ୟା ପାଖରେ । ମଝିରେ ମଝିରେ ସମୟ ପାଇ କାମ ଛାଡ଼ି ଆସି କନ୍ୟାକୁ ଦେଖି ଯାଉଥା'ନ୍ତି । କନ୍ୟାର ଅସ୍ପଷ୍ଟ ଶବ୍ଦ, ସୁନ୍ଦର ହସରେ ରତ୍ନେଶ୍ୱରୀ ଆନନ୍ଦବିଭୋର ହୋଇ ସ୍ୱର୍ଗସୁଖକୁ ତୁଚ୍ଛ ମନେ କରୁଥା'ନ୍ତି । ଲୀଳାବତୀର ଶିଶୁ ଅବସ୍ଥାରେ ଦିବ୍ୟଗୁଣ ପରିଲକ୍ଷିତ ହେଉଥିଲା । ସେ କମ୍ କାନ୍ଦୁଥିଲା । ପିତାଙ୍କ ପୂଜା ସମୟରେ ସେ ଗୁରୁଣ୍ଡି ଗୁରୁଣ୍ଡି ଯାଇ ଶାନ୍ତଭାବେ ନୀରବରେ ପିତାଙ୍କ ପାଖରେ ବସି ଏକ ଦୃଷ୍ଟିରେ ଶାଳଗ୍ରାମ ବିଗ୍ରହକୁ ନିରେଖି ଦେଖୁଥିଲା । ସନ୍ଧ୍ୟା ସମୟରେ ମା ବୃନ୍ଦାବତୀଙ୍କୁ ସଞ୍ଜ ଦେବା ସମୟରେ ସେ ଆଣ୍ଠେଇ ଚାଲିଯାଏ, ମା କାନିକୁ ଧରି ଛିଡ଼ାହୁଏ ଏବଂ ଦୀପ ନେବାକୁ ହାତ ବଢ଼ାଏ । ମା ସ୍ନେହରେ କୋଳରେ ନେଇ ତା' ହାତରେ ଦୀପ ଧରେଇ ଦେଇ ବୃନ୍ଦାବତୀଙ୍କ ପାଖରେ ରଖେଇ ଦିଅନ୍ତି । ଲୀଳାବତୀର ମସ୍ତକ ତୁଳସୀ ଚଉରାରେ ରଖି ତା' ସକାଶେ ମା ପ୍ରାର୍ଥନା କରନ୍ତି, ''ଏହାକୁ ଭଲ ଘର, ଭଲ ବର ପ୍ରାପ୍ତ ହେଉ, ଏହାର ହୃଦୟ ଶୁଦ୍ଧ ପବିତ୍ର ହେଉ, ଏ ଭଗବତ୍ ଆଶ୍ରୟରେ ଜୀବନ ସୁଖରେ ବ୍ୟତୀତ କରୁ ।''

କ୍ରମଶଃ ଲୀଳାବତୀ ବଡ଼ ହେବାକୁ ଲାଗିଲା । ସେ ମା'ର ଥିଲା ସ୍ନେହର ପ୍ରତିମା । ତା'ର ହସିବା, ଖେଳିବା ଦେଖି ମା' ଆନନ୍ଦିତ ହେଉଥିଲେ । ଲୀଳାବତୀ ମା ସଙ୍ଗେ ଖୁବ୍ ଭୋରରୁ ସ୍ନାନ କରି ପିତାଙ୍କ ଶାଳଗ୍ରାମ ପୂଜା ଲାଗି ବାଡ଼ିବଗିଚାରୁ ତୁଳସୀ, ପୁଷ୍ପ ଆଣୁଥିଲା । ଫୁଲମାଳ ଗୁଛି ଶାଳଗ୍ରାମଙ୍କ ସିଂହାସନରେ ପିନ୍ଧାଇବା ସକାଶେ ପିତାଙ୍କୁ ଦେଉଥିଲା । ପିତା ଶାଳଗ୍ରାମକୁ ସ୍ନାନ କରାଇ, ଚନ୍ଦନ ଲଗାଇ, ଫୁଲ, ତୁଳସୀ ଅର୍ପଣ କରିବା ବେଳେ ଲୀଳାବତୀ ସେଠାରେ ବସି ରହୁଥିଲା । ଭୋଗ ଲଗାଇବା ପରେ ଆଳତି ସମୟରେ ହାତ ଯୋଡ଼ି ଛିଡ଼ା ହେଉଥିଲା । ପିତାମାତାଙ୍କ ସହିତ ଠାକୁରଙ୍କୁ ସ୍ତୁତିଗାନ ମଧ୍ୟ କରୁଥିଲା । ନାରାୟଣକାନ୍ତ ଗାୟତ୍ରୀ ଜପ ଏବଂ ଧ୍ୟାନ କରିବା ପରେ ନିୟମିତ ରୂପେ ଗୋପାଳ ସହସ୍ର ନାମ ପଢୁଥିଲେ । ଲୀଳାବତୀ ପ୍ରତିଦିନ ବସି ଶୁଣୁଥିଲା । ସେ ଶୁଣି ଶୁଣି ଅନୁଷ୍ଟୁପ ଛନ୍ଦର କେତେକ ସରଳ ଶ୍ଲୋକ ମୁଖସ୍ଥ କରି ମଧୁର ସ୍ୱରରେ ଗାନ କରୁଥିଲା । ପିତାମାତାଙ୍କ ସଙ୍ଗେ ଅନୁରାଗ ଯୁକ୍ତ ଲାଳିତ୍ୟ ସ୍ୱରରେ କୀର୍ତ୍ତନ କରିବା ସମୟରେ ଶୁଣିବା ଲୋକଙ୍କ ମନ ମୁଗ୍ଧ ହୋଇଯାଉଥିଲା ।

ଜମିବାଡ଼ି, ଘର, ଧନସଂପତ୍ତି ପ୍ରତ୍ୟେକ ପିତାମାତା ନିଜ ସନ୍ତାନ ସକାଶେ ଛାଡ଼ିଯାଆନ୍ତି । କିନ୍ତୁ ନାରାୟଣକାନ୍ତ ତଥା ରତ୍ନେଶ୍ୱରୀଙ୍କ ସଦୃଶ କେତେକ ପିତାମାତା ଅଛନ୍ତି ଯେ ନିଜ ସନ୍ତାନକୁ ସତ୍‌ମାର୍ଗର ପଥିକ କରି, ତା' ଜୀବନକୁ ଶାନ୍ତିମୟ, ସରସ, ଆନନ୍ଦମୟ କରି ତା' ସକାଶେ ଭଗବତ୍ ଭକ୍ତି ରୂପ ଅମୂଲ୍ୟ ନିଧି ସଂପଦ ଛାଡ଼ିଯାଆନ୍ତି । ପ୍ରାୟ ସମସ୍ତ ପିତାମାତା ଏହାର ବିପରୀତ, ସଂସାରରେ ଅଧିକାଧିକ ବନ୍ଧନରେ ପଡ଼ିବାର ଉପାୟ କରନ୍ତି । ସେମାନେ ଭାବନ୍ତି, ''ସନ୍ତାନ ଭଗବତ୍ ଭକ୍ତ ହେଲେ ଘର ଛାଡ଼ି ବାବାଜି ହୋଇ ଚାଲିଯିବ ।'' ଏପରି ପିତାମାତା ଯଥାର୍ଥରେ ଭୁଲ୍ କରନ୍ତି ଏବଂ ସନ୍ତାନର ଅହିତ କରି ତା' ଜୀବନ-ଉନ୍ନତିର ମାର୍ଗ ରୁଦ୍ଧ କରନ୍ତି । ନାରାୟଣକାନ୍ତ ବିଦ୍ୱାନ୍ ତଥା ଭକ୍ତ ଥିଲେ; ଭଗବତ୍ ଭକ୍ତିରେ ଜୀବନ ସାର୍ଥକ ଏବଂ ସୁଖମୟ ହେବାର ଜ୍ଞାନ ତାଙ୍କୁ ପ୍ରାପ୍ତ ଥିଲା । ସେଥିପାଇଁ ନିଜ କନ୍ୟାକୁ ଯଥାର୍ଥରେ ସୁଖୀ କରିବା ସକାଶେ ସେ ତାକୁ ବାଲ୍ୟାବସ୍ଥାରୁ ଭଗବତ୍ ଭକ୍ତିର ଶିକ୍ଷା ଦେଇଥିଲେ । ଲୀଳାବତୀ ପିତାମାତାଙ୍କ ସ୍ନେହ ତଥା ଭଗବତ୍ ଭକ୍ତିପୂର୍ଣ୍ଣ ବାତାବରଣରେ ଲାଳିତପାଳିତ ହୋଇ ବିବାହଯୋଗ୍ୟା ହେଲା ।

ବିବାହ

ଜଣେ କବି ଲେଖିଛନ୍ତି, ''ବିନାଶ୍ରୟଂ ନ ବର୍ତନ୍ତେ କବିତାବନିତାଲତାଃ ।'' କବିତା ତଥା ଲତା ସକାଶେ ଆଜିପର୍ଯ୍ୟନ୍ତ ସେହି ନିୟମ ଚାଲି ଆସୁଅଛି । କିନ୍ତୁ ବନିତା ସକାଶେ ପୂର୍ବକାଳର ସେ ନିୟମ ଆଉ ନାହିଁ । ସାମାଜିକ ପ୍ରଥା ଅନୁସାରେ ଲୀଳାବତୀର ଗୋଟିଏ ସମୃଦ୍ଧିଶାଳୀ କୁଳୀନ ପରିବାରରେ ସୁଯୋଗ୍ୟ ପାତ୍ର ସହିତ ବିବାହ ହେଲା । ବିବାହ ଖୁବ୍ ଆନନ୍ଦ ସହକାରେ ସଂପନ୍ନ ହେଲା । ହୃଦୟ-ହାର ଏକମାତ୍ର ସ୍ନେହମୟୀ କନ୍ୟାର ବିଦାୟ ସମୟରେ ପିତାମାତାଙ୍କର ହୃଦୟ ବିଦୀର୍ଣ୍ଣ ହୋଇଗଲା । ଘର ଯେପରି ଶୂନ୍ୟ ଥିଲା ପୁଣି ସେହିପରି ଶୂନ୍ୟ ହେଲା । ବ୍ରାହ୍ମଣଦମ୍ପତି କେତେ ଦୁଃଖକଷ୍ଟ ସହି ତପସ୍ୟା କରି କନ୍ୟାଟି ପାଇ ସମସ୍ତ ମାୟାମମତା ତାହାଠାରେ କେନ୍ଦ୍ରିତ କରିଥିଲେ । ସେହି କନ୍ୟା ଘର ଶୂନ୍ୟ କରି ପର ଘର ଚାଲିଯିବା ଦୁଃଖ ଏମାନଙ୍କୁ ବିଚଳିତ କରି ପକାଇଲା । କିନ୍ତୁ ପତିଗୃହରେ କନ୍ୟାର ଶୋଭା, ସେଠାରେ ସେ ସୁଖରେ ରହିବ, ଏହା ଭାବି ବ୍ରାହ୍ମଣଦମ୍ପତି ନିଜ ମନକୁ ବୁଝାଇ ଧୈର୍ଯ୍ୟ ଧରି ରହିଲେ ।

ଗାର୍ହସ୍ଥ୍ୟ ଜୀବନ

ଭଗବାନଙ୍କ ମାୟା ବଡ଼ ପ୍ରବଳ । ବଡ଼ ବଡ଼ ମୁନିଋଷି ମାୟାଚକ୍ରରେ ପଡ଼ି ଘୂର୍ଣ୍ଣାୟମାନ ହେଉଥାଆନ୍ତି । କାଷ୍ଠପୁତ୍ତଳିକା ସଦୃଶ ସମସ୍ତ ସଂସାରକୁ ଭଗବାନଙ୍କ ମାୟା ନଚାଉଥାଏ । ଜୀବନ-ପଥରେ ଏକ ପରେ ଅନ୍ୟ ଏକ ମାୟାଜାଲ ବିଛା ହୋଇଥାଏ । କେହି କେହି ପରିବାରର ମୋହଜାଲରୁ ଉଦ୍ଧାର ହୋଇ କାମିନୀକାଞ୍ଚନ ଜାଲରେ, କେହି କେହି ଏଥିରୁ

ଉଦ୍ଧାର ହୋଇ ଯଶକୀର୍ତ୍ତି ଜାଲରେ ପଡ଼ନ୍ତି । କିନ୍ତୁ ଭଗବତ୍ କୃପାରୁ କେହି କେହି ସମସ୍ତ ମାୟାଜାଲକୁ କାଟି ଗନ୍ତବ୍ୟ ସ୍ଥାନରେ ପହଞ୍ଚି ପାରନ୍ତି । ହେ ପ୍ରଭୁ, କୃପା କର, କେବଳ ତୁମ୍ଭରି କୃପାରୁ ତୁମ୍ଭ ମାୟାରୁ ପରିତ୍ରାଣ ମିଳିପାରେ ।

ଲୀଳାବତୀର ପତି ରାଜପୁରୋହିତ ଥିଲେ । ଘରେ ଧନର ଅଭାବ ନ ଥିଲା । ସେବା କରିବାକୁ ଦାସଦାସୀ ପ୍ରସ୍ତୁତ ଥିଲେ । ଶରୀର ସୁବେଶ କରିବା ସକାଶେ ନାନାପ୍ରକାର ରେଶମୀ ବସ୍ତ୍ର, ବହୁମୂଲ୍ୟ ଅଳଙ୍କାର, ତୈଳ ଅତର ଆଦି ସୁଗନ୍ଧ ଦ୍ରବ୍ୟମାନ ସୁଲଭ ଥିଲା । ଭୋଜନ ସକାଶେ ଦ୍ରବ୍ୟର ମଧ୍ୟ ଅଭାବ ନ ଥିଲା । ଏହିସବୁ ଭୋଗବିଳାସ ବସ୍ତୁ ମଧ୍ୟରେ ଲୀଳାବତୀ ଡୁବିଗଲା । ତା'ର ପୂର୍ବ ଉତ୍ତମ ସଂସ୍କାର ସାଂସାରିକ ବିଷୟରେ ଆବୃତ ହୋଇଗଲା । ପାଞ୍ଚ, ସାତ ବର୍ଷ ମଧ୍ୟରେ ଲୀଳାବତୀର ଗୋପାଳକୃଷ୍ଣ ନାମରେ ଗୋଟିଏ ପୁତ୍ର ଏବଂ କାଳିନ୍ଦୀ ନାମରେ ଗୋଟିଏ କନ୍ୟା ଜାତ ହେଲେ । ଏପରି ଭୋଗବିଳାସ ମଧ୍ୟରେ ସନ୍ତାନ ହେଲେ ମା'ର ଆଉ କାମ କ'ଣ ? ଲୀଳାବତୀର ନିଜ ତୃପ୍ତି, ପତିର ସନ୍ତୁଷ୍ଟି ସକାଶେ ପତିସେବା ତଥା ଶିଶୁଙ୍କ ଲାଳନପାଳନରେ ସମସ୍ତ ଇନ୍ଦ୍ରିୟକୁ ନିୟୋଜିତ କରିବା ଛଡ଼ା ଆଉ ଅନ୍ୟ କାମ କିଛି ନ ଥିଲା । ମନୁଷ୍ୟ ଭୋଗବିଳାସରେ ଲିପ୍ତ ହେଲେ ତାହାର ଯେଉଁ ଅବସ୍ଥା ହୁଏ ଲୀଳାବତୀର ତାହାହିଁ ହେଲା । ସେ ଭୋରରୁ ଉଠିବା ପ୍ରାୟ ଭୁଲିଗଲା । ଘରର କାମ ସବୁ ଦାସଦାସୀ କରନ୍ତି । ତା' ପ୍ରେମରେ ପତି ବଶୀଭୂତ ହୋଇ ତା'ର ନିର୍ଦ୍ଦେଶରେ ଯନ୍ତ୍ରବତ୍ ପରିଚାଳିତ ହୁଅନ୍ତି । ସେ ଯାହା କହେ ପତିଦେବ ତାହାହିଁ କରନ୍ତି । ଏହା ତ ଆସକ୍ତିର ମହିମା । ଯେଉଁ ଭ୍ରମର ଶୁଖିଲା କାଠକୁ କାଟିପାରେ ସେହି ଭ୍ରମର ଆସକ୍ତିବଶରେ ପଦ୍ମଫୁଲ ମଧ୍ୟରେ ବନ୍ଦୀ ହୋଇପଡ଼େ । ଯାହାର ଇନ୍ଦ୍ରିୟର ସଂଯମ ନାହିଁ, ଯେଉଁ ଇନ୍ଦ୍ରିୟର ଯେଉଁ ବିଷୟ ପ୍ରତି ଆବେଗ ବା ପ୍ରବୃତ୍ତି ହୁଏ ସେହି ପ୍ରବୃତ୍ତି ବଳଦ ନାକରେ ଦୌଡ଼ି ବାନ୍ଧି ଟାଣିନେଲା ପରି ମନୁଷ୍ୟକୁ ଟାଣି ନେଇଯାଏ । ଏହି ଇନ୍ଦ୍ରିୟର ବଶ୍ୟତା ସ୍ୱୀକାର କରିବା ହେଉଛି ଭୋଗ । ଭୋଗରେ କେବେ ବି ତୃପ୍ତି ନ ଥାଏ, ସନ୍ତୋଷ ନ ଥାଏ; ସବୁ ସମୟରେ ଅଭାବହିଁ ଅନୁଭୂତ ହେଉଥାଏ; ନୂତନ ନୂତନ କାମନାବାସନା ଉତ୍ପନ୍ନ ହୋଇ ମନୁଷ୍ୟର ସ୍ଥିରତା ନଷ୍ଟ କରି ବ୍ୟତିବ୍ୟସ୍ତ କରେ । ଗୋଟିଏ ବାସନା ପୂର୍ଣ୍ଣ ନ ହେଉଣୁ ଅନ୍ୟଟି ଉପସ୍ଥିତ ହୁଏ । ଭୋଗ-ଜୀବନ ଯଥାର୍ଥରେ ଦୁଃଖମୟ ଏବଂ ପୂର୍ଣ୍ଣରୂପେ ଇନ୍ଦ୍ରିୟର ଅଧୀନ । ଯଥାର୍ଥରେ ସୁଖ ଓ ଆନନ୍ଦମୟ ଜୀବନ ଇନ୍ଦ୍ରିୟ କବଳରୁ ମୁକ୍ତି ଏବଂ ଇନ୍ଦ୍ରିୟର ସଂଯମ ତଥା ଇନ୍ଦ୍ରିୟ ଉପରେ ପ୍ରଭୁତ୍ୱ ସ୍ଥାପନରେ । ଯେଉଁ ମୁଖରେ ଭଗବତ୍ ନାମ ନାହିଁ, ଶରୀରରେ ଭଗବତ୍ ସେବା ନାହିଁ, ସେ ଜୀବନର ଯଥାର୍ଥ ଉପଯୋଗିତା ନାହିଁ । ଜୀବନଧାରଣ କରିବାର ଏକମାତ୍ର ସାର୍ଥକତା ଏବଂ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି । କିନ୍ତୁ ମନୁଷ୍ୟ ଏହା ତେବେ ବୁଝିପାରେ ଯେବେ ଅନେକ ଜନ୍ମରୁ ଦୁଃଖକଷ୍ଟ ଭୋଗରେ ତା'ର ଇନ୍ଦ୍ରିୟ ଜର୍ଜରିତ ହୋଇଥାଏ ଅଥବା ଭଗବାନ୍ ଅହେତୁକୀ କୃପା କରନ୍ତି । ଅନ୍ୟଥା ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଅସହାୟରୂପେ ବାରଂବାର ଜନ୍ମଗ୍ରହଣ-ଚକ୍ରରେ ଭ୍ରମୁଥାଏ ଏବଂ ଦୁଃଖକଷ୍ଟ ଭୋଗ କରୁଥାଏ ।

ଭଗବତ୍ କୃପା

ଲୀଳାବତୀ ବିଷୟାରେ ଆବଦ୍ଧ ହୋଇ ମାୟାଜାଲରେ ଦୃଢ଼ ଭାବରେ ବନ୍ଦୀ ହୋଇଗଲା । ତା'ର ଜୀବନର ଉଦ୍ଦେଶ୍ୟ ସମ୍ବନ୍ଧେ କୌଣସି ଜ୍ଞାନ ନ ଥିଲା । କିନ୍ତୁ ଭଗବାନ୍ ଦୟାମୟ । ଯାହାକୁ ଥରେ ସ୍ୱୀକାର କରନ୍ତି ତାକୁ କେବେହେଲେ ଛାଡ଼ନ୍ତି ନାହିଁ । ବ୍ୟକ୍ତି ଯଦି ଅଜ୍ଞାନବଶତଃ ଭଗବାନଙ୍କୁ ଛାଡ଼ିଦିଏ ତେବେ ଭଗବାନ୍ ତା'ର ମୋହାବୃତ ଆବରଣର ପଶ୍ଚାତ୍‌ରେ ଅନୁକୂଳ ସମୟର ପ୍ରତୀକ୍ଷାରେ ଥାଆନ୍ତି । ବ୍ୟକ୍ତି ଯେତେବେଳେ ସଚେତ ହୋଇ ତାଙ୍କୁ ଡାକେ ସେ ଦୌଡ଼ି ଆସନ୍ତି ।

ଦିନେ ଲୀଳାବତୀର ପୁତ୍ର ଗୋପାଳକୃଷ୍ଣ ଏବଂ କନ୍ୟା କାଳିନ୍ଦୀକୁ ହଇଜା ହେଲା । ଅଳ୍ପ କେତେ ଘଣ୍ଟା ପରେ ସେମାନଙ୍କ ଅବସ୍ଥା ବହୁତ ଖରାପ ହୋଇଗଲା । କୌଣସିପ୍ରକାର ଔଷଧ କାମ କରୁ ନ ଥିଲା । ଶେଷରେ ବଞ୍ଚିବାର ଆଶା ବି ରହିଲା ନାହିଁ । ପିଲାମାନଙ୍କ ମୁଖ ଦେଖି ଲୁହ ବୁହାଇବା ଛଡ଼ା ଲୀଳାବତୀର କୌଣସି ଉପାୟ ନ ଥିଲା । ମୋହଗ୍ରସ୍ତ ଜୀବର ଧନସଂପତ୍ତି, ସନ୍ତାନସନ୍ତତିହିଁ ସର୍ବସ୍ୱ । ଏହିସବୁର ବିୟୋଗ ଅଥବା ବିୟୋଗର ସମ୍ଭାବନାରେ ମନୁଷ୍ୟର ହୃଦୟ ବିଦୀର୍ଣ୍ଣ ହୋଇଯାଏ । ଲୀଳାବତୀର ଅବସ୍ଥା ଠିକ୍ ଏହିପରି । କେଉଁ ମୁହୂର୍ତ୍ତରେ ପ୍ରାଣପ୍ରିୟ ପୁତ୍ରକନ୍ୟା ଆଖି ବୁଜିଦେବେ,

ଏହି ଭୟରେ ତା' ଛାତି ଫାଟି ଯାଉଥାଏ । ଏହି ଦୁଃଖସାଗରରୁ ପାର ହେବା ପାଇଁ ତା' ପାଖରେ କୌଣସି ଉପାୟ ନ ଥିଲା । ସେ କେଉଁଆଡୁ ଥଳକୂଳ ନ ପାଇ ବିପଦର ମଝି ନଈରେ ଡୁବି ଯାଉଥିଲା ।

ଭକ୍ତ ମୋହଗ୍ରସ୍ତ ହୋଇ ଭଗବାନଙ୍କୁ ଭୁଲିଯାଏ, କିନ୍ତୁ ଭଗବାନ୍ ଭକ୍ତକୁ ଭୁଲନ୍ତି ନାହିଁ । ଯଥାର୍ଥ ସମୟକୁ ଅପେକ୍ଷା କରିଥାଆନ୍ତି । ବର୍ତ୍ତମାନ ଲୀଳାବତୀର ଠିକ୍ ସମୟ ଆସିଛି । ସେ ଆଉ ଭୋଗବିଳାସର ଜାଲରେ ଆବଦ୍ଧ ହୋଇ ନାହିଁ । କଠୋର ବିପଦ ସମୟ ହେଉଛି ଭଗବାନଙ୍କର ଶରଣାପନ୍ନ ହେବାର ଉପଯୁକ୍ତ ସମୟ । ଏହି ସମୟରେ ନାସ୍ତିକମାନେ ମଧ୍ୟ ଭଗବାନଙ୍କୁ ଡାକନ୍ତି । ଅନୁକୂଳ ବାତାବରଣ ପାଇ ଭଗବାନ୍ ନିଜ କୃପାଜ୍ୟୋତିଃ ଲୀଳାବତୀ ହୃଦୟରେ ପ୍ରକାଶ କରିଦେଲେ । ତା'ର ପୂର୍ବ ସଂସ୍କାର ଜାଗ୍ରତ୍ ହୋଇଉଠିଲା । ସେ ଦୁଃଖସାଗରରେ ବୁଡ଼ି ନିଶ୍ୱାସରୁଦ୍ଧ ହେଉଥିବା ସମୟରେ ତାକୁ ଆଶ୍ରୟ ମିଳିଗଲା । ତା'ର ହୃଦୟରୁ ତୀବ୍ର ବେଦନା, ଆକୁଳତା ଅଥଚ ଦୃଢ଼ ବିଶ୍ୱାସଯୁକ୍ତ ଶବ୍ଦ ସ୍ୱତଃ ଉଦ୍‌ଗାର ହେଲା, ''ହେ ଭଗବାନ୍, ମୋତେ ଏହି ଦୁଃଖସାଗରରୁ ତୁ ହିଁ ପାରିକର । ଏହି ଦୁଇଟି ସନ୍ତାନଙ୍କୁ ତୋ ଚରଣରେ ସମର୍ପଣ କରିଦେଉଛି । ଏମାନେ ବର୍ତ୍ତମାନଠାରୁ ତୋର । ମୋତେ ତୋ ଚରଣରେ ସେବିକାରୂପେ ସ୍ୱୀକାର କର । ପ୍ରଭୁ, ମୁଁ କୃତଘ୍ନ, ପାପୀ, ମୋହଗ୍ରସ୍ତ, ବିଷୟକୀଟ । ମୁଁ ବିଷୟରେ ମଜ୍ଜି ତୋତେ ଏକେବାରେ ଭୁଲିଯାଇଛି । ପ୍ରଭୁ, ତୁ କରୁଣାମୟ, ଦୀନବନ୍ଧୁ, କୃପାର ସାଗର । ତୁ ମୋ ଦୋଷ ଦେଖିଲେ ମୁଁ କେବେ ବି ଉଦ୍ଧାର ହୋଇପାରିବି ନାହିଁ । ନିଜ ଅହେତୁକୀ କୃପାରେ ଏହି ଅନାଥା, ନିରାଶ୍ରୟା, ଦୀନହୀନାକୁ ନିଜ ସେବାରେ ସ୍ୱୀକାର କରି ନେ, ମୋ ପ୍ରଭୁ ।'' ଭଗବାନଙ୍କ ପାଖରେ ବ୍ୟାକୁଳ ପ୍ରାର୍ଥନା ପହଞ୍ଚିବାରେ ବିଳମ୍ବ ହୁଏ ନାହିଁ । ତତ୍‌କ୍ଷଣାତ୍ ଗୋପାଳକୃଷ୍ଣ ଓ କାଳିନ୍ଦୀ ଆଖି ଖୋଲି ମା'କୁ ଦେଖିବାକୁ ଲାଗିଲେ ଏବଂ ସେମାନଙ୍କ ଚେହେରା ପରିବର୍ତ୍ତନ ହୋଇଗଲା । କିଛି ସମୟ ପରେ ଏକେବାରେ ସୁସ୍ଥ ହୋଇଗଲେ । ଏଥିରେ ଲୀଳାବତୀ ଅତ୍ୟନ୍ତ ଖୁସି ହେଲା । ଭଗବାନ୍ ଭକ୍ତବତ୍ସଳ, ସେ ଭକ୍ତକୁ ବିଷୟ-ଦୁଃଖ-ଯାତନା-କୂପରୁ ଉଦ୍ଧାର କରିବାକୁ ସର୍ବଦା ଚାହାନ୍ତି । ସେହି କାରଣରୁ ଭଗବାନ୍ ଭକ୍ତକୁ ବୈଭବ ଦିଅନ୍ତି ନାହିଁ । ଯଦି ଦିଅନ୍ତି ସେଥିରେ ଗର୍ବ ଖର୍ବ କରିବାର ଉପାୟ ବି ରଖିଥାଆନ୍ତି । ସ୍ତ୍ରୀ ସୁନ୍ଦରୀ ହେଲେ ତା'ର ବାକ୍ୟ କର୍କଶ ହୋଇଥାଏ । ଏପରିକି ଭକ୍ତ ଯେଉଁ ବିଷୟରେ ମୋହିତ ହୋଇପାରେ ସେଥିରେ ଏପରି ଦ୍ୱନ୍ଦ୍ୱ ସୃଷ୍ଟି ହୁଏ ଯେ ସେ ସେହି ବିଷୟ ଆସକ୍ତିକୁ ତ୍ୟାଗ କରିବାକୁ ବାଧ ହୁଏ । କିନ୍ତୁ ଗୋଟିଏ ନିୟମ ପ୍ରତ୍ୟେକ ଭକ୍ତଙ୍କ ସକାଶେ ନୁହେଁ । ଭକ୍ତର ସ୍ୱଭାବ ଏବଂ ପରିସ୍ଥିତି ଅନୁସାରେ ଭଗବାନ୍ ବ୍ୟବସ୍ଥା କରନ୍ତି । ସେ ଯାହାକୁ ଥରେ ସ୍ୱୀକାର କରିନିଅନ୍ତି, ତାକୁ ଛାଡ଼ନ୍ତି ନାହିଁ । ଦୁଃଖକଷ୍ଟ ମଧ୍ୟଦେଇ ହେଉ ବା ସୁଖସମ୍ଭୋଗ ମଧ୍ୟଦେଇ ହେଉ ଛାଇ ପରି ତା' ସଙ୍ଗେ ଲାଗିରହନ୍ତି । ତାଙ୍କ ଦୃଷ୍ଟିରେ ଉଚ୍ଚ ନୀଚ ନାହିଁ, ସେ ଚାହାନ୍ତି କେବଳ ନିଷ୍କପଟ ପ୍ରେମ । ପ୍ରେମ ଯେଉଁଠି ସେ ସେଇଠି । ବିଦୁର ସ୍ତ୍ରୀର ପ୍ରେମରେ କଦଳୀ ଚୋପା ଖାଇ ସେଥିରେ ଅମୃତ ଅପେକ୍ଷା ଅଧିକ ସ୍ୱାଦ ଅନୁଭବ କରିଥିଲେ । ମୋଚି ରାମଦାସ ପାଖରେ ରହି ତା'ର ଗୀତଗୋବିନ୍ଦ ଆନନ୍ଦରେ ଶୁଣୁଥିଲେ । ଜନାବାଈ ସଙ୍ଗେ ଗହମ ଚୂରିବାରେ ତାଙ୍କୁ ଅତି ଆନନ୍ଦ ବୋଧ ହେଉଥିଲା । ଧନା ଜାଠର ଗାଈ ନ ଦୁହିଁଲେ ତାଙ୍କୁ ତୃପ୍ତି ହେଉ ନ ଥିଲା । ଭକ୍ତର ପ୍ରେମରେ ସେ ସମସ୍ତ ଐଶ୍ୱର୍ଯ୍ୟ ଭୁଲି ଯାଉଥିଲେ । ଯଥାର୍ଥରେ ମନୁଷ୍ୟ ପରମାନନ୍ଦ, ପରମ ସୁଖ, ପରମ ଶାନ୍ତି ପ୍ରାପ୍ତ କରେ ଏବଂ ସମସ୍ତ ସଂସାରରୁ ତଥା ତ୍ରୈଲୋକ୍ୟରୁ ନିର୍ଭୟ ହୁଏ ଭଗବାନଙ୍କର ପ୍ରାପ୍ତିରେ । ଭଗବତ୍ ପ୍ରାପ୍ତି ଛଡ଼ା ମନୁଷ୍ୟ ସଂସାରରେ ସବୁକିଛି ପାଇଥିଲେ ସୁଦ୍ଧା କାମ, କ୍ରୋଧ, ଲୋଭ, ମୋହ, ହିଂସା, ଦ୍ୱେଷରୂପ ଅଗ୍ନିରେ ଦିବାଶର୍ବରୀ ଦଗ୍ଧ ହେଉଥାଏ; ଯଥାର୍ଥ ସୁଖରୁ ବହୁ ଦୂରରେ ଥାଏ ।

ସାଧନା

ଲୀଳାବତୀ ନିଜ ଅତୀତ ଜୀବନ ପାଇଁ ଘୋର ଅନୁତାପ କଲା । ଏତେ ଦିନ ଭଗବାନଙ୍କ ସ୍ମରଣ, ଚିନ୍ତନ ବିନା ବ୍ୟତୀତ ହେଲା, ଏହା ଭାବି ତା'ର ହୃଦୟ ଦଗ୍ଧ ହେବାକୁ ଲାଗିଲା, ତା ନେତ୍ରରୁ ଅଶ୍ରୁଧାରା ପ୍ରବାହିତ ହୋଇ ହୃଦୟକୁ ସିକ୍ତ କରିଦେଲା । ଯଥାର୍ଥ ଅନୁତାପ ହୃଦୟକୁ ନିର୍ମଳ କରିବାରେ ଅମୋଘ ଉପାୟ । ଯେବେ ମନୁଷ୍ୟ ଭୋଗବିଳାସ,

ବିଷୟରେ ମୋହିତ ହୋଇ ଭଗବାନଙ୍କୁ ଭୁଲିଯାଏ, ଦୁଃଖଦ୍ୱନ୍ଦ୍ୱରୂପ ନିଦାରୁଣ ବେତ୍ରାଘାତରେ ସେ ସଚେତ ହୁଏ । ସେ ଅନୁତାପ ରୂପ ତୀର୍ଥଜଳରେ ସ୍ନାନ କରି ପବିତ୍ର ହୁଏ । ତେବେ ନିଜ ଭ୍ରମ ସେ ବୁଝିପାରେ । ସେ କହେ, ''ହେ ଭଗବାନ୍, ସୁନ୍ଦର ଜିହ୍ୱା ପାଇ ତୁମ ଗୁଣଗାନ କରିପାରି ନାହିଁ, ଶ୍ରବଣ ପାଇ ତୁମ ଗୁଣ ଚରିତ ଶୁଣି ନାହିଁ, ହସ୍ତ ପାଇ ତୁମ ସେବାରୁ ବିମୁଖ ହୋଇଛି, ପାଦ ପାଇ ତୁମ ଭକ୍ତ ସଙ୍ଗଙ୍କ ଦର୍ଶନ ବା ସ୍ପର୍ଶ ପାଇ ପବିତ୍ର ହେବାକୁ ଯାଇ ନାହିଁ । କେବଳ ଏହି କ୍ଷଣଭଙ୍ଗୁର, ନଶ୍ୱର ଶରୀରର ପାଳନପୋଷଣ, ବାସନାକାମନା ତୃପ୍ତି ସକାଶେ ସମସ୍ତ ଜୀବନ ବ୍ୟର୍ଥରେ ନଷ୍ଟ କରିଛି । ହେ ଦୟାମୟ, ଏବେ ତୁ ନିଜ କରୁଣାରେ ଏହି ଅଧମ ପାପୀକୁ ଉଦ୍ଧାର କର ।'' ମନୁଷ୍ୟ ଯେବେ ସତ୍ୟ ଭାବରେ ବ୍ୟାକୁଳ ହୋଇ ଭଗବାନଙ୍କୁ ଡାକେ ସେ ତତ୍କ୍ଷଣାତ୍ ଶୁଣନ୍ତି ଏବଂ ଅଭୟ ବାହୁର ଆଶ୍ରୟ ଦେଇ ନିର୍ଭୟ ପ୍ରଦାନ କରନ୍ତି ।

ଲୀଳାବତୀର ଜୀବନଧାରା ବିପରୀତ ଦିଗକୁ ପ୍ରବାହିତ ହେବାର ସୁଯୋଗ ଆସିଛି । ଲୀଳାବତୀ ଅତୀତ ଜୀବନ ସକାଶେ ପଶ୍ଚାତ୍ତାପ ଏବଂ ବର୍ତ୍ତମାନ ପ୍ରଭୁଙ୍କ ଦୟା ଦେଖି ଭଗବାନଙ୍କ ପ୍ରତି କୃତଜ୍ଞତାରେ ତା' ହୃଦୟ ବିଦୀର୍ଣ୍ଣ ହେଉଅଛି । ସେହି ସମୟରେ ତା'ର ଦାଣ୍ଡରେ ଜଣେ ସନ୍ଥ ଉଚ୍ଚସ୍ୱରରେ ଗାନ କରୁଛନ୍ତି :

''ରାମ କହତ ଚଲୋ, ରାମ କହତ ଚଲୋ,
ରାମ କହତ ଚଲୋ ବାଇ ରେ ।
ନାହିଁ ତୋ ଭବ ବେଗାରମହ ପରୀହେ
ଛୁଟତ ଅତି କଠିନାଇରେ ॥''

(ବିନୟ ପତ୍ରିକା– ତୁଳସୀଦାସ)

''ହେ ବାଇ, ହେ ପାଗଳ, ତୁ ରାମନାମ ସ୍ମରଣ କରି ଜୀବନନିର୍ବାହ କର । ଏପରି ନ କଲେ ଜନ୍ମମରଣରୂପ ସଂସାର-ବେଠିରେ ପଡ଼ିବୁ, ସେଥିରୁ ଉଦ୍ଧାର ହେବା ଖୁବ୍ କଠିନ ହୋଇ ପଡ଼ିବ ।''

ପ୍ରକୃତରେ ଏହି ଜନ୍ମମରଣ ଭୟଙ୍କର ଯନ୍ତ୍ରଣାଦାୟକ ବେଠି । ମନୁଷ୍ୟ ସଂସାର-ବେଠିରେ ପଡ଼ିଲେ ଆଉ ସହଜରେ ମୁକ୍ତ ହେବାର ଉପାୟ ନ ଥାଏ । ଏହା ଭାଲୁ ପରି ନିର୍ଦୟଭାବେ ମନୁଷ୍ୟକୁ ଚିରି ଫାଡ଼ି ତା' ପ୍ରାଣ ନେଇନିଏ । ଏଥିରୁ ଉଦ୍ଧାର ହେବାର ଏକମାତ୍ର ଉପାୟ ହେଲା ଭଗବତ୍ ଭକ୍ତି ।

ଲୀଳାବତୀର ଅନ୍ତର୍ଦୃଷ୍ଟି ଖୋଲିଯାଇଛି । ଯାହାର ଅନ୍ତର୍ଦୃଷ୍ଟି ଖୋଲିଯାଏ, ସେ ଆନ୍ତର ଲୀଳାରେ ଏପରି ଆନନ୍ଦିତ ହୁଏ ଯେ ଫେର ବାହ୍ୟଦୃଷ୍ଟିରେ ସଂସାର ବସ୍ତୁ ଦେଖିବା ଅସହ୍ୟ ହୋଇଯାଏ । ଲୀଳାବତୀ ବାଳ-ଗୋପାଳଙ୍କର ଗୋଟିଏ ସ୍ୱର୍ଣ୍ଣ ପ୍ରତିମା ତିଆରି କରାଇ ପ୍ରାଣପ୍ରତିଷ୍ଠା କରାଇ ନିଜ ଘରେ ରଖି ତାଙ୍କ ସେବା-ପୂଜାରେ ସମସ୍ତ ସମୟ ବ୍ୟତୀତ କଲା । ସେ ପ୍ରାତଃକାଳରୁ ଉଠି ଶୌଚ ସ୍ନାନ ସମାପ୍ତ କରି ଠାକୁରଙ୍କ ଗୃହରେ ପ୍ରବେଶ କରେ । ଧାତୁ ପ୍ରତିମାରେ ସେ ସାକ୍ଷାତ୍ ଶ୍ରୀକୃଷ୍ଣଙ୍କ ଉପଲବ୍ଧି କରେ । ପ୍ରାତଃକାଳରେ ତାଙ୍କର ନିଦ୍ରାଭଙ୍ଗ ପାଇଁ ସେ ପ୍ରେମରେ ଗୀତ ଗାଏ । ଛୋଟ ଶିଶୁ ଭାବି ପ୍ରଥମେ ତାଙ୍କୁ କ୍ଷୀରପାନ କରାଇ ପରେ ସୁବାସିତ ଜଳରେ ସ୍ନାନ କରାଏ । ବସ୍ତ୍ର ପିନ୍ଧାଇ ବହୁପ୍ରକାର ଅଳଙ୍କାରରେ ବିଭୂଷିତ କରେ । ମସ୍ତକର ଛୋଟ ଛୋଟ କେଶରେ ଅତର ଲଗାଇ ସୁନ୍ଦରଭାବେ କୁଣ୍ଢେଇ ଦିଏ । ଆଖିରେ କଜ୍ଜଳ, ଲଲାଟରେ ତିଳକ ଲଗାଇ ସୁନ୍ଦର ପୁଷ୍ପମାଳ ପିନ୍ଧାଇ ଦିଏ । ପରେ ସରଲବଣି, ମିଷ୍ଟାନ୍ନ ଖୁଆଇ ଦେଇ ଆଳତି ଉତାରେ । ବାଳଗୋପାଳ ଖାଇପିଇ ସୁସ୍ଥ ହେଲେ କୋଳରେ ନେଇ ଗେଲ କରି ମୁଖରେ ଚୁମ୍ବନ ଦେଇ କୋଳରେ ଶୁଆଇ ଦିଏ । ଏହା ଦ୍ୱାରା ଲୀଳାବତୀର ପ୍ରତିମା ପୂଜା ସହ ମାନସିକ ପୂଜା ଚାଲୁଥାଏ । ଅର୍ଥାତ୍ ହାତରେ ପ୍ରତିମା ପୂଜା କରେ, ମନରେ ନିଜ ହୃଦୟ-ମନ୍ଦିରରେ ମନର କଳ୍ପନାରେ ମାନସିକ ପୂଜା କରୁଥାଏ ।

ଏହାପରେ ସେ ଘର କାର୍ଯ୍ୟରେ ଲାଗେ । ବାଳଗୋପାଳଙ୍କୁ ହୃଦୟମନ୍ଦିରରେ ରଖି ତାଙ୍କ ସହିତ ବହୁପ୍ରକାର ଲୀଳା କରେ ମାନସ କଳ୍ପନାରେ । ଗୋପାଳଜିଙ୍କ ସେବା ଭାବନାରେ ହାତରେ ଘର ପହଁରେ, ଚୌକା ଲଗାଏ, ପରିବା

କାଟେ, ରୋଷେଇ କରେ । ସେ ଭାବେ ଏହି ଘର ଗୋପାଳଜିଙ୍କ ମନ୍ଦିର, ଏହି ସମସ୍ତ କାମ ମନ୍ଦିରର ସେବା । ସେ ସବୁ ସମୟରେ ଗୋପାଳଜିଙ୍କ ବାଲ୍ୟଲୀଳାରେ ବିଭୋର ଥାଏ । ସେ ଏତେ କାମ କରିବା ସତ୍ତ୍ୱେ ଟିକିଏ ବି ଥକେ ନାହିଁ । ମନୁଷ୍ୟ କାମରେ ଥକେ ନାହିଁ, ମନରେ ଥକେ । ତା' ମନ ଗୋପାଳଜିଙ୍କ ଲୀଳାରେ ଆନନ୍ଦବିଭୋର ହୋଇଥାଏ, ସେ ଥକିବ କାହିଁକି ? ମନୁଷ୍ୟ ସଂସାରମୋହରେ ବଶ ହୋଇ କର୍ମ କରେ । ସେହି କର୍ମର ଫଳ ଭୋଗିବା ପାଇଁ ଜନ୍ମ-ମୃତ୍ୟୁ-ଚକ୍ରରେ ଭ୍ରମୁଥାଏ; କର୍ମରୁ ଛୁଟି ମିଳେ ନାହିଁ । କିନ୍ତୁ ସେହି କର୍ମ ଭଗବତ୍ ସେବାରୂପେ କଲେ ସେଥିରେ ପରମ ଆନନ୍ଦ ମିଳେ ତଥା ସେହି କର୍ମ ଜନ୍ମମରଣ-ଦ୍ୱନ୍ଦ୍ୱରୁ ଉଦ୍ଧାର କରେ ।

ଲୀଳାବତୀର ଗୃହକାର୍ଯ୍ୟ, ପତିସେବା, ପିଲାଙ୍କ ଲାଳନପାଳନରେ କୌଣସି ତ୍ରୁଟି ନ ଥାଏ, ବହୁତ ଉତ୍ସାହ ସହ ସେ ଏସବୁ କରେ । ନିରନ୍ତର ତା' ରସନା ଶ୍ରୀକୃଷ୍ଣଙ୍କ ନାମାମୃତ ପାନ କରୁଥାଏ, ହୃଦୟରେ ଶ୍ରୀକୃଷ୍ଣଙ୍କ ବାଲ୍ୟଚପଳ ଲୀଳା ତା' ମନକୁ ଅଧିକାର କରି ରଖିଥାଏ । ସେ ନିୟମିତ ରୂପେ ବିଷ୍ଣୁସହସ୍ରନାମ ପଢ଼େ । ଏହି ଭଗବତ୍ ଲୀଳା, ନାମଜପର ସ୍ୱାଦ ଥରେ ମିଳିଗଲେ ବ୍ୟକ୍ତି ଆଉ ଛାଡ଼ିପାରେ ନାହିଁ । କ୍ରମଶଃ ତାହା ବୃଦ୍ଧି ହେଉଥାଏ ।

ଭଗବତ୍ ପ୍ରାପ୍ତି

ଲୀଳାବତୀର ଅନ୍ତର୍ମୁଖୀ ବୃତ୍ତି କ୍ରମଶଃ ତୀବ୍ରରୁ ତୀବ୍ରତର ହେବାକୁ ଲାଗିଲା । ସେ ଶରୀରରେ ବାଳଗୋପାଳଙ୍କ ସକାଶେ କାମ କରୁଥାଏ, ନିଜ ହୃଦୟ-ମନ୍ଦିରରେ ବାଳଗୋପାଳଙ୍କୁ ମାନସ ପୂଜାରେ କେତେବେଳେ ପୟଃପାନ କରାଏ, କେବେ ଝୁଲଣାରେ ଝୁଲାଏ, କେବେ ମସ୍ତକର ଛୋଟ ଛୋଟ ବାଳ କୁଣ୍ଡାଇ, ପୀତ ଝିଙ୍ଗୁଲି ପିନ୍ଧାଇ, ଆଖିରେ କଜ୍ଜଳ ଦେଇ ସୁନ୍ଦର ମୁଖକୁ ଦେଖି ଆନନ୍ଦରେ ବିଭୋର ହୋଇଯାଏ । ଲୀଳାବତୀର ପୁତ୍ରକନ୍ୟା ବଡ଼ ବଡ଼ ହୋଇଯାଇଥିଲେ । ପତିଦେବ ତା'ର ଭକ୍ତିଭାବରେ ଅତ୍ୟନ୍ତ ସନ୍ତୁଷ୍ଟ ଥିଲେ ଏବଂ ହୃଦୟରେ ଦେବୀରୂପେ ସମ୍ମାନ କରୁଥିଲେ । ସେ ବରାବର ତା'ର ଭକ୍ତିଭାବ ବୃଦ୍ଧି ହେବାରେ ସାହାଯ୍ୟ କରୁଥିଲେ । ଲୀଳାବତୀର ଘରର ଦାୟିତ୍ୱ ନ ଥିଲା, ଭଗବତ୍ ଭକ୍ତିରେ ମନର ଦ୍ୱନ୍ଦ୍ୱ ନିବୃତ୍ତ ହୋଇସାରିଥିଲା । ଏକମାତ୍ର ଲାଳସା ଥିଲା ବାଳଗୋପାଳଙ୍କ ବାତ୍ସଲ୍ୟଲୀଳା-ସମୁଦ୍ରରେ ଡୁବିଯିବାକୁ, ଏକେବାରେ ଲୀନ ହୋଇଯିବାକୁ ।

ଭଗବାନ୍ ବାଞ୍ଛା କଳ୍ପତରୁ । ଭକ୍ତ ଯେତେବେଳେ ଭଗବାନ୍ ତଥା ଭଗବାନଙ୍କ ସହିତ ଧନସମ୍ପତ୍ତି, ମାନଯଶଃ ଚାହେଁ, ସେତେବେଳେ ଭଗବାନ୍ ତା'ର ଚାହିଁବା ବସ୍ତୁ ଦେଇ ଦୂରରେ ଥାଆନ୍ତି । ଯେବେ ଭକ୍ତ ସବୁକିଛି ଛାଡ଼ି କେବଳ ଭଗବାନଙ୍କୁ ଚାହେଁ, ସେତେବେଳେ ଭଗବାନ୍ ଭକ୍ତର ଅଧୀନ ହୋଇଯା'ନ୍ତି । ତା' ପାଖରେ ରହି ତା' ମନ ଯୋଗାଉଥାନ୍ତି ।

ଲୀଳାବତୀଙ୍କ ମନ-ଭ୍ରମର ବାଳଗୋପାଳଙ୍କ ଲାଳିତ୍ୟ ବାଳଲୀଳା- କମଳ-ବନରେ ନିରନ୍ତର ଭ୍ରମଣ କରୁଥାଏ । ଭକ୍ତ ମାନସିକ ଲୀଳାରେ ମଗ୍ନ ହେବା ପରେ ପ୍ରତ୍ୟକ୍ଷ ଲୀଳା ସକାଶେ ବ୍ୟାକୁଳ ହୋଇପଡ଼େ । ଲୀଳାବତୀ ଆଉ ମାନସିକ ଲୀଳାରେ ସନ୍ତୁଷ୍ଟ ହେଲା ନାହିଁ । ପ୍ରତ୍ୟକ୍ଷରୂପେ ବାଳଗୋପାଳଙ୍କୁ କ୍ଷୀରପାନ କରାଇବା ପାଇଁ ତା'ର ହୃଦୟ ବ୍ୟାକୁଳ ହୋଇପଡ଼ିଲା ।

ଦେବୋତ୍‌ଥାନ ଏକାଦଶୀର ରାତି । ଘରେ ଶ୍ରୀ ବାଳକୃଷ୍ଣ ପ୍ରତିମାକୁ ସୁନ୍ଦର ବସ୍ତ୍ର ପିନ୍ଧାଇ, ଅଳଙ୍କାର ଏବଂ ପୁଷ୍ପରେ ମଣ୍ଡନ କରା ହୋଇଥିଲା । ପ୍ରେମୀ ଭକ୍ତ ମିଳି ବାଳକୃଷ୍ଣଙ୍କ ବାଳଲୀଳା ସୁସ୍ୱରରେ ତାଳ ବାଦ୍ୟ ସହ ଗାନ କଲେ । ସମସ୍ତ ବ୍ୟକ୍ତି ପ୍ରେମଭକ୍ତିରେ ବିଭୋର ହୋଇଥିଲେ । ଭୋଗ ଲଗାହେଲା, ଆଳତି ହେଲା, ଶେଷରେ ଗୋପାଳଜିଙ୍କ ଚରଣାମୃତ ତଥା ପ୍ରସାଦ ବିତରଣ ହେଲା । ପରେ ସବୁ ଲୋକ ଆନନ୍ଦରେ ନିଜ ନିଜ ଘରକୁ ଚାଲିଗଲେ । ଲୀଳାବତୀର ପତି ତଥା ପୁତ୍ରକନ୍ୟା ଭୋଜନ କଲେ । କିନ୍ତୁ ଲୀଳାବତୀର ପ୍ରଗାଢ଼ ପ୍ରେମବିଭୋର ଅବସ୍ଥା ଦେଖି ତା'ର ଭୋଜନ ସକାଶେ କେହି ଆଗ୍ରହ କଲେ ନାହିଁ । ଲୀଳାବତୀର ତୀବ୍ର ଇଚ୍ଛା ହେଲା ବାଳଗୋପାଳଙ୍କୁ ପ୍ରତ୍ୟକ୍ଷରୂପେ ନିଜ ସ୍ତନ୍ୟ ପାନ କରାଇବା ପାଇଁ । ବାଳଗୋପାଳ ଲୀଳାବତୀର ପ୍ରେମ-ପାଶରେ ବନ୍ଦୀ ଥିଲେ । ସେ ତା' ମନସ୍କାମନା ପୂର୍ଣ୍ଣ ନ କରି ରହିପାରିଲେ

ନାହିଁ । ଲୀଳାବତୀ ପ୍ରେମରେ ବାହ୍ୟଜ୍ଞାନ ଶୂନ୍ୟ। ହୋଇ ଗୋପାଳଜିଙ୍କୁ କୋଳରେ ଧରି କ୍ଷୀରପାନ କରାଇବା ପାଇଁ ହସ୍ତ ପ୍ରସାର କରି ରଖିଅଛି । ସିଂହାସନରେ ଥିବା ବାଳଗୋପାଳଙ୍କ ସୁବର୍ଣ୍ଣ ପ୍ରତିମା ପ୍ରତ୍ୟକ୍ଷ ବାଳଗୋପାଳରେ ପରିଣତ ହୋଇଗଲେ । ଗୋଡ଼ହାତ ହଲାଇ ଅସ୍ପଷ୍ଟ ଶବ୍ଦରେ କିଛି କହିବାକୁ ଲାଗିଲେ । ତାଙ୍କରି ଶବ୍ଦରେ ଲୀଳାବତୀର ପ୍ରେମ-ସମାଧି ଭାଙ୍ଗିଗଲା ଏବଂ ସେ ଆଖି ଖୋଲି ବାଳଗୋପାଳଙ୍କ ସୁନ୍ଦର ବାଳକ ରୂପର ହାସ୍ୟ ମୁଖ ଦେଖି ନିଜର ତନ, ମନ, ଶରୀର, ସର୍ବସ୍ୱ ସମର୍ପଣ କରିଦେଲେ । ତା'ର ହୃଦୟର ପ୍ରେମ-ସ୍ରୋତ ତା'ର ଜନ୍ମାନ୍ତରର କଲୁଷକୁ ଧୋଇଦେଲା । ସେ ଆତ୍ମହରା ହୋଇ ବାଳଗୋପାଳଙ୍କୁ ଉଠେଇ କୋଳରେ ଧରି କ୍ଷୀରପାନ କରାଇଲା । ଗୋପାଳଜିଙ୍କ ମୁଖରେ ସ୍ତନ ଦେବା ମାତ୍ରେ କ୍ଷୀର ବୋହିବାକୁ ଲାଗିଲା । ସେଥିରେ ଲୀଳାବତୀର ବକ୍ଷସ୍ଥଳ ତଥା ବସ୍ତ୍ର ଓଦା ହୋଇଗଲା । ଲୀଳାବତୀ ବାଳଗୋପାଳଙ୍କୁ କୋଳରେ ଧରି ପ୍ରେମାନନ୍ଦରେ ସମାଧିସ୍ଥ ହୋଇଗଲା । ସେ ସେହି ଦିବ୍ୟ ସମାଧିରେ ଏକେବାରେ ନିମଗ୍ନ ରହିଲା, ଆଉ ତା'ର ସେ ସମାଧି ଭଙ୍ଗ ହେଲା ନାହିଁ ।

ତହିଁଆର ଦିନ ଲୀଳାବତୀ ସମାଧି ଅବସ୍ଥାରେ ବାଳଗୋପାଳଙ୍କୁ କ୍ଷୀରପାନ କରାଉଥିବାର ସମସ୍ତ ବ୍ୟକ୍ତି ଦେଖିଲେ । କିନ୍ତୁ ସେମାନେ ଶ୍ରୀକୃଷ୍ଣଙ୍କର ବାସ୍ତବ ବାଳସ୍ୱରୂପ ଦେଖିପାରିଲେ ନାହିଁ, ଦେଖିଲେ ଶ୍ରୀକୃଷ୍ଣଙ୍କ ସୁବର୍ଣ୍ଣ ପ୍ରତିମା । ଲୀଳାବତୀ ସେହି ପ୍ରେମ-ସମାଧିରେ ନଶ୍ୱର ଶରୀର ତ୍ୟାଗ କରି ଗୋଲୋକରେ ବାଳଗୋପାଳଙ୍କ ସେବା ପ୍ରାପ୍ତ ହେଲା ।

ବୋଲ ଭକ୍ତ ଆଉ ଭକ୍ତବତ୍ସଳ ଭଗବାନଙ୍କର ଜୟ ।

('ମହିଳା-ରତ୍ନ' ଆଧାରରେ ଲିଖିତ)

ଭକ୍ତିମତୀ ହସିନା ଓ ହମିଦା

ଭଗବାନଙ୍କ ଭକ୍ତିର ଅଧିକାରୀ ସମସ୍ତ ପ୍ରାଣୀ । ସେ ପୁରୁଷ ହେଉ ବା ସ୍ତ୍ରୀ ହେଉ । ଶରୀରରେ କେବଳ ଭିନ୍ନତା । ଶରୀରରେ ସ୍ଥିତ ଆତ୍ମା ଏକ, ଭଗବାନଙ୍କ ଦିବ୍ୟତତ୍ତ୍ୱର ଅଂଶ ଅଥବା ପ୍ରତିଭୂ । ଆତ୍ମା ଦିବ୍ୟ, ସେ ବିକୃତ ମନ-ପ୍ରାଣ-ଶରୀରର ଆଶ୍ରୟରେ ଏହି ପୃଥିବୀକୁ ଆସିଥାଏ ମନ-ପ୍ରାଣ-ଶରୀରକୁ ନିଜ ଦିବ୍ୟତ୍ୱରେ ରୂପାନ୍ତର କରି ଭଗବାନଙ୍କୁ ପ୍ରଘଟ କରିବା ସକାଶେ । କିନ୍ତୁ ଭଗବତ୍ ମାୟା ପ୍ରବଳ । ମନୁଷ୍ୟ ମୋହଗ୍ରସ୍ତ ହୋଇ ନିଜ ଯଥାର୍ଥ ପରମାନନ୍ଦସ୍ୱରୂପ ଭଗବାନଙ୍କୁ ଛାଡ଼ି ବିଷୟରେ ଭ୍ରମି ଦୁଃଖ-ଯାତନା ଭୋଗ କରେ । କିନ୍ତୁ ଭଗବାନ୍ କରୁଣାସିନ୍ଧୁ । ତାଙ୍କ କୃପାଦୃଷ୍ଟି ଯେଉଁ ପ୍ରାଣୀ ଉପରେ ପଡ଼େ ସେ ଭଗବତ୍ ଭକ୍ତି ଦ୍ୱାରା ମୋହ-ଆବରଣରୁ ମୁକ୍ତ ହୋଇ ଭଗବାନଙ୍କୁ ପ୍ରାପ୍ତ କରି ଜନ୍ମମରଣର ଘୋର ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ ।

ଭାରତରୁ ବହୁଦୂର ଆରବ ଦେଶରେ ହସିନା ଓ ହମିଦା ନାମକ ଦୁଇ କନ୍ୟା ଜନ୍ମଗ୍ରହଣ କରି ସେମାନେ କିପରି ଶ୍ରୀକୃଷ୍ଣଙ୍କ ଭକ୍ତି ପ୍ରାପ୍ତ କରି ଜନ୍ମ-ମରଣ-ଦ୍ୱନ୍ଦ୍ୱରୁ ମୁକ୍ତ ହୋଇଥିଲେ ଆଜି ସେହି ବିଷୟ ଆଲୋଚନା କରିବା ।

ଆରବ ଦେଶରେ ଖସ ନାମରେ ଗୋଟିଏ ବିରାଟ କୁଟୁମ୍ବ ଅଥବା ଜାତି ଥିଲା । ତା'ର ସର୍ଦାର ଥିଲେ ବାଣିଜ୍ୟରେ ଦକ୍ଷ, ଧନଧାନ୍ୟସମ୍ପନ୍ନ, ଐଶ୍ୱର୍ଯ୍ୟଶାଳୀ, ସମ୍ଭ୍ରାନ୍ତ ବ୍ୟକ୍ତି । କିନ୍ତୁ ସେ ଥିଲେ ଈଶ୍ୱରଭକ୍ତ । ତାଙ୍କର ଧର୍ମପତ୍ନୀଙ୍କ ଗର୍ଭରୁ ସର୍ବସଦ୍‌ଗୁଣସଂପନ୍ନା କନ୍ୟାଟିଏ ଜନ୍ମଗ୍ରହଣ କରିଥିଲା । ତା' ନାମ ରଖାଯାଇଥିଲା ହସିନା । ହସିନାର ରୂପ ଯେପରି ସୁନ୍ଦର, ଗୁଣ ସେହିପରି ପ୍ରଶଂସନୀୟ । ତୁଳସୀ ଦୁଇପତ୍ରରୁ ବାସେ । ହସିନାର ସଦ୍‌ଗୁଣ ବାଲ୍ୟାବସ୍ଥାରୁ ପ୍ରକାଶ ହେବାକୁ ଲାଗିଲା । ସୁନ୍ଦର ରୂପରେ ସଦ୍‌ଗୁଣ ପ୍ରକାଶ ହେଲେ ସୁନାରେ ସୁଗନ୍ଧ ସଦୃଶ ଲୋକପ୍ରିୟ ହୁଏ । ବାଲ୍ୟାବସ୍ଥାରେ ହସିନାର ମୃଦୁହାସ୍ୟ ଥରେ ଯେଉଁ ବ୍ୟକ୍ତି ଦେଖେ, ସେ ତାକୁ ଭୁଲିପାରେ ନାହିଁ । ହସିନାର ସମବୟସ୍କା ହମିଦା ନାମରେ ଗୋଟିଏ ସଖୀ ଥିଲା । ସେ ଦୁଇଜଣଙ୍କର ରୂପରେ ଯେପରି ସାଦୃଶ୍ୟ, ଗୁଣରେ ମଧ୍ୟ ସେହିପରି । ଦୁଇଜଣଙ୍କ ମଧ୍ୟରେ ଘନିଷ୍ଠ ମିତ୍ରତା ଥିଲା । ଖାଇବା-ପିଇବା, ଲେଖିବା-ପଢ଼ିବା, ବୁଲିବା-ଚାଲିବାରେ ଦୁଇଜଣଙ୍କର ଅନ୍ତର ନ ଥିଲା । ସେମାନେ ସନ୍ଧ୍ୟା ସମୟରେ ସମୀପସ୍ଥ ପୁଷ୍ପ ବାଟିକାରେ ବୁଲନ୍ତି, ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରନ୍ତି ଏବଂ ଖେଳନ୍ତି । ସେଠାରୁ ଫେରି ହସିନାର ପିତାଙ୍କ ମୁଖରୁ ''ଅମରିଲ କୈସ'' ନାମକ ଧର୍ମଗ୍ରନ୍ଥ ମନୋଯୋଗ ସହକାରେ ଶୁଣନ୍ତି । ପିତାମାତାଙ୍କ ଆଚରଣର ପ୍ରଭାବ ତଥା ଅଧ୍ୟାତ୍ମ ଗ୍ରନ୍ଥ ଶ୍ରବଣ ଦ୍ୱାରା ସେମାନଙ୍କ ମଧ୍ୟରେ ବାଲ୍ୟକାଳରୁ ଭଗବତ୍ ଭକ୍ତି ଉତ୍ପନ୍ନ ହେଲା ଏବଂ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ତା'ର ବିକାଶ ମଧ୍ୟ ହେଲା ।

ସମୟ ବସି ରହେ ନାହିଁ । ଦେଖୁ ଦେଖୁ ହସିନା, ହମିଦାର ବୟସ ସତର, ଅଠର ହୋଇଗଲା । ସେହି ସମୟରେ ଭାରତରୁ ଶ୍ରୀକୃଷ୍ଣପ୍ରେମୀ ଭକ୍ତ କେତେଜଣ ଆରବ ଭ୍ରମଣ କରିବାକୁ ଯାଇଥିଲେ । ଦୈବଯୋଗରେ ହସିନାର ପିତାଙ୍କ ସହିତ ସେମାନଙ୍କର ଦେଖାହେଲା । ସେ ସେମାନଙ୍କୁ ବହୁତ ଆଦର ସତ୍କାରରେ ନିଜ ଘରକୁ ଡାକିଆଣିଲେ । ପରସ୍ପର ମଧ୍ୟରେ ହେଲା ଭଗବତ୍ ଚର୍ଚ୍ଚା । ଭାରତୀୟ ଭକ୍ତମାନେ ଶ୍ରୀକୃଷ୍ଣପ୍ରେମରେ ବିଭୋର ହୋଇ ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କ ମଧୁର ଲୀଳା କହିବାକୁ ଲାଗିଲେ । ହସିନା, ହମିଦା ମଧ୍ୟ ପିତାଙ୍କ ସହିତ ବସି ଶୁଣୁଥିଲେ । ସେମାନେ ଶ୍ରୀକୃଷ୍ଣଙ୍କ ବୃନ୍ଦାବନଲୀଳା ଶୁଣି ଏକେବାରେ ତନ୍ମୟ ହୋଇଗଲେ । ସେମାନଙ୍କ ବାହ୍ୟଜ୍ଞାନ ଲୋପ ପାଇଗଲା । ସେମାନେ ଶ୍ରୀକୃଷ୍ଣଙ୍କ ପ୍ରେମରେ ନିଜ ଅନ୍ତରର ଗଭୀରତାରେ ବୁଡ଼ିଗଲେ । ସେମାନଙ୍କ ଅନ୍ତରରୁ କେହି କହିଲା, ''ତୁମ୍ଭେ ବୃନ୍ଦାବନ ଚାଲ ।''

ସତ୍‌ସଙ୍ଗ ସମାପ୍ତ ହେଲା । ହସିନାର ପିତା ଭାରତୀୟ ଭକ୍ତମାନଙ୍କୁ ଆଦର ସତ୍କାର ସହ ବିଦାୟ ଦେଲେ । କିନ୍ତୁ ହସିନା, ହମିଦାର ଅବସ୍ଥା ସେହି ସମୟରୁ ଏକେବାରେ ପରିବର୍ତ୍ତିତ ହୋଇଗଲା । ସେମାନଙ୍କ ନେତ୍ରରୁ ଅନବରତ ପ୍ରେମାଶ୍ରୁ ବୃଷ୍ଟି ହେଉଥାଏ । ସେମାନେ ଯେଉଁଠି ବସନ୍ତି, ''ହା ନାଥ, ହା ପ୍ରାଣନାଥ, ହା ଶ୍ରୀକୃଷ୍ଣ'', ଏହିପରି କହି ବ୍ୟାକୁଳ ହୋଇପଡ଼ନ୍ତି । ଶ୍ରୀକୃଷ୍ଣଙ୍କ ଦର୍ଶନ-ଉତ୍କଣ୍ଠା ଦିନକୁ ଦିନ ତୀବ୍ରଭାବେ ବଢ଼ିବାକୁ ଲାଗିଲା । ସେମାନେ ଶ୍ରୀକୃଷ୍ଣଙ୍କ ବିରହରେ

ଭୋଜନ ତ୍ୟାଗ କରିଦେଲେ । ଶୀତ, ଗ୍ରୀଷ୍ମର ଧାରଣା ରହିଲା ନାହିଁ, ଶରୀର କ୍ଷୀଣ ହେବାକୁ ଲାଗିଲା । ଶରୀରରେ ରହିଲା ଅସ୍ଥିଚର୍ମ । ସେମାନଙ୍କୁ ନିଜ ପିତାମାତାମାନେ ବହୁତ ବୁଝାଇବା ସତ୍ତ୍ୱେ କୌଣସି ପରିବର୍ତ୍ତନ ଆସିଲା ନାହିଁ । ଏଥିରେ ପିତାମାତାମାନେ ବହୁତ ଚିନ୍ତିତ ହେଲେ । ଦିନେ ହସିନା ନିଜ ପିତାଙ୍କୁ କହିଲେ, ''ପିତା, ଯଦି ମୋତେ ସ୍ନେହ କର, ମୋର କଲ୍ୟାଣ ଚାହଁ, ମୋତେ ଜୀବିତ ରଖିବାକୁ ଚାହଁ, ତେବେ ମୋତେ ବୃନ୍ଦାବନରେ ପହଞ୍ଚାଇ ଦିଅ, ଅନ୍ୟଥା ଏ ଶରୀର ଆଉ ଅଧିକ ଦିନ ରହିବ ନାହିଁ ।'' ପ୍ରଥମରେ ପିତା ଏ ପ୍ରସ୍ତାବରେ ସମ୍ମତ ହେଲେ ନାହିଁ । ସେ ଥିଲେ ଭଗବତ୍ ଭକ୍ତ ଏବଂ ଉଦାରହୃଦୟ ବ୍ୟକ୍ତି । ସୁତରାଂ ଶେଷରେ କନ୍ୟାର ନିଷ୍କଳଙ୍କ ବୈରାଗ୍ୟ, ନିଷ୍କପଟ ଭଗବତ୍ ପ୍ରେମ ଦେଖି ସେମାନଙ୍କ ପ୍ରସ୍ତାବ ସ୍ୱୀକାର କଲେ । ଭାରତ ଯାଉଥିବା ଗୋଟିଏ ବାଣିଜ୍ୟ ଜାହାଜରେ ନିଜ ପୁତ୍ର ସହିତ ହସିନା ଓ ହମିଦାକୁ ବିଦାୟ ଦେବାର ପ୍ରସ୍ତାବ କଲେ । ହସିନା, ହମିଦା ନିଜ ନିଜ ପିତାମାତାଙ୍କ ଚରଣ ବନ୍ଦନ କରି ଶ୍ରୀକୃଷ୍ଣଙ୍କ ଦର୍ଶନାନନ୍ଦ ଅଭିଳାଷରେ ଭାଇ ସହିତ ଯାତ୍ରା କଲେ । ସେସମୟରେ ଆଗନ୍ତୁକମାନଙ୍କର ବହୁତ ଭିଡ଼ ହେଲା । ଜ୍ଞାତି, ବନ୍ଧୁବାନ୍ଧବ, ଇଷ୍ଟମିତ୍ର, ଅନ୍ୟାନ୍ୟ ଆଗନ୍ତୁକଙ୍କ ସହିତ ପିତାମାତା ସମୁଦ୍ର କୂଳସ୍ଥିତ ଜାହାଜ ଘାଟକୁ ବିଦାୟ ଦେବାକୁ ଆସିଲେ । ସମସ୍ତ ବ୍ୟକ୍ତିଙ୍କ ନେତ୍ର ଅଶ୍ରୁପୂର୍ଣ୍ଣ । ଜାହାଜ ଛାଡ଼ିବାର ସମୟ ଆସିଲା । ହସିନା ଓ ହମିଦା ପିତାମାତା ତଥା ଅନ୍ୟାନ୍ୟ ବ୍ୟକ୍ତିଙ୍କଠାରୁ ଶେଷ ବିଦାୟ ନେଇ ଜାହାଜରେ ବସିଲେ । ଜାହାଜ ଅଦୃଶ୍ୟ ହେବା ପର୍ଯ୍ୟନ୍ତ ଦର୍ଶକମାନେ ନିର୍ନିମେଷ ଦୃଷ୍ଟିରେ ଚାହିଁ ରହିଥିଲେ, ପରେ ଆଖିରୁ ଲୁହ ବୁହାଇ ଘରକୁ ଫେରିଲେ ।

ବାଗ୍‌ଦାଦର ଗୋଟିଏ ସ୍ଥାନରେ ଜାହାଜ ଲାଗିଲା । ଶରତ୍ ଋତୁର ଚାନ୍ଦିନୀ ରାତ୍ରି । ପ୍ରାକୃତିକ ମନୋମୁଗ୍ଧକର ଶୋଭା ଥିଲା ସେଠାରେ । ନିକଟରେ କୌଣସି ଗ୍ରାମ ନ ଥିଲା । ସମୁଦ୍ର ତଟସ୍ଥ ବନ ଉପବନ ବହୁତ ଶୋଭିତ ଥିଲା । ନାନାପ୍ରକାର ରଙ୍ଗ ବେରଙ୍ଗ ପୁଷ୍ପ ପ୍ରସ୍ଫୁଟିତ ହୋଇଥିଲା । ସେ ସ୍ଥାନ ଏପରି ରମଣୀୟ ଥିଲା ଯେ ଦେଖିବା ମାତ୍ରେ ମନ ମୁଗ୍ଧ ହୋଇ ଯାଉଥିଲା । ଜାହାଜରୁ ଉତରି ଯାତ୍ରୀମାନେ ନୌକା ଯୋଗେ କୂଳକୁ ଆସି ଆନନ୍ଦରେ ଭ୍ରମଣ କରିବାକୁ ଲାଗିଲେ । ହସିନା ଓ ହମିଦା ନିରନ୍ତର ଦିବ୍ୟ ବୃନ୍ଦାବନ ଶ୍ରୀକୃଷ୍ଣଙ୍କ ମାଧୁରୀ ଲୀଳାରେ ବିଭୋର ରହୁଥା'ନ୍ତି । ସେହି ପ୍ରାକୃତିକ ଶୋଭା ଦେଖି ସେମାନଙ୍କ ଅବସ୍ଥା ଆହୁରି ତୀବ୍ର ହୋଇଗଲା । ସେମାନେ ଗୋଟିଏ ଦୂର ଉପବନକୁ ଚାଲିଗଲେ । ସେମାନେ ଭାବାବେଶରେ ନିଜକୁ ଏକେବାରେ ଭୁଲିଗଲେ । ସେଠାକାର ଉପବନ ଦେଖିବା ମାତ୍ରେ ସେମାନଙ୍କର ବୃନ୍ଦାବନର ସ୍ମୃତି ତୀବ୍ରଭାବେ ଜାଗ୍ରତ୍ ହେଲା । ସେମାନେ ଶ୍ରୀକୃଷ୍ଣଙ୍କ ବୃନ୍ଦାବନ ରାସଲୀଳାରେ ଏକେବାରେ ତନ୍ମୟ ହୋଇଗଲେ । ଶରୀରଜ୍ଞାନ ରହିଲା ନାହିଁ । ଶ୍ରୀକୃଷ୍ଣଙ୍କ ବୃନ୍ଦାବନ ମହାରାସ ଲୀଳାରେ ସମ୍ମିଳିତ ହୋଇଗଲେ । ସେଥିରେ ସେମାନଙ୍କର ହୋଇଗଲା ପ୍ରେମ-ସମାଧି । ସେହି ସମାଧିରେ ରାତ୍ରି ସମାପ୍ତ ହୋଇଗଲା ।

ଏକେବାରେ ବୀଭତ୍ସ ଦୃଶ୍ୟ । ରକ୍ତାକ୍ତ ମୃତପିଣ୍ଡରେ ସ୍ଥାନ ପରିପୂର୍ଣ୍ଣ । ଜାହାଜ ଲାଗିବାର କିଛି ସମୟ ପରେ ଗୋଟିଏ ଡକାଏତ ଦଳ ଅସ୍ତ୍ରଶସ୍ତ୍ର ସହ ଆସି ଯାତ୍ରୀମାନଙ୍କୁ ଆକ୍ରମଣ କଲେ । ପରସ୍ପର ମଧ୍ୟରେ ହେଲା ଯୁଦ୍ଧ । କିନ୍ତୁ ଡକାଏତଙ୍କ ଦ୍ୱାରା ଯାତ୍ରୀ ତଥା ବେପାରୀମାନେ ମୃତ୍ୟୁମୁଖରେ ପଡ଼ିଲେ । ଡକାଏତମାନେ ସମସ୍ତ ଧନ ଲୁଟି ନେଇଗଲେ । କେବଳ ହସିନାର ଭାଇ ଏବଂ ଅଳ୍ପ କେତେ ଜଣ ପଳାଇଯାଇ ଜଙ୍ଗଲରେ ଲୁଚି ରହିଥିଲେ । ଡକାଏତମାନେ ଚାଲିଯିବା ପରେ ସେମାନେ ସେ ସ୍ଥାନକୁ ଆସି ଭୟଙ୍କର ହତ୍ୟାକାଣ୍ଡ ଦେଖି ଉଚ୍ଚ ଶବ୍ଦରେ କାନ୍ଦିବାକୁ ଲାଗିଲେ । ସେମାନଙ୍କ କ୍ରନ୍ଦନ ଶବ୍ଦରେ ହସିନା ଓ ହମିଦାର ପ୍ରେମ-ସମାଧି ଭଙ୍ଗ ହେଲା । ସେମାନେ ସେ ସ୍ଥାନକୁ ଆସି ମୃତପିଣ୍ଡକୁ ଦେଖିବା ମାତ୍ରେ ଶୋକରେ ମୂର୍ଚ୍ଛିତ ହୋଇ ପଡ଼ିଗଲେ । ସେହି ନିକଟରେ ଆଉ କେତେ ଡକାଏତ ଲୁଚି ରହିଥିଲେ ଏହି ଦୁଇ ସୁନ୍ଦରୀ କନ୍ୟାଙ୍କୁ ଦେଖି ବଳାତ୍କାର ଧରି ନେଇଯିବାକୁ ଚାହିଁଲେ । ସେମାନେ ଭୟଭୀତ ଏବଂ ତ୍ରାସିତ ହୋଇ ନିଜ ଇଷ୍ଟ ଭଗବାନଙ୍କୁ ସ୍ମରଣ କରି କାନ୍ଦିବାକୁ ଲାଗିଲେ । ଏ ଦୃଶ୍ୟ ଦେଖି ହସିନାର ଭାଇ ତଥା ଅନ୍ୟ ବଞ୍ଚିଥିବା ବ୍ୟକ୍ତିମାନେ ଚିତ୍କାର କଲେ । ଯେ ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରିଦିଏ, ତା'ର ଯୋଗକ୍ଷେମ ବହନ କରନ୍ତି ଭଗବାନ୍ । ତା' ସଙ୍ଗେ ରହନ୍ତି ଛାୟା ସଦୃଶ । ତାକୁ ସମସ୍ତ ଆପଦବିପଦରୁ ଉଦ୍ଧାର କରି ଇହଲୋକରେ ଦିଅନ୍ତି ସୁଖ, ଶାନ୍ତି, ପରମାନନ୍ଦ, ପରଲୋକରେ ଦିଅନ୍ତି ନିଜ ଶାଶ୍ୱତ ଦିବ୍ୟଲୋକରେ ବାସ । ଭଗବତ୍ ଆଶ୍ରିତକୁ କୌଣସି ଭୟ ନ ଥାଏ । ହସିନା, ହମିଦାର ବିଳାପ ତଥା

ବଞ୍ଚି ରହିଥିବା ବ୍ୟକ୍ତିଙ୍କ ଆର୍ତ୍ତ ଚିତ୍କାର ଶୁଣି ସେଠାକାର ଦୂର ବାସିନ୍ଦା ଏବଂ ପୁଲିସ ସେ ସ୍ଥାନରେ ଉପସ୍ଥିତ ହେଲେ, ଅତ୍ୟାଚାରୀ ଆତତାୟୀ ଡକାଏତଙ୍କୁ ବନ୍ଦୀ କଲେ, ହାଜର କଲେ ବାଗ୍‌ଦାଦର ଖଲିଫାଙ୍କ ସମ୍ମୁଖରେ ।

ଖଲିଫା ଯେପରି ଧାର୍ମିକ, ନ୍ୟାୟବାନ୍, ସେହିପରି ଦୟାଳୁ । ଅବଳା ତଥା ଯାତ୍ରୀମାନଙ୍କ ଉପରେ ଅତ୍ୟାଚାର ଦେଖି ସେ ବିସ୍ମିତ ଏବଂ କୋପାନ୍ୱିତ ହେଲେ । ବନ୍ଦୀ ଡକାଏତଙ୍କଠାରୁ ସନ୍ଧାନ ପାଇ ଅବଶିଷ୍ଟ ଡାକୁଦଳକୁ ଧରି କଠୋର ଦଣ୍ଡ ଦେଲେ । ହସିନାର ଭାଇ ତଥା ଅନ୍ୟ ଲୋକଙ୍କଠାରୁ ସମସ୍ତ ଘଟଣା ବୁଝି ହସିନା, ହମିଦାକୁ ଯତ୍ନ ସହିତ ରହିବାର ସୁବ୍ୟବସ୍ଥା କରିଦେଲେ । ହସିନା, ହମିଦା ବୃନ୍ଦାବନ ଯିବା ବିଷୟ ଜାଣି ହସିନାର ଭାଇ ସମ୍ମୁଖରେ ଖଲିଫା ଏବଂ ତାଙ୍କ ସ୍ତ୍ରୀ ସେ ଦୁଇ କନ୍ୟାଙ୍କୁ ବହୁତ ବୁଝାଇ ଘରକୁ ଫେରିଯିବାକୁ ଅନୁରୋଧ କଲେ । କିନ୍ତୁ ସେମାନଙ୍କ ଦୃଢ଼ନିଷ୍ଠା ଦେଖି ସେମାନଙ୍କ ପ୍ରତି ତାଙ୍କର ସ୍ୱଭାବତଃ ଦୟା ଉତ୍ପନ୍ନ ହେଲା । ହସିନାର ଭାଇ, ହସିନା ତଥା ହମିଦାକୁ ଗୋଟିଏ ଜାହାଜରେ ଭାରତ ପଠାଇଦେଲେ । ସେମାନଙ୍କ ରକ୍ଷା ପାଇଁ ଅସ୍ତ୍ରଶସ୍ତ୍ର ସୁସଜ୍ଜିତ କେତେକ ଯୁଦ୍ଧବିଶାରଦ ଯୋଦ୍ଧାଙ୍କୁ ମଧ୍ୟ ନିଯୁକ୍ତ କଲେ । ଭାରତଭୂମିରେ ପହଞ୍ଚି ହସିନା ଓ ହମିଦାର ଆନନ୍ଦର ସୀମା ରହିଲା ନାହିଁ । ସେମାନେ ଆନନ୍ଦରେ ବ୍ରଜଧାମରେ ପହଞ୍ଚିଗଲେ । ହସିନାର ଭାଇ ତଥା ରକ୍ଷାରେ ଆସିଥିବା ସିପାହିମାନଙ୍କୁ ହସିନା, ହମିଦା ବହୁତ ଅନୁନୟ ବିନୟ କରି ବିଦାୟ ଦେଲେ । ସେମାନେ ଗଲେ ଜାହାଜ ଘାଟକୁ । ଏମାନେ ଶ୍ୟାମସୁନ୍ଦରଙ୍କ ଦର୍ଶନ ଆତୁରତାରେ ଆନନ୍ଦିତ ହୋଇ ବ୍ରଜ ମଧ୍ୟରେ ପ୍ରବେଶ କଲେ ।

ବ୍ରଜ ଶ୍ୟାମସୁନ୍ଦରଙ୍କ ଲୀଳାଭୂମି । ସେଠାରେ ଶ୍ୟାମସୁନ୍ଦରଙ୍କ ପ୍ରେମ ବିଚ୍ଛୁରିତ ହୋଇଅଛି । ସେ ଭୂମି ସ୍ପର୍ଶ କରିବା ମାତ୍ରେ ଭଗବତ୍‌ପ୍ରେମୀ ହୃଦୟରେ ପ୍ରେମ-ସ୍ରୋତ ଉଦ୍‌ବେଳିତ ହୋଇ ବ୍ୟକ୍ତିର ଚେତନାକୁ ପ୍ରବାହିତ କରିଦିଏ, ହୃଦୟ ପରିପୂର୍ଣ୍ଣ ହୋଇ ଅଶ୍ରୁ, ରୋମାଞ୍ଚ, କମ୍ପ, ପୁଲକରୂପେ ବାହାରେ ଉଛୁଳି ପଡ଼େ । ଏହି ଦଶା ହେଲା ହସିନା, ହମିଦାର । ବ୍ରଜରଜ ସ୍ପର୍ଶ କରିବା ମାତ୍ରେ ଦେହର ଶୁଦ୍ଧି ରହିଲା ନାହିଁ । ଆନନ୍ଦରେ ଉନ୍ମତ୍ତପ୍ରାୟ ହୋଇ ବ୍ରଜରଜରେ ଗଡ଼ିବାକୁ ଲାଗିଲେ । ନେତ୍ରରୁ ଅଶ୍ରୁପାତ ହେଲା । ଶରୀରରେ ରୋମାଞ୍ଚ, କମ୍ପ, ପୁଲକ, ହୃଦୟରେ ଶ୍ୟାମାଶ୍ୟାମଙ୍କ ମୁନିମନୋହାରୀ ସୁନ୍ଦର ରୂପ ।

ସେହି ଆନନ୍ଦରେ ଉନ୍ମତ୍ତ ହୋଇ ଭକ୍ତିମତୀ ହସିନା ହମିଦା ବୃନ୍ଦାବନରେ ଉପସ୍ଥିତ ହେଲେ । ଯମୁନାର କାଳିନ୍ଦୀହ୍ରଦରେ ସ୍ନାନ କରି ବିଶେଷ ଉତ୍ସାହରେ ଗୋଟିଏ ମନ୍ଦିର ପ୍ରାଙ୍ଗଣରେ ଉପନୀତ ହେଲେ । ଶ୍ୟାମସୁନ୍ଦରଙ୍କ ଦର୍ଶନ ଆଶାରେ ହୃଦୟ ବ୍ୟାକୁଳ । ବିଦେଶୀ କନ୍ୟାମାନଙ୍କ ଆଗମନର ଖବର ପାଇ ପୂଜାରୀ ବାହାରକୁ ଆସିଲେ । ବେଶଭୂଷାରୁ ଯବନ କନ୍ୟା ବୋଲି ଜାଣିବାରେ ପୂଜାରୀଙ୍କୁ ଅସୁବିଧା ହେଲା ନାହିଁ । କିନ୍ତୁ ଗୋମାଂସଭକ୍ଷୀ ଯବନ କନ୍ୟାଙ୍କୁ ମନ୍ଦିର ପ୍ରାଙ୍ଗଣରେ ଦେଖି ପୂଜାରୀଙ୍କ ହୃଦୟ ରାଗରେ ଜର୍ଜରିତ ହୋଇଗଲା । କେବଳ ନିରାଶ୍ରିତା ଅବଳା ଦେଖି ରାଗକୁ ସଂଯମ କରିବାକୁ ପଡ଼ିଲା । ସେମାନଙ୍କୁ ପଚାରି ସମସ୍ତ ଘଟଣା ଜାଣି ଆନନ୍ଦିତ ହେଲେ । ଭାବିଲେ, ''ଯବନ କନ୍ୟା ହେଲେ କ'ଣ ହେଲା, ଏମାନେ ଭଗବଦ୍‌ଭକ୍ତ, କେତେ ଦୁଃଖ ସ୍ୱୀକାର କରି ଏଠାକୁ ଦର୍ଶନ ସକାଶେ ଆସିଛନ୍ତି । ଏହା ସତ୍ୟ । କିନ୍ତୁ ଜାତିରେ ଯବନ । ମନ୍ଦିରରେ ପ୍ରବେଶ ଶାସ୍ତ୍ରବିରୁଦ୍ଧ ।'' ସେ କହିଲେ, ''କନ୍ୟାମାନେ, ତୁମ୍ଭେମାନେ ବଡ଼ ଭାଗ୍ୟବତୀ, ତୁମ୍ଭମାନଙ୍କ ହୃଦୟରେ ଭଗବତ୍ ଭକ୍ତି ଉତ୍ପନ୍ନ ହୋଇଅଛି । ଭଗବାନ୍ କେବଳ ଭକ୍ତି ପ୍ରିୟ । ସେ ଜାତିଫାତି ଦେଖନ୍ତି ନାହିଁ । ଆମ୍ଭେମାନେ ମନୁଷ୍ୟ । ଶାସ୍ତ୍ର ଅନୁସାରେ ଚଳୁ । ଏ ସକାଶେ ତୁମ୍ଭେମାନେ ମନ୍ଦିର ଭିତରକୁ ଆସିପାରିବ ନାହିଁ । ଅମୁକ ସ୍ଥାନରେ ମୁଁ ରହିବାର ବ୍ୟବସ୍ଥା କରିଦେବି, ସେଠାରେ ରହ, ଏଠାରେ ପ୍ରତିଦିନ ପ୍ରସାଦ ସେବନ କର ।'' ସେମାନେ ହାତ ଯୋଡ଼ି ବିନୀତ ଭାବରେ କହିଲେ, ''ମହାରାଜ, ଆମ୍ଭମାନଙ୍କୁ ଶ୍ରୀକୃଷ୍ଣଙ୍କ ଦର୍ଶନ ମିଳିବ ନାହିଁ ?'' ପୂଜାରିଜି ଉତ୍ତର ଦେଲେ, ''ଦର୍ଶନ ହେବ, ନିଶ୍ଚୟ ହେବ, ଭଗବାନ୍ ଶ୍ୟାମସୁନ୍ଦର ସ୍ୱୟଂ ଆସି ଦର୍ଶନ ଦେବେ, କିନ୍ତୁ ମନ୍ଦିରରେ ନୁହେଁ ।''

ଏହା ଶୁଣି ସେମାନେ ଅତ୍ୟନ୍ତ ପ୍ରେମଭକ୍ତିଭରେ ମାଟିରେ ମସ୍ତକ ରଖି ପୂଜାରୀଙ୍କ ଚରଣରେ ପ୍ରଣାମ କଲେ । ସେଠାରୁ ବିଦା ହୋଇ ଯମୁନା କୂଳକୁ ଫେରିଆସିଲେ । ଯମୁନା ପୁଳିନରେ ଗୋଟିଏ କଦମ୍ବ ଗଛ ମୂଳରେ ବସିବା ସଙ୍ଗେ ସଙ୍ଗେ ଶ୍ରୀକୃଷ୍ଣଙ୍କ ଲୀଳାରେ ଏକେବାରେ ତନ୍ମୟ ହୋଇଗଲେ । ବାହ୍ୟଜ୍ଞାନଶୂନ୍ୟ ହୋଇ ପ୍ରେମ-ସମାଧିରେ ବୁଡ଼ିଗଲେ ।

ଏହି ଅବସ୍ଥାରେ ଅର୍ଦ୍ଧ ରାତ୍ରି ବ୍ୟତୀତ ହୋଇଗଲା । ହଠାତ୍ ଦୁଇ ଜଣଙ୍କର ପ୍ରେମ-ସମାଧିଭଙ୍ଗ ହେଲା । ଆଖି ଖୋଲିବା ମାତ୍ରେ ଯମୁନା ସ୍ରୋତରେ ବହୁ ଦୂରରେ ଦେଖିଲେ ଗୋଟିଏ ଅଲୌକିକ ଅତ୍ୟନ୍ତ ସୁନ୍ଦର ବିରାଟ ନୌକା । ନୌକା ମଧ୍ୟରେ ମଣିମାଣିକ୍ୟରେ ନିର୍ମିତ ଗୋଟିଏ ସିଂହାସନ । ସେଥିରେ ବିରାଜମାନ ଥିଲେ ଅଲୌକିକ ସୌନ୍ଦର୍ଯ୍ୟ, ଲାବଣ୍ୟାଦି ଦିବ୍ୟଗୁଣବିଭୂଷିତ ଶ୍ୟାମସୁନ୍ଦର, ତାଙ୍କ ସଙ୍ଗେ ବସିଥିଲେ ଅତୁଳନୀୟ ସୌନ୍ଦର୍ଯ୍ୟର ବିଗ୍ରହ ମହାରାଣୀ ରାଧିକା । ଶ୍ରୀକୃଷ୍ଣ ପରିଧାନ କରିଥିଲେ ପୀତାମ୍ବର । ମହାରାଣୀ ରାଧା ଧାରଣ କରିଥିଲେ ନୀଳ ଶାଢ଼ି । ଶ୍ରୀକୃଷ୍ଣଙ୍କ ଶ୍ୟାମବର୍ଣ୍ଣ ଚରଣ ଅଙ୍ଗୁଳିରେ ଦେଦୀପ୍ୟମାନ ନଖ ନୀଳ ଆକାଶରେ ତାରାମଣ୍ଡଳୀ ସଦୃଶ ଶୋଭା ପାଉଥିଲା । କଟୀରେ ସୁବର୍ଣ୍ଣ ମେଖଳା, ହୃଦୟରେ ହୀରାନୀଳାର ହାର, ତା' ଉପରେ ଆଣ୍ଠୁ ପର୍ଯ୍ୟନ୍ତ ବନମାଳ ଲମ୍ବିଥିଲା । ମସ୍ତକରେ ମୟୂର ମୁକୁଟ ଦର୍ଶନାର୍ଥୀଙ୍କ ଦୃଷ୍ଟିକୁ ବଳପୂର୍ବକ ଆକର୍ଷଣ କରୁଥିଲା । ମହାରାଣୀ ଶ୍ରୀମତୀ ରାଧିକାଙ୍କର ତ ଅତୁଳନୀୟ ଶୋଭା । ସେ ଶୋଭାର ଉପମା ନାହିଁ । ଲଳିତା, ବିଶାଖାଦି ସଖୀ ଛତ୍ର, ଚାମରାଦି ସେବାବସ୍ତୁ ନେଇ ଚତୁଃପାର୍ଶ୍ୱରେ ଛିଡ଼ା ହୋଇଥିଲେ । ଦେଖୁ ଦେଖୁ ନୌକା ନିକଟରେ ଉପନୀତ ହେଲା । କ୍ରମଶଃ କୂଳରେ ଲାଗିଲା । ହସିନା, ହମିଦା ଦିବ୍ୟଦର୍ଶନରେ ମନ୍ତ୍ରମୁଗ୍ଧ ପରି ଅପଲକ ଦୃଷ୍ଟିରେ ପ୍ରସ୍ତରଖଣ୍ଡ ସଦୃଶ ଚାହିଁଥା'ନ୍ତି । ଦିବ୍ୟ-ରୂପ-ସମୁଦ୍ରରେ ସମସ୍ତ ଇନ୍ଦ୍ରିୟ ନିମଜ୍ଜିତ ହେଲା । ଶରୀରଜ୍ଞାନ ରହିଲା ନାହିଁ । ଗୋଟିଏ ସଖୀ ନୌକାରୁ ଉତରି ଆସି ଏମାନଙ୍କ ସମ୍ମୁଖରେ ଛିଡ଼ା ହେଲେ । ଦିବ୍ୟ ଦେବୀଙ୍କ ସାମୀପ୍ୟ ପାଇବା ମାତ୍ରେ ଏମାନଙ୍କ ଶରୀରରେ ବିଜୁଳି ସଦୃଶ ଗୋଟିଏ ଦିବ୍ୟ ପ୍ରଭାବ ପ୍ରବେଶ କରିଗଲା । ଏମାନେ ବାହ୍ୟଜ୍ଞାନ ପ୍ରାପ୍ତ ହୋଇ ଦିବ୍ୟ ଦେବୀଙ୍କୁ ସମ୍ମୁଖରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । କିଛିକ୍ଷଣ ପରେ ସାବଧାନ ହୋଇ ପ୍ରଣାମ କଲେ । ଦିବ୍ୟ ଦେବୀଙ୍କ ପ୍ରଶ୍ନରେ ବୃନ୍ଦାବନକୁ ଆସିବାର ସମସ୍ତ ବୃତ୍ତାନ୍ତ ନିବେଦନ କଲେ । ସେହି ଦିବ୍ୟ ଦେବୀ ଅତ୍ୟନ୍ତ କୋମଳ ମୃଦୁ ମଧୁର ବାଣୀରେ ଉତ୍ତର ଦେଲେ, ''ଭାଗ୍ୟବତୀ ହସିନା, ହମିଦା, ତୁମ୍ଭମାନଙ୍କ ବିଷୟ ଶ୍ୟାମସୁନ୍ଦର, ମହାରାଣୀ ରାଧିକା ପୂର୍ଣ୍ଣରୂପେ ଜାଣନ୍ତି । ସେ କରୁଣାସିନ୍ଧୁ ତୁମ୍ଭମାନଙ୍କ ଉପରେ ଦୟା କରି ତୁମ୍ଭମାନଙ୍କୁ ଦର୍ଶନ ଦେବା ସକାଶେ ଆସିଅଛନ୍ତି । ତୁମ୍ଭେମାନେ ଆସ, ନୌକାରେ ଶ୍ୟାମାଶ୍ୟାମଙ୍କୁ ଦର୍ଶନ କର । ତୁମ୍ଭମାନଙ୍କର ଚିର ଅଭିଳାଷ ପୂର୍ଣ୍ଣ ହେଉ । ଏକଥା ଶୁଣିବା ମାତ୍ରେ ହସିନା, ହମିଦାର ଆନନ୍ଦ ସୀମାତୀତ ହୋଇଗଲା । ପ୍ରେମବିହ୍ୱଳରେ ଉଠି ତତ୍‌କ୍ଷଣାତ୍ ନୌକାରେ ଉପସ୍ଥିତ ହେଲେ । ଶ୍ରୀ ଶ୍ୟାମସୁନ୍ଦର ଓ ଶ୍ରୀମତୀ ରାଧାରାଣୀଙ୍କୁ ଦର୍ଶନ କରି ଆନନ୍ଦ-ସମୁଦ୍ରରେ ଏପରି ବୁଡ଼ିଗଲେ ଯେ ଆଉ କୌଣସି କିଛିର ହୋସ୍ ରହିଲା ନାହିଁ । ସେମାନଙ୍କୁ ଡାକି ଆଣିଥିବା ଦେବୀ ସେମାନଙ୍କ ମସ୍ତକ ଧରି ନୁଆଁଇ ପ୍ରଣାମ କରିବାକୁ ସଙ୍କେତ ଦେଲେ । ଦୁଇ ସଖୀ ଶ୍ୟାମାଶ୍ୟାମଙ୍କ ଚରଣରେ ପ୍ରଣାମ କରିବା ସମୟରେ ଶ୍ରୀକୃଷ୍ଣ ଶ୍ରୀରାଧା ଅଭୟ କରକମଳ ସେହି ଦୁହିଙ୍କ ମସ୍ତକ ଉପରେ ରଖିଦେଲେ । ହସିନା, ହମିଦା ଦିବ୍ୟପ୍ରେମରେ ସମାଧିସ୍ଥ ହୋଇଗଲେ । ସେହି ସମାଧି ଅବସ୍ଥାରେ ରାତ୍ରି ବ୍ୟତୀତ ହୋଇଗଲା । ଆକାଶରେ ସୂର୍ଯ୍ୟଦେବ ପ୍ରକାଶିତ ହେଲେ । ହସିନା, ହମିଦାର ସମାଧି ଭଙ୍ଗ ହେଲା । ସେମାନଙ୍କ ଜୀବନ ସଫଳ ହେଲା । ଭଗବତ୍ ଦର୍ଶନରେ ସେମାନେ କୃତକୃତ୍ୟ ହେଲେ । ବୃନ୍ଦାବନରେ ବାସ କରି ଶ୍ରୀକୃଷ୍ଣପ୍ରେମରେ ଜୀବନ ବ୍ୟତୀତ କଲେ । ଶେଷରେ ନଶ୍ୱର ଶରୀର ତ୍ୟାଗ କରି ନିତ୍ୟ ଗୋଲୋକରେ ଶ୍ରୀରାଧାକୃଷ୍ଣଙ୍କ ଦିବ୍ୟସେବା ପ୍ରାପ୍ତ ହେଲେ ।

ବୋଲ ଭକ୍ତ ଆଉ ଭଗବାନଙ୍କର ଜୟ ।

('ମହିଳା-ରତ୍ନ' ଆଧାରରେ ଲିଖିତ)

ଭକ୍ତିପରାୟଣା କୁଅଁର ରାଣୀ

ରାଜପୁତାନାର ଗୋଟିଏ ସମ୍ଭ୍ରାନ୍ତ ପରିବାରରେ କୁଅଁର ରାଣୀ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାମାତାଙ୍କର ଅନେକ ବୟସ ହୋଇଯିବା ପରେ ସେମାନେ କୁଅଁର ରାଣୀକୁ କନ୍ୟାରୂପେ ପାଇଥିଲେ । ସେମାନଙ୍କର ସମସ୍ତ ସ୍ନେହମମତାର ଅଧିକାରିଣୀ ହୋଇଥିଲେ କୁଅଁର ରାଣୀ । ଘରେ ଧନଧାନ୍ୟର ଅଭାବ ନ ଥିଲା । ପିତାମାତା ଥିଲେ ଉଦାର, ଧାର୍ମିକ ଏବଂ ଭକ୍ତ । ଭୋକୀ, ଶୋଷୀ, ଅତିଥି, ଅଭ୍ୟାଗତଙ୍କ ପ୍ରତି ଆଦର ଥିଲା । ଘରେ ''ରାମାୟଣ-କଥା'' ବରାବର ହୁଏ । ପିତାମାତା ଭଗବାନଙ୍କ ନାମଜପ ଓ କୀର୍ତ୍ତନ କରନ୍ତି । କେବେ କେବେ ସାଧୁସଙ୍ଗ ଆସିଗଲେ ଭଗବତ୍ ଚର୍ଚ୍ଚା ହୁଏ । ଘରଟି ଅଧ୍ୟାତ୍ମ ବାତାବରଣରେ ପରିପୂର୍ଣ୍ଣ ହୋଇଥାଏ ।

ଘରେ ଦୁଇ ପ୍ରାଣୀ । କନ୍ୟା ଛଡ଼ା ଆଉ କେହି ଆଗକୁ ନା ପଛକୁ ! କୁଅଁର ରାଣୀକୁ ବହୁତ ସ୍ନେହଶ୍ରଦ୍ଧାରେ ଲାଳନପାଳନ କରୁଥା'ନ୍ତି । କନ୍ୟାକୁ ଖୁଆଇ ଦେବା ସମୟରେ, ସ୍ନାନ କରାଇବା ସମୟରେ, ଝୁଲାରେ ଝୁଲାଇବା ସମୟରେ ମା ଭଗବାନଙ୍କ ନାମ କୀର୍ତ୍ତନ କରନ୍ତି ଅଥବା ଭଗବତ୍ ଚରିତ୍ର ଗାନ କରନ୍ତି । ଶିଶୁ ଯାହା ଶୁଣେ, ଯାହା ଦେଖେ, ତାହାହିଁ କହେ, ତାହାହିଁ କରେ, ତା'ର ରକ୍ତ ସହିତ ସେହି ପ୍ରଭାବ ମିଶି ସଂସ୍କାରରେ ପରିଣତ ହୁଏ । କୁଅଁର ରାଣୀଙ୍କର ତାହାହିଁ ହେଲା । ସେ କଥା କହିବା ଆରମ୍ଭ କଲେ ଅସ୍ପଷ୍ଟ ଶବ୍ଦରେ ଭଗବାନଙ୍କ ନାମ ଏବଂ ଗୋଟିଏ ଗୋଟିଏ ଭଗବାନଙ୍କ ଚରିତ୍ରର ପଦ, ଯେଉଁ ପଦ ତାଙ୍କ ମା ଗାନ କରୁଥିଲେ ।

ପିତାମାତାଙ୍କ ପ୍ରଭାବରେ କୁଅଁର ରାଣୀଙ୍କ ପୂର୍ବ ସଂସ୍କାର ଶୀଘ୍ର ବିକଶିତ ହେବାକୁ ଲାଗିଲା । କ୍ରମଶଃ ତାଙ୍କର ଚାରି, ପାଞ୍ଚ ବର୍ଷ ବୟସ ହୋଇଗଲା । ସେ ପିତାମାତାଙ୍କ ସଙ୍ଗେ ଭଗବାନଙ୍କ ନାମ କୀର୍ତ୍ତନ କରିବାକୁ ଲାଗିଲେ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବେ ତାଙ୍କ ମୁଖରୁ ସର୍ବଦା ନାମ ଉଚ୍ଚାରିତ ହେଲା । ସେ ମା ପାଖରେ ବସି ରାମାୟଣ ଶୁଣନ୍ତି । ରାମାୟଣ ତାଙ୍କୁ ଖୁବ୍ ଭଲ ଲାଗେ । ଆଉ ଟିକିଏ ବଡ଼ ହୋଇଗଲା ପରେ ସେ ରାମାୟଣ ପଢ଼ିବାକୁ ଆରମ୍ଭ କଲେ । ହିନ୍ଦୀ ଭକ୍ତି-ସାହିତ୍ୟରେ ରାମାୟଣର ସ୍ଥାନ ଅଦ୍ୱିତୀୟ । ସେଥିରେ ଭଗବାନ୍ ଶ୍ରୀରାମଚନ୍ଦ୍ରଙ୍କ ଲଳିତ ଲୀଳା ସହିତ ହୃଦୟସ୍ପର୍ଶୀ ଭକ୍ତି, କର୍ମ ଓ ଜ୍ଞାନର ବର୍ଣ୍ଣନ ହୋଇଅଛି । କୌଣସି ସରସହୃଦୟ ବ୍ୟକ୍ତି ରାମାୟଣ ପଢ଼ି ଅଥବା ଶୁଣି ଭଗବତ୍ ଭକ୍ତ ନ ହୋଇ ରହିପାରେ ନାହିଁ । କୁଅଁର ରାଣୀଙ୍କ ଭକ୍ତି-ଲତା ରାମାୟଣ-ଜଳ ସିଞ୍ଚନରେ ଦ୍ରୁତ ଗତିରେ ବୃଦ୍ଧିଲାଭ କଲା । ବୟସର ବିକାଶ ସଙ୍ଗେ ସଙ୍ଗେ ତାଙ୍କ ହୃଦୟରେ ଭକ୍ତି-ଭାଗୀରଥୀର ପବିତ୍ର ସ୍ରୋତ ପ୍ରବାହିତ ହେଲା । ଭଗବାନଙ୍କ ସୁନ୍ଦର ସ୍ୱରୂପ ଧ୍ୟାନ, ମୁଖରେ ଭଗବାନଙ୍କ ନାମ, ମନରେ ଭଗବାନଙ୍କ ଚରିତ୍ର ଚିନ୍ତନ କରିବାରେ ତାଙ୍କୁ ବିଶେଷ ଆନନ୍ଦ ପ୍ରାପ୍ତ ହେଉଥିଲା । ଭଗବତ୍ ଭକ୍ତି ବୃଦ୍ଧି ସଙ୍ଗେ ସଙ୍ଗେ ତାଙ୍କର ଥିବା ଦୋଷତ୍ରୁଟି କ୍ରମଶଃ କ୍ଷୀଣ ହୋଇଗଲା । ତାଙ୍କର ଅଧିକ ସମୟ ଭଗବାନଙ୍କ ସ୍ମରଣ, ଭଗବାନଙ୍କ ନାମଜପ, କୀର୍ତ୍ତନ ତଥା ପୂଜନରେ ବ୍ୟୟିତ ହେଉଥିଲା ।

ସମୟ ଅତୀତ ହେବାରେ ବିଳମ୍ବ ହୁଏ ନାହିଁ । ଦେଖୁ ଦେଖୁ କୁଅଁର ରାଣୀଙ୍କ ବୟସ ହେଲା ଚଉଦ । ପିତାମାତା ବଡ଼ ଉତ୍ସାହରେ ବିଶେଷ ସମାରୋହ ସହକାରେ କୁଅଁର ରାଣୀକୁ ଗୋଟିଏ ସୁଯୋଗ୍ୟ ସୁନ୍ଦର ଯୁବକ ସହିତ ବିବାହ କରାଇଦେଲେ । ଗୋଟିଏ ମାତ୍ର କନ୍ୟାକୁ ବିଦାୟ ଦେବାରେ ପିତାମାତାଙ୍କୁ ଅସହନୀୟ ଦାରୁଣ ବେଦନା ହେଲା । କିନ୍ତୁ କନ୍ୟାର ଶୋଭା ପତିଗୃହରେ, ପିତୃଗୃହରେ ନୁହେଁ । ସେହି ଧର୍ମଭାବନାରେ ହୃଦୟକୁ ପାଷାଣ କରି ଉଦାରଚିତ୍ତରେ ନିଜ ସକାଶେ ଅଳ୍ପ ସଂପତ୍ତି ରଖି ବାକୀ ଟଙ୍କାପଇସା, ସୁନାରୁପା, ଲୁଗାପଟା, ଖଟପଲଙ୍କ, ଗୋରୁଗାଈ ସମସ୍ତ କିଛି ଯୌତୁକରେ କୁଅଁର ରାଣୀକୁ ଦେଇ ବିଦା କଲେ ।

ସକାଳେ ହେଲା କୁଅଁର ରାଣୀଙ୍କ ବିଦାୟ । ଘରେ ରହିଥିଲେ ବିବାହ ଉତ୍ସବରେ ଆଗତ ବନ୍ଧୁବାନ୍ଧବ, ଇଷ୍ଟମିତ୍ର । ସନ୍ଧ୍ୟାରେ ହେଲା କୁଅଁର ରାଣୀଙ୍କ ପିତାମାତାଙ୍କୁ ହଇଜା । ଦୁଇଜଣ ଭଗବାନଙ୍କ ନାମ କୀର୍ତ୍ତନ କରୁ କରୁ ନଶ୍ୱର ଶରୀର ତ୍ୟାଗ କଲେ । ଏ ଖବର କୁଅଁର ରାଣୀଙ୍କୁ ଅଜ୍ଞାତ ଥିଲା । ସେ ପତିଗୃହରେ ପହଞ୍ଚିଲେ ସତ କିନ୍ତୁ ପିତାମାତାଙ୍କ ସ୍ନେହରୁ

ବଞ୍ଚିତ ଏବଂ ସେମାନଙ୍କ ବିଚ୍ଛେଦରେ ତାଙ୍କୁ ବହୁତ କଷ୍ଟ ହେଲା । ଅଳ୍ପ ଦିନରେ ପୁନର୍ମିଳନକୁ ପ୍ରତୀକ୍ଷା କରି ଦିନ ଗଣୁଥିଲେ । ସେ ସମୟରେ ରାଜପୁତାନାରେ ବିବାହର ଅଳ୍ପ ଦିନ ପରେ କନ୍ୟା ପିତାଗୃହକୁ ଫେରିଆସେ । କୁଅଁର ରାଣୀ ପିତାଗୃହକୁ ଯିବା ସକାଶେ ଅତି ତ୍ୱରାରେ ପ୍ରତୀକ୍ଷା କରିଥିଲେ । ବିଧାତାର ଗତି ବିଚିତ୍ର । କୁଅଁର ରାଣୀ ପିତାମାତାଙ୍କ ସହିତ ଦେଖା କରିବା ସକାଶେ ବ୍ୟଗ୍ର ହୋଇ ରାସ୍ତା ଦେଖୁଥା'ନ୍ତି, ସେହି ସମୟରେ ତାଙ୍କ ପିତାମାତାଙ୍କ ମୃତ୍ୟୁ ଖବର ପାଇଲେ ବାରିକଠାରୁ । ଏହି ଦାରୁଣ ଅପ୍ରିୟ ଖବରରେ ତାଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା । ସେ ଶୋକରେ ନିମଗ୍ନ ହୋଇଗଲେ । ତାଙ୍କୁ ଘରର ଗୁରୁଜନ, ଶାଶୂଶ୍ୱଶୁର ବହୁତପ୍ରକାର ବୁଝାଇ ସାନ୍ତ୍ୱନା ଦେଲେ । ତାଙ୍କ ଶ୍ୱଶୁର ତଥା ପତି ତାଙ୍କୁ ସଙ୍ଗରେ ନେଇ ତାଙ୍କ ପିତାଗୃହକୁ ଗଲେ । ସେଠାରେ କୁଅଁର ରାଣୀ ତାଙ୍କ ପିତାମାତାଙ୍କ ଶ୍ରାଦ୍ଧ ଶାସ୍ତ୍ରବିଧି ମୁତାବକ କରି ହୃଦୟ ଖୋଲି ଦାନ କଲେ । ବନ୍ଧୁବାନ୍ଧବଙ୍କୁ ଭଲଭାବେ ସତ୍କାର କଲେ । ଅଧିକ ସଂପତ୍ତି ଗରିବଙ୍କୁ ବାଣ୍ଟି ଶେଷରେ ପତି ଏବଂ ଶ୍ୱଶୁରଙ୍କ ସହିତ ପତିଗୃହକୁ ଫେରିଆସିଲେ ।

ବିଧାତାଙ୍କ ବିଧାନ ବହୁତ ଜଟିଳ । ମନୁଷ୍ୟର ବୁଦ୍ଧିରେ ବୁଝିହୁଏ ନାହିଁ । ବହୁତ ସ୍ଥଳେ ଦେଖାଯାଏ ଲୋକେ ଅନ୍ୟାୟ ଅତ୍ୟାଚାର କରି ମାନସମ୍ମାନ, ପୁତ୍ରପୌତ୍ର, ଧନଧାନ୍ୟରେ ପୂର୍ଣ୍ଣ ଥା'ନ୍ତି । ଫେର ଧାର୍ମିକ ଭଗବତ୍ ଭକ୍ତଙ୍କ ଉପରେ ବିପତ୍ତି ଉପରେ ବିପତ୍ତି ଆସେ । କୁଅଁର ରାଣୀ ପିତାମାତାଙ୍କ ସଂପୂର୍ଣ୍ଣ ସ୍ନେହର ଅଧିକାରିଣୀ ହୋଇ ବାଲ୍ୟାବସ୍ଥାରୁ ଲାଳିତପାଳିତ ହୋଇଥିଲେ । ବିବାହ ପରେ ସେମାନଙ୍କ ବିୟୋଗବେଦନାରେ ହୃଦୟ ବିଦୀର୍ଣ୍ଣ ହୋଇ ଯାଇଥିଲା । ବିବାହର ଛ'ମାସ ପରେ ଅକସ୍ମାତ୍ ତାଙ୍କ ମସ୍ତକରେ ବଜ୍ର ପଡ଼ିଲା । ତାଙ୍କ ପତିଙ୍କୁ ହଠାତ୍ ସର୍ପ ଦଂଶନ କଲା, କେତେପ୍ରକାର ଉପଚାର କରିବା ସତ୍ତ୍ୱେ ଘଣ୍ଟାକ ମଧ୍ୟରେ ତାଙ୍କ ପ୍ରାଣବାୟୁ ଉଡ଼ିଗଲା । ଏହି ଦୁଃଖଦାବାନଳରେ ତାଙ୍କ ହୃଦୟ ଜଳିବାକୁ ଲାଗିଲା । ଶାଶୂଶ୍ୱଶୁର ବୃଦ୍ଧ ହୋଇଥିଲେ, ପିତାମାତା ମୃତ୍ୟୁମୁଖରେ ପଡ଼ିଲେ; ଥିଲା କେବଳ ପତିଙ୍କର ଆଶ୍ରୟ । ସେ କୁଅଁର ରାଣୀଙ୍କୁ ଚଉଦ ବର୍ଷ ବୟସରେ ଅନାଥିନୀ କରି ଇହଧାମରୁ ବିଦାୟ ନେଲେ । ସେ କାହା ଆଶ୍ରୟରେ ଧୈର୍ଯ୍ୟ ଧରି ରହନ୍ତେ ? ସେ ଏକେବାରେ ହତବୁଦ୍ଧି ହୋଇ ଶୋକ-ସମୁଦ୍ରରେ ବୁଡ଼ିଗଲେ । ତୀବ୍ର ବେଦନା ବରଦାସ୍ତ କରି ନ ପାରି ବାରଂବାର ମୂର୍ଚ୍ଛିତ ହେବାକୁ ଲାଗିଲେ । ତାଙ୍କ ପ୍ରାଣ-ପକ୍ଷୀ ଶରୀର-ବୃକ୍ଷକୁ ତ୍ୟାଗ କରିବା ସକାଶେ ତୟାର ହେବାକୁ ଲାଗିଲା ।

ଭଗବାନ୍ ଭକ୍ତବତ୍ସଳ । ଭକ୍ତ ହୃଦୟରେ ତାଙ୍କର ନିବାସ । ଭକ୍ତ ସଙ୍ଗେ ଛାୟା ସଦୃଶ ରହି ତାଙ୍କୁ ରକ୍ଷା କରନ୍ତି । ଭକ୍ତ ଯଦି ଦୁଃଖଦ୍ୱନ୍ଦ୍ୱରେ ଜର୍ଜରିତ ହୋଇ ତ୍ରିତାପରେ ତପ୍ତ ହୋଇ ଭଗବାନଙ୍କୁ ସ୍ମରଣ କରି ନ ପାରେ ତେବେ ଭଗବାନ୍ ସ୍ୱୟଂ ଭକ୍ତକୁ ସ୍ମରଣ କରନ୍ତି । ଭଗବାନ୍ ଭକ୍ତକୁ ଛାଡ଼ି ରହିପାରନ୍ତି ନାହିଁ । ଭଗବାନ୍ କୃପା କରି କୁଅଁର ରାଣୀଙ୍କ ହୃଦୟ-ଆକାଶରେ ଜ୍ଞାନ-ସୂର୍ଯ୍ୟ ପ୍ରକାଶ କରିଦେଲେ । ତାଙ୍କ ମୋହ-ତିମିର-କୁହେଳିକା ଦୂର ହୋଇଗଲା । ସେ ନିଜେ ଭଗବତ୍ ସ୍ୱରୂପ, ଆତ୍ମା ବୋଲି ନିଜକୁ ଜାଣିପାରିଲେ । ସେ ସ୍ପଷ୍ଟରୂପେ ଦେଖିଲେ ସଂସାର କେବଳ ମିଥ୍ୟା-ମାୟା-ମୋହ-ପାଶର ବନ୍ଧନ । କିଏ କାହାର ସ୍ୱାମୀ ବା କିଏ କାହାର ସ୍ତ୍ରୀ ? ପ୍ରତ୍ୟେକ ଜୀବ ନିଜ ନିଜ ବିକାଶ ସକାଶେ ଏହି ସଂସାରକୁ ଆସି ଧର୍ମଶାଳାରେ ରାତ୍ରିରେ ବିଶ୍ରାମ କରିବା ସଦୃଶ ଏକତ୍ର ହୋଇଥା'ନ୍ତି । ରାତ୍ରି ଶେଷରେ ଅର୍ଥାତ୍ ନିଜ ବିକାଶ କାର୍ଯ୍ୟ ଶେଷ ହେଲେ ଏହି ପୃଥିବୀର ମାୟା, ମମତା, ପ୍ରିୟ ପରିବାର, ଧନସଂପତ୍ତି ଛାଡ଼ି ଚାଲିଯାନ୍ତି । ଏହି ଜ୍ଞାନ ପ୍ରକାଶ ହେବା ମାତ୍ରେ ତାଙ୍କ ହୃଦୟରୁ ଶୋକ ଦୂର ହୋଇଗଲା । ସେ ମହାନ୍ ଆନନ୍ଦ ତଥା ମହାନ୍ ଶାନ୍ତି ଅନୁଭବ କଲେ । ଏହା ଶାଶୂଶ୍ୱଶୁରଙ୍କୁ ବୁଝାଇ ସେମାନଙ୍କ ଶୋକ ଦୂର କରିଦେଲେ । ବୋହୂର ଏପରି ସାହସ ଏବଂ ଧୈର୍ଯ୍ୟ ତଥା ଜ୍ଞାନବାଣୀ ଶୁଣି ସେମାନଙ୍କ ମନରେ ବଳ ଆସିଗଲା । କୁଅଁର ରାଣୀ ପତିଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମାପ୍ତ କରି ଭଗବାନଙ୍କ ସେବା ଭାବରେ ଶାଶୂଶ୍ୱଶୁରଙ୍କୁ ଉତ୍ତମରୂପେ ସେବା କଲେ । ସେ ମନେ ମନେ ଭାବିଲେ, ''ଭଗବାନ୍ ଯଥାର୍ଥରେ ଦୟାମୟ, କିନ୍ତୁ ମୋହଗ୍ରସ୍ତ ଜୀବନ ଭଗବାନଙ୍କ ଦୟାକୁ ବୁଝିପାରେ ନାହିଁ । ମୋ ଉପରେ ଭଗବାନଙ୍କ ଏହି ଅସୀମ କୃପାକୁ ମୁଁ ବିପଦ ବୋଲି ଭାବିଥିଲି । ଯଥାର୍ଥରେ ଭଗବତ୍ କୃପା ଆସିଥିଲା ବିପଦ ରୂପରେ । ସ୍ୱାମୀଙ୍କ ସହିତ ଜାଗତିକ ଅସ୍ଥାୟୀ ବିକୃତ ସୁଖଦୁଃଖ, ଆମୋଦପ୍ରମୋଦରେ ଭଗବାନଙ୍କୁ ଭୁଲି ଯାଇଥାନ୍ତି । ସନ୍ତାନ ହୋଇଥାନ୍ତେ, ସେମାନଙ୍କ ଲାଳନପାଳନଜନିତ ସୁଖଦୁଃଖରେ

ମୋତେ ହର୍ଷ-ବିଷାଦ ପ୍ରାପ୍ତ ହୋଇଥାନ୍ତା । ସେମାନଙ୍କ ରୋଗ ତଥା ମୃତ୍ୟୁରେ ଦାରୁଣ ଶୋକ ହୋଇଥାନ୍ତା, ସୁଖଦୁଃଖରେ ମନ ସର୍ବଦା ଚିନ୍ତିତ ରହିଥାନ୍ତା ।

''ମନ ଗୋଟାଏ । ସେ ଲତା ସଦୃଶ ଅନ୍ୟର ଆଶ୍ରିତ । ଯାହାର ଆଶ୍ରୟ ନିଏ ତାକୁ ଛାଡ଼େ ନାହିଁ । ଯେପରି ଦୁଇଟି ତରବାରି ଗୋଟିଏ ଖୋଳରେ ରହିପାରେ ନାହିଁ ସେହିପରି ସଂସାର ଆସକ୍ତି ଏବଂ ଭଗବତ୍ ଭକ୍ତି ଏକସଙ୍ଗେ ରହିପାରେ ନାହିଁ । ହିମ (ଶୀତ) ଏବଂ ଅଗ୍ନି ସଦୃଶ ଏହା ପରସ୍ପରବିରୋଧୀ । ମନୁଷ୍ୟହୃଦୟ ପାତ୍ର ସଦୃଶ । ତାହା ସର୍ବଦା ପୂର୍ଣ୍ଣ ଥାଏ । ବସ୍ତୁ ନ ଥିଲେ ଥାଏ ବାୟୁ । ବସ୍ତୁ ପ୍ରବେଶ କଲେ ବାୟୁ ବାହାରି ଯାଏ । ମନୁଷ୍ୟହୃଦୟ ପାତ୍ର ସଦୃଶ ଜାଗତିକ ମାୟାମମତାରେ ପୂର୍ଣ୍ଣ ଥାଏ । ଭଗବତ୍ ପ୍ରେମ ପ୍ରବେଶ କଲେ ତାହା କ୍ରମଶଃ ବାହାରିଯାଏ । ମନୁଷ୍ୟ ଜନ୍ମଜନ୍ମାନ୍ତର କର୍ମର ସଂସ୍କାର ପ୍ରଭାବରେ ବିଷୟରେ ଆସକ୍ତ । ସେ ଭଗବତ୍ କୃପା ସାହାଯ୍ୟରେ ପ୍ରଯତ୍ନ କଲେ ଭଗବତ୍ ପ୍ରେମ ପାଏ । ଏହାହିଁ ଜୀବନର ସାରତତ୍ତ୍ୱ । ଏହାକୁ ପ୍ରାପ୍ତ ହେଲେ ସେ ଜନ୍ମମରଣ ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ । ମାୟା ଖୁବ୍ ପ୍ରବଳ । ବହୁତ ବ୍ୟକ୍ତି ଏହା ମନର ଉପରି ଭାଗରେ ଜାଣନ୍ତି, କଥାରେ କହନ୍ତି, କିନ୍ତୁ ତ୍ୟାଗ କରି ପାରନ୍ତି ନାହିଁ । ଭଗବାନ୍ କୃପା କଲେ ମନୁଷ୍ୟ ଯଥାର୍ଥରେ ଜାଣେ ଏବଂ ଭଗବାନଙ୍କ ସାହାଯ୍ୟରେ ସେଥିରୁ ମୁକ୍ତ ହୁଏ । ମୋ ପ୍ରତି ଭଗବାନଙ୍କର ଅସୀମ କୃପା । ସେ ଦୟାକରି ମୋର ବିଷୟାସକ୍ତ ସମସ୍ତ ବସ୍ତୁ ଦୂର କରିଦେଲେ । ମନୁଷ୍ୟକୁ ପ୍ରତ୍ୟେକ ଜନ୍ମରେ ଏହି ବିଷୟ ପ୍ରାପ୍ତ ହୁଏ, ସେଥିରେ ସେ ତୃପ୍ତ ହୁଏ ନାହିଁ; ଲାଭରେ ଲୋଭୀର ଲୋଭ ସଦୃଶ ଲାଳସା ବଢୁଥାଏ ।''

କୁଅଁର ରାଣୀଙ୍କ ହୃଦୟରେ ଭଗବତ୍ କୃପାର ଜ୍ଞାନ ଉଦ୍ଭାସିତ ହୋଇଅଛି । ସେ ସଂସାର ମାୟାର ସ୍ୱରୂପ ବୋଲି ହୃଦୟଙ୍ଗମ କରିଅଛନ୍ତି । ତାଙ୍କ ଦୃଷ୍ଟିରେ ଜାଗତିକ ମୋହମମତା ମୃଗତୃଷ୍ଣାବତ୍ ମିଥ୍ୟାମାୟା ପ୍ରତୀତ ହେଉଅଛି । ତାଙ୍କ ହୃଦୟ ଭଗବାନଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ । ସେ ଆନନ୍ଦରେ ଉନ୍ମତ୍ତ । ତାଙ୍କ ଦୃଷ୍ଟିରେ ସବୁକିଛି ଭଗବାନ୍ । ଘର ତାଙ୍କରି, ଶାଶୂଶ୍ୱଶୁର ତାଙ୍କରି ସ୍ୱରୂପ; ସେ ନିଜେ ଏବଂ ତାଙ୍କର ସମସ୍ତ କିଛି ଭଗବାନଙ୍କର । ଭଗବାନଙ୍କ ଦୟା, କରୁଣା, ଶାନ୍ତି, ସନ୍ତୋଷ, ଜ୍ଞାନ, ଭକ୍ତି ଇତ୍ୟାଦି ସମସ୍ତ ଦିବ୍ୟଗୁଣ ତାଙ୍କ ହୃଦୟରେ ପ୍ରକାଶିତ ।

ଏପରି ଜ୍ଞାନ ଏବଂ ଭକ୍ତି ଅବସ୍ଥାରେ ଶରୀର ଆସକ୍ତିର ସ୍ଥାନ କେଉଁଠି ? ତାଙ୍କ ବୟସ ମାତ୍ର ଚଉଦ । ଯୌବନ ଅବସ୍ଥାରେ ପଦାର୍ପଣ କରିବାର ସମୟ । ଏହି ସମୟରେ ମନୁଷ୍ୟ ବିବେକଶୂନ୍ୟ ହେଲେ ସମସ୍ତ ଅନୁଚିତ କାର୍ଯ୍ୟ କରେ । କିନ୍ତୁ ଏହି ସମୟରେ ଯଦି ବ୍ୟକ୍ତିର ବିବେକଜ୍ଞାନ ଉତ୍ପନ୍ନ ହୁଏ ସେ ଭଗବାନଙ୍କୁ ସହଜରେ ପ୍ରାପ୍ତ କରିପାରେ । କୁଅଁର ରାଣୀଙ୍କୁ ବିବେକଜ୍ଞାନ ଦିବ୍ୟଗୁଣ ପ୍ରାପ୍ତ ହୋଇଅଛି । ତାଙ୍କ ହୃଦୟରେ ଭଗବାନ୍ ନିବାସ କରି ସତ୍ୟ ପଥରେ ପରିଚାଳନା କରୁଅଛନ୍ତି । ତାଙ୍କ ମନ-ଭ୍ରମର ଭଗବାନଙ୍କ ଚରଣ-କମଳମକରନ୍ଦ ପାନରେ ମୁଗ୍ଧ ହୋଇଅଛି । ତାଙ୍କ ମାର୍ଗନିର୍ଦ୍ଦେଶକ ଭଗବାନ୍ । ବିପଥଗାମୀ ହେବାର କୌଣସି ଭୟ ନାହିଁ । ବ୍ୟକ୍ତି ନିଜର ସମସ୍ତ କିଛି ଭଗବାନଙ୍କୁ ଅର୍ପଣ କରିଦେଲେ ମାତା ଛୋଟ ଶିଶୁକୁ କୋଳରେ ନେବା ସଦୃଶ ଭଗବାନ୍ ଭକ୍ତର ସମସ୍ତ ଭାର ନେଇନିଅନ୍ତି । ତା'ର କୌଣସି ଭୟ ନ ଥାଏ ।

କୁଅଁର ରାଣୀଙ୍କ ସମସ୍ତ ଭାର ଭଗବାନଙ୍କ ଉପରେ । ସେ ଭଗବାନଙ୍କ ଆଶ୍ରୟରେ ନିର୍ଭୟ । ଶରୀର ଆସକ୍ତିରୁ ସେ ମୁକ୍ତ । ଯେଉଁ ବୟସରେ ଝିଅମାନେ ଶାରୀରିକ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସକାଶେ ନାନାପ୍ରକାର ସିଙ୍ଗାର କରନ୍ତି, ସେହି ବୟସରେ କୁଅଁର ରାଣୀ ଶରୀରର ପ୍ରଧାନ ଶୋଭା କେଶ କାଟି ପକାଇଲେ । ସ୍ୱଚ୍ଛ ପରିଷ୍କାର ମୋଟା ଲୁଗା ପିନ୍ଧିବାକୁ ଆରମ୍ଭ କଲେ । ହର୍ଷରେ ଗ୍ରହଣ କଲେ ନିୟମିତ କଠୋର ବ୍ରତ ।

ସେ ପ୍ରାତଃକାଳ ତିନିଟା ସମୟରେ ଉଠନ୍ତି । ଘରଦ୍ୱାର ପହଁରି, କଂସାବାସନ ମାଜି, ଚୌକା ଲଗାଇ, ଶୌଚ ସ୍ନାନ କରି ଘରକୁ ଆସନ୍ତି । ଘରେ ଭଗବାନଙ୍କ ବିଗ୍ରହ ସ୍ଥାପନ କରିଥା'ନ୍ତି । ତାଙ୍କ ସେବା-ପୂଜା, ଭୋଗ, ଆଳତି କରି ଧ୍ୟାନରେ ବସିଯା'ନ୍ତି । କିଛି ଧର୍ମଗ୍ରନ୍ଥ ମଧ୍ୟ ଅଧ୍ୟୟନ କରନ୍ତି । ତିନି, ଚାରି ଘଣ୍ଟା ମଧ୍ୟରେ ତାଙ୍କର ସମସ୍ତ କାର୍ଯ୍ୟ ଶେଷ ହୁଏ । ଶାଶୂଶ୍ୱଶୁର ଉଠିବା ପୂର୍ବରୁ ସେ ତାଙ୍କ ସକାଶେ ଦାନ୍ତକାଠି ଏବଂ ଜଳ ରଖିଦିଅନ୍ତି । କୂଅରୁ ପାଣି କାଢ଼ି ସେମାନଙ୍କୁ ସ୍ନାନ କରାଇ ଦିଅନ୍ତି । ଗୋରୁଗାଈଙ୍କ ସେବା କରିବା ପରେ ରୋଷେଇ ଆରମ୍ଭ କରନ୍ତି । ଭଗବାନଙ୍କୁ ଭୋଗ ଲଗାଇ, ଶାଶୂଶ୍ୱଶୁରଙ୍କୁ ଭୋଜନ କରାଇ ସେମାନଙ୍କ ବିଶ୍ରାମ ସକାଶେ ବିଛଣା କରିଦିଅନ୍ତି । ସେମାନେ ବିଶ୍ରାମ କରିବାକୁ ଯିବା

ପରେ କୁଅଁର ରାଣୀ ଭୋଜନ କରି, କଂସାବାସନ ଧୋଇ, ଚୌକା ଲଗାଇ ଘରର ଅନ୍ୟାନ୍ୟ କାର୍ଯ୍ୟ କରନ୍ତି । ସନ୍ଧ୍ୟା ଚାରିଟାରେ ସ୍ନାନ କରିଆସି ରାମାୟଣ, ଗୀତା, ଭାଗବତ, ଭକ୍ତମାନଙ୍କ ଚରିତ ପଢ଼ି ଶାଶୂଶ୍ୱଶୁରଙ୍କୁ ଶୁଣାନ୍ତି ଏବଂ ବୈରାଗ୍ୟ ତଥା ଭଗବତ୍ ଭକ୍ତି ବିଷୟ ଉଦାହରଣ ଦେଇ ଭଲଭାବେ ବୁଝାଇ ଦିଅନ୍ତି । ଗ୍ରାମର ଲୋକମାନେ ଶୁଣିପାରି କ୍ରମଶଃ ତାଙ୍କ କଥା ଶୁଣିବାକୁ ଆସିଲେ । ଯେଉଁମାନେ ତାଙ୍କ କଥା ଶୁଣୁଥିଲେ ସେମାନେ ଆନନ୍ଦ ଏବଂ ଭଗବତ୍ ଭକ୍ତି ଗ୍ରହଣ କରି ଫେରୁଥିଲେ । କଥା ସମାପ୍ତ ହେବା ପରେ ଘରର ଅନ୍ୟାନ୍ୟ କାର୍ଯ୍ୟର ବ୍ୟବସ୍ଥା, ରୋଷେଇ ସକାଶେ ପରିବା, ଚାଉଳ, ଅଟାର ବ୍ୟବସ୍ଥା କରୁଥିଲେ । ତାଙ୍କ ଘରକୁ ଆସୁଥିବା ଆଗନ୍ତୁକମାନଙ୍କୁ ମଧ୍ୟ ଆଦର ସତ୍କାର କରୁଥିଲେ । ରାତ୍ରିରେ ରୋଷେଇ ସମାପ୍ତ କରି, ଶାଶୂଶ୍ୱଶୁରଙ୍କୁ ଭୋଜନ କରାଇ, ନିଜେ ଭୋଜନ କରି, କଂସାବାସନ ମାଜି ସାଢ଼େ ନ'ଟାରେ ଘରର ସମସ୍ତ କାର୍ଯ୍ୟ ସମାପ୍ତ କରି ଦେଉଥିଲେ । ପୂର୍ବରୁ ଶାଶୂଶ୍ୱଶୁରଙ୍କ ସକାଶେ ବିଛଣା ତିଆରି କରି ଦେଇଥାନ୍ତି, ସେମାନେ ଭୋଜନ ପରେ ବସି ଭଗବାନଙ୍କ ନାମ ସ୍ମରଣ କରନ୍ତି ଅଥବା ବିଛଣାରେ ବିଶ୍ରାମ କରନ୍ତି । କୁଅଁର ରାଣୀଙ୍କ କାର୍ଯ୍ୟ ଶେଷ ହେବା ପରେ ସେ ଶାଶୂଶ୍ୱଶୁରଙ୍କୁ ସେବା କରି ନିଜେ ଭଗବତ୍ ନାମ ସ୍ମରଣ, ଧ୍ୟାନ କରି ଶୋଇପଡ଼ନ୍ତି ।

ତାଙ୍କ ଦିନଚର୍ଯ୍ୟା ଥିଲା ଅସାଧାରଣ । ସେ ଲୁଣ ତଥା ମିଠା ଖାଇବା ତ୍ୟାଗ କଲେ । ମୋଟା କିନ୍ତୁ ସ୍ୱଚ୍ଛ ବସ୍ତ୍ର ପିନ୍ଧନ୍ତି । ସବୁ ସମୟରେ ପରିଷ୍କାରପରିଚ୍ଛନ୍ନ ଓ ଶୁଦ୍ଧ ରହନ୍ତି । ଯାହାର ଭିତରରେ ଶୁଦ୍ଧତା ଥାଏ, ତାହା ସ୍ୱତଃସିଦ୍ଧଭାବେ ପ୍ରକାଶିତ ହୁଏ ବାହାରେ । ହାତ ଅଙ୍ଗୁଳିର ନଖ ବଢ଼ିବା ପୂର୍ବରୁ କାଟନ୍ତି; ଅନ୍ୟଥା ନଖ ଭିତରେ ମଇଳା ଜମା ହୁଏ, ରୋଷେଇର ଖାଦ୍ୟଦ୍ରବ୍ୟରେ ମିଶେ । ରାଜପୁତାନାରେ ଯେପରି ଭୟଙ୍କର ଶୀତ ସେହିପରି ଗ୍ରୀଷ୍ମ । ଶୀତ ଦିନରେ ଖଣ୍ଡିଏ ପଶମ ସ୍ୱେଟର୍ ପିନ୍ଧି ସମସ୍ତ କାର୍ଯ୍ୟ କରନ୍ତି । ଶୁଅନ୍ତି କାଠ ଚୌକିରେ ଗୋଟିଏ କମ୍ବଳ ବିଛଣା କରି । ଘୋଡ଼ି ହୁଅନ୍ତି ଗୋଟିଏ କମ୍ବଳ । ସେ ଘରର ସମସ୍ତ କର୍ମ ଓ ଶାଶୂଶ୍ୱଶୁରଙ୍କ ସେବା କରନ୍ତି ଅତ୍ୟନ୍ତ ଶ୍ରଦ୍ଧା ଏବଂ ଭକ୍ତି ସହ ଭଗବାନଙ୍କ ପ୍ରୀତ୍ୟର୍ଥେ । ସମସ୍ତ କର୍ମ ଅର୍ପଣ କରନ୍ତି ଭଗବାନଙ୍କ ଚରଣରେ । ସେ କର୍ମର ପ୍ରତିଦାନ ପ୍ରଶଂସା ବା ଶାଶୂଶ୍ୱଶୁରଙ୍କ ସ୍ନେହ ଚାହାନ୍ତି ନାହିଁ, ଚାହାନ୍ତି କେବଳ ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରିବା । ମନୁଷ୍ୟ ଏହିଠାରେ ଭୁଲ୍ କରେ । କର୍ମ କରି ପ୍ରତିଦାନ ଚାହେଁ, ସାମାନ୍ୟ ପ୍ରତିଦାନରେ କର୍ମକୁ ବିକି ଦିଏ । ବ୍ୟକ୍ତି ସେହି କର୍ମର ପ୍ରତିଦାନ ନ ଚାହିଁ ଭଗବାନଙ୍କ ଚରଣରେ ଅର୍ପଣ କଲେ ପ୍ରତିଦାନ ଆସିବାକୁ ବାଧ ହୁଏ, ଅନିବାର୍ଯ୍ୟରୂପେ ଆସେ କିନ୍ତୁ ତାହା ସଙ୍ଗେ ସଙ୍ଗେ ଆସେ ଜୀବନର ପରମ ଲକ୍ଷ୍ୟ ଦିବ୍ୟାତିଦିବ୍ୟ ଭଗବତ୍ ଭକ୍ତି, ପରମ ଆନନ୍ଦ, ପରମ ଶାନ୍ତି ଯାହା କୌଣସି ସାଂସାରିକ ଐଶ୍ୱର୍ଯ୍ୟରେ କଦାପି ପ୍ରାପ୍ତ ହୁଏ ନାହିଁ । ମନୁଷ୍ୟ କେତେ ହତଭାଗା, କର୍ମ ପରିଣାମ ଏପରି ପରମ ଦିବ୍ୟଫଳ ଛାଡ଼ି ସାମାନ୍ୟ ସାଂସାରିକ କର୍ମରଫଳକୁ ମଣି ବଦଳରେ କାଚ ନେବା ସଦୃଶ ଗ୍ରହଣ କରେ । ବ୍ୟକ୍ତି ମୂର୍ଖ ହେଉ ବା ପଣ୍ଡିତ ହେଉ, ଧନୀ ହେଉ ବା ଦରିଦ୍ର ହେଉ, ସେ ଯଦି ଭଗବତ୍ ଅଭିମୁଖୀ ହୁଏ ତେବେ ସେ ଯଥାର୍ଥ ଏବଂ ଅଯଥାର୍ଥ ସ୍ପଷ୍ଟରୂପେ ବୁଝିପାରେ ତଥା ଆଚରଣ କରେ । ଭଗବତ୍ ବିମୁଖ ବ୍ୟକ୍ତି ବହୁତ ବଡ଼ ପଣ୍ଡିତ ହୋଇପାରେ, ତା'ର ବୁଦ୍ଧି ବହୁତ ଉନ୍ନତ ହୋଇପାରେ, ସେ ସଂସାରରେ ଅସାଧାରଣ କାର୍ଯ୍ୟ କରି ନାମ ଯଶଃ ଅର୍ଜନ କରିପାରେ, ଯୁକ୍ତିତର୍କରେ ଦିନକୁ ରାତି ସାବ୍ୟସ୍ତ କରିପାରେ, ନିଜ ଭାଷଣ, ଶାସ୍ତ୍ରଜ୍ଞାନ, ବୁଦ୍ଧି, ଯୁକ୍ତି ଚାତୁର୍ଯ୍ୟରେ ହଜାର ହଜାର ବ୍ୟକ୍ତିଙ୍କୁ ମୁଗ୍ଧ କରିପାରେ । କିନ୍ତୁ ନିଜକୁ ଭଗବାନଙ୍କ ଚରଣରେ ସମର୍ପଣ କରି ନ ଥିଲେ ନିଜର ଯଥାର୍ଥ କଲ୍ୟାଣ କରିପାରେ ନାହିଁ କିଂବା ତାହାଦ୍ୱାରା ଅନ୍ୟର କଲ୍ୟାଣ ବି ହୁଏ ନାହିଁ ।

କୁଅଁର ରାଣୀ ସେପରି ବିଦୁଷୀ ନ ଥିଲେ । ତାଙ୍କ ବୁଦ୍ଧି ବିଚକ୍ଷଣ ନ ଥିଲା । ସେ ଶାସ୍ତ୍ରଜ୍ଞାନ ଯୁକ୍ତିତର୍କରେ ବ୍ୟକ୍ତିକୁ ଆଶ୍ଚର୍ଯ୍ୟାନ୍ୱିତ କରିବାରେ ସମର୍ଥ ନ ଥିଲେ । ସେ ଥିଲେ ସାଧାରଣ ଗୋଟିଏ ଚଉଦ ବର୍ଷର ବାଳିକା, ଯେଉଁ ବୟସରେ ଅଧିକାଂଶ ଝିଅମାନେ ପ୍ରାଣର ଶିକାର ହୋଇ ଜୀବନକୁ ନଷ୍ଟ କରନ୍ତି । କିନ୍ତୁ ତାଙ୍କ ମଧ୍ୟରେ ଥିଲା ଭଗବତ୍ ଭକ୍ତିର ଦିବ୍ୟସୂର୍ଯ୍ୟ । ସେହି ଦିବ୍ୟସୂର୍ଯ୍ୟ ତାଙ୍କ ବୁଦ୍ଧିକୁ ଉଦ୍ଭାସିତ କରିଥିଲା, ତାଙ୍କ ପ୍ରାଣକୁ ପବିତ୍ର କରିଥିଲା । ସେହି ସକାଶେ ସେ ସାଧାରଣ ଝିଅ ନ ଥିଲେ । ତାଙ୍କ ମଧ୍ୟରେ ଥିଲା ମହାନ୍ ଆତ୍ମବଳ । ସେ ଭଗବାନଙ୍କ ସହିତ ଏକତ୍ୱପ୍ରାପ୍ତ କରିଥିଲେ, ଭଗବତ୍ ଶକ୍ତି ଦ୍ୱାରା ପରିଚାଳିତ ହେଉଥିଲେ, ଭଗବାନଙ୍କ ଦିବ୍ୟଗୁଣ ଶାନ୍ତି, ସନ୍ତୋଷ, ଆନନ୍ଦ ତାଙ୍କ ମଧ୍ୟରେ ପ୍ରତିଷ୍ଠିତ ହୋଇଥିଲା ।

ସେ ଥିଲେ ନିର୍ଭୀକା । ତାଙ୍କ ଶରୀରସ୍ଥ ଏହି ଦିବ୍ୟଗୁଣର ରଶ୍ମି ନିରନ୍ତର ତାଙ୍କ ସଂପର୍କରେ ଆସୁଥିବା ବ୍ୟକ୍ତିଙ୍କୁ ଉଦ୍ଭାସିତ କରୁଥିଲା । ତାଙ୍କ ସାନ୍ନିଧ୍ୟକୁ ଆସିଥିବା ହଜାର ହଜାର ବ୍ୟକ୍ତି ଭଗବତ୍‌ପରାୟଣ ହୋଇଥିଲେ । ଏହାହିଁ ବ୍ୟକ୍ତିତ୍ୱର ପ୍ରଭାବ । ବ୍ୟକ୍ତି ଯଦି ଭଗବାନଙ୍କ ସହିତ ସଂପର୍କ ସ୍ଥାପନ କରିପାରେ, ଭଗବାନଙ୍କ ଦିବ୍ୟଗୁଣ ଯଦି ତା' ମଧ୍ୟରେ ପ୍ରତିଷ୍ଠିତ ହୁଏ ତେବେ ସେ ଶବ୍ଦରେ କିଛି ନ କହିଲେ ମଧ୍ୟ ତାଙ୍କ ସଂପର୍କପ୍ରାପ୍ତ ବ୍ୟକ୍ତି, ତାଙ୍କ ସାମୀପ୍ୟପ୍ରାପ୍ତ ବ୍ୟକ୍ତି ଓ ତାଙ୍କୁ ସ୍ମରଣ କରିବା ବ୍ୟକ୍ତି ମଧ୍ୟରେ ଦିବ୍ୟଭାବ ଉତ୍‌ପନ୍ନ ହୁଏ ।

ଶାଶୂଶ୍ୱଶୁର ଯେପର୍ଯ୍ୟନ୍ତ ଜୀବିତ ଥିଲେ କୁଅଁର ରାଣୀ ତନମନରେ ସେମାନଙ୍କ ସେବାଶୁଶ୍ରୂଷା କଲେ । ସେମାନଙ୍କ ମୃତ୍ୟୁ ପରେ ଘରେ ଥିବା ସମସ୍ତ ସଂପତ୍ତି ସେମାନଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଦାନ କରିଦେଲେ । ଶେଷରେ ଗୃହଦାନ କରି ପବିତ୍ର ଧାମ ବୃନ୍ଦାବନକୁ ଚାଲିଗଲେ । ସେ ସମୟରେ ବୃନ୍ଦାବନ ଥିଲା ବୈରାଗ୍ୟବାନ୍ ଭଗବତ୍ ଭକ୍ତଙ୍କର କେନ୍ଦ୍ର, ସୁରମ୍ୟ ବୃକ୍ଷଲତାରେ ମଣ୍ଡିତ ମନୋମୁଗ୍ଧକର ପ୍ରେମାପ୍ଲୁତ ପବିତ୍ର ଭୂମି । ବୃକ୍ଷଲତା, ପଶୁପକ୍ଷୀ ମଧ୍ୟରେ ଭଗବତ୍ ପ୍ରେମ ପ୍ରବାହିତ ହେଉଥିଲା । ଭଗବତ୍‌ପ୍ରେମୀ ଭକ୍ତମାନେ ବୃକ୍ଷଲତା ଆଶ୍ରୟରେ ରହି ଦିବ୍ୟ ଆନନ୍ଦ ଉପଭୋଗ କରୁଥିଲେ । ସେହି ଦିବ୍ୟ ବୃନ୍ଦାବନରେ କୁଅଁର ରାଣୀ ସନ୍ନ୍ୟାସିନୀ ରୂପେ ଭଗବତ୍ ପ୍ରେମ ସମୁଦ୍ରରେ ନିମଗ୍ନ ହୋଇଗଲେ । ତାଙ୍କ ମୁଖରେ ଭଗବତ୍ ନାମ ନିରନ୍ତର ଉଚ୍ଚାରିତ ହେଉଥିଲା । ସେ ଭଗବତ୍ ଦିବ୍ୟ ଲୀଳାରେ ବିଚରଣ କରୁଥିଲେ । ଶେଷ ଜୀବନରେ ତାଙ୍କ ମନ-ପ୍ରାଣ ଭଗବନ୍ମୟ ହୋଇଗଲା । ସେ ନିତ୍ୟଲୀଳା ବୃନ୍ଦାବନରେ ନଶ୍ୱର ଶରୀର ତ୍ୟାଗ କରି ଦିବ୍ୟଧାମ ଗୋଲୋକରେ ଭଗବତ୍ ସେବା ପ୍ରାପ୍ତ ହେଲେ ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

('ମହିଳା-ରତ୍ନ' ଆଧାରରେ ଲିଖିତ)

ଭକ୍ତିପରାୟଣା ଅଣ୍ଡାଳ ବା ରଙ୍ଗନାୟିକା

ଭାବରେ ବଶ ଭଗବାନ୍ । ଯେ ଯେଉଁ ଭାବରେ ଭଜନ୍ତି ଭଗବାନ୍ ସେହି ଭାବରେ ପ୍ରାପ୍ତ ହୁଅନ୍ତି । ଭଗବାନଙ୍କ ପାଖରେ ବଡ଼ସାନ, ଉଚ୍ଚନୀଚ କେହି ନାହିଁ । ଭାବୁକ ଭକ୍ତ ପାଖରେ ଭଗବାନ୍ ନିଜ ଐଶ୍ୱର୍ଯ୍ୟ ଭୁଲିଯା'ନ୍ତି । ଭାବବଶ ହୋଇ ଭଗବାନ୍ ଧନାର ଗୋରୁ ଚରାଇଥିଲେ, ଦୁଧ ଦୁହିଁଦେଇଥିଲେ, ନାପିତ ସେନ ଭକ୍ତରୂପେ ରାଜାର ସେବା କରିଥିଲେ । ଶବରୀର ଶୁଖିଲା ଫଳ, ବିଦୁର ପତ୍ନୀର କଦଳୀ ଚୋପାରେ ଅଲୌକିକ ସ୍ୱାଦ ଅନୁଭବ କରିଥିଲେ । ପୁରୀ ମାହାମ୍ୟା ମାଧବ ଦାସଙ୍କ ଲେଙ୍ଗୁଟି ଧୋଇଥିଲେ । ଦାମାଜି ପନ୍ତଙ୍କ ଚାକର ସାଜି, ଫଟା କମ୍ବଳ କାନ୍ଧରେ ପକାଇ, ମୁଣ୍ଡରେ ପଗଡ଼ି ବାନ୍ଧି ମୁସଲମାନ ବାଦଶାହକୁ ସଲାମ କରିଥିଲେ । ଭାବୁକ ଭକ୍ତର ହୃଦୟରେ ନିବାସ ତାଙ୍କର । ସେ ବରାବର ଭକ୍ତ ସଙ୍ଗେ ଛାୟା ସଦୃଶ ରହି ତାକୁ ମନ ଯୋଗାଉଥାନ୍ତି । ଭକ୍ତର ପ୍ରସନ୍ନତାରେ ସେ ସୁଖୀ । ଭକ୍ତକୁ ଛାଡ଼ି ସେ ରହିପାରନ୍ତି ନାହିଁ । ଭକ୍ତ ଭାବରେ ଭଗବାନ୍ କିପରି ବଶ ହୁଅନ୍ତି, ତାହା ଆଜି ପରମ ଭକ୍ତା ରଙ୍ଗନାୟିକାଙ୍କ ଚରିତ୍ରରୁ ଜାଣିପାରିବା ।

ବହୁ ବର୍ଷ ପୂର୍ବର ଏକ ନିରାଟ ସତ୍ୟ ଘଟଣା । ଦକ୍ଷିଣ ଭାରତର କାବେରୀ ନଦୀ କୂଳରେ ବିଷ୍ଣୁଚିତ୍ ନାମରେ ଜଣେ ଧାର୍ମିକ, ସଦାଚାରୀ, ଭଗବାନଙ୍କ ଅନନ୍ୟ ବ୍ରାହ୍ମଣ ଭକ୍ତ ପତ୍ନୀଙ୍କ ସହିତ ବାସ କରୁଥିଲେ । ବାଲ୍ୟକାଳରୁ ତାଙ୍କ ହୃଦୟରେ ପ୍ରେମ-ଭକ୍ତି-ଭାଗୀରଥୀ ପ୍ରବାହିତ ହେଉଥିଲା । ତାଙ୍କର କୌଣସି ସନ୍ତାନସନ୍ତତି ନ ଥିଲେ । ଶରୀରନିର୍ବାହ ସକାଶେ ଧନସଂପତ୍ତି ପର୍ଯ୍ୟାପ୍ତ ଥିଲା । ଭଗବତ୍ ସେବାପୂଜା, ଭୋଗ-ଆଳତି ତଥା ଭଗବାନଙ୍କ ବଗିଚାରେ ତୁଳସୀ, ପୁଷ୍ପ ଲଗାଇବାରେ ଏବଂ ଜଳସିଞ୍ଚନ କରିବାରେ ତାଙ୍କର ସମୟର ସଦୁପଯୋଗ ହେଉଥିଲା । ମୁଖରେ ଭଗବାନଙ୍କ ନାମ, ଶରୀରରେ ଭଗବାନଙ୍କ ସେବା ତାଙ୍କର ଦିନଚର୍ଯ୍ୟା ଥିଲା ।

ମହାତ୍ମା ବିଷ୍ଣୁଚିତ୍ ପ୍ରାତଃ ତିନିଟା ସମୟରେ ଉଠିପଡ଼ନ୍ତି । ସ୍ନାନଶୌଚ ସମାପ୍ତ କରି ଶାସ୍ତ୍ରୀୟ ବିଧିବିଧାନ ଅନୁସାରେ ଗାୟତ୍ରୀ ମନ୍ତ୍ର ଜପ ତଥା ନାରାୟଣ ଅଷ୍ଟାକ୍ଷରୀ ମନ୍ତ୍ର ଜପ ସହ ଭଗବାନଙ୍କ ଧ୍ୟାନରେ ତଲ୍ଲୀନ ହୋଇଯାଆନ୍ତି । ସୂର୍ଯ୍ୟ ପ୍ରକାଶ ପୂର୍ବରୁ ବଗିଚାରୁ ପୁଷ୍ପ, ତୁଳସୀ ତୋଳିଆଣି ବଡ଼ ପ୍ରେମରେ ହାର ଗୁନ୍ଥି ଶ୍ରୀରଙ୍ଗଙ୍କ ମନ୍ଦିରରେ ଉପସ୍ଥିତ ହୁଅନ୍ତି । ମାଳା, ତୁଳସୀ ଶ୍ରୀରଙ୍ଗଜିଙ୍କ ପୂଜାରୀଙ୍କୁ ଦେଇ ଭଗବତ୍ ଭାବରେ ନିମଗ୍ନ ହୋଇ ମନ୍ଦିରରେ ବସିରହନ୍ତି । ଭଗବାନଙ୍କ ଆଳତି ହେବା ସମୟରେ ଭଗବାନଙ୍କ ଦର୍ଶନାନନ୍ଦରେ ବିଭୋର ହୋଇଯା'ନ୍ତି । ଆଳତି ପରେ ବହୁତ ସମୟ ପର୍ଯ୍ୟନ୍ତ ଭଗବାନଙ୍କୁ ଏକ ଦୃଷ୍ଟିରେ ନିରୀକ୍ଷଣ କରି ଘରକୁ ଫେରନ୍ତି ।

ନିତ୍ୟ ନିୟମ ଅନୁସାରେ ଦିନେ ପ୍ରାତଃ କାଳରେ ତୁଳସୀ, ପୁଷ୍ପ ତୋଳିବା ସମୟରେ ପୁଷ୍ପ ବାଟିକାରେ ଗୋଟିଏ ଅନୁପମ ଅତ୍ୟନ୍ତ ଶୋଭାଯୁକ୍ତ ନବଜାତ କନ୍ୟାକୁ ଦେଖିଲେ । କନ୍ୟା ଭଗବାନଙ୍କ ଦତ୍ତ ମନେକରି ହର୍ଷ ସହିତ ଉଠାଇ ଆଣିଲେ ଏବଂ ବଟପତ୍ରଶାୟୀ ଭଗବାନ୍ ନାରାୟଣଙ୍କ ଚରଣରେ ରଖି କହିଲେ, ''ପ୍ରଭୁ, ଏହି କନ୍ୟା ତୁମ୍ଭ ଚରଣରେ ଅର୍ପଣ କରୁଛି, ଏହି କନ୍ୟା ତୁମ୍ଭ ସେବା ସକାଶେ ଆସିଅଛି । ଏହାକୁ ଶ୍ରୀଚରଣରେ ଆଶ୍ରୟ ଦିଅ ।'' ମୂର୍ତ୍ତିଙ୍କଠାରୁ ଶବ୍ଦ ହେଲା— ''ଏହି କନ୍ୟାର ନାମ 'କୋଦଇ' ରଖ ଏବଂ ଏହାକୁ ନିଜ କନ୍ୟାରୂପେ ଲାଳନପାଳନ କର ।'' ତାମିଲ ଶବ୍ଦ 'କୋଦଇ'ର ଅର୍ଥ ପୁଷ୍ପମାଳା ସଦୃଶ କମନୀୟ । ଏହି କନ୍ୟା ଭଗବତ୍ ପ୍ରେମ ପ୍ରାପ୍ତ ହେବା ପରେ 'ଅଣ୍ଡାଳ' ଅଥବା 'ରଙ୍ଗନାୟିକା' ନାମରେ ପ୍ରସିଦ୍ଧ ହେଲେ । ଏହି କନ୍ୟା ସମ୍ବନ୍ଧରେ ଭଗବତ୍ ବିଗ୍ରହ କହିଥିବା ବିଷୟ ବିଷ୍ଣୁଚିତ୍ ତାଙ୍କର ସ୍ତ୍ରୀଙ୍କୁ କହିଲେ ଏବଂ ରାତ୍ରିରେ ବିଷ୍ଣୁଚିତ୍ ଶୋଇବା ଅବସ୍ଥାରେ ସ୍ୱପ୍ନରେ ନାରାୟଣ ତାଙ୍କୁ କହିଲେ, ''ବରାହ ଅବତାରରେ ପୃଥିବୀକୁ ଉଦ୍ଧାର କରିବା ସମୟରେ ପୃଥିବୀଦେବୀ ମୋତେ ପଚାରିଥିଲେ, 'ତୁମର କେଉଁପ୍ରକାର ପୂଜା ପରମ ପ୍ରିୟ ?' ଉତ୍ତରରେ ମୁଁ କହିଥିଲି, 'ନାମସ୍ମରଣ ଏବଂ କୀର୍ତ୍ତନ ତଥା ପ୍ରେମ-ଅନୁରାଗରେ ପତ୍ର-ପୁଷ୍ପ-ଫଳ-ତୋୟ ପୂଜା ମୋର ବିଶେଷ ପ୍ରିୟ ।' ମୋର ସେହି କଥାକୁ ଧାରଣ କରି ପୃଥିବୀଦେବୀ କନ୍ୟାରୂପେ ତୋ ଘରକୁ ଆସିଛି, ଏହି କନ୍ୟାକୁ ପାଳନ କରିବା ଦ୍ୱାରା ତୁ ପରମ ପଦ ପ୍ରାପ୍ତ ହେବୁ ।'' ଭଗବାନଙ୍କ ବାକ୍ୟ ସମାପ୍ତ ହେବା ସଙ୍ଗେ ସଙ୍ଗେ ବିଷ୍ଣୁଚିତ୍ଙ୍କ

ନିଦ୍ରାଭଙ୍ଗ ହେଲା । ସେ ଉଠି ବସିପଡ଼ିଲେ । ତାଙ୍କ ସମ୍ମୁଖରେ ଭଗବାନଙ୍କ ସେହି କମନୀୟ ସ୍ୱରୂପ, କାନରେ ସେହି ଦିବ୍ୟବାଣୀର ଗୁଞ୍ଜନ, ହୃଦୟ ଦିବ୍ୟାନନ୍ଦରେ, ମନ-ପ୍ରାଣ ପ୍ରସନ୍ନତାରେ ପୂର୍ଣ୍ଣ ଥିଲା । ସେ ଏକେବାରେ ଆନନ୍ଦରେ ବିଭୋର ଥିଲେ । ସେହି ସ୍ୱପ୍ନ ଜାଗ୍ରତ୍ ଦୃଶ୍ୟ ସଦୃଶ ପ୍ରତ୍ୟକ୍ଷ ଏବଂ ସ୍ପଷ୍ଟ ଥିଲା । ତାଙ୍କ ନେତ୍ରରୁ ଆନନ୍ଦାଶ୍ରୁ ପ୍ରବାହିତ ହେଲା । ସେ ଯେଉଁ ସ୍ୱରୂପ ସ୍ୱପ୍ନରେ ଦେଖିଥିଲେ ସେହି ସ୍ୱରୂପଙ୍କ ଧ୍ୟାନାନନ୍ଦରେ ସମାଧିସ୍ଥ ହୋଇଗଲେ । ନିତ୍ୟ ନିୟମ ଅନୁସାରେ ସ୍ନାନର ସମୟ ହୋଇଯିବାରୁ ତାଙ୍କ ସ୍ତ୍ରୀ ତାଙ୍କୁ ସମୟର ସ୍ମରଣ କରାଇଦେଲେ ।

ତାଙ୍କ ଚେତନା ଭଗବନ୍ମୟ ହୋଇଥିଲା । ତାଙ୍କ ମନ-ପ୍ରାଣ ଆନନ୍ଦରେ ବିଭୋର ହୋଇଗଲା । ସେ ଯନ୍ତ୍ରବତ୍ ଶାରୀରିକ କ୍ରିୟା ସମାପ୍ତ କଲେ । ବସିଲେ ଧ୍ୟାନରେ । ସେ ଦିନର ଧ୍ୟାନ ଅନ୍ୟ ଦିନର ଧ୍ୟାନଠାରୁ ଥିଲା ବିଲକ୍ଷଣ । ପୁଷ୍ପ, ତୁଳସୀ ନେଇ ସେ ମନ୍ଦିରକୁ ଗଲେ । ସେ ଦିନର ଦର୍ଶନ ଅନ୍ୟ ଦିନର ଦର୍ଶନଠାରୁ ଥିଲା ଆନନ୍ଦଦାୟକ । ମନ୍ଦିରରୁ ଫେରି ସ୍ୱପ୍ନର ଘଟଣା ସ୍ତ୍ରୀକୁ ଶୁଣାଇଦେଲେ । ସ୍ତ୍ରୀ ବିଶେଷ ଆନନ୍ଦିତ ହୋଇ କନ୍ୟାର ଲାଳନପାଳନରେ ତତ୍ପର ରହିଲେ । କନ୍ୟାର ହେଲା ଜାତକର୍ମ । ଶୁକ୍ଳପକ୍ଷ ଚନ୍ଦ୍ରମା ସଦୃଶ କନ୍ୟା ବଢ଼ିବାକୁ ଲାଗିଲା । କନ୍ୟାର ଥିଲା ଅଲୌକିକ ସୁନ୍ଦର ରୂପ । ବାଲ୍ୟ ଚପଳତାରେ କିଛି ଅସ୍ପଷ୍ଟ ଶବ୍ଦ କହି ହସରେ ସେ ଦର୍ଶନାର୍ଥୀଙ୍କୁ ମୁଗ୍ଧ କରୁଥିଲେ । ପିତାମାତା କନ୍ୟାର ଲାଳନପାଳନରେ ବିଶେଷ ଆନନ୍ଦ ଅନୁଭବ କରୁଥିଲେ । କନ୍ୟା କଥା କହିବାକୁ ଆରମ୍ଭ କରିଥିଲେ ଭଗବାନଙ୍କ ନାମରେ ।

ସୁଖର ସମୟ ବ୍ୟତୀତ ହେବାରେ ବିଳମ୍ବ ହୁଏ ନାହିଁ । ଦେଖୁ ଦେଖୁ କନ୍ୟାର ବୟସ ଚାରି, ପାଞ୍ଚ ବର୍ଷ ହେବାକୁ ଲାଗିଲା । ପ୍ରତିଦିନ ସେ ପିତାଙ୍କ ସଙ୍ଗେ ବଗିଚାକୁ ଯାଇ ଫୁଲ ତୋଳନ୍ତି, ପିତାଙ୍କ ସହ ମାଳା ଗୁନ୍ଥନ୍ତି । ଏହି କାର୍ଯ୍ୟରେ ତାଙ୍କୁ ବଡ଼ ଆନନ୍ଦ ମିଳେ । ଫୁଲ ତୋଳିବା ସମୟରେ, ହାର ଗୁନ୍ଥିବା ସମୟରେ, ସ୍ନାନ କରିବା, ଚାଲିବା ବୁଲିବା ସମୟରେ ସେ ସ୍ୱତଃସ୍ଫୂର୍ତ୍ତ ଭାବେ ଭଗବାନଙ୍କ ନାମ ଏପରି ଉଚ୍ଚାରଣ କରୁଥିଲେ ଅଥବା ଭଗବାନଙ୍କ ସ୍ତୁତି ଗୀତରୂପେ ଏପରି ଗାନ କରୁଥିଲେ, ଯେପରି ତାଙ୍କୁ ମାତୃଗର୍ଭରେ କେହି ପଢ଼ାଇଥିଲେ ।

କୋଦଇର ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଭଗବତ୍ ପ୍ରେମ ବଢ଼ିବାକୁ ଲାଗିଲା । ଭଗବାନଙ୍କ ନାମ, ଭଗବାନଙ୍କ ସ୍ତୁତି ଛଡ଼ା ଆଉ କିଛି କହିବା, ଆଉ କିଛି ଶୁଣିବା ତାଙ୍କୁ ଭଲ ଲାଗିଲା ନାହିଁ । ପିତାଙ୍କ ଉଠିବା ସଙ୍ଗେ ସଙ୍ଗେ ସେ ନିଦ୍ରା ତ୍ୟାଗ କରି ଉଠିପଡ଼ନ୍ତି, ଶୌଚ ସ୍ନାନାଦି ସମାପ୍ତ କରି ପିତାଙ୍କ ଯିବା ପୂର୍ବରୁ ପୁଷ୍ପବାଟିକାକୁ ଯାଇ ତୁଳସୀ ପୁଷ୍ପ ଉତାରି ଆଣନ୍ତି, ଭଗବାନଙ୍କ ସକାଶେ ଅତ୍ୟନ୍ତ ସୁନ୍ଦର ମାଳା ଗୁନ୍ଥନ୍ତି । ପିତା ମନ୍ଦିର ଯିବା ପରେ ସେ ପୁଷ୍ପବାଟିକାକୁ ଚାଲିଯାଇ ସେହିଠାରେ ଭଗବାନଙ୍କ ନାମଗୁଣ ଗାନ କରନ୍ତି । ତାଙ୍କ ହାତରେ ଭଗବାନଙ୍କର ସେବା, ମୁଖରେ ନାମଗୁଣ ଗାନ ନିରନ୍ତର ଚାଲିଥାଏ ।

କୋଦଇକୁ 'ଅଣ୍ଡାଳ' ନାମରେ ଲୋକେ ଡାକିବାକୁ ଆରମ୍ଭ କଲେ । ଅଣ୍ଡାଳଙ୍କ ବୟସ କ୍ରମଶଃ ବୃଦ୍ଧି ହୋଇ କୈଶୋର ଅବସ୍ଥାକୁ ପ୍ରାପ୍ତ ହେଲା । ଅଣ୍ଡାଳ ଏବେ ଭଗବାନଙ୍କୁ ପତି ରୂପେ ପ୍ରେମ କରନ୍ତି । ସ୍ନାନ କରିବା ପରେ ସୁନ୍ଦର ବସ୍ତ୍ର ପରିଧାନ କରି ଗୋଡ଼ରେ ଅଳତା, ଆଖିରେ ଅଞ୍ଜନ, ଲଲାଟରେ ସିନ୍ଦୂର ଏବଂ ଅନ୍ୟାନ୍ୟ ଅଳଙ୍କାର ପରିଧାନ କରି ନିଜ ମୁଖ ଦର୍ପଣରେ ଦେଖନ୍ତି । ମନେ ମନେ କହନ୍ତି, ''ଏ ଶରୀର ଭଗବାନଙ୍କ ସେବା ସକାଶେ ।'' କେବେ କେବେ ଭଗବାନଙ୍କ ପ୍ରେମରେ ଏପରି ଏକାତ୍ମ ହୋଇଯାନ୍ତି ଯେ ଭଗବାନଙ୍କଠାରୁ ପାର୍ଥକ୍ୟବୋଧ ବିଲୁପ୍ତ ହୋଇଯାଏ । ଭଗବାନଙ୍କ ସକାଶେ ତିଆରି କରିଥିବା ପୁଷ୍ପମାଳା ନିଜେ ଧାରଣ କରି ନିଜ ଶୋଭାକୁ ନିଜେ ନିଜେ ପ୍ରଶଂସା କରନ୍ତି । ନିଜେ ଧାରଣ କରିଥିବା ମାଳା ଭଗବାନଙ୍କ ସକାଶେ ପଠାଇ ଦିଅନ୍ତି ।

ଦିନେ ପୂଜାରିଜି ଭଗବାନଙ୍କୁ ମାଳା ଧାରଣ କରାଇବା ସମୟରେ ସେଥିରେ ଦେଖିଲେ ଗୋଟିଏ କେଶ । ସେ ତତ୍କ୍ଷଣାତ୍ ମାଳାଟିକୁ ବିଷ୍ଣୁଚିତ୍ତଙ୍କୁ ଫେରାଇ ଦେଇ ସେଥିରେ କେଶଟିଏ ଥିବା କହିଦେଲେ । ଭଗବାନଙ୍କ ସେବାରେ ମାଳା ଲାଗିପାରିଲା ନାହିଁ, ଏହି ଦୁଃଖରେ ବିଷ୍ଣୁଚିତ୍ତ ମାଳାକୁ ନେଇ ଘରକୁ ଫେରିଲେ । ଅଣ୍ଡାଳଙ୍କୁ ଡାକି କହିଲେ, ''ମା, ଟିକିଏ ସାବଧାନରେ ମାଳା ଗୁନ୍ଥିବୁ, ଆଜି ମାଳାରେ ଗୋଟିଏ କେଶ ଥିଲା, ସେହି ସକାଶେ ଭଗବାନଙ୍କ ସେବାରେ ଲାଗିପାରିଲା ନାହିଁ ।'' ଅଣ୍ଡାଳ ମଥା ପୋତି ଶୁଣି ଚାଲିଗଲେ । ଆଉ ଦିନେ ପୂଜାରୀ ବିଷ୍ଣୁଚିତ୍ତଙ୍କୁ କହିଲେ, ''ଆଜିକାଲି ମାଳା ଝାଉଁଳି ପଡୁଛି କାହିଁକି ?''

କିଛି ଦିନ ପରେ ଅଣ୍ଡାଳ ମାଳା ତିଆରି କରିବା ସମୟରେ, ଏହି ମାଳା ତାଙ୍କ ପ୍ରିୟତମ ଧାରଣ କରିବେ, ଏହି ଭାବରେ ସେ ଏକେବାରେ ତନ୍ମୟ ହୋଇଗଲେ । ନିଜକୁ ଶ୍ରୀରଙ୍ଗ ମନେକରି ମାଳା ଧାରଣ କରି ସେ ଦର୍ପଣ ସମ୍ମୁଖରେ ଛିଡ଼ାହୋଇ ନିଜ ରୂପକୁ ପ୍ରଶଂସା କରିବାକୁ ଲାଗିଲେ । ଠିକ୍ ଏହି ସମୟରେ ବିଷ୍ଣୁଚିତ୍ ହଠାତ୍ ଘରକୁ ପଶିଆସିଲେ । ଭଗବାନଙ୍କୁଅର୍ପିତ ହେବା ପୂର୍ବରୁ ଭଗବାନଙ୍କ ମାଳା ନିଜ କନ୍ୟା ଧାରଣ କରିଥିବା ଦେଖି ବିଷ୍ଣୁଚିତ୍ ଆଶ୍ଚର୍ଯ୍ୟ ହୋଇ କହିଲେ, ''ଅଣ୍ଡାଳ, ତୁ କ'ଣ କଲୁ ? ଭଗବାନଙ୍କ ଅମଣିଆ ମାଳା ତୁ ନଷ୍ଟ କରିଦେଲୁ ।'' ଦକ୍ଷିଣୀ ବ୍ରାହ୍ମଣମାନେ ଭଗବାନଙ୍କ ପୂଜାରେ ବିଶେଷ ନିଷ୍ଠାବାନ୍ । ସେମାନେ ଶାସ୍ତ୍ରବିଧିବିଧାନରେ, ପ୍ରେମ ଅନୁରାଗରେ ଭଗବାନଙ୍କୁ ପୂଜା କରନ୍ତି । ଭଗବତ୍ ପୂଜାନିଷ୍ଠା ପ୍ରଣାଳୀ ଅନୁସାରେ ଅଣ୍ଡାଳଙ୍କର ଏହି କାର୍ଯ୍ୟ ତାଙ୍କ ଦୃଷ୍ଟିରେ ବହୁତ ଅନୁଚିତ ଥିଲା । ସେ ନୂତନ ପୁଷ୍ପମାଳା ତିଆରି କରିନେଇ ପୂଜାରୀଙ୍କୁ ଦେଲେ ।

ଯେ ଭଗବାନଙ୍କ ଚରଣରେ ନିଜକୁ ସଂପୂର୍ଣ୍ଣ ରୂପେ ସମର୍ପଣ କରି ତାଙ୍କରି ପ୍ରେମ-ଭକ୍ତି-ସମୁଦ୍ରରେ ଡୁବିଯାଏ, ଭଗବାନ୍ ତା'ଠାରୁ କ୍ଷଣକ ସକାଶେ ବି ପୃଥକ୍ ହୁଅନ୍ତି ନାହିଁ, ତା'ର ମନ-ପ୍ରାଣ-ଅନ୍ତରରେ ବାସ କରନ୍ତି । ସେ ଶରୀରରେ ଭଗବାନଙ୍କଠାରୁ ଥାଏ ପୃଥକ୍ କିନ୍ତୁ ଚେତନାରେ ହୁଏ ଏକ । ଅଣ୍ଡାଳଙ୍କର ନିଜସ୍ୱ କିଛି ନ ଥିଲା । ତାଙ୍କ ମନ, ପ୍ରାଣ, ଚେତନା, କାମନା, ବାସନା, ଭାବନା ତଥା ଚାଲିବା, ବୁଲିବା, ଖାଇବା, ପିଇବା ସମସ୍ତ କର୍ମରେ ସେ ଭଗବାନଙ୍କ ସହିତ ଓତପ୍ରୋତ ଥିଲେ, ଭଗବାନଙ୍କଠାରୁ କ୍ଷଣେ ହେଲେ ପୃଥକ୍ ହେଉ ନ ଥିଲେ । ତାଙ୍କର ସମସ୍ତ ଗତିବୃତ୍ତି ଭଗବନ୍ମୟ ହୋଇ ଯାଇଥିଲା । ଏହିପରି ଅବସ୍ଥାରେ ଭଗବାନ୍ ଭକ୍ତ ମୁଖରେ କହନ୍ତି, ଭକ୍ତ ମୁଖରେ ଭୋଜନ କରନ୍ତି, ଭକ୍ତ ଅଙ୍ଗରେ କର୍ମ କରନ୍ତି, ଭକ୍ତର ପରିଧାନରେ ସେ ସ୍ୱୟଂ ପରିଧାନ କରନ୍ତି, ଭକ୍ତ ଏବଂ ଭଗବାନ୍ ଶରୀରରେ ପୃଥକ୍ ହେବା ସତ୍ତ୍ୱେ ଯଥାର୍ଥରେ ଏକ ଓ ଅଭିନ୍ନ ଥା'ନ୍ତି ।

ସେହିଦିନ ରାତ୍ରିରେ ବିଷ୍ଣୁଚିତ୍‌ଙ୍କୁ ଭଗବାନ୍ ସ୍ୱପ୍ନରେ କହିଲେ, ''ଅଣ୍ଡାଳ ଧାରଣ କରିଥିବା ମାଳା ମୋର ବହୁତ ପ୍ରିୟ, ତାହାରି ମାଳା ମୋତେ ପ୍ରତିଦିନ ଧାରଣ କରାଅ ।'' ଏହାଦ୍ୱାରା ବିଷ୍ଣୁଚିତ୍‌ଙ୍କୁ କନ୍ୟା ପ୍ରାପ୍ତ ହୋଇଥିବା ରାତ୍ରିରେ ଭଗବାନଙ୍କ ସ୍ୱପ୍ନାଦେଶ ସ୍ମରଣ ହୋଇଗଲା । ସେ ନିଜ କନ୍ୟାର ମହତ୍ତ୍ୱ ବୁଝିପାରି ବଡ଼ ଆନନ୍ଦିତ ହେଲେ ।

କ୍ରମଶଃ ଅଣ୍ଡାଳଙ୍କ ପ୍ରେମ-ବିରହ ବୃଦ୍ଧି ହେବାକୁ ଲାଗିଲା । କେବଳ ମାନସିକ ଆନ୍ତର ଚେତନାରେ ଭଗବାନଙ୍କ ମିଳନରେ ତାଙ୍କୁ ସନ୍ତୋଷ ହେଲା ନାହିଁ । ସେ ପ୍ରତ୍ୟକ୍ଷ ମିଳନ ସକାଶେ ବ୍ୟାକୁଳ ହୋଇପଡ଼ିଲେ । ରାତ୍ରିରେ ନିଦ ନାହିଁ, ଦିନରେ ଶାନ୍ତି ନାହିଁ । ଯେଉଁଠି ବସନ୍ତି, ସେଠି ''ହା ନାଥ, ହା ପ୍ରାଣନାଥ, ଏ ଅଭାଗିନୀକୁ ଦର୍ଶନ ଦେବୁ ନାହିଁ ?''— ଏହିପରି କହି ନେତ୍ରରୁ ଅଶ୍ରୁଧାରା ବର୍ଷଣ କରନ୍ତି । ଶରୀରର କୌଣସି ଖବର ନାହିଁ । କେତେବେଳେ ଖାଇବେ, କେତେବେଳେ ଶୋଇବେ, କେତେବେଳେ ମାଳା ଗୁନ୍ଥିବେ, କିଛି ଜ୍ଞାନ ନାହିଁ । କେବଳ ପୂର୍ବ ଅଭ୍ୟାସବଶତଃ ଯାନ୍ତ୍ରିକରୂପେ ଶାରୀରିକ କ୍ରିୟା ହେଉଥାଏ । ସେ ପ୍ରାଣନାଥଙ୍କ ବିରହବ୍ୟଥାରେ ଛଟପଟ ହେଉଥା'ନ୍ତି । ଦିନ ଏହିପରି କଦର୍ଥନରେ ବିତେ, ରାତ୍ରିରେ ବି ଶାନ୍ତି ନ ଥାଏ । ବିଛଣାରେ ଶୋଇ ନେତ୍ରରୁ ଅଶ୍ରୁଧାରା ବୁହାଇ ରାତ୍ରି ଶେଷ କରନ୍ତି । ଟିକିଏ ନିଦ୍ରା ଆସିଲେ ପ୍ରାଣନାଥଙ୍କ ମିଳନ ସ୍ୱପ୍ନରେ ହୁଅନ୍ତା, କିନ୍ତୁ ଏହା ବି ହୁଏ ନାହିଁ । ନିଦ୍ରାଦେବୀ ସପତ୍ନୀ ବୈରରେ ତାଙ୍କ ନେତ୍ରକୁ ତ୍ୟାଗ କରି ଚାଲିଯାଇଥାନ୍ତି । ଯେତେବେଳେ ବିରହବେଦନାରେ ଚେତନା ଲୟ ହୋଇଯାଏ, ସେହି ସମୟରେ ହୃଦୟଦେବତା ଆସି ହୃଦୟରେ ଆଲିଙ୍ଗନ କରି କହନ୍ତି, ''ତୁ ଏତେ ବ୍ୟାକୁଳ ହେଉଛୁ କାହିଁକି, ମୁଁ ତୋଠାରୁ କ'ଣ ଦୂରରେ ଅଛି ?'' ଅଣ୍ଡାଳ ଚମକି ପଡ଼ି ସଚେତ ହୋଇ ନେତ୍ର ଖୋଲି ଦେଖିବାରେ ପ୍ରାଣନାଥ ନଅ ଦୁଇ ଏଗାର ହୋଇଯାନ୍ତି । ତାଙ୍କର ଏହି ନିଷ୍ଠୁର ସ୍ୱଭାବ । ପାଖକୁ ଆସିବେ ନାହିଁ, ଦୂରରେ ରହି ତାମସା ଦେଖିବେ । ଅଣ୍ଡାଳ ତାଙ୍କ ସକାଶେ ପ୍ରାଣ ଦେଉଥା'ନ୍ତି କିନ୍ତୁ ସେ ଦୂରରେ ରହି ହସୁଥା'ନ୍ତି । ତାଙ୍କୁ ଏହିପରି ଲୁଚକାଳି ଖେଳରେ ଆନନ୍ଦ ମିଳେ ।

କନ୍ୟାର ଭଗବାନଙ୍କ ପ୍ରତି ପ୍ରେମ ଓ ବିରହ ଭାବ ଦେଖି ବିଷ୍ଣୁଚିତ୍ ବହୁତ ଆନନ୍ଦିତ ହୁଅନ୍ତି ଏବଂ ନିଜକୁ ବଡ଼ ସୌଭାଗ୍ୟବାନ୍ ମନେକରନ୍ତି । ଭାବନ୍ତି, ''ଭଗବାନଙ୍କର ମୋ ପ୍ରତି ଅସୀମ କୃପା । ଭଗବତ୍ ପ୍ରେମର ମୂର୍ତ୍ତିମାନ୍ ବିଗ୍ରହକୁ କନ୍ୟାରୂପେ ସେବା କରିବାର ସୌଭାଗ୍ୟ ମୋତେ ଦୟାକରି ଭଗବାନ୍ ଦେଇଛନ୍ତି ।'' ଏହା ଭାବିବା ମାତ୍ରେ ତାଙ୍କ ହୃଦୟ

ଭଗବାନଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ ହୋଇଯାଏ । ନେତ୍ରରୁ ଅଶ୍ରୁ ବର୍ଷା ହୁଏ । କନ୍ୟାକୁ ଦେଖିବା ମାତ୍ରେ ଭଗବତ୍ ଭକ୍ତି ତାଙ୍କ ହୃଦୟରେ ଖେଳିଯାଏ । କନ୍ୟାକୁ ସନ୍ତୋଷ ଦେବା ସକାଶେ କେବେ କେବେ ପାଖରେ ବସାଇ ଭଗବାନଙ୍କ ଲୀଳା ବର୍ଣ୍ଣନ କରନ୍ତି । ସେଥିରେ ଅଣ୍ଡାଳ ବହୁତ ଆନନ୍ଦିତ ହୁଅନ୍ତି । ଦିନେ କଥାପ୍ରସଙ୍ଗରେ ଭଗବାନଙ୍କ ଧାମ ବର୍ଣ୍ଣନ କରିବାକୁ ଲାଗିଲେ । କହିଲେ, ''ଭଗବାନ୍ ସର୍ବତ୍ର ବିଦ୍ୟମାନ ଥିବା ସତ୍ତ୍ୱେ ଭକ୍ତକୁ ଆନନ୍ଦ ଦେବା ସକାଶେ ଶ୍ରୀ ବୈକୁଣ୍ଠ ଧାମରେ ଭଗବାନ୍ ବାସୁଦେବ, ଆମୋଦ ଲୋକରେ ଶଙ୍କର୍ଷଣ, ପ୍ରମୋଦ ଲୋକରେ ପ୍ରଦ୍ୟୁମ୍ନ ଏବଂ ଅନିରୁଦ୍ଧ, ଗୋଲୋକରେ ଶ୍ରୀରାଧାଙ୍କ ସହିତ ଶ୍ରୀକୃଷ୍ଣ, ସାକେତରେ ଶ୍ରୀ ସୀତାଦେବୀଙ୍କ ସହ ଶ୍ରୀରାମ, ଶ୍ୱେତ ଦ୍ୱୀପରେ ଭଗବାନ୍ କ୍ଷୀରଶାୟୀ ନାରାୟଣ ନିବାସ କରନ୍ତି । ଏହି ପୃଥିବୀ ଲୋକରେ ପ୍ରତିମା ବିଗ୍ରହରୂପେ ବଦ୍ରିନାଥରେ ନରନାରାୟଣ, ମୁକ୍ତିନାଥରେ ଭଗବାନ୍ ଶାଳଗ୍ରାମ, ଅଯୋଧ୍ୟାରେ ଚାରିଭାଇଙ୍କ ସହ ଶ୍ରୀସୀତାରାମ, ମଥୁରାରେ ଶ୍ରୀକୃଷ୍ଣ, ବୃନ୍ଦାବନରେ ରାଧାକୃଷ୍ଣ, ଗୋବର୍ଦ୍ଧନରେ ଗିରିଧରଲାଲ, ନନ୍ଦଗାଁରେ କୃଷ୍ଣଚନ୍ଦ୍ର, ଗୋକୁଳରେ ବାଳକୃଷ୍ଣ, କାଳିନ୍ଦୀରେ ଗୋବିନ୍ଦ ନିବାସ କରନ୍ତି । କାଶୀରେ ଶ୍ରୀ ବିଶ୍ୱନାଥ ରହି ମୃତ୍ୟୁ ସମୟରେ କାଶୀବାସୀଙ୍କୁ ରାମତାରକ ମନ୍ତ୍ର ଉପଦେଶ ଦେଇ ଉଦ୍ଧାର କରନ୍ତି । ହରିଦ୍ୱାରରେ ଯଦୁପତି, ପ୍ରୟାଗରେ ବେଣୀମାଧବ, ଗୟାରେ ଗଦାଧର, ଗଙ୍ଗାସାଗରରେ କପିଳ ମୁନି, ପଣ୍ଢରପୁରରେ ଶ୍ରୀ ବିଟ୍‌ଠଲ, ପୁରୀରେ ଶ୍ରୀଜଗନ୍ନାଥ, ଦକ୍ଷିଣ ସେତୁବନ୍ଧରେ ଶ୍ରୀରାମେଶ୍ୱର, କାବେରୀ ତଟ ଶ୍ରୀରଙ୍ଗମ୍‌ରେ ଶ୍ରୀରଙ୍ଗନାଥଜି ବିରାଜମାନ ହୋଇ କଳିଜୀବଙ୍କୁ ଉଦ୍ଧାର କରୁଅଛନ୍ତି ।''

ଶ୍ରୀରଙ୍ଗଙ୍କ ନାମ ଶୁଣିବା ମାତ୍ରେ ଅଣ୍ଡାଳଙ୍କ ନେତ୍ରରୁ ଅଶ୍ରୁ ବର୍ଷା ହୋଇପଡ଼ିଲା, ରୋମାଞ୍ଚ ହୋଇଆସିଲା; ସେ ବିହ୍ୱଳ ହୋଇ ଗଦ୍‌ଗଦ ସ୍ୱରରେ କହିଲେ, ''ପିତା, ରଙ୍ଗନାଥ ମୂର୍ତ୍ତି କେଉଁଠୁ ଆସିଲେ, କେବେ ପ୍ରତିଷ୍ଠିତ ହେଲେ ?'' ବିଷ୍ଣୁଚିତ୍ କହିଲେ, ''ରଙ୍ଗନାଥଜି ବହୁତ ପ୍ରାଚୀନ ବିଗ୍ରହ । ଅଯୋଧ୍ୟାର ସୂର୍ଯ୍ୟବଂଶୀ ମହାନ୍ ପ୍ରତାପୀ ରାଜା ଇକ୍ଷ୍ୱାକୁଙ୍କ ଯଜ୍ଞପୂର୍ଣ୍ଣ ହେବା ସକାଶେ ପିତାମହ ବ୍ରହ୍ମାଙ୍କ ପ୍ରାର୍ଥନାରେ ଭଗବାନ୍ ବିଷ୍ଣୁ ପ୍ରକଟ ହେଲେ; ବିଷ୍ଣୁଙ୍କ ଦର୍ଶନରେ ରାଜା କୃତାର୍ଥ ହୋଇଗଲେ । ତାଙ୍କର ତପସ୍ୟା କରିବାର ସ୍ୱତଃ ପ୍ରବୃତ୍ତି ହେଲା । ବ୍ରହ୍ମାଙ୍କଠାରୁ ଉପଦେଶ ନେଇ ପୁଣ୍ୟତୋୟା ମାନସନନ୍ଦିନୀ ସରଯୂ କୂଳରେ ତପସ୍ୟା କଲେ । ତାଙ୍କ ତପସ୍ୟାରେ ବ୍ରହ୍ମା ବହୁତ ପ୍ରସନ୍ନ ହୋଇ ବର ମାଗିବାକୁ କହିଲେ । ତାଙ୍କ କୁଳରେ ଭଗବାନ୍ ଅବତାର ନେବେ ଏବଂ ତାଙ୍କ କୁଳର ଇଷ୍ଟଦେବରୂପେ ପ୍ରାପ୍ତ ହେବାର ବରଦାନ ରାଜା ବିନୀତଭାବେ ପ୍ରାର୍ଥନା କଲେ । ରାଜାଙ୍କ ନିଷ୍କପଟ ତପସ୍ୟାରେ ବ୍ରହ୍ମା ବହୁତ ପ୍ରସନ୍ନ ଥିଲେ । ରାଜାଙ୍କ ପ୍ରାର୍ଥନା ଶେଷ ହେବା ସଙ୍ଗେ ସଙ୍ଗେ ବ୍ରହ୍ମା 'ତଥାସ୍ତୁ' କହି ଅନ୍ତର୍ଦ୍ଧାନ ହୋଇଗଲେ । ଭଗବାନ୍ ସେହିଦିନଠାରୁ ଶେଷଶାୟୀ ନାରାୟଣ ରାଜାଙ୍କୁ ଇଷ୍ଟଦେବ ରୂପେ ପାଷାଣ ବିଗ୍ରହରେ ପ୍ରାପ୍ତ ହେଲେ । ତାଙ୍କ ନାମ ରଖାହେଲା ଶ୍ରୀରଙ୍ଗ । ଇକ୍ଷ୍ୱାକୁ ରାଜାଙ୍କ ସମୟରୁ ସୂର୍ଯ୍ୟବଂଶରେ ଏହି ଶ୍ରୀରଙ୍ଗ ଇଷ୍ଟଦେବ ରୂପେ ବରାବର ପୂଜିତ ହେଉଥିଲେ ।

''ବହୁ ବର୍ଷ ପରେ ଇକ୍ଷ୍ୱାକୁଙ୍କ ସୂର୍ଯ୍ୟବଂଶରେ ମହାନ୍ ପ୍ରତାପୀ ରାଜା ଦଶରଥ ଜାତ ହେଲେ । ତାଙ୍କର ପୁତ୍ର ନ ଥିବାରୁ ତାଙ୍କ ଗୁରୁ ବଶିଷ୍ଠଙ୍କ ସଂରକ୍ଷଣରେ ଋଷ୍ୟଶୃଙ୍ଗ ମୁନିଙ୍କ ଦ୍ୱାରା ପୁତ୍ରେଷ୍ଟି ଯଜ୍ଞ ଭଗବାନଙ୍କ ପ୍ରୀତ୍ୟର୍ଥେ ଅନୁଷ୍ଠାନ କଲେ । ରାଜା ଦଶରଥଙ୍କ ଭକ୍ତିଭାବପୂର୍ଣ୍ଣ ଯଜ୍ଞରେ ଭଗବାନ୍ ସନ୍ତୁଷ୍ଟ ହୋଇ ପୁତ୍ରରୂପେ ଉତ୍ପନ୍ନ ହେଲେ ଏବଂ ତାଙ୍କ ନାମ ହେଲା ଶ୍ରୀରାମ । ଶ୍ରୀରାମଙ୍କ ବିମାତା କୈକେୟୀ ରାଜାଙ୍କଠାରୁ କପଟ ବରଦାନ ନେଇ ଶ୍ରୀରାମଙ୍କୁ ବନବାସ ଦେଲେ । ଦଣ୍ଡକାରଣ୍ୟରେ ଶ୍ରୀରାମଙ୍କ ଧର୍ମପତ୍ନୀ ଆଦ୍ୟାଶକ୍ତି ମା ସୀତାଙ୍କୁ ରାବଣ ହରଣ କରି ଲଙ୍କା ନେଇଯିବାରୁ ଶ୍ରୀରାମ ସମୁଦ୍ର ପାରି ହୋଇ ରାବଣର ସବଂଶ ଧ୍ୱଂସ କରି ସୀତାଦେବୀଙ୍କୁ ଫେରାଇ ଆଣିଲେ । ବିଭୀଷଣ ଥିଲେ ରାବଣର ଛୋଟ ଭାଇ, କିନ୍ତୁ ଭଗବାନଙ୍କର ପରମ ଭକ୍ତ । ଯୁଦ୍ଧ ପୂର୍ବରୁ ଶ୍ରୀରାମଙ୍କ ସହ ଯୁଦ୍ଧ ନ କରି ସୀତାଙ୍କୁ ଫେରାଇ ଦେବାକୁ ବିଭୀଷଣ କହିବାରୁ ରାବଣ କ୍ରୋଧାନ୍ୱିତ ହୋଇ ତାଙ୍କୁ ଲଙ୍କାରୁ ନିର୍ବାସିତ କଲେ । ସେ ହେଲେ ଶ୍ରୀରାମଙ୍କ ଶରଣାପନ୍ନ । ରାବଣ ବଧ ପରେ ସମସ୍ତ କପିସେନା, ସେନାପତି ତଥା ବିଭୀଷଣଙ୍କ ସହିତ ଶ୍ରୀରାମ, ସୀତାଦେବୀ ଅଯୋଧ୍ୟାକୁ ଫେରିଆସିଲେ । କିଛିଦିନ ପରେ ସମସ୍ତ ସେନା ନିଜ ନିଜ ରାଜ୍ୟକୁ ଫେରିଗଲେ । କିନ୍ତୁ ବିଭୀଷଣ ଶ୍ରୀରାମଙ୍କ ସେବା ଛାଡ଼ି ଲଙ୍କା ଯିବାକୁ ଚାହିଁଲେ ନାହିଁ । ବିଭୀଷଣଙ୍କୁ ନିଜର ପ୍ରତିନିଧିରୂପେ ଶ୍ରୀରଙ୍ଗଙ୍କ ବିଗ୍ରହ ଦେଇ ଶ୍ରୀରାମଚନ୍ଦ୍ର ତାଙ୍କୁ ବିଦାୟ ଦେଲେ । ବିଭୀଷଣ

ଶ୍ରୀରାମଙ୍କ ଆଜ୍ଞାରେ ଶ୍ରୀରଙ୍ଗଙ୍କୁ ମସ୍ତକରେ ଧାରଣ କରି ଲଙ୍କା ଅଭିମୁଖେ ଯାତ୍ରା କଲେ । ପଥଶ୍ରାନ୍ତ ଯୋଗୁଁ ବିଭୀଷଣ ଶ୍ରୀରଙ୍ଗ ବିଗ୍ରହକୁ କାବେରୀ କୂଳରେ ଏହି ସ୍ଥାନରେ ରଖି କିଛି ସମୟ ବିଶ୍ରାମ କଲେ । ପୁନରାୟ ଲଙ୍କା ଅଭିମୁଖରେ ଯାତ୍ରା କରିବା ଉଦ୍ଦେଶ୍ୟରେ ଶ୍ରୀରଙ୍ଗଙ୍କ ବିଗ୍ରହକୁ ଉଠାଇବା ସମୟରେ ଶ୍ରୀରଙ୍ଗ ଆଉ କୌଣସିମତେ ଉଠିଲେ ନାହିଁ । ବହୁ ଚେଷ୍ଟା ବ୍ୟର୍ଥ ହେବା ପରେ ଶ୍ରୀରଙ୍ଗ ଏହି ସ୍ଥାନରେ ରହିବା ସେ ଅନୁଭବ କରି ଏହି ସ୍ଥାନରେ ମନ୍ଦିର ନିର୍ମାଣ କଲେ । ସେହିଦିନଠାରୁ ଶ୍ରୀରଙ୍ଗଙ୍କ ସେବା-ପୂଜା ଏହିଠାରେ ହେଉଅଛି । ଲୋକପରମ୍ପରା କିମ୍ବଦନ୍ତୀ ଅଛି — ବିଭୀଷଣ ଶ୍ରୀରଙ୍ଗଙ୍କୁ ଦର୍ଶନ କରିବାକୁ ପ୍ରତିଦିନ ଲଙ୍କାରୁ ଆସନ୍ତି ।''

ରଙ୍ଗନାଥଜିଙ୍କ ଚରିତ ଶୁଣିବା ଦିନଠାରୁ ଅଣ୍ଡାଳଙ୍କର ବିରହବେଦନା ବହୁତ ତୀବ୍ର ହୋଇଗଲା । ସେ ଆଉ ଭଗବାନଙ୍କ ବିୟୋଗ ବରଦାସ୍ତ କରିପାରିଲେ ନାହିଁ । ଦିନରାତି ଭଗବାନଙ୍କ ମିଳନ ଲାଳସାରେ ଅଶ୍ରୁପାତ କଲେ । ଶରୀରର ବାହ୍ୟଜ୍ଞାନ ଏକେବାରେ ଶୂନ୍ୟ ହୋଇଗଲା । କେବେ ସୂର୍ଯ୍ୟ ଉଦୟ ହୋଇ ଅସ୍ତାଚଳକୁ ଯାଆନ୍ତି, ତାଙ୍କର ଏହି ଜ୍ଞାନ ନ ଥାଏ । ରାତ୍ରିଦିନର ପ୍ରଭେଦ ନାହିଁ, ଭୋକଶୋଷର ଜ୍ଞାନ ନାହିଁ, ସର୍ବତ୍ର ଭଗବାନଙ୍କ ବିଗ୍ରହ । ଆଖି ବନ୍ଦ କଲେ ହୃଦୟରେ ଦର୍ଶନ ଦେଉଥିଲେ କିନ୍ତୁ ଆଲିଙ୍ଗନ କରିବାକୁ ଚାହିଁଲେ ଅଦୃଶ୍ୟ ହୋଇଯାଉଥିଲେ । ଅଣ୍ଡାଳଙ୍କ ସମସ୍ତ ସତ୍ତା ଯଦ୍ୟପି ଭଗବନ୍ମୟ ହୋଇଥିଲା, ତଥାପି ସେ ପ୍ରତ୍ୟକ୍ଷ ମିଳନ ସକାଶେ ଅତ୍ୟନ୍ତ ବ୍ୟାକୁଳ ଥିଲେ । ଏହି ବ୍ୟାକୁଳ ଅବସ୍ଥାରେ କେବେ କେବେ ସେ ଭଗବତ୍ ଲୀଳାରେ ଏକେବାରେ ତନ୍ମୟ ହୋଇଯା'ନ୍ତି । ଭାବାବେଶରେ ଯମୁନାରେ ଗୋପୀମାନଙ୍କ ସହିତ ସ୍ନାନ କରିବା ସମୟରେ ଶ୍ରୀକୃଷ୍ଣ ଲୁଚି ଲୁଚି ଆସି ଗୋପୀମାନଙ୍କ ବସ୍ତ୍ର ସହିତ ତାଙ୍କ ବସ୍ତ୍ର ନେଇ କଦମ୍ବ ଡାଳରେ ବାନ୍ଧନ୍ତି । ସେ ବସ୍ତ୍ର ପାଇବା ସକାଶେ ବହୁତ ଅନୁନୟ ବିନୟ କରି ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରନ୍ତି । କେବେ ଗୋପୀ ଭାବରେ ଶୋଇଥା'ନ୍ତି, ଶ୍ରୀକୃଷ୍ଣ ଆସି ତାଙ୍କ ମସ୍ତକର କେଶକୁ ବିଛଣାରେ ବାନ୍ଧି ଲୁଚି ଛିଡ଼ା ହୋଇଥା'ନ୍ତି । ସେ ଉଠିବା ସଙ୍ଗେ ସଙ୍ଗେ ତାଙ୍କ ସହିତ ବିଛଣା ଉଠେ । ଶ୍ରୀକୃଷ୍ଣ ଏହା ଦେଖି ତାଳିମାରି ହସନ୍ତି । ଅଣ୍ଡାଳ ବି ହସିଦିଅନ୍ତି । ଏହିପରି ଗୋପୀଭାବରେ ଅଣ୍ଡାଳ ବରାବର ତନ୍ମୟ ରହୁଥା'ନ୍ତି । କେତେବେଳେ ଶ୍ରୀକୃଷ୍ଣଙ୍କ ବିୟୋଗରେ ଅଶ୍ରୁବର୍ଷଣ କରନ୍ତି, କେତେବେଳେ ଶ୍ରୀକୃଷ୍ଣ ଲୀଳାରେ ଠୋ ଠୋ ହୋଇ ହସିଉଠନ୍ତି । ଏହିପରି ଭଗବତ୍ ଲୀଳାରେ ତନ୍ମୟତା ବୃଦ୍ଧି ସଙ୍ଗେ ସଙ୍ଗେ ପ୍ରତ୍ୟକ୍ଷ ଭଗବତ୍ ଦର୍ଶନର ଉତ୍କଣ୍ଠା ଅତ୍ୟଧିକ ଭାବେ ତୀବ୍ର ହେବାକୁ ଲାଗିଲା । ଭଗବତ୍ ସାକ୍ଷାତ୍ ମିଳନ ଛଡ଼ା ଶରୀର ରହିବା ଆଉ ସମ୍ଭବ ହେଲା ନାହିଁ । ଯଦ୍ୟପି ସେ ଭୂଦେବୀ ଥିଲେ ତଥାପି ସେ ଏହି ବିଶ୍ୱତତ୍ତ୍ୱରୁ ମନ-ପ୍ରାଣ-ଶରୀରତତ୍ତ୍ୱ ଗ୍ରହଣ କରିଥିଲେ । ସେଥିରେ ଅଶୁଦ୍ଧି ହେବା ସ୍ୱାଭାବିକ ଥିଲା । କିନ୍ତୁ ଭଗବତ୍ ବିରହାଗ୍ନିରେ ସମସ୍ତ ଅଶୁଦ୍ଧି ଭସ୍ମୀଭୂତ ହୋଇ ଶୁଦ୍ଧ ହୋଇଗଲା । ଭକ୍ତ ଭଗବାନଙ୍କ ସଙ୍ଗେ ସାକ୍ଷାତ କରିବାକୁ ଯେପରି ବ୍ୟଗ୍ର ହୁଏ, ଭଗବାନ୍ ମଧ୍ୟ ତା'ଠାରୁ ଅଧିକ ବ୍ୟଗ୍ର ହୁଅନ୍ତି । କିନ୍ତୁ ଭଗବାନଙ୍କ ଶୁଦ୍ଧ ସ୍ୱରୂପରେ ସାକ୍ଷାତ୍ ଦର୍ଶନକୁ ଅଶୁଦ୍ଧ ଅବସ୍ଥାରେ ଆଧାର ବରଦାସ୍ତ କରିପାରେ ନାହିଁ । ସେ ନେଇ ଉପଯୁକ୍ତ ସମୟକୁ ଭଗବାନ୍ ଅପେକ୍ଷା କରିଥା'ନ୍ତି ।

ଭାଗ୍ୟବତୀ ଅଣ୍ଡାଳଙ୍କ ପାର୍ଥିବ ମନ-ପ୍ରାଣ-ଶରୀରର ଅଶୁଦ୍ଧି ଭଗବାନଙ୍କ ବିରହାଗ୍ନିରେ ଭସ୍ମୀଭୂତ ହୋଇସାରିଛି । ଭଗବାନ୍ ଏବଂ ଜୀବ ମଧ୍ୟରେ ଥିବା ଅଜ୍ଞାନ ଆବରଣ ଦୂର ହୋଇଛି । ଅଣ୍ଡାଳଙ୍କ ମନ-ପ୍ରାଣ-ଶରୀରର ବାସନା, କାମନା, ଲୋଭ, ମୋହମାୟାର ବାଧା ନାହିଁ । ଭଗବାନଙ୍କ ପ୍ରାପ୍ତିର ଉପଯୁକ୍ତ ଆଧାର ତିଆରି ହୋଇଛି । ଅଣ୍ଡାଳ ଆଉ ଭଗବାନଙ୍କଠାରୁ ଦୂରରେ ରହି ଶାନ୍ତି-ସନ୍ତୋଷରେ ରହିବାର ସମୟ ବ୍ୟତୀତ ହୋଇଯାଇଛି । ବର୍ତ୍ତମାନ ଅବସ୍ଥାରେ ଗୋଟିଏ ସର୍ତ୍ତ । ଭଗବାନଙ୍କ ମିଳନ ଅଥବା ଶରୀର ତ୍ୟାଗ । ଅଣ୍ଡାଳଙ୍କ ମନ-ପ୍ରାଣ-ଶରୀରର ରୋମ ରୋମ ଭଗବନ୍ମୟ ହୋଇଯାଇଛି । ଏ ଅବସ୍ଥାରେ ଭଗବାନ୍ ଦୂରରେ ରହିବେ କିପରି ? ଏହାହିଁ ଭଗବାନଙ୍କ ସହ ମିଳନର ଉପଯୁକ୍ତ ଅବସ୍ଥା ।

କୌଣସି ସମୟରେ ଅକସ୍ମାତ୍ କିଛିକ୍ଷଣ ନିଦ୍ରା ଆସିଲେ ଭଗବାନ୍ ଅଣ୍ଡାଳଙ୍କ ପାଖରେ ଉପସ୍ଥିତ । କେତେ କଥା କହି କେତେ ହାବଭାବ କରି ଆଲିଙ୍ଗନ କରନ୍ତି । ଅଣ୍ଡାଳ ଆଖି ଖୋଲିବା ମାତ୍ରେ ଅନ୍ତର୍ଦ୍ଧାନ ।

ଅଣ୍ଡାଳ ଆଉ ବିରହବେଦନା ସହ୍ୟ କରିପାରିଲେ ନାହିଁ । ବିକଳ ବିହ୍ୱଳ ହୋଇ କହିଲେ, ''ପ୍ରଭୁ, ତୁମ ବିରହ ଦ୍ୱାରା ନେତ୍ରରୁ ଅଶ୍ରୁ ବର୍ଷା ହୋଇ ଜ୍ୟୋତିଃ ନଷ୍ଟ ହେଉଛି, ରାତ୍ରିରେ ନିଦ ନାହିଁ, ଦିନରେ ଶାନ୍ତି ନାହିଁ, ତୁମ ବିୟୋଗରେ

ହୃଦୟ ଜଳିଯାଉଛି । ତୁମେ ନିର୍ଦ୍ଦୟ ନିଷ୍ଠୁର ହୋଇ ଦୂରରେ ଛିଡ଼ାହୋଇ ତାମସା ଦେଖୁଛ । ଏପରି କଦର୍ଥନରେ ଛଟପଟ କରି କାହିଁକି ମାରୁଛ ? ଏହି ଶରୀରରୁ ପ୍ରାଣ ନେଇନିଅ । ପ୍ରଭୁ, ତୁମେ କରୁଣାମୟ, ତୁମ ଆଶ୍ରିତର ଦୁଃଖକଷ୍ଟ ତୁମେ ସହିପାର ନାହିଁ, ଦ୍ରୌପଦୀର ଲଜ୍ଜା ନିବାରଣ ସକାଶେ ତୁମେ ସ୍ୱୟଂ ବସ୍ତ୍ର ଅବତାର ନେଲ । ଦଶହଜାର ହସ୍ତୀର ବଳପ୍ରାପ୍ତ ଦୁଃଶାସନ ବସ୍ତ୍ର ଟାଣି ଥକିଗଲା । କିନ୍ତୁ ବସ୍ତ୍ର ଶେଷ ହେଲା ନାହିଁ । ସୀତାଦେବୀଙ୍କ ସକାଶେ ସମୁଦ୍ରରେ ବନ୍ଧ ବାନ୍ଧି ରାବଣର ସବଂଶ ବଧ କରି ତାଙ୍କୁ ଉଦ୍ଧାର କଲ । ରୁକ୍ମିଣୀଙ୍କ କାତର ପ୍ରାର୍ଥନାରେ ବଳଶାଳୀ ରାଜାମାନଙ୍କ ରକ୍ଷାରେ ଥିବା ସମୟରେ ତାଙ୍କୁ ହରଣ କରି ଆଣିଥିଲ । ମୋ ସକାଶେ ତୁମ ହୃଦୟ କ'ଣ ପାଷାଣ ହୋଇଗଲା ?'' ପ୍ରାର୍ଥନା କରୁ କରୁ ତାଙ୍କୁ ବିରହ ସମାଧି ଅଥବା ଭଗବାନଙ୍କ ପ୍ରେରଣାରେ ନିଦ୍ରା ଆସିଗଲା । ଭଗବାନ୍ ଆସି ଅଣ୍ଡାଳଙ୍କ ବିଛଣାରେ ବସିଗଲେ । ତାଙ୍କ ମସ୍ତକକୁ ଆଉଁଶି କହିଲେ, ''ପ୍ରିୟା ଅଣ୍ଡାଳ, ତୁ ଏପରି ବ୍ୟାକୁଳ ହେଉଛୁ କାହିଁକି ? ମୁଁ କ'ଣ ତୋଠାରୁ କେବେ ଅନ୍ତର ଥାଏ ? ସବୁ ସମୟରେ ତୋ ସଙ୍ଗରେ ଥାଏ । ତୋ ପ୍ରେମରେ ମୁଁ ବନ୍ଦୀ, ତୋତେ ଛାଡ଼ି ମୁଁ ରହିପାରେ ନାହିଁ । ତୋର ମନସ୍କାମ ପୂର୍ଣ୍ଣ ହେଲା । ମୁଁ ତୋ ପାଣି ଗ୍ରହଣ କରୁଅଛି ।'' ଏହା କହି ଅଣ୍ଡାଳଙ୍କୁ ହୃଦୟରେ ଆଲିଙ୍ଗନ କରିବା ସମୟରେ ଅଣ୍ଡାଳଙ୍କ ନେତ୍ର ଖୋଲିଗଲା । ତାଙ୍କ ମନ-ପ୍ରାଣ-ଶରୀର ଦିବ୍ୟାନନ୍ଦରେ ପରିପୂର୍ଣ୍ଣ ହୋଇଗଲା । ବହୁ ଦିନର ତୃଷିତ ନେତ୍ର ଅଲୌକିକ ରୂପସୌନ୍ଦର୍ଯ୍ୟରେ ନିମଜ୍ଜିତ ହେଲା । ଭଗବାନ୍ ଅନ୍ତର୍ହିତ ହୋଇଗଲେ ।

ସେହି ସମୟରେ ବିଷ୍ଣୁଚିତ୍‌ଙ୍କୁ ତଥା ମନ୍ଦିରର ଅଧିକାରୀଙ୍କୁ ସ୍ୱପ୍ନରେ ଆଦେଶ ଦେଲେ, ''ମୋର ପ୍ରିୟତମା ଅଣ୍ଡାଳ ସହିତ ମୋର ବିବାହ କରାଅ, ମୁଁ ତା'ର ପାଣି ଗ୍ରହଣ କରିବାକୁ ଚାହେଁ ।'' ଭଗବାନଙ୍କ ଆଦେଶ ପରେ ବିଷ୍ଣୁଚିତ୍ ତଥା ଶ୍ରୀରଙ୍ଗନାଥଙ୍କ ମନ୍ଦିରର ଅଧିକାରୀଙ୍କ ନିଦ୍ରା ଭଙ୍ଗ ହେଲା । ସେମାନେ ସ୍ୱପ୍ନ ଘଟଣାକୁ ପ୍ରତ୍ୟକ୍ଷ ଅନୁଭବ କଲେ । ବିଷ୍ଣୁଚିତ୍ ପ୍ରାତଃକାଳରେ ଉଠିବା ସଙ୍ଗେ ସଙ୍ଗେ ସ୍ୱପ୍ନ ଘଟଣା ଅଣ୍ଡାଳଙ୍କୁ ଶୁଣାଇଦେଇ ବିବାହର ଆୟୋଜନ କରିବାକୁ ଲାଗିଲେ । ଶ୍ରୀରଙ୍ଗନାଥଙ୍କ ମନ୍ଦିରର ଅଧିକାରୀ ଅତି ଆନନ୍ଦରେ ଉଠି ସେବକମାନଙ୍କୁ ଡକାଇ ବିବାହସାମଗ୍ରୀ ଏକତ୍ର କରିବାକୁ ଆଦେଶ ଦେଲେ ଏବଂ ବିଷ୍ଣୁଚିତ୍‌ଙ୍କ ପାଖକୁ ମନ୍ଦିରର ପୂଜାରୀଙ୍କୁ ପଠାଇ ଭଗବାନଙ୍କ ସ୍ୱପ୍ନ ଘଟଣା ଜଣାଇ ଦେଲେ । ଶ୍ରୀରଙ୍ଗନାଥଙ୍କ ପାଲିଙ୍କି ଆସିଲେ ଅଣ୍ଡାଳଙ୍କୁ ନେଇ ମନ୍ଦିରକୁ ଯିବା ସକାଶେ ବିଷ୍ଣୁଚିତ୍‌ଙ୍କୁ ସତର୍କ କରାଇ ଦେଇଗଲେ ।

ବିଷ୍ଣୁଚିତ୍‌ଙ୍କ ଆନନ୍ଦର ସୀମା ନାହିଁ । ତାଙ୍କ ଇଷ୍ଟଦେବ ଭଗବାନ୍ ଶ୍ରୀରଙ୍ଗନାଥଙ୍କୁ ସେ ପାଇବେ ଜାମାତାରୂପେ । ତାଙ୍କ ଗୋଡ଼ ତଳେ ଲାଗିଲା ନାହିଁ । ଅଣ୍ଡାଳଙ୍କୁ କନ୍ୟାରୂପେ ପାଇ ତାଙ୍କ ଜୀବନ ସାର୍ଥକ ହୋଇଗଲା । ତାଙ୍କର ଯାହା ସମ୍ପତ୍ତି ଥିଲା ସବୁ ଅଣ୍ଡାଳକୁ ଯାନିଯୌତୁକରେ ଦେଇଦେଲେ । ଘରେ, ଗ୍ରାମରେ ଧୁମ୍‌ଧାମରେ ହେଲା ବିବାହ-ଉତ୍ସବ । ଗ୍ରାମର ମହିଳାମାନେ ଆସି ବିଷ୍ଣୁଚିତ୍‌ଙ୍କ ଘରେ ବିବାହ ଗୀତ ଗାଇଲେ । ବନ୍ଧୁବାନ୍ଧବ, ସାହିପଡ଼ିଶା, ଇଷ୍ଟମିତ୍ର ଓ ଦେଖଣାହାରୀଙ୍କର ହେଲା ଭିଡ଼ । ନାନାପ୍ରକାର ଅନ୍ନ-ବ୍ୟଞ୍ଜନ ତିଆରି ହେଉଥାଏ, ଭୋଜନାର୍ଥୀଙ୍କ ଭୋଜନ ଚାଲୁଥାଏ । ସମସ୍ତ ବ୍ୟବସ୍ଥା ହେଉଥାଏ ସ୍ୱତଃସ୍ଫୂର୍ତ୍ତଭାବେ । ଏହା ଥିଲା ଭଗବାନଙ୍କ ମହାଶକ୍ତିର ପ୍ରଭାବ ।

ଗ୍ରାମର ମହିଳାମାନଙ୍କର ସହିତ ସ୍ୱର୍ଗର ଦେବୀମାନେ ମନୁଷ୍ୟ ରୂପରେ ଆସି ଅଣ୍ଡାଳଙ୍କୁ ସିଙ୍ଗାର କଲେ । ବହୁମୂଲ୍ୟ ଶାଢ଼ି ପରିଧାନ କରାଇ, କେଶରେ ସୁଗନ୍ଧିତ ତୈଳ ଲଗାଇ ଦକ୍ଷିଣୀ ପ୍ରଥାନୁସାରେ ବେଣୀ ଗୁଛିଲେ । ମସ୍ତକରେ ସିନ୍ଦୂର ଏବଂ ପୁଷ୍ପ ମଣ୍ଡନ କଲେ । ଅଙ୍ଗପ୍ରତ୍ୟଙ୍ଗ ସୁବର୍ଣ୍ଣ ଅଳଙ୍କାର ଦ୍ୱାରା ସୁସଜ୍ଜିତ କରି ଗୋଡ଼ରେ ଅଳତା, ନେତ୍ରରେ ଅଞ୍ଜନ, ଲଲାଟରେ ସିନ୍ଦୂରବିନ୍ଦୁ ଦେଲେ । ଭଗବାନଙ୍କ ଚିର ଅର୍ଦ୍ଧାଙ୍ଗିନୀ ଭୂଦେବୀଙ୍କ ଅଲୌକିକ ସୌନ୍ଦର୍ଯ୍ୟରେ ବସ୍ତ୍ରାଳଙ୍କାର ଶୋଭାପ୍ରାପ୍ତ ହେଲେ ।

ବହୁତ ସମାରୋହ, ନୃତ୍ୟ, ଗୀତ, ବାଦ୍ୟ ସହିତ ଆସିଲା ଶ୍ରୀରଙ୍ଗନାଥଙ୍କ ପାଲିଙ୍କି । ଉମା, ରମା ଛଦ୍ମ ନାରୀରୂପେ ଆସି ଅଣ୍ଡାଳଙ୍କୁ ପାଲିଙ୍କିରେ ବସାଇଲେ । ବାଦ୍ୟ, ଶଙ୍ଖ, ଭେରୀ, ତୂରୀରେ ପୃଥିବୀ କମ୍ପିବାକୁ ଲାଗିଲା । ସର୍ବତ୍ର ଲୋକାରଣ୍ୟ । ସୋରିଷଟିଏ ତଳେ ପଡ଼ିବାର ସ୍ଥାନ ନ ଥିଲା । ବହୁତ ସମାରୋହରେ ଅଣ୍ଡାଳଙ୍କ ସବାରି ଶ୍ରୀରଙ୍ଗନାଥଙ୍କ ମନ୍ଦିରରେ ପହଞ୍ଚିଲା । ବସ୍ତ୍ର ବିଛଣା କରି ମା ଅଣ୍ଡାଳଙ୍କୁ ସେବକମାନେ ଶ୍ରୀରଙ୍ଗଙ୍କ ସିଂହାସନ ସମୀପକୁ ନେଇଗଲେ । ମନ୍ଦିରରେ ପହଞ୍ଚିବା ମାତ୍ରେ ଅଣ୍ଡାଳ ଦୌଡ଼ିଯାଇ ଶ୍ରୀରଙ୍ଗଙ୍କ ସିଂହାସନରେ ଉଠିଗଲେ ଏବଂ ଶ୍ରୀରଙ୍ଗଙ୍କ ମୂର୍ତ୍ତିକୁ ଆଲିଙ୍ଗନ

କଲେ । ସମସ୍ତଙ୍କ ସମ୍ମୁଖରେ ମନ୍ଦିରରେ ବିଜୁଳି ସଦୃଶ ଗୋଟିଏ ପ୍ରକାଶ ହେଲା । ଅଣ୍ଡାଳ ଭଗବାନଙ୍କ ବିଗ୍ରହ ସହିତ ଏକ ହୋଇଗଲେ । ଅଣ୍ଡାଳଙ୍କ ଶରୀର ନ ଥିଲା, ଥିଲା କେବଳ ତାଙ୍କ ବସ୍ତ୍ର ବିଗ୍ରହଙ୍କ ଉପରେ । ସେହିଦିନଠାରୁ ତାଙ୍କ ନାମ ରଙ୍ଗନାୟିକା ନାମରେ ପ୍ରସିଦ୍ଧ ହେଲା ।

ଆଜି ବି ଦକ୍ଷିଣ ପ୍ରଦେଶରେ ପ୍ରାୟ ସମସ୍ତ ବିଷ୍ଣୁ ମନ୍ଦିରରେ, ବିଶେଷତଃ ଶ୍ରୀରଙ୍ଗଜିଙ୍କ ମନ୍ଦିରରେ, ଅଣ୍ଡାଳଙ୍କ ବିବାହ ଉତ୍ସବ ବହୁ ସମାରୋହରେ ପାଳିତ ହେଉଅଛି । ଆଜିପର୍ଯ୍ୟନ୍ତ ଅଣ୍ଡାଳଙ୍କ ମୂର୍ତ୍ତିକୁ ପ୍ରଥମେ ପୁଷ୍ପମାଳା ଅର୍ପଣ କରାହୋଇ ସେହି ମାଳା ଶ୍ରୀରଙ୍ଗନାଥଙ୍କୁ ଧାରଣ କରାହେଉଅଛି । କାବେରୀ କୂଳରେ କୃଷ୍ଣାପଲ୍ଲୀରେ ଯେଉଁ ଶ୍ରୀରଙ୍ଗ ବିଗ୍ରହ ଅଛନ୍ତି, ସେହି ପ୍ରତିମୂର୍ତ୍ତି ଶ୍ରୀରଙ୍ଗ ବିଗ୍ରହ ବୃନ୍ଦାବନରେ ଅଛନ୍ତି । ମୂର୍ତ୍ତି ଯେପରି ବିଶାଳ, ମନ୍ଦିର ସେହିପରି ଆକାଶଚୁମ୍ବୀ, ଉନ୍ନତ । ଗରୁଡ଼ ସ୍ତମ୍ଭରେ ସୁବର୍ଣ୍ଣ ମଡ଼ା ହୋଇଅଛି । ସେ ମନ୍ଦିରରେ ବହୁତ ଉତ୍ସବ ହୁଏ, କିନ୍ତୁ ସବୁଠାରୁ ଅଧିକ ସମାରୋହରେ ଅଣ୍ଡାଳଙ୍କ ବିବାହ ଉତ୍ସବ ହୁଏ । ଦକ୍ଷିଣ ଦେଶରୁ ଅଣ୍ଡାଳଙ୍କ ଧାରଣ ମାଳା ଆସେ, ସେହି ମାଳାକୁ ରଙ୍ଗନାଥଙ୍କୁ ଧାରଣ କରାହୁଏ ଏବଂ ବିବାହ ଉତ୍ସବ ବିଧିବିଧାନରେ ହୁଏ । ହୋମ ହୁଏ, ବୈଦିକ ମନ୍ତ୍ରରେ ବିବାହ ହୁଏ ।

ପ୍ରାୟ ୧୯୩୭-୩୮ ମସିହାର ଘଟଣା । ମୁଁ ପାଞ୍ଚ, ଛ ମାସ ବୃନ୍ଦାବନରେ ଥିଲି । ସେହି ସମୟରେ ବିରକ୍ତ ରାମାନୁଜୀ ବୈଷ୍ଣବ ରାମାନୁଜ ଆଚାର୍ଯ୍ୟ ନାମରେ ମହାନ୍ ସଂସ୍କୃତ ପଣ୍ଡିତ ଅଣ୍ଡାଳ (ରଙ୍ଗନାୟିକା)ଙ୍କ ଜୀବନଚରିତ ସଂସ୍କୃତ ଲିଖିତ ଗ୍ରନ୍ଥରୁ ବ୍ୟାଖ୍ୟା କରୁଥିଲେ । ମୁଁ ନିୟମିତ ରୂପେ ଶୁଣିବାକୁ ଯାଉଥିଲି । ମୁଁ ତାଙ୍କୁ ପଚାରିଲି, ''କ'ଣ ଆଜିକାଲି ଦକ୍ଷିଣ ପ୍ରାନ୍ତରୁ ଭୂଦେବୀ ଅଣ୍ଡାଳଙ୍କ ପ୍ରସାଦମାଳା ରଙ୍ଗନାଥଙ୍କ ମନ୍ଦିରକୁ ଆସେ ଏବଂ ବିବାହ ଉତ୍ସବ ହୁଏ ?'' ସେ ଉତ୍ତର ଦେଲେ, ''ପୂର୍ବେ ପ୍ରତିବର୍ଷ ନିୟମିତରୂପେ ଭୂଦେବୀ ଅଣ୍ଡାଳଙ୍କ ମାଳା ଦକ୍ଷିଣ ପ୍ରାନ୍ତ ଶ୍ରୀରଙ୍ଗମ୍‌ରୁ ବିଧିବିଧାନ ଅନୁସାରେ ପାଲିଙ୍କିରେ ରଖି ସେବକମାନେ ପାଲିଙ୍କି କାନ୍ଧେଇ ନେଇ ଆସୁଥିଲେ । ପାଲିଙ୍କି ସଙ୍ଗେ ଆସୁଥିଲେ ପୁରୋହିତ, ପୂଜାରୀ, ବାଦ୍ୟକାର ଏବଂ ଶଙ୍ଖ, ତୂରୀ, ଭେରୀ ଇତ୍ୟାଦି । ସେମାନେ ଦକ୍ଷିଣରୁ ବୃନ୍ଦାବନ ଚାଲି ଚାଲି ଆସୁଥିଲେ । କିନ୍ତୁ ଆଜିକାଲି ସିଂହାସନରେ ମାଳା ରଖି ସେବକମାନେ ରେଳରେ ଆସନ୍ତି । ସେହି ମାଳା ଶ୍ରୀରଙ୍ଗନାଥଙ୍କୁ ଧାରଣ କରାହୁଏ ଏବଂ ବିବାହ ଉତ୍ସବ ସମାରୋହରେ ହୁଏ ।'' ଏହି ସତ୍ୟ ଘଟଣା ରାମାନୁଜୀ ବୈଷ୍ଣବ ସମାଜରେ ବିଶେଷରୂପେ ବିଦିତ । ପ୍ରତ୍ୟେକ ରାମାନୁଜୀ ବୈଷ୍ଣବଙ୍କ ଆଶ୍ରମରେ ରଙ୍ଗନାୟିକାଙ୍କ ବିବାହ-ଉତ୍ସବ ଆଜି ମଧ୍ୟ ବହୁତ ସମାରୋହରେ ପାଳିତ ହେଉଅଛି । ଶ୍ରୀରଙ୍ଗନାୟିକାଙ୍କ ଜୀବନଚରିତ ବହୁତ ବିସ୍ତାର ଭାବରେ ସଂସ୍କୃତ ଗ୍ରନ୍ଥରେ ବର୍ଣ୍ଣିତ ଅଛି । ଏଠାରେ ବହୁତ ସଂକ୍ଷେପରେ ତାହା ଆଲୋଚନା କରାଗଲା । 'ମହିଳା-ରତ୍ନ' ଗ୍ରନ୍ଥରୁ ମଧ୍ୟ କିଛି ଅଂଶରେ ସାହାଯ୍ୟ ନେଇ ଏହି ଲେଖାଟି ସମାପ୍ତ କରାହେଲା ।

ଭଗବାନ୍ ଶ୍ରୀରଙ୍ଗନାଥ, ଜଗଜ୍ଜନନୀ ଭୂଦେବୀ ମାତା ରଙ୍ଗନାୟିକାଙ୍କ ଜୟ । ଏହି ଲେଖାଟି ମା'ଙ୍କ ଶକ୍ତିର ସାହାଯ୍ୟରେ ଲେଖି ମା'ଙ୍କ ଚରଣରେ ସମର୍ପଣ କରୁଅଛି ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

ମୀରାବାଈ

''ସଦୃଶ ଗୋପିନ ପ୍ରେମ ପ୍ରଗଟ କଳିଯୁଗ ହୀ ଦିଖୟୋ ।
ନିର-ଅଁକୁଶ ଅତି ନିଡର ରସିକ-ୟସ ରସନା ଗାୟୋ ॥
ଦୁଷ୍ଟନ ଦୋଷ ବିଚାରି ମୃତ୍ୟୁକୋ ଉଦ୍ୟମ କିୟୋ ।
ବାର ନା ବାଁକୋ ଭୟୋ ଗରଳ ଅମୃତ ଜ୍ୟୋ ପୀୟୋ ॥
ଭକ୍ତିନିସାନ ବଜାଇକୈ, କାହୁତେ ନାହୀ ଲଜୀ ।
ଲୋକଲାଜ କୁଳଶୃଙ୍ଖଲା ତଜୀ ମୀରା ଗିରିଧର ଭଜୀ ॥''

(ନାଭାଜି)

''ମୀରାଜୀ ଏହି କଳିଯୁଗରେ ଗୋପୀ ସଦୃଶ ପ୍ରେମ ପ୍ରକଟ କରିଅଛନ୍ତି । ନିରଙ୍କୁଶ ଓ ଅତ୍ୟନ୍ତ ନିର୍ଭୟ ହୋଇ ରସିକଶିରୋମଣି ଭଗବାନ୍ ଶ୍ରୀକୃଷ୍ଣଙ୍କର ଯଶୋଗାନ କରିଅଛନ୍ତି । ଦୁଷ୍ଟଲୋକମାନେ ତାଙ୍କୁ ମାରିବାକୁ ଚେଷ୍ଟା କରିଥିଲେ ଏବଂ ଷଡ଼ଯନ୍ତ୍ର କରି ବିଷ ପାନ କରିବାକୁ ଦେଇଥିଲେ । ସେ ବିଷକୁ ଅମୃତ ସଦୃଶ ପାନ କରିଥିଲେ, ତଦ୍ଦ୍ୱାରା ତାଙ୍କର କିଛିମାତ୍ର କ୍ଷତି ହୋଇ ନ ଥିଲା । ନିଃସଂକୋଚରେ ଭକ୍ତିନାଗରା ବଜାଇ ଲୋକଲଜ୍ଜା ତଥା କୁଳଶୃଙ୍ଖଳା ତ୍ୟାଗ କରି ମୀରାଜୀ ଗିରିଧରଲାଲଙ୍କୁ ଉପାସନା କରିଥିଲେ ।''

ପ୍ରାତଃସ୍ମରଣୀୟା, ଭକ୍ତିପରାୟଣା ମୀରାବାଈଙ୍କୁ ଭାରତବର୍ଷର ଧାର୍ମିକ ଓ ଅଧ୍ୟାତ୍ମପରାୟଣ ବ୍ୟକ୍ତିଙ୍କ ମଧ୍ୟରେ କିଏ ନ ଜାଣେ ? ଯେଉଁ ଭକ୍ତଶିରୋମଣି ରାଜପୁତକୁଳଭୂଷଣା ଦେବୀଙ୍କ ଚରିତ ପଠନ ତଥା ତାଙ୍କ ସ୍ୱରଚିତ ଭଗବତ୍ ପ୍ରେମପୂର୍ଣ୍ଣ ଗୀତ ଗାନ କରି ହଜାର ହଜାର ନରନାରୀ ଭଗବତ୍ ପ୍ରେମରେ ବିଭୋର ହେଉଅଛନ୍ତି, ସେହି ଭଗବତ୍ ଭକ୍ତିପରାୟଣା, ପୁଣ୍ୟଶ୍ଲୋକା, ଭଗବତ୍ ପ୍ରେମର ପ୍ରତ୍ୟକ୍ଷ ମୂର୍ତ୍ତିମତୀ ଦେବୀଙ୍କ ପରମ ପାବନ ଯଶଃ ଯତ୍‌କିଞ୍ଚିତ୍ ଉଲ୍ଲେଖ କରି ଲେଖନୀ ସାର୍ଥକ କରିବାକୁ ପ୍ରୟାସୀ ହେବା । ମୀରାବାଈ ଭଗବତ୍ ପ୍ରେମର ଯେପରି ମୂର୍ତ୍ତିମତୀ ବିଗ୍ରହ, ତାଙ୍କ ପୂତ ଚରିତକୁ ଲେଖନୀ ମୁନରେ ରୂପ ଦେବା ଜଣେ ସାମାନ୍ୟ ବ୍ୟକ୍ତି ପକ୍ଷେ ଅସମ୍ଭବ । ତଥାପି ଭଗବତ୍ ଭକ୍ତଙ୍କ ଚରିତ ଅପାର ଆନନ୍ଦସିନ୍ଧୁସ୍ୱରୂପ, ସେଥିରୁ ଯତ୍‌କିଞ୍ଚିତ୍ ଲେଖନୀରେ ପ୍ରକାଶ ହୋଇପାରିଲେ ଲେଖକ ତଥା ପାଠକମାନେ ଅପାର ଆନନ୍ଦ ଅନୁଭବ କରିପାରିବେ । ଏହି ଆଶାରେ ଦିବ୍ୟଜନନୀଙ୍କର କୃପାରୁ ଏହି ଦୁରୂହ କାର୍ଯ୍ୟଟି କରିବାକୁ ପ୍ରୟାସୀ ହୋଇଅଛି । ଭକ୍ତମାନଙ୍କ ଭାବକୁ ବାସ୍ତବରୂପେ ପ୍ରକାଶ କରିବା ଦୁଃସାଧ୍ୟ ।

ଭାରତୀୟ ନାରୀଭକ୍ତମାନଙ୍କ ମଧ୍ୟରେ ଯେଉଁମାନେ ଶୀର୍ଷସ୍ଥାନ ଅଧିକାର କରିଛନ୍ତି ତନ୍ମଧ୍ୟରୁ ମୀରାବାଈ ଅନ୍ୟତମ । ମାରବାଡ଼ ଯୋଦ୍ଧପୁର ରାଜ୍ୟ ଅନ୍ତର୍ଗତ କୁଡ଼କୀ ନାମକ ଗ୍ରାମରେ ସମ୍ଭବତଃ ସମ୍ବତ୍ ୧୫୫୮ ରେ ମୀରାବାଈ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ରାଠୌର ଶ୍ରୀରତନ ସିଂହ । ମୀରା ଥିଲେ ପିତାମାତାଙ୍କର ଏକମାତ୍ର କନ୍ୟା । ସେ ବହୁତ ଅଲିଅଳରେ ପିତାମାତାଙ୍କ ଦ୍ୱାରା ଲାଳିତପାଳିତ ହୋଇଥିଲେ । ପିତାମାତା ଥିଲେ ଭଗବତ୍ ଭକ୍ତ । ବାଲ୍ୟକାଳରୁ ଭଗବାନଙ୍କ ପ୍ରତି ମୀରାଙ୍କର ସ୍ୱତଃସ୍ଫୂର୍ତ୍ତଭାବେ ଅନୁରକ୍ତି ଉତ୍ପନ୍ନ ହୋଇଥିଲା । ରାଜପୁତାନାରେ ଭକ୍ତିସ୍ରୋତ ବରାବର ପ୍ରବାହିତ ହେଉଥାଏ । ଅଧିକାଂଶ ରାଜା ଓ ପ୍ରଜା ଭଗବତ୍ ଭକ୍ତିପରାୟଣ । ସେଠାରେ ସାଧୁସଜ୍ଜନଙ୍କର ସର୍ବଦା ଆଦରସମ୍ମାନ ଥାଏ । ସାଧାରଣତଃ ଯେଉଁଠାରେ ଭକ୍ତିଦେବୀଙ୍କର ସାମ୍ରାଜ୍ୟ ତଥା ସାଧୁସଜ୍ଜନଙ୍କର ଆଦର ସେଠାକୁ ସବୁ ପ୍ରାନ୍ତରୁ ସାଧୁସଜ୍ଜ ଆସନ୍ତି । ସଜ୍ଜମାନେ ସର୍ବଦେଶୀ । ରାଜପୁତାନାକୁ ପ୍ରାୟ ସାଧୁସଜ୍ଜ ତଥା ବିତରାଗ ସନ୍ନ୍ୟାସୀ ଆସୁଥିଲେ । ମୀରାବାଈଙ୍କର ପିତାମାତା ଧର୍ମପରାୟଣ ଥିବାରୁ ମାରବାଡ଼ ଆସୁଥିବା ସାଧୁମାନେ ତାଙ୍କ ଗୃହକୁ ଆସନ୍ତି । ଦିନେ ଜଣେ ସଜ୍ଜ ମୀରାବାଈଙ୍କ ଗୃହକୁ ଆସିଲେ । ତାଙ୍କ ପାଖରେ ଥିଲା ଭଗବାନ୍ ଶ୍ରୀକୃଷ୍ଣଙ୍କର ଗୋଟିଏ ସୁନ୍ଦର ଧାତୁବିଗ୍ରହ । ମହାତ୍ମା ଠାକୁରଙ୍କୁ ସ୍ନାନ

କରାଇ ଉତ୍ତମରୂପେ ସୁନ୍ଦର ବସ୍ତ୍ରାଳଙ୍କାର ପିନ୍ଧାଇ ପୁଷ୍ପଚନ୍ଦନରେ ମଣ୍ଡନ କଲେ । ଭୋଗ ଲଗାଇ ଆଳତି ଉତାରିଲେ । ମୀରାବାଈଙ୍କର ବୟସ ସେତେବେଳେ ଦଶ ବର୍ଷ । ସେ ସେଠାରେ ରହି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଠାକୁରପୂଜା ଦେଖିଲେ । ତାଙ୍କ ଚକ୍ଷୁ ଓ ମନ ଶ୍ରୀକୃଷ୍ଣଙ୍କ ମନୋମୋହନ ଲାବଣ୍ୟ ରୂପରେ ସମାହିତ ହୋଇଗଲା । ସେ ସେହି ଲାବଣ୍ୟ ବିଗ୍ରହଠାରୁ ପୃଥକ୍ ହେବାକୁ ଚାହୁଁ ନ ଥିଲେ । ସେ ଅତି ବିନୀତ ଭାବରେ ମହାତ୍ମାଙ୍କଠାରୁ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ପ୍ରାର୍ଥନା କଲେ । ମହାତ୍ମାଜି ପ୍ରଥମେ ମୀରାଙ୍କୁ ଛୋଟ ବାଳିକା ଜାଣି ଶ୍ରୀକୃଷ୍ଣ ବିଗ୍ରହ ଦେବାକୁ ନାରାଜ ହେଲେ, କିନ୍ତୁ ତାଙ୍କ ହୃଦୟର ପବିତ୍ର, ଶୁଦ୍ଧ, ପରମପାବନ ଭକ୍ତିସ୍ରୋତ ଦେଖି ସେହି ମନୋମୋହନ, ଶ୍ରୀକୃଷ୍ଣ ବିଗ୍ରହ ସହର୍ଷେ ପ୍ରଦାନ କଲେ ଏବଂ କହିଲେ, ''ଏହି ବିଗ୍ରହ ହେଉଛନ୍ତି ଭଗବାନ୍ ସ୍ୱୟଂ ଶ୍ରୀକୃଷ୍ଣଚନ୍ଦ୍ର । ଏହାଙ୍କ ନାମ ଶ୍ରୀ ଗିରିଧରଲାଲଜି । ତୁ ପ୍ରତିଦିନ ଏହାଙ୍କୁ ନିୟମିତରୂପେ ପୂଜା କରିବୁ ।'' ଏହିପରି କହି ପୂଜାବିଧି ବତାଇ ସ୍ୱୟଂ ଆଉ ଥରେ ତାଙ୍କ ଆଗରେ ଯଥାବିଧି ପୂଜା କରି ଦେଖାଇଦେଲେ । ମହାତ୍ମାଜି ଦିନେ ଦୁଇଦିନ ରହିବା ପରେ ଅନ୍ୟତ୍ର ଚାଲିଗଲେ ।

ମୀରା ଗିରିଧରଲାଲଙ୍କୁ ପାଇ ବିଶେଷ ଆନନ୍ଦିତ ହେଲେ । ଦିନସାରା ଠାକୁରଙ୍କୁ ସ୍ନାନ କରାଇବା, ଚନ୍ଦନ ଲଗାଇବା, ବସ୍ତ୍ର ପରିଧାନ କରାଇବା, ଅଳଙ୍କାର ତଥା ବିବିଧ ପୁଷ୍ପରେ ସୁସଜ୍ଜିତ କରିବା, ଭୋଗ ଲଗାଇ ଆଳତି କରିବା ଏବଂ ମନରେ ସ୍ୱତଃସ୍ଫୂର୍ତ୍ତଭାବେ ଯେଉଁ ପଦସ୍ଫୁରିତ ହୁଏ ତାହା ଗାଇବାରେ ଲାଗି ରହିଥାଆନ୍ତି । ତା'ଛଡ଼ା ସୁରଦାସଙ୍କର ଗୋଟିଏ ଗୀତ ମୁଖସ୍ଥ କରି ଅଧିକାଂଶ ସମୟରେ ତାହା ଗାନ କରନ୍ତି ।

''ଜୋ ବିଧନା ନିଜ ବଶ କରି ପାଉଁ ।
ତୋ ସବ କହୋ ହୋୟ ସଖି ମେରୋ,
ଅପନୀ ସାଧ ପୂରାଉଁ ॥
ଲୋଚନ ରୋମ-ରୋମ ପ୍ରତି ମାଁଗୌ,
ପୁନି ପୁନି ତ୍ରାସ ଦିଖାଉଁ ।
ଇକଟକ ରହୈ ପଲକ ନହିଁ ଲାଗେ,
ପଦ୍ଧତି ନଈ ଚଲାଉଁ ॥
କହା କରୌ ଛବିରାଶି ଶ୍ୟାମଘନ,
ଲୋଚନ ଦ୍ୱୈ ନ ଅଘାଉଁ ।
ୟେତେ ପରାୟେ ନିମିଷ 'ସୁର' ସୁନୁ
ୟହ ଦୁଃଖ କାହି ସୁନାଉଁ ॥''

''ସୁରଦାସ କହୁଛନ୍ତି, ଯଦି ମୁଁ 'ବିଧି' ବ୍ରହ୍ମାଙ୍କୁ ବଶ କରିପାରନ୍ତି, ତେବେ ହେ ସଖି, ମୁଁ ଯାହା କହୁଛି ସବୁ ହୋଇପାରନ୍ତା, ମୋର ସାଧ (ଇଚ୍ଛା) ପୂର୍ଣ୍ଣ କରିପାରନ୍ତି । ପ୍ରତିଲୋମରେ ବିଧାତାଠାରୁ ଲୋଚନ ମାଗି ନିଅନ୍ତି । ଆଉ ମଧ୍ୟ ତ୍ରାସ ଦେଖାଇ ପଲକପାତ ବନ୍ଦ କରି ଅପଲକ ନୟନରେ ଦେଖନ୍ତି । ଅପଲକ ନୟନରେ ଚାହିଁବା ଏହି ନୂତନ ପଦ୍ଧତି ପ୍ରଚଳନ କରନ୍ତି । କ'ଣ କହିବି ! ସୌନ୍ଦର୍ଯ୍ୟର ରାଶି ହେଉଛନ୍ତି ଶ୍ୟାମଘନ, ମାତ୍ର ଦୁଇଟି ନୟନରେ ମୋତେ ସନ୍ତୋଷ ହେଉ ନାହିଁ । ଏଥିରେ ପୁଣି ପଲକ ପଡ଼ି ବହୁ ବାଧା ସୃଷ୍ଟି କରୁଅଛି । ସୁର କହୁଛନ୍ତି ଏ ଦୁଃଖ କାହାକୁ କହିବି ?''

ମୀରା ଏହି ଗୀତ ଗାଇବା ସମୟରେ ବହୁବାର ବେହୋସ ହୋଇ ଯାଆନ୍ତି । ବୋଧହୁଏ ସେତେବେଳେ ତାହା ତାଙ୍କର ପ୍ରେମସମାଧି । ଏହିପରି ଭଗବାନଙ୍କ ସେବାପୂଜାରେ ମୀରାଙ୍କର ପ୍ରେମ ଉତ୍ତରୋତ୍ତର ବୃଦ୍ଧି ହେବାକୁ ଲାଗିଲା । ସେ ଶ୍ରୀକୃଷ୍ଣଙ୍କ ପ୍ରେମରେ ମଗ୍ନ ହୋଇଯିବାରୁ ବାହ୍ୟ କାର୍ଯ୍ୟ ପ୍ରତି ତାଙ୍କର ଆଗ୍ରହ ରହିଲା ନାହିଁ । କେବଳ ଶ୍ରୀକୃଷ୍ଣଙ୍କ ମୁନିମନୋହାରୀ ସୁମଧୁର ଲୀଳାମୃତ ସ୍ୱତଃସ୍ଫୂର୍ତ୍ତଭାବେ ଗୀତ ରୂପେ ତାଙ୍କ ହୃଦୟରେ ପ୍ରବାହିତ ହେଲା । ସେ ସ୍ୱରଚିତ

ଗୀତ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ଗାଇ ପ୍ରେମ-ସମୁଦ୍ରରେ ଡୁବିଗଲେ । ତାହା ଗୀତ ନ ଥିଲା, ଥିଲା ତାଙ୍କ ହୃଦୟର ପ୍ରେମ-ପ୍ରବାହ । ଯେଉଁ ବ୍ୟକ୍ତି ତାଙ୍କର ସେହି ପ୍ରେମାପ୍ଲୁତ ସଙ୍ଗୀତ ଶ୍ରବଣ କରନ୍ତି ବା ଗାନ କରନ୍ତି ସେମାନେ ମଧ୍ୟ ପ୍ରେମବିଭୋର ହୋଇଯାଆନ୍ତି । ପିତୃଗୃହରେ ଏହିପରି ଭଗବତ୍ ପ୍ରେମରେ ପାଞ୍ଚ ବର୍ଷ ବ୍ୟତୀତ ହୋଇଗଲା । ସମ୍ବତ୍ ୧୫୭୩ ରେ ପଞ୍ଚଦଶ ବର୍ଷ ବୟସରେ ଚିତ୍ତୋରର ସୀସୋଦିଆ ବଂଶର ମହାରାଣା ସାଙ୍ଗାଜୀଙ୍କ ଜ୍ୟେଷ୍ଠ ରାଜକୁମାର ଭୋଜରାଜଙ୍କ ସହିତ ତାଙ୍କର ବିବାହ ହେଲା ।

ମୀରାବାଈ ବିବାହ କରିବାକୁ ଆଦୌ ଚାହିଁ ନ ଥିଲେ । ସେ ବହୁପୂର୍ବରୁ ଶ୍ରୀକୃଷ୍ଣଙ୍କୁ ପତିରୂପେ ଗ୍ରହଣ କରିସାରିଥିଲେ । କିନ୍ତୁ ରାଜବଂଶ ପ୍ରଥା ଏବଂ ପିତାମାତାଙ୍କ ଆଗ୍ରହ ଯୋଗୁଁ ତାଙ୍କୁ ବାହ୍ୟରୂପେ ବିବାହ କରିବାକୁ ହୋଇଥିଲା । ସୁତରାଂ ବିବାହ ସମୟରେ ବିବାହ ମଣ୍ଡପରେ ଶ୍ରୀ ଗିରିଧରଲାଲଙ୍କ ବିଗ୍ରହ ବିରାଜମାନ କରାହେଲା ଏବଂ ମୀରାଜୀ ଭୋଜରାଜଙ୍କ ସହିତ ପରିକ୍ରମା ବା ଭାମରୀ ଦେବା ସମୟରେ ଶ୍ରୀ ଗିରିଧରଲାଲଜିଙ୍କୁ ସଙ୍ଗରେ ନେଇନେଲେ । ତାଙ୍କୁ ଏଥିରେ ସନ୍ତୋଷ ହେଲା । ସେ ମନେକଲେ ଯେ ତାଙ୍କର ଭଗବାନଙ୍କ ସହିତ ପୁରୋହିତ ଦ୍ୱାରା ବୈଦିକ ମନ୍ତ୍ରରେ ବିବାହ ହୋଇଗଲା । ଏ ଘଟଣା ମୀରାଜୀଙ୍କ ମାତାଙ୍କୁ ଅଜଣା ନ ଥିଲା । ସେ କହିଲେ, ''ମୀରା, ତୁ କ'ଣ କଲୁ ?''

ମୀରାଜୀ ମନ୍ଦହାସ୍ୟରେ କହିଲେ—

''ମାଇ ମୈଁନେ ସୁପନେମେ ବରୀ ଗୋପାଲ ।
ରାତୀ ପୀତୀ ଚୁନରୀ ଓଢ଼ୀ ମେହଁଦୀ ହାଥ ରସାଲ ॥
କାଇଁ ଔରକୋ ବରୁଁ ଭାଁବରୀ ଯାଁକେ ଜଗଜ୍ଞାଲ ।
ମୀରାକେ ପ୍ରଭୁ ଗିରିଧରନାଗର କରୋ ସଗାଇ ହାଲ ॥''

''ଲାଲ ଏବଂ ପୀତବର୍ଣ୍ଣ ଚୁନରୀ* ବା ଓଢ଼ଣୀ ପକାଇ ରସାଳ ମେହେନ୍ଦୀ ହାତରେ ଲଗାଇ ସ୍ୱପ୍ନରେ ଗୋପାଳଜିଙ୍କୁ ପତିରୂପେ ବରଣ କରିଛି । ଅନ୍ୟକୁ କାହିଁକି ବରଣ କରି ଭାମରୀ ଦିଅନ୍ତି ? ସେସବୁ ଜଗଜ୍ଞାଳ । ମୀରା ପ୍ରଭୁ ଗିରିଧରନାଗରଙ୍କୁ ବିବାହ କରିବା ଭଲ ।''

ମୀରାଙ୍କ ମା ଭକ୍ତିପରାୟଣା ଥିଲେ । ମୀରାଙ୍କର ଏପରି ଭଗବତ୍ ଭାବ ଜାଣି ସେ ବିଶେଷ ପ୍ରସନ୍ନ ହେଲେ । ଏ ଘଟଣା ମୀରାବାଈଙ୍କର ସାଙ୍ଗସାଥୀମାନେ ଜାଣି ପରିହାସରେ ଶ୍ରୀ ଗିରିଧରଲାଲଙ୍କୁ ପତିରୂପେ ବରଣ କରିବାର କାରଣ ପଚାରିଲେ । ମୀରାବାଈ ଉତ୍ତର ଦେଲେ—

''ଏସେ ବରକୋ କେ ବରୁଁ ଜୋ ଜନ୍ମୈ ଔର ମରଜାୟ ।
ବର ବରିୟେ ଗୋପାଲଜି ହମାରୋ ଚୁଡ଼ଲୋ ଅମର ହୋଜାୟ ॥''

''ଏପରି ବରକୁ କାହିଁକି ବରୁ ଯେ ଜନ୍ମେ ଆଉ ମରେ, ଗୋପାଳଜିଙ୍କୁ ବରରୂପେ ବରଣ କଲେ ମୋ ଚୁଡ଼ି ଅମର ହେବ ।''

ପିତାମାତାଙ୍କର ମୀରା ଥିଲେ ଏକମାତ୍ର କନ୍ୟା । ସମସ୍ତ ସ୍ନେହ କେନ୍ଦ୍ରିତ ହୋଇଥିଲା ତାଙ୍କରି ଉପରେ । ସେ ଥିଲେ ସେମାନଙ୍କର ପ୍ରାଣ । ତାଙ୍କୁ ଯାନିଯୌତୁକ ଅକୁଣ୍ଠିତ ହୃଦୟରେ ଦେଲେ । କିନ୍ତୁ ମୀରାବାଈଙ୍କୁ ପ୍ରସନ୍ନ ନ ଦେଖି ସ୍ନେହମୟୀ ଜନନୀ ନିଜ ପ୍ରାଣସମ କନ୍ୟା ମୀରାଙ୍କୁ ପଚାରିଲେ, ''ମା, ତୁ ଯାହା ଚାହୁଁ ତା' କହ, ମୁଁ ତୋତେ ଦେବି । ଏ ସମ୍ପତ୍ତି ତୋର ।'' ମୀରାଜୀ କହିଲେ, ''ମା, ମୋର ଏହି ସମ୍ପତ୍ତିର କୌଣସି ପ୍ରୟୋଜନ ନାହିଁ, ମୋତେ ଗିରିଧରଲାଲଜିଙ୍କୁ ଦେଇ ଦେ ।''

---

* ମାରବାଡ଼ ପ୍ରାନ୍ତରେ ମହିଳାମାନେ ମସ୍ତକ ତଥା ଶରୀର ଉପରେ ଗୋଟିଏ ପତଳା ତଥା ସୁନ୍ଦର ଓଢ଼ଣୀ ପକାଇଥାଆନ୍ତି । ତାକୁହିଁ କହନ୍ତି ଚୁନରୀ ।

''ଦେ ରୀ ମାଇ ଅବ ମହଁ କୋ ଗିରିଧରଲାଲ ।
ପ୍ୟାରେ ଚରଣକୀ ଆନ କରତି ହୌ,
ଔର ନ ଦେ ମଣିଲାଲ ॥
ନାତୋ ସାଗୋ ପରିବାରୋ ସାରୋ,
ମନ ଲଗେ ମାନୋ କାଲ ।
ମୀରାକେ ପ୍ରଭୁ ଗିରିଧରନାଗର,
ଛବି ରଖି ଭଇ ନିହାଲ ॥''

''ହେ ମା, ମୋତେ ଗିରିଧରଲାଲଙ୍କୁ ଦେଇ ଦେ । ଯେଉଁ ମଣିମାଣିକ୍ୟ ପ୍ରିୟତମ ଚରଣରୁ ଦୂର କରିଦିଏ ତାହା ଦେ ନାହିଁ । ଗିରିଧରଲାଲଙ୍କ ବ୍ୟତୀତ କୁଟୁମ୍ବ-ସମ୍ବନ୍ଧ, ପରିବାର ସମସ୍ତ କାଳ ସଦୃଶ ପ୍ରତୀତ ହେଉଅଛି । ମୀରା କହୁଛନ୍ତି, ମୁଁ ପ୍ରଭୁ ଗିରିଧରନାଗରଙ୍କ ସୁନ୍ଦର ରୂପ ନିରୀକ୍ଷଣ କରି କୃତାର୍ଥ ହୋଇଗଲି ।''

ମୀରାବାଇଙ୍କ ଭଗବତ୍ ଭକ୍ତି ଦେଖି ତାଙ୍କ ମା'ଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେ ମୀରାଙ୍କୁ ଗର୍ଭରେ ଧାରଣ କରି ନିଜ ଜୀବନକୁ ସାର୍ଥକ କରିଥିବା ଅନୁଭବ କଲେ ଏବଂ ବିଶେଷ ପ୍ରସନ୍ନତାପୂର୍ବକ ମୀରାଙ୍କୁ ଠାକୁରଜିଙ୍କୁ ଦେଇଦେଲେ । ସ୍ନେହମୟୀ ଜନନୀ ବାତ୍ସଲ୍ୟମମତାରେ ମୀରାଜୀଙ୍କୁ ହୃଦୟରେ ଲଗାଇ ନୟନରୁ ଅଶ୍ରୁବର୍ଷଣ କରି ବିଦାୟ ଦେଲେ ଏବଂ ସଖୀଗଣ ମୀରାଙ୍କୁ ସବାରିରେ ବସାଇଦେଲେ । ମୀରାବାଈ ଗିରିଧରଲାଲଙ୍କ ସିଂହାସନ ସବାରିରେ ରଖି ତାଙ୍କ ଦୃଷ୍ଟିରେ ଦୃଷ୍ଟି ନିବଦ୍ଧ କରି ଶ୍ୱଶୁରାଳୟକୁ ଯାତ୍ରାକଲେ । ପ୍ରାଣପ୍ରିୟ ଭଗବାନଙ୍କୁ ପାଇ ମୀରାବାଈଙ୍କ ହୃଦୟ ଆନନ୍ଦରେ ଉଛୁଳି ପଡ଼ିଲା । ରାଜକୁମାର ଓ ବରଯାତ୍ରୀସମେତ ମୀରାବାଈଙ୍କ ସବାରି ଶ୍ୱଶୁରାଳୟରେ ପହଞ୍ଚିଲା । ଶାଶୂ, ନଣନ୍ଦ ଓ ବନ୍ଧୁବାନ୍ଧବ, ପଡ଼ିଶାର ମହିଳାମାନେ ରୂପଗୁଣସମ୍ପନ୍ନା ନବବଧୂଙ୍କୁ ଦେଖି ବିଶେଷ ଆନନ୍ଦିତ ହେଲେ । କୁଳରୀତି ଅନୁସାରେ ବରକନ୍ୟାଙ୍କୁ ରାଜମହଲକୁ ନେଇଗଲେ । ରାଜଧାନୀରେ ପ୍ରତ୍ୟେକ ଘରେ ମଙ୍ଗଳ ଉତ୍ସାହରେ ମିଷ୍ଟାନ୍ନ, ବସ୍ତ୍ରାଦି ବଣ୍ଟାହେଲା । ରାଜପୁତାନାରେ ବ୍ୟକ୍ତିର ସାମର୍ଥ୍ୟ ଅନୁସାରେ ବରକନ୍ୟା ଫେରିବା ପରେ କମ୍‌ବେଶୀ ପରିମାଣରେ ଗ୍ରାମର ପଡ଼ୋଶୀ ଘରେ ମିଷ୍ଟାନ୍ନ ଓ ବସ୍ତ୍ର ବଣ୍ଟାହୁଏ ଏବଂ ପ୍ରତ୍ୟେକ ଘରେ ମଙ୍ଗଳ ଉତ୍ସବ କରାହୁଏ । ରାଜପୁତାନା ତଥା ରାଜକୁଳର ପ୍ରଥା ଅନୁସାରେ ବର ଦୀର୍ଘଜୀବୀ ହେବା ସକାଶେ ବର ଓ ବଧୂ ଗୌରୀଦେବୀଙ୍କୁ ପୂଜା କରନ୍ତି । ଏହି ନିୟମ ଅନୁସାରେ ଶାଶୂ ଏବଂ ଅନ୍ୟାନ୍ୟ ମାନ୍ୟ ସ୍ତ୍ରୀଲୋକ ବର ଦ୍ୱାରା ଦେବୀପୂଜନ କରାଇ ମୀରାଜୀଙ୍କୁ ଦେବୀପୂଜନ କରିବା ସକାଶେ ଅନୁରୋଧ କଲେ । ସକଳ ପୂଜନସାମଗ୍ରୀ ବିଦ୍ୟମାନ ଥିଲା । କିନ୍ତୁ ଦେବୀ ପୂଜା କରିବା ପାଇଁ ମୀରାଜୀ ଅସ୍ୱୀକାର କରିବାରୁ ତାଙ୍କ ଶାଶୂ ତାଙ୍କୁ ବୁଝାଇ କହିଲେ, ''ମା, ଦେବୀଙ୍କୁ ପୂଜା କଲେ ସୌଭାଗ୍ୟ ବୃଦ୍ଧି ହୁଏ, ତୁ ଜିଦ୍ ଛାଡ଼ି ଦେବୀଙ୍କୁ ପୂଜା କର ।'' ମୀରାଜୀ ଦୃଢ଼ତା ସହ ଉତ୍ତର ଦେଲେ, ''ଏହି ଶିର ଗିରିଧରଲାଲଜୀଙ୍କ ଚରଣରେ ବିକି ଦେଇଛି, ଆଉ କୌଣସି ଦେବାଦେବୀଙ୍କ ଚରଣରେ ନତ ହୋଇପାରିବ ନାହିଁ ।'' ପୁଣି ମୀରାଜୀ ଏହି ଦୁହାଟି କହିଲେ—

''ନା ମେହଁ ପୂଜା ଗୌରଜ୍ୟାନୀ ନା ପୂଜା ଆନ ଦେବ ।
ମେହଁ ପୂଜା ରଣଛୋଡ଼ଜି ଶାଶୂଥେ କାଁହ ଜାଣୋଭେଦ ॥''

''ମୁଁ ଗୌରୀଜି ବା ଅନ୍ୟ କୌଣସି ଦେବଦେବୀଙ୍କୁ ପୂଜା କରିବି ନାହିଁ । ମୁଁ ତ ରଣଛୋଡ଼ଜିଙ୍କୁ ପୂଜା କରୁଛି, ଏହି ଭାବ ଶାଶୂ କିପରି ଜାଣିବେ ?'' ଏହି ଉତ୍ତରରେ ସମବୟସ୍କା ଅନ୍ୟାନ୍ୟ ବୋହୂଝିଅ କହିଲେ, ''ଏହି ପୂଜା ସୁହାଗ ସକାଶେ, ପ୍ରତ୍ୟେକେ କରିବା ଉଚିତ ।'' ମୀରାଜୀ ଉତ୍ତର ଦେଲେ, ''ଭଉଣୀମାନେ, ଯାହାର ସୁହାଗରେ ସନ୍ଦେହ ଥିବ ସେମାନେ ପୂଜା କରିପାରନ୍ତି । ମୋର ସୁହାଗ ଅଚଳ, ମୋର ଲେଶମାତ୍ର ସନ୍ଦେହ ନାହିଁ ।''

ଏହି ଉତ୍ତରରେ ଶାଶୂ, ନଣନ୍ଦ ପ୍ରଭୃତି ବହୁତ ଅସନ୍ତୁଷ୍ଟ ହେଲେ । ଶାଶୂ ବିଶେଷ କ୍ରୁଦ୍ଧା ହୋଇ ପତିଙ୍କୁ କହିଲେ, ''ନୂତନ ବଧୂ ବହୁତ ଜିଦ୍‌ଖୋର, ଘରେ ଗୋଡ଼ ଦେଉ ଦେଉ ମୋ କଥା ମାନୁ ନାହିଁ, ଭବିଷ୍ୟତରେ କ'ଣ କରିବ ?'' ଏଥିରେ ମହାରାଜ ମଧ୍ୟ ଅତ୍ୟନ୍ତ ଅସନ୍ତୁଷ୍ଟ ହେଲେ ।

ମୀରାବାଈଙ୍କ ମନ ଭଗବାନଙ୍କ ଚରଣରେ ଲାଗିଯାଇଥିଲା । ସେ ଭଗବତ୍ ପ୍ରେମରେ ନିଜକୁ ଭୁଲିଯାଇଥିଲେ । ସଂସାର ବିଷୟ ତାଙ୍କୁ ବିଷବତ୍ ପ୍ରତୀତ ହେଉଥିଲା । ମୀରାଙ୍କୁ ସଂସାର ବିଷୟରେ ଉଦାସୀନ। ଦେଖି ତାଙ୍କ ପତି ଭୋଜରାଜ ପ୍ରଥମେ ତାଙ୍କ ଉପରେ ଅସନ୍ତୁଷ୍ଟ ହେଲେ । କିନ୍ତୁ ମୀରାବାଈଙ୍କର ଭଗବାନଙ୍କ ପ୍ରତି ଅନନ୍ୟ ଭକ୍ତି ତଥା ତାଙ୍କ ପ୍ରତି ନିଷ୍କପଟ ବ୍ୟବହାର ଦେଖି ସେ ବିଶେଷ ପ୍ରସନ୍ନ ହେଲେ ଏବଂ ତାଙ୍କ ଭକ୍ତିଭାବରେ କୌଣସି ବାଧା ନ ଦେଇ ପୂର୍ଣ୍ଣତଃ ସହାୟତା କଲେ । ମୀରାବାଈ ପତିଙ୍କର କୌଣସି ସେବା କରିପାରୁ ନ ଥିବାରୁ ସେ ସ୍ୱୟଂ ଆଗ୍ରହ କରି ତାଙ୍କୁ ବିବାହ କରାଇଦେଲେ ଏବଂ ସଂସାର କାର୍ଯ୍ୟରୁ ମୁକ୍ତ ହୋଇ ଗିରିଧରଲାଲଜିଙ୍କ ପ୍ରେମରେ ମଗ୍ନ ରହିଲେ ।

ମୀରାବାଈଙ୍କ ଭକ୍ତି ତଥା କବିତା ରଚନାରେ କୁମାର ଭୋଜରାଜ ନିଜକୁ ଗୌରବାନ୍ୱିତ ମନେକରୁଥିଲେ । ମୀରାଜୀଙ୍କ ଭକ୍ତିଭାବରେ କୌଣସି ବାଧାବିଘ୍ନ ନ ଆସିବା ପାଇଁ ରଣଛୋଡ଼ଜିଙ୍କର ଗୋଟିଏ ପୃଥକ୍ ମନ୍ଦିର ତିଆରି କରାଇଦେଲେ । ମୀରାବାଈଙ୍କ ଭକ୍ତିଭାବାପନ୍ନ ମୁଖଚନ୍ଦ୍ର ଦେଖି ସେ ବିଶେଷ ଆନନ୍ଦିତ ହେଉଥିଲେ । ସେ ଯେତେବେଳେ ନୂତନ କବିତା ରଚନା କରି ଭଗବାନଙ୍କ ସମ୍ମୁଖରେ ଗାନ କରନ୍ତି, ଭୋଜରାଜଙ୍କ ହୃଦୟ ସେତେବେଳେ ଭଗବତ୍ ପ୍ରେମରେ ପୁଲକିତ ହୋଇଉଠେ । ମୀରାବାଈଙ୍କ ହୃଦୟକୁ ଯଦ୍ୟପି ଭଗବାନ୍ ପୂର୍ଣ୍ଣ ରୂପେ ଅଧିକାର କରିନେଇଥିଲେ, ତାଙ୍କ ମନ ଯଦ୍ୟପି ଭଗବାନଙ୍କ ଚରଣରେ ବିକି ହୋଇଯାଇଥିଲା, ତଥାପି ସେ ଲୌକିକ ପତି ଭୋଜରାଜଙ୍କୁ କେବେ ବି ଅସନ୍ତୁଷ୍ଟ କିଂବା ଅସମ୍ମାନ କରୁ ନ ଥିଲେ । ମୀରାବାଈଙ୍କ ଭଗବତ୍ ଭକ୍ତି, ସେବାପୂଜା ତଥା ସାଧୁସଙ୍ଗଙ୍କ ସମାଗମରେ ରାଜବଂଶର ବ୍ୟକ୍ତିମାନେ ଅସନ୍ତୁଷ୍ଟ ହେଉଥିଲେ । କିନ୍ତୁ ଭୋଜରାଜଙ୍କ ଭୟରେ କେହି କିଛି କହିପାରୁ ନ ଥିଲେ କି କରିପାରୁ ନ ଥିଲେ । ମୀରାବାଈ ନିର୍ଦ୍ୱନ୍ଦ୍ୱରେ ଭଜନ, କୀର୍ତ୍ତନ, ସତ୍‌ସଙ୍ଗରେ ସମୟ ବ୍ୟତୀତ କରୁଥିଲେ । ତାଙ୍କର ଭଗବତ୍ ପ୍ରେମ ଉତ୍ତରୋତ୍ତର ବୃଦ୍ଧି ହେବାକୁ ଲାଗିଲା । ସେ କେତେବେଳେ ଭଗବାନଙ୍କ ଧ୍ୟାନରେ ସମାଧିସ୍ଥ ହୋଇଯାଆନ୍ତି, କେବେ ଭଗବତ୍ ଚରିତ ଗାନରେ ଅପାର ଆନନ୍ଦରେ ବିଭୋର ହୋଇଯାଆନ୍ତି, ଅନବରତ ନୟନରୁ ଅଶ୍ରୁ ବର୍ଷା ହେଉଥାଏ, ଆଉ କେତେବେଳେ ଭଗବାନଙ୍କ ଲୀଳାଦର୍ଶନରେ ଠୋ ଠୋ ହୋଇ ହସିଉଠନ୍ତି; ଏହି ଅବସ୍ଥାରେ ସେ ତାଙ୍କ ଶରୀରର ବାହ୍ୟଜ୍ଞାନ ତଥା ଖାଇବା ପିଇବା ଭୁଲିଯାଆନ୍ତି । ଭଗବତ୍ ଦର୍ଶନ ସକାଶେ କାତର ପ୍ରାର୍ଥନାରେ ରାତ୍ରି ବ୍ୟତୀତ ହୋଇଯାଏ, ନିଦ ଆସେ ନାହିଁ । କେବେ କେବେ କେତେଦିନ ପର୍ଯ୍ୟନ୍ତ ନ ଖାଇ ନ ପିଇ ପ୍ରେମସମାଧିରେ ସମାଧିସ୍ଥ ହୋଇ ରହନ୍ତି । ଶରୀର ବହୁତ ଦୁର୍ବଳ ହୋଇଗଲା, ରକ୍ତର ହ୍ରାସ ଯୋଗୁଁ ଶରୀର ଶ୍ୱେତବର୍ଣ୍ଣ ହୋଇଗଲା । ଲୋକେ ଆସି ନାନାପ୍ରକାର ବୁଝାଇ ଭଗବତ୍ ପ୍ରେମ ପରିତ୍ୟାଗ କରିବାକୁ କହିଲେ, ଯେଉଁଥିରେ ସ୍ୱାସ୍ଥ୍ୟର ସୁଧାର ହେବ । କିନ୍ତୁ ମୀରାବାଈଙ୍କୁ ସେସବୁ ଆଦୌ ଭଲ ଲାଗୁ ନ ଥିଲା । ସେମାନଙ୍କ ଉତ୍ତରରେ ସେ କେବଳ ଭଗବାନଙ୍କ ଚରିତ କହୁଥିଲେ । ମୀରାବାଈଙ୍କର ଏହି ଅବସ୍ଥା ଦେଖି ତାଙ୍କୁ ରୋଗ ହୋଇଥିବା ଆଶଙ୍କାରେ ବୈଦ୍ୟ ଡକାହେଲା । ବୈଦ୍ୟ ଆସି ମୀରାବାଈଙ୍କୁ ପରୀକ୍ଷା କଲେ । ବୈଦ୍ୟ ବିଚାରା ଏ ରୋଗର ଔଷଧ ଆଣିବ କେଉଁଠୁ !

ମୀରାବାଈ କହିଲେ—

''ହେରୀ ମୈଁ ରାମ ଦିବାନୀ,
ମେରୋ ଦରଦ ନ ଜାଣେ କୋୟ ।
ସୂଳି ଉପର ସେଜ ହମାରୀ,
କିସ ବିଧ ସୋଣା ହୋୟ ॥

ଗଗନମଁଡଲପୈ ସେଜ ପିୟାକୀ,
କିସ ବିଧ ମିଳଣା ହୋୟ ॥
ଘାୟଲକୀ ଗତି ଘାୟଲ ଜାନେ,
କି ଜିନ ଲାଇ ହୋୟ ॥
ଜୌହରକୀ ଗତି ଜୌହରି ଜାନେ,
କି ଜିନ ଜୌହର ହୋୟ ।
ଦରଦକୀ ମାରୀ ବନ ବନ ଡୋଲୂଁ,
ବୈଦ୍ୟ ମିଲ୍ୟା ନହି କୋୟ ॥
ମୀରାକୀ ପ୍ରଭୁ ପୀର ମିଟୈଜବ,
ବୈଦ୍ୟ ସାଁ ବଲିୟା ହୋୟ ।''

ଅର୍ଥାତ୍, ''ହେ ସଖି, ମୁଁ ତ ରାମଦେବାନୀ ଅର୍ଥାତ୍ ମୁଁ ବହୁତ ଦୁଃଖିନୀ, ମୋ ପୀଡ଼ା କେହି ଜାଣନ୍ତି ନାହିଁ, ମୋ ଶେଯ ଶୂଳି ଉପରେ, ସେଥିରେ କିପରି ଶୋଇବା ସମ୍ଭବ ? ପ୍ରିୟତମଙ୍କ ଶେଯ ଆକାଶରେ, ତାଙ୍କ ସଙ୍ଗେ ମିଳନ ବା କିପରି ହେବ ? ଯେ ଘାୟଲ ହୋଇଥାଏ, ସେ ଘାୟଲର ଅବସ୍ଥା ଜାଣିପାରେ, ଯେ ଜୌହରି (ଅନୁଭବୀ) ହୋଇଥାଏ ସେ ଜୌହର ଗତି ଜାଣିପାରେ, ବିରହବ୍ୟଥା ଯୋଗୁଁ ମୁଁ ବନେ ବନେ ବୁଲେ, କିନ୍ତୁ କୌଣସି ବୈଦ୍ୟ ମିଳିଲେ ନାହିଁ । ବୈଦ୍ୟ ଶ୍ୟାମ ଆସିଲେ ମୀରାର ପୀଡ଼ା ମେଣ୍ଟିପାରେ ।''

ମୀରାବାଈ ତାଙ୍କ ରୋଗ ବିଷୟରେ ହୃଦୟର ବିରହ ଭାବ ଯେଉଁ କବିତାରେ ସୁନ୍ଦର ଭାବେ ଚିତ୍ରଣ କରିଛନ୍ତି ତାହାର ଭାବାର୍ଥ ନିମ୍ନରେ ପ୍ରଦତ୍ତ ହେଲା—

''ମୋ ଶରୀର ରକ୍ତ କମ୍ ଯୋଗୁଁ ଶ୍ୱେତ ହୋଇଅଛି ବୋଲି ଲୋକେ ପାଣ୍ଡୁରୋଗ ବୋଲି କହୁଅଛନ୍ତି, କିନ୍ତୁ ରାମମିଳନ ଯୋଗରେ ଭଗବାନଙ୍କ ବିରହରେ ଏହି ଅବସ୍ଥା ହୋଇଅଛି । ଅଜ୍ଞାନ ବୈଦ୍ୟ ଏହି ରହସ୍ୟ ଜାଣେ ନାହିଁ, ଏ ରୋଗ ଶରୀରର ନୁହେଁ, ହୃଦୟ ଗଭୀରର । ହେ ବୈଦ୍ୟ, ଏ ରୋଗ ଭଗବତ୍ ବିରହର, ଏହି ରୋଗ କେବଳ ଛାଡ଼ିବ ଭଗବତ୍ ମିଳନରେ । ତୁମ ଔଷଧରେ କୌଣସି ଲାଭ ହେବ ନାହିଁ । ଏହି ରୋଗରେ ଶରୀରର ମାଂସ ମିଳାଇ ଗଲାଣି ।'' ପୁଣି ସେ ବିରହରେ ଉନ୍ମାଦିନୀ ହୋଇ କୋଇଲିକୁ ସମ୍ବୋଧନ କରି କହୁଅଛନ୍ତି, ''ହେ କୋଇଲି, ତୁ ମୋ ପ୍ରିୟତମ ଗିରିଧରଲାଲଙ୍କ ନାମ ଉଚ୍ଚାରଣ କର ନାହିଁ । ହେ କାକ, ମୁଁ ମୋ କଲିଜା ବାହାର କରିଦେଉଛି, ତୁ ନେଇ ଯା, ମୋ ପ୍ରିୟତମ ଶ୍ରୀକୃଷ୍ଣ ଯେଉଁ ଦେଶରେ ଥିବେ ତାଙ୍କ ଆଗରେ ବସି ଖାଇବୁ । ମୋର ସଂପର୍କ ଅନ୍ୟ କାହା ସହିତ ନାହିଁ, କେବଳ ଭଗବାନଙ୍କ ନାମ ସହିତ । ହେ ପ୍ରିୟତମ, ବିକଳା, ଦୀନା, ବିରହିଣୀ ମୀରାକୁ ଦର୍ଶନ ଦିଅ ।''

ଭଗବତ୍ ପ୍ରାପ୍ତି ସକାଶେ କି ତୀବ୍ର ଉତ୍କଣ୍ଠା, କି ତୀବ୍ର ଅଭୀପ୍ସା, କିପରି ମନୋମୁଗ୍ଧକର ଶୁଦ୍ଧପୂତ ଲାଳସା ! ଭଗବାନ୍ ଏହି ପ୍ରକାରର ବିରହଭକ୍ତିରେ ନିଜକୁ ଭୁଲିଯାଆନ୍ତି । ତାଙ୍କ ଐଶ୍ୱର୍ଯ୍ୟର ବିସ୍ମରଣ ହୋଇଯାଏ । ସେ ଭକ୍ତ ସଙ୍ଗେ ଛାୟା ସଦୃଶ ରହନ୍ତି । ଭକ୍ତର ପ୍ରେମପାଶରେ ବନ୍ଦୀ ହୋଇ ପଡ଼ନ୍ତି । ଭକ୍ତ ଭଗବାନ୍ ଉଭୟ ନିଜ ନିଜକୁ ଭୁଲିଯାଆନ୍ତି, ପୃଥକ୍ ଥାଇ ଏକ ହୋଇଯାଆନ୍ତି । ଏହି ଅନୁପମ, ଅମୂଲ୍ୟ, ଅତୁଳନୀୟ, ଅଲୌକିକ, ଦିବ୍ୟ, ଭାଗବତ ପ୍ରେମାମୃତ କେହି ଥରେ ଆସ୍ୱାଦନ କଲେ ସେ ଆଉ ଛାଡ଼ିପାରେ ନାହିଁ । ସଂସାରର ବିଶେଷ ପ୍ରଲୋଭନ ତା' ପାଖରେ ନୀରସ ପ୍ରତୀତ ହୁଏ । ମୀରା ସେହି ଭଗବତ୍ ପ୍ରେମାମୃତ ପାନ କରି ନିଜ ଜୀବନ ସାର୍ଥକ କରିଅଛନ୍ତି । ଏହି ଦିବ୍ୟ ପ୍ରେମରେ ଉନ୍ମାଦିନୀ ମୀରାବାଈ ବିବାହ ପରେ ଅନେକ ବର୍ଷ ବ୍ୟତୀତ କଲେ । ମୀରାବାଈଙ୍କ ଭଗବତ୍ ପ୍ରେମଭକ୍ତିରେ ପରିବାରର ଲୋକ ଅସନ୍ତୁଷ୍ଟ ଥିବା ସତ୍ତ୍ୱେ କୁମାର ଭୋଜରାଜଙ୍କ ପ୍ରଭାବରେ ତାଙ୍କୁ କେହି ବାଧା ଦେଉ ନ ଥିଲେ । ସେ ନିର୍ଦ୍ୱନ୍ଦ୍ୱରେ ଭଗବତ୍ ପ୍ରେମରେ ନିମଗ୍ନ ରହୁଥିଲେ ।

ବିଧାତାର ବିଧାନ ବିଚିତ୍ର । ଭକ୍ତ ସରଳ ମାର୍ଗରେ ଭଗବାନଙ୍କ ପାଖକୁ ଯାଇପାରେ ନାହିଁ । ପ୍ରତିଟି ପଦକ୍ଷେପ ଅତିକ୍ରମ କରିବାକୁ ହୁଏ ଭୀଷଣ ପରୀକ୍ଷାର ସମ୍ମୁଖୀନ ହୋଇ । ସୁବର୍ଣ୍ଣ ସଦୃଶ ପରୀକ୍ଷାଗ୍ନିରେ ତପ୍ତ ହେଲେ ଭକ୍ତର ଆଧାର ଶୁଦ୍ଧପୂତ ହୁଏ; ତେବେ ଭଗବାନଙ୍କର ନିବାସ ସକାଶେ ସିଂହାସନ ପ୍ରସ୍ତୁତ ହୁଏ । ମୀରାବାଈଙ୍କର ଆସିଲା ପରୀକ୍ଷାର ସମୟ ।

ମୀରାବାଈଙ୍କ ବିବାହର ଦଶ ବର୍ଷ ପରେ ଭୋଜରାଜ ସମ୍ବତ୍ ୧୫୮୩ ରେ ନଶ୍ୱର ଶରୀର ତ୍ୟାଗ କଲେ । ସେହି ଅଳ୍ପ କେତେ ମାସ ମଧ୍ୟରେ ମହାରାଣା ସାଙ୍ଗାଜି, ମୀରାବାଈଙ୍କ ଶ୍ୱଶୁର ମଧ୍ୟ ପରଲୋକ ଗମନ କଲେ । ରାଜଗାଦି ପ୍ରାପ୍ତ ହେଲା ମୀରାବାଈଙ୍କ ଦେବର ବିକ୍ରମାଦିତ୍ୟଙ୍କୁ । ପ୍ରଥମରୁ ମୀରାବାଈଙ୍କ ଭକ୍ତିପ୍ରଭାବରେ ତାଙ୍କ ପାଖକୁ ସାଧୁସଙ୍ଗ ଆସୁଥିଲେ । ସେମାନଙ୍କ ସଂପର୍କ ମୀରାବାଈଙ୍କୁ ଅତ୍ୟନ୍ତ ଆନନ୍ଦ ଦେଉଥିଲା । ଯେଉଁମାନେ ଭଗବାନଙ୍କ ଭକ୍ତ ସେମାନେ ଭକ୍ତମାନଙ୍କ ସଂପର୍କରେ ଭଗବାନଙ୍କ ଚରିତ ଶୁଣନ୍ତି ଏବଂ ସାଧନାର ଗୁପ୍ତ ରହସ୍ୟ ହୃଦୟଙ୍ଗମ କରନ୍ତି । ଏଥିରେ ସାଧନା ମାର୍ଗରେ ବିଶେଷ ସହାୟତା ମିଳେ । ସେ ସକାଶେ ଭକ୍ତମାନଙ୍କୁ ଭକ୍ତଙ୍କ ସଙ୍ଗ ବିଶେଷ ପ୍ରିୟ ହୁଏ ।

ମୀରାବାଈଙ୍କର ଭଗବତ୍ ପ୍ରେମ-ସୌରଭ ସଜ୍ଜମାନଙ୍କ ଦ୍ୱାରା ଦୂରଦୂରାନ୍ତକୁ ବିଚ୍ଛୁରିତ ହୋଇଗଲା । କ୍ରମଶଃ ସାଧୁସଜ୍ଜମାନଙ୍କର ସମାଗମ ବୃଦ୍ଧିପ୍ରାପ୍ତ ହେଲା । ପୂର୍ବରୁ ରାଜମହଲର ଲୋକମାନେ ମୀରାବାଈଙ୍କର ଏପରି ସାଧୁସମାଗମକୁ ପସନ୍ଦ କରୁ ନ ଥିଲେ, ଏହାର ବୃଦ୍ଧି ହେବାରୁ ସେମାନେ ବିଶେଷ ଅସନ୍ତୁଷ୍ଟ ହେଲେ । ମୀରାବାଈଙ୍କ ନଣନ୍ଦ ଉଦାବାଈ ତାଙ୍କୁ କହିଲେ—

''ଭାବୀ (ଭାଉଜ), ତୁମେ ସଚେତ ଏବଂ ସାବଧାନ ହୋଇ ବିଚାର କର । ଆମ ରାଜବଂଶର ମହାନ୍ ଉଜ୍ଜ୍ୱଳ କୀର୍ତ୍ତିଧ୍ୱଜା ବହୁକାଳରୁ ଉଡ଼ି ଆସୁଅଛି । ତୁମ ପିତୃକୁଳ ମଧ୍ୟ ସେହିପରି । କିନ୍ତୁ ସାଧୁମାନଙ୍କ ସଙ୍ଗେ ବସି କୀର୍ତ୍ତନ କରିବା, ନୃତ୍ୟ କରିବା ଆମ୍ଭ କୁଳର ବିପରୀତ ଆଚରଣ । ଏହାଦ୍ୱାରା ଆମ୍ଭ କୁଳ ତଥା ତୁମ ପିତୃକୁଳକୁ ବିଶେଷ ଅପବାଦ ହେଉଅଛି । ଏଥିରେ ନିର୍ମଳ କୁଳରେ କଳଙ୍କକାଳିମା ଲାଗୁଛି । ତା'ଛଡ଼ା, ରାଜା ହେଉଛନ୍ତି ରାଜ୍ୟର ଶ୍ରେଷ୍ଠ ଓ ଆଦର୍ଶ । ତାଙ୍କ କୁଳରେ ଏ ପ୍ରକାର ଅସମ୍ମାନସୂଚକ ଆଚରଣରେ ତାଙ୍କୁ ବହୁତ ଲଜ୍ଜା ହେଉଅଛି । ତୁମେ ଭଗବାନଙ୍କୁ ଭକ୍ତି କର, କିଏ ମନା କରୁଛି ? କିନ୍ତୁ ସାଧୁମାନଙ୍କ ସଂପର୍କ ତ୍ୟାଗ କର ।''

ମୀରାବାଈ ଉତ୍ତର ଦେଲେ, ''ଉଦା, ଯେଉଁ ସଜ୍ଜମାନଙ୍କ ଦର୍ଶନରେ ଭଗବାନଙ୍କ ପ୍ରେମ ବୃଦ୍ଧି ହୁଏ, ସେମାନଙ୍କୁ ମୁଁ କିପରି ତ୍ୟାଗ କରିବି ? ଅସତ୍ କାର୍ଯ୍ୟ ସର୍ବଥା ତ୍ୟାଜ୍ୟ, କିନ୍ତୁ ଯେଉଁଥିରେ ଜୀବନ ସାର୍ଥକ ହୁଏ, ତାହା କିପରି ଏବଂ କାହିଁକି ତ୍ୟାଗ କରିବାକୁ ହେବ ?''

ଏହି ଉତ୍ତରରେ ଉଦାବାଈ ନିରାଶ ହୋଇ ମହାରାଜ ବିକ୍ରମାଦିତ୍ୟଙ୍କୁ ସମସ୍ତ ଘଟଣା କହିଦେଲେ । ମହାରାଜ ଭୟଙ୍କରଭାବେ କ୍ରୋଧବଶ ହୋଇ ମୀରାବାଈଙ୍କୁ ହତ୍ୟା କରିବାକୁ ନିଶ୍ଚୟ କଲେ । ଗୋଟିଏ କଟରାରେ ବିଷ ରଖି ଉଦାବାଈଙ୍କ ଦ୍ୱାରା ମୀରାବାଈଙ୍କ ପାଖକୁ ପଠାଇଦେଲେ । ସେ ମୀରାବାଈଙ୍କୁ କହିଲେ, ''ଏହି ପାତ୍ରରେ ଭଗବାନଙ୍କ ଚରଣାମୃତ ତୁମ ନିମିତ୍ତ ମହାରାଜ ପଠାଇଛନ୍ତି ।'' ମୀରାବାଈ ସେମାନଙ୍କର ଗୁପ୍ତ ଷଡ଼ଯନ୍ତ୍ର ବୁଝିପାରିଥିଲେ । କିନ୍ତୁ ଭଗବାନଙ୍କ ଚରଣାମୃତ ନାମ ଶୁଣି ସହର୍ଷରେ ପାତ୍ରସ୍ଥ ବିଷକୁ ଉଦାଙ୍କ ସମ୍ମୁଖରେ ପାନ କଲେ । ସେହି ବିଷ ଭଗବତ୍ କୃପାରୁ ମୀରାବାଈଙ୍କ ସକାଶେ ଅମୃତରେ ପରିଣତ ହୋଇଗଲା । ତାଙ୍କ ଶରୀର ବିଶେଷତଃ ମୁଖମଣ୍ଡଳ ଏକ ଅପୂର୍ବ ଦିବ୍ୟଜ୍ୟୋତିଃରେ ଉଦ୍ଭାସିତ ହେବାର ପରିଲକ୍ଷିତ ହେଲା । ସେ ଭଗବତ୍ ପ୍ରେମରେ ବିଭୋର ହୋଇ ଗାଇଥିଲେ—

''ରାଣାଜି ଜହ ଦିୟୋ ମୈଁ ଜାନୀ ।
ଜିନ ହରି ମେରୋ ନାମ ନିବେରେ୍ୟା,
ଛରେ୍ୟା ଦୁଦ୍ଧ ଔର ପାନୀ ॥
ଜବଲଗି କଞ୍ଚନ କସୟିତ ନହୀଁ,
ହୋତନ ବାହର ବାନୀ ॥

ଅପନେ କୁଳକେ ପରଦୋ କରିୟୋ,
ମୈଁ ଅବଳା ବୀରାନୀ ॥
ଶ୍ୱପଚ ଭକ୍ତ ବାରୌ ତନ-ମନତେ,
ହୌଁ ହରି ହାଥ ବିକାନୀ ॥
ମୀରାପ୍ରଭୁ ଗିରିଧର ଭଜିବକୋ,
ସନ୍ତ ଚରଣ ଲିପଟାନୀ ॥''

ଭାବାର୍ଥ– ''ରାଣାଜି ଜହର ଦେଇଛନ୍ତି ମୁଁ ଜାଣେ । କିନ୍ତୁ ଯେଉଁ ହରି ଦୁଗ୍‌ଧରୁ ଜଳ ପୃଥକ୍ କରିବା ସଦୃଶ ମୋତେ ସକଳ ବିପଦରୁ ରକ୍ଷା କରିଅଛନ୍ତି, ସେହି ହରି ଆଜି ବି ମୋତେ ରକ୍ଷା କରିବେ । ଯେପର୍ଯ୍ୟନ୍ତ ସୁବର୍ଣ୍ଣ ଅଗ୍ନିରେ ତପ୍ତ ନ ହୁଏ ସେପର୍ଯ୍ୟନ୍ତ ତା'ର ପ୍ରକୃତ ରଙ୍ଗ ପ୍ରକାଶିତ ହୁଏ ନାହିଁ, ସେହିପରି ବିପଦ ନ ଆସିଲେ ଭଗବତ୍ କୃପା ଅନୁଭୂତ ହୁଏ ନାହିଁ । ମୁଁ ପରଦାପ୍ରଥା ରକ୍ଷା ନ କରିବାରୁ ମହାରାଜଙ୍କର ଅପ୍ରିୟ ହେଉଛି, କିନ୍ତୁ ମୁଁ ତ ଅନ୍ୟର ଅବଳା ଅର୍ଥାତ୍ ଭଗବାନଙ୍କର, ସୁତରାଂ ସେ ନିଜ କୁଳନାରୀମାନଙ୍କୁ ପରଦାରେ ରଖନ୍ତୁ । ମୁଁ ତ ଭଗବାନଙ୍କ ହାତରେ ବିକିଯାଇଛି, ଭକ୍ତ ଚଣ୍ଡାଳ ହେଲେ ମଧ୍ୟ ତାକୁ ତନ-ମନ ସହର୍ଷରେ ସମର୍ପଣ କରିବାକୁ ପ୍ରସ୍ତୁତ; କାରଣ ଗିରିଧରଙ୍କୁ ଭଜିବା ସକାଶେ ମୀରା ସନ୍ଥମାନଙ୍କ ଚରଣରେ ଲୋଟୁଛି ।''

ମୀରାବାଈ ଭଗବତ୍ କୃପା ଅନୁଭବ କରି ପ୍ରେମରେ ଉନ୍ମତ୍ତ ହୋଇ ପଦ ରଚନା କରି ଗାଇଲେ ଏବଂ ଭଗବାନଙ୍କ ସମ୍ମୁଖରେ ନୃତ୍ୟ କରିବାକୁ ଲାଗିଲେ । ଏହି ଦୃଶ୍ୟ ଦେଖି ଦାସୀମାନେ ମହାରାଜଙ୍କୁ ଆଦ୍ୟପ୍ରାନ୍ତ ସବୁ କଥା କହିଦେଲେ । ରାଜା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ଭାବିଲେ– ''ମୀରା କ'ଣ କଳିଯୁଗର ପ୍ରହ୍ଲାଦ ! ଏପରି ବିଷର ପ୍ରଭାବ ଏକେବାରେ ନିଷ୍ଫଳ ହେଲା !''

ମୀରାବାଈଙ୍କ ଭଗବତ୍ ପ୍ରେମ ଅବିରତ ବୃଦ୍ଧି ହେବାରେ ଚାଲିଛି । ସେ ସମସ୍ତ ଦିନ ଭଗବାନଙ୍କ ସାମନାରେ କେବେ ନୃତ୍ୟ କରନ୍ତି, କେବେ ଗାନ କରନ୍ତି, କେବେ ପ୍ରେମସମାଧିରେ କେତେ ସମୟ ଧରି ପଡ଼ିରହନ୍ତି । ଆଖିରୁ ଅବିରାମ ଗତିରେ ପ୍ରେମାଶ୍ରୁ ବର୍ଷା ହେଉଥାଏ । ଖାଇବା, ପିଇବା ଆଦି ବାହ୍ୟ କ୍ରିୟାର ଜ୍ଞାନ ଆଦୌ ସ୍ମରଣ ନ ଥାଏ । ରାତ୍ରିରେ ନିଦ୍ରା ନ ଥାଏ, କେବଳ 'ହା ନାଥ' 'ହା ପ୍ରାଣନାଥ' କହି କହି ରାତ୍ରି କଟାନ୍ତି ।

କେବେ କେବେ ମୀରାବାଈ ଠାକୁରଙ୍କ ଦ୍ୱାର ବନ୍ଦ କରି ଉନ୍ମତ୍ତ ହୋଇ ନୃତ୍ୟ କରନ୍ତି ଏବଂ କଥାବାର୍ତ୍ତା କରନ୍ତି, ଯେପରି ଭଗବାନ୍ ପ୍ରତ୍ୟକ୍ଷ ରୂପେ ତାଙ୍କ ସଙ୍ଗେ କଥା କହନ୍ତି । ଏହି ସମ୍ବାଦ ରାଜମହଲରେ ବ୍ୟାପିଗଲା । ଯେତେ ମୁହଁ ସେତେ କଥା । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ମାନସିକ ଶୁଦ୍ଧି, ଅଶୁଦ୍ଧି ଅନୁସାରେ ମୀରାବାଈଙ୍କ ଉପରେ ନିଜ ନିଜ ଅଭିମତ ବ୍ୟକ୍ତ କଲେ । କେହି ତାଙ୍କୁ ପ୍ରଶଂସା କଲେ ତ କେହି ତାଙ୍କୁ ଦୂଷଣ ଦେବାକୁ ଲାଗିଲେ । ମୀରାବାଈଙ୍କର ସମବୟସ୍କା କେତେକ ନାରୀ ସାହସ କରି ମୀରାବାଈଙ୍କୁ ସ୍ପଷ୍ଟ ରୂପେ କହିଦେଲେ, ''ମୀରା, ତୁମେ ଯୁବତୀ ସ୍ତ୍ରୀ, ସମସ୍ତ ଦିନ ଅନ୍ୟମନସ୍କ ହୋଇ ବସୁଛ । କାହା ଅପେକ୍ଷାରେ ଲୋତକ ବର୍ଷା କରୁଛ ? ଏପରି ଅବସ୍ଥାରେ ଲୋକଙ୍କର ସନ୍ଦେହ ହେବା ସ୍ୱାଭାବିକ । ଏଥିରେ କୁଳମର୍ଯ୍ୟାଦା ହାନି ହେଉଛି । ଏପରି ଆଉ କର ନାହିଁ ।'' ଗୋଟିଏ ପଦ୍ୟରେ ମୀରାଜୀ ଏହାର ଉତ୍ତର ଦେଇଅଛନ୍ତି–

''ଦରସ ବିନ ଦୁଃଖନ ଲାଗେ ଜୈନ ଜବସେ
ତୁମ ବିଛୁରେ ମେରେ ପ୍ରଭୁଜି କବହୁଁ ନ ପାୟୋ ଚୈନ ।
ଶବ୍ଦ ସୁନତ ମେରେ ଛାତିୟାଁ କାମ୍ପୈ ମୀଠେ ଲାଗୈ ବୈନ ।
ଏକଟକଟକୀ ପଁଥ ନିହାରୁଁ ଭଇ ଛମାସୀ ରୈନ ॥

ବିରହ ବିଥା କାସୂଁ କହୁଁ ସଜନୀ,
ବହ ଗଇ କରବତ ନୈନ ।
ମୀରାକେ ପ୍ରଭୁ କବରେ ମିଲୋଗେ,
ଦୁଃଖ ମେଟନ ସୁଖ ଦୈନ ॥''

ସଖୀମାନେ କହିଲେ, ''ମୀରାଜୀ, ଏହା ଠିକ୍, କିନ୍ତୁ ଲୋକେ ତ ଏହା ବୁଝିବେ ନାହିଁ, କୁଳକୁ କଳଙ୍କ ଦେବେ ।'' ମୀରାଜୀ କହିଲେ, ''ହେ ସଖି, ମୁଁ କ'ଣ କରିବି, ଏଥିରେ ମୋର ଆୟତ୍ତ ନାହିଁ ।''

''ଆଲୀ ରୀ, ମେରେ ନୈନ ନ ବାନ ପଡ଼ୀ ।
ଚିତ୍ତ ଚଢ଼ୀ ମେରେ ମାଧୁରୀ ମୂରତ,
ଉର ବିଚ ଆନ ଅଡ଼ୀ ।
ମୀରା ଗିରିଧର ହାଥ ବିକାନୀ,
ଲୋକ କହୈଁ ବିଗଡ଼ୀ ॥''

ଭାବାର୍ଥ– ''ସଖି, ମୋ ନୟନର ଏହି ସ୍ୱଭାବ ହୋଇଯାଇଛି, ମୋ ହୃଦୟ ମଧ୍ୟରେ ସେ ଆସି ବଳପୂର୍ବକ ନିବାସ କରିଅଛନ୍ତି, ଅଥବା ମୋ ହୃଦୟ ପ୍ରେମପାଶରେ ସେ ଅଟକି ପଡ଼ିଛନ୍ତି, ମୁଁ ତାଙ୍କ ଦର୍ଶନ ସକାଶେ କେବେଠାରୁ ଛିଡ଼ାହୋଇ ତାଙ୍କ ପଥ ଚାହିଁଅଛି । ସେ ମୋ ହୃଦୟରୁ ବାହାରି ଆସିପାରୁ ନାହାନ୍ତି । ମୁଁ ତ ଗିରିଧରଲାଲଙ୍କ ହାତରେ ବିକିଯାଇଛି । କିନ୍ତୁ ଲୋକେ କହୁଛନ୍ତି ମୀରା ବିଗଡ଼ିଯାଇଛି ।''

ମୀରାବାଈଙ୍କ ହୃଦୟର ଉଚ୍ଛ୍ୱାସ କବିତାରେ କିପରି ହୃଦୟସ୍ପର୍ଶୀ ଓ ପବିତ୍ରଭାବେ ଅଙ୍କିତ ହୋଇଅଛି ତାହା ମୂଳ ରଚନା ପଢ଼ିଲେ ବେଶ୍ ବୁଝାଯାଏ । ଶବ୍ଦରେ ବ୍ୟାଖ୍ୟା ବା ଅନୁବାଦ କରିବାରେ ସେ ଭାବ ପରିସ୍ଫୁଟ ହେବା ଅସମ୍ଭବ । ମନୁଷ୍ୟର ବୁଦ୍ଧି ବହୁତ ସୀମିତ, ସୂକ୍ଷ୍ମ ତଥା ବ୍ୟାପକ ଦୃଷ୍ଟିର ଅଭାବ । ନିଜର ପ୍ରବୃତ୍ତି ଅଥବା ଅବସ୍ଥା ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ଏହି ଘଟଣାକୁ ବିଚାର କରନ୍ତି । ଦିବ୍ୟପ୍ରେମର ଭାବକୁ ସେ ଅଶୁଦ୍ଧ, ସୀମିତ ବୁଦ୍ଧିରେ କଳ୍ପନା କରିପାରନ୍ତି ନାହିଁ । ମୀରାବାଈଙ୍କର ଅଲୌକିକ ଦିବ୍ୟ ପ୍ରେମକୁ କଳୁଷିତ, ବିଷୟୀ ଲୋକ ବୁଝିପାରିଲେ ନାହିଁ । ନାନାପ୍ରକାର ସନ୍ଦେହ ଆରୋପ କରି ରାଣାଙ୍କୁ ଖବର ଦେଲେ, ''ମୀରାବାଈ ଦ୍ୱାର ବନ୍ଦ କରି ବହୁ ସମୟ ପର୍ଯ୍ୟନ୍ତ ନୃତ୍ୟ କରି ଗାନ କରନ୍ତି, କାହା ସଙ୍ଗେ ଆମୋଦପ୍ରମୋଦରେ କଥାବାର୍ତ୍ତା କରି ହସନ୍ତି, କେବେ କେବେ ପଶା ଖେଳିବାର ଶବ୍ଦ ଶୁଣାଯାଏ ।''

ଏକଥା ଶୁଣି ରାଣା ବିକ୍ରମାଦିତ୍ୟଙ୍କ ହୃଦୟ କ୍ରୋଧରେ ଜଳିଗଲା । ସେ ଗୁପ୍ତଚର ନିଯୁକ୍ତ କରି କଠୋର ଆଦେଶ ଦେଲେ, ''ଯେତେବେଳେ ମୀରାବାଈ ଅନ୍ୟ ପୁରୁଷ ସଙ୍ଗେ କଥାବାର୍ତ୍ତା ଓ ଖେଳତାମସା କରୁଥିବ ସେହି ସମୟରେ ମୋତେ ଡାକିଦେବ ।'' ଗୁପ୍ତଦୂତ ବହୁ ସାବଧାନତାର ସହିତ ପହରା ଦେଲେ ।

କିନ୍ତୁ ମୀରାବାଈଙ୍କର ସେଥିରେ କ'ଣ ଅଛି ? ସେ ତ ଭଗବତ୍ ପ୍ରେମରେ ମଗ୍ନ । ତାଙ୍କର ରକ୍ଷକ ଭଗବାନ୍ । ସେ ପୁଣି କାହାକୁ ଭୟ କରିବେ ? ଦିନରାତି ସେ ଭଗବତ୍ ପ୍ରେମାନନ୍ଦରେ ଡୁବିଯାଆନ୍ତି । ରାତ୍ରିରେ କବାଟ ବନ୍ଦ କରି କେତେବେଳେ ଭଗବାନଙ୍କ ସଙ୍ଗେ ଖେଳନ୍ତି, କେତେବେଳେ ଆମୋଦପ୍ରମୋଦରେ ଥଟ୍ଟା କରି ହସନ୍ତି । ଗୁପ୍ତଚର ଏସବୁ ଶବ୍ଦ ଶୁଣି ନିଶ୍ଚୟ କଲେ ଯେ ଘର ମଧ୍ୟରେ କୌଣସି ପୁରୁଷ ଅଛି । ଅର୍ଦ୍ଧରାତ୍ରି । ରାଣାଙ୍କ ଆଦେଶାନୁସାରେ ଗୁପ୍ତଚର ତାଙ୍କୁ ଖବର ଦେଲେ । ରାଣା ଏହା ଶୁଣିବାମାତ୍ରେ କ୍ରୋଧଜର୍ଜରିତ ହୋଇ ନଗ୍ନ ତରବାରି ହାତରେ ଧରି ମୀରାବାଈଙ୍କ ଦ୍ୱାରରେ ଉପସ୍ଥିତ ହେଲେ । କାନ ଦେଇ ସ୍ପଷ୍ଟରୂପେ ଶୁଣିପାରିଲେ ପଶାଖେଳର ଶବ୍ଦ ଓ ନାନାପ୍ରକାର ହସକୌତୁକର କଥାବାର୍ତ୍ତା । ତାଙ୍କ କ୍ରୋଧ ଦ୍ୱିଗୁଣିତ ହୋଇଗଲା । ସେ ଅସମ୍ଭାଳ ହୋଇ କ୍ରୋଧାନ୍ୱିତ ସ୍ୱରରେ ବଜ୍ରପାତ ସଦୃଶ କହିଲେ, ''ମୀରା,

ଶୀଘ୍ର କବାଟ ଖୋଲ ।'' ମୀରାବାଈ ତତ୍‌କ୍ଷଣାତ୍ କବାଟ ଖୋଲିଦେଲେ । ଚକ୍ ଚକ୍ କରୁଥିବା ଖୋଲା ତରବାରି ରାଣା ହାତରେ ନେଇ ଘର ଭିତରେ ପ୍ରବେଶ କଲେ । ଘରର ଚାରିଆଡ଼େ କୋଣ ବିକୋଣରେ ଦୃଷ୍ଟି ପକାଇ କାହାକୁ ନ ଦେଖି ପଚାରିଲେ, ''ତୁ ଯେଉଁ ପୁରୁଷ ସଙ୍ଗେ କଥାବାର୍ତ୍ତା କରୁଥିଲୁ, ହସୁଥିଲୁ, ଥଟ୍ଟା କରୁଥିଲୁ, ସେ କାହିଁ ?'' ମୀରାଜୀ ସଧୀରେ ଉତ୍ତର ଦେଲେ, ''ସେ ପୁରୁଷ ତୁମକୁ ଲଜ୍ଜା କରନ୍ତି ନାହିଁ । (ଗିରିଧରଲାଲଙ୍କ ପ୍ରତିମାଙ୍କୁ ନିର୍ଦ୍ଦେଶ କରି) ସେ ତୁମ ସମ୍ମୁଖରେ ବିଦ୍ୟମାନ, ଭଲ କରି ଦେଖିନିଅ ।'' ରାଣାଜି ଅବାକ୍ । ଚିତ୍ରପଟ ସଦୃଶ ନିଃସ୍ପନ୍ଦ, ନିସ୍ତବ୍ଧ । ମୀରାବାଈଙ୍କ ହୃଦୟରୁ ଗୋଟିଏ ପଦ ସ୍ୱତଃସ୍ଫୂର୍ତ୍ତଭାବେ ଉଦ୍‌ଗାରିତ ହେଲା —

''ରାଣାଜି ! ମୈଁ ସାଁବର ରଙ୍ଗ ରାଚୀ ।
ସଜ ସିଣଗାର ପଦ ବାଁଧ ଘୁଁଘରୁ,
ଲୋକଲାଜ ତଜି ନାଚି ॥
ଗଇ କୁମତି ଲହି ସାଧୁକୀ ସଙ୍ଗତି, ଭକ୍ତିରୂପ ଭଇଁ ସାଁଚୀ
ଗାୟ ଗାୟ ହରିକେ ଗୁଣ ନିଶିଦିନ,
କାଳବ୍ୟାଳ ତେଁ ବାଁଚୀ ॥
ଉନ ବିନୁ ସବ ଜଗ ଖାରୋ ଲାଗତ,
ଔର ବାତ ସବ କଁଚୀ
ମୀରାକେ ପ୍ରଭୁ ଗିରିଧରନାଗର, ଭକ୍ତିରସୀଲୀ ଜାଁଚୀ ॥''

''ରାଣାଜି, ମୁଁ ଶ୍ୟାମ ରଙ୍ଗରେ ରଙ୍ଗିଯାଇଛି । ମୁଁ ସିଙ୍ଗାର କରି ଗୋଡ଼ରେ ଘୁଙ୍ଗୁର ବାନ୍ଧି ଲୋକଲଜ୍ଜା ତ୍ୟାଗ କରି ମୋ ପ୍ରଭୁଙ୍କ ସାମନାରେ ନାଚୁଛି । ସତ୍‌ସଙ୍ଗ ଦ୍ୱାରା ମୋର କୁମତି ନାଶ ହୋଇଯିବାରୁ ଭକ୍ତିର ଯାଥାର୍ଥ ରୂପ ମୋତେ ପ୍ରାପ୍ତ ହୋଇଛି । ମୁଁ ନିଶିଦିନ ହରିଙ୍କ ଗୁଣଗାନ କରି କାଳ (ସର୍ପ) କବଳରୁ ମୁକ୍ତ ହୋଇଛି । ଭଗବାନଙ୍କ ଛଡ଼ା ମୋତେ ସମସ୍ତ ସଂସାର ତିକ୍ତ ଲାଗୁଅଛି । ଭଗବାନଙ୍କ ଭକ୍ତ ଛଡ଼ା ଆଉ ସମସ୍ତ କଥା କଞ୍ଚା, ଅର୍ଥାତ୍ ନିରର୍ଥକ । ମୀରା ଗିରିଧରନାଗରଙ୍କୁ କେବଳ ରସଯୁକ୍ତ ଭକ୍ତି ମାଗୁଅଛି ।''

ଅନ୍ୟ ପଦ ଗାଇଲେ—

''ବସୋ ମେରେ ନୈନନ ମେଁ ନନ୍ଦଲାଲ
ମୋହିନୀ ମୂରତି ସାଁବରି ସୂରତି, ନୈନା ବନେ ବିଶାଲ ।
ଅଧର-ସୁଧାରସ ମୁରଲୀରାଜତ, ଉର ବୈଜୟନ୍ତୀ ମାଲ ॥
ଛୁଦ୍ରଘଟିକା କଟିତଟଶୋଭିତ, ନୂପୁର ଶବ୍ଦ ରସାଲ ।
ମୀରାପ୍ରଭୁ ସନ୍ତନ ସୁଖଦାୟୀ, ଭକ୍ତବତ୍ସଲ ଗୋପାଲ ॥''

ରାଣାଜି ନିସ୍ତବ୍ଧ ହୋଇ ଠିଆହୋଇ ମୀରାବାଈଙ୍କର ହୃଦୟସ୍ପର୍ଶୀ ଗାନ ଶୁଣିଲେ । ବୋଧହୁଏ ସେତେବେଳେ ତାଙ୍କ ହୃଦୟରେ ବିଶେଷ ପ୍ରଭାବ ପଡ଼ିଥିବ । ଅନ୍ୟଥା ତାଙ୍କ କ୍ରୋଧ ଶାନ୍ତ ହୋଇ ନ ଥାନ୍ତା କିଂବା ସେ ସଧୈର୍ଯ୍ୟେ ମୀରାବାଈଙ୍କର ପ୍ରେମପୂର୍ଣ୍ଣ ଗୀତ ଶୁଣିବାକୁ ଛିଡ଼ାହୋଇ ନ ଥାନ୍ତେ । କିନ୍ତୁ ତାହା ସ୍ଥାୟୀ ହୋଇ ରହିଲା ନାହିଁ । ସେ ବିସ୍ମିତ ହୋଇ ଫେରି ଆସିଲେ । ମନୁଷ୍ୟର ହୃଦୟ ଉନ୍ମୀଳିତ ନ ହେଲେ ହଠାତ୍ ଭଗବତ୍ କୃପାକୁ ସ୍ଥାୟିରୂପେ ସେ ଧାରଣ କରିପାରେ ନାହିଁ । ଭଗବତ୍ କୃପା ପରଶରେ ହୃଦୟ କିଛି ଅଂଶରେ ଶୁଦ୍ଧ ହୋଇଯାଏ । ରାଣାଙ୍କର ମଧ୍ୟ ସେଇୟା ହେଲା ।

ମୀରାବାଇଙ୍କର ଭକ୍ତିର ବୃଦ୍ଧି ସଙ୍ଗେ ସଙ୍ଗେ ସାଧୁସନ୍ଥଙ୍କର ସମାଗମ ମଧ୍ୟ ବୃଦ୍ଧି ହେଲା । ସବୁବେଳେ ଅସଲି ବସ୍ତୁ ସହିତ ନକଲି ବସ୍ତୁ ରହିଥାଏ । ତାହା ଅବଶ୍ୟ ଅସଲି ବସ୍ତୁର ଯଥାର୍ଥ ମୂଲ୍ୟ ନିରୂପଣ କରେ । ଦିନେ ଜଣେ ଭଣ୍ଡ ତପସ୍ୱୀ ସାଧୁବେଶ ଧାରଣ କରି ମୀରାବାଇଙ୍କ ମନ୍ଦିରକୁ ଆସିଲେ ଏବଂ ତାଙ୍କୁ କହିଲେ, ''ତୁମକୁ ରତିରସରେ ଆନନ୍ଦ ଦେବା ସକାଶେ ଶ୍ୟାମସୁନ୍ଦର ମୋତେ ତୁମ ପାଖକୁ ପଠାଇଅଛନ୍ତି ।'' ମୀରାବାଇ ଉତ୍ତର ଦେଲେ, ''ବହୁତ ଭଲ କଥା, ତୁମେ ଆଗେ ଭୋଜନ କର, ପରେ ଭଗବାନଙ୍କ ଆଦେଶ ପାଳନ କରିବ ।'' ତାଙ୍କୁ ସାଦରେ ଅନ୍ୟ ସନ୍ଥମାନଙ୍କ ସହିତ ଭୋଜନ କରାଇ ଦିଆଗଲା । ଭଗବାନଙ୍କ ସାମନାରେ କୀର୍ତ୍ତନ ତଥା ସତ୍‌ସଙ୍ଗ ହେଉଥିବା ସ୍ଥାନରେ ମୀରାବାଇଙ୍କ ପ୍ରେରଣାରେ ପଲଙ୍କ ପଡ଼ିଲା, ଶେଯ ବିଛା ହେଲା । ସମସ୍ତ ସନ୍ଥ ସେଠାରେ ସତ୍‌ସଙ୍ଗ ଏବଂ କୀର୍ତ୍ତନ ସକାଶେ ଏକତ୍ରିତ ହେଲେ । ସେହି ସମୟରେ ମୀରାଜୀ ସେହି ଭଣ୍ଡ ତପସ୍ୱୀଙ୍କୁ କହିଲେ, ''ଆସ, ପଲଙ୍କରେ ବିରାଜମାନ ହୁଅ, ଏବଂ ଭଗବାନଙ୍କ ନିର୍ଦ୍ଦେଶ ଚରିତାର୍ଥ କର ।'' ଏକଥା ଶୁଣି ଦୁରାତ୍ମା ଭଣ୍ଡ ସାଧୁ ମୀରାବାଇଙ୍କ କାନରେ କହିଲେ, ''ତାହା କେବଳ ଏକାନ୍ତରେ ହୋଇପାରେ, ଏତେ ଲୋକଙ୍କ ଆଗରେ କିପରି ?'' ମୀରାବାଇ ଉଚ୍ଚ ସ୍ୱରରେ କହିଲେ, ''ଏପରି କୌଣସି ସ୍ଥାନ ଅଛି ଯେ ଯେଉଁଠି ମୋ ଗିରିଧରଲାଲ ନାହାନ୍ତି ? ମୁଁ ସର୍ବ କାଳରେ ସର୍ବ ସ୍ଥାନରେ ସେହି ଶ୍ୟାମସୁନ୍ଦରଙ୍କୁ ଦେଖୁଅଛି, ଆଖି ବନ୍ଦ କଲେ ଭିତରେ, ଆଖି ଖୋଲିଲେ ବାହାରେ । ସେ ବିଦ୍ୟମାନ ରହିଛନ୍ତି ସମସ୍ତ ପ୍ରାଣୀର ହୃଦୟରେ, ସକଳ ବସ୍ତୁର ମଧ୍ୟରେ । ତା'ଛଡ଼ା ଏହି ଶରୀରରେ ବହୁତ ଦେବତାଙ୍କର ନିବାସ, ଆତ୍ମମାନଙ୍କର କର୍ମର ସାକ୍ଷୀ, ଆତ୍ମମାନଙ୍କର କର୍ମର ଟିକିନିଖି ହିସାବ ଯମରାଜଙ୍କ ପାଖରେ ଲେଖାହୋଇ ରହୁଛି । ଯଦି ଏତେ ବ୍ୟକ୍ତି ଦେଖିବେ, ତେବେ ଏହି ସାଧୁମଣ୍ଡଳୀଙ୍କୁ ତୁମର ଲଜ୍ଜା କାହିଁକି ?'' ସମସ୍ତଙ୍କ ସମ୍ମୁଖରେ ମୀରାବାଇଙ୍କଠାରୁ ଏପରି ଉତ୍ତର ପାଇ ଭଣ୍ଡ ସାଧୁ ବିଶେଷ ଲଜ୍ଜିତ ହେଲେ । ମୀରାବାଇଙ୍କ ହୃଦୟର ପବିତ୍ରତା ତଥା ଭଗବତ୍ ଭକ୍ତିର ପ୍ରଭାବରେ ତାଙ୍କ ଭଣ୍ଡାମି ଦୂର ହୋଇଗଲା, ସେ ନିଜ ଅପରାଧକୁ ବୁଝିପାରି ଉଚ୍ଚ ସ୍ୱରରେ କାନ୍ଦିବାକୁ ଲାଗିଲେ । ସମସ୍ତଙ୍କ ସମ୍ମୁଖରେ ମୀରାବାଇଙ୍କ ଚରଣରେ ପଡ଼ି ନିଜ ଅପରାଧର କ୍ଷମା ତଥା ନିଜ ଉଦ୍ଧାର ସକାଶେ ବ୍ୟାକୁଳ ହୋଇ ପ୍ରାର୍ଥନା କଲେ । ତାଙ୍କ ପ୍ରାର୍ଥନାର ଉତ୍ତରରେ ମୀରାଜୀ ଏହି ପଦ୍ୟଟି ଗାଇଥିଲେ—

''ମନରେ, ପରସି ହରିକେ ଚରଣ ॥
ସୁଭଗ ଶୀତଳ କମଳ କୋମଳ ତ୍ରିବିଧଜ୍ୱଳାହରଣ ।
ଜିନ ଚରନ ପ୍ରହ୍ଲାଦ ପରସେ ଇନ୍ଦ୍ର-ପଦବୀ-ଧରଣ ॥
ଜିନ ଚରନ ଧ୍ରୁବ ଅଟଳ କୀହ୍ନେ, ରାଖି ଅପନୀ ଶରଣ ।
ଜିନ ଚରନ ବ୍ରହ୍ମାଣ୍ଡ ଭେଁଟ୍ୟୋ ନଖସିଖା ସିରୀଧରଣ ॥
ଜିନ ଚରନ ପ୍ରଭୁ ପରସି ଲୀନୋଁ ତରୀ ଗୋତମ-ଧରଣ ।
ଜିନ ଚରନ କାଳୀ-ନାଗ ନାଥ୍ୟୋ ଗୋପ-ଲୀଳା-କରଣ ॥
ଜିନ ଚରନ ଗୋବର୍ଦ୍ଧନ ଧାର୍ୟୋ ଗର୍ବ ମଘବା ହରଣ ।
ଦାସୀ ମୀରା ଲାଲଗିରିଧର ଅଧମ ତାରଣ ତରଣ ॥''

ମୀରାଜୀଙ୍କର ଉପଦେଶରେ ଛଦ୍ମବେଶଧାରୀ ସାଧୁ ଯଥାର୍ଥରେ ସାଧୁ ହୋଇଗଲେ ।

ମୀରାବାଇଙ୍କର ଗୀତରଚନା ତଥା ଭଗବତ୍ ଭକ୍ତିଭାବ କ୍ରମଶଃ ଅଧିକରୁ ଅଧିକ ପ୍ରସାରିତ ହେଲା । ବାଦଶାହ ଆକବର ଏ ଖବର ପାଇ ମୀରାବାଇଙ୍କ ଦର୍ଶନ ସକାଶେ ବିଶେଷ ଉତ୍କଣ୍ଠିତ ହୋଇଉଠିଲେ । ଦିନେ ତାନ୍‌ସେନ୍‌ଙ୍କ ସହିତ ବୈଷ୍ଣବ ବେଶରେ ମୀରାବାଇଙ୍କ ଦର୍ଶନକୁ ଆସିଥିଲେ । ମୀରାବାଇଙ୍କ ଭକ୍ତିଭାବ ଦେଖି, ତାଙ୍କ ପ୍ରେମପୂର୍ଣ୍ଣ ଗାନ ଶୁଣି ସେ ଅତୀବ ମୁଗ୍ଧ ହୋଇଥିଲେ । କିଛି ଭେଟି ଦେବାକୁ ତାଙ୍କର ବିଶେଷ ଆଗ୍ରହ ଜନ୍ମିଲା । କିନ୍ତୁ ସେ ଜାଣିଥିଲେ ଯେ ତାଙ୍କ ଆଗ୍ରହ ବ୍ୟର୍ଥ ହେବ । ସେଥିନେଇ ସେ ଗୋଟିଏ ବହୁମୂଲ୍ୟ ହାର ଗିରିଧରଲାଲଙ୍କୁ ଅର୍ପଣ କରି ଚାଲିଗଲେ । ଆକବର

ଛଦ୍ମବେଶରେ ଆସିଥିବା କଥା ମୀରାବାଈ ଜାଣି ନ ଥିଲେ । ବହୁମୂଲ୍ୟ ହାର ଦେବାରୁ ଲୋକେ ବାଦଶାହ ଆକବର ବୋଲି ଅନୁମାନ କଲେ । ରାଣା ବିକ୍ରମାଦିତ୍ୟ ଏ ଖବର ପାଇ ବିଶେଷ କ୍ରୁଦ୍ଧ ହେଲେ ଏବଂ ମୀରାଜୀଙ୍କୁ ହତ୍ୟା କରି ଅପବାଦରୁ ମୁକ୍ତ ହେବାକୁ ନିଶ୍ଚୟ କଲେ । ଗୋଟିଏ ଗୋଖର ସାପକୁ ଗୋଟିଏ ପେଟାରୀରେ ବନ୍ଦ କରି ସେଥିରେ ଶାଳଗ୍ରାମ ଅଛି ବୋଲି କହି ସେ ମୀରାବାଈଙ୍କ ପାଖକୁ ପଠାଇଦେଲେ । ମୀରାବାଈ ଶାଳଗ୍ରାମ ନାମ ଶୁଣି ସ୍ନାନ କରି ସହର୍ଷରେ ପେଟାରୀ ଖୋଲିଲେ ଏବଂ ସାପ ପରିବର୍ତ୍ତେ ସେ ଗୋଟିଏ ଫୁଲମାଳ ସହ ଶାଳଗ୍ରାମ ମୂର୍ତ୍ତି ପାଇଲେ । ଭଗବାନଙ୍କ କୃପାରୁ ସର୍ପ ଶାଳଗ୍ରାମରେ ପରିଣତ ହେଲା । ଯିଏ ନିଜକୁ ଭଗବାନଙ୍କ ଚରଣରେ ଅର୍ପଣ କରିଦିଏ ଭଗବାନ୍ ତା' ସହିତ ଛାୟା ସଦୃଶ ରହି ତାକୁ ରକ୍ଷା କରନ୍ତି । ଯାହାର ରକ୍ଷକ ଭଗବାନ୍ ତା'ର ଅନିଷ୍ଟ କରିବ କିଏ ? ସାପ ପେଟାରୀରେ କେବେ ବି ଶାଳଗ୍ରାମ ରଖାଯାଏ ନାହିଁ । ମୀରାବାଈ ଅବଶ୍ୟ ସମସ୍ତ ଘଟଣା ବୁଝିପାରିଥିଲେ । କିଛି ସମୟ ପରେ ଲୋକଙ୍କ ଦ୍ୱାରା ମଧ୍ୟ ଏହା ପ୍ରମାଣିତ ହୋଇଗଲା । ମୀରାବାଈ ଆନନ୍ଦବିଭୋର ହୋଇ ଗାଇଲେ—

''ମୀରା ମଗନ ଭଇ ହରିକେ ଗୁଣ ଗାୟ ॥
ସାଁପ ପିଟାରା ରାଣା ଭେଜ୍ୟା, ମୀରା ହାଥ ଦିୟାଜାୟ ।
ନହାୟ ଧୋୟ ଜବ ଦେଖନ ଲାଗୀ,
ସାଳି ଗରାମ ଗୟୀ ପାୟ ॥''

* * *

''ମୀରାକେ ପ୍ରଭୁ ସଦା ସହାଇ, ରାଖେ ବିଘ୍ନ ହଟାୟ ।
ଭଜନ ଭାବମେଁ ମସ୍ତ ଡୋଲତୀ,
ଗିରିଧର ପୈ ବଲିଜାୟ ॥''

ରାଣାଜି ବହୁ ଉପାୟ ଅବଲମ୍ବନ କରି ସୁଦ୍ଧା ମୀରାଜୀଙ୍କୁ ତାଙ୍କ ନିଷ୍ଠାରୁ ତିଳେମାତ୍ର ଟଳାଇପାରିଲେ ନାହିଁ । କିନ୍ତୁ ବହୁ କଷ୍ଟ ଦେଲେ । ଶେଷରେ ମୀରାଜୀ ତୁଳସୀଦାସଙ୍କୁ ଗୋଟିଏ ପତ୍ର ଲେଖି ପଠାରିଥିଲେ—

''ସ୍ୱସ୍ତି ଶ୍ରୀ ତୁଳସୀ ଗୁଣଭୂଷଣ ଦୂଷହରଣ ଗୋସାଇଁ ।
ବାରହିଁ ବାର ପ୍ରଣାମ କରହୁଁ ଅବ ହରହୁ ଶୋକ ସମୁଦାଇ ॥
ଘରକେ ସ୍ୱଜନ ହମାରେ ଜେତେ ସବନ ଉପାଧି ବଢ଼ାଇ ।
ସାଧୁସଙ୍ଗ ଔର ଭଜନ କରତ ମୋହିଁ ଦେତ କଲେଶ ମହାଇ ॥
ସେତୋ ଅବ ଛୁଟତ ନହିଁ କୈଁାହୁଁ ଲଗୀ ଲଗନ ବରିୟାଇ ।
ବାଲପନେମେଁ ମୀରା କୀହ୍ନୀ ଗିରିଧରଲାଲ ମିତାଇ ॥
ମେରେ ମାତ ତାତ ସମ ତୁମ ହୋ ହରିଭକ୍ତନ ସୁଖଦାଇ ।
ମୋକୌଁ କହା ଉଚିତ କରିବୌଁ ଅବ ସୋ ଲିଖିୟେ ସମୁଝାଇ ॥''

ଗୋସ୍ୱାମୀ ତୁଳସୀଦାସ ମହାରାଜ ମୀରାବାଈଙ୍କ ପତ୍ରର ଉତ୍ତରରେ ଏହି ପ୍ରସିଦ୍ଧ ପଦଟି ଲେଖିଥିଲେ—

''ଜାକେ ପ୍ରିୟ ନ ରାମବୈଦେହୀ ।
ସୋ ଛାଁଡ଼ିୟେ କୋଟି ବୈରୀ ସମ

ଯଦ୍ୟପି ପରମ ସନେହୀ ॥
ନାତେଁ ନେହ ରାମକେ ମନିୟତ ସୁହୃଦ ସୁସେବ୍ୟ ଜହାଁ ଲୌଁ ।
ଅଞ୍ଜନ କହା ଆଁଖ ଜେହି ଫୁଟୈ ବହୁତ କହୌଁ କହାଁ। ଲୌଁ ॥
ତୁଲସୀ ସୋ ସବ ଭାଁତି ପରମହିତ ପୂଜ୍ୟପ୍ରାଣ ତେଁ ପ୍ୟାରୋ ।
ଜାସୌଁ ହୋୟ ସନେହ ରାମପଦ ୟେତୋ ମତୋ ହମାରୋ ॥''*

ମୀରାବାଈ ଗୋସ୍ୱାମୀ ତୁଳସୀଦାସଙ୍କର ଉପଦେଶାତ୍ମକ ପତ୍ର ପାଇ ଅତ୍ୟନ୍ତ ହର୍ଷଭରେ ବୃନ୍ଦାବନ ଯାତ୍ରାକଲେ । କିନ୍ତୁ ମୀରାଜୀଙ୍କ ଯାତ୍ରା ସ୍ଥଗିତ କରିବା ସକାଶେ ବହୁତ ଲୋକ ଆଗ୍ରହ ତଥା ପ୍ରଯତ୍ନ କରିଥିଲେ । କିନ୍ତୁ ସେ କାହାରି କଥା ନ ଶୁଣି ରାଜଧାନୀ ପରିତ୍ୟାଗ କରି ବୃନ୍ଦାବନ ଚାଲିଗଲେ ।

ବୃନ୍ଦାବନ ଶ୍ରୀରାଧାକୃଷ୍ଣଙ୍କ ପ୍ରେମର ମନ୍ଦିର । ସେ ସ୍ଥାନର ବୃକ୍ଷଲତା, ପଶୁପକ୍ଷୀ, ପ୍ରତି ଧୂଳିକଣାରେ ମଧ୍ୟ ଶ୍ରୀକୃଷ୍ଣପ୍ରେମ ଓତପ୍ରୋତଭାବେ ଜଡ଼ିତ । ପ୍ରେମୀ ଭକ୍ତ ସକାଶେ ସେ ସ୍ଥାନ ସାକ୍ଷାତ୍ ଗୋଲୋକ । ମୀରାବାଈ ସେଠାରେ ପହଞ୍ଚି ଦିବ୍ୟାନନ୍ଦରେ ଡୁବିଗଲେ । ତାଙ୍କ ଦୃଷ୍ଟିରେ ଥିଲା କେବଳ ଶ୍ରୀକୃଷ୍ଣଙ୍କ ନୀଳଲାବଣ୍ୟ ନଟବର ରୂପ ଏବଂ ତାଙ୍କର ଲଳିତ ଲୀଳା । ସେ ଶ୍ରୀକୃଷ୍ଣପ୍ରେମରେ ଉନ୍ମତ୍ତ ହୋଇଗଲେ । ପ୍ରେମମୂର୍ତ୍ତି ସାଧୁସନ୍ଥଙ୍କ ଦର୍ଶନରେ ତାଙ୍କୁ ଅପାର ଆନନ୍ଦ ପ୍ରାପ୍ତ ହେଲା । ସେତେବେଳେ ଚୈତନ୍ୟ ମହାପ୍ରଭୁଙ୍କ ଶିଷ୍ୟ ଶ୍ରୀ ଜୀବଗୋସ୍ୱାମୀ ପ୍ରସିଦ୍ଧ ସିଦ୍ଧମହାତ୍ମା ଥିଲେ । ତାଙ୍କ ଦର୍ଶନ ଲାଭ ନିମିତ୍ତ ମୀରାବାଈ ଗଲେ । ଜୀବଗୋସ୍ୱାମୀଙ୍କ ଶିଷ୍ୟ ମୀରାବାଈଙ୍କୁ କହିଲେ, ''ଆମ୍ଭ ଗୁରୁଦେବ କୌଣସି ସ୍ତ୍ରୀଙ୍କୁ ଦର୍ଶନ ଦିଅନ୍ତି ନାହିଁ ।'' ମୀରାଜୀ ଉତ୍ତର ଦେଲେ, ''ମୁଁ ଜାଣିଥିଲି, ବୃନ୍ଦାବନରେ ଏକମାତ୍ର ପୁରୁଷ ଶ୍ରୀକୃଷ୍ଣ, ଦ୍ୱିତୀୟ ପୁରୁଷ ତୁମ୍ଭ ଗୁରୁଦେବ ପ୍ରଘଟ ହେବାର ଆଜି ତୁମ୍ଭଠାରୁ ଶୁଣୁଛି ।'' ଶିଷ୍ୟଠାରୁ ଜୀବଗୋସ୍ୱାମୀ ଏକଥା ଶୁଣି ଅତ୍ୟନ୍ତ ହର୍ଷରେ ସ୍ୱୟଂ ଆସି ମୀରାଜୀଙ୍କ ସହିତ ସାକ୍ଷାତ୍ କଲେ । ମୀରାଜୀ ବୃନ୍ଦାବନରେ ଭଗବତ୍‌ପ୍ରେମୀ ସନ୍ଥମାନଙ୍କ ଦର୍ଶନରେ ବିଶେଷ ଆନନ୍ଦିତ ହେଲେ । ସେ ବୃନ୍ଦାବନର ବୃକ୍ଷଲତା, ପଶୁପକ୍ଷୀ ପ୍ରଭୃତିରେ ପ୍ରେମବିଗ୍ରହ ଶ୍ରୀକୃଷ୍ଣଙ୍କୁ ଉପଲବ୍ଧି କରୁଥିଲେ । ମୀରାବାଈ ଯଦ୍ୟପି ସବୁ ସମୟରେ ଭିତରେ ତଥା ବାହାରେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରୁଥିଲେ ତଥାପି ବୃନ୍ଦାବନରେ ବୃନ୍ଦାବନବିହାରୀଙ୍କ ସାକ୍ଷାତ୍ ଦର୍ଶନ ସକାଶେ ବ୍ୟାକୁଳ ହୋଇପଡ଼ିଲେ । ଦିବାନିଶି କେବଳ ଦର୍ଶନବିରହରେ ତାଙ୍କ ନୟନରୁ ଅଶ୍ରୁବର୍ଷଣ ହେଉଥାଏ, ସେ ନୃତ୍ୟ ତଥା ପ୍ରେମପୂର୍ଣ୍ଣ ସଙ୍ଗୀତ ଗାନ କରି ବାହ୍ୟଜ୍ଞାନଶୂନ୍ୟ ହୋଇଯାଆନ୍ତି ।

ଭଗବାନଙ୍କ ଦର୍ଶନ ପାଇଁ ବ୍ୟାକୁଳ ହେଲେ ଭଗବାନ୍ ଧୈର୍ଯ୍ୟ ଧରି ରହିପାରନ୍ତି ନାହିଁ । ସେ ଭକ୍ତକୁ ଦର୍ଶନ ଦେବାକୁ ଦୌଡ଼ି ଆସନ୍ତି । ସେ ତ ଭକ୍ତ ସହିତ ଛାୟା ସଦୃଶ ଲାଗି ରହିଥାଆନ୍ତି । ଭକ୍ତର ପ୍ରେମ ବୃଦ୍ଧି କରାଇବା ସକାଶେ ଲୁଚକାଳି ଖେଳନ୍ତି । କିନ୍ତୁ ଭକ୍ତର ପ୍ରେମ-ପାଶରୁ ମୁକ୍ତ ହେବାର ଶକ୍ତି ତାଙ୍କର ନ ଥାଏ । ତାଙ୍କ ପାଖରେ ସମସ୍ତ ବ୍ରହ୍ମାଣ୍ଡ ହାରିଯାଏ, ସେ ହାରନ୍ତି ଭକ୍ତ ପାଖରେ । ମୀରାବାଈଙ୍କ ପାଖରେ ତାଙ୍କୁ ହାର୍ ମାନିବାକୁ ହେଲା । ସେ ମୀରାଜୀଙ୍କର ଉତ୍କଟ ପ୍ରେମର ଆକର୍ଷଣରେ ସାକ୍ଷାତ୍ ଭାବେ ପ୍ରକଟ ହୋଇ ତାଙ୍କୁ ଦର୍ଶନ ଦେଲେ । ତାଙ୍କ ଦର୍ଶନରେ ବିଭୋର ହୋଇ ମୀରାଜୀ ଗୀତ ଗାଇ ନୃତ୍ୟ କଲେ—

''ଅଜୁ ମୈଁ ଦେଖ୍ୟୋ ଗିରିଧାରୀ ।
ସୁନ୍ଦର ବଦନ ମଦନକୀ ଶୋଭା ଚିତ୍ତବନ ଅନିବାରୀ ॥
ବଜାବତ ବଂଶୀ କୁଞ୍ଜନମେଁ ।

* ଐତିହାସିକ ପଣ୍ଡିତମାନେ କହନ୍ତି ଯେ ମୀରାଜୀଙ୍କର ଗୋସ୍ୱାମୀ ତୁଳସୀଦାସଙ୍କ ସହିତ କୌଣସି ପତ୍ରବିନିମୟ ହୋଇ ନ ଥିଲା । କିନ୍ତୁ ସନ୍ଥମାନଙ୍କ ପରମ୍ପରାରେ ଏହି ଦୁଇଟି ପତ୍ରର ଆଦାନପ୍ରଦାନ ହୋଇଥିବା ପ୍ରସିଦ୍ଧ ।

ଗାବତ ମାଲ ତରଙ୍ଗ ରଙ୍ଗ ଧ୍ୱନି ନଚତ ଗ୍ୱାଳ ଗନମେଁ ॥
ମାଧୁରୀ ମୂରତି ବହପ୍ୟାରୀ ।
ବସୀ ରହେଁ ନିଶିଦିନ ହିରଦୈ ବିଚ ଟରେ ନହିଁ ଟାରୀ ॥
ବାହିପର ତନମନ ହୈଁ ବାରୀ ।
ବହ ମୂରତି ମୋହିନୀ ନିହାରତ ଲୋକଲାଜ ଡାରୀ ॥
ତୁଲସୀ ବନ କୁଞ୍ଜନ ସଂଚାରୀ ।
ଗିରିଧରଲାଲ ନବଲ ନଟନାଗର ମୀରା ବଲିହାରୀ ॥''

ପୁନଶ୍ଚ ଗାଇଥିଲେ—

''ମେରେ ତୋ ଗିରିଧର-ଗୋପାଲ ଦୂସରୋ ନ କୋଇ ॥
ଜାକେ ସିର ମୋର ମୁକୁଟ, ମେରୋ ପତି ସୋଇ ।
ତାତ ମାତ ଭ୍ରାତ ବନ୍ଧୁ, ଆପନୋ ନ କୋଇ ॥
ଛାଁଡ଼ ଦଇ କୁଳକୀ କାନ, କାକରିହୈଁ କୋଇ ।
ସଁତନ ଢିଗ ବୈଠି ବୈଠି, ଲୋକଲାଜ ଖୋଇ ॥
ଚୁନରୀକେ କିୟେ ଟୂକ, ଓଢ଼ାଲୀହ୍ନି ଲୋଇ ।
ମୋତୀ ମୂଗେ ଉତାର, ବନମାଲା ପୋଇ ॥
ଆଁସୁବନ ଜଳ ସୀଞ୍ଚ, ପ୍ରେମ-ବେଲି ବୋଇ ।
ଅବତୋ ବେଲି ଫୈଲ ଗଇ, ହୋନୀ ହୋ ସୋ ହୋଇ ॥
ଦୁଧକୀ ମଥନିୟାଁ ବଡ଼େ ପ୍ରେମସେ ବିଲୋଇ ।
ମାଖନ ଜବ କାଢ଼ି ଲିୟୋ, ଛାଛ ପିୟେ କୋଇ ॥
ଆଇ ମୈଁ ଭକ୍ତି କାଜ, ଜଗତ୍ ଦେଖ ମୋହୀ ।
ଦାସୀ ମୀରା ଗିରିଧର ପ୍ରଭୁ, ତାରୋ ଅବ ମୋହୀ ॥''

ମୀରାଜୀ ବୃନ୍ଦାବନରେ କିଛିଦିନ ରହି ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିଥିଲେ । ତାଙ୍କର ଅଭୀପ୍ସା ପୂର୍ଣ୍ଣ ହେଲା । ସେ ଶେଷଜୀବନ ଦ୍ୱାରିକାନାଥଙ୍କ ସାମୀପ୍ୟରେ ବ୍ୟତୀତ କରିବା ଉଦ୍ଦେଶ୍ୟରେ ଦ୍ୱାରକା ଯାତ୍ରା କଲେ । ଦ୍ୱାରିକାନାଥଙ୍କ ନିକଟରେ ଆନନ୍ଦରେ ନିବାସ କଲେ ।

ମୀରାବାଇ ଗୃହତ୍ୟାଗ କରି ଆସିବା ପରେ ରାଜ୍ୟକୁ ଶତ୍ରୁ ଆକ୍ରମଣ କଲା ଏବଂ ନାନାପ୍ରକାର ବାଧାବିପତ୍ତି ପଡ଼ିଲା । ବିପଦ ଆସିଲେ ମନୁଷ୍ୟର ସଦ୍‌ବୁଦ୍ଧି ଆସେ । ସଦ୍‌ବୁଦ୍ଧି ଦ୍ୱାରା ବ୍ୟକ୍ତି ଯଥାର୍ଥ-ଅଯଥାର୍ଥ ବୁଝିପାରେ । ରାଣାଜି ବୁଝିପାରିଲେ ଯେ ପରମଭକ୍ତା ମୀରାଜୀଙ୍କ ପ୍ରତି ତାଙ୍କର ଦୁର୍ବ୍ୟବହାର ଏବଂ ମୀରାଜୀଙ୍କ ରାଜ୍ୟତ୍ୟାଗ ଯୋଗୁଁ ବାଧାବିଘ୍ନ ଉପଦ୍ରବ ହୋଇଛି । ଭକ୍ତିମତୀ ମୀରାବାଇଙ୍କ ପ୍ରତି କରିଥିବା ଦୁର୍ବ୍ୟବହାର ଯୋଗୁଁ ରାଣାଙ୍କ ହୃଦୟ ପଶ୍ଚାତ୍ତାପ ଅଗ୍ନିରେ ଦଗ୍ଧ ହେବାକୁ ଲାଗିଲା । ମୀରାଜୀଙ୍କୁ ରାଜ୍ୟକୁ ଫେରାଇ ଆଣିଲେ ଏହି ଦୋଷର ପ୍ରାୟଶ୍ଚିତ୍ତ ହୋଇପାରିବ, ଏହାଛଡ଼ା ଅନ୍ୟ ଉପାୟ ନାହିଁ ବୋଲି ସେ ନିଶ୍ଚୟ କଲେ । ତାଙ୍କର କୁଳପୂଜ୍ୟ, ବିଦ୍ୱାନ୍, ସଦାଚାରୀ ବ୍ରାହ୍ମଣମାନଙ୍କୁ ଦ୍ୱାରକା ପଠାଇ ମୀରାଜୀଙ୍କୁ ଫେରାଇ ଆଣିବାକୁ ବିନୀତ ଭାବେ କହିଲେ । ବ୍ରାହ୍ମଣମାନେ ମୀରାଜୀଙ୍କ ପାଖରେ ପହଞ୍ଚି ରାଣାଙ୍କର ବିନୀତ ଅନୁରୋଧ ଜଣାଇ ରାଜ୍ୟକୁ ଫେରିଯିବାକୁ ବିଶେଷ ଆଗ୍ରହ କଲେ । ମୀରାଜୀ ଭଗବତ୍ ପ୍ରେମାନନ୍ଦରେ ସର୍ବଦା ଡୁବି

ରହୁଥିଲେ । ତାଙ୍କ ମନରେ ରାଗଦ୍ୱେଷର ସ୍ଥାନ ନ ଥିଲା, ରାଣାଙ୍କ ପ୍ରତି ବା ଅସନ୍ତୋଷ ଧାରଣା ଆସିବ କେଉଁଠୁ ? କିନ୍ତୁ ମନ ଭଗବତ୍ ପ୍ରେମରେ ନିମଗ୍ନ ଥିବାରୁ ସେ ଦ୍ୱାରକା ଛାଡ଼ି ପୁନଶ୍ଚ ଘରକୁ ଯିବାକୁ ଅସ୍ୱୀକାର କଲେ । ଏଥିରେ ବ୍ରାହ୍ମଣମାନେ ମୀରାଜୀଙ୍କୁ ଫେରାଇନେବା ଉଦ୍ଦେଶ୍ୟରେ ଅନଶନବ୍ରତ ଅବଲମ୍ବନ କଲେ । ଏପରିସ୍ଥଳେ ମୀରାଜୀ କିଂକର୍ତ୍ତବ୍ୟବିମୂଢ଼ ହୋଇ ଅନିଚ୍ଛା ସତ୍ତ୍ୱେ ଦ୍ୱାରକାନାଥଙ୍କଠାରୁ ବିଦାୟ ନେବା ସକାଶେ ମନ୍ଦିରକୁ ଗଲେ । ଗୀତ ଗାଇ ନୃତ୍ୟ କରୁ କରୁ ତାଙ୍କ ଚେତନା ଭଗବାନଙ୍କ ସହିତ ପୂର୍ଣ୍ଣରୂପେ ଏକତ୍ୱପ୍ରାପ୍ତ ହେଲା । ସେ ଭଗବାନଙ୍କ ବିଗ୍ରହ ସମୀପକୁ ଚାଲିଗଲେ । ସେହିଠାରୁ ସେ ହେଲେ ଅଦୃଶ୍ୟା । ତାଙ୍କ ଶାଢ଼ି ରହିଲା ଭଗବାନଙ୍କ ବିଗ୍ରହରେ, ତାଙ୍କ ଶରୀର ବିଲୀନ ହୋଇଗଲା ଭଗବାନଙ୍କ ବିଗ୍ରହ ସହିତ । ଏହା ଥିଲା ମୀରାଜୀଙ୍କ ପ୍ରେମଭକ୍ତିର ପ୍ରତ୍ୟକ୍ଷ ପ୍ରମାଣ ।

ଆନୁମାନିକ ସମ୍ବତ୍ ୧୬୩୦ ରେ ମୀରାଜୀଙ୍କ ଶରୀର ଭଗବାନଙ୍କ ସହିତ ଏକତ୍ୱପ୍ରାପ୍ତ ହୋଇଥିଲା । ମୀରାଜୀ ଯେତେ ଗ୍ରନ୍ଥ ରଚନା କରିଛନ୍ତି ତାହାସବୁ ବିଲୁପ୍ତ ହୋଇଯାଇଛି । ତାଙ୍କ ରଚିତ ଯେତେଗୁଡ଼ିଏ ଗୀତ ପ୍ରାପ୍ତ ଅଛି ସେଥିରେ ଭଗବତ୍ ପ୍ରେମ ଓତପ୍ରୋତ ହୋଇରହିଅଛି । ସେ ପଦ୍ୟ ଶୁଣିବା ମାତ୍ରେ ହୃଦୟରେ ଦିବ୍ୟ ପ୍ରେମର ସ୍ରୋତ ପ୍ରବାହିତ ହୁଏ, ଶୁଷ୍କ, ନୀରସ ହୃଦୟରେ ମଧ ଭକ୍ତିରସ ସଞ୍ଚାରିତ ହୁଏ । ତାଙ୍କ ରଚିତ ପଦ୍ୟ ଗାଇ କେତେ ଭକ୍ତ ପ୍ରେମଭକ୍ତି ଲାଭ କରିଅଛନ୍ତି । ଭକ୍ତସମାଜକୁ ଏହା ତାଙ୍କର ମହାନ୍ ଦାନ । ଏପରି ପବିତ୍ର ଭଗବଦ୍‌ଭକ୍ତା ଚିରସ୍ମରଣୀୟା ମୀରାଜୀଙ୍କ ଗ୍ରନ୍ଥ ପାଠକମାନେ ପଢ଼ି ବିଶେଷ ଉପକୃତ ହେବେ ।

ବୋଲ ଭକ୍ତ ଏବଂ ଭଗବାନଙ୍କୁ ଜୟ ।

(ଏହି ଚରିତ ଚିତ୍ରଣ କରିବାରେ ନାଭାଜିଙ୍କ ପ୍ରସିଦ୍ଧ 'ଭକ୍ତମାଳ' ତଥା ହନୁମାନ ପ୍ରସାଦ ପୋଦାରଙ୍କ ଲିଖିତ 'ଭକ୍ତନାରୀ'ରୁ ସାହାଯ୍ୟ ନିଆ ହୋଇଅଛି ।)

ଭକ୍ତିଦେବୀ ଫୂଲୀବାଈ

ଧନ-ମାନ-ଯଶଃ-ବିଦ୍ୟା-ବୁଦ୍ଧି-ସମ୍ପନ୍ନ ଅଭିମାନୀ ଏବଂ ଛଳ-କପଟ-ଯୁକ୍ତ, ମାନ-ପ୍ରତିଷ୍ଠା-ପିପାସୁ, ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିଙ୍କ ପାଖକୁ ଭକ୍ତିଦେବୀ କେବେ ଭୁଲରେ ବି ଯାଆନ୍ତି ନାହିଁ; ଯାହାର ହୃଦୟ ଭାବପୂର୍ଣ୍ଣ, ଯେ ଅଭିମାନରହିତ, ସେ ଗରିବ ହେଉ ଅଥବା ଧନୀ ହେଉ ତାହାରି ହୃଦୟରେ ଭକ୍ତିଦେବୀ ନିବାସ କରନ୍ତି । ଫୂଲୀବାଈଙ୍କ ହୃଦୟ ଥିଲା ଶୁଦ୍ଧପୂତ, ଛଳ-କପଟ-ଦମ୍ଭ-ଅଭିମାନ-ଶୂନ୍ୟ । ସେହି ଶୁଦ୍ଧ ହୃଦୟ ମଧ୍ୟରେ ଭକ୍ତିଦେବୀ ନିବାସ କରିଥିଲେ । ସମ୍ବତ୍ ୧୬୯୪ ରୁ ୧୭୩୪ ମଧ୍ୟରେ ଫୂଲୀବାଈ ଏହି ଇହଧାମରେ ତାଙ୍କର ପବିତ୍ର ଜୀବନଯାପନ କରିଥିଲେ । ସେତେବେଳେ ଯୋଦ୍ଧପୁରର ମହାପ୍ରତାପୀ, ସାହିତ୍ୟିକ, ତତ୍ତ୍ୱଜ୍ଞାନୀ, ଭକ୍ତ ମହାରାଜ ଯଶୋବନ୍ତ ସିଂହ ଥିଲେ । ଫୂଲୀବାଈଙ୍କର ଜନ୍ମସ୍ଥାନ ହେଉଛି ଯୋଦ୍ଧପୁରର ଏକ ଛୋଟ ଗ୍ରାମରେ । ସେ ଲାଳିତପାଳିତ ହୋଇଥିଲେ ତାଙ୍କ ମାମୁଅଜାଙ୍କ ମାଁଝବାସ ଗ୍ରାମରେ । ମାମୁଅଜା ତାଙ୍କର କୃଷକ ଥିଲେ । ସେଠାକାର କୃଷକମାନେ କୃଷିକ୍ଷେତ୍ରରେ ଗୋଟିଏ ଗୋଟିଏ କୁଡ଼ିଆ ତିଆରି କରି ରହନ୍ତି, ଭୋଜନାଦିର ବ୍ୟବସ୍ଥା ସେହିଠାରେ ହୋଇଥାଏ ଅଥବା ସେମାନଙ୍କ ଗୃହରୁ ଭୋଜନ ପ୍ରସ୍ତୁତ ହୋଇ ସେମାନଙ୍କ ନିକଟରେ ପହଞ୍ଚାଇ ଦିଆଯାଏ । ଶସ୍ୟ ଆମଦାନି ହୋଇଯିବା ପରେ ତାହା ନେଇ ସେମାନେ ଘରକୁ ଫେରନ୍ତି କିଂବା ଘରର କୌଣସି ଲୋକ ସେଠାରେ ବରାବର ରହନ୍ତି । ଫୂଲୀବାଈଙ୍କ ମାମୁଅଜା କୁଡ଼ିଆରେ ରହୁଥିଲେ, ବାଲ୍ୟାବସ୍ଥାରେ ମଧ୍ୟ ଫୂଲୀବାଈଙ୍କୁ ସେହି କୃଷିକ୍ଷେତ୍ରସ୍ଥ କୁଡ଼ିଆ ମଧ୍ୟରେ ସମୟ କଟାଇବାକୁ ହୋଇଥିଲା । ସେ ଟିକିଏ ବଡ଼ ହେଲା ପରେ କ୍ଷେତ୍ରସ୍ଥ ବ୍ୟକ୍ତିମାନଙ୍କ ନିମିତ୍ତ ଘରୁ ଭୋଜନ ନେଇ ଆସୁଥିଲେ । ଦିନେ ଘରୁ ଭୋଜନ ନେଇ ଆସୁଥିବା ସମୟରେ ଭଗାଁଣା ଗ୍ରାମର ସୁପ୍ରସିଦ୍ଧ ସନ୍ଥ ଜ୍ଞାନିଜିଙ୍କୁ ବାଟରେ ଦର୍ଶନ କରିବାର ସୁଯୋଗ ପାଇଲେ । ଫୂଲୀବାଈଙ୍କ ହୃଦୟସ୍ଥ ଅପ୍ରକାଶ୍ୟ ଭକ୍ତି ଏବଂ ତାଙ୍କ ଭବିଷ୍ୟତ୍ ଜୀବନ ଜ୍ଞାନିଜି ସ୍ପଷ୍ଟରୂପେ ଦେଖିପାରିଲେ । ଜ୍ଞାନିଜି କହିଲେ, ''ବାଇ, ମୁଁ ଭୋଖିଲା ହୋଇଛି । କିଛି ଭୋଜନ ଚାହେଁ ।'' ଫୂଲୀବାଈ ଏଥିରେ ବହୁତ ଖୁସି ହୋଇ ଶ୍ରଦ୍ଧା-ଭକ୍ତି ସହ ଭୋଜନ ତାଙ୍କ ସମ୍ମୁଖରେ ରଖି ତାଙ୍କ ଚରଣ ତଳେ ନିଜ ମସ୍ତକ ନତ କରିଦେଲେ । ଜ୍ଞାନିଜି ବହୁତ ପ୍ରସନ୍ନ ହୋଇ ଫୂଲୀବାଈଙ୍କ ମସ୍ତକରେ ବରଦ ହସ୍ତ ରଖିଦେଲେ । ଭୋଜନ କରିସାରି ଆଚମନ କରି ସେହି ସ୍ଥାନରେ ଫୂଲୀବାଈଙ୍କୁ ରାମନାମ ଦୀକ୍ଷା ଦେଲେ । ଦୀକ୍ଷା ଗ୍ରହଣ କରିବା ମାତ୍ରେ ତାଙ୍କର ସୁପ୍ତ ଚେତନା ଜାଗ୍ରତ୍ ହୋଇଉଠିଲା । ଆନନ୍ଦରେ ତାଙ୍କ ହୃଦୟ ଭରିଗଲା । ସେ ନୀରବରେ ଗୁରୁଦେବଙ୍କ ଚରଣରେ ମସ୍ତକ ରଖିଦେଲେ । ଗୁରୁଦେବ ଉପଯୁକ୍ତ ଶିଷ୍ୟା ପାଇ ଆନନ୍ଦରେ ପୁନର୍ବାର ଆଶୀର୍ବାଦପୂର୍ବକ ତାଙ୍କ ମସ୍ତକରେ ହସ୍ତ ରଖି ବିଦାୟ ଦେଲେ ।

ସେହିଦିନଠାରୁ ଫୂଲୀବାଈଙ୍କର ଜୀବନଧାରା ପରିବର୍ତ୍ତିତ ହେଲା । ତାଙ୍କ ହୃଦୟରେ ଏକ କ୍ଷୀଣ କିନ୍ତୁ ତୀବ୍ର ଭକ୍ତି-ସ୍ରୋତ ପ୍ରବାହିତ ହେବାକୁ ଲାଗିଲା । ସ୍ୱତଃସ୍ଫୂର୍ତ୍ତଭାବେ ତାଙ୍କ ଅନ୍ତରରୁ ରାମନାମ ଉଚ୍ଚାରିତ ହେଲା । କ୍ରମଶଃ ଗୋଟି ଗୋଟି ହୋଇ ମୋହାବରଣସବୁ ଦୂର ହେଉଥିଲା । ଭଗବାନଙ୍କ ପ୍ରତି ତାଙ୍କ ବୃତ୍ତିଚୟ ସ୍ୱଭାବତଃ ଆକୃଷ୍ଟ ହେବାକୁ ଲାଗିଲା । ସେ ସମୟ ପାଇବା ମାତ୍ରେ ଭଗବତ୍ ଧ୍ୟାନରେ ମଗ୍ନ ହୋଇ ଯାଉଥିଲେ । ବୟସର ବୃଦ୍ଧି ସଙ୍ଗେ ସଙ୍ଗେ ଭଗବତ୍ ଭକ୍ତି-ସ୍ରୋତ ତୀବ୍ରରୁ ତୀବ୍ରତର ହେବାକୁ ଲାଗିଲା । ଫଳରେ ସାଂସାରିକ ଭୋଗବିଳାସ ପ୍ରତି ବିତୃଷ୍ଣା ଭାବ ଜାଗ୍ରତ ହେଲା । ମୋହମାୟା, ଆସକ୍ତି, ସକଳପ୍ରକାର ପାର୍ଥିବ ପ୍ରକୃତି ସେହି ଭକ୍ତି-ସ୍ରୋତରେ ଲୀନ ହୋଇଗଲା ।

ପୁତ୍ରକନ୍ୟାମାନେ ଉପଯୁକ୍ତ ବୟସ ପ୍ରାପ୍ତ ହେଲେ ମୋହମାୟାରୂପ ବିବାହ-ଜଞ୍ଜିରରେ ସେମାନଙ୍କୁ ବନ୍ଦି କରିଦେବା ପିତାମାତାଙ୍କର ଧର୍ମ ବୋଲି ବିବେଚିତ ହୁଏ । ତାହା ସେମାନଙ୍କର ସନ୍ତାନ ପ୍ରତି ଯଥାର୍ଥ କର୍ତ୍ତବ୍ୟ ବୋଲି ସେମାନେ ମନେକରନ୍ତି । ନିଜେ ଯେଉଁ ମାର୍ଗରେ ଯାଇଥା'ନ୍ତି ସେହି ମାର୍ଗ ତାଙ୍କ ସମ୍ମୁଖରେ ଥାଏ ସିଧାସଳଖ । ସେହି ସିଧାମାର୍ଗ ଛାଡ଼ି ସନ୍ତାନମାନଙ୍କୁ ଅନ୍ୟ ମାର୍ଗ ଦେଖାଇବେ ବା କେଉଁଠୁ ? ପୁଣି ସନ୍ତାନ ସେ ମାର୍ଗକୁ ଯଦି ସ୍ୱୀକାର ନ କରେ, ତେବେ ତାହା ପିତାମାତାଙ୍କର ଚିନ୍ତାର ବିଷୟ ହୋଇଉଠେ । ନାନାପ୍ରକାର କଳକୌଶଳ କରି ସେହି ମାର୍ଗକୁ ଆଣିବାକୁ ସେମାନେ

ସତତ ଚେଷ୍ଟା କରନ୍ତି । ସେହି ବିପଦ ଆସିଲା ଫୂଲୀବାଇଙ୍କ ସମ୍ମୁଖରେ । ଏ ପ୍ରକାର ବିପଦ ପୁଅମାନଙ୍କ ଅପେକ୍ଷା ଝିଅମାନଙ୍କ ପକ୍ଷେ ଅଧିକ ହୋଇଥାଏ । ପିତାମାତା ମନେକରନ୍ତି ପୁଅ ଅପେକ୍ଷା ଝିଅ ଉପରେ ସେମାନଙ୍କ ଅଧିକାର ବେଶୀ । ଝିଅର ଅନିଚ୍ଛା ସତ୍ତ୍ୱେ ତା' ଉପରେ ଜୋର୍ କରି ଏହି ବିବାହ-ବୋଝ ଲଦି ଦିଆଯାଏ । ଅବଶ୍ୟ ଆଧୁନିକ ଯୁଗରେ ଏ ପ୍ରକାର ଜୋର୍ ଜବରଦସ୍ତି ନାହିଁ । ଆଜି ଶିକ୍ଷାର ପ୍ରସାର ହୋଇଛି ଏବଂ ନାରୀଶିକ୍ଷା ସେଥିରେ ଅବିଚ୍ଛେଦ୍ୟ ଅଙ୍ଗରୂପେ ଗୃହୀତ ହୋଇଛି । ଆଉ ନାରୀ ସ୍ୱାଧୀନ ମତ ପ୍ରକାଶ କରିବାର ଯଥେଷ୍ଟ ସୁଯୋଗ ପାଇଛି । କିନ୍ତୁ ଏ ପ୍ରକାର ସ୍ୱାଧୀନତାକୁ ସେ ଯେ କିପରିଭାବେ ବିନିଯୋଗ କରିବ ତା' ନିର୍ଭର କରେ ତା' ଉପରେ । ସେ ଯାହାହେଉ, ବର୍ତ୍ତମାନ ସେସବୁ ବିଷୟ ଆଲୋଚନା କରିବା ପାଇଁ ଏଠାରେ ସମୟ ନାହିଁ । ଦୀର୍ଘ ଦୁଇ ଅଢ଼େଇ ଶହ ବର୍ଷ ତଳେ ନାରୀର କି ଅଧୋଗତି ହୋଇଥିଲା ତାହା ସମସ୍ତେ ଜାଣିଥିବେ । ନାରୀ ତା'ର ସ୍ୱାଧୀନତା ସଂପୂର୍ଣ୍ଣ ରୂପେ ହରାଇ ବସିଥିଲା । ସେତେବେଳେ ବାଲ୍ୟାବସ୍ଥାରେ ପିତା, ଯୌବନ ଅବସ୍ଥାରେ ପତି ଓ ପରିଣତ ବୟସରେ ପୁତ୍ର, ଏହିମାନଙ୍କର ଅଧୀନ ହୋଇ ସେ ତା'ର ଜୀବନ ବିତାଉ ଥିଲା । ସେ ନିଜର ମତ ପ୍ରକାଶ ନ କରିବାହିଁ ସେତେବେଳର ଧର୍ମ ଥିଲା । ପିତାମାତା କନ୍ୟାର କୌଣସି ମତ ନ ଚାହିଁ ନିଜ ଇଚ୍ଛାନୁସାରେ ତାକୁ ସଂସାରକ୍ଷେତ୍ରରେ ଦୁଃଖଜଞ୍ଜାଳରୂପ ବିବାହ ବନ୍ଧନରେ ବାନ୍ଧି ଦେଉଥିଲେ । ଫୂଲୀବାଇଙ୍କର ବିବାହପ୍ରସ୍ତାବ ଏହି ନିୟମାନୁସାରେ ସ୍ଥିର ହେଲା । ବିବାହର ନିର୍ଦିଷ୍ଟ ଦିବସରେ ବର ମଧ୍ୟ ଗ୍ରାମ ନିକଟରେ ଆସି ପହଞ୍ଚିଲା । ପୂର୍ବରୁ ଯଦିଓ ଫୂଲୀବାଇ ବିବାହ ନ କରିବା ପାଇଁ ନିଶ୍ଚୟ କରିଥିଲେ, ତଥାପି କ'ଣ କରିବାକୁ ହେବ, କେଉଁ ଉପାୟରେ ପ୍ରସ୍ତାବ ରଦ୍ଦ କରିଦେବାକୁ ହେବ, ସେ ବିଷୟରେ ଚିନ୍ତା କରିପାରି ନ ଥିଲେ । ଏକେ ତ ଚଉଦ ବର୍ଷର ଗୋଟିଏ ନିରକ୍ଷରା ବାଳିକା, ପୁଣି ସାମାଜିକ ନିୟମର ଦୁଃସହ ଚାପ । ସେ କେବଳ ଭଗବାନଙ୍କୁ ପ୍ରାର୍ଥନା କରୁଥା'ନ୍ତି । କିନ୍ତୁ ବର ଆସିବାର ଖବର ପାଇ ସେ ଅତିଶୟ ବ୍ୟାକୁଳ ହୋଇପଡ଼ିଲେ । ଭୟ, ଚିନ୍ତା ଓ ବ୍ୟାକୁଳତାରେ ତାଙ୍କର ସମସ୍ତ ଇନ୍ଦ୍ରିୟ ଶିଥିଳ ହୋଇପଡ଼ିଲା । ସେ କେଉଁଆଡୁ ଥଳକୂଳ ନ ପାଇ ଅତ୍ୟନ୍ତ କାତରତାର ସହିତ ଭଗବାନଙ୍କୁ ଡାକିଲେ— ''ହେ କରୁଣାମୟ, ଦୀନବନ୍ଧୁ, ତୁ ଦ୍ରୌପଦୀଙ୍କୁ ରକ୍ଷା କରିଛୁ, ଗଜକୁ ଉଦ୍ଧାର କରିଛୁ, କେତେ ପାପୀତାପୀଙ୍କୁ ପରମପଦ ପ୍ରଦାନ କରିଛୁ, ମୁଁ ଅନାଥା ବାଳିକା, ମୋର ଅନ୍ୟ ଭରସା ନାହିଁ, ତୋରି ଚରଣରେ ମୁଁ ନିଜକୁ ସମର୍ପଣ କରିଦେଇଛି, ତୁ ମୋତେ ଏହି ବିପଦରୁ ରକ୍ଷା କର ।'' ଏହିପରି ପ୍ରାର୍ଥନା କରୁ କରୁ ବ୍ୟାକୁଳତାରେ ତାଙ୍କ କଣ୍ଠ ରୁଦ୍ଧ ହୋଇଗଲା । ସେ ନିସ୍ତେଜ ହୋଇ ପଡ଼ିଗଲେ । ହୃଦୟରେ ତାଙ୍କର ହଠାତ୍ ଜ୍ଞାନଜ୍ୟୋତିଃ ପ୍ରକାଶ ହୋଇଗଲା । ଅନ୍ତରରୁ ବାଣୀ ଆସିଲା— ''ମୁଁ ତୋର ସହାୟକ, ତୋତେ ମୁଁ ରକ୍ଷା କଲି ।'' ଏହି ଆନ୍ତର ପ୍ରେରଣାରେ ତାଙ୍କ ବିଚାରବୁଦ୍ଧି ପ୍ରକାଶିତ ହେଲା । ସାହସ, ଧୈର୍ଯ୍ୟ ଓ ନିର୍ଭୀକତା ଇତ୍ୟାଦି ଗୁଣ ତାଙ୍କୁ ପ୍ରାପ୍ତ ହେଲା । ନିଜ ମାତୃଭାଷାରେ ତାଙ୍କ ଅନ୍ତରରୁ ସ୍ୱତଃସ୍ଫୂର୍ତ୍ତଭାବେ କବିତା ନିଃସୃତ ହେଲା ଏବଂ ସେ ଦୃଢ଼ତା ସହିତ ଏହି କବିତାଟି ମାମୁଅଜାଙ୍କୁ କହିଦେଲେ—

''ଜାନୀ ଆନା ଗୋରବେ, ଫୂଲୀ କିୟୋ ବିଚାର ।
ସବ ସଂନ୍ତାଁରୋ ସାହିବୋ, ସୋ ମେରୋ ଭରତାର ॥''
(ଫୂଲୀବାଇ)

''ବର ଆସିବା ଜାଣି ଫୂଲୀ ବିଚାର କଲା ସମସ୍ତ ସନ୍ଥମାନଙ୍କର ଯେ ସାହେବ ସେହିଁ ମୋର ପତି ।''

ସେ କହିଲେ, ''ଯେ ଆଜି ଅଛି କାଲି ମରିବ, ଏପରି ପତିକୁ ମୁଁ କାହିଁକି ବିବାହ କରିବି ? ଯେ କେବେ ମରେ ନାହିଁ, ସମସ୍ତ ସନ୍ଥଙ୍କର ସ୍ୱାମୀ ତାଙ୍କୁହିଁ ମୁଁ ପତିରୂପେ ବରଣ କରିଛି ।''

''ଫୂଲୀ କୟୋ କୁଁବାରୀ ପରଣୈ,
ମୈଁ ତୋ ପାରବ୍ରହ୍ମ ପତି ଶରଣୈ ।''

''ବିବାହ କରେ କୁମାରୀ, ମୋର ପତି ପରଂବ୍ରହ୍ମ, ପୁଣି ମୁଁ କିପରି ଅନ୍ୟକୁ ବିବାହ କରିବି ?''

ସେହି କଠିନ ସମୟରେ ନିରକ୍ଷରା ଚଉଦ ବର୍ଷର ବାଳିକା ଫୂଲୀବାଈ ଦୃଢ଼ ସଂକଳ୍ପ ସହ ସେ ସମୟର ବନ୍ଧନ ଭାଙ୍ଗି ଗୋଟିଏ ନୂତନ ପଦକ୍ଷେପ ନେଲେ । ଦୃଢ଼ ନିଶ୍ଚୟତା ସହ ନିର୍ଭୀକ ଭାବରେ ଅପ୍ରତିହତ ସଂକଳ୍ପରେ ସେ ବିବାହ କରିବାକୁ ଅସ୍ୱୀକାର କଲେ । ଏଥିରେ ଗୁରୁଜନ, ସାହିପଡ଼ିଶା ତଥା ସମାଜକୁ ଭୟଙ୍କର ଧକ୍କା ଲାଗିଲା । ଗୁରୁଜନମାନେ ନାନାପ୍ରକାର ଯୁକ୍ତି ତଥା ଭୟ ଦେଖାଇ ତାଙ୍କୁ ବୁଝାଇବାକୁ ଚେଷ୍ଟା କଲେ । କିନ୍ତୁ ତାଙ୍କର ଦୃଢ଼ ନିଷ୍ପତ୍ତି ଟଳିବାର ନୁହେଁ । ସେମାନଙ୍କର ସମସ୍ତ ଚେଷ୍ଟା ବ୍ୟର୍ଥ ହେଲା ।

ଶେଷରେ ମାମୁଅଜା ଭୀଷଣ ରାଗିଯାଇ କହିଲେ, ''କହ ତୋ ପତି କେଉଁଠି ଅଛି ?'' ଫୂଲୀବାଈ ଦୃଢ଼ଭାବେ କହିଲେ—

''ଫୂଲୀକୋ ପରମେସର ଐସୋ,
ବେଦପୁରାଣ ନ ଜାଣୈ କୈସୋ ।
ଜନମ ମରଣ ମୋଁ ନାହିନ ପ୍ୟାରୋ,
ସୋ ହୈ ଫୂଲୀକୋ ଭରତାରୋ ॥''

''ଯେଉଁ ପରମେଶ୍ୱରଙ୍କୁ ବେଦପୁରାଣ ଜାଣିପାରେ ନାହିଁ, ଯାହାଙ୍କର ଜନ୍ମମରଣ ନାହିଁ ସେହିଁ ଫୂଲୀର ପତି ।''

ଫୂଲୀବାଈ ନିଜ ସଂକଳ୍ପରେ ହିମାଳୟ ସମ ଅଚଳ ରହିଲେ । ବରଯାତ୍ରୀମାନେ ଫେରିଗଲେ । ଫୂଲୀବାଈଙ୍କର ହୃଦୟ ଭଗବାନଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ସେ ମହାଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ଭଗବାନଙ୍କ ଭଜନ-ସ୍ମରଣରେ ଲାଗିପଡ଼ିଲେ । ଭଗବତ୍ ଭକ୍ତି, ଭଗବତ୍ ଅନୁରାଗ ଉତ୍ତରୋତ୍ତର ବୃଦ୍ଧି ହେବାକୁ ଲାଗିଲା । ହୃଦୟରେ ଭଗବତ୍ ଧ୍ୟାନ, ମନରେ ଭଗବତ୍ ସ୍ମରଣ, ଶରୀରରେ ଘରର ସମସ୍ତ କାର୍ଯ୍ୟ ଭଗବାନଙ୍କ ସେବାରୂପେ କରି ସେ ଭଗବାନଙ୍କ ଚରଣରେ ଅର୍ପଣ କରୁଥିଲେ । ଅଳ୍ପ ଦିନରେ ଫୂଲୀବାଈଙ୍କ ଭକ୍ତିରୂପକ ଲତା ପଲ୍ଲବ ଧାରଣ କରିବା ସଙ୍ଗେ ସଙ୍ଗେ ପ୍ରସ୍ଫୁଟିତ ପୁଷ୍ପ ଦ୍ୱାରା ମଣ୍ଡିତ ହେଲା । ସେହି ସୁବାସିତ କୁସୁମରାଜିର ସୁଗନ୍ଧ ଚତୁର୍ଦିଗ ବ୍ୟାପିଗଲା । ବିଭନ୍ନ ସ୍ଥାନରୁ ଭକ୍ତ ଓ ସଜ୍ଜଗଣ ଆସିବାକୁ ଲାଗିଲେ । ସେମାନଙ୍କଠାରୁ ସେ ଅଧ୍ୟାତ୍ମ ସତ୍ୟର ଗୂଢ଼ ରହସ୍ୟର ସନ୍ଧାନ ପାଇପାରିଲେ । ତାଙ୍କ ଅନ୍ତରର ପରଦା ସକଳ ସଜ୍ଜମାନଙ୍କ କୃପାରୁ ଉନ୍ମୋଚିତ ହୋଇଗଲା । ସେ ଆନ୍ତର ଚେତନାରେ ଭଗବତ୍ ଆନନ୍ଦ ରୂପକ ଅଗାଧ ସାଗର ମଧ୍ୟରେ ନିଜକୁ ଡୁବାଇଦେଲେ । ସଜ୍ଜମାନଙ୍କର ଗତି ସର୍ବତ୍ର । ସଜ୍ଜମାନଙ୍କ ଦ୍ୱାରା ଫୂଲୀବାଈଙ୍କର ଭକ୍ତିକୀର୍ତ୍ତି ପ୍ରସାରିତ ହେଲା । ତାଙ୍କର ଦର୍ଶନ ତଥା ସତ୍‌ସଙ୍ଗ ଲାଭ ନିମିତ୍ତ ଦୂରଦୂରାନ୍ତରୁ ସଜ୍ଜମଣ୍ଡଳୀ ଆସିବାକୁ ଲାଗିଲେ । ଯଦିଓ ସେ ଲେଖାପଢ଼ା ଜାଣି ନ ଥିଲେ, ତଥାପି ଦିବ୍ୟଜ୍ଞାନର ପ୍ରଭାବରେ ସେ ସଦାଦୀପ୍ତ ଥିଲେ । ଗ୍ରାମ୍ୟ ଭାଷାରେ କବିତା ଓ ସ୍ତୋତ୍ର ସ୍ୱତଃସ୍ଫୂର୍ତ୍ତଭାବେ ତାଙ୍କ ଅନ୍ତରରୁ ଉଦ୍‌ଭୂତ ହେଉଥିଲା । ଆଧ୍ୟାତ୍ମିକ ଗୂଢ଼ ରହସ୍ୟକୁ ସେ ସହଜ ଓ ସାବଲୀଳଭାବେ ସମସ୍ତଙ୍କ ସମ୍ମୁଖରେ ବ୍ୟକ୍ତ କରିପାରୁଥିଲେ । ସଜ୍ଜମାନଙ୍କ ସମାଗମ ତାଙ୍କୁ ବିଶେଷ ଆନନ୍ଦ ଦେଉଥିଲା । ତାଙ୍କ ଦର୍ଶନ, ତାଙ୍କ ଅଭ୍ରାନ୍ତ ତଥା ସରଳ ରହସ୍ୟମୟ ବାକ୍ୟରେ ସଜ୍ଜମାନେ ମୁଗ୍ଧ ହେଉଥିଲେ । ଯେକେହି ଦର୍ଶନାର୍ଥୀ ଆସୁଥିଲା ସେ ଆନନ୍ଦରେ କୃତକୃତ୍ୟ ହୋଇ ଫେରୁଥିଲା ।

ଥରେ କେତେକ ସାଧୁ ଫୂଲୀବାଈଙ୍କ ନିକଟରୁ ଫେରି କାବୁଲ ଆଡ଼କୁ ଯାଉଥିଲେ । ସେହି ରାସ୍ତାରେ ମହାରାଜ ଯଶୋବନ୍ତ ସିଂହ ସୈନ୍ୟ ସହ ଫେରୁଥିଲେ । କଥାପ୍ରସଙ୍ଗରେ ଜଣେ ସାଧୁ କହିଲେ, ''ମହାରାଜ ଯଶୋବନ୍ତ ସିଂହ ମହାପ୍ରତାପୀ ତଥା ବିଦ୍ୱାନ୍ । କିନ୍ତୁ ସେ ଖାଲି ଶୁଷ୍କ ବିଦ୍ୱାନ୍ ନା ତାଙ୍କ ହୃଦୟରେ ଭକ୍ତିରସ ଅଛି ?'' ଅନ୍ୟ ସାଧୁ କବିତାରେ ଉତ୍ତର ଦେଲେ—

''ଆପ ଆପ ମତ ବୋଲିୟୋ,
ଜସବଁତ ବଡ଼ୋ ନରେସ ।
ଇଣ ରାଜାକୋ ରାଜ ବାଁ,
ଜାଁ ଫୂଲୀକୋ ଦେସ ॥''

''ଯେଉଁ ଭାଗ୍ୟବାନ୍ ରାଜାଙ୍କ ରାଜ୍ୟରେ ଫୂଲୀବାଈ ପରି ଅନନ୍ୟା ଭକ୍ତିମତୀଙ୍କର ନିବାସ, ସେହି ରାଜା ଯଶୋବନ୍ତଙ୍କୁ ଏପରି କହିବା ଉଚିତ ନୁହେଁ ।'' ଏକଥା ଶୁଣି ଜଣେ ରାଜଦୂତ ରାଜାଙ୍କୁ ତାହା ଜଣାଇଦେଲା । ମହାରାଜ ସାଗ୍ରହରେ ସଚ୍ଛମଣ୍ଡଳୀଙ୍କୁ ଡକାଇ ସତ୍କାର କଲେ ଏବଂ ଫୂଲୀବାଈଙ୍କ ବିଷୟ ଜାଣିବାକୁ ଚାହିଁଲେ । ସଚ୍ଛମାନଙ୍କଠାରୁ ଫୂଲୀବାଈଙ୍କ ଭକ୍ତିପ୍ରଭାବ ଜାଣି ମହାରାଜ ସଚ୍ଛମାନଙ୍କଠାରୁ ବିଦାୟ ନେଇ ସୈନ୍ୟମାନଙ୍କ ସହିତ ଫୂଲୀବାଈଙ୍କ ଗ୍ରାମାଭିମୁଖେ ଯାତ୍ରା କଲେ । ଗ୍ରାମ ବାହାରେ ସୈନ୍ୟମାନଙ୍କୁ ରଖି ମହାରାଜ ସବାରି ବିନା ଚାଲିକରି ଏକା ଫୂଲୀବାଈଙ୍କ ଘରକୁ ଗଲେ । ସେତେବେଳେ ଫୂଲୀବାଈ ଭଗବତ୍ ଭକ୍ତିରେ ମଗ୍ନ ହୋଇ ଗୋବର ଚକଟି ଘସି ପାରୁଥିଲେ । ସେ ମହାରାଜଙ୍କୁ ଦୂରରୁ ଦେଖିଥିଲେ ମଧ୍ୟ ନ ଦେଖିଲା ପରି ନିଜ କାର୍ଯ୍ୟରେ ବ୍ୟସ୍ତ ରହିଲେ । ରାଜା ଆସି ସେହି ଅପରିଷ୍କାର ସ୍ଥାନରେ, ଯେଉଁଠି ଫୂଲୀବାଈ ଘସି ପାରୁଥିଲେ, ଠିଆ ହୋଇ ଫୂଲୀବାଈଙ୍କ ସହ କଥାବାର୍ତ୍ତା କରିବା ପାଇଁ ଅପେକ୍ଷା କଲେ । ଫୂଲୀବାଈ ଘସି ପାରିବା ସମୟରେ ଗୋବର ଛିଟା ମହାରାଜ ପରିଧାନ କରିଥିବା ପୀତାମ୍ବରରେ ପଡ଼ିଲା । ସେ ରାଗିଯାଇ କଟମଟ ଆଖିରେ ଫୂଲୀବାଈଙ୍କ ଆଡ଼କୁ ଚାହିଁଲେ । ସେତିକିବେଳେ ଫୂଲୀବାଈ ମୁଣ୍ଡ ଟେକି ରାଜାଙ୍କୁ ଦେଖି କହିଲେ—

''ରଜୋଗୁଣ ତୋ ନହିଁ ଗୟୋ
ଆୟୋ କରଣ ସମାଜ,
ଊଁଚୋ ପୀଛୋ କହା କରୈଁ,
ନିହଚଲ କର ଲୈ ମନ୍ନ ।
ଝୁଗ୍‌ଗୋ, ସିରକୀ ପାଗଡ଼ି, ମାଟୀମିଲସୀ ତନ୍ନ ॥
ମାଟୀ ସୂ ହୀ ଉପଜ୍ୟା, ଫିର ମାଟୀ ହୁୟଜାୟ
ଫୂଲୀ କହୈ ରାଜା ସୁଣୋ,
କରଲ୍ୟୋ ଭଜନ-ଉପାୟ
ସ୍ୱାନ-କାଗ-ଜମ୍ବୁକ ଭଖୈ,
ଜଲ-ବଲ ହୋସୀ ଖେହ ।
ଐସୀ ଗନ୍ଦୀ ଦେହକୂଁ ଊଁଚୋ କରିୟୋ କେହ ॥''

''ରଜୋଗୁଣ ଯାଇ ନାହିଁ, ପୁଣି କେଉଁ ବଳରେ ମୋ ସଙ୍ଗେ ଦେଖା କରିବାକୁ ଆସିଛ ? ଉଚ୍ଚ ଧାରଣା ମୃତ୍ୟୁ ପରେ କୌଣସି କାମ ଦେବ ନାହିଁ । ମନକୁ ନିଶ୍ଚଳ କର ଯେଉଁ ଶରୀରରେ ସୁନ୍ଦର ପୋଷାକ, ସୁନ୍ଦର ପଗଡ଼ି ଅଛି, ସେହି ଶରୀର ମାଟିରୁ ଆସିଛି, ମାଟିରେ ମିଶିଯିବ । ହେ ମହାରାଜ, ଫୂଲୀ କହୁଛି, ଶରୀର ମାଟିରେ ମିଶିଯିବା ପୂର୍ବରୁ ଭଗବତ୍ ଭଜନ ଉପାୟ କରିନିଅ । ଅନ୍ୟଥା ଏହି ଶରୀର ଦିନେ ଜଳିପୋଡ଼ି ପାଉଁଶ ହୋଇଯିବ ଅଥବା ଶ୍ୱାନ, ଶୃଗାଳ, କାକ ଭକ୍ଷଣ କରିବେ । ଏହି ନଶ୍ୱର ଶରୀରକୁ ମହାନ୍ ମନେକରିବା ଉଚିତ ନୁହେଁ ।''

ଫୂଲୀବାଈଙ୍କର ନିଷ୍କପଟ ତଥା କର୍କଶ ମର୍ମସ୍ପର୍ଶୀ ସତ୍ ବାକ୍ୟରେ ମହାରାଜ ରାଗିଗଲେ ନାହିଁ ବରଂ ଆନ୍ତରିକତା ସହ ତାହା ଗ୍ରହଣ କରି ଭଗବତ୍ ଭଜନରେ ପ୍ରବୃତ୍ତ ହେବାକୁ ସଂକଳ୍ପ କଲେ । କିନ୍ତୁ ପରୀକ୍ଷା ନେବା ଉଦ୍ଦେଶ୍ୟରେ ସେ

ପଚାରିଲେ, ''ତୁମ ନାମ ଫୂଲୀ କାହିଁକି ହୋଇଛି ।'' ଫୂଲୀବାଈ ଉତ୍ତର ଦେଲେ, ''ମହାରାଜ, 'ଫୂଲୀ' ଗୋଟିଏ ନାମ । କେତେ ନାମ, କେତେ ଶରୀର ବରାବର ମିଳୁଥାଏ ଯେପର୍ଯ୍ୟନ୍ତ ସେହି ପରମାତ୍ମାଙ୍କ ସହିତ ଆତ୍ମାର ମିଳନ ନ ହୁଏ ।''

ଏହି ଉତ୍ତରରେ ମହାରାଜ ଖୁବ୍ ଖୁସି ହୋଇ କହିଲେ, ''ଫୂଲୀ, ତୁ ଆଜିଠାରୁ ମୋର ଧର୍ମର ଭଉଣୀ ।'' ଏହା କହି ସେ କିଛି ସୁନା ମୋହର ଦେବାକୁ ଲାଗିଲେ । ଫୂଲୀବାଈ କହିଲେ, ''ମହାରାଜ, ଏହା ହୋଇପାରିବ ନାହିଁ, ତୁମେ ଭଉଣୀ ଘର ଆସିଛ, ଯାହା ଶାଗ-ପାଣି ଅଛି ତାହାହିଁ ସେବା କର, ଯଦିଓ ତୁମ ଭଳି ମହାରାଜଙ୍କୁ ମୋ ଭଳି ଗରିବ ରାଜକୀୟ ସମାରୋହରେ ଅଭ୍ୟର୍ଥନା ଜଣାଇବାକୁ ଅକ୍ଷମ, ତଥାପି ତୁମକୁ ଭାଇ ହିସାବରେ ଯତ୍‌କିଞ୍ଚିତ୍ ପ୍ରାପ୍ତ ହେବ ତାକୁ ସ୍ୱୀକାର କରିବାକୁ ହେବ ।'' ମହାରାଜ ମୋହର ଦେବାକୁ ଆଗ୍ରହ ନ କରି ସେଦିନ ଫୂଲୀବାଈଙ୍କର ଆତିଥ୍ୟ ସ୍ୱୀକାର କଲେ ।

ପାକସମ୍ପାଦିକା ଥିଲେ ଫୂଲୀବାଈ ଏକା, ଅନ୍ୟର ସାହାଯ୍ୟ ନ ଥିଲା । ମହାରାଜ ଓ ତାଙ୍କର ସୈନ୍ୟଗଣଙ୍କ ପାଇଁ ଅଳ୍ପ ସମୟ ମଧ୍ୟରେ ଭୋଜନ ପ୍ରସ୍ତୁତ କରି ସେମାନଙ୍କୁ ଭୋଜନ କରାଇଦେଲେ । ପ୍ରତ୍ୟେକ ବ୍ୟକ୍ତି ଦେଖୁଥା'ନ୍ତି ଫୂଲୀବାଈ ତାଙ୍କୁହିଁ ପରଷୁଛନ୍ତି, ଅର୍ଥାତ୍ ଯେତେ ସେନା ଥିଲେ ସେତେ ଫୂଲୀବାଈ ସେମାନଙ୍କୁ ପରଷୁ ଥିଲେ । ଏପରି ଅଲୌକିକ ଘଟଣାରେ ମହାରାଜ ବିଶେଷରୂପେ ପ୍ରଭାବିତ ହେଲେ ।

''ଜେତା ମାଣସ ତେତୀ ଫୂଲୀ,
ପାତଲ, ପାତଲ ପୁରସୈଥୂଲୀ ।
ରାଜା ଜଶବଁତ ଇତଉତ ଝାଁକୈ,
ୟା ସାଧାଁ ପତ ସାହବ ରାଖୈ ॥''

''ଯେତେ ବ୍ୟକ୍ତି ଥିଲେ ସେତେ ଫୂଲୀବାଈ ପରଷୁଥିବାର ଦେଖି ରାଜା ଯଶୋବନ୍ତ ସିଂହ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଏଣେତେଣେ ଚାହିଁବାକୁ ଲାଗିଲେ । ସନ୍ଥଙ୍କ ମାନ ସର୍ବଦା ଭଗବାନ୍ ରଖନ୍ତି ।'' ଏପରି ଆଶ୍ଚର୍ଯ୍ୟ ଘଟଣା ଦେଖି ରାଜାଙ୍କ ମୁକୁଟମଣ୍ଡିତ ମସ୍ତକ ଫୂଲୀବାଈଙ୍କ ଚରଣରେ ଝୁଙ୍କିଗଲା । ରାଜା ହାତ ଯୋଡ଼ି କହିଲେ, ''ଭଉଣି, ମୋ ସଙ୍ଗରେ ଯାଇ ରାଜମହଲକୁ ପବିତ୍ର କର ଏବଂ ଦିବ୍ୟ ଉପଦେଶରେ ରାଣୀମାନଙ୍କୁ ଉଦ୍ଧାର କର ।'' ରାଜାଙ୍କ ଅନୁରୋଧ ରକ୍ଷା କରି ଫୂଲୀବାଈ ତାଙ୍କ ସହିତ ରାଜଧାନୀ ଯୋଦ୍ଧପୁରକୁ ଗଲେ ।

ଫୂଲୀବାଈଙ୍କ ଆଗମନବାର୍ତ୍ତା ରାଜମହଲରେ ପହଞ୍ଚିଲା । ରାଜା ସ୍ୱୟଂ ଫୂଲୀବାଈଙ୍କ ଆତିଥ୍ୟ ସ୍ୱୀକାର କରିଥିଲେ ଅର୍ଥାତ୍ ସମ୍ମାନର ସହିତ ଫୂଲୀବାଈ ତାଙ୍କର ଆତିଥ୍ୟ ସତ୍କାର କରିଥିଲେ, ଏକଥା ଗୁପ୍ତ ନ ଥିଲା । ତେଣୁ ରାଣୀଗଣ ଫୂଲୀବାଈଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ବିଶେଷ ବ୍ୟବସ୍ଥା କରିଥିଲେ । କିନ୍ତୁ ଫୂଲୀବାଈ ସାଧାରଣ ଶାଢ଼ି ପିନ୍ଧିଥିଲେ, ତାଙ୍କ ଶାଢ଼ି ପାଦ ତଳଯାଏ ଲୋଟି ନ ଥିଲା; ମସ୍ତକର କେଶ ତୈଳବିହୀନ ହୋଇ ମୁକୁଳିତ ଅବସ୍ଥାରେ ଜଟା ପରି ହୋଇଥିଲା । ଏକେବାରେ ଗ୍ରାମ୍ୟ ସ୍ତ୍ରୀମାନଙ୍କ ପରି ସାଧାରଣ ଭାବରେ ରାଜମହଲରେ ପ୍ରବେଶ କଲେ । ରାଣୀ ତଥା ଦାସୀଗଣ ତାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ତାଙ୍କର ମଫସଲ ସ୍ତ୍ରୀମାନଙ୍କ ପରି କଥାବାର୍ତ୍ତା ଅଶୁଦ୍ଧ ଦେଖି ଭାବିଲେ, ''ଜଣେ ସାଧାରଣ ଗାଉଁଲୀ ସ୍ତ୍ରୀଲୋକ ପାଇଁ ଏତେ ସମ୍ମାନର ଆୟୋଜନ !'' କିନ୍ତୁ ଫୂଲୀବାଈ ରାଜମହଲର ଚମକଦମକ ତଥା ରାଣୀ ଓ ଦାସଦାସୀମାନଙ୍କର ମୂଲ୍ୟବାନ୍ ବେଶଭୂଷାରେ କିଞ୍ଚିତ୍ ମାତ୍ର ପ୍ରଭାବିତ ନ ହୋଇ ନିର୍ଭୀକ ତଥା ନିଃସଙ୍କୋଚରେ ସେମାନଙ୍କ ମଧ୍ୟରେ ବସିପଡ଼ିଲେ । ଫୂଲୀବାଈ ଯଦିଓ ଜୀବନରେ କେବେ ରାଜମହଲର ଜାକଜମକ ଦେଖି ନ ଥିଲେ ତଥାପି ତାଙ୍କ ଦୃଷ୍ଟି ଏହି ଐହିକ ଐଶ୍ୱର୍ଯ୍ୟ ଦ୍ୱାରା ଆକର୍ଷିତ ହୋଇ ନ ଥିଲା, ଅର୍ଥାତ୍ ତାଙ୍କୁ ଏହା ମୂଲ୍ୟହୀନ ପରି ବୋଧ ହେଉଥିଲା । ସେ ପରମାନନ୍ଦ ଓ ପରମୈଶ୍ୱର୍ଯ୍ୟରେ ନିରନ୍ତର ନିବାସ କରୁଥିଲେ । ରାଣୀ ଓ ଦାସୀମାନଙ୍କ ବାହ୍ୟ ଐଶ୍ୱର୍ଯ୍ୟର ପଶ୍ଚାତ୍‌ରେ ଥିବା ଆନ୍ତର ଅବସ୍ଥା— କାମ, କ୍ରୋଧ, ଲୋଭ, ମୋହ, ଆସକ୍ତି ତଥା ସେଥିରୁ ଉତ୍ପନ୍ନ ହେଉଥିବା ଦୈନ୍ୟତାକୁ

ସ୍ପଷ୍ଟରୂପେ ସେ ଦେଖି ପାରୁଥିଲେ । ସେଥିନେଇ ସେ ସେମାନଙ୍କୁ ଉପଦେଶ ଛଳରେ କହିଲେ—

''ଟଗମଗ ଟଗମଗ ଥେ କାଁଇ ଜୋବୋ,
ଜନମ ଅମୋଲକ ଥେ କୂଁ ଖୋବୋ ।
ଗହଣୋ-ଗାଁଠୋ ତନକୀ ସୋଭା,
କାୟା କାଁଚୋ ଭାଁଡ଼ୋ ॥
ଫୂଲୀ କହେଁ ଥେ ରାମ ଭଜୋ ନିତ,
ଔର ଉପାଧୀ ଛାଁଡ଼ୋ ।
ରାମ ଭଜ ହେ ରାଣିୟାଁ, କହ୍ୟୋ ହମାରା ମାନ ॥
ଭଜନ ବିନା ଭବମେଁ ସଭି, ସୂକର ଶ୍ୱାନ ସମାନ ।
ଚେତନ ଭାଁଡୋ ଫୁଟସୀ, କହା କୀଜୈ ସିଣଗାର ॥
ଇଣ ତ୍ରିଷଣା ରେ କାରଣୈ,
ଫେରା ଫେରୌ ଅପାର ।
କ୍ୟା ଇନ୍ଦର କ୍ୟା ରାଜବୀ,
କ୍ୟା ସୂକର କ୍ୟା ସ୍ୱାନ ॥
ଫୂଲୀ ତୀନୁଁ ଲୋକମେଁ,
କାମୀ ଏକ ସମାନ ।
ରାମ ସବଦ ସାଚୋ ସଦା,
ଔର ସବଦ ସବ କୂଡ଼ ॥
ଫୂଲୀ କହେଁ ଇଣ ସବଦ ବିନ,
ପଡ଼ସୀ ସିରପର ଧୂଡ଼ ।
ସାଗର ଉପର ସିଲା ସିଲା ତିରାଣୀ,
ଫୂଲୀକା ପତି ସୁଣ ଜ୍ୟା ରାଣୀ ॥''

''ତୁମ୍ଭେମାନେ ଟୁକୁରୁ ଟୁକୁରୁ କରି କ'ଣ ଦେଖୁଅଛ ? ତୁମ୍ଭମାନଙ୍କର ଏହି ଅମୂଲ୍ୟ ମାନବ ଜନ୍ମ ବ୍ୟର୍ଥରେ କାହିଁକି ନଷ୍ଟ କରୁଅଛ ? କଚା ମାଟି-ଘଟ ସଦୃଶ ଏହି ଶରୀର କେତେବେଳେ ଭାଙ୍ଗିଯାଇ ପାରେ, ଏହିପରି ନଶ୍ୱର ଶରୀରକୁ ଅଳଙ୍କାର ତଥା ମୂଲ୍ୟବାନ୍ ବସ୍ତ୍ରରେ ସୁଶୋଭିତ କରିବାରେ କ'ଣ ଲାଭ ? ଫୂଲୀ କହୁଛି, ହେ ରାଣୀମାନେ, ନିତ୍ୟ ଶ୍ରୀରାମଙ୍କୁ ଭଜନ କର ଏବଂ ସମସ୍ତ ଦ୍ୱନ୍ଦ୍ୱ ତ୍ୟାଗ କର । ହେ ରାଣୀଗଣ, ମୋ କଥା ମାନି ତୁମ୍ଭେମାନେ ଶ୍ରୀରାମଙ୍କୁ ଭଜନ କର, ଭଜନ ଛଡ଼ା ଏ ସଂସାରରେ ସମସ୍ତ ବ୍ୟକ୍ତି ଶୂକର ତଥା ଶ୍ୱାନ ସଦୃଶ । ଏହି ଶରୀର-ଘଡ଼ା ଅବଶ୍ୟ ଫାଟିଯିବ; ଏହାକୁ ବେଶଭୂଷା କରିବାରେ ଲାଭ କ'ଣ ? ଏହି ତୃଷ୍ଣା ଏବଂ ଆସକ୍ତି କାରଣରୁ ବାରଂବାର ଜନ୍ମ ନେଇ ଦୁଃଖକଷ୍ଟ ସହିବାକୁ ହୁଏ । ଅର୍ଥାତ୍ ଏହିସବୁ ଆସକ୍ତି ଯେପର୍ଯ୍ୟନ୍ତ ଥାଏ ସେପର୍ଯ୍ୟନ୍ତ ମନୁଷ୍ୟ ଜନ୍ମ-ମରଣ-ଚକ୍ରରେ ଭ୍ରମୁଥାଏ । ଏହି ଆସକ୍ତି ଦୂର ହୁଏ ଭଗବତ୍ ପ୍ରାପ୍ତିରେ । କାମାସକ୍ତ ସ୍ୱର୍ଗର ଇନ୍ଦ୍ର, ମର୍ତ୍ତ୍ୟର ରାଜା, ଶୂକର ତଥା ଶ୍ୱାନ ସମସ୍ତେ ସମାନ । କାରଣ କାମନାବାସନା ଇନ୍ଦ୍ରକୁ ଯେପରି ନଚାଏ, ରାଜାକୁ ସେହିପରି ନଚାଏ ଏବଂ ଶୂକର ଓ କୁକୁରଙ୍କୁ ମଧ୍ୟ ସେହିପରି ନଚାଏ । କାମନାବାସନାହିଁ ଜନ୍ମମୃତ୍ୟୁର କାରଣ । କେବଳ 'ରାମ' ଶବ୍ଦ ସର୍ବଥା ସତ୍ୟ, ବାକୀ ସବୁକିଛି ମିଥ୍ୟା । ଫୂଲୀ କହୁଛି, ଏହି 'ରାମ' ଶବ୍ଦ ଛଡ଼ା ମୁଣ୍ଡରେ ଧୂଳି ପଡ଼ିବ । ଫୂଲୀର ପତି ସେହି ଅବିନାଶୀ ପରମାତ୍ମା ଯେ ସମୁଦ୍ରରେ ଶିଳା ଭସାଇଥିଲେ ।''

ଫୂଲୀବାଇଙ୍କର ଅମୂଲ୍ୟ ଉପଦେଶ ଭୋଗବିଳାସରେ ଆସକ୍ତ, ମାୟାରେ ମୋହିତ ରାଣୀମାନେ ଗ୍ରହଣ କରିପାରିଲେ ନାହିଁ । ଫୂଲୀବାଇ ନିରାଶ ହୋଇ ଫେରିଯିବାକୁ ବାହାରିଲେ । ଏହି ଖବର ରାଜା ଶୁଣି ତତ୍‌କ୍ଷଣାତ୍ ଆସି କହିଲେ, ''ଭଉଣି, ତୁମେ ରାଣୀମାନଙ୍କ ସହିତ କଥାବାର୍ତ୍ତା କରୁଥିଲ, ମୁଁ ତୁମ୍ଭ ସହ କଥାବାର୍ତ୍ତା କରି ନାହିଁ, ତୁମ୍ଭେ ଯିବ କିପରି ?'' ତାଙ୍କୁ ଅନୁନୟ ବିନୟ କରି ରଖିଲେ । ମହାରାଜ ଥିଲେ ସାଂଖ୍ୟ ଦର୍ଶନରେ ପଣ୍ଡିତ, କିନ୍ତୁ ଅନୁଭୂତି ପ୍ରାପ୍ତ ହୋଇ ନ ଥିଲା । ଫୂଲୀବାଇଙ୍କର ଶାସ୍ତ୍ରଜ୍ଞାନ ନ ଥିଲା, କିନ୍ତୁ ଅନୁଭବଜ୍ଞାନ ଥିଲା । ଉଭୟଙ୍କ ମଧ୍ୟରେ କଥୋପକଥନ ଚାଲିଲା । ଅନୁଭୂତିରେ ପ୍ରାପ୍ତ ଜ୍ଞାନ ଓ ଶାସ୍ତ୍ରଜ୍ଞାନ ମଧ୍ୟରେ ପ୍ରଭେଦ ମିଷ୍ଟାନ୍ନ ଭୋଜନ କରିଥିବା ବ୍ୟକ୍ତି ଓ ମିଷ୍ଟାନ୍ନ ଭୋଜନ ନ କରି କେବଳ ତା'ର ସ୍ୱାଦ ବଖାଣିବା ବ୍ୟକ୍ତି ମଧ୍ୟରେ ପ୍ରଭେଦ ସଦୃଶ । ଫୂଲୀ ସ୍ପଷ୍ଟରୂପେ କହିଦେଲେ ଯେ ଶାସ୍ତ୍ରଜ୍ଞାନ ଦ୍ୱାରା କିଛି ହୁଏ ନାହିଁ ଯେପର୍ଯ୍ୟନ୍ତ ସତ୍ୟକୁ ଅଭିବ୍ୟକ୍ତ କରା ନ ହୁଏ । ଫୂଲୀବାଇ କହିଲେ—

''ସୌ ବାତାଁକୀ, ଏକହୀ, ସୁଣଲେ ରାଜା ବୀର ।
ସୁରତ ତାର ମେଁ ପୋୟଲୈ, ରାମନାମକା ହୀର ।।''

''ହେ ମହାବୀର ରାଜନ୍, ଶୁଣ । ଶହେରୁ ଏକ କଥା କହୁଛି, ଅର୍ଥାତ୍ ସକଳ ସାଧନାର ସାରତତ୍ତ୍ୱ କହୁଛି, ସୁରତି-ତାରରେ ରାମ-ନାମ-ମଣି ଗୁନ୍ଥିନେ, ଅର୍ଥାତ୍ ରାମ ନାମରେ ଚିତ୍ତବୃତ୍ତିକୁ ଲଗାଇ ଦେ ।''

ଫୂଲୀବାଇଙ୍କ ଉପଦେଶକୁ ମହାରାଜ ନତ ମସ୍ତକରେ ସ୍ୱୀକାର କରିନେଲେ ଏବଂ ସାଧନାରେ ପ୍ରବୃତ୍ତ ହେଲେ । ଫୂଲୀବାଇ କିଛି ଦିନ ରହି ତାଙ୍କୁ ସାଧନାରେ ସାହାଯ୍ୟ କଲେ । ସେ ଘରକୁ ଫେରିଯିବା ପାଇଁ ଆଗ୍ରହୀ ହେବାରୁ ରାଜାସାହେବ ସେଥିରେ ଆଉ ବିରୋଧ କଲେ ନାହିଁ । ତାଙ୍କ ସମ୍ମାନ ରକ୍ଷା କରିବା ସକାଶେ ଉଚ୍ଚପଦସ୍ଥ କର୍ମଚାରୀ, ସିପାହିମାନଙ୍କ ସହ ସବାରିରେ ତାଙ୍କୁ ବିଦାୟ ଦେଲେ । ଆଉ ନିଜେ ମଧ୍ୟ କିଛି ଦୂର ସଙ୍ଗରେ ଯାଇଥିଲେ । ଫୂଲୀବାଇ ଥିଲେ ଉଚ୍ଚକୋଟୀର ସାଧିକା । ସେ ଦିବ୍ୟାନନ୍ଦରେ ସର୍ବଦା ନିମଜ୍ଜିତ ହୋଇ ରହୁଥିଲେ । ଭୌତିକ ସିଦ୍ଧି ତଥା ଭୌତିକ ବସ୍ତୁ ତାଙ୍କ ପାଖରେ ତୁଚ୍ଛ ମନେ ହେଉଥିଲା । ସେ ଯଥା ସମୟରେ ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ପରମ ଧାମକୁ ପ୍ରାପ୍ତ ହୋଇଥିଲେ ।

ମହାତ୍ମା କୃଷ୍ଣଦାସ ଫୂଲୀବାଇଙ୍କ ଚରିତ କବିତାରେ ରଚନା କରିଥିଲେ । ସେ କହିଛନ୍ତି—

''ଧନ ଧନ ଫୂଲୀ ଦେଶ ଘର,
ଧନ ବହ ଶହର ମୁକାମ ।
ଜସବଁତକୋ ସଂସୟ ମିଟ୍ୟୋ,
ନିରଭୈ ପାୟୋ ରାମ ।''

''ଫୂଲୀ ଯେଉଁ ଦେଶରେ ଥିଲେ, ଯେଉଁ ଘରେ ଥିଲେ, ଯେଉଁ ସହରରେ ଥିଲେ, ସେ ସମସ୍ତ ଧନ୍ୟ । ସେହି ଫୂଲୀବାଇଙ୍କ ଦ୍ୱାରା ରାଜା ଯଶୋବନ୍ତ ସିଂହଙ୍କର ସଂଶୟ ମୋଚନ ହୋଇଗଲା, ସେ ଭଗବାନଙ୍କୁ ପ୍ରାପ୍ତ କରି ନିର୍ଭୟ ହୋଇଗଲେ ।''

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

('ମହିଳା-ରତ୍ନ' ଆଧାରରେ ଲିଖିତ)

ଜନାବାଇ

ଭଗବାନ୍ ଭକ୍ତିପ୍ରିୟ । ଭକ୍ତର ଅନନ୍ୟ ଭକ୍ତିରେ ଭଗବାନ୍ ବଶ ହୋଇଯାଆନ୍ତି । ପ୍ରେମଭକ୍ତିରେ ଡାକିଲେ ଭଗବାନ୍ ନ ଆସି ରହିପାରନ୍ତି ନାହିଁ । ଭଗବାନ୍ ଜାତି, କୁଳ, ଗୋତ୍ର, ଉଚ୍ଚ, ନୀଚ, ମାନ, ମର୍ଯ୍ୟାଦା ଦେଖନ୍ତି ନାହିଁ; ଦେଖନ୍ତି କେବଳ ନିଷ୍କାମ, ନିଷ୍କପଟ, କାମନା-ବାସନା-କଳଙ୍କରୁ ମୁକ୍ତ ଶୁଦ୍ଧ ପ୍ରେମ । ଯେଉଁଠି ପବିତ୍ର ପ୍ରେମ ସେଇଠି ଭଗବାନ୍ । ଷଡ଼ୈଶ୍ୱର୍ଯ୍ୟକୁ ସେ ସେଠାରେ ଭୁଲିଯାଆନ୍ତି । ସେ ଭକ୍ତର ପ୍ରେମପାଶରେ ବାନ୍ଧି ହୋଇ କେବେ ତା'ର ସାଥୀରୂପେ, କେବେ ତା'ର ଅନୁଚରରୂପେ କାର୍ଯ୍ୟ କରିଥା'ନ୍ତି । ଏହି ସକାଶେ ଭଗବାନଙ୍କୁ ଭକ୍ତବତ୍ସଳ ବୋଲି କୁହାଯାଏ ।

ଜନାବାଇ ମହାରାଷ୍ଟ୍ରର ପ୍ରସିଦ୍ଧ ଭକ୍ତ ନାମଦେବଙ୍କର ଗୃହକାର୍ଯ୍ୟ କରୁଥିଲେ । ନାମଦେବଙ୍କ ଗୃହରେ ପ୍ରାୟ ଭକ୍ତମାନଙ୍କର ମେଳା ଲାଗି ରହିଥାଏ । ବିଶେଷତଃ ପର୍ବପର୍ବାଣିରେ ବିଶେଷ ଉତ୍ସବ ଓ ସଂକୀର୍ତ୍ତନ ହେଉଥାଏ । ନାମଦେବଙ୍କ ଗୃହ ଭକ୍ତମାନଙ୍କ ଭଗବତ୍ ନାମ-ସଂକୀର୍ତ୍ତନ, ଗୁଣଗାନ, ସତ୍‌ସଙ୍ଗ ଦ୍ୱାରା ଦିବ୍ୟ ଧାମରେ ପରିଣତ ହୋଇଥିଲା । ସେଠାରେ ଭଗବାନଙ୍କର ପ୍ରତ୍ୟକ୍ଷ ଉପସ୍ଥିତି ଥିଲା । ପରନିନ୍ଦା, ପରଚର୍ଚ୍ଚା, ଅନ୍ୟର ଅନିଷ୍ଟ, ହିଂସା, ଦ୍ୱେଷାଦି ଏହି ଆସୁରୀ ଶକ୍ତିର ପ୍ରଭାବ ସେଠାରେ ପ୍ରବେଶ କରିପାରୁ ନ ଥିଲା । ଯେଉଁ ବ୍ୟକ୍ତିର ହୃଦୟ କଳୁଷ-ପଙ୍କରେ ମଳିନ, ସେ ଯଦି ସେ ସ୍ଥାନରେ ପ୍ରବେଶ କରୁଥିଲା ତା'ର କଳୁଷ ଦୂର ହୋଇ ତା'ର ହୃଦୟ ମଧ୍ୟରେ ଗୋଟିଏ ସଦ୍‌ଭାବନାର ସ୍ରୋତ ପ୍ରବାହିତ ହେଉଥିଲା । ଏହିପରି ଦିବ୍ୟ ବାତାବରଣଯୁକ୍ତ ଗୃହର ସେବିକା ଥିଲେ ଜନାବାଇ ।

ଜନାବାଇ ଘରେ ଝାଡୁଦିଅନ୍ତି, ପରିବା କାଟନ୍ତି, ଲୁଗା ଧୁଅନ୍ତି, ନାମଦେବ ଓ ତାଙ୍କ ଭକ୍ତମାନଙ୍କ ଭୋଜନ ପରେ ସେମାନଙ୍କ ବାସନ ମାଜନ୍ତି, ଗହମ ଚୂରନ୍ତି, ଗୁହାଳ ପୋଛନ୍ତି, ଗୋବର ଘଷି ପାରନ୍ତି– ଅର୍ଥାତ୍ ଗୃହର ସକଳ କର୍ମ କରନ୍ତି । ଭକ୍ତମାନଙ୍କର ବିଶେଷ ସମାଗମ ହେଲେ ଅଥବା କୀର୍ତ୍ତନ ବା ଉତ୍ସବ ହେଲେ ବିଶ୍ରାମ ନେବାକୁ ସମୟ ମିଳେ ନାହିଁ ।

ନାମଦେବଙ୍କର ସେବା ତଥା ଶୁଦ୍ଧ ବାତାବରଣ ଏବଂ ଭକ୍ତମାନଙ୍କ ସଂପର୍କରେ ରହିବା ସୁଯୋଗରୁ ଜନାବାଇଙ୍କ ହୃଦୟରେ ଭଗବତ୍ ଭକ୍ତିର ଅଙ୍କୁର ଉତ୍ପନ୍ନ ହୋଇ ସତ୍‌ସଙ୍ଗ, କୀର୍ତ୍ତନ, ସେବାରୂପ ଶୀତଳ ଜଳ ସିଞ୍ଚନରେ କ୍ରମଶଃ ତାହା ବୃଦ୍ଧି ହେବାକୁ ଲାଗିଲା ଏବଂ ପୁଷ୍ପ ତଥା ଫଳରେ ମଣ୍ଡିତ ହେଲା । ଜନାବାଇଙ୍କର ଭକ୍ତି-ଲତାର ବୃଦ୍ଧି ସଙ୍ଗେ ସଙ୍ଗେ ସେବାକାର୍ଯ୍ୟରେ ତାଙ୍କର ଅତ୍ୟନ୍ତ ଆଗ୍ରହ ବା ରୁଚି ଉତ୍ପନ୍ନ ହେଲା । ସେ ସମସ୍ତ କାର୍ଯ୍ୟରେ ବିଶେଷ ଆନନ୍ଦ ଅନୁଭବ କଲେ । ଦିନରାତି ସେହି ସେବାକାର୍ଯ୍ୟରେ ଲିପ୍ତ ରହିବାରୁ ତାଙ୍କ ହୃଦୟ ଆନନ୍ଦରେ ନାଚି ଉଠୁଥିଲା । ସେ କାର୍ଯ୍ୟରେ ମଗ୍ନ ହୋଇ ଦିନରାତି ଭୁଲିଗଲେ । ଏତେ କାର୍ଯ୍ୟ କରି ମଧ୍ୟ ତାଙ୍କ ଶରୀର କ୍ଲାନ୍ତ ହେଉ ନ ଥିଲା । ଉତ୍ସାହ ସହିତ କାର୍ଯ୍ୟ କଲେ ଶକ୍ତି ଦିଅନ୍ତି ଭଗବାନ୍ । ସେ ମୁଖରେ ଭଗବତ୍ ନାମ ସ୍ମରଣ କରନ୍ତି, ତାଙ୍କ ସମ୍ମୁଖରେ ଥାଏ ଭଗବାନଙ୍କ କମନୀୟ ରୂପ, ଶରୀରରେ ସମ୍ପାଦନ କରନ୍ତି ଭଗବତ୍ ସେବାରୂପେ ଗୃହ କାର୍ଯ୍ୟ । ଯଦ୍ୟପି ସେ ପଢ଼ାଲେଖା ଜାଣି ନ ଥିଲେ, ତଥାପି ତାଙ୍କ ହୃଦୟ ଭକ୍ତିରେ ପୂର୍ଣ୍ଣ ହୋଇଥିବାରୁ ଭଗବାନଙ୍କ ଲୀଳା କବିତା ରୂପରେ ତାଙ୍କ ମୁଖରୁ ସ୍ୱତଃ ନିଃସୃତ ହେଉଥିଲା । ଭଗବାନଙ୍କ ଲୀଳାମାଧୁରୀରେ ତାଙ୍କ ମନ ଓ ହୃଦୟ ଏକେବାରେ ଡୁବିଗଲା ।

ପ୍ରତି ଏକାଦଶୀ ଦିନ ନାମଦେବଙ୍କ ଗୃହରେ ବହୁ ସାଧୁସନ୍ଥ ଏକତ୍ର ହୋଇ କୀର୍ତ୍ତନ କରନ୍ତି । ଥରେ ଏକାଦଶୀ ଦିନ ବହୁତ ଭକ୍ତ ଏକତ୍ର ହୋଇ କୀର୍ତ୍ତନ ଆରମ୍ଭ କଲେ । କିଛି ସମୟ ପରେ ଭକ୍ତମାନେ ଭଗବଦ୍‌ଭକ୍ତିରେ ବିଭୋର ହୋଇଗଲେ । କେହି ଗାନ କଲେ, କେହି ନୃତ୍ୟ କଲେ, କାହା ନେତ୍ରରୁ ପ୍ରେମାଶ୍ରୁ ବର୍ଷା ହେଲା, କେହି ପ୍ରେମ-ସମାଧିରେ ବାହ୍ୟ ଜ୍ଞାନଶୂନ୍ୟ ହୋଇ ପଡ଼ିରହିଲେ । ସେ ସ୍ଥାନ ହୋଇଗଲା ଭଗବତ୍ ପ୍ରେମର ସାଗର । ସେହି ପ୍ରେମସାଗରରେ ସକଳ ଭକ୍ତ ଡୁବିଗଲେ । ଜନାବାଇ ଯଦିଓ କୀର୍ତ୍ତନ କରୁ ନ ଥିଲେ ତଥାପି ଏହିସବୁ ଦୃଶ୍ୟରେ ତାଙ୍କ ଚେତନା ପାର୍ଥିବ ବାତାବରଣକୁ ଭେଦ କରି ଊର୍ଦ୍ଧ୍ୱତନ ଅଲୌକିକ ଭଗବତ୍ ଲୀଳାରେ ବିଚରଣ କରୁଥିଲା । ସେ ଚିତ୍ରବତ୍ ଛିଡ଼ାହୋଇ ରହିଗଲେ । ତାଙ୍କ ନେତ୍ରରୁ ଅଶ୍ରୁ

ବର୍ଷା ହେଉଥିଲା; ଏହି ଆନନ୍ଦରେ ସମସ୍ତ ରାତ୍ରି ବ୍ୟତୀତ ହୋଇଗଲା । ଭକ୍ତମାନେ କୀର୍ତ୍ତନ ସମାପ୍ତ କରି ନିଜ ନିଜ ସ୍ଥାନକୁ ଫେରିଲେ । ଜନାବାଈ ସେହି ଦିବ୍ୟାନନ୍ଦର ଉନ୍ମାଦରେ ସେହି ସ୍ଥାନରେ ପଡ଼ିରହିଲେ । ତାହା ତାଙ୍କର ନିଦ୍ରା ବା ପ୍ରେମ-ସମାଧି ଥିଲା ତାହା କହିବା କଠିନ । ସେ ଉଠିବା ବେଳକୁ ସୂର୍ଯ୍ୟ ପ୍ରକାଶ ହୋଇ ସାରିଛି । ଗୃହର ସମସ୍ତ କାର୍ଯ୍ୟ ବାକି । ଗୋଟିଏ କାମ ପଛରେ ଗୋଟିଏ କାମ ଲାଗିଥାଏ । ଗୋଟିଏ କାର୍ଯ୍ୟରେ ବିଳମ୍ବ ହେଲେ ସମସ୍ତ କାର୍ଯ୍ୟରେ ବିଶୃଙ୍ଖଳା ଘଟେ । ଘର ନ ପହଁରି ଚୌକା ଦେଇ ହେବ ନାହିଁ । ଚୌକା ନ ଦେଇ ରୋଷେଇ ବନ୍ଦୋବସ୍ତ କରିବା ସମ୍ଭବ ନୁହେଁ । ଜନାବାଈ ଅସ୍ତବ୍ୟସ୍ତ ହୋଇ ଉଠି ଘର ପହଁରି ଚୌକା ଲଗାଇବା ସମୟରେ ତାଙ୍କ ସମ୍ମୁଖରେ ଆସିଲା ଲୁଗା ଧୋଇବା କାମ । ଚୌକା ଲଗାଇବା ଛାଡ଼ି ଚନ୍ଦ୍ରଭାଗା ନଦୀକୁ ଦୌଡ଼ିଲେ ଲୁଗା ଧୋଇବାକୁ । ଲୁଗା ଧୋଇବା ସମୟରେ ମନେପଡ଼ିଲା, ''ଚୌକା ଲଗା ହୋଇ ନାହିଁ, ନାମଦେବ ଓ ଭକ୍ତମାନେ ବସିବେ କିପରି ?'' ଏହି ଚିନ୍ତାରେ ସେ ବହୁତ ଅସ୍ତବ୍ୟସ୍ତ ହୋଇପଡ଼ିଲେ । ସେହି ସମୟରେ ଜଣେ ବୃଦ୍ଧା ଆସିଲେ । ସେ କହିଲେ, ''ଭଉଣି, ତୁ ଆଜି ବହୁତ ବ୍ୟସ୍ତରେ ଥିବା ମନେହେଉଛି ।'' ଜନାବାଈ ଉତ୍ତର ଦେଲେ, ''ହଁ ଭଉଣି, ଆଜି ଉଠିବାରେ ବିଳମ୍ବ ହେଲା, ଚୌକା ଲଗା ହୋଇ ନାହିଁ, ନାମଦେବଜି ଏବଂ ଭକ୍ତମାନେ ଆସି ବସିପାରିବେ ନାହିଁ । ଏହି କାରଣରୁ ମୁଁ ବ୍ୟତିବ୍ୟସ୍ତ ହୋଇପଡ଼ିଛି ।'' ବୃଦ୍ଧା କହିଲେ, ''ଭଉଣି, ମୁଁ ଲୁଗା ଧୋଇ ଦେଉଛି, ତୁ ଯା ଘରକାମ ସମାପ୍ତ କର ।'' ବୃଦ୍ଧା ଅପରିଚିତା ହେଲେହେଁ ତାଙ୍କ କଥାରେ ଏତେ ସ୍ନେହ ଓ ସୌହାର୍ଦ୍ଦ୍ୟ ଥିଲା ଯେ ଜନାବାଈ ଆଉ କିଛି କହି ନ ପାରି ଘରକୁ କାମ କରିବା ସକାଶେ ଚାଲିଗଲେ । ନଦୀରେ ଲୁଗା ଧୋଇବା କାର୍ଯ୍ୟରେ ଲାଗିପଡ଼ିଲେ ନବାଗତା ଅଲୌକିକ ବୃଦ୍ଧା । ତାଙ୍କର କାର୍ଯ୍ୟ ହେଲା ଆଶ୍ରିତ ଜନର ମନ ଓ ହୃଦୟରୁ ମଳିନତା ଦୂର କରିବା । ଆଜି ଆଶ୍ରିତ ଜନଙ୍କ ଲୁଗାରୁ ମଳିନତା ଦୂର କରିବା ତାଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଘଟଣା ନ ଥିଲା । ଜନାବାଈ ଯାଇ ଘରକାମ କଲେ । କିନ୍ତୁ ତାଙ୍କ ମନ ଲାଗି ରହିଥିଲା ବୃଦ୍ଧାଙ୍କ କୋମଳ ବାକ୍ୟ ଓ ନିର୍ହେତୁକୀ ସହାନୁଭୂତି ସ୍ମରଣ କରିବାରେ । ସେ ଘରକାମ ଶେଷ କରି ନଦୀଘାଟକୁ ଆସିଲେ । ବୃଦ୍ଧାଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ହୃଦୟ ପୂର୍ଣ୍ଣ ହୋଇଗଲା । ସେ କହିଲେ, ''ଭଉଣି, ତୁମେ ବଡ଼ ଦୟାଶୀଳା, ଅପରିଚିତ ଅବସ୍ଥାରେ ଆସି ମୋତେ ସାହାଯ୍ୟ କଲ ।'' ଏକଥା ଶୁଣି ବୃଦ୍ଧା ସ୍ମିତହାସ୍ୟରେ କହିଲେ, ''ଏ ତ ମୋର କାମ, ସେ ସକାଶେ ଚିନ୍ତା କରିବାର କୌଣସି କାରଣ ନାହିଁ । ଲୁଗା ନେ, ଘରକୁ ଯା, କେବେ କେବେ ତୋ କାମରେ ମୁଁ ସାହାଯ୍ୟ କରୁଥିବି ।'' ଏକଥା କହି ସେ ଜନାବାଈଙ୍କୁ ଲୁଗା ଦେଇ ଚାଲିଗଲେ । ଜନାବାଈ ମଧ୍ୟ ଲୁଗା ଧରି ଘରକୁ ବାହାରିଲେ । ଚାରିଖୋଜ ଆସି ଭାବିଲେ, ''ବୃଦ୍ଧା ଭାରି ପରୋପକାରିଣୀ । ଅଜଣା ଅଚିହ୍ନା ଅବସ୍ଥାରେ ଆସି ମୋତେ ସାହାଯ୍ୟ କଲେ । ତାଙ୍କ ନାମ, ତାଙ୍କ ବାସସ୍ଥାନ ପଚାରିନିଏ, କେବେ ତାଙ୍କ ଘରକୁ ଯାଇ ତାଙ୍କ କାମ କରି ଆସିବି ।'' ଏହା ଭାବି ପଛକୁ ଫେରିଲେ । ବୃଦ୍ଧାଙ୍କର ଚିହ୍ନବର୍ଣ୍ଣ ନାହିଁ । ''ସେ ଗଲେ କୁଆଡ଼େ ? ସେ ପକ୍ଷୀ ନୁହନ୍ତି ଯେ ଉଡ଼ିଯିବେ । ଯିବେ ତ ଚାଲିକରି, ମୁଁ ମାତ୍ର ଆସିଚି ଚାରିଖୋଜ । ଏହି ଚାରିଖୋଜରେ ଅଦୃଶ୍ୟ ! କି ଆଶ୍ଚର୍ଯ୍ୟ ! ସେ ବୃଦ୍ଧା ଏହିଠାରେ ପ୍ରଗଟ ହୋଇଥିଲେ । ମୋ କାମ ବାକୀ ଥିବା ସେ ଜାଣିଲେ କିପରି ? ମୋ ସକାଶେ ତାଙ୍କର ଏତେ ଦରଦ କାହିଁକି ?'' ଏହିପରି ଭାବି ଭାବି ଆସିଲେ ନାମଦେବଙ୍କ ପାଖକୁ । ତାଙ୍କୁ ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ସକଳ ଘଟଣା କହିଲେ । ଆଉ ବାରବାର ପଚାରୁଥିଲେ, ''ସେ ବୃଦ୍ଧା କିଏ ? ଗଲେ କୁଆଡ଼େ ?'' ନାମଦେବଜି ସବୁ ଶୁଣିଲେ, ତାଙ୍କ ନେତ୍ରରୁ ଅଶ୍ରୁ ବର୍ଷା ହେଲା, ସେ ଗଦ୍‌ଗଦ କଣ୍ଠରେ କହିଲେ, ''ଜନା, ତୁ ଧନ୍ୟ ! ଲୁଗା ଧୋଇବା ବୃଦ୍ଧା ସାଧାରଣ ବୃଦ୍ଧା ନୁହନ୍ତି, ତୁ ଯାହାଙ୍କୁ ନିରନ୍ତର ସ୍ମରଣ କରୁଛୁ ସେହି ଆସିଥିଲେ ବୃଦ୍ଧାରୂପେ । ସେହି ଦେବ-ଅଗମ୍ୟ, ପୁରୁଷ-ପୁରାଣ ତୋ ଭକ୍ତିବଶ ହୋଇ ବୃଦ୍ଧାରୂପେ ଆସି ତୋତେ ସାହାଯ୍ୟ କଲେ । ଜନା, ତୁ ଧନ୍ୟା, ତୋ ପିତାମାତା ତଥା ପୂର୍ବପୁରୁଷ ମଧ୍ୟ ଆଜି ତୋ ସକାଶେ ଧନ୍ୟ ହେଲେ । ତୋ ଦର୍ଶନ ଲାଭ କରି କେତେ ତ୍ରିତାପପୀଡ଼ିତ ଜୀବ ଉଦ୍ଧାର ହେଲେ ।''

ନାମଦେବଙ୍କର ଏକଥା ଶୁଣି ଜନାଙ୍କ ହୃଦୟ ଭଗବତ୍ ପ୍ରେମରେ ଓ ଭଗବାନଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ଭଗବତ୍ ଦର୍ଶନ ସକାଶେ ସେ ବ୍ୟାକୁଳ ହୋଇଉଠିଲେ । ସେ ଘରର ସମସ୍ତ କାର୍ଯ୍ୟ ସମାପ୍ତ କରି ଚକିରେ ଗହମ ଚୂରନ୍ତି । ଭଗବାନଙ୍କ ଲୀଳାରୂପ ଗୀତ ତାଙ୍କ ହୃଦୟରୁ ଉଦ୍‌ଗାରିତ ହୁଏ । ସେ ସେହି ଗୀତ ଗାନ କରନ୍ତି, ଗୀତରଚିତ ଲୀଳାକୁ

ସାମନାରେ ଦେଖୁଥା'ନ୍ତି, ହାତରେ ଚକି ବୁଲାଇ ଗହମ ଚୂରନ୍ତି । କେବେ କେବେ ସେ ଲୀଳାରେ ଏତେ ତନ୍ମୟ ହୋଇଯାଆନ୍ତି ଯେ ଗହମ ଚକିରେ ଦେବାକୁ ଭୁଲିଯାଆନ୍ତି । ବହୁତ ସମୟ ପରେ ପ୍ରକୃତିସ୍ଥ ହୋଇ ଦେଖନ୍ତି ଗହମ ଦେବାରେ କୌଣସି ତ୍ରୁଟି ନ ଥାଏ, ଅଟା ତିଆରି ହୋଇଥାଏ; କେବେ କେବେ ଗୀତ ଗାନ ଏବଂ ଭଗବାନଙ୍କ ଲୀଳା ଦର୍ଶନରେ ସମାଧିସ୍ଥ ହୋଇଯାଆନ୍ତି, କେତେ ଘଣ୍ଟା ପରେ ସମାଧି ଭଙ୍ଗ ହେଲେ ଦେଖନ୍ତି ଗହମ ଚୂରା ସମାପ୍ତ ହୋଇଛି । ତାଙ୍କ ସମାଧି ତଥା ଭଗବନ୍ମୟ ଅବସ୍ଥାରେ କିଏ ଚକିରେ ଗହମ ଦିଏ, କିଏ ଗହମ ଚୂରେ, ସେ ତାକୁ ଦେଖିପାରନ୍ତି ନାହିଁ । ତାଙ୍କୁ ଦେଖିବାକୁ ସେ ବ୍ୟାକୁଳ ହୋଇପଡ଼ିଲେ । ଜନାଙ୍କ ବ୍ୟାକୁଳତାରେ ଭଗବାନ୍ ପ୍ରକଟ ହୋଇ ଜନାଙ୍କ ସହିତ ଗହମ ଚୂରିବାକୁ ଆରମ୍ଭ କଲେ । ଜନା ଭଗବାନଙ୍କୁ ଗହମ ଚୂରୁଥିବା ଅବସ୍ଥାରେ ଦର୍ଶନ କରି ତାଙ୍କର ଅଭିଳାଷ ପୂର୍ଣ୍ଣ କଲେ । ଗହମ ଚୂରିବା ସମୟରେ ଜନାବାଇ ଶ୍ରୀକୃଷ୍ଣଙ୍କୁ ଗହମ ଚୂରୁଥିବାର ଦେଖନ୍ତି ଏବଂ ତାଙ୍କର ରୂପଲାବଣ୍ୟରେ ତନ୍ମୟ ହୋଇ ଗୀତ ଗାଆନ୍ତି । ଯାହାଙ୍କ ଚରଣରଜ ପ୍ରାପ୍ତ କରିବାକୁ ଯୋଗୀମାନେ ଯୁଗ ଯୁଗ ଧରି ତପସ୍ୟା କରନ୍ତି; ବ୍ରହ୍ମା, ଶିବ ଯାହାଙ୍କ ଦର୍ଶନ ଲାଭ କରିବାକୁ ଅଭୀପ୍ସୁ, ଆଜି ସେହି ତ୍ରିଭୁବନପତି, ପରମେଶ୍ୱର, ଭକ୍ତଭାବବିନୋଦିଆ ହରି ଜନାଙ୍କର ପବିତ୍ର ଭକ୍ତି-ପ୍ରେମ-ବଶରେ ତାଙ୍କ ସହିତ ଗହମ ଚୂରୁଛନ୍ତି ଏବଂ ତାଙ୍କର ଭକ୍ତିପ୍ରେମାପ୍ଲୁତ ଗୀତକୁ ସାଗ୍ରହେ ଶୁଣୁଛନ୍ତି । ସେଇଥିପାଇଁ ଭଗବାନ୍ କହିଛନ୍ତି –

''ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗିନାଂ ହୃଦୟେ ନ ଚ ।
ମଦ୍‌ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ ॥''

ଜନାବାଇ ଜୀବିତ ଅବସ୍ଥାରେ ଭଗବତ୍ ଦର୍ଶନ ତଥା ଭଗବତ୍ ପ୍ରେମରେ ନିମଗ୍ନ ରହିଥିଲେ । ଶରୀରତ୍ୟାଗ ପରେ ଭଗବାନଙ୍କର ନିତ୍ୟଧାମକୁ ପ୍ରାପ୍ତ ହେଲେ । ମହାରାଷ୍ଟ୍ର ଭକ୍ତମଣ୍ଡଳୀରେ ଜନାବାଇଙ୍କ ନାମ ଖୁବ୍ ପ୍ରସିଦ୍ଧ । ତାଙ୍କ ରଚିତ ଗୀତ ଆଜି ବି ଘରେ ଘରେ ଗାନ କରାହେଉଅଛି ।

ବୋଲ ଭକ୍ତ ତଥା ଭଗବାନଙ୍କର ଜୟ ।

(ନାଭାଜିଙ୍କ 'ଭକ୍ତମାଳ' ତଥା 'ମହିଳା-ରତ୍ନ' ଆଧାରରେ ଲିଖିତ)

ଭକ୍ତିମତୀ ରବିୟା

ବାର ଶହ ବର୍ଷ ପୂର୍ବେ ତୁର୍କୀସ୍ଥାନରେ ବସରା ନାମକ ଏକ ଗ୍ରାମରେ ରବିୟାର ଜନ୍ମ ହୋଇଥିଲା । ତା'ର ପିତାମାତା ଥିଲେ ବହୁତ ଗରିବ ମୁସଲମାନ । ରବିୟା ଥିଲା ତାଙ୍କର ଚତୁର୍ଥ କନ୍ୟା । ବାଲ୍ୟାବସ୍ଥାରେ ମାତା ରବିୟାକୁ ଛାଡ଼ି ପରଲୋକ ଗମନ କରିଥିଲେ । ତା'ର ବାର ବର୍ଷ ବୟସରେ ପିତା ମଧ୍ୟ ଶରୀରତ୍ୟାଗ କଲେ । ପିତାମାତାବିହୀନ ଭାଇଭଉଣୀମାନେ ଅନ୍ୟ ଘରେ କାମଧନ୍ଦା କରି କୌଣସିମତେ ଜୀବନଧାରଣ କରିଥିଲେ । ଯାହା ଉପରେ ବିପତ୍ତି ଆସେ, ବାରଂବାର ଆସୁଥାଏ । କିଛି ଦିନ ପରେ ସେ ଦେଶରେ ଭୟଙ୍କର ଦୁର୍ଭିକ୍ଷ ପଡ଼ିଲା । ଅନ୍ନ ବିନା ବହୁତ ବ୍ୟକ୍ତି ମୃତ୍ୟୁ ମୁଖରେ ପଡ଼ିଲେ । ଚାରିଆଡ଼େ ହାହାକାର । ସେ ସମୟରେ ଧନୀ ଲୋକ ତ ଖାଇବାକୁ ପାଉ ନ ଥିଲେ, ଏ ଗରିବ ପିଲାଙ୍କୁ କିଏ ଦେବ ? ପେଟ ସବୁକିଛି କରାଏ । ଏହି ସୁଯୋଗରେ କୌଣସି ଧୂର୍ତ୍ତ ଲୋକ ଅନାଥ ବାଳକବାଳିକାମାନଙ୍କୁ ନେଇ କୌଣସି ଧନୀ ଲୋକଙ୍କୁ ବିକ୍ରି କରି ଧନ ନେଇନିଅନ୍ତି । ରବିୟାର ଭାଇଭଉଣୀଗୁଡ଼ିକ ଏହିରୂପେ କିଏ କୁଆଡ଼େ ଚାଲିଗଲେ । ରବିୟାକୁ ମଧ୍ୟ ଗୋଟିଏ ଧୂର୍ତ୍ତ ବ୍ୟକ୍ତି ନେଇ ଜଣେ ନିଷ୍ଠୁର ଧନୀ ଲୋକକୁ ବିକ୍ରି କରି ଟଙ୍କା ନେଇ ଚାଲିଗଲା । ସେହି ଯୁଗରେ ଗୋରୁଛେଳି ସଦୃଶ ମନୁଷ୍ୟ ବିକ୍ରି ହେଉଥିଲେ । ଖର୍ଦ୍ଦି କରିବା ବ୍ୟକ୍ତି ମଧ୍ୟ ସେମାନଙ୍କ ସହିତ ଠିକ୍ ପାଳିତ ପଶୁ ତୁଲ୍ୟ ବ୍ୟବହାର କରୁଥିଲେ । ବିକ୍ରି ହୋଇଥିବା ବ୍ୟକ୍ତି ଠିକ୍ ପଶୁ ସଦୃଶ କାମ କରିବ ଓ ମାଡ଼ଗାଳି ମଧ୍ୟ ଖାଇବ । ସେମାନଙ୍କ ପାଇଁ ହାରିଗୁହାରି ନ ଥାଏ । ରବିୟାର ମାଲିକ ବହୁତ ସ୍ୱାର୍ଥପର ଏବଂ ନିର୍ଦ୍ଦୟସ୍ୱଭାବର ଲୋକ ଥିଲା । ସେ ରବିୟା ଉପରେ ନାନା ପ୍ରକାର ଅତ୍ୟାଚାର କରୁଥିଲା । କଥା କଥାରେ ମାଡ଼ଗାଳି ଦେଉଥିଲା ।

ମନୁଷ୍ୟ ସବୁଆଡୁ ନିରାଶ ହେଲେ ହତାଶ ହୋଇ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼େ ଅଥବା ଭଗବାନଙ୍କ ଆଶ୍ରୟ ନିଏ । ଭଗବାନ୍ ବଡ଼ ଦୟାଳୁ, କରୁଣାର ସମୁଦ୍ର, ଦରିଦ୍ରର ବନ୍ଧୁ । ସେ ଜାତି, କୁଳ, ମର୍ଯ୍ୟାଦା, ବିଦ୍ୟା, ବୁଦ୍ଧି, ଯୋଗ୍ୟତା, ସ୍ତ୍ରୀ, ପୁରୁଷ ଦେଖନ୍ତି ନାହିଁ, ଦେଖନ୍ତି କେବଳ ନିଷ୍କପଟ ଭାବ । ବ୍ୟକ୍ତି ଯେତେ ଅପରାଧୀ, ଯେତେ ପାପୀ, ଯେତେ ଦୁରାଚାରୀ ହୋଇଥାଉ, ଯେତେବେଳେ ସେ କାତର ହୋଇ ଅନନ୍ୟଭାବେ ଭଗବାନଙ୍କ ଶରଣ ନିଏ, ଭଗବାନ୍ ତା'ର ସମସ୍ତ ପୂର୍ବଅପରାଧକୁ ନ ଦେଖି ତା' ରକ୍ଷା ସକାଶେ ଦୌଡ଼ିଆସନ୍ତି । ରବିୟା ନାନାପ୍ରକାର ଜୋରଜୁଲୁମରେ ବ୍ୟତିବ୍ୟସ୍ତ ହୋଇପଡ଼ିଲା । ତା' ସକାଶେ ଚାରିଆଡ଼ ଅନ୍ଧାର ଥିଲା । କେହି ଜଣେ ପଦେ କଥା କହି ସାନ୍ତ୍ୱନା ଦେବାକୁ ନ ଥିଲା । ରବିୟାର ସମସ୍ତ ସତ୍ତାକୁ ନିରାଶା ଓ ହତାଶାର ଅନ୍ଧକାର ଆବୃତ କରି ପକାଇଲା । କିନ୍ତୁ ଏହି ଦୁଃଖତାପ-ତମସାଚ୍ଛନ୍ନ ଘୋର ନିଶାରେ ତା'ର ଅନ୍ତରରୁ ବିଜୁଳି ସଦୃଶ ଗୋଟିଏ ବାଣୀ ଚମକି ପଡ଼ିଲା— ''ରବିୟା : ତୁ ନିରାଶ ହେଉଛୁ କାହିଁକି ? ଅନାଥର ନାଥ, ନିରାଶ୍ରୟର ଆଶ୍ରୟ ଦୀନବନ୍ଧୁଙ୍କ ଶରଣ ନେ, ସେ ତୋତେ ରକ୍ଷା କରିବେ ।'' ଏହା ଶବ୍ଦ ନ ଥିଲା, ତା' ସୁପ୍ତ ଆତ୍ମାକୁ ଜାଗ୍ରତ୍ କରିବାର ଦେବଦୂତ ଥିଲା । ରବିୟା ସଚେତ ହୋଇଗଲା, ତା' ହୃଦୟରେ ବିଜୁଳି ସଦୃଶ କୌଣସି ଅଲୌକିକ ବସ୍ତୁ ପ୍ରବେଶ କରିଗଲା । ତା'ର ମନ, ପ୍ରାଣରେ ଗୋଟିଏ ନୂତନ ଆଶା ସଞ୍ଚାର ହେଲା । ସେ କାତର ହୋଇ ଭଗବାନଙ୍କୁ ପ୍ରାର୍ଥନା କରିବାକୁ ଲାଗିଲା —

''ହେ ନାଥ, ହେ ଅନାଥର ନାଥ, ହେ ଦୀନବନ୍ଧୁ, ହେ କରୁଣାସିନ୍ଧୁ, ଦୟାମୟ, ଏହି ଦୀନା, ହୀନା, ଅନାଥା, ଦରିଦ୍ରା, ନିରାଶ୍ରୟା ବାଳିକାକୁ ନିଜ ଶରଣରେ ସ୍ୱୀକାର କର । ପ୍ରଭୋ, ତୁମେ ତ ଅନ୍ତର୍ଯାମୀ, ମୋ ବେଦନା ତୁମକୁ ଅଗୋଚର ନାହିଁ । ତୁମେ ସକଳ ସ୍ଥାନରେ ପରିପୂର୍ଣ୍ଣ, ସବୁ ଦେଖୁଛ, ସବୁ ଶୁଣୁଛ । ପ୍ରଭୋ, ମୁଁ ତୁମଠାରୁ ଧନ, ମାନ, ଯଶଃ ଚାହୁଁ ନାହିଁ, ଚାହୁଁଛି ଏହି ଧନୀ କବଳରୁ ମୁକ୍ତ ହୋଇ ତୁମକୁ ସ୍ମରଣ କରିବାକୁ ।''

କୌଣସି ବ୍ୟକ୍ତି ଆନ୍ତରିକତା ସହ ଭଗବାନଙ୍କୁ ଡାକିଲେ ଭଗବାନ୍ ଶୁଣନ୍ତି ଏବଂ ତତ୍କ୍ଷଣାତ୍ ତା' ଅନ୍ତରରେ ମୂକ ଭାଷାରେ ଉତ୍ତର ଦିଅନ୍ତି । ସେ ଉତ୍ତର ଆସେ ଶାନ୍ତି, ସନ୍ତୋଷ, ଆନନ୍ଦରୂପେ, ନିରାଶାରେ ଆଶା ସଞ୍ଚାର କରେ, ହତୋତ୍ସାହରେ ଉତ୍ସାହ ଜାଗ୍ରତ୍ କରାଏ, ଭଗ୍ନମନୋରଥରେ ନୂତନ ଆନନ୍ଦଦାୟକ ମନୋରଥ ସୃଷ୍ଟି କରାଏ, ଭୟ ସ୍ଥାନରେ ନିର୍ଭୟ, ଚିନ୍ତା ସ୍ଥାନରେ ସାହସ ଓ ଧୈର୍ଯ୍ୟ ଆଣିଦିଏ ।

ସେହିଦିନଠାରୁ ରବିୟାର ବାହ୍ୟ ଦୁଃଖକଷ୍ଟ କ୍ରମଶଃ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ତା' ଅନ୍ତରରେ ସୁଖ, ଶାନ୍ତି, ଆନନ୍ଦ ମଧ୍ୟ ବୃଦ୍ଧି ହେଲା । ରବିୟା ଆଉ ପୂର୍ବ ରବିୟା ହୋଇ ରହିଲା ନାହିଁ । ତା'ର ଚେତନାର ରୂପାନ୍ତର ହୋଇଗଲା । ସେ ଆଉ ନିଜକୁ ଅନାଥିନୀ ବୋଲି ଅନୁଭବ କଲା ନାହିଁ, ଅନୁଭବ କଲା ତା'ର ସର୍ବଶକ୍ତିମାନ୍ ପ୍ରଭୁ, ଅନାଥର ନାଥ ଭଗବାନଙ୍କୁ । ବାହାରେ ଯଦ୍ୟପି ତା' ଉପରେ ନାନାପ୍ରକାର ଅତ୍ୟାଚାର ହେଉଥାଏ ତଥାପି ଭିତରେ ସେ ଆନନ୍ଦ ଅନୁଭବ କରୁଥାଏ । ଉଠିବା ସମୟରୁ ଶୋଇବା ପର୍ଯ୍ୟନ୍ତ ଭଗବତ୍ ନାମ ସ୍ମରଣ ସହିତ ଘରର କାମଧନ୍ଦା କରେ, ଘରର ବ୍ୟକ୍ତି ଖାଇସାରିବା ପରେ ଯାହା ବଳିଥାଏ ତାକୁ ତାହାହିଁ ଖାଇବାକୁ ମିଳେ । ସେଥିରେ ସେ ସନ୍ତୁଷ୍ଟ ହୁଏ । ଦିନରେ ସମୟ ପାଏ ନାହିଁ । ରାତ୍ରିରେ ଘରର ସମସ୍ତ ବ୍ୟକ୍ତି ଶୋଇବା ପରେ ସେ ଭଗବାନଙ୍କୁ ପ୍ରାର୍ଥନା କରେ, କାନ୍ଦି କାନ୍ଦି ନିଜ ଦୁଃଖକଷ୍ଟ ନିବେଦନ କରେ । ତା'ର ତ ଆଉ ସଂସାରରେ କେହି ନ ଥା'ନ୍ତି, ଥାଆନ୍ତି କେବଳ ଅନାଥର ନାଥ, ଦରିଦ୍ରର ବନ୍ଧୁ ଭଗବାନ୍ । ସେ ସବୁ ଦୁଃଖ ଶୁଣନ୍ତି, ଅନ୍ତରରେ ଶାନ୍ତି ଦିଅନ୍ତି । ନିଦ ଆସିବା ପର୍ଯ୍ୟନ୍ତ ରବିୟା ଭଗବାନଙ୍କ ଧ୍ୟାନରେ ମଗ୍ନ ରହେ, ସେହି ଧ୍ୟାନାବସ୍ଥାରେ ଭଗବତ୍ ଆନନ୍ଦରେ ନିଦ୍ରାଦେବୀଙ୍କ କୋଳରେ ଆଶ୍ରୟ ନିଏ । କିନ୍ତୁ ଘରର ପ୍ରତ୍ୟେକ ବ୍ୟକ୍ତି ତା' ଉପରେ ହୁକୁମ ଚଳାନ୍ତି । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଖୁସି କରାଇବା ଜଣକ ପକ୍ଷେ ସମ୍ଭବ ନୁହେଁ, ଯାହାର ଇଚ୍ଛାନୁସାରେ ସେ କାମ କରି ନ ପାରିଲା, ହୁକୁମ ପାଳନ କରି ନ ପାରିଲା, ସେ ମାଡ଼ଗାଳି ଦେଲା । ସହିବାର ଗୋଟାଏ ସୀମା ଥାଏ । ତା'ର ବି ଶରୀର । କିନ୍ତୁ ଧନୀ, ସ୍ୱାର୍ଥୀ ବ୍ୟକ୍ତିମାନେ ଖୁବ୍ ନିଷ୍ଠୁର ହୁଅନ୍ତି । ନିଜ ଶରୀରଠାରୁ ଅନ୍ୟକୁ ପୃଥକ୍, ଏପରିକି ଜଡ଼ ସଦୃଶ ମନେକରନ୍ତି । ବିଚାରୀ ରବିୟା ସମସ୍ତଙ୍କ ଆଗରୁ ଉଠି ପୁନଶ୍ଚ ରାତ୍ରିରେ ସମସ୍ତେ ଶୋଇବା ପର୍ଯ୍ୟନ୍ତ ଖଟୁଥିବ, ବିଶ୍ରାମର ନାମ ନାହିଁ, ସେଥିରେ ପୁଣି ମାଡ଼ଗାଳି । ସେ ଆଉ କେତେ ସହିବ ? ରବିୟା ସେମାନଙ୍କ ଅତ୍ୟାଚାର ଆଉ ସହି ନ ପାରି ଦିନେ ରାତ୍ରି ସମୟରେ ମାଲିକର ଅଜ୍ଞାତରେ ଘରୁ ଲୁଚି ପଳାଇଗଲା । ଯଦି ମାଲିକ ଆସି ଧରେ, ତେବେ ତା'ର ଆଉ ରକ୍ଷା ନାହିଁ । ଏହି ଭୟରେ ସେ ଅସ୍ତବ୍ୟସ୍ତ ହୋଇ ଖାଲଢିପ, ବାଡ଼ବୁଦା, ବଣପାହାଡ଼ ନ ଦେଖି ଦୌଡୁଥିଲା । ବୋଧହୁଏ ଭଗବାନଙ୍କ ବିଧାନ କିଛି ଅନ୍ୟପ୍ରକାର ଥିଲା । ଅନ୍ଧକାର ରାତ୍ରି, ଅଚିହ୍ନା ରାସ୍ତା, ହୃଦୟରେ ଭୟ ଏବଂ ଉଦ୍‌ବେଗ । ତା' ଗୋଡ଼ ପଡ଼ିଗଲା ଗୋଟାଏ ଖାଲରେ । ସେ ପଡ଼ିଯାଇ ତା'ର ଡାହାଣ ହାତ ଭାଙ୍ଗିଗଲା । ଏହି ନୂତନ ବିପଦରେ ତା'ର ସାହସ ଭାଙ୍ଗିପଡ଼ିଲା । ତା'ର ଚତୁର୍ଦିଗରେ ଯେପରି ଘନ ଅନ୍ଧକାର ଘୋଟି ଆସିଲା । ତା'ର ତ ଏ ସଂସାରରେ ଆଉ କେହି ନାହିଁ; କାହା ମୁହଁରୁ ପଦେ ଆଶ୍ୱାସନା ଶବ୍ଦ ଶୁଣି ହୃଦୟରେ ଶାନ୍ତି ପାଇବା ତା' ଭାଗ୍ୟରେ ନାହିଁ । ସେ ବ୍ୟାକୁଳ ହୋଇ କାନ୍ଦି ଏକମାତ୍ର ଆଶ୍ରୟ ଭଗବାନଙ୍କୁ କହିଲା, ''ହେ ମୋର ମାଲିକ, ମୁଁ ବାଲ୍ୟାବସ୍ଥାରୁ ଚିରଦୁଃଖିନୀ, ପିତୃମାତୃହୀନା ଅରକ୍ଷିତା ଦୀନା ବାଳିକା । କଏଦିଖାନାରେ ପଶୁଭଳି ଖଟି ପେଟ ପାଳୁଥିଲି । ଏବେ ତ କାମ କରିପାରିବି ନାହିଁ । ମୋର ନିଷ୍ଠୁର ମାଲିକ କି କଠୋର ଦଣ୍ଡ ଦେବ ତାହା ମନେ ପଡ଼ିବାମାତ୍ରେ ସାହସ ଉଡ଼ିଯାଉଛି । ମୋର କେହି ମାତ୍ର ଭରସା ନାହିଁ, ତୁହିଁ ଏକମାତ୍ର ଆଶ୍ରୟ । କ'ଣ ତୁ ବି ମୋ ଉପରେ ରୁଷ୍ଟ ହୋଇଗଲୁ ? ମୋ ଦୁଃଖକଷ୍ଟ କ'ଣ ତୋ ପାଖରେ ଅଜ୍ଞାତ ରହିଲା ? ହେ ମୋର ପ୍ରଭୁ, ତୁ ଯଦି ମୋ ଉପରେ ଅସନ୍ତୁଷ୍ଟ, ତେବେ ମୋତେ ଏ ସଂସାରରୁ ବିଦାୟ ଦେ । ଏହି ଦୁଃଖପୂର୍ଣ୍ଣ ସଂସାରରେ କାହା ଆଶ୍ରୟରେ ମୁଁ ବଞ୍ଚି ରହିବି ?'' ରବିୟାର କାତର ପ୍ରାର୍ଥନାରେ ତା'ର ସମସ୍ତ ବନ୍ଦ ଦ୍ୱାର ଉନ୍ମୁକ୍ତ ହୋଇଗଲା । ଭଗବାନ୍ ତ ଦୂରରେ ନ ଥା'ନ୍ତି, ଥାଆନ୍ତି ସର୍ବଦା ପାଖରେ; ଭକ୍ତର ଡାକକୁ ସର୍ବଦା ଅପେକ୍ଷା କରିଥାଆନ୍ତି । କିନ୍ତୁ ବ୍ୟକ୍ତିର ସମସ୍ତ ସତ୍ତା ଏକମୁଖୀ ହୋଇ ଭଗବାନଙ୍କୁ ଚାହେଁ ନାହିଁ । ମନ ଏକ ବସ୍ତୁ ଚାହିଁଲେ, ପ୍ରାଣ ଅନ୍ୟ ଏକ ବସ୍ତୁ ଚାହେଁ, ଜିହ୍ୱା ରସାସ୍ୱାଦନରେ ଆସକ୍ତ ହେଲେ ନେତ୍ର ଦୃଶ୍ୟମାନ ବସ୍ତୁରେ ବ୍ୟସ୍ତ ଥାଏ, କର୍ଣ୍ଣ ଅନ୍ୟ କଥା ଶୁଣିବାରେ ଅଭ୍ୟସ୍ତ । ସେହି ସକାଶେ ଭଗବାନଙ୍କ ପ୍ରବେଶଦ୍ୱାର ରୁଦ୍ଧ ହୋଇଥାଏ । ଯେତେବେଳେ ବ୍ୟକ୍ତି ଦୁଃଖଦ୍ୱନ୍ଦ୍ୱରେ ଜର୍ଜରିତ ହୋଇଯାଏ, ବିପଦ-ସମୁଦ୍ରରେ ଡୁବିଯାଏ, କୂଳକିନାରା ପାଏ ନାହିଁ, ସେତିକିବେଳେ ତା'ର ସମସ୍ତ ଇନ୍ଦ୍ରିୟ ଭଗବନ୍ମୁଖୀ ହୁଅନ୍ତି ଅଥବା ଭଗବତ୍ ଶାନ୍ତି, ଆନନ୍ଦରେ ସମସ୍ତ ସତ୍ତା ଉଦ୍‌ଭାସିତ ହେଲେ ସେହିସବୁ ଇନ୍ଦ୍ରିୟ-ବିଷୟରୁ ନିବୃତ୍ତ ହୋଇ ଭଗବତ୍ ପ୍ରାପ୍ତି ସକାଶେ ବ୍ୟାକୁଳ ହୋଇପଡ଼ନ୍ତି । ଏହି ଦୁଇ ଅବସ୍ଥାରେ ଭଗବାନ୍ ନିଜକୁ ଭକ୍ତ ପାଖରେ ପ୍ରକଟ ନ କରି ରହିପାରନ୍ତି ନାହିଁ ।

ରବିୟାର ଦୁଃଖକଷ୍ଟ ସୀମା ଲଂଘନ କରିସାରିଥିଲା । ତା' ସକାଶେ ଭଗବାନଙ୍କ ଛଡ଼ା ଆଶା ଭରସାର ଅନ୍ୟ

କୌଣସି ବସ୍ତୁ ନ ଥିଲା । ''ନିରାଶ୍ରୟଂ ମାଂ ଜଗଦୀଶ ରକ୍ଷ ।''– ଏହି ବାକ୍ୟଟି ରବିୟା ସକାଶେ ପୂର୍ଣ୍ଣ ରୂପେ ପ୍ରଯୁଜ୍ୟ ହୋଇଥିଲା । ଭଗବାନଙ୍କର ସ୍ୱାଭାବିକ ଗୁଣ ହେଲା ''ଦୀନର ବନ୍ଧୁ'' । ଭକ୍ତର ଆର୍ତ୍ତ ବାଣୀ ଶୁଣି ସେ ଧୈର୍ଯ୍ୟ ଧରି ରହିପାରନ୍ତି ନାହିଁ । ଗଜକୁ କୁମ୍ଭୀର ଧରିଥିବା ସମୟରେ ଗଜ ଡାକିବା ସଙ୍ଗେ ସଙ୍ଗେ ନିଜ ବାହନ ଗରୁଡ଼ ପିଠିରୁ ଉତରି ପଡ଼ି ଦୌଡ଼ି ଆସିଲେ । ରବିୟାର ଆର୍ତ୍ତ କ୍ରନ୍ଦନ ଶୁଣି ସେ ବା କିପରି ନ ଆସି ରହିପାରନ୍ତେ ? ରବିୟାର ହୃଦୟ ଶାନ୍ତି, ଆନନ୍ଦରେ ପରିପୂର୍ଣ୍ଣ ହୋଇଗଲା; ତା'ର ସମସ୍ତ ସତ୍ତା ଦିବ୍ୟଜ୍ୟୋତିଃରେ ଦେଦୀପ୍ୟମାନ ହେବାକୁ ଲାଗିଲା; ମୁଖରୁ ଆଉ ବାକ୍ୟର ଉଚ୍ଚାରଣ ହେଲା ନାହିଁ । ସେ ଆନନ୍ଦ ଓ ଶାନ୍ତିର ସମୁଦ୍ରରେ ବୁଡ଼ିଗଲା । ହୃଦୟର ଗଭୀରରୁ ମେଘଗମ୍ଭୀର ସ୍ୱର ତା' କର୍ଣ୍ଣକୁହରରେ ପ୍ରବେଶ କଲା, ''ରବିୟା, ତୁ ଆଉ ଶୋକ କର ନାହିଁ; ତୋର ଦୁଃଖକଷ୍ଟର ସମୟ ଅନ୍ତ ହୋଇଯାଇଛି; ଆନନ୍ଦର ସୂର୍ଯ୍ୟ ପ୍ରକାଶ ହେବାକୁ ଚାହୁଁଛି । ତୋ ଯଶଃ ପ୍ରକାଶ ହେବାର ସମୟ ଆସିଛି । ତୁ ଧୈର୍ଯ୍ୟ ଧରି ମୋତେ ସ୍ମରଣ କର ।''

ରବିୟାର ପ୍ରତିଲୋମ ଆନନ୍ଦ ଏବଂ କୃତଜ୍ଞତାରେ ପୂର୍ଣ୍ଣ । ସମସ୍ତ ସତ୍ତାରେ ଶାନ୍ତି ଓ ଆନନ୍ଦର ସ୍ରୋତ ପ୍ରବାହିତ ହେଉଛି । ତା'ର ଜୀବନଧାରା ଏକେବାରେ ପରିବର୍ତ୍ତିତ ହୋଇଯାଇଛି । ସେ ଭଗବତ୍ ଆନନ୍ଦରେ ମତ୍ତ ହୋଇ ମାଲିକ ଘରକୁ ଫେରିଆସିଲା । ଭଗବାନଙ୍କ କୃପାରୁ ଭାଙ୍ଗିଯାଇଥିବା ହାତ ମଧ୍ୟ ଠିକ୍ ହୋଇଗଲା । ସେ ସବୁଦିନ ପରି ଘରର ସମସ୍ତ କର୍ମ କରିବାକୁ ଲାଗିଲା । ସେ ଶରୀରରେ କାର୍ଯ୍ୟ କରୁଥାଏ । କିନ୍ତୁ ତା' ମନ-ମଧୁକର ଭଗବାନଙ୍କ ଚରଣକମଳରେ ବିଚରଣ କରୁଥାଏ । ତାକୁ ଆଉ ଦୁଃଖକଷ୍ଟ ସ୍ପର୍ଶ କରୁ ନ ଥାଏ । ସେ ଚାହୁଁଥାଏ କେବଳ ନିରନ୍ତର ଭଗବତ୍ ସ୍ମରଣ । ଦିନବେଳା କାମ ଯୋଗୁଁ ସମୟ ମିଳେ ନାହିଁ, ରାତ୍ରିରେ ସମସ୍ତେ ଶୋଇଯିବା ପରେ ସେ ଭଗବତ୍ ଧ୍ୟାନରେ ମଗ୍ନ ହୋଇ ପ୍ରାର୍ଥନା କରେ । ଭଜନ ପ୍ରଭାବରେ ତା'ର ମୁଖମଣ୍ଡଳର ତେଜଃ ବୃଦ୍ଧି ହେଉଥାଏ ।

ଦିନେ ନିତ୍ୟନିୟମାନୁସାରେ ସେ ନିଜ ଶୟନକକ୍ଷରେ ଆନନ୍ଦମଗ୍ନ ହୋଇ ଭଗବାନଙ୍କୁ ପ୍ରାର୍ଥନା କରୁଥିଲା । ସେହି ସମୟରେ ତା' ମାଲିକର ନିଦ ଭାଙ୍ଗିଗଲା । ସେ ରବିୟାର ସ୍ୱରକୁ ଲକ୍ଷ୍ୟ କରି ପାଦ ଦାବି ଆସ୍ତେ ଆସ୍ତେ ରବିୟାର ଶୋଇବା ଘରର ଦ୍ୱାରରେ ପହଞ୍ଚିଲା । ରବିୟାର କକ୍ଷ ଆଲୋକରେ ପୂର୍ଣ୍ଣ । ସେ ନିର୍ନିମେଷ ନୟନରେ ଧ୍ୟାନମଗ୍ନ ହୋଇ ପ୍ରାର୍ଥନା କରୁଥାଏ, ''ହେ ମୋର ପ୍ରଭୁ, ମୁଁ ଚାହୁଁଛି ନିରନ୍ତର ତୋରି ସେବା କରିବାକୁ, ତୋତେହିଁ ସ୍ମରଣ କରିବାକୁ, କିନ୍ତୁ ମୁଁ ଅନ୍ୟ ହାତରେ ବିକ୍ରି ହୋଇଥିବା ଗୋଲାମ, ଅନ୍ୟର ସେବାରୁ ଛୁଟି କେଉଁଠି ଅଛି ?'' ଏହା ଶୁଣିବା ମାତ୍ରେ ଘରମାଲିକର ହୃଦୟ ଏକେବାରେ ପରିବର୍ତ୍ତିତ ହୋଇଗଲା । ସେ ଦୃଶ୍ୟ ଦେଖି ତା'ର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ନିଜକୁ ବହୁତ ଅପରାଧୀ ମନେକରି ନିଜକୁ ଧିକ୍‌କାର କରିବାକୁ ଲାଗିଲା । ସେ ଭାବିଲା, ''ଏପରି ଭକ୍ତିମତୀ ଦେବୀ ଉପରେ ମୁଁ ନୃଶଂସତାପୂର୍ବକ କେତେ ଜୋରଜୁଲମ କରିଛି, କେତେ କଷ୍ଟ ଦେଇଛି ! ଏହି ଅପରାଧରୁ ଭଗବାନ୍ କିପରି ମୋତେ କ୍ଷମା ଦେବେ ? ଏପରି ପରମଭକ୍ତା ଦେବୀର ପୂଜା କରିବା ଉଚିତ; କିନ୍ତୁ ତାକୁ ମୁଁ ପଶୁ ଭଳି ସେବାରେ ଖଟାଇ ରଖିଛି । ଏହି ପାପରୁ ମୁକ୍ତ ହେବାର ଏକମାତ୍ର ଉପାୟ– ଏହି ଭକ୍ତିମତୀ ଦେବୀର ସେବା କରିବା ।'' ଏହା ଭାବି ରବିୟା ପାଖକୁ ଯାଇ ହାତ ଯୋଡ଼ି କହିଲା, ''ଦେବି, ମୁଁ ତୋର ବହୁତ ଅପରାଧ କରିଛି । ମୋତେ କ୍ଷମା ଦେ । ଆଉ ତୋତେ ସେବା କରିବାକୁ ହେବ ନାହିଁ । ଆଜିଠାରୁ ମୁଁ ତୋର ସେବା କରିବି । ତୁ ଆନନ୍ଦରେ ଏହିଠାରେ ରହି ଭଗବତ୍ ସ୍ମରଣ କର ।''

ରବିୟା ହାତ ଯୋଡ଼ି ବିନୀତ ସ୍ୱରରେ କହିଲା, ''ମାଲିକ, ଯଦି ମୋତେ ଏଠାରୁ ଯିବାକୁ ଆଜ୍ଞା ଦିଅନ୍ତି, ତେବେ ଆପଣଙ୍କର ମୋ ଉପରେ ବିଶେଷ କୃପା ହେବ; ମୁଁ ଏକାନ୍ତରେ ରହି ଭଗବାନଙ୍କୁ ସ୍ମରଣ କରିବି ।'' ଯଦିଓ ମାଲିକର ବିଶେଷ ଆଗ୍ରହ ଥିଲା ରବିୟାକୁ ଘରେ ରଖି ତା'ର ସେବା କରିବାକୁ ତଥାପି ସେ ଭାବିଲା,– ''ରବିୟାର ଇଚ୍ଛା ବିରୋଧରେ କାର୍ଯ୍ୟ କରିବା ଠିକ୍ ନୁହେଁ, ସେ ଯେଉଁଥିରେ ଖୁସି ହେବ ତାହାହିଁ ଠିକ୍ ।'' ମାଲିକ କହିଲା, ''ଦେବୀ ରବିୟା, ତୋର ଯେପରି ଖୁସି ସେପରି କର । ତୋ ଇଚ୍ଛା ବିରୋଧରେ ମୁଁ କିଛି କରିବାକୁ ଚାହୁଁ ନାହିଁ; କିନ୍ତୁ ଦେବି, ମୋ ଅପରାଧକୁ କ୍ଷମା କର, ଆଉ ମୋ ଉପରେ କୃପା କର ।'' ଏହା ଶୁଣିବା ମାତ୍ରେ ରବିୟାର ହୃଦୟ ଭଗବାନଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ଭଗବାନଙ୍କ କୃପା ସ୍ମରଣ କରି ତା' ନେତ୍ରରୁ ଅଶ୍ରୁ ବର୍ଷା ହେବାକୁ ଲାଗିଲା । ସେ ନିଷ୍କପଟ ଭାବରେ ବିନୀତ ସ୍ୱରରେ କହିଲା, ''ମାଲିକ, ତୁମର କୌଣସି ଦୋଷ ବା ଅପରାଧ ହୋଇ ନାହିଁ, ତୁମେ ଏତେ ଦିନ ମୋତେ ଆଶ୍ରୟ

ଦାନ କରି ମୋ ଉପରେ ଦୟା କରିଛ, ଯଦି ତୁମେ ନିଜର ଅପରାଧ ବୋଲି କିଛି ମନେକରୁଛ, ତେବେ ମୁଁ ମୋ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛି ସେ ତୁମକୁ କ୍ଷମା ଦେବେ, ତୁମେ ଆନନ୍ଦରେ ରୁହ, ଭଗବାନ୍ ତୁମର ମଙ୍ଗଳ କରିବେ ।'' ଏହିପରି କଥାବାର୍ତ୍ତା ହେଉ ହେଉ ରାତ୍ରି ବ୍ୟତୀତ ହୋଇଗଲା । ରବିୟା ମାଲିକଠାରୁ ବିଦାୟ ନେଇ ଭଗବତ୍ ଆନନ୍ଦରେ ବିଭୋର ହୋଇ କୌଣସି ଏକାନ୍ତ ସ୍ଥାନରେ ରହିବା ସକାଶେ ଯାତ୍ରା କଲା ।

ବାସ୍ତବିକ ଭଗବାନଙ୍କର ପ୍ରତିଟି ବିଧାନ ତାଙ୍କର ଅସୀମ ଦୟାର ସୂଚନା ଦେଇଥାଏ । କିନ୍ତୁ ମନୁଷ୍ୟ ଉପସ୍ଥିତ ଦୁଃଖକଷ୍ଟରେ ବିଚଳିତ ହୋଇଯାଏ, ଭଗବାନଙ୍କ ପ୍ରତି ଅବିଶ୍ୱାସ କରିବାକୁ ଲାଗେ । କିନ୍ତୁ ବିପଦ ସମୟରେ ବ୍ୟକ୍ତି ଧୈର୍ଯ୍ୟ ଏବଂ ସାହସ ରଖି ଭଗବତ୍ ବିଶ୍ୱାସକୁ ଜାବୁଡ଼ି ଧରି ରଖିପାରିଲେ ପରେ ବିନା ଦୁଃଖକଷ୍ଟରେ ଭଗବତ୍ କୃପାକୁ ଉପଲବ୍ଧି କରିପାରେ । ରବିୟା ମଧ୍ୟ ଭଗବତ୍କୃପାକୁ ଅନୁଭବ କରିବାକୁ ଲାଗିଲା । ସେ ଭାବିଲା, ''ଯଦି ମୋ ଉପରେ ବିପଦ ନ ଆସିଥାଆନ୍ତା ତେବେ ମୁଁ ଏପରି ତୀବ୍ରଭାବେ ଭଗବାନଙ୍କୁ ସ୍ମରଣ କରିପାରି ନ ଥା'ନ୍ତି, କେବଳ ଖାଇପିଇ ଶୋଇ ଜୀବନକୁ ନଷ୍ଟ କରିଥାଆନ୍ତି । ଏହି ଦୁଃଖକଷ୍ଟ ମୋର ପରମ ମିତ୍ର, ଯାହାଦ୍ୱାରା ମୁଁ ଭଗବତ୍ ଶରଣ ହୋଇପାରିଲି ଏବଂ ଚିରଦିନ ସକାଶେ ମହାନ୍, ଘୋର ଯମଯାତନା ରୂପ ଭୟଙ୍କର ଜନ୍ମମରଣଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ଚିର ଆନନ୍ଦସ୍ୱରୂପ ଭଗବାନଙ୍କୁ ପ୍ରାପ୍ତ ହୋଇପାରିଲି ।''

ରବିୟା ଭଗବାନଙ୍କ ଦୟା କରୁଣାକୁ ସ୍ମରଣ କରୁଥା'ନ୍ତି, ହୃଦୟରେ ଭଗବାନଙ୍କର ଦିବ୍ୟ ରୂପର ପ୍ରକାଶ ଥାଏ, ତାଙ୍କ ମନ ଅପାର୍ଥିବ ଦିବ୍ୟାନନ୍ଦକାନନରେ ବିଚରଣ କରୁଥାଏ । ସେ ଆନନ୍ଦବିଭୋର ହୋଇ କ୍ଷୁଧାତୃଷା ଭୁଲି ଚାଲିଥାଆନ୍ତି । କେତେଦୂର ଚାଲିଯିବା ପରେ ଗୋଟିଏ ଇଚ୍ଛାନୁରୂପ ଏକାନ୍ତ ସ୍ଥାନ ଦେଖି ସେହିଠାରେ ରହି ଭଗବାନଙ୍କୁ ନିର୍ଦ୍ୱନ୍ଦ୍ୱରେ ସ୍ମରଣ କରିବାରେ ନିମଗ୍ନ ରହିଲେ ।

ଏବେ ରବିୟା ସମସ୍ତ ଜଞ୍ଜାଳମୁକ୍ତ । ଭଗବତ୍ ସ୍ମରଣ ଛଡ଼ା ଆଉ ତାଙ୍କର କିଛି ନାହିଁ । ବହୁତ ଦିନର ଅଭିଳାଷ ଭଗବାନ୍ ପୂର୍ଣ୍ଣ କରିଛନ୍ତି । ସେ ଗୋଟିଏ ସ୍ଥାନରେ ରହି ଦିବାରାତ୍ରି ଭଗବାନଙ୍କୁ ସ୍ମରଣ କରୁଥାଆନ୍ତି । ତାଙ୍କର ଭଗବାନଙ୍କ ଉପରେ ଅଟଳ ବିଶ୍ୱାସ । ସେ ଅନୁଭବ କରୁଥିଲେ ଭଗବାନ୍ ବିଶ୍ୱମ୍ଭରଙ୍କୁ । ସେ ନିଜ ଉଦରପୂର୍ତ୍ତି ସକାଶେ କୌଣସି ପ୍ରଯତ୍ନ କରୁ ନ ଥିଲେ । ପ୍ରକୃତରେ ଯେ ଭଗବାନଙ୍କ ଉପରେ ନିର୍ଭରଶୀଳ ହୁଏ, ତା' ଖବର ଭଗବାନ୍ ନ ବୁଝି ରହିପାରନ୍ତି ନାହିଁ । କିନ୍ତୁ ପ୍ରଥମେ ତାକୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ହୁଏ । ରବିୟା ନିଜ ନିଷ୍ଠାରେ ଅଟଳ ଥିଲେ । ପିନ୍ଧିବାକୁ ଲୁଗା ନ ଥାଏ, ଖାଇବାକୁ ଅନ୍ନ ନ ଥାଏ, ଖଣ୍ଡିଏ ଲୁଗାକୁ ସିଲେଇ କରି ପିନ୍ଧନ୍ତି, କେହି ଭୋଜନ ଦେଇଗଲେ ଖାଆନ୍ତି ।

ମନୁଷ୍ୟର ସଦ୍‌ଗୁଣ ବା ଦୁର୍ଗୁଣ ଲୁଚି ରହେ ନାହିଁ । ରବିୟାଙ୍କର ନିର୍ଲୋଭତା, ଅନାସକ୍ତି, ତ୍ୟାଗ, ଶାନ୍ତି, ଆନନ୍ଦାଦି ଦିବ୍ୟଗୁଣ ଦେଖି ଭକ୍ତ ଲୋକମାନେ ପ୍ରଭାବିତ ହେଲେ ।

ଦିନେ ରବିୟା ଖଣ୍ଡେ ଫଟା, ପୁରୁଣା, ସିଲାଇ ହୋଇଥିବା ଲୁଗା ପିନ୍ଧି ବସିଥିଲେ । ଜଣେ ଧନୀ ଲୋକ ତାଙ୍କୁ କହିଲା, ''ହେ ତପସ୍ୱିନି, ତୁମ ପାଖରେ ଲୁଗା ନାହିଁ, ମୋତେ କହିଲେ ମୁଁ ତୁମର ଦରିଦ୍ରତା ଦୂର କରିଦେବି ।'' ରବିୟା ଉତ୍ତର ଦେଲେ, ''ସମସ୍ତ ଜଗତ୍ ମୋ ପ୍ରଭୁଙ୍କର । ତାଙ୍କୁ ଛାଡ଼ି ଅନ୍ୟକୁ ମୁଁ କାହିଁକି ମାଗିବି ? ମୋର ଦରକାର ହେଲେ ମୋ ପ୍ରଭୁଙ୍କଠାରୁ ମାଗି ନେବି ।''

ରବିୟାଙ୍କ ଫୁଟା ଲୋଟା, ଫଟା ଚିଥଡ଼ା ଦେଖି ଜଣେ ଲୋକ କହିଲା, ''ଦେବି, ମୋର ବହୁତ ଧନୀ ମିତ୍ର ଅଛନ୍ତି, ତୁମେ ଆଜ୍ଞା ଦେଲେ ତୁମ ସକାଶେ ସମସ୍ତ ଆବଶ୍ୟକ ବସ୍ତୁ ନେଇଆସିବି ।''

ରବିୟା ଉତ୍ତର ଦେଲେ, ''ତୁମେ ଭୁଲ୍ କରୁଛ, ଧନୀ ଲୋକ ମୋର ଅନ୍ନଦାତା ନୁହନ୍ତି, ଯେ ଯଥାର୍ଥରେ ଜୀବନଦାତା ସେ କ'ଣ ଦରିଦ୍ରତା କାରଣରୁ ଦରିଦ୍ରଙ୍କୁ ଭୁଲିଯାଆନ୍ତି ଏବଂ ଧନ କାରଣରୁ ଧନୀମାନଙ୍କୁ ମନେ ରଖନ୍ତି ?''

ଦିନେ ରବିୟା ବିମର୍ଷ ହୋଇ ବସିଥିଲେ, ତାଙ୍କ ଦର୍ଶନକୁ ଆସିଥିବା ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ପଚାରିଲେ, ''ଆଜି ତୁମେ ବିମର୍ଷ କାହିଁକି ?'' ରବିୟା ଉତ୍ତର ଦେଲେ, ''ଆଜି ସକାଳେ ମୋ ମନ ସ୍ୱର୍ଗ ଆଡ଼କୁ ଚାଲିଯାଇଥିଲା, ସେହି ସକାଶେ ମୋର ଅନ୍ତରର ପରମ ମିତ୍ର ମୋତେ ଧମକ ଦେଇ ସଚେତ କରାଇ ଦେଲେ ।'' ରବିୟା ଈଶ୍ୱରଙ୍କୁ ସଖାରୂପେ ଭକ୍ତି କରୁଥିଲେ ।

ଥରେ ରବିୟା ଖୁବ୍ ଅସୁସ୍ଥା ଥିଲେ । ସୁଫିୟାନ୍ ନାମକ ଜଣେ ଅଧ୍ୟାତ୍ମ ସାଧକ ତାଙ୍କୁ ଦର୍ଶନ କରିବାକୁ ଆସିଥିଲେ । ରବିୟାଙ୍କୁ ଅସୁସ୍ଥ ଅବସ୍ଥାରେ ଦେଖି ସେ ବହୁତ ଦୁଃଖିତ ହେଲେ । କିନ୍ତୁ ସଙ୍କୋଚ ଯୋଗୁଁ ସେ କିଛି କହିଲେ ନାହିଁ । ରବିୟା ତାଙ୍କ ମନୋଭାବ ବୁଝିପାରି କହିଲେ, ''ତୁମେ ଯାହା କହିବାକୁ ଚାହୁଁଛ, କୁହ ।''

ସୁଫିୟାନ୍ କହିଲେ – ''ଦେବି, ତୁମେ ପ୍ରଭୁଙ୍କୁ ପ୍ରାର୍ଥନା କର, ପ୍ରଭୁ ତୁମର ବେମାର ଅବଶ୍ୟ ଦୂର କରିଦେବେ ।''

ରବିୟା ମନ୍ଦହାସ୍ୟରେ କହିଲେ – ''ସୁଫିୟାନ୍, ତୁମେ କ'ଣ ଜାଣ ନାହିଁ, ରୋଗ କାହା ଇଚ୍ଛାରେ ହୁଏ ? କ'ଣ ଏଥିରେ ମୋ ପ୍ରଭୁଙ୍କର ସମ୍ମତି ନାହିଁ ?''

ସୁଫିୟାନ୍ – ହଁ, ତାଙ୍କ ସମ୍ମତି ବିନା କ'ଣ ହେବ ?

ରବିୟା – ଯଦି ମୋ ପ୍ରଭୁଙ୍କର ସମ୍ମତି ଏଥିରେ ଅଛି, ତେବେ ପ୍ରଭୁଙ୍କ ଇଚ୍ଛାବିରୋଧରେ ରୋଗନିବୃତ୍ତି ସକାଶେ ତାଙ୍କୁ ପ୍ରାର୍ଥନା କରିବି କାହିଁକି ? ଯାହାଙ୍କର ପ୍ରତ୍ୟେକ ବିଧାନ ଆଶ୍ରିତର କଲ୍ୟାଣ ସକାଶେ ଏବଂ ସେଥିରେ ତାଙ୍କର ପ୍ରେମ ଓତପ୍ରୋତ ଥାଏ, ଏହାର ବିପରୀତ ଆଚରଣ କରିବା କ'ଣ ଉଚିତ ?

ସୁଫିୟାନ୍ – ତୁମେ କୌଣସି ଜିନିଷ ଖାଇବାକୁ ଇଚ୍ଛା କରୁଛ କି ?

ରବିୟା – ତୁମେ ଜାଣ, ମୁଁ ଖଜୁରିକୁ ବହୁତ ଭଲପାଏ, କିନ୍ତୁ ଦଶ ବର୍ଷ ହେଲା ଏଠାରେ ରହିଛି, ଖଜୁରି ଏଠାରେ ପ୍ରଚୁର, କିନ୍ତୁ ଆଜି ପର୍ଯ୍ୟନ୍ତ ଗୋଟିଏ ଖଜୁରି ମୁଖରେ ଦେଇ ନାହିଁ । ମୁଁ ସେହି ପ୍ରଭୁଙ୍କର ସେବିକା, ସେବିକାର ସ୍ୱତନ୍ତ୍ର ଇଚ୍ଛା କିପରି ? ମୋ ପ୍ରଭୁଙ୍କ ଇଚ୍ଛାର ବିରୁଦ୍ଧ ସମସ୍ତପ୍ରକାର ଇଚ୍ଛା ସର୍ବଥା ତ୍ୟାଜ୍ୟ ।

ଥରେ ସନ୍ଥ ହୁସୈନବସରି ରବିୟାଙ୍କୁ ପଚାରିଲେ – ''କ'ଣ ତୁମେ ବିବାହ କରିବାକୁ ଚାହୁଁଛ ?''

ରବିୟା ଉତ୍ତର ଦେଲେ – ''ବିବାହ ଶରୀରରେ ହୁଏ, ମନ ସେଥିରେ ସମ୍ମତି ଦିଏ, ମନ ସହିତ ଏହି ଶରୀରକୁ ମୁଁ ଭଗବାନଙ୍କ ଚରଣରେ ସମର୍ପଣ କରିସାରିଛି, ଏହି ଶରୀର ମୋ ପ୍ରଭୁଙ୍କ ସେବା ସକାଶେ ନିଯୁକ୍ତ ହୋଇସାରିଛି । ପ୍ରଭୁଙ୍କ ବସ୍ତୁ ଅନ୍ୟକୁ ଦେବାର ପ୍ରଶ୍ନ ଉଠିପାରେ ନାହିଁ ।''

ରବିୟା ପୂର୍ଣ୍ଣରୂପେ ନିଜକୁ ଭଗବାନଙ୍କ ଚରଣରେ ସମର୍ପଣ କରିସାରିଥିଲେ । ତାଙ୍କର ନିଜର ବୋଲି କିଛି ନ ଥିଲା । ନିଜର ଧାରଣା କରେ 'ଅହଂ'; 'ଅହଂ' ସମର୍ପିତ ହେଲେ ଯଥାର୍ଥରେ ନିଜର କିଛି ରହେ ନାହିଁ ।

ଆଉ ଥରେ ସନ୍ଥ ହୁସୈନବସରି ପଚାରିଲେ – ''ଦେବି, ତୁମେ ଏପରି ଉଚ୍ଚ ସ୍ଥିତିକୁ କିପରି ପ୍ରାପ୍ତ ହେଲ ?''

ରବିୟା – ମୋର ବୋଲି ଯାହାକିଛି ଥିଲା ତାହାସବୁ ଦେଇ ଏପରି ସ୍ଥିତିକୁ ପାଇଅଛି ।

ହୁସୈନ – ତୁମେ ଯେଉଁ ପ୍ରଭୁଙ୍କୁ ଭକ୍ତି କର, କ'ଣ କେବେ ତାଙ୍କୁ ଦେଖିଛ ?

ରବିୟା – ଦେଖି ନ ଥିଲେ ପୂଜା କରନ୍ତି କିପରି ? କିନ୍ତୁ ମୋ ପ୍ରଭୁଙ୍କ ସ୍ୱରୂପ ବର୍ଣ୍ଣନା କରିବାକୁ ବାଣୀ ସର୍ବଥା ଅସମର୍ଥ ।

ହୁସୈନ – ମୋ ମନ ଏକ ମୁହୂର୍ତ୍ତ ପ୍ରଭୁଙ୍କ ସ୍ମରଣ ଛାଡ଼ି ମୁକ୍ତି ଆଡ଼କୁ ଗଲେ ମୁଁ ଏପରି ବିଳାପ କରିବି ଯେ ଦେବତାଙ୍କ ହୃଦୟ ମଧ୍ୟ ଦୟାରେ ତରଳିଯିବ ।

ରବିୟା – ଏହା ବହୁତ ସୁନ୍ଦର ଭାବ । କିନ୍ତୁ ଏହା ହେବ କାହିଁକି ?

ରବିୟା ସମସ୍ତଙ୍କୁ ଭଲପାଆନ୍ତି, ପାପୀ ଉପରେ ମଧ୍ୟ ତାଙ୍କର ଦୟା ଭାବ ଥାଏ । ଦିନେ ଜଣେ ରବିୟାଙ୍କୁ ପଚାରିଲେ – ''ତୁମେ ସମସ୍ତଙ୍କୁ ଭଲପାଅ, କିନ୍ତୁ ପାପରୂପ ରାକ୍ଷସକୁ ଶତ୍ରୁ ମନେକରୁଥିବ ତ ?''

ରବିୟା କହିଲେ – ''ଈଶ୍ୱରପ୍ରେମରେ ମଗ୍ନ ରହିବାରୁ କାହା ସହିତ ଶତ୍ରୁତା କରିବାକୁ ହୋଇ ନାହିଁ । କିଂବା କାହା ସହିତ ଯୁଦ୍ଧ-ବିବାଦ କରିବାକୁ ହୋଇ ନାହିଁ । ଭଗବତ୍ କୃପାରୁ ମୋର କେହି ଶତ୍ରୁ ନାହାନ୍ତି ।''

ରବିୟାଙ୍କ ପାଖକୁ ବହୁତ ବ୍ୟକ୍ତି ଆସନ୍ତି । ଦିନେ ସେ ଜଣକୁ ପଚାରିଲେ– ''ତୁମେ ଈଶ୍ୱରଙ୍କୁ ଭକ୍ତି କରୁଛ କାହିଁକି ?'' ସେ ବ୍ୟକ୍ତି ଉତ୍ତର ଦେଲେ – ''ନରକର ଭୟାନକ ପୀଡ଼ାରୁ ମୁକ୍ତ ହେବା ସକାଶେ ।'' ଅନ୍ୟ ଜଣେ କହିଲେ – ''ସ୍ୱର୍ଗ ଅତ୍ୟନ୍ତ ରମଣୀୟ ସ୍ଥାନ, ସେଠାରେ ବହୁପ୍ରକାରର ଭୋଗ ତଥା ଅସୀମ ସୁଖ, ସେହି ସୁଖପ୍ରାପ୍ତି ସକାଶେ ମୁଁ ଭଗବାନଙ୍କୁ ଭକ୍ତି କରୁଅଛି ।''

ରବିୟା କହିଲେ – ''ହେ ଅବୋଧ, ଭକ୍ତ ଭଗବାନଙ୍କୁ ଭୟ ବା ଲୋଭ ସକାଶେ ଭକ୍ତି କରେ ନାହିଁ; ଯଦ୍ୟପି ଭକ୍ତି ନ କରିବାଠାରୁ ଏହା ଉତ୍ତମ । କିନ୍ତୁ ସ୍ୱର୍ଗ ବା ନରକ ଯଦି ନ ଥା'ନ୍ତା, ତୁମ୍ଭେମାନେ ଭଗବାନଙ୍କୁ ଭକ୍ତି କରୁ ନ ଥା'ନ୍ତ । ଭଗବାନଙ୍କର ସଦ୍‌ଭକ୍ତ ଲୋକ ପରଲୋକ କାମନାରେ ଭଗବାନଙ୍କୁ ଭକ୍ତି କରନ୍ତି ନାହିଁ; ତା' ହୁଏ ଅହୈତୁକ ।''

ଏହାହିଁ ଆଦର୍ଶ ଭକ୍ତି ।

ଥରେ ଜଣେ ଧନୀ ବ୍ୟକ୍ତି ଟଙ୍କାଥଳି ନେଇ ହୁସୈନବସରିଙ୍କ ସହିତ ରବିୟାଙ୍କ ପାଖକୁ ଗଲେ ଏବଂ ଟଙ୍କା ଗ୍ରହଣ କରିବା ସକାଶେ ପ୍ରାର୍ଥନା କଲେ ।

ରବିୟା କହିଲେ – ''ଏହି ସଂସାରରେ ଭଗବାନଙ୍କୁ ଯେ କେହି ନିନ୍ଦା କରନ୍ତି ତାଙ୍କ ଉପରେ ସେ ନାରାଜ ହୋଇ ତାଙ୍କ ଭୋଜନ ବନ୍ଦ କରନ୍ତି ନାହିଁ, ଫେର୍ ପରମ ଉଦାର ପ୍ରଭୁ ନିଜ ଆଶ୍ରିତ ପାଇଁ କୃପଣ ହେବେ କାହିଁକି ? ମୁଁ ଯେଉଁଦିନଠାରୁ ତାଙ୍କର ଏହି ମହତ୍ତ୍ୱ ବୁଝିପାରିଲି ସେହି ଦିନଠାରୁ ମୋର କୌଣସି ବସ୍ତୁ ପ୍ରାପ୍ତ ହେବାର ବାସନା ଦୂର ହେଲା । ଏହି ଧନ ନେଇ ମୁଁ କ'ଣ କରିବି ?''

ରବିୟା କେବେ କେବେ ବଡ଼ ଜୋର୍‌ରେ ବ୍ୟାକୁଳ ସ୍ୱରରେ ପ୍ରଭୁଙ୍କୁ ଡାକନ୍ତି । ଲୋକେ ତାଙ୍କୁ ପଚାରନ୍ତି, ''କ'ଣ ତୁମର କୌଣସି ରୋଗ ହୋଇଛି ?''

ରବିୟା କହନ୍ତି – ''ମୋର କୌଣସି ବାହାରି ବେମାରି ନାହିଁ, ଯାହାକୁ ବୈଦ୍ୟ ଭଲ କରି ପାରିବେ । ମୋର ବେମାରି ଭିତରର, ସେ ବେମାରି ଭଲ ହେବ ସେହି ମନୋମୋହନଙ୍କୁ ଦେଖିଲେ ।''

ରବିୟାଙ୍କ ମନ ସଦାସର୍ବଦା ଭଗବାନଙ୍କ ଚରଣାରବିନ୍ଦମକରନ୍ଦରେ ଚଞ୍ଚରିକ ହୋଇ ବିଚରଣ କରୁଥିଲା । ସେ ଦିନରାତି ଭଗବତ୍ ସ୍ମରଣରେ ମଗ୍ନ ରହୁଥିଲେ । ରବିୟାଙ୍କର ଗୋଟିଏ ଅତି ସୁନ୍ଦର ପ୍ରାର୍ଥନା ଏହିପରି :

''ହେ ସ୍ୱାମିନ୍ ! ତୁ ମୋର ସର୍ବସ୍ୱ, ମୁଁ ତୋ ଛଡ଼ା ଆଉ କିଛି ଜାଣେ ନାହିଁ । ପ୍ରଭୁ ! ଯଦି ନରକ ଭୟରେ ମୁଁ ତୋତେ ପୂଜା କରୁଥାଏ, ତେବେ ତୁ ମୋତେ ନରକାଗ୍ନିରେ ଭସ୍ମ କରିଦେ । ଯଦି ସ୍ୱର୍ଗପ୍ରାପ୍ତି ଲୋଭରେ ମୁଁ ତୋ ସେବା କରୁଥାଏ, ତେବେ ମୋ ସକାଶେ ଚିରକାଳ ପାଇଁ ସ୍ୱର୍ଗଦ୍ୱାର ରୁଦ୍ଧ କରିଦେ । ଯଦି କେବଳ ତୋ ସକାଶେ ତୋତେ ପୂଜା କରୁଥାଏ, ହେ ନାଥ, ମୋତେ ତୁ ଦର୍ଶନ ଦେଇ କୃତାର୍ଥ କର ।''

ରବିୟା ଶେଷ ଜୀବନରେ ଖୁବ୍ ଉଚ୍ଚ ସ୍ଥିତି ଲାଭ କରିଥିଲେ । ସେ ସବୁ ସ୍ଥାନରେ, ସବୁ ଅବସ୍ଥାରେ, ସବୁ ସମୟରେ ଭଗବାନଙ୍କର ମନୋହର ସ୍ୱରୂପ ଦର୍ଶନାନନ୍ଦରେ ନିମଗ୍ନ। ରହୁଥିଲେ । ଦିନେ ରାତ୍ରିରେ ଯେତେବେଳେ ଚନ୍ଦ୍ରାଲୋକ ପ୍ରକାଶିତ ହୋଇଥିଲା, ରବିୟା ନିଜ କୁଟୀର ମଧ୍ୟରେ କୌଣସି ଦିବ୍ୟ ସୃଷ୍ଟିର ଶୋଭାରେ ନିମଗ୍ନ। ଥିଲେ । ସେହି ସମୟରେ ଜଣେ ପରିଚିତା ସ୍ତ୍ରୀ ଆସି ଧ୍ୟାନମଗ୍ନା ରବିୟାଙ୍କୁ ଡାକିଲେ, ''ରବିୟା, ବାହାରି ଆସି ଦେଖ, କିପରି ସୁନ୍ଦର ଚନ୍ଦ୍ରକିରଣର ଶୋଭା !''

ସେତେବେଳେ ରବିୟାଙ୍କ ହୃଦୟରେ ଯେଉଁ ସୌନ୍ଦର୍ଯ୍ୟର ସାଗର କଲ୍ଲୋଳିତ ହେଉଥିଲା, ତାହାରି ଏକ ବିନ୍ଦୁ ସୌନ୍ଦର୍ଯ୍ୟ ସହିତ ସଂସାରର ସମସ୍ତ ସୌନ୍ଦର୍ଯ୍ୟର ତୁଳନା ହୋଇପାରୁ ନ ଥିଲା ।

ରବିୟା ଉତ୍ତର ଦେଲେ – ''ତୁ ଥରେ ମୋ ହୃଦୟରେ ପ୍ରବେଶ କରି ଦେଖିଲେ ବୁଝିପାରିବୁ, ମୁଁ ଯେଉଁ ସୌନ୍ଦର୍ଯ୍ୟ ଦେଖୁଛି, ତାହା ତୁଳନାରେ ଏହା ନିରର୍ଥକ ।'' ଅର୍ଥାତ୍, ରବିୟାଙ୍କ ହୃଦୟରେ ଯେଉଁ ଶୋଭାରାଶି ପ୍ରକାଶିତ ହୋଇଥିଲା ତାହା ତୁଳନାରେ ଏହି ଚନ୍ଦ୍ରକିରଣର ଶୋଭା ତୁଚ୍ଛମାତ୍ର ।

ରବିୟା ଶେଷ ଜୀବନ ପର୍ଯ୍ୟନ୍ତ ଭଗବାନଙ୍କ ସ୍ମରଣରେ ନିମଗ୍ନ ରହି ହିଜରୀ ସନ ୧୩୫ ରେ ନଶ୍ୱର ଶରୀର ତ୍ୟାଗ କରି ଭଗବାନଙ୍କ ଶାଶ୍ୱତ ସେବା ପ୍ରାପ୍ତ ହେଲେ ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

('ମହିଳା-ରତ୍ନ' ଆଧାରରେ ଲିଖିତ)

ପରମଭକ୍ତା ଶବରୀ

ତ୍ରେତା ଯୁଗର ଘଟଣା । ଶବରୀ ନାମରେ ଗୋଟିଏ ଭିଲ୍ଲ ଜାତିର କନ୍ୟା ଅରଣ୍ୟରେ ପ୍ରସିଦ୍ଧ ତପୋନିଷ୍ଠ ମତଙ୍ଗ ଋଷିଙ୍କ ଆଶ୍ରମରେ ନିବାସ କରୁଥିଲେ । ଶ୍ରୀରାମଙ୍କ ବନବାସ ସମୟରେ ରାବଣ ଦ୍ୱାରା ହରଣ ହୋଇଥିବା ସୀତାଙ୍କୁ ଖୋଜିବା ସମୟରେ ମହାନ୍ ତପସ୍ୱୀ ମୁନିମାନଙ୍କ କୁଟୀରକୁ ନ ଯାଇ ରାସ୍ତା ପଚାରି ଶବରୀ କୁଟୀରରେ ଶ୍ରୀରାମ ପହଞ୍ଚିଥିଲେ ଏବଂ ଶବରୀର ପ୍ରେମଭକ୍ତିଯୁକ୍ତ ଅର୍ପିତ ଫଳମୂଳରେ ଏପରି ସ୍ୱାଦ ଅନୁଭବ କରିଥିଲେ ଯେ ମାତା କୌଶଲ୍ୟା, ଶାଶୂ ସୁନୟନାଙ୍କ ଗୃହରେ ଭୋଜନ କରିବା ସମୟରେ ଶବରୀ ଫଳର ସ୍ୱାଦ ପ୍ରଶଂସା କରିଥିଲେ ।

ଭଗବାନଙ୍କୁ ଭକ୍ତି ଅତ୍ୟନ୍ତ ପ୍ରିୟ । ଯେ ଭଗବାନଙ୍କ ଚରଣରେ ସର୍ବସ୍ୱ ସମର୍ପଣ କରି ଭକ୍ତି କରେ, ଭଗବାନ୍ ତା' ପ୍ରେମରେ ନିଜ ଐଶ୍ୱର୍ଯ୍ୟ ଭୁଲିଯା'ନ୍ତି । ଅଶେଷ ବ୍ରହ୍ମାଣ୍ଡନାୟକ ଭଗବାନ୍, ଯାହାଙ୍କ ଇଙ୍ଗିତମାତ୍ରେ ତାଙ୍କ ଶକ୍ତି କ୍ଷଣକରେ କୋଟି କୋଟି ବ୍ରହ୍ମାଣ୍ଡ ସୃଜନ, ସଂହାର କରିପାରେ, ସେହି ଭଗବାନ୍ ଭକ୍ତକୁ ସୁଖ ଦେବା ସକାଶେ ତା' ମନ ଯୋଗାଉଥା'ନ୍ତି । ଛାୟା ସଦୃଶ ତା' ସଙ୍ଗେ ରହି ତାକୁ ସମସ୍ତ ପ୍ରକାର ଦୁଃଖକଷ୍ଟ, ବିପଦ-ଆପଦରୁ ରକ୍ଷା କରୁଥା'ନ୍ତି । ସେ ଭକ୍ତର ଦୋଷ, ଗୁଣ, ବିଦ୍ୟା, ବୁଦ୍ଧି, କୁଳ, ଗୋତ୍ର ଦେଖନ୍ତି ନାହିଁ । ଦେଖନ୍ତି କେବଳ ଆନ୍ତରିକ ଶୁଦ୍ଧ ଭକ୍ତି । ଭକ୍ତିବିହୀନ ବ୍ରତ, ଉପବାସ, ଦାନ, ତପଜପ, ଯାଗଯଜ୍ଞ, କର୍ମକାଣ୍ଡରେ ସେ ସନ୍ତୁଷ୍ଟ ହୁଅନ୍ତି ନାହିଁ । ଏହିସବୁ ଗୁଣହୀନ, ସଦାଚାରବିହୀନ, ଜାତିଗୋତ୍ରରୁ ପତିତ, ଲୋକଦୃଷ୍ଟିରେ ଅତ୍ୟନ୍ତ ନୀଚ, ଅନ୍ତ୍ୟଜର ଭକ୍ତିଯୁକ୍ତ ହୃଦୟମନ୍ଦିରରେ ସେ ଦିବାନିଶି ସର୍ବଦା ନିବାସ କରନ୍ତି । ଭକ୍ତ-ହୃଦୟ ଛଡ଼ା ତାଙ୍କୁ ବୈକୁଣ୍ଠ ଏବଂ ଭକ୍ତିବିହୀନ ଯୋଗୀ-ହୃଦୟ ପସନ୍ଦ ହୁଏ ନାହିଁ । ସେ ସ୍ୱୟଂ କହିଛନ୍ତି :

''ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗୀନାଂ ହୃଦୟେ ନ ଚ,
ମଦ୍‌ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ ।''

ଭଗବାନଙ୍କର ଏହି ବାକ୍ୟ ଯେଉଁ ଅସଂଖ୍ୟ ଭକ୍ତଙ୍କ ଜୀବନରେ ଚରିତାର୍ଥ ହୋଇଛି, ସେମାନଙ୍କ ମଧ୍ୟରେ ଶବରୀ ହେଉଛନ୍ତି ଜଣେ । ସେହି ପରମଭକ୍ତା ଶବରୀଙ୍କ ଉପାଖ୍ୟାନ ବା ଚରିତ ତାଙ୍କ ସାଧନା ସମୟରୁ ଶରୀରତ୍ୟାଗ ପର୍ଯ୍ୟନ୍ତ ବର୍ଣ୍ଣିତ ହୋଇଛି ବାଲ୍ମୀକି ରାମାୟଣ ତଥା ଗୋସ୍ୱାମୀ ତୁଳସୀଦାସଙ୍କ ରାମଚରିତ ମାନସରେ । ସେହି ଚରିତ ନାଭାଜିଙ୍କ ଭକ୍ତମାଳରେ ମଧ୍ୟ ବର୍ଣ୍ଣିତ ହୋଇଛି । କୌଣସି ମୂଳ ଗ୍ରନ୍ଥରେ ଶବରୀଙ୍କ ଜନ୍ମ ଏବଂ ବାଲ୍ୟାବସ୍ଥାର ଚରିତ ଆଲୋଚିତ ହୋଇ ନାହିଁ; ହୋଇଛି ଭକ୍ତମାଳର ଟୀକାରେ । ସେହି ଭକ୍ତମାଳର ଟୀକା ଆଧାରରେ ଶବରୀଙ୍କ ବାଲ୍ୟଚରିତ ଏବଂ ରାମାୟଣ ତଥା ଭକ୍ତମାଳ ଆଧାରରେ ତାଙ୍କର ଭକ୍ତିଯୁକ୍ତ ଜୀବନଚରିତ ଏଠାରେ ଆଲୋଚନା କରିବା ।

ବାଲ୍ୟାବସ୍ଥା

ତ୍ରେତା ଯୁଗରେ ଶବରୀ ଗୋଟିଏ ଜଙ୍ଗଲନିବାସୀ ଶବର ସରଦାରର କନ୍ୟା ଥିଲେ । ସେ ସମୟରେ ଜଙ୍ଗଲରେ ନିବାସ କରୁଥିବା କୋହ୍ଲ, ଭିଲ୍ଲମାନଙ୍କର ଶରୀର-ଆକୃତି ଥିଲା ମନୁଷ୍ୟର; କର୍ମ, ରହଣି, ଚଳଣି ଥିଲା ପଶୁର । ସେମାନେ ଜଙ୍ଗଲରେ ରହୁଥିଲେ, ପଶୁ ସଦୃଶ ଫଳମୂଳ, ପଶୁପକ୍ଷୀଙ୍କ ମାଂସରେ ଉଦର ପୂର୍ତ୍ତି କରୁଥିଲେ । ଲେଖାପଢ଼ା, ଶାସ୍ତ୍ରପୁରାଣ, ଧର୍ମନୀତିଠାରୁ ସେମାନେ ବହୁ ଦୂରରେ ଥିଲେ । ଭଗବାନଙ୍କ ବିଧାନ ବିଚିତ୍ର । କାଇଞ୍ଚ ବିକ୍ରେତାକୁ ମୁକ୍ତା ପ୍ରାପ୍ତ ହେବା ସଦୃଶ ଭିଲ୍ଲ ସରଦାରର ଘରେ ଶବରୀ ଜନ୍ମଗ୍ରହଣ କଲେ । ତାଙ୍କ ପିତାମାତାଙ୍କ ସ୍ୱଭାବ, ସମାଜର ପ୍ରଭାବ ଥିଲା ପଶୁ ସଦୃଶ, ତଥାପି ଶବରୀଙ୍କର ପୂର୍ବଜନ୍ମର ସଂସ୍କାର ଥିଲା ଉତ୍ତମ, ତାଙ୍କ ଅନ୍ତରାତ୍ମା ଜାଗ୍ରତ୍ ହୋଇଥିଲା ବାଲ୍ୟାବସ୍ଥାରୁ ।

ତାଙ୍କୁ ବାଲ୍ୟକାଳରୁ ତାଙ୍କ ସମାଜର ପିଲାଙ୍କ ସହିତ ଖେଳିବାକୁ ଭଲ ଲାଗୁ ନ ଥିଲା । ସେ ଏକା ଚୁପ୍‌ଚାପ୍ ନୀରବରେ ବସିରହିବାକୁ ପସନ୍ଦ କରୁଥିଲେ । ଅଳ୍ପ ବଡ଼ ହେବା ପରେ ପିତାମାତାଙ୍କ ସଙ୍ଗେ ଅରଣ୍ୟରେ କାଠ, ଫଳମୂଳ ସଂଗ୍ରହ କରିବା ସମୟରେ ମୁନିଋଷିଙ୍କ ଦର୍ଶନରେ ତାଙ୍କୁ ବିଶେଷ ଆନନ୍ଦ ଅନୁଭବ ହେଉଥିଲା । ସେ ଦୂରରୁ ପ୍ରଣାମ କରି କୃତକୃତ୍ୟ ହେଉଥିଲେ ।

କ୍ରମଶଃ ତାଙ୍କୁ ଯୌବନ ପ୍ରାପ୍ତ ହେଲା । ପିତାମାତା ବିବାହ ଦେବା ସକାଶେ ଦିନ ନିର୍ଦ୍ଧାରିତ କଲେ । ବହୁ ବନ୍ୟ ପଶୁପକ୍ଷୀ ଜୀବିତ ଅବସ୍ଥାରେ ଧରିଆଣି ବନ୍ଦି କରି ରଖିଲେ । ଶବରୀର ବିବାହ ଦିନ ସେସବୁ ବଧ ହେବେ, ସେମାନଙ୍କ ମାଂସ ବିବାହରେ ଆସିଥିବା ବନ୍ଧୁବାନ୍ଧବଙ୍କ ଭୋଜନରେ ଲାଗିବ । ଏକଥା ଜାଣି ଶବରୀଙ୍କୁ ବହୁତ ଦୁଃଖ ହେଲା । ସେ ମନେ ମନେ ଅତ୍ୟନ୍ତ ବ୍ୟାକୁଳ ହୋଇ ଭଗବାନଙ୍କୁ ପ୍ରାର୍ଥନା କଲେ : ''ହେ ନାଥ, ଦୟାକର । ମୋତେ ନୀଚ, ଅଧମ, ଅଜ୍ଞାନ, ଅସ୍ପୃଶ୍ୟ, ଅନ୍ତ୍ୟଜ ଜାଣି ଘୃଣା କରି ତ୍ୟାଗ କର ନାହିଁ । ମୋତେ ଏହି ଦାନବିକ ବନ୍ଧନରୁ ମୁକ୍ତ କର । ମୁଁ ପତିତା ହୋଇଥିବାରୁ ତୁମ ଭକ୍ତଙ୍କ ସମୀପରେ ରହିବାର ଯୋଗ୍ୟା ନୁହେଁ । ଦୂରରେ ରହି ସେମାନଙ୍କର ଦର୍ଶନ କରିବି, ତୁମ ନାମ ସ୍ମରଣ କରି ନିଜକୁ ତୁମ ଚରଣରେ ସମର୍ପଣ କରିଦେବି । ହେ ନାଥ, ଏତିକି ଦୟା କର ।'' ଏହିପରି ଅନ୍ତରର ଗଭୀରତମ ପ୍ରଦେଶରୁ ଯେଉଁ ପ୍ରାର୍ଥନା ଉଠୁଥିଲା, ଶବରୀ ନିଜ ଭାଷାରେ ତାହାହିଁ କହୁ କହୁ ଆନ୍ତର ଚେତନାରେ ଡୁବିଗଲେ । ଅନ୍ତରରୁ ନିର୍ଦ୍ଦେଶ ହେଲା, ''ଶବରି, ତୁ ଭୟ କର ନାହିଁ, ତୋ ସକାଶେ ଏହା ଦେବମୁହୂର୍ତ୍ତ, ତୁ ବର୍ତ୍ତମାନ ଏଠାରୁ ଚାଲିଯା ।'' ଅନ୍ତରର ନିର୍ଦ୍ଦେଶ ଶୁଣିବାମାତ୍ରେ ଶବରୀ ସଜାଗ ହୋଇଗଲେ । ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେ ସେଠାରୁ ଚାଲିଯିବା ଲାଗି ନିଶ୍ଚିତ କଲେ । ବନ୍ଦୀ ହୋଇଥିବା ସବୁ ପଶୁପକ୍ଷୀଙ୍କୁ ମୁକ୍ତ କରିଦେଲେ । ଅର୍ଦ୍ଧରାତ୍ରି ସମୟ, ଘୋର ଜଙ୍ଗଲ, ହିଂସ୍ରଜନ୍ତୁରେ ପୂର୍ଣ୍ଣ । କିନ୍ତୁ ଶବରୀ ସେହି ସମୟରେ ଚେତନାର ଅନ୍ୟ ରାଜ୍ୟରେ । ସେଠାରେ ଭୟ, ତ୍ରାସ, ସନ୍ଦେହର ପ୍ରବେଶ ନ ଥାଏ । ସେ ସେହି ଜଙ୍ଗଲ ମାର୍ଗରେ ଘୋର ନିଃଶବ୍ଦ ରାତ୍ରିରେ ଯାତ୍ରା କଲେ । ଯେଉଁଠାରେ ଦିନ ହେଉଥିଲା ସେଠାରେ ଜଙ୍ଗଲର ଫଳମୂଳ ଭୋଜନ କରୁଥିଲେ, ଜଳ ମିଳିଲେ ପାନ କରୁଥିଲେ, ରାତ୍ରିରେ ଜଙ୍ଗଲରେ କୌଣସି ଗଛମୂଳରେ ଶୋଇଯାଉଥିଲେ । ଏହିପରି ଘୋର ଜଙ୍ଗଲରେ କେତେକ ଦିନ ଭ୍ରମଣ କଲା ପରେ ପହଞ୍ଚିଲେ କିଷ୍କିନ୍ଧାରଣ୍ୟର ପମ୍ପା ସରୋବର ପାଖରେ । ସେସମୟରେ ସେଠାରେ ମତଙ୍ଗ ତଥା ଅନ୍ୟାନ୍ୟ ବହୁ ମୁନିଋଷି ନିବାସ କରୁଥିଲେ । ତପଃ, ଜପ, ହୋମ, ଯଜ୍ଞ, ବେଦପାଠ ତଥା ଭଗବତ୍ ଭକ୍ତି ପ୍ରଭାବରେ ସେ ସ୍ଥାନର ବାତାବରଣ ଅତ୍ୟନ୍ତ ପବିତ୍ର ଥିଲା । ଶବରୀ ସେଠାରେ ପହଞ୍ଚି ଅତ୍ୟନ୍ତ ଖୁସି ହେଲେ । ସେ କୋଟିନିଧି ପାଇବା ସଦୃଶ ବିଶେଷ ଆନନ୍ଦ ଅନୁଭବ କଲେ । ସେହିଠାରେ ରହି ଦୂରରୁ ମୁନିଋଷିମାନଙ୍କୁ ଦର୍ଶନ କରିବା ନିଶ୍ଚୟ କଲେ । ମୁନିଋଷିମାନେ ଯେଉଁଠାରେ ରହନ୍ତି ସେଠାରୁ କିଛିଦୂର ଜଙ୍ଗଲରେ ପର୍ଣ୍ଣକୁଟୀ ତିଆରି କରି ରହିବାକୁ ଆରମ୍ଭ କଲେ ।

ତାଙ୍କର ମୁନିଋଷିଙ୍କ ଚରଣରେ ଭକ୍ତି ଥିଲା । ସେ କିଛି ସେବା କରିବାକୁ ଚାହୁଁଥିଲେ, କିନ୍ତୁ ନୀଚ ଜାତି ହୋଇଥିବାରୁ ତାହା କରିପାରୁ ନ ଥିଲେ । କିଷ୍କିନ୍ଧାର ଜଙ୍ଗଲ ଅଞ୍ଚଳରେ ଗୋଖୁର କଣ୍ଟା ହୁଏ, ଆଉ ଗୋଟିଏ ପ୍ରକାର ଘାସ ଅଛି, ସେଥିରେ ମଧ୍ୟ କଣ୍ଟା ହୁଏ । ସେହି କଣ୍ଟାସବୁ ଟିକିଏ ପବନ ହେଲେ ରାସ୍ତାରେ ଆସି ପଡ଼ନ୍ତି । ଆଜିକାଲି ମଧ୍ୟ ସେହି ଅଞ୍ଚଳରେ ଖାଲି ଗୋଡ଼ରେ ଚାଲିବା ସମ୍ଭବ ନୁହେଁ ।

ନାଭାଜିଙ୍କ ଭକ୍ତମାଳ ଉପରେ ପ୍ରିୟାଦାସଙ୍କ ଟୀକା :

''ବନମେ ରହତି ନାମ 'ଶବରୀ'
କହତ, ଚାହତ ଟହଲ ସାଧୁ,
ତନୁ ନ୍ୟୂନତାଇ ହୈ ।
ରଜନୀ କେ ଶେଷ, ଋଷି ଆଶ୍ରମ ପ୍ରବେଶ କରି
ଲକରୀନ ବୋଝ
ଧରି ଆବ, ମନ ଭାଇ ହୈ ॥

ହ୍ୱାଇବେ କୋ ମଗ ଝାରି,
କାଁକରନି ବୀନି ଡାରି, ବେଗି ଉଠ ଜାୟ,
ନୈକୁ ଦେତ ନ ଲଖାଇ ହୈ ।
ଉଠତ ସବାରେ କହୈ କୌନ ଧୌଂ
ବୁହରି ଗୟୌ ଭୟୌ ହିଏ ସୋଚ
କୋଉ ବଡ଼ୋ ସୁଖ-ଦାଇ ହୈ ॥''

''ଶବରୀ ଜଙ୍ଗଲରେ ବାସ କରୁଥିଲେ । ମୁନିଋଷିଙ୍କୁ ସେବା କରିବା ତାଙ୍କର ସ୍ୱାଭାବିକ ପ୍ରବୃତ୍ତି ଥିଲା । ସେ ନୀଚ ଜାତି ହୋଇଥିବାରୁ ମୁନିଋଷିଙ୍କ ସେବା ଦୂରେ ଥାଉ ସେମାନଙ୍କ ସମ୍ମୁଖକୁ ଆସୁ ନ ଥିଲେ । କୁଟୀର ବାହାରେ ସେ କାଠବିଡ଼ା ରଖିଦିଅନ୍ତି । ସେମାନେ ସ୍ନାନକୁ ଯିବା ରାସ୍ତାକୁ ପହଁରି କଣ୍ଟା ପଥର ସଫା କରିଦିଅନ୍ତି । ସେ ଏପରି ସମୟରେ ସେହି କାମ କରନ୍ତି ଯେ ତାଙ୍କୁ କେହି ଦେଖିପାରନ୍ତି ନାହିଁ । ଜଣେ ଅନ୍ୟ ଜଣଙ୍କୁ ପଚାରନ୍ତି, 'ଏ କାର୍ଯ୍ୟ କିଏ କରି ଯାଉଛି ?' 'ଏହା କୌଣସି ବଡ଼ ଭକ୍ତର କାମ'— ମତଙ୍ଗ ଋଷି ଉତ୍ତର ଦେଲେ ।''

ଏହିପରି ସେବାରେ ମତଙ୍ଗ ଋଷି ଅତ୍ୟନ୍ତ ଆନନ୍ଦିତ ହୋଇ କୌତୂହଳରେ ଶିଷ୍ୟମାନଙ୍କୁ କହିଲେ, ''ତୁମେମାନେ ସଜାଗ ହୋଇ ଚୋରିରେ ସେବା କରୁଥିବା ସରସହୃଦୟ ଭକ୍ତକୁ ଧର ।'' କେତେଜଣ ଶିଷ୍ୟ ରାତ୍ରିରେ ଅନିଦ୍ରା ହୋଇ ଲୁଚି ପହରା ଦେଉଥିଲେ । ଶବରୀ କାଠ ବୋଝଟି ଆସ୍ତେ ରଖିବା ସମୟରେ ଶିଷ୍ୟମାନେ ତାଙ୍କ ପାଖକୁ ଚାଲିଯାଇ ତାଙ୍କ ଚାରିପାଖରେ ଘେରିଗଲେ ଯେପରି ସେ ପଳାଇ ଯାଇ ନ ପାରନ୍ତି । ଚୋର ଧରିଥିବା ଖବର ଶିଷ୍ୟମାନେ ସଙ୍ଗେ ସଙ୍ଗେ ଗୁରୁଙ୍କୁ ଜଣାଇଦେଲେ । ମତଙ୍ଗ ଋଷି ଖବର ପାଇବା ସଙ୍ଗେ ସଙ୍ଗେ ଶବରୀ ପାଖକୁ ଆସି ତାଙ୍କୁ ଦେଖି ବିଶେଷ ଆନନ୍ଦିତ ହେଲେ । ଶବରୀ ଋଷିମାନଙ୍କ ଦ୍ୱାରା ଧରାପଡ଼ିବାରୁ ନୀଚ ଜାତିର ଅନଧିକାର ସେବା ଦ୍ୱାରା ମୁନିମାନେ ରୁଷ୍ଟ ହୋଇଯିବେ, ଏହି ଆଶଙ୍କାରେ ଭୟଭୀତା ହୋଇଗଲେ । ମତଙ୍ଗ ଋଷି ମହାନ୍ ଜ୍ଞାନୀ ଥିଲେ । ଶବରୀ ଦେଖିବା ମାତ୍ରେ ତାଙ୍କର ଆନ୍ତର ଚେତନାର ବିକାଶ, ଭବିଷ୍ୟତରେ ଉଜ୍ଜତର ଅଧ୍ୟାତ୍ମ ଉପଲବ୍ଧି ବିଷୟ ସ୍ପଷ୍ଟରୂପେ ବୁଝିପାରିଲେ । ଶବରୀଙ୍କୁ ଭୟଭୀତା ଦେଖି ଦୟାପୂର୍ଣ୍ଣ କୋମଳ ସ୍ୱରରେ ତାଙ୍କୁ ସମ୍ବୋଧନ କରି କହିଲେ, ''ପୁତ୍ରି, ତୁ ଭୟ କର ନାହିଁ, ତୋ ନାମ କ'ଣ ? ତୁ କେଉଁଠି ରହୁ ? ଆମ୍ଭମାନଙ୍କ ଦୃଷ୍ଟିର ଅଗୋଚରରେ ଏପରି ସେବା କରିବାର ଅଭିପ୍ରାୟ କ'ଣ ?'' ମୁନିଙ୍କର ଅତ୍ୟନ୍ତ ଆଶ୍ୱାସନା ବାଣୀ ଶୁଣି ଶବରୀ ହାତ ଯୋଡ଼ି ପ୍ରଣାମ କରି କହିଲେ, ''ପ୍ରଭୁ, ମୋ ନାମ ଶବରୀ, ମୁଁ ଅତ୍ୟନ୍ତ ନୀଚ ଜାତି, ବୁଦ୍ଧିବିଦ୍ୟାବିହୀନା ଶବରକନ୍ୟା; ମୁଁ ଏହି ଜଙ୍ଗଲରେ କିଛି ଦୂରରେ ରହେ ଏବଂ ଦୂରରୁ ଆପଣମାନଙ୍କୁ ଦର୍ଶନ କରି ଆନନ୍ଦ ଅନୁଭବ କରେ । ଆପଣମାନଙ୍କର କୌଣସି ସେବା କରିବାର ଯୋଗ୍ୟା ମୁଁ ନୁହେଁ । କିନ୍ତୁ ମୋ ଛାୟା ପବିତ୍ର ଋଷିମାନଙ୍କର ସ୍ପର୍ଶ ନ ହେଉ, ସେମାନଙ୍କର ପବିତ୍ର ଦୃଷ୍ଟି ମୋ ଉପରେ ପଡ଼ିବା ଦ୍ୱାରା ସେମାନଙ୍କୁ କଷ୍ଟ ନ ହେଉ, ସେହି ସକାଶେ ମୁଁ ଋଷିମାନଙ୍କ ଉଠିବା ଆଗରୁ ଝାଡୁ ଦେଇ ରାସ୍ତା ପରିଷ୍କାର କରିଯାଏ ଏବଂ କାଠ ବିଡ଼ାଏ ରଖିଯାଏ । ମୋର ଏହି ଧୃଷ୍ଟତା କ୍ଷମା କରିବେ ।'' ଋଷି ମତଙ୍ଗ କହିଲେ, ''ପୁତ୍ରି, ତୋ ଆତ୍ମା ମହାନ୍, ଉନ୍ନତ, ତୁ ନୀଚ ନୋହୁଁ, ତୁ ଭଗବାନଙ୍କର ଭକ୍ତ । ତୋ ହୃଦୟରେ ପରମପାବନ ଭଗବତ୍ ଭକ୍ତି ବିଦ୍ୟମାନ । ତୁ ଆଜିଠାରୁ ଏହି ଆଶ୍ରମରେ ରହ ଏବଂ ଏଠାରେ ଭଗବତ୍ ପ୍ରସାଦ ସେବନ କର ।'' ଏହା କହି ଋଷି ଶବରୀକୁ ପଞ୍ଚସଂସ୍କାର ସହିତ ରାମତାରକ ଷଡ଼ାକ୍ଷର ମନ୍ତ୍ର, ଶ୍ରୀରାମ ଶରଣାଗତି ମନ୍ତ୍ର ଉପଦେଶ ଦେଲେ ଏବଂ ଆଶ୍ରମର ଏକ ପର୍ଣ୍ଣକୁଟୀରରେ ରହିବାକୁ ନିର୍ଦ୍ଦେଶ ଦେଲେ । ଶବରୀ ସିଦ୍ଧଗୁରୁଙ୍କଠାରୁ ମନ୍ତ୍ରଦୀକ୍ଷା ତଥା ସାଧନ-ଭଜନର ରହସ୍ୟ ପାଇବାମାତ୍ରେ ତାଙ୍କ ଅନ୍ତରର ରୁଦ୍ଧ ଦ୍ୱାର ଉନ୍ମୁକ୍ତ ହୋଇଗଲା । ସେ ଅନ୍ତରରେ ପରମାନନ୍ଦ ପ୍ରାପ୍ତ ହୋଇ ସେଥିରେ ଡୁବିରହିଲେ । ସାକ୍ଷାତ୍ ଗୁରୁଙ୍କର କୃପା ସେ ପାଇବାରୁ ତାଙ୍କ ହୃଦୟ ଗୁରୁଭକ୍ତିରେ ପୂର୍ଣ୍ଣ ହୋଇଗଲା । ସେ ଗୁରୁଙ୍କ ସେବା ତଥା ଆଶ୍ରମସେବା ଏବଂ ଭଗବତ୍ ଭଜନରେ ତନ୍ମୟ ହୋଇଗଲେ ।

ସେ ସମୟରେ ବର୍ଣ୍ଣଧର୍ମର ପ୍ରଚଣ୍ଡ ଶିଖା ସମାଜରେ ପ୍ରଜ୍ୱଳିତ ଥିଲା । ସେଥିରୁ ଅଧ୍ୟାତ୍ମ ସନ୍ନ୍ୟାସ ଆଶ୍ରମ ବାଦ୍

ଯାଇ ନ ଥିଲା । ମତଙ୍ଗ ଋଷି ନୀଚ ଜାତି ଶବରୀଙ୍କୁ ଶିଷ୍ୟାରୂପେ ଗ୍ରହଣ କରି ତାଙ୍କୁ ଆଶ୍ରମରେ ସ୍ଥାନ ଦେବା ଶାସ୍ତ୍ରର ନିୟମବିରୁଦ୍ଧ ଜାଣି ସେହି ଅରଣ୍ୟର ଅନ୍ୟ ଋଷିମାନେ ମତଙ୍ଗ ଋଷିଙ୍କୁ ସମାଜରୁ ବହିଷ୍କୃତ କଲେ ଏବଂ ତାଙ୍କ ଆଶ୍ରମ ସହିତ କୌଣସି ସମ୍ବନ୍ଧ ରଖିଲେ ନାହିଁ ।

ମତଙ୍ଗ ଋଷିଙ୍କର ଅଗାଧ ଜ୍ଞାନ ଥିଲା । ବର୍ଣ୍ଣାଶ୍ରମ ଧର୍ମ ନୈତିକତାର ଅନ୍ତର୍ଗତ ବୋଲି ସେ ଜାଣିଥିଲେ । ସମାଜରେ ଶୃଙ୍ଖଳା ପ୍ରତିଷ୍ଠା କରିବା ସକାଶେ ଦେଶ, କାଳ, ପାତ୍ର ଓ ଅବସ୍ଥାନୁସାରେ ମନ ଦ୍ୱାରା ନିର୍ଦ୍ଧାରିତ ନୈତିକ ଧର୍ମର ସୃଷ୍ଟି ହୋଇଥିଲା । ଭିନ୍ନ ଭିନ୍ନ ଦେଶ, ଭିନ୍ନ ଭିନ୍ନ କାଳ, ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ସକାଶେ ନୈତିକ ଧର୍ମ ପରିବର୍ତ୍ତିତ ହେଉଥିଲା । କିନ୍ତୁ ଅଧ୍ୟାତ୍ମ ଧର୍ମ ମନୋନିର୍ମିତ ହେଉ ନ ଥିଲା । ତାହା ନୈତିକତା ଓ ବର୍ଣ୍ଣଧର୍ମର ବହୁ ଉର୍ଦ୍ଧ୍ୱରେ; ସର୍ବ ଦେଶ, ସର୍ବ କାଳ, ସର୍ବ ବ୍ୟକ୍ତିଙ୍କ ସକାଶେ ଅପରିବର୍ତ୍ତନୀୟ ଭାଗବତ ଧର୍ମ । ଏହା ସେ ଭଲରୂପେ ହୃଦୟଙ୍ଗମ କରିଥିଲେ । ସେହି ସକାଶେ ସେ ଋଷିମାନଙ୍କ ବିରୋଧକୁ ପରବାୟ ନ କରି ଶବରୀଙ୍କୁ ଆଶ୍ରମରେ ସ୍ଥାନ ଦେଇଥିଲେ । ଗୁରୁକୃପା, ମୁନିଋଷିଙ୍କ ସେବା ଓ ଭଗବତ୍ ଭକ୍ତିରେ ଶବରୀଙ୍କର ଜ୍ଞାନ, ଭକ୍ତି ଉତ୍ତରୋତ୍ତର ବୃଦ୍ଧି ହେବାକୁ ଲାଗିଲା । ସେ ଭଗବତ୍ ଭକ୍ତି, ଆନନ୍ଦରେ ନିମଗ୍ନ ରହି ସେବାକାର୍ଯ୍ୟ ଆନନ୍ଦରେ କରୁଥିଲେ । କ୍ରମଶଃ ତାଙ୍କୁ ବୃଦ୍ଧାବସ୍ଥା ମଧ୍ୟ ପ୍ରାପ୍ତ ହେବାକୁ ଲାଗିଲା ।

ମହାନ୍ ଋଷି ମତଙ୍ଗ ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ଦିବ୍ୟଧାମକୁ ଯାତ୍ରା କରିବା ଉଦ୍ଦେଶ୍ୟରେ ସମସ୍ତ ଶିଷ୍ୟ ତଥା ଶବରୀଙ୍କୁ ଡାକି କହିଲେ, ''ସମୟ ହୋଇଗଲା, ମୁଁ ଏହି ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ଦିବ୍ୟଧାମକୁ ଯିବାକୁ ଚାହୁଁଛି ।'' ଏହା ଯଦ୍ୟପି ଅତ୍ୟନ୍ତ ସୌଭାଗ୍ୟର ବିଷୟ, ଯେଉଁ ପରମପଦ ସକାଶେ ସାଧକମାନେ ଜନ୍ମଜନ୍ମାନ୍ତର ତପଃ, ଜପ, ଭକ୍ତି, ଜ୍ଞାନ ସାଧନା କରନ୍ତି, ସେହି ପରମପଦ ପ୍ରାପ୍ତ କରିବାକୁ ଗୁରୁଦେବ ଯାଉଛନ୍ତି, ସେଥିରେ ଶିଷ୍ୟମାନେ ବାଧା ଦିଅନ୍ତେ କିପରି ? କିନ୍ତୁ ଗୁରୁଙ୍କ ବିୟୋଗରେ ସମସ୍ତଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା । ଶବରୀ ଅତ୍ୟନ୍ତ ଶୋକସନ୍ତପ୍ତା ହୋଇ କହିଲେ, ''ଗୁରୁଦେବ, ମୋତେ ସଙ୍ଗରେ ନିଅନ୍ତୁ । ମୁଁ ତୁମର ବିୟୋଗ ବରଦାସ୍ତ କରିପାରିବି ନାହିଁ ।'' ଗୁରୁଦେବ କହିଲେ, ''ଶବରି, ପରାତ୍ପର ପୁରୁଷୋତ୍ତମ ସଚ୍ଚିଦାନନ୍ଦ ଭଗବାନ୍ ଶ୍ରୀରାମ ଅଯୋଧ୍ୟାରେ ରାଜା ଦଶରଥଙ୍କ ପୁତ୍ରରୂପେ ଅବତାର ନେଇଛନ୍ତି, ତୁ ଅପେକ୍ଷା କର, ସେ ବନବାସ ସମୟରେ ଏଠାକୁ ଆସିବେ । ତାଙ୍କୁ ଦର୍ଶନ କରିବା ପରେ ଶରୀରତ୍ୟାଗ କରି ଦିବ୍ୟଲୋକ ପ୍ରାପ୍ତ ହେବୁ ।'' ଶବରୀ ତଥା ଅନ୍ୟ ଶିଷ୍ୟମାନଙ୍କୁ ଗୁରୁଦେବ ସାନ୍ତ୍ୱନା ଦେଇ ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ଧାମ ପ୍ରାପ୍ତ ହେଲେ । ଶବରୀ ଗୁରୁଙ୍କ ବାକ୍ୟ ଶିରୋଧାର୍ଯ୍ୟ କରି ଭଗବାନ୍ ଶ୍ରୀରାମଙ୍କ ଦର୍ଶନ ଆଶାରେ ନିରନ୍ତର ଭଗବତ୍ ନାମ ସ୍ମରଣ, ଭଗବାନଙ୍କ ରୂପ ହୃଦୟରେ ଧ୍ୟାନ, ଭଗବତ୍ ଉଦ୍ଦେଶ୍ୟରେ ସମସ୍ତ କର୍ମ କରି ସମର୍ପଣ କରୁଥିଲେ ଏବଂ ଭଗବତ୍ ଆନନ୍ଦରେ ଡୁବି ରହୁଥିଲେ । ତାଙ୍କ ଅନ୍ତରରେ ଭଗବତ୍ ଦର୍ଶନର ଅଭୀପ୍ସାବହ୍ନି ପ୍ରଜ୍ୱଳିତ ହେବାକୁ ଲାଗିଲା । ଭଗବତ୍ ଦର୍ଶନ ଲାଳସାରେ ତାଙ୍କର ସମସ୍ତ ସତ୍ତା ଏକ ହୋଇଗଲା । ତାଙ୍କର ଚିନ୍ତାର ବିଷୟ ରହିଲା କେବଳ ଶ୍ରୀରାମଙ୍କ ଦର୍ଶନ । ଭଗବତ୍ ଧ୍ୟାନରେ ଉନ୍ମତ୍ତ ହୋଇ ସେ ଜଙ୍ଗଲକୁ ଚାଲିଯା'ନ୍ତି ଏବଂ ସୁସ୍ୱାଦୁ ଫଳମୂଳ ଆଣି ଶ୍ରୀରାମଙ୍କୁ ଭୋଜନ କରାଇବା ସକାଶେ ରଖନ୍ତି । ପ୍ରାତଃକାଳରେ ଧାରଣା କରନ୍ତି, ଆଜି ଶ୍ରୀରାମ ଆସିବେ, ସନ୍ଧ୍ୟା ହେଲେ କାଲି ଆସିବାକୁ ପ୍ରତୀକ୍ଷା କରନ୍ତି । ତାଙ୍କ କୁଟୀର ସମୀପରେ କୌଣସି ବ୍ୟକ୍ତି ଚାଲିଗଲେ ପଚାରନ୍ତି, ''ଶ୍ରୀରାମ କେତେ ଦୂରରେ ଅଛନ୍ତି, କେବେ ଆସିବେ ?'' ଯେବେ ଜଙ୍ଗଲରେ ପଡ଼ିଥିବା ପତ୍ରର କୌଣସି ଶବ୍ଦ ହୁଏ, ଶ୍ରୀରାମ ଆସୁଛନ୍ତି ବୋଲି ଭାବି ଉଠି ଦୌଡ଼ିଯା'ନ୍ତି । ଏହିପରି ପ୍ରତୀକ୍ଷା କରିବାରେ ବହୁତ ଦିନ ବିତିଗଲା । ଶ୍ରୀରାମ ଆସିଲେ ନାହିଁ । ତାଙ୍କ ଆସିବା ଯେତେ ବିଳମ୍ବ ହେଉଥାଏ, ଶବରୀଙ୍କ ଉତ୍କଣ୍ଠା ସେତେ ବୃଦ୍ଧି ହେଉଥାଏ । ଶେଷରେ ଶ୍ରୀରାମଙ୍କ ଛଡ଼ା ତାଙ୍କର ଅନ୍ୟ କୌଣସି ବସ୍ତୁ ଚିନ୍ତାର ବିଷୟ ହୋଇ ରହିଲା ନାହିଁ ।

ଶବରୀ ଶ୍ରୀରାମଙ୍କ ପ୍ରତୀକ୍ଷାରେ ଥିବା କଥା ଅରଣ୍ୟବାସୀ ସମସ୍ତ ମୁନିଋଷି ଜାଣିଥିଲେ । ଦିନେ ଋଷିବାଳକମାନେ ଆସି କହିଲେ, ''ଶବରି, ତୋ ଶ୍ରୀରାମ ଆସୁଛନ୍ତି ।'' ଏକଥା ଶୁଣିବାମାତ୍ରେ ଶବରୀ ପରମାନନ୍ଦରେ ବିଭୋର ହୋଇଗଲେ । ଜଙ୍ଗଲରୁ ଆଣିଥିବା ଫଳସବୁ କୁଟୀରରେ ରଖି ଉନ୍ମତ୍ତ ସଦୃଶ ଶରୀର-ଶୁଦ୍ଧି ଭୁଲି ଜଳ ଆଣିବାକୁ ସରୋବରକୁ ଦୌଡ଼ିଲେ । ସେହି ସମୟରେ ଜଣେ ଋଷି ସ୍ନାନ କରି ଆସୁଥିଲେ । ଶବରୀ ତାଙ୍କୁ ନ ଦେଖି ଦୌଡ଼ିବା ସମୟରେ ଋଷିଙ୍କ ଶରୀରସ୍ପର୍ଶ

ହୋଇଗଲା । ଋଷି କ୍ରୁଦ୍ଧ ହୋଇ କହିଲେ, ''ତୁ କେଡ଼େ ଦୁଷ୍ଟା, ଆମ୍ଭଙ୍କୁ ତିରସ୍କାର କରି ଛୁଇଁଦେଲୁ ?'' ଶବରୀ ଭଗବତ୍ ଦର୍ଶନ ପାଇବା ଆନନ୍ଦରେ ବିଭୋରା । ସେ ଋଷିଙ୍କୁ ସ୍ପର୍ଶ କରିବା ଏବଂ ଋଷି କ୍ରୁଦ୍ଧ ହୋଇ ଗାଳିଦେବା, କିଛି ନ ଜାଣି ନ ଶୁଣି ସରୋବରରୁ ଜଳ ନେଇ କୁଟୀରକୁ ଚାଲିଗଲେ । ଶବରୀ ଛୁଇଁଦେବାରୁ ଋଷି ଅପବିତ୍ର ହୋଇଥିବା ଧାରଣାରେ ପବିତ୍ର ହେବା ଉଦ୍ଦେଶ୍ୟରେ ପୁନରାୟ ସ୍ନାନ କରିବାକୁ ଗଲେ । ଋଷି ପୁଷ୍କରିଣୀରେ ପ୍ରବେଶ କରିବା ମାତ୍ରେ ଜଳ ରକ୍ତ ସଦୃଶ ହୋଇଗଲା, ସେହି ଜଳରେ ପୋକ ଭର୍ତ୍ତି ହୋଇଗଲେ । କିନ୍ତୁ ପରମଭକ୍ତା ଶବରୀଙ୍କୁ ଘୃଣା ଏବଂ ତିରସ୍କାର କରିବା, ଏହି ପରିଣାମକୁ ଋଷି ବୁଝିପାରିଲେ ନାହିଁ ।

ଶବରୀ କୁଟିରରେ ଜଳ ରଖି ଶ୍ରୀରାମଙ୍କୁ ପାଛୋଟି ଆଣିବା ସକାଶେ କିଛିଦୂର ଯାଇଛନ୍ତି । ସେହି ସମୟରେ ଶ୍ରୀରାମ ଲକ୍ଷ୍ମଣଙ୍କ ସହିତ ମୁନିଋଷିମାନଙ୍କ ଆଶ୍ରମକୁ ନ ଯାଇ ଶବରୀର କୁଟୀର ପଚାରି ପଚାରି ଆସୁଥା'ନ୍ତି ।

'ଭକ୍ତମାଳ'ର ପ୍ରିୟାଦାସଙ୍କ କବିତାରେ ଅଛି :

''ଆଗୂ ଚଲେ ରାମ, ଆଇ ଆଗୂ ଲେନ ଶବରୀହୂ,
ଚରଣ ପରନ ଧାଇ ବେ ମିଳନେକୋ ଧାୟେ ହୈଂ ॥
ଗିରି ଦଣ୍ଡହୀସୀ, ଭୁଜଦଣ୍ଡସୋଂ ଉଠାୟ ଲୀହ୍ନୀ,
ଫିରିକୈ ଗିରୀ ସୋ ପୁନି ଭୁଜ ପସରାୟେ ହୈଂ ॥
ପ୍ରେମ-ଦଶା କହୀ ନହୀଂ ଜାତ, 'ରଘୁରାଜ' ଦୋଉ,
ତନ ମନ ବଚନକୀ ସୁଧ୍ ବିସରାୟେ ହୈଂ ॥
ଉଲେ ଆପ ମିଲେ ମୋହିଂ ଉଲୀ ମିଲୀ ତୋ ହୂଁ ୟହ,
କହତ ଦୁହୁନକେ ଡାକାରେ ଉରି ଆୟେ ହୈଂ ॥
ତନୁକୋ ସଁଭାରି କରି ତାକୋ ମିଳୀ ବାର-ବାର,
ବାରିଜ-ବିଲୋଚନନି ପ୍ରେମବାରି ଢାରିକୈ ॥
କରକୋ ପକରି ତାସୁ ତାହିକୀ କୁଟୀକୋ ଚଲେ,
'ରଘୁରାଜ' ରାମ ମୁନିମଣ୍ଡଳ ବିସାରିକୈ ॥
ପୁନି ପୁନି ପୁଚ୍ଛେ ପ୍ରଭୁ, 'ତେରୀ କୁଟି କେତୀ ଦୂରି',
ଜାମେଂ ହୌଂ ବସୌଂଗୋ ଔଧ-ଆନଁଦଲୋ ବାରିକୈ ॥
କୌଶଲତେ ମିଥିଲାତେ କମଳା-ନିବାସହୂଁତେ,
ପାୟୋ ମୈଂ ସନେହ-ସୁଖ ତୋହୀଁକୋ ନିହାରିକୈ ॥''

''ଶ୍ରୀରାମ ଶବରୀ କୁଟିରର ମାର୍ଗ ପଚାରି ପଚାରି ଆସିବା ସମୟରେ ଶବରୀ ପାଛୋଟି ନେବାକୁ ପହଞ୍ଚିଗଲେ । ଶବରୀ ଶ୍ରୀରାମଙ୍କୁ ଦେଖିବାମାତ୍ରେ ତାଙ୍କ ଚରଣରେ ସାଷ୍ଟାଙ୍ଗ ଦଣ୍ଡବତ କରିବାକୁ ଦୌଡ଼ିଗଲେ । ଶ୍ରୀରାମ ମଧ୍ୟ ଶବରୀଙ୍କୁ ଦେଖିବାମାତ୍ରେ ତାଙ୍କ ସହିତ ମିଳିବା ସକାଶେ ଧାଇଁ ଆସିଲେ । ଶବରୀ ଗଛ କାଟିଲା ସଦୃଶ ଶ୍ରୀରାମଙ୍କ ଚରଣରେ ପଡ଼ିଯିବା ସଙ୍ଗେ ସଙ୍ଗେ ଶ୍ରୀରାମ ତାଙ୍କୁ ଭୁଜଦଣ୍ଡରେ ଉଠାଇନେଲେ । ବାରଂବାର ଶବରୀ ଶ୍ରୀରାମଙ୍କ ଚରଣରେ ଦଣ୍ଡବତ କରୁଥିଲେ, ଶ୍ରୀରାମ ବାରଂବାର ଉଠାଇ ନେଉଥିଲେ । ଭକ୍ତ ଭଗବାନଙ୍କର ମିଳନର ଯେଉଁ ପ୍ରେମ ଅବସ୍ଥା ତାହା ମନ-ବଚନରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ଭକ୍ତ ଭଗବାନ୍ ଉଭୟେ ପ୍ରେମରେ ଶରୀରଶୁଦ୍ଧି ଭୁଲିଯାଇଥିଲେ । ସେହି ପ୍ରେମୋନ୍ମତ୍ତ ଅବସ୍ଥାରେ ଶବରୀ କହୁଥିଲେ, 'ତୁମେ ବହୁତ ଦୟାକରି ଦର୍ଶନ ଦେଲ', ଶ୍ରୀରାମ କହୁଥିଲେ, 'ତୋ ସଙ୍ଗେ ଦେଖା ହେବାରେ ମୋତେ ବଡ଼ ଆନନ୍ଦ ମିଳିଲା ।' ଏହିପରି ଉଭୟେ କହିବା ସମୟରେ ଆନନ୍ଦଶୋକରେ ଏପରି ଭୋ

ଭୋ ହୋଇ କାନ୍ଦିଉଠିଲେ ଯେ ତାଙ୍କ ଗଳା ରୁଦ୍ଧ ହୋଇଗଲା, ଆଉ ଶବ୍ଦ ଉଚ୍ଚାରଣ କରିପାରିଲେ ନାହିଁ । କିଛି ସମୟ ପରେ ସାବଧାନ ହୋଇ ବାରଂବାର ଭକ୍ତ ଭଗବାନ୍ ମିଳୁଥା'ନ୍ତି ଓ ନେତ୍ରରୁ ଅଶ୍ରୁ ବର୍ଷା ହେଉଥାଏ । ସେହି ଅବସ୍ଥାରେ ଶ୍ରୀରାମ ଶବରୀ ହାତ ଧରି ମୁନିମାନଙ୍କ କୁଟୀରକୁ ନ ଯାଇ ଶବରୀ କୁଟିରକୁ ଗମନ କଲେ । ଶ୍ରୀରାମ ଶବରୀଙ୍କୁ ବାରଂବାର ପଚାରୁଥା'ନ୍ତି, 'ତୋ କୁଟି କେତେ ଦୂର ? ତୋରି କୁଟିରେ ବସି ଅବଧ ଆନନ୍ଦକୁ ଭୁଲିଯିବି । ତୋତେ ଦେଖି ମୋତେ ଏତେ ଆନନ୍ଦ ପ୍ରାପ୍ତ ହେଉଛି, ମୁଁ ଅଯୋଧ୍ୟା (କୌଶଳ), ମିଥିଳା ତଥା କମଳାସଦନଠାରୁ ଅଧିକ ଆନନ୍ଦ ପାଉଛି' ।''

ରାମଚରିତ ମାନସରେ ଉଲ୍ଲେଖ ଅଛି :

''ଶବରୀ ଦେଖି ରାମ ଗୃହଁ ଆଏ ।
ମୁନି କେ ବଚନ ସମୁଝି ଜିୟଁ ଭାଏ ॥
ସରସିଜ ଲୋଚନ ବାହୁ ବିସାଲା ।
ଜଟା ମୁକୁଟ ଶିର ଉର ବନମାଲା ॥
ଶ୍ୟାମ ଗୌର ସୁନ୍ଦର ଦୋଉ ଭାଇ ।
ଶବରୀ ପରୀ ଚରନ ଲପଟାଇ ॥
ପ୍ରେମ ମଗନ ମୁଖ ବଚନ ନ ଆବା ।
ପୁନି ପୁନି ପଦ ସରୋଜ ସିର ନାବା ॥''

(ଅରଣ୍ୟକାଣ୍ଡ)

ଶବରୀ କୁଟିରେ ଶ୍ରୀରାମ ପହଞ୍ଚିବା ପରେ ଶ୍ରୀରାମଙ୍କ ଦର୍ଶନ ହେବା କଥା ଗୁରୁ ମତଙ୍ଗ ଋଷିଙ୍କ ବାକ୍ୟ ସ୍ମରଣ ହୋଇଆସିଲା । ନିଜ କୁଟୀରରେ ଶ୍ରୀରାମଲକ୍ଷ୍ମଣଙ୍କୁ ଦର୍ଶନ କରି ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ଶରୀର ଭୁଲିଗଲେ; ପ୍ରେମଭକ୍ତିରେ ଉନ୍ମତ୍ତ ହୋଇ ନୃତ୍ୟ କରିବାକୁ ଲାଗିଲେ । ଶବରୀ କୁଟିରରେ ଶ୍ରୀରାମଲକ୍ଷ୍ମଣ ଛିଡ଼ା ହୋଇଥା'ନ୍ତି, ଶବରୀ ଶରୀରଶୁଦ୍ଧି, ବୁଦ୍ଧି ଭୁଲି ନୃତ୍ୟ କରୁଥା'ନ୍ତି । ଶ୍ରୀରାମ ଶବରୀ ପ୍ରେମରେ ଏକେବାରେ ବିଭୋର । ଲକ୍ଷ୍ମଣ ଏହି ଅବସ୍ଥା ଦେଖି ଶବରୀଙ୍କୁ ସାବଧାନ କରିବା ସକାଶେ ହସି କରି କହିଲେ, ''ଶବରି, ତୁ ନୃତ୍ୟ କରୁଥିବୁ ନା ଶ୍ରୀରାମଙ୍କୁ ସତ୍କାର କରିବୁ ?'' ଲକ୍ଷ୍ମଣଙ୍କ କଥା ଶୁଣିବା ମାତ୍ରେ ଶବରୀ ସାବଧାନ ହୋଇ ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଚରଣ ଧୋଇ ସୁନ୍ଦର ଆସନରେ ବସାଇ ପୂଜା କଲେ ।

''ତୌ ଦୃଷ୍ଟ୍ୱା ତୁ ତଦା ସିଦ୍ଧା ସମୁତ୍ଥାୟ କୃତାଞ୍ଜଲିଃ ।
ପାଦୌ ଜଗ୍ରାହ ରାମସ୍ୟ ଲକ୍ଷ୍ମଣସ୍ୟ ଚ ଧୀମତଃ ॥
ପାଦ୍ୟମାଚମନୀୟଂ ଚ ସର୍ବଂ ପ୍ରାଦାଦ୍ ୟଥାବିଧିଃ ।
ତାମୁବାଚ ତତୋ ରାମଃ ଶ୍ରମଣୀଂ ଧର୍ମସଂସ୍ଥିତାମ୍ ॥''

(ବାଲ୍ମୀକି ରାମାୟଣ)

''ଧର୍ମପରାୟଣା ତାପସୀ ସିଦ୍ଧା ସନ୍ନ୍ୟାସିନୀ ଶବରୀ ଧୀମାନ୍ ଶ୍ରୀରାମଲକ୍ଷ୍ମଣଙ୍କୁ ଦେଖି ହାତ ଯୋଡ଼ି ପ୍ରଣାମ କଲେ ଏବଂ ପାଦ୍ୟ ଆଚମନ ଦେଇ ପୂଜା କଲେ ।''

ନିର୍ବିଘ୍ନରେ ସାଧନା ସିଦ୍ଧ ହୋଇଥିବା ବିଷୟ ଶ୍ରୀରାମ ପଚାରିବାରୁ ଉତ୍ତରରେ ଶବରୀ କହିଲେ :

''ଅଦ୍ୟ ପ୍ରାପ୍ତା ତପଃସିଦ୍ଧିସ୍ତବ ସଂଦର୍ଶନାନ୍ମୟା ।
ଅଦ୍ୟ ମେ ସଫଳଂ ଜନ୍ମ ଗୁରବଶ୍ଚ ସୁପୂଜିତାଃ ॥
ଅଦ୍ୟ ମେ ସଫଳଂ ତପ୍ତଂ ସ୍ୱର୍ଗଶ୍ଚୈବ ଭବିଷ୍ୟତି ।
ତ୍ୱୟି ଦେବବରେ ରାମ ପୂଜିତେ ପୁରୁଷର୍ଷଭ ॥''

(ବାଲ୍ମୀକି ରାମାୟଣ)

''ହେ ଭଗବନ୍, ଆଜି ତୁମ ଦର୍ଶନରେ ମୋର ସମସ୍ତ ତପଃ ସିଦ୍ଧ ଏବଂ ମୋ ଜନ୍ମ ସଫଳ ହୋଇଗଲା । ଆଜି ଗୁରୁଙ୍କ ପୂଜା ଏବଂ ତପ ସାର୍ଥକ ହେଲା । ହେ ପୁରୁଷୋତ୍ତମ, ତୁମେ ଦେବତାଙ୍କଠାରୁ ଶ୍ରେଷ୍ଠ, ତୁମରି କୃପାରେ ଏବେ ମୋତେ ସ୍ୱର୍ଗାପବର୍ଗ ପ୍ରାପ୍ତିରେ କୌଣସି ସନ୍ଦେହ ନାହିଁ ।'' ଶବରୀ ଆପେ ଆଉ କିଛି କହିପାରିଲେ ନାହିଁ । ତାଙ୍କ କଣ୍ଠ ରୁଦ୍ଧ ହୋଇଗଲା । କିଛି ସମୟ ପରେ ସାବଧାନ ହେବାରୁ ଶ୍ରୀରାମଙ୍କ ସକାଶେ ଅତ୍ୟନ୍ତ ଆନନ୍ଦରେ ସଂଗ୍ରହ କରି ରଖିଥିବା ଫଳମୂଳ ଶ୍ରୀରାମ ଏବଂ ଲକ୍ଷ୍ମଣଙ୍କୁ ନିବେଦନ କଲେ ।

''ଫଲାନି ଚ ସୁପକ୍ୱାନି ମୂଲାନି ମଧୁରାଣି ଚ ।
ସ୍ୱୟମାସ୍ୱାଦ୍ୟ ମାଧୁର୍ୟଂ ପରୀକ୍ଷ୍ୟ ପରିଭକ୍ଷ୍ୟ ଚ ॥
ପଶ୍ଚାନ୍ନିବେଦୟାମାସ ରାଘବାଭ୍ୟାଂ ଦୃଢ଼ବ୍ରତା ।
ଫଲାନ୍ୟାସ୍ୱାଦ୍ୟ କାକୁତ୍ସ୍ଥସ୍ତସ୍ୟୈ ମୁକ୍ତିଂ ପରାଂ ଦଦୌ ॥''

(ପଦ୍ମପୁରାଣ)

''ଶବରୀ ଶ୍ରୀରାମଙ୍କ ପ୍ରେମରେ ବିଭୋର ହୋଇ ସୁପକ୍ୱ ଫଳମୂଳର ସ୍ୱାଦ ଚାଖି ଦୁଇଭାଇଙ୍କୁ ଦେଉଥା'ନ୍ତି । ଶ୍ରୀରାମ ମଧ୍ୟ ଫଳମୂଳର ସ୍ୱାଦ ପ୍ରଶଂସା କରି ଭକ୍ଷଣ କରୁଥା'ନ୍ତି । ଏପରିକି ଶ୍ରୀ ଅବଧ ଏବଂ ମିଥିଳାରେ ଯେତେବେଳେ ମା' କୌଶଲ୍ୟା ତଥା ଶାଶୂ ସୁନୟନା ଅତ୍ୟନ୍ତ ପ୍ରେମରେ ନାନାପ୍ରକାର ଭୋଜନ କରାଉଥା'ନ୍ତି ସେତେବେଳେ ବି ଶବରୀ ଦେଇଥିବା ଫଳମୂଳର ସେ ପ୍ରଶଂସା କରୁଥା'ନ୍ତି । ଶବରୀଙ୍କ ଫଳ ଭକ୍ଷଣ କରି ଶ୍ରୀରାମ ତାଙ୍କୁ ପରମପଦ ପ୍ରଦାନ କଲେ ।''

ଏ ବିଷୟରେ ଶ୍ରୀ ଗୋସ୍ୱାମୀ ତୁଳସୀଦାସ କହିଛନ୍ତି :

''କନ୍ଦ ମୂଲ ଫଳ ସୁରସ ଅତି ଦିଏ ରାମ କହୁଁ ଆନି ।
ପ୍ରେମ ସହିତ ପ୍ରଭୁ ଖାଏ ବାରଂବାର ବଖାନି ॥''

(ରାମଚରିତ ମାନସ, ଅରଣ୍ୟ କାଣ୍ଡ)

ଶ୍ରୀରାମଲକ୍ଷ୍ମଣ ଭୋଜନ କରିସାରିବା ପରେ ଶବରୀ ତାଙ୍କୁ ଆଚମନ କରାଇ ଆସନରେ ବସାଇଦେଲେ । ହୃଦୟରେ ଅତ୍ୟନ୍ତ ପ୍ରେମୋନ୍ମାଦ ହେବାରୁ ସେ ହାତ ଯୋଡ଼ି ଛିଡ଼ାହୋଇ କହିଲେ, ''ହେ ପ୍ରଭୁ, ତୁମ ସ୍ତୁତି କରିବାକୁ ମୁଁ ଯୋଗ୍ୟ ନୁହେଁ, ତୁମ ପରମ ଐଶ୍ୱର୍ଯ୍ୟ, ଭକ୍ତି, ଦୟା, କରୁଣା, ଭକ୍ତବତ୍ସଳତାଦି ଗୁଣ ଯଦି ଜାଣିଥା'ନ୍ତି, ତେବେ ମୁଁ ସ୍ତୁତି କରିପାରିଥା'ନ୍ତି । ମୁଁ ଜାତିରେ ନୀଚ, ବୁଦ୍ଧି ଅତ୍ୟନ୍ତ ଜଡ଼, ଅଧମରୁ ଅଧମ ନାରୀ, ସେଥିରେ ପୁଣି ମୋ ମତି ଅତ୍ୟନ୍ତ ମନ୍ଦ, ଏହି କାରଣରୁ ତୁମ ସ୍ତୁତି କରିବାରେ ମୁଁ ଅସମର୍ଥ ।'' ଶବରୀଙ୍କର ପ୍ରେମଯୁକ୍ତ ନିଷ୍କପଟ ବିନୟବାଣୀ ଶୁଣି ଶ୍ରୀରାମ କହିଲେ :

''ଉତ୍ତମ କୁଳ, ଉତ୍ତମ ଜାତି, ଧାର୍ମିକ, ଅଧିକାର, ଧନ, ବଳ, ଗୁଣ, ଚାତୁର୍ଯ୍ୟଯୁକ୍ତ ଭକ୍ତିବିହୀନ ମୋତେ ଜଳବିହୀନ ମେଘ ସଦୃଶ ପ୍ରିୟ ନୁହେଁ । କିନ୍ତୁ ଏହିସବୁ ଗୁଣ, ଜାତି, ଐଶ୍ୱର୍ଯ୍ୟବିହୀନ ଭକ୍ତିଯୁକ୍ତ ବ୍ୟକ୍ତି ମୋତେ ଅତ୍ୟନ୍ତ ପ୍ରିୟ । ଯେ

କେହି ବ୍ୟକ୍ତି ମୋତେ ଭକ୍ତି କରେ, ସେ ମୋର, ମୁଁ ତା'ର । ତା' ସଙ୍ଗେ ଛାୟା ସଦୃଶ ରହି ମୁଁ ତାକୁ ରକ୍ଷା କରେ ।''

''ତସ୍ମାଦ୍ ଭାମିନି ସଂକ୍ଷେପାଦ୍ ବକ୍ଷେଽହଂ ଭକ୍ତିସାଧନମ୍ ।
ସତାଂ ସଙ୍ଗତିରେବାତ୍ର ସାଧନଂ ପ୍ରଥମଂ ସ୍ମୃତମ୍ ॥
ଦ୍ୱିତୀୟଂ ମତ୍କଥାଲାପସ୍ତୃତୀୟଂ ମଦ୍ଗୁଣେରଣମ୍ ।
ବ୍ୟାଖ୍ୟାତୃତ୍ୱଂ ଶବ୍ଦବଚସାଂ ଚତୁର୍ଥଂ ସାଧନଂ ଭବେତ୍ ॥
ଆଚାର୍ଯୋପାସନଂ ଭଦ୍ରେ ମଦ୍ବୁଦ୍ଧ୍ୟାମାୟୟା ସଦା ।
ପଞ୍ଚମଂ ପୁଣ୍ୟଶୀଲତ୍ୱଂ ୟମାଦି ନିୟମାଦି ଚ ॥
ନିଷ୍ଠା ମତ୍ପୂଜନେ ନିତ୍ୟଂ ଷଷ୍ଠଂ ସାଧନମୀରିତମ୍ ।
ମମ ମନ୍ତ୍ରୋପାସକତ୍ୱଂ ସାଂଗଂ ସପ୍ତମମୁଚ୍ୟତେ ॥
ମଦ୍ଭକ୍ତେଷ୍ୱଧିକା ପୂଜା ସର୍ବଭୂତେଷୁ ମନ୍ମତି ।
ବାହ୍ୟାର୍ଥେଷୁ ବିରାଗିତ୍ୱଂ ଶମାଦିସହିତଂ ତଥା ॥
ଅଷ୍ଟମଂ ନବମଂ ତତ୍ତ୍ୱବିଚାରୋ ମମ ଭାମିନି ।
ଏବଂ ନବବିଧା ଭକ୍ତିଃ ସାଧନଂ ୟସ୍ୟ କସ୍ୟ ବା ॥''

(ଅଧ୍ୟାତ୍ମ ରାମାୟଣ)

ଏଠାରେ ଏହି ଯେଉଁ ନବଧା ଭକ୍ତି ବର୍ଣ୍ଣିତ ହୋଇଛି ଏହାଠାରୁ ସାଧାରଣତଃ କିଛି ଭିନ୍ନଭାବେ ଗୋସ୍ୱାମୀ ତୁଳସୀଦାସ ରାମଚରିତ ମାନସରେ କହିଛନ୍ତି :

''ନବଧା ଭଗତି କହଉଁ ତୋହି ପାହୀଂ ।
ସାବଧାନ ସୁନୁ ଧରୁ ମନ ମାହୀଂ ॥
ପ୍ରଥମ ଭଗତି ସଂତନ୍ହ କର ସଂଗା ।
ଦୂସରି ରତି ମମ କଥା ପ୍ରସଂଗା ॥
ଗୁରୁ ପଦ ପଂକଜ ସେବା ତୀସରି ଭଗତି ଅମାନ ।
ଚୌଥି ଭଗତି ମମ ଗୁନ ଗନ କରଇ କପଟ ତଜି ଗାନ ॥
ମଂତ୍ର ଜାପ ମମ ଦୃଢ଼ ବିସ୍ୱାସା ।
ପଂଚମ ଭଜନ ସୋ ବେଦ ପ୍ରକାସା ॥
ଛଠ ଦମ ସୀଲ ବିରତି ବହୁ କରମା ।
ନିରତ ନିରଂତର ସଜ୍ଜନ ଧରମା ॥
ସାତବଁ ସମ ମୋହି ମୟ ଜଗ ଦେଖା ।
ମୋତେଂ ସଂତ ଅଧିକ କରି ଲେଖା ॥
ଆଠବଁ ଜଥାଲାଭ ସଂତୋଷା ।
ସପନେହୁଁ ନହିଂ ଦେଖଇ ପରଦୋଷା ॥
ନବମ ସରଳ ସବ ସନ ଛଲହୀନା ।
ମମ ଭରୋସ ହିୟଁ ହରଷ ନ ଦୀନା ॥

ନବମହୁଁ ଏକଉ ଜିନ୍‌ହ କେଂ ହୋଇ ।
ନାରୀ ପୁରୁଷ ସଚରାଚର କୋଇ ॥
ସୋଇ ଅତିସୟ ପ୍ରିୟ ଭାମିନି ମୋରେଂ ।
ସକଳ ପ୍ରକାର ଭଗତି ଦୃଢ଼ ତୋରେଂ ॥''
(ଅରଣ୍ୟ କାଣ୍ଡ, ଦୋ. ୩୫-୩୬)

ଏହି ଚରିତ ବିସ୍ତାର ନ କରିବା ଯୋଗୁଁ ଏଠାରେ ନବଧା ଭକ୍ତି ସଂକ୍ଷେପରେ ଆଲୋଚନା କରାହେଲା ।

ଶ୍ରୀରାମ ନବଧା ଭକ୍ତି ବର୍ଣ୍ଣନା କରି ଶବରୀଙ୍କୁ କହିଲେ, ''ଏହି ନଅଟି ଭକ୍ତି ମଧ୍ୟରୁ ଯାହାର ଗୋଟିଏ ଥାଏ, ସେ ନାରୀ, ପୁରୁଷ, ସଚରାଚରର କୌଣସି ପ୍ରାଣୀ ହେଉ, ସେ ମୋର ଅତ୍ୟନ୍ତ ପ୍ରିୟ ହୁଏ । କିନ୍ତୁ ତୋର ସମସ୍ତପ୍ରକାର ଭକ୍ତି ଦୃଢ଼ଭାବେ ରହିଛି । ସେହି ସକାଶେ ସମସ୍ତ ଯୋଗୀମାନଙ୍କୁ ଯେଉଁ ଗତି ଅତି ଦୁର୍ଲଭ, ତୋ ସକାଶେ ତାହା ଅତ୍ୟନ୍ତ ସୁଲଭ ହୋଇଛି ।''

ପୁଷ୍କରିଣୀ ଜଳ ନଷ୍ଟ ହୋଇଯିବାରୁ ମୁନିଋଷିମାନଙ୍କର ବହୁତ ଚିନ୍ତା ଥିଲା । ସେମାନେ ଭାବିଥିଲେ ଯେ ଶ୍ରୀରାମ ଆସିଲେ ଜଳ ଅଶୁଦ୍ଧ ହେବାର କାରଣ ଏବଂ ଜଳ ସ୍ୱଚ୍ଛ ହେବାର ଉପାୟ ପଚାରିବେ । ସେମାନେ ଶୁଣିବାକୁ ପାଇଲେ, ଶ୍ରୀରାମ ଶବରୀ କୁଟୀରରେ ବିରାଜମାନ ହୋଇଛନ୍ତି । ସେମାନେ ସମସ୍ତେ ଶବରୀ କୁଟୀରକୁ ଆସିଲେ । ଶ୍ରୀରାମଲକ୍ଷ୍ମଣ ମୁନିଋଷିମାନଙ୍କୁ ଦେଖି ଉଠି ଛିଡ଼ାହେଲେ ଏବଂ ପ୍ରଣାମ କରି ସେମାନଙ୍କୁ କୁଶଳ ସମାଚାର ପଚାରି ବସିବାକୁ କହିଲେ । ମୁନିଋଷିମାନେ କହିଲେ, ''ଆପଣଙ୍କ କୃପାରୁ ଆଉ ସମସ୍ତ ଠିକ୍ ଅଛି, କିନ୍ତୁ ଏହି ପୁଷ୍କରିଣୀ ଜଳ ଦୂଷିତ ହେବାରୁ ଆମ୍ଭେମାନେ ବଡ଼ କଷ୍ଟ ପାଉଛୁ । ଏହି ଜଳ ନଷ୍ଟ ହେବାର କାରଣ ଏବଂ ଏହା ସ୍ୱଚ୍ଛ ହେବାର ଉପାୟ ଦୟାକରି କହନ୍ତୁ ।'' ଲକ୍ଷ୍ମଣ କହିଲେ, ''ଆପଣମାନେ ପବିତ୍ର ଆତ୍ମା, ତପସ୍ୱୀ, ତପୋନିଷ୍ଠ, କିନ୍ତୁ ପରମଭକ୍ତ। ଶବରୀଙ୍କୁ ତିରସ୍କାର କରିବା ଯୋଗୁଁ ପୁଷ୍କରିଣୀ ଜଳ ଦୂଷିତ ହୋଇଛି । ଶବରୀ ସେହି ଜଳ ସ୍ପର୍ଶ କଲେ ସ୍ୱଚ୍ଛ ହୋଇଯିବ ।'' ଋଷିମାନେ ଏକଥା ଶୁଣିବାରୁ ଶବରୀଙ୍କ ପ୍ରତି ଯେଉଁ ଘୃଣା, ତିରସ୍କାର ଭାବ ଥିଲା ତାହା ଦୂର କରିଦେଲେ । ସେମାନେ ଆଗ୍ରହପୂର୍ବକ ଶବରୀଙ୍କୁ ସରୋବରକୁ ନେଇଗଲେ । ଶବରୀ ପୁଷ୍କରିଣୀରେ ପ୍ରବେଶ କରିବା ମାତ୍ରେ ଜଳ ପୂର୍ବାପେକ୍ଷା ଅଧିକ ସ୍ୱଚ୍ଛ ହୋଇଗଲା । ପ୍ରତ୍ୟକ୍ଷରୂପେ ଶବରୀ ପ୍ରତି ଭଗବାନଙ୍କର ପରମକୃପା ଦେଖି ସେମାନେ ଭକ୍ତିର ମହତ୍ତ୍ୱ ତଥା ଭଗବାନଙ୍କ ଭକ୍ତବତ୍ସଳତା ଗୁଣ ବୁଝିପାରିଲେ । ଶବରୀ କୁଟୀରକୁ ଫେରିଆସି ଶ୍ରୀରାମଙ୍କ ଚରଣ ନିଜ ହୃଦୟରେ ଧାରଣ କରି ଶ୍ରୀରାମଲକ୍ଷ୍ମଣ ତଥା ମୁନିଋଷିଙ୍କ ସାମନାରେ ଯୋଗାଗ୍ନିରେ ଶରୀର ଭସ୍ମକରି ପରମପଦ ପ୍ରାପ୍ତ ହେଲେ ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

ଭକ୍ତିମତୀ ରାଜକନ୍ୟା

ଗଛର ଦୁଇଟି ପତ୍ର ଯେପରି ସମାନ ନୁହନ୍ତି, ସଂସାରରେ ଦୁଇଟି ବ୍ୟକ୍ତିଙ୍କ ରୂପ ଗୁଣ ଯେପରି ଏକପ୍ରକାର ନୁହେଁ, ସେହିପରି ଭଗବତ୍ ଭକ୍ତ । ଯେତେ ଭକ୍ତ ସେତେ ମାର୍ଗ । ତାହା ସ୍ୱତଃସ୍ଫୂର୍ତ୍ତଭାବେ ପ୍ରକାଶ ହୁଏ ନିଜ ଅନ୍ତରରୁ । ଭକ୍ତଚରିତ ପଢ଼ିବା ତଥା ଶୁଣିବାରେ ନିଜ ମଧ୍ୟରେ ଭକ୍ତି ଜାଗ୍ରତ୍ ହୁଏ । ଭଗବାନଙ୍କ ପ୍ରତି ବିଶ୍ୱାସ, ନିଷ୍ଠା ଉତ୍ପନ୍ନ ହୁଏ କିନ୍ତୁ ଅନ୍ୟର ଭକ୍ତିକୁ ଅନୁକରଣ କରାହୁଏ ନାହିଁ । ଜଣକ ଭକ୍ତିମାର୍ଗ ଅନ୍ୟ ଜଣକ ସକାଶେ ବିପଜ୍ଜନକ ହୋଇପାରେ ।

ଆଚାର୍ଯ୍ୟ ଶଙ୍କରଙ୍କ ସମୟର ଘଟଣା । ସେ କେତେଜଣ ଶିଷ୍ୟଙ୍କ ସହିତ ଭ୍ରମଣ କରୁଥିଲେ । ସେ ଧୋବଣୀଠାରୁ ଭୋଜନ କଲେ । ତାଙ୍କ ସଙ୍ଗେ ଥିବା ଶିଷ୍ୟମାନଙ୍କ ମଧ୍ୟରୁ କେତେଜଣ ଗୁରୁଙ୍କୁ ଅନୁକରଣ କରି ସେହି ଧୋବଣୀଠାରୁ ମଧ୍ୟ ଅନ୍ନ ଭୋଜନ କଲେ । କିଛି ଦୂର ଯିବା ପରେ ଆଉଟା ହେଉଥିବା ସୀସାକୁ ଆଚାର୍ଯ୍ୟ ପିଇ ନେଇ ଧୋବଣୀଠାରୁ ଅନ୍ନ ଭୋଜନ କରିଥିବା ଶିଷ୍ୟଙ୍କୁ ସେହି ସୀସା ପିଇବାକୁ କହିଲେ । ଶିଷ୍ୟମାନେ ଉତ୍ତର ଦେଲେ, ''ଆଉଟା ହେଉଥିବା ସୀସା ପିଇବା ମାତ୍ରେ ଆମେ ମରିଯିବୁ । ଆପଣ ସମର୍ଥ, ଆପଣ ପିଇପାରନ୍ତି, ଆମେ ପିଇବୁ କିପରି ?'' ଗୁରୁ ଉତ୍ତର ଦେଲେ, ''ମୋତେ ଅନୁକରଣ କରି ଧୋବଣୀଠାରୁ ଅନ୍ନ ଖାଇଲ କିପରି ?'' ଏହା କହି ସେମାନଙ୍କୁ ପତିତ କରିଦେଲେ ଅର୍ଥାତ୍ ନିଜ ସଂପ୍ରଦାୟରୁ ବାହାର କରିଦେଲେ । ସେସମୟରେ ସମାଜରେ ବର୍ଣ୍ଣଧର୍ମର ବିଶେଷ ମାନ୍ୟ ଥିଲା । କିନ୍ତୁ ପରେ ଅନ୍ୟ ଶିଷ୍ୟମାନଙ୍କ ପ୍ରାର୍ଥନାରେ ସେମାନଙ୍କୁ ବିନା ଦଣ୍ଡର ସନ୍ନ୍ୟାସୀ କରିଥିଲେ । ଆଜି ମଧ୍ୟ ସେମାନଙ୍କ ସଂପ୍ରଦାୟର ସନ୍ନ୍ୟାସୀମାନେ ଦଣ୍ଡ ଧାରଣ କରନ୍ତି ନାହିଁ ।

ଏଠାରେ ଯେଉଁ ଭକ୍ତଚରିତଟି ଆଲୋଚନା କରିବା, ପାଠକମାନେ ତାହାର ଅନୁକରଣ କରିବା ଉଚିତ ନୁହେଁ । ଏହି ଭକ୍ତଚରିତଟି ଷୋଳଶହ ସମ୍ୱତ୍ସରର ବହୁ ପୂର୍ବରୁ । ସେହି ସମୟରେ ଇତିହାସ ଲେଖିବାର ପଦ୍ଧା ନ ଥିଲା । ସେହି କାରଣରୁ ଭାରତର ବହୁତ ଅଲୌକିକ ଘଟଣା ଗୁପ୍ତ ହୋଇଯାଇଛି । ଗୁରୁଙ୍କ ଆଜ୍ଞାରେ ନାଭାଜି ଭକ୍ତମାଳ ରଚନାରେ ଭକ୍ତମାନଙ୍କ ଜନ୍ମତିଥି, ନାମ, ଗ୍ରାମ ପ୍ରତି ବିଶେଷ ଲକ୍ଷ୍ୟ ନ ରଖି ସନ୍ଥମାନଙ୍କ ପରମ୍ପରାରୁ ଯେଉଁ ଭକ୍ତମାନଙ୍କ ଚରିତର ସନ୍ଧାନ ପାଇଲେ ନିଜ ଆନ୍ତର ଯୌଗିକ ଦୃଷ୍ଟିରେ ତାହାର ସତ୍ୟତା ଜାଣି ନିଜ ଭକ୍ତମାଳରେ ସ୍ଥାନ ଦେଲେ । ସେହି ସକାଶେ ତାଙ୍କ ଭକ୍ତମାଳ ସନ୍ଥ ତଥା ବିଦ୍ୱାନ୍‌ସମାଜରେ ପ୍ରାମାଣିକ ମାନ୍ୟ ହେଉଛି ତଥା ଆଦର ପାଉଛି । ଆଜି ଶ୍ରୀ ନାଭାଜିଙ୍କ ଭକ୍ତମାଳର ଗୋଟିଏ ପରମା ଭକ୍ତିମତୀ ରାଜକନ୍ୟାର ଚରିତ ଗାନ କରି ଭଗବାନଙ୍କ ପ୍ରତି ବିଶ୍ୱାସ, ନିଷ୍ଠା ଲାଭ କରିବାରେ ବିଶେଷ ସାହାଯ୍ୟ ପାଇବା ।

ଷୋଳଶହ ସମ୍ୱତ୍ସରର ବହୁ ପୂର୍ବରୁ ଜାଗିରିଦାର ସଦୃଶ ଜଣେ ଛୋଟ ରାଜା ଶାସନ କରୁଥିଲେ । ସେ ଥିଲେ ଭଗବାନଙ୍କର ପରମ ଭକ୍ତ । ଘରେ ପ୍ରତିଦିନ ଭଗବାନଙ୍କ ଚରିତ ଗାନ ହେଉଥିଲା । ନାମ କୀର୍ତ୍ତନ ହେଉଥିଲା, ସାଧୁସନ୍ଥଙ୍କ ଯିବା ଆସିବା ଲାଗିରହିଥିଲା । ସନ୍ଥମାନେ ଆସନ୍ତି, ଭଗବାନଙ୍କ କୃପା ତଥା ତାଙ୍କ ଗୁଣ ଚରିତ କୁହନ୍ତି, ରାଜାଙ୍କ ପରିବାର ଏବଂ ଦାସଦାସୀମାନେ ଶୁଣନ୍ତି । ଗୃହରେ ଥିଲା ଅଧ୍ୟାତ୍ମ ବାତାବରଣ । ସମସ୍ତ ବ୍ୟକ୍ତି ଭଗବତ୍ ଭକ୍ତି କରୁଥିଲେ । ରାଜାଙ୍କ ପରିବାର ମଧ୍ୟରେ ତୁଳସୀ ଦୁଇପତ୍ରରୁ ବାସିଲା ସଦୃଶ ରାଜକନ୍ୟାର ବାଲ୍ୟକାଳରୁ ଭଗବତ୍ ଭକ୍ତି ପ୍ରକାଶ ହୋଇଥିଲା । ପିତାମାତାଙ୍କ ଉତ୍ତମ ସଂସ୍କାର ତଥା ସାଧୁସନ୍ଥଙ୍କ ଦର୍ଶନ ଏବଂ ନିଜ ଅନୁଭୂତିରୁ ପ୍ରାପ୍ତ ଘଟଣା ଯୋଗୁଁ ତାଙ୍କର ଭଗବାନଙ୍କ ପ୍ରତି ଭକ୍ତି, ବିଶ୍ୱାସ, ନିଷ୍ଠା ଉତ୍ତରୋତ୍ତର ବୃଦ୍ଧି ହେଉଥିଲା । ତାଙ୍କୁ ଭଗବାନଙ୍କ ନାମସ୍ମରଣ, ଚରିତ ଗାନ ତଥା ଶ୍ରବଣ ଛଡ଼ା ଅନ୍ୟ କିଛି ଭଲ ଲାଗୁ ନ ଥିଲା ।

ତାଙ୍କର ବିବାହଯୋଗ୍ୟ ବୟସ ହେବାରୁ ଜଣେ ରାଜପୁତ୍ର ସହିତ ବିବାହ ହେଲା । ସେହି ରାଜାଙ୍କ ଘର ଥିଲା ରାଜକନ୍ୟାଙ୍କ ସ୍ୱଭାବର ପ୍ରତିକୂଳ । ସେହି ପରିବାରରେ କେହି ଭଗବତ୍ ଭକ୍ତ ନ ଥିଲେ, ଘରେ ଭଗବାନଙ୍କ ପୂଜା ହେଉ ନ ଥିଲା । ସାଧୁସନ୍ଥଙ୍କ ଦର୍ଶନ ଦୁର୍ଲଭ ଥିଲା । ରାଜପରିବାର ଈଶ୍ୱରଙ୍କୁ ବିଶ୍ୱାସ କରୁ ନ ଥିଲେ । ଏହିପରି ବିପରୀତ ବାତାବରଣରେ ରାଜକନ୍ୟାଙ୍କୁ ଅସହ୍ୟ ଦୁଃଖ ହେଲା । ରାଜକନ୍ୟା ଭଗବତ୍ କୃପା ପ୍ରାପ୍ତ କରିଥିଲେ । ତାଙ୍କର ବିବେକ ଉତ୍ପନ୍ନ ହୋଇଥିଲା । ପ୍ରତିକୂଳ ଅବସ୍ଥା ଦ୍ୱାରା ସାଧନାରେ ଅଗ୍ରଗତି ହେବା ଏବଂ ଭଗବତ୍ ବିଶ୍ୱାସ ଦୃଢ଼ରୁ ଦୃଢ଼ତର ହେବା

ସେ ଅନୁଭବ କରିଥିଲେ । ଦିନ ଯିବାରେ ବିଳମ୍ବ ହୁଏ ନାହିଁ । କେତେକ ଦିନ ବ୍ୟତୀତ ହୋଇଗଲା । ରାଜକନ୍ୟାଙ୍କର ଗୋଟିଏ ସୁନ୍ଦର ପୁତ୍ର ଉତ୍ପନ୍ନ ହେଲା । ସଂସାରମୋହଗ୍ରସ୍ତ ବ୍ୟକ୍ତିମାନଙ୍କର ଧନ, ପୁତ୍ର ଭୋଗବିଳାସ ସର୍ବସ୍ୱ । ଏହାଛଡ଼ା ସେମାନେ ଅନ୍ୟକିଛି ଜାଣନ୍ତି ନାହିଁ । ରାଜପରିବାରରେ ଅତ୍ୟନ୍ତ ସୁନ୍ଦର, ପ୍ରଥମ ସନ୍ତାନ ଉପରେ ସମସ୍ତ ପରିବାରର ଆସକ୍ତି ଏବଂ ସ୍ନେହ ଏକତ୍ରିତ ହେଲା । ଶିଶୁଟି ସମସ୍ତଙ୍କ ନୟନର ତାରା ହୋଇ ରହିଲା । ଘରେ ଭଗବତ୍ ଭକ୍ତିର ବାତାବରଣ ତଥା ସାଧୁସଙ୍ଗଙ୍କ ସମାଗମ ରାଜବଧୂ ଅନ୍ତର ସହିତ ଚାହୁଁଥା'ନ୍ତି ଏବଂ ଭଗବାନଙ୍କୁ ପ୍ରାର୍ଥନା କରୁଥା'ନ୍ତି । ଦିନେ ସେ ଗୋଟିଏ ଉପାୟ ନିଜ ଅନ୍ତରରୁ ପାଇଲେ । ନିଜ ଗୃହରୁ ତାଙ୍କ ସଙ୍ଗେ ଆସିଥିବା ଅତ୍ୟନ୍ତ ବିଶ୍ୱସ୍ତ ଦାସୀକୁ କହିଲେ, ''ତୁ ସନ୍ଧାନ କରୁଥିବୁ, ଯେଉଁ ଦିନ ଏହି ରାଜଧାନୀକୁ ସାଧୁସଙ୍ଗ ଆସିବାର ଦେଖିବୁ ସେଦିନ ମୋତେ କହିବୁ ।''

ଭଗବାନ୍ ଭକ୍ତ ସଙ୍ଗେ ଛାୟା ସଦୃଶ ରହିଥା'ନ୍ତି । ତାଙ୍କ ନିବାସ ଭକ୍ତର ହୃଦୟ-ମନ୍ଦିରରେ । ବ୍ୟକ୍ତି ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରି ତାଙ୍କୁ ଭକ୍ତି କଲେ ତା'ର ମନ ବ୍ୟକ୍ତିକୁ ପରିଚାଳନା କରେ ନାହିଁ, ପରିଚାଳନା କରେ ଅନ୍ତରାତ୍ମା । ଅନ୍ତରାତ୍ମାରୁ ଯେଉଁ ପ୍ରେରଣା ଉତ୍ପନ୍ନ ହୁଏ ତାହା ପୂର୍ଣ୍ଣ ହେବାରେ ବିଳମ୍ବ ହୁଏ ନାହିଁ । ଅତି ଅଳ୍ପ ଦିନ ପରେ ଭ୍ରମଣ କରୁଥିବା ଗୋଟିଏ ସାଧୁଙ୍କ ଜମାଉତ ବା ମଣ୍ଡଳୀ ଏହି ରାଜଧାନୀରେ ପହଞ୍ଚିଲା । ଦାସୀ ତାହା ଶୁଣି ଏବଂ ଦେଖି ରାଜବଧୂଙ୍କୁ ଖବର ଦେଇଦେଲା । ରାଜବଧୂ ଏକଥା ଶୁଣି ଅବସର ପାଇ ନିଜ ଜନ୍ମିତ ଏକମାତ୍ର ପୁତ୍ରକୁ ରାତିରେ ବିଷ ଦେଇଦେଲେ । ବିଷ ତୀବ୍ର ଥିଲା, କିଛି ସମୟ ପରେ ପୁତ୍ରର ମୃତ୍ୟୁ ହୋଇଗଲା । ପୁତ୍ରର ମୃତ୍ୟୁ ଦେଖି ନିଜ ପତିଙ୍କୁ ଉଠେଇ ରୋଦନ କରିବାକୁ ଆରମ୍ଭ କଲେ । ରୋଦନ ଶୁଣିବାରୁ ସମସ୍ତ ବ୍ୟକ୍ତି ନିଦ୍ରାରୁ ଉଠିପଡ଼ିଲେ ଏବଂ ଏକମାତ୍ର ସନ୍ତାନର ମୃତ ଅବସ୍ଥା ଦେଖି ସେମାନଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା । ଗୃହର ସମସ୍ତ ବ୍ୟକ୍ତିଙ୍କୁ ଅତ୍ୟନ୍ତ ଆତଙ୍କିତ ଦେଖି ରାଜବଧୂ କହିଲେ, ''ଯଦି କୌଣସି ସନ୍ଥ ଆସି ନିଜ ଚରଣାମୃତ ଏହି ପୁତ୍ର ମୁଖରେ ଦିଅନ୍ତି, ତେବେ ଏହି ପୁତ୍ର ଜୀବିତ ହୋଇପାରିବ । ଏହିପରି ସତ୍ୟ ଘଟଣା ମୁଁ ମୋ ପିତୃଗୃହରେ ଦେଖିଛି ।'' ଏପରି ବିପଦ ଅବସ୍ଥାରେ ବ୍ୟକ୍ତି ଯୁକ୍ତିତର୍କ ଭୁଲି ଯାଇଥା'ନ୍ତି । ଏକଥା ଶୁଣିବା ମାତ୍ରେ ଘରର ସମସ୍ତ ବ୍ୟକ୍ତି କହିଲେ, ''ସନ୍ଥମାନେ କେଉଁଠି ଅଛନ୍ତି ଖୋଜ ।'' ରାଜା ଏବଂ ରାଜପୁତ୍ର ଦାସୀ ସହିତ ସନ୍ଥଙ୍କ ରହିବା ସ୍ଥାନରେ ପହଞ୍ଚି ଦାସୀ କହିବା ଅନୁସାରେ ସାଷ୍ଟାଙ୍ଗ ଦଣ୍ଡବତ କଲେ ଏବଂ ନିଜ ଘରେ ଚରଣରଜ ଦେବାକୁ ପ୍ରାର୍ଥନା କଲେ । ରାଜାଙ୍କ ପ୍ରାର୍ଥନା ସ୍ୱୀକାର କରି ସନ୍ଥମାନେ ରାଜମହଲରେ ପ୍ରବେଶ କଲେ । ରାଜବଧୂ ବହୁଦିନ ପରେ ସନ୍ଥମାନଙ୍କୁ ଦର୍ଶନ କରି ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ସନ୍ଥମାନଙ୍କ ଚରଣ ଧୋଇ ନିଜ ମୃତ ପୁତ୍ରର ଶଯ୍ୟା ନିକଟକୁ ନେଇଗଲେ । ସମସ୍ତ ପରିବାରର ସମ୍ମୁଖରେ ସନ୍ଥମାନଙ୍କ ଚରଣାମୃତ ମୃତ ପୁତ୍ରର ମୁଖରେ ଦେଇଦେଲେ ଏବଂ ପୁତ୍ର ଜୀବିତ ହେବା ସକାଶେ ସନ୍ଥମାନଙ୍କୁ ପ୍ରାର୍ଥନା କଲେ । ସନ୍ଥମାନେ ଭକ୍ତିବିହ୍ୱଳ ହୋଇ ଭଗବାନଙ୍କ ଭକ୍ତିରେ ନାମକୀର୍ତ୍ତନ କରିବାକୁ ଲାଗିଲେ । ରାଜବଧୂ ମଧ୍ୟ ସନ୍ଥଙ୍କ ସହିତ ଭକ୍ତି-ଆନନ୍ଦରେ ଡୁବିଗଲେ । ଭଗବାନଙ୍କ କୃପାରୁ କିଛି ସମୟ ପରେ ମୃତ ଶିଶୁ କାନ୍ଦିବାକୁ ଆରମ୍ଭ କଲା । ପୁତ୍ରର ରୋଦନରେ ରାଜବଧୂଙ୍କର ଭକ୍ତି-ସମାଧି ଭଙ୍ଗ ହୋଇଗଲା । ରାଜପରିବାର ତଥା ରାଜ୍ୟର ବହୁ ବ୍ୟକ୍ତିଙ୍କ ସମ୍ମୁଖରେ ମୃତ ଶିଶୁ ଜୀବିତ ହେବାରୁ ରାଜପରିବାର ସହିତ ଦର୍ଶନାର୍ଥୀମାନେ ଭଗବାନଙ୍କ କୃପା-ଆନନ୍ଦରେ ଡୁବିଗଲେ । ସନ୍ଥମାନଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ ଉତ୍ପନ୍ନ ହେଲା । ରାଜପରିବାରର ସମସ୍ତେ ଭଗବାନଙ୍କ ଭକ୍ତ ହୋଇଗଲେ । ଘରେ ଭଗବାନଙ୍କ ପ୍ରତିମା ରଖି ପୂଜା କଲେ ଏବଂ ସନ୍ଥମାନଙ୍କୁ ସେବା କଲେ । ଗୋଟିଏ ଭକ୍ତିପରାୟଣା ପୁତ୍ରବଧୂର ଭଗବତ୍ ଭକ୍ତି ଓ ଭଗବତ୍ ବିଶ୍ୱାସ ଫଳରେ ସମସ୍ତ ରାଜପରିବାର ସହିତ ରାଜ୍ୟର ପ୍ରଜାମାନେ ଭଗବତ୍ ଭକ୍ତିରେ ପରିବର୍ତ୍ତିତ ହୋଇ ପାରିଥିଲେ । ଏହାହିଁ ଭଗବତ୍ ଭକ୍ତିର ମହିମା । ପାଠକମାନେ ଆନ୍ତରିକ ନିଷ୍ଠା ସହିତ ଭଗବାନଙ୍କୁ ଭକ୍ତି କଲେ ଭଗବାନଙ୍କ କୃପା ସବୁ ସମୟରେ ପାଇପାରିବେ । କିନ୍ତୁ ମାନସିକ ଧାରଣାରେ ରାଜକନ୍ୟାର ଆନ୍ତରିକ ନିଷ୍ଠାର ଅନୁକରଣ କରି ନିଜ ପୁତ୍ରକୁ ବିଷ ଦେବେ ନାହିଁ ।

ବୋଲ ଭଗବାନ୍ ଏବଂ ତାଙ୍କ ଭକ୍ତ ରାଜକନ୍ୟାର ଜୟ ।

କରମୈତୀ ବାଈ

''ନଶ୍ୱର ପତି-ରତି ତ୍ୟାଗୀ କୃଷ୍ଣପଦସୋଂ ରତି ଜୋରୀ ।
ସବୈ ଜଗତକୀ ଫାଁସ ତରକି ତିନୁକା ଜ୍ୟୋଂ ତୋରୀ ॥
ନିର୍ମଳ କୁଳ କାଁଥଡ଼ା ଧନ୍ୟ ପରସା ଜେହି ଜାଇ ।
କରି ବୃନ୍ଦାବନ-ବାସ ସଛ-ମୁଖ କରତ ବଡ଼ାଇ ॥
ସଂସାର ସ୍ୱାଦସୁଖ ତ୍ୟାଗ କରି ଫେରି ନହୀଂ ତିନ ତନ ଚହୀ ।
କଠିନ କାଲ କଳିଯୁଗମହଁ କରମୈତୀ ନି-କଲଁକ ରହୀ ।''

(ନାଭାଜି)

''କରମୈତୀ ନଶ୍ୱର ପତିପ୍ରୀତିକୁ ତ୍ୟାଗ କରି ଶ୍ରୀକୃଷ୍ଣଚରଣରେ ପ୍ରୀତି କଲେ । ଜଗତର ସମସ୍ତପ୍ରକାର ବନ୍ଧନ ସମ୍ବନ୍ଧେ ସତର୍କ ହୋଇ ତାହାକୁ ଘାସର ଫାଶ ପରି ଛିଣ୍ଡାଇ ପକାଇଲେ । କରମୈତୀ ବାଈଙ୍କ ତୁଲ୍ୟ ଭକ୍ତା କନ୍ୟାକୁ ଯେ ଜନ୍ମ ଦେଇଅଛନ୍ତି, ପବିତ୍ର କାଛଡ଼ା ବ୍ରାହ୍ମଣ କୁଳରେ ଜାତ ସେହି ପରଶୁରାମଜି ଧନ୍ୟ । ସଜ୍ଜନମାନେ ଯେଉଁ କରମୈତୀ ବାଈଙ୍କୁ ପ୍ରଶଂସା କରନ୍ତି ସେହି କରମୈତୀବାଈ ବୃନ୍ଦାବନରେ ନିବାସ କଲେ । ସେ ସଂସାର ସୁଖ-ସ୍ୱାଦକୁ ତ୍ୟାଗ କରି ପୁଣି କେବେ ବି ତା' ଆଡ଼କୁ ଦୃଷ୍ଟି ଦେଇ ନ ଥିଲେ । ଏହି କଠିନ କଳିକାଳରେ କରମୈତୀ ବାଈ ଅକଳଙ୍କ ରହିଥିଲେ ।''

ଯାହାଙ୍କ ମନ ଶ୍ରୀନନ୍ଦନନ୍ଦନ, ଶ୍ୟାମବଦନ ମନୋମୋହନଙ୍କ ମାଧୁରୀ ଓ ରୂପଲାବଣ୍ୟରେ ମୋହିତ ହୋଇଯାଏ ତାଙ୍କୁ ଜଗତର ସମସ୍ତ ରୂପ, ସମସ୍ତ ସୁଖ ନୀରସ ବୋଧହୁଏ । ଫେର୍ ସଂସାରର ଯେଉଁ ସୁଖ ସେହି ପ୍ରିୟତମଙ୍କଠାରୁ ବିମୁଖ କରେ ତାହା ବିଷବତ୍ ପ୍ରତୀତ ହୁଏ । ସଂସାରର ବିଷୟବସ୍ତୁ ଯଦି ଭଗବାନଙ୍କ ପ୍ରେମରେ ସହାୟକ ହୁଏ, ପ୍ରିୟତମ ଶ୍ୟାମସୁନ୍ଦରଙ୍କ ପୂଜାସାମଗ୍ରୀ ହୋଇପାରେ, ତେବେ ତ' କୌଣସି ଆପତ୍ତି ନାହିଁ । ସେସବୁ ରହିଲେ ସୁଖ ମିଳେ, କାରଣ ତାହାଦ୍ୱାରା ପ୍ରିୟତମଙ୍କ ପଦକମଳର ପୂଜା ପୂର୍ଣ୍ଣ ହୁଏ । କିନ୍ତୁ ଯେଉଁ ବିଷୟବସ୍ତୁ ପ୍ରିୟତମଙ୍କ ପ୍ରେମରେ ବାଧକ ତାହାକୁ ତ୍ୟାଗ କରିବା ଶ୍ରେୟସ୍କର । ସେଥିପାଇଁ ଭକ୍ତଗଣ ସମସ୍ତ ସଂସାରକୁ ଭଗବତ୍ ପୂଜାର ସାମଗ୍ରୀରୂପେ ଦେଖନ୍ତି ଅଥବା ବାଧକ ଜାଣି ସର୍ବଥା ତ୍ୟାଗ କରନ୍ତି । ବିଷୟାସକ୍ତି ତ୍ୟାଗ କରିବାକୁହିଁ ହୁଏ । କେଉଁଠି ଯଦି ସଂସାରରେ ବିଷୟବସ୍ତୁ ରହେ ତାହା ଭୋଗରୂପେ ରହେ ନାହିଁ, ଯେବେ ଭକ୍ତ ସ୍ୱୟଂ ନିଜକୁ ଭଗବାନଙ୍କ ଚରଣରେ ସମର୍ପଣ କରିଦିଏ, ତେବେ ତା'ର ଭୋଗ୍ୟ ବସ୍ତୁ ରହିବ କିପରି ? ସେ ନିଜେ ଯେତେବେଳେ ଭଗବାନଙ୍କର, ତାହାର ଥିବା ସମସ୍ତ ବସ୍ତୁ ମଧ୍ୟ ଭଗବାନଙ୍କର ହୋଇଯାଏ । ଯେଉଁ ବସ୍ତୁ ଭଗବାନଙ୍କର ହୋଇ ରହିବାକୁ ଚାହେଁ ନାହିଁ, ଅଥବା ପ୍ରିୟତମଙ୍କ ଚରଣରେ ଆତ୍ମସମର୍ପଣ କରିବାରେ ପ୍ରତିବନ୍ଧକ ହୁଏ, ତାହା ନିଶ୍ଚୟହିଁ ତ୍ୟାଜ୍ୟ । କରମୈତୀ ବାଈ ନିଜ ଆତ୍ମସମର୍ପଣରେ ପିତା ଓ ପତିଙ୍କୁ ବାଧକ ଦେଖି ଗୃହତ୍ୟାଗ କରି ବୃନ୍ଦାବନକୁ ଯାତ୍ରା କରିଥିଲେ ।

ଜୟପୁର ଅନ୍ତର୍ଗତ ଖଣ୍ଡେଳା ନାମକ ସ୍ଥାନରେ ସେଖାବତ୍ ନାମକ ଜନୈକ ସରଦାର ରାଜ୍ୟଶାସନ କରୁଥିଲେ । ପଣ୍ଡିତ ପରଶୁରାମଜି ଖଣ୍ଡେଳା ରାଜ୍ୟର କୁଳପୁରୋହିତ ଥିଲେ । କରମୈତୀ ଏହି ପରଶୁରାମଜିଙ୍କ କନ୍ୟା ଥିଲେ । ପୂର୍ବସଂସ୍କାରରୁ ପିଲାଦିନରୁ କରମୈତୀଙ୍କ ମନ ଶ୍ରୀକୃଷ୍ଣଚନ୍ଦ୍ରଙ୍କ ପ୍ରତି ଭକ୍ତିରେ ଲାଗିଗଲା । ସେ ନିରନ୍ତର ଶ୍ରୀକୃଷ୍ଣଙ୍କ ନାମ ଜପ କରନ୍ତି, ଏକାନ୍ତ ସ୍ଥାନରେ ତାଙ୍କୁ ଧ୍ୟାନ କରନ୍ତି ଆଉ କେବେ କେବେ ବ୍ୟାକୁଳ ହୋଇ ''ହା ନାଥ'', ''ହା ନାଥ'' କହି ତାଙ୍କୁ ଡାକନ୍ତି । ଧ୍ୟାନ ସମୟରେ ଏବଂ ଶ୍ରୀକୃଷ୍ଣଙ୍କ ଲୀଳା ଚିନ୍ତନରେ ତାଙ୍କ ନେତ୍ରରୁ ପ୍ରେମାଶ୍ରୁ ପ୍ରବାହିତ ହୁଏ, ଶରୀରରେ ପୁଲକ ଜାତ ହୁଏ । ପ୍ରେମାବେଶରେ ସେ କେବେ ହସନ୍ତି, କେବେ ରୋଦନ କରନ୍ତି, କେବେ ମଧୁର ସ୍ୱରରେ କୀର୍ତ୍ତନ କରନ୍ତି । ଛୋଟ ବାଳିକାର ଭଗବତ୍ ପ୍ରେମ ଦେଖି ଘରର ଲୋକ ଏବଂ ପଡ଼ୋଶୀମାନେ ବହୁତ ପ୍ରସନ୍ନ ହୁଅନ୍ତି । କେତେ

ବର୍ଷ ପରେ କରମୈତୀ ବିବାହଯୋଗ୍ୟା ହୋଇଗଲେ । ପିତାମାତା ତାଙ୍କ ପାଇଁ ଗୋଟିଏ ସୁଯୋଗ୍ୟ ବର ଖୋଜିବାକୁ ଲାଗିଲେ । କରମୈତୀ ବାଈଙ୍କୁ ବିବାହ ଚର୍ଚ୍ଚା ଆଦୌ ଭଲ ଲାଗେ ନାହିଁ । ସେ ଲଜ୍ଜାବଶତଃ ପିତାମାତାଙ୍କୁ କିଛି କହନ୍ତି ନାହିଁ, ଆଉ ବିଷୟଚର୍ଚ୍ଚା ତାଙ୍କୁ ବିଷ ପରି ଲାଗେ । ନିଜ ଇଚ୍ଛା ନ ଥିବା ସତ୍ତ୍ୱେ ପିତାଙ୍କ ଇଚ୍ଛାନୁସାରେ ତାଙ୍କର ବିବାହ ହୋଇଗଲା । ଏହା ଥିଲା ବାଲ୍ୟକୃତ୍ୟ । ସେ ବହୁ ପୂର୍ବରୁ ଅର୍ଥାତ୍ ବହୁ ଜନ୍ମରୁ ନିଜକୁ ଭଗବାନଙ୍କ ଚରଣରେ ଅର୍ପଣ କରିସାରିଥିଲେ । ଭଗବାନଙ୍କ ବସ୍ତୁ ଉପରେ ଅନ୍ୟର ଅଧିକାରକୁ ସେ କିପରି ସହ୍ୟ କରିପାରନ୍ତେ ? ସେ ଏହି ସଂସାରର ଊର୍ଦ୍ଧ୍ୱରେ ଦିବ୍ୟ ପ୍ରେମରାଜ୍ୟର ଅଧୀଶ୍ୱର, ନିତ୍ୟନବୀନ, ଚିରକୁମାର, ସକଳ ସୌନ୍ଦର୍ଯ୍ୟର ଆକର, ଶ୍ୟାମସୁନ୍ଦର ସଚ୍ଚିଦାନନ୍ଦଙ୍କୁ ବରଣ କରି ଦିନରାତି ତାଙ୍କରି ସ୍ମରଣରେ ମଗ୍ନ ରହୁଥିଲେ । କେତେଦିନ ଏହିପରି କଟିଯିବା ପରେ ତାଙ୍କର ଯୌବନାବସ୍ଥା ପ୍ରାପ୍ତ ହେଲା, ଶ୍ୱଶୁରଗୃହକୁ ନେଇଯିବା ପାଇଁ ଲୋକ ଆସିଲେ । ସେ ଜାଣିଥିଲେ ଯେ ତାଙ୍କ ପତିଗୃହର ବ୍ୟକ୍ତିମାନେ ଭଗବାନଙ୍କୁ ମାନନ୍ତି ନାହିଁ, ବୈଷ୍ଣବ ଏବଂ ସନ୍ଥଙ୍କ ବିରୋଧୀ । ଏପରି ଅବସ୍ଥାରେ ସେଠାରେ ତାଙ୍କ ପ୍ରାଣଠାରୁ ଅଧିକ ପ୍ରିୟ ଶ୍ୟାମସୁନ୍ଦରଙ୍କ ସେବା କରିବାରେ ନାନାପ୍ରକାର ବାଧା ପଡ଼ିବ ଏବଂ ମନପ୍ରାଣକୁ ବି ବିଷୟରେ ଲଗାଇବାକୁ ପଡ଼ିବ । ଏହା ସ୍ମରଣ କରିବାମାତ୍ରେ ତାଙ୍କ ହୃଦୟ ବ୍ୟାକୁଳ ହୋଇପଡ଼ିଲା । ଏହି ରାତିଟି ପାହିଲେ ତହିଁ ଆରଦିନ ପତିଗୃହକୁ ଯିବାକୁ ହେବ, ଏହି ଚିନ୍ତାରେ ଦିନଟା ଗୋଟାଏ ଦୁଃଖମୟ ଯୁଗ ପରି ବିତିଗଲା । କରମୈତୀ ଶୋଇବା ବାହାନାରେ ଶୀଘ୍ର ଘର ଭିତରକୁ ଯାଇ ଦ୍ୱାର ବନ୍ଦ କରିଦେଲେ ।

ଜୀବନର ଯଥାର୍ଥ ନିତ୍ୟ ସମ୍ବନ୍ଧ ଏକମାତ୍ର ଭଗବାନଙ୍କ ସହିତ । ସାଂସାରିକ ସମ୍ବନ୍ଧ ସର୍ବଦାହିଁ ଅସ୍ଥାୟୀ; ମାୟା, ସ୍ୱାର୍ଥରେ ପରିପୂର୍ଣ୍ଣ– ବିକୃତ ସୁଖ ସହିତ ମିଶ୍ରିତ ଘୋର ଦୁଃଖ । ଯେଉଁ ବ୍ୟକ୍ତି ସେହି ଭଗବତ୍ ପରମାନନ୍ଦକୁ ଲେଶମାତ୍ର ଆସ୍ୱାଦନ କରିଛି ସେ କିପରି ଏହି ବିଷୟ ଭୋଗ କରିବ ? କରମୈତୀଙ୍କ ହୃଦୟ କମ୍ପିଗଲା । ସେ ହତାଶ ହୋଇ ବ୍ୟାକୁଳ ଭାବେ ଆର୍ତ୍ତସ୍ୱରରେ ଡାକିଲେ, ''ହେ ନାଥ, ହେ ପ୍ରାଣ ନାଥ, କ'ଣ ତୁ ଏ ଦାସୀ ପାଇଁ କୌଣସି ଉପାୟ କରିପାରିବୁ ନାହିଁ; ଏ ଦାସୀ ଆଜି ସଂସାର ମୋହମାୟା ଜାଲରେ ପଡ଼ି କ'ଣ ତୋ ଚରଣରୁ ବିମୁଖ ହେବ ? ନାହିଁ, ନାହିଁ, ତୁ ଦୟାମୟ, ଦୀନଜନଙ୍କ ବନ୍ଧୁ ! ଦ୍ରୌପଦୀଙ୍କୁ ବିବସ୍ତ୍ର କରିବା ସମୟରେ ତୁ ନିଜେହିଁ ବସ୍ତ୍ର ରୂପ ଧାରଣ କରି ଦ୍ରୌପଦୀଙ୍କର ଲଜ୍ଜା ନିବାରଣ କରିଥିଲୁ । ହେ ପ୍ରଭୁ, ତୁ ତ୍ରିଭୁବନର ନାଥ ହୋଇ ମଧ୍ୟ ତୋ ଶରଣାଗତ ଜନର ଚାକର ହୋଇ ତା' ସେବା କରିବାରେ ତୋତେ ଆନନ୍ଦ ମିଳେ ।'' ଏହିପରି ପ୍ରାର୍ଥନା କରୁ କରୁ କରମୈତୀଙ୍କ ଗଳା ରୁଦ୍ଧ ହୋଇଗଲା; ନେତ୍ରରୁ ଅଶ୍ରୁଧାର ପ୍ରବାହିତ ହେବାକୁ ଲାଗିଲା । ଏହି ଅବସ୍ଥାରେ ସେ ସମାଧିସ୍ଥ ହୋଇଗଲେ । ତାଙ୍କ ହୃଦୟକନ୍ଦରରୁ କେହି ଡାକି କହିଲେ, ''କରମୈତି, ତୁ ଚିନ୍ତା କରୁଛୁ କାହିଁକି ? ମୋତେ ଯେ ନିଜକୁ ଦେଇଦିଏ ମୁଁ ମଧ୍ୟ ନିଜକୁ ତା' ହାତରେ ବିକିଦିଏ, ତା' ସଙ୍ଗେ ସଙ୍ଗେ ରହି ତାକୁ ରକ୍ଷାକରେ । ତୁ ଏକା ନାହୁଁ, ତୋ ସଙ୍ଗରେ ମୁଁ ସର୍ବଦା ରହିଛି । ତୁ ମୋ ବ୍ରଜଧାମକୁ ଯା ।'' ଏହି ଶବ୍ଦ ଶୁଣିବା ମାତ୍ରକେ କରମୈତୀଙ୍କ ସମାଧି ଭଗ୍ନ ହେଲା । ସେ ଆନନ୍ଦରେ ବିହ୍ୱଳା ହୋଇଗଲେ । ଭାବିଲେ, ''ହା ଦୟାମୟ ପ୍ରଭୁଙ୍କର ଏ ଦୀନାହୀନା ବାଳିକା ପ୍ରତି ଏତେ କୃପା ! ହେ ପ୍ରଭୁ, ଦୟାକର, ଚିରଦନ ପାଇଁ ଏ ଦାସୀକୁ ତୋ ଚରଣସେବାରେ ସ୍ୱୀକାର କର ।'' ଏହା ଭାବି ତତ୍କ୍ଷଣାତ୍ ଘୋର ନିଶା ରାତ୍ରିରେ ଘରୁ ବାହାରି ଚାଲିଗଲେ ।

ଏଣେ ପିତା ପରଶୁରାମଜି କନ୍ୟାର ବିଦାୟ ସକାଶେ ସାରାଦିନ କାମ କରି ହାଲିଆ ହୋଇପଡ଼ିଥିଲେ । ସେ ବିଛଣା ଧରିବା ମାତ୍ରକେ ନିଦ୍ରାଦେବୀଙ୍କ କୋଳରେ ନିଜକୁ ପୂର୍ଣ୍ଣରୂପେ ଅର୍ପଣ କରିଦେଲେ । ଏହି ଜନ୍ମରେ ବ୍ୟକ୍ତି ଯେପରି ପୂର୍ବଜନ୍ମର କଥା ଭୁଲିଯାଏ, ପରଶୁରାମଜି ସେହିପରି ଗଭୀର ନିଦ୍ରାଭିଭୂତ ହୋଇ ଜାଗ୍ରତ୍ ଅବସ୍ଥାର କର୍ମ ସଂପୂର୍ଣ୍ଣରୂପେ ଭୁଲିଗଲେ ।

ସକାଳ ହେଲା । ସୂର୍ଯ୍ୟ ଉଦୟ ହୋଇଗଲେ, କିନ୍ତୁ ଆଜି ପରଶୁରାମଜି ବିଛଣାରୁ ଉଠି ନାହାନ୍ତି । ସାଧାରଣତଃ ସେ ସୂର୍ଯ୍ୟୋଦୟ ପୂର୍ବରୁ ଉଠି ସ୍ନାନାଦି କର୍ମ ସମାପନ କରି ପୂଜାପାଠ କରନ୍ତି । ତାଙ୍କ ସ୍ତ୍ରୀ ତାଙ୍କୁ ଉଠେଇ ଦେଲେ । ତା'ପରେ କରମୈତୀଙ୍କୁ ସ୍ନାନ କରିବା ସକାଶେ କହିବାକୁ ତାଙ୍କ ଶୋଇବା ଘରକୁ ଗଲେ । ଦେଖିଲେ ସେ ଘରେ ନାହାନ୍ତି । ଏଆଡ଼େ ସେଆଡ଼େ, ଘରେ, ବାଡ଼ିଦାଣ୍ଡରେ ଖୋଜି ନ ପାଇ ତ୍ରସ୍ତବ୍ୟସ୍ତ ହୋଇ ଉଦ୍‌ବେଗ ସ୍ୱରରେ ପତିଙ୍କୁ କହିଲେ,

''କରମୈତୀକୁ ମୁଁ ଖୋଜି ଖୋଜି ପାଉ ନାହିଁ ।'' ଏକଥା ଶୁଣି ପରଶୁରାମଜି ଚମକିପଡ଼ି ଧଡ଼ପଡ଼ ହୋଇ ଉଠି ଚତୁର୍ଦିଗରେ ଖୋଜିବାକୁ ଲାଗିଲେ । ଶେଷରେ ନ ପାଇ ବ୍ୟତିବ୍ୟସ୍ତ ହୋଇପଡ଼ିଲେ । ସଂସାରରୀତି ଅନୁସାରେ ଝିଅ ଘରୁ ପଳାଇଗଲେ ନାନା ଲୋକେ ନାନାପ୍ରକାର ଆଲୋଚନା କରନ୍ତି । ତା'ଛଡ଼ା ଝିଅ ସ୍ୱାମିଗୃହକୁ ଯିବା ପୂର୍ବରୁ ରାତ୍ରିରେ ପଳାଇଯିବା ଅତିଶୟ ନିନ୍ଦାଜନକ ଘଟଣା । କିନ୍ତୁ ପରଶୁରାମଜି ତାଙ୍କ କନ୍ୟାର ଚରିତ୍ର ସମ୍ବନ୍ଧେ ନିଶ୍ଚିତ ଥିଲେ । ସେ ଜାଣିଥିଲେ ତାଙ୍କ କନ୍ୟାର ମନ ବିଷୟରେ ଆସକ୍ତ ନ ଥିଲା, ସେଥିପାଇଁ ତାଙ୍କ ମନରେ କୌଣସି ସନ୍ଦେହ ସ୍ଥାନ ପାଇଲା ନାହିଁ । କିନ୍ତୁ ଲୋକେ ତ ଏହା ବୁଝିବେ ନାହିଁ । ସେମାନେ ନାନାପ୍ରକାର ସନ୍ଦେହ କରିବେ ଏବଂ ତାଙ୍କ ସତୀ କନ୍ୟା ଉପରେ ବୃଥା କଳଙ୍କ ଲଗାଇବେ । ଏହା ବଡ଼ ଅସହ୍ୟ ଓ ଲଜ୍ଜାର ବିଷୟ । ଏହି କଥାରେ ପରଶୁରାମଜି ବିଶେଷ ଚିନ୍ତିତ ହୋଇ ନିଜ ଯଜମାନ ରାଜାଙ୍କ ପାଖକୁ ଯାଇ ସମସ୍ତ ଘଟଣା କହିଲେ । ରାଜା ପୁରୋହିତଙ୍କ ପ୍ରତି ବହୁତ ସହାନୁଭୂତି ଦେଖାଇ ତତ୍‌କ୍ଷଣାତ୍ କେତେକ ଘୋଡ଼ାସବାର ସୈନ୍ୟଙ୍କୁ କରମୈତୀଙ୍କୁ ଖୋଜିବା ସକାଶେ ଚାରିଆଡ଼େ ପଠାଇ ଦେଲେ । ଯେଉଁ ରାସ୍ତାରେ କରମୈତୀ ଯାଉଥିଲେ ସେହି ରାସ୍ତାରେ ଘୋଡ଼ାସବାର ଅନୁସରଣ କଲେ । ଦୂରରୁ ଘୋଡ଼ାଙ୍କ ଟାପୁ ଶୁଣି ସେ ମନେକଲେ, ''ସମ୍ଭବତଃ ମୋତେ ଖୋଜିବା ନିମିତ୍ତ ସୈନିକ ଆସୁଛନ୍ତି ।'' କିନ୍ତୁ ସେ ଲୁଚିବେ କେଉଁଠି ? ସେଠାରେ ପାହାଡ଼, ଗୁମ୍ଫା, ବଣ ବା ଜଙ୍ଗଲ କିଛି ନ ଥିଲା, ଥିଲା କେବଳ ଖୋଲା ନିର୍ଜନ ଅପନ୍ତରା ଭୂମି । ସେ ଭୟରେ ଅସ୍ତବ୍ୟସ୍ତ ହୋଇ ଭଗବାନଙ୍କୁ ସ୍ମରଣ କରି ଚାରିଆଡ଼କୁ ଦୃଷ୍ଟିପାତ କଲେ । ଦେଖିଲେ ଗୋଟିଏ ମୃତ ଓଟର କଙ୍କାଳ ପଡ଼ିଛି, ତା' ପେଟର ମାଂସ ଜୀବଜନ୍ତୁ ଖାଇଯାଇଥିବାରୁ ସେହି ପେଟ ଗୋଟାଏ କନ୍ଦରା ପରି ହୋଇଛି । ଲୁଚିବାର ସେହି ସ୍ଥାନଟି ଦେଖି ଝଟ୍ କରି ଯାଇ ସେହି ଶଢ଼ା ଦୁର୍ଗନ୍ଧମୟ କଙ୍କାଳ ମଧ୍ୟରେ ଲୁଚିଗଲେ । ସୈନିକମାନେ ସେହି ରାସ୍ତା ଦେଇ ଆଗକୁ ବହୁଦୂରକୁ ଗଲେ ଏବଂ ଶେଷରେ ତାଙ୍କୁ ନ ପାଇ ନିରାଶ ହୋଇ ସେହି ରାସ୍ତାରେ ଫେରିଲେ । କିନ୍ତୁ ଥରେହେଲେ ଯାଇ ସେହି ଓଟ କଙ୍କାଳକୁ ଦେଖିଲେ ନାହିଁ । ଦେଖିବେ କିପରି ? ତାହା କ'ଣ ମନୁଷ୍ୟ ଲୁଚିବାର ସ୍ଥାନ ? ସେଠାରେ ଏପରି ଦୁର୍ଗନ୍ଧ ହେଉଥିଲା ଯେ କୌଣସିମତେ ଲୁଗାରେ ନାକ ବନ୍ଦ କରି ପଳାଇବାକୁ ହେଲା । ସେ ଆଡ଼କୁ ଦୃଷ୍ଟି ସ୍ୱାଭାବିକରୂପେ ଗଲା ନାହିଁ । ''ଆହା, ଯେଉଁ ଦାମ୍ପତ୍ୟ ପ୍ରେମ ସାଧାରଣ ମନୁଷ୍ୟଜୀବନରେ ସର୍ବାପେକ୍ଷା ଶ୍ରେଷ୍ଠ, ଯାହା ପାଇଁ ମନୁଷ୍ୟ ନିଜର ଧର୍ମ, କର୍ମ, ନିଜ ଆତ୍ମା ଓ ସବୁକିଛିକୁ ଜଳାଞ୍ଜଳି ଦିଏ, ସେହି ପ୍ରେମ ଆଜି ତୁମ ସମ୍ମୁଖରେ ରହିଛି, କିନ୍ତୁ ତୁମେ ଯେଉଁ ଅଲୌକିକ ଦିବ୍ୟ ପ୍ରେମ ପ୍ରାପ୍ତ ହୋଇଛ, ତାହା ତୁଳନାରେ ମାନୁଷୀ ପ୍ରେମ ତୁମ ଦୃଷ୍ଟିରେ ଓଟର ଶଢ଼ା କଙ୍କାଳଠାରୁ ବି ଅଧିକ ଦୁର୍ଗନ୍ଧମୟ ବୋଲି ପ୍ରତୀତ ହେଉଛି !''

ନାଭାଜିଙ୍କ ''ଭକ୍ତମାଳ'' ଗ୍ରନ୍ଥର ଟୀକାକାର ପ୍ରିୟାଦାସଜି ବର୍ଣ୍ଣନା କରିଛନ୍ତି –

''ଆଧି ନିସି ନିକସୀ ୟୋଂ ବସୀ ହିୟେ ମୂରତି ସୋ,
ପୂରନ ସନେହ ତନୁ-ସୁଧି ବିସରାଇ ହୈ ।
ଭୋର ଭୟେ ଶୋର ପରେ୍ୟା ପିତା-ମାତ ସୋଚ କରେ୍ୟା,
କରିବୈ ୟତନ ଠୌର-ଠୌର ଢୁଁଢ଼ବାଇ ହୈ ॥
ଚାରୋଂ ଓର ଦୌରେ ନର ଆୟେ ଢିଗ ଟରୀ ଜାନି,
ଉଁଟକେ କରଁକ ମଧ୍ୟ-ଦେହ ଜା ଦୁରାଇ ହୈ ।
ଜଗ-ଦୁରଗନ୍ଧ କୋଉ ଐସୀ ବୁରୀ ଲାଗୀ ଜାମେଂ,
ବହୁ ଦୁରଗନ୍ଧ ସୋଂ ସୁଗନ୍ଧ ଲୋଂ ସରାହୀ ହୈ ॥''

ଅର୍ଥାତ୍, ''କରମୈତୀ ଅର୍ଦ୍ଧରାତ୍ରିରେ ଘରୁ ବାହାରିପଡ଼ିଲେ, ତାଙ୍କ ହୃଦୟରେ ଇଷ୍ଟଦେବ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ବିରାଜମାନ କରୁଥିଲେ । ଭଗବାନଙ୍କଠାରେ ତାଙ୍କର ପୂର୍ଣ୍ଣ ପ୍ରେମ ହେବାରୁ ସେ ଶରୀରଜ୍ଞାନ ଭୁଲି ଯାଇଥିଲେ ।

''ଭୋର ହେଲା । କରମୈତୀ ଚାଲିଯିବାର ଖବର ଚାରିଆଡ଼େ ବ୍ୟାପିଗଲା । ପିତାମାତା ବହୁତ ଦୁଃଖରେ ପଡ଼ିଲେ ଏବଂ ରାଜାଙ୍କ ସୈନ୍ୟ ପଠାଇ ସ୍ଥାନେ ସ୍ଥାନେ ଖୋଜାଇଲେ । ଚାରିଆଡ଼େ ସୈନ୍ୟ ଦୌଡ଼ିଛନ୍ତି ମାତ୍ର କରମୈତୀ ଓଟ କଙ୍କାଳ ମଧ୍ୟରେ ଲୁଚି ରହିବାରୁ ତାଙ୍କୁ କେହି ପାଇଲେ ନାହିଁ । ସଂସାର ବିଷୟ ତାଙ୍କୁ ଏପରି ଦୁର୍ଗନ୍ଧ ଲାଗିଥିଲା ଯେ ସେ ଶଢ଼ା ଓଟର ବିକଟ ଦୁର୍ଗନ୍ଧକୁ ସୁଗନ୍ଧ ମନେକଲେ !''

ବୋଧହୁଏ ଏହି ସୁଯୋଗ କରମୈତୀଙ୍କ ସକାଶେ ଭଗବାନଙ୍କ ବିଧାନ ଥିଲା । ସେ ଆନନ୍ଦମଗ୍ନ ହୋଇ ଘୋର ନିଶାରାତ୍ରିରେ ଏକା— ନା ନା, ସେ ଏକା ନ ଥିଲେ, ତାଙ୍କ ସଙ୍ଗେ ଅଦୃଶ୍ୟରୂପେ ଥିଲେ ସମସ୍ତ ଜଗତର ପ୍ରଭୁ ଶ୍ରୀକୃଷ୍ଣ— ଘରୁ ବାହାରି ବ୍ରଜପୁରୀକୁ ଯାତ୍ରା କଲେ । ମନୁଷ୍ୟ ଯେବେ ମନ-ପ୍ରାଣ-ଚେତନାରେ ପରିଚାଳିତ ହୁଏ, ତେବେ ପଦେ ପଦେ ଭୟ କରେ, କିନ୍ତୁ ସେ ଯଦି ଭୟହାରୀ ପ୍ରଭୁଙ୍କ ଦ୍ୱାରା ପରିଚାଳିତ ହୁଏ, ତେବେ ସେ ଭୟ କରିବ କାହାକୁ ? ପ୍ରଭୁ ତ ସର୍ବତ୍ର ବିଦ୍ୟମାନ । କରମୈତୀ ଅଳ୍ପବୟସର ବାଳିକା, ଘୋର ନିଶାରାତ୍ରିରେ ଦୌଡୁଛନ୍ତି । ରାତି ଶେଷପର୍ଯ୍ୟନ୍ତ ସେ କେତେଦୂର ଯାଇଛନ୍ତି, କେଉଁ ରାସ୍ତାରେ କେଉଁ ଆଡ଼େ ଯାଇଛନ୍ତି ସେ ନିଜେ ଜାଣନ୍ତି ନାହିଁ, ଜାଣିବ ବା କିଏ ? ସମସ୍ତ ଚେତନା ତାଙ୍କର କୃଷ୍ଣମୟ ହୋଇଯାଇଛି ।

କରମୈତୀ ଆଜି ଭଗବତ୍ ଭକ୍ତିରେ ପାଗଳିନୀ । ଭଗବାନ୍ ବି ତାଙ୍କ ହୃଦୟରେ ସ୍ପଷ୍ଟରୂପେ ବିଦ୍ୟମାନ । ସେ ସେହି ପ୍ରେମାବେଶରେ ତିନିରାତି ତିନିଦିନ ଓଟ କଙ୍କାଳ ଭିତରେ ପଡ଼ିରହିଲେ । ଯେଉଁ ଭଗବାନଙ୍କ କୃପାରୁ ଅଗ୍ନି ଶୀତଳ, ବିଷ ଅମୃତ ହୋଇଯାଏ, ତାଙ୍କ କୃପାରୁ ଦୁର୍ଗନ୍ଧ ସୁଗନ୍ଧରେ ପରିଣତ ହେବା ଆଶ୍ଚର୍ଯ୍ୟ କ'ଣ ? ଚତୁର୍ଥ ଦିନ ସକାଳୁ ସେଠାରୁ ବାହାରି ସେ କିଛି ଦୂର ଆଗେଇଯିବା ପରେ କେତେଜଣ ଭକ୍ତ ସାଥୀ ମିଳିଗଲେ । ସେମାନଙ୍କ ସଙ୍ଗେ ହରିଦ୍ୱାରରେ ପହଞ୍ଚି ସେ ଗଙ୍ଗାରେ ସ୍ନାନ କଲେ । ଦର୍ଶନ ଶେଷ କରି ପ୍ରିୟତମ ଶ୍ରୀକୃଷ୍ଣଙ୍କ ଲୀଳାଭୂମି ବୃନ୍ଦାବନ ଯାତ୍ରା କଲେ । ସେଠାରେ ପହଞ୍ଚିବାମାତ୍ରେ ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ସମୟରେ ବୃନ୍ଦାବନ କେବଳ ବୀତରାଗ ବୈଷ୍ଣବ ସାଧୁମାନଙ୍କର କେନ୍ଦ୍ର ଥିଲା । ଭାରତବର୍ଷର ପ୍ରତ୍ୟେକ ପ୍ରାନ୍ତରୁ ମହାମନା ଭକ୍ତମାନେ ଆସି ସେଠାରେ ଏକତ୍ର ହେଉଥିଲେ । ସେହି ଦିବ୍ୟ ଲୀଳାଭୂମିରେ ଦିବ୍ୟ ପ୍ରେମ ପ୍ରବାହିତ ହେଉଥିଲା । କରମୈତୀ ସେହି ପ୍ରେମପ୍ରବାହରେ ନିଜକୁ ନିମଜ୍ଜିତ କଲେ ।

ବୃନ୍ଦାବନରେ ଜଙ୍ଗଲସ୍ଥ ବ୍ରହ୍ମକୁଣ୍ଡ ଉପରେ ସେ ରହିଗଲେ । ସେ ପ୍ରଭୁଙ୍କ ପ୍ରେମରେ ମଗ୍ନ ହୋଇ ନିଜ ଶରୀରକୁ ଭୁଲିଗଲେ । ରାଜାଙ୍କ ଘୋଡ଼ାସବାର ସୈନ୍ୟ କରମୈତୀଙ୍କୁ ନ ପାଇ ଫେରି ଆସିବାରୁ ପରଶୁରାମଜିଙ୍କ ମନରେ ବଡ଼ ଦୁଃଖ ହେଲା । ସେ କନ୍ୟାକୁ ଖୋଜିବା ଉଦ୍ଦେଶ୍ୟରେ ଘରୁ ବାହାରି ପଡ଼ିଲେ । କରମୈତୀ ବୃନ୍ଦାବନ ଯାଇଥିବ, ଏହା ଅନୁମାନ କରି ସେଠାରେ ପହଞ୍ଚିଲେ । ସେହି ଜଙ୍ଗଲରେ ସେ କନ୍ୟାକୁ ପାଇବେ କିପରି ? କରମୈତୀ ଜଗତ୍ ସମ୍ମୁଖରେ କୌଣସି ପ୍ରସିଦ୍ଧା ଭକ୍ତା ନ ଥିଲେ । ସେ ତ କେବଳ ତାଙ୍କ ପ୍ରିୟତମଙ୍କ ପ୍ରେମରେ ବିଭୋର ହୋଇ ଜଙ୍ଗଲରେ ଗୋଟିଏ ଏକାନ୍ତ ସ୍ଥାନରେ ରହୁଥିଲେ । ଦିନେ ପରଶୁରାମଜି ଗୋଟିଏ ଗଛ ଉପରେ ଚଢ଼ି ଦେଖିଲେ ଯେ ବ୍ରହ୍ମକୁଣ୍ଡ ଉପରେ ଗୋଟିଏ ବୈରାଗିଣୀ ବସିଅଛନ୍ତି । ସେ ତତ୍‌କ୍ଷଣାତ୍ ଗଛରୁ ଓହ୍ଲାଇ ସେଠାକୁ ଦୌଡ଼ିଗଲେ । ଦେଖିଲେ କରମୈତୀ ସାଧୁବେଶରେ ଧ୍ୟାନମଗ୍ନ ହୋଇ ବସିଅଛନ୍ତି । ତାଙ୍କ ମୁଖମଣ୍ଡଳରେ ଭଜନର ନିର୍ମଳ ଶୀତଳ ତେଜଃ ପ୍ରକାଶିତ; ଆଖିରୁ ଅନବରତ ପ୍ରେମଜଳଧାରା ପ୍ରବାହିତ । କନ୍ୟାର ପ୍ରେମ-ଭକ୍ତି ଦେଖି ପରଶୁରାମଜି ହର୍ଷ ଆଉ ଶୋକରେ ବୁଡ଼ିଗଲେ । ବାତ୍ସଲ୍ୟସ୍ନେହ ଯୋଗୁଁ କନ୍ୟାର ବାହ୍ୟ ବେଶ ଆଉ କଠୋର ତ୍ୟାଗ ତାଙ୍କ ହୃଦୟକୁ ଯେପରି ବ୍ୟଥିତ କଲା, ସେହିପରି ଅନ୍ୟ ଦିଗରେ ତା'ର ଭଗବତ୍ ପ୍ରେମ ତାଙ୍କୁ ଆନନ୍ଦପ୍ରବାହରେ ଭସାଇଦେଲା । ସେ ଏପରି ଭକ୍ତିମତୀ ଦେବୀର ପିତା ହୋଇଥିବାରୁ ନିଜକୁ ସୌଭାଗ୍ୟବାନ୍ ମନେକଲେ ।

ପରଶୁରାମଜି ନିଜ କନ୍ୟା ପାଖରେ ବସିବାର କେତେ ଘଣ୍ଟା ବିତିଗଲା, କିନ୍ତୁ କରମୈତୀ ଜାଗ୍ରତ୍ ହେଲେ ନାହିଁ । ଶେଷରେ ପରଶୁରାମଜି ତାଙ୍କୁ ହଲେଇ ସଚେତନ କଲେ, ଆଉ ବହୁତ ସ୍ନେହ ଅନୁନୟ ବିନୟ ସହିତ ଘରକୁ ଫେରିଯାଇ ଭଜନ କରିବା ସକାଶେ କହିଲେ । କରମୈତୀ କହିଲେ, ''ଏଠାକୁ ଆସି କିଏ ଫେରି ଯାଇଛି ? ଫେର୍ ମୁଁ ତ ସେହି ପ୍ରେମମୟଙ୍କ ପ୍ରେମସାଗରରେ ନିଜକୁ ବିସର୍ଜନ କରିଦେଇଛି । ଶରୀରରେ ଜୀବନ ଥିବା ସତ୍ତ୍ୱେ ମୃତ୍ୟୁକୁ ପ୍ରାପ୍ତ ହୋଇଛି !

ଏହି ମୃତପିଣ୍ଡ ଏଠାରୁ ଯିବ କିପରି ? ଆପଣ ଘରକୁ ଯାଇ ମୋ ମା' ସହିତ ଭଗବାନଙ୍କୁ ଭଜନ କରନ୍ତୁ, ଭଗବାନଙ୍କ ଭଜନ ସମାନ ସୁଖ ଆଉ ତିନିଲୋକରେ କେଉଁଠି ନାହିଁ ! ଭଗବାନଙ୍କ ଗୁଣଗାନ କରୁ କରୁ କରମୈତୀ ପ୍ରେମାବେଶରେ ମୂର୍ଚ୍ଛିତା ହୋଇଗଲେ । କନ୍ୟାର ଏପରି ପ୍ରେମାବସ୍ଥା ଦେଖି ଓ ତାଙ୍କର ଭକ୍ତିଯୁକ୍ତ ପ୍ରଭାବପୂର୍ଣ୍ଣ ବାଣୀ ଶୁଣି ନିଜ ସଂସାରୀ ଜୀବନକୁ ପରଶୁରାମଜି ବାରଂବାର ଧିକ୍‌କାର କଲେ । କରମୈତୀଙ୍କୁ ମୂର୍ଚ୍ଛାରୁ ଜାଗ୍ରତ୍ କରାଇ ଶ୍ରୀକୃଷ୍ଣଙ୍କ ଭଜନ କରିବାକୁ ପ୍ରତିଜ୍ଞା କଲେ ଏବଂ କନ୍ୟାର ବିଚ୍ଛେଦରେ ବ୍ୟଥିତ ହୃଦୟରେ ଘରକୁ ଫେରିଲେ । ଘରେ ପହଞ୍ଚି ପରଶୁରାମଜି ସ୍ତ୍ରୀଙ୍କ ପାଖରେ କନ୍ୟାର ସମସ୍ତ ଖବର ବର୍ଣ୍ଣନା କଲେ ଏବଂ କହିଲେ, ''ତୁ ଧନ୍ୟା, ତୋ ମାତାପିତା ଧନ୍ୟ ! ଏପରି ଭକ୍ତିମତୀ ପୁତ୍ରୀ ତୋ ଗର୍ଭରୁ ଉତ୍ପନ୍ନ ହେଲା ! ଆଜି ଆମ କୁଳ ପବିତ୍ର ଓ ଧନ୍ୟ ।''

ରାଜା ନିଜ ପୁରୋହିତ ପରଶୁରାମଜିଙ୍କଠାରୁ କରମୈତୀଙ୍କ ସମାଚାର ପାଇ ତାଙ୍କୁ ଦର୍ଶନ କରିବାକୁ ବୃନ୍ଦାବନ ଯାତ୍ରା କଲେ । ରାଜାଙ୍କ ମସ୍ତକ ଭକ୍ତିଭରେ ସ୍ୱତଃ ତାଙ୍କ ଚରଣରେ ନଇଁଗଲା । ରାଜା ଗୋଟିଏ ଛୋଟ କୁଟୀର ତାଙ୍କ ସକାଶେ ତିଆରି କରିବାକୁ ବହୁତ ପ୍ରାର୍ଥନା କଲେ । କିନ୍ତୁ କରମୈତୀ ମନା କରୁଥିଲେ, ଶେଷରେ ରାଜାଙ୍କୁ ବହୁତ ନିରାଶ ହେବା ଦେଖି ତାଙ୍କ ଆଗ୍ରହରେ ବାଧା ଦେଲେ ନାହିଁ । ରାଜା ତାଙ୍କ ପାଇଁ ଗୋଟିଏ ଛୋଟ କୁଟୀର ତିଆରି କରିଦେଲେ । ଶୁଣାଯାଏ କରମୈତୀଙ୍କ କୁଟୀରର ଧ୍ୱଂସାବଶେଷ ଆଜିପର୍ଯ୍ୟନ୍ତ ବି ଅଛି ।

କରମୈତୀ ବାଈ ବହୁତ ତ୍ୟାଗପୂତ ବୃତ୍ତିରେ ରହୁଥିଲେ । ତାଙ୍କ ମନ ପ୍ରତିକ୍ଷଣ ଶ୍ରୀକୃଷ୍ଣଙ୍କ ରୂପ ଦର୍ଶନ କରି ଉନ୍ମତ୍ତ ହେଉଥିଲା । ତାଙ୍କ ଚକ୍ଷୁରୁ ନିରନ୍ତର ପ୍ରେମାଶ୍ରୁ ବର୍ଷା ହୋଇ ହୃଦୟକୁ ପ୍ଲାବିତ କରୁଥିଲା । ସେହି ପରମ ତପସ୍ୱିନୀ ଦେବୀ ତପୋମୟ ଜୀବନ ଯାପନ କରି ନଶ୍ୱର ଦେହ ତ୍ୟାଗ କରି ଶେଷରେ ଗୋଲୋକକୁ ଯାତ୍ରା କଲେ ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

ବିଚିତ୍ର ବିଭୂତି

ପ୍ରକାଶକଙ୍କ ଟିପ୍‌ପଣୀ

ପରମ ସତ୍ୟ ବା ପରମେଶ୍ୱରଙ୍କ ସମ୍ବନ୍ଧେ ସଚେତନ ହେବା ଦିନଠାରୁ ମନୁଷ୍ୟ ତାଙ୍କ ସହ ଜ୍ଞାନ, ଭକ୍ତି ଓ କର୍ମ ମାଧ୍ୟମରେ ସଂପର୍କ ରକ୍ଷା କରିବାରେ ଯେତେ ବେଶୀ ନିଷ୍ଠାପର ହୋଇପାରିଛି ସେତିକି ପରିମାଣରେ ପୃଥିବୀପୃଷ୍ଠରେ ଜୀବନ ଓ ସମାଜରେ ଶାନ୍ତି, ସ୍ଥିରତା ଓ ଆନନ୍ଦର ଉପଲବ୍ଧି କରିବା ତାହା ପକ୍ଷରେ ସମ୍ଭବପର ହୋଇ ପାରିଛି । ମନୁଷ୍ୟ ଯେପରି ଚେତନାରେ ବାସ କରେ ତାହାର କର୍ମ ଠିକ୍ ସେହିପରି ହୋଇଉଠେ ଏବଂ କର୍ମର ପରିଣାମସ୍ୱରୂପ ଜୀବନରେ ସୁଖ-ଦୁଃଖ, ଶାନ୍ତି-ଅଶାନ୍ତି ବା ଆନନ୍ଦ-ନିରାନନ୍ଦର ଅଧିକାରୀ ହୋଇଥାଏ । କର୍ମ ବ୍ୟତୀତ ମନୁଷ୍ୟ ସ୍ଥିର ହୋଇ ରହିବା ପ୍ରାୟ ଅସମ୍ଭବ । କର୍ମକୁ ଯେଉଁ ମୁଖ୍ୟ ଦୁଇଟି ଭଗବତ୍ ବିଭାବ ପରିଚାଳିତ କରେ ତାହା ହେଉଛି ଜ୍ଞାନ ଓ ପ୍ରେମ ବା ଭକ୍ତି । ବ୍ୟକ୍ତିର ସ୍ୱଭାବ ଓ ସଂସ୍କାର ଅନୁସାରେ ପ୍ରଥମେ ସାଧକ ଜ୍ଞାନ-ମାର୍ଗରେ ବା ଭକ୍ତିମାର୍ଗରେ ଗତି କରି ଭଗବତ୍ ଉପଲବ୍ଧି କରେ । କିନ୍ତୁ ପରିଶେଷରେ ପୂର୍ଣ୍ଣ ଭଗବତ୍ ଉପଲବ୍ଧି ଦ୍ୱାରା ଜ୍ଞାନ, ପ୍ରେମ ଓ କର୍ମକ୍ଷେତ୍ରରେ ପୂର୍ଣ୍ଣତା ଲାଭ କରିବା ସମ୍ଭବ ହୋଇପାରେ ।

ଶ୍ରୀଅରବିନ୍ଦ ଆଶ୍ରମର ବିଶିଷ୍ଟ ସାଧକ ଶ୍ରୀ ରାମକୃଷ୍ଣ ଦାସ ଏହି ପୁସ୍ତକରେ ଭଗବତ୍ ପ୍ରେମ ବା ଭକ୍ତିମାର୍ଗ ଅନୁସରଣ କରି ଜୀବନରେ ବିଚିତ୍ର ତଥା ଅଦ୍ଭୁତଭାବେ ଭଗବତ୍ ଲୀଳାରେ ଅଂଶଗ୍ରହଣ କରିଥିବା କେତେକ ଭକ୍ତଙ୍କର ଜୀବନଚରିତ ଉପସ୍ଥାପନ କରିଛନ୍ତି ।

ଆମ୍ଭେମାନେ ଆଶାକରୁ, ଏହି ପୁସ୍ତକ ପାଠକରି ବହୁ ଭକ୍ତସାଧକ ଭଗବତ୍ ମାର୍ଗରେ ଅଗ୍ରସର ହେବାରେ ସହାୟତା ଲାଭ କରିପାରିବେ ।

— ପ୍ରକାଶକ

ପରମ ଭକ୍ତ ଦାମାଜି ପନ୍ତ

ତ୍ରୟୋଦଶ ଶତାବ୍ଦୀରେ ବରାବର ବାରବର୍ଷ ପର୍ଯ୍ୟନ୍ତ ବର୍ଷା ନ ହେବାରୁ ମହାରାଷ୍ଟ୍ରରେ ଘୋର ଦୁର୍ଭିକ୍ଷ ପଡ଼ିଲା । ସେହି ଅକାଳ ଆଜି ପର୍ଯ୍ୟନ୍ତ ''ଦୁର୍ଗାଦେବୀ'' ନାମରେ ପ୍ରସିଦ୍ଧ । ଅନ୍ନାଭାବରୁ ଲୋକେ ହାହାକାର କଲେ, ହଜାର ହଜାର ଲୋକଙ୍କ ପ୍ରାଣପକ୍ଷୀ ଉଡ଼ିଗଲା । ଅନେକଙ୍କ ଶରୀରରେ ରକ୍ତ ଟୋପାଏ ରହିଲା ନାହିଁ । ଅନେକଙ୍କ ପ୍ରାଣ କେବଳ ଚର୍ମାବୃତ ଅସ୍ଥି ପିଞ୍ଜରାରେ ଅଟକି ପଡ଼ି ରହିଲା । କ୍ଷୁଧାଦେବୀ କ'ଣ ନ କରାନ୍ତି ? ଗଛର ଛାଲି ଆଉ ପତ୍ରରେ ଲୋକେ ଜୀବନ ଧାରଣ କଲେ, ଏପରି ପୂରା ଗୋଟାଏ ଯୁଗ ବିତିଯିବାକୁ ଲାଗିଲା । ଏଥିରେ କାମ ଚଳିବ କିପରି ? ଲୋକଙ୍କ କଷ୍ଟର ସୀମା ରହିଲା ନାହିଁ । ବ୍ୟାକୁଳତା ଦିନକୁ ଦିନ ବଢ଼ିବାକୁ ଲାଗିଲା । କ୍ଷୁଧାର୍ତ୍ତମାନଙ୍କ ଆର୍ତ୍ତନାଦରେ ଦେଶ ଉଛୁଳି ପଡ଼ିଲା ।

ଗୋବଳକୁଣ୍ଡା ବିଦରସାହି ରାଜ୍ୟରେ ମଙ୍ଗଳବେଢ଼୍ୟା ନାମରେ ଗୋଟିଏ ପ୍ରାନ୍ତ ଥିଲା । ସେହି ପ୍ରାନ୍ତର ଶାସନ ଭାର ଭକ୍ତବର ଦାମାଜି ପନ୍ତଙ୍କୁ ଦିଆ ହୋଇଥିଲା । ତାଙ୍କ ସହଧର୍ମିଣୀ ବି ପତିଙ୍କ ପରି ଭଗବାନ୍ ଶ୍ରୀ ପାଣ୍ଡୁରଙ୍ଗଙ୍କୁ (ବିଠଲ)* ଅନନ୍ୟ ଭାବରେ ଭକ୍ତି କରୁଥିଲେ । ଦାମାଜି ନିରନ୍ତର ଶ୍ରୀହରିଙ୍କୁ ସ୍ମରଣ କରି ନ୍ୟାୟ ପୂର୍ବକ ନିଷ୍କାମ ଭାବରେ ନିଜର କର୍ତ୍ତବ୍ୟ ପାଳନ କରୁଥିଲେ । ଏହାହିଁ ତାଙ୍କ ଜୀବନର ବ୍ରତ ଥିଲା । ଦୀନ ଦୁଃଖୀଙ୍କୁ ସବୁପ୍ରକାର ସାହାଯ୍ୟ ଦେଇ ସୁଖୀ କରିବା ତାଙ୍କର ସ୍ୱାଭାବିକ ଗୁଣ ହୋଇ ଯାଇଥିଲା । ଶତ୍ରୁ ସଙ୍କଟରେ ପଡ଼ିଥିବା ଦେଖି ଯେଉଁ ଦାମାଜି କରୁଣାର୍ଦ୍ର ହୋଇ ଯାଉଥିଲେ, ସେ ଭଲା କିପରି ଅକାଳ-ପୀଡ଼ିତ ପ୍ରଜାଙ୍କ କଷ୍ଟ ସହି ପାରିବେ ? କଷ୍ଟ-ପୀଡ଼ିତ ପ୍ରଜାଙ୍କ କରୁଣ ଧ୍ୱନି ଦାମାଜିଙ୍କ ହୃଦୟକୁ ବ୍ୟଥିତ କରିଦେଲା । ଅନ୍ନାଭାବରେ ଛଟପଟ ହୋଇ ପ୍ରାଣ ହରାଉଥିବା ମନୁଷ୍ୟଙ୍କ ମର୍ମଭେଦୀ କ୍ରନ୍ଦନ ଧ୍ୱନି ଆଉ ସେ ଶୁଣି ପାରିଲେ ନାହିଁ । ହୃଦୟର ଗଭୀର ଦେଶରୁ କେହି ଡାକି କରି କହିଲେ, ''ଦାମାଜି, କେଉଁ ଚିନ୍ତାରେ ପଡ଼ିଛୁ ? ଏହି ଧାନ ଭଣ୍ଡାର ପୁଣି କେଉଁ କାମରେ ଲାଗିବ ? ସବୁ ତାଲା ଖୋଲିଦେ, ଭଗବାନଙ୍କର ପୀଡ଼ିତ ସନ୍ତାନଙ୍କୁ ଦେଇଦେ ସମସ୍ତ ଧନ'' । ବେଶ୍, ବାଧା କ'ଣ ? ଦୀନବନ୍ଧୁଙ୍କ ଦୀନ ସନ୍ତାନ ସକାଶେ ଧାନ ଅମାରସବୁ ଖୋଲି ଦିଆଗଲା । ଦୟା ଦାକ୍ଷିଣ୍ୟ ପାଖରେ ବାଦଶାହର ଭୟ କ'ଣ ? ନିଜର ଭବିଷ୍ୟ ବିପଦକୁ ପଚାରେ କିଏ ? ଯଥାର୍ଥ ଭକ୍ତ ଅନ୍ୟକୁ ସୁଖୀ କରିବା ସକାଶେ ନିଜର ସର୍ବସ୍ୱ ଆହୁତି ଦେଇ ଦୁଃଖକୁ ସହର୍ଷରେ ବରଣ କରି ନିଅନ୍ତି । କ୍ଷୁଧାରେ ବ୍ୟାକୁଳ ହଜାର ହଜାର ମନୁଷ୍ୟ ବଞ୍ଚିଗଲେ ଆଉ ତାଙ୍କର ତୃପ୍ତ ଆତ୍ମା ଦାମାଜିଙ୍କୁ ଆଶୀର୍ବାଦ କଲେ ।

ଯେଉଁ ସମାଜରେ ''ସର୍ବଭୂତହିତେ ରତାଃ'' ବ୍ୟକ୍ତି ଥାଆନ୍ତି, ସେହି ସମାଜରେ ''ପରଶ୍ରୀକାତର'' ବ୍ୟକ୍ତି ବି ଥାଆନ୍ତି । ଭକ୍ତଙ୍କ ଦେଶବ୍ୟାପୀ ଯଶଃକୁ କେତେକ କୁଟିଳ ବ୍ୟକ୍ତି ସହ୍ୟ କରି ପାରିଲେ ନାହିଁ । ଏମାନଙ୍କ ମଧ୍ୟରେ ପ୍ରଧାନ ଥିଲେ ସ୍ୱୟଂ ନାୟବ ସୁବେଦାର । ସେ ତତ୍‌କ୍ଷଣାତ୍ ବାଦଶାହଙ୍କ ପାଖକୁ ଲେଖିଦେଲେ ''ଦାମାଜିଙ୍କ ଅଦୂରଦର୍ଶିତା ଓ ତାଙ୍କ ନିଜ କୀର୍ତ୍ତି ସକାଶେ ସମସ୍ତ ସରକାରୀ ଅନ୍ନ ଭଣ୍ଡାର ଗୁଣ୍ଡା ଦଳଙ୍କୁ ଲୁଟେଇ ଦିଆ ହେଲା । ରାଜ୍ୟର ବହୁତ ବଡ଼ କ୍ଷତି ହେଲା ।''

ପତ୍ର ପାଇବା ମାତ୍ରେ ବାଦଶାହଙ୍କ ଚକ୍ଷୁରୁ ରକ୍ତ ବର୍ଷିବାକୁ ଲାଗିଲା, ସେ ରାଗରେ ପାଗଳ ହୋଇଗଲେ । ତତ୍‌କ୍ଷଣାତ୍ ପ୍ରଧାନ ସେନାପତିଙ୍କୁ ଡକାଇ ହୁକୁମ ଦେଲେ ''ଏକ ହଜାର ସୈନ୍ୟ ନେଇ ଦାମାଜିଙ୍କୁ ଗିରଫ କରି ମୋ ପାଖରେ ହାଜର କରନ୍ତୁ ।'' ଆଜ୍ଞା ହେବା ସଙ୍ଗେ ସଙ୍ଗେ ଜଣେ ମୁସଲମାନ ସେନାପତି ଦଳବଳ ସହିତ ମଙ୍ଗଳବେଢ଼୍ୟାରେ ପହଞ୍ଚି ସୁବେଦାରଙ୍କ ଘରକୁ ଘେରାଉ କଲେ । ସେ ସମୟରେ ସେ ସର୍ବଲୋକାଧିପତି ଭଗବାନ୍ ପାଣ୍ଡୁରଙ୍ଗଙ୍କୁ ପୂଜା କରୁଥିଲେ । ସେନାଙ୍କ ଆସିବା ବିଷୟରେ ବାହାରୁ ତାଙ୍କୁ ସୂଚନା ଦିଆହେଲା, କିନ୍ତୁ ସେ ତାଙ୍କ ଅନନ୍ୟପ୍ରେମାସ୍ପଦ

* 'ବିଠଲ'– ମହାରାଷ୍ଟ୍ରର ପ୍ରସିଦ୍ଧ ଦେବତା । ଏହାଙ୍କୁ ସ୍ୱୟଂ ବିଷ୍ଣୁଙ୍କ ଅବତାର ବୋଲି ଲୋକେ ମାନୁଥିଲେ ।

ପ୍ରଭୁଙ୍କ ଧ୍ୟାନରେ ଏପରି ଅବିଚଳ ଆଉ ନିଶ୍ଚିନ୍ତ ଭାବରେ ବସିଥିଲେ ଯେ କାହାରି ଆସିବା ଯିବାରେ ଟିକିଏ ମାତ୍ର ଆକୃଷ୍ଟ ବା ବିଚଳିତ ହେଉ ନ ଥିଲେ । ଭଗବତ୍ ଚିନ୍ତନ, ଭଗବତ୍-ପୂଜନ ଜନିତ ଆନନ୍ଦ ପାଖରେ ଭୟ, ଚିନ୍ତାର ସ୍ଥାନ କାହିଁ ? ଏଣେ ବିଳମ୍ବ ହେବାରୁ ସେନାପତି ଘରେ ପଶି ଜୋର୍‌ରେ ଡାକିବାକୁ ଲାଗିଲେ । ଶ୍ରୀ ଦାମାଜିଙ୍କ ପତ୍ନୀ ଆଗକୁ ଆସି ନିର୍ଭୟରେ ଉତ୍ତର ଦେଲେ, ''ସେ ପୂଜାପାଠ କରୁଛନ୍ତି, କିଛି ସମୟ ପରେ ଆସିବେ ।'' ମଦାନ୍ଧ ସେନାପତି ରାଗିଯାଇ କହିଲେ, ''ମୁଁ ପୂଜାପାଠକୁ ପରବାଏ କରେ ନାହିଁ, ବର୍ତ୍ତମାନ ଦେଖା କରିବାକୁ ଚାହେଁ । କହ ସେ କେଉଁଠି ଅଛି ?'' ଭଗବାନଙ୍କ ପ୍ରତି ତିରସ୍କାର ଶବ୍ଦ ସାଧ୍ୱୀଙ୍କର ଅସହ୍ୟ ହେଲା । ସେ ଉତ୍ତେଜିତ ସ୍ୱରରେ ତମ୍ ତମ୍ ହୋଇ କହିଲେ, ''ଚୁପ୍‌ରହ, ଅଧୈର୍ଯ୍ୟ ହେବାର କୌଣସି କାରଣ ନାହିଁ । ଯେପର୍ଯ୍ୟନ୍ତ ତାଙ୍କ ନିତ୍ୟକର୍ମ ନିୟମାନୁସାରେ ପୂରା ନ ହୋଇଯିବ, ସେପର୍ଯ୍ୟନ୍ତ ହଜାର ଉପାୟ କଲେ ମଧ୍ୟ ତାଙ୍କ ପାଖକୁ ଯିବାକୁ ମୁଁ କାହାକୁ ଅନୁମତି ଦେବି ନାହିଁ । ଆମ୍ଭମାନଙ୍କ ସକାଶେ ଭଗବତ୍ ପୂଜା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ମହତ୍ତ୍ୱପୂର୍ଣ୍ଣ ନୁହେଁ ।'' ପତିବ୍ରତାଙ୍କ ଆତ୍ମବଳର ପ୍ରଭାବରେ ଉଚ୍ଚାରିତ ଶବ୍ଦ କାମ କଲା । ସେମାନଙ୍କ ବଳ-ଗର୍ବ ଖର୍ବ ହେଲା ଏବଂ ମୁଖମଣ୍ଡଳ ନିସ୍ତେଜ ହୋଇଗଲା । ସେ ଅନୁଚ୍ଚ ସ୍ୱରରେ କହିଲେ, ''ଆଚ୍ଛା, ମୋ ଆସିବା ଖବର ତାଙ୍କୁ ଜଣାଇ ଦିଅ ।''

ଭକ୍ତିମତୀ ସାଧ୍ୱୀ ପତିଦେବଙ୍କ ସେବାରେ ଉପସ୍ଥିତ ହେଲେ । ସେସମୟରେ ଦାମାଜି ପ୍ରଭୁଙ୍କ ଧ୍ୟାନରେ ମଗ୍ନ ଥିଲେ । କିଛି ସମୟ ପରେ ପୂଜା ସମାପ୍ତ ହେବାରୁ ପତିବ୍ରତା ନିଃସଂକୋଚ ଭାବେ ସବୁ କଥା କହିଲେ । ହଠାତ୍ ସୈନ୍ୟ ଆସିଥିବାର ଖବର ଶୁଣି ଦାମାଜି ବୁଝି ପାରିଲେ ଯେ ଏହାର ଏକମାତ୍ର କାରଣ ହେଲା ଭଣ୍ଡାର ଲୁଟାଇ ଦେବା । କିନ୍ତୁ ସେ ନିଜ ସ୍ଥିତିରୁ କିଞ୍ଚିତ୍ ମାତ୍ର ବିଚଳିତ ନ ହୋଇ ପତ୍ନୀଙ୍କୁ କହିଲେ, ''ଆମର ଚିନ୍ତା କରିବାର କୌଣସି କାରଣ ନାହିଁ । ଭଗବାନଙ୍କର ପ୍ରତ୍ୟେକ ବିଧାନ ଦୟାରେ ପୂର୍ଣ୍ଣ, ତାହାର ପ୍ରାରମ୍ଭରେ ଓ ଶେଷରେ ସଂସାରର ମଙ୍ଗଳ ଓତପ୍ରୋତ ଭାବରେ ଜଡ଼ିତ । କ'ଣ ଆମେ ବାଦଶାହର ଭୟରେ, ବନ୍ଧନକୁ ଡରି, ପ୍ରଜାଙ୍କୁ ପ୍ରାଣାନ୍ତ ଦୁଃଖରେ ସାହାଯ୍ୟ ନ ଦେଇ ନିଜ କର୍ତ୍ତବ୍ୟ ପାଳନରେ ବିମୁଖ ହେବୁ ? ମୁଁ ନିଜ ଧର୍ମ ପାଳନ କଲି ଏବଂ ଭଗବାନ୍ ପାଣ୍ଡୁରଙ୍ଗଙ୍କ ପ୍ରସନ୍ନତା ପ୍ରାପ୍ତ କରିବାକୁ ଚେଷ୍ଟା କଲି । ମୋର କର୍ତ୍ତବ୍ୟ ପାଳିତ ହୋଇଛି, ଏବେ ବାଦଶାହ ମୋତେ କଠୋରାତିକଠୋର ଦଣ୍ଡ ଦେଉ, ସେଥିରେ କୌଣସି ଚିନ୍ତା ନାହିଁ, ବରଂ ଅଧିକ ଆନନ୍ଦ । ଏତିକି କହି ସେ ହର୍ଷ ଚିତ୍ତରେ ବାହାରକୁ ଆସିଲେ । ସେନାପତି ଅଜ୍ଞାତ ଭାବେ ଯେପରି କାହାର ବଳାତ୍ ପ୍ରେରଣାରେ ନୀରବ ହୋଇ ସେଠାରେ ବସି ରହିଥିଲେ । ଶ୍ରୀ ଦାମାଜିଙ୍କ ତେଜୋପୂର୍ଣ୍ଣ, ଶାନ୍ତ, ସୌମ୍ୟ ମୁଖମଣ୍ଡଳ ଦେଖି ସେନାପତିଙ୍କ କ୍ରୋଧ ଏକେବାରେ ବିଲୀନ ହୋଇଗଲା । ସେ ବଡ଼ ନମ୍ରଭାବେ କହିଲେ, ''ବାଦଶାହ ଆପଣଙ୍କ ପାଖକୁ ଏହି ଆଜ୍ଞାପତ୍ର ଏବଂ ଆପଣଙ୍କୁ ଶୀଘ୍ର ନେଇ ଯିବାକୁ ଆଦେଶ ଦେଇଛନ୍ତି ।'' ଭକ୍ତ ଦାମାଜି ପ୍ରସନ୍ନତା ପୂର୍ବକ ଉତ୍ତର ଦେଲେ, ''ମୁଁ ଆପଣଙ୍କ ସଙ୍ଗେ ଯିବାକୁ ପ୍ରସ୍ତୁତ । କିନ୍ତୁ ଥରେ ସ୍ତ୍ରୀଙ୍କ ସଙ୍ଗେ ଦେଖା କରି ଆସିବାକୁ ଆଦେଶ ଦିଅନ୍ତୁ ।'' ସେନାପତିଙ୍କ ସ୍ୱୀକୃତି ପାଇ ସେ ଘର ଭିତରକୁ ଗଲେ ଆଉ ନିଜର ବନ୍ଦୀ ହେବାର ଖବର ସ୍ତ୍ରୀଙ୍କୁ କହି ବିଦାୟ ମାଗିଲେ । ଏକଥା ଶୁଣିବା ମାତ୍ରେ ଭକ୍ତ ମହିଳା ପତିଦେବଙ୍କ ଚରଣ ଧରି କହିଲେ, ''ପ୍ରଭୁ, ଭଗବାନ୍ ପଣ୍ଢରୀନାଥ ଯାହା କିଛି କରନ୍ତି ଆମ୍ଭମାନଙ୍କ କଲ୍ୟାଣ ନିମନ୍ତେ । ଭଗବାନଙ୍କ ଦୟାରୁ ତୁମ୍ଭଙ୍କୁ ଏକାନ୍ତବାସରୁ ଅବସର ମିଳିବ । ନିଜ କର୍ତ୍ତବ୍ୟ ପାଳନର ଉଚିତ ପୁରସ୍କାର ମିଳିବ । ମୁଁ ଆଜି ମୋର ପରମ ସୌଭାଗ୍ୟ ମନେ କରୁଛି ଯେ ପ୍ରାଣାଧାରଙ୍କ ଗଳାରେ ସଂକଟ ସୁମନର ମନୋହର ମାଳ ସୁଶୋଭିତ ହେବ । ଚିନ୍ତା କେବଳ ଏହି ସକାଶେ ଯେ ଦାସୀ ଆପଣଙ୍କ ଚରଣ ସେବାରୁ ବଞ୍ଚିତ ହେବ । ଦାମାଜି ତାଙ୍କ ସହଧର୍ମିଣୀଙ୍କ ସାହସ ଓ ଭଗବତ୍ ପ୍ରେମକୁ ମନେ ମନେ ପ୍ରଶଂସା କରି ତାଙ୍କଠାରୁ ପ୍ରସନ୍ନ ଚିତ୍ତରେ ବିଦାୟ ନେଲେ ।

ବାହାରକୁ ଆସିବା ସଙ୍ଗେ ସଙ୍ଗେ ଭକ୍ତଙ୍କ ଦୁଇ ହାତରେ ହାତକଡ଼ି ପଡ଼ିଗଲା । ଯେଉଁ ଭକ୍ତ ଅଣୁ ପରମାଣୁରେ ନିଜ ଆରାଧ୍ୟ ଦେବତାଙ୍କୁ ଦେଖନ୍ତି ତାଙ୍କୁ ଏ ବେଡ଼ିରେ କଷ୍ଟ ହେବ କାହିଁକି ? ହାତକଡ଼ିର ସଂଘର୍ଷରୁ ବାହାରୁ ଥିବା ଧ୍ୱନିର ସଙ୍ଗେ ଭଗବାନଙ୍କ ନାମଜପ ମିଳେଇ ସେ ସେନାପତିଙ୍କ ପଛେ ପଛେ ଚାଲିଲେ । ଗୋବଳକୁଣ୍ଡା ମାର୍ଗରେ ପଣ୍ଢରପୁର ପଡ଼େ । ଭକ୍ତଙ୍କ ଇଚ୍ଛା ହେଲା ସେ ଭଗବାନ୍ ପାଣ୍ଡୁରଙ୍ଗଙ୍କୁ ଦର୍ଶନ କରି ନିଜକୁ କୃତାର୍ଥ କରିବେ । ସେନାପତିଙ୍କ ସମ୍ମତିରେ

ସେ ମନ୍ଦିର ରାସ୍ତାରେ ଚାଲିଲେ । ହୃଦୟ-ସରୋବରରେ ଆନନ୍ଦହିଲ୍ଲୋଳ ଉତ୍‌ଥିତ ହେଲା । ଶରୀରରେ ରୋମାଞ୍ଚ ଜାତ ହେଲା, ଚକ୍ଷୁ ଅଶ୍ରୁରେ ପୂର୍ଣ୍ଣ ହୋଇଗଲା । ସେ ପ୍ରେମରେ ଏପରି ନିମଗ୍ନ ହୋଇଗଲେ ଯେ ନିଜ ଶରୀର ଜ୍ଞାନ ପର୍ଯ୍ୟନ୍ତ ରହିଲା ନାହିଁ । କିଛି ସମୟ ପରେ ସାବଧାନ ହୋଇ ଭଗବାନଙ୍କ ସେବାରେ ସେ ନିଜ ଭାବ-ସୁମନ ଅର୍ପଣ କରି କହିଲେ, ''ପ୍ରଭୁ, ତୁ ଏହି ସେବକକୁ ଏହି ରୂପେ ଦେଖିବାକୁ ଚାହିଁଲୁ । ମୁଁ ତୋ ଇଚ୍ଛାର ଅଧୀନ, ତୋ ପ୍ରସନ୍ନତାରେ ମୁଁ ପ୍ରସନ୍ନ । ନାଥ, ଅନ୍ୟାୟୀ ରାଜାର ଅନ୍ନ ଭକ୍ଷଣର ଉଚିତ ଫଳ ତୁ ଦେଲୁ । ମୁଁ ଏଥିରେ ଖରାପ କାହିଁକି ଭାବିବି ? ଦୟାନିଧି ! ଏ ଅଧମକୁ ତୋ ସେବା କରିବାକୁ, ତୋ ଭବଭୟହାରୀ ପାବନ ନାମ ସ୍ମରଣ କରିବାକୁ ଏପରି ସୁନ୍ଦର ସୁଯୋଗ କିପରି ମିଳନ୍ତା ? ପ୍ରଭୁ, ସରକାରୀ ଚାକିରିର ମୋହକୁ ଛାଡ଼ି ଦେବା ମୋ ପକ୍ଷରେ ଅସମ୍ଭବ ଥିଲା । ତୁ ଦୟାକରି ବୃଦ୍ଧ ଅବସ୍ଥାରେ ଏହି ସେବକକୁ ତୋର ଅକୁତୋଭୟ ଚରଣ ସେବାର ସୁଯୋଗ ଦେଇ ଅଶେଷ କଲ୍ୟାଣ କରିଅଛୁ, ପ୍ରଭୁ, କେଉଁ ଶବ୍ଦରେ ତୋ କୃପା ସକାଶେ କୃତଜ୍ଞତା ପ୍ରକାଶ କରିବି ? ଯେଉଁ ବାଦଶାହ ଦ୍ୱାରା ତୁ ତୋର କୃପା ଉପହାର ଦେଲୁ ତାଙ୍କ ପ୍ରତି କେଉଁ ଭାଷାରେ କୃତଜ୍ଞତା ପ୍ରକଟ କରିବି ? ହେ କରୁଣା ସାଗର !'' ଏତିକି କହୁ କହୁ ତାଙ୍କ ଚକ୍ଷୁରୁ ଅଶ୍ରୁଧାରା ବୋହିବାକୁ ଲାଗିଲା, ହୃଦୟ ଗଦ୍ ଗଦ୍ ହୋଇ ଯିବାରୁ ଆଉ କିଛି କହି ପାରିଲେ ନାହିଁ । ବିଳମ୍ବ ହୋଇଯିବା ଆଶଙ୍କାରେ ସେନାପତି ଦାମାଜିଙ୍କୁ ଜୋରରେ ଡାକିବାକୁ ଲାଗିଲେ । ବିଚରା ସେନାପତିଙ୍କୁ ବାଦଶାହଙ୍କ ଦ୍ୱାରା କୌଣସି କୈଫିୟତ୍ ତଲବ ନ ହେଉ ଏହାହିଁ ଭାବି ସେ ତତ୍‌କ୍ଷଣାତ୍ ମନ୍ଦିରରୁ ବାହାରି ଆସିଲେ । ଭଗବାନଙ୍କ ବିଶ୍ୱମୋହନ ମୂର୍ତ୍ତିକୁ ଧ୍ୟାନକରି ସେ ସେନାପତିଙ୍କ ପଛେ ପଛେ ଚାଲିବାକୁ ଲାଗିଲେ ।

*

ଦ୍ୱିପହର ସମୟ । ବିଦରର ବାଦ୍‌ଶାହ ସିଂହାସନରେ ବସି ବନ୍ଦୀ ସୁବେଦାରଙ୍କୁ ଅପେକ୍ଷା କରୁଥିଲେ । କ୍ରମଶଃ ଯେତିକି ଯେତିକି ବିଳମ୍ବ ହେଉଥିଲା ସେତିକି ସେତିକି ବାଦଶାହଙ୍କ ଅଧୈର୍ଯ୍ୟ ଓ କ୍ରୋଧ ବଢୁଥିଲା । ଠିକ୍ ସେହି ସମୟରେ ଜଣେ କଳା ମଚମଚ ତେଜସ୍ୱୀ ବ୍ୟକ୍ତି ଲେଙ୍ଗୁଟି ପିନ୍ଧି ରାଜଦରବାରରେ ପହଞ୍ଚିଲେ । ତାଙ୍କ କିଶୋର ଅବସ୍ଥା ଆଉ ଶ୍ୟାମ ଶରୀରର ମନୋହାରିତା ଦେଖି ସଭାସଦ୍‌ବର୍ଗ ସ୍ତମ୍ଭୀଭୂତ ହୋଇଗଲେ । ତାଙ୍କ କାନ୍ଧରେ କଳା କମ୍ବଳ ଆଉ ହାତରେ ଗୋଟାଏ ଛୋଟ ବାଡ଼ିଥିଲା । ସେ ନିର୍ଭୟରେ ବାଦ୍‌ଶାହଙ୍କ ପାଖରେ ଉପସ୍ଥିତ ହୋଇ ଦୂରରୁ ଜୁହାର କରି ବିନୟ ପୂର୍ବକ କହିଲେ, ''ବାଦଶାହ, ସଲାମତ୍ । ମୁଁ ଦାମାଜିଙ୍କ ଚାକର, ସ୍ୱାମୀ ଦାମାଜିଙ୍କ ମଙ୍ଗଳବେଡ଼ିରୁ ଆସିଛି ।'' ଦାମାଜିଙ୍କ ନାମ ଶୁଣିବା ମାତ୍ରକେ ବାଦଶାହଙ୍କ ଆଖି କ୍ରୋଧରେ ଲାଲ ହୋଇଗଲା । ସେ ଉତ୍ତେଜିତ ସ୍ୱରରେ କହିଲେ, ''ତୋ ନାମ କ'ଣ ?'' ଆଗନ୍ତୁକ କହିଲେ, ''ହଁ, ମା' ବାପ୍ ! ମୋ ନାମ ବିଟ୍‌ଠୁ । ମୁଁ ଶ୍ରୀ ଦାମାଜିଙ୍କ ଅନ୍ନରେ ପାଳିତ, ଜାତିରେ ବାଉରି* ।'' ବାଦଶାହ ପ୍ରଶ୍ନ କଲେ, ''ଏଠାକୁ କାହିଁକି ଆସିଛୁ ?''

''ଅପରାଧ କ୍ଷମା ହେଉ, ଅକାଳରେ ତାଙ୍କ ପ୍ରିୟ ପ୍ରଜା ମରୁଥିବା ଦେଖି ମୋ ମାଲିକ ଆପଣଙ୍କ ଅମାରର ଧାନ ବାଣ୍ଟିଦେଲେ । ତାହାର ସମସ୍ତ ଦାମ୍ ମୁଁ ଦେବାକୁ ଆସିଛି; ଆପଣ କୃପା କରି ତାହା ନେଇ ନିଅନ୍ତୁ, ଆଉ ଖଜଣାରେ ତାହା ଦାଖଲ କରାଇ ମୋତେ ରସିଦ ଦିଆଇ ଦୟା କରନ୍ତୁ ।''

ଏହା ଶୁଣିବା ମାତ୍ରେ ବାଦଶାହଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ନିଜ କରଣି ଲାଗି ପଶ୍ଚାତ୍ତାପ କରିବାକୁ ଲାଗିଲେ । ମନେ ମନେ ନିଜକୁ ଧିକ୍‌କାର କଲେ, ''ହାୟ, ମୁଁ କ'ଣ କଲି, ଦାମାଜିଙ୍କ ପରି ସତ୍ୟବାଦୀ ସେବକ ଉପରେ ବିନା ବିଚାରରେ ଦଗାବାଜିର ଲାଞ୍ଛନା ଲଗାଇଲି ଓ ତାଙ୍କୁ ଗିରଫ କରିବାକୁ ବୃଥାରେ ଏତେ ବଡ଼ ସୈନ୍ୟବଳ ପଠାଇଲି । ପଶ୍ଚାତ୍ତାପ ସଙ୍ଗେ ସଙ୍ଗେ ବିଟ୍‌ଠୁଙ୍କ ମୋହନ ରୂପ ଦେଖି ତାଙ୍କ ହୃଦୟରେ ଏକ ପ୍ରକାର ଅଦ୍ଭୁତ ଆନନ୍ଦ ଜାତ ହେଉ ଥିଲା । ଉତ୍ସୁକତାପୂର୍ଣ୍ଣ ହର୍ଷିତ ନେତ୍ରରେ ନିରୀକ୍ଷଣ କରି ପଚାରିଲେ, ''ଭାଇ ବିଟ୍‌ଠୁ, ଟଙ୍କା କାହିଁ ?'' କାଖରୁ ଗୋଟିଏ ଛୋଟ ଥଳି ବାହାର କରି ବାଉରି ବିଟ୍‌ଠୁ କହିଲେ, ''ନିଅନ୍ତୁ, ଏହାକୁ ଜମା କରାଇ ମୋତେ ଶୀଘ୍ର ରସିଦ ଦିଆଇ କୃପା କରନ୍ତୁ । ମୋର ଯିବାର ବିଳମ୍ବ ହେଉଛି ।''

* ଜୋହାର ମାୟ ବାପ ଜୋହାର । ମା ଦାମାଜିଚା ଲେକ ବାଲା ମହାର ॥ (ମରହଟ୍ଟୀ ପଦ)

ବାଦ୍‌ଶାହ ବିଟ୍‌ଠୁଙ୍କର ମନୋହର ମୁଖମଣ୍ଡଳ ଦେଖି ଚକିତ ଆଉ ମୁଗ୍‌ଧ ହୋଇଥିଲେ । ଯେପରିକି ସେ ମୋହିନୀ ମନ୍ତ୍ରରେ ମୁଗ୍‌ଧ ! ବାଦଶାହଙ୍କ ନେତ୍ର ସେହି ବାଉରି ସେବକର ରୂପସୁଧାକୁ ଅନବରତ ପାନ କରିବାକୁ ଲାଗିଲା । ତାଙ୍କର ଇଚ୍ଛା ହେଉଥିଲା ଯେ ବିଟ୍‌ଠୁର ଏଠାରେ ସେହିପରି ଛିଡ଼ା ହୋଇ ତାଙ୍କ ତୃଷିତ ନେତ୍ରକୁ ସେହି ଅନୁପମ ଏବଂ ଅଲଭ୍ୟ ଅନୁଭୂତି ପ୍ରାପ୍ତ କରିବାକୁ ଅବସର ଦେଉଥାଉ ।

ବିଟ୍‌ଠୁ କିନ୍ତୁ ଶୀଘ୍ର ରସିଦ ଦେବାକୁ ତାଗ୍‌ଦା ଜାରି ରଖିଲେ, କିନ୍ତୁ ବାଦଶାହ ତାଙ୍କୁ ଆଖିଆଗରୁ ଦୂର କରିବାକୁ କଷ୍ଟ ଅନୁଭବ କରୁଥିଲେ । ଶେଷରେ ସେ ହୃଦୟ ଦୃଢ଼ କରି କହିଲେ, ''ଆଚ୍ଛା, ସ୍ନେହର ବିଟ୍‌ଠୁ, ଏ ଟଙ୍କା ଖଜଣାଖାନାରେ ଜମା କରି ମୋତେ ଦେଖା କରି ଯିବୁ ।'' ବିଟ୍‌ଠୁ ଖଜଣାଖାନାରେ ପହଞ୍ଚିଲେ ଏବଂ ତାଙ୍କ ମୋହନ ରୂପର ପ୍ରଭାବ ଖଜାଞ୍ଚି ଉପରେ ମଧ୍ୟ ପଡ଼ିଲା । ସେ ବିଟ୍‌ଠୁଙ୍କୁ ଏକଦୃଷ୍ଟିରେ ଦେଖୁଥା'ନ୍ତି ଆଉ ହାତରେ ଟଙ୍କା ଗଣୁ ଥାଆନ୍ତି । ଥଳି ଖାଲି କରି ଖଜଣାଖାନାରେ ଟଙ୍କା ରଖିବା ସଙ୍ଗେ ସଙ୍ଗେ ପୁଣି ଥଳି ପୂର୍ଣ୍ଣ ହୋଇ ଯାଉଥାଏ । ଏବେ ଖଜାଞ୍ଚି ସ୍ୱୟଂ ଆଶ୍ଚର୍ଯ୍ୟ ସମୁଦ୍ରରେ ଡୁବିଗଲା । ଏକ ଦିଗରେ ଆଶ୍ଚର୍ଯ୍ୟମୟ ଲୀଳା, ଅନ୍ୟ ଦିଗରେ ରୂପର ମୋହିନୀ ଶକ୍ତି । ବିଚାରା ହଇରାଣ ହୋଇଗଲେ । ସେ ବହୁତ କଷ୍ଟରେ କୁହୁକୀ ବିଟ୍‌ଠୁଙ୍କଠାରୁ ନିଜକୁ ମୁକ୍ତ କଲା । ଶେଷରେ ରସିଦ ନେଇ ସେବକର ସେବକ ବିଟ୍‌ଠୁ ଦର୍ଶନ ସକାଶେ ଅଧୀର ବାଦଶାହ ସମ୍ମୁଖରେ ଉପସ୍ଥିତ ହେଲେ । ସେ ପହଞ୍ଚିବା ମାତ୍ରେ ବାଦଶାହ ପଚାରିଲେ, ''ବିଟ୍‌ଠୁ, କ'ଣ ତୋତେ ରସିଦ ମିଳିଗଲା ?'' ବିଟ୍‌ଠୁ କହିଲେ ''ହଁ, ମା' ବାପା, ସରକାର ! ରସିଦ ମିଳି ଯାଇଛି । ଏବେ ମୋତେ ଆଜ୍ଞା ଦିଅନ୍ତୁ ମୋ ରାସ୍ତା ଧରେ । ବହୁତ ଡେରି ହୋଇଗଲା, ମୋ ମାଲିକ ଚିନ୍ତା କରୁଥିବେ । ବାଦଶାହ ରସିଦରେ ଦସ୍ତଖତ କରି ରାଜ୍ୟର ମୋହର ଲଗାଇ ବିଟ୍‌ଠୁଙ୍କ ହସ୍ତରେ ଦେଲେ ଆଉ ବଡ଼ ସମ୍ମାନ ପୂର୍ବକ ଦାମାଜିଙ୍କୁ ଆଣିବା ସକାଶେ ସରଦାରଙ୍କୁ ଦୌଡ଼ାଇ ଦେବା ପାଇଁ ଦେବାନଙ୍କୁ ଆଦେଶ ଦେଲେ । କିନ୍ତୁ ବିଟ୍‌ଠୁଙ୍କୁ ଚାଲିଯିବା ପାଇଁ ଆଜ୍ଞା ଦେବାର ଶକ୍ତି ବାଦ୍‌ଶାହଙ୍କର ନ ଥିଲା । ସେ ଚାହୁଁଥିଲେ ଦିନରାତି ସେ ଚମାରର ଚରଣ ସେବାରେ ନିଜକୁ ବିକି ଦେବେ । କିନ୍ତୁ ସେ ଲୀଳାଧାରୀ ନଟ ତତ୍‌କ୍ଷଣାତ୍ ସେଠାରୁ ଚାଲି ଯାଇଥିଲେ ।

ଏବେ ଦାମାଜି ପଣ୍ଢରପୁରରୁ ବହୁତ ଆଗରୁ ଆସି ଯାଇଥିଲେ । ଦିନେ ପ୍ରାତଃକାଳରେ ସେ ସ୍ନାନାଦି କର୍ମ ସମାପ୍ତ କରି ଏକାନ୍ତ ସ୍ଥାନରେ ପୂଜାପାଠ କରିବାକୁ ବସିଲେ । ପଢ଼ିବା ସକାଶେ ଏକମାତ୍ର ସମ୍ପଦ ଶ୍ରୀମଦ୍ ଭଗବଦ୍ ଗୀତାକୁ ସେ ହାତରେ ଉଠାଇଲେ, ପୃଷ୍ଠା ଲେଉଟାଉ ଲେଉଟାଉ ଗୋଟିଏ ଚକ୍ ଚକ୍ ସୁନ୍ଦର କାଗଜ ମିଳିଲା । ଉତ୍ସୁକତା ସହ ତାକୁ ଖୋଲି ପଢ଼ିବାକୁ ଲାଗିଲେ । ସେଥିରେ ସୁବର୍ଣ୍ଣାକ୍ଷରରେ ଲେଖାଥିଲା, ''ତୁମର ଅନ୍ନ-ଭଣ୍ଡାରର ସମସ୍ତ ଟଙ୍କା ଚୁକ୍ତି ହେଲା ।'' ତାହା ଉପରେ ସ୍ୱୟଂ ବାଦଶାହଙ୍କର ଦସ୍ତଖତ ଦେଖି ଭକ୍ତଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଏତେ ବେଶୀ ଟଙ୍କା କିଏ କିପରି ଦେଲା ଏହାର ରହସ୍ୟ ସେ ବୁଝି ପାରିଲେ ନାହିଁ । ଶେଷରେ ପୂଜାର ଉତ୍କଣ୍ଠା ସେହି ରହସ୍ୟ ଭେଦ ପାଇଁ ଭାବନା କରିବାକୁ ସମୟ ଦେଲା ନାହିଁ । ବହି ବନ୍ଦ କରି ପୂଜାରେ ବସିବାକୁ ତୟାର ହେଉଛନ୍ତି, ଏପରି ସମୟରେ ବାଦଶାହଙ୍କ ପ୍ରେରିତ ଦୂତ ପତ୍ର ନେଇ ସେନାପତିଙ୍କ ପାଖରେ ପହଞ୍ଚିଲା । ଦାମାଜିଙ୍କ ବନ୍ଧନମୁକ୍ତିର ଖବର ପଢ଼ିବା ମାତ୍ରେ ସେନାପତି ତାଙ୍କର ସମସ୍ତ ବେଡ଼ି ଖୋଲିଦେଲେ ଓ ସ୍ୱୟଂ ତାଙ୍କ ଚରଣରେ ମସ୍ତକ ରଖି ପ୍ରେମ ଓ ଶ୍ରଦ୍ଧାରେ ବାରଂବାର ପ୍ରଣାମ କଲେ । ତାଙ୍କୁ ରାଜକୀୟ ପୋଷାକ ପିନ୍ଧାଇ ସେନାପତି ସିପାହିମାନଙ୍କ ସହିତ ନଗର ଆଡ଼କୁ ଚାଲିଗଲେ ।

*

ସେଆଡ଼େ ବିଟ୍‌ଠୁ ବାଉରି ଚାଲିଯିବା ପରେ ବାଦଶାହ ବ୍ୟତିବ୍ୟସ୍ତ (ବେଚୈନ୍) ହୋଇପଡ଼ିଲେ । ତାଙ୍କର ଖାଇବା ପିଇବାକୁ ଆଉ ଇଚ୍ଛା ହେଲା ନାହିଁ । ସେ ସେହି ବାଉରିର ବିୟୋଗରେ ପାଗଳ ହୋଇଗଲେ । 'ବିଟ୍‌ଠୁ', 'ବିଟ୍‌ଠୁ' ଡାକରେ ରାଜଦରବାରରେ ବଡ଼ କୌତୂହଳ ସୃଷ୍ଟି ହେଲା । ମନୋହର ବିଟ୍‌ଠୁକୁ ଖୋଜି ଆଣିବାକୁ ବାଦଶାହ ଆଜ୍ଞା ଦେଲେ, କିନ୍ତୁ ବିଟ୍‌ଠୁକୁ ପାଇବା କ'ଣ ଏତେ ସହଜ ? ସେ ତ କେବେଠୁଁ କେଉଁଠିକୁ ଚାଲି ଗଲାଣି ! ତଥାପି ରାଜାଜ୍ଞା ପାଇ ତାଙ୍କୁ ଖୋଜିବା ସକାଶେ ଘୋଡ଼ସବାର ବାହାରି ପଡ଼ିଲେ । କିନ୍ତୁ ତାଙ୍କର ସନ୍ଧାନ ମିଳିଲା ନାହିଁ । ଏହି

କଥା ଶୁଣି ସ୍ୱୟଂ ବାଦଶାହ 'ବିଟ୍‌ଠୁ କାହିଁ ? ବିଟ୍‌ଠୁ କାହିଁ ?' ଡାକ ଛାଡ଼ି ରାଜଧାନୀରୁ ବାହାରି ପଡ଼ିଲେ । ଲୋକଙ୍କ ଆଶ୍ଚର୍ଯ୍ୟ ହେବାକୁ କିଛି ପରବାଏ ନ କରି ଯେତେବେଳେ ସେ କିଛି ଦୂର ଗଲେ, ଦେଖିଲେ ଯେ ଦୂରରୁ ଦାମାଜି ଆସୁ ଅଛନ୍ତି, ତାଙ୍କୁ ଦେଖିବା ମାତ୍ରେ ସେ ତତ୍‌କ୍ଷଣାତ୍ ଦୌଡ଼ି ଯାଇ ତାଙ୍କ ପାଖରେ ପହଞ୍ଚି ତାଙ୍କୁ ପ୍ରେମରେ ଆଲିଙ୍ଗନ କରି କହିଲେ, ''ଦାମାଜି ବତେଇ ଦିଅ, ବତେଇ ଦିଅ ଏହି ପାପୀକୁ, ବିଟ୍‌ଠୁ କୁଆଡ଼େ ଗଲା । ମୋତେ ଥରେ ମନ ଭରି ତା' ମୁଖମଣ୍ଡଳକୁ ଦେଖିବାକୁ ଦିଅ । ବାସ୍ ଦାମାଜି ଆଉ ମିଳମ୍ବ କର ନାହିଁ, ମୋ ପ୍ରାଣ ଛାଡ଼ି ଯାଉଛି ।'' ଦାମାଜି ବିସ୍ମିତ ହୋଇ ପଚାରିଲେ, ''ହଜୁର, ବିଟ୍‌ଠୁ କିଏ ? ମୋର ତା' ସଙ୍ଗେ କି ସମ୍ବନ୍ଧ ? ମୋର ତା' ସଙ୍ଗେ କି ପରିଚୟ ?''

''ସେହି ତୁମର ଚାକର ବାଉରି । ତାହାରି ଦ୍ୱାରା ତ ତୁମେ ଭଣ୍ଡାରର ଟଙ୍କା ଜମା କରାଇଛ । ସେହି କମ୍ବଳ ଆଉ ଲାଠିଧାରୀ ସେବକ ତୁମ୍ଭରହିଁତ ଥିଲା । ଜାଣିଶୁଣି ଅଜଣା ପରି କହୁଛ, କ'ଣ ଏ ଅଧମ ପ୍ରତି କୃପାକରି କୃତାର୍ଥ କରିବ ନାହିଁ ?''

ଏବେ ଦାମାଜି ସବୁ ରହସ୍ୟ ବୁଝି ପାରିଲେ । ତାଙ୍କ ନେତ୍ରରୁ ଅଶ୍ରୁ ପ୍ରବାହିତ ହେଲା, ଶରୀର ପୁଲକିତ ହୋଇ ଉଠିଲା, କଣ୍ଠ ଗଦ୍‌ଗଦ୍ ହେଲା । ଏହି ପ୍ରେମବିଭୋର ଅବସ୍ଥାରେ ସେ ଖୁବ୍ ଜୋର୍‌ରେ ଗାନ କଲେ –

ହର ହର ବିଟ୍‌ଠଲ ଜଗଦ୍‌ଉଧାର
ଜାହାଳା ମହାର ମଜସୀ ॥ଧ୍ରୁବ॥
ଧନ୍ୟ ଦେବରୀଚ ବାଦସାୟ
ତ୍ୟାଚା କେଳା ମାଂ ଅନ୍ୟାୟ ।
ଧାନ୍ୟ ଲୁଟଣ୍ୟାଚା ଉପାୟ
ପୂର୍ଣ୍ଣ ଅପାୟ ମଜସାଠୀ ॥୧॥
ଷଡ଼ଗୁଣୈଶ୍ୱର୍ଯ୍ୟ ଶ୍ରୀ ଭଗବାନ
ସାଡୁ ନିବେଦ ପତାଚା ଅଭିମାନ ।
ପାୟୀଂ ଘାଳୁନି ତୁଟକୀ ବାହଣ
ନେସଳା ଜୀର୍ଣ୍ଣ ଲଂଗୋଟୀ ॥୨॥
ମାଥାଂ ବାନ୍ଧୁନ ବିଧ୍ୟା ଭାର
କାଳୀ କମ୍ବଳୀ ଖାଁ ଦ୍ୟାବର ।
ସୁଖାନେଂ ମହଣନ ଅମେ ଜୋହାର
କାଳା ଡୋର ନିଜକଣ୍ଠୀ ॥୩॥
ଏସେଂ କାଂ କେଳେଂ ଦେବା
ମାୟା ସୁକୃତା ଚାଠେବା ।
ମହାର ଝାଲାସିରେ ମାଧବା
ଲାଓନି ବଣବା ମଜସାଠୀ ॥୪॥
ଜ୍ୟାଚେଂ ଧାନ୍ୟ ଲୁଟଲେ ଜାଣ
ତୋ ତାରି ଯେତାଂ ମାଝା ପ୍ରାଣା ।
ଦାମା ମହଣେ ଗୁଣା ନିଧାନ
ଜଗ ଜେଠୀ ॥୫॥

ଅର୍ଥାତ୍ – ଶିବ ! ଶିବ ! ଯେଉଁ ଭଗବାନ୍ ବିଟ୍‌ଠଲ ଜଗତ ଉଦ୍ଧାର କରେ ସେ ଆଜି ମୋ ନିମନ୍ତେ ବାଉରି ବେଶ ଧାରଣ କଲା । ବିଦରର ବାଦଶାହଙ୍କୁ ଧନ୍ୟବାଦ । ମୁଁ ତ ତାଙ୍କ ନିକଟରେ ଅନ୍ୟାୟ କରିଥିଲି । ଧାନ ଲୁଟାଇ ଦେଇ ନିଜ ସକାଶେ ପୂର୍ଣ୍ଣ ରୂପେ କ୍ଷତିଜନକ କାମ କରିଥିଲି, କିନ୍ତୁ ମୋ ଲାଗି ଷଡ଼ ଐଶ୍ୱର୍ଯ୍ୟ ସମ୍ପନ୍ନ ଭଗବାନ୍ ନିଜ ଐଶ୍ୱର୍ଯ୍ୟକୁ ଭୁଲି କିପରି ବେଶ ଧରିଲେ । ନିଜ ଗୋଡ଼ରେ ଫଟା ଜୋତା, କଟିରେ ଜୀର୍ଣ୍ଣ ଲେଙ୍ଗୁଟି ଧାରଣ କଲେ, ଶରୀରରେ ଛିଣ୍ଡା ପଗଡ଼ି ବାନ୍ଧିଲେ, କାନ୍ଧରେ କଳା କମ୍ବଳ ପକାଇଲେ । ଗଳାରେ କଳା ଡୋର ଆଉ ମୁଖରେ ଜୁହାର ଜୁହାର କହି ସେଠାରେ ପହଞ୍ଚିଲେ । ଭଗବାନ୍, ତୁ ମୋ ନାଥ, ତୁ ଏପରି କ'ଣ କଲୁ ? ତୁ ମୋର ସମସ୍ତ କର୍ମର ପରମଫଳ । ହେ ମାଧବ ! ତୁ ଏହି ନୀଚ ଲାଗି ବାଉରି ହେଲୁ ? ମୁଁ ତ ଏହି ଅଗ୍ନିରେ ଜଳି ଯାଉଛି । ହେ ନାଥ, ମୁଁ ଯାହାର ଧାନ ଲୁଟେଇ ଦେଇଥିଲି, ସେ ମୋ ପ୍ରାଣ ନେବା ଛଡ଼ା ଆଉ କ'ଣ କରି ଥାଆନ୍ତା ? ହେ ଗୁଣସାଗର ଜଗଦୀଶ୍ୱର ! ତୁ ଏତେ କଷ୍ଟ କାହିଁକି କଲୁ ?

ଏତିକି କହି ଦାମାଜି ଉନ୍ମତ୍ତ ପରି ହୋଇଗଲେ, ପାଣ୍ଡୁରଙ୍ଗ, ପାଣ୍ଡୁରଙ୍ଗ, ପାଣ୍ଡୁରଙ୍ଗ ଡାକ ଛାଡ଼ିଲେ । ଦୟାମୟ ଭଗବାନ୍ ବାଦଶାହ ଓ ଦାମାଜିଙ୍କୁ ପୁନଃ ଦର୍ଶନ ଦେଇ କୃତାର୍ଥ କଲେ । ଧନ୍ୟ ପ୍ରଭୁ, ତୁମର ଭକ୍ତ ବତ୍ସଳତା !

ବୋଲ ଭକ୍ତ, ଭଗବାନ୍‌ଙ୍କର ଜୟ ।

ରାମାନନ୍ଦ-ବୈଷ୍ଣବ ସଂପ୍ରଦାୟର
ପ୍ରସିଦ୍ଧ ଓ ଉଚ୍ଚକୋଟୀର ମହାପୁରୁଷ

ଭକ୍ତ କୁବା କୁମ୍ଭାର

ଭକ୍ତ ହୃଦୟରୁ ଭଗବାନଙ୍କ ମୋହନ ମୂର୍ତ୍ତି କେବେ ବି ଅପସରେ ନାହିଁ । ସେ ନିଜକୁ ଭୁଲି ଭଗବାନଙ୍କ ପ୍ରେମରେ ମୁଗ୍ଧ ରହନ୍ତି । ସେ ଜାତି-ପାତି, କୁଳ-ଧର୍ମ, ଲୋକ-ପରଲୋକ ସବୁ ଭଗବାନଙ୍କ ଚରଣରେ ସମର୍ପଣ କରି ଦିଅନ୍ତି । ଜାଗ୍ରତ-ସ୍ୱପ୍ନ, କାମ-କାର୍ଯ୍ୟ, ବସିବା-ଉଠିବାରେ ସଦା ସର୍ବଦା ନିଜ ପରମ ପ୍ରିୟତମଙ୍କ ନାମ-ଗୁଣଗାନ କରନ୍ତି । ଏପରି ଭକ୍ତ ଜଗତକୁ ପାବନ କରି ଦିଅନ୍ତି ଏବଂ ସଂସାର ସାଗରରେ ଡୁବି ଯାଉଥିବା ପ୍ରାଣୀମାନଙ୍କୁ ଉଦ୍ଧାର କରି ଦିଅନ୍ତି । ଏହିପରି ଜଣେ ତନ୍ମୟ ଭକ୍ତଙ୍କର ଏହା ଏକ ପବିତ୍ର ଚରିତ ।

ରାଜପୁତାନାରେ ବହୁକାଳ ପୂର୍ବେ କୌଣସି ଗ୍ରାମରେ କୁବା ନାମରେ ଜଣେ ଭକ୍ତ ଜନ୍ମଗ୍ରହଣ କରିଥିଲେ । ସେ ଜାତିରେ କୁମ୍ଭାର ଥିଲେ । ମାଟି ହାଣ୍ଡି ତିଆରି କରି ବିକିବା ପୁରୁଷାନୁକ୍ରମେ ତାଙ୍କର ପେସା ଥିଲା । ତାଙ୍କ ଧର୍ମପତ୍ନୀଙ୍କ ନାମ ଥିଲା ପୁରି । ସେ ଥିଲେ ଧର୍ମ-ପରାୟଣା ଓ ପତିବ୍ରତା । ମାସରେ କେବଳ ତିରିଶଟି ହାଣ୍ଡି ଗଢ଼ି ତାହାକୁ ବିକି ସେଥିରେ ସ୍ତ୍ରୀ-ପୁରୁଷ ଜୀବନ ନିର୍ବାହ କରୁଥିଲେ ଏବଂ ବାକି ସମସ୍ତ ସମୟ ଭଗବାନଙ୍କ ନାମ ସ୍ମରଣରେ ଲଗାଉ ଥିଲେ । ସତ୍ୟ କହିବା ତାଙ୍କ ଜୀବନର ବ୍ରତ ଥିଲା, କ୍ଷମା ଆଉ ଶାନ୍ତି ତାଙ୍କ ମଧ୍ୟରେ ଯେପରିକି ମୂର୍ତ୍ତିମାନ ହୋଇ ବିରାଜମାନ କରୁଥିଲେ । ହର୍ଷ, ଶୋକ, ଲୋଭ ଓ ଉଦ୍‌ବେଗକୁ ତାଙ୍କ ହୃଦୟରେ କେବେ ବି ସ୍ଥାନ ଦେଉ ନ ଥିଲେ । ସେମାନେ ସଦା ସର୍ବଦା ପରମ ଆନନ୍ଦରେ ମଗ୍ନ ହୋଇ ଭଗବାନଙ୍କ ନିଷ୍କାମ ଭଜନ କରୁଥିଲେ, ଆଉ ଘରକୁ ଆସୁଥିବା ଅତିଥିମାନଙ୍କୁ ଭଗବତ୍ ଭାବରେ ସେବା କରୁଥିଲେ । ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ, ସୁଖ-ଦୁଃଖାଦି ଭୋଗ କର୍ମର ଫଳ ଆଉ ମାୟା ରଚିତ, ଏଥିରେ ଆତ୍ମାର କୌଣସି ସମ୍ବନ୍ଧ ନାହିଁ । ସେଥିପାଇଁ ସେ ସର୍ବଦା ସମଭାବରେ ଆନନ୍ଦରେ ରହୁଥିଲେ ।

କୁବାଜିଙ୍କ ଜୀବନ ବଡ଼ ପବିତ୍ର ଥିଲା । ଏତେ ଅଳ୍ପ ପରିମାଣ ମାଟିହାଣ୍ଡି ବିକ୍ରିର ପଇସାରେ ଅତିଥିସେବା ଆଉ ନିଜ ଜୀବନନିର୍ବାହ କରିବାକୁ ପଡୁଥିଲା । ଏହି କାରଣରୁ ତାଙ୍କ ଘରେ ଅନ୍ନ, ବସ୍ତ୍ର ପ୍ରାୟହିଁ ଅଭାବ ହେଉଥାଏ । କିନ୍ତୁ ଏଥିପାଇଁ ତାଙ୍କର କୌଣସି ଚିନ୍ତା ନ ଥାଏ । ସେ ସର୍ବଦା ସନ୍ତୁଷ୍ଟ ଥାଆନ୍ତି । ତାଙ୍କ ଦାନ ଅନ୍ନ ଏପରି ପବିତ୍ର ଥିଲା ଯେ, ଯେ କେହି ଥରେ ସେବନ କରୁଥିଲେ ସେ ଭକ୍ତ ହୋଇ ଯାଉଥିଲେ । ଭକ୍ତ-ବତ୍ସଳ ଭଗବାନ୍ ଭକ୍ତ କୁବାଜିଙ୍କ ଦ୍ୱାରା ନିଜ ଭକ୍ତି ପ୍ରଚାର କରିବାକୁ ଚାହୁଁଥିଲେ, ସେଥିଲାଗି ଏକ ଲୀଳା କଲେ ।

ଥରେ ଏକଦଳ ସାଧୁ, ପ୍ରାୟ ଦୁଇଶହ ହେବେ, ଭଜନ କୀର୍ତ୍ତନ କରି କୁବାଜିଙ୍କ ଗ୍ରାମରେ ପହଞ୍ଚିଲେ । ସାଧୁମାନେ ଗ୍ରାମ ଲୋକଙ୍କୁ କହିଲେ, ''ଆମ୍ଭେମାନେ କ୍ଷୁଧାର୍ତ୍ତ, କେହି ଉଦାର ସଜ୍ଜନ ଆମ୍ଭମାନଙ୍କୁ ଯଦି ଭୋଜନ ପ୍ରସ୍ତୁତ କରିବାର ଜିନିଷ-ପତ୍ର ଦିଏ, ତେବେ ବହୁତ ଭଲ ହେବ ।'' ଗ୍ରାମରେ ଧନୀ-ମାନୀ ଲୋକ ତ ଥିଲେ । ମାତ୍ର ଲୋକେ କୁବାଜିଙ୍କ ନାମହିଁ କହିଦେଲେ । ଧନର ସଦୁପଯୋଗ କୌଣସି ଭାଗ୍ୟବାନ୍ ବ୍ୟକ୍ତିର ହାତରେହିଁ ହୁଏ । ଅନ୍ୟଥା ଧନ ସାଧାରଣତଃ ତିନି ପ୍ରକାର କାର୍ଯ୍ୟରେ ଲାଗେ — ମନୁଷ୍ୟ ଧନକୁ ଭୋଗ ବିଳାସରେ ଲୁଟେଇ ପାପ ସଞ୍ଚୟ କରେ, ଅଥବା ସର୍ପ ପରି ସମସ୍ତ ଜୀବନ ଧନ ରକ୍ଷା କରି ଶେଷରେ ଖାଲି ହାତ ପ୍ରସାରି ଚାଲିଯାଏ, ଅଥବା କୌଣସି ନାମ ଯଶଃ ବା ମକଦ୍ଦମା-ବାଜିରେ ଉଡ଼େଇ ଦିଏ । କିନ୍ତୁ ଗୃହ-ଆଗତ ସାଧୁ-ସଜ୍ଜ ଅତିଥି ସେବାରେ ବା କୌଣସି ଉତ୍ତମ ଆଧ୍ୟାତ୍ମିକ କାର୍ଯ୍ୟରେ ସମସ୍ତଙ୍କ ଧନ ଲାଗେ ନାହିଁ, କେବଳ ପୁଣ୍ୟବାନ୍ ଭଗବତ୍ କୃପା-ପାତ୍ରଙ୍କ ଧନ ଏପରି ସତ୍‌କାର୍ଯ୍ୟରେ ଲାଗିଥାଏ । ଆଗତ ଅତିଥିମାନଙ୍କ ସତ୍‌କାର କରିବା ପରମ ପୁଣ୍ୟର ଫଳ ଅଟେ ।

ସାଧୁ ମଣ୍ଡଳୀ କୁବାଜିଙ୍କ ଘରେ ପହଞ୍ଚି 'ସୀତାରାମ' ଧ୍ୱନି ଲଗେଇ ଦେଲେ । ପ୍ରିୟ ଭଗବାନଙ୍କର ଗଗନବ୍ୟାପୀ ନାମ ଧ୍ୱନି ଶୁଣି କୁବାଜିଙ୍କ ଶରୀର ପୁଲକିତ ହୋଇଗଲା । ସେ ଦୌଡ଼ି ବାହାରି ଆସିଲେ । ସାଧୁ-ମଣ୍ଡଳୀଙ୍କୁ ଦେଖି ହୃଦୟ-ସମୁଦ୍ର ଆନନ୍ଦରେ ଉଛୁଳି ପଡ଼ିଲା । ସେ ସମସ୍ତଙ୍କୁ ସାଷ୍ଟାଙ୍ଗ ଦଣ୍ଡବତ କରି କହିଲେ, ''ମୋର ଆଜି ବଡ଼ ଭାଗ୍ୟ, ଆଜି ଆପଣମାନଙ୍କ ଭଳି ମହାନୁଭବମାନଙ୍କର ଦର୍ଶନ ହେଲା । କୃପା କରି କିଛି ସେବା କରିବାକୁ ଆଦେଶ ଦିଅନ୍ତୁ ।'' ମଣ୍ଡଳୀର ପ୍ରଧାନ ସନ୍ଥ କହିଲେ, ''ସାଧୁମାନେ ବହୁତ କ୍ଷୁଧାର୍ତ୍ତ, ସେମାନଙ୍କ ସକାଶେ ଭୋଜନର ପ୍ରବନ୍ଧ ହେଲେ ଭଲ ହେବ ।'' କୁବାଜି ବଡ଼ ଆନନ୍ଦରେ ଆଜ୍ଞାକୁ ଶିରୋଧାର୍ଯ୍ୟ କଲେ । କିନ୍ତୁ ଘରେ ଏକ ଛଟାଙ୍କି ବି ଅନ୍ନ ନାହିଁ । ଦୁଇଶହ ଲୋକଙ୍କ ଭୋଜନ କେଉଁଠୁ ଯୋଗାଡ଼ କରିବେ ? କୁବାଜି ମନେ ମନେ ଭଗବାନଙ୍କୁ ସ୍ମରଣ କରି ତା' ପରେ ଜଣେ ମହାଜନ ଘରକୁ ଯାଇ କହିଲେ, ''ସେଠ୍ ସାହେବ, ମୋ ଘରକୁ ଦୁଇଶହ ମହାତ୍ମା ଅତିଥି ଆସିଛନ୍ତି, ସେମାନଙ୍କ ସକାଶେ ଭୋଜନ-ଦ୍ରବ୍ୟ ଆବଶ୍ୟକ । ଯେପରି ଚାହିଁବେ, ସେହି ଅନୁସାରେ ଦ୍ରବ୍ୟର ଦାମ୍ ପରିଶୋଧ କରି ଦେବି ।'' କୁବାଜିଙ୍କ ନିର୍ଧନତା ସଙ୍ଗେ ସଙ୍ଗେ ତାଙ୍କର ସତ୍ୟବାଦିତା ଆଉ ତାଙ୍କ ପ୍ରତିଜ୍ଞାବଦ୍ଧତା ସମ୍ବନ୍ଧେ ମହାଜନ ପୂର୍ଣ୍ଣ ପରିଚିତ ଥିଲେ । ମହାଜନ କହିଲେ — ''ଭାଇ, ମୋତେ ଗୋଟିଏ କୂଅ ଖୋଳାଇବାକୁ ହେବ, ତୁ ଯଦି ନିଜେ କୂଅ ଖୋଳି ଦେବାକୁ ବଚନ-ବଦ୍ଧ ହେଉ, ତେବେ ବର୍ତ୍ତମାନ ମୁଁ ସାଧୁମାନଙ୍କ ସକାଶେ ସବୁକିଛି ସିଧା ସଳଖ ଦେଇ ଦେବି'' । ଭକ୍ତ କୁବାଜି ମହାଜନଙ୍କ ସର୍ତ୍ତ ସ୍ୱୀକାର କରିନେଲେ । ମହାଜନ ଚାଉଳ, ଡାଲି, ଅଟା, ଘୃତ ଓଗେର ସମସ୍ତ ଦ୍ରବ୍ୟ ଦେଇଦେଲେ । କୁବାଜି ହର୍ଷ ଉଲ୍ଲାସରେ ସମସ୍ତ ସାମଗ୍ରୀ ବହନ କରି ଆଣି ସାଧୁମାନଙ୍କ ପାଖରେ ରଖି ଦେଲେ । ବାସ୍ ଆଉ କ'ଣ ଅଛି ? ସେହିକ୍ଷଣି ସମସ୍ତ ସାଧୁ ରୋଷେଇରେ ଲାଗି ପଡ଼ିଲେ । କିଛି ସମୟ ପରେ ବହୁତ ପ୍ରକାର ଭୋଜନସାମଗ୍ରୀ ତୟାର ହୋଇଗଲା । ଭଗବାନଙ୍କୁ ଭୋଗ ନିବେଦନ କରିବା ପରେ ସାଧୁମାନଙ୍କ ପଙ୍ଗତ ବସିଲା । ସେତେବେଳେ କାହାକୁ ମନା ନାହିଁ, ଯେ କେହି ଆସିଲେ ସମସ୍ତେ ବସିଲେ ଭୋଜନରେ । ମଣ୍ଡଳୀର ପ୍ରଧାନ ସନ୍ଥଙ୍କ ଆଦେଶାନୁସାରେ କୁବାଜି ମଧ୍ୟ ଭୋଜନ କରିବାକୁ ବସିଲେ । ସାଧୁମାନଙ୍କ ନିୟମାନୁସାରେ କିଛି ସମୟ ପର୍ଯ୍ୟନ୍ତ ଭଗବାନ୍ ଓ ସମ୍ପ୍ରଦାୟର ଆଚାର୍ଯ୍ୟ ଏବଂ ପ୍ରଧାନ ତୀର୍ଥମାନଙ୍କର ଜୟଧ୍ୱନି କରିବା ପରେ ମହାପ୍ରସାଦ ସେବା ଆରମ୍ଭ ହେଲା । ସେ ଦିନ ଭୋଜନାର୍ଥୀ କେଡ଼େ ଭାଗ୍ୟବାନ୍ ନ ଥିଲେ ! ସେ ଦିନର ପ୍ରସାଦ ଥିଲା ଅମୃତ । ଯେ କେହି ସେ ଦିନ ପ୍ରସାଦ ସେବନ କରିଛି ସେ କୃତାର୍ଥ ହୋଇଯାଇଛି । ପ୍ରସାଦ ସେବନ ସଙ୍ଗେ ସଙ୍ଗେ ସମସ୍ତେ ଏକ ଦିବ୍ୟ ଆନନ୍ଦ ଅନୁଭବ କରିବାକୁ ଲାଗିଲେ । ଭୋଜନ ପରେ ସେହି ସାଧୁବେଶଧାରୀ ଭଗବାନ୍ କୁବାଜିଙ୍କ ଅଚଳା-ଭକ୍ତିର ବରଦାନ କରି ମଣ୍ଡଳୀ ସହିତ ଚାଲିଗଲେ ।

ସାଧୁମାନଙ୍କ ଯିବାପରେ ପ୍ରତିଜ୍ଞାବଦ୍ଧ କୁବାଜି ପତିବ୍ରତା ପତ୍ନୀ ପୁରି ସହିତ ମହାଜନ ପାଖକୁ ଯାଇ ନିର୍ଦ୍ଦେଶ ଅନୁସାରେ କୂଅ ଖୋଳିବା କାମରେ ଲାଗିଗଲେ । କୁବାଜି ମାଟି ଖୋଳୁଥା'ନ୍ତି ଆଉ ତାଙ୍କ ସ୍ତ୍ରୀ ମାଟି ବୋହି ନେଉ ଥାଆନ୍ତି । ହରିନାମ ଧ୍ୱନି ବରାବର ଦୁଇଜଣଙ୍କ କାମ ସଙ୍ଗେ ସଙ୍ଗେ ଚାଲିଥାଏ । ବହୁତ ଦିନ ପର୍ଯ୍ୟନ୍ତ ଏହିପରି ଖୋଳିବାରେ ଶେଷରେ ଦିନେ କୂଅରୁ ଜଳ ଝରିଲା, ଜଳ ବହୁତ ମିଠା ଲାଗିଲା । କିନ୍ତୁ ତଳେ ବାଲି ବହୁତ ଅଧିକ ହେବାରୁ ଉପରେ ଥିବା ମାଟି ଜମିକୁ ଅଟକାଇ ରଖିବାର କୌଣସି ଦୃଢ଼ ଆଧାର ନ ଥିଲା । ଦିନେ କୁବାଜି କୂଅ ଭିତରକୁ ଯାଇ କିଛି କାମ କରୁଥିଲେ, ଉପରର ମାଟି ଧସି ହୋଇ ତାଙ୍କ ଉପରେ ଅଜାଡ଼ି ହୋଇ ପଡ଼ିଲା । ପୁରି ଦୂରରେ ଥିଲା, କିନ୍ତୁ କୁବାଜି ତଳେ ସେ କୂଅ ଭିତରେ ମାଟି ଭିତରେ ପୋତି ହୋଇଗଲେ । ପୁରି ଖୁବ୍ ଜୋରରେ କାନ୍ଦ ବୋବାଳି ଛାଡ଼ିଲା । ପାଟି ଶୁଣି ଗ୍ରାମ ଲୋକଙ୍କ ସହିତ ଶେଠ୍‌ଜି ବି ଆସି ପହଞ୍ଚିଲେ । କୁବାଜି ବହୁତ ମାଟିତଳେ ପୋତି ହୋଇ ପଡ଼ିଥିବାରୁ ସମସ୍ତଙ୍କୁ ବଡ଼ ଦୁଃଖ ଲାଗିଲା । କୂଅ ବହୁଦୂର ଖୋଳା ଯାଇଥିଲା, ଏତେ ମାଟି କାଢ଼ିବା ଦିନକର କାମ ନ ଥିଲା । ମାଟି କାଢ଼ିବା ଆଗରୁ କୁବାଜି ମରି ଯାଇଥିବେ, ଏହି କଥା ଭାବି ଲୋକମାନେ ମାଟି କାଢ଼ିବା ପ୍ରୟାସ ବ୍ୟର୍ଥ ମନେକରି ପୁରିକୁ ବୁଝାଇବାକୁ ଆରମ୍ଭ କଲେ । ସେମାନେ କହିଲେ, ଦେଖ, ଯାହା ହେବାର ହେଲାଣି, ଏବେ ବ୍ୟାକୁଳ ହେବାରେ କିଛି ଲାଭ ନାହିଁ, ତୁମେ ଘରକୁଯାଇ ଭଗବାନଙ୍କୁ ଭଜନ କର ।'' କେହି କେହି କହିଲେ, ''ଏ ସଂସାରରୁ ସମସ୍ତଙ୍କୁ ଦିନେ

ନା ଦିନେ ଯିବାକୁ ହେବ, ଏହା ଯଦି ନିଶ୍ଚିତ, ତେବେ ଏ ସକାଶେ ଶୋକ କରିବା ବ୍ୟର୍ଥ ନୁହେଁ ତ ଆଉ କ'ଣ ? ତାଙ୍କ ଭାଗ୍ୟରେ ଏହାହିଁ ଥିଲା ।'' କେହି ସହୃଦୟ ବ୍ୟକ୍ତି ଭୋଜନ ଦ୍ରବ୍ୟ ପହଞ୍ଚାଇ ଦେବାକୁ ଆଶ୍ୱାସନା ଦେଲେ । କିନ୍ତୁ ପତିବ୍ରତା ସ୍ତ୍ରୀର ଦୁଃଖ ଏ କଥାରେ କିପରି ଯିବ ?

ସେଥିଭିତରୁ ଜଣେ କହିଲେ, ସେ ତ ଭାରି ବଡ଼ ଭକ୍ତ ଥିଲେ, ତାଙ୍କ ଉପରେ ଈଶ୍ୱରଙ୍କ ଏତେ ବଡ଼ କୋପ କାହିଁକି ହେଲା ? ଅନ୍ୟଜଣେ କହିଲେ, ଏ ଘଟଣା ଘଟିବାର ଥିଲା, ଏହା ତାଙ୍କ ପ୍ରାରବ୍ଧ ଫଳ, କିନ୍ତୁ ଭଗବାନ୍ ନିଜ ଭକ୍ତକୁ ରକ୍ଷା କରିବା ଉଚିତ ଥିଲା । ଆଉ ଜଣେ କହିଲେ, ଧର୍ମ ଧର୍ମ କହିବା ମୂର୍ଖଙ୍କର ଏହିପରି ଦୁର୍ଗତି ହୁଏ । ଯଦି ମାହାଳିଆ ଖାଇବା ଲୋକଙ୍କୁ ଭୋଜନ କରାଇବା-ଭୂତ ଏହା ଉପରେ ସବାର ନ ଥାଆନ୍ତା, ତେବେ ଏହାର କାହିଁକି ଏପରି ଦୁର୍ଦଶା ହୁଅନ୍ତା ? ଅନ୍ୟଜଣେ କଥାପ୍ରସଙ୍ଗରେ କହିଲା, କ'ଣ ଅଛି ଭଗବାନଙ୍କ ଭକ୍ତିରେ ? ଏହି ପ୍ରକାରେ ଲୋକେ ନିଜ ନିଜ ଧାରଣାନୁସାରେ ନାନା ପ୍ରକାର ଚର୍ଚ୍ଚା କଲେ । ଶେଷରେ କୁବାଜିଙ୍କ ପତ୍ନୀ ପୁରିକୁ ଲୋକେ ସମ୍ଝେଇ ବୁଝେଇ ତାଙ୍କୁ ସଙ୍ଗେରେ ନେଇ ତାଙ୍କ ଘରେ ପହଞ୍ଚାଇ ଦେଲେ । ପୁରିର ଦୁଃଖକୁ ଅନ୍ୟକେହି କିପରି ଅନୁଭବ କରି ପାରିବ ? ସେ ବିଚାରୀ ଦିନ ରାତି ଘରେ ବସି ଲୁହ ବୁହାଇ ଦିନ କାଟିବାକୁ ଲାଗିଲା ।

କିଛିଦିନ ପରେ ଗ୍ରାମର ଲୋକେ ଏହି ଦୁର୍ଘଟନାକୁ ଭୁଲିଗଲେ । ମମତା ଛଡ଼ା କିଏ କାହାକୁ ସ୍ମରଣ କରେ ? ଦିନ ଯିବାରେ ବିଳମ୍ବ ହୁଏ ନାହିଁ । ଏହିପରି ପୁରା ଏକ ବର୍ଷ ବିତିଗଲା । ବର୍ଷା ପାଣିରେ ମାଟି ଧୋଇ ହୋଇ ଆସି କୂଅ ଖାଲ ବି ଭର୍ତ୍ତି ହୋଇଗଲା; କୂଅ ଖୋଳା ହୋଇଥିବାର କୌଣସି ଚିହ୍ନ ପର୍ଯ୍ୟନ୍ତ ବି ରହିଲା ନାହିଁ । ଲୋକଙ୍କ ଯିବା ଆସିବା ରାସ୍ତା କଡ଼ରେ ସେହି କୂଅ ଖୋଳା ହୋଇଥିଲା । ଦିନେ କେତେ ଜଣ ଯାତ୍ରୀ ଯାଉଥିଲେ, ରାତି ହେବାରୁ ସେହି କୂଅ ପାଖରେ ରହିଗଲେ । ଜମି ଭିତରୁ କରତାଳ, ମୃଦଙ୍ଗ ଆଉ ବୀଣା ସହିତ ହରିକୀର୍ତ୍ତନ ଧ୍ୱନି ସେମାନେ ଶୁଣି ପାରିଲେ । ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ । ସମସ୍ତ ରାତ୍ରି ସେମାନେ ସେହି ପ୍ରକାର ଧ୍ୱନି ଶୁଣୁଥିଲେ । ସେ ଧ୍ୱନିର ଏବେ ପ୍ରଭାବ ପଡ଼ିଲା ଯେ ସେମାନେ ଆଉ ଚୁପ୍ ରହି ପାରିଲେ ନାହିଁ । ନିଜେ ନିଜେ ହରି ନାମ ଧ୍ୱନି କରିବାକୁ ଆରମ୍ଭ କଲେ ଏବଂ ସେଥିରେ ଏକେବାରେ ମତ୍ତ ହୋଇ ସମସ୍ତ ରାତ୍ରି ବିତାଇ ଦେଲେ । ଏମାନଙ୍କ ଧ୍ୱନି ଶୁଣି ରାତି ନ ପାହୁଣୁ ଗ୍ରାମର ବହୁ ଲୋକ ସେଠାରେ ଜମା ହୋଇଗଲେ ଏବଂ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି କୀର୍ତ୍ତନର କାରଣ ପଚାରିବାରୁ ସେମାନେ ରାତ୍ରିର ସମସ୍ତ ଘଟଣା କହିଗଲେ । ପ୍ରଥମେ ସେମାନଙ୍କୁ ବିଶ୍ୱାସ ହେଲା ନାହିଁ, କିନ୍ତୁ ଯେତେବେଳେ କାନ ଡେରି କରି ରହିଲେ, ସେତେବେଳେ ମାଟି ଭିତରୁ ସେମାନେ ବି ସେହିପରି ହରିନାମ-ଧ୍ୱନି ଶୁଣିବାକୁ ପାଇଲେ । ଏବେ ସେମାନଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ତତ୍କ୍ଷଣାତ୍ ମୁହେଁ ମୁହେଁ ଏ ଖବର ଚାରିଆଡ଼େ ବ୍ୟାପିଗଲା । ପାଖ ପାଖ ଗ୍ରାମର ସ୍ତ୍ରୀ-ପୁରୁଷ, ବାଳ-ବୃଦ୍ଧ ହଜାର ହଜାର ସଂଖ୍ୟାରେ ହରି ନାମ ଧ୍ୱନି ଶୁଣିବା ସକାଶେ ସେଠାରେ ଏକତ୍ର ହୋଇଗଲେ । ଏ ଖବର ରାଜାଙ୍କ ପାଖରେ ବି ପହଞ୍ଚିଗଲା । ରାଜା ମନ୍ତ୍ରୀ ଅନ୍ୟାନ୍ୟ ଅନୁଚରବର୍ଗଙ୍କ ସହିତ ସେଠାକୁ ଆସିଲେ ଏହାର ସତ୍ୟତା ଜାଣିବା ପାଇଁ । ରାଜା ନିଜେ ଭଜନ ଧ୍ୱନି ଶୁଣି ସେ ସ୍ଥାନର ଇତିହାସ ଲୋକଙ୍କୁ ପଚାରିଲେ । ସେମାନଙ୍କଠାରୁ ସମସ୍ତ ଘଟଣା ଶୁଣି ଧୀରେ ଧୀରେ ମାଟି ଖୋଳିବାକୁ ଆଦେଶ ଦେଲେ । ସେହିକ୍ଷଣି ହଜାର ସଂଖ୍ୟାରେ ଲୋକ ମାଟି ଖୋଳିବାରେ ଲାଗିଗଲେ । ଅଳ୍ପ କେତେ ଘଣ୍ଟା ମଧ୍ୟରେ ସମସ୍ତ ମାଟି କଢ଼ା ହୋଇଗଲା, କୂଅ ପରିଷ୍କାର ହୋଇଗଲା । ଭିତରର ଦୃଶ୍ୟ ଥିଲା ଅଦ୍ଭୁତ । ସୌଭାଗ୍ୟଶାଳୀ ରାଜା ଏବଂ ସୌଭାଗ୍ୟଶାଳୀ ଲୋକ ସେ ମନୋହର ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ଓ ଚକିତ ହୋଇଗଲେ । ସମସ୍ତେ ଦେଖିଲେ, ଗୋଟିଏ ପାଖରେ ନିର୍ମଳ ଜଳ-ସ୍ରୋତ ବହୁଅଛି ଓ ଅନ୍ୟପାଖରେ ଶ୍ରୀହରି, ନୀଳ-କମଳ ପରି ଯାହାଙ୍କ କାନ୍ତି ସେ ଚତୁର୍ଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରି, ପୀତାମ୍ବର ପରିଧାନ କରି, ଆସନ ଉପରେ ବିରାଜି ମଧୁର ମନ୍ଦ-ହାସ୍ୟରେ ନିଜ ଭକ୍ତ କୁବାଜିଙ୍କ ଆଡ଼କୁ କୃପା ଦୃଷ୍ଟିରେ ଦେଖୁ ଅଛନ୍ତି । ଭକ୍ତବର କୁବାଜି ତାଙ୍କ ସମ୍ମୁଖରେ ଆନନ୍ଦରେ ବିଭୋର ହୋଇ ଗୁଣଗାନ କରି ନୃତ୍ୟ କରୁଅଛନ୍ତି, ତାଙ୍କ ନେତ୍ରରୁ ପ୍ରେମ-ଲୋତକ-ଧାରା ପ୍ରବାହିତ ହେଉଅଛି । ଶରୀରର କୌଣସି ଜ୍ଞାନ ନାହିଁ । ଦିବ୍ୟ-ବାଦ୍ୟ ବାଜୁଅଛି, ଯାହାର ମଧୁର ଧ୍ୱନିରେ ସମସ୍ତ ଆକାଶ ଗୁଞ୍ଜାୟମାନ ହେଉଅଛି ।

ଏହି ଦିବ୍ୟ ଦୃଶ୍ୟ ଦେଖି ସମସ୍ତଙ୍କ ଅନ୍ତଃକରଣରେ ଶ୍ରଦ୍ଧା, ଭକ୍ତି ଆଉ ପ୍ରେମର ବନ୍ୟା ଉଛୁଳି ଉଠିଲା । ଧାର୍ମିକ ଆଉ ଭଗବାନଙ୍କ ନିନ୍ଦୁକ ବି ସେ ଦିବ୍ୟ ପ୍ରେମର ପ୍ରବାହରେ ଭାସିବାକୁ ଲାଗିଲେ । ରାଜା ହାତଯୋଡ଼ି ସାଷ୍ଟାଙ୍ଗ ଦଣ୍ଡବତ କଲେ । ସେହି ସମୟରେ ହଠାତ୍ ଭଗବାନ୍ ଅନ୍ତର୍ଦ୍ଧାନ ହୋଇଗଲେ । ରାଜା କୁବାଜିଙ୍କୁ ବାହାରକୁ ଆଣି କହିଲେ, ''ଏ କୌଣସି ସାଧାରଣ ପୁରୁଷ ନୁହନ୍ତି, ସାକ୍ଷାତ୍ ଜଗଦାଧାର ଭଗବାନଙ୍କୁ ଏ ପ୍ରେମପାଶରେ ବାନ୍ଧି ରଖିଅଛନ୍ତି ।'' ସବୁଲୋକ କୁବାଜିଙ୍କୁ ଭକ୍ତି ସହିତ ପ୍ରଣାମ କଲେ ଏବଂ ତାଙ୍କୁ ଦର୍ଶନ କରି ଧନ୍ୟ ମନେକଲେ ।

କୁବାଜିଙ୍କୁ ସମାରୋହରେ ବହୁଲୋକ ତାଙ୍କ ଘରେ ପହଞ୍ଚାଇ ଦେଲେ । ଭକ୍ତବର-ପତିଙ୍କୁ ପାଇ ପୁରିର ଆନନ୍ଦର ସୀମା ରହିଲା ନାହିଁ । ଅଳ୍ପ ଦିନରେ କୁବାଜିଙ୍କ କୀର୍ତ୍ତି ଚାରିଆଡ଼େ ବ୍ୟାପିଗଲା । ଦୂର ଦୂରାନ୍ତରୁ ଲୋକେ ତାଙ୍କୁ ଦର୍ଶନ କରିବାକୁ ଆସି ତାଙ୍କ ଉପଦେଶରେ କୃତାର୍ଥ ହେଲେ । ରାଜା ପ୍ରତିଦିନ ନିୟମିତ ରୂପେ ତାଙ୍କୁ ଦର୍ଶନ କରିବାକୁ ଆସୁଥିଲେ ।

ଶୁଣାଯାଏ ଯେ ଥରେ ଅକାଳ ଦୁର୍ଭିକ୍ଷରେ କୁବାଜିଙ୍କ ଭକ୍ତି-ପ୍ରଭାବରୁ ଲୋକଙ୍କୁ ପ୍ରଚୁର ଅନ୍ନ ମିଳିଥିଲା । ଆଉ ବି ବହୁତ ଅଲୌକିକ ଘଟଣା ତାଙ୍କ ଜୀବନରେ ଘଟିଥିଲା । ବହୁତ ନରନାରୀ ତାଙ୍କ ସମ୍ପର୍କରେ ଆସି ଭବସାଗରରୁ ତରି ଯାଇଥିଲେ ।

ବୋଲ, ଭକ୍ତ ଆଉ ଭଗବାନଙ୍କର ଜୟ ।

ଭକ୍ତ ରାମଦାସ ମୋଚି

ଦକ୍ଷିଣ ପ୍ରଦେଶ ଗୋଦାବରୀ ତଟରେ କନକାବତୀ ନାମରେ ଗୋଟିଏ ନଗରୀ ଥିଲା । ରାମଦାସ ସେଠାରେ ବାସ କରୁଥିଲେ, ସେ ଥିଲେ ଜାତିରେ ମୋଚି । କିନ୍ତୁ ତାଙ୍କ ହୃଦୟ ଥିଲା ଅତ୍ୟନ୍ତ ସରଳ । ସେ ସତ୍ୟ ଆଉ ନ୍ୟାୟରେ ଅର୍ଥ ଉପାର୍ଜନ କରି ଜୀବିକା ନିର୍ବାହ କରୁଥିଲେ ଏବଂ ନିରନ୍ତର ପ୍ରଭୁଙ୍କୁ ଭଜନ ଚିନ୍ତନ ବି କରୁଥିଲେ । ଭକ୍ତ ରୈଦାସଙ୍କ ନାମ ବହୁତ ଲୋକ ଶୁଣିଥିବେ, କିନ୍ତୁ ରାମଦାସଙ୍କ ଭକ୍ତି ରୈଦାସଙ୍କଠାରୁ କିଛି ଅଂଶରେ ବି କମ୍ ନ ଥିଲା । ରାମଦାସଙ୍କ ପତିବ୍ରତା ସ୍ତ୍ରୀଙ୍କ ନାମ ଥିଲା ମୂଳୀ । ଦମ୍ପତି ମଧ୍ୟରେ ପ୍ରେମ ନିବିଡ଼ ଥିଲା । ସେମାନଙ୍କ ଏକମାତ୍ର ପୁତ୍ର ପିତୃମାତୃ ଭକ୍ତ ଥିଲା । ସ୍ତ୍ରୀ-ପୁରୁଷ ଦୁଇଜଣ ମିଳି ଜୋତା ତିଆରି କରନ୍ତି ଆଉ ରାମଦାସ ବଜାରରେ ତାହା ବିକ୍ରି କରନ୍ତି । ଯଥାର୍ଥ ଉପାର୍ଜନ ପଇସା ହୁଏ ସାତ୍ତ୍ୱିକ; ଏହିପରି ଉପାର୍ଜିତ ପଇସାର ସଦୁପଯୋଗ ହୁଏ ଏବଂ ଏଥିରେ ଦାତା, ଗ୍ରହୀତା ଉଭୟର ଅନ୍ତଃକରଣ ଶୁଦ୍ଧ ହୁଏ ।

ତିନି ପ୍ରାଣୀଙ୍କ ଭୋଜନ ପରେ ଯେଉଁ ପଇସା ବଞ୍ଚି ଯାଏ, ସେଥିରେ ରାମଦାସ ଅତିଥି ଅଭ୍ୟାଗତ ଅଥବା ପୀଡ଼ିତ ମାନବଙ୍କର ସେବା କରନ୍ତି । ସେ କେବେ କେବେ ଭଗବାନଙ୍କ ନାମ କୀର୍ତ୍ତନ ଶୁଣିବାକୁ ଯାଆନ୍ତି ଆଉ ବଡ଼ ପ୍ରେମରେ ସ୍ୱୟଂ ବି ନିଜ ଘରେ କୀର୍ତ୍ତନ କରନ୍ତି । କୀର୍ତ୍ତନରେ ଶୁଣିଥିବା ''ହରି ମୈଁ ଜୈସୋ ତୈସୋ ତେରୋ'' ପଦଟି ତାଙ୍କୁ ବଡ଼ ପ୍ରିୟ ଲାଗେ । ତେଣୁ ସେ ମୁଖସ୍ଥ କରି ନିରନ୍ତର ଏହି ପଦକୁ ଗୁଣିଗୁଣି ସମସ୍ତ କାମଧନ୍ଧା କରନ୍ତି । ପଦର ଅର୍ଥ ବି ତାଙ୍କ ହୃଦୟର ମର୍ମସ୍ଥଳରେ ପ୍ରବେଶ କରି ଯାଇଥିଲା । ସେ ପ୍ରକୃତରେ ନିଜକୁ ଭଗବାନଙ୍କ ଦାସ ଆଉ ଆଶ୍ରିତ ଜାଣି ମନେ ମନେ ଆନନ୍ଦରେ ମଗ୍ନ ହେଉଥିଲେ ।

ଭଗବାନ୍ ତ ଭାବଗ୍ରାହୀ, ସେ ଅଶ୍ରଦ୍ଧାରେ ବେଦମନ୍ତ୍ର ଉଚ୍ଚାରଣରେ ପ୍ରସନ୍ନ ନ ହୋଇ ଭକ୍ତର ପ୍ରେମ-ପୂର୍ଣ୍ଣ ଅସ୍ପଷ୍ଟ ଶବ୍ଦରେ ପ୍ରସନ୍ନ ହୋଇଯାଆନ୍ତି । ରାମଦାସଙ୍କ ବିଶୁଦ୍ଧ ଆଉ ସରଳ ହୃଦୟ-କନ୍ଦରରୁ ଉଚ୍ଚାରିତ ଏହି ପଦରେ ପ୍ରସନ୍ନ ହୋଇ ପ୍ରଭୁ ଆହୁରି ବେଶୀ ଭାବରେ ତାଙ୍କୁ ନିଜର କରିନେବାକୁ ଚାହିଁଲେ । ଦିନେ କେତେକ ଚୋର ଗହଣା ସହିତ କେଉଁଠୁ ଗୋଟିଏ ସୁନ୍ଦର, ସୁଲକ୍ଷଣଯୁକ୍ତ, ସ୍ୱର୍ଣ୍ଣଭୂଷିତ ଗୋଟିଏ ବିଶାଳ ଶାଳ-ଗ୍ରାମ ମୂର୍ତ୍ତି ଚୋରାଇ ଆଣିଥିଲେ । ସୁନା ତ ଘରେ ରଖି ନେଲେ; ବାକି ରହିଲେ ଶାଳଗ୍ରାମଶିଳା । ସେଥିରେ ତାଙ୍କର ସମ୍ପର୍କ କ'ଣ ? ସେମାନଙ୍କ ମଧ୍ୟରୁ ଜଣେ ଚୋରର ଜୋତା ଛିଡ଼ି ଗଲା, ସେ ଭାବିଲା ଏହି ପଥର ବଦଳରେ ହଳେ ଜୋତା ମିଳିଗଲେ ବଡ଼ ଭଲ ହେବ । ଭଗବାନଙ୍କ ପ୍ରେରଣାରେ ଶାଳଗ୍ରାମ ମୂର୍ତ୍ତିକୁ ହାତରେ ଧରି ସେ ସିଧା ରାମଦାସଙ୍କ ଘରେ ପହଞ୍ଚିଲା ଏବଂ ମୂର୍ତ୍ତି ତାଙ୍କୁ ଦେଖାଇ କହିଲା, ''ହେ ଭାଇ, ଦେଖ, ଏ ପଥର କେଡ଼େ ସୁନ୍ଦର, ଟିକିଏ ତୋ ହତିଆରକୁ ଘଷି ଦେଖ, କିପରି ତୀକ୍ଷ୍ଣ ହେବ, କିନ୍ତୁ ଏ ସାଧାରଣ ପଥର ନୁହେଁ ଏହା ବଦଳରେ ଯୋଡ଼ିଏ ଜୋତା ଦେବାକୁ ହେବ ।''

ରାମଦାସ ସେ ସମୟରେ କାମ କରୁଥିଲେ ଏବଂ ମୁହଁରେ ''ହରି ମୈଁ ଜୈସୋ ତୈସୋ ତେରୋ'' ପଦ ଗୁଣୁଥିଲେ । ତାଙ୍କ ମନ ଏକ ଅଲୌକିକ ଅପାର୍ଥିବ କଳ୍ପନା ରାଜ୍ୟରେ ବିଚରଣ କରୁଥିଲା; ଭାବୁଥିଲା, ପ୍ରକୃତରେ ଭଗବାନ୍ ମୋତେ ତାଙ୍କ ଶରଣରେ ନେଇ ନେଲେ; ଚିରଦିନ ସକାଶେ ମୁଁ ତାଙ୍କ ସେବକ ହୋଇଗଲି; ଏହି ବିଶ୍ୱାସ ସହ ଆନନ୍ଦରେ ବିଭୋର ହୋଇ ଯନ୍ତ୍ରବତ୍ ସେ ଜୋତା ସିଲାଇ କରୁଥିଲେ । ଚୋରର ଡାକ ଶୁଣି ଚମକି ପଡ଼ିଲେ । ତାଙ୍କ ଭଜନରେ ବାଧା ପଡ଼ିଲା । କେହି ଖରିଦଦାର ହେବେ ମନେକରି ସେ ହଳେ ଜୋତା ତା ଆଗରେ ରଖିଦେଲେ, ଚୋର ତାକୁ ପିନ୍ଧି ମୂଲ୍ୟ ବଦଳରେ ସେହି ଶାଳଗ୍ରାମ ମୂର୍ତ୍ତିକୁ ରାମଦାସଙ୍କ ହାତରେ ରଖିଦେଲା । ସେ ବର୍ତ୍ତମାନ ପର୍ଯ୍ୟନ୍ତ ଅର୍ଦ୍ଧ ଚୈତନ୍ୟ ଅବସ୍ଥାରେ ଥିଲେ, ତାଙ୍କ ମନ ବଳାତ୍କାରରେ ଭଗବାନଙ୍କ ଆଡ଼କୁ ଚାଲି ଯାଉଥିଲା; ସେଥିପାଇଁ ତାଙ୍କର ଦାମ୍ ବିଷୟରେ କୌଣସି ଧାରଣା ନ ଥିଲା । ମୂର୍ତ୍ତିଙ୍କୁ ସେ ନିଜ ସମ୍ମୁଖରେ ରଖିଦେଲେ ଓ ତାଙ୍କରି ଉପରେ ଚମଡ଼ା କାଟିବାର ଛୁରୀ ଘଷିବାକୁ ଲାଗିଲେ । ଶାଳଗ୍ରାମ ରୂପରେ ଭଗବାନ୍ ନିଜ ପ୍ରେମିକ ଭକ୍ତ ଘରକୁ ଆସିଗଲେ । ଏବେ

ରାମଦାସ ସେହି ମୂର୍ତ୍ତି ଉପରେ ଛୁରୀ ପଜାନ୍ତି, ତାଙ୍କ ଉପରେ ଚମଡ଼ା ରଖି କାଟନ୍ତି, କିନ୍ତୁ ତାଙ୍କ ପଦଗାନ କେବେ ବି ବନ୍ଦ ହୁଏ ନାହିଁ ।

ଦିନେ ଜଣେ ବ୍ରାହ୍ମଣ ସେହି ରାସ୍ତାରେ ଯିବା ସମୟରେ ତାଙ୍କ ଦୃଷ୍ଟି ପଡ଼ିଲା ସେହି ସୁନ୍ଦର, ସୁଲକ୍ଷଣ ବିଷ୍ଣୁଶିଳା ଉପରେ, ଯାହାଙ୍କୁ ମୋଚି ରାମଦାସ ଦୁଇ ପାଦ ମଧ୍ୟରେ ଧରି ତାଙ୍କ ଉପରେ ଛୁରୀ ପଜାଉ ଅଛନ୍ତି । ଏହା ଦେଖି ତାଙ୍କ ମନରେ ବଡ଼ ଦୁଃଖ ହେଲା, ସେ ଭାବିଲେ ''ହୀରାର ମୂଲ୍ୟ ମାଙ୍କଡ଼ କ'ଣ ଜାଣେ ? ଜାତିରେ ମୋଚି, ଏ କିପରି ଶାଳଗ୍ରାମଙ୍କୁ ଚିହ୍ନିବ ?'' ସେ ମୂର୍ତ୍ତିଙ୍କୁ ଖରିଦ କରି ନେବେ ଭାବି ପାଖକୁ ଯାଇ କହିଲେ, ''ଭାଇ, ଆଜି ମୁଁ ତୋତେ ଗୋଟିଏ ଜିନିଷ ମାଗୁଛି, ମୋତେ ଦେଇ ପୁଣ୍ୟ ଲାଭ କର । ଏ ପଥର ମୋତେ ଖୁବ୍ ଭଲ ଲାଗୁଛି, ମୋ ନେତ୍ରକୁ ଏ ଖୁବ୍ ସୁଖ ଦେଉଛି, ତୁ ଯଦି ଏହାକୁ ନ ଦେଉ ତେବେ ମୋର ବହୁତ ଦୁଃଖ ହେବ । ତୁ ଚାହୁଁ ତ ଏହାର ଦାମ୍ ସ୍ୱରୂପ ମୋଠାରୁ ଦଶ ପାଞ୍ଚ ଟଙ୍କା ନେଇ ନେ, କିନ୍ତୁ ମୋତେ ପଥର ଅବଶ୍ୟ ଦେ ।'' ବ୍ରାହ୍ମଣଙ୍କ କଥା ଶୁଣି ରାମଦାସ କହିଲେ – ''ପଣ୍ଡିତଜି, ଏ ପଥର ମୋର ବଡ଼ ଉପଯୋଗୀ, ଏପରି ପଥର ମୋତେ ଆଜି ପର୍ଯ୍ୟନ୍ତ ମିଳି ନ ଥିଲା, କିନ୍ତୁ ଆପଣଙ୍କୁ ନ ମିଳିଲେ ଯଦି ଦୁଃଖ ହେବ ତେବେ ନେଇ ନିଅନ୍ତୁ, ମୁଁ ଆପଣଙ୍କୁ ଦେଇ ଦେଉଛି, ଦାମ୍ ମୁଁ କିଛି ବି ନେବି ନାହିଁ । ଆପଣଙ୍କର ଆଶୀର୍ବାଦରୁ ଖାଇବା ପିନ୍ଧିବାକୁ ମୁଁ ରୋଜଗାର କରି ନେଉଛି । ଆଉ ଅଧିକ କ'ଣ ଦରକାର ? ମୋର ତ ରାଜମହଲ ତୋଳିବାର ନାହିଁ, ପ୍ରଭୁ ମୋତେ ଯାହା ଦେଇଅଛନ୍ତି, ତାହା ମୋ ସକାଶେ ପର୍ଯ୍ୟାପ୍ତ, ଆପଣ ପ୍ରସନ୍ନତାରେ ଏ ପଥରକୁ ନେଇ ଯାଆନ୍ତୁ ।'' ଏତିକି କହି ରାମଦାସ ଶାଳଗ୍ରାମଙ୍କୁ ବ୍ରାହ୍ମଣଙ୍କୁ ଦେଇ ଦେଲେ ।

ପଣ୍ଡିତଜି ଏହି ଦୁର୍ଲଭ ମୂର୍ତ୍ତିଙ୍କୁ ପାଇ ବହୁତ ଆନନ୍ଦରେ ଘରକୁ ଫେରିଲେ । ପ୍ରଥମରେ ମୂର୍ତ୍ତିଙ୍କୁ ପବିତ୍ର ଜଳରେ ସ୍ନାନ କରାଇଲେ, ପରେ ନିଜେ ସ୍ନାନ କରି ଶୁଦ୍ଧ ବସ୍ତ୍ର ପରିଧାନ କରି ଶାଳଗ୍ରାମ ଭଗବାନଙ୍କୁ ପଞ୍ଚାମୃତରେ ମନ୍ତ୍ର-ପାଠ ସହ ବିଧିବତ୍ ସ୍ନାନ କରାଇଲେ ଓ ତାଙ୍କୁ ସିଂହାସନରେ ବିଜେ କରାଇ ଷୋଡ଼ଶୋପଚାରରେ ପୂଜା କଲେ । ଏହିପରି ପଣ୍ଡିତଜି ପ୍ରତ୍ୟହ ପୂଜା କରିବାକୁ ଲାଗିଲେ ।

ପଣ୍ଡିତଜି ପୂଜା କରୁଥିଲେ ବିଧି-ପୂର୍ବକ, କିନ୍ତୁ ତାଙ୍କ ହୃଦୟରେ ଦୈବୀ ଗୁଣ ନ ଥିଲା । ଥିଲା ଲୋଭ, ଈର୍ଷା, କାମନା, ଭୋଗ ବାସନା, ଇନ୍ଦ୍ରିୟ ସୁଖର ଲାଳସା, କ୍ରୋଧ ଏବଂ ବୈର ଇତ୍ୟାଦି ଦୁର୍ଗୁଣ, ତେଣୁ ସେ ପୂଜା କରିବା ସମୟରେ ନିଜ ମନୋବାଞ୍ଛିତ କାର୍ଯ୍ୟସିଦ୍ଧି ସକାଶେ ଭଗବାନଙ୍କ ପାଖେ ପ୍ରାର୍ଥନା କରୁଥିଲେ । ରାମଦାସ ଥିଲେ ଅଶିକ୍ଷିତ, ମାତ୍ର ତାଙ୍କ ହୃଦୟ ଥିଲା ପବିତ୍ର । ଲୋଭ, ଈର୍ଷା, ଭୋଗ-ବାସନା, କ୍ରୋଧ ଆଉ ବୈର ଇତ୍ୟାଦି ଦୁର୍ଗୁଣ ତାଙ୍କଠାରେ ନ ଥିଲା । ତିନିପ୍ରାଣୀଙ୍କ ଭୋଜନ ଓ ବସ୍ତ୍ରଠାରୁ ଅଧିକ ପଇସା ସକାଶେ ତାଙ୍କ ଇଚ୍ଛା କେବେ ବି ବଳୁ ନ ଥିଲା । ଅନିତ୍ୟ ଐଶ୍ୱର୍ଯ୍ୟର କଳ୍ପନା, ସ୍ୱର୍ଗାଦି ସୁଖ ଭୋଗ ନିମିତ୍ତ ସେ ଲାଳାୟିତ ହେଉ ନ ଥିଲେ । ରୁଖା-ସୁଖା ରୋଟିରେ ସେ ସନ୍ତୁଷ୍ଟ ଥିଲେ । ଶୁଦ୍ଧ ବା ଅଶୁଦ୍ଧ ଅବସ୍ଥାରେ ହେଉ ସେ ଶୁଦ୍ଧ-ଭକ୍ତି, ପରମ ପ୍ରେମ ସହିତ ପ୍ରଭୁଙ୍କ ନାମ ଗୁଣ-ଗାନ କରୁଥିଲେ । ଭଗବାନ୍ ଭକ୍ତ-ପ୍ରେମର ଅଧୀନ, ସେ ଭକ୍ତକୁ ଛାଡ଼ି ରହି ପାରନ୍ତି ନାହିଁ । ବ୍ରାହ୍ମଣ ପଣ୍ଡିତଙ୍କ ଷୋଡ଼ଶୋପଚାର ପୂଜାରେ ସେ ସନ୍ତୁଷ୍ଟ ନ ହୋଇ ଭାବିଲେ – ''ଆହା, ଯେତେବେଳେ ମୋ ଭକ୍ତ ରାମଦାସ ପରମ ଶ୍ରଦ୍ଧା-ଭକ୍ତି ସହିତ ପଦ ଗାନ କରି ମୋ ମୂର୍ତ୍ତି ଉପରେ ଜଳ ସିଞ୍ଚି ଛୁରୀ ପଜାଉ ଥିଲା, ସେ ସମୟରେ ମୋତେ ଏପରି ଲାଗୁଥିଲା, ଯେପରି କେହି ପୁରୁଷସୂକ୍ତରେ ସ୍ନାନ କରାଇ ମୋ ଶରୀର ପୋଛୁ ଅଛି । ଯେବେ ସେ ମୋ ନାମ କୀର୍ତ୍ତନ କରି ମୂର୍ତ୍ତିକୁ ଗୋଡ଼ରେ ଦାବି ତା'ଉପରେ ଚମଡ଼ା ରଖି କାଟେ, ସେତେବେଳେ ମୋ ଅଙ୍ଗରେ କସ୍ତୁରୀ ଚନ୍ଦନ ଲଗାଇବା ପରି ବୋଧ ହୁଏ । ଅବଶ୍ୟ ତାକୁ ମୋ ଯଥାର୍ଥ ସ୍ୱରୂପର ଜ୍ଞାନ ନାହିଁ, କିନ୍ତୁ ସେ ବିଶୁଦ୍ଧ ସରଳ ନିଃସ୍ୱାର୍ଥ ଭକ୍ତିରେ ମୋତେ ବଶକରି ନେଇଛି; ଏହି ପଣ୍ଡିତ ନିଶ୍ଚୟ ବ୍ରାହ୍ମଣ, ବର୍ଣ୍ଣରେ ଉଚ୍ଚ, ଆଉ ତ୍ରିବର୍ଣ୍ଣରେ ପୂଜ୍ୟ ଏବଂ ମୋ ପୂଜା ବିଧିପୂର୍ବକ କରୁଅଛି । କିନ୍ତୁ ଏ ନିଜକୁ ମୋର ଦାସ ମନେ କରେ ନାହିଁ, ବରଂ ଏ ଧନ କୀର୍ତ୍ତିର ଦାସ । ଧନ-କୀର୍ତ୍ତି ସକାଶେହିଁ ମୋତେ ପୂଜା କରୁଅଛି । ଏ ପ୍ରକୃତରେ ଧନ-ବୈଭବର ଭକ୍ତ, ତାହା ପ୍ରାପ୍ତ କରିବା ସକାଶେ ମୋତେ ଆଶ୍ରୟ କରିଅଛି । ମୁଁ ବିଶୁଦ୍ଧ ଆଉ ନିଃସ୍ୱାର୍ଥ ଭକ୍ତିରେ ଯେପରି ବଶ ହୁଏ, ଏପରି ଆଉ କୌଣସି ସାଧନାରେ ହୁଏ ନାହିଁ । ବିଶୁଦ୍ଧ, ସରଳ, ନିଷ୍କାମ, ସାତ୍ତ୍ୱିକ ଶ୍ରଦ୍ଧା

ସହିତ ଅଥଚ ବିଧି ପୂର୍ବକ ଯଦି କେହି ଭକ୍ତ ପୂଜା କରେ, ସେଥିରେ ମୁଁ ଯେତେ ପ୍ରସନ୍ନ ହୁଏ, ଶୁଷ୍କ ହୃଦୟ ସ୍ୱାର୍ଥଭାବରେ ଆଡ଼ମ୍ବରଯୁକ୍ତ ଷୋଡ଼ଶୋପଚାର ପୂଜାରେ ସେତେ ପ୍ରସନ୍ନ ହୁଏ ନାହିଁ । ମୋ ରାଜ୍ୟ ବିଶୁଦ୍ଧ ଭାବ ଭକ୍ତିର, ସ୍ୱାର୍ଥ ଆଉ କପଟତାର ନୁହେଁ ।''

ଭଗବାନ୍ ଶାଳଗ୍ରାମ-ମୂର୍ତ୍ତି ଏହିପରି ଭାବି ପୁନର୍ବାର ରାମଦାସଙ୍କ ଘରକୁ ଫେରିଯିବାକୁ ନିଶ୍ଚୟ କଲେ । ରାତିରେ ସ୍ୱପ୍ନାବସ୍ଥାରେ ବ୍ରାହ୍ମଣଙ୍କୁ ଆଦେଶ ଦେଲେ, ''ବ୍ରାହ୍ମଣ, କାଲି ସକାଳୁହିଁ ମୋତେ ତୁ ରାମଦାସ ମୋଚି ଘରେ ପହଞ୍ଚାଇ ଦେ, ତୋ ସ୍ୱାର୍ଥପୂର୍ଣ୍ଣ ଆଡ଼ମ୍ବରଯୁକ୍ତ ପୂଜା ମୋତେ ଭଲ ଲାଗୁ ନାହିଁ, ଭକ୍ତିର ଭାବଯୁକ୍ତ ପଦଗାନ ଶୁଣି ମୋତେ ଆନନ୍ଦ ମିଳୁଥିଲା, କିନ୍ତୁ ମୋ ପୂଜା କେବେ ବ୍ୟର୍ଥ ହୁଏ ନାହିଁ, ସେ ନେଇ ତୋ ମନସ୍କାମନା ପୂର୍ଣ୍ଣ ହେବ । ତୁ ପର୍ଯ୍ୟାପ୍ତ ଧନ ଆଉ ଯଶଃ ପ୍ରାପ୍ତ କରିବୁ, ସୁତରାଂ କାଲି ପ୍ରାତଃକାଳରେହିଁ ମୋତେ ତୁ ଭକ୍ତ ରାମଦାସ ଘରେ ନିଶ୍ଚୟ ପହଞ୍ଚାଇ ଦେବୁ ।''

ବ୍ରାହ୍ମଣ ଭଗବାନଙ୍କ ଆଜ୍ଞା ପାଇ ଟିକିଏ ଭୟଭୀତ ହେଲେ । ସକାଳ ହେବା ସଙ୍ଗେ ସଙ୍ଗେ ସେ ସ୍ନାନ-ସଂଧ୍ୟାରୁ ନିବୃତ୍ତ ହୋଇ ପ୍ରଭୁ ଶାଳଗ୍ରାମ ମୂର୍ତ୍ତିକୁ ଗୋଟିଏ ସୁନ୍ଦର ରେଶମୀ ବସ୍ତ୍ରରେ ରଖି ରାମଦାସଙ୍କ ଘରକୁ ଗଲେ; ପହଞ୍ଚି ଦେଖିଲେ ରାମଦାସ ଧ୍ୟାନରେ ବସିଅଛନ୍ତି, ନେତ୍ରରୁ ଅଶ୍ରୁଧାରା ପ୍ରବାହିତ ହେଉଅଛି ଆଉ ସେ ଧୀରେ ଧୀରେ ପଦଗାନ କରୁଅଛନ୍ତି । ବ୍ରାହ୍ମଣ ତାଙ୍କ ଧ୍ୟାନ ଭାଙ୍ଗି କରି କହିଲେ, ''ଭାଇ, ନେ ଏ ତୋର ପରମ ଧନ, ଧନ୍ୟ ତୋର ପିତାମାତା, ଧନ୍ୟ ତୋର ଜନ୍ମ । ରାମଦାସ ତୁ ବଡ଼ ପୁଣ୍ୟାତ୍ମା; ତୁ ଭଗବାନଙ୍କୁ ବଶ କରି ନେଇଅଛୁ । ମନୁଷ୍ୟ ଶରୀର ପ୍ରାପ୍ତ କରି ଏ ପୃଥିବୀକୁ ଆସିବାର ଯଥାର୍ଥ ଫଳ ତୁ ପାଇଛୁ । ଏବେ ଏହାକୁ ସାଧାରଣ ପଥର ମନେ କରିବୁ ନାହିଁ । ଏହା ସେହି ତ୍ରିଭୁବନନାଥ ଭଗବାନଙ୍କ ପ୍ରତିମା, ଯେ ସମସ୍ତ ବିଶ୍ୱରେ ସକଳ ଘଟରେ ବିରାଜମାନ, ଆଉ ଯେ ସମସ୍ତଙ୍କର ଗତି ଏବଂ ଆଶ୍ରୟ । ତାଙ୍କ ଶରଣାଗତରେ ଜୀବ ମାୟାବନ୍ଧନରୁ ମୁକ୍ତ ହୋଇଯାଏ । ତୋର ସରଳ ନିଃସ୍ୱାର୍ଥଭାବ ଆଉ ପଦଗାନରେ ପ୍ରଭୁ ତୋ ଉପରେ ବହୁତ ପ୍ରସନ୍ନ ହୋଇ ଅଛନ୍ତି, ଏବେ ତୁ ଏହାଙ୍କୁ ପୂଜା କର । ଏଥିରେ ତୋତେ ସାକ୍ଷାତ୍ ଦର୍ଶନ ହେବ । ମୁଁ ମହାନ୍ ପାପୀ, ସେହି ସକାଶେ ମୋ ପୂଜା ପସନ୍ଦ ହେଲା ନାହିଁ । ଭାଇ, ତୋ ଜୀବନ ପବିତ୍ର । ତୁ ଭବସାଗରରୁ ତରିଗଲୁ । ତୁ ଭଗବାନଙ୍କ ଅନନ୍ୟ ଭକ୍ତ, ତୁ ଧନ୍ୟ ! ତୁ ବାରଂବାର ଧନ୍ୟ !!''

ବ୍ରାହ୍ମଣଙ୍କ ବଚନ ଶୁଣି ରାମଦାସଙ୍କ ହୃଦୟରେ ଦିବ୍ୟ ଜ୍ଞାନ ଉଦୟ ହେଲା । ସେ ଅତ୍ୟନ୍ତ ବିନୟରେ ବ୍ରାହ୍ମଣଙ୍କ ଚରଣତଳେ ପ୍ରଣାମ କଲେ । ପଣ୍ଡିତଜି ଚାଲିଯିବା ପରେ ସେ ପଦ ଗାଇ ଶାଳଗ୍ରାମ ମୂର୍ତ୍ତିକୁ ଧରି ଘରେ ଯାଇ ପତ୍ନୀଙ୍କୁ ସମସ୍ତ ହାଲ୍ କହିଲେ ଆଉ ଭଗବାନଙ୍କୁ ଗୋଟିଏ ଛୋଟ ସିଂହାସନରେ ବସେଇ ତାଙ୍କୁ ପୂଜା କରିବାକୁ ଲାଗିଲେ । ପ୍ରେମରେ ଗଦ୍ ଗଦ୍ ହୋଇ ସେ ଭଜନ ଗାନ କଲେ, ଶେଷରେ ଧ୍ୟାନରେ ମଗ୍ନ ହୋଇଗଲେ । କିଛି ସମୟ ପରେ ବାହ୍ୟ ଚେତନା ପ୍ରାପ୍ତ କରି ଦୁଇ ହାତଯୋଡ଼ି ଭଗବାନଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ, ''ପ୍ରଭୁ ମୁଁ ଅତି ଦୀନ, ହୀନ, ଦୁର୍ଜନ, ପତିତ, ଦିନରାତି ଚମଡ଼ା କାଟିବା ମୋର କାମ । ମୋର ଶୌଚ ନାହିଁ, ମୁଁ ସଦାଚାରୀ ନୁହେଁ । ମୋ'ଠାରୁ ନୀଚ ଜଗତରେ ଆଉ କିଏ ଅଛି ? ଏପରି ପତିତ ଉପରେ ପ୍ରଭୁଙ୍କ ଏତେ କୃପା କିପରି ହେଲା ? ପ୍ରଭୁ ! ମୁଁ ଆଜି ପ୍ରତ୍ୟକ୍ଷ ଦେଖୁଅଛି ଯେ ତୁ ପ୍ରକୃତରେ କରୁଣା-ସାଗର, ଦୀନବନ୍ଧୁ, ପତିତପାବନ ।''

ଏବେ ରାମଦାସଙ୍କ ପ୍ରେମ-ସମୁଦ୍ର ଉଛୁଳି ପଡ଼ିଲା । ସେ ଆଉ କାମ ଧନ୍ଦା କରିବା ଅବସ୍ଥାରେ ରହିଲେ ନାହିଁ । ପ୍ରେମରେ ବିହ୍ୱଳ ହୋଇ ନାଚି ନାଚି ପ୍ରଭୁଙ୍କ ନାମ କୀର୍ତ୍ତନ କରିବାକୁ ଲାଗିଲେ । ପ୍ରେମବଶରେ ଅଷ୍ଟସାତ୍ତ୍ୱିକ ଭାବ ଉଦୟ ହେଲା । ସେ କେବେ ହସନ୍ତି, କେବେ କାନ୍ଦନ୍ତି, କେବେ ମୌନ ହୋଇ ଯାଆନ୍ତି, କେବେ ଗାନ କରନ୍ତି, କେବେ ନାମ କୀର୍ତ୍ତନ କରନ୍ତି । ଏହିପରି ହେଉ ହେଉ କିଛିଦିନ ପରେ ତାଙ୍କ ମନରେ ପ୍ରଭୁଙ୍କ ଦର୍ଶନ ଲାଳସା ବଡ଼ ଜୋରରେ ଜାଗ୍ରତ ହେଲା, ପ୍ରଭୁଙ୍କ ବିୟୋଗ ଅସହ୍ୟ ହେଲା । ସେ ଗଦ୍‌ଗଦ୍ କଣ୍ଠରେ କହିଲେ, ''ହେ ବଂଶୀଧର ! ହେ ମଦନ ମୋହନ ! ମୁଁ ତୁମ୍ଭଙ୍କୁ ନମସ୍କାର କରୁଅଛି, ବାରଂବାର ମୁଁ ତୁମ ପାବନ ଚରଣରେ ନମସ୍କାର କରୁଅଛି । ପ୍ରଭୁ ! କ'ଣ ମୋତେ ତୁମ୍ଭର ପରମ ଆନନ୍ଦମୟ ଶ୍ୟାମ ସ୍ୱରୂପର ଦର୍ଶନ ଦେବ ନାହିଁ ? ନିଶ୍ଚୟ ମୋର ଏହି ଆଶା ବାଳକର ଚନ୍ଦ୍ରମା ଚାହିଁବା

ପରି ! ଲକ୍ଷେ ବର୍ଷ ତପସ୍ୟା କରିବା ପରେ ବି ବଡ଼ ବଡ଼ ଦେବତା ଆଉ ମୁନି ଋଷିମାନଙ୍କ ଭାଗ୍ୟରେ ଯେଉଁ ଚରଣ ଦର୍ଶନ ଲାଭହୁଏ ନାହିଁ, ସେହି ଚରଣ ଦର୍ଶନର ଆନନ୍ଦ ମୁଁ ଦୀନହୀନ ମୋଚି କିପରି ପାଇବି ? କିନ୍ତୁ ତୁମ୍ଭର ଦର୍ଶନ ଛଡ଼ା ଯେ ମୁଁ ରହିପାରୁ ନାହିଁ । ମୋ ହୃଦୟରେ ତୁମେ ଏହି ଅଗ୍ନି ଲଗେଇ ଦେଇଅଛ, ଏବେ ତୁମ ଦ୍ୱାରାହିଁ ଏହି ଅଗ୍ନି ଶାନ୍ତ ହେବ । ମୁଁ ତ ନ ଜାଣି ତୁମ ମୂର୍ତ୍ତିକୁ କେତେ ହତାଦର କରିଛି, କେତେ ଅପମାନିତ କରିଛି, ଆଉ ତୁଚ୍ଛ ମନେ କରି ମାଗିବା ମାତ୍ରକେ ବ୍ରାହ୍ମଣଙ୍କୁ ଦେଇ ଦେଇଛି, ହେ ପ୍ରଭୁ, ହେ କରୁଣାମୟ, ହେ ଦୀନବନ୍ଧୁ, କିନ୍ତୁ ତୁମେ ନିଜ କରୁଣାରେ ଦୟାବଶ ହୋଇ ମୋତେ ନ ଭୁଲି କୃପା କରି ଫେରି ଆସିଲ ଆଉ ବ୍ରାହ୍ମଣ ଦେବତାଙ୍କ ଦ୍ୱାରା ନିଜ ସ୍ୱରୂପର ପରିଚୟ ଦେଲ । ସେହି କାରଣରୁ ଏହା କହିବା ସକାଶେ ମୋର ଏ ଅନଧିକାର ସାହସ ହେଲା । ପ୍ରଭୁ, ଏସବୁ ସାହସ ତୁମ କୃପା ଉପରେହିଁ ନିର୍ଭର କରୁଛି । ଜଣେ ସଦାଚାରୀ ବ୍ରାହ୍ମଣ ଘରୁ ଫେରି ଆସି ମୋ ପରି ନୀଚ ଶୂଦ୍ର, ମଇଳା ଆଉ ଅପବିତ୍ରଯୁକ୍ତ ଚମାର ଘରେ ବିରାଜମାନ କଲ, ତୁମେ ତ ମୋ ସାହସକୁ ବଢ଼ାଇଦେଲ । ହେ ପ୍ରଭୁ, ମୋତେ ନୀଚ, ଅଧମ ପାପୀ ଜାଣି ଯଦି ଦର୍ଶନ ନ ଦେବାର ଥିଲା ତେବେ ଏସବୁ କାହିଁକି କଲ ? ପ୍ରଭୁ ! ତୁମଠାରୁ ଧନ-ଜନ-ଯଶଃ-କୀର୍ତ୍ତି-ଇନ୍ଦ୍ରତ୍ୱ ବ୍ରହ୍ମତ୍ୱ ପଦ କିଛି ବି ଚାହୁଁ ନାହିଁ । କେବଳ ଥରେ ଶ୍ୟାମ-ଚନ୍ଦ୍ର ବଦନର ଦର୍ଶନ ଦେଇ ମୋ ମନକୁ ଚିରଦିନ ସକାଶେ ହରଣ କର । ହେ ମୋହନ ସୁନ୍ଦର ! ଏକବାର କୃପାକର; ଏକବାର କୃପାକର; ଏକବାର ଦର୍ଶନ ଦେଇ କୃତାର୍ଥ କର !''

ଏହିପରି ଭାବେ ରାମଦାସ ପ୍ରତ୍ୟହ ପ୍ରାର୍ଥନା କରୁଥା'ନ୍ତି । ଶ୍ରୀହରିଙ୍କ ସାକ୍ଷାତ୍‌କାର ଲାଗି ଉତ୍କଣ୍ଠା ତାଙ୍କ ହୃଦୟରେ କ୍ରମଶଃ ପ୍ରବଳ ହୋଇ ଉଠିଲା । ସେ ରାତିଦିନ ସବୁକିଛି ଭୁଲି, ''ପ୍ରଭୁ, ଦର୍ଶନ ଦିଅ, ପ୍ରଭୁ, ଦର୍ଶନ ଦିଅ'' ଏହାହିଁ ରଟୁ ଥାଆନ୍ତି । ଭଗବାନ୍ ଭକ୍ତବତ୍ସଳ । ଭକ୍ତର ବିଶୁଦ୍ଧ ଭାବ ତାଙ୍କୁ ବଡ଼ ପ୍ରିୟ ଲାଗେ । ଯେ କେହି କାମ, କ୍ରୋଧ, ଲୋଭ, ମୋହ ଆଉ ଦମ୍ଭକୁ ପରିତ୍ୟାଗ କରି ବିଶୁଦ୍ଧ ଆଉ ନିଃସ୍ୱାର୍ଥ ହୃଦୟରେ ପରମ ବିଶ୍ୱାସ ସହ ଏକମାତ୍ର ଭଗବାନଙ୍କୁହିଁ ନିଜ ଆଶ୍ରୟ ଜାଣି ପ୍ରାର୍ଥନା କରେ, ତାହାର ପ୍ରାର୍ଥନା ଭଗବାନ୍ ସେହିକ୍ଷଣି ଶୁଣନ୍ତି ।

ଭାବଗ୍ରାହୀ ଭଗବାନ ରାମଦାସଙ୍କ ପ୍ରେମପୂର୍ଣ୍ଣ ପୁକାର ଶୁଣି ସ୍ଥିର ହୋଇ ରହି ପାରିଲେ ନାହିଁ, ସେ ଜଣେ ବୃଦ୍ଧ ବ୍ରାହ୍ମଣ ରୂପ ଧାରଣ କରି ପହଞ୍ଚିଲେ, ଦେଖିଲେ ଭକ୍ତ ରାମଦାସ ଭଗବତ୍-ପ୍ରେମରେ ବିଭୋର ହୋଇ ଆନ୍ତର ଚେତନାରେ ପ୍ରବେଶ କରି ମତ୍ତହାତୀ ପରି ଝୁଲି ଝୁଲି କୀର୍ତ୍ତନ କରୁଛନ୍ତି । କେବେ ସ୍ମରୁଛନ୍ତି, କେବେ ଗାଉଛନ୍ତି, ଦେହ-ଜ୍ଞାନ-ଶୂନ୍ୟ ହୋଇ ନିଜ ମନେ ମନେ କିଛି କହୁଛନ୍ତି, ଆଉ କେବେ ଶାଳଗ୍ରାମ ମୂର୍ତ୍ତିଙ୍କ ପାଖକୁ ଯାଇ ସାଷ୍ଟାଙ୍ଗ ଦଣ୍ଡବତ କରୁଛନ୍ତି । ଲୀଳାମୟ ଭଗବାନ୍ କିଛି ସମୟ ପର୍ଯ୍ୟନ୍ତ ଭକ୍ତର ପ୍ରେମ-ଉନ୍ମତ୍ତ ଅବସ୍ଥାକୁ ନିରୀକ୍ଷଣ କରି ମନ୍ଦ-ହାସ୍ୟରେ ତାଙ୍କ ପାଖକୁ ଯାଇ ତାଙ୍କୁ ସଚେତନ କରାଇ କହିଲେ,— ''ଭାଇ ତୁ ଏତେ ନଚାନଚି କାହିଁକି କରୁଛୁ ? ସମସ୍ତ କାମଧନ୍ଦା ଛାଡ଼ି କାହାକୁ ପ୍ରସନ୍ନ କରିବା ସକାଶେ ଏହିସବୁ କରୁଅଛୁ ?''

ଭଗବାନଙ୍କ ପ୍ରେରଣାରେ ଭକ୍ତଙ୍କ ପ୍ରେମ-ସମାଧି ତତ୍‌କ୍ଷଣାତ୍ ଭଙ୍ଗ ହୋଇଗଲା । ସେ ଅନ୍ତର୍ଜଗତରୁ ବାହ୍ୟ-ଜଗତକୁ ଆସିଲେ । ସେ ଦେଖିଲେ ସମ୍ମୁଖରେ ଏକ ଦିବ୍ୟ ମୂର୍ତ୍ତି ବ୍ରାହ୍ମଣ ଛିଡ଼ା ହୋଇଛନ୍ତି । ସେ ବିନୀତ ଭାବେ ପ୍ରଣାମ କରି କହିଲେ — ''ଦେବ, ମୁଁ ମହାମୂର୍ଖ ଆଉ ନାରକୀ, ମୋ ଅପରାଧ କ୍ଷମା କରନ୍ତୁ । ଆପଣଙ୍କ ପ୍ରଶ୍ନର ଉତ୍ତର ମୁଁ କ'ଣ ଦେବି ? ମୁଁ ଜାତିରେ ମୋଚି, ବିଦ୍ୟା ବୁଦ୍ଧିହୀନ, କୁଟିଳ ପ୍ରାଣୀ ।'' ତା'ପରେ ଶାଳଗ୍ରାମ ମିଳିବା, ଫେର ବ୍ରାହ୍ମଣଙ୍କୁ ଦେବା ଆଉ ପୁନରାୟ ପ୍ରାପ୍ତ ହେବା ଇତ୍ୟାଦି ସମସ୍ତ ଘଟଣା ସେ ନିବେଦନ କଲେ । ବ୍ରାହ୍ମଣ-ଦେବତା ମୋତେ କହି ଯାଇଥିଲେ ଯେ, ''ତୁ ଏହାଙ୍କୁ ଭଗବାନ୍ ଭାବରେ ପୂଜା କର, ତୋତେ ସାକ୍ଷାତ୍ ଦର୍ଶନ ହେବ, କିନ୍ତୁ ମୋତେ ଆଜି ପର୍ଯ୍ୟନ୍ତ ଦର୍ଶନ ମିଳି ନାହିଁ ।'' ମୁଁ ପୂଜାର ବିଧି ଜାଣେ ନାହିଁ, ଯେପରି ମନରେ ଆସେ ସେହିପରି କରେ । ଆଜି ଆପଣ ଏପରି କୌଣସି ଉପାୟ ବତାନ୍ତୁ ଯେପରି ମୁଁ ଦୀନ ଦୟାଳୁ ପ୍ରଭୁଙ୍କୁ ଦର୍ଶନ କରିପାରେ । ଏତିକି କହି ରାମଦାସ ମତୁଆଲପରି ହୋଇ ଅତି ଜୋରରେ କାନ୍ଦିବାକୁ ଲାଗିଲେ । ବ୍ରାହ୍ମଣ ବେଶଧାରୀ ଭଗବାନ୍ ତାଙ୍କୁ ଆଶ୍ୱାସନା ଦେଲେ, ତାଙ୍କ ହୃଦୟକୁ ଅଧିକ ତପ୍ତ କରିବା ସକାଶେ କହିଲେ — ''ଦେଖ, ଭଗବାନଙ୍କ ଦର୍ଶନ ଏତେ ସହଜ ନୁହେଁ, ବଡ଼ ବଡ଼ ଦେବତା ଆଉ ଯୋଗୀ ମୁନି ଅନନ୍ତକାଳ ପର୍ଯ୍ୟନ୍ତ ତପ ଧ୍ୟାନ କରି ସମାଧି-ପ୍ରାପ୍ତ କରିବା

ପରେ ତାଙ୍କ ଦର୍ଶନ ପାଆନ୍ତି ନାହିଁ, ତୋତେ ତାଙ୍କ ଦର୍ଶନ କିପରି ହେବ ? ମୋ କଥା ମାନ୍, ଆଉ ଏ ଦୁରୂହ ଆଶାକୁ ଛାଡ଼ି ନିଜ କାର୍ଯ୍ୟ କର ।''

ବ୍ରାହ୍ମଣ ବେଶଧାରୀ ଭଗବାନଙ୍କ ବାକ୍ୟରେ ରାମଦାସଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା । ତାଙ୍କ ଆଖିରୁ ଝର ଝର ହୋଇ ଲୁହ ବହିଲା, ରୁଦ୍ଧ-କଣ୍ଠରେ ସେ କହିଲେ, ''ହେ ଦେବ, ଆପଣଙ୍କ କହିବା ଏକେବାରେ ସତ୍ୟ, କିନ୍ତୁ ମୁଁ କ'ଣ କରିବି ? ଦର୍ଶନ ବିନା ମୁଁ ଯେ ରହିପାରୁ ନାହିଁ । ମୁଁ ନୀଚ, ପାପୀ, ମୋ ନୀଚତା ଆଉ ପାପକୁ ଦେଖିଲେ ଭଗବାନ୍ କେବେ ବି ମୋତେ ଦର୍ଶନ ଦେବେ ନାହିଁ, ଏହା ମୁଁ ଜାଣେ, କିନ୍ତୁ ମୋର ଏହା ଦୃଢ଼-ବିଶ୍ୱାସ ଯେ ମୋ ନାଥ ଦୀନବନ୍ଧୁ, ଦୟାର ସାଗର ନିଜ କରୁଣାରେ ମୋତେ ଦର୍ଶନ ଦେବେ, ଅବଶ୍ୟ ଦେବେ । ସେହି ସ୍ତ୍ରୀକୁ ଲୋକେ ପରମ ସୁହାଗିନୀ କହନ୍ତି ଯାହାକୁ ପତି ପ୍ରେମ କରେ, ତାହାର ରୂପ ବର୍ଣ୍ଣ ଯେପରି ହେଉ ନା କାହିଁକି । ମୋ ସ୍ୱାମୀଙ୍କ ସ୍ନେହ ମୁଁ ଭଲ ଭାବେ ଜାଣିଅଛି, ଆପଣ ଯାହା ବି କହନ୍ତୁ, ମୁଁ ଅବଶ୍ୟହିଁ ତାଙ୍କର ଦର୍ଶନ ପାଇବି ।'' ଏତିକି କହିବା ପରେ ତାଙ୍କ କଣ୍ଠ ଏକେବାରେ ରୁଦ୍ଧ ହୋଇଗଲା । ଭକ୍ତଙ୍କ ବିଶୁଦ୍ଧ ପ୍ରେମ ଏବଂ ଦୃଢ଼ ବିଶ୍ୱାସ ଦେଖି ଭଗବାନ୍ ଆଉ ରହି ପାରିଲେ ନାହିଁ, ଅତି କୋମଳ ଆଉ ମଧୁର ସ୍ୱରରେ କହିଲେ,— ''ବତ୍ସ ରାମଦାସ ! ତୋ ଜୀବନ ଧନ୍ୟ, ତୁ ପ୍ରେମରେ ମୋତେ ବଶ କରିନେଲୁ । ପାପ ଯୋନି—ଅନ୍ତ୍ୟଜ ଏହି ଜନ୍ମରେ ବ୍ରାହ୍ମଣ ହୋଇ ପାରିବ ନାହିଁ । କିନ୍ତୁ ମୋତେ ବିଶୁଦ୍ଧ ପ୍ରେମ କରି, ମୋ ଭକ୍ତ ବ୍ରାହ୍ମଣର ପୂଜ୍ୟ ଆଦରଣୀୟ ହୋଇ ପାରିବ । ଜାତି ବଦଳି ପାରିବ ନାହିଁ, କିନ୍ତୁ ପଦ ବଦଳି ଯିବ । ଦେଖ, ତୋ ଚିର-ଅଭିଳଷିତ ମୋ ଦିବ୍ୟ-ରୂପକୁ ।''

ହଠାତ୍ ଅନନ୍ତ କୋଟି ସୂର୍ଯ୍ୟଙ୍କ ପ୍ରକାଶ ହୋଇଗଲା । ସେ ନିଜ ହୃଦୟରେ ଦେଖିଲେ ଭଗବାନ ମଦନମୋହନ୍ ତ୍ରିଭଙ୍ଗୀରେ ଛିଡ଼ା ହୋଇ ମନ୍ଦହାସ୍ୟଯୁକ୍ତ ମଧୁର ସ୍ୱରରେ ମୁରଲୀ ବଜାଉ ଅଛନ୍ତି । କିପରି ସୁନ୍ଦର ମନ-ମୋହନ ସେହି ରୂପ ! ସେ ଆନନ୍ଦ-ସାଗରରେ ଡୁବିଗଲେ । ପ୍ରଭୁଙ୍କ ପ୍ରେରଣାରେ ଆଖି ଖୋଲି ଗଲା, ଦେଖିଲେ ସମ୍ମୁଖରେ ବି ପ୍ରଭୁଙ୍କ ସେହି ଦିବ୍ୟ ସଚ୍ଚିଦାନନ୍ଦ-ବିଗ୍ରହ ବିରାଜମାନ । ରାମଦାସଙ୍କର ଆନନ୍ଦର ପାରାବାର ରହିଲା ନାହିଁ । ସେ କୃତକୃତ୍ୟ ହୋଇଗଲେ । ତାଙ୍କ ଜୀବନ ଅମୃତମୟ ହୋଇଗଲା । ସେ ପ୍ରଭୁଙ୍କ ଚରଣରେ ପଡ଼ିଗଲେ, ସ୍ତୁତି କରିବାକୁ ଚାହୁଁଥିଲେ, କିନ୍ତୁ ହଠାତ୍ ପ୍ରଭୁ ଅନ୍ତର୍ଦ୍ଧାନ ହୋଇଗଲେ । ପୁନଃ ଦର୍ଶନ ନିମନ୍ତେ ଭକ୍ତ ବ୍ୟାକୁଳ ହୋଇ ଉଠିଲେ । ଯୋଗ-ବିୟୋଗର ଏହି ଦିବ୍ୟ-ଆନନ୍ଦମୟ ଅବସ୍ଥାରେ ତାଙ୍କ ଜୀବନ ଅନ୍ତର୍ହିତ ହେଲା, ଶେଷରେ ଏହି ନଶ୍ୱର ଦେହକୁ ତ୍ୟାଗ କରି ସେ ପ୍ରଭୁଙ୍କ ଦିବ୍ୟ-ଧାମରେ ଶ୍ରୀହରିଙ୍କ ନିତ୍ୟ ପାର୍ଶ୍ୱସ୍ଥ ଶରୀର ପ୍ରାପ୍ତ ହେଲେ ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

ହରିଭକ୍ତ ହିମନ୍ତ ଦାସଜି

ଭଗବାନ୍ ଶ୍ରୀକୃଷ୍ଣଙ୍କ ପ୍ରତି ଅଟଳ ଅନୁରାଗ ଉତ୍ପନ୍ନ କରିବାହିଁ ଏହି ଜୀବନର ପ୍ରଧାନ ଉଦ୍ଦେଶ୍ୟ । ପୂର୍ବଜନ୍ମର ସଞ୍ଚିତ ସୁକୃତ ଫଳରୁ ଏବଂ ଭଗବତ୍ କୃପା ଉପରେ ନିର୍ଭର ଦ୍ୱାରା ଏହି ଉଦ୍ଦେଶ୍ୟ ପୂର୍ଣ୍ଣରୂପେ ସାଧିତ ହୁଏ । ନିଷ୍କାମ ଭକ୍ତି ଦ୍ୱାରା ଭଗବାନଙ୍କୁ ଉପାସନା କଲେ ତାଙ୍କ କୃପା ପ୍ରାପ୍ତ ହୁଏ । ଏହାର ଉପାୟ ବତାଇବାକୁ ଯାଇ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୀତାରେ କହିଅଛନ୍ତି :

''ୟତ୍କରୋଷି ୟଦଶ୍ନାସି ୟଜ୍ଜୁ ହୋଷି ଦଦାସି ୟତ୍ ।
ୟତ୍ତପସ୍ୟାସି କୌନ୍ତେୟ ତତ୍କୁ ରୁଷ୍ୱ ମଦର୍ପଣମ୍ ॥''

ଏହି ସର୍ବସ୍ୱ ଅର୍ପଣକୁ ଲକ୍ଷ୍ୟ ରଖି ପ୍ରତ୍ୟେକ ବ୍ୟକ୍ତି ଭଗବତ୍ ଶରଣ ନେବାର ଅଧିକାରୀ ହୋଇପାରେ ।

ପ୍ରାଚୀନ କାଳରେ ମନୁଷ୍ୟ ଦୀର୍ଘାୟୁ ହେଉଥିଲେ । ଆଉ ଯଜ୍ଞାନୁଷ୍ଠାନ ତପଶ୍ଚର୍ଯ୍ୟା ଇତ୍ୟାଦି କଠୋର ସାଧନା କରି ଭଗବାନଙ୍କୁ ପ୍ରସନ୍ନ କରିବାରେ ସଫଳ ହେଉଥିଲେ । କିନ୍ତୁ ଏହି କଳିଯୁଗରେ ଅଳ୍ପାୟୁ ମନୁଷ୍ୟଙ୍କ ପ୍ରେମ ଭକ୍ତି ଦ୍ୱାରା ଭକ୍ତବତ୍ସଳ ଭଗବାନ୍ ପ୍ରଘଟ ହୋଇ ନିଜ ଭକ୍ତକୁ ଦର୍ଶନ ଦେଇ କୃତାର୍ଥ କରନ୍ତି । ଏହି ପ୍ରେମର ଉପାସିକା ଥିଲେ କେବଳ ଗୋପିକାଗଣ, ଯେଉଁମାନେ ପ୍ରେମ-ଭକ୍ତି-ଉପାସନା ଦ୍ୱାରା ଜଗଦାଧାର ଭଗବାନ୍ ଶ୍ରୀକୃଷ୍ଣଙ୍କୁ ବଶ କରି ନିତ୍ୟ ଦିବ୍ୟ-ରସ ଆସ୍ୱାଦନ କରିଥିଲେ । ପରେ ଏହି ମାର୍ଗର ଅନୁସରଣ କରିଥିଲେ ଭକ୍ତ-ଶିରୋମଣି ସୁରଦାସ, ତୁଳସୀଦାସ, ନରସୀ ମେହେତା ଏବଂ ସାଧୁ ତୁକାରାମ ଆଦି କେତେକ ଭକ୍ତ । ଏମାନଙ୍କ ଅନୁପମ ଚରିତ ନାଭାଜିଙ୍କ 'ଭକ୍ତମାଳା' ଗ୍ରନ୍ଥରେ ସୁନ୍ଦର ଭାବେ ବର୍ଣ୍ଣିତ ହୋଇଛି । ଆଧୁନିକ ଭକ୍ତ ମଧ୍ୟରୁ ଏହି ଶ୍ରେଣୀର ଏକ ଭକ୍ତ ମହାତ୍ମାହିମନ୍ତ ଦାସଜି ବ୍ରାହ୍ମଣ କୁଳରେ ଊନବିଂଶ ଶତାବ୍ଦୀରେ ପନ୍ନାରାଜ୍ୟ ଅନ୍ତର୍ଗତ (ପନ୍ନାରୁ ପ୍ରାୟ ପାଞ୍ଚକୋଶ ଦୂରରେ) ବରାୟଚ୍ଛ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ।

ହିମନ୍ତ ଦାସଙ୍କ ପୂର୍ବଜମାନଙ୍କର ଭଗବତ୍ ଭକ୍ତିରେ ବିଶେଷ ରୁଚି ଥିଲା ଆଉ ସେମାନଙ୍କ ସମୟ ନିତ୍ୟସାଧୁ ସଙ୍ଗ, ପୁରାଣ, ହରିଚର୍ଚ୍ଚାରେ ବ୍ୟୟିତ ହେଉଥିଲା । ସେହି କାରଣରୁ ହିମନ୍ତ ଦାସଙ୍କୁ ସାଧୁସେବା, ହରିକୀର୍ତ୍ତନ କରିବାର ସୁଅବସର ମିଳୁଥିଲା ଏବଂ ତାଙ୍କ ହୃଦୟରେ ବାଲ୍ୟକାଳରୁ ଭଗବାନଙ୍କ ପ୍ରତି ଭକ୍ତି ଅଙ୍କୁରିତ ହୋଇଥିଲା । ଆଉ ବରାବର ହରିନାମ ଶ୍ରବଣ କରିବାରୁ ସେହି ଅଙ୍କୁର ବଢ଼ି ଗୋଟିଏ ସୁଦୃଢ଼, ବିଶାଳ ପ୍ରେମବୃକ୍ଷରେ ପରିଣତ ହୋଇଥିଲା ।

ଯୁବାବସ୍ଥାରେ ତାଙ୍କର ବିବାହ ହେଲା କିନ୍ତୁ ଭଗବାନଙ୍କ କୃପାରୁ ପତ୍ନୀ ଥିଲା ସୁଶୀଳା ଓ ପତିପରାୟଣା । କିଛିଦିନ ପରେ ତାଙ୍କର ଗୋଟିଏ ସୁପୁତ୍ର ଜାତ ହେଲା । ତା' ନାମ ରଖାହେଲା ଦୟାରାମ, ସେ ପରେ ଶ୍ରୀମଦ୍ଭାଗବତର ଧୁରନ୍ଧର ପଣ୍ଡିତ ହେଲେ ।

ହିମନ୍ତ ଦାସଜିଙ୍କୁ ଭଗବତ୍-ଗୁଣ କୀର୍ତ୍ତନରେ ବିଶେଷ ପ୍ରେମ ଥିଲା । ସେ ଝାଞ୍ଜି ବଜାଇ ଗୁଣ କୀର୍ତ୍ତନ କରିବା ସମୟରେ ଏକେବାରେ ବିଭୋର ହୋଇ ଯାଉଥିଲେ । ତାଙ୍କର ଶରୀରଜ୍ଞାନ ରହୁ ନ ଥିଲା । ଥରେ ତାଙ୍କର ଇଚ୍ଛା ହେଲା ପ୍ରତ୍ୟେକ ଦିନ ପନ୍ନାକୁ ଯାଇ ସେ ଯୁଗଳକିଶୋର ଭଗବାନଙ୍କୁ ଦର୍ଶନ କରିବେ । (ପନ୍ନାରେ ଆଜି ପର୍ଯ୍ୟନ୍ତ ଶ୍ରୀଯୁଗଳକିଶୋରଙ୍କ ପ୍ରତିମା ବିଦ୍ୟମାନ) । ସେହିକ୍ଷଣି ସେ ମନେ ମନେ ପ୍ରତିଜ୍ଞା କଲେ ଏବଂ ସେହି ଦିନଠାରୁ ହିମନ୍ତ ଦାସଜି ପ୍ରତିଦିନ ଝାଞ୍ଜି ବଜେଇ ଦଶ ମାଇଲ ଚାଲି ପନ୍ନାରେ ଶ୍ରୀଯୁଗଳକିଶୋରଙ୍କୁ ଦର୍ଶନ କରି ଫେରି ଆସନ୍ତି ।

ଦିନେ ନିତ୍ୟ ନିୟମାନୁଯାୟୀ ସେ ଝାଞ୍ଜି ବଜାଇ କୀର୍ତ୍ତନ କରି ପନ୍ନା ଯାଉଥିବା ରାସ୍ତାରେ ଚାରିଜଣ ଚୋରଙ୍କୁ ଭେଟିଲେ । ସେମାନଙ୍କ ମଧ୍ୟରୁ ଜଣେ ଚୋର ତାଙ୍କ ଆଗରେ ଛିଡ଼ା ହୋଇ କହିଲା ''ବାବାଜି, ଆମ୍ଭେମାନେ ଚୋର,

ତୁମ ପାଖରେ ଯାହା କିଛି ଅଛି ରଖି ଦିଅ ।'' ବାବାଜି ତା' କଥା ଶୁଣି ନ ଶୁଣିଲା ପରି ପୂର୍ବବତ୍ କୀର୍ତ୍ତନ କରି ଆଗକୁ ଚାଲିବାକୁ ଲାଗିଲେ । ଚୋର ତାଙ୍କ ହାତରୁ ଝାଞ୍ଜି ଛଡ଼େଇ ନେଇ କହିଲା, ''ଯାହା କିଛି ପାଖରେ ଅଛି ବର୍ତ୍ତମାନ ଦେଇଦିଅ ।'' ବାବାଜି କିନ୍ତୁ ତୁରନ୍ତ ଦର୍ଶନ ଲାଗି ବ୍ୟାକୁଳ ଥିଲେ, ଏଠାରେ କିନ୍ତୁ ଗୋଟାଏ ବଡ଼ ଝିନ୍‌ଝଟ ଆସିଗଲା, ସେ ମନେ ମନେ ଇଷ୍ଟଦେବ ଶ୍ରୀଯୁଗଳକିଶୋରଜିଙ୍କୁ ଧ୍ୟାନ କରି କହିଲେ, ''ପ୍ରଭୁ, ଏ ଦାସର ଆଜି କ'ଣ ଅପରାଧ ହେଲା ଯେ ମାର୍ଗରେ ଏ ବିପଦ ଉପସ୍ଥିତ ।'' ଫେର ସେ ଚୋରଙ୍କୁ କହିଲେ, ''ଭାଇ, ମୁଁ ପ୍ରତିଦିନ ଶ୍ରୀଜିଙ୍କୁ ଦର୍ଶନ କରିବା ସକାଶେ ଏହି ଝାଞ୍ଜି ବଜାଇ କୀର୍ତ୍ତନ କରିଯାଏ, ଏ ଝାଞ୍ଜି ଛଡ଼ା ମୋ ପାଖରେ ଅନ୍ୟ କିଛି ମାତ୍ର ନାହିଁ, ସେ ଝାଞ୍ଜି ତ ତୁମେ ଛଡ଼ାଇ ନେଲ, ଆଉ କ'ଣ ଅଛି ଯେ ତୁମକୁ ଦେବି ।'' ଚୋର ମନେ କଲେ ଏ ଜଣେ ସାଧୁ, ଯା ପାଖରେ ଧନ ନାହିଁ, ତେଣୁ ଝାଞ୍ଜି ନେଇ ସେମାନେ ଚାଲିଗଲେ । ଝାଞ୍ଜି ଚାଲିଯିବାରୁ ବାବାଜିଙ୍କ ମନରେ ବଡ଼ ଦୁଃଖ ହେଲା । ସେ ଭାବିଲେ, ଝାଞ୍ଜି ବିନା କୀର୍ତ୍ତନ କିପରି ହେବ ? ପୁଣି ଆଜି ବହୁତ ବିଳମ୍ବ ବି ହୋଇଗଲାଣି, ଭଗବାନଙ୍କ ଦର୍ଶନ ହେବ କି ନାହିଁ । କରିବେ କ'ଣ ? ଚୁପ୍‌ଚାପ ଖାଲି ହାତରେ ଧ୍ୟାନ ସହିତ କୀର୍ତ୍ତନ କରି ଚାଲିଲେ ।

କିଛି ଦୂର ଆଗକୁ ଯାଇଛନ୍ତି, ପଛରୁ ଚାରିଜଣ ଚୋର ଜୋରରେ ଡାକିଲେ, ''ବାବାଜି, ହୋ ବାବାଜି !! ଆମ୍ଭେମାନେ ଅନ୍ଧ ହୋଇଗଲୁ, କୃପାକରି ଆମ୍ଭ ଆଖି ଭଲ କରି ଦିଅ ଓ ଝାଞ୍ଜି ନେଇ ଯାଅ'' । ଝାଞ୍ଜି ମିଳିବ, ଏହା ଶୁଣିବା ମାତ୍ରକେ ବାବାଜିଙ୍କ ମନ ବଡ଼ ପ୍ରସନ୍ନ ହେଲା ଓ ସେ ହଠାତ୍ ଫେରିଲେ । ଚୋରମାନେ ତାଙ୍କ ପଦଶବ୍ଦ ଶୁଣିବା ମାତ୍ରେ ତାଙ୍କ ଚରଣରେ ସାଷ୍ଟାଙ୍ଗ ପଡ଼ି ବିନୟପୂର୍ବକ କହିବାକୁ ଲାଗିଲେ, ''ମହାରାଜ, ଆମ୍ଭେମାନେ ବଡ଼ ଅପରାଧ କଲୁ, କୃପାକରି ଆମ୍ଭମାନଙ୍କର ଅପରାଧ କ୍ଷମା କରନ୍ତୁ ଏବଂ ଆମ୍ଭ ଆଖି ଭଲ କରି ଦିଅନ୍ତୁ । ଆପଣଙ୍କୁ ଆମ୍ଭେମାନେ ଚିହ୍ନି ପାରିଲୁ ନାହିଁ ।'' ଏହି ଆକସ୍ମିକ ଘଟନାରେ ହିମନ୍ତ ଦାସ ବି ବଡ଼ ଆଶ୍ଚର୍ଯ୍ୟ ହେଲେ । ସେ ଦୟାବଶ ହୋଇ କହି ଉଠିଲେ :

''ଚୋରୀ ସେ ମୁଖ ମୋଡ଼ିୟା ଚୋରନକୋ ନନ୍ଦଲାଲ
ହମରୀ ବସ୍ତୁ ଦିବାୟକେ ଚୋରନ କରୋ ନିହାଲ'' ।

''ହେ ଚୋରଙ୍କ ଚୋର ନନ୍ଦଲାଲ, ଚୋରି କର୍ମରୁ ଏମାନଙ୍କୁ ବିମୁଖ କରିଦିଅ, ଆଉ ମୋ ବସ୍ତୁ ମୋତେ ଦିଆଇ, ଏହି ଚୋରଙ୍କୁ ମୁକ୍ତ କରିଦିଅ ।''

ଏତିକି କହିବା ମାତ୍ରେ ଚୋରଙ୍କ ଆଖି ଭଲ ହୋଇଗଲା । ସେମାନେ ଦେଖିବାକୁ ଲାଗିଲେ ଓ ଝାଞ୍ଜି ବାବାଜିଙ୍କୁ ଫେରାଇ ଦେଲେ; ଆଉ ତାଙ୍କୁ ଗୁରୁ ମାନି ଚୋରି, ଡକାଏତି ସବୁଦିନ ପାଇଁ ତ୍ୟାଗ କରି ଭଗବତ୍-ଭଜନ ଧ୍ୟାନ କରିବାକୁ ସଂକଳ୍ପ କଲେ ।

ଆଜି ବଡ଼ ଡେରି ହୋଇ ଯାଇଥିଲା । ବାବାଜି ଶୀଘ୍ର ଶୀଘ୍ର ଚାଲିବା ସତ୍ତ୍ୱେ ଓ ଶ୍ରୀଜିଙ୍କ ପାଖରେ ତାଙ୍କ ଆରତି, ଭୋଗ, ଶୟନର ପହଡ଼ ପଡ଼ିବା ପରେ ପହଞ୍ଚିଲେ । ମନ୍ଦିରରେ ପ୍ରବେଶ କରିବା ସମୟରେ ଚୌକିଦାର କହିଲା, ''ବାବାଜି ଏବେ ତ ପଟ୍ଟ ବନ୍ଦ ହୋଇଗଲାଣି । ତୁମକୁ ଦର୍ଶନ ମିଳିବ ନାହିଁ ।'' ତହୁଁ ହିମନ୍ତ ଦାସଜି କହିଲେ :

''କପଟିନ କୋ ଲାଗେ ରହୈ, ହିମନ୍ତ ଦାସ କପାଟ ।
ପ୍ରେମିନ କେ ପଗ ଧରତ ହୀ ଖୋଲତ କପାଟ ଝପାଟ ॥''

''କପଟୀମାନଙ୍କ ସକାଶେ କବାଟ ବରାବର ବନ୍ଦଥାଏ, କିନ୍ତୁ ପ୍ରେମିକମାନଙ୍କ (ଭକ୍ତମାନଙ୍କ) ପାଦ ରଖିବା ମାତ୍ରେ (ହିମନ୍ତ ଦାସ କହନ୍ତି) କବାଟ ଝଟ ଖୋଲିଯାଏ ।''

ଏତିକି କହୁ କହୁ, ମନ୍ଦିରର ପରଦା ଆପେ ଆପେ ଖୋଲିଗଲା ଆଉ ହିମନ୍ତ ଦାସଙ୍କୁ ଶ୍ରୀଯୁଗଳକିଶୋର ଜିଉଙ୍କର ପ୍ରତ୍ୟକ୍ଷ ଦର୍ଶନ ମିଳିଲା । ସେହି ସମୟରେ ସେ ପ୍ରେମରେ ବିଭୋର ହୋଇଗଲେ । ଶ୍ରୀନାଥଙ୍କ ସ୍ୱରୂପ ଦର୍ଶନରେ ତାଙ୍କ ତୃଷିତ ନେତ୍ର ରୂପ-ସୁଧା ପାନକରି ତୃପ୍ତ ହେଉ ନ ଥାଏ । ସେ ଚିତ୍ରପ୍ରତିମା ତୁଲ୍ୟ ଅପଲକ ନେତ୍ରରେ ସ୍ତମ୍ଭୀଭୂତ ହୋଇ ଛିଡ଼ା ହୋଇଥିଲେ । କିଛିକ୍ଷଣ ପରେ ପଡ଼ିଗଲେ, ତାଙ୍କ ନେତ୍ରରୁ ଅଶ୍ରୁଧାର ବହିବାକୁ ଲାଗିଲା । ରୋମାଞ୍ଚ, କମ୍ପ, ଆଦି ଅଷ୍ଟ ସାତ୍ତ୍ୱିକ ଭାବ ଉଦୟ ହେଲା । କିଛି ସମୟ ପରେ ସଚେତ ହୋଇ ଗାଇ ଉଠିଲେ ।

''ଲାଗେ ରହେ ନିଶି ବ ସରେ ନାମ ସୌ
ଛାୟେ ରହୌ ଛବି ଦେଖ ବିହାରୀ ।
ବୈଠେ ରହୌ ଦରବାର ଗୁପାଲକେ
ନୀକେ ଲାଗୈ ଗୁନ ଜ୍ଞାନ ଉଚାରୀ ॥
ତୀନହୁ ଲୋକକେ ନାୟକ ହୌ ପ୍ରଭୁ,
ରାମ ଲାଲ ବୈଦେହି ଦୁଲାରୀ ॥
''ହିମନ୍ତ ଦାସ'' ଉରମେ ବସବୌ
କରୌ ରାଧିକା କୁଞ୍ଜ ବିହାରୀ'' ॥

ଅର୍ଥାତ୍ ''ଦିନ ରାତି ନିରନ୍ତର ବିହାରୀଜିଙ୍କ ନାମ ଜପ ସହିତ ତାଙ୍କ ରୂପଛଟା ସର୍ବତ୍ର ଦେଖି ସେହି ଗୋପାଳଜିଙ୍କ ଦରବାରରେ ବସି ରହି ତାଙ୍କ ପବିତ୍ର ଗୁଣ (ଲୀଳା) ଜ୍ଞାନ ସହିତ ଗାନ କରିବା କେତେ ଭଲ । ହେ ତିନିଲୋକର ପ୍ରଭୁ, ରାମଲାଲ, ବିଦେହରାଜ-ଦୁଲାଳୀ, ହିମନ୍ତ ଦାସ ହୃଦୟରେ ସଦାସର୍ବଦା ନିବାସ କର ।'' ଏହାଛଡ଼ା ''ଗୀତ ଗୋବିନ୍ଦ'' ପଦ୍ୟାବଳୀ ଓ ଅନ୍ୟାନ୍ୟ ଭଜନରେ ହିମନ୍ତ ଦାସ ଶ୍ରୀଜୀଙ୍କୁ ବଡ଼ ପ୍ରେମରେ ଗଦଗଦ୍ ହୋଇ ସ୍ତୁତି କଲେ । ଏହିପରି ସ୍ତୁତି କରି ସମସ୍ତ ରାତି କଟାଇ ଦେଲେ । ଶେଷ ରାତି ବ୍ରାହ୍ମ ମୁହୂର୍ତ୍ତରେ ମଙ୍ଗଳ ଆରତିର ସମୟରେ ମନ୍ଦିରର ମହନ୍ତ ଗୋବିନ୍ଦ ଦୀକ୍ଷିତଜି ଆସି ପହଞ୍ଚିଲେ । ଆଉ ହିମନ୍ତ ଦାସଙ୍କ ପାଖକୁ ଯାଇ ଶ୍ରଦ୍ଧା ସହିତ ପ୍ରଣାମ କରି, ବହୁତ ଆଦର ବାକ୍ୟରେ ପ୍ରଶଂସା କରି ମଙ୍ଗଳ ଆରତି ତିଆରି କଲେ । ପ୍ରତିଦିନର ନିତ୍ୟ ନିୟମାନୁସାରେ ପ୍ରାତଃକାଳ ମଙ୍ଗଳ ଆରତି ସମୟରେ ପନ୍ନାର ରାଜା ଶ୍ରୀଜିଙ୍କୁ ଦର୍ଶନ କରିବାକୁ ଆସିଲେ । ମହାତ୍ମାଜିଙ୍କ ପ୍ରେମରେ ଶ୍ରୀଜିଙ୍କ ମନ୍ଦିର ପଟ ଆପେ ଆପେ ଖୋଲାଯିବାର ଖବର ପାଇ ସେ ମହାତ୍ମାଜିଙ୍କୁ ସାଷ୍ଟାଙ୍ଗ ଦଣ୍ଡବତ କରି କହିଲେ, ''ମହାରାଜ ! ଆପଣଙ୍କୁ ପ୍ରତିଦିନ ବରାୟଚ୍ଛ ଗ୍ରାମରୁ ଯିବା ଆସିବାରେ ବଡ଼ କଷ୍ଟ ହେଉଛି, ଅତଃପର ଏହିଠାରେ ନିବାସ କରନ୍ତୁ, ମୁଁ ଗୋଟିଏ ଗ୍ରାମ ଆପଣଙ୍କୁ ଅର୍ପଣ କରୁଛି । ଏହାକୁ ସ୍ୱୀକାର କରନ୍ତୁ ।''

ମହାତ୍ମା ହିମନ୍ତ ଦାସଙ୍କୁ ଭଗବାନ୍ ପୂର୍ଣ୍ଣ ସଚ୍ଚିଦାନନ୍ଦଙ୍କ ଦର୍ଶନ ହୋଇ ଯାଇଥିଲା । ତାଙ୍କର କୌଣସି ବସ୍ତୁ ପ୍ରତି ଲୋଭ ନ ଥିଲା । ସେ କେବଳ ଭଗବାନଙ୍କ ଦିବ୍ୟ-ପ୍ରେମ ଓ ଆନନ୍ଦରେ ବିଭୋର ରହୁଥିଲେ । ସେଥିପାଇଁ ପନ୍ନା ନରେଶଙ୍କ ଦାନକୁ ନମ୍ରତାପୂର୍ବକ ଅସ୍ୱୀକାର କରି ମଙ୍ଗଳ ଆରତି ଶେଷ ହେବା ପରେ ଗ୍ରାମକୁ ଫେରି ଆସିଲେ ।

ହିମନ୍ତ ଦାସଙ୍କ ଆଶ୍ରମରେ ବରାବର ସାଧୁ, ମହାତ୍ମା ଓ ଅତିଥିଙ୍କ ସେବା ସତ୍କାର ହେବାକୁ ଦ୍ରବ୍ୟର ପ୍ରାୟ ଅଭାବ ପଡ଼େ । ସେହି ଗ୍ରାମର ପରମେଶ୍ୱର ନାମକ ବଣିକଠାରୁ ସାଧୁସେବା ଆଉ ଆଶ୍ରମ ଖର୍ଚ୍ଚ ସକାଶେ କେବେ କେଉଁ ଜିନିଷ ଉଧାର ନିଅନ୍ତି ଆଉ ପରେ ପରିଶୋଧ କରି ଦିଅନ୍ତି । ଥରେ ବହୁସଂଖ୍ୟକ ସାଧୁଙ୍କ ଜମାତ୍ ତାଙ୍କ ଆଶ୍ରମରେ ପହଞ୍ଚିଲେ । ତାଙ୍କର ସାଧୁ ମହାତ୍ମାମାନଙ୍କ ପ୍ରତି ଅସାଧାରଣ ପ୍ରେମ ଥିଲା । ସାଧୁ ଦେଖିବା ମାତ୍ରେ ଦଣ୍ଡବତ-ପ୍ରଣାମ କରି ଆଦର ସହିତ ଆସନର ବ୍ୟବସ୍ଥା କରି ଭୋଜନ ଦ୍ରବ୍ୟ ସକାଶେ ବଣିକ ଦୋକାନକୁ ଗଲେ । ବଣିକ ତାଙ୍କୁ ବସେଇ ତାଙ୍କ ଉଧାର ନେଇଥିବା ହିସାବ ବୁଝାଇ ଦେଲା । ହିମନ୍ତ ଦାସଙ୍କ ନୂତନ ଉଧାର ନେବା କଥା ଶୁଣି ବଣିକ

କହିଲା, ''ପିଛଲା ବାକି ଟଙ୍କା ବହୁତ ହୋଇ ଗଲାଣି, ସେତକ ପରିଶୋଧ କରି ନଗଦ ଯେତେ ଦରକାର ତେତେ ଉଧାର ନେଇ ଯାଆନ୍ତୁ ।'' ଏକଥା ଶୁଣି ହିମନ୍ତ ଦାସଜି ଘରକୁ ଫେରି ଆସି ସ୍ତ୍ରୀକୁ ସବୁକଥା କହିଲେ । ସ୍ତ୍ରୀଙ୍କ ଅଳଙ୍କାର ଭିତରେ କେବଳ ନୋଥ ଖଣ୍ଡିକ ବାକି ଥିଲା । ସେ ଆଗ୍ରହ ଏବଂ ହର୍ଷରେ କହିଲେ, ''ଚିନ୍ତା କରିବାର କାରଣ କ'ଣ, ନୋଥ ବନ୍ଧା ରଖି ଆଜିର ଦ୍ରବ୍ୟ ନେଇ ଆସ, ସାଧୁ ସେବା ଆଗେ ହେଉ, ପରେ ସମସ୍ତ ଋଣ ପରିଶୋଧ କରାହେବ ।'' ଏହା ଶୁଣି ସେ ପ୍ରସନ୍ନ ହେଲେ । କିନ୍ତୁ ଟିକିଏ ଭାବିଲେ, ''ଏକମାତ୍ର ଗହଣା ଥିଲା ନୋଥଟି, ତାହାକୁ ବି ନେବାକୁ ହେଲା ।'' ସଙ୍ଗେ ସଙ୍ଗେ ପୁଣି ଭାବିଲେ, ସବୁଠାରୁ ପ୍ରଧାନ କାର୍ଯ୍ୟ ଅତିଥିସେବା, ଏହା ଭଲ କାର୍ଯ୍ୟରେ ଲାଗିବ, ଏହାଠାରୁ ଆଉ ସୌଭାଗ୍ୟର ବିଷୟ କ'ଣ ହୋଇପାରେ । ନୋଥଟି ହାତରେ ଧରି ବଣିକ ଦୋକାନରେ ପହଞ୍ଚି କହିଲେ, ''ଭାଇ ଆଜି ସାଧୁସେବା ସକାଶେ ଏ ନୋଥଟି ବନ୍ଧା ରଖି ଭୋଜନ ସାମଗ୍ରୀ ଦେଇ ଦିଅ, ପରେ ଆଜିର ଆଉ ପୂର୍ବର ଟଙ୍କା ହିସାବ କରି ପରିଶୋଧ କରିବି ।'' ବଣିକ ନୋଥ ରଖି ଆବଶ୍ୟକ ସମସ୍ତ ସାମଗ୍ରୀ ମହାତ୍ମାଜିଙ୍କୁ ଦେଇଦେଲା । ସେ ସହର୍ଷେ ଆସି ସାଧୁମାନଙ୍କ ଭୋଜନର ବ୍ୟବସ୍ଥା କଲେ । ସଚ୍ଛମଣ୍ଡଳୀ ପ୍ରସାଦ ସେବା କରି ବଡ଼ ଆନନ୍ଦ ସହିତ ରାତ୍ରିରେ ବିଶ୍ରାମ କରି ପ୍ରାତଃକାଳରେ ମହାତ୍ମାଜିଙ୍କଠାରୁ ବିଦାୟ ମାଗି ଆଶୀର୍ବାଦ ଦେଇ ଚାଲିଗଲେ ।

ମହାତ୍ମାଜି ନିତ୍ୟ ନିୟମାନୁଯାୟୀ ଧୋତି, ଲୋଟା ନେଇ ସ୍ନାନ ସକାଶେ ନଦୀକୂଳକୁ ଗଲେ । ତାଙ୍କ ସ୍ତ୍ରୀଙ୍କର ନିୟମ ଥିଲା ପ୍ରାତଃକାଳରେ ଉଠି ପ୍ରଥମେ ଗୃହ-ଦେବ ଶ୍ରୀଜିଙ୍କ ଘର ପରିଷ୍କାର କରି, ପୂଜାର ପାତ୍ର ଧୋଇ ପୂଜାର ସାମଗ୍ରୀକୁ ଏକତ୍ର କରି ପରେ ଘରର ଅନ୍ୟାନ୍ୟ କାର୍ଯ୍ୟରେ ଲାଗିବା । ସେହି ଅନୁସାରେ ସେ ଶ୍ରୀଜିଙ୍କ ଘରେ ଗୋବର ଲିପୁଥିଲେ । ଏହି ସମୟରେ ହିମନ୍ତ ଦାସଜି ହାତରେ ନୋଥଟି ଧରି ପହଞ୍ଚିଗଲେ ଏବଂ କହିଲେ ''ନୋଥ ନେ ଆଉ ଏହିକ୍ଷଣି ପିନ୍ଧ'' । ସ୍ତ୍ରୀ ପଚାରିଲେ ''ବର୍ତ୍ତମାନ ତ ତୁମେ ସ୍ନାନକୁ ଯାଇଥିଲ, ଏତେ ଜଲଦି ନୋଥ କେଉଁଠୁ ଆଣିଲ ?'' ମହାତ୍ମା ଉତ୍ତର ଦେଲେ, ''ବାଃ, ହିମନ୍ତ ଦାସଙ୍କୁ କ'ଣ ଟଙ୍କା ଅଭାବ ଅଛି ?'' ସ୍ତ୍ରୀ କହିଲେ ''ମୋ ହାତ ଗୋବରରେ ଡୁବିଛି ନୋଥଟା ପିଣ୍ଡା ଉପରେ ରଖିଦିଅ'' । ମହାତ୍ମା କହିଲେ, ''ନା', ସୁବର୍ଣ୍ଣ ମାଟିରେ ରଖିବା ଠିକ୍ ନୁହେଁ,— ଆ ଶୀଘ୍ର ପିନ୍ଧି ନେ'' । ସ୍ତ୍ରୀ କହିଲେ, ''ତେବେ ଦୟାକରି ତୁମେ ନୋଥ ପିନ୍ଧେଇ ଦିଅ'' । ତହୁଁ ପ୍ରଭୁ ନିଜ କରକମଳରେ ସେହି ଭାଗ୍ୟବତୀ ବ୍ରାହ୍ମଣ ପତ୍ନୀକୁ ନୋଥ ପିନ୍ଧେଇ ଦେଇ ଚାଲିଗଲେ ।

କିଛି ସମୟରେ ପରେ ବାବା ହିମନ୍ତ ଦାସଜି ସ୍ନାନ କରି ଘରକୁ ଆସିଲେ । ପତ୍ନୀକୁ ନୋଥ ପିନ୍ଧିଥିବା ଦେଖି ପଚାରିଲେ ''ଭଦ୍ରେ, ଏ ନୋଥ କିଏ ଦେଲା ?'' ସ୍ତ୍ରୀ କହିଲେ, ''ହେ ମହାରାଜ ! ଥଟ୍ଟା କରୁଛ କାହିଁକି ? ବର୍ତ୍ତମାନ ତ ତୁମେ ନୋଥ ପିନ୍ଧେଇ ଦେଇଗଲ, ଆଉ ପଚାରୁଛ କ'ଣ ?'' ବାବାଜିଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ସେ ପୁଣି କହିଲେ ''ଏ ନୋଥ ମୁଁ ତୋତେ କେବେ ପିନ୍ଧାଇଲି ?'' ସ୍ତ୍ରୀ କହିଲେ ''ମହାରାଜ, ବର୍ତ୍ତମାନ ତୁମେ ଆସି ନୋଥ ପିନ୍ଧାଇ ଦେଲ । ମୋ ହାତ ଗୋବରରେ ଡୁବିଛି ବୋଲି ମୁଁ କହିଲି ନୋଥଟା ପିଣ୍ଡାରେ ରଖି ଦିଅ । ମାଟିରେ ସୁବର୍ଣ୍ଣ ଗହଣା ରଖିବା ନିଷେଧ କହି ନିଜ ହାତରେ ପିନ୍ଧାଇ ଦେଇ ବାହାରି ଗଲ; ଆଉ ବର୍ତ୍ତମାନ ଏପରି କହୁଛ ?'' ମହାତ୍ମାଜି ଆଉ କିଛି ନ କହି ତତ୍‌କ୍ଷଣାତ୍ ବଣିକ ପାଖକୁ ଯାଇ ପଚାରିଲେ, ''ନୋଥ କାହାକୁ ଦେଲ ?'' ବଣିକ ଉତ୍ତର ଦେଲା, ''କ'ଣ କହିଲ ? ମୁଁ ନୋଥ କାହାକୁ ଦେଲି ? ତୁମେ ନିଜେ କିଛି ସମୟ ପରେ ଆସି ତୁମର ବାକି ଖାତା ହିସାବ କରି ସମସ୍ତ ବାକି ଥିବା ୨୬୫ ଟଙ୍କା ନିଜ ହାତରେ ମୋତେ ଦେଇ ମୋଠାରୁ ନୋଥ ନେଇ ଗଲ । ବର୍ତ୍ତମାନ ତୁମେ କହୁଛ କ'ଣ ? ଏହି ଦେଖ ବାକି ଖାତା । ତୁମେ ଟଙ୍କା ଦେଇ ନିଜେ ଦସ୍ତଖତ କରିଛ ।'' ମହାତ୍ମାଜିଙ୍କ ଖାତାରେ ନିଜ ହସ୍ତାକ୍ଷର ଦେଖି ଆନନ୍ଦ ସମୁଦ୍ରରେ ଡୁବି ଗଲେ ଏବଂ ଗଦ୍‌ଗଦ୍ କଣ୍ଠରେ କହିଲେ, ''ଭାଇ, ପରମେଶ୍ୱର ! ତୁ ବଡ଼ ଭାଗ୍ୟବାନ୍ ତୋତେ ଆଜି ଲୀଳାମୟ ଭଗବାନ୍ ଦର୍ଶନ ଦେଲେ । ତୋ ପରମେଶ୍ୱର ନାମ ଆଜି ସାର୍ଥକ ହେଲା । ତୋ ହାତ କେତେ ପୁଣ୍ୟ ଅର୍ଜନ କରି ନ ଥିଲା ! ଆଜି ସେହି ଭକ୍ତ-ଭୟ-ହାରୀ, ଅଭୟବରଦ-ହସ୍ତରୁ ତୁ ଟଙ୍କା ନେଲୁ, ଆଉ ସେହି ହସ୍ତରେ ନୋଥ ଦେଲୁ, ଏହା କହି ବଣିକକୁ ହୃଦୟରେ ଲଗାଇ ନେଲେ । ବଣିକ କହିଲା ''ମହାରାଜ ! ଏହା ମୋର ସୁକୃତର ଫଳ ନୁହେଁ, କେବଳ ତୁମକୁ ସୌଦା ବିକିବାର ଏହି ଫଳ ।'' ଏତିକି କହି ବଣିକ ମହାତ୍ମାଜିଙ୍କ ଚରଣରେ ସପ୍ରେମରେ ପଡ଼ିଗଲେ ।

ହିମନ୍ତ ଦାସଜି ଘରକୁ ଆସି ସ୍ତ୍ରୀକୁ କହିଲେ, ''ପ୍ରିୟେ, ତୋତେ, ଆଉ ସେ ବଣିକକୁ ଆଜି ଶ୍ରୀଜିଙ୍କର ଦର୍ଶନ ହେଲା । କିନ୍ତୁ ମୁଁ ଜାଣେ ନାହିଁ, କ'ଣ ଅପରାଧ କରିଥିଲି ଯେ ମୋତେ ଦର୍ଶନ ହେଲା ନାହିଁ'' । ଏତିକି କହୁ କହୁ ତାଙ୍କ ନେତ୍ରରୁ ଅଶ୍ରୁଧାର ବହିବାକୁ ଲାଗିଲା । ସେ ବ୍ୟାକୁଳ ହୋଇ ପଡ଼ିଲେ ଏବଂ ଶରୀର-ଜ୍ଞାନ ମଧ୍ୟ ଭୁଲି ଯୁଗଳକିଶୋରଙ୍କ ଧ୍ୟାନ ଝାଙ୍କିରେ ପୃଥିବୀ ଉପରେ ପଡ଼ି ସମାଧିରେ ଡୁବିଗଲେ । ଏହି ଅବସ୍ଥାରେ ତାଙ୍କର ଦିନ ଓ ରାତି କଟିଗଲା । ତହିଁ ଆରଦିନ ପ୍ରାତଃକାଳରେ ତାଙ୍କୁ ଆକାଶବାଣୀ ହେଲା, ''ଆଜିଠାରୁ ସାତଦିନରେ ତୋତେ ବୃନ୍ଦାବନରେ ଶ୍ରୀଜିଙ୍କ ଦର୍ଶନ ହେବ ।'' ଏତିକି ଶୁଣିବା ମାତ୍ରକେ ତାଙ୍କ ଶରୀରରେ ଅଦ୍ଭୁତ ବଳ ଆସିଗଲା । ସେ ଧଡ଼ପଡ଼ ହୋଇ ଉଠି ଝାଞ୍ଜି ନେଇ ଯୁଗଳକିଶୋରଙ୍କ ନାମ କୀର୍ତ୍ତନ କରି ଯାତ୍ରା ଆରମ୍ଭ କରିଦେଲେ । ସାତଦିନ ସାତରାତି ବରାବର ରାସ୍ତା ଚାଲି କୀର୍ତ୍ତନ କରୁଅଛନ୍ତି । ତାଙ୍କର ଭୋକ, ଶୋଷ, ଖରା, ବର୍ଷା, ଦିନ, ରାତି, ସ୍ନାନ, ବିଶ୍ରାମ ବା ରାସ୍ତାର କିଛିମାତ୍ର ଜ୍ଞାନ ନାହିଁ । ହୃଦୟରେ ଭଗବାନଙ୍କ ଝାଙ୍କି, ପ୍ରାଣରେ ଦର୍ଶନର ଉତ୍ସାହ । ଦର୍ଶନ ଆନନ୍ଦରେ ଏକେବାରେ ସେ ମଗ୍ନ, ଶରୀରର ସ୍ମୃତି ଏକେବାରେ ବିସ୍ମୃତ । ଘରୁ ଯେଉଁ ଦିଗରୁ ମୁଖ କରି ବାହାରିଥିଲେ, ସେହି ଦିଗରେ ଚାଲିଛନ୍ତି । ଶରୀର ଏକେବାରେ ଯନ୍ତ୍ର । ଯେତେବେଳେ ଭକ୍ତ ଭଗବାନଙ୍କ ସ୍ମରଣରେ ସବୁକିଛି ଭୁଲିଯାଏ, ସେତେବେଳେ ଭଗବାନ୍ ତା'ର ସମସ୍ତ ଭାର ନିଜ ଉପରେ ନେଇ ନିଅନ୍ତି । ଗୀତାରେ କହିଛନ୍ତି –

''ୟୋଗକ୍ଷେମଂ ବହାମ୍ୟହମ୍'' ।

ହିମନ୍ତ ଦାସଙ୍କ ମନ-ପ୍ରାଣ ପ୍ରଭୁଙ୍କ ଦର୍ଶନ ଉତ୍କଣ୍ଠା ରୂପ ଦିବ୍ୟ ଆନନ୍ଦସମୁଦ୍ରରେ ଡୁବି ଯାଇଥିଲା, କିନ୍ତୁ ଶରୀର ଯନ୍ତ୍ରବତ୍ ପରିଚାଳିତ ହୋଇ ଠିକ୍ ସାତ ଦିନରେ ବୃନ୍ଦାବନରେ ପହଞ୍ଚିବା ମାତ୍ରକେ ବୃନ୍ଦାବନ-ବିହାରୀ ଭୁବନମୋହନ ନଟବର ବେଶ ଧାରଣ କରି ଭକ୍ତ ହିମନ୍ତ ଦାସଙ୍କ ସମ୍ମୁଖରେ ପ୍ରଘଟ ହେଲେ । ଚିର-ଅଭିଳଷିତ, ନିଜ ପ୍ରାଣର ପ୍ରାଣ, ପରମ-ଧନ, ଋଷିମନୋମୋହନ ନିଜ ଇଷ୍ଟଦେବଙ୍କ ରୂପ ଲାବଣ୍ୟ ତାଙ୍କ ଆଜନ୍ମ ତୃଷାର୍ତ୍ତ ନେତ୍ର ଅତୃପ୍ତ ଭାବେ ପାନ କରିବାକୁ ଲାଗିଲା ଏବଂ ସେହି ରୂପ-ସୁଧା-ସମୁଦ୍ରରେ ମନ-ପ୍ରାଣ ଏକେବାରେ ଡୁବି ଯିବାରୁ ଶରୀର ଜ୍ଞାନଶୂନ୍ୟ ହୋଇ ପ୍ରଭୁଙ୍କ ଚରଣରେ ପଡ଼ିଗଲା । ଭଗବାନ୍ ଶ୍ରୀକୃଷ୍ଣ ଭକ୍ତ ହିମନ୍ତ ଦାସଙ୍କୁ ଉଠାଇ ହୃଦୟରେ ଲଗାଇ ନେଲେ ଏବଂ ତାଙ୍କ ମସ୍ତକ ଉପରେ ନିଜ କରକମଳ ରଖି ତାଙ୍କ ଅଲୌକିକ ଭକ୍ତିକୁ ପ୍ରଶଂସା କଲେ । କହିଲେ ''ପ୍ରିୟ, ତୁ ସାତଦିନ କାଳ ବିନା ଅନ୍ନଜଳରେ ରାସ୍ତା ଚାଲିବାରେ ବଡ଼ କ୍ଲାନ୍ତ ହୋଇଯାଇଛୁ, ଚାଲ୍ ସେହି କଦମ୍ବ ମୂଳ ଛାୟାରେ ଭୋଜନ କର, ପରେ ବୃନ୍ଦାବନ ଦର୍ଶନ କରିବୁ ।'' ଭଗବତ୍ ରୂପଦର୍ଶନ ଆନନ୍ଦରେ ଏବଂ ପ୍ରଭୁଙ୍କ ଅମୃତମୟ ବାଣୀ ଓ ତାଙ୍କ ଅଭୟ କରକମଳ ସ୍ପର୍ଶରେ ପୂର୍ବରୁ ସେ ତୃପ୍ତ ଓ ସବଳ ହୋଇ ଯାଇଥିଲେ । ବର୍ତ୍ତମାନ ପ୍ରଭୁଙ୍କ ଆଜ୍ଞାରେ ତାଙ୍କ ସ୍ୱହସ୍ତରୁ ମହାପ୍ରସାଦ ସେ ସାଗ୍ରହେ ଗ୍ରହଣ କଲେ । ପ୍ରସାଦ ସେବନ ପରେ ଶ୍ରୀକୃଷ୍ଣ କହିଲେ, ''ମୁଁ ପୁନଶ୍ଚ ଦର୍ଶନ ଦେବି, ତୁ ଆନନ୍ଦରେ ବୃନ୍ଦାବନ ଦର୍ଶନ କର ।'' ଏତିକି କହି ପ୍ରଭୁ ଅନ୍ତର୍ଦ୍ଧାନ ହୋଇ ଗଲେ ।

ଭଗବାନଙ୍କ ରୂପ ମାଧୁରୀ ଆଉ ଦିବ୍ୟ-ପ୍ରେମରେ ବିହ୍ୱଳ ହୋଇ ମହାତ୍ମାଜି ବୃନ୍ଦାବନର କୁଞ୍ଜ ଆଉ ବଣ ଜଙ୍ଗଲରେ ବିଚରଣ କରିବାକୁ ଲାଗିଲେ । ଯମୁନା, ଗୋବର୍ଦ୍ଧନ, ତରୁଲତା, ଜୀବ ଜନ୍ତୁ, ମୟୂର, ମର୍କଟ ଆଦି ସମସ୍ତ ପ୍ରାଣୀଙ୍କଠାରେ ସେ ଦେଖିଲେ ସେଇ ଶ୍ୟାମ-ଶ୍ୟାମଙ୍କୁ । ସେ ଗାଇ ଉଠିଲେ –

''ଯୁଗଳ ରୂପ ଦରସେ ସବୈ, ମରକଟ, ବିପିନ, ମୟୂର ।
ହିମନ୍ତ ବ୍ରଜ ପରସୈ ବିନା ଜୀୟତ ଜଗତ ମେ କୁରା ।''

ଅର୍ଥାତ୍ ମର୍କଟ, ବିପିନ ଏବଂ ମୟୂରଙ୍କଠାରେ ନିଜ ଇଷ୍ଟଦେବ ଯୁଗଳମୂର୍ତ୍ତି ରାଧା-କୃଷ୍ଣଙ୍କୁ ଦର୍ଶନ କରି ହିମନ୍ତ

ଦାସ କହିଲେ, ''ବ୍ରଜ ନ ଆସି ଯେଉଁମାନେ ସଂସାରରେ ଅଛନ୍ତି (ଭଗବାନଙ୍କୁ ଭକ୍ତି କରୁ ନାହାନ୍ତି) ସେମାନେ କ୍ରୁର ଅଟନ୍ତି ।''

ପରଦିନ ହିମନ୍ତ ଦାସ ମନୋହର ଘାଟ ହୋଇ ଯମୁନା କୂଳରେ ପହଞ୍ଚିଲେ ଏବଂ ଦେଖିଲେ ଗୋଟିଏ ହୀରା ଜଡ଼ିତ ସୁନ୍ଦର ଝୁଲାରେ ଶ୍ରୀକୃଷ୍ଣ ଓ ଶ୍ରୀରାଧାଜୀ ଝୁଲୁଛନ୍ତି । ସେ ଶୀଘ୍ର ସେଠାକୁ ଯାଇ ଝୁଲା ଝୁଲାଇ ଗାଇ ଉଠିଲେ ।

''ନବଳକୁଞ୍ଜ ଯମୁନା ନିକଟ ହୀରନ ଜଟିତ ଡୋର ।
'ହିମନ୍ତ ଦାସ' ଝୁଲାବହି ଝୁଲତ ଯୁଗଳ କିଶୋର ।।''

ଅର୍ଥାତ୍, ଯମୁନା ନିକଟ ନବଳ କୁଞ୍ଜରେ ହୀରା-ନୀଳା-ମୋତି ମାଣିକ୍ୟ ଜଡ଼ିତ ଝୁଲାରେ ଯୁଗଳ କିଶୋର ଶ୍ରୀରାଧା-ମାଧବଙ୍କୁ ହିମନ୍ତ ଦାସ ଝୁଲାଉ ଅଛି ।

ଏହି ତ୍ରୈଲୋକ୍ୟ-ମୋହନ-ମୂର୍ତ୍ତିଙ୍କୁ ଦର୍ଶନ କରି ଆନନ୍ଦରେ ମଗ୍ନ ହୋଇ ତାଙ୍କ ଝୁଲାକୁ ଝୁଲାଉ ଝୁଲାଉ ହଠାତ୍ ଝୁଲା ସହିତ ପ୍ରଭୁ ଅନ୍ତର୍ଦ୍ଧାନ ହୋଇଗଲେ । ମହାତ୍ମା ପୁନର୍ବାର ଦର୍ଶନ ଇଚ୍ଛାରେ ସେଠାରୁ ମଥୁରା ଦେଇ ଗୋକୁଳରେ ପହଞ୍ଚିଲେ । ସେଠାରେ ଶ୍ରୀକୃଷ୍ଣ ତାଙ୍କୁ ଗୋପାଳ ରୂପେ ଦର୍ଶନ ଦେଲେ । ତା'ପରେ ମହାତ୍ମା ବ୍ରଜର ସବୁ ପୁଣ୍ୟ ତୀର୍ଥ ଦର୍ଶନ କରି, ବାରଂବାର ବ୍ରଜ-ରଜ ଶରୀର ଓ ମସ୍ତକରେ ଧାରଣ କରି ଶ୍ରୀବୃନ୍ଦାବନବିହାରୀଙ୍କ ଅନୁପମ ରୂପମାଧୁରୀରେ ମସ୍ତ ହୋଇ ଆନନ୍ଦରେ ପ୍ରଭୁଙ୍କ ଗୁଣ ଗାନ କରି ଝାଞ୍ଜ ବଜେଇ ବଜେଇ ଘରକୁ ଫେରିଲେ ।

ଏହିପରି ମହାତ୍ମାଜି ତାଙ୍କ ସମସ୍ତ ଜୀବନ ଭଗବତ୍ ପ୍ରେମାନନ୍ଦରେ ଅତିବାହିତ କରି ଶେଷରେ ପରମ ଧାମରେ ନିଜ ପ୍ରଭୁଙ୍କ ସହିତ ବାସ କଲେ ।

ବୋଲ ଭକ୍ତବତ୍ସଳ ଭଗବାନଙ୍କର ଜୟ ।

କରମୈତୀ ବାଈ

''ନଶ୍ୱର ପତିରତି ତ୍ୟାଗୀ କୃଷ୍ଣପଦସୋଂ ରତି ଜୋରୀ ।
ସବୈ ଜଗତକୀ ଫାସ ତରକି ତିନୁକା ଜ୍ୟୋଂ ତୋରୀ ॥
ନିର୍ମଳ କୁଳ କାଁଥଡ଼ା ଧନ୍ୟ ପରସା ଜେହିଜାଇ ।
କରି ବୃନ୍ଦାବନ ବାସ ସଛ-ମୁଖ କରତ ବଡ଼ାଇ ॥
ସଂସାର ସ୍ୱାଦସୁଖ ତ୍ୟାଗ କରି ଫେରି ନାହିଁ ତିନ ତନ ଚହୀ ।
କଠିନ କାଳ କଳିଯୁଗ ମହଁ କରମୈତୀ ନି-କଳଙ୍କ ରହୀ ॥''

(ନାଭାଜି)

''କରମୈତୀ ନଶ୍ୱର ପତିପ୍ରୀତିକୁ ତ୍ୟାଗ କରି ଶ୍ରୀକୃଷ୍ଣ ଚରଣରେ ପ୍ରୀତି କଲେ । ଜଗତର ସମସ୍ତ ପ୍ରକାର ବନ୍ଧନ ସମ୍ବନ୍ଧେ ସତର୍କ ହୋଇ ତାହାକୁ ଘାସର ଫାଶ ପରି ଛିଣ୍ଡାଇ ପକାଇଲେ । କରମୈତୀ ବାଈ ତୁଲ୍ୟ ଭକ୍ତା କନ୍ୟାକୁ ଯେ ଜନ୍ମ ଦେଇଅଛନ୍ତି, ପବିତ୍ର କାନ୍ଥଡ଼ା ବ୍ରାହ୍ମଣ କୁଳଉତ୍ପନ୍ନ ସେହି ପରଶୁରାମଜି ଧନ୍ୟ । ସଛମାନେ ଯେଉଁ କରମୈତୀ ବାଈଙ୍କୁ ପ୍ରଶଂସା କରନ୍ତି ସେହି କରମୈତୀ ବାଈ ବୃନ୍ଦାବନରେ ବାସ କଲେ । ସେ ସଂସାର ସୁଖ-ସ୍ୱାଦକୁ ତ୍ୟାଗ କରି ଫେର କେବେ ବି ତା ଆଡ଼କୁ ଦୃଷ୍ଟି ଦେଇ ନ ଥିଲେ । ଏହି କଠିନ କଳିକାଳରେ କରମୈତୀ ବାଈ ଅକଳଙ୍କ ରହିଥିଲେ ।''

ଯାହାଙ୍କ ମନ ଶ୍ରୀନନ୍ଦନନ୍ଦନ, ଶ୍ୟାମ-ବଦନ ମନୋମୋହନଙ୍କ ମାଧୁରୀ ଓ ରୂପ ଲାବଣ୍ୟରେ ମୋହିତ ହୋଇଯାଏ ତାଙ୍କୁ ଜଗତର ସମସ୍ତ ରୂପ, ସମସ୍ତ ସୁଖ ନିରସ ବୋଧ ହୁଏ । ଫେର ସଂସାରର ଯେଉଁ ସୁଖ ସେହି ପ୍ରିୟତମଙ୍କଠାରୁ ବିମୁଖ କରେ ତାହା ବିଷବତ୍ ପ୍ରତୀତ ହୁଏ । ସଂସାରର ବିଷୟ-ବସ୍ତୁ ଯଦି ଭଗବାନଙ୍କ ପ୍ରେମର ସହାୟକ ହୁଏ, ପ୍ରିୟତମ ଶ୍ୟାମ ସୁନ୍ଦରଙ୍କ ପୂଜା-ସାମଗ୍ରୀ ହୋଇପାରେ ତେବେ ତ କୌଣସି ଆପତ୍ତି ନାହିଁ । ସେ ସବୁ ରହିଲେ ସୁଖ ମିଳେ, କାରଣ ତାହାଦ୍ୱାରା ପ୍ରିୟତମଙ୍କ ପଦକମଳ-ପୂଜା ପୂର୍ଣ୍ଣ ହୁଏ । କିନ୍ତୁ ଯେଉଁ ବିଷୟବସ୍ତୁ ପ୍ରିୟତମଙ୍କ ପ୍ରେମରେ ବାଧକ ତାହାକୁ ତ୍ୟାଗ କରିବା ଶ୍ରେୟସ୍କର । ସେଥିପାଇଁ ଭକ୍ତଗଣ ସମସ୍ତ ସଂସାରକୁ ଭଗବତ୍ ପୂଜାର ସାମଗ୍ରୀ ରୂପେ ଦେଖନ୍ତି ଅଥବା ବାଧକ ଜାଣି ସର୍ବଥା ତ୍ୟାଗ କରନ୍ତି । ବିଷୟ ଆସକ୍ତି ତ୍ୟାଗ କରିବାକୁହିଁ ହୁଏ । କେଉଁଠି ଯଦି ସଂସାରର ବିଷୟବସ୍ତୁ ରହେ ତାହା ଭୋଗ ରୂପେ ରହେ ନାହିଁ, ଯେବେ ଭକ୍ତ ସ୍ୱୟଂ ନିଜକୁ ଭଗବାନଙ୍କ ଚରଣରେ ସମର୍ପଣ କରିଦିଏ, ତେବେ ତା'ର ଭୋଗବସ୍ତୁ ରହିବ କିପରି ? ସେ ନିଜେ ଯେତେବେଳେ ଭଗବାନଙ୍କର ତାହାର ଥିବା ସମସ୍ତ ବସ୍ତୁ ମଧ୍ୟ ଭଗବାନଙ୍କର ହୋଇଯାଏ । ଯେଉଁ ବସ୍ତୁ ଭଗବାନଙ୍କର ହୋଇ ରହିବାକୁ ଚାହେଁ ନାହିଁ, ଅଥବା ପ୍ରିୟତମଙ୍କ ଚରଣରେ ଆତ୍ମ ସମର୍ପଣ କରିବାରେ ପ୍ରତିବନ୍ଧକ ହୁଏ, ତାହା ନିଶ୍ଚୟହିଁ ତ୍ୟାଜ୍ୟ । କରମୈତୀ ବାଈ ନିଜ ଆତ୍ମ-ସମର୍ପଣରେ ପିତା ଓ ପତିଙ୍କୁ ବାଧକ ଦେଖି ଗୃହ ତ୍ୟାଗ କରି ବୃନ୍ଦାବନକୁ ଯାତ୍ରା କରିଥିଲେ ।

ଜୟପୁର ଅନ୍ତର୍ଗତ ଖଣ୍ଡେଳା ନାମକ ସ୍ଥାନରେ ସେଖାବତ୍ ନାମକ ଜନୈକ ସରଦାର ରାଜ୍ୟ ଶାସନ କରୁଥିଲେ । ପଣ୍ଡିତ ପରଶୁରାମଜି ଖଣ୍ଡେଳା ରାଜ୍ୟର କୁଳ-ପୁରୋହିତ ଥିଲେ । କରମୈତୀ ଏହି ପରଶୁରାମଙ୍କ କନ୍ୟା ଥିଲେ । ପୂର୍ବ-ସଂସ୍କାରରୁ, ପିଲାଦିନରୁ କରମୈତୀଙ୍କ ମନ ଶ୍ରୀକୃଷ୍ଣଚନ୍ଦ୍ରଙ୍କ ପ୍ରତି ଭକ୍ତିରେ ଲାଗିଗଲା । ସେ ନିରନ୍ତର ଶ୍ରୀକୃଷ୍ଣଙ୍କ ନାମ ଜପ କରନ୍ତି, ଏକାନ୍ତ ସ୍ଥାନରେ ତାଙ୍କୁ ଧ୍ୟାନ କରନ୍ତି ଆଉ କେବେ କେବେ ବ୍ୟାକୁଳ ହୋଇ ''ହା ନାଥ'', ''ହା ନାଥ'' କହି ତାଙ୍କୁ ଡାକନ୍ତି । ଧ୍ୟାନ ସମୟରେ ଏବଂ ଶ୍ରୀକୃଷ୍ଣଙ୍କ ଲୀଳା ଚିନ୍ତନରେ ତାଙ୍କ ନେତ୍ରରୁ ପ୍ରେମାଶ୍ରୁ ପ୍ରବାହିତ ହୁଏ, ଶରୀରରେ ପୁଲକ ଜାତ ହୁଏ । ପ୍ରେମାବେଶରେ ସେ କେବେ ହସନ୍ତି, କେବେ ରୋଦନ କରନ୍ତି, କେବେ ମଧୁର ସ୍ୱରରେ କୀର୍ତ୍ତନ କରନ୍ତି । ଛୋଟ ବାଳିକାର ଭଗବତ୍ ପ୍ରେମ ଦେଖି ଘରର ଲୋକ ଏବଂ ପଡ଼ୋଶୀମାନେ ବହୁତ ପ୍ରସନ୍ନ ହୁଅନ୍ତି ।

କେତେ ବର୍ଷ ପରେ କରମୈତୀ ବିବାହଯୋଗ୍ୟା ହୋଇଗଲେ । ପିତାମାତା ତାଙ୍କ ପାଇଁ ଗୋଟିଏ ସୁଯୋଗ୍ୟ ବର ଖୋଜିବାକୁ ଲାଗିଲେ । କରମୈତୀ ବାଇଙ୍କୁ ବିବାହ ଚର୍ଚ୍ଚା ଆଦୌ ଭଲ ଲାଗେ ନାହିଁ । ସେ ଲଜ୍ଜାବଶତଃ ପିତାମାତାଙ୍କୁ କିଛି କହନ୍ତି ନାହିଁ, ଆଉ ବିଷୟ-ଚର୍ଚ୍ଚା ତାଙ୍କୁ ବିଷପରି ଲାଗେ । ନିଜ ଇଚ୍ଛା ନ ଥିବା ସତ୍ତ୍ୱେ ଓ ପିତାଙ୍କ ଇଚ୍ଛାନୁସାରେ ତାଙ୍କର ବିବାହ ହୋଇଗଲା । ଏହା ଥିଲା ବାଲ୍ୟକୃତ୍ୟ । ସେ ବହୁ ପୂର୍ବରୁ ଅର୍ଥାତ୍ ବହୁ ଜନ୍ମରୁ ନିଜକୁ ଭଗବାନଙ୍କ ଚରଣରେ ଅର୍ପଣ କରି ସାରିଥିଲେ । ଭଗବାନଙ୍କ ବସ୍ତୁ ଉପରେ ଅନ୍ୟର ଅଧିକାରକୁ ସେ କିପରି ସହ୍ୟ କରି ପାରନ୍ତେ ? ସେ ଏହି ସଂସାରର ଊର୍ଦ୍ଧ୍ୱରେ ଦିବ୍ୟ-ପ୍ରେମ ରାଜ୍ୟର ଅଧୀଶ୍ୱର ନିତ୍ୟ, ନବୀନ, ଚିରକୁମାର, ସକଳ-ସୌନ୍ଦର୍ଯ୍ୟର ଆକାର, ଶ୍ୟାମସୁନ୍ଦର ସଚ୍ଚିଦାନନ୍ଦଙ୍କୁ ବରଣ କରି ଦିନରାତି ତାଙ୍କରି ସ୍ମରଣରେ ମଗ୍ନ ରହୁଥିଲେ । କେତେଦିନ ଏହିପରି କଟିଯିବା ପରେ ଶ୍ୱଶୁରଗୃହକୁ ନେଇଯିବା ପାଇଁ ଲୋକ ଆସିଲେ । ସେ ଜାଣିଥିଲେ ଯେ ତାଙ୍କ ପତି-ଗୃହର ବ୍ୟକ୍ତିମାନେ ଭଗବାନଙ୍କୁ ମାନନ୍ତି ନାହିଁ, ବୈଷ୍ଣବ ଏବଂ ସଜ୍ଜଙ୍କ ବିରୋଧୀ । ଏପରି ଅବସ୍ଥାରେ ସେଠାରେ ତାଙ୍କ ପ୍ରାଣଠାରୁ ଅଧିକ ପ୍ରିୟ ଶ୍ୟାମସୁନ୍ଦରଙ୍କ ସେବା କରିବାରେ ନାନାପ୍ରକାର ବାଧା ପଡ଼ିବ ଏବଂ ମନ-ପ୍ରାଣକୁ ବି ବିଷୟରେ ଲଗାଇବାକୁ ପଡ଼ିବ । ଏହା ସ୍ମରଣ କରିବା ମାତ୍ରେ ତାଙ୍କ ହୃଦୟ ବ୍ୟାକୁଳ ହୋଇ ପଡ଼ିଲା । ଏହି ରାତିଟି ପାହିଲେ ତହିଁ ଆରଦିନ ପତି-ଗୃହକୁ ଯିବାକୁ ହେବ, ଏହି ଚିନ୍ତାରେ ଦିନଟା ଗୋଟାଏ ଦୁଃଖମୟ ଯୁଗପରି ବିତିଗଲା । କରମୈତୀ ଶୋଇବା ବାହାନାରେ ଶୀଘ୍ର ଘର ଭିତରକୁ ଯାଇ ଦ୍ୱାର ବନ୍ଦ କରିଦେଲେ ।

ଜୀବନର ଯଥାର୍ଥ ନିତ୍ୟ ସମ୍ବନ୍ଧ ଏକମାତ୍ର ଭଗବାନଙ୍କ ସହିତ । ସାଂସାରିକ ସମ୍ବନ୍ଧ ସର୍ବଦାହିଁ ଅସ୍ଥାୟୀ; ମାୟା, ସ୍ୱାର୍ଥରେ ପରିପୂର୍ଣ୍ଣ – ବିକୃତ ସୁଖ ସହିତ ମିଶ୍ରିତ ମହାନ୍ ଦୁଃଖ । ଯେଉଁ ବ୍ୟକ୍ତି ସେହି ଭଗବତ୍ ପରମାନନ୍ଦଙ୍କୁ ଲେଶମାତ୍ର ଆସ୍ୱାଦନ କରିଛି ସେ କିପରି ଏହି ବିଷମୟ ବିଷୟ ଭୋଗ କରିବ ? କରମୈତୀଙ୍କ ହୃଦୟ କମ୍ପିଗଲା । ସେ ହତାଶ ହୋଇ, ବ୍ୟାକୁଳ ଭାବେ ଆର୍ତ୍ତସ୍ୱରରେ ଡାକିଲେ, ''ହେ ନାଥ, ହେ ପ୍ରାଣନାଥ, କ'ଣ ତୁ ଏ ଦାସୀ ପାଇଁ କୌଣସି ଉପାୟ କରିପାରିବୁ ନାହିଁ; ଏ ଦାସୀ ଆଜି ସଂସାର ମୋହମାୟା ଜାଲରେ ପଡ଼ି କ'ଣ ତୋ ଚରଣରୁ ବିମୁଖ ହେବ ? ନାହିଁ, ନାହିଁ, ତୁ ଦୟାମୟ, ଦୀନଜନଙ୍କ ବନ୍ଧୁ ! ଦ୍ରୌପଦୀଙ୍କୁ ବିବସ୍ତ୍ର କରିବା ସମୟରେ ତୁ ନିଜେହିଁ ବସ୍ତ୍ରରୂପ ଧାରଣ କରି ଦ୍ରୌପଦୀର ଲଜ୍ଜା ନିବାରଣ କରିଥିଲୁ । ହେ ପ୍ରଭୁ ତୁ ତ୍ରିଭୁବନର ନାଥ ହୋଇ ମଧ୍ୟ ତୋ ଶରଣାଗତ ଜନର ଚାକର ହୋଇ ତା ସେବା କରିବାରେ ଆନନ୍ଦ ମିଳେ ।'' ଏହିପରି ପ୍ରାର୍ଥନା କରୁ କରୁ କରମୈତୀଙ୍କ ଗଳା ରୁଦ୍ଧ ହୋଇଗଲା, ନେତ୍ରରୁ ଅଶ୍ରୁଧାରା ପ୍ରବାହିତ ହେବାକୁ ଲାଗିଲା । ଏହି ଅବସ୍ଥାରେ ସେ ସମାଧିସ୍ଥ ହୋଇଗଲେ । ତାଙ୍କ ହୃଦୟ କନ୍ଦରରୁ କେହି ଡାକି କହିଲେ, ''କରମୈତୀ ତୁ ଚିନ୍ତା କରୁଛୁ କାହିଁକି ? ମୋତେ ଯେ ନିଜକୁ ଦେଇଦିଏ ମୁଁ ମଧ୍ୟ ନିଜକୁ ତା' ହାତରେ ବିକିଦିଏ, ତା' ସଙ୍ଗେ ସଙ୍ଗେ ରହି ତାକୁ ରକ୍ଷା କରେ । ତୁ ଏକା ନାହୁଁ, ତୋ ସଙ୍ଗରେ ମୁଁ ସର୍ବଦା ରହିଛି । ତୁ ମୋ ବ୍ରଜଧାମକୁ ଯା'' । ଏହି ଶବ୍ଦ ଶୁଣିବା ମାତ୍ରକେ କରମୈତୀଙ୍କ ସମାଧି ଭଙ୍ଗ ହେଲା । ସେ ଆନନ୍ଦରେ ବିହ୍ୱଳ ହୋଇଗଲେ । ଭାବିଲେ, ''ହାଃ, ଦୟାମୟ ପ୍ରଭୁଙ୍କର ଏ ଦୀନା ହୀନା ବାଳିକା ପ୍ରତି ଏତେ କୃପା ! ହେ ପ୍ରଭୁ, ଦୟା କର, ଚିରଦିନ ପାଇଁ ଏ ଦାସୀକୁ ତୋ ଚରଣସେବାରେ ସ୍ୱୀକାର କର ।''

ଏଣେ ପିତା ପରଶୁରାମଜି କନ୍ୟାର ବିଦାୟ ସକାଶେ ସାରାଦିନ କାମ କରି ହାଲିଆ ହୋଇ ପଡ଼ିଥିଲେ । ସେ ବିଛଣା ଧରିବା ମାତ୍ରକେ ନିଦ୍ରାଦେବୀଙ୍କ କୋଳରେ ନିଜକୁ ପୂର୍ଣ୍ଣରୂପେ ଅର୍ପଣ କରିଦେଲେ । ଏହି ଜନ୍ମରେ ବ୍ୟକ୍ତି ଯେପରି ପୂର୍ବଜନ୍ମର କଥା ଭୁଲିଯାଏ, ପରଶୁରାମଜି ସେହିପରି ଗଭୀର ନିଦ୍ରାଭିଭୂତ ହୋଇ ଜାଗ୍ରତ ଅବସ୍ଥାର କୃତ୍ୟ ସଂପୂର୍ଣ୍ଣରୂପେ ଭୁଲିଗଲେ ।

ଭକ୍ତମାଳାର ପ୍ରଣେତା ନାଭାଜି ବର୍ଣ୍ଣନା କରିଅଛନ୍ତି –

''ଅଧି-ନିସି ନିକସୀ ୟୋଂ ବସିହିୟେ ମୁରତି ସୋ ।
ପୁରନ ସନେହ ତନୁ ସୁଧି ବିସରାଇ ହୈ ॥

ଭୋରଭୟେ ଶୋର ପରେ୍ୟା ପିତାମାତା ଶୋଚକରେ୍ୟା ।
କରବୈ ଯତନ ଠୋର-ଠୋର ଢୁଢବାଇ ହୈ ॥
ଚାରୋଂ ଓର ଦୌରେ ନର ଆୟେ ଢିଗ ଟରୀ ଜାନି ।
ଓଁ ଟକେ କରଁକ ମଧ ଦେହ ଜା ଦୁରାଇ ହୈ ॥
ଜଗ-ଦୁରଗନ୍ଧ କୋଉ ଏସୀ ବୁରୀ ଲାଗୀ ଜାମେଂ ।
ବହୁ ଦୁରଗନ୍ଧ ସୋଂ ସୁଗନ୍ଧ ଲୋଂ ସରାହୀ ହୈ ॥''

ଅର୍ଥାତ୍ ''କରମୈତୀ ଅର୍ଦ୍ଧରାତ୍ରିରେ ଘରୁ ବାହାରି ପଡ଼ିଲେ, ତାଙ୍କ ହୃଦୟରେ ଇଷ୍ଟଦେବ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ବିରାଜମାନ କରୁଥିଲେ । ଭଗବାନଙ୍କଠାରେ ତାଙ୍କର ପୂର୍ଣ୍ଣପ୍ରେମ ହେବାରୁ ସେ ଶରୀର ଜ୍ଞାନ ଭୁଲି ଯାଇଥିଲେ । ଭୋର ହେଲା, କରମୈତୀ ଚାଲିଯିବାର ଖବର ଚାରିଆଡ଼େ ବ୍ୟାପିଗଲା । ପିତା ମାତା ବହୁତ ଦୁଃଖରେ ପଡ଼ିଲେ ଏବଂ ଚେଷ୍ଟା କରି ରାଜାଙ୍କ ସୈନ୍ୟ ପଠାଇ ସ୍ଥାନେ ସ୍ଥାନେ ଖୋଜାଇଲେ । ଚାରିଆଡ଼େ ସୈନ୍ୟ ଦୌଡ଼ିଛନ୍ତି ମାତ୍ର କରମୈତୀ ଓଟ କଙ୍କାଳ ମଧ୍ୟରେ ଲୁଚି ରହିବାରୁ ତାଙ୍କୁ କେହି ପାଇଲେ ନାହିଁ । ସଂସାର ବିଷୟ ତାଙ୍କୁ ଏପରି ଦୁର୍ଗନ୍ଧ ଲାଗିଥିଲା ଯେ ସେ ଶଢ଼ା ଓଟର ମହାନ୍ ଦୁର୍ଗନ୍ଧକୁ ସୁଗନ୍ଧ ମନେ କଲେ ।''

ବୋଧ ହୁଏ ଏହି ସୁଯୋଗ କରମୈତୀଙ୍କ ସକାଶେ ଭଗବାନଙ୍କ ବିଧାନ ଥିଲା । ସେ ଆନନ୍ଦ-ମଗ୍ନ ହୋଇ ଘୋର ନିଶାରାତ୍ରରେ ଏକା – ନା ନା, ସେ ଏକା ନ ଥିଲେ, ତାଙ୍କ ସଙ୍ଗେ ଅଦୃଶ୍ୟରୂପେ ଥିଲେ ସମସ୍ତ ଜଗତର ପ୍ରଭୁ ଶ୍ରୀକୃଷ୍ଣ – ଘରୁ ବାହାରି ବ୍ରଜପୁରୀକୁ ଯାତ୍ରା କଲେ । ମନୁଷ୍ୟ ଯେବେ ମନ-ପ୍ରାଣ-ଚେତନାରେ ପରିଚାଳିତ ହୁଏ, ତେବେ ପଦେ ପଦେ ଭୟ କରେ, କିନ୍ତୁ ସେ ଯଦି ଭୟହାରୀ ପ୍ରଭୁଙ୍କ ଦ୍ୱାରା ପରିଚାଳିତ ହୁଏ, ତେବେ ସେ ଭୟ କରିବ କାହାକୁ ? ପ୍ରଭୁ ତ ସର୍ବତ୍ର ବିଦ୍ୟମାନ । କରମୈତୀ ଅଳ୍ପ ବୟସର ବାଳିକା, ଘୋର ନିଶାରାତ୍ରିରେ ଦୌଡୁଛନ୍ତି । ରାତି ଶେଷ ପର୍ଯ୍ୟନ୍ତ ସେ କେତେଦୂର ଯାଇଛନ୍ତି କେଉଁ ରାସ୍ତାରେ କେଉଁ ଆଡ଼େ ଯାଇଛନ୍ତି ସେ ନିଜେ ଜାଣନ୍ତି ନାହିଁ, ଜାଣିବ ବା କିଏ ? ସମସ୍ତ ଚେତନା ତାଙ୍କର କୃଷ୍ଣମୟ ହୋଇ ଯାଇଛି ।

ସକାଳ ହେଲା । ସୂର୍ଯ୍ୟ ଉଦୟ ହୋଇଗଲେ କିନ୍ତୁ ଆଜି ପରଶୁରାମଜି ବିଛଣାରୁ ଉଠି ନାହାନ୍ତି । ସାଧାରଣତଃ ସେ ସୂର୍ଯ୍ୟୋଦୟ ପୂର୍ବରୁ ଉଠି ସ୍ନାନାଦି କର୍ମରୁ ନିବୃତ୍ତ ହୋଇ ପୂଜା-ପାଠ କରନ୍ତି । ତାଙ୍କ ସ୍ତ୍ରୀ ତାଙ୍କୁ ଉଠେଇ ଦେଲେ । ତା' ପରେ କରମୈତୀଙ୍କୁ ସ୍ନାନ କରିବା ସକାଶେ କହିବାକୁ ତାଙ୍କ ଶୋଇବା ଘରକୁ ଗଲେ । ଦେଖିଲେ ସେ ଘରେ ନାହାନ୍ତି । ଏଆଡ଼େ ସେଆଡ଼େ ଘରେ ବାଡ଼ି ଦାଣ୍ଡରେ ଖୋଜି ନ ପାଇ ତ୍ରସ୍ତ ବ୍ୟସ୍ତ ହୋଇ ଉଦ୍‌ବିଗ୍ନ ସ୍ୱରରେ ପତିଙ୍କୁ କହିଲେ, ''କରମୈତୀକୁ ମୁଁ ଖୋଜି ଖୋଜି ପାଉ ନାହିଁ'' । ଏକଥା ଶୁଣି ପରଶୁରାମଜି ଚମକି ପଡ଼ି ଧଡ଼ପଡ଼ ହୋଇ ଉଠି ଚତୁର୍ଦିଗରେ ଖୋଜିବାକୁ ଲାଗିଲେ । ଶେଷରେ ନ ପାଇ ବ୍ୟତିବ୍ୟସ୍ତ ହୋଇ ପଡ଼ିଲେ । ସଂସାର ରୀତି ଅନୁସାରେ ଝିଅ ଘରୁ ପଳାଇଲେ ନାନା ଲୋକେ ନାନା ପ୍ରକାର ଆଲୋଚନା କରନ୍ତି । ତା' ଛଡ଼ା ଝିଅ ସ୍ୱାମୀ ଗୃହକୁ ଯିବା ପୂର୍ବରୁ ରାତ୍ରିରେ ପଳାଇଯିବା ନିନ୍ଦାଜନକ ଘଟଣା । କିନ୍ତୁ ପରଶୁରାମଜି ତାଙ୍କ କନ୍ୟାର ଚରିତ୍ର ସମ୍ବନ୍ଧେ ନିଶ୍ଚିତ ଥିଲେ । ସେ ଜାଣିଥିଲେ ଯେ ତାଙ୍କ କନ୍ୟାର ମନ ବିଷୟରେ ଆସକ୍ତ ନ ଥିଲା, ସେଥିପାଇଁ ତାଙ୍କ ମନରେ କୌଣସି ସନ୍ଦେହର ସ୍ଥାନ ନାହିଁ । କିନ୍ତୁ ଲୋକେ ତ ଏହା ବୁଝିବେ ନାହିଁ । ସେମାନେ ନାନାପ୍ରକାର ସନ୍ଦେହ କରିବେ ଏବଂ ତାଙ୍କ ସତୀ କନ୍ୟା ଉପରେ ବୃଥା କଳଙ୍କ ଲଗାଇବେ । ଏହା ବଡ଼ ଅସହ୍ୟ ଓ ଲଜ୍ଜାର ବିଷୟ । ଏହି କଥାରେ ପରଶୁରାମଜି ବିଶେଷ ଚିନ୍ତିତ ହୋଇ ନିଜ ଯଜମାନ ରାଜାଙ୍କ ପାଖକୁ ଯାଇ ସମସ୍ତ ଘଟଣା କହିଲେ । ରାଜା ପୁରୋହିତଙ୍କ ପ୍ରତି ବହୁତ ସହାନୁଭୂତି ଦେଖାଇ ତତ୍‌କ୍ଷଣାତ୍ କେତେକ ଘୋଡ଼ା-ସବାର ସୈନ୍ୟଙ୍କୁ କରମୈତୀକୁ ଖୋଜିବା ସକାଶେ ଚାରିଆଡ଼େ ପଠାଇଦେଲେ । ଯେଉଁ ରାସ୍ତାରେ କରମୈତୀ ଯାଉଥିଲେ ସେହି ରାସ୍ତାରେ ଘୋଡ଼ା-ସବାର ଅନୁସରଣ କଲେ । ଦୂରରୁ ଘୋଡ଼ାଙ୍କ ଟାପ ଶୁଣି ସେ ମନେ କଲେ ''ସମ୍ଭବତଃ, ମୋତେ ଖୋଜିବା ନିମିତ୍ତ ସୈନିକ ଆସୁଛନ୍ତି'' । କିନ୍ତୁ ସେ ଲୁଚିବେ କେଉଁଠି ?

ସେଠାରେ ପାହାଡ଼, ଗୁମ୍ଫା, ବଣ ବା ଜଙ୍ଗଲ କିଛି ନ ଥିଲା, ଥିଲା କେବଳ ଖୋଲା ନିର୍ଜନ ଅପନ୍ତରା ଭୂମି । ସେ ଭୟରେ ଅସ୍ତବ୍ୟସ୍ତ ହୋଇ ଭଗବାନଙ୍କୁ ସ୍ମରଣ କରି ଚାରିଆଡ଼କୁ ଦୃଷ୍ଟିପାତ କଲେ । ଦେଖିଲେ ଗୋଟାଏ ମୃତ ଓଟର କଙ୍କାଳ ପଡ଼ିଛି । ତା' ପେଟର ମାଂସ ଜୀବଜନ୍ତୁ ଖାଇଯାଇ ଥିବାରୁ ସେହି ପେଟ ଗୋଟାଏ କନ୍ଦରା ପରି ହୋଇଛି । ଲୁଚିବାର ସେହି ସ୍ଥାନଟି ଦେଖି ଝଟକରି ଯାଇ ସେହି ଶଢ଼ା ଦୁର୍ଗନ୍ଧମୟ କଙ୍କାଳ ମଧ୍ୟରେ ଲୁଚିଗଲେ । ସୈନିକମାନେ ସେହି ରାସ୍ତା ଦେଇ ଆଗକୁ ବହୁଦୂରକୁ ଗଲେ ଏବଂ ଶେଷରେ ତାଙ୍କୁ ନ ପାଇ ନିରାଶ ହୋଇ ସେହି ରାସ୍ତାରେ ଫେରିଲେ । କିନ୍ତୁ ଥରେ ହେଲେ ଯାଇ ସେହି ଓଟ କଙ୍କାଳକୁ ଦେଖିଲେ ନାହିଁ । ଦେଖିବେ କିପରି ? ସେ କ'ଣ ମନୁଷ୍ୟ ଲୁଚିବାର ସ୍ଥାନ ? ସେଠାରେ ଏପରି ଦୁର୍ଗନ୍ଧ ହେଉଥିଲା ଯେ କୌଣସି ମତେ ଲୁଗାରେ ନାକ ବନ୍ଦ କରି ପଳାଇବାକୁ ହେଲା । ସେ ଆଡ଼କୁ ଦୃଷ୍ଟି ସ୍ୱାଭାବିକରୂପେ ଗଲା ନାହିଁ । ''ଆହା, ଯେଉଁ ଦାମ୍ପତ୍ୟ ପ୍ରେମ ସାଧାରଣ ମନୁଷ୍ୟ ଜୀବନରେ ସର୍ବାପେକ୍ଷା ଶ୍ରେଷ୍ଠ, ଯାହା ପାଇଁ ମନୁଷ୍ୟ ନିଜର ଧର୍ମ, କର୍ମ, ନିଜର ଆତ୍ମା ଓ ସବୁକିଛିକୁ ଜଳାଞ୍ଜଳି ଦିଏ, ସେହି ପ୍ରେମ ଆଜି ତୁମ ସମ୍ମୁଖରେ ରହିଛି, କିନ୍ତୁ ତୁମେ ଯେଉଁ ଅଲୌକିକ ଦିବ୍ୟପ୍ରେମ ପ୍ରାପ୍ତ ହୋଇଛ, ତାହା ତୁଳନାରେ ମାନୁଷୀ ପ୍ରେମ ତୁମ ଦୃଷ୍ଟିରେ ଓଟର ଶଢ଼ା କଙ୍କାଳଠାରୁ ବି ଅଧିକ ଦୁର୍ଗନ୍ଧମୟ ବୋଲି ପ୍ରତୀତ ହେଉଛି ।''

କରମୈତୀ ଆଜି ଭଗବତ୍ ଭକ୍ତିରେ ପାଗଳିନୀ । ଭଗବାନ୍ ବି ତାଙ୍କ ହୃଦୟରେ ସ୍ପଷ୍ଟରୂପେ ବିଦ୍ୟମାନ । ସେ ସେହି ପ୍ରେମବଶରେ ତିନିରାତି ତିନିଦିନ ସେଠାରେ ପଡ଼ିରହିଲେ । ଯେଉଁ ଭଗବାନଙ୍କ କୃପାରୁ ଅଗ୍ନି ଶୀତଳ, ବିଷ ଅମୃତ ହୋଇଯାଏ, ତାଙ୍କ କୃପାରୁ ଦୁର୍ଗନ୍ଧ ସୁଗନ୍ଧରେ ପରିଣତ ହେବା ଆଶ୍ଚର୍ଯ୍ୟ କ'ଣ ? ଚତୁର୍ଥଦିନ ସକାଳୁ ସେଠାରୁ ବାହାରି କିଛି ଦୂର ଆଗେଇ ଯିବା ପରେ କେତେଜଣ ଭକ୍ତ ସାଥୀ ମିଳିଗଲେ । ସେମାନଙ୍କ ସଙ୍ଗେ ହରଦ୍ୱାରରେ ପହଞ୍ଚି ଗଙ୍ଗାରେ ସ୍ନାନ କଲେ । ଦର୍ଶନ ଶେଷ କରି ପ୍ରିୟତମ ଶ୍ରୀକୃଷ୍ଣଙ୍କ ଲୀଳାଭୂମି ବୃନ୍ଦାବନକୁ ଯାତ୍ରା କଲେ । ସେଠାରେ ପହଞ୍ଚିବା ମାତ୍ରେ ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ସମୟରେ ବୃନ୍ଦାବନ କେବଳ ବୀତରାଗୀ ବୈଷ୍ଣବ ସାଧୁମାନଙ୍କର କେନ୍ଦ୍ର ଥିଲା । ଭାରତବର୍ଷର ପ୍ରତ୍ୟେକ ପ୍ରାନ୍ତରୁ ମହାମନା ଭକ୍ତମାନେ ଆସି ଏଠାରେ ଏକତ୍ର ହେଉଥିଲେ । ସେହି ଦିବ୍ୟ ଲୀଳା ଭୂମିରେ ଦିବ୍ୟ-ପ୍ରେମ ପ୍ରବାହିତ ହେଉଥିଲା । କରମୈତୀ ସେହି ପ୍ରେମ-ପ୍ରବାହରେ ନିଜକୁ ନିମଜ୍ଜିତ କଲେ ।

ବୃନ୍ଦାବନ ଜଙ୍ଗଲସ୍ଥ ବ୍ରହ୍ମକୁଣ୍ଡ ଉପରେ ସେ ରହିଲେ । ସେ ପ୍ରଭୁଙ୍କ ପ୍ରେମରେ ମଗ୍ନ ହୋଇ ନିଜ ଶରୀରକୁ ଭୁଲି ଗଲେ । ରାଜାଙ୍କ ଘୋଡ଼ାସବାର ସୈନ୍ୟ କରମୈତୀଙ୍କୁ ନ ପାଇ ଫେରି ଆସିବାରୁ ପରଶୁରାମଜିଙ୍କ ମନରେ ବଡ଼ ଦୁଃଖ ହେଲା । ସେ କନ୍ୟାକୁ ଖୋଜିବା ଉଦ୍ଦେଶ୍ୟରେ ଘରୁ ବାହାରି ପଡ଼ିଲେ । କରମୈତୀ ବୃନ୍ଦାବନଯାଇଥିବ, ଏହା ଅନୁମାନକରି ସେ ସେଠାରେ ପହଞ୍ଚିଲେ । ସେହି ଜଙ୍ଗଲରେ ସେ କନ୍ୟାଙ୍କୁ ପାଇବେ କିପରି ? କରମୈତୀ ଜଗତ ସମ୍ମୁଖରେ କୌଣସି ପ୍ରସିଦ୍ଧା ଭକ୍ତା ନ ଥିଲେ । ସେ ତ କେବଳ ତାଙ୍କ ପ୍ରିୟତମଙ୍କ ପ୍ରେମରେ ବିଭୋର ହୋଇ ଜଙ୍ଗଲରେ ଗୋଟିଏ ଏକାନ୍ତ ସ୍ଥାନରେ ରହୁଥିଲେ । ଦିନେ ପରଶୁରାମଜି ଗୋଟିଏ ଗଛ ଉପରେ ଚଢ଼ି ଦେଖିଲେ ଯେ ବ୍ରହ୍ମକୁଣ୍ଡ ଉପରେ ଗୋଟିଏ ବୈରାଗିଣୀ ବସି ଅଛନ୍ତି । ସେ ତତ୍‌କ୍ଷଣାତ୍ ଗଛରୁ ଓହ୍ଲାଇ ସେଠାକୁ ଦୌଡ଼ି ଗଲେ । ଦେଖିଲେ କରମୈତୀ ସାଧୁବେଶରେ ଧ୍ୟାନ ମଗ୍ନ ହୋଇ ବସିଅଛନ୍ତି । ତାଙ୍କ ମୁଖମଣ୍ଡଳରେ ଭଜନର ନିର୍ମଳ ଶୀତଳ ତେଜଃ ପ୍ରକାଶିତ । ଆଖିରୁ ଅନବରତ ପ୍ରେମ ଜଳଧାରା ପ୍ରବାହିତ । କନ୍ୟାର ପ୍ରେମ-ଭକ୍ତି ଦେଖି ପରଶୁରାମଜି ହର୍ଷ ଆଉ ଶୋକରେ ବୁଡ଼ିଗଲେ । ବାତ୍ସଲ୍ୟ ସ୍ନେହ ଯୋଗୁଁ କନ୍ୟାର ବାହ୍ୟବେଶ ଆଉ କଠୋର ତ୍ୟାଗ ତାଙ୍କ ହୃଦୟକୁ ଯେପରି ବ୍ୟଥିତ କଲା, ସେହିପରି ଅନ୍ୟଦିଗରେ ତା'ର ଭଗବତ୍ ପ୍ରେମ ତାଙ୍କୁ ଆନନ୍ଦ ପ୍ରବାହରେ ଭସାଇ ଦେଲା । ସେ ଏପରି ଭକ୍ତିମତୀ ଦେବୀର ପିତା ହୋଇଥିବାରୁ ନିଜକୁ ସୌଭାଗ୍ୟବାନ୍ ମନେ କଲେ ।

ପରଶୁରାମ ନିଜ କନ୍ୟା ପାଖରେ ବସିବାର କେତେ ଘଣ୍ଟା ବିତିଗଲା, କିନ୍ତୁ କରମୈତୀ ଜାଗ୍ରତ ହେଲେ ନାହିଁ । ଶେଷରେ ପରଶୁରାମଜି ତାଙ୍କୁ ହଲେଇ ସଚେତନ କଲେ ଆଉ ବହୁତ ସ୍ନେହ ଅନୁନୟ ବିନୟ ସହିତ କହିଲେ ଘରକୁ ଫେରି ଯାଇ ଭଜନ କରିବା ସକାଶେ । କରମୈତୀ କହିଲେ, ''ଏଠାକୁ ଆସି କିଏ ଫେରି ଯାଇଛି ? ଫେର ମୁଁ ତ ସେହି

ପ୍ରେମମୟଙ୍କ ପ୍ରେମ-ସାଗରରେ ନିଜକୁ ବିସର୍ଜନ କରି ଦେଇଛି । ଶରୀରରେ ଜୀବନ ଥିବା ସତ୍ତ୍ୱେ ମୃତ୍ୟୁକୁ ପ୍ରାପ୍ତ ହୋଇଛି ! ଏହି ମୃତ ପିଣ୍ଡ ଏଠାରୁ ଯିବ କିପରି ? ଆପଣ ଘରକୁ ଯାଇ ମୋ ମା ସହିତ ଭଗବାନଙ୍କୁ ଭଜନ କରନ୍ତୁ, ଭଗବାନଙ୍କ ଭଜନ ସମାନ ସୁଖ ଆଉ ତିନି ଲୋକରେ କେଉଁଠି ନାହିଁ ! ଭଗବାନଙ୍କ ଗୁଣଗାନ କରୁ କରୁ କରମୈତୀ ପ୍ରେମାବେଶରେ ମୂର୍ଚ୍ଛିତା ହୋଇ ଗଲେ । କନ୍ୟାର ଏପରି ପ୍ରେମାବସ୍ଥା ଦେଖି ଓ ତାଙ୍କର ଭକ୍ତିଯୁକ୍ତ ପ୍ରଭାବପୂର୍ଣ୍ଣ ବାଣୀ ଶୁଣି ନିଜ ସଂସାରୀ ଜୀବନକୁ ପରଶୁରାମଜି ବାରଂବାର ଧିକ୍‌କାର କଲେ । କରମୈତୀଙ୍କୁ ମୂର୍ଚ୍ଛାରୁ ଜାଗ୍ରତ କରାଇ ଶ୍ରୀକୃଷ୍ଣଙ୍କ ଭଜନ କରିବାକୁ ପ୍ରତିଜ୍ଞା କଲେ ଏବଂ କନ୍ୟାର ବିଚ୍ଛେଦରେ ବ୍ୟଥିତ ହୃଦୟରେ ଘରକୁ ଫେରିଲେ । ଘରେ ପହଞ୍ଚି ପରଶୁରାମଜି ସ୍ତ୍ରୀଙ୍କ ପାଖରେ କନ୍ୟାର ସମସ୍ତ ଖବର ବର୍ଣ୍ଣନା କଲେ ଏବଂ କହିଲେ, ''ତୁ ଧନ୍ୟା, ତୋ ମାତା, ପିତା ଧନ୍ୟ ! ଏପରି ଭକ୍ତିମତୀ ପୁତ୍ରୀ ତୋ ଗର୍ଭରୁ ଉତ୍ପନ୍ନ ହେଲା ! ଆଜି ଆମ କୁଳ ପବିତ୍ର ଓ ଧନ୍ୟ ।''

ରାଜା ନିଜେ ପୁରୋହିତ ପରଶୁରାମଜିଙ୍କଠାରୁ କରମୈତୀଙ୍କ ସମାଚାର ପାଇ ତାଙ୍କୁ ଦର୍ଶନ କରିବାକୁ ବୃନ୍ଦାବନ ଯାତ୍ରା କଲେ । ରାଜାଙ୍କ ମସ୍ତକ ଭକ୍ତିଭରରେ ସ୍ୱତଃ ତାଙ୍କ ଚରଣରେ ନଇଁ ଗଲା । ରାଜା ଗୋଟିଏ ଛୋଟ କୁଟୀର ତାଙ୍କ ସକାଶେ ତିଆରି କରିବାକୁ ବହୁତ ପ୍ରାର୍ଥନା କଲେ କିନ୍ତୁ କରମୈତୀ ମନା କରୁଥିଲେ । ଶେଷରେ ରାଜାଙ୍କୁ ବହୁତ ନିରାଶ ହେବା ଦେଖି ତାଙ୍କ ଆଗ୍ରହରେ ବାଧା ଦେଲେ ନାହିଁ । ରାଜା ତାଙ୍କ ପାଇଁ ଗୋଟିଏ ଛୋଟ କୁଟୀର ତିଆରି କରି ଦେଲେ । ଶୁଣାଯାଏ କରମୈତୀଙ୍କ କୁଟୀରର ଧ୍ୱଂସାବଶେଷ ଆଜି ପର୍ଯ୍ୟନ୍ତ ବି ଅଛି ।

କରମୈତୀ ବାଈ ବହୁତ ତ୍ୟାଗପୂତ ବୃତ୍ତିରେ ରହୁଥିଲେ । ତାଙ୍କ ମନ ପ୍ରତିକ୍ଷଣ ଶ୍ରୀକୃଷ୍ଣଙ୍କ ରୂପ ଦର୍ଶନ କରି ଉନ୍ମତ୍ତ ହେଉଥିଲା । ତାଙ୍କ ଚକ୍ଷୁରୁ ନିରନ୍ତର ପ୍ରେମାଶ୍ରୁ, ବର୍ଷା ହୋଇ ହୃଦୟକୁ ପ୍ଲାବିତ କରୁଥିଲା । ସେହି ପରମ ତପସ୍ୱିନୀ ଦେବୀ, ତପୋମୟ ଜୀବନଯାପନ କରି ନଶ୍ୱର ଦେହ ତ୍ୟାଗ କରି ଶେଷରେ ଗୋଲୋକକୁ ଯାତ୍ରା କଲେ ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

ଭକ୍ତବର ବିଠଲ ଦାସ

ଦକ୍ଷିଣ ପ୍ରଦେଶରେ ଗୋଟିଏ ଶ୍ରେଷ୍ଠ ବ୍ରାହ୍ମଣ କୁଳରେ ଦୁଇଜଣ ରାଜପୁରୋହିତ ସହୋଦର ଥିଲେ । ବ୍ରାହ୍ମଣ-କୁଳରେ ଜନ୍ମଲାଭ କରିଥିବାରୁ ସେମାନେ ଖୁବ୍ ବିଦ୍ୱାନ୍ ଥିଲେ । ବିଦ୍ୱାନ୍ ଓ ରାଜପୁରୋହିତ ହୋଇଥିବାରୁ ପର୍ଯ୍ୟାପ୍ତ ଧନ ପ୍ରାପ୍ତ ହେବା ସ୍ୱାଭାବିକ ଥିଲା । କିନ୍ତୁ ସଂସାରରେ ଧନ ଦ୍ୱାରା ଯେତେ ଅନୁଚିତ କାର୍ଯ୍ୟ ହୁଏ ସମ୍ଭବତଃ ଅନ୍ୟ କୌଣସି ବସ୍ତୁ ଦ୍ୱାରା ସେପରି ହୁଏ ନାହିଁ । ବିଦ୍ୱାନ୍ ହେବା ସତ୍ତ୍ୱେ ବିବେକ ଅଭାବରୁ ଏବଂ ଧନର ପ୍ରାଚୁର୍ଯ୍ୟ ହେତୁ ଦୁଇଭାଇଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଲା, ଶେଷରେ ପୃଥକ୍ ହୋଇଗଲେ । ପୃଥକ୍ ହେବାବେଳେ ଲୋଭବଶରେ ଜଣେ ଅନ୍ୟଠାରୁ ଅଧିକ ଭାଗ ନେବା ଉଦ୍ଦେଶ୍ୟରେ ପରସ୍ପର ବିବାଦ କଲେ । ଏପରି ଅବସ୍ଥା ଆସି ପହଞ୍ଚିଲା ଯେ ଜଣେ ଆଉଜଣକର ସର୍ବନାଶ କରିବାକୁ କୁଣ୍ଠିତ ହେଲେ ନାହିଁ । ବନ୍ଧୁବାନ୍ଧବମାନେ ବୁଝାଇ ସୁଝାଇ ଝଗଡ଼ା ମେଣ୍ଟାଇ ଦେବାକୁ ଚେଷ୍ଟା କଲେ, କିନ୍ତୁ ସବୁ ବ୍ୟର୍ଥ ହେଲା । ଶେଷରେ ଦୁଇଜଣ କଳି କଜିଆ କରି ମାରପିଟ୍ ହୋଇ ପରସ୍ପରର ପ୍ରାଣନାଶ କଲେ ଏବଂ ଏକ ସଙ୍ଗରେ ଦୁଇଜଣ ଇହଜଗତ ତ୍ୟାଗକରି ପରଲୋକ ଗମନ କଲେ । ଏହି ଦୁର୍ଘଟନାରେ ତାଙ୍କ ଯଜମାନ ରାଜାଙ୍କୁ ବହୁତ ଦୁଃଖ ହେଲା । କିନ୍ତୁ ସେ କରନ୍ତେ କ'ଣ ? ବିବେକ ଅଭାବରୁ ଧନଲୋଭ ମନୁଷ୍ୟକୁ ଯେ କି ଦୁଷ୍କର୍ମ କରାଏ ତା'ର ଜ୍ୱଳନ୍ତ ପ୍ରମାଣ ହେଉଛନ୍ତି ଏହି ଦୁଇ ବିଦ୍ୱାନ୍ ବ୍ରାହ୍ମଣ । ଏହି ସକାଶେ ବିବେକୀ ପୁରୁଷମାନେ ଧନକୁ ବହୁ ଅନର୍ଥର ମୂଳ ଜାଣି ତ୍ୟାଗ କରନ୍ତି । ଏହି ବ୍ରାହ୍ମଣ ପରିବାରରେ ଦୁଇ ବିଧବା ସ୍ତ୍ରୀ ଆଉ ଛୋଟ ଭାଇର ଗୋଟିଏ ବାଳକବିଠଲ ଦାସଙ୍କୁ ଛାଡ଼ି ଆଉ କେହି ନ ଥିଲେ ।

ବିଠଲ ଦାସ ଆଦର୍ଶ ସଦ୍‌ଗୁଣ-ସମ୍ପନ୍ନ ବାଳକ ଥିଲେ । ଟିକିଏ ବଡ଼ ହେବା ପରେ ଦିନେ ସେ ମାତାଙ୍କୁ ନିଜର ପିତାଙ୍କ ସମ୍ବନ୍ଧରେ ପଚାରିଲେ । ଉତ୍ତରରେ ମାତା ତାଙ୍କୁ ସମସ୍ତ ଘଟନା ବୁଝାଇ କହିଲେ । ଏହି ଦୁର୍ଘଟଣା କାହାଣୀ ବିଠଲ ଦାସଙ୍କ ମନରେ ବିଶେଷ ପ୍ରଭାବ ପକାଇଲା । ସେ ଗଭୀର ଭାବେ ଚିନ୍ତାମଗ୍ନ ହୋଇ ଭାବିଲେ ଧନସମ୍ପତ୍ତିହିଁ ଅନର୍ଥର ମୂଳ । ତତ୍‌ସଙ୍ଗେ ସେ ମନେ ମନେ ଧନ ତ୍ୟାଗ ପାଇଁ ଦୃଢ଼ସଂକଳ୍ପ ହେଲେ ଓ ପୁରୋହିତବୃତ୍ତି ତ୍ୟାଗ କଲେ । ସେହି ସମୟରୁ ତାଙ୍କ ମନ ସମସ୍ତ ପାର୍ଥିବ ବସ୍ତୁ ଓ ବିଷୟ ଆସକ୍ତିରୁ ବିରତ ହୋଇଗଲା । ସେ ଅଧିକାଂଶ ସମୟ ଭଜନ ଓ ଭଗବାନଙ୍କ ନାମ କୀର୍ତ୍ତନରେ ମଗ୍ନ ରହିଲେ । ତାହା ପରଠାରୁ ସେ ସର୍ବତୋଭାବେ ଭଗବାନଙ୍କ ଚରଣରେ ନିଜକୁ ଅର୍ପଣ କରିଦେଲେ । ଏହିପରି ଦୁର୍ଘଟଣା କେତେ ଲୋକ ଦେଖିଥିବେ, ଶୁଣିଥିବେ, ପଢ଼ିଥିବେ, କିନ୍ତୁ କେବଳ ବିଠଲ ଦାସଙ୍କ ପରି କେହି କେହି ଭାଗ୍ୟବାନଙ୍କ ହୃଦୟରେ ସଂସାର ପ୍ରତି ବୈରାଗ୍ୟ ଜାତ ହୋଇଥିବ ଏବଂ ସେ ଭଗବାନଙ୍କ ଭଜନରେ ତତ୍ପର ହୋଇଥିବେ । କୁଳରେ ଗୋଟିଏ ମାତ୍ର ପୁତ୍ରର ଏପରି ଭକ୍ତିଭାବ ଦେଖି ତାଙ୍କ ମା ଚିନ୍ତିତା ହୋଇ ପଡ଼ିଲେ । କାଳେ ପୁତ୍ର ଘର ଛାଡ଼ି ସନ୍ନ୍ୟାସୀ ହୋଇଯିବ ଏହି ଆଶଙ୍କାରେ ତାଙ୍କ ମନରେ ନାନା ଚିନ୍ତା ଉଙ୍କି ମାରିବାକୁ ଲାଗିଲା । ତହିଁରୁ ମହାନ୍ ଭୟ ଉତ୍ପନ୍ନ ହୋଇ ତାଙ୍କ ହୃଦୟକୁ ଅଭିଭୂତ କରି ପକାଇଲା । ସେହି ଭୟରୁ ରକ୍ଷା ପାଇବାର ଏକମାତ୍ର ଉପାୟ ହେଉଛି ପୁତ୍ରକୁ ସାଂସାରିକ ବନ୍ଧନରେ ବନ୍ଦୀ କରିବା । ମନୁଷ୍ୟକୁ ବନ୍ଦୀକରି ସଂସାର ମୋହମାୟାରେ ଆକୃଷ୍ଟ କରି ରଖିବାର ବହୁ ଉପାୟ ମଧ୍ୟରୁ ଶ୍ରେଷ୍ଠ ଉପାୟ ହେଉଛି କାମିନୀ-କାଞ୍ଚନ । ତେଣୁ ତାଙ୍କର ମାତା ତାଙ୍କୁ ଶୀଘ୍ର ଗୋଟିଏ ସୁଲକ୍ଷଣୀ, ସୁନ୍ଦରୀ, ସୁଶୀଳା ଓ ଶ୍ରେଷ୍ଠକୁଳ ସମ୍ଭୂତା ଗୁଣବତୀ କନ୍ୟା ସହ ବିବାହ କରାଇ ଦେଲେ । କିନ୍ତୁ ଯେ ଥରେ ମାତ୍ର ସେହି ପରମ ସୁନ୍ଦର ଆନନ୍ଦସିନ୍ଧୁର ଭକ୍ତି ସୁଧା ଆସ୍ୱାଦନ କରିଛି ଏବଂ ସେହି ପରମ ସୁନ୍ଦର ଯାହାକୁ ଥରେ ସ୍ୱୀକାର କରି ନେଇଛନ୍ତି, ତାକୁ ପୁଣି ଏ ସଂସାରର ସର୍ବଶ୍ରେଷ୍ଠ ସୁଖ କ'ଣ କେବେ ବାନ୍ଧି ରଖିପାରେ ! ବାନ୍ଧିବ କିପରି ? ସେହି ବ୍ୟକ୍ତିର ପରିଚାଳକ ହୋଇଯାଆନ୍ତି ତିନିଲୋକର ସ୍ୱାମୀ, ସମସ୍ତ ପ୍ରକୃତିର ଈଶ୍ୱର ସ୍ୱୟଂ ଭଗବାନ୍ ।

ବିବାହ ପରେ ମଧ୍ୟ ବିଠଲ ଦାସଙ୍କ ମନ ବିଷୟାସକ୍ତିରେ ପ୍ରଲୋଭିତ ନ ହୋଇ ଉତ୍ତରୋତ୍ତର ଭଗବତ୍ ଭକ୍ତିରେ ନିମଜ୍ଜିତ ହେବାକୁ ଲାଗିଲା । ସେ କ୍ଷଣେ ବି ଭଗବତ୍ ସ୍ମରଣରୁ ବିରତ ହୋଇ ପାରିଲେ ନାହିଁ । ସାଧୁ ସଜ୍ଜନଙ୍କୁ ସେବା

କରିବା, ବ୍ରାହ୍ମଣ ଓ କ୍ଷୁଧାର୍ତ୍ତକୁ ଭୋଜନ ଦେବା ତାଙ୍କ ନୈମିତ୍ତିକ କର୍ମ ଥିଲା । ସେ ଭଗବାନଙ୍କୁ ପୂଜା କରିବା ପରେ ହାତରେ କରତାଳ କିଂବା ବୀଣା ନେଇ ଗୋବିନ୍ଦ, ଗୋପାଳ, ଶ୍ରୀପତି, ଅଚ୍ୟୁତାନନ୍ଦ, ବାମନମୂର୍ତ୍ତି ଓ ଭକ୍ତବତ୍ସଳ ବିଶ୍ୱପତି ଇତ୍ୟାଦି ଭଗବତ୍ ନାମ ପ୍ରେମର ସହିତ ଉଚ୍ଚସ୍ୱରରେ ବିହ୍ୱଳ ହୋଇ କୀର୍ତ୍ତନ କରି ବାହ୍ୟଜ୍ଞାନ ଶୂନ୍ୟ ହୋଇ ଆନନ୍ଦ-ଉଦ୍ରେକ ସମାଧିରେ ତିନିଘଣ୍ଟା ପର୍ଯ୍ୟନ୍ତ ପଡ଼ି ରହୁଥିଲେ । ତାଙ୍କ ପ୍ରେମଭକ୍ତିର ଏହି ଉଚ୍ଚାବସ୍ଥା ଦେଖି ସଚ୍ଚ ଓ ଭକ୍ତମାନେ ବିଶେଷ ଆନନ୍ଦିତ ହେଉଥିଲେ । କିନ୍ତୁ ଯେଉଁମାନେ ଭକ୍ତିହୀନ ଅଧ୍ୟାତ୍ମ ଜ୍ଞାନ-ଶୂନ୍ୟ, ଶୁଷ୍କ, ତାର୍କିକ ଓ ଜଡ଼ ପ୍ରକୃତିର ତଥା ଦୃଶ୍ୟମାନ ବସ୍ତୁକୁ ସର୍ବସ୍ୱ ମନେ କରନ୍ତି ଏବଂ ଯେଉଁମାନେ ଏହି ପ୍ରେମଭକ୍ତି ଅବସ୍ଥାକୁ ସନ୍ଦେହ କରନ୍ତି, ସେହି ଦୁଷ୍ଟହୃଦୟ ବ୍ୟକ୍ତିମାନେ ତାଙ୍କୁ ଦାମ୍ଭିକ ବୋଲି ମନେ କରୁଥିଲେ । କାରଣ ସେମାନଙ୍କର ବୁଦ୍ଧି ଏତେ ସଙ୍କୁଚିତ ଓ ଏତେ ସୀମିତ ଥିଲା ଯେ ସେମାନେ ବୁଦ୍ଧିଗ୍ରାହ୍ୟ ବସ୍ତୁ ବ୍ୟତୀତ ଅନ୍ୟକୌଣସି ସୂକ୍ଷ୍ମ ଅଧ୍ୟାତ୍ମ ବସ୍ତୁରେ ବିଶ୍ୱାସ କରିବାରେ ଅସମର୍ଥ ଥିଲେ ଏବଂ ନିରପେକ୍ଷ ଓ ଗଭୀର ଭାବେ ବିଚାର କରିବାରେ ସେମାନଙ୍କର ଧୈର୍ଯ୍ୟର ଅଭାବ ଥିଲା ।

ଦିନେ ରାଜାଙ୍କର ନିଜ ପୁରୋହିତ ପୁତ୍ର ବିଠଲ ଦାସଙ୍କ କଥା ସ୍ମରଣ ହେଲା । ସେ ମନ୍ତ୍ରୀଙ୍କୁ ତାଙ୍କ ବୃତ୍ତାନ୍ତ ପଚାରିଲେ । ପିତାଙ୍କ ମୃତ୍ୟୁ ଘଟନାର ପ୍ରଭାବରେ ବିଠଲ ଦାସଙ୍କ ପରିବର୍ତ୍ତନ ହୋଇଥିବା କଥା ଏବଂ ଏକନିଷ୍ଠ ଭଗବତ୍ ଭକ୍ତିର ସମସ୍ତ ବିଷୟ ମନ୍ତ୍ରୀ ରାଜାଙ୍କୁ ଶୁଣାଇ ଦେଲେ । ଏହା ଶୁଣି ରାଜା ଖୁବ୍ ପ୍ରସନ୍ନ ହେଲେ । ସେ କିଛି ଧନ ସମ୍ପତ୍ତି ଅର୍ପଣ କରିବା ଉଦ୍ଦେଶ୍ୟରେ ବିଠଲ ଦାସଙ୍କୁ ନିମନ୍ତ୍ରଣ କରି ଆଣିବାକୁ କେତେକ କର୍ମଚାରୀଙ୍କୁ ପଠାଇଲେ । ସେମାନେ ଭକ୍ତବର ବିଠଲ ଦାସଙ୍କ ପାଖକୁ ଯାଇ ରାଜାଙ୍କ ପ୍ରାର୍ଥନା ନିବେଦନ କଲେ ଏବଂ ତାଙ୍କୁ ସମ୍ମାନ ପ୍ରଦର୍ଶନ-ପୂର୍ବକ ଦରବାରକୁ ନେଇଯିବା ସକାଶେ ଆଗ୍ରହ ପ୍ରକାଶ କଲେ । କିନ୍ତୁ ସେ ସମ୍ମାନ ଓ ପ୍ରତିଷ୍ଠାକୁ ହେୟ ମନେ କରି ଭକ୍ତ ରାଜାଙ୍କ କର୍ମଚାରୀମାନଙ୍କୁ ବିନୟ ପୂର୍ବକ ବୁଝାଇ ସୁଝାଇ ଫେରାଇ ଦେଲେ । ବିଠଲ ଦାସଙ୍କ ଏହି ନିସ୍ପୃହତା ଓ ବୈରାଗ୍ୟ ଦେଖି ତାଙ୍କ ଉପରେ ରାଜାଙ୍କ ଶ୍ରଦ୍ଧା ଆହୁରି ବଢ଼ିଗଲା । କୌଣସି ପ୍ରକାରେ ତାଙ୍କୁ ନିମନ୍ତ୍ରଣ କରି ଆଣି ତାଙ୍କ ପବିତ୍ର ପଦ-ରଜ ଗ୍ରହଣ ଓ ତାଙ୍କ ଦର୍ଶନରେ ନିଜ ପରିବାରବର୍ଗଙ୍କୁ ପବିତ୍ର କରିବା ଉଦ୍ଦେଶ୍ୟରେ ରାଜା ଉପାୟ ଖୋଜିବାକୁ ଲାଗିଲେ । ଶେଷରେ ସ୍ଥିର କଲେ, ତାଙ୍କୁ କୀର୍ତ୍ତନ କରିବା ସକାଶେ ନିମନ୍ତ୍ରଣ କଲେ ସେ ଅସ୍ୱୀକାର କରିବେ ନାହିଁ । ତେଣୁ ରାଜା କେତେକ ପ୍ରଧାନ ପ୍ରଧାନ କର୍ମଚାରୀଙ୍କୁ ପଠାଇ ବିଠଲ ଦାସଙ୍କୁ କୀର୍ତ୍ତନ କରିବା ସକାଶେ ତାଙ୍କ ମହଲରେ ପଦାର୍ପଣ କରିବାକୁ ପ୍ରାର୍ଥନା କଲେ । ଏଥର ରାଜାଙ୍କର ଭକ୍ତିପୂର୍ଣ୍ଣ ଆଗ୍ରହକୁ ସେ ଟାଳି ପାରିଲେ ନାହିଁ । ନିଜ ସାଙ୍ଗ ସାଥୀ ଭକ୍ତଙ୍କ ସହିତ କୀର୍ତ୍ତନ କରି ରାଜାଙ୍କ ଦରବାରକୁ ଗଲେ । ବିଠଲ ଦାସଙ୍କୁ ଦେଖି ରାଜା ବଡ଼ ଆନନ୍ଦିତ ହେଲେ । ସେ ସିଂହାସନରୁ ଉଠିଆସି ଅତ୍ୟନ୍ତ ଭକ୍ତି ଓ ସମ୍ମାନ-ପୂର୍ବକ ତାଙ୍କୁ ଅଭିବାଦନ କଲେ ଓ ବସିବା ନିମିତ୍ତ ଆସନ ଦେଲେ । ତାଙ୍କ ଶାନ୍ତ, ସୌମ୍ୟ, ତେଜୋପୂର୍ଣ୍ଣ ମୁଖମଣ୍ଡଳ ଦେଖି ରାଜା ମନ୍ତ୍ର-ମୁଗ୍ଧ ହୋଇଗଲେ ଏବଂ ନିଜକୁ ଧନ୍ୟ ମନେକଲେ । ଏହାପରେ ତାଙ୍କ ମହଲରେ କୀର୍ତ୍ତନ କରିବାକୁ ରାଜା ପ୍ରାର୍ଥନା କଲେ । ଭକ୍ତ ସକାଶେ ଭଗବାନଙ୍କ ନାମ-ଗୁଣ ଗାନ ଅପେକ୍ଷା ଅନ୍ୟକୌଣସି ବସ୍ତୁ ବେଶୀ ପ୍ରିୟ ନୁହେଁ । ତାହା ତାଙ୍କର ଜୀବନ ଓ ସର୍ବସ୍ୱ । ରାଜାଙ୍କର ଏ ପ୍ରାର୍ଥନା ଶୁଣି ଭକ୍ତବର ବିଶେଷ ଆନନ୍ଦିତ ହେଲେ ଏବଂ ସହର୍ଷ-ସ୍ୱୀକାର କଲେ । ହରି-କୀର୍ତ୍ତନର ସମସ୍ତ ବ୍ୟବସ୍ଥା କରାଗଲା । ବୀଣା କରତାଳ, ମୃଦଙ୍ଗ ଇତ୍ୟାଦି କୀର୍ତ୍ତନର ସମସ୍ତ ବସ୍ତୁ ଏକତ୍ର କରାଗଲା । ଯେଉଁ ସମାଜରେ ବହୁ ପ୍ରକାର ଲୋକ ଥାଆନ୍ତି, ସେ ସମାଜରେ ସାଧୁ, ସଚ୍ଚ ଭକ୍ତଙ୍କୁ ଦମ୍ଭୀ, ଠକ ଓ ଲୋଭୀ ଲୋକମାନେ ନ ମାନିବା ଓ ତାଙ୍କ ବିରୋଧରେ ଅକାରଣ ହିଂସାତ୍ମକ ବିଦ୍ରୋହ କରିବାର ଅଭାବ ନ ଥାଏ । ଗୋସ୍ୱାମିଜି କହିଛନ୍ତି – ''ଶଠ ସୁଧରହି ସତ୍ ସଙ୍ଗତି ପାଇ; ମୂରଖ ହୃଦୟ ନ ଚେତ ଯୋ ଗୁରୁ ମିଳଇ – ବିରଞ୍ଚି ଶିବ ।'' ଅର୍ଥାତ୍ ସଚ୍ଚ ସଙ୍ଗତି ପାଇ ଶଠ (ନ ଜାଣି ଭ୍ରମୁଥିବା ବ୍ୟକ୍ତି) ସୁଧାର ହୋଇଯାଏ । କିନ୍ତୁ ବ୍ରହ୍ମା ଓ ଶିବଙ୍କ ପରି ଗୁରୁ ପାଇଲେ ବି ମୂର୍ଖ ହୃଦୟରେ ଚେତନା ଆସେ ନାହିଁ । ନିଜ ବିଚାର ଭୁଲ୍ ଥିବା ସତ୍ତ୍ୱେ ତାହା ସିଦ୍ଧ କରିବାକୁ ଚେଷ୍ଟା କରିବା ବ୍ୟକ୍ତିକୁ ରାମାୟଣରେ ଗୋସ୍ୱାମିଜି 'ମୂର୍ଖ' ନାମ ଦେଇଛନ୍ତି । ଦରବାରରେ ଏହିପରି କେତେକ ଲୋକ ଥିଲେ । ସେମାନେ ଭଗବାନଙ୍କ ନାମରେ ବିଶ୍ୱାସ କରୁ ନ ଥିଲେ ଏବଂ ଭଗବତ୍ ନାମର ଅଲୌକିକ ମହିମା ସମ୍ବନ୍ଧେ ସଂପୂର୍ଣ୍ଣ ଅନଭିଜ୍ଞ ଥିଲେ । ଭ୍ରମ-ବଶତଃ ସେମାନେ ବିଠଲ ଦାସଙ୍କ

ପ୍ରତି ଅକାରଣ ବିଦ୍ୱେଷ-ଭାବ ମଧ୍ୟ ରଖୁଥିଲେ । ତାଙ୍କର ତନ୍ମୟତାର ପରୀକ୍ଷା କରିବା ସକାଶେ ମନ୍ଦବୁଦ୍ଧି କଳୁଷିତ ହୃଦୟ, ଦୁଷ୍ଟ ଲୋକମାନେ ସୁଯୋଗ ପାଇ ରାଜାଙ୍କୁ କହିଲେ, ''ଆଜି ଖୋଲା ଛାତ ଉପରେ କୀର୍ତ୍ତନ କଲେ ବଡ଼ ଆନନ୍ଦ ହେବ ।'' ସରଳସ୍ୱଭାବ ରାଜା ଦୁଷ୍ଟଲୋକଙ୍କ କୁଭାବନାକୁ ବୁଝି ପାରିଲେ ନାହିଁ, ସେମାନଙ୍କ ପ୍ରସ୍ତାବକୁ ସ୍ୱୀକାର କଲେ । ଦୁଷ୍ଟଲୋକମାନେ ଷଡ଼ଯନ୍ତ୍ର କରି ଭକ୍ତବର ବିଠଲ ଦାସଙ୍କୁ ପରୀକ୍ଷା କରିବା ସକାଶେ ଏପରି ସ୍ଥାନରେ ଆସନ ବିଛାଇଲେ ଯେ ଯଦି କୀର୍ତ୍ତନ କରିବା ସମୟରେ ତନ୍ମୟତା ଯୋଗୁଁ ବିଠଲ ଦାସ ବାହ୍ୟ ଜ୍ଞାନଶୂନ୍ୟ ହୁଅନ୍ତି ତେବେ ଛାତ ଉପରୁ ସିଧା ତଳେ ପଡ଼ିଯିବେ ।

ବିଠଲ ଦାସଜି ଆଜି ଆସନ ଉପରେ ବିରାଜମାନ ହେଲେ । ସମସ୍ତ ସମାଜ ଯଥାଯୋଗ୍ୟ ସ୍ଥାନରେ ବସିଲେ । କୀର୍ତ୍ତନ ଆରମ୍ଭ ହେଲା । ସମସ୍ତେ ବଡ଼ ପ୍ରେମରେ କୀର୍ତ୍ତନରେ ଯୋଗ ଦେଲେ । ପ୍ରେମରସରେ ନିମଗ୍ନ ହୋଇ ସମସ୍ତ ପ୍ରେମୀ ଶ୍ରୋତାଗଣ କୀର୍ତ୍ତନରେ ଅପୂର୍ବ ଆନନ୍ଦ ଅନୁଭବ କଲେ । ଭକ୍ତମାନଙ୍କ ସଙ୍ଗୀତ, କରତାଳ, ବୀଣା ଏବଂ ମୃଦଙ୍ଗ ଇତ୍ୟାଦିର ତାଳବଦ୍ଧ ମଧୁର ଧ୍ୱନିରେ ଦଶଦିଗ ଗୁଞ୍ଜାୟମାନ ହୋଇଗଲା । ମଧ୍ୟେ ମଧ୍ୟେ ହରି-ଗୁଣ-ଗାନ ବି ହେଉଥିଲା । ବିଠଲ ଦାସଜି ପ୍ରେମରସରେ ବିଭୋର ହୋଇଗଲେ ଏବଂ ଉନ୍ମତ୍ତ ହୋଇ ନୃତ୍ୟ କରିବାକୁ ଲାଗିଲେ । ହୃଦୟର ପ୍ରେମ ଓ ଉତ୍ସାହ ବୃଦ୍ଧି ହେବାରେ ପାଦର ଘୁଙ୍ଗୁର ଧ୍ୱନି ସାହାଯ୍ୟ କଲା । ତନ୍ମୟତା ତୀବ୍ରରୁ ତୀବ୍ରତର ହେବାକୁ ଲାଗିଲା । ''ପତିତପାବନ ଜଗଦୋଦ୍ଧାରା, ଅଦି ସର୍ବେଷାଂ ବୈକୁଣ୍ଠ ବିହାରା; ଭକ୍ତବତ୍ସଳ ଇନ୍ଦିରାବରା'' ଇତ୍ୟାଦି ନାମରେ ସେ ମୁକ୍ତ କଣ୍ଠରେ କୀର୍ତ୍ତନ କଲେ ଏବଂ ଶେଷରେ ପ୍ରେମାବେଶରେ ସମାଧିସ୍ଥ ହୋଇ ଛାତରୁ ଖସି ସିଧା ତଳେ ପଡ଼ିଗଲେ । କେତେକ ଦୁଷ୍ଟ ସ୍ୱଭାବ ଲୋକଙ୍କ ବ୍ୟତୀତ ଅନ୍ୟ ସମସ୍ତ ଶ୍ରୋତାଗଣ କୀର୍ତ୍ତନାନନ୍ଦରେ ମଗ୍ନ ହୋଇ ଯାଇଥିଲେ । ତେଣୁ ଭକ୍ତବର ବିଠଲ ଦାସଙ୍କ ପ୍ରେମ-ସମାଧି ଅବସ୍ଥାରେ ତଳେ ପଡ଼ିଯିବା ଆଶଙ୍କା କାହାରି ନ ଥିଲା । କିନ୍ତୁ ଏ ଅବସ୍ଥାରେ ହଠାତ୍ ତଳେ ପଡ଼ିଯିବା ଦେଖି ସମସ୍ତେ ଅସ୍ତବ୍ୟସ୍ତ ହୋଇ ପଡ଼ିଲେ ଏବଂ ଏହି ଦୁର୍ଘଟନା ଦ୍ୱାରା ସମସ୍ତଙ୍କ ହୃଦୟରେ ବିଶେଷ ଆଘାତ ହେଲା । ରାଜା ଏବଂ ଅନ୍ୟାନ୍ୟ ଶ୍ରୋତାଗଣ ବ୍ୟାକୁଳ ହୋଇ ଭକ୍ତବର ପଡ଼ିଥିବା ସ୍ଥାନକୁ ଦୌଡ଼ି ଯାଇ ଦେଖିଲେ ଯେ ହୃତ୍‌ପିଣ୍ଡପ୍ରକ୍ରିୟା ଓ ଶ୍ୱାସ-ପ୍ରଶ୍ୱାସ ଏକେବାରେ ବନ୍ଦ ହୋଇଯାଇଛି । ଏ ଅବସ୍ଥା ଦେଖି ସମସ୍ତ ଲୋକେ ବିଶେଷତଃ ରାଜା ଅତ୍ୟନ୍ତ ବ୍ୟାକୁଳ ହୋଇ ପଡ଼ିଲେ । ତାଙ୍କ ଦୁଃଖର ସୀମା ରହିଲା ନାହିଁ । ରାଜା କୌଣସି ମତେ ଧୈର୍ଯ୍ୟ ଧରି ବିଠଲ ଦାସଜିଙ୍କ ମୃତ ଶରୀରକୁ ନେଇ ତାଙ୍କ ଘରକୁ ଗଲେ । ଦିବ୍ୟଗୁଣଯୁକ୍ତ ଜୀବନାଧାର ଏକମାତ୍ର ପୁତ୍ରର ଏପରି ଅବସ୍ଥା ଦେଖି ତାଙ୍କର ମା ଶୋକରେ ଅଧୀରା ହୋଇ ପଡ଼ିଲେ ଓ ଅସହ୍ୟ ବେଦନାରେ କାନ୍ଦି କାନ୍ଦି ମୂର୍ଚ୍ଛିତା ହୋଇଗଲେ । ରାଜା ତାଙ୍କୁ ବହୁତ ପ୍ରକାର ବୁଝାଇ-ସୁଝାଇ ବହୁ ଧନରତ୍ନ ଦେବା ପରେ ନିଜ ମହଲକୁ ଫେରି ଆସିଥିଲେ ।

ବିଠଲ ଦାସଙ୍କ ମାତାଙ୍କ ପକ୍ଷେ ଏ ଜୀବନରେ ନିଜ ପୁତ୍ରକୁ ଫେରି ପାଇବାର କୌଣସି ଆଶା ନ ଥିଲା । ସମସ୍ତେ ଜାଣନ୍ତି ଯେ ସାଧାରଣ କୋଠା ଅପେକ୍ଷା ରାଜମହଲର କୋଠା ବହୁତ ଉଚ୍ଚ, ଏତେ ଉଚ୍ଚରୁ ମନୁଷ୍ୟ ପଡ଼ିଗଲା ପରେ ବଞ୍ଚିପାରେ, ଏପରି ଆଶା କାହାରି ନ ଥିଲା; ଏହା ସମ୍ଭବ ମଧ୍ୟ ନୁହେଁ । କିନ୍ତୁ ମା'ର ହୃଦୟ ବିଲକ୍ଷଣ ଯୁକ୍ତ । ସେ ମୃଗତୃଷ୍ଣାରେ ମଧ୍ୟ ସମୁଦ୍ରର ଧାରଣା କରେ । ମାଙ୍କଡ଼ର ଛୁଆ ମରିଯିବା ପରେ ତା ମା ତାକୁ ଛାଡ଼େ ନାହିଁ, ଯେପର୍ଯ୍ୟନ୍ତ ଛୁଆଟିର ମୃତ ଦେହ ଶଢ଼ି ନ ଯାଏ । ବିଠଲ ଦାସଙ୍କ ମାତାଙ୍କର ହୃଦୟରେ ନିରାଶାରେ ଆଶାସଞ୍ଚାର ହେଲା । ସେ ଭାବିଲେ, ''ବିଠଲ ନାମ-କୀର୍ତ୍ତନ କରିବା ସମୟରେ ସର୍ବଦା ମୂର୍ଚ୍ଛିତ ହୋଇଯାଏ । ସମ୍ଭବତଃ ଆଜି ମୂର୍ଚ୍ଛା ପ୍ରଗାଢ଼ ହୋଇଥିବ ।'' ଏହି ଧାରଣାରେ ସେ ଶବକୁ ଦାହ ନ କରାଇ ଗୋଟିଏ ଚଦର ଘୋଡ଼ାଇ ଅତି ଯତ୍ନରେ ରଖିଲେ ଏବଂ ତାଙ୍କ ନିସ୍ତେଜ ମୁଖକୁ ବାରଂବାର ଦେଖି ପ୍ରାଣସଞ୍ଚାରର ପ୍ରତୀକ୍ଷା କଲେ । ଏହିପରି ତିନିଦିନ ବିତିଗଲା । ଶବରେ ପ୍ରାଣର ସଞ୍ଚାର ହେଲା ନାହିଁ । ଭଗବାନଙ୍କର ଅପାର ମହିମା, ତାଙ୍କ କୃପାରେ ସବୁ-କିଛି ସମ୍ଭବ ହୋଇ ପାରେ । ସେ ଭକ୍ତବତ୍ସଳ । ଭକ୍ତ ପାଇଁ ଅସମ୍ଭବକୁ ସମ୍ଭବ କରନ୍ତି । ଭକ୍ତ ସଙ୍ଗେ ସଙ୍ଗେ ଛାୟା ପରି ରହି ନିରନ୍ତର ତାଙ୍କୁ ରକ୍ଷା କରନ୍ତି । ଭକ୍ତ ସକାଶେ ନାନା ରୂପ ଧାରଣ କରିବାରେ କୁଣ୍ଠିତ ହୁଅନ୍ତି ନାହିଁ । ତେବେ ବିଠଲ ଦାସଙ୍କ ମୃତ ଶରୀରରେ ପ୍ରାଣର

ସଞ୍ଚାର କରିଦେବା ସକାଶେ କି କଠିନତା ଥିଲା ? ଠିକ୍ ଚତୁର୍ଥ ଦିନ ବିଠଲ ଦାସ ପ୍ରେମ-ସମାଧି ଅଥବା କାଳ-ମୂର୍ଚ୍ଛାରୁ ଜାଗ୍ରତ ହୋଇ ସମସ୍ତଙ୍କୁ ଚକିତ କରି ପକାଇଲା । ସମସ୍ତଙ୍କର ଆନନ୍ଦର ସୀମା ରହିଲା ନାହିଁ । କିନ୍ତୁ ବିଠଲ ଦାସ ନିଜକୁ ରାଜମହଲ ପରିବର୍ତ୍ତେ ନିଜ ଘରେ ଦେଖି ବିସ୍ମିତ ହୋଇ ଏହାର କାରଣ ମା'ଙ୍କୁ ପଚାରିଲେ । ତାଙ୍କର ମା ଛାତରୁ ପଡ଼ିଯିବା ଘଟଣାରୁ ଆରମ୍ଭ କରି ରାଜା ଓ ତାଙ୍କ ଲୋକମାନେ ତାଙ୍କୁ ଏଠାକୁ ଘେନି ଆସିବା ଇତ୍ୟାଦି ସମସ୍ତ ବିଷୟ କହିଲେ । ଏହି ଘଟଣା ଯୋଗୁଁ ରାଜା ବହୁତ ବ୍ୟାକୁଳ ହେବା ଏବଂ ବହୁତ ଧନ ଦେଇଯିବା କଥା ମଧ୍ୟ ତାଙ୍କୁ କହିଲେ । ଛାତରୁ ପଡ଼ିଯିବା ସତ୍ତ୍ୱେ ଶରୀର ରକ୍ଷା ହେଲା, ଏହି ଆଶ୍ଚର୍ଯ୍ୟ ଘଟଣା କେବଳ ଭଗବାନଙ୍କ କୃପାରୁ ହେଲା । ଏହା ସେ ବାରଂବାର ସ୍ମରଣ କରି ଆନନ୍ଦରେ ବିଭୋର ହୋଇଗଲେ । ଭଗବାନଙ୍କ କୃପା ପ୍ରତି କୃତଜ୍ଞତା ଜଣାଇବା ସଙ୍ଗେ ସଙ୍ଗେ ତାଙ୍କ ହୃଦୟ ଆନନ୍ଦରେ ଉଛୁଳି ପଡ଼ିଲା । ସେ ଦେହଶୁଦ୍ଧି ଭୁଲି ଭଗବତ୍ କୃପା-ସମୁଦ୍ରରେ ଡୁବିଗଲେ । ଶରୀରରେ ରୋମାଞ୍ଚ, କମ୍ପନ, ପୁଲକ ଓ ନେତ୍ରରୁ ଅଶ୍ରୁ ପ୍ରବାହିତ ହେବାକୁ ଲାଗିଲା । ବହୁତ ସମୟ ପରେ ସେ ସାବଧାନ ହେଲେ । ତାଙ୍କ ମା ରାଜ-ଐଶ୍ୱର୍ଯ୍ୟ ସ୍ୱୀକାର କରିଥିବାରୁ ତାଙ୍କୁ ବହୁତ ଖରାପ ଲାଗିଲା । ଏହି ଘଟଣା ଦ୍ୱାରା ତାଙ୍କ ପ୍ରସିଦ୍ଧି ନଷ୍ଟ ହୋଇଯିବ ଏବଂ ଭଗବତ୍ ଭଜନରେ ବାଧା ପଡ଼ିବ ଭାବି ଘରୁ ଚାଲିଯିବାକୁ ସେ ନିଶ୍ଚୟ କଲେ ।

ଅର୍ଦ୍ଧରାତ୍ରି ସମୟ । ଚାରିଆଡ଼େ ନିସ୍ତବ୍ଧତା । ସାରାଦିନ ପରିଶ୍ରମଜନିତ କ୍ଲାନ୍ତି ଯୋଗୁଁ ସଂସାରୀ ଲୋକେ ପ୍ରକୃତି କୋଳରେ ସୁଖରେ ବିଶ୍ରାମ କରି ଜୀବନୀଶକ୍ତି ପ୍ରାପ୍ତ କରୁଅଛନ୍ତି । ତାଙ୍କ ମା ଓ ସ୍ତ୍ରୀ ତାଙ୍କ ମୃତ୍ୟୁ ଘଟଣାରେ ବ୍ୟାକୁଳ ହୋଇ ତାଙ୍କ ମୃତ ଶରୀର ପାଖରେ ବସି ଉନ୍ନିଦ୍ରରେ ତିନିଦିନ ତିନିରାତି କଟାଇ ଦେଇଥିଲେ । କିନ୍ତୁ ଆଜି ତାଙ୍କୁ ଜୀବିତ ଦେଖି ପୂର୍ବ-ସଞ୍ଚିତ ପ୍ରଗାଢ଼ ନିଦ୍ରାରେ ନିମଜ୍ଜିତ । ଏହି ସମୟରେ ବିଠଲ ଦାସଜି ଉଠି ଆସ୍ତେ ଆସ୍ତେ ଯାଇ ଦ୍ୱାର ଖୋଲି ନିର୍ଭୟରେ ମଥୁରା-ବୃନ୍ଦାବନକୁ ଯାତ୍ରା କଲେ । ତାଙ୍କର ଚାଲିଯିବା ଖବର କାହାକୁ ଜଣା ନାହିଁ । ସକାଳେ ମାତା ଓ ତାଙ୍କ ପତ୍ନୀ ତାଙ୍କୁ ନ ଦେଖି ଚାରିଆଡ଼େ ଖୋଜିବାକୁ ଲାଗିଲେ, ଶେଷରେ ନିରାଶ ହୋଇ ହୃଦୟର ଦୁଃଖ ସହି ନ ପାରି ଉଚ୍ଚ ସ୍ୱରରେ କାନ୍ଦିବାକୁ ଲାଗିଲେ । କାନ୍ଦିବା ଶବ୍ଦ ଶୁଣି ଗ୍ରାମବାସୀମାନେ ତାଙ୍କ ଘରେ ଆସି ଏକତ୍ରିତ ହୋଇଗଲେ । କଥା-କଥାକେ ଏହି ଖବର ଯାଇ ରାଜାଙ୍କ ପାଖରେ ପହଞ୍ଚିଲା । ସେ ଶୁଣିବା ମାତ୍ରେ ଚାରିଆଡ଼େ ଲୋକ ପଠାଇଲେ କିନ୍ତୁ ସବୁ ବ୍ୟର୍ଥ ହେଲା । ତାଙ୍କୁ ନ ପାଇ ସମସ୍ତେ ଫେରି ଆସିଲେ । ମାତା ମୃତ୍ୟୁମୁଖରୁ ପାଇଥିବା ପୁତ୍ରକୁ ପୁନରାୟ ହରାଇବାରୁ ଅସହ୍ୟ ଦୁଃଖ ଅନୁଭବ କଲେ । ସେ ମୃତ୍ୟୁ ବରଣ କରିବାକୁ ନିଶ୍ଚୟ କରିବାକୁ ନିଶ୍ଚୟ କରି ଆହାର ତ୍ୟାଗ କଲେ । କିନ୍ତୁ ମାତାଙ୍କ ବ୍ୟାକୁଳ ଡାକ ଭଗବାନଙ୍କ ଆସନ ହଲାଇ ଦେଲା । ତାଙ୍କୁ ସ୍ୱପ୍ନ ଅବସ୍ଥାରେ ଭଗବାନ୍ କହିଲେ, ''ବିଠଲ ଦାସ ମଥୁରା ଯାଇଛି ।'' ସ୍ୱପ୍ନ ପରେ ଉଠି ପୁତ୍ର-ବଧୂକୁ ଉଠାଇ ସ୍ୱପ୍ନର ସମସ୍ତ କଥା କହିଲେ ଏବଂ ପ୍ରାତଃକାଳରେ ପୁତ୍ରବଧୂ ସହ ମଥୁରା-ବୃନ୍ଦାବନକୁ ଯାତ୍ରା କଲେ । ସେଠାରେ ପହଞ୍ଚି ବିଠଲ ଦାସଙ୍କୁ ଦେଖି ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । କିଛି ସମୟ ପରେ ସୁସ୍ଥ ହୋଇ ବିଠଲ ଦାସ ଆସିବା ପରେ ତାଙ୍କୁ ସ୍ୱପ୍ନ କଥା କହିଲେ । ସେହି ବ୍ରଜଭୂମିରେ ପୁତ୍ର ସହିତ ମାତା ଏବଂ ସ୍ତ୍ରୀ ବାସ କରି ବାକି ସମୟ ଭଗବତ୍ ଭଜନରେ ଅତିବାହିତ କଲେ ।

ବିଠଲ ଦାସଙ୍କ ସ୍ତ୍ରୀ ଭକ୍ତିମତୀ, ପତିବ୍ରତା ଥିଲେ । ସେ ସ୍ୱାମୀଙ୍କ ଆଜ୍ଞା ଓ ଇଚ୍ଛା ଅନୁସାରେ ସମସ୍ତ କାର୍ଯ୍ୟ କରନ୍ତି ଏବଂ ତାଙ୍କ ସଙ୍ଗେ ଭଜନ ଓ କୀର୍ତ୍ତନରେ ସମ୍ମିଳିତ ହୁଅନ୍ତି । ପ୍ରତିଦିନ ଭଗବତ୍ ବିଗ୍ରହ ଦର୍ଶନ କରିବାକୁ ଯାନ୍ତି ଏବଂ ଆଗ୍ରହ ସହ ଶାଶୂ ଓ ସ୍ୱାମୀଙ୍କ ସେବା କରନ୍ତି । ଦିନେ ଚୁଲି ଲିପିବା ପାଇଁ ଘର ପାଖ ବାଡ଼ିରୁ ମାଟି ଆଣିବା ସକାଶେ ଖୋଳିବାକୁ ହେଲା । କିଛି ଖୋଳିବା ପରେ ଶଙ୍ଖ-ଚକ୍ର-ଗଦା-ପଦ୍ମଧାରୀ ଭଗବାନଙ୍କର ଗୋଟିଏ ବିଗ୍ରହ ଜମିରୁ ମିଳିଲା । ସେହି ବିଗ୍ରହ ସଙ୍ଗେ ବହୁତ ଧନରତ୍ନ ଥିଲା । ଧନ ସମସ୍ତ ଅନର୍ଥର ମୂଳ ଭାବି ଭକ୍ତଙ୍କ ପତିବ୍ରତା ସ୍ତ୍ରୀଙ୍କ ମନରେ ତାହା ପ୍ରତି ଲେଶମାତ୍ର ଲୋଭ ହେଲା ନାହିଁ । ସେ ଦେଖିବା ମାତ୍ରେ ଦୌଡ଼ି ଆସି ପତିଙ୍କୁ ସମସ୍ତ ବୃତ୍ତାନ୍ତ କହିଲେ । ବିଠଳ ଦାସ ସମସ୍ତ ବୃତ୍ତାନ୍ତ ଶୁଣି କହିଲେ, ''ଏ ଜମିର ମାଲିକଙ୍କୁ ଖବର ଦିଅ, ସେ ଆସି ତାହା ନେଇ ଯାଆନ୍ତୁ ।'' ଆଜ୍ଞା ଅନୁସାରେ ଜମିର ମାଲିକଙ୍କୁ ଖବର ଦିଆଗଲା । ସେ ଆସି ଧନ ଦେଖି ହାତଯୋଡ଼ି କହିଲେ, ''ମହାରାଜ ! ଏ ଧନ ଆପଣଙ୍କର, ଏହାକୁ ଗ୍ରହଣ କରନ୍ତୁ, ଯଦି ମୋର ହୋଇ ଥାଆନ୍ତା, ତେବେ ମୋତେ ମିଳି

ଯାଇଥା'ନ୍ତା । ଏହା ଆପଣଙ୍କୁ ମିଳିଛି, ଏହାର ମାଲିକ ଆପଣ ।'' ବିଠଲ ଦାସଜି କହିଲେ, ''ଭାଇ ଜମିରୁ ଯାହା କିଛି ମିଳେ ତହିଁରେ ଜମି ମାଲିକର ଅଧିକାର; ମୋର କେବଳ ଏ ସ୍ଥାନରେ ରହିବା ଅଧିକାର ଛଡ଼ା ଆଉ କିଛି ନାହିଁ । ଏ ଜମି ଓ ଏଥିରୁ ପ୍ରାପ୍ତବସ୍ତୁ ନ୍ୟାୟତଃ ତୁମର ।'' କିନ୍ତୁ ସେ ଏ ଯୁକ୍ତିରେ ସମ୍ମତ ହେଲେ ନାହିଁ । ଶେଷରେ ଉଚିତ ନ୍ୟାୟ ବିଚାର ସକାଶେ ସେଠାକାର ପଞ୍ଚାୟତଙ୍କ ପାଖରେ ଏହା ଉପସ୍ଥାପନ କରାଗଲା । ପଞ୍ଚାୟତ ଉଭୟଙ୍କ ବକ୍ତବ୍ୟ ଶୁଣିବା ପରେ ଏହି ମୀମାଂସା କରିଦେଲେ, ''ଯେହେତୁ ଏ ଧନ ଭଗବାନଙ୍କ ମୂର୍ତ୍ତି ସଙ୍ଗେ ମିଳିଛି, ତେଣୁ ସେହି ସ୍ଥାନରେ ଏହି ଧନ ଦ୍ୱାରା ଗୋଟିଏ ମନ୍ଦିର ନିର୍ମାଣ କରାଯାଉ ଏବଂ ସେ ମନ୍ଦିରରେ ଭଗବାନଙ୍କ ମୂର୍ତ୍ତିଟିକୁ ପ୍ରତିଷ୍ଠା କରାଯାଉ । ଏହା-ଦ୍ୱାରା ଜନସାଧାରଣଙ୍କର ଆଧ୍ୟାତ୍ମିକକଲ୍ୟାଣ ସାଧିତ ହେବ ।'' ଏ ପ୍ରସ୍ତାବକୁ ଉଭୟେ ଆନନ୍ଦରେ ମାନି ନେଲେ । ସେ ସ୍ଥାନରେ ଗୋଟିଏ ସୁନ୍ଦର ମନ୍ଦିର ନିର୍ମାଣ କରାଗଲା ଏବଂ ସେ ମନ୍ଦିରରେ ଧନ ସଙ୍ଗେ ମିଳିଥିବା ବିଗ୍ରହକୁ ସ୍ଥାପନ କରାଗଲା । ସେ ମନ୍ଦିରରେ ଲୋକଙ୍କ ପାଇଁ ସାଧନ ଭଜନ କରିବା ଏବଂ ଭୋଜନର ବ୍ୟବସ୍ଥା ମଧ୍ୟ କରି ଦିଆଗଲା ।

ଆଧୁନିକ ପାଠକଙ୍କ ସକାଶେ ଏହା ଏକ ଆଶ୍ଚର୍ଯ୍ୟଜନକ ବିଷୟ । ସେମାନେ ମନେ କରିବେ ଏହା ଲେଖକଙ୍କର କପୋଳକଳ୍ପିତ, କାରଣ ଆମ୍ଭେମାନେ ଆଧୁନିକ ସମୟର ବ୍ୟକ୍ତି । ଏ ସମୟରେ ଯାହା ଦେଖୁଛୁ, ଯାହା କରୁଛୁ, ଉପସ୍ଥିତ ବାତାବରଣରୁ ଯାହା ଆହରଣ କରୁଛୁ ତାକୁହିଁ ସତ୍ୟ ବୋଲି ମାନୁଛୁ ଏବଂ ତାହାହିଁ ଆମ୍ଭମାନଙ୍କ ସମ୍ମୁଖରେ ଆଦର୍ଶ ହୋଇ ଛିଡ଼ା ହୋଇଛି । ଏହାଛଡ଼ା ଯାହାକିଛି ସତ୍ୟ କିଂବା ଯାହାକିଛି ଉତ୍ତମ ବସ୍ତୁ ଅତୀତରେ ହୋଇଯାଇଛି ତାହା ଆମ୍ଭମାନଙ୍କ ସକାଶେ ଅସମ୍ଭବ ବୋଧହୁଏ । ଯେପରି ଗୋଟିଏ ଅଜ୍ଞାନ ବାଳକ ସକାଶେ ତା'ର ସର୍ବସମର୍ଥ, ସକଳ ଗୁଣରେ ପୂର୍ଣ୍ଣ ତା' ମା ବ୍ୟତୀତ ଏ ସଂସାରରେ ଅନ୍ୟ କେହି ଯେ ସମର୍ଥ ଅଛି, ଏପରି କଳ୍ପନା ସେ କରିପାରେ ନାହିଁ, ସେହିପରି ଆମ୍ଭେମାନେ ବର୍ତ୍ତମାନ ସମୟର କାର୍ଯ୍ୟକଳାପ ଦେଖି ଅତୀତର ଏହି ଅକଳ୍ପନୀୟ ବିଷୟକୁ କିପରି ବିଶ୍ୱାସ କରିବୁ !

ଭକ୍ତ ଶ୍ରୀ ବିଠଲ ଦାସଜି ଶେଷ ଜୀବନ ବୃନ୍ଦାବନରେ ଅତିବାହିତ କରିଥିଲେ ଏବଂ ବହୁ ସଂସାର-ବଦ୍ଧ ଲୋକଙ୍କୁ ସଂସାରର ତ୍ରିତାପରୁ ଭଗବତ ଭକ୍ତି ଦ୍ୱାରା ମୁକ୍ତ କରି ପରିଶେଷରେ ପାର୍ଥିବ ଶରୀର ତ୍ୟାଗ କରି ମା ଏବଂ ସ୍ତ୍ରୀଙ୍କ ସହିତ ଗୋଲୋକଧାମରେ ଯୁଗଳକିଶୋର ଶ୍ରୀରାଧାକୃଷ୍ଣଙ୍କ ନିତ୍ୟ ସେବାକୁ ପ୍ରାପ୍ତ ହୋଇଥିଲେ ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

ଭକ୍ତ ରାଜା ମେଘସିଂହ

ଠାକୁର ମେଘସିଂହ ରାଜା ଥିଲେ । ଯଦିଓ ତାଙ୍କ ଷ୍ଟେଟ୍ ବହୁତ ବଡ଼ ନ ଥିଲା, ତଥାପି ବହୁତ ଛୋଟ ବି ନ ଥିଲା । ଆୟ ବେଶ୍ ଥିଲା, ରାଜାସାହେବ ଲେଖା ପଢ଼ା ଦୃଷ୍ଟିରୁ ବହୁତ ବିଦ୍ୱାନ୍ ନ ଥିଲେ, କିନ୍ତୁ ସେ ଯଥେଷ୍ଟ ବିଦ୍ୟାଲାଭ କରିଥିଲେ । ବିଦ୍ୟା ସେହି, ଯାହାକି ମନୁଷ୍ୟକୁ ଯଥାର୍ଥ ମାର୍ଗରେ ନେଇଯାଏ । ଯେଉଁ ବିଦ୍ୟା ମନୁଷ୍ୟକୁ ବିପଥଗାମୀ କରି ଭୟଙ୍କର ନରକାନଳରେ ଜଳିବାକୁ ବାଧ କରେ, ଯାହା ଦ୍ୱାରା ଜୀବନ ଅଭିମାନ, କାମ, କ୍ରୋଧ, ଲୋଭ ଇତ୍ୟାଦି ଭୟାନକ ଝଡ଼ ବତାସରେ ପଡ଼ି ନଷ୍ଟଭ୍ରଷ୍ଟ ହୋଇ ଯାଏ, ସେ ସାକ୍ଷାତ୍ ଅବିଦ୍ୟା ଏବଂ ତମସ୍ । ଏହିପରି ବିଦ୍ୟାରୁ ପୃଥକ୍ ରହିବା ଭଲ । ଠାକୁର ମେଘସିଂହ ସେହି ବିନାଶକାରୀ ବିଦ୍ୟାରୁ ମୁକ୍ତ ଥିଲେ । ତାଙ୍କ ବିଦ୍ୟା ଜୀବନକୁ ସବୁପ୍ରକାର ପ୍ରକାଶ ଦେଇଥିଲା । ସେଥିପାଇଁ ତାଙ୍କର ପ୍ରତ୍ୟେକ କାର୍ଯ୍ୟ ହେଉଥିଲା — ମାନବ ଜୀବନର ପରମ ଲକ୍ଷ୍ୟର ସିଦ୍ଧି ସକାଶେ ।

ଠାକୁର ସାହେବଙ୍କ ପ୍ରଜା ପ୍ରିୟତା ଏବଂ ନ୍ୟାୟ ପରାୟଣତାରେ ସମସ୍ତେ ପ୍ରସନ୍ନ ଥିଲେ । ତାଙ୍କର ପ୍ରତ୍ୟେକ ନ୍ୟାୟ ପ୍ରଜାବତ୍ସଳତା, ସର୍ବଜନହିତ ଓ ଦୟାଳୁତା ଦୃଷ୍ଟିରୁ ହେଉଥିଲା । ତାଙ୍କୁ ମହାନ୍ ତ୍ୟାଗ କରିବାରେ ବି କୌଣସି କଠିନତାର ସମ୍ମୁଖୀନ ହେବାକୁ ପଡୁ ନ ଥିଲା । ଭଗବାନଙ୍କର ମଙ୍ଗଳ ବିଧାନରେ ଅଟଳ ବିଶ୍ୱାସ ଥିବାରୁ ସେ କୌଣସି ଅବସ୍ଥାରେ ଉଦ୍‌ବେଗ ବା ବିଷାଦ ପ୍ରକାଶ କରୁ ନ ଥିଲେ । ଯେଉଁଠି ବିଶାଦ ବା ଉଦ୍‌ବେଗ, ସେଇଠି ନିଶ୍ଚୟହିଁ ଭଗବାନଙ୍କଠାରେ ଅବିଶ୍ୱାସ । ଠାକୁର ସାହେବଙ୍କ ମୁଖ ଓ ମନ ନିତ୍ୟ ପ୍ରସନ୍ନ ଥିଲା । ଭଗବାନଙ୍କ ସ୍ମରଣ ତାଙ୍କ ଜୀବନର ଶ୍ୱାସ-ପ୍ରଶ୍ୱାସ କ୍ରିୟାପରି ଅନିବାର୍ଯ୍ୟ ହୋଇଯାଇଥିଲା । ସେ ନିତ୍ୟ ପ୍ରାତଃକାଳ ସୂର୍ଯ୍ୟୋଦୟର ଏକ ପ୍ରହର ପୂର୍ବରୁ ଉଠିବା ମାତ୍ରେ ସର୍ବପ୍ରଥମେ ଭଗବାନଙ୍କୁ ଧ୍ୟାନ କରୁଥିଲେ । ପରେ ଶୌଚ ସ୍ନାନରୁ ନିବୃତ୍ତ ହୋଇ ସନ୍ଧ୍ୟାକରି ଗାୟତ୍ରୀ ମନ୍ତ୍ର ଜପ, ଗୀତା ଓ ବିଷ୍ଣୁଙ୍କ ସହସ୍ର-ନାମ ପାଠ କରୁଥିଲେ । ଏହାପରେ ଭଗବତ୍ ନାମଜପ ଆରମ୍ଭ କରୁଥିଲେ । ଜପ ସମୟରେ ମାନସିକ ଧ୍ୟାନ ବରାବର ହେଉଥାଏ । ମଧ୍ୟାହ୍ନ ସମୟରେ ତାଙ୍କ ପୂଜା ସର୍ବଦା ସମାପ୍ତ ହୁଏ । ପୁଣି ଅତିଥି ଅଭ୍ୟାଗତଙ୍କୁ ନିଜ ସମ୍ମୁଖରେ ଭୋଜନ କରାଇ ଭଗବତ୍ ପ୍ରସାଦରୂପେ ସ୍ୱୟଂ ଭୋଜନ କରୁଥିଲେ । ତା' ପରେ ରାଜ-କାର୍ଯ୍ୟ ଦେଖା ଶୁଣା କରୁଥିଲେ । ବଡ଼ ଧୀର ଓ ବୁଦ୍ଧିମତ୍ତାର ସହିତ ସମସ୍ତ କାର୍ଯ୍ୟ ସମ୍ଭାଳୁଥିଲେ । ଏହି କାର୍ଯ୍ୟ ସମୟରେ ବି ତାଙ୍କର ଭଗବତ୍ ସ୍ମରଣ ଚାଲୁଥାଏ । ସେ ଭଗବତ୍ ଚିନ୍ତନ ସଙ୍ଗେ ସଙ୍ଗେ ସମସ୍ତ କାର୍ଯ୍ୟ କରୁଥିଲେ ।

ସଂସାରରେ ସବୁ ପ୍ରକାର ମନୁଷ୍ୟ ଥାଆନ୍ତି । ରାଜାଙ୍କର ପବିତ୍ର ଜୀବନଚର୍ଯ୍ୟା ଏବଂ ତାଙ୍କ ସାଧୁ ସ୍ୱଭାବ ବି କାହା କାହା ପକ୍ଷରେ ଈର୍ଷା ଓ ଦ୍ୱେଷର ମୂଳ କାରଣ ହୋଇପଡ଼େ । ତମସାଚ୍ଛନ୍ନ ହୃଦୟ ଓ କୁଟିଳତା ଯୋଗୁଁ ଦୃଷ୍ଟି ବଦଳି ଯାଏ ଏବଂ ଯାହା ଫଳରେ ବ୍ୟକ୍ତି ଭଲରେ ଖରାପ, ଦେବତାରେ ରାକ୍ଷସ, ସାଧୁରେ ଅସାଧୁ ଓ ସତ୍ୟରେ ଅସତ୍ୟ ଦେଖେ । ବୁଦ୍ଧି ବିକୃତ ହେଲେ ସ୍ୱଭାବତଃ ମନ୍ଦ କାର୍ଯ୍ୟ ଦେଖାଦିଏ । ରାଜା ସାହେବଙ୍କର ଠିକ୍ ଏହିପରି ଗୋଟିଏ ବିକୃତ ବୁଦ୍ଧି ସେବକ ଥିଲା । ସେ ଜାତିରେ ଚାରଣ, ତା'ର ନାମ ଥିଲା ଭୈରୁଁଦାନ । ସେ ପ୍ରଥମେ ରାଜାଙ୍କର ପ୍ରିୟ ଥିଲା, ପୂର୍ବେ ତାହାର ବ୍ୟବହାରରେ କେବେ କୌଣସି ଦୋଷ ନ ଥିଲା; କିନ୍ତୁ କୌଣସି ଦୈବ ଦୁର୍ବିପାକରେ ପଡ଼ି ତାହାର ବୁଦ୍ଧି ଦୂଷିତ ହୋଇଗଲା । ସେ ମନେ ମନେ ରାଜାଙ୍କର ବିରୋଧୀ ହୋଇ ରାଜାଙ୍କର ପ୍ରାଣନାଶ କରିବାକୁ ଉପାୟ ଖୋଜିବାକୁ ଲାଗିଲା । ଦିନେ ରାଜା ସାହେବଙ୍କର କଚେରିରେ ବିଳମ୍ବ ହୋଇ ଗଲା । ପ୍ରଥମ ପ୍ରହର ରାତ୍ରି, କୃଷ୍ଣପକ୍ଷ, ଚାରିଆଡ଼େ ଅନ୍ଧକାର ଘୋଟି ଯାଇଥିଲା । ସେହି ସମୟରେ ରାଜା ବାହାରି କିଛି ଦୂରରେ ଥିବା ରାଣୀ ଉଆସ ଆଡ଼କୁ ଯିବାକୁ ଲାଗିଲେ । ରାଜା ସାହେବ ସାଧୁ-ସ୍ୱଭାବର ଓ ଭକ୍ତ ଥିଲେ । ତାଙ୍କର ଭଗବାନଙ୍କ ଉପରେ ଅଟଳ ବିଶ୍ୱାସ ଥିଲା । ପ୍ରତ୍ୟେକ ବ୍ୟକ୍ତିଙ୍କଠାରେ ସେ ଭଗବାନଙ୍କୁ ଦର୍ଶନ କରୁଥିଲେ । ସେହି କାରଣରୁ ରାଜକୀୟ ଥାଟବାଟ ତ୍ୟାଗ କରିଥିଲେ ଏବଂ ନିଜ ଅଙ୍ଗରକ୍ଷା ସକାଶେ ବି ସଙ୍ଗରେ ଅଧିକ ସେବକ ରଖୁ ନ ଥିଲେ । ଏକା ଭୈରୁଁଦାନ ତାଙ୍କ ସଙ୍ଗରେ ଥିଲା ।

ପାପବୁଦ୍ଧି ବଳପୂର୍ବକ ପ୍ରେରଣା ଦେଲା । ଭୈରୁଁଦାନ କଟାରି ବାହାର କରିବା ସଙ୍ଗେ ସଙ୍ଗେ ହାତ ଥରିଲା; ସୁତରାଂ ପାପ ପ୍ରେରଣାରେ ପୁନଃ ସାବଧାନ ହୋଇ ଅନ୍ଧକାରରେ ନିଜ ସାଧୁ-ସ୍ୱଭାବ ସ୍ୱାମୀଙ୍କ ଉପରେ ପ୍ରହାର କଲା । କିନ୍ତୁ ଭଗବାନଙ୍କ ବିଧାନ ଥିଲା ଅନ୍ୟ ପ୍ରକାର; ଠିକ୍ କଟାରି ପ୍ରହାର କରିବା ସମୟରେ ଗୋଟିଏ ଷଣ୍ଢ ଦୌବାଡ଼ ଦୌଡ଼ି ଆସିବାରୁ ରାଜା ସାହେବ ଆଗକୁ ଚାଲିଗଲେ ଏବଂ ଷଣ୍ଢର ଗୋଟିଏ ଶିଙ୍ଗ ଭୈରୁଁଦାନ ଛାତିରେ ଲାଗିଲା । କଟାରି ହାତରେ ଥାଇ ସେ ପଡ଼ିଗଲା । ପଡ଼ିବା ସମୟରେ ହାତ ଓଲଟି ଯିବାରୁ କଟାରି ଦ୍ୱାରା ସଂପୂର୍ଣ୍ଣରୂପେ ନାକ କଟିଗଲା । ଭୈରୁଁଦାନ ବ୍ୟାକୁଳ ହୋଇ ରଡ଼ି ଛାଡ଼ିଲା । କ୍ଷଣକ ମଧ୍ୟରେ ଏହି ସବୁ ଘଟଣା ଘଟିଗଲା । ରାଜା ସାହେବ ପାଖରେ ଥିଲେ । ବ୍ୟାକୁଳ ରଡ଼ି ଶୁଣି ଫେରିଲେ । ସେତେବେଳକୁ ଷଣ୍ଢ ଚାଲି ଯାଇଥିଲା । ମାଟିରେ ପଡ଼ିଥିବା ଭୈରୁଁଦାନକୁ ସେ ଉଠାଇଲେ । ଷଣ୍ଢର ଶିଙ୍ଗ ଆଘାତ ଓ ନାକ କଟି ଯାଇଥିବା ପୀଡ଼ାରେ ସେ ବେହୋସ ହୋଇ ପଡ଼ିଥିଲା । ରାଜା ସାହେବ ସେଠାରେ ଥାଇ ଜୋର୍‌ରେ ରାଣୀଉଆସର ଚାକରକୁ ଡାକିଲେ । ସେମାନଙ୍କ ସାହାଯ୍ୟରେ ଭୈରୁଁଦାନକୁ ରାଣୀ-ଉଆସ ନେଇଗଲେ । ବାହାର ବାରନ୍ଦାରେ ଖଟ ଉପରେ ତାକୁ ଶୁଆଇ ଦେଲେ । ଦୀପ ଲାଗି ଯାଇଥିଲା । ଦେଖାଗଲା ଯେ ଭୈରୁଁଦାନ ହାତରେ ରକ୍ତ-ଯୁକ୍ତ ଏକ କଟାରି ଅଛି ଓ ନାକ କଟିଯାଇ ସେଥିରୁ ରକ୍ତ ବହୁଛି । ମୁଠା ଜାବୁଡ଼ି ଯାଇଥିବାରୁ କଟାରି ପଡ଼ିଯାଇ ନ ଥିଲା ରାଜା ସାହେବ ଏହି ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲେ । ଷଣ୍ଢ ଦ୍ୱାରା ଭୈରୁଁଦାନ ପଡ଼ି ଯାଇଥିବା ତାଙ୍କର ଅନୁମାନ ହେଲା, କିନ୍ତୁ ହାତରେ କଟାରି ଥିବା ଏବଂ ନାକ କଟି ଯାଇଥିବାର ପୂର୍ଣ୍ଣ ରହସ୍ୟ ସେ ଜାଣି ପାରିଲେ ନାହିଁ । ଯଦ୍ୟପି ସେ ଭୈରୁଁଦାନକୁ ନିଜ ଉପରେ ପ୍ରହାର କରୁଥିବା ସମୟରେ ଦେଖି ନେଇଥିଲେ, ତଥାପି ସେ ଏହି ସବୁ ରହସ୍ୟକୁ ଜାଣିବାର ବିଚାର ଛାଡ଼ି, ତାକୁ ସଚେତ କରିବାକୁ ଯତ୍ନ କଲେ । ମୁଠା ଖୋଲି କଟାରି ବାହାର କଲେ । ନାକରୁ ରକ୍ତ ପରିଷ୍କାର କରି, ସେଥିରେ ଔଷଧ ଲଗାଇଲେ । ଛାତିରେ ମଧ୍ୟ ଅନ୍ୟ ଔଷଧ ମାଲିସ କରାଇଲେ; ମଥାରେ ଜଳ ଢଳାଇ ପଙ୍ଖା କଲେ । ରାଣୀ-ଉଆସର ଚାକର ଛଡ଼ା ସେଠାରେ ଆଉ କେହି ନ ଥିଲେ । ତେଣୁ ରାଣୀ ସ୍ୱୟଂ ବି ସେଠାକୁ ଆସି ଯାଇଥିଲେ, ସେ ବି ପଙ୍ଖା କରିବାକୁ ଲାଗିଲେ । ଏହି ସବୁ ଉପଚାର ଫଳରେ ଭୈରୁଁଦାନର ହୋସ ଆସିଲା; ତଥାପି ଛାତିରେ ତୀବ୍ର ପୀଡ଼ା ଯୋଗେ ଆଖି ଖୋଲି ପାରୁ ନ ଥିଲା । ଏହି ସବୁ ଦୃଶ୍ୟ ଦେଖି ରାଣୀସାହେବା କହିଲେ; ''ଚାରଣ ଛାତିରେ ଷଣ୍ଢ ଶିଙ୍ଗର ଆଘାତ ଦୈବ ଯୋଗରେ ହେଲା, କିନ୍ତୁ ସେ ନିଜ ହାତରେ କଟାରି କାହିଁକି ଧରିଥିଲା ? ତୁମ ଉପରେ କଟାରି ପ୍ରହାର କରିବାର ସୂଚନା କ'ଣ ଏହି ସବୁ ଘଟଣାରୁ ମିଳୁ ନାହିଁ ?''

ଠାକୁର ସାହେବ ଯଦ୍ୟପି ଭୈରୁଁଦାନକୁ ତାଙ୍କ ଉପରେ କଟାରି ପ୍ରହାର କରୁଥିବା ସମୟରେ ଦେଖିଥିଲେ, ତଥାପି ତାଙ୍କ ସାଧୁ ହୃଦୟ ଏଥିରେ କୌଣସି ସନ୍ଦେହ କଲା ନାହିଁ । ସେ ଅନୁମାନ କଲେ, ତାଙ୍କର ରକ୍ଷା ସକାଶେ ସେ କଟାରି ବାହାର କରି ହାତରେ ଧରିଥିବ – ଏହିପରି ଭାବି ରାଣୀଙ୍କୁ କହିଲେ, ''ତୁମେ ଏହା କିପରି ଭାବୁଛ ?'' ଭୈରୁଁଦାନ ମୋର ଅତି ବିଶ୍ୱାସୀ ସାଥୀ । ସେ ମୋ ଉପରେ କଟାରି ପ୍ରହାର କରିବ ! ଏପରି ସନ୍ଦେହ କରିବା ବି ପାପ । ମୋର ଅନୁମାନ, ହୁଏତ ସେ ମୋ ଅଙ୍ଗ-ରକ୍ଷା ସକାଶେ କଟାରି ଧରିଥିବ ।'' କିନ୍ତୁ ରାଣୀ ଉତ୍ତର ଦେଲେ ''ତୁମ ରକ୍ଷାର ସେଠାରେ ଆବଶ୍ୟକତା କ'ଣ ଥିଲା ? ମୋର ସନ୍ଦେହ ହେଉଛି, ତୁମ୍ଭଙ୍କୁ ମାରିବାର ଉଦ୍ଦେଶ୍ୟ ଏହାର ଥିଲା, କିନ୍ତୁ ଭଗବାନ୍ ତୁମ୍ଭଙ୍କୁ ରକ୍ଷାକଲେ ।'' ରାଜାସାହେବ ସଙ୍ଗେ ସଙ୍ଗେ କହିଲେ, ''ମୋ ବିଚାରରେ ଏପରି କଳ୍ପନା କରିବା ଉଚିତ ନୁହେଁ । କାହା ଉପରେ ସନ୍ଦେହ କରିବା ମଧ୍ୟ ପାପ । ପୁଣି ତୁମେ ତ ଏହା ଜାଣ ଯେ, ଆମ୍ଭମାନଙ୍କୁ ଯାହା କିଛି ଭୋଗ ପ୍ରାପ୍ତ ହୁଏ, ତାହାସବୁ ଆମ୍ଭର ଶ୍ରୀଗୋପାଳଜିଙ୍କ ଦେଖାରଖା ତଥା ତାଙ୍କରି ବିଧାନାନୁସାରେ ହୁଏ । ସେ ପରମ ମଙ୍ଗଳମୟ, ତେଣୁ ତାଙ୍କର ପ୍ରତ୍ୟେକ ବିଧାନ ମଧ୍ୟ ମଙ୍ଗଳମୟ । ଯଦି ସେ ମୋତେ କଟାରିରେ ଆଘାତ କରିଥା'ନ୍ତା ସେଥିରେ ଯେପରି ମଙ୍ଗଳ ବିଧାନ ହୋଇଥା'ନ୍ତା, ସେହିପରି କଟାରି ନ ଲାଗିବାରୁ ବି ମଙ୍ଗଳ ବିଧାନ ହେଲା । ମୋତେ ମାରିବାର ଚେଷ୍ଟା ଏ କାହିଁକି କରନ୍ତା ? ମୋର ପୂର୍ଣ୍ଣ ବିଶ୍ୱାସ ଯେ ଭଗବାନ୍ ସମସ୍ତଙ୍କର ମଙ୍ଗଳ କରନ୍ତି । ମୁଁ ଭଗବାନଙ୍କୁ କାତର ପ୍ରାର୍ଥନା କରୁଅଛି – 'ହେ ଦୟାମୟ ପ୍ରଭୁ ! ଭୈରୁଁଦାନ ମୋର ପରମ ବିଶ୍ୱାସରପାତ୍ର । ମୋ ମନରେ ଯଦି କେବେ ଏହା ପ୍ରତି ବା ଅନ୍ୟ କୌଣସି ବ୍ୟକ୍ତି ପ୍ରତି କୌଣସି ଅନିଷ୍ଟ କରିବାର ଭାବନା ନ ଆସିଥାଏ, ତେବେ ତାହାର

ପୀଡ଼ା ଶାନ୍ତ ହୋଇଯାଉ ଏବଂ ଏହାର ମନରେ ଯଦି କୌଣସି କୁଭାବନା ଆସିଥାଏ ତେବେ ତାହା ସମୂଳେ ନାଶ ହୋଇଯାଉ । ଏହି ପୀଡ଼ା ଯଦି ଏହାର କୌଣସି ପାପର ଫଳ ହୋଇଥାଏ, ହେ ପ୍ରଭୁ ! ତେବେ ଏହି ଫଳ ମୋତେ ଭୋଗ କରିବାକୁ ଦିଆଯାଉ । ଏହାର ଶାରୀରିକ ତଥା ମାନସିକ ପୀଡ଼ା ଓ ତାହାର କାରଣକୁ ମଧ୍ୟ ବିନାଶ କରାଯାଉ ।''

ଏହିପରି ପ୍ରାର୍ଥନା କରିବାରେ ରାଜାଙ୍କ ଚକ୍ଷୁରୁ ଲୋତକଧାରା ବୋହିବାକୁ ଲାଗିଲା । ତାଙ୍କର ଏପରି ଅବସ୍ଥା ଦେଖି ତଥା ତାଙ୍କ ପବିତ୍ର ମନୋଭାବରେ ପ୍ରଭାବିତ ହୋଇ ରାଣୀଙ୍କର ହୃଦୟ ଦ୍ରବୀଭୂତ ହୋଇଗଲା । ସେ ବି ଶୋକଯୁକ୍ତା ହୋଇ ଭଗବାନଙ୍କୁ ପ୍ରାର୍ଥନା କଲେ, ''ହେ ନାଥ ! ଚାରଣ ପ୍ରତି ମୋର ସନ୍ଦେହ କରିବା ପାପକୁ କ୍ଷମା କର ଏବଂ ଚାରଣକୁ ପୀଡ଼ାରୁ ଶୀଘ୍ର ମୁକ୍ତ କର ।''

ସେସମୟରେ ଭୈରୁଁଦାନର ଚେତନା ଆସି ଯାଇଥିଲା । ସେ ଏହି ସମସ୍ତ କଥାବାର୍ତ୍ତା ଶୁଣୁଥିଲା । ଏସବୁ ଶୁଣିବା ସଙ୍ଗେ ତା'ର ମନ କ୍ରମଶଃ ପରିବର୍ତ୍ତିତ ହୋଇଥିଲା ଏବଂ ନିଜର କ୍ରୂର କର୍ମ ପାଇଁ ପଶ୍ଚାତ୍ତାପ କରିବାକୁ ଲାଗିଲା । ପଶ୍ଚାତ୍ତାପ-ଅଗ୍ନିରେ ତା' ହୃଦୟ ଏକେବାରେ ନିର୍ମଳ ହୋଇଗଲା । ଛାତିର ଦାରୁଣ ବେଦନା ମଧ୍ୟ କମିବାକୁ ଲାଗିଲା । ସେ ଆଖି ଖୋଲି ଦେଖିବା ମାତ୍ରେ ରାଜା ସାହେବଙ୍କ ଚରଣ ତଳେ ପଡ଼ିଗଲା । ସେସମୟରେ ରାଜା ପ୍ରାର୍ଥନା କରୁ କରୁ ଧ୍ୟାନାନନ୍ଦ-ସମୁଦ୍ରରେ ଡୁବି ଯାଇଥିଲେ । କିଛି ସମୟ ତାଙ୍କର ବାହ୍ୟଜ୍ଞାନ ନ ଥିଲା । ରାଣୀ ମଧ୍ୟ ଭାବାବେଶରେ ଥିଲେ । କିଛି ସମୟ ପର୍ଯ୍ୟନ୍ତ ଚାରଣ ଦୁଇଜଣଙ୍କ ଚରଣରେ ପଡ଼ିଗଲା । ଯେତେବେଳେ ଭଗବାନଙ୍କ ପ୍ରେରଣାରେ ରାଜା-ରାଣୀ ଦୁଇଜଣଙ୍କର ବାହ୍ୟଜ୍ଞାନ ଆସିଲା, ସେମାନେ ଭୈରୁଁଦାନ ସେମାନଙ୍କ ଚରଣରେ ପଡ଼ି କାନ୍ଦୁଥିବାର ଦେଖିଲେ । ରାଜା ତାକୁ ଉଠାଇ ହୃଦୟରେ ଲଗାଇ ନେଲେ ।

ଭୈରୁଁଦାନ ଜୋରରେ କାନ୍ଦି କହିଲା, ''ମୋ ମାଲିକ ! ମୋ ପରି ମହାପାପୀ କେବଳ ମୁଁ, ମୋ ସମାନ ପାପୀ ଅନ୍ୟ କେହି ବି ଏ ସଂସାରରେ ନ ଥିବେ । ଆପଣ ପରମ ପୁଣ୍ୟ ପବିତ୍ରାତ୍ମା । ମୋ ପରି ମହାପାପୀ ନରକ କୀଟକୁ ସ୍ପର୍ଶ କରନ୍ତୁ ନାହିଁ । ମୁଁ ମହାପାମର, ପ୍ରଭୁବିଦ୍ରୋହୀ, କୃତଘ୍ନ, ଅପବିତ୍ର, ପ୍ରେତ । ମୋ ମତିଭ୍ରମ ହେବାରୁ ଆପଣଙ୍କ ଗୁଣରେ ଦୋଷ ଦେଖିବାକୁ ଲାଗିଲି । ବିନା କାରଣରେ ବିନା ଦୋଷରେ ଆପଣଙ୍କୁ ମାରିବାକୁ ପ୍ରସ୍ତୁତ ହୋଇଗଲି । ହେ ପ୍ରଭୁ ! ଏପରି ଅପରାଧର କ୍ଷମା ମୁଁ ଚାହୁଁ ନାହିଁ । ମୋତେ କଠୋରାତିକଠୋର ଦଣ୍ଡ ଦିଅନ୍ତୁ । ମୋ ପରି ପାପୀକୁ ନରକରେ ବି ସ୍ଥାନ ମିଳିବ ନାହିଁ । ଭଗବାନ୍ ବିଶେଷ ଦୟା କରି ଷଣ୍ଢ ରୂପେ ଆସି ମୋ ନୀଚ କଳୁଷିତ ଆକ୍ରମଣରୁ ଆପଣଙ୍କୁ ବଞ୍ଚାଇ ଦେଲେ । ମୋ ନାକ କାଟି ଉଚିତ ଶିକ୍ଷା ଦେଲେ । ଏହିସବୁ ଆପଣଙ୍କ ସ୍ୱାଭାବିକ ସାଧୁତା ଓ ଭଗବାନଙ୍କ ପ୍ରତି ଭକ୍ତିର ଚମତ୍କାର ଦୃଷ୍ଟାନ୍ତ । ମୋ ହୃଦୟ ପଶ୍ଚାତ୍ତାପ-ଅଗ୍ନିରେ ଦଗ୍ଧ ହୋଇ ଯାଉଅଛି । ମୋ ପରି ଅପରାଧୀକୁ କଠୋର ଦଣ୍ଡ ଦିଅନ୍ତୁ । ତେବେ ମୁଁ ମନୁଷ୍ୟ ହେବି ।''

ରାଜା ସାହେବ ହସି ହସି କହିଲେ, ''ଭୈରୁଁଦାନ ! ତୁ ଲେଶ ମାତ୍ର ଚିନ୍ତା କର ନାହିଁ । ତୁ ପୂର୍ବେ ମୋର ଯେପରି ପ୍ରିୟ ଥିଲୁ, ବର୍ତ୍ତମାନ ତା' ଅପେକ୍ଷା ଅଧିକ ପ୍ରିୟ ହୋଇଛୁ । କାରଣ ତୋର ଏହି କାର୍ଯ୍ୟ ମୋର ଭଗବତ୍ ବିଶ୍ୱାସକୁ ବଢ଼ାଇ ଦେଇଅଛି । ସୁତରାଂ ମୁଁ ତୋ'ଠାରୁ ବିଶେଷ ଉପକାର ପାଇଛି ଏବଂ ନିଜକୁ ତୋ ନିକଟରେ ଋଣୀ ମନେ କରୁଛି । ଯେକୌଣସି ନିମିତ୍ତରୁ ଭଗବତ୍ ବିଶ୍ୱାସ ଉତ୍ପନ୍ନ ହୁଏ ଓ ବଢ଼େ । ତାହା ଦେଖି ଯଦି ପ୍ରତିକୂଳ ବା ଅନହିତ କାର୍ଯ୍ୟ କରା ହୁଏ, ତଥାପି ଯଥାର୍ଥରେ ତାହା ପ୍ରିୟ, ଶ୍ରେଷ୍ଠ ଏବଂ ବନ୍ଦନୀୟ । ତୁ ଏଥିରେ ନିମିତ୍ତ ହୋଇଅଛୁ । ତେଣୁ ତୁ ମୋର ପରମ ହିତକାରୀ ବନ୍ଧୁ । ଆଚ୍ଛା, ତୁ ଦଣ୍ଡ ଚାହୁଁଛୁ, ଖୁବ୍ ଭଲ; ମୁଁ ଦଣ୍ଡ ଦେଉଛି କେବଳ ଦେହକୁ ନୁହେଁ, ତନ, ମନ, ବଚନ ଏହି ତିନିଙ୍କୁ । ଯେବେ ତୁ ଚାହୁଁଛୁ ତେବେ ସାନନ୍ଦରେ ଅବଶ୍ୟ ଗ୍ରହଣ କରିବୁ । ଗ୍ରହଣ କଲେ ମୋତେ ଚିରଋଣୀ କରିବୁ । ତାହା ଏହି — ଶରୀରରେ କାହାର କୌଣସି ପ୍ରକାର ଅନିଷ୍ଟ ନ ଘଟାଇ ଭଗବତ୍ ଭାବରେ ସମସ୍ତଙ୍କୁ ସେବା କର; ବଚନରେ କାହାକୁ କେବେ କଠୋର କଥା ନ କହି ସତ୍ୟ, ହିତକର, ମଧୁର ଓ ପରିମିତ ବାଣୀ ଉଚ୍ଚାରଣ କର ତଥା ନାମ-ଗୁଣ କୀର୍ତ୍ତନ କରି ସମସ୍ତଙ୍କୁ ସୁଖୀ କର; ମନ ଓ ହୃଦୟରୁ ଦମ୍ଭ, କାମ, କ୍ରୋଧ, ଲୋଭ, ମୋହ ଏବଂ ଜାଗତିକ ବିଷୟ-ଚିନ୍ତା ବିଷାଦକୁ ବାହାର କରି ଦେଇ ପ୍ରେମ, ସରଳତା, ସତ୍ୟତା, ପ୍ରସନ୍ନତା, ସନ୍ତୋଷ ଏବଂ ନିରନ୍ତର

ଭଗବତ୍ ଚିନ୍ତନାଦି ଅମୃତ ଦ୍ୱାରା ସମସ୍ତଙ୍କର ମଙ୍ଗଳ କର । କିନ୍ତୁ ଏହିସବୁ କର, କେବଳ ଭଗବାନଙ୍କ ପ୍ରସନ୍ନତା ସକାଶେ । ଏହାହିଁ ଯଥାର୍ଥ ତ୍ରିଦଣ୍ଡ । ଯେ ଏହାକୁ ଧାରଣ କରେ ସେ ତ୍ରିଦଣ୍ଡୀ । ତୁ ଏହି ତ୍ରିଦଣ୍ଡକୁ ଧାରଣ କରି ସର୍ବଦା ତ୍ରିଦଣ୍ଡୀ ହୋଇଯା' । ମୁଁ ତୋର ବଡ଼ ଉପକାର ମାନିବି ।''

ଏହିସବୁ ଘଟଣାରୁ ରାଜା ସାହେବଙ୍କ ଭଗବତ୍ ସ୍ମୃତି ନିରନ୍ତର ଓ ଅଖଣ୍ଡ ହୋଇଗଲା । ଭୈରୁଁଦାନର ମଧ୍ୟ ଜୀବନ ରୂପାନ୍ତରିତ ହୋଇଗଲା । ରାଜା ସାହେବଙ୍କ ବ୍ୟବହାର ଓ ସଂଗ-ପ୍ରଭାବରେ ସେ ପରମ ସାଧୁତା ପ୍ରାପ୍ତ ହେଲା ଏବଂ ବିଶ୍ୱାସୀ ଭକ୍ତ ହୋଇଗଲା ।

ରାଜା ସାହେବଙ୍କ ସଜ୍ଜନ ସିଂହ ନାମରେ ଏକମାତ୍ର ପୁତ୍ର ଥିଲେ । ତାଙ୍କର ବୟସ ସେତେବେଳେ ଥିଲା ଷୋହଳ ବର୍ଷ । ସେ ଶାଳୀନତା ଓ ସୌନ୍ଦର୍ଯ୍ୟାଦି ଗୁଣର ଭଣ୍ଡାର ଥିଲେ । ମାତ୍ର ତିନି ମାସ ପୂର୍ବେ ତାଙ୍କର ବିବାହ ହୋଇଥିଲା । ଦୈବଯୋଗେ ସେ ଦିନେ ଘୋଡ଼ାରୁ ପଡ଼ିଗଲେ ଏବଂ ତାଙ୍କର ମସ୍ତକ ଫାଟିଗଲା । କିଛି ସମୟ ବେହୋସ୍ ହୋଇଯିବା ପରେ ଉପଚାର ଦ୍ୱାରା ହୋସ୍ ଆସିଲା । ଯଥାସାଧ୍ୟ ଔଷଧ କରାଗଲା, କିନ୍ତୁ ଘା ଭଲ ହେଲା ନାହିଁ; କ୍ରମଶଃ ବଢ଼ିବାକୁ ଲାଗିଲା । ଶେଷରେ ତାହାର ବିଷ ସମସ୍ତ ଶରୀରରେ ବ୍ୟାପ୍ତ ହୋଇଗଲା । ସମସ୍ତେ ନିଶ୍ଚିତରୂପେ ଭାବିଲେ ଯେ ସଜ୍ଜନ ସିଂହ ଆଉ ବଞ୍ଚିବେ ନାହିଁ । ସଜ୍ଜନ ସିଂହକୁ ମଧ୍ୟ ଏହା ଅଜଣା ନ ଥିଲା । ସେଥିପାଇଁ ତାଙ୍କ ଚେହେରାରେ କିଛି ଉଦାସୀନତା ଦେଖାଗଲା । ରାଜା ସାହେବ ପାଖରେ ବସି ବିଷ୍ଣୁ ସହସ୍ର ନାମ ପଢୁଥିଲେ । ପୁତ୍ରକୁ ଦୁଃଖିତ ଦେଖି ହସିକରି କହିଲେ, ''ପୁତ୍ର ! ତୋ ଚେହେରାରେ ଉଦାସୀନତା କାହିଁକି ଦେଖାଯାଉଛି ? ବର୍ତ୍ତମାନ ତୁ ମୋ ପୁତ୍ର, ମୋ ରାଜ୍ୟର ମାଲିକ; ତୋତେ ଯୁବରାଜ ପଦ ମିଳିଛି । ଏହା ସବୁ ତୋ ପ୍ରଭୁ ଗୋପାଳଜିଙ୍କ ମଙ୍ଗଳ ବିଧାନରେ ହୋଇଅଛି । ଏବେ ତାଙ୍କ ମଙ୍ଗଳ-ବିଧାନରେ ତୁ ସାକ୍ଷାତ୍ ତାଙ୍କର ପୁତ୍ର ହେବାକୁ ଯାଉଛୁ । ଏବେ ତୋତେ ତାଙ୍କର କୁଅଁର ପଦ ମିଳବ ଆଉ ତୁ ସେହି ଦିବ୍ୟ-ଧାମର ଅଧିକାରୀ ହେବୁ । ପୁତ୍ର ! ବର୍ତ୍ତମାନ ହର୍ଷର ସମୟ । ତୁ ପ୍ରସନ୍ନତାପୂର୍ବକ ଯା', ମଙ୍ଗଳମୟ ପ୍ରଭୁଙ୍କ ଚରଣରେ ମୋର ନମସ୍କାର ନିବେଦନ କରି ଏହା କହିବୁ ଯେ ଆପଣଙ୍କ ଧାମକୁ ମେଘ ସିଂହର ବଦଳି ହେବାର କୌଣସି ବ୍ୟବସ୍ଥା ହୋଇଛି କି ? ମୋର ସେପରି ଜଲଦି ହେବାର କିଛି ନାହିଁ, କାରଣ ମୋର ତ ସର୍ବଦା ଚାକିରିରେ ରହିବାର କଥା, ମାଲିକ ନିଜ ଇଚ୍ଛାରେ ଯେଉଁଠି ରଖନ୍ତୁ । କିନ୍ତୁ ଏତିକି ତ ଅବଶ୍ୟ ହେବା ଦରକାର ଯେ ତାଙ୍କ ଚାକିରିରେ ଅଛି; ସଦାସର୍ବଦା ଏହି ସ୍ମରଣ ଯେପରି ରହିବ ।

''ପୁତ୍ର, ଏଠିକାର ସଂଯୋଗ ବିଯୋଗ ସବୁ ସେହି ଲୀଳାମୟଙ୍କ ଲୀଳା-ସଂକେତରେ ହେଉଅଛି ଆତ୍ମମାନଙ୍କ ମଙ୍ଗଳ ସକାଶେ । ଏହି ରହସ୍ୟ ଯେ ଜାଣେ ସେ ଦୁଃଖ-ସଂଯୋଗରେ ଓ ସୁଖ-ବିୟୋଗରେ ଦୁଃଖିତ ହୁଏ ନାହିଁ । ସେ ସବୁ ସମୟରେ, ସବୁ ସଂଯୋଗ-ବିୟୋଗରେ ସବୁ ଦୁଃଖ-ସୁଖରେ ସର୍ବଦା ଅଖଣ୍ଡ ସୁଖ-ଶାନ୍ତି ଓ ସନ୍ତୋଷ ଅନୁଭବ କରେ । ତୁ ଭଗବାନଙ୍କ ମଙ୍ଗଳ ସଙ୍କେତରେ ଏଠାକୁ ଆସିଅଛୁ ଆଉ ତାଙ୍କର ମଙ୍ଗଳମୟ ସଙ୍କେତରେ ମଙ୍ଗଳମୟ ଚରଣରେଣୁ ପ୍ରତ୍ୟକ୍ଷ ପ୍ରାପ୍ତ ହେବାକୁ ଯାଉଛୁ, ଏଥିରେ ଲେଶମାତ୍ର ସନ୍ଦେହ କର ନାହିଁ । ସନ୍ଦେହ କରିବା ବ୍ୟକ୍ତିର ପତନ ହୁଏ । ବିଶ୍ୱାସୀ ତଥା ଶ୍ରଦ୍ଧାବାନ୍ ତ ହସଖୁସିରେ ପ୍ରଭୁଙ୍କ ଧାମକୁ ଚାଲିଯାଏ । ତୁ ଶ୍ରଦ୍ଧାକୁ ଦୃଢ଼ତାପୂର୍ବକ ଧରି ରଖ । ବିଶ୍ୱାସକୁ ଲେଶ ମାତ୍ର ଢିଲା କର ନାହିଁ । ଏଠାରୁ ଯାଇ ସେଠାରେ ତୁ ଅପରିମିତ ଅନନ୍ତ ଆନନ୍ଦକୁ ପ୍ରାପ୍ତ ହେବୁ, ପୁଣି ଏଠିକାର ସମସ୍ତ ସୁଖର ବସ୍ତୁ ସେଠିକାର ଆନନ୍ଦ ତୁଳନାରେ ଏକେବାରେ ନିରସ, ସାରହୀନ ଓ ଦୁଃଖପ୍ରଦ ବୋଲି ବୋଧ କରିବୁ, ବାକି ରହିଲା ପୁତ୍ରବଧୂର କଥା । ତା' ସକାଶେ କୌଣସି ଚିନ୍ତା ନାହିଁ । ସେ ପତିବ୍ରତା । ଏଠାରେ ସେ ସାଧୁ ଭାବରେ ଜୀବନ ବିତାଇ ଦିବ୍ୟ ଧାମରେ ତୋ ସହିତ ଶ୍ରୀ ଗୋପାଳଜିଙ୍କ ଚରଣ ସେବିକା ପଦକୁ ପ୍ରାପ୍ତ ହେବ । ପୁତ୍ର, ବିଷୟ-ସ୍ମରଣହିଁ ପତନର ମୂଳକାରଣ । ଭଗବାନ୍ ଦୟା କରି ସେହି ନରକ-ଦ୍ୱାରରୂପ ବିଷୟ ଅନୁରକ୍ତିରୁ ପୁତ୍ରବଧୂକୁ ମୁକ୍ତ କରିଦେଲେ । ସେ ଚରମ ଭାଗ୍ୟବତୀ ଏବଂ ସାଧ୍ୱୀ; ତେଣୁ ତା' ଉପରେ ଭଗବାନଙ୍କ ଏଭଳି ଅନୁଗ୍ରହ ହେଲା । ସେ ତପୋମୟ ଜୀବନଯାପନ କରିବ ଓ ଯଥାସମୟରେ ଭଗବାନଙ୍କ ଦିବ୍ୟ ଧାମରେ ତୋ' ସଙ୍ଗେ ସମ୍ମିଳିତ ହେବ । ତୋ' ମାତାର ଭଗବାନଙ୍କ ମଙ୍ଗଳ-ବିଧାନରେ ଅଖଣ୍ଡ ବିଶ୍ୱାସ । ତା'ର ସର୍ବତ୍ର ମଙ୍ଗଳହିଁ ଦୃଷ୍ଟିଗୋଚର ହେଉଅଛି ।

ପୁତ୍ର, ତୁ ଆନନ୍ଦରେ ଯାତ୍ରା କର । ଅନ୍ୟମାନଙ୍କୁ ପ୍ରସନ୍ନ କରାଇ ସ୍ୱୟଂ ପ୍ରସନ୍ନ ହୋଇଯାଅ । ଯେବେ ସମସ୍ତଙ୍କୁ ଏହା ବିଶ୍ୱାସ ହେବ ଯେ ତୁ ଏଠିକା ଅପେକ୍ଷା ସେଠାରେ ଅନନ୍ତଗୁଣ ଆନନ୍ଦ ପ୍ରାପ୍ତ ହେବୁ, ତେବେ ତୋ' ବିୟୋଗର ଦୁଃଖ ଅନୁଭବ ହେବା ସତ୍ତ୍ୱେ ତୋ' ପ୍ରତି ଯଥାର୍ଥ ସ୍ନେହ ଯୋଗୁଁ ତୋ' ସୁଖରେ ସମସ୍ତେ ପରମ ସୁଖୀ ହେବେ । କିନ୍ତୁ ଏହି ବିଶ୍ୱାସ ସେମାନଙ୍କର ସେତେବେଳେ ହେବ ଯେତେବେଳେ ତୁ ଭଗବାନଙ୍କ ଉପରେ ବିଶ୍ୱାସ ରଖି ହର୍ଷର ସହିତ ଯିବୁ ।''

ପିତାଙ୍କର ଯଥାର୍ଥ ବାକ୍ୟର ପ୍ରଭାବ ପୁତ୍ର ଉପରେ ପଡ଼ିଲା । ତାଙ୍କ ମୁଖମଣ୍ଡଳ ଦିବ୍ୟ ଆନନ୍ଦର ନିର୍ମଳ ଜ୍ୟୋତିରେ ପ୍ରଦୀପ୍ତ ହୋଇ ଉଠିଲା । ତାଙ୍କ ଅଧରରେ ମୃଦୁ ହାସ୍ୟ ନୃତ୍ୟ କରିବାକୁ ଲାଗିଲା । ସେ ଭଗବାନ୍ ଗୋପାଳଜିଙ୍କ ଧ୍ୟାନରେ ମଗ୍ନ ହୋଇଗଲେ । ମୁଖରୁ ମଧୁର ଭଗବତ୍ ନାମ ଉଚ୍ଚାରିତ ହେବାକୁ ଲାଗିଲା । ସମସ୍ତେ ଦେଖୁ ଦେଖୁ ବ୍ରହ୍ମାଣ୍ଡ ଫାଟି ପ୍ରାଣ ବାହାରି ଯାଇ ଭଗବତ୍ ଦିବ୍ୟ ଧାମରେ ପହଞ୍ଚି ଗଲା ।

ରାଜା, ରାଣୀ, ଯୁବରାଣୀ ସମସ୍ତେ ସେଠାରେ ଉପସ୍ଥିତ ଥିଲେ । କିନ୍ତୁ ସମସ୍ତେ ଆନନ୍ଦରେ ମଗ୍ନ ଥିଲେ । ଯେପରି କୌଣସି ପରମ ପ୍ରିୟ ଆତ୍ମୀୟକୁ ଶୁଭ ଆନନ୍ଦମୟ ସ୍ଥାନକୁ ଶୁଭ ଯାତ୍ରାରେ ହର୍ଷ ଏବଂ ପ୍ରଫୁଲ୍ଲିତ ହୃଦୟରେ ବିଦାୟ ଦିଆ ଯାଏ ।

ରାଜା, ରାଣୀ ଓ ଯୁବରାଣୀ, ଏହି ତିନି ବ୍ୟକ୍ତି ନିଜ ଜୀବନକୁ ପୂର୍ବାପେକ୍ଷା ଅଧିକ ବୈରାଗ୍ୟରେ ସୁସମ୍ପନ୍ନ କଲେ । ଭଗବାନଙ୍କ ପ୍ରେମଭକ୍ତିରେ ଡୁବିଗଲେ । ପରିଶେଷରେ ଯଥା ସମୟରେ ଏହି ଅନିତ୍ୟ ମର୍ତ୍ତ୍ୟଲୋକରୁ ସର୍ବଥା ମୁକ୍ତ ହୋଇ ଭଗବତ୍ ଧାମକୁ ପ୍ରୟାଣ କଲେ ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

ଭକ୍ତ ଭୁବନ ସିଂହ ଚୌହାନ

ଠାକୁର ମେଘ ସିଂହ ଚୌହାନ ଜାତିରେ ରାଜପୁତ୍ ଥିଲେ । ମହାରାଣା ଉଦୟପୁରର ଦରବାରୀ ଥିଲେ । ତାଙ୍କୁ ବାର୍ଷିକ ଦୁଇ ଲକ୍ଷ ଟଙ୍କା ମୂଲ୍ୟର ମାଲଗୁଜାର ପଟ୍ଟା ଜାଗିରିରେ ମିଳିଥିଲା । ସେ ନିଜ ବୀରତ୍ୱରେ ପ୍ରସିଦ୍ଧ ଥିଲେ । ଉଦୟପୁରର ସାମନ୍ତମାନଙ୍କ ମଧ୍ୟରେ ତାଙ୍କର ଖୁବ୍ ପ୍ରତିଷ୍ଠା ଥିଲା । ଏ ପରିସ୍ଥିତିରେ ମଧ୍ୟ ସେ ଥିଲେ ପରମବୈଷ୍ଣବ । ଶ୍ରୀକୃଷ୍ଣଙ୍କ ଭକ୍ତି ତାଙ୍କ ହୃଦୟକୁ ପ୍ଲାବିତ କରୁଥିଲା । ପ୍ରାତଃକାଳରେ ସୂର୍ଯ୍ୟୋଦୟର ବହୁତ ପୂର୍ବରୁ ସେ ଶଯ୍ୟାତ୍ୟାଗ କରି ଶୌଚ ସ୍ନାନାଦିରୁ ନିବୃତ୍ତ ହୋଇ ଭଗବତ୍ ଭଜନରେ ଲାଗିଯାଆନ୍ତି । ଦିନ ଏଗାରଟା ପର୍ଯ୍ୟନ୍ତ ଅନନ୍ୟଭାବେ ଭଗବତ୍ ଚିନ୍ତନରେ ସଂପୃକ୍ତ ରହନ୍ତି । ମଧ୍ୟାହ୍ନରେ ଭଗବତ୍ ପ୍ରସାଦ ସେବନ କରିବା ପରେ ଦରବାରକୁ ଯାଆନ୍ତି । ସେ ଭଜନ-ନିଷ୍ଠ ପରମଭକ୍ତ ଥିଲେ । ତାଙ୍କ ଆଚରଣ ବଡ଼ ପବିତ୍ର ଥିଲା । ସତ୍ୟ, ଦୟା, ପ୍ରେମ ଓ ଉଦାରତା ଆଦି ସଦ୍‌ଗୁଣ ତାଙ୍କଠାରେ ବିଦ୍ୟମାନ ଥିଲା ।

ରାଜାମାନଙ୍କର ଶିକାର କରିବା ଗୋଟାଏ ବଡ଼ ବ୍ୟସନ । ଏହା ରାଜଧର୍ମ ନ ହେଲେ ମଧ୍ୟ ଏହାକୁ କେତେକ ରାଜା ରାଜଧର୍ମରୂପେ ମାନି ନିଅନ୍ତି ଆଉ ନିରୀହ ପଶୁପକ୍ଷୀଙ୍କୁ ନୃଶଂସ ଭାବରେ ହତ୍ୟାକରି ନିଜକୁ ଗୌରବାନ୍ୱିତ ମନେ କରନ୍ତି । ମହାରାଣାଙ୍କର ମଧ୍ୟ ଶିକାର-ନିଶା ଥିଲା । ଦିନେ ସେ ସମସ୍ତ ସାମନ୍ତଙ୍କୁ ସଙ୍ଗରେ ନେଇ ଶିକାର କରିବାକୁ ବାହାରିଲେ । ବହୁତ ପଶୁପକ୍ଷୀଙ୍କୁ ସଂହାର କରାଗଲା । ମହାରାଣା ସ୍ୱୟଂ ଗୋଟିଏ ସୁନ୍ଦର ହରିଣୀ ଦୌଡୁଥିବାର ଦେଖିଲେ । ଶିକାରୀର ମନ ଶିକାର କରିବା ସମୟରେ ଅତ୍ୟନ୍ତ ଦୟାଶୂନ୍ୟ ହୋଇଯାଏ । ରାଣା ତାକୁ ବଧ କରିବା ଉଦ୍ଦେଶ୍ୟରେ ତା' ପଛରେ ନିଜ ଘୋଡ଼ାକୁ ଦୌଡ଼ାଇ ଦେଲେ, କିନ୍ତୁ ସେହି ହରିଣୀ ଦୌଡ଼ିଯାଇ କେଉଁଠି ଲୁଚିଗଲା । ଚୌହାନ ଭୁବନ ସିଂହ ମହାରାଣାଙ୍କ ସଙ୍ଗରେ ଥିଲେ । ମହାରାଣାଙ୍କୁ ଥକି ଯାଇଥିବା ଦେଖି, ତାଙ୍କ ନିର୍ଦ୍ଦେଶ ପାଇ ହରିଣୀକୁ ଖୋଜିବା ପାଇଁ ବାହାରିଲେ । ବହୁତ ଖୋଜିବା ପରେ ଦେଖିଲେ ହରିଣୀଟି ଦୌଡ଼ି ଦୌଡ଼ି ଥକିଯାଇ ଗୋଟିଏ ଗଛର ଉହାଡ଼ରେ ଲୁଚି ଠିଆ ହୋଇଛି, ଭୟରେ ତା'ର ସମସ୍ତ ଶରୀର ଥରୁଛି । ଜୀବନରେ ପ୍ରାୟ ନିରାଶ ହୋଇ ବହୁତ କରୁଣାପୂର୍ଣ୍ଣ ଦୃଷ୍ଟିରେ ଚାହିଁ ଜୀବନ-ଭିକ୍ଷା ମାଗିଲା ପରି ତାହାର ଭୟଭୀତ ଆକୃତିରୁ ଜଣା ପଡୁଥିଲା । ''ହାୟରେ ଶିକାରି ! ନିରପରାଧୀ ନିରୀହ ପଶୁକୁ ବଧ କରିବା ବୀରତ୍ୱର ମହତ୍ତ୍ୱ !'' କିନ୍ତୁ ଭୁବନ ସିଂହଙ୍କ ପକ୍ଷେ ଏହି ପରିସ୍ଥିତି ବୁଝିବାକୁ ଅବକାଶ କାହିଁ ? ସେ ତ ସେ ସମୟରେ ଶିକାର-ନିଶାରେ ପାଗଳ ଥିଲେ । ହଠାତ୍ ନିଜ ତରବାରି ବାହାର କରି ଉଚ୍ଛନ୍ନ ହୋଇ ହରିଣୀଟିକୁ ହାଣି ଦୁଇଖଣ୍ଡ କରିଦେଲେ । ହରିଣୀଟି ଦୁଇଖଣ୍ଡ ହୋଇ ପଡ଼ିଗଲା । ହରିଣୀଟି ସଙ୍ଗେ ତା' ଗର୍ଭରେ ଥିବା ଶିଶୁ-ହରିଣଟି ମଧ୍ୟ ଦୁଇଖଣ୍ଡ ହୋଇଗଲା । ମୁହୂର୍ତ୍ତକ ମଧ୍ୟରେ ହରିଣୀଟି ନିଜ ଶାବକ ସହିତ ମୃତ୍ୟୁଲୋକକୁ ଚାଲିଗଲା । ମରିବା ସମୟରେ ଅତ୍ୟନ୍ତ ଦୀନ ଓ କରୁଣାପୂର୍ଣ୍ଣ ଦୃଷ୍ଟିରେ ଭୁବନ ସିଂହକୁ ଚାହିଁ ସେ ପ୍ରାଣ ତ୍ୟାଗ କଲା । ଭୁବନ ସିଂହଙ୍କ ପ୍ରତି ତା'ର କରୁଣଦୃଷ୍ଟି ସହିତ ଭଗବାନଙ୍କ କୋପ ମଧ୍ୟ ଦୃଷ୍ଟିଗୋଚର ହେଲା । ଏହି ଘଟନା ଦେଖି ତାଙ୍କର ଶିକାର-ନିଶା ଉତରି ଗଲା ଏବଂ ଭୟରେ କଲିଜା ଥରିବାକୁ ଲାଗିଲା । ଏହି କୁକର୍ମ ଯୋଗୁଁ ନିଜ ପ୍ରତି ତାଙ୍କର ଘୃଣା ଜାତ ହେଲା । ମନେ ମନେ ନିଜକୁ ଧିକ୍‌କାର କରି କହିଲେ, ''ଏହିପରି ନିରୀହ, ଦୁର୍ବଳ ଓ ମୂକ ପଶୁକୁ ବଧ କରିବା କ'ଣ କ୍ଷତ୍ରିୟର ଧର୍ମ ! ଏହା କ'ଣ କ୍ଷତ୍ରିୟର ବୀରତ୍ୱ ? ବିଚାରୀ ନିରୀହା ଗର୍ଭବତୀ ହରିଣୀଟି ମୋର କି ଅପରାଧ କରିଥିଲା ଯେ ମୁଁ ତାକୁ ରାକ୍ଷସ ପରି ବଧ କରି ପକାଇଲି ? ଧିକ୍‌କାର ଏହି ଜୀବଘାତୀ ବୀରତ୍ୱକୁ ! ଓହୋ, ମୁଁ ଏପରି ନିର୍ଦ୍ଦୟ ହେବା ସତ୍ତ୍ୱେ ବି ଭଗବତ୍ ଭକ୍ତ ! ଭଗବାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ନିରୀହ ଜୀବଙ୍କୁ ଯେ ବଧ କରେ ସେ ଭଗବତ୍ ଭକ୍ତ ହେବ କିପରି ? ସେ ନିଜକୁ ଯଦି ଭକ୍ତ ବୋଲି ମନେକରେ ତେବେ ତାହା ନିଜକୁ ପ୍ରବଞ୍ଚନା କରିବା ବ୍ୟତୀତ ଅନ୍ୟ କିଛି ନୁହେଁ । ତାହାର ଭକ୍ତି କେବଳ ନକଲ-ଭକ୍ତି । ଆହା ! ମୁଁ କି ଭୀଷଣ ପାପ କଲି ! ହେ ଦୟାଳୁ ଭଗବାନ ! ଏହି ଅଧମ ପାପୀର ଅପରାଧ କ୍ଷମା କରି ନିଜର କରି ନିଅ । ମୁଁ ଆଉ ଏପରି ପାପ କେବେ

ବି କରିବି ନାହିଁ।'' ଆତ୍ମଗ୍ଲାନିରେ ଏହିପରି ପ୍ରାର୍ଥନା କରି ଭୁବନ ସିଂହ ମନେ ମନେ ପ୍ରତିଜ୍ଞା କଲେ, ''ଆଜିଠାରୁ ଏହି ଜୀବଘାତୀ ଲୌହ ତରବାରି ମୁଁ ରଖିବି ନାହିଁ, ରଖିବି କାଠର ତରବାରି।''

ଶିକାରରୁ ସମସ୍ତେ ଫେରିଲେ। ଭୁବନ ସିଂହ ନିଜ ପ୍ରତିଜ୍ଞା ଅନୁସାରେ କାଠ ତରବାରି ତିଆରି କରି ନେଲେ। କିଛି ଦିନ ପରେ ଏହି ରହସ୍ୟ କୌଣସି ସାମନ୍ତ ଜାଣି ପାରିଲେ। ସେ ପୂର୍ବରୁ ଭୁବନ ସିଂହଙ୍କ ଖ୍ୟାତି ଆଉ ପ୍ରତିଷ୍ଠାକୁ ସହିପାରୁ ନ ଥିଲେ। ସେ ବର୍ତ୍ତମାନ ପ୍ରତିଶୋଧ ନେବାର ସୁନ୍ଦର ଅବସର ପାଇ, ସୁବିଧା ଦେଖି ମହାରାଣାଙ୍କୁ କହିଦେଲେ। ମହାରାଣାଙ୍କର ଭୁବନ ସିଂହଙ୍କ ବୀରତ୍ୱ, ସାହସ ଏବଂ ନିର୍ଭୟତା ଉପରେ ଯଥେଷ୍ଟ ବିଶ୍ୱାସ ଥିଲା। ସେ ସାମନ୍ତଙ୍କ କଥା ବିଶ୍ୱାସ କଲେ ନାହିଁ। ସାମନ୍ତ ଏଥିରେ ବିଶେଷ ଦୁଃଖିତ ହେଲେ। ନିଜ ସନ୍ଦେହ ଦୂର କରିବା ପାଇଁ ମହାରାଣାଙ୍କୁ ଦୃଢ଼ତାପୂର୍ବକ ବିଶ୍ୱାସ କରାଇବା ଉଦ୍ଦେଶ୍ୟରେ ଦିନେ ଗୁପ୍ତ ରୂପେ ଭୁବନ ସିଂହଙ୍କ ତରବାରିଟି ଖୋଳରୁ ବାହାର କରି ଦେଖି ନେଲେ। ତରବାରିଟି ପ୍ରକୃତରେ କାଠର ଥିଲା। ଏବେ ତାଙ୍କ ସନ୍ଦେହ ଏକେବାରେ ଦୂର ହୋଇଗଲା। ସେ ପୁଣି ଯାଇ ମହାରାଜାଙ୍କୁ କହିଲେ, କିନ୍ତୁ ମହାରାଣାଙ୍କ ଭୁବନ ସିଂହଙ୍କ ପ୍ରତି ଏତେଦୂର ବିଶ୍ୱାସ ଥିଲା ଯେ ସେ ସାମନ୍ତଙ୍କ କଥାକୁ ବିଶ୍ୱାସ କରି ପାରିଲେ ନାହିଁ। ଏହିପରି ଏକବର୍ଷ ବ୍ୟତୀତ ହୋଇଗଲା। ସେ ପୁଣି ଦିନେ ମହାରାଣାଙ୍କୁ କହିଲେ, ''ମୁଁ କେତେଥର ଆପଣଙ୍କୁ ସତ୍ୟ କଥା କହିଲି, କିନ୍ତୁ ମୋ ସତ୍ୟ କଥାରେ ଆପଣ ବିଶ୍ୱାସ କରୁ ନାହାନ୍ତି। ମୋ କଥା ପରୀକ୍ଷା କରିବା ପାଇଁ ଥରେ ଭୁବନ ସିଂହଙ୍କ ଖୋଳରୁ ତରବାରିଟି ବାହାର କରି ଦେଖନ୍ତୁ। ଯଦି ମୋ କଥା ମିଥ୍ୟା ହୁଏ, ତେବେ ମୋର ଶିର କାଟି ଦିଅନ୍ତୁ।'' ମହାରାଣା ଭାବିଲେ, ''ସାମନ୍ତ ଯେବେ ଏତେ ଆଗ୍ରହ ଓ ଦୃଢ଼ତାର ସହ କହୁଛନ୍ତି, ଥରେ ତାଙ୍କ ତରବାରି ଦେଖି ନେବା ଉଚିତ। କିନ୍ତୁ ଦେଖିବାର ଉପାୟ କ'ଣ ? ମୁଁ ନିଜ ସନ୍ଦେହ ପ୍ରଘଟ କରି ତାଙ୍କ ତରବାରି ଦେଖିବାକୁ ଚାହିଁବି, କିନ୍ତୁ ତରବାରିଟି ଯଦି କାଠର ହୋଇ ନ ଥାଏ, ତେବେ କ'ଣ ହେବ ? ପର କଥାରେ ଭୁବନ ସିଂହ ପରି ସମ୍ଭ୍ରାନ୍ତ ବ୍ୟକ୍ତିଙ୍କୁ ଅପମାନିତ କରିବା ଆଦୌ ଉଚିତ ହେବ ନାହିଁ। ଏହା ବି ହୋଇପାରେ ଯେ ତାଙ୍କ ପ୍ରତି ଦ୍ୱେଷ ରଖି ତାଙ୍କୁ ଅପମାନିତ କରିବାକୁ ସାମନ୍ତ ଚାହୁଁଥିବେ।'' ଶେଷରେ ତାଙ୍କୁ ଗୋଟିଏ ଉପାୟ ମିଳିଲା। ସେ ଦିନେ ତାଙ୍କ ଉପବନରେ ଗୋଟିଏ ସୁନ୍ଦର ପୁଷ୍କରିଣୀ କୂଳରେ ଆନନ୍ଦ ଉତ୍ସବରେ ଏକ ଭୋଜିର ବ୍ୟବସ୍ଥା କଲେ। ସମସ୍ତ ଦରବାରୀ ସାମନ୍ତଙ୍କୁ ନିମନ୍ତ୍ରଣ କରାଗଲା। ଭୋଜନ ପରେ ରାଣା କଥା ପ୍ରସଙ୍ଗରେ କହିଲେ, ''ସମସ୍ତେ ନିଜର ତରବାରି ବାହାର କରନ୍ତୁ, ଦେଖିବା କାହାର ତରବାରି ଅଧିକ ଚକ୍ ଚକ୍ କରୁଛି। ଏହା କହି ରାଣା ସର୍ବପ୍ରଥମେ ନିଜ ତରବାରିଟି ଖୋଳରୁ ବାହାର କରି ଦେଖାଇ ଦେଲେ। ତା'ପରେ ସମସ୍ତେ ନିଜ ନିଜର ତରବାରି ଖୋଳରୁ ବାହାର କରି ଦେଖାଇବାକୁ ଲାଗିଲେ। ଭୁବନ ସିଂହ ଉଚ୍ଚଶ୍ରେଣୀର ସାମନ୍ତ ଥିଲେ। ସେ ପ୍ରଥମରୁ ତାଙ୍କ ତରବାରି ଖୋଳରୁ ବାହାର କରି ଦେଖାଇବାର ଥିଲା, କିନ୍ତୁ ସେ ଚୁପ୍‌ଚାପ୍ ବସିଥିଲେ। ତେଣୁ ରାଣାଙ୍କ ମନରେ ସନ୍ଦେହ ହେଲା। ରାଣା କହିଲେ, ''ଭୁବନ ସିଂହ ! ତୁମେ ଚୁପ୍ ହୋଇ ବସିଛ କାହିଁକି ? ତୁମ୍ଭେ ମଧ୍ୟ ତୁମ୍ଭର ତରବାରି ଖୋଳରୁ ବାହାର କରି ଦେଖାଅ।'' ଏହାର ଉତ୍ତରରେ ଭୁବନ ସିଂହ କହିବାକୁ ଚାହୁଁଥିଲେ, ''ମୋ ତରବାରି ତ ଦାରୁ (କାଠ)। କିନ୍ତୁ ଭଗବାନଙ୍କ ପ୍ରେରଣାରେ ହେଉ ବା ଅନ୍ୟ କୌଣସି କାରଣରୁ ହେଉ ତାଙ୍କ ମୁହଁରୁ ବାହାରି ଗଲା, ମୋ ତରବାରି ତ (ଦାରୁ ସ୍ଥାନରେ) 'ସାର' (ଇସ୍ପାତ ଲୁହା)।'' ଏତିକି କହି ଯେପରି କୌଣସି ଅବ୍ୟକ୍ତ ପ୍ରେରଣାର ବଶ ହୋଇ ନିଜ ତରବାରିଟି ଖୋଳରୁ ବାହାର କରି ଦେଖାଇ ଦେଲେ। ଭଗବାନ୍ ସବୁ ସମୟରେ ଭକ୍ତର ମାନ ରଖନ୍ତି, ଏଠାରେ କିପରି ଭୁବନ ସିଂହଙ୍କୁ ଅପମାନିତ କରାନ୍ତେ ? ସେ ତ ଭୁବନ ସିଂହଙ୍କ ବଚନ ସତ୍ୟ କରାଇବା ସଙ୍ଗେ ସଙ୍ଗେ ତାଙ୍କ ପ୍ରତିଷ୍ଠା ବଢ଼ାଇବାକୁ ଚାହାନ୍ତି। ଖୋଳରୁ ତରବାରିଟି ବାହାର କରିବା ସଙ୍ଗେ ସଙ୍ଗେ ତାହା ବିଜୁଳି ପରି ଚମକି ଉଠିଲା। ତାହାର ଚମକରେ ସମସ୍ତଙ୍କ ନେତ୍ର ବନ୍ଦ ହୋଇଗଲା। ତରବାରିର ତେଜ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ଭୁବନ ସିଂହ ସ୍ୱୟଂ ବି ଆଶ୍ଚର୍ଯ୍ୟରେ ଡୁବିଗଲେ। କିନ୍ତୁ ସେହିକ୍ଷଣି ତାଙ୍କ ପ୍ରଭୁଙ୍କ ଲୀଳା ବୁଝିପାରି ଆନନ୍ଦ ଓ କୃତଜ୍ଞତାରେ ମଗ୍ନ ହୋଇଗଲେ। ଚୁଗୁଲିଆ ସାମନ୍ତଙ୍କ ମସ୍ତକ ନତ ହୋଇଗଲା। ତାଙ୍କର ଏପରି ଅବସ୍ଥା ହୋଇଗଲା ଯେ ତାଙ୍କୁ ହତ୍ୟା କଲେ ମଧ୍ୟ ତାଙ୍କ ଶରୀରରୁ ରକ୍ତ ବାହାରି ନ ଥା'ନ୍ତା। ରାଣାଙ୍କ ଚେହେରା ରାଗରେ ଜର୍ଜରିତ ହୋଇଗଲା। ରାଣା ଗର୍ଜନ କରି କହିଲେ,

''ତୁମକୁ ଲଜ୍ଜା ନାହିଁ ! ଏବେ ତୟାର ହୁଅ, ତୁମ ଶିର କାଟି ନିଆ ହେବ ।'' ଏହା କହି ମହାରାଣା ହୁକୁମ ଦେଇ ଦେଲେ – ସାମନ୍ତଙ୍କ ଶିର କାଟି ଦେବାକୁ ।

ଭୁବନ ସିଂହ ଏପର୍ଯ୍ୟନ୍ତ ବସି ସବୁ ଶୁଣୁଥିଲେ । କିନ୍ତୁ ଶିର କାଟି ନେବା ହୁକୁମ ଶୁଣି ଆଉ ଚୁପ୍ ହୋଇ ରହିପାରିଲେ ନାହିଁ । ସେ ଉଠି ଶିର ନୁଆଁଇ କହିଲେ, ''ଅନ୍ନଦାତା ! ସାମନ୍ତଙ୍କ ଶିରଚ୍ଛେଦ କରାନ୍ତୁ ନାହିଁ । ସେ ସତ୍ୟ କହିଥିଲେ । ମୋ ତରବାରି ପ୍ରକୃତରେ କାଠର ଥିଲା । ସେହି ଦିନ ଗର୍ଭିଣୀ ହରିଣୀଟିକୁ ମାରିବା ପରେ ମୋ ମନରେ ନିଜର ବୀରତ୍ୱ ପ୍ରତି ଏପରି ଘୃଣା ହୋଇ ଯାଇଥିଲା ଯେ ସେହି ଦିନଠାରୁ ମୁଁ ଲୁହାର ତରବାରି ତ୍ୟାଗ କରି ଦେଇଥିଲି । କିନ୍ତୁ ଏହା ମୋର ପ୍ରଭୁ ଶ୍ୟାମସୁନ୍ଦରଙ୍କ ଲୀଳା । ମୋ ମାନ ରଖିବାକୁ ସେ ହଠାତ୍ କାଠକୁ ଲୁହା ରୂପରେ ପରିବର୍ତ୍ତନ କରିଦେଲେ ।''

ମହାରାଣା ତାଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ଭଗବାନଙ୍କ ଭକ୍ତ-ବତ୍ସଳତା ଦେଖି ତାଙ୍କର ରୋମାଞ୍ଚ ଜାତ ହେଲା । ରାଣା ସାମନ୍ତଙ୍କୁ ଛାଡ଼ିଦେବାକୁ ଆଜ୍ଞା ଦେଇଦେଲେ । ଆଉ କହିଲେ, ''ଆଜି ମୁଁ ତୁମ ପରି ଭକ୍ତଙ୍କୁ ଦର୍ଶନ କରି କୃତାର୍ଥ ହୋଇଗଲି । ପ୍ରତିଦିନ ତ ଦର୍ଶନ କରୁଥିଲି, କିନ୍ତୁ ତୁମ ମହତ୍ତ୍ୱ ଜାଣି ନ ଥିଲି । ଆଜିଠାରୁ ତୁମ୍ଭଙ୍କୁ ମୋ ଦରବାରକୁ ଆସିବାକୁ ହେବ ନାହିଁ, ସେହି ମହାରାଜା ରାଜେଶ୍ୱରଙ୍କ ଦରବାରରେ ହାଜିର ଦିଅ । ମୁଁ ସ୍ୱୟଂ ତୁମ ଚରଣରେ ହାଜିର ହେବି । ତୁମେ ଧନ୍ୟ ! ତୁମ ଉପରେ ଭଗବାନଙ୍କର ଅସୀମ କୃପା ! ଆଜିଠାରୁ ତୁମର ଜାଗିର ଦୁଇଲକ୍ଷ ପରିବର୍ତ୍ତେ ଚାରିଲକ୍ଷ ହୋଇଗଲା ।''

ଭୁବନ ସିଂହ କହିଲେ, ''ମହାରାଜ ! ଯଦି ଆଉ ଅଧିକା ଦୁଇଲକ୍ଷ ଟଙ୍କା ଜାଗିରି ଦେବାକୁ ଚାହାନ୍ତି, ତେବେ ସେହି ଅଧିକ ଜାଗିରି ଦେବା ପରିବର୍ତ୍ତେ ଶିକାର କରିବା ଛାଡ଼ି ଦିଅନ୍ତୁ, ଆଉ ଭଗବାନଙ୍କୁ ସ୍ମରଣ କରନ୍ତୁ – ଏହି ମୋର ପ୍ରାର୍ଥନା । ଆପଣ ମୋତେ ଦରବାରରୁ ପୃଥକ୍ କରି ମୋ ପ୍ରତି ବିଶେଷ କୃପା କଲେ । ମୁଁ ସର୍ବଦା ଆପଣଙ୍କ ପ୍ରତି କୃତଜ୍ଞ ରହିବି ।''

ଉପସ୍ଥିତ ସମସ୍ତ ସାମନ୍ତ ହର୍ଷ ଗଦ୍‌ଗଦ ହୋଇଗଲେ । ସମସ୍ତେ ଏକ ସ୍ୱରରେ ଭଗବାନ୍ ଆଉ ତାଙ୍କ ଭକ୍ତ ଭୁବନ ସିଂହଙ୍କ 'ଜୟ' 'ଜୟ' ଧ୍ୱନି କଲେ ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

ଠାକୁର କିଶନ ସିଂହ

[ଏହି ଭକ୍ତ ଚରିତ ଓଡ଼ିଶାର ବାଲିଗାଁରେ ଦାସିଆ ବାଉରି କାହାଣୀ ପରି ଖୁବ୍ ପ୍ରସିଦ୍ଧ ଏବଂ ରାଜପୁତାନାର ଘରେ ଘରେ ସୁବିଦିତ ।]

ବିକାନୀର ରାଜ୍ୟାନ୍ତର୍ଗତ ଗାରବ ପ୍ରଦେଶର ତାଜିମ ନାମକ ସ୍ଥାନରେ ଠାକୁର କିଶନ ସିଂହ ଜାଗିରିଦାର ଥିଲେ । ତାଙ୍କର ସ୍ୱର୍ଗବାସ ହେବାର ୬୫ ବର୍ଷ ହେବ । ଠାକୁର ସାହେବ ଶ୍ରୀକୃଷ୍ଣଙ୍କର ଅନନ୍ୟ ଭକ୍ତ ଥିଲେ । ପ୍ରତିଦିନ ଠାକୁରଙ୍କ ପୂଜା ଶେଷରେ ଠାକୁରଙ୍କଠାରୁ ତାଙ୍କୁ ଶହେ ମସା ସୁନା ମିଳୁଥିଲା ଆଉ ସେ ସେହି ସୁନାକୁ ବ୍ରାହ୍ମଣମାନଙ୍କୁ ଦାନ କରି ଦେଉଥିଲେ । ଏହି କଥା ଲୋକପ୍ରସିଦ୍ଧ । ଆଜି ପର୍ଯ୍ୟନ୍ତ ତାଙ୍କ ପୂଜ୍ୟ ଠାକୁରଙ୍କ ଓଷ୍ଠାଧାରରେ ସୁନାର ଚିହ୍ନ ମଧ୍ୟ ଅଛି । ଦିନେ ଠାକୁରାଣୀ ବହୁତ ଆଗ୍ରହ କରି ସୁନା ନିଜ ପାଖରେ ରଖିନେଲେ । ସେହି ଦିନଠାରୁ ମୂର୍ତ୍ତିଙ୍କଠାରୁ ସୁନା ପ୍ରାପ୍ତ ହେଲା ନାହିଁ । ଏହିପରି ବହୁତ ଚମତ୍କାର ଘଟନା ତାଙ୍କ ଜୀବନକାଳରେ ଘଟିଥିଲା । ତା' ମଧ୍ୟରୁ କେତେକ ଘଟନା ଏଠାରେ ବର୍ଣ୍ଣନା କରାଯାଉଛି ।

ଠାକୁର ସାହେବ ଈଶ୍ୱରଙ୍କ ଶପଥକୁ ବହୁତ ସମ୍ମାନ କରୁଥିଲେ । ଦୁଷ୍ଟ ଲୋକମାନେ ଏହା ଜାଣି ଈଶ୍ୱରଙ୍କ ଶପଥ ଦେଇ ନିଜ ଅସତ୍ କାର୍ଯ୍ୟ ତାଙ୍କ ଦ୍ୱାରା ସିଦ୍ଧ କରିବାକୁ ମଧ୍ୟ ପ୍ରଯତ୍ନ କରିଥିଲେ ।

ଏକ ସମୟରେ କେତେକ ଚୋର ଓଟ ଚୋରି କରି ନେଇଯିବା ସମୟରେ ତାହା ଠାକୁର ସାହେବଙ୍କ ଦୃଷ୍ଟିରେ ପଡ଼ିଲା । ଚୋରମାନେ କୌଣସି ଉପାୟ ନ ଦେଖି କହିଲେ, ''ମହାରାଜ ! ଆପଣଙ୍କୁ ଠାକୁରଙ୍କ ଶପଥ ଦେଉଛୁ, ଏହି ଚୋରି ସମ୍ବନ୍ଧେ କାହାକୁ କିଛି କହିବେ ନାହିଁ ।'' ଠାକୁର ସାହେବ ଭଗବାନଙ୍କ ଶପଥ ପାଳନ କଲେ, କାହାକୁ କିଛି କହିଲେ ନାହିଁ । ଯଦ୍ୟପି ଚୋରମାନେ ଜାଣିଥିଲେ, ଠାକୁର ସାହେବ ଭଗବାନଙ୍କ ଶପଥକୁ ବିଶେଷ ଆଦର କରନ୍ତି, ତଥାପି ନିଜ କଳୁଷିତ ବୁଦ୍ଧି ଯୋଗୁଁ ସେହି ଧାରଣାରେ ନିର୍ଭର କରି ରହିପାରିଲେ ନାହିଁ । ଠାକୁର ସାହେବଙ୍କ ଅନୁଚରମାନଙ୍କ ଦ୍ୱାରା ଧରାପଡ଼ିବା ଭୟରେ ସାରା ରାତି ଓଟକୁ ଦୌଡ଼ାଇ ପ୍ରାତଃକାଳରେ ଗୋଟିଏ ଗ୍ରାମରେ ପହଞ୍ଚି ଗ୍ରାମର ନାମ ପଚାରିଲେ । ଉତ୍ତରରେ ଶୁଣିଲେ ଯେ ତାହା ଠାକୁର ସାହେବଙ୍କ ଗାରବ ଦେଶ, ଯେଉଁଠାରୁ ସେମାନେ ଓଟ ଚୋରିକରି ନେଇଯାଇଥିଲେ । ଶୁଣିବାମାତ୍ରେ ସେମାନେ ଅବାକ୍ ହୋଇ ଭୟରେ କମ୍ପିବାକୁ ଲାଗିଲେ ଏବଂ ପ୍ରାଣ ଭୟରେ କିଛି ନ ଭାବି ଓଟ ଛାଡ଼ି ଯେଉଁ ଆଡ଼କୁ ମୁଖ ଥିଲା ସେହି ଦିଗରେ ପଳାଇଗଲେ ।

ଅବଶ୍ୟ ନୀତି ଦୃଷ୍ଟିରୁ ଠାକୁର ସାହେବଙ୍କ କର୍ତ୍ତବ୍ୟ ପାଳନ ହୋଇ ନାହିଁ ସତ; କିନ୍ତୁ ଭକ୍ତ ସର୍ବଥା ଭଗବାନଙ୍କ ଉପରେ ନିର୍ଭର ରହି ନୈତିକତାକୁ ପରବାୟ କରନ୍ତି ନାହିଁ ।

''ୟେ ୟଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ ।''

ଭଗବାନଙ୍କର ଏହି ପ୍ରତିଜ୍ଞା ବରାବର ସେ ପାଳନ କରି ଆସୁଥିଲେ । ରାଜା ଅମ୍ବରୀଶ ଭଗବାନଙ୍କ ଉପରେ ନିର୍ଭରତା ରଖିଥିଲେ ବୋଲି ସୁଦର୍ଶନ ଚକ୍ର ସବୁ ସମୟରେ ତାଙ୍କୁ ରକ୍ଷା କରିଥିଲା । ଦୁର୍ବାସା ଓ ଅମ୍ବରୀଶଙ୍କ ଚରିତ୍ର ସମସ୍ତେ ଜାଣନ୍ତି । ଶ୍ରୀକୃଷ୍ଣ ଅର୍ଜୁନଙ୍କ ସାରଥି ଆଉ ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞର ପହରାଦାର ହୋଇଥିଲେ । ସେ ଭକ୍ତ-ବତ୍ସଳ ଭଗବାନ୍, ବିଶ୍ୱାସୀ ଓ ନିର୍ଭରଶୀଳ ଭକ୍ତ ଠାକୁର ସାହେବଙ୍କ ପାଇଁ ଚୋରଙ୍କୁ ଭ୍ରମ ପଥରେ ଚାଳିତ କରାଇ ଭକ୍ତଙ୍କ ଓଟ ରକ୍ଷାକଲେ । ଅଘଟନଘଟନପଟୀୟସୀ ମାୟାର ପ୍ରଭୁ ଭଗବାନଙ୍କ ପକ୍ଷେ ଏହା ଆଶ୍ଚର୍ଯ୍ୟ କ'ଣ ?

*

ଗୋଟିଏ ବର୍ଷ ଗାରବ ଦେଶର ଚତୁର୍ଦିଗରେ ବର୍ଷା ହେଲା, କିନ୍ତୁ ସେଠାରେ ଗୋଟିଏ ମାତ୍ର ବିନ୍ଦୁ ବି ପଡ଼ିଲା ନାହିଁ । ଠାକୁର ସାହେବ କହିଲେ,

''ସୋ କୋସାଁ ବିଜଲୀ ଖ୍‌ଂବେ ଯାମେଂ କ୍ୱଣ ସନ୍ଦେହ ।
କିଶନକା ତୃଷ ନା ମିଟେ ଯୋ ଆଁଗନ ବରଷେ ମେହ ।।''

ଅର୍ଥାତ୍, ଶହେ କୋଶ ଦୂରରେ ମଧ୍ୟ ବିଜୁଳି ଚମକିଲେ ବର୍ଷା ହେବାରେ ସନ୍ଦେହ ହୁଏ ନାହିଁ, କିନ୍ତୁ କିଶନାର (ଠାକୁର ସାହେବ) ତୃଷା ତେବେ ନିବୃତ୍ତ ହେବ, ଯେବେ ଦୁଆରେ ମେଘ ବର୍ଷା ହେବ ।

ଏହା କହିବା ମାତ୍ରେ ଭଗବାନଙ୍କ କୃପାରୁ ସେହିକ୍ଷଣି ମେଘ ଘୋଟି ଆସିଲା ଏବଂ ବର୍ଷା ହେଲା ।

*

ଠାକୁର ସାହେବ ଜାଗିରଦାର ହେବା ସତ୍ତ୍ୱେ ବରାବର କାଠର ତରବାରି ଖୋଳରେ ରଖୁଥିଲେ । ତୁଳସୀ ବଣରେ ବିଚ୍ଛୁଆତି, ସଜ୍ଜନଙ୍କ ମେଳରେ ଦୁର୍ଜ୍ଜନ, ସବୁ ସମୟରେ ଦେଖାଯାନ୍ତି । ଠାକୁର ସାହେବଙ୍କ ଖ୍ୟାତି ଓ ପ୍ରତିଷ୍ଠାକୁ ଈର୍ଷା କରି ଜଣେ ଚୁଗୁଲିଖୋର ଶତ୍ରୁ ବିକାନୀର ନରେଶଙ୍କ ପାଖରେ କହିଲା, ''ଜାଗିରଦାର କିଶନ ସିଂହ ଲୁହା ତରବାରି ପରିବର୍ତ୍ତେ କାଠ ତରବାରି ରଖୁଛନ୍ତି, ସେ ଆଉ କ'ଣ ସାହାଯ୍ୟ କରିବେ !'' ଏକଥା ଶୁଣି ରାଜା କୌଣସି ଉତ୍ତର ଦେଲେ ନାହିଁ, କିନ୍ତୁ ଏହାର ସତ୍ୟାସତ୍ୟ ଜାଣିବାକୁ ସମୟର ପ୍ରତୀକ୍ଷା କଲେ । ଦଶହରା ସମୟରେ ମହାରାଜାଙ୍କ ଦରବାରରେ ସମସ୍ତ ଜାଗିରଦାର ଏକତ୍ର ହେଲେ । ସେତେବେଳେ ଅସ୍ତ୍ରବିଦ୍ୟାର ନାନା ପ୍ରକାର କୌଶଳ ପ୍ରଦର୍ଶନ କରା ହେଉଥିଲା । ଉପଯୁକ୍ତ ଅବସର ଦେଖି ମହାରାଜ ଘୋଷଣା କଲେ, ପ୍ରତ୍ୟେକ ସାମନ୍ତ ଓ ଜାଗିରଦାର ସମାନ ଧାଡ଼ିରେ ଯୋଦ୍ଧା-ବେଶରେ ଛିଡ଼ାହୋଇ ନିର୍ଦ୍ଦେଶ ପାଇବା ମାତ୍ରେ ଏକ ସମୟରେ ଖୋଳରୁ ତରବାରି ବାହାର କରି ଦେଖାନ୍ତୁ । ଏହି ଆଜ୍ଞା ଶୁଣିବାମାତ୍ରେ ଠାକୁର ସାହେବ ଭୟଭୀତ ଓ ଚିନ୍ତିତ ହୋଇ ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କଲେ, ''ହେ ଭଗବାନ ! ଆଜି କିଶନର ଇଜ୍ଜତ ତୋ ହାତରେ । ପ୍ରଭୁ ! ମୋ'ର କୌଣସି ଉପାୟ ନାହିଁ ।'' ଠାକୁର ସାହେବ ଆଗକୁ ଆଉ କିଛି କହି ପାରି ନାହାନ୍ତି । ମହାରାଜାଙ୍କ ନିର୍ଦ୍ଦେଶ ହେଲା । ସେହି ନିର୍ଦ୍ଦେଶ ସଙ୍ଗେ ସଙ୍ଗେ ସମସ୍ତେ ନିଜ ନିଜ ତରବାରି ଖୋଳରୁ ବାହାର କରି ଦେଖାଇଲେ । ଠାକୁର ସାହେବ ମଧ୍ୟ ନିଜ ହାତରେ ଖୋଳରୁ ତରବାରି ବାହାର କରି ଊର୍ଦ୍ଧ୍ୱକୁ ଘୂରାଇ ସାମନାରେ ଆଣି ସିଧା ଭାବେ ଧରି ଦେଖାଇ ଦେଲେ । ତାଙ୍କ ତରବାରିର ଗତି ପଶ୍ଚାତରେ ତାହାର ଚମକ ଗୋଟିଏ ପତଳା ପ୍ରବାହ ରୂପେ ସମସ୍ତଙ୍କ ନେତ୍ରକୁ ଚମକାଇ ଦେଲା । ସ୍ୱୟଂ ମହାରାଜ ମଧ୍ୟ ଚମକି ପଡ଼ିଲେ । ବିସ୍ମିତ ହୋଇ କ୍ରୋଧରେ ସେହି ଚୁଗୁଲିଖୋରକୁ ନିଜ ସାମନାକୁ ଡକାଇ ତିରସ୍କାର କଲେ । ଯଦ୍ୟପି ଠାକୁର ସାହେବ ଚାହୁଁ ନ ଥିଲେ ତାଙ୍କ ପ୍ରଭୁଙ୍କ କୃପାର ବିଷୟ ସମସ୍ତଙ୍କୁ କହି ନିଜର ସମ୍ମାନ ବଢ଼ାଇବାକୁ, ତଥାପି ତାଙ୍କର କୋମଳ ହୃଦୟ ଦ୍ରବିତ ହୋଇଗଲା । ଚୁଗୁଲିଖୋର ସତ୍ୟ କହିବା ସତ୍ତ୍ୱେ ଲାଞ୍ଛିତ ହେଉଥିବାର ସେ ବୁଝି ପାରିଲେ । ନମ୍ର ସ୍ୱରରେ ହାତଯୋଡ଼ି କରି କହିଲେ, ''ମହାରାଜ ! ତା'ର କୌଣସି ଦୋଷ ନାହିଁ; ସେ ସତ କହିଛି । ଭକ୍ତବତ୍ସଳ ପ୍ରଭୁ ଦୟାକରି କାଠ ତରବାରିକୁ ପ୍ରକାଶଯୁକ୍ତ ଲୁହାରେ ପରିଣତ କରିଦେଲେ ।'' ଏହା ଶୁଣି ମହାରାଜ ବହୁତ ପ୍ରସନ୍ନ ହୋଇ ତାଙ୍କୁ ଆଲିଙ୍ଗନ କଲେ ଏବଂ ତାଙ୍କ ଭକ୍ତିଭାବକୁ ଭୂରି ଭୂରି ପ୍ରଶଂସା କଲେ । ସେହି ଦିନଠାରୁ ମହାରାଜ ତାଙ୍କୁ ବହୁତ ସମ୍ମାନ କରିବାକୁ ଲାଗିଲେ ।

*

ଥରେ ଠାକୁର ସାହେବ ମହାରାଜଙ୍କ ସହିତ ଘୋଡ଼ାରେ ବସି ଯାଉଥିଲେ । ତାଙ୍କର ମାନସ-ପୂଜା ନିର୍ଦ୍ଧାରିତ ସମୟରେ ପ୍ରତିଦିନ ହେଉଥିଲା । ରାସ୍ତାରେ ପୂଜାର ସମୟ ହୋଇଯିବା ଦେଖି ସେ ଘୋଡ଼ା ଉପରେ ବସିଥିବା ସମୟରେ ଲୁଗା ଘୋଡ଼ାଇ ହୋଇ ମାନସ-ପୂଜା କରିବାକୁ ଲାଗିଲେ । ପୂଜାରେ ଚିତ୍ତବୃତ୍ତି ତନ୍ମୟ ହୋଇଯିବାରୁ ବାହ୍ୟଜ୍ଞାନଶୂନ୍ୟ

ହୋଇଗଲେ । ଘୋଡ଼ା ବହୁତ ବୁଦ୍ଧିମାନ ଥିଲା, ସଙ୍ଗେ ସଙ୍ଗେ ଭଗବାନଙ୍କ କୃପା ମଧ୍ୟ ଥିଲା । ଠାକୁର ସାହେବ ଘୋଡ଼ାର ଲଗାମ ଛାଡ଼ି ଦେଇଥିବା ସତ୍ତ୍ୱେ ଘୋଡ଼ା ଠିକ୍ ମାର୍ଗରେ ଚାଲୁଥିଲା । ସେହି ସମୟରେ ଠାକୁର ସାହେବଙ୍କ ଉପରେ ମହାରାଜାଙ୍କ ଦୃଷ୍ଟି ପଡ଼ିଲା । ତାଙ୍କୁ ଦୁଇ ତିନି ବାର ଡାକିଲେ । ସେ ସେହି ସମୟରେ ମାନସ-କଳ୍ପନାରେ ଠାକୁରଜିଙ୍କ ଭୋଗ ସକାଶେ ଦହି ତୟାର କରୁଥିଲେ । ସେଥିରେ ସେ ଏକେବାରେ ତନ୍ମୟ ହୋଇ ଯାଇଥିଲେ । ମହାରାଜଙ୍କ ଡାକର ଉତ୍ତର ଦେବ କିଏ ? ସେ ତ ଭଗବାନଙ୍କ ପ୍ରେମରେ ନିମଗ୍ନ ! ମହାରାଜ ଉତ୍ତର ନ ପାଇ କିଶନ ସିଂହ ଘୋଡ଼ା ଉପରେ ଘୋଡ଼ାଇ ଶୋଇ ଅଛନ୍ତି ଭାବି ତାଙ୍କ ଲୁଗାକୁ ଟାଣି ଦେଲେ । କିଶନ ସିଂହ ଆନ୍ତର ଚେତନାରେ ଥିବାରୁ ବାହ୍ୟ ଆଘାତ ପାଇବା ମାତ୍ରେ ଚମକି ପଡ଼ିଲେ । ସମସ୍ତ ଦହି ପଡ଼ିଗଲା ଘୋଡ଼ା ଉପରେ । ଠାକୁର ସାହେବଙ୍କ ଲୁଗାପଟା ମଧ୍ୟ ଦହିରେ ବୁଡ଼ିଗଲା । ମହାରାଜଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ହଠାତ୍ ଘୋଡ଼ାରୁ ଓହ୍ଲାଇ ପଡ଼ିଲେ । ଠାକୁର ସାହେବଙ୍କୁ ପଚାରିଲେ, ''ଏ ଦହି ଆସିଲା କୁଆଡୁ !!'' ଏହାର ଉତ୍ତର ଦେବ କିଏ ? ସେ ତାଙ୍କ ଠାକୁରଜିଙ୍କ କୃପା ଦେଖି ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବାରେ ବାହ୍ୟଜ୍ଞାନ ହରାଇଥିଲେ । ତାଙ୍କ ନେତ୍ରରୁ ଅଶ୍ରୁଧାରା ପ୍ରବାହିତ ହେଉଥିଲା । ସେ ଭଗବତ୍ ଆନନ୍ଦ-ସମୁଦ୍ରରେ ଡୁବି ଯାଇଥିଲେ । ଏହି ଦୃଶ୍ୟ ଦେଖି ମହାରାଜ ଅବାକ୍ ହୋଇ ଛିଡ଼ା ହୋଇ ରହିଲେ । ଏହି ଅବସ୍ଥାରେ କିଛି ସମୟ ବ୍ୟତୀତ ହେବା ପରେ ପୁନରାୟ ମହାରାଜ ଏହି ଘଟନାର ରହସ୍ୟ ଜାଣିବାକୁ ଚାହିଁଲେ । ତାଙ୍କର ଖୁବ୍ ଆଗ୍ରହ ଦେଖି ଠାକୁର ସାହେବ କହିଲେ, ''ମହାରାଜ ! ଏହା ମୋର ପ୍ରତିଦିନର ମାନସ-ସେବା । ମନ-କଳ୍ପନାରେ ଭଗବାନଙ୍କୁ ସେବା କରିବା ଓ କଳ୍ପନାରେ ଦ୍ରବ୍ୟ ପ୍ରସ୍ତୁତ କରି ଭଗବାନଙ୍କୁ ଅର୍ପଣ କରିବାର ସମୟ ହୋଇଥିଲା । ମନ-କଳ୍ପନାରେ ଠାକୁରଜିଙ୍କୁ ସ୍ନାନାଦି କରାଇବା ପରେ ବସ୍ତ୍ରଭୂଷଣ ଅର୍ପଣ କଲି । ଧୂପ ଆଳତି ମିଷ୍ଟାନ୍ନ ଆଦି ତାଙ୍କ ପାଖରେ ରଖି ଦହି ହାଣ୍ଡିରୁ ଢାଳିବା ସମୟେ ଆପଣ ମୋତେ ହଲାଇ ଦେଲେ । ମୁଁ ଚମକି ପଡ଼ିବାରୁ ଦହି ମୋ ହାତରୁ ଢାଳି ହୋଇଗଲା । ଏହା ମୋ ସ୍ୱାମୀଙ୍କ ଭକ୍ତବତ୍ସଳତାର ମହିମା । ମାନସ-କଳ୍ପନାକୁ ସତ୍ୟ ପ୍ରତୀତ କରାଇବା ସକାଶେ ଏହି ଲୀଳା ସେ ରଚନା କଲେ ।'' ଏତିକି କହି ଆଉ କିଛି ସେ କହି ପାରିଲେ ନାହିଁ; କଣ୍ଠ ଗଦ୍‌ଗଦ ହୋଇଗଲା । ପୁନରାୟ ଆଖିରୁ କୋଳିପରି ଟପ୍ ଟପ୍ ହୋଇ ଲୁହ ଗଡ଼ିବାକୁ ଲାଗିଲା । ଏହି ଦୃଶ୍ୟ ମହାରାଜଙ୍କ ହୃଦୟକୁ ଦ୍ରବୀଭୂତ କରିଦେଲା । ସେ ଆଉ ସ୍ଥିରହୋଇ ରହି ପାରିଲେ ନାହିଁ । ତାଙ୍କ ଆଖିରୁ ମଧ୍ୟ ଅଶ୍ରୁଧାରା ପ୍ରବାହିତ ହେଲା । ଏହି ଅବସ୍ଥା ବହୁତ ସମୟ ରହିଲା । ସେଠାରେ ଲୋକମାନେ ରୁଣ୍ଡ ହେବାକୁ ଲାଗିବାରୁ ମହାରାଜ ସାବଧାନ ହୋଇ ଠାକୁର ସାହେବଙ୍କୁ ଆଲିଙ୍ଗନ କରି କହିଲେ, ''ଆଜି ମୁଁ ଧନ୍ୟ ହେଲି, ତୁମେ ଘରକୁ ଫେରିଯାଇ ଭଜନ କର ।''

*

ଠାକୁର ସାହେବ ଭକ୍ତ ଥିଲେ । ତାଙ୍କର ସଜ୍ଜ ମହାତ୍ମାଙ୍କ ପ୍ରତି ସ୍ୱାଭାବିକ ପ୍ରେମ ଥିଲା । ଭଗବାନ୍ ଓ ଭଗବାନଙ୍କ ଭକ୍ତ ଯେଉଁଠି ପ୍ରେମ ଦେଖନ୍ତି, ସେଠାକୁ ଗୁଡ଼ ପାଖକୁ ପିମ୍ପୁଡ଼ି ଦଉଡ଼ିଲା ପରି ଦୌଡ଼ି ଆସନ୍ତି । ଠାକୁର ସାହେବଙ୍କ ଘରେ ପ୍ରାୟ ସାଧୁ ମହାତ୍ମାଙ୍କ ମେଳା ଲାଗି ରହିଥାଏ । ସେଥିରେ ତାଙ୍କୁ ବଡ଼ ଆନନ୍ଦ ମିଳେ । ସେ ଖୋଲା ହୃଦୟରେ ସେମାନଙ୍କର ସେବା କରନ୍ତି । ସଜ୍ଜଙ୍କ ସେବାରେ ପ୍ରଚୁର ଧନ ବ୍ୟୟ ହେବାରୁ ଗୋଟିଏ ବର୍ଷ ମାଲଗୁଜାରି ଜମା କରିବାରେ ନିର୍ଦ୍ଦିଷ୍ଟ ଦିନ ବ୍ୟତୀତ ହୋଇଗଲା । ମହାରାଜ ଠାକୁର ସାହେବଙ୍କୁ ଡକାଇ ରାଗରେ କହିଲେ, ''ନିର୍ଦ୍ଦିଷ୍ଟ ସମୟରେ ମାଲଗୁଜାରି ଦାଖଲ ନ କରିବା ଉଚିତ ନୁହେଁ ।'' ହଠାତ୍ ଠାକୁର ସାହେବଙ୍କ ମୁହଁରୁ ବାହାରିଗଲା, ''ମାଲଗୁଜାରି ଦାଖଲ କରିବା ପରେ ଦୀପାବଳୀ ପୂଜା କରିବି ।'' ସେ ଦରବାରରୁ ବିଦା ହୋଇ ଘରକୁ ଆସିଲେ । ଟଙ୍କା ଯୋଗାଡ଼ କରିବାରେ ବିଳମ୍ବ ହେଲା । ଠିକ୍ ଦୀପାବଳୀ ସନ୍ଧ୍ୟାରେ ତାଙ୍କ ହାତକୁ ପୂରା ଟଙ୍କା ଆସିଗଲା । ସେ ଦୀପାବଳୀ ପୂଜା ନ କରି ଟଙ୍କା ନେଇ ସେହି ରାତ୍ରିରେ ଘୋଡ଼ାରେ ବସି ବିକାନୀର ଯାତ୍ରା କଲେ । ରାତ୍ରିସାରା ଷାଠିଏ ମାଇଲ ରାସ୍ତା ଅତିକ୍ରମ କରି ଭୋରବେଳକୁ ବିକାନୀରରେ ପହଞ୍ଚିଲେ । ଠାକୁର ସାହେବଙ୍କୁ ଅଭିବାଦନ କରିବା ସଙ୍ଗେ ସଙ୍ଗେ ମହାରାଜ ପଚାରିଲେ, ''କିଶନ ସିଂହ, କାଲି ଯିବା ସକାଶେ ଏତେ ବ୍ୟଗ୍ର ହେଉଥିଲ, କ'ଣ କାରଣ ହେଲା ଯେ ଫେର

ରହିଗଲ ? କ'ଣ ଶରୀର ଅସୁସ୍ଥ ହୋଇଗଲା ?'' ମହାରାଜଙ୍କ ପ୍ରଶ୍ନ ଶୁଣି ଠାକୁର ସାହେବ କାବାହୋଇ କାଠ ପରି ଛିଡ଼ାହୋଇ ରହିଲେ । ମୁହୂର୍ତ୍ତକ ପରେ କହିଲେ, ''ଅନ୍ନଦାତା ! ଟଙ୍କା ଯୋଗାଡ଼ ହେବାରେ ବିଳମ୍ବ ହୋଇଗଲା । ସେ'ନେଇ ଦୀପାବଳୀ ପୂଜା ଛାଡ଼ି ରାତାରାତି ଆସି ବର୍ତ୍ତମାନ ପହଞ୍ଚିଲି ।''

ଏହା ଶୁଣି ମହାରାଜ ଆଶ୍ଚର୍ଯ୍ୟ ହୋଇ କହିଲେ, ''ତୁମେ ବର୍ତ୍ତମାନ ଆସୁଛ ! କାଲି ତୁମର ମାଲଗୁଜାରି କିଏ ଦାଖଲ କଲା ?'' ଠାକୁର ସାହେବ କହିଲେ, ''ନାହିଁ ଅନ୍ନଦାତା, ମୁଁ ତ କାଲି ଘରେ ଥିଲି । ଆପଣଙ୍କ ମାଲଗୁଜାରି ଟଙ୍କା ଯୋଗାଡ଼ କରିବାରେ ବ୍ୟସ୍ତ ଥିଲି । ଆସିଲା କିଏ ? ମାଲଗୁଜାରି ଟଙ୍କା ଦାଖଲ କଲା କିଏ ? ମୁଁ କିଛି ବୁଝି ପାରୁ ନାହିଁ ।'' ଏହା ଶୁଣି ମହାରାଜ ତାଙ୍କୁ ଡାକିନେଲେ । କର୍ମଚାରୀ ଦ୍ୱାରା ରେକର୍ଡ ବହି ମଗାଇ ଖୋଲି ଠାକୁର ସାହେବଙ୍କୁ ଦେଖାଇ ଦେଲେ । ରେକର୍ଡ଼ ବହିରେ ମାଲଗୁଜାରି ଟଙ୍କା ଦାଖଲ ହୋଇଅଛି, ଆଉ ତା ତଳେ ନିଜ ହସ୍ତାକ୍ଷରରେ ନିଜ ନାମ ଦସ୍ତଖତ ହୋଇଅଛି । ଏହା ଦେଖି ସେ ନିଜ ପ୍ରଭୁଙ୍କ ଅସୀମ କୃପା ବୁଝିପାରିଲେ । ''ଅଧମ ଉପରେ ମୋ ପ୍ରଭୁଙ୍କର ଏତେ କୃପା ! ମୁଁ ସଂସାରୀ, ବିଷୟ-କୀଟ, ତେବେ ବି ମୋ ତ୍ରିଲୋକ-ନାୟକ-ପ୍ରଭୁ ମୋ ଶରୀର ସଦୃଶ ଶରୀର ଧାରଣ କରି ହାତରେ ଟଙ୍କା ନେଇ ମହାରାଜାଙ୍କ ଦରବାରରେ ହାଜର ହୋଇ ସଲାମ କଲେ !''– ଏହା ଭାବି ଭଗବାନଙ୍କ ପ୍ରତି ତାଙ୍କର ଗଭୀର କୃତଜ୍ଞତା ହୃଦୟକୁ ବିଦୀର୍ଣ୍ଣ କରିବାକୁ ଲାଗିଲା । ସେ ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ । ଗଛ କାଟିଲା ପରି କଟାଡ଼ି ହୋଇ ପଡ଼ିଗଲେ । ଶୋକାବେଗ ମର୍ଯ୍ୟାଦା-ପ୍ରାଚୀରକୁ ଭାଙ୍ଗି ଉଚ୍ଚ ସ୍ୱରରେ ବିସ୍ଫୋଟ ପରି ମୁଖରୁ ବାହାରି ପଡ଼ିଲା । ସେହି ଭଗବତ୍ ଆନନ୍ଦ ଶୋକାବେଗରେ ମହାରାଜ, ରାଜ କର୍ମଚାରିବର୍ଗ ଓ ଦର୍ଶନାର୍ଥୀମାନେ ପ୍ଲାବିତ ହେଲେ । ସମସ୍ତଙ୍କ ନେତ୍ରରୁ ଆନନ୍ଦାଶ୍ରୁ ପ୍ରବାହିତ ହେଲା । ଠାକୁର ସାହେବ କିଛି ସମୟ ପରେ ସୁସ୍ଥ ହେଲେ ଏବଂ ମହାରାଜାଙ୍କ ଦ୍ୱାରା ବିଶେଷ ସମ୍ମାନିତ ହୋଇ ଘରକୁ ଫେରି ଆସିଲେ । ତା'ପରେ ଗୋଟିଏ ବିଶାଳ ମନ୍ଦିର ତୟାର କରି ସେଥିରେ ମୁରଲୀଧାରୀ ଶ୍ରୀକୃଷ୍ଣଙ୍କୁ ସ୍ଥାପନା କରି ତାଙ୍କ ସେବା-ପୂଜାରେ ଶେଷ ଜୀବନ ଅର୍ପଣ କଲେ । ସେହି ମନ୍ଦିର ଆଜି ପର୍ଯ୍ୟନ୍ତ ବିଦ୍ୟମାନ ଅଛି । ଏହିପରି ତାଙ୍କ ଜୀବନରେ ବହୁତ ଚମତ୍କାର ଘଟନା ଘଟିଥିଲା । ସେ ଥିଲେ ଅସାଧାରଣ ଭକ୍ତ, ମହାନ୍ ଭଗବତ୍-ସେବକ ।

ବୋଲ ଭଗବାନ୍ ଓ ତାଙ୍କ ଭକ୍ତ କି ଜୟ ।

ଗୋଟିଏ ବାଳକ ଭକ୍ତ

ଶ୍ରୀ ବୃନ୍ଦାବନ ଧାମରେ ଜଣେ ସନ୍ଥ ରହୁଥିଲେ । ତୁମ ଲତାହିଁ ତାଙ୍କର ଆହାର ଥିଲା; ସେ ସର୍ବଦା ମହାରସରେ ମଗ୍ନ ରହୁଥିଲେ । ତାଙ୍କର ଶାରୀରିକ ଜ୍ଞାନ ରହୁ ନ ଥିଲା । ତାଙ୍କ ଚକ୍ଷୁରୁ ଅନବରତ ଅଶ୍ରୁଧାରା ପ୍ରବାହିତ ହେଉଥିଲା । ତାଙ୍କର ଖୁବ୍ ଆକର୍ଷଣକାରୀ ଶକ୍ତି ଥିଲା । ସେ ଯେଉଁଠି ବସି ଯାଉଥିଲେ; ସେଠି ତାଙ୍କୁ ପଶୁ, ପକ୍ଷୀ ଆସି ଘେରି ଯାଉଥିଲେ । କେବେ ବାଛୁରୀ ଆସି ତାଙ୍କ ଚରଣ ଚାଟନ୍ତି, ଆଉ ତାଙ୍କ ଦେହରେ ମଥା ଘଷନ୍ତି, ଆଉ କେବେ କେବେ ପକ୍ଷୀ ଯୋଡ଼ା ଆସି ତାଙ୍କ ହାତ ଉପରେ ବସି ଯାଆନ୍ତି । ସେ ସେମାନଙ୍କୁ ସ୍ନେହ କରନ୍ତି, ତାଙ୍କ ସହିତ କଥାବାର୍ତ୍ତା କରନ୍ତି । ''ଯାଅ, ଚର, ମୁଁ ଯାଉଛି''– ଏହିପରି କହି ତାଙ୍କୁ ବିଦା କରି ଦିଅନ୍ତି ଏବଂ ସ୍ୱାଭାବିକ ରସ ଭାବରେ ବିହ୍ୱଳ ହୋଇ ଉଠି ଚାଲିଯାଆନ୍ତି ।

ମୁଁ ମୋର ଗୁରୁଦେବଙ୍କଠାରୁ ଆଜ୍ଞା ପାଇ ତାଙ୍କ ସେବା ସକାଶେ (ତାଙ୍କ ପାଖକୁ) ବୃନ୍ଦାବନ ଗଲି, ଆଉ ତାଙ୍କ ସେବା ସକାଶେ ପ୍ରାର୍ଥନା କଲି । ସେ ସମୟରେ ସେହି ମହାପୁରୁଷ ଗୋଟିଏ ବୃକ୍ଷତଳେ ବିଚରଣ କରୁଥିଲେ । ସେଠାରେ କୌଣସି ପୁଷ୍ପ ବା ପୁଷ୍ପବୃକ୍ଷ ନ ଥିଲା, ତଥାପି ସେଠାରେ ଅତ୍ୟନ୍ତ ସୁଗନ୍ଧ ମହକି ଉଠୁଥିଲା । ଏହି ଘଟନା ଦେଖି ମୁଁ ଚକିତ ହୋଇଗଲି । ମହାତ୍ମାଜି ମୋ ପ୍ରାର୍ଥନା ଶୁଣି କହିଲେ, ''ଶେଷ ସମୟର ସାଥୀ, ଆସିଗଲୁ, ଖୁବ୍ ଭଲ । ରହ, ଯାହା ସେବା କରାଯାଇ ପାରେ କର । ବର୍ତ୍ତମାନ କୌଣସି ସେବା ନାହିଁ, କିନ୍ତୁ ସାବଧାନ ରହ, ସେହି ପ୍ରାଣପ୍ରିୟକୁ ଯେପରି ବିସ୍ମରଣ ନ କରୁ । ରାମନାମ ଧ୍ୱନି ଜାଗ୍ରତ ରଖ । ଏହି ମୋର ସେବା । ଶୁଣ ପକ୍ଷୀ କ'ଣ ଗାଉ ଅଛନ୍ତି, 'ରାମରଟୁ ରାମରଟୁ' '' – ଏହି ଅମୃତ ବାଣୀ ଶୁଣି ମୋ ହୃଦୟରେ ଆନନ୍ଦ-ସମୁଦ୍ରର ହିଲ୍ଲୋଳ ଉଠିବାକୁ ଲାଗିଲା । ସେହି ସମୟରେ ମୁରଲୀ ଧ୍ୱନି ମଧ୍ୟ ଶୁଣିବାକୁ ମିଳିଲା । ଫେର ଆଉ କ'ଣ ? ମୁଁ ଏକେବାରେ ଆନନ୍ଦ-ସମୁଦ୍ରରେ ଡୁବି ଗଲି । ଏପରି ଉନ୍ମତ୍ତ ଭାବ ଆସିଲା, ଯାହାର ବର୍ଣ୍ଣନା କରିବାରେ ମୁଁ ଏକେବାରେ ଅସମର୍ଥ । ମୋର ଯାହା ଧ୍ୟାନ, ଧାରଣା, ପରୋକ୍ଷ ଓ ଅପରୋକ୍ଷ ଜ୍ଞାନ ଥିଲା ତାହା ସବୁ ଏଥିରେ ଭାସିଗଲା । ଏହି ଆନନ୍ଦରେ ବିଭୋର ହୋଇ ମୁଁ କହିଲି,– ''ମୋର ସବୁ ସାଧନ-ସମ୍ପତ୍ତି ତ ନେଇ ଗଲୁ, ବାକି ରହିଲା ହୃଦୟ, ନିଜ କମନୀୟ ରୂପ-ମାଧୁରୀ ଛଟାରେ ତାକୁ ହରଣ କରିନେଲେ ମୋତେ ଛୁଟି ମିଳନ୍ତା'' । ବାବା ଶୁଣି କରି କହିଲେ, ''ଆରେ ଏହି ସୁଦୂର ବିଟପାବଳୀ ଆଡ଼କୁ ଦେଖୁ ନାହୁଁ କାହିଁକି ? ସେଠାରେ ତ ସେ ତ୍ରିଭଙ୍ଗୀ ଠାଣିରେ ଠିଆ ହୋଇ ବଂଶୀ ବଜାଉ ଅଛି । ଆହା ! କିପରି ମନୋହର ଛଟା ! ନେତ୍ରରେ ଲାବଣ୍ୟ, ଆଉଅଧରରେ ମଧୁରିମା ।'' ଶୁଣିବା ମାତ୍ରେ, ମୋ ନେତ୍ର ବ୍ୟାକୁଳ ହୋଇ ତାଙ୍କ ନିର୍ଦ୍ଦେଶ ଆଡ଼କୁ ଦୌଡ଼ିଲା । ଦର୍ଶନ କରିବା ମାତ୍ରକେ ମୋ ହୃଦୟ ଆନନ୍ଦାବେଗରେ ସେହି ରୂପ-ସମୁଦ୍ରର ଗଭୀରାତିଗଭୀରରେ ଡୁବିଗଲା । ଏହି ଅବସ୍ଥା ବର୍ଣ୍ଣନା କରିବ କିଏ ?

ପରେ କ'ଣ ଘଟିଲା ମୁଁ ଜାଣେ ନାହିଁ । ବାହ୍ୟଜ୍ଞାନ ଫେରି ପାଇବା ପରେ ଦେଖିଲି ମହାତ୍ମାଜି ମୋ ହାତ ଧରି ମୋତେ ଉଠାଉ ଅଛନ୍ତି ଏବଂ କହୁଛନ୍ତି, ''ବଚ୍ଚା, ରାମ ରାମ କହ, ବିଳମ୍ବ ହୋଇଯାଉଛି'' । ମୁଁ ମୋର ମସ୍ତକ ବାବାଙ୍କ ଚରଣରେ ରଖିଦେଲି । ବାବା କୃପାଦୃଷ୍ଟିରେ ମୋତେ ଦେଖି ମୋ ମସ୍ତକରେ ହାତ ବୁଲାଇବାକୁ ଲାଗିଲେ । ମୁଁ କହିଲି, ''ସେବାକଲେ ମେୱା ମିଳେ । କିନ୍ତୁ ମୁଁ କିଛି ମାତ୍ର ସେବା କରି ନାହିଁ, କେବଳ ସେବା କରିବାର ଭାବନା ନେଇ ଆସିଥିଲି, କିନ୍ତୁ ଆପଣଙ୍କ କୃପା-କଟାକ୍ଷରୁ ଅନାୟାସରେ ଉଦରପୂର୍ଣ୍ଣ ମେୱା ପାଇଲି'' । ବାବା କହିଲେ, ''ଉଠ ଚାଲ, ଯମୁନା-ତଟକୁ ଯିବା । ସେଠାରେ ତୋ ଠାରୁ କଠୋର ସେବା ନିଆ ହେବ'' । ମୁଁ ଶୁଣି ଆନନ୍ଦିତ ହୋଇ ବାବାଙ୍କ ସଙ୍ଗେ ସଙ୍ଗେ ଚାଲିଲି । ସେଠାରେ ପହଞ୍ଚି, ଯମୁନାକୂଳରେ, ବାବାଙ୍କ ନିର୍ଦ୍ଦେଶାନୁସାରେ ତାଙ୍କ ସଙ୍ଗେ ମୁଁ ବସିଲି । ସେ କହିଲେ, ''ଏହି ପଞ୍ଚଭୌତିକ ଶରୀର ବହୁତ ଜୀର୍ଣ୍ଣ ହୋଇ ଗଲାଣି । ମୁଁ ବର୍ତ୍ତମାନ ଏହି ଶରୀରକୁ ବଦଳାଇ ଦେବି । କିନ୍ତୁ ତୁ ସେଥିରେ ବିଚଳିତ ହେବୁ ନାହିଁ । ବସ୍ତୁ ଜୀର୍ଣ୍ଣ ହେବା ପରେ ବଦଳେଇ ଦେବା ଉଚିତ । ମୁଁ

ବୈକୁଣ୍ଠକୁ ଯିବି ନାହିଁ, ପୁନର୍ବାର ଜନ୍ମ ନେବି । ଯେଉଁଠାରେ ଜନ୍ମ ନେବି ତାହା ତୋତେ କହି ଦେଉଛି । ଏକ ବର୍ଷ ପରେ ତୁ ସେଠାକୁ ଯିବୁ ଆଉ ମୋ ଶରୀରରେ ଏହି ଚିହ୍ନ ଦେଖି ମୋତେ ଚିହ୍ନି ପାରିବୁ । ବର୍ତ୍ତମାନ ମୋ ଭୁଜ ଓ ନାଭିରେ ଯେଉଁ ଲାଞ୍ଛନ ଚିହ୍ନ ଅଛି ଏହି ଚିହ୍ନ ସେ ଶରୀରରେ ରହିବ'' । ମୁଁ ଏ କଥା ଶୁଣି ଅବାକ୍ ହୋଇଗଲି । ବାବା କହିଲେ, ''ତୁ ମୋହରେ ପଡ଼ିବୁ ନାହିଁ ବୋଲି ତୋତେ ଭଗବାନଙ୍କୁ ଦର୍ଶନ କରାଇ ଦେଲି, ତୁ ଫେର ସେହି ମୋହରେ ପଡୁଛୁ !'' ଏହା ଶୁଣି ମୋର ଧୈର୍ଯ୍ୟ ଆସିଲା । ବାବା କହିଲେ, ''ଯେବେ ତୁ ମୋତେ ଶିଶୁରୂପେ ଦେଖିବୁ, ତେବେ ଏହି ତ୍ରୟୋଦଶ ଅକ୍ଷର ମନ୍ତ୍ର ଉଚ୍ଚାରଣ କରିବୁ ।''

''ଶ୍ରୀରାମ, ଜୟ ରାମ, ଜୟ ଜୟ ରାମ
ଶ୍ରିୟଂ ରାମଂ, ଜୟଂ ରାମଂ, ଦ୍ୱିର୍ଜୟଂ ରାମମୀରୟେତ୍ ।
ତ୍ରୟୋଦଶାକ୍ଷରୋ ମନ୍ତ୍ରଃ ସର୍ବସିଦ୍ଧିକରଃ ସ୍ମୃତଃ'' ॥

ମୁଁ ଏହି ମନ୍ତ୍ରକୁ ମୁଖସ୍ଥ କରିନେଲି । ବାବା ଅନାୟାସରେ ଶରୀର ତ୍ୟାଗ କଲେ । ଭଗବାନଙ୍କ ପାର୍ଶ୍ୱଦମାନଙ୍କ ସଙ୍ଗେ ବୈକୁଣ୍ଠକୁ ଯିବାକୁ ସେ ମନା କରି ଦେଲେ । ପିତୃଯାନରେ ଚନ୍ଦ୍ରଲୋକକୁ ପ୍ରସ୍ଥାନ କଲେ । ଭଗବତ୍ ପାର୍ଶ୍ୱଦ ଏହା ଦେଖି ଚକିତ ହୋଇଗଲେ । ଜଣେ ପାର୍ଶ୍ୱଦ କହିଲେ – ''ସଚ୍ଚଙ୍କ ଇଚ୍ଛା, 'ମୁକ୍ତି ନିରାଦର ଭକ୍ତି ଲୁଭାନେ' ।'' ଅର୍ଥାତ୍, ''ମୁକ୍ତିକୁ ଅନାଦର କରି ଭକ୍ତିକୁ ଲୋଭ କରନ୍ତି । ଯେବେ ସ୍ୱୟଂ ବୈକୁଣ୍ଠନାଥ ତାଙ୍କ ପଛେ ପଛେ ବୁଲନ୍ତି, ତେବେ ସେ ମୁକ୍ତି ନେବେ କାହିଁକି'' ? ଏହିପରି କହି ବିମାନ ନେଇ ଭଗବତ୍ ପାର୍ଶ୍ୱଦ ଚାଲିଗଲେ । ବାବାଙ୍କ କୃପାରୁ ଏହିସବୁ ଘଟନା ନିଜ ଚକ୍ଷୁରେ ଦେଖିଲି, ଆଉ ଦିବ୍ୟପୁରୁଷଙ୍କ ବାଣୀ ଶୁଣିବାକୁ ମଧ୍ୟ ପାଇଲି । ଏହାପରେ ବାବା ମୋତେ ଯେଉଁ ମନ୍ତ୍ର ଦାନ କରିଥିଲେ ତାହା ମୁଁ ମୁଖସ୍ଥ କରି ନେଇଥିଲି ଏବଂ ତାହା ସ୍ମରଣ କରିବାକୁ ଲାଗିଲି । ବାବାଙ୍କ ଶେଷକୃତ୍ୟ ସମାପ୍ତ କରି କାଶୀକୁ ପ୍ରସ୍ଥାନ କଲି ।

ସେଠାରେ ପହଞ୍ଚି ଶ୍ରୀଗୁରୁ ମହାରାଜଙ୍କୁ ସମସ୍ତ ଘଟଣା ଜଣାଇ ଦେଲି । ଏହି ଘଟନା ଶୁଣି ସେ ବିଶେଷ ପ୍ରସନ୍ନ ହେଲେ ଏବଂ ମୋତେ ଆଶୀର୍ବାଦ କଲେ । ଗୁରୁ ମହାରାଜାଙ୍କ ସମୀପରେ ଗୋଟିଏ ବର୍ଷ ବ୍ୟତୀତ ହୋଇଗଲା । ସେ ପୁନରାୟ ମୋତେ ଆଜ୍ଞା ଦେଲେ, ''ବାବାଙ୍କ କଥାନୁସାରେ ସେହି ନିର୍ଦ୍ଦିଷ୍ଟ ଗ୍ରାମକୁ ଯାଇ ଶିଶୁର ବୃତ୍ତାନ୍ତ ଜାଣି ମୋ ପାଖକୁ ଆ'' । ମୁଁ କେବଳ ଗୁରୁଦେବଙ୍କ ଆଜ୍ଞାକୁ ପ୍ରତୀକ୍ଷା କରୁଥିଲି । ଆଉ କ'ଣ ଲୋଡ଼ା ଥିଲା ? ଆଜ୍ଞା ପାଇବା ମାତ୍ରେ ମୋ'ର ସକଳ ଅତୀତ ସ୍ମୃତି ଦୃଷ୍ଟିର ସମ୍ମୁଖକୁ ଆସିଗଲା । ହୃଦୟରେ ଆନନ୍ଦର ଜୁଆର ଆସିଲା । ମୁଁ ସେହିକ୍ଷଣି ଯାତ୍ରାରମ୍ଭ କରିଦେଲି । ସେ ଗ୍ରାମରେ ପହଞ୍ଚି ପଚାରିବାରୁ ଲୋକେ କହିଲେ, ''ଅମୁକ ବ୍ୟକ୍ତିଙ୍କ ଘରେ ଗୋଟିଏ ପୁତ୍ର ଜନ୍ମ ଗ୍ରହଣ କରିଛି, ସେ ଯେପରି ସୁନ୍ଦର ସେହିପରି ସୁଶୀଳ । ସେ ଏପରି ଶାନ୍ତ ଯେ କ୍ଷୀର ପାନ କରିବା ସକାଶେ ବି କାନ୍ଦୁ ନାହିଁ'' । ମୁଁ ଅନୁମାନ କଲି, ଏହିପରି ଶିଶୁ ନିଶ୍ଚୟହିଁ ସେହି ମହାପୁରୁଷ ହୋଇଥିବେ । ମୁଁ କିଛି ସମୟ ମଧ୍ୟରେ ସେହି ଘରେ ପହଞ୍ଚି ଦ୍ୱାରରେ ବସିଗଲି । କିଛିକ୍ଷଣ ପରେ ଗୋଟିଏ କନ୍ୟା ଭିକ୍ଷା ନେଇ ଆସିଲା । ମୁଁ କହିଲି, ''ସନ୍ନ୍ୟାସୀ ସିଦ୍ଧ ଅନ୍ନ ଭୋଜନ କରନ୍ତି, କଚା ଅନ୍ନ ନେଇ ରନ୍ଧନ କରନ୍ତି ନାହିଁ'' । ଏହା ଶୁଣି ବହୁତ ଖୁସି ହୋଇ ସେ ଭିତରକୁ ଚାଲିଗଲା । ଜଳ ଆଣି ଚରଣ ଧୋଇ ଭିତରକୁ ଡାକି ନେଲା । ସୁନ୍ଦର ଆସନରେ ବସାଇ ଆଦର ସହିତ ମୋତେ ଭୋଜନ କରାଇଲା । ଭୋଜନ ସମାପ୍ତି ପରେ ବାହାରକୁ ଆସି ଚୌକିରେ ବସି ଭାବିବାକୁ ଲାଗିଲି, ''ଏହିପରି ସାଧ୍ୱୀ ପତିବ୍ରତା ଭଗବତ୍ ଭକ୍ତା ମାତାମାନେହିଁ ମହାପୁରୁଷଙ୍କୁ ଜନ୍ମ ଦେଇଥାଆନ୍ତି'' । ମୋ'ର ଉଦ୍ଦେଶ୍ୟ ଥିଲା, ଶିଶୁ ମହାପୁରୁଷଙ୍କୁ ଦର୍ଶନ କରିବା । କିନ୍ତୁ ମୁଁ ଏହା କହିବାକୁ ଚାହୁଁ ନ ଥିଲି । ସେଥିପାଇଁ ଉପଯୁକ୍ତ ସୁଯୋଗକୁ ଅପେକ୍ଷା କରି ରହିଲି । ମାତାମାନେ କୌଣସି ସାଧୁଙ୍କୁ ଦେଖି ନିଜ ଶିଶୁ ପାଇଁ ଆଶୀର୍ବାଦ ନ ନେଇ ରହି ପାରନ୍ତି ନାହିଁ । ଏ ତ ପୁଣି ମହାପୁରୁଷଙ୍କ ମାତା । ଏ ବା ସେଥିରୁ ବଞ୍ଚିତ ହୁଅନ୍ତେ କିପରି ? ସେହି ମାତା ଶିଶୁକୁ କୋଳ କରି ମୋ ପାଖକୁ ଆଣିଲେ । ମୁଁ ଶିଶୁକୁ

ଦର୍ଶନ କରିବା ମାତ୍ରେ ବାବାଙ୍କ କହିଥିବା ଲାଞ୍ଛନ ଚିହ୍ନ ତାଙ୍କ ଶରୀରରେ ଦେଖି ତାଙ୍କୁ ଚିହ୍ନି ପାରିଲି । ମନେ ମନେ ଶିଶୁକୁ ପ୍ରଣାମ କରି ତାଙ୍କ ହାତ ଦେଖିବା ବାହାନାରେ ତାଙ୍କ ମାତାଙ୍କଠାରୁ ତାଙ୍କୁ ନିଜ କୋଳକୁ ଆଣିଲି । ସେ ସମୟରେ ମୋତେ ଯେଉଁ ଆନନ୍ଦ ଲାଭ ହେଲା ତାହା ଅବର୍ଣ୍ଣନୀୟ । ସେହି ସମୟରେ ତ୍ରୟୋଦଶାକ୍ଷର ମନ୍ତ୍ର, ''ଶ୍ରୀରାମ, ଜୟ ରାମ, ଜୟ ଜୟ ରାମ'' ଉଚ୍ଚାରଣ କଲି । 'ନାମ' ଶୁଣିବା ମାତ୍ରକେ ସେ ମୋ ଆଡ଼କୁ ଏକଦୃଷ୍ଟିରେ ଓ ଅପଲକ ନେତ୍ରରେ ଚାହିଁ ରହିଲେ । ଏହି ଦୃଶ୍ୟ ଯେପରି ମୋ' ହୃଦୟରେ ପୂର୍ବ-ସ୍ମୃତି ଜାଗ୍ରତ କରାଇ ଦେଲା, ''ତୋ'ଠାରୁ କଠିନ ସେବା ନିଆ ହେବ'' ଏହି ଶବ୍ଦର ଅର୍ଥ ଏବେ ବୁଝି ପାରିଲି । ସେତେବେଳେ ତ କୌଣସି ସେବା ନ ଥିଲା, କେବଳ ଏହି ସେବାକୁ ବାବା ନିର୍ଦ୍ଦେଶ କରିଥିଲେ । ଏହା ଭାବିବା ମାତ୍ରେ ମୋ ମନରେ ବଡ଼ ସନ୍ତୋଷ ଜାତ ହେଲା ଏବଂ ମୁଁ ଗଦ୍‌ଗଦ୍ ହୋଇ ଗଲି । ବହୁତ ସମୟ ପର୍ଯ୍ୟନ୍ତ ଶିଶୁକୁ କୋଳରେ ରଖିଲି । ଏହି ଦୃଶ୍ୟ ଦେଖି ତାଙ୍କ ମା'ଙ୍କର ଶରୀରରେ ହର୍ଷ ଆଉ ବିସ୍ମୟର ଚିହ୍ନ ପ୍ରକାଶ ହେଲା, ସେ କିଛି ନ ପଚାରି ଶିଶୁକୁ କୋଳକୁ ନେଲେ । ସେ ଯିବା ସମୟରେ ଶିଶୁ ମୁହଁ ବୁଲାଇ ମୋ ଆଡ଼କୁ ଏକ ଦୃଷ୍ଟିରେ ବରାବର ଦେଖୁଥିଲେ, ଯେପର୍ଯ୍ୟନ୍ତ ମୁଁ ଅଦୃଶ୍ୟ ହୋଇ ନ ଥିଲି । ସେ ସମୟରେ ମୋ ହୃଦୟର ଅବସ୍ଥା ସମ୍ବନ୍ଧରେ କ'ଣ କହିବି ! ମୋ'ର କିଛି କହିବାର ଶକ୍ତି ନ ଥିଲା, ବା ଉଠିବାର ଶକ୍ତି ନ ଥିଲା ! ମୁଁ ମଧ୍ୟ ଶ୍ୱାସଯୁକ୍ତ ପୁତ୍ତଳିକା ପରି ସ୍ତମ୍ଭୀଭୂତ ହୋଇ ଶିଶୁ ଆଡ଼କୁ ଅବାକ୍ ହୋଇ ଚାହିଁ ରହିଥିଲି । କିଛି ସମୟ ପରେ ବିବଶ ହୋଇ-ସେଠାରୁ ଉଠି ଗ୍ରାମର ବାହାରେ ପୁଷ୍କରିଣୀ କୂଳରେ ଗୋଟିଏ ଅଶ୍ୱତ୍‌ଥ ବୃକ୍ଷ ମୂଳରେ ଆସନ ସ୍ଥାପନ କଲି । ପରଦିନ କାଶୀ ଯାତ୍ରା କଲି । ଶ୍ରୀ ଗୁରୁଦେବଙ୍କୁ ଶିଶୁର ସମସ୍ତ ବୃତ୍ତାନ୍ତ ଶୁଣାଇ ଦେଲି ଆଉ ତାଙ୍କଠାରୁ ଅମୋଘ ଆଶୀର୍ବାଦ ପ୍ରାପ୍ତ କଲି ।

ଶିଶୁ କଥା ଯଦ୍ୟପି ମୁଁ ଭୁଲି ନ ଥାଏ, ତଥାପି ସେଠାକୁ ଯିବାର ପ୍ରସ୍ତାବ କରି ଗୁରୁଦେବଙ୍କଠାରୁ ଆଜ୍ଞା ନେବା ଉଚିତ ମନେ କରୁଥାଏ । କାରଣ ସମସ୍ତ କାର୍ଯ୍ୟ ହୁଏ ଯଥାର୍ଥ ସମୟରେ । ଏହା ଗୁରୁଦେବ ଉତ୍ତମରୂପେ ଜାଣନ୍ତି, ସେଥିପାଇଁ କେବଳ ତାଙ୍କ ଆଜ୍ଞା ପ୍ରତୀକ୍ଷାରେ ରହିଥାଏ । ଏହିପରି ଚାରିବର୍ଷ ଅତୀତ ହୋଇଗଲା । ଦିନେ ଗୁରୁଦେବ ମୋତେ ଡାକି ପାଖରେ ବସାଇ କହିଲେ, ''ବାଳ ସନ୍ଥଙ୍କ ଗ୍ରାମକୁ ଯା । କିନ୍ତୁ ଏଥର କେବଳ ଦର୍ଶନ କରି ଫେରି ଆସିବୁ ନାହିଁ । ସେଠାରେ କୁଟୀର ତିଆରି କରି ରହିବୁ ଏବଂ ତାଙ୍କ ଲୀଳା ଦେଖିବୁ ।'' ଏହା ତ ମୋର ହୃଦୟାଭିଳଷିତ ସଂକଳ୍ପ ଥିଲା । ଗୁରୁଦେବଙ୍କ ଆଜ୍ଞା ହେବା ମାତ୍ରେ ଶିଶୁ ସନ୍ଥଙ୍କ ଦର୍ଶନାର୍ଥେ ମୁଁ ସେହି ଗ୍ରାମକୁ ଗଲି । ସେଠାରେ ପହଞ୍ଚି ସେହି ଅଶ୍ୱତ୍‌ଥ ତରୁ ମୂଳେ ଆସନ ଲଗେଇ ଦେଲି । ସେ ଗ୍ରାମର ଲୋକେ ମୋ ରହିବା ଅଭିପ୍ରାୟ ଜାଣି ଗୋଟିଏ କୁଟୀର ତିଆରି କରିଦେଲେ, ମୁଁ ସେହି କୁଟୀରରେ ନିବାସ କଲି । ପ୍ରତିଦିନ ଶିଶୁସନ୍ଥଙ୍କ ଘରେ ପହଞ୍ଚିଯାଏ ଏବଂ ତାଙ୍କ ସଙ୍ଗେ ଖେଳେ, ତାଙ୍କ ଘରେ ଭୋଜନ କରି କୁଡ଼ିଆକୁ ଫେରିଆସେ । ସାଧାରଣତଃ ଭଗବତ୍ ଭକ୍ତଙ୍କ ଘରେ ସାଧୁ ମହାତ୍ମାଙ୍କର ଜନ୍ମ ହୁଏ । ଭକ୍ତଙ୍କର ସ୍ୱାଭାବିକ ପ୍ରେମ ସାଧୁ ମହାତ୍ମାଙ୍କ ସେବାରେ ରୂପାୟିତ ହୁଏ । ବାଳ ସନ୍ଥଙ୍କ ପରିବାର ମଧ୍ୟ ସାଧୁ-ସେବୀ ଥିଲେ । ସେମାନଙ୍କର ମୋ ପ୍ରତି ବିଶେଷ ଆଗ୍ରହ ଥିବାରୁ ମୋତେ ଅନ୍ୟ ଘରକୁ ଭିକ୍ଷା ସକାଶେ ଯିବାକୁ ହେଉ ନ ଥିଲା ।

ଦିନେ ଗୋଟିଏ ଅପୂର୍ବ ଘଟନା ଘଟିଲା । ଶିଶୁଙ୍କର ବେଳା ଓ ଚାମେଲି ନାମ୍ନୀ ଦୁଇ ଭଉଣୀ ଥିଲେ । ବେଳା ଗୋଟିଏ ଶୁଆ ପାଳିଥିଲା । ଘର ପାଖରେ ହନୁମାନଜିଙ୍କର ଛୋଟ ମନ୍ଦିରଟିଏ ଥିଲା । ସେହି ମନ୍ଦିର ବାରଣ୍ଡାରେ ଖରା ପଡ଼ିଥିଲା । ଶୀତଦିନ ଥିବାରୁ ବେଳା ଶୁଆର ପିଞ୍ଜରାଟି ଖରାରେ ରଖି ଶିଶୁଙ୍କୁ ଖେଳାଉ ଥିଲା । ସେହି ସମୟରେ ମୁଁ ପହଞ୍ଚିଗଲି । ସଙ୍ଗେ ସଙ୍ଗେ ତ୍ରୟୋଦଶାକ୍ଷର ମନ୍ତ୍ର ଉଚ୍ଚାରଣ କଲି । ମନ୍ତ୍ର ଶୁଣିବା ମାତ୍ରକେ ଶିଶୁ ମହାପୁରୁଷ ଗଭୀର ମୁଦ୍ରାରେ ମୋ ଆଡ଼କୁ ଦେଖି ଗମ୍ଭୀର ବାଣୀରେ ଏକ ତତ୍ତ୍ୱପୂର୍ଣ୍ଣ ପଦ କହିଲେ । ଶିଶୁ ମହାପୁରୁଷଙ୍କ ଉଚ୍ଚାରିତ ଶବ୍ଦ କ୍ରମଶଃ ଯେପରି ସ୍ପଷ୍ଟ ହେବାକୁ ଲାଗିଲା ସେହିପରି ଶୁଆ ତାହାକୁହିଁ ରଟିବାକୁ ଲାଗିଲା ଏବଂ ମୁଁ ମଧ୍ୟ ମନ୍ତ୍ରମୁଗ୍ଧ ହୋଇ ସେହି ପଦ୍ୟକୁ ଗାଇବାକୁ ଲାଗିଲି :

''ବିଳସତ କମଳ ପର ଏକ-ପ୍ରାନ
କୌନସରସୋଂ କମଳ ଉପୁଜା କହାଁଛିତି ପରମାନ
କବନ ଭଁବରା ଜଳଜ ଜୋହେଁ ପରଖ୍ ଲେହୁ ସୁଜାନ ॥
ଶେଷ କାର୍ଯ୍ୟ ଅଶେଷ କାରଣ ପରେ ଆତମ ଆନ
ସଚ୍ଚ ସଦ୍‌ଗୁରୁ ଦୟା ହୋତହି ସହଜ ପ୍ରଘଟତ ଜ୍ଞାନ ॥''

ଅର୍ଥାତ୍ : ପଦ୍ମରେ ଏକ ପ୍ରାଣ ବିଳାସ କରୁଅଛି । ପୃଥିବୀର କେଉଁ ପୁଷ୍କରିଣୀରେ ପଦ୍ମ ଉତ୍ପନ୍ନ ହେଲା, କେଉଁ ଭ୍ରମର ପଦ୍ମକୁ ଦେଖିଲା, ହେ ସୁନ୍ଦର ଜ୍ଞାନସମ୍ପନ୍ନ ବ୍ୟକ୍ତି, ତୁ ଏହାକୁ ବୁଝ । ଯେଉଁ ଶେଷ କାର୍ଯ୍ୟ ଅଶେଷର କାରଣ, ଆଉ ତତ୍‌ପରେ ଯେଉଁ ଆତ୍ମା ସେ ଏହାଠାରୁ ପୃଥକ୍ – ସଚ୍ଚ ସଦ୍‌ଗୁରୁଙ୍କ ଦୟା ହେଲେ ଏହି ଜ୍ଞାନ ସହଜରେ ପ୍ରଘଟ ହୁଏ ।

ଏହି ସମୟରେ ଶୁଆ ପିଞ୍ଜରାରୁ ବାହାରି ଆସି ବାଳ-ଭକ୍ତଙ୍କ ଭୁଜ ଉପରେ ବସିଗଲା । ସେହି ଅଦ୍ଭୁତ ବାଳକ ତାକୁ ଧରି ନିଜ ପାପୁଲିରେ ବସେଇ ଉଠି ଛିଡ଼ା ହେଲେ । ''ଶ୍ରୀରାମ, ଜୟରାମ, ଜୟ ଜୟ ରାମ''– ଗାନ କରି ନାଚିବାକୁ ଆରମ୍ଭ କଲେ । ବେଳା ଆଉ ଥୟ ଧରି ରହିପାରିଲା ନାହିଁ । ଛୋଟ ଭାଇକୁ କାଖରେ ନେଇ ନାଚିବାକୁ ଲାଗିଲା । ମୁଁ ମଧ୍ୟ ଚୁପ୍ ହୋଇ ରହି ପାରିଲି ନାହିଁ । ବେଳାଠାରୁ ଶିଶୁ ମହାପୁରୁଷଙ୍କୁ ଆଣି ନିଜ କାନ୍ଧରେ ବସାଇ ବେଳା ସଙ୍ଗେ ସେହି ମନ୍ତ୍ରକୁ ଗାନ କରି ନୃତ୍ୟ ଆରମ୍ଭ କଲି । ସେହି ଗାନ ଆଉ ନୃତ୍ୟରେ ଯେଉଁ ଆନନ୍ଦ ଏବଂ ଯେଉଁ ଅବସ୍ଥା ପ୍ରାପ୍ତ ହେଲା ତାହା ସାଧାରଣ ଲୋକଙ୍କ କଳ୍ପନାତୀତ ବସ୍ତୁ । ମୁଁ ଏକାବେଳେକେ ବାହ୍ୟ ଜ୍ଞାନଶୂନ୍ୟ ହୋଇଗଲି । ପ୍ରେମୋନ୍ମାଦରେ କେତେ ସମୟ ନୃତ୍ୟ କରିଛି, ତାହା ଜାଣେ ନାହିଁ । ସେହି ପ୍ରେମୋନ୍ମାଦ ନିଶା ଟିକିଏ ଉତରି ଯିବାରୁ, ବାହ୍ୟ ଚେତନାରେ ଆସିବାପରେ ଦେଖିଲି ଆତ୍ମମାନଙ୍କ ଚତୁର୍ଦିଗରେ ବହୁଲୋକ ଏକତ୍ର ହୋଇ ମନ୍ତ୍ରମୁଗ୍ଧ ପରି ନୀରବରେ ଛିଡ଼ା ହୋଇ ନୃତ୍ୟ ଦେଖୁ ଅଛନ୍ତି । ଆତ୍ମେମାନେ ନୃତ୍ୟ ବନ୍ଦ କଲୁ । ଶୁଆକୁ ପିଞ୍ଜରାରେ ରଖିଦିଆହେଲା । ବାଳକ ମୋ କୋଳରୁ ଉତରି ଯାଇ ପଦ୍ମାସନରେ ବସି ପଡ଼ିଲେ । ବେଳା ଶାନ୍ତଭାବେ ବସିଗଲା । ମୁଁ ମଧ୍ୟ ଆସନ ଲଗେଇ ଧ୍ୟାନମଗ୍ନ ହୋଇଗଲି । ଦର୍ଶକଗଣ ମନ୍ତ୍ରମୁଗ୍ଧ ପରି ଦେଖୁ ଥାଆନ୍ତି । ସେଠାରେ ଏପରି ଶାନ୍ତ ବାତାବରଣ ଥିଲା ଯେ କେହି କିଛି ପଚାରିବାକୁ ଏକେବାରେ ଅସମର୍ଥ ଥିଲେ । ଏହିପରି ଅବସ୍ଥାରେ ସେମାନେ କିଛି ସମୟ ଛିଡ଼ା ହୋଇ ନିଜ ନିଜ କାର୍ଯ୍ୟରେ ଚାଲିଗଲେ । ମୁଁ ନିଜ ସ୍ଥିତି ବୁଦ୍ଧି ଆଶ୍ରୟରେ ସମ୍ଭାଳିବାକୁ ଲାଗିଲି । ଆଉ ଏକଥା ସ୍ପଷ୍ଟରୂପେ ବୁଝିପାରିଲି ଯେ ବାଳକ ଭକ୍ତଙ୍କର ଶକ୍ତିରେ ଏହି ଘଟନା ଘଟିଲା । ବାଳ-ଭକ୍ତଙ୍କ ଶକ୍ତିର ପରିଚୟ ମୋର ପୂର୍ବରୁ ଥିଲା । ସେଥିପାଇଁ ମୁଁ ଆଶ୍ଚର୍ଯ୍ୟରେ ପଡ଼ିଲି ନାହିଁ । କିନ୍ତୁ ବାଳ-ଭକ୍ତର ଭଉଣୀ ବେଳା ସନ୍ଦେହସମୁଦ୍ରରେ ଏକେବାରେ ଡୁବିଯାଇ ଭୟଭୀତ ହୋଇଗଲା । ସେ ଭାବିଲା, ଛୋଟ ଭାଇକୁ କୌଣସି ଦେବତା ଅଥବା ଭୂତ ଅଧିକାର କରି ଏପରି ଆଶ୍ଚର୍ଯ୍ୟଜନକ ଲୀଳା ଦେଖାଇ ଦେଲା । ସେ ନିଜ ବିଚାର ସମର୍ଥନ କରିବାକୁ ମୋତେ ପଚାରିଲା, ''ସ୍ୱାମିଜି, ଦେଖ ! ଭୈୟା* କେତେ ଛୋଟ, ବର୍ତ୍ତମାନ ଶବ୍ଦ ଉଚ୍ଚାରଣ କରି ପାରି ନାହିଁ, କିଛି ପଢ଼ା ଲେଖା ବି କରି ନାହିଁ, କିନ୍ତି ହଠାତ୍ ପଣ୍ଡିତ ପରି ବିଷ୍ଣୁପଦୀ ଗାଇଦେଲା ! ଏହା କ'ଣ ଆଶ୍ଚର୍ଯ୍ୟର ଘଟନା ନୁହେଁ ? ଏହିପରି କୌଣସି ପିଲା କେଉଁଠି କେବେ ପଦ ଗାଇଛି କି ? ସେ ସମୟରେ ଏହାକୁ କୌଣସି ଦେବତା ଅଥବା ପଣ୍ଡିତ ଭୂତ ଲାଗିଥିଲା । ସେ ଆତ୍ମମାନଙ୍କୁ ନଚେଇ ଦେଲା । ବର୍ତ୍ତମାନ ଭୂତ ଛାଡ଼ି ଯାଇଛି, ସେଥିଲାଗି ସେ ପୂର୍ବପରି ଶାନ୍ତଭାବରେ ବସିଅଛି । ଯେପରି ତା'ର କିଛି ହୋଇ ନାହିଁ, ଅଥବା ସେ ଘଟନା ସମ୍ବନ୍ଧେ କିଛି ବି ଜାଣେ ନାହିଁ ।'' ମୁଁ ତାକୁ ପଚାରିଲି, ''ଏଥିରେ ତୁ ଦୁଃଖିତ ହେଲୁ କି ଆନନ୍ଦିତ ହେଲୁ ?'' ସେ କହିଲା, ''ଅପାର ଆନନ୍ଦ । ଏପରି ଆନନ୍ଦ ମୋ ଜୀବନରେ କେବେ ପାଇ ନ ଥିଲି ।'' ମୁଁ କହିଲି, ''ଯଦି ତୁ ସୁଖୀ ହୋଇଥିଲୁ, ତେବେ ତୋ ଭାଇକୁ ଭୂତ ଲାଗି ନ ଥିଲା । ତାଙ୍କ ମଧ୍ୟରେ ଭଗବତ୍ ପ୍ରେମାନନ୍ଦର ସ୍ରୋତ ପ୍ରବାହିତ ହୋଇଥିଲା, ଯହା ସ୍ୱର୍ଶରେ ଆତ୍ମମାନଙ୍କୁ ବି ପରମ ଆନନ୍ଦ ଓ ପରମ ଶାନ୍ତି ମିଳିଲା ଏପରିକି

* ଉତ୍ତର ପ୍ରଦେଶରେ ଛୋଟ ଅଥବା ବଡ଼ ଭାଇକୁ ''ଭୈୟା'' କହନ୍ତି ।

ଦର୍ଶନାର୍ଥିଗଣ ଆନନ୍ଦ ଓ ଶାନ୍ତିରୁ ବଞ୍ଚିତ ହୋଇ ନ ଥିଲେ । ଭୂତ ଦ୍ୱାରା ଆନନ୍ଦ ମିଳେ ନାହିଁ, ମିଳେ ଦୁଃଖ । ଭଗବାନଙ୍କ ଦ୍ୱାରା ଦୁଃଖ ମିଳେ ନାହିଁ, ମିଳେ ଆନନ୍ଦ । ସେହି ଭଗବାନ୍ ମୋ ହୃଦୟରେ, ତୋ' ହୃଦୟରେ, ସମସ୍ତ ପ୍ରାଣୀମାନଙ୍କ ହୃଦୟରେ ବିରାଜମାନ କରିଅଛନ୍ତି, ସେହିଁ ସମସ୍ତ ଲୀଳା କରୁଅଛନ୍ତି, ସମସ୍ତ ସଂସାରକୁ ପରିଚାଳନା କରୁଅଛନ୍ତି । ସେହି ଭଗବାନ୍ ପ୍ରାଣୀମାନଙ୍କର ପିତାମାତା, ବନ୍ଧୁ, ସଖା, ସୁହୃଦ୍; ସମସ୍ତଙ୍କର ହିତଚିନ୍ତକ । ଆମ୍ଭେମାନେ ସମସ୍ତେ ତାଙ୍କରି ସନ୍ତାନ । ତାଙ୍କ ସଙ୍ଗେ ଆମ୍ଭମାନଙ୍କ ନିତ୍ୟ ସମ୍ବନ୍ଧ । ଅର୍ଥାତ୍ ଏହି ସଂସାରରେ ପିତାମାତା ଇତ୍ୟାଦି ଯେତେ ସାଂସାରିକ ସମ୍ବନ୍ଧ ଏସବୁ ଅନିତ୍ୟ । କାରଣ ଶରୀର ପରିତ୍ୟାଗ ସଙ୍ଗେ ସଙ୍ଗେ ଏହିସବୁ ସମ୍ବନ୍ଧ ବିଚ୍ଛେଦ ହୁଏ । କିନ୍ତୁ ଭଗବାନଙ୍କ ସଙ୍ଗରେ ଜୀବନ ଜନ୍ମଜନ୍ମାନ୍ତର ସମ୍ବନ୍ଧ ରହିଥାଏ । ଜୀବ ଆସିଛି ତାଙ୍କ ପାଖରୁ ଆଉ ଦିନେ ତାଙ୍କୁହିଁ ପ୍ରାପ୍ତ କରିବ । ତେଣୁ ସେ ଆମ୍ଭର ଚିରସାଥୀ ଓ ରକ୍ଷକ । ଭୟ କରିବାର କିଛି ବି କାରଣ ନାହିଁ । ଆଜି ଆମ୍ଭମାନଙ୍କର ବଡ଼ ସୌଭାଗ୍ୟର ବିଷୟ, ଆମ୍ଭେମାନେ ଏହି ବାଳକ ଦ୍ୱାରା ଭଗବାନଙ୍କ ସଂସ୍ପର୍ଶ ପାଇଲୁ । ଭଗବାନଙ୍କ ସଂସ୍ପର୍ଶ ଅମୋଘ, କେବେ ବି ନଷ୍ଟ ହୁଏ ନାହିଁ । ପାପକୁ ପୁଣ୍ୟ ନଷ୍ଟ କରିଦିଏ କିନ୍ତୁ ଭଗବତ୍ ସଂସ୍ପର୍ଶକୁ ମହାନ୍ ପାପ ବି ନଷ୍ଟ କରିବାରେ ସର୍ବଥା ଅସମର୍ଥ ହୁଏ । ପାପର ଫଳ ଭୋଗ କରିବାକୁ ହୁଏ, କିନ୍ତୁ ତାହାଦ୍ୱାରା ଭଗବତ୍ ଭକ୍ତି ନାଶ ହୁଏ ନାହିଁ । ତୁ ଭାଗବତର ଅଜାମିଳ କଥା ଶୁଣିଥିବୁ । ସେ ପାପ କରିବାରୁ ସେହି ପାପର ଫଳ ତାକୁ ଭୋଗିବାକୁ ପଡ଼ିଥିଲା । କିନ୍ତୁ ପୂର୍ବେ ଅର୍ଜିଥିବା ଭଗବତ୍ ଭକ୍ତି ଯୋଗୁଁ ପୁତ୍ରନାମ ଛଳରେ ନାରାୟଣ କହି ଭଗବତ୍ ପାର୍ଶ୍ୱଦଙ୍କ ଦ୍ୱାରା ଯମଗଣଙ୍କ ହାତରୁ ରକ୍ଷା ପାଇଥିଲା ।'' ଏହା ଶୁଣି ବେଳା ବହୁତ ଖୁସି ହେଲା । ମୁଁ ତାକୁ ପୁନର୍ବାର ବୁଝେଇ କହିଲି, ''ଏହି ବିଷୟ କାହାକୁ କହିବୁ ନାହିଁ; ତୁ ସ୍ୱୟଂ ଏହାକୁ ମନ ମଧ୍ୟରେ ସ୍ମରଣ କରିବୁ । ଏଥିରେ ତୋ'ର କଲ୍ୟାଣ ହେବ ।'' ସେ ବାଳକକୁ ନେଇ ଘର ଭିତରକୁ ଚାଲିଗଲା । ମୁଁ ମଧ୍ୟ ଭିକ୍ଷାକରି କୁଡ଼ିଆକୁ ଫେରି ଆସିଲି ।

ଯେପରି ଭଗବାନଙ୍କ ବାଳ-ଚରିତ ମନକୁ ହରଣ କରିନିଏ, ସେହିପରି ସନ୍ଥ ଭକ୍ତଙ୍କ ବାଳ-ଲୀଳା ଆକର୍ଷିତ କରି ନିଏ । କାରଣ ଭଗବାନଙ୍କ ନିବାସ ଭକ୍ତଙ୍କ ହୃଦୟରେ । ସେଥିପାଇଁ ଭକ୍ତ ଭଗବାନଙ୍କ ମଧ୍ୟରେ ପ୍ରଭେଦ ଦେଖିବା ବଡ଼ ଭୁଲ୍ ।

''ବୋଲ ଭକ୍ତ ଆଉ ତାଙ୍କ ଭଗବାନଙ୍କର ଜୟ ।''

— ସ୍ୱାମୀ ବିମଳାନନ୍ଦ ତୀର୍ଥ ଉଦୟନ

ମଙ୍ଗଳ ଦାସ

ଆରାଧ୍ତୋ ଯଦି ହରିସ୍ତପସା ତତଃ କିମ୍ ।
ନାରାଧ୍ତୋ ଯଦି ହରିସ୍ତପସା ତତଃ କିମ୍ ॥
ଅନ୍ତର୍ବହିର୍ଯଦି ହରିସ୍ତପସା ତତଃ କିମ୍ ।
ନାନ୍ତର୍ବହିର୍ଯଦି ହରିସ୍ତପସା ତତଃ କିମ୍ ॥

ଚାରି ବେଦ ଯାହାର କୀର୍ତ୍ତି ଗାନ କରୁଅଛନ୍ତି, ଯୋଗୀମାନଙ୍କ ଧ୍ୟାନରେ ଯେ ଅଗମ୍ୟ, ସେହି ପରମବ୍ରହ୍ମ ପୁରୁଷୋତ୍ତମ ତତ୍ତ୍ୱ ଗୋପାଳୁଣୀଙ୍କ ହାତରେ ନିଜକୁ ବିକି ଦେଇଥିଲେ । ଭାବୁକୀ ଗୋପାଳୁଣୀମାନେ ନିଜ ପ୍ରେମ ପାଶରେ ତାଙ୍କୁ ବାନ୍ଧି ନେଇଥିଲେ । ଏହି ଭାବ ସରଳ ଗୋପାଳୁଣୀମାନଙ୍କ ପାଖକୁ ସ୍ୱାଭାବିକରୂପେ ଆସିଥିଲା, କିନ୍ତୁ ଏହା ବୁଦ୍ଧିବିଦମାନଙ୍କୁ ଧରାଦିଏ ନାହିଁ । ଏହି ଶୁଦ୍ଧହୃଦୟ ଗ୍ରାମ୍ୟ ଗୋପାଳୁଣୀମାନଙ୍କର କେତେ ମହାନ୍ ପୁଣ୍ୟ ଥିଲା । ସେମାନଙ୍କୁ ଯେଉଁ ବାଲ୍ୟଲୀଳାର ସୁଖ ମିଳିଥିଲା, ତାହା ବ୍ରହ୍ମାଦି ଦେବତାମାନଙ୍କୁ ମଧ୍ୟ ଦୁର୍ଲଭ, ଅନ୍ୟକୁ ପଚାରେ କିଏ । ସେହି ସରଳ ଗୋପାଳୁଣୀମାନଙ୍କ ସୁକୃତର ହିସାବ କିଏ କରିପାରିବ ? ଯେଉଁମାନେ ପରମବ୍ରହ୍ମ ପୁରୁଷୋତ୍ତମଙ୍କ ସଙ୍ଗେ ଖେଳିଲେ, ଝଗଡ଼ା କଲେ, ପ୍ରେମକଲେ, ତାଙ୍କରି ଚରଣରେ ମାନ, ସମ୍ମାନ, ଜାତି, କୁଳ, ଲଜ୍ଜା, ସୁଖ, ଭୋଗ, ଇହଲୋକ, ପରଲୋକ ସମସ୍ତ ସ୍ୱାହାକରି ତାଙ୍କରିହିଁ ହୋଇଗଲେ, ସେମାନଙ୍କ ସକାଶେ ଥିଲା ଘରଦ୍ୱାର, ପତି-ପୁତ୍ର, ସ୍ୱଜନ-ବାନ୍ଧବ ଓ ଧନ ସମ୍ପତ୍ତି ବିଷବତ୍ । ସେମାନେ ହୃଦୟରେ ତାଙ୍କୁ ପ୍ରେମ ପାଶରେ ବାନ୍ଧି ରଖିଥିଲେ; ବାହାରେ ତାଙ୍କ ସଙ୍ଗେ ଲୀଳାକରି କୃତକୃତ୍ୟ ହୋଇଥିଲେ । ଭିତରେ ହରି, ବାହାରେ ହରି, ହରି ଭିତରେ ସେମାନେ ସେମାନଙ୍କ ଭିତରେ ହରି; ସେମାନେ ହରିମୟ ହୋଇ ଯାଇଥିଲେ । ଏହିପରି ଜଣେ ପ୍ରେମିକ-ଭକ୍ତଙ୍କ ଚରିତ ଏଠି ଗାନ କରି ନିଜକୁ କୃତାର୍ଥ କରିବା ।

ନାସିକ ପାଖରେ ପଞ୍ଚବଟୀ ନାମରେ ଗୋଟିଏ ପୁଣ୍ୟ କ୍ଷେତ୍ର ଥିଲା, ଯେଉଁଠାରେ ଭଗବାନ୍ ଶ୍ରୀରାମ, ସୀତା ଓ ଲକ୍ଷ୍ମଣଙ୍କ ସହିତ ତ୍ରେତାଯୁଗରେ ପର୍ଣ୍ଣକୁଟୀର କରି ବାସ କରିଥିଲେ ବୋଲି କୁହାଯାଏ । ସେହି ଗ୍ରାମରେ ପ୍ରାୟ ଦୁଇଶହ ବର୍ଷ ପୂର୍ବେ ଗୋଟିଏ ଗୋପାଳ ପରିବାରରେ ମଙ୍ଗଳର ଜନ୍ମ ହୋଇଥିଲା । ମଙ୍ଗଳର ପିତାମାତା ସାଧାରଣ ଅବସ୍ଥାରେ କୃଷକ ଥିଲେ । ଘରେ ହଳେ ବଳଦ ଓ ଚାରି ପାଞ୍ଚୋଟି ଗାଈ । ପିତା ଚାଷବାସ କରନ୍ତି, ମା ଗୋରୁଙ୍କୁ ଦେଖାଶୁଣା କରେ, ଗାଈଦୁହେଁ, ଦହି ବସାଏ, ଦହି ମନ୍ଥେ, ଆଉ ଦହି, ଘିଅ ନେଇ ଗ୍ରାମମାନଙ୍କରେ ବିକ୍ରିକରେ । ମଙ୍ଗଳ ଏହି ଗୋପାଳଦମ୍ପତିଙ୍କର ଏକମାତ୍ର ସ୍ନେହର ସଞ୍ଚାଳି ଥିଲା । ମଙ୍ଗଳର କଳାକୁଞ୍ଚିତ କେଶ, ବଡ଼ ବଡ଼ ଆଖି, ଚନ୍ଦ୍ରମା ସଦୃଶ ସୁନ୍ଦର ମୁଖ, ତାହାର ଚଞ୍ଚଳ ନେତ୍ରର ଦୃଷ୍ଟି, ସମସ୍ତଙ୍କ ଚିତ୍ତକୁ ମୁଗ୍ଧକରି ଦେଉଥିଲା । ଯେ ଦେଖୁଥିଲା, ତାକୁ ଛାଡ଼ିଯିବାକୁ ଇଚ୍ଛା କରୁ ନ ଥିଲା । ଯେ କେହି ଦାଣ୍ଡରେ ଯାଉଥିଲା ସେ ମଙ୍ଗଳ ପାଖରେ ଛିଡ଼ା ହୋଇ ତାକୁ ତୃପ୍ତନେତ୍ରରେ ନ ଦେଖି ଯାଉ ନ ଥିଲା । ମଙ୍ଗଳ ଗ୍ରାମର ସ୍ତ୍ରୀମାନଙ୍କର ସ୍ନେହର ପିତୁଳା ହୋଇ ଯାଇଥିଲା । ଯେ କୌଣସି କାର୍ଯ୍ୟରେ ମଙ୍ଗଳର ଦାଣ୍ଡରେ ଗଲାବେଳେ କିଛିକ୍ଷଣ ଆସି ନ ଦେଖିଲେ ସେମାନେ ସନ୍ତୁଷ୍ଟ ହେଉ ନ ଥିଲେ । କେହି ନିଆଁ ପାଇଁ ଆସୁଥିଲା ତ କେହି ଦୀପ ଜାଳିବା ପାଇଁ । ଗ୍ରାମର ସମସ୍ତ ସ୍ତ୍ରୀମାନେ ପ୍ରତିଦିନ କୌଣସି ନା କୌଣସି କାର୍ଯ୍ୟର ଆଶ୍ରୟ କରି ଥରେ ଦୁଇଥର ଆସି ମଙ୍ଗଳକୁ ଦେଖି ନ ଗଲେ ଶାନ୍ତିରେ ରହି ପାରୁ ନ ଥିଲେ । ମଙ୍ଗଳକୁ ଦେଖିବାରେ କାହାରି ମନ ପୂରା ହେଉ ନ ଥିଲା । ମଙ୍ଗଳ ହୋଇଥିଲା ସମସ୍ତଙ୍କ ନେତ୍ରର ତାରା ।

ସୌନ୍ଦର୍ଯ୍ୟ, ଲାବଣ୍ୟ ଓ ଆନନ୍ଦ ଭଗବାନଙ୍କ ଦିବ୍ୟଗୁଣ । ଜୀବ ଏହାର ଭୋକ୍ତା । ଏହି ଦିବ୍ୟଗୁଣ ଯେଉଁଠାରେ ପ୍ରକାଶିତ ହୁଏ ମନୁଷ୍ୟ ସ୍ୱାଭାବିକ ଭାବେ ତା ଆଡ଼କୁ ଆକର୍ଷିତ ହୁଏ । ସେଥିଲାଗି ସୁନ୍ଦର ବାଳକର ସୌନ୍ଦର୍ଯ୍ୟରେ

ପ୍ରାଣୀମାନେ ମୁଗ୍ଧ ହୋଇଯାଆନ୍ତି । କିନ୍ତୁ ଯେଉଁମାନେ ଭଗବତ୍‌ଭକ୍ତ, ଯେଉଁମାନଙ୍କ ହୃଦୟ ଶୁଦ୍ଧ ହୋଇ ଯାଇଛି, ସେମାନେ ପ୍ରତ୍ୟେକେ ସାଂସାରିକ ସୌନ୍ଦର୍ଯ୍ୟର ପଶ୍ଚାତରେ ପରମ-ସୁନ୍ଦର ଭଗବାନଙ୍କୁ ଦେଖନ୍ତି । ଏପରିକି ଯେଉଁ ଯୁବତୀ ସ୍ତ୍ରୀର ଦୀପ-ଶିଖା ସଦୃଶ ସୌନ୍ଦର୍ଯ୍ୟରେ ପତଙ୍ଗ ତୁଲ୍ୟ ବିଷୟୀ ପୁରୁଷ ଝାସ ଦେଇ ପ୍ରାଣ ବିସର୍ଜନ କରନ୍ତି ସେହି ସୌନ୍ଦର୍ଯ୍ୟର ପଶ୍ଚାତରେ ଭକ୍ତ ଦେଖେ ଭଗବାନଙ୍କୁ । କାରଣ ସୌନ୍ଦର୍ଯ୍ୟାଦି ଦିବ୍ୟଗୁଣର ମୂଳ-ଉତ୍ସ ଭଗବାନ୍ । ଭିନ୍ନ ଭିନ୍ନ ସ୍ଥାନରେ ସେହି ସୌନ୍ଦର୍ଯ୍ୟ ଭିନ୍ନ ଭିନ୍ନ ରୂପେ ପ୍ରକାଶିତ ହୋଇଅଛି । ମଙ୍ଗଳର ଶରୀରରେ ଭଗବାନଙ୍କର ସେହି ସୌନ୍ଦର୍ଯ୍ୟ ଓ ଲାବଣ୍ୟ ସାଧାରଣ ବାଳକ ଅପେକ୍ଷା ଅଧିକ ପ୍ରକାଶ ପାଇଥିବାରୁ ତାହା ପ୍ରତି ଆକର୍ଷିତ ହେବା ଲୋକଙ୍କ ପକ୍ଷେ ସ୍ୱାଭାବିକ ଥିଲା ।

ମା ଦଧିମନ୍ଥନ କରୁଥାଏ, ମଙ୍ଗଳ ତା' ପିଠି ଉପରେ ଯାଇ ବସି ଛୋଟ ଛୋଟ କୋମଳ କର-କମଳରେ ମା'ର ଗଳାକୁ ଧରି ଓହଳି ପଡ଼େ । କେବେ ମା' ଶୋଇବା ସମୟରେ ଅଙ୍ଗୁଳିରେ ତା'ର ମୁଦ୍ରିତ ନେତ୍ରକୁ ଖୋଲେ । କେବେ ମା'ର ଦୃଷ୍ଟିର ପଶ୍ଚାତରେ ଦୁଧସର ଶେଷ କରିଦିଏ । ସାଙ୍ଗ ପିଲାମାନଙ୍କୁ ନେଇ ଘରେ ଖେଳେ ଏବଂ ଖାଦ୍ୟ ଦ୍ରବ୍ୟ ବାଣ୍ଟି କରି ଖାଏ । ମଙ୍ଗଳ ଥିଲା ଯେପରି ସୁନ୍ଦର, ସେହିପରି ଚପଳ । ମା'କୁ ବିରକ୍ତ କରିବାରେ କିଛି ବାକି ରଖେ ନାହିଁ । କିନ୍ତୁ ସେ ଥିଲା ମା'ର ଏକମାତ୍ର ସନ୍ତାନ; ହୃଦୟର କଲିଜା । ମଙ୍ଗଳର ଚପଳତା ଯୋଗୁଁ ମା' ତା ମନରେ କଷ୍ଟ ଦିଏ ନାହିଁ କି ମାରେ ନାହିଁ; ବରଂ ସେଥିରେ ସେ ଅନୁଭବ କରେ ଏକ ଆନନ୍ଦ ।

ଶ୍ରୀକୃଷ୍ଣ ଜନ୍ମାଷ୍ଟମୀର ରାତ୍ରିରେ ମଙ୍ଗଳର ଘରେ ବଡ଼ ଉତ୍ସବ ହେଉଥିଲା । ଗ୍ରାମର ସମସ୍ତ ସ୍ତ୍ରୀ ପୁରୁଷ ଏକତ୍ର ହୋଇଥିଲେ । ଝୁଲାରେ ଶ୍ରୀକୃଷ୍ଣଙ୍କ ପରମ ସୁନ୍ଦର ମନୋମୋହନ ପ୍ରତିମା ବିରାଜିତ ଥିଲେ । ମଙ୍ଗଳର ମା' ରେଶମୀ ଡୋରରେ ଝୁଲାକୁ ଧୀରେ ଧୀରେ ଝୁଲାଇ ଗାଉଥିଲେ :

''ମେରୀ ଅଁଖି ଅନକେ ଭୂଷନ ଗିରିଧାରୀ,
ବଲି ବଲି ଯାଓଁ ଛବିଲୀ ଛବି ପର ଅତି ଆନନ୍ଦ ସୁଖକାରୀ ॥
ପରମ ଉଦାର ଚତୁର ଚିନ୍ତାମଣି ଦରସ ପରସ ଦୁଃଖହାରୀ,
ଅତୁଲ ପ୍ରତାପ ତନକ ତୁଲସୀଦଳ ମାଲତ ସେବାଭାରୀ ॥
କ୍ଷିତ ସ୍ୱାମୀ ଗିରିଧରନ ବିଶଦ ଯଶ ଗାବତ ଗୋକୁଲନାରୀ,
କହା ବରନୌ ଗୁନଗାଥା ନାଥକେ ଶ୍ରୀବିଟ୍‌ଠଲ ହୃଦୟ-ବିହାରୀ ॥''

ଅର୍ଥାତ୍, ''ହେ ଗିରିଧାରୀ, ତୁ ମୋ ନେତ୍ରର ଭୂଷଣ । ତୋର ଅତି ଆନନ୍ଦ ସୁଖକାରୀ ଛବିଳ ଛବିରେ ମୁଁ ନିଜକୁ ସମର୍ପଣ କରୁଅଛି । ହେ ପରମ ଉଦାର ଚତୁର ଚିନ୍ତାମଣି, ତୋର ଦର୍ଶନ ଆଉ ସ୍ପର୍ଶରେ ତୁ ଭକ୍ତର ଦୁଃଖ ହରଣ କରିନେଉ । ତୋର ଅତୁଳନୀୟ ପ୍ରତାପ ଥିବା ସତ୍ତ୍ୱେ ତୁ ଟିକିଏ ତୁଳସୀଦଳ ଅର୍ପଣକୁ ବହୁତ ବଡ଼ ସେବା ବୋଲି ମନେକରୁ । ମହାତ୍ମା କ୍ଷିତିଙ୍କ ସ୍ୱାମୀ ଗିରିଧାରୀଙ୍କ ବିଶଦ ଯଶଃ ଗୋକୁଳର ସ୍ତ୍ରୀମାନେ ଗାନ କରୁଅଛନ୍ତି । ବଲ୍ଲଭପୁତ୍ର ବିଟ୍‌ଠଲଙ୍କ ହୃଦୟ-ବିହାରୀ ଯେ କି ମୋ ସ୍ୱାମୀ, ତାଙ୍କ ଗୁଣଗାଥା ମୁଁ ବା କ'ଣ ବର୍ଣ୍ଣନା କରିବି !''

ମା' ଏହିପରି ଗୀତ ଗାଉଅଛି, ମଙ୍ଗଳ ଏକଦୃଷ୍ଟିରେ ସେହି ମଙ୍ଗଳମୟ ଶ୍ରୀକୃଷ୍ଣଙ୍କ ମୂର୍ତ୍ତିକୁ ଦେଖୁଅଛି । ଏସବୁ କ'ଣ ହେଉଛି, ସେ କିଛି ବୁଝି ପାରୁ ନାହିଁ । କିନ୍ତୁ ତା'ର ମନ-ପ୍ରାଣରେ ଏକ ଦିବ୍ୟ ଉଲ୍ଲାସ । ସେ ଏହି ଉତ୍ସବକୁ କୌତୂହଳରେ ଦେଖି ଆନନ୍ଦରେ ନାଚୁଅଛି । ଅର୍ଦ୍ଧରାତ୍ରି ସମୟ । ଦେବକୀ-ଦୁଲ୍ଲାଳ ପ୍ରେମରେ ବଶହୋଇ ଭକ୍ତଙ୍କ ହୃଦୟରେ ଉତରି ଆସିଲେ । ସର୍ବତ୍ର ଆନନ୍ଦହିଁ ଆନନ୍ଦ । ମଙ୍ଗଳ ଆନନ୍ଦରେ ମତ୍ତ । ସେ ବାରଂବାର ମା'କୁ ପଚାରୁ ଅଛି – ''ମା' ଏସବୁ କ'ଣ ? କାହିଁକି ହେଉଛି ?'' ମା' ଆନନ୍ଦ ବିଭୋର ହୋଇ ମଙ୍ଗଳ ମୁଖରେ ଚୁମ୍ବନ ଦେଇ ଅଶ୍ରୁଗଦ୍‌ଗଦ୍ ସ୍ୱରରେ କହୁଛି – ''ଲାଲା ! ଆଜି ଆମ ଘରେ ତ୍ରିଭୁବନ ସୁନ୍ଦର ଶ୍ରୀ ଗୋପାଳକୃଷ୍ଣଙ୍କ ଜନ୍ମୋତ୍ସବ ହେଉଅଛି ।'' ''ସେ କିପରି

ମା' ? ସେ କିପରି ?'' ''ମୁଁ କ'ଣ କହିବି, ସେ ଅତ୍ୟନ୍ତ ସୁନ୍ଦର, ଅତ୍ୟନ୍ତ ମଧୁର, ଅତ୍ୟନ୍ତ କୋମଳ, ଅତ୍ୟନ୍ତ ଲାବଣ୍ୟମୟ ଏବଂ ପ୍ରାଣୀମାନଙ୍କୁ ସେ ଅତ୍ୟନ୍ତ ପ୍ରେମ କରନ୍ତି । ତୁ ଥରେ ଦେଖିଲେ କେବେ ଛାଡ଼ି ପାରିବୁ ନାହିଁ । ରାତି ଦିନ ତାଙ୍କରି ସଙ୍ଗେ ରହିବୁ । ଖାଇବା, ପିଇବା ସବୁକିଛି ଭୁଲିଯିବୁ ।'' ଏହା ଶୁଣିବା ମାତ୍ରେ ମଙ୍ଗଳର ହୃଦୟରେ ବିଜୁଳିପରି କିଛି ଗୋଟାଏ ଶକ୍ତି ପ୍ରବେଶ କରିଗଲା । ତାହାର ସମସ୍ତ ଚେତନା ହୃଦୟ ଗଭୀରରେ ଏକତ୍ର ହୋଇଗଲା । କେବଳ ଭାବିବାକୁ ଲାଗିଲା – ''ସେ ଏପରି, ଯାହାଙ୍କୁ ଥରେ ଦେଖିଲେ ଆଉ କେବେ ଛାଡ଼ି ହୁଏ ନାହିଁ । ସେ କିପରି, ଯାହାକୁ ପାଇଲେ ସବୁକିଛି ଭୁଲିଯିବାକୁ ହୁଏ ?'' ଏହିପରି ଚିନ୍ତାରେ ତା'ର ସମସ୍ତ ରାତିଟା କଟିଗଲା ।

ରାତ୍ରିରେ ମା' କହିଥିବା ବିଷୟ ତା ମନରେ ଏକେବାରେ ଅଙ୍କିତ ହୋଇଗଲା । ପରଦିନ ସକାଳେ ସେ ଗାଈ ଚରେଇ ନେବା ସମୟରେ ଭାବିବାକୁ ଲାଗିଲା – ''ସେ କିପରି ସାଥୀ, ଯାହାକୁ ପାଇଲେ ପ୍ରାଣର କ୍ଷୁଧା ପିପାସା ସର୍ବଦା ଶାନ୍ତ ହୋଇଯିବ ?'' ଏହି ଭାବ ହୃଦୟରେ ଜାଗ୍ରତ ହୋଇ ଥିବାରୁ ସେ ତା'ର ପ୍ରାଣ ପ୍ରେମୀ ସଖା ସଙ୍ଗେ ମିଳିବାକୁ ବ୍ୟାକୁଳ ହୋଇଗଲା । ସେ ଗାଈ ନେଇ କିଛି ଦୂରରେ ଛାଡ଼ିଦେଲା । ପ୍ରତିଦିନ ପରି ଗାଈମାନଙ୍କୁ ନିରୀକ୍ଷଣ କଲା ନାହିଁ । ଆଜି ସେ ଭାବରେ ବିଭୋର । ସେ ସକଳ ମେଘମାଳକୁ, ସବୁଜ ଧାନକ୍ଷେତକୁ, ଆକାଶରେ ଉଠୁଥିବା ହଂସମାଳାକୁ ଏକ ଦୃଷ୍ଟିରେ ଅନାଇ ଚିତ୍ରପ୍ରତିମା ପ୍ରାୟ ନିଶ୍ଚଳ ହୋଇ ଛିଡ଼ା ହୋଇ ରହିଲା; ତା' ହୃଦୟର ପ୍ରେମ-ସମୁଦ୍ର ଉଛୁଳି, ତା ମନକୁ କୌଣସି ଅପାର୍ଥିବ ଭାବଧାରାରେ ଭସାଇ ନେଇଗଲା । ସେଦିନ ସେ ଯେଉଁ ଆଡ଼କୁ ଦୃଷ୍ଟି ଦେଉଥିଲା, ସେଥିରୁ ସେ ନିଜ ପ୍ରାଣସଖାର ସଙ୍କେତ ପାଉଥିଲା ।

ଭଗବାନଙ୍କ ମାର୍ଗରେ ଅଗ୍ରସର ହେବା ସକାଶେ ତୀବ୍ର ବୁଦ୍ଧି ଆଉ ମନୋମୁଗ୍ଧକାରୀ ନାନା ପ୍ରକାର ଶାସ୍ତ୍ରର ବ୍ୟାଖ୍ୟା ଏବଂ ଶାସ୍ତ୍ରଜ୍ଞାନର ଆବଶ୍ୟକତା ନାହିଁ । ଆବଶ୍ୟକ କେବଳ ସରଳ ନିଷ୍କପଟ ଆତ୍ମଦାନ । ସରଳ ନିଷ୍କପଟ ହୃଦୟରେ ଭଗବାନଙ୍କୁ ଡାକିଲେ ସେ ବିଦ୍ୟା-ବୁଦ୍ଧି ଯୋଗ୍ୟତା, ଜାତି, କୁଳ ଆଦି କିଛି ମାତ୍ର ଦେଖନ୍ତି ନାହିଁ । ନିଜ ଐଶ୍ୱର୍ଯ୍ୟ ଭୁଲି ଯାଆନ୍ତି ଏବଂ ଭକ୍ତଙ୍କ ଅଧୀନ ହୋଇ ନବପ୍ରସବିତ ଧେନୁପରି ତା' ପାଖକୁ ଦୌଡ଼ି ଆସନ୍ତି; ତାକୁ ନିଜ ହୃଦୟରେ ଲଗାଇ ନିଜର ଭକ୍ତି ପ୍ରେମ, ଶାନ୍ତି, ସମତା, ଜ୍ଞାନ, ବୈରାଗ୍ୟ ପ୍ରଭୃତି ଦିବ୍ୟଗୁଣ ତା' ମଧ୍ୟରେ ଅଜାଡ଼ି ଦିଅନ୍ତି ଏବଂ ଛାୟାପରି ତା' ସଙ୍ଗେ ରହନ୍ତି ।

ପ୍ରତ୍ୟେକ ମନୁଷ୍ୟର ହୃଦୟରେ ଭଗବତ୍ ପ୍ରାପ୍ତିର ସ୍ପନ୍ଦନ ତା ଜୀବନରେ କେବେ ନା କେବେ ଥରେ ଉଠେ । କିନ୍ତୁ ଅଧିକାଂଶ ବ୍ୟକ୍ତି ଏପରି ବାହ୍ୟ ମୋହରେ ପଡ଼ିଥା'ନ୍ତି ଯେ ହୃଦୟର ଡାକ ପ୍ରତି ଭ୍ରୁକ୍ଷେପ କରନ୍ତି ନାହିଁ । ଯେଉଁମାନେ ଭାଗ୍ୟବାନ୍, ଭଗବାନଙ୍କ କୃପାପାତ୍ର, ସେହିମାନେ ଏହି ଡାକ ଶୁଣନ୍ତି ଏବଂ ହୃଦୟରେ ତାହାର ଉତ୍ତର ଦିଅନ୍ତି । ସେହିମାନଙ୍କର ଇହଲୋକ, ପରଲୋକ, ସୁଖ, ଦୁଃଖ, ଜନ୍ମ, ମୃତ୍ୟୁ ସମସ୍ତ କିଛି ଭଗବାନଙ୍କ ଚରଣରେ ଅର୍ପିତ ହୁଏ । ଏହିପରି ସରଳ ଅନନ୍ୟଶରଣାଗତ ଭକ୍ତହିଁ ଭଗବାନଙ୍କୁ ଏବଂ ତାଙ୍କ ରହସ୍ୟକୁ ଜାଣି ପାରନ୍ତି ।

ମଙ୍ଗଳ ଥିଲେ ଏହି ଶ୍ରେଣୀର ଭକ୍ତ । ସେ ଏଜନ୍ମରେ ନୁହେଁ, ଜନ୍ମଜନ୍ମାନ୍ତରରୁ ଭଗବତ୍ ଭକ୍ତି କରି ଆସୁଅଛନ୍ତି । କିନ୍ତୁ ଏ ଜନ୍ମରେ ତାଙ୍କ ହୃଦୟରେ ଆତ୍ମାର ଡାକ ବାଜି ଉଠିଲା । ସେ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କ ପରି ଶୁଣି ନ ଶୁଣିଲା ପରି ରହିଲେ ନାହିଁ । ତାହା ଭଲଭାବେ ଶୁଣିଲେ, ବୁଝିଲେ ଏବଂ କାର୍ଯ୍ୟରେ ଲାଗି ପଡ଼ିଲେ । ସେ ଡାକ ହୁଏ ସାଙ୍କେତିକ । ଯେଉଁମାନେ ନୀରବ ହୋଇ ସେହି ସଙ୍କେତର ଅର୍ଥ ଜାଣିବାକୁ ଚାହାନ୍ତି, ସେମାନଙ୍କର ଅନ୍ତରାତ୍ମା ସ୍ପଷ୍ଟରୂପେ ତାହା ଜଣାଇଦିଏ । ତାହା ହେଲା – ''ତୋ ଚିରସାଥୀ ଶ୍ରୀକୃଷ୍ଣଙ୍କୁ ପ୍ରାପ୍ତ କରିବାହିଁ ତୋ ଜୀବନ ଧାରଣ କରିବାର ଏକମାତ୍ର ଉଦ୍ଦେଶ୍ୟ ।'' ମଙ୍ଗଳ ସଙ୍ଗେ ସଙ୍ଗେ ସେହି ଉଦ୍ଦେଶ୍ୟର ଅଭିମୁଖୀ ହେଲେ । ଭଗବାନ୍ ତ ଭକ୍ତର ପ୍ରତୀକ୍ଷାରେ ଥାଆନ୍ତି । ଭକ୍ତ ଏକପାଦ ଅଗ୍ରସର ହେଲେ ଭଗବାନ୍ ଶହେ ପାଦ ଆସି ତାକୁ ନିଜର କରି ନିଅନ୍ତି । ତାଙ୍କର ଗୋଟିଏ ମୃଦୁଳ ମନ୍ଦ-ହାସ୍ୟରେ ସମସ୍ତ ପ୍ରଶ୍ନର ସମାଧାନ ହୁଏ, ସମସ୍ତ ସନ୍ଦେହ ମୋଚନ ହୁଏ । ଜୀବନର ଗତି ଗଙ୍ଗାର ପ୍ରବାହ ତୁଲ୍ୟ ଅବିଚ୍ଛିନ୍ନ ରୂପେ ଶ୍ରୀକୃଷ୍ଣଚରଣ ଆଡ଼କୁ ପ୍ରବାହିତ ହୁଏ; ସମସ୍ତ ଜଗତ ଆନନ୍ଦ-ମହାସମୁଦ୍ରରେ ଡୁବିଯାଏ । ଶ୍ରୀକୃଷ୍ଣଙ୍କ ପ୍ରେମରୁ ଅଧିକ ହୋଇ ଆଉ କିଛି ରହେ ନାହିଁ । ଭଗବାନ୍ ଭକ୍ତକୁ ନିଜ ସ୍ୱର୍ଗସୁଖ ଦେଇ ପ୍ରେମରେ ତା'ର ଅଙ୍ଗ-

ପ୍ରତ୍ୟଙ୍ଗକୁ ଶୀତଳ କରି ଦିଅନ୍ତି । ତାକୁ ନିଜ କୋଳକୁ ଉଠାଇ ନିଅନ୍ତି । ଏହିସବୁ ତାଙ୍କର ଲୀଳା । ତାଙ୍କ ଭକ୍ତମାନଙ୍କ ଜୀବନ ଏସବୁ ଲୀଳାର ସାକ୍ଷୀ । ଆଜି ମଧ୍ୟ ଏହିସବୁ ଅନୁଭୂତି ଦୁର୍ଲଭ ନୁହେଁ ।

ଭଗବତ୍ ପ୍ରେମ କିପରି ଆଶ୍ଚର୍ଯ୍ୟ ବସ୍ତୁ ! ଜୀବ ଥରେ ଭଗବାନଙ୍କୁ ପ୍ରେମ କଲେ, ସେ ସହସ୍ରବାର ଜୀବ ପାଖକୁ ଦୌଡ଼ି ଆସନ୍ତି, ଆଉ ପ୍ରେମର ସୌଦା କରିନିଅନ୍ତି । ପ୍ରଭୁ ପ୍ରେମର ଭିକାରି, ଯେଉଁଠି ପ୍ରେମ ଦେଖନ୍ତି ତାହା ହାତରେ ନିଜକୁ ବିକିଦେଇ ଛାୟା ସଦୃଶ ତା' ସଙ୍ଗେ ସଙ୍ଗେ ରହନ୍ତି ।

କିନ୍ତୁ ଆତ୍ମମାନଙ୍କର ଦୁର୍ଭାଗ୍ୟ ! ସେହି ଦିବ୍ୟ ଅତିଥିର ପ୍ରେମଭିକ୍ଷା ପ୍ରତି ଆତ୍ମମାନଙ୍କ ଦୃଷ୍ଟି କେବେ ବି ଯାଏ ନାହିଁ । କିନ୍ତୁ ମଙ୍ଗଳଙ୍କ ଦୃଷ୍ଟି ତୀକ୍ଷ୍ଣ ଓ ଅନ୍ତରାତ୍ମା ସଜାଗ । ସେଥିଲାଗି ତାଙ୍କର ଦୃଷ୍ଟି ସେ ଦିଗରେ ଗଲା ଏବଂ ହୃଦୟର ସେହି ଚିରସାଥୀ ପ୍ରେମଭିକାରିର ଆହ୍ୱାନର ଉତ୍ତର ଦେଲା, ସେ ତାଙ୍କୁ ଚିରସାଥୀରୂପେ ପ୍ରାପ୍ତ ହେଲେ । ମଙ୍ଗଳ ଆଉ ପୂର୍ବ ମଙ୍ଗଳ ନୁହନ୍ତି, ତାଙ୍କ ଜୀବନଧାରା ଓଲଟା ପ୍ରବାହିତ ହେଲା । ସେ ପ୍ରତ୍ୟେକ କାର୍ଯ୍ୟ ଶରୀରରେ କରୁଥାନ୍ତି, କିନ୍ତୁ ତାଙ୍କ ମନ ସେହି ଚିରସାଥୀର ସ୍ମରଣରେ ବିଚରଣ କରୁଥାଏ, ସ୍ୱପ୍ନରେ ମଧ୍ୟ ସେଥିରୁ ବିରତ ହୁଏ ନାହିଁ । ତାଙ୍କ ହୃଦୟରେ, ତାଙ୍କ ଚେତନାରେ କିଏ କହେ,— ''ମୋତେ ଦେଖ, ମୋ ସଙ୍ଗେ କଥାବାର୍ତ୍ତା କର ।'' ମଙ୍ଗଳ ଏହିପରି ସ୍ୱର୍ଗର ଅନୁଭବ ପାଇ ଦିବ୍ୟ ଆନନ୍ଦରେ ମୂର୍ଚ୍ଛିତ ହୋଇ ଯାଆନ୍ତି । ରାତ୍ରିରେ ଶୋଇବା ସମୟରେ ଦେଖନ୍ତି କେହି ତାଙ୍କ ମସ୍ତକ ପାଖେ ବସି ତାଙ୍କ ମସ୍ତକକୁ ନିଜ କୋଳରେ ରଖି ମନ୍ଦ-ହାସ୍ୟରେ ତାଙ୍କୁ ଦେଖୁ ଅଛନ୍ତି । କେବେ ହସନ୍ତି ତ କେବେ ଗାନ କରନ୍ତି, କେବେ କେବେ ଅତ୍ୟନ୍ତ ସ୍ନେହରେ ତାଙ୍କ ମସ୍ତକକୁ ଆଉଁସନ୍ତି । ଯଦ୍ୟପି ସେହି ସମୟରେ ମଙ୍ଗଳ ତାଙ୍କୁ ଠିକ୍ ଭାବରେ ଜାଣିପାରି ନ ଥିଲେ, ତଥାପି ଏତିକି ଅବଶ୍ୟ ବୁଝିପାରିଥିଲେ ଯେ ତାଙ୍କର ଜଣେ ପରମ ମିତ୍ର ତାଙ୍କ ସଙ୍ଗେ ସବୁ ବିଷୟରେ କେବେ ଅଦୃଶ୍ୟରେ, କେବେ ଦୃଶ୍ୟରେ ବରାବର ରହିଅଛନ୍ତି ।

କ୍ରମଶଃ ସେହି ଲୀଳାମୟଙ୍କ ଲୀଳା ଅଧିକାଧିକ ମଙ୍ଗଳଙ୍କ ଦୃଷ୍ଟିଗୋଚର ହେବାକୁ ଲାଗିଲା । ସେ ଯେବେ ଗାଈ ଚରାଇବାକୁ ଯାଆନ୍ତି, ସ୍ପଷ୍ଟ ଅନୁଭବ କରନ୍ତି ଯେ ତାଙ୍କ ସାଥୀ ତାଙ୍କ ସଙ୍ଗେ ଚାଲୁଅଛନ୍ତି । ସେ କେବେ ଗୀତ ବୋଲନ୍ତି, ନାଚନ୍ତି, କେବେ ପ୍ରେମରେ ଅଭିମାନ କରନ୍ତି, କେବେ ଗଳାଧରି କଥା କହନ୍ତି, କେବେ ପ୍ରକଟ ହୁଅନ୍ତି ଓ କେବେ ଲୁଚି ଯାଆନ୍ତି; ପକ୍ୱ ବିମ୍ବଫଳ ସଦୃଶ ଲାଲ ଅଧରରେ ଭିନ୍ନ ଭିନ୍ନ ସ୍ୱରରେ ବେଣୁବାଦନ କରନ୍ତି ଏବଂ ସେହି ବେଣୁଧ୍ୱନିରେ ଚରାଚର ସମସ୍ତ ପ୍ରାଣୀ ମୋହିତ ହୋଇଯାଆନ୍ତି ।

ମଙ୍ଗଳକୁ ଏବେ ଗାଈ ଚରାଇବାରେ ଅଦ୍ଭୁତ ଆନନ୍ଦ ମିଳିବାକୁ ଲାଗିଲା । ତାଙ୍କର ଗାଈ ବାଛୁରୀ ଅତି ଆତ୍ମୀୟ ହୋଇଗଲେ । ସେ ଦେଖନ୍ତି କେବେ ଶ୍ରୀକୃଷ୍ଣ ଛୋଟ ବାଛୁରୀକୁ କୋଳରେ ଉଠାଇ ଚୁମ୍ବନ ଦେଉଅଛନ୍ତି । କେବେ କୌଣସି ଗାଈର ପିଠି ଉପରେ ବାଁ ହାତ ରଖି ଡାହାଣ ହାତରେ ବଂଶୀକୁ ଅଧରରେ ରଖି, ଧୀରେ ଧୀରେ ବଜାଉ ଅଛନ୍ତି । ଗାଈମାନେ କାନ ଛିଡ଼ାକରି ଏକଦୃଷ୍ଟିରେ ତାଙ୍କୁ ଦେଖୁଅଛନ୍ତି ଏବଂ ମୁଗ୍ଧ ହୋଇ ବଂଶୀଧ୍ୱନି ଶୁଣୁଅଛନ୍ତି । ସେହି ବଂଶୀଧ୍ୱନି ଶୁଣି ଦଳକୁ ଦଳ ବଳଦ, ଗାଈ, ବନ-ମୃଗ ଆଦି ଆସନ୍ତି ଏବଂ କାନ ଛିଡ଼ା କରି, ଆଖି ବନ୍ଦକରି ପ୍ରତିମା ପରି ନିଶ୍ଚଳ ହୋଇ ଯାଆନ୍ତି । ଶ୍ରୀକୃଷ୍ଣଙ୍କ ବନମାଳାର ଦିବ୍ୟ ସୁଗନ୍ଧରେ ସମସ୍ତ ଦିଗ ସୁଗନ୍ଧରେ ପୂର୍ଣ୍ଣ ହୋଇ ଯାଏ, ଜଡ଼ ପଦାର୍ଥ ସଚେତନ ହୋଇ ଉଠେ ଏବଂ ଚେତନ ଜଡ଼ ହୋଇ ପଡ଼େ । ଏହି ସମସ୍ତ ଲୀଳାକୁ ମଙ୍ଗଳ ମୁଗ୍ଧ ହୋଇ ପ୍ରତ୍ୟକ୍ଷରେ ଦେଖନ୍ତି ।*

ଗୋଟିଏ ଦିନର ଘଟଣା । ସୂର୍ଯ୍ୟଦେବ ଅସ୍ତାଚଳକୁ ଯାଉଥିବା ଦେଖି ମଙ୍ଗଳ ଗାଈ ନେଇ ଘରକୁ ଫେରୁଥିଲେ । ସେ ଦେଖିଲେ ତାଙ୍କର ପ୍ରାଣସଖା ତାଙ୍କ ସଙ୍ଗରେ ଅଛନ୍ତି; ତାଙ୍କ ନେତ୍ରର କମନୀୟ ଛଟାରେ ତ୍ରିଲୋକକୁ ମୋହୁଅଛନ୍ତି । ଗୋରୁଙ୍କ ଖୁରା ଦ୍ୱାରା ଧୂଳି ଉଡ଼ି ତାଙ୍କ କେଶ ଓ ମୁଖମଣ୍ଡଳ ପାଣ୍ଡୁର ବର୍ଣ୍ଣ ହୋଇଅଛି । ବନପୁଷ୍ପ ଓ ନବ କିଶଳୟମାଳା ଗଳାରେ ଶୋଭା ପାଉଅଛି, ସୁବର୍ଣ୍ଣ କୁଣ୍ଡଳର କାନ୍ତି କପୋଳରେ ପଡ଼ି ଦେଦୀପ୍ୟମାନ ହେଉଅଛି । ଏହି ତ୍ରିଭୁବନ-

* ଏହିସବୁ ଲୀଳା ଚେତନାର ବିଶେଷ ଅବସ୍ଥାରେ ପରିଲକ୍ଷିତ ହୁଏ, ଧ୍ୟାନ ବା ସ୍ୱପ୍ନରେ ନୁହେଁ ଏପରିକି ଜାଗ୍ରତ ଅବସ୍ଥାରେ ଦୃଷ୍ଟି ଖୋଲାଥିବା ସମୟରେ ବି ପ୍ରତ୍ୟକ୍ଷରୂପେ ଏହା ଗୋଚର ହୁଏ ।

ମୋହନ-ରୂପ-ମାଧୁରୀରେ ମଙ୍ଗଳଙ୍କ ମନ, ପ୍ରାଣ ମୁଗ୍ଧ ହୋଇଗଲା । ତାଙ୍କ ପ୍ରାଣ-ପ୍ରେମିକଙ୍କର ଲାବଣ୍ୟ ରୂପ-ସମୁଦ୍ରରେ ନିମଜ୍ଜନ ହେବା ଉଦ୍ଦେଶ୍ୟରେ ସେ ଆଗକୁ ଦୌଡ଼ି ତାଙ୍କୁ ଆଲିଙ୍ଗନ କରିବାକୁ ଚାହିଁଲେ । କିନ୍ତୁ ତତ୍‌କ୍ଷଣାତ୍ ଅଦୃଶ୍ୟ ହୋଇଗଲେ ।

କିପରି ଖେଳ ସେହି ମନ-ମୋହନର ! ତା ଆଡ଼କୁ ନ ଯିବା ପର୍ଯ୍ୟନ୍ତ ସେ ଆସି ବାରଂବାର ଉଙ୍କି ମାରୁଥିବ, କିନ୍ତୁ ଥରେ ତା ଆଡ଼କୁ ଗଲେ ସେ ଆଉ ଧରାଦେବ ନାହିଁ । ଆସିବ ଶୋଇବା ସମୟରେ, ମଥା ପାଖରେ ବସି ଦେହ ଆଉଁସିବ, ହସିବ, ଆଉ କ'ଣ କ'ଣ କହିବ । ଆଖି ଖୋଲିବା ମାତ୍ରେ ଆଉ ପତ୍ତା ନାହିଁ । ବିଜୁଳିପରି କ୍ଷଣକ ପାଇଁ ଅଲୌକିକ ଝାଁକି ଦେଖାଇ ଲୁଚିଯିବ – ଏହି ତାହାର ଖେଳ; ଏଥିରେ ସେ ମଜା ପାଏ । ପ୍ରେମୀ ଭକ୍ତକୁ କନ୍ଦାଇ କନ୍ଦାଇ ମାରିବା ତା'ର ସ୍ୱଭାବ । କିନ୍ତୁ ଭକ୍ତକୁ କେବେହେଁ ଛାଡ଼ି ଚାଲିଯାଏ ନାହିଁ; ସର୍ବଦା ଭକ୍ତ ପାଖରେ ସେ ରହିଥାଏ ।

ମିଳନ ଆଉ ବିରହ ମଧ୍ୟରେ ସାଧନା ସ୍ରୋତ ପ୍ରବାହିତ ହୁଏ । ବିରହ ମିଳନଠାରୁ କମ୍ ଆନନ୍ଦଦାୟକ ନୁହେଁ । ପ୍ରିୟତମର ସବୁ କିଛି ପ୍ରିୟ । ତା'ର ମିଳନ ପ୍ରିୟ ଆଉ ତା'ର ବିରହ ମଧ୍ୟ ପ୍ରିୟ । ମିଳନ ଅଧିକ ପ୍ରିୟ ବା ବିରହ ଅଧିକ ପ୍ରିୟ ଏହା କହିବା କଠିନ । ପ୍ରଭୁଙ୍କୁ ପ୍ରାପ୍ତ କରିବା ସକାଶେ ମିଳନ ଆଉ ବିରହ ଏହି ଉଭୟ ସାଧନ ଏକ ସଙ୍ଗେ ଚାଲେ । ଏହାର ଆନନ୍ଦ-ଆସ୍ୱାଦନ କେବଳ ସୌଭାଗ୍ୟଶାଳୀ ପ୍ରେମୀ ଭକ୍ତ କରିପାରେ । ଏହି ଆନନ୍ଦ କର୍ମୀ, ନିଷ୍କର୍ମୀ, ଜ୍ଞାନୀ ଅଥବା ଧ୍ୟାନୀକୁ ମିଳେ ନାହିଁ । ଏହି ପ୍ରେମ-ସମୁଦ୍ରର ସୀମା ବେଦ ପାଇ ପାରେ ନାହିଁ, ବିଧିର ବି ଗମ୍ୟ ନୁହେଁ । ଏହାକୁ ପାଏ କେବଳ ରସିକ-ହୃଦୟ ପ୍ରେମୀ ଭକ୍ତ, ଯେ ନିଜର ଶରୀର, ମନ ଧନ, ସର୍ବସ୍ୱ ପ୍ରିୟତମର ଚରଣରେ ସ୍ୱାହା କରିଦିଏ । ଏହି ଦିବ୍ୟପ୍ରେମହିଁ ସାଧନାର ଅନ୍ତ, ଚରମ ଲୀଳା । ଏହି ପ୍ରେମହିଁ ଯୋଗୀଙ୍କ ଯୋଗସିଦ୍ଧି, ଭକ୍ତଙ୍କ ଭକ୍ତିପ୍ରାପ୍ତି, ଭଗବତ୍ ପ୍ରେମୀମାନଙ୍କ ପୂର୍ଣ୍ଣ ପ୍ରଣୟମହୋତ୍ସବ ।

ଏବେ ମଙ୍ଗଳଙ୍କର ବିଚିତ୍ର ଅବସ୍ଥା ଉପସ୍ଥିତ ହେଲା । ମିଳନ ପରେ ବିୟୋଗର ଦୁଃଖ କୌଣସି ଭୁକ୍ତଭୋଗୀ ବୁଝିପାରେ । ମଙ୍ଗଳଙ୍କର ଆନନ୍ଦ ଥିଲା ମିଳନର ସୃଷ୍ଟିରେ, ବିଷାଦ ଥିଲା ପ୍ରାପ୍ତି ପରେ ବିୟୋଗରେ । ପ୍ରିୟତମଙ୍କ ବିନା ତାଙ୍କ ଜୀବନ ବ୍ୟର୍ଥ – ଏହି ତୀବ୍ର ବେଦନା ତାଙ୍କ ହୃଦୟକୁ ବ୍ୟଥିତ କରୁଥିଲା । କୌଣସି କାର୍ଯ୍ୟରେ ତାଙ୍କର ମନ ଲାଗୁ ନ ଥିଲା । କ୍ଷୁଧା ତୃଷା ନାହିଁ, ରାତିରେ ଏକଡ଼ ସେକଡ଼ ହୋଇ ବିଛଣାରେ ପଡ଼ି, ଛଟପଟ ହୋଇ, ରାତିଟା କଟାଇ ଦେଉଥିଲେ । ସବୁ ସମୟରେ ହା କୃଷ୍ଣ, ହା ସଖେ, କହି କାନ୍ଦିବା ତାଙ୍କର ସ୍ୱଭାବ ହୋଇ ଯାଇଥିଲା । କିନ୍ତୁ ସେହି ବିରହଶୋକ ଅବସ୍ଥାରେ କେବେ କେବେ ହଠାତ୍ ଅଟ୍ଟହାସ୍ୟରେ ଲୋକଙ୍କୁ ଚକିତ କରି ପକାଉଥିଲେ । ତାଙ୍କର ଏହି ଅବସ୍ଥାକୁ ଲୋକେ ବୁଝି ପାରୁ ନ ଥିଲେ । ତାଙ୍କ ମସ୍ତିଷ୍କର ବିକାର ହେବା ସନ୍ଦେହରେ ଚିକିତ୍ସା ପାଇଁ ତାଙ୍କ ପିତା ଗ୍ରାମର ପାଖ ଆଖରୁ ବୈଦ୍ୟମାନଙ୍କୁ ଡକାଇଲେ । କିନ୍ତୁ ଏହି ରୋଗର ଯଥାର୍ଥ ଔଷଧ ବୈଦ୍ୟ ବିଚରା କ'ଣ ଜାଣେ, ସ୍ୱୟଂ ରୋଗୀ । ତେଣୁ ମଙ୍ଗଳ ବୈଦ୍ୟ ଖୋଜିବାକୁ ସ୍ୱୟଂ ବାହାରି ପଡ଼ିଲେ । ମୀରାବାଈ କହିଛନ୍ତି,– ''ମୀରାକି ପ୍ରଭୁ ପୀର ମିଟୈ ଯବ ବୈଦ୍ୟ, ଶାଁବଲିୟା ହୋୟ !'' ଅର୍ଥାତ୍, ମୀରାର ବ୍ୟଥା ତେବେ ଯାଇଁ ଦୂର ହେବ ଯେବେ ଶାମଲିୟା (କୃଷ୍ଣ) ବୈଦ୍ୟ ମିଳିବ । ପ୍ରେମୀ ଭକ୍ତର ଅବସ୍ଥା ଏହିପରି ହୁଏ । ଯାହା ହୃଦୟରେ ପ୍ରେମବାଣ ଲାଗେ ସେ ଉନ୍ମତ୍ତପ୍ରାୟ ହୋଇଯାଏ । ଜାଗତିକ କୌଣସି ଚର୍ଚ୍ଚା ତାକୁ ଭଲ ଲାଗେ ନାହିଁ । ଚେଷ୍ଟା କରିବା ସତ୍ତ୍ୱେ ସେ କିଛି କହିପାରେ ନାହିଁ । ତା' ଶରୀର ପୁଲକିତ, ନେତ୍ରରୁ ଶ୍ରାବଣ ମାସର ବର୍ଷା ପରି ଜଳବୃଷ୍ଟି, କେବେ ହସେ ତ କେବେ କାନ୍ଦେ, କେବେ ଉନ୍ମତ୍ତ ପରି ନୃତ୍ୟ କରେ । ତା'ର ପ୍ରତି ଲୋମରୁ ପ୍ରେମ-କିରଣ ପ୍ରକାଶିତ ହୋଇ ସମସ୍ତ ବାତାବରଣକୁ ପ୍ରେମମୟ କରିଦିଏ । ମଙ୍ଗଳଙ୍କ ମା' ତାଙ୍କର ଏହି ଅବସ୍ଥାକୁ କିଛି କିଛି ବୁଝିପାରି ଥିଲା । ସେ ଜାଣିଥିଲା ଯେ ଜନ୍ମାଷ୍ଟମୀ ରାତ୍ରିରୁ ମଙ୍ଗଳଙ୍କ ବୃଦ୍ଧି ବିପରୀତ ଦିଗରେ ଗତି କରିଥିଲା । କିନ୍ତୁ ମଙ୍ଗଳଙ୍କ ଏହି ଅବସ୍ଥାରେ ସେ ପ୍ରସନ୍ନ ଥିଲା । ସେ ଜାଣିଥିଲା ଯେ ଯଥାର୍ଥରେ ପୁତ୍ରବତୀ ସେହି, ଯାହାର ପୁତ୍ର ଶ୍ରୀହରି ଚରଣରେ ଅନୁରକ୍ତ ହୁଏ । ସେ ନିଜ ଭାଗ୍ୟକୁ ପ୍ରଶଂସା କରୁଥିଲା, ଆଉ ପ୍ରଭୁଙ୍କ ଚରଣରେ ମସ୍ତକ ରଖି ପ୍ରାର୍ଥନା କରୁଥିଲା – ''ହେ ପ୍ରଭୁ, ଏହି ବାଳକକୁ ସର୍ବଦା ନିଜର କରିନିଅ । ମୁଁ ଏହାକୁ ପରମ ହର୍ଷ ସହ ତୁମ ଚରଣରେ ନିବେଦନ କରୁଅଛି ।''

କିନ୍ତୁ ଭଗବାନ୍ ତାକୁ ପୂର୍ବରୁ ସ୍ୱୀକାର କରି ନେଇଛନ୍ତି । ସେହି ପ୍ରେମ-ଶିକାରୀ ଏପରି ନୁହେଁ ଯେ ତାହାର ଲକ୍ଷ୍ୟଭେଦ ବୃଥା ହେବ । ତା'ର ପ୍ରେମ-ତୀର ଯାହା ହୃଦୟରେ ଲାଗିଲା ସେ ସଂପୂର୍ଣ୍ଣରୂପେ ତାଙ୍କର ହୋଇଯାଏ । ଏବେ ମଙ୍ଗଳଙ୍କ ପ୍ରେମାଗ୍ନି ବଢ଼ି ଚାଲିଲା । ସେ ଆଉ ରହି ପାରିଲେ ନାହିଁ ।

ଗୋଦାବରୀ କୂଳରେ ଗୋଟିଏ ଛୋଟ ମନ୍ଦିରରେ ଶ୍ରୀରାଧା-କୃଷ୍ଣଙ୍କ ମୂର୍ତ୍ତି ବିରାଜମାନ । ମନ୍ଦିର ପାଖରେ ତୁଳସୀବନ ଆଉ ସେହି ତୁଳସୀ ବନକୁ ଲାଗି ବହୁତ ଦୂର ପର୍ଯ୍ୟନ୍ତ ବିସ୍ତୃତ ଜଙ୍ଗଲ ବୃକ୍ଷ-ଲତାରେ ସୁଶୋଭିତ । ମୟୂରାଦି ପକ୍ଷୀ ଆଉ ବନ୍ୟ ପଶୁମାନଙ୍କ ରାବରେ ବନ ଗୁଞ୍ଜରିତ ହେଉଅଛି । ଶାନ୍ତ, ସ୍ତବ୍ଧ ଗୋଦାବରୀ ସ୍ରୋତରେ ବନ୍ୟପୁଷ୍ପ ପ୍ରବାହିତ ହେଉଅଛି । ମନେ ହେଉଅଛି ଯେପରି ବନଦେବୀ ସୁର୍ଯ୍ୟନାରାୟଣଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରୁଅଛନ୍ତି । ମଙ୍ଗଳ ସେହି ତୁଳସୀବନ ଓ ଶ୍ରୀରାଧାକୃଷ୍ଣଙ୍କ ମନ୍ଦିର ପାଖରେ ବସି ଗଦ୍‌ଗଦ୍ ବାଣୀରେ ଭଗବାନଙ୍କୁ ପ୍ରାର୍ଥନା କରୁ କରୁ ମୂର୍ଚ୍ଛିତ ହୋଇ ପଡ଼ିଗଲେ । ସେହି ମୂର୍ଚ୍ଛିତ ଅବସ୍ଥାରେ ଜଣେ ଦିବ୍ୟ-ଶରୀରଧାରୀ ମହାତ୍ମା ''ଓଁ ରାଧାୟୈ ସ୍ୱାହା'' ଏହି ଷଡ଼ାକ୍ଷର ମନ୍ତ୍ର ଉପଦେଶ ଦେଲେ । ଏହି ମନ୍ତ୍ର ତାଙ୍କ ହୃଦୟରେ ପ୍ରବେଶ କରି ଏକ ଅଲୌକିକ ଜ୍ୟୋତିଃରୂପେ ତାଙ୍କ ହୃଦୟ ଆଉ ମନକୁ ଆଲୋକିତ କରିଦେଲା ।

ମଙ୍ଗଳ ଏପରି ଅନୁଭବ କଲେ ଅର୍ଥାତ୍ ସ୍ପଷ୍ଟରୂପେ ଦେଖିପାରିଲେ ଯେ ସେହି ମନ୍ତ୍ର ସୁଶୀତଳ ବିଦ୍ୟୁତ୍ ପରି ଦିବ୍ୟ ଜ୍ୟୋତିର୍ମୟ ଅକ୍ଷରରେ ତାଙ୍କ ହୃଦୟରେ ପ୍ରଘଟ ହୋଇଅଛି । ମଙ୍ଗଳ ସଚେତ ହୋଇ ନେତ୍ର ଖୋଲିବା ପରେ ମହାତ୍ମାଙ୍କୁ ଦେଖି ପାରିଲେ ନାହିଁ, କିନ୍ତୁ ସେହି ମନ୍ତ୍ର ପୂର୍ବବତ୍ ହୃଦୟାକାଶରେ ଜ୍ୟୋତିର୍ମୟ ଦିବ୍ୟଶୀତଳ ସୂର୍ଯ୍ୟରୂପେ ପ୍ରକାଶିତ ହୋଇ ସମସ୍ତ ଶରୀରକୁ ଦେଦୀପ୍ୟମାନ କରୁଅଛି । ତାଙ୍କର ପ୍ରତ୍ୟେକ ଲୋମରୁ ମନ୍ତ୍ରର କୋମଳ କିରଣ ପ୍ରସ୍ଫୁଟିତ ହେଉଅଛି । ସେ ସେହି ଆନନ୍ଦସମୁଦ୍ରରେ ସଂପୂର୍ଣ୍ଣ ଡୁବିଗଲେ । ବହୁତ ସମୟ ପରେ ସଚେତ ହୋଇ ଆଖି ଖୋଲି ଦେଖିଲେ ଯେ ତାଙ୍କ ସମ୍ମୁଖରେ ଶ୍ରୀରାଧାକୃଷ୍ଣ ଯୁଗଳ ମୂର୍ତ୍ତି ଛିଡ଼ା ହୋଇ ମନ୍ଦ-ହାସ୍ୟରେ ତାଙ୍କୁ ଦେଖି ତାଙ୍କ ଉପରେ ପ୍ରେମାମୃତ ବୃଷ୍ଟି କରୁଅଛନ୍ତି । ଆଖି ବନ୍ଦ କରିବାରେ ହୃଦୟରେ ତାଙ୍କର ସେହି ଲଳିତ ଲୀଳା ସ୍ୱାଭାବିକ ରୂପେ, ବିନା ପ୍ରୟାସରେ ହୃଦୟରୁ ଏବଂ ଶ୍ୱାସ ପ୍ରଶ୍ୱାସରୁ ସେହି ମନ୍ତ୍ର ଉଚ୍ଚାରିତ ହେଉଅଛି । ସେହିଦିନଠାରୁ ମଙ୍ଗଳ ଏହି ଦିବ୍ୟପ୍ରେମରସ ସମାଧିରେ ଡୁବି ରହୁଥିଲେ । ଶରୀରର ସଂଜ୍ଞା ରହୁ ନ ଥିଲା । ଜଙ୍ଗଲରେ ବାସ କରୁଥିବା ବ୍ୟକ୍ତି ଆସି କିଛି ଖୁଆଇ ଦେଲେ ଖାଉଥିଲେ, କିଛି ଜଳ ପିଆଇ ଦେଲେ ପିଉଥିଲେ । ଏହିରୂପେ ବହୁ ବର୍ଷ ବ୍ୟତୀତ ହୋଇଗଲା ।

ସେଦିନ ଶାରଦ ପୂର୍ଣ୍ଣିମାର ମଧ୍ୟରାତ୍ରି । ମଙ୍ଗଳ ଏକ ଅଲୌକିକ ଉଲ୍ଲାସରେ ପୁଷ୍ପ ଆଉ ତୁଳସୀର ମାଳା ତୟାର କଲେ । ପ୍ରାଣପ୍ରିୟ ଶ୍ରୀରାଧାକୃଷ୍ଣଙ୍କୁ ଅତ୍ୟନ୍ତ ପ୍ରେମରେ ମାଳା ପିନ୍ଧାଇ ଦେଲେ । ଅଶ୍ରୁଜଳରେ ତାଙ୍କ ଚରଣ ଧୌତ କରି ତାଙ୍କ ରୂପଲାବଣ୍ୟରେ ନେତ୍ର ଏକେବାରେ ସ୍ଥିର କରିଦେଲେ, ପଲକ ପଡ଼ିବା ବନ୍ଦ ହୋଇଗଲା । କିଛି ସମୟ ପରେ ଶ୍ରୀ ମହାରାଣୀ ରାଧାଙ୍କ ହୃଦୟ ଖୋଲିଗଲା । ଯେପରି ସୂର୍ଯ୍ୟ ନିଜ ଭିତରେ ତାଙ୍କର କିରଣକୁ ଆକର୍ଷଣ କରି ନିଅନ୍ତି ସେହିପରି ଶ୍ରୀରାଧାଜୀ ମଙ୍ଗଳକୁ ନିଜ ହୃଦୟ ମଧ୍ୟରେ ଶାଶ୍ୱତ କାଳ ସକାଶେ ରଖିନେଲେ । ସେଠାରେ ଆଉ ମଙ୍ଗଳ ନାହାନ୍ତି, ସେ ତାଙ୍କର ପ୍ରିୟତମଙ୍କ ଚରଣରେ ନିଜକୁ ନିଃଶେଷ କରି ସମର୍ପଣ କରିଦେଲେ । ଆଉ ତାଙ୍କର ସମର୍ପଣକୁ ତାଙ୍କ ପ୍ରିୟତମ ସହର୍ଷ ସ୍ୱୀକାର କରିନେଲେ । କିନ୍ତୁ ତାଙ୍କର ସ୍ମୃତିଚିହ୍ନ ସ୍ୱରୂପ ରହିଲା ତାଙ୍କର ବସିବା ସ୍ଥାନଟି । ପରେ ସେହି ପବିତ୍ର ସ୍ଥାନରେ ମଙ୍ଗଳଙ୍କ ନାମରେ ଗୋଟିଏ ପକ୍କା ମଣ୍ଡପ ସେଠିକାର ଲୋକେ ତୟାର କରିଦେଲେ । ସେହି ମଣ୍ଡପଟି ଆଜି ମଧ୍ୟ ମଙ୍ଗଳଙ୍କର ସ୍ମୃତିଚିହ୍ନ ରୂପେ ସେହି ରାଧାକୃଷ୍ଣଙ୍କ ମନ୍ଦିର ସମ୍ମୁଖରେ ବିଦ୍ୟମାନ । ବହୁତ ଶ୍ରଦ୍ଧାଳୁ ନରନାରୀ ସେଠାକୁ ଯାଇ ମଙ୍ଗଳଙ୍କ ସ୍ମୃତିରେ, ଆକାଶରେ ବିଚ୍ଛୁରିତ ହୋଇଥିବା ତାଙ୍କର ପ୍ରେମାମୃତର ଏକ କଣା ପାନ କରି କୃତକୃତ୍ୟ ହେଉଅଛନ୍ତି ।

''ବୋଲ ଭକ୍ତ ଆଉ ତାଙ୍କ ଭଗବାନଙ୍କର ଜୟ ।''

ଭକ୍ତବୀର ସ୍ୱାମୀ ଶ୍ରୀ ହରିଦାସଜି ଗାୟକାଚାର୍ଯ୍ୟ

''ଯୁଗଲ ମନସୋ ନେ ହ ଜପତ ନିତ କୁଞ୍ଜବିହାରୀ ।
ଅବଲୋକିତ ନିତ ରହେଂ କେଳି-ସୁଖକେ ଅଧିକାରୀ ॥
ଗାନ କଲା ଗନ୍ଧର୍ବ ଶ୍ୟାମ-ଶ୍ୟାମକୋ ତୋଷୈ ।
ଉତ୍ତମ ଭୋଗ ଲଗାଇ ମୋର ମରକଟ ତିମି ପୋଷୈ ॥
ନିତ ନୃପତି ଦ୍ୱାର ଠାକେ ରହୈ ଦରଶନ ଆଶା ଜାସୁକୀ ।
ଅସ ଆସଧୀର ଉଦ୍ଦୋତ କର ରସିକ ଛାପ ହରିଦାସଜି ॥

(ନାଭାଜି)

''ସ୍ୱାମୀ ହରିଦାସଜି ନିତ୍ୟ ଅର୍ଥାତ୍ ପ୍ରତି କୁଞ୍ଜରେ ବିହାର କରୁଥିବା ଶ୍ରୀରାଧା କୃଷ୍ଣଙ୍କ ଯୁଗଳ ନାମ ନିୟମ (ନିଷ୍ଠା) ପୂର୍ବକ ଜପ କରୁଥିଲେ । ସେ ରାସକେଳିର ଅଧିକାରୀ ଥିଲେ ଏବଂ ନିତ୍ୟ ସେହି କେଳିକୁ ଅବଲୋକନ କରୁଥିଲେ । ଗାନ-କଳାରେ ସେ ଯେପରି ଗନ୍ଧର୍ବ; ଗାନ କରି ଶ୍ୟାମ-ଶ୍ୟାମାକୁ ତୁଷ୍ଟ କରୁଥିଲେ । ଶ୍ରୀରାଧାକୃଷ୍ଣଙ୍କୁ ଉତ୍ତମ ପଦାର୍ଥ ଭୋଜନ ନିବେଦନ କରି ମୟୂର ଆଉ ବାନରଙ୍କୁ ଦେଇ ଦେଉଥିଲେ । ନିଜେ ରୋଟି ଟୁକୁଡ଼ା ମାଗି ଆଣି ଭୋଜନ କରୁଥିଲେ ।''

ସ୍ୱାମୀ ହରିଦାସଜିଙ୍କ ଜୀବନରେ ବହୁତ ଅଲୌକିକ ଘଟନା ଘଟିଅଛି । ତା' ମଧ୍ୟରୁ କେତେକ ଘଟନା ଶ୍ରୀ ନାଭାଜି ମହାରାଜ ତାଙ୍କର ଭକ୍ତମାଳାରେ ଉଲ୍ଲିଖିତ କବିତାରେ ବର୍ଣ୍ଣନା କରିଅଛନ୍ତି ।

ତାଙ୍କ ଦ୍ୱାର ନିକଟରେ ଦର୍ଶନ ଆଶାରେ ରାଜା ମହାରାଜାମାନେ ଛିଡ଼ା ହେଉଥିଲେ କିନ୍ତୁ ସେମାନଙ୍କୁ ସେ କେବେ ବି ପରବାୟ ନ କରି କେବଳ ଦୃଢ଼ ଆଶା ରଖିଥିଲେ ଭଗବାନଙ୍କ ଉପରେ । ତାଙ୍କ ନାମରେ 'ରସିକ'ର ମୋହର ଛାପ ପଡ଼ିଅଛି । ଭକ୍ତବର ସ୍ୱାମୀ ହରିଦାସଜି ବହୁତ ଉଚ୍ଚକୋଟୀର ପ୍ରେମନିଷ୍ଠ ଭକ୍ତ ଥିଲେ । ତାଙ୍କର ଜନ୍ମ ହୋଇଥିଲା ଏକ ସନାତନ ବ୍ରାହ୍ମଣ କୁଳରେ । ସେ ସମୟରେ ସମ୍ରାଟ ଆକବର ଥିଲେ । ବାଲ୍ୟାବସ୍ଥାରେ ତାଙ୍କ ମନ-ଭ୍ରମର ଶ୍ୟାମ ସୁନ୍ଦର-ମଦନମୋହନଙ୍କ ନବ-ନୀରଦ ମୁଖକମଳ ମକରନ୍ଦ-ପାନରେ ଲୁବ୍ଧ ହୋଇ ଯାଇଥିଲା । ଯେ ଥରେ ଭଗବତ୍ ପ୍ରେମରସର ଲେଶମାତ୍ର ଆସ୍ୱାଦନ ପ୍ରାପ୍ତି କରେ, ତାକୁ ଜଗତର ସମସ୍ତ ସୁଖ, ସମସ୍ତ ରସ ନୀରସ ଓ ସାରହୀନ ପ୍ରତୀତ ହୁଏ । ସ୍ୱାମିଜି ବଡ଼ ତ୍ୟାଗୀ, ନିସ୍ପୃହ ଆଉ ପ୍ରେମିଭକ୍ତ ଥିଲେ । ସେ ଭକ୍ତିର ପ୍ରବଳ ବେଗକୁ ରୋକି ନ ପାରି ଜନ୍ମଭୂମି ଛାଡ଼ି ଶ୍ୟାମସୁନ୍ଦରଙ୍କ ଲୀଳାଭୂମି ବୃନ୍ଦାବନକୁ ଯାଇ ବାସକଲେ । କମନୀୟ ତ୍ରିଭୁବନ ପ୍ରେମରାଶି ଭଗବାନ୍ ଶ୍ରୀକୃଷ୍ଣଙ୍କୁ ପରମ ପ୍ରିୟତମ ମାନି ନିଜକୁ ତାଙ୍କର ଚିରସେବିକା (ମଧୁର ରସ) ଅର୍ଥାତ୍ ଗୋପୀଭାବରେ ଉପାସନା (ଭକ୍ତି) କଲେ ।

ତାଙ୍କର ସମସ୍ତ ସମୟ ଭଗବାନଙ୍କ ନିତ୍ୟ ଲୀଳାର ଧ୍ୟାନରେ ବ୍ୟତୀତ ହେଉଥିଲା । ତାଙ୍କର ଖାଇବା, ପିଇବା, ଗାଇବା, ବଜାଇବା, ଶୋଇବା, ଉଠିବା, ଖେଳିବା ଇତ୍ୟାଦି ସମସ୍ତ କର୍ମ ପରମପ୍ରିୟ, ଜୀବନଧନ ମନୋମୋହନଙ୍କ ସଙ୍ଗେ ହେଉଥିଲା । ସବୁ ସମୟରେ ଶ୍ରୀକୃଷ୍ଣଙ୍କ ମଧୁରମୂର୍ତ୍ତି ପ୍ରତ୍ୟକ୍ଷରୂପେ ତାଙ୍କ ସାମନାରେ ରହୁଥିଲେ । ସେ କେବେ ବି କ୍ଷଣକ ସକାଶେ ଭଗବାନଙ୍କ ଦର୍ଶନରୁ ବଞ୍ଚିତ ହେଉ ନ ଥିଲେ । ସେ କେବେ ଭଗବାନଙ୍କୁ ସ୍ତୁତି କରନ୍ତି, କେବେ ସେବା କରନ୍ତି, କେବେ ଭୋଜନ କରାନ୍ତି, କେବେ ଗାନ ଶୁଣାନ୍ତି, କେବେ ନିଜେ ପ୍ରିୟତମ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ନୃତ୍ୟ କରନ୍ତି ଆଉ ବାହ୍ୟଜ୍ଞାନ ହରାଇ ପ୍ରେମ ଉନ୍ମାଦନାରେ ପଡ଼ି ଯାଆନ୍ତି । ଏପରି ପରମ ପ୍ରେମ ପରାଭକ୍ତିର ସ୍ଥିତି ଭଗବାନଙ୍କ କୌଣସି ପରମ ଭକ୍ତକୁହିଁ ପ୍ରାପ୍ତ ହୁଏ ।

ଲୋକଦୃଷ୍ଟିରେ ସେ ଏକା ଥା'ନ୍ତି କିନ୍ତୁ ପ୍ରକୃତରେ ସେ ନିରନ୍ତର ଭଗବାନଙ୍କ ସଙ୍ଗେ ତାଙ୍କ ଲୀଳାରସ ଆସ୍ୱାଦନରେ ନିମଗ୍ନ ରହୁଥା'ନ୍ତି । ଦିନେ ସ୍ୱାମିଜି ଯମୁନା କୂଳରେ ଭାବାବେଗରେ ବସିଥିଲେ । ତାଙ୍କର ଜଣେ ଶିଷ୍ୟ ବହୁମୂଲ୍ୟ ଅତର ଶିଶିଟିଏ ଆଣି ତାଙ୍କ ହାତରେ ଦେଇଦେଲା । ସେ ସମୟରେ ସେ ଧ୍ୟାନାବସ୍ଥାରେ ଶ୍ରୀକୃଷ୍ଣଙ୍କ ସଙ୍ଗେ ହୋଲି ଖେଳୁଥିଲେ । ବ୍ରଜକିଶୋର ତାଙ୍କ ମଥାରେ ଗୋଲାପି ଅବିର ଲଗାଉ ଥିଲେ । ସ୍ୱାମିଜି ଅତର ଶିଶିଟି ପାଇବାମାତ୍ରେ ସୁଯୋଗ ପାଇ ପୂର୍ଣ୍ଣ ଶିଶିଟି ଶ୍ରୀକୃଷ୍ଣଙ୍କ ମସ୍ତକରେ ଢାଳି ଦେଲେ । ଶିଷ୍ୟ ଦୃଷ୍ଟିରେ ଅତର ଯମୁନା ବାଲିରେ ପଡ଼ିଗଲା, ତେଣୁ ତା ମନରେ ଦୁଃଖ ହେଲା । ହୋଲି ଖେଳ ସମାପ୍ତ ହେବାର କିଛି ସମୟ ପରେ ସ୍ୱାମିଜିଙ୍କର ବାହ୍ୟଜ୍ଞାନ ଆସିଲା । ସେ ଶିଷ୍ୟର ମନୋଭାବ ଜାଣିପାରି କହିଲେ, ''ବର୍ତ୍ତମାନ ତୁମେ ଯାଇ ଶ୍ରୀବାଙ୍କବିହାରୀଙ୍କୁ ଦର୍ଶନ କରି ଆସ ।'' ସେ ସେହିକ୍ଷଣି ମନ୍ଦିରକୁ ଗଲା । ମନ୍ଦିର ସର୍ବତ୍ର ଅତର ଗନ୍ଧରେ ପୂର୍ଣ୍ଣ ଥିଲା, ଶ୍ରୀବାଙ୍କବିହାରୀଙ୍କ ବିଗ୍ରହ ଏବଂ ତାଙ୍କ ପୋଷାକ ଅତରରେ ଭିଜି ଯାଇଥିଲା । ଏହା ଦେଖି ତା'ର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସ୍ୱାମିଜିଙ୍କ ନିଷ୍ଠାରେ ତା'ର ପରମ ବିଶ୍ୱାସ ହେଲା । ସେ ଆସି ସ୍ୱାମିଜିଙ୍କ ଚରଣରେ ପଡ଼ିଗଲା ଆଉ ତାଙ୍କ କୃପାକୁ ସ୍ମରଣ କରି ତାଙ୍କ ପ୍ରତି କୃତଜ୍ଞତାରେ ଅଭିଭୂତ ହୋଇଗଲା । ତାହାର ନେତ୍ରରୁ ଅଶ୍ରୁଧାରା ପ୍ରବାହିତ ହେବାକୁ ଲାଗିଲା । ତା'ର ଅତର ଆଣିବା ପ୍ରକୃତରେ ସଫଳ ହେଲା । ସ୍ୱାମିଜି ତାକୁ ବହୁତ ଆଶ୍ୱାସନା ଦେଲେ ।

ଥରେ ଜଣେ ଭାବୁକ ଭକ୍ତ ଶିଷ୍ୟ ହେବା ପାଇଁ ସ୍ୱାମିଜିଙ୍କ ପାଖକୁ ଆସି ଗୋଟିଏ ବହୁମୂଲ୍ୟ ହୀରା ଭେଟି ଦେଲା । ସ୍ୱାମିଜି ଜାଣିପାରିଲେ ଯେ ଏହି ହୀରାରେ ତାହାର ବହୁତ ଆସକ୍ତି ଅଛି । ଯେପର୍ଯ୍ୟନ୍ତ ସାଂସାରିକ କୌଣସି ବସ୍ତୁରେ ଆସକ୍ତି ଆଉ ପ୍ରେମ ରହିବ, ସେପର୍ଯ୍ୟନ୍ତ ଶ୍ରୀକୃଷ୍ଣଙ୍କ ସହିତ ଯଥାର୍ଥ ପ୍ରେମ ସ୍ଥାପିତ ହୋଇ ପାରିବ ନାହିଁ । ଏହି କାରଣରୁ ସ୍ୱାମିଜି ତାକୁ କହିଲେ, ''ବର୍ତ୍ତମାନ ଏହି ହୀରାକୁ ନେଇ ଯମୁନା ନଦୀରେ ପକାଇ ଦିଅ ।'' ତାଙ୍କ ଆଜ୍ଞାନୁସାରେ ସେ ହୀରାକୁ ନେଇ ଯମୁନା ନଦୀରେ ପକାଇ ଦେଲା । କିନ୍ତୁ ବହୁମୂଲ୍ୟର ହୀରାକୁ ଜଳରେ ଭସାଇ ଦେବାରୁ ତାହାର ମନରେ ସେହି ହୀରାର ସ୍ମରଣରେ କ୍ଷୋଭ ଜାତ ହେଲା । ସ୍ୱାମିଜି ତାହାର ମନୋଭାବ ଜାଣିପାରି ଭାବିଲେ, ''ବର୍ତ୍ତମାନ ମଧ୍ୟ ହୀରା-ପଥର ପ୍ରତି ଏହାର ମୋହ ଦୂର ହୋଇ ନାହିଁ ।'' ସୁତରାଂ ତା ହାତ ଧରି ଗୋଟିଏ ଗହନ ବନକୁ ନେଇଗଲେ । ସେଠାରେ ବହୁପରିମାଣରେ ଗଦା ହୋଇଥିବା ହୀରା ସ୍ତୂପକୁ ଲକ୍ଷ୍ୟ କରି କହିଲେ, ''ଭାଇ ! ଯଦି ତୁମର ଏହି ପଥରରେ ଆସକ୍ତି ଓ ପ୍ରେମ ଅଛି, ତେବେ ଯେତେ ଇଚ୍ଛା ତେତେ ନେଇଯାଅ, ଆଉ ସ୍ମରଣ ରଖ – ଏହିସବୁ ବସ୍ତୁ ଭଗବତ୍ ପ୍ରାପ୍ତିରେ ବହୁତ ବାଧକ । ଯେଉଁଠି ଭୋଗ୍ୟ ବସ୍ତୁରେ ପ୍ରେମ, ସେଠାରେ ଭଗବତ୍ ପ୍ରେମ ଆସିବ କେଉଁଠୁ ? ଏହିସବୁ ଜାଗତିକ ପଦାର୍ଥ ଭଗବତ୍ ପ୍ରେମ-ପ୍ରାପ୍ତି ମାର୍ଗରେ ଡାକୁ ଆଉ ଲୁଟ୍ କରିବା ଲୋକ ସଦୃଶ । ଯେପର୍ଯ୍ୟନ୍ତ ତୁମେ ଏହିସବୁର ମୋହରେ ପଡ଼ି ରହିବ ସେପର୍ଯ୍ୟନ୍ତ ତୁମ୍ଭର ଶ୍ରୀହରିଙ୍କ ଚରଣାରବିନ୍ଦରେ ମନ ଅଚଳଭାବେ ସ୍ଥିତ ହେବ ନାହିଁ କିଂବା ତୁମେ ପରମାନନ୍ଦ ସିନ୍ଧୁ-ସୁଧା ପାନ କରି କୃତାର୍ଥ ହୋଇ ପାରିବ ନାହିଁ । ଯଦି ତୁମେ ଭବ-ଭୟହାରୀ ଶ୍ରୀହରିଙ୍କୁ ଚାହଁ, ତେବେ ଯଥାର୍ଥ ସୁଖର ହରଣକାରୀ ଏହି ପଥର ହୀରାରୁ ଚିତ୍ତକୁ ହଟାଇ ନିଅ ।''

ଏହିପରି ଅଦ୍ଭୁତ ଦୃଶ୍ୟ ଦେଖି ଆଉ ସ୍ୱାମିଜିଙ୍କ ଉପଦେଶ ଶୁଣି ତାହାର ଚିତ୍ତ ବିଷୟରୁ ହଟିଗଲା ଏବଂ ସେ ସଂପୂର୍ଣ୍ଣରୂପେ ସ୍ୱାମିଜିଙ୍କ ଶରଣାଗତ ହୋଇଗଲା । ଯୋଗ୍ୟ ଅଧିକାରୀ ଜାଣି ସ୍ୱାମିଜି ତାକୁ ଦୀକ୍ଷା ଦେଲେ, ସାଧନାର ସୁଗମ ମାର୍ଗ ଉପଦେଶ ଦେଇ ତାକୁ କୃତାର୍ଥ କରିଦେଲେ ।

ସ୍ୱାମୀ ମହାରାଜ ସଙ୍ଗୀତରେ ମହାନ୍ ଅନୁଭବସିଦ୍ଧ ଆଚାର୍ଯ୍ୟ ଥିଲେ । ଆକବରଙ୍କ ଦରବାରର ପ୍ରସିଦ୍ଧ ଗାୟକାଚାର୍ଯ୍ୟ ତାନ୍‌ସେନ୍ ତାଙ୍କର ଶିଷ୍ୟ ଥିଲେ । ତାନ୍‌ସେନ୍‌ଙ୍କ ସଙ୍ଗୀତ କଳାରେ ମୁଗ୍ଧ ହୋଇ ଦିନେ ଆକବର ତାଙ୍କୁ ପଚାରିଲେ, ''ତୁମର ଗୁରୁ କିଏ ?'' ତାନ୍‌ସେନ୍ ଉତ୍ତର ଦେଲେ, ''ମୋର ଗୁରୁ ପରମ ଭଗବତ୍ ଭକ୍ତ ସ୍ୱାମୀ ହରିଦାସଜି । ସେ ବୃନ୍ଦାବନରେ ବାସ କରୁଅଛନ୍ତି ।''

ଆକବର ତାଙ୍କୁ ଦର୍ଶନ କରିବାକୁ ଇଚ୍ଛା ପ୍ରକାଶ କଲେ । ତାନ୍‌ସେନ୍ କହିଲେ, ''ହଜୁର, ତାଙ୍କୁ ଏଠାକୁ ନିମନ୍ତ୍ରଣ କରି ଆଣିବା ଅସମ୍ଭବ, ସେ ଧନ ଆଉ ଯଶଃକୁ ଚାହାନ୍ତି ନାହିଁ; ଯଦି ହଜୁର୍ ଦର୍ଶନ କରିବାକୁ ଚାହାନ୍ତି ତେବେ ତାଙ୍କ

ପାଖକୁ ଯିବାକୁ ହେବ ।'' ଆକବର ତାନ୍‌ସେନ୍‌ଙ୍କୁ ସଙ୍ଗରେ ନେଇ ସ୍ୱାମିଜିଙ୍କ କୁଟୀରକୁ ଗଲେ । ସ୍ୱାମିଜି ସେ ସମୟରେ ଭଗବତ୍ ଦିବ୍ୟାନନ୍ଦରେ ବିଭୋର ହୋଇ ଗୀତ ଗାଉଥିଲେ । ଆକବର ତାହା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ପୁଣି ତାନ୍‌ସେନ୍ ଗାନ ଆରମ୍ଭ କଲେ ଏବଂ ସ୍ୱାମୀଜିଙ୍କ ଗାନ ଆକବରଙ୍କୁ ଶୁଣାଇବା ସକାଶେ ସ୍ୱେଚ୍ଛାରେ ନିଜେ ସ୍ୱର ତାଳ ଭଙ୍ଗ କରିଦେଲେ । ସେ ନେଇ ସ୍ୱାମି ମହାରାଜ ସ୍ୱୟଂ ତାନ୍‌ସେନ୍‌ଙ୍କ ସେହି ପଦକୁ ଗାନ କଲେ । ଗାନ ଶୁଣି ସମସ୍ତଙ୍କ ହୃଦୟ ଭଗବତ୍ ଭକ୍ତିରେ ଉଛୁଳି ପଡ଼ିଲା । ଆକବର ସ୍ୱାମିଜିଙ୍କୁ ବହୁତ ଧନ ଅର୍ପଣ କରିବାକୁ ଚାହିଁଲେ କିନ୍ତୁ ନିଃସ୍ପୃହ ସ୍ୱାମୀ ମହାରାଜ କିଛି ବି ଗ୍ରହଣ କଲେ ନାହିଁ । ତାନ୍‌ସେନ୍‌ଙ୍କ ସହ ଆକବର ଦିଲ୍ଲୀ ଫେରିଗଲେ । ଦିନେ ଆକବର ତାନ୍‌ସେନ୍‌ଙ୍କୁ ସେହି ପଦ ଗାଇବାକୁ କହିଲେ, କିନ୍ତୁ ତହିଁରେ ତାଙ୍କର ସେପରି ଆନନ୍ଦ ଜାତ ହେଲା ନାହିଁ । ବାଦଶାହ ତାନ୍‌ସେନ୍‌ଙ୍କୁ କହିଲେ, ''ସେଦିନ ଏହି ପଦ ଶୁଣି ଯେପରି ଆନନ୍ଦ ପ୍ରାପ୍ତ ହୋଇଥିଲା, ଆଜି ସେପରି ହେଲା ନାହିଁ କାହିଁକି ?'' ତାନ୍‌ସେନ୍ କହିଲେ, ''ହଜୁର୍, ମୋଠାରେ ଦିବ୍ୟ-ପ୍ରେମରସ ଆସିବ କେଉଁଠୁ ? ସ୍ୱାମୀ-ମହାରାଜ ଭଗବାନଙ୍କ ପ୍ରେମରସରେ ବିଭୋର ହୋଇ ତ୍ରିଭୁବନନାଥଙ୍କୁ ଗାନ ଶୁଣାଉଥିଲେ, ଆଉ ମୁଁ ଦିଲ୍ଲୀର ବାଦଶାହଙ୍କୁ ଖୁସି କରାଇବାକୁ ଗାନ ଶୁଣାଉଅଛି । ଏହାହିଁ ତାହାର ପ୍ରଧାନ କାରଣ ।'' ଏହି ଉତ୍ତରରେ ବାଦଶାହ ସନ୍ତୁଷ୍ଟ ହେଲେ ।

ସ୍ୱାମିଜି ଗାୟକାଚାର୍ଯ୍ୟ ଏବଂ କବି ଥିଲେ । ସେ ବହୁତ କବିତା ରଚନା କରିଅଛନ୍ତି । ତାଙ୍କ କବିତାରେ ଶ୍ରୀରାଧାକୃଷ୍ଣଙ୍କ ବିହାର ଲୀଳା ବର୍ଣ୍ଣନା ଅଛି । ସେହିସବୁ କବିତାକୁ ''କେଳିମାଳା'' କୁହାଯାଏ । ଏହାଛଡ଼ା ସିଦ୍ଧାନ୍ତ ବିଷୟରେ ସେ ବହୁତ କବିତା ରଚନା କରିଅଛନ୍ତି । ତାଙ୍କ କବିତାରେ ଯଦ୍ୟପି ପିଙ୍ଗଳ ସଙ୍ଗତି କିଛି ଭୁଲ୍ ପ୍ରତୀତ ହେଉଅଛି ତଥାପି ସେଥିରେ ଭକ୍ତି ଆଉ ପ୍ରେମର ଯେଉଁ ସ୍ରୋତ ପ୍ରବାହିତ ହେଉଛି, ତହିଁରେ ସମସ୍ତ ଭୁଲ୍ ଭାସି ଯାଉଅଛି । ସଙ୍ଗୀତ ରୂପରେ ତାଙ୍କ କବିତା ଏକେବାରେ ଠିକ୍ । ସ୍ୱାମିଜିଙ୍କ ଦ୍ୱାରା ଏକ ନୂତନ ସଂପ୍ରଦାୟ ଚାଲିଅଛି । ସେହି ସଂପ୍ରଦାୟର ନାମ ''ଟାଟି ସଂପ୍ରଦାୟ''* ।

ଏହି ସଂପ୍ରଦାୟରେ ବହୁତ ତ୍ୟାଗୀ, ପ୍ରେମୀ ଆଉ ଅନୁଭବୀ ମହାତ୍ମା ଜନ୍ମ ହୋଇ ଅଛନ୍ତି । ସ୍ୱାମିଜିଙ୍କର ଏକ କବିତାର କିୟଦଂଶ ଏଠାରେ ଉଦ୍ଧାର କରାଗଲା —

''ହରିକେ ନାମକେ ଆଳସ କୈଁା
କରତେ ହୈରେ କାଲ ଫିରତ ସର ସାନ୍ଧୈ
ହୀରା ବହୁତ ଜବାହୀର ସଞ୍ଚେ, କହା ଭୟୋ ହସ୍ତୀଦର ବାନ୍ଧେ
ବେର କୁବେର କଛୁ ନହିଁ ଜାନତ, ଚଢ଼ୋ ଫିରତ ହୈ କାନ୍ଧୈ
କହ ହରିଦାସ କଛୁ ନ ଚଲତ ଜବ, ଆବତ ଅନ୍ତକୀ ଆନ୍ଧୈ ।''

ଅର୍ଥାତ୍, ହରିନାମ ଜପ କରିବାରେ ତୁ ଆଳସ୍ୟ କାହିଁକି କରୁଛୁ ? କାଳ ଶର-ସନ୍ଧାନ କରି ବୁଲୁଅଛି, ତୁ ବହୁତ ହୀରା ଜହରତ୍ ସଞ୍ଚୟ କରିଛୁ, ଦ୍ୱାରରେ ହାତୀ ବାନ୍ଧିଛୁ, ସେଥିରେ କିଛି ହେବ ନାହିଁ । ସେ ସମୟ ଅସମୟ ଜାଣେ ନାହିଁ । କାଳ ବରାବର ତୋ କାନ୍ଧରେ ଚଢ଼ି ବୁଲୁଅଛି । ହରିଦାସ କହୁଛନ୍ତି ଯେ ଯେତେବେଳେ ଶେଷ ବାୟୁ ବହିବ, ଅର୍ଥାତ୍ ଊର୍ଦ୍ଧ୍ୱବାୟୁ ଚାଲିବ ସେତେବେଳେ କାହାରି କିଛି ଉପାୟ ଚଳିବ ନାହିଁ ।''

ବୋଲ ଭକ୍ତ ଆଉ ତାଙ୍କ ଭଗବାନଙ୍କ ଜୟ ।

* ସ୍ୱାମିଜି ଆଉ ତାଙ୍କ ପରମ୍ପରାରେ ବହୁତ ଉଚ୍ଚକୋଟୀର ମହାତ୍ମା, କବି ଏବଂ ସଙ୍ଗୀତଜ୍ଞ ହୋଇଛନ୍ତି । ସମସ୍ତେ ଥିଲେ ମହାନ୍ ତ୍ୟାଗୀ । ସମସ୍ତେ ଛିଣ୍ଡାକନାର ଗୁଦୁଡ଼ି ଘୋଡ଼ାଇ ହୁଅନ୍ତି । ଜଳପାତ୍ର ସ୍ଥାନରେ ମାଟିର ଏକପ୍ରକାର ଲୋଟା ବ୍ୟବହାର କରନ୍ତି । ସେହି ମାଟି ଲୋଟାକୁ କୁହାଯାଏ ''କରୋଇ'' । ସେମାନେ ଜଙ୍ଗଲରେ ଭ୍ରମଣ କରୁଥିଲେ ଅଥବା ତାଟି କୁଡ଼ିଆରେ ରହୁଥିଲେ । ସେଥିଲାଗି ସମ୍ଭବତଃ ତାଙ୍କ ସଂପ୍ରଦାୟର ନାମ ''ଟାଟି ସଂପ୍ରଦାୟ'' ନାମରେ ଖ୍ୟାତ ହୋଇଛି ।

ଠାକୁର ଉଦ୍ଧାରଣ ଦତ୍ତ

ହୁଗୁଳୀ ଜିଲ୍ଲା ଅନ୍ତର୍ଗତ ସରସ୍ୱତୀ ନଦୀ ତଟରେ ସପ୍ତଗ୍ରାମ ନାମରେ ଗୋଟିଏ ପ୍ରସିଦ୍ଧ ଏବଂ ସମୃଦ୍ଧିଶାଳୀ ନଗରୀ ଥିଲା । ପ୍ରାୟ ପଞ୍ଚଦଶ ଶତାବ୍ଦୀର ଶେଷ ଭାଗରେ ଶ୍ରୀକର ଦତ୍ତ ନାମରେ ଜଣେ ଶାଣ୍ଡିଲ୍ୟ ଗୋତ୍ରୀୟ ବୈଶ୍ୟ ଅନ୍ୟ ସ୍ଥାନରୁ ଆସି ସେଠାରେ ବାସ କଲେ । ସେ ଭକ୍ତ ଥିଲେ । ତାଙ୍କ ହୃଦୟ ଦୟାରେ ପୂର୍ଣ୍ଣ ଥିଲା । ସେ ଅନ୍ୟର ଦୁଃଖ କଷ୍ଟକୁ ଦୂର କରିବାକୁ ସର୍ବଦା ଚେଷ୍ଟା କରୁଥିଲେ । ଏହି ସଦ୍‌ଗୁଣ ଯୋଗୁଁ ଅଳ୍ପ କିଛିଦିନ ମଧ୍ୟରେ ସେଠିକାର ଲୋକମାନଙ୍କର ସେ ଖୁବ୍ ପ୍ରିୟ ହୋଇ ଯାଇଥିଲେ । ତାଙ୍କର ଧର୍ମପତ୍ନୀ ଭଦ୍ରାବତୀ ଦେବୀ ମଧ୍ୟ ପତି-ପରାୟଣା, ସୁଶୀଳା ଥିଲେ । ସେ ସର୍ବଦା ପତିଙ୍କୁ ପ୍ରସନ୍ନ କରିବାକୁ, ତାଙ୍କ କାର୍ଯ୍ୟରେ ସହଯୋଗ କରିବାକୁ ଚେଷ୍ଟା କରୁଥିଲେ । ସେଥିଯୋଗୁଁ ପରସ୍ପରଙ୍କ ଜୀବନ ଆନନ୍ଦରେ ବ୍ୟତୀତ ହେଉଥିଲା । ଯଥାର୍ଥ ସମୟରେ ଭଦ୍ରାବତୀଙ୍କ ଗର୍ଭରୁ ୧୪୦୩ ଶକାବ୍ଦରେ ମହାଭାଗବତ ଶ୍ରୀ ଉଦ୍ଧାରଣ ଦତ୍ତଙ୍କ ଜନ୍ମ ହେଲା । ଉଦ୍ଧାରଣ ଦତ୍ତଙ୍କର ପୂର୍ବଜନ୍ମ ସଂସ୍କାରରୁ ବାଲ୍ୟାବସ୍ଥାରେ ତାଙ୍କ ହୃଦୟରେ ଭକ୍ତି ଏବଂ ସଦ୍‌ଗୁଣ ଦେଖା ଦେଇଥିଲା । ପିତାମାତାଙ୍କ ପ୍ରଭାବ ଓ ଉପଯୋଗୀ ବାତାବରଣ ପାଇ ତାହା ବିକଶିତ ହେବାରେ ବିଳମ୍ବ ହେଲା ନାହିଁ । ପୂର୍ବଜନ୍ମର ସଂସ୍କାର, ପିତାମାତାଙ୍କ ପ୍ରଭାବ ଏବଂ ସଙ୍ଗଗୁଣ ମନୁଷ୍ୟ ଜୀବନର ବିକାଶର ଭିତ୍ତିରୂପେ କାର୍ଯ୍ୟ କରେ । ତଦନୁସାରେ ସେ ସତ୍ କିଂବା ଅସତ୍ ମାର୍ଗରେ ପ୍ରବୃତ୍ତ ହୁଏ । ସନ୍ମାର୍ଗରେ ପ୍ରବୃତ୍ତ ହେବା ସକାଶେ ଉଦ୍ଧାରଣ ଦତ୍ତଙ୍କର ଏହିସବୁ ଅନୁକୂଳ ଅବସ୍ଥା ସ୍ୱାଭାବିକରୂପେ ଥିଲା । ଯଥାର୍ଥ ସମୟରେ ଶିକ୍ଷାଲାଭ କରି ସେ ବାଲ୍ୟକାଳରେହିଁ ବହୁ ସଦ୍‌ଗୁଣର ଅଧିକାରୀ ଥିଲେ । ତାଙ୍କ ଶରୀର ସୁନ୍ଦର ଥିଲା । ସେ ମଧୁରଭାଷୀ ଥିଲେ । ତାଙ୍କ ହୃଦୟ ଦୟାରେ ପୂର୍ଣ୍ଣ ଥିବାରୁ ସେ ଅନ୍ୟର କଷ୍ଟ ସହ୍ୟ କରିପାରୁ ନ ଥିଲେ । ସେ ଆଦ୍ୟାଶକ୍ତିଙ୍କୁ ସମସ୍ତ ସମର୍ପଣ କରି ତାଙ୍କ ଭକ୍ତିରେ ତନ୍ମୟ ରହୁଥିଲେ ।

କେତେକ ବର୍ଷପରେ ପିତାଙ୍କ ମୃତ୍ୟୁ ହେବାରୁ ସେ ଯୌବନ ଅବସ୍ଥାରେହିଁ ପିତାଙ୍କର ସମସ୍ତ ସମ୍ପତ୍ତିର ଅଧିକାରୀ ହେଲେ । ଯୌବନ ଅବସ୍ଥାରେ ମନୁଷ୍ୟକୁ ଧନପ୍ରାପ୍ତ ହେଲେ ସେ ମଦାନ୍ଧ ଓ ବିବେକଶୂନ୍ୟ ହୋଇ ନାନା ପ୍ରକାର କୁକର୍ମ କରେ; ଆଉ ସୁଖ, ଶାନ୍ତି, ଆନନ୍ଦ ସ୍ୱରୂପ ଭଗବତ୍ ପ୍ରାପ୍ତିର ମାର୍ଗକୁ ଅବରୋଧ କରି ଦୁଃଖ, କଷ୍ଟ, ଶୋକ-ସଙ୍କୁଳ ଜନ୍ମ-ମୃତ୍ୟୁ ମାର୍ଗରେ ଭ୍ରମଣ କରେ । କିନ୍ତୁ ଉଦ୍ଧାରଣ ଦତ୍ତଙ୍କର ଏପରି ହେଲା ନାହିଁ । ସେ ଭକ୍ତ ଥିଲେ, ତାଙ୍କ ହୃଦୟରେ ଆଦ୍ୟାଶକ୍ତି ଜଗଜ୍ଜନନୀ ନିବାସ କରି ତାଙ୍କୁ ଯଥାର୍ଥ ମାର୍ଗରେ ସଂଚାଳନ କରୁଥିଲେ । ମା'ଙ୍କ ପ୍ରକାଶରେ ଅନ୍ଧ ଶକ୍ତି ଏବଂ ତାହାର ଅନୁଚର, ଅଜ୍ଞାନ ଅବିବେକ ତାଙ୍କ ମଧ୍ୟରେ ପ୍ରବେଶ କରିପାରିଲେ ନାହିଁ । ତେଣୁ ସେ ଧନକୁ ସତ୍ ଏବଂ ପରମାର୍ଥ କାର୍ଯ୍ୟରେ ବ୍ୟୟ କଲେ । ଏହାହିଁ ଧନର ଯଥାର୍ଥ ଉପଯୋଗ । ଲୋକୋକ୍ତି ଅଛି – ''ଧର୍ମ କଲେ ଧନ ବଢ଼େ ।'' ଠିକ୍ ଏହାର ସତ୍ୟତା ଉଦ୍ଧାରଣ ଦତ୍ତଙ୍କ ଜୀବନରେ ଦେଖାଗଲା । ତାଙ୍କର ଧନ ଏବଂ ମା'ଙ୍କ ପ୍ରତି ଭକ୍ତି ଉଭୟ ସଙ୍ଗେ ସଙ୍ଗେ ବଢ଼ିଲା । ଧନ ତାଙ୍କ ଭକ୍ତିରେ ବାଧକ ହେଲା ନାହିଁ । କାରଣ ସେ ତାକୁ ନିଜର ମାନି ସେଥିରେ ଆସକ୍ତି ରଖି ନ ଥିଲେ; ନିଜ ସ୍ୱାର୍ଥ, ସୁଖ-ସୁବିଧା ଭୋଗ ସକାଶେ ବ୍ୟୟ କରୁ ନ ଥିଲେ । ସେ ସମସ୍ତ କିଛି ମା'ଙ୍କ ଚରଣରେ ପୂର୍ବରୁ ନିବେଦନ କରି ଦେଇଥିଲେ । ସେ ଧନର ଦାସ ନ ଥିଲେ; ସେ ଥିଲେ ମା'ଙ୍କ ଧନର ରକ୍ଷକ ଏବଂ ଯଥାଯୋଗ୍ୟ ଉପଯୋଗ କରିବାର ସେବକ । ସେ ଏକ ଜମିଦାରୀ ଖରିଦ କଲେ । ସେଥିରେ ଏକ ନୂତନ ଗ୍ରାମ ବସାଇ ସେ ଗ୍ରାମର ନାମ ଉଦ୍ଧାରଣପୁର ରଖିଲେ । ସେହି ଗ୍ରାମ କଟବା ପାଖରେ ଆଜି ମଧ୍ୟ ବିଦ୍ୟମାନ ।

ଉଦ୍ଧାରଣ ଦତ୍ତଙ୍କ ଭକ୍ତି ପ୍ରଭାବରେ ତାଙ୍କ ଜୀବନରେ ବହୁତ ଅସାଧାରଣ ଘଟଣା ଘଟିଥିଲା । ତନ୍ମଧ୍ୟରୁ ଗୋଟିଏ ଘଟନା ଏଠାରେ ଉଲ୍ଲେଖ କରାଯାଉଛି ।

ବଙ୍ଗଳାର ସ୍ତ୍ରୀମାନେ ଶଙ୍ଖକାଚ ପିନ୍ଧନ୍ତି । ସେଠିକାର ଲୋକମାନେ ଶଙ୍ଖକାଚକୁ ଶଙ୍ଖା ଏବଂ ତାହା ବିକ୍ରି କରିବା ଲୋକକୁ ଶଙ୍ଖାରି ବୋଲି କହନ୍ତି । ଦିନେ ଜଣେ ଶଙ୍ଖାରି ଶଙ୍ଖା ବିକ୍ରି କରିବାକୁ ଆସିଥିଲା । ଗ୍ରାମ ନିକଟ ନଦୀଘାଟରେ

ଗୋଟିଏ ବାର ବର୍ଷର କନ୍ୟା ଶଙ୍ଖାରିକୁ କହିଲା, ''ମୋତେ ଶଙ୍ଖ। ପିନ୍ଧାଇ ଦେ । ସାଧାରଣତଃ ଶଙ୍ଖାରିମାନେ ପଇସାର ପ୍ରଶ୍ନ ନ କରି ଆଗେ ଶଙ୍ଖ। ପିନ୍ଧାଇ ଦିଅନ୍ତି । ସେମାନେ ଜାଣନ୍ତି ଶଙ୍ଖ। ଝିଅମାନଙ୍କର ସୁଲକ୍ଷଣର ପ୍ରତୀକ, ପିତାମାତା ଝିଅ ହାତରୁ ଶଙ୍ଖ। ଉତାରି ଫେରେଇ ଦେବାକୁ ଅମଙ୍ଗଳ ମନେ କରନ୍ତି । ତେଣୁ ତା'ର ପଇସା ପାଇବାରେ ସନ୍ଦେହ ନ ଥାଏ । କନ୍ୟାଟିର କଥା ଅନୁସାରେ ଶଙ୍ଖାରି ଶଙ୍ଖ। ପିନ୍ଧାଇ ଦେଲା । ପରେ ପଇସା ଚାହିଁବାରୁ କନ୍ୟାଟି କହିଲା, ''ମୁଁ ସ୍ନାନ କରିବାକୁ ଆସିଛି, ମୋ ପାଖରେ ପଇସା ନାହିଁ, ତୁ ଯାଇ ମୋର ପିତା ଉଦ୍ଧାରଣ ଦତ୍ତଙ୍କଠାରୁ ପଇସା ମାଗି ନେ ।'' ଶଙ୍ଖାରି କହିଲା, ''ଯଦି ସେ ମୋ କଥା ବିଶ୍ୱାସ ନ କରନ୍ତି, ତେବେ ମୁଁ ପଇସା ପାଇବି କିପରି ?'' ସେ କହିଲା, ''ଯଦି ସେ ମନା କରନ୍ତି, ତେବେ ତୁ କହିବୁ, ତୁମ ପୂର୍ବପଟ ଘରର ପଶ୍ଚିମ ତରଫ ଠଣାରେ ପାଞ୍ଚଟି ସୁନା ମୋହର ଅଛି ବୋଲି ତୁମ କନ୍ୟା କହିଛି, ତାହା ମୋତେ ଦେଇଦିଅ ।''

ବାଳିକାଟିର କହିବାନୁସାରେ ଶଙ୍ଖାରି ଯାଇ ଝିଅକୁ ଶଙ୍ଖ। ପିନ୍ଧାଇଦେବା କଥା କହି ତାଙ୍କ ପିତା ଉଦ୍ଧାରଣ ଦତ୍ତଙ୍କଠାରୁ ପଇସା ଚାହିଁଲା । ଶୁଣିବା ମାତ୍ରେ ସେ ଆଶ୍ଚର୍ଯ୍ୟ ହୋଇଗଲେ ! ସେ କହିଲେ, ''ମୋର ଝିଅ ନାହିଁ, ଶଙ୍ଖ। ପିନ୍ଧିଲା କିଏ ?'' ଏକଥା ଶୁଣି ଶଙ୍ଖାରି ବିସ୍ମିତ ହୋଇ ଭାବିଲା, ''ଝିଅଟି କ'ଣ ମିଥ୍ୟା କହିଛି ? ଯଦି ଏହିପରି ସୁନା ମୋହର ଘଟନାଟି ମିଥ୍ୟାହୁଏ ତେବେ ମୁଁ କ'ଣ କରିବି ? ଏ ମହାନ୍ ବ୍ୟକ୍ତି ଯଦି ନିଜ ମହାନତା ଯୋଗୁଁ ମୋତେ ଦଣ୍ଡ ନ ଦିଅନ୍ତି, ତେବେ ବି ମିଥ୍ୟାବାଦୀ ବୋଲି ମୋତେ ସମସ୍ତେ ଅବଶ୍ୟ ଘୃଣା କରିବେ । ଯାହାହେଉ ଲୁଚାଇବାରେ କିଛି ନାହିଁ, ମୁଁ ସତ୍ୟ କହିବି । ସତ୍ୟ କହି ଘୃଣାର ପାତ୍ର ହୋଇ ଦୁଃଖ ବରଣ କରିପାରେ, କିନ୍ତୁ ମିଥ୍ୟା କଥା କହି ସୁନାମ ପ୍ରାପ୍ତ କରିବାରେ ସନ୍ତୁଷ୍ଟ ହୋଇ ପାରିବି ନାହିଁ ।'' ଏହା ଭାବି ସାହସପୂର୍ବକ ବିନୟଭାବେ କହିଲା, ''ହଜୁର ମୋତେ ମିଥ୍ୟାବାଦୀ ମନେ କରନ୍ତୁ ନାହିଁ, ମୁଁ ମଜୁରି ଲାଗି ଉଦର ପୋଷଣ କରି ସନ୍ତୋଷରେ ଦିନ କଟାଉଛି, ହଜୁରଙ୍କ ପରି ଭକ୍ତ ଓ ମହାନ୍ ଆତ୍ମାଙ୍କ ନିକଟରେ ମିଥ୍ୟା କହି ହୃଦୟକୁ କଳୁଷିତ କରିବି ନାହିଁ ।'' ଏହାପରେ କନ୍ୟାଟିର କହିଥିବା ସୁନା ମୋହର ଘଟନାଟି କହିଲା । ସତ୍ୟକଥାର ଭାଷା ଯଦ୍ୟପି ବିନମ୍ର ହୁଏ ତଥାପି ସେଥିରେ ଥାଏ ଓଜସ୍, ହୃଦୟରେ ବିଶ୍ୱାସ ଜନ୍ମାଇବାକୁ ବ୍ୟକ୍ତିକୁ ବାଧ କରେ । ଉଦ୍ଧାରଣ ଦତ୍ତ ପୂର୍ବରୁ ମଧ୍ୟ କଥାକୁ ବିଶ୍ୱାସ ବା ଅବିଶ୍ୱାସ ନ କରି ସେ ବିଷୟରେ ଚିନ୍ତା ନ କରି କେବଳ ଆଶ୍ଚର୍ଯ୍ୟରେ ଡୁବି ଯାଇଥିଲେ । ସୁନା ମୋହର ଘଟନାଟି ଶୁଣିବାମାତ୍ରେ ତତ୍‌କ୍ଷଣାତ୍ ଉଠି ଦୌଡ଼ି ଯାଇ ନିର୍ଦ୍ଦିଷ୍ଟ ସ୍ଥାନରେ ଶଙ୍ଖାରି କହିବା ଅନୁସାରେ ଠିକ୍ ପାଞ୍ଚଟି ସୁନା ମୋହର ପାଇଲେ । ତାଙ୍କର ଆଉ ଆନନ୍ଦର ସୀମା ରହିଲା ନାହିଁ । ସେ ଦୌଡ଼ି ଆସି ଶଙ୍ଖାରିକୁ ଗାଢ଼ ଆଲିଙ୍ଗନ କରି କହିଲେ, ''ଭାଇ ତୁ ଦୟାକର, ମୋର ଝିଅକୁ ତୁ ଶଙ୍ଖ। ପିନ୍ଧାଇ ଦେଇଥିଲୁ । ଥରେ ମୋତେ ତାକୁ ଦର୍ଶନ କରାଇ ଦେ । ତୋ ଜୀବନ ଧନ୍ୟ ହୋଇଗଲା, ତୋର ଶଙ୍ଖ। ବିକ୍ରି ଫଳ ଆଜି ପ୍ରାପ୍ତ ହେଲା । ସ୍ୱୟଂ ମା ତୋ ହାତରୁ ଶଙ୍ଖ। ପିନ୍ଧିଲେ । ଆଉ ବିଳମ୍ବ କର ନାହିଁ, ମୋତେ ଶୀଘ୍ର ସେହି ମା'ଙ୍କୁ ଦେଖାଇ ଦେ ।'' ଏତିକି କହିବା ପରେ ତାଙ୍କ କଣ୍ଠ ରୁଦ୍ଧ ହୋଇଗଲା । ପ୍ରେମାନନ୍ଦରେ ହୃଦୟ ପୂର୍ଣ୍ଣ ହୋଇ ଅଶ୍ରୁଜଳ ନେତ୍ରରୁ ନିର୍ଗତ ହେବାକୁ ଲାଗିଲା । ଶଙ୍ଖାରି ଯଦ୍ୟପି ସେହି ପ୍ରେମ-ସ୍ରୋତରେ ପ୍ଲାବିତ ହେଉଥିଲା, ତଥାପି ଧୈର୍ଯ୍ୟ ସହ ତାଙ୍କୁ ନଦୀକୂଳକୁ ଘେନିଆସିଲା । ସେଠାରେ କନ୍ୟାର ବର୍ଣ୍ଣଚିହ୍ନ ନ ପାଇ, ଉଦ୍ଧାରଣ ଦତ୍ତ ବହୁତ ବ୍ୟାକୁଳ ହୋଇ ପଡ଼ିଲେ । ସେହି ସମୟରେ ନଦୀର ଜଳସ୍ରୋତ ଭିତରୁ ନୂତନ ଶଙ୍ଖ। ପିନ୍ଧିଥିବା ଦୁଇଟି ସୁନ୍ଦର ହସ୍ତ ବାହାରକୁ ବାହାରିଥିବାର ଦେଖାଗଲା । ଏହି ଦୁଇଟି ହସ୍ତ ଆଦ୍ୟାଶକ୍ତିଙ୍କର ଜାଣି ଉଦ୍ଧାରଣ ଦତ୍ତଙ୍କୁ ବଡ଼ ଆନନ୍ଦ ଲାଗିଲା । ସେ ଶଙ୍ଖାରିକୁ ଘରକୁ ଡାକି ଆଣି ସେହି ପାଞ୍ଚଟି ସୁନା ମୋହର ସହିତ ଆହୁରି ବହୁତ ଧନ ଦେଲେ । ତାକୁ ବହୁତ ପ୍ରଶଂସା ଓ ଅନୁନୟ କଲେ ଏବଂ ତା'ର ଯିବାର ଆଗ୍ରହ ଦେଖି ତାକୁ ବିଦାୟ ଦେଲେ । ଉଦ୍ଧାରଣ ଦତ୍ତ କେତେଥର ଭଗବାନଙ୍କୁ ଏହିପରି ପ୍ରତ୍ୟକ୍ଷ ଦର୍ଶନ କରିଥିଲେ । ସମ୍ଭବତଃ ସେ ପ୍ରଥମେ ଶକ୍ତି ଉପାସନା କରୁଥିଲେ, ପରେ ବିଷ୍ଣୁ ଉପାସନା କରି ବୈଷ୍ଣବ ହେଲେ; ଅଥବା ସେ ଜଗତ-ମାତା ଆଉ ଭଗବାନଙ୍କ ମଧ୍ୟରେ କୌଣସି ଭେଦ ନ ରଖି ଉଭୟଙ୍କ ଉପାସନା କରୁଥିଲେ ।

ଏ ବିଷୟ ନିର୍ଣ୍ଣୟ କରିବା କଠିନ, କିନ୍ତୁ ସେ ଜଗତ-ଜନନୀଙ୍କ କୃପା, ଅନୁଭୂତି ଓ ଭଗବାନଙ୍କ ଦର୍ଶନ ଲାଭ

କରିଥିଲେ । ଶେଷ ଜୀବନରେ ସେ ଶ୍ରୀ ନିତ୍ୟାନନ୍ଦ ମହାପ୍ରଭୁଙ୍କ ସଙ୍ଗେ ବଙ୍ଗଳାର ବହୁ ଅଞ୍ଚଳ ଭ୍ରମଣ କରି ହରିନାମ ପ୍ରଚାର କରିଥିଲେ । ''ଜୀବେ ଦୟା'', ''ନାମେ ରୁଚି'', ''ବୈଷ୍ଣବ ସେବା''– ଏହି ତାଙ୍କର ଉପଦେଶ ଥିଲା । ସେ ଭଗବତ୍ ପ୍ରେମାନନ୍ଦରେ ନିମଗ୍ନ ରହି ଆନନ୍ଦମୟ ଜୀବନ ବ୍ୟତୀତ କରିଥିଲେ । ବହୁତ ନରନାରୀଙ୍କୁ ଭଗବତ୍ ପ୍ରେମାମୃତ ଆସ୍ୱାଦନ କରାଇ ୫୭ ବର୍ଷ ବୟସରେ ୧୪୬୦ ଶକାବ୍ଦରେ ଭୌତିକ ଶରୀର ତ୍ୟାଗ କରି ଶ୍ରୀକୃଷ୍ଣଙ୍କ ନିତ୍ୟ ସେବାକୁ ପ୍ରାପ୍ତ ହେଲେ । ତାଙ୍କର ସମାଧି ମନ୍ଦିର ବଂଶୀବଟ ପାଖରେ ବର୍ତ୍ତମାନ ବିଦ୍ୟମାନ । ଏବେ ବି ସେହି ପ୍ରସିଦ୍ଧ ସମାଧିମନ୍ଦିରକୁ ହଜାର ହଜାର ନରନାରୀ ଦର୍ଶନ କରୁଛନ୍ତି, ସେହି ସମାଧିରେ ଶ୍ରଦ୍ଧା ଓ ଭକ୍ତିପୂର୍ଣ୍ଣ ହୃଦୟରେ ପତ୍ର-ପୁଷ୍ପ ଅର୍ପଣ କରି ନିଜକୁ କୃତାର୍ଥ ମନେ କରୁଛନ୍ତି ।

''ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।''

ମୌନୀ ବାବା ମହାତ୍ମା ଶ୍ରୀ ରାମଶରଣ ଦାସଜି

ମହାତ୍ମା ଶ୍ରୀ ରାମଶରଣ ଦାସଜି ମୌନୀ ବାବା ଶ୍ରୀ ଅଯୋଧ୍ୟାରେ ଜଣେ ପ୍ରତିଷ୍ଠିତ ନାମ-ଜାପକ ସନ୍ଥ ଥିଲେ । ସେ ସରଯୂକୂଳେ ରାମଘାଟରେ ନିବାସ କରୁଥିଲେ । ତାଙ୍କ ନାମ ଥିଲା ଶ୍ରୀ ରାମଶରଣ ଦାସ, କିନ୍ତୁ ସେ ମୌନୀ ବାବା ନାମରେ ପ୍ରସିଦ୍ଧ ଥିଲେ । ସରଯୂ ନଦୀର ସ୍ରୋତ ସ୍ଥାୟୀ ହୋଇ ରହୁ ନ ଥିଲା । କେବେ ଅବଧ ନଗରୀ ସମୀପରେ ପ୍ରବାହିତ ହେଉଥିଲା ତ' କେବେ ଦୁଇ ମାଇଲ ଦୂର ଅପର ପାର ଲକଡ଼ିମଣ୍ଡି ନିକଟରେ ପ୍ରବାହିତ ହେଉଥିଲା । ସରଯୂ ନଦୀର ଭିନ୍ନ ଭିନ୍ନ ନାମରେ ବହୁତ ଘାଟଥିଲା କିନ୍ତୁ ପ୍ରସିଦ୍ଧ ଥିଲା ରାମଘାଟ । ଯେବେ ସରଯୂ ସ୍ରୋତ ଅବଧ ନଗରୀ ଛାଡ଼ି ଦୂରକୁ ଚାଲି ଯାଉଥିଲା ସେତେବେଳେ ଅନ୍ୟାନ୍ୟ ଘାଟ ଜାଣିବା ଦର୍ଶନାର୍ଥୀମାନଙ୍କ ପକ୍ଷେ ଦୁରୂହ ହୋଇ ପଡୁଥିଲା । ସୁତରାଂ ମୌନୀ ବାବା ରାମଘାଟରେ ନିବାସ କରିବା ଏପରି ପ୍ରଖ୍ୟାତ ହୋଇଥିଲା ଯେ ଯେଉଁଠାରେ ସେ ନିବାସ କରୁଥିଲେ, ସେହି ସ୍ଥାନ ରାମଘାଟ ବୋଲି ଲୋକେ ବୁଝି ପାରୁଥିଲେ । ସେ ଥିଲେ ସିଦ୍ଧ ବାବା ରଘୁନାଥ ଦାସ ମହାରାଜଙ୍କ ଶିଷ୍ୟ । ଶିଷ୍ୟ ହେବାପରେ ପଦଯାତ୍ରାରେ ଭାରତବର୍ଷର ପ୍ରାୟ ସମସ୍ତ ତୀର୍ଥ ପର୍ଯ୍ୟଟନ କରି ଆସିବା ଦିନଠାରୁ ବରାବର ଗୁରୁଜିଙ୍କ ସେବାରେ ଥିଲେ । ତାଙ୍କ ଗୁରୁଜି ଶରୀର ତ୍ୟାଗ କରିବା ପରେ କିଛି ବର୍ଷ ମହାରାଜଙ୍କ ଆଶ୍ରମରେ ରହିଥିଲେ । ତାଙ୍କ ଗୁରୁ ମହାରାଜଙ୍କ ନିୟମ ଥିଲା ପକ୍କା ଘର ତୟାରି ନ କରିବା । ଯେତେବେଳେ ତାଙ୍କ ଗାଦିର ମହନ୍ତ ବାବା ଜଗନ୍ନାଥ ଦାସଜି ମହାରାଜ ମନ୍ଦିର ତୟାରି କଲେ ସେହି ସମୟରେ ମହାରାଜ ମୌନୀ ବାବା ବଡ଼ଛାଉଣୀ ଛାଡ଼ି ସରଯୂ ନଦୀକୂଳେ ରାମଘାଟରେ ନୌକାରେ ନିବାସ କଲେ । ସେ ଯେପରି ଗୁରୁନିଷ୍ଠ ଥିଲେ ସେହିପରି ଗୁରୁଆଜ୍ଞା ପାଳନ କରୁଥିଲେ ।

ମୌନୀ ବାବା ଜନ୍ମ ହୋଇଥିଲେ ପଞ୍ଜାବ ଅନ୍ତର୍ଗତ ଅମୃତସର ଜିଲ୍ଲାରେ । ତାଙ୍କ ପିତାମାତାଙ୍କ ନାମ କ'ଣ, ସେ କେଉଁ ସାଲ ବା ସମ୍ବତ୍‌ରେ ଜନ୍ମ ଗ୍ରହଣ କରିଥିଲେ ଏବଂ ତାଙ୍କର ବାଲ୍ୟ ଜୀବନ କ'ଣ,— ଏ ବିଷୟ କାହାକୁ କିଛି ଜଣା ନାହିଁ । ସମ୍ଭବତଃ ତାଙ୍କର ଜନ୍ମ ହୋଇଥିଲା, ୧୯୦୦ର ପ୍ରଥମ ଭାଗ ଇସବିସନ ୧୮୦୦ ମଧ୍ୟ ଭାଗରେ । ସନ୍ଥମାନେ ଜନ୍ମ ଗ୍ରହଣ କରନ୍ତି ଗୋଟିଏ ସ୍ଥାନରେ, ତାଙ୍କର କାର୍ଯ୍ୟ-କର୍ମ ହୁଏ ଅନ୍ୟ ସ୍ଥାନରେ । ସେମାନେ ନିଜ ଜନ୍ମ ସ୍ଥାନରୁ ଯଦି ବାଲ୍ୟ ଅବସ୍ଥାରୁ ଆସି ଦୂର ପ୍ରଦେଶରେ ଦୀର୍ଘକାଳ ନିବାସ କରନ୍ତି ତେବେ ଜନ୍ମ ସ୍ଥାନର ଲୋକେ ତାଙ୍କୁ ଜାଣି ପାରନ୍ତି ନାହିଁ; ସେମାନେ ପ୍ରସିଦ୍ଧ ହୁଅନ୍ତି ଅନ୍ୟ ସ୍ଥାନରେ । ସେହି ସକାଶେ ଗୋସ୍ୱାମୀ ତୁଳସୀ ଦାସଜି ଲେଖିଛନ୍ତି, ''ଉପୁଜଇ ଅନନ୍ତ ଅନନ୍ତ ଛବି ଲହହି'' ଏକ ସ୍ଥାନରେ ଉତ୍ପନ୍ନ ହୁଅନ୍ତି, ଅନ୍ୟ ସ୍ଥାନରେ ଶୋଭାପ୍ରାପ୍ତ ହୁଅନ୍ତି ବା ପ୍ରସିଦ୍ଧ ହୁଅନ୍ତି । ତା' ଛଡ଼ା ସନ୍ଥମାନଙ୍କର ସନ୍ନ୍ୟାସ ଜୀବନକୁ ନୂତନ ଜନ୍ମ ବୋଲି ଶାସ୍ତ୍ର ସ୍ୱୀକାର କରିଛି । ସେଥିପାଇଁ ପୂର୍ବ ପରିଚୟ ସ୍ମରଣ କରିବା, ଜାଣିବା ଶାସ୍ତ୍ର ନିଷେଧ କରିଅଛି । ସୁତରାଂ ସନ୍ଥମାନଙ୍କ ବୟସ, ଜନ୍ମ ବିଷୟ ତାଙ୍କୁ ଲୋକେ ପଚାରି ପାରନ୍ତି ନାହିଁ । ସେହି କାରଣରୁ ଅଧିକାଂଶ ସନ୍ଥମାନଙ୍କ ପିତାମାତାଙ୍କ ନାମ ଜନ୍ମସ୍ଥାନ ଅଜ୍ଞାତ ରହିଯାଏ । ଠିକ୍ ଏହିପରି ହୋଇଛି ମହାତ୍ମା ମୌନୀ ବାବାଙ୍କର । ତାଙ୍କ ପିତାମାତା, ଜନ୍ମସ୍ଥାନ, ବାଲ୍ୟ ଚରିତ ଯଦ୍ୟପି ଆମ୍ଭମାନଙ୍କ ପକ୍ଷରେ ଅଜ୍ଞାତ ତଥାପି ତାଙ୍କ ଆଧ୍ୟାତ୍ମ ଜୀବନର ପବିତ୍ର ଚରିତ୍ର ପଠନ କରି ତା' ମଧ୍ୟରୁ ବିନ୍ଦୁମାତ୍ର ନିଜେ ଆଚରଣ କରିପାରିଲେ ଆମ୍ଭେମାନେ କୃତାର୍ଥ ହେବା ।

ଶ୍ରୀ ମୌନୀ ବାବାଙ୍କୁ ତାଙ୍କ ପିତାମାତା ବାଲ୍ୟାବସ୍ଥାରେ ବିବାହ କରାଇ ଦେଇଥିଲେ । ତାଙ୍କ ହୃଦୟରେ ପୂର୍ବଜନ୍ମ ସଂସ୍କାରରୁ ଯେଉଁ ଭଗବତ୍ ଭକ୍ତିଲତା ଅଙ୍କୁରିତ ହୋଇଥିଲା ତାହା ବୟସ ସଙ୍ଗେ ସଙ୍ଗେ ବୃଦ୍ଧି ହେବାକୁ ଲାଗିଲା । ତାଙ୍କ ପିତାମାତା ଜୀବିତ ଥିଲେ କି ନ ଥିଲେ, ସେମାନଙ୍କ ଧନସମ୍ପତ୍ତି ପର୍ଯ୍ୟାପ୍ତ ଥିଲା କି ନ ଥିଲା, ଏ ବିଷୟରେ ଯଦିଓ ସଠିକ୍ ଖବର ନାହିଁ, ତଥାପି ଷୋହଳ ବର୍ଷ ବୟସରେ, ନିଜେ ଉପାର୍ଜନ ନ କରୁଥିବା ଅବସ୍ଥାରେ ୫୦୦ଟଙ୍କାରୁ ଅଧିକ ଧନ ସଙ୍ଗରେ ନେଇ ନିଜ ଧର୍ମପତ୍ନୀଙ୍କ ସହ କାଶୀ ଆସିବାର ଅନୁମାନ କରାହୁଏ । ତାଙ୍କର ବହୁତ ସମ୍ପତ୍ତି ଥିଲା ।

ଧନସମ୍ପତ୍ତି, ଯୁବତୀ ସ୍ତ୍ରୀ ତାଙ୍କୁ ସଂସାରରେ ବାନ୍ଧି କରି ରଖି ପାରିଲା ନାହିଁ । କାଶୀ ବିଶ୍ୱନାଥଙ୍କ ଦର୍ଶନ, ଗଙ୍ଗାସ୍ନାନ, ତଥା ଭଗବତ୍ ଭଜନ ଉଦ୍ଦେଶ୍ୟରେ ଅମୃତସରର ପରିଚିତ ତଥା ବନ୍ଧୁବାନ୍ଧବଙ୍କ ସହିତ ନିଜ ଧର୍ମପତ୍ନୀସହ ଘରୁ ବାହାରି ଆସିଲେ । କାଶୀଧାମରେ ବିଶ୍ୱନାଥଙ୍କୁ ଦର୍ଶନ ଓ ଗଙ୍ଗାସ୍ନାନ କରି ଆନନ୍ଦରେ ମଗ୍ନ ହୋଇଗଲେ । ତାଙ୍କ ହୃଦୟରେ ଥିବା ଭକ୍ତିଲତା ପଲ୍ଲବିତ ଓ ପୁଷ୍ପିତ ହେବାକୁ ଲାଗିଲା । ସେ କାଶୀରେ ବାସ କରିବା ନିଶ୍ଚୟ କଲେ । ଧର୍ମପତ୍ନୀକୁ ବୁଝେଇ ସୁଝେଇ କହି ଅମୃତସରରୁ ଆସିଥିବା ବନ୍ଧୁମାନଙ୍କ ସହିତ ଘରକୁ ପଠାଇ ଦେଲେ ।

ଭକ୍ତଙ୍କ ହୃଦୟ ସ୍ୱାଭାବିକ ସରଳ, ବୟସ କମ୍, ଅଭିଜ୍ଞତା ଅଭାବ ଯୋଗୁଁ ତାଙ୍କ ପକ୍ଷେ ଧୂର୍ତ୍ତ ବ୍ୟକ୍ତିଙ୍କ କପଟତା ଜାଣିବା ଦୁରୂହ । ଏହିପରି ସରଳ ନିଷ୍କପଟ ବ୍ୟକ୍ତିଙ୍କୁ ଠକିବାକୁ ଧୂର୍ତ୍ତ ଲୋକ ସନ୍ଧାନ କରି ବୁଲୁ ଥାଆନ୍ତି । ଶ୍ରୀ ମହାରାଜଙ୍କ ସଙ୍ଗେ ଜଣେ ଧୂର୍ତ୍ତ ବ୍ୟକ୍ତି କଥାବାର୍ତ୍ତା କରି ୫୦୦ଟଙ୍କା ଥିବା ଜାଣି ନେଲା । କପଟତା ଓ ଚତୁରତାସହ ସହାନୁଭୂତି ଦେଖାଇ କହିଲା, ''ତୁମକୁ ଗୋଟାଏ ଏପରି ଉପାୟ ବତାଇ ଦେବି ଯେଉଁଥିରେ ତୁମେ ଆନନ୍ଦ ସହିତ ସମସ୍ତ ଜୀବନ କାଶୀରେ ବାସ କରି ପାରିବ, ତୁମେ ୫୦୦ଟଙ୍କା ମୋତେ ଦେଇଦିଅ । ମୁଁ ଆମ କମ୍ପାନୀରେ ଜମା କରିଦେବି । ତା'ର ସୁଧ ପ୍ରତି ମାସରେ ତୁମକୁ ଛଅ ଟଙ୍କା ମିଳିଯିବ । ଏଥିରେ ତୁମର କାଶୀବାସ ସ୍ୱଚ୍ଛନ୍ଦରେ ହୋଇପାରିବ । ତୁମେ ଏହିଠାରେ ବସ । ମୁଁ ବର୍ତ୍ତମାନ ଟଙ୍କା ଜମାକରି ରସିଦ ତଥା ଗୋଟାଏ ମାସର ସୁଧ ଦେଇଦେବି ।'' ଏହିପରି ଟଙ୍କା ନେଇ ନଅ ଦୁଇ ଏଗାର ହୋଇଗଲା । ମହରାଜଜି ବହୁତ ସମୟ ଅପେକ୍ଷା କରି ରହିଲେ । ସେ ବ୍ୟକ୍ତି ନ ଆସିବାରୁ ଲୋକଙ୍କୁ ପଚାରି ଜାଣିଲେ ଯେ ସେଠାରେ କୌଣସି କମ୍ପାନୀ ନାହିଁ, ସେ ଲୋକଟା ଧୂର୍ତ୍ତ ।

ମହାରାଜଙ୍କ ପାଖରେ ଆଉ କିଛି ସମ୍ବଳ ନ ଥିଲା । ପରିଚିତ ଲୋକ ବିଦେଶରେ ମିଳିବ କେଉଁଠି ? କିଂକର୍ତ୍ତବ୍ୟବିମୂଢ଼ ହୋଇ ଉପବାସରେ କାଶୀଧାମ ପରିକ୍ରମା କରିବାକୁ ଲାଗିଲେ । ଯେ ଭଗବାନଙ୍କ ଆଶ୍ରୟ ନିଏ ଭଗବାନ୍ ତା' ଦୋଷ ତ୍ରୁଟିକୁ ଦୂର କରିବାର ବିଧାନ କରନ୍ତି, ଭକ୍ତ ଭ୍ରମବଶତଃ ବିପରୀତ ମାର୍ଗରେ ଗଲେ ବାଧା-ବିପତ୍ତି ଆସି ତାକୁ ସିଧା ମାର୍ଗ ବତାଇ ଦିଏ । ଶିଶୁ ଦେହରେ ବ୍ୟଥା ହେଲେ ତା' ଆରୋଗ୍ୟ ସକାଶେ ମା' ଯେପରି ନିର୍ଦୟଭାବରେ ବଥ ଫୋଡ଼ି ମଇଳା ଦୂର କରେ ଭଗବାନ୍ ମଧ୍ୟ ସେହିପରି ଭକ୍ତ ହୃଦୟ ଶୁଦ୍ଧ କରିବାରେ ଦୟା ମାୟା ରଖନ୍ତି ନାହିଁ । ହୃଦୟ ଶୁଦ୍ଧ ସ୍ୱଚ୍ଛ ପବିତ୍ର କରି ସେଥିରେ ବିରାଜମାନ ହୁଅନ୍ତି । ମନୁଷ୍ୟର କୌଣସି ବସ୍ତୁ ପ୍ରତି ଭରସା ରହିଲେ ଭଗବାନଙ୍କ ପ୍ରତି ପୂର୍ଣ୍ଣ ଭରସା ରହେ ନାହିଁ । ଗୋଟିଏ ଖୋଳରେ ଯେପରି ଦୁଇଟି ତରବାରି ରହେ ନାହିଁ ସେହିପରି ଅନ୍ୟ ବସ୍ତୁ ପ୍ରତି ଆସକ୍ତି, ତା' ସଙ୍ଗେ ଭଗବାନଙ୍କ ପ୍ରତି ଭକ୍ତି, ଏହିପରି ବିଭାଜିତ ଭାବଧାରା ଭଗବାନଙ୍କର ପସନ୍ଦ ନୁହେଁ । ମୌନୀ ବାବା ୫୦୦ଟଙ୍କା ଦ୍ୱାରା ନିଜ ଜୀବନ ନିର୍ବାହର ଆଶା କରିଥିଲେ । ସେହି ଆଶ୍ରୟ ଭଗବାନଙ୍କ କୃପାରୁ ଦୂର ହେବାରୁ ସେ ପୂର୍ଣ୍ଣରୂପେ ଭଗବାନଙ୍କର ଆଶ୍ରୟ ନେଲେ । ଭଗବାନ୍ ଦୂର ନୁହନ୍ତି ସବୁ ସମୟରେ ସର୍ବତ୍ର ବିଦ୍ୟମାନ । ମନୁଷ୍ୟ ଭଗବାନଙ୍କୁ ଡାକିବା ମାତ୍ରେ ସେ ଉପସ୍ଥିତ ହୁଅନ୍ତି । କିନ୍ତୁ ଅନ୍ତରରୁ ଡାକଦେବା ଉଚିତ । ମହାରାଜଙ୍କ ଉପବାସ ଅବସ୍ଥାରେ ଦୁଇଦିନ ଅବଧି ପରିକ୍ରମା ଚାଲିଥାଏ । ପରିକ୍ରମା ରାସ୍ତାରେ ଜଣେ ପଞ୍ଜାବୀ ବ୍ୟକ୍ତି ଗୁରୁଦେବଙ୍କୁ ଦେଖି ସମସ୍ତ ଘଟଣା ପଚାରି ବୁଝିଲେ । ତାଙ୍କୁ ଡାକି ନେଇ ନିଜ ଘରେ ଭୋଜନ କରାଇ ଦେଲେ । ମାସିକ ପାଞ୍ଚ ଟଙ୍କା ବେତନରେ ପଥିକମାନଙ୍କୁ ଜଳ ପିଆଇବା କାର୍ଯ୍ୟରେ ନିଯୁକ୍ତ କଲେ । ମହାରାଜଜି ଆନନ୍ଦରେ କାଶୀବାସ ଗଙ୍ଗାସ୍ନାନ ବିଶ୍ୱନାଥଙ୍କ ଦର୍ଶନ ପୂଜନ ତଥା ଭାଗବତ ଭଜନରେ ସମୟ ଅତିବାହିତ କରିବାକୁ ଲାଗିଲେ ।

ସେ ସମୟରେ ଅଯୋଧ୍ୟାବାସୀ ସିଦ୍ଧ ମହାତ୍ମା ବାବା ରଘୁନାଥ ଦାସଜି ମହାରାଜଙ୍କ ଯଶଃ-କୀର୍ତ୍ତି ସର୍ବତ୍ର ପ୍ରସାରିତ ହୋଇଥିଲା । ତାଙ୍କ ସୁଯଶଃ ଲୋକଙ୍କଠାରୁ ଶୁଣି ତାଙ୍କ ଆଶ୍ରୟରେ ରହି ଭଗବତ୍ ପ୍ରାପ୍ତି ଉତ୍କଣ୍ଠାରେ ସେ ଶ୍ରୀଅବଧ ଯାତ୍ରାକଲେ । ରାସ୍ତାରେ ଜଣେ ବୃଦ୍ଧ ସନ୍ଥ ଗୁରୁଦେବଙ୍କ ହସ୍ତରେଖା ଦେଖି କହିଥିଲେ,''ତୁମକୁ ଜଣେ ସିଦ୍ଧ ମହାତ୍ମାଙ୍କଠାରୁ ବହୁତ ଅଧ୍ୟାତ୍ମଶକ୍ତି ତଥା ସିଦ୍ଧି ପ୍ରାପ୍ତ ହେବ । ତୁମର ବହୁତ ସଂଖ୍ୟାରେ ଶିଷ୍ୟ ହେବେ । ତୁମେ ବହୁତ ଦୁଃଖ-ତାପ-ପୀଡ଼ିତ ନରନାରୀଙ୍କୁ ଉଦ୍ଧାର କରିବ ।'' ତାହାର ରହସ୍ୟ ପରେ ଜଣା ପଡ଼ିଲା । ତାଙ୍କର ବହୁତ ଶିଷ୍ୟ ହୋଇଥିଲେ । ଶ୍ରୀ ମହାରାଜ ଅତି ତ୍ୱରାରେ ଭୋଜନ ତୃଷ୍ଣା ଭୁଲି ଦିନରାତି ଚାଲି ଅଳ୍ପ ଦିନ ମଧ୍ୟରେ ଅଯୋଧ୍ୟା ବଡ଼ ଛାଉଣୀର ସିଦ୍ଧ

ମହାତ୍ମା ବାବା ରଘୁନାଥ ଦାସଜି ମହାରାଜଙ୍କ ପାଖରେ ପହୁଞ୍ଚିଗଲେ । ଦର୍ଶନ କରିବା ମାତ୍ରେ, ଲୋକାରଣ୍ୟରେ ହଜିଥିବା ଛୋଟ ଶିଶୁର ପିତାକୁ ପାଇବା ସଦୃଶ ସେ ଆନନ୍ଦ ବିଭୋର ହୋଇ ଆତୁର ଆବେଗରେ ତାଙ୍କ ଚରଣରେ ପଡ଼ିଗଲେ । ସିଦ୍ଧ ବାବା ତାଙ୍କ ମସ୍ତକରେ ହସ୍ତରଖି ଉଠେଇ କରି ଆସିବାର ଉଦ୍ଦେଶ୍ୟ ପଚାରିଲେ । ଉତ୍ତରରେ ସେ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ମନ୍ତ୍ର-ଦୀକ୍ଷା ସକାଶେ ପ୍ରାର୍ଥନା କଲେ । ସିଦ୍ଧ ବାବା ଅଳ୍ପ ବୟସ୍କ ବ୍ୟକ୍ତିଙ୍କୁ ଯଦିଓ ଦୀକ୍ଷା ଦେଉ ନ ଥିଲେ, ତଥାପି ମହାରାଜଙ୍କ ସକାଶେ ନିୟମ ଛାଡ଼ି ପଞ୍ଚ ସଂସ୍କାର ସହିତ ମନ୍ତ୍ରଦୀକ୍ଷା ଦେଲେ । ଶ୍ରୀ ମହାରାଜଜି ବିରକ୍ତ ସନ୍ଥ ବେଶ ଧାରଣ କରି ଗୁରୁଦେବଙ୍କ ବଡ଼ ଛାଉଣୀ ଆସ୍ଥାନରେ ତାଙ୍କ ସେବାରେ ରହିଲେ । ପ୍ରଥମରେ ତାଙ୍କୁ ମିଳିଲା ତୃଷାର୍ଥୀ ଲୋକଙ୍କୁ ଜଳ ପିଆଇବା କାମ । ସେ କୂଅରୁ ଜଳ କାଢ଼ି ଜଳ ପିଆନ୍ତି ଏବଂ ସୀତାରାମ ନାମ ରାମଧୂନି କରନ୍ତି । ତାଙ୍କ ରାମଧୂନି ଶୁଣି ତାଙ୍କ ସମୀପରେ ଆଉ କେତେକ ବ୍ୟକ୍ତି ଏକତ୍ର ହୋଇ ତାଙ୍କ ସଙ୍ଗେ ରାମଧୂନି କରନ୍ତି । ଏହିପରି କିଛି ବର୍ଷ ମଧ୍ୟରେ ସେ ନିଜ ଗୁରୁଦେବଙ୍କଠାରୁ ସାଧନ-ଭଜନ ପ୍ରଣାଳୀ ଜାଣି ନିୟମିତ ରୂପେ ସାଧନାରେ ରତ ହେଲେ । ସନ୍ଥମାନଙ୍କର ପରମ୍ପରାଗତ ପନ୍ଥା ତୀର୍ଥଯାତ୍ରା କରିବା । ସାଧାରଣତଃ ଶିଷ୍ୟମାନେ ତୀର୍ଥଯାତ୍ରା କରିବାପରେ ଗୋଟିଏ ସ୍ଥାନରେ ବସି ଦୃଢ଼ ଆସନରେ ସାଧନା କରନ୍ତି । ମୌନୀ ବାବା ନିଜ ଗୁରୁଙ୍କଠାରୁ ଆଜ୍ଞା ପ୍ରାପ୍ତ ହୋଇ ପଦଯାତ୍ରାରେ ପୁରୀ, ରାମେଶ୍ୱର, ଦ୍ୱାରକା, ବୃନ୍ଦାବନ, ମଥୁରା, କାଶୀ, ଗୟା, ବୈଦ୍ୟନାଥଧାମ, ହରଦ୍ୱାର, ଋଷିକେଶ, କେଦାରନାଥ, ଗଙ୍ଗୋତ୍ରୀ, ଯମୁନୋତ୍ରୀ, ମାନସରୋବର ତୀର୍ଥ ସବୁ ଭ୍ରମଣ କଲେ ତଥା ବହୁପ୍ରକାର ସନ୍ଥ ମହାତ୍ମାଙ୍କ ସତ୍‌ସଙ୍ଗ ପ୍ରାପ୍ତ କରି କିଛି ବର୍ଷ ମଧ୍ୟରେ ଶ୍ରୀଅବଧ ଫେରି ଆସି ଗୁରୁଦେବଙ୍କ ସେବାରେ ନିଯୁକ୍ତ ହେଲେ । ଦିନେ ତାଙ୍କ ଗୁରୁଦେବ ପଚାରିଲେ, ''ତୁ କ'ଣ ଚାହୁଁଛୁ'' ? ମୌନୀ ବାବା ଉତ୍ତର ଦେଲେ, ''ଅବଧ-ବାସ'' । ତାଙ୍କ ଗୁରୁଦେବ ତାଙ୍କ ହାତରେ ଏହାହିଁ ଲେଖିଦେଲେ —''ଅନନ୍ତକାଳ ପର୍ଯ୍ୟନ୍ତ ଅବଧ ବାସ କର ।'' ସେହି ସଙ୍ଗେ ତାଙ୍କୁ ଉପଦେଶ ଦେଲେ, ''କିଲାରେ ରହିବୁ ଅର୍ଥାତ୍ ସନ୍ଥମାନଙ୍କ ମଧ୍ୟରେ ରହିବୁ । ଅମୃତ ଭୋଜନ କରିବୁ । ବିଶେଷ କ୍ଷୁଧା ଅବସ୍ଥାରେ ଭୋଜନର ଅର୍ଥ ଅମୃତ ଭୋଜନ । ସେଥିରେ କୌଣସି ରୋଗ ଉତ୍ପନ୍ନ ହୁଏ ନାହିଁ । ଫୁଲ ଶେଯରେ ଶୋଇବୁ, ନିୟମିତ ଭୋଜନ, ନିୟମିତ ବିଶ୍ରାମ ହେଲେ ଠିକ୍ ସମୟରେ ପ୍ରବଳଭାବେ ନିଦ ଆସେ, ଗାଢ଼ ନିଦ୍ରାରେ ଭୂମିରେ ଶୋଇଲେ ଫୁଲ ଶଯ୍ୟାଠାରୁ ଅଧିକ ଶାନ୍ତିପ୍ରଦ ହୁଏ । କାହାକୁ ହାତ ପତେଇବୁ ନାହିଁ । ଅର୍ଥାତ୍ ଯାହା ଆବଶ୍ୟକ ହେବ ଭଗବାନଙ୍କ ଦୟାରୁ ତୋ ଚରଣରେ ପ୍ରାପ୍ତି ହେବ । ମାଗିବାକୁ ହେବ ନାହିଁ ।'' ସେହି ଦିନଠାରୁ ଶ୍ରୀ ମହାରାଜ ଗୁରୁଦେବଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ଅବଧବାସ କଲେ ତଥା ସମସ୍ତ ନିୟମ ପାଳନ କରିଥିଲେ । ତାଙ୍କ ଜୀବନରେ ବାର୍ଦ୍ଧକ୍ୟର ପୂର୍ବରୁ ସେ କେବେ ବି ବେମାର ହୋଇ ନ ଥିଲେ । ବୃଦ୍ଧାବସ୍ଥାରେ କେବେ ସାଧାରଣ ଜ୍ୱର ହେଲେ ସେ କେବଳ ଉପବାସ କରି ରୋଗ ଦୂର କରି ଦେଉଥିଲେ ।

ଶ୍ରୀ ମୌନୀ ବାବାଙ୍କର ପୂର୍ଣ୍ଣରୂପେ ଜୀବନ-ଚରିତ ମିଳେ ନାହିଁ । କେବଳ 'ବିଶ୍ରାମ ସାଗର' ନାମକ ଏକ ଗ୍ରନ୍ଥରେ ବହୁତ ସାମାନ୍ୟଭାବେ ତାଙ୍କ ଚରିତ ଉଲ୍ଲେଖ ହୋଇଛି । ଭଗବାନଙ୍କ କୃପାରୁ ଶ୍ରୀ ମହାରାଜଜି ମୋତେ ଗୁରୁ ରୂପେ ପ୍ରାପ୍ତ ହୋଇଥିଲେ । ତାଙ୍କ ସମୀପ, ତାଙ୍କ ସେବାରେ ରହିବାର ସୌଭାଗ୍ୟ ମୋତେ ପ୍ରାପ୍ତ ହୋଇଥିଲା । ତାଙ୍କ ଶ୍ରୀମୁଖରୁ ତଥା ସନ୍ଥମାନଙ୍କ ମୁଖାରବିନ୍ଦରୁ ଯାହାକିଛି ଶୁଣିଥିଲି ଏବଂ ନିଜେ ଯାହା ଦେଖିଥିଲି ତାହା ଲିପିବଦ୍ଧ କରିବାକୁ ଚେଷ୍ଟା କଲି ।

ଶ୍ରୀ ଗୁରୁଦେବଙ୍କ ଶରୀର ଲମ୍ବା ଚୌଡ଼ା ସ୍ୱଚ୍ଛ ଗୌରବର୍ଣ୍ଣ ଥିଲା । ବୃଦ୍ଧାବସ୍ଥାରେ ମଧ୍ୟ ଶରୀର ଅଗ୍ନି ସଦୃଶ ଦିବ୍ୟକାନ୍ତିଯୁକ୍ତ ଓ ଦେଦୀପ୍ୟମାନ ଥିଲା । ଶ୍ରୀ ଗୁରୁଦେବ ତୀର୍ଥଯାତ୍ରାରୁ ଫେରିବା ପରେ ତାଙ୍କୁ ଆଶ୍ରମରେ ରୋଷାଇ କରିବା କାର୍ଯ୍ୟ ମିଳିଥିଲା । ସେ ସ୍ୱୟଂ କହୁଥିଲେ ବାଳଭୋଗରେ ଅର୍ଥାତ୍ ସକାଳ ଜଳଖିଆରେ ଷୋହଳଟି ରୋଟି ଭୋଜନ କରୁଥିଲେ । ସେ ରୋଟି ଏତେ ବଡ଼ ବଡ଼ ଯେ ଆସ୍ତମାନଙ୍କର ଗୋଟିଏ କିଂବା ଦୁଇଟିରେ ପୂରା ଭୋଜନ ହୋଇଯିବ । ''ନବଜ୍ୟୋତି''ରେ ପାଠକମାନେ ସିଦ୍ଧ ମହାତ୍ମା ବାବା ରଘୁନାଥ ଦାସଜିଙ୍କ ଜୀବନଚରିତ ପଢ଼ିଥିବେ । ସେତେବେଳେ ବଡ଼ ଛାଉଣୀରେ ପ୍ରତିଦିନ ପାଞ୍ଚ ଛ' ହଜାର ବ୍ୟକ୍ତିଙ୍କ ଭୋଜନ ତୟାରି ହୁଏ ଏବଂ ପରିବେଷଣ ହୁଏ ।

ରୋଷାଇ ତଥା ପରିବେଷଣର ବ୍ୟବସ୍ଥାପକ ଥିଲେ ଗୁରୁଦେବ; ତାଙ୍କ ସ୍ୱଭାବ ଥିଲା ଉଦାର । ସେ ପରିବେଷଣ କରିବା ସମୟରେ ବହୁତ ଅଧିକ ପରଶି ଦେଉଥିଲେ । ଦିନେ ଜଣେ ସନ୍ଥ ତାଙ୍କ ଗୁରୁଦେବଙ୍କ ପାଖରେ କହିଲେ, ''ମୌନୀ ବହୁତ ପରସି ଦେଉଅଛି । ତାଙ୍କ ଗୁରୁଦେବ ସେହି ସମୟରେ ତାଙ୍କୁ ଡାକି ପଚାରିଲେ, ''ଗୋଟିଏ (ପରାତ) ବହୁତ ବଡ଼ ପିତ୍ତଳ ଥାଳିରେ ଭାତ କେତେ ପତରରେ, ପରସୁ ଅଛୁ ?'' ଗୁରୁଦେବ ଉତ୍ତର ଦେଲେ, ''ଚାରି ପତରରେ'' । ବଡ଼ ମହାରାଜ କହିଲେ ''ଆଜିଠାରୁ ଦୁଇ ପତରରେ ପରଶିବୁ ।'' ଯେଉଁ ସାଧୁ ଚୁଗୁଲି କରିଥିଲେ ତାଙ୍କୁ କହିଲେ, ''ତୁ ଜାଣୁ, ମୌନୀ ହସ୍ତରେ ମହ୍ୟ ରେଖା ଅଛି, ତା' ଦେବା ଦ୍ୱାରା ବସ୍ତୁରେ ଅଭାବ ହୁଏ ନାହିଁ । ଗୁରୁଦେବଙ୍କ ଶରୀର ଯେପରି ସୁନ୍ଦର, ତେଜସ୍ୱୀ, ବିଶାଳ, ଗୌରବର୍ଣ୍ଣ ଓ ହୃଷ୍ଟପୁଷ୍ଟ ଥିଲା ସେହିପରି ଥିଲା ଭୋଜନର ପରିମାଣ । ଦିନେ ଜଣେ ସାଧୁ ତାଙ୍କ ଗୁରୁଦେବଙ୍କ ପାଖରେ କହିଲେ, ''ମୌନୀ ଦୁଇ କଟରା ଘିଅ ପ୍ରତିଦିନ ଖାଉଛି । ସେ ଏକଥା ଶୁଣି ଚୁପ୍ ରହିଗଲେ । କିଛିଦିନ ବ୍ୟତୀତ ହୋଇଗଲା । ରାମନବମୀ ଯାତ୍ରା ସମୟରେ କେତେ ଗାଡ଼ି ଚାଉଳ ଆସିଥିଲା । କିନ୍ତୁ ଯାତ୍ରା ଦିନରେ ଅଧିକ ଲୋକାରଣ୍ୟ ହେବାରୁ ଅଯୋଧ୍ୟା ମଧ୍ୟରେ ଗାଡ଼ି ଯାତାୟାତ ବନ୍ଦ ହୋଇଥିବା ଯୋଗୁଁ ଚାଉଳ ଗାଡ଼ି ବାହାରେ ରହିଗଲା । ଯେଉଁ ସନ୍ଥ ଗୁରୁଦେବଙ୍କ ବହୁତ ଖାଉଥିବାର ନାଲିସ କରିଥିଲେ ତାଙ୍କୁ ବାବା ଡାକି କହିଲେ, ''ଚାଉଳ ବସ୍ତା ଘେନି ଆ ।'' ସେ କହିଲେ ''ଗୋଟାଏ ବସ୍ତା ଅଢ଼ାଇ ମହଣ ମୁଁ ଆଣିବି କିପରି ?'' ସେହି କ୍ଷଣି ଗୁରୁଦେବଙ୍କୁ (ମୌନୀ ବାବା) ଆଦେଶ ହେଲା ଏବଂ ସେ ଅଳ୍ପ ସମୟ ମଧ୍ୟରେ ଏକା ସବୁ ଚାଉଳ ବସ୍ତା ଆଣି ଛାଉଣୀରେ ରଖିଦେଲେ । ତା'ପରେ ବଡ଼ ମହାରାଜ ସେ ସନ୍ଥଙ୍କୁ କହିଲେ, ''ଯେ ବହୁତ ଭୋଜନ କରେ ସେ ବହୁତ କାମ କରିପାରେ ।''

ସାଧନା କାଳ

ମୌନୀ ବାବା ନିଜ ଗୁରୁଦେବଙ୍କୁ ଭାଗବତ ସଦୃଶ ମାନୁ ଥିଲେ । ତାଙ୍କର ଅସାଧାରଣ ଗୁରୁ ଭକ୍ତି ଥିଲା । ଦିନେ ଜଣେ ସନ୍ଥ କହିଲେ ତୁମେ ମନ୍ଦିରରେ ଠାକୁର ସେବା କର । ସେ କହିଲେ, ''କଥା କହୁଥିବା ଗୁରୁଦେବ-ଭଗବାନଙ୍କୁ ଛାଡ଼ି ମନ୍ଦିରରେ ଚୁପ୍ ହୋଇ ବସିଥିବା ଭଗବାନଙ୍କୁ ମୁଁ ପୂଜା କରିବି କାହିଁକି ?'' ତାଙ୍କ ଗୁରୁଦେବ ଜୀବିତ ଥିଲା ପର୍ଯ୍ୟନ୍ତ ସେ ଗୁରୁଦେବଙ୍କ ଆଜ୍ଞା ଶିରୋଧାର୍ଯ୍ୟ ପୂର୍ବକ ନିଷ୍ଠା ସହିତ ତାଙ୍କ ସେବା କରୁଥିଲେ । ତାଙ୍କର ସାକେତ ବାସ ହେବା ପରେ ତାଙ୍କ ଗାଦିର ମହନ୍ତ ହେଲେ ବାବା ଜଗନ୍ନାଥ ଦାସଜୀ, ଗୁରୁଦେବ ସେହି ବଡ଼ ଛାଉଣୀରେ ରହି ସାଧନାରେ ତନ୍ମୟ ହେଲେ । ସେ ଅନ୍ନ ଭୋଜନ ତଥା ଲୁଣ ତ୍ୟାଗ କରି ଅଲଣା ଫଳ ଆହାର କରୁଥିଲେ । ତାଙ୍କର ଶୋଇବା ସମୟ ବ୍ୟତୀତ ଅହର୍ନିଶ ସୀତାରାମ ନାମ ଜପ ଚାଲିଥିଲା । ଦିନେ ଜଣେ ସନ୍ଥ ବାବା ଜଗନ୍ନାଥ ଦାସଙ୍କ ପାଖରେ ନାଲିସ କଲେ, ''ମୌନୀଜି କୋଠରୀରୁ ଦଶ ବାର ସେର ଆଳୁ ଆଉ ଆଠ, ଦଶ ସେର ଦହି ନେଇ ଫଳ ଆହାର ତୟାରି କରି ନିଜେ ଭୋଜନ କରୁଛନ୍ତି, ତଥା ଅନ୍ୟ ଲୋକଙ୍କୁ ବାଣ୍ଟୁଛନ୍ତି ।'' ପ୍ରତିଦିନ ପରି ଫଳ ଆହାର ତୟାରି ହେବା ସମୟରେ ମହନ୍ତଜୀ କହିଲେ,''ମୌନୀଜି ଆଜି ମୋ ସଙ୍ଗରେ ଫଳାହାର କରିବ ।'' ସନ୍ଥମାନଙ୍କ ପଙ୍ଗତ ହେଲା । ମହନ୍ତଜିଙ୍କ ପାଖରେ ଗୁରୁଦେବ ଫଳ ଆହାର କଲେ । ଯେତେ ଫଳ ଆହାର ତୟାରି ହୋଇଥିଲା ତାହା ସମସ୍ତ ଏବଂ ଦହି ଶେଷ କରି ମହନ୍ତଜିଙ୍କ ପାଖରେ ପରଷା ହୋଇଥିବା ଅନ୍ନ, ରୋଟି, ତରକାରିରେ ପୂର୍ଣ୍ଣ ପାତ୍ରଟି ଟାଣିଆଣି ଭୋଜନ କରିବାକୁ ଲାଗିଲେ । ମହନ୍ତଜି କହିଲେ,''ଏଥିରେ ଲୁଣ ପଡ଼ିଛି ।'' ସେ କହିଲେ, ''ପ୍ରସାଦରେ ଲୁଣ ନ ଥାଏ, ଥାଏ ଅମୃତ''– ଏହା କହି ପୂର୍ଣ୍ଣପାତ୍ରର ପ୍ରସାଦ ଶେଷ କରିଦେଲେ । ମହନ୍ତଜି ନାଲିଶ କରିଥିବା ସନ୍ଥଙ୍କୁ କହିଲେ,''ମୌନୀଜିଙ୍କର ଉଦାର ସ୍ୱଭାବ । ସେ ନିଜେ କମ୍ ଭୋଜନ କରି ଅନ୍ୟକୁ ବାଣ୍ଟନ୍ତି । ତୁମେ ତାଙ୍କୁ ଆଜି ପର୍ଯ୍ୟନ୍ତ ବୁଝି ପାରିଲ ନାହିଁ ।'' ସେହି ସନ୍ଥ ବହୁତ ଲଜ୍ଜିତ ହେଲେ ଏବଂ ଭୁଲ୍ ସକାଶେ ପଶ୍ଚାତ୍ତାପ କଲେ । କିଛି ଦିନ ପରେ ବଡ଼ ଛାଉଣୀରେ ପକ୍କା ମନ୍ଦିର ତିୟାର ହେଲା । ପକ୍କା ମନ୍ଦିର ତାଙ୍କ ଗୁରୁଦେବଙ୍କ ସଂକଳ୍ପ-ପ୍ରତିକୂଳ ଜାଣି ସେ ବଡ଼ ଛାଉଣୀ ତ୍ୟାଗ କଲେ

ଏବଂ ପୂର୍ବେ ତାଙ୍କ ଗୁରୁଦେବ ଯେଉଁ ରାମଘାଟ ମଝିରେ ନିବାସ କରୁଥିଲେ ସେହି ଘାଟରେ ଗୋଟିଏ ନୌକାରେ ନିବାସ କରି ସାଧନାରେ ରତ ରହିଲେ, ନୌକାରେ ସାଧନା ବହୁ ବର୍ଷ ଚାଲିଲା । ସାଧନା ସଙ୍ଗେ ସଙ୍ଗେ ସୁଖ୍ୟାତି ଶୁଣି ବହୁତ ବ୍ୟକ୍ତି ଦର୍ଶନ ଉଦ୍ଦେଶ୍ୟରେ ଆସିବାକୁ ଲାଗିଲେ । ଉଚ୍ଚକୋଟୀର ମହାପୁରୁଷମାନେ ନିଜେ ଉଦ୍ଧାର ହେବାକୁ ଏହି ପୃଥିବୀକୁ ଆସନ୍ତି ନାହିଁ । ଭଗବତ୍ ବିଧାନ ଅନୁସାରେ ଆସନ୍ତି ଦୁଃଖ ତାପ ପୀଡ଼ିତ କେତେକ ନରନାରୀଙ୍କୁ ଉଦ୍ଧାର କରିବା ସକାଶେ । ଗୁରୁଦେବ ମଧ୍ୟ ସେହି କୋଟୀର ମହାପୁରୁଷ ଥିଲେ । କ୍ରମଶଃ ଦର୍ଶନାର୍ଥୀ ଏବଂ ଭଗବତ୍‌ପ୍ରାପ୍ତି ନିମିତ୍ତ ଅଭିଳାଷୀ ସନ୍ଥ ମହାରାଜଜିଙ୍କ ସମୀପରେ ରହି ସାଧନ, ଭଜନ କରିବାକୁ ଆସିଲେ । ସେମାନଙ୍କ ରହିବା ସକାଶେ ମହରାଜ ତାଙ୍କ ନୌକା ସମୀପରେ କୁଟୀର ତିଆରି କରାଇ ଦେଲେ ଏବଂ ଭୋଜନ ବ୍ୟବସ୍ଥା କରିଦେଲେ । ସେମାନେ କୁଟୀରରେ ରହି ରାମଧୂନ୍ କଲେ । ଶ୍ରୀ ମହାରାଜ ନୌକାରେ ରହି ଅଖଣ୍ଡ ଭଜନ ଧ୍ୟାନରେ ରତ ରହିଲେ । ଶ୍ରୀ ମହାରାଜଙ୍କର ରାମନାଥ ଥିଲା ଅତ୍ୟନ୍ତ ପ୍ରିୟ । କେତେ ଅପରାଧୀ, ପାପୀ ହୋଇଥାଉ, ତାଙ୍କର ମହାନ୍ ଅନିଷ୍ଟ କରିଥାଉ, ସେ ରାମନାମ ଜପ କଲେ ତା' ସମସ୍ତ ଦୋଷ ଭୁଲିଯାଇ ତାକୁ ସେ ହୃଦୟରେ ଲଗାଇ ନେଉଥିଲେ । କ୍ରମଶଃ ସନ୍ଥଙ୍କ ସଂଖ୍ୟା ଅଧିକ ହେବାରୁ ରାମଧୂନ୍ ଭଲଭାବେ ହେଲା । ରାମନାମ ଧୂନ୍‌ର ମଧୁର ଆକର୍ଷଣରେ ସେ ଆକର୍ଷିତ ହୋଇ ସନ୍ଥମାନଙ୍କ କୁଟୀର ସମୀପରେ କାଠର ବହୁତ ଆଲମାରି ଆକାରରେ କୁଟୀର ତୟାରି କରାଇଲେ; ତା' ଲମ୍ବା ଛ' ହାତ, ଚୌଡ଼ା ପାଞ୍ଚହାତ ଏବଂ ଦୁଇ ଦିଗରେ ଦୁଇଟି ଦ୍ୱାର ଥିଲା । ସେହି କାଠଘରକୁ ଗୋଟିଏ ଘାସରେ ଛପର ହୋଇଥିବା କୁଟୀର ମଧ୍ୟରେ ରଖାଇ ତା ମଧ୍ୟରେ ନିବାସ କଲେ । ସେହି କୁଟୀରର ଦଶ, ବାର ହାତ ଦୂରରେ ସନ୍ଥମାନେ ବସି ରାମଧୂନ୍ ଉଚ୍ଚସ୍ୱରରେ କରନ୍ତି । ମହରାଜଜି ମଧ୍ୟ ସେଥିରେ ଯୋଗ ଦିଅନ୍ତି । ସେ ସମୟରେ ତାଙ୍କ ଚେତନା କେଉଁ ଦିବ୍ୟ ଆନନ୍ଦମୟ ରାଜ୍ୟରେ ବିଚରଣ କରେ ତାହା ଅନୁଭବ ପ୍ରାପ୍ତ ବ୍ୟକ୍ତି ଛଡ଼ା ଅନ୍ୟ କାହାର କହିବାର ସାଧ୍ୟ ନୁହେଁ । ତୀର୍ଥଯାତ୍ରାରୁ ଫେରିବା ପରେ ତାଙ୍କ ଗୁରୁଦେବଙ୍କ ଆଜ୍ଞାରେ ଅଖଣ୍ଡ ଅବଧବାସ କରିଥିଲେ । କିନ୍ତୁ ବଡ଼ ଛାଉଣୀରୁ ରାମଘାଟ ମାଝାକୁ ଆସିବା ଦିନଠାରୁ ଶେଷ ଜୀବନ ପର୍ଯ୍ୟନ୍ତ ଦୀର୍ଘକାଳ ଭଜନ ଧ୍ୟାନରେ ଏପରି ତନ୍ମୟ ରହିଲେ ଯେ ଆସନ ଛାଡ଼ି ଅଯୋଧ୍ୟା ମନ୍ଦିର ଦର୍ଶନ କରିବାକୁ ଥରେ ହେଲେ ଯାଇ ନ ଥିଲେ । ମୌନୀ ବାବାଙ୍କ ଯଶଃ, କୀର୍ତ୍ତି କ୍ରମଶଃ ପ୍ରସାରିତ ହେଲା । ଦର୍ଶନାର୍ଥେ ରାଜା ମହାରାଜା ଦୂର ଦୂରାନ୍ତରୁ ଆସିଲେ । ସନ୍ଥ ତଥା ଶିଷ୍ୟମାନଙ୍କ ସଂଖ୍ୟା ବଢ଼ିଗଲା । ଶ୍ରୀଗୁରୁଦେବ ତାଙ୍କ ନିଜ ଗୁରୁଦେବଙ୍କ ଆଦର୍ଶ ଶେଷ ଜୀବନ ପର୍ଯ୍ୟନ୍ତ ଉତ୍ସାହର ସହିତ ପାଳନ କରିଥିଲେ । କେତେ ରାଜା ମହାରାଜା ଧନୀ-ମାନୀ ବ୍ୟକ୍ତିଙ୍କ ବହୁତ ଆଗ୍ରହ କରିବା ସତ୍ତ୍ୱେ ସେ ପକ୍କା ମନ୍ଦିର ତୟାର କରିବାକୁ ଅନୁମତି ଦେଇ ନ ଥିଲେ କିଂବା ଜମିଦାର ଜମି ଗ୍ରହଣ କରି ନ ଥିଲେ । ଯାହା ତାଙ୍କ ପାଖକୁ ଆସୁଥିଲା ସବୁକିଛି ସାଧୁଙ୍କ ଭୋଜନରେ ଲଗେଇ ଦେଉଥିଲେ । ତାଙ୍କ ଗୁରୁଦେବଙ୍କ ଆଦର୍ଶ ଅନୁସାରେ ନିଜର ନିବାସ ସନ୍ଥମାନଙ୍କ ନିବାସ, ରୋଷାଇ ବସ୍ତୁ ରଖିବାର କୋଠରି, ସମସ୍ତ କିଛି ଥିଲା ଘାସରେ ଛପର କୁଟୀର । ଭୋଜନ ସମୟରେ ଜୋର୍‌ରେ ବୋଲା ହେଉଥିଲା 'ହରିହର' । ଏହି ଶବ୍ଦ ଅର୍ଥ ଯେକେହି ଭୋଜନାର୍ଥୀ ଆସେ ତାକୁ ମନାକରା ହୁଏ ନାହିଁ । ଭୋଜନ ସମୟରେ ରାଜା, ରଙ୍କ, ସାଧୁ-ଅସାଧୁ, ଦରିଦ୍ର, କାଙ୍ଗାଳ ଯେ କେହି ଆସୁଥିଲା, ସମସ୍ତଙ୍କୁ ଭୋଜନ ଦିଆଯାଉଥିଲା । ଏପରିକି ପଙ୍ଗତ ପରେ ରାତ୍ରି ଦଶଟା ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଉପବାସରେ ଫେରୁ ନ ଥିଲେ ।

ଗୁରୁଦେବଙ୍କ କୁଟୀରରେ ସମସ୍ତ ସନ୍ଥ ଭୋର ୩ଟାରୁ ଉଠୁଥିଲେ । ଯେଉଁ ସନ୍ଥ ଉଠୁ ନ ଥିଲେ ତାଙ୍କୁ ଉଠେଇବା କାର୍ଯ୍ୟରେ ନିଯୁକ୍ତ ଥିଲେ ଗୁରୁଦେବଙ୍କର ଜଣେ ପୁରାତନ ଶିଷ୍ୟ ପର୍ଶୁରାମ ଦାସ । ଯଥା ନାମ ତଥା ଗୁଣ ତାଙ୍କଠାରେ ଚରିତାର୍ଥ ହୋଇଥିଲା । ସେ ଦଶଟା ରାତ୍ରିରେ ଶୋଇ ଯାଆନ୍ତି; ଗୋଟାଏ କିଂବା ଦୁଇଟାରେ ଉଠି ନାମ ଜପ କରନ୍ତି । ଘଣ୍ଟାରେ ତିନି ବାଜିଲେ ଜୋର୍‌ରେ କହନ୍ତି, ''ତିନ ବଜଗୟେ, ସନ୍ତୋ ନାମ ରଟୋ ।'' ପାଞ୍ଚ ମିନିଟ ପରେ ସନ୍ଥମାନଙ୍କ ଆସନରେ ଉପସ୍ଥିତ ହୁଅନ୍ତି, ''ତିନ ବଜଗୟା, ଉଠଯା'' । ନ ଉଠିଲେ ହାତ ଧରି ଟାଣି ଉଠାଇ ଦିଅନ୍ତି । ତା' ପରେ ଯଦି କେହି ଶୋଇ ଯାଆନ୍ତି, ତେବେ ତାଙ୍କ ପାଖକୁ ପୁନରାୟ ଯାଇ କହନ୍ତି, ''ଭଜନ କରନେକୋ ଘର ଛୋଡ଼ା ନା ଖାନେକୋ ? ଆସନ ବାନ୍ଧ, ଚଲୋ ଇଁହାସେ ।'' ଏହି କାର୍ଯ୍ୟ କରିବାକୁ ସେ ଗୁରୁଦେବଙ୍କଠାରୁ ଅନୁମତି ପାଇଥିଲେ ।

ପ୍ରାୟ ସମସ୍ତେ ୩ଟା ବାଜିବା ପୂର୍ବରୁ ଉଠିଯାଆନ୍ତି । ଯେଉଁ ଅଳସୁଆ ଦୁଇ, ଚାରି ଜଣ ଥା'ନ୍ତି, ତାଙ୍କ ସକାଶେ ସେହିପରି ବ୍ୟବହାର ବି ଆବଶ୍ୟକ ଥାଏ । ଅନ୍ୟଥା ସେ ଛଅଟା ବାଜିବା ପର୍ଯ୍ୟନ୍ତ ଶୋଇ ରହନ୍ତେ । ଆଶ୍ରମରେ ଯେଉଁ ନିୟମ ନିର୍ଦ୍ଧାରିତ କରି ଦିଆ ହୋଇଥାଏ ସେ ନିୟମ ପାଳନ ନ କଲେ ଆଶ୍ରମରୁ ବାହାରି ଯିବାକୁ ଆଦେଶ ହୁଏ । ଏ ଆଦେଶ କାର୍ଯ୍ୟରେ ପରିଣତ କରିବା ବ୍ୟକ୍ତି ହେଉଛନ୍ତି ପର୍ଶୁରାମ ଦାସ । ଅନ୍ୟ ସଦ୍ଧ ଦ୍ୱାରା ଏ କାର୍ଯ୍ୟ ସମ୍ଭବ ନୁହେଁ । ଭୋର ୩ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଅଖଣ୍ଡ ରାମଧୂନି ହେଉଥାଏ । କେବଳ ସକାଳ ୯ଟା ଆଳତି ସମୟରେ ଅଧଘଣ୍ଟାଏ ରାମଧୂନି ବନ୍ଦରହି ସ୍ତୁତି ବୋଲାହୁଏ । ବାରଟାରେ ସଦ୍ଧମାନଙ୍କର ପଙ୍ଗତ ହୁଏ । ସେହି ସମୟରେ ଗୁରୁଦେବ ଫଳ ଆହାର କରନ୍ତି । ପରେ ଜଣେ ସଦ୍ଧ ରାମାୟଣ, ଭାଗବତ ତଥା ଅନ୍ୟାନ୍ୟ ଗ୍ରନ୍ଥ ପଢ଼ି ଶୁଣାନ୍ତି । ପଙ୍ଗତ ପରେ ସଦ୍ଧମାନେ ବିଶ୍ରାମ କରନ୍ତି । ପୁଣି ୩ଟାଠାରୁ ୯ଟା ପର୍ଯ୍ୟନ୍ତ ରାମଧୁନି ଚାଲେ । ନଅଟାରେ ଆଳତି ପ୍ରାର୍ଥନା ଶେଷ ହେବା ପରେ ସଦ୍ଧମାନେ ରାତ୍ରି ଭୋଜନ କରି କେହି ବିଶ୍ରାମ କରନ୍ତି, କେହି ରାମାୟଣ ପଢ଼ନ୍ତି; କିନ୍ତୁ ମହାରାଜଙ୍କ କୁଟୀର ସାମନାରେ ଢୋଲ କରତାଳ ସହିତ ରାମାୟଣ ଗାନ ହୁଏ । ରାମାୟଣ ଗାନ ସମୟରେ ସେ ଏପରି ଆନନ୍ଦରେ ବିଭୋର ହୋଇ ଯାଆନ୍ତି, ମନେହୁଏ ଯେପରି ସେ ସ୍ୱଚକ୍ଷୁରେ ରାମାୟଣର ଚରିତ୍ରସବୁ ଦେଖୁ ଥାଆନ୍ତି । ସେ ଅଳ୍ପ ଦୁଇ, ତିନି ଘଣ୍ଟା ଶୋଉଥିଲେ, କିନ୍ତୁ ତାଙ୍କର ନିଦ୍ରା ଏପରି ଜାଗ୍ରତ୍ ଥିଲା ଯେ ପ୍ରାୟ ନିଦ୍ରାବସ୍ଥାରେ କହୁଥିଲେ, ''ରାମଜି ଆସିଗଲେ । ଆସନ ଦିଅ, ପୂଜା-ସାମଗ୍ରୀ ଆଣ'' ଇତ୍ୟାଦି ।

ମହାରାଜଜି ଭୋର ତିନିଟା ସମୟରେ ସରଯୂରେ ସ୍ନାନକରି ଆସି ନିଜ ଆସନରେ ଜପ ଧ୍ୟାନରେ ବସନ୍ତି । ତାଙ୍କ କୁଟୀର ଦ୍ୱାର ବନ୍ଦ ହୋଇଯାଏ । ସଦ୍ଧମାନେ ଉଚ୍ଚ ସ୍ୱରରେ ରାମଧୂନି କରୁଥାଆନ୍ତି । ରାଜା, ମହାରାଜା, ସାଧୁସଦ୍ଧ ଯେ କେହି ଆସିଲେ କୁଟୀର ବାହାରେ ବସିଥାଆନ୍ତି । ୯ଟା ବାଜିବା ପରେ ଦ୍ୱାର ଖୋଲାହୁଏ । ଦର୍ଶନାର୍ଥୀମାନେ ଦର୍ଶନ କରନ୍ତି । ଶ୍ରୀମହାରାଜଜିଙ୍କର ଭଗବାନଙ୍କ ସହିତ ସାକ୍ଷାତ୍‌କାର ଥିଲା । ଜଗନ୍ନାଥ ଦାସ ନାମରେ ଜଣେ ପ୍ରସିଦ୍ଧ ମହାତ୍ମା ମହାରାଜଜିଙ୍କୁ ଦର୍ଶନ କରିବାକୁ ଆସିଥିଲେ । ଦ୍ୱାର ବନ୍ଦ ଥିଲା; ସେ ଦର୍ଶନ ଅପେକ୍ଷାରେ ବସି ରହିଲେ । ଦ୍ୱାର ଖୋଲାହେବା ସମୟରେ ସେଦିନ ଆଉ କେହି ନ ଥିଲେ । ସେ ମହାରାଜଙ୍କୁ ଦର୍ଶନ କଲେ । ମହାରାଜ କହିଲେ, ତୁ ଦେଖୁଛୁ ?'' ଏତିକି ଶୁଣିବା ମାତ୍ରେ ସେ ନିଜର ଦକ୍ଷିଣ ଦିଗର କୁଟୀର କୋଣକୁ ଚାହିଁଦେଲେ । ଶ୍ରୀରାମ ଶ୍ରୀଲକ୍ଷ୍ମଣ ହାତରେ ଧନୁର୍ବାଣ ନେଇ ଛିଡ଼ା ହୋଇଛନ୍ତି ଦେଖି ସେ କୃତକୃତ୍ୟ ହୋଇଗଲେ । ତାଙ୍କ ଚକ୍ଷୁର ଆନନ୍ଦାଶ୍ରୁ ଧାରା ପ୍ରବାହ ବହିବାକୁ ଲାଗିଲା । ସେ ଆନନ୍ଦରେ ଗଦ୍‌ଗଦ୍ ହୋଇଗଲେ । ଅଙ୍ଗ ଶିଥିଳ ହୋଇଗଲା । କଣ୍ଠ ରୁଦ୍ଧ ହୋଇଗଲା । ସେ କୃତଜ୍ଞତା ଜ୍ଞାପନ କରିବାକୁ ଅସମର୍ଥ ହେଲେ । କିଛି ସମୟ ପରେ ସାବଧାନ ହୋଇ କହିଲେ,''ହଁ ମହାରାଜଜୀ, ମୁଁ ଦେଖିଲି ତୁମରି କୃପାରୁ ।'' ସେହି ଜଗନ୍ନାଥ ଦାସଜୀଙ୍କଠାରୁ ମୁଁ ସ୍ୱୟଂ ଏକଥା ଶୁଣିଛି । ଶ୍ରୀ ମହାରାଜଙ୍କ କୁଟୀର ଦ୍ୱାର ଖୋଲାହେବା ପରେ ମହାରାଜଜୀ ସଦ୍ଧମାନଙ୍କ ସଙ୍ଗେ ରାମଧୂନି କରନ୍ତି । ସେହି ସମୟରେ ଦର୍ଶନାର୍ଥୀମାନେ ଦର୍ଶନ କରନ୍ତି । କେହି ସଦ୍ଧ ମହାତ୍ମା ବିଦ୍ୱାନ ପଣ୍ଡିତ ଭଗବତ୍ ଚର୍ଚ୍ଚା ମଧ୍ୟ କରନ୍ତି । ମହାରାଜ ଭଗବତ୍ ଚର୍ଚ୍ଚାରେ ଏକେବାରେ ବିଭୋଳ ହୋଇ ବାହ୍ୟ ଜ୍ଞାନ ଶୂନ୍ୟ ହୋଇ ଯାଆନ୍ତି । ଶ୍ରୀ ମହାରାଜ ବହୁତ ବିଦ୍ୱାନ ନ ଥିଲେ; କିନ୍ତୁ ରାମାୟଣ, ବିନୟ ପତ୍ରିକା ଗୀତାବଳୀ, ଦୋହାବଳି, କବିତାବଳି ଇତ୍ୟାଦି ତୁଳସୀକୃତ ସମସ୍ତ ଗ୍ରନ୍ଥ ପ୍ରାୟ ତାଙ୍କର ମୁଖସ୍ଥ ଥିଲା । ପଣ୍ଡିତମାନେ ବେଦ, ଉପନିଷଦ, ପୁରାଣ ଓଗେରରୁ ପ୍ରମାଣ ଦେଇ ଯାହାକିଛି ପ୍ରଶ୍ନ କରନ୍ତି, ଶ୍ରୀ ମହାରାଜ ରାମାୟଣର ଗୋଟିଏ ଚୌପାହି (ପଦ)ରେ ତା' ଉତ୍ତର ଦେଇଦିଅନ୍ତି । ସେଥିରେ ସେମାନଙ୍କର ସମସ୍ୟାର ସମାଧାନ ହୁଏ । ଯେକେହି ମହାରାଜଙ୍କ ଦର୍ଶନ କରି ସତ୍‌ସଙ୍ଗ ବାର୍ତ୍ତା ଶୁଣନ୍ତି, ସେମାନେ କୃତକୃତ୍ୟ ହୋଇ ଫେରନ୍ତି । ମହାରାଜ ସନ୍ଧ୍ୟା ତିନିଟା ସମୟରେ ସରଯୂ-ସ୍ନାନକୁ ଯାଆନ୍ତି । ସ୍ନାନରୁ ଫେରି ନିଜ ଆସନରେ ବସି ସଦ୍ଧମାନଙ୍କ ସଙ୍ଗେ ରାମଧୂନି କରନ୍ତି ।

ଶ୍ରୀ ମହାରାଜଙ୍କ ଗୁରୁଦେବ ସିଦ୍ଧ ବାବା ରଘୁନାଥ ଦାସଙ୍କ ସାକେତ ଯାତ୍ରା ପରେ ତାଙ୍କ ଗାଦିର ମହନ୍ତ ହେଲେ ବାବା ଜଗନ୍ନାଥ ଦାସ । ତାଙ୍କ ସାକେତ ବାସ ପରେ ତାଙ୍କ ଗାଦିର ମହନ୍ତ ହେଲେ ଶ୍ରୀ ଈଶ୍ୱର ଦାସ । ଈଶ୍ୱର ଦାସଙ୍କ ସାକେତ ଯାତ୍ରା ପରେ ମହନ୍ତ ହେଲେ ଶ୍ରୀ କୈଶଲ କିଶୋର ଦାସ । ଏହି ଶେଷ ମହନ୍ତ ଅଯୋଧ୍ୟାରେ ବିଦ୍ୟମାନ

ଅଛନ୍ତି । ଅଯୋଧ୍ୟାରେ ସନ୍ଥମାନଙ୍କ ଶରୀର ତ୍ୟାଗ ପରେ କୌଣସି ଅନ୍ତ୍ୟେଷ୍ଟି କ୍ରିୟା ହୁଏ ନାହିଁ; ଶବକୁ ସରଯୂ ଜଳରେ ପ୍ରବାହ କରି ଦିଅନ୍ତି । ମୃତ୍ୟୁର ବାରଦିନ ପରେ ତେରଦିନରେ ସନ୍ଥମାନଙ୍କର ଭୋଜନ ଭଣ୍ଡାର ହୁଏ । ମହନ୍ତ ଅଥବା ପ୍ରତିଷ୍ଠିତ ମହାତ୍ମାମାନଙ୍କର ବହୁତ ବଡ଼ ଭଣ୍ଡାର ହୁଏ । ଶ୍ରୀ ମହାରାଜଙ୍କ ଗୁରୁଦେବଙ୍କ ଗାଦିର ଦ୍ୱିତୀୟ ମହନ୍ତ ବାବା ଈଶ୍ୱର ଦାସଙ୍କ ଶରୀର ତ୍ୟାଗର ତେର ଦିନରେ ଭଣ୍ଡାର ହେଲା । ସେଥିରେ ସନ୍ଥ, ଗୃହସ୍ଥ, ଦରିଦ୍ର, ଭିକ୍ଷୁ ସମସ୍ତଙ୍କୁ ମିଷ୍ଟାନ୍ନ ତଥା ଲୁଗା ମିଳିବାର କଥା । ବାବା ରଘୁନାଥ ଦାସଙ୍କ ବଡ଼ଛଉଣୀର ବହୁତ ଖ୍ୟାତି ଥିଲା; ସେଥିଯୋଗୁ ବହୁତ ସଂଖ୍ୟାରେ ଭୋଜନାର୍ଥୀ ଏକତ୍ର ହୋଇଗଲେ । ଲୋକସଂଖ୍ୟା ତୁଳନାରେ ଭୋଜନ ବସ୍ତୁ ଏତେ କମ୍ ଥିଲା ଯେ ଅଧେ ଲୋକଙ୍କୁ ମିଳିବାରେ ମଧ୍ୟ ସନ୍ଦେହ ଥିଲା । ସେଇଥିପାଇଁ ଆଶ୍ରମର ପ୍ରତିଷ୍ଠିତ ସନ୍ଥମାନେ ଅନ୍ୟ ଲୋକଙ୍କୁ ବାଦ ଦେଇ କେବଳ ସନ୍ଥମାନଙ୍କୁ ଭିତରେ ପ୍ରବେଶ କରିବାକୁ ଦେଇ ଦ୍ୱାରରେ ତାଲା ବନ୍ଦ କରିଦେଲେ । ବାହାରେ ଥିଲେ କେଇ ହଜାର ଲୋକ । ସେମାନେ ଉଚ୍ଚ ସ୍ୱରରେ ''ବାବା ରଘୁନାଥ ଦାସଜୀ ମହାରାଜଙ୍କୁ ଜୟ'' ଉଚ୍ଚାରଣ କଲେ । ଏତେ ଜୋର୍‌ରେ ଶବ୍ଦ ହେଲା ଯେ ମାଝାରେ ମହାରାଜଜୀ ଶୁଣିପାରିଲେ । ସେ ନିଜ ଆସନ ଛାଡ଼ି କେଉଁଠିକି ଯାଉ ନ ଥିଲେ । ସେ ଦିନ ଗରୀବଙ୍କ ଡାକ ଶୁଣି ରହି ନ ପାରି ତାଙ୍କ ନିଜ ଗୁରୁଦେବଙ୍କ ଗାଦି ଆଶ୍ରମକୁ ଯାଇ କହିଲେ, ''ଫାଟକ ଖୋଲି ଦିଅ । ଗୁରୁଦେବଙ୍କ ଆଶ୍ରମରେ କୌଣସି ଜିନିଷ କେବେ କମ୍ ପଡ଼ି ନାହିଁ । ଆଜି କାହିଁକି କମ୍ ହେବ'' ? ମହାରାଜଜିଙ୍କ କହିବାନୁସାରେ ଦ୍ୱାର ଖୋଲି ଦିଆ ହେଲା । ସମସ୍ତ ଲୋକ ଆଶ୍ରମ ମଧ୍ୟରେ ପ୍ରବେଶ କଲେ । ଶ୍ରୀ ମହାରାଜ ନିଜ ହସ୍ତରେ ମିଷ୍ଟାନ୍ନ ସହିତ ବସ୍ତ୍ର ବିତରଣ କଲେ । ଏ ଘଟଣା ଦେଖି ଆଶ୍ରମର କାର୍ଯ୍ୟକର୍ତ୍ତା ଲୋକ ଭାବିଲେ 'ଭୋଜନାର୍ଥୀମାନଙ୍କ ମଧ୍ୟରୁ ଅର୍ଦ୍ଧେକରୁ କମ୍ ବ୍ୟକ୍ତିଙ୍କୁ ଭୋଜନ ମିଳିବା ସନ୍ଦେହ । ପୁଣି ଆଶ୍ରମର ଭକ୍ତ, ସେବକମାନଙ୍କୁ କିଛି ବି ମିଳିବା ସମ୍ଭବ ନୁହେଁ । ସେଇଥିପାଇଁ ସେମାନେ ସେବକମାନଙ୍କ ସକାଶେ କେତେକ ବସ୍ତୁ ଲୁଚାଇ ରଖି ନେଲେ । ମହାରାଜ ବାଣ୍ଟିବାରେ ସମସ୍ତ ବ୍ୟକ୍ତିଙ୍କୁ ଲୁଗା ମିଷ୍ଟାନ୍ନ ମିଳିଗଲା । ଗୋଟିଏ ବ୍ୟକ୍ତି ବି ବାକୀ ନ ଥିଲେ । ଶେଷରେ ଏତେ ଜିନିଷ ଅବଶିଷ୍ଟ ରହିଲା ଯେ ଆଉ ହଜାରରୁ ଅଧିକ ବ୍ୟକ୍ତିଙ୍କୁ ବିତରଣ କରାଯାଇ ପାରିଥା'ନ୍ତା ।

ଶ୍ରୀ ମହାରାଜଙ୍କର ଭଗବାନଙ୍କ ପ୍ରତି ଅଖଣ୍ଡ ତଥା ଅଟଳ ବିଶ୍ୱାସ ଥିଲା । ସେ ଭଗବାନଙ୍କ ଉପରେ ଏପରି ନିର୍ଭରଶୀଳ ଥିଲେ ଯେ ସାଂସାରିକ କୌଣସି ପରିସ୍ଥିତିକୁ ପରବାୟ କରୁ ନ ଥିଲେ । ଯଦ୍ୟପି ସେ ଭଗବତ୍ ଉପଲବ୍ଧି କରିଥିଲେ, ତଥାପି ବୈଷ୍ଣବଙ୍କ ବାହ୍ୟ ନିୟମ ନିଷ୍ଠା ପାଳନ କରିବାରେ ଲେଶମାତ୍ର ତ୍ରୁଟି କରୁ ନ ଥିଲେ । ସେ ସମୟରେ ଜିଲ୍ଲା ମାଜିଷ୍ଟ୍ରେଟ୍ ଥିଲେ ଜଣେ ଇଂରେଜ । କିନ୍ତୁ ସେ ଥିଲେ ଭକ୍ତ । ମହାରାଜଙ୍କୁ ଦର୍ଶନ କରିବାକୁ ଆସି ଖବର ପଠାଇଲେ । କିନ୍ତୁ ସେ ଇଂରେଜ, ଗୋମାଂସଭକ୍ଷୀ ଥିବାରୁ ତାଙ୍କୁ ଆସିବାକୁ ଅନୁମତି ଦେଲେ ନାହିଁ ।

ଥରେ ଅଯୋଧ୍ୟାରେ ହିନ୍ଦୁ ମୁସଲମାନଙ୍କର ଦଙ୍ଗା ହେଲା । କେତେଜଣ ମୁସଲମାନଙ୍କୁ ହିନ୍ଦୁମାନେ ମାରି ପକାଇଥିଲେ । ହିନ୍ଦୁ-ମୁସଲମାନ ଦଙ୍ଗାରେ ସର୍ବଦା ଇଂରେଜ ଗଭର୍ଣ୍ଣମେଣ୍ଟ ମୁସଲମାନଙ୍କ ପକ୍ଷ ନେଉଥିଲା । ଏହି ଘଟଣା ଘଟିଥିଲା ୧୯୩୨/୩୩ ସାଲରେ । ପୁଲିସ ସହିତ ମୁସଲମାନ ପ୍ରତ୍ୟେକ ଆଶ୍ରମକୁ ଯାଇ ଯାହାକୁ କହିଦେଉଥିଲେ, ''ଏ ବ୍ୟକ୍ତି ଦଙ୍ଗାରେ ଥିଲା'' ତାକୁ ପୁଲିସ ଆରେଷ୍ଟ କରି ନେଉଥିଲା । ଅଯୋଧ୍ୟାରେ ଯେତେ ବଡ଼ ସନ୍ଥ ମହାତ୍ମା ମହନ୍ତ ଥିଲେ ମୁସଲମାନମାନେ ସମସ୍ତଙ୍କୁ ଆରେଷ୍ଟ କରାଇ ଦେଲେ । ଏ ଘଟଣା ଦେଖି ଅବଶିଷ୍ଟ ବଡ଼ ବଡ଼ ପ୍ରତିଷ୍ଠିତ ମହାତ୍ମା ତଥା ମହନ୍ତ ରାତିରେ ସରଯୂ ପାର ହୋଇ ପଳାଇଲେ । ସେ ସମୟରେ ଅଯୋଧ୍ୟା ଏକେବାରେ ଶୂନ୍ୟ । ପ୍ରତ୍ୟେକ ମନ୍ଦିରରେ ଜଣେ ଜଣେ ସନ୍ଥ କେବଳ ପୂଜା କରିବାକୁ ରହିଥାଆନ୍ତି । ଶ୍ରୀ ମହାରାଜଙ୍କ ଆଶ୍ରମରେ ବହୁତ ସଂଖ୍ୟାରେ ସନ୍ଥ ଥିଲେ । ସେମାନେ କହିଲେ, ''ମୁସଲମାନ ଆସି ଆମ୍ଭମାନଙ୍କୁ ଆରେଷ୍ଟ କରାଇ ଦେବେ । ଅତଏବ ଆମ୍ଭମାନଙ୍କୁ ଆଜ୍ଞା ଦିଅନ୍ତୁ ଆମ୍ଭେ ଏଠାରୁ ପଳେଇ ଯାଉଁ ।'' ମହାରାଜଜି କହିଲେ, ''ଏଠାରେ ଶ୍ରୀରାମ ତଥା ହନୁମାନ ବିରାଜମାନ । ଏଠାକୁ କିଏ ଆସିବ ?'' ପ୍ରକୃତରେ ସେଠାକୁ କେହି ଆସିଲେ ନାହିଁ । ଏହା ଏକେବାରେ ପ୍ରତ୍ୟକ୍ଷ ଘଟଣା ।

ମହାରାଜଙ୍କ କୁଟୀରସବୁ ଘାସରେ ତିଆରି; ଛପର ଘାସ, କାନ୍ଥବାଡ଼ ଘାସ । ସରଯୂନଦୀ କୂଳରେ ବାୟୁର ବେଗ

ସ୍ୱାଭାବିକ ପ୍ରଚଣ୍ଡ । ବାୟୁଯୋଗେ ଅଗ୍ନି ଟିକିଏ ଉଡ଼ି ପଡ଼ିଲେ କୁଟୀର ସ୍ୱାହା ହୋଇଯାଏ । ଏହା ପ୍ରାୟ ଘଟେ । ଅଗ୍ନିକାଣ୍ଡରେ ବହୁତ ବସ୍ତୁ ଭସ୍ମୀଭୂତ ହୁଏ । ଅଗ୍ନି ଜଳିବା ସମୟରେ ମହାରାଜ ଟିଣକୁ ଟିଣ ଘିଅ ଅଗ୍ନିରେ ଆହୁତି କରେଇ ଦିଅନ୍ତି । କୁହନ୍ତି, ''ବସ୍ତୁ ଭଗବାନଙ୍କର । ଗୋଟାଏ ରୂପରେ ଦିଅନ୍ତି, ଅନ୍ୟ ରୂପରେ ନିଅନ୍ତି ।'' ପୁଣ୍ୟପର୍ବ ଶୁଭଦିନମାନଙ୍କରେ ଅଧିକ ଲୋକ ଏକତ୍ର ହେଲେ ଡକାୟତ ଚୋରମାନଙ୍କୁ ସୁଯୋଗ ମିଳେ । ଲୋକେ ଆସନ୍ତି ତୀର୍ଥସ୍ନାନ କରି ଦାନ ପୁଣ୍ୟ କରିବାକୁ । ଚୋର ଆସନ୍ତି ଚୋରି କରିବାକୁ । ରାମନବମୀ ସମୟରେ ଅଯୋଧ୍ୟାରେ ଏତେ ସଂଖ୍ୟାରେ ଲୋକ ହୁଅନ୍ତି ଯେ ରାସ୍ତାରେ ଚାଲିବା କଠିନ ହୁଏ । ଅଯୋଧ୍ୟାରେ ଯେତେ ପ୍ରଧାନ ଆକର୍ଷଣ ଅଛି, ତାହାର ଅନ୍ତର୍ଗତ ହେଉଛି ରାମଘାଟ ସ୍ନାନ ତଥା ଶ୍ରୀ ମୌନୀ ବାବାଙ୍କ ଦର୍ଶନ । ସବୁ ଦର୍ଶନାର୍ଥୀ ଦର୍ଶନ ଚାହାନ୍ତି । ବହୁତ ଟଙ୍କା ଭେଟି ମଧ୍ୟ ଦିଅନ୍ତି । ଶ୍ରୀ ମହାରାଜଙ୍କ ପାଖକୁ ବହୁତ ଟଙ୍କା ପୂଜା ଆସିବା ଦେଖି ଗୋଟାଏ ଚୋର କୁଟୀରରେ ଅଗ୍ନି ଲଗାଇ ଦେଲା । ମହାରାଜ ଆସନ ଛାଡ଼ି ଉଠିଗଲେ । ସଚ୍ଚସବୁ ରୋଷାଇ ଘରର ବାସନ ବାହାର କରିବାକୁ ଲାଗିଲେ । ପ୍ରଚଣ୍ଡ ଖରାରେ ଘାସ ଶୁଖି ଯାଇଥିଲା । ଅଗ୍ନି ଲାଗିବା ସଙ୍ଗେ ସଙ୍ଗେ କୁଟୀର ଜଳିବାରେ ବିଳମ୍ବ ହେଲା ନାହିଁ । କେତେ ବସ୍ତା ଅଟା, ଗହମ, ଚାଉଳ, ଚିନି, ଡାଲି, ଚଣା ଇତ୍ୟାଦି ବହୁତ ଖାଦ୍ୟଦ୍ରବ୍ୟ ଜଳିଗଲା । ପ୍ରତି ଦିନ ଦୁଇ, ତିନି ଶହ ସଚ୍ଚ ଭୋଜନ କରନ୍ତି । ସେଥିପାଇଁ ଖାଦ୍ୟବସ୍ତୁ ପ୍ରଚୁର ଥିଲା । ଏହି ଅବସରରେ ଚୋର ଟଙ୍କା ବାକ୍ସ ଉଠେଇ ନେଇ ଯାଇ ଜଙ୍ଗଲରେ ରଖି ଆସିଲା । ଜଣେ ଗୁପ୍ତପୁଲିସ, ଯେକି ମହାରାଜଙ୍କ ଶିଷ୍ୟ, ସେ ପ୍ରତିବର୍ଷ ଆସନ୍ତି । ସେ ବର୍ଷ ବି ସେ ଆସିଥିଲେ । କୁଟୀର ପୋଡ଼ିଯିବା ସମୟରେ ସେ ଦୂରରେ ରହି ନିରୀକ୍ଷଣ କରୁଥାଆନ୍ତି । ଚୋର ଯେତେବେଳେ ବାକ୍ସ ମଝି ଜଙ୍ଗଲରେ ରଖିଲା ସେତେବେଳେ ସେ ଦେଖିଥିଲେ । ସେ ଚୋରକୁ ବାକ୍ସ ସହିତ ଧରିବାକୁ ସତର୍କ ଥିଲେ । ପରେ ଚୋର ବାକ୍ସ ଉଠେଇବା ସମୟରେ ତାକୁ ଧରି ମହାରାଜଙ୍କ ପାଖକୁ ଘେନି ଆସିଲେ । ଚୋର ଥିଲା ମୁସଲମାନ । କିନ୍ତୁ ସାଧୁଙ୍କ ପରି ତିଳକ କଣ୍ଠି ଧାରଣ କରିଥିଲା । ମହାରାଜଜି କହିଲେ ସେ ଖାଇବାକୁ ପାଉ ନାହିଁ, ସେଥିପାଇଁ ଚୋରି କରୁଛି । ତାକୁ ଖାଇବାକୁ ଦେଇ ଛାଡ଼ିଦିଅ ।

ବର୍ଷା ସମୟରେ କୁଟୀରଟି ଜଳମଗ୍ନ ହୋଇଯାଏ । ଗୋଟିଏ ପାଖରେ ସରଯୂ ନଦୀର ବଡ଼ଧାରା, ଅନ୍ୟ ପାଖରେ ସରଯୂ ନଦୀର ଛୋଟ ଧାରା; ବର୍ଷା ସମୟରେ ଉଭୟ ମିଳି ମାଝାକୁ ଘେରି ରହିଥାଏ । ଅଯୋଧ୍ୟାରୁ ବି ମହାରାଜଙ୍କ ଦର୍ଶନକୁ ଆସିଲେ ସରଯୂ ଧାରା ନୌକାରେ ପାର ହେବାକୁ ପଡ଼େ । ବଢ଼ି ସମୟରେ ଚାରିଦିଗ ଜଳସ୍ରୋତର କଳକଳ ନାଦରେ ପୂର୍ଣ୍ଣ । ସେହି ସମୟରେ ଦିବ୍ୟକାନ୍ତିଯୁକ୍ତା ଜଣେ ଅଳ୍ପ ବୟସର ମହିଳା ଶ୍ରୀ ମହାରାଜଙ୍କ କୁଟୀର ସମ୍ମୁଖରେ ବସିଥିବାର ତାଙ୍କର ଜଣେ ଶିଷ୍ୟ ଦେଖିଲେ । କିନ୍ତୁ ସେତେବେଳେ ସେ କିଛି ଭାବି ପାରିଲେ ନାହିଁ କିଂବା ପଚାରି ପାରିଲେ ନାହିଁ । ଅଳ୍ପ ସମୟ ପରେ ସେ ମହିଳା ଅଦୃଶ୍ୟ ହେବାରୁ ତାଙ୍କର ପ୍ରଶ୍ନ ଉଠିଲା, ''ଜଳମଗ୍ନ ଅବସ୍ଥାରେ ନୌକାଛଡ଼ା ଏକୁଟିଆ ମହିଳାଟି ଆସିଲା କିପରି, ଗଲା କୁଆଡ଼େ ?'' ପ୍ରକୃତରେ ଏହି ପ୍ରଶ୍ନର ଉତ୍ତର ସେ କିଛି ପାଇଲେ ନାହିଁ । ଶେଷରେ ମହାରାଜଙ୍କୁ ପଚାରିଲେ, ''ମହାରାଜ, ସେ ମହିଳା କିଏ, ଆସିଲା କେଉଁଠୁ, ଗଲା କୁଆଡ଼େ ?'' ଶ୍ରୀ ମହାରାଜ ହସି ଉତ୍ତର ଦେଲେ, ''ସେ ଆସି ନ ଥିଲା କୁଆଡୁ, ଯାଇ ନାହିଁ ବି କୁଆଡ଼କୁ । ସେ ଏହିଠାରେ ଥାଏ, ମା' ସରଯୂ ।'' ଶ୍ରୀ ମହାରାଜଙ୍କର ସରଯୁ ନଦୀରେ ବିଶେଷ ନିଷ୍ଠା । ତାଙ୍କ ଫଳ ଆହାରରୁ ତଥା ଭଣ୍ଡାରରୁ ସରଯୂ ସକାଶେ ପ୍ରତିଦିନ ଭୋଗ ଯାଏ । ପ୍ରାୟ ୧୯୨୯ ଅଥବା ୧୯୩୦ ସାଲର ଘଟଣା । ସରଯୂରେ ପ୍ରବଳ ବଢ଼ି ଆସିଥିଲା । ଜନ୍ମାଷ୍ଟମୀ ଦିନ । ସରଯୂ ଏକ ଫର୍ଲଙ୍ଗ ବ୍ୟାପୀ ପ୍ରବଳ ବେଗରେ ଅତଡ଼ା ଖାଇ ଶ୍ରୀ ମହାରାଜଜିଙ୍କ କୁଟୀର ଆଡ଼କୁ ଗତିକଲା । ଦ୍ୱିପ୍ରହର ସୁଦ୍ଧା କୁଟୀରର ପ୍ରାୟ ସମୀପରେ ପହଞ୍ଚିଗଲା । ସଚ୍ଚମାନେ ଶ୍ରୀ ମହାରାଜଙ୍କୁ କହିଲେ, ''ସରଯୂ ଯେପରି ବେଗରେ ଅତଡ଼ା ଖାଇ ଆସୁଛି, ଅଧଘଣ୍ଟା ମଧ୍ୟରେ ସମସ୍ତ କୁଟୀରକୁ ନେଇ ଚାଲିଯିବ । ଆଜ୍ଞା ହେଲେ ଆମ୍ଭେମାନେ ଶୀଘ୍ର କୁଟୀର ଉଠେଇ ଅନ୍ୟ ସ୍ଥାନକୁ ଚାଲିଯିବୁ ।'' ଉତ୍ତର ମିଳିଲା, ''ନା, ଆଜି କୁଆଡ଼େ ଯିବାକୁ ହେବନି ।'' ପ୍ରାୟ ସନ୍ଧ୍ୟା ସମୟରେ ସରଯୂ ଏକେବାରେ କୁଟୀରରେ ପହଞ୍ଚି ଗଲା । ସଚ୍ଚମାନଙ୍କର କୁଟୀର ଶ୍ରୀ ମହାରାଜଙ୍କ ନିବାସ ସ୍ଥାନ ଛତା ଆକାରରେ ଛପର ତାଟିର ଠିକ୍ ତଳେ ସରଯୂର ଧାର ପ୍ରବାହିତ ହେଲା । ଗୋଟିଏ ଅତଡ଼ା ଖାଇଥିଲେ

ମହାରାଜଙ୍କର ଛତା ସହିତ ଆମ୍ଭେମାନେ ସରଯୂ ଗର୍ଭରେ ଚାଲିଯାଇ ଥାଆନ୍ତୁ । କିନ୍ତୁ ସନ୍ଧ୍ୟାଠାରୁ ତହିଁଆରଦିନ ସକାଳ ୯ଟା ପର୍ଯ୍ୟନ୍ତ ସରଯୂ ଧାର ସେହିଠାରେ ଥିଲା, ଚାଖଣ୍ଡେ ଜମି କାଟି ନ ଥିଲା । ସକାଳ ନଅଟାରେ ମହାରାଜଙ୍କ କୁଟୀର ଦ୍ୱାର ଖୋଲା ହେଲା, ଠାକୁରଙ୍କର ଆଳତି ସମାପ୍ତ ହେଲା । ପୂଜାରୀଙ୍କୁ ମହାରାଜଜି ଡାକି କହିଲେ, ''ସରଯୂ ତା' ସ୍ନାନ ନେବାକୁ ଚାହେଁ, ମୋ କୁଟୀର ଉଠାଅ ।'' ସଙ୍ଗମାନଙ୍କର ଅନୁମାନ ଥିଲା ମହରାଜଙ୍କ କୁଟୀର ଉଠେଇବା ସଙ୍ଗେ ସଙ୍ଗେ ସରଯୂ ଏପରି ଭାବେ ଅତଡ଼ା ଖାଇବ ଯେ କୌଣସି ବସ୍ତୁ ନେଇ ହେବନି, ସବୁ ନଦୀ ଗର୍ଭରେ ଚାଲିଯିବ । ସେଥିପାଇଁ ସେମାନେ କହିଲେ, ''ମହାରାଜ, ଆପଣଙ୍କ କୁଟୀର ଥାଉ । ପ୍ରଥମରେ ଭୋଜନ ସାମଗ୍ରୀ ଥିବା କୋଠାର ତଥା ମନ୍ଦିରକୁ ଉଠେଇ ନେବୁ । ପରେ ଆପଣଙ୍କ କୁଟୀର ନେବୁ ।'' ମହାରାଜଜି କହିଲେ, ''ପ୍ରଥମେ ମୋ କୁଟୀର ଉଠାଅ ।'' ସଙ୍ଗମାନଙ୍କ ସଂଖ୍ୟା ବହୁତ ଥିଲା । ଅର୍ଦ୍ଧେକ ସଂଖ୍ୟାରେ ସଙ୍ଗ ଶ୍ରୀ ମହାରାଜଙ୍କ କୁଟୀର, ଆର ଅର୍ଦ୍ଧେକ ଶ୍ରୀ ଠାକୁରଙ୍କ କୁଟୀର ଉଠାଇବାକୁ ଲାଗିଲେ । କୁଟୀର ଉଠିବା ସଙ୍ଗେ ସଙ୍ଗେ ମଧ୍ୟ ମହାରାଜ ଚାଲିଲେ । ସରଯୂ ଯେପରି ମହାରାଜଙ୍କ ଚାଲିଯିବାର ଅପେକ୍ଷାରେ ବସିଥିଲା । ଶ୍ରୀମହାରାଜ ତିରିଶ ଗଜ ଯିବା ପରେ ଗୋଟିଏ ଅତଡ଼ା ଖାଇବାରେ ମହାରାଜଙ୍କ କୁଟୀର ସ୍ଥାନ, ରାମଧୂନି ସ୍ଥାନ ତଥା କୋଠାରୀର ଅର୍ଦ୍ଧେକ ବସ୍ତୁ ନେଇନେଲା । ସଙ୍ଗମାନେ ବହୁତ ଶୀଘ୍ର ରୋଷାଇର ବଡ଼ ବଡ଼ ପାତ୍ର ତଥା କିଛି ଚାଉଳ, ଡାଲି ନେଇ ପାରିଲେ । ବାକି ଚିନି, ଚୁଡ଼ା, ଅଟା ଇତ୍ୟାଦି ସମସ୍ତ ବସ୍ତୁ ତଥା ପର୍ବତାକାରରେ ଜାଳେଣି କାଠ ସମସ୍ତ କୋଡ଼ିଏ ପଚିଶି ମିନିଟ ମଧ୍ୟରେ ସରଯୂ ପ୍ରବାହରେ ପ୍ରବାହିତ ହୋଇଗଲା । ଏ ଘଟଣା ଶୁଣି ମହାରାଜ କହିଲେ, ''ସରଯୂର ସମସ୍ତ ବସ୍ତୁ; ସେ ଦେଇଥିଲା, ସେ ନେଇନେଲା । ସେଥିରେ କ'ଣ ଅଛି ? ସେ ଫେର ଦେବ ।'' ସେହିଦିନ କିଛି ଦୂରରେ ଅନ୍ୟ ସ୍ଥାନରେ କୁଟୀର ରଖାଗଲା । ମୋଟା ମୋଟା କାଠ ଉପରେ ଦୁଇଟି ଦୁଇଟି କାଠପଟା ରଖି ତା' ଉପରେ ଆମ୍ଭେମାନେ ରହିଲୁ । କାଠପଟା ତଳେ ସରଯୂର ସ୍ରୋତ ପ୍ରବାହିତ ହେଉଥାଏ । ସେହି ଜଳ ମଧ୍ୟରେ ଗୋଟିଏ ଶଗଡ଼ ରଖି ଶଗଡ଼ ଦଣ୍ଡା ତଳେ କାଠ ପୋତି ଦିଆହେଲା । ଶଗଡ଼ ଉପରେ ମସ୍ତବଡ଼ ଲୁହା କରାଇ ରଖାଗଲା । କରାଇ ଭିତରେ ବଡ଼ ବଡ଼ ମୋଟା କାଠ ରଖି ଚୁଲି ତିଆରି କରାହେଲା । ସେଥିରେ ଶହେ ଜଣଙ୍କ ଭୋଜନ ତିଆରି ହୋଇପାରେ, ଏହିପରି ଏକ ବଡ଼ ପିତଳ ହଣ୍ଡାରେ ଖେଚେଡ଼ି ତିଆରି ହେଲା । ସବୁ ସ୍ଥାନରେ ଜଳ । ନିଜ ଆସନରୁ ତଳକୁ ଗୋଡ଼ ରଖିଲେ ଆଣ୍ଠିଏ ଜଳ । ସମସ୍ତେ ନିଜ ନିଜ ଆସନରେ ବସନ୍ତି । ସେହିଠାରେ ପରଶା ହୁଏ, ଭୋଜନ ପଙ୍ଗତ ହୁଏ, ଯାବତୀୟ କାର୍ଯ୍ୟ, ଯଥା – ଠାକୁର ପୂଜା, ଆଳତି, ରୋଷାଇ, ପଙ୍ଗତ, ବର୍ତ୍ତନ ମଜା ଇତ୍ୟାଦି ସେହି ଜଳାରଣ୍ୟରେ ହୁଏ । ସମସ୍ତ ବସ୍ତୁ ନଷ୍ଟହେବା ସତ୍ତ୍ୱେ ଏତେ ସଙ୍ଗଙ୍କ ଭୋଜନରେ ଦିନେ ହେଲେ ତ୍ରୁଟି ହୋଇ ନାହିଁ ।

ମୋତେ ମହାରାଜଙ୍କ ସେବାରେ ରହିବାର ସୁଯୋଗ ମିଳିଥିଲା । ମୁଁ ବରାବର ତାଙ୍କ ପାଖରେ ଥାଏ । ଦର୍ଶନାର୍ଥୀ ଆସିଲେ ତାଙ୍କୁ ଠାକୁରଙ୍କ ଚରଣାମୃତ ପ୍ରସାଦ ଦିଏ । ଶ୍ରୀ ମହାରାଜଙ୍କ ଦର୍ଶନକୁ ବାହାରୁ ବଡ଼ ବଡ଼ ମହାତ୍ମା ଆସନ୍ତି । ସତ୍‌ସଙ୍ଗ ହୁଏ । ମୋତେ ଶୁଣିବାକୁ ସୁଯୋଗ ମିଳେ । ବର୍ଷା ସମୟରେ ସରଯୂରେ ବଢ଼ି ଆସିଲେ ମହାରାଜଙ୍କ କୁଟୀରର ଚତୁର୍ଦ୍ଦିଗ ଜଳାର୍ଣ୍ଣବ ହୋଇଯାଏ । ଲୋକେ ନୌକାରେ ଯିବା ଆସିବା କରନ୍ତି । ଶ୍ରୀ ମହାରାଜଜିଙ୍କ ଆଶ୍ରମରେ ସଙ୍ଗମାନଙ୍କୁ ମନା ନ ଥାଏ । ଯେ ଯେତେ ଦିନ ଚାହାନ୍ତି ସେ ରହି ପାରନ୍ତି । ସେଥିପାଇଁ ସଙ୍ଗଙ୍କ ସଂଖ୍ୟା ବଢ଼ି ଚାଲିଥାଏ । ଭୋଜନାର୍ଥୀମାନଙ୍କ ସକାଶେ ସବୁ ସମୟରେ ଦ୍ୱାର ମୁକ୍ତ । ଏହି କାରଣରୁ ଖର୍ଚ୍ଚର ପ୍ରାଚୁର୍ଯ୍ୟ ଥାଏ । କିନ୍ତୁ ଆଶ୍ରମର ଖର୍ଚ୍ଚ ଚଳେ ଅଯାଚିତରୂପେ ସ୍ୱତଃପ୍ରାପ୍ତ ଧନରେ । ଶ୍ରୀ ମହାରାଜଙ୍କର ନିଷ୍ଠା ଥିଲା, ଅର୍ଥ ସକାଶେ କାହା ପାଖରେ ହସ୍ତ ପ୍ରସାର କରିବେ ନାହିଁ । ଏତେ ଖର୍ଚ୍ଚ କରିବା ସତ୍ତ୍ୱେ ଦିନେ ହେଲେ ସେ ଅଭାବ ବୋଧ କରି ନାହାନ୍ତି । ଥରେ ବର୍ଷା ସମୟରେ କୋଠାରୀରୁ ଭୋଜନ ସାମଗ୍ରୀ ଶେଷ ହୋଇଗଲା । କୋଠାରୀ ଖବର ଦେଲେ । ମହାରାଜ କହିଲେ, ''ଯାହାର ସଙ୍ଗ, ସେ ଜାଣେ ।'' ମୂଷଳଧାରାରେ ବର୍ଷା ଚାଲିଛି ଅନେକ ଦିନରୁ । ସେହି ବର୍ଷାରେ ଜଣେ କାଳିଆ ବୁଢ଼ା ଆସି କିଛି ନ କହି ମହାରାଜଙ୍କ ହାତକୁ ଗୋଟିଏ ଥଳି ଦେଇ ଦେଲେ । ବୋଧହୁଏ ତାହା ଟଙ୍କା ଥିଲା । କେତେଗୁଡ଼ିଏ ଆମ୍ବସଡ଼ା ରଖି କିଛି ନ କହି ଚାଲିଗଲେ । ସେ ପ୍ରାନ୍ତରେ ଆମ୍ବ ବହୁତ ହୁଏ । ଲୋକେ ଖାଇପାରନ୍ତି ନାହିଁ । ପାଚିଲା ଆମ୍ବକୁ ଚୁପୁଡ଼ି ତା'

ରସକୁ ଚକୁଳି ପିଠା ଆକାରରେ ଶୁଖେଇ କରି ରଖନ୍ତି । ପରେ ଜଳରେ ବତୁରେଇ ଆମ୍ବରସ ତିଆରି କରିଦିଅନ୍ତି । ମୋର ମନେ ହେଲା ବୁଢ଼ା ସରଯୂରେ ସ୍ନାନ କରିବାକୁ ଗଲେ । ଆସିଲେ ଚରଣାମୃତ ଦେବି, ସେ ପଙ୍ଗତରେ ଭୋଜନ କରିବେ । କିନ୍ତୁ ବୁଢ଼ାଙ୍କର ଆଉ ଦେଖା ନାହିଁ । ବହୁତ ସମୟ ଅତୀତ ହୋଇଗଲା, ଭୋଜନ ପଙ୍ଗତ ସମୟ ଆସିଲା । ମୁଁ ମହାରାଜଙ୍କୁ ପଚାରିଲି, ''ବୁଢ଼ା କୁଆଡ଼େ ଗଲେ ?'' ମହାରାଜ କିଛି ଉତ୍ତର ଦେଲେ ନାହିଁ । କେତେଥର ପଚାରିବାରେ ସେ ଉତ୍ତର ଦେଲେ, ''ବୁଢ଼ା ରାମ ଥିଲେ ।'' ବୁଢ଼ା ଯଦି ସ୍ନାନକୁ ଯାଇଥା'ନ୍ତେ, ଘାଟରେ ଲୋକେ ଦେଖିଥା'ନ୍ତେ । ଯଦି ନଦୀରେ ବୁଡ଼ି ଯାଇଥା'ନ୍ତେ, ତେବେ ଘାଟର ଲୋକେ ଅବଶ୍ୟ ଜାଣିପାରି ଥାଆନ୍ତେ (ଘାଟ ଛଡ଼ା ଅନ୍ୟ ଜାଗାରେ ସ୍ନାନର ଏକେବାରେ ସୁବିଧା ନ ଥିଲା) । ସେତେବେଳେ ଫେରିଯିବାର ନୌକା ମଧ୍ୟ ନ ଥିଲା ।

ଶ୍ରୀ ମହାରାଜ ଯେଉଁଦିନରୁ ତାଙ୍କ ଗୁରୁଦେବଙ୍କ ଆଶ୍ରମ ବଡ଼ଛାଉଣୀ ଛାଡ଼ି ଆସି ସରଯୂ ରାମଘାଟରେ ସାଧନାରେ ରତ ହେଲେ, କେବଳ ତାଙ୍କ ଗୁରୁଦେବଙ୍କ ଗାଦିର ଦ୍ୱିତୀୟ ମହନ୍ତଙ୍କ ସ୍ୱର୍ଗବାସ ଭୋଜନ ଭଣ୍ଡାରରେ ଭୋଜନ ବିତରଣ କରିବାକୁ ଥରେ ମାତ୍ର ଯାଇଥିଲେ । ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ କୁଟୀର ଛାଡ଼ି ଅନ୍ୟ ସ୍ଥାନକୁ ଯାଇ ନ ଥିଲେ । ତାଙ୍କ ଆଶ୍ରମର ସଙ୍ଗ ଅନ୍ୟ ସ୍ଥାନକୁ ମଧ୍ୟ ନିମନ୍ତ୍ରଣ ଭୋଜନ କରିବାକୁ ଯାଆନ୍ତି ନାହିଁ, ତାଙ୍କର ନିୟମିତ ରୂପେ ରାମଧୂନି ଚାଲିଥାଏ । ଯେ କେହି ଦର୍ଶନକୁ ଆସୁଥିଲେ, ତାଙ୍କୁ ଠାକୁରଙ୍କ ଚରଣାମୃତ, ରାମଦାନ ପ୍ରସାଦ ତଥା ୧୦୦୦ ସୀତାରାମ ନାମ ଲେଖା ଗୋଟିଏ ପୁସ୍ତକ ଦିଆ ହେଉଥିଲା । ଶ୍ରୀ ମହାରାଜ କହନ୍ତି, ଦିନ ରାତିରେ ମନୁଷ୍ୟର ୨୨୦୦୦ ଶ୍ୱାସ ପ୍ରବାହିତ ହୁଏ । ବ୍ୟକ୍ତି ୨୨୦୦୦ ନାମ ଜପ କଲେ ତା'ର ପ୍ରତି ଶ୍ୱାସରେ ନାମ ଜପ ହୋଇଯାଏ । ସେଥିପାଇଁ ପ୍ରତ୍ୟେକ ବ୍ୟକ୍ତିକୁ ୨୨୦୦୦ ନାମ ଜପ କରିବାକୁ ଆଗ୍ରହ କରାନ୍ତି । ଅଯୋଧ୍ୟା ଏପରି ପ୍ରସିଦ୍ଧ ଥିଲା ଯେ, ଯେକୌଣସି ସଙ୍ଗ ତୀବ୍ରଭାବେ ସାଧନା କରିବାକୁ ଚାହିଁଲେ ଅଥବା ମନ୍ଦିର କାର୍ଯ୍ୟ ନ କଲେ ଲୋକେ କହୁଥିଲେ, ''ମୌନିବାବାଙ୍କ ଆଶ୍ରମକୁ ଚାଲି ଯା, ସେଠାରେ ରହି ଭଜନ କର ।'' ଅଯୋଧ୍ୟାରେ କୌଣସି ଗରିବ, ଭିକ୍ଷୁ କିଂବା ଆଗନ୍ତୁକଙ୍କୁ ଦେଖିଲେ ଲୋକେ ଭୋଜନ ସକାଶେ ଶ୍ରୀ ମହାରାଜଙ୍କ କୁଟୀରକୁ ପଠାଇ ଦେଉଥିଲେ । ସେ ନିଜେ କେତେ ଥର ସମ୍ଭୁଭେକ ଭଣ୍ଡାର କରିଥିଲେ, ଯେଉଁ ଭଣ୍ଡାରରେ ମିଷ୍ଟାନ୍ନ ସହିତ ବସ୍ତ୍ର ପ୍ରତ୍ୟେକ ବ୍ୟକ୍ତିକୁ ଦିଆଯାଏ । ଏହି ଭଣ୍ଡାରରେ ସାତରୁ ଦଶ ହଜାର ପର୍ଯ୍ୟନ୍ତ ବ୍ୟକ୍ତି ହୁଅନ୍ତି । ତାଙ୍କ ଦର୍ଶନ, ଆଶୀର୍ବାଦ ତଥା ସମ୍ପର୍କରେ ବହୁ ବ୍ୟକ୍ତି ଦୁଃଖ ତାପ ରୋଗ, ବ୍ୟାଧିରୁ ମୁକ୍ତ ହୋଇ ଭଗବତ୍ ଅଭିମୁଖୀ ହୋଇଛନ୍ତି ।

ମହାରାଜଜିଙ୍କ ବୃଦ୍ଧାବସ୍ଥା ଥିଲା । ଥରେ ବୈଶାଖ ଜ୍ୟେଷ୍ଠ ମାସରେ ମାସକରୁ ଅଧିକ ଦିନ ଫଳାହାର ତ୍ୟାଗକରି କେବଳ ଜଳ ପାନକରି ରହିଥିଲେ । ସେହି ସମୟରେ ତାଙ୍କର ନେତ୍ର-ଜ୍ୟୋତିଃ ନଷ୍ଟ ହୋଇଥିଲା । ତାଙ୍କୁ ବହୁତ ଲୋକ ଆଗ୍ରହ କରୁଥିଲେ ଔଷଧ ଲଗାଇବା ସକାଶେ । ସେ କହିଲେ, ''ରାମଜି ଚାହୁଁଛନ୍ତି ମୁଁ ବାହାର ବସ୍ତୁ ନ ଦେଖି କେବଳ ଅନ୍ତର ବସ୍ତୁ ଦେଖେଁ; ଫେର୍ ମୁଁ ଔଷଧ ଲଗାଇବି କାହିଁକି ?'' ଶ୍ରୀ ମହାରାଜଜିଙ୍କର ଜନ୍ମତିଥି ଠିକ୍ ଜଣା ନ ଥିବାରୁ ତାଙ୍କ ଆୟୁ ନିର୍ଣ୍ଣୟ କରିବା କଠିନ । ଶ୍ରୀ ମହାରାଜଙ୍କ ବୟସ ସମ୍ବନ୍ଧେ ଅଯୋଧ୍ୟାବାସୀ ଶହେରୁ ଅଧିକ ବୋଲି କଳ୍ପନା କରୁଥିଲେ । କିନ୍ତୁ ନିର୍ଦ୍ଦିଷ୍ଟ ପ୍ରମାଣ ନ ଥିବାରୁ ଏଠାରେ ତାଙ୍କର ବୟସ ସମ୍ବନ୍ଧେ ଉଲ୍ଲେଖ କରାଗଲା ନାହିଁ । ତାଙ୍କ ଜୀବିତାବସ୍ଥାରେ ତାଙ୍କ ଗୁରୁଦେବଙ୍କ ଗାଦିରେ ୩ୟ ମହନ୍ତ ଗାଦିଧୀଶ ହୋଇଥିଲେ । ଏଥିରୁ ଅନୁମାନ କରାଯାଇପାରେ ତାଙ୍କର ଦୀର୍ଘାୟୁ ଥିଲା ।

ସେହି ବର୍ଷ ଥିଲା ହରିଦ୍ୱାରରେ କୁମ୍ଭମେଳା । ଅଯୋଧ୍ୟାରୁ ବହୁତ ସଙ୍ଗ ହରିଦ୍ୱାର ଚାଲିଗଲେ । ଗୁରୁଦେବଙ୍କ ବହୁତ ଶିଷ୍ୟ ହରିଦ୍ୱାର ଯିବାକୁ ମହାରାଜଜିଙ୍କ ଆଜ୍ଞା ଚାହିଁଲେ । ମହାରାଜ ବହୁତ ଉତ୍ସାହରେ କହିଲେ, ''ଆଚ୍ଛା, ତୁମ୍ଭେମାନେ ଯାଅ । ମୁଁ ମଧ୍ୟ ହରିଦ୍ୱାର ଯିବି ।'' ହରି... ଭଗବାନ୍, ଦ୍ୱାର... ଭଗବାନଙ୍କ ଧାମରେ ପ୍ରବେଶ କରିବାର ଦ୍ୱାର । ଏହାର ଅର୍ଥ କେହି ବୁଝିପାରିଲେ ନାହିଁ । ସେମାନେ ଭାବିଲେ ମହାରାଜ ଥଟ୍ଟାରେ କହୁଛନ୍ତି । ସେମାନେ ଚାଲିଗଲେ । ଆମ୍ଭେମାନେ ପ୍ରାୟ ୨୦ ଜଣ ଶିଷ୍ୟ ରହିଗଲୁ । ଶ୍ରୀ ମହାରାଜଜିଙ୍କୁ ଅଳ୍ପ କାଶ ହେଲା । ଦିନେ ଦୁଇଦିନ ଟିକିଏ ଶରୀର ଅସୁସ୍ଥ ହେଲା । ଚୈତ୍ର ଶୁକ୍ଳ ତ୍ରୟୋଦଶୀ ଅପରାହ୍ଣ ୪ ଘଣ୍ଟା ସମୟ ୧୮୮୫ ସମ୍ବତ୍ ଅପ୍ରେଲ ୧୨, ୧୯୩୮ ସାଲରେ

ଶ୍ରୀ ମହାରାଜ ନଶ୍ୱର ଶରୀର ତ୍ୟାଗକରି ଶ୍ରୀ ସୀତାରାମଙ୍କ ନିତ୍ୟଧାମ ପ୍ରାପ୍ତ ହେଲେ । ତାଙ୍କ ଶରୀର ଥିଲା ତପ୍ତ କାଞ୍ଚନ ତୁଲ୍ୟ ଗୌରବର୍ଣ୍ଣ । ମୃତ୍ୟୁ ପରେ ଶରୀର କାନ୍ତି ଟିକିଏ ବି ମ୍ଳାନ ହୋଇ ନ ଥିଲା । ଅଳ୍ପ ସମୟ ମଧ୍ୟରେ ରଥ୍ ପ୍ରସ୍ତୁତ ହେଲା । ଫଏଜାବାଦ ତଥା ଅଯୋଧ୍ୟାର ଲୋକ ଏକତ୍ର ହୋଇଗଲେ । ଶ୍ରୀ ମହାରାଜଙ୍କ ରଥ୍ ସରଯୂ ଅଭିମୁଖେ ଯାତ୍ରାକଲା । ମାଝ୍ ସରଯୂ ଘାଟରେ ଲୋକାରଣ୍ୟ ହୋଇଗଲା । କେହି ଚାରଣି, ଦୋଅଣି, ଅଣି, କେହି ମିଷ୍ଟାନ୍ନ, କେହି ପୁଷ୍ପ ବୁଣି ଚାଲିଥିଲେ । ବହୁ ପରିମାଣରେ ପୁଷ୍ପ ବିଛା ହୋଇଗଲା । ବହୁତ ସମାରୋହରେ ନୌକାଯୋଗେ ଶ୍ରୀ ମହାରାଜଙ୍କ ଶରୀର ସରଯୂର ପ୍ରଧାନ ସ୍ରୋତରେ ପ୍ରବାହିତ କରାଗଲା ।

ଶ୍ରୀ ଗୁରୁଦେବଙ୍କୁ ଜୟ ।

ଭକ୍ତ ନରସି ମେହେତା

ଭକ୍ତମାଳରଚୟିତା ସିଦ୍ଧ ମହାପୁରୁଷ ଶ୍ରୀ ନାଭାଜି ଭକ୍ତମାଳ ବନ୍ଦନାରେ କହିଛନ୍ତି –

''ସତନ ନିରନୈ କିୟୋ ମଥି ଶ୍ରୁତି ପୁରାନ ଇତିହାସ
ଭଜିବେ କୋ ଦୋଇ ସୁଘର କୈ ହରି କୈ ହରିଦାସ ।''

''ସନ୍ଥମାନେ ବେଦ, ପୁରାଣ ତଥା ଇତିହାସ ମନ୍ଥନ କରି ନିର୍ଣ୍ଣୟ କରିଛନ୍ତି ଭଗବାନ୍ କିଂବା ଭଗବାନଙ୍କ ଭକ୍ତକୁ ଭଜନ ବା ଉପାସନା କରିବା ସର୍ବଶ୍ରେଷ୍ଠ ।''

ଶ୍ରୀ ନାଭାଜି ମହାରାଜଙ୍କ ଏହି ବାଣୀ ସାଧାରଣ ବାଣୀ ନୁହେଁ, ପରମ ମନ୍ତ୍ର; ତାଙ୍କ ଆନ୍ତର ଅନୁଭୂତିର ବାହ୍ୟ ପ୍ରକାଶ ରୂପ । ସେ କେବଳ ସନ୍ଥମାନଙ୍କ ସେବା ତଥା ସେମାନଙ୍କ ସିଦ୍‌ପ୍ରସାଦ ଅର୍ଥାତ୍ ସେମାନଙ୍କ ଭୋଜନର ଶେଷ ଉଚ୍ଛିଷ୍ଟ ଭୋଜନ କରି ଭଗବତ୍ ପ୍ରାପ୍ତି ପରମ ସିଦ୍ଧିକୁ ପ୍ରାପ୍ତ ହୋଇ ଭକ୍ତମାନଙ୍କ ଚରିତ ରଚନା କରିଅଛନ୍ତି । ପରମ ଭକ୍ତ ନାଭାଜି ଭଗବାନ୍ ଏବଂ ତାଙ୍କ ଭକ୍ତ, ଉଭୟଙ୍କ ଉପାସନାକୁହିଁ ସର୍ବଶ୍ରେଷ୍ଠ ମାନ୍ୟତା ଦେଇଅଛନ୍ତି କିନ୍ତୁ ଗୋସ୍ୱାମୀ ତୁଳସୀଦାସ ଭଗବାନଙ୍କଠାରୁ ବି ତାଙ୍କ ଭକ୍ତକୁହିଁ ଶ୍ରେଷ୍ଠ ମାନିଅଛନ୍ତି । ସେ କହିଛନ୍ତି –

''ମୋରେ ମନ ପ୍ରଭୁ ଅସ ବିଶ୍ୱାସା ।
ରାମତେ ଅଧିକ ରାମକର ଦାସା ॥''

''ଶ୍ରୀ ରାମଙ୍କଠାରୁ ତାଙ୍କ ଭକ୍ତ ଶ୍ରେଷ୍ଠ । ଏହା ମୋର ବ୍ୟକ୍ତିଗତ ବିଶ୍ୱାସ ।''

ଭଗବାନ୍ ଏବଂ ତାଙ୍କ ଭକ୍ତିର ରହସ୍ୟ କେବଳ ଭଗବାନଙ୍କ ଭକ୍ତ ଦ୍ୱାରା ପ୍ରକାଶ ହୁଏ । ଏହି କାରଣରୁ ତୁଳସୀଦାସଜି ଭଗବାନଙ୍କଠାରୁ ତାଙ୍କ ଭକ୍ତକୁ ଶ୍ରେଷ୍ଠ କହିଅଛନ୍ତି । ଏହା ପ୍ରତ୍ୟେକ ବ୍ୟକ୍ତି ଅନୁଭବ ମଧ୍ୟ କରିପାରେ । ଭକ୍ତ ସମ୍ପର୍କରେ ଆସିଲେ କିଂବା ତାଙ୍କ ଚରିତ ଅଧ୍ୟୟନ କଲେ ଭଗବାନଙ୍କ ପ୍ରତି ତାଙ୍କ ଭକ୍ତିସ୍ରୋତ ବ୍ୟକ୍ତିର ହୃଦୟକୁ ସ୍ପର୍ଶ କରେ ଏବଂ ପ୍ରବାହିତ ହୁଏ ତଥା ଭଗବାନଙ୍କ ପ୍ରତି ବିଶ୍ୱାସ, ନିଷ୍ଠା ଦୃଢ଼ ହୁଏ, ସାଧକ-ଭକ୍ତର ସାଧନାରେ ବିଶେଷ ସାହାଯ୍ୟ କରେ । ଏହି ଦୃଷ୍ଟିରୁ ଆଜି ପରମ ଭକ୍ତ ନରସି ମେହେତାଙ୍କ ଚରିତ ଆଲୋଚନା କରିବା । ଶ୍ରୀ ନାଭାଜି ତାଙ୍କ ଭକ୍ତମାଳରେ ବର୍ଣ୍ଣନ କରିଅଛନ୍ତି –

''ମହା ସମାରତ ଲୋଗ ଭକ୍ତି ଲୌଲେସ ନ ଜାନେ ।
ମାଳା ମୁଦ୍ରା ଦେଖି ତାସୁ କୀ ନିନ୍ଦା ଠାନେଂ ॥
ଏସେ କୁଳ ଉପ୍‌ନ୍ନ ଭୟୌ ଭାଗୌତ ସିରୋମନି ।
ଉସର ତେ ସର କିୟୌ ଝଂଡ଼ ଦୂଷନ ଖୋୟୋ ଜିନି ॥
ବହୁତ ଠୌର ପରଚୌ ଦିୟୋ ରସ-ରୀତି ଭକ୍ତି ହିରଦୈ ଧରୀ ।
ଜଗତ ବିଦିତ ନରସୀ ଭଗତ (ଜିନ) ଗୁଜର ଧର ପାବନ କରୀ ॥''(୧୦୮)

ସେ ସମୟରେ ଗୁଜରାଟବାସୀ ସ୍ମାର୍ତ୍ତ ଏବଂ କର୍ମକାଣ୍ଡୀ ଥିଲେ । ଭକ୍ତିଭାବ ସେମାନଙ୍କର ଲବଲେଶ ବି ନ ଥିଲା । ତୁଳସୀ ମାଳାଧାରୀ, ଊର୍ଦ୍ଧ୍ୱପୁଣ୍ଡ୍ର ତିଳକ, ଶଙ୍ଖ ଚକ୍ରାଦି ମୁଦ୍ରା ଧାରଣ କରିଥିବା ବୈଷ୍ଣବଙ୍କୁ ଦେଖିଲେ ଭୂରି ଭୂରି ନିନ୍ଦା କରୁଥିଲେ । ଏପରି କୁଳ ତଥା ବାତାବରଣରେ ନରସିଜି ଜନ୍ମଗ୍ରହଣ କରି ଭଗବାନଙ୍କ ଭକ୍ତ ମଧ୍ୟରେ ଶିରୋମଣୀ ହୋଇଥିଲେ । ସେ ସମୟରେ ଗୁଜରାଟପ୍ରାନ୍ତ ଭଗବତ୍ ଭକ୍ତିଜଳବିହୀନ ମରୁଭୂମି ସଦୃଶ ଥିଲା । କିନ୍ତୁ ନରସିଜି ସେଠାରେ ଭକ୍ତିସରୋବର ପ୍ରତିଷ୍ଠା କରି ମରୁଭୂମିକୁ ଭକ୍ତିସ୍ରୋତରେ ପ୍ଲାବିତ କରିଦେଲେ । ନିଜ ହୃଦୟରେ ଭକ୍ତିରସ ଧାରଣ କରିଥିଲେ ଏବଂ ବହୁତ ସ୍ଥାନରେ ତା'ର ପରିଚୟ ମଧ୍ୟ ଦେଇଥିଲେ । ଗୁଜରାଟ ଭୂମିକୁ ଭକ୍ତି ପ୍ରଭାବରେ ପବିତ୍ର କରିଥିବା ନରସି ଭଗତ ଜଗତରେ ପ୍ରସିଦ୍ଧ ହୋଇଥିଲେ ।

ଶ୍ରୀ ନାଭାଜି ଭକ୍ତମାଳରେ ଖୁବ୍ ସଂକ୍ଷେପରେ ସୂତ୍ର ରୂପେ ଭକ୍ତବର ନରସି ମେହେତାଙ୍କ ଚରିତ ବର୍ଣ୍ଣନ କରିଅଛନ୍ତି । କିନ୍ତୁ ସେହି ଚରିତକୁ ଶ୍ରୀ ପ୍ରିୟାଦାସଜି ତାଙ୍କ ଟୀକାରେ ବିସ୍ତାର କରିଅଛନ୍ତି । ଏହାଛଡ଼ା ଗୁଜରାଟୀ ଭାଷା ଏବଂ ହିନ୍ଦୀ ଭାଷାରେ ତାଙ୍କ ଜୀବନଚରିତ କେତେକ ବ୍ୟକ୍ତିଙ୍କ ଦ୍ୱାରା ରଚିତ ହୋଇଅଛି । ଏହିସବୁ ଗ୍ରନ୍ଥର ଆଧାରରେ ଶ୍ରୀ ନରସି ମେହେତାଙ୍କ ଜୀବନଚରିତ ଆରମ୍ଭ କରା ହେଉଅଛି ଯାହାକୁ ପାଠକରି ପାଠକମାନେ ନିଜ ନିଜ ଭଗବତ୍ ପ୍ରାପ୍ତି ମାର୍ଗରେ ସାହାଯ୍ୟ ପାଇପାରିବେ ।

ବାଲ୍ୟାବସ୍ଥା

ନରସି ମେହେତା ଜନ୍ମଗ୍ରହଣ କରିଥିଲେ ସୌରାଷ୍ଟ୍ର (ଗୁଜରାଟ) ପ୍ରାନ୍ତ ଜୁନାଗଡ଼ ନିକଟ 'ତଲାଜା' ଗ୍ରାମର ଗୋଟିଏ ନାଗର ବ୍ରାହ୍ମଣ ପରିବାରରେ ସମ୍ବତ୍ ୧୪୭୦ରେ । ତାଙ୍କ ନାମ ରଖା ହୋଇଥିଲା ନରସିଂହରାମ । ତାଙ୍କ ପିତାଙ୍କ ନାମ ଥିଲା କୃଷ୍ଣଦାମୋଦର ଦାସ, ମାତାଙ୍କ ନାମ ଥିଲା ଲକ୍ଷ୍ମୀଗୌରୀ । ତାଙ୍କର ଜଣେ ବଡ଼ ଭାଇ ଥିଲେ । ତାଙ୍କ ନାମ ଥିଲା ବଣସିଧର ବା ବଂଶୀଧର । କିଛିଦିନ ପରେ ସେମାନେ 'ତଲାଜା' ଗ୍ରାମରୁ ଆସି ଜୁନାଗଡ଼ରେ ବସବାସ କରି ରହିଥିଲେ । ବଂଶୀଧରଙ୍କର ୨୨ ବର୍ଷ ବୟସରେ ଏବଂ ନରସିଂହରାମଙ୍କର ୫ ବର୍ଷ ବୟସରେ ସେମାନଙ୍କ ପିତାମାତା ଇହଧାମ ତ୍ୟାଗ କରିଥିଲେ । ନରସିଂହରାମଙ୍କ ପାଳନପୋଷଣ କରିଥିଲେ ତାଙ୍କ ବଡ଼ ଭାଇ ଏବଂ ଆଇମା । ଆଇମା'ଙ୍କ ନାମ ଥିଲା ଜୟକୁମାରୀ ।

ନରସିଂହରାମ ବାଲ୍ୟ ଅବସ୍ଥାରେ ଗୁଙ୍ଗା ଥିଲେ । ପ୍ରାୟ ଆଠ ବର୍ଷ ବୟସ ପର୍ଯ୍ୟନ୍ତ ସେ କଥା କହିପାରୁ ନ ଥିଲେ । ସେହି କାରଣରୁ ତାଙ୍କୁ ଗୁଙ୍ଗା ନାମରେ ଲୋକେ ଡାକୁଥିଲେ । ନରସିଂହରାମ ଗୁଙ୍ଗା ଥିବା ଯୋଗୁଁ ଏବଂ ତାଙ୍କୁ ଲୋକେ ଗୁଙ୍ଗା ନାମରେ ଡାକୁଥିବାରୁ ଆଇମା ଜୟକୁମାରୀଙ୍କୁ ବହୁତ ଦୁଃଖ ହେଉଥିଲା । ସେ ବହୁ ବ୍ୟାକୁଳରେ ଭଗବାନଙ୍କୁ ଡାକୁଥିଲେ । ଦୃଢ଼ବିଶ୍ୱାସ ତଥା ଆନ୍ତରିକ ବ୍ୟାକୁଳତାରେ ଭଗବାନଙ୍କୁ ଡାକିଲେ ଭଗବାନ୍ ଶୁଣନ୍ତି ଏବଂ କୃପା କରନ୍ତି ।

ଗ୍ରାମରେ ହାଟକେଶ୍ୱର ମହାଦେବଙ୍କ ମନ୍ଦିର ଥିଲା । ସନ୍ଧ୍ୟା ସମୟରେ ଗ୍ରାମର ନରନାରୀ ହାଟକେଶ୍ୱର ମହାଦେବଙ୍କ ଦର୍ଶନକୁ ଯାଆନ୍ତି । ନିତ୍ୟନିୟମାନୁସାରେ ଦିନେ ଜୟକୁମାରୀ ନାତି ନରସିଂହକୁ ସଙ୍ଗେ ନେଇ ହାଟକେଶ୍ୱରଙ୍କ ଦର୍ଶନକୁ ଯାଇଥିଲେ । ମହାଦେବଙ୍କୁ ଦର୍ଶନ କରି ନାତି ନରସିଂହ ସକାଶେ ପ୍ରାର୍ଥନା କରି ଫେରିବା ସମୟରେ ମନ୍ଦିରର ଗୋଟିଏ କୋଣରେ ଜଣେ ତେଜସ୍ୱୀ ମହାତ୍ମା ବ୍ୟାଘ୍ରାମ୍ବର ଉପରେ ବସିଥିବା ଦେଖିପାରିଲେ । ତାଙ୍କ ମୁଖରୁ ମହାଦେବଙ୍କ ନାମ ନିରନ୍ତର ଉଚ୍ଚାରିତ ହେଉଥିଲା । ତାଙ୍କ ଶରୀର ଗୋଟିଏ ଅପୂର୍ବ ଜ୍ୟୋତିଃରେ ଜଗମଗ ହେଉଥିଲା । ସେ ଜଣେ ସିଦ୍ଧ ମହାତ୍ମା ବୋଲି ତାଙ୍କ ଚେହେରାରୁ ଅନୁମାନ ହେଉଥିଲା । ଜୟକୁମାରୀ ତାଙ୍କ ତପୋପ୍ରଭାବରେ ଆକର୍ଷିତ ହୋଇ ସାଥୀ ମହିଳାମାନଙ୍କ ସଙ୍ଗେ ନାତି ନରସିଂହକୁ ନେଇ ତାଙ୍କ ପାଖକୁ ଗଲେ ଏବଂ ଅତ୍ୟନ୍ତ ଭକ୍ତି ଭାବରେ ମସ୍ତକ ଲଗେଇ ପ୍ରଣାମ କଲେ ଏବଂ ହାତ ଯୋଡ଼ି ପ୍ରାର୍ଥନା କଲେ, ''ମହାତ୍ମାଜି, ଏହି ବାଳକ ମୋର ନାତି । ଏହାର ପାଞ୍ଚ ବର୍ଷ ବୟସରେ ଏହାର ମାତାପିତା ଏହି ସଂସାର ଛାଡ଼ି ଚାଲିଯାଇଛନ୍ତି । କିନ୍ତୁ ଏହାକୁ ପ୍ରାୟ ଆଠବର୍ଷ ବୟସ ହୋଇଗଲାଣି ମାତ୍ର କଥା କହିପାରୁ ନାହିଁ । ଏହାର ନାମ ନରସିଂହରାମ, କିନ୍ତୁ ଲୋକେ ଗୁଙ୍ଗା ବୋଲି କହି ଡାକୁଛନ୍ତି । ଗୁଙ୍ଗା ଶବ୍ଦ ଶୁଣି ମୋତେ ବହୁତ କଷ୍ଟ ହେଉଛି । ହେ ଦୟାମୟ ପ୍ରଭୁ, ଆପଣଙ୍କ କୃପାରେ ଏହି ବାଳକ କଥା କହିପାରୁ ।''

ସନ୍ଥମାନେ ବହୁତ ଦୟାଳୁ । ସେମାନେ ଅନ୍ୟର ଦୁଃଖ ଦେଖି ସହିପାରନ୍ତି ନାହିଁ । ଯେଉଁ ସନ୍ଥମାନେ ନିମ୍ନ ଚେତନା ଅତିକ୍ରମ କରି ଊର୍ଦ୍ଧ୍ୱ ଚେତନାରେ ବାସ କରନ୍ତି ସେମାନଙ୍କର ନିଜ ସକାଶେ କିଛି ନ ଥାଏ, ସମସ୍ତ କର୍ମ ହୁଏ ଜନତାର କଲ୍ୟାଣ, ଜନାର୍ଦନଙ୍କ ସକାଶେ । କିନ୍ତୁ ଏହି ମହାତ୍ମା ଭଗବତ୍ ଦୈବୀ ସମ୍ପତ୍ତିରେ ସମ୍ପନ୍ନ ଥିଲେ । ସମ୍ଭବତଃ ନରସିଂହରାମଙ୍କୁ ବାକ୍‌ଶକ୍ତି ପ୍ରଦାନ କରିବା ସକାଶେ ଭଗବାନଙ୍କ ପ୍ରେରଣାରେ ସେ ସେଠାକୁ ଆସିଥିଲେ । ବୃଦ୍ଧାର ବ୍ୟଥାଯୁକ୍ତ ସରଳ ବିନୀତ ପ୍ରାର୍ଥନାରେ ସନ୍ଥଜି ଦ୍ରବିତ ହୋଇ ବାଳକକୁ ନିଜ ପାଖରେ ବସାଇଲେ ତଥା ନିରୀକ୍ଷଣ କରି

ଦେଖି କହିଲେ, ''ଏହି ବାଳକ ଭଗବାନଙ୍କର ବହୁତ ବଡ଼ ଭକ୍ତ ହେବ ।'' ଏତିକି କହି ନିଜ କମଣ୍ଡଳୁରୁ ଜଳ ନେଇ ନରସିଂହରାମଙ୍କ ଶରୀରରେ ସିଞ୍ଚି ଦେଲେ ଏବଂ ବାଳକର କାନରେ ଫୁଙ୍କି ଦେଇ କହିଲେ, ''ବଚା, ରାଧେକୃଷ୍ଣ, ରାଧେକୃଷ୍ଣ କହ ।''

ବାସ୍, ମହାତ୍ମାଙ୍କ କଥା ଶୁଣିବା ମାତ୍ରେ ଜନ୍ମଗୁଙ୍ଗା ନରସିଂହରାମ ରାଧେକୃଷ୍ଣ ଉଚ୍ଚାରଣ କଲେ । ଉପସ୍ଥିତ ଦର୍ଶକମାନଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସମସ୍ତେ ଆନନ୍ଦରେ ବିଭୋର ହୋଇ ମହାତ୍ମାଜିଙ୍କ ଜୟ ଜୟକାର କଲେ । ବୃଦ୍ଧା ଆଇମା ଜୟକୁମାରୀଙ୍କର ଆନନ୍ଦର ସୀମା କିଏ ନିରୂପଣ କରିପାରେ ? ତାଙ୍କ ଅବଶୋଷ ସବୁଦିନ ପାଇଁ ବିଦାୟ ନେଇ ଚାଲିଗଲା । ଜୟକୁମାରୀଙ୍କ ସହିତ ଉପସ୍ଥିତ ଦର୍ଶକଗଣ ଭକ୍ତିଭାବରେ ମହାତ୍ମାଜିଙ୍କ ଚରଣ ବନ୍ଦନା କଲେ । ଜୟକୁମାରୀ ହାତ ଯୋଡ଼ି ମହାତ୍ମାଜିଙ୍କ ଚରଣରେ ମସ୍ତକ ରଖି ଅତ୍ୟନ୍ତ ବିନମ୍ର ଭକ୍ତିଭାବରେ ପ୍ରାର୍ଥନା କଲେ, ''ପ୍ରଭୁ, ଆପଣ ଦୟାକରି ଆମ ଗୃହକୁ ନିଜ ଚରଣରଜରେ ପବିତ୍ର କଲେ ଆମ୍ଭେମାନେ ଚିରକୃତାର୍ଥ ହେବୁ ।'' ମହାତ୍ମାଜି ସରଳଭାବରେ କହିଲେ, ''ସମସ୍ତକିଛି ଘଟେ ଭଗବାନଙ୍କ ବିଧାନରେ । ଭଗବାନଙ୍କ କୃପାରୁ ଏହି ବାଳକକୁ ବାକ୍‌ଶକ୍ତି ପ୍ରାପ୍ତ ହେଲା । ଏଥିରେ ମୋର ଯୋଗଶକ୍ତିର ପ୍ରଭାବ କିଛି ବି ନାହିଁ । ଯେଉଁ ପରମାତ୍ମାଙ୍କ କୃପାରୁ ତୁମର ବହୁ ଦିନର ଦୁଃଖ ଦୂର ହେଲା ସେହି ପରମାତ୍ମାଙ୍କ ଭଜନ ସ୍ମରଣ କର, ତାଙ୍କରି ଚରଣରେ ନିଜକୁ ସମର୍ପଣ କର । ତାଙ୍କରି ପ୍ରତି କୃତଜ୍ଞତା ଜଣାଅ । ମୁଁ ତ ଗିରିନାର ପାହାଡ଼କୁ ଯାଉଛି ।'' ଜୟକୁମାରୀଙ୍କୁ ଅଧିକ ଆଗ୍ରହ କରିବା ସକାଶେ ସାହସ ହେଲା ନାହିଁ । ଏତିକି କହି ମାହାତ୍ମାଜି ଗିରିନାର ଅଭିମୁଖେ ଗମନ କଲେ । ଜୟକୁମାରୀଙ୍କ ସହିତ ଅନ୍ୟ ଦର୍ଶକମାନେ ମହାତ୍ମାଜିଙ୍କୁ ମନେ ମନେ ପ୍ରଶଂସା କରି ଆନନ୍ଦରେ ନିଜ ନିଜ ଘରକୁ ଫେରିଆସିଲେ । ଜୟକୁମାରୀ ବଡ଼ ନାତି ବଂଶୀଧରଙ୍କୁ ମହାତ୍ମାଜିଙ୍କର ନରସିଂହ ପ୍ରତି କୃପାକାହାଣୀ ବହୁତ ଆଗ୍ରହରେ ଶୁଣାଇ ଦେଲେ । ପ୍ରତ୍ୟକ୍ଷରେ ନରସିଂହଙ୍କ ଭଗବତ୍ ନାମ ଉଚ୍ଚାରଣ ଶୁଣି ମହାତ୍ମାଜିଙ୍କ ଦର୍ଶନ ସକାଶେ ବଂଶୀଧର ବ୍ୟଗ୍ର ହୋଇପଡ଼ିଲେ । ଏବଂ ମହାତ୍ମାଜିଙ୍କୁ ଖୋଜିବା ସକାଶେ ଗିରିନାର ପାହାଡ଼ର ବିଭିନ୍ନ ମାର୍ଗରେ କେତେକ ଲୋକଙ୍କୁ ପଠାଇ ଦେଲେ । ମାତ୍ର ସେମାନେ ବହୁ ଦୂର ପର୍ଯ୍ୟନ୍ତ ଯାଇ ମହାତ୍ମାଜିଙ୍କ ସନ୍ଧାନ ନ ପାଇ ଫେରି ଆସିଲେ । କିଛି ଦିନ ବ୍ୟତୀତ ହେବା ପରେ ମହାତ୍ମାଙ୍କ ବେଶରେ ନରସିଂହକୁ ବାକ୍‌ଶକ୍ତି ତଥା ଇଷ୍ଟନାମ ପ୍ରଦାନ କରିବା ସକାଶେ ସ୍ୱୟଂ ଭଗବାନ୍ ଆସିଥିବା ବିଷୟ ସଙ୍ଗ, ଭକ୍ତ ତଥା ଅନ୍ୟାନ୍ୟ ବ୍ୟକ୍ତି ଅନୁମାନ କଲେ । ନରସିଂହରାମ କଥା କହିପାରିବାରୁ ତାଙ୍କ ଭାଇ ବଂଶୀଧର ବହୁତ ଖୁସି ହୋଇ ତାଙ୍କୁ ଗୋଟିଏ ସଂସ୍କୃତ ପାଠଶାଳାରେ ପଢ଼ିବାର ବ୍ୟବସ୍ଥା କରିଦେଲେ ।

ସେ ସମୟରେ ଭାରତର ସମ୍ରାଟ ଥିଲେ ହୁମାୟୁନ । ତାଙ୍କ ଅଧୀନରେ ଥିଲା ଜୁନାଗଡ଼ । ଜୁନାଗଡ଼ର ଶାସକ ଥିଲେ କ୍ଷତ୍ରିୟ ରାଜା ରାଓମାଣ୍ଡଳିକ । ରାଜା ହୁମାୟୁନଙ୍କ ଅଧୀନରେ ଥିବା ସତ୍ତ୍ୱେ ସେ ସ୍ୱତନ୍ତ୍ର ରୂପେ ଶାସନ କରୁଥିଲେ, ମାତ୍ର ନିର୍ଦ୍ଧାରିତ କର କିଛି ହୁମାୟୁନଙ୍କୁ ଦେଇ ଦେଉଥିଲେ । ସରକାରୀ କାର୍ଯ୍ୟରେ ନାଗରଜାତି ଅତ୍ୟନ୍ତ ଦକ୍ଷ ଥିଲେ । ରାଜ୍ୟର ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସାଧାରଣ ସିପାଇ ପର୍ଯ୍ୟନ୍ତ ଅଧିକାଂଶ ନାଗରଜାତିର କର୍ମଚାରୀ ଥିଲେ । ସାଧାରଣତଃ ସରକାରୀ ଚାକିରି ନାଗରଜାତିଙ୍କର ରହିଥିଲା । ନାଗରଜାତିର କର୍ମଚାରୀମାନେ କଲମ, କଡ଼ଚି ଏବଂ ବର୍ଚ୍ଛାରେ ଅତ୍ୟନ୍ତ ପ୍ରତିଷ୍ଠିତ ଥିଲେ । ଆଜି ମଧ୍ୟ ସରକାରୀ ବିଭାଗରେ ନାଗରଜାତିର ବିଶେଷ ଅଧିକାର ଅଛି ।

ବଂଶୀଧରଙ୍କ ଜନ୍ମ ସେହି ନାଗରଜାତିର ବ୍ରାହ୍ମଣ ପରିବାରରେ ହୋଇଥିଲା । ତାଙ୍କୁ ଶହେ ଟଙ୍କା ବେତନରେ ପୁଲିସ ଇନ୍‌ସ୍‌ପେକ୍‌ଟର ପଦରେ ନିଯୁକ୍ତି ମିଳିଥିଲା । ସେ ସମୟରେ ପୁଲିସ୍ ଇନ୍‌ସ୍‌ପେକ୍‌ଟର ଆଜିକାଲିର ସର୍ବୋଚ୍ଚ ପୁଲିସ ଅଫିସରଙ୍କଠାରୁ ଅଧିକ କ୍ଷମତାଶାଳୀ ଥିଲେ । ରାଜ୍ୟ ତରଫରୁ ତାଙ୍କୁ ଯାନବାହନ ଓ ଚାକରବାକର ମିଳିଥିଲା । ଥାନାର ପ୍ରଧାନ ଅଫିସର ଥିବାରୁ ତାଙ୍କ ହାତରେ ସମସ୍ତ ସିପାଇ ଥିଲେ । ଏହି କାରଣରୁ ସମାଜରେ ତାଙ୍କର ବେଶ୍ ପ୍ରତିଷ୍ଠା ଥିଲା । ତାଙ୍କର ପାରିବାରିକ ଜୀବନ ସୁଖଶାନ୍ତିରେ ବ୍ୟତୀତ ହେଉଥିଲା । ଯଦି କିଛି ଅଭାବ ଥିଲା ତାହା ତାଙ୍କ ପତ୍ନୀ ଦୁରିତ ଗୌରୀଙ୍କର କର୍କଶ, ଦୁଷ୍ଟ, ଉଗ୍ର ସ୍ୱଭାବ ଯୋଗୁଁ । ତାଙ୍କ ଉଗ୍ର ସ୍ୱଭାବକୁ ଅଧିକ ସମର୍ଥନ କରୁଥିଲା ନିଜ ପତିଙ୍କ କ୍ଷମତାର ଅଭିମାନ । ଉଗ୍ର ସ୍ୱଭାବର ମହିଳାମାନଙ୍କୁ ଅଭିମାନର ସୁଯୋଗ ମିଳିଲେ ସର୍ପକୁ ଦୁଧ ପିଇବାକୁ

ମିଳିବା ସଦୃଶ ସେମାନଙ୍କର ଦୁର୍ବ୍ୟବହାର ବୃଦ୍ଧି ହୁଏ । ଦୁରିତ ଗୌରୀଙ୍କର ଠିକ୍ ସେହିପରି ହୋଇଥିଲା । ବିନା କାରଣରେ ଅନ୍ୟକୁ କଷ୍ଟ ଦେବା ତାଙ୍କ ସ୍ୱଭାବରେ ପରିଣତ ହୋଇଥିଲା । ''ଯଥା ନାମ ତଥା ଗୁଣ'' ବାକ୍ୟଟି ତାଙ୍କ ଜୀବନରେ ଚରିତାର୍ଥ ହୋଇଥିଲା । ତଥାପି ଗୃହରେ କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ପରିବାର ସୁଖଶାନ୍ତିରେ ଚଳୁଥିଲା ।

ସେ ସମୟରେ ବ୍ରାହ୍ମଣ ପରିବାରରେ ବାଲ୍ୟାବସ୍ଥାରେ ବିବାହର ପ୍ରଥା ସମସ୍ତ ଭାରତବର୍ଷରେ ପ୍ରଚଳିତ ହୋଇଆସୁଥିଲା । ନରସିଂହରାମ କଥା କହିବା ଦିନରୁ ଆଈମା ଜୟକୁମାରୀଙ୍କର ନାତିକୁ ବିବାହ କରିଦେବାର ଚିନ୍ତା ହେଲା । ସନ୍ତାନମାନଙ୍କ ବିବାହ ଭାରତୀୟ ପିତାମାତା ତଥା ଗୁରୁଜନମାନଙ୍କର ପ୍ରଧାନ କର୍ତ୍ତବ୍ୟ ରୂପେ ସଂସ୍କାରରେ ପରିଣତ ହୋଇଥିଲା । ବୃଦ୍ଧ ଅଜାଆଈ କିଂବା ବୃଦ୍ଧ ପିତାମାତା ସନ୍ତାନମାନଙ୍କ ଶୁଭବିବାହ ଦେଖି ସିଧା ବୈକୁଣ୍ଠ ଯିବା ସଦୃଶ ଆନନ୍ଦ ଅନୁଭବ କରୁଥିଲେ । ଜୟକୁମାରୀ ବୃଦ୍ଧା ଥିଲେ ଏବଂ ନରସିଂହରାମଙ୍କୁ ବାଲ୍ୟାବସ୍ଥାରୁ ଲାଳନପାଳନ କରି ଆଣିଥିଲେ । ତାଙ୍କର ବିବାହ ନ ଦେଖି ବୃଦ୍ଧା ଜୟକୁମାରୀଙ୍କ ଆଖି ଚିରଦିନ ସକାଶେ ବନ୍ଦ ହୋଇଗଲେ ଜୀବନରେ ଗୋଟିଏ ପ୍ରଧାନ ଅବଶୋଷ ରହିଯିବ ବୋଲି ସେ ଭାବୁଥିଲେ । ଏହି କାରଣରୁ ନିଜର ବିଚାର ଜ୍ୟେଷ୍ଠ ନାତି ବଂଶୀଧରକୁ ମଧ୍ୟ କହିଲେ । ଘର ଧନଧାନ୍ୟରେ ସମ୍ପୂର୍ଣ୍ଣ ଥିଲା, ସମାଜରେ ପ୍ରତିଷ୍ଠା ଥିଲା । ବିବାହ ସ୍ଥିର ହେବାରେ ଅସୁବିଧା ହେଲା ନାହିଁ । ନରସିଂହରାମଙ୍କୁ ନଅ ବର୍ଷ ବୟସରେ ସାତ ବର୍ଷ ବୟସ୍କା ମାଣିକ ଗୌରୀ ନାମ୍ନୀ ଗୋଟିଏ ରୂପବତୀ, ସୁଲକ୍ଷଣା ବାଳିକା ସହିତ ବିବାହ ସମ୍ପନ୍ନ ହେଲା । ମନାନୁରୂପ, ସୁନ୍ଦରୀ, ସୁଲକ୍ଷଣା ପୌତ୍ରବଧୂ ପାଇ ଜୟକୁମାରୀଙ୍କର ଆନନ୍ଦର ସୀମା ରହିଲା ନାହିଁ ।

ବଂଶୀଧର ଛୋଟ ଭାଇ ନରସିଂହରାମଙ୍କୁ ବିଦ୍ୟାଶିକ୍ଷା ଦେଇ ସମାଜରେ ଜଣେ ସମ୍ମାନାସ୍ପଦ ବ୍ୟକ୍ତି ରୂପେ ଦେଖିବାକୁ ଚାହୁଁଥିଲେ । ସେହି ସକାଶେ ତାଙ୍କ ବିଦ୍ୟାଧ୍ୟୟନର ବ୍ୟବସ୍ଥା ପୂର୍ବାପେକ୍ଷା ଉତ୍ତମ ବ୍ୟବସ୍ଥା କରିଦେଲେ । କିନ୍ତୁ ନରସିଂହରାମଙ୍କର ପଢ଼ିବାରେ ଆଦୌ ମନ ଲାଗିଲା ନାହିଁ । ଯେଉଁଦିନଠାରୁ ତାଙ୍କୁ ମହାତ୍ମାଜିଙ୍କ ଦ୍ୱାରା 'ରାଧାକୃଷ୍ଣ' ଇଷ୍ଟନାମ ପ୍ରାପ୍ତ ହେଲା ସେହିଦିନଠାରୁ ତାଙ୍କ ମନ ଅଧିକାଧିକ ଭଗବାନଙ୍କ ପ୍ରତି ଆକୃଷ୍ଟ ହୋଇଗଲା । ତାଙ୍କୁ ଶ୍ରୀରାଧାକୃଷ୍ଣଙ୍କ ନାମଜପରେ ବିଶେଷ ଆନନ୍ଦ ମିଳୁଥିଲା । ନାମଜପ, ଭଗବାନଙ୍କ ଗୁଣଗାନ ଛଡ଼ା ଅନ୍ୟ କୌଣସି କାର୍ଯ୍ୟ ତାଙ୍କୁ ଭଲ ଲାଗୁ ନ ଥିଲା । ସଂସ୍କୃତ ଟୋଲ୍‌ରେ ପଢ଼ା ଛାଡ଼ି ମନେ ମନେ ନାମଜପ କରୁଥିଲେ ଏବଂ ନିୟମିତ ରୂପେ ମଧ୍ୟ ପଢ଼ିବାକୁ ଯାଉ ନ ଥିଲେ । କିନ୍ତୁ ନିୟମିତ ରୂପେ ମନ୍ଦିର ଦର୍ଶନ କରିବାକୁ ଯାଉଥିଲେ । ଯଦି ସେଠାରେ ଭଗବାନଙ୍କ ଚରିତ ଆଲୋଚନା କିଂବା ଭଗବତ୍ ନାମକୀର୍ତ୍ତନ ହେଉଥିଲା ସେ ଖାଇବାପିଇବା ଭୁଲି ସେହିଠାରେ ମନ୍ତ୍ରମୁଗ୍ଧ ସଦୃଶ ବସିରହୁଥିଲେ କିଂବା କୀର୍ତ୍ତନମଣ୍ଡଳୀରେ ସମ୍ମିଳିତ ହୋଇ କୀର୍ତ୍ତନ କରୁଥିଲେ । ତାଙ୍କର ଭଗବାନ୍ ଶଙ୍କରଙ୍କ ପ୍ରତି ମଧ୍ୟ ଶ୍ରଦ୍ଧାଭକ୍ତି ଥିଲା । ସେ ମନ୍ଦିରକୁ ଯାଇ ପୂଜା କରି ପୁଷ୍ପ, ବେଲପତ୍ର ଅର୍ପଣ କରି ବହୁ ସମୟ ପର୍ଯ୍ୟନ୍ତ ହାତଯୋଡ଼ି ସ୍ତୁତି କରୁଥିଲେ କିଂବା ଆଖି ବନ୍ଦ କରି ଧ୍ୟାନମଗ୍ନ ହୋଇଯାଉଥିଲେ ।

ସେ ସମୟରେ ଗୁଜରାଟ ପ୍ରାନ୍ତରେ ଅଧ୍ୟାତ୍ମ ସାଧନା ଅପେକ୍ଷା ପ୍ରଚଳିତ ଧର୍ମ ଏବଂ ନୈତିକତାର ଅଧିକ ଆଦର ଥିଲା । ସେହି ସକାଶେ ସାଧୁସନ୍ଥଙ୍କର ବିଶେଷ ସମ୍ମାନ ନ ଥିଲା । କିନ୍ତୁ ଜୁନାଗଡ଼ଠାରୁ ଦ୍ୱାରିକା ବହୁତ ଦୂର ନ ଥିଲା ଏବଂ ଜୁନାଗଡ଼ ମଧ୍ୟ ଦେଇ ଗିରିନାର ପାହାଡ଼କୁ ଆରୋହଣ କରିବାର ମାର୍ଗ ଥିଲା । ଏହି କାରଣରୁ ଗିରିନାର ତଥା ଦ୍ୱାରିକାକୁ ଆସୁଥିବା ଯାତ୍ରୀ, ସାଧୁସନ୍ଥ ଜୁନାଗଡ଼ ଆସୁଥିଲେ । ପ୍ରାୟହିଁ ସାଧୁସନ୍ଥଙ୍କ ସମାଗମ ଜୁନାଗଡ଼ରେ ହେଉଥିଲା । ନରସିଂହରାମ ବରାବର ତା'ର ସନ୍ଧାନ ରଖୁଥିଲେ । କୌଣସି ସନ୍ଥଙ୍କୁ ଦର୍ଶନ କରିବା ମାତ୍ରେ ଅତ୍ୟନ୍ତ ଭକ୍ତିଭାବରେ ତାଙ୍କ ଚରଣରେ ସାଷ୍ଟାଙ୍ଗ ଦଣ୍ଡବତ କରୁଥିଲେ ଏବଂ ତାଙ୍କ ସଙ୍ଗେ ରହି ସେବା କରୁଥିଲେ ତଥା ତାଙ୍କଠାରୁ ଭଗବତ୍ ଲୀଳା, ଅଧ୍ୟାତ୍ମ ଆଲୋଚନା ଶୁଣି ଘରକୁ ଯିବା ଭୁଲି ଯାଉଥିଲେ । କେବେ କେବେ ରାସମଣ୍ଡଳୀ ଆସିଲେ ନରସିଂହରାମଙ୍କ ଆନନ୍ଦର ସୀମା ରହୁ ନ ଥିଲା । ରାସଲୀଳାରେ ଶ୍ରୀରାଧା ଏବଂ ଗୋପୀଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ପ୍ରେମ-ଭକ୍ତିଭାବ ଦେଖି ପ୍ରେମୋନ୍ମତ୍ତ ହୋଇଯାଉଥିଲେ । ତାଙ୍କ ନେତ୍ରରୁ ଆନନ୍ଦାଶ୍ରୁ ବର୍ଷା ହେଉଥିଲା । ଶରୀରରେ ଅଷ୍ଟ ସାତ୍ତ୍ୱିକ ଭାବ ପ୍ରକାଶ ହେଉଥିଲା । ସେ ଶରୀରଶୁଦ୍ଧି ଭୁଲି ରାସମଣ୍ଡଳୀ ସହିତ ଦିନରାତି ରହୁଥିଲେ । କେବେ କେବେ ଦିନେ ଦୁଇଦିନ ପର୍ଯ୍ୟନ୍ତ

ଘରକୁ ନ ଯିବା ଏବଂ ଭୋଜନ ନ କରିବା ଯୋଗୁଁ ତାଙ୍କ ଭାଉଜ ଦୁରିତ ଗୌରୀ ଅତ୍ୟନ୍ତ ବିରକ୍ତ ହୋଇ ମନ ଇଚ୍ଛା ଗାଳି ଦେଉଥିଲେ । ତାଙ୍କ ବିରୋଧରେ ମିଛ ସତ ଯୋଡ଼ି ପତିଙ୍କୁ ମଧ କହୁଥିଲେ । ବଂଶୀଧର ଯଦ୍ୟପି ଛୋଟ ଭାଇ ପ୍ରତି ସ୍ନେହ ଶ୍ରଦ୍ଧା ରଖୁଥିଲେ ତଥାପି ପାଠ ନ ପଢ଼ି ଭଜନ, କୀର୍ତ୍ତନ, ରାହାସ, ସାଧୁସଙ୍ଗଙ୍କ ଦର୍ଶନରେ ସମୟ ନଷ୍ଟ କରୁଥିବାରୁ ସେ ନରସିଂହରାମଙ୍କ ଉପରେ ବିରକ୍ତ ହେଉଥିଲେ ।

ସମୟ ତ ବସି ରହେ ନାହିଁ । ଦେଖୁ ଦେଖୁ ନରସିଂହରାମଙ୍କ ବୟସ ଷୋଳ, ସତର ହୋଇଗଲା । ତାଙ୍କ ପତ୍ନୀ ମାଣିକ ଗୌରୀ ଯୌବନାବସ୍ଥାକୁ ପ୍ରାପ୍ତ ହେଲେ ଏବଂ ସମାଜର ପ୍ରଥା ଅନୁସାରେ ପତିଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ଗୋଟିଏ ବର୍ଷ ପୂରା ହେଉ ହେଉ ମାଣିକ ଗୌରୀଙ୍କ ଗର୍ଭରୁ ଗୋଟିଏ ସୁଲକ୍ଷଣା, ରୂପଗୁଣସମ୍ପନ୍ନା କନ୍ୟା ଉତ୍ପନ୍ନ ହେଲା । ତା ନାମ ରଖା ହେଲା କୁଁବରବାଈ ।

ବଂଶୀଧର ନରସିଂହରାମଙ୍କଠାରୁ ସତର ବର୍ଷ ବଡ଼ ଥିଲେ, କିନ୍ତୁ ତାଙ୍କର କୌଣସି ସନ୍ତାନ ହୋଇ ନ ଥିଲା । ଛୋଟ ଭାଇ ନରସିଂହରାମଙ୍କର ଗୋଟିଏ କନ୍ୟା ଉତ୍ପନ୍ନ ହେବାରୁ ତାଙ୍କୁ ପ୍ରସନ୍ନତା ହେଲା । ଏଥିରେ ଈର୍ଷା ହେଲା ଦୁରିତ ଗୌରୀଙ୍କୁ । ତାଙ୍କ ପତି ରାଜ୍ୟର ପୁଲିସ ଇନ୍‌ସ୍‌ପେକ୍‌ଟର, ଥାନାର ଅଧିକାରୀ ଥିଲେ; ପର୍ଯ୍ୟାପ୍ତ ରୋଜଗାର ବି କରୁଥିଲେ; ସମାଜରେ ପ୍ରତିପତ୍ତି ଥିଲା । ଏହି ଗର୍ବ ଥିଲା ଦୁରିତ ଗୌରୀଙ୍କର । ସେ ନିଜକୁ ନରସିଂହରାମଙ୍କ ପତ୍ନୀଙ୍କଠାରୁ ବହୁତ ଶ୍ରେଷ୍ଠ ମାନୁଥିଲେ । ଅନ୍ୟ ପକ୍ଷରେ ଆଜି ପର୍ଯ୍ୟନ୍ତ ସେ ଗୋଟିଏ ସନ୍ତାନର ମା' ହୋଇପାରି ନ ଥିଲେ । ନରସିଂହରାମଙ୍କ ପତ୍ନୀ ଆସୁ ଆସୁ ବରଷେ ପୂରୁ ନ ପୂରୁଣୁ ସେମାନେ ସନ୍ତାନର ପିତାମାତା ହେଲେ ଏବଂ ତାଙ୍କରି ପତିଙ୍କ ରୋଜଗାରକୁ ଖର୍ଚ୍ଚ କରି ସୁଖସୌଭାଗ୍ୟ ଭୋଗିଲେ । ଏହାକୁ ଦୁରିତ ଗୌରୀ ବରଦାସ୍ତ କରନ୍ତେ କିପରି ? ତାଙ୍କର ଗାତ୍ରଦାହ ହେବାକୁ ଲାଗିଲା । ଏହି କାରଣରୁ ସେ ବରାବର ନରସିଂହରାମଙ୍କ ବିରୋଧରେ ପୂର୍ବାପେକ୍ଷା ଅଧିକ ମାତ୍ରାରେ ପତିଙ୍କ କାନ ଭରିବାକୁ ଲାଗିଲେ । ମାଣିକ ଗୌରୀ ଉଠିବା ସମୟରୁ ଶୋଇବା ପର୍ଯ୍ୟନ୍ତ ନୀରବରେ ଘରର ସମସ୍ତ କାର୍ଯ୍ୟ କରୁଥିବା ସତ୍ତ୍ୱେ ବିନା କାରଣରେ ତାଙ୍କୁ ଗାଳି ଦେଉଥିଲେ ଏବଂ ନିଜ ପତିଙ୍କ ପାଖରେ ଚୁଗୁଲି କରିବାରେ ବାଦ୍ ଯାଉ ନ ଥିଲେ । ବଂଶୀଧର ଯଦ୍ୟପି ଦୁରିତ ଗୌରିଙ୍କ ସ୍ୱଭାବରେ ପରିଚିତ ଥିଲେ ତଥାପି 'ଶହେ କଥାରେ ସତୀ ଭୁଲିବା' ନ୍ୟାୟରେ ସେ ବିରକ୍ତ ହୋଇ ନରସିଂହରାମଙ୍କୁ କହୁଥିଲେ, ''ତୁ ପିଲାହୋଇ ରହି ନାହୁଁ, ଗୋଟିଏ ସନ୍ତାନର ପିତା ହେଲୁଣି, ତୋର କୌଣସି ଦାୟିତ୍ୱଜ୍ଞାନ ହେଲା ନାହିଁ, ଦିନରାତି ଭିକମଗା ସାଧୁମାନଙ୍କ ପଛେ ପଛେ ବୁଲୁଛୁ । ଦୁଇ ପଇସା ରୋଜଗାର କରିବାର ଶକ୍ତି ନାହିଁ, ବସି ବୁଲି ଖାଉଛୁ, କୁଟୁମ୍ବ ପାଳିବୁ କିପରି ?''

ଏହିପରି କହି ତାଙ୍କୁ ନିଜ ଘର ଘୋଡ଼ା ସଇସ ଏବଂ ଗୋରୁଗାଈଙ୍କ ଦେଖାଶୁଣା କାର୍ଯ୍ୟରେ ନିଯୁକ୍ତ କଲେ । ସେ ଘୋଡ଼ା ସକାଶେ ଘାସ କାଟିଆଣି ତା'ର ସେବାଶୁଶ୍ରୂଷା କରନ୍ତି ଏବଂ ଘରର ଅନ୍ୟାନ୍ୟ କାମ କରିବା ସଙ୍ଗେ ସଙ୍ଗେ ଗୋରୁଗାଈଙ୍କୁ ମଧ ଦେଖାଶୁଣା କରନ୍ତି । ତାଙ୍କ ପତ୍ନୀ ମାଣିକ ଗୌରୀ ରୋଷେଇ କରିବା, କଂସାବାସନ ମାଜିବା, ଘର ସଫା କରିବା, ଗୁହାଳ ପୋଛିବା କାର୍ଯ୍ୟ ପ୍ରସନ୍ନତାପୂର୍ବକ ଭଗବାନଙ୍କ ନାମଜପ ସହିତ କରନ୍ତି । ଦୁରିତ ଗୌରୀ କେବଳ ରୋଷେଇ ଶେଷ ହେଲେ ପରଷିବା କାମଟି କରନ୍ତି ।

କୁଁବରବାଈଙ୍କର ଜନ୍ମର ଦୁଇ ବର୍ଷ ପରେ ମାଣିକ ଗୌରୀଙ୍କର ଗୋଟିଏ ପୁତ୍ର ଉତ୍ପନ୍ନ ହେଲା । ତା' ନାମ ରଖାହେଲା ଶ୍ୟାମଳ ଦାସ । ନାତି ଶ୍ୟାମଳ ଦାସଙ୍କ ଜନ୍ମରେ ବିଶେଷ ଖୁସି ହେଲେ ଆଇମା ଜୟକୁମାରୀ । ନାତିର ଜାତକର୍ମ, ଏକୋଇଶା ବଡ଼ ନାତି ବଂଶୀଧରଙ୍କୁ କହି ବହୁ ଧୁମଧାମରେ କରାଇଲେ । ଏଥିରେ ବଂଶୀଧରଙ୍କୁ ମଧ ପ୍ରସନ୍ନତା ଥିଲା । ନରସିଂହରାମଙ୍କ ପୁତ୍ର ଉତ୍ପନ୍ନ ହେବା ଦିନରୁ ଦୁରିତ ଗୌରୀଙ୍କ ଈର୍ଷା ପ୍ରବଳ ଭାବରେ ବଢ଼ିଗଲା । ଦୁରିତ ଗୌରୀଙ୍କର ବିଚାରରେ ନରସିଂହରାମ କିଛି କାମ କରୁ ନାହାନ୍ତି, କେବଳ ପରିବାର ବୃଦ୍ଧିରେ ଖର୍ଚ୍ଚ ବଢ଼ାଉଛନ୍ତି । ଏଇଥିପାଇଁ ତାଙ୍କର ହୃଦୟ ଜଳିବାକୁ ଲାଗିଲା । ଏହି କାରଣରୁ ନରସିଂହରାମଙ୍କ କାମ କରିବା ଦିନ ଏବଂ ନ କରିବା ଦିନ ଭାଉଜ ଦୁରିତ ଗୌରୀଙ୍କ ସକାଶେ ସମାନ ହେଉଥିଲା । ନରସିଂହରାମ ଘରେ ପାଦ ଦେଲେ ଭାଉଜ ଦୁରିତ ଗୌରୀ ଦୁଇ, ଚାରିଟି ଗାଳି ନ ଦେଲେ ତାଙ୍କୁ ଶାନ୍ତି ହେଉ ନ ଥିଲା । ନରସିଂହରାମ ଯଦ୍ୟପି ଭଗବତ୍ ଭକ୍ତି-ପ୍ରେମରେ

ବିବଶ ହୋଇ ସାଧୁସଙ୍ଗଙ୍କ ସହିତ ଓ କୀର୍ତ୍ତନ ମଣ୍ଡଳୀରେ ସମ୍ମିଳିତ ନ ହୋଇ ରହିପାରୁ ନ ଥିଲେ, ତଥାପି ଭାଇଭାଉଜଙ୍କ ତାଡ଼ନାରେ ସେ ସାବଧାନ ହୋଇ ଘରକାର୍ଯ୍ୟ ପୂର୍ବାପେକ୍ଷା ଅଧିକ କିଛି କରିବାକୁ ଲାଗିଲେ ।

ମାଣିକ ଗୌରୀଙ୍କର ପତି କିଛି ରୋଜଗାର କରନ୍ତି ନାହିଁ, ସେଥିରେ ପୁଣି ଦୁଇଟି ସନ୍ତାନ । ଏପରିସ୍ଥଳେ ଦୁରିତ ଗୌରୀଙ୍କର ପାଟିତୁଣ୍ଡକୁ କାନ ନ ଦେଇ ଭୋରରୁ ଉଠି ଶୋଇବା ପର୍ଯ୍ୟନ୍ତ ମାଣିକ ଗୌରୀ ଘରର ସମସ୍ତ କାମ କରୁଥାନ୍ତି । କିନ୍ତୁ ଦୁରିତ ଗୌରୀଙ୍କ ପାଖରେ ତାର କୌଣସି ମୂଲ୍ୟ ନ ଥାଏ । ସେ ଭାବନ୍ତି, ''ଏମାନେ ବ୍ୟର୍ଥରେ ଆମରି ଧନ ଖାଉଛନ୍ତି ।'' ଏହି ଧାରଣାରେ ବିନା କାରଣରେ ମାଣିକ ଗୌରୀଙ୍କର କାମରୁ କୌଣସି ନା କୌଣସି ତ୍ରୁଟି ବାହାର କରି ମନ ଇଚ୍ଛା ଗାଳି ଦିଅନ୍ତି । ସହିବାର ଗୋଟାଏ ସୀମା ଥାଏ । ଯଦି କେବେ ଅତ୍ୟନ୍ତ ଅସହ୍ୟ ହୋଇ ଦୁରିତ ଗୌରୀଙ୍କର ମିଥ୍ୟା ଅଭିଯୋଗର ବିରୋଧରେ ସାନ ଯା ଗୋଟିଏ ଦୁଇଟି ବାକ୍ୟରେ ଉତ୍ତର ଦିଅନ୍ତି, ତେବେ ଦୁରିତ ଗୌରୀଙ୍କ ଦେହରେ ଅଗ୍ନି ଲାଗିଯାଏ । ପାଟିତୁଣ୍ଡରେ ଘରକୁ ଉଠାନ୍ତି ପକାନ୍ତି । ବୃଦ୍ଧା ଆଇମା ଜୟକୁମାରୀ ଦୁରିତ ଗୌରୀଙ୍କର ଅନ୍ୟାୟ ଉଗ୍ର ବ୍ୟବହାରକୁ ଯଦ୍ୟପି ଘୃଣା କରନ୍ତି ଏବଂ ମାଣିକ ଗୌରୀଙ୍କର କାର୍ଯ୍ୟ ତଥା ତାଙ୍କର ବ୍ୟବହାରରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ତାଙ୍କୁ ଅନ୍ତରରେ ସ୍ନେହ କରନ୍ତି, ତଥାପି ମୃତ୍ୟୁଶଯ୍ୟାରେ ପଡ଼ିଥିବା ବୃଦ୍ଧା ଭୟରେ କିଛି କହିପାରନ୍ତି ନାହିଁ, ଭବିଷ୍ୟତ୍ ସକାଶେ ବିଶେଷ ଚିନ୍ତିତ ଥା'ନ୍ତି ।

ଦେଖୁ ଦେଖୁ କୁଁବରବାଇର ବୟସ ଛ' ସାତ ବର୍ଷ ହୋଇଗଲା । ସେ ସମୟର ପ୍ରଥାନୁସାରେ କୁଁବରବାଇକୁ ବିବାହ ଦେବା କଥା । ମୃତ୍ୟୁଶଯ୍ୟାରେ ଶାୟିତା ବୃଦ୍ଧା ଆଇମା ଦୁରିତ ଗୌରୀଙ୍କର ନରସିଂହରାମ ତଥା ତାଙ୍କ ପତ୍ନୀ ମାଣିକ ଗୌରୀଙ୍କ ପ୍ରତି ଦୁର୍ବ୍ୟବହାର ଦେଖି କୁଁବରବାଇଙ୍କର ବିବାହ କରାଇଦେବା ଉଚିତ ମନେ କଲେ । ବଂଶୀଧରଙ୍କୁ ଡାକି କହିଲେ, ''ନାତି, ମୁଁ ମୃତ୍ୟୁଶଯ୍ୟାରେ ପଡ଼ିଅଛି, କୁଁବରବାଇର ଶୁଭବିବାହ ଦେଖି ଚିରଦିନ ସକାଶେ ଆଖି ବୁଜି ଦେଲେ ମୋର ଆଉ ଅବଶୋଷ ରହିବ ନାହିଁ ।'' ବଂଶୀଧର ବୃଦ୍ଧା ଆଇମା'ଙ୍କ ଆଦେଶ ଶିରୋଧାର୍ଯ୍ୟ କରି ବିବାହର ଆୟୋଜନ କଲେ । କାଠିଆବାଡ଼ର 'ଓନା' ଗ୍ରାମର ଶ୍ରୀମନ୍ତ ଶ୍ରୀ ରଙ୍ଗଧର ମେହେତାଙ୍କ ପୁତ୍ର ବସନ୍ତରାୟଙ୍କ ସଙ୍ଗେ କୁଁବରବାଇର ବିବାହ ଖୁବ୍ ଧୁମଧାମରେ ସମାପ୍ତ ହୋଇଗଲା । ଏଥିରେ ବୃଦ୍ଧା ଆଇମା'ଙ୍କୁ ବିଶେଷ ପ୍ରସନ୍ନତା ହେଲା । ସେ ଏହି ବିବାହର ତିନି ମାସ ପରେ ଶାନ୍ତିପୂର୍ବକ ଏହି ସଂସାରରୁ ବିଦାୟ ନେଇ ପରଲୋକ ଗମନ କଲେ ।

ଶଙ୍କରଙ୍କ କୃପା

ଭକ୍ତ ନରସିଂହରାମଙ୍କ ଜୀବନରେ ନୂତନ ଅଧ୍ୟାୟ ଆରମ୍ଭ ହେବାର ସମୟ ଆସିଲା । ସେ ବଡ଼ଭାଇଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ନିଜ ଦାୟିତ୍ୱରେ ଥିବା କାର୍ଯ୍ୟରେ ଟିକିଏ ମାତ୍ର ତ୍ରୁଟି କରିବାକୁ ଚାହୁଁ ନ ଥିଲେ । କିନ୍ତୁ ଭଗବତ୍ ଧ୍ୟାନରେ ଶରୀର ଶୁଦ୍ଧି ଭୁଲିଯିବାରୁ ଅଥବା ସାଧୁସଙ୍ଗଙ୍କଠାରୁ ଭଗବତ୍ ଚର୍ଚ୍ଚା ଶୁଣି ତନ୍ମୟ ହୋଇଯିବାରୁ ସମୟଜ୍ଞାନ ରହୁ ନ ଥିଲା । ଏହି କାରଣରୁ ଗୃହକାର୍ଯ୍ୟରେ କେବେ କେବେ ତ୍ରୁଟି ହେଉଥିଲା । ଭାଉଜ ତାଙ୍କ ଉପରେ କେବେ ବି ସନ୍ତୁଷ୍ଟ ନ ଥିଲେ । ଯେଉଁ ଦିନ ତାଙ୍କର କାର୍ଯ୍ୟରେ ତ୍ରୁଟି ହେଉଥିଲା ସେ ଦିନ ଆଉ ରକ୍ଷା ନ ଥିଲା । କେବଳ ହାତ ଉଠାଇବା ଛଡ଼ା ଭର୍ତ୍ସନା କରିବାରେ କୌଣସି ତ୍ରୁଟି ରଖୁ ନ ଥିଲେ । ଆଇମା ଜୟକୁମାରୀ ଥିବା ପର୍ଯ୍ୟନ୍ତ ଟିକିଏ ରକ୍ଷା ଥିଲା । ତାଙ୍କର ଶରୀରାନ୍ତ ହେବା ପରେ ଘରର ମୁରବି କେହି ନ ଥିଲେ, ସର୍ବେସର୍ବା ଥିଲେ ଦୁରିତଗୌରୀ । ନରସିଂହରାମଙ୍କୁ ତିରସ୍କାର କରି କଷ୍ଟ ଦେବାରେ ତାଙ୍କ ସକାଶେ କୌଣସି ପ୍ରତିବନ୍ଧକ ରହିଲା ନାହିଁ । ତାଙ୍କ ପତି ସମସ୍ତ ଦିନ ରାଜ୍ୟର ପୁଲିସ ବିଭାଗ କାର୍ଯ୍ୟରେ ବ୍ୟସ୍ତ ଥାଆନ୍ତି । ଘରକୁ ଆସିବା ପରେ ଦୁରିତଗୌରୀ ସୁଯୋଗ ଦେଖି ନରସିଂହରାମଙ୍କ ବିରୋଧରେ ନାନାପ୍ରକାର ମିଛ ସତ କହି ସମସ୍ତ ଦୋଷ ତାଙ୍କରି ଉପରେ ଲଦି ଦିଅନ୍ତି । ଭାଉଜଙ୍କ ଦୁଷ୍ଟ ସ୍ୱଭାବ ଯୋଗୁଁ ନରସିଂହରାମ ତାଙ୍କୁ ବହୁତ ଭୟ କରନ୍ତି । ଭାଇ ଘରେ ନ ଥିବା ସମୟରେ ସେ ଘରକୁ ଆସନ୍ତି ନାହିଁ । ଯେଉଁ ଦିନ ଭାଇ ରାଜକାର୍ଯ୍ୟରେ ବାହାରକୁ ଯାଇଥାଆନ୍ତି ସେ ଦିନ ଦୁରିତଗୌରୀ ସବୁ ଦିନର ପ୍ରତିଶୋଧ ନରସିଂହରାମଙ୍କଠାରୁ ଆଦାୟ

କରନ୍ତି । ସେଦିନ ମନ ଇଚ୍ଛା ନରସିଂହରାମଙ୍କୁ ଗାଳି ଦିଅନ୍ତି ତଥା ତାଙ୍କ ପତ୍ନୀଙ୍କ ସହିତ ତାଙ୍କୁ କଷ୍ଟ ଦେବାରେ ବାକୀ ରଖନ୍ତି ନାହିଁ । ନରସିଂହରାମ ଭାଉଜଙ୍କ ଦ୍ୱାରା ଏପରି ଅପମାନିତ ତଥା ତିରସ୍କୃତ ହେଉଥିବା ସତ୍ତ୍ୱେ ତାଙ୍କ ବିରୋଧରେ ଭାଇଙ୍କୁ କେବେ ବି କିଛି କହନ୍ତି ନାହିଁ । ମାଣିକଗୌରୀଙ୍କର ସହିବା ଛଡ଼ା କିଛି କହିବାର ଉପାୟ ନ ଥିଲା । ନରସିଂହରାମ ସାଧୁସଜ୍ଜନଙ୍କୁ ସେବା କରି ସମୟ ନଷ୍ଟ କରିବା ତଥା ତାଙ୍କ କାର୍ଯ୍ୟରେ ତ୍ରୁଟି ହେଉଥିବା ସମ୍ବନ୍ଧେ ବଡ଼ଭାଇ ବଂଶୀଧର ବି ଜାଣନ୍ତି । ସେହି କାରଣରୁ ତଥା ଦୁରିତଗୌରୀଙ୍କର ଅଭିଯୋଗ ଶୁଣି ବଂଶୀଧର ବି ନରସିଂହରାମଙ୍କ ଉପରେ ବିରକ୍ତ ହୋଇ ଅଧିକାଂଶ ସମୟରେ ଗାଳି ଗୁଲଜ ଦିଅନ୍ତି ।

ଜଣେ ବ୍ୟକ୍ତି କେବଳ ସହୁଥିବ, ଅନ୍ୟମାନେ ଦୁର୍ବ୍ୟବହାର କରି ପ୍ରତ୍ୟେକ ଘଟଣାରେ ତିରସ୍କାର କରୁଥିବେ – ଏପରି ପରିସ୍ଥିତି ବହୁତ ଦିନ ଚାଲେ ନାହିଁ; ଚନ୍ଦନ ସଂଘର୍ଷରୁ ଅଗ୍ନି ଉତ୍ପନ୍ନ ହେବା ସଦୃଶ ଭୟଙ୍କର ପ୍ରତିକ୍ରିୟା ହୁଏ ।

ଦିନେ ବଂଶୀଧର ରାଜକାର୍ଯ୍ୟରେ ବାହାରକୁ ଯାଇଥିଲେ । ନରସିଂହରାମ ଘର କାମ ଶେଷ କରି ଘାସ କାଟିବା ସକାଶେ ଗଲେ । ଦ୍ୱିପ୍ରହର ଭୋଜନ ସମୟ ବ୍ୟତୀତ ହେବା ପରେ ବହୁତ ବିଳମ୍ବରେ ଘାସ ବୋଝେ ଆଣି ଘୋଡ଼ାକୁ ଦେଇ ସ୍ନାନ କରି ଆସିଲେ । ବହୁତ ଭୋକ ଲାଗିଥାଏ । ଘରର ବ୍ୟବସ୍ଥା ଅନୁସାରେ ଦୁରିତଗୌରୀଙ୍କ ଛଡ଼ା ତାଙ୍କ ସ୍ତ୍ରୀ ମାଣିକଗୌରୀ ଭୋଜନ ପରଷି ପାରିବେ ନାହିଁ । ସେହି ସକାଶେ ନରସିଂହରାମ କିଛି ସମୟ ଅପେକ୍ଷା କଲେ, ଶେଷରେ ବିବଶ ହୋଇ ଭାଉଜଙ୍କୁ ଭୋଜନ ମାଗିଲେ । ସାପ ଲାଞ୍ଜରେ ବାଡ଼ି ମାରିଦେଲେ ଫଁ କରି ଉଠିବା ସଦୃଶ ଦୁରିତଗୌରୀ ରାଗରେ ଗର୍ଜିଉଠି କହିଲେ, ''ବହୁତ ବଡ଼ ଭଗତ ହୋଇଛି । ପ୍ରତିଦିନ ଘାସ କାଟିବାକୁ ଯାଇ ସମସ୍ତ ଦିନ ଭିକମଗାଙ୍କ ସଙ୍ଗେ ବୁଲୁଛି । ଘର ଦ୍ୱାରର କୌଣସି ଚିନ୍ତା ନାହିଁ । ଚିନ୍ତା ବା ହେବ କାହିଁକି ? ଘରକୁ ଆସିଲେ ତିଆରି ଭୋଜନ ମିଳିଯାଉଛି । ଯଦି ଭୋଜନ ବ୍ୟବସ୍ଥା ନିଜ ସକାଶେ ତଥା ନିଜ ପରିବାର ସକାଶେ କରିବାକୁ ହୁଅନ୍ତା ତେବେ ସବୁ ଭାବ-ଭକ୍ତି କୁଆଡ଼େ ଉଡ଼ିଯାଆନ୍ତା ।'' ନରସିଂହରାମ ସରଳ ତଥା ନମ୍ର ସ୍ୱରରେ କହିଲେ, ''ଆଜିକାଲି ଖରା ଦିନ, ଘାସ ମିଳୁ ନାହିଁ, ବହୁଦୂର ଯାଇ ଘାସ ବୋଝେ ଆଣିଲି, ସାଧୁସଜ୍ଜନଙ୍କ ପାଖକୁ ଗଲି କିପରି ? କାମ ନ କଲେ ତୁମର ମୋ ଉପରେ ଯେଉଁ ଅଭିଯୋଗ, କାମ କଲେ ବି ସେହି ସମାନ ଅଭିଯୋଗ ।'' ନରସିଂହରାମ ଭାଉଜଙ୍କ ଗାଳିରେ କେବେ ପ୍ରତ୍ୟୁତ୍ତର ଦିଅନ୍ତି ନାହିଁ । ଆଜି ପ୍ରଥମ ଥର ପାଇଁ ପ୍ରତ୍ୟୁତ୍ତର ଦେବାର ଶୁଣି ଶରୀରରେ ଅଗ୍ନି ଲାଗିବା ସଦୃଶ ରାଗରେ ଜ୍ଞାନଶୂନ୍ୟ ହୋଇ ଦୁରିତଗୌରୀ କହିଲେ, ''ଏତେ ସାହସ, କାଣିକଉଡ଼ିଟିଏ କମେଇ ପାରିବ ନାହିଁ, କଥା କହିବାରେ ଲକ୍ଷପତି ! ତୋର ଯଦି କାମ କରିବାରେ ଏତେ ଗର୍ବ ତେବେ ଯା, ନିଜେ କମେଇ ଖା । ମୋର ଘରେ ତୋର କୌଣସି କାମ ନାହିଁ ।'' ନରସିଂହରାମ ଚୁପ୍‌ଚାପ୍ ଛିଡ଼ାହୋଇ ରହିବାରୁ ଦୁରିତଗୌରୀଙ୍କ ରାଗ ଆହୁରି ବଢ଼ିବାକୁ ଲାଗିଲା । ସେ ରଣଚଣ୍ଡୀ ସଦୃଶ ଗରଜି ଗରଜି ନରସିଂହରାମଙ୍କୁ ଗାଳି ଦେଉଥାଆନ୍ତି । ସେହି ସମୟରେ ତାଙ୍କ ପତି ବଂଶୀଧର ଆସିଗଲେ । ପତିଙ୍କୁ ଦେଖିବା ସଙ୍ଗେ ସଙ୍ଗେ ଦୁରିତଗୌରୀ କାନ୍ଦି ପାଟି କରି କହିଲେ, ''କାମଧନ୍ଦା କିଛି ନାହିଁ, ଓଲଟି ମୋ ସହିତ ଝଗଡ଼ା କରୁଛି । ମୁଁ ଆଉ ଏ ଘରେ ରହିବି ନାହିଁ । ଭାଇ ଓ ଭାଇବୋହୂକୁ ନେଇ ତୁମେ ରୁହ ।'' ବଂଶୀଧର ବି କିଛି ନ ବୁଝି ନ ପଚାରି ନ ଜାଣି ଛୋଟଭାଇ ନରସିଂହରାମ ଉପରେ ରାଗିକରି ଗାଳି ଦେଲେ ।

ବିନା ଅପରାଧରେ କ୍ଷୁଧା ଅବସ୍ଥାରେ ଭୋଜନ ନ ଦେଇ ଭାଉଜ ରାକ୍ଷସୀ ସଦୃଶ ଗରଜି ଗରଜି ଗାଳି ଦେଉଥିଲେ । ସେଥିରେ ଭାଇ କିଛି ନ ବୁଝି ନ ପଚାରି ସ୍ତ୍ରୀ ପକ୍ଷରୁ ଗାଳି ଦେବା ଆରମ୍ଭ କଲେ । ଏ ଅବସ୍ଥାରେ ନରସିଂହରାମ କ'ଣ କରନ୍ତେ ? ସେହି କ୍ଷୁଧା ଅବସ୍ଥାରେ ଛିଡ଼ା ହୋଇଥିବା ସ୍ଥାନରୁ ଘରୁ ବାହାରି ଆସିଲେ । ଗୁଜରାଟର ପ୍ରଥାନୁସାରେ ପ୍ରତି ଗ୍ରାମରେ ଥିବା ଚଉରା ବା ତିଆରି ହୋଇଥିବା ମଣ୍ଡପକୁ ଆସି ସେହିଠାରେ ବସିରହିଲେ । ମନରେ ଅଶାନ୍ତି ଥିବା ସତ୍ତ୍ୱେ ସେ ଭଗବତ୍ ନାମ ସ୍ମରଣ କରୁଥିଲେ । ବସି ଭାବୁଥିଲେ, ''ଭାଇଙ୍କ ରାଗ ଶାନ୍ତ ହୋଇଗଲେ ମୋତେ ଆସି ଫେରାଇ ନେବେ ।'' ସନ୍ଧ୍ୟା ହେଲା । ଦେଖୁ ଦେଖୁ ଅର୍ଦ୍ଧ ରାତ୍ରି ବ୍ୟତୀତ ହୋଇଗଲା । ନରସିଂହରାମଙ୍କୁ ନିଦ୍ରା ବି ଆସିଗଲା । ସେହି ଚଉରା ମଣ୍ଡପରେ ଶୋଇପଡ଼ିଲେ । ଭୋର ହେଲା । ତାଙ୍କୁ ଫେରାଇ ନେବାକୁ କେହି ନ ଆସିବା ଦେଖି ସେ

ଭାବିବାକୁ ଲାଗିଲେ, ''ଏହି ସଂସାରର ପରିବାର ସବୁ ସ୍ୱାର୍ଥର ସାଥୀ । ଯଥାର୍ଥ ସାଥୀ କେବଳ ଭଗବାନ୍ । ଏହି ଶରୀର ସମାପ୍ତ ହେଉ ଅଥବା ଭଗବାନ୍ ମିଳନ୍ତୁ – ଏହି ଦୁଇଟିରୁ ଗୋଟିଏ ହେବ ।''

ଏହି ବିଚାରରେ ସେ ଉଠି ଯେଉଁ ଆଡ଼କୁ ମୁହଁ ଥିଲା ସେହି ଆଡ଼କୁ ଚାଲିଲେ । ସେ କୁଆଡୁକୁ ଯାଉଛନ୍ତି ତା ସେ ଜାଣନ୍ତି ନାହିଁ । ଗ୍ରାମର କିଛି ଦୂରରେ ଗୋଟିଏ ଜଙ୍ଗଲରେ ପହଞ୍ଚିଲେ । ଜୁନାଗଡ଼ ଗିରିନାର ପାହାଡ଼ କଡ଼କୁ ଏକେବାରେ ଲାଗିଥାଏ । ସେସମୟରେ ସେ ଅଞ୍ଚଳରେ ବହୁତ ଜଙ୍ଗଲ ଥାଏ । ସେ ଦୁଇ ଦିନ ହେଲା କିଛି ଭୋଜନ କରି ନ ଥିଲେ, ସେଥିରେ ପୁଣି ଏତେ ରାସ୍ତା ଚାଲି ଆସିବାରୁ ଅତ୍ୟନ୍ତ କ୍ଲାନ୍ତ ହୋଇ ଗୋଟିଏ ଗଛ ଛାୟାରେ ବସିପଡ଼ିଲେ । ସେତେବେଳେ ତାଙ୍କର ଜୀବନମରଣକୁ ପରୁଆ ନ ଥିଲା । ତାଙ୍କର ଆନ୍ତରିକ ନିର୍ଣ୍ଣୟ ହୋଇଥିଲା ଭଗବାନଙ୍କ ଦର୍ଶନ ଅଥବା ମୃତ୍ୟୁ, ଏହାଛଡ଼ା ଅନ୍ୟ ଗତି ନ ଥିଲା । ସେହି ସମୟରେ ତାଙ୍କ ଦୃଷ୍ଟି ପଡ଼ିଲା ଗୋଟିଏ ଜୀର୍ଣ୍ଣ ମନ୍ଦିରରେ । ସେ ସେଠାରୁ ଉଠି ତତ୍‌କ୍ଷଣାତ୍ ମନ୍ଦିରକୁ ଯାଇ ଶିବଲିଙ୍ଗ ଦେଖି ବିଶେଷ ଆନନ୍ଦିତ ହେଲେ । ତାଙ୍କୁ ସାକ୍ଷାତ୍ ରକ୍ଷକ ମିଳିଯିବା ସଦୃଶ ସେ ମନେକଲେ । ସେ ଆଠ ବର୍ଷ ହେଲା ନିୟମିତ ରୂପେ ଶିବପୂଜା କରୁଥିଲେ ତଥା ଭଗବାନ୍ ଶ୍ରୀକୃଷ୍ଣଙ୍କ ନାମଜପ କରୁଥିଲେ । ତାଙ୍କର ଶିବ ଓ ବିଷ୍ଣୁଙ୍କ ମଧ୍ୟରେ କୌଣସି ଭେଦଭାବ ନ ଥିଲା ।

ସେ ସମୀପସ୍ଥ ପୁଷ୍କରିଣୀରେ ସ୍ନାନ କରି ସେଠାରେ ଥିବା ବେଲ ବୃକ୍ଷରୁ ପତ୍ର ଆଣି ଶିବଜିଙ୍କୁ ପୂଜା କଲେ ଏବଂ ତାଙ୍କ ଚରଣରେ ସାଷ୍ଟାଙ୍ଗ ଦଣ୍ଡବତ ଅବସ୍ଥାରେ ସ୍ତୁତି କଲେ । ବ୍ୟକ୍ତି ସଂସାରରୁ ବିମୁଖ ହେଲେ ତା'ର ଭଗବାନଙ୍କ ଛଡ଼ା ଆଉ କୌଣସି ଆଶ୍ରୟ ନ ଥାଏ । ତାଙ୍କର ସମସ୍ତ ସତ୍ତା ଭଗବାନଙ୍କ ଚରଣରେ ନିବେଦିତ ହୁଅନ୍ତି । ନରସିଂହରାମଙ୍କର ଠିକ୍ ଏହି ଅବସ୍ଥା ଥିଲା । ସେ ପ୍ରାର୍ଥନା କଲେ, ''ପ୍ରଭୁ, ମୋହବଶ ହୋଇ ଆଜି ପର୍ଯ୍ୟନ୍ତ ଯେଉଁ ଭାଇ-ଭାଉଜଙ୍କୁ ମୋର ରକ୍ଷକ ମାନି ନେଇଥିଲି, ଯାହାଙ୍କୁ ମୋର ଅନ୍ନଦାତା ବୋଲି ଭ୍ରମ ଧାରଣା କରିଥିଲି, ଆଜି ତୁମେ କୃପା କରି ସେ ମୋହ ଦୂର କରିଦେଇଛ । ସେମାନେ ମୋତେ ବାହାର କରିଦେଇଛନ୍ତି । ଆଉ ମୋର କୌଣସି ଆଶ୍ରୟ ନାହିଁ । ଏକମାତ୍ର ଆଶ୍ରୟ ତୁମେ । ଏହି ମନ-ପ୍ରାଣ-ଶରୀର ତୁମରି ଚରଣରେ ନିବେଦନ କରୁଅଛି । ତୁମେ ଦର୍ଶନ ଦେଇ କୃତାର୍ଥ କର ଅଥବା ମୃତ୍ୟୁ ଦିଅ ।'' ପ୍ରାର୍ଥନା ସମୟରେ ତାଙ୍କ ନେତ୍ରରୁ ଅନବରତ ଅଶ୍ରୁ, ବର୍ଷା ହେଉଥିଲା । ହୃଦୟରେ ଭକ୍ତି-ଆବେଗ ସହ ଶୋକ ଅତ୍ୟଧିକ ହେବାରୁ ତାଙ୍କ କଣ୍ଠ ରୁଦ୍ଧ ହୋଇଗଲା । ସେ ଆଉ ଶବ୍ଦରେ ପ୍ରାର୍ଥନା କରିପାରିଲେ ନାହିଁ । ହୃଦୟ ତାଙ୍କ ଚରଣରେ ନିବେଦନ କରି ବାହ୍ୟଜ୍ଞାନଶୂନ୍ୟ ଅବସ୍ଥାରେ ସମାଧିସ୍ଥ ହୋଇଗଲେ ।

ଜଙ୍ଗଲରେ ମନ୍ଦିର ଥିବାରୁ ଜଙ୍ଗଲୀ ପଶୁ ପୁଷ୍କରିଣୀରୁ ଜଳ ପିଇ ମନ୍ଦିରରେ ବିଶ୍ରାମ କରନ୍ତି । କିନ୍ତୁ ସେଦିନ ନରସିଂହରାମ ସେଠାରେ ଥିବାରୁ ଭଗବାନ୍ ଶିବଙ୍କ କୃପାରୁ କେହି ହିଂସ୍ରଜନ୍ତୁ ମନ୍ଦିରକୁ ଆସିଲେ ନାହିଁ । ରାତ୍ରି ଶେଷ ହେଲା । ଜଙ୍ଗଲୀ ପଶୁପକ୍ଷୀ ରାବ କଲେ । ପୂର୍ବଦିଶାରେ ସୂର୍ଯ୍ୟଦେବ ପ୍ରକାଶ ହେଲେ । ନରସିଂହରାମଙ୍କ ସମାଧି ଭଙ୍ଗ ହେଲା । ସେ ଶିବ ନାମ ସ୍ମରଣପୂର୍ବକ ଉଠି ବସିଲେ ଏବଂ ପୁନରାୟ ସ୍ତୁତି କଲେ । ତାଙ୍କର ଶିବଙ୍କ ଚରଣରେ ଅଟଳ ବିଶ୍ୱାସ ଓ ଅଖଣ୍ଡ ଭକ୍ତି ଥିଲା । ଜାଗ୍ରତ୍ ଅବସ୍ଥାରେ ସେ ତାଙ୍କ ନାମସ୍ମରଣ ତଥା ସ୍ୱାଭାବିକ ରୂପେ ଆନ୍ତରିକ ପ୍ରାର୍ଥନା କରୁଥିଲେ । ତାଙ୍କ ହୃଦୟ ଭଗବତ୍ ପ୍ରେମରେ ପୂର୍ଣ୍ଣ ରହୁଥିଲା । ସ୍ତୁତି ଏବଂ ନାମଜପ ସମୟରେ ଦୁଇ ନେତ୍ରରୁ ଅଶ୍ରୁ ବର୍ଷା ହେଉଥିଲା । କେବେ ଅତ୍ୟଧିକ ପ୍ରେମ ଯୋଗୁଁ ସମାଧିସ୍ଥ ହୋଇଯାଉଥିଲେ । ଏହିପରି ଜାଗ୍ରତ୍ ଏବଂ ପ୍ରେମ-ସମାଧି ଅବସ୍ଥାରେ ସାତ ଦିନ, ସାତ ରାତି ବ୍ୟତୀତ ହୋଇଗଲା । ନରସିଂହରାମ ସେଠାରୁ ଉଠି ନ ଥିଲେ କିଂବା ମୁଖରେ ଜଳ ବିନ୍ଦୁ ଦେଇ ନ ଥିଲେ । ତାଙ୍କ ଚେତନା ଶିବଙ୍କ ଚରଣରେ ଏକାଗ୍ର ଥିବାରୁ ଦିନରାତି କ୍ଷୁଧାତୃଷାର ଧାରଣା ହେଉ ନ ଥିଲା ।

ନରସିଂହରାମଙ୍କ ଆନ୍ତରିକ ଡାକ ଶୁଣି ଶଙ୍କରଙ୍କ ଆସନ ହଲିଗଲା । ସେ ସପ୍ତମ ଦିନ ରାତ୍ରିର ଶେଷ ପ୍ରହରରେ ନରସିଂହରାମଙ୍କ ସମ୍ମୁଖରେ ପ୍ରକଟ ହେଲେ । ନରସିଂହରାମ ତାଙ୍କୁ ଦର୍ଶନ କରିବା ମାତ୍ରେ ତାଙ୍କ ଶରୀରରୁ ସମସ୍ତ କ୍ଲାନ୍ତି, ଦୁର୍ବଳତା ଦୂର ହୋଇଗଲା । ସେ ପ୍ରେମାବେଶରେ ଶ୍ରୀ ଶଙ୍କର ଭଗବାନଙ୍କ ଚରଣରେ ପଡ଼ିଗଲେ । ଅତ୍ୟଧିକ ପ୍ରେମ ଯୋଗୁଁ ସେ କିଛି କହିପାରିଲେ ନାହିଁ । ଶଙ୍କର ନରସିଂହରାମଙ୍କ ମସ୍ତକରେ ବରଦ ହସ୍ତ ରଖି କହିଲେ, ''ବତ୍ସ, ତୋର

ଯାହା ଇଚ୍ଛା ତାହା ମାଗିନେ ।'' ନରସିଂହରାମ ଅତ୍ୟନ୍ତ ସରଳ ହୃଦୟରେ ହାତଯୋଡ଼ି ବିନୀତ ସ୍ୱରରେ କହିଲେ, ''ପ୍ରଭୁ, ମୁଁ କ'ଣ ମାଗିବି ଜାଣେ ନାହିଁ । ପ୍ରଭୁ, ତୁମର ଯାହା ସବୁଠାରୁ ଅଧିକ ପ୍ରିୟ ତାହାହିଁ ଦେବାକୁ କୃପା କରନ୍ତୁ ।''

ଶିବ କହିଲେ, ''ବସ୍, ମୋତେ ସବୁଠାରୁ ଅଧିକ ପ୍ରିୟ ଶ୍ରୀକୃଷ୍ଣ । ତୁ ଯଦି ଚାହୁଁ ତୋତେ ମୁଁ ଶ୍ରୀକୃଷ୍ଣଙ୍କ ଦର୍ଶନ କରାଇ ଦେବି ।''

ନରସିଂହରାମ ପ୍ରାର୍ଥନା କଲେ, ''ପ୍ରଭୁ, ମୁଁ ତାଙ୍କରି ଦର୍ଶନ ପିଲାଦିନରୁ ଚାହିଁ ଆସୁଥିଲି । ସେ ପୁଣି ତୁମର ଅତ୍ୟଧିକ ପ୍ରିୟ । ପ୍ରଭୁ, ଦୟାକରି ସେହି ଶ୍ରୀକୃଷ୍ଣଙ୍କ ଦର୍ଶନ କରାଇ ଦିଅନ୍ତୁ ।''

ନରସିଂହରାମଙ୍କ ଆନ୍ତରିକ ଭକ୍ତି ଦେଖି ଶଙ୍କର ଭଗବାନ୍ ତାଙ୍କୁ ଦିବ୍ୟଶରୀର ପ୍ରଦାନ କଲେ ଏବଂ ସଙ୍ଗରେ ନେଇ ସେହିକ୍ଷଣି ଦିବ୍ୟ ଦ୍ୱାରିକା ଧାମରେ ପହଞ୍ଚିଗଲେ । ଶିବଙ୍କ ଜୀର୍ଣ୍ଣ ମନ୍ଦିରରେ ତାଙ୍କ ସ୍ଥୂଳ ଶରୀର ଶିବଙ୍କ କୃପାରୁ ସୁରକ୍ଷିତ ରହିଲା ।

ଦିବ୍ୟ ଦ୍ୱାରିକା ଦର୍ଶନ

ଦିବ୍ୟ ଦ୍ୱାରିକାପୁରୀର ଅଲୌକିକ ଶୋଭା ଦର୍ଶନ କରି ଭକ୍ତରାଜ ମୁଗ୍ଧ ହୋଇଗଲେ । ସେ ପୁରୀର ସୌନ୍ଦର୍ଯ୍ୟକୁ ଅଦିବ୍ୟ ଭାଷା ଏବଂ ଅଦିବ୍ୟ ବସ୍ତୁର ଉପମା ଦ୍ୱାରା ବର୍ଣ୍ଣନା କରିବା ସମ୍ଭବ ନୁହେଁ । ଏହି ଅଦିବ୍ୟ ଭୂମିର ସୌନ୍ଦର୍ଯ୍ୟରୁ ସୌନ୍ଦର୍ଯ୍ୟ ବସ୍ତୁ ମଣିମାଣିକ୍ୟ ମୁକ୍ତାଦି ରତ୍ନ । ଏହାରି ଦ୍ୱାରା ସୌନ୍ଦର୍ଯ୍ୟର ଉପମା ଦିଆଯାଇପାରେ । କିନ୍ତୁ ସେହି ଦିବ୍ୟ ଭୂମିର ସୌନ୍ଦର୍ଯ୍ୟର ତୁଳନାରେ ଏହି ରତ୍ନସବୁ ମାଟି, ଗୋଡ଼ିଠାରୁ ବି ତୁଚ୍ଛ । ଏହିସବୁର ଉପମା ସୂର୍ଯ୍ୟ ସମ୍ମୁଖରେ ତାରକା ସଦୃଶ ଅର୍ଥହୀନ ପ୍ରତୀତ ହୁଏ । ସେହି କାରଣରୁ ଦିବ୍ୟ ଭୂମିର ଶୋଭା ବର୍ଣ୍ଣନା କରିବା ସମ୍ଭବ ନୁହେଁ । କେବଳ ଅନୁମାନ କରିବା ସକାଶେ କୁହାଯାଇପାରେ । ଦିବ୍ୟ ଦ୍ୱାରିକାପୁରୀର ଭୂମି ଦିବ୍ୟ ସୁନାର । ସେଠିକାର ମହଲସବୁ ଦିବ୍ୟ ମଣିମାଣିକ୍ୟରେ ନିର୍ମିତ । ତାର ନିର୍ମାଣର ଭଙ୍ଗୀ ତଥା ଶୋଭା ଅଲୌକିକ । ଦିବ୍ୟପୁରୀ ନିତ୍ୟ ନୂତନ ରୂପେ ସଜ୍ଜିତ ହୁଏ । ସେଠାରେ ରାତ୍ରି ନ ଥାଏ । ସର୍ବଦା ଦିବ୍ୟ ପ୍ରକାଶରେ ଉଦ୍ଭାସିତ ହୋଇଥାଏ । ଗୁଜରାଟୀ ଭାଷାରେ କବିତା ଏହିପରି –

''କନକନୀ ଭୋମ ବିଦ୍ରୁମନା ଥାଂଭଲା,
ରତନଜଡ଼ିତ ତାଂହାଂ ମୋହଲ ମେଡ଼ୀ ।
* * *
ନଗର ଶ୍ରୀଦ୍ୱାରକାଂ ରାୟ ରଣଛୋଡ଼ଜୀ,
ନିତ ନବା ଶୁଭ ଶଣଗାର ସାଜେ ।
* * *
କୋଟି ପ୍ରକାଶନୁଂ ତେଜ ବ୍ୟାପୀ ରହ୍ୟଂ,
ରବି ଶଶି ଜୋତ ଉଦ୍ୟୋତ ଭାସେ ।
ଦଧିସୁତ ଅର୍କ ତେ କୋଣ ତାଂହାଂ ବାପଡ଼ା,
କୋଟୀ ରବି କାନ୍ତି ନଖମଣି ପ୍ରକାଶେ ।''

ନରସିଂହରାମ ଦିବ୍ୟ ଦ୍ୱାରିକାପୁରୀର ଶୋଭା ଦେଖି ମନ୍ତ୍ରମୁଗ୍ଧ ହୋଇ ଶ୍ରୀ ଶଙ୍କର ଭଗବାନଙ୍କ ସଙ୍ଗେ ଚାଲିଥାଆନ୍ତି । ଶଙ୍କର ଭଗବାନ୍ ଶ୍ରୀକୃଷ୍ଣଙ୍କ ସଭାରେ ନରସିଂହରାମଙ୍କ ସହିତ ଉପନୀତ ହେଲେ । ଶ୍ରୀକୃଷ୍ଣ ଦିବ୍ୟ ସିଂହାସନରେ ବିରାଜମାନ ଥିଲେ । ତାଙ୍କ ଦକ୍ଷିଣ ଭାଗରେ ଥିଲେ ବଳରାମ, ଉଗ୍ରସେନ, ଅକ୍ରୂର, ଉଦ୍ଧବ, ବିଦୁର, ଅର୍ଜୁନ, ସାତ୍ୟକି, ପ୍ରଦ୍ୟୁମ୍ନ, ଅନିରୁଦ୍ଧ, ସାମ୍ବାଦି ସଭାସଦ୍ । ବାମ ଭାଗରେ ଥିଲେ ରୁକ୍ମିଣୀ ସତ୍ୟଭାମାଦି ରାଣୀ ।

ଗୁଜରାଟୀ ଭାଷାରେ ନରସିଂହରାମଙ୍କ ଜୀବନଚରିତର କବିତା ଏହିପରି –

''ଧର୍ମସଭାମାଂ ଜହାଂ ଉଗ୍ରସେନ ତହାଂ,
ଶଙ୍କରଷଣଜୀ ସଂଗ ବେଠା ।
ତାହାଂ ବସୁଦେବ ନେ ଦେବକୀନନ୍ଦନ
ରାଜରାଜେଶ୍ୱର କୃଷ୍ଣ ବେଠା ॥
ଅକ୍ରୂର ଓଧବ ବିଦୁର ନେ ଅରଜୁନ,
ଶୀଘ୍ର ଉଭା ଥୟା ହରନେ ଜାଣୀ ।
ଷୋଳ ସହସ୍ର ଶତ ଆଠ ପଟରାଣୀୟୋ,
ମଧ୍ୟ ଆବ୍ୟା ଶୂଳପାଣି ॥
ଧାଇନେ ଜଈ ମଲ୍ୟା, ଆସନେଥୀ ଚଲ୍ୟା,
କର ଜୋଡ଼ୀନେ କୃଷ୍ଣେ ସନମାନ ଦୀଧୁଂ ।''

ଶଙ୍କର ଭଗବାନଙ୍କୁ ଦେଖିବା ମାତ୍ରେ ଶ୍ରୀକୃଷ୍ଣଙ୍କ ସହ ସମସ୍ତ ସଭାସଦ୍ ଉଠି ଛିଡ଼ା ହୋଇଗଲେ ଏବଂ ତାଙ୍କୁ ସ୍ୱାଗତ ସମ୍ଭାଷଣ କରିବା ସକାଶେ ଶ୍ରୀକୃଷ୍ଣ ଦୌଡ଼ିଆସି ତାଙ୍କ ନିକଟରେ ପହଞ୍ଚି ଅଭିବାଦନ ଜଣାଇଲେ । ଶଙ୍କର ଭଗବାନ୍ ମଧ୍ୟ ଆନନ୍ଦରେ ବିଭୋର ହୋଇ ଶ୍ରୀକୃଷ୍ଣଙ୍କୁ ପ୍ରଣାମ କଲେ । ଶ୍ରୀକୃଷ୍ଣ ତାଙ୍କୁ ଅତ୍ୟନ୍ତ ଆଦର ସମ୍ମାନରେ ଆଣି ଉତ୍ତମ ଆସନରେ ବସାଇଲେ ତଥା ବିଧିପୂର୍ବକ ପୂଜା କରି ହାତ ଯୋଡ଼ି ବିନୀତ ଭାବରେ କହିଲେ, ''ଆଜି ଆମ୍ଭମାନଙ୍କର ବଡ଼ ସୌଭାଗ୍ୟର ଦିନ, କୃପାବଶ ହୋଇ ଆମ୍ଭମାନଙ୍କୁ ଦର୍ଶନ ଦେବା ସକାଶେ କଷ୍ଟ ସ୍ୱୀକାର କରିଅଛନ୍ତି ।'' ସଦାଶିବ ନମ୍ର ସ୍ୱରରେ କହିଲେ, ''ପ୍ରଭୁ, ଏହି ନରସିଂହରାମ ଜୁନାଗଡ଼ନିବାସୀ ତୁମର ଭକ୍ତ । ଏହାର ଭକ୍ତି ତଥା ତପସ୍ୟାରେ ମୁଁ ପ୍ରସନ୍ନ ହୋଇ ବର ମାଗିବାକୁ କହିଲି । ସେ ମୋଠାରୁ ମୋର ସର୍ବାପେକ୍ଷା ଅଧିକ ପ୍ରିୟ ବସ୍ତୁ ମାଗିନେଲା । ମୋର ସବୁଠାରୁ ପ୍ରିୟ ତୁମେ । ସେହି କାରଣରୁ ଆଜି ତୁମ ଚରଣରେ ସମର୍ପଣ କରିବା ସକାଶେ ତାକୁ ତୁମ ନିକଟକୁ ନେଇ ଆସିଛି ।''

ଭଗବାନଙ୍କର ଭକ୍ତ ଅତ୍ୟନ୍ତ ପ୍ରିୟ । ଯେଉଁ ଭକ୍ତକୁ ସ୍ୱୟଂ ଶଙ୍କର ସମର୍ପଣ କରନ୍ତି, ତାଙ୍କ ଉପରେ ଭଗବାନଙ୍କର କିପରି କୃପା ତାହା ପ୍ରକାଶ କରିବାରେ ଭାଷାର ସର୍ବଥା ଅଭାବ ହୁଏ । ଭଗବାନ୍ ଶ୍ରୀକୃଷ୍ଣ ଅବଢ଼ରଦାନୀ ଶୂଳପାଣିଙ୍କ ବାକ୍ୟ ଶୁଣିବା ମାତ୍ରେ ନରସିଂହରାମଙ୍କ ମସ୍ତକରେ ହସ୍ତ ରଖି ତାଙ୍କୁ ସ୍ୱୀକାର କରିନେଲେ । ସଦାଶିବ ଶ୍ରୀକୃଷ୍ଣଙ୍କୁ ପ୍ରଣାମ କରି ତାଙ୍କଠାରୁ ବିଦାୟ ନେଇ କୈଳାସ ଚାଲିଗଲେ । ଶ୍ରୀକୃଷ୍ଣଙ୍କ ପ୍ରତି ଭକ୍ତି ଏବଂ ତାଙ୍କ ପ୍ରତି କୃତଜ୍ଞତାରେ ନରସିଂହରାମଙ୍କ ହୃଦୟ ପୂର୍ଣ୍ଣ ହୋଇଗଲା । ସେ ଶ୍ରୀକୃଷ୍ଣଙ୍କ ଚରଣରେ ପଡ଼ିଗଲେ । ତାଙ୍କ ଅଶ୍ରୁଜଳରେ ଶ୍ରୀକୃଷ୍ଣଙ୍କ ଚରଣକମଳ ଧୋଇ ହୋଇଗଲା । ଶ୍ରୀକୃଷ୍ଣ ନରସିଂହରାମଙ୍କୁ କହିଲେ – ''ବତ୍ସ, ମୁଁ ଏବଂ ଶଙ୍କର ତତ୍ତ୍ୱତଃ ଏକ, କେବଳ ପ୍ରକଟ ବାହ୍ୟ ରୂପରେ । ମୁଁ ତାଙ୍କୁ ଯେପରି ଆରାଧନା କରେ, ସେ ମଧ୍ୟ ମୋତେ ସେହିପରି ଆରାଧନା କରନ୍ତି । ତୁ ଯେଉଁ ପୂଜା ଶଙ୍କରଙ୍କୁ କରିଅଛୁ, ତାହା ଯଥାର୍ଥରେ ମୁଁ ଗ୍ରହଣ କରିଅଛି ।''

''ପ୍ରଭୁ, ସବୁକିଛି ତୁମରି କୃପା । ତୁମ କୃପା ଛଡ଼ା ତୁମକୁ କେହି ନିଜ ତପସ୍ୟାରେ କଦାପି ପ୍ରାପ୍ତ ହୋଇପାରେ ନାହିଁ । ତପସ୍ୟା ବି ହୁଏ ତୁମରି କୃପାରେ ।''

''ବତ୍ସ, ଯିଏ ଅନନ୍ୟ ନିଷ୍ଠା ସହ ସବୁକିଛି ମୋତେ ସମର୍ପଣ କରି କିଛି ନ ଚାହେଁ, ତା' ପ୍ରତିଦାନରେ ଦେବାକୁ ମୋ ପାଖରେ କିଛି ବି ନ ଥାଏ । ମୁଁ ନିଜେ ତା'ର ହୋଇ ତା' ସଙ୍ଗେ ଛାୟା ସଦୃଶ ରହିଥାଏ । ତୋର ନିଷ୍କପଟ ଭକ୍ତିରେ ମୁଁ ଅତ୍ୟନ୍ତ ପ୍ରସନ୍ନ ହୋଇଅଛି ।''– ଏତିକି କହି ଭଗବାନ୍ ଶ୍ରୀକୃଷ୍ଣ ନରସିଂହରାମଙ୍କୁ ସଙ୍ଗରେ ନେଇ ଅନ୍ତଃପୁରର ସମସ୍ତ ବୈଭବ ଦେଖାଇ ଦେଲେ । (ଅନ୍ତରପୁରମାଂ ସୁଜନେ ତେଡ଼ୀ ଗୟା, ବୈଭବ କୃଷ୍ଣନୋ ସର୍ବ ଦାଖ୍ୟୋ) । ସେହି ସମୟରୁ ନରସିଂହରାମ ଶ୍ରୀକୃଷ୍ଣଙ୍କ ସେବାରେ ରହିଲେ । ଶ୍ରୀକୃଷ୍ଣ ଅତ୍ୟନ୍ତ ପ୍ରସନ୍ନ ହୋଇ ନରସିଂହରାମଙ୍କୁ ଅତ୍ୟନ୍ତ ଗୋପନୀୟ ରାସଲୀଳା ଦର୍ଶନ କରାଇ ଦେବାକୁ ଚାହିଁଲେ ।

ରାସଦର୍ଶନ

ଦେଖୁ ଦେଖୁ ଶରଦ ପୂର୍ଣ୍ଣିମା ଦିନ ଆସିଗଲା । ବୃନ୍ଦାବନରେ ରାସର ତିଆରି ହେବାକୁ ଲାଗିଲା । ଷୋଳ ସହସ୍ର ଗୋପୀ ଏବଂ ଷୋଳ ସହସ୍ର ଶ୍ରୀକୃଷ୍ଣ ପ୍ରକଟ ହୋଇଗଲେ । ନରସିଂହରାମଙ୍କୁ ଗୋପୀ ବେଶ ପ୍ରାପ୍ତ ହୋଇଗଲା । (ଶରଦ ପୁନମ ତଣୋ ଦିବସ ତହାଁ ଆବୀଓ, ରାସମରୟାଦନୋ ବେଣ ବାଧୋ) । ସେ ରାଗ ସହିତ ଗୀତ ଆରମ୍ଭ କରିଦେଲେ ଏବଂ ଭଗବତ୍ ଗୁଣଗାନରେ ଏକେବାରେ ତଲ୍ଲୀନ ହୋଇଗଲେ । ତାଙ୍କ ଭକ୍ତିଭାବରେ ଶ୍ରୀକୃଷ୍ଣ ଅତ୍ୟନ୍ତ ପ୍ରସନ୍ନ ହୋଇ ନିଜ ପୀତାମ୍ବର ତାଙ୍କୁ ଦେଇଦେଲେ । ତା'ପରେ ଶ୍ରୀକୃଷ୍ଣ ଶଙ୍ଖଧ୍ୱନି କଲେ, ରାସଲୀଳା ଆରମ୍ଭ ହେଲା ।

ଗୋପୀବେଶପ୍ରାପ୍ତ ନରସିଂହରାମଙ୍କ ହାତରେ ଶ୍ରୀକୃଷ୍ଣ ଦୀପ ଦେଇ ରାସଲୀଳା ମଧ୍ୟରେ ଛିଡ଼ା କରାଇ ଦେଲେ । ରାସଲୀଳା ଦର୍ଶନରେ ନରସିଂହରାମଙ୍କର ଶରୀରଶୁଦ୍ଧି ରହିଲା ନାହିଁ । ସେହି ପ୍ରେମ-ସମାଧି ଅବସ୍ଥାରେ ଦୀପ ଜଳିବା ପ୍ରବଳ ହୋଇ କ୍ରମଶଃ ହାତ ବି ଜଳିବାକୁ ଲାଗିଲା । ହାତ ଜଳୁଥାଏ, ସେ ତନ୍ମୟ ହୋଇ ରାସଲୀଳା ଦେଖୁଥା'ନ୍ତି । ରାସଲୀଳା ସମାପ୍ତ ହେବା ପରେ ଶ୍ରୀକୃଷ୍ଣଙ୍କ ଦୃଷ୍ଟି ଭକ୍ତରାଜଙ୍କ ଜଳୁଥିବା ହାତ ଉପରେ ପଡ଼ିଲା । ଶ୍ରୀକୃଷ୍ଣ ନିଜ ହାତରେ ଭକ୍ତରାଜଙ୍କ ହାତରେ ଜଳୁଥିବା ଅଗ୍ନିକୁ ଲିଭାଇ ଦେଲେ । ଶ୍ରୀକୃଷ୍ଣ ଭକ୍ତରାଜଙ୍କ ଉପରେ ଅତ୍ୟନ୍ତ ପ୍ରସନ୍ନ ହୋଇ ତାଙ୍କ ମସ୍ତକରେ ବରଦ ହସ୍ତ ରଖିଦେଲେ । ଏବଂ ଶ୍ରୀକୃଷ୍ଣ ରାସଲୀଳା ରୂପ ପରିବର୍ତ୍ତେ ପୁନରାୟ ଦ୍ୱାରିକାରେ ଦ୍ୱାରିକାଧୀଶ ରୂପେ ରୁକ୍ମିଣୀଦେବୀଙ୍କ ସହିତ ସିଂହାସନରେ ବିରାଜମାନ ହେଲେ ଏବଂ ନରସିଂହରାମ ଦିବ୍ୟ ଗୋପୀ-ଶରୀର ପରିବର୍ତ୍ତେ ଦିବ୍ୟ ପୁରୁଷ-ଶରୀର ବି ପ୍ରାପ୍ତ ହେଲେ । ସେ ଶ୍ରୀକୃଷ୍ଣଙ୍କ ଚରଣ ତଳେ ବସି ତାଙ୍କ ପଦସେବା କରିବାକୁ ଲାଗିଲେ । ଶ୍ରୀକୃଷ୍ଣ ଅତ୍ୟନ୍ତ ପ୍ରସନ୍ନ ହୋଇ କହିଲେ, ''ବତ୍ସ, ତୋର ଯାହା ଇଚ୍ଛା ହୁଏ ତାହା ମାଗିନେ ।'' ନରସିଂହରାମ ହାତ ଯୋଡ଼ି ପ୍ରାର୍ଥନା କଲେ, ''ପ୍ରଭୁ, ଆପଣଙ୍କ ସେବାଠାରୁ ଆଉ କ'ଣ ଉତ୍କୃଷ୍ଟ ବସ୍ତୁ ଅଛି ଯାହାକୁ ମୁଁ ମାଗିବି ? ମୁଁ କେବଳ ଆପଣଙ୍କ ସେବା ଚାହେଁ ।'' ଶ୍ରୀକୃଷ୍ଣ କହିଲେ, ''ତୁ ଯେଉଁ କାର୍ଯ୍ୟ ସକାଶେ ମୃତ୍ୟୁପୁରୀକୁ ଯାଇଥିଲୁ ସେ କାର୍ଯ୍ୟ ସମାପ୍ତ ହୋଇ ନାହିଁ । ତୁ ଯା, ମୋ ଭକ୍ତି ପ୍ରଚାର କରି ଦୁଃଖତାପପୀଡ଼ିତ ନରନାରୀଙ୍କୁ ଉଦ୍ଧାର କର । ମୋ କାର୍ଯ୍ୟ ଶେଷ ହେଲେ ମୋ ପାଖକୁ ଆସିବୁ ।''

ନରସିଂହରାମ ଏକ କ୍ଷଣ ସକାଶେ ଯଦ୍ୟପି ଭଗବାନଙ୍କଠାରୁ ପୃଥକ୍ ହେବାକୁ ଚାହୁଁ ନ ଥିଲେ ତଥାପି ଭଗବାନଙ୍କ ବିଧାନ ତାଙ୍କ ପ୍ରାଣଠାରୁ ଅଧିକ ପ୍ରିୟ ଥିଲା । ସେ ହାତ ଯୋଡ଼ି କହିଲେ, ''ପ୍ରଭୁ, ଆପଣଙ୍କ ଆଜ୍ଞା ଶିରୋଧାର୍ଯ୍ୟ । ସମସ୍ତ କାର୍ଯ୍ୟ କରିବ ଆପଣଙ୍କ ଶକ୍ତି । ଆପଣ ନିଜର ଆଶ୍ରିତକୁ କେବଳ ଶ୍ରେୟଃ ଦେବା ସକାଶେ ଯନ୍ତ୍ର ରୂପେ ବ୍ୟବହାର କରନ୍ତି । ପ୍ରଭୁ, ସଂସାର ଦୁଃଖକଷ୍ଟ, ଅନ୍ୟାୟ, ମିଥ୍ୟାଚାରରେ ପୂର୍ଣ୍ଣ । ଆପଣଙ୍କ କାର୍ଯ୍ୟରେ ଦୁଷ୍ଟ ଲୋକ ବହୁତ ବାଧା ସୃଷ୍ଟି କରିବେ ।''

ଶ୍ରୀକୃଷ୍ଣ କହିଲେ, ''ବତ୍ସ, ମୋତେ କୌଣସି ଘଟଣା ଅବିଦିତ ନାହିଁ । ତୋ ଉପରେ ଯେତେବେଳେ କୌଣସି ସଂକଟ ଆସିବ, ତୁ ମୋତେ ସ୍ମରଣ କରିବୁ । ମୁଁ ତୋତେ ସମସ୍ତ ସଂକଟରୁ ରକ୍ଷା କରିବି ଏବଂ ତୋର ସମସ୍ତ କାର୍ଯ୍ୟ ମୁଁ ସ୍ୱୟଂ କରିବି । ତୁ ନିଶ୍ଚିନ୍ତ ହୋଇ ମୋତେ ସ୍ମରଣ କର, ମୋ ନାମଗୁଣ କୀର୍ତ୍ତନ କର ।''— ଏତିକି କହି ପୂଜା କରିବା ସକାଶେ ନିଜର ଗୋଟିଏ ପ୍ରତିମା ଏବଂ କରତାଳ ଏକଯୋଡ଼ି ନରସିଂହରାମଙ୍କୁ ଦେଲେ । ପୂର୍ବରୁ ତାଙ୍କୁ ଭଗବାନଙ୍କ ପୀତାମ୍ବର ପ୍ରାପ୍ତ ଥିଲା । ଭଗବାନଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ବିଦାୟ ନେବା ସମୟରେ ସେ ତାଙ୍କ ଚରଣରେ ପଡ଼ିଗଲେ ଏବଂ ନେତ୍ରରୁ ପ୍ରେମାଶ୍ରୁବର୍ଷା ହେବାକୁ ଲାଗିଲା । କିଛି ସମୟ ପରେ ତପସ୍ୟା କରୁଥିବା ଏବଂ ଶଙ୍କରଙ୍କୁ ଦର୍ଶନ କରିଥିବା ଜୁନାଗଡ଼ ନିକଟସ୍ଥ ଜୀର୍ଣ୍ଣ ମନ୍ଦିରରେ ନିଜକୁ ପାଇଲେ । ଅର୍ଥାତ୍ ଦିବ୍ୟ ଭଗବତ୍ ଧାମରେ ଭଗବତ୍ ପ୍ରାପ୍ତି ହୋଇଥିବା ନରସିଂହରାମଙ୍କ ଦିବ୍ୟଶରୀର ତାଙ୍କ ପାର୍ଥିବ ସ୍ଥୂଳ ଶରୀର ସହିତ ଏକ ହୋଇଗଲା । ଦିବ୍ୟଧାମରେ ଭଗବାନଙ୍କଠାରୁ ପ୍ରାପ୍ତ ବିଗ୍ରହ, କରତାଳ, ପୀତାମ୍ବର ତଥା ତୁଳସୀମାଳା, ଊର୍ଦ୍ଧ୍ୱପୁଣ୍ଡ୍ର ତିଳକ ଏହି ସ୍ଥୂଳ ଶରୀରରେ ଶୋଭା ପାଇଲା । ତାଙ୍କ ସ୍ଥୂଳ ଶରୀର ସହିତ ଦିବ୍ୟଶରୀର ଏକ ହୋଇଯିବାରୁ ତାଙ୍କ ସ୍ଥୂଳ ଶରୀର-ଚେତନାରେ ଦିବ୍ୟ

ଶରୀର ବିଷୟ ଅଗମ୍ୟ ରହିଲା । ସେ ଏହି ସ୍ଥୂଳ ଶରୀରରେହିଁ ଦିବ୍ୟ ଧାମ ଯାଇଥିବା ବିଷୟ ନିଃସନ୍ଦିଗ୍‌ଧଭାବେ ତାଙ୍କ ଚେତନାରେ ପ୍ରତିଷ୍ଠିତ ହୋଇଗଲା । ଭଗବାନଙ୍କ କୃପା ତଥା ସ୍ଥୂଳ ବସ୍ତୁ ଭଗବତ୍ ବିଗ୍ରହ, କରତାଳ, ପୀତାମ୍ବର ପ୍ରାପ୍ତ ଥିବାରୁ ସନ୍ଦେହର ଅବକାଶ ରହିଲା ନାହିଁ । ଦିବ୍ୟଶରୀରରେ ପ୍ରାପ୍ତ ବସ୍ତୁ ସ୍ଥୂଳ ଶରୀରରେ ମିଳିବା – ଏହି ଅସମ୍ଭବ ଶିବଙ୍କ କୃପାରୁ ସମ୍ଭବ ହେଲା । ତାଙ୍କ ସ୍ଥୂଳ ଶରୀର ଯଦ୍ୟପି ପୂର୍ବର ଥିଲା ତଥାପି ତାଙ୍କ ଚେତନା ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତିତ ହୋଇଥିଲା । ସେ ସର୍ବଦା ଭଗବତ୍ ଚେତନାରେ ନିବାସ କରୁଥିଲେ ଏବଂ ଭଗବାନଙ୍କ ଦ୍ୱାରା ପରିଚାଳିତ ହେଉଥିଲେ । ଏହି ଅବସ୍ଥାରେ ସମ୍ପୂର୍ଣ୍ଣ ରୂପେ ଭଗବାନଙ୍କ ଉପରେ ନିର୍ଭରତା ସ୍ୱତଃସ୍ଫୂର୍ତ୍ତ ରୂପେ ଆସେ ।

ଅନନ୍ୟ ନିର୍ଭରତା

ପୂର୍ବ ଦିଶାରେ ଅରୁଣିମା ପ୍ରକାଶ ହୋଇଥିଲା । ଦେଖୁ ଦେଖୁ ଭୋର ହେବାକୁ ଲାଗିଲା । ନରସିଂହରାମ ନିଦ୍ରାରୁ ଉଠିବା ସଦୃଶ ବସିପଡ଼ିଲେ । ଏତେଦିନ ପର୍ଯ୍ୟନ୍ତ ଉପବାସ ଥିବା ସତ୍ତ୍ୱେ ଶରୀରରେ ଦୁର୍ବଳତା ନ ଥିଲା । ପୂର୍ବାପେକ୍ଷା ବହୁ ଗୁଣରେ ସବଳ ସତେଜ ଅନୁଭବ ହେଉଥିଲା । ସେ ଉଠି ସ୍ନାନ କରି ତିଳକ ଧାରଣ କଲେ, ଶିବଜିଙ୍କୁ ପୂଜା କଲେ ଏବଂ ଭାବିଲେ, ''ଯେଉଁ ଭାଉଜଙ୍କ କୃପାରୁ ମୁଁ ଭଗବତ୍ ଦର୍ଶନ ଏବଂ ତାଙ୍କ ସାନ୍ନିଧ ପାଇ ପାରିଛି ସେହି ଭାଉଜ ମୋର ଯଥାର୍ଥରେ ପରମ ହିତକାରିଣୀ; ତାଙ୍କ ପାଦରେ ମସ୍ତକ ନତ କରିବା ଉଚିତ ।'' ଏହା ଭାବି ନିଜ ଘର ଜୁନାଗଡ଼ ଅଭିମୁଖେ ଗମନ କଲେ । ତାଙ୍କ ହୃଦୟରେ ଭଗବତ୍ ଭକ୍ତି ପ୍ଲାବିତ ହେଉଥିଲା । ସେ ଆନନ୍ଦରେ ବିଭୋର ହୋଇ ଭଗବତ୍ ନାମ ଗାନ ସହିତ କରତାଳ ବଜେଇ ନିଜ ଘରେ ପହଞ୍ଚିଲେ । ସେ ତ ସର୍ବଦା ଭଗବତ୍ ଦିବ୍ୟାନନ୍ଦରେ ଉନ୍ମତ୍ତ ରହୁଥିଲେ । ତାଙ୍କର କାହା ପ୍ରତି ରାଗ ଦ୍ୱେଷ ନ ଥିଲା ।

ବଂଶୀଧର ଘରେ ଥିଲେ । ଭାଉଜ ଦୁରିତଗୌରୀ ବି ତାଙ୍କ ସହିତ କୌଣସି ବିଷୟରେ କଥାବାର୍ତ୍ତା କରୁଥିଲେ । ନରସିଂହରାମ ବୈଷ୍ଣବ ବେଶରେ ବଡ଼ଭାଇ ବଂଶୀଧର ତଥା ଭାଉଜ ଦୁରିତଗୌରୀଙ୍କ ଚରଣରେ ନମ୍ରତାପୂର୍ବକ ମସ୍ତକ ରଖି ପ୍ରଣାମ କଲେ । ବଂଶୀଧର ବୈଷ୍ଣବ ବେଶରେ ନରସିଂହରାମଙ୍କୁ ଦେଖିବାରୁ କ୍ରୋଧାଗ୍ନିରେ ତାଙ୍କ ହୃଦୟ ଜଳିବାକୁ ଲାଗିଲା । ସେ ରୋଷଯୁକ୍ତ ସ୍ୱରରେ କହିଲେ, ''ନରସିଂହରାମ, ତୋର ଏ କି ତାମସା ! ଗଳାରେ ତୁଳସୀମାଳା, ଲଲାଟରେ ତିଳକ, ଶରୀରରେ ପୀତାମ୍ବର, ହାତରେ କରତାଳ ଓ ଗୋଟାଏ ଧାତୁପ୍ରତିମା – ଏସବୁ କିଏ ଦେଲା ? ଏସବୁକୁ ଫୋପାଡ଼ିଦେ, ତିଳକ ପୋଛିପକା, ମାଳା ଛିଣ୍ଡାଇପକା । ତୁ ପିଲା ନୋହୁ, ଦୁଇଟା ସନ୍ତାନର ପିତା; ତୋର ଝିଅର ପତିଗୃହକୁ ପୁନରାଗମନର ସମୟ ହୋଇଗଲାଣି । ସେଥିପ୍ରତି ଟିକିଏ ବି ଭ୍ରୁକ୍ଷେପ ନାହିଁ, ଦିନରାତି ଭିକମଗାଙ୍କ ପଛରେ ଗୋଡ଼େଇଛୁ, ଭିକମଗାଙ୍କ ବାନା ଧାରଣ କରି କି ନାଟକ ରଚନା କରୁଛୁ ? ଦି ପଇସା ରୋଜଗାର ନାହିଁ କିଂବା କୁଟୁମ୍ବର ଚିନ୍ତା ନାହିଁ, ମନରେ ଯାହା ଆସୁଛି ତାହାହିଁ କରୁଛୁ । ବୁଦ୍ଧିବିବେକ ବୋଲି ତୋର କିଛି ନାହିଁ ।''

ନରସିଂହରାମ ବିନୀତ ଭାବରେ କହିଲେ – ''ଭାଇ, ଆପଣ ମୋର ପିତୃସମାନ । ଆପଣଙ୍କ ଆଜ୍ଞା ପାଳନ କରିବା ମୋର କର୍ତ୍ତବ୍ୟ । ଏହା ଜାଣିବା ସତ୍ତ୍ୱେ ପ୍ରାର୍ଥନା କରିବାକୁ ବାଧ ହେଉଛି । ଭାଇ, ଏହି ବୈଷ୍ଣବ ବେଶ ଗୋଲୋକବାସୀ ଭଗବାନ୍ ଶ୍ରୀକୃଷ୍ଣଙ୍କର । ଏହିସବୁ ବସ୍ତୁ ସ୍ୱୟଂ ଶ୍ରୀକୃଷ୍ଣ ସ୍ୱହସ୍ତରେ ପ୍ରସାଦ ଦେଇଛନ୍ତି । ଏହି ବେଶ ଏବଂ ଭଗବାନଙ୍କ ପ୍ରଦତ୍ତ ପ୍ରସାଦ ଏହି ପୀତାମ୍ବର, କରତାଳ ଏବଂ ଶ୍ରୀକୃଷ୍ଣଙ୍କ ଧାତୁପ୍ରତିମା ମୋ ପ୍ରାଣରୁ ଅଧିକ ପ୍ରିୟ । ଏହାକୁ ତ୍ୟାଗ କରିବା କଥା ଆପଣ ମୁଖରେ ଉଚ୍ଚାରଣ କରନ୍ତୁ ନାହିଁ । ଏହାକୁ ତିରସ୍କାର କରିବା ଅର୍ଥ ସ୍ୱୟଂ ଭଗବାନଙ୍କୁ ତିରସ୍କାର କରିବା ।''

ନରସିଂହରାମଙ୍କ ବିନୟଯୁକ୍ତ ନିର୍ଭୀକ ଯୁକ୍ତିଯୁକ୍ତ ଉତ୍ତର ବଂଶୀଧର ହୃଦୟକୁ ଦଗ୍‌ଧ କରିବାକୁ ଲାଗିଲା । ସେ ବାଲ୍ୟାବସ୍ଥାରୁ ନରସିଂହରାମଙ୍କୁ ପାଳନପୋଷଣ କରି ଆଣିଥିଲେ । ସେ ରାଜ୍ୟର ପୁଲିସ ଅଫିସର ଥିଲେ ଏବଂ ନରସିଂହରାମଙ୍କ ତୁଳନାରେ ବିଦ୍ୱାନ୍ ଥିଲେ । ନରସିଂହରାମଙ୍କର ସ୍ଥୂଳ ବୁଦ୍ଧିର ବିକାଶ ହୋଇ ନ ଥିଲା କିଂବା ପଢ଼ାଲେଖା

ଜାଣି ନ ଥିଲେ । ଏହିସବୁ ଦୃଷ୍ଟିରୁ ନରସିଂହରାମଙ୍କଠାରୁ ବଂଶୀଧର ବହୁତ ଶ୍ରେଷ୍ଠ ବୋଲି ନିଜକୁ ମନେ କରୁଥିଲେ । ତାଛଡ଼ା ଆଜି ପର୍ଯ୍ୟନ୍ତ ତାଙ୍କ ସମ୍ମୁଖରେ କେବେ ବି ନରସିଂହରାମ କୌଣସି ବିଷୟରେ ପ୍ରତିବାଦ କରି ନ ଥିଲେ । ଆଜି ସିଧା ସିଧା ତାଙ୍କ ମୁହଁ ଉପରେ ରୋକ୍‌ଠୋକ୍ ଜବାବ ଦେବାରୁ ସେ କ୍ରୋଧରେ ଜ୍ଞାନଶୂନ୍ୟ ହୋଇଗଲେ ଏବଂ କହିଲେ, ''ଆରେ ମୂର୍ଖ, ତୁ ପାଗଳଙ୍କ ପରି କ'ଣ ବକ୍ ବକ୍ କରୁଛୁ ? ମୋତେ ଉପଦେଶ ଦେବାକୁ ଆସିଛୁ ? ତୋରି ପରି ମୂର୍ଖଙ୍କୁ ପ୍ରସାଦ ଦେବା ସକାଶେ ଭଗବାନ୍ ଅନେଇ ବସିଥିଲେ ! ଏପରି କହିବାକୁ ତୁ ଲଜ୍ଜା ବୋଧ କରୁ ନାହୁଁ ? ମନେ କରିଛୁ ମୁଁ ଏକେବାରେ ମୂର୍ଖ । ତୋରି ପାଗଳ ପ୍ରଳାପକୁ ବିଶ୍ୱାସ କରିବି ? ତୋର ଟିକିଏ ବି ବୁଦ୍ଧିଶୁଦ୍ଧି ନାହିଁ କିଂବା ବିଚାର କରିବାର ଶକ୍ତି ନାହିଁ । ଏପରି ବେଶ ଦେଖିଲେ ଆତ୍ମୀୟଙ୍କୁ ଭାଇ, ବନ୍ଧୁ, କୁଟୁମ୍ବ, ଜାତିରୁ ପୃଥକ୍ କରିଦେବେ । ପୁଅଟିକୁ ବିବାହ କରିବୁ କେଉଁଠି ? ତୁ ବୁଡ଼ିବୁ, ମୋତେ ବି ବୁଡ଼େଇବୁ ।''

ନରସିଂହରାମ ହାତ ଯୋଡ଼ି ବିନମ୍ରଭାବେ କହିଲେ, ''ଭାଇ, ମୁଁ କ'ଣ ସାକ୍ଷାତ୍ ଭଗବାନଙ୍କଠାରୁ ପ୍ରସାଦ ନ ପାଇ ଆପଣଙ୍କୁ ମିଥ୍ୟା କହୁଛି ? ଏହା କଦାପି ନୁହେଁ । ଏହା ଭଗବାନଙ୍କ ସ୍ୱହସ୍ତ ପ୍ରସାଦ ଏବଂ ଭଗବାନଙ୍କ ସାକ୍ଷାତ୍ କୃପା । ଭଗବାନଙ୍କ କୃପା ସମ୍ମୁଖରେ ପାତ୍ର ଅପାତ୍ର, ଯୋଗ୍ୟ ଅଯୋଗ୍ୟର ପ୍ରଶ୍ନ ନ ଥାଏ । ସେ ଯାହା ଉପରେ କୃପା କରନ୍ତି ତାକୁ ସମସ୍ତ ପ୍ରକାର ବିପଦ ଆପଦରୁ ରକ୍ଷା କରନ୍ତି । ଭଗବାନଙ୍କ ସୃଷ୍ଟିରେ ସମସ୍ତ କିଛି ଭଗବାନଙ୍କର ବିଧାନ । ଯେଉଁ ଭଗବାନ୍ ମୋତେ ଏହି ବେଶ ଦେଇଛନ୍ତି, ସେହି ଭଗବାନ୍ ସବୁପ୍ରକାରେ ରକ୍ଷା କରିବେ । ଭାଇ, କୁଟୁମ୍ବ, ବିରାଦରଙ୍କୁ ଖୁସୀ ରଖିବା ସକାଶେ ସୁରମୁନିଦୁର୍ଲଭ ଭଗବତ୍ ପ୍ରସାଦ ତ୍ୟାଗ କରିବା ପ୍ରାଣ ଥିବା ଅବସ୍ଥାରେ ମୋ ପକ୍ଷେ କଦାପି ସମ୍ଭବ ନୁହେଁ । ତାଛଡ଼ା ଭଗବତ୍ ଭକ୍ତି ଓ ଭଗବତ୍ ପ୍ରସାଦରେ ଯଦି କୁଳ ଓ ମର୍ଯ୍ୟାଦା କଳଙ୍କିତ ହେଉଥାଏ ତେବେ ସେ କୁଳ ଏବଂ ମର୍ଯ୍ୟାଦାକୁ ମୁଁ ପରୁଆ କରୁ ନାହିଁ ।'' ନରସିଂହରାମଙ୍କ ଏହି ବାକ୍ୟ ନମ୍ର ଥିବା ସତ୍ତ୍ୱେ ଏଥିରେ ଦୃଢ଼ତା ଏବଂ ନିର୍ଭୀକତା ସ୍ପଷ୍ଟଭାବେ ପ୍ରକାଶ ପାଉଥିଲା ।

ଏପର୍ଯ୍ୟନ୍ତ ଦୁରିତଗୌରୀ ଦୁଇ ଭାଇଙ୍କ କଥାବାର୍ତ୍ତା ଛିଡ଼ା ହୋଇ ଶୁଣୁଥିଲେ । ନରସିଂହରାମଙ୍କ ଏହି ଶେଷ ବାକ୍ୟ ଶେଷ ହେବା ପୂର୍ବରୁ ବଂଶୀଧରଙ୍କୁ କିଛି କହିବାର ସମୟ ନ ଦେଇ ରାଗରେ ତମତମ ହୋଇ କହିଲେ, ''ବଡ଼ ଭଗତ ହୋଇଛି । ଭାଇ ସଙ୍ଗେ କଳି କରିବାକୁ ଦୌଡ଼ି ଆସିଛି । ଆଜିପର୍ଯ୍ୟନ୍ତ ଘରେ ଶାନ୍ତି ଥିଲା । ଆସିବା ମାତ୍ରେ ଝଗଡ଼ା ଆରମ୍ଭ ହୋଇଗଲା । ବଡ଼ ସାନର କିଛି ବିଚାର ନାହିଁ । ବଡ଼ଭାଇକୁ ଉପଦେଶ ଦେଉଛି । କେତେ ସାହସ ! କୁଳ ଏବଂ ମର୍ଯ୍ୟାଦାକୁ ଏହାର ପରୁଆ ନାହିଁ ! ତେବେ ଏହି କୁଳରେ ରହିବା ତୋର କୌଣସି ପ୍ରୟୋଜନ ନାହିଁ । ତୋତେ ଭଗବାନ୍ ପ୍ରସାଦ ଦେଇଛନ୍ତି, ତୁ ତାକୁ ରଖ । ତୋ ସକାଶେ ଭାଇ ବିରାଦରରେ ଆମେ ନାକ କଟେଇବୁ କାହିଁକି ? ତୋ ସକାଶେ ଭାଇ ବିରାଦର ଅଡ଼ୋଶୀ ପଡ଼ୋଶୀଙ୍କଠାରୁ ତିରସ୍କୃତ ହୋଇ ଏକଘରିଆ ହୋଇ ମୁଁ ରହିବାକୁ ଚାହେଁ ନାହିଁ ।''

ଭାଉଜଙ୍କ କଥା ଶୁଣି ଭାଇ ମୌନ ରହିବାହିଁ ସମ୍ମତିର ଲକ୍ଷଣ, ଏହା ନରସିଂହରାମ ବୁଝିପାରି କହିଲେ, ''ଯଦି ଭଗବାନଙ୍କ ଏହି ବେଶ ସକାଶେ ତୁମ ନାକ କଟିବ, ଏବଂ ମୁଁ ପୃଥକ୍ ରହିଲେ ଯଦି ତୁମେ ନିରାପଦରେ ରହିବ, ତେବେ ମୁଁ କାଲି ପୃଥକ୍ ହୋଇଯିବି ।''

ରଣଚଣ୍ଡୀ ସଦୃଶ ଗର୍ଜିଉଠି ଦୁରିତଗୌରୀ କହିଲେ, ''ପୃଥକ୍ ହେବୁ କ'ଣ ? ଏହି ଘରେ ଭିକାରିଙ୍କୁ ଆଣି ଜମା କରିବୁ, ଦିନରାତି କରତାଳ ବଜେଇ ନାଚିବୁ । ଆମକୁ ଶୋଇ ବସେଇ ଦେବୁ ନାହିଁ । ଏ ଘରେ ତୋର କ'ଣ ଅଛି ? ତୁ କ'ଣ କେବେ ଗୋଟାଏ ପଇସା କମେଇ ଆଣି ଦେଇଛୁ ? ଏତେ ଦିନ ଧରି ତୋର ସାରା ପରିବାରକୁ ତ ଆମେ ପୋଷି ଆଣିଛୁ ? ଫେର୍ ଆଜି ତୋତେ ସମ୍ପତ୍ତିରୁ ବାଣ୍ଟ ଦେବୁ ? ଏପରି କହିବାରେ ତୋତେ ଲଜ୍ଜା ହେଉ ନାହିଁ ? ତୋର ଏ ଘରେ କିଛି ନାହିଁ । କାଲି କ'ଣ, ଆଜି, ଏଇକ୍ଷଣି ତୋ ସ୍ତ୍ରୀ ପିଲାଙ୍କୁ ନେଇ ବାହାରି ଯା ।''

ଭାଉଜଙ୍କର ଏପରି ତିରସ୍କୃତ ଭାଷାରେ ଘରୁ ବାହାରିଯିବା କଥା ଶୁଣି ମଧ୍ୟ ସେଥିରେ ଭାଇଙ୍କର ମୌନତାପୂର୍ବକ ସମ୍ମତି ଦେଖି ନରସିଂହରାମ ଅନୁଭବ କଲେ, ''ଏହି ଘରୁ ବାହାରି ଯିବାହିଁ ଭଗବାନଙ୍କର ବିଧାନ ।'' ଏବଂ ସେହିକ୍ଷଣି ଯେଉଁଠାରେ ଛିଡ଼ା ହୋଇଥିଲେ ସେହିଠାରୁ ଚାଲିଯିବାକୁ ନିଶ୍ଚୟ କରି ପ୍ରଥମରେ ଭାଉଜଙ୍କ ଚରଣରେ ପ୍ରଣାମ କଲେ

ଏବଂ କହିଲେ, ''ଆଶୀର୍ବାଦ କର, ମୁଁ ଯାଉଛି ।'' ବଡ଼ଭାଇଙ୍କ ଚରଣବନ୍ଦନା କରି ନିଷ୍କପଟ ଶାନ୍ତି ଓ ସ୍ଥିରତାରେ କହିଲେ, ''ଆପଣ ମୋର ବଡ଼ଭାଇ, ପିତୃସମାନ, ଆଶୀର୍ବାଦ ସର୍ବଦା ମୋ ଉପରେ ରଖନ୍ତୁ ।'' ବଡ଼ଭାଇ ମୌନ ରହିଲେ । ଭାଉଜ ଦୁରିତଗୌରୀ ବ୍ୟଙ୍ଗରେ କହିଲେ, ''ତୋ ଭଗବାନ୍ ତୋତେ ଆଶୀର୍ବାଦ କରିବେ, ଆମେ ଛାର ମନୁଷ୍ୟ, ଆମ ଆଶୀର୍ବାଦରେ କ'ଣ ହେବ ?

ନରସିଂହରାମଙ୍କ ଧର୍ମପତ୍ନୀ ମାଣିକଗୌରୀ ଘରେ ଛିଡ଼ା ହୋଇ ସମସ୍ତ ଶୁଣୁଥିଲେ । ନରସିଂହରାମଙ୍କ ଘରୁ ବାହାରିବା ଦେଖି ସେ ଯେଉଁ ଅବସ୍ଥାରେ ଥିଲେ ସେହି ଅବସ୍ଥାରେ ପୁଅ ଏବଂ ବାଲ୍ୟାବସ୍ଥାରେ ବିବାହ ହୋଇଥିବା ଝିଅ କୁଅଁରବାଇଙ୍କୁ ସଙ୍ଗେ ନେଇ ପତିଙ୍କ ସଙ୍ଗେ ଯିବାକୁ ତିଆରି ହେଲେ ଏବଂ ଦୂରରୁ ଦେଢ଼ଶୁର ବଂଶୀଧରଙ୍କୁ ଭୂମିରେ ମସ୍ତକ ରଖି ପ୍ରଣାମ କଲେ । ଦୁରିତଗୌରୀଙ୍କ ପାଖକୁ ଯାଇ ତାଙ୍କ ଚରଣରେ ମସ୍ତକ ରଖିଦେଲେ । ଝିଅ କୁଅଁରବାଇ ତଥା ପୁତ୍ର ଶ୍ୟାମଳ ଦାସ ବି ଜ୍ୟେଷ୍ଠପିତା ଓ ଜ୍ୟେଷ୍ଠମାତାଙ୍କୁ ପ୍ରଣାମ କରି ପିତା ମାତାଙ୍କ ସହିତ ଘରୁ ବିଦା ହୋଇଗଲେ ।

ନରସିଂହରାମଙ୍କ ଚେହେରାରେ କୌଣସି ହର୍ଷ ବା ବିଷାଦର ଚିହ୍ନ ନ ଥିଲା । ସେ ସ୍ୱାଭାବିକ ଭାବରେ ଭଗବତ୍ ନାମ ସ୍ମରଣ ତଥା ଭଗବତ୍ ସ୍ୱରୂପ ଧ୍ୟାନରେ ମଗ୍ନ ହୋଇ ଚାଲୁଥିଲେ । କିନ୍ତୁ ଧର୍ମପତ୍ନୀ ମାଣିକଗୌରୀ ଶୋକରେ ଅଭିଭୂତ ହୋଇ ପଡ଼ିଥିଲେ । ନାରୀମାନଙ୍କ ହୃଦୟ ସ୍ୱଭାବତଃ କୋମଳ । ସାମାନ୍ୟ ବିପଦରେ ସେମାନେ ଅଧୈର୍ଯ୍ୟ ହୋଇପଡ଼ନ୍ତି । ମାଣିକଗୌରୀ ଆରମ୍ଭରୁ ଦେଢ଼ଶୁରଙ୍କ ରୋଜଗାରରେ ପାଳନପୋଷଣ ହୋଇ ଆସୁଥିଲେ । ପତି ତ କେବେ ଦୁଇ ପଇସା କମାଉ ନ ଥିଲେ । ପରିବାର କିପରି ଚଳିବ ? ଏହି ଚିନ୍ତା ସଙ୍ଗେ ଉପସ୍ଥିତ ପରିସ୍ଥିତିରେ ଛୁଆପିଲା ସଙ୍ଗେ ଚାଲୁଛନ୍ତି । ପଇସାକର ମୁଢ଼ି ଖରିଦ କରିବାର ଉପାୟ ନାହିଁ, ଜମିରେ ଶୋଇବା ସକାଶେ ମସିଣାଟିଏ ବି ନାହିଁ, ପିନ୍ଧାଲୁଗା ଛଡ଼ା ଖଣ୍ଡିଏ ଲୁଗା ବି ନାହିଁ । ଏହିସବୁ କାରଣରୁ ସେ ଅଧିକ ବ୍ୟାକୁଳ ହୋଇପଡ଼ିଲେ । ତାଙ୍କ ନେତ୍ରରୁ ଅଶ୍ରୁ ବର୍ଷା ହେବାକୁ ଲାଗିଲା । କିଛି ଦୂର ଯିବା ପରେ ସେ ଶୋକାକୁଳା ହୋଇ କହିଲେ, ''ପତିଦେବ, ଏବେ ଆମେ କେଉଁଠିକୁ ଯିବା ?''

ନରସିଂହରାମ କହିଲେ, ''ପ୍ରିୟେ, ତୁମେ ଅଧୈର୍ଯ୍ୟ ହେଉଛ କାହିଁକି ? ଆମର ରକ୍ଷକ ଭଗବାନ୍ । ସେ ସର୍ବଦା ଆମ ସଙ୍ଗେ ଅଛନ୍ତି । ବିପଦ ହେଉଛି ବ୍ୟକ୍ତିର ପରୀକ୍ଷା । ବିପଦରେହିଁ ବ୍ୟକ୍ତି ଧୈର୍ଯ୍ୟ, ସାହସ ରଖି ଭଗବାନଙ୍କ ଉପରେ ନିର୍ଭରଶୀଳ ହେଲେ ଜୀବନରେ ବିଶେଷ ଉନ୍ନତି ହୁଏ । ଭଗବାନଙ୍କ ପ୍ରତି ବିଶ୍ୱାସ, ନିର୍ଭରତା ବୃଦ୍ଧି ପାଏ । ଭଗବାନଙ୍କ ଆଶ୍ରିତ ସକାଶେ ବିପଦହିଁ ସହାୟକ । ବିପଦରେହିଁ ଭଗବାନ୍ ପ୍ରତ୍ୟକ୍ଷଭାବେ ସଙ୍ଗେ ସଙ୍ଗେ ଥାଆନ୍ତି । ତୁମେ ଭଗବାନଙ୍କୁ ସ୍ମରଣ କର ଏବଂ ଚିନ୍ତା ଦୂର କର । ଆମେ ବର୍ତ୍ତମାନ ଗ୍ରାମର ବାହାର ଧର୍ମଶାଳାରେ ନିବାସ କରିବା । ସେଠାରେ ପୁଷ୍କରିଣୀ ଅଛି । ସ୍ନାନ କରିବାରେ ଅସୁବିଧା ହେବନି । ଭଗବାନ୍ ବିଶ୍ୱମ୍ଭର । ଯେଉଁ ଭଗବାନ୍ ପ୍ରାଣିମାତ୍ରର ଅନ୍ନଦାତା, ସେହି ଭଗବାନ୍ କ'ଣ ଆମକୁ ଉପବାସରେ ରଖିବେ ?''

ଅଶ୍ରୁପୂର୍ଣ୍ଣ ନେତ୍ରରେ ମାଣିକଗୌରୀ କହିଲେ, ''ପ୍ରାଣେଶ, ଧର୍ମଶାଳାରେ ତ ଯାତ୍ରୀମାନେ ରହନ୍ତି । ଗୃହସ୍ଥଙ୍କ ସକାଶେ ଧର୍ମଶାଳାରେ ନିବାସ ସାମାଜିକ ଦୃଷ୍ଟିରୁ ଠିକ୍ ନୁହେଁ । ତାହା ଛଡ଼ା ଆମର ନାଗରଜାତି ବିଶେଷ ବିରୋଧ କରିବେ ।''

''ଦେଖ, ଏଇ ସଂସାର ଗୋଟିଏ ବଡ଼ ଧର୍ମଶାଳା । ଏହି ଛୋଟ ଧର୍ମଶାଳାରେ ଯେପରି ଯାତ୍ରୀମାନେ ଆସନ୍ତି ଯାଆନ୍ତି, ଠିକ୍ ସେହିପରି ସଂସାରରୂପ ବଡ଼ ଧର୍ମଶାଳାରେ ଜୀବ ଆସନ୍ତି ଯାଆନ୍ତି । କେହି ସ୍ଥାୟୀ ହୋଇ ରହନ୍ତି ନାହିଁ । ଦରିଦ୍ରଠାରୁ ରାଜାପର୍ଯ୍ୟନ୍ତ ସମସ୍ତଙ୍କ ସକାଶେ ଗୋଟିଏ ଅକାଟ୍ୟ ନିୟମ । ଏହି ରହସ୍ୟ ନ ଜାଣି ଯଦି ନାଗରଜାତି ବିରୋଧ କରିବେ, କରନ୍ତୁ । ସେ ସକାଶେ ଆମେ ଚିନ୍ତା କରିବା କାହିଁକି ?'' ଏତିକି କହି କିଛି ସମୟ ପରେ ନରସିଂହରାମ ଛୋଟ ପରିବାରଟି ସହିତ ଧର୍ମଶାଳାରେ ପହଞ୍ଚିଲେ । ତାଙ୍କ ପାଖରେ ପିନ୍ଧିବା ଲୁଗା, ଭଗବାନଙ୍କ ପ୍ରତିମା ଏବଂ କରତାଳ ଛଡ଼ା ଆଉ କିଛି ନ ଥିଲା । ପ୍ରାତଃସ୍ନାନ ସମସ୍ତେ କରିସାରିଥିଲେ । ଗୋଟିଏ କକ୍ଷରେ ଛୋଟ ସିଂହାସନରେ ଭଗବାନଙ୍କ ପ୍ରତିମାକୁ ବିରାଜମାନ କରାଇ ଭକ୍ତରାଜ ଧ୍ୟାନରେ ମଗ୍ନ ହୋଇଗଲେ । ମାଣିକଗୌରୀ ପିଲାମାନଙ୍କ ସହିତ ସେହିଠାରେ

ବସି ବିଷାଦରେ ଭଗବତ୍ ନାମ ସ୍ମରଣ କରୁଥାଆନ୍ତି । ପିଲାମାନଙ୍କୁ କ୍ଷୁଧାର୍ତ୍ତ ଅବସ୍ଥାରେ ଦେଖି ତାଙ୍କ ହୃଦୟ ବିଦୀର୍ଣ୍ଣ ହୋଇଯାଉଥାଏ ।

ଦୁଇପ୍ରହର ଭୋଜନର ସମୟ ବ୍ୟତୀତ ହୋଇଗଲା । କ୍ଷୁଧାପୀଡ଼ାରେ ପିଲାମାନଙ୍କୁ ଦେଖି ମାଣିକଗୌରୀ ବିଶେଷ ବ୍ୟାକୁଳ ହୋଇପଡ଼ିଲେ । ଭକ୍ତରାଜ ଧ୍ୟାନସ୍ଥ ଅବସ୍ଥାରେ କରତାଳ ବଜାଇ ଭଗବାନଙ୍କ ଭଜନ ଓ ସ୍ତୁତିଗାନରେ ମସ୍ତ ହୋଇ ନୃତ୍ୟ କରିବାକୁ ଲାଗିଲେ । ଭଗବତ୍ ଆନନ୍ଦରେ ତାଙ୍କର ଶରୀର ଶୁଦ୍ଧି ରହିଲା ନାହିଁ । ସୂର୍ଯ୍ୟଦେବ ଅସ୍ତାଚଳକୁ ଯିବାକୁ ତିଆର ହେବାକୁ ଲାଗିଲେ । ସେହି ସମୟରେ ଭକ୍ତରାଜ କୀର୍ତ୍ତନ ବନ୍ଦ କରି ଭଗବାନଙ୍କୁ ପ୍ରଣାମ କରି ବସିବା ସମୟରେ ତାଙ୍କ କୀର୍ତ୍ତନ ଶୁଣୁଥିବା ଜଣେ ବ୍ୟକ୍ତି ଆସି ଭକ୍ତରାଜଙ୍କୁ ପ୍ରଣାମ କଲେ ତଥା ଆନ୍ତରିକ ଭକ୍ତିଭାବରେ ଭକ୍ତରାଜଙ୍କୁ ପଚାରିଲେ, ''ତୁମେ କେଉଁଠୁ ଆସିଲ ? କେଉଁଠାକୁ ଯିବ ? ଏଠାରେ କେତେ ସମୟ ରହିବ ?'' ଏହି ପ୍ରଶ୍ନର ଉତ୍ତରରେ ଭକ୍ତରାଜ ସରଳ ତଥା ନିଷ୍କପଟ ଭାବରେ ତାଙ୍କ ବୈଷ୍ଣବ ବେଶ ତାଙ୍କ ଭାଇଭାଉଜଙ୍କୁ ପସନ୍ଦ ନ ହେବାରୁ ତାଙ୍କୁ ଘରୁ ବାହାର କରିଦେଇଥିବା ଘଟଣା କହିଦେଲେ । ସେ ଶୁଣିବା ମାତ୍ରେ ହାତ ଯୋଡ଼ି ପ୍ରାର୍ଥନା କଲେ, ''ଭକ୍ତରାଜ, ଆଜ୍ଞା ହେଲେ ଭଗବାନଙ୍କ କୃପାରୁ ଆପଣଙ୍କ ରହିବା ଏବଂ ଭୋଜନ କରିବାର ବ୍ୟବସ୍ଥା କରିଦେବି । ମୋର ଏହି ସେବା ସ୍ୱୀକାର କରନ୍ତୁ ।'' ଭକ୍ତରାଜ କହିଲେ, ''ଭଗବାନଙ୍କର ଯାହା ଇଚ୍ଛା ।''

ଶେଠଜି ସେହିକ୍ଷଣି ଯାଇ ଭକ୍ତରାଜଙ୍କ ରହିବା ସକାଶେ ଗୋଟିଏ ଗୃହ ଠିକ୍ କଲେ । ସେଥିରେ ଭଗବାନଙ୍କ ମନ୍ଦିର, ଅତିଥିଶାଳା, ବିଶ୍ରାମ କକ୍ଷ, ପାକଶାଳା ଇତ୍ୟାଦି ସହ ଗୋଟିଏ ପରିବାର ଭଲଭାବେ ରହିବା ସକାଶେ ଉପଯୁକ୍ତ ବ୍ୟବସ୍ଥା ଥିଲା । ମନେ ହେଉଥିଲା ଯେପରି ପୂର୍ବରୁ ଭକ୍ତରାଜଙ୍କ ଆବଶ୍ୟକତା ଅନୁସାରେ ଘରଟି ତିଆରି କରାହୋଇଥିଲା । ସେଥିରେ ଭୋଜନଦ୍ରବ୍ୟ, ଲୁଗାପଟା, ବିଛଣାପତ୍ର, ରୋଷେଇ କରିବାର ଜିନିଷପତ୍ର ସବୁକିଛି ବ୍ୟବସ୍ଥା କରି ଶେଠଜି ଫେରିଆସି ନମ୍ରତା ସହକାରେ ଭକ୍ତରାଜଙ୍କୁ ତାଙ୍କ ପରିବାର ସହିତ ଡାକିନେଇ ସେହି ନୂତନ ଗୃହରେ ପହଞ୍ଚାଇ ଦେଲେ ଏବଂ ବ୍ୟବହାର କରିବାର ସମସ୍ତ ବସ୍ତୁ ଦେଖାଇ ଦେଇ ତାଙ୍କଠାରୁ ବିଦାୟ ନେଇ ଚାଲିଗଲେ । ସେହି ସ୍ଥାନଟି ଆଜି ବି ନରସି ଚୌରା ନାମରେ ବିଦ୍ୟମାନ ଅଛି । ନରସିଂହରାମଜି ପତ୍ନୀଙ୍କୁ କହିଲେ, ''ବ୍ୟକ୍ତି ନିଜ ସକାଶେ ଯାହା ଭାବେ ବା ଚାହେଁ, ତା ଅପେକ୍ଷା ଅଧିକ ଜାଣନ୍ତି ଭଗବାନ୍ ଏବଂ ସେଥିପାଇଁ ବ୍ୟବସ୍ଥା ମଧ୍ୟ କରନ୍ତି । କିନ୍ତୁ ବ୍ୟକ୍ତି ଭଗବାନଙ୍କ ଉପରେ ଭରସା ନ ରଖିବା ଯୋଗୁଁ ବ୍ୟାକୁଳ ହୋଇପଡ଼େ ।'' ''ନାଥ, ତୁମ କଥା ସର୍ବଥା ସତ୍ୟ । ଭଗବାନଙ୍କର ସର୍ବଦା କୃପା ରହିଅଛି ।'' ଏହା କହିବା ମାତ୍ରେ ମାଣିକଗୌରୀଙ୍କ ନେତ୍ରରୁ ପ୍ରେମାଶ୍ରୁ ଝରିପଡ଼ିଲା । ସେ କିଛି ଜଳଖିଆ ଠାକୁରଙ୍କୁ ଭୋଗ ଲଗାଇ ପିଲାମାନଙ୍କୁ ତଥା ଭକ୍ତରାଜଙ୍କୁ ଦେଇ ଶେଷରେ ପ୍ରସାଦ ନେଲେ ।

ତା'ପରେ ଭକ୍ତରାଜ ଭଗବାନଙ୍କ ଧ୍ୟାନରେ ମଗ୍ନ ରହିଲେ, ମାଣିକଗୌରୀ ଭଗବାନଙ୍କ ସକାଶେ ରୋଷେଇ ତିଆରି କରି ଭକ୍ତରାଜଙ୍କୁ ଖବର ଦେଲେ । ଭକ୍ତରାଜ ଭଗବାନଙ୍କୁ ଭୋଗ ଲଗାଇଦେଲେ । ସମସ୍ତ ପରିବାର ଆନନ୍ଦରେ ଭଗବତ୍ ପ୍ରସାଦ ସେବନ କଲେ । ଭକ୍ତରାଜଙ୍କ ଭୋଜନ ପରେ ମାଣିକଗୌରୀ ପ୍ରସାଦ ସେବନ କରି ଭଗବାନଙ୍କୁ ସ୍ମରଣପୂର୍ବକ ଶାନ୍ତିରେ ବିଶ୍ରାମ କଲେ । ଭଗବାନଙ୍କ ନିର୍ଦ୍ଦେଶରେ ଶେଠଜିଙ୍କ ରୂପରେ ନିତ୍ୟଧାମର ଅକ୍ରୂରଜି ଆସି ଘରର ବ୍ୟବସ୍ଥା କରି ଦେଇଥିବା କଥା ଭକ୍ତରାଜ ତାଙ୍କ ଧ୍ୟାନ ଅବସ୍ଥାରେ ଜାଣି ପାରିଥିଲେ ।

ଭକ୍ତରାଜ ଏକେବାରେ ନିର୍ଦ୍ୱନ୍ଦ୍ୱ । ଭାଇଭାଉଜଙ୍କର ଯେଉଁ ବାହ୍ୟ ପ୍ରତିବନ୍ଧକ ଥିଲା ତାହା ଭଗବାନ୍ ସମ୍ପୂର୍ଣ୍ଣ ରୂପେ ଦୂର କରିଦେଲେ । ତାଙ୍କର କେବଳ କାର୍ଯ୍ୟ ରହିଲା ଭଗବତ୍ ନାମ ସ୍ମରଣ ଓ କୀର୍ତ୍ତନରେ ଡୁବି ରହିବା, କେହି କୀର୍ତ୍ତନ କରିବାକୁ ନିମନ୍ତ୍ରଣ କଲେ ରାତିସାରା ଜାଗ୍ରତ୍ ହୋଇ ତାଙ୍କ ଘରେ କୀର୍ତ୍ତନ କରିବା । ସାଧୁସଙ୍ଗ ଗୃହକୁ ଆସିଲେ ଭକ୍ତରାଜଙ୍କର ଆନନ୍ଦର ସୀମା ରହୁ ନ ଥିଲା । ତାଙ୍କ ସହିତ ଭଗବତ୍ ଚର୍ଚ୍ଚା ଏବଂ କୀର୍ତ୍ତନରେ ମଗ୍ନ ରହୁଥିଲେ । ତାଙ୍କୁ ଭୋଜନ କରାଇ ତାଙ୍କ ସେବାରେ ଅପାର ଆନନ୍ଦ ଅନୁଭବ କରୁଥିଲେ । ଭକ୍ତରାଜଙ୍କ ସଙ୍ଗସେବା ତଥା ଭକ୍ତିଭାବ ଜନମୁଖରେ ପ୍ରସାରିତ ହେବାରୁ ତାଙ୍କ ଦର୍ଶନକୁ ଦିନୁଦିନ ଅଧିକ ସଙ୍ଗ ଭକ୍ତ ଆସିବାକୁ ଲାଗିଲେ । ଭକ୍ତରାଜ ଉଦାର ହୃଦୟରେ ସଙ୍ଗସେବା କଲେ । ରୋଜଗାରର କୌଣସି ପଛା ନ ଥିଲା କିଂବା ଭକ୍ତରାଜଙ୍କର ଖର୍ଚ୍ଚ ସକାଶେ ଚିନ୍ତା ବି ନ ଥିଲା । ଶେଠଜିଙ୍କ ଦ୍ୱାରା

ଯେଉଁ ଗଚ୍ଛିତ ବସ୍ତୁ ଏବଂ ଅର୍ଥ ଥିଲା ତାହା ସମାପ୍ତ ହୋଇଗଲା । ଭଗବାନଙ୍କ କୃପାରୁ ଯାହା ଆସୁଥିଲା ତାହା ବି ଖର୍ଚ୍ଚ ହୋଇଯାଉଥିଲା । ତାଙ୍କ ପାଖରେ କେବେ ଅର୍ଥ ସଞ୍ଚିତ ହୋଇ ରହୁ ନ ଥିଲା କିଂବା ଖର୍ଚ୍ଚରେ ଅଭାବ ହେଉ ନ ଥିଲା ।

କୁଅଁରବାଈଙ୍କ ପୁଆଣୀ

ଗୋଟିଏ ନୂତନ ଆପଦ ଆସି ପଡ଼ିଲା । କନ୍ୟା କୁଅଁରବାଈ ପ୍ରୌଢ଼ାବସ୍ଥା ପ୍ରାପ୍ତ ହେବା ପରେ କୁଅଁରବାଈଙ୍କ ଶ୍ୱଶୁର ଶ୍ରୀ ଗଙ୍ଗାଧର ମେହତା ଆସି ବୋହୂ ନେବା ସକାଶେ ଦିନ ନିର୍ଦ୍ଧାରିତ କରିଗଲେ । କୁଅଁରବାଈ ବିଦା ହୋଇଯିବାର ମାତ୍ର ଦୁଇ ଦିନ ବାକୀ ଥାଏ । ସେ ପର୍ଯ୍ୟନ୍ତ ଝିଅବିଦାୟ ସକାଶେ କୌଣସି କିଛି ତିଆର ନ ଥାଏ । ଘରେ ଗୋଟିଏ ବୋଲି ପଇସା ନାହିଁ । ହଳଦି କାଠୁଆ, କଳାପାତିଟିଏ ବି ଖରିଦ ହୋଇ ନାହିଁ । ଏହି ବିଷୟରେ ଭକ୍ତରାଜଙ୍କୁ ଚିନ୍ତା କରିବା ଦୂରେ ଥାଉ ଝିଅବିଦାୟର ଧାରଣା ବି ତାଙ୍କ ନିଶ୍ଚଳ ଶାନ୍ତ ମନକୁ ସ୍ପର୍ଶ କରିପାରୁ ନ ଥାଏ । ସେ ସର୍ବଦା ଭଗବତ୍ ଭକ୍ତିରେ ମସ୍ତ ରହୁଥାଆନ୍ତି । ସେ ସେହି ଦିନ ସକାଳୁ କେଉଁଠିକି ଭଗବତ୍ ନାମ କୀର୍ତ୍ତନ କରିବାକୁ ଚାଲିଯାଇଥା'ନ୍ତି । ଝିଅବିଦାୟ ଚିନ୍ତାରେ ମାଣିକଗୌରୀ ଚିନ୍ତିତ ହୋଇ ରୋଷେଇ କରୁଥାଆନ୍ତି । ଠିକ୍ ସେହି ସମୟରେ ସମୁଦା ଶ୍ରୀ ଗଙ୍ଗାଧର ମେହତାଙ୍କ କୁଳପୁରୋହିତ କୁଅଁରବାଈଙ୍କୁ ନେବା ସକାଶେ ଆସି ପହଞ୍ଚିଲେ । ମାଣିକଗୌରୀ ରୋଷେଇରେ ବ୍ୟସ୍ତ ଥାଆନ୍ତି । ପୁରୋହିତଜି ଦୁଆର ମୁହଁରେ ଛିଡ଼ାହୋଇ କହିଲେ, ''ମେହତାଜି ଅଛନ୍ତି ?'' ମାଣିକଗୌରୀ ରୋଷେଇଶାଳାରେ ରହି କହିଲେ, ''ସେ ଘରେ ନାହାନ୍ତି, ଆପଣ ଆସନ୍ତୁ ।'' ଏହା କହି ମାଣିକଗୌରୀ ରୋଷେଇଶାଳାରୁ ବାହାରି ଆସି କହିଲେ, ''ଆପଣ କେଉଁଠୁ ଆସିଛନ୍ତି, କ'ଣ କାମ ଅଛି ?'' ପୁରୋହିତଜି ନିଜର ପରିଚୟ ଦେବା ସଙ୍ଗେ ସଙ୍ଗେ କୁଅଁରବାଈଙ୍କୁ ନେବାକୁ ଆସିଥିବା କଥା ମଧ୍ୟ କହିଲେ ।* ମାଣିକଗୌରୀ ଗୋଡ଼ ଧୋଇବା ସକାଶେ ଜଳ ଆଣି ଦେଲେ ଏବଂ ବସିବାକୁ ଉତ୍ତମ ଆସନ ଦେଇ କହିଲେ, ''ସେ ବର୍ତ୍ତମାନ ଆସିବେ ।'' ଏହା କହି ସେ ପୁରୋହିତଙ୍କ ସକାଶେ ଉତ୍ତମ ବ୍ୟଞ୍ଜନ ତିଆରି କରିବାରେ ଲାଗିଲେ ଏବଂ କୁଅଁରବାଈଙ୍କୁ ଶାଶୂଘରକୁ ବିଦାୟ ଦେବାର ଚିନ୍ତାରେ ଚିନ୍ତିତ ହୋଇପଡ଼ିଲେ । ସେହି ସମୟରେ ଭକ୍ତରାଜ ଘରେ ପହଞ୍ଚି ମାଣିକଗୌରୀଙ୍କୁ ଡାକି କହିଲେ, ''ଠାକୁରଜିଙ୍କ ନୈବେଦ୍ୟ ସକାଶେ ଭୋଗ ତିଆରି ହୋଇ ଯାଇଛି ? କୌଣସି ସନ୍ଥ ମହାତ୍ମା ଆସି ନାହାନ୍ତି ?'' ମାଣିକଗୌରୀ ଚିନ୍ତିତ ସ୍ୱରରେ କହିଲେ, ''ରୋଷେଇ ତିଆରି ହେଉଛି, ସାଧୁ ସନ୍ଥ ତ କେହି ଆସି ନାହାନ୍ତି, କିନ୍ତୁ କୁଅଁରବାଈକୁ ନେବା ସକାଶେ ତା' ଶ୍ୱଶୁରଙ୍କ ପୁରୋହିତ ଆସିଛନ୍ତି ।'' ଭକ୍ତରାଜ ଏହା ଶୁଣି କହିଲେ, ''ଚିନ୍ତା କରିବାର କ'ଣ ଅଛି ? କୁଅଁରବାଈର ବିଦାୟ ହୋଇଯିବ ।'' ମାଣିକଗୌରୀ କହିଲେ, ''କ'ଣ ଗଲା ଅଇଲା ଝିଅ ହୋଇଛି ଯେ ସେ ସେମିତି ଚାଲିଯିବ ? ଝିଅ ପୁଆଣୀ ହୋଇଯିବ । କୁଳପ୍ରଥା ଅନୁସାରେ ଲୁଗାପଟା, ଅଳଙ୍କାର, କଂସାବାସନ, ବିଛଣା ଇତ୍ୟାଦି ଦେବାକୁ ହେବ । ଘରେ ଗୋଟାଏ ପଇସା ନାହିଁ । ରୋଜଗାରର ବି କୌଣସି ଧନ୍ଦା ନାହିଁ । ଏ ବିଷୟରେ କିଛି ଭାବିବାକୁ ତୁମର ସମୟ ନାହିଁ । ଏ କାର୍ଯ୍ୟ ହେବ କିପରି ?'' ଭକ୍ତରାଜ ଦୃଢ଼ତା ସହିତ କହିଲେ, ''ପ୍ରିୟେ, ତୁମେ ଏତେ ଚିନ୍ତିତ ହେଉଛ କାହିଁକି ? ତୁମେ ଆଖି ଆଗରେ ଦେଖିଆସୁଛ, ଭଗବାନ୍ ସବୁ ସମୟରେ ସବୁ କାର୍ଯ୍ୟ କରୁଅଛନ୍ତି, କୁଅଁରବାଈର ବିଦାୟ କାର୍ଯ୍ୟ ବି ସେ କରିବେ ।'' ଭକ୍ତରାଜଙ୍କ ଦୃଢ଼ ନିଶ୍ଚୟ ବାକ୍ୟ ଶୁଣି ମାଣିକଗୌରୀଙ୍କର ସାହସ ଆସିଗଲା । ସେ ପ୍ରସନ୍ନତାରେ କହିଲେ, ''ନାଥ, ତୁମ ବାକ୍ୟ ସର୍ବଦା ସତ୍ୟ, କିନ୍ତୁ ପ୍ରତିକୂଳ ଅବସ୍ଥାରେ କିଛି ସମୟ ସକାଶେ ମୁଁ ଭଗବାନଙ୍କ କୃପା ଭୁଲିଯାଏ । ଯଥାର୍ଥରେ ସେହି ଭଗବାନ୍ କୁଅଁରବାଈର ବିଦାୟ କାର୍ଯ୍ୟ ବି କରିବେ ।'' ଏହା କହି ମାଣିକଗୌରୀ ରୋଷେଇଶାଳାକୁ ଯାଇ ଭଗବାନଙ୍କ ନୈବେଦ୍ୟ ସକାଶେ ଭୋଗ ଥାଳିରେ ପରଷିଲେ ଓ ଭକ୍ତରାଜ ପୁରୋହିତଙ୍କ ପାଖକୁ ଯାଇ ଅଭିବାଦନପୂର୍ବକ କୁଶଳ ସମାଚାର ପଚାରିଲେ । ପରେ ମାଣିକଗୌରୀ ଭୋଗ ନେଇଆସି

* ସେ ସମୟରେ ଗୁଜରାଟପ୍ରାନ୍ତରେ ବିବାହ ନିର୍ଦ୍ଧାରିତ କରିବା ଏବଂ ବୋହୂ ପ୍ରୌଢ଼ାବସ୍ଥା ପ୍ରାପ୍ତ ହେଲେ ତାକୁ ପୁଆଣୀ କରି ନେବା କାର୍ଯ୍ୟ ପୁରୋହିତ କରୁଥିଲେ ।

ମନ୍ଦିରରେ ରଖିଦେଲେ । ଭକ୍ତରାଜ ଠାକୁରଙ୍କୁ ଭୋଗ ସମର୍ପଣ କଲେ । ଭୋଗ ଲାଗିବା ପରେ ପୁରୋହିତଙ୍କ ସହିତ ସମସ୍ତ ପରିବାର ଭଗବାନଙ୍କ ପ୍ରସାଦ ସେବନ କଲେ ।

ଭୋଜନ ସମାପ୍ତ ପରେ ପୁରୋହିତଜି ଭକ୍ତରାଜଙ୍କ ସହିତ କଥାବାର୍ତ୍ତା ପ୍ରସଙ୍ଗରେ କୁଅଁରବାଇଙ୍କୁ ପୁଆଣୀ କରି ନେଇଯିବା ସକାଶେ ଆସିଥିବା କଥା କହିଲେ । ଏବଂ କୌଣସି ବ୍ୟବସ୍ଥା କରୁ ନ ଥିବା ଦେଖି ସଚେତ କରାଇଦେଲେ । କହିଲେ, ''ଭକ୍ତରାଜ, କାଲି ମାତ୍ର ଗୋଟିଏ ଦିନ ବାକୀ, ପରଶୁ କୁଅଁରବାଇ ବିଦାୟ ନେବାର ନିର୍ଦ୍ଧାରିତ ଦିନ । ଯାହା ବ୍ୟବସ୍ଥା କରିବା କଥା କରନ୍ତୁ ।'' ଭକ୍ତରାଜ ନିଶ୍ଚିତତାପୂର୍ବକ କହିଲେ, ''ବ୍ୟବସ୍ଥାର ଭାର ଭଗବାନଙ୍କ ଉପରେ । ଘର, ପରିବାର ସବୁ ତାଙ୍କରି, ସେହିଁ ସବୁ କରିବେ । ଯଥାର୍ଥରେ କରନ୍ତି ଭଗବାନ୍, କିନ୍ତୁ ଅଜ୍ଞାନରେ ମୋହିତ ହୋଇ ଅହଂବଶତଃ ଆମେ ସବୁ କରୁଛୁ ବୋଲି ଭାବୁ, କେବଳ ଅହଂକାରକୁ ସମର୍ଥନ କରୁ ।'' ଏହି କଥା ଶୁଣି ପୁରୋହିତଜି ମନେ ମନେ ଭାବିଲେ, ''ଭକ୍ତରାଜ କୀର୍ତ୍ତନ କରି କରି ବୁଦ୍ଧିବିଚାର, ବିବେକ ନଷ୍ଟ କରି ସାରିଛନ୍ତି, ନ ହେଲେ କୌଣସି ଅଳ୍ପ ବୁଦ୍ଧି ଥିବା ବ୍ୟକ୍ତି କ'ଣ ଏପରି କହନ୍ତା ? ଏ କୀର୍ତ୍ତନ କରୁଥିବେ, ଆଉ ଭଗବାନ୍ ଆସି ଝିଅବିଦାୟର ଅଳଙ୍କାର, ଲୁଗାପଟା, କଂସା ବାସନ ଦେଇଯିବେ ! ଏହା ତ ପାଗଳର ପ୍ରଳାପ । ଆଚ୍ଛା, ମଝିରେ ତ ଗୋଟିଏ ଦିନ, ଦେଖିବା ଏହାର ଭଗବାନ୍ କିପରି ସବୁ ଯୌତୁକ ଜିନିଷ ଦେଇଯିବେ ?''

ପୁରୋହିତଜି ଦେଖୁଥାଆନ୍ତି । ଭକ୍ତରାଜଙ୍କର ଝିଅବିଦାୟ ଟିକିଏ ମାତ୍ର ଅନୁଶୋଚନା ନ ଥାଏ । ସେ ଭଗବତ୍ କୀର୍ତ୍ତନ, ଧ୍ୟାନ ଏବଂ ସଙ୍ଗ ଆସିଲେ ତାଙ୍କ ସହିତ ଭଗବତ୍ ଭକ୍ତି-ଆଲୋଚନାରେ ଡୁବି ରହିଥାଆନ୍ତି । ଠିକ୍ କୁଅଁରବାଇଙ୍କ ବିଦାୟ ହେବାର ଦିନ ଆସିଲା । ପୁରୋହିତଜି ବି ଅତ୍ୟନ୍ତ ବିରକ୍ତ ହୋଇ ଏବଂ ନିଜ ମଧ୍ୟରେ ଭକ୍ତରାଜଙ୍କ ଉପରେ ରାଗି ଭୋରୁ ସ୍ନାନ କଲେ । ସେପର୍ଯ୍ୟନ୍ତ କୁଅଁରବାଇଙ୍କ ବିଦାୟର କୌଣସି ବ୍ୟବସ୍ଥା ନ ଥାଏ । ପୁରୋହିତଜି କ୍ରୋଧସ୍ୱରରେ କହିଲେ, ''ଭକ୍ତରାଜଜି, ଆଜି ଦ୍ୱିପ୍ରହରେ କୁଅଁରବାଇଙ୍କୁ ବିଦାୟ କରାଇ ନେଇଯିବି ।'' ଭକ୍ତରାଜଜି ଶାନ୍ତ, ସରଳ ଓ ସ୍ୱାଭାବିକ ସ୍ୱରରେ କହିଲେ, ''ବହୁତ ଭଲ, ଆପଣ ଭୋଜନ କରିନିଅନ୍ତୁ, କୁଅଁରବାଇକୁ ନେଇ ଚାଲିଯିବେ ।'' ଭକ୍ତରାଜଙ୍କର ଏପରି ଉତ୍ତରରେ ପୁରୋହିତଜି ଅନ୍ତରରେ ବହୁତ ରାଗିଯାଇ, ବାହାରେ ପ୍ରକାଶ ନ କରି ଆଚ୍ଛା ହେଉ କହି ଭାବିଲେ, ''ଯଥାର୍ଥରେ ଭକ୍ତରାଜଙ୍କ ମଥା ଖରାପ, ନ ହେଲେ ଝିଅର ପୁଆଣୀ ବିଦାୟ ସକାଶେ କିଛି ବନ୍ଦୋବସ୍ତ ନ କରି ଏପରି କିଏ କହନ୍ତା ?'' ଠାକୁରଜିଙ୍କ ସେବାପୂଜା ସମାପ୍ତ ହେଲା । ଭକ୍ତରାଜ କରତାଳ ନେଇ ଭଗବତ୍ କୀର୍ତ୍ତନ ଆରମ୍ଭ କରିଦେଲେ । ପୁତ୍ର ଶ୍ୟାମଳଦାସ ମୃଦଙ୍ଗ ବଜାଇଲେ, କୁଅଁରବାଇ ଏବଂ ତାଙ୍କ ମା ମାଣିକଗୌରୀ ମଧ୍ୟ କୀର୍ତ୍ତନରେ ସମ୍ମିଳିତ ହେଲେ । ଭକ୍ତରାଜ କୀର୍ତ୍ତନରେ ଶରୀରଶୁଦ୍ଧି ଭୁଲିଗଲେ । ଏହିସବୁ ଅବସ୍ଥା ପୁରୋହିତଜି ମନ୍ଦିର ବାହାରେ ଛିଡ଼ାହୋଇ ଦେଖୁଥାଆନ୍ତି । ଭାବୁଥାଆନ୍ତି, ''କ'ଣ ଭକ୍ତରାଜଙ୍କ ସହିତ ସମସ୍ତ ପରିବାରଟା ବି ପାଗଳ ! ଝିଅକୁ ପୁଆଣୀ କରି ପଠାଇବାର ସମୟ ଆସିଗଲା, ବଂଶଟାଯାକ କୀର୍ତ୍ତନରେ ମାତିଛନ୍ତି !''

କିଛି ସମୟ ପରେ ଘରଟି ଆଲୋକରେ ପୂର୍ଣ୍ଣ ହୋଇଗଲା । ଭଗବାନ୍ ଏବଂ ଲକ୍ଷ୍ମୀଦେବୀ ମନ୍ଦିରରେ ଯୌତୁକର ଅଳଙ୍କାର, ଲୁଗାପଟା ଓ ଜିନିଷପତ୍ର ସହିତ ପ୍ରଘଟ ହୋଇଗଲେ । ଲକ୍ଷ୍ମୀଦେବୀଙ୍କ ସହିତ ଭଗବାନଙ୍କ ଦର୍ଶନ ପାଇ ଭକ୍ତପରିବାରଙ୍କ ଆନନ୍ଦର ସୀମା ରହିଲା ନାହିଁ । ଶ୍ୟାମଳ ଦାସ ମୃଦଙ୍ଗ ବଜାଇବା ଛାଡ଼ି ଭଗବାନ୍ ଏବଂ ଲକ୍ଷ୍ମୀଦେବୀଙ୍କ ଚରଣରେ ପଡ଼ିଗଲେ । କୁଅଁରବାଇ ସେମାନଙ୍କ ଚରଣରେ ମସ୍ତକ ଲଗାଇ ପ୍ରଣାମ କଲେ । ମାଣିକଗୌରୀ ଭଗବତ୍ ଭକ୍ତିରେ ଅଭିଭୂତ ହୋଇ ହାତ ଯୋଡ଼ି ଛିଡ଼ା ହୋଇଥାଆନ୍ତି । ଭକ୍ତରାଜଙ୍କ ଅବସ୍ଥା ଅବର୍ଣ୍ଣନୀୟ । ଭଗବାନଙ୍କ ପ୍ରତି ପ୍ରେମ ଏବଂ କୃତଜ୍ଞତାରେ ତାଙ୍କ ହୃଦୟ ପୂର୍ଣ୍ଣ ହୋଇଗଲା । ଦୁଇ ନେତ୍ରରୁ ପ୍ରେମ-ଲୋତକ ଧାର ଧାର ହୋଇ ଅନବରତ ବହୁଥିଲା । ସେ ଚିତ୍ରପ୍ରତିମା ସଦୃଶ ନିଶ୍ଚଳଭାବେ ହାତ ଯୋଡ଼ି ଭଗବାନ୍ ଏବଂ ଲକ୍ଷ୍ମୀଦେବୀଙ୍କ ରୂପସମୁଦ୍ରରେ ବୁଡ଼ିଯାଇଥିଲେ । ସ୍ୱୟଂ ଭଗବାନ୍ ଲକ୍ଷ୍ମୀଦେବୀଙ୍କ ହାତକୁ ଅଳଙ୍କାର ବଢ଼ାଇ ଦେଉଥାଆନ୍ତି । ଲକ୍ଷ୍ମୀଦେବୀ କୁଅଁରବାଇଙ୍କୁ ଅଳଙ୍କାର ପିନ୍ଧାଇ ଦେଉଥାଆନ୍ତି । ଭକ୍ତ ପରିବାର ଯେଉଁ ଅବସ୍ଥାରେ ଥାଆନ୍ତି ସେମାନଙ୍କୁ ସେହି ଅବସ୍ଥାରେ ଏବଂ କୁଅଁରବାଇଙ୍କ ଅଙ୍ଗରେ ଅଳଙ୍କାର ଅଳଂକୃତ ହେବା ପୁରୋହିତ ବି ଦେଖୁଥାଆନ୍ତି । କିନ୍ତୁ ଭଗବାନ୍ ତଥା ଲକ୍ଷ୍ମୀଦେବୀଙ୍କୁ

ଦେଖିପାରୁ ନ ଥାଆନ୍ତି । ଅଳ୍ପ ସମୟ ମଧ୍ୟରେ କୁଅଁରବାଇ ଉତ୍ତମ ବସ୍ତ୍ର ଓ ଉତ୍ତମ ଅଳଂକାରରେ ସୁସଜ୍ଜିତ ହୋଇଗଲେ । ଯୌତୁକର ସମସ୍ତ ସାମଗ୍ରୀ ଏକତ୍ରିତ ହେଲା । ଯାନବାହନ ମଧ୍ୟ ତିଆରି ହୋଇଗଲା । ପୁରୋହିତଜି ଏହି ସମସ୍ତ ଘଟଣା ସ୍ୱଚକ୍ଷୁରେ ଦେଖି ଆଶ୍ଚର୍ଯ୍ୟ ସମୁଦ୍ରରେ ଡୁବି ବାହ୍ୟ ବୁଦ୍ଧି, ଜ୍ଞାନ ଭୁଲି ଭକ୍ତରାଜଙ୍କ ଚରଣରେ ପଡ଼ିଗଲେ । ତାଙ୍କ ଦୁଇ ନେତ୍ରରୁ ଅଶ୍ରୁଧାର ବହିବାକୁ ଲାଗିଲା । ସେ ଅସ୍ପଷ୍ଟ ସ୍ୱରରେ କହିଲେ, ''ଭକ୍ତରାଜ, ମୁଁ ଗଙ୍ଗାଧର ମେହତାଙ୍କ ପୁରୋହିତ ହେବାରୁ ତୁମ ଦର୍ଶନର ସୌଭାଗ୍ୟ ପାଇ ଧନ୍ୟ ହୋଇଗଲି । ତୁମ ସଦୃଶ ଭଗବାନଙ୍କ ଅନନ୍ୟ ଭକ୍ତଙ୍କ ଦର୍ଶନରେ ମୋର କୁଳ ଉଦ୍ଧାର ହୋଇଗଲା । ମୋ ଅପରାଧ କ୍ଷମା କର, କୃପା କରିଥାଅ ।'' ଭକ୍ତରାଜଙ୍କଠାରୁ ସାନ୍ତ୍ୱନା ପାଇ ପୁରୋହିତଜି ଭୋଜନ କଲେ । ଭକ୍ତରାଜ ନିର୍ଲିପ୍ତ ଭାବରେ ସ୍ୱାଭାବିକ ରୂପେ ଥାଆନ୍ତି । ବହୁ ସମାରୋହରେ କୁଅଁରବାଇଙ୍କ ବିଦାୟ ହେଉଥାଏ । ଯୌତୁକ ବସ୍ତୁ ଯଥା ସ୍ଥାନରେ ରଖା ହେଉଥାଏ । କାର୍ଯ୍ୟ କରିବା ବ୍ୟକ୍ତି କେଉଁଠୁ ଆସିଲେ, ଯାନବାହନ କେଉଁଠୁ ଆସିଲା, କିଏ ଆଣିଲା, କେହି ଜାଣନ୍ତି ନାହିଁ ।

ଶେଷରେ କୁଅଁରବାଇ ମାତା ମାଣିକଗୌରୀଙ୍କର ଚରଣରେ ମସ୍ତକ ରଖି ପ୍ରଣାମ କଲେ । ମା' କୁଅଁରବାଇଙ୍କ ମସ୍ତକରେ ହସ୍ତ ରଖି କହିଲେ, ''ତୁ ଖୁସିରେ ଯା, ତୋ ସଙ୍ଗେ ଭଗବାନ୍ ସର୍ବଦା ରହିବେ, ଦୁଃଖ କରିବାର କିଛି ନାହିଁ ।'' ଏହା କହୁ କହୁ ମା' ଓ ଝିଅ ଉଭୟଙ୍କ ନେତ୍ରରେ ଅଶ୍ରୁ ପୂର୍ଣ୍ଣ ହୋଇ ଧାର ଧାର ହୋଇ ବହିବାକୁ ଲାଗିଲା । ମା' ଝିଅକୁ ହୃଦୟରେ ଲଗାଇନେଲେ ଏବଂ ଆଶୀର୍ବାଦ ଦେଇ ପିତାଙ୍କ ସମୀପକୁ ନେଇଗଲେ । ଭକ୍ତରାଜ ଭଗବତ୍ ଭକ୍ତିରେ ନିମଗ୍ନ ଥାଆନ୍ତି । କୁଅଁରବାଇ ତାଙ୍କ ପଦ ସ୍ପର୍ଶ କରି ପ୍ରଣାମ କରିବା ସମୟରେ ଭକ୍ତରାଜ ଆଶୀର୍ବାଦ ଦେଇ କହିଲେ, ''ଝିଅ, ସବୁ ତ ଭଗବାନଙ୍କ ମନ୍ଦିର, ଭଗବାନଙ୍କର ଏହି ମନ୍ଦିରରେ ତାଙ୍କୁ ପୂଜା କରୁଥିଲୁ, ବର୍ତ୍ତମାନ ସେ ମନ୍ଦିରରେ ପୂଜା କରିବୁ । ଏଥିରେ ଅନ୍ତର କିଛି ନାହିଁ । ତୁ ଖୁସିରେ ଯା, ଭଗବାନଙ୍କ ସେବା କର ।'' କୁଅଁରବାଇଙ୍କୁ ମା' ଏବଂ ଅନ୍ୟ କେତେକ ଅପରିଚିତା ମହିଳା ସଙ୍ଗରେ ଆଣି ସବାରିରେ ବସାଇଲେ । ଭକ୍ତରାଜ ତଥା ମାଣିକଗୌରୀଙ୍କଠାରୁ ପୁରୋହିତଜି ବିଦାୟ ନେଇ ଭକ୍ତରାଜଙ୍କ ଭକ୍ତିର ପ୍ରଭାବକୁ ମନେ ମନେ ପ୍ରଶଂସା କରି କୁଅଁରବାଇ ତଥା ଯାନବାହନ ସହିତ ଯାତ୍ରା ଆରମ୍ଭ କଲେ ।

ଶ୍ୟାମଳ ଦାସଙ୍କ ତିଳକ ଏବଂ ବିବାହ

ଦିନକୁ ଦିନ ଅଧିକରୁ ଅଧିକ ଭକ୍ତ ନରସିଂହରାମ ଭଗବତ୍ ଦିବ୍ୟାନନ୍ଦରେ ଡୁବି ରହିଲେ । ତାଙ୍କ ଚେତନାରେ କେବଳ ଭଗବତ୍ ଭକ୍ତି ଛଡ଼ା ଅନ୍ୟ କୌଣସି ପ୍ରକାର ସଂସାରଚିନ୍ତା ରହିଲା ନାହିଁ । ପ୍ରତ୍ୟେକ ଦିନ ସାଧୁସନ୍ଥ ଆସନ୍ତି, ସେମାନଙ୍କ ସେବାକାର୍ଯ୍ୟ ହୁଏ, ଭଗବତ୍ ଚର୍ଚ୍ଚା ଏବଂ କୀର୍ତ୍ତନ ଆଦି ଚାଲିଥାଏ ।

ଦେଖୁ ଦେଖୁ ପୁତ୍ର ଶ୍ୟାମଳ ଦାସଙ୍କ ବୟସ ବାର ବର୍ଷ ଆରମ୍ଭ ହେଲା । ସେ ସମୟର ପ୍ରଥାନୁସାରେ, ବିଶେଷତଃ ବ୍ରାହ୍ମଣ ଘରେ, ଦଶ ବର୍ଷରେ ପୁତ୍ରର ଏବଂ ସାତ ବର୍ଷ ବୟସରେ କନ୍ୟାର ବିବାହ ହେଉଥିଲା । ବ୍ରାହ୍ମଣକନ୍ୟା ପ୍ରୌଢ଼ା ହେଲେ ତା' ବିବାହ ହେଉ ନ ଥିଲା । ସେ ଆଜୀବନ ଅବିବାହିତା ରହି ଅତ୍ୟନ୍ତ ଦୁଃଖକଷ୍ଟରେ ଜୀବନ ଅତିବାହିତ କରୁଥିଲା ।* ପୁଅର ବିବାହ ସମୟ ବ୍ୟତୀତ ହେବାରୁ ମାତା ମାଣିକଗୌରୀ ଚିନ୍ତିତା ହୋଇପଡ଼ିଲେ ଏବଂ ଦିନେ ମନର ବେଦନା ଭକ୍ତରାଜଙ୍କୁ ନ କହି ରହିପାରିଲେ ନାହିଁ । ''ନାଥ, ପୁଅର ବିବାହ ବୟସ ଅତିକ୍ରମ କରିଗଲାଣି । ସେ ସକାଶେ ସମାଜରେ ଯାହା ମନକୁ ଯାହା ଆସୁଛି, ତାହା କହୁଛନ୍ତି । ଆମର କୌଣସି ସମ୍ପତ୍ତି ନାହିଁ କିଂବା ରୋଜଗାର ନାହିଁ । ଆମ ଘରକୁ ଝିଅ କିଏ ଦେବ ? ଆମ୍ଭେମାନେ ସମାଜରେ ଅଛୁ, ସମାଜନିୟମ ଅନୁସାରେ ପୁତ୍ରର ବିବାହ ନ କଲେ ନିନ୍ଦା ହେବା ସ୍ୱାଭାବିକ ।'' ଭକ୍ତରାଜ ଉତ୍ତରରେ କହିଲେ, ''ଶ୍ୟାମଳ ଦାସର ବିବାହ ସକାଶେ ତୁମେ ଚିନ୍ତା କରୁଛ କାହିଁକି ? ତୁମଠାରୁ ପରମ ପିତା ଭଗବାନ୍ ଉତ୍ତମ ରୂପେ ଜାଣନ୍ତି ଏବଂ ଉତ୍ତମ ରୂପେ କରନ୍ତି । ତୁମେ ତାଙ୍କରି ଉପରେ ଶ୍ୟାମଳ ଦାସର ବିବାହଭାର ଛାଡ଼ି ନିଶ୍ଚିନ୍ତରେ ତାଙ୍କୁ ସ୍ମରଣ କର ।''

* ୧୯୨୮ କିଂବା ୧୯୨୯ ମସିହାରେ ସାରଦା ବିଲ୍ ପାସ୍ ହେବା ପରେ ଏହି ପ୍ରଥା ଦୂର ହେଲା ।

ନରସିଂହରାମଙ୍କ ଗ୍ରାମ ଜୁନାଗଡ଼ଠାରୁ କେତେ ମାଇଲ ଦୂରରେ ମଦନ ମେହତା ବଡ଼ନଗର ଗ୍ରାମରେ ବାସ କରୁଥିଲେ । ସେ ଥିଲେ ଗୋଟିଏ ରାଜ୍ୟର ଦେବାନ ଓ ପ୍ରତିଷ୍ଠିତ ନାଗର ବ୍ରାହ୍ମଣ । ସେ ସମୟରେ ଆଠ, ଦଶ ଲକ୍ଷ ଟଙ୍କା ସମ୍ପତ୍ତିର ମାଲିକ ଥିଲେ । ତାଙ୍କର ଯୁଠିବାଈ ନାମରେ ଗୋଟିଏ ମାତ୍ର ରୂପଗୁଣସମ୍ପନ୍ନା କନ୍ୟା ଥିଲା । ସେହି କନ୍ୟାର ବିବାହ ସକାଶେ ସେ ଗୋଟିଏ ରୂପଗୁଣସମ୍ପନ୍ନ କୁଳୀନ ବରପାତ୍ର ଖୋଜୁଥିଲେ କିନ୍ତୁ କେଉଁଠାରେ ହେଲେ ତାଙ୍କ ମନ ମାନୁ ନ ଥିଲା । କୁଟୁମ୍ବର କେତେକ ବ୍ୟକ୍ତି କହିଲେ, ''ଏହି ନିକଟ ଗ୍ରାମମାନଙ୍କରେ ସୁଯୋଗ୍ୟ ବର କେହି ଦେଖାଯାଉ ନାହାନ୍ତି, ଜୁନାଗଡ଼ରେ ଆମ ନାଗର ଜାତିର ସାତ ଶହ ଘର ଅଛି, ସେଠାରେ କେହି ଉପଯୁକ୍ତ ପାତ୍ର ଅବଶ୍ୟ ମିଳିବେ । ସେଠାକୁ ପୁରୋହିତଙ୍କୁ ପଠାଇ ବୁଝିବା ଉଚିତ ହେବ ।''

ମଦନ ମେହତାଙ୍କର ସହପାଠୀ ସାରଙ୍ଗଧର ମେହତା ଜୁନାଗଡ଼ରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ । ତାଙ୍କରି ପାଖକୁ ଗୋଟିଏ ଚିଠି ଲେଖି କୁଳପୁରୋହିତଙ୍କୁ ଦେଲେ, ଏବଂ ରଥ ତିଆରି କରାଇ ଆବଶ୍ୟକ ଖର୍ଚ୍ଚ ତଥା ଆବଶ୍ୟକ ଦ୍ରବ୍ୟମାନ ସଙ୍ଗେ ଦେଇ ତାଙ୍କୁ ଗୋଟିଏ ବରପାତ୍ର ଖୋଜିବା ସକାଶେ ପଠାଇ ଦେଲେ । ସେ ସମୟରେ ପ୍ରତିଷ୍ଠିତ ବ୍ୟକ୍ତି ବଳଦଗାଡ଼ିରେ ଯାତ୍ରା ନ କରି ଅଶ୍ୱବାହନ ବିଶିଷ୍ଟ ରଥରେ ଯାତ୍ରା କରୁଥିଲେ । ପୁରୋହିତଜି ରଥରେ ଆରୋହଣ କରି ଜୁନାଗଡ଼ରେ କେତେ ସମୟ ପରେ ପହଞ୍ଚିଗଲେ । ଗୁଜରାଟ ପ୍ରଦେଶରେ ପ୍ରାୟ ଚାରି, ପାଞ୍ଚ ମାଇଲ ଅନ୍ତରରେ ଗୋଟିଏ ଗୋଟିଏ ଗ୍ରାମ ଥାଏ । ପ୍ରତ୍ୟେକ ଗ୍ରାମ ମଧ୍ୟରେ କିଂବା ଶେଷରେ ଗୋଟିଏ ମଣ୍ଡପ ଏବଂ ସେହି ମଣ୍ଡପରେ ରହିବାର ଗୋଟିଏ କୋଠରି ତିଆରି ହୋଇଥାଏ । ସାଧାରଣତଃ ଗ୍ରାମର ଲୋକେ ଆସି ସେହି ମଣ୍ଡପରେ ବସନ୍ତି । ସନ୍ଧ୍ୟା ସମୟରେ ତ ମଣ୍ଡପ ପୂର୍ଣ୍ଣ ହୋଇଯାଏ । ପୁରୋହିତଙ୍କ ରଥ ଜୁନାଗଡ଼ ଗ୍ରାମର ମଣ୍ଡପ ପାଖରେ ପହଞ୍ଚିଗଲା । ପୁରୋହିତଜି ରଥ ରୋକି ରଥରୁ ଓହ୍ଲାଇ ପଚାରିଲେ, ''ମହାଶୟ ସାରଙ୍ଗଧର ମେହତାଙ୍କ ଘର କେଉଁଠାରେ ?'' ସାରଙ୍ଗଧରଜି ସେହିଠାରେ ବସିଥିଲେ, ନିଜ ନାମ ଶୁଣିବା ମାତ୍ରେ ମଣ୍ଡପରୁ ଓହ୍ଲାଇପଡ଼ି କହିଲେ, ''ଆପଣ କେଉଁଠାରୁ ଆସିଛନ୍ତି ? ମୋତେ ଲୋକମାନେ ସାରଙ୍ଗଧର କହନ୍ତି ।'' ଏହା ଶୁଣି ପୁରୋହିତଜି ନିଜ ପରିଚୟ ଦେବା ସଙ୍ଗେ ସଙ୍ଗେ ଆସିବାର ଅଭିପ୍ରାୟ ବ୍ୟକ୍ତ କରି ତାଙ୍କ ହାତକୁ ନିଜ ଯଜମାନ ମଦନ ମେହତାଙ୍କ ଚିଠିଟି ବଢ଼ାଇ ଦେଲେ । ସାରଙ୍ଗଧର ଚିଠିଟି ପଢ଼ିଲେ । ପରସ୍ପର ମଧ୍ୟରେ ଅଭିବାଦନ ହେବା ପରେ ପୁରୋହିତଜିଙ୍କୁ ନିଜ ଘରକୁ ଡାକି ନେଇଗଲେ ଏବଂ ବସିବାକୁ ଆସନ ଦେଇ ବିଦ୍ୟାର୍ଥୀ ଜୀବନର ସହପାଠୀ ମଦନ ମେହତାଙ୍କ କୁଶଳ ପ୍ରଶ୍ନ ପଚାରିଲେ ଏବଂ କଥାପ୍ରସଙ୍ଗରେ କୁଳଶୀଳସମ୍ପନ୍ନ ଗୋଟିଏ ସୁଯୋଗ୍ୟ ବରପାତ୍ର ଦେଖିବା କଥା ମଧ୍ୟ ପୁରୋହିତଜି ବ୍ୟକ୍ତ କଲେ । ସାରଙ୍ଗଧରଜି ପୁରୋହିତଜିଙ୍କ ସଙ୍ଗେ ଘରକୁ ଆସିବା ସମୟରେ କେତେକ ବ୍ୟକ୍ତି ତାଙ୍କ ସଙ୍ଗରେ ଆସିଥିଲେ ଏବଂ ସେହି ସମୟରେ ମଧ୍ୟ ଆଉ କେତେକ ବ୍ୟକ୍ତି ଆସିଲେ । ପୁରୋହିତଜିଙ୍କଠାରୁ ପ୍ରତିଷ୍ଠିତ ମଦନ ମେହତାଙ୍କ ଝିଅ ସକାଶେ ବରପାତ୍ର ଖୋଜିବା ବିଷୟ ଶୁଣି କେହି ନିଜର ଭଣଜା, କାହାର ପୁତୁରା, କାହାର ମିତ୍ରର ପୁତ୍ରର ଗୁଣ ବଖାଣ କଲେ ଏବଂ କେହି ବରର ପିତାମାତାଙ୍କ ସଦ୍‌ଗୁଣ କହି ସେହି ପିଲାଟିକୁ ଦେଖିବାର ପ୍ରସ୍ତାବ ଦେଲେ । ପୁରୋହିତଜି ସାମାନ୍ୟ ଜଳପାନ କରିବା ପରେ ସାରଙ୍ଗଧରଜି ନିଜ ପସନ୍ଦ ଅନୁସାରେ କେତେକ ପିଲାଙ୍କୁ ଦେଖାଇଲେ ତଥା ଯେଉଁମାନେ ତାଙ୍କ ସଙ୍ଗରେ ଥିଲେ ସେମାନେ ନିଜ ନିଜ ବନ୍ଧୁବାନ୍ଧବ, କୁଟୁମ୍ବପରିବାରର ଘର ଓ ବରପାତ୍ରର ପ୍ରଶଂସା କରି ସେମାନଙ୍କ ଘର ଓ ବର ଦେଖିବାର ପ୍ରସ୍ତାବ ଦେଲେ ।

ମଦନ ମେହତା ଧନବାନ୍ ଥିବା ସତ୍ତ୍ୱେ ରାଜ୍ୟର ଦେବାନ ଥିଲେ । ତାଙ୍କର ଗୋଟିଏ ମାତ୍ର କନ୍ୟା ଥିଲା । ତାଙ୍କ କନ୍ୟା ସହିତ ପୁତ୍ରର ବିବାହ ହେଲେ ଯୌତୁକରେ ପର୍ଯ୍ୟାପ୍ତ ଧନ ପାଇବା ସଙ୍ଗେ ସଙ୍ଗେ ସମାଜରେ ପ୍ରତିଷ୍ଠା ମଧ୍ୟ ହେବ ଏହି କାରଣରୁ ଯିଏ ଶୁଣୁଥିଲେ ସେ ଅତ୍ୟନ୍ତ ଉତ୍କଣ୍ଠାର ସହିତ ସାରଙ୍ଗଧରଜିଙ୍କ ଘରକୁ ଆସି ବରଘର ଦେଖିବା ପ୍ରସ୍ତାବ ଦେଉଥିଲେ । ସାରଙ୍ଗଧରଜିଙ୍କର ଯେଉଁଠାରେ କୁଟୁମ୍ବପରିବାର, ବନ୍ଧୁବାନ୍ଧବ, ମିତ୍ରତାର ସମ୍ବନ୍ଧ ଥିଲା ସେ ସ୍ୱୟଂ ପୁରୋହିତଜିଙ୍କୁ ନେଇ ବରଘର ଦେଖାଇ ଦେଲେ । ଅନ୍ୟାନ୍ୟ ଘର ଏବଂ ବରପାତ୍ର ଦେଖିବା ସକାଶେ ସାରଙ୍ଗଧରଜି ନିଜେ ନ ଯାଇ ପରିବାରର କୌଣସି ବ୍ୟକ୍ତିଙ୍କୁ ପୁରୋହିତଜିଙ୍କ ସଙ୍ଗେ ପଠାଇ ଦେଉଥିଲେ । ପୁରୋହିତଜି ଥିଲେ ଭଗବତ୍ ଭକ୍ତ, ସାତ୍ତ୍ୱିକ, ସୂତ୍ରୀୟ, ସଦାଚାରୀ, ଧାର୍ମିକ ବ୍ରାହ୍ମଣ । ସେ ସଂସ୍କୃତ ବିଦ୍ୟା ତଥା ଶାସ୍ତ୍ରଜ୍ଞ ପଣ୍ଡିତ ଥିଲେ । ସେ

କେତେଦିନ ପର୍ଯ୍ୟନ୍ତ ବର ଏବଂ ଘର ଦେଖିଲେ, କିନ୍ତୁ ତାଙ୍କର କେଉଁଠାରେ ହେଲେ ମନ ମାନିଲା ନାହିଁ । କାହାର ଧନ ପର୍ଯ୍ୟାପ୍ତ ଥିଲା, କିନ୍ତୁ ବରଟି ଖନା; କାହାର ପୁଅଟି ଭଲ ଥିଲାତ ମାଆଟି ବହୁତ ଦୁଷ୍ଟା; କେଉଁ ପୁଅଟିର ସ୍ୱାସ୍ଥ୍ୟହାନି; କାହାର ସବୁ ଅନୁକୂଳ ଥିଲା ତ ବରଟି ଅସୁନ୍ଦର; କାହାର ବରଘର ସବୁ ଠିକ୍ ଥିଲା ତ ସାମୁଦ୍ରିକ ଚିହ୍ନ ଅନୁସାରେ ବରଟି କୁପ୍ରବୃତ୍ତି, ଦୁର୍ଗୁଣଯୁକ୍ତ ପ୍ରତୀତ ହେଉଥିଲା । ଏହିସବୁ କାରଣରୁ ପୁରୋହିତଜିଙ୍କୁ କୌଣସିଠାରେ ହେଲେ ସନ୍ତୋଷ ହେଲା ନାହିଁ । ସେତେବେଳକୁ ସାରଙ୍ଗଧରଜି ବି ବିରକ୍ତ ହୋଇସାରିଲେଣି । ସେ ମନେ ମନେ ଭାବିଲେ, ''ପୁରୋହିତ ବହୁତ ବିଚିତ୍ର ବ୍ୟକ୍ତି, ଜୁନାଗଡ଼ର ସାତ ଶହ ଘରରେ ତାଙ୍କୁ ଗୋଟିଏ ବରପାତ୍ର ପସନ୍ଦ ହେଲା ନାହିଁ; ଏବେ ତା'ର ଯାହା ଇଚ୍ଛା ତାହା କରୁ, କିନ୍ତୁ ମୋ ପିଛା ଛାଡୁ ।'' ସାରଙ୍ଗଧରଜି ପୁରୋହିତଜିଙ୍କ ଉପରେ ମନେ ମନେ ବହୁତ ରାଗିବା ସତ୍ତ୍ୱେ ମୁହଁରେ କିଛି ନ କହି ସମ୍ମାନ ସହିତ ବ୍ୟବହାର କରୁଥାଆନ୍ତି ।

ପୁରୋହିତଜି ସ୍ୱୟଂ କହିଲେ, ''ସାରଙ୍ଗଧରଜି, ବର ଏବଂ ଘର ଦେଖିବାରେ ବହୁତ ଦିନ ହୋଇଗଲା, ଆପଣ ବି ବହୁତ ବ୍ୟସ୍ତ ହୋଇ ସାରିଲେଣି । ମଦନ ମେହତା ସ୍ୱୟଂ ଧନୀ ଏବଂ ପ୍ରତିଷ୍ଠିତ ବ୍ୟକ୍ତି । ସେ କେବଳ ଧନାଢ୍ୟ ବ୍ୟକ୍ତି ଘରେ ଝିଅ ବିବାହ ଦେବା ଚାହୁଁ ନାହାନ୍ତି । ସେ ଚାହୁଁଛନ୍ତି ବର ସୁନ୍ଦର, ସଦ୍‌ଗୁଣଯୁକ୍ତ ଥିବ, ତା' ପିତାମାତା ସଦାଚାରୀ, ସଜ୍ଜନ ହୋଇଥିବେ । ଏପରି ବ୍ୟକ୍ତି ଯଦି ଧନବାନ୍ ନ ହୋଇଥାଏ ସେଥିରେ କିଛି ଆସେ ଯାଏ ନାହିଁ । ମଦନ ମେହତା ପ୍ରଚୁର ଧନ ଦେଇ ତାଙ୍କ ଧନାଭାବ ଦୂର କରିପାରିବେ । ଏପରି ବରଘର ଯଦି ଥାଏ ତେବେ କୁହନ୍ତୁ ।'' ସାରଙ୍ଗଧରଜି ପୁରୋହିତଜିଙ୍କ ଉପରେ ମନେ ମନେ ବହୁତ ରାଗି ଯାଇଥିଲେ । ଏକଥା ଶୁଣି ଭାବିଲେ, ପୁରୋହିତ ଜିରାରୁ ଶିରା କାଢୁଛି । କେତେ ସୁନ୍ଦର ବର, ଧନାଢ୍ୟ ଘର ଦେଖିଲା, କାହାକୁ ପସନ୍ଦ କଲା ନାହିଁ । ନିଜକୁ ବହୁତ ବଡ଼ ପଣ୍ଡିତ ଏବଂ ବୁଦ୍ଧିମାନ୍ ମନେ କରୁଛି । କାହାରି ଭଲ ପରାମର୍ଶ ଶୁଣିବାକୁ ରାଜି ନୁହେଁ । ଏହିପରି ଲୋକ ସର୍ବଦା ବିପଦ ତଥା ଅସୁବିଧାରେ ପଡ଼ନ୍ତି । ଏପରି ଘର ଏବଂ ବର ବତେଇ ଦେବା ଯେ ବେଟା ସମସ୍ତ ଜୀବନରେ ସ୍ମରଣ ରଖିବ ।'' ଏହା ଭାବି ବାହାରେ ବହୁତ ପ୍ରସନ୍ନ ଦେଖାଇ ବ୍ୟଙ୍ଗରେ କହିଲେ, ''ଦୀକ୍ଷିତଜି, ମୁଁ ଯେଉଁ ଯେଉଁ ଭଲ ଘର, ବର ଜାଣିଥିଲି ସେସବୁ ତ ଦେଖାଇ ଦେଲି । ମୋର ଜଣେ ମିତ୍ରକୁ ଆପଣଙ୍କ ସଙ୍ଗେ ଦେଉଛି, ସେ ଏହି ଗ୍ରାମର ସମସ୍ତ ପିଲାଙ୍କୁ ଜାଣେ, ସେ ଆପଣଙ୍କୁ ଭଲ ବରପାତ୍ର ଦେଖାଇ ପାରିବ ।'' ଏହା କହି ତାଙ୍କର ଜଣେ ନିଜର ବ୍ୟକ୍ତିଙ୍କୁ ନରସିଂହ ମେହତାଙ୍କ ଘର ଦେଖାଇ ଦେବାକୁ ତଥା ତା'ର ପ୍ରଶଂସା କରିବାକୁ ଏକାନ୍ତରେ କହି ଦୀକ୍ଷିତଜିଙ୍କ ସଙ୍ଗେ ପଠାଇ ଦେଲେ । ସାରଙ୍ଗଧରଜିଙ୍କ କହିବା ଅନୁସାରେ ସେ ବ୍ୟକ୍ତି ପୁରୋହିତଜିଙ୍କ ସମ୍ମୁଖରେ ନରସିଂହରାମଙ୍କ ତଥା ତାଙ୍କ ପୁତ୍ରର ବହୁତ ଗୁଣଗାନର ଛଳନା କଲେ ଏବଂ ନରସିଂହରାମଙ୍କ ଘର ଦେଖାଇ ଦେଇ ଫେରିଗଲେ । ପୁରୋହିତଜି ନରସିଂହରାମଙ୍କ ଗୃହରେ ପ୍ରବେଶ କଲେ ।

ମଧ୍ୟାହ୍ନ ସମୟ ଥିଲା । ଠାକୁରଙ୍କ ମନ୍ଦିରକୁ ଭୋଗ ଥାଳି ଯାଇ ସାରିଥିଲା । କିନ୍ତୁ ଭକ୍ତରାଜ ସଙ୍ଘ ଏବଂ ଭକ୍ତମାନଙ୍କ ସହିତ ଭଗବତ୍ କୀର୍ତ୍ତନରେ ବିଭୋର ହୋଇ କୀର୍ତ୍ତନ କରୁଥିଲେ । ତାଙ୍କ ନେତ୍ରରୁ ପ୍ରେମାଶ୍ରୁ ବର୍ଷା ହେଉଥିଲା । ଭକ୍ତିର ଅନ୍ୟାନ୍ୟ ସାତ୍ତ୍ୱିକ ଲକ୍ଷଣ ମଧ୍ୟ ତାଙ୍କ ଶରୀରରେ ପ୍ରକାଶ ପାଇଥିଲା । ପୁରୋହିତଜିଙ୍କୁ ଦେଖି କେହି ବ୍ୟକ୍ତି ଆସନ ଦେଇ ଆଦରରେ ବସାଇଲେ । କିନ୍ତୁ କୀର୍ତ୍ତନରେ ଭକ୍ତରାଜଙ୍କର ଭକ୍ତିର ଅବସ୍ଥା ଦେଖି ସେହିଁ ନରସିଂହ ମେହତା ବୋଲି ପୁରୋହିତଜି ଅନୁମାନ କରିନେଲେ ଏବଂ ତାଙ୍କ ଭଗବତ୍ ପ୍ରେମ-ଭକ୍ତି ଦେଖି ପୁରୋହିତଜି ମନେ ମନେ ବିଶେଷ ଖୁସୀ ହେଲେ । କିଛି ସମୟ ପରେ କୀର୍ତ୍ତନ ବନ୍ଦ ହେଲା ଏବଂ ଭକ୍ତରାଜ କିଛି ପରିମାଣରେ ପ୍ରକୃତିସ୍ଥ ହେବାରୁ ମନ୍ଦିରକୁ ଭୋଗ ଥାଳି ଆସିଥିବା କୁହାହେଲା । ଭକ୍ତରାଜ ହାତ, ପାଦ ଧୋଇ ଭୋଗ ଲଗାଇବା ସକାଶେ ମନ୍ଦିରରେ ପ୍ରବେଶ କଲେ । ଭକ୍ତରାଜ ଭୋଗ ଲଗାଇ ମନ୍ଦିରରୁ ବାହାର ହୋଇ ଆସି ଅପରିଚିତ ପୁରୋହିତଜିଙ୍କୁ ଅତିଥି ରୂପେ ଦେଖି ପ୍ରଣାମ କଲେ ଏବଂ ଆନ୍ତରିକ ସ୍ନେହ, ଶ୍ରଦ୍ଧା ଓ ଭକ୍ତିଭାବରେ ଆଦର ସହିତ ପ୍ରସାଦସେବନ ସକାଶେ ଆଗ୍ରହ କଲେ । ଭୋଜନ ସମାପ୍ତ ହେବା ପରେ ଭକ୍ତରାଜଙ୍କ ସହିତ କଥାବାର୍ତ୍ତା ପ୍ରସଙ୍ଗରେ ପୁରୋହିତଜି ନିଜ ପରିଚୟ ଦେବା ସଙ୍ଗେ ସଙ୍ଗେ ଆସିବା ଅଭିପ୍ରାୟ କହି ପୁତ୍ର ଶ୍ୟାମଳ ଦାସଙ୍କୁ ଦେଖିବା ସକାଶେ ଆଗ୍ରହ ପ୍ରକାଶ କଲେ ।

ଭକ୍ତରାଜ ସର୍ବଦା ଭଗବତ୍ ଆନନ୍ଦରେ ବୁଡ଼ି ରହୁଥିବାରୁ ସଂସାର କାର୍ଯ୍ୟରୁ ନିର୍ଲିପ୍ତ ରହୁଥିଲେ । କୌଣସି ଅବସ୍ଥାରେ ତାଙ୍କୁ ଦୁଃଖ ଶୋକ ସ୍ପର୍ଶ କରୁ ନ ଥିଲା । ପୁରୋହିତଜିଙ୍କ ବାକ୍ୟ ଶୁଣି ସେ ଉଠି ପତ୍ନୀ ମାଣିକଗୌରୀଙ୍କୁ ସମସ୍ତ କଥା କହିଦେଲେ । ମାଣିକଗୌରୀ ଅତ୍ୟନ୍ତ ପ୍ରସନ୍ନା ହୋଇ ମନେ ମନେ ଭଗବାନଙ୍କ ପ୍ରତି କୃତଜ୍ଞତା ଜଣାଇ ପୁତ୍ର ଶ୍ୟାମଳ ଦାସଙ୍କୁ ସଙ୍ଗେ ନେଇ ପୁରୋହିତଜିଙ୍କ ପାଖକୁ ଆସିଲେ ଏବଂ ପ୍ରଣାମ କରି ପୁତ୍ର ଶ୍ୟାମଳ ଦାସଙ୍କ ହାତ ଧରି ଛିଡ଼ାହୋଇ ରହିଲେ । ଭକ୍ତରାଜ ତାଙ୍କୁ ବସିବାକୁ ସଙ୍କେତ ଦେଇ ପୁରୋହିତଜିଙ୍କ ଅଭିପ୍ରାୟ ତାଙ୍କ ସମ୍ମୁଖରେ କହିଦେଲେ । ପୁରୋହିତଜି ଶ୍ୟାମଳ ଦାସଙ୍କୁ ତାଙ୍କ ପିତାଙ୍କ ସହିତ କୀର୍ତ୍ତନ କରୁଥିବା ସମୟରେ ତଥା ଭୋଜନ ପରଷୁଥିବା ସମୟରେ ଦେଖିଥିଲେ । ଶ୍ୟାମଳ ଦାସଙ୍କ ସୁନ୍ଦର, ସୁଡ଼ୌଲ ରୂପ ସଙ୍ଗେ ସଙ୍ଗେ ବହୁ ଶୁଭ ଲକ୍ଷଣ ଦେଖି ମୁଗ୍ଧ ହୋଇ ପୁରୋହିତଜି ମଦନ ମେହତାଙ୍କ କନ୍ୟାକୁ ଶ୍ୟାମଳ ଦାସଙ୍କ ସହିତ ବିବାହ ପ୍ରସ୍ତାବ ଆଗତ କଲେ ଏବଂ ମଦନ ମେହତା ରାଜ୍ୟର ଦେବାନ ତଥା ତାଙ୍କ ସମ୍ପଦର ବି ବର୍ଣ୍ଣନା କଲେ । ପୁରୋହିତଜିଙ୍କ କଥାରେ ମାଣିକଗୌରୀ କହିଲେ, ''ମଦନ ମେହତା ଏପରି ବଡ଼ଲୋକ, ଆମ୍ଭେମାନେ ତ ଗରିବ, ଆମ ଘରେ ତାଙ୍କ ଝିଅକୁ ବିବାହ ଦେବେ କିପରି ?'' ପୁରୋହିତଜି କହିଲେ, ''ସେଥିରେ କିଛି ଆସେ ଯାଏ ନାହିଁ । ମଦନ ମେହତା ଚାହାନ୍ତି ରୂପଗୁଣ, ସୁଲକ୍ଷଣସମ୍ପନ୍ନ ବରପାତ୍ର । ସେ ବହୁତ ଧନୀ, ଉପଯୁକ୍ତ ବରପାତ୍ରର ଧନ ଅଭାବ ଥିଲେ ତାହା ସେ ପୂରଣ କରିପାରିବେ । ତୁମ ପୁତ୍ର ଶ୍ୟାମଳ ଦାସର ସମସ୍ତ ସୁନ୍ଦର ଲକ୍ଷଣ ଦେଖି ମଦନ ମେହତାଙ୍କ ଝିଅ ସହିତ ତା'ର ବିବାହ ନିର୍ଦ୍ଧାରିତ କରୁଅଛି । ତୁମ୍ଭମାନଙ୍କର ସମ୍ମତି ହେଲେ ବର୍ତ୍ତମାନ ଶ୍ୟାମଳ ଦାସଙ୍କୁ ତିଳକ କରିଦେବି । ସେଠାକୁ ଯାଇ ବିବାହ ତିଥି ଠିକ୍ କରି ଖବର ପଠାଇ ଦେବି ।'' ପୁରୋହିତଜିଙ୍କ ପ୍ରସ୍ତାବର ଉତ୍ତରରେ ''ଭଗବାନଙ୍କର ଯେପରି ଇଚ୍ଛା'' ବୋଲି ଭକ୍ତରାଜ କହିଦେଲେ । ମାଣିକଗୌରୀ କହିଲେ, ''ଆମେ ତ ଆମର ନିର୍ଦ୍ଧନତା ବିଷୟ ଆପଣଙ୍କ ପାଖରେ ବ୍ୟକ୍ତ କଲୁ, ସେଥିରେ ଯଦି ଆପଣ ଶ୍ୟାମଳ ଦାସ ସହିତ ମଦନ ମେହତାଙ୍କ ଝିଅର ବିବାହ ନିର୍ଦ୍ଧାରିତ କରି ତିଳକ କରିବାକୁ ଚାହାନ୍ତି ତେବେ ଆମ୍ଭର ସେଥିରେ ମଞ୍ଜୁର ।'' ଏକଥା ଶୁଣି ପୁରୋହିତଜି ଖୁସୀ ହୋଇ କହିଲେ, ''ଆଉ ବିଳମ୍ବ କରିବା କାହିଁକି ? ସାହିପଡ଼ିଶା, କୁଟୁମ୍ବଙ୍କୁ ଡକାନ୍ତୁ । ମୁଁ ତିଳକ ଦେଇ ଚାଲିଯିବି ।'' ଭକ୍ତରାଜ କହିଲେ, ''ଆମର ସାହିପଡ଼ିଶା, କୁଟୁମ୍ବ ତଥା ସର୍ବସ୍ୱ ଶ୍ରୀକୃଷ୍ଣ । ତାଙ୍କରି ମନ୍ଦିରରେ, ତାଙ୍କରି ସମ୍ମୁଖରେ ଆପଣ ତିଳକ କରିପାରନ୍ତି । ଆଉ କାହାକୁ ଡାକିବା ଆବଶ୍ୟକ ନାହିଁ ।'' ପୁରୋହିତଜିଙ୍କ ପାଖରେ ତିଳକର ଆବଶ୍ୟକ ସାମଗ୍ରୀ ଥିଲା । ବାକୀ ଯାହା ଦରକାରୀ ଜିନିଷ ସଙ୍ଗେ ସଙ୍ଗେ ମଗାଇ ନିଆହେଲା । ଭକ୍ତରାଜ କୀର୍ତ୍ତନମଣ୍ଡଳୀ ସହ ଭଗବତ୍ କୀର୍ତ୍ତନରେ ମତ୍ତ ହୋଇଗଲେ । ପୁରୋହିତଜି ଭଗବାନଙ୍କ ମନ୍ଦିରରେ ଭଗବାନଙ୍କ ବିଗ୍ରହ ସମ୍ମୁଖରେ ସେ ସମୟରେ ବିଧାନ ଅନୁସାରେ ଶ୍ୟାମଳ ଦାସଙ୍କୁ ନୂତନ ବସ୍ତ୍ର, ସୁବର୍ଣ୍ଣର ମୁଦି ପିନ୍ଧାଇ ନିଜ ହାତରେ ତାଙ୍କ ମସ୍ତକରେ ଚନ୍ଦନ ଲଗାଇ ଦେଲେ ଏବଂ ମଦନ ମେହତାଙ୍କ ପୁତ୍ରୀ ଯୁଠିବାଈଙ୍କ ସହିତ ଶ୍ୟାମଳ ଦାସଙ୍କ ଶୁଭବିବାହ ନିର୍ଦ୍ଧାରିତ ହୋଇଗଲା ବୋଲି ବାକ୍ୟରେ କହିଦେଲେ । ମା' ମାଣିକଗୌରୀ ପୁତ୍ରର ଏହି ନିର୍ବନ୍ଧରେ ଭଗବାନଙ୍କ କୃପା ସ୍ମରଣ କରି ଆନନ୍ଦରେ ବିଭୋର ହୋଇଗଲେ ।*

ପୁରୋହିତଜିଙ୍କ ସଙ୍ଗେ ରଥ ଥିଲା । ତାଙ୍କୁ ଜୁନାଗଡ଼ରେ ବରପାତ୍ର ଖୋଜିବାରେ ଅପେକ୍ଷାକୃତ ଅଧିକ ଦିନ ଲାଗିଯାଇ ଥିବାରୁ ସେ ଯିବାକୁ ବ୍ୟଗ୍ର ଥିଲେ । ତାଙ୍କ ଆସିବାର ଉଦ୍ଦେଶ୍ୟ ପୂର୍ଣ୍ଣ ହେବାରୁ ଭକ୍ତରାଜ ତଥା ମାଣିକଗୌରୀଙ୍କଠାରୁ ବିଦାୟ ନେଇ ବଡ଼ନଗରକୁ ଫେରିଯିବା ଉଦ୍ଦେଶ୍ୟରେ ସାରଙ୍ଗଧରଜିଙ୍କ ଘରେ ପହଞ୍ଚିଲେ । ତାଙ୍କ ସଙ୍ଗେ ଦେଖା ନ ହେବାରୁ ବିବାହ ନିଶ୍ଚିତ ହୋଇଯିବାର ଖବର ଦେଇ ସେ ସଙ୍ଗେ ସଙ୍ଗେ ଚାଲିଗଲେ । ପୁରୋହିତଜିଙ୍କ ରଥ ପହଞ୍ଚିବା ଦେଖି ମଦନ ମେହତାଙ୍କ କୁଟୁମ୍ବ, ପରିବାର ଏକତ୍ର ହୋଇଗଲେ । ପୁରୋହିତଜିଙ୍କଠାରୁ ନରସିଂହରାମଙ୍କ ସାଧୁସ୍ୱଭାବ, ବରପାତ୍ର ଶ୍ୟାମଳ ଦାସଙ୍କ ସୁଲକ୍ଷଣଯୁକ୍ତ ସୁନ୍ଦର ରୂପର ବଖାଣ ଶୁଣି ମଦନ ମେହତାଙ୍କ ସମେତ ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କୁ ବହୁତ ପ୍ରସନ୍ନତା ହେଲା । ପୁରୋହିତଜି କହିଲେ, ''ଜୁନାଗଡ଼ରେ ଲୋକେ ନରସିଂହରାମଙ୍କୁ ଯେପରି

* ଗୁଜୁରାଟ ପ୍ରାନ୍ତରେ ସେ ସମୟର ପ୍ରଥା ଅନୁସାରେ ପୁରୋହିତମାନେ ଯଜମାନଙ୍କ ତରଫରୁ ପୁତ୍ର କନ୍ୟାର ବିବାହ ନିର୍ଦ୍ଧାରିତ ନିର୍ବନ୍ଧ ବା ତିଳକ କରୁଥିଲେ ।

ସମ୍ପତ୍ତିହୀନ ବ୍ୟକ୍ତି ବୋଲି କହୁଛନ୍ତି ଯଥାର୍ଥରେ ସେ ସେପରି ନୁହନ୍ତି । ତାଙ୍କ ଘରେ ଦଶ, କୋଡ଼ିଏ, ପଚାଶ, ଶହେ, ଯେଉଁଦିନ ଯେତେ ସଂଖ୍ୟାରେ ଆଗନ୍ତୁକ, ସାଧୁ, ସନ୍ଥ, ଭକ୍ତ ଆସନ୍ତି ସେମାନେ ସମସ୍ତେ ଉତ୍ତମ ଭୋଜନ କରନ୍ତି । କେହି ଭୋଜନ ନ କରି ଫେରନ୍ତି ନାହିଁ । ଏହା ଶୁଣିବା ଏବଂ ସ୍ୱଚକ୍ଷୁରେ ଦେଖିବା ଘଟଣା ।'' ''ଯଦ୍ୟପି ତାଙ୍କର ସମ୍ପତ୍ତି ନ ଥିବ ତେବେ ତାଙ୍କ ଭକ୍ତିର ପ୍ରଭାବ ହୋଇଥିବ,'' ମଦନ ମେହତା କହିଲେ, ''ସେଥିରେ କିଛି ଆସେ ଯାଏ ନାହିଁ । ଏହି ସମ୍ପତ୍ତି ସବୁ ଯୁଠିବାଇର ।''

ମଦନ ମେହତା ପୁରୋହିତ, ଜ୍ଞାତିକୁଟୁମ୍ବଙ୍କ ଉପସ୍ଥିତିରେ ପଣ୍ଡିତଙ୍କୁ ଡକାଇ ବିବାହ ତିଥି ନିର୍ଣ୍ଣୟ କରାଇ ଦେଲେ । ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରିବା ପୂର୍ବରୁ ବିବାହ ତିଥିର ସୂଚନା ଭକ୍ତରାଜଙ୍କୁ ଜଣାଇ ତାଙ୍କର ସମ୍ମତି ନେବା ଉଦ୍ଦେଶ୍ୟରେ ପୁରୋହିତଜିଙ୍କୁ ଜୁନାଗଡ଼ ପଠାଇବାର ଦିନ ନିର୍ଦ୍ଧାରିତ କରିଦେଲେ ।

ଜୁନାଗଡ଼ରେ ସମସ୍ତ ନାଗର ବ୍ରାହ୍ମଣ ବର୍ଣ୍ଣଧର୍ମ ତଥା କୁଳପରମ୍ପରାଗତ କୁଳାଚାର, ରୀତିନୀତି, ଆଚାରବ୍ୟବହାରର କଠୋର ପକ୍ଷପାତୀ ଥିଲେ । ବ୍ରାହ୍ମଣ ଶ୍ରେଷ୍ଠ ବର୍ଣ୍ଣ, ଅନ୍ୟାନ୍ୟ ବର୍ଣ୍ଣର ପୂଜ୍ୟ ଏବଂ ଗୁରୁର ଗର୍ବକୁ ସେମାନେ ପୋଷଣ କରୁଥିଲେ । ଭକ୍ତରାଜ ନରସିଂହ ମେହତା ସର୍ବଥା ଏହାର ଊର୍ଦ୍ଧ୍ୱରେ ରହୁଥିଲେ । ନରସିଂହରାମ ଭାଗବତ ଚେତନାରେ ବାସ କରନ୍ତି । ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଭଗବତ୍ ସତ୍ତା ଅନୁଭବ କରନ୍ତି, କାହାକୁ ଘୃଣା କରନ୍ତି ନାହିଁ । ତାଙ୍କ ଚେତନାରେ ଉଚ୍ଚବର୍ଣ୍ଣ, ନୀଚବର୍ଣ୍ଣର ଧାରଣା ନ ଥାଏ । ଭଗବତ୍ ଭକ୍ତ, ସାଧୁସନ୍ଥଙ୍କୁ ନିଜ ସହୋଦର, ଭାଇ, କୁଟୁମ୍ବ, ଇଷ୍ଟଦେବ ସଦୃଶ ସ୍ନେହ, ଶ୍ରଦ୍ଧା ଓ ନିଷ୍କପଟ ଭକ୍ତିଭାବରେ ସେବା କରନ୍ତି । କୌଣସି ବ୍ୟକ୍ତି ନିଜ ଘରେ କୀର୍ତ୍ତନ କରିବାକୁ ଡାକିଲେ ଭକ୍ତରାଜ ଉଚ୍ଚନୀଚ ବର୍ଣ୍ଣ ଧାରଣା ନ କରି ସହର୍ଷରେ ତା' ଘରେ ଯାଇ କୀର୍ତ୍ତନ କରନ୍ତି । ଭଗବତ୍ ଚେତନାରେ ବାସ କରିବାହିଁ ଜୀବନର ଯଥାର୍ଥ ଲକ୍ଷ୍ୟ । ଯେପର୍ଯ୍ୟନ୍ତ ଏହି କୁଳପରମ୍ପରା ଓ ସମାଜଗତ ନୀତିନିୟମ ସତ୍ୟର ପ୍ରତିକୂଳ ନ ହୋଇଥାଏ ସେପର୍ଯ୍ୟନ୍ତ ଏହା ଥାଏ, ପ୍ରତିକୂଳ ହେବା ମାତ୍ରେ ତାହା ସ୍ୱତଃସ୍ଫୂର୍ତ୍ତଭାବେ ଭାଙ୍ଗିଯାଏ ।

ସେ ସମୟରେ ଜୁନାଗଡ଼ରେ ଅଧିକାଂଶ ନାଗର ବ୍ରାହ୍ମଣ ସାଂସାରିକ ଦୃଷ୍ଟିରେ ପଢ଼ାଲେଖା, ଧନବାନ୍ ଓ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ । ତଥାପି ମୋହଅଜ୍ଞାନବଶତଃ ଜୀବନର ଯଥାର୍ଥ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ସମ୍ବନ୍ଧେ ସଚେତ ନ ଥିଲେ । ଏହି ଅଜ୍ଞାନତା ଯୋଗୁଁ ଭକ୍ତରାଜଙ୍କ ଶ୍ରେଷ୍ଠ ଆଚରଣ ସେମାନଙ୍କ ଦୃଷ୍ଟିରେ ସମାଜର ପ୍ରତିକୂଳ ଏବଂ ବର୍ଣ୍ଣଧର୍ମର ବିରୋଧ ପ୍ରତୀତ ହେଉଥିଲା । ଏହି ଧାରଣାରୁ ତାଙ୍କ ଭାଇ ବଂଶୀଧର, ମାମୁ ଅନନ୍ତ ରାୟ ବି ବାଦ୍‌ଯାଇ ନ ଥିଲେ । ସେମାନେ ଭକ୍ତରାଜଙ୍କୁ ସମାଜର ଜଣେ ପତନକାରୀ ବ୍ୟକ୍ତି ମାନି ତାଙ୍କ ପ୍ରତି ବିରୋଧ ଭାବ ପୋଷଣ କରିଥିଲେ ।

ବଡ଼ନଗରର ଦେବାନ ମଦନ ମେହତା ଭଳି ଏତେ ବଡ଼ ପ୍ରତିଷ୍ଠିତ ବ୍ୟକ୍ତିଙ୍କ କନ୍ୟା ସହିତ ନରସିଂହରାମଙ୍କ ପୁତ୍ରର ବିବାହ ସ୍ଥିର ହେବା କଥାରେ କଥାରେ ସମଗ୍ର ଜୁନାଗଡ଼ରେ ବ୍ୟାପି ଗଲା । କେତେକ ପ୍ରତିଷ୍ଠିତ ଜାତିର ନେତା ନାଗର ବ୍ରାହ୍ମଣଙ୍କ ଗାତ୍ରଦାହ ହେବାକୁ ଲାଗିଲା । ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଈର୍ଷା ବରଦାସ୍ତ କରି ନ ପାରି ସାରଙ୍ଗଧରଜିଙ୍କ ଗୃହରେ ପହଞ୍ଚି ବିବାହ ଭାଙ୍ଗିଦେବାର ମନ୍ତ୍ରଣା କଲେ । ସାରଙ୍ଗଧରଜି ଆଗରୁ କ୍ଷୁବ୍ଧ ଥିଲେ । ବଡ଼ନଗର ପୁରୋହିତଙ୍କ ପ୍ରତି ରାଗରେ ତାଙ୍କ ହୃଦୟ ଜଳୁଥିଲା । ବର୍ତ୍ତମାନ ଏମାନଙ୍କ ମନ୍ତ୍ରଣାରେ ଅଗ୍ନିରେ ଘୃତ ପଡ଼ିବା ସଦୃଶ ତାହା ବୃଦ୍ଧି ହେବାକୁ ଲାଗିଲା । ନରସିଂହରାମଙ୍କ ଦରିଦ୍ରତା, ବର୍ଣ୍ଣଧର୍ମବିହୀନ ସାଧୁ, ସନ୍ଥ ଓ ଭକ୍ତଙ୍କ ସହିତ କୀର୍ତ୍ତନ କରିବା ଏବଂ ଏକ ପଙ୍ଗତିରେ ବସି ଭୋଜନ କରୁଥିବା ଜାତିଗୋତ୍ରରୁ ପତିତ ହୋଇଥିବା ବିଷୟରେ ପତ୍ର ଲେଖି ବଡ଼ନଗରର ମଦନ ମେହତାଙ୍କ ପାଖକୁ ଜଣେ ବ୍ରାହ୍ମଣଙ୍କ ଦ୍ୱାରା ପଠାଇ ଦେଲେ ।

ମଦନ ମେହତା ସାରଙ୍ଗଧରଜିଙ୍କ ପତ୍ର ପଢ଼ି ବିଶେଷ ଚିନ୍ତିତ ହୋଇପଡ଼ିଲେ । ଭାବିଲେ, ''ନରସିଂହରାମ ଯଦି ପ୍ରକୃତରେ ଦରିଦ୍ର ଏବଂ ବର୍ଣ୍ଣଧର୍ମରୁ ପତିତ ଏକଘରିଆ ହୋଇ ଜୁନାଗଡ଼ରେ ବାସ କରୁଥିବେ ତେବେ ବରଯାତ୍ରୀରେ କେହି ଆସିବେ ନାହିଁ । ସମାଜରେ ବଡ଼ ନିନ୍ଦା ହେବ । ଝିଅର ଜୀବନରେ ବି ସୁଖଶାନ୍ତି ମିଳିବ ନାହିଁ ।'' ପୁରୋହିତଜିଙ୍କୁ ଡାକି ସାରଙ୍ଗଧରଙ୍କ ପତ୍ର ପଢ଼ି ଶୁଣାଇ ଦେଲେ ଏବଂ ବିବାହ ଭାଙ୍ଗିଦେବା ସକାଶେ ପୁରୋହିତଜିଙ୍କୁ ଅନୁରୋଧ କଲେ । ପୁରୋହିତଜି ସ୍ପଷ୍ଟଭାବେ କହିଦେଲେ, ''ତୁମ ଇଚ୍ଛା ନ ହେଲେ ତୁମେ ବିବାହ ଭାଙ୍ଗି ଦେଇପାର, କିନ୍ତୁ ମୁଁ ଯେଉଁ

ଅଙ୍ଗୁଷ୍ଠରେ ତିଳକ କରିଛି ସେ ଅଙ୍ଗୁଷ୍ଠ କାଟି ନ ଦେବା ପର୍ଯ୍ୟନ୍ତ ବିବାହ ଭାଙ୍ଗିବାରେ ମୁଁ ସମ୍ମତି ଦେଇପାରିବି ନାହିଁ ।'' ପୁରୋହିତଜିଙ୍କ ଏହି ଉତ୍ତରରେ ମଦନ ମେହତା ଧର୍ମ ସଂକଟରେ ପଡ଼ିଗଲେ । କିନ୍ତୁ ସେ ଥିଲେ ଜଣେ ରାଜନୀତିଜ୍ଞ । ସେ ଏପରି ଏକ ପ୍ରଣାଳୀ ଖୋଜିବାରେ ଲାଗିଲେ ଯାହାଦ୍ୱାରା ବିବାହ ଭାଙ୍ଗିଯିବ ଅଥଚ ତାଙ୍କୁ କେହି ଦୋଷ ଦେଇପାରିବେ ନାହିଁ । କିଛି ସମୟ ନୀରବ ରହି ଭାବିବା ପରେ ସେ କହିଲେ, ''ଗୋଟିଏ ଚିଠି ଭକ୍ତରାଜଙ୍କ ପାଖକୁ ଲେଖୁଛି । ଆମର ପ୍ରତିଷ୍ଠା, କୁଳମର୍ଯ୍ୟାଦାଯୋଗ୍ୟ ରଥ, ଘୋଡ଼ା, ହାତୀ ଯାନବାହନଯୁକ୍ତ ବରଯାତ୍ରୀ ମହାସମାରୋହରେ ଆସିଲେ ତାଙ୍କ ପୁତ୍ର ସହିତ ମୋ ଝିଅର ବିବାହ ହେବ, ଅନ୍ୟଥା ବିବାହ ଭାଙ୍ଗିଦେବାକୁ ଆମ୍ଭେ ବାଧ୍ୟ ହେବୁ ।'' ଏହା ଲେଖି ବିବାହ ତିଥି ନିର୍ଦ୍ଧାରିତ କରି ପୁରୋହିତଜିଙ୍କୁ ଭକ୍ତରାଜଙ୍କ ପାଖକୁ ଯିବା ପାଇଁ କହିଲେ । ଏବଂ ମନେ ମନେ ଭାବିଲେ, ''ଭକ୍ତରାଜ ଦରିଦ୍ର ହୋଇଥିଲେ ସମାରୋହରେ ବରଯାତ୍ରୀ ଆଣିପାରିବେ ନାହିଁ, ସମାଜରୁ ପତିତ ହୋଇଥିଲେ କେହି ଜାତିଭାଇ ବରଯାତ୍ରୀରେ ଆସିବେ ନାହିଁ । ଏଥିରେ ଆମର ମର୍ଯ୍ୟାଦା ଓ ସତ୍ୟ ବି ରହିବ ଏବଂ ତତ୍ ସଙ୍ଗେ ସଙ୍ଗେ ବିବାହ ଭାଙ୍ଗିଯିବ ।'' ଏହି ବିଚାରରେ ତାଙ୍କୁ ପ୍ରସନ୍ନତା ବି ହେଲା । ଏହି ପ୍ରସ୍ତାବରେ ପୁରୋହିତଜିଙ୍କୁ କିଛି କହିବାର ବାଟ ନ ଥିଲା । ସେ ପତ୍ର ନେଇ ରଥରେ ବସି ଜୁନାଗଡ଼ରେ ଭକ୍ତରାଜଙ୍କୁ ପତ୍ରଟି ଦେଇ ସମସ୍ତ ଘଟଣା କହିଦେଲେ । ଭକ୍ତରାଜ ଚିଠିଟି ପଢ଼ିଲେ କିନ୍ତୁ ତାଙ୍କୁ ଲେଶ ମାତ୍ର ବିଷାଦ ହେଲା ନାହିଁ । ସେ ଚିଠିଟି ନେଇ ଭଗବାନଙ୍କ ମନ୍ଦିରକୁ ଯାଇ କୀର୍ତ୍ତନ କରିବାକୁ ଲାଗିଲେ । ଭଗବାନ୍ ପ୍ରକଟ ହେବାରୁ ଭକ୍ତରାଜ ତାଙ୍କ ଚରଣରେ ମସ୍ତକ ରଖି ଚିଠିଟି ତାଙ୍କ ହାତକୁ ବଢ଼ାଇ ଦେଲେ । ଭଗବାନ୍ କହିଲେ, ''ବରଯାତ୍ରୀର ବ୍ୟବସ୍ଥା ମୁଁ କରିବି । ଶ୍ୟାମଳ ଦାସକୁ ସଙ୍ଗେ ନେଇ ଠିକ୍ ସମୟରେ ତୁ ଯାତ୍ରାରମ୍ଭ କରିଦେବୁ ।'' ଏହା କହି ଭଗବାନ୍ ଅନ୍ତର୍ଦ୍ଧାନ ହୋଇଗଲେ । ... ଭୋଗ ଲାଗିଲା, ପୁରୋହିତଜି ଭୋଜନ କଲେ ଏବଂ ବରଯାତ୍ରୀ କିପରି ଭାବରେ ନେବାକୁ ହେବ ସବୁ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କଲେ । ଭକ୍ତରାଜ ନିର୍ଲିପ୍ତଭାବେ ଶୁଣି କହିଲେ, ''ଭଗବାନ୍ ଯେପରି ଚାହିଁବେ ସେପରି କରିବେ ।'' ପୁରୋହିତଜି ଭକ୍ତରାଜ ଓ ମାଣିକଗୌରୀଙ୍କଠାରୁ ବିଦାୟ ନେଇ ବଡ଼ନଗର ମଦନ ମେହତାଙ୍କ ପାଖରେ ପହଞ୍ଚି ବରଯାତ୍ରୀ ବିବାହର ନିର୍ଦ୍ଦିଷ୍ଟ ତିଥିରେ ଆସିବାର ଖବର ତାଙ୍କୁ କହିଦେଲେ । ପୁରୋହିତଜିଙ୍କଠାରୁ ଶୁଣିବା ସତ୍ତ୍ୱେ ଭକ୍ତରାଜ ଯେ ସମାରୋହରେ ବରଯାତ୍ରୀ ଆଣି ଆସିବେ ଏକଥା ସେ ବିଶ୍ୱାସ କରିପାରିଲେ ନାହିଁ । ତଥାପି ଅନ୍ତରର କୌଣସି ପ୍ରେରଣାରେ ସେ ବିବାହର ବ୍ୟବସ୍ଥା ମଧ୍ୟ ଠିକ୍ ଠିକ୍ କରୁଥିଲେ ।

ମଦନ ମେହତାଙ୍କ ଚିଠି ଖବର ପାଇ ବିବାହ ଭାଙ୍ଗିଯିବା ଇଚ୍ଛା ରଖିଥିବା ଜୁନାଗଡ଼ର ବିରୋଧୀ ବ୍ୟକ୍ତିଙ୍କ ପ୍ରସନ୍ନତାର ସୀମା ରହିଲା ନାହିଁ । ସେମାନେ କହିବାକୁ ଲାଗିଲେ, ''ଝାଞ୍ଜି ପିଟୁଥିବା ଭିଖମଗାଙ୍କୁ ସଙ୍ଗରେ ନେଇ ମଦନ ମେହତା ଘରେ ବିବାହ କରିବାକୁ ଗଲେ ବଚା ଏଥରକ ପାନେ ପାଇବ, ଜୀବନ ଥିବା ପର୍ଯ୍ୟନ୍ତ ଭୁଲିବ ନାହିଁ ।'' କେତେକ ତରବରିଆ ଲୋକ ଭକ୍ତରାଜଙ୍କ ସମ୍ମୁଖରେ ଏପରି କହିବାକୁ ବି ସଙ୍କୋଚ କରୁ ନ ଥିଲେ । ଏହିସବୁ କଥା ଜଳରେ କମଳଦଳବତ୍ ଭକ୍ତରାଜଙ୍କୁ ସ୍ପର୍ଶ ବି କରୁ ନ ଥିଲା । ସ୍ନାନ ଘାଟ ତଥା କୂପ ଓ ପୁଷ୍କରିଣୀରେ ମାଣିକଗୌରୀଙ୍କୁ ଦେଖି କେହି କେହି କଳହପ୍ରିୟା ମୁଖରା ମହିଳା ଥଟ୍ଟାରେ କହୁଥିଲେ, ''ଏଇଥରକ ମଦନ ମେହତା ଝିଅକୁ ବୋହୂରୂପେ ପାଇ ଧନଧାନ୍ୟରେ ଘର ପୂରିଯିବ ।'' ମାଣିକଗୌରୀ ନୀରବରେ ଶୁଣି ଭକ୍ତରାଜଙ୍କୁ ଆସି ଏକଥା କହୁଥିଲେ । ଭକ୍ତରାଜ ଶୁଣି ନ ଶୁଣିଲା ପରି ଭଗବତ୍ ଭକ୍ତିରେ ନିମଗ୍ନ ରହୁଥିଲେ ।

ବିବାହ ତିଥି ନିକଟ ହୋଇଆସିଲା । ବିବାହର କୌଣସି ତିଆରି ନାହିଁ । ଭକ୍ତରାଜ ନିର୍ଲିପ୍ତଭାବେ ଭଗବତ୍ ସ୍ମରଣରେ ତଲ୍ଲୀନ ରହିଥା'ନ୍ତି । ମାଣିକଗୌରୀ ସ୍ମରଣ କରାଇ କହିଲେ, ''ନାଥ, କାଲି ବରଯାତ୍ରୀ ଏଠାରୁ ଯାତ୍ରା କରିବେ ।'' ଭକ୍ତରାଜ କହିଲେ, ''ଖୁବ୍ ଭଲ, କାଲି ଠିକ୍ ସମୟରେ ଯାତ୍ରା ଆରମ୍ଭ କରିଦେବା ।'' ମାଣିକଗୌରୀ କହିଲେ, ''ବରଯାତ୍ରୀ ଯିବାର କୌଣସି ତିଆରି ନାହିଁ, ବରଯାତ୍ରୀ ଯିବେ କିପରି ?'' ଭକ୍ତରାଜ ପ୍ରସନ୍ନତାପୂର୍ବକ କହିଲେ, ''ତିଆରି କରିବେ ଭଗବାନ୍, ସେ ଚିନ୍ତା ଆମେ କରିବା କାହିଁକି ?''

ରାତି ପାହି ସକାଳ ହେଲା । ଭକ୍ତରାଜ ନିତ୍ୟକର୍ମ ଭଗବତ୍ ସେବାପୂଜାରୁ ନିବୃତ୍ତ ହେଲେ । ଯେଉଁ ସାଧୁ, ସନ୍ଥ

ଓ ଭକ୍ତ ତାଙ୍କ ଘରେ ଅତିଥି ରୂପେ ଥିଲେ ସେମାନଙ୍କୁ ସଙ୍ଗେ ନେଇ ଭକ୍ତରାଜ କୀର୍ତ୍ତନ ଆରମ୍ଭ କରିଦେଲେ । ମାଣିକଗୌରୀ ଭଗବାନଙ୍କ ପ୍ରସାଦ ଚନ୍ଦନରେ ଶ୍ୟାମଳ ଦାସଙ୍କ ଲଲାଟରେ ତିଳକ କରିଦେଲେ ତଥା ଭଗବାନଙ୍କ ପ୍ରସାଦ ପୁଷ୍ପହାର ଶ୍ୟାମଳ ଦାସଙ୍କୁ ପିନ୍ଧାଇଲେ । ଏହି ହେଲା ଭକ୍ତରାଜଙ୍କ ବରଯାତ୍ରୀ । ଭକ୍ତରାଜଙ୍କ ଅମଙ୍ଗଳାକାଙ୍କ୍ଷୀ, ବିରୋଧଭାବ ପୋଷଣ କରୁଥିବା ଅଧିକାଂଶ ବ୍ୟକ୍ତି ପ୍ରସନ୍ନତା ସହ ଭକ୍ତରାଜଙ୍କ ଦାଣ୍ଡରେ ଏକତ୍ର ହୋଇ ଟାହିଟାପରା, ଥଟ୍ଟାତାମସାରେ ଯାହା ମନକୁ ଯାହା ଆସୁଥିଲା ତାହା କହୁଥିଲେ । କେହି କେହି ଉଚ୍ଚସ୍ୱରରେ ଅନ୍ୟକୁ ଶୁଣାଇ ଶୁଣାଇ କହୁଥିଲେ, ''ଏପରି ଝାଞ୍ଜିପିଟା ବରଯାତ୍ରୀ ଆମେ କେବେ ବି ଦେଖି ନ ଥିଲୁ । ମଦନ ମେହତା ଏପରି ଅଭ୍ୟର୍ଥନା କରିବ ଯେ ଜୀବନ ଥିବା ପର୍ଯ୍ୟନ୍ତ ବିସ୍ମରଣ ହେବ ନାହିଁ ।'' ମଦନ ମେହତା ଏପରି ବିଚିତ୍ର ବରଯାତ୍ରୀଙ୍କୁ କିପରି ଅପମାନ ଦେବ, ତାହା ଦେଖିବା ସକାଶେ କେହି କେହି ଅତ୍ୟନ୍ତ ଈର୍ଷାଳୁ ବ୍ୟକ୍ତି ଭକ୍ତରାଜଙ୍କ ବରଯାତ୍ରୀ ପଛେ ପଛେ ବଡ଼ନଗର ଯାତ୍ରା କଲେ ।

କିଛି ଦୂର ଯିବା ପରେ ଦୂରରୁ ଦେଖାଗଲା ବହୁ ରଥ, ବହୁ ହସ୍ତୀ, ବହୁ ଅଶ୍ୱ ତଥା ବିଭିନ୍ନ ପ୍ରକାରର ବାଦ୍ୟଯନ୍ତ୍ର ସହିତ ଜନସମୂହ । ଭକ୍ତରାଜ ସାଧୁମାନଙ୍କ ସହିତ ଭଗବତ୍ କୀର୍ତ୍ତନ କରି ଆନନ୍ଦରେ ଚାଲିଥା'ନ୍ତି । ଶ୍ୟାମଳ ଦାସ ସଙ୍ଗରେ ଥାଏ । ଜନସମୂହର କିଛି ନିକଟବର୍ତ୍ତୀ ହେବାରୁ ତା' ମଧ୍ୟରୁ କେତେକ ଲୋକ ଆସି ଶ୍ୟାମଳ ଦାସଙ୍କୁ ନାନା ପ୍ରକାର ଅଳଙ୍କାରରେ ଅଳଙ୍କୃତ କଲେ ଏବଂ ବହୁମୂଲ୍ୟ ବସ୍ତ୍ର ପରିଧାନ କରାଇ ତାଙ୍କୁ ନେଇ ଗୋଟିଏ ଉତ୍ତମ ରଥରେ ବସାଇ ଦେଲେ ତଥା ଜନତାର ଯେଉଁ ପ୍ରଧାନ ବ୍ୟକ୍ତି ଥିଲେ ତାଙ୍କରି ପାଖକୁ ଭକ୍ତରାଜଙ୍କୁ ନେଇଗଲେ । ଭକ୍ତରାଜ ନିଜ ପ୍ରଭୁଙ୍କୁ ବିଶାଳ ବରଯାତ୍ରୀ ଆଣି ସ୍ୱୟଂ ଆସିଥିବା ଦେଖି ଭକ୍ତି ତଥା କୃତଜ୍ଞତାରେ ତାଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା । ତାଙ୍କ ନେତ୍ରରୁ ଧାରାପ୍ରବାହ ଅଶ୍ରୁ ବର୍ଷା ହେଲା । ସେ ପ୍ରଭୁଙ୍କ ଚରଣରେ ପଡ଼ିଗଲେ । ଭଗବାନ୍ ଆଶ୍ୱାସନା ଦେଇ ଉଠାଇ ବସାଇଲେ ଏବଂ ବରଯାତ୍ରୀ ଅଗ୍ରସର ହେବା ସକାଶେ ନିର୍ଦ୍ଦେଶ ଦେଲେ । ଭକ୍ତରାଜ କୌଣସି ରଥରେ ନ ବସି ପୂର୍ବପରି କୀର୍ତ୍ତନ କରି ଚାଲିଲେ ।

ଭକ୍ତରାଜଙ୍କ ଅପମାନ ଦେଖି ଖୁସୀ ହେବା ଆଶାରେ ଯେଉଁ ଈର୍ଷାଳୁ ବ୍ୟକ୍ତିମାନେ ପଛେ ପଛେ ଆସିଥିଲେ, ସେମାନେ ଏପରି ଅସାଧାରଣ ବରଯାତ୍ରୀ କେବେ ଦେଖି ନ ଥିଲେ କିଂବା ଶୁଣି ବି ନ ଥିଲେ । ଏସବୁ ଦୃଶ୍ୟ ଦେଖି ସେମାନଙ୍କ ହଂସା ଉଡ଼ିଗଲା; ବିଚାର ବିବେକ ରହିଲା ନାହିଁ ଏବଂ କିଂକର୍ତ୍ତବ୍ୟବିମୂଢ଼ ହୋଇ ମୂର୍ଚ୍ଛିତ ହୋଇ ପଡ଼ିଗଲେ । ଦିବ୍ୟସତ୍ତା ନାରାୟଣବାହିନୀଙ୍କ ଦର୍ଶନରେ ସେମାନଙ୍କର ହୃଦୟ ପବିତ୍ର ହୋଇଗଲା । ସେମାନେ ଭକ୍ତରାଜଙ୍କ ଭକ୍ତିର ମହତ୍ତ୍ୱ ବୁଝିପାରିଲେ ଏବଂ ଈର୍ଷାଭାବ ଛାଡ଼ି ଦିବ୍ୟ ବରଯାତ୍ରୀଙ୍କ ସଙ୍ଗେ ବଡ଼ନଗର ଯାତ୍ରା କଲେ ।

ମଦନ ମେହତାଙ୍କ ପୁରୋହିତ ଅନ୍ତରରେ ଭକ୍ତରାଜଙ୍କୁ ସମ୍ମାନ କରୁଥିଲେ ଏବଂ ତାଙ୍କର କୌଣସି ପ୍ରକାର ଅପମାନ ନ ହେବାର ଶୁଭକାମନା କରୁଥିଲେ । ସେହି ସକାଶେ ସେ ତୀବ୍ରଭାବେ ଉତ୍କଣ୍ଠିତ ହୋଇ ବରଯାତ୍ରୀଙ୍କୁ ପ୍ରତୀକ୍ଷା କରି ସେମାନଙ୍କ ଆସିବା ରାସ୍ତାରେ ବହୁଦୂର ଆଗେଇ ଆସିଥିଲେ । ଦୂରରୁ ଏକ ବିଶାଳ ବରଯାତ୍ରୀ ଆସୁଥିବାର ଦେଖାଗଲା । ନିକଟକୁ ଯାଇ ଦେଖିଲେ ଚତୁରଙ୍ଗ ସେନା ସଦୃଶ ବିଶାଳ ବରଯାତ୍ରୀ; ରଥ, ହାତୀ, ଘୋଡ଼ା, ପଦାତିଙ୍କର ସୀମା ନ ଥିଲା । ଦେଖିଲେ ଆଖି ପାଉ ନ ଥିଲା କିନ୍ତୁ ସେଥିରେ ଥିଲା ଶୃଙ୍ଖଳା । ପ୍ରଥମରେ ଅସଂଖ୍ୟ ରଥ, ତାପରେ ଅଗଣିତ ହାତୀ, ତା' ପଛରେ ବେସୁମାରି ଘୋଡ଼ା, ଶେଷରେ ବହୁସଂଖ୍ୟାରେ ନାଗର ବ୍ରାହ୍ମଣ ବରଯାତ୍ରୀ ରୂପେ ଶୋଭା ପାଉଥିଲେ । ସର୍ବଶେଷରେ ସୁରକ୍ଷା ସକାଶେ ଅସ୍ତ୍ରଶସ୍ତ୍ରସୁସଜ୍ଜିତ ରଥ, ହାତୀ ତଥା ଘୋଡ଼ାବାହନଯୁକ୍ତ ସୈନ୍ୟସାମନ୍ତ ଥିଲେ । ରଥଗୁଡ଼ିକ ଅମୂଲ୍ୟ ରତ୍ନ, ଉତ୍ତମ ରେଶମୀ ବସ୍ତ୍ରରେ ମଣ୍ଡିତ ତଥା ବହୁପ୍ରକାର ପୁଷ୍ପରେ ଶୋଭିତ ହୋଇଥିଲା । ହାତୀ, ଘୋଡ଼ାଙ୍କୁ ରତ୍ନ ତଥା ବହୁମୂଲ୍ୟ ବସ୍ତ୍ରରେ ସଜ୍ଜିତ କରାହୋଇଥିଲା । ରଥ, ହାତୀ, ଘୋଡ଼ାଦି ସମସ୍ତ ଯାନବାହନରେ ବରଯାତ୍ରୀ ଶୋଭା ପାଉଥିଲେ । ପଦାତିକ ବରଯାତ୍ରୀଙ୍କ ପରିଧାନ ବସ୍ତ୍ରସବୁ ଅସାଧାରଣ ଥିଲା । ଏପରି ବରଯାତ୍ରୀ କେବେ ଦେଖିଥିବା ଦୂରେଥାଉ, ମନରେ କଳ୍ପନା କରିବା ବି ସମ୍ଭବ ହୋଇ ନ ଥିଲା । ଏପରି ଅସାଧାରଣ ଅଲୌକିକ ବରଯାତ୍ରୀ ଦେଖି ପୁରୋହିତଜି ବାକ୍-ବିଚାରଶୂନ୍ୟ ହୋଇ କେବଳ ଦେଖୁଥିଲେ । ଅନ୍ତରର ପ୍ରେରଣାରେ ସ୍ୱାଭାବିକ

ରୂପେ ପଚାରିଲେ, ''ଏତେ ବଡ଼ ବରଯାତ୍ରୀ କେଉଁ ଦେଶ ମହାରାଜାଙ୍କର ? କେଉଁ ଦେଶକୁ ଯିବ ?'' ବରଯାତ୍ରୀଙ୍କ ତରଫରୁ ଜଣେ କୋମଳ ତଥା ମଧୁର ସ୍ୱରରେ କହିଲେ, ''ଏହି ବରଯାତ୍ରୀ ଭକ୍ତରାଜ ନରସିଂହ ମେହତାଙ୍କର, ଜୁନାଗଡ଼ରୁ ଯାତ୍ରା କରିଛି, ବଡ଼ନଗର ମଦନ ମେହତାଙ୍କ ଘରକୁ ଯିବ ।'' ଏହା ଶୁଣିବା ସତ୍ତ୍ୱେ ପୁରୋହିତଜିଙ୍କର ବିଶ୍ୱାସ ହେଉ ନ ଥିଲା । ସେହି ସକାଶେ ସେ ବିନୀତ ସ୍ୱରରେ କହିଲେ, ''ମୋତେ କ'ଣ ଭକ୍ତରାଜଙ୍କୁ ଦର୍ଶନ କରାଇଦେବେ ? ସେ ଆଗ୍ରହ ସହିତ କହିଲେ, ''ହଁ, ମୋ ସଙ୍ଗେ ଆସନ୍ତୁ, ମୁଁ ବର୍ତ୍ତମାନ ଦର୍ଶନ କରାଇଦେବି ।'' ବରଯାତ୍ରୀ ଶୃଙ୍ଖଳିତ ତଥା ବ୍ୟବସ୍ଥିତ ଥିବାରୁ ଭକ୍ତରାଜଙ୍କ ପାଖରେ ପହଞ୍ଚିବାକୁ ପୁରୋହିତଜିଙ୍କୁ ବିଳମ୍ବ ହେଲା ନାହିଁ । ଏତେ ବଡ଼ ବୈଭବଯୁକ୍ତ ବରଯାତ୍ରୀଙ୍କ ମଧ୍ୟରେ ଭକ୍ତରାଜ ପ୍ରତିଦିନର ସାଧାରଣ ବସ୍ତ୍ର ପରିଧାନ କରି ସାଧୁମାନଙ୍କ ସହିତ ଭଗବତ୍ କୀର୍ତ୍ତନରେ ମସ୍ତ ରହିଥିଲେ । ପୁରୋହିତଜି ଭକ୍ତରାଜଙ୍କୁ ଦର୍ଶନ କରି ଭାବିଲେ, ''ଏହି ବୈଭବଯୁକ୍ତ ବରଯାତ୍ରୀ ଭକ୍ତରାଜଙ୍କ ଭକ୍ତିର ପ୍ରଭାବ ।'' ଭକ୍ତରାଜଙ୍କୁ ମନେ ମନେ ପ୍ରଣାମ କରି ସେଠାରୁ ଶୀଘ୍ର ଶୀଘ୍ର ଆସି ବିଶାଳ ବରଯାତ୍ରୀଙ୍କର ଖବର ଯଜମାନ ମଦନ ମେହତାଙ୍କୁ ଦେଲେ । କହିଲେ, ''ତୁମର ଯେଉଁ ବ୍ୟବସ୍ଥା ହୋଇଛି ସେଥିରେ ବରଯାତ୍ରୀଙ୍କୁ ରହିବା, ସ୍ନାନ ଦେବା, ଭୋଜନ କରାଇବା ଦୂରେ ଥାଉ କେବଳ ଜଳ ବି ଯୋଗାଇ ପାରିବେ ନାହିଁ । ଏକମାତ୍ର ଉପାୟ ହେଉଛି ଶୀଘ୍ର ଯାଇ ଭକ୍ତରାଜଙ୍କ ପାଖରେ ନିଜର ଦୋଷ ସକାଶେ ନିଷ୍କପଟ ଭାବରେ କ୍ଷମା ମାଗିବା ।'' ମଦନ ମେହତା ଶୁଣିବା ମାତ୍ରେ ବନ୍ଧୁବାନ୍ଧବ ତଥା ଜ୍ଞାତିଭାଇମାନଙ୍କୁ ସଙ୍ଗେ ନେଇ ଭକ୍ତରାଜଙ୍କୁ ସ୍ୱାଗତ କରି ଆଣିବା ତଥା ନିଜ ଦୋଷର କ୍ଷମା ମାଗିବା ସକାଶେ ତାଙ୍କ ପାଖକୁ ଗଲେ । ସେତେବେଳକୁ ବରଯାତ୍ରୀ ଗ୍ରାମର କିଛି ଦୂରରେ ସଙ୍ଗେ ଆଣିଥିବା ଅସଂଖ୍ୟ ତମ୍ବୁ ଲଗେଇ ରହିବାକୁ ଆରମ୍ଭ କରୁଥିଲେ । ମଦନ ମେହତା ଜ୍ଞାତିଭାଇମାନଙ୍କ ସହିତ ଅତ୍ୟନ୍ତ ବିଶାଳ ବରଯାତ୍ରୀଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସେ ଏପରି ବରଯାତ୍ରୀ କେବେ ବି କଳ୍ପନା କରି ନ ଥିଲେ । ସମ୍ମୁଖରେ ଗୋଟିଏ ବୈଭବଯୁକ୍ତ ବିଶାଳ ତମ୍ବୁରେ ଭକ୍ତରାଜ ଥିବା ଆଶାକରି ଦ୍ୱାରପାଳଙ୍କ ଦ୍ୱାରା ଖବର ଦେଇ ସ୍ୱୀକୃତ ପାଇ ଭିତରକୁ ଯାଇ ପ୍ରଣାମ କଲେ । ସେ ବ୍ୟକ୍ତି କହିଲେ, ''ମୁଁ ଭକ୍ତରାଜଙ୍କର ଜଣେ ସେବକ । ତାଙ୍କରି ଆଜ୍ଞାରେ ମୁଁ ସମସ୍ତ ବ୍ୟବସ୍ଥା କରେ । ଚାଲ, ଭକ୍ତରାଜଙ୍କ ସହ ମୁଁ ଭେଟ କରାଇ ଦେବି ।'' ଏହା କହି ତାଙ୍କୁ ଭକ୍ତରାଜଙ୍କ ନିକଟକୁ ନେଇଗଲେ । ସେ ସମୟରେ ଭକ୍ତରାଜ ସଜ୍ଜମଣ୍ଡଳୀ ମଧ୍ୟରେ ଭଗବତ୍ କୀର୍ତ୍ତନରେ ତନ୍ମୟ ହୋଇଥିଲେ । ଭୃତ୍ୟବେଶଧାରୀ ଭଗବାନ୍ ଭକ୍ତରାଜଙ୍କୁ ସଚେତ କରାଇ ସମଧୀ ମଦନ ମେହତାଙ୍କୁ ପରିଚୟ କରାଇ ଦେଲେ । ଭକ୍ତରାଜ ଉଠି ସ୍ନେହରେ ସମଧୀଙ୍କୁ ହୃଦୟରେ ଆଲିଙ୍ଗନ କଲେ । ଅସାଧାରଣ ବୈଭବ ମଧ୍ୟରେ ଭକ୍ତରାଜଙ୍କୁ ସାଧାରଣ ବେଶ ତଥା ନିର୍ଲିପ୍ତ ଅବସ୍ଥାରେ ଦେଖି ମଦନ ମେହତା ନିଜ କର୍ତ୍ତବ୍ୟ ସକାଶେ ପଶ୍ଚାତ୍ତାପ କଲେ । ଏବଂ ଅଭିମାନ ଓ ଅହଂକାରପୂର୍ଣ୍ଣ ପତ୍ର ଲେଖିଥିବା ଯୋଗୁଁ ଦୋଷ କ୍ଷମା ଚାହିଁବା ସଙ୍ଗେ ସଙ୍ଗେ ବିଶାଳ ବରଯାତ୍ରୀଙ୍କ ସତ୍କାର ଏବଂ ସମାରୋହରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହେବା ସକାଶେ ପ୍ରାର୍ଥନା କଲେ । ''ଭାଇ, ଏହିସବୁ ଚମତ୍କାର ମୋ ପ୍ରଭୁଙ୍କର । ତୁମେ କିଛି ଚିନ୍ତା କର ନାହିଁ; ଶ୍ରୀକୃଷ୍ଣଙ୍କ ଉପରେ ବିଶ୍ୱାସ ରଖ । ତାଙ୍କରି କୃପାରୁ କୌଣସି ଅସୁବିଧା ହେବ ନାହିଁ ।'' ଭକ୍ତରାଜଙ୍କଠାରୁ ଏହି ବାକ୍ୟ ଶୁଣି ମଦନ ମେହତା ଅତ୍ୟନ୍ତ ପ୍ରସନ୍ନତା ସହ ତାଙ୍କଠାରୁ ବିଦାୟ ନେଇ ବିଧିବିଧାନ ଅନୁସାରେ ବରପାତ୍ରଙ୍କୁ ସ୍ୱାଗତ କରି ଉତ୍ତମ ସ୍ଥାନରେ ରଖାଇଲେ । କେହି କାହାକୁ କିଛି କହୁ ନ ଥିଲେ କିଂବା କେହି ଜଣେ ବ୍ୟବସ୍ଥା କରୁ ନ ଥିଲେ । ପ୍ରତ୍ୟେକ ବ୍ୟକ୍ତି କାହାରି ନ କହିବା ସତ୍ତ୍ୱେ ନିଜ ନିଜ କାର୍ଯ୍ୟରେ ତତ୍ପର ଥିଲେ । ଯାହାର ଯେଉଁ ସମୟରେ ଯେଉଁ ବସ୍ତୁର ଆବଶ୍ୟକ ହେଉଥିଲା ତାହା ତାଙ୍କ ପାଖରେ ଆଣି ବ୍ୟକ୍ତି ପହଞ୍ଚାଇ ଦେଉଥିଲେ । ସେହିପରି ବରଯାତ୍ରୀଙ୍କ ରହିବା, ସେମାନଙ୍କ ସକାଶେ ବହୁପ୍ରକାର ମିଷ୍ଟାନ୍ନ ଏବଂ ବ୍ୟଞ୍ଜନ ତିଆରି କରିବା, ସେମାନଙ୍କୁ ଭୋଜନ କରାଇବା ପ୍ରଭୃତି ଯାବତୀୟ କର୍ମ ଶୃଙ୍ଖଳିତ ଏବଂ ବ୍ୟବସ୍ଥିତଭାବେ ହେଉଥିଲା । ସେଥିରେ ଟିକିଏମାତ୍ର ବ୍ୟତିକ୍ରମ ଘଟୁ ନ ଥିଲା । କାର୍ଯ୍ୟ କରିବା ବ୍ୟକ୍ତିଙ୍କୁ ମଦନ ମେହତା, ତାଙ୍କ ବନ୍ଧୁବାନ୍ଧବ, ସାଇପଡ଼ିଶା କେହି ଚିହ୍ନି ନ ଥିଲେ କିଂବା ଚିହ୍ନିବାର କୌତୂହଳ ବି ଜାଗ୍ରତ୍ ହେଉ ନ ଥିଲା । ଜିନିଷପତ୍ର ଆସିବା, ରୋଷେଇ ହେବା, ଭୋଜନ କରାଇବା, ବିବାହ କାର୍ଯ୍ୟ ହେବା ଇତ୍ୟାଦି ଯନ୍ତ୍ରବତ୍ ନୀରବତାରେ ହୋଇ ଚାଲୁଥିଲା । ଅଲୌକିକଭାବେ ବିବାହ କାର୍ଯ୍ୟ ସମାପ୍ତ ହେଲା । କନ୍ୟା ଯୁଠିବାଇ

ତଥା ବର ଶ୍ୟାମଳ ଦାସଙ୍କୁ ବହୁବିଧ ଆଭୂଷଣରେ ଆଭୂଷିତ କରାଇ ତଥା ଉତ୍ତମ ବସ୍ତ୍ର ପରିଧାନ କରାଇ ବହୁ ଦ୍ରବ୍ୟ ଯୌତୁକ ଦେଇ ମଦନ ମେହତା ସେମାନଙ୍କୁ ବିଦାୟ ଦେଲେ । ନାରାୟଣୀ ବରଯାତ୍ରୀ ବରକନ୍ୟାଙ୍କୁ ଜୁନାଗଡ଼ ଭକ୍ତରାଜଙ୍କ ମନ୍ଦିରରେ ପହଞ୍ଚାଇ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ । ଯେଉଁମାନେ ସରଳ ହୃଦୟ ବ୍ୟକ୍ତି ଥିଲେ ସେମାନେ ଭକ୍ତରାଜଙ୍କ ଭକ୍ତିର ମହିମା, ଭଗବାନଙ୍କର କୃପା ଜାଣି ଭକ୍ତରାଜଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧାଭକ୍ତି ଉତ୍ପନ୍ନ ହେଲା । ଯେଉଁମାନେ ତାଙ୍କ ପ୍ରତି ଅତ୍ୟନ୍ତ ବିଦ୍ରୋହ ଭାବ ରଖୁଥିଲେ ସେମାନଙ୍କ ହୃଦୟ ଜଳିବାକୁ ଲାଗିଲା । ସେମାନେ କହିଲେ, ''ଆରେ, ଏସବୁ କିଛି ନୁହେଁ, ନରସିଂହ ମେହତା ବହୁତ ତନ୍ତ୍ରବିଦ୍ୟା ଜାଣେ । ଏସବୁ କୁହୁକ, ମାୟା; ଯଥାର୍ଥ ନୁହେଁ ।''

ଏହିସବୁ ଅଲୌକିକ ଘଟଣାରେ କେତେକ ବ୍ୟକ୍ତି ଅବିଶ୍ୱାସ କରିପାରନ୍ତି । କିନ୍ତୁ ଭଗବାନଙ୍କ ସକାଶେ କିଛି ବି ଅସମ୍ଭବ ନୁହେଁ । ସେ କୌଣସି ନିର୍ଦ୍ଧାରିତ ନିୟମରେ ବନ୍ଧା ନୁହନ୍ତି । ଭକ୍ତ ସକାଶେ ସେ ଅସାଧାରଣ କାର୍ଯ୍ୟ ବି କରିପାରନ୍ତି । ଏହା ବି ସମ୍ଭବ ହୋଇପାରେ । ଯଥାର୍ଥରେ ଏପରି ଅସାଧାରଣ ବରଯାତ୍ରୀ ନ ଥିଲେ, କିନ୍ତୁ ଭଗବାନଙ୍କୁ ମାୟାରେ କେତେ ବ୍ୟକ୍ତି ଦେଖି ପାରିଥିଲେ । ଏହା ଯଥାର୍ଥ ବି ହୋଇପାରିଥାଏ । ଯେପରି ଶ୍ରୀକୃଷ୍ଣ ନିଜ ମାତା ଯଶୋଦା ତଥା ଶ୍ରୀରାମ ନିଜ ମାତା କୌଶଲ୍ୟାଙ୍କୁ ମୁଖ ବିସ୍ତାର କରି ନିଜ ଉଦରରେ ଚଉଦ ବ୍ରହ୍ମାଣ୍ଡ ଦେଖାଇ ଦେଇଥିଲେ, ଆତ୍ମମାନଙ୍କ ସୀମିତ ମନରେ ଏହା ବିଶ୍ୱାସଯୋଗ୍ୟ ନ ହେଲେ ମଧ୍ୟ ଭଗବାନ୍ ଆମ ଅବିଶ୍ୱାସକୁ ପରୁଆ କରନ୍ତି ନାହିଁ ।

ଶ୍ୟାମଳ ଦାସଙ୍କ ମୃତ୍ୟୁ

ଭଗବାନଙ୍କ ଲୀଳା ବିଚିତ୍ର । ମନୁଷ୍ୟ ନିଜର ସୀମିତ ମନବୁଦ୍ଧିରେ ଭଗବାନ୍ ତଥା ତାଙ୍କ ଲୀଳା ଜାଣିବାକୁ ଚେଷ୍ଟା କରିବା ପହଁରି ସମୁଦ୍ର ପାର ହେବା ସଦୃଶ ଅସମ୍ଭବ । ଯେକେହି ଅନ୍ତର ହୃଦୟ ବ୍ୟତୀତ ତର୍କବୁଦ୍ଧିରେ ଭଗବାନଙ୍କୁ ତଥା ତାଙ୍କ ଲୀଳାକୁ ଜାଣିବାକୁ ଚାହିଁଛି ସେ ଭ୍ରମ, ଅବିଶ୍ୱାସ, ସନ୍ଦେହ, ମୋହ, ମାୟାର ଅତଳ ଗହ୍ୱରରେ ପଡ଼ିଯାଇଛି । ସାଧାରଣ ବୁଦ୍ଧିବାଦୀ ମନୁଷ୍ୟଙ୍କ କଥା ଛାଡ଼ନ୍ତୁ, ସ୍ୱୟଂ ଶିବଅର୍ଦ୍ଧାଙ୍ଗିନୀ ପାର୍ବତୀ ଦେବୀ, ସୀତାଙ୍କ ବିୟୋଗରେ ଶ୍ରୀରାମଙ୍କୁ ବିଳାପ କରୁଥିବା ଅବସ୍ଥାରେ ଦେଖି ମୋହପ୍ରାପ୍ତ ହୋଇଅଛନ୍ତି । ଭଗବାନ୍ ଯେପରି ଅସୀମ ଅନନ୍ତ, ସେହିପରି ତାଙ୍କ ଲୀଳା ବୁଦ୍ଧି ପକ୍ଷେ ଅଗମ୍ୟ । ଭଗବାନ୍ ତଥା ତାଙ୍କ ଲୀଳାକୁ ଜାଣିବାକୁ ହେଲେ ତାଙ୍କରି ଚରଣରେ ନିଜକୁ ନିବେଦନ କରିଦେବାକୁ ହୁଏ । ତେବେ ଭଗବାନ୍ ବ୍ୟକ୍ତିର ଗ୍ରହଣଶୀଳତା ଅନୁସାରେ ନିଜର ଲୀଳାରହସ୍ୟ ଉଦ୍‌ଘାଟନ କରନ୍ତି । ଅତଏବ ଆମର ମନ-ବୁଦ୍ଧିର ପ୍ରତିକୂଳ ପ୍ରତୀତ ହେଉଥିବା ସତ୍ତ୍ୱେ ଭଗବାନଙ୍କ ଲୀଳାକୁ ବୁଦ୍ଧିରେ ଜାଣିବାକୁ ଚେଷ୍ଟା ନ କରି ତାଙ୍କରି ଚରଣରେ ନିଜକୁ ସର୍ବତୋଭାବେ ନିବେଦନ କରିଦେଲେ ସେ କୃପା କରି ଆତ୍ମମାନଙ୍କ ହୃଦୟରେ ଜ୍ଞାନ-ଜ୍ୟୋତିଃ ପ୍ରଜ୍ୱଳିତ କରିଦେବେ । ତେବେ ଆତ୍ମେମାନେ ତାଙ୍କ ଲୀଳାରହସ୍ୟର ଆନନ୍ଦ-ସମୁଦ୍ରରେ ନିମଜ୍ଜନ କରିପାରିବା ।

ଯେଉଁ ଶ୍ୟାମଳ ଦାସଙ୍କ ବିବାହରେ ଭଗବାନ୍ ସ୍ୱୟଂ ବରଯାତ୍ରୀ ରୂପେ ନିଜ ନାରାୟଣୀ ସେନାଙ୍କ ସହିତ ବିବାହ ସମ୍ପନ୍ନ କରାଇଥିଲେ, ସେହି ଶ୍ୟାମଳ ଦାସ ବିବାହର କିଛି ଦିନ ପରେ ମୃତ୍ୟୁ ପ୍ରାପ୍ତ ହେଲେ । ଭକ୍ତରାଜଙ୍କ ହୃଦୟରେ ସର୍ବଦା ଜ୍ଞାନ-ଆନନ୍ଦସ୍ୱରୂପ ଭଗବାନ୍ ବିରାଜମାନ ଥାଆନ୍ତି । ସେହି କାରଣରୁ ମୋହ ମାୟା ତାଙ୍କୁ ସ୍ପର୍ଶ କରିପାରେ ନାହିଁ । ପୁତ୍ର ଶ୍ୟାମଳ ଦାସଙ୍କ ମୃତ୍ୟୁରେ ଭକ୍ତରାଜ ଟିକିଏ ବି ବିଚଳିତ ନ ହୋଇ ଭଗବତ୍ ସ୍ମରଣରେ ନିମଗ୍ନ ରହିଲେ । କିନ୍ତୁ ବହୁତ ଦୁଃଖ ହେଲା ମାତା ମାଣିକଗୌରୀଙ୍କୁ । ସେ ଶୋକ-ସମୁଦ୍ରରେ ବୁଡ଼ିଗଲେ । ନବବିବାହିତା ବୋହୂ ଯୁଠିବାଈର ବୈଧବ୍ୟ ସ୍ମରଣ ହେବା ମାତ୍ରେ ଶୋକରେ ତାଙ୍କ ହୃଦୟ ବିଦୀର୍ଣ୍ଣ ହୋଇ ଯାଉଥିଲା । ସେ ଶୋକରେ ବିହ୍ୱଳ ହୋଇ ଉଚ୍ଚସ୍ୱରରେ ରୋଦନ କରୁଥିଲେ । ତାଙ୍କର ଏପରି ଦୈନ୍ୟ ଅବସ୍ଥା ଦେଖି ଭକ୍ତରାଜ କହିଲେ, ''ତୁମେ କାହା ସକାଶେ ରୋଦନ କରୁଛ ? ଘର, ପରିବାର ଏବଂ ଆମେ ନିଜେ ତଥା ଆତ୍ମମାନଙ୍କର ନିଜର ବୋଲି କହିବା ଯାହାକିଛି ସବୁ ତ ଭଗବାନଙ୍କର । ତାଙ୍କରି ଚରଣରେ ଏସବୁ ନିବେଦିତ ହୋଇସାରିଛି ଏବଂ ସେ ଗ୍ରହଣ ମଧ୍ୟ କରିନେଇଛନ୍ତି । ସକଳ ବ୍ରହ୍ମାଣ୍ଡ ତାଙ୍କରି । ତାଙ୍କରି ବିଧାନରେ ତାଙ୍କରି ଶ୍ୟାମଳ ଦାସକୁ ସେ ଆଜି ପର୍ଯ୍ୟନ୍ତ ଆମ ପାଖରେ ରଖିଥିଲେ । ବର୍ତ୍ତମାନ

ତାଙ୍କରି ବସ୍ତୁକୁ ସେ ନେଇ ଅନ୍ୟ ସ୍ଥାନରେ ରଖିଲେ । ମାଲିକର ବିଧାନ ଯାହା ହେବ ସେଥିରେ ଆମ୍ଭମାନଙ୍କୁ ପ୍ରସନ୍ନତା ହେବା ଉଚିତ । ଆମେ ଯଦି ମାଲିକର ବସ୍ତୁକୁ ନିଜର ବୋଲି କହିବା ତେବେ ଜନ୍ମ ମରଣ ଦୁଃଖତାପ ଦଣ୍ଡରେ ଦଣ୍ଡିତ ହେବା । ଅତଏବ ଭଗବତ୍ ବିଧାନରେ ଶୋକ କରିବା ଆଦୌ ଉଚିତ ନୁହେଁ ।'' ସେହି ସମୟରେ ଭକ୍ତରାଜ ଏହି ପଦଟି ଗାଇଥିଲେ – ''ଭଲୁଂ ଥୟୁ ଭାଙ୍ଗୀ ଜଂଜାଳା, ସୁଖେ ଭଜୀଶୁଂ ଶ୍ରୀଗୋପାଳା ।''

''ଭଲ ହେଲା ଜଞ୍ଜାଳ ଚାଲିଗଲା, ସୁଖପୂର୍ବକ ଶ୍ରୀଗୋପାଳଙ୍କୁ ଭଜନ କରିବା ।''

ଭକ୍ତରାଜଙ୍କ ଜ୍ଞାନ ଉପଦେଶରେ ମାଣିକଗୌରୀଙ୍କ ଶୋକ ଦୂର ହେଲା, ସେ ପୂର୍ବପରି ଭଗବତ୍ ଭଜନ ପୂଜନରେ ଲାଗିଲେ ।

ପିତୃଶ୍ରାଦ୍ଧ

ସମୟ ନଦୀସ୍ରୋତ ସଦୃଶ ପ୍ରବାହିତ ହେଉଥାଏ । ଦେଖୁ ଦେଖୁ ଶ୍ୟାମଳ ଦାସର ମୃତ୍ୟୁର ଛ'ମାସ ପରେ ପିତୃଶ୍ରାଦ୍ଧର ସମୟ ଆସିଲା । ଭକ୍ତରାଜ ଭାଉଜ ଦୁରିତଗୌରୀ ତଥା ଭାଇ ବଂଶୀଧରଙ୍କ ଦ୍ୱାରା ଘରୁ ବିତାଡ଼ିତ ହୋଇ ଭଗବାନଙ୍କ ପ୍ରତ୍ୟକ୍ଷ କୃପାରେ ସେହି ଜୁନାଗଡ଼ରେ ପୃଥକ୍ ଗୃହରେ ରହିବା ପରେ ପୁତ୍ର ଶ୍ୟାମଳ ଦାସର ବିବାହ ତଥା କନ୍ୟା ଶ୍ୱଶୁର ଗୃହକୁ ପୁନରାଗମନର ଚମତ୍କାରିତା ଏବଂ ଶ୍ୟାମଳ ଦାସର ମୃତ୍ୟୁ ଆଦି କେତେକ ଘଟଣା ଘଟିଯାଇଥିଲା । ଭାଇଭାଉଜଙ୍କର ନରସିଂହ ରାମଙ୍କ ପ୍ରତି ଯେଉଁ କ୍ରୋଧ ଏବଂ ଈର୍ଷା ଥିଲା ତାହା ଯଦ୍ୟପି କମ୍ ହୋଇ ନ ଥିଲା ତଥାପି ବ୍ୟବହାର ଦୃଷ୍ଟିରୁ ପିତୃଶ୍ରାଦ୍ଧ ଅବସରରେ ବଡ଼ଭାଇ ବଂଶୀଧର ସ୍ୱୟଂ ନରସିଂହରାମ ସପରିବାର ପିତୃଶ୍ରାଦ୍ଧରେ ସମ୍ମିଳିତ ହେବା ସକାଶେ ନିମନ୍ତ୍ରଣ କରିବାକୁ ଆସିଲେ । ନରସିଂହରାମ ନିଷ୍କପଟଭାବେ ସମ୍ମାନପୂର୍ବକ ଆଦରରେ ଆସନ ଦେଇ ବସିବାକୁ ପ୍ରାର୍ଥନା କଲେ । ବଂଶୀଧର ଛିଡ଼ା ଛିଡ଼ା କହିଲେ, ''ବସିବାକୁ ସମୟ ନାହିଁ । କାଲି ପିତୃଶ୍ରାଦ୍ଧ ହେବ, ଘରେ ବହୁତ କାମ କରିବାକୁ ହେବ, ବୋହୂକୁ ମୋ ସଙ୍ଗେ ପଠାଇ ଦେ, ତୁ କାଲି ଭୋରରୁ ଆସିଯିବୁ ।'' ନରସିଂହରାମ ବିନମ୍ରତାରେ କହିଲେ, ''ଭାଇ, ମାଣିକଗୌରୀର ଆଜି ଯିବା ସମ୍ଭବ ହେବ ନାହିଁ । ଭଗବାନଙ୍କ ନୈବେଦ୍ୟ ସକାଶେ ତାକୁ ରୋଷେଇ କରିବାକୁ ହେବ । ଭଗବତ୍ ସେବା ସମାପ୍ତ କରି ଆମ୍ଭେମାନେ ଆସିବୁ ।'' ଏକଥା ଶୁଣିବା ମାତ୍ରେ ବଂଶୀଧରଙ୍କ ହୃଦୟରେ ଅଗ୍ନିସଦୃଶ ଲାଗିଲା । ପିଲାଦିନରୁ ନରସିଂହରାମ ଭାଇଙ୍କ ସମ୍ମୁଖରେ କଥା କହିବାକୁ ସାହସ କରୁ ନ ଥିଲେ । ଆଜି ସିଧା ସିଧା ତାଙ୍କ ପ୍ରସ୍ତାବକୁ ଅସ୍ୱୀକାର କରିବା ସେ ବରଦାସ୍ତ କରନ୍ତେ କିପରି ? ସେ ରାଗରେ କହିଲେ, ''ବର୍ଷକରେ ଦିନେ ପିତୃଶ୍ରାଦ୍ଧ ହେବ, ସେଥିରେ ପୁଣି ତୋ ଠାକୁରର ସେବାପୂଜା ଯୋଗୁଁ ସମୟ ଅଭାବ ?'' ନରସିଂହରାମ ନମ୍ର ସ୍ୱରରେ କହିଲେ ''ଆପଣ ମୋର ପିତୃତୁଲ୍ୟ ପୂଜ୍ୟ, ଆପଣଙ୍କୁ କହିବା ମୋର ଧୃଷ୍ଟତା, ତଥାପି ମୋର ଏହା ନିବେଦନ ଯେ ଭଗବାନଙ୍କ ସେବାପୂଜା ପ୍ରଥମ କାର୍ଯ୍ୟ । ତାହା ସମାପ୍ତ ନ ହେବା ପୂର୍ବରୁ ଆମ୍ଭମାନଙ୍କର ଯିବା ସମ୍ଭବ ହେବ ନାହିଁ ।'' ବଂଶୀଧର ରାଗରେ ତମତମ ହୋଇ କହିଲେ, ''ମୋ ଘରକୁ ନ ଯିବାର ଏହା ଗୋଟିଏ ବାହାନା । ଯଦି ମୋ ଘରକୁ ନ ଯିବୁ ନିଜ ଘରେ ପିତୃଶ୍ରାଦ୍ଧ କର ।'' ନରସିଂହରାମଙ୍କ ଉପରେ ଭଗବାନଙ୍କର ପ୍ରତ୍ୟକ୍ଷ କୃପା ବଂଶୀଧର ଯଦ୍ୟପି ଶୁଣି ସାରିଥିଲେ ତଥାପି ଈର୍ଷା ତଥା କ୍ରୋଧବଶ ହୋଇଯିବାରୁ ତାହା ଭୁଲିଗଲେ । ନରସିଂହରାମଙ୍କ ଘରେ ପିତୃଶ୍ରାଦ୍ଧ ସକାଶେ ଅର୍ଥ ନ ଥିବା ଧାରଣାରେ ପିତୃଶ୍ରାଦ୍ଧ କରିବାକୁ କହିଲେ । ନରସିଂହରାମ ବିନୀତଭାବେ କହିଲେ, ''ଆପଣଙ୍କ ଆଜ୍ଞା ଶିରୋଧାର୍ଯ୍ୟ । ଭଗବାନଙ୍କ କୃପାରୁ ପିତୃଶ୍ରାଦ୍ଧ ଯଦ୍‌କିଞ୍ଚିତ୍ ହୋଇଯିବ ।'' ଭକ୍ତରାଜଙ୍କ କଥା ସମାପ୍ତ ହେଉ ନ ହେଉଣୁ ବଂଶୀଧର ସଙ୍ଗେ ସଙ୍ଗେ ଫେରିଯାଇ ଦୁରିତଗୌରୀଙ୍କୁ ସମସ୍ତ ଘଟଣା କହିଦେଲେ । ଏକଥା ଶୁଣିବାମାତ୍ରେ କ୍ରୋଧରେ ତାଙ୍କ ଶରୀର ଜଳିବାକୁ ଲାଗିଲା । ସେ ଭକ୍ତରାଜଙ୍କୁ ମନଇଚ୍ଛା ଗାଳିଦେବା ସଙ୍ଗେ ସଙ୍ଗେ ପତିଙ୍କର ନରସିଂହରାମଙ୍କ ଘରକୁ ଯିବା ଅପରାଧରେ ତାଙ୍କୁ ବି ଛାଡ଼ିଲେ ନାହିଁ ।

ଏଣେ ଭକ୍ତରାଜଙ୍କ ମନରେ କୌଣସି ପ୍ରତିକ୍ରିୟା ହେଲା ନାହିଁ । ସେ ସ୍ୱାଭାବିକ ରୂପେ ଭଗବତ୍ ଭଜନରେ

ଡୁବିଗଲେ । ସେଦିନ ବ୍ୟତୀତ ହୋଇ ତହିଁ ଆରଦିନ ଭୋର ହେଲା । ଭକ୍ତରାଜ ଭଗବତ୍ ସେବାପୂଜା, ଭଜନ ଧ୍ୟାନରୁ ନିବୃତ୍ତ ହେଲେ । ପିତୃଶ୍ରାଦ୍ଧ ସକାଶେ ଜିନିଷପତ୍ର ସଂଗ୍ରହ କରିବା ପାଇଁ ମାଣିକଗୌରୀ ଭକ୍ତରାଜଙ୍କୁ ସ୍ମରଣ କରାଇଦେଲେ । ଭକ୍ତରାଜ ସଙ୍ଗେ ସଙ୍ଗେ ଘୃତ ଆଣିବା ସକାଶେ ଗୋଟିଏ ପାତ୍ର ଧରି ବଜାରକୁ ଗଲେ । ଗୁଜରାଟରେ ପ୍ରତ୍ୟେକ ବଡ଼ ବଡ଼ ଗ୍ରାମ ମଝିରେ ଗୋଟିଏ ଉଚ୍ଚା ଚଉରା ବା ମଣ୍ଡପ ତିଆରି ହୋଇଥାଏ । ତା'ର ନାମ ଥାଏ 'ଚୌରାହ' । ସେଥିରେ ଗ୍ରାମର ଲୋକେ ଆସି ବସନ୍ତି, ଗପସପ କରନ୍ତି, ଆବଶ୍ୟକ ହେଲେ ସେହିଠାରେ ନିସାପ (ପଞ୍ଚାୟତ ଦ୍ୱାରା ଝଗଡ଼ା ମୀମାଂସା) ଅଥବା କମିଟି ହୁଏ । ଭକ୍ତରାଜ ଯିବା ସମୟରେ ସେହି ମଣ୍ଡପରେ କେତେକ ଲୋକ ବସିଥିଲେ । ଭକ୍ତରାଜ ହାତରେ ଗୋଟିଏ ପିତ୍ତଳ ପାତ୍ର ନେଇ ଯାଉଥିବାର ଦେଖି ଥଟ୍ଟାରେ ପ୍ରସନ୍ନ ରାଏ ପଚାରିଲେ, ''ଭକ୍ତରାଜ, କ'ଣ ଆଜି ଭୋଜନ ଭଣ୍ଡାରା ହେବ କି ?'' ଭକ୍ତରାଜ ସହଜ ସରଳତାରେ ଉତ୍ତର ଦେଲେ, ''ହଁ, ଆଜି ପିତୃଶ୍ରାଦ୍ଧ ହେବ ଏବଂ କିଛି ଭାଇବିରାଦରଙ୍କୁ ନିମନ୍ତ୍ରଣ କରାହେବ ।'' ଆଉ ଜଣେ କହିଲେ, ''କିଛି ଭାଇବିରାଦରଙ୍କୁ ଭୋଜନ କରାଇବ, ଆମ୍ଭେମାନେ କ'ଣ ଭଗବାନଙ୍କ ପ୍ରସାଦର ଅନଧିକାରୀ ?'' ''ନାହିଁ, ଭଗବାନଙ୍କ ପ୍ରସାଦର ସମସ୍ତେ ଅଧିକାରୀ ।'' ଭକ୍ତରାଜ ଉତ୍ତର ଦେଲେ । ''ତେବେ ଆମ୍ଭେମାନେ କାହିଁକି ଏପରି ସୁଯୋଗରୁ ବଞ୍ଚିତ ହେବୁ ? ଆଜି ଆମ୍ଭେମାନେ ସାତଶହ ନାଗର ବ୍ରାହ୍ମଣ ଆପଣଙ୍କ ଗୃହରେ ଭଗବତ୍ ପ୍ରସାଦ ସେବନ କରି କୃତକୃତ୍ୟ ହେବୁ ।'' ଭକ୍ତରାଜ କହିଲେ, ''ବହୁତ ଆଚ୍ଛା, ଭଗବାନଙ୍କ କୃପାରୁ ଆଜି କୁଟୀର ପବିତ୍ର ହୋଇଯିବ ।'' ପୁରୋହିତଙ୍କୁ ପ୍ରସନ୍ନ ରାଏ କହିଲେ, ''ତୁମେ ସମସ୍ତ ନାଗରଜାତିଙ୍କୁ ନିମନ୍ତ୍ରଣ କରିଦିଅ ।'' ଭକ୍ତରାଜ ପ୍ରସନ୍ନତାରେ କହିଲେ, ''ବହୁତ ଆଚ୍ଛା, ଆଜି ସମସ୍ତ ନାଗରଜାତିଙ୍କ ଚରଣ କୁଟିଆରେ ପଡ଼ିଲେ କୁଟିଆ ପବିତ୍ର ହୋଇଯିବ । ନିମନ୍ତ୍ରଣ ଦେଇଦିଅନ୍ତୁ ।'' ଭକ୍ତରାଜଙ୍କ ସଙ୍ଗେ କଥାବାର୍ତ୍ତା କରୁଥିବା ବ୍ୟକ୍ତିମାନେ ଜାଣିଥିଲେ ଯେ ଭକ୍ତରାଜଙ୍କ ଗୃହରେ ସାତ ଶହ ଘର ବ୍ରାହ୍ମଣଙ୍କୁ ଭୋଜନ ଦେବା ଦୂରେ ଥାଉ ସେରେ ଚାଉଳ ବି ନ ଥିବ । କିଂବା ଏତେ ବ୍ୟକ୍ତିଙ୍କ ଭୋଜନର ବ୍ୟବସ୍ଥା ହେବା ସମ୍ଭବ ବି ନୁହେଁ । କିନ୍ତୁ ତାଙ୍କ ପ୍ରତି ଈର୍ଷାଭାବ ପୋଷଣ କରି ତାଙ୍କୁ ଅପଦସ୍ତ ଏବଂ ନିନ୍ଦା କରାଇବା ଉଦ୍ଦେଶ୍ୟରେ ସମସ୍ତ ନାଗରଜାତି ଭକ୍ତରାଜଙ୍କ ଗୃହରେ ଭୋଜନ କରିବା ସକାଶେ ପୁରୋହିତ ନିମନ୍ତ୍ରଣ ଦେଇଦେଲେ ।

ଭକ୍ତରାଜ ରୋଷେଇ ଦ୍ରବ୍ୟ ଆଣିବା ସକାଶେ ବଜାରରେ ପହଞ୍ଚିଗଲେ । ଭକ୍ତରାଜଙ୍କୁ ଜଣେ ଦୁଇଜଣ ଦୋକାନୀ ଦେଖି ଆସିବାର କାରଣ ପଚାରିଲେ, କିନ୍ତୁ ଏତେ ଟଙ୍କାର ସୌଦା ବାକି ଦେବାକୁ ରାଜି ହେଲେ ନାହିଁ । ରାଜି ହୁଅନ୍ତେ ବା କିପରି ? କ'ଣ ଭକ୍ତରାଜଙ୍କ ଘରେ କିଛି ଅଛି ଯେ ସେଥିରୁ ମିଳିପାରିବ ? ସେହି ସକାଶେ ସେମାନେ ମନାକଲେ । ଜଣେ ଭକ୍ତ ଦୋକାନୀ ଥିଲେ । ତାଙ୍କରି ଦୋକାନରୁ ବାକି ମିଳିବା ଧାରଣାରେ ଭକ୍ତରାଜ ଯାଉଥିବା ସମୟରେ କୀର୍ତ୍ତନ କରୁଥିବା ଗୋଟିଏ ସଙ୍ଘମଣ୍ଡଳୀକୁ ଦେଖିନେଲେ । ଟିକିଏ ଛିଡ଼ାହୋଇ କୀର୍ତ୍ତନ ଶୁଣିବା ମାତ୍ରେ ଭକ୍ତରାଜଙ୍କ ଭଗବତ୍ ଭକ୍ତି ଉମୁଡ଼ି ଆସିଲା । ସେ ଭଗବତ୍ ପ୍ରେମରେ ଅଭିଭୂତ ହୋଇ କୀର୍ତ୍ତନ କରିବାକୁ ଆରମ୍ଭ କରିଦେଲେ । ଶରୀରଜ୍ଞାନ ଏକେବାରେ ଭୁଲି ଭଗବତ୍ ପ୍ରେମ-ସମୁଦ୍ରରେ ବୁଡ଼ିଗଲେ । ପିତୃଶ୍ରାଦ୍ଧ, ବଜାରରୁ ସୌଦା ନେବା ଉଦ୍ଦେଶ୍ୟ ଆଉ ସ୍ମରଣ ରହିଲା ନାହିଁ । ଭଗବତ୍ ପ୍ରେମ ପ୍ରଭାବରେ ବହୁତ ଦର୍ଶନାର୍ଥୀ ମନ୍ତ୍ରମୁଗ୍ଧ ହୋଇ ଚିତ୍ରପ୍ରତିମା ସଦୃଶ ନିଶ୍ଚଳ ନୀରବ ହୋଇ କୀର୍ତ୍ତନ ଶୁଣୁଥିଲେ । ଏହିପରି ଅବସ୍ଥାରେ ବହୁତ ସମୟ ବ୍ୟତୀତ ହେବା ପରେ ଭକ୍ତରାଜଙ୍କୁ ବାହ୍ୟଜ୍ଞାନ ପ୍ରାପ୍ତ ହେଲା ଏବଂ ପିତୃଶ୍ରାଦ୍ଧ ସକାଶେ ସୌଦା ନେବା ପାଇଁ ବଜାରକୁ ଆସିଥିବା କଥା ମନେ ପଡ଼ିଲା । ଲୋକଙ୍କୁ ପଚାରି ସମୟ ଜାଣି ଭକ୍ତରାଜ ବିସ୍ମିତ ହୋଇପଡ଼ିଲେ । ଶ୍ରାଦ୍ଧ ସମୟ ବ୍ୟତୀତ ହୋଇଯାଇଥିଲା । ଆମନ୍ତ୍ରିତ ବ୍ରାହ୍ମଣ ଭୋଜନ ନ କରି ଫେରି ଯାଇଥିବା ଆଶଙ୍କାରେ ସେ ବହୁତ ପଶ୍ଚାତ୍ତାପ କରି ଘର ଅଭିମୁଖେ କ୍ଷିପ୍ରଗତିରେ ଗମନ କଲେ ।

ଏଣେ ଘରେ ମାଣିକଗୌରୀ ଭକ୍ତରାଜଙ୍କ ବାଟ ଚାହିଁ ଅପେକ୍ଷା କରି ବସିଥାଆନ୍ତି । ଶ୍ରାଦ୍ଧର ସମୟ ଯେପରି ହୋଇ ଆସୁଥାଏ, ମାଣିକଗୌରୀଙ୍କ ଚିନ୍ତା ବି ସେହିପରି ବଢୁଥାଏ । ସେ ଭାବୁଥାଆନ୍ତି, ''ଭକ୍ତରାଜ ଏପର୍ଯ୍ୟନ୍ତ ଆସିଲେ ନାହିଁ, କ'ଣ ସେ କେଉଁଠାରେ କୀର୍ତ୍ତନରେ ଅଟକି ଗଲେ ? ଯଦି ଶ୍ରାଦ୍ଧ ସମୟ ପର୍ଯ୍ୟନ୍ତ ନ ଆସିଲେ, ଜାତିଭାଇ ଆସି ଯଦି ଭୋଜନ ନ କରି ଫେରିଗଲେ ତେବେ ଆମ ଅବସ୍ଥା କ'ଣ ହେବ ?'' ମାଣିକଗୌରୀ ଏହିପରି ଚିନ୍ତାରେ ବୁଡ଼ିଗଲେ ।

ସେଆଡ଼େ ଭକ୍ତରାଜ ଭଗବତ୍ ଭକ୍ତିରେ ନିଜକୁ ଭୁଲିଯାଇଥା'ନ୍ତି । କିନ୍ତୁ ଭକ୍ତବତ୍ସଳ ଭଗବାନ୍ ଭକ୍ତକୁ କେବେ ଭୁଲନ୍ତି ନାହିଁ । ଭଗବାନଙ୍କ ଆଜ୍ଞାରେ ତାଙ୍କର ପାର୍ଷଦ ଗୋଟିଏ ଗାଡ଼ିରେ ସମସ୍ତ ଜିନିଷପତ୍ର, ପନିପରିବା ଲଦି ଜଣେ ବ୍ୟକ୍ତି ରୂପେ ଭକ୍ତରାଜଙ୍କ ଘରେ ପହଞ୍ଚିଗଲେ । ମାଣିକଗୌରୀଙ୍କର ସମସ୍ତ ଚିନ୍ତା ଦୂର ହୋଇଗଲା । ଖୁବ୍ ଅଳ୍ପ ସମୟ ପରେ ଘିଅ ଆଣି ସ୍ୱୟଂ ଭଗବାନ୍ ଭକ୍ତରାଜଙ୍କ ବେଶରେ ପହଞ୍ଚିଗଲେ ।

''ଏତେ ସମୟ କେଉଁଠାରେ ଲଗେଇ ଦେଲ ? ମୁଁ ତ ବହୁତ ଚିନ୍ତାରେ ପଡ଼ିଯାଇଥିଲି । ଭାବିଲି, ବୋଧହୁଏ କେଉଁଠି କୀର୍ତ୍ତନରେ ମାତି ଶ୍ରାଦ୍ଧ କଥା ଭୁଲି ଯାଇଥିଲ ।'' ମାଣିକଗୌରୀ କହିଲେ । ''ସତି, ଆଜି ପିତୃଶ୍ରାଦ୍ଧରେ ସମସ୍ତ ନାଗରଜାତିକୁ ଭୋଜନ କରାଇବାକୁ ହେବ, ଏପରି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟକୁ କୀର୍ତ୍ତନ କରି ମୁଁ କଦାପି ଭୁଲିପାରେ ?'' ଭକ୍ତରାଜ ଉତ୍ତର ଦେଲେ । ମାଣିକଗୌରୀ କହିଲେ, ''ଖୁବ୍ ଭଲ ହେଲା, ଅଳ୍ପ ସମୟ ରହିଲା, ମୁଁ ରୋଷେଇ ବ୍ୟବସ୍ଥା କରୁଛି, ତୁମେ ପୁରୋହିତଜିଙ୍କୁ ଡାକିଆଣି ଶ୍ରାଦ୍ଧ କାର୍ଯ୍ୟ ଆରମ୍ଭ କର ।'' ''ତାହାହିଁ କରୁଛି । ମୁଁ ବହୁତ ବ୍ୟକ୍ତିଙ୍କୁ ଡାକିଆଣିଛି । ସେମାନେ ସବୁ ରୋଷେଇ କରିବେ ଏବଂ ପରିବେଷଣ ଆଦି ସମସ୍ତ କାର୍ଯ୍ୟ କରିବେ । ତୁମେ କେବଳ ଆବଶ୍ୟକ ଅନୁସାରେ ନିର୍ଦ୍ଦେଶ ଦିଅ ।'' ଭକ୍ତରାଜ ମାଣିକଗୌରୀଙ୍କୁ କହିଲେ । କଥାବାର୍ତ୍ତା ଶେଷ ହେଉ ହେଉ ନାଗରଜାତିର ମହିଳା ଏବଂ ପୁରୁଷ ରୂପରେ ବହୁତ ବ୍ୟକ୍ତି ପହଞ୍ଚିଗଲେ । ମେହତାଜି ପ୍ରସନ୍ନତାରେ କହିଲେ, ''ସତି ଏମାନେ ଆସିଗଲେଣି । ତୁ କେବଳ ଏମାନଙ୍କୁ ଜିନିଷପତ୍ର ଦେଖାଇଦେ । ତୋତେ କିଛି କରିବାକୁ ହେବ ନାହିଁ । ଏମାନେ ଠିକ୍ ସମୟରେ ସମସ୍ତ କାର୍ଯ୍ୟ ଉତ୍ତମ ରୂପେ ସମାପ୍ତ କରିଦେବେ । ଏମାନେ କାର୍ଯ୍ୟ କରିବାରେ ମହାନ୍ କୁଶଳୀ ।'' ମାଣିକଗୌରୀଙ୍କୁ ବହୁତ ପ୍ରସନ୍ନତା ହେଲା, ସେମାନେ କାର୍ଯ୍ୟ କରିବାକୁ ଆରମ୍ଭ କଲେ ଏବଂ ଆଶ୍ଚର୍ଯ୍ୟଜନକ ଭାବେ ବହୁପ୍ରକାର ମିଷ୍ଟାନ୍ନ, ଖିରି, ଲୁଚି, ପୁରି, ପକୋଡ଼ି, ବହୁପ୍ରକାର ଭଜାଭାଜି ବ୍ୟଞ୍ଜନ ତିଆରି କରିଦେଲେ ।

ଭକ୍ତରାଜ ପୁରୋହିତଙ୍କ ଘରେ ପହଞ୍ଚିଗଲେ । ବିନମ୍ରଭାବେ କହିଲେ, ''ପୁରୋହିତଜି, ଶ୍ରାଦ୍ଧର ସମୟ ହୋଇଗଲା, କୃପାକରି ମୋ ଘରକୁ ଆସି ପିତୃଶ୍ରାଦ୍ଧ କରାଇ ଦିଅନ୍ତୁ ।'' ପୁରୋହିତଜି କହିଲେ, ''ନରସିଂହରାମ, ତୁମେ ଜାଣ ତୁମ ବଡ଼ଭାଇ ବଂଶୀଧରଙ୍କର ବି ଆଜି ପିତୃଶ୍ରାଦ୍ଧ, ସେଠାରୁ ନିମନ୍ତ୍ରଣ ଅଛି, ତାଙ୍କ ଘରକୁ ନ ଯାଇ ତୁମ ଘରକୁ କିପରି ଯିବି ?''

''କାହିଁକି ପୁରୋହିତଜି, ମୁଁ କ'ଣ ଆପଣଙ୍କର ଯଜମାନ ନୁହେଁ ? ଆପଣଙ୍କ ଦୃଷ୍ଟିରେ ଧନୀ ଏବଂ ଦରିଦ୍ର ସମାନ ହେବା ଉଚିତ ।'' ''ହଁ, ଧନୀ ଦରିଦ୍ର ସମାନ । ତୁମେ ତ ସମଗ୍ର ଜୀବନରେ ଆଜି ପିତୃଶ୍ରାଦ୍ଧ କରୁଛ, ବଂଶୀଧର ତ ବାରମାସରେ ତେର ଓଷା, ବ୍ରତ, ହୋମ, ଶ୍ରାଦ୍ଧ, ଦେବପୂଜନ ବରାବର କରାଉଛନ୍ତି । ତୁମେ ମୋତେ କେତେ ଦକ୍ଷିଣା ଦେଇଛ ? ବଂଶୀଧର କେତେ ଦେଇଛନ୍ତି ? ଘରେ ଗୌଣୀଏ ଧାନ ନ ଥିବ, ଭାଇ ସଙ୍ଗେ ବରାବର କରିବାକୁ ଆସିଛ ?'' ପୁରୋହିତଜି କହିଲେ । ''ତେବେ ତୁମେ ଶ୍ରାଦ୍ଧ କରିବାକୁ ଯିବ ନାହିଁ ?'' ଭକ୍ତରାଜରୂପଧାରୀ ଭଗବାନ୍ କହିଲେ । ପୁରୋହିତଜି ରାଗି କର୍କଶ ସ୍ୱରରେ କହିଲେ, ''ନାହିଁ, ମୁଁ ଯିବି ନାହିଁ ।'' ''ଯଦି ଆଜି ତୁମେ ଶ୍ରାଦ୍ଧ କରିବାକୁ ନ ଯିବ, ତେବେ ଆଜିଠାରୁ ମୁଁ ତୁମର ଯଜମାନ ରହିବି ନାହିଁ ।'' ଭକ୍ତରାଜ କହିଲେ । ପୁରୋହିତଜି ଭୟଙ୍କରଭାବେ ତମତମ ହୋଇ କହିଲେ, ''ତୋ ପରି ଯଜମାନ ନ ରହିଲେ ମୁଁ ଭାସିଯିବି, ଯା, ଆଜିଠାରୁ ତୁ ମୋର ଯଜମାନ ନୋହୁ । ଦିନେ ନାହିଁ ନା କାଳେ ନାହିଁ, ଆଜି ଭାଇ ସଙ୍ଗେ ହୋଡ଼ ଲଗେଇ ପୁରୋହିତକୁ ଡାକିବାକୁ ଦୌଡ଼ି ଆସିଲା ।'' ନରସିଂହରାମଙ୍କ ବେଶଧାରୀ ଭଗବାନ୍ ପୁରୋହିତଜିଙ୍କ ଘରୁ ଫେରି ଅନ୍ୟ ଗୋଟିଏ ବ୍ରାହ୍ମଣକୁ ଡାକି ଆଣିଲେ ।

ଘରେ ଶ୍ରାଦ୍ଧର ଉପକରଣ ସମସ୍ତ ତିଆରି ଥିଲା । ରୋଷେଇ ମଧ୍ୟ ତିଆରି ହୋଇ ସାରିଥିଲା । ମାଣିକଗୌରୀ ଭୋଗ ଆଣି ଭଗବାନଙ୍କ ମନ୍ଦିରରେ ରଖିଦେଲେ । ଭକ୍ତରାଜ ଭୋଗ ଲଗେଇବା ପରେ ଆସି ଶ୍ରାଦ୍ଧରେ ବସିଲେ । ବ୍ରାହ୍ମଣ ବିଧିବିଧାନପୂର୍ବକ ଭଗବାନଙ୍କ ଦ୍ୱାରା ଶ୍ରାଦ୍ଧ କରାଇଲେ । ଯାହାଙ୍କ କୃପାରୁ ସମସ୍ତ ଜିନିଷପତ୍ର ଆସି ମହାସମାରୋହରେ ଅଳ୍ପ ସମୟ ମଧ୍ୟରେ ଏତେ ରୋଷେଇ ତିଆରି ହୋଇଗଲା, ବ୍ରାହ୍ମଣ ଦ୍ୱାରା ବିଧିବିଧାନରେ ଶ୍ରାଦ୍ଧ ହେବାରେ ଆଶ୍ଚର୍ଯ୍ୟ କ'ଣ ?

ଶ୍ରାଦ୍ଧ ସମାପ୍ତ ହେଉ ହେଉ ଶହ ଶହ ନାଗର ବ୍ରାହ୍ମଣ ଆସି ପଙ୍ଗତରେ ବସିଲେ । ଦେଖୁ ଦେଖୁ ପତର ପଡ଼ିଲା ଏବଂ ଭୋଜନ ପରଷିବାରେ ବି ବିଳମ୍ବ ହେଲା ନାହିଁ । ଯିଏ ଆସୁଥିଲେ ସମସ୍ତେ ଭୋଜନ କରୁଥିଲେ । କେତେପ୍ରକାର ଭୋଜନଦ୍ରବ୍ୟ ଯେ ତିଆରି ହେଉଥିଲା ତା'ର ସୁମାରି ନାହିଁ । ସ୍ୱାଦର ବର୍ଣ୍ଣନା କରିବା ସମ୍ଭବ ନୁହେଁ । ସମସ୍ତ ବ୍ରାହ୍ମଣ ଭୋଜନ କରି ତୃପ୍ତ ହୋଇଗଲେ । ସମଗ୍ର ଜୀବନରେ ଏପରି ଭୋଜନ ସେମାନେ କେବେ ବି କଳ୍ପନା କରି ନ ଥିଲେ । ଯଥାର୍ଥରେ ଭୋଜନ କରିବା ବ୍ରାହ୍ମଣ, ପୁରୋହିତ ତଥା ଭକ୍ତରାଜଙ୍କ ପିତୃଲୋକ ଧନ୍ୟ ହୋଇଗଲେ । ଭୋଜନ ପରେ ଭକ୍ତରାଜ ମନଇଚ୍ଛା ବ୍ରାହ୍ମଣମାନଙ୍କୁ ତଥା ପୁରୋହିତଙ୍କୁ ଦକ୍ଷିଣା ଦେଇ ବିଦା କରିଦେଲେ ଏବଂ ସ୍ୱୟଂ ବସି ଭୋଜନ କଲେ । କହିଲେ, ''ସତି, ସମସ୍ତ କାର୍ଯ୍ୟ ଶେଷ ହୋଇଗଲାଣି, ତୁ ଆସି ଭୋଜନ କର ।'' ଏହା କହି ହାତ ଧୋଇବାକୁ ଚାଲିଗଲେ । ମାଣିକଗୌରୀ ନିଜ ପାଇଁ ଭୋଜନ ପରଷି ଭୋଜନ କରିବାକୁ ବସିବା ସମୟରେ ଭକ୍ତରାଜ ପହଞ୍ଚିଗଲେ ।

ଭକ୍ତରାଜ ସଙ୍କୁଚିତ ସ୍ୱରରେ କହିଲେ, ''ସତି, ଆଜି ବହୁତ ଭୁଲ୍ ହୋଇଗଲା । ବଜାରକୁ ସୌଦା ଆଣିବାକୁ ଯିବା ସମୟରେ ଗୋଟିଏ କୀର୍ତ୍ତନମଣ୍ଡଳୀ ସହିତ ଦେଖା ହେଲା । କିଛି ସମୟ କୀର୍ତ୍ତନ ଶୁଣିବା ପରେ ମୁଁ ଆଉ ରହି ନ ପାରି କୀର୍ତ୍ତନମଣ୍ଡଳୀରେ ସମ୍ମିଳିତ ହୋଇ କୀର୍ତ୍ତନ କଲି । ସମୟର ଧାରଣା ରହିଲା ନାହିଁ । କୀର୍ତ୍ତନ ଶେଷରେ ସନ୍ଧ୍ୟା ନିକଟ ହୋଇଥିବା ଜାଣିପାରି ସୌଦାପତ୍ର କିଛି ନ ଆଣି ଫେରି ଆସିଲି । କ'ଣ ଭୋଜନ ସକାଶେ ବ୍ରାହ୍ମଣମାନେ ଆସି ଫେରିଗଲେ ?''

ମାଣିକଗୌରୀ ଚକିତ ହୋଇ କହିଲେ, ''କ'ଣ ଥଟ୍ଟା କରୁଛ ? ବଜାରରୁ ସମସ୍ତ ଜିନିଷପତ୍ର ଗାଡ଼ିରେ ଲଦି, ରୋଷେଇ ଆଦି କାର୍ଯ୍ୟ କରିବା ସକାଶେ ବହୁ ନାଗର ପରିବାରଙ୍କୁ ଡାକି ସଙ୍ଗରେ ନେଇ ଆସିଲ । ସେମାନଙ୍କୁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇ ସ୍ୱୟଂ ଶ୍ରାଦ୍ଧ କଲ । ଏତେ ସଂଖ୍ୟାରେ ବ୍ରାହ୍ମଣଙ୍କୁ ଭୋଜନ କରାଇ ସମସ୍ତ କାର୍ଯ୍ୟ ଶେଷ କରି ସ୍ୱୟଂ ଭୋଜନ କଲ । ମୋତେ ଭୋଜନ କରିବାକୁ କହି ହାତ ଧୋଇବାକୁ ଗଲ । ଏପରି କ'ଣ କହୁଛ ?''

ଏକଥା ଶୁଣୁ ଶୁଣୁ ଭକ୍ତରାଜଙ୍କ ହୃଦୟ ଭଗବାନଙ୍କ ପ୍ରତି କୃତଜ୍ଞତା ତଥା ପ୍ରେମରେ ଉଛୁଳି ପଡ଼ିଲା । ତାଙ୍କ ନେତ୍ରରୁ ପ୍ରେମାଶ୍ରୁ ବର୍ଷା ହେବାକୁ ଲାଗିଲା । ବିନମ୍ର ସ୍ୱରରେ ମୁଦ୍ରିତ ଚକ୍ଷୁରେ ସେ କହିଲେ, ''ସତି ବିଶ୍ୱାସ କର, ମୁଁ କୀର୍ତ୍ତନରେ ଥିଲି । ମୋ ପ୍ରଭୁ ମୋରି ରୂପରେ ସମସ୍ତ କାର୍ଯ୍ୟ ସମାପ୍ତ କରିଅଛନ୍ତି ।'' ଏତିକି ଶୁଣିବାମାତ୍ରେ ମାଣିକଗୌରୀଙ୍କ ହୃଦୟ ଭଗବାନଙ୍କ ପ୍ରତି କୃତଜ୍ଞତା ତଥା ପ୍ରେମରେ ଉଛୁଳି ପଡ଼ିଲା । ସେ ଦୁହେଁ ଭଗବତ୍ ପ୍ରେମରେ ଡୁବିଗଲେ । ସେମାନଙ୍କ ନେତ୍ରରୁ ପ୍ରେମାଶ୍ରୁ ବର୍ଷା ହେବାକୁ ଲାଗିଲା । କିଛି ସମୟ ପରେ ଭକ୍ତରାଜଙ୍କ ରୂପଧାରୀ ଭଗବାନ୍ ଭୋଜନ କରିଥିବା ପାତ୍ରରେ ଅବଶିଷ୍ଟ ରହିଥିବା ପ୍ରସାଦ ସେବନ କରି ସେମାନେ କୃତକୃତ୍ୟ ହୋଇଗଲେ ।

ମାଣିକଗୌରୀଙ୍କ ମୃତ୍ୟୁ

ଏକାଦଶୀ ବ୍ରତ ଥିଲା । ସେଦିନ ରୋଷେଇ ବନ୍ଦ । ଘରେ କୌଣସି କାର୍ଯ୍ୟ ନ ଥିଲା । ଭକ୍ତଦମ୍ପତି ସ୍ନାନାଦି ନିତ୍ୟକର୍ମରୁ ନିବୃତ୍ତ ହୋଇ ଭଗବାନଙ୍କ ସେବାପୂଜା ସମାପ୍ତ କଲେ ତଥା ଭଗବାନଙ୍କ ଭଜନରେ ତଲ୍ଲୀନ ହୋଇଗଲେ ।

ଏକାଦଶୀ ତଥା ଅନ୍ୟାନ୍ୟ ବ୍ରତୋପବାସ ଏବଂ ଭଗବାନ୍ ପୃଥିବୀରେ ଆବିର୍ଭାବ ହୋଇଥିବା ରାମନବମୀ, କୃଷ୍ଣାଷ୍ଟମୀ ଆଦି ଶୁଭଦିନମାନଙ୍କର ଗୋଟିଏ ଶୁଦ୍ଧ ଶକ୍ତିଶାଳୀ ପ୍ରଭାବ ଥାଏ । ସେଦିନ ଭଜନଧ୍ୟାନରେ ଚିତ୍ତ ଅଧିକ ଏକାଗ୍ର ହୁଏ ଏବଂ ପବିତ୍ରତା ଅନୁଭୂତ ହୁଏ । ବିଜ୍ଞାନ ମତରେ ବି ସେସବୁ ଦିନମାନଙ୍କରେ ଉପବାସ କଲେ ସ୍ୱାସ୍ଥ୍ୟର ବହୁତ ଉନ୍ନତି ଘଟେ ।

ସେ ଦିନ ମାଣିକଗୌରୀଙ୍କୁ ସାଧାରଣ ଜ୍ୱର ହୋଇଥିଲା । କିନ୍ତୁ ସେ ଜ୍ୱରକୁ ପରୁଆ ନ କରି ପତିଙ୍କ ସହିତ

କୀର୍ତ୍ତନ କଲେ । ଏହିପରି ଭଜନ-ଆନନ୍ଦରେ ନିମଗ୍ନ ଥିବାରୁ ସମୟର ଧାରଣା ରହିଲା ନାହିଁ । ଦେଖୁ ଦେଖୁ ସନ୍ଧ୍ୟା ସମୟ ଆସିଗଲା । ଭକ୍ତରାଜ କୀର୍ତ୍ତନ ବନ୍ଦ କରି ସାୟଂକାଳୀନ ସ୍ନାନ ସକାଶେ ଦାମୋଦର କୁଣ୍ଡ* ଚାଲିଗଲେ ।

ଭକ୍ତରାଜ ସ୍ନାନ କରି ଫେରିବା ସମୟରେ ''ଜୟ ଶ୍ରୀକୃଷ୍ଣ'' ଶବ୍ଦ ଶୁଣିପାରିଲେ ଏବଂ ସାବଧାନ ହୋଇ ଦେଖିଲେ, ଗୋଟିଏ ଅନ୍ତ୍ୟଜ ଭକ୍ତ ତାଙ୍କୁ ଦେଖି ନମସ୍କାରପୂର୍ବକ ''ଜୟ ଶ୍ରୀକୃଷ୍ଣ'' କହୁଥିଲେ । ସେ ଜାତିରେ ଅନ୍ତ୍ୟଜ ହେଲେ ମଧ୍ୟ ଶ୍ରୀକୃଷ୍ଣଙ୍କ ଭକ୍ତ । ଦୁଆରେ ତୁଳସୀ ଚଉରା କରି ପ୍ରତିଦିନ ପୂଜନ କରନ୍ତି । ଘର ଦ୍ୱାର ପରିଷ୍କାର-ପରିଚ୍ଛନ୍ନ ରଖିଥାଆନ୍ତି । ଯେକୌଣସି କାର୍ଯ୍ୟ କରିବା ସମୟରେ ତାଙ୍କ ମୁଖରୁ ଶ୍ରୀକୃଷ୍ଣ ନାମ ଉଚ୍ଚାରିତ ହେଉଥାଏ । ଭଗବାନଙ୍କୁ ଅର୍ପଣ ନ କରି ଜଳ ବି ସ୍ପର୍ଶ କରନ୍ତି ନାହିଁ । ତାଙ୍କର ଭକ୍ତରାଜଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଥିଲା । ଭକ୍ତ ଭଗବାନ୍ ଅଭିନ୍ନ ଭାବରେ ଭକ୍ତରାଜଙ୍କ ମଧ୍ୟରେ ସେ ଭଗବତ୍ ଅନୁଭବ କରୁଥିଲେ । ତାଙ୍କୁ ହାତ ଯୋଡ଼ି ଛିଡ଼ା ହୋଇଥିବା ଅବସ୍ଥାରେ ଦେଖି ଭକ୍ତରାଜ କହିଲେ, ''ଜୟ ଶ୍ରୀକୃଷ୍ଣ ଭଗତଜି ! କେଉଁ ସକାଶେ ଅପେକ୍ଷା କରି ଛିଡ଼ା ହୋଇଛ ? କ'ଣ କହିବାକୁ ଚାହୁଁଛ, ନିଃସଂକୋଚରେ କୁହ ।'' ଭକ୍ତରାଜଙ୍କ ନିଷ୍କପଟ ଆଶ୍ୱାସ ପାଇ ସେ ଅତ୍ୟନ୍ତ ବିନମ୍ରଭାବେ ପ୍ରାର୍ଥନା କଲେ, ''ପ୍ରଭୁ, ବହୁ ଦିନରୁ ମୋ ମନରେ ଗୋଟିଏ ପ୍ରବଳ ବାସନା ଉତ୍ପନ୍ନ ହୋଇଅଛି । କିନ୍ତୁ ତାହା ମୋ ପକ୍ଷେ ଅସମ୍ଭବ ଜାଣି ବାରଂବାର ବର୍ଜନ କରିବାରେ ବି ତାହା ଦୂର ନ ହୋଇ ପ୍ରବଳରୁ ପ୍ରବଳତର ହେଉଅଛି । ତାହାରି ଦ୍ୱାରା ବିବଶ ହୋଇ ଆଜି ଶ୍ରୀଚରଣରେ ନିବେଦନ କରିବା ସକାଶେ ଧୃଷ୍ଟତା କରୁଅଛି ।'' ଭକ୍ତରାଜ ସ୍ନେହପୂର୍ଣ୍ଣ ଶବ୍ଦରେ କହିଲେ, ''ଭଗତଜି, ସଂକୋଚ କରୁଛ କାହିଁକି ? ଘଟଣାଟା କ'ଣ କୁହ ?'' ଅନ୍ତ୍ୟଜ ଭକ୍ତ କହିଲେ, ''ମାଲିକ, ମୁଁ ଏକାଦଶୀ ବ୍ରତ କରେ, ବହୁ ଦିନରୁ ବାସନା ବଢ଼ିଚାଲୁଛି – ଏକାଦଶୀ ରାତିରେ ଶ୍ରୀମାନ୍‌ଙ୍କ ଦିବ୍ୟଚରଣ ଅଧମ ପାପୀର କୁଟିଆକୁ ଭଗବତ୍ ନାମକୀର୍ତ୍ତନରେ ପବିତ୍ର କଲେ ମୁଁ କୃତାର୍ଥ ହୋଇଯାଆନ୍ତି । ପ୍ରଭୁ, ମୁଁ ତ ଅନ୍ତ୍ୟଜ, ମୋ ଛାୟାସ୍ପର୍ଶରେ ଆପଣଙ୍କ ଦିବ୍ୟଶରୀର ଅପବିତ୍ର ହୋଇଯିବ – ଏହି ଭୟରେ ଆଜିପର୍ଯ୍ୟନ୍ତ କହିବାକୁ ସାହସ କରୁ ନ ଥିଲି । କିନ୍ତୁ ଆଉ ଦବେଇ ରଖିବା ସମ୍ଭବ ହେଲା ନାହିଁ । ସେହି ସକାଶେ ଆଜି ଶ୍ରୀଚରଣରେ ନିବେଦନ କଲି ।'' ଭକ୍ତରାଜ କହିଲେ, ''ଭାଇ, ଏଥିରେ ସଂକୋଚ କରିବାର କ'ଣ ଅଛି ? ଭଗବାନଙ୍କ ପାଖରେ ଜାତି କୁଳ, ବିଦ୍ୟାବୁଦ୍ଧିର ମୂଲ୍ୟ ନ ଥାଏ, କେବଳ ମୂଲ୍ୟ ଥାଏ ନିଷ୍କପଟ ଶୁଦ୍ଧ ଭକ୍ତିର । ଅନ୍ତ୍ୟଜ ଯଦି ତାଙ୍କୁ ଭକ୍ତି କରେ, ତେବେ ସେ ଅଭକ୍ତ ମହାନ୍ ସୂତ୍ରୀୟ ପଣ୍ଡିତଠାରୁ ଅନନ୍ତ ଗୁଣରେ ଶ୍ରେଷ୍ଠ ହୁଏ । ତା' ଦ୍ୱାରା ଅର୍ପିତ ପତ୍ରପୁଷ୍ପକୁ ବି ଭଗବାନ୍ ଭକ୍ଷଣ କରନ୍ତି । ତୁମେ ରାମାୟଣ ଶୁଣିଥିବ, ଅନ୍ତ୍ୟଜ ନିଷାଦକୁ ଶ୍ରୀରାମଙ୍କ ଭାଇ ଭରତ ହୃଦୟରେ ଲଗାଇ ନେଇଥିଲେ । ଅଯୋଧ୍ୟାରୁ ବିଦାୟ ଦେବା ସମୟରେ ସ୍ୱୟଂ ଶ୍ରୀରାମ ନିଜ ଶ୍ରୀହସ୍ତରେ ତାକୁ ଅଳଙ୍କାର ପିନ୍ଧାଇ ଦେଇଥିଲେ । ଅନ୍ତ୍ୟଜା ଶବରୀ ହାତର ଫଳ ଭକ୍ଷଣ କରି ଶ୍ରୀରାମ ବାରଂବାର ସେହି ଫଳର ପ୍ରଶଂସା କରୁଥିଲେ । ଭାଇ, ତୁମେ ଯେପରି ଗର୍ବଶୂନ୍ୟ ଭକ୍ତ, ତୁମେହିଁ ଭଗବାନଙ୍କର ଅତ୍ୟନ୍ତ ପ୍ରିୟ । ମୁଁ ତ ତୁମ ସଙ୍ଗେ କୀର୍ତ୍ତନ କରି ଧନ୍ୟ ହେବି । ତୁମେ ଯାଅ, ମୁଁ ଘରୁ ଲୁଗା ପିନ୍ଧି କରତାଳ ନେଇ ଆସୁଛି ।'' ଅନ୍ତ୍ୟଜ ଭକ୍ତ ଘର ଦ୍ୱାର ପ୍ରତିଦିନ ଲିପାପୋଛା କରି ରଖନ୍ତି । ସେ ଦିନ ଦୁଆର ଆଗରେ ତୁଳସୀ ଚଉରା ପାଖରେ ଫୁଲ ସଜାଇ ଧୂପ ଦେଇ ପରିଷ୍କାର-ପରିଚ୍ଛନ୍ନ କରିଥିଲେ । ଅନ୍ୟାନ୍ୟ ଭକ୍ତ ଓ ସନ୍ଥ ବି ଆସି ସେଠାରେ ଏକତ୍ରିତ ହେଲେ ।

ଭକ୍ତରାଜ ଘରକୁ ଯାଇ ଠାକୁରଙ୍କ ସନ୍ଧ୍ୟା ଆଳତି ସମାପ୍ତ କଲେ ଏବଂ ମାଣିକଗୌରୀ ଅଳ୍ପ ଦୂରରେ ଶୋଇଥିବାର ଦେଖି କୀର୍ତ୍ତନ କରିବାକୁ ଯାଉଥିବା କଥା ତାଙ୍କୁ କହି ଘରୁ ବାହାରି ଆସିଲେ । ଅନ୍ତ୍ୟଜ ଭକ୍ତଙ୍କ ଗୃହରେ ପହଞ୍ଚି କୀର୍ତ୍ତନ ଆରମ୍ଭ କରିଦେଲେ; କୀର୍ତ୍ତନ ଆନନ୍ଦରେ ଶରୀର ତଥା ସଂସାରକୁ ଭୁଲିଗଲେ । ଦୁଇ ନେତ୍ରରୁ ପ୍ରେମାଶ୍ରୁ ବର୍ଷା ହେବାକୁ

---

* ଭକ୍ତରାଜଜି ପ୍ରତିଦିନ ଏହି କୁଣ୍ଡ ବା ପାହାଡ଼ର ଝରଣା ସ୍ରୋତରେ ସ୍ନାନ କରିବାକୁ ଯାଉଥିଲେ । ସେହି ସ୍ରୋତରେ କିଛି ପଥର ପକାଇ ସିଧା ସ୍ରୋତକୁ ଅଟକାଇ ଦେଇଥିବାରୁ ସେଠାରେ ଜଳ ଜମା ହୋଇଥାଏ । ସେହି ଜଳଭଣ୍ଡାରର ନାମ ଦାମୋଦର କୁଣ୍ଡ । ଗୀରିନାର ପାହାଡ଼ ତରାଇ ଅର୍ଥାତ୍ ଏକେବାରେ ପାହାଡ଼ ମୂଳକୁ ଲାଗି ସେ ସ୍ରୋତଟି ବହୁଥାଏ । ଗୋଟିଏ କୂଳରେ ଗୀରିନାର ପାହାଡ଼ ଏବଂ ଅନ୍ୟ କୂଳରେ ଶାଳଗଛ ତଥା ଅନ୍ୟାନ୍ୟ ଗଛର ଘନ ଜଙ୍ଗଲ । ଏହା ଥିଲା ସନ ୧୯୩୨ ପୂର୍ବର ଦୃଶ୍ୟ । ଆଜିକାଲି ବୋଧହୁଏ ଜଙ୍ଗଲ କଟା ହୋଇଯାଇଥିବ ।

ଲାଗିଲା । ସେ ଭଗବତ୍ ପ୍ରେମରେ ଡୁବିଗଲେ । ଦର୍ଶନାର୍ଥୀମାନେ ମନ୍ତ୍ରମୁଗ୍ଧ ହୋଇ ଚିତ୍ରପ୍ରତିମା ସଦୃଶ ନିଶ୍ଚଳ ନୀରବରେ ଛିଡ଼ା ହୋଇଥାଆନ୍ତି । ସେମାନଙ୍କର ଚେତନା ଅପାର୍ଥିବ ଆନନ୍ଦରେ ମଗ୍ନ ହୋଇଥାଏ ।

ମାଣିକଗୌରୀଙ୍କ ଜ୍ୱର ଭୀଷଣ ରୂପେ ବୃଦ୍ଧି ପାଇବାକୁ ଲାଗିଲା । ଜ୍ୱରବୃଦ୍ଧି ସଙ୍ଗେ ସଙ୍ଗେ ତାଙ୍କ ମୁଖରୁ ନିରନ୍ତର ଭଗବତ୍ ନାମ ଉଚ୍ଚାରିତ ହେଉଥିଲା । ତାଙ୍କର ପାର୍ଥିବ ଶରୀରଲୀଳା ସମାପ୍ତ ହେବାର ସମୟ ଆସିଥିବା ସେ ବୁଝି ପାରିଥିଲେ, କେବଳ ଭକ୍ତରାଜଙ୍କ ଆଗମନକୁ ଅପେକ୍ଷା କରିଥିଲେ ।

ଭୋର ହେବାର ସମୟ ଆସିଲା । ଭକ୍ତରାଜ କୀର୍ତ୍ତନ ସମାପ୍ତ କରି ଭଗବତ୍ ନାମ ସ୍ମରଣପୂର୍ବକ ଘରକୁ ଫେରିଲେ । ମାଣିକଗୌରୀଙ୍କ ଶେଷ ଅବସ୍ଥା ଦେଖି ଭକ୍ତରାଜ ଶାନ୍ତ ଅବସ୍ଥାରେ ତାଙ୍କ ବିଛଣାରେ ବସିପଡ଼ିଲେ । ମାଣିକଗୌରୀ ମୁଖରେ ଭଗବତ୍ ନାମ ଉଚ୍ଚାରଣ ବନ୍ଦ ନ କରି, ପତିଙ୍କୁ କିଛି ନ କହି କେବଳ ତାଙ୍କ ମୁଖକୁ ନିର୍ନିମେଷ ଦୃଷ୍ଟିରେ ଚାହିଁ ରହିଲେ ଏବଂ ନିଜ ହାତ ପତିଦେବଙ୍କ ଚରଣରେ ରଖିଦେଲେ । ଏହି ଅବସ୍ଥାରେ ଭକ୍ତରାଜ ଭଗବତ୍ ନାମ ଉଚ୍ଚାରଣପୂର୍ବକ ମାଣିକଗୌରୀଙ୍କ ମସ୍ତକ ନିଜ କୋଳରେ ରଖି ତାଙ୍କ ମୁଣ୍ଡ ଆଉଁସିବାକୁ ଲାଗିଲେ । ମାଣିକଗୌରୀ ପତିଦେବଙ୍କ କୋଳରେ ମସ୍ତକ ରଖି ଭଗବାନଙ୍କ ନାମ ଜିହ୍ୱାରେ ଉଚ୍ଚାରଣ କରୁଥିବା ଅବସ୍ଥାରେ ପତିଦେବଙ୍କ ମୁଖ ଦେଖୁ ଦେଖୁ ନଶ୍ୱର ଶରୀର ତ୍ୟାଗ କଲେ ।

ମାଣିକଗୌରୀ ଭକ୍ତରାଜଙ୍କର କେବଳ ସହଧର୍ମିଣୀ ନ ଥିଲେ, ଥିଲେ ତାଙ୍କ ଅଧ୍ୟାତ୍ମ ସାଧନାରେ ସହଯୋଗିନୀ ଓ ସହଗାମିନୀ । ଏପରି ଭଗବତ୍ ଭକ୍ତାଙ୍କ ବିୟୋଗରେ ଦୁଃଖ ହେବା ସ୍ୱାଭାବିକ ଥିଲା । କିନ୍ତୁ ଯଥାର୍ଥରେ ଭକ୍ତରାଜଙ୍କୁ ଦୁଃଖ ହେଲା ନାହିଁ । ପୃଥିବୀରୁ ଯିବା ନିଶ୍ଚିତ — ଏହା ତାଙ୍କ ଚେତନାରେ ପ୍ରତିଷ୍ଠିତ ହୋଇଥିଲା । ଏବଂ ସେ ଜାଣିଥିଲେ ଯେ ମାଣିକଗୌରୀ ଭଗବାନଙ୍କ ଦିବ୍ୟଧାମ ଗୋଲୋକରେ ଶ୍ରୀକୃଷ୍ଣଙ୍କ ସେବା ପ୍ରାପ୍ତ ହୋଇ ମହାନ୍ ଦିବ୍ୟ ଆନନ୍ଦ ଲାଭ କରିଅଛନ୍ତି । ସେସକାଶେ ତାଙ୍କ ପାଇଁ ଦୁଃଖ କରିବାର କିଛି ନାହିଁ । ଭକ୍ତରାଜ ପ୍ରସନ୍ନତା ସହିତ ମାଣିକଗୌରୀଙ୍କ ଶବସଂସ୍କାର ସମାପ୍ତ କଲେ ।

ଜାତିଚ୍ୟୁତି

ଭକ୍ତରାଜ ପତ୍ନୀ ମାଣିକଗୌରୀଙ୍କର ଶବସଂସ୍କାର ସମାପ୍ତ କରି ସ୍ନାନ ପରେ ଭଗବତ୍ ଭଜନରେ ନିମଗ୍ନ ରହିଲେ । କିନ୍ତୁ ଗତ ରାତ୍ରିରେ ଅନ୍ତ୍ୟଜ ଭକ୍ତ ଗୃହରେ କୀର୍ତ୍ତନ କରିଥିବା ଖବର କଥା କଥାରେ ସମସ୍ତ ନାଗରଜାତିରେ ପ୍ରଚାର ହୋଇଗଲା । ପୂର୍ବେ ଆଲୋଚିତ ହୋଇଛି ଗ୍ରାମର 'ଚୌରାହ' ବା ମଣ୍ଡପ ଗ୍ରାମବାସୀଙ୍କର ବସିବାର ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନ ଥିଲା । ଅଳ୍ପ ବହୁତ ବ୍ୟକ୍ତି ସେଠାରେ ସମସ୍ତ ଦିନ ବସୁଥିଲେ । ସନ୍ଧ୍ୟା ସମୟରେ ମଣ୍ଡପଟି ଜନଗହଳିରେ ପୂର୍ଣ୍ଣ ହୋଇ ଯାଉଥିଲା । ସେଠାରେ ନାନାପ୍ରକାର ଗପସପ ସହିତ ପରଚର୍ଚ୍ଚା ବି ବାଦ୍ ଯାଉ ନ ଥିଲା । ଭକ୍ତରାଜ ଅନ୍ତ୍ୟଜ ଭକ୍ତ ଘରେ କୀର୍ତ୍ତନ କରି ନାଗର ବ୍ରାହ୍ମଣଜାତିର ଘୋର ଅପରାଧ କରିଥିବାର କ୍ରୋଧାଗ୍ନିରେ ଅଧିକାଂଶ ନାଗର ବ୍ରାହ୍ମଣଙ୍କ ହୃଦୟ ଦଗ୍ଧ ହେଉଥିଲା । ଜଣେ ନାଗର କ୍ରୋଧାବେଗରେ କହିଲେ, ''ଭଗତ ନରସିଂହରାମ ବହୁତ ଉଚ୍ଛୃଙ୍ଖଳ ହୋଇଗଲାଣି, ଜାତି ଗୋତ୍ରର କୌଣସି ପରୁଆ ନାହିଁ, ମନରେ ଯାହା ଆସୁଛି ତାହାହିଁ କରୁଛି ।'' ଅନ୍ୟ ଜଣେ କହିଲେ, ''ନିଜକୁ ବହୁତ ବଡ଼ ଭଗତ ମାନି ପାପପୁଣ୍ୟକୁ ବି ଭୟ କରୁ ନାହିଁ । ଯେଉଁ ଅନ୍ତ୍ୟଜର ଛାୟା ସ୍ୱର୍ଗରେ ବର୍ଣ୍ଣଶ୍ରେଷ୍ଠ ବ୍ରାହ୍ମଣମାନଙ୍କୁ ସ୍ନାନ କରି ଗାୟତ୍ରୀ ମନ୍ତ୍ର ଜପ କରିବା ଦ୍ୱାରା ଶୁଦ୍ଧ ହେବା ଋଷିମୁନିମାନେ ଶାସ୍ତ୍ର ବିଧାନ ଦେଇଅଛନ୍ତି, ସେହି ଅନ୍ତ୍ୟଜ ଘରେ ସମସ୍ତ ରାତ୍ରି କୀର୍ତ୍ତନ କରିବା କେତେ ବଡ଼ ଅପରାଧ !'' ଆଉ ଜଣେ କହିଲେ, ''ଏହା ତ ବ୍ରାହ୍ମଣଜାତିର ଅପମାନ । ଘୋର କଳିକାଳ ଆସିଗଲାଣି । ଆଉ ବଡ଼-ଛୋଟ, ଉଚ୍ଚ-ନୀଚର ଭେଦଭାବ ରହିବ ନାହିଁ ।'' ସାରଙ୍ଗଧର କହିଲେ, ''ନା, ଏପରି ହେବ ନାହିଁ, ନରସିଂହରାମଙ୍କୁ ଜାତିଚ୍ୟୁତ କରାହେଉ, ଏକଘରିଆ କରି ରଖାହେଉ । ଏହା ନ କଲେ ଧର୍ମଭ୍ରଷ୍ଟ ହେବ, ପାପର ବୃଦ୍ଧି ହେବ ।'' ଆଉ କେହି କେହି କହିଲେ, ''ନରସିଂହରାମ

କେବଳ କୀର୍ତ୍ତନ କରିଛନ୍ତି, ସେଥିରେ ଜାତିର ଅପମାନ ହେଲା କିପରି ? ଏଇଥିପାଇଁ ତାଙ୍କୁ ଏପରି ଦଣ୍ଡ ଦେବା ଉଚିତ ନୁହେଁ ।'' କିନ୍ତୁ ଏକଥାକୁ କେହି କାନ ଦେଲେ ନାହିଁ । କାରଣ, କହିବା ବ୍ୟକ୍ତିଙ୍କ ପ୍ରାଧାନ୍ୟତା ସମାଜରେ ନ ଥିଲା । ତାଙ୍କ କଥା କିଏ ଶୁଣିବ ? ପ୍ରଧାନ ତଥା ଅଧିକସଂଖ୍ୟକ ବ୍ୟକ୍ତିଙ୍କ ପ୍ରସ୍ତାବ ଅନୁସାରେ ନରସିଂହରାମଙ୍କୁ ଜାତିଚ୍ୟୁତ କରାହେଲା । ଏହି ବିଷୟରେ ଭକ୍ତରାଜଙ୍କୁ କିଛି ବି ଜଣା ନ ଥିଲା । ସେ ସବୁବେଳେ ଭଗବତ୍ ଭଜନରେ ମସ୍ତ ରହୁଥିଲେ । ଏସବୁ କଥାକୁ ସେ କେବେ ବି ପରୁଆ କରୁ ନ ଥିଲେ ।

ଏହା ପରଦିନ ଜଣେ ନାଗର ବ୍ରାହ୍ମଣ କୃଷ୍ଣରାୟଙ୍କ ମାତାଙ୍କର ଅନ୍ତ୍ୟେଷ୍ଟି ଶ୍ରାଦ୍ଧ ଥିଲା । ଜାତିଚ୍ୟୁତ ଭକ୍ତରାଜଙ୍କ ଛଡ଼ା ସମସ୍ତ ନାଗରଜାତିକୁ ନିମନ୍ତ୍ରଣ କରାହେଲା । ଶ୍ରାଦ୍ଧ ସମାପ୍ତ ପରେ ଭୋଜନ ପଙ୍ଗତରେ ସମସ୍ତ ନାଗରଜାତିକୁ ଭୋଜନ ପରିବେଷଣ କରାହେଲା । ଭୋଜନ ଆରମ୍ଭ କରିବା ପରେ ପ୍ରତ୍ୟେକ ନାଗର ବ୍ରାହ୍ମଣଙ୍କର ଦୁଇ କଡ଼ରେ ଅନ୍ତ୍ୟଜ ବସି ଭୋଜନ କରୁଥିବାର ଦେଖି ପ୍ରତ୍ୟେକ ବ୍ୟକ୍ତି ଆଶ୍ଚର୍ଯ୍ୟରେ ଡୁବିଗଲେ । ସମସ୍ତେ ଭୋଜନ ପତ୍ରରୁ ଉଠି ଛିଡ଼ାହୋଇ 'ସର୍ବନାଶ ହେଲା, ସର୍ବନାଶ ହେଲା' କହି କୋଳାହଳ କରିବାକୁ ଲାଗିଲେ । ରୋଷାଇ ଘରେ, ପରିବେଷଣରେ, ଯେଉଁଠାରେ ଦେଖ ସେହିଠାରେ ଅନ୍ତ୍ୟଜ । ସମସ୍ତ ନାଗରଜାତି ଚଣ୍ଡାଳସ୍ପର୍ଶ ଭୋଜନ କରିବାର ମହାପାପରୁ ଉଦ୍ଧାର ହେବାର ମହାଚିନ୍ତାରେ ପଡ଼ିଲେ । ସେହି ସ୍ଥାନରେ ଭକ୍ତରାଜଙ୍କ ବଡ଼ଭାଇ ବଂଶୀଧର, ମାମୁ ଅନନ୍ତରାୟ ତଥା ସାରଙ୍ଗଧର ଆଦି ସବୁ ମୁଖ୍ୟବ୍ୟକ୍ତି ଉପସ୍ଥିତ ଥିଲେ । ଏହି ଘୋର ପାପରୁ ମୁକ୍ତ ହେବା ସକାଶେ ପଞ୍ଚଗବ୍ୟ ତଥା ଗଙ୍ଗାସ୍ନାନ ଏବଂ ବ୍ରାହ୍ମଣ ଭୋଜନ କରାଇବା ପରାମର୍ଶ ସାରଙ୍ଗଧର ଦେଲେ । ଅନ୍ୟ କେହି କେହି କହିଲେ, ''ଏତେ ଚାଣ୍ଡାଳ ଆସିଲେ କେଉଁଠୁ ? ସେମାନେ ତ ସର୍ବଦା ପଚାଶ ଗଜ ଦୂରରେ ଛିଡ଼ାହେବା ଲୋକ, ଆମ ପଙ୍ଗତରେ ବସିବାକୁ ସାହସ ବା କଲେ କିପରି ? ତା ଛଡ଼ା ସେମାନେ ବସିବା ସମୟରେ ଆମ୍ଭେମାନେ ଦେଖି ପାରିଲୁ ନାହିଁ କିପରି ? ଯଥାର୍ଥରେ ଏହା ନୁହେଁ । ଭକ୍ତରାଜ ନରସିଂହରାମଙ୍କୁ ଜାତିଚ୍ୟୁତ ତଥା ଏକଘରିଆ ରଖିବା ଯୋଗୁଁ ଏହା ଭଗବାନଙ୍କ କୋପ । ଭକ୍ତ ଅପରାଧକୁ ଭଗବାନ୍ କ୍ଷମା କରନ୍ତି ନାହିଁ, କ୍ଷମା କରନ୍ତି ସେହି ଭକ୍ତ । ଭକ୍ତଦ୍ରୋହ ମହାପାପରୁ ପଞ୍ଚଗବ୍ୟ, ଗଙ୍ଗାସ୍ନାନ ଓ ବ୍ରାହ୍ମଣ ଭୋଜନରେ ଉଦ୍ଧାର ହେବା ସମ୍ଭବ ନୁହେଁ । କେବଳ ଗୋଟିଏ ଉପାୟ – ଭକ୍ତରାଜଙ୍କ ଚରଣରେ କ୍ଷମା ମାଗି ତାଙ୍କୁ ଏଠାକୁ ନେଇ ଆସନ୍ତୁ । ସେ ଆସି ଭୋଜନବସ୍ତୁ ସ୍ପର୍ଶ କରିଦେଲେ ସମସ୍ତ ଦୋଷ ଦୂର ହୋଇଯିବ ।'' ଏକଥା କେତେଜଣ ଅଧିକ ବିରୋଧୀ ବ୍ୟକ୍ତିଙ୍କୁ ଭଲ ଲାଗିଲା ନାହିଁ । କିନ୍ତୁ ବିପଦ ବେଳେ ଅନ୍ୟ ଉପାୟ ନ ଥାଏ । ସେତେବେଳେ ଯିଏ ଯାହା କୁହେ ନିଜ ବୁଦ୍ଧିକୁ ତାହା ଯୁକ୍ତିସଙ୍ଗତ ପ୍ରତୀତ ନ ହେଲେ ବି ମାନିନେବାକୁ ହୁଏ । ସେହି କାରଣରୁ ସେମାନେ ନୀରବ ରହି ସମସ୍ତ ନାଗରଜାତିଙ୍କ ସହିତ ଭକ୍ତରାଜଙ୍କ ଘରକୁ ଗଲେ ।

ଭକ୍ତରାଜ ସେ ସମୟରେ ଭଗବତ୍ ଆନନ୍ଦରେ ଡୁବି ରହିଥିଲେ । ସାରଙ୍ଗଧରଙ୍କ ସହିତ ଅନ୍ୟ କେତେଜଣ ଜାତିର ମୁଖିଆ ବ୍ୟକ୍ତି ଆଗଭର ହୋଇ ଭକ୍ତରାଜଙ୍କୁ ପ୍ରଣାମ କରି ନିଜ ଅପରାଧର କ୍ଷମା ଚାହିଲେ । ଭକ୍ତରାଜ ସାବଧାନ ହୋଇ ଉଠି ଛିଡ଼ାହୋଇ ନମସ୍କାର କରି ବିନମ୍ର ସ୍ୱରରେ କହିଲେ, ''କ'ଣ ଏପରି ଘଟିଲା, ଆପଣମାନେ ଏ କୁଟିଆ ପବିତ୍ର କରିବାକୁ ଆସିଲେ ?'' ସେମାନେ ପ୍ରାର୍ଥନା ସ୍ୱରରେ କହିଲେ, ''ଭକ୍ତରାଜ ଏକାଦଶୀ ଦିନ ତୁମେ ଅନ୍ତ୍ୟଜ ଗୃହରେ କୀର୍ତ୍ତନ କରିଥିବାରୁ ଆମ୍ଭେମାନେ ପ୍ରମାଦବଶ ଅପରାଧ ମାନି ତୁମକୁ ଜାତିଚ୍ୟୁତ କରିଥିଲୁ ଏବଂ ଏକଘରିଆ କରି ରଖିଥିଲୁ । ସେହି ଅପରାଧରୁ ଆଜି ଆମ୍ଭମାନଙ୍କ ଭୋଜନ ପଙ୍ଗତରେ ଅନ୍ତ୍ୟଜମାନଙ୍କୁ ବସିଥିବାରୁ ଦେଖିଲୁ । ଏହି ମହାପରାଧ କ୍ଷମା କରାଇବା ସକାଶେ ଆମ୍ଭେମାନେ ତୁମ୍ଭ ପାଖକୁ ଆସିଛୁ । ତୁମରି ପ୍ରାର୍ଥନାରେ ଭଗବାନ୍ ଆମକୁ ଏହି ଅପରାଧରୁ ମୁକ୍ତ କରିବେ ବୋଲି ଆମ୍ଭମାନଙ୍କର ଦୃଢ଼ ଭରସା । କାଳବିଳମ୍ବ ନ କରି ଚାଲନ୍ତୁ, ତୁମରି ସ୍ପର୍ଶରେ ଭୋଜନ ଦିବ୍ୟ ପବିତ୍ର ହୋଇଯିବ । ତୁମେ ସେଠାରେ ଭୋଜନ କଲେ ଆମ୍ଭେମାନେ ମହାପାପରୁ ଉଦ୍ଧାର ପାଇବୁ ।'' ଭକ୍ତରାଜ ନିଷ୍କପଟ ବାକ୍ୟରେ କହିଲେ, ''ପୂଜ୍ୟ ଭାଇମାନେ, ମୋତେ ଜାତିଚ୍ୟୁତ କରିଥିବା ଏବଂ ଏକଘରିଆ କରି ରଖିଥିବା କଥା ମୁଁ କିଛି ଜାଣି ନାହିଁ । ମୋ କହିବା ଯଦି ସତ୍ୟ ହୋଇଥାଏ ତେବେ ମୋ ପ୍ରଭୁ ଆପଣମାନଙ୍କୁ ଅବଶ୍ୟ କ୍ଷମା କରିବେ ।'' ଏହା କହି ଭକ୍ତରାଜ ଭୋଜନ ସ୍ଥାନକୁ ଗଲେ । ପୁନରାୟ ନାଗରଜାତିଙ୍କ ପଙ୍ଗତ ବସିଲା, ଭକ୍ତରାଜ ଭୋଜନ

ଦ୍ରବ୍ୟ ସ୍ପର୍ଶ କଲେ ଏବଂ ଜାତିଭାଇଙ୍କ ପଙ୍ଗତରେ ପରିବେଷଣ କଲେ; ପରେ ସେମାନଙ୍କ ସହିତ ବସି ଭୋଜନ କଲେ । ଭକ୍ତରାଜଙ୍କ ସ୍ପର୍ଶରେ ଭୋଜନ ଦ୍ରବ୍ୟ ଅମୃତ ସଦୃଶ ସୁସ୍ୱାଦୁ ହେଲା ଏବଂ କେତେ ବ୍ୟକ୍ତି ଭୋଜନ କଲେ, କେତେ ବ୍ୟକ୍ତି ଭୋଜନ ଦ୍ରବ୍ୟ ନେଲେ ତଥାପି ଅଭାବ ପଡ଼ିଲା ନାହିଁ କିଂବା ଗୋଟିଏ ବି ଅନ୍ତ୍ୟଜର ଦେଖା ହେଲା ନାହିଁ । ଭକ୍ତରାଜଙ୍କ ଉପରେ ଭଗବାନଙ୍କ ପ୍ରତ୍ୟକ୍ଷ କୃପା ଦେଖି ନାଗରଜାତି ଭକ୍ତରାଜଙ୍କୁ ଭୂରି ଭୂରି ପ୍ରଶଂସା କରି ନିଜ ନିଜ ଘରକୁ ଆନନ୍ଦରେ ଫେରିଗଲେ ।

ଶ୍ୟାମଳ ସାହ ହୁଣ୍ଡି

ମାଣିକଗୌରୀଙ୍କ ଶରୀର ତ୍ୟାଗ କରିବାର ନବମ ଦିବସ ଉପସ୍ଥିତ ହେଲା । ଶ୍ରାଦ୍ଧ ସକାଶେ କୌଣସି ତିଆରି ନାହିଁ କିଂବା ଘରେ ପଇସାଟିଏ ବି ନାହିଁ । ଭକ୍ତରାଜ ସ୍ୱାଭାବିକ ରୂପେ ଭଗବତ୍ ଭଜନରେ ମଗ୍ନ ରହୁଥା'ନ୍ତି । ତାଙ୍କର କେହି ଆଗକୁ ନା ପଛକୁ; କାହା ସକାଶେ ଚିନ୍ତା କରିବେ ? ଯେତେବେଳେ ପରିବାର ଥିଲେ, ପୁଅର ବିବାହ ହେଉଥିଲା, ଝିଅର ବିଦାୟୀ ହେଉଥିଲା, ସେତେବେଳେ ତ ଭକ୍ତରାଜ କିଛି ଭାବୁ ନ ଥିଲେ କିଂବା ବିଚାର କରୁ ନ ଥିଲେ, ଆଜି କାହିଁକି ଭାବିବେ ?

ଭକ୍ତରାଜ ଭଗବାନଙ୍କୁ ଭୋଗ ଦେବା ଶେଷ କରୁ କରୁ ସାରଙ୍ଗଧରଜି ଆସି ପହଞ୍ଚିଲେ । ଭକ୍ତରାଜ ଅଭିବାଦନ ଜଣାଇ ବସିବାକୁ ଆସନ ଦେଲେ ଏବଂ ନମ୍ରତା ସହ ଆସିବାର କାରଣ ପଚାରିଲେ । ସାରଙ୍ଗଧରଜି ଉତ୍ତରରେ କହିଲେ, ''ଭାଇ, ତୁମ ଧର୍ମପତ୍ନୀଙ୍କ ଏକାଦଶାହ ଶ୍ରାଦ୍ଧ ନିକଟ ହୋଇଗଲାଣି, ସାତ ଶହ ଘର ନାଗର ବ୍ରାହ୍ମଣଙ୍କ ଭୋଜନ ହେବ । ତା' ତୟାରି ସକାଶେ ଯାହା ସାହାଯ୍ୟର ଆବଶ୍ୟକ ହେବ କୁହନ୍ତୁ, ତା' ବ୍ୟବସ୍ଥା କରିଦିଆହେବ । ଏହି କଥାଟି ପଚାରିବାକୁ ଆସିଲି ।'' ଭକ୍ତରାଜ କହିଲେ, ''ସାତ ଶହ ଘର ବ୍ରାହ୍ମଣଙ୍କ ଭୋଜନ କରାଇବା ସମ୍ଭବ ନୁହେଁ, ଅଳ୍ପ କେଇଜଣ ବ୍ରାହ୍ମଣଙ୍କୁ ଭୋଜନ କରାଇ ଦିଆଯିବ ।'' ସାରଙ୍ଗଧରଜି ବହୁତ ଆଗ୍ରହରେ କହିଲେ, ''ଭକ୍ତରାଜ, ଏହା କିପରି ହେବ ? ତୁମର ସମସ୍ତ ଉତ୍ସବ ବହୁତ ସମାରୋହରେ ହୋଇଛି । ମାଣିକଗୌରୀଙ୍କ ଶ୍ରାଦ୍ଧରେ ପାଞ୍ଚ ଦଶ ଜଣ ବ୍ରାହ୍ମଣଙ୍କ ଭୋଜନ କିପରି ଚଳିବ ? ଅନ୍ୟମାନେ କାହିଁକି ଭଗବତ୍ ପ୍ରସାଦରୁ ବଞ୍ଚିତ ରହିବେ ?'' ଭକ୍ତରାଜ କହିଲେ, ''ପାଞ୍ଚ ଦଶ ବ୍ରାହ୍ମଣ ଭୋଜନ କରାଇବା ସକାଶେ ମୁଁ ଭାବିଥିଲି । ଆପଣଙ୍କର ଯଦି ଏତେ ଆଗ୍ରହ ତେବେ ସମ୍ଭବତଃ ଏହାହିଁ ପ୍ରଭୁଙ୍କର ଇଚ୍ଛା ।'' ସାରଙ୍ଗଧରଜି କହିଲେ, ''ତେବେ ମୁଁ ସମସ୍ତ ନାଗର ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରାଇ ଦେଉଛି ।'' ଭକ୍ତରାଜ କହିଲେ, ''ଆଚ୍ଛା, ନିମନ୍ତ୍ରଣ କରାଇ ଦିଅନ୍ତୁ ।''

ଏଣେ ଭକ୍ତରାଜଙ୍କ ଘରେ ସେରେ ବୋଲି ଚାଉଳ ନାହିଁ କି ଗୋଟିଏ ବୋଲି ପଇସା ନାହିଁ । ଭକ୍ତରାଜ ସାତ ଶହ ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରିବାକୁ କହି ଭଗବତ୍ ପ୍ରସାଦ ସେବନ କରି ଭଗବତ୍ ଭଜନରେ ଲୀନ ରହିଲେ । ଶ୍ରାଦ୍ଧ ସକାଶେ କୌଣସି ଉଦ୍‌ଯୋଗ ନାହିଁ, କିଂବା କୌଣସି ଚିନ୍ତା ନାହିଁ । ସେ ତ ଭଗବାନଙ୍କ ଭରସାରେ ଅଟଳ ଥା'ନ୍ତି, ତାଙ୍କର ସମସ୍ତ କାର୍ଯ୍ୟ ଭଗବାନ୍ କରନ୍ତି ।

ଜୁନାଗଡ଼ଠାରୁ ଦ୍ୱାରିକା ଯିବା ରାସ୍ତା ସେ ସମୟରେ ବହୁତ ବିପଜ୍ଜନକ ଥିଲା । ଅପନ୍ତରା ଜଙ୍ଗଲ ରାସ୍ତା; ଘର, ଗ୍ରାମ କେଇ କେଇ ମାଇଲ ଦୂରରେ ଥାଏ । ଯାତ୍ରୀମାନଙ୍କ ପାଖରେ ଟଙ୍କା ପଇସା, ଅଳଙ୍କାର ଥିଲେ ଡକାଏତମାନେ ରାସ୍ତାରେ ମାରିପିଟି ଛଡ଼େଇ ନେଇ ଯାଉଥିଲେ ଏବଂ ପ୍ରାଣନାଶ କରୁଥିଲେ । ସେ ସକାଶେ ଯାତ୍ରୀମାନେ ସଙ୍ଗରେ ଟଙ୍କାପଇସା ନେବା ବିପଦ ଯୋଗୁଁ କୌଣସି ମହାଜନଙ୍କ ପାଖରେ ଟଙ୍କା ଜମା କରିଦିଅନ୍ତି । ସେହି ମହାଜନଙ୍କର ଦ୍ୱାରିକାରେ ବ୍ୟବସାୟ କିଂବା ଅଫିସ ଥିଲେ ସେହି ଅଫିସକୁ ହୁଣ୍ଡି ବା ଚେକ୍ ଲେଖି ଦିଅନ୍ତି । ସେହି ହୁଣ୍ଡିକୁ ଅଫିସରେ ଦେଇ ସେମାନେ ଟଙ୍କା ନେଇ ନିଅନ୍ତି । କେତେକ ଯାତ୍ରୀ ଆସି ଟଙ୍କା ଦେଇ ହୁଣ୍ଡି ଲେଖାଇ ନେବା ମହାଜନଙ୍କ ନାମ ଜୁନାଗଡ଼ରେ କେତେକ ଲୋକଙ୍କୁ ପଚାରିଲେ । ପଚାରୁଥିବା ଯାତ୍ରୀଙ୍କ ଉତ୍ତରରେ ପରିହାସ କିଂବା ଭଗବାନଙ୍କ ପ୍ରେରଣାରେ

ସେମାନେ କହିଲେ, ''ନରସି ଭଗବତ ବହୁତ ବଡ଼ ମହାଜନ । ତାଙ୍କର ବହୁତ ବଡ଼ ବ୍ୟାପାର ଦ୍ୱାରିକାରେ ଅଛି । ତାଙ୍କୁ ଟଙ୍କା ଦେଇ ତାଙ୍କଠାରୁ ହୁଣ୍ଡି ଲେଖେଇ ନିଅନ୍ତୁ । ନିରାପଦରେ ସେଠାରେ ଟଙ୍କା ପାଇପାରିବ ।''

ଯାତ୍ରୀମାନେ ଖୁସୀ ହୋଇ ଭକ୍ତରାଜଙ୍କ ଗୃହରେ ପହଞ୍ଚିଲେ । ସେ ସମୟରେ ଭକ୍ତରାଜ କୀର୍ତ୍ତନ କରୁଥିଲେ । ଭଗବତ୍ ଭକ୍ତିରେ ଶରୀର ଶୁଦ୍ଧି ନ ଥିଲା । ଯାତ୍ରୀମାନେ ଭକ୍ତରାଜଙ୍କୁ ଦର୍ଶନ କରି ମୁଗ୍ଧ ହୋଇଗଲେ ଏବଂ ଆସିଥିବା ଉଦ୍ଦେଶ୍ୟ କହି ଭକ୍ତରାଜଙ୍କ ପାଖରେ ସାତ ଶହ ଟଙ୍କାର ଥଳି ରଖିଦେଲେ । ଭକ୍ତରାଜ ମନା କରିବା ସତ୍ତ୍ୱେ ସେମାନେ ବହୁତ ଅନୁନୟ ବିନୟ କରି ହୁଣ୍ଡି ଲେଖିଦେବାକୁ ଆଗ୍ରହ କଲେ । ଭଗବାନଙ୍କ ଏହାହିଁ ବିଧାନ ଜାଣି ଶ୍ୟାମଳ ସାହଙ୍କ ନାମରେ ଭକ୍ତରାଜ ହୁଣ୍ଡି ଲେଖିଦେଲେ ଏବଂ ଯାତ୍ରୀମାନଙ୍କୁ ଭଗବତ୍ ପ୍ରସାଦ ଭୋଜନ କରାଇ ବିଦା କରିଦେଲେ ।

କିଛି ସମୟ ପରେ କେତେକ ବ୍ୟକ୍ତି ବଜାରରୁ ଜିନିଷପତ୍ର ଖର୍ଦି କରି ଆଣି ଭୋଜନ ତୟାର କରିବା ସକାଶେ ପହଞ୍ଚିଗଲେ । ଭକ୍ତରାଜ ସେମାନଙ୍କୁ ସଙ୍ଗେ ନେଇ ସେମାନଙ୍କ କହିବା ଅନୁସାରେ ନାନାପ୍ରକାରର ଭୋଜନଦ୍ରବ୍ୟ ଖର୍ଦି କରି ଆଣିଲେ । ଏକାଦଶାହ ଶ୍ରାଦ୍ଧ ଉପଲକ୍ଷେ ପୁରି, ଖିରି, କାକରାଦି ନାନା ପ୍ରକାରର ମିଷ୍ଟାନ୍ନ ତଥା ନାନାପ୍ରକାର ବ୍ୟଞ୍ଜନ ତିଆରି ହେଲା । ସମସ୍ତ ନାଗରଜାତି ପ୍ରସନ୍ନତା ସହିତ ଭୋଜନ କରି ଅଲୌକିକ ଆନନ୍ଦ ଓ ଶାନ୍ତି ଅନୁଭବ କଲେ ।

ନରସିଂହରାମଙ୍କଠାରୁ ହୁଣ୍ଡି ନେଇଥିବା ଯାତ୍ରୀମାନେ କେତେ ଦିନ ପରେ ଦ୍ୱାରିକାରେ ପହଞ୍ଚି ଗୋମତୀରେ ସ୍ନାନ କରି ଦ୍ୱାରିକାଧୀଶଙ୍କୁ ଦର୍ଶନ କଲେ । ପରେ ହୁଣ୍ଡିର ଟଙ୍କା ନେବା ସକାଶେ ଶେଠ ଶ୍ୟାମଳ ସାହଙ୍କ ନାମ ବହୁତ ବ୍ୟକ୍ତିଙ୍କୁ ପଚାରିଲେ । କିନ୍ତୁ ଶେଠ ଶ୍ୟାମଳ ସାହଙ୍କ ପରିଚୟ କାହାଠାରୁ ପାଇଲେ ନାହିଁ । ବହୁତ ସମୟ ବୁଲି ବୁଲି ବହୁତ କ୍ଲାନ୍ତ ହୋଇ ଦ୍ୱାରିକାଧୀଶ ରଣଛୋଡ଼ଜିଙ୍କ ମନ୍ଦିର ଆଡ଼କୁ ଫେରିବା ସମୟରେ ଯାତ୍ରୀମାନେ ପରସ୍ପର କଥାବାର୍ତ୍ତା ହେବାକୁ ଲାଗିଲେ, ''ନରସିଂହରାମ ବହୁତ ବଡ଼ ଭକ୍ତ, ତାଙ୍କ ନାମ ବହୁତ ପ୍ରଚାର ହୋଇଛି, ସେ କ'ଣ ଠକ ?'' ଅନ୍ୟ ଜଣେ କହିଲେ, ''ସେ ଧୂର୍ତ୍ତ ଏବଂ ବକୁଳା ଭଗତ । ଟଙ୍କା ଠକାଇ ନେବା ସକାଶେ ଭକ୍ତ-ସ୍ୱାଙ୍ଗ କରିଛି ।'' ଆଉ ଜଣେ କହିଲେ, ''ସେ ଯଦି ଠକ, ତେବେ ଲୋକେ ତା' ପାଖକୁ ଆମକୁ ପଠାଇଲେ କାହିଁକି ?''... ଏହିପରି କଥାବାର୍ତ୍ତା କରୁ କରୁ ମନ୍ଦିର ପାଖରେ ପହଞ୍ଚିଲେ । ଦେଖିଲେ ଖାତାପତ୍ର, ଦୁଆତ କଲମ ରଖି ଗୋଟିଏ ବିଛଣାରେ ଦୁଇ ଜଣ ବ୍ୟକ୍ତି ବସିଛନ୍ତି । ସେମାନଙ୍କୁ ଦେଖି ଯାତ୍ରୀମାନେ ପଚାରିଲେ, ''ଆଚ୍ଛା, ଏଠାରେ ଶ୍ୟାମଳ ସାହଙ୍କ ନାମରେ କେହି ଶେଠ ଅଛନ୍ତି କି ?'' କ'ଣ କାମ କୁହ ? ତୁମେ କ'ଣ ନରସିଂହରାମଙ୍କ ହୁଣ୍ଡି ଆଣିଛ ?'' ଉତ୍ତର ମିଳିଲା, ହଁ । ''ମୋତେ ଶ୍ୟାମଳ ସାହ ନାମରେ ଲୋକେ କହନ୍ତି । ତୁମ ଟଙ୍କା ଧରି ମୁଁ କେବେଠୁ ତୁମକୁ ଅପେକ୍ଷା କରିଛି ।'' ଗୁମାସ୍ତା ଆଡ଼କୁ ଅନାଇ କହିଲେ, ''ନରସିଂହରାମଙ୍କ ହୁଣ୍ଡି ରଖି ଟଙ୍କା ଦେଇ ଦିଅ ।'' ଗୁମାସ୍ତାଙ୍କଠାରୁ ଟଙ୍କା ପାଇ ଯାତ୍ରୀମାନେ ବହୁତ ଖୁସୀ ହେଲେ । ଏବଂ ନରସିଂହରାମଙ୍କ ଉପରେ ମିଥ୍ୟା ସନ୍ଦେହ କରିଥିବା ଯୋଗୁଁ ସେମାନଙ୍କ ବହୁତ ପଶ୍ଚାତ୍ତାପ ହେଲା । ସେମାନେ ଟଙ୍କା ପାଇ ଭୋଗରାଗ କରାଇ ଦାନଦକ୍ଷିଣା ଦେଇ ଅନ୍ୟାନ୍ୟ ତୀର୍ଥକୁ ଚାଲିଗଲେ । ବହୁ ତୀର୍ଥରେ ସ୍ନାନ, ଦାନ, ଧ୍ୟାନ କରି ଫେରିବା ସମୟରେ ରାସ୍ତାରେ ଜୁନାଗଡ଼ ପଡୁଥିବା ପୁନରାୟ ଭକ୍ତରାଜଙ୍କୁ ଦର୍ଶନ କଲେ ଏବଂ ଶ୍ୟାମଳ ସାହଙ୍କଠାରୁ ସମସ୍ତ ଟଙ୍କା ପାଇଥିବା ନିବେଦନ କଲେ । ଭଗବାନଙ୍କ ପ୍ରତ୍ୟକ୍ଷ କୃପା ଜାଣି ଭକ୍ତରାଜଙ୍କୁ ବହୁତ ଆନନ୍ଦ ପ୍ରାପ୍ତ ହେଲା ।

କୁଁଅରବାଈଙ୍କ ସୀମନ୍ତ

ଗୁଜରାଟ ପ୍ରାନ୍ତରେ ପୁତ୍ରବଧୂର ପ୍ରଥମ ଗର୍ଭାଧାନର ଆଠ ମାସ ହେଲେ ଗୋଟିଏ ଶୁଭ ତିଥି ତଥା ଶୁଭ ମୁହୂର୍ତ୍ତରେ ବିଧିବିଧାନପୂର୍ବକ ପୂଜନ ଓ ହୋମ ହୁଏ, ଜାତିଭାଇ ଭୋଜନ କରନ୍ତି, ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରାହୁଏ । କନ୍ୟାର ପିତା ପୂରା ପରିବାର, ଚାକରବାକରଙ୍କୁ ନୂତନ ବସ୍ତ୍ର ଉପହାର ଦିଅନ୍ତି । ସମ୍ପନ୍ନ ବ୍ୟକ୍ତି ହୋଇଥିଲେ ଗ୍ରାମବାସୀମାନଙ୍କୁ ମଧ୍ୟ ନୂତନ ବସ୍ତ୍ର ଦିଅନ୍ତି । ଝିଅକୁ ବହୁ ମୂଲ୍ୟବାନ୍ ଅଳଙ୍କାର ଓ ବସ୍ତ୍ର ପ୍ରାପ୍ତ ହୁଏ । ଏହି ଉତ୍ସବର ନାମ

ସୀମନ୍ତ । ସେ ସମୟରେ ଏହି ଉତ୍ସବଟି ଆଡ଼ମ୍ବରପୂର୍ଣ୍ଣ ଅତି ଉତ୍ସାହର ସହ ଅନୁଷ୍ଠିତ ହେଉଥିଲା । ଆଜିକାଲି ମଧ୍ୟ ସାଧାରଣ ରୂପେ ହେଉଅଛି ।

ଭକ୍ତରାଜଙ୍କ କନ୍ୟା କୁଁଅରବାଈଙ୍କ ପ୍ରଥମ ଗର୍ଭାଧାନର ଅଷ୍ଟମ ମାସରେ ପଣ୍ଡିତଙ୍କ ଦ୍ୱାରା ସୀମନ୍ତ ଦିନ ନିର୍ଦ୍ଧାରିତ ହେଲା ଏବଂ ଭକ୍ତରାଜଙ୍କ ଛଡ଼ା ସମସ୍ତ ବନ୍ଧୁବାନ୍ଧବ, ଇଷ୍ଟମିତ୍ରଙ୍କ ପାଖକୁ ନିମନ୍ତ୍ରଣ ପଠାଇ ଦିଆହେଲା । ଏହି ଉତ୍ସବରେ କନ୍ୟାର ପିତାଙ୍କ ଉପସ୍ଥିତି ପୂଜାର ବିଧାନ ଅନୁସାରେ ତଥା ସାମାଜିକ ବ୍ୟବହାର ପ୍ରଣାଳୀ ଅନୁସାରେ ଏକାନ୍ତ ଆବଶ୍ୟକ । କିନ୍ତୁ କୁଁଅରବାଈଙ୍କ ପିତାଙ୍କୁ ବାଦ୍ ଦିଆଯାଇଥିବାରୁ ତାଙ୍କୁ ବହୁତ ଦୁଃଖ ହେଲା; କବାଟ କୋଣରେ ବସି ଆଖିରୁ ଲୁହ ଗଡ଼େଇବା ଛଡ଼ା ତାଙ୍କର ଆଉ କିଛି ଉପାୟ ନ ଥିଲା । ସେ ପୁଅଣୀ ହୋଇ ଆସିବା ପରେ ତାଙ୍କ ଭାଇ ଶ୍ୟାମଳ ଦାସ ଏବଂ ମା'ଙ୍କର ସ୍ୱର୍ଗବାସ ହୋଇସାରିଥିଲା । ପିତା ତ ସବୁ ସମୟରେ ଭଗବତ୍ ଭକ୍ତିରେ ଡୁବି ରହୁଥିଲେ । କୁଁଅରବାଈଙ୍କୁ ଆଉ ପଚାରନ୍ତା କିଏ ?

ଯଦି ବାର ମାସ ତେର ବ୍ରତରେ ନୂତନ ବୋହୂର ପିତା ଗୃହରୁ ଭାର ବେଭାର ନ ଆସେ, ଲୋଡ଼ା ଶଙ୍କୁଳା ନ ହୁଏ ତେବେ ଶାଶୂଘରେ ତା'ର ମାନସମ୍ମାନ ରହେ ନାହିଁ । ତା' ସାଙ୍ଗକୁ ଯଦି ପତି କାମଧନ୍ଦା ନ କରେ, ରୋଜଗାର କରୁ ନ ଥାଏ, ଆଡ଼େ ସାଡ଼େ ବୁଲି ଘରୁ ପଇସା ଖର୍ଚ୍ଚ କରେ ତେବେ ବୋହୂର ଅବସ୍ଥା କହିଲେ ନ ସରେ । ସେଥିରେ ସେ ଯଦି ସରଳା ଓ ନିରୀହା ହୋଇଥାଏ ତେବେ ତା' ଦଶା ବାରଗଣ୍ଡା ଦିକଡ଼ା ହୁଏ । କୁଅଁରବାଈ ପୁଅଣୀ ହୋଇ ଆସିବା ଦିନଠାରୁ ଭାର ବେଭାର ଦୂରେ ଥାଉ ତାଙ୍କ ଭଲମନ୍ଦରେ ବୁଝିବାକୁ ବି ପିତାଙ୍କ ପାଖରୁ ଦିନେ ହେଲେ କେହି ଆସନ୍ତି ନାହିଁ । ପତି ବଡ଼ଲୋକର ପୁଅ ଥିଲେ, ଧନସମ୍ପତ୍ତି ପୂର୍ଣ୍ଣ ଥିଲା, ପିତା ରାଜ୍ୟରେ ଅଫିସର ଥିଲେ । ସେଥିପାଇଁ ସେ ପଢ଼ାଲେଖା ଛାଡ଼ି ତାସ ଖେଳି ସମୟ ନଷ୍ଟ କରି ଘରୁ ପଇସା ଖର୍ଚ୍ଚ କରୁଥିଲେ । କୁଁଅରବାଈ ଛନ୍ଦକପଟ ଜାଣି ନ ଥିଲେ ଏବଂ ବ୍ୟବହାରିକ ବୁଦ୍ଧି ତୀବ୍ର ନ ଥିଲା । ଏହିସବୁ କାରଣରୁ ନଣନ୍ଦ ଓ ଶାଶୂଙ୍କ ଦୃଷ୍ଟିରେ ସେ ତିରସ୍କାରର ପାତ୍ରୀ ଥିଲେ ।

ଏତେ ବଡ଼ ଉତ୍ସବରେ ପିତା ନ ଆସିବାଟା ସେ ଆଉ ବରଦାସ୍ତ କରିପାରିଲେ ନାହିଁ । ଅନ୍ୟ କୌଣସି ଉପାୟ ନ ଦେଖି ସାହସ କରି ଶାଶୂଙ୍କ ପାଖକୁ ଆସି ବିନୟତାପୂର୍ବକ କହିଲେ, 'ମା', ସମସ୍ତ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରାହୋଇଛି, ମୋ ପିତାଙ୍କ ପାଖକୁ ନିମନ୍ତ୍ରଣ ଯାଇ ନ ଥିବାର ମୁଁ ଶୁଣୁଛି ।'' ''ତା' ପାଖକୁ କାହିଁକି ନିମନ୍ତ୍ରଣ ଯାଆନ୍ତା ? ସେ କ'ଣ ଏତେ ବଡ଼ ପରିବାରଙ୍କ ସକାଶେ ବସ୍ତ୍ର ଆଣିପାରନ୍ତା ? ତା' ପାଖରେ କରତାଳ ଓ ଝାଞ୍ଜି ଛଡ଼ା ଆଉ ଅଛି କ'ଣ ? ସେ ଆସି କ'ଣ ବା କରନ୍ତା ? ''ଶାଶୂ ରୁକ୍ଷ ସ୍ୱରରେ କହିଲା । କୁଁଅରବାଈ କହିଲେ, ''ମା', ମୋ ପିତାଙ୍କର ଧନ ନାହିଁ ସତ, କିନ୍ତୁ ସନ୍ତାନମାନଙ୍କର ପିତାମାତା ପ୍ରତି ତଥା ପିତାମାତାଙ୍କର ସନ୍ତାନମାନଙ୍କ ପ୍ରତି କିପରି ସ୍ନେହମମତା, ତା' ତୁମେ ଉତ୍ତମ ରୂପେ ଜାଣ ।'' ବାକ୍ୟ ପୂରା ନ ହେଉଣୁ ଶାଶୂ କହିଲା, ''ଯା, ଯା, ତୋ ପିତାର ସ୍ନେହ ମୁଁ ବୁଝିଛି । ତୁ ପୁଅଣୀ ହୋଇ ଆସିବା ଦିନଠାରୁ ତାକୁ ନିଦ ହେଉ ନାହିଁ, ଆଠ ଦିନକୁ ଥରେ ଝିଅକୁ ଦେଖିବାକୁ ଦୌଡ଼ି ଆସୁଛି । ଆଉ ଆଜି ନିମନ୍ତ୍ରଣ ଗଲେ ଭାର ବେଭାର ନେଇ ଦୌଡ଼ିଆସି ଆମ ଘର ଭର୍ତ୍ତି କରିଦେବ !'' ନଣନ୍ଦ ଥଟ୍ଟାରେ କହିଲା, ''ମା', ଆଜି ନିମନ୍ତ୍ରଣ ପଠାଇଦେ । କରତାଳ, ଗୋପୀଚନ୍ଦନ ତ ଆସିବ, ଲେଙ୍ଗଟିଧାରୀ ସାଧୁସଙ୍ଗ ତ କୀର୍ତ୍ତନ କରି ନାଚିବେ । ଆଉ ତୋର କ'ଣ ଦରକାର !'' ନଣନ୍ଦର ଏହି ପରିହାସଯୁକ୍ତ କଟୁବାକ୍ୟରେ କୁଁଅରବାଈ ଅତ୍ୟନ୍ତ ବ୍ୟଥିତ ହୋଇଗଲେ । କିନ୍ତୁ ଅଧୈର୍ଯ୍ୟ ନ ହୋଇ କହିଲେ, ''ମା', ମୋତେ ନିଜ ଝିଅ ସଦୃଶ ଜାଣି ମୋ ପିତାଙ୍କ ପାଖକୁ ସମାଚାର ପଠାଇ ଦେବାକୁ କୃପା କର । ଯଦି ସେ କିଛି ନ ଆଣିବେ, ତେବେ ଈଶ୍ୱରଙ୍କ କୃପାରୁ ତୁମର କ'ଣ କମ୍ ଅଛି ? ତୁମେ ଜାଣ, ମୁଁ ଆସିବା ପରେ ମୋ ଭାଇ, ମୋ ମା' ଶରୀରତ୍ୟାଗ କରିଛନ୍ତି; ମୁଁ ଆସିବା ପରଠାରୁ ବାପାଙ୍କୁ ଦେଖି ନାହିଁ । ସେ ଆସିଲେ ମୁଁ ତାଙ୍କୁ ଦେଖିବି, ସେଥିରେ ମୋତେ ସନ୍ତୋଷ ହେବ ।'' ଏତିକି କହୁ କହୁ କୁଁଅରବାଈଙ୍କ ଗଳା ରୁଦ୍ଧ ହୋଇଗଲା, ସେ ସମ୍ଭାଳି ନ ପାରି କାନ୍ଦିବାକୁ ଲାଗିଲେ । ଶାଶୂ ବୋହୂକୁ ସାନ୍ତ୍ୱନା ନ ଦେଇ ଓଲଟି ମନକୁ ଯାହା ଆସିଲା ତାହା କହିବାକୁ ଲାଗିଲେ ।

ସେହି ସମୟରେ ଶ୍ୱଶୁର ଗଙ୍ଗାଧର ମେହତା ଘରକୁ ଆସିଲେ । ତାଙ୍କ କାନରେ ସ୍ତ୍ରୀର ଦୁଇଚାରିଟି କଟୁବାକ୍ୟ

ବି ପଡ଼ିଲା । ସେ ସାମାନ୍ୟ ରାଗିଯାଇ କହିଲେ, ''କ'ଣ ଘଟଣା ? ବୋହୂ କାନ୍ଦୁଛି କାହିଁକି ? ବିଚାରୀ ବୋହୂକୁ କାହିଁକି ତୁମେ ମା', ଝିଅ ହଇରାଣ କରୁଛ ?''

ଶାଶୂ କହିଲେ, ''କଥା କିଛି ନାହିଁ, ବୋହୂ ଆଗ୍ରହ କରୁଛି, ତା' ପିତାକୁ ନିମନ୍ତ୍ରଣ କରାହେଉ, ମୁଁ କହୁଛି, 'କୌଣସି ଆବଶ୍ୟକ ନାହିଁ ।'– ଏହି କଥାବାର୍ତ୍ତା ହେଉଛି ।'' ଶ୍ୱଶୁର କହିଲେ, ''ଭକ୍ତରାଜଙ୍କ ଭଜନରେ ବାଧା ପଡ଼ିବ, ସେ ସକାଶେ ମୁଁ ନିମନ୍ତ୍ରଣ ପଠାଇ ନ ଥିଲି । ତା' ଛଡ଼ା ବୋହୂର ଚାହିଁବା ବି ଉଚିତ । ଏତେ ବଡ଼ ଉତ୍ସବରେ ପିତାଙ୍କୁ ଦେଖିବାକୁ କେଉଁ ଝିଅ ନ ଚାହିଁବ ? ଆଚ୍ଛା, ମା', ତୁ ଖୁସିରେ ରହ, ମୁଁ ବର୍ତ୍ତମାନ ପୁରୋହିତଙ୍କ ଦ୍ୱାରା ଭକ୍ତରାଜଙ୍କ ପାଖକୁ ନିମନ୍ତ୍ରଣ ପଠାଇ ଦେଉଛି ।'' ଶ୍ୱଶୁର ସ୍ନେହ ଓ କୋମଳ ଶବ୍ଦରେ ଏହା କହି ସଙ୍ଗେ ସଙ୍ଗେ ପୁରୋହିତଙ୍କୁ ଡକେଇ ଭକ୍ତରାଜଙ୍କ ପାଖକୁ ନିମନ୍ତ୍ରଣ ପଠାଇ ଦେଲେ ।

ମଧ୍ୟାହ୍ନ ସମୟ ଥିଲା । ଭକ୍ତରାଜ ଭଜନପୂଜନରୁ ନିବୃତ୍ତ ହୋଇ ଭଗବାନଙ୍କୁ ଭୋଗ ଲଗାଇବା ସକାଶେ ରୋଷେଇ କରୁଥିଲେ । ସେହି ସମୟରେ ସମଦୀ ଗଙ୍ଗାଧର ମେହତାଙ୍କ ପୁରୋହିତ ଭକ୍ତରାଜଙ୍କ ମନ୍ଦିରରେ ଉପନୀତ ହୋଇ 'ଭକ୍ତରାଜଙ୍କୁ ଜୟ' ଶବ୍ଦଟି ଉଚ୍ଚାରଣ କଲେ । ଭକ୍ତରାଜ ରୋଷେଇ ଘରେ 'ଶ୍ରୀକୃଷ୍ଣଙ୍କୁ ଜୟ' କହି ବାହାରକୁ ଆସି ପୁରୋହିତଜିଙ୍କୁ ଅଭିବାଦନ କଲେ, ଆସନରେ ବସେଇ କୁଶଳ ସମାଚାର ପଚାରିଲେ । ଉତ୍ତରରେ ପୁରୋହିତଜି କୁଁଅରବାଇଙ୍କ ସୀମନ୍ତ ନିମନ୍ତ୍ରଣ ପତ୍ରିକାଟି ଦେଇଦେଲେ । ଭକ୍ତରାଜଜି ପୁରୋହିତଜିଙ୍କୁ ଆଦରସତ୍କାରପୂର୍ବକ ଭୋଜନ କରାଇଲେ । ତହିଁ ଆରଦିନ ପୁରୋହିତଜି ଭକ୍ତରାଜଙ୍କଠାରୁ ବିଦାୟ ନେଇ ପ୍ରସ୍ଥାନ କଲେ ।

ଭକ୍ତରାଜ ସର୍ବାବସ୍ଥାରେ ନିଶ୍ଚିନ୍ତ ଥାଆନ୍ତି । ତାଙ୍କର ସମସ୍ତ ଭାର ତାଙ୍କ ପ୍ରଭୁଙ୍କ ଉପରେ ଥାଏ । ସେ ଚିନ୍ତା କରନ୍ତେ କାହିଁକି ? ଝିଅ କୁଁଅରବାଇଙ୍କର ସୀମନ୍ତ ତିଥି ପୂର୍ବରୁ ଭକ୍ତରାଜ କାହାଠାରୁ ଗୋଟିଏ ବଳଦଗାଡ଼ି ମାଗି ଦୁଇ, ଚାରି ଜଣ ସାଧୁଙ୍କ ସହିତ କୀର୍ତ୍ତନ କରି ଝିଅର ସୀମନ୍ତ ଉତ୍ସବରେ ଯୋଗ ଦେବାକୁ ଯାତ୍ରା କଲେ । ଏବଂ ଝିଅର ନିର୍ଦ୍ଧାରିତ ସୀମନ୍ତ ତିଥିର ଦୁଇ ଦିନ ପୂର୍ବରୁ ଝିଅ ଘରେ ପହଞ୍ଚିଲେ । ସୀମନ୍ତ ଉତ୍ସବ ଲାଗି ବହୁତ ସମାରୋହରେ ତିଆରି ହେଉଥାଏ । ବନ୍ଧୁବାନ୍ଧବମାନେ ବହୁ ଭାର ବେଭାର, ଲୁଗାପଟା, ଅଳଙ୍କାର ଉପହାର ଆଣି ପହଞ୍ଚୁ ଥାଆନ୍ତି; ଗଙ୍ଗାଧର ମେହତା ସମସ୍ତଙ୍କୁ ଆଦର ସମ୍ମାନ ସହିତ ଅଭ୍ୟର୍ଥନା ଜଣାଉଥାଆନ୍ତି; ଅନ୍ୟମାନେ ସେମାନଙ୍କର ରହିବାର ବ୍ୟବସ୍ଥା କରୁଥାଆନ୍ତି । ଭକ୍ତରାଜଙ୍କ ଆଗମନ ବାର୍ତ୍ତା ଶୁଣି ସମଦୀ ପ୍ରସନ୍ନତାରେ ଦେଖା କରି ଅଭିବାଦନ କଲେ ଏବଂ ଗୋଟିଏ ଗୃହରେ ରହିବାର ବ୍ୟବସ୍ଥା କରିଦେଲେ । ଭକ୍ତରାଜ ସଙ୍ଗମାନଙ୍କ ସହିତ ସେଠାରେ ରହି କୀର୍ତ୍ତନ ଆରମ୍ଭ କରିଦେଲେ । ବହୁଦିନ ପରେ ପିତାଙ୍କ ଆସିବା ଖବର ପାଇ କୁଁଅରବାଇଙ୍କୁ ବିଶେଷ ପ୍ରସନ୍ନତା ହେଲା । ସେ ତତ୍‌କ୍ଷଣାତ୍ ଆସି ପିତାଙ୍କ ଚରଣ ତଥା ସଙ୍ଗମାନଙ୍କ ଚରଣ ବନ୍ଦନା କରି ଅପାର ଆନନ୍ଦ ଅନୁଭବ କଲେ । ଭକ୍ତରାଜ ପୁତ୍ରୀକୁ ପାଖରେ ବସାଇ ମସ୍ତକ ଆଉଁଶି କୁଶଳ ସମାଚାର ପଚାରିଲେ ।

''ପିତାଜି, କେବଳ ଶ୍ୱଶୁରଙ୍କ ଛଡ଼ା ସମସ୍ତ ପରିବାର ଏବଂ ଏହି ଗ୍ରାମର ନାଗରଜାତି ତୁମ କୀର୍ତ୍ତନ ଏବଂ ସଙ୍ଗମାନଙ୍କ ସାଥୀ ଯୋଗୁଁ ମୋତେ ଥଟ୍ଟା କରି ଯାହା ତାହା କହୁଥିଲେ । ଆଜି ସଙ୍ଗମଣ୍ଡଳୀ ସହିତ ତୁମକୁ ଦେଖି ମୋତେ ରଖେଇ ଥୋଇ ଦେବେ ନାହିଁ ।'' କୁଁଅରବାଇ ଦୁଃଖପୂର୍ଣ୍ଣ ଶବ୍ଦରେ କହିଲେ । ''ପୁତ୍ରି, ତୁ ସେମାନଙ୍କ କଥାକୁ କାନ ଦେଉଛୁ କାହିଁକି ? ତୁ କ'ଣ ଜାଣୁ ନାହିଁ – ଗଙ୍ଗା ପାପ, ଶଶୀ ତାପ, କଳ୍ପତରୁ ଦରିଦ୍ରତା ନାଶ କରନ୍ତି, କିନ୍ତୁ ଭଗବତ୍ ଭକ୍ତ ତଥା ସଙ୍ଗ ପାପ, ତାପ ତଥା ଦରିଦ୍ରତା – ଏହି ତିନିକୁ ନାଶ କରନ୍ତି । ଏପରି ସଙ୍ଗଙ୍କୁ ଛାଡ଼ି ଆତ୍ମୀୟ ତଥା ପରହିତୈଷୀ ଆଉ କିଏ ? ସଂସାରସମ୍ବନ୍ଧୀ ସବୁ ଭାଇ, ବନ୍ଧୁ, କୁଟୁମ୍ବ ସ୍ୱାର୍ଥର ସାଥୀ । ସ୍ୱାର୍ଥ ସିଦ୍ଧ ନ ହେଲେ ସମସ୍ତେ ଦୂର କରିଦିଅନ୍ତି, ଭଲରେ କଥା ପଦେ କୁହନ୍ତି ନାହିଁ କିଂବା ଦ୍ୱାରରେ ଛିଡ଼ା କରି ଦିଅନ୍ତି ନାହିଁ । 'କାରଣ ରହିତ ଯୁଗ ଯୁଗ ଉପକାରୀ, ତୁମ୍ଭେ ତୁମ୍ଭ ସେବକ ଅସୁରାରି ।' ଅର୍ଥାତ୍, 'ବିନା ସ୍ୱାର୍ଥରେ ସମସ୍ତ ସଂସାରରେ ଯୁଗେ ଯୁଗେ ହେ ଅସୁରାରି ଭଗବାନ୍, ତୁମେ ତଥା ତୁମ ସେବକ, ସଙ୍ଗ, ଭକ୍ତ ଅନ୍ୟର ହିତକର ।' ଏହି କାରଣରୁ ସ୍ୱାର୍ଥୀ ପରିବାର, ଜାତିଭାଇଙ୍କ ସଙ୍ଗ ଛାଡ଼ି ସାଧୁସଙ୍ଗଙ୍କ ସଙ୍ଗ କରୁଅଛି ।

ପିତାଙ୍କ ଉତ୍ତରରେ ଝିଅ କହିଲେ, ''ଆଚ୍ଛା, ପିତାଜି, ସାଧୁସନ୍ଥଙ୍କ ସଙ୍ଗ କରିବା ଠିକ୍, କିନ୍ତୁ ମୋ ଶାଶୂ ଏବଂ ନଣନ୍ଦର ମୋ ପ୍ରତି ଯେପରି ତିରସ୍କାରପୂର୍ଣ୍ଣ ବ୍ୟବହାର ତୁମେ ଜାଣିଥିବ । ଏଥରକ କୁଟୁମ୍ବ ପରିବାରକୁ ଯଥୋଚିତ ବସ୍ତ୍ର ତଥା ଅନ୍ୟାନ୍ୟ ଉପହାର ବସ୍ତୁ ନ ଦେଲେ ମୋର ରକ୍ଷା ନାହିଁ । ତୁମେ କ'ଣ ସବୁ ଆଣିଛ ମୋତେ ଦେଖାଅ ।'' କୁଁଅରବାଈ ଏହା କହି ଚୁପ୍ ହୋଇଗଲେ ।

''ପୁତ୍ରି, ତୁ କ'ଣ ଜାଣୁ ନାହିଁ, ତୋ ପିତା ଦରିଦ୍ର, ବସ୍ତ୍ର, ଉପହାରାଦି ବସ୍ତୁ ଆଣିବ କେଉଁଠୁ ?'' ପିତାଙ୍କର ଏହି ଉତ୍ତର ଶୁଣିବା ମାତ୍ରେ କୁଁଅରବାଈ ହତାଶ ହୋଇପଡ଼ିଲେ ଏବଂ ତାଙ୍କର ଦୁଇ ନେତ୍ରରୁ ଅଶ୍ରୁ ବର୍ଷା ହେବାକୁ ଲାଗିଲା । ''ତୁ କାନ୍ଦୁଛୁ କାହିଁକି ? ତୋ ପିତା ଦରିଦ୍ର, କିନ୍ତୁ ପିତାର ମାଲିକ ବିଶ୍ୱମ୍ଭର । ମୋ ଭାଇଭାଉଜ ମୋତେ ଘରୁ ବାହାର କରିଦେବା, ଶ୍ୟାମଳ ଦାସର ବିବାହ, ତୋର ପୁଆଣୀ ସମୟରେ ତୁ କ'ଣ ମୋ ପ୍ରଭୁଙ୍କ କୃପା ଦେଖି ନ ଥିଲୁ ? ଫେର୍ ଏତେ ଅଧୈର୍ଯ୍ୟ ହେଉଛୁ କାହିଁକି ? ମୋ ପ୍ରଭୁ ତୋର ସମସ୍ତ ମନସ୍କାମ ପୂର୍ଣ୍ଣ କରିବେ ।'' ପିତାଙ୍କଠାରୁ ଏହା ଶୁଣି କୁଁଅରବାଈଙ୍କୁ ସାନ୍ତ୍ୱନା ମିଳିଲା । ସେ ଭଗବାନଙ୍କ କୃପା ସ୍ମରଣ କରି କୃତଜ୍ଞତାପୂର୍ଣ୍ଣ ବାକ୍ୟରେ କହିଲେ, ''ପିତାଜି, ତୁମ କଥା ସର୍ବଦା ସତ୍ୟ, ମୁଁ ଭଗବାନଙ୍କ କୃପା ସ୍ୱଚକ୍ଷୁରେ ଦେଖିଛି । କିନ୍ତୁ ପିତାଜି, ମୁଁ ସଂସାର ମୋହରେ ପଡ଼ି ଭଗବାନଙ୍କ କୃପାକୁ ଭୁଲିଯିବାରୁ ଅଧୈର୍ଯ୍ୟ ହୋଇପଡୁଛି । ତୁମେ ଭଗବାନଙ୍କୁ ପ୍ରାର୍ଥନା କର, ଆଉ ଯେପରି ତାଙ୍କ କୃପାକୁ ମୁଁ ନ ଭୁଲେ ।'' ଏହା କହି ପିତାଙ୍କୁ ତଥା ସନ୍ଥମଣ୍ଡଳୀକୁ ପୁନରାୟ ପ୍ରଣାମ କରି କୁଁଅରବାଈ ଗୃହକୁ ଫେରିଆସିଲେ ।

ମାଘ ଶୁକ୍ଳପକ୍ଷ ସପ୍ତମୀକୁ ସୀମନ୍ତ ତିଥି ନିର୍ଦ୍ଧାରିତ ଥିଲା । ସେ ସମୟରେ ସବୁ ସ୍ଥାନରେ ସ୍ୱାଭାବିକ ରୂପେ ଶୀତ ପଡ଼େ । କିନ୍ତୁ ଓଡ଼ିଶା ତୁଳନାରେ ଗୁଜରାଟରେ ବହୁତ ଅଧିକ ଶୀତ ପଡ଼େ । ସେ ସକାଶେ ଗରମ ଜଳରେ ସ୍ନାନ କରିବା ଛଡ଼ା ଅନ୍ୟ ଉପାୟ ନ ଥାଏ । ସୀମନ୍ତର ପୂର୍ବଦିନ ଜଳଖିଆ ପଙ୍ଗତରେ ସମସ୍ତେ ସମ୍ମିଳିତ ହେବା ପୂର୍ବରୁ ସ୍ନାନ କରିବା ଉଚିତ । ସେହି ସକାଶେ ସମସ୍ତଙ୍କ ରହିବା ସ୍ଥାନରେ ଗରମ ଜଳର ବ୍ୟବସ୍ଥା କରା ହୋଇଥିଲା । କୁଁଅରବାଈଙ୍କ ଶାଶୂ ଜାଣିଶୁଣି ସ୍ପର୍ଶ କରିବା ମାତ୍ରେ ହାତରେ ଫୋଟକା ହୋଇଯିବ, ଏହିପରି ଗରମ ଜଳ ନରସିଂହରାମଙ୍କ ସ୍ନାନ ସକାଶେ ପଠାଇଦେଲେ । ଜଳ ଅତ୍ୟଧିକ ଗରମ ହୋଇଥିବାରୁ କିଛି ଥଣ୍ଡା ଜଳ ଭକ୍ତରାଜ ମାଗିଲେ । କୁଁଅରବାଈଙ୍କ ଶାଶୂ ଥଟ୍ଟାରେ କହିଲେ, ''ତୁମେ ତ ଭକ୍ତରାଜ, ତୁମ ସକାଶେ ଅସାଧ୍ୟ କ'ଣ ? ତୁମର ଭକ୍ତି ପ୍ରଭାବରେ ଥଣ୍ଡା ଜଳ ଆକାଶରୁ ଗଳିପଡ଼ିବ । ଅନ୍ୟଠାରୁ ଜଳ ମାଗିବାର ଆବଶ୍ୟକତା କ'ଣ ? ଏହି ବାକ୍ୟକୁ ଉପସ୍ଥିତ ସମସ୍ତ ବ୍ୟକ୍ତି ପରିହାସରେ ସମର୍ଥନ କଲେ । ଏକଥା ଶୁଣି ଭକ୍ତରାଜ ତୁମ୍ବୁରା ନେଇ ମେଘମହ୍ଲାର ରାଗ ଗାନ କଲେ । ଚାହୁଁ ଚାହୁଁ ନିର୍ମଳ ଆକାଶରେ କଳାମେଘ ଘୋଟି ଆସିଲା ଏବଂ ମୁଷଳଧାରାରେ ବର୍ଷା ହେଲା । ଭକ୍ତରାଜଙ୍କ ଗରମ ଜଳ ଥଣ୍ଡା ହୋଇଗଲା । ସେ ପ୍ରସନ୍ନତାପୂର୍ବକ ସ୍ନାନ କଲେ । ବର୍ଷା ବନ୍ଦ ହେଲା, ସମସ୍ତ ଆଗନ୍ତୁକ ବ୍ୟକ୍ତିଙ୍କ ସହିତ ଭକ୍ତରାଜ ଜଳଖିଆ ପଙ୍ଗତରେ ସମ୍ମିଳିତ ହେଲେ ।

କୁଁଅରବାଈଙ୍କ ସୀମନ୍ତ ମାଘ ଶୁକ୍ଳପକ୍ଷ ସପ୍ତମୀ ତିଥି ଥିଲା । ସୀମନ୍ତ ମୁହୂର୍ତ୍ତ ପୂର୍ବରୁ ପୂଜନ ସ୍ଥାନରେ ବ୍ରାହ୍ମଣମଣ୍ଡଳୀ ଉପସ୍ଥିତ ହେଲେ । ପୂଜନ ଆରମ୍ଭ ହେଲା । ବ୍ରାହ୍ମଣମାନେ ମନ୍ତ୍ର ଉଚ୍ଚାରଣପୂର୍ବକ ବିଧିବିଧାନରେ ପୂଜନ ଆରମ୍ଭ କଲେ । ପୂଜନ ଶେଷରେ କୁଁଅରବାଈଙ୍କ ପିତା ଭକ୍ତରାଜଙ୍କ ଦ୍ୱାରା ବସ୍ତ୍ର ପ୍ରଦାନ ହେବାର ସମୟ ଆସିଗଲା । ଭକ୍ତରାଜ ଭଜନରେ ମସ୍ତ ଥାଆନ୍ତି । ସେହି ସମୟରେ କେତେଜଣ ବ୍ୟକ୍ତି ଗୋଟିଏ ଗାଡ଼ିରେ ଲୁଗାପଟା ତଥା ବହୁ ଜିନିଷପତ୍ର ନେଇ ଭକ୍ତରାଜଙ୍କ ରହିବା ସ୍ଥାନରେ ପହଞ୍ଚିଲେ । ଭକ୍ତରାଜ ଭଗବାନଙ୍କୁ ଚିହ୍ନି ରହିବା ସ୍ଥାନରେ ପହଞ୍ଚିଲେ । ଭକ୍ତରାଜ ଭଗବାନଙ୍କୁ ଚିହ୍ନି ତାଙ୍କ ଚରଣରେ ପଡ଼ିଗଲେ । ସେ ପ୍ରଥମରେ ପୁତ୍ରୀ କୁଁଅରବାଈଙ୍କୁ ବସ୍ତ୍ର ସହିତ ସୁବର୍ଣ୍ଣ ଆଭୂଷଣ ଦେଲେ ଏବଂ ତାଙ୍କର ସମସ୍ତ ପରିବାରବର୍ଗଙ୍କୁ ବସ୍ତ୍ର ପ୍ରଦାନ କରିବା ପରେ ଗ୍ରାମର ତଥା ଅନ୍ୟ ସ୍ଥାନରୁ ଆସିଥିବା ସମସ୍ତ ବ୍ୟକ୍ତିଙ୍କୁ ବସ୍ତ୍ର ଉପହାର ଦେଲେ । କୁବେର ଭଣ୍ଡାର ସଦୃଶ ଲୁଗା ଖାଲି ହେଉ ନ ଥିଲା । କେହି ଜଣେ ବି ବିମୁଖରେ ଫେରି ନ ଥିଲେ । ଏହି ଘଟଣାରେ କୁଁଅରବାଈଙ୍କ ଶାଶୂ, ନଣନ୍ଦ ତଥା ଉପହାସ କରୁଥିବା ଅନ୍ୟାନ୍ୟ ବ୍ୟକ୍ତି ବିଶେଷଭାବେ ଲଜ୍ଜିତ ହେଲେ ।

ଉତ୍ସବ କୁଶଳରେ ସମାପ୍ତ ହେଲା । ଭକ୍ତରାଜ ସମଦୀ, ସମଦଣୀ ତଥା ପୁତ୍ରୀଠାରୁ ବିଦାୟ ନେଇ ସାଧୁମଣ୍ଡଳୀ ସହିତ କୀର୍ତ୍ତନ କରି ଜୁନାଗଡ଼ ଫେରି ଆସିଲେ ।

ପ୍ରଖ୍ୟାତ ଏବଂ ଦ୍ୱେଷ

ଭଗବାନଙ୍କ ସଂସାର ଯେପରି ବିଚିତ୍ର ତାଙ୍କ ଭକ୍ତ ମଧ୍ୟ ସେହିପରି ସ୍ୱତନ୍ତ୍ର । ଭଗବାନ୍ ଏକ ହେବା ସତ୍ତ୍ୱେ ତାଙ୍କ ପ୍ରାପ୍ତି-ମାର୍ଗ ବିଭିନ୍ନ । ଦୁଇଟି ଭକ୍ତଙ୍କର ସାଧନ-ପ୍ରଣାଳୀ ଏକ ସଦୃଶ ହୁଏ ନାହିଁ । କିନ୍ତୁ ଭକ୍ତରାଜ ନରସିଂହରାମଙ୍କ ଜୀବନ ଏକେବାରେ ଆଶ୍ଚର୍ଯ୍ୟରେ ପୂର୍ଣ୍ଣ । ଏହି କାରଣରୁ ବିଭିନ୍ନ ଭାଷାରେ ତାଙ୍କ ଜୀବନ ଚରିତର ପ୍ରକାଶଭଙ୍ଗୀ ତଥା ପ୍ରଣାଳୀ ମଧ୍ୟ ଭିନ୍ନ । କିନ୍ତୁ ମୂଳଗତ ସତ୍ୟ ବା ତଥ୍ୟରେ ରହିଛି ସମନ୍ୱୟ । ତାଙ୍କ ଜୀବନର ଆରମ୍ଭରୁ, ବିଶେଷତଃ ଭାଇଙ୍କଠାରୁ ପୃଥକ୍ ହେବା ଦିନୁ, ଭଗବାନଙ୍କ କୃପାରୁ ଅସାଧାରଣ, ଅଲୌକିକ ତଥା ଚମତ୍କାର ଘଟଣାସବୁ ଘଟିବା ଯୋଗୁଁ ତାଙ୍କର ପ୍ରଖ୍ୟାତି ଯେପରି ହୋଇଛି, ତାଙ୍କୁ ବିରୋଧ ମଧ୍ୟ ସେହିପରି କରାହୋଇଛି । ଏହି ଦୁଇଟି ବିଷୟ ବରାବର ସମାନଭାବେ ଚାଲିଆସିଛି ।

ଭକ୍ତରାଜଙ୍କ ପୁତ୍ରୀଙ୍କ ସୀମନ୍ତ ଉତ୍ସବରେ ଭଗବାନଙ୍କ ଅଲୌକିକ କୃପାର ପ୍ରଭାବ ଜନମୁଖରେ ପ୍ରସାରିତ ହେବାରୁ ପୂର୍ବାପେକ୍ଷା ବହୁ ଲୋକଙ୍କର ତାଙ୍କ ପ୍ରତି ଅତ୍ୟନ୍ତ ଶ୍ରଦ୍ଧାଭକ୍ତି ଉତ୍ପନ୍ନ ହେଲା । ଦୂରଦୂରାନ୍ତରୁ ତାଙ୍କ ଦର୍ଶନକୁ ଭକ୍ତ, ସନ୍ଥମାନେ ଆସିଲେ । ସତ୍‌ସଙ୍ଗ ଓ ଭଗବତ୍ କୀର୍ତ୍ତନ ପୂର୍ବାପେକ୍ଷା ବୃଦ୍ଧି ହେଲା । ସନ୍ଥମାନଙ୍କ ସେବାକାର୍ଯ୍ୟ ମଧ୍ୟ ବୃଦ୍ଧି ପାଇବାକୁ ଲାଗିଲା । ଯଦ୍ୟପି ତାଙ୍କ ପାଖରେ କେବେ ବି ଧନ ଠୁଳ ହେଉ ନ ଥିଲା ତଥାପି ସନ୍ଥମାନଙ୍କ ସେବାରେ କୌଣସି ପ୍ରକାର ତ୍ରୁଟି ହେଉ ନ ଥିଲା । ଭଗବାନଙ୍କ କୃପାରୁ ଆବଶ୍ୟକ ଅର୍ଥ ଆସିଯାଉଥିଲା । ଏହିସବୁ ଘଟଣା ଦେଖି ଭକ୍ତରାଜଙ୍କ ସରଳ ତଥା ଦୟାଳୁ ସ୍ୱଭାବ ଯୋଗୁଁ ଅଭାବଗ୍ରସ୍ତ ବ୍ୟକ୍ତିଗଣ ସେମାନଙ୍କ ଆବଶ୍ୟକ ପୂରା କରିବା ସକାଶେ କେବେ କେବେ ଭକ୍ତରାଜଙ୍କ ପାଖକୁ ଆସି ଧନ ଚାହୁଁଥିଲେ । ଦିନେ ଜଣେ ବୃଦ୍ଧ ବ୍ରାହ୍ମଣ ଭକ୍ତରାଜଙ୍କ ପାଖକୁ ଆସି ଅତି କରୁଣ ସ୍ୱରରେ କହିଲେ, ''ଭକ୍ତରାଜ, ମୋର ଗୋଟିଏ ମାତ୍ର କନ୍ୟା ବିବାହଯୋଗ୍ୟା ହୋଇଗଲାଣି, ପାଖରେ ଅର୍ଥ ନାହିଁ, ଦୟାକରି ମୋତେ ଷାଠିଏ ଟଙ୍କା ଦିଅନ୍ତୁ, ମୁଁ କନ୍ୟାଦାନ କରି ଚିନ୍ତାରୁ ମୁକ୍ତ ହେବି ।'' ଭକ୍ତରାଜ କହିଲେ, ''ଭାଇ, ମୋ ପାଖରେ ତ ଅର୍ଥ ନାହିଁ, ମୁଁ ଯାଉଛି, ଯଦି ଷାଠିଏ ଟଙ୍କା ଉଧାର କେଉଁଠୁ ମିଳିଯାଏ, ତେବେ ମୁଁ ତୁମକୁ ତାହା ଦେଇଦେବି ।'' ଏହା କହି ଭକ୍ତରାଜ ଭକ୍ତ ଧରଣୀଧରଙ୍କ ପାଖକୁ ଯାଇ ଷାଠିଏ ଟଙ୍କା ଉଧାର ମାଗିଲେ । ସେ ଭକ୍ତରାଜଙ୍କୁ ଅବିଶ୍ୱାସ କରୁ ନ ଥିଲେ କିନ୍ତୁ ଯଥାର୍ଥ ପ୍ରଣାଳୀରେ ବ୍ୟବହାର କରିବା ତାଙ୍କ ନୀତି ଥିଲା । ସେ ସ୍ପଷ୍ଟ ଶବ୍ଦରେ କହିଲେ, ''ଭକ୍ତରାଜ, ମୁଁ ଆପଣଙ୍କୁ ଷାଠିଏ ଟଙ୍କା ଦେଉଛି, କିନ୍ତୁ କୌଣସି ଜିନିଷ ବନ୍ଧକ ରଖି ନେଇପାରନ୍ତି ।'' ଭକ୍ତରାଜ କିଛି ସମୟ ନୀରବ ହୋଇ ବିଚାର କରି କହିଲେ, ''ଭାଇ, ମୋ ପାଖରେ ବନ୍ଧକ ଦେବା ସକାଶେ ସୁନାରୁପା ନାହିଁ । ତୁମେ ଯଦି ବିଶ୍ୱାସ କର ତେବେ ମୋର ଅତ୍ୟନ୍ତ ପ୍ରିୟ କେଦାରରାଗ ମୁଁ ତୁମ ପାଖରେ ବନ୍ଧକ ରଖିପାରେ । ଯେଉଁ କେଦାରରାଗ ମୋର ଅତ୍ୟନ୍ତ ପ୍ରିୟ ଏବଂ ଯେଉଁ ରାଗ ଗାଇଲେ ଭଗବାନ୍ ଦର୍ଶନ ଦିଅନ୍ତି ।'' ଏଥିରେ ଧରଣୀଧର ରାଜି ହୋଇଗଲେ । ''ଧରଣୀଧରଙ୍କଠାରୁ ନେଇଥିବା ଋଣ ଷାଠିଏ ଟଙ୍କା ପରିଶୋଧ ନ କରିବା ପର୍ଯ୍ୟନ୍ତ ମୁଁ କେଦାରରାଗ ଗାଇବି ନାହିଁ ।''– ଏହା ଲେଖି ଭକ୍ତରାଜ ଦସ୍ତଖତ କରି ଧରଣୀଧରଙ୍କୁ ଦେଇଦେଲେ ଏବଂ ଷାଠିଏ ଟଙ୍କା କରଜ ଆଣି ବ୍ରାହ୍ମଣଙ୍କୁ ଦେଇ ବିଦା କରିଦେଲେ ।

ପାଠକମାନଙ୍କର ସ୍ମରଣ ଥିବ ଭକ୍ତରାଜଙ୍କ ପୁତ୍ରବଧୂ ଯୁଠୀବାଇ ବାଲ୍ୟାବସ୍ଥାରୁ ବିଧବା ହୋଇ ପିତୃଗୃହରେ ଥିଲେ । ସେ ସେହିଠାରେ ରହି ଶ୍ୱଶୁର ଭକ୍ତରାଜଙ୍କ ଭକ୍ତିର ପ୍ରଭାବ ଶୁଣି ମନେ ମନେ ଖୁସୀ ହେଉଥିଲେ ଏବଂ ଭଗବତ୍ ଭକ୍ତି ପ୍ରତି ତାଙ୍କ ମନ କ୍ରମଶଃ ଆକୃଷ୍ଟ ହେଉଥିଲା । ତାଙ୍କୁ ପ୍ରୌଢ଼ାବସ୍ଥା ପ୍ରାପ୍ତ ହେବା ପରେ ସେ ପିତୃଗୃହର ସାଂସାରିକ ଐଶ୍ୱର୍ଯ୍ୟ, ଅୟସଆରାମ, ଭୋଗବିଳାସ ପରିତ୍ୟାଗ କରି ଶ୍ୱଶୁର ଭକ୍ତରାଜ ନରସିଂହରାମଙ୍କ ଗୃହକୁ ଆସିଗଲେ ।

ପିତାଗୃହରେ କାମଦାମ ନ କରି ଅୟସଆରାମରେ ରହିବା ସତ୍ତ୍ୱେ ସେ ଅଶାନ୍ତ ଅନୁଭବ କରୁଥିଲେ । କିନ୍ତୁ ଏଠାରେ କେବଳ ରାତ୍ରିରେ ଅଳ୍ପ କେଇ ଘଣ୍ଟା ବିଶ୍ରାମ କରିବା ଛଡ଼ା ସବୁ ସମୟରେ ଭଗବାନ୍ ତଥା ଭକ୍ତସଙ୍ଗଙ୍କ ସକାଶେ ରୋଷେଇ କରୁଥିଲେ, ବାସନ ମାଜୁଥିଲେ, ଘରର ଯାବତୀୟ କାର୍ଯ୍ୟ ଭଗବତ୍ ସେବା ଭାବରେ କରି ଭଗବାନଙ୍କୁ ସମର୍ପଣ କରୁଥିଲେ ଏବଂ ଭଗବତ୍ ନାମଜପ କୀର୍ତ୍ତନରେ ଅପାର ଆନନ୍ଦ ଅନୁଭବ କରୁଥିଲେ । ଭକ୍ତରାଜଙ୍କ ପୁତ୍ରୀ ମଧ୍ୟ ପତିଗୃହରୁ ପିତାଗୃହକୁ ଆସି ଭଗବତ୍ ଭକ୍ତି ତଥା କୀର୍ତ୍ତନ ଆନନ୍ଦରେ ଜୀବନ ଅତିବାହିତ କଲେ । ଭକ୍ତରାଜଙ୍କ କୀର୍ତ୍ତନରେ ନରନାରୀଙ୍କ ଭେଦ ନ ଥିଲା । ସେ ସଚ୍ଚଭକ୍ତଙ୍କ ପ୍ରତି ଅତ୍ୟନ୍ତ ଉଚ୍ଚଭାବ ପୋଷଣ କରୁଥିଲେ । ତାଙ୍କ ଭକ୍ତିର ପ୍ରଭାବରେ କୌଣସି ଦୋଷତ୍ରୁଟି ମଧ୍ୟ ଘଟୁ ନ ଥିଲା ।

ଭକ୍ତରାଜଙ୍କ କୀର୍ତ୍ତନରେ ତାଙ୍କ ଝିଅ ଏବଂ ବୋହୂ ଯୋଗ ଦେଉଥିଲେ । ସଚ୍ଚବେଶଧାରୀ ଭକ୍ତ ମହିଳାମାନେ ମଧ୍ୟ ଆସି ଭକ୍ତରାଜଙ୍କ ସଚ୍ଚଭକ୍ତଙ୍କ କୀର୍ତ୍ତନରେ ସମ୍ମିଳିତ ହେଉଥିଲେ । କୀର୍ତ୍ତନ ସ୍ୱର ଅତ୍ୟନ୍ତ ସୁମଧୁର ହେଉଥିବାରୁ ଶୁଣିବା ବ୍ୟକ୍ତି ଆକର୍ଷିତ ନ ହୋଇ ରହିପାରୁ ନ ଥିଲେ । ଭକ୍ତରାଜଙ୍କ କୀର୍ତ୍ତନ ଶୁଣିବାକୁ ଯୁନାଗଡ଼ର ଅନେକ ମହିଳା ଓ ପୁରୁଷ ଆସୁଥିଲେ । ସେମାନେ ନିୟମିତ ଏହି କୀର୍ତ୍ତନ ଶୁଣିବା ପରେ ସେମାନଙ୍କ ହୃଦୟରେ ଭକ୍ତିସ୍ରୋତ ପ୍ରବାହିତ ହେଉଥିଲା । ସେମାନେ କୀର୍ତ୍ତନରେ ଯୋଗ ନ ଦେଇ ରହିପାରୁ ନ ଥିଲେ । ମହିଳାମାନଙ୍କ ହୃଦୟ ପୁରୁଷମାନଙ୍କ ହୃଦୟଠାରୁ ଅଧିକ ସରଳ ଏବଂ ଗ୍ରହଣଶୀଳ । ସେମାନେ ଶୀଘ୍ର ଭକ୍ତିପ୍ରଭାବକୁ ଗ୍ରହଣ କରିପାରନ୍ତି । ଭକ୍ତରାଜଙ୍କ କୀର୍ତ୍ତନର ପ୍ରଭାବ ଶୁଣି ଯୁନାଗଡ଼ର କେତେକ ମହିଳାଙ୍କ ସହିତ ନାଗରଜାତିର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ମହିଳାମାନେ ଭକ୍ତରାଜଙ୍କ କୀର୍ତ୍ତନରେ ଯୋଗ ଦେଲେ । ପୂର୍ବରୁ ନାଗରଜାତିର ମୁଖ୍ୟ ବ୍ୟକ୍ତିମାନେ ଭକ୍ତରାଜଙ୍କ ସହିତ ବିଶେଷ ବିଦ୍ୱେଷ ଭାବ ରଖୁଥିଲେ । ଯେଉଁମାନେ ଯାହା ପ୍ରତି ବିରୋଧ ଭାବ ପୋଷଣ କରନ୍ତି ତା' ଉତ୍ତମରୁ ଉତ୍ତମ କାର୍ଯ୍ୟରେ ବି ସେମାନଙ୍କୁ ଦୋଷଯୁକ୍ତ ମନେହୁଏ । ଭକ୍ତରାଜଙ୍କ ଭଗବତ୍ କୀର୍ତ୍ତନର ପବିତ୍ରତା ଯୋଗୁଁ ସେଠାକାର ବାୟୁମଣ୍ଡଳ ଏପରି ଶୁଦ୍ଧ ହୋଇଥାଏ ଯେ ସେଠାକୁ ଆସିବା ବ୍ୟକ୍ତିର ଅନ୍ତରରେ ସ୍ୱତଃସ୍ଫୂର୍ତ୍ତଭାବେ ପବିତ୍ର, ନିଷ୍କପଟ, ନିର୍ମଳ ଭକ୍ତିଭାବ ଉତ୍ପନ୍ନ ହେଉଥାଏ ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ନରନାରୀ ଭକ୍ତ ହେଉଥା'ନ୍ତି । ଏପରି ହେଉଥିବା ସତ୍ତ୍ୱେ ଭକ୍ତରାଜଙ୍କ ଶୁଦ୍ଧ ଭଗବତ୍ କୀର୍ତ୍ତନରେ ତାଙ୍କ ପ୍ରତି ବିରୋଧ ରଖିଥିବା ବ୍ୟକ୍ତିମାନେ ନୈତିକତାର ବିରୁଦ୍ଧ ବିଶୃଙ୍ଖଳା ତଥା ସ୍ୱେଚ୍ଛାଚାରିତା ଅନୁମାନ କରୁଥିଲେ । ଭକ୍ତରାଜଙ୍କ କୀର୍ତ୍ତନରେ ପ୍ରସାର ସଙ୍ଗେ ସଙ୍ଗେ ବିରୋଧୀ ବ୍ୟକ୍ତିଙ୍କ ଦ୍ୱେଷ ବି ବୃଦ୍ଧି ପାଉଥିଲା । କୁଳୀନ ଘରର ମହିଳାମାନେ ଭକ୍ତରାଜଙ୍କ କୀର୍ତ୍ତନରେ ସମ୍ମିଳିତ ହୋଇ ଚରିତ୍ରଭ୍ରଷ୍ଟ ହେଉଥିବା ନିରାଧାର ମିଥ୍ୟା ଦୋଷ ଭକ୍ତରାଜଙ୍କ ଉପରେ ଆରୋପ କରୁଥିଲେ ।

ଯୁନାଗଡ଼ର ମୁଖ୍ୟ ଏବଂ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ମଧ୍ୟରେ ଭକ୍ତରାଜଙ୍କ ମାମୁ ଅନନ୍ତରାୟ ବି ଜଣେ ଥିଲେ । ଅନ୍ୟାନ୍ୟ ମହିଳାଙ୍କ ସହିତ ତାଙ୍କ ଧର୍ମପତ୍ନୀ ମଧ୍ୟ ଭକ୍ତରାଜଙ୍କ କୀର୍ତ୍ତନରେ ଯୋଗ ଦେଉଥିଲେ । ଭକ୍ତରାଜ କୀର୍ତ୍ତନ କରି ସମାଜର ବିରୋଧାଚରଣ କରୁଥିବାର ଧାରଣା କରିବା ଯୁନାଗଡ଼ର ପ୍ରଧାନ ବ୍ୟକ୍ତିମାନଙ୍କ ମଧ୍ୟରେ ସେ ବି ଜଣେ ଥିଲେ । ସମାଜର ବିରୋଧାଚରଣକୁ ବନ୍ଦ କରି ପୁନରାୟ ସାମାଜିକତା ପ୍ରତିଷ୍ଠା କରିବା ତାଙ୍କର ଧାରଣା ଥିଲା । ସେଥିପାଇଁ ନିଜ ପତ୍ନୀଙ୍କୁ ଭକ୍ତରାଜଙ୍କ କୀର୍ତ୍ତନରେ ସମ୍ମିଳିତ ହେବାକୁ କଠୋରଭାବେ ନିଷେଧ କରିଦେଲେ । ସେଥିରେ ସଫଳ ନ ହେବାରୁ ନିଜେ ତାଙ୍କୁ ଘରେ ବାନ୍ଧିରଖି ଘରର ଦ୍ୱାର ବନ୍ଦ କରି ନିଜ ହାତରେ ଚାବି ରଖିନେଲେ ଏବଂ ଯେଉଁମାନଙ୍କ ଘରର ମହିଳାମାନେ ଭକ୍ତରାଜଙ୍କ କୀର୍ତ୍ତନରେ ଯୋଗ ଦେଉଛନ୍ତି ତାହା ଦେଖିବାକୁ ଆସିଲେ । କୀର୍ତ୍ତନ ଦେଖି ତାଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ତାଙ୍କ ସ୍ତ୍ରୀ ତନ୍ମୟ ହୋଇ କୀର୍ତ୍ତନରେ ମଗ୍ନ ହୋଇଛନ୍ତି । ଶରୀରଶୁଦ୍ଧି ପର୍ଯ୍ୟନ୍ତ ନାହିଁ । ଏହା ଦେଖିବା ମାତ୍ରେ ଘରକୁ ଯାଇ ତାଲା ଖୋଲି ଦେଖିଲେ ବନ୍ଧା ଦଉଡ଼ି ସେହିଠାରେ ପଡ଼ିଛି, କିନ୍ତୁ ଧର୍ମପତ୍ନୀ ନାହିଁ । ସେ ଏକେବାରେ ଆଶ୍ଚର୍ଯ୍ୟରେ ଡୁବିଗଲେ, ଅବାକ୍ ହୋଇ ଛିଡ଼ା ହୋଇ ରହିଲେ । ବିଚାର ସ୍ଖଳିତ ହୋଇଗଲା । କିଛି ସମୟ ପରେ ଭାବିଲେ, ''ତାଲା ବନ୍ଦ ଅଛି, ଚାବି ମୋ ପାଖରେ, ବନ୍ଦ କକ୍ଷରୁ ମୋ ଧର୍ମପତ୍ନୀ ଗଲା କିପରି ? ଯଦି ଯାଇଥା'ନ୍ତା, ରାସ୍ତାରେ ତ ମୁଁ ତାକୁ ଦେଖିପାରିଥା'ନ୍ତି । ଏବଂ ମୋ ପହଞ୍ଚିବା ପୂର୍ବରୁ ବା ସେ ପହଞ୍ଚନ୍ତା କିପରି ?'' ଏହାର ରହସ୍ୟ ସେ କିଛି ନିର୍ଣ୍ଣୟ କରି

ନ ପାରି ସାରଙ୍ଗଧରଙ୍କ ପାଖରେ ପହଞ୍ଚି ସମସ୍ତ ଘଟଣା କହିଲେ । ସାରଙ୍ଗଧର ଶୁଣି କିଛି କ୍ଷଣ ନୀରବ ରହି କହିଲେ, ''ଭାଇ, ନରସିଂହ ମେହତା ବହୁତ ବଡ଼ ଗୁଣିଆ (ଯାଦୁକର) । ସେ ଗୁଣି ବା ମନ୍ତ୍ର ଦ୍ୱାରା ଏହା କରିପାରେ । ସେ ମୋହନ ଏବଂ ବଶୀକରଣ ମନ୍ତ୍ର ପ୍ରୟୋଗ କରି ବହୁତ କୁଳୀନ ମହିଳାମାନଙ୍କୁ ନଷ୍ଟ କରୁଅଛି । ସେହି କୁଫଳ ତାକୁ ଭୋଗିବାକୁ ହେବ । ଅପେକ୍ଷା କର ।'' ଏହା କହି ଅନନ୍ତରାୟଙ୍କୁ ବିଦା କରି ଯୁନାଗଡ଼ରେ ଥିବା ଚଞ୍ଚଳା ନାମ୍ନୀ ଗୋଟିଏ ସୁନ୍ଦରୀ ବେଶ୍ୟା ଘରେ ପହଞ୍ଚିଲେ । କହିଲେ, ''ଚଞ୍ଚଳା, ତୁ ଯଦି ନରସିଂହରାମଙ୍କୁ ମୋହ ପାଶରେ ବାନ୍ଧି ପାରୁ ତେବେ ତୋତେ ବହୁତ ଟଙ୍କା ଦେବି ଏବଂ ତୋର ବହୁତ ସୁବିଧା କରାଇଦେବି ।'' ସାରଙ୍ଗଧର ରାଜ୍ୟର ବଡ଼ ଅଫିସର ଥିଲେ । ଦରବାରରେ ତାଙ୍କର ସମ୍ମାନ ଥିଲା । ତାଙ୍କ ଆଦେଶକୁ ଚଞ୍ଚଳା ଅମାନ୍ୟ ନ କରି କହିଲା, ''ଭକ୍ତରାଜ ଭଗବାନଙ୍କର ବହୁତ କୃପାପାତ୍ର । ତଥାପି ମୁଁ ଆପଣଙ୍କ ଆଜ୍ଞାନୁସାରେ ଚେଷ୍ଟା କରିବି ।'' ''ତୁ ଚେଷ୍ଟା କଲେ କ'ଣ ନ ହୋଇ ପାରିବ ?'' ଏହି କହି ସାରଙ୍ଗଧରଜି ଘରକୁ ଫେରିଆସିଲେ । ଚଞ୍ଚଳା ଉତ୍ତମ ବସ୍ତ୍ର ପରିଧାନ କରି, ଲଲାଟରେ ଚନ୍ଦନ ଲଗାଇ, ଗଳାରେ ତୁଳସୀ ମାଳା ଧାରଣ କରି ଭକ୍ତରାଜଙ୍କ କୀର୍ତ୍ତନରେ ପହଞ୍ଚିଗଲା । କୀର୍ତ୍ତନ ସମୟରେ ଭକ୍ତରାଜ ଭଗବତ୍ ଭକ୍ତିରେ ବିଭୋର ହୋଇଯାଆନ୍ତି, ତାଙ୍କର ଶରୀରଶୁଦ୍ଧି ନ ଥାଏ । କୀର୍ତ୍ତନ କରିବା ବ୍ୟକ୍ତି ଭକ୍ତିଆନନ୍ଦରେ ନିମଗ୍ନ ହୋଇଯାଆନ୍ତି । କୀର୍ତ୍ତନରେ ସମ୍ମିଳିତ ହେବା ସକାଶେ କାହାକୁ ମନା ନ ଥାଏ । ଚଞ୍ଚଳା କୀର୍ତ୍ତନ ମଣ୍ଡଳୀରେ ପ୍ରବେଶ କରି କୀର୍ତ୍ତନ କରିବା ଆରମ୍ଭ କରିଦେଲା । କୀର୍ତ୍ତନ-ଭକ୍ତିର ବାତାବରଣ ଓ ଭକ୍ତରାଜଙ୍କ ଭକ୍ତି ପ୍ରଭାବରୁ ଚଞ୍ଚଳାର ଛଳନାଭାବ ଦୂର ହୋଇଗଲା । ସେ ଭଗବତ୍ ଭକ୍ତିରେ ମଗ୍ନ ହୋଇ ଆନ୍ତରିକତା ସହ କୀର୍ତ୍ତନ କରିବାକୁ ଲାଗିଲା । ମନୁଷ୍ୟ ମଧ୍ୟରେ ସମସ୍ତ ଶକ୍ତି ସୁପ୍ତ ଥାଏ । କାରଣ ମନୁଷ୍ୟ ମଧ୍ୟସ୍ଥ ଆତ୍ମା ଭଗବତ୍ ତତ୍ତ୍ୱ । ସେ ଦିବ୍ୟଗୁଣର ସ୍ୱରୂପ । ଭଗବତ୍ କୃପା କିଂବା ଭଗବାନଙ୍କ ଅନନ୍ୟ ଭକ୍ତଙ୍କ କୃପାରୁ ଅତ୍ୟନ୍ତ କ୍ରୂର, ଅତ୍ୟନ୍ତ ପାପୀ, ଅତ୍ୟନ୍ତ ଦୁରାଚାରୀ ବ୍ୟକ୍ତିର ହୃଦୟସ୍ଥ ଅନ୍ତରାତ୍ମା ଜାଗ୍ରତ୍ ହୋଇ ଲୁହାକୁ ସୁନାରେ ପରିଣତ କରିବା ସଦୃଶ ତାଙ୍କୁ ପରମ ସାଧୁରେ ପରିଣତ କରିଦିଏ । ଠିକ୍ ଏହିପରି ଘଟିଲା ଚଞ୍ଚଳା ବେଶ୍ୟାର ଜୀବନରେ । ସେ ସାରଙ୍ଗଧରଙ୍କ ପ୍ରେରଣାରେ ତାଙ୍କଠାରୁ କିଛି ଅର୍ଥ ପାଇବା ଆଶାରେ ଭକ୍ତରାଜଙ୍କୁ ବିପଥକୁ ଟାଣିନେବାକୁ ଛଳନା କରି ଆସିଥିଲା । କିନ୍ତୁ ଭଗବାନଙ୍କ କୃପାରୁ ଭକ୍ତରାଜଙ୍କ ଭକ୍ତିର ପ୍ରଭାବରେ ସେ ଭକ୍ତରାଜଙ୍କୁ ବିପଥଗାମୀ କରାଇବା ପରିବର୍ତ୍ତେ ତାଙ୍କରି ଭଗବତ୍ ଭକ୍ତିମାର୍ଗରେ ଅପ୍ରତ୍ୟାଶିତ ରୂପେ ଅନିଚ୍ଛାରେ ଟାଣି ହୋଇଗଲା । ସେ ଭକ୍ତି-ପ୍ରଭାବରେ ଏକେବାରେ ନିମଗ୍ନ । ଶରୀରଶୁଦ୍ଧି ରହିଲା ନାହିଁ । ଭଗବତ୍ ପ୍ରେମରେ ଦୁଇ ନେତ୍ରରୁ ଅଶ୍ରୁ ପ୍ରବାହିତ ହେବାକୁ ଲାଗିଲା । ସ୍ୱେଦ, କମ୍ପ, ରୋମାଞ୍ଚ, ମୂର୍ଚ୍ଛା ଆଦି ଭଗବତ୍ ଭକ୍ତିର ଅଷ୍ଟ ସାତ୍ତ୍ୱିକ ଭାବ ତା ଶରୀରରେ ପ୍ରଘଟ ହେଲା । ତା' ଏହି ଅବସ୍ଥାରେ କୀର୍ତ୍ତନ ସମାପ୍ତ ହେଲା । ସେ ସଚେତ ହେବା ପରେ ତା' ଜୀବନର ଘୃଣ୍ୟ କାର୍ଯ୍ୟ ତଥା ଭକ୍ତରାଜଙ୍କୁ ଛଳନା କରିବାକୁ ଆସିଥିବା ଯୋଗୁଁ ତାକୁ ବହୁତ ପଶ୍ଚାତ୍ତାପ ହେଲା । ଭକ୍ତରାଜଙ୍କ ପ୍ରତି କୃତଜ୍ଞତାରେ ତା' ହୃଦୟ ବିଦୀର୍ଣ୍ଣ ହୋଇଗଲା । ସେ ଭକ୍ତରାଜଙ୍କ ଚରଣ ଧରି ଉଚ୍ଚ ସ୍ୱରରେ ରୋଦନ କରିବାକୁ ଲାଗିଲା । ଭକ୍ତରାଜଙ୍କଠାରୁ ସାନ୍ତ୍ୱନା ତଥା ଆଶ୍ୱାସନା ବାଣୀ ଶୁଣି ହାତଯୋଡ଼ି ନିଜର ପରିଚୟ ଦେଲା ତଥା ଭକ୍ତରାଜଙ୍କୁ ଛଳନା କରିବାକୁ ଆସିଥିବା ଦୋଷ କ୍ଷମା ଚାହିବା ସଙ୍ଗେ ସଙ୍ଗେ ସେହିଦିନଠାରୁ ଘୃଣ୍ୟ ବେଶ୍ୟାବୃତ୍ତି ଛାଡ଼ି ଭଗବତ୍ ଆଶ୍ରିତା ହେବା ସକାଶେ ଭକ୍ତରାଜଙ୍କଠାରୁ ଦୀକ୍ଷା ପାଇବା ତଥା ପ୍ରତିଦିନ ତାଙ୍କ କୀର୍ତ୍ତନରେ ସମ୍ମିଳିତ ହେବା ସକାଶେ ପ୍ରାର୍ଥନା କଲା । ଭକ୍ତରାଜ ତା' ନିଷ୍କପଟ ପ୍ରାର୍ଥନା ସ୍ୱୀକାର କରି ଭଗବତ୍ ନାମ ଉପଦେଶ ଦେଲେ ଏବଂ ତାଙ୍କ କୀର୍ତ୍ତନରେ ସମ୍ମିଳିତ ହେବା ସକାଶେ ଅନୁମତି ଦେଇଦେଲେ ।

ଚଞ୍ଚଳା ଘରକୁ ଯାଇ ସେଇଦିନଠାରୁ ବେଶ୍ୟାବୃତ୍ତି ପରିତ୍ୟାଗ କରି କେଶ କାଟି ଲଣ୍ଠା ହୋଇପଡ଼ିଲା । ଅଳଙ୍କାର ତଥା ବହୁମୂଲ୍ୟ ବସ୍ତ୍ର ଛାଡ଼ି ସାଧାରଣ ବସ୍ତ୍ର ଧାରଣ କଲା ଏବଂ ଗଳାରେ ତୁଳସୀ ମାଳା, ଲଲାଟରେ ଊର୍ଦ୍ଧ୍ୱପୁଣ୍ଡ୍ର ତିଳକରେ ସୁଶୋଭିତ ହୋଇ ନିରନ୍ତର ଭଗବତ୍ ନାମଜପ କରିବାକୁ ଲାଗିଲା । ସାରଙ୍ଗଧରଜି ଚଞ୍ଚଳାର ଘରକୁ ଆସି ତା' ନୂତନ ବୈଷ୍ଣବ ବେଶ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ତଥା ଚଞ୍ଚଳାଠାରୁ ସମସ୍ତ ସତ୍ୟ କଥା ଶୁଣି ସେ ବିଶ୍ୱାସ ନ କରି ତା' ବିପରୀତ ଅର୍ଥ କଲେ ।

ଯେଉଁମାନେ ଅତ୍ୟନ୍ତ ଈର୍ଷା ତଥା ପରଶ୍ରୀକାତରତା ଆଦି ଦୁର୍ଗୁଣଯୁକ୍ତ, ଅହଂ, ସ୍ୱାର୍ଥପରାୟଣ, ଦମ୍ଭୀ, ଅଜ୍ଞାନୀ ପ୍ରାଣୀ, ସେମାନେ ଉତ୍ତମ ଓ ପବିତ୍ର କାର୍ଯ୍ୟରେ ବି ମନ୍ଦ ଅନୁମାନ କରନ୍ତି । ସାରଙ୍ଗଧରଜି ସେଇ ଶ୍ରେଣୀର ବ୍ୟକ୍ତି ଥିଲେ । ତାଙ୍କ ବୁଦ୍ଧି ମଳିନ ହୋଇ ଯାଇଥିଲା । ନିଜ ଦୁର୍ଗୁଣତା ଯୋଗୁଁ ସେ ଭକ୍ତରାଜଙ୍କ ଉତ୍ତମ ଗୁଣରେହିଁ ଦୋଷ ଦେଖୁଥିଲେ । ସେ ନିଜେ ସ୍ଥିର କରିନେଲେ ଏବଂ ନିଜ ସାଙ୍ଗସାଥୀଙ୍କୁ ବୁଝେଇ ଦେଲେ, ''ନରସିଂହରାମ ତନ୍ତ୍ରବିଦ୍ୟା, ବଶୀକରଣ, ମୋହନ ଦ୍ୱାରା ଚଞ୍ଚଳା ବେଶ୍ୟାକୁ ନିଜ ବଶ କରିନେଇଥିବାରୁ ସେ ବେଶ୍ୟାବୃତ୍ତି ଛାଡ଼ି କପଟତାରେ ସାଧୁ ବେଶ ଧାରଣ କରି ନରସିଂହରାମଙ୍କ ସହିତ ଖରାପ ସମ୍ପର୍କ ରଖିଛି ଏବଂ କୀର୍ତ୍ତନରେ ଯୋଗ ଦେଉଛି ।'' ସାରଙ୍ଗଧରଜିଙ୍କ ଏଇ ଯୁକ୍ତିକୁ ଭକ୍ତରାଜଙ୍କ ପ୍ରତି ଈର୍ଷା କରୁଥିବା, ତାଙ୍କ ପ୍ରତି ଦ୍ୱେଷ ରଖୁଥିବା ବ୍ୟକ୍ତିମାନେ ବିଶ୍ୱାସ କରିନେଲେ ଏବଂ ଏହିପରି ବ୍ୟଭିଚାର ସମାଜର ଅଧିକ କ୍ଷତି କରିବାର ସମ୍ପୂର୍ଣ୍ଣ ଭ୍ରମ ଧାରଣାକୁ ପୋଷଣ କଲେ ।

ଏହି ନିରାଧାର ଭ୍ରାନ୍ତ ଧାରଣାରୁ ଭକ୍ତରାଜଙ୍କ ଜ୍ୟେଷ୍ଠ ଭ୍ରାତା ବଂଶୀଧର ଏବଂ ମାମା ଅନନ୍ତରାୟ ବି ବାଦ୍ ଗଲେ ନାହିଁ । ଯେଉଁ ଦୁଷ୍ଟ ବ୍ୟକ୍ତିମାନେ ବିନା କାରଣରେ ନିରପରାଧୀ ଭକ୍ତମାନଙ୍କ ପ୍ରତି ଦ୍ୱେଷ ରଖନ୍ତି, ସେମାନଙ୍କର ଅନିଷ୍ଟ କରିବାକୁ ଚେଷ୍ଟା କରନ୍ତି, ନିରାଧାର ମିଥ୍ୟା ଦୋଷ ତାଙ୍କ ଉପରେ ଆରୋପ କରନ୍ତି, ସେମାନଙ୍କୁ ସେମାନଙ୍କ ଦୁଷ୍କର୍ମର ଫଳ ଭୋଗିବାକୁ ପଡ଼େ । କିନ୍ତୁ ସେମାନେ ଅତ୍ୟନ୍ତ ଅଜ୍ଞାନ, ମୋହରେ ମୋହିତ ହୋଇଥିବାରୁ ସେମାନଙ୍କ ଦୁଷ୍କର୍ମର ଫଳ ଭୋଗୁଥିବା ସତ୍ତ୍ୱେ ସେ ସମ୍ବନ୍ଧେ ସଚେତ ହୁଅନ୍ତି ନାହିଁ; ବାରଂବାର ସେହିପରି ଅପରାଧ କରୁଥାଆନ୍ତି ଏବଂ ପରିଣାମସ୍ୱରୂପ ଦୁଃଖକଷ୍ଟ ମଧ୍ୟ ଭୋଗୁଥାଆନ୍ତି । ସାରଙ୍ଗଧରଙ୍କୁ ବି ଦୈବଦଣ୍ଡ ବାରଂବାର ହେଉଥିଲା, ତଥାପି ସେ ବୁଝିପାରୁ ନ ଥିଲେ କିଂବା ସଚେତ ହେଉ ନ ଥିଲେ ।

ଭକ୍ତରାଜଙ୍କ ପ୍ରତି ଦ୍ୱେଷ ରଖୁଥିବା ବ୍ୟକ୍ତିମାନଙ୍କ ଭ୍ରାନ୍ତ ଧାରଣା ତଥା ଭ୍ରମପୂର୍ଣ୍ଣ ବିଚାରରେ ଭକ୍ତରାଜ ସାମାଜିକ ନିୟମ ଭଙ୍ଗ କରୁଥିବାରୁ ମହାନ୍ ଅପରାଧ ତଥା ଭକ୍ତି ବାହାନାରେ ମହିଳାମାନଙ୍କ ସହିତ କୀର୍ତ୍ତନ କରି ବ୍ୟଭିଚାରକୁ ପ୍ରଶ୍ରୟ ଦେବା ଦୋଷରେ ଦଣ୍ଡିତ ହେବା ଉଚିତ । ଏହି ପ୍ରସ୍ତାବକୁ ଭକ୍ତରାଜଙ୍କ ମାମୁ ଅନନ୍ତରାୟ ଓ ଜ୍ୟେଷ୍ଠ ଭ୍ରାତା ବଂଶୀଧର ବି ମାନିନେଲେ । ତାଙ୍କୁ ଦଣ୍ଡିତ କରାଇବା ସକାଶେ ରାଜଦରବାରରେ ଏହି ବିଷୟ ଉପସ୍ଥାପିତ କରିବା ନିଶ୍ଚୟ କଲେ ।

ଭକ୍ତ ଉପରେ ବିପଦ ଆସିଲେ ଛୋଟ ଶିଶୁକୁ ମା' ରକ୍ଷା କରିବାଠାରୁ ଅନନ୍ତ ଗୁଣେ ଭଗବାନ୍ ରକ୍ଷା କରନ୍ତି । ତାହାରି ଦ୍ୱାରା ଭକ୍ତର ଭଗବାନଙ୍କ ପ୍ରତି ବିଶ୍ୱାସ, ନିର୍ଭରତା, ଧୈର୍ଯ୍ୟ, ସାହସ, ନିର୍ଭୀକତା ବୃଦ୍ଧି ହୁଏ । ଏହି କାରଣରୁ କେବେ କେବେ ବିରୋଧୀ ଶକ୍ତି ଦ୍ୱାରା ଭକ୍ତ ଉପରେ ଆସିବା ବିପଦକୁ ଭଗବାନ୍ ବନ୍ଦ କରନ୍ତି ନାହିଁ କିନ୍ତୁ ରକ୍ଷା କରନ୍ତି । ଏଥିରେ ଭକ୍ତର ସୁଯଶଃ ହୁଏ, ଭଗବାନଙ୍କ ପ୍ରତି ବିଶ୍ୱାସ ନ ଥିବା ବ୍ୟକ୍ତିଙ୍କ ବିଶ୍ୱାସ ଉତ୍ପନ୍ନ ହୁଏ ଏବଂ ଯେଉଁମାନଙ୍କର ବିଶ୍ୱାସ ଥାଏ ତାହା ଦୃଢ଼ରୁ ଦୃଢ଼ତର ହୁଏ ।

ରାଜଦରବାରରେ ବିଚାର

ଭଗବାନଙ୍କ ଲୀଳା ବିଚିତ୍ର । ଭକ୍ତ ସହିତ ତାଙ୍କର ଖେଳକୌତୁକ ଚାଲେ; ସେଥିରେ ତାଙ୍କୁ ବିଶେଷ ଆନନ୍ଦ ମିଳେ । ନରସିଂହରାମଙ୍କ ସଙ୍ଗେ ଛାୟା ସଦୃଶ ସର୍ବଦା ରହି ସେ ରକ୍ଷା କରନ୍ତି; ଯେତେବେଳେ ଯାହା ଆବଶ୍ୟକ ହୁଏ ସ୍ୱୟଂ ପ୍ରକଟ ହୋଇ ତାହା ପୂରା କରନ୍ତି । କେବେ କେବେ ଦୂରରେ ଛିଡ଼ାହୋଇ କୌତୁକ ଦେଖନ୍ତି । ସେଥିରେ ଭକ୍ତର ସୁଯଶଃ ବଢ଼େ । ସେଥିରେ ସେ ବହୁତ ଖୁସୀ ହୁଅନ୍ତି ।

ଭକ୍ତରାଜଙ୍କ ପ୍ରତି ଦ୍ୱେଷ ରଖିଥିବା ବ୍ୟକ୍ତିମାନଙ୍କର ନେତା ଥିଲେ ସାରଙ୍ଗଧର । ସେ ବରାବର ଭକ୍ତରାଜଙ୍କୁ ବିପଦରେ ପକାଇବା ସକାଶେ ନାନାପ୍ରକାର ଷଡ଼ଯନ୍ତ୍ର ତଥା କଳକୌଶଳ କରୁଥିଲେ । ତାଙ୍କର ବୁଦ୍ଧି ତୀବ୍ର ଥିଲା । ମିଥ୍ୟା ଘଟଣାକୁ ଲୋକଙ୍କ ପାଖରେ ସତ୍ୟ ପ୍ରତୀତ କରାଇବାର ବାକ୍‌ପଟୁତା ତଥା କୌଶଳରେ ସେ ପ୍ରବୀଣ ଥିଲେ । ନିଜର

ଚାତୁର୍ଯ୍ୟରେ ଭକ୍ତରାଜଙ୍କ ଭାଇ ବଂଶୀଧର ତଥା ମାମୁ ଅନନ୍ତରାୟଙ୍କୁ ବି ଭକ୍ତରାଜଙ୍କ ବିରୋଧୀ ଦଳରେ ସମ୍ମିଳିତ କରାଇ ନେଇଥିଲେ । ଏବଂ ଅନ୍ୟ ପକ୍ଷରେ ରାଜ୍ୟରେ ଉଚ୍ଚପଦସ୍ଥ ଅଫିସର ହୋଇଥିବାରୁ ରାଜମହଲରେ ତଥା ରାଜାଙ୍କ ପାଖରେ ସୁବିଧା ଦେଖି ଭକ୍ତରାଜଙ୍କ ବିରୋଧରେ ଚୁଗୁଲି କରୁଥିଲେ ।

ଭକ୍ତରାଜଙ୍କ ଭଗବତ୍ ନାମ କୀର୍ତ୍ତନରେ ଯୁନାଗଡ଼ର ପ୍ରତିଷ୍ଠିତ ଘରର ମହିଳାମାନଙ୍କ ସହିତ ଅନନ୍ତରାୟଙ୍କ ସ୍ତ୍ରୀ ଯିବା ଦିନଠାରୁ ଭକ୍ତରାଜଙ୍କ ପ୍ରତି ଦ୍ୱେଷ ରଖିଥିବା ଦଳର ଦ୍ୱେଷ ଆହୁରି ବଢ଼ିଯାଇଥିଲା । ଚଞ୍ଚଳା ବେଶ୍ୟା ଭକ୍ତରାଜଙ୍କ କୀର୍ତ୍ତନରେ ସମ୍ମିଳିତ ହେବା ଯୋଗୁଁ ସେମାନେ ଆଉ ବରଦାସ୍ତ କରିପାରିଲେ ନାହିଁ । ଏସବୁ ଘଟଣା ନେଇ ସେମାନେ ସମସ୍ତେ, ଏପରିକି ଭକ୍ତରାଜଙ୍କ ଭାଇ ବଂଶୀଧର ଓ ମାମୁ ଅନନ୍ତରାୟ ମଧ୍ୟ, ତାଙ୍କୁ ଦଣ୍ଡିତ କରାଇବା ସକାଶେ ରାଜଦରବାରରେ ଏହି ବିଷୟ ଉପସ୍ଥାପିତ କରିବା ନିଶ୍ଚୟ କରିଥିଲେ । ଦିନେ ସମସ୍ତେ ମିଳିତ ହୋଇ ରାଜଦରବାରରେ ଭକ୍ତରାଜଙ୍କ ବିରୋଧରେ ଫେରାଦ ହେଲେ ।

ସେ ସମୟରେ ଯୁନାଗଡ଼କୁ ଶାସନ କରୁଥିଲେ କ୍ଷତ୍ରିୟରାଜା ରାଓମାଣ୍ଡଳିକ । ସେ ଭଗବତ୍ ବିଶ୍ୱାସୀ ଥିଲେ, ଧର୍ମ, ନ୍ୟାୟ, ନୀତି ଓ ସତ୍ୟକୁ ସମ୍ମାନ କରୁଥିଲେ; ଅନ୍ୟାୟ, ଅସତ୍ୟ, ମିଥ୍ୟାଚାରର ଘୋର ବିରୋଧୀ ଥିଲେ । ରାଜାଙ୍କର ଏହି ସ୍ୱଭାବରେ ପ୍ରଜା ତଥା କର୍ମଚାରୀମାନେ ପରିଚିତ ଥିଲେ । ଭକ୍ତରାଜଙ୍କ ପ୍ରତି ଦ୍ୱେଷ ରଖୁଥିବା ବ୍ୟକ୍ତିଙ୍କ ପାଖରେ ରାଜାଙ୍କର ଏହି ସ୍ୱଭାବ ଅପରିଚିତ ନ ଥିଲା । ସେହି କାରଣରୁ ଭକ୍ତରାଜଙ୍କୁ ବ୍ୟଭିଚାର କଳଙ୍କରେ କଳଙ୍କିତ କରି ସମାଜ ବିଦ୍ରୋହୀ ଦଣ୍ଡରେ ଦଣ୍ଡିତ କରାଇବା ସକାଶେ ସାରଙ୍ଗଧରକୁ ମୁଖ୍ୟ କରି ଭକ୍ତରାଜଙ୍କ ମାମୁ ଅନନ୍ତରାୟ ତଥା ଭାଇ ବଂଶୀଧର ସହିତ ସମସ୍ତ ବ୍ୟକ୍ତି ରାଜଦରବାରରେ ଉପସ୍ଥିତ ହେଲେ ।

ଅଧିକ ବ୍ୟକ୍ତି ଏକସଙ୍ଗେ ଆସିବା ଦେଖି ସେମାନଙ୍କୁ ଯଥାସ୍ଥାନରେ ବସିବା ସକାଶେ ରାଜା ନିର୍ଦ୍ଦେଶ ଦେଲେ ଏବଂ ଆସିବାର କାରଣ ପଚାରିଲେ ।

ସେମାନେ ନମ୍ରତାପୂର୍ବକ କହିଲେ, ''ରାଜନ୍, ଆପଣଙ୍କ ନ୍ୟାୟପରାୟଣତା ତଥା ଧାର୍ମିକତା ଯୋଗୁଁ ରାଜ୍ୟରେ ସୁଖ, ଶାନ୍ତି, ଶୃଙ୍ଖଳା ବିଦ୍ୟମାନ ରହିଛି, ପ୍ରଜାବର୍ଗ ଆନନ୍ଦରେ ନିବାସ କରୁଛନ୍ତି । କିନ୍ତୁ ଏହି ଶାନ୍ତିପ୍ରଦ ରାଜ୍ୟରେ ନରସିଂହରାମ କୀର୍ତ୍ତନ ବାହାନାରେ ବହୁ ମହିଳାମାନଙ୍କ ଧର୍ମ ନଷ୍ଟ କରୁଅଛି । ଏହି ଅପରାଧରେ ନରସିଂହରାମକୁ ଦଣ୍ଡିତ କରାଯାଇ ଦୁର୍ନୀତି ଦୂର କରାଯିବା ସକାଶେ ଆମ୍ଭମାନଙ୍କର ନିବେଦନ ।''

ରାଜା ଉତ୍ତର ଦେଲେ, ''ସାରଙ୍ଗଧରଜି, ମୁଁ ବହୁତ ଦିନରୁ ଭକ୍ତରାଜଙ୍କ ଭକ୍ତିର ପ୍ରଭାବ ଶୁଣୁଛି । ସେ ବାଲ୍ୟାବସ୍ଥାରୁ ସରଳ ତଥା ନିଷ୍କପଟ ଏବଂ ଭଗବତ୍ ଭକ୍ତିରେ ଲୀନ ରହିବା କଥା ବହୁତ ଲୋକ କହୁଛନ୍ତି । ଭଗବତ୍ ଭକ୍ତି ଦ୍ୱାରା ଯଥାର୍ଥରେ ସମାଜ ତଥା ଦେଶର କଲ୍ୟାଣ ହୁଏ । ସେମାନଙ୍କ ଦ୍ୱାରା ସମାଜରେ ଅନାଚାର ପ୍ରସାରିତ ହୁଏ ନାହିଁ – ବରଂ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର ଦୂର ହୁଏ ।''

ଅନନ୍ତରାୟ କହିଲେ, ''ଧର୍ମାବତାର, ଆପଣ ଯାହା କହିଲେ ତାହା ଠିକ୍ । ଭଗବାନଙ୍କର ଅନନ୍ୟ ଭକ୍ତଙ୍କ ଦ୍ୱାରା ଜନତାର କଲ୍ୟାଣ ହୁଏ, କିନ୍ତୁ ଠକଙ୍କ ଦ୍ୱାରା ହୁଏ ନାହିଁ । ନରସିଂହରାମ ଭକ୍ତିର ବାହାନା କରି ରାତ୍ରିରେ ନାରୀ ଏବଂ ପୁରୁଷମାନଙ୍କ ସହିତ ଏକତ୍ର କୀର୍ତ୍ତନ କରାଉଛି । ଝୋଟ-ନିଆଁ ସଦୃଶ ସ୍ତ୍ରୀ-ପୁରୁଷ ରାତ୍ରିରେ ଏକତ୍ର ରହି ପବିତ୍ର ରହିବା କ'ଣ ସମ୍ଭବ ? କୀର୍ତ୍ତନ ବାହାନାରେ ସେ ତନ୍ତ୍ରବିଦ୍ୟା ଦ୍ୱାରା ନାରୀମାନଙ୍କୁ ଆକର୍ଷଣ କରିନେଉଛି । ସେମାନେ ପୁରୁଷମାନଙ୍କ ସହିତ ମିଶି ଚରିତ୍ର ନଷ୍ଟ କରୁଛନ୍ତି । ତନ୍ତ୍ରବିଦ୍ୟାରେ ନାରୀମାନେ ମୋହିତ ହୋଇ ନିଜ ନିଜ ପତିର ବାରଣକୁ ବି ଭ୍ରୁକ୍ଷେପ କରୁ ନାହାନ୍ତି । ମୋ ଧର୍ମପତ୍ନୀ ନରସିଂହରାମର କୀର୍ତ୍ତନକୁ ଯାଏ । ସେଠାରେ ବ୍ୟଭିଚାର ଖବର ପାଇ ମୁଁ ତାକୁ ସେଠାକୁ ଯିବାକୁ ମନା କଲି, ଗାଳିଗୁଲଜ କଲି । ତଥାପି ସେ ମାନିଲା ନାହିଁ । ଦିନେ ଅତ୍ୟନ୍ତ ବିରକ୍ତ ହୋଇ ତା' ହାତଗୋଡ଼ ଘର ଖମ୍ଭରେ ବାନ୍ଧି ଦେଇ ଘର ଦ୍ୱାରରେ ତାଲା ପକାଇ ନିଜ ପାଖରେ ଚାବି ରଖିଲି ଏବଂ ନରସିଂହରାମର କୀର୍ତ୍ତନରେ କେଉଁମାନଙ୍କ ଘରର ମହିଳା ଯୋଗ ଦେଉଛନ୍ତି ତାହା ଦେଖିବାକୁ ଗଲି । ସେ କୀର୍ତ୍ତନ ଦୃଶ୍ୟ ଦେଖି ମୋ ହାତଗୋଡ଼ ନିସ୍ତେଜ ହୋଇଗଲା, ମୁଁ ଅବାକ୍ ହୋଇ ଛିଡ଼ାହୋଇ ରହିଲି । ଦେଖିଲି ମୋ ସ୍ତ୍ରୀ କୀର୍ତ୍ତନରେ

ବିଭୋର ହୋଇଛି । କିଛି ସମୟ ପରେ ସାବଧାନ ହୋଇ ଘରକୁ ଆସି ତାଲା ଖୋଲି ଦେଖିଲି ବନ୍ଧା ଦଉଡ଼ି ଠିକ୍ ବନ୍ଧନ ଅବସ୍ଥାରେ ଅଛି, କିନ୍ତୁ ମୋ ସ୍ତ୍ରୀ ନାହିଁ । ଏହି ଘଟଣା ଘଟିବା ଦିନରୁ ନରସିଂହରାମ ତନ୍ତ୍ରସାଧନା ବଳରେ ବ୍ୟଭିଚାର କରୁଥିବାର ଦୃଢ଼ ବିଶ୍ୱାସ ହୋଇଛି ।''

ରାଜା ଅନନ୍ତରାୟଙ୍କ ମନ୍ତବ୍ୟ ଶୁଣିଲେ । ଅନନ୍ତରାୟଙ୍କ ପାଖରେ ଭକ୍ତରାଜଙ୍କ ବଡ଼ଭାଇ ବଂଶୀଧର ବସିଥିଲେ, କିନ୍ତୁ ମାମୁ ଅନନ୍ତରାୟଙ୍କ ଅଭିଯୋଗରେ ସେ କିଛି ନ କହିବାରୁ 'ମୌନଂ ସମ୍ମତିଲକ୍ଷଣମ୍' ନ୍ୟାୟରେ ସେହି ଅଭିଯୋଗରେ ତାଙ୍କର ସମ୍ମତି ଥିବାର ରାଜା ଅନୁମାନ କଲେ । ରାଜା ସ୍ୱୟଂ ଧର୍ମପରାୟଣ ଓ ନ୍ୟାୟପ୍ରିୟ ଥିଲେ । ଏହି ଅଭିଯୋଗ ବହୁତ ଯୁକ୍ତିଯୁକ୍ତ ପ୍ରତୀତ ନ ହେଉଥିବା ସତ୍ତ୍ୱେ ବହୁତ ବ୍ୟକ୍ତିଙ୍କ ସହିତ ଭକ୍ତରାଜଙ୍କ ମାମୁ ଏବଂ ତାଙ୍କ ଭାଇ ତାଙ୍କ ବିରୋଧରେ ଅଭିଯୋଗ କରୁଥିବାରୁ ଭକ୍ତରାଜଙ୍କୁ ଡକେଇ ଏହି ବିଷୟରେ ବିଚାର କରିବାକୁ ରାଜା ଉଚିତ ମନେ କଲେ ଏବଂ ଦିନ ଧାର୍ଯ୍ୟ କରି ଭକ୍ତରାଜଙ୍କୁ ଅବଗତ କରାଇ ଦେଲେ ।

ରାଜାଙ୍କ ନିର୍ଦ୍ଦେଶ ଅନୁସାରେ ନିର୍ଦ୍ଦିଷ୍ଟ ଦିନ, ନିର୍ଦ୍ଦିଷ୍ଟ ସମୟରେ ସାରଙ୍ଗଧର, ଭକ୍ତରାଜଙ୍କ ମାମୁ ଅନନ୍ତରାୟ, ଭାଇ ବଂଶୀଧର ସହିତ ସମସ୍ତ ବିରୋଧୀ ବ୍ୟକ୍ତି ରାଜଦରବାରରେ ଉପସ୍ଥିତ ହେଲେ; ଭକ୍ତରାଜ ମଧ୍ୟ ଆସିଲେ । ଉଭୟ ପକ୍ଷ ଉପସ୍ଥିତ ହେବା ପରେ ଭକ୍ତରାଜଙ୍କ ବିରୋଧରେ ବିରୋଧୀ ଦଳ ତରଫରୁ ସାରଙ୍ଗଧର ନାରୀ-ପୁରୁଷ ଏକସଙ୍ଗେ ରାତ୍ରିରେ କୀର୍ତ୍ତନ କରିବା ତଥା ବ୍ୟଭିଚାର କରାହେଉଥିବା ଅଭିଯୋଗ ଭକ୍ତରାଜଙ୍କ ଉପରେ ଆରୋପ କଲେ । ଏବଂ ପ୍ରତ୍ୟକ୍ଷ ପ୍ରମାଣ ରୂପେ ଚଞ୍ଚଳା ବେଶ୍ୟା ନରସିଂହରାମଙ୍କ ଗୁଣି-ବିଦ୍ୟାର ପ୍ରଭାବରେ ବଶ ହୋଇ ମସ୍ତକରୁ ବାଳ କାଟି ଲଲାଟରେ ତିଳକ ତଥା ଗଳାରେ ତୁଳସୀ ମାଳି ଧାରଣ କରି ସାଧୁଆଣୀ ହୋଇଛି ତଥା ଅନ୍ୟ ପୁରୁଷମାନଙ୍କ ସହିତ ନରସିଂହରାମ ଘରେ ରାତ୍ରିରେ କୀର୍ତ୍ତନ କରୁଛି । ଏହି ଘଟଣା ସମସ୍ତ ବ୍ୟକ୍ତି ଜାଣନ୍ତି । ଧର୍ମାବତାର ! ଯେଉଁ ଚଞ୍ଚଳା ବେଶ୍ୟା ଦୁଇ ମାସ ପୂର୍ବେ ବେଶ୍ୟାବୃତ୍ତି କରୁଥିଲା ସେ ଏତେ ଶୀଘ୍ର କୁପ୍ରବୃତ୍ତି ଛାଡ଼ି ସନ୍ନ୍ୟାସିନୀ ହୋଇଗଲା ! ଏହା କ'ଣ ସମ୍ଭବ ?

ସାରଙ୍ଗଧରଙ୍କ ବକ୍ତବ୍ୟ ଶେଷ ହେଉ ହେଉ ଭକ୍ତରାଜଙ୍କ ମାମୁ ଅନନ୍ତରାୟ ବି ତାଙ୍କ ଧର୍ମପତ୍ନୀଙ୍କ ପ୍ରତ୍ୟକ୍ଷ ଘଟଣା ପୂର୍ବେ ରାଜାଙ୍କୁ ଯେପରି କହିଥିଲେ ତାହାର ପୁନରାବୃତ୍ତି କଲେ । ସେ କହିଲେ, ଗୁଣି-ବିଦ୍ୟା ଛଡ଼ା ଏହା କ'ଣ କେବେ ସମ୍ଭବ ହୋଇପାରେ ?

ଏହିସବୁ ବକ୍ତବ୍ୟ ଶୁଣିବା ପରେ, ସେମାନଙ୍କ ଅଭିଯୋଗ ଯଥାର୍ଥ ଓ ଯୁକ୍ତିଯୁକ୍ତ ହେଉ ବା ନ ହେଉ, ଏହାର ଉତ୍ତର ନରସିଂହରାମଙ୍କଠାରୁ ପାଇବା ଉଦ୍ଦେଶ୍ୟରେ ରାଜା ଭକ୍ତରାଜଙ୍କୁ କହିଲେ, ''ଏହି ବିଷୟରେ ତୁମେ କ'ଣ କହୁଛ ?''

ଭକ୍ତରାଜ ନମ୍ରତା ସହିତ ନିର୍ଭୀକଭାବେ କହିଲେ, ''ମହାରାଜ, ଭଗବତ୍ ନାମଜପ, ଭଗବାନଙ୍କ କୃପା ଛଡ଼ା ମୁଁ କୌଣସି ଗୁଣି-ବିଦ୍ୟା ଜାଣେ ନାହିଁ । ଭଗବାନଙ୍କ କୃପାରେ ଅସମ୍ଭବ ସମ୍ଭବ ହୋଇପାରେ । କୀର୍ତ୍ତନରେ ମନ୍ଦିରକୁ ଆସିଥିବା ସାଧୁ, ସନ୍ଥ, ଭକ୍ତ ଏବଂ ମୋ ଝିଅ ତଥା ପୁତ୍ରବଧୂ ସମ୍ମିଳିତ ହୁଅନ୍ତି । କୀର୍ତ୍ତନ କରିବାକୁ ମୁଁ କାହାରିକୁ ଡାକେ ନାହିଁ କିଂବା କାହାକୁ ମନା କରେ ନାହିଁ । ଭଗବତ୍ ନାମ କୀର୍ତ୍ତନରେ ଆବାଳବୃଦ୍ଧବନିତା ସମସ୍ତେ ଅଧିକାରୀ । ଭଗବାନ୍ କୃପା କଲେ ମନୁଷ୍ୟର ଭଗବତ୍ କୀର୍ତ୍ତନରେ ପ୍ରବୃତ୍ତି ହୁଏ । ଭଗବତ୍ କୀର୍ତ୍ତନରେ ଭଗବତ୍ ଭକ୍ତି ଆସ୍ୱାଦନକାରୀ ମହିଳାମାନଙ୍କୁ କୀର୍ତ୍ତନରେ ସମ୍ମିଳିତ ହେବାରେ ନିଷେଧ କରି ଭଗବତ୍ କୃପା ବିରୁଦ୍ଧାଚରଣର ମହା ଅପରାଧ କରିବା ମୋ ପକ୍ଷେ ସମ୍ଭବ ନୁହେଁ ।

''ଭଗବତ୍ ନାମ ପରମ ପବିତ୍ର । ଭଗବତ୍ ନାମ କୀର୍ତ୍ତନରେ ଭଗବାନ୍ ସ୍ୱୟଂ ବିଦ୍ୟମାନ ଥା'ନ୍ତି । ସେହି ପବିତ୍ର ସ୍ଥଳରେ ସ୍ତ୍ରୀପୁରୁଷଙ୍କ ଅପବିତ୍ର ମନୋଭାବ ରହିପାରେ ନାହିଁ । ଯେଉଁମାନେ ଭଗବତ୍ ନାମାମୃତର ସ୍ୱାଦ ପାଆନ୍ତି ସେମାନେ କ୍ଷଣିକ ବିଷୟରେ ଲିପ୍ତ ହୁଅନ୍ତି ନାହିଁ । ଚଞ୍ଚଳା ବେଶ୍ୟାକୁ ଯଦି ଭଗବତ୍ ଆନନ୍ଦ ପ୍ରାପ୍ତ ହୋଇ ନ ଥା'ନ୍ତା ତେବେ ସେ ଭୋଗବିଳାସ, ସୁନ୍ଦର ବେଶଭୂଷା, ଫୁଲ, ଅତର, ଟଙ୍କାପଇସା, ଯୁବକ ପୁରୁଷଙ୍କ ସମ୍ପର୍କ ତ୍ୟାଗ କରି ଲଣ୍ଠିତ ମୁଣ୍ଡ ହୋଇ କୀର୍ତ୍ତନରେ ସମୟ ବ୍ୟତୀତ କରିପାରନ୍ତା କିପରି ? ଯଥାର୍ଥରେ ଚଞ୍ଚଳା ଭଗବତ୍ ଆନନ୍ଦ ପାଇବାରୁ

ସଂସାର ବିଷୟ ତ୍ୟାଗ କରିଛି । ଅନ୍ୟଥା ତା' ପକ୍ଷେ ଏହି ତ୍ୟାଗ ସମ୍ଭବ ହୁଅନ୍ତା ନାହିଁ । ଭଗବାନଙ୍କ କୃପା ଅସମ୍ଭବକୁ ସମ୍ଭବ କରିପାରେ । ରତ୍ନାକର ଦସ୍ୟୁ ଘୋର ପାପୀ ଥିଲା । ଭଗବାନଙ୍କ କୃପାରୁ ଋଷିଙ୍କ କ୍ଷଣକ ସମ୍ପର୍କରେ ବାଲ୍ମୀକି ମହାମୁନି ହୋଇପାରିଲେ । ଶାସ୍ତ୍ରରେ ଏହିପରି ବହୁତ ଘଟଣା ଅଛି । ବହୁତ ଚୋର, ଡକାୟତ, ଘୋର ପାପୀ ଭଗବତ୍ କୃପାରୁ କ୍ଷଣକରେ ମହାନ୍ ସନ୍ଥ ହୋଇ ପାରିଛନ୍ତି । ସେହି କାରଣରୁ କୁହାଯାଏ ଭଗବାନଙ୍କ କୃପା ନିର୍ହେତୁକୀ । ଅର୍ଥାତ୍ ବ୍ୟକ୍ତି ଭଗବତ୍ କୃପା ପ୍ରାପ୍ତ ହେବା ସକାଶେ ପ୍ରଯତ୍ନ ନ କରି ବି ହଠାତ୍ ପାଇପାରନ୍ତି । ତାଛଡ଼ା ସମାଜର ବ୍ୟାବହାରିକ ଜ୍ଞାନ ମୋର ନାହିଁ । ମୁଁ ସବୁକିଛି ଭଗବାନଙ୍କ ଉପରେ ଛାଡ଼ିଦେଇଛି । ମୋ ସକାଶେ ଯାହା ଆବଶ୍ୟକ ଭଗବାନ୍ ତାହାହିଁ କରନ୍ତି ।''

ଏହି କଥା ଶୁଣିବା ସଙ୍ଗେ ସଙ୍ଗେ ସାରଙ୍ଗଧର ଉଠି ଛିଡ଼ା ହୋଇ କହିଲେ, ''ଧର୍ମାବତାର, ନରସିଂହରାମ କହିଲେ, 'ତାଙ୍କ ସକାଶେ ଭଗବାନ୍ ସବୁ କରନ୍ତି ଏବଂ ଅସମ୍ଭବକୁ ବି ସମ୍ଭବ କରନ୍ତି ।' ତେବେ ଏହାର ପ୍ରମାଣ ସେ ଦେଇ ଦେଉ । ପ୍ରମାଣ ପାଇଲେ ଆମ୍ଭମାନଙ୍କର ଆଉ କହିବାର କିଛି ରହିବ ନାହିଁ । ପ୍ରମାଣ ନ ଦେଇ ପାରିଲେ ଦଣ୍ଡିତ ହେବ ।''

ରାଜା ଉଭୟ ପକ୍ଷଙ୍କ ବକ୍ତବ୍ୟ ଶୁଣି ନୀରବରେ ଭାବିଲେ ''ଭକ୍ତରାଜ ଯଥାର୍ଥରେ ଭଗବାନଙ୍କର ଅନନ୍ୟ ଭକ୍ତ । ବିରୋଧୀ ପକ୍ଷ ତାଙ୍କ ଉପରେ ଏପରି ଅଭିଯୋଗ କରୁଅଛନ୍ତି ଏବଂ କଠୋର ବାକ୍ୟ ପ୍ରୟୋଗ କରୁଛନ୍ତି । କିନ୍ତୁ ସେ ଧୀରସ୍ଥିର ଓ ଶାନ୍ତଭାବେ ବସି ସେମାନଙ୍କ ଉପରେ କୌଣସି ପ୍ରକାର ଦୋଷାରୋପ ନ କରି ସହଜ ପ୍ରଣାଳୀରେ ସ୍ୱାଭାବିକଭାବେ କହୁଛନ୍ତି । ତାଙ୍କ ମନରେ ରାଗ ନାହିଁ, ବାକ୍ୟରେ ଉତ୍ତେଜନା ନାହିଁ, ଶରୀରର ଚେହେରାରେ କୌଣସି ପ୍ରକାର ପ୍ରତିକ୍ରିୟାର ଚିହ୍ନବର୍ତ୍ତ ବି ନାହିଁ । ଏହା ସାଧାରଣ ମନୁଷ୍ୟ ସକାଶେ ସମ୍ଭବ ନୁହେଁ । ବିରୋଧୀ ଦଳ ଯେଉଁ ଚମତ୍କାରକୁ ତନ୍ତ୍ର ବା ଗୁଣି-ବିଦ୍ୟା କହୁଛନ୍ତି ତାହା ଭଗବତ୍ କୃପା ହୋଇପାରେ । କିନ୍ତୁ ଏମାନେ ଯାହା ଅଭିଯୋଗ କରୁଛନ୍ତି ତାହା ସତ୍ୟ ପ୍ରତୀତ ନ ହେଲେ ମଧ୍ୟ ସେଥିରେ ସେମାନଙ୍କର ଦୃଢ଼ ବିଶ୍ୱାସ ଅଛି । ଅତଏବ ଏମାନଙ୍କର କହିବାନୁସାରେ ଯଦି ପରୀକ୍ଷା କରାହୁଏ ତେବେ ଭକ୍ତରାଜ ବିମୁକ୍ତ ହେବେ । ବିରୋଧୀମାନଙ୍କର ଆଉ କିଛି କହିବାକୁ ବାଟ ରହିବ ନାହିଁ, ବରଂ ଭକ୍ତରାଜଙ୍କ ଭକ୍ତିର ମହିମା ସ୍ପଷ୍ଟ ରୂପେ ଦେଖି ପାରିବେ । ଏଥିରେ ଭକ୍ତରାଜ ବି ରାଜୀ ହେବେ ।'' ଏହା ଭାବି ଭକ୍ତରାଜଙ୍କୁ କହିଲେ, ''ଆଚ୍ଛା, ସାରଙ୍ଗଧରଙ୍କ କହିବାନୁସାରେ 'ଭକ୍ତରାଜଙ୍କ ସକାଶେ ଭଗବାନ୍ ସବୁ କରୁଛନ୍ତି', ଏହାର ପ୍ରମାଣ ସକାଶେ ରାଜମନ୍ଦିରର ଶ୍ରୀରାଧାଦାମୋଦରଙ୍କୁ ଗୋଟିଏ ଫୁଲମାଳ ତୁମେ ପିନ୍ଧାଇ ଦିଅ । ମୁଁ ମନ୍ଦିର ତାଲା ବନ୍ଦ କରି ନିଜ ହାତରେ ଚାବି ରଖି ବସିବି । କାଲି ରାତ୍ରି ପାହିବା ପୂର୍ବରୁ ଯଦି ଠାକୁର ତୁମକୁ ମାଳା ପିନ୍ଧାଇଯାନ୍ତି ତେବେ ତୁମେ ନିର୍ଦୋଷ ପ୍ରମାଣିତ ହେବ । ବିରୋଧୀ ବ୍ୟକ୍ତିଙ୍କୁ କହିବାର ଆଉ ସୁଯୋଗ ମିଳିବ ନାହିଁ । ଏହା ନ ହେଲେ ତୁମେ ଦଣ୍ଡିତ ହେବ ।'' ରାଜାଙ୍କର ଏହି ନିର୍ଣ୍ଣୟରେ ଭକ୍ତରାଜ ଧୀରସ୍ଥିର ପ୍ରସନ୍ନତାରେ କହିଲେ, ''ମହାରାଜ, ଆପଣଙ୍କର ନିର୍ଣ୍ଣୟ ବହୁତ ଉତ୍ତମ ଏବଂ ଶିରୋଧାର୍ଯ୍ୟ । ଭଗବାନଙ୍କର ଯାହା ବିଧାନ ହେବ ସେହିଥିରେହିଁ ପରମ ପଲ୍ୟାଣ ।''

ବିରୋଧୀ ଦଳ ଏହା ଶୁଣି ବହୁତ ଖୁସୀ ହେଲେ ଏବଂ ପରସ୍ପର ଫୁସ୍‌ଫାସ୍ କଥାବାର୍ତ୍ତା ହେଲେ, ''ଏହିଥର ବାଚାଧନ ପାନେ ପାଇବ । ପାଷାଣ ବିଗ୍ରହ ଫୁଲମାଳ ଆଣି ଏହାର ଗଳାରେ ପିନ୍ଧାଇ ଦେବ !'' ଏହିପରି କଥାବାର୍ତ୍ତା ହୋଇ ରାଜା ଏବଂ ଭକ୍ତରାଜଙ୍କ ସହ ସମସ୍ତ ବିରୋଧିଦଳ ଶ୍ରୀରାଧାଦାମୋଦରଙ୍କ ମନ୍ଦିରକୁ ଗଲେ । ସୁନ୍ଦର ଫୁଲମାଳ ଆସିଲା । ରାଜା ଭକ୍ତରାଜଙ୍କ ହସ୍ତରେ ସେଇ ଫୁଲମାଳଟି ଦେଇ ଠାକୁର ବିଗ୍ରହଙ୍କୁ ପିନ୍ଧାଇ ଦେବାକୁ କହିଲେ । ଏହି ଘଟଣା ଶୁଣି ବହୁତ ବ୍ୟକ୍ତି ମନ୍ଦିର ପାଖରେ ଏକତ୍ରିତ ହେଲେ । ଭକ୍ତରାଜ ସ୍ୱାଭାବିକ ଅବସ୍ଥାରେ ଫୁଲମାଳ ନେଇ ଭଗବାନଙ୍କ ବିଗ୍ରହଙ୍କ ଗଳାରେ ପିନ୍ଧାଇ ଦେଲେ । ରାଜା ସମସ୍ତଙ୍କ ସାମନାରେ ମନ୍ଦିର ଦ୍ୱାର ବନ୍ଦ କରି ତାଲା ପକାଇ ନିଜ ହାତରେ ଚାବିକାଠି ରଖିଲେ ।

ଭକ୍ତରାଜଙ୍କ ପରୀକ୍ଷା

ମନ୍ଦିର ସମ୍ମୁଖରେ ରାଜା, ଭକ୍ତରାଜ ତଥା ବିରୋଧୀ ଦଳଙ୍କ ସହିତ ବହୁତ ସଂଖ୍ୟାରେ ଦର୍ଶନାର୍ଥୀ ବସି ରହିଲେ । ଏହି ଖବର କଥା କଥାରେ ଯେତେ ପ୍ରସାରିତ ହେଉଥିଲା ଦର୍ଶନାର୍ଥୀଙ୍କ ସଂଖ୍ୟା ସେତେ ଅଧିକ ବଢୁଥିଲା । କେତେକ ସଂଖ୍ୟାରେ ସାଧୁସନ୍ଥ ବି ସେଠାରେ ସମ୍ମିଳିତ ହେଲେ । ପରିବେଶ ଶାନ୍ତ, ନୀରବ ହେବାରୁ ଭକ୍ତରାଜ ଭଗବାନଙ୍କ କୀର୍ତ୍ତନ ଆରମ୍ଭ କଲେ । ଭକ୍ତରାଜ ଭଗବତ୍ କୀର୍ତ୍ତନରେ ତଲ୍ଲୀନ ହୋଇଯିବାରୁ ତାଙ୍କର ଶରୀରଶୁଦ୍ଧି ବି ରହିଲା ନାହିଁ । ସେ ଭଗବତ୍ ରୂପ ଏବଂ ଲୀଳାରେ ଏକ ହୋଇଗଲେ । ଏହି ଅବସ୍ଥାରେ ଭକ୍ତରାଜ ବହୁତ ସମୟ ଧରି ଭଗବତ୍ କୀର୍ତ୍ତନ କରିବାକୁ ଲାଗିଲେ । ଦେଖୁ ଦେଖୁ ଅର୍ଦ୍ଧ ରାତ୍ରି ବ୍ୟତୀତ ହୋଇଗଲା । ରାଜା ଭକ୍ତରାଜଙ୍କୁ ସାବଧାନ କରାଇବା ସକାଶେ କହିଲେ, ''ଭକ୍ତରାଜ, ସାବଧାନ ହୁଅ, ଅର୍ଦ୍ଧ ରାତ୍ରି ବ୍ୟତୀତ ହୋଇଗଲାଣି ।'' ରାଜାଙ୍କ କଥାରେ ଭକ୍ତରାଜ ସଚେତ ହୋଇ ଭାବିଲେ, ''ଯେଉଁ କେଦାର ରାଗ ଗାନରେ ଭଗବାନ୍ ଦର୍ଶନ ଦିଅନ୍ତି ସେ ରାଗ ଧରଣୀଧରଙ୍କ ପାଖରେ ବନ୍ଧକ ଅଛି । ସେ ରାଗ ଗାଇବା ସମ୍ଭବ ନୁହେଁ । ଭଗବାନଙ୍କ ଯାହା ବିଧାନ ତାହାହିଁ ହେବ । ଭଗବାନ୍ ଯଦି ଚାହାନ୍ତି ମୋତେ ରାଜଦଣ୍ଡ ମିଳୁ, ସେଥିରେହିଁ ମୋର କଲ୍ୟାଣ । ତାଙ୍କର ବିଧାନ ଛଡ଼ା ଗଛର ପତ୍ର ବି ହଲେ ନାହିଁ । ଯାହା ଘଟିବ ସେସବୁ ତାଙ୍କରି କୃପା । ଏଥିରେ କିଛି ଭାବିବାର ନାହିଁ । ଭାବିବ କିଏ ? ଯେଉଁ ମନ ଭାବେ, ସେ ମନ ତ ତାଙ୍କରି । ମନ, ପ୍ରାଣ, ଶରୀର ଆସିଛି ତାଙ୍କରି ଦିବ୍ୟତତ୍ତ୍ୱରୁ । ତାଙ୍କ ଛଡ଼ା ତ କିଛି ନାହିଁ । 'ମୁଁ' କହିବା ଯେଉଁ ଶବ୍ଦ ବା ଧାରଣା, ସେ ତ ତାଙ୍କରି । ତାଙ୍କଠାରୁ ପୃଥକ୍ ବ୍ୟକ୍ତିତ୍ୱ ବି ନାହିଁ । କେବଳ ଆମ୍ଭେମାନେ ଅଜ୍ଞାନ ମୋହମାୟାର ବଶ ହୋଇ ନିଜକୁ ଭଗବାନଙ୍କଠାରୁ ପୃଥକ୍ ମନେ କରୁ ଏବଂ ଦୁଃଖକଷ୍ଟ ଭୋଗୁ ।'' ଭକ୍ତରାଜ ଏହିପରି ବିଚାରରେ ନିମଗ୍ନ ହୋଇଗଲେ । ଭୋର ହେବାକୁ ଅଳ୍ପ ସମୟ ବାକୀ ରହିଛି । ଭକ୍ତରାଜଙ୍କୁ ଯେଉଁମାନେ ଶ୍ରଦ୍ଧା, ସମ୍ମାନ କରନ୍ତି ସେମାନଙ୍କ ଚିନ୍ତା ତୀବ୍ରରୁ ତୀବ୍ରତର ହେଉଥାଏ । ସେମାନେ ଭକ୍ତରାଜଙ୍କୁ ରକ୍ଷା କରିବା ସକାଶେ ବ୍ୟାକୁଳ ହୋଇ ଭଗବାନଙ୍କୁ ପ୍ରାର୍ଥନା କରୁଥା'ନ୍ତି ।

ବିରୋଧୀ ବ୍ୟକ୍ତିଙ୍କ ପ୍ରସନ୍ନତା ବୃଦ୍ଧି ପାଉଥାଏ । ସେମାନେ ଅତ୍ୟନ୍ତ ଉତ୍ସାହରେ ଗୋଟିଏ ନିମେଷକୁ ଗୋଟିଏ ଘଡ଼ି ମନେ କରି ଶୀଘ୍ର ଭୋର ହେବାକୁ ଅସ୍ଥିର ବ୍ୟଗ୍ରତାରେ ଚାହୁଁଥା'ନ୍ତି । ରାଜା ଭାବୁଥା'ନ୍ତି, ''ରାତ୍ରି ଶେଷ ହେବାକୁ ଆସିଲାଣି, ଭକ୍ତରାଜ ପ୍ରକୃତରେ ନିର୍ଦୋଷ ହୋଇଥିଲେ ଭଗବାନ୍ ତାଙ୍କୁ ରକ୍ଷା କରିବା ସକାଶେ ଫୁଲମାଳ ଅବଶ୍ୟ ଦିଅନ୍ତେ । ଏହା ବି ହୋଇପାରେ ଭକ୍ତରାଜଙ୍କର ଦୋଷ ଥିବ । ଦୋଷ ମନୁଷ୍ୟ ପାଖରେ ଲୁଚିପାରେ କିନ୍ତୁ ଭଗବାନଙ୍କ ପାଖରେ ନୁହେଁ । ଦେଖାଯାଉ ! ଅଳ୍ପ ସମୟରେ ତ ରାତି ଶେଷ ହେବ; ସତ୍ୟାସତ୍ୟ ବି ଜଣା ପଡ଼ିଯିବ ।''

ଭଗବାନଙ୍କ ଲୀଳା ବିଚିତ୍ର, ମନୁଷ୍ୟର ବୁଦ୍ଧିରେ ବିଚାର କରିବା ସମ୍ଭବ ନୁହେଁ । ଯେବେ ଯେବେ ଭକ୍ତରାଜ ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ ସଙ୍ଗେ ସଙ୍ଗେ ଭଗବାନ୍ ପ୍ରକଟ ହୋଇ ସବୁପ୍ରକାର ବାଧାବିପତ୍ତିରୁ ଉଦ୍ଧାର କରୁଥିଲେ ଏବଂ ସ୍ୱୟଂ ତାଙ୍କର ସମସ୍ତ କାର୍ଯ୍ୟ କରୁଥିଲେ । ଆଜି ଭକ୍ତରାଜଙ୍କର ଜୀବନମରଣର ସମସ୍ୟା, କିନ୍ତୁ ଭଗବାନ୍ ନିଶ୍ଚିନ୍ତ ହୋଇ ରହିଛନ୍ତି, କୌଣସି ଖବର ନାହିଁ । ଏହା ଭକ୍ତରାଜଙ୍କ ପରୀକ୍ଷା ।

ଯଥାର୍ଥରେ ଭଗବାନ୍ ଭକ୍ତକୁ ପରୀକ୍ଷା କରନ୍ତି ନାହିଁ । ତାଙ୍କ ପରୀକ୍ଷାରେ କୌଣସି ବ୍ୟକ୍ତି ଉତ୍ତୀର୍ଣ୍ଣ ହେବା ସମ୍ଭବ ନୁହେଁ । କେବଳ ଭକ୍ତର ସୁଯଶଃ ପ୍ରସାର, ଭକ୍ତିରେ ନିଷ୍ଠା ବୃଦ୍ଧି, ତାଙ୍କ ଉପରେ ବିଶ୍ୱାସ, ନିର୍ଭରତା ଦୃଢ଼ ତଥା ସାହସ, ଧୈର୍ଯ୍ୟ, ଜ୍ଞାନ ବୃଦ୍ଧି କରାଇବା ସକାଶେ ବିରୋଧୀ ଶକ୍ତିର ପରୀକ୍ଷାକୁ ପ୍ରଶ୍ରୟ ଦିଅନ୍ତି ଏବଂ ସ୍ୱୟଂ ଭକ୍ତକୁ ସର୍ବତୋଭାବେ ରକ୍ଷା କରନ୍ତି ।

ଭଗବାନ୍ ଭକ୍ତରାଜଙ୍କ ରୂପରେ ଧରଣୀଧରଙ୍କ ଦ୍ୱାରରେ ପହଞ୍ଚି ଧରଣୀଧରଙ୍କୁ ଡାକିଲେ । ଧରଣୀଧର ଶୋଇବା ଅବସ୍ଥାରେ କହିଲେ, ''କିଏ ରାତ୍ରିଟାରେ କବାଟ ବାଡ଼ଉଛି ?'' ''ମୁଁ ନରସିଂହରାମ, ଟଙ୍କା ମିଳିଗଲା ତଥା କେଦାରରାଗ ଗାଇବାର ଆବଶ୍ୟକ ବି ହେଲା । ସେ ନେଇ ସଙ୍ଗେ ସଙ୍ଗେ ଟଙ୍କା ନେଇ ଆସିଲି । ଟଙ୍କା ଗଣି ନିଅନ୍ତୁ ଏବଂ କେଦାରରାଗଟି ଫେରାଇ ଦିଅନ୍ତୁ ।'' ଭକ୍ତରାଜଙ୍କ କଣ୍ଠସ୍ୱର ଶୁଣି ଧରଣୀଧରଙ୍କ ଧର୍ମପତ୍ନୀ ଆସି କବାଟ ଖୋଲି ଭକ୍ତରାଜଙ୍କୁ ପ୍ରଣାମ

କଲେ ତଥା ଘରକୁ ଡାକିନେଇ ଆସନରେ ବସାଇ ଦୀପ ଜଳେଇ ଦେଲେ । ଧରଣୀଧର ଉଠି ଭକ୍ତରାଜ ଲେଖି ଦେଇଥିବା କାଗଜଟିରେ ''ନରସିଂହରାମଙ୍କୁ ଦେଇଥିବା ଷାଠିଏ ଟଙ୍କା ଋଣ ଆଜି ରାତିରେ ପାଇଲି । ଏହି ସମୟଠାରୁ ନରସିଂହରାମ କେଦାରରାଗ ଗାଇ ପାରିବେ ।'' ଏହା ଲେଖି ଭକ୍ତରାଜଙ୍କୁ ହାତକୁ କାଗଜଟି ଦେଇଦେଲେ ଏବଂ କହିଲେ, ''ରାତି ପାହିବା ପରେ ତ ଆସି ପାରି ଥାଆନ୍ତେ, ରାତ୍ରିଟାରେ ହଇରାଣ ହୋଇ ଆସିଲେ କାହିଁକି ?'' ଭକ୍ତରାଜ କହିଲେ, ''ଭାଇ, ଟଙ୍କା ମିଳିଯିବା ପରେ ଡେରି କରିବା କାହିଁକି ? ତା'ପରେ ପୁଣି କେଦାରରାଗ ଗାଇବାର ଆବଶ୍ୟକ ବି ଥିଲା ।'' ଏହା କହି କାଗଜ ଖଣ୍ଡିକ ଆଣି ଭକ୍ତରାଜରୂପଧାରୀ ଭଗବାନ୍ ଚାଲିଆସିଲେ ।

ଭକ୍ତରାଜଙ୍କ ମନରେ କୌଣସି ଚିନ୍ତା, ପ୍ରାଣରେ କୌଣସି ଭୟ, ଶରୀରରେ କୌଣସି ଉଦାସୀନତା ନ ଥାଏ । ତାଙ୍କର ଭଗବାନଙ୍କ ଉପରେ ଦୃଢ଼ ବିଶ୍ୱାସ ଓ ଅଟଳ ନିଷ୍ଠା ରହିଥାଏ । ଭଗବାନ୍ ଯାହା କରିବେ ସେଥିରେ ତାଙ୍କର କଲ୍ୟାଣ । ଏହି ଆନନ୍ଦରେ ସେ ନିମଗ୍ନ ଥା'ନ୍ତି । ଏହି ସମୟରେ ତାଙ୍କ ହାତରେ ଗୋଟିଏ କାଗଜ ଆସିଗଲା । ସେ ଆଖି ଖୋଲି ଜଳୁଥିବା ଆଲୁଅରେ କାଗଜଟି ଦେଖି ଧରଣୀଧରଙ୍କ ହାତଲେଖା ପଢ଼ିବା ମାତ୍ରେ ଭଗବତ୍ କୃପା ବିଜୁଳି ସଦୃଶ ତାଙ୍କର ସମଗ୍ର ଶରୀରରେ ପ୍ରବେଶ କରିଗଲା । ଭଗବାନଙ୍କ ପ୍ରତି କୃତଜ୍ଞତାରେ ଏବଂ ଆନନ୍ଦ ସମୁଦ୍ରରେ ସେ ବୁଡ଼ିଗଲେ । ତାଙ୍କର ଦେହ, ପ୍ରାଣର ଶୁଦ୍ଧି ରହିଲା ନାହିଁ । ସ୍ୱତଃସ୍ଫୂର୍ତ୍ତଭାବେ ତାଙ୍କ ମୁଖରୁ କେଦାରରାଗରେ ଭଗବତ୍ ପ୍ରାର୍ଥନା ପଦ ଗାନ ହେବାକୁ ଲାଗିଲା । ଭଗବାନଙ୍କ ଛଡ଼ା ତାଙ୍କ ଚେତନାରେ ଆଉ କିଛି ରହିଲା ନାହିଁ ।

ଠିକ୍ ଭୋର ହେବାର ସମୟ ଉପସ୍ଥିତ ହୋଇଗଲା । ପୂର୍ବଦିଶାରୁ ଅରୁଣିମା ପ୍ରକାଶ ହେଲା । ପକ୍ଷୀମାନେ ରାବ କରିବାକୁ ଆରମ୍ଭ କଲେ । ଭକ୍ତରାଜଙ୍କ କନ୍ୟା, ତାଙ୍କ ପୁତ୍ରବଧୂ ଯୁଠୀବାଈ ତଥା ତାଙ୍କ ସାଥୀ ସାଧୁସଙ୍ଗ ଏବଂ ତାଙ୍କର ଭକ୍ତମଣ୍ଡଳୀ ଅତ୍ୟନ୍ତ ଉତ୍କଣ୍ଠିତଭାବେ ଭଗବାନଙ୍କୁ ଅନ୍ତରରୁ ଅଧିକାଧିକ ବ୍ୟାକୁଳତାରେ ଡାକିଲେ । ସେମାନଙ୍କ ବ୍ୟାକୁଳତା-ଅଗ୍ନି ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱକୁ ଗତି କଲା ।

ବିରୋଧୀ ଦଳଙ୍କର ଆନନ୍ଦର ସୀମା ନାହିଁ । ସେମାନେ ନିଜ ବିଜୟର ଉଲ୍ଲାସରେ ଉନ୍ମତ୍ତ ହୋଇ ପରସ୍ପର ଉଚ୍ଚ ସ୍ୱରରେ କହିବାକୁ ଲାଗିଲେ, ''ଅସତ୍ୟ, ଠକାମି, ପ୍ରବଞ୍ଚନା କେତେ ଦିନ ଚାଲେ ? ଶେଷରେ ମିଥ୍ୟାର ଭଣ୍ଡା ଫୋଡ଼ ହୁଏ । ରାତ୍ରି ପାହିଗଲା, କାଉ କା କା କରି ନିଜ ନିଜ ବସାରୁ ଉଡ଼ିଗଲେଣି । ଚାରିଆଡ଼ ଫରଚା ହୋଇ ଆସିଲାଣି । ଏତେ ଦିନେ ଠକ ଧରା ପଡ଼ିଲା !''

ରାଜା ମନେ ମନେ ଭାବିଲେ, ''ଠକ, ଭଣ୍ଡ କ'ଣ ଏହିପରି ହୋଇପାରନ୍ତି ? ଭଗବତ୍ କୀର୍ତ୍ତନରେ ନେତ୍ରରୁ ଲୋତକଧାରା ବର୍ଷା ହୁଏ ? ରୋମାଞ୍ଚ, କମ୍ପ, ସ୍ୱେଦ, ହାସ୍ୟ, ନୃତ୍ୟ, ମୂର୍ଚ୍ଛାଦି ଏସବୁ ତ ଅଷ୍ଟସାତ୍ତ୍ୱିକ ଭକ୍ତିଭାବ ବୋଲି ଶାସ୍ତ୍ରରେ କୁହା ହୋଇଛି । ଏସବୁ କ'ଣ ନକଲ କରାଯାଇ ପାରେ ? ଯଦି ନୁହେଁ, ତେବେ ରାତ୍ରି ତ ପାହିଗଲା । ଭକ୍ତରାଜଙ୍କୁ ଭଗବାନ୍ ସାହାଯ୍ୟ କରୁଥିବା ଯେଉଁସବୁ ଘଟଣା ଶୁଣା ଯାଉଥିଲା ତାହା ସବୁ କ'ଣ ମିଛ ଥିଲା ?'' ଏହିପରି ବିଚାରରେ ରାଜା ପଡ଼ିଥିଲେ । ବିରୋଧୀ ଦଳରେ ଯେପରି ହର୍ଷ ଓ ଉତ୍ସାହ ଖେଳି ଯାଇଥିଲା ସେହିପରି ଭକ୍ତରାଜଙ୍କ ହିତ ଚାହୁଁଥିବା ସମସ୍ତ ବ୍ୟକ୍ତିଙ୍କ ହୃଦୟ ଶୋକ ଓ ବିଷାଦରେ ପୂର୍ଣ୍ଣ ହୋଇଥିଲା ।

ଏକେବାରେ ଭୋର ହୋଇ ଆସିଥିଲା । ଅନ୍ଧକାର ନ ଥିଲା, କିନ୍ତୁ ସୂର୍ଯ୍ୟଙ୍କର ପ୍ରକାଶ ହୋଇ ନ ଥିଲା । ଠିକ୍ ଏଇ ସମୟରେ ଅତ୍ୟନ୍ତ ଜୋର୍‌ରେ ଗୋଟାଏ ବିସ୍ମୟକର ଶବ୍ଦ ହେଲା । ସେହି କଠୋର ଶବ୍ଦରେ ସମସ୍ତ ବ୍ୟକ୍ତି ଚମକି ପଡ଼ିଲେ । ବନ୍ଦ ହୋଇଥିବା ରାଧାଦାମୋଦରଙ୍କ ମନ୍ଦିରର କବାଟର ଦୃଢ଼ ତାଲା ଭାଙ୍ଗି ତଳେ ପଡ଼ିଗଲା । ଦ୍ୱାର ସମ୍ପୂର୍ଣ୍ଣ ରୂପେ ଖୋଲିଗଲା । ଉପସ୍ଥିତ ସମସ୍ତ ବ୍ୟକ୍ତି ଆଶ୍ଚର୍ଯ୍ୟରେ ଚକିତ ହୋଇ ଅପଲକ ନୟନରେ ଏସବୁ ଦେଖୁଥା'ନ୍ତି । ଗୋଟିଏ ଜ୍ୟୋତିଃପ୍ରକାଶ ମଧ୍ୟରେ ଠାକୁର ବିଗ୍ରହଙ୍କ ଗଳାର ପୁଷ୍ପମାଳାଟି ଭକ୍ତରାଜଙ୍କ ଆଡ଼କୁ ଆସୁଥାଏ । ଭକ୍ତରାଜଙ୍କ ପାଖରେ ପହଞ୍ଚିବା ପରେ ଉପସ୍ଥିତ ସମସ୍ତ ବ୍ୟକ୍ତି ଉନ୍ମୁକ୍ତ ସ୍ଥୂଳ ଦୃଷ୍ଟିରେ ଦେଖୁଥିବା ଅବସ୍ଥାରେ ସେହି ଜ୍ୟୋତିଃପ୍ରକାଶ ମଧ୍ୟରୁ ମନ୍ଦିର ବିଗ୍ରହଙ୍କୁ ଭକ୍ତରାଜ ଧାରଣ କରାଇଥିବା ପୁଷ୍ପମାଳାଟି ଭକ୍ତରାଜଙ୍କ ଗଳାରେ ପଡ଼ିଲା । ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଦେଖିଲେ ଯେ ମନ୍ଦିର ବିଗ୍ରହ ଜ୍ୟୋତିଃପ୍ରକାଶ ମଧ୍ୟରେ ଚାଲିଆସି ଦୁଇ ହସ୍ତରେ ନିଜ ଗଳାରୁ ପୁଷ୍ପମାଳ

ଉତାରି ଭକ୍ତରାଜଙ୍କ ଗଳାରେ ପିନ୍ଧାଇ ଦେଲେ । କିନ୍ତୁ ଭକ୍ତରାଜ ଭଗବତ୍ ଭକ୍ତିରେ ବିଭୋର ହୋଇ ଉନ୍ମୁକ୍ତ ନେତ୍ରରେ ଦେଖୁଥା'ନ୍ତି ଭଗବାନ୍ ଶ୍ରୀକୃଷ୍ଣ ପୀତାମ୍ବର ପରିଧାନ କରିଥା'ନ୍ତି, ନାନାଦି ଅଳଙ୍କାରରେ ବିଭୂଷିତ ହୋଇଥା'ନ୍ତି, ମସ୍ତକରେ ମୟୂର ମୁକୁଟ ଶୋଭା ପାଉଥାଏ, ଗଳାରେ ବନମାଳା ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବିଥାଏ । ସେ ମନ୍ଦମଧୁର ହାସ୍ୟରେ କୃପା ଦୃଷ୍ଟିରେ ଭକ୍ତରାଜଙ୍କୁ ଦେଖି ଦୁଇ ହସ୍ତରେ ନିଜ ଗଳାରୁ ପୁଷ୍ପମାଳ ଉତାରି ଭକ୍ତରାଜଙ୍କ ଗଳାରେ ପିନ୍ଧାଇ ଦେଇ ଭକ୍ତରାଜଙ୍କ ଉପରେ କୃପା ବର୍ଷଣ କରୁଥା'ନ୍ତି । ଭକ୍ତରାଜ ଅପଲକ ନୟନରେ, ନିଶ୍ଚଳ ଓ ନୀରବରେ ଚିତ୍ରପ୍ରତିମା ସଦୃଶ ଭଗବାନଙ୍କ ରୂପଲାବଣ୍ୟ ସମୁଦ୍ରରେ ଡୁବି ଯାଇଥା'ନ୍ତି । ତାଙ୍କର ସମସ୍ତ ଇନ୍ଦ୍ରିୟ ନିସ୍ତବ୍ଧ, ନିଷ୍କ୍ରିୟ ହୋଇ ଭଗବତ୍ ରୂପାନନ୍ଦରେ ନିମଗ୍ନ ହୋଇଥାଏ । ଭଗବାନ୍ ଭକ୍ତରାଜଙ୍କୁ ସଚେତ କରାଇ ମେଘଗମ୍ଭୀର ବାଣୀରେ କହିଲେ, ''ନରସିଂହରାମ, ତୁ ମୋରି ଭକ୍ତି ପ୍ରଚାର କରି ଦୁଃଖତାପପୀଡ଼ିତ ଜୀବଙ୍କୁ ଉଦ୍ଧାର କରିବା ସକାଶେ ଏହି ପୃଥିବୀକୁ ମୁଁ ତୋତେ ପଠାଇଛି । ମୋ କୃପା ତୋ ସଙ୍ଗେ ସର୍ବଦା ରହିବ ।'' ଭକ୍ତରାଜ ଦୁଇହସ୍ତ ଯୋଡ଼ି ପ୍ରାର୍ଥନା କଲେ, ''ପ୍ରଭୁ, ଆପଣଙ୍କ ବିୟୋଗ ଆଉ ମୁଁ ବରଦାସ୍ତ କରିପାରୁ ନାହିଁ । ଆପଣଙ୍କ ସହ ମିଳନରେ ଏହି ସ୍ଥୂଳ ଶରୀର ବାଧକ । ମୋର ଏଇ ପ୍ରାର୍ଥନା, ମୋତେ ନିଜ ସେବାରେ ରଖନ୍ତୁ ।'' ଭଗବାନ୍ କହିଲେ, ''ବସ୍, ଆଜିଠାରୁ ଆଉ କୌଣସି ବାଧାବିଘ୍ନ ଆସିବ ନାହିଁ । ମୋ ଭକ୍ତି ପ୍ରଚାର କର । ପାଞ୍ଚ ବର୍ଷ ପରେ ଏହି ସ୍ଥୂଳ ଶରୀର ତ୍ୟାଗ କରି ମୋ ନିତ୍ୟଧାମରେ ଦିବ୍ୟ ଶରୀରରେ ମୋ ସେବା ପ୍ରାପ୍ତ ହେବୁ ।'' ଭଗବାନ୍ ଏହା କହି ଭକ୍ତରାଜଙ୍କ ମସ୍ତକରେ ହସ୍ତ ରଖି ସେହିଠାରୁ ଅନ୍ତର୍ଦ୍ଧାନ ହୋଇଗଲେ ।

ଭକ୍ତ ପାଖରେ ଭଗବାନ୍ ଥିବା ପର୍ଯ୍ୟନ୍ତ ବିରୋଧୀ ଦଳ ଏବଂ ରାଜାଙ୍କ ସହିତ ସମସ୍ତ ଦର୍ଶନାର୍ଥୀ ନୀରବ ଓ ନିଶ୍ଚଳ ଅବସ୍ଥାରେ ଭକ୍ତରାଜଙ୍କ ପାଖରେ କେବଳ ଗୋଟିଏ ଜ୍ୟୋତିଃପ୍ରକାଶ ଦେଖୁଥିଲେ । ଭଗବାନ୍ ଅନ୍ତର୍ଦ୍ଧାନ ହେବା ପରେ ସେହି ଜ୍ୟୋତିଃପ୍ରକାଶ ଅଦୃଶ୍ୟ ହୋଇଗଲା । କିନ୍ତୁ ଭକ୍ତରାଜ ଭଗବତ୍ ଆନନ୍ଦ ସମାଧିରେ ବାହ୍ୟଜ୍ଞାନଶୂନ୍ୟ ଅବସ୍ଥାରେ ନିଶ୍ଚଳ ହୋଇ ପଡ଼ି ରହିଲେ । ପ୍ରତ୍ୟକ୍ଷ ରୂପେ ଭକ୍ତରାଜଙ୍କ ଉପରେ ଭଗବାନଙ୍କ କୃପା ଦେଖି ରାଜା ବିଶେଷ ଆନନ୍ଦିତ ହୋଇ ଭକ୍ତରାଜଙ୍କୁ ସମାଧି ଅବସ୍ଥାରୁ ଜାଗ୍ରତ୍ କରାଇଲେ । ବହୁ ବିନୟ ବଚନରେ ପ୍ରାର୍ଥନାପୂର୍ବକ ତାଙ୍କୁ ବହୁତ ସମ୍ମାନ କଲେ ଏବଂ ଭକ୍ତରାଜଙ୍କ ମନ୍ଦିରକୁ ପ୍ରତିଦିନ ଯେତେ ଅତିଥି ଆସିବେ ସେମାନଙ୍କ ଭୋଜନର ସୁବନ୍ଦୋବସ୍ତ କରିଦେଲେ ।

ବିରୋଧୀ ଦଳର ନେତା ସାରଙ୍ଗଧର, ଭକ୍ତରାଜଙ୍କ ମାମୁ ଅନନ୍ତରାୟ ଏବଂ ଭାଇ ବଂଶୀଧର ତଥା ଅନ୍ୟ ବ୍ୟକ୍ତିମାନଙ୍କର ଭକ୍ତରାଜଙ୍କ ପ୍ରତି କରିଥିବା ଅପରାଧ ଯୋଗୁଁ ବହୁତ ପଶ୍ଚାତ୍ତାପ ହେଲା । ସେମାନେ ବହୁ ବିନୟରେ ନିଜ ନିଜ ଅପରାଧ ସକାଶେ କ୍ଷମା ପ୍ରାର୍ଥନା କଲେ । ଭକ୍ତରାଜଙ୍କର କେହି ଶତ୍ରୁ ବା ମିତ୍ର ନ ଥିଲେ । ସେ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଭଗବାନଙ୍କୁ ଦର୍ଶନ କରୁଥିଲେ । ତାଙ୍କର କାହା ପ୍ରତି ଶତ୍ରୁତା ନ ଥିଲା । ସେ ନିଷ୍କପଟ ସରଳତାରେ କହିଲେ, ''ଆପଣମାନେ ମୋର ପୂଜ୍ୟ ଗୁରୁଜନ । ଆପଣମାନଙ୍କର କିଛି ଦୋଷ ନାହିଁ । ସବୁ ଘଟିଛି ଭଗବାନଙ୍କ ବିଧାନରେ । ସେଥିରେହିଁ ସମସ୍ତଙ୍କର କଲ୍ୟାଣ । ଆପଣମାନେ କିଛି ମାତ୍ର ଭାବନ୍ତୁ ନାହିଁ । ଭଗବାନଙ୍କ ନାମ ସ୍ମରଣ କରନ୍ତୁ । ସେ ଦୟାମୟ । ସେ ସମସ୍ତ ଦୋଷ କ୍ଷମା କରିଦେବେ ।''

ଭକ୍ତରାଜ ପରୀକ୍ଷା ଘଟଣା କଥାରେ କଥାରେ ଅଳ୍ପ ସମୟ ମଧ୍ୟରେ ସମସ୍ତ ଯୁନାଗଡ଼ରେ ବ୍ୟାପିଗଲା । ଭକ୍ତରାଜ ସମସ୍ତ ରାତ୍ରି ରାଜମନ୍ଦିରରେ ରହିଥିବା ଖବର ଜାଣି ଧରଣୀଧର ଆଶ୍ଚର୍ଯ୍ୟରେ ଅଭିଭୂତ ହୋଇପଡ଼ିଲେ । ପତ୍ନୀ ସହିତ ଭାବିଲେ, ''ରାତ୍ରିରେ ଆସିଥିଲେ କିଏ ? ଦୀପ ଜଳେଇ ସ୍ପଷ୍ଟ ଭାବରେ ଦେଖିଲୁ ଭକ୍ତରାଜଙ୍କୁ, ତାଙ୍କରି କଣ୍ଠସ୍ୱର । ସେଥିରେ ଭ୍ରମ ହେବାର କୌଣସି କାରଣ ନାହିଁ । ତେବେ ନିଶ୍ଚିତ ଯେ ଭକ୍ତରାଜଙ୍କ ରୂପ ଧାରଣ କରି ଭଗବାନ୍ ଆମ୍ଭମାନଙ୍କ ଉପରେ କୃପା କରିଥିଲେ । ଆମ୍ଭେମାନେ କେତେ ପତିତ, କେତେ ମଳିନ ! ଭଗବାନ୍ କୃପା କରି ସ୍ୱୟଂ ଦର୍ଶନ ଦେଲେ, କିନ୍ତୁ ଆମ୍ଭେମାନେ ତାଙ୍କୁ ଚିହ୍ନି ପାରିଲୁ ନାହିଁ, ପୂଜା କରି ପାରିଲୁ ନାହିଁ, ହାତ ଯୋଡ଼ି ଦୁଇପଦ ବିନୟ ପ୍ରାର୍ଥନା କରି ପାରିଲୁ ନାହିଁ ! ଧନଲୋଭରେ ମୋହିତ ହୋଇ ତାଙ୍କଠାରୁ ଟଙ୍କା ପାଇ ତାଙ୍କୁ ବିଦାୟ କରିଦେଲୁ !'' ଭଗବତ୍ ଦର୍ଶନରେ ଆନନ୍ଦ ତଥା ଭଗବାନଙ୍କୁ ଚିହ୍ନି ନ ପାରିବା ଯୋଗୁଁ ପାଶ୍ଚାତ୍ତାପ, ଏହି ଦୁଇଟି ଅବସ୍ଥାରେ ପଡ଼ି

ଧରଣୀଧର ଏବଂ ତାଙ୍କ ପତ୍ନୀ ଭକ୍ତରାଜଙ୍କ ଦର୍ଶନ ସକାଶେ ରାଜମନ୍ଦିରକୁ ଦୌଡ଼ିଲେ । ସେଠାରେ ଲୋକାରଣ୍ୟ । ରାଜା ସ୍ୱୟଂ ଭକ୍ତରାଜଙ୍କୁ ବହୁତ ଧନରତ୍ନ, ବସ୍ତ୍ରଭୂଷଣର ଉପହାର ଦେଇ ସୁସଜ୍ଜିତ ହସ୍ତୀ ଉପରେ ବସାଇଲେ ଏବଂ ପାତ୍ରମନ୍ତ୍ରୀଙ୍କ ସହିତ ତାଙ୍କ ମନ୍ଦିର ଅଭିମୁଖେ ତାଙ୍କ ସହିତ ଗମନ କଲେ । ଅସଂଖ୍ୟ ବ୍ୟକ୍ତି ଭଗବତ୍ ନାମ କୀର୍ତ୍ତନ ସହିତ ଚାଲିଥା'ନ୍ତି । ଶଙ୍ଖ ତଥା ନାନାଦି ବାଦ୍ୟନାଦ ସହିତ ଭକ୍ତରାଜଙ୍କୁ ଜୟ ଧ୍ୱନି କରୁଥିବା ଶବ୍ଦରେ ଆକାଶ କମ୍ପି ଉଠୁଥାଏ । ଭକ୍ତରାଜଙ୍କୁ ତାଙ୍କ ମନ୍ଦିରରେ ପହଞ୍ଚାଇ ରାଜା ତାଙ୍କଠାରୁ ବିଦାୟ ନେଇ ରାଜମହଲକୁ ଫେରି ଆସିଲେ । ଦର୍ଶନାର୍ଥୀମାନେ ବି ନିଜ ନିଜ ଘରକୁ ଫେରିଗଲେ ।

ସେହି ଦିନଠାରୁ ଭକ୍ତରାଜଙ୍କ ପ୍ରତି ବିରୋଧ ରଖୁଥିବା ବ୍ୟକ୍ତିମାନେ ଭଗବତ୍ ଭକ୍ତ ହୋଇଗଲେ । ଭକ୍ତରାଜଙ୍କ ଯଶଃକୀର୍ତ୍ତି ଅଧିକରୁ ଅଧିକ ପ୍ରସାରିତ ହେଲା । ପୂର୍ବାପେକ୍ଷା ବହୁସଂଖ୍ୟାରେ ସାଧୁ, ସନ୍ଥ, ଭକ୍ତ ତାଙ୍କ ଦର୍ଶନକୁ ଆସିଲେ । ଦିନରାତି ଭଗବତ୍ କୀର୍ତ୍ତନ, ସତ୍‌ସଙ୍ଗ ଚାଲୁଥିଲା ।

ଭକ୍ତରାଜ ଗୁଜରାଟୀ ଭାଷାରେ ଭଗବତ୍ ଭକ୍ତି, ଭଗବତ୍ ପ୍ରାର୍ଥନା, ଭଗବତ୍ ବିଶ୍ୱାସ ଓ ନିର୍ଭରତା ଆଦି ବିଷୟରେ ବହୁତ କବିତା ରଚନା କରିଥିଲେ । ଭଗବାନଙ୍କ ନିର୍ଦ୍ଦେଶ ଅନୁସାରେ ଭକ୍ତରାଜ ପାଞ୍ଚ ବର୍ଷ ପରେ ନଶ୍ୱର ଶରୀର ତ୍ୟାଗ କରି ନିତ୍ୟ ଗୋଲୋକରେ ଭଗବତ୍ ସେବା ପ୍ରାପ୍ତ ହେଲେ । ତାଙ୍କ କନ୍ୟା ତଥା ପୁତ୍ରବଧୂ ଯୁଠୀବାଇ ଭଗବତ୍ ଭକ୍ତି କୀର୍ତ୍ତନାନନ୍ଦରେ ମଗ୍ନ ହୋଇ ବୃଦ୍ଧାବସ୍ଥାରେ ଶରୀର ତ୍ୟାଗ କରି ଭଗବତ୍ ପ୍ରାପ୍ତ ହେଲେ । ଆଜି ବି ଯୁନାଗଡ଼ରେ ଭକ୍ତରାଜଙ୍କ ମନ୍ଦିର ସ୍ଥାନଟି ''ନରସି ଚୌରାହ'' ନାମରେ ବିଦ୍ୟମାନ ଅଛି । ଭକ୍ତରାଜଙ୍କ ରଚିତ ବହୁତ କବିତା ଆଜି ବି ଗାନ କରି ଅସଂଖ୍ୟ ନରନାରୀ ଭଗବତ୍ ଭକ୍ତି ପ୍ରାପ୍ତ କରି ଭବସାଗରରୁ ପାର ହୋଇ ଯାଉଛନ୍ତି ।

ବୋଲ ଭକ୍ତ ନରସି ମେହତାଙ୍କୁ ଜୟ ।

ସନ୍ଥ କୁମ୍ଭନ ଦାସ

ସନ୍ଥ କୁମ୍ଭନ ଦାସଜିଙ୍କ ସଂକ୍ଷିପ୍ତ ଜୀବନ-ଚରିତ ତଥା ତାଙ୍କର ଭଗବାନଙ୍କ ପ୍ରତି ଅସାଧାରଣ ପ୍ରେମଭକ୍ତିର କେତେକାଂଶ ନାଭାଜିଙ୍କ ଭକ୍ତମାଳାରେ ବର୍ଣ୍ଣିତ ହୋଇଅଛି । ତା'ର ଆଧାରରେ ପାଠକମାନଙ୍କ ସାଧନାରେ ପ୍ରେରଣା ଯୋଗାଇବା ତଥା ସାଧକମାନଙ୍କୁ ସାଧନାରେ ଉତ୍ସାହିତ କରିବା ସକାଶେ ତାଙ୍କ ଜୀବନ-ଚରିତ ସଂକ୍ଷେପରେ ଲେଖିବାକୁ ଚେଷ୍ଟା କରୁଛି ।

କୁମ୍ଭନ ଦାସଙ୍କ ଜନ୍ମ ଉତ୍ତର ପ୍ରଦେଶସ୍ଥ ମଥୁରା ଜିଲ୍ଲାର ଗୋବର୍ଦ୍ଧନ ଗିରି ନିକଟ ଯମୁନାବତୀ ଗ୍ରାମରେ ଗୋଟିଏ କ୍ଷତ୍ରିୟ ପରିବାରରେ ସମ୍ବତ ୧୫୨୫ ଚୈତ୍ର ମାସ କୃଷ୍ଣ ପକ୍ଷ ଏକାଦଶୀ ତିଥିରେ ହୋଇଥିଲା । କୁମ୍ଭନ ଦାସଙ୍କର ବାଲ୍ୟାବସ୍ଥାରୁ ଭଗବତ୍ ଭକ୍ତି ଜନ୍ମଗତ ସଂସ୍କାରରୂପେ ତାଙ୍କ ହୃଦୟରେ ବିଦ୍ୟମାନ ଥିଲା । ତାଙ୍କର ଭଗବତ୍ ଗୁଣଗାନ ସଙ୍ଗୀତ ତଥା ଭଗବତ୍ ଭକ୍ତି ବିଷୟକ ଗୀତ ରଚନା ସ୍ୱତଃସ୍ଫୂର୍ତ୍ତଭାବେ ହେଉଥିଲା ।

ଅଳ୍ପ ବୟସରେ ତାଙ୍କ ପିତା ତାଙ୍କୁ ବିବାହ କରାଇ ଦେଇଥିଲେ । ତାଙ୍କର ସାତଟି ପୁତ୍ର ସନ୍ତାନ ହେବା ପରେ ସେ ବଲ୍ଲଭାଚାର୍ଯ୍ୟଙ୍କଠାରୁ ଦୀକ୍ଷା ନେଇ ଭଗବତ୍ ଭଜନରେ ନିମଗ୍ନ ରହିଥିଲେ ।

ସେ ସମୟରେ ଶ୍ରୀବଲ୍ଲଭାଚାର୍ଯ୍ୟ ବି ଗୋବର୍ଦ୍ଧନରେ ବାସ କରୁଥିଲେ । ବଲ୍ଲଭାଚାର୍ଯ୍ୟଜିଙ୍କ ଅଧ୍ୟାତ୍ମ ପ୍ରଭାବ ଶୁଣି କୁମ୍ଭନ ଦାସ ତାଙ୍କ ପାଖକୁ ଆସି ଦୀକ୍ଷା ନେବା ସକାଶେ ପ୍ରାର୍ଥନା କଲେ । କୁମ୍ଭନ ଦାସଙ୍କୁ ଉତ୍ତମ ଅଧିକାରୀ ଜାଣି ମହାପ୍ରଭୁ ବଲ୍ଲଭାଚାର୍ଯ୍ୟଜି ଦୀକ୍ଷା ଦେଇ ଶିଷ୍ୟରୂପେ ଗ୍ରହଣ କଲେ । ଗୁରୁଙ୍କ ଦୀକ୍ଷା ପାଇ କିଛି ଦିନ ଗୁରୁଙ୍କ ସେବାରେ ରହି ନିଜ ଜନ୍ମଭୂମି ଯମୁନାବତୀ ଗ୍ରାମକୁ ଫେରି ଆସି ଗାର୍ହସ୍ଥ୍ୟାଶ୍ରମରେ ରହି ଭଗବତ୍ ଭକ୍ତିରେ ନିମଗ୍ନ ରହିଲେ । ତାଙ୍କର ଜନ୍ମଗତ ସଂସ୍କାରରୁ ଭଗବତ୍ ଚରିତ ଗୀତ ରଚନା କରି ଭଗବତ୍ ଭକ୍ତିରେ ମଗ୍ନ ରହି ଗାନ କରିବା ସ୍ୱତଃସ୍ଫୂର୍ତ୍ତ ପ୍ରବୃତ୍ତି ଥିଲା । କିନ୍ତୁ ଗୁରୁଙ୍କଠାରୁ ଦୀକ୍ଷା ପାଇବା ପରେ ସେ ଭଗବତ୍ ଚରିତ ଗୀତ ରୂପେ ଅଧିକ ସ୍ୱତଃସ୍ଫୂର୍ତ୍ତ ଭାବେ ରଚନା କଲେ ଏବଂ ସେହି ଗୀତଗାନରେ ଭଗବତ୍ ଭକ୍ତିରେ ବୁଡ଼ି ରହିଲେ । ଗୀତ ଗାନ ସମୟରେ ତାଙ୍କର ଦୁଇ ନେତ୍ରରୁ ଅଶ୍ରୁଧାରା ବର୍ଷା ହେଉଥିଲା । ଭକ୍ତିର ରୋମାଞ୍ଚ, ପୁଲକ, ସ୍ୱେଦାଦି ସବୁ ଲକ୍ଷଣ ତାଙ୍କ ଶରୀରରେ ପ୍ରକାଶିତ ହେଉଥିଲା । କୁମ୍ଭନ ଦାସ ରହିବା ସ୍ଥାନ ନିକଟରେ ଜଟିପୁରରେ ଶ୍ରୀକୃଷ୍ଣ ମୂର୍ତ୍ତି ଥିବା ଶ୍ରୀନାଥ ନାମକ ମନ୍ଦିର ଥିଲା । କୁମ୍ଭନ ଦାସ ପ୍ରତିଦିନ ଶ୍ରୀନାଥଙ୍କ ସମ୍ମୁଖରେ ଭଜନ ଗାନ କରୁଥିଲେ ।

ସମ୍ବତ ୧୬୨୦ରେ ଦିନେ ମହାରାଜ ମାନସିଂହ ବ୍ରଜ ଯାତ୍ରା କରିବା ସମୟରେ ଶ୍ରୀକୃଷ୍ଣ ମୂର୍ତ୍ତି 'ଶ୍ରୀନାଥ'ଙ୍କୁ ଦର୍ଶନ କରିବା ସକାଶେ ଜଟିପୁରରେ ପହଞ୍ଚିଲେ । ସେ ସମୟରେ କୁମ୍ଭନ ଦାସଜି ଭକ୍ତିରେ ବିଭୋର ହୋଇ ଶ୍ରୀନାଥଙ୍କ ସମ୍ମୁଖରେ ଭଜନ ଗାନ କରୁଥିଲେ । କୁମ୍ଭନ ଦାସଙ୍କ ଗାନରେ ମହାରାଜ ମାନସିଂହ ଅତ୍ୟନ୍ତ ମୁଗ୍ଧ ହୋଇଗଲେ । ତାଙ୍କ ରହିବା ସ୍ଥାନ ପଚାରି ତା' ପରଦିନ ସକାଳୁ କୁମ୍ଭନ ଦାସଙ୍କ ବାସସ୍ଥାନ ଯମୁନାବତୀ ଗ୍ରାମରେ ପହଞ୍ଚିଲେ ଏବଂ ଆଦରପୂର୍ବକ ବହୁତ ଟଙ୍କା ଦେଲେ । କିନ୍ତୁ କୁମ୍ଭନ ଦାସ ଅତ୍ୟନ୍ତ ନମ୍ରତା ସହ ରାଜାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରି ରାଜାଙ୍କ ଉପହାର ଧନ ଗ୍ରହଣ କଲେ ନାହିଁ । କୁମ୍ଭନଦାସଙ୍କ ନମ୍ରତା ତଥା ବୈରାଗ୍ୟ, ତ୍ୟାଗ ଏବଂ ଭଗବତ୍ ଭକ୍ତିରେ ମୁଗ୍ଧ ହୋଇ ଅତ୍ୟନ୍ତ ପ୍ରସନ୍ନତା ସହିତ ରାଜା ଫେରିଗଲେ ।

କୁମ୍ଭନ ଦାସ ଥିଲେ ଗାର୍ହସ୍ଥ୍ୟାଶ୍ରମରେ । ତାଙ୍କର ସାତ ପୁତ୍ର ଥିଲେ । ସେ ଦିନ-ରାତି ଭଗବତ୍ ପ୍ରେମରେ ନିମଗ୍ନ ରହି ଗୀତ ରଚନା କରି ଗାନକରି ଶରୀର ତଥା ସଂସାରକୁ ଭୁଲି ଯାଉଥିଲେ । ଭଗବତ୍ ପ୍ରେମରେ ବିଭୋର ରହିବା ଯୋଗୁଁ ସେ ପରିବାର ପାଳନ-ପୋଷଣ ସକାଶେ କୌଣସି କର୍ମ କରିବାକୁ ସକ୍ଷମ ନ ଥିଲେ । ସର୍ବଦା ଅର୍ଥର ଅଭାବ ରହୁଥିଲା । ଅଭାବ ସତ୍ତ୍ୱେ ତାଙ୍କର ପ୍ରବଳ ସନ୍ତୋଷ ଥିବାରୁ ଅନ୍ୟର ଦାନ ଗ୍ରହଣ କରୁ ନ ଥିଲେ । ତାଙ୍କ ପୁତ୍ରମାନଙ୍କ ଉପାର୍ଜନ ତଥା ତାଙ୍କ ନିଜ ସମ୍ପତ୍ତିରୁ ଯାହା ଆୟ ହେଉଥିଲା ସେଥିରେହିଁ ଦୁଃଖେକଷ୍ଟେ ଚଳୁଥିଲେ । ଅଭାବ ଥିବା ସତ୍ତ୍ୱେ ତାଙ୍କର ଅଭାବବୋଧ କେବେ ବି ହେଉ ନ ଥିଲା ।

ସାଧାରଣତଃ ବ୍ୟକ୍ତିର ଆବଶ୍ୟକ ନ ଥିଲେ ତ୍ୟାଗ ହୁଏ । କିନ୍ତୁ କୁମ୍ଭନ ଦାସଙ୍କର ସାଧାରଣ ଜୀବନନିର୍ବାହ ସକାଶେ ଆବଶ୍ୟକ ଧନ ନ ଥିବା ସତ୍ତ୍ୱେ ତାଙ୍କର ତ୍ୟାଗ ବୈରାଗ୍ୟ ପ୍ରବଳ ଥିବାରୁ ସେ ଅନ୍ୟର ଦାତବ୍ୟ ଧନ ଗ୍ରହଣ କରୁ ନ ଥିଲେ । ଅଭାବ ଅବସ୍ଥାରେ ଅତ୍ୟନ୍ତ ସନ୍ତୋଷରେ ରହି ଶ୍ରୀନାଥଙ୍କ ଦର୍ଶନ ତଥା ତାଙ୍କରି ଭକ୍ତିରେ ନିମଗ୍ନ ରହୁଥିଲେ । ଶ୍ରୀନାଥଙ୍କ ସେବା ଛାଡ଼ି ସେ ଅନ୍ୟତ୍ର ଯିବାକୁ ଚାହୁଁ ନ ଥିଲେ । କିନ୍ତୁ କୁମ୍ଭନ ଦାସଙ୍କ ପାରିବାରିକ ଅର୍ଥାଭାବ ଦେଖି ମହାତ୍ମା ବିଠଲନାଥଜି ତାଙ୍କୁ ସମ୍ବତ ୧୬୩୧ରେ ନିଜ ସଙ୍ଗେ ଦ୍ୱାରିକାପୁରୀ ନେବାକୁ ଚାହିଁଲେ । କିନ୍ତୁ କୁମ୍ଭନ ଦାସଜି ଶ୍ରୀନାଥଙ୍କୁ ଛାଡ଼ି ଯିବାକୁ ଚାହୁଁ ନ ଥିବା ସତ୍ତ୍ୱେ ମହାପୁରୁଷଙ୍କ ଆଜ୍ଞା ଭଙ୍ଗ ନ କରି ତାଙ୍କ ସଙ୍ଗେ ରାଜି ହୋଇ ଦ୍ୱାରିକା ଯାତ୍ରା କଲେ । ବିଠଲନାଥ ଭାବିଥିଲେ କୁମ୍ଭନ ଦାସ ଗାର୍ହସ୍ଥ୍ୟାଶ୍ରମରେ ଥିବାରୁ ଅର୍ଥର ପ୍ରବଳ ଅଭାବ ସତ୍ତ୍ୱେ ସେ ରାଜା ଏବଂ ଅନ୍ୟମାନଙ୍କ ଦାନ ଗ୍ରହଣ କରୁ ନ ଥିଲେ । କିନ୍ତୁ ଦ୍ୱାରିକାରେ ବୈଷ୍ଣବ ସଜ୍ଜନମାନଙ୍କ ଅର୍ଥକୁ ସେ ତ୍ୟାଗ ନ କରି ପ୍ରସାଦ ରୂପେ ଗ୍ରହଣ କରିବେ ତଥା ତାଙ୍କର ଅଭାବ ଦୂର ହୋଇଯିବ । ବିଠଲନାଥଜିଙ୍କ ସହିତ ବହୁତ ବୈଷ୍ଣବ ସଜ୍ଜ ଥିଲେ । ଦ୍ୱାରିକା ଦୂର ଥିଲା । ରାସ୍ତାରେ କେଇଦିନ ଲାଗିବାର କଥା । ପ୍ରଥମ ଦିନ ଗୋଟିଏ ସ୍ଥାନରେ ସବୁ ସଜ୍ଜ ରହିଲେ । ସେହି ସ୍ଥାନରେ କୁମ୍ଭନ ଦାସଜି ପହଞ୍ଚିବା ସଙ୍ଗେ ସଙ୍ଗେ ଶ୍ରୀନାଥଜିଙ୍କ ବିରହରେ ଗୋଟିଏ ପଦ ଗାନ କଲେ । ତାଙ୍କର ଦୁଇ ନେତ୍ରରୁ ଅଶ୍ରୁଧାରା ବର୍ଷା ହେବାକୁ ଲାଗିଲା । ଶରୀର ରୋମାଞ୍ଚରେ ପୂର୍ଣ୍ଣ ହୋଇଗଲା । ସଙ୍ଗେ ସଙ୍ଗେ ପୁଲକ । ଶ୍ରୀନାଥଙ୍କ ବିରହରେ ବିହ୍ୱଳ ହୋଇଗଲେ । ଶରୀର ଜ୍ଞାନ ରହିଲା ନାହିଁ । ମାତ୍ର ଗୋଟିଏ ଦିନ ଶ୍ରୀନାଥଙ୍କୁ ଛାଡ଼ି ଆସିଥିଲେ । ସେ ଗାଇଥିବା ପ୍ରାର୍ଥନାର ଅର୍ଥ ହେଲା –

''ହେ ପ୍ରଭୁ, ତୁମକୁ ନ ଦେଖି କେତେ ଯୁଗ ବିତିଗଲାଣି । ହେ ତରୁଣ କିଶୋର ରସିକ ନନ୍ଦନନ୍ଦନ, ତୁମ ମୁଖଛବି ଭାସିଉଠୁଛି; ଅର୍ଥାତ୍ ଦେଖାଯାଉଛି । ମୁଖର ସେହି ଶୋଭା ସେହି କାନ୍ତି ସମ୍ମୁଖରେ କୋଟିଏ ଚନ୍ଦ୍ର ମଳିନ ହେବେ । ସେହି ଚାହିଁବା, ସେହି ମନ୍ଦ ମନୋହର ଦୃଶ୍ୟ, ନଟବର ବପୁ (ରୂପ) ନେତ୍ର ସମ୍ମୁଖରେ ଦେଖା ଯାଉଅଛି । ସେହି ଶ୍ୟାମ ସୁନ୍ଦରଙ୍କ ସଙ୍ଗେ ଦେଖା କରିବା, ଖେଳିବା, ସ୍ମରଣ ହୋଇ ଆସୁଛି ।''

କୁମ୍ଭନ ଦାସ କହୁଛନ୍ତି, – ''ଗିରିଧର ବିନା, ଜୀବନ ଜନ୍ମ ବୃଥା ।'' ଏହି ପଦଟି କୁମ୍ଭନ ଦାସଙ୍କ ଅନ୍ତରରୁ ସ୍ୱତଃସ୍ଫୂର୍ତ୍ତ ଭାବେ ଆସିଲା । ସେ ଗାନ କରି ଶ୍ରୀକୃଷ୍ଣଙ୍କ ପ୍ରେମରେ ଏକେବାରେ ବିଭୋର ହୋଇଗଲେ । ଏହି ଅସାଧାରଣ ପ୍ରେମାବସ୍ଥା ଦେଖି କୁମ୍ଭନ ଦାସ ଘରକୁ ଫେରିଯାଇ ଶ୍ରୀନାଥଙ୍କ ସେବାରେ ରହିବା ସକାଶେ ଶ୍ରୀବିଠଲନାଥଜି ଆଜ୍ଞା ଦେଲେ । ଆଜ୍ଞା ପାଇବା ସଙ୍ଗେ ସଙ୍ଗେ କୁମ୍ଭନ ଦାସ ଫେରି ଆସି ପ୍ରଥମରେ ଶ୍ରୀନାଥଙ୍କୁ ଦର୍ଶନ କରି ପ୍ରେମାନନ୍ଦରେ ବୁଡ଼ିଗଲେ । ତାଙ୍କର ଗୋଟିଏ ଦିନ ବିୟୋଗ ଶହେ ବର୍ଷ ପରି ମନେ ହେଉଥିଲା ।

ସେ ସମୟରେ ଆକବର ବାଦଶାହ ଥିଲେ । ସେ ଭକ୍ତମାନଙ୍କୁ ସମ୍ମାନ କରୁଥିଲେ । ଥରେ ତାଙ୍କର ଜଣେ ଦରବାରୀ ବ୍ୟକ୍ତି କୁମ୍ଭନ ଦାସଙ୍କ ଗାନ ଶୁଣି, ତାଙ୍କ ଶ୍ରୀକୃଷ୍ଣଙ୍କ ପ୍ରେମ ଦେଖି ଆକବର ବାଦଶାହଙ୍କୁ କହିଲେ । ବାଦଶାହ ଶୁଣିବା ମାତ୍ରେ କୁମ୍ଭନ ଦାସଙ୍କୁ ଆଣିବା ସକାଶେ ପାଲିଙ୍କି ପଠାଇ ଦେଲେ ଏବଂ ତାଙ୍କ ଦରବାରରେ ଗାନ କରିବା ସକାଶେ ଅନୁରୋଧ କଲେ । କୁମ୍ଭନ ଦାସଙ୍କ ଅନିଚ୍ଛାସତ୍ତ୍ୱେ ବାଦଶାହ ପାଲିଙ୍କି ପଠାଇଥିବାରୁ ସେ ଆସିଲେ । କିନ୍ତୁ ଶ୍ରୀନାଥଙ୍କ ସମ୍ମୁଖରେ ଗାଇବା ଛଡ଼ା ଆକବରଙ୍କ ଦରବାରରେ ଗାଇବା ତାଙ୍କର ପସନ୍ଦ ନ ଥିଲା ବୋଲି ଗୀତ ରଚନା କରି ଆକବରଙ୍କ ସମ୍ମୁଖରେ ଅପ୍ରସନ୍ନତା ସ୍ୱରରେ ଗାନ କଲେ । କୁମ୍ଭନ ଦାସଙ୍କ ଭଗବତ୍ ନିଷ୍ଠା, ସ୍ପଷ୍ଟବାଦିତା ଦେଖି ପ୍ରସନ୍ନତା ସହ ତାଙ୍କ ଗ୍ରାମ ଯମୁନାବତୀରେ ତାଙ୍କୁ ପହଞ୍ଚାଇ ଦେଲେ ।

କୁମ୍ଭନଦାସଜି ଗାର୍ହସ୍ଥ୍ୟାଶ୍ରମରେ ଥିଲେ । ତାଙ୍କର ସାତ ପୁତ୍ର ଥିଲେ । କିନ୍ତୁ ସେ ପରିବାରରେ ସଂପୂର୍ଣ୍ଣ ଅନାସକ୍ତ ଥିଲେ । ତାଙ୍କୁ ଥରେ ଜଣେ ବ୍ୟକ୍ତି ପଚାରିଲେ, ''ତୁମର କେତେ ପୁତ୍ର ?'' ସେ ଉତ୍ତର ଦେଲେ ''ମୋର ଦେଢ଼ଟି ପୁତ୍ର । ଗୋଟିଏ ଚତୁର୍ଭୁଜ ଦାସ; ସେ ଶ୍ରୀନାଥଜିଙ୍କୁ ସେବା କରେ ଏବଂ ତାଙ୍କ ସମ୍ମୁଖରେ ତାଙ୍କ ଗୁଣ ଗାନ କରେ ।'' ଅର୍ଥାତ୍ ସେ ଶ୍ରୀନାଥଙ୍କ ଭକ୍ତ ଥିବାରୁ ସେହି ପୁତ୍ର ଗୋଟିଏ । ଅନ୍ୟଟି କୃଷ୍ଣ ଦାସ; ସେ ଶ୍ରୀନାଥଜିଙ୍କ ପୂର୍ଣ୍ଣ ଭକ୍ତ ନ ଥିଲେ । କିନ୍ତୁ ତାଙ୍କ ଗାଈ ଚରାଉଥିଲେ । ସେହି କାରଣରୁ ସେ ଅଧା ପୁତ୍ର । ଅନ୍ୟମାନେ ଭଗବାନଙ୍କ ଭକ୍ତ ନ ଥିବାରୁ

ତାଙ୍କୁ ପୁତ୍ରର ସଂଖ୍ୟାରୁ ବାଦ୍ ଦେଉଥିଲେ । କୁମ୍ଭନ ଦାସ ପରିବାରରେ କିପରି ଅନାସକ୍ତ ଥିଲେ ତାହା ତଳ ଲିଖିତ ଘଟଣାରୁ ସ୍ପଷ୍ଟ ଜଣାପଡୁଛି । ତାଙ୍କ ପୁଅ ଦିନେ ଶ୍ରୀନାଥଙ୍କ ଗାଈ ଚରାଇବାକୁ ବଣକୁ ଯାଇଥିଲେ । ଗୋଟାଏ ବାଘ ଗାଈକୁ ଆକ୍ରମଣ କଲା । ତାଙ୍କ ପୁଅ କୃଷ୍ଣ ଦାସ ଦେଖି ଗାଈକୁ ରକ୍ଷା କରିବା ସକାଶେ ବାଘ ପାଖକୁ ଦୌଡ଼ିଗଲେ । ବାଘ ଗାଈକୁ ଛାଡ଼ି କୃଷ୍ଣ ଦାସଙ୍କୁ ମାରି ନେଇଗଲା । ଏହି ଘଟଣା ଶୁଣି କୁମ୍ଭନ ଦାସ ଖୁସି ହୋଇ କହିଲେ, ''କୃଷ୍ଣ ଦାସ ତା' ଜୀବନ ସାର୍ଥକ କଲା । ଶ୍ରୀନାଥଙ୍କ ଗାଈକୁ ବଞ୍ଚାଇ ନିଜ ପ୍ରାଣ ଦେଲା ।'' ଅର୍ଥାତ୍ ତା' ଜୀବନ ଶ୍ରୀନାଥଙ୍କ ସେବାରେ ଲାଗି ସାର୍ଥକ ହୋଇଗଲା ।

କୁମ୍ଭନ ଦାସ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଭଗବତ୍ ଭକ୍ତିରେ ବିଭୋର ହୋଇ ଶରୀର ତ୍ୟାଗ କରି ଭଗବତ୍ ନିତ୍ୟଧାମ ଗୋଲୋକରେ ଶ୍ରୀକୃଷ୍ଣଙ୍କ ସେବା ପ୍ରାପ୍ତ ହେଲେ । ସେ ଶହେ ବର୍ଷରୁ ଅଧିକ ବର୍ଷ ଜୀବିତ ଥିଲେ । କିନ୍ତୁ କେଉଁ ସମୟରେ ଶରୀର ତ୍ୟାଗ କଲେ ତାହା ଉଲ୍ଲେଖ ନାହିଁ ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

ସନ୍ଥ ହରିଦାସଜି

ବୃନ୍ଦାବନ ନିକଟ ରାଜପୁର ଗ୍ରାମରେ ଧନାଢ୍ୟ ବ୍ରାହ୍ମଣ ଗଙ୍ଗାଧରଜି ନିବାସ କରୁଥିଲେ । ତାଙ୍କ ସତୀ ସାଧ୍ୱୀ ଧର୍ମପତ୍ନୀ ଚିତ୍ରାଦେବୀଙ୍କ ଗର୍ଭରୁ ବିକ୍ରମ ସଂବତ୍ ୧୫୩୭ ଭାଦ୍ର ଶୁକ୍ଳ ରାଧାଷ୍ଟମୀ ତିଥିରେ ପ୍ରସିଦ୍ଧ ରସିକ ସନ୍ଥ ଶ୍ରୀ ହରିଦାସଜି ମହାରାଜ ଜନ୍ମ ଗ୍ରହଣ କରିଥିଲେ । ରାଧାଷ୍ଟମୀ ଦିନ ଆହ୍ଲାଦିନୀ ଶକ୍ତି ଶ୍ରୀକୃଷ୍ଣପ୍ରିୟା ଶ୍ରୀ ରାଧାଜିଙ୍କର ଆବିର୍ଭାବ ହୋଇଥିବାରୁ ସେହି ପବିତ୍ରଦାୟିନୀ ଦିନଟି ଧାର୍ମିକ ଜନତା ବିଶେଷତଃ ବ୍ରଜବାସୀ ଏବଂ ଭକ୍ତ ତଥା ସନ୍ଥମାନଙ୍କର ଅତ୍ୟନ୍ତ ପ୍ରିୟ ଥିଲା । ସେ ଦିନଟିରେ ଘରେ ଘରେ ଉତ୍ସବ ହେଉଥାଏ । ସେହି ଆନନ୍ଦ ସମୟରେ ଶିଶୁ ସନ୍ତାନଟି ପାଇ ତାଙ୍କର ପିତାମାତା, ବନ୍ଧୁ-ବାନ୍ଧବ, ସାହି-ପଡ଼ିଶାଙ୍କର ଆନନ୍ଦର ସୀମା ରହିଲା ନାହିଁ । ଗଙ୍ଗାଧରଜି ମିତ୍ରମାନଙ୍କ ସହିତ ଗୁରୁଦେବଙ୍କ ନିବାସ ସ୍ଥାନକୁ ଯାଇ ଏହି ସୁସମ୍ବାଦଟି ତାଙ୍କ ଚରଣରେ ନିବେଦନ କଲେ । ଶ୍ରୀ ଆସୁଧିରଜି ଶୁଣିବା ମାତ୍ରେ ଅତ୍ୟନ୍ତ ଆନନ୍ଦିତ ହୋଇ ନବଜାତ ଶିଶୁକୁ ଦେଖିବା ସକାଶେ ଗଙ୍ଗାଧରଜି ତାଙ୍କ ମିତ୍ରମାନଙ୍କ ସଙ୍ଗେ ତାଙ୍କ ଗୃହରେ ଉପନୀତ ହେଲେ ଏବଂ ପୁତ୍ର ଜନ୍ମହେବାର ଶୁଭ ଅବସରରେ ନିଜ ଗୃହରେ ଗୁରୁଦେବଙ୍କୁ ଦର୍ଶନ କରି ପରିବାରର ବ୍ୟକ୍ତିମାନେ ବିଶେଷ ଆନନ୍ଦ ଅନୁଭବ କଲେ, ଗୁରୁଦେବଙ୍କୁ ବିଧିବିଧାନରେ ପୂଜାକରି ଆଦର ଓ ସମ୍ମାନପୂର୍ବକ ଉତ୍ତମ ଆସନରେ ବସାଇଲେ ଏବଂ ନବଜାତ ଶିଶୁକୁ ଆଣି ତାଙ୍କ ଚରଣରେ ନିବେଦନ କଲେ । ଗୁରୁଦେବ ଶିଶୁକୁ ଦୁଇ ହସ୍ତରେ ଉଠାଇ ନେଇ ନିର୍ନିମେଷ ଦୃଷ୍ଟିରେ ନିରୀକ୍ଷଣ କରି ଅପାର୍ଥିବ ଆନନ୍ଦ ଅନୁଭବ କଲେ । ଶ୍ରୀରାଧା-ସହଚରୀ ଲଳିତା ଦେବୀ ଶିଶୁ ରୂପେ ଆବିର୍ଭୂତ ହୋଇ ଥିବା କଥା ଗୁରୁଦେବ ଜାଣି ପାରିଲେ ଏବଂ ଶିଶୁକୁ ଲାଳନପାଳନ କରିବା ସକାଶେ ତାଙ୍କ ପିତା-ମାତାଙ୍କୁ ଫେରାଇ ଦେଲେ ।

ଯଥା ସମୟରେ ଶିଶୁର ନାମ ରଖାଗଲା ହରିଦାସ । ଦିନ ଅତୀତ ହେବାରେ ବିଳମ୍ବ ହୁଏ ନାହିଁ, ସମୟ ଅତୀତ ହେବା ସଙ୍ଗେ ସଙ୍ଗେ ଶୁକ୍ଳପକ୍ଷ ଚନ୍ଦ୍ରମା ସଦୃଶ ଶିଶୁ ବଢ଼ିବାକୁ ଆରମ୍ଭ କଲେ । ତାଙ୍କ ରୂପ ଯେପରି ସୁନ୍ଦର, ସେହିପରି ବାଲ୍ୟଚପଳଲୀଳା ମନୋମୁଗ୍ଧକର ଥିଲା । ତାଙ୍କ ବାଲ୍ୟଲୀଳା ପିତା-ମାତା, ବନ୍ଧୁ-ବାନ୍ଧବ, ସାହି-ପଡ଼ିଶାମାନେ ଦେଖି ଆନନ୍ଦରେ ମଗ୍ନ ହୋଇ ଯାଉଥିଲେ । ଯେଉଁମାନେ ଥରେ ଶିଶୁଟିକୁ ଦେଖୁଥିଲେ ସେମାନେ ବାରଂବାର ଦେଖିବାକୁ ଆସୁଥିଲେ । ଦେଖୁ ଦେଖୁ ହରିଦାସଙ୍କର କିଶୋର ଅବସ୍ଥା ଉପସ୍ଥିତ ହେଲା, ଶୁଭ ଦିନରେ ଗୁରୁଦେବ ଆସୁଧିରଜି ହରିଦାସଙ୍କର ଉପନୟନ ସଂସ୍କାର କରି ଶ୍ରୀରାଧାକୃଷ୍ଣଙ୍କ ଯୁଗଳ ମନ୍ତ୍ର ଉପଦେଶ ଦେଲେ, ମନ୍ତ୍ର ଉପଦେଶ ପାଇବା ମାତ୍ରେ ତାଙ୍କ ଆନ୍ତର ଦିବ୍ୟ ପ୍ରେମ ପ୍ରକାଶ ହୋଇଗଲା । ସେ ରାଧାକୃଷ୍ଣଙ୍କ ପୂର୍ଣ୍ଣ ଲୀଳା-ଗୁଣ-ଗାନରେ ନିମଗ୍ନ ହୋଇଗଲେ ।

ବ୍ରାହ୍ମଣ କୁଳ-ପରମ୍ପରା ଅନୁସାରେ ହରିଦାସଙ୍କର ବିଦ୍ୟାଶିକ୍ଷାର ପ୍ରବନ୍ଧ କରାଗଲା । କିନ୍ତୁ ହରିଦାସଜି ଗୁରୁଦେବଙ୍କଠାରୁ ମନ୍ତ୍ର-ଦୀକ୍ଷା ପାଇବା ଦିନରୁ ତାଙ୍କ ଅବସ୍ଥା ଏକେବାରେ ପରିବର୍ତ୍ତିତ ହୋଇଗଲା । ସେ ନିରନ୍ତର ସ୍ୱତଃସ୍ଫୂର୍ତ୍ତ ଭାବେ ଶ୍ରୀ ରାଧାକୃଷ୍ଣଙ୍କ ନାମ ଜପ କରୁଥିଲେ । ସେ ଶ୍ୟାମା-ଶ୍ୟାମଙ୍କ ଧ୍ୟାନ ତଥା ଲଳିତ ଲୀଳାରେ ନିମଗ୍ନ ହୋଇ ଖାଇବା-ପିଇବା ଭୁଲି ଯାଉଥିଲେ । କେବେ କେବେ ଯମୁନା ପୁଳିନରେ ଏକାନ୍ତ ସ୍ଥାନରେ ଯୁଗଳ ସରକାରଙ୍କ ଧ୍ୟାନରେ ମଗ୍ନ ହୋଇ ଯାଉଥିଲେ କିଂବା ବୃନ୍ଦାବନ କୁଞ୍ଜରେ ବସି କିଶୋରକିଶୋରୀଙ୍କ କୁଞ୍ଜକେଳି-ଆନନ୍ଦରେ ଡୁବି ଯାଉଥିଲେ ।

ହରିଦାସଜିଙ୍କ ବିଦ୍ୟା-ଶିକ୍ଷା ସମାପ୍ତ ହେବାରୁ ସେ ଦିନରାତି ଶ୍ରୀ ରାଧାକୃଷ୍ଣଙ୍କ ଧ୍ୟାନ, ନାମ ଜପ ତଥା ଲଳିତ-ଲୀଳା ଆନନ୍ଦରେ ନିମଗ୍ନ ରହିଲେ । ସେତେବେଳେ ତାଙ୍କ ବୟସ ୨୫ ବର୍ଷ ।

ସେହି ସମୟରେ ଦିନେ ଗଙ୍ଗାଧରଜି ନିଜ ଗୁରୁଦେବ ଆସୁଧିରଜିଙ୍କ ଆଶ୍ରମ ନିଧିବନକୁ ଯାଇ ପୁତ୍ରର ଆଧ୍ୟାତ୍ମିକ ସାଧନ ଅବସ୍ଥା ଗୁରୁଦେବଙ୍କ ଚରଣରେ ନିବେଦନ କଲେ । ଶ୍ରୀରାଧାସହଚରୀ ଶ୍ରୀଲଳିତାଦେବୀ ତାଙ୍କୁ ପୁତ୍ର ରୂପେ ପ୍ରାପ୍ତ ହୋଇଥିବା ଗୁରୁଦେବଙ୍କଠାରୁ ଜାଣି ନିଜକୁ ଅତ୍ୟନ୍ତ ସୌଭାଗ୍ୟବାନ୍ ମନେ କଲେ ।

ଶରଦ ପୂର୍ଣ୍ଣିମାର ନିର୍ମଳ ରାତ୍ରିରେ ଆକାଶ ପ୍ରଫୁଲ୍ଲିତ ଥିଲା । ଶ୍ରୀ ହରିଦାସ ପ୍ରିୟାପ୍ରିୟତମଙ୍କ କୁଞ୍ଜକେଳି ଆନନ୍ଦରେ ବିଭୋର ହୋଇ ବୃନ୍ଦାବନ ମାନସରୋବରସ୍ଥ ବାଲୁକାରେ ବସି ଧ୍ୟାନସ୍ଥ ହୋଇଗଲେ । ଏହି ଅବସରରେ ଗଙ୍ଗାଧରଜି ନିଜ ଗୁରୁଦେବଙ୍କଠାରୁ ଲଳିତାଦେବୀଙ୍କୁ ପୁତ୍ର ରୂପେ ପ୍ରାପ୍ତ ହୋଇଥିବା ଜାଣି ନିଜ ମିତ୍ରମାନଙ୍କ ସହିତ ଧ୍ୟାନାବସ୍ଥାରେ ଥିବା ହରିଦାସଙ୍କ ପାଖରେ ପହଞ୍ଚିଲେ ଏବଂ ତାଙ୍କ ଯଥାର୍ଥ ସ୍ୱରୂପ ଦର୍ଶନ କରିବାକୁ ବହୁତ ଆଗ୍ରହ କଲେ । ପିତାଙ୍କ ଆଗ୍ରହରେ ହରିଦାସଜି ନିଜ ଅବତାରୀ ଲଳିତାଦେବୀଙ୍କ ସ୍ୱରୂପ ଦର୍ଶନ କରାଇଦେଲେ ଏବଂ ଘରକୁ ନ ଫେରି ସେହିଠାରୁ ଗୁରୁଦେବ ଶ୍ରୀଆସୁଧିରଜିଙ୍କ ପାଖକୁ ଯାଇ ବିରକ୍ତ ଦୀକ୍ଷା ସକାଶେ ପ୍ରାର୍ଥନା କଲେ । ଗୁରୁଦେବ ହରିଦାସଙ୍କ ପ୍ରାର୍ଥନା ସ୍ୱୀକାର କରି ପଞ୍ଚସଂସ୍କାର ପୂର୍ବକ ଆଞ୍ଚେଲା, କୌପୀନ ସହ ବିରକ୍ତ ଭେଖ ଦେଲେ, ସେହି ଦିନଠାରୁ ହରିଦାସଜି ନିଧିବନରେ ନିବାସ କଲେ ଏବଂ ନିଶି ଦିନ ଶ୍ରୀ ପ୍ରିୟାପ୍ରିୟତମଙ୍କ ଲଳିତ-ଲୀଳାରେ ଡୁବି ରହିଲେ ! ସେ ସମୟରେ ନିଧିବନ ବହୁତ ବିସ୍ତୃତ ଥିଲା । ବହୁତ ବିରକ୍ତ ରସିକ ସନ୍ଥ କୁଞ୍ଜଲୀଳାରେ ଏକାନ୍ତ ବାସ କରୁଥିଲେ । କାଳକ୍ରମେ ବନ ସହରରେ ପରିଣତ ହେବାରୁ ସେହି ନିଧିବନର ସାମାନ୍ୟ ଅଂଶ ସ୍ମୃତି ରୂପେ ପାଚେରି ମଧ୍ୟରେ ସୁରକ୍ଷିତ ହୋଇଅଛି । କୃପଣ ବ୍ୟକ୍ତି ଧନକୁ ଗୁପ୍ତ ରୂପେ ସଞ୍ଚିତ କରିବା ସଦୃଶ ଭଗବତ୍ ପ୍ରେମୀ ରସିକ ଭକ୍ତ, ସନ୍ଥ ଭାଗବତ ପ୍ରେମକୁ ଗୁପ୍ତରେ ରଖନ୍ତି । କିନ୍ତୁ ଘୋର ଅରଣ୍ୟରେ ପ୍ରସ୍ଫୁଟିତ ପୁଷ୍ପ ପାଖରେ ଭ୍ରମର ଆକର୍ଷିତ ହୋଇ ଆସିବା ସଦୃଶ ଭଗବତ୍ ପ୍ରେମାନ୍ୱେଷୀ ଭକ୍ତମାନେ ବି ଭଗବତ୍ ରସିକ ସନ୍ଥଙ୍କ ପାଖରେ ପହଞ୍ଚିଯାଆନ୍ତି ।

ହରିଦାସଜି କୁଞ୍ଜଲତା ପରିପୂର୍ଣ୍ଣ ନିଧିବନର ଏକାନ୍ତ ସ୍ଥାନରେ ନିଜ ପ୍ରିୟତମଙ୍କ ଗୁଣ-ଗାନ ଓ କେଳି-କୁଞ୍ଜ-ଧ୍ୟାନରେ ନିମଗ୍ନ ରହିବା ସତ୍ତ୍ୱେ ପ୍ରେମୀ ଭକ୍ତମାନେ ତାଙ୍କ ପାଖରେ ପହଞ୍ଚି ଯାଉଥିଲେ । ତାଙ୍କ ଦର୍ଶନ, ତାଙ୍କ ସାନ୍ନିଧ୍ୟ ତଥା ତାଙ୍କ ଉପଦେଶରେ କୃତାର୍ଥ ହେଉଥିଲେ ।

ପ୍ରତିଦିନ ଶ୍ରୀ ହରିଦାସଜି ନିତ୍ୟକର୍ମରୁ ନିବୃତ୍ତ ହୋଇ ନିଧିବନର ନିର୍ଜନ ଲତା-କୁଞ୍ଜରେ ରାଗ-ରାଗିଣୀ ସହ ପ୍ରିୟାପ୍ରିୟତମଙ୍କ ଯେଉଁ ନିକୁଞ୍ଜ ଲୀଳା ଗାନ କରନ୍ତି, ବୃନ୍ଦାବନ ବିହାରୀ-ବିହାରିଣୀ ଶ୍ରୀରାଧାଶ୍ରୀକୃଷ୍ଣ ଗୋପିମାନଙ୍କ ସହିତ ପ୍ରଗଟ ହୋଇ ସେହି ଲୀଳା ପ୍ରତ୍ୟକ୍ଷ ଭାବେ କରନ୍ତି । ହରିଦାସଜି ନିକୁଞ୍ଜ-କେଳିରେ ଏପରି ତନ୍ମୟ ହୋଇଯାଆନ୍ତି ଯେ ସ୍ୱତଃସ୍ଫୂର୍ତ୍ତ ଭାବେ ତାଙ୍କ ମୁଖରେ ଗାନ ଏବଂ ହାତରେ ବୀଣାବାଦନ ହେଉଥାଏ । ସେ ଭାଗବତ ପ୍ରେମରେ ଦିବାନିଶି ସର୍ବଦା ମଗ୍ନ ହୋଇଥାଆନ୍ତି, ସ୍ୱାମିଜିଙ୍କ ପ୍ରେମାବସ୍ଥା ଦେଖି ତାଙ୍କୁ ସାକ୍ଷାତ୍ ରାଧାକୃଷ୍ଣଙ୍କ ନିକୁଞ୍ଜ-ଲୀଳା ହେଉଥିବା ବିଷୟ ତାଙ୍କ ଶିଷ୍ୟମାନେ ଜାଣି ପାରିଲେ । ଦିନେ ସେମାନେ ସେହି ଲୀଳା ଦର୍ଶନ କରିବା ସକାଶେ ସ୍ୱାମିଜିଙ୍କୁ ବିଶେଷ ଅନୁନୟ ବିନୟ କଲେ । ସ୍ୱାମିଜି ସେମାନଙ୍କ ଆନ୍ତରିକ ଅଭୀପ୍ସା ଜାଣି ସେ ନିରୀକ୍ଷଣ କରୁଥିବା ଲତା-କୁଞ୍ଜ ମଧ୍ୟକୁ ସଙ୍କେତ କଲେ । ସେମାନେ ପ୍ରତ୍ୟକ୍ଷ ଲୀଳା ଦର୍ଶନ କରି କୃତକୃତ୍ୟ ହୋଇଗଲେ । ସେ ସ୍ଥାନକୁ ଯିବା ପରେ ଲୀଳା ଅଦୃଶ୍ୟ ହୋଇଗଲା । କିନ୍ତୁ ଲୀଳା-ସ୍ଥାନରେ ଆବିର୍ଭୂତ ହେଲେ ପ୍ରସ୍ତରର କମନୀୟ ଶ୍ରୀକୃଷ୍ଣଙ୍କ ବିଗ୍ରହ । ସେହି ବିଗ୍ରହକୁ ଶିଷ୍ୟମାନେ ଆନନ୍ଦରେ ଗୁରୁଦେବଙ୍କ ପାଖକୁ ନେଇ ଆସିଲେ । ତାଙ୍କ ନାମ ରଖାଗଲା ବାଙ୍କବିହାରୀ । ଅତ୍ୟନ୍ତ ଶୁଭଦିନ ମାର୍ଗଶୀର ଶୁକ୍ଳ ଶ୍ରୀରାମଙ୍କ ବିବାହପଞ୍ଚମୀରେ ଶ୍ରୀ ବାଙ୍କବିହାରୀ ପ୍ରଗଟ ହୋଇଥିବାରୁ ଏପର୍ଯ୍ୟନ୍ତ ବାଙ୍କବିହାରୀଙ୍କ ମନ୍ଦିରରେ ପ୍ରଗଟ-ଉତ୍ସବ ବହୁ ସମାରୋହରେ ସେଦିନ ପାଳିତ ହେଉଛି ।*

ଶ୍ରୀହରିଦାସଜି ମହାରାଜ ଶ୍ରୀବାଙ୍କବିହାରୀଙ୍କ ବିଗ୍ରହ ପାଇ ସ୍ୱୟଂ ଶ୍ରୀକୃଷ୍ଣ ବିଗ୍ରହରୂପେ ପ୍ରଗଟ ହୋଇଥିବା ଜାଣି ତାଙ୍କ ଆନନ୍ଦର ପାରାବାର ରହିଲା ନାହିଁ । ଆନ୍ତର ଦିବ୍ୟଦୃଷ୍ଟିରେ ସେ ଯେଉଁ ଶ୍ରୀକୃଷ୍ଣଙ୍କୁ ଦେଖୁଥିଲେ, ଯେପରି ଶ୍ରୀକୃଷ୍ଣଙ୍କ କୁଞ୍ଜକେଳି ଲୀଳା ଅବଲୋକନ କରୁଥିଲେ, ସେହି ଶ୍ରୀକୃଷ୍ଣଙ୍କୁ ସେ ଏହି ସ୍ଥୂଳ ଦୃଷ୍ଟିରେ ଦେଖିଲେ ଏବଂ ସ୍ଥୂଳ ରୂପେ ପୂଜା କରିବାର ସୁଯୋଗ ପାଇଲେ । ଶ୍ରୀବାଙ୍କବିହାରୀ ଅନ୍ୟ ଲୋକଙ୍କ ଦୃଷ୍ଟିରେ ପ୍ରସ୍ତରର ବିଗ୍ରହ ଥିଲେ କିନ୍ତୁ ସ୍ୱାମିଜିଙ୍କ ସକାଶେ ଥିଲେ ପ୍ରତ୍ୟକ୍ଷ ଶ୍ରୀକୃଷ୍ଣ । ସେ ସ୍ୱାମିଜିଙ୍କ ସଙ୍ଗେ କଥାବାର୍ତ୍ତା କରୁଥିଲେ, ଖେଳ କୌତୁକ କରୁଥିଲେ; ତାଙ୍କ ନିବେଦିତ ଭୋଗ ପ୍ରତ୍ୟକ୍ଷ ରୂପେ ଗ୍ରହଣ କରୁଥିଲେ । ପ୍ରଥମରେ ଧ୍ୟାନ ଏବଂ ଗାନ ସମୟରେ ଆନ୍ତର ଦୃଷ୍ଟିରେ ଶ୍ରୀକୃଷ୍ଣଙ୍କ

* ଏହି ପ୍ରବନ୍ଧର ରଚନା ସମୟ ୧୯୭୧ ମସିହା ।

ଲୀଳା ଦର୍ଶନ କରୁଥିଲେ । ଏବେ ପ୍ରତ୍ୟକ୍ଷ ରୂପେ ସେବା-ଲୀଳା-ଖେଳା ଯୋଗୁଁ ତାଙ୍କ ପ୍ରେମ, ଆନନ୍ଦ ବହୁ ଗୁଣରେ ବୃଦ୍ଧି ପାଇଲା ।

ସେ ନିଜେ ବିହାରୀଜିଙ୍କୁ ସ୍ନାନ କରାଇ, ବସ୍ତ୍ର ଆଭରଣ ପିନ୍ଧାଇ, ଫୁଲ, ତୁଳସୀ ଚନ୍ଦନରେ ସୁଶୋଭିତ କରୁଥିଲେ । ଲୀଳାଗାନ ସମୟରେ ସ୍ୱୟଂ ଲଳିତା ରୂପେ କେଳିରେ ସମ୍ମିଳିତ ହେଉଥିଲେ । ନିଜେ ଉତ୍ତମ ଭୋଗ ତୟାର କରି ବାଙ୍କବିହାରୀଙ୍କୁ ଭୋଗ ଲଗାଇ ସାଧୁ-ସଜ୍ଜ, ବାନର, ମୟୂରଙ୍କୁ ଦେଇ ଦେଉଥିଲେ କିନ୍ତୁ ନିଜେ ଜଳରେ ଭିଜିଥିବା କଞ୍ଚା ବୁଟରେ କ୍ଷୁଧାନିବୃତ୍ତି କରି ନେଉଥିଲେ । ମହାନନ୍ଦ-ରସ-ସମୁଦ୍ରରେ ବୁଡ଼ି ରହିଥିବାରୁ ଭୋଜନର ସ୍ୱାଦ ତାଙ୍କ ରସନାରେ ସମରସ ହୋଇଥିଲା ।

କେବଳ କଞ୍ଚା ବୁଟରେ ଶରୀର ଧାରଣ କରିବା ସତ୍ତ୍ୱେ ସେହି ଦିବ୍ୟରସ ଶରୀର ଗ୍ରହଣ କରୁଥିବାରୁ ତାହା ସତେଜ ସବଳ ରହି କର୍ମ କରିବାକୁ କ୍ଷମ ହେଉଥିଲା ।

କ୍ରମଶଃ ସ୍ୱାମିଜିଙ୍କ ନାମର ପ୍ରସାର ହେବାକୁ ଲାଗିଲା । ଦୂରଦୂରାନ୍ତରୁ ସଜ୍ଜ, ଭକ୍ତ ସ୍ୱାମିଜିଙ୍କୁ ଦର୍ଶନ କରିବାକୁ ଆସିଲେ । ଦିନେ ସ୍ୱାମିଜି ଯମୁନା ପୁଳିନ ବାଲିରେ ବସି ଶ୍ରୀକୃଷ୍ଣଙ୍କ ଲୀଳାଦର୍ଶନରେ ମଗ୍ନ ଥିଲେ । ସେହି ସମୟରେ କେତେକ ଭକ୍ତ ସ୍ୱାମିଜିଙ୍କୁ ଦର୍ଶନ କରିବାକୁ ଆସି ଅତ୍ୟନ୍ତ ଶ୍ରଦ୍ଧାରେ ଶ୍ରୀବାଙ୍କବିହାରୀଙ୍କ ସେବା ସକାଶେ ସୁଗନ୍ଧ ଅତର ଶିଶିଟିଏ ସ୍ୱାମିଜିଙ୍କ ହାତରେ ଦେଇ ଦେଲେ । ସେହି ସମୟରେ ସ୍ୱାମିଜି ଶ୍ରୀରାଧାଜୀ ଏବଂ ଅନ୍ୟ ସଖୀମାନଙ୍କ ସଙ୍ଗେ ଶ୍ରୀକୃଷ୍ଣଙ୍କ ସହିତ ହୋରି ଖେଳୁ ଥିଲେ । ଦୁଇ ତରଫରୁ ଅବିର ଓ ପୁଷ୍ପବୃଷ୍ଟି ହେଉଥିଲା । ସ୍ୱାମିଜିଙ୍କ ହାତକୁ ଅତର ଶିଶିଟି ଆସିବା ସଙ୍ଗେ ସଙ୍ଗେ ସେ ଶ୍ରୀକୃଷ୍ଣଙ୍କ ଶରୀରରେ ସମସ୍ତ ଅତର ଶିଶିଟି ଢାଳି ଦେଲେ । କିନ୍ତୁ ଯେଉଁ ଭକ୍ତ ଅତର ଶିଶିଟି ଆଣିଥିଲେ, ସେ ଶ୍ରୀକୃଷ୍ଣଙ୍କୁ ବା ତାଙ୍କ ଲୀଳାକୁ ଦେଖିପାରୁ ନ ଥିଲେ । ଶିଶିର ସମସ୍ତ ଅତର ଯମୁନା ବାଲିରେ ପଡ଼ିଯିବାର ସେ ଦେଖିଲେ । ସେ କେତେ ଶ୍ରଦ୍ଧାରେ ବାଙ୍କବିହାରୀଙ୍କ ସକାଶେ ଆଣିଥିବା ଅତର ସ୍ୱାମିଜିଙ୍କ ଦ୍ୱାରା ଅନାଦର ଭାବେ ବାଲିରେ ଢଳାହେବା ଦ୍ୱାରା ତାଙ୍କୁ ବହୁତ ଦୁଃଖ ହେଲା । କିନ୍ତୁ ସେ ସ୍ୱାମିଜିଙ୍କୁ କିଛି କହିଲେ ନାହିଁ । କିଛି ସମୟ ପରେ ସ୍ୱାମିଜିଙ୍କ ସହିତ ବାଙ୍କବିହାରୀଙ୍କ ଦର୍ଶନକୁ ଗଲେ । ମନ୍ଦିରରେ ଶ୍ରୀବାଙ୍କବିହାରୀଜିଙ୍କ ବସ୍ତ୍ର ଅତରରେ ଭିଜିଯାଇଥିଲା ଏବଂ ତା'ର ସୁଗନ୍ଧ ମନ୍ଦିରର ଦୂରକୁ ଚହଟୁଥିଲା । ଏହି ପ୍ରତ୍ୟକ୍ଷ ଘଟଣା ଦେଖି ଅତର ଆଣିଥିବା ଭକ୍ତ ଆନନ୍ଦରେ ବିଭୋର ହୋଇଗଲେ ଏବଂ ହରିଦାସଜିଙ୍କ ପାଖକୁ ଯାଇ ତାଙ୍କ ଚରଣରେ ପଡ଼ିଗଲେ ।

ପରଶମଣି ତ୍ୟାଗ

ପଞ୍ଜାବରେ ଦୟାରାମ ନାମରେ ଜଣେ ସଦାଚାରୀ ବ୍ରାହ୍ମଣ ପତିବ୍ରତା ପତ୍ନୀ ସହିତ ନିବାସ କରୁଥିଲେ । ବିଦ୍ୱାନ୍ ଥିବା ସତ୍ତ୍ୱେ ଧନର ଅଭାବ ଥିଲା । କେହି କେହି ସଦ୍‌ଗୁଣବତୀ ମହିଳା ଉଚ୍ଚତମ କାର୍ଯ୍ୟ ସକାଶେ ଧନର ଆବଶ୍ୟକତା ଅନୁଭବ କରନ୍ତି । ଦୟାରାମଙ୍କ ଧର୍ମପତ୍ନୀ ମଧ୍ୟ ଦାନ-ଧର୍ମ, ଅତିଥି-ସତ୍କାର ସକାଶେ ଧନର ଆବଶ୍ୟକତା ମନେକରି ଧନପ୍ରାପ୍ତ କରିବା ସକାଶେ ପତିଙ୍କୁ ପ୍ରେରଣା ଦେଲେ । ଦୟାରାମଙ୍କୁ ମନ୍ତ୍ର ଅନୁଷ୍ଠାନ ଜଣାଥିଲା । ସେ ମନ୍ତ୍ର ଅନୁଷ୍ଠାନରେ ଦେବତାଙ୍କୁ ପ୍ରସନ୍ନ କରି ଗୋଟିଏ ପରଶ ପଥର ପ୍ରାପ୍ତ ହେଲେ । ଦେବତା କହିଲେ, ''ଏହି ପରଶପଥର ତୋ ପାଖରେ ୧୨ ବର୍ଷରୁ ଅଧିକ ଦିନ ରହିବ ନାହିଁ ।'' ସେ ପରଶପଥର ପାଇ ଲୁହାକୁ ତାହା ସୁନା କରି ବହୁ ଦାନ-ଧର୍ମ, ଅତିଥି ସତ୍କାର କଲେ । ଏହିପରି ବର୍ଷ ବର୍ଷ ବ୍ୟତୀତ ହୋଇଗଲା । ତାଙ୍କର କୌଣସି ସନ୍ତାନ ନ ଥିଲା । ୧୨ ବର୍ଷ ପରେ ପରଶମଣି ଚାଲିଯିବ; ତା' ପୂର୍ବରୁ କୌଣସି ଉତ୍ତମ ସଜ୍ଜଙ୍କୁ ଭେଟିଦେଇ ତାଙ୍କଠାରୁ ଅଧ୍ୟାତ୍ମ ଶିକ୍ଷା ଗ୍ରହଣ କରି ଜୀବନ ସାର୍ଥକ କରିବା ମନୋଭାବ ପତ୍ନୀ ପତିଙ୍କ ପାଖରେ ପ୍ରକାଶ କଲେ । ଦୟାରାମଙ୍କୁ ଏହି ପରାମର୍ଶ ଉତ୍ତମ ମନେ ହେଲା । ସେ ଗଚ୍ଛିତ ସମ୍ପତ୍ତି ସବୁ ଦାନକରି ଯାତ୍ରା ସକାଶେ କିଛି ଧନ ଏବଂ ପରଶମଣି ସଙ୍ଗରେ ନେଇ ପତ୍ନୀଙ୍କ ସହିତ ତୀର୍ଥଯାତ୍ରା କରିବା ସକାଶେ ବାହାରି ପଡ଼ିଲେ । କାଶୀ ବିଶ୍ୱନାଥଙ୍କ ଧାମରେ ପତ୍ନୀଙ୍କର ସ୍ୱର୍ଗବାସ ହେଲା । ସେ ଶ୍ରାଦ୍ଧାଦି

କର୍ମ ସମାପ୍ତ କରି ବୃନ୍ଦାବନରେ ସ୍ୱାମୀ ହରିଦାସଙ୍କ ପାଖରେ ପହଞ୍ଚିଲେ । ପରଶମଣିଟି ନିବେଦନ କରି ଅଧ୍ୟାତ୍ମ ଦୀକ୍ଷା ଗ୍ରହଣ ସକାଶେ ପ୍ରାର୍ଥନା କଲେ । ବ୍ୟକ୍ତିର ଯେପର୍ଯ୍ୟନ୍ତ କୌଣସି ପ୍ରକାର ଆସକ୍ତି ଥାଏ ସେପର୍ଯ୍ୟନ୍ତ ଅଧ୍ୟାତ୍ମ ସତ୍ୟ ଉପଲବ୍ଧ ହୁଏ ନାହିଁ । ସେହି କାରଣରୁ ଦୟାରାମଙ୍କୁ ପରଶମଣିଟି ଯମୁନାରେ ବିସର୍ଜନ କରି ସ୍ନାନକରି ଆସିବାକୁ ସ୍ୱାମିଜି ଆଜ୍ଞା ଦେଲେ । ସ୍ୱାମିଜିଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ କରି ଦୟାରାମଜି ପରଶମଣିଟି ଯମୁନାରେ ବିସର୍ଜନ ଦେଇ ସ୍ନାନ କରି ଆସିବାରୁ ସ୍ୱାମିଜି ତାଙ୍କୁ ଦୀକ୍ଷା ଦେଲେ ଏବଂ ତାଙ୍କ ନାମ ଦୟାଲ୍ ଦାସ ରଖିଲେ ।

ଦୟାଲ୍ ଦାସ ରହିଲେ ସ୍ୱାମିଜିଙ୍କ ସେବାରେ । କିନ୍ତୁ ପରଶମଣିର ପ୍ରତି ଆସକ୍ତି କିଛି ଅଂଶରେ ରହିଲା ତାଙ୍କ ପ୍ରାଣରେ । ତାହା ଦୂର କରିବା ସକାଶେ ଦିନେ ସ୍ୱାମିଜି କହିଲେ, ''ଆଜି ଯମୁନାରେ ସ୍ନାନ କରି ଜଳ ମଧ୍ୟରୁ ଏକ ଆଞ୍ଜୁଳା ବାଲି ନେଇଆସିବୁ ।'' ଦୟାଲ୍ ଦାସ ବାଲି ଆଞ୍ଜୁଳାଟି ଆଣି ଦେଖିଲେ ସେହି ବାଲି ମଧ୍ୟରେ ବହୁତ ପରଶମଣି ଅଛି । ସେହି ପରଶମଣିମିଶ୍ରିତ ବାଲି ଆଣି ସ୍ୱାମିଜିଙ୍କ ଚରଣରେ ରଖିଦେଲେ ଏବଂ ସ୍ୱାମିଜିଙ୍କ ଚରଣରେ ପଡ଼ିଗଲେ । ସେହିଦିନୁ ତାଙ୍କର ପରଶମଣି ପ୍ରତି ମୋହ, ଆସକ୍ତି ଦୂର ହେଲା; ସେ ସ୍ୱାମିଜିଙ୍କ ଆଜ୍ଞାରେ ପୁନରାୟ ଯମୁନାରୁ ଆଣିଥିବା ପରଶମଣି ଯମୁନାରେ ବିସର୍ଜନ କରିଦେଲେ ।

ତାନ୍‌ସେନ୍

ବୁନ୍ଦେଲ ରାଜା ଶ୍ରୀରାଜାରାମଙ୍କ ଦରବାରରେ ଅଦ୍ୱିତୀୟ ସଙ୍ଗୀତଜ୍ଞ ତାନ୍‌ସେନ୍‌ଙ୍କୁ ପ୍ରାୟ ସମସ୍ତେ ଜାଣନ୍ତି । ସେ ବାର ବର୍ଷ କଠିନ ସାଧନା କରି ଦୀପକ ରାଗ ସିଦ୍ଧ କରିଥିଲେ । ଶ୍ରୀ ରାଜାରାମଙ୍କ ଦରବାରରେ ଥରେ ଉତ୍ତମ ସଙ୍ଗୀତଜ୍ଞମାନଙ୍କର ଏକ ସମ୍ମିଳନୀ ବହୁ ସମାରୋହରେ ଅନୁଷ୍ଠିତ ହେଲା । ଦୂରଦୂରାନ୍ତର ଦେଶବିଦେଶରୁ ବହୁ ସଙ୍ଗୀତଜ୍ଞ ନିମନ୍ତ୍ରିତ ହୋଇ ଆସିଲେ । ନିର୍ଦ୍ଦିଷ୍ଟ ଦିନରେ ବହୁ ବିଦ୍ୱାନ୍, ପଣ୍ଡିତ ଓ ବିଶିଷ୍ଟ ବ୍ୟକ୍ତି ବି ସଭାରେ ଯୋଗ ଦେଲେ । ନିମନ୍ତ୍ରିତ ସଙ୍ଗୀତଜ୍ଞମାନଙ୍କୁ ସମ୍ମାନ ସହିତ ଆସନ ଦିଆଗଲା । ପ୍ରଧାନ ଗାୟକ ରୂପେ ନିର୍ବାଚିତ ହେଲେ ତାନ୍‌ସେନ୍ । ଦୀପକ ରାଗ ଗାନ ହେବା ନିର୍ବାଚିତ ହେଲା । ବହୁ ସଂଖ୍ୟାରେ ଦୀପକ ତେଲ ଏବଂ ବଳିତା ସହିତ ଗୋଟିଏ ଲମ୍ବା ପଂକ୍ତିରେ ରଖା ହେଲା । ତାନ୍‌ସେନ୍ ଗୁରୁଦେବଙ୍କୁ ସ୍ମରଣ କରି ଦୀପକ ରାଗ ଗାଇବାକୁ ଆରମ୍ଭ କଲେ । ସମସ୍ତ ସଭାଜନ ମନ୍ତ୍ରମୁଗ୍ଧ ହୋଇଗଲେ । ତାନ୍‌ସେନ୍ ସଙ୍ଗୀତ-ରାଗରେ ଏକେବାରେ ଡୁବିଗଲେ । ସମସ୍ତ ଦୀପକ ଜଳିଉଠିଲା । ଏହି ପ୍ରତ୍ୟକ୍ଷ ଘଟଣା ଦେଖି ସମସ୍ତ ସଭାସଦ ତାନ୍‌ସେନ୍‌ଙ୍କୁ ଭୂରି ଭୂରି ପ୍ରଶଂସା କଲେ । ରାଜା ବହୁତ ପ୍ରସନ୍ନ ହୋଇ ତାନ୍‌ସେନ୍‌ଙ୍କୁ ବହୁତ ଉପହାର ଦେଲେ ଏବଂ ଅନ୍ୟାନ୍ୟ ନିମନ୍ତ୍ରିତ ସଙ୍ଗୀତଜ୍ଞମାନଙ୍କୁ ସମ୍ମାନର ସହିତ ବିଦାୟ ଦେଲେ ।*

ତାନ୍‌ସେନ୍ ଦୀପକ ରାଗ ଗାଇବା ଦିନଠାରୁ ତାଙ୍କ ଶରୀରରେ ଜ୍ୱଳନ ଉତ୍‌ପନ୍ନ ହେଲା । ରାଜା ବହୁତ ଔଷଧର ବ୍ୟବସ୍ଥା କରାଇଲେ କିନ୍ତୁ ଜ୍ୱଳନ ଉପଶମ ହେଲା ନାହିଁ । ଜ୍ୱଳନ ଶାନ୍ତ କରିବା ସନ୍ଧାନରେ ତାନ୍‌ସେନ୍ ନାନା ସ୍ଥାନରେ ଭ୍ରମଣ କରିବାକୁ ଲାଗିଲେ ଏବଂ କାହାଠାରୁ ସନ୍ଧାନ ପାଇ ରାଜପୁତନା ଅନ୍ତର୍ଗତ ଓରଛା ରାଜ୍ୟରେ ଜଣେ ଗାନକଳାପ୍ରବୀଣା ମହିଳା ପାଖରେ ପହଞ୍ଚିଲେ । ତାନ୍‌ସେନ୍‌ଙ୍କୁ ଦେଖିବା ମାତ୍ରେ ଦୀପକ ରାଗ ହେତୁ ତାଙ୍କ ଶରୀରରେ ଜ୍ୱଳନ ହେଉଥିବା ସେ ବୁଝିପାରିଲେ ଏବଂ ତାନ୍‌ସେନ୍‌ଙ୍କୁ ବସାଇ ସେ ମେଘମଲ୍ଲାର ଗାନ କଲେ । କିଛି ସମୟ ଗାନ ପରେ ଆକାଶରେ ମେଘ ଘୋଟିଆସି ବର୍ଷା ଆରମ୍ଭ ହେଲା ଏବଂ ତାନ୍‌ସେନ୍‌ଙ୍କ ଶରୀରର ଜ୍ୱଳନ ଶାନ୍ତ ହୋଇଗଲା । ସେ ବହୁ ଆନନ୍ଦରେ ମହିଳାଙ୍କ ଚରଣରେ ପ୍ରଣାମ କରି ତାଙ୍କୁ ଶିଷ୍ୟ ରୂପେ ଗ୍ରହଣ କରି ମଲ୍ଲାର ରାଗ ଶିକ୍ଷା ଦେବାକୁ ପ୍ରାର୍ଥନା କଲେ । ସେ ମହିଳା ନମ୍ରତାରେ କହିଲେ, ''ଏହି ମେଘମଲ୍ଲାର ରାଗ ଉପଦେଶ ଦେବାର ଯୋଗ୍ୟତା ମୋଠାରେ ନାହିଁ । ତୁମେ

* ଅନ୍ୟ ଏକ କିଂବଦନ୍ତୀ ଅନୁସାରେ ବାଦଶାହଙ୍କ କନ୍ୟା ଏକ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତା ହୋଇଥିଲେ ଓ ଦୀପକ ରାଗର ଶୁଦ୍ଧ ଗାୟନ ଏକମାତ୍ର ଉପଶମ ବୋଲି ବୈଦ୍ୟଙ୍କ ପରାମର୍ଶ ଓ ସମ୍ରାଟଙ୍କ ଅନୁରୋଧ କ୍ରମେ ତାନ୍‌ସେନ୍ ଏହି ଦୀପକ ରାଗ ଗାନ କରିଥିଲେ ଓ ରାଜକନ୍ୟା ଆରୋଗ୍ୟ ଲାଭ କରିଥିଲେ ।

ବୃନ୍ଦାବନ ଚାଲିଯାଅ । ଗାୟକାଚାର୍ଯ୍ୟ ଶ୍ରୀହରିଦାସଙ୍କୁ ଗୁରୁ ରୂପେ ଗ୍ରହଣ କରି ତାଙ୍କଠାରୁ ବହୁପ୍ରକାର ରାଗରାଗିଣୀ ବିଦ୍ୟା ଶିକ୍ଷା କର ।''

ତାନ୍‌ସେନ୍ ଶ୍ରୀସ୍ୱାମୀ ହରିଦାସଙ୍କ ସନ୍ଧାନ ପାଇଁ ମହିଳାଙ୍କ ଚରଣରେ ପ୍ରଣାମ କରି ସେହିକ୍ଷଣି ବୃନ୍ଦାବନ ଯାତ୍ରା କଲେ । ସେ ବୃନ୍ଦାବନର ନିଧିବନରେ ଶ୍ରୀସ୍ୱାମିଜିଙ୍କ ଆଶ୍ରମରେ ପହଞ୍ଚିଗଲେ । ସେ ସମୟରେ ସ୍ୱାମିଜି ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ତାଙ୍କ ଲଳିତ ଲୀଳା ଗାନ କରୁଥା'ନ୍ତି । ଶ୍ରୀକୃଷ୍ଣଙ୍କ ଲୀଳାନନ୍ଦ ସମୁଦ୍ରରେ ସେ ଏକେବାରେ ନିମଗ୍ନ ଥା'ନ୍ତି । ସେ ସ୍ଥାନ ଭଗବତ୍ ଆନନ୍ଦରେ ପରିପୂର୍ଣ୍ଣ ହୋଇଥାଏ । ତାନ୍‌ସେନ୍ ସେ ବାତାବରଣରେ ପହଞ୍ଚିବା ମାତ୍ରେ ଦିବ୍ୟାନନ୍ଦ ଅନୁଭବ କଲେ ଏବଂ ସେ ସ୍ଥାନରେ ଲିଖିତ ଚିତ୍ରପ୍ରତିମା ସଦୃଶ ନିଶ୍ଚଳ ନୀରବରେ ବସି ରହିଲେ । ବହୁତ ସମୟ ବିତିଗଲା । ସ୍ୱାମିଜି ଗାନ ବନ୍ଦ କରି ଆଖି ଖୋଲି ଦେଖିଲେ । ସେହି ସମୟରେ ତାନ୍‌ସେନ୍ ସାଷ୍ଟାଙ୍ଗରେ ସ୍ୱାମିଜିଙ୍କ ଚରଣରେ ପଡ଼ିଗଲେ । ସ୍ୱାମିଜି ତାଙ୍କୁ ଉଠାଇ ବସାଇ ଦେଲେ । ସେ ସ୍ୱାମିଜିଙ୍କ ଚରଣ ଧରି ମଲ୍ଲାର ରାଗ ଶିଖିବା ସକାଶେ ପ୍ରାର୍ଥନା କଲେ । ସ୍ୱାମିଜି ତାନ୍‌ସେନ୍‌ଙ୍କୁ ଏହାର ଅଧିକାରୀ ଜାଣି ତାଙ୍କୁ ଗାଇବା ପ୍ରଣାଳୀ ବତାଇ ଦେଲେ ଏବଂ ଗାଇବାକୁ କହିଲେ । ସଙ୍ଗେ ସଙ୍ଗେ ଆକାଶରେ ମେଘ ଘୋଟି ଆସିଲା ଏବଂ ଝିପି ଝିପି ବର୍ଷା ହେବାକୁ ଆରମ୍ଭ କଲା । ତାନ୍‌ସେନ୍ ଅଳ୍ପ ପ୍ରୟାସରେ ସ୍ୱାମିଜିଙ୍କ କୃପା ମାତ୍ରେ ମଲ୍ଲାର ରାଗ ସହିତ ଅନ୍ୟାନ୍ୟ ରାଗରାଗିଣୀରେ ଜ୍ଞାନ ପ୍ରାପ୍ତ ହେଲେ । ସ୍ୱାମିଜିଙ୍କ ପ୍ରତି ତାଙ୍କର ହାର୍ଦିକ କୃତଜ୍ଞତା ଉଛୁଳି ପଡ଼ିଲା । ସେ ଶିଷ୍ୟ ହେବା ସକାଶେ ପ୍ରାର୍ଥନା କଲେ । ସ୍ୱାମିଜି ତାଙ୍କୁ ଶିଷ୍ୟ ରୂପେ ସ୍ୱୀକାର କରିନେଲେ ଏବଂ ଶ୍ରୀହରିଙ୍କ ଯଶ ଗାନ କରିବାକୁ ଉଦେଶ ଦେଲେ । ତାନ୍‌ସେନ୍ ସ୍ୱାମିଜିଙ୍କ ସେବାରେ ବରାବର ରହିବାକୁ ଚାହୁଁଥିଲେ । କିନ୍ତୁ କିଛିଦିନ ରହିବା ପରେ ସ୍ୱାମିଜିଙ୍କ ଆଜ୍ଞାରେ ତାଙ୍କ ପୂର୍ବ ସ୍ଥାନକୁ ଫେରିଆସିଲେ ।

ତାନ୍‌ସେନ୍‌ଙ୍କ ଗାନର ପ୍ରଶଂସା ଉତ୍ତରୋତ୍ତର ପ୍ରସାର ହେବାକୁ ଲାଗିଲା । ଆକ୍‌ବର ବାଦଶାହ ତାନ୍‌ସେନ୍‌ଙ୍କ ପ୍ରଶଂସା ଶୁଣି ତାଙ୍କୁ ଡକାଇ ଗାନ ଶୁଣିବାକୁ ଆଗ୍ରହ କଲେ । ତାନ୍‌ସେନ୍‌ଙ୍କ ପରାମର୍ଶ ଅନୁସାରେ ନଗର ବାହାରେ ଯମୁନା କୂଳେ ସଙ୍ଗୀତ ମଣ୍ଡପ ତିଆରି ହେଲା । ଚାନ୍ଦୁଆ, ତମ୍ବୁ ଲଗାହେଲା । ଦୂରଦୂରାନ୍ତରୁ ବହୁତ ସଙ୍ଗୀତଜ୍ଞ ତଥା ଦର୍ଶନାର୍ଥୀ ଏକତ୍ରିତ ହେଲେ । ତାନ୍‌ସେନ୍ ଶ୍ରୀଗୁରୁଦେବଙ୍କୁ ସ୍ମରଣ କରି ମେଘମଲ୍ଲାର ଗାନ ଆରମ୍ଭ କଲେ । ଆକାଶରେ ମେଘ ଘୋଟି ଆସିଲା । ବିଜୁଳି ଚମକିବାକୁ ଲାଗିଲା ଏବଂ ଘୋର ବର୍ଷା ହେଲା । ଆକବର ବହୁତ ଆନନ୍ଦିତ ହେଲେ । ତାନ୍‌ସେନ୍‌ଙ୍କୁ କହିଲେ, ''ସଂସାରରେ ତୁମ ସଦୃଶ ସଙ୍ଗୀତଜ୍ଞ ଅନ୍ୟ କେହି ନାହାନ୍ତି ।'' ତାନ୍‌ସେନ୍ ଦୁଇହାତରେ କାନ ବନ୍ଦ କରି କହିଲେ, ''ହଜୁର, ମୋ ଗୁରୁଦେବଙ୍କ ସଙ୍ଗୀତ ସୂର୍ଯ୍ୟ ସାମନାରେ ମୋର ସଙ୍ଗୀତ ଗୋଟିଏ ତାରକା ସଦୃଶ । ହଜୁର, ଯେଉଁ ସଙ୍ଗୀତକଳା ମୋର ମଧ୍ୟରେ ଦେଖୁଛନ୍ତି ମୋର ଗୁରୁଦେବଙ୍କ ସଙ୍ଗୀତ-ସମୁଦ୍ରର ଏହା ଗୋଟିଏ ବିନ୍ଦୁ ମାତ୍ର ।''

ତାନ୍‌ସେନ୍‌ଙ୍କଠାରୁ ତାଙ୍କ ଗୁରୁଦେବଙ୍କ ପ୍ରଶଂସା ଶୁଣି ତାଙ୍କ ସଙ୍ଗୀତ ଶୁଣିବାକୁ ଆକବର ବ୍ୟଗ୍ର ହୋଇ ପଡ଼ିଲେ ଏବଂ ତାଙ୍କୁ ଦରବାରକୁ ଡକାଇବା ସକାଶେ ଅତ୍ୟନ୍ତ ଆଗ୍ରହ କଲେ । ତାନ୍‌ସେନ୍ ହାତଯୋଡ଼ି କହିଲେ, ''ହଜୁର, ମୋ ଗୁରୁଦେବ ବୃନ୍ଦାବନ ଛାଡ଼ି ଅନ୍ୟତ୍ର ଯାଆନ୍ତି ନାହିଁ । ତାଙ୍କ ଇଷ୍ଟଦେବ ଭଗବାନ୍ ଶ୍ରୀକୃଷ୍ଣଙ୍କ ଛଡ଼ା ସେ ଅନ୍ୟ କାହାକୁ ସଙ୍ଗୀତ ଶୁଣାନ୍ତି ନାହିଁ । ଯଦି ହଜୁର ତାଙ୍କ ସଙ୍ଗୀତ ଶୁଣିବାକୁ ଚାହାନ୍ତି ତେବେ ସାଧାରଣ ବେଶରେ ତାଙ୍କ ଆଶ୍ରମକୁ ଗଲେ ତାଙ୍କ ସଙ୍ଗୀତ ଶୁଣିପାରିବେ ।''

ବାଦଶାହ ତାନ୍‌ସେନ୍‌ଙ୍କ ପରାମର୍ଶ ଅନୁସାରେ ସାଧାରଣ ପୋଷାକରେ ବାବା ହରିଦାସଙ୍କ ଦର୍ଶନ ତଥା ସଙ୍ଗୀତ ଶ୍ରବଣ କରିବା ଉଦ୍ଦେଶ୍ୟରେ ତାନ୍‌ସେନ୍‌ଙ୍କ ସହିତ ବୃନ୍ଦାବନ ଯାତ୍ରା କଲେ । ବାବା ହରିଦାସଙ୍କ କୁଟୀରରେ ପହଞ୍ଚି ଗୁରୁଦେବଙ୍କ ଚରଣରେ ତାନ୍‌ସେନ୍ ସାଷ୍ଟାଙ୍ଗ ଦଣ୍ଡବତ୍ କଲେ ଏବଂ ତାଙ୍କ ଆଜ୍ଞାରେ ବସି ଗାନ ଆରମ୍ଭ କଲେ । ତାଙ୍କର ଉଦ୍ଦେଶ୍ୟ ଥିଲା ଗୁରୁଦେବଙ୍କ ଗାନ ଶୁଣିବା ଏବଂ ଆକବର ବାଦଶାହଙ୍କୁ ଶୁଣାଇବା । ସେହି କାରଣରୁ ସେ ଜାଣିଶୁଣି ସୁର ବେସୁରା କରିଦେଲେ । ସ୍ୱାମିଜି ତାଙ୍କୁ ବତାଇ ଦେବା ସକାଶେ ତାନପୁରା ହାତକୁ ନେଇ ସ୍ୱୟଂ ଗାନ ଆରମ୍ଭ କଲେ । ମେଘମଲ୍ଲାର ସାକ୍ଷାତ୍ ମୂର୍ତ୍ତିମନ୍ତ ହୋଇ ବର୍ଷା ଓ ଝଡ଼ ରୂପେ ପ୍ରକଟ ହୋଇଗଲେ । ସ୍ୱାମିଜିଙ୍କ ଗାନ ଶୁଣି

ଆକବର ଚକିତ ହୋଇଗଲେ ଓ ସ୍ୱାମିଜିଙ୍କ ଚରଣରେ ସାଷ୍ଟାଙ୍ଗ ପ୍ରଣିପାତ କଲେ । ତାଙ୍କୁ ସ୍ୱାମିଜି ମଧ୍ୟ ଆଶୀର୍ବାଦ ଦେଇ କୃତାର୍ଥ କଲେ ଏବଂ ଆକବରଙ୍କୁ ଚିହ୍ନିନେଲେ ।

ଆକବର କିଛି ଧନ ଏବଂ ଗ୍ରାମ ଭେଟି ଦେବାକୁ ବହୁତ ଆଗ୍ରହ କଲେ । କିନ୍ତୁ ସ୍ୱାମିଜି ତାହା ସ୍ୱୀକାର ନ କରି ତାଙ୍କ ଉପରେ କୃପା କରି ଦିବ୍ୟ ବୃନ୍ଦାବନର କିଛି ଅଂଶ ଦର୍ଶନ କରାଇ ଦେଲେ । ଦିବ୍ୟ ବୃନ୍ଦାବନର ଦର୍ଶନରେ ଆକବରଙ୍କର ତୁଚ୍ଛ ଧନ ଭେଟି ଦେବାରେ ଯେଉଁ ମୋହ ଥିଲା ତାହା ଦୂର ହୋଇଗଲା । କିନ୍ତୁ ସ୍ୱାମିଜିଙ୍କର କିଛି ମାତ୍ର ସେବା ନ କରିବା ଯୋଗୁଁ ତାଙ୍କୁ ସନ୍ତୋଷ ହେଲା ନାହିଁ । ତାଙ୍କ ମନର ଅବସ୍ଥା ଜାଣି ବୃନ୍ଦାବନର ୮୪ କୋଶ ମଧ୍ୟରେ ଶିକାର ନ କରିବା ସକାଶେ ସ୍ୱାମିଜି ଆକବରଙ୍କୁ କହିଲେ । ଏହା ଶୁଣିବା ମାତ୍ରେ ତାଙ୍କୁ ବହୁତ ସନ୍ତୋଷ ହେଲା ଏବଂ ସେ ବାନର ତଥା ମୟୂରମାନଙ୍କୁ ପ୍ରତିଦିନ ଭୋଜନ ଦେବାର ପ୍ରବନ୍ଧ କରିଦେଲେ । ଆକବର ଏବଂ ତାନ୍‌ସେନ୍ ଉଭୟେ ସ୍ୱାମିଜିଙ୍କ ଚରଣରେ ପ୍ରଣାମ କରି ଆଶୀର୍ବାଦ ନେଇ ଫେରି ଆସିଲେ ।

ମାର୍ଗରେ ଆକବର କହିଲେ, ''ତାନ୍‌ସେନ୍, ତୁମେ କ'ଣ ସ୍ୱାମିଜିଙ୍କ ସଦୃଶ ଗାନ ଗାଇପାରିବ ?'' ତାନସେନ୍ କାନ ଉପରେ ହାତ ରଖି କହିଲେ, ''ନାହିଁ, ବାଦଶାହ, ମୁଁ ଗାଇ ପାରିବି ନାହିଁ । ମୁଁ ଗାଇବି ଜଣେ କିଛି ପଇସା ଉଦ୍ଦେଶ୍ୟରେ ଜଣେ ବାଦଶାହଙ୍କୁ ଖୁସି କରିବା ସକାଶେ, ମୋ ଗୁରୁଦେବ ଗାଇବେ ସମସ୍ତ ଲୋକର କର୍ତ୍ତା ବାଦଶାହଙ୍କ ବାଦଶାହର ପ୍ରସନ୍ନତା ସକାଶେ । ତାଙ୍କର ସୂର୍ଯ୍ୟ ସଦୃଶ ପ୍ରକାଶମାନ ଗାନ ସମ୍ମୁଖରେ ମୋ ଗାନ ତାରା ସଦୃଶ ମଳିନ ରହିବ ।''

ପ୍ରକାଶାନନ୍ଦ

ଯୋଗୀ ପ୍ରକାଶାନନ୍ଦ ବହୁ ବର୍ଷ ସାଧନା କରି ଆଶ୍ଚର୍ଯ୍ୟଜନକ ସିଦ୍ଧିପ୍ରାପ୍ତ ହୋଇଥିଲେ । ନିଜ ସିଦ୍ଧିର ଉତ୍କର୍ଷ ପ୍ରମାଣ କରିବା ସକାଶେ ସ୍ୱାମି ହରିଦାସଜି ମହାରାଜଙ୍କ ପାଖକୁ ଆସିଲେ । ସେ ସମୟରେ ସ୍ୱାମି ମୟୂର ଏବଂ ବାନରଙ୍କୁ ପ୍ରସାଦ ଦେଉଥିଲେ । ପ୍ରକାଶାନନ୍ଦ ମୟୂରରୂପ ଧାରଣ କରି ମୟୂର ମଧ୍ୟରେ ସମ୍ମିଳିତ ହୋଇ ସ୍ୱାମିଜିଙ୍କ ହାତରୁ ଭୋଜନ କଲେ । ସ୍ୱାମିଜି ମୟୂର ରୂପଧାରୀ ପ୍ରକାଶାନନ୍ଦଙ୍କୁ ସମ୍ବୋଧନ କରି କହିଲେ, ''ଯୋଗିରାଜ ! ତୁମର ଭାଗ୍ୟ ଖୋଲିଗଲା, ତୁମେ ବୃନ୍ଦାବନ ଧାମକୁ ଆସି ପାରିଲ । ଏହାହିଁ ଶ୍ରୀକୃଷ୍ଣଙ୍କ କୃପାର ଫଳ । ଏହା ଶୁଣି ପ୍ରକାଶାନନ୍ଦ ଲଜ୍ଜିତ ହୋଇ ନିଜ ରୂପରେ ପ୍ରକଟ ହେଲେ । କିନ୍ତୁ ଏତିକିରେ ତାଙ୍କର ସମ୍ପୂର୍ଣ୍ଣ ରୂପେ ସନ୍ତୋଷ ହେଲା ନାହିଁ । ସେ ସ୍ୱାମିଜିଙ୍କ ପାଖରେ ରହି ସୁବିଧା ଅନୁସାରେ ତାଙ୍କୁ ବହୁବାର ବହୁ ପ୍ରକାରେ ପରୀକ୍ଷା କଲେ । ଭଗବତ୍ ଭକ୍ତ କୌଣସି ସିଦ୍ଧି ନ ଚାହିଁବା, ନିଜ ସ୍ୱାର୍ଥ ସକାଶେ କୌଣସି ସିଦ୍ଧି ପ୍ରୟୋଗ ନ କରିବା ସତ୍ତ୍ୱେ ଭକ୍ତିମାର୍ଗରେ ବହୁ ପ୍ରକାର ସିଦ୍ଧି ଭକ୍ତକୁ ପ୍ରାପ୍ତ ହୁଏ ଏବଂ ଭଗବତ୍ ପ୍ରେରଣାରେ ସ୍ଥଳ ବିଶେଷରେ ପ୍ରୟୋଗ ମଧ୍ୟ ହୁଏ । ଏହା ସେ ସ୍ପଷ୍ଟ ରୂପେ ବୁଝିପାରିଲେ । ତାଙ୍କର ଯୋଗ-ଆସକ୍ତି, ଯୋଗ-ସିଦ୍ଧିର ଗର୍ବ ଦୂର ହେଲା । ସେ ସ୍ୱାମିଜିଙ୍କ ଚରଣରେ ପଡ଼ି ଶିଷ୍ୟ ରୂପେ ଗୃହୀତ ହେବାକୁ ପ୍ରାର୍ଥନା କଲେ । ସ୍ୱାମିଜି ଶ୍ରୀରାଧାକୃଷ୍ଣଙ୍କ ଯୁଗଳ ମନ୍ତ୍ର ଉପଦେଶ ଦେଇ ତାଙ୍କୁ ଶିଷ୍ୟ ରୂପେ ସ୍ୱୀକାର କଲେ । ଏହି ଯୋଗୀ ପ୍ରକାଶାନନ୍ଦ (ପର୍ବତ ପୁରୀ) ପ୍ରକାଶ ଦାସ ନାମରେ ପ୍ରଧାନ ଶିଷ୍ୟ ମଧ୍ୟରେ ପ୍ରସିଦ୍ଧ ହୋଇଥିଲେ ।

ଶ୍ରୀ ହରିଦାସଜି ମହାରାଜଙ୍କର ବହୁତ ଶିଷ୍ୟ ଥିଲେ । କିନ୍ତୁ ତାଙ୍କ ମଧ୍ୟରୁ ଥିଲେ ବାରଜଣ ପ୍ରଧାନ ସିଦ୍ଧ ସନ୍ଥ । ପ୍ରକାଶଦାସଜି, ଦୟାଲ ଦାସଜି, ବିଠଲ ବିଗୁଲ ଦାସଜି, ଶ୍ରୀ ବ୍ୟାସ ଦାସଜିଙ୍କ ପୁତ୍ର କିଶୋର ଦାସଜି, ମନୋହାର ଦାସଜି, ମଧୁକର ଦାସଜି, ଗୋବିନ୍ଦ ଦାସଜି, କେଶବ ଦାସଜି, ଅନନ୍ତ ଦାସଜି, ମୋହନ ଦାସଜି ଓ ବଳଦାଓ ଦାସଜି । ଏଥିରୁ ଶେଷ ଆଠ ଜଣ ଶିଷ୍ୟଙ୍କୁ ସ୍ୱାମିଜି ଏକ ସଙ୍ଗେ ମନ୍ତ୍ର ଦୀକ୍ଷା ଦେଇଥିଲେ ।

ସ୍ୱାମି ଶ୍ରୀହରିଦାସଜି ମହାରାଜଙ୍କର ଥିଲା ମଧୁର ଉପାସନା, ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ନିକୁଞ୍ଜ ସେବା । ସେ ଦିନ-ରାତି ଭଗବତ୍ ରସରେ ନିମଗ୍ନ ରହୁଥିଲେ । ତତ୍କାଳୀନ ସନ୍ଥସମାଜ ତାଙ୍କୁ ରସିକାଚାର୍ଯ୍ୟ ଉପାଧିରେ ବିଭୂଷିତ କରିଥିଲେ ।

ସେ ଯୋଗାଚାର୍ଯ୍ୟ ଏହି ଧରାଧାମରେ ରହି କେତେ ନରନାରୀଙ୍କୁ ଭଗବତ୍ ଭକ୍ତି ଉପଦେଶ ଦେଇ ଜନ୍ମ-ମରଣରୁ ଉଦ୍ଧାର କଲେ । ଭଗବାନଙ୍କ ବିଧାନ ଅନୁସାରେ ଏହି ନଶ୍ୱର ଶରୀରକୁ ତ୍ୟାଗକରି ଗୋଲୋକ ନିତ୍ୟ ବୃନ୍ଦାବନ କୁଞ୍ଜରେ ଶ୍ରୀପ୍ରିୟାପ୍ରିୟତମଙ୍କ ସେବାରେ ପ୍ରାପ୍ତ ହେଲେ । ତାଙ୍କ ସ୍ଥୂଳ ଶରୀର ତ୍ୟାଗ କରିବା ସମୟ ଠିକ୍ ଭାବେ ଜଣା ନ ଥିବାରୁ ଏଠାରେ ଉଲ୍ଲେଖ ହୋଇ ପାରିଲା ନାହିଁ । କିନ୍ତୁ ତାଙ୍କ ଶିଷ୍ୟ-ପରମ୍ପରା ଅନୁସାରେ ଆଜି ବି ତାଙ୍କ ଆଶ୍ରମ ଏବଂ ପୂଜା ବିହାରୀଜିଙ୍କ ପ୍ରତିମା ତଥା ମନ୍ଦିର, ନିଧିବନ ବୃନ୍ଦାବନରେ ବିଦ୍ୟମାନ ଅଛି । ଲକ୍ଷ ଲକ୍ଷ ନରନାରୀ ତାହା ଦର୍ଶନ କରି କୃତାର୍ଥ ହେଉଅଛନ୍ତି । ଆଜି ଆମ୍ଭେମାନେ ତାଙ୍କ ଚରିତ୍ର ଗାନକରି ତାଙ୍କ ଭଗବତ୍ ରସ-ସମୁଦ୍ରରୁ ଏକ ବିନ୍ଦୁ ପାଇପାରିବା ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

ଭକ୍ତ ଦାଦୁ

ଦାଦୁଙ୍କର ବାଲ୍ୟାବସ୍ଥା

ଭକ୍ତ ଦାଦୁଙ୍କ ଜନ୍ମ ହୋଇଥିଲା ଗୋଟିଏ ଅତ୍ୟନ୍ତ ଦୀନହୀନ ମୁସଲମାନ ପରିବାରରେ ସନ ୧୫୪୪ ଫାଲ୍‌ଗୁନ ମାସ ଶୁକ୍ଲାଷ୍ଟମୀ ଦିନ । ପିତାଙ୍କର ନାମ ଥିଲା ଲୋଦୀ ଏବଂ ମାତାଙ୍କର ନାମ ଥିଲା ବସିବାଇ । ଗ୍ରାମଟି ଥିଲା ଗୁଜୁରାଟ ପ୍ରାନ୍ତ ଅହମ୍ମଦାବାଦ ନିକଟସ୍ଥ ଚର୍ମକାର ମୁସଲମାନମାନଙ୍କର । ଦାଦୁଙ୍କ ପିତାମାତା ଅତ୍ୟନ୍ତ ଦରିଦ୍ର ଥିବାରୁ ତାଙ୍କର ଶିକ୍ଷାଦୀକ୍ଷା କିଛି ହୋଇପାରି ନ ଥିଲା ।

ଦାଦୁଙ୍କ ପିତାଙ୍କର ପରିବାର ପାଳନ-ପୋଷଣର ଜୀବିକା ଥିଲା ଚମଡ଼ା ସିଲାଇ କରିବା । ଗୁଜୁରାଟ ପ୍ରାନ୍ତରେ ଜଳର ବହୁତ ଅଭାବ ଥାଏ । କୂପ ମଧ୍ୟ ବହୁତ ଗଭୀର । କୂପ ଜଳରେ ବହୁତ ସ୍ଥାନରେ ଫସଲ କରାହୁଏ । କୂପରୁ ଜଳ ଉଠେଇବା ସକାଶେ ଚମଡ଼ାରେ ଟୋକେଇ ପରି ସିଲେଇ କରି ଥାଆନ୍ତି । ସେଥିରେ ମୋଟା ମୋଟା ଦଉଡ଼ି ଲଗେଇ ବଳଦ ଦ୍ୱାରା ଜଳ କାଢ଼ି ଫସଲରେ ଜଳ ମଡ଼ାନ୍ତି । ଏବଂ ବଡ଼ ବଡ଼ ଚମଡ଼ା ଥଳିରେ ଦୂର ଦୂରାନ୍ତକୁ ଜଳ ନେଇ ଯାଆନ୍ତି । ଏହି କାରଣରୁ ସେ ସମୟରେ ଏପରି ଚମଡ଼ା ଥଳିର ବହୁତ ଆବଶ୍ୟକ ଥାଏ ଏବଂ ବହୁତ ତିଆରି ହୁଏ । ୧୯୩୦/୩୧ରେ ମଧ୍ୟ ଦ୍ୱାରିକା ଯିବା ସମୟରେ ମୁଁ ଏହା ଦେଖିଥିଲି । ଆଜିକାଲି ବୋଧହୁଏ ଜଳର ଅସୁବିଧା ଦୂର ହୋଇଥିବ । ତା' ସହିତ ସେମାନେ ଜୋତା ବି ତିଆରି କରନ୍ତି ।

ଦାଦୁ ଖୁବ୍ ଅଳ୍ପ ବୟସରେ ପିତାଙ୍କ ସହିତ ଚମଡ଼ା ସିଲାଇ କାର୍ଯ୍ୟ କରିବାକୁ ଆରମ୍ଭ କଲେ ।

ଦାଦୁଙ୍କର ସ୍ୱାଭାବିକ ଗୁଣ ଥିଲା ସତ୍ୟ କହିବା, ସତ୍ୟ ଆଚରଣ କରିବା । ଅନ୍ୟର ଦୁଃଖ ଦେଖିଲେ ତାଙ୍କ ହୃଦୟ ଦ୍ରବିତ ହୋଇଯାଉଥିଲା । ଭଗବତ୍ ନାମର ପ୍ରଭାବ ତାଙ୍କ ଚେତନାରେ ଅପ୍ରକାଶ୍ୟରେ ରହିଥିବା ଯୋଗୁଁ ସେ ଭଗବତ୍ ନାମ ସ୍ୱତଃସ୍ଫୂର୍ତ୍ତଭାବେ ମନେ ମନେ ଜପ କରୁଥିଲେ । ତାଙ୍କ ଅନ୍ତରରେ ଭଗବତ୍ ପ୍ରେମ ପ୍ରବାହିତ ହେଉଥିଲା । ତାଙ୍କୁ ଅଭିମାନ ସ୍ପର୍ଶ କରି ନ ଥିଲା । ଏହିସବୁ ଦିବ୍ୟଗୁଣ ଥିବା ସତ୍ତ୍ୱେ ସେ ଏ ବିଷୟରେ ସଚେତ ନ ଥିଲେ । ତାଙ୍କର ଉପଯୁକ୍ତ ବୟସ ପ୍ରାପ୍ତ ହେବାରୁ କୁଳପ୍ରଥା ଅନୁସାରେ ଗୋଟିଏ ମୁସଲମାନ କନ୍ୟା 'ହାବା' ସହିତ ପିତା ତାଙ୍କୁ ବିବାହ ଦେଇଦେଲେ । କାଳକ୍ରମେ ତାଙ୍କ ପିତାମାତା ନଶ୍ୱର ଶରୀର ତ୍ୟାଗ କରି ପରଲୋକ ଗମନ କଲେ ।

ଗାର୍ହସ୍ଥ୍ୟ ଜୀବନ

ଘରର ସମସ୍ତ ଦାୟିତ୍ୱ ପଡ଼ିଲା ଦାଦୁଙ୍କ ଉପରେ । ଚମଡ଼ା ସିଲାଇ କରି ଯାହା ଉପାର୍ଜ୍ଜନ କରନ୍ତି ସେଇଥିରେହିଁ ଦୁଃଖେକଷ୍ଟେ ପରିବାର ଚଳନ୍ତି । କିନ୍ତୁ ଦାଦୁ ଯେଉଁ ପରିସ୍ଥିତିରେ ରହିଥାଆନ୍ତି ସେଥିରେ ତାଙ୍କର ପରମ ସନ୍ତୋଷ ଥାଏ । ସେ କେବେ ବି ଅଭାବ ଅସୁବିଧା ବୋଧ କରନ୍ତି ନାହିଁ ।

କ୍ରମଶଃ ତାଙ୍କର ଚାରୋଟି ସନ୍ତାନ ହୋଇଥିଲେ । ଦୁଇଟି ପୁତ୍ର, ଦୁଇଟି କନ୍ୟା । ଜ୍ୟେଷ୍ଠ ପୁତ୍ରଙ୍କ ନାମ ଥିଲା ଗରିବ ଦାସ ଏବଂ ଅନ୍ୟ ପୁତ୍ରର ନାମ ଥିଲା ମସ୍କିନ ଦାସ । ଝିଅର ନାମ ନନୀବାଈ ତଥା ସାମବାଈ । ଏସବୁ ଅଧ୍ୟାତ୍ମ ସାଧିକା ରୂପେ ବିଖ୍ୟାତ ହୋଇଥିଲେ । ଜ୍ୟେଷ୍ଠପୁତ୍ର ଗରିବ ଦାସ ପରେ ମହାନ୍ ସନ୍ଥ ହୋଇଥିଲେ ।

ଦାଦୁଙ୍କର ରୋଜଗାରର ଉପାୟ କେବଳ ଚମଡ଼ା ଥଳି ଏବଂ ଜୋତା ସିଲାଇ କରିବା । ସେସମୟରେ ସେଥିରୁ ବହୁତ ରୋଜଗାର ହେଉ ନ ଥିଲା । ସେଥିରୁ ପୁଣି ପରିବାର ବଢ଼ିଲେ । ସେହି ସକାଶେ କେବେ କେବେ ପୂରାଭୋଜନ ବି ହେଉ ନ ଥିଲା । ଭଲଭାବେ ପିନ୍ଧିବାକୁ ଲୁଗା ବି ମିଳେ ନାହିଁ । ବର୍ଷା, ଖରା, ଶୀତରୁ ରକ୍ଷା ପାଇବା

ସକାଶେ କୁଡ଼ିଆ ଘର ମାତ୍ର । ସେଥିରେ ପୁଣି ଚମଡ଼ା ସିଲାଇ କାର୍ଯ୍ୟ ହୁଏ । ଏହିସବୁ ଅସୁବିଧା ଥିବା ସତ୍ତ୍ୱେ ତାଙ୍କ ପତ୍ନୀ ଏବଂ ସନ୍ତାନମାନେ ସନ୍ତୋଷରେ ଥାଆନ୍ତି । ଏହା ହେଉଥିଲା ଦାଦୁଙ୍କ ଅନ୍ତରର ସନ୍ତୋଷର ପ୍ରଭାବରୁ । ଜଣେ ବ୍ୟକ୍ତିଙ୍କର ଅନ୍ତରରେ ଦିବ୍ୟ ଗୁଣ ଥିଲେ ତା'ର ପ୍ରଭାବ ପଡ଼େ ସେ ବ୍ୟକ୍ତି ସମ୍ପର୍କରେ ଆସିବା ବ୍ୟକ୍ତିଙ୍କ ଉପରେ । ପରିବାରଙ୍କ ଉପରେ ନିଶ୍ଚୟ ପଡ଼େ ।

ଦାଦୁଙ୍କର ପୂର୍ବ ଜନ୍ମର ମହାନ୍ ଅଧ୍ୟାତ୍ମ ସମ୍ପଦ ତାଙ୍କ ଅନ୍ତରରେ ଯଦ୍ୟପି ବିଦ୍ୟମାନ ଥିଲା ଏବଂ ଅପ୍ରକାଶ୍ୟରେ ତା'ର ପ୍ରଭାବ ମନ-ପ୍ରାଣରେ ଯଦ୍ୟପି ପଡୁଥିଲା, ତଥାପି ତାହା ପ୍ରକାଶିତ ନ ଥିଲା । ସେହି କାରଣରୁ ତାଙ୍କ ବାଲ୍ୟାବସ୍ଥା, କିଶୋର ଏବଂ ଯୌବନ କାଳରେ ତାଙ୍କ ଜୀବନରେ କୌଣସି ଅସାଧାରଣ ଘଟଣା ଘଟି ନ ଥିଲା । ସେ ଗୁରୁଙ୍କ ସ୍ପର୍ଶ ପାଇବା ପରେ ତାଙ୍କ ଅନ୍ତରରେ ଅପ୍ରକାଶ୍ୟରେ ଥିବା ଅଧ୍ୟାତ୍ମ ସତ୍ୟ ପ୍ରକାଶିତ ହେବାରୁ ସେ ଉତ୍ତର ଜୀବନରେ ମହାନ୍ ଅଧ୍ୟାତ୍ମ ମହାପୁରୁଷ ନାମରେ ପ୍ରସିଦ୍ଧ ହୋଇଥିଲେ ।

ପ୍ରତିଦିନ ପରି ଦାଦୁ ଅନ୍ତରରେ ଭଗବତ୍ ନାମ ସ୍ମରଣ ପୂର୍ବକ ଚମଡ଼ା ସିଲାଇ କାର୍ଯ୍ୟ କରୁଥାଆନ୍ତି । ଖରାଦିନ ତୃତୀୟ ପ୍ରହର ସମୟ । ଆକାଶରେ ହଠାତ୍ ମେଘ ଘୋଟି ଆସିଲା । ଜୋର୍ ପବନ ସହିତ ଅଳ୍ପ ବର୍ଷା ହେବାକୁ ଆରମ୍ଭ କଲା । ସେହି ସମୟରେ କବୀରଙ୍କ ପୁତ୍ର କମାଲ ଦ୍ରୁତ ପଦରେ ଯାଉଥିଲେ । ବର୍ଷା ଆରମ୍ଭ ହେବା ଦେଖି ସେ ଗୋଟିଏ ଛୋଟ ଘରର ମୁଣ୍ଡକୁ ଲାଗୁଥିବା ଚାଳ ତଳେ ମୁଣ୍ଡକୁ ନୁଆଁଇ ପିଣ୍ଡାରେ ଛିଡ଼ା ହୋଇଗଲେ । ଘର ଭିତରକୁ ଯାଇ ଗରିବ ଚର୍ମକାରର କାର୍ଯ୍ୟରେ ବାଧା ଦେବା ଉଚିତ ମନେ କଲେ ନାହିଁ ।

ଦାଦୁ ଅନୁମାନ କଲେ କୌଣସି ବ୍ୟକ୍ତି ବର୍ଷାରୁ ରକ୍ଷା ପାଇବା ସକାଶେ ପିଣ୍ଡାରେ ଛିଡ଼ା ହୋଇଛନ୍ତି । ସେ ଘରୁ ବାହାରି ଆସି ସଲାମ କରି କହିଲେ, ''ବାବା, ଏଠାରେ ଛିଡ଼ା ହେବାର ସୁବିଧା ନାହିଁ । ବର୍ଷାରୁ ପୂରା ପୂରା ରକ୍ଷା ବି ହୋଇପାରିବ ନାହିଁ । କ'ଣ ଏଇ ଘର ଗୋଟିଏ ଗରିବ ମୋଚିର ଜାଣି ଭିତରକୁ ଯିବାକୁ ସଂକୋଚ କରୁଛନ୍ତି ?'' ''ନାହିଁ, ଭାଇ, ଏପରି ନୁହେଁ । ମୁଁ ତ ଦୀନଦୟାଳ ପ୍ରଭୁଙ୍କର ଗୋଟିଏ ତୁଚ୍ଛ ଦାସ । କେବଳ ତୁମ କାର୍ଯ୍ୟରେ ବାଧା ପଡ଼ିବ,— ସେହି ସକାଶେ ମୁଁ ଭିତରକୁ ଗଲି ନାହିଁ ।'' କମାଲ ଉତ୍ତର ଦେଲେ ।

ଦାଦୁ ଅନୁନୟ-ବିନୟ କରି ଘର ଭିତରକୁ ଯିବାକୁ ପ୍ରାର୍ଥନା କଲେ । ତାଙ୍କ ପ୍ରାର୍ଥନାକୁ କମାଲ ଟାଳି ନ ପାରି ତାଙ୍କ ସହିତ ଘର ଭିତରକୁ ଆସିଲେ । ଘର ତ ଛୋଟ । ସେଥିରେ ପୁଣି ଚମଡ଼ା ସିଲାଇ କାମ ଚାଲିଥାଏ । ସେ ଅତ୍ୟନ୍ତ ଗରିବ ଥିବାରୁ ତାଙ୍କ ପାଖରେ କୌଣସି ଆସନ ବି ନ ଥାଏ । ସେହିଠାରେ ଛୋଟ ଛୋଟ କଟା ହୋଇଥିବା ଚମଡ଼ାକୁ ଆଡ଼େଇ ଦେଇ ଗୋଟିଏ ଚମଡ଼ା ପକେଇଦେଲେ ଏବଂ କମାଲଙ୍କୁ ବସିବା ସକାଶେ ଆଗ୍ରହ କଲେ । କମାଲ ମଧ୍ୟ ସେହି ଆସନରେ ବସି ପଡ଼ିଲେ । ବସୁ ବସୁ ତାଙ୍କ ଦୁଇ ନେତ୍ରରୁ ଅଶ୍ରୁ ବର୍ଷା ହେବାକୁ ଲାଗିଲା । ସେ ସମ୍ଭାଳି ନ ପାରି ଜୋର୍‌ରେ କାନ୍ଦିବାକୁ ଲାଗିଲେ ।

ଏହି ଘଟଣା ଦେଖି ଦାଦୁ ବିସ୍ମୟସାଗରରେ ବୁଡ଼ିଗଲେ । ସେ ଭାବିଲେ, ''ମୋର କ'ଣ ବହୁତ ବଡ଼ ଅପରାଧ ହୋଇଗଲା । ସେହି ସକାଶେ ଅତିଥି କାନ୍ଦିବାକୁ ଲାଗିଲେ ।'' ସେ ଭୟଭୀତ ହୋଇ ହାତଯୋଡ଼ି କହିଲେ, ''ପ୍ରଭୁ, ମୁଁ ବହୁତ ଭୁଲ୍ କରିଛି; ଅପବିତ୍ର ଚମଡ଼ା ପଡ଼ିଥିବା ସ୍ଥାନରେ ଚମଡ଼ା ଆସନରେ ବସିବାକୁ ଦେଇଛି । ସେହି ସକାଶେ ଆପଣଙ୍କୁ କଷ୍ଟ ହୋଇଥିବ । ପ୍ରଭୁ, ମୋ ପାଖରେ ଭଲ ସ୍ଥାନ ନାହିଁ କିଂବା ଭଲ ଆସନ ନାହିଁ । ମୋ ଅପରାଧ କ୍ଷମା କରନ୍ତୁ ।''

ଗୁରୁଦୀକ୍ଷା

କମାଲ କିଛି ସମୟ ପରେ ଶୋକ ସମ୍ବରଣ କରି କହିଲେ, ''ନାହିଁ, ତୁମେ ଚମଡ଼ା ଆସନ ବସିବାକୁ ଦେଲ, ସେ ସକାଶେ ମୋ ଅନ୍ତରରୁ ରୋଦନ ଆସି ନାହିଁ, ଆସିଛି ମୋ ଅନ୍ତରର ତ୍ରୁଟିକୁ ନିରୀକ୍ଷଣ କରି ଜାଣିବା ଯୋଗୁଁ । ତୁମର ଏହି ଛୋଟ ଘରଟିରେ ନିଜେ ବସି କାର୍ଯ୍ୟ କରିବା ସକାଶେ ସୁବିଧା ନାହିଁ । ତଥାପି ମୋତେ ଆଗ୍ରହ ସହିତ ଡାକି

ଆଣି ତୁମ ପାଖରେ ଯେତିକି ସ୍ଥାନ ଯେଉଁ ଆସନ ଥିଲା ତାକୁ ସରଳ ହୃଦୟ ନିଷ୍କପଟ ପ୍ରେମରେ ମୋତେ ବସିବାକୁ ଆଗ୍ରହ ସହିତ ଦେଲ । ତୁମର ସରଳତା ଏବଂ ଆନ୍ତରିକ ପ୍ରେମ ଦେଖି ମୁଁ ନିଜ ଅନ୍ତରରେ ଦୃଷ୍ଟିପାତ କଲି । କିନ୍ତୁ ମୋ ପ୍ରଭୁଙ୍କ ପାଖରେ ଆଜି ପର୍ଯ୍ୟନ୍ତ ଏପରି ସରଳ ସହଜ ଭାବରେ ନମ୍ର ତଥା ନିରଭିମାନ ହୋଇ ମୋ ହୃଦୟ ପଟକୁ ପ୍ରଭୁଙ୍କ ଆସନ ସକାଶେ ବିଛାଇ ପାରି ନାହିଁ । ଅହଂକାରର କେତେ ସୂକ୍ଷ୍ମ ଗ୍ରନ୍ଥି ମୋ ମନ-ପ୍ରାଣ ତଥା ସାଧନାରେ ରହିଛି । ମୁଁ ଯେପରି ଆଜି ତୁମ ଚାଳ ତଳେ ଛିଡ଼ା ହୋଇଥିଲି, ସେହିପରି ମୋ ପ୍ରେମ ଭିଖାରି ପ୍ରଭୁ ବାରଂବାର ଆସି ମୋ ଜୀବନଦ୍ୱାରରେ ଛିଡ଼ା ହୋଇ ଅପେକ୍ଷା କରୁଛନ୍ତି । ସୂକ୍ଷ୍ମ ଅହଂ-ସ୍ୱାର୍ଥର ପର୍ଦା ମୋ ବୁଦ୍ଧିରେ ପଡ଼ିଥିବାରୁ ମୁଁ ନିଜ ପ୍ରଭୁଙ୍କୁ ଦେଖି ପାରୁ ନାହିଁ କିଂବା ସରଳ ହୃଦୟରେ ତାଙ୍କୁ ଡାକି ହୃଦୟମନ୍ଦିରରେ ବିରାଜମାନ ହେବାକୁ ପ୍ରେମ ଆସନ ବିଛାଇ ପାରୁ ନାହିଁ । ପ୍ରଭୁ ଅପେକ୍ଷା କରି ବାରଂବାର ଫେରି ଯାଉଛନ୍ତି । ମୋର ଏହି ତ୍ରୁଟି ଯୋଗୁଁ ହୃଦୟବେଦନାରୁ ଅଶ୍ରୁଝରୁଛି ।

ସରଳହୃଦୟ ନିରକ୍ଷର ମୋଚି, ସାଧକ କମାଲଙ୍କ ହୃଦୟର ପ୍ରେମ-ବିରହ-ବେଦନାକୁ ଠିକ୍ ଠିକ୍ ବୁଝି ପାରନ୍ତୁ ବା ନ ପାରନ୍ତୁ, ତାଙ୍କ ଅନ୍ତରରେ ବିଶେଷ ପ୍ରଭାବ ପଡ଼ିଲା । ସେ ନିଃସଂକୋଚ ଦ୍ୱିଧାଶୂନ୍ୟ ଭାବେ ପ୍ରଶ୍ନ କଲେ, ''ଆପଣଙ୍କ ପ୍ରଭୁ କିଏ ?''

''ବତ୍ସ, ପ୍ରାଣିମାତ୍ରର ଯିଏ ପ୍ରଭୁ, ଯିଏ ଏହି ସଂସାରର ସର୍ଜନା ଏବଂ ପାଳନ କରୁଅଛନ୍ତି ସେହିଁ ମୋର ପ୍ରଭୁ ।'' – କମାଲ ଉତ୍ତର ଦେଲେ ।

''ସେ କ'ଣ ମୋର ପ୍ରଭୁ ? ସେ କ'ଣ ମୋ ଜୀବନର ଦ୍ୱାରରେ ମୋତେ ଅପେକ୍ଷା କରି ଛିଡ଼ା ହୋଇଛନ୍ତି ?''

''ହଁ, ସେହି ଈଶ୍ୱର ସମସ୍ତ ପ୍ରାଣୀମାନଙ୍କର ପ୍ରଭୁ ଏବଂ ରକ୍ଷକ । ସେ ଅପେକ୍ଷା କରି ସମସ୍ତଙ୍କ ଜୀବନଦ୍ୱାରରେ ଛିଡ଼ା ହୋଇଅଛନ୍ତି । ତାଙ୍କୁ କେବେ ହତାଶ ହେବାକୁ ହୁଏ ନାହିଁ କିଂବା କ୍ଲାନ୍ତି ସ୍ପର୍ଶ କରେ ନାହିଁ । କିନ୍ତୁ ବ୍ୟକ୍ତି ନିଷ୍କପଟ ସରଳ ପ୍ରେମଭକ୍ତିରେ ତାଙ୍କୁ ଡାକିଲେ ତାଙ୍କ ପ୍ରବେଶ ଦ୍ୱାରରେ ପଡ଼ିଥିବା ଅହଂ, ସ୍ୱାର୍ଥ, କାମନା-ବାସନା, କାମ, କ୍ରୋଧ, ଲୋଭ, ମୋହ, ମଦ-ମତ୍ସରସ୍ୱରୂପ ଘନ ଅନ୍ଧକାର ପରଦା ହଟିଯାଏ, ବ୍ୟକ୍ତି ତାଙ୍କୁ ଦେଖିପାରେ ଏବଂ ପ୍ରେମାପ୍ଲୁତ ହୃଦୟକମଳରେ ପ୍ରଭୁ ଆସି ବିରାଜମାନ ହୁଅନ୍ତି ।

ବାହାରେ ବର୍ଷା ବନ୍ଦ ହୋଇ ଯାଇଥିଲା । କିନ୍ତୁ ଦାଦୁଙ୍କ ଦୁଇ ନେତ୍ରରୁ ଭଗବତ୍-ବିରହ-ଲୋତକ ଅବିରତ ବର୍ଷା ହେଉଥିଲା । ସନ୍ଧ୍ୟା ହୋଇ ଯାଇଥାଏ । ସାଧକ କମାଲ ମୋଚି ଦାଦୁଙ୍କ ମସ୍ତକରେ ହସ୍ତ ରଖି ହାର୍ଦିକ ଆଶୀର୍ବାଦ ଦେଇ ତାଙ୍କଠାରୁ ବିଦାୟ ନେଲେ । ସେହି ଆଶୀର୍ବାଦପ୍ରାପ୍ତ ଚର୍ମକାର ପରେ ଭାରତବିଖ୍ୟାତ ଭକ୍ତ ସିଦ୍ଧ ମହାପୁରୁଷ ଦାଦୁ ନାମରେ ଲୋକଲୋଚନରେ ପ୍ରତିଭାତ ହେଲେ । ଏହି କମାଲ ପ୍ରସିଦ୍ଧ ମହାପୁରୁଷ କବୀରଙ୍କ ପୁତ୍ର ତଥା ଶିଷ୍ୟ ଥିଲେ । କମାଲ ଭଗବତ୍ ପ୍ରେରଣାରେ ଆସି ଦାଦୁଙ୍କ ହୃଦୟଭୂମିରେ ବନ୍ଦଥିବା ପୂର୍ବଜନ୍ମର ଭକ୍ତିସ୍ରୋତକୁ ଉନ୍ମୋଚନ କରିଦେଲେ । ଦାଦୁଙ୍କର ଏହି ଭକ୍ତି-ଭାଗୀରଥୀ-ପାବନୀ-ସ୍ରୋତ ସମସ୍ତ ଉତ୍ତର ଭାରତକୁ ପ୍ଲାବିତ କରିଦେଲା ।

କମାଲ ଚାଲିଗଲେ । କିନ୍ତୁ ଦାଦୁଙ୍କ ଚମଡ଼ା ସିଲେଇ କାମ ବନ୍ଦ ହୋଇ ନ ଥିଲା । ସେ ପୁଣି ସିଲେଇରେ ଲାଗି ପଡ଼ିଲେ । ନେତ୍ରରୁ ଅଶ୍ରୁଧାରା ବହୁଥାଏ, ହୃଦୟ ଭଗବତ୍ ବିରହରେ ବିଦୀର୍ଣ୍ଣ ହେଉଥାଏ । ହୃଦୟଗହ୍ୱରରୁ ସ୍ୱତଃସ୍ଫୂର୍ତ୍ତଭାବେ ବ୍ୟାକୁଳ ପ୍ରାର୍ଥନା ଆସୁଥାଏ; ''ପ୍ରଭୁ, ତୁମେ ପ୍ରତିଦିନ ମୋ ଜୀବନଦ୍ୱାରରେ ଅପେକ୍ଷା କରି ଛିଡ଼ା ହୋଇଛ । କିନ୍ତୁ ମୁଁ ମୂଢ଼, ଅଧମ, ତୁମକୁ ଆଜିପର୍ଯ୍ୟନ୍ତ ଦେଖି ପାରିଲି ନାହିଁ । ମୋ ରୁଦ୍ଧ ହୃଦୟଦ୍ୱାର ଖୋଲି ପାରିଲି ନାହିଁ । ତୁମକୁ ଅନୁନୟ-ବିନୟ କରି ଡାକି ମୋ ହୃଦୟ ସିଂହାସନରେ ବସାଇ ପାରିଲି ନାହିଁ । ମୋ ଜୀବନ ବ୍ୟର୍ଥରେ ନଷ୍ଟ ହୋଇଗଲା । ପ୍ରଭୁ, ଦୟାକର, ତୁମରି ଦୟାରେହିଁ ମୋ ହୃଦୟ ଦ୍ୱାର ଖୋଲିଯିବ । ମୁଁ ତୁମକୁ ଦେଖିପାରିବି । ତୁମେ ମୋ ହୃଦୟ-କମଳ-ସିଂହାସନରେ ବିରାଜମାନ ହୁଅ ।'' ଏହିପରି ଭାବାବେଗରେ ତାଙ୍କ ହାତ ବନ୍ଦ ହୋଇ ଯାଉଥାଏ । ନେତ୍ରରୁ ବର୍ଷାଧାରା ସଦୃଶ ଲୋତକ ବହୁଥାଏ । ସେ ଆଉ ସିଲାଇ କରିପାରିଲେ ନାହିଁ । ଧର୍ମପତ୍ନୀଙ୍କ ଆଗ୍ରହରେ ଭୋଜନ ପାତ୍ର ପାଖରେ ବସିଲେ କିନ୍ତୁ ଭୋଜନ ବି କରିହେଲା ନାହିଁ । ବିଛଣାରେ ପଡ଼ି ରହିଲେ ମାତ୍ର

ନିଦ୍ରାଦେବୀ ତାଙ୍କୁ ତ୍ୟାଗକରି ଚାଲିଗଲେ । ପ୍ରଭୁବିରହବ୍ୟଥା ତଥା ଆନନ୍ଦରେ ପୂରା ରାତ୍ରିଟା ଅଳ୍ପ ସମୟ ପରି ଲାଗିଲା । ପ୍ରତିଦିନ ପରି ନିତ୍ୟକର୍ମ ସମାପ୍ତ କଲେ କିନ୍ତୁ ମନ ଭଗବତ୍‌ପ୍ରାପ୍ତିର ବିରହ-ସମୁଦ୍ରରେ ବୁଡ଼ି ରହୁଥିଲା । କମାଲଙ୍କ ସଙ୍ଗେ ଦେଖା ହେବାଠାରୁ ଦାଦୁଙ୍କର ସ୍ନାନ-ଭୋଜନ କାର୍ଯ୍ୟରେ ବହୁତ ବ୍ୟାଘାତ ହେଲା । ସେ ସବୁ ସମୟରେ ଭଗବତ୍ ଭାବରେ ବୁଡ଼ି ରହୁଥିଲେ ।

ଦାଦୁ ବିରହପ୍ରେମରେ ଅଭିଭୂତ ହୋଇ କମାଲଙ୍କ ପାଖରେ ପହଞ୍ଚି ପ୍ରଣାମ କରି ହାତଯୋଡ଼ି ପ୍ରାର୍ଥନା କଲେ, ''ପ୍ରଭୁ, ଆପଣ ପ୍ରଭୁଙ୍କ ଗୁଣଚରିତ କହି ମୋତେ ପାଗଳ କରି ଦେଲେ । ଆଉ ପ୍ରଭୁଙ୍କ ବିନା ବଞ୍ଚିବା ସମ୍ଭବ ନୁହେଁ । ହୃଦୟ ମନ୍ଦିରରେ ପ୍ରଭୁ ବିରାଜମାନ ହେବାର ଉପାୟ ଦୟାକରି କହି ଦିଅନ୍ତୁ । ପ୍ରଭୁଙ୍କୁ ଦେଖିପାରିବି ଆଲୋକରେ । କିନ୍ତୁ ମୋ ଚତୁଃପାର୍ଶ୍ୱରେ ଘୋର ଅନ୍ଧକାର ।''

କମାଲ ଆଶ୍ୱାସନା ଦେଇ କହିଲେ, ''ଚିନ୍ତା କର ନାହିଁ । ସେହି ପ୍ରଭୁଙ୍କ କୃପାରୁ, ତୁମର ପ୍ରଭୁପ୍ରାପ୍ତି ସକାଶେ ବ୍ୟାକୁଳତା ଏବଂ ପ୍ରେମ ଯେତେ ବୃଦ୍ଧି ହେବ, ତେତେ ଅନ୍ଧକାର ଦୂର ହେଉଥିବ ତଥା ସାଧନାମାର୍ଗ ମଧ୍ୟ ସୁଗମ ହେଉଥିବ ।

ଦାଦୁଙ୍କର ବହୁ ଜନ୍ମ-ଜନ୍ମାନ୍ତରରେ ଭଗବତ୍ ଭକ୍ତି, ସାଧନାଜ୍ୟୋତିଃ ସଞ୍ଚିତ ହୋଇ ରହିଥିଲା । କିନ୍ତୁ ତାହା ଥିଲା ହୃଦୟ ଗଭୀରରେ ମନ-ପ୍ରାଣର ଘନ ଅନ୍ଧକାର ପରଦା ତଳେ । ତଥାପି ସେହି ଜ୍ୟୋତିଃ ଘନ ଅନ୍ଧକାର ପରଦାକୁ ଭେଦକରି ଦାଦୁଙ୍କ ଅଜ୍ଞାତରେ ତାଙ୍କ ଜୀବନକୁ ପ୍ରକାଶିତ କରିଥିଲା । କିନ୍ତୁ ସିଦ୍ଧ ଭକ୍ତ କମାଲଙ୍କ ସ୍ପର୍ଶ ପାଇବା ମାତ୍ରେ ଅନ୍ଧକାରର ପରଦା ଅପସାରିତ ହୋଇଥିଲା । ଭଗବତ୍ ଭକ୍ତି, ଜ୍ୟୋତିଃ, ଦାଦୁଙ୍କ ସମସ୍ତ ସତ୍ତାକୁ ଉଦ୍ଭାସିତ କରିଦେଲା । ଦାଦୁ ସ୍ୱୟଂ ବର୍ଣ୍ଣନା କରିଛନ୍ତି –

ରୌବ ମାଁହି ଗୁରୁଦେବ ମିଲା, ପାୟା ହାମ ପରସାଦ ।
ମସ୍ତକ ମେରା କର ଧରା, ଦୀକ୍ଷା ଅଗମ୍ୟ ଅଗାଧ ॥

''ଘୋର ତିମିର ଭେଦ କରି ମୋ ଗୁରୁ ପ୍ରକାଶ ହେଲେ । ମୁଁ ତାଙ୍କ ପ୍ରସାଦ ଲାଭ କଲି । ମୋ ମସ୍ତକ ଉପରେ ହସ୍ତ ରଖି ସେ ଆଶୀର୍ବାଦ କଲେ । ତଦ୍ଦ୍ୱାରା ମୁଁ ଅଗମ୍ୟ ଅଗାଧ ଦୀକ୍ଷା ପ୍ରାପ୍ତ ହେଲି ।''

ଗୃହତ୍ୟାଗ

ଦାଦୁ ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରିବା ଦିନଠାରୁ ତାଙ୍କ ଜୀବନ ସହିତ ଚେତନା ପରିବର୍ତ୍ତନ ହୋଇଗଲା । ସେ ଘରଦ୍ୱାର ଛାଡ଼ି ଭଗବତ୍‌ପ୍ରେମରେ ଅଭିଭୂତ ହୋଇ କାଶୀ, ବିହାର ତଥା ବଙ୍ଗଳାରେ ବହୁତ ସ୍ଥାନ ପର୍ଯ୍ୟଟନ କଲେ । ଭ୍ରମଣ ସମୟରେ ବହୁତ ସାଧୁ, ସନ୍ଥ ମହାପୁରୁଷଙ୍କ ସଙ୍ଗେ ତାଙ୍କର ଦେଖା ହେଲା । ଯେଉଁ ମହାପୁରୁଷଙ୍କର ଯେଉଁ ଯେଉଁ ସାଧନା-ପ୍ରଣାଳୀ ଥିଲା ସେସବୁ ସେମାନଙ୍କଠାରୁ ଅଳ୍ପ ଦିନରେ ଅଭ୍ୟାସ କରି ନେଉଥିଲେ । ସେ ସହଜମତ, ଶୂନ୍ୟବାଦ, ନିରଂଜନବାଦ, ନାଥପନ୍ଥା-ସାଧନା ଇତ୍ୟାଦି ପ୍ରାପ୍ତ କରି ନେଇଥିଲେ । କିନ୍ତୁ ନାଥପନ୍ଥାର ଯୋଗମାର୍ଗରେ ତାଙ୍କର ଅସାଧାରଣ ସଫଳତା ପ୍ରାପ୍ତ ହୋଇଥିଲା । ସେ କିଛି ଦିନ ପରେ ନାଥପନ୍ଥୀ ଯୋଗୀମାନଙ୍କ ମଧ୍ୟରେ ବହୁତ ପ୍ରସିଦ୍ଧ ହୋଇଥିଲେ । ଆଜି ବି ଦାଦୁପନ୍ଥୀ ସନ୍ଥମାନଙ୍କ ଆଶ୍ରମରେ କେଉଁଠି କେଉଁଠି ନାଥପନ୍ଥୀ ଯୋଗମାର୍ଗର ଗ୍ରନ୍ଥ ସଯତ୍ନେ ରଖାହୋଇଛି । ସେସବୁ ଗ୍ରନ୍ଥ ମଧ୍ୟରୁ ଅଜପା ଗାୟତ୍ରୀ ଗ୍ରନ୍ଥ, ବିରାଟପୁରାଣ, ଯୋଗଶାସ୍ତ୍ର, ଅଜପା ଗ୍ରନ୍ଥ ଏବଂ ଅଜପା ଶ୍ୱାସା – ଏହିସବୁ ଗ୍ରନ୍ଥ ରହିଅଛି ।

ସନ୍ଥ ଦାଦୁ ତାଙ୍କର ପରିବ୍ରାଜକ ଜୀବନକାଳରେ କିଛି ସମୟ ବଙ୍ଗଳାରେ ବ୍ୟତୀତ କରିଥିଲେ । ସେ ସମୟରେ ବଙ୍ଗଳାରେ ନାଥପନ୍ଥୀ ସିଦ୍ଧ ଯୋଗୀ ଥିଲେ । ନାଥପନ୍ଥୀ ଯୋଗୀମାନଙ୍କ ଦ୍ୱାରା ଦାଦୁ ବହୁତ ଉପକୃତ ହୋଇଥିଲେ । ଦାଦୁ-ପନ୍ଥୀ ସନ୍ଥମାନଙ୍କ ସାଧନାରେ ନାଥପନ୍ଥୀ ସାଧନାର ବହୁତ ପ୍ରଭାବ ପଡ଼ିଥିବାର ସେମାନଙ୍କ ରଚନାରୁ ପରିଲକ୍ଷିତ ହେଉଅଛି ।

ରାଜସ୍ଥାନ ନିବାସ

ଦାଦୁ ଭାରତବର୍ଷର ବହୁ ସ୍ଥାନ ଭ୍ରମଣ କରିବା ପରେ ରାଜସ୍ଥାନରେ ସାଁଉର ନାମକ ସ୍ଥାନରେ ଆସି ରହିଲେ । ସେ ସମୟରେ ତାଙ୍କର ବହୁତ ଶିଷ୍ୟ ହୋଇଯାଇଥିଲେ ଏବଂ ପରିବାର ମଧ୍ୟ ତାଙ୍କ ସଙ୍ଗେ ଥିଲେ । ପରିବାର ତଥା ଶିଷ୍ୟମାନେ ଗୋଟିଏ ଆଶ୍ରମରେ ରହିବା ସତ୍ତ୍ୱେ ପରସ୍ପର ମଧ୍ୟରେ ପୂର୍ଣ୍ଣ ସାମଞ୍ଜସ୍ୟ ରହୁଥିଲା । ସେତେବେଳେ ପରିବାର ସହିତ ଶିଷ୍ୟମାନଙ୍କ ସଂଖ୍ୟା କମ୍ ନ ଥିଲା । କିନ୍ତୁ ଦାଦୁ ଭାଗବତ ଆଶ୍ରିତ ଥିବାରୁ ତଥା ତାଙ୍କର ଭଗବାନଙ୍କ ଉପରେ ଭରସା ଥିବାରୁ ତାଙ୍କ ଶିଷ୍ୟ ଏବଂ ପରିବାରର ଭରଣପୋଷଣ ହୋଇଯାଉଥିଲା । ସେ ସ୍ୱୟଂ କହିଛନ୍ତି –

ଦାଦୁ ରୋଜି ରାମହୈ, ରାଜିକ ରିଜକ ହମାର
ଦାଦୁ ଉସ ପରସାଦସୌ ପୋଷ୍ୟା ସବ ପରିବାର ।

ଅର୍ଥାତ୍, ଦାଦୁଙ୍କର ପ୍ରତିଦିନର ଅନ୍ନ ରାମ, ସେହି ରାମ ମୋର ବୃତ୍ତି ଏବଂ ଜୀବିକା । ତାଙ୍କରି ପ୍ରସାଦରୁ ମୋର ସମସ୍ତ ପରିବାରର ଭରଣପୋଷଣ ହେଉଅଛି ।

ଦାଦୁ କୌଣସି ସାଂପ୍ରଦାୟିକତାର ସୀମାରେ ଆବଦ୍ଧ ନ ଥିଲେ । ତାଙ୍କ ଦୃଷ୍ଟିରେ ହିନ୍ଦୁ ମୁସଲମାନ ଭେଦଭାବ ବିଲୁପ୍ତ ହୋଇଯାଇଥିଲା । ସେ ମାନବଜାତିର କଲ୍ୟାଣ ସକାଶେ ସତ୍ୟପ୍ରାପ୍ତିର ସହଜ ମାର୍ଗ ଖୋଲି ଦେଇଥିଲେ । ତାଙ୍କରି ଏହି ଉଦାର ଭାବ ଦେଖି କେତେକ ମୁସଲମାନ ମୁଲ୍ଲା ମୁସଲମାନ ଧର୍ମରେ ରହିବାକୁ ତଥା ହିନ୍ଦୁ ଧର୍ମାଚାର୍ଯ୍ୟମାନେ ହିନ୍ଦୁ ଧର୍ମରେ ରହିବାକୁ ପ୍ରବର୍ତ୍ତାଇ ଥିଲେ । ସେମାନେ କହୁଥିଲେ ''ପୂର୍ବ ପ୍ରଣାଳୀ ଅନୁସାରେ କୌଣସି ଧର୍ମ ଅନ୍ତର୍ଗତ ରହି ସାଧନା କରିବା ଉଚିତ । ତୁମେ ତେବେ କେଉଁ ସଂପ୍ରଦାୟର ?'' ଦାଦୁ ଉତ୍ତର ଦେଇଥିଲେ, ''ଭାଇ, ଚନ୍ଦ୍ର, ସୂର୍ଯ୍ୟ, ପୃଥିବୀ, ଆକାଶ, ବାୟୁ, ଜଳ – ଏସବୁ ଅନ୍ୟର ସେବା କରିବାରେ ତତ୍ପର ରହୁଅଛନ୍ତି । ଏସବୁ କେଉଁ ଦଳ ବା କେଉଁ ସଂପ୍ରଦାୟକୁ ମାନନ୍ତି ?'' ଦାଦୁଙ୍କ ଜୀବନ ଭଗବତ୍ କୃପାରେ ଓତପ୍ରୋତଭାବେ ଜଡ଼ିତ ଥିଲା । ତାଙ୍କ ଜୀବନ ଭଗବତ୍ ପ୍ରକାଶରେ ଉଦ୍ଭାସିତ ହୋଇଥିଲା । ସେ ଭଗବାନଙ୍କ ଛଡ଼ା ଅନ୍ୟକିଛି ଜାଣୁ ନ ଥିଲେ କିଂବା ଜାଣିବାକୁ ଚାହୁଁ ନ ଥିଲେ । ସେ କହୁଥିଲେ, ''ଯିଏ ନିରାକାର, ଅଲେଖ ବା ଭଗବାନ୍, ସେହିଁ ଈଶ୍ୱର ତଥା ଗୁରୁ ।''

ଦାଦୁ ସନାତନପନ୍ଥୀ ସାଧକ ନ ଥିଲେ । ଭକ୍ତିରହିତ ଜ୍ଞାନ ମାର୍ଗକୁ ବି ସେ ସ୍ୱୀକାର କରି ନ ଥିଲେ । ତାଙ୍କ ସାଧନା ପ୍ରେମଭକ୍ତିରେ ଓତପ୍ରୋତ ଥିଲା । ଦାଦୁ ଥରେ ଗୁଜୁରାଟ କାଠିଆବାଡ଼ ଅଞ୍ଚଳରେ ଭ୍ରମଣ କରୁଥିବା ସମୟରେ ଗୋଟିଏ ଭଜନମଣ୍ଡଳୀର ଗାନ ସହିତ ମଞ୍ଜିରା ବାଦ୍ୟ ତଥା ନୃତ୍ୟ ଦେଖି ଭାବବିଭୋର ହୋଇ ପଡ଼ିଥିଲେ । ସେ ଭଗବତ୍ ଚେତନାରେ ନିରନ୍ତର ନିବାସ କରୁଥିବା ସତ୍ତ୍ୱେ ସେହିଦିନଠାରୁ ସେ ନିଜ ଶିଷ୍ୟମାନଙ୍କ ସହିତ କୀର୍ତ୍ତନ, ଗୀତ ଓ ନୃତ୍ୟ ଆରମ୍ଭ କରିଦେଲେ । ସେହି କୀର୍ତ୍ତନ ସମୟରେ ସେ ଶରୀର ଜ୍ଞାନ ଭୁଲି ଭଗବତ୍ ପ୍ରେମରେ ଡୁବି ଯାଉଥିଲେ ଏବଂ ଆନ୍ତର ବ୍ୟାକୁଳତା ତଥା ଭାବମୟତାଉପରେ ଅଧିକ ଜୋର୍ ଦେଉଥିଲେ ।

ଥରେ ଜଣେ ପ୍ରସିଦ୍ଧ ସଙ୍ଗୀତଜ୍ଞ ଦାଦୁଙ୍କ କୀର୍ତ୍ତନ-ସଭାରେ ଗାନ ଗାଉଥିଲେ । ତାଙ୍କ ସଙ୍ଗୀତ ପ୍ରଣାଳୀରେ ତାନ ଏବଂ ଆଳାପର ଅତ୍ୟଧିକ ପ୍ରାଧାନ୍ୟ ଥିଲା । ଦାଦୁ ଦେଖି ସଙ୍ଗୀତଜ୍ଞଙ୍କୁ ଡାକି କହିଲେ, ''ଭାଇ, କ'ଣ ପ୍ରଭୁଙ୍କ ସ୍ତୁତି ଏହିପରି ଗାନ କରାଯାଏ ? ସର୍ବଦା ଏପରି ଭାବରେ ଗାଅ ଯେପରି ତାଙ୍କରି ପ୍ରକାଶରେ ପ୍ରାଧାନ୍ୟ ରହେ । ସତର୍କ ରହ ଯେପରି କେବେ ବି ତୁମର ଅହଂ ପ୍ରକାଶ ନ ହୁଏ । ଅହଂକାରକୁ ପ୍ରଶ୍ରୟ ଦେଲେ ତୁମର ଭଜନ, ସ୍ତୁତି ସହିତ ତୁମର ଏହି ଲଳିତ କଣ୍ଠ ବି ବ୍ୟର୍ଥ ହୋଇଯିବ ।''

ଆଉଥରେ ନାରାୟଣ ଗ୍ରାମରେ ବହୁତ ସମାରୋହରେ ହୋରି ଉତ୍ସବର ସଭା ହୋଇଥିଲା । ସେଥିରେ ପ୍ରସିଦ୍ଧ ଗାୟକ ବଖନାଜି ହୋରିଗୀତ ଗାଉଥିଲେ । ତାଙ୍କ ଗୀତ ଏବଂ ସ୍ୱର ତାନରେ ସମସ୍ତ ସଭା ମୁଗ୍ଧ ଥିଲା । ଭକ୍ତ ଦାଦୁ ପ୍ରେମାବଶ ସ୍ୱରରେ ହଠାତ୍ ସଙ୍ଗୀତଜ୍ଞ ବଖନାଙ୍କୁ କହିଲେ, ''ଭାଇ ଆଜି ହୋରି ଉତ୍ସବ, ଏହି ସଭାରେ ତୁମେ ବସନ୍ତକୁ ମୂର୍ତ୍ତିମାନରୂପେ ପ୍ରଘଟ କରିବାକୁ ପ୍ରୟାସ କଲ । ଏଥିରେ ତୁମର ଏବଂ ସଭାସଦ୍ଙ୍କର କ'ଣ ଲାଭ ହେଲା ? ଯେଉଁ

ଗାନରେ ଭଗବାନଙ୍କ ପ୍ରତି ବ୍ୟକ୍ତି ଆକର୍ଷିତ ନ ହୁଏ, ଭଗବାନଙ୍କ ସହିତ ମିଳନ ନ ହୁଏ ସେ ଗାନ ଶ୍ରୋତାଙ୍କ ପ୍ରାଣକୁ କେତେ ଆନନ୍ଦିତ କରୁଥିଲେ ବି ତାହା ବ୍ୟର୍ଥ । ଭଗବାନଙ୍କୁ ପ୍ରାପ୍ତ ହେବା ସକାଶେହିଁ ଏହି ଶରୀର ପ୍ରାପ୍ତ ହୋଇଛି । ସେ ସକାଶେ ଭଗବାନଙ୍କ ଗୁଣ ଚରିତ ଗାଅ, ଯାହା ଶ୍ରବଣରେ ଭଗବତ୍ ଭକ୍ତି ଜାଗ୍ରତ୍ ହେବ ।'' ସେ ଦିନ ଓସ୍ତାତ୍ ବଖନାଙ୍କ ଜୀବନରେ ଶୁଭ ମୁହୂର୍ତ୍ତ ଆସିଥିଲା । ଦାଦୁଙ୍କ ଭଗବତ୍ ପ୍ରେମାପ୍ଲୁତ ଆନ୍ତର ବାଣୀ ତଥା ତାଙ୍କ ନେତ୍ରରୁ ବର୍ଷା ହେଉଥିବା ପ୍ରେମାଶ୍ରୁ ସଙ୍ଗୀତଜ୍ଞ ବଖନାଙ୍କ ହୃଦୟ-ଗଭୀରରେ ପ୍ରବେଶ କରି ତାଙ୍କ ଆତ୍ମାକୁ ଜାଗ୍ରତ୍ କରିଦେଲା । ସେ ଭଗବତ୍ ପ୍ରେମରେ ମସ୍ତ ହୋଇଗଲେ । ସେହିଦିନଠାରୁ ତାଙ୍କ ଜୀବନର ଗତିଧାରା ପରିବର୍ତ୍ତନ ହୋଇଗଲା । ସେ ଦାଦୁଙ୍କ ଆଶ୍ରିତ ହୋଇଗଲେ । ତାଙ୍କ ଗାନ ତଥା ସମସ୍ତ କର୍ମ ଭଗବତ୍ ପ୍ରାପ୍ତିର ସାଧନା ହୋଇଗଲା । ସେ ପରେ ମହାନ୍ ଶ୍ରେଷ୍ଠ ଭକ୍ତ ରୂପେ ପ୍ରସିଦ୍ଧ ହେଲେ ।

ଭକ୍ତ ଦାଦୁ ବହୁତ ସ୍ଥାନ ଭ୍ରମଣ କରିବା ପରେ ରାଜସ୍ଥାନର ଅମ୍ବର ସହରରେ ଚଉଦ ବର୍ଷ ବାସ କରିଥିଲେ । ସେ ସମୟରେ ତାଙ୍କର ଅନୁଗାମୀ ସାଧକମାନଙ୍କ ସଂଖ୍ୟା ବହୁତ ବଢ଼ି ଯାଇଥିଲା । ତାଙ୍କ ଗାର୍ହସ୍ଥ୍ୟ ଶିଷ୍ୟ ତଥା ଭକ୍ତମାନେ ଦିନରେ ନିଜ ନିଜ ଗାର୍ହସ୍ଥ୍ୟ କର୍ମ କରୁଥିଲେ ଏବଂ ରାତିରେ ଦାଦୁଙ୍କ ସମୀପରେ ଏକତ୍ରିତ ହେଉଥିଲେ । କେବେ କେବେ ଭିନ୍ନ ଭିନ୍ନ ଧର୍ମାଚାର୍ଯ୍ୟ ମୁଲା ବି ତାଙ୍କ ପାଖକୁ ଆସୁଥିଲେ । ଆଧ୍ୟାତ୍ମିକ ଚର୍ଚ୍ଚା ତଥା ଭଜନ-କୀର୍ତ୍ତନରେ ସେହି ମିଳନ ସଭାରେ ଆଧ୍ୟାତ୍ମିକତାର ଅମୃତ ଧାରା ପ୍ରବାହିତ ହେଉଥିଲା । ଭକ୍ତ ତଥା ସାଧକମାନେ ଆନନ୍ଦରେ ଡୁବି ଯାଉଥିଲେ । ତାହା ତତ୍ତ୍ୱଜ୍ଞାନ ତଥା ସାଧନାର ଆଦାନପ୍ରଦାନର ଗୋଟିଏ ଉଦାର କ୍ଷେତ୍ର ଥିଲା । ଦାଦୁପନ୍ଥୀମାନେ ସେହି ସଭାକୁ କହୁଥିଲେ, ''ଅମଖ ଦରିବା'' ଅର୍ଥାତ୍ ଅଲେଖ ନିରଂଜନଙ୍କର ଆନନ୍ଦ ହାଟ ।

ଗୋଟିଏ ଦିଗରେ ଦାଦୁଙ୍କର ଭଜନ, କୀର୍ତ୍ତନ, ସତ୍‌ସଙ୍ଗ, ଆଧ୍ୟାତ୍ମିକ ଚର୍ଚ୍ଚା ଚାଲିଥାଏ; ଅନ୍ୟ ଦିଗରେ ଦାଦୁ ଆନ୍ତରିକ ଭଗବତ୍ ପ୍ରେମରେ ଡୁବି ରହୁଥିଲେ । ପ୍ରେମ ସାଧନାରେ ସେ ନିଜସ୍ୱ କିଛି ବି ରଖି ନ ଥିଲେ । ସକଳ ଧାରଣା, ସକଳ ଆବେଗ, ସକଳ ବିଚାର ଭଗବତ୍ ପ୍ରେମରେ ଲୀନ ହୋଇ ଯାଉଥିଲା, ତାଙ୍କର ବୋଲି କିଛି ନ ଥିଲା । ସବୁ ଭାଗବତ ପ୍ରେମମୟ ହୋଇ ଯାଇଥିଲା ।

ଦାଦୁ ହୈ କୋ ଭୟ ଘଣାଁ, ନହିଁ କୌ କୁଛ ନାହିଁ,
ଦାଦୁ ନହି ହୋଇ ରହୁ ଅପନେ ସାହିବ ମାହି ।

''ହେ ଦାଦୁ, ଯାହା ପାଖରେ ବହୁତ କିଛି ଅଛି ତା'ର ଭୟ ବି ବହୁତ ଅଛି । ଯାହା ପାଖରେ କିଛି ନାହିଁ, ତା'ର ଭୟ ବି କାହାକୁ ନାହିଁ । ହେ ଦାଦୁ, ଏହିପରି ନିଜ ସ୍ୱାମୀଙ୍କ ମଧ୍ୟରେ, ଏହିପରି ଶୂନ୍ୟ ସଦୃଶ ବାସ କର – ନିଜର ସତ୍ତା ଏବଂ 'ମୁଁ'କୁ ନିଃଶେଷ କରିଦିଅ ।

ଜହାଁ ରାମ ତହାଁ ମୈ ନହୀଂ ମୈ ତହଁ ନହୀଂ ରାମ ।
ଦାଦୁ ମହଲ ବାରୀକ ହୈ, ଦୋଉକୁ ନାହୀଂ ଠାଉଁ ।

''ଯେଉଁଠାରେ ମୋ ସ୍ୱାମୀ (ରାମ) ରହନ୍ତି ସେଠାରେ 'ମୁଁ' (ଅର୍ଥାତ୍ ଅହଂ ବ୍ୟକ୍ତିତ୍ୱ) ଲେଶମାତ୍ର ରହେ ନାହିଁ । ଯେଉଁଠାରେ ମୁଁ (ଅହଂ ବ୍ୟକ୍ତିତ୍ୱ) ଅଛି ସେଠାରେ ରାମ ରହନ୍ତି ନାହିଁ । ହେ ଦାଦୁ, ସେ ମନ୍ଦିର ଅତ୍ୟନ୍ତ ସୂକ୍ଷ୍ମ ତଥା ଛୋଟ ଅଟେ । ସେଠାରେ ଏହି ଦୁହିଙ୍କ ସକାଶେ ସ୍ଥାନ ନାହିଁ ।

ଭଗବତ୍ ଭକ୍ତଙ୍କର ଭଗବତ୍ ପ୍ରାପ୍ତି ବା ମିଳନହିଁ ହେଲା ଲକ୍ଷ୍ୟ ସିଦ୍ଧି । ଭଗବତ୍ ପ୍ରାପ୍ତି ବା ଉପଲବ୍ଧି ପରେ ଭକ୍ତ ଅଧିକ ବ୍ୟାକୁଳ ହୋଇ ପଡ଼ନ୍ତି ସ୍ଥାୟୀ ମିଳନ ସକାଶେ । ଭକ୍ତ ଏକ କ୍ଷଣ ବି ଭଗବତ୍ ବିୟୋଗ ବରଦାସ୍ତ କରି ପାରନ୍ତି ନାହିଁ । ତାଙ୍କ ହୃଦୟ ବିଦୀର୍ଣ୍ଣ ହୋଇଯାଏ । ଯେପର୍ଯ୍ୟନ୍ତ ଭଗବତ୍ ପ୍ରେମାଶ୍ରୁର ସ୍ୱାଦ ଭକ୍ତ ନ ପାଇ ଥାଆନ୍ତି, ସେପର୍ଯ୍ୟନ୍ତ ରକ୍ଷା ଥାଏ । ଥରେ ସେ ସ୍ୱାଦ ପ୍ରାପ୍ତ ହେଲେ ଭକ୍ତ ପାଗଳ ସଦୃଶ ହୋଇଯାଏ । ତିନି ଲୋକର ଭୋଗ-ବୈଭବ ତାଙ୍କୁ ବିଷବତ୍ ପ୍ରତୀତ ହୁଏ । କ୍ଷୁଧା, ନିଦ୍ରା ତାଙ୍କୁ ତ୍ୟାଗକରି ଚାଲି ଯାଆନ୍ତି । ଭଗବତ୍ ବିରହ ଆନନ୍ଦାଗ୍ନିରେ ତାଙ୍କର ସମସ୍ତ ବାସନା-କାମନା ଭସ୍ମୀଭୂତ ହୋଇଯାଏ । କେବଳ ରହିଯାଏ ଏକମାତ୍ର ସମଗ୍ର ଜାଗ୍ରତ୍ ସତ୍ତାରେ ଏକ

ସ୍ଥାୟୀ ପ୍ରଭୁ ମିଳନ । ଦାଦୁଙ୍କର ଠିକ୍ ଏହି ଅବସ୍ଥା । ଦାଦୁ କହୁଛନ୍ତି –

ଦାଦୁ ପେଆଲା ପ୍ରେମକା, ସାହିବ ରାମ ପିଲାଇ ।
ପରବାଟ ପେଆଲା ଦେହୁଭରି ମିରତକ ଲେହୁ ଜିଆଇ ॥

''ହେ ପ୍ରଭୁ, ତୁମେ ମୋତେ ପ୍ରେମର ପିଆଲା ପିଆଇ ଦେଲ । ତୁମେ ପ୍ରକଟ ହୋଇ ଦିବ୍ୟ ଦର୍ଶନ ରୂପକ କଟୋରା (ପିଆଲାକୁ) ପୂର୍ଣ୍ଣକରି ଦେଇ ମୃତ୍ୟୁକୁ ଜୀବଦାନ ଦିଅ ।''

ତୁମକୁ ହମସେ ବହୁତ ହୈ ହମକୁ ତୁମସା ନାହିଁ
ଦାଦୁକୁ ଦିନ ପରିହରୈ ରହୁ ନୈନହୁ ମାହି ।
ତୁମ୍ହ ଥେ ତରହିଁ ହୋଇ ସବ ଦରଶ ପରଶ ଦର ହାଲ
ହମ କବହୁଁ ନା ହୋଇଗା ଜେ ବିତହିଁ ଜୂଗ କାଲ
ତୁମହି ତେଁ ତୁମ୍ହକୁ ମିଳେ ଏକ ପଲକ ମୈଁ ଆଇ ।
ହମ କବହୁ ନ ହୋଇଗା କୋଟି କଳ୍ପ ଯେ ଜାଇ ।

''ହେ ରାମ ମୋ ସମାନ ତୁମ୍ଭର ବହୁତ ଆଶ୍ରିତ ଅଛନ୍ତି । କିନ୍ତୁ ତୁମ ସମାନ ପ୍ରଭୁ ମୋର ଆଉ କେହି ନାହିଁ । ହେ ପ୍ରଭୁ, ଦାଦୁକୁ କେବେ ବି ପରିତ୍ୟାଗ କର ନାହିଁ । ସର୍ବଦା ମୋ ନୟନରେ ରୁହ । ଦର୍ଶନ, ସ୍ପର୍ଶ, ପ୍ରେମ, ଭକ୍ତି ଏ ଦାସକୁ ତୁମେ ଦେଇ ପାରିବ । ମୁଁ ଜାଣେ ଯୁଗଯୁଗାନ୍ତରରେ ମୋ ଦ୍ୱାରା କିଛି ହେବ ନାହିଁ । ତୁମର କୃପା ହେଲେ ଏକକ୍ଷଣରେ ତୁମକୁ ପ୍ରାପ୍ତ କରିବି । ତୁମ କୃପା ଛଡ଼ା ମୋର ଶକ୍ତି ଦ୍ୱାରା ତୁମକୁ କୋଟି କଳ୍ପରେ ମଧ୍ୟ ପାଇ ପାରିବି ନାହିଁ ।''

ପ୍ରିୟତମ ପ୍ରଭୁଙ୍କ ସହିତ ମିଳନରେ ଏହି ପ୍ରେମ ସାଧନା ଦୁଷ୍କର ତପସ୍ୟା ଏବଂ ଦୈନ୍ୟ କୃଚ୍ଛ୍ର ସାଧନାର ପଥ ନୁହେଁ ବରଂ ରସମଧୁର, ଆନନ୍ଦ ପଥଯାତ୍ରା । ଦାଦୁଙ୍କ ଅନ୍ତରଙ୍ଗ ଶିଷ୍ୟ ରଜ୍ଜବଙ୍କ ସାଧନା ଏବଂ ଆଚରଣରେ ଏହି ରସୋଜ୍ଜ୍ୱଳ ତତ୍ତ୍ୱ ବହୁତ ପ୍ରସ୍ଫୁଟିତ ହୋଇଥିଲା । ତାଙ୍କର ପ୍ରେମ ସାଧନାରେ ଭାବମୟତା ମିଶ୍ରିତ ଥିଲା । ତାଙ୍କର ବେଶଭୂଷା ସମ୍ବନ୍ଧରେ ପ୍ରଶ୍ନର ଉତ୍ତରରେ ସେ କୁହନ୍ତି, ଭାଇ କ'ଣ ପ୍ରିୟତମଙ୍କ ସଙ୍ଗେ ଦୀନ ହୀନ ଅଶୁଚି ବେଶରେ ମିଳନ ଶୋଭା ଦେବ ? ପ୍ରେମ, ଆନନ୍ଦ, ଐଶ୍ୱର୍ଯ୍ୟ – ଏହି ହେଲା ମହାମିଳନର ପାଥେୟ । ଭକ୍ତ ଦାଦୁଙ୍କର ପ୍ରାର୍ଥନାଟିରେ ତାଙ୍କର ନିଜର ପ୍ରେମପୂର୍ଣ୍ଣ ମଧୁର ଜୀବନ-ଦର୍ଶନ ଯେପରି ମୂର୍ତ୍ତିମାନ ବିଗ୍ରହ ହୋଇ ଉଠିଛି ।

ଆଖା ଅପରଁପାର କୀ ବସି ଅଂବର ଭର ତା'ର
ହରେ ପଟଂବର ପହିରେକଟି ଧରତିକରେ ସିଂଗାର
ବସୁଧାସବ ଫୁଲୈ ଫଳେ ପିରଥି ଅନଂତ ଅପାର
ଗଗନ ଗରଜୀ ଜଳ-ଖେଳ ଭରୈ ଦାଦୁ ଜୈ ଜୈ କାର ।
କାଲ ମୁହଁ କରି କାଲକା ସାଇଁ ସଦା ସୁକାଲ
ମେଘ ତୁମ୍ଭାରେ ଘରି ଘଣ୍ଟା ବସହୁ ଦୀନଦୟାଲ ॥

ଅର୍ଥାତ୍ ''ଆକାଶରେ ରହୁଥିବା ସେହି ସ୍ୱାମୀଙ୍କ ନିର୍ଦେଶରେ ଶାଗୁଆ ଶାଢ଼ି ପିନ୍ଧି ପୃଥିବୀ ଶୃଙ୍ଗାର କରେ । ସମଗ୍ର ପୃଥିବୀ ଆଜି ଫଳ ଫୁଲରେ ଶୋଭା ପାଉଅଛି । ଅନନ୍ତ ଅସୀମ ପୃଥିବୀକୁ ଜଳ-ସ୍ଥଳକୁ ଆକାଶ ଗର୍ଜି କରି ଭର୍ତ୍ତି କରୁଅଛି । ଦାଦୁ କହୁଛନ୍ତି – ଜୟ ହେଉ ପ୍ରଭୁଙ୍କର ! ଜୟ ହେଉ ପ୍ରଭୁଙ୍କୁ । କାଳର କଳା ମୁହଁ କରି ମୋ ପ୍ରଭୁ ତୁମେ ସର୍ବଦା ସୁକାଳ ରୂପେ ବିଦ୍ୟମାନ ରହୁଅଛ । ତୁମ୍ଭ ନିବାସ ସ୍ଥାନରେ ଅଜସ୍ର ଘନମେଘ ରହୁଅଛନ୍ତି । ହେ ଦୀନଦୟାଳ ! ଆଜି ତାଙ୍କୁ ବରଷାଇ ଦିଅ ।''

ବିରହଜ୍ୱଳା, ସାଧନାର ମନ୍ଥନରେ ଭକ୍ତ ଦାଦୁଙ୍କ ଜୀବନରେ ପରମ ଅମୃତ ପ୍ରକାଶ ହେଲା – ଭଗବାନଙ୍କ ଦର୍ଶନ ପାଇ ସେ କୃତାର୍ଥ ହେଲେ । ତାଙ୍କ ସାଧନା ଏବଂ ସିଦ୍ଧିର ଇଂଗିତ ତାଙ୍କ କର୍ମରେ ସେ ପ୍ରକାଶ କରି ଯାଇଛନ୍ତି ।

ମଛିକରି ଦୀପକ କୀଜିଏ ସବ ଘଟଭା ପ୍ରକାଶ ।
ଦାଦୁ ଦିଆ ହତ କରି, ଗୟା ନିରଂଜନ ପାଶ ॥

''ଏହି ସାଧନା ରୂପ ଶରୀର ଘଟକୁ ମନ୍ଥନ କରି ପ୍ରଦୀପ୍ତ ପ୍ରଜ୍ୱଳିତ କଲା । ତା'ର ଆଲୋକରେ ସଂପୂର୍ଣ୍ଣ ଘଟ ପ୍ରକାଶିତ ହେଲା । ଦାଦୁ ସେହି ପ୍ରଦୀପର ଆଲୋକରେ ନିରଂଜନଙ୍କ ପାଖରେ ପହଞ୍ଚିଗଲା ।'' ଦାଦୁଙ୍କର ସାଧନା ସିଦ୍ଧ ହେଲା । ସଦ୍‌ଗୁରୁଙ୍କ କୃପାରୁ ଲକ୍ଷ୍ୟରେ ପହଞ୍ଚିଗଲେ । ତାଙ୍କ ଲକ୍ଷ୍ୟପ୍ରାପ୍ତି ସିଦ୍ଧିରୂପକ ପଦ୍ମ ପ୍ରସ୍ଫୁଟିତ ହୋଇଗଲା । ଜିଜ୍ଞାସୁ ମୁମୁକ୍ଷୁ ରୂପ ଭ୍ରମର ତାଙ୍କ ପାଖକୁ ଆକର୍ଷିତ ହୋଇ ଆସିଲା । ବହୁ ଭକ୍ତ, ସାଧକ, ଶିଷ୍ୟ ତାଙ୍କ ଆଶ୍ରୟ ଗ୍ରହଣ କଲେ । ଦାଦୁଙ୍କ ପ୍ରଧାନ ଶିଷ୍ୟଙ୍କ ସଂଖ୍ୟା ବାଉନ ଥିଲା । ଏହି ବାଉନ ଶିଷ୍ୟଙ୍କ ମଧ୍ୟରୁ ରଜ୍ଜବର୍ବୀ, ସୁନ୍ଦର ଦାସ (ଛୋଟ), ଯଇସା ମାଧୋ ଦାସ, ଗରିବ ଦାସ, ବଖନାଜୀ, ବନବାରି ଦାସ, ଶଙ୍କର ଦାସ, ବନ ଗୋପାଳ, ନରଜୀବକ ଆଦି ଥିଲେ ମହାନ୍ ସିଦ୍ଧ । ଦାଦୁପନ୍ଥୀମାନଙ୍କ ଭାଷାରେ ଏମାନେ ଥିଲେ ସାଧନାର ଗୋଟିଏ ଗୋଟିଏ ସ୍ତମ୍ଭ ।

ଏମାନଙ୍କର ସାଧନାରେ ସାର୍ଥକତା ସହିତ ଜାଗତିକ କାର୍ଯ୍ୟରେ ସିଦ୍ଧି ବି ପ୍ରକାଶିତ ହୋଇଅଛି । ସାଧାରଣ ମନୁଷ୍ୟଙ୍କ ଦୃଷ୍ଟିରେ ଯାହା ଅଲୌକିକ ଓ ବିସ୍ମୟକର ଥିଲା, ତାହା ସେମାନଙ୍କ ଜୀବନରେ ସ୍ୱାଭାବିକ ହୋଇ ଉଠିଥିଲା । ଦାଦୁପନ୍ଥୀମାନଙ୍କ ଗ୍ରନ୍ଥରେ ଦାଦୁଙ୍କର ତଥା ଏହିସବୁ ସିଦ୍ଧ ଶିଷ୍ୟଙ୍କର ବହୁ ପ୍ରକାର ଅଲୌକିକ ଘଟଣା ବର୍ଣ୍ଣନା କରା ହୋଇଅଛି ।

ଥରେ ଦାଦୁ ଚତୁର୍ମାସ୍ୟ ଅନୁଷ୍ଠାନ ଉପଲକ୍ଷେ କିଛି ଦିନ ଆଁଧ୍ର ଗ୍ରାମରେ ରହିଥିଲେ । ସେ ସମୟରେ ସେଠାରେ ବର୍ଷାର କୌଣସି ଲକ୍ଷଣ ବା ସୂଚନା ଜଣାପଡୁ ନ ଥିଲା । ମରୁଡ଼ି ଏବଂ ଜଳାଭାବ ଯୋଗୁଁ ଲୋକେ ଆତଙ୍କିତ ହୋଇ ପଡ଼ିଥିଲେ । ସେଠାରେ ଲୋକେ ଏକତ୍ରିତ ହୋଇ ଦାଦୁଙ୍କ ପାଖକୁ ଗଲେ ଏବଂ ବର୍ଷା ଅଭାବରୁ ଜଳାଭାବର ଦୁଃଖ ନିବେଦନ କଲେ । ସେହି ସମୟରେ ଦାଦୁ ଭଗବାନଙ୍କୁ ପ୍ରାର୍ଥନା କଲେ । ପ୍ରାର୍ଥନା ସଙ୍ଗେ ସଙ୍ଗେ ପ୍ରବଳ ବର୍ଷା ହେବାକୁ ଲାଗିଲା ।

ଥରେ ଟୋକ ଅଞ୍ଚଳରେ ଗୋଟିଏ ବିରାଟ ଉତ୍ସବ ହେଉଥିଲା । ସେଠାରେ ବହୁ ସାଧୁ, ସନ୍ଥ, ଭକ୍ତ ଏବଂ ଜନତା ଏକତ୍ରିତ ହୋଇଥିଲେ । ଯେତେ ଖାଦ୍ୟ ତିଆରି ହୋଇଥିଲା ତାହା ଅପେକ୍ଷା ବହୁ ସଂଖ୍ୟାରେ ଲୋକ ହେଲେ । ଖାଦ୍ୟ କମ୍ ହୋଇଗଲା । କର୍ମକର୍ତ୍ତାମାନେ ବ୍ୟାକୁଳ ହୋଇ ଦାଦୁଙ୍କ ପାଖକୁ ଯାଇ ଖାଦ୍ୟ କମ୍ ବିଷୟରେ ନିବେଦନ କଲେ । ସେମାନଙ୍କ ପ୍ରାର୍ଥନାରେ ଦାଦୁ ଖାଦ୍ୟ ଦ୍ରବ୍ୟକୁ ଇଷ୍ଟଙ୍କୁ ଭୋଗ ଲଗାଇ ସମର୍ପଣ କରିଦେଲେ । ଫଳ ସ୍ୱରୂପ ତିଆରି ଖାଦ୍ୟ ଅପେକ୍ଷା କେଇ ଗୁଣ ଭୋଜନାର୍ଥୀ ଥିବା ସତ୍ତ୍ୱେ ଭୋଜନ ଦ୍ରବ୍ୟ ଅଭାବ ହେଲା ନାହିଁ ।

ଦାଦୁ ସ୍ୱୟଂ ଏପରି ସିଦ୍ଧି ଦେଖାଇବାକୁ ଚାହୁଁ ନ ଥିଲେ । କିନ୍ତୁ ପରିସ୍ଥିତି ଅନୁସାରେ ଭକ୍ତ ଶିଷ୍ୟମାନଙ୍କୁ ବିପଦରୁ ରକ୍ଷା କରିବା ସକାଶେ ବିବଶ ହୋଇ କେବେ କେବେ ଏପରି ଦେଖାଉ ଥିଲେ ।

ନିମିତ୍ତ ହରି ଭଜେଁ ଭଗତି ନିମିତ୍ତ ଭଜି ସ୍ୱଇ
ସେବା ନିମିତ୍ତ ସାଇଁ ଭଜେ ସଦା ସଜୀବନୀ ହୋଇ
ହିରଦୈ ରାମ ରହେଁ ଯା ଜନକେ, ତା କୋନ୍ କହେଁ ।
ଆଠ ସିଦ୍ଧି, ନୌ ନିଧି ତାକେ ଆଗେ ସମ୍ମୁଖଠାଢ଼ି ସଦାରହେଁ ।

ଅନ୍ୟ କୌଣସି ଉଦ୍ଦେଶ୍ୟରେ ଭଗବାନଙ୍କୁ ଭଜନ କରାଯାଇପାରେ; କିନ୍ତୁ ଭକ୍ତକୁ ଭଗବତ୍ ଭକ୍ତି ସକାଶେ ଭଜନ କରିବା ଉଚିତ । ସେବା ଭାବରେ ସ୍ୱାମୀଙ୍କୁ ଭଜନ କଲେ ଜୀବନ ସର୍ବଦା ସାର୍ଥକ ହୁଏ । ଯାହା ହୃଦୟରେ ରାମ ନିବାସ କରନ୍ତି ତାକୁ କିଏ ଛୋଟ କହିପାରେ ? ଅଷ୍ଟସିଦ୍ଧି ନବନିଧି ସର୍ବଦା ଭକ୍ତ ସମ୍ମୁଖରେ ଆଜ୍ଞା ପାଳନ କରିବାକୁ ଛିଡ଼ା ହୋଇ ଥାଆନ୍ତି ।

ଦାଦୁ କହିଛନ୍ତି – ଯୋଗରେ ଯେଉଁ ସମାଧି ସୁଖ, ସୁରତିରେ ଯେଉଁ ଆନନ୍ଦ ଏହି ଉଭୟ ମଧ୍ୟରୁ ମଧ୍ୟବର୍ତ୍ତୀ ମାର୍ଗ ସହଜ ମାର୍ଗ, ଦାଦୁ ପ୍ରଧାନରୂପେ ଅନୁସରଣ କଲେ; ଅର୍ଥାତ୍ ଏହି ମାର୍ଗ ପ୍ରେମ ଭକ୍ତିର । କିନ୍ତୁ ଯୋଗ-ସାଧନାକୁ

ପୂର୍ଣ୍ଣ ରୂପେ ଅବହେଳା କରି ନ ଥିଲେ । ଦାଦୁ କହିଛନ୍ତି – ହେ ଦାଦୁ ! ସବଦ (ସକ) ହେଲା ସୁଅ, ପ୍ରେମ ଏବଂ ଧ୍ୟାନ ହେଲା ସୂତା; ଏହି କ୍ରିୟା ହେଲା ନିଜର କନ୍ଥା । ଯୋଗୀମାନେ ଯୁଗେ ଯୁଗେ ଏହି କନ୍ଥାକୁ ପରିଧାନ କରୁଛନ୍ତି, ଏହା କେବେ ବି ଚିରି ଯାଏ ନାହିଁ; ଅର୍ଥାତ୍ ଯୋଗ, ସୁରତି ଶବ୍ଦ ଏବଂ ଭକ୍ତି ଏକ ସଙ୍ଗେ ଚାଲନ୍ତି ।

ଦାଦୁ ସେହି ସମୟରେ ଅମ୍ବରରେ ରହୁଥିଲେ । ତାଙ୍କ ପାଖରେ ହିନ୍ଦୁ, ମୁସଲମାନ, ଜିଜ୍ଞାସୁ, ଭକ୍ତ, ଶିଷ୍ୟ ବହୁ ସଂଖ୍ୟାରେ ତାଙ୍କୁ ଘେରି ରହୁଥିଲେ । ଜଣେ ମହତ୍ ସିଦ୍ଧ ପୁରୁଷ ରୂପେ ସମସ୍ତ ଭାରତରେ ତାଙ୍କର ଖ୍ୟାତି ହୋଇ ସାରିଥିଲା । ଏହି ଖବର ସମ୍ରାଟ ଆକବରଙ୍କ କାନରେ ପଡ଼ିବାକୁ ବିଳମ୍ବ ହେଲା ନାହିଁ । ଆକବର ସାଧୁସନ୍ଥଙ୍କୁ ଦର୍ଶନ କରିବାକୁ ଉତ୍ସାହୀ ଥିଲେ । ସେ ଦାଦୁଙ୍କ ପାଖକୁ ଦୂତ ପଠାଇ ତାଙ୍କ ସହିତ ସାକ୍ଷାତ୍ କରିବା ସକାଶେ ଆଗ୍ରହ ପ୍ରକାଶ କରିଥିଲେ । ଦାଦୁ ଏକଥା ଶୁଣି ଧୀର କଣ୍ଠରେ ଉତ୍ତର ଦେଲେ ''ଭାଇ ମୁଁ ବୁଝି ପାରୁ ନାହିଁ ମୋତେ ସାକ୍ଷାତ୍ କରିବାକୁ ଦିଲ୍ଲୀର ବାଦଶାହଙ୍କର କ'ଣ ପ୍ରୟୋଜନ ହୋଇପାରେ ? ମୋ ପକ୍ଷେ ଯିବା ସମ୍ଭବ ହେବ ନାହିଁ ।''

ଆକବର ଶୁଣି ଦୂତକୁ କହିଲେ, ''ଏପରି ମହାନ୍ ସିଦ୍ଧ ମହାତ୍ମାଙ୍କ ସହିତ ଏପରି କଥାବାର୍ତ୍ତା କରିବା ଠିକ୍ ହେଲା ନାହିଁ । ତୁମେ ପୁନରାୟ ଯାଅ ଏବଂ ତାଙ୍କୁ ପ୍ରାର୍ଥନା କର ଭଗବତ୍ ଚରିତ ଶୁଣିବାରେ ମୁଗ୍ଧ ଆକବର ଆପଣଙ୍କ ଦର୍ଶନ ସକାଶେ ପ୍ରାର୍ଥନା କରୁଅଛନ୍ତି । କେବେ ତଥା କେଉଁଠାରେ ଆପଣଙ୍କ ଦର୍ଶନ ହେବ ଦୟାକରି କୁହନ୍ତୁ ।''

ଦାଦୁ ଏଥର ସ୍ପଷ୍ଟ ଶବ୍ଦରେ କହିଲେ – ''ଐଶ୍ୱର୍ଯ୍ୟମନ୍ତ ଦିଲ୍ଲୀ ଦରବାରକୁ ଗଲେ ସେଠାରେ ସମ୍ରାଟ ତାଙ୍କୁ ଠିକ୍ ଠିକ୍ ଚିହ୍ନି ପାରିବେ ନାହିଁ । ତା'ଛଡ଼ା ସେଠାକୁ ଯିବାରେ ଯେଉଁ ଆଡ଼ମ୍ବର ହେବ ତାହା ଅଧ୍ୟାତ୍ମ ମାର୍ଗ ସକାଶେ ଅନୁକୂଳ ହେବ ନାହିଁ ।''

ଆକବର ଏହାର ଉତ୍ତରରେ କହି ପଠାଇଲେ, ''ମୁଁ ଏପରି ମୂର୍ଖ ନୁହେଁ ଆପଣଙ୍କୁ ରାଜଧାନୀର ମାୟାବୀ ବାତାବରଣରେ ଡାକିବି ? ଏଠାରେ ଆପଣଙ୍କ ସହିତ କିଛି ଆଲୋଚନା କରି ପାରିବି ନାହିଁ କିଂବା ବହୁତ ସମୟ ଆପଣଙ୍କ ସହିତ ରହି ପାରିବି ନାହିଁ । ଆପଣଙ୍କୁ ମଧ୍ୟ ଏହି ରାଜଧାନୀ ବାତାବରଣ ବହୁତ ଅପ୍ରିୟ ଲାଗିବ । ମୁଁ ଆପଣଙ୍କ ଆଶ୍ରମ ଗଲେ ଏହି ଘଟଣା ପ୍ରଚାର ହୋଇଯିବ । ବହୁତ ଅବାଞ୍ଛିତ ବ୍ୟକ୍ତି ଆପଣଙ୍କ ପାଖକୁ ଯାଇ ଭିଡ଼ ଲଗାଇ ଦେବେ । ଆପଣଙ୍କ ଶାନ୍ତିରେ ତଥା ସାଧନାରେ ବାଧା ପଡ଼ିବ । ଏଥିରେ ଆପଣଙ୍କୁ ତଥା ମୋତେ ବି ଅନୁକୂଳ ହେବ ନାହିଁ । ମୁଁ ଭାବିଛି ଆପଣଙ୍କୁ ଦର୍ଶନ କରିବି ଫତେପୁର ନିକଟ ଗୋଟିଏ ନିର୍ଜନ ସ୍ଥାନରେ ।''

ଦାଦୁ ଏହି ଖବର ପାଇ ଅନ୍ତରଙ୍ଗ ଶିଷ୍ୟମାନଙ୍କୁ ସଙ୍ଗରେ ନେଇ ସେହି ସ୍ଥାନକୁ ଗଲେ । ରାସ୍ତାରେ ଜଣେ ଭକ୍ତ ଶିଷ୍ୟ କହିଲେ, ''ଏହି ଅଲେଖ ପନ୍ଥୀ ବ୍ରହ୍ମ ସମ୍ପ୍ରଦାୟ ପ୍ରଚାର ତଥା ସଂଗଠନ କାର୍ଯ୍ୟରେ ସମ୍ରାଟଙ୍କ ସାହାଯ୍ୟ ମିଳିଲେ ବହୁତ ସୁବିଧା ହେବ ।'' ଦାଦୁ ଗମ୍ଭୀର ସ୍ୱରରେ ଉତ୍ତର ଦେଲେ, ''ଭାଇ ପ୍ରଭୁଙ୍କ କାର୍ଯ୍ୟ ପ୍ରତିଷ୍ଠା କରିବା ସକାଶେ ମୁଁ ଯେଉଁ ବ୍ରତ ନେଇଛି ସେହି ପ୍ରଭୁଙ୍କ ଉପରେ ପୂର୍ଣ୍ଣରୂପେ ବିଶ୍ୱାସ ନିର୍ଭରତା ରଖିବା ବିଶେଷ ଆବଶ୍ୟକ । ତାଙ୍କୁ ଛାଡ଼ି ଅନ୍ୟ ଉପରେ ବିଶ୍ୱାସ ଭରସା ରଖିବା ଅର୍ଥ ପ୍ରଭୁଙ୍କଠାରୁ ବିଶ୍ୱାସ ହରାଇବା ।

ନିର୍ଦ୍ଦିଷ୍ଟ ସ୍ଥାନରେ ଦାଦୁ ଶିଷ୍ୟ ଏବଂ ଭକ୍ତମାନଙ୍କ ସହିତ ପହଞ୍ଚିଲେ । ସେହି ସ୍ଥାନକୁ ଆକବର ଆସି ୪୦ ଦିନ ପର୍ଯ୍ୟନ୍ତ ରହି ଦାଦୁଙ୍କ ସହିତ ଅଧ୍ୟାତ୍ମ ଆଲୋଚନା କରିଥିଲେ । ସମ୍ରାଟ ଆକବରଙ୍କର ବହୁ ଜିଜ୍ଞାସା ଥିଲା । ସେ ପ୍ରଶ୍ନ ପରେ ପ୍ରଶ୍ନ ପଚାରୁଥିଲେ, ଦାଦୁ ଉତ୍ତର ଦେଉଥିଲେ । ଆକବରଙ୍କ ପ୍ରଶ୍ନୋତ୍ତର ଦାଦୁଙ୍କ ଭକ୍ତମାନଙ୍କ ଗ୍ରନ୍ଥରେ ପ୍ରକାଶିତ ହୋଇଛି । ଆକବର ପ୍ରଶ୍ନ କଲେ, ''ଆପଣ କୁହନ୍ତୁ, ଆଲ୍ଲା ଯେବେ ସୃଷ୍ଟି ରଚନା କଲେ – ଆକାଶ, ବାୟୁ, ଜଳ, ପୃଥିବୀ ମଧ୍ୟରୁ କେଉଁଟିକୁ ଆଗେ, କେଉଁଟିକୁ ପଛେ କଲେ ?'' ଦାଦୁ ସହାସ୍ୟରେ ଉତ୍ତର ଦେଲେ, ''ସମ୍ରାଟ, ମୋ ପ୍ରଭୁଙ୍କ ଶକ୍ତିକୁ ସୀମିତ କାହିଁକି କରୁ ଅଛନ୍ତି । ଯିଏ ସର୍ବ ଶକ୍ତିର ଆଧାର, ସିଏ କେଉଁ ବସ୍ତୁକୁ ଆଗେ କଲେ କେଉଁ ବସ୍ତୁକୁ ପଛରେ କଲେ – ଏହି ପ୍ରଶ୍ନ ଉଠିବ କାହିଁକି ।

ଏକ ଶବଦ ସବ୍‌କୁଛୁ କିୟା ଏସା ସମର୍ଥ ସୋଇ
ଆଗେ ପିଛେ ତୌ କରୈ ଯେ ବଳହୀନ ହୋଇ ।

ଅର୍ଥାତ୍ ମୋ ପ୍ରଭୁ ଏପରି ସମର୍ଥ ସେ ଗୋଟିଏ ଶବ୍ଦରେ ସମସ୍ତ ବିଶ୍ୱ-ବ୍ରହ୍ମାଣ୍ଡ ସୃଷ୍ଟି କରିପାରନ୍ତି । ଯେଉଁମାନେ ବଳହୀନ, ସେହିମାନଙ୍କ ସକାଶେ ଆଗ ପଛ ହେବା ପ୍ରଶ୍ନ ଉଠିପାରେ ।''

କଥା ପ୍ରସଙ୍ଗରେ ଆକବର କହିଲେ, – ସାଧାରଣ ଲୋକଙ୍କର ପ୍ରଚଳିତ ଧାରଣା – ସନ୍ଥ କବୀର ନିଜର ସାଧନା ଦ୍ୱାରା ଅଧ୍ୟାତ୍ମ ତତ୍ତ୍ୱକୁ ମନ୍ଥନ କରି ଅଧ୍ୟାତ୍ମ ସତ୍ୟ ସ୍ୱରୂପ ମଖନ ବାହାର କରି ନେଇଗଲେ । ଅର୍ଥାତ୍ କବୀରଙ୍କ ଦ୍ୱାରା ପ୍ରଚାରିତ ଅଧ୍ୟାତ୍ମ ସତ୍ୟ ଦାଦୁଙ୍କ ସାଧନର ଉତ୍ସ ଥିଲା; ଦାଦୁ କବୀରଙ୍କୁ ଗୁରୁ ସଦୃଶ ସମ୍ମାନ କରୁଥିଲେ । କବୀରଙ୍କ ପ୍ରତି ତାଙ୍କର ଗୁରୁ ସଦୃଶ ସମ୍ମାନ, ଶ୍ରଦ୍ଧା, ଭକ୍ତି ଥିଲା; ତାଙ୍କ ପ୍ରତି ଦାଦୁଙ୍କର ଶ୍ରଦ୍ଧାର ସୀମା ନ ଥିଲା । କିନ୍ତୁ ଆକବରଙ୍କ ଏହି ପ୍ରଶ୍ନରେ ସତ୍ୟନିଷ୍ଠ ସାଧକ ଦାଦୁ କହିଲେ – କିଏ କେତେବଡ଼ ସାଧକ ହୋଇଥାଉ ଭଗବାନଙ୍କ ଏହି ଅଧ୍ୟାତ୍ମ ରସ ସାଗରକୁ କିଏ ଶୁଖାଇ ପାରିବ ? ପକ୍ଷୀ ନିଜ ଥଣ୍ଟରେ ସମୁଦ୍ରରୁ କେତେ ବା ପାଣି ନେଇ ପାରିବ; ସେଥିରେ କ'ଣ ସମୁଦ୍ର ଶୁଖି ପାରିବ ? ଏହା କେବଳ ସଂପ୍ରଦାୟଗତ ଧାରଣା । ଯଦ୍ୟପି କବୀର ମୋର ଗୁରୁ ସଦୃଶ ତଥାପି ଗୁରୁଙ୍କ ନାମରେ ଅନ୍ୟାୟକୁ ସମର୍ଥନ କରିବା, ନିଜର ଗୁରୁଙ୍କୁ ବାଡ଼ି କରି ଅନ୍ୟର ମଥା ଫଟାଇବା ହେଲା ନିଜ ଗୁରୁଙ୍କୁ ଚରମ ଅପମାନ କରିବା ।

ବାଦଶାହଙ୍କ ସଙ୍ଗେ ଯାଇଥିବା ପଣ୍ଡିତମାନେ ଏହି ନିରକ୍ଷର ଚର୍ମକାରଙ୍କ ଜ୍ଞାନ ଦେଖି ବିସ୍ମିତ ହୋଇଗଲେ । ଶେଷରେ ଦାଦୁଙ୍କୁ ପ୍ରଶ୍ନ କଲେ, ''ତୁମର ଶାସ୍ତ୍ର କ'ଣ ? ତୁମର ସାଧନାର ପଦ୍ଧତି ଏବଂ ମନ୍ତ୍ର କ'ଣ ?'' ଦାଦୁ ଉତ୍ତର ଦେଲେ, ''ନିଜର ଏହି ଶରୀର ମହଲରେହିଁ ମୁଁ ନମାଜ ପଢୁଛି । ସେଠାକୁ କୌଣସି ପ୍ରାଣୀ ଯାଇପାରେ ନାହିଁ । ମନ ମାଳାରେ ମୋର ନିରନ୍ତର ଜପ ହେଉଅଛି । ଏଥିରେହିଁ ମୋ ପ୍ରଭୁଙ୍କ ମନକୁ ତୁଷ୍ଟ କରୁଅଛି । ଚିତ୍ତ ସାଗରରେ ମୁଁ ସ୍ନାନ କରୁଅଛି । ନିର୍ମଳ ଅନ୍ତରକୁ ବିଛଣା କରି ନିଜର ପ୍ରଭୁଙ୍କୁ ବନ୍ଦନା କରୁଅଛି । ତାଙ୍କରି ଚରଣରେ ନିଜକୁ ସମର୍ପଣ କରିଦେଇ ଅଛି ।'' ଏହି ଉତ୍ତର ଶୁଣି ବାଦଶାହାଙ୍କ ପଣ୍ଡିତମଣ୍ଡଳୀ ଆଶ୍ଚର୍ଯ୍ୟଜନକ ଦୃଷ୍ଟିରେ ଦାଦୁଙ୍କୁ ଚାହିଁ ରହିଲେ ।

ଜୟପୁର ରାଜା ଭଗବନ୍ତ ସିଂହଙ୍କର ସେ ସମୟରେ ଅମ୍ବର ଉପରେ ଶାସନ ଥିଲା । ରାଜ୍ୟର ସମସ୍ତ ବିଶିଷ୍ଟ ବ୍ୟକ୍ତି ରାଜାଙ୍କୁ ଦେଖା କରିବାକୁ, ଶ୍ରଦ୍ଧା ସମ୍ମାନ ନିବେଦନ କରିବାକୁ ଆସନ୍ତି । କେହି କେହି ରାଜାଙ୍କ କୃପା ଏବଂ ସାହାଯ୍ୟ ପାଇଁ ରାଜସଭାକୁ ଆସନ୍ତି ଦାଦୁଙ୍କର ସୁଖ୍ୟାତି ମଧ୍ୟ ରାଜାଙ୍କୁ ଜଣାଇ ଦିଅନ୍ତି । କିନ୍ତୁ ଦାଦୁ ରାଜାଙ୍କ ରାଜ୍ୟରେ ରହିବା ସତ୍ତ୍ୱେ ଥରେ ବି ରାଜାଙ୍କ ପାଖକୁ ଆସିଲେ ନାହିଁ । ଏପରିକି ରାଜାଙ୍କ ଅଭିଷେକ ଦିନ ବି ଦାଦୁ ଅଭିନନ୍ଦନ ଦେବାକୁ ଆସିଲେ ନାହିଁ । ଦାଦୁ ତ ନିଜ ଅନ୍ତର ସାଧନାର ଡୁବି ରହୁଥିଲେ, ସେ ସାମାଜିକ ବ୍ୟବହାରକୁ ପରୁଆ କରୁ ନ ଥିଲେ । କିନ୍ତୁ ରାଜା ଦାଦୁଙ୍କର ଏହି ବ୍ୟବହାରକୁ ମନ ମଧ୍ୟରେ ରଖିଥିଲେ ।

ଭାରତ ସମ୍ରାଟ ଆକବରଙ୍କ ନିମନ୍ତ୍ରଣ ତଥା ତାଙ୍କୁ ଦର୍ଶନ କରିବା କଥା ଆଉ ଗୁପ୍ତ ରହିଲା ନାହିଁ । କ୍ରମଶଃ ପ୍ରସାର ହେଲା ଏବଂ ଜନସାଧାରଣ ଦାଦୁଙ୍କ ପ୍ରତି ଆକୃଷ୍ଟ ହେବାକୁ ଲାଗିଲେ । ଦାଦୁଙ୍କ ସୁଖ୍ୟାତି ଶୁଣି ରାଜା ଭଗବନ୍ତ ସିଂହ ହଠାତ୍ ଦାଦୁଙ୍କ ଆଶ୍ରମରେ ପହଞ୍ଚିଗଲେ । କିନ୍ତୁ ଦାଦୁ ରାଜାଙ୍କୁ ଯେପରି ଆଦର କରିବା କଥା ସେପରି ସମ୍ମାନ ନ କରି ସାଧାରଣ ଦର୍ଶନାର୍ଥୀଙ୍କ ପ୍ରତି ଯେପରି ବ୍ୟବହାର କରିବା କଥା ସେହିପରି ବ୍ୟବହାର କଲେ । ଦାଦୁ ସାମାଜିକ ବ୍ୟବହାରକୁ ପସନ୍ଦ କରୁ ନ ଥିଲେ । ଆଶାନୁରୂପ ସମ୍ମାନ ଦାଦୁଙ୍କଠାରୁ ନ ପାଇ ରାଜାଙ୍କୁ ଭଲ ଲାଗିଲା ନାହିଁ । ରାଜା ପ୍ରଶ୍ନ କଲେ, ''ତୁମେ କେବେଠାରୁ ଏଠାରେ ଅଛ ?'' ଦାଦୁ ଉତ୍ତର ଦେଲେ, ଏଠାରେ ବହୁତ ବର୍ଷରୁ ରହୁଅଛି । ଏକଥା ଶୁଣି ରାଜା ଭଗବନ୍ତ ସିଂହ ନିଜକୁ ସଂଯତ କରି ସଂକ୍ଷେପରେ କେବଳ ଏତିକି କହିଲେ, ''କାହିଁ, ମୁଁ ତ ତୁମକୁ କେବେ ଦେଖି ନାହିଁ ?'' ରାଜାଙ୍କ କହିବାରେ ଯେଉଁ ପ୍ରଚ୍ଛନ୍ନ ସୂଚନା ଥିଲା ବୁଝିବାରେ ଦାଦୁଙ୍କୁ ଅସୁବିଧା ହେଲା ନାହିଁ । କିନ୍ତୁ ଦାଦୁ ସବୁ ବୁଝିପାରି ବି ଚୁପ୍ ରହିଲେ ।

ଦାଦୁଙ୍କର ଦୁଇଟି ଝିଅ ବଡ଼ ହୋଇ ଯାଇଥିଲେ । ସେମାନଙ୍କର ବିବାହ ହୋଇ ନ ଥିଲା । ସାମାଜିକ ଦୃଷ୍ଟିରୁ ସେମାନଙ୍କର ବିବାହ କରାଇବା ଉଚିତ ଥିଲା । ରାଜା ଭଗବନ୍ତ ସିଂହ ଦାଦୁଙ୍କୁ ପଚାରିଲେ, ''ଝିଅମାନଙ୍କର ବିବାହ ବୟସ କ'ଣ ବ୍ୟତୀତ ହେଉ ନାହିଁ ?'' ଦାଦୁ ନମ୍ରତା ସହିତ ଉତ୍ତର ଦେଲେ, ''ଝିଅମାନେ ଅଧ୍ୟାତ୍ମ-ଜୀବନକୁ ଆନ୍ତରିକତା

ସହ ପସନ୍ଦ କରିନେଲେ; ସେମାନେ ବିବାହ କରିବାକୁ ଆଦୌ ପସନ୍ଦ କଲେ ନାହିଁ।'' ଏହି ଉତ୍ତର ରାଜାଙ୍କୁ ଭଲ ଲାଗିଲା ନାହିଁ।

ସେହିଦିନ ରାଜା ଦାଦୁଙ୍କ ସହିତ କଥାବାର୍ତ୍ତା କରି ଚାଲିଗଲେ। କିନ୍ତୁ ଦାଦୁପନ୍ଥୀ ଭକ୍ତମାନେ ବୁଝିପାରିଲେ ରାଜା ଦାଦୁଙ୍କୁ ଜଣେ ମହାନ୍ ସନ୍ଥ ଭାବରେ ସମ୍ମାନ ଦେଲେ ନାହିଁ। ରାଜା ମଧ୍ୟ ବୁଝି ପାରିଲେ ଯେ ରାଜା ଭାବରେ ଯେଉଁ ଆଦର କରିବାର କଥା ତାଙ୍କୁ ସେପରି କରାଗଲା ନାହିଁ। ଉଭୟଙ୍କ ମଧ୍ୟରେ ଉତ୍ତମଭାବ ରହିଲା ନାହିଁ। କ୍ରମଶଃ ଦାଦୁଙ୍କ ଭକ୍ତମାନେ ରାଜାଙ୍କ ପ୍ରତି ଭଲ ମନୋଭାବ ପୋଷଣ କଲେ ନାହିଁ। କିଛିଦିନ ପରେ ଦାଦୁ ଅମ୍ବର ତ୍ୟାଗ କରି ମାରବାଡ଼, ବିକାନେର, କଲ୍ୟାଣପୁରରେ କିଛି କିଛି ସମୟ ରହି ଗୋଟିଏ ସ୍ଥାନ ନାରାୟଣାରେ ଉପସ୍ଥିତ ହେଲେ।

ଦାଦୁଙ୍କ ସାଧନା ପଥ ଥିଲା, ସଂସାର ଗୃହସ୍ଥାଶ୍ରମରେ ରହି ସାଧନା କରି ଲକ୍ଷ୍ୟ ସ୍ଥାନରେ ପହୁଞ୍ଚିବା – ଏବଂ ସଂସାର, ଜୀବନ ଏବଂ କର୍ମରେ ଉନ୍ନତି କରିବା ସତ୍ତ୍ୱେ ସେଥିରେ ଲିପ୍ତ ନ ରହି ଭଗବତ୍ ପ୍ରାପ୍ତି କରିବା।

ଦାଦୁଙ୍କର ଏହି ସିଦ୍ଧାନ୍ତକୁ ସବୁ ଶିଷ୍ୟ ମାନି ପାରିଲେ ନାହିଁ। ବହୁ ଶିଷ୍ୟ ସଂସାରରେ ରହି ସାଧନ କଲେ। ଅନ୍ୟମାନେ ସଂସାର ତ୍ୟାଗ କରି ମଧ୍ୟ ସାଧନାରେ ପ୍ରବୃତ୍ତ ହେଲେ। ସେଥିରେ ପୁଣି ଦାଦୁ-ପନ୍ଥୀ ନାଗା ସନ୍ନ୍ୟାସୀଙ୍କ ସଂଖ୍ୟା ମଧ୍ୟ ବହୁତ ଥିଲା। ପରେ ମଧ୍ୟ ବୃଦ୍ଧି ହୋଇ ଚାଲିଥିଲା।

ଭକ୍ତମାନଙ୍କର ସାଧନ-ଭଜନର ସୁବିଧା ସକାଶେ ଦାଦୁ, ତାଙ୍କ ରଚନା ପଦ ସଂଗ୍ରହ କରି ଗ୍ରନ୍ଥ ଆକାରରେ ପ୍ରକାଶ କରିବା ସକାଶେ ଆଦେଶ ଦେଲେ। ସେହି ଅନୁସାରେ ତାଙ୍କର ହିନ୍ଦୁ ଶିଷ୍ୟ ଜଗନ୍ନାଥଜୀ ଏବଂ ମୁସଲମାନ ଶିଷ୍ୟ ରଜ୍ଜବଜୀ ''ଗୁଣଗଜ୍ଜନାମା'' ଏବଂ ''ସର୍ବାଙ୍ଗୀ'' ନାମରେ ଦୁଇ ଗ୍ରନ୍ଥ ସଂକଳନ କଲେ। ସେଥିରେ ସାଧନାର ରହସ୍ୟ ପଦ ଏବଂ ସଙ୍ଗୀତର ସମାବେଶ ଥିଲା। ଅନ୍ୟ ସଂପ୍ରଦାୟର ଭକ୍ତ ସାଧକମାନଙ୍କର ରଚନାର ବି ସମାବେଶ ଥିଲା।

ଦାଦୁଙ୍କର ସାଧନାର ପ୍ରଧାନ ସୂତ୍ର – ଈଶ୍ୱର ପ୍ରେମ ଏବଂ ଈଶ୍ୱର ବିରହ। ତାଙ୍କ ଦୃଷ୍ଟିରେ ଭଗବତ୍ ପ୍ରେମ ଏବଂ ବିରହ ଚରମ ସତ୍ୟ। କାରଣ ମନୁଷ୍ୟର ଆତ୍ମସତ୍ତା ଭଗବତ୍ ତତ୍ତ୍ୱ ଏବଂ ଭଗବାନଙ୍କର ଅଂଶ। ଏହି ଆତ୍ମସତ୍ତା ସତ୍ୟ ଏବଂ ଯଥାର୍ଥ। ଏହି ସତ୍ୟସତ୍ତା ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଥିବାରୁ ଏହି ସତ୍ତା ସର୍ବଦା ସତ୍ୟ ଚାହିଁ ଆସୁଛି – ସେହି ସତ୍ୟ ହେଲା ଭଗବତ୍ ପ୍ରାପ୍ତି। ଏହି କାରଣରୁ ବ୍ୟକ୍ତି ଯେପରି ଭଗବାନଙ୍କ ଅଭିବ୍ୟକ୍ତି ଚାହେଁ, ଭଗବାନ୍ ସେହିପରି ନିଜକୁ ଅଭିବ୍ୟକ୍ତ କରିବା ସକାଶେ ସ୍ୱୟଂ କ୍ରମବିକାଶ ପ୍ରଣାଳୀ ସୃଷ୍ଟି ଆରମ୍ଭରୁ ରଖିଅଛନ୍ତି। ଏହାହିଁ ସୃଷ୍ଟିର ଉଦ୍ଦେଶ୍ୟ ଏବଂ ପ୍ରତ୍ୟେକ ବ୍ୟକ୍ତିର ଜୀବନର ଲକ୍ଷ୍ୟ।

ଭକ୍ତ ଦାଦୁଙ୍କର ଏହି ପ୍ରେମ ସାଧନାରେ ନାମଜପର ସ୍ଥାନ ବହୁତ ଉଚ୍ଚ। ତାଙ୍କ ଯୋଗରେ ନିଃଶ୍ୱାସ ସହିତ ନାମଜପର ବିଧାନ ଥିଲା। ସୁରତି ଶବ୍ଦର ଜପ ଥିବାର ଆଭାସ ମିଳୁଅଛି। ତା'ଛଡ଼ା ଦାଦୁ କହିଛନ୍ତି – ପ୍ରଥମରେ ହୁଏ ନାମ-ଶ୍ରବଣ, ଦ୍ୱିତୀୟରେ ଉତ୍ପନ୍ନ ହୁଏ ନାମର ରସ; ତୃତୀୟରେ ଧ୍ୱନିତ ହୁଏ ହୃଦୟରେ ନାମ ଗାନ, ଚତୁର୍ଥରେ ମନ ହୁଏ ମଗ୍ନ। ପ୍ରତି ଲୋମକୂପରେ ପ୍ରକାଶ ହୁଏ ଭକ୍ତି ଏବଂ ପ୍ରେମ ରସ।

ଦାଦୁ ତାଙ୍କ ଅନୁଭୂତି କହିଛନ୍ତି – ତାଙ୍କ ଅନ୍ତରଙ୍ଗ ଜୀବନରେ ସେ ଅବିରାମ ଆନନ୍ଦର ରସ ପାନ କରୁଥିଲେ। କିନ୍ତୁ ତାଙ୍କର ଏହି ଆନନ୍ଦ ଅନୁଭୂତି ଅନ୍ୟ କେହି ବୁଝିପାରିବେ ନାହିଁ କିଂବା ଠିକ୍ ଶବ୍ଦରେ ପ୍ରକାଶ କରିହେବ ନାହିଁ। ଯେପରି ଘୁଙ୍ଗା ଗୁଡ଼ଖାଇ ତା'ର ସ୍ୱାଦ ପ୍ରକାଶ କରିବାରେ ଅସମର୍ଥ ଥାଏ ସେହିପରି ରାମ-ପ୍ରେମ ରସାମୃତ ପାନର ଆନନ୍ଦ କହିବା ସମ୍ଭବ ନୁହେଁ।

ଦାଦୁ ଶେଷ ଅବସ୍ଥାରେ କମ୍ କଥା କହୁଥିଲେ। ଭକ୍ତ ବାଜିଦ୍ ଖାଁ ଦିନେ ଦାଦୁଙ୍କୁ କହିଲେ, ''ଆପଣ ପୂର୍ବେ ସାଧକ ଭକ୍ତମାନଙ୍କ ଗହଳରେ କେତେ ଭଗବତ୍ ଏବଂ ଭକ୍ତି ତଥା ସାଧନା ବିଷୟ ଆଲୋଚନା କରି ଆନନ୍ଦ ଦେଉଥିଲେ। ଆଜିକାଲି ଆପଣ ମୌନ ରହି ଭଗବାନଙ୍କ ସହ ରାତି ଦିନ ମଗ୍ନ ରହୁଛନ୍ତି।'' ଉତ୍ତରରେ ଦାଦୁ କହିଲେ – ମନୁଷ୍ୟ ଯଥାର୍ଥରେ ଯଦି ଭଗବାନଙ୍କୁ ପାଇବାକୁ ଚାହେଁ ତେବେ ଭଗବାନଙ୍କୁ ନିଜ ଅନ୍ତରରେ ଦେଖେ। ଭଗବାନଙ୍କ ମଧ୍ୟରେ ସବୁ ବିଭୂତି ବିଦ୍ୟମାନ। ଭଗବାନଙ୍କ ମଧ୍ୟରେ ଦେଖିବା ଯଥାର୍ଥ ଦେଖିବା, ଭଗବାନଙ୍କଠାରୁ ପାଇବା ଯଥାର୍ଥ ପାଇବା।

ଦାଦୁ କହିଲେ –

ଦେବ ନିରଞ୍ଜନ ପୂଜିଏ
ସବ୍ ଆୟା ଉସ୍ ନାହିଁ ।
ଡାଳ, ପତ୍ର, ଫଳ, ଫୁଲ ସବ୍
ଦାଦୁ ନ୍ୟାରେ ନାହିଁ ।

''ଦେବ ନିରଞ୍ଜନଙ୍କୁ ପୂଜାକଲେ ସଭିଙ୍କୁ ପୂଜା ହୁଏ । ଯେପରି ଗଛ ମୂଳରୁ ଫୁଲ, ଫଳ, ଡାଳ, ପତ୍ର ପୃଥକ୍ ନୁହେଁ ।''

ମନର ଗୁପ୍ତ ମଣି କୋଠାରେ ପ୍ରେମମୟ ସ୍ୱାମୀଙ୍କ ସଙ୍ଗେ ଦାଦୁଙ୍କର ରାମ-ରଙ୍ଗ ଏବଂ ଅନିର୍ବଚନୀୟ ଲୀଳା ବିଳାସ ସର୍ବଦା ହେଉଅଛି । ଶ୍ୟାମସୁନ୍ଦର ବନମାଳୀ ଦାଦୁଙ୍କ ମନମାଳା ରୂପରେ ପ୍ରଘଟ ହେଉଅଛନ୍ତି । ପରମଭକ୍ତଙ୍କ ଅଧାମ୍ ଭୂମିରେ ଉପବନ ରଚନା କରି ପରମପ୍ରଭୁ କିପରି ମଧୁର ଖେଳ କରୁଅଛନ୍ତି ।

ଦାଦୁ କହୁଛନ୍ତି – ''କିପରି ମୋର ସୌଭାଗ୍ୟ – ଏହି ସାଧୁମାନଙ୍କ ଦର୍ଶନ ଏହି ସମୟରେ ମୁଁ ପାଇଲି । ରାମ ରସାୟନ ପାନ କଲି । ଏବେ କାଳଯମ ମୋର କ'ଣ କରିବ ?''

୧୬୦୩ ଖ୍ରୀଷ୍ଟାବ୍ଦ, ଜ୍ୟେଷ୍ଠମାସ କୃଷ୍ଣାଷ୍ଟମୀ, ଶନିବାର ଦିନ ପରମ ଭକ୍ତ ଦାଦୁ ଶରୀର ତ୍ୟାଗକରି ଗୋଲୋକ ଧାମ ପ୍ରାପ୍ତ ହେଲେ । ସେ ସମୟରେ ତାଙ୍କ ବୟସ ୫୯ (ଅଣଷଠି) ବର୍ଷ ଥିଲା । ନାରାୟଣାରେ ଆଜି ବି ଦାଦୁଙ୍କ ଗଦି ପରମ ଶ୍ରଦ୍ଧାରେ ପୂଜା ହେଉଅଛି । ତାଙ୍କ ଗ୍ରନ୍ଥ ଦେଶ ଦେଶାନ୍ତରରେ ସମ୍ମାନିତ ହେଉଅଛି । ଦାଦୁ ଆଜି ବି ସାଧୁସନ୍ଥ, ଭକ୍ତ ସମାଜରେ ପୂଜିତ ହେଉଅଛନ୍ତି ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

ଭକ୍ତ ରାଙ୍କା ଓ ବାଙ୍କା

ଦକ୍ଷିଣ ପ୍ରଦେଶ ପଣ୍ଢରପୁରରେ ଭକ୍ତ ରାଙ୍କା ଗୋଟିଏ ଋଗ୍‌ବେଦୀ ବ୍ରାହ୍ମଣଙ୍କ ସନ୍ତାନ ଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଲକ୍ଷ୍ମୀଦତ୍ତ, ମାତାଙ୍କ ନାମ ଥିଲା ରୂପାଦେବୀ । ମାର୍ଗଶୀର ମାସ ଶୁକ୍ଳପକ୍ଷ, ଦ୍ୱିତୀୟା ତିଥି ଗୁରୁବାର, ଧନୁଲଗ୍ନ, ସମ୍ବତ୍ ୧୩୪୭ରେ ସେ ଜନ୍ମଗ୍ରହଣ କରିଥିଲେ । ରାଙ୍କାଙ୍କ ପତ୍ନୀ ବାଙ୍କା ସେହି ପଣ୍ଢରପୁରର ହରିଦେବ ନାମରେ ଜଣେ ସୂକ୍ରୀୟ ବ୍ରାହ୍ମଣଙ୍କ କନ୍ୟା ଥିଲେ । ସେ ଜନ୍ମଗ୍ରହଣ କରିଥିଲେ ସମ୍ବତ୍ ୧୩୫୧ରେ । ତୁଳସୀ ଦୁଇ ପତ୍ରରୁ ବାସିବା ସଦୃଶ ରାଙ୍କା ଏବଂ ବାଙ୍କା ବାଲ୍ୟାବସ୍ଥାରୁ ସ୍ୱତଃସ୍ଫୂର୍ତ୍ତ ଭାବେ ଭଗବାନଙ୍କ ନାମ ସ୍ମରଣ ତଥା ଭଗବାନଙ୍କ ଭକ୍ତିରେ ବିଶେଷ ଆନନ୍ଦ ଅନୁଭବ କରୁଥିଲେ । ଏବଂ ସେମାନଙ୍କର ନମ୍ରତା, ପିତାମାତାଙ୍କ ପ୍ରତି ଆନୁଗତ୍ୟ, ଗୁରୁଜନମାନଙ୍କୁ ସେବା ସମ୍ମାନାଦି ସଦ୍‌ଗୁଣ ଦେଖି ଜନ୍ମ ଏକୋଇଶାକୁ ପ୍ରାପ୍ତ ନାମ ପରିବର୍ତ୍ତେ ରାଙ୍କା ଏବଂ ବାଙ୍କା ନାମରେ ସାଇପଡ଼ିଶା, ପିତାମାତା ଏବଂ ଅନ୍ୟ ବ୍ୟକ୍ତିମାନେ ଡାକିଲେ । ପରେ ଏହି ଡାକନାମ ପ୍ରସିଦ୍ଧ ହେଲା । ରାଙ୍କାର ଅର୍ଥ – ରଙ୍କ, ଦରିଦ୍ର ଯେପରି ଧନ ସକାଶ ଲାଳାୟିତ ହୋଇ ଧନ ଚାହେଁ ସେହିପରି ସମସ୍ତ ଦିବ୍ୟଗୁଣଭୂଷଣ ଭଗବାନଙ୍କ ପ୍ରାପ୍ତି ତୀବ୍ରଭାବେ ଚାହୁଁଥିବାରୁ ତାଙ୍କ ନାମ ହେଲା ରାଙ୍କା, ଅର୍ଥାତ୍ ଭଗବାନଙ୍କୁ ପାଇବା ସକାଶେ ରଙ୍କ ।

ସେହିପରି ଅସାଧାରଣ କର୍ମୀଙ୍କୁ ଅଥବା ଅସାଧାରଣ ଗୁଣବିଶିଷ୍ଟ ବ୍ୟକ୍ତିକୁ କୁହା ଯାଉଥିଲା 'ବାଙ୍କା', ଅର୍ଥାତ୍ ଶ୍ରେଷ୍ଠ । ରାମଚରିତମାନସରେ ଅସାଧାରଣ ବୀର ଯୋଦ୍ଧାକୁ ବାଙ୍କା ବୀର ନାମରେ କୁହାହୋଇଛି । ସେସମୟରେ ବ୍ରାହ୍ମଣ କନ୍ୟାର ବାଲ୍ୟାବସ୍ଥାରୁ ବିବାହ ପ୍ରଥା ଥିଲା । କୌଣସି କାରଣରୁ ବିବାହ ପୂର୍ବରୁ କନ୍ୟା ପ୍ରୌଢ଼ତ୍ୱକୁ ପ୍ରାପ୍ତ ହେଲେ ତା'ର ଆଉ ବିବାହ ହୋଇ ପାରୁ ନ ଥିଲା । ଏହି କଥାକୁ ବ୍ରିଟିଶ୍ ସରକାର ଭାରତରେ ଆଇନ ପାସ୍ କରି ବୋଧହୁଏ ୧୯୨୫ କିଂବା ୧୯୨୬ରେ ବନ୍ଦ କରିଦେଲେ । ରାଙ୍କା ଏବଂ ବାଙ୍କାଙ୍କ ପିତାମାତା ସେଦୁହିଙ୍କୁ ଭଗବତ୍ ଭକ୍ତି ତଥା ସଦ୍‌ଗୁଣାଦି ଦେଖି ଉଭୟଙ୍କୁ ବାଲ୍ୟାବସ୍ଥାରୁ ବିବାହ କରିଦେଲେ । ସେମାନେ ଭାବିଲେ ଭଗବତ୍ ଭକ୍ତି ଏବଂ ସଦ୍‌ଗୁଣ ଉଭୟଙ୍କ ମଧ୍ୟରେ ପ୍ରକାଶ ହୋଇଅଛି । ଏମାନଙ୍କ ଦାମ୍ପତ୍ୟ ଜୀବନରେ ଏହି ବିକାଶ ବୃଦ୍ଧି ପାଇବାରେ ଏକ ଅନ୍ୟକୁ ସାହାଯ୍ୟ କରିପାରିବେ ଏବଂ ଜୀବନ ଆନନ୍ଦମୟ ହୋଇପାରିବ । ପରେ ଅବଶ୍ୟ ତାହାହିଁ ହେଲା ।

ଉଭୟଙ୍କ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଶୁକ୍ଳପକ୍ଷ ଚନ୍ଦ୍ରମା ସଦୃଶ ସେମାନଙ୍କ ଭଗବତ୍ ଭକ୍ତି ବିକାଶ ହେବାକୁ ଲାଗିଲା । ଭଗବତ୍ ଭକ୍ତି ଏବଂ ଭଗବାନ୍ ଅଭିନ୍ନ, ଏକ । ଯାହା ହୃଦୟରେ ଭକ୍ତି, ତାହାରି ହୃଦୟରେ ଭଗବାନଙ୍କ ନିବାସ । ଭକ୍ତିଦେବୀଙ୍କୁ ଛାଡ଼ି ଭଗବାନ୍ ରହିପାରନ୍ତି ନାହିଁ । ଭଗବତ୍ ଭକ୍ତିର ସନ୍ତାନ ହେଉଛି ଜ୍ଞାନ; କିନ୍ତୁ ସେବକ ଓ ସେବିକା ହେଉଛନ୍ତି ଶାନ୍ତି, ସନ୍ତୋଷ, ଆନନ୍ଦ, ଦୟା, କରୁଣାଦି ଦିବ୍ୟ ଗୁଣ । ଭଗବତ୍ ଭକ୍ତି ଯେଉଁଠାରେ, ଏହିସବୁ ସଦ୍‌ଗୁଣ ସେହିଠାରେ ନିବାସ କରନ୍ତି । ଯେଉଁ ବ୍ୟକ୍ତି ମଧ୍ୟରେ ଭଗବତ୍ ଭକ୍ତି ଯେତେ ପରିମାଣରେ ପ୍ରକାଶ ହୁଏ ସେହି ଅନୁପାତରେ ସଦ୍‌ଗୁଣ କ୍ରିୟା କରନ୍ତି ଏବଂ ଅସଦ୍‌ଗୁଣ – କାମ, କ୍ରୋଧ, ହିଂସା, ଲୋଭ, ମୋହ, ଅହଂ, ସ୍ୱାର୍ଥାଦି ଦୂର ହୁଅନ୍ତି । ସୂର୍ଯ୍ୟ ପ୍ରକାଶ ପୂର୍ବରୁ ଯେପରି ଅନ୍ଧକାର କ୍ରମଶଃ ଦୂର ହୁଏ ଏବଂ ସୂର୍ଯ୍ୟ ପ୍ରକାଶ ହେଲେ ଅନ୍ଧକାରର ଅସ୍ତିତ୍ୱ ରହେ ନାହିଁ, ଠିକ୍ ସେହିପରି ଭଗବତ୍ ଭକ୍ତି । ବ୍ୟକ୍ତି ମଧ୍ୟରେ ଭଗବତ୍ ଭକ୍ତିର ବିକାଶ ଅନୁପାତରେ ଅସଦ୍‌ଗୁଣସବୁ ଦୁର୍ବଳ ହେବାକୁ ଆରମ୍ଭ କରନ୍ତି । ଭଗବତ୍ ଭକ୍ତି ପ୍ରକାଶରେ ଯେତେବେଳେ ଭକ୍ତ ଭଗବାନଙ୍କ ଚରଣରେ ପୂର୍ଣ୍ଣ ସମର୍ପଣ କରେ ସେତେବେଳେ ଅସଦ୍‌ଗୁଣ ସବୁର କ୍ରିୟା ହୁଏ ନାହିଁ । ସେସବୁ ଅବଚେତନା ଓ ନିଶ୍ଚେତନାରେ ନିଷ୍ଠ୍ରିୟ ହୋଇ ପଡ଼ି ରହିଥା'ନ୍ତି, ସୁଯୋଗ ପାଇଲେ କ୍ରିୟା କରିପାରନ୍ତି । କିନ୍ତୁ ଏସବୁର ଆଶ୍ରୟସ୍ଥଳ ନିଶ୍ଚେତନା ଏବଂ ଅବଚେତନା ସହିତ ବ୍ୟକ୍ତିର ମନ-ପ୍ରାଣ-ଶରୀର ସଂପୂର୍ଣ୍ଣରୂପେ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହୁଅନ୍ତି ଶ୍ରୀଅରବିନ୍ଦଙ୍କ ଯୋଗରେ । ଶ୍ରୀଅରବିନ୍ଦଙ୍କ ଯୋଗ ଛଡ଼ା ପୁରାତନ କୌଣସି ଯୋଗରେ କାମ କ୍ରୋଧାଦି ରିପୁଙ୍କର ରୂପାନ୍ତର ହୁଏ ନାହିଁ । ସେସବୁ ଅବଚେତନା ତଥା ନିଶ୍ଚେତନାରେ ଆଶ୍ରୟ ନେଇଥା'ନ୍ତି । ରାଙ୍କାବାଙ୍କାଙ୍କ ମଧ୍ୟରେ ଭଗବତ୍ ଭକ୍ତି ସୂର୍ଯ୍ୟ ସଦୃଶ ପ୍ରକାଶ

ହୋଇଥିଲା । ସେହି ସକାଶେ ଅଜ୍ଞାନ, ଅନ୍ଧକାର, କାମ, କ୍ରୋଧ, ଲୋଭ, ମୋହ, ସ୍ୱାର୍ଥ, ହିଂସାଦି ଦୁର୍ଗୁଣ ସେମାନଙ୍କ ନିଶ୍ଚେତନାରେ ଥିବା ସତ୍ତ୍ୱେ ଆକ୍ରମଣ କରିପାରୁ ନ ଥିଲା ।

ରାଙ୍କାଙ୍କ ପତ୍ନୀ ବାଙ୍କା ପ୍ରୌଢ଼ାବସ୍ଥା ପ୍ରାପ୍ତ ହେବାରୁ କୁଳ ପ୍ରଥାନୁସାରେ ଯାନିଯୌତୁକ ସହିତ ପତିଗୃହକୁ ପ୍ରତ୍ୟାବର୍ତ୍ତନ କରିଆସିଲେ । ପରସ୍ପରଙ୍କ ମଧ୍ୟରେ ପ୍ରାଣର ଲାଳସା ପୂରା କରିବା ପ୍ରବୃତ୍ତି ନ ଥିବାରୁ ସେମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କଲେ । ଯେଉଁ ଯୌବନାବସ୍ଥାରେ ବ୍ୟକ୍ତି ଅଜ୍ଞାନ, ଅନ୍ଧକାର ଶକ୍ତି କବଳରେ କବଳିତ ହୋଇ ଅବିହିତ କର୍ମ ଦ୍ୱାରା ନିଜ ଜୀବନକୁ କଳୁଷିତ କରେ, ସେହି ଯୌବନ ଅବସ୍ଥାରେ ନବଦମ୍ପତି ଭଗବତ୍ ଆନନ୍ଦରେ ନିମଗ୍ନ ରହୁଥିଲେ । ପରସ୍ପର ମଧ୍ୟରେ ଥିଲା ଆତ୍ମଭାବ । ଏକ ଅନ୍ୟକୁ ଭଗବତ୍ ସ୍ୱରୂପ ଆତ୍ମଭାବରେ ଅଧ୍ୟାତ୍ମ ସତ୍ୟ ପଥର ପଥିକ, ସାଥୀ, ସାଧକ ଏବଂ ସାଧିକାରୂପେ ଅନୁଭବ କରୁଥିଲେ ଏବଂ ଭଗବତ୍ ସେବା ଭାବରେ ଘରର ଆବଶ୍ୟକ କର୍ମ କରି ଭଗବାନଙ୍କ ଚରଣରେ ନିବେଦନ କରୁଥିଲେ । ଘର, ପରିବାର, ସମ୍ପତ୍ତି ତଥା ସେମାନେ ସ୍ୱୟଂ, ସେମାନଙ୍କର ଯାହାକିଛି ସବୁ ଭଗବାନଙ୍କର ବୋଲି ସେମାନଙ୍କ ଚେତନାରେ ପ୍ରତିଷ୍ଠିତ ହୋଇ ସାରିଥିଲା । ଗୃହରେ ରହି ସେମାନେ ଭଗବତ୍ ସାନ୍ନିଧ୍ୟ ଅନୁଭବ କରୁଥିଲେ ।

କାଳକ୍ରମେ ରାଙ୍କାଙ୍କ ପିତାମାତା ପରଲୋକ ଗମନ କଲେ । ପରିବାରରେ ରହିଲେ କେବଳ ରାଙ୍କା ଏବଂ ବାଙ୍କା, ପତିପତ୍ନୀ । ଉଭୟ ବିଚାର କଲେ, ''ଜୀବନର ଲକ୍ଷ୍ୟ କେବଳ ଭଗବତ୍ ଭଜନ, ଧ୍ୟାନ । ତେବେ ଧନଧାନ୍ୟର ଆବଶ୍ୟକ କ'ଣ ?'' ଏହା ଭାବି ସମସ୍ତ ସମ୍ପତ୍ତି ଦାନ କରିଦେଲେ ଏବଂ ଭଗବତ୍ ଭଜନ ଧ୍ୟାନରେ ଲୀନ ରହିଲେ । ପ୍ରତିଦିନ ବ୍ରାହ୍ମମୁହୂର୍ତ୍ତରୁ ଉଠି ଶୌଚ ସ୍ନାନାଦି ନିତ୍ୟକର୍ମ ଶେଷ କରି ଧ୍ୟାନରେ ବସି ଯାଉଥିଲେ । ଏକ ପ୍ରହର ଦିନ ବ୍ୟତୀତ ହେବା ପରେ ଉଭୟ ଜଙ୍ଗଲକୁ ଯାଇ ପଡ଼ିଥିବା କାଠ ଗୋଟେଇ ଆଣି ବିକ୍ରି କରୁଥିଲେ । ସେଥିରୁ ଯାହା ପଇସା ମିଳୁଥିଲା ସେଥିରେ ରୋଷେଇ ଦ୍ରବ୍ୟ ଖଦ୍ଦି କରି ରୋଷେଇ କରି, ଭଗବାନଙ୍କୁ ଭୋଗ ଲଗାଉଥିଲେ । ସେହି ପ୍ରସାଦ ଦିନରାତ୍ରି ଚବିଶ ଘଣ୍ଟାରେ ଥରେମାତ୍ର ସେବନ କରି ଭଗବତ୍ ଭଜନରେ ମଗ୍ନ ରହୁଥିଲେ । ଭଗବତ୍ ଭଜନ ଛଡ଼ା ତାଙ୍କର ଅନ୍ୟ କୌଣସି କର୍ମ ନ ଥିଲା । କୌଣସି ବ୍ୟକ୍ତି କେତେ ଆଗ୍ରହ କଲେ କାହାଠାରୁ କିଛି ବି ଗ୍ରହଣ କରୁ ନ ଥିଲେ । ସେମାନଙ୍କର ନିର୍ଲୋଭତା ତଥା ଅକିଞ୍ଚନତା ଅତୁଳନୀୟ ଥିଲା ।

ସେ ସମୟରେ ନାମଦେବଜି ଭଗବାନଙ୍କର ଅନନ୍ୟ ଭକ୍ତ ପଣ୍ଢରପୁରରେ ରହୁଥିଲେ । ତାଙ୍କର ଭଗବାନଙ୍କ ସହିତ ସାକ୍ଷାତ୍ କଥାବାର୍ତ୍ତା ହେଉଥିଲା । ସେ ଭଗବାନଙ୍କ ସହିତ ବହୁତ ସମୟରେ କାର୍ଯ୍ୟ ବି କରୁଥିଲେ ତଥା ଭଗବାନଙ୍କ ସହିତ ବହୁତ ଭକ୍ତଙ୍କ ପାଖକୁ ବି ଯାଉଥିଲେ ।

ନାମଦେବଜି ଦିନେ ଭଗବାନଙ୍କୁ ରାଙ୍କାବାଙ୍କାଙ୍କ ଦାରିଦ୍ର୍ୟ ବିଷୟ କହି କିଛି ଧନ ଦେବାକୁ ପ୍ରାର୍ଥନା କଲେ । ଭଗବାନ୍ ନାମଦେବଙ୍କୁ କହିଲେ, ''ତୁ ରାଙ୍କାବାଙ୍କାଙ୍କ ନିର୍ଲୋଭତା ତଥା ତ୍ୟାଗ ସମ୍ବନ୍ଧେ ଅପରିଚିତ ଅଛୁ, ସେହି ସକାଶେ ତୋତେ ସେମାନଙ୍କ ବିଷୟରେ କହିବାକୁ ହୋଇଛି । ଆଜି ମୋ ସଙ୍ଗେ ଚାଲ, ସ୍ୱୟଂ ଦେଖି ପାରିବୁ ।''

ରାଙ୍କାବାଙ୍କା ପ୍ରତିଦିନ ଯେଉଁ ରାସ୍ତାରେ କାଠ ଆଣିବାକୁ ଯାଆନ୍ତି ସେହି ରାସ୍ତାରେ ଭଗବାନ୍ କେତେକ ସୁବର୍ଣ୍ଣ ମୋହର ରଖି ଦେଇ ନାମଦେବଙ୍କ ସହିତ ଦୂରରେ ଛିଡ଼ା ହୋଇ ଦେଖିଲେ । ରାଙ୍କା ଆଗରେ ଏବଂ ପତ୍ନୀ ବାଙ୍କା ପଛରେ ଚାଲୁଥା'ନ୍ତି । ରାସ୍ତାରେ କେତେକ ସୁନା ମୋହର ଉପରେ ରାଙ୍କାଙ୍କ ଦୃଷ୍ଟି ପଡ଼ିଲା । ସେ ଶୀଘ୍ର ନଇଁପଡ଼ି ମାଟି ଆଣି ସୁନା ମୋହର ଉପରେ ପକେଇ ଘୋଡ଼େଇ ଦେଲେ । ସେତେବେଳକୁ ବାଙ୍କା ତାଙ୍କ ପାଖରେ ପହଞ୍ଚି ତାଙ୍କ କର୍ମକୁ ଦେଖି କହିଲେ, ''ମାଟି ଉପରେ ମାଟି କାହିଁକି ଘୋଡ଼ାଉଛ ?'' ଏହା ଶୁଣି ରାଙ୍କାଙ୍କୁ ବିଶେଷ ଆନନ୍ଦ ହେଲା । ସେ କହିଲେ, ''ବାଙ୍କା, ତୁ ଧନ୍ୟା, ମୋର ତ ଏଥିରେ ସୁନା ଧାରଣା ଥିବାରୁ ମୁଁ ଭାବିଲି, ତୋର ଏହା ପ୍ରତି ଆକର୍ଷଣ ହୋଇପାରେ, ସେଇ ସକାଶେ ସେଥିରେ ମାଟି ପକାଉଥିଲି । କିନ୍ତୁ ତୋ ଧାରଣାରେ ସୁବର୍ଣ୍ଣ ଏବଂ ମାଟି ସମାନ – ଏହା ଜାଣି ବିଶେଷ ଖୁସୀ ହେଲି । ତୋ ବୈରାଗ୍ୟ ଏବଂ ତ୍ୟାଗ ଯଥାର୍ଥରେ ପ୍ରଶଂସନୀୟ ।''

ଶ୍ରୀକୃଷ୍ଣ କହିଲେ, ''ନାମଦେବ, ଏମାନଙ୍କ ବୈରାଗ୍ୟ ଦେଖିଲୁ ! ଏବେ ଆହୁରି କିଛି ଦେଖିନେ । ଚାଲ, ସେହି ଜଙ୍ଗଲକୁ ଯିବା, ଏମାନେ ଯେଉଁଠି କାଠ ଗୋଟେଇ ଆଣନ୍ତି ।''

ରାଙ୍କା ବାଙ୍କା ପହଞ୍ଚିବା ପୂର୍ବରୁ ଶ୍ରୀକୃଷ୍ଣ ଓ ନାମଦେବଜି ସେଠାରେ ପହଞ୍ଚି କାଠ ଗୋଟେଇ ଏବଂ ଗଛରୁ ଭାଙ୍ଗି ଜାଗା ଜାଗାରେ ପାଞ୍ଚ ସାତ ଖଣ୍ଡ କରି ରଖିଦେଲେ ଯେପରି ରାଙ୍କା ବାଙ୍କାକୁ କାଠ ସଂଗ୍ରହ କରିବାରେ ସୁବିଧା ହେବ । ଏସବୁ କାର୍ଯ୍ୟ ଶେଷ କରି ଶ୍ରୀକୃଷ୍ଣ ଏବଂ ନାମଦେବଜି ଦୂରରେ ରହି ଦେଖୁଥିଲେ । ରାଙ୍କା ବାଙ୍କା ଜଙ୍ଗଲରେ ପହଞ୍ଚି ଶ୍ରୀକୃଷ୍ଣ ଓ ନାବଦେବଜି ରଖିଥିବା କାଠକୁ ସ୍ପର୍ଶ କଲେ ନାହିଁ । ସେମାନେ ଭାବିଲେ, ''କୌଣସି ବ୍ୟକ୍ତି ଏକ କାଠ ଏକତ୍ର କରି ରଖିଛି ।'' ତେଣୁ ସେମାନେ ପ୍ରତିଦିନ ସଦୃଶ ଖଣ୍ଡେ ପଡ଼ିଥିବା କାଠ ଉଠେଇ ନେଲେ ଏବଂ ଶୁଖିଲା କାଠ ଗଛରୁ ଭାଙ୍ଗି ବିଡ଼ା ବାନ୍ଧି ମୁଣ୍ଡରେ ରଖିବା ସମୟରେ ନାମଦେବଜି ଏବଂ ଶ୍ରୀକୃଷ୍ଣ ସେ ଦୁହିଙ୍କ ସମ୍ମୁଖରେ ପହଞ୍ଚିଲେ । ଶ୍ରୀକୃଷ୍ଣଙ୍କ ଦର୍ଶନରେ ସେମାନଙ୍କୁ ଯେଉଁ ଆନନ୍ଦ ପ୍ରାପ୍ତ ହେଲା ତାହା ବର୍ଣ୍ଣନା କରିବା ଭାଷାର ଅତୀତ । ଦୁଇ ଜଣ ଆନନ୍ଦ ବିଭୋର ହୋଇ ଭଗବାନଙ୍କ ଚରଣରେ ପଡ଼ିଗଲେ । ଭଗବାନ୍ ଶ୍ରୀକୃଷ୍ଣ ଅତ୍ୟନ୍ତ ପ୍ରସନ୍ନ ହୋଇ ସେମାନଙ୍କ ମସ୍ତକରେ ନିଜର ବରଦ ହସ୍ତ ରଖିଦେଲେ ଏବଂ ଦୁଇହାତରେ ସେମାନଙ୍କୁ ଉଠେଇ ଦେଇ କହିଲେ, ''ତୁମ୍ଭ ଦୁହିଙ୍କ ଭକ୍ତିରେ ମୁଁ ଅତ୍ୟନ୍ତ ପ୍ରସନ୍ନ ହୋଇଛି, ତୁମ୍ଭର ଯାହା ଇଚ୍ଛା ତାହା ମାଗି ନିଅ ।'' ରାଙ୍କା ବାଙ୍କା ହସ୍ତଯୋଡ଼ି ମସ୍ତକରେ ରଖି କହିଲେ, ''ପ୍ରଭୁ, ଆପଣତ କୃପାସିନ୍ଧୁ ଏବଂ ଦୀନଜନ ବନ୍ଧୁ, ଆପଣଙ୍କ ଦୟାଠାରୁ ସଂସାରରେ କ'ଣ ଶ୍ରେଷ୍ଠ ଅଛି ଯେ ଆମେ ଚାହିଁବୁ ? ଆପଣ ଯଦି ନିର୍ହେତୁକୀ କୃପା କରି କିଛି ମାଗିବାକୁ ଆଜ୍ଞା ଦେଇଛନ୍ତି ତେବେ ପ୍ରଭୁ, ଆମ୍ଭମାନଙ୍କର ପ୍ରାର୍ଥନା ଆପଣଙ୍କୁ ଭକ୍ତି ଏବଂ ଆମ୍ଭମାନଙ୍କ ହୃଦୟରେ ଆପଣଙ୍କ ନିରନ୍ତର ନିବାସ – ଏହାହିଁ ଦୟାକରି ଦିଅନ୍ତୁ । ଏହା ଛଡ଼ା ଆମ୍ଭମାନଙ୍କର ଆଉ କିଛି ଚାହିଁବା ନ ରହୁ ।'' ଭଗବାନ୍ ଅତ୍ୟନ୍ତ ପ୍ରସନ୍ନ ହୋଇ 'ତଥାସ୍ତୁ' କହି ସେମାନଙ୍କ ମସ୍ତକରେ ଦୁଇ ହସ୍ତ ରଖିଦେଲେ । ସେହି ସମୟରେ ନାମଦେବଜୀ ଭକ୍ତଦମ୍ପତିଙ୍କୁ କହିଲେ, ''ତୁମ୍ଭମାନଙ୍କର କୌଣସି ବସ୍ତ୍ର ଆବଶ୍ୟକ ନାହିଁ, ଏହା ଠିକ୍ । କିନ୍ତୁ ବସ୍ତ୍ର ତ ପରିଧାନ କରୁଛ । ଭଗବାନଙ୍କ ପ୍ରସାଦ-ବସ୍ତ୍ର ତାଙ୍କ ହସ୍ତରୁ ଗ୍ରହଣ କର ।'' ଭଗବାନ୍ ସ୍ୱହସ୍ତରେ ଦେବା ବସ୍ତ୍ରକୁ ରାଙ୍କା ଏବଂ ବାଙ୍କା ବିଶେଷ ଆନନ୍ଦରେ ଗ୍ରହଣ କଲେ । ଭଗବାନ୍ ଉଭୟଙ୍କୁ ଆଶୀର୍ବାଦ ଦେଇ ନାମଦେବଙ୍କ ସହିତ ଅନ୍ତର୍ଦ୍ଧାନ ହୋଇଗଲେ ।

ରାଙ୍କା ଏବଂ ବାଙ୍କା ଭଗବତ୍ ଦିବ୍ୟାନନ୍ଦରେ ବିଭୋର ହୋଇ ଘରକୁ ଫେରି ଆସିଲେ । ସେମାନଙ୍କ ଶେଷ ଜୀବନ ପର୍ଯ୍ୟନ୍ତ ସେମାନେ ଭଗବତ୍ ଭକ୍ତି ସୁଧା ସମୁଦ୍ରରେ ଡୁବି ରହୁଥିଲେ । ଭକ୍ତ ରାଙ୍କା ଏବଂ ବାଙ୍କା ଭଗବତ୍ ଭକ୍ତିରେ ଏକ ଶହରୁ ଅଧିକ ବର୍ଷ ବ୍ୟତୀତ କରି ବୈଶାଖ ପୂର୍ଣ୍ଣିମା ସମ୍ବତ୍ ୧୪୫୨ରେ ଦୁହେଁ ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ଦିବ୍ୟଧାମ ଗୋଲୋକରେ ଶ୍ରୀରାଧାକୃଷ୍ଣଙ୍କ ସେବା ପ୍ରାପ୍ତ ହେଲେ ।

ବୋଲ ଭକ୍ତ ଏବଂ ଭଗବାନଙ୍କର ଜୟ ।

ଭକ୍ତଶ୍ରେଷ୍ଠ ଧ୍ରୁବ

ବାଳକ ଭକ୍ତ ଧ୍ରୁବଙ୍କ ନାମ ଭାରତବର୍ଷରେ ସମସ୍ତେ ଜାଣନ୍ତି । ସେ ପାଞ୍ଚବର୍ଷ ବୟସରେ ବିମାତାର କଟୁବାକ୍ୟ କିନ୍ତୁ ଯଥାର୍ଥ ତଥ୍ୟକୁ ଗ୍ରହଣ କରି ଗୃହତ୍ୟାଗ କରି ଜଙ୍ଗଲରେ ତପସ୍ୟା କରିଥିଲେ ଏବଂ ଭଗବାନଙ୍କୁ ଦର୍ଶନ କରି ଧ୍ରୁବପଦ ପ୍ରାପ୍ତ କରିଥିଲେ । ସ୍ୱୟମ୍ଭୂମନୁଙ୍କର ଦୁଇ ପୁତ୍ର ଥିଲେ – ପ୍ରିୟବ୍ରତ ଏବଂ ଉତ୍ତାନପାଦ । ଧ୍ରୁବ ଥିଲେ ମହାରାଜା ଉତ୍ତାନପାଦଙ୍କ ପୁତ୍ର । ଉତ୍ତାନପାଦଙ୍କର ଦୁଇଟି ରାଣୀ ଥିଲେ – ସୁନୀତି ତଥା ସୁରୁଚି । ସୁନୀତିଙ୍କ ପୁତ୍ର ଥିଲେ ଧ୍ରୁବ ଏବଂ ସୁରୁଚିଙ୍କ ପୁତ୍ର ଥିଲେ ଉତ୍ତମ । ସାନରାଣୀ ସୁରୁଚି ରାଜାଙ୍କର ଅତ୍ୟନ୍ତ ପ୍ରିୟ ଥିଲେ । ସୁନୀତି ଯଦ୍ୟପି ବଡ଼ରାଣୀ ଥିଲେ ତଥାପି ତାଙ୍କ ପ୍ରତି ରାଜାଙ୍କର ସ୍ନେହ ସୁରୁଚିଙ୍କ ତୁଳନାରେ ବହୁତ କମ୍ ଥିଲା । କିନ୍ତୁ ସୁନୀତି ଭଗବାନଙ୍କୁ ଭକ୍ତି କରୁଥିବାରୁ ରାଜାଙ୍କର ନିରାଦର ଭାବ ତାଙ୍କୁ ପୀଡ଼ା ଦେଉ ନ ଥିଲା ।

ଦିନେ ମହାରାଜା ସୁରୁଚିଙ୍କ ପୁତ୍ର ଉତ୍ତମକୁ କୋଳରେ ଧରି ସ୍ନେହ କରୁଥିଲେ । ଧ୍ରୁବ ଥିଲେ ଉତ୍ତମଠାରୁ ଅଳ୍ପ ମାସର ବଡ଼ । ସେହି ସମୟରେ ଧ୍ରୁବ ଖେଳୁ ଖେଳୁ ପିତାଙ୍କ ପାଖରେ ଆସି ପହଞ୍ଚିଗଲେ । ଉତ୍ତମକୁ ରାଜା କୋଳରେ ଧରି ଗେଲ କରୁଥିବା ଦେଖି ଅତ୍ୟନ୍ତ ଖୁସିରେ ରାଜାଙ୍କ କୋଳରେ ବସିବାକୁ ଚାହିଁଲେ । କିନ୍ତୁ ରାଜା ତାଙ୍କୁ ଆଗ୍ରହରେ କୋଳକୁ ନ ନେବାରୁ ସେ ନିଜେ ରାଜାଙ୍କ କୋଳରେ ବସିବାକୁ ଚେଷ୍ଟା କଲେ । ଧ୍ରୁବଙ୍କର ଏପରି ଚେଷ୍ଟା ଦେଖି ବିମାତା ସୁରୁଚି ଗର୍ବ ତଥା ଈର୍ଷାରେ ଜଳିଗଲେ ଏବଂ ଭର୍ତ୍ସନା କରି କହିଲେ – ''ପୁତ୍ର, ତୁ ତ ମୋ ଗର୍ଭରେ ଜନ୍ମ ନେଇ ନାହୁଁ, ରାଜାଙ୍କ କୋଳରେ ବସିବାକୁ ଅନଧିକାର ଚେଷ୍ଟା କରୁଛୁ କାହିଁକି ? ତୁ ଛୋଟ ପିଲା, ବୁଝିପାରୁ ନାହୁଁ । ତୁ ଯଦି ଉତ୍ତମ ପରି ମୋ ଗର୍ଭରୁ ଜନ୍ମ ହୋଇଥା'ନ୍ତୁ ତେବେ ରାଜାଙ୍କ କୋଳରେ ବସିବାର ଅଧିକାର ପାଇଥା'ନ୍ତୁ । ଯଦି ତୋର ଏହି ବାସନା ପୂରା କରିବାକୁ ତୁ ଚାହୁଁଛୁ ତେବେ ଭଗବାନଙ୍କୁ ଭକ୍ତି କରି ତାଙ୍କୁ ପ୍ରସନ୍ନ କରି ମୋ ଗର୍ଭରେ ଜନ୍ମ ନେ, ତେବେ ରାଜାସନରେ ବସିବାର ଅଧିକାରୀ ହେବୁ ।''

ତେଜସ୍ୱୀ ବାଳକ ଧ୍ରୁବଙ୍କୁ ବିମାତାଙ୍କର ଏହି ବାକ୍ୟ ବାଣ ସଦୃଶ ଲାଗିଲା । ତାଙ୍କ ମୁଖ ରାଗ ଏବଂ ଅପମାନରେ ଲାଲ ହୋଇଗଲା । ତାଙ୍କର ଖର ନିଃଶ୍ୱାସ ବହିବାକୁ ଲାଗିଲା । ସେ କାନ୍ଦି କାନ୍ଦି ନିଜ ମାଆ ସୁନୀତିଙ୍କ ପାଖକୁ ଆସିଲେ । ମହାରାଜାଙ୍କୁ ସାନରାଣୀ ସୁରୁଚିଙ୍କ କଥା ଏବଂ ବ୍ୟବହାର ଯଦ୍ୟପି ଭଲ ଲାଗିଲା ନାହିଁ ତଥାପି ସେ କିଛି କହିପାରିଲେ ନାହିଁ । ଧ୍ରୁବଙ୍କ ମାତା ପୁତ୍ରକୁ ଶୋକାକୁଳ ଦେଖି ସ୍ନେହରେ କୋଳକୁ ଉଠେଇ ନେଲେ । ବହୁତ ସ୍ନେହରେ କାନ୍ଦିବାର କାରଣ ପଚାରିଲେ । ପୁତ୍ର ଧ୍ରୁବଠାରୁ ମାତା ସୁନୀତି ସପତ୍ନୀଙ୍କର ସବୁକଥା ଶୁଣି ବହୁତ ଦୁଃଖିତା ହେଲେ । ସେ କାନ୍ଦି କରି କହିଲେ – ''ପୁତ୍ର, ସମସ୍ତ ବ୍ୟକ୍ତି ନିଜ ଭାଗ୍ୟ ଅନୁସାରେ ସୁଖ ଅଥବା ଦୁଃଖ ପାଆନ୍ତି । ନିଜ ଭୋଗ୍ୟ ଦୁଃଖର କାରଣ ଅନ୍ୟକୁ ମାନିବା ଉଚିତ ନୁହେଁ । ତୋ ବିମାତା ଯାହା କହିଲେ ତାହା ଯଥାର୍ଥ । ତୁ ନିଜର ଦୁର୍ଭାଗ୍ୟ ଯୋଗୁଁ ମୋ ଭଳି ଅଭାଗିନୀର ଗର୍ଭରେ ଜନ୍ମ ନେଇଛୁ । ମୋର ଦୁର୍ଭାଗ୍ୟ ଏହାଠାରୁ ଆଉ ଅଧିକ କ'ଣ ହେବ । ମୋର ଆରାଧ୍ୟ ଦେବ ମହାରାଜ ମୋ ପତି ମୋତେ ନିଜର ପତ୍ନୀରୂପେ ରାଜସଦନରେ ରଖିବାକୁ ଲଜ୍ଜିତ ହେଉଅଛନ୍ତି । କିନ୍ତୁ ପୁତ୍ର, ତୋର ବିମାତା ଯେଉଁ ଶିକ୍ଷା ଦେଇଛନ୍ତି 'ଭଗବତ୍ ଭକ୍ତି କରିବା' ତାହା ଯଥାର୍ଥ ଏବଂ ନିରାଟ ସତ୍ୟ । ଯଦି ତୁ ତୋର ଛୋଟ ଭାଇ ଉତ୍ତମ ସଦୃଶ ରାଜାସନ ଚାହୁଁ ତେବେ କମଳନୟନ ଭଗବାନଙ୍କୁ ଆରାଧନା କର । ଯେଉଁ ଭଗବାନଙ୍କ ପାଦପଦ୍ମକୁ ସେବା କରି ଯୋଗୀମାନେ ବନ୍ଦନୀୟ ହୋଇଅଛନ୍ତି ସେହି ଭଗବାନଙ୍କୁ ମଧ୍ୟ ଭକ୍ତି କରି ବ୍ରହ୍ମା ପରମେଷ୍ଠୀ ପଦକୁ ପ୍ରାପ୍ତ କରିଅଛନ୍ତି । ତୋର ପିତାମହ ମନୁ ଯଜ୍ଞ ଦ୍ୱାରା ଭଗବାନଙ୍କୁ ଆରାଧନା କରି ଯୋଗିଜନ ଦୁଷ୍ପ୍ରାପ୍ୟ ଭୂଲୋକ ତଥା ସ୍ୱର୍ଲୋକର ଭୋଗ ଏବଂ ମୋକ୍ଷ ପ୍ରାପ୍ତ କରିଅଛନ୍ତି । ସେହି ଭକ୍ତବତ୍ସଳ ଭଗବାନଙ୍କର ଶରଣ ନେ । ଅନନ୍ୟ ଭାବରେ ନିଜ ମନକୁ ତାଙ୍କରି ଚରଣରେ ଲଗାଇ ତାଙ୍କରି ଭଜନ କର । ସେହି କମଳଲୋଚନ ଭଗବାନଙ୍କ ଛଡ଼ା ତୋ ଦୁଃଖ ଦୂର କରିବାକୁ ଆଉ କେହି ନାହାନ୍ତି । ଭଗବାନ୍ ସମସ୍ତ ଐଶ୍ୱର୍ଯ୍ୟର ସ୍ୱାମୀ । ଯେଉଁ ଲକ୍ଷ୍ମୀଦେବୀଙ୍କୁ

ସମସ୍ତ ପ୍ରାଣୀ ଆରାଧନା କରନ୍ତି ସେହି ଲକ୍ଷ୍ମୀଦେବୀ ହାତରେ କମଳ ନେଇ ସେହି ପରମପୁରୁଷଙ୍କ ସେବା କରନ୍ତି । ହେ ପୁତ୍ର – ସେହି ଦୟାମୟ ନାରାୟଣଙ୍କ ଶରଣ ନେ ।''

ମାତାଙ୍କ ବଚନ ଶୁଣି ଧ୍ରୁବ ନିଜ ଚିତ୍ତକୁ ସ୍ଥିର କରିନେଲେ । ତତ୍‌କ୍ଷଣାତ୍ ଗୃହ ତ୍ୟାଗ କରି ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ଯାତ୍ରା କରିବା ଦେଖି ମାତା ସୁନୀତି ବହୁତ ବ୍ୟାକୁଳ ହୋଇ ଧ୍ରୁବକୁ ବନ ଯିବାକୁ ମନା କଲେ, କିନ୍ତୁ ଧ୍ରୁବ ମା'ଙ୍କ କଥା ନ ମାନି ଜଙ୍ଗଲ ଆଡ଼କୁ ଯାତ୍ରା କଲେ । ଯଦି କୌଣସି ବ୍ୟକ୍ତି ଭଗବାନଙ୍କ ଉପରେ ବିଶ୍ୱାସ ଭରସା ରଖନ୍ତି ତେବେ ସେହି ବ୍ୟକ୍ତିର ସମସ୍ତ ଭାର ଭଗବାନ୍ ଗ୍ରହଣ କରି ନିଅନ୍ତି । ତାଙ୍କରି କୃପାରୁ ଯଥାର୍ଥ ଗୁରୁ ମଧ୍ୟ ପ୍ରାପ୍ତ ହୁଅନ୍ତି । ଧ୍ରୁବ ଦୃଢ଼ ସଂକଳ୍ପ କରି ସବୁକିଛି ଛାଡ଼ି ଯେତେବେଳେ ଭଗବତ୍‌ପ୍ରାପ୍ତି କରିବା ସକାଶେ ଯାତ୍ରା କଲେ, ମାର୍ଗରେ ସ୍ୱୟଂ ନାରଦଜି ତାଙ୍କୁ ଦର୍ଶନ ଦେଲେ । ସେ ବାଳକ ଧ୍ରୁବଙ୍କର ନିଷ୍ଠା ପରୀକ୍ଷା କରିବା ସକାଶେ ଭଗବତ୍‌ପ୍ରାପ୍ତିରେ କଠିନତା, ତପସ୍ୟାରେ ବାଧାବିଘ୍ନ, ଜଙ୍ଗଲର ଭୟ ଇତ୍ୟାଦି ବିଷୟ କହିଲେ । କିନ୍ତୁ ପାଞ୍ଚବର୍ଷର ବାଳକଟିର ଅଟଳ ନିଷ୍ଠା ଦେଖି ତାଙ୍କୁ ଦ୍ୱାଦଶଅକ୍ଷର ମନ୍ତ୍ର ''ଓଁ ନମୋ ଭଗବତେ ବାସୁଦେବାୟ'' ଦୀକ୍ଷା ଦେଲେ । ଭଗବାନଙ୍କ ପୂଜା ତଥା ଧ୍ୟାନର ପ୍ରଣାଳୀ ଉପଦେଶ ଦେଇ ଯମୁନାତଟ ମଧୁବନରେ ତପସ୍ୟା କରିବାକୁ ପଠାଇ ଦେଲେ । ଧ୍ରୁବଙ୍କୁ ଉପଦେଶ ଦେଇ ନାରଦଜି ମହାରାଜ ଉତ୍ତାନପାଦଙ୍କ ପାଖକୁ ଗଲେ । ଧ୍ରୁବ ବନ ଯିବା ଖବର ଶୁଣିବା ସମୟରୁ ମହାରାଜା ବହୁତ ଚିନ୍ତିତ ଏବଂ ଧ୍ରୁବଙ୍କ ବିୟୋଗରେ ବହୁତ ବ୍ୟାକୁଳ ହୋଇ ପଡ଼ିଥିଲେ । ନିଜର ବ୍ୟବହାରରେ ତାଙ୍କୁ ବହୁତ ପଶ୍ଚାତ୍ତାପ ହେଉଥିଲା । ନାରଦଜି ଭଗବାନଙ୍କ ଦୟା, କରୁଣା, ଆଶ୍ରିତକୁ ରକ୍ଷା କରିବା, ଆଦି ଚରିତ କହି ମହାରାଜାଙ୍କୁ ଶାନ୍ତ କରାଇଲେ ।

ଭଗବତ୍‌ପ୍ରାପ୍ତିର ପ୍ରଧାନ ଲକ୍ଷଣ ଭଗବାନଙ୍କ ଉପରେ ବିଶ୍ୱାସ । ''ଭଗବାନ୍ ଦୟାମୟ, ମୋର ଦୋଷତ୍ରୁଟି ନ ଦେଖି ନିଜ ଗୁଣରେ ଦୟାକରି ନିଶ୍ଚୟ ପ୍ରାପ୍ତ ହେବେ ।'' – ଯେପର୍ଯ୍ୟନ୍ତ ଏପରି ଶ୍ରଦ୍ଧା, ବିଶ୍ୱାସ ନ ହେବ ସେପର୍ଯ୍ୟନ୍ତ ଭଜନରେ ବା ସାଧନାରେ ଆଗ୍ରହ ହେବ ନାହିଁ କିଂବା ମନ ଲାଗିବ ନାହିଁ । କିନ୍ତୁ ପ୍ରଥମରେ ଯଦି ସାଧକ ଭଗବତ୍‌ପ୍ରାପ୍ତି ସକାଶେ ଦୃଢ଼ ସଂକଳ୍ପ କରି ସାଧନାରେ ପ୍ରବୃତ୍ତ ହୁଏ, ନାମଜପ କରେ ତେବେ ଆସ୍ତେ ଆସ୍ତେ ଶ୍ରଦ୍ଧା, ବିଶ୍ୱାସ ନିଶ୍ଚୟ ଆସିବ । ନିଜ ଦୋଷତ୍ରୁଟିକୁ ଦେଖି ନିରାଶ ହୋଇ ଭଗବତ୍ ପ୍ରାପ୍ତି ସାଧନା ଶିଥିଳ କରିବା ଉଚିତ ନୁହେଁ । ସମସ୍ତ ଦୋଷତ୍ରୁଟି ଥାଇ ଭଗବତ୍‌ପ୍ରାପ୍ତି ସକାଶେ ଦୃଢ଼ ସଂକଳ୍ପ କରିବା ଏବଂ ନିଜ ଭିତରେ ଥିବା ଦୋଷ ତ୍ରୁଟିକୁ କର୍ମରେ ପରିଣତ ନ କରି ତ୍ୟାଗ କରିବ । ଭଗବତ୍‌ପ୍ରାପ୍ତିରେ ଦୃଢ଼ ବିଶ୍ୱାସ ରଖି ମନ ଲାଗୁ ନ ଲାଗୁ ନାମଜପ ସହିତ ଅଭୀପ୍ସା, ସମର୍ପଣ କରିବ; ଅଭୀପ୍ସା, ସମର୍ପଣ, ନାମଜପ କିଛି ଅଂଶରେ ହେଲେ, ସେହି କିଛି ଅଂଶ ସାଧକକୁ ଅଗ୍ରସର କରାଇ ସାଧନାରେ ପ୍ରବୃତ୍ତି ଆଣି ଦେବ । ବ୍ୟକ୍ତି ଯେତେ ଅଧମ, ଯେତେ ପାପୀ, ଯେତେ ଅପରାଧୀ ହୋଇଥାଉ ପଛେ ଯଦି ଏହି ପ୍ରଣାଳୀରେ ସାଧନା କରିବ ତେବେ ସେ ନିଶ୍ଚୟ ଲକ୍ଷ୍ୟରେ ପହଞ୍ଚି ପାରିବ । ଭଗବାନ୍ କରୁଣାସାଗର । ଯେପରି ପର୍ବତ ସଦୃଶ କୁଟା ଗଦାରେ ଟିକିଏ ଅଗ୍ନି ଲାଗିଲେ ପୂରା କୁଟା ଗଦାକୁ ଜଳେଇ ଦିଏ ସେହିପରି ସାଧକର କିଛି ଅଂଶରେ ଭଗବାନଙ୍କ ପ୍ରତି ବିଶ୍ୱାସ, ନିର୍ଭରତା ରହିଲେ ତାହା କ୍ରମଶଃ ବୃଦ୍ଧି ହୋଇ ସମସ୍ତ ଦୋଷତ୍ରୁଟିକୁ ଭସ୍ମ କରି ସାଧନାରେ ଅଗ୍ରସର କରାଇ ଭଗବତ୍‌ପ୍ରାପ୍ତି କରାଇ ଦେବ । ସାଧକର ଏହି ଦୃଢ଼ ବିଶ୍ୱାସ ହେବା ଆବଶ୍ୟକ । ''ଯେଡ଼େ ପାପୀ ଅଧମ ହେଲେ ବି ମୁଁ ତାଙ୍କରି ଆଶ୍ରିତ, ଭଗବାନ୍ କରୁଣାସିନ୍ଧୁ, ସେ ମୋତେ ନିଶ୍ଚୟ ପ୍ରାପ୍ତ ହେବେ ।'' ଏହ ବିଶ୍ୱାସ ହେଲେ ଭଗବାନ୍ ନିଶ୍ଚୟ ସାଧକକୁ ସବୁ ବାଧାବିପତ୍ତିରୁ ଉଦ୍ଧାର କରି ଲକ୍ଷ୍ୟପ୍ରାପ୍ତି ମାର୍ଗରେ ସାହାଯ୍ୟ କରିବେ ।

ଧ୍ରୁବଙ୍କର ଏହି ବିଶ୍ୱାସ ଦୃଢ଼, ଅଟଳ ଥିଲା । ''ଭଗବାନ୍ ମୋତେ ନିଶ୍ଚୟ ପ୍ରାପ୍ତ ହେବେ ।'' ଏହି ବିଶ୍ୱାସହିଁ ସାଧନାରେ ଶ୍ରଦ୍ଧା ଓ ଭକ୍ତି ଆଣିଦିଏ । ଧ୍ରୁବ ମଧୁବନ ଯମୁନା ତଟରେ ପହଞ୍ଚିଲେ । ଯମୁନାର କାଳୀୟଦଳନ କାକଳି ଘାଟରେ ସ୍ନାନ କରି ସେହିଠାରେ ତପସ୍ୟା ଆରମ୍ଭ କଲେ । ପ୍ରତିଦିନ ଯାହାକିଛି ଫଳମୂଳ ପ୍ରାପ୍ତ ହୁଏ ତାହା ଭଗବାନଙ୍କୁ ଅର୍ପଣ କରି ଭୋଜନ କରନ୍ତି ଏବଂ ନାରଦଜିଙ୍କ ଉପଦେଶ ଅନୁସାରେ ଦ୍ୱାଦଶ ଅକ୍ଷର ମନ୍ତ୍ର ଅଖଣ୍ଡଭାବେ ଜପ କରନ୍ତି । ପ୍ରଥମ ମାସରେ ତିନିଦିନ ଉପବାସ ପରେ ଚତୁର୍ଥ ଦିନ କଇଥ ଏବଂ ବରକୋଳି ଖାଉଥିଲେ । ଦ୍ୱିତୀୟ ମାସରେ ସାତଦିନ ପରେ ଥରେ ବୃକ୍ଷରେ ଝଡ଼ି ପଡ଼ିଥିବା ପତ୍ର ଅଥବା ଶୁଖିଲା ଘାସ ଖାଇ ଭଗବାନଙ୍କ ଧ୍ୟାନରେ ତନ୍ମୟ ରହିଲେ ।

ତୃତୀୟ ମାସରେ ନଅ ଦିନ ଉପବାସ ପରେ ଥରେ ମାତ୍ର ଜଳ ପିଉଥିଲେ । ଚତୁର୍ଥ ମାସରେ ବାରଦିନ ପରେ କେବଳ ବାୟୁ ଆହାର ଥରେ କରୁଥିଲେ । ପଞ୍ଚମ ମାସରେ ଶ୍ୱାସ ନେବା ବନ୍ଦ କରିଦେଲେ । ପାଞ୍ଚବର୍ଷର ବାଳକ ଧ୍ରୁବ ପ୍ରାଣବାୟୁକୁ ବନ୍ଦ କରି ଭଗବାନଙ୍କ ଧ୍ୟାନରେ ମଗ୍ନ ହୋଇ ଗୋଟିଏ ଗୋଡ଼ରେ ନିଶ୍ଚଳ ହୋଇ ଛିଡ଼ା ହୋଇ ରହିଲେ ।

ପାଞ୍ଚବର୍ଷର ବାଳକ ଧ୍ରୁବ ପ୍ରାଣାୟାମ ଦ୍ୱାରା ପ୍ରାଣବାୟୁକୁ ସ୍ଥିର କରି ସମସ୍ତ ଜଗତର ଆଧାର ଭଗବାନଙ୍କୁ ହୃଦୟରେ ଧାରଣ କରି ଭଗବାନମୟ ହୋଇଯାଇଥିଲେ । ଯେବେ ସେ ଗୋଟିଏ ଗୋଡ଼ ବଦଳ କରି ଅନ୍ୟ ଗୋଡ଼ଟି ପୃଥିବୀରେ ରଖୁଥିଲେ ସେତେବେଳେ ତାଙ୍କ ଭାରାରେ ପୃଥିବୀ ଜଳରେ ନୌକା ସଦୃଶ ହଲୁଥିଲା । ସେ ଶ୍ୱାସ ନ ନେବାରୁ ତିନି ଲୋକର ପ୍ରାଣୀମାନଙ୍କର ଶ୍ୱାସ ବନ୍ଦ ହେବାକୁ ଲାଗିଲା । ଶ୍ୱାସ-ରୋଧରେ ପ୍ରାଣୀମାନଙ୍କୁ ପୀଡ଼ିତ ଦେଖି ଦେବତାମାନେ ଧ୍ରୁବଙ୍କ ତପସ୍ୟା ଭଙ୍ଗ କରିବାକୁ ବହୁତ ଚେଷ୍ଟା କଲେ । ସେଥିରେ ବିଫଳ ହୋଇ ଭଗବାନଙ୍କର ଶରଣ ଗଲେ । ଭଗବାନଙ୍କ ଆଶ୍ରିତକୁ ଭଗବାନ୍ ସବୁସମୟରେ ରକ୍ଷା କରନ୍ତି । ଦେବତାମାନଙ୍କ ପ୍ରାର୍ଥନାରେ ପ୍ରସନ୍ନ ହୋଇ ସେ ସେମାନଙ୍କୁ କହିଲେ, ''ଧ୍ରୁବ ମୋର ଭକ୍ତ, ମୁଁ ତାକୁ ଦର୍ଶନ ଦେଇ ତପସ୍ୟାରୁ ନିବୃତ୍ତ କରିବି ।''

ଭଗବାନ୍ ଧ୍ରୁବଙ୍କ ତପସ୍ୟା ତଥା ଭକ୍ତିରେ ପ୍ରସନ୍ନ ହୋଇ ଗରୁଡ଼ ପିଠିରେ ବସି ତାଙ୍କ ପାଖରେ ଆସି ପହଞ୍ଚିଲେ । କିନ୍ତୁ ଧ୍ରୁବ ଭଗବାନଙ୍କ ଧ୍ୟାନରେ ଏତେ ତନ୍ମୟ ହୋଇ ଭଗବତ୍ ଆନନ୍ଦ ସମୁଦ୍ରରେ ବୁଡ଼ି ଯାଇଥିଲେ ଯେ ତାଙ୍କର ବାହ୍ୟଜ୍ଞାନ ନ ଥିଲା । ସେହି କାରଣରୁ ଭଗବାନ୍ ତାଙ୍କ ପାଖରେ ଉପସ୍ଥିତ ହେବା ସତ୍ତ୍ୱେ ସେ ଜାଣି ପାରିଲେ ନାହିଁ । ଭଗବାନ୍ ତାଙ୍କ ସ୍ୱରୂପକୁ ଧ୍ରୁବଙ୍କ ହୃଦୟରୁ ଅନ୍ତର୍ହିତ କରିନେଲେ । ଧ୍ରୁବଙ୍କ ହୃଦୟରୁ ଭଗବାନଙ୍କ ସ୍ୱରୂପ ଅନ୍ତର୍ଦ୍ଧାନ ହୋଇଯିବାରୁ ସେ ଅତ୍ୟନ୍ତ ବ୍ୟାକୁଳ ହୋଇ ଆଖି ଖୋଲି ଦେଲେ । ସମ୍ମୁଖରେ ଅନନ୍ତ ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟର ଧାରା ଭଗବାନଙ୍କୁ ଦେଖି ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେ ହାତଯୋଡ଼ି ଭଗବାନଙ୍କୁ ସ୍ତୁତି କରିବା ସକାଶେ ବହୁତ ଉତ୍କଣ୍ଠିତ ହେଲେ । କିନ୍ତୁ ସ୍ତୁତି କରିବାର ବାକ୍ୟ ଆସୁ ନ ଥିଲା । ଦୟାମୟ, ଭକ୍ତବତ୍ସଳ ଭଗବାନ୍ ଧ୍ରୁବଙ୍କ ଅନ୍ତର ଭାବ ଦେଖି ନିଖିଳ-ଶ୍ରୁତିରୂପ ସଖା ଧ୍ରୁବଙ୍କ କପୋଳରେ ସ୍ପର୍ଶ କରାଇ ଦେଲେ । ତତ୍‌କ୍ଷଣାତ୍ ଧ୍ରୁବଙ୍କ ହୃଦୟରେ ତତ୍ତ୍ୱ-ଜ୍ଞାନର ପ୍ରକାଶ ହୋଇଗଲା । ସେ ସଂପୂର୍ଣ୍ଣ ବିଦ୍ୟାରେ ସଂପନ୍ନ ହୋଇଗଲେ । ସେ ପ୍ରେମ-ଭକ୍ତିରେ ନିମଗ୍ନ ହୋଇ ଆନ୍ତରିକ ଭାବରେ ଭଗବାନଙ୍କୁ ସ୍ତୁତି କଲେ । ଭଗବାନ୍ ଧ୍ରୁବଙ୍କ ଉପରେ ବହୁତ ପ୍ରସନ୍ନ ହୋଇ କହିଲେ — ପୁତ୍ର ଧ୍ରୁବ, ତୁ କିଛି ମାଗିଲୁ ନାହିଁ । କିନ୍ତୁ ମୁଁ ତୋର ହାର୍ଦିକ ଭାବ ଜାଣି ତୋତେ ସେହି ପଦ ଦେଉଅଛି ଯାହା ଅନ୍ୟମାନଙ୍କ ସକାଶେ ଦୁଷ୍ପ୍ରାପ୍ୟ । ସେହି ପଦରେ ଆଜି ପର୍ଯ୍ୟନ୍ତ କେହି ପହଞ୍ଚି ପାରି ନାହିଁ । ସବୁ ଗ୍ରହନକ୍ଷତ୍ର, ତାରାମଣ୍ଡଳ ସେହି ପୁରୀକୁ ପ୍ରଦକ୍ଷିଣ କରନ୍ତି । ପିତାଙ୍କର ବାନପ୍ରସ୍ଥ ହେବାପରେ ତୁ ପୃଥିବୀକୁ ଦୀର୍ଘକାଳ ପର୍ଯ୍ୟନ୍ତ ଶାସନ କରିବୁ । ଶେଷ ସମୟରେ ମୋତେ ସ୍ମରଣ କରି ସେହି ସର୍ବଶ୍ରେଷ୍ଠ ବ୍ରହ୍ମାଣ୍ଡର କେନ୍ଦ୍ରରୂପ ଧାମକୁ ପ୍ରାପ୍ତ ହେବୁ; ଯେଉଁ ଧାମ ପ୍ରାପ୍ତ ହେବାପରେ ପୁନରାୟ ସଂସାରରେ ଜନ୍ମ ନେବାକୁ ହୁଏ ନାହିଁ । ଏହି ବରଦାନ କରି ଭଗବାନ୍ ଅନ୍ତର୍ଦ୍ଧାନ ହୋଇଗଲେ ।

ଭଗବାନଙ୍କର ଅନନ୍ୟ ଭକ୍ତ ଭଗବତ୍‌ପ୍ରାପ୍ତି ଛଡ଼ା ଅନ୍ୟ କିଛି ମାଗନ୍ତି ନାହିଁ । ଧ୍ରୁବ ଭଗବାନଙ୍କର ଅନନ୍ୟ ଭକ୍ତ ଥିଲେ । ସେ ଭଗବାନଙ୍କୁ କିଛି ମାଗିଲେ ନାହିଁ । ଭଗବାନଙ୍କ ପ୍ରାପ୍ତିରେ ତାଙ୍କୁ ମହାନ୍ ଆନନ୍ଦ ହେଲା । କିନ୍ତୁ ତାଙ୍କର ପୂର୍ବେ ଯାହା ଇଚ୍ଛା ଥିଲା, ଯେଉଁ ଗ୍ଲାନିରେ ଗୃହ ଛାଡ଼ି ଜଙ୍ଗଲକୁ ତପସ୍ୟା କରିବାକୁ ଆସିଥିଲେ ତାହାଠାରୁ ଅନନ୍ତଗୁଣେ ଶ୍ରେଷ୍ଠ ଧ୍ରୁବ ପଦ ଭଗବାନ୍ ତାଙ୍କୁ ଦେଲେ । କିନ୍ତୁ ଧ୍ରୁବଙ୍କୁ ଏହି ମହାନ୍ ଐଶ୍ୱର୍ଯ୍ୟ ପ୍ରାପ୍ତି ହେବା ସତ୍ତ୍ୱେ ଭଗବାନଙ୍କ ଅନ୍ତର୍ଦ୍ଧାନରେ ତାଙ୍କୁ ମହାନ୍ ଦୁଃଖ ହେଲା । ତାଙ୍କର ପୂର୍ବର ବାସନା ସବୁ ଦୂର ହୋଇ ଯାଇଥିଲା । ସେ କେବଳ ଭଗବାନଙ୍କ ସାମୀପ୍ୟ ସର୍ବଦା ଚାହୁଁଥିଲେ । ଏହାହିଁ ଭଗବାନଙ୍କୁ ନ ମାଗି ପାରିବାରୁ ତାଙ୍କୁ ବହୁତ ପଶ୍ଚାତ୍ତାପ ହେଲା । ସେ ନିଜକୁ ବହୁତ ଧିକ୍‌କାର କଲେ । କିନ୍ତୁ ଭଗବତ୍ ଦର୍ଶନରେ ତାଙ୍କର ଜନ୍ମ ଜନ୍ମାନ୍ତର ଶୁଭାଶୁଭ କର୍ମ ଭସ୍ମ ହୋଇଗଲା । ଭଗବାନଙ୍କ ଚରଣରେ ଅନନ୍ୟ ଭକ୍ତି ଉତ୍ପନ୍ନ ହେଲା । ସେ ଭଗବାନଙ୍କ ସ୍ୱରୂପକୁ ହୃଦୟରେ ଧାରଣ କରି ଆନନ୍ଦରେ ଗୃହ ଅଭିମୁଖେ ଯାତ୍ରା କଲେ ।

ଯିଏ ଭଗବାନଙ୍କ ଆଶ୍ରା ନିଏ, ଭଗବାନଙ୍କ ଭକ୍ତ ହୁଏ ତା'ର ଆଉ ଶତ୍ରୁ ମିତ୍ର ହୋଇ କେହି ନ ଥା'ନ୍ତି । ସବୁ

ଦୋଷ ଦିବ୍ୟ ଗୁଣରେ ପରିବର୍ତ୍ତନ ହୋଇଯାଏ । ଭଗବାନଙ୍କର କୃପା ଯାହା ଉପରେ ହୁଏ ତାହା ଉପରେ ସମସ୍ତ ପ୍ରାଣୀ ପ୍ରସନ୍ନ ରୁହନ୍ତି । ତାଙ୍କୁ ସମସ୍ତ ପ୍ରାଣୀ ଆଦର କରନ୍ତି । ଧ୍ରୁବ ବନ ଯିବାପରେ ମହାରାଜା ଉତ୍ତାନପାଦଙ୍କ ହୃଦୟରେ ବହୁତ ବଡ଼ ପରିବର୍ତ୍ତନ ହୋଇଗଲା । ସେ ଧ୍ରୁବ ପ୍ରତି ସ୍ନେହରେ ବ୍ୟାକୁଳ ହୋଇ ପଡ଼ିଲେ । ଧ୍ରୁବ ପ୍ରତି କରିଥିବା ନିଷ୍ଠୁର ବ୍ୟବହାରରେ ତାଙ୍କୁ ଭାରି ଦୁଃଖ ହେଲା । ସେ ନିଜକୁ ମନେ ମନେ ବହୁତ ଧିକ୍‌କାର କଲେ । ରାଜ୍ୟ, ଭୋଗ, ଐଶ୍ୱର୍ଯ୍ୟ, ସୁଖ ସବୁ ନୀରସ ହୋଇଗଲା । ସେ କେବଳ ରାତିଦିନ ଧ୍ରୁବଙ୍କୁ ସ୍ମରଣ କରୁଥିଲେ । ଧ୍ରୁବଙ୍କ ମାତାଙ୍କୁ ମଧ୍ୟ ସେହିଦିନଠାରୁ ଆଦର କରିବାକୁ ଲାଗିଲେ । କେବଳ ଧ୍ରୁବଙ୍କ ଫେରିବାକୁ ଅପେକ୍ଷା କରି ରହିଥିଲେ ।

ଧ୍ରୁବ ବନରୁ ଫେରିବା ଖବର ପାଇବା ମାତ୍ରେ ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେ ତତ୍‌କ୍ଷଣାତ୍ ରାଣୀ, ମନ୍ତ୍ରୀ, ସୈନ୍ୟସାମନ୍ତ, ରଥ, ବାଜୀ, ଗଜ ଆଦି ନେଇ ତାଙ୍କୁ ପାଛୋଟି ଆଣିବାକୁ ଗଲେ । ନଗର ବାହାରେ ଯେତେବେଳେ ରାଜା ଧ୍ରୁବଙ୍କୁ ଆସୁଥିବାର ଦେଖିଲେ ସେତେବେଳେ ସେ ସଙ୍ଗେ ସଙ୍ଗେ ରଥରୁ ଓହ୍ଲାଇ ପଡ଼ି ଧ୍ରୁବଙ୍କ ଆଡ଼କୁ ଦୌଡ଼ିଗଲେ । ଧ୍ରୁବ ଦୂରରୁ ପିତାଙ୍କୁ ଦେଖି ଭୂମିରେ ସାଷ୍ଟାଙ୍ଗ ପ୍ରଣାମ କରିବା ମାତ୍ରେ ରାଜା ଦୌଡ଼ିଯାଇ ଧ୍ରୁବଙ୍କୁ ଉଠାଇ କୋଳରେ ବସାଇ ହୃଦୟରେ ଲଗାଇ ନେଲେ । ରାଜାଙ୍କ ନେତ୍ରରୁ ଆନନ୍ଦାଶ୍ରୁ ପ୍ରବାହିତ ହେବାକୁ ଲାଗିଲା । ପିତାଙ୍କ କୋଳରୁ ଧ୍ରୁବ ଉତରି ବିମାତା ସୁରୁଚିଙ୍କୁ ପ୍ରଥମେ ପ୍ରଣାମ କଲେ । ସୁରୁଚି ଶୀଘ୍ର ଧ୍ରୁବଙ୍କୁ ଉଠେଇ କୋଳରେ ବସାଇ ନେଲେ । ସ୍ନେହରେ ଗଦ୍‌ଗଦ ହୋଇ ମୁଖରେ ଚୁମ୍ବନ ଦେଲେ, କିନ୍ତୁ ସ୍ନେହରେ କଣ୍ଠ ଗଦ୍‌ଗଦ ହେବାରୁ କିଛି କହି ପାରିଲେ ନାହିଁ । ନିଜ ମାତା ସୁନୀତିଙ୍କର ଧ୍ରୁବ ପ୍ରାଣରୁ ଅଧିକ ପ୍ରିୟ ଥିଲେ । ଧ୍ରୁବଙ୍କୁ ଦେଖିବା ମାତ୍ରେ ତାଙ୍କ ନେତ୍ରରୁ ଆନନ୍ଦାଶ୍ରୁ ଧାରା ପ୍ରବାହିତ ହେଲା । ସେ ଧ୍ରୁବକୁ ଉଠାଇ ହୃଦୟରେ ଲଗାଇ ଦେଲେ । କିନ୍ତୁ ତାଙ୍କ ମୁଖରୁ ବଚନ ଉଚ୍ଚାରଣ ହୋଇପାରିଲା ନାହିଁ । ସମସ୍ତ ବ୍ୟକ୍ତି ସୁନୀତିଙ୍କ ସୁକୃତକୁ ପ୍ରଶଂସା କରିବାକୁ ଲାଗିଲେ । ସମସ୍ତ ନଗର ସୁନ୍ଦରଭାବେ ସଜ୍ଜା ହୋଇଥିଲା । ପ୍ରତି ଦ୍ୱାରରେ କଳସ ସ୍ଥାପନ ହୋଇଥିଲା । ଚିତ୍ରବିଚିତ୍ର ଫୁଲରେ ଦ୍ୱାର ସଜ୍ଜା ହୋଇଥିଲା । ବହୁତ ଆନନ୍ଦରେ ମହାରାଜା ଧ୍ରୁବଙ୍କୁ ରାଜଭବନକୁ ନେଇଗଲେ ।

ଧ୍ରୁବ ବନରୁ ଫେରିବା ପରେ ରାଜା ଏବଂ ବିମାତାଙ୍କର ବହୁତ ସ୍ନେହର ପାତ୍ର ହେଲେ । ରାଜପରିବାର, ମନ୍ତ୍ରୀ ଏବଂ ଅନ୍ୟାନ୍ୟ ସମସ୍ତ ରାଜକର୍ମଚାରୀ ଧ୍ରୁବଙ୍କୁ ବହୁତ ସମ୍ମାନ କଲେ । ସମସ୍ତ ଦେଶବାସୀ ମଧ୍ୟ ଧ୍ରୁବଙ୍କ ଆଚରଣ, ବ୍ୟବହାରରେ ମୁଗ୍ଧ ଥିଲେ । କିଛିଦିନ ପରେ ରାଜାଙ୍କର ବୈରାଗ୍ୟ ଜାତ ହେଲା । ସେ ଧ୍ରୁବଙ୍କୁ ରାଜଗାଦିରେ ଅଭିଷେକ କରି ରାଜ୍ୟ ଶାସନର ଭାର ଦେଇ ଭଗବାନଙ୍କୁ ପ୍ରାପ୍ତ କରିବା ସକାଶେ ଜଙ୍ଗଲକୁ ଚାଲିଗଲେ । ଧ୍ରୁବଙ୍କ ବିମାତା ସୁରୁଚିଙ୍କ ପୁତ୍ର ଉତ୍ତମଙ୍କର ବିବାହ ହୋଇ ନ ଥିଲା । ସେ ଦିନେ ଜଙ୍ଗଲରେ ଶିକାର କରିବା ସମୟରେ କୁବେରଙ୍କ ଅଳକାପୁରୀ ହିମାଳୟରେ ପହଞ୍ଚିଗଲେ । ସେଠାରେ ଯକ୍ଷମାନଙ୍କ ସଙ୍ଗେ ବିବାଦ ବଢ଼ି ଯୁଦ୍ଧ ଲାଗିଗଲା । ଯୁଦ୍ଧରେ ଯକ୍ଷମାନଙ୍କ ଦ୍ୱାରା ଉତ୍ତମଙ୍କର ମୃତ୍ୟୁ ହେଲା । ଭାଇ ଉତ୍ତମର ମୃତ୍ୟୁ ଖବର ପାଇ ଧ୍ରୁବଙ୍କର ବହୁତ କ୍ରୋଧ ହେଲା । ସେ ସଙ୍ଗରେ ସୈନ୍ୟ ନେଇ ଯକ୍ଷପୁରୀକୁ ଆକ୍ରମଣ କଲେ । ଭୟଙ୍କର ଯୁଦ୍ଧ ହେଲା । ବହୁତ ଯକ୍ଷ ଯୁଦ୍ଧରେ ମୃତ୍ୟୁପ୍ରାପ୍ତ ହେଲେ । ଶେଷରେ ବ୍ରହ୍ମଲୋକରୁ ମନୁ ଆସି ଧ୍ରୁବଙ୍କୁ କହିଲେ, ''ପୁତ୍ର – ଏହି ଯକ୍ଷସବୁ ପରା ଦେବତା, ଏମାନଙ୍କ ମାଲିକ କୁବେର; ଭଗବାନ୍ ଶଙ୍କରଙ୍କ ସଖା । ତୁ ଏମାନଙ୍କ ସଙ୍ଗେ ଯୁଦ୍ଧ ନ କରି ଏମାନଙ୍କୁ ସମ୍ମାନ କରିବା ଉଚିତ । ପ୍ରାଣୀ ନିଜର କର୍ମଫଳ ଭୋଗେ । ଉତ୍ତମକୁ ମାରିବା ଯକ୍ଷ କେବଳ ନିମିତ୍ତ ମାତ୍ର । ତା'ଛଡ଼ା ମାରିବା ଯକ୍ଷ କେବଳ ଜଣେ । ଜଣଙ୍କ ବଦଳରେ ବହୁତଙ୍କୁ ଦଣ୍ଡ ଦେବା ଉଚିତ ନୁହେଁ । କ୍ରୋଧ ଛାଡ଼ି କୁବେରଙ୍କଠାରୁ କ୍ଷମା ମାଗି ନିଅ ।'' ଧ୍ରୁବ ପିତାମହ ମନୁଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ଯୁଦ୍ଧ ବନ୍ଦ କରିଦେଲେ । କୁବେର ପ୍ରସନ୍ନ ହୋଇ ଧ୍ରୁବ ସମ୍ମୁଖରେ ପ୍ରକଟ ହୋଇ ବର ମାଗିବାକୁ କହିଲେ । ଧ୍ରୁବ ମାଗିଲେ, – ''ମୋର ଭଗବାନଙ୍କ ଚରଣରେ ଅବିଚଳିତ ଭକ୍ତି ହେଉ ।'' ତଥାସ୍ତୁ କହି କୁବେର ଅନ୍ତର୍ଦ୍ଧାନ ହୋଇଗଲେ । ଧ୍ରୁବ ଭଗବତ୍ ଭକ୍ତ ବର ପାଇ ପ୍ରସନ୍ନତାରେ ରାଜଧାନୀକୁ ଫେରି ଆସିଲେ । ରାଜ୍ୟ ଭୋଗ ପ୍ରତି ତାଙ୍କର ଆସକ୍ତି ନ ଥିବାରୁ ସେ ସର୍ବଦା ଭଗବତ୍ ସ୍ମରଣରେ ନିମଗ୍ନ ରହୁଥିଲେ । ଏହିପରି ବହୁତ କାଳ ରାଜ୍ୟ ଶାସନ କଲାପରେ ଶେଷରେ ସଂପୂର୍ଣ୍ଣ ଭୂମଣ୍ଡଳର ଆଧିପତ୍ୟ ତ୍ୟାଗ କରି ତପସ୍ୟା କରିବା ସକାଶେ ବଦ୍ରିକାଶ୍ରମରେ

ପହଞ୍ଚିଲେ । ସେଠାରେ ମନ୍ଦାକିନୀରେ ସ୍ନାନ କରି ଭଗବାନଙ୍କ ଧ୍ୟାନରେ ମଗ୍ନ ହୋଇଗଲେ । ସେହି ସମୟରେ ଆକାଶରୁ ଗୋଟିଏ ବିମାନରେ ଭଗବାନଙ୍କ ପାରିଷଦ ଆସିଲେ । ଭଗବାନଙ୍କ ପାରିଷଦମାନଙ୍କୁ ଦର୍ଶନ କରିବା ମାତ୍ରେ ଧ୍ରୁବ ସେମାନଙ୍କୁ ସାଷ୍ଟାଙ୍ଗ ଦଣ୍ଡବତ କଲେ । ପାରିଷଦମାନେ କହିଲେ, ''ରାଜା, ଆମ୍ଭେମାନେ ଭଗବାନ୍ ନାରାୟଣଙ୍କ ପାରିଷଦ, ତୁମେ ତପସ୍ୟା ତଥା ଭକ୍ତିରେ ଭଗବାନଙ୍କୁ ପ୍ରସନ୍ନ କରିଥିଲ । ବର୍ତ୍ତମାନ ଏହି ବିମାନରେ ବସି ସେହି ଦିବ୍ୟ-ଲୋକକୁ ଚାଲ, ଯେଉଁ ଲୋକକୁ ସବୁ ଗ୍ରହନକ୍ଷତ୍ର ପ୍ରଦକ୍ଷିଣ କରନ୍ତି ।''

ଧ୍ରୁବ ପାରିଷଦମାନଙ୍କ କଥା ଶୁଣିବା ମାତ୍ରେ ସ୍ନାନ କଲେ । ଋଷି-ମୁନିମାନଙ୍କୁ ପ୍ରାର୍ଥନା କରି ବିମାନ ସ୍ପର୍ଶ କରିବା ମାତ୍ରେ ତାଙ୍କ ଶରୀର ଦିବ୍ୟ ହୋଇଗଲା । ସେହି ସମୟରେ ମୃତ୍ୟୁଦେବ ଆସି କହିଲେ, ''ଏହି ମୃତ୍ୟୁପୁରୀର ନିୟମ, ମୋତେ ସ୍ପର୍ଶ ନ କରି କେହି ଦିବ୍ୟଧାମକୁ ଯାଇ ପାରିବେ ନାହିଁ ।'' ଏକଥା ଶୁଣି ଧ୍ରୁବ ମୃତ୍ୟୁଦେବଙ୍କ ମସ୍ତକରେ ପାଦ ରଖି ଦିବ୍ୟ ବିମାନରେ ବସିଗଲେ । ଭଗବାନଙ୍କ ଭକ୍ତଙ୍କ ଚରଣ ସ୍ପର୍ଶ ପାଇ ମୃତ୍ୟୁଦେବ ମଧ୍ୟ ନିଜକୁ ଧନ୍ୟ ମନେକଲେ । ବିମାନରେ ଧ୍ରୁବ ଯିବା ସମୟରେ ନିଜ ମାତାଙ୍କୁ ସ୍ମରଣ କଲେ । ସ୍ମରଣ ମାତ୍ରେ ବିମାନର ଆଗେ ଆଗେ ସୁନୀତିଦେବୀ (ଧ୍ରୁବଙ୍କ ମାତା) ଯାଉଥିବା ଧ୍ରୁବଙ୍କୁ ପାରିଷଦମାନେ ଦେଖାଇ ଦେଲେ । ଯାହାର ପୁତ୍ର ଭଗବତ୍ ଭକ୍ତ ହୁଏ ତା'ର ମାତା ମଧ୍ୟ ଧନ୍ୟ ହୁଅନ୍ତି । ଭଗବତ୍ ଭକ୍ତ ନିଜ ବଂଶର ସମସ୍ତଙ୍କୁ ଉଦ୍ଧାର କରନ୍ତି । ଧ୍ରୁବ ଆଜି ବି ଅବିଚଳ ଧ୍ରୁବତାରା ରୂପେ ଜ୍ୟୋତିର୍ମୟ ଧାମରେ ଭଗବାନଙ୍କ ଭକ୍ତି ଆନନ୍ଦରେ ନିମଗ୍ନ ହୋଇ ବାସ କରୁ ଅଛନ୍ତି ।

ବୋଲ ଭକ୍ତ ଏବଂ ଭଗବାନଙ୍କର ଜୟ ।

ଭକ୍ତ ସୋଝାଜି

ଭକ୍ତ ସୋଝାଜିଙ୍କ ନାମ ସ୍ୱୟଂ ନାଭାଜି ତାଙ୍କ ଭକ୍ତମାଳ କବିତାରେ ଉଲ୍ଲେଖ କରିଅଛନ୍ତି । ତାଙ୍କ ଅଧ୍ୟାତ୍ମ ଜୀବନର ଗୋଟିଏ ଦୁଇଟି ଘଟଣା ଶ୍ରୀନାଭାଜିଙ୍କ କବିତାର ଟୀକାର ଶ୍ରୀପ୍ରିୟାଦାସଜି ବର୍ଣ୍ଣନ କରି ଅଛନ୍ତି । କିନ୍ତୁ ସୋଝାଜିଙ୍କ ଜନ୍ମସ୍ଥାନ, ତାଙ୍କ ପିତାମାତାଙ୍କ ନାମ କିଛି ଉଲ୍ଲେଖ ହୋଇ ନାହିଁ । ଭକ୍ତ ସଙ୍କମାନଙ୍କର କେବଳ ଅଧ୍ୟାତ୍ମ ଘଟଣାର ମହତ୍ତ୍ୱ ସେମାନଙ୍କ ଜୀବନରେ ରହିଥାଏ । ସେହି ଘଟଣା ପାଠକମାନେ ପଢ଼ି, ଶୁଣି ଅଧ୍ୟାତ୍ମ ମାର୍ଗରେ ଅଗ୍ରସର ହୁଅନ୍ତି । ତାହାରି ଦ୍ୱାରା ଭଗବାନଙ୍କ ପ୍ରତି ଭକ୍ତି, ଭରସା ଉତ୍ପନ୍ନ ହୁଏ ଏବଂ ଦୃଢ଼ ହୁଏ । ସେହି କାରଣରୁ ପାଠକମାନଙ୍କ ସକାଶେ ଭକ୍ତସଙ୍କମାନଙ୍କ ମାତାପିତା, ଜନ୍ମସ୍ଥାନର ନାମ ଏବଂ ସମ୍ପ୍ରଦାୟର ବିଶେଷ ମହତ୍ତ୍ୱ ନ ଥାଏ । ତା'ଛଡ଼ା ସେମାନଙ୍କର ଗୃହତ୍ୟାଗ ଅବସ୍ଥାରେ ମାତାପିତା ତଥା ଜନ୍ମସ୍ଥାନ ସହିତ ସମ୍ପର୍କ ନ ଥିବାରୁ ସେ ସମ୍ବନ୍ଧେ ଜାଣିବା ସମ୍ଭବ ହୁଏ ନାହିଁ । ପ୍ରତ୍ୟକ୍ଷରୂପେ ଶ୍ରୀଅଯୋଧ୍ୟା, ବୃନ୍ଦାବନ ତଥା ଅନ୍ୟାନ୍ୟ ସ୍ଥାନରେ ସାଧୁସଙ୍କଙ୍କୁ ବହୁତ ବ୍ୟକ୍ତି ଜାଣନ୍ତି, ବହୁତ ବ୍ୟକ୍ତି ଗୁରୁରୂପେ ଗ୍ରହଣ କରନ୍ତି ଏବଂ ସମ୍ମାନ କରନ୍ତି କିନ୍ତୁ ସେମାନଙ୍କ ମାତାପିତା ତଥା ଜନ୍ମସ୍ଥାନ ନାମ ଜାଣନ୍ତି ନାହିଁ ଏବଂ ଜାଣିବାକୁ ବି ଚାହାନ୍ତି ନାହିଁ । ଏହିସବୁ କାରଣରୁ ଭକ୍ତ ସୋଝାଜିଙ୍କ ଜନ୍ମତିଥି, ପିତାମାତା ତଥା ଜନ୍ମସ୍ଥାନର ଉଲ୍ଲେଖ ହୋଇ ନାହିଁ ।

ଭକ୍ତ ସୋଝାଜି ଥିଲେ ଭଗବାନଙ୍କର ଭକ୍ତ । ଭଗବାନଙ୍କ ଉପରେ ତାଙ୍କର ଅସାଧାରଣ ବିଶ୍ୱାସ ଏବଂ ଅଟଳ ନିଷ୍ଠା ଥିଲା । ସେ ସାଧୁସଙ୍କମାନଙ୍କ ସେବାରେ ବିଶେଷ ଆନନ୍ଦ ଅନୁଭବ କରୁଥିଲେ । ସଙ୍କସେବାରେ ତାଙ୍କର ଆନ୍ତରିକ ଆଗ୍ରହ ଥିବାରୁ ତାଙ୍କ ଗୃହକୁ ସଙ୍କଭକ୍ତମାନେ ବରାବର ଆସୁଥିଲେ । ସେ ଯେପରି ଭଗବାନଙ୍କ ଭକ୍ତ-ସଙ୍କ-ସେବୀ ଥିଲେ ତାଙ୍କ ଧର୍ମପତ୍ନୀ ମଧ୍ୟ ସେହିପରି ଥିଲେ । ପତିଙ୍କ ଅଧ୍ୟାତ୍ମ ସାଧନାରେ ବରାବର ସହଯୋଗ କରୁଥିଲେ । ସେହି କାରଣରୁ ପତିପତ୍ନୀଙ୍କ ମଧ୍ୟରେ ଆନ୍ତରିକ ସ୍ନେହ ଶ୍ରଦ୍ଧା ପ୍ରେମ ଥିଲା । କେବେ ବି ଉଭୟଙ୍କ ମଧ୍ୟରେ ପ୍ରତିବାଦ, ବୈମନସ୍କ ବା କଳହ ହେଉ ନ ଥିଲା । ତାଙ୍କ ଗୃହରେ ଥିଲା ଶାନ୍ତି, ସାମଞ୍ଜସ୍ୟ, ଭଗବତ୍ ଭକ୍ତିର ବାତାବରଣ ଏବଂ ତାଙ୍କ ଗୃହଟି ହୋଇଥିଲା ଅଧ୍ୟାତ୍ମ ସାଧନାର ଆଶ୍ରମ । ଗୃହସ୍ଥ ଭକ୍ତମାନଙ୍କର ଏହିପରି ଗୃହର ଆଦର୍ଶ ଗ୍ରହଣ କରିବା ଉଚିତ ।

ସାଧୁସଙ୍କ ବରାବର ଆସୁଥିଲେ । ସେମାନଙ୍କୁ ଦେଖିବା ମାତ୍ରେ ପତିପତ୍ନୀଙ୍କୁ କୋଟିନିଧି ମିଳିବା ସଦୃଶ ପ୍ରତୀତ ହେଉଥିଲା । ସେମାନଙ୍କୁ ଆନ୍ତରିକ ଭକ୍ତିଭାବରେ ପ୍ରଣାମ କରି ପାଦ ଧୋଇ ଉତ୍ତମ ଆସନରେ ବସାଉ ଥିଲେ । ପ୍ରାପ୍ତି ଅନୁସାରେ ଉତ୍ତମ ଭୋଜନ କରାଇ ପରେ ପତିପତ୍ନୀ ଭଗବତ୍ ପ୍ରସାଦ ଗ୍ରହଣ କରି ବିଶେଷ ଆନନ୍ଦ ଅନୁଭବ କରୁଥିଲେ । ସାଧୁସଙ୍କମାନଙ୍କଠାରୁ ଭଗବତ୍ ଚର୍ଚ୍ଚା ଓ ସାଧନାର ରହସ୍ୟ ଶୁଣି ନିଜ ଶରୀରକୁ ଭୁଲି ଯାଉଥିଲେ । କେବେ କେବେ ସଙ୍କମାନଙ୍କ ସହିତ ଭଗବାନଙ୍କ ନାମଯଶଃ କୀର୍ତ୍ତନ କରି ଭଗବତ୍ ଭକ୍ତିରେ ମଗ୍ନ ରହୁଥିଲେ ।

ନାରୀମାନଙ୍କର ମାତୃତ୍ୱ-ସଂସ୍କାର ପରମ୍ପରାରୁ ରହିଆସିଛି । ସେମାନେ ପୁରୁଷଙ୍କ ସଦୃଶ ଗୃହ ତ୍ୟାଗ କରି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ଭଗବତ୍ ଭକ୍ତି କରିବା ସେସମୟରେ ପ୍ରଥା ନ ଥିଲା । କ୍ୱଚିତ୍ କେହି ପତିପତ୍ନୀ ରାଙ୍କାବାଙ୍କାଙ୍କ ସଦୃଶ ଗୃହରେ ରହି ଭଗବତ୍ ଭକ୍ତି କରି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରୁଥିଲେ । ଅନ୍ୟଥା ଗୃହରେ ରହି ଭଗବତ୍ ଭକ୍ତି କରୁଥିବା ମାଆମାନଙ୍କର ଗୋଟିଏ ସନ୍ତାନର ମାଆ ହେବାକୁ କାମନା ରହୁଥିଲା ।

ବର୍ତ୍ତମାନ ସମୟ ସେପରି ନାହିଁ । ଯୁଗପରିବର୍ତ୍ତନର ସମୟ ଉପସ୍ଥିତ ହୋଇଅଛି । ଅତିମାନସ ଶକ୍ତି ମଧ୍ୟ ପୃଥିବୀରେ ପ୍ରତିଷ୍ଠା ହୋଇସାରିଛି । ଏହି କାରଣରୁ ବ୍ୟାପକରୂପେ ନାରୀମାନେ ଗୃହରେ ରହି ରୂପାନ୍ତର ଯୋଗ ସାଧନା କରିବେ ଏବଂ ଯେଉଁମାନେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ଚାହିଁବେ ସେମାନେ ଗୃହ ପରିବାର ତ୍ୟାଗ କରି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ସାଧନା କରିପାରିବେ । ଏହିପରି ସାଧକସାଧିକାମାନେ ହେବେ ଅତିମାନସ ନୂତନ ସତ୍ୟ ଯୁଗର ଅଗ୍ରଦୂତ ।

ପୂର୍ବେ ଏପରି ସମୟ ଆସି ନ ଥିଲା । ସେହି ସକାଶେ ସୋଝାଜିଙ୍କ ଧର୍ମପତ୍ନୀଙ୍କ କାମନା ଭଗବାନ୍ ପୂର୍ଣ୍ଣ କଲେ । ତାଙ୍କ ଗର୍ଭରୁ ଗୋଟିଏ ପୁତ୍ର ସନ୍ତାନ ଉତ୍ପନ୍ନ ହେଲା । ସେ ଦଶମାସର ହୋଇଥାଏ । ଭଗବତ୍ ପ୍ରାପ୍ତିର ତୀବ୍ର ଅଭୀପ୍ସା ହେବାରୁ ସୋଝାଜି ଗୃହତ୍ୟାଗ କରିବାକୁ ନିଶ୍ଚୟ କଲେ ।

ସୋଝାଜିଙ୍କ ଘର ଯଦ୍ୟପି ଆଶ୍ରମ ସଦୃଶ ଥିଲା, ତାଙ୍କ ଭଜନ ସାଧନାରେ କୌଣସି ପ୍ରତିବନ୍ଧକ ନ ଥିଲା କିଂବା ବାଧା ବି ନ ଥିଲା, ତଥାପି ତାଙ୍କର ଭଗବତ୍ ପ୍ରାପ୍ତିର ତୀବ୍ର ଅଭୀପ୍ସା ହେବାରୁ ସେ ଘର ତ୍ୟାଗ କରିବା ନିଶ୍ଚୟ କଲେ ଏବଂ ନିଜର ନିର୍ଣ୍ଣୟ ପତ୍ନୀଙ୍କୁ ଜଣାଇ ଦେଲେ । ପତ୍ନୀ ମଧ୍ୟ ସୋଝାଜିଙ୍କଠାରୁ କମ୍ ବୈରାଗୀ ନ ଥିଲେ । ପତିଙ୍କ ସଙ୍ଗେ ରହି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନପୂର୍ବକ ପତିଙ୍କୁ ଅଧ୍ୟାତ୍ମ ଗୁରୁରୂପେ ସେବା କରି ଭଗବତ୍ ପ୍ରାପ୍ତିର ସାଧନା କରିବା ସକାଶେ ପତିଙ୍କ ସଙ୍ଗେ ଯିବାକୁ ସେ ପ୍ରାର୍ଥନା କଲେ । ସୋଝାଜି ସେଥିରେ ସମ୍ମତ ହୋଇ ଭୋର ହେବା ପୂର୍ବରୁ ସମ୍ପତ୍ତି, ଧନ ଦୌଲତ ତ୍ୟାଗ କରି ଘରୁ ବାହାରି ଚାଲିଗଲେ, ତାଙ୍କ ପଛେ ପଛେ ଚାଲିଲେ ତାଙ୍କ ଧର୍ମପତ୍ନୀ । କେତେଦୂର ଯିବାପରେ ଭୋର ହୋଇଗଲା । ସୋଝାଜି ପତ୍ନୀକୁ ଅନାଇ ପତ୍ନୀଙ୍କ କୋଳରେ ଦଶମାସର ଶିଶୁକୁ ଦେଖି କହିଲେ, ''ବର୍ତ୍ତମାନ ତୋର ଘର ଛାଡ଼ି ଯିବାର ସମୟ ଆସି ନାହିଁ । ତୋର ମୋହ ତୋ' ସନ୍ତାନ ଉପରେ ଅଛି । ଯେପର୍ଯ୍ୟନ୍ତ ଏହି ମୋହ ରହିବ ସେପର୍ଯ୍ୟନ୍ତ ଭଗବାନଙ୍କ ଉପରେ ଯଥାର୍ଥ ନିର୍ଭରତା ହେବ ନାହିଁ କିଂବା ବିଶୁଦ୍ଧ ଭକ୍ତି ଉତ୍ପନ୍ନ ହେବ ନାହିଁ । ତୋ ସକାଶେ ଭଲ ହେବ ତୁ ଘରେ ରହି ସନ୍ତାନ ପାଳନ ପୋଷଣ କରି ଭଗବାନଙ୍କୁ ଭକ୍ତି କର ।''

ପତ୍ନୀ ବିନୀତ ଭାବରେ କହିଲେ, ''ଗୁରୁଦେବ, ସବୁକିଛି ତ୍ୟାଗ କରିବାରେ ଟିକିଏ ମାତ୍ର ମୋର ଦ୍ୱନ୍ଦ୍ୱ ନାହିଁ । କିନ୍ତୁ ମୁଁ ମାଆ ହୋଇ ଏତେ ଛୋଟ ଶିଶୁକୁ କିପରି ତ୍ୟାଗ କରିବି ? ନାଥ, ଏ ଶିଶୁ ଅନାଥ, ନିଜେ ଖାଇପାରୁ ନାହିଁ କିଂବା ଚାଲି ବି ପାରୁ ନାହିଁ । ଏହାକୁ ତ୍ୟାଗ କଲେ କିଏ ରକ୍ଷା କରିବ ? କିଏ ଖାଇବାକୁ ଦେବ ।''

ସୋଝାଜି ଉତ୍ତର ଦେଲେ, ''ତୋର ଭଗବାନଙ୍କ ଉପରେ ବିଶ୍ୱାସ ନାହିଁ । ଭଗବାନ୍ ବିଶ୍ୱମ୍ଭର । ସମସ୍ତ ପ୍ରାଣୀର କର୍ତ୍ତା । ତାଙ୍କରି ଚରଣରେ ସମର୍ପଣ କରିଦେଲେ ସେ ସମସ୍ତ ଦାୟିତ୍ୱ ନେବେ ।''

ଏକଥା ଶୁଣିବା ମାତ୍ରେ ପତ୍ନୀଙ୍କ ହୃଦୟରେ ବଜ୍ରପାତ ହେବା ସଦୃଶ ସେ ବ୍ୟାକୁଳ ହୋଇପଡ଼ିଲେ । ସେ ନୀରବ, ନିସ୍ତେଜ ହୋଇଗଲେ । ତାଙ୍କ ମୁଖରୁ ବାକ୍ୟ ଉଚ୍ଚାରଣ ହେଲା ନାହିଁ । କେବଳ ଦୁଇ ନେତ୍ରରୁ ଅଶ୍ରୁ ବର୍ଷା ହେବାକୁ ଲାଗିଲା । ଶତ୍ରୁର ଶିଶୁ ପ୍ରତି ଶତ୍ରୁର ଦୟା ଆସେ । ଅପରିଚିତ ଶିଶୁକୁ ଦେଖିଲେ ବ୍ୟକ୍ତିର ହୃଦୟ ପ୍ରଫୁଲ୍ଲିତ ହୁଏ । କିନ୍ତୁ ମାଆ ! ଯିଏ ଦଶମାସ ଦଶ ଦିନ ଗର୍ଭରେ ଧାରଣ କରିଥାଏ, ତା'ର ଶିଶୁ ସନ୍ତାନ ପ୍ରତି କିପରି ବାତ୍ସଲ୍ୟ ସ୍ନେହ ମମତା ଥାଏ, ତାହା ଭାଷାରେ କହିବା ସମ୍ଭବ ନୁହେଁ; କେବଳ ମାଆହିଁ ଅନୁଭବ କରିପାରେ । ମାଆ ସନ୍ତାନର ସୁଖରେହିଁ ସୁଖୀ ହୁଏ । ନିଜେ ଉପବାସ ରହି ସନ୍ତାନକୁ ଭୋଜନ କରାଇ ସେ ସନ୍ତୋଷ ପାଏ । ତରବାରି ଆଘାତକୁ ନିଜ ଗଳାରେ ନେଇ ସନ୍ତାନକୁ ହୃଦୟରେ ଲଗାଇ ରକ୍ଷା କରେ । ସେହି ମାଆ ଦଶମାସର ନିରୀହ ଶିଶୁକୁ ତ୍ୟାଗ କରି କ'ଣ ଯାଇପାରେ ? ମା'ର ହୃଦୟ ଅତ୍ୟନ୍ତ କୋମଳ । ସେ ସନ୍ତାନ ସକାଶେ ପ୍ରାଣ ତ୍ୟାଗ କରିପାରେ କିନ୍ତୁ ସନ୍ତାନକୁ ତ୍ୟାଗ କରିବା ତା' ପକ୍ଷେ ସମ୍ଭବ ହୁଏ ନାହିଁ ।

ପତ୍ନୀର ବ୍ୟାକୁଳ, ନିସ୍ତେଜ, ମୂକ ମୁଦ୍ରା ସୋଝାଜିଙ୍କ ହୃଦୟକୁ ଦ୍ରବିତ କରିପାରିଲା ନାହିଁ । ହାୟରେ ନିଷ୍ଠୁର ତ୍ୟାଗ ! ଭଗବତ୍ ବିଶ୍ୱାସଯୁକ୍ତ ବୈରାଗ୍ୟର ସାଂସାରିକ ବ୍ୟାବହାରିକ ପ୍ରାଣିକ ସଂପର୍କ ଉପରେ ଦୟାମାୟା କିଛି ନ ଥାଏ । ସେ ସିଧା ସିଧା କହିଦେଲେ, ''ଗୋଟିଏ ଖୋଳରେ ଦୁଇଟି ତରବାରି ରହି ପାରେ ନାହିଁ । ଛୋଟ ଶିଶୁ ହେଉ ବା ଘର ଦ୍ୱାର, ଧନ ଦୌଲତ, ଐଶ୍ୱର୍ଯ୍ୟ ବା ରାଜ୍ୟ ହେଉ, ସବୁହିଁ ପ୍ରାଣର ଆସକ୍ତି । ଆସକ୍ତି ଏବଂ ଭଗବାନ୍ ଉଭୟ ରହିବା ସମ୍ଭବ ନୁହେଁ । ଦୁଇରୁ ଏକହିଁ ରହିବ । ସନ୍ତାନ ଅଥବା ଭଗବାନ୍ ।''

ପତ୍ନୀ ଭଗବାନଙ୍କୁ ଭକ୍ତି କରୁଥିଲେ । ତାଙ୍କ ହୃଦୟ ଶୁଦ୍ଧ ହୋଇ ସାରିଥିଲା । ଯଦ୍ୟପି ସ୍ୱାଭାବିକ ମାତୃହୃଦୟ ସନ୍ତାନ ପ୍ରତି ଦୟା ସ୍ନେହରେ ପୂର୍ଣ୍ଣ ଥିଲା ତଥାପି ଭଗବାନଙ୍କ ଭକ୍ତବତ୍ସଳତା, ଦୟା, କରୁଣାଦି ଦିବ୍ୟ ଗୁଣରେ ଅପରିଚିତା ନ ଥିଲା । ସେ ଭାବିଲେ, ''ଯେଉଁ କୃପାସିନ୍ଧୁ, ଭଗବାନ୍ ଉତ୍ତରା ଗର୍ଭ ସନ୍ତାନ ପରୀକ୍ଷିତକୁ ରକ୍ଷା କରିଥିଲେ ସେହି

ଭଗବାନ୍ ମୋ ଶିଶୁକୁ ଜନନୀଠାରୁ କୋଟି ଗୁଣରେ ରକ୍ଷା କରିବେ । ମୁଁ ତାଙ୍କର ଅଭୟ ଚରଣରେ ଏହି ଅନାଥ ଶିଶୁକୁ ସମର୍ପଣ କରି ନିଶ୍ଚିତ ହୋଇଯିବି ।'' ଏହା ଭାବି ତାଙ୍କ ସଙ୍ଗେ ଥିବା ଲୁଗାରେ ଗୋଟିଏ ଶେଯ ବୃକ୍ଷ ମୂଳରେ ବିଛାଇ ଦେଲେ । ଦୁଇ ହାତରେ କୋଳର ଶିଶୁକୁ ଧରି କହିଲେ, ''ପରମ ପିତା, ହେ ପ୍ରଭୁ, ଏହି ଅନାଥ ଶିଶୁକୁ ତୁମରି ଚରଣରେ ସମର୍ପଣ କରୁଛି । ତୁମେହିଁ ସମସ୍ତ ଜୀବ ମାତ୍ରର ପରମପିତା । ସଂସାରରେ ଯେଉଁ ପିତାମାତା ବାରଂବାର ହୁଅନ୍ତି, ସେମାନେ ମୋହ ଆସକ୍ତିବଶ ନିଜକୁ ପିତାମାତା କୁହନ୍ତି । ଏହା କେବଳ ଅଜ୍ଞାନତା ଛଡ଼ା ଆଉ କିଛି ନୁହେଁ । ଆଜି ଯିଏ ପିତାମାତା ହୋଇଛନ୍ତି ଆର ଜନ୍ମରେ ସେମାନେ ଶତ୍ରୁ ହୋଇପାରନ୍ତି । ଯେଉଁ ପିତାମାତା ପରିବର୍ତ୍ତିତ ହୁଅନ୍ତି ସେମାନେ ଯଥାର୍ଥରେ ପିତାମାତା ନୁହନ୍ତି । ତୁମେ ସର୍ବଦେଶ ସର୍ବକାଳର ଶାଶ୍ୱତ ପିତା, ସମସ୍ତ ଜୀବମାତ୍ରର ପାଳନକର୍ତ୍ତା । ପ୍ରଭୁ, ତୁମରି ଶିଶୁକୁ ତୁମରି ଚରଣରେ ଅର୍ପଣ କରୁଅଛି ।'' ତାଙ୍କ ନେତ୍ରରୁ ଅଶ୍ରୁ ବର୍ଷା ହେଉଥାଏ ଏବଂ ଭଗବାନଙ୍କ ଦୟା, କରୁଣା ଗୁଣ ସ୍ମରଣରେ ହୃଦୟ ଭଗବାନଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ ହୋଇଥାଏ । ଶିଶୁ ମୁଖକୁ କ୍ଷଣେ ମାତ୍ର ନିରୀକ୍ଷଣ କରି, ହୃଦୟରେ ଲଗାଇ, ସ୍ତନ୍ୟପାନ କରାଇ, ଭଗବାନଙ୍କ ଚରଣରେ ନିବେଦନ କରି, ବିଛେଇ ଥିବା ଶେଯରେ ଶିଶୁକୁ ଶୁଆଇଦେଇ, ଶିଶୁଠାରୁ ବିଦା ହୋଇ ଚାଲିବାକୁ ପାଦ ଉଠାଇନେଲେ । ପତି ଅଳ୍ପ ଦୂରରେ ଛିଡ଼ା ହୋଇ ଦେଖୁ ଥାଆନ୍ତି । ତାଙ୍କର ପତ୍ନୀଙ୍କର ଭଗବତ୍ ବିଶ୍ୱାସରେ ବିଶେଷ ପ୍ରସନ୍ନତା ହେଉଥାଏ । ଏହି ଅବସ୍ଥାରେ ପତିପତ୍ନୀ ଉଭୟ ଚାଲିବାକୁ ଆରମ୍ଭ କଲେ । ମାଆ ଫେର୍ ମୁଖ ଫେରାଇ ଶିଶୁକୁ ଦେଖିଲେ ନାହିଁ । ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଶିଶୁ ଭଗବାନଙ୍କର ହୋଇ ସାରିଛି । ତା'ର ପାଳନପୋଷଣ ଭାର ଭଗବାନଙ୍କ ଉପରେ ।

ଭଗବତ୍ ନାମ ସ୍ମରଣ, ଭଗବତ୍ ଧ୍ୟାନ, ଭଗବାନଙ୍କ ଉପରେ ବିଶ୍ୱାସ, ଭରସା ରଖି ଆନନ୍ଦରେ ପତିପତ୍ନୀ ରାସ୍ତା ଚାଲିଥାଆନ୍ତି । ସନ୍ଧ୍ୟା ଉପସ୍ଥିତ ହେଲା ସେପର୍ଯ୍ୟନ୍ତ ଉଭୟଙ୍କୁ ଭୋଜନ ପ୍ରାପ୍ତ ହୋଇ ନ ଥାଏ । ଭକ୍ତ ସୋଝାଜି ଛିଡ଼ା ହୋଇ ପଛକୁ ମୁଖ କରି ପତ୍ନୀକୁ କହିଲେ, ''ମନେହେଉଛି ତୋ ପାଖରେ କିଛି ଧନ ଅଛି । ଯେପର୍ଯ୍ୟନ୍ତ ତୋର ଧନ ଉପରେ ଭରସା ରହିବ ସେପର୍ଯ୍ୟନ୍ତ ଭଗବାନଙ୍କର ରକ୍ଷାହସ୍ତ ତୋ ମସ୍ତକରୁ କିଛି ଦୂରରେ ରହିବ ।' ଏକଥା ଶୁଣିବା ମାତ୍ରେ ପତ୍ନୀ ପଣତରେ ବାନ୍ଧିଥିବା ଦୁଇଟି ସୁନା ମୋହର ଫୋପାଡ଼ି ଦେଲେ । ତାଙ୍କ ପାଖରେ ଆଉ କିଛି ଧନ ନ ଥିଲା । ସେ ଗ୍ରାମରେ ପହଞ୍ଚିବା ମାତ୍ରେ ଗ୍ରାମବାସୀ ଆଦର ସମ୍ମାନରେ ଦୁହିଙ୍କ ଭୋଜନ ବ୍ୟବସ୍ଥା କରିଦେଲେ ଏବଂ ତାଙ୍କଠାରୁ ଭଗବତ୍ ଭକ୍ତି ବିଷୟ ଉପଦେଶ ଶୁଣି କୃତକୃତ୍ୟ ହେଲେ ।

ଏହିପରି ସୋଝାଜି ଏବଂ ତାଙ୍କ ପତ୍ନୀ ନିରାସକ୍ତରୂପେ ଭଗବତ୍ ଆନନ୍ଦରେ ନିମଗ୍ନ ହୋଇ ଭଗବାନଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଭରସା ରଖି ଯାତ୍ରା କରୁଥା'ନ୍ତି । ଯେଉଁଠାରେ ଭଜନ-ଧ୍ୟାନର ଉତ୍ତମ ସ୍ଥାନ, ଉତ୍ତମ ବାତାବରଣ ଦେଖୁ ଥାଆନ୍ତି ସେଠାରେ ଯେପର୍ଯ୍ୟନ୍ତ ଇଚ୍ଛା ହୁଏ ସେପର୍ଯ୍ୟନ୍ତ ରହି ପୁନରାୟ ଚାଲିଯାଆନ୍ତି । ତାଙ୍କର ଭଗବତ୍ ଭକ୍ତି ଓ ନିର୍ଭରତା ଦିନକୁ ଦିନ ବୃଦ୍ଧି ହେଉଥାଏ ।

ଭକ୍ତମାନଙ୍କର ଭଗବତ୍ ଭକ୍ତି, ବିଶ୍ୱାସ ଓ ନିର୍ଭରତାରେ ଦୃଢ଼ ନିଷ୍ଠା ହେଲେ ବିରୋଧୀ ଶକ୍ତିମାନେ ଆକ୍ରମଣ ନ କରି ଛାଡ଼ନ୍ତି ନାହିଁ । ସୋଝାଜିଙ୍କ ପତ୍ନୀଙ୍କ ବୟସ ଅଧିକ ହୋଇ ନ ଥିଲା, ସେ ରୂପବତୀ, ସୁନ୍ଦରୀ ଥିଲେ । ଦୁହିଙ୍କର ଭଗବାନଙ୍କ ଉପରେ ଦୃଢ଼ ବିଶ୍ୱାସ ଥିବାରୁ ସେମାନେ କେବେ ବି କୌଣସି ପରିସ୍ଥିତିକୁ ଭୟ କରୁ ନ ଥିଲେ । ଦୁଷ୍ଟ ଲୋକମାନେ ସର୍ବଦା ମନ୍ଦ ଶକ୍ତିର ଯନ୍ତ୍ର ହୋଇ ମନ୍ଦ କର୍ମରେ ଲିପ୍ତଥାଆନ୍ତି । ସେମାନେ ସ୍ୱାର୍ଥ, ହିଂସା, ଲୋଭ, ମୋହାଦିର ଦାସ ହୋଇ ଅନ୍ୟର ଅନିଷ୍ଟ କର୍ମ କରି ନରକ ଯନ୍ତ୍ରଣା ଭୋଗୁଥାଆନ୍ତି । କେତେକ ଦୁଷ୍ଟ ଲୋକ ସୋଝାଜିଙ୍କ ପତ୍ନୀର ସୌନ୍ଦର୍ଯ୍ୟରେ ମୋହିତ ହୋଇ ଗୁପ୍ତରୂପେ ତାଙ୍କ ପଛରେ ଚାଲିଲେ । ନିର୍ଜନ ଏବଂ ଅରଣ୍ୟ ସ୍ଥାନ ଦେଖି ସୋଝାଜିଙ୍କୁ ବହୁ କଟୁବାକ୍ୟରେ ଗାଳିଦେଇ ତାଙ୍କ ସମ୍ମୁଖରେ ତାଙ୍କ ପତ୍ନୀଙ୍କୁ ଧରି ଜବରଦସ୍ତି ନେଇଗଲେ । ଏହା ଥିଲା ସୋଝାଜିଙ୍କ ପ୍ରଚଣ୍ଡ ପରୀକ୍ଷା । ବ୍ୟକ୍ତି ସବୁ ତ୍ୟାଗ କରିପାରେ, ସମସ୍ତ କର୍ମରେ ଭଗବାନଙ୍କ ଉପରେ ବିଶ୍ୱାସ ନିର୍ଭରତା ରଖିପାରେ । କିନ୍ତୁ ନିଜ ସମ୍ମୁଖରେ ଅବଳା ଅସହାୟା ନିଜ ପତ୍ନୀର ସତୀତ୍ୱ ନଷ୍ଟ କରିବା ଅବସ୍ଥାରେ ସେ ବିଚଳିତ ହୋଇ ସବୁ ଭୁଲିଯାଏ । ସୋଝାଜି ଏହି କଠିନ ପରୀକ୍ଷାରେ ବି ଉତ୍ତୀର୍ଣ୍ଣ ହୋଇଥିଲେ । ସେ ଟିକିଏ ମାତ୍ର ବିଚଳିତ ହେଲେ ନାହିଁ

କିଂବା ତାଙ୍କର ଭଗବାନଙ୍କ ନିର୍ଭରତାରେ ଟିକିଏ ମାତ୍ର ବ୍ୟତିକ୍ରମ ଘଟିଲା ନାହିଁ । ସେ ସ୍ୱଭାବତଃ ଭଗବତ୍ ନାମ ସ୍ମରଣ କରୁଥାଆନ୍ତି, ଭଗବତ୍ ରୂପ ଧ୍ୟାନରେ ନିମଗ୍ନ ରହିଥା'ନ୍ତି । ଭଗବାନଙ୍କ ଉପରେ ପୂର୍ଣ୍ଣ ନିର୍ଭରତା ତାଙ୍କର ରହିଥାଏ । ଭଗବାନ୍ ତାଙ୍କ ଆଶ୍ରିତକୁ ନିଶ୍ଚୟ ରକ୍ଷା କରିବେ – ଏଥିରେ ତାଙ୍କର ତିଳେ ହେଲେ ସନ୍ଦେହ ନ ଥାଏ ।

ଯିଏ ଭଗବାନଙ୍କ ଉପରେ ନିର୍ଭରତା ରଖେ ଭଗବାନ୍ ତା' ପାଖେ ପାଖେ ଛାୟା ସଦୃଶ ରହି ରକ୍ଷା କରନ୍ତି । ରାଜା ଅମ୍ବରୀଶଙ୍କୁ ରକ୍ଷା କରିବା ସକାଶେ ସୁଦର୍ଶନ ଚକ୍ର ଯେପରି ସବୁ ସମୟରେ ରହୁଥିଲା, ସେହିପରି ସୋଝାଜି ତଥା ତାଙ୍କ ପତ୍ନୀଙ୍କୁ ଶ୍ରୀହନୁମାନଜି ରକ୍ଷା କରୁଥିଲେ ।

ସୋଝାଜିଙ୍କ ନିକଟରୁ ତାଙ୍କ ପତ୍ନୀଙ୍କୁ ଦୁଷ୍ଟ ଲୋକମାନେ ନେଇଯିବା ସମୟରେ ସେ ନିଜ ରକ୍ଷା ସକାଶେ ଭଗବାନଙ୍କୁ ବ୍ୟାକୁଳ ହୋଇ ଅନ୍ତରରୁ ଡାକୁ ଥାଆନ୍ତି । ସେମାନେ ତାଙ୍କୁ ଅରଣ୍ୟ ମଧ୍ୟକୁ ନେଇ ତାଙ୍କ ସତୀତ୍ୱ ନଷ୍ଟ କରିବାକୁ ଉଦ୍ୟତ ହେବା ସମୟରେ ଗୋଟିଏ ଭୟଙ୍କର ଗର୍ଜ୍ଜନ ହେଲା । ସଙ୍ଗେ ସଙ୍ଗେ ମହାକାଳ ସଦୃଶ ଗୋଟିଏ ବିକରାଳ ରୂପରେ ସେମାନଙ୍କ ସମ୍ମୁଖରେ ଗଦା ହସ୍ତରେ ଧରି ଶ୍ରୀହନୁମାନଜି ପ୍ରକଟ ହୋଇଗଲେ । ତାଙ୍କ ଉଗ୍ର ବିକରାଳ ରୂପ ଦେଖିବା ମାତ୍ରେ ଦୁଷ୍ଟ ବ୍ୟକ୍ତିମାନେ ମୂର୍ଚ୍ଛିତ ହୋଇ ପଡ଼ିଗଲେ । କେତେକ ଦୁଷ୍ଟ ବ୍ୟକ୍ତିମାନେ ଶରୀର ବି ତ୍ୟାଗ କରିଦେଲେ । ଶ୍ରୀହନୁମାନଜି ଦୁଷ୍ଟଙ୍କ ସକାଶେ ଥିଲେ ମହାନ୍ କାଳ କରାଳ ଭୟଙ୍କର କିନ୍ତୁ ସତୀ ସକାଶେ ଥିଲେ ଦୟାକରୁଣାର ବିଗ୍ରହ ଭଗବତ୍ ଭକ୍ତମାନଙ୍କର ରକ୍ଷକ । ଶ୍ରୀହନୁମାନଜିଙ୍କର ଦର୍ଶନରେ ସତୀଙ୍କର ସମସ୍ତ ଶୋକତାପ ଦୂର ହୋଇଗଲା । ସେ ତୀବ୍ର ଆନନ୍ଦ ତଥା ଭଗବାନଙ୍କ ପ୍ରତି କୃତଜ୍ଞତା-ସମୁଦ୍ରରେ ଡୁବିଗଲେ । କିଛି ସମୟ ପରେ ସାବଧାନ ହୋଇ ହାତଯୋଡ଼ି ଶ୍ରୀହନୁମାନଜିଙ୍କୁ ପ୍ରଣାମ ତଥା ସ୍ତୁତି କଲେ । ଶ୍ରୀହନୁମାନଜି ଅତ୍ୟନ୍ତ ପ୍ରସନ୍ନ ହୋଇ ଆଶୀର୍ବାଦ ଦେଇ କହିଲେ – ଯିଏ ଭଗବାନଙ୍କ ଆଶ୍ରିତ ତାଙ୍କ ରକ୍ଷା ସକାଶେ ଭଗବାନ୍ ମୋତେ ନିଯୁକ୍ତ କରିଛନ୍ତି । ତୁମମାନଙ୍କର କୌଣସି ଭୟ ନାହିଁ । ଭଗବାନଙ୍କ ଆଦେଶରେ ତୁମମାନଙ୍କ ରକ୍ଷାରେ ମୁଁ ବରାବର ରହିଅଛି । ଏହା କହି ସତୀଙ୍କୁ ସାଙ୍ଗରେ ଆଣି ସୋଝାଜିଙ୍କ ପାଖରେ ପହଞ୍ଚାଇ ଦେଲେ ଏବଂ ସେହିଠାରେ ଅଦୃଶ୍ୟ ହୋଇଗଲେ । ଏହି ଘଟଣାରେ ସୋଝାଜିଙ୍କ ଭଗବାନଙ୍କ ପ୍ରତି ବିଶ୍ୱାସ ଦୃଢ଼ରୁ ଦୃଢ଼ତର ହେଲା । ଦୁହିଙ୍କ ଜୀବନ ଭଗବତ୍ ଭକ୍ତିମୟ ହୋଇଗଲା । ପ୍ରକୃତରେ ଦୁହିଙ୍କ ଜୀବନ ସାର୍ଥକ ହେଲା । ଦୁହେଁ ଭଗବତ୍ ଭକ୍ତି ଆନନ୍ଦରେ ନିମଗ୍ନ ରହି ଭଗବତ୍ ସ୍ମରଣରେ ବହୁତ ବର୍ଷ ବ୍ୟତୀତ କଲେ ।

ସୋଝାଜିଙ୍କର ପତ୍ନୀଙ୍କର ଭଗବାନଙ୍କ ପ୍ରତ୍ୟକ୍ଷ ରକ୍ଷା ଦେଖିବା ଦିନଠାରୁ ତାଙ୍କର ଭଗବତ୍ ବିଶ୍ୱାସ ଉତ୍ତରୋତ୍ତର ବୃଦ୍ଧି ହେଉଥିଲା । କିନ୍ତୁ ସେ ଥିଲେ ମାଆ । ଦଶମାସର ଶିଶୁକୁ ଭଗବାନଙ୍କ ଚରଣରେ ସମର୍ପଣ କରିଆସିଥିଲେ । ଭଗବାନ୍ ନିଶ୍ଚୟ ରକ୍ଷା କରିଥିବେ – ଏଥିରେ ତାଙ୍କର ଦୃଢ଼ ବିଶ୍ୱାସ ଥିଲା । କିନ୍ତୁ ସମୟ ସମୟରେ ଶିଶୁକଥା ମନେ ପଡୁଥିଲା । ବହୁ ବର୍ଷ ପରେ ଦିନେ ଭଗବତ୍ ଅର୍ପିତ ଶିଶୁର ଖବର ଜାଣିବା ସକାଶେ ତାଙ୍କର ଇଚ୍ଛା ପତିଙ୍କ ପାଖରେ ପ୍ରଘଟ କଲେ । ଏବଂ ଉଭୟ ତାଙ୍କ ଜନ୍ମସ୍ଥାନକୁ ଯାତ୍ରା କଲେ ।

ଖରାଦିନ । ଦୁଇ ପ୍ରହର ସମୟ । ସେହି ଗ୍ରାମ ନିକଟ ଗୋଟିଏ ବଗିଚାରେ ପହଞ୍ଚିଲେ ଏବଂ ଗୋଟିଏ ଗଛ ମୂଳରେ ବସିଲେ । ବୃଦ୍ଧ ସଜ୍ଜ ଦମ୍ପତିଙ୍କୁ ଦେଖି ବଗିଚାର ମାଳୀ ଆସି ପ୍ରଣାମ କଲା । ସୋଝାଜି ଏବଂ ତାଙ୍କ ପତ୍ନୀ ବହୁତ ବର୍ଷ ପରେ ଆସିଥିବାରୁ ସେମାନଙ୍କ ଶରୀର ବହୁତ ପରିବର୍ତ୍ତିତ ହୋଇ ଯାଇଥିଲା । ସେମାନଙ୍କୁ ଚିହ୍ନିବା ସମ୍ଭବ ନ ଥିଲା । ସୋଝାଜି ମାଳୀକୁ ପଚାରିଲେ, ''ଏ ବଗିଚା କାହାର ?'' ମାଳୀ ଉତ୍ତର ଦେଲା, ''ବହୁ ବର୍ଷ ପୂର୍ବେ ଏହି ଗ୍ରାମରେ ସୋଝାଜି ନାମରେ ଜଣେ ସଜ୍ଜସେବୀ ଭକ୍ତ ଥିଲେ । ତାଙ୍କର ବୈରାଗ୍ୟ ହେବାରୁ ସେ କାହାକୁ ନ କହି ରାତ୍ରି ପାହିବା ପୂର୍ବରୁ ନିଜ ପତ୍ନୀ ଏବଂ ଦଶମାସର ଶିଶୁ ପୁତ୍ରକୁ ନେଇ ଘରଦ୍ୱାର ଛାଡ଼ି ସନ୍ନ୍ୟାସୀ ହୋଇ ଚାଲିଗଲେ । ଭୋର ହେବାରୁ ତାଙ୍କ କୁଟୁମ୍ବମାନେ ତାଙ୍କ ଘରେ ତାଙ୍କୁ ନ ଦେଖି ତାଙ୍କୁ ଖୋଜିବାକୁ ଚାରିଆଡ଼େ ଚାଲିଗଲେ । କିଛି ଦୂରରେ ଗୋଟିଏ ଗଛ ମୂଳରେ ତାଙ୍କର ଦଶମାସର ଶିଶୁପୁତ୍ର ଶୋଇଥିବା ଦେଖି ତାକୁ ସେମାନେ ନେଇଆସିଲେ କିନ୍ତୁ ପତିପତ୍ନୀଙ୍କର କୌଣସି ସନ୍ଧାନ ପାଇଲେ ନାହିଁ । ଏହି ରାଜ୍ୟର ରାଜାଙ୍କର ପୁତ୍ର ନ ଥିଲା । ସେ ଏ ଖବର ପାଇ ସ୍ୱୟଂ

ଆସି ସୋଝାଜିଙ୍କ କୁଟୁମ୍ବମାନଙ୍କ ପାଖରୁ ତାଙ୍କ ପୁଅକୁ ନେଇ ପୁତ୍ରରୂପେ ଲାଳନପାଳନ କଲେ । ରାଜା ଭାବିଲେ, 'ସୋଝାଜି ଯେପରି ସଜ୍ଜନ, ଭଗବତ୍ ଭକ୍ତ, ସତ୍ୟବାଦୀ, ନ୍ୟାୟପରାୟଣ ବ୍ୟକ୍ତି, ତାଙ୍କ ପୁତ୍ର ରାଜ୍ୟର ଅଧିକାରୀ ହେବା ଯୋଗ୍ୟ । ସେ ତାଙ୍କୁ ପଢ଼େଇ ଯୋଗ୍ୟ କରି ରାଜଗାଦି ଦେଇ କିଛି ଦିନ ପୂର୍ବେ ଶରୀର ତ୍ୟାଗ କଲେ । ଏହି ବଗିଚା ସୋଝାଜିଙ୍କ ପୁତ୍ର-ରାଜାଙ୍କର ।''

ଏହି ଘଟଣା ଶ୍ରବଣ କରି ଉଭୟେ ଭଗବତ୍ ଦିବ୍ୟାନନ୍ଦରେ ବିଭୋର ହୋଇଗଲେ । ତାଙ୍କର ଭଗବାନଙ୍କ ପ୍ରତି ବିଶ୍ୱାସ ଆହୁରି ଦୃଢ଼ ହେଲା । ଜୀବନ ଥିବା ପର୍ଯ୍ୟନ୍ତ ଭଗବତ୍ ଭକ୍ତିରେ ନିମଗ୍ନ ରହି ଉପଯୁକ୍ତ ସମୟରେ ଶରୀର ତ୍ୟାଗ କରି ଭଗବତ୍ ପ୍ରାପ୍ତ ହେଲେ । ତାଙ୍କ ପୁଅ ସହିତ ପରିଚୟ ହେଲା କି ନାହିଁ ତା'ର କୌଣସି ଉଲ୍ଲେଖ ହୋଇ ନାହିଁ ।

ବୋଲ ଭକ୍ତ ଏବଂ ଭଗବାନଙ୍କର ଜୟ ।

ଭକ୍ତ ସୁଦାମା

ସୁଦାମା ଥିଲେ ଶ୍ରୀକୃଷ୍ଣଙ୍କ ସଖା । ଦ୍ୱାପର ଯୁଗରେ ଭଗବାନ୍ ଶ୍ରୀକୃଷ୍ଣ ଅବତାର ନେଇ ଗୋପଲୀଳା ସମାପ୍ତ କରି କଂସକୁ ମାରିବା ପରେ ମଥୁରାରେ ନିବାସ କଲେ । ସେହି ସମୟରେ ଅବନ୍ତି ନଗରର ସନ୍ଦୀପନୀ ଋଷିଙ୍କ ଆଶ୍ରମରେ ବିଦ୍ୟାଧ୍ୟୟନ କରିବା ସକାଶେ ଶ୍ରୀକୃଷ୍ଣ ସେଠାକୁ ଯାଇଥିଲେ । ସେହି ସନ୍ଦୀପନୀ ମୁନିଙ୍କ ଆଶ୍ରମରେ ଦରିଦ୍ର ବ୍ରାହ୍ମଣ ସୁଦାମା ବିଦ୍ୟାର୍ଥୀରୂପେ ରହି ବିଦ୍ୟାଧ୍ୟୟନ କରୁଥିଲେ ।

ଶ୍ରୀକୃଷ୍ଣଙ୍କ ମୋହିନୀ ମୂର୍ତ୍ତିଙ୍କ ଦର୍ଶନରେ ପଶୁ ପକ୍ଷୀ ମୋହିତ ହୋଇ ଯାଆନ୍ତି । ସେମାନଙ୍କର ଶରୀର ସୁଧୀ ରହେ ନାହିଁ । ବିଚରା ସୁଦାମାଙ୍କର କାହାଣୀ ବା କେତେ ! ସେ ଶ୍ରୀକୃଷ୍ଣଙ୍କୁ ଦେଖିବା ମାତ୍ରେ ରୂପଗୁଣରେ ମୁଗ୍ଧ ହୋଇଗଲେ । ଶ୍ରୀକୃଷ୍ଣ ତ ଚିତ୍ତ ଚୋର । ତାଙ୍କର କୃପା ଦୃଷ୍ଟି ଥରେ ଯାହା ଉପରେ ପଡ଼େ ସେ ଚିରଦିନ ସକାଶେ ବିକି ହୋଇଯାଏ । ତାଙ୍କ କୃପାପାଶରୁ ମୁକ୍ତ ହେବାର ଆଉ ଉପାୟ ନ ଥାଏ । ଦରିଦ୍ର ସୁଦାମା ସେଥିରୁ ମୁକ୍ତ ହୁଅନ୍ତେ କିପରି ! ଗୁରୁଙ୍କ ସେବା ସକାଶେ ଜଙ୍ଗଲକୁ କାଠ ଆଣିବା ପାଇଁ ସେ ଶ୍ରୀକୃଷ୍ଣଙ୍କ ସଙ୍ଗେ ଯାଆନ୍ତି, ତାଙ୍କ ସଙ୍ଗେ ପଢ଼ନ୍ତି, ତାଙ୍କ ସଙ୍ଗେ ଖେଳନ୍ତି, ସ୍ନାନ, ଭୋଜନ, ଶୟନ ସବୁ ଶ୍ରୀକୃଷ୍ଣଙ୍କ ସଙ୍ଗେ କରନ୍ତି । ଶ୍ରୀକୃଷ୍ଣଙ୍କୁ ଛାଡ଼ି ଏକ କ୍ଷଣ ଏକା ରହିପାରନ୍ତି ନାହିଁ । ଶ୍ରୀକୃଷ୍ଣଙ୍କ ମନୋମୁଗ୍ଧକାରୀ ବାଣୀ ଶୁଣି ପ୍ରେମରେ ଗଦ୍‌ଗଦ ହୋଇ ଯାଆନ୍ତି । ଶ୍ରୀକୃଷ୍ଣ ସୁଦାମାଙ୍କର ପ୍ରାଣରୁ ଅଧିକ ପ୍ରିୟ ଥିଲେ । କିନ୍ତୁ ଏହି ସୌଭାଗ୍ୟ ବହୁତ ଦିନ ରହିଲା ନାହିଁ । ଶ୍ରୀକୃଷ୍ଣ ଅଳ୍ପଦିନ ମଧ୍ୟରେ ଶାସ୍ତ୍ର, ପୁରାଣ, ବେଦ, ଉପନିଷଦ୍, ରାଜନୀତି ଇତ୍ୟାଦି ବିଦ୍ୟା ଅଧ୍ୟୟନ ଶେଷ କରି ଗୁରୁଗୃହରୁ ବିଦାୟ ନେଇ ନିଜ ଗୃହକୁ ଫେରି ଆସିଲେ । ଆସିବା ସମୟରେ ସଖା ସୁଦାମାଙ୍କୁ ବହୁତ ବୁଝେଇ ସାନ୍ତ୍ୱନା ଦେଲେ । ସୁଦାମା ବିରସ ହୋଇ ଗୁରୁଗୃହରେ ପଢ଼ା ଶେଷ ପର୍ଯ୍ୟନ୍ତ ରହିଲେ । ମାତ୍ର ତାଙ୍କ ମନଭ୍ରମର ଶ୍ରୀକୃଷ୍ଣଙ୍କ ଚରଣକମଳରୁ ଏକ କ୍ଷଣ ବି ପୃଥକ୍ ହେଲା ନାହିଁ । ଜାଗ୍ରତ୍, ସ୍ୱପ୍ନ, ସୁଷୁପ୍ତି, ସବୁ ସମୟରେ ଶ୍ରୀକୃଷ୍ଣଙ୍କ ମୋହିନୀମୂରତୀର ଧ୍ୟାନରେ ମଜ୍ଜି ତାଙ୍କ ନାମଜପ କରି ତାଙ୍କ ଲୀଳା ସ୍ମରଣରେ ସେ ନିମଗ୍ନ ରହୁଥିଲେ ।

ସୁଦାମାଙ୍କର ବିଦ୍ୟାଧ୍ୟୟନ ଶେଷ ହେବା ପରେ ଘରକୁ ଫେରି ଆସିଲେ । ସମାଜପ୍ରଥା ଅନୁସାରେ ତାଙ୍କ ପିତାମାତା ତାଙ୍କୁ ବିବାହ କରିଦେଇ ଇହଲୀଳା ସମ୍ବରଣ କଲେ । ସୁଦାମା ଯଦ୍ୟପି ବିବାହ କଲେ ତଥାପି ତାଙ୍କ ମନ ବିଷୟରେ ଆସକ୍ତ ନ ହୋଇ ଶ୍ରୀକୃଷ୍ଣଙ୍କ ଭଜନରେ ବୁଡ଼ି ରହିଲା । ତାଙ୍କ ସହଧର୍ମିଣୀ ମଧ୍ୟ ପୂର୍ବ ଜନ୍ମର ସଂସ୍କାର ଏବଂ ସୁଦାମାଙ୍କ ଭଗବତ୍ ଭକ୍ତି ପ୍ରଭାବରୁ ଭଗବତ୍ ଭଜନରେ ନିମଗ୍ନ ରହିଲେ । ସୁଦାମା ବାରଂବାର ସଖା ଶ୍ରୀକୃଷ୍ଣଙ୍କ ଲୀଳା ତଥା ଚରିତ ବର୍ଣ୍ଣନା କରି ଆନନ୍ଦରେ ବିଭୋର ହୋଇ ଯାଆନ୍ତି । ତାଙ୍କ ସହଧର୍ମିଣୀ ମଧ୍ୟ ଭଗବତ୍ ଚରିତ ଯେତେ ଶୁଣନ୍ତି ତେତେ ଅଧିକ ଶୁଣିବାକୁ ଆଗ୍ରହୀ ହୁଅନ୍ତି ।

ପତିପତ୍ନୀ ଉଭୟେ ଭଗବତ୍ ଭକ୍ତିରେ ବିଲୀନ ରହିବା ଯୋଗୁଁ ସେମାନଙ୍କର ସଂସାରର ଭୋଗଐଶ୍ୱର୍ଯ୍ୟ ପ୍ରତି ଲାଳସା ରହିଲା ନାହିଁ । ସେ ସକାଶେ ସେମାନେ ଅନ୍ୟ କୌଣସି ଉପାୟ ନ କରି କେବଳ ଭିକ୍ଷାରେହିଁ ଜୀବିକା ନିର୍ବାହ କଲେ ଏବଂ ଭଗବତ୍ ଭଜନରେ ନିମଗ୍ନ ରହିଲେ । ସାଧାରଣତଃ ଅଳ୍ପ ବୟସରେ ମହିଳାମାନଙ୍କର ଭଲ ଲୁଗା, ଭଲ ଗହଣା ଓ ଭଲ ଘର ପ୍ରତି ଆସକ୍ତି ଥାଏ । ତାହା ପ୍ରାପ୍ତ ନ ହେଲେ ପତି ପ୍ରତି ବିଦ୍ରୋହ ଭାବ ଆସେ । କିନ୍ତୁ ସୁଦାମାଙ୍କ ଧର୍ମପତ୍ନୀଙ୍କର ସ୍ୱଭାବ ଥିଲା ସଂପୂର୍ଣ୍ଣ ବିପରୀତ । ରହିବାର ଘର ଥିଲା କୁଡ଼ିଆ । ପିନ୍ଧିବାର ବସ୍ତ୍ର ଦୁଇଖଣ୍ଡରୁ ଅଧିକ ନ ଥିଲା । ଭୋଜନ ଥିଲା ଭିକ୍ଷାନ୍ନ । ସେଥିରେ ସେ ସନ୍ତୋଷ ଓ ପ୍ରସନ୍ନ ରହି ଭଗବତ୍ ଭଜନରେ ନିମଗ୍ନ ରହୁଥିଲେ ତଥା ମନ, ପ୍ରାଣ, ବଚନରେ ପତିସେବା କରୁଥିଲେ ଏବଂ ପତିଙ୍କ ଆଜ୍ଞା ପାଳନ କରି ଆନନ୍ଦରେ ଡୁବି ରହୁଥିଲେ । ପତ୍ନୀ ପତିଭକ୍ତା ହେବାରୁ ସୁଦାମାଜିଙ୍କର ଆଉ କୌଣସି ସମସ୍ୟା ରହିଲା ନାହିଁ, ପତିପତ୍ନୀ ଦରିଦ୍ର ଅବସ୍ଥାରେ ବି ଆନନ୍ଦରେ ରହିଲେ । ଉଭୟେ ଭଗବତ୍ ଭକ୍ତ ଥିବାରୁ ସାଧାରଣ ଗୃହସ୍ଥ ସଦୃଶ ସନ୍ତାନ ଲାଳସା ନ ଥିଲା । ସେହି କାରଣରୁ ସନ୍ତାନ ମଧ୍ୟ ହେଲେ ନାହିଁ । ଏହିପରି ବହୁତ ବର୍ଷ ଆନନ୍ଦରେ ବ୍ୟତୀତ ହେଲା ।

ଶ୍ରୀକୃଷ୍ଣ ଲୀଳାମୟ । ସେ ଭକ୍ତ ସଙ୍ଗେ ସଙ୍ଗେ ରହି ନାନା ପ୍ରକାରେ ଭକ୍ତକୁ ଆନନ୍ଦ ଦିଅନ୍ତି । ଭକ୍ତ ସଙ୍ଗେ ଲୀଳା କରନ୍ତି, ଖେଳା କରନ୍ତି । ଭକ୍ତ ସୁଦାମାକୁ ସେ ଐଶ୍ୱର୍ଯ୍ୟପୂର୍ଣ୍ଣ ଅବସ୍ଥାରେ ଦେଖିବାକୁ ଚାହିଁଲେ । ପତିପତ୍ନୀ ଉଭୟଙ୍କର କେବେ ବି ଧନଲାଳସା ନ ଥିବା ସତ୍ତ୍ୱେ ଶ୍ରୀକୃଷ୍ଣଙ୍କ ପ୍ରେରଣାରେ ତାଙ୍କ ସତୀ ସାଧ୍ୱୀ ପତିପରାୟଣା ପତ୍ନୀ ସୁଦାମାଙ୍କୁ ଶାନ୍ତ ନମ୍ର ସ୍ୱରରେ ନିବେଦନ କଲେ, ''ନାଥ, ତୁମେ ଗୁରୁକୂଳରେ ବିଦ୍ୟାଧ୍ୟୟନ କରିବା ସମୟରେ ଶ୍ରୀକୃଷ୍ଣ ତୁମର ସଖା ଏବଂ ପ୍ରାଣପ୍ରିୟ ମିତ୍ର ଥିଲେ । ତାଙ୍କ ଗୁଣଗାନରେ ତୁମର ହୃଦୟ ଆନନ୍ଦରେ ଉଛୁଳି ପଡୁଛି । ସେ ଆଜି ଦ୍ୱାରିକାର ଅଧୀଶ୍ୱର । ତାଙ୍କ ଐଶ୍ୱର୍ଯ୍ୟର ପାରାବାର ନାହିଁ । ତୁମ ପ୍ରାଣପ୍ରିୟ ସଖା ଏତେ ଐଶ୍ୱର୍ଯ୍ୟଶାଳୀ ହୋଇ ତୁମେ ଦରିଦ୍ର; ଥରେ ତାଙ୍କୁ ଭେଟ ହେଲେ ତୁମର ଏହି ଦରିଦ୍ରତା ରହନ୍ତା ନାହିଁ । ଫେର୍ ତୁମର ପ୍ରାଣର ପ୍ରିୟ ସଖାଙ୍କ ରୂପଗୁଣ ଗାନରେ ତୁମେ ଏତେ ମୁଗ୍ଧ ହେଉଛ; ତାଙ୍କ ଦର୍ଶନରେ କିପରି ପରମାନନ୍ଦ ପ୍ରାପ୍ତ ହେବ ତାହା ଭାଷାର ଅଗମ୍ୟ । ଏପରି ସଖାଙ୍କ ଦର୍ଶନ କରିବା କ'ଣ ଉଚିତ ନୁହେଁ ?''

ସୁଦାମା ପତ୍ନୀଙ୍କ ଆନ୍ତରିକ ନମ୍ର ନିବେଦନ ଶୁଣି କହିଲେ, ''ପ୍ରିୟେ ମୁଁ ଦେଖି ଆସୁଛି ତୁମେ ସର୍ବଦା, ସର୍ବାବସ୍ଥାରେ ସନ୍ତୋଷୀ । ତୁମର ଅଭାବବୋଧ କେବେ ବି ନ ଥିଲା । ଆଜି ହଠାତ୍ ଏପରି ଧନପ୍ରାପ୍ତିର କାମନା କିପରି ଉତ୍ପନ୍ନ ହେଲା ? ଭଗବତ୍ ଭକ୍ତି ଆନନ୍ଦ ତୁଳନାରେ ଇନ୍ଦ୍ର, ଚନ୍ଦ୍ରପଦ ଅଧିକାର ତୁଚ୍ଛ ଏବଂ ନୀରସ ତଥା ନିରର୍ଥକ । କୌଣସି ପ୍ରକାର କାମନା ଭଗବତ୍ ଭକ୍ତିର ମହାନ୍ ବାଧକ ।'' ସୁଦାମାଙ୍କ ଧର୍ମପତ୍ନୀ ଉତ୍ତର ଦେଲେ, ''ନାଥେ, ମୁଁ ମଧ୍ୟ ଆଶ୍ଚର୍ଯ୍ୟ ହେଉଛି । ମୁଁ କେବେ ବି ଧନ ଚାହିଁ ନ ଥିଲି । କିନ୍ତୁ ଆଜି ଆମର ପ୍ରାଣପ୍ରିୟ ଶ୍ରୀକୃଷ୍ଣଙ୍କଠାରୁ ଧନ ପାଇବା କାମନା ହେବା ଦେଖି ମୁଁ ବି ବିସ୍ମିତ ହେଉଛି । ଏହି କାମନାକୁ ମୁଁ ଛାଡ଼ି ପାରୁ ନାହିଁ ।'' ଏକଥା ଶୁଣି ସୁଦାମା କିଛି ସମୟ ନୀରବ ରହି ଶ୍ରୀକୃଷ୍ଣଙ୍କ ନାମଜପ କରି ତାଙ୍କ ଧ୍ୟାନରେ ଡୁବିଗଲେ । କହିଲେ, ''ପ୍ରିୟେ ଏହା ଭଗବାନଙ୍କ ପ୍ରେରଣା, ସେହି ସକାଶେ ତୁମ ମନରେ ଧନର କାମନା ଉତ୍ପନ୍ନ ହେଲା । ଭଗବାନ୍ ଶ୍ରୀକୃଷ୍ଣ ଦର୍ଶନ ଦେବାକୁ ଡାକିଛନ୍ତି । ମୁଁ ନିଶ୍ଚୟ ଯିବି । ତେବେ ଏତେଦିନ ପରେ ସଖାଙ୍କୁ ଭେଟିବି, ସେ ଦ୍ୱାରିକାର ରାଜା... ତଥାପି ମୋର ସଖା । ତାଙ୍କ ସକାଶେ କିଛି ଭେଟି ନେଇଯିବା ଉଚିତ ।'' ପତ୍ନୀ ଉତ୍ତର ଦେଲେ, ''ଶ୍ରୀକୃଷ୍ଣ ରାଜାଧିରାଜଙ୍କୁ ଭେଟି ଦେବା ସକାଶେ ଆମର କ'ଣ ଅଛି ? ମୁଠାଏ ଚୁଡ଼ା ଅଛି । ଏତେ ସାଧାରଣ ଭେଟି କ'ଣ ରାଜାଧିରାଜଙ୍କୁ ଦେଇପାରିବ ? ସୁଦାମା କହିଲେ, ''ସେ ରାଜାଧିରାଜ, କିନ୍ତୁ ମୋର ପିଲାଦିନର ସଖା । ସେ କ'ଣ ଆମ ଦରିଦ୍ରତା ଜାଣନ୍ତି ନାହିଁ ।'' ପତ୍ନୀ ଏହାଶୁଣି ଗୋଟିଏ, ପରିଷ୍କାର ଶୁଦ୍ଧ ଛିଣ୍ଡା କନାଟିରେ ଦୁଇରୁ ତିନି ମୁଠା ଚୁଡ଼ା ବାନ୍ଧି ପତିଙ୍କୁ ନେଇ ଦେଲେ । ସୁଦାମା ଚୁଡ଼ା ଗଣ୍ଠିଲିଟିକୁ କାଖରେ ଜାକି ଦ୍ୱାରିକା ଅଭିମୁଖେ ଯାତ୍ରା ଆରମ୍ଭ କରିଦେଲେ ।

ସୁଦାମା ରାସ୍ତା ଚାଲୁଥା'ନ୍ତି । କିନ୍ତୁ ରାସ୍ତା ଚାଲିବାରେ ଦୁଃଖ ନ ଥାଏ । ଖରା, ବର୍ଷା କ୍ଷୁଧା ତୃଷ୍ଣାର ଧାରଣା ନ ଥାଏ । 'ଭଗବାନ୍ ଶ୍ରୀକୃଷ୍ଣଙ୍କ ଦର୍ଶନ ହେବ' ଏହି ଆନନ୍ଦରେ ବିଭୋର । ଏହି ଅବସ୍ଥାରେ ଯାଇ ଦ୍ୱାରିକା ନଗରୀରେ ପହଞ୍ଚିଲେ । ତାଙ୍କ ଜୀବନରେ କେବେ ସ୍ୱପ୍ନରେ ବି ଏପରି ଐଶ୍ୱର୍ଯ୍ୟପୂର୍ଣ୍ଣ ନଗରୀ ସେ ଦେଖି ନ ଥିଲେ । ସମସ୍ତ ଗୃହ ଆକାଶଚୁମ୍ବୀ । ମଣିମାଣିକ୍ୟ ସାଜସଜ୍ଜାରେ ପୂର୍ଣ୍ଣ । ରାସ୍ତା ଘାଟ ପରିଷ୍କାର-ପରିଚ୍ଛନ୍ନ, ଦେବମନ୍ଦିର ସଦୃଶ ଶୁଦ୍ଧ, ପବିତ୍ର । ନଗରର ସୌନ୍ଦର୍ଯ୍ୟ ଦେଖି ବିଶ୍ୱକର୍ମା ମୋହିତ ହୋଇଯିବେ । ନଗରର ଶୋଭା ତୁଳନାରେ ସ୍ୱର୍ଗ ତୁଚ୍ଛ । ନଗରର ନରନାରୀଙ୍କ ରୂପଗୁଣରେ ରତି, କାମଦେବ ଲଜ୍ଜିତ । ଏହି ଅଲୌକିକ ନଗର ଦର୍ଶନ କରି ସୁଦାମା ଆଶ୍ଚର୍ଯ୍ୟ ହୋଇ ଥକ୍କା ହୋଇ ଛିଡ଼ା ହେଲେ । ତାଙ୍କ ପାଦ ଉଠିଲା ନାହିଁ । ସେ ବିସ୍ମିତ ହୋଇ ଭାବିଲେ, ''ମୁଁ ସ୍ୱପ୍ନତ ଦେଖୁ ନାହିଁ ? ନାହିଁ, ନାହିଁ, ସ୍ୱପ୍ନ ନୁହେଁ; ମୁଁ ଜାଗ୍ରତ୍ ଅବସ୍ଥାରେ ଛିଡ଼ା ହୋଇଛି । ଏପରି ଐଶ୍ୱର୍ଯ୍ୟପୂର୍ଣ୍ଣ ଅଲୌକିକ ଶୋଭାଯୁକ୍ତ ପୁରୀ ମର୍ତ୍ତ୍ୟରେ ଅଛି ? ଏହିପରି ଆଶ୍ଚର୍ଯ୍ୟ ହୋଇ ଭାବିବାପରେ ତାଙ୍କ ହୃଦୟରୁ ବାଣୀ ଆସିଲା, ଏହି ପୁରୀ ସମଗ୍ର ବ୍ରହ୍ମାଣ୍ଡର କର୍ତ୍ତା ପରାତ୍ପର ପୁରୁଷୋତ୍ତମ ଭଗବାନ୍ ଶ୍ରୀକୃଷ୍ଣଙ୍କର, ଯାହାଙ୍କ ଭୃକୁଟୀ ବିକାଶରେ କୋଟି କୋଟି ବ୍ରହ୍ମାଣ୍ଡ ଜାତ ହୁଏ ଏବଂ ନାଶ ହୁଏ । ତାଙ୍କ ସକାଶେ ଏହି ବୈଭବ ବା କ'ଣ ?'' ଏହିପରି ଆନନ୍ଦ ବିସ୍ମୟରେ ସେ ଅଗ୍ରସର ହେଲେ । କିଛି ଦୂର ଯିବାପରେ ଜଣେ ବ୍ୟକ୍ତିଙ୍କ ନିର୍ଦ୍ଦେଶରେ ସେ ଶ୍ରୀକୃଷ୍ଣଙ୍କ ଦିବ୍ୟମହଲ ସିଂହଦ୍ୱାରରେ ଉପସ୍ଥିତ ହେଲେ ।

ପ୍ରଥମରେ ତ ଦ୍ୱାରିକାପୁରୀର ବୈଭବ ତଥା ସୌନ୍ଦର୍ଯ୍ୟରେ ବିସ୍ମିତ ହୋଇ ପଡ଼ିଥିଲେ । କିନ୍ତୁ ସ୍ୱୟଂ ଶ୍ରୀକୃଷ୍ଣଙ୍କ ରାଜଭବନ ଦର୍ଶନରେ ଏକେବାରେ ଆଶ୍ଚର୍ଯ୍ୟ ହୋଇ ପଡ଼ିଲେ । ଯେଉଁ ସ୍ଥାନରେ ଦୃଷ୍ଟି ପଡୁଥିଲା ସେହି ସ୍ଥାନରେ ଅଟକି ଯାଉଥିଲା । ସବୁ ଥିଲା ଅଲୌକିକ ଶୋଭା, ଐଶ୍ୱର୍ଯ୍ୟ, ବୈଭବରେ ପୂର୍ଣ୍ଣ । ଏହିପରି କିଛି ସମୟ ବ୍ୟତୀତ ହେବାପରେ ସିଂହଦ୍ୱାରର ରକ୍ଷକ ପାଖରେ ପହଞ୍ଚିଲେ । କିଛି କହିବାକୁ ସାହସ ହେଉ ନ ଥିଲା । କିନ୍ତୁ ସୁଦାମାଙ୍କ ବେଶ ଦରିଦ୍ରତାର ସୂଚନା ଦେଉଥିବା ସତ୍ତ୍ୱେ ବ୍ରାହ୍ମଣ ଜାଣି ଦ୍ୱାରପାଳ ପ୍ରଣାମ କରି ପଚାରିଲେ, ''ବିପ୍ରବର ଆପଣ କେଉଁ ସକାଶେ ଏଠାକୁ ଆସିଲେ ?'' ସୁଦାମା ଧୀର ସ୍ୱରରେ ଉତ୍ତର ଦେଲେ, ''ମୋ ନାମ ସୁଦାମା, ଶ୍ରୀକୃଷ୍ଣ ମୋର ବାଲ୍ୟ ସଖା । ମୁଁ ତାଙ୍କ ଦର୍ଶନ ସକାଶେ ଆସିଅଛି ।'' ଏହା ଶୁଣିବାମାତ୍ରେ ଜଣେ ଦ୍ୱାରପାଳ ଶ୍ରୀକୃଷ୍ଣଙ୍କ ମହଲକୁ ଯାଇ ଭୂମିରେ ମସ୍ତକ ଲଗାଇ ପ୍ରଣାମ କରି କହିଲେ, ''ପ୍ରଭୁ, ଜଣେ ଦରିଦ୍ର ବ୍ୟକ୍ତି ସାଧାରଣ ଖଣ୍ଡିଏ ମାତ୍ର ବସ୍ତ୍ର ପରିଧାନ କରିଅଛନ୍ତି । କାନ୍ଧରେ ମାତ୍ର ଖଣ୍ଡିଏ ଗାମୁଛା । ତାଙ୍କ ନାମ ସୁଦାମା । ପ୍ରଭୁଙ୍କର ବାଲ୍ୟ ସଖା ବୋଲି କହୁଛନ୍ତି । ସେ ପ୍ରଭୁଙ୍କ ଦର୍ଶନ ଚାହାନ୍ତି ।'' ଶ୍ରୀକୃଷ୍ଣ ଶୁଣିବାମାତ୍ରେ ଯେଉଁ ଅବସ୍ଥାରେ ବସିଥିଲେ ସେହି ଅବସ୍ଥାରୁ ଉଠି ଦୌଡ଼ିଗଲେ । ରୁକ୍ମିଣୀ ତଥା ଅନ୍ୟ ପାଟରାଣୀମାନେ ଆଶ୍ଚର୍ଯ୍ୟ ହୋଇ ଏକ ଦୃଷ୍ଟିରେ ଦେଖୁଥାଆନ୍ତି । ଶ୍ରୀକୃଷ୍ଣ ଦୌଡ଼ି ଯାଇ ସୁଦାମାଙ୍କ ପାଖରେ ପହଞ୍ଚି ତାଙ୍କୁ ହୃଦୟରେ ଲଗାଇ ଦେଲେ । ତାଙ୍କ ଦୁଇ ନେତ୍ରରୁ ପ୍ରେମାଶ୍ରୁ ବହିବାକୁ ଲାଗିଲା । ଯେଉଁ ତ୍ରିଭୁବନନାଥଙ୍କ ନାମ ସ୍ମରଣ କରି ତାଙ୍କ ଧ୍ୟାନରେ ଭକ୍ତ ପରମାନନ୍ଦ ସମୁଦ୍ରରେ ଡୁବିରହନ୍ତି ସେହି ଅଖିଳେଶ୍ୱରଙ୍କ ସ୍ପର୍ଶ ଓ ପ୍ରେମାଲିଙ୍ଗନରେ ସୁଦାମାଙ୍କ ଦଶା କ'ଣ ହୋଇଥିବ ପାଠକେ ଅନୁମାନ କରିପାରିବେ । ସୁଦାମାଙ୍କ ଦୁଇ ନେତ୍ରରୁ ବର୍ଷାଧାର ସଦୃଶ ପ୍ରେମାଶ୍ରୁ ବର୍ଷା ହେଲା, ଶ୍ରୀକୃଷ୍ଣଙ୍କ ପ୍ରେମରେ ତାଙ୍କର ନିଜ ଶରୀରର ସୁଧୀ-ବୁଦ୍ଧି ରହିଲା ନାହିଁ । ସେ ଏକେବାରେ ପ୍ରେମାନନ୍ଦ ସମୁଦ୍ରରେ ଡୁବିଗଲେ । ସୁଦାମାଙ୍କର ସେହି ପ୍ରେମବିଭୋର ଅବସ୍ଥାରେ ଶ୍ରୀକୃଷ୍ଣ ନିଜ ପୁରକୁ ଘେନି ଆସି ନିଜ ଆସନରେ ବସେଇ ଦେଲେ ଏବଂ ସ୍ୱୟଂ ସୁଦାମାଙ୍କ ଚରଣ ପ୍ରକ୍ଷାଳନ କଲେ । ରୁକ୍ମିଣୀ ଏହି ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇ ଶ୍ରୀକୃଷ୍ଣଙ୍କ ସଙ୍ଗେ ନିଜେ ମଧ୍ୟ ସୁଦାମାଙ୍କ ଚରଣ ଧୋଇ ନିଜ ପଣତରେ ସୁଦାମାଙ୍କ ଗୋଡ଼ ପୋଛି ଦେଲେ । ସୁଦାମା ଶ୍ରୀକୃଷ୍ଣପ୍ରେମରେ ବିଭୋର ଥିବାରୁ ଏହି କାର୍ଯ୍ୟ ନ କରିବା ସକାଶେ ତାଙ୍କୁ ବାରଣ କରିବାର ଶକ୍ତି ନ ଥିଲା । ଯେଉଁ ଶ୍ରୀକୃଷ୍ଣ ଅବାଙ୍‌ମାନସଗୋଚର, ଯାହାଙ୍କୁ ବେଦ ନେତି ନେତି କହିଅଛି, ମୁନିଋଷିମାନେ ଜନ୍ମ ଜନ୍ମ ତପସ୍ୟା କରି ଯାହାଙ୍କୁ ଥରେ ଦର୍ଶନ କରି ଜୀବନ କୃତାର୍ଥ କରନ୍ତି; ଯେଉଁ ପରାଶକ୍ତି ଭଗବାନଙ୍କ ସଂକଳ୍ପମାତ୍ରେ ଏକ ନିମିଷରେ କୋଟି କୋଟି ବ୍ରହ୍ମାଣ୍ଡ ସର୍ଜନା କରନ୍ତି ଏବଂ ନାଶ କରନ୍ତି; ସେହି ଭଗବାନ୍ ଶ୍ରୀକୃଷ୍ଣ ଓ ତାଙ୍କ ଯୋଗମାୟା ରୁକ୍ମିଣୀ ଦେବୀ ଭକ୍ତପ୍ରେମରେ ନିଜକୁ ଭୁଲି ଭକ୍ତକୁ ନାନା ପ୍ରକାର ଆନନ୍ଦ ଦେବା ସକାଶେ ନାନା ପ୍ରକାର ଲୀଳା କରନ୍ତି । ଭକ୍ତ ସଙ୍ଗେ ଖେଳନ୍ତି, ଭକ୍ତର ସନ୍ତାନ ହୋଇ ପୁତ୍ରସୁଖ ଦେବା ସକାଶେ ଅଳି କରନ୍ତି; ରୋଦନ କରି ନେତ୍ରରୁ କୋଳି ପରି ଅଶ୍ରୁ ବର୍ଷା କରନ୍ତି, ମା'ର ମାଡ଼ ଭୟରେ ଭୟଭୀତ ହୋଇ ପଡ଼ନ୍ତି । ସେହି ଭକ୍ତ ବତ୍ସଳ ଭଗବାନ୍ ସେହି ଜଗଜ୍ଜନନୀ ରୁକ୍ମିଣୀ ଦେବୀ ଭକ୍ତ ଦରିଦ୍ର ସୁଦାମାଙ୍କ ଗୋଡ଼ ଧୋଇଦେବା ଆଶ୍ଚର୍ଯ୍ୟ କ'ଣ ? ଭକ୍ତପ୍ରେମରେ ସେ ନିଜ ଐଶ୍ୱର୍ଯ୍ୟ ଭୁଲି ଭକ୍ତର ଭାବ ଅନୁସାରେ ଭକ୍ତ ସଙ୍ଗେ ଖେଳକରି ତାଙ୍କୁ ନାନା ପ୍ରକାର ଆନନ୍ଦ ଦିଅନ୍ତି ।

ଶ୍ରୀକୃଷ୍ଣ ବାଲ୍ୟକାଳରେ ଗୁରୁଗୃହରେ ରହିଥିବା ସମୟରେ ସୁଦାମାଙ୍କ ସହିତ ଖେଳକୌତୁକ କରିଥିବା ଘଟଣା ବର୍ଣ୍ଣନା କରି ଆନନ୍ଦରେ ବିଭୋର ହୋଇଗଲେ । ତାଙ୍କ ପାଟରାଣୀସବୁ ଶ୍ରୀକୃଷ୍ଣଙ୍କ ପ୍ରେମ ଦେଖି ତାଙ୍କ ବାଲ୍ୟଲୀଳା ଶୁଣି ଆନନ୍ଦରେ ନିମଗ୍ନ ହୋଇଗଲେ । ନାନା ପ୍ରକାର ଅମୃତ ସମାନ ଭୋଜନ ସ୍ୱୟଂ ରୁକ୍ମିଣୀଦେବୀ ଥାଳିରେ ଆଣି ସୁଦାମାଙ୍କ ସମ୍ମୁଖରେ ରଖିଲେ । ସ୍ୱୟଂ ଶ୍ରୀକୃଷ୍ଣ ପଙ୍ଖା କଲେ । ସୁଦାମା ଭୋଜନ କରି ସାରିବା ପରେ ତାଙ୍କୁ ତାମ୍ବୁଳ ଦେଇ ଅତି ହର୍ଷରେ ଶ୍ରୀକୃଷ୍ଣ କହିଲେ, ''ସଖା, ମୋ ପାଇଁ ଭେଟି କ'ଣ ଆଣିଛ ଦିଅ ।'' ସୁଦାମା ଏପରି ବୈଭବ ଦେଖି, କଳ୍ପନାତୀତ ଅମୃତତୁଲ୍ୟ ଭୋଜନ କରିବା ପରେ ମୁଠାଏ ଚୁଡ଼ା ଶ୍ରୀକୃଷ୍ଣଙ୍କୁ କିପରି ଦିଅନ୍ତେ ! ଶ୍ରୀକୃଷ୍ଣଙ୍କ କଥା ଶୁଣି କିଛି ଉତ୍ତର ନ ଦେଇ କାଖରେ ଜାକିଥିବା ପୁଡ଼ିଆଟିକୁ ଲୁଚାଇବାକୁ ଲାଗିଲେ । ସ୍ୱୟଂ ଦ୍ୱାରିକାଧୀଶଙ୍କ ପାଟରାଣୀଙ୍କ ସମ୍ମୁଖରେ କନାରେ ବନ୍ଧା ହୋଇଥିବା ଚୁଡ଼ା ମୁଠାଏ ଦିଅନ୍ତେ ବା କିପରି ! ଶ୍ରୀକୃଷ୍ଣ ବାରଂବାର ଆଗ୍ରହରେ କରୁଥିବା ପ୍ରଶ୍ନର ସେ

କୌଣସି ଉତ୍ତର ନ ଦେଇ ଲଜ୍ଜା ତଥା ସଂକୋଚରେ ମୁହଁ ତଳକୁ ପୋତିଦେଲେ । ଭକ୍ତର ଶ୍ରଦ୍ଧାର ଭେଟି ଭକ୍ତବତ୍ସଳ ଭଗବାନ୍ ବା ଛାଡ଼ନ୍ତେ କିପରି ! ଶ୍ରୀକୃଷ୍ଣ ଜୋର କରି ସୁଦାମାଙ୍କ କାଖରୁ ଚୁଡ଼ାପୁଡ଼ିଆଟି ଟାଣି ଆଣିଲେ । ଅତ୍ୟନ୍ତ ଆନନ୍ଦରେ ଚୁଡ଼ା ଗଣ୍ଠିଟି ଖୋଲି ସଙ୍ଗେ ସଙ୍ଗେ ମୁଠାଏ ଚୁଡ଼ା ମୁଖରେ ଦେଇ ଅତ୍ୟନ୍ତ ପ୍ରସନ୍ନତାରେ ଚୁଡ଼ାର ସ୍ୱାଦ ବର୍ଣ୍ଣନା କରିବାକୁ ଲାଗିଲେ । ପ୍ରଥମ ମୁଠାଟି ଶେଷ କରି ଦ୍ୱିତୀୟ ମୁଠାଟି ହାତରେ ଧରିବା ସଙ୍ଗେ ସଙ୍ଗେ ଶ୍ରୀକୃଷ୍ଣଙ୍କ ପ୍ରଧାନ ପାଟରାଣୀ ରୁକ୍ମିଣୀ ଦେବୀ ଶ୍ରୀକୃଷ୍ଣଙ୍କ ହାତକୁ ଧରି ପକାଇଲେ । କହିଲେ, ''ବନ୍ଦ କର । କ'ଣ ସମସ୍ତ ଐଶ୍ୱର୍ଯ୍ୟ ଦେଇଦେବ ?'' ରୁକ୍ମିଣୀଙ୍କ ବାରଣରେ ଶ୍ରୀକୃଷ୍ଣ ଚୁଡ଼ା ଖାଇବା ବନ୍ଦ କଲେ । ସୁଦାମାଙ୍କୁ ଉତ୍ତମ ବସ୍ତ୍ର ପରିଧାନ କରାଇ ମହଲ ମଧ୍ୟରେ ରହିବାର ସୁବ୍ୟବସ୍ଥା କରିଦେଲେ ଏବଂ ତାଙ୍କ ସେବାରେ ସେବକ ନିଯୁକ୍ତ କରିଦେଲେ ।

ସୁଦାମାଜି ପ୍ରତିଦିନ ପ୍ରାତଃ ନିତ୍ୟକର୍ମ ଶେଷ କରିବାପରେ ଶ୍ରୀକୃଷ୍ଣ ତାଙ୍କ ପାଖରେ ପହଞ୍ଚି ଗୁରୁକୁଳରେ ରହିବା ସମୟରେ ଘଟଣା ବର୍ଣ୍ଣନା କରନ୍ତି ଏବଂ ତାଙ୍କୁ ନାନାପ୍ରକାର ଅମୃତ ସଦୃଶ ସୁସ୍ୱାଦୁ ଦ୍ରବ୍ୟ ଭୋଜନ କରାନ୍ତି । ଶ୍ରୀକୃଷ୍ଣଙ୍କ ପ୍ରେମରେ ସୁଦାମାଜି ବିଭୋର ହୋଇ ନିଜ ଶରୀର ତଥା ନିଜ ଘର ଏବଂ ଧର୍ମପତ୍ନୀଙ୍କୁ ସଂପୂର୍ଣ୍ଣ ଭୁଲିଗଲେ । ତାଙ୍କ ଧର୍ମପତ୍ନୀ କ'ଣ ଖାଉଥିବେ, କିପରି ଥିବେ – ଏକଥା ତାଙ୍କ ମନରେ ଏକ କ୍ଷଣ ସକାଶେ ଆସୁ ନ ଥିଲା ।

ସୁଦାମାଜି ଦ୍ୱାରିକାରେ ପହଞ୍ଚିବା ସଙ୍ଗେ ସଙ୍ଗେ ଶ୍ରୀକୃଷ୍ଣଙ୍କ ଆଜ୍ଞାରେ ବିଶ୍ୱକର୍ମା ମନୁଷ୍ୟ ଶରୀର ଧାରଣ କରି ବହୁ ସଂଖ୍ୟାରେ ନିଜ ଅନୁଚରମାନଙ୍କୁ ସଙ୍ଗରେ ନେଇ ସୁଦାମାଙ୍କ ନିଜ ଘରେ ପହଞ୍ଚିଲେ । ସୁଦାମାଜିଙ୍କ କୁଡ଼ିଆରେ ତାଙ୍କ ଧର୍ମପତ୍ନୀଙ୍କୁ ଭୋଜନର ସବୁ ସରଞ୍ଜାମ ଦେଇ ଶ୍ରୀକୃଷ୍ଣଙ୍କ ଆଜ୍ଞା କହି ରାଜମହଲ ସଦୃଶ ଗୃହ ଅଳ୍ପ ଦିନ ମଧ୍ୟରେ ନିର୍ମାଣ କରିଦେଲେ । ସେହି ନୂତନ ନିର୍ମିତ ଧନଧାନ୍ୟ ପରିପୂର୍ଣ୍ଣ ଅଟ୍ଟାଳିକାରେ ସୁଦାମାଜିଙ୍କ ଧର୍ମପତ୍ନୀଙ୍କୁ ନିବାସ କରିବା ସକାଶେ ନିବେଦନ କଲେ ତଥା ବହୁତ ଦାସଦାସୀ ମଧ୍ୟ ନିଯୁକ୍ତ କରିଦେଲେ । ସୁଦାମାଜିଙ୍କ ଧର୍ମପତ୍ନୀ ନୂତନ ଅଟ୍ଟାଳିକାରେ ଦାସଦାସୀଙ୍କ ସହିତ ରହିବା ପରେ ସୁଦାମାଜିଙ୍କ ପୂର୍ବ କୁଡ଼ିଆକୁ ଭାଙ୍ଗି ସେହି ସ୍ଥାନରେ ଅଟ୍ଟାଳିକା ତିଆରି କରିଦେଲେ । ଗୃହ ନିର୍ମାଣ ପରେ ଧନଧାନ୍ୟ ପରିପୂର୍ଣ୍ଣ ଗୃହକୁ ସୁଦାମାଜିଙ୍କ ଧର୍ମପତ୍ନୀଙ୍କୁ ନିବେଦନ କରି ସେବକ ସେବିକାଙ୍କୁ ନିଯୁକ୍ତ କରି ତାଙ୍କଠାରୁ ଆଜ୍ଞାମାଗି ବିଶ୍ୱକର୍ମା ସହଚରମାନଙ୍କ ସହିତ ବିଦାୟ ନେଇ ଚାଲିଗଲେ ।

ସୁଦାମାଜି ଶ୍ରୀକୃଷ୍ଣଙ୍କ ପ୍ରେମରେ ବୁଡ଼ି ରହିଥିବା ଯୋଗୁଁ ଦିନରାତି ତାଙ୍କୁ ଜଣା ପଡୁ ନ ଥିଲା । ଗୃହ ଏବଂ ପତ୍ନୀ କଥା ମନେ ପଡ଼ନ୍ତା କିପରି ! ଏହିପରି କେତେକ ଦିନ ବ୍ୟତୀତ ହେବାପରେ ସୁଦାମାଜି ଶ୍ରୀକୃଷ୍ଣଙ୍କ ଚରଣରେ ନିବେଦନ କଲେ, ''ପ୍ରଭୁ, ଏହି ତୁଚ୍ଛ ବ୍ୟକ୍ତି ଉପରେ ତୁମେ ଅସୀମ କୃପାକରି ପରମାନନ୍ଦ ଦେଲ; ଏହା ତୁମର କୃପା । ମୋର ଏହି ପ୍ରାର୍ଥନା ମୁଁ ଯେଉଁଠାରେ ରହିବି ତୁମକୁ ସ୍ମରଣ କରି ତୁମରି ଭକ୍ତିରେ ଡୁବି ରହିବି । ଏହାହିଁ ଦୟାକରି ମୋତେ ଦିଅ ।'' ଶ୍ରୀକୃଷ୍ଣ ତଥାସ୍ତୁ କହି ସୁଦାମାଙ୍କୁ ହୃଦୟରେ ଲଗାଇ ଦେଲେ । ସୁଦାମା ହାତଯୋଡ଼ି ଶ୍ରୀକୃଷ୍ଣଙ୍କଠାରୁ ବିଦାୟ ନେଇ ଗୃହକୁ ପ୍ରତ୍ୟାବର୍ତ୍ତନ କରିବାକୁ ବାହାରିଲେ । ପାଟରାଣୀମାନଙ୍କ ସହିତ ଶ୍ରୀକୃଷ୍ଣ ବଳେଇ ଦେବାକୁ ସୁଦାମାଙ୍କ ସହିତ ଗଲେ । ପାଟରାଣୀମାନେ ଦ୍ୱାର ପର୍ଯ୍ୟନ୍ତ ଆସି ସୁଦାମାଜିଙ୍କୁ ପ୍ରଣାମ କରି ଫେରିଗଲେ । ବହୁ ଦୂର ଯିବାପରେ ସୁଦାମାଙ୍କ ବାରଂବାର ଅନୁନୟ ବିନୟରେ ଶ୍ରୀକୃଷ୍ଣ ଫେରି ଆସିଲେ ।

ଯିଏ ଭଗବତ୍ ଭକ୍ତିର ଅଲୌକିକ ଅମୃତ ସ୍ୱାଦ ପାଏ ତା' ପାଖରେ ତ୍ରିଲୋକର ଐଶ୍ୱର୍ଯ୍ୟ ତୁଚ୍ଛ ପ୍ରତୀତ ହୁଏ । କେବଳ ଭଗବତ୍ ଭକ୍ତିରେ ଡୁବି ରହିବା ଛଡ଼ା ଅନ୍ୟ କିଛି ଚାହିଁବା ନ ଥାଏ । ସୁଦାମା ଥିଲେ ଦରିଦ୍ର । ତାଙ୍କ ସଖା ଶ୍ରୀକୃଷ୍ଣ ଥିଲେ ତ୍ରୈଲୋକ୍ୟ ନାଥ । ସୁଦାମାଙ୍କର ଧନର ଟିକିଏ କାମନା ଥିଲେ ଶ୍ରୀକୃଷ୍ଣ ସୁଦାମାଙ୍କୁ ଦେବଦୁର୍ଲଭ ଐଶ୍ୱର୍ଯ୍ୟ ଦେଇ ଥାଆନ୍ତେ । କିନ୍ତୁ ସୁଦାମାଜିଙ୍କର ଲେଶମାତ୍ର କୌଣସି କାମନା ନ ଥିଲା । ତଥାପି ଭଗବାନ୍ ଭକ୍ତ ସହିତ ଲୀଳା କରି ଭକ୍ତକୁ ସୁଖ ଦିଅନ୍ତି । ଲୀଳାମୟ ଶ୍ରୀକୃଷ୍ଣଙ୍କ ପ୍ରେରଣାରେ ସୁଦାମାଜିଙ୍କ ଧର୍ମପତ୍ନୀଙ୍କର ଧନପ୍ରାପ୍ତି କାମନା ଉତ୍ପନ୍ନ ହେବାରୁ ତାଙ୍କୁ ଅଲୌକିକ ଐଶ୍ୱର୍ଯ୍ୟ ପ୍ରଦାନ କଲେ । ସେ ସ୍ଥାନ ସୁଦାମାପୁରୀ ନାମରେ ପ୍ରଖ୍ୟାତ ହେଲା ଏବଂ ସୁଦାମାପୁରୀ ତୀର୍ଥରେ ପରିଣତ ହେଲା । ଦ୍ୱାରିକା ଦର୍ଶନ କରିବାକୁ ଯିବା ଦର୍ଶନାର୍ଥୀମାନେ ଆଜି ବି ସୁଦାମାପୁରୀ ଦର୍ଶନ କରନ୍ତି । ସୁଦାମାପୁରୀ ଦର୍ଶନ ନ କଲେ ତୀର୍ଥଯାତ୍ରୀମାନେ ଦ୍ୱାରିକାଧାମ ଦର୍ଶନ ଅପୂର୍ଣ୍ଣ ରହିବା ଧାରଣା କରନ୍ତି ।

ଦରିଦ୍ର ସୁଦାମା ପରମସଖା ଶ୍ରୀକୃଷ୍ଣଙ୍କଠାରୁ ବିଦାୟ ନେଇ ଖାଲି ହାତରେ ଗୃହକୁ ଫେରୁଥାଆନ୍ତି । କିନ୍ତୁ ଏହି ଧାରଣା ତାଙ୍କ ମନରେ ସ୍ୱପ୍ନରେ ବି ଆସିଲା ନାହିଁ । ସେ କେବଳ ଶ୍ରୀକୃଷ୍ଣଙ୍କ ଅଲୌକିକ ପ୍ରେମ ଓ ବ୍ୟବହାର ସ୍ମରଣ କରି ସେଥିରେ ମଗ୍ନ ରହି ଯନ୍ତ୍ରବତ୍ ରାସ୍ତା ଚାଲୁଥାଆନ୍ତି । ସେ ଭାବୁଥାଆନ୍ତି, ''ତ୍ରୈଲୋକ୍ୟେଶ୍ୱର ଶ୍ରୀକୃଷ୍ଣ କେଡ଼େ ଦୟାଳୁ ! ତାଙ୍କ ଆଶ୍ରିତ ପ୍ରତି ତାଙ୍କର କୃପା କେତେ ! ଏହି ଦରିଦ୍ରର ଗୋଡ଼ ତ୍ରୈଲୋକ୍ୟେଶ୍ୱର ପ୍ରଭୁ ଜଗଜ୍ଜନନୀ ରୁକ୍ମିଣୀଙ୍କ ସହିତ ଧୋଇଲେ । ଜଗଜ୍ଜନନୀ ଆଦ୍ୟାଶକ୍ତି ସ୍ୱୟଂ ରୁକ୍ମିଣୀ ଦେବୀ ଭୋଜନ ପରଶିଲେ ଏବଂ ଭୋଜନ କରିବା ସମୟରେ ପଙ୍ଖା କଲେ । ଯାହାଙ୍କୁ ଥରେମାତ୍ର ଦର୍ଶନ କରିବା ପାଇଁ ଋଷିମୁନିମାନେ ଜନ୍ମଜନ୍ମ ତପସ୍ୟା କରନ୍ତି, ସେହି ପ୍ରଭୁ ଏହି ଦରିଦ୍ରକୁ ହୃଦୟରେ ଲଗାଇ ପ୍ରେମାଶ୍ରୁରେ ସ୍ନାନ କରାଇଲେ । ଏପରି ଦୟାମୟ କୃପାଳୁ ପ୍ରଭୁଙ୍କୁ ଛାଡ଼ି ଯେଉଁମାନେ ବିଷୟରେ ମନ ଦିଅନ୍ତି ସେମାନେ କେଡ଼େ ହତଭାଗ୍ୟ ।'' ଏହିପରି ଭଗବତ୍ ଦୟା କୃପା ଭକ୍ତବତ୍ସଳତାଦି ଭଗବତ୍ ଦିବ୍ୟଗୁଣ ସ୍ମରଣରେ ନିମଗ୍ନ ରହି ଯନ୍ତ୍ରବତ୍ ରାସ୍ତାଚାଲି ସୁଦାମାପୁରୀ ନିକଟରେ ପହଞ୍ଚିଲେ । ଆଖି ଖୋଲି ସୁଦାମା ପୁରୀ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଭାବିଲେ, ''ମୁଁ ରାସ୍ତା ଭୁଲି ଆଉ କେଉଁ ସ୍ଥାନରେ ପହଞ୍ଚିଗଲି ?'' ଏହିପରି ଭାବି ଏକେବାରେ କାବା ହୋଇ ଥକ୍କା ମାରି ଛିଡ଼ା ହୋଇ ରହିଲେ । ପୂର୍ବରୁ ସୁଦାମାଜିଙ୍କ ଧର୍ମପତ୍ନୀ ସାବଧାନ ଥିଲେ । ସେ ଜାଣିଥିଲେ ତାଙ୍କ ପତି ଏପରି ମହଲ ଦେଖି ଆଶ୍ଚର୍ଯ୍ୟ ହୋଇଯିବେ । ସେ ସକାଶେ ତାଙ୍କ ଦାସଦାସୀମାନଙ୍କୁ ସତର୍କ କରାଇ ଦେଇଥିଲେ । ସୁଦାମାଜି ଆଶ୍ଚର୍ଯ୍ୟ ଭାବେ ଛିଡ଼ାହୋଇ ରହିବା ଦେଖି ଦାସଦାସୀମାନେ ସୁଦାମାଜିଙ୍କ ଧର୍ମପତ୍ନୀଙ୍କୁ ଖବର ଦେଇଦେଲେ । ସେ ଶୁଣିବାମାତ୍ରେ ଦାସୀମାନଙ୍କୁ ସଙ୍ଗରେ ନେଇ ସୁଦାମାଜିଙ୍କ ପାଖକୁ ଯାଇ ତାଙ୍କ ପାଦରେ ମସ୍ତକ ରଖି ପ୍ରଣାମ କଲେ, ସୁଦାମାଜି ପତ୍ନୀଙ୍କ ବେଶଭୂଷା ଅଳଙ୍କାର ଦେଖି ବିସ୍ମିତ ଭାବେ ଚାହିଁ ରହିଲେ । ସୁଦାମାଜିଙ୍କ ଧର୍ମପତ୍ନୀ ପତିଙ୍କ ଆଶ୍ଚର୍ଯ୍ୟ ଅବସ୍ଥା ଦେଖି କହିଲେ, ''ନାଥ, ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ତୁମର ସଖା ଶ୍ରୀକୃଷ୍ଣ ତ୍ରୈଲୋକ୍ୟନାଥ । ତାଙ୍କ ଭୃକୁଟି ବିକାଶରେ ସୃଷ୍ଟି ହୁଏ ଏବଂ ନାଶ ହୁଏ । ତାଙ୍କ ସକାଶେ ଆଶ୍ଚର୍ଯ୍ୟ କ'ଣ ? ତୁମେ ଯିବାର ପରଦିନ ଶ୍ରୀକୃଷ୍ଣ ବହୁତ ବ୍ୟକ୍ତିଙ୍କୁ ପଠାଇ ଏହି ମହଲ ତିଆରି କରାଇ ଦେଲେ ଏବଂ ଧନଧାନ୍ୟରେ ପୂର୍ଣ୍ଣ କରି ଦାସଦାସୀଙ୍କୁ ରଖି ବିଦା ହୋଇ ଚାଲିଗଲେ ।'' ସୁଦାମାଜି ଏହା ଶୁଣି ଭଗବତ୍ ପ୍ରେମରେ ତାଙ୍କ ହୃଦୟ ଉଛୁଳି ପଡ଼ିଲା । ସେ ଭକ୍ତିବିହ୍ୱଳ ହୋଇ କହିବାକୁ ଲାଗିଲେ, ''ପ୍ରଭୁ, ତୁମ କୃପା ଅନନ୍ତ । ବ୍ରାହ୍ମଣୀ ମନରେ ଧନ କାମନା ହେବାମାତ୍ରେ ଧନଧାନ୍ୟରେ ପୂର୍ଣ୍ଣ କରି ରାଜରାଜେଶ୍ୱରୀ ସଦୃଶ କରିଦେଲ ।'' ଶ୍ରୀକୃଷ୍ଣଙ୍କ କୃପା ଅନୁକମ୍ପା ଭକ୍ତବତ୍ସଳତା ଗୁଣ ସ୍ମରଣ କରି ନିଜ ଶରୀରକୁ ଭୁଲିଗଲେ । ସୁଦାମାଙ୍କର ଧନଲାଳସା କେବେ ବି ନ ଥିଲା । ଯିଏ ଭଗବତ୍ ଆନନ୍ଦରେ ନିମଗ୍ନ ରହେ ତାଙ୍କର କାମନା ବାସନା ଆସିବ କେଉଁଠୁ ? ସୁଦାମା ଏବଂ ତାଙ୍କ ଧର୍ମ ପତ୍ନୀ ବଞ୍ଚିଥିବା ପର୍ଯ୍ୟନ୍ତ ଧନ ଐଶ୍ୱର୍ଯ୍ୟରେ ନିର୍ଲିପ୍ତ ରହିଲେ । ଶରୀର ତ୍ୟାଗ କରି ଗୋଲୋକରେ ଶ୍ରୀକୃଷ୍ଣଙ୍କ ସେବାପ୍ରାପ୍ତ ହେଲେ । ସେହି ସୁଦାମାପୁରୀ ପରମ ପବିତ୍ର ତୀର୍ଥରେ ପରିଣତ ହେଲା । ଆଜି ହଜାର ହଜାର ନରନାରୀ ଦ୍ୱାରିକାଧାମ ଦର୍ଶନ କରିବା ସଙ୍ଗେ ସଙ୍ଗେ ସୁଦାମାପୁରୀ ଧାମ ଦର୍ଶନ କରି କୃତକୃତ୍ୟ ହେଉଅଛନ୍ତି ।

ବୋଲ ଭକ୍ତ ଏବଂ ଭଗବାନଙ୍କର ଜୟ ।

ମହାରାଜା ପ୍ରିୟବ୍ରତ

ଶ୍ରୀମଦ୍ଭାଗବତର ଚରିତ୍ର ସ୍ୱୟମ୍ଭୂମନୁଙ୍କ ପୁତ୍ର ପ୍ରିୟବ୍ରତଙ୍କର ଜନ୍ମଗତ ସଂସ୍କାର ଥିଲା ଭଗବତ୍ ଭକ୍ତି । ତାଙ୍କୁ ଭଗବାନଙ୍କ ଚରିତ ପଢ଼ିବା, ଶୁଣିବା, ଭଗବତ୍ ଗୁଣଗାନ କରିବା, ଭଗବତ୍ ନାମଜପ କରିବା, ଭଗବାନଙ୍କୁ ଧ୍ୟାନ କରିବା, ଭଗବତ୍ ବିଷୟ ଚର୍ଚ୍ଚା କରିବା ଛଡ଼ା ଆଉ କିଛି ଭଲ ଲାଗୁ ନ ଥିଲା । ଯିଏ ଭଗବାନଙ୍କ ଆଶ୍ରୟ ନିଏ, ଭଗବାନଙ୍କ ଉପରେ ବିଶ୍ୱାସ, ନିର୍ଭର ରଖେ, ଭଗବାନଙ୍କ କୃପା ତା' ସଙ୍ଗେ ସର୍ବଦା ରହିଥାଏ । ଭଗବତ୍ କୃପାରୁ ପ୍ରିୟବ୍ରତଙ୍କୁ ନାରଦଙ୍କ ଦର୍ଶନ ହେଲା । ତାଙ୍କ ପ୍ରାର୍ଥନା ଶୁଣି ନାରଦ ଭଗବତ୍‌ପ୍ରାପ୍ତିର ଦୀକ୍ଷା ଦେଲେ । କିନ୍ତୁ ନାରଦଙ୍କ ଉପଦେଶ ପାଇ ଅଗ୍ନିରେ ଆହୁତି ଦେଲେ ପ୍ରଜ୍ୱଳିତ ହେବା ସଦୃଶ ତାଙ୍କ ଜନ୍ମଗତ ସଂସ୍କାର ଭଗବତ୍ ଭକ୍ତି ପ୍ରଜ୍ୱଳିତ ହୋଇ ଉଠିଲା । ସେ ନାରଦଜିଙ୍କ ସମୀପ ଗନ୍ଧମାଦନ ପର୍ବତରେ ରହି ନିରନ୍ତର ଭଗବତ ସ୍ମରଣ, ଧ୍ୟାନ, ନାମ ଜପରେ ଡୁବି ରହିଲେ । ନାରଦଙ୍କଠାରୁ ପରମ ପାବନ ଭଗବତ୍ ଗୁଣ ଚରିତ ଶୁଣି ନିଜ ଶରୀରକୁ ଭୁଲି ଗଲେ । ମନୁଙ୍କର ବୃଦ୍ଧ ଅବସ୍ଥା ଆସିଗଲା । ସେ ବ୍ରହ୍ମାଙ୍କଠାରୁ ଦୀକ୍ଷା ଗ୍ରହଣ କରି ପୁତ୍ର ପ୍ରିୟବ୍ରତକୁ ରାଜ୍ୟ ଦେଇ ତପସ୍ୟା ବା ଭଗବତ୍ ପ୍ରାପ୍ତି ସାଧନା କରିବା ସକାଶେ ବନ ଯିବାକୁ ନିଶ୍ଚୟ କଲେ । ସେ ପ୍ରିୟବ୍ରତଙ୍କୁ ରାଜ୍ୟଭାର ଦେବା ସକାଶେ ମତ ପ୍ରକାଶ କଲେ ।

ଯିଏ ଭଗବତ୍ ଭକ୍ତି ପରମାନନ୍ଦର ଆସ୍ୱାଦ ପାଏ ତାଙ୍କୁ ସଂସାର ସୁଖ ବିଷ ଭଳି ପ୍ରତୀତ ହୁଏ । ଇନ୍ଦ୍ର, ଚନ୍ଦ୍ର ପଦ ବି ଭଗବତ୍ ଭକ୍ତି ସମ୍ମୁଖରେ ତୁଚ୍ଛ ହୁଏ ।

ମହତାଂ ଖଲୁ ବିପ୍ରର୍ଷେ ଉତ୍ତମଶ୍ଲୋକପାଦୟୋଃ ।
ଛାୟାନିବୃତଚିତ୍ତାନାଂ ନ କୁଟୁମ୍ବେ ସ୍ପୃହାମତିଃ ॥

(ଭାଗବତ ୫ । ୧ । ୩)

''ଯେଉଁ ମହାପୁରୁଷଙ୍କ ମନରେ ଉତ୍ତମ ଶ୍ଲୋକ ଶ୍ରୀହରିଙ୍କ ପାଦପଦ୍ମର ଭକ୍ତି ଛାୟା ପଡ଼େ ତାହା ସଂସାରର ତୁଚ୍ଛ ହେବାର ବୈରାଗ୍ୟ ଉତ୍ପନ୍ନ କରିଦିଏ, ତାଙ୍କର କୁଟୁମ୍ବୀ ହେବାର ଇଚ୍ଛା ଅଥବା କୁଟୁମ୍ବାସକ୍ତି ହୁଏ ନାହିଁ ।''

ପ୍ରିୟବ୍ରତ ଭଗବାନଙ୍କ ପରମଭକ୍ତ ଥିଲେ । ସଂସାରର ଐଶ୍ୱର୍ଯ୍ୟ, ଭଗବତ ଭକ୍ତିରେ ବାଧକ ଜାଣି ରାଜ୍ୟ ଭାର ଗ୍ରହଣ କରିବା ଅସ୍ୱୀକାର କରିଦେଲେ ।

ବ୍ୟକ୍ତି ଯଦି ସଂସାରର ଐଶ୍ୱର୍ଯ୍ୟ, ସଂସାରର ଭୋଗ ବିଷୟକୁ ନିଜର ମାନି ଭୋଗାସକ୍ତ ହୁଏ ତେବେ ତାହା ବନ୍ଧନର କାରଣ ହୁଏ ଏବଂ ସେହି ସବୁର ଭଲ-ମନ୍ଦ କର୍ମଫଳ ଭୋଗ କରିବା ସକାଶେ ଜନ୍ମମରଣ ଦୁଃଖ କଷ୍ଟ ଚକ୍ରରେ ଭ୍ରମୁ ଥାଏ । କିନ୍ତୁ ବ୍ୟକ୍ତି ଯଦି ନିଜକୁ, ପରିବାରକୁ, ସଂସାରକୁ ଭଗବାନଙ୍କର ମାନି, ଭଗବତ୍ ସେବା ଭାବରେ ସମସ୍ତ କର୍ମ କରି ଭଗବାନଙ୍କୁ ସମର୍ପଣ କରେ, ତେବେ ତା'ର ନିର୍ଦ୍ଧାରିତ ଲକ୍ଷ୍ୟ ଅନୁସାରେ ଭଗବତ୍ ପ୍ରାପ୍ତି କରି ଜନ୍ମ ମରଣରୁ ମୁକ୍ତ ହୁଏ; ଅଥବା ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀରକୁ ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତର କରି ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି କରି ଦୁଃଖ, କଷ୍ଟ, ରୋଗ, ମୃତ୍ୟୁ, ବୃଦ୍ଧତ୍ୱରୁ ସଂପୂର୍ଣ୍ଣ ମୁକ୍ତ ହୁଏ । ଭଗବାନଙ୍କ ସହିତ ପୂର୍ଣ୍ଣ ରୂପେ ସମସ୍ତ ସତ୍ତାରେ ଏକତ୍ୱ ପ୍ରାପ୍ତ କରି ଭାଗବତୀ ଅତିମାନସ ଶକ୍ତି ଦ୍ୱାରା ପରିଚାଳିତ ହୁଏ । ଏହାହିଁ ଜୀବନର ଯଥାର୍ଥ ଲକ୍ଷ୍ୟ । ଏହାହିଁ ଭଗବତ୍ ସୃଷ୍ଟିର ଉଦ୍ଦେଶ୍ୟ ।

ଏହି ପୃଥିବୀ ଭଗବାନଙ୍କ ଲୀଳା ମଞ୍ଚ । ପ୍ରତ୍ୟେକ ବ୍ୟକ୍ତି ଭଗବତ ଲୀଳାରେ ଭିନ୍ନ ଭିନ୍ନ ଅଭିନୟ କରୁଅଛନ୍ତି । କିନ୍ତୁ ମାୟାରେ ମୋହିତ ହୋଇ ଭଗବତ ଲୀଳାକୁ ଭୁଲିଯାଇ ଅଛନ୍ତି । ''ମୁଁ ନିଜେ, ପରିବାର ଏବଂ ସଂପତ୍ତି ମୋର'' ଏହି ଭ୍ରମ ଧାରଣା ଯୋଗୁଁ ଦୁଃଖକଷ୍ଟ ଭୋଗୁ ଅଛନ୍ତି ତଥା ଜନ୍ମମରଣ ଚକ୍ରରେ ଭ୍ରମୁ ଅଛନ୍ତି । ଯଥାର୍ଥରେ ଏହି ସଂସାର, ଶରୀର, ପରିବାର, ଜାତି, ଦେଶ ସବୁ ଭଗବାନଙ୍କର । ଭଗବାନ୍ ଏକ ଥିଲେ । ସେ ସୃଷ୍ଟି ସର୍ଜନା କରିବା ଉଦ୍ଦେଶ୍ୟରେ

ନିଜ ମାୟାରେ ଆବୃତ ହୋଇ ଭିନ୍ନ ଭିନ୍ନ ରୂପେ ପ୍ରକଟ ହେଲେ । ଯଥାର୍ଥରେ ଏହି ସଂସାର ଭଗବାନଙ୍କ ଛଡ଼ା ଆଉ କିଛି ନୁହେଁ । ଏହା ଉପଲବ୍ଧି ହୁଏ ବ୍ୟକ୍ତିର ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହେଲେ ।

ପ୍ରିୟବ୍ରତ ରାଜ୍ୟଭାର ନେବା ଅସ୍ୱୀକାର କରିବାରୁ ମନୁଙ୍କ ପ୍ରାର୍ଥନାରେ ସ୍ୱୟଂ ବ୍ରହ୍ମା ବ୍ରହ୍ମଲୋକରୁ ପ୍ରିୟବ୍ରତଙ୍କ ପାଖକୁ ଆସିଲେ । ଆକାଶରେ ହଂସ ବାହନରେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ଆସିବା ଦେଖି ନାରଦ ଏବଂ ପ୍ରିୟବ୍ରତ ଉଠି ଛିଡ଼ା ହୋଇଗଲେ ଏବଂ ପ୍ରଣାମ କରି ଉତ୍ତମ ଆସନ ଦେଇ ଷୋଡ଼ଶ ପ୍ରକାର ପୂଜା କଲେ । ପିତାମହ ବ୍ରହ୍ମା କହିଲେ – ''ପୁତ୍ର ପ୍ରିୟବ୍ରତ ! ସର୍ବନିୟନ୍ତା ସର୍ବେଶ୍ୱର ପ୍ରଭୁ ଯେଉଁ କର୍ତ୍ତବ୍ୟ ପାଳନ କରିବା ସକାଶେ ତୋତେ ନିଯୁକ୍ତ କରିଅଛନ୍ତି, ତାହା ଅସ୍ୱୀକାର କରିବା ଉଚିତ ନୁହେଁ । ମୁଁ, ଶଙ୍କର ତଥା ସମସ୍ତ ଋଷି, ମୁନି ତାଙ୍କ ଆଦେଶକୁ ପାଳନ କରୁଅଛୁ । ସମସ୍ତ ବ୍ରହ୍ମାଣ୍ଡ ତାଙ୍କରି ନିର୍ଦ୍ଦେଶରେ ପରିଚାଳିତ ହେଉଅଛି । କୌଣସି ଦେହଧାରୀ ବ୍ୟକ୍ତି ନିଜ ତପସ୍ୟା, ବିଦ୍ୟା, ଯୋଗବଳ, ମନୋବଳ, ଅର୍ଥ, ଧର୍ମ ଦ୍ୱାରା ସ୍ୱୟଂ ଅଥବା ଅନ୍ୟ କାହାରି ସାହାଯ୍ୟରେ ବି ସେହି ସର୍ବସମର୍ଥ ଭଗବାନଙ୍କ ବିଧାନକୁ ଅନ୍ୟଥା କରିପାରେ ନାହିଁ । ସେହି ପ୍ରଭୁଙ୍କୁ ଭକ୍ତି କରି, ତାଙ୍କ ଆଜ୍ଞା ପାଳନ କରି ତାଙ୍କୁ ପ୍ରସନ୍ନ ରଖିବା, ତାଙ୍କ ବିଧାନ ଅନୁସାରେ ପ୍ରାପ୍ତ ହୋଇଥିବା କର୍ତ୍ତବ୍ୟ ପାଳନ କରିବା ଉଚିତ । ଯେଉଁମାନେ ମୁକ୍ତ ପୁରୁଷ ସେମାନଙ୍କୁ ମଧ୍ୟ ଗର୍ବ, ଅହଂଶୂନ୍ୟ ହୋଇ ପ୍ରାରବ୍ଧ ଶେଷ ହେବା ପର୍ଯ୍ୟନ୍ତ ଦେହ ଧାରଣ କରିବାକୁ ହେଉଅଛି । ଭଗବାନଙ୍କ ବିଧାନ ଅଥବା ପ୍ରାରବ୍ଧ ଅନୁସାରେ ଯେଉଁମାନେ ଗୃହତ୍ୟାଗ କରି ଜଙ୍ଗଲରେ ତପସ୍ୟା କରୁଅଛନ୍ତି ସେମାନଙ୍କୁ ଯେପରି ଇନ୍ଦ୍ରିୟ ସଂଯମ କରିବାକୁ ହେଉଅଛି; ଭଗବାନଙ୍କ ବିଧାନ ଅନୁସାରେ ଯେଉଁମାନେ ସଂସାରରେ ରହି ଭଗବତ୍ ସେବା ଭାବରେ ସମସ୍ତ କର୍ମ କରି ଭଗବାନଙ୍କୁ ସମର୍ପଣ କରୁ ଅଛନ୍ତି ଅଥବା ଭଗବତ୍ ଯନ୍ତ୍ରରୂପେ କର୍ମ କରୁ ଅଛନ୍ତି, ସେମାନଙ୍କୁ ମଧ୍ୟ ଇନ୍ଦ୍ରିୟ ସଂଯମ କରିବାକୁ ହେଉଅଛି । ଉଭୟ ପ୍ରକାର ଭକ୍ତ ସାବଧାନ ହୋଇ ଭଗବାନଙ୍କ ଉପରେ ବିଶ୍ୱାସ ଓ ଭରସା ରଖିଲେ ଭଗବାନ୍ ସର୍ବାବସ୍ଥାରେ ରକ୍ଷା କରିବେ । ଏବଂ ଭକ୍ତ ନିଜ ନିଜ ମାର୍ଗରେ ଭଗବତ୍‌ପ୍ରାପ୍ତି କରିପାରିବ । ଯାହା ସକାଶେ ଯେଉଁ ମାର୍ଗ ଭଗବାନ୍ ନିର୍ଦ୍ଧାରିତ କରିଅଛନ୍ତି ସେହି ମାର୍ଗ ତା' ସକାଶେ ସୁଗମ । ଅର୍ଥାତ୍ ଯାହା ସକାଶେ ଗୃହତ୍ୟାଗ ମାର୍ଗ ଭଗବାନ୍ ନିର୍ଦ୍ଧାରିତ କରିଅଛନ୍ତି ତାହା ସକାଶେ ସେହି ମାର୍ଗ ସହଜ । ସେହି ବ୍ୟକ୍ତି ଯଦି ଗୃହତ୍ୟାଗ ନ କରି ଗୃହରେ ରହି ସାଧନା କରିବାକୁ ଚାହିଁବ ତା'ପକ୍ଷେ ତାହା ବହୁତ କଠିନ ହେବ । ଯେଉଁ ବ୍ୟକ୍ତି ସକାଶେ ଗୃହରେ ରହି ନିଜ କର୍ତ୍ତବ୍ୟ ପାଳନ କରିବା ଭଗବତ୍ ନିର୍ଦ୍ଧାରିତ ଥିବ ସେ ବ୍ୟକ୍ତି ଗୃହତ୍ୟାଗ କରି ଜଙ୍ଗଲରେ ତପସ୍ୟା କରିବାକୁ ଚାହିଁଲେ ତାହା ହୋଇପାରିବ ନାହିଁ ।'' ବ୍ରହ୍ମାଜି ପ୍ରିୟବ୍ରତଙ୍କୁ ଯେଉଁ ଉପଦେଶ ଦେଲେ ଗୀତାରେ ଶ୍ରୀକୃଷ୍ଣ ମଧ୍ୟ ଅର୍ଜୁନଙ୍କୁ ସେହି ଉପଦେଶ ଦେଇଥିଲେ । ଅର୍ଜୁନ ଠିକ୍ ରାଜା ପ୍ରିୟବ୍ରତଙ୍କ ସଦୃଶ ଗୃହତ୍ୟାଗ କରି ଯୁଦ୍ଧ ନ କରି ସନ୍ନ୍ୟାସ ନେଇ ଜଙ୍ଗଲରେ ତପସ୍ୟା କରିବାକୁ ଚାହିଁଥିଲେ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୀତାରେ ଉପଦେଶ ଦେଇଥିଲେ, ''ସନ୍ନ୍ୟାସ ତୋର ଭଗବତ୍ ବିଧାନ ବା ସ୍ୱଧର୍ମ ନୁହେଁ । ଭଗବତ୍ ବିଧାନ ବା ସ୍ୱଧର୍ମ ତୋର ଯୁଦ୍ଧ କରିବା ।'' ତାଙ୍କୁ କହିଲେ, ''ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମ ଭୟାବହଃ ।'' ଅର୍ଜୁନ ଶ୍ରୀକୃଷ୍ଣଙ୍କ ଆଜ୍ଞା ପାଳନ କରି ଯୁଦ୍ଧ କଲେ । ଭଗବାନ୍ ଉଦ୍ଧବଙ୍କୁ ମଧ୍ୟ ସ୍ୱଧର୍ମ ଅନୁସାରେ ହିମାଳୟର ବଦ୍ରିକାଶ୍ରମରେ ତପ କରିବାକୁ ପଠାଇଥିଲେ ।

ରାଜା ପ୍ରିୟବ୍ରତ ବ୍ରହ୍ମାଙ୍କ ଉପଦେଶ ଶୁଣି ଅତ୍ୟନ୍ତ କୃତଜ୍ଞ ହୋଇ ତାଙ୍କ ଚରଣରେ ସାଷ୍ଟାଙ୍ଗ ପ୍ରଣିପାତ କରି ତାଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ରାଜ୍ୟ ଶାସନ କରିବା କାର୍ଯ୍ୟ ସ୍ୱୀକାର କଲେ । ବ୍ରହ୍ମାଜି ପ୍ରସନ୍ନ ହୋଇ ତାଙ୍କୁ ଆଶୀର୍ବାଦ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ ।

ବ୍ରହ୍ମାଜିଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ପ୍ରିୟବ୍ରତ ରାଜଧାନୀକୁ ଫେରି ଆସିଲେ । ସେ ରାଜ୍ୟ ଭାର ଗ୍ରହଣ କରି ଗୃହସ୍ଥାଶ୍ରମ ସ୍ୱୀକାର କଲେ । ପ୍ରଜାପତି ବିଶ୍ୱକର୍ମାଙ୍କ ପୁତ୍ରୀ ବର୍ହିଷ୍ମତୀଙ୍କ ସହିତ ତାଙ୍କର ବିବାହ ହେଲା । ତାଙ୍କଠାରୁ ଦଶ ପୁତ୍ର ଏବଂ ଗୋଟିଏ କନ୍ୟା ଜନ୍ମଲାଭ କଲେ । ମହାରାଜା ସମସ୍ତ ବ୍ରହ୍ମାଣ୍ଡର ରାଜା ଥିଲେ । ଯେଉଁ ସମୟରେ ଅଧା ପୃଥିବୀରେ ଦିନ, ସେହି ସମୟରେ ଅଧା ପୃଥିବୀରେ ରାତ୍ରି ହେବା ତାଙ୍କୁ ଭଲ ଲାଗିଲା ନାହିଁ । ସେ ରାତ୍ରିକୁ ଦିନ କରିବା ସକାଶେ ଜ୍ୟୋତିର୍ମୟ ଦିବ୍ୟ ରଥ – ଯାହାର ବେଗ ସୂର୍ଯ୍ୟ ରଥର ଗତି ସହିତ ସମାନ ସେହି ରଥରେ ବସି ରାତ୍ରି

ହେଉଥିବା ଭାଗକୁ ଯାତ୍ରା କଲେ । ଏହିପରି ସାତ ଦିନ ରାତ୍ରିରେ ଯାତ୍ରା କରୁଥିଲେ । ସେହି ସମୟରେ ପୂରା ଭୂମଣ୍ଡଳରେ ଦିନ ସଦୃଶ ପ୍ରକାଶ ରଖିଲେ । ବ୍ରହ୍ମାଜି ଆସି ଏହି କାର୍ଯ୍ୟରୁ ତାଙ୍କୁ ନିବୃତ୍ତ କଲେ । କିନ୍ତୁ ତାଙ୍କର ରଥର ଚକା ଦ୍ୱାରା ପୃଥିବୀ ଖୋଳି ହୋଇ ସାତ ସମୁଦ୍ର ହୋଇଗଲା । ସେହି ସମୁଦ୍ର ମଧ୍ୟ-ଭାଗ ପୃଥିବୀ ହେଲା ଗୋଟିଏ ଗୋଟିଏ ଦ୍ୱୀପ ।

ତାଙ୍କର ଦଶ ପୁତ୍ର ମଧ୍ୟରେ ତିନି ପୁତ୍ର ଗୃହ ତ୍ୟାଗ କରି ଭଗବତ୍ ପ୍ରାପ୍ତି ସକାଶେ ତପସ୍ୟା କରିବାକୁ ଚାଲିଗଲେ । ଅନ୍ୟ ସାତ ପୁତ୍ରଙ୍କୁ ଗୋଟିଏ ଗୋଟିଏ ଦ୍ୱୀପରେ ରାଜା କରି ଦେଲେ । କନ୍ୟାକୁ ବିବାହ ଦେଇ ଇନ୍ଦ୍ରତୁଲ୍ୟ ଐଶ୍ୱର୍ଯ୍ୟ, ରାଜ୍ୟ, ପରିବାର ତ୍ୟାଗ କରି ପୁନରାୟ ଗୁରୁ ମହର୍ଷି ନାରଦଙ୍କ ପାଖକୁ ଯାଇ ତାଙ୍କରି ଉପଦେଶରେ ଭଗବତ୍ ପ୍ରାପ୍ତି ସକାଶେ ଭଗବତ୍ ଧ୍ୟାନ, ନାମ ଜପ, ଭଗବତ୍ ଲୀଳା ଓ ଭଗବତ୍ ଚିନ୍ତନରେ ଡୁବିଗଲେ । ସଂସାରର ସମସ୍ତ ଭୋଗ, ବୈଭବ, ଐଶ୍ୱର୍ଯ୍ୟ ଭଗବତ୍ ପ୍ରାପ୍ତି ତୁଳନାରେ ନରକ ସଦୃଶ । ଯେଉଁମାନେ ଭଗବତ୍ ଆନନ୍ଦ ସମୁଦ୍ରର ଜଳକଣା ସଦୃଶ ଆନନ୍ଦ ଉପଲବ୍ଧି କରିବେ କିଂବା ଅନୁଭବ କରିବେ ଅଥବା ବୁଝି ପାରିବେ ସେମାନଙ୍କୁ ଇନ୍ଦ୍ରଙ୍କ ବୈଭବ ବିଳାସ, ଐଶ୍ୱର୍ଯ୍ୟ ବାନ୍ଧି ରଖି ପାରିବ ନାହିଁ; ମହାରାଜା ପ୍ରିୟବ୍ରତଙ୍କ ସଦୃଶ ସବୁ ତ୍ୟାଗ କରି ଭଗବତ୍ ପ୍ରାପ୍ତି ମାର୍ଗରେ ଯାତ୍ରୀ ହେବେ । ଯଥାର୍ଥରେ ସେହିମାନଙ୍କ ମନୁଷ୍ୟ ଶରୀର ସାର୍ଥକ ତାଙ୍କ ପିତାମାତା, କୁଳ, ଧନ୍ୟ; ଯେଉଁମାନେ ଭଗବତ୍‌ପ୍ରାପ୍ତି ମାର୍ଗ ଅନୁସରଣ କରନ୍ତି ।

ବୋଲ ଭକ୍ତ ଏବଂ ଭଗବାନଙ୍କର ଜୟ ।

ଦେବର୍ଷି ନାରଦ

ଦେବର୍ଷି ନାରଦ ବ୍ୟାସଦେବଙ୍କ ପ୍ରଶ୍ନ ଉତ୍ତରରେ ପୂର୍ବ ଜନ୍ମର ଚରିତ ବର୍ଣ୍ଣନା କରିବାକୁ ଆରମ୍ଭ କଲେ ।

ନାରଦ ପୂର୍ବ କଳ୍ପରେ ଜଣେ ଦେବଜ୍ଞ ବ୍ରାହ୍ମଣଙ୍କ ଦାସୀପୁତ୍ର ଥିଲେ । ତାଙ୍କ ମା' ଦାସୀ ଥିବାରୁ ତାଙ୍କର ବ୍ରାହ୍ମଣ ପରିବାର ସେବାରେ ସମସ୍ତ ସମୟ ଯାଉଥିଲା । ତାଙ୍କର ପୁତ୍ର ପ୍ରତି ଅତ୍ୟନ୍ତ ସ୍ନେହ, ମମତା, ଆସକ୍ତି ଥିବା ସତ୍ତ୍ୱେ ସେ ପୁତ୍ର ସ୍ନେହ ଦେଇ ପାରୁ ନ ଥିଲେ ।

ଥରେ ବର୍ଷାଦିନରେ ଚତୁର୍ମାସ୍ୟ ବ୍ରତ ସକାଶେ ଗୋଟିଏ ଋଷିମଣ୍ଡଳୀ ସେହି ବେଦବାଦୀ ବ୍ରାହ୍ମଣଙ୍କ ଗୃହ ନିକଟରେ ନିବାସ କଲେ । ସେହି ଋଷିମାନଙ୍କ ସେବା କରିବାକୁ ନାରଦ ମା'ଙ୍କୁ ନିଯୁକ୍ତି ମିଳିଲା । ସେ ସମୟରେ ନାରଦଙ୍କ ବୟସ ଯଦ୍ୟପି ପାଞ୍ଚବର୍ଷ ହୋଇଥିଲା ତଥାପି ତାଙ୍କର ଚପଳତା ନ ଥିଲା, ଖେଳକୁଦ କରୁ ନ ଥିଲେ, ଶାନ୍ତ, ଧୀର, ସ୍ଥିର ଭାବେ ମା'ଙ୍କ ସହିତ ସାଧୁମାନଙ୍କର ସେବା କରୁଥିଲେ । ସଜ୍ଜସେବା ସହିତ ପୁତ୍ର ତାଙ୍କ ସଙ୍ଗେ ଋଷିମାନଙ୍କ ସେବା କରିବାରୁ ନାରଦଙ୍କ ମା'ଙ୍କୁ ବହୁତ ପ୍ରସନ୍ନତା ହେଲା । ସଜ୍ଜମାନଙ୍କ ଧ୍ୟାନ ସମୟରେ ନାରଦ ଆଖି ବନ୍ଦ କରି ଭଗବତ୍‌ରୂପ ଧ୍ୟାନରେ ମଗ୍ନ ହୋଇ ଯାଉଥିଲେ । ସେ କମ୍ କଥା କହୁଥିଲେ ।

ସଜ୍ଜମାନଙ୍କ ଭୋଜନ ପରେ ତାଙ୍କ ଅନୁମତିରେ ସେମାନଙ୍କ ଉଚ୍ଛିଷ୍ଟ ପ୍ରସାଦ ସେବନ କରୁଥିଲେ । ବର୍ଷା ଏବଂ ଶରତ ଦୁଇ ଋତୁରେ ପ୍ରତିଦିନ ତିନି ସମୟରେ ମହାତ୍ମା ମୁନିମାନେ ଶ୍ରୀହରିଙ୍କ ନିର୍ମଳ ଯଶଃ କୀର୍ତ୍ତନ କରୁଥିଲେ । ନାରଦ ଆଗ୍ରହରେ ଶୁଣୁଥିଲେ । ଏହା ଫଳରେ ତାଙ୍କ ଚିତ୍ତରୁ ତମ ଏବଂ ରଜ ଗୁଣ ନାଶ ପାଇ ଭଗବତ୍ ଭକ୍ତି ତାଙ୍କ ହୃଦୟରେ ପ୍ରକାଶିତ ହେଲା । ତାଙ୍କ ହୃଦୟ ଶୁଦ୍ଧ, ପବିତ୍ର ହୋଇଗଲା । ଭଗବତ୍ ଭକ୍ତି ପ୍ରଭାବରେ ତାଙ୍କର ପୂର୍ବ ପାପ ସବୁ ଭସ୍ମ ହୋଇଗଲା । ଭଗବାନଙ୍କ ଚରଣରେ ଅଧିକ ରୁଚି ଉତ୍ପନ୍ନ ହେଲା ଏବଂ ଭଗବାନଙ୍କ ଚରଣରେ ଚିତ୍ତବୃତ୍ତି ବିଶାଳ ହୋଇଗଲା । ସେ ପ୍ରକାଶିତ ଶୁଦ୍ଧ ବୁଦ୍ଧିରେ ସର୍ବତ୍ର ବ୍ରହ୍ମ ଅନୁଭବ କରି ପାରିଲେ । ସେ ଅତ୍ୟନ୍ତ ବିନୟୀ ଥିଲେ । ତାଙ୍କ ହୃଦୟରେ ଅତ୍ୟନ୍ତ ଶ୍ରଦ୍ଧା ଥିଲା । ସେ ମନ ବଚନରେ ସଜ୍ଜମାନଙ୍କର ଆଜ୍ଞା ପାଳନ କରୁଥିଲେ ।

ଛୋଟ ପିଲା ସ୍ୱାଭାବିକରୂପେ ଶ୍ରଦ୍ଧାର ପାତ୍ର ହୁଅନ୍ତି । କିନ୍ତୁ ନାରଦ ଏତେ ଛୋଟ ଅବସ୍ଥାରେ ଉତ୍ତମ ଗୁଣ ଗ୍ରହଣ କରି ଅତ୍ୟନ୍ତ ଶ୍ରଦ୍ଧା ଭକ୍ତିରେ ସଜ୍ଜମାନଙ୍କ ସେବା କରୁଥିବା ଏବଂ ଆଗ୍ରହରେ ଆଜ୍ଞା ପାଳନ କରୁଥିବାରୁ ସଜ୍ଜମାନେ ତାଙ୍କ ଉପରେ ଅତ୍ୟନ୍ତ ପ୍ରସନ୍ନ ଥିଲେ । ସେମାନେ ଯିବା ସମୟରେ ନାରଦଙ୍କ ଉପରେ ଅତ୍ୟନ୍ତ ଖୁସି ହୋଇ ତାଙ୍କୁ ଭଗବତ୍ ପ୍ରାପ୍ତିର ଗୁହ୍ୟ ରହସ୍ୟ ଉପଦେଶ ଦେଲେ । ଯେଉଁ ଗୁହ୍ୟ ରହସ୍ୟକୁ ଭଗବାନ୍ ସ୍ୱୟଂ ଶ୍ରୀମୁଖରେ ଉପଦେଶ ଦେଇଥିଲେ ।

ନାରଦ ବ୍ୟାସଦେବଙ୍କୁ କହିଲେ, ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କୁ ସମସ୍ତ କର୍ମ ସମର୍ପଣ କରିବା ସଂସାରର ବନ୍ଧନରୁ ମୁକ୍ତ ହେବାର ଏକମାତ୍ର ଔଷଧ । ମନୁଷ୍ୟ ଯେଉଁ କର୍ମ ଦ୍ୱାରା ଜନ୍ମ-ମରଣ-ବନ୍ଧନରେ ପଡ଼େ, ସେହି କର୍ମ ଭଗବାନଙ୍କୁ ସମର୍ପଣ କଲେ ସେହି କର୍ମ ଜନ୍ମ-ମରଣରୁ ମୁକ୍ତି ଭଗବତ୍ ପ୍ରାପ୍ତିର କାରଣ ହୁଏ । ଏବଂ ପରାଭକ୍ତି ଯୁକ୍ତ ଜ୍ଞାନ ବି ପ୍ରାପ୍ତ ହୁଏ । ଯେଉଁମାନେ ସମର୍ପଣ ସହିତ ଭଗବତ୍ ନାମଜପ ଏବଂ ଗୁଣଗାନ କରନ୍ତି ସେହିମାନଙ୍କ ଜ୍ଞାନ ପୂର୍ଣ୍ଣ ତଥା ଯଥାର୍ଥ ହୁଏ । ସଜ୍ଜମାନଙ୍କ କୃପାରୁ ଭଗବାନ୍ ନାରଦଙ୍କ ଉପରେ ପ୍ରସନ୍ନ ହୋଇ ତାଙ୍କୁ ଆତ୍ମ-ଜ୍ଞାନ, ପ୍ରେମାଭକ୍ତି ପ୍ରଦାନ କଲେ, ଯେଉଁ ଭକ୍ତିରେ ବ୍ୟକ୍ତି ସବୁପ୍ରକାର ଦୁଃଖକଷ୍ଟ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ଭଗବତ୍ ପ୍ରାପ୍ତି କରିପାରେ ।

ଯଦ୍ୟପି ନାରଦଙ୍କ ବୟସ କମ୍ ଥିଲା ତଥାପି ସେ ମୁନିମାନଙ୍କ ଉପଦେଶ ତଥା ଭଗବାନଙ୍କ କୃପାରୁ ସେ ଭଗବତ୍ ଭକ୍ତିରେ ଡୁବି ରହୁଥିଲେ । କିନ୍ତୁ ତାଙ୍କର ଅନାଥିନୀ ମା'ର ସେ ପ୍ରାଣପ୍ରିୟ ଥିଲେ । ତାଙ୍କ ସମସ୍ତ ମୋହ, ଆସକ୍ତି ପୁତ୍ର ସ୍ନେହ ନାରଦଙ୍କ ଉପରେ ଘନୀଭୂତ ହୋଇଥିଲା । ସେ ନାରଦଙ୍କୁ ଛାଡ଼ି କ୍ଷଣେ ରହି ପାରୁ ନ ଥିଲେ । ନାରଦ ଭଗବତ୍ ଭକ୍ତି ପ୍ରଭାବରେ ଯଦ୍ୟପି ମାୟାମୋହର ଊର୍ଦ୍ଧ୍ୱ ଚେତନାରେ ରହୁଥିଲେ ତଥାପି ମା'ଙ୍କୁ କଷ୍ଟ ନ ଦେବା ସକାଶେ ସେ ତାଙ୍କରି ପାଖରେ ରହୁଥିଲେ । ନାରଦଙ୍କ ମା' ଦାସୀ ଥିବାରୁ ଭୋରୁ ଉଠିବା ସମୟରୁ ରାତ୍ରିରେ ଶୋଇବା ପର୍ଯ୍ୟନ୍ତ ଗୃହ ସେବା କରୁଥିଲେ ।

ମୁନିମାନଙ୍କ ଯିବାର କିଛିଦିନ ପରେ ରାତ୍ରିରେ ଦିନେ ନାରଦଙ୍କ ମା' ଗାଈ ଦୁହିଁବାକୁ ଯିବା ସମୟରେ ଗୋଟିଏ ସାପ ଉପରେ ତାଙ୍କ ପାଦ ପଡ଼ିଗଲା ଏବଂ ସାପ ତାଙ୍କୁ କାମୁଡ଼ି ଦେଲା । ସେହି ବିଷରେ ସେ ଶରୀର ତ୍ୟାଗ କଲେ ।

ସେ ସମୟରେ ନାରଦଙ୍କ ବୟସ ମାତ୍ର ପାଞ୍ଚ ବର୍ଷ ଥିଲା । ମା'ଙ୍କର ମୃତ୍ୟୁ ହେବାରୁ ନାରଦଙ୍କର ବନ୍ଧନ ଦୂର ହୋଇଗଲା । ସେ ବାଳକ ଥିଲେ । ଦେଶ କାଳର ଜ୍ଞାନ ନ ଥିଲା । ତଥାପି ଭଗବାନଙ୍କ ଉପରେ ତାଙ୍କର ବିଶ୍ୱାସ ଭରସା ଥିବାରୁ ସେ ତାଙ୍କ ମା' ଥିବା ବ୍ରାହ୍ମଣ ଗ୍ରାମକୁ ଛାଡ଼ି ଉତ୍ତର ଦିଶାକୁ ଯାତ୍ରା କଲେ । କେଉଁ ନିର୍ଦିଷ୍ଟ ସ୍ଥାନକୁ ଯିବେ ଏପରି କିଛି ଧାରଣା ନ ଥିଲା । କେବଳ ଉତ୍ତର ଦିଶାକୁ ମୁଖ କରି ଚାଲୁଥିଲେ । କେତେ ଗ୍ରାମ, କେତେ ଧନଧାନ୍ୟ ପୂର୍ଣ୍ଣ ଦେଶ, ନଦୀ, ପର୍ବତ, ବନ, ଉପବନ; ରଙ୍ଗ ବିରଙ୍ଗ ଧାତୁ ଯୁକ୍ତ ବିଚିତ୍ର ପର୍ବତ, କମଳ ପୁଷ୍ପ ଯୁକ୍ତ ବଡ଼ ବଡ଼ ପୁଷ୍କରିଣୀ ଆଦି ଅତିକ୍ରମ କରି ଯାଉଥିଲେ । ବହୁତ ରାସ୍ତା ଅତିକ୍ରମ କରିବା ପରେ ଗୋଟିଏ ଘୋର ଜଙ୍ଗଲରେ ପ୍ରବେଶ କଲେ । ଜଙ୍ଗଲ ନାନାପ୍ରକାର ଫଳ, ଫୁଲ, ବୃକ୍ଷଲତାରେ ପରିପୂର୍ଣ୍ଣ ଥିଲା । ସେଠାରେ ନାନାପ୍ରକାର ହିଂସ୍ରଜନ୍ତୁ ବହୁ ସଂଖ୍ୟାରେ ରହୁଥିଲେ । ଜଙ୍ଗଲ ବହୁତ ଭୟଙ୍କର ଥିଲା । ନାରଦ ବହୁତ ରାସ୍ତା ଚାଲିବା ଯୋଗୁଁ ସେ ବହୁତ ଦୁର୍ବଳ ଅନୁଭବ କରୁଥିଲେ । କ୍ଷୁଧା ଏବଂ ତୃଷାରେ ବ୍ୟାକୁଳ ହୋଇ ପଡ଼ିଲେ । ସେହି ଘୋର ଜଙ୍ଗଲରେ ଗୋଟିଏ ନଦୀ ଦେଖି ସେହି ନଦୀରୁ ଜଳପାନ କରିବାରୁ କିଛି ସୁସ୍ଥ ଅନୁଭବ କଲେ । ସେହି ନଦୀରେ ସ୍ନାନ କରିବାରୁ ତାଙ୍କୁ ବହୁତ ପ୍ରସନ୍ନ ହେଲା, ସେ ସୁସ୍ଥ ଅନୁଭବ କଲେ । ସବୁ ଦୁର୍ବଳତା ଦୂର ହୋଇଗଲା । ସେହି ଘୋର ଜଙ୍ଗଲ ନଦୀ ନିକଟରେ ଥିବା ଗୋଟିଏ ଅଶ୍ୱତ୍ଥ ବୃକ୍ଷ ତଳେ ନାରଦ ଆସନ ଲଗେଇ ବସି ଗଲେ । ମହାତ୍ମାମାନଙ୍କଠାରୁ ଉପଦେଶ ପାଇଥିବା ଅନୁସାରେ ହୃଦୟରେ ସେହି ପରମାତ୍ମା ଭଗବାନଙ୍କୁ ଧ୍ୟାନ କଲେ । ଭଗବାନଙ୍କ ଧ୍ୟାନରେ ମନ ଏକାଗ୍ରତା ହୋଇଗଲା । ଭଗବତ୍ ପ୍ରାପ୍ତି ସକାଶେ ଉତ୍କଟ ଲାଳସା ଉତ୍ପନ୍ନ ହେଲା । ଦୁଇ ନେତ୍ରରୁ ପ୍ରେମାଶ୍ରୁ ବହିବାକୁ ଲାଗିଲା, ରୋମାଞ୍ଚ ହୋଇଗଲା । ହୃଦୟ ଶାନ୍ତ ଏବଂ ଶୀତଳ । ସେହି ଆନନ୍ଦର ପ୍ରବାହରେ ନାରଦ ବୁଡ଼ି ଗଲେ । ନିଜ ଶରୀରର ଜ୍ଞାନ ରହିଲା ନାହିଁ । ଭକ୍ତିର ବ୍ୟାକୁଳତା ତଥା ଦର୍ଶନର ପ୍ରବଳ ଲାଳସା ହେଲେ ଭଗବାନ୍ ଦର୍ଶନ ନ ଦେଇ ରହି ପାରନ୍ତି ନାହିଁ । ଭଗବାନ୍ ନାରଦଙ୍କ ହୃଦୟରେ ନିଜର ଦିବ୍ୟ ରୂପରେ ପ୍ରକଟ ହୋଇଗଲେ । ନାରଦ ଭଗବାନଙ୍କ ଅଲୌକିକ ରୂପର ଆନନ୍ଦ ସମୁଦ୍ରରେ ଏକେବାରେ ଡୁବି ଗଲେ । ତାଙ୍କର ବାହ୍ୟ ଜ୍ଞାନ ସଂପୂର୍ଣ୍ଣରୂପେ ଭଗବାନଙ୍କ ଦିବ୍ୟ ଦର୍ଶନ ଆନନ୍ଦରେ ବିଲୀନ ହୋଇଗଲା । କିନ୍ତୁ ସେହି ଦିବ୍ୟ ରୂପ ଦର୍ଶନ ବହୁତ ସମୟ ରହିଲା ନାହିଁ, ଅଳ୍ପ ସମୟରେ ଅନ୍ତର୍ଦ୍ଧାନ ହୋଇଗଲା ।

ଭଗବାନଙ୍କ ଦିବ୍ୟ ରୂପ ନାରଦଙ୍କ ହୃଦୟରୁ ଦୂର ହେବାରୁ ନାରଦ ଅତ୍ୟନ୍ତ ବ୍ୟାକୁଳ ହୋଇ ଆସନରୁ ଉଠି ଛିଡ଼ା ହୋଇଗଲେ । ସେହି ରୂପକୁ ପୁନରାୟ ଦର୍ଶନ କରିବା ସକାଶେ ନାରଦ ଆସନରେ ବସି ହୃଦୟରେ ମନକୁ ସମାହିତ କରି ବାରଂବାର ଚେଷ୍ଟା କଲେ ମଧ୍ୟ ସେ ଭଗବାନଙ୍କର ସେହି ଦିବ୍ୟରୂପକୁ ଦର୍ଶନ କରିପାରିଲେ ନାହିଁ । ନାରଦ ଅତ୍ୟନ୍ତ ଆତୁର ହୋଇ ପଡ଼ିଲେ । ନାରଦଙ୍କୁ ଅତ୍ୟନ୍ତ ବ୍ୟାକୁଳ ଦେଖି ଭକ୍ତବତ୍ସଳ ଭଗବାନ୍ ଅନ୍ତରୀକ୍ଷରୁ କହିଲେ,— ''ହେ ନିଷ୍ପାପ ବାଳକ, ଯେଉଁମାନଙ୍କର ସମସ୍ତ ବାସନା ସଂପୂର୍ଣ୍ଣରୂପେ ଦୂର ନ ହୋଇଥାଏ ସେମାନଙ୍କୁ ମୋର ଦର୍ଶନ ଅତ୍ୟନ୍ତ ଦୁର୍ଲଭ । ତୁ ଅଳ୍ପକାଳ ସଚ୍ଚ ସେବା କରିବାରୁ ତୋର ଚିତ୍ତବୃତ୍ତି ମୋ ରୂପରେ ସ୍ଥିର ହୋଇଯାଇଛି । ମୋର ଦର୍ଶନର ଲାଳସା ତୋ ହୃଦୟରେ ଜାଗ୍ରତ୍ କରିବା ସକାଶେ ତୋ ହୃଦୟରେ ମୋ ଦିବ୍ୟରୂପର ଦର୍ଶନ ଦେଲି । ଏହି ପ୍ରାକୃତ ସ୍ଥୂଳ ଶରୀରରେ ମୋର ସେହି ଦିବ୍ୟରୂପ ଦର୍ଶନ ଆଉ ପାଇବୁ ନାହିଁ । ଏହି ପ୍ରାକୃତ ମଳିନ ଶରୀରକୁ ତ୍ୟାଗ କରିବା ପରେ ମୋ ଦିବ୍ୟ ଧାମରେ ମୋର ପାରିଷଦ ହୋଇ ମୋ ସଙ୍ଗେ ରହିବୁ । ମୋତେ ପ୍ରାପ୍ତ କରିବାର ତୋର ଏହି ଦୃଢ଼ ସଂକଳ୍ପ କେବେ ବି ଖଣ୍ଡିତ ହେବ ନାହିଁ । ସୃଷ୍ଟି ପ୍ରଳୟ ହେଲେ ବି ମୋ କୃପାରୁ ମୋର ସ୍ମରଣ ତୋର ରହିବ ।'' 'ଭଗବାନ୍ ଏତିକି କହି ନୀରବ ହୋଇଗଲେ । ମୋର ସବୁ ବ୍ୟାକୁଳତା ଦୂର ହୋଇଗଲା । ଭଗବାନଙ୍କ କୃପା ଦେଖି ମୋ ହୃଦୟ କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ମୁଁ ପୃଥିବୀରେ ଶିର ରଖି ଭଗବାନଙ୍କୁ ପ୍ରଣାମ କଲି । ସେହି ଦିନଠାରୁ ଭଗବାନଙ୍କର ଅତ୍ୟନ୍ତ ରହସ୍ୟପୂର୍ଣ୍ଣ, ମଙ୍ଗଳମୟ ମଧୁର ନାମ ଏବଂ ଲୀଳାକୁ କୀର୍ତ୍ତନ ଏବଂ ସ୍ମରଣ କରୁଅଛି, ଆସକ୍ତି ଏବଂ ମଦ ମତ୍ସରାଦି ଦୁର୍ଗୁଣ ମୋ ହୃଦୟରୁ ପୂର୍ବରୁ ନିବୃତ୍ତି ହୋଇ ଯାଇଥିଲା । ମୁଁ କେବଳ ଆନନ୍ଦରେ କାଳକୁ ପ୍ରତୀକ୍ଷା କରି ପୃଥିବୀରେ ବିଚରଣ କଲି ।'

ନାରଦଜି କହିଲେ, ''ହେ ବ୍ୟାସଦେବ, ଏହି ପ୍ରକାର ଭଗବାନଙ୍କ କୃପାରୁ ମୋର ସବୁପ୍ରକାର ଆସକ୍ତି ଦୂର ହୋଇଗଲା । ମୁଁ ଶ୍ରୀକୃଷ୍ଣ ପରାୟଣ ହୋଇଗଲି । କିଛି ସମୟ ପରେ ଭଗବତ୍ ପାରିଷଦ ହେବାର ସମୟ ଆସିବାରୁ ବିଜୁଳି ମାରିଲା ପରି ମୋର ମୃତ୍ୟୁ ହଠାତ୍ ଆସିଗଲା । ପ୍ରାରବ୍ଧ କର୍ମ ସବୁ ନଷ୍ଟ ହୋଇଗଲା । ପଞ୍ଚ ଭୌତିକ ଶରୀର ବି ତ୍ୟାଗ ହେଲା । ସେ ସମୟ ଥିଲା କଳିର ଶେଷ ପ୍ରଳୟର ସମୟ । ସମଗ୍ର ପୃଥିବୀ ଜଳମଗ୍ନ ହୋଇଗଲା । ଭଗବାନ୍ ନାରାୟଣ ପ୍ରଳୟରେ ଶୟନ କଲେ । ଭଗବାନଙ୍କ ହୃଦୟରେ ଶୟନ କରିବାକୁ ଇଚ୍ଛା କରି ବ୍ରହ୍ମା ସମସ୍ତ ସୃଷ୍ଟିକୁ ସଂକୋଚିତ କରି ଯେତେବେଳେ ନାରାୟଣଙ୍କ ହୃଦୟରେ ପ୍ରବେଶ କରିବାକୁ ଲାଗିଲେ ସେତେବେଳେ ତାଙ୍କ ଶ୍ୱାସ ସହିତ ମୁଁ ମଧ୍ୟ ତାଙ୍କ ହୃଦୟରେ ପ୍ରବେଶ କରିଗଲି । ଏକ ସହସ୍ର ଚତୁର୍ଯୁଗୀ ବ୍ୟତୀତ ହେବାପରେ ଭଗବାନଙ୍କ ସଂକଳ୍ପ ଅନୁସାରେ ବ୍ରହ୍ମା ଜାଗ୍ରତ୍ ହେଲେ ଏବଂ ସୃଷ୍ଟି କରିବାକୁ ଇଚ୍ଛା କଲେ; ସେତେବେଳେ ତାଙ୍କ ସଂକଳ୍ପରେ ମରୀଚି ଆଦି ଋଷିମାନଙ୍କ ସହିତ ମୁଁ ବି ପ୍ରକଟ ହେଲି । ସେହି ସମୟରୁ ଭଗବାନଙ୍କ କୃପାରୁ ବୈକୁଣ୍ଠାଦି ଦିବ୍ୟଧାମ ଏବଂ ତ୍ରିଲୋକ ବାହାରେ ତଥା ଭିତରେ ବିନା ବାଧାରେ ବିଚରଣ କରୁଅଛି । ମୋର ଜୀବନର ବ୍ରତ ଭଗବତ୍ ଭଜନ ଅଖଣ୍ଡରୂପେ ଚାଲୁଅଛି । ଭଗବାନ୍ ଦେଇଥିବା ସ୍ୱର ବ୍ରହ୍ମ ବିଭୂଷିତ ଏହି ବୀଣାରେ ତାଳଯୁକ୍ତ ମୁଁ ତାଙ୍କ ଲୀଳା ଗୁଣଗାନ କରି ସମସ୍ତ ସଂସାର ଭ୍ରମଣ କରୁଅଛି । ଯେବେ ମୁଁ ତାଙ୍କ ଲୀଳା ଗାନ କରେ ତେବେ ଯେଉଁ ପ୍ରଭୁଙ୍କର ଚରଣ କମଳ ସମସ୍ତ ତୀର୍ଥମାନଙ୍କରେ ଉଦ୍‌ଗମ ସ୍ଥାନ; ଏବଂ ଯାହାଙ୍କ ଯଶ ଗାନ ମୋତେ ଅତ୍ୟନ୍ତ ପ୍ରିୟ ଲାଗେ ସେହି ପ୍ରଭୁ ତାଙ୍କ ଦିବ୍ୟରୂପରେ ତତ୍‌କ୍ଷଣାତ୍ ମୋ ହୃଦୟରେ ଦର୍ଶନ ଦେଉଅଛନ୍ତି । ଏକ କ୍ଷଣ ସକାଶେ ପ୍ରଭୁ ମୋଠାରୁ ପୃଥକ୍ ରୁହନ୍ତି ନାହିଁ । ଯେଉଁମାନଙ୍କ ଚିତ୍ତ ନିରନ୍ତର କାମନା ବାସନା, ବିଷୟ-ଭୋଗ ସକାଶେ ଆତୁର ହେଉଅଛି ଏପରି ଯଦି ବ୍ୟକ୍ତି ଭଗବାନଙ୍କ ଲୀଳାକୁ କୀର୍ତ୍ତନ କରିବେ, ସେମାନଙ୍କ ସକାଶେ ସଂସାର ସାଗର ପାର ହେବା ସକାଶେ ଏହା ସୁଦୃଢ଼ ଜାହାଜ ହେବ । ଏହା ମୋର ନିଜର ଅନୁଭୂତି । କାମ, କ୍ରୋଧ, ଲୋଭାଦି ପ୍ରହାରରେ ଯେଉଁମାନଙ୍କ ହୃଦୟ କ୍ଷତ ବିକ୍ଷତ ହୋଇଯାଇଛି ସେମାନେ ଯଦି ଶ୍ରୀକୃଷ୍ଣଙ୍କ ସେବା କରନ୍ତି ସେମାନଙ୍କୁ ଯେପରି ପ୍ରତ୍ୟକ୍ଷ ଭାବେ ପରମଶାନ୍ତି ପ୍ରାପ୍ତ ହୁଏ ଯମନିୟମାଦି ଯୋଗ ମାର୍ଗରେ ସେପରି ଶାନ୍ତି ପ୍ରାପ୍ତ ହୁଏ ନାହିଁ । ବ୍ୟାସଦେବଙ୍କ ପ୍ରଶ୍ନର ଉତ୍ତରରେ ନାରଦ ଏହା କହିଥିଲେ ।

ପ୍ରଶ୍ନ ହେବ ବ୍ୟକ୍ତିର ସାଧନା ସିଦ୍ଧି ହେଲେ ସେ ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ଦିବ୍ୟଧାମରେ ଦିବ୍ୟ ଶରୀରରେ ଭଗବତ୍ ସାମୀପ୍ୟ ପ୍ରାପ୍ତ ହୁଏ । ନାରଦଙ୍କର ସାଧନା ସିଦ୍ଧି ହୋଇଥିଲା; ସେ ଭଗବତ୍ ପାରିଷଦରୂପେ ଭଗବତ୍ ଧାମରେ ରହିବା ସକାଶେ ଭଗବାନ୍ କହିଥିଲେ । ସେ ଭଗବତ୍ ଧାମରେ ନ ରହି ସର୍ବତ୍ର ବିଚରଣ କରୁଛନ୍ତି କାହିଁକି ? ଏହାର ରହସ୍ୟ ହେଲା –

ନାରଦ ଭଗବତ୍ ପ୍ରାପ୍ତି କରିଥିଲେ ଏବଂ ଭଗବାନଙ୍କ ପାରିଷଦ ଆଜି ବି ଅଛନ୍ତି; କିନ୍ତୁ ଭଗବାନଙ୍କ ମାନସ ଅବତାର ତାଙ୍କୁ କୁହାହୁଏ । ଚବିଶ ଅବତାରରେ ନାରଦ ମଧ୍ୟ ଗୋଟିଏ ଅବତାର । କିନ୍ତୁ ଭଗବତ୍ କାର୍ଯ୍ୟ ସକାଶେ, ଭଗବାନଙ୍କ ବିଧାନ ଅନୁସାରେ ସେ ସର୍ବତ୍ର ବିଚରଣ କରନ୍ତି । ତାଙ୍କ ସକାଶେ ଭଗବାନଙ୍କ ଦିବ୍ୟଧାମ ଏବଂ ଏହି ମୃତ୍ୟୁ ପୁରୀର ବ୍ୟବଧାନ ନ ଥାଏ । ସେ ଯେଉଁଠାକୁ ଯିବାକୁ ଚାହାନ୍ତି, ସେଠାକୁ ଯାଆନ୍ତି । ସେ ସବୁସମୟରେ ଭଗବାନଙ୍କ ଯୁକ୍ତ ଥିବା ସତ୍ତ୍ୱେ ସଂକଳ୍ପ ମାତ୍ରେ ସାକେତ, ଗୋଲୋକ, ବୈକୁଣ୍ଠାଦି ଭଗବତ୍ ଦିବ୍ୟଧାମରେ ଭଗବାନଙ୍କ ପାଖରେ ପହଞ୍ଚି ଭଗବାନଙ୍କ ସହିତ କଥାବାର୍ତ୍ତା କରିପାରନ୍ତି । ଏହି ମୃତ୍ୟୁପୁରୀରେ ବି ଭଗବାନଙ୍କ ସଂକଳ୍ପ ଅନୁସାରେ ଭଗବାନଙ୍କ କାର୍ଯ୍ୟ ସର୍ବଦା କରନ୍ତି । ତାଙ୍କୁ ଦେବତା, ଅସୁର, ସାଧୁ ସଜ୍ଜ, ଋଷି ମୁନି ସମସ୍ତେ ପୂଜା କରନ୍ତି ।

ବୋଲ ଭକ୍ତ ଏବଂ ଭଗବାନଙ୍କର ଜୟ ।

ବ୍ରହ୍ମାଜି

ପ୍ରତ୍ୟେକ କଳ୍ପରେ ବ୍ରହ୍ମାଜିଙ୍କ ଦ୍ୱାରା ଭଗବାନ୍ ସୃଷ୍ଟି କରାନ୍ତି । ପ୍ରତ୍ୟେକ କଳ୍ପରେ ବ୍ରହ୍ମାଜିଙ୍କର ଅବତାର ଭିନ୍ନ ଭିନ୍ନ ହୁଏ । ଗୋଟିଏ କଳ୍ପରେ ପ୍ରଳୟ ହେଲା; ସମଗ୍ର ସଂସାର ଜଳମଗ୍ନ ହୋଇଗଲା । ସେହି ପ୍ରଳୟ ଜଳରେ କେବଳ ଭଗବାନ୍ ବିଷ୍ଣୁ ଶୋଇ ରହିଥିଲେ । ତାଙ୍କ ନାଭିରୁ ଗୋଟିଏ ଅତ୍ୟନ୍ତ ସୁନ୍ଦର ଜ୍ୟୋତିର୍ମୟ କମଳ ଉତ୍ପନ୍ନ ହେଲା । ସେହି କମଳ କଳିକାରୁ ଶ୍ରୀବ୍ରହ୍ମାଜିଙ୍କର ଆବିର୍ଭାବ ହେଲା । ବ୍ରହ୍ମାଜି ଆଖି ଖୋଲି ଦେଖିଲେ ସମଗ୍ର ସଂସାର କେବଳ ଜଳରେ ପୂର୍ଣ୍ଣ । କ'ଣ କରିବେ କୁଆଡ଼େ ଯିବେ କିଛି ଭାବି ନ ପାରି ସେହି କମଳ ନାଡ଼ ଭିତରେ ପ୍ରବେଶ କରିଗଲେ । ଏବଂ ହଜାର ବର୍ଷ ପର୍ଯ୍ୟନ୍ତ ସେହି ନାଡ଼ରେ ଭ୍ରମଣ କରୁଥିଲେ । କୁଆଡ଼େ ଯିବେ, କ'ଣ କରିବେ କିଛି ଜାଣି ପାରିଲେ ନାହିଁ । ପୁନରାୟ ସେହି କମଳ ଫୁଲ ମଧ୍ୟସ୍ଥଳକୁ ଫେରି ଆସିଲେ । ସେ କିଏ, କେଉଁଠୁ ଆସିଲେ, କ'ଣ କରିବେ,— ଏହି ଚିନ୍ତାରେ ସେ ନିମଗ୍ନ ହୋଇଗଲେ, ତଥା ଶୁଣିପାରିଲେ 'ତପଃ', 'ତପଃ' । ବ୍ରହ୍ମାଜି ସେହି ଆଦେଶ ପାଇ ତପ କରିବା ଆରମ୍ଭ କରିଦେଲେ । ବ୍ରହ୍ମାଜି ସବୁ ତପସ୍ୱୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ତପସ୍ୱୀ । ତାଙ୍କ ଜ୍ଞାନ ଅମୋଘ । ସେ ହଜାରେ ବର୍ଷ ପର୍ଯ୍ୟନ୍ତ ଏକାଗ୍ର ମନରେ ମନ, ପ୍ରାଣ, କର୍ମେନ୍ଦ୍ରିୟ ଏବଂ ଜ୍ଞାନେନ୍ଦ୍ରିୟକୁ ବଶ କରି ଏପରି ତପସ୍ୟା କଲେ ଯାହା ଫଳରେ ସଂସାର, ସଂସାରର ଉର୍ଦ୍ଧ୍ୱଲୋକକୁ ପ୍ରକାଶିତ କରିବାରେ ସମର୍ଥ ହୋଇପାରିଲେ ।

ତାଙ୍କ ତପସ୍ୟାରେ ପ୍ରସନ୍ନ ହୋଇ ଭଗବାନ୍ ତାଙ୍କୁ ସେହି ଲୋକ ଦେଖାଇଲେ ଯେଉଁ ଲୋକ ବା ଧାମ ସବୁଠାରୁ ଶ୍ରେଷ୍ଠ । ସେ ଲୋକରେ କୌଣସି ପ୍ରକାରେ କ୍ଲେଶ, ମୋହ ତଥା ଭୟ ନାହିଁ । ଯାହାକୁ କେବେ ଯଦି ଥରେ ମାତ୍ର କେହି ଲୋକ ସେ ଧାମ ଦର୍ଶନର ସୌଭାଗ୍ୟ ପ୍ରାପ୍ତ ହୁଏ ତାଙ୍କୁ ସବୁ ଦେବତା ବାରଂବାର ସ୍ତୁତି କରୁଥାଆନ୍ତି । ସେଠାରେ ରଜଗୁଣ, ତମଗୁଣ ତଥା ସତ୍ତ୍ୱଗୁଣ ବି ନାହିଁ । ତାହା କାଳ ଏବଂ ମାୟା ସକାଶେ ଅତି ଦୁର୍ଗମ ଓ ଅଭେଦ୍ୟ ସ୍ଥଳୀ । ଅର୍ଥାତ୍ ଏପରି ସ୍ଥଳେ ମାୟାର ସନ୍ତାନମାନଙ୍କ ସକାଶେ ସେହି ଧାମ କଳ୍ପନାତୀତ । ସେହି ଦିବ୍ୟ ଧାମରେ ଭଗବାନଙ୍କ ପାରିଷଦ ନିବାସ କରନ୍ତି । ସେମାନଙ୍କ ପୂଜା ଦେବୀ ତଥା ଦୈତ୍ୟ ଉଭୟ କରନ୍ତି । ସେମାନଙ୍କର ଉଜ୍ଜ୍ୱଳ ଜ୍ୟୋତିର୍ମୟ ଶ୍ୟାମ ଶରୀର, ଶତଦଳ କମଳ ସମାନ କୋମଳ ନେତ୍ର ଏବଂ ପୀତବର୍ଣ୍ଣ ବସ୍ତ୍ର ପରିଧାନରେ ଶରୀର ଅତ୍ୟନ୍ତ ଶୋଭନୀୟ ହୋଇଥାଏ । ପ୍ରତ୍ୟେକ ଅଙ୍ଗରେ ଅଲୌକିକ ଶୋଭା । ସେମାନଙ୍କର ଶରୀର ଅତ୍ୟନ୍ତ କୋମଳ । ପ୍ରତ୍ୟେକ ପାରିଷଦଙ୍କର ନାରାୟଣଙ୍କ ସଦୃଶ ଚାରି ଭୁଜ । ସେମାନେ ସ୍ୱତଃସ୍ଫୂର୍ତ୍ତଭାବେ ଅତ୍ୟନ୍ତ ତେଜସ୍ୱୀ ଏବଂ ଦିବ୍ୟଭୂଷଣରେ ଭୂଷିତ ହୋଇଥାଆନ୍ତି । ସେମାନଙ୍କ କାନରେ କୁଣ୍ଡଳ, ମସ୍ତକରେ ମୁକୁଟ, ଗଳାରେ ରତ୍ନମାଳା ଶୋଭା ପାଉଥାଏ । ଯେପରି ଆକାଶରେ ମେଘ ବିଜୁଳି ସହିତ ଶୋଭାଯୁକ୍ତ ହୋଇ ଥାଆନ୍ତି ସେମାନେ ସେହିପରି ଦିବ୍ୟ ବିମାନରେ ସ୍ଥାନେ ସ୍ଥାନେ ଶୋଭା ପାଉଥା'ନ୍ତି । ସେହି ବୈକୁଣ୍ଠପୁରୀରେ ଅତ୍ୟନ୍ତ ଅଲୌକିକ ଶୋଭାଯୁକ୍ତ ଲକ୍ଷ୍ମୀଦେବୀ ନାନାଦି ବିଭୂଷଣରେ ଭୂଷିତା ହୋଇ ଭଗବାନ୍ ନାରାୟଣଙ୍କୁ ସେବା କରୁଥାଆନ୍ତି ଏବଂ ଜଗତ୍ ଜନନୀ ଲକ୍ଷ୍ମୀଦେବୀଙ୍କ ସହିତ ଅଲୌକିକ କଳ୍ପନା ଶୋଭାଯୁକ୍ତ ଭଗବାନ୍ ନାରାୟଣ ଦିବ୍ୟ ସିଂହାସନରେ ବିରାଜମାନ ହୋଇଥାଆନ୍ତି ଏବଂ ପାରିଷଦମାନଙ୍କ ଦ୍ୱାରା ସେବିତ ହେଉଥାଆନ୍ତି ।

ସେହି ଅଲୌକିକ ବୈକୁଣ୍ଠଧାମରେ ଦିବ୍ୟ ପାରିଷଦମାନଙ୍କ ସହିତ ଶ୍ରୀମହାଲକ୍ଷ୍ମୀ ଓ ଭଗବାନ୍ ନାରାୟଣଙ୍କୁ ଦର୍ଶନ କରି ଶ୍ରୀବ୍ରହ୍ମାଜି ପରମାନନ୍ଦରେ ଡୁବି ଗଲେ । ପରମାନନ୍ଦରେ ନିମଗ୍ନ ହୋଇଯିବାରୁ ସେ ପରମାନନ୍ଦ ସ୍ୱରୂପ ହୋଇଗଲେ । ଭଗବାନଙ୍କ ସହିତ ଏକତ୍ୱ ହୋଇଯିବାରୁ ତାଙ୍କର ଆଉକିଛି ଧାରଣା ରହିଲା ନାହିଁ । ସେ ଭଗବାନଙ୍କ ଚରଣରେ ମସ୍ତକ ରଖିଦେଲେ । ଦୁଇ ନେତ୍ରରୁ ଆନନ୍ଦାଶ୍ରୁ ବହିଲା । ରୋମ ପୁଲକ, ସମସ୍ତ ସତ୍ତା ପରମାନନ୍ଦରେ ପରିପୂର୍ଣ୍ଣ ହୋଇଗଲା । ଶ୍ରୀବ୍ରହ୍ମାଜିଙ୍କର ଏପରି ଦିବ୍ୟାବସ୍ଥା ଦେଖି ଭଗବାନ୍ କହିଲେ —

''ବ୍ରହ୍ମାଜି, ତୁମ ହୃଦୟରେ ସମସ୍ତ ଦେବଜ୍ଞାନ ବିଦ୍ୟମାନ ଅଛି । ତୁମେ ସୃଷ୍ଟି ରଚନା କରିବା ଇଚ୍ଛାରେ ବହୁକାଳ

ତପସ୍ୟା କରି ମୋତେ ସନ୍ତୁଷ୍ଟ କରି ନେଇଛ । ମନରେ କପଟ ରଖି ଯୋଗସାଧନା କରିବା ବ୍ୟକ୍ତି ମୋତେ କେବେ ବି ପାଇପାରନ୍ତି ନାହିଁ କିଂବା ପ୍ରସନ୍ନ କରିପାରନ୍ତି ନାହିଁ । ତୁମର କଲ୍ୟାଣ ହେଉ । ତୁମର ଯାହା ଇଚ୍ଛା ସେହି ବର ମାଗି ନିଅ ।''

ବ୍ରହ୍ମାଜି କହିଲେ, ''ତୁମେ ସମସ୍ତ ପ୍ରାଣୀମାନଙ୍କ ଅନ୍ତଃକରଣରେ ସାକ୍ଷିରୂପେ ବିଦ୍ୟମାନ ରହିଅଛ । ତୁମେ ନିଜର ଅପ୍ରତିହତ ଜ୍ଞାନରେ ଜାଣିଛ, ମୁଁ କ'ଣ କରିବାକୁ ଚାହୁଁଅଛି । ପ୍ରଭୁ କୃପା କରନ୍ତୁ, ମୁଁ ତୁମର ସଗୁଣ ଏବଂ ନିର୍ଗୁଣ ଉଭୟ ରୂପକୁ ଜାଣିପାରେ । ତୁମେ ମାୟାର ପତି, ତୁମର ସଂକଳ୍ପ କେବେ ବି ବ୍ୟର୍ଥ ହୁଏ ନାହିଁ । ଯେପରି ବୁଢ଼ିଆଣୀ ନିଜ ମୁହଁରୁ ସୂତା ବାହାର କରି ଜାଲ ରଚନା କରି ଖେଳ କରେ ଏବଂ ପୁନରାୟ ସେହି ଜାଲକୁ ନିଜ ମଧ୍ୟରେ ବିଲୀନ କରିନିଏ, ତୁମେ ସେହିପରି ନିଜ ଯୋଗ ମାୟାରେ ବିବିଧ ଶକ୍ତି ସମ୍ପନ୍ନ ଜଗତର ପ୍ରତିପାଳନ, ନାଶ କରିବା ସକାଶେ ନିଜେ ବହୁ ରୂପ ଧାରଣ କରି କ୍ରୀଡ଼ା କର । ସେହି ଜଗତ୍ ସର୍ଜନା କରିବା ଶକ୍ତି ମୋତେ ଦିଅନ୍ତୁ ତଥା ଏପରି କୃପା କରନ୍ତୁ – ତୁମର ଆଜ୍ଞା ପାଳନ କରିପାରେ ଏବଂ ସୃଷ୍ଟି ରଚନାର କର୍ତ୍ତାପଣର ଅଭିମାନ ବନ୍ଧନରୁ ରକ୍ଷା ହୋଇପାରେ । ତୁମକୁ ନ ଭୁଲି ତୁମ ଆଶ୍ରୟ ଛାଡ଼ି ନିଜେ ଅହଂବଶ ହୋଇ ନିଜେ ସ୍ୱତନ୍ତ୍ର ବୋଲି – ଏହି ପ୍ରମାଦରୁ ରକ୍ଷା ହୋଇପାରେ ।''

ଭଗବାନ୍ କହିଲେ, ''ହେ ବ୍ରହ୍ମା, ମୋର ଅତ୍ୟନ୍ତ ପ୍ରିୟ ପ୍ରେମଭକ୍ତି, ସାଧନାଯୁକ୍ତ ଅତ୍ୟନ୍ତ ଗୋପନୀୟ ମୋ ସ୍ୱରୂପ ମୁଁ କହୁଛି, ତୁମେ ଗ୍ରହଣ କର । ମୋର ଯାହାକିଛି ବିସ୍ତାର, ମୋର ଯେଉଁ ଲକ୍ଷଣ, ମୋର ଯେଉଁସବୁ ରୂପ, ଗୁଣ, ଲୀଳା, ମୋ କୃପାରୁ ତୁମେ ଅନୁଭବ କର । ସୃଷ୍ଟି ପୂର୍ବରୁ କେବଳ ମୁଁ ଥିଲି, ମୋ ଛଡ଼ା କିଛି ବି ନ ଥିଲା । ଏହି ସୃଷ୍ଟି ରୂପରେ ଯାହା ଦେଖା ଯାଉଛି ସବୁ ମୁଁ । ବ୍ରହ୍ମ ନାହିଁ – ଏହି ନିଷେଧାତ୍ମକ ତଥା ବ୍ରହ୍ମ ଅଛନ୍ତି – ଏହି ସ୍ୱୀକାରାତ୍ମକ ଶବ୍ଦରୁ ସିଦ୍ଧ ହେଉଛି ସର୍ବାତୀତ ଏବଂ ସର୍ବରୂପ ଭଗବାନ୍ । ସେହି ଭଗବାନ୍ ସର୍ବଦା ତଥା ସର୍ବତ୍ର ସ୍ଥିତ ରହି ଅଛନ୍ତି – ଏହାହିଁ ଯଥାର୍ଥ ତତ୍ତ୍ୱ । ଯେଉଁମାନେ ଆତ୍ମା ତଥା ପରମାତ୍ମାଙ୍କୁ ଜାଣିବାକୁ ଚାହାନ୍ତି ସେମାନଙ୍କ ସକାଶେ କେବଳ ଏତିକି ଜାଣିବା ଆବଶ୍ୟକ ହୁଏ । ବ୍ରହ୍ମାଜି ! ତୁମେ ମୋର ଏହି ସିଦ୍ଧାନ୍ତରେ ପୂର୍ଣ୍ଣ ନିଷ୍ଠାରଖ । ତୁମେ କଳ୍ପକଳ୍ପାନ୍ତରରେ ନାନା ପ୍ରକାର ସୃଷ୍ଟି ରଚନା କରିବାରେ କେବେ ବି ମୋହିତ ହେବ ନାହିଁ ।' ଭଗବାନ୍ ବ୍ରହ୍ମାଜିଙ୍କୁ ଏହି ଉପଦେଶ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ । ବ୍ରହ୍ମାଜି ହାତଯୋଡ଼ି ପ୍ରଣାମ କଲେ ଏବଂ ଭଗବାନଙ୍କ ଆଜ୍ଞା ପାଇ ଭଗବାନଙ୍କ ଶକ୍ତିରେ ପୂର୍ବକଳ୍ପରେ ଯେପରି ସୃଷ୍ଟି ଥିଲା ସେହିପରି ନାନା ପ୍ରକାର ସୃଷ୍ଟି ରଚନା କଲେ । ବ୍ରହ୍ମାଙ୍କ ସଂକଳ୍ପରେ ଅନ୍ୟ କେତେକ ପୁତ୍ର ସହିତ ନାରଦଜି ଉତ୍ପନ୍ନ ହେଲେ । ସବୁ ପୁତ୍ରଙ୍କଠାରୁ ନାରଦଜି ତାଙ୍କର ଅଧିକ ପ୍ରିୟ ଥିଲେ । ନାରଦଜି ଭଗବତ୍ ପ୍ରାପ୍ତି ସକାଶେ ବ୍ରହ୍ମାଜିଙ୍କୁ ବହୁତ ସେବା କଲେ । ବ୍ରହ୍ମାଜି ସେବାରେ ସନ୍ତୁଷ୍ଟ ହୋଇ ନାରଦଙ୍କୁ ଭାଗବତ ପୁରାଣ ଉପଦେଶ ଦେଲେ – ଯାହାକୁ ସ୍ୱୟଂ ଭଗବାନ୍ ବ୍ରହ୍ମାଙ୍କୁ ଉପଦେଶ ଦେଇଥିଲେ । ବ୍ୟାସଦେବ ଯେତେବେଳେ ତପସ୍ୟାରତ ଥିଲେ ସେହି ସମୟରେ ନାରଦଜି ବ୍ୟାସଦେବଙ୍କୁ ଭାଗବତ ଉପଦେଶ ଦେଇଥିଲେ । ବ୍ରହ୍ମାଜି ଭଗବାନଙ୍କଠାରୁ ବରପ୍ରାପ୍ତ ହୋଇ ସୃଷ୍ଟି ରଚନା କଲେ ତଥା ଅବିନାଶୀ ବେଦର ମଧ୍ୟ ପ୍ରଚାର କରିଥିଲେ । ତାଙ୍କରି ଉପଦେଶରୁ ଭାଗବତ, ପୁରାଣ ରଚନା ହୋଇଥିଲା ।

ବୋଲ ଭକ୍ତ ଏବଂ ଭଗବାନଙ୍କର ଜୟ ।

ଯୋଗୀ ଶ୍ୟାମାଚରଣ ଲାହିଡ଼ି

ବାଲ୍ୟାବସ୍ଥା

ଶ୍ୟାମାଚରଣ ଜନ୍ମଗ୍ରହଣ କରିଥିଲେ ବଙ୍ଗଳା ପ୍ରଦେଶ ନଦିଆ ଜିଲ୍ଲାରେ, କୃଷ୍ଣନଗର ସମୀପ ପୂର୍ଣ୍ଣୀ ଗ୍ରାମରେ, ଗୋଟିଏ ଧର୍ମନିଷ୍ଠ ଓ ପ୍ରତିଷ୍ଠିତ ବ୍ରାହ୍ମଣ ପରିବାରରେ, ୧୮୨୮ ମସିହାରେ । ତାଙ୍କ ପିତାଙ୍କ ନାମ ଥିଲା ଗୌରମୋହନ ଲାହିଡ଼ି ଓ ମାତାଙ୍କ ନାମ ଥିଲା ମୁକ୍ତକେଶୀ ଦେବୀ । ପିତା ଗୌରମୋହନ ଧର୍ମନିଷ୍ଠ ତଥା ଯୋଗସାଧକ ଥିଲେ । ସେ ନିଜ ଗ୍ରାମରେ ଗୋଟିଏ ଶିବ ମନ୍ଦିର ପ୍ରତିଷ୍ଠା କରିଥିଲେ । କାଳକ୍ରମେ ସେହି ମନ୍ଦିର ନଦୀଗର୍ଭରେ ବିଲୀନ ହୋଇଗଲା । ପରେ ଶିବଙ୍କ ଆଦେଶରେ ଶିବ ଲିଙ୍ଗ ନଦୀରୁ ଉଦ୍ଧାର କରାହେଲା ଏବଂ ନୂତନ ମନ୍ଦିର ନିର୍ମାଣ କରାହୋଇ ସେହି ଶିବ ଲିଙ୍ଗ ପ୍ରତିଷ୍ଠା କରାହେଲା । ଆଜି ବି ସେହି ସ୍ଥାନ ପୂର୍ଣ୍ଣୀରେ ଶିବତଳା ନାମରେ ପ୍ରସିଦ୍ଧ ହୋଇଅଛି । ଶିବ ଆରାଧନାରେ ମାତା ମୁକ୍ତକେଶୀଙ୍କର ଅତ୍ୟନ୍ତ ଭକ୍ତି ଅନୁରାଗ ଥିଲା । ଶ୍ୟାମାଚରଣଙ୍କ ବାଲ୍ୟାବସ୍ଥାରେହିଁ ତାଙ୍କ ମାତା ଶରୀର ତ୍ୟାଗ କରିଥିଲେ । ମାତାଙ୍କ ମୃତ୍ୟୁ ପରେ ପିତା ବାଳକକୁ ସଙ୍ଗରେ ନେଇ କାଶୀ ଚାଲିଗଲେ ଏବଂ ସେହିଠାରେ ସ୍ଥାୟିଭାବେ ରହିଲେ ।

ନିଷ୍ଠାବାନ୍ ବ୍ରାହ୍ମଣ ବଂଶର କୁଳପରମ୍ପରାଗତ ଧାର୍ମିକ ଭାବର ପ୍ରଭାବ ବାଲ୍ୟାବସ୍ଥାରୁ ଶ୍ୟାମାଚରଣଙ୍କ ଜୀବନରେ ପଡ଼ିଥିଲା । ପୁଣ୍ୟତୀର୍ଥ କାଶୀରେ ବାସ କରିବାର ସୁଯୋଗ ମିଳିବାରୁ ତାହା ତାଙ୍କ ଜୀବନରେ ବିକଶିତ ହେବାକୁ ଲାଗିଲା । କାଶୀରେ ଅସଂଖ୍ୟ ମନ୍ଦିର, ସ୍ଥାନେ ସ୍ଥାନେ ପୂଜା-ଅର୍ଚ୍ଚନା, ବେଦପାଠ ହେଉଥିଲା, ସାଧୁସନ୍ଥଙ୍କ ନିବାସ ତଥା ସମାଗମ ସର୍ବଦା ଲାଗି ରହିଥିଲା; ଏବଂ ଭଜନ, କୀର୍ତ୍ତନ ତଥା ସାଧୁସନ୍ଥଙ୍କ ଅଧ୍ୟାତ୍ମ ସାଧନା ଯୋଗୁଁ ବାତାବରଣ ଅତ୍ୟନ୍ତ ଶୁଦ୍ଧ ଓ ପବିତ୍ର ଥିଲା । ଏହି ସୁନ୍ଦର ପରିବେଶର ପ୍ରଭାବରେ ପୂର୍ବଜନ୍ମର ଅଧ୍ୟାତ୍ମ ସାଧନସମ୍ପନ୍ନ ଶ୍ୟାମାଚରଣଙ୍କ ଚେତନା ସ୍ୱତଃସ୍ଫୂର୍ତ୍ତଭାବେ ଜାଗ୍ରତ୍ ହେବାକୁ ଲାଗିଲା ।

ପିତା ଗୌରମୋହନ ଶାସ୍ତ୍ରପାଠ ତଥା ଅଧ୍ୟାତ୍ମ ସାଧନାରେ ବିଶ୍ୱାସ କରୁଥିଲେ । ନିଷ୍ଠା ସହିତ ପ୍ରତିଦିନ ରଗ୍‌ବେଦ ସ୍ୱାଧ୍ୟାୟ କରୁଥିଲେ । ସେ ସମୟରେ କାଶୀରେ ନାଗଭଟ୍ଟ ନାମରେ ଜଣେ ବେଦଜ୍ଞ ମହାରାଷ୍ଟ୍ରୀୟ ବ୍ରାହ୍ମଣଙ୍କର ବହୁ ପ୍ରତିଷ୍ଠା ଏବଂ ପ୍ରଖ୍ୟାତି ଥିଲା । ତାଙ୍କଠାରୁ ଶ୍ୟାମାଚରଣ କିଛି ଦିନ ବେଦ ପଢ଼ିଥିଲେ ଏବଂ ବେଦପାଠ ଅଭ୍ୟାସ କରିଥିଲେ । ଶ୍ୟାମାଚରଣଙ୍କ ପିତା ଯଦ୍ୟପି ପ୍ରାଚୀନ ଭାରତୀୟ ସଂସ୍କୃତିର ସମର୍ଥକ ଥିଲେ ତଥାପି ନିଜ ପୁତ୍ରକୁ ହିନ୍ଦୀ ଓ ଉର୍ଦ୍ଦୁ ଭାଷାରେ ଆଧୁନିକ ଶିକ୍ଷାର ବ୍ୟବସ୍ଥା କଲେ । ଶ୍ୟାମାଚରଣ ସ୍କୁଲ୍ ଏବଂ ସଂସ୍କୃତ କଲେଜରେ ଅଧ୍ୟୟନ କରି ଇଂରାଜୀ, ପାର୍ଶୀ ତଥା ସଂସ୍କୃତ ଭାଷାରେ ଉତ୍ତମ ଜ୍ଞାନ ପ୍ରାପ୍ତ କରିଥିଲେ ଏବଂ ପ୍ରତ୍ୟେକ ଶ୍ରେଣୀରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ।

ବିବାହ ଏବଂ ଚାକିରି

ସେ ସମୟରେ ପ୍ରଚଳିତ ପଦ୍ଧାନୁସାରେ ଶ୍ୟାମାଚରଣଙ୍କୁ ଅଠର ବର୍ଷ ବେଳେ ଆଠ ବର୍ଷ ବୟସର ବାଳିକା, ଜଣେ ପଣ୍ଡିତଙ୍କ କନ୍ୟା, କାଶୀମଣିଙ୍କ ସହିତ ତାଙ୍କର ଶୁଭ ବିବାହ ହୋଇଥିଲା । ସେ ସମୟରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟମାନଙ୍କ ଘରେ ବାଳିକା କନ୍ୟାର ବିବାହ ଶାସ୍ତ୍ରସମ୍ମତ ମାନ୍ୟ ଥିଲା । କନ୍ୟା ପ୍ରୌଢ଼ା ହେଲେ ତା'ର ବିବାହ ହେଉ ନ ଥିଲା । ଭବିଷ୍ୟତରେ କାଶୀମଣି ପତିଦେବଙ୍କୁ ଅଧ୍ୟାତ୍ମ ସାଧନା ତଥା ଅଧ୍ୟାତ୍ମ ଜୀବନରେ ବିଶେଷରୂପେ ସହଯୋଗ କରିଥିଲେ ।

ପ୍ରାୟ ୨୩ ବର୍ଷ ବୟସରେ ସରକାରୀ ଇଞ୍ଜିନିୟରିଂ ବିଭାଗରେ ଶ୍ୟାମାଚରଣ କର୍ମଚାରୀ କାର୍ଯ୍ୟରେ ନିଯୁକ୍ତ

ହେଲେ । ତା'ର ଦୁଇ ବର୍ଷ ପରେ ପିତାଙ୍କ ସ୍ୱର୍ଗବାସ ହେଲା । ପିତାଙ୍କ ମୃତ୍ୟୁପରେ ଘରର ସମସ୍ତ ଦାୟିତ୍ୱ ଶ୍ୟାମାଚରଣଙ୍କ ଉପରେ ପଡ଼ିଲା । ଯୋଗବିଭୂତିସମ୍ପନ୍ନ ଶ୍ୟାମାଚରଣ ଗୃହକାର୍ଯ୍ୟ ନିର୍ଲିପ୍ତତା ସହ ଉତ୍ତମରୂପେ ସମ୍ପନ୍ନ କରୁଥିଲେ । କର୍ମ କୋଳାହଳମୟ ସାଂସାରିକ ହର୍ଷବିଷାଦ ମଧ୍ୟରେ ଶ୍ୟାମାଚରଣଙ୍କୁ ଶାନ୍ତି ଧାରଣ କରି ରହିବାରେ ଅଧିକ ଅସୁବିଧା ହେଉ ନ ଥିଲା

ଉତ୍ତର ଭାରତର ଇଞ୍ଜିନିୟରିଂ ବିଭାଗରେ ତାଙ୍କୁ ଯେଉଁ ସ୍ଥାନରେ କାର୍ଯ୍ୟ କରିବାକୁ ସରକାରୀ ନିର୍ଦ୍ଦେଶ ହେଉଥିଲା ସେ ସେହି ସ୍ଥାନରେ କାର୍ଯ୍ୟ କରୁଥିଲେ । ତାଙ୍କର ୩୩ ବର୍ଷ ବୟସରେ ଦାନପୁରକୁ ବଦଳି ହେଲା । ଅଳ୍ପ କେତେ ମାସ ପରେ ହଠାତ୍ ତାର ଦ୍ୱାରା ରାଣୀକ୍ଷେତ ବଦଳି ନିର୍ଦ୍ଦେଶ ପାଇ ସେ ରାଣୀକ୍ଷେତ ଚାଲିଆସିଲେ ।

୧୮୬୧ ମସିହାର ଘଟଣା । ହିମାଳୟର ରାଣୀକ୍ଷେତ ଅଞ୍ଚଳରେ ଗୋଟିଏ ସୈନ୍ୟ ନିବାସ ନିର୍ମାଣର ବ୍ୟବସ୍ଥା ହେଉଥିଲା । ସାମରିକ ଇଞ୍ଜିନିୟରିଂ ବିଭାଗର ଜଣେ ତରୁଣ ବଙ୍ଗାଳୀ କର୍ମଚାରୀ ଦାନପୁରରୁ ବଦଳି ହୋଇ ସେଠାକୁ ଆସିଥିଲେ । ତାଙ୍କୁ ଯାହାକିଛି କାମ କରିବାକୁ ହେଉଥିଲା ସେ ତମ୍ବୁରେ ବସି ପ୍ରାତଃକାଳରେହିଁ ପୂରା କରି ଦେଉଥିଲେ । ତା'ପରେ ସମସ୍ତ ଦିନ ତାଙ୍କ ତଳ କର୍ମଚାରୀ ତଥା ପାହାଡ଼ୀ କୁଲିମାନଙ୍କ ସହିତ ହିମାଳୟ ଗୁମ୍ଫାରେ ବାସ କରୁଥିବା ସାଧୁସନ୍ଥଙ୍କ ବିଷୟରେ ଗପ ଶୁଣି ସମୟ କଟାଉ ଥିଲେ ।

ସମ୍ମୁଖରେ ଶୋଭା ପାଉଥାଏ ପର୍ବତରାଜ ହିମାଳୟ । ତା' ମଧ୍ୟରେ ଅସଂଖ୍ୟ ଗୁମ୍ଫା ଗୁପ୍ତ ଭାବରେ ରହିଥାଏ । ସେହିସବୁ ଗୁମ୍ଫା ମଧ୍ୟରେ କେତେ ଯୋଗୀ, କେତେ ସାଧୁସନ୍ଥ ତପସ୍ୟାରେ ରତ ଥାଆନ୍ତି ତାହାର ଗଣନା ନ ଥାଏ । କୌଣସି କୌଣସି ଭାଗ୍ୟବାନଙ୍କୁ ତା'ର ପୂର୍ବଜନ୍ମର ତପସ୍ୟା କିଂବା ଭଗବାନଙ୍କ ଅପାର କୃପାରୁ କୌଣସି ସନ୍ଥ ଦର୍ଶନ ମିଳିଗଲେ ସେ କୃତାର୍ଥ ହୋଇ ଯାଆନ୍ତି । ଇଞ୍ଜିନିୟରିଂ ବିଭାଗର ଆଗନ୍ତୁକ ବଙ୍ଗାଳୀ ଯୁବକ ପାହାଡ଼ୀ କୁଲିମାନଙ୍କଠାରୁ ପାହାଡ଼ ଗୁମ୍ଫାରେ ନିବାସ କରୁଥିବା ମହାପୁରୁଷଙ୍କ ସମ୍ବନ୍ଧେ ବହୁତ ଅଲୌକିକ କାହାଣୀ ତଥା ସମୀପସ୍ଥ ଦ୍ରୋଣଗିରି ତପସ୍ୱୀମାନଙ୍କ ବିଚରଣଭୂମି ବୋଲି ଶୁଣିଥିଲେ । ଏହି କାରଣରୁ ଅତ୍ୟନ୍ତ ପବିତ୍ର ପାହାଡ଼ଭୂମି ଭଲଭାବେ ଦେଖି ଆସିବା ଉଦ୍ଦେଶ୍ୟରେ ସେ ଦିନେ ବାହାରିଲେ ।

ରାଣୀ କ୍ଷେତଠାରୁ ଦ୍ରୋଣଗିରି ପନ୍ଦର ମାଇଲ ଦୂର ଥିଲା । ଦେବଦାରୁ ତଥା ଅନ୍ୟାନ୍ୟ ବୃକ୍ଷରେ ପଥ ଆବୃତ ଥିଲା । ଦୁର୍ଗମ ବଙ୍କାଟଙ୍କା ମାର୍ଗରେ ପର୍ବତଶ୍ରେଣୀକୁ ଅତିକ୍ରମ କରିବାକୁ ହେଉଥିଲା । ତରୁଣ ବଙ୍ଗାଳୀ କର୍ମଚାରୀ ଦୁରୂହ ମାର୍ଗ ପାର ହେବାପରେ ପରେ ସନ୍ଧ୍ୟା ହୋଇଗଲା । ସମ୍ମୁଖରେ ନନ୍ଦାଦେବୀ ପର୍ବତ ଶିଖରରେ ଅସ୍ତାଚଳଗାମୀ ସୂର୍ଯ୍ୟଙ୍କ ଲାଲ କିରଣ ଆସ୍ତେ ଆସ୍ତେ ଅନ୍ଧକାରରେ ବିଲୀନ ହେଉଥିଲା । ଦୂର ଆକାଶରେ ତୁଷାରମଣ୍ଡିତ ପର୍ବତ ଶିଖର ଅତ୍ୟନ୍ତ ଶୋଭା ପାଉଥିଲା । ଆଗନ୍ତୁକ ତରୁଣ କର୍ମଚାରୀ ସେହି ସୁନ୍ଦର ଦୃଶ୍ୟ ଦେଖି ମୁଗ୍ଧ ହୋଇଯାଉଥିଲେ । ନିର୍ଜନ ଜଙ୍ଗଲ ପାହାଡ଼ରେ ଏକା ଥିବାର ଧାରଣା ବି ନ ଥିଲା ।

ଗୁରୁପ୍ରାପ୍ତି

ଜନଶୂନ୍ୟ ପାହାଡ଼ ପ୍ରଦେଶକୁ କମ୍ପିତ କରି ଗମ୍ଭୀର ଶବ୍ଦ ହେଲା, ''ଶ୍ୟାମାଚରଣ, ଶ୍ୟାମାଚରଣ ଲାହିଡ଼ି !'' ଦାନପୁରରୁ ବଦଳି ହୋଇ ଆସିଥିବା ସେହି ବଙ୍ଗାଳୀ ଯୁବକ ଥିଲେ ଶ୍ୟାମାଚରଣ ଲାହିଡ଼ି । ଏହି ଶବ୍ଦ ଶୁଣି ସେ ଆଶ୍ଚର୍ଯ୍ୟ ହୋଇ କାନ ଡ଼େରି ଛିଡ଼ା ହୋଇ ରହିଲେ । ଏହି ଜନଶୂନ୍ୟ ଅପରିଚିତ ପାହାଡ଼ ପ୍ରଦେଶରେ ତାଙ୍କ ନାମ କିଏ କିପରି ଜାଣିବେ ? ସେ ତ ସରକାରୀ ତାର ପାଇ ହଠାତ୍ ଏଠାକୁ ୫୦୦ ମାଇଲ୍ ଦୂରରୁ ଆସିଛନ୍ତି । ଏଠାରେ ତାଙ୍କର କାହାରି ସହିତ କିଛି ବି ସଂପର୍କ ନାହିଁ । ଏହିପରି ଭାବି ତାଙ୍କ ମନରେ ସାମାନ୍ୟ ଭୟ ହେଲା ଏବଂ ଏହି ରହସ୍ୟ ଜାଣିବାକୁ କୌତୂହଳ ବି ହେଲା । ଶବ୍ଦ ଆସିଥିବା ଦିଗକୁ ସେ ଅଗ୍ରସର ହେଲେ । କିଛି ଦୂର ଯିବାପରେ ଦେଖିଲେ ପାହାଡ଼ର ଗୋଟିଏ ଗୁମ୍ଫାଦ୍ୱାରରେ ଜଣେ ତେଜୋପୁଞ୍ଜଦୀପ୍ତକଳେବର ଜଟାଜୂଟଧାରୀ ଯୋଗୀ ଛିଡ଼ା ହୋଇଛନ୍ତି । ଏପରି

ମନେ ହେଲା ସେ ଯେପରି ଶ୍ୟାମାଚରଣଙ୍କ ପ୍ରତୀକ୍ଷାରେ ରହିଅଛନ୍ତି । ତାଙ୍କ ସସ୍ନେହ ଦୃଷ୍ଟିରେ ଯେପରି ଅମୃତ ବର୍ଷା ହେଉଛି । ସେ ପ୍ରସନ୍ନ ମଧୁର ସ୍ୱରରେ କହିଲେ,''ତୁ ଆସିଗଲୁ । ବସିଯା, ଟିକିଏ ବିଶ୍ରାମ କର । ମୁଁହିଁ ତୋତେ ଡାକିଥିଲି ।'' ଶ୍ୟାମାଚରଣ ଏହାର ରହସ୍ୟ କିଛି ବୁଝି ନ ପାରି ସନ୍ଦେହ ହୃଦୟରେ ଯୋଗିରାଜଙ୍କୁ ପ୍ରଣାମ କରି ଗୋଟିଏ ପାଖରେ ଛିଡ଼ା ହୋଇଗଲେ । ''ମୋ ନାମ ଯୋଗିରାଜ କିପରି ଜାଣିଲେ ? କାହିଁକି ମୋତେ ଡାକିଲେ ?'' ଶ୍ୟାମାଚରଣ ଏହି କଥା ମନରେ ଭାବୁଥିଲେ । ତାଙ୍କର ମନେ ହେଉଥିଲା, ''କୌଣସି ପାହାଡ଼ୀ କୁଲି ଅଥବା ଚପରାସୀଠାରୁ ସେ ମୋ ନାମ ଜାଣିପାରିଥିବେ ।'' ଲାହିଡ଼ି ମହାଶୟଙ୍କର ଏହି ଦ୍ୱନ୍ଦ୍ୱ ବିଚାର ହେଉଥିବା ସମୟରେ ଯୋଗିରାଜ ତାଙ୍କ ପିତା ପ୍ରପିତାଙ୍କ ନାମ ମଧ୍ୟ କହିଦେଲେ ଏବଂ ତାଙ୍କ ପରିବାରର କୁଶଳ ପଚାରିଲେ ତଥା ବହୁ ଦିନରୁ ପରିଚିତ ଥିବା ସଦୃଶ ତାଙ୍କ ଆଡ଼କୁ ଅତ୍ୟନ୍ତ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ଦେଖି ମନ୍ଦ ମନ୍ଦ ହସୁଥିଲେ ।

ଯୋଗିରାଜ କହିଲେ, ''ବସ୍, ତୁ ବ୍ୟର୍ଥରେ ସନ୍ଦେହ କରୁଅଛୁ କାହିଁକି ? ମୁଁ ତୋର ଅତ୍ୟନ୍ତ ନିଜର । ତୋ'ରି ପ୍ରତୀକ୍ଷାରେ ଏହି ଦୁର୍ଗମ ଗିରିଶିଖରରେ ମୁଁ ରହିଅଛି । ଆଚ୍ଛା, ଭଲଭାବେ ବିଚାର କରିନେ, ପୂର୍ବେ ଏହି ପାହାଡ଼କୁ ତୁ ଆସିଥିଲୁ କି ନାହିଁ ।'' ଏହା କହି ସେ ଶ୍ୟାମାଚରଣଙ୍କୁ ଗୁମ୍ଫା ଭିତରକୁ ଡାକି ନେଇଗଲେ । ଗୁମ୍ଫାରେ କେତେଦୂର ଯିବା ପରେ ଗୋଟିଏ ପାଖରେ ଏକ ସନ୍ନ୍ୟାସୀଙ୍କର ଲିଭିଯାଇଥିବା ଧୁନି, ବ୍ୟାଘ୍ରଚର୍ମ, ଦଣ୍ଡ କମଣ୍ଡଳୁ ଇତ୍ୟାଦି ପରିତ୍ୟକ୍ତ ଅବସ୍ଥାରେ ରହିଥିଲା । ଯୋଗିରାଜ ଶ୍ୟାମାଚରଣଙ୍କୁ ପଚାରିଲେ, ''ଏହିସବୁ ବସ୍ତୁକୁ ତୁ ଚିହ୍ନି ପାରୁଚୁ କି ନାହିଁ ? ଏହିସବୁ ତୋରି ବ୍ୟବହାର୍ଯ୍ୟ ବସ୍ତୁ । କ'ଣ, ତୋର ସ୍ମରଣ ହେଉଛି ?''

ବହୁତ ବିଚାର କରିବା ପରେ ବି ଶ୍ୟାମାଚରଣ କିଛି ବୁଝି ପାରିଲେ ନାହିଁ । ମନରେ କୌଣସି ଧାରଣା ବି ଆସିଲା ନାହିଁ । ଯୋଗିରାଜ ତାଙ୍କ ପାଖକୁ ଯାଇ ତାଙ୍କ ମେରୁଦଣ୍ଡକୁ ସ୍ପର୍ଶ କଲେ । ସ୍ପର୍ଶ ପାଇବା ମାତ୍ରେ ତାଙ୍କର ଯେଉଁ ଆବରଣ ଥିଲା ତାହା ଦୂର ହୋଇଗଲା । ତାଙ୍କ ଶରୀର ଥରିବାକୁ ଲାଗିଲା ।

ଶ୍ୟାମାଚରଣଙ୍କର ପୂର୍ବଜନ୍ମର ଅଧ୍ୟାତ୍ମ ସାଧନା-ଜୀବନର ଚିତ୍ରପଟ ଉନ୍ମୋଚିତ ହୋଇଗଲା । ଜନ୍ମଜନ୍ମାନ୍ତରର ଅନ୍ଧକାର ଯୋଗିରାଜଙ୍କ କରସ୍ପର୍ଶ ସଙ୍ଗେ ସଙ୍ଗେ ଦୂର ହୋଇଗଲା । ତାଙ୍କୁ ସ୍ପଷ୍ଟ ନିଃସନ୍ଦିଗ୍ଧ ଭାବେ ବୋଧ ହେଲା — ସେହି ଦଣ୍ଡକମଣ୍ଡଳୁ, ବ୍ୟାଘ୍ରଚର୍ମ ଏବଂ ପବିତ୍ର ଧୁନି ସବୁକିଛି ତାଙ୍କରି ପୂର୍ବଜନ୍ମରେ ବ୍ୟବହୃତ ବସ୍ତୁ । ସ୍ୱୟଂ ଯୋଗିରାଜ ତାଙ୍କ ପୂର୍ବଜନ୍ମର ଗୁରୁ ଥିଲେ । ସେ ଇହଲୋକ ଏବଂ ପରଲୋକର ପରମାଶ୍ରୟ ।

ଏହା ସ୍ମରଣ ହେବା ସଙ୍ଗେ ସଙ୍ଗେ ଶ୍ୟାମାଚରଣ ଗୁରୁଦେବଙ୍କ ଚରଣରେ ସାଷ୍ଟାଙ୍ଗ ଦଣ୍ଡବତ ସହ ପଡ଼ିଗଲେ । ଗୁରୁଦେବ ଆଶୀର୍ବାଦ ଦେଇ ଉଠାଇ ଦେବାରୁ ଶ୍ୟାମାଚରଣ ହାତଯୋଡ଼ି ଛିଡ଼ା ହୋଇଗଲେ । ଯୋଗିରାଜ ମନ୍ଦହାସ୍ୟରେ କହିଲେ — ''ଏହିସବୁ ତୁ ପୂର୍ବଜନ୍ମରେ ବ୍ୟବହାର କରିଥିଲୁ । ସେ ସମୟରେ ତୁ ମୋର ଶିଷ୍ୟ ଥିଲୁ । ଯେଉଁ ସମୟରେ ତୁ ସାଧନାର ଉଚ୍ଚ ଶିଖରରେ ଅବସ୍ଥିତ ଥିଲୁ, ସେହି ସମୟରେ ତୋର ଶରୀର ତ୍ୟାଗ ହେଲା । ସେତେବେଳେ ତୋର ଲକ୍ଷ୍ୟ ସିଦ୍ଧି ହୋଇ ନ ଥିଲା । ସେହି କାରଣରୁ ଈଶ୍ୱରନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ କରିବା ସକାଶେ ତୋତେ ଜନ୍ମଗ୍ରହଣ କରିବାକୁ ହେଲା । ତୋର ଅଧ୍ୟାତ୍ମ ସାଧନ-ସମ୍ପଦକୁ ସୁରକ୍ଷିତ ରଖି ତୋତେ ଦୀକ୍ଷାଦେବା ସକାଶେ ଅପେକ୍ଷା କରି ରହିଅଛି ।''

ଏହାପରେ ଶ୍ୟାମାଚରଣ ଗୁରୁଦେବ ଯୋଗିରାଜଙ୍କୁ ବହୁତ ବିଷୟ ପଚାରି ବୁଝି ଆଶ୍ଚର୍ଯ୍ୟ ଚକିତ ହୋଇଗଲେ । ଯୋଗିରାଜ କହିଲେ, ''ତୋତେ ଦାନପୁରରୁ ଏଠାକୁ ଆସିବାକୁ ଯେଉଁ ଟେଲିଗ୍ରାମ ପଠା ହୋଇଥିଲା, ତାହା ଉପର ଅଫିସରଙ୍କ ଭୁଲ୍ ଥିଲା । ଅନ୍ୟ ସ୍ଥାନ ପରିବର୍ତ୍ତେ ଭୁଲ୍‌ରେ ରାଣୀକ୍ଷେତ ଲେଖା ହୋଇଥିଲା । ତୋତେ ଏଠାକୁ ଆଣିବା ସକାଶେ ସେ ଭୁଲ୍‌ଟି ମୁଁ କରାଇଥିଲି । ସାତ ଦିନ ପରେ ଦାନପୁର ଫେରିଯିବା ସକାଶେ ଆଦେଶ ଆସିବ । ଏହି ସମୟ ଭିତରେ ମୋର ବି କାର୍ଯ୍ୟ ପୂରା ହୋଇଯିବ ।''

ଜଣେ ଗଭର୍ଣ୍ଣମେଣ୍ଟ ବେତନଭୋଗୀ କର୍ମଚାରୀ ଶ୍ୟାମା ଚରଣଙ୍କ ଜୀବନରେ ଏହା କେତେ ବଡ଼ ଅଦ୍ଭୁତ ଘଟଣା ଥିଲା । ଏହି ଅଲୌକିକ ଯୋଗବିଭୂତିସମ୍ପନ୍ନ ମହାପୁରୁଷ ତାଙ୍କ ଗୁରୁ ଥିଲେ ଏବଂ ତାଙ୍କ ପ୍ରତୀକ୍ଷାରେ ଦିନ ଗଣୁ

ଥିଲେ – ଏହା କେତେ ଆଶ୍ଚର୍ଯ୍ୟର କଥା ! ଶ୍ୟାମାଚରଣ ସନ୍ଧ୍ୟା ସମୟରେ ଦ୍ରୋଣଗିରି ଗୁମ୍ଫାଦ୍ୱାର ସମ୍ମୁଖରେ ଛିଡ଼ା ହୋଇ ମନରେ ବିଚାର କଲେ, ''ଜନ୍ମଜନ୍ମାନ୍ତରର ଅତ୍ୟନ୍ତ ଘନିଷ୍ଠ ସମ୍ପର୍କ, ଆତ୍ମୀୟ, ନିଃସ୍ୱାର୍ଥ, ପରମ ହିତାକାଙ୍କ୍ଷୀ ଏହି ଗୁରୁଦେବଙ୍କ ସଦୃଶ ସଂସାର-ପରିବାରରେ ଅନ୍ୟ କେହି ନାହିଁ ।'' ଏହି ଗୁରୁଦେବଙ୍କ ଦର୍ଶନରେ ତାଙ୍କର ଘର, ପରିବାର, ବନ୍ଧୁବାନ୍ଧବଙ୍କ ପ୍ରତି ମୋହ, ମାୟା, ସ୍ନେହ, ଶ୍ରଦ୍ଧା ଦୂର ହୋଇଗଲା । ସେ ଶୋକପୂର୍ଣ୍ଣ ବ୍ୟାକୁଳ ସ୍ୱରରେ ହାତଯୋଡ଼ି ଗୁରୁଦେବଙ୍କୁ କହିଲେ, ''ବାବା, ମୋତେ ମୋହମାୟାଗ୍ରସ୍ତ ସଂସାରକୁ ଫେରିଯିବାକୁ କହିବେ ନାହିଁ । ମୁଁ ଆପଣଙ୍କ ଚରଣ ସେବାରେ ରହି ଜୀବନ ବ୍ୟତୀତ କରିବାକୁ ଚାହୁଁଛି । ଯେଉଁ ଅଧ୍ୟାତ୍ମ ସମ୍ପଦକୁ ହରେଇ ସାରିଛି ସେହି ସମ୍ପଦ ପୁନରାୟ ପାଇବା ଛଡ଼ା ମୋ ଜୀବନରେ ଆଉ କୌଣସି ମହତ୍ତର କାମନା ନାହିଁ ।''

ଗୁରୁଦେବ ତାଙ୍କ ସଂସାରତ୍ୟାଗର ପ୍ରାର୍ଥନାକୁ କୌଣସି ପ୍ରକାରେ ସ୍ୱୀକାର କଲେ ନାହିଁ । ତାଙ୍କୁ ବୁଝାଇ କହିଲେ, ''ଯେଉଁ ଭାଗବତ ବିଧାନ ଅନୁସାରେ ପୂର୍ବଜନ୍ମର ଅଧ୍ୟାତ୍ମ ସମ୍ପଦ ପ୍ରାପ୍ତି ଏବଂ ତା'ର ବିକାଶ ହେବ ସେହି ଭାଗବତ ବିଧାନ ଅନୁସାରେ ତୋତେ ସଂସାରରେ ରହି କର୍ମ କରିବାକୁ ପଡ଼ିବ । ଯୋଗ ପ୍ରଚାର ସକାଶେ ତୁ ଆଚାର୍ଯ୍ୟ ହେବୁ । ପରମ ଗୋପନୀୟ ଯୋଗ-ସାଧନାର ରହସ୍ୟ ଉପଯୁକ୍ତ ପାତ୍ରରେ ବିତରଣ କରିବାର ଦାୟିତ୍ୱ ତୋତେ ଗ୍ରହଣ କରିବାକୁ ହେବ ।''

ଯୋଗିରାଜ ପୁଣି କହିଲେ, ''ଦେଖ, ଶ୍ୟାମାଚରଣ କେବଳ ତୋରି ସକାଶେହିଁ ଅଫିସ ଏଠାକୁ ଆସିଛି । ତୁ ଅଫିସ ସକାଶେ ଏଠାକୁ ଆସି ନାହୁଁ । ଭଗବତ୍ ନିର୍ଦ୍ଦିଷ୍ଟ କାର୍ଯ୍ୟ ସକାଶେ ତୁ ଏଠାକୁ ଆସିଛୁ । ଯେପର୍ଯ୍ୟନ୍ତ ତୁ ଏଠାରେ ଅଛୁ, ପ୍ରତିଦିନ ମୋ ପାଖକୁ ଆସିବୁ ।''

ଶ୍ୟାମାଚରଣଙ୍କ ଜୀବନରେ ସେଦିନ ଗୋଟିଏ ନୂତନ ଅଧ୍ୟାୟ ଆରମ୍ଭ ହେଲା । ଜୀବନର ଅତ୍ୟନ୍ତ ନିଗୂଢ଼ ଗୁପ୍ତ ଅଗମ୍ୟ ପ୍ରଦେଶ ଉନ୍ମୁକ୍ତ ହେଲା । ଯୋଗ-ସାଧନା ସମ୍ବନ୍ଧରେ ବହୁତ କଥାବାର୍ତ୍ତା ହେବାପରେ ଶ୍ୟାମାଚରଣ ଗୁରୁଙ୍କ ଚରଣରୁ ସ୍ଖଳରୂପେ ଅନ୍ତର ହେବାକୁ ନ ଚାହିଁବା ସତ୍ତ୍ୱେ ଗୁରୁଦେବଙ୍କ ଆଜ୍ଞାରେ ତାଙ୍କ ଚରଣରେ ମସ୍ତକ ରଖି ଚରଣ ଧୂଳି ମସ୍ତକରେ ଧାରଣ କରି ନିଜ ତମ୍ବୁକୁ ଫେରି ଆସିଲେ ।

ଭୋରରୁ ଶ୍ୟାମାଚରଣ ଉଠି ନିତ୍ୟକର୍ମ ଶେଷକରି ତାଙ୍କର ସେଠାରେ ପଡ଼ିଥିବା ତମ୍ବୁ ଉଠାଇ ଦ୍ରୋଣଗିରି ପାହାଡ଼ ନିକଟକୁ ନେଇଯିବା ସକାଶେ ତାଙ୍କ ତଳ କର୍ମଚାରୀ ଏବଂ କୁଲିମାନଙ୍କୁ ଆଦେଶ ଦେଲେ । ସଙ୍ଗେ ସଙ୍ଗେ ସମସ୍ତ ଅଫିସ ଉଠି ଶ୍ୟାମାଚରଣଙ୍କ ଗୁରୁଦେବଙ୍କ ଗୁମ୍ଫାସ୍ଥିତ ପାହାଡ଼ ତଳେ ଭୂମିରେ ତମ୍ବୁ ପଡ଼ିଗଲା ଏବଂ ଅଫିସ୍‌ର ବି କାର୍ଯ୍ୟକ୍ରମ ଆରମ୍ଭ ହେଲା । ଶ୍ୟାମାଚରଣ ବି ନିୟମ ଅନୁସାରେ ପ୍ରତିଦିନ ଅଫିସ୍‌ର ସମସ୍ତ କାର୍ଯ୍ୟ ଶେଷ କରି କୁଲିମାନଙ୍କୁ କାର୍ଯ୍ୟ ବରାଦ କରି ଗୁରୁଦେବଙ୍କ ଆଦେଶ ଅନୁସାରେ ଆଗ୍ରହ ସହିତ ଗୁରୁଦେବଙ୍କ ପବିତ୍ର ଗୁମ୍ଫା ଦ୍ୱାରରେ ଉପସ୍ଥିତ ହେଲେ । ଗୁରୁଙ୍କ ନିର୍ଦ୍ଦେଶରେ ତାଙ୍କ ପାଖକୁ ଯାଇ ସାଷ୍ଟାଙ୍ଗ ଦଣ୍ଡବତ କଲେ । ଗୁରୁଦେବ ଆଶୀର୍ବାଦ ଦେଇ ତାଙ୍କ ସମୀପରେ ବସିବାକୁ କହିଲେ । ଯୋଗସାଧନା ସମ୍ବନ୍ଧରେ ବହୁତ ବିଷୟରେ କଥାବାର୍ତ୍ତା ହେବାପରେ ଗୁରୁଦେବ ଦୀକ୍ଷା ଦେବାର ଦିନ ନିର୍ଦ୍ଧାରିତ କରିଦେଲେ ।

ଗୁରୁଦେବଙ୍କ ପ୍ରଥମ ଦର୍ଶନ ପରଦିନଠାରୁ ଶ୍ୟାମାଚରଣ ଅଫିସ୍ କାର୍ଯ୍ୟ ସକାଳୁ ଶେଷ କରି ଗୁରୁଦେବଙ୍କ ସେବାରେ ଉପସ୍ଥିତ ହୁଅନ୍ତି । ସମସ୍ତ ଦିନ ସେଠାରେ ରହି ସନ୍ଧ୍ୟାରେ ଗୁରୁଦେବଙ୍କ ପ୍ରଦତ୍ତ ଆହାର କରି ତମ୍ବୁକୁ ଫେରି ଆସନ୍ତି ।

ନିର୍ଦ୍ଧାରିତ ଦୀକ୍ଷାଦିନର ଏକ ଦିନ ପୂର୍ବେ ଶ୍ୟାମାଚରଣ ଦେଖିଲେ ଗୁମ୍ଫାର ଗୋଟିଏ କୋଣରେ ଗୋଟିଏ ମାଟି ପାତ୍ରରେ କିଛି ଜିନିଷ ଘୋଡ଼ା ହୋଇ ରଖା ହୋଇଅଛି । ତାକୁ ଗ୍ରହଣ କରିବା ସକାଶେ ଗୁରୁଦେବ ନିର୍ଦ୍ଦେଶ ଦେଲେ । ଶ୍ୟାମାଚରଣ ଘୋଡ଼ା ହୋଇଥିବା ପାତ୍ରଟି କାଢ଼ି ଦେଲେ । ଦେଖିଲେ ସେଥିରେ ତେଲ ଅଛି । ସେ ମନେ କଲେ, ''ବୋଧହୁଏ ଗ୍ରହଣ କରିବା ପ୍ରସାଦ ପରିବର୍ତ୍ତେ ଭୁଲ୍‌ରେ ତେଲ ପାତ୍ର ରଖା ହୋଇଛି ।'' ଶ୍ୟାମାଚରଣଙ୍କ ମନର ବିଚାର ଗୁରୁଦେବ ଜାଣିପାରି କହିଲେ, ''ଭାବୁଛୁ କ'ଣ ? ପିଇଯା ।'' ଏକଥା ଶୁଣିବା ମାତ୍ରେ ଶ୍ୟାମାଚରଣ ଆଗ୍ରହ ସହିତ ଜଡ଼ା ତେଲ ସହିତ ମିଶିଥିବା ଔଷଧସବୁ ପିଇଗଲେ ।

ଗୁରୁଦେବ କହିଲେ, ''ଶ୍ୟାମାଚରଣ, ଯା, ଗଙ୍ଗା ନଦୀ କୂଳ ବାଲିରେ ଶୋଇ ରହିବୁ । ଦସ୍ତ ହେବ, ପେଟ ସଫା ହେବାପରେ ଦସ୍ତ ବନ୍ଦ ହେବ । ତା'ପରେ ସ୍ନାନ କରି ଆସିବୁ ।''

ଗୁରୁଦେବଙ୍କ ଆଜ୍ଞାରେ ଶ୍ୟାମାଚରଣ ନଦୀକୂଳ ବାଲିରେ ଶୋଇ ରହିଲେ । କେତେଥର ଦସ୍ତ ହେବାପରେ ଶ୍ୟାମାଚରଣ ବହୁତ ଦୁର୍ବଳ ହୋଇ ପଡ଼ିଲେ । ସେହି ସମୟରେ ହଠାତ୍ ନଦୀରେ ବଢ଼ି ଆସିଗଲା, ଶ୍ୟାମାଚରଣ ସ୍ରୋତରେ ଭାସିଗଲେ । କେଇ ଥର ଦସ୍ତ ହେବା ଯୋଗୁଁ ଶରୀର ବହୁତ ଦୁର୍ବଳ ହୋଇଯାଇଥିଲା । ସେଥିରେ ପୁଣି ସ୍ରୋତର ବିପରୀତ ଧାରାର ପ୍ରବେଗ ବିରୋଧରେ ଯୁଦ୍ଧ କରି ସ୍ଥଳକୁ ଆସିବା ବହୁତ କଷ୍ଟସାଧ୍ୟ ଥିଲା । ପାହାଡ଼ୀ ନଦୀର ଦୁଇ ପାଖରେ ପାହାଡ଼ ଥିଲେ କୂଳରୁ ହଠାତ୍ ଉପରକୁ ଆସିବା ସମ୍ଭବ ହୁଏ ନାହିଁ । ବଢ଼ି ଆସିବା ସମୟରେ ହଠାତ୍ ଆସେ ଏବଂ କେଇ ହାତ ଉଚ୍ଚରେ ଜଳ ଆସେ । ଏହି କାରଣରୁ କୌଣସି ବ୍ୟକ୍ତି କୂଳରେ ଥିଲେ ଦୌଡ଼ି ସ୍ଥଳକୁ ଆସି ପାରେ ନାହିଁ । ପାହାଡ଼ ଅତିକ୍ରମ କରିବା ପରେ ସମତଳ ଭୂମି ଆସିଲେ ବଢ଼ିପାଣି ବିସ୍ତାର ହୋଇଯାଏ, ଜଳ କମ୍ ହୁଏ ଏବଂ ସ୍ରୋତର ପ୍ରଖରତା ଶିଥିଳ ହୋଇଯାଏ । ଏହି ପରିସ୍ଥିତିରେ ଶ୍ୟାମାଚରଣ ସ୍ରୋତରେ ଭାସିଯିବା ଛଡ଼ା ଅନ୍ୟ ଉପାୟ ନ ଥିଲା । ଶ୍ୟାମାଚରଣ କାଶୀ ଗଙ୍ଗାକୂଳରେ ବାସ କରିଥିଲେ, ପହଁରିବା ଶିଖିଥିଲେ । ସେହି କାରଣରୁ ସ୍ରୋତରେ ପ୍ରବାହିତ ହେବାରେ କଷ୍ଟ ତ ହେଲା, କିନ୍ତୁ ତାଙ୍କ ଜୀବନ ରକ୍ଷା ସକାଶେ ଗୁରୁଙ୍କ କୃପା ଥିବା ଯୋଗୁଁ ସେ ଜୀବିତ ଅବସ୍ଥାରେ ଗୋଟିଏ ସମତଳ ଭୂମି ପ୍ରାପ୍ତ ହେଲେ । ତାଙ୍କ ପେଟ ସଫା ହୋଇ ଯାଇଥିଲା, ଦସ୍ତ ମଧ୍ୟ ବନ୍ଦ ହୋଇଯାଇଥିଲା । ସେ ନଦୀରେ ସ୍ନାନ କରି ତାଙ୍କ ଅଫିସ୍ ତମ୍ବୁକୁ ଫେରିଆସିଲେ । ସନ୍ଧ୍ୟା ହୋଇଯାଇଥିବାରୁ ସେ ଦିନ ଆଉ ଗୁରୁଦେବଙ୍କ ପାଖକୁ ଯାଇ ପାରିଲେ ନାହିଁ । ରାତ୍ରିରେ ବିଶ୍ରାମ କଲେ; ଭୋରୁ ଉଠି ନିତ୍ୟକର୍ମ ସମାପ୍ତ କରି ଓ ଅଫିସ୍ କାମ ବ୍ୟବସ୍ଥା କରି ଗୁରୁଦେବଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ନଦୀ ବଢ଼ିର ସମସ୍ତ ଘଟଣା ବର୍ଣ୍ଣନା କଲେ । ଗୁରୁଦେବ ପ୍ରସନ୍ନତାପୂର୍ବକ ସମସ୍ତ ଶୁଣି କହିଲେ, ''ଭଲ ହେଲା, ପେଟରେ ସଞ୍ଚିତ ମଳସବୁ ଦୂର ହୋଇଗଲା ।'' ଏହା କହି ଶ୍ୟାମାଚରଣଙ୍କୁ ଉତ୍ତମ ଭୋଜନ କରାଇଲେ । ପରେ କହିଲେ, ''ଶ୍ୟାମାଚରଣ, ଆଜି ବହୁତ ଶୁଭଦିନ, ଆଜି ସନ୍ଧ୍ୟାରେ ମୁଁ ତୋତେ ଦୀକ୍ଷା ଦେବି ।'' ଏହା କହି ଯୋଗ ତଥା ସାଧନା ବିଷୟରେ ବହୁତ କଥାବାର୍ତ୍ତା କଲେ । ଗୁରୁଙ୍କ ସମୀପରେ ଶ୍ୟାମାଚରଣଙ୍କୁ ଏପରି ଶାନ୍ତି ଓ ଆନନ୍ଦ ପ୍ରାପ୍ତ ହେଉଥାଏ ଯେ ଗୋଟିଏ ଦିନ ଗୋଟିଏ ଘଡ଼ି ସଦୃଶ ଲାଗୁଥାଏ । ଦେଖୁ ଦେଖୁ ସନ୍ଧ୍ୟା ସମୟ ଆସିଗଲା । ଶ୍ୟାମାଚରଣ ନଦୀରେ ସ୍ନାନ କରି ଗୁରୁଦେବଙ୍କଠାରୁ ଦୀକ୍ଷା ନେବା ସକାଶେ ଅତ୍ୟନ୍ତ ଉତ୍ସାହରେ ତାଙ୍କ ଚରଣରେ ଉପସ୍ଥିତ ହେଲେ ।

ଗୁରୁଦୀକ୍ଷା

ଗୁରୁଙ୍କ ଆଜ୍ଞା ତଥା ନିର୍ଦ୍ଦେଶରେ ଶ୍ୟାମାଚରଣ ତାଙ୍କ ସମ୍ମୁଖରେ ଆସନ ଲଗେଇ ବସିଗଲେ । ଅଧିକାରୀ ଶିଷ୍ୟ ପାଇଲେ ଶକ୍ତିଶାଳୀ ଗୁରୁଙ୍କ ଅଧ୍ୟାତ୍ମ ଭଣ୍ଡାର ସ୍ୱତଃସ୍ଫୂର୍ତ୍ତଭାବେ ଉନ୍ମୁକ୍ତ ହୋଇଯାଏ । ଗୁରୁଦେବ ଅକୁଣ୍ଠିତଭାବେ ଅଧ୍ୟାତ୍ମ ଐଶ୍ୱର୍ଯ୍ୟ ଶିଷ୍ୟ ଅନ୍ତରରେ ଢାଳି ଦିଅନ୍ତି । ଉପଯୁକ୍ତ ଶିଷ୍ୟ ଶ୍ୟାମାଚରଣଙ୍କ ପ୍ରତି ତାହାହିଁ ହେଲା । ଦୀକ୍ଷା ସଙ୍ଗେ ସଙ୍ଗେ ଶ୍ୟାମାଚରଣଙ୍କର ପୂର୍ବଜନ୍ମର ଯେଉଁ ଅଧ୍ୟାତ୍ମ-ସାଧନ-ସମ୍ପଦ ବନ୍ଦ ହୋଇ ରହିଥିଲା, ଗୁରୁଦେବ ତାହା ଉନ୍ମୁକ୍ତ କରିଦେଲେ ଏବଂ ଭବିଷ୍ୟତରେ ଯେଉଁ ଅଧ୍ୟାତ୍ମ ସମ୍ପଦ ପ୍ରାପ୍ତ ହେବାର ଥିଲା ତାହା ସବୁ ଶ୍ୟାମାଚରଣଙ୍କ ଅନ୍ତରରେ ଅଜାଡ଼ି ଦେଲେ । ତାଙ୍କୁ ଦିବ୍ୟ ଅନୁଭୂତିସବୁ ହେବାକୁ ଲାଗିଲା; ତାଙ୍କର ଆଜିଠାରୁ ହେଲା ନୂତନ ଯୋଗଜନ୍ମ । ସେ ପୂର୍ବ ଶ୍ୟାମାଚରଣ ଲାହିଡ଼ି ହୋଇ ରହିଲେ ନାହିଁ, ହେଲେ ଯୋଗୀ ଲାହିଡ଼ି । ଶକ୍ତିଶାଳୀ ଗୁରୁ ଅଳ୍ପ ସମୟରେ ଶିଷ୍ୟକୁ ଅଧ୍ୟାତ୍ମ ସାଧନାର ଶିଖରରେ ପହୁଞ୍ଚାଇ ଦିଅନ୍ତି ।

ଶ୍ୟାମାଚରଣ ନିଜ ଗୁରୁଦେବଙ୍କୁ ବାବାଜି କହୁଥିଲେ । ଅପରିମେୟ ସାଧନାଶକ୍ତି ଏବଂ ଯୋଗବିଭୂତିପ୍ରାପ୍ତ ଜୀବନ୍ମୁକ୍ତ ମହାପୁରୁଷରୂପେ ତାଙ୍କର ଖ୍ୟାତି ଥିଲା । କେହି କେହି ସାଧକ ତାଙ୍କୁ 'ତ୍ରୈମ୍ବକ ବାବା', କେହି କେହି 'ଶିବ

ବାବା' ବୋଲି କହୁଥିଲେ । ଏହି ମହାଯୋଗୀଙ୍କର ହିମାଳୟ ଅଞ୍ଚଳ ତଥା ସମସ୍ତ ଉତ୍ତର ଭାରତରେ ବହୁତ ଅଲୌକିକ ଘଟଣାର ପ୍ରଖ୍ୟାତି ଥିଲା । ତାଙ୍କର କେହି ଶହ ବର୍ଷ ବୟସ ହେବା ସତ୍ତ୍ୱେ ସେ ଚିରଯୁବକ ସଦୃଶ ଦେଖା ଯାଉଥିଲେ । ଜଣେ ଯୋଗେଶ୍ୱର ମହାପୁରୁଷରୂପେ ସାଧକସମାଜରେ ତାଙ୍କର ଅସାଧାରଣ ପ୍ରତିଷ୍ଠା ଥିଲା ।

ବାବାଜି ମହାରାଜ ଶିଷ୍ୟକୁ ସସ୍ନେହ ଆଲିଙ୍ଗନ କରି କହିଲେ, ''ଶ୍ୟାମାଚରଣ, ତୋତେ ଆହୁରି କିଛିଦିନ ଗାର୍ହସ୍ଥ୍ୟ ରୂପେ ରହିବାକୁ ହେବ । ମାନବ-କଲ୍ୟାଣ ସକାଶେ ଯୋଗ ସାଧନାର ପ୍ରଚାର ଆବଶ୍ୟକ । ଏହି କାର୍ଯ୍ୟରେ ଜଣେ ବିଶିଷ୍ଟ ଆଚାର୍ଯ୍ୟରୂପେ ତୋର ମହତ୍ତ୍ୱପୂର୍ଣ୍ଣ ଭୂମିକା ହେବ । ତୋତେ ରାଣୀକ୍ଷେତରୁ ନିଜ କର୍ମ କ୍ଷେତ୍ରକୁ ଫେରିଯିବାକୁ ହେବ ।'' ଗୁରୁଦେବଙ୍କ ଚରଣରୁ ଅନ୍ତର ହେବା ଶୁଣି ଲାହିଡ଼ି ମହାଶୟଙ୍କ ଆଖିରୁ ଅଶ୍ରୁ ବର୍ଷା ହେବାକୁ ଲାଗିଲା । ଗୁରୁଦେବ ଆଶ୍ୱାସନା ଦେଇ କହିଲେ, ''ଶ୍ୟାମାଚରଣ, ତୁ ବ୍ୟସ୍ତ ହୁଅ ନାହିଁ । ତୁ ଯେବେ ମୋତେ ସ୍ମରଣ କରିବୁ, ମୁଁ ତୋ ପାଖରେ ପହଞ୍ଚି ଯିବି ।''

ଲାହିଡ଼ି ମହାଶୟ ହାତଯୋଡ଼ି ଗୁରୁଦେବଙ୍କ ଚରଣରେ ପ୍ରାର୍ଥନା କଲେ, ''ପ୍ରଭୋ, ତ୍ରିତାପପୀଡ଼ିତ ଅଳ୍ପାୟୁ ମାନବ ସକାଶେ ଏହି ଦୁର୍ଲଭ ଯୋଗସାଧନାକୁ ସୁଲଭ କରି ଦିଅନ୍ତୁ । ଆପଣଙ୍କ ଦିବ୍ୟ କରୁଣା-ସ୍ରୋତ ପ୍ରତି ଦୁଃଖତାପରେ ଦଗ୍ଧ ସେମାନଙ୍କର ହୃଦୟ ଉନ୍ମୁକ୍ତ ହୋଇଯାଉ ।'' ପ୍ରିୟ ଶିଷ୍ୟର ଏହି ପ୍ରାର୍ଥନାରେ ଖୁସୀ ହୋଇ ଉତ୍ତରରେ ଗୁରୁଦେବ କହିଲେ, ''ତଥାସ୍ତୁ ।'' ପରେ ଶ୍ୟାମାଚରଣଙ୍କ ଦ୍ୱାରା ଗୁରୁଦେବଙ୍କ କୃପାଧାରା ବହୁତ ଦୁଃଖତାପପୀଡ଼ିତ ବ୍ୟକ୍ତିଙ୍କ ହୃଦୟରେ ପ୍ରବାହିତ ହୋଇଥିଲା ।

ଗୁରୁ ମହାରାଜ ଦିନେ ଶ୍ୟାମାଚରଣଙ୍କୁ କହିଲେ, ''ଶ୍ୟାମାଚରଣ, ଆଉ ଅଧିକ ଦିନ ଏଠାରେ ରହିବାକୁ ହେବ ନାହିଁ । ଗୋଟିଏ ସପ୍ତାହ ମଧ୍ୟରେ ତୋର ବଦଳି ଆଦେଶ ଆସୁଅଛି । ତୋତେ ଏହି ଅଞ୍ଚଳ ଛାଡ଼ି ଚାଲିଯିବାକୁ ହେବ ।'' ଶ୍ରୀଗୁରୁଦେବଙ୍କ ଚରଣରୁ ଅନ୍ତର ହେବା କଥା ଯଦ୍ୟପି ଗୁରୁଦେବଙ୍କ ଆଦେଶ ବୋଲି ପୂର୍ବରୁ ଜାଣିଥିଲେ ତଥାପି ଗୋଟିଏ ସପ୍ତାହ ପରେ ଏଠାରୁ ଚାଲିଯିବା କଥା ଶୁଣି ତାଙ୍କ ନେତ୍ର ଅଶ୍ରୁରେ ପୂର୍ଣ୍ଣ ହୋଇଗଲା । ଯେଉଁ ଗୁରୁଦେବଙ୍କ ଚରଣରେ ନିଜକୁ ସମର୍ପଣ କରିସାରିଛନ୍ତି ତାଙ୍କୁ ଛାଡ଼ି ଯିବେ କିପରି ? ମାତ୍ର ସାତ ଦିନ ଗୁରୁଙ୍କ ଚରଣରେ ରହିବାକୁ ହେବ । ଏହାରି ମଧ୍ୟରେ ଗୁରୁଦେବ ଯୋଗସିଦ୍ଧିର ବହୁ ଐଶ୍ୱର୍ଯ୍ୟ ମୁକ୍ତ ହୃଦୟରେ ଶ୍ୟାମାଚରଣଙ୍କୁ ଦାନ କଲେ । ଶ୍ୟାମାଚରଣ ଦୃଢ଼ ନିଷ୍ଠାରେ ତାହା ଗ୍ରହଣ କଲେ ।

ପ୍ରତିଦିନ ଯୋଗ ସାଧନା ସମାପ୍ତ ହେବା ପରେ ଲାହିଡ଼ି ମହାଶୟ ଗୁରୁଦେବଙ୍କ ଚରଣରେ ଉପସ୍ଥିତ ହୋଇ ବହୁ ଯୋଗ ବିଷୟରେ ପଚାରନ୍ତି ଏବଂ ଗୁରୁଦେବ ସେସବୁର ରହସ୍ୟ ବୁଝାଇ ଦିଅନ୍ତି । ତା'ଛଡ଼ା ଶ୍ୟାମାଚରଣ ଯାହା ପଚାରି ନ ଥା'ନ୍ତି ସେସବୁର ରହସ୍ୟ ମଧ୍ୟ ସେ କହି ଦିଅନ୍ତି । ଗୁରୁଦେବଙ୍କଠାରୁ ଯୋଗୀ-ଜୀବନର ନାନାପ୍ରକାର ଅନୁଭୂତି ଶୁଣି ସେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି । ଏହା ସଙ୍ଗେ ସଙ୍ଗେ ଗୁରୁଦେବ ହିମାଳୟର ସିଦ୍ଧପୁରୁଷଙ୍କ ବିଷୟରେ ଆଶ୍ଚର୍ଯ୍ୟଜନକ କାହାଣୀ ମଧ୍ୟ କହନ୍ତି । ଗୁରୁଦେବ କହିଲେ, ''ଏହି ହିମାଳୟ ଯୋଗୀ ତଥା ସିଦ୍ଧମାନଙ୍କର ଲୀଳାଭୂମି । ଏଠାରେ ପ୍ରତ୍ୟେକ ପର୍ବତ ଶିଖର ତଥା ଅସଂଖ୍ୟ ଗୁହାରେ ମହାନ୍ ମହାନ୍ ତପସ୍ୱୀ, ଯୋଗୀ ଓ ସିଦ୍ଧ ଗୁପ୍ତରୂପେ ବାସ କରୁଅଛନ୍ତି । ସେମାନଙ୍କର ଯୋଗ-ଐଶ୍ୱର୍ଯ୍ୟ କଳ୍ପନାତୀତ, ତାହା ବର୍ଣ୍ଣନା କରିବା ସମ୍ଭବ ନୁହେଁ ।'' ଏହା କହି ଶ୍ୟାମାଚରଣଙ୍କୁ ହିମାଳୟ ଯୋଗୀଙ୍କର ବହୁ ଅଲୌକିକ ଘଟଣା ସହିତ ଅଳ୍ପ ଦୂରରେ ଥିବା ଜଣେ ମହାଯୋଗୀଙ୍କ ଅଲୌକିକ ଘଟଣା କହିଲେ ।

ଦ୍ରୋଣଗିରିର ସିଦ୍ଧ ମହାତ୍ମା

ଦ୍ରୋଣଗିରିର ନିର୍ଜନ ଗୁମ୍ଫାଠାରୁ ପାଞ୍ଚ ମାଇଲ ଦୂରରେ ଗୋଟିଏ ପ୍ରାଚୀନ ଜୀର୍ଣ୍ଣ ଦେବାଳୟ ଦେଖା ଯାଉଥାଏ । ସେହି ସ୍ଥାନ ଜଣେ ଦେବୋପମ ସିଦ୍ଧ ମହାପୁରୁଷଙ୍କ ବିଚରଣ ଭୂମି । ସେଠାରେ ଥିବା ସାଧୁ ମହାତ୍ମାମାନଙ୍କର ବିଶ୍ୱାସ

ଥିଲା ଯେ ସେହି ସିଦ୍ଧପୁରୁଷଙ୍କ ଆୟୁର ହିସାବ ନାହିଁ । ତାଙ୍କୁ ସେଠାରେ ସ୍ଥାନୀୟ ବ୍ୟକ୍ତିମାନେ ଦ୍ରୋଣଗିରିର ଅଭିଭାବକ ବୋଲି ମନେ କରୁଥିଲେ । କେତେକ ବ୍ୟକ୍ତି ତାଙ୍କୁ ମହାଭାରତର ଅଶ୍ୱତ୍‌ଥାମା ବୋଲି ବିଶ୍ୱାସ କରୁଥିଲେ । ସେ ଅର୍ଦ୍ଧରାତ୍ରିରେ କାଠ ଖଡ଼ଉ ମାଡ଼ି ଖଟ୍ ଖଟ୍ ଶବ୍ଦ କରି ସେହି ଦେବାଳୟରେ ପ୍ରବେଶ କରୁଥିଲେ । ତାଙ୍କ ଶରୀରର ଜ୍ୟୋତିଃରେ ସେ ସ୍ଥାନ ଆଲୋକିତ ହୋଇଯାଉଥିଲା । ଲାହିଡ଼ି ମହାଶୟଙ୍କୁ ତାଙ୍କ ଗୁରୁଦେବ ଦିନେ ଅର୍ଦ୍ଧରାତ୍ରିରେ ସେହି ମହାସିଦ୍ଧଙ୍କ ଶରୀରର ଜ୍ୟୋତିଃ ପ୍ରକାଶକୁ ଦୂରରୁ ଦର୍ଶନ କରାଇଦେଲେ । ଗୁରୁଦେବ ବାବାଜି ମହାରାଜ କହୁଥିଲେ, ''କେହି କେହି ଅସାଧ୍ୟ ମୃତ୍ୟୁ ତୁଲ୍ୟ ରୋଗୀଙ୍କୁ ସେହି ମହାଯୋଗୀଙ୍କ କୃପା ଉପରେ ଭରସା ରଖି ସେହି ସ୍ଥାନରେ ଏକା ଛାଡ଼ି ଚାଲିଯାଉଥିଲେ । ସେହି ମହାଯୋଗୀଙ୍କ ଦୃଷ୍ଟି ପଡ଼ିବା ମାତ୍ରେ ଅସାଧ୍ୟ ରୋଗୀ ରୋଗମୁକ୍ତ ହୋଇ ଘରକୁ ଚାଲିଯାଉଥିଲା ।'' ଦିନେ ଲାହିଡ଼ି ମହାଶୟଙ୍କୁ ବି ଏହି ମହାଯୋଗୀଙ୍କ ଚମତ୍କାରିତାର ପରିଚୟ ମିଳିଗଲା ।

ଦିନେ ଲାହିଡ଼ି ମହାଶୟ ଦୁଇ, ତିନି ଜଣ ସାଧୁଙ୍କ ସହିତ ଭ୍ରମଣ କରିବାକୁ ବାହାରିଲେ । ପାହାଡ଼ରେ ଭ୍ରମଣ କରିବା ସମୟରେ ତାଙ୍କ ମଧ୍ୟରୁ ଜଣେ ସାଧୁ କୌଣସି ଜଙ୍ଗଲୀ ଗଛର ଫଳ ଖାଇଦେଲେ । ଖାଇବା ସଙ୍ଗେ ସଙ୍ଗେ ତାଙ୍କ ପେଟରେ ପୀଡ଼ା ହେଲା ଏବଂ କିଛି ସମୟ ପରେ ଝାଡ଼ା ପରେ ଝାଡ଼ା ହେବା ସଙ୍ଗେ ସଙ୍ଗେ ପେଟର ପୀଡ଼ା ଭୟଙ୍କର ଭାବରେ ବଢ଼ିଗଲା । ଏପରି ଭୟଙ୍କର ରୂପ ଧାରଣ କଲା ଯେ ଆଉ ବଞ୍ଚିବାର ଆଶା ରହିଲା ନାହିଁ । ଏଣେ ସନ୍ଧ୍ୟା ପରେ ଅନ୍ଧକାର ମାଡ଼ି ଆସିଲା । ରୋଗୀଙ୍କୁ ସଙ୍ଗରେ ଆଣିବାର ଉପାୟ ନ ଦେଖି ତାଙ୍କ ସାଥୀ ସାଧୁମାନେ ବିସ୍ମିତ ହୋଇଗଲେ । ସେମାନଙ୍କ ବୁଦ୍ଧି ବିଚାର କିଛି କାମ କଲା ନାହିଁ । ଶେଷରେ କିଂକର୍ତ୍ତବ୍ୟବିମୂଢ଼ ହୋଇ ସେହିଠାରେ ବସିପଡ଼ିଲେ । ଏହିପରି ହତବୁଦ୍ଧି ଅବସ୍ଥାରେ ସମ୍ମୁଖରେ ଥିବା ଅଶ୍ୱତ୍‌ଥାମାଙ୍କ ଭଗ୍ନ ମନ୍ଦିରର ଶିଖର ଉପରେ ଦୃଷ୍ଟି ପଡ଼ିଲା । ସେମାନଙ୍କ ମନରେ ହଠାତ୍ ସେଠାରେ ଗୁପ୍ତରୂପେ ରହୁଥିବା ସିଦ୍ଧ ମହାତ୍ମାଙ୍କ ପ୍ରଭାବ ସ୍ମରଣରେ ଆସିଲା । ଏବଂ ସେମାନେ ସେହି ସିଦ୍ଧ ମହାପୁରୁଷଙ୍କ ଚରଣରେ ରୋଗୀ ସାଧୁଙ୍କୁ ଛାଡ଼ି ଦେବା ନିଶ୍ଚୟ କଲେ ଏବଂ ମୃତ୍ୟୁ ତୁଲ୍ୟ ଅବସ୍ଥାରେ ଥିବା ରୋଗୀଙ୍କୁ ଉଠାଇ ସେହି ଦେବାଳୟର ସମୀପରେ ରଖିଦେଇ ନିଜ ନିଜ ସ୍ଥାନକୁ ଚାଲିଗଲେ ।

ତହିଁ ଆରଦିନ ମୃତ୍ୟୁ ଅବସ୍ଥାରେ ଥିବା ରୋଗୀ ସୁସ୍ଥ ହୋଇ ଫେରି ଆସିଲା । ତାଙ୍କୁ ଦେଖି ଲାହିଡ଼ି ମହାଶୟଙ୍କ ସହିତ ଅନ୍ୟମାନଙ୍କୁ ବହୁତ ଆଶ୍ଚର୍ଯ୍ୟ ଲାଗିଲା । ସେ କିପରି ଏତେ ଶୀଘ୍ର ଆରୋଗ୍ୟ ହୋଇଗଲେ ? ସିଦ୍ଧ ମହାପୁରୁଷଙ୍କ କୃପା କିପରି ହେଲା ? ଏହିସବୁ କଥା ଜାଣିବାକୁ ସେମାନଙ୍କର ବହୁତ ଆଗ୍ରହ ହେଲା । ଏବଂ ସେମାନଙ୍କ ପ୍ରଶ୍ନର ଉତ୍ତରରେ ରୋଗୀ କହିଲେ, ''ମୁଁ ପୂର୍ବ ଘଟଣା କିଛି ଜାଣେ ନାହିଁ । ବୋଧହୁଏ ମୋର ଚେତନାଶୂନ୍ୟ ଅବସ୍ଥା ଥିଲା । କେବଳ ବହୁତ ଜୋର୍ ଶବ୍ଦରେ ଶୁଣିଲି, 'ୟହାଁ ତୁ କୌନ୍ ହୈରେ !' – ଏହି ଶବ୍ଦ ଶୁଣିବା ମାତ୍ରେ ମୋର ଚେତନା ଆସିଗଲା । ସେହି ସିଦ୍ଧ ମହାପୁରୁଷ ଏହା କହି ତାଙ୍କ ପାଦରେ ମୋତେ ପେଲି ଦେଲେ । ମୁଁ ତଳ ଆଡ଼କୁ ଗଡ଼ି ଗଡ଼ି କିଛି ଦୂର ଯାଇ ରହିଗଲି । କିଛି ସମୟ ପରେ ମୋ ଶରୀରରେ ନୂତନ ବଳ ସଞ୍ଚାର ହୋଇଗଲା । ମୁଁ ନିଜେ ଉଠି ପର୍ବତରୁ ଓହ୍ଲାଇ ତଳ ଭୂମିକୁ ଚାଲି ଆସିଲି । ଏତେ ଉଚ୍ଚରୁ ଗଡ଼ି ଗଡ଼ି ଆସିଲି କିନ୍ତୁ ଶରୀରରେ ଟିକିଏ ବି କ୍ଷତ ହୋଇ ନାହିଁ କିଂବା କୌଣସି ପୀଡ଼ା ମଧ୍ୟ ଜଣା ପଡ଼ି ନାହିଁ ।''

ଦ୍ରୋଣଗିରି ଅଞ୍ଚଳର ସିଦ୍ଧମହାତ୍ମାଙ୍କ କାହାଣୀ ଶୁଣି ତଥା ଏହି ପ୍ରତ୍ୟକ୍ଷ ଘଟଣା ଦେଖି ଲାହିଡ଼ି ମହାଶୟ ବହୁତ ପ୍ରଭାବିତ ହେଉଥିବା ସଙ୍ଗେ ସଙ୍ଗେ ଖୁସୀ ବି ହେଉଥିଲେ । ସିଦ୍ଧମହାତ୍ମାମାନଙ୍କର ଏହିସବୁ ଚମତ୍କାର ଘଟଣା ଶୁଣି ତଥା ସେହି ଭୂମିରେ କିଛି ଦିନ ବାସ କରିବା ଯୋଗୁଁ ଲାହିଡ଼ି ମହାଶୟଙ୍କର ସାଧନା ମାର୍ଗରେ ପୂର୍ବାପେକ୍ଷା ଅଧିକ ଆଗ୍ରହ ଉତ୍ପନ୍ନ ହେଲା । ସେ ଏଥିରେ ବହୁତ ପ୍ରଭାବିତ ହେଲେ ଏବଂ ତାଙ୍କ ଗୁରୁଭାଇମାନଙ୍କର ଯୋଗ ବିଭୂତି ଦର୍ଶନ କରି ସେ ଆଶ୍ଚର୍ଯ୍ୟ ହୋଇଗଲେ ।

ଗୁରୁ-ଆଶ୍ରମ

ଦିନେ ଲାହିଡ଼ି ମହାଶୟ ଜଣେ ଗୁରୁଭାଇ ତଥା ଅନ୍ୟ କେଇଜଣ ସାଧୁଙ୍କ ସହିତ ପାହାଡ଼ୀ ନଦୀ 'ଗଙ୍ଗାସ'ର ସେପାରିକୁ ଶୌଚ ସକାଶେ ଯାଇଥିଲେ । ଫେରିବାରେ ବହୁତ ବିଳମ୍ବ ହେଲା । ନଦୀରେ ହଠାତ୍ ବଢ଼ି ଆସିବାରୁ ଦୁଇ କୂଳ ପାଣିରେ ପୂର୍ଣ୍ଣ ହୋଇ ସ୍ରୋତ ବହୁତ ତୀବ୍ରଭାବେ ପ୍ରଭାବିତ ହେବାକୁ ଲାଗିଲା । ପାହାଡ଼ୀ ନଦୀମାନଙ୍କରେ ଏହିପରି ହଠାତ୍ ବଢ଼ି ଆସି ନଦୀ ଜଳପୂର୍ଣ୍ଣ ହୋଇଯାଏ; ଏପରିକି କେଇ ଗଜ ଉଚ୍ଚାରେ ବି ଜଳ ଆସେ । ସମଗ୍ର ନଦୀଟି ଜଳରେ ପୂର୍ଣ୍ଣ ହୋଇଯିବାରୁ ସେପାରିରୁ ଏପାରିକି ଆସିବା ଅସମ୍ଭବ ହୋଇଗଲା । ସାଥିରେ ଯେଉଁ ଗୁରୁଭାଇ ଥିଲେ ସେ ନିଜ ମସ୍ତକରୁ ପଗଡ଼ି ଉତାରି ନଦୀରେ ପକାଇଦେଲେ ଏବଂ ତାକୁ ଧରି ନଦୀ ପାର ହେବାକୁ ସମସ୍ତଙ୍କୁ କହିଲେ । ସ୍ୱୟଂ ମଧ୍ୟ ତାହାହିଁ କଲେ । ତାଙ୍କୁ ଦେଖି ଲାହିଡ଼ି ମହାଶୟଙ୍କ ସହିତ ଅନ୍ୟ ସାଧୁମାନେ ମଧ୍ୟ ବସ୍ତ୍ରର ଆଶ୍ରୟରେ ସହଜରେ ଖରସ୍ରୋତା ନଦୀକୁ ପାର ହୋଇଗଲେ ।

ଏଥିରେ ଲାହିଡ଼ି ମହାଶୟ ଆଶ୍ଚର୍ଯ୍ୟ ହେବା ସଙ୍ଗେ ସଙ୍ଗେ ତାଙ୍କର ଜାଣିବା ସକାଶେ ବହୁତ କୌତୂହଳ ମଧ୍ୟ ହେଲା । ଏହି ଘଟଣା ଗୁରୁଦେବଙ୍କୁ ନ ପଚାରି ରହିପାରିଲେ ନାହିଁ । ଗୁରୁଦେବ ଉତ୍ତରରେ କହିଲେ, ''ସେହି ଶିଷ୍ୟକୁ କେଇ ପ୍ରକାର ସିଦ୍ଧି ପ୍ରାପ୍ତ ହୋଇଅଛି । ଯଥାର୍ଥ ଯୋଗମାର୍ଗରେ ଅଗ୍ରସର ହେଲେ ବହୁ ପ୍ରକାର ସିଦ୍ଧି ପ୍ରାପ୍ତ ହୁଏ । ତୁ ମଧ୍ୟ ଯୋଗ ମାର୍ଗରେ ସିଦ୍ଧି ପ୍ରାପ୍ତ କରି ପାରିବୁ ।'' ଲାହିଡ଼ି ମହାଶୟଙ୍କୁ ଏହି ରହସ୍ୟ ବୁଝିବାରେ ବିଳମ୍ବ ହେଲା ନାହିଁ । ଗୁରୁଦେବ ତାଙ୍କ ଅନ୍ତରକୁ ପ୍ରକାଶ କରି ନିଜ ଆନ୍ତରିକ ପ୍ରେରଣାରେ ତାଙ୍କୁ ବୁଝେଇ ଦେଲେ । ପରେ ଲାହିଡ଼ି ମହାଶୟ ସେହି ଗୁରୁଭାଇଙ୍କ ନଦୀପାରି ସିଦ୍ଧି ବିଷୟ ବହୁତ ବ୍ୟକ୍ତିଙ୍କୁ କଥା ପ୍ରସଙ୍ଗରେ କହିଥିଲେ ।

ଗୁରୁଦେବଙ୍କ ଆଶ୍ରମରେ ଗୁରୁଭାଇମାନଙ୍କ ସହିତ ରହି ସେମାନଙ୍କଠାରୁ ଗୁରୁଦେବଙ୍କ ବହୁତ ଅଲୌକିକ ସିଦ୍ଧି ସମ୍ବନ୍ଧେ ଲାହିଡ଼ି ମହାଶୟ ଶୁଣୁଥିଲେ । ସେହି ଦ୍ରୋଣଗିରିରେ ରହିବା ସମୟରେ ତାଙ୍କୁ ମଧ୍ୟ ଗୁରୁଦେବଙ୍କ ସିଦ୍ଧି ସମ୍ବନ୍ଧେ କେତେକ ପରିଚୟ ମିଳିଥିଲା ।

ରାଣୀକ୍ଷେତର ସମୀପସ୍ଥ ଜଣେ ଧନୀ ବ୍ୟବସାୟୀ ରହୁଥିଲେ । ତାଙ୍କୁ ନିଜ ଧନର ବହୁତ ଅଭିମାନ ଥିଲା । ସେ ଥିଲେ ବାବାଜି ମହାରାଜଙ୍କ କୃପାପାତ୍ର । ବାବାଜି ମହାରାଜ ତା' ଅଭିମାନ ଦୂର କରିବାକୁ ଚାହୁଁଥିଲେ । ଅଭିମାନହିଁ ସାଂସାରିକ କର୍ମ ତଥା ଅଧ୍ୟାତ୍ମ ମାର୍ଗରେ ମହାନ୍ କଣ୍ଟକ ତଥା ସର୍ବନାଶକ । ବାବାଜି ମହାରାଜ କୌଣସି ଅବସରକୁ ଅପେକ୍ଷା କରିଥିଲେ । ଦିନେ ସେ ସୁଯୋଗ ଆସିଲା । ସେ ଦିନେ ତାଙ୍କ ଗୃହରେ ବାବାଜି ମହାରାଜଙ୍କ ସହିତ ଅନ୍ୟ କେତେକ ସାଧୁଙ୍କୁ ଭୋଜନ କରାଇବା ସକାଶେ ନିମନ୍ତ୍ରଣ କଲେ । ବାବାଜି ମହାରାଜ କହିଦେଲେ, ''ମୋ ସହିତ ମୋର ନୂତନ ଶିଷ୍ୟ ଯିବ । କିନ୍ତୁ ମୋତେ ସେଠାରେ ଅପେକ୍ଷା କରିବାକୁ ହେବ ନାହିଁ । ପହୁଞ୍ଚିବା ସଙ୍ଗେ ସଙ୍ଗେ ଭୋଜନ କରି ଫେରି ଆସିବି ।'' ଏଥିରେ ଭକ୍ତ ବହୁତ ଖୁସିରେ ପ୍ରସନ୍ନତାପୂର୍ବକ ହାତ ଯୋଡ଼ି କୃତଜ୍ଞତା ପ୍ରକାଶ କଲେ ଏବଂ ଅନ୍ୟ ସାଧୁମାନଙ୍କୁ ମଧ୍ୟ ନିମନ୍ତ୍ରଣ କଲେ ।

ବାବାଜି ମହାରାଜ ନୂତନ ଶିଷ୍ୟ ଲାହିଡ଼ି ମହାଶୟଙ୍କୁ ସଙ୍ଗେ ନେଇ ଅନ୍ୟ ସାଧୁଙ୍କ ପହୁଞ୍ଚିବା ପୂର୍ବରୁ ଭକ୍ତଙ୍କ ଗୃହରେ ପହୁଞ୍ଚିଗଲେ । ଭକ୍ତ ବି ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ସମସ୍ତ ରୋଷେଇ ତୟାର କରି ସାରିଥିଲେ । ବାବାଜି ମହାରାଜ ପହୁଞ୍ଚିବା ସଙ୍ଗେ ସଙ୍ଗେ ତାଙ୍କ ସକାଶେ ଭୋଜନ ପରଷା ଗଲା । ଲାହିଡ଼ି ମହାଶୟ ଭୋଜନ କରିବେ କ'ଣ କେବଳ ଅବାକ୍, ଆଶ୍ଚର୍ଯ୍ୟ ଚକିତ ହୋଇ ଗୁରୁଦେବଙ୍କ ଭୋଜନ ଦେଖୁଥାଆନ୍ତି । ତାଙ୍କ ପତ୍ରରେ ଯେତେ ପୁରି, ମାଲପୁଆ, ମୋହନଭୋଗ, ତସମଇ, ତରକାରି, ଭଜାଭଜି ପରଷା ହେଉଥିଲା, ଦୁଇ ମିନିଟ ମଧ୍ୟରେ ସମସ୍ତ ଉଦରସ୍ଥ କରି ପୁନରାୟ ମାଗୁଥିଲେ । ଶେଠଜି ପର୍ଯ୍ୟାପ୍ତ ଭୋଜନ ତୟାର କରାଇଥିଲେ, ପ୍ରାୟ ସମସ୍ତ ସମାପ୍ତ ହେବାକୁ ଲାଗିଲା, ମାତ୍ର ଖୁବ୍ କମ୍ ବାକୀ ଥିଲା । ସେତେବେଳକୁ ନିମନ୍ତ୍ରିତ ସଜ୍ଜନମାନେ ସମସ୍ତେ ପହୁଞ୍ଚି ଯାଇଥିଲେ । ଏହିପରି ପରିସ୍ଥିତିରେ ଭଗତଜି ବହୁତ ଚିନ୍ତିତ ଥିଲେ । ଆମନ୍ତ୍ରିତ ସାଧୁମାନେ ଭୋଜନ କରିବେ କ'ଣ ? ଏତେ ଅଳ୍ପ ସମୟରେ ଆଉ ତୟାରି

କରାଇବା ସମ୍ଭବ ନୁହେଁ । ତୟାରି କେତେ କରାହେବ ? ଯେତେ ତୟାରି ହେବ ବାବାଜି ମହାରାଜ ତ' ସବୁ ସ୍ୱାହା କରିଦେବେ ! ଶେଠଜିଙ୍କ ପାଖରେ ଆଉ ଅନ୍ୟ କୌଣସି ଉପାୟ ନ ଥିଲା । ଚିନ୍ତାରେ ତାଙ୍କ ମୁଖ ଶୁଖି ଯାଇଥିଲା । ସେ ଅତ୍ୟନ୍ତ କାତର ହୋଇ ବାବାଜି ମହାରାଜଙ୍କ ଚରଣରେ ପଡ଼ି ନିଜ ଅପରାଧ କ୍ଷମା ସକାଶେ ପ୍ରାର୍ଥନା କଲେ । ବାବାଜି ମହାରାଜ କହିଲେ, ''ତୋର ଏତେ ଅଳ୍ପସଂଖ୍ୟକ ସାଧୁଙ୍କୁ ଭୋଜନ କରାଇବାର ସାମର୍ଥ୍ୟ ନାହିଁ, ତଥାପି ଏତେ ଗର୍ବ ? ସବୁ ସମ୍ପତ୍ତି ଭଗବାନଙ୍କର, ତୁ କେବଳ ସେବକ,— ଏହି ଭାବ ରଖି ସମସ୍ତ କର୍ମ ଭଗବାନଙ୍କ ସେବା ଭାବରେ କରି ତାଙ୍କୁ ସମର୍ପଣ କର । ତାଙ୍କରି ନାମ ସ୍ମରଣ କର । ଆନ୍ତରିକ ନିଷ୍ଠା ସହ ଏତିକି କଲେ ଭଗବତ୍ ପ୍ରାପ୍ତ ହେବୁ ଏବଂ ଜନ୍ମମରଣଦ୍ୱନ୍ଦ୍ୱରୁ ମୁକ୍ତ ହେବୁ ।''

ବାବାଜି ମହାରାଜଙ୍କ କୃପାରେ ଅଳ୍ପ ଥିବା ଭୋଜନରେ ନିମନ୍ତ୍ରିତ ସମସ୍ତ ସାଧୁ ଉଦରପୂର୍ତ୍ତି ଭୋଜନ କଲେ, ତଥାପି ବଞ୍ଚିରହିଲା ।

ବାବାଜି ମହାରାଜ ନିଜ ଆଶ୍ରିତ ଭକ୍ତ ଶିଷ୍ୟମାନଙ୍କ ଦୋଷ ତ୍ରୁଟି ସଂଶୋଧନ କରିବା ସକାଶେ ବହୁତ ସତର୍କ ରହୁଥିଲେ । ମା' ନିର୍ଦୟଭାବେ ଛୋଟ ଶିଶୁର ବଥ ଚିରି ପୂଯରକ୍ତ ବାହାର କରିବା ସଦୃଶ ବାବାଜି ମହାରାଜ ବି ଶିଷ୍ୟମାନଙ୍କ ଦୋଷତ୍ରୁଟି ଦୂର କରିବା ସକାଶେ ଜଳୁଥିବା କାଠରେ ପ୍ରହାର କରିବାରେ ପଶ୍ଚାତ୍‌ପଦ ହେଉ ନ ଥିଲେ । ଲାହିଡ଼ି ମହାଶୟ ସ୍ୱୟଂ ଏପରି ଘଟଣା ସ୍ୱଚକ୍ଷୁରେ ଦେଖିଥିଲେ ।

ଗୁରୁଙ୍କଠାରୁ ବିଦାୟ

ଦିନ ଯିବାରେ ବିଳମ୍ବ ହୁଏ ନାହିଁ । ଦେଖୁ ଦେଖୁ ଗୋଟିଏ ସପ୍ତାହ ବିତିଗଲା । ଅଫିସର୍‌ଙ୍କ ଭୁଲ୍ ଯୋଗୁଁ ଲାହିଡ଼ି ମହାଶୟ ରାଣୀକ୍ଷେତ ବଦଳି ହୋଇ ଆସିଥିବା ଖବର ସାମରିକ ଇଞ୍ଜିନିୟରିଂ ବିଭାଗରୁ ତାର ଦ୍ୱାରା ତାଙ୍କୁ ଖବର ମିଳିଗଲା । ଅତଏବ ଶୀଘ୍ର ତାଙ୍କୁ ଦାନାପୁର କାର୍ଯ୍ୟାଳୟକୁ ଫେରିଯିବାକୁ ହେବ । ଏହି ଖବର ଆସିବା ପୂର୍ବରୁ ଗୁରୁଙ୍କଠାରୁ ଯଦ୍ୟପି ଲାହିଡ଼ି ମହାଶୟ ଜାଣିଥିଲେ ତଥାପି ଗୁରୁଙ୍କ ବିୟୋଗ ସହ୍ୟ କରି ନ ପାରି ଅଧୀର ହୋଇ ଛୋଟ ଶିଶୁ ସଦୃଶ ଗୁରୁଦେବଙ୍କ ଚରଣ ଧରି କାନ୍ଦିବାକୁ ଲାଗିଲେ ଏବଂ ଚାକିରି ଛାଡ଼ି ଗୁରୁଦେବଙ୍କ ଚରଣ ସେବାରେ ରହିବାକୁ ପ୍ରାର୍ଥନା କଲେ । ଗୁରୁଦେବ ଲାହିଡ଼ି ମହାଶୟଙ୍କ ମସ୍ତକ ଉପରେ ହାତ ରଖି ଶରୀର ଆଉଁଶି କହିଲେ, ''ବେଟା, ତୁ ଅଧୀର ହେଉଛୁ କାହିଁକି ? ସ୍ଥୂଳ ଶରୀରରେ ଦୂରରେ ରହିଲେ ସୁଦ୍ଧା ସୂକ୍ଷ୍ମରେ ମୁଁ ତ ତୋ ପାଖରେ ରହିବି । ଯେତେବେଳେ ତୁ ମୋତେ ଧ୍ୟାନ କରିବୁ ମୁଁ ସ୍ଥୂଳ ଶରୀରରେ ବି ତୋ ପାଖରେ ପ୍ରକଟ ହୋଇଯିବି । କିନ୍ତୁ ତୋତେ ଭଗବାନଙ୍କ କାର୍ଯ୍ୟ ସକାଶେ ଗାର୍ହସ୍ଥ୍ୟାଶ୍ରମରେ ରହି କେତେକ ବ୍ୟକ୍ତିଙ୍କୁ ଯୋଗ ଦୀକ୍ଷା ଦେଇ ସେମାନଙ୍କୁ ଉଦ୍ଧାର କରିବାକୁ ହେବ । ଏହି ସକାଶେ ତୋତେ ବାହାରକୁ ଯିବାକୁ ହେବ ।'' ଏହା କହି ବାବାଜି ମହାରାଜ ଲାହିଡ଼ି ମହାଶୟଙ୍କୁ ଉଠାଇ ତାଙ୍କ ମସ୍ତକରେ ହସ୍ତ ରଖି ଆଶୀର୍ବାଦ ଦେଲେ । ଲାହିଡ଼ି ମହାଶୟ ସହଜ ନୟନରେ ଗୁରୁଦେବଙ୍କୁ ଅନାଇ ପୁନର୍ବାର ତାଙ୍କ ଚରଣଯୁଗଳରେ ମସ୍ତକ ସ୍ଥାପନ କରି ନିଜ ତମ୍ବୁକୁ ଫେରି ଆସିଲେ ଏବଂ ନିଜର ଜିନିଷପତ୍ର ସବୁ ଧରି ଦାନାପୁରକୁ ପ୍ରସ୍ଥାନ କଲେ ।

ଗୁରୁଦେବଙ୍କ ଆବିର୍ଭାବ

ଦାନାପୁର ଆସିବା ସମୟରେ ମୁର୍‌ଦାବାଦ ସହରରେ ଲାହିଡ଼ି ମହାଶୟ ଦୁଇ, ତିନି ଦିନ ରହିଗଲେ; ସେହି ସମୟରେ କେତେ ଜଣ ବଙ୍ଗାଳୀ ମିତ୍ରଙ୍କ ସହିତ କଥାବାର୍ତ୍ତା କରୁଥିଲେ । ସେମାନଙ୍କ ମଧ୍ୟରୁ ଜଣେ କଥାପ୍ରସଙ୍ଗରେ କହିଲେ – ''ପୂର୍ବେ ଯେପରି ଉଚ୍ଚକୋଟିର ମହାତ୍ମା, ଅଲୌକିକ ସିଦ୍ଧିସମ୍ପନ୍ନ ମହାପୁରୁଷ ଥିଲେ, ଆଜିକାଲି ଆଉ ସେପରି ନାହାନ୍ତି ।''

ଶ୍ୟାମାଚରଣଜିଙ୍କଠାରୁ ତାଙ୍କ ଗୁରୁଙ୍କ ପ୍ରଭାବ ଶୁଣି ସାରିବା ପରେ ସେମାନେ ଏକଥା କହିବାରୁ ତାଙ୍କୁ ବହୁତ ଖରାପ ଲାଗିଲା । ସେ ଦୃଢ଼ତାପୂର୍ବକ କହିଲେ, ''ନାହିଁ, ଏପରି କଦାପି ନୁହେଁ । ଏପରି ମହାତ୍ମା ଆଜି ବି ଅଛନ୍ତି, ସେମାନଙ୍କର ଦର୍ଶନ ବି ହେଉଛି । ତୁମ୍ଭେମାନେ ଯଦି ଚାହଁ ବର୍ତ୍ତମାନ ମୁଁ ତୁମ୍ଭମାନଙ୍କୁ ଦର୍ଶନ କରାଇ ଦେଇପାରେ ।''

ଏକଥା ଶୁଣି ମିତ୍ରମାନଙ୍କୁ ବହୁତ ଆଶ୍ଚର୍ଯ୍ୟ ତଥା କୌତୂହଳ ହେଲା । ସେମାନେ ଲାହିଡ଼ି ମହାଶୟଙ୍କୁ ବହୁତ ଆଗ୍ରହ ମଧ୍ୟ କଲେ । ଲାହିଡ଼ି ମହାଶୟ ଭାବିଲେ, ''ମୋ ଗୁରୁଜିଙ୍କ ଯୋଗଶକ୍ତିରେ ଏମାନେ ଅବିଶ୍ୱାସ କରୁଛନ୍ତି, ପ୍ରତ୍ୟକ୍ଷ ଦେଖିଲେ ବୁଝି ପାରିବେ ଏବଂ ଏମାନଙ୍କର ଭଗବତ୍ ବିଶ୍ୱାସ ଉତ୍ପନ୍ନ ହେବ । ଗୁରୁଜିଙ୍କର ବି ମର୍ଯ୍ୟାଦା ବଢ଼ିବ । ଗୁରୁଜି ତ' କହିଛନ୍ତି, 'ମୋତେ ଯେତେବେଳେ ଧ୍ୟାନ କରିବୁ ମୁଁ ସ୍ଥୂଳ ଶରୀରରେ ଉପସ୍ଥିତ ହେବି ।' ଏହା ଗୋଟିଏ ସୁଯୋଗ ।''

ଏହା ଭାବି କହିଲେ, ''ତୁମ୍ଭେମାନେ ମୋତେ ଗୋଟାଏ ଏକାନ୍ତ କୋଠରି ଦିଅ । ସମସ୍ତ ଝରକା ଏବଂ କବାଟ ବାହାରୁ ବନ୍ଦ କରି ଦିଅ । ସେହି ବନ୍ଦ କକ୍ଷରେ ମୁଁ ଗୁରୁଦେବଙ୍କୁ ଧ୍ୟାନ କଲେ ସେ ନିଶ୍ଚୟ ପ୍ରକଟ ହେବେ ।''

ଶ୍ୟାମାଚରଣଙ୍କ କହିବାନୁସାରେ ତାହାହିଁ କରାହେଲା । ସେ ବନ୍ଦ କକ୍ଷ ମଧ୍ୟରେ ରହି ଗୁରୁଦେବଙ୍କୁ ଧ୍ୟାନ କଲେ । କିଛି ସମୟ ପରେ ଗୁରୁଜି ବନ୍ଦ କକ୍ଷରେ ଶ୍ୟାମାଚରଣଙ୍କ ସମ୍ମୁଖରେ ପ୍ରକଟ ହୋଇଗଲେ ଏବଂ କହିଲେ, ''ଶ୍ୟାମାଚରଣ, ତୋ'ରି ଆବାହନ ଯୋଗୁଁ ମୁଁ ଏଠାକୁ ଆସିଗଲି । କିନ୍ତୁ ସାଧାରଣ କଥା ପ୍ରସଙ୍ଗ ଯୋଗୁଁ ମୋତେ ଆବାହନ କରିବା କ'ଣ ପ୍ରୟୋଜନ ଥିଲା ? ଏହିପରି ତାମସା ଦେଖାଇବା ସକାଶେ ମୁଁ କ'ଣ ତୋତେ ଯୋଗବିଭୂତି ଦେଇଥିଲି ?''

ଲାହିଡ଼ି ମହାଶୟ ନିଜ ଭୁଲ୍ ବୁଝିପାରି ଭୟଭୀତ ହୋଇ ଗୁରୁଦେବଙ୍କ ଚରଣରେ ସାଷ୍ଟାଙ୍ଗ ପଡ଼ିଗଲେ ଏବଂ କିଛି ସମୟ ପରେ ହାତଯୋଡ଼ି ଗୁରୁଦେବଙ୍କ ସମ୍ମୁଖରେ ଛିଡ଼ା ହୋଇ ରହିଲେ । ତାଙ୍କ ମୁଖରୁ ଗୋଟିଏ ବି ଶବ୍ଦ ବାହାରୁ ନ ଥିଲା । ସେ ବହୁତ ଦୁଃଖ କରୁଥିଲେ । ଭାବୁଥିଲେ, ''ମୁଁ ଆଜି ଭୟଙ୍କର ଅପରାଧ କଲି । ଅହଂବଶ ହୋଇ ନିଜ କଥା ବଜାୟ ରଖିବା ସକାଶେ ଗୁରୁଦେବଙ୍କ ଦତ୍ତ ଯୋଗଶକ୍ତିର ଦୁରୁପଯୋଗ କଲି । ଏହା ଘୋର ଅପରାଧ ।''

ଶ୍ୟାମାଚରଣଙ୍କ ଗ୍ଲାନି ଦୂର କରିବା ସକାଶେ ଗୁରୁଦେବ କହିଲେ, ''ଶ୍ୟାମାଚରଣ, ବସିଯା, ଶୁଣ, ମୁଁ ନିଜ ବଚନ ତଥା ତୋ ସମ୍ମାନ ରକ୍ଷା କରିବା ସକାଶେ ଏଠାରେ ଉପସ୍ଥିତ ହେଲି । ଭବିଷ୍ୟତରେ ତୋ ଆବାହନରେ ମୁଁ ଆଉ ଆସିବି ନାହିଁ । କିନ୍ତୁ ଯେତେବେଳେ ଆବଶ୍ୟକ ମନେ କରିବି, ସେତେବେଳେ ମୁଁ ସ୍ୱେଚ୍ଛାରେ ପ୍ରକଟ ହୋଇଯିବି ।''

ଗୁରୁଦେବଙ୍କ ଏହି ବାକ୍ୟରେ ଶ୍ୟାମାଚରଣଙ୍କର ଗ୍ଲାନି ଏବଂ ଭୟ ଦୂର ହେଲା । ସେ ଗୁରୁଦେବଙ୍କ ଚରଣରେ ମସ୍ତକ ରଖି ନିଜ ଅପରାଧର କ୍ଷମା ଭିକ୍ଷା କଲେ ଏବଂ ହାତ ଯୋଡ଼ି ପ୍ରାର୍ଥନା କଲେ, ''ପ୍ରଭୋ, ନିଜ କୃପାରେ ଏଠାକୁ ଆସି ଅଛନ୍ତି, ଏମାନଙ୍କୁ ଦର୍ଶନ ଦେଇ କୃତାର୍ଥ ହେବାକୁ କୃପା କରନ୍ତୁ ।'' ଏଥିରେ ଗୁରୁଦେବ ପ୍ରସନ୍ନ ହୋଇ କବାଟ ଏବଂ ଖିଡ଼ିକି ଖୋଲି ଦେବା ସକାଶେ ସଂକେତ କଲେ । ଲାହିଡ଼ି ମହାଶୟଙ୍କ ମିତ୍ରଗଣ ତଥା ସେମାନଙ୍କର ପରିଚିତ ମିତ୍ର ଘର ବାହାରେ ଅପେକ୍ଷା କରିଥିଲେ ଏବଂ ଘର ଭିତରେ ଗୁରୁଶିଷ୍ୟଙ୍କର ସବୁ କଥୋପକଥନ ଶୁଣୁଥିଲେ ତଥା ଦର୍ଶନ ସକାଶେ ସେମାନଙ୍କର ଉତ୍କଣ୍ଠା ବି ବଢୁଥିଲା । କବାଟ ଫିଟିବା ମାତ୍ରେ ସମସ୍ତେ ଦୌଡ଼ିଆସି ଶ୍ରୀ ବାବାଜି ମହାରାଜଙ୍କ ଚରଣରେ ସାଷ୍ଟାଙ୍ଗ ହୋଇ ପଡ଼ିଗଲେ । ସେମାନଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସମସ୍ତେ ଛିଡ଼ା ହୋଇ ନିର୍ନିମେଷ ଦୃଷ୍ଟିରେ ଗୁରୁଦେବଙ୍କୁ ଦେଖିଲେ, ଏକେବାରେ ପ୍ରତ୍ୟକ୍ଷ ରୂପରେ । ଗୁରୁଜି ସମସ୍ତଙ୍କୁ ହସ୍ତ ଟେକି ଆଶୀର୍ବାଦ କଲେ ତଥା ବସିଯିବାକୁ ସଂକେତ ଦେଲେ । ସମସ୍ତେ ନୀରବ ହୋଇ ବସି ଏକ ଅଲୌକିକ ଶାନ୍ତି ତଥା ଆନନ୍ଦ ଅନୁଭବ କଲେ ।

ଲାହିଡ଼ି ମହାଶୟ ଏବଂ ତାଙ୍କ ମିତ୍ରମାନେ ଗୁରୁଦେବଙ୍କ ସକାଶେ ପ୍ରସାଦ ତୟାରି କଲେ । ସମସ୍ତଙ୍କ ସମ୍ମୁଖରେ ଗୁରୁଜିଙ୍କୁ ପ୍ରଥମରେ ଭୋଜନ କରାଇ ପରେ ସମସ୍ତେ ଏକସଙ୍ଗେ ବସି ପ୍ରସାଦ ସେବନ କଲେ । ଭୋଜନ ପରେ କିଛି ସମୟ ବାବାଜି ମହାରାଜ ରହି ଲାହିଡ଼ି ମହାଶୟଙ୍କ ସହିତ ଅନ୍ୟ ସମସ୍ତଙ୍କୁ ଆଶୀର୍ବାଦ ଦେଇ ସମସ୍ତଙ୍କ ସମ୍ମୁଖରେ ଯେପରି ଆବିର୍ଭୂତ ହୋଇଥିଲେ ସେହିପରି ଅନ୍ତର୍ହିତ ହୋଇଗଲେ ।

ପାଗଳା ବାବୁ

ଲାହିଡ଼ି ମହାଶୟ ଦାନାପୁର ଫେରିଯାଇ ଅଫିସରେ ଯୋଗ ଦେଇ ପୂର୍ବପରି କାର୍ଯ୍ୟ କରିବା ଆରମ୍ଭ କଲେ । କିନ୍ତୁ ତାଙ୍କର ଅଫିସ୍ କାର୍ଯ୍ୟ, ସାଧନାଦି ସମସ୍ତ ଆଚାର, ବ୍ୟବହାର ଅତିମାତ୍ରାରେ ପରିବର୍ତ୍ତିତ ହୋଇଗଲା । ଲକ୍ଷ୍ୟପ୍ରାପ୍ତିର ସାଧନାରୂପେ ଅଫିସ୍ କାର୍ଯ୍ୟ କରୁଥିଲେ, କିନ୍ତୁ ତାଙ୍କ ଜୀବନର ପ୍ରଧାନ ଏବଂ ଏକମାତ୍ର ଉଦ୍ଦେଶ୍ୟ ଥିଲା ଗୁରୁଦେବଙ୍କ ପ୍ରଦତ୍ତ ଯୋଗସାଧନା । ଅଫିସ୍ କାର୍ଯ୍ୟ ଶେଷ କରି ଘରକୁ ଯାଉଥିଲେ । ଅଫିସ୍ ଆସିବା ପୂର୍ବରୁ ଏବଂ ଅଫିସ୍‌ରୁ ଫେରିଯିବା ପରେ ସ୍ନାନ ଭୋଜନ ବିଶ୍ରାମ ଯାହା ଆବଶ୍ୟକ କାର୍ଯ୍ୟ ତାହା କରୁଥିଲେ କିନ୍ତୁ ସୂର୍ଯ୍ୟ ଅସ୍ତ ହେବା ସଙ୍ଗେ ସଙ୍ଗେ ସାଧନାରେ ନିମଗ୍ନ ରହୁଥିଲେ । ଗୁରୁଦେବଙ୍କ କୃପାରୁ ତାଙ୍କୁ ନୂତନ ନୂତନ ଅନୁଭୂତି, ନୂତନ ଆନନ୍ଦ ପ୍ରାପ୍ତ ହେବାକୁ ଲାଗିଲା । ଶୁକ୍ଳପକ୍ଷ ଚନ୍ଦ୍ରମା ସଦୃଶ ସେ ପ୍ରତିଦିନ ଅଧ୍ୟାତ୍ମ ମାର୍ଗରେ ବିକାଶଲାଭ କରୁଥିଲେ । ଆଧ୍ୟାତ୍ମିକ ଦିବ୍ୟାନନ୍ଦରେ ସେ ଅଧିକରୁ ଅଧିକ ବୁଡ଼ି ରହୁଥିଲେ ।

ତାଙ୍କ ଅଫିସ୍‌ର ସହକର୍ମୀ ତଥା ଉପର ଅଫିସର୍‌ମାନେ ଯଦ୍ୟପି ତାଙ୍କର ଅଧ୍ୟାତ୍ମ ସାଧନାର ଯଥାର୍ଥ ରହସ୍ୟ ବୁଝି ପାରୁ ନ ଥିଲେ ତଥାପି ତାଙ୍କର ଚାଲିଚଳନ ତଥା ବ୍ୟବହାରରେ ବହୁତ ପରିବର୍ତ୍ତନ ଲକ୍ଷ୍ୟ କରୁଥିଲେ । ଉପର ଅଫିସର୍‌ମାନେ ତାଙ୍କୁ 'ପାଗଳା ବାବୁ' ନାମରେ ଡାକୁଥିଲେ ।

ମେମ୍ ସାହେବଙ୍କ ଆରୋଗ୍ୟଲାଭ

ଲାହିଡ଼ି ମହାଶୟ ଯେଉଁ ଅଫିସ୍‌ରେ କାର୍ଯ୍ୟ କରୁଥିଲେ ସେହି ଅଫିସ୍‌ର ପ୍ରଧାନ ସାହେବଙ୍କ ଚେହେରାରୁ କେଇ ଦିନରୁ ସେ ବହୁତ ଦୁଃଖିତ ଥିବା ଜଣାପଡୁଥିଲେ । ଶ୍ୟାମାଚରଣ ଏହାର କାରଣ ସାହେବଙ୍କୁ ପଚାରିଲେ । ସାହେବ ବହୁତ ଦୁଃଖସ୍ୱରରେ କହିଲେ, ''ତାଙ୍କ ଧର୍ମପତ୍ନୀ ଲଣ୍ଡନରେ ବହୁତ ବେମାର ଅଛନ୍ତି । ତାଙ୍କର ବଞ୍ଚିବାର ଆଶା ନାହିଁ । ସେ ଖବର ସକାଶେ ଅପେକ୍ଷାରେ ଅଛନ୍ତି । କିନ୍ତୁ କୌଣସି ଖବର ଆସି ନାହିଁ । ସେହି କାରଣରୁ ସେ ବହୁତ ଚିନ୍ତିତ ଅଛନ୍ତି ।'' ଲାହିଡ଼ି ମହାଶୟଙ୍କ ହୃଦୟ କରୁଣାରେ ପୂର୍ଣ୍ଣ ହୋଇଗଲା । ସେ କହିଲେ, ''ଆଜି ମେମ୍ ସାହେବଙ୍କ କୁଶଳ ସମାଚାର ମଗେଇ ଦେଉଛି ।''

ନିଜ ଅଫିସ୍‌ର ଜଣେ ନିମ୍ନ କର୍ମଚାରୀଙ୍କର କଥାରେ ସାହେବଙ୍କର ବିଶ୍ୱାସ ହେଲା ନାହିଁ । କିନ୍ତୁ ଲାହିଡ଼ି ମହାଶୟଙ୍କର ସମବେଦନାର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା । ସେ ନୀରବରେ କିଛି ସମୟ କେବଳ ଲାହିଡ଼ି ମହାଶୟଙ୍କୁ ଚାହିଁ ରହିଥିଲେ ।

ଲାହିଡ଼ି ମହାଶୟ ସଙ୍ଗେ ସଙ୍ଗେ ସେହି ଅଫିସ୍‌ର ଗୋଟିଏ କକ୍ଷକୁ ଯାଇ ଧ୍ୟାନସ୍ଥ ହୋଇଗଲେ । କିଛି ସମୟ ପରେ ସେ ବାହାରି ଆସି ସାହେବଙ୍କୁ କହିଲେ, ''ଆପଣଙ୍କ ଧର୍ମପତ୍ନୀ ବହୁ ପରିମାଣରେ ଆରୋଗ୍ୟ ଲାଭ କରିଛନ୍ତି । ସେ ଶୀଘ୍ର ନିଜ ହାତରେ ଚିଠି ଲେଖି ପଠାଇବେ ।'' ସେ କେବଳ ଏତିକି କହିଲେ ନାହିଁ, ଚିଠିରେ ସେ ଯାହା ଲେଖିବେ ସେ ଭାଷା ତଥା ବିଷୟବସ୍ତୁ ସବୁ କହିଦେଲେ ।

ସାହେବ ଭାରତରେ ବହୁ ଦିନ ସକାଶେ ରହିବା ଯୋଗୁଁ ଯଦ୍ୟପି ଭାରତୀୟ ଯୋଗୀଙ୍କ ଅଲୌକିକ ଯୋଗଶକ୍ତିର ଅଲୌକିକ ଘଟଣାସବୁ ଶୁଣିଥିଲେ, ତଥାପି ତାଙ୍କର ଶିକ୍ଷାଦୀକ୍ଷା, ପରିବେଶ ତଥା ସ୍ୱଭାବ ଜଡ଼ବାଦରେ ଗଠିତ ହୋଇଥିବାରୁ ସେ ସେସବୁରେ ବିଶ୍ୱାସ କରିପାରୁ ନ ଥିଲେ । ତା' ସାଙ୍ଗକୁ ପୁଣି ତାଙ୍କରି ବେତନଭୋଗୀ ନିମ୍ନସ୍ଥ କର୍ମଚାରୀଙ୍କର ଏପରି ଆଶ୍ଚର୍ଯ୍ୟ କଥାରେ ବିଶ୍ୱାସ କରନ୍ତେ ବା କିପରି ? ତଥାପି ଲାହିଡ଼ି ମହାଶୟଙ୍କ କହିବା ପ୍ରଭାବରେ ସେହିଦିନ ସାହେବଙ୍କ ମନର ଉଦ୍‌ବିଗ୍ନତା କମ୍ ହୋଇଗଲା । ତା'ର କେତେ ଦିନ ପରେ ତାଙ୍କ ଧର୍ମପତ୍ନୀଙ୍କ ହାତଲେଖା ପତ୍ର ପାଇ ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଲାହିଡ଼ି ମହାଶୟ ଯେଉଁ ଭାଷା ତଥା ଯେଉଁ ବିଷୟ ବସ୍ତୁର

ଉଲ୍ଲେଖ କରିଥିଲେ, ଠିକ୍ ସେହି ଭାଷା ତଥା ସେହି ବିଷୟବସ୍ତୁ ପଢ଼ି ସାହେବ କିଛି ସମୟ ସକାଶେ ସ୍ତମ୍ଭୀଭୂତ ହୋଇ ବସି ରହିଲେ । ତାଙ୍କର ପ୍ରସନ୍ନତା ସୀମାକୁ ଉଲ୍ଲଂଘନ କରିଗଲା । ସେ ଲାହିଡ଼ି ମହାଶୟଙ୍କୁ ଡକେଇ ଚିଠି ପଢ଼ି ଶୁଣାଇ ଦେଲେ ଏବଂ ଲାହିଡ଼ି ମହାଶୟଙ୍କୁ ବହୁତ ଧନ୍ୟବାଦ ଦେଲେ । ସେହିଦିନଠାରୁ ସାହେବଙ୍କ ଅନ୍ତରରେ ତାଙ୍କ ପ୍ରତି ଶ୍ରଦ୍ଧା ଉତ୍ପନ୍ନ ହେଲା ।

କେତେକ ମାସ ପରେ ସାହେବଙ୍କ ଧର୍ମପତ୍ନୀ ଭାରତ ଆସି ଦାନାପୁରରେ ନିଜ ପତିଙ୍କ ପାଖରେ ପହଞ୍ଚିଲେ । ମୃତ୍ୟୁ ମୁଖରୁ ରକ୍ଷା ପାଇଥିବା ପତ୍ନୀକୁ ଦେଖି ସାହେବ ତଥା ମେମ୍ ସାହେବଙ୍କର ଆନନ୍ଦର ସୀମା ରହିଲା ନାହିଁ । କିଛି ଦିନ ପରେ ହଠାତ୍ ମେମ୍ ସାହେବ ଲାହିଡ଼ି ମହାଶୟଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସେ ଦୃଢ଼ ସ୍ୱରରେ ସାହେବଙ୍କୁ କହିଲେ, ''ମୁଁ ଲଣ୍ଡନରେ ସାଙ୍ଘାତିକ ବେମାର ଥିବା ସମୟରେ ଡାକ୍ତରମାନଙ୍କ ଔଷଧରେ ରୋଗର ଉପଶମ ହେଉ ନ ଥିଲା; ଡାକ୍ତରମାନଙ୍କ ସହିତ ଅନ୍ୟମାନେ ବି ମୋର ବଞ୍ଚିବାର ଆଶା ଛାଡ଼ି ଦେଇଥିଲେ; ଠିକ୍ ସେହି ସମୟରେ ମୋ ବିଛଣା ପାଖରେ ଏହି ମହାତ୍ମା ଛିଡ଼ା ହୋଇ ରୋଗ ଦୂର ହେବ ବୋଲି ନିଜ ହସ୍ତମୁଦ୍ରାରେ ସଂକେତ କଲେ ଏବଂ ମୁଁ ସ୍ୱଚକ୍ଷୁରେ ଦେଖୁ ଦେଖୁ ସେ କୁଆଡ଼େ ଅଦୃଶ୍ୟ ହୋଇଗଲେ । ଏହା ଏକେବାରେ ପ୍ରତ୍ୟକ୍ଷ ଘଟଣା । ମୁଁ ସ୍ୱଚକ୍ଷୁରେ ସ୍ପଷ୍ଟଭାବେ ଦେଖିଛି । ସେହି ସମୟରୁ ଅପ୍ରତ୍ୟାଶିତଭାବେ ମୁଁ ଖୁବ୍ ଅଳ୍ପ ସମୟ ମଧ୍ୟରେ ପୂର୍ଣ୍ଣରୂପେ ସୁସ୍ଥ ହୋଇଗଲି । ମୋର ଯଥାର୍ଥରେ ପୁନର୍ଜନ୍ମ ହେଲା । ମୋର ରୋଗ ଦୂର ହେବା ଘଟଣା ଡାକ୍ତରମାନଙ୍କୁ ଚକିତ କରିଦେଇଥିଲା ।'' 'ପାଗଳା ବାବୁ'ଙ୍କର ଏପରି ଯୋଗଶକ୍ତି ବିଷୟ ଜାଣି ସାହେବଙ୍କୁ ବହୁତ ପ୍ରସନ୍ନତା ହେଲା । ସେ ତାଙ୍କୁ ମନେ ମନେ ବହୁତ ଶ୍ରଦ୍ଧା ତଥା ସମ୍ମାନ କଲେ ।

ଗୁରୁଙ୍କ ଆବିର୍ଭାବରେ ସିଦ୍ଧି

ଲାହିଡ଼ି ମହାଶୟ ଯୋଗମାର୍ଗରେ ଚେତନାର ଗୋଟିଏ ଗୋଟିଏ ସ୍ତରକୁ ଅତିକ୍ରମ କରି ଅଗ୍ରସର ହେଉଥିଲେ । ଗୁରୁଙ୍କ କୃପାରୁ ତାଙ୍କୁ ନାନାପ୍ରକାର ଅଧ୍ୟାତ୍ମ ଉପଲବ୍ଧି, ଯୋଗ-ବିଭୂତି ପ୍ରାପ୍ତ ହେଉଥିଲା । ଗୁରୁଦେବଙ୍କ ଯୋଗଶକ୍ତିରେ ସେ ଶକ୍ତିମାନ୍ ହୋଇ ଲକ୍ଷ୍ୟର ନିକଟ ପହଞ୍ଚି ଯାଇଥିଲେ । ତାଙ୍କର ଲକ୍ଷ୍ୟ ସିଦ୍ଧିର ସମୟ ଆସି ଯାଇଥିଲା ।

ଦିନେ ଲାହିଡ଼ି ମହାଶୟ ନିଜ ଘର ପାଖରେ ଟହଲୁଥିବା ସମୟରେ ଦେଖିଲେ, କିଛି ଦୂରରେ ଗୋଟିଏ ବରଗଛ ମୂଳରେ ଜଣେ ସାଧୁ ବସି ଗଞ୍ଜେଇ ଚିଲମ ଟାଣୁଅଛନ୍ତି । ତାଙ୍କ ଶରୀରରେ କୌଣସି ଅଧ୍ୟାତ୍ମ ଆକର୍ଷଣ ନ ଥିଲା । ପିନ୍ଧିଥିବା ବସ୍ତ୍ର ବହୁତ ମଇଳା ଏବଂ ଛିଣ୍ଡା । ତାଙ୍କ ପ୍ରତି ଶ୍ରଦ୍ଧା ହେବାର କୌଣସି କାରଣ ନ ଥିଲା । ବରଂ ଏପରି ସାଧୁଙ୍କ ପ୍ରତି ସନ୍ଦେହ ହେବା ସ୍ୱାଭାବିକ ଥିଲା । ପୂର୍ବେ ଲାହିଡ଼ି ମହାଶୟ ଯେବେ ଏପରି ସାଧୁଙ୍କୁ ଦେଖୁଥିଲେ ତେବେ ତାଙ୍କୁ ଠକ ବା ଚୋର, ବଦମାସ ମନେ କରୁଥିଲେ । ଗଞ୍ଜଡ଼ି ସାଧୁଙ୍କଠାରେ କୌଣସି ଆକର୍ଷଣୀୟ ସଦ୍‌ଗୁଣ ନ ଥିବା ସତ୍ତ୍ୱେ ଲାହିଡ଼ି ମହାଶୟ କାହିଁକି ତାଙ୍କ ପାଖକୁ ଗଲେ, ଏହାର ରହସ୍ୟ ସେ ସାଧୁଙ୍କ ପାଖରେ ପହଞ୍ଚିବା ପରେ ବୁଝିପାରିଲେ ।

ଲାହିଡ଼ି ମହାଶୟ ସାଧୁଙ୍କ ପାଖରେ ପହଞ୍ଚି ଯେଉଁ ଦୃଶ୍ୟ ଦେଖିଲେ ସେଥିରେ ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ଦେଖିଲେ ଯେ ତାଙ୍କ ଗୁରୁଦେବ ଗଞ୍ଜଡ଼ି ସାଧୁଙ୍କ ଲୋଟା ତନ୍ମୟ ହୋଇ ମାଜୁଛନ୍ତି । ତାଙ୍କ ଗୁରୁଦେବ ଏଠାକୁ କାହିଁକି ଆସିଲେ, ପୁଣି ଜଣେ ଗଞ୍ଜଡ଼ି ବେଶଧାରୀ ସାଧୁର ଲୋଟା ମାଜୁଛନ୍ତି ! ଏହା ଏକେବାରେ ଆଶ୍ଚର୍ଯ୍ୟର ଘଟଣା । ଲାହିଡ଼ି ମହାଶୟ ଆଶ୍ଚର୍ଯ୍ୟଚକିତ ଅବସ୍ଥାରେ ଶ୍ରୀଗୁରୁଦେବଙ୍କ ଚରଣରେ ସାଷ୍ଟାଙ୍ଗ ଦଣ୍ଡବତ କରି ହାତ ଯୋଡ଼ି ଛିଡ଼ା ହେଲେ ଓ ନମ୍ର ତଥା ଆଶ୍ଚର୍ଯ୍ୟମିଶା ସ୍ୱରରେ ପ୍ରାର୍ଥନା ମନୋଭାବରେ ନିବେଦନ ପୂର୍ବକ କହିଲେ, ''ମହାରାଜଜି, ଆପଣ ଏଠାକୁ କିପରି ଓ କେଉଁ କାରଣରୁ ଆସିଲେ ? ଆପଣ କ'ଣ କରୁଛନ୍ତି ? ଏହି ଗଞ୍ଜଡ଼ି ବେଶଧାରୀ ସାଧୁର ଲୋଟା ମାଜୁଛନ୍ତି କାହିଁକି ? ଏହି ଗଞ୍ଜଡ଼ି ସାଧୁ କିଏ ?''

ଗୁରୁମହାରାଜ ଲୋଟା ମାଜିବା ଅବସ୍ଥାରେ ଶାନ୍ତ ଓ ଗମ୍ଭୀର ସ୍ୱରରେ ଉତ୍ତର ଦେଲେ, ''ଶ୍ୟାମାଚରଣ, ତୁ ଏହି ଗଞ୍ଜଡ଼ି ସାଧୁର ଶରୀରକୁ କେବଳ ଦେଖୁଛୁ । ଏହା ଭିତରେ ତଥା ସମସ୍ତ ପ୍ରାଣୀ ଭିତରେ ନାରାୟଣ ବିରାଜମାନ ଅଛନ୍ତି । ତୁ' ଭଗବାନଙ୍କ ସର୍ବବ୍ୟାପୀ ଚୈତନ୍ୟ ସତ୍ତାକୁ ଉପଲବ୍ଧି କରିବା ସକାଶେ କାହିଁକି ପ୍ରୟାସ କରୁ ନାହୁଁ ?''

ଲାହିଡ଼ି ମହାଶୟଙ୍କୁ ବୁଝିବାରେ ବିଳମ୍ବ ହେଲା ନାହିଁ । ସର୍ବଘଟରେ ବିଦ୍ୟମାନ ସର୍ବବ୍ୟାପୀ ଈଶ୍ୱରସତ୍ତାଙ୍କୁ ଉପଲବ୍ଧି କରାଇଦେବା ସକାଶେହିଁ ତାଙ୍କ ଗୁରୁଦେବ ଏହି ଲୀଳା ରଚନା କରିଥିଲେ । ସଙ୍ଗେ ସଙ୍ଗେ ଗୁରୁଦେବଙ୍କ ଆଦେଶ ମଧ୍ୟ ତାଙ୍କ ସ୍ମରଣରେ ଆସିଗଲା । ଗୁରୁଦେବ କହିଥିଲେ, ''ଯେତେବେଳେ ଆବଶ୍ୟକ ମନେ କରିବି, ମୁଁ ସ୍ୱୟଂ ତୋ ପାଖକୁ ଯିବି ।'' ଗୁରୁଦେବ ଏହି ଉପଲବ୍ଧି କରାଇଦେବା ଆବଶ୍ୟକ ମନେ କରି ଆଜି ଏଠାରେ ଆବିର୍ଭୂତ ହୋଇଅଛନ୍ତି । ଗୁରୁଦେବଙ୍କ ଅପାର ଦୟା ତଥା ଏହି ମହାନ୍ ଉପଲବ୍ଧିରେ ଲାହିଡ଼ି ମହାଶୟଙ୍କର ଗୁରୁଦେବଙ୍କ ପ୍ରତି କୃତଜ୍ଞତାରେ ହୃଦୟ ପୂର୍ଣ୍ଣ ହୋଇଗଲା । ସେ ହାତ ଯୋଡ଼ି ବିନୀତ ପ୍ରାର୍ଥନା କରି ଗୁରୁଦେବଙ୍କୁ ନିଜ ବସାକୁ ଆଣି ତାଙ୍କ ପାଦ ଧୋଇ ଉତ୍ତମ ଆସନରେ ବସାଇଲେ । ଅତ୍ୟନ୍ତ ଆନନ୍ଦ ଉତ୍ସାହରେ ନିଜ ହାତରେ ବହୁତ ପ୍ରକାର ଭୋଜନ ତୟାର କରି ତାଙ୍କୁ ଭୋଜନ କରାଇ ପରେ ତାଙ୍କ ପ୍ରସାଦ ସେବନ କଲେ । ଗୁରୁଦେବ କିଛି ସମୟ ରହି ଲାହିଡ଼ି ମହାଶୟଙ୍କୁ ଯୋଗସାଧନା ସମ୍ବନ୍ଧେ ଆବଶ୍ୟକ କେତେକ ନିର୍ଦ୍ଦେଶ ଏବଂ ତାଙ୍କୁ ଆଶୀର୍ବାଦ ଦେଇ ସେଠାରୁ ବିଦାୟ ନେଲେ ।

ଗୁରୁଦେବଙ୍କ ଦର୍ଶନ ତଥା ତାଙ୍କ ଶକ୍ତି ପ୍ରେରଣାରେ ଲାହିଡ଼ି ମହାଶୟଙ୍କ ଚେତନାରେ ଗୋଟିଏ ଅସାଧାରଣ ପରିବର୍ତ୍ତନ ହୋଇଗଲା । ସେ ସର୍ବଜୀବରେ ଭଗବାନଙ୍କୁ ଦର୍ଶନ କଲେ । ଦୁଷ୍ଟ ଏବଂ ପାପୀମାନଙ୍କୁ ବି ଈଶ୍ୱର ମନେ କରି ମନେ ମନେ ସମ୍ମାନ ତଥା ପ୍ରଣାମ କରିବାକୁ ଲାଗିଲେ । ଦର୍ଶନାର୍ଥୀ ତଥା ଭକ୍ତମାନେ ତାଙ୍କୁ ଅଭିବାଦନ କଲେ ସେ ବି ପ୍ରତ୍ୟଭିବାଦନ କରୁଥିଲେ ।

ଯୋଗିଗୁରୁ

ଦାନାପୁରରେ ଚାକିରି କରୁଥିବା ସମୟରେ ଲାହିଡ଼ି ମହାଶୟ ଧୀରେ ଧୀରେ ଯୋଗାଚାର୍ଯ୍ୟ ବା ଯୋଗିଗୁରୁରୂପେ ଲୋକଙ୍କ ସମ୍ମୁଖରେ ପରିଚିତ ହେଲେ । ଦୁଇ, ଚାରି ଜଣ ଜିଜ୍ଞାସୁ ଏବଂ ମୋକ୍ଷକାମୀ ଭକ୍ତ ବି ତାଙ୍କ ପାଖକୁ ଯିବା ଆସିବା କରୁଥିଲେ । ତାଙ୍କ ମଧ୍ୟରୁ ଜଣେ ଥିଲେ ସିପାଇ ବୃନ୍ଦା ଭଗତ । ବୃନ୍ଦା ଭଗତ ତାଙ୍କର ଦୀକ୍ଷିତ ଶିଷ୍ୟ ଥିଲେ । ଯୋଗ ସାଧନା ଦ୍ୱାରା ସେହି ନିରକ୍ଷର ଶିଷ୍ୟ ଯେଉଁ ଉପଲବ୍ଧି ପ୍ରାପ୍ତ କରିଥିଲେ ତାହା ଆଶ୍ଚର୍ଯ୍ୟଜନକ ଥିଲା ।

ଥରେ ବାଙ୍କିପୁରରେ ଜଣେ ଜମିଦାରଙ୍କ ଦ୍ୱାରା ବିଶିଷ୍ଟ ଶାସ୍ତ୍ରଜ୍ଞ ପଣ୍ଡିତମାନଙ୍କ ସଭାରେ ଧର୍ମତତ୍ତ୍ୱ ବିଷୟରେ ଶାସ୍ତ୍ରଚର୍ଚ୍ଚା ହେଉଥିଲା । ବୃନ୍ଦା ଭଗତ କେତେ ଜଣ ସାଥୀଙ୍କୁ ନେଇ ଶ୍ରୋତାରୂପେ ସେହି ସଭାରେ ଉପସ୍ଥିତ ଥିଲେ । ପଣ୍ଡିତମାନେ ବେଦ ଉପନିଷଦ୍‌ର ଯଥାର୍ଥ ଅର୍ଥକୁ ଠିକ୍ ଠିକ୍ ବୁଝି ନ ପାରି ଭ୍ରମାତ୍ମକ ବ୍ୟାଖ୍ୟା କରିବାକୁ ଲାଗିଲେ । ବୃନ୍ଦା ଭଗତ ଭ୍ରମାତ୍ମକ ଅର୍ଥର ପ୍ରତିବାଦ କରି ମୂଳ ତତ୍ତ୍ୱର ଏପରି ସୁନ୍ଦର, ଏପରି ଯୁକ୍ତିଯୁକ୍ତ ଅର୍ଥ କରି ବୁଝେଇ ଦେଲେ ଯେ ପଣ୍ଡିତମାନଙ୍କ ସହିତ ଶ୍ରୋତାମାନେ ଅବାକ୍ ହୋଇ ଚାହିଁ ରହିଲେ । କାରଣ ତାଙ୍କର ବ୍ୟାଖ୍ୟା ବିଦ୍ୱତ୍ତାପୂର୍ଣ୍ଣ ବୁଦ୍ଧିର ଚାତୁର୍ଯ୍ୟ ନ ଥିଲା, ଥିଲା ସତ୍ୟ ଅନୁଭୂତିର ଅଭ୍ରାନ୍ତ ଅସନ୍ଦିଗ୍ଧ ସତ୍ୟର ବ୍ୟାଖ୍ୟା । ସେହି ନିରକ୍ଷର ସିପାଇଙ୍କର ତତ୍ତ୍ୱଜ୍ଞାନପୂର୍ଣ୍ଣ ବ୍ୟାଖ୍ୟା ବିରୋଧରେ ପଣ୍ଡିତମାନେ କୌଣସି ବୁଦ୍ଧିଗତ ଯୁକ୍ତି ନ ଦେଇ ନୀରବରେ ଅବାକ୍ ହୋଇ ଚାହିଁ ରହିଲେ । ବୃନ୍ଦା ଭଗତ ଲାହିଡ଼ି ମହାଶୟଙ୍କ ଆଶ୍ରିତରେ ରହି ପରେ ଜଣେ ସିଦ୍ଧ ଯୋଗିରୂପେ ପ୍ରସିଦ୍ଧ ହୋଇଗଲେ । ଲାହିଡ଼ି ମହାଶୟ କେବେ କେବେ କହୁଥିଲେ, ''ବୃନ୍ଦା ଭଗତ ସଚ୍ଚିଦାନନ୍ଦ ସାଗରରେ ବୁଡ଼ି ରହିଛି ।''

ପୂର୍ଣ୍ଣ ସାଧନାଜୀବନ ଓ କାଶୀବାସ

ରାଣୀକ୍ଷେତରେ ଲାହିଡ଼ି ମହାଶୟ ଯୋଗଦୀକ୍ଷା ଗ୍ରହଣ କରିବା ପରେ ୨୫ ବର୍ଷ ଚାକିରି କରିଥିଲେ । ଅଫିସ କାର୍ଯ୍ୟରେ ତାଙ୍କୁ ଯେଉଁଠାରେ ରହିବାକୁ ହେଉଥିଲା ସେହିଠାରେ ସେ ଦୁଇ, ଚାରି ଜଣ ଉତ୍ତମ ସାଧକଙ୍କୁ ଯୋଗଶିକ୍ଷା ଦେଉଥିଲେ । ବିହାରର ମୁଙ୍ଗେର, ଭାଗଲପୁର ଜିଲ୍ଲା, ବଙ୍ଗଳାର ବିଷ୍ଣୁପୁର, ବାଁକୁଡ଼ା ତଥା କୃଷ୍ଣନଗର ଜିଲ୍ଲାରୁ ଯୋଗଶିକ୍ଷା ପ୍ରାପ୍ତ କରିବା ସକାଶେ ଦଳେ ଦଳେ ଶିଷ୍ୟ ତାଙ୍କ ସେବାରେ ଉପସ୍ଥିତ ହେଉଥିଲେ ।

୧୮୮୫ରେ ଲାହିଡ଼ି ମହାଶୟ ସରକାରୀ ଚାକିରିରୁ ଅବସର ଗ୍ରହଣ କଲେ । ତାଙ୍କର ସମସ୍ତ ସମୟ ନିଜ ସାଧନା ତଥା ଯୋଗସାଧନା ଶିକ୍ଷା ଦେବାରେ ନିୟୋଜିତ ହେଲା । ତାଙ୍କ ପାଖକୁ ଦଳକୁ ଦଳ ସାଧକ, ଜିଜ୍ଞାସୁ ତଥା ଦୁଃଖତାପପୀଡ଼ିତ ବ୍ୟକ୍ତି ଆସିବାକୁ ଲାଗିଲେ । ସିଦ୍ଧଯୋଗୀଙ୍କ ଆଚାର୍ଯ୍ୟ ଜୀବନର ବୃହତ୍ତର ଭୂମିକା ଏହିଠାରେ ଆରମ୍ଭ ହେଲା ।

ଲାହିଡ଼ି ମହାଶୟ ତାଙ୍କ ଗୁରୁପ୍ରଦତ୍ତ ଯୋଗସାଧନାର ଶିକ୍ଷାଦୀକ୍ଷା ପ୍ରଧାନରୂପେ ଗୃହସ୍ଥାଶ୍ରମ ସାଧକମାନଙ୍କୁ ଦେଉଥିଲେ । ତାଙ୍କ ଗୁରୁଦେବ ଆଦେଶ ଦେଇଥିଲେ, ''ଶ୍ୟାମାଚରଣ, ତୁ ଗାର୍ହସ୍ଥାଶ୍ରମକୁ ଫେରିଯା । ସେଥିରେ ରହି ଯୋଗଯୁକ୍ତ ସାଧୁ ଗୃହସ୍ଥ ସମାଜ ପ୍ରତିଷ୍ଠା କର । ପ୍ରାଚୀନ ଯୋଗ ସାଧନାର ନିଗୂଢ଼ ରହସ୍ୟକୁ ଉଦ୍‌ଘାଟନ କର ।'' ଏହି କାରଣରୁ ଲାହିଡ଼ି ମହାଶୟ ଚାହୁଁଥିଲେ ତାଙ୍କ ଶିଷ୍ୟମାନେ ଅଧ୍ୟାତ୍ମ ସାଧନାରେ ଉନ୍ନତି କରି ଗାର୍ହସ୍ଥାଶ୍ରମରେ ରୁହନ୍ତୁ । ଯେଉଁ ସାଧକମାନେ ଗାର୍ହସ୍ଥାଶ୍ରମ ତ୍ୟାଗ କରି ସନ୍ନ୍ୟାସ ନେବାକୁ ଚାହୁଁଥିଲେ ସେମାନଙ୍କୁ ସେ ଗାର୍ହସ୍ଥାଶ୍ରମରେ ରହି ସାଧନା କରିବାକୁ କହୁଥିଲେ । ସେମାନଙ୍କୁ ସେ କହୁଥିଲେ, ''ସନ୍ନ୍ୟାସ ଜୀବନ ବହୁତ କଠିନ ତଥା ବହୁତ ଦାୟିତ୍ୱପୂର୍ଣ୍ଣ ।'' ଏପରି କହିବା ସତ୍ତ୍ୱେ ବି ତାଙ୍କର ବହୁତ ଗାର୍ହସ୍ଥାଶ୍ରମତ୍ୟାଗୀ ବ୍ରହ୍ମଚାରୀ ତଥା ସନ୍ନ୍ୟାସୀ ଶିଷ୍ୟ ଥିଲେ । ଏଥିରୁ ଅନୁମାନ ହୁଏ ଲାହିଡ଼ି ମହାଶୟ ବ୍ୟକ୍ତିର ଆତ୍ମାର ନିର୍ଦ୍ଧାରଣକୁ ଦେଖି କୌଣସି କୌଣସି ବ୍ୟକ୍ତିକୁ ଗାର୍ହସ୍ଥାଶ୍ରମ ତ୍ୟାଗ କରିବାକୁ ମନା କରୁଥିଲେ । ବହୁତ ଗୃହତ୍ୟାଗୀ ସାଧକଙ୍କୁ ବି ସେ ଯୋଗଦୀକ୍ଷା ଦେଉଥିଲେ । ଯଥାର୍ଥରେ ଅଳ୍ପ ବୈରାଗ୍ୟରେ ବ୍ୟକ୍ତି ଗୃହତ୍ୟାଗ କଲେ ବାସନା, କାମନା, ଲୋଭ, ମୋହ, ମମତା ବହୁତ ତୀବ୍ରରୂପେ ଆକ୍ରମଣ କରନ୍ତି । ସେ ସାଧନାରେ ଉନ୍ନତି କରିପାରେ ନାହିଁ । କେତେକଙ୍କୁ ଗାର୍ହସ୍ଥାଶ୍ରମକୁ ଫେରିଯିବାକୁ ହୁଏ । ଏହି କାରଣରୁ ସବୁପ୍ରକାର ଯୋଗ ଓ ଭକ୍ତିମାର୍ଗରେ ଗୃହସ୍ଥ ଏବଂ ସନ୍ନ୍ୟାସୀ ସାଧକ ଉଭୟ ଥାଆନ୍ତି ।

ଲାହିଡ଼ି ମହାଶୟ 'କାଶୀକା ବାବା' ଏବଂ 'ଯୋଗିରାଜ' – ଏହି ଦୁଇ ନାମରେ ପ୍ରଖ୍ୟାତ ଥିଲେ । ଛୋଟ-ବଡ଼, ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ୍ ଇତ୍ୟାଦି ଭିନ୍ନ ଭିନ୍ନ ଧର୍ମାବଲମ୍ବୀ ଜିଜ୍ଞାସୁ ସାଧକମାନଙ୍କ ସକାଶେ ଯୋଗିରାଜଙ୍କ ଦ୍ୱାର ଉନ୍ମୁକ୍ତ ଥିଲା । କୌଣସି ଆଗ୍ରହଶୀଳ ସାଧକଙ୍କୁ ଯୋଗଶିକ୍ଷା ଦେବାରେ ସେ କୁଣ୍ଠାବୋଧ କରୁ ନ ଥିଲେ । ନିରକ୍ଷର ସିପାଇ ବୃନ୍ଦା ଭଗତ ଯେପରି ତାଙ୍କ ଆଶ୍ରମରେ ରହି ଯୋଗସିଦ୍ଧ ମହାତ୍ମା ହୋଇଥିଲେ ସେହିପରି ଅବଦୁଲ ଗଫୁର ଖାଁଙ୍କ ଭଳି ଅତ୍ୟନ୍ତ ଗରିବ ମସୁଲମାନ ଭକ୍ତ ବି ତାଙ୍କ ଆଶ୍ରମରେ ଯୋଗର ଉନ୍ନତ ଅବସ୍ଥାକୁ ପ୍ରାପ୍ତ ହୋଇଥିଲେ । ଦରିଦ୍ରରୁ ଦରିଦ୍ର କାଶୀବାସୀଙ୍କଠାରୁ ଆରମ୍ଭ କରି କାଶୀ ନରେଶ ଈଶ୍ୱରୀନାରାୟଣ ସିଂହଙ୍କ ପରି ପ୍ରଭାବଶାଳୀ ବ୍ୟକ୍ତି ପର୍ଯ୍ୟନ୍ତ ଯୋଗଦୀକ୍ଷା ପ୍ରାପ୍ତି ସକାଶେ ଯୋଗିରାଜଙ୍କ ଶରଣାପନ୍ନ ହୋଇଥିଲେ । ଗୃହସ୍ଥ ଭକ୍ତମାନଙ୍କ ସହିତ ବିଶିଷ୍ଟ ସନ୍ନ୍ୟାସୀ ସାଧକମାନେ ବି ଆସୁଥିଲେ । ଏପରିକି ଦେଓଘରର ଶ୍ରୀ ବାମାନନ୍ଦ ବ୍ରହ୍ମଚାରୀ ଏବଂ କାଶୀର ପ୍ରସିଦ୍ଧ ସନ୍ନ୍ୟାସୀ ମହାତ୍ମା ଶ୍ରୀ ଭାସ୍କରାନନ୍ଦ ସରସ୍ୱତୀ ତାଙ୍କ ପାଖକୁ ଆସୁଥିଲେ ।

୧୮୮୫ ରୁ ୧୮୯୫ ମସିହା ପର୍ଯ୍ୟନ୍ତ ଶେଷ ଦଶ ବର୍ଷ ଯୋଗିରାଜ କାଶୀରେ ବାସ କରିଥିଲେ । ସେହି ସମୟରେ ତାଙ୍କ ଅସାଧାରଣ ଯୋଗ ବିଭୂତି ପ୍ରକାଶିତ ହୋଇଥିଲା । ଅସଂଖ୍ୟ ଭକ୍ତଙ୍କ ଉପରେ ତାଙ୍କର କୃପା ବୃଷ୍ଟି ହେଉଥିଲା । ତାଙ୍କୁ ସବୁ ସମୟରେ ସମାଜର ବିଭିନ୍ନ ବର୍ଗର ବହୁ ସାଧକଭକ୍ତ ଘେରି ରହୁଥିଲେ । କାଶୀପୁର ଭାରତରେ ଯେପରି ଗୋଟିଏ ଶ୍ରେଷ୍ଠ ଅଧ୍ୟାତ୍ମ କେନ୍ଦ୍ର, ସେହିପରି ମଧ୍ୟ ବିଦ୍ୟାର ଶ୍ରେଷ୍ଠ ପୀଠ । ପୂର୍ବେ ସେହି କାଶୀପୁରୀ ପଣ୍ଡିତଙ୍କୁ

ଶାସ୍ତ୍ରାର୍ଥରେ ପରାସ୍ତ କରିବା ବ୍ୟକ୍ତି ଦିଗ୍‌ବିଜୟୀ ପଣ୍ଡିତ ମାନ୍ୟ ହେଉଥିଲେ । ଅଧ୍ୟାତ୍ମ ଆଚାର୍ଯ୍ୟ ଶଙ୍କର, ରାମାନୁଜ, ନିମ୍ବାର୍କ, ମାଧବାଚାର୍ଯ୍ୟ, ରାମାନନ୍ଦାଚାର୍ଯ୍ୟ, ବୁଦ୍ଧ, ଖ୍ରୀଷ୍ଟାଦି ମହାପୁରୁଷମାନେ କାଶୀରେ ନିବାସ କରି ଅଧ୍ୟାତ୍ମ ସତ୍ୟର ନିଜ ନିଜ ସିଦ୍ଧାନ୍ତର ଭିତ୍ତି ପ୍ରତିଷ୍ଠା କରିଥିଲେ । ସେହି କାରଣରୁ କାଶୀ ଯେପରି ବିଦ୍ୟା-ନଗରୀ ସେହିପରି ଅଧ୍ୟାତ୍ମ ସତ୍ୟର କେନ୍ଦ୍ର ମଧ୍ୟ ।

ଏହି କାଶୀରେ ଯୋଗିରାଜଙ୍କର ଅଲୌକିକ ଯୋଗବିଭୂତି ପ୍ରକଟ ହେବାକୁ ଲାଗିଲା । ସେହିସବୁ ଅଲୌକିକ ଯୋଗ ବିଭୂତିର କାହାଣୀ ଆଜି ବି ଜନମୁଖରୁ ଶୁଣାଯାଏ ।

ମୃତ ରାମ ଜୀବିତ

ଯୋଗିରାଜ ଲାହିଡ଼ି ମହାଶୟ ସେ ସମୟରେ କାଶୀରେ ଗରୁଡ଼େଶ୍ୱର ଗଳିରେ ରହୁଥିଲେ । ତାଙ୍କର ଜଣେ ଅନ୍ତରଙ୍ଗ ଶିଷ୍ୟ ଯୁକ୍ତେଶ୍ୱର ପ୍ରାୟ ପ୍ରତିଦିନ ଗୁରୁଙ୍କ ଦର୍ଶନକୁ ଆସୁଥିଲେ । ତାଙ୍କର ଜଣେ ଘନିଷ୍ଠ ମିତ୍ର ଥିଲେ । ତାଙ୍କ ନାମ ଥିଲା ରାମ । ସେ ବି ତାଙ୍କ ସଙ୍ଗେ ଯୋଗିରାଜଙ୍କ ଦର୍ଶନକୁ ଆସୁଥିଲେ । ଯୋଗିରାଜଙ୍କ ସତ୍‌ସଙ୍ଗ ତଥା ତାଙ୍କ ଉପଦେଶ ଶୁଣି ଦୁଇ ଜଣ ବଡ଼ ଆନନ୍ଦରେ ବାସ କରୁଥିଲେ । ହଠାତ୍ ଦିନେ ରାମ ହଇଜା ରୋଗରେ ଆକ୍ରାନ୍ତ ହୋଇପଡ଼ିଲେ । ରୋଗ ଭୟଙ୍କର ଥିଲା । ଯୁକ୍ତେଶ୍ୱର ଭୟଭୀତ ହୋଇ ଦୌଡ଼ି ଗୁରୁଦେବଙ୍କ ପାଖରେ ପହଞ୍ଚିଲେ । ଲାହିଡ଼ି ମହାଶୟ ରୋଗର ଚିକିତ୍ସା ସକାଶେ ଭଲ ଡାକ୍ତରଙ୍କୁ ଡାକି ରୋଗୀକୁ ଦେଖାଇବାକୁ ପରାମର୍ଶ ଦେଲେ । ସେହିପରି କରାହେଲା ।

ସହରର ଦୁଇ ଜଣ ଭଲ ଅନୁଭବୀ ଡାକ୍ତର ରୋଗୀ ପାଖରେ ରହି ଚିକିତ୍ସା କରୁଥିଲେ । କିନ୍ତୁ ଔଷଧରେ କୌଣସି ଲାଭ ହେଲା ନାହିଁ । ଡାକ୍ତରମାନେ ନିରାଶ ହୋଇ ରୋଗୀ ଦୁଇ ଘଣ୍ଟାରୁ ଅଧିକ ବଞ୍ଚି ପାରିବ ନାହିଁ ବୋଲି ଯୁକ୍ତେଶ୍ୱରଙ୍କୁ କହିଦେଲେ । ଯୁକ୍ତେଶ୍ୱର ଶୁଣିବା ମାତ୍ରେ ଗୁରୁଙ୍କ ପାଖକୁ ଦୌଡ଼ିଗଲେ ଏବଂ ରୋଗୀର ଅବସ୍ଥା ତଥା ଡାକ୍ତରମାନଙ୍କ କହିବା କଥା ଗୁରୁଦେବଙ୍କ ଚରଣରେ ନିବେଦନ କଲେ । କିନ୍ତୁ ଲାହିଡ଼ି ମହାଶୟ ଯୁକ୍ତେଶ୍ୱରଙ୍କ ସମସ୍ତ ବକ୍ତବ୍ୟ ଶୁଣି ତାଙ୍କ ଚେହେରାରେ କୌଣସି ପ୍ରକାର ଉଦ୍‌ବେଗ ବା ହତାଶା ନିରାଶାର ଚିହ୍ନ ବି ଦେଖାଗଲା ନାହିଁ । ସେ ଯୁକ୍ତେଶ୍ୱରଙ୍କୁ କେବଳ ଏତିକି କହିଲେ, ''ଯାଅ, ଭୟ କର ନାହିଁ । ଡାକ୍ତର ତ ଦେଖୁଛନ୍ତି ।''

ଗୁରୁଙ୍କ ପାଖରୁ ଫେରି ଯୁକ୍ତେଶ୍ୱର ରୋଗୀ ପାଖରେ ପହଞ୍ଚିଲେ । ''ରୋଗୀ ବଞ୍ଚିବାର କୌଣସି ଆଶା ନାହିଁ,'' ଏହା କହି ଦୁଇ ଜଣ ଡାକ୍ତର ଚାଲିଗଲେ । ମୃତ୍ୟୁର ଏକକ୍ଷଣ ପୂର୍ବରୁ ରାମ କ୍ଷୀଣ ସ୍ୱରରେ କହିଲେ, ''ଭାଇ, ଗୁରୁଦେବଙ୍କୁ ଯାଇ କୁହ, ମୁଁ ବିଦା ହୋଇଯାଉଛି । ଏହା ବି କହିବ, ଶବସଂସ୍କାର ପୂର୍ବରୁ ଏହି ଶରୀରକୁ ଆଶୀର୍ବାଦ ଦେବେ ।'' ଏହା କହିବା ସଙ୍ଗେ ସଙ୍ଗେ ରାମଙ୍କ ପ୍ରାଣବାୟୁ ଶରୀର ତ୍ୟାଗ କରିଗଲା । ରାମଙ୍କ ନିଷ୍ପ୍ରାଣ ଶରୀରକୁ ରଖି ଯୁକ୍ତେଶ୍ୱର ସେହି ସମୟରେ ଦୌଡ଼ି ଗୁରୁଦେବଙ୍କ ପାଖକୁ ଗଲେ । ଯୁକ୍ତେଶ୍ୱରଙ୍କୁ ଦେଖିବା ମାତ୍ରେ ଗୁରୁଦେବ ପଚାରିଲେ, 'ରାମର ଅବସ୍ଥା କିପରି ?'' ଗୁରୁଦେବଙ୍କ ବାକ୍ୟ ସମାପ୍ତ ହେବା ପୂର୍ବରୁ ଯୁକ୍ତେଶ୍ୱର କାନ୍ଦି ପକାଇ କହିଲେ, ''ଗୁରୁଦେବ, ସ୍ୱୟଂ ଯାଇ ଦେଖି ନିଅନ୍ତୁ, ସେ କିପରି । ତା'ର ମୃତ ଶରୀରକୁ ଶ୍ମଶାନ ନେବାକୁ ତୟାରି ଚାଲିଛି ।''

''ଶାନ୍ତ ହୁଅ ।'' ଏତିକି କହି ଯୋଗିରାଜ ଆଖି ବନ୍ଦ କରି ଧ୍ୟାନମଗ୍ନ ହୋଇଗଲେ । କିଛି ସମୟ ପରେ ଆଖି ଖୋଲି ସମ୍ମୁଖରେ ଜଳୁଥିବା ଦୀପରୁ କିଛି ଜଡ଼ା ତେଲ ଆଣି ଯୁକ୍ତେଶ୍ୱରଙ୍କ ହାତରେ ଦେଲେ । କହିଲେ, ''ଏହାକୁ ନେଇ ସଙ୍ଗେ ସଙ୍ଗେ ରାମକୁ ପିଆଇ ଦିଅ ।''

ଯୁକ୍ତେଶ୍ୱର ସ୍ୱୟଂ ଦେଖିଥିଲେ ରାମଙ୍କର ମୃତ୍ୟୁ ହୋଇ ସାରିଥିଲା । ଏହି ଖବର ଗୁରୁଦେବ ମଧ୍ୟ ଶୁଣିଥିଲେ । ତା'ପରେ ଯେତେବେଳେ ଗୁରୁଦେବ ରାମଙ୍କୁ ଦୀପର ଜଡ଼ା ତେଲ ପିଆଇ ଦେବାକୁ କହିଲେ, ଏଥିରେ ଯୁକ୍ତେଶ୍ୱର ଆଉ କିଛି ଉତ୍ତର ନ ଦେଇ ତେଲ ହାତରେ ଧରି ରାମଙ୍କ ପାଖକୁ ଫେରି ଆସିଲେ । ସେ ଭାବିଲେ, ଗୁରୁଦେବଙ୍କ କଥା

କେବେ ଅନ୍ୟଥା ହେବ ନାହିଁ । ସେ ରାମଙ୍କ ଶବ ପାଖରେ ପହଞ୍ଚିଲେ । ସେତେବେଳକୁ ରାମଙ୍କ ମୃତ ଶରୀର ଏକେବାରେ ଶୀତଳ ହୋଇ ଆସିଥିଲା । ଗୁରୁଦେବଙ୍କ ଆଜ୍ଞାନୁସାରେ ତାଙ୍କ ପାଟି କୌଣସି ପ୍ରକାରେ ଖୋଲି ଗୁରୁଙ୍କ ପ୍ରଦତ୍ତ ଜଡ଼ା ତେଲ ଦୁଇ, ଚାରି ବୁନ୍ଦା ପକାଇଦେଲେ । ସେଠାରେ ବହୁତ ଲୋକ ଉପସ୍ଥିତ ଥିଲେ । ଯୁକ୍ତେଶ୍ୱର ମୃତବ୍ୟକ୍ତିଙ୍କ ମୁଖରେ କାହିଁକି ତେଲ ଦେଉଛନ୍ତି ? ଏହା ଦେଖି ସେମାନେ ବିସ୍ମିତ ହୋଇ ପଡ଼ିଲେ, କିନ୍ତୁ କିଛି ନ ପଚାରି ନୀରବ ରହିଲେ ।

ଅଳ୍ପ କ୍ଷଣ ପରେ ଏକେବାରେ ଆଶ୍ଚର୍ଯ୍ୟ ଘଟଣା ଘଟିଲା । ସମସ୍ତ ଉପସ୍ଥିତ ବ୍ୟକ୍ତିଙ୍କ ସମ୍ମୁଖରେ ରାମଙ୍କର ମୃତ ଶରୀରରେ ଶ୍ୱାସପ୍ରଶ୍ୱାସ ଚାଲିବାକୁ ଆରମ୍ଭ କଲା ଏବଂ ଧୀରେ ଧୀରେ ଆଖି ଖୋଲି ସେ ସ୍ୱୟଂ ଆଶ୍ଚର୍ଯ୍ୟଭାବେ ଉପସ୍ଥିତ ବ୍ୟକ୍ତିଙ୍କୁ ଦେଖିବାକୁ ଲାଗିଲେ । କିଛି ସମୟ ପରେ ପୂର୍ଣ୍ଣରୂପେ ସଚେତ ହୋଇ କଥାବାର୍ତ୍ତା କରିବାକୁ ଆରମ୍ଭ କଲେ । ଉପସ୍ଥିତ ବ୍ୟକ୍ତିଙ୍କ ପ୍ରଶ୍ନର ଉତ୍ତରରେ ରାମ ସେହିପରି ଶୋଇବା ଅବସ୍ଥାରେ କହିଲେ, ''ମୁଁ ଦେଖିଲି ଗୁରୁଦେବ ମୋ ମସ୍ତକ ପାଖରେ ଛିଡ଼ା ହୋଇଅଛନ୍ତି । ତାଙ୍କ ଶରୀର ଜ୍ୟୋତିଃରେ ଉଦ୍‌ଭାସିତ ହୋଇଅଛି । ସେ ହସି କରି ପ୍ରଶାନ୍ତ ସ୍ୱରରେ କହିଲେ, 'ରାମ, ଆଉ କେତେ ସମୟ ଶୋଇବୁ ? ଜାଗ୍ରତ୍ ହୁଅ ଏବଂ ଶୀଘ୍ର ମୋ ପାଖକୁ ଆସିଯା ।' '' ଯୁକ୍ତେଶ୍ୱର କହୁଥିଲେ, ''ମୁଁ ଯଦି ସ୍ୱଚକ୍ଷୁରେ ନ ଦେଖି ଥାଆନ୍ତି ତେବେ ଏହି କଥା ବିଶ୍ୱାସ କରି ନ ଥା'ନ୍ତି । ଏହା ଗୋଟିଏ ଗଳ୍ପ ସଦୃଶ ପ୍ରତୀତ ହୁଅନ୍ତା ।'' ରାମ ଏତିକି କହିବାପରେ ନିଜେ ନିଜେ ଉଠି ଛିଡ଼ା ହେଲେ ଏବଂ ନିଜ ଲୁଗାମାଗି ପିନ୍ଧିଥିବା ଲୁଗା ବଦଳାଇ ଯୁକ୍ତେଶ୍ୱରଙ୍କ ସହିତ ଗାଡ଼ିରେ ବସି ଗୁରୁଦେବଙ୍କ ପାଖରେ ପହଞ୍ଚିଲେ ।

ଯୋଗିରାଜ ହସି ଥଟ୍ଟାରେ କହିଲେ, ''ଯୁକ୍ତେଶ୍ୱର, ଗୋଟିଏ ବୋତଲ ଜଡ଼ା ତେଲ ସଂଗ୍ରହ କରି ରଖ । କୌଣସି ବ୍ୟକ୍ତି ମରିଗଲେ କିଛି ଜଡ଼ା ତେଲ ପିଆଇ ଦେବୁ । ଜଡ଼ାତେଲର ପ୍ରଭାବ ଦେଖିଲୁ ତ ? ଯମପୁରରୁ ମୃତ ବ୍ୟକ୍ତିକୁ ଫେରାଇ ଆଣିଲା ?''

ଲାହିଡ଼ି ମହାଶୟଙ୍କ ଏହି ପରିହାସ ବାକ୍ୟ ଶୁଣି ସେଠାରେ ଥିବା ସବୁ ବ୍ୟକ୍ତି ହସିଉଠିଲେ । ଯୋଗିରାଜ ଶ୍ୟାମାଚରଣ ନିଜର ଆଶ୍ରିତ ତଥା ଶିଷ୍ୟମାନଙ୍କ ଯୋଗକ୍ଷମ ସମ୍ବନ୍ଧେ ସର୍ବଦା ସତର୍କ ରହୁଥିଲେ ।

ଅଭୟାଙ୍କର ସନ୍ତାନ ରକ୍ଷା

ଅଭୟା ନାମରେ ତାଙ୍କର ଜଣେ ପ୍ରିୟ ଶିଷ୍ୟା ଥିଲେ । ତାଙ୍କ ପତି କଲିକତାରେ ଜଣେ ପ୍ରସିଦ୍ଧ ଓକିଲ ଥିଲେ । ସେମାନଙ୍କର ଆଠଟି ସନ୍ତାନ ହୋଇଥିଲେ । କିନ୍ତୁ ଗୋଟିକ ପରେ ଗୋଟିଏ ସମସ୍ତେ ମୃତ୍ୟୁ ମୁଖରେ ଚାଲିଗଲେ । ଏହି କାରଣରୁ ପତିପତ୍ନୀ, ବିଶେଷତଃ ପତ୍ନୀ ଅଭୟା ବହୁତ ଦୁଃଖ ଅନୁଭବ କରୁଥିଲେ । କେତେ କଷ୍ଟ ଭୋଗ କରିବାପରେ ସନ୍ତାନ ହୁଅନ୍ତି । କିନ୍ତୁ ଗୋଟିଏ ବି ପିତାମାତାଙ୍କୁ ସନ୍ତାନ ସୁଖ ନ ଦେଇ ଦୁଃଖ ତାପ ଶୋକ ଦେଇ ବିଦା ହୋଇ ଯାଆନ୍ତି । ଅବଳା ଅଭୟା ଆଉ କେତେ ଦଇବ ଦୁର୍ବିପାକକୁ ସହିବ ? ପୁନରାୟ ଅଭୟାଙ୍କ ଗର୍ଭରେ ସନ୍ତାନ ଆସିଲା । ଏଥର ସେ ଗୁରୁଦେବଙ୍କ ପାଖକୁ ଆସି ତାଙ୍କ ଚରଣ ଧରି ସମସ୍ତ ଦୁଃଖକଷ୍ଟ କହି କାନ୍ଦିବାକୁ ଲାଗିଲେ ଏବଂ ଗର୍ଭସ୍ଥ ଶିଶୁର ପ୍ରାଣରକ୍ଷା ପ୍ରାର୍ଥନା କଲେ । ଆଶ୍ରିତବତ୍ସଳ ଯୋଗିରାଜ କହିଲେ, ''ଆଚ୍ଛା, ଆଚ୍ଛା, ଏହିପରି ହେବ । ଏଥର ଗୋଟିଏ କନ୍ୟା ହେବ, କିନ୍ତୁ ସେ ଜୀବିତ ରହିବ । କିନ୍ତୁ ମୁଁ ଯାହା କହିବି ତାହା ପାଳନ କରିବାକୁ ହେବ । ତାହା ହେଲା – ଶିଶୁର ଜନ୍ମ ରାତ୍ରିରେ ହେବ । ଶିଶୁ ଜନ୍ମ ସମୟରୁ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ସେହି କକ୍ଷରେ ଗୋଟିଏ ତୈଳ ଦୀପ ଜଳିବା ଉଚିତ । କିନ୍ତୁ ସାବଧାନ, ପ୍ରସୂତି କକ୍ଷରେ ଥିବା ବ୍ୟକ୍ତି କେହି ଶୋଇବେ ନାହିଁ କିଂବା ଦୀପ କଦାପି ଲିଭିବ ନାହିଁ ।''

ଗୁରୁଦେବଙ୍କ କହିବାନୁସାରେ ରାତ୍ରିରେ ଅଭୟାଙ୍କ ଗର୍ଭରୁ ଗୋଟିଏ କନ୍ୟା ଜାତ ହେଲା ଏବଂ ପୂର୍ବରୁ ଜଳୁଥିବା ଦୀପ ଜଳାଇ ରଖିବାର ବ୍ୟବସ୍ଥା କରାହେଲା । ପ୍ରସୂତି ଏବଂ ଧାଈ ଦୁଇ ଜଣ ସାବଧାନ ହୋଇ ଜାଗ୍ରତ୍ ରହିଲେ ଏବଂ ଦୀପ ପ୍ରତି ଲକ୍ଷ୍ୟ ରଖି ଆବଶ୍ୟକ ତେଲ ମଧ୍ୟ ଦୀପରେ ଦେଉଥିଲେ । ସାବଧାନ ରହିବା ସତ୍ତ୍ୱେ ଶେଷ ପ୍ରହର ରାତ୍ରିରେ

ଅଭୟା ତଥା ଧାଈଙ୍କୁ ନିଦ ଲାଗିଗଲା । ସେମାନେ ଜାଣି ବି ପାରିଲେ ନାହିଁ । ଦୀପରୁ ମଧ୍ୟ ତେଲ ଶେଷ ହୋଇଗଲା । ଦୀପ ଲିଭିବା ଅବସ୍ଥା ପ୍ରାପ୍ତ ହୋଇ ସାରିଥିଲା । ସେ ଦୁଇଜଣଙ୍କ ନିଦ୍ରିତ ଅବସ୍ଥାରେ ଦୀପ ଲିଭି ଯାଇଥିଲେ ଅନିଷ୍ଟ ଅବଶ୍ୟ ହୋଇ ଥାଆନ୍ତା । ଅଭୟାଙ୍କୁ ବିପଦରୁ ରକ୍ଷା କରିବା ସକାଶେ ଗୋଟିଏ ଆଶ୍ଚର୍ଯ୍ୟ ଘଟଣା ଘଟିଲା । ପ୍ରସୂତିଗୃହର ଦ୍ୱାର ଖୋଲିଗଲା । ଅଭୟାଙ୍କର ନିଦ ଭାଙ୍ଗିଗଲା । ସେ ଆଖି ଖୋଲି ଆଶ୍ଚର୍ଯ୍ୟ ହୋଇଗଲେ । ଦେଖିଲେ ଦୁଆର ମୁହଁରେ ଯୋଗିରାଜ ଛିଡ଼ା ହୋଇ ଦୀପ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହୁଛନ୍ତି, ''ଅଭୟା, ଦୀପକୁ ଦେଖ, ଲିଭିଯାଉଅଛି ।'' ସେ ଧଡ଼ପଡ଼ ହୋଇ ଉଠି ଦୀପରେ ତେଲ ପକାଇଲେ ଏବଂ ଗୁରୁଦେବ ସଙ୍ଗେ ସଙ୍ଗେ ଅନ୍ତର୍ଦ୍ଧାନ ହୋଇଗଲେ ।

ଗାଡ଼ି ବନ୍ଦ ହେବା

ଥରେ ଅଭୟା ଗୁରୁଦେବଙ୍କ ଦର୍ଶନ ସକାଶେ ଉତ୍କଣ୍ଠିତ ହୋଇ କାଶୀ ଯାଉଥିଲେ । ହାଓଡ଼ା ଷ୍ଟେସନରେ ପହଞ୍ଚି ଟିକଟ ଆଣି ପ୍ଲାଟ୍‌ଫର୍ମରେ ପହଞ୍ଚୁ ପହଞ୍ଚୁ ଗାଡ଼ି ଛାଡ଼ି ଦେଲା । ସେ ଗାଡ଼ିରେ ବସି ପାରିଲେ ନାହିଁ । ତାଙ୍କର ହୃଦୟ ଦୁଃଖରେ ବ୍ୟାକୁଳ ହୋଇପଡ଼ିଲା । ସେ ଗୁରୁଦେବଙ୍କୁ ସ୍ମରଣ କରି କାନ୍ଦିବାକୁ ଲାଗିଲେ ।

ସେହି ସମୟରେ ପ୍ଲାଟ୍‌ଫର୍ମରେ ଅଳ୍ପ ଦୂରରେ ଗାଡ଼ି ହଠାତ୍ ବନ୍ଦ ହୋଇଗଲା । ଗାଡ଼ି ବନ୍ଦ ହେବାର କାରଣ ଗାଡ଼ିର ଚାଳକ ବୁଝିପାରିଲେ ନାହିଁ । ବହୁ ଚେଷ୍ଟା କରିବା ସତ୍ତ୍ୱେ ବି ଗାଡ଼ି ଚାଲିଲା ନାହିଁ । ମହିଳା ଜଣଙ୍କ ଦୌଡ଼ି ଦୌଡ଼ି ଆସି ନିଜ ଜିନିଷପତ୍ର ସହିତ ଗାଡ଼ିରେ ସ୍ଥିର ହୋଇ ବସିବାପରେ ଗାଡ଼ି ଚାଲିବାକୁ ଆରମ୍ଭ କଲା ।

ଅଭୟା କାଶୀରେ ପହଞ୍ଚି ଯେବେ ଗୁରୁଦେବଙ୍କୁ ଦର୍ଶନ କରିବାକୁ ଗଲେ, ଗୁରୁଦେବ ମନ୍ଦହାସ୍ୟରେ କହିଲେ, ''ଗାଡ଼ି ଛାଡ଼ିବାର କିଛି ସମୟ ପୂର୍ବରୁ ଷ୍ଟେସନରେ ଆସି ପହଞ୍ଚିବା ଉଚିତ । ତୁମ୍ଭେମାନେ ମୋତେ କେତେ ଅସୁବିଧାରେ ପକାଉଛ ! ଆଚ୍ଛା, ତା'ପର ଗାଡ଼ିରେ ଆସିଥିଲେ କ'ଣ କ୍ଷତି ହୋଇଥାଆନ୍ତା !'' ଅଭୟାଙ୍କ ହୃଦୟ ଗୁରୁଦେବଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ସେ ଭକ୍ତି ଗଦ୍‌ଗଦ ହୋଇ ଗୁରୁଦେବଙ୍କ ଚରଣରେ ମସ୍ତକ ଥାପନା କଲେ ।

ତ୍ରୈଲଙ୍ଗ ସ୍ୱାମୀଙ୍କ ଦର୍ଶନ

ସେହି ସମୟରେ କାଶୀରେ ତ୍ରୈଲଙ୍ଗ ସ୍ୱାମୀଙ୍କର ଯୋଗ-ଐଶ୍ୱର୍ଯ୍ୟର ବହୁତ ଖ୍ୟାତି ଥିଲା । ସ୍ଥାନୀୟ ଜନତା ତଥା ତୀର୍ଥଯାତ୍ରୀମାନେ ତାଙ୍କୁ ବହୁତ ଶ୍ରଦ୍ଧା ଭକ୍ତି ସମ୍ମାନ କରୁଥିଲେ । ସ୍ୱାମିଜି ଗଙ୍ଗାଘାଟରେ ଆସନ ଲଗାଇ ବସିଥିଲେ । ତାଙ୍କୁ ଘେରି ବହୁତ ଭକ୍ତ ବସିଥିଲେ । ସେହି ସମୟରେ ଧୋତି, ଜାମା ପିନ୍ଧି ଜଣେ ବଙ୍ଗାଳୀ ସଜ୍ଜନ ଦୁଇ ଜଣ ସାଥୀଙ୍କ ସହିତ ସ୍ୱାମିଜିଙ୍କୁ ପ୍ରଣାମ କରିବା ସକାଶେ ଆସି ପହଞ୍ଚିଲେ । ତାଙ୍କ ମୁଖମଣ୍ଡଳରେ ଆନନ୍ଦ ଓ ପ୍ରସନ୍ନତା ଉଦ୍ଭାସିତ ହେଉଥିଲା । ସେ ଧୀର ଭାବରେ ସ୍ୱାମିଜିଙ୍କ ଆଡ଼କୁ ଆସିବାର ଦେଖି ସ୍ୱାମିଜି ସହର୍ଷ ଉଠି ଛିଡ଼ା ହୋଇଗଲେ ଏବଂ କେଇ ପାଦ ଆଗକୁ ଯାଇ ନବାଗନ୍ତୁକ ଲାହିଡ଼ି ମହାଶୟଙ୍କୁ ଦୁଇ ହାତରେ ଧରି ତାଙ୍କର ବିଶାଳ ହୃଦୟରେ ଲଗାଇ ଦେଲେ । ସେ ସମୟରେ ଶ୍ରେଷ୍ଠ ଯୋଗୀ ତ୍ରୈଲଙ୍ଗ ସ୍ୱାମୀଙ୍କ ଶରୀରରେ ପ୍ରସନ୍ନତା ପ୍ରକାଶ ପାଉଥିଲା ।

ଲାହିଡ଼ି ମହାଶୟ ପ୍ରଣାମ କରି ତ୍ରୈଲଙ୍ଗ ସ୍ୱାମୀଙ୍କ ପାଖରେ ବସିଲେ । କିଛି ସମୟ ପରେ ବହୁତ ଆନନ୍ଦରେ ସ୍ୱାମିଜିଙ୍କଠାରୁ ବିଦାୟ ନେଇ ଚାଲିଗଲେ ।

ସ୍ୱାମିଜିଙ୍କର ଅନ୍ତରଙ୍ଗ ଭକ୍ତସବୁ ଏହି ଦୃଶ୍ୟକୁ ଦେଖି ବିସ୍ମିତ ହେଉଥିଲେ । ସ୍ୱାମିଜି ଏପରି ପ୍ରସନ୍ନତାରେ କୌଣସି ବ୍ୟକ୍ତିଙ୍କୁ ହୃଦୟରେ ଲଗାଇ ନେବା ସେମାନେ ଆଜି ପର୍ଯ୍ୟନ୍ତ ଦେଖି ନ ଥିଲେ । ଲାହିଡ଼ି ମହାଶୟ ଚାଲିଯିବା ପରେ ଭକ୍ତମାନେ ଅତ୍ୟନ୍ତ ଉତ୍ସୁକତାରେ ସ୍ୱାମିଜିଙ୍କୁ ପଚାରିଲେ, ''ବାବା, ଏ ବ୍ୟକ୍ତି କ'ଣ ବହୁତ ବଡ଼ ସାଧକ ଥିଲେ ଯେ ତାଙ୍କୁ ଏତେ ସ୍ନେହ ସମ୍ମାନ ସହିତ ଆଲିଙ୍ଗନ କଲେ ?''

ସ୍ୱାମିଜି ପ୍ରଶାନ୍ତ କଣ୍ଠରେ ଉତ୍ତର ଦେଲେ, ''ଯୋଗ ସାଧନାର ଯେଉଁ ଉନ୍ନତ ଅବସ୍ଥା ପ୍ରାପ୍ତ ହେବା ସକାଶେ ସାଧକମାନଙ୍କୁ ଲେଙ୍ଗୁଟି ପର୍ଯ୍ୟନ୍ତ ତ୍ୟାଗ କରିବାକୁ ହୋଇଥାଏ, ସେହି ଅବସ୍ଥାକୁ ଏହି ବ୍ୟକ୍ତି ଧୋତି, ଜାମା ପିନ୍ଧି ଗୃହସ୍ଥାଶ୍ରମରେ ରହି ପ୍ରାପ୍ତ ହୋଇଛନ୍ତି ।''

ଯୋଗିଶ୍ରେଷ୍ଠ, ମହାବ୍ରହ୍ମଜ୍ଞାନୀ ତ୍ରୈଲଙ୍ଗ ସ୍ୱାମିଙ୍କଠାରୁ ଲାହିଡ଼ି ମହାଶୟ ଯୋଗର ଅସାଧାରଣ ଉଚ୍ଚାବସ୍ଥା ପ୍ରାପ୍ତ ହୋଇଥିବା କଥା ଭକ୍ତମାନେ ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ଏହି ଖବର ବହୁତ ଶୀଘ୍ର କାଶୀରେ ପ୍ରସାର ହୋଇଗଲା । ଶ୍ୟାମାଚରଣ ଲାହିଡ଼ି ଜଣେ ଅସାଧାରଣ ଯୋଗିରୂପେ ଭକ୍ତମଣ୍ଡଳୀରେ ପ୍ରତିଷ୍ଠିତ ହେଲେ ।

ଯୋଗିରାଜ ଶ୍ୟାମାଚରଣ ଲାହିଡ଼ି ତାଙ୍କ ଗୁରୁଦେବଙ୍କ ନିଗୂଢ଼ ସାଧନପଦ୍ଧତି ଆୟତ୍ତ କରି ଗୃହସ୍ଥାଶ୍ରମରେ ରହି ଜନସାଧାରଣରେ ତାହା ପ୍ରସାର କଲେ । ତାଙ୍କର ବିରକ୍ତ ବା ଗୃହତ୍ୟାଗୀ ଶିଷ୍ୟ ଅପେକ୍ଷା ଗୃହସ୍ଥ ଶିଷ୍ୟ ଅଧିକ ଥିଲେ । ସାଧାରଣତଃ ଦେଖାଯାଏ ଯେ ଅଧ୍ୟାତ୍ମ ସାଧକମାନଙ୍କର ଗୃହତ୍ୟାଗୀ ଶିଷ୍ୟଙ୍କ ଅପେକ୍ଷା ଗୃହସ୍ଥ ଶିଷ୍ୟ ଅଧିକ ସଂଖ୍ୟାରେ ହୁଅନ୍ତି ।

ସ୍ୱାମୀ ଭାସ୍କରାନନ୍ଦଙ୍କ ସହ ସାକ୍ଷାତ୍

ଲାହିଡ଼ି ମହାଶୟଙ୍କର ଜଣେ ତ୍ୟାଗୀ ଶିଷ୍ୟ ସ୍ୱାମୀ କେବଳାନନ୍ଦଜି ଭାସ୍କରାନନ୍ଦ ସରସ୍ୱତୀଙ୍କଠାରୁ ବେଦାନ୍ତ ପଢୁଥିଲେ । କାଶୀରେ ଭାସ୍କରାନନ୍ଦଜି ଯେପରି ଅସାଧାରଣ ବିଦ୍ୱାନ୍ ଥିଲେ ସେହିପରି ଉଚ୍ଚକୋଟୀର ବ୍ରହ୍ମଜ୍ଞାନୀ ମଧ୍ୟ ଥିଲେ । ଲାହିଡ଼ି ମହାଶୟଙ୍କର ଯୋଗପଦ୍ଧତି ଜାଣିବା ଉଦ୍ଦେଶ୍ୟରେ ଥରେ କେବଳାନନ୍ଦଙ୍କ ଦ୍ୱାରା ତାଙ୍କ ଆଶ୍ରମକୁ ଲାହିଡ଼ି ମହାଶୟଙ୍କୁ ସେ ଡକାଇଥିଲେ । ଶିଷ୍ୟ କେବଳାନନ୍ଦଙ୍କଠାରୁ ତାଙ୍କୁ ଭାସ୍କରାନନ୍ଦ ଡକେଇ ଥିବା ଜାଣି ସେ କହିଥିଲେ, ''ତୃଷାର୍ତ୍ତ କୂପ ପାଖକୁ ଯାଏ, କୂପ ତୃଷାର୍ତ୍ତ ପାଖକୁ ଯାଏ ନାହିଁ ।''

କେତେ ଦିନ ପରେ ଥରେ କୌଣସି ସ୍ଥାନରେ ଲାହିଡ଼ି ମହାଶୟଙ୍କ ସହିତ ସ୍ୱାମୀ ଭାସ୍କରାନନ୍ଦଙ୍କର ସାକ୍ଷାତ୍ ହୋଇଥିଲା । ସେ ସ୍ୱାମୀ ଭାସ୍କରାନନ୍ଦଙ୍କୁ କେତେକ ଯୋଗପ୍ରଣାଳୀ କହି ଦେଇଥିଲେ ।

ଶୂନ୍ୟରେ ଅବସ୍ଥିତି

ଲାହିଡ଼ି ମହାଶୟଙ୍କର ଧର୍ମପତ୍ନୀ ରାତ୍ରିରେ ଶୋଇଥିଲେ । ନିଦ ଭାଙ୍ଗିବା ପରେ ଦେଖିଲେ, ''ସମସ୍ତ କକ୍ଷ ଉଜ୍ଜ୍ୱଳ ଜ୍ୟୋତିଃରେ ଆଲୋକିତ ହୋଇଅଛି । ଲାହିଡ଼ି ମହାଶୟ ଘରର ଗୋଟିଏ କୋଣରେ ପଦ୍ମାସନ ଲଗାଇ ପୃଥିବୀରୁ ଉଠି ଶୂନ୍ୟରେ ରହିଅଛନ୍ତି ।'' କାଶୀମଣି ଏହି ଦୃଶ୍ୟ ଦେଖି ସ୍ତମ୍ଭୀଭୂତ ହୋଇଗଲେ । ସେ ମନେ ମନେ ଭାବିଲେ, ''ମୁଁ ସ୍ୱପ୍ନ ଦେଖୁ ନାହିଁ ତ ?'' ଯୋଗିରାଜ ପତ୍ନୀକୁ ଆହୁରି ବିସ୍ମିତ କରିଦେଲେ । ସେ ମୃଦୁହାସ୍ୟରେ କହିଲେ, ''ତୁ ସ୍ୱପ୍ନ ଦେଖୁ ନାହୁଁ କିଂବା ଏହା ତୋର ଭ୍ରମ ନୁହେଁ । ତୁ ଏବେ ଜାଗ୍ରତ୍ ହୁଅ, ଚିରକାଳ ସକାଶେ ଜାଗ୍ରତ୍ ହୁଅ ।'' ତା'ପରେ ତାଙ୍କ ଶରୀର ଧୀରେ ଧୀରେ ପୃଥିବୀକୁ ଅବତରଣ କଲା । ସେ ଭୂମିରେ ବସିଲେ । କାଶୀମଣି ପତିଦେବଙ୍କ ଚରଣରେ ମସ୍ତକ ରଖି ଯୋଗଦୀକ୍ଷା ସକାଶେ ପ୍ରାର୍ଥନା କଲେ । ଯୋଗିରାଜ ତାଙ୍କ ପ୍ରାର୍ଥନା ସ୍ୱୀକାର କରି ତାଙ୍କୁ ଦୀକ୍ଷା ଦେଲେ ଏବଂ ଯୋଗ ସାଧନାର ପ୍ରଣାଳୀ ବି ବତାଇ ଦେଲେ ।

ଘଡ଼ଘଡ଼ିରୁ ରକ୍ଷା

ଥରେ ଲାହିଡ଼ି ମହାଶୟଙ୍କର ଜଣେ ଭକ୍ତିମତୀ ଶିଷ୍ୟା ଗୁରୁଦେବଙ୍କ ଫଟୋ ପାଇବା ସକାଶେ ପ୍ରାର୍ଥନା

କଲେ । ଲାହିଡ଼ି ମହାଶୟ ନିଜର ଗୋଟିଏ ଫଟୋ ଦେବା ସମୟରେ ଶିଷ୍ୟାଙ୍କୁ କହିଲେ, ''ଯଦି ଯଥାର୍ଥରେ ଭକ୍ତି ବିଶ୍ୱାସ ରଖିବୁ, ତେବେ ଏହି ଫଟୋ ତୋର ପରମ ଅବଲମ୍ବନ ହେବ, ଅନ୍ୟଥା ସାଧାରଣ ଫଟୋ ମାତ୍ର ।''

ସେହି ଶିଷ୍ୟା ନିଜ ଘରେ ଗୋଟିଏ ଟେବୁଲ୍ ଉପରେ ଗୁରୁଦେବଙ୍କ ଫଟୋ ରଖି ଅନ୍ୟ ଗୁରୁଭଉଣୀଙ୍କ ସହିତ ଶାସ୍ତ୍ରପାଠ କରୁଥିଲେ । ହଠାତ୍ ବତାସ ଓ ବର୍ଷା ଆରମ୍ଭ ହେଲା । ସେମାନଙ୍କ ସମ୍ମୁଖରେ ଘଡ଼ଘଡ଼ି ଜୋର୍‌ରେ ପଡ଼ିଲା । ସେମାନେ ଯେଉଁ ଗ୍ରନ୍ଥ ପାଠ କରୁଥିଲେ ତାହା ଘଡ଼ଘଡ଼ି ପ୍ରଭାବରେ କ୍ଷତବିକ୍ଷତ ହୋଇଗଲା । କିନ୍ତୁ ସେମାନଙ୍କର କିଛି ବି କ୍ଷତି ହେଲା ନାହିଁ । ସେମାନଙ୍କ ସମ୍ମୁଖରେ ଯେପରି ଗୋଟିଏ ବରଫର କାନ୍ଥ ଛିଡ଼ା କରି ଦିଆ ଯାଇ ଥିବାର ସେମାନେ ଅନୁଭବ କଲେ ।

ଶୂନ୍ୟମାର୍ଗରେ ସନ୍ଥଙ୍କ ପ୍ରକଟ

ଲାହିଡ଼ି ମହାଶୟଙ୍କ ଶିଷ୍ୟ କାଳିକୁମାର ରାୟ କହୁଥିଲେ ଯେ ସେ ନିଜେ ଗୁରୁଦେବଙ୍କ କାଶୀସ୍ଥିତ ବାସଭବନକୁ ବରାବର ଯାଉଥିଲେ ଏବଂ କେଇ ସପ୍ତାହ ପର୍ଯ୍ୟନ୍ତ ଗୁରୁଦେବଙ୍କ ସେବାରେ ରହୁଥିଲେ । ସେ ଦେଖୁଥିଲେ ଅର୍ଦ୍ଧରାତ୍ରି ସମୟରେ ବହୁତ ସାଧୁ, ମହାତ୍ମା, ଦଣ୍ଡି ସନ୍ନ୍ୟାସୀ ଗୁରୁଦେବଙ୍କ ପାଖକୁ ନୀରବରେ ଆସୁଥିଲେ ତଥା ତତ୍ତ୍ୱଜ୍ଞାନ ଏବଂ ଯୋଗର ବିଭିନ୍ନ ପଦ୍ଧତି ବିଷୟରେ ଆଲୋଚନା ହେଉଥିଲା । ସେମାନେ ନୀରବରେ ପୁନରାୟ ଚାଲିଯାଉଥିଲେ । ଏହିପରି କେଇ ସପ୍ତାହ ପର୍ଯ୍ୟନ୍ତ ଗୁରୁଦେବ ଶୋଇ ନ ଥିଲେ ।

ଯୋଗିରାଜ ଲାହିଡ଼ି ମହାଶୟ ସେ ସମୟରେ ଯୋଗର ବହୁ ଉଚ୍ଚାବସ୍ଥା ପ୍ରାପ୍ତ ହୋଇଥିଲେ । ସାଧନା ତଥା ଯୋଗ-ଶକ୍ତିର ଦିବ୍ୟଭଣ୍ଡାରର ଅଧିକାରୀ ସାଧକ ତଥା ଜନକଲ୍ୟାଣ ସକାଶେ ଉନ୍ମୁକ୍ତ ରଖିଥିଲେ । ଭକ୍ତ, ଶିଷ୍ୟ, ସାଧକ ଯେ କେହି ତାଙ୍କୁ ଦର୍ଶନ କରିବାକୁ ଆସୁଥିଲେ ସେମାନେ ଶାନ୍ତି ତଥା ଆନନ୍ଦ ସ୍ରୋତରେ ଡୁବି ଯାଉଥିଲେ । ଲାହିଡ଼ି ମହାଶୟଙ୍କ ଦର୍ଶନ ତଥା ତାଙ୍କ ସମାଗମରେ ବହୁତ ସଂସାରୀ ବ୍ୟକ୍ତି ଅଧ୍ୟାତ୍ମ ମାର୍ଗର ଯାତ୍ରୀ ହୋଇ ଯାଇଥିଲେ ।

ଯୋଗର ଚମତ୍କାରିତା

ଦର୍ଶନାର୍ଥୀଙ୍କ ମଧ୍ୟରେ କେତେ ଅବିଶ୍ୱାସୀ ବ୍ୟକ୍ତି ମଧ୍ୟ ଯୋଗିରାଜଙ୍କ ପାଖକୁ ଆସୁଥିଲେ । ସେମାନଙ୍କ ପ୍ରତି ଯୋଗିରାଜଙ୍କ ବ୍ୟବହାରରେ କୌଣସି ଅନ୍ତର ପଡୁ ନ ଥିଲା । କିନ୍ତୁ ଯେଉଁ ଦୁଷ୍ଟ ପ୍ରକୃତିର ବ୍ୟକ୍ତି ଯୋଗିରାଜ ଲାହିଡ଼ି ମହାଶୟଙ୍କ ପ୍ରତି ଦ୍ୱେଷ ଭାବ ରଖି ତାଙ୍କ ସହିତ ଯୁକ୍ତିତର୍କ କରି ତାଙ୍କୁ ଅପମାନିତ କରିବାକୁ ଆସୁଥିଲେ ସେ ସେମାନଙ୍କୁ ଶାସ୍ତି ମଧ୍ୟ ଦେଉଥିଲେ । ତାଙ୍କର ଶିଷ୍ୟ କାଳିକୁମାର ରାୟଙ୍କ କଥିତ ଏକ ଘଟଣା :

କାଳିକୁମାର ବାବୁ ଲାହିଡ଼ି ମହାଶୟଙ୍କଠାରୁ ଦୀକ୍ଷା ନେଇ ଯୋଗ ସାଧନାରେ ପ୍ରବୃତ୍ତ ହେବା ଜାଣି ତାଙ୍କ ଅଫିସର ସବୁଠାରୁ ବଡ଼ ବାବୁଙ୍କୁ ବହୁତ ଖରାପ ଲାଗିଲା । ସେ ପ୍ରାୟ ଲାହିଡ଼ି ମହାଶୟଙ୍କ ପ୍ରତି ଦ୍ୱେଷ ଭାବରେ ଥଟ୍ଟା କରି ବ୍ୟଙ୍ଗରେ କଟୁବାକ୍ୟ କହୁଥିଲେ । କାଳିକୁମାର ବାବୁ ତାଙ୍କ ଅଧୀନସ୍ଥ କର୍ମଚାରୀ ଥିବାରୁ ତାଙ୍କ ସହିତ ଯୁକ୍ତି ବା ପ୍ରତିବାଦ କରି ପାରୁ ନ ଥିଲେ । କିନ୍ତୁ ମନେ ମନେ ବହୁତ ଦୁଃଖିତ ହେଉ ଥିଲେ । ଅସହ୍ୟ ହୋଇ ପଡ଼ିବାରୁ ସମସ୍ତ ଘଟଣା ଗୁରୁଦେବଙ୍କ ଚରଣରେ ନିବେଦନ କଲେ ।

ଥରେ କାଳିକୁମାର ବାବୁ ଲାହିଡ଼ି ମହାଶୟଙ୍କ ଦର୍ଶନକୁ ଯିବା ସମୟରେ ତାଙ୍କ ଅଫିସର ସେହି ବଡ଼ ବାବୁ ତାଙ୍କ ପଛରେ ଲାହିଡ଼ି ମହାଶୟଙ୍କ ପାଖକୁ ଆସିଲେ । ସେ ଚାହୁଁଥିଲେ ଯୁକ୍ତିତର୍କ ଦ୍ୱାରା ଲାହିଡ଼ି ମହାଶୟଙ୍କୁ ଭଣ୍ଡ ସାଧୁ ପ୍ରମାଣ କରି ତାଙ୍କୁ ଅପମାନିତ କରିବାକୁ ।

ଲାହିଡ଼ି ମହାଶୟଙ୍କ ପାଖରେ ଦଶ, ବାର ଜଣ ଭକ୍ତ ଶିଷ୍ୟ ବସିଥିଲେ । କାଳିକୁମାର ବାବୁଙ୍କ ଅଫିସର ବଡ଼

ବାବୁ ଆସି ତାଙ୍କ ସମ୍ମୁଖରେ ବସି ପଡ଼ିଲେ । ଯୋଗିରାଜ ଧୀର ଗମ୍ଭୀର ସ୍ୱରରେ ବସିଥିବା ବ୍ୟକ୍ତିଙ୍କୁ ସମ୍ବୋଧନ କରି କହିଲେ, ''ତୁମେମାନେ କ'ଣ ଆଜି ଗୋଟିଏ ବିଚିତ୍ର ଦୃଶ୍ୟ ଦେଖିବାକୁ ଚାହୁଁଛ ?'' ସମସ୍ତେ ଉତ୍ସାହରେ କହିଲେ, ''ହଁ, ଆମେମାନେ ଦେଖିବାକୁ ଚାହୁଁଛୁ ।'' ଘରର କବାଟ ବନ୍ଦ କରାହେଲା । କିଛି ସମୟ ପରେ ଗୋଟିଏ ସୁନ୍ଦରୀ ଯୁବତୀ ଲାଲ ଧଡ଼ି ଥିବା ଶାଢ଼ି ପିନ୍ଧି ସେହି ବନ୍ଦ କକ୍ଷରେ ଛିଡ଼ା ହୋଇଗଲେ । ଯୋଗିରାଜଙ୍କ ସଙ୍କେତରେ ବନ୍ଦ ଦ୍ୱାର ଖୋଲି ଦିଆ ହେଲା । ଆସିଥିବା ବଡ଼ ବାବୁଙ୍କୁ ଲାହିଡ଼ି ମହାଶୟ ତୀକ୍ଷ୍ଣ ସ୍ୱରରେ ଡାକି ପଚାରିଲେ, ''ଦେଖ, ଏହି ମହିଳାକୁ ଚିହ୍ନିଚ କି ନାହିଁ ?'' ସେତେବେଳକୁ ବଡ଼ ବାବୁଙ୍କର ଲାହିଡ଼ି ମହାଶୟଙ୍କୁ ଅପମାନିତ କରିବା ଧାରଣା ମଳିନ ପଡ଼ିଯାଇଥିଲା । ସେ ଲଜ୍ୟା ତଥା ସଙ୍କୋଚ ସ୍ୱରରେ କହିଲେ ''ହଁ, ମୁଁ ଚିହ୍ନେ ।''

ଭୟ ତଥା ଲଜ୍ୟାରେ ତାଙ୍କ ଚେହେରା ବିବର୍ଣ୍ଣ ହୋଇଗଲା । ସେହି ସ୍ତ୍ରୀ ପ୍ରତି ତାଙ୍କର ଅସଦାଚରଣ ଥିଲା । ତାଙ୍କ ସ୍ତ୍ରୀ ପୁତ୍ର ଥିବା ସତ୍ତ୍ୱେ ଏହି ନାରୀ ସକାଶେ ବହୁତ ଧନ ଖର୍ଚ୍ଚ କରୁଥିଲେ । ଏହି ଘଟଣାସବୁ ନିଷ୍କପଟ ଭାବରେ ସେ ଯୋଗିରାଜଙ୍କୁ କହିଦେଲେ ତଥା ଯୋଗିରାଜଙ୍କ ଅଧ୍ୟାତ୍ମ ପ୍ରଭାବ ତାଙ୍କ ଯୋଗ-ବିଭୂତିର ପ୍ରତ୍ୟକ୍ଷ ପ୍ରମାଣ ପାଇ ତାଙ୍କୁ ବହୁତ ଅନୁତାପ ହେଲା । ସେ ଶୋକକୁ ସମ୍ଭାଳି ପାରିଲେ ନାହିଁ । ଶୋକଯୁକ୍ତ ଅସ୍ପଷ୍ଟ ସ୍ୱରରେ କହିଲେ, ''ବାବା, ମୋ ଦୋଷ କ୍ଷମା କର ତଥା ଏହି ପାପ ମୋହରୁ ଉଦ୍ଧାର କର । ଦୟାକରି ଦୀକ୍ଷା ପ୍ରଦାନ କରି ମୋତେ ଉଦ୍ଧାର କର ।''

କିନ୍ତୁ ସର୍ବଜ୍ଞ ଯୋଗିରାଜଙ୍କ ଦୃଷ୍ଟିରେ ତାଙ୍କର ଅନୁତାପ ଏବଂ ଦୁଃଖ କ୍ଷଣିକ ତଥା ଅସ୍ଥାୟୀ ଥିଲା । ଦୀକ୍ଷା ପ୍ରାପ୍ତ କରିବା ସକାଶେ ଗ୍ରହଣଶୀଳତା ନ ହେଲେ ଦୀକ୍ଷା ଦେବା ଠିକ୍ ନୁହେଁ । ସେହି କାରଣରୁ ଯୋଗିରାଜ କହିଲେ, ''ଆଚ୍ଛା, ଆସନ୍ତା ଛଅ ମାସ ପର୍ଯ୍ୟନ୍ତ ସଂଯମରେ ରହିଲେ ମୁଁ ତୁମକୁ ଦୀକ୍ଷା ଦେବି ।''

ସେ ବ୍ୟକ୍ତି ତିନି ମାସ ପର୍ଯ୍ୟନ୍ତ ସଂଯତ ରହି ପାରିଥିଲେ । ପରେ ସେହି ମହିଳାଙ୍କ ସହିତ ତାଙ୍କର ଶାରୀରିକ ସମ୍ପର୍କ ହେଲା । ତା'ର ଦୁଇ ମାସ ପରେ ତାଙ୍କର ମୃତ୍ୟୁ ହେଲା । ତାଙ୍କ ମୃତ୍ୟୁ ପରେ ସ୍ପଷ୍ଟ ବୁଝାଗଲା ଯୋଗିରାଜ ଛ' ମାସ ପରେ ଦୀକ୍ଷା ଦେବାକୁ କାହିଁକି କହିଥିଲେ ।

ମହାନ୍ ଯୋଗ-ବିଭୂତିର ଐଶ୍ୱର୍ଯ୍ୟକୁ ଲାହିଡ଼ି ମହାଶୟ ପ୍ରାପ୍ତ ହୋଇଥିଲେ । କିନ୍ତୁ ବିଶେଷ ପ୍ରୟୋଜନ ନ ହେଲେ ସେ ଯୋଗ-ବିଭୂତିକୁ ପ୍ରକାଶ କରୁ ନ ଥିଲେ । କେବେ କେବେ ଦୁଷ୍ଟ ବ୍ୟକ୍ତିକୁ ଦଣ୍ଡ ଦେବା ସକାଶେ ତଥା ଅନ୍ୟ ସାଧାରଣ ବ୍ୟକ୍ତିଙ୍କର ଭଗବାନଙ୍କ ପ୍ରତି ବିଶ୍ୱାସ ଉତ୍ପନ୍ନ କରାଇବା ସକାଶେ ଯୋଗ-ବିଭୂତି ପ୍ରଦର୍ଶନ କରାଉଥିଲେ ।

ଲାହିଡ଼ି ମହାଶୟଙ୍କ ପଡ଼ୋଶୀ ଜଣେ ଯୁବକ ତାଙ୍କୁ ଦର୍ଶନ କରିବା ସକାଶେ ଆସିଲେ । ତାଙ୍କ ନାମ ଥିଲା ଚନ୍ଦ୍ରମୋହନ ଦେ । କିଛି ଦିନ ପୂର୍ବେ ସେ ମେଡ଼ିକାଲ କଲେଜରେ ଡାକ୍ତରୀ ପାସ୍ କରିଥିଲେ । ଯୋଗିରାଜ ତାଙ୍କୁ ଆଶୀର୍ବାଦ ଦେଲେ ଏବଂ ଆଧୁନିକ ଚିକିତ୍ସା ବିଜ୍ଞାନ ବିଷୟରେ କିଛି ପ୍ରଶ୍ନ ପଚାରିଲେ । ନୂତନ ଡାକ୍ତର ଚନ୍ଦ୍ରମୋହନ ଯୋଗିରାଜଙ୍କ ପ୍ରଶ୍ନରେ ବହୁତ ଉତ୍ସାହିତ ହେଲେ ତଥା ଆଧୁନିକ ଶରୀର ବିଜ୍ଞାନର ବିଭିନ୍ନ ତତ୍ତ୍ୱକୁ ସେ ବୁଝାଇବାକୁ ଲାଗିଲେ ।

ସେହି ପ୍ରସଙ୍ଗରେ ଯୋଗିରାଜ ପଚାରିଲେ, ''ମୃତ ବ୍ୟକ୍ତିର ଲକ୍ଷଣ କ'ଣ ?'' ଡାକ୍ତର ଖୁବ୍ ସହଜରେ ବ୍ୟାଖ୍ୟା କରିଦେଲେ । ଯୋଗିରାଜ କହିଲେ, ''ଆଚ୍ଛା, ଥରେ ପରୀକ୍ଷା କରି ଦେଖ, ମୁଁ ଜୀବିତ ନା ମୃତ ।''

ଯୋଗିରାଜ ଆଖି ବନ୍ଦ କରି ବିଛଣାରେ ଶୋଇ ପଡ଼ିଲେ । ଡାକ୍ତର ତାଙ୍କର ପରୀକ୍ଷା-ଯନ୍ତ୍ର ଆଣି ପରୀକ୍ଷା କଲେ । ଚନ୍ଦ୍ରମୋହନ ପରୀକ୍ଷା କରି ଆଶ୍ଚର୍ଯ୍ୟ ହୋଇଗଲେ । ଶ୍ୱାସପ୍ରଶ୍ୱାସ କ୍ରିୟା ଏକେବାରେ ବନ୍ଦ । ହୃତ୍‌ପିଣ୍ଡ ନିଶ୍ଚଳ, ନୀରବ । କୌଣସି ନାଡ଼ି ଚାଲୁ ନ ଥାଏ । ରକ୍ତସଞ୍ଚାଳନ କ୍ରିୟା ସଂପୂର୍ଣ୍ଣରୂପେ ବନ୍ଦ । ସମସ୍ତ ଶରୀରରେ ପ୍ରାଣର କୌଣସି କ୍ରିୟା ବା ଚିହ୍ନ ବି ନ ଥିଲା । ଚନ୍ଦ୍ରମୋହନ ଅତ୍ୟନ୍ତ ବିସ୍ମିତ ହୋଇ ପଡ଼ିଲେ । ସେ ଅବାକ୍ ହୋଇ କେବଳ ଚାହିଁ ରହିଲେ ।

ଯୋଗିରାଜ କହିଲେ, ''ଚନ୍ଦ୍ରମୋହନ, ସ୍ଥୂଳ ଜଗତର ଜ୍ଞାନ ପରେ ସୂକ୍ଷ୍ମ ଜଗତର ବହୁତ ତତ୍ତ୍ୱ ଏବଂ ତଥ୍ୟ ରହିଛି । ତାହା କେବଳ ଯୋଗ ଦ୍ୱାରା ଜ୍ଞାତ ହୁଏ । ଆଧୁନିକ ବିଜ୍ଞାନ ନିଜର ସୀମିତ ଜ୍ଞାନରେ ସେହି ସୂକ୍ଷ୍ମ ଜଗତରେ ପହଞ୍ଚିବା ସମ୍ଭବ ନୁହେଁ ।''

ସେହି ଦିନରୁ ଚନ୍ଦ୍ରମୋହନଙ୍କର ଯୋଗିରାଜଙ୍କ ପ୍ରତି ପ୍ରଗାଢ଼ ଶ୍ରଦ୍ଧା ହେଲା । ସେ ପରେ ଜଣେ ଉତ୍ତମ ଚିକିତ୍ସକ ହେଲେ ଏବଂ ଅଧ୍ୟାତ୍ମ ମାର୍ଗର ପଥଯାତ୍ରୀ ହେବାକୁ ଆରମ୍ଭ କଲେ ।

ଯୋଗିରାଜଙ୍କ ଫଟୋଗ୍ରାଫ୍

ଯୋଗିରାଜ କେବେ ନିଜ ଫଟୋ ଉଠାଇବାକୁ ରାଜୀ ହେଉ ନ ଥିଲେ । ଥରେ ତାଙ୍କର ବହୁ ଭକ୍ତ-ଶିଷ୍ୟ ବହୁତ ଅନୁନୟ-ବିନୟପୂର୍ବକ ତାଙ୍କ ଫଟୋ ଉଠାଇବାକୁ ପ୍ରାର୍ଥନା କଲେ । ସେମାନଙ୍କ ଆଗ୍ରହରେ ଯୋଗିରାଜ ରାଜୀ ହୋଇଗଲେ । କାଶୀର ପ୍ରସିଦ୍ଧ ଫଟୋଗ୍ରାଫର ଗଙ୍ଗାଧରଙ୍କୁ ଡକାହେଲା । ସେସମୟରେ ତାଙ୍କ ପାଖରେ ଯେଉଁ କ୍ୟାମେରାସବୁ ଥିଲା ସେଥିମଧ୍ୟରୁ ସବୁଠାରୁ ଭଲ କ୍ୟାମେରା ନେଇ ସେ ଯୋଗିରାଜଙ୍କ ପାଖରେ ପହଞ୍ଚିଲେ । ଭକ୍ତ-ଶିଷ୍ୟମାନେ ଫଟୋ ଉଠାଇବା ସକାଶେ ପ୍ରାର୍ଥନା କଲେ । ଯୋଗିରାଜ କୌତୂହଳରେ ଯାଇ ଫଟୋ ଉଠାଇବା କ୍ୟାମେରା ଦେଖି ଗଙ୍ଗାଧରଙ୍କୁ ବହୁତ ପ୍ରଶଂସା କଲେ । ଗଙ୍ଗାଧର କ୍ୟାମେରା ଖୋଲି ଗୋଟି ଗୋଟି ଅଂଶ ବିଷୟରେ ଯୋଗିରାଜଙ୍କୁ ବୁଝାଇଦେଲେ ଏବଂ କ୍ୟାମେରା ଠିକ୍ କରି ଯୋଗିରାଜଙ୍କ ଫଟୋ ନେବାର ତୟାରି କଲେ । ଫଟୋଗ୍ରାଫର କହିବା ଅନୁସାରେ ଯୋଗିରାଜ କ୍ୟାମେରା ସମ୍ମୁଖରେ ଛିଡ଼ା ହେଲେ । କିନ୍ତୁ ଯୋଗିରାଜଙ୍କ ପ୍ରତିଚ୍ଛବି କ୍ୟାମେରାରେ ଦେଖାଗଲା ନାହିଁ । କ୍ୟାମେରାରେ କିଛି ଖରାପ ଥିବ, ଏହା ଅନୁମାନ କରି ଗଙ୍ଗାଧର କ୍ୟାମେରା ଖୋଲି ଗୋଟି ଗୋଟି କରି ସବୁ ଅଂଶ ଦେଖିଲେ । କିନ୍ତୁ ସବୁ ଠିକ୍ ଥିଲା । ପୁନରାୟ ଯୋଗିରାଜଙ୍କ ଫଟୋ ନେବା ସମୟରେ ଯୋଗିରାଜଙ୍କ ପ୍ରତିରୂପ ଦେଖାଗଲା ନାହିଁ । ଗଙ୍ଗାଧର ବିସ୍ମିତ ହୋଇ ଅନ୍ୟମାନଙ୍କୁ କ୍ୟାମେରା ସମ୍ମୁଖରେ ଛିଡ଼ା କରାଇଲେ । ସେମାନଙ୍କ ପ୍ରତିଚ୍ଛବି ଅତ୍ୟନ୍ତ ସ୍ପଷ୍ଟଭାବେ ଦେଖାଯାଉଥିଲା ।

ଫଟୋଗ୍ରାଫର ତଥା ଉପସ୍ଥିତ ଭକ୍ତ ଓ ଶିଷ୍ୟମାନେ ଯୋଗିରାଜଙ୍କ ଯୋଗଲୀଳା ଜାଣି ପାରି ଯୋଗିରାଜଙ୍କୁ ପ୍ରାର୍ଥନା କଲେ । ସେ ମନ୍ଦହାସ୍ୟରେ ଫଟୋଗ୍ରାଫର୍‌ଙ୍କୁ କହିଲେ, ''କୁହ ତ ତୁମ ବିଜ୍ଞାନ କ'ଣ କହୁଛି ?'' ଫଟୋଗ୍ରାଫର୍ ଉତ୍ତର ଦେଲେ,''ବିଜ୍ଞାନ ପାତାଳକୁ ଯାଉ, ଆପଣ କୃପା କରନ୍ତୁ, ମୁଁ ଆପଣଙ୍କ ଫଟୋ ଯେପରି ଉଠାଇପାରେ । ଆପଣଙ୍କ ଭକ୍ତମାନଙ୍କର ମନସ୍କାମନା ମଧ୍ୟ ପୂର୍ଣ୍ଣ ହେଉ । ଆପଣ କୃପା କରନ୍ତୁ ।''

ଲାହିଡ଼ି ମହାଶୟ ମନ୍ଦହାସ୍ୟରେ ମୌନ ସମ୍ମତି ଦେଇ ବସିଗଲେ । ଫଟୋଗ୍ରାଫର୍ ଏକେବାରେ ଆଶ୍ଚର୍ଯ୍ୟ ହୋଇଗଲେ । ଲାହିଡ଼ି ମହାଶୟଙ୍କର ପ୍ରତିଚ୍ଛବି ସ୍ପଷ୍ଟରୂପେ କ୍ୟାମେରାରେ ପ୍ରତିଫଳିତ ହୋଇଗଲା । ଫଟୋଗ୍ରାଫର ଅନ୍ୟମାନଙ୍କୁ ମଧ୍ୟ ଦେଖାଇଲେ । ଫଟୋ ଉଠା ହେଲା । ସେହି ଦିନର ଫଟୋର ବହୁଳ ପ୍ରଚାର ହେଲା ତଥା ତୈଳଚିତ୍ର ମଧ୍ୟ କରାହେଲା ।

ବିଶ୍ୱଚେତନା ସହିତ ଏକାତ୍ମତା

ସାଧନାବିହୀନ ପଣ୍ଡିତମାନଙ୍କ ନିଃସାର ଧର୍ମାଲୋଚନାରେ ଯୋଗିରାଜ କେବେ ବି ଆଗ୍ରହ ଦେଖାଉ ନ ଥିଲେ । ଆସନ, ମୁଦ୍ରା, ପ୍ରାଣାୟାମ ଏବଂ ଧ୍ୟାନ ଆଦି ଯୌଗିକ କ୍ରିୟାରେ ସେ ଅଧିକ ଜୋର୍ ଦେଉଥିଲେ । ଶିଷ୍ୟ-ଭକ୍ତମାନଙ୍କୁ ବରାବର ଉପଦେଶ ଦେଉଥିଲେ, ''ଧ୍ୟାନାଲୋକର ପ୍ରତ୍ୟକ୍ଷ ଅନୁଭୂତିର ଆସ୍ୱାଦନ କର ତଥା ପରମାତ୍ମାଙ୍କ ଦର୍ଶନ କର ।'' ଯେଉଁ ଇନ୍ଦ୍ରିୟାତୀତ ଚେତନାରେ ସେ ନିବାସ କରୁଥିଲେ, ଶିଷ୍ୟଭକ୍ତମାନଙ୍କୁ ସେହି ରହସ୍ୟ ଉଦ୍‌ଘାଟନ କରିବାରେ ସର୍ବଦା ସେ ସାହାଯ୍ୟ କରୁଥିଲେ । ଗୁରୁଦେବଙ୍କ କୃପା ତଥା ତାଙ୍କର ନିଜସ୍ୱ ଅନୁଭୂତି ଶିଷ୍ୟ-ଭକ୍ତମାନଙ୍କ ହୃଦୟରେ ଅଧ୍ୟାତ୍ମ ଚେତନା ଜାଗ୍ରତ୍ କରି ଦେଉଥାଏ ।

ଦିନେ ଯୋଗିରାଜ ଭକ୍ତ-ଶିଷ୍ୟମଣ୍ଡଳୀରେ ବସିଥିଲେ । କଥାବାର୍ତ୍ତା ପ୍ରସଙ୍ଗରେ ଗୀତାର କେତେକ ଶ୍ଲୋକ

ବ୍ୟାଖ୍ୟା କରୁ କରୁ ହଠାତ୍ ବନ୍ଦ ହୋଇଗଲେ । କେବଳ ଏତିକି କହିଲେ, ''ତୁମେ ସମସ୍ତେ ନୀରବ ହୁଅ । ମୁଁ ଅନୁଭବ କରୁଛି ବହୁତ ନରନାରୀଙ୍କ ଚେତନା ଏବଂ ଜୀବନ ସହିତ ଜଡ଼ିତ ହୋଇ ମୁଁ ଜାପାନର ସମୁଦ୍ରରେ ବୁଡ଼ି ମରୁଅଛି ।'' ଉପସ୍ଥିତ ଭକ୍ତମାନେ ଭୟ ଏବଂ ବିସ୍ମୟରେ ନିସ୍ତବ୍ଧ ହୋଇଗଲେ । କିଛି ସମୟ ପରେ ଦେଖାଗଲା ଯୋଗିରାଜ ଧୀରେ ଧୀରେ ସ୍ୱାଭାବିକ ଅବସ୍ଥାକୁ ପ୍ରାପ୍ତ ହେଉଛନ୍ତି ।

ତା' ପରଦିନ ଶିଷ୍ୟମାନେ ଖବର କାଗଜରୁ ପଢ଼ିଲେ, ''ଜାପାନ ଯାଉଥିବା ଏକ ଯାତ୍ରିଜାହାଜ ସମୁଦ୍ର କୂଳ ନିକଟରେ ବୁଡ଼ିଗଲା । ସେହି ଦୁର୍ଘଟଣାରେ ବହୁତ ଯାତ୍ରୀ ପ୍ରାଣ ହରାଇଛନ୍ତି ।'' ଶିଷ୍ୟମାନେ ଅନୁମାନ କଲେ ଯୋଗିରାଜଙ୍କ ଚେତନା ବିଶ୍ୱଚେତନା ସହ ଏକ ହୋଇଯାଇଛି ।

ଯୋଗିରାଜ ଶ୍ୟାମାଚରଣଙ୍କ ଦ୍ୱାରା ପ୍ରଚାରିତ ଯୋଗ ସାଧନାରେ ସଂସାର-କର୍ମ ତ୍ୟାଗ କରିବା ସକାଶେ ସାଧକମାନଙ୍କୁ କୁହାଯାଉ ନ ଥିଲା । ଗାର୍ହସ୍ଥ୍ୟାଶ୍ରମରେ ରହିଥିବା ବ୍ୟକ୍ତି ମଧ୍ୟରେ ଯୋଗସାଧନାର ପ୍ରଚାର କରିବା ପାଇଁ ଯୋଗିରାଜଙ୍କୁ ତାଙ୍କ ଗୁରୁଦେବଙ୍କର ଆଦେଶ ଥିଲା । ଏହି କାରଣରୁ ତାଙ୍କ ଶିଷ୍ୟମାନେ ଯେବେ ଆସି କହୁଥିଲେ, ''ସମୟର ଅଭାବ, ଅର୍ଥର ଅସୁବିଧା, ପରିବାରରେ ଅସାମଞ୍ଜସ୍ୟ ଆଦି ନାନା ପ୍ରତିକୂଳ ଅବସ୍ଥା ଯୋଗୁଁ ଆମ୍ଭେମାନେ ସାଧନା କରିବାକୁ ସୁବିଧା ପାଉ ନାହୁଁ ।'' ସେତେବେଳେ ଯୋଗିରାଜ ଏକଥା ଶୁଣି ହସି ଉଡ଼େଇ ଦେଉଥିଲେ । ସେ ସ୍ୱୟଂ ଗୃହସ୍ଥାଶ୍ରମରେ ରହି ବହୁ ଦିନ ଚାକିରି କରି ଯୋଗସାଧନା କରିଥିଲେ ।

ଯୋଗିରାଜ ଗୃହସ୍ଥାଶ୍ରମରେ ରହି ସ୍ତ୍ରୀ, ପୁତ୍ରର ଭରଣପୋଷଣରୁ ଆରମ୍ଭ କରି ଜନକଲ୍ୟାଣ ସକାଶେ ଶିକ୍ଷାସଂସ୍ଥା ସ୍ଥାପନା ଇତ୍ୟାଦି କର୍ମ କରିଥିଲେ । ସାଧନା କରିବା ସମୟରେ କର୍ମତତ୍ପରତାରେ କେବେ ବି ତ୍ରୁଟି କରି ନ ଥିଲେ । ଗୃହସ୍ଥାଶ୍ରମରେ ରହି ସାଧନା କରିବାର ଉପଦେଶ ସବୁ ଲୋକଙ୍କୁ ଦେଉଥିଲେ । ତାଙ୍କରି ନିର୍ଦ୍ଦେଶିତ ଯୋଗମାର୍ଗରେ ବହୁତ ଲୋକ ଯୋଗର ଉଚ୍ଚ ଅବସ୍ଥାକୁ ପ୍ରାପ୍ତ ହୋଇଥିଲେ । ଯେକୌଣସି ସଂପ୍ରଦାୟର ବ୍ୟକ୍ତି ସ୍ୱସଂପ୍ରଦାୟ ବା ଗୁରୁପରମ୍ପରାକୁ ତ୍ୟାଗ ନ କରି ଯୋଗିରାଜଙ୍କ ଯୋଗପ୍ରଣାଳୀ ଗ୍ରହଣ କରି ପାରୁଥିଲେ ।

ଶେଷ ସମୟ

ଯୋଗିରାଜଙ୍କ ଜୀବନଯାତ୍ରା ସମାପ୍ତ ହେବାର ସମୟ ଆସିଗଲା । ମହାପ୍ରୟାଣର ଛ'ମାସ ପୂର୍ବରୁ ଦିନେ ନିଜ ପତ୍ନୀ କାଶୀମଣିଙ୍କୁ ଡାକି କହିଲେ, ''ମୋର ଶରୀରତ୍ୟାଗ କରିବାର ସମୟ ନିକଟ ହୋଇଗଲା । ତୁମ୍ଭେମାନେ ମୋ ସକାଶେ ଶୋକ କରିବ ନାହିଁ ।'' ଏହାଛଡ଼ା ଶରୀରତ୍ୟାଗର ଦୁଇ, ତିନି ମାସ ପୂର୍ବରୁ କେଇଜଣ ଅନ୍ତରଙ୍ଗ ଭକ୍ତଙ୍କୁ ମଧ୍ୟ ଏ ବିଷୟ କହିଥିଲେ । ତା'ପରେ ସେ ଗୋଟିଏ ବିଷାକ୍ତ ଘା'ରେ ପୀଡ଼ିତ ହୋଇ ଶରୀର ତ୍ୟାଗ କଲେ ।

ଯୋଗିରାଜଙ୍କ ଦେହତ୍ୟାଗ ପୂର୍ବରୁ ତାଙ୍କର ଜଣେ ବିରକ୍ତ ଶିଷ୍ୟ ସ୍ୱାମୀ ପ୍ରଣବାନନ୍ଦଜି କାଶୀଠାରୁ ଦୂରରେ ରହୁଥିଲେ । ଗୁରୁଦେବଙ୍କ ଅନ୍ତିମ ଅବସ୍ଥାର ଖବର ପାଇ ସେ ଅତ୍ୟନ୍ତ ଉଦ୍‌ବିଗ୍ନ ହୋଇ କାଶୀକୁ ଆସିବା ନିମନ୍ତେ ତତ୍ପର ହେବାକୁ ଲାଗିଲେ । ସେହି ସମୟରେ ଯୋଗିରାଜଙ୍କର ଗୋଟିଏ ଦିବ୍ୟଶରୀର ତାଙ୍କ ସମ୍ମୁଖରେ ପ୍ରକଟ ହୋଇ ତାଙ୍କୁ କହିଲେ, ''ପ୍ରଣବାନନ୍ଦ, କାଶୀ ଯିବା ସକାଶେ ଏତେ ବ୍ୟଗ୍ର ହେଉଛୁ କାହିଁକି ? ସେଠାରେ ମୋତେ ଦେଖି ପାରିବୁ ନାହିଁ । ସେଠାରେ ତୁ ପହଞ୍ଚିବା ପୂର୍ବରୁ ମୋର ଦେହାନ୍ତ ହୋଇ ଯାଇଥିବ ।'' ଶିଷ୍ୟ ପ୍ରଣବାନନ୍ଦ ଶୋକବିହ୍ୱଳ ହୋଇ କାନ୍ଦିବାକୁ ଲାଗିଲେ । କୃପାମୂର୍ତ୍ତି ଯୋଗିରାଜ ତାଙ୍କୁ ଅଭୟଦାନ ଦେଇ କହିଲେ, ''ଏ କ'ଣ ! ଭୟ କେଉଁ ସକାଶେ ? କାନ୍ଦୁଛୁ କାହିଁକି ? ମୁଁ ତୋ ସଙ୍ଗେ ସଙ୍ଗେ ବରାବର ରହିଛି । ଦେହତ୍ୟାଗ କରିବା ପରେ ବି ତୁମ୍ଭମାନଙ୍କ ଆବଶ୍ୟକତାନୁସାରେ ଦେଖା ଦେଉଥିବି ।''

ଯୋଗୀ ଶ୍ୟାମାଚରଣଜିଙ୍କ ଅନ୍ୟତମ ଶିଷ୍ୟ ସ୍ୱାମୀ କେଶବାନନ୍ଦଜି ହରିଦ୍ୱାରରେ ରହୁଥିଲେ । ଗୁରୁଦେବଙ୍କ ଶରୀର ତ୍ୟାଗର କେଇ ଦିନ ପୂର୍ବେ ସେ କୁଟିଆରେ ବସିଥିବା ସମୟରେ ହଠାତ୍ ତାଙ୍କ ସମ୍ମୁଖରେ ଗୁରୁଦେବଙ୍କ

ଜ୍ୟୋତିର୍ମୟ ସ୍ୱରୂପ ଉଦ୍ଭାସିତ ହୋଇଉଠିଲା ଏବଂ ତାଙ୍କୁ କହିଲେ, ''ବତ୍ସ, ତୁ ଶୀଘ୍ର କାଶୀ ଚାଲିଯା ।'' ଏତିକି କହି ସେହି ଜ୍ୟୋତିର୍ମୟ ମୂର୍ତ୍ତିଟି ଅଦୃଶ୍ୟ ହୋଇଗଲା । କେଶବାନନ୍ଦ ତତ୍କ୍ଷଣାତ୍ କାଶୀକୁ ଯାତ୍ରା କଲେ । କାଶୀରେ ପହଞ୍ଚି ଦେଖିଲେ ଗୁରୁଦେବଙ୍କ ଜୀବନଲୀଳାର ଶେଷ ଅବସ୍ଥା । ସେବାନିଷ୍ଠ ଶିଷ୍ୟ ଏବଂ ଭକ୍ତମାନେ ଦିନରାତି ତାଙ୍କୁ ଘେରି ରହୁଥିଲେ । ୧୮୯୫ ମସିହା ସେପ୍ଟେମ୍ବର ୨୬ ତାରିଖରେ ଯୋଗିରାଜଙ୍କୁ ଘେରି ତାଙ୍କ କକ୍ଷରେ ତାଙ୍କର କେତେକ ଅନ୍ତରଙ୍ଗ ଶିଷ୍ୟ ଏବଂ ଭକ୍ତ ବସିଥିଲେ । ଅସୁସ୍ଥ ଅବସ୍ଥାରେହିଁ ସେ ଗୀତାର କେତେକ ଶ୍ଲୋକ ବ୍ୟାଖ୍ୟା କରୁଥିଲେ । କିଛିକ୍ଷଣ ପରେ ହଠାତ୍ ସେମାନଙ୍କ ଆଡ଼କୁ ଚାହିଁ ଶାନ୍ତ ସ୍ୱରରେ କହିଲେ, ''ମୋତେ ଏଥର ନିଜ ସ୍ଥାନକୁ ଫେରି ଯିବାକୁ ହେବ ।'' ଶୋକବିହ୍ୱଳ ଶିଷ୍ୟ ଏବଂ ଭକ୍ତଙ୍କ ଅଶ୍ରୁପୂର୍ଣ୍ଣ ଦୃଷ୍ଟି ସମ୍ମୁଖରେ ସେ ଧୀରେ ଧୀରେ ଉଠି ପଦ୍ମାସନ ଲଗାଇ ବସିଗଲେ । ସେହି ଅବସ୍ଥାରେ ସମାଧିସ୍ଥ ଯୋଗୀ ମହାପ୍ରୟାଣ କଲେ ।

ପୂର୍ଣ୍ଣ ସମାରୋହ ସହିତ ଯୋଗିରାଜଙ୍କ ନଶ୍ୱର ଶରୀରକୁ ଗଙ୍ଗାତଟ ମଣିକର୍ଣ୍ଣିକା ଘାଟରେ ଅଗ୍ନି ସଂସ୍କାର କରାହେଲା । ଗୁରୁଦେବଙ୍କ ଚିର ବିୟୋଗରେ ଶିଷ୍ୟଭକ୍ତଗଣ ଅଧୀର ହୋଇ ରୋଦନ କରୁଥିଲେ ।

ସେହି ସମୟରେ ଯୋଗିରାଜଙ୍କ ତିନି ଜଣ ଶିଷ୍ୟ ଭିନ୍ନ ଭିନ୍ନ ସ୍ଥାନରେ ଏକହି ସମୟରେ ଗୁରୁଦେବଙ୍କ ଦିବ୍ୟ ମୂର୍ତ୍ତିକୁ ପ୍ରତ୍ୟକ୍ଷ ଦର୍ଶନ କରିଥିଲେ । ଜୀବନ ଏବଂ ମୃତ୍ୟୁର ଦୁର୍ଲଙ୍ଘ୍ୟ ବ୍ୟବଧାନକୁ ଦୂର କରି ଶକ୍ତିଶାଳୀ ମହାଯୋଗୀ ଅମୃତଲୋକର ବିସ୍ମୟକର ଚିତ୍ର ନିଜ ଭକ୍ତ ତଥା ଶିଷ୍ୟଙ୍କ ସମକ୍ଷରେ ଉଦ୍‌ଘାଟିତ କରିଗଲେ ।

ଦ୍ରୋଣଗିରିର ଗୋଟିଏ ପର୍ବତଗୁମ୍ଫାରେ ବାବାଜି ମହାରାଜଙ୍କ ଯୋଗସାଧନାର ବୀଜ ଶ୍ୟାମାଚରଣଙ୍କ ହୃଦୟରେ ରୋପଣ କରାହେଲା ଏବଂ ଶକ୍ତିର ସଞ୍ଚାର କରାହେଲା । ତାଙ୍କରି ଉତ୍ତରାଧିକାରିରୂପେ ଯୋଗିରାଜ ଶ୍ୟାମାଚରଣ ଗାର୍ହସ୍ଥ୍ୟ ଜୀବନ ତଥା ଗୃହତ୍ୟାଗୀ ସଙ୍ଘମାନଙ୍କ ଜୀବନରେ ଯୋଗବିଭୂତି ବିସ୍ତାର କରିଥିଲେ । ତାଙ୍କରି କୃପାରୁ କେତେ ନରନାରୀ ଦୁଃଖକଷ୍ଟ, ଜନ୍ମମରଣ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ପରମପଦ ଲାଭ କରିଥିଲେ ।

ବୋଲ ଭକ୍ତ ଏବଂ ଭଗବାନଙ୍କର ଜୟ ।

ଶ୍ରୀ ତ୍ରୈଲଙ୍ଗ ସ୍ୱାମୀ

ଶ୍ରୀ ତ୍ରୈଲଙ୍ଗ ସ୍ୱାମୀ ଉତ୍ତର ଭାରତରେ ପ୍ରସିଦ୍ଧ ସିଦ୍ଧ ସନ୍ଥ, ମହାପୁରୁଷ ନାମରେ ପ୍ରଖ୍ୟାତ ଥିଲେ । ତାଙ୍କ ଜୀବନର ଶେଷ ଦେଢ଼ ଶହ ବର୍ଷ ସେ କାଶୀରେ ବାସ କରିଥିବାରୁ କେବଳ ଉତ୍ତର ଭାରତ ନୁହେଁ ସମଗ୍ର ଦେଶରେ ସେ ପରିଚିତ ଥିଲେ । ଦକ୍ଷିଣ ଭାରତର ଆନ୍ଧ୍ର ପ୍ରଦେଶରୁ ଆସିଥିବାରୁ ସେ ତ୍ରୈଲଙ୍ଗ ସ୍ୱାମୀ ନାମରେ ପରିଚିତ ଥିଲେ ।

ଆନ୍ଧ୍ର ପ୍ରଦେଶର ଭୀଜିଆନା ତାଲୁକ ହୋଲିଆ ନାମକ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ନରସିଂହ ରାଓ, ମାତାଙ୍କ ନାମ ଥିଲା ବିଦ୍ୟାବତୀ । ପିତାମାତା ଉଭୟେ ଧର୍ମପରାୟଣ ଥିଲେ, ସାଧୁସନ୍ଥଙ୍କୁ ସେବା କରୁଥିଲେ । ଅତିଥି-ଅଭ୍ୟାଗତ ତାଙ୍କ ଘରୁ ବିମୁଖରେ ଫେରୁ ନ ଥିଲେ । ପ୍ରାଣୀ ମାତ୍ରକେ ତାଙ୍କର ଦୟା ଥିଲା । ତାଙ୍କ କୁଳର ଇଷ୍ଟ ଦେବତା ଥିଲେ ଭଗବାନ୍ ଶଙ୍କର । ଗୃହ ନିକଟରେ ବିଶାଳ ଶିବଲିଙ୍ଗ ପ୍ରତିଷ୍ଠା ହୋଇଥିଲା । ବଂଶପରମ୍ପରାରୁ ଶିବପୂଜା ହୋଇଆସୁଥିଲା । କୁଟୁମ୍ବ ଚଳିବା ପକ୍ଷେ ଧନଧାନ୍ୟ କମ୍ ନ ଥିଲା । ଛୋଟ ପରିବାରଟି ସୁଖସ୍ୱଚ୍ଛନ୍ଦରେ ଚଳୁଥିଲେ । ସାଂସାରିକ ଦୃଷ୍ଟିରୁ କୌଣସି ଅଭାବ ନ ଥିଲା । ଅଭାବ ଥିଲା କୁଳରକ୍ଷା ସକାଶେ ଗୋଟିଏ ସନ୍ତାନର । ଯେଉଁ ପରିବାରରେ ସନ୍ତାନ ନ ଥାଏ, ଦୁଆରେ ଶିଶୁ ଖେଳେ ନାହିଁ, ସେ ଗୃହ ଫଳବିହୀନ ସୁନ୍ଦର ବୃକ୍ଷ ସଦୃଶ ଶୋଭା ପାଏ ନାହିଁ ବୋଲି ଗୃହିବ୍ୟକ୍ତି ଧାରଣା କରନ୍ତି ।

ନରସିଂହ ରାଓଙ୍କର ବିବାହ କରିବାର ବହୁତ ଦିନ ବ୍ୟତୀତ ହେବା ପରେ କୌଣସି ସନ୍ତାନସନ୍ତତି ନ ହେବାରୁ ସେ ପ୍ରଥମ ପତ୍ନୀ ବିଦ୍ୟାବତୀଙ୍କ ସମ୍ମତିରେ ଅନ୍ୟ ବିବାହ କଲେ । ବିଦ୍ୟାବତୀଙ୍କର ସପତ୍ନୀଙ୍କ ପ୍ରତି କୌଣସି ଈର୍ଷା ବା ବିରୋଧ ଭାବ ନ ଥିଲା । ସେ ତାଙ୍କୁ ଛୋଟ ଭଉଣୀ ସଦୃଶ ସ୍ନେହ ଶ୍ରଦ୍ଧା କରୁଥିଲେ । ସେଇଥିପାଇଁ ଗୃହରେ ପୂର୍ବବତ୍ ଶାନ୍ତି ବିଦ୍ୟମାନ ଥିଲା ।

ଶିବରାମଙ୍କ ଜନ୍ମ

ବିଦ୍ୟାବତୀ ପୂର୍ବପରି ନିୟମିତ ରୂପେ ଗୃହକାର୍ଯ୍ୟ ଏବଂ ପତିସେବା କରୁଥିଲେ । ତାଙ୍କର ଗୃହର ଇଷ୍ଟଦେବ ଶିବଙ୍କ ପ୍ରତି ଅନନ୍ୟ ଭକ୍ତି ଓ ନିଷ୍ଠା ଥିଲା । ସେ ଭକ୍ତିଭାବ ସହ ଶିବଙ୍କ ପୂଜା କରୁଥିଲେ । ଶିବଙ୍କ କୃପାରୁ ତାଙ୍କର ଗୋଟିଏ ସୁସନ୍ତାନ ପ୍ରାପ୍ତିର କାମନା ଥିଲା । ଶିବ ଅବଢ଼ର ଦାନୀ । ଆନ୍ତରିକତା ସହ ତାଙ୍କଠାରୁ ଯିଏ ଯାହା ଚାହେଁ ତାହା ପାଏ । ବିଦ୍ୟାବତୀଙ୍କ ଉପରେ ମହାଦାନୀ ଶିବଙ୍କର କୃପା ହେଲା । ତାଙ୍କ ଗର୍ଭରୁ ଗୋଟିଏ ସୁସନ୍ତାନ ଜନ୍ମ ଲାଭ କଲା । ନିଃସନ୍ତାନ ନରସିଂହ ରାଓଙ୍କର ଆନନ୍ଦର ସୀମା ରହିଲା ନାହିଁ । ସମସ୍ତ ପରିବାର ଆନନ୍ଦରେ ବିଭୋର ହୋଇଗଲେ । ଶିବଙ୍କ କୃପାରୁ ସନ୍ତାନଟିଏ ଉତ୍ପନ୍ନ ହୋଇଥିବାରୁ ତା'ର ନାମ ଶିବରାମ ରଖିଲେ । ଏହି ଶିଶୁ ଶିବରାମ ଭବିଷ୍ୟତରେ ତ୍ରୈଲଙ୍ଗ ସ୍ୱାମୀ ନାମରେ ପ୍ରସିଦ୍ଧ ହେଲେ । କିଛି ଦିନ ପରେ ନରସିଂହ ରାଓଙ୍କ କନିଷ୍ଠା ପତ୍ନୀଙ୍କ ଗର୍ଭରୁ ଗୋଟିଏ ପୁତ୍ର ଉତ୍ପନ୍ନ ହେଲା । ତା' ନାମ ରଖାହେଲା ଶ୍ରୀଧର ।

ବିଦ୍ୟାବତୀ ପ୍ରଥମରୁ ଶିବପୂଜା, ଆରାଧନା ତଥା ଭକ୍ତି କରୁଥିଲେ । ତାଙ୍କରି କୃପାରୁ ଶିବରାମ ଜନ୍ମହେବା ଦିନରୁ ତାଙ୍କ ଭକ୍ତି ଶିବଙ୍କ ଚରଣରେ ଆହୁରି ଦୃଢ଼ ହୋଇଗଲା । ସେ ପ୍ରସୂତିଶାଳାରୁ ବାହାରିବା ପରଠାରୁ ପୁନରାୟ ଶିବପୂଜା ଓ ଆରାଧନାରେ ଲାଗିପଡ଼ିଲେ ।

ଶିବଙ୍କ ଜ୍ୟୋତିଃ ପ୍ରବେଶ

ବିଦ୍ୟାବତୀ ଛୋଟ ଶିଶୁ ଶିବରାମକୁ ନେଇ ଶିବ ମନ୍ଦିର ଅଗଣାରେ ଶୁଆଇ ଦିଅନ୍ତି । ସେ ଗୋଡ଼ହାତ ହଲାଇ ଆନନ୍ଦରେ ଖେଳୁଥାଏ । ବିଦ୍ୟାବତୀ ଶିବପୂଜାରେ ଲାଗିପଡ଼ନ୍ତି । ଦିନେ ଗୋଟିଏ ଅଦ୍‌ଭୁତ ଘଟଣା ଘଟିଲା । ବିଦ୍ୟାବତୀ ଶିବପୂଜା ଶେଷ କରି ହାତ ଯୋଡ଼ି ପ୍ରାର୍ଥନା କଲେ ଏବଂ ପ୍ରଣାମ କରି ଉଠିବା ସମୟରେ ତାଙ୍କ ଆଖି ଜ୍ୟୋତିଃ ପ୍ରକାଶରେ ଝଲସି ଗଲା । ସେ ଦେଖିଲେ ଗୋଟିଏ ଜ୍ୟୋତିଷ୍‌ପୁଞ୍ଜ ଶିବଲିଙ୍ଗରୁ ବାହାରି ମନ୍ଦିରକୁ ଆଲୋକିତ କରିଦେଲା ଏବଂ ଶିଶୁ ଶିବରାମର ଶିରରେ ପ୍ରବେଶ କରିଗଲା । ଏହି ଦୃଶ୍ୟ ଦେଖି ବିଦ୍ୟାବତୀ ଅଜ୍ଞାତ ଆଶଙ୍କାରେ ଭୟଭୀତ ହୋଇଗଲେ । ଖେଳୁଥିବା ଶିଶୁ ଶିବରାମକୁ ଉଠାଇ କୋଳରେ ଧରି ଘରକୁ ଚାଲିଗଲେ । ତ୍ରାସିତ ସ୍ୱରରେ ପତିଦେବଙ୍କୁ ସମସ୍ତ ଘଟଣା କହିଦେଲେ ।

ନରସିଂହ ରାଓ ପତ୍ନୀ ବିଦ୍ୟାବତୀଙ୍କୁ ସାନ୍ତ୍ୱନା ଦେଇ ପ୍ରସନ୍ନତା ସ୍ୱରରେ କହିଲେ, ''ଭୟ କରିବାର କାରଣ ନାହିଁ । ଶିବଙ୍କ କୃପାରୁ ଶିବରାମ ଜନ୍ମ ହୋଇଛି । ଆଜି ଶିବଙ୍କ ଜ୍ୟୋତିଃ ବାଳକ ଶରୀରରେ ପ୍ରବେଶ କରି ଶିବଙ୍କ ସାକ୍ଷାତ୍ କୃପାର ସୂଚନା ଦେଇଅଛି ।

କ୍ରମଶଃ ଶିବରାମ ବଡ଼ ହୋଇ ଚାଲବୁଲ କରିବା ଓ ଖେଳାଖେଳି କରିବାର ଉପଯୁକ୍ତ ହୋଇଗଲେ । କିନ୍ତୁ ସେ ଖେଳୁ ନ ଥିଲେ । ଖେଳିବା ପ୍ରତି ଆଗ୍ରହ ଏକେବାରେ ନ ଥିଲା । ତାଙ୍କ ଅଗଣାରେ ଅନ୍ୟାନ୍ୟ ପିଲା ଖେଳୁଥିଲେ, କିନ୍ତୁ ସେ ଚୁପ୍‌ଚାପ୍ ଶାନ୍ତ ନୀରବରେ ଅଚଳ ରୂପେ ବସି ରହୁଥିଲେ ।

ମା' ବିଦ୍ୟାବତୀ ପୁତ୍ରର ଏପରି ନୀରବ ଓ ଉଦାସୀନ ଅବସ୍ଥା ଦେଖି ତାଙ୍କ ପୁତ୍ର ଗୋଟିଏ ଅଧ୍ୟାତ୍ମ ସାଧକ ହେବ ଭାବି ମନେ ମନେ ବହୁତ ଖୁସୀ ହେଉଥିଲେ । ଶିବରାମଙ୍କ ଶିଶୁ ଅବସ୍ଥାରେ ବିଦ୍ୟାଶିକ୍ଷାର କୌଣସି ଉଲ୍ଲେଖ ନାହିଁ । ହୋଇପାରେ, ଅଳ୍ପ ବିଦ୍ୟାଶିକ୍ଷା କରିଥିବେ । କାରଣ ଶିଶୁ ଅବସ୍ଥାଠାରୁ ନୀରବ, ନିଃସଙ୍ଗ ତଥା ଅନ୍ତର୍ମୁଖୀ ରହିବା ତାଙ୍କ ଜନ୍ମଗତ ସଂସ୍କାର ତଥା ସ୍ୱଭାବରେ ପରିଣତ ହୋଇଥିଲା ।

ମା'ଙ୍କଠାରୁ ଦୀକ୍ଷା

ପୁତ୍ରର ଏହି ଅବସ୍ଥାକୁ ମା' ବିଦ୍ୟାବତୀ ବହୁତ ପସନ୍ଦ କରୁଥିଲେ । ଦେଖୁ ଦେଖୁ ଶିବରାମଙ୍କ କିଶୋର ଅବସ୍ଥା ପ୍ରାପ୍ତ ହେଲା । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ତାଙ୍କ ବୈରାଗ୍ୟ ଏବଂ ନିଃସ୍ପୃହତା ବଢୁଥିଲା, ପୁତ୍ର ଶିବରାମଙ୍କ ସଂସାରବିମୁଖତା ସ୍ପଷ୍ଟ ରୂପେ ପ୍ରକାଶିତ ହେବାରୁ ଜନନୀ ବିଦ୍ୟାବତୀ ବହୁତ ଖୁସୀ ହେଲେ । ଭବିଷ୍ୟତରେ ତାଙ୍କ ପୁତ୍ର ଜଣେ ବୀତରାଗ ଅଧ୍ୟାତ୍ମ ସାଧକ ହେବ ବୋଲି ସେ ସ୍ପଷ୍ଟ ଅନୁମାନ କଲେ ଏବଂ ବିଶେଷ ପ୍ରସନ୍ନ ହୋଇ ପୁତ୍ରକୁ ଅଧ୍ୟାତ୍ମ ଦୀକ୍ଷା ବା ମନ୍ତ୍ରୋପଦେଶ ଦେଲେ ତଥା ତାଙ୍କୁ ସାଧନାରେ ଯାହାକିଛି ପ୍ରାପ୍ତ ହୋଇଥିଲା ସେ ସମସ୍ତ ଗୂଢ଼ ରହସ୍ୟ ପୁତ୍ରକୁ କହିଦେଲେ । ଜନ୍ମଗତ ବୈରାଗ୍ୟପ୍ରାପ୍ତ ପୁତ୍ର ନିଜ ଜନନୀଙ୍କଠାରୁ ଅଧ୍ୟାତ୍ମ ଶିକ୍ଷା ପାଇବାରୁ ତାଙ୍କର ଉପସ୍ଥିତ ସାଧନା ମାର୍ଗ ପରିଷ୍କାର ହୋଇଗଲା । ସେ ଅଧିକରୁ ଅଧିକ ଅନ୍ତର୍ମୁଖୀ ହୋଇ ଅଧ୍ୟାତ୍ମ ମାର୍ଗରେ ଅଗ୍ରସର ହେବାକୁ ଲାଗିଲେ । ନିଜ ଜନନୀ ଅଧ୍ୟାତ୍ମମାର୍ଗରେ ପ୍ରଥମ ପଥପ୍ରଦର୍ଶିକା ହେବାର ସୌଭାଗ୍ୟ ବହୁତ କମ୍ ସନ୍ତାନଙ୍କର ଜୀବନରେ ଘଟେ ।

ଶିବରାମଙ୍କ ବିବାହ ପ୍ରସ୍ତାବ

ସଂସାର ତଥା ଶରୀରର ନିୟମ ଅନୁସାରେ ଶିବରାମଙ୍କୁ ଯୌବନ ଅବସ୍ଥା ପ୍ରାପ୍ତ ହେଲା । ପିତା ନରସିଂହ ରାଓ ପୁତ୍ର ଶିବରାମଙ୍କର ନିଃସ୍ପୃହ ଅବସ୍ଥାରେ ଚିନ୍ତିତ ଥିଲେ । କିନ୍ତୁ ଯୌବନ ଅବସ୍ଥା ପ୍ରାପ୍ତ ହେବାରୁ କୁଳ ପରମ୍ପରା ତଥା

ସମାଜ ନିୟମ ଅନୁସାରେ କୁଳର ଜ୍ୟେଷ୍ଠ ପୁତ୍ରକୁ ବିବାହ ଦେବା ପିତାର ଅଲଙ୍ଘ୍ୟ କର୍ତ୍ତବ୍ୟ ବୋଲି ସେମାନେ ସେହି ସମୟରେ ଭାବୁଥିଲେ । ଏହି ନ୍ୟାୟରେ ପିତା ନରସିଂହ ରାଓ ପୁତ୍ର ଶିବରାମଙ୍କର ବିବାହ ସକାଶେ ଉତ୍ତମ ଗୁଣଶାଳୀ କନ୍ୟା ଖୋଜିବାକୁ ନିଜ ମିତ୍ରମାନଙ୍କୁ କହିଲେ ଏବଂ ସ୍ୱୟଂ ବି ଚେଷ୍ଟା କଲେ । ପୁତ୍ରର ବିବାହ ପ୍ରସ୍ତାବ ନିଜ ପତ୍ନୀ ବିଦ୍ୟାବତୀଙ୍କୁ କହିଲେ । ବିଦ୍ୟାବତୀ ନିଜ ପୁତ୍ରର ବୈରାଗ୍ୟ ସମ୍ବନ୍ଧେ ଯଦ୍ୟପି ପରିଚିତ ଥିଲେ ତଥାପି ପତିଙ୍କୁ କିଛି କହିଲେ ନାହିଁ । କ୍ରମଶଃ ଏହି ଖବର ପ୍ରସାର ହେବାରୁ ପୁତ୍ର ଶିବରାମ ବି ଶୁଣି ପାରିଲେ ।

ଶିବରାମଙ୍କର ପୂର୍ବଜନ୍ମର ଅଧ୍ୟାତ୍ମ ଜ୍ଞାନ ଜନ୍ମଗତ ସଂସ୍କାର ଥିଲା । ସଂସାର ମାୟା ମୋହ, ଅଜ୍ଞାନର ବନ୍ଧନ ତଥା ଦୁଃଖଦ୍ୱନ୍ଦ୍ୱର କାରଣ ବୋଲି ସେ ପୂର୍ବଜନ୍ମରେ ଅନୁଭବ କରିଥିଲେ ଏବଂ ତାହା ଅତିକ୍ରମ ମଧ୍ୟ କରିଥିଲେ । ଏହି କାରଣରୁ ତାଙ୍କର ସ୍ୱତଃସ୍ଫୂର୍ତ୍ତଭାବେ ବାଲ୍ୟାବସ୍ଥାରୁ ସଂସାର ପ୍ରତି ବୈରାଗ୍ୟ ଜନ୍ମିଥିଲା । ସେ ବିବାହ ପ୍ରସ୍ତାବ ଶୁଣିବା ମାତ୍ରେ ସ୍ପଷ୍ଟ, ନିଃସନ୍ଦିଗ୍ଧ ବାକ୍ୟରେ ବିବାହ ନ କରିବାକୁ କହିଦେଲେ । ଏଥିରେ ପିତା ନରସିଂହ ରାଓ ପୁତ୍ରକୁ ବୁଝେଇ ସୁଝେଇ ସ୍ୱୀକାର କରାଇ ନେବାକୁ ବହୁଚେଷ୍ଟା କଲେ । କିନ୍ତୁ ଶେଷରେ ନିରାଶ ହେବାକୁ ପଡ଼ିଲା । ଏଥିରେ ନରସିଂହ ରାଓ ଅଧିକ ଚିନ୍ତିତ ହୋଇପଡ଼ିଲେ । ସେ ଭାବିଲେ, ''ପୁତ୍ର ଶିବରାମ ସନ୍ନ୍ୟାସୀ ହୋଇ ଘରୁ ବାହାରି ଆମ୍ଭମାନଙ୍କୁ ଛାଡ଼ି ଚାଲିଯିବ ।'' ପତିଙ୍କୁ ଅଧିକ ଚିନ୍ତିତ ଦେଖି ବିଦ୍ୟାବତୀ କହିଲେ, ''ପତିଦେବ ସଂସାରକୁ ସମସ୍ତେ ଆସନ୍ତି ଏବଂ ନିଜ ନିଜ କର୍ମ ଅନୁସାରେ ପରସ୍ପରକୁ ପରିତ୍ୟାଗ କରି ଚାଲିଯାଆନ୍ତି । ଯଥାର୍ଥରେ କେହି କାହାର ପୁତ୍ର ନା କେହି କାହାର ପିତା ? ଏହା ତ ସଂସାରର ମାୟା । ପ୍ରତି ଜନ୍ମରେ ଏହିପରି ପରିବାର, ପିତା, ପୁତ୍ର ହେଉଥାଆନ୍ତି । କିନ୍ତୁ ଯେଉଁ କୁଳରେ ଗୋଟିଏ ସନ୍ତାନ ଭଗବତ୍ ଭକ୍ତ ହୁଏ, ତା' କୁଳ, ତା' ପିତାମାତା ସମସ୍ତେ କୃତାର୍ଥ ହୋଇଯାଆନ୍ତି । ଆମ୍ଭମାନଙ୍କ ଉପରେ ଭଗବାନ୍ ବହୁତ କୃପା କରି ଗୋଟିଏ ଭକ୍ତ ସନ୍ତାନ ଦେଇଛନ୍ତି । ପୁତ୍ରର ଅଧ୍ୟାତ୍ମ ମାର୍ଗରେ ଆମ୍ଭେମାନେ ବାଧା ଦେଇ ନିଜର ଏବଂ ପୁତ୍ରର ଅନିଷ୍ଟ କରିବା ଉଚିତ ନୁହେଁ ।'' ପତ୍ନୀଙ୍କର ଉପଦେଶପୂର୍ଣ୍ଣ ଯଥାର୍ଥ ବିନମ୍ର ବିନୀତ ପରାମର୍ଶ ବାକ୍ୟରେ ନରସିଂହ ରାଓଙ୍କର ମୋହ-ଆସକ୍ତିପୂର୍ଣ୍ଣ ଦୁଃଖ କିଛି ଅଂଶରେ କମ୍ ହେଲା । ସେ କହିଲେ, ''ତୁମ କହିବା ଯଥାର୍ଥ ଏବଂ ଯୁକ୍ତିଯୁକ୍ତ । ପୁତ୍ରସ୍ନେହବଶତଃ ଶିବରାମର ଅଧ୍ୟାତ୍ମ ସାଧନାମାର୍ଗରେ ଆମ୍ଭେମାନେ କଣ୍ଟକ ହେବା ନାହିଁ, କିନ୍ତୁ ତା'ଠାରେ ଆମ୍ଭମାନଙ୍କର ଗୋଟିଏ ଭିକ୍ଷା, ଆମ୍ଭେମାନେ ପିତାମାତା ଯେପର୍ଯ୍ୟନ୍ତ ବଞ୍ଚିଥିବା ସେ ପର୍ଯ୍ୟନ୍ତ ସେ ଗୃହରେ ରହି ସାଧନା କରୁ । ଆମ୍ଭେମାନେ ଗୃହକାର୍ଯ୍ୟ କରିବାକୁ କହିବା ନାହିଁ । ଆମ୍ଭମାନଙ୍କ ଶରୀର ତ୍ୟାଗ ପରେ ତା' ଇଚ୍ଛା ହେଲେ ସେ ଗୃହତ୍ୟାଗ କରି ଅନ୍ୟତ୍ର ଯାଇପାରେ ।'' ପତିଙ୍କ ଏହି ଉକ୍ତିକୁ ବିଦ୍ୟାବତୀ ମଧ୍ୟ ସମର୍ଥନ କଲେ । ଏହି ପ୍ରସ୍ତାବ ଶିବରାମଙ୍କୁ କୁହାହେଲା । ସେଥିରେ ଶିବରାମ ରାଜୀ ହୋଇ ପିତାମାତାଙ୍କ ଇଚ୍ଛାରେ ସମ୍ମତି ଦେଇ ଗୃହରେ ରହି ସାଧନା କଲେ ।

ଶିବରାମଙ୍କ ଗୃହତ୍ୟାଗ

ନରସିଂହ ରାଓ ଛୋଟ ପୁତ୍ରକୁ ବିବାହ କରିଦେଲେ । ତାଙ୍କ ଉପରେ ଘରର ଜଞ୍ଜାଳ ଆଉ ଅଧିକ ରହିଲା ନାହିଁ । ସେ ବି ପତ୍ନୀ ବିଦ୍ୟାବତୀ ତଥା ପୁତ୍ର ଶିବରାମର ଅଧ୍ୟାତ୍ମ ସାଧନାରେ ପ୍ରଭାବିତ ହୋଇ ସାଧନା କରିବାକୁ ଲାଗିଲେ ।

ଦିନ ଯିବାରେ ସମୟ ଲାଗେ ନାହିଁ । ଶିବରାମଙ୍କୁ ଚାଳିଶ ବର୍ଷ ବୟସରେ ପିତା ନରସିଂହ ରାଓ ଶରୀର ତ୍ୟାଗ କରି ପରଲୋକ ଗମନ କଲେ । ତାର ପ୍ରାୟ ବାର ବର୍ଷ ପରେ ମାତା ବିଦ୍ୟାବତୀ ଦେବୀ ମଧ୍ୟ ନଶ୍ୱର ଶରୀର ତ୍ୟାଗ କରି ସଂସାରରୁ ବିଦାୟ ନେଲେ । ପିତାମାତା ଉଭୟ ପରଲୋକ ଗମନ କରିବାରୁ ଶିବରାମଙ୍କ ଉପରେ ଗୃହର କୌଣସି ଲୌକିକ ବନ୍ଧନ ରହିଲା ନାହିଁ । ସେ ଗୃହ ତ୍ୟାଗ କରି ସେହି ଗ୍ରାମର ନଦୀକୂଳସ୍ଥିତ ଶ୍ମଶାନରେ ଗୋଟିଏ କୁଡ଼ିଆ କରି ସେଠାରେ ସାଧନାରତ ରହିଲେ । ଗୋଟିଏ ଦିଶାରେ ମୃତ ଶରୀର ଚିତା ଜଳୁଥାଏ, ଅନ୍ୟ ଦିଶାରେ ନଦୀ ପ୍ରବାହିତ ହେଉଥାଏ । ସେହି ଶ୍ମଶାନ କୁଟିରେ ଶିବରାମ କଠୋର ସାଧନାରେ ରତ ଥା'ନ୍ତି ।

ଯୋଗଦୀକ୍ଷା ଗ୍ରହଣ

ଯିଏ ଭଗବାନଙ୍କ ଉପରେ ଭରସା ରଖେ ତା'ର ରକ୍ଷା ଭଗବାନ୍ କରନ୍ତି ଏବଂ ତା'ର କଲ୍ୟାଣର ବିଧାନ ବି ସ୍ୱୟଂ କରନ୍ତି । ଶିବରାମଙ୍କର ଦୀର୍ଘ କୋଡ଼ିଏ ବର୍ଷ ତପସ୍ୟା ପରେ ଭଗବତ୍ ପ୍ରେରଣାରେ ଦିନେ ଅକସ୍ମାତ୍ ସ୍ୱାମୀ ଭଗୀରଥାନନ୍ଦ ସରସ୍ୱତୀ ଶିବରାମଙ୍କ କୁଟିରେ ପହଞ୍ଚିଲେ । ସ୍ୱାମୀ ଭଗୀରଥାନନ୍ଦ ସରସ୍ୱତୀ ପଞ୍ଜାବରେ ରହୁଥିଲେ । ଆକସ୍ମିକରୂପେ ସ୍ୱାମିଜିଙ୍କ ଉପସ୍ଥିତରେ ଶିବରାମଙ୍କୁ ବହୁତ ପ୍ରସନ୍ନତା ହେଲା । ସେ ତାଙ୍କୁ ତାଙ୍କର ପଥପ୍ରଦର୍ଶକ ବୋଲି ଅନୁଭବ କଲେ ଏବଂ ଯୋଗମାର୍ଗର ଗୁରୁ ରୂପେ ତାଙ୍କର ଶରଣାପନ୍ନ ହୋଇ ତାଙ୍କଠାରୁ ଯୋଗଦୀକ୍ଷା ଗ୍ରହଣ କଲେ ଏବଂ ହୋଲିଆ ଗ୍ରାମର ଶ୍ମଶାନକୁଟି ସବୁଦିନ ସକାଶେ ତ୍ୟାଗ କରି ତାଙ୍କ ସଙ୍ଗେ ଯାତ୍ରା କଲେ । ଶିବରାମ ଗୁରୁ ଭଗୀରଥାନନ୍ଦଙ୍କ ସଙ୍ଗେ ସାଧନାରେ ନିମଗ୍ନ ରହି ବହୁ ସ୍ଥାନ, ବହୁ ପ୍ରଦେଶ ଭ୍ରମଣ କରି ପୁଷ୍କର ତୀର୍ଥରେ ପହଞ୍ଚିଲେ ।

ସନ୍ନ୍ୟାସ ଦୀକ୍ଷା ଗ୍ରହଣ

ହୋଲିଆ ଗ୍ରାମର ଶ୍ମଶାନ କୁଟିରେ ଶିବରାମ ଭଗୀରଥାନନ୍ଦ ସ୍ୱାମୀଙ୍କଠାରୁ ଯୋଗଦୀକ୍ଷା ଗ୍ରହଣ କରିଥିଲେ ଏବଂ ତାଙ୍କର ୭୮ ବର୍ଷ ବୟସରେ ସେ ପୁଷ୍କର ତୀର୍ଥରେ ଗୁରୁଦେବଙ୍କଠାରୁ ସନ୍ନ୍ୟାସୀ ଦୀକ୍ଷା ନେଲେ । ତାଙ୍କର ସନ୍ନ୍ୟାସ ନାମ ହେଲା ଗଣପତି ସରସ୍ୱତୀ । କିନ୍ତୁ ବହୁତ ବର୍ଷ ପରେ ସେହି ଗଣପତି ସରସ୍ୱତୀ କାଶୀବାସୀଙ୍କ ଦ୍ୱାରା ତ୍ରୈଲଙ୍ଗ ସ୍ୱାମୀ ନାମରେ ପ୍ରସିଦ୍ଧ ହୋଇଥିଲେ । ଗଣପତି ସ୍ୱାମୀ ସନ୍ନ୍ୟାସୀ ଗ୍ରହଣ କରିବା ଦିନଠାରୁ ଗଭୀର ସାଧନାରେ ଡୁବି ରହିଲେ । କିଛି ବର୍ଷ ପରେ ଗୁରୁ ଭଗୀରଥ ସ୍ୱାମୀ ସେହି ପୁଷ୍କର ତୀର୍ଥରେ ସ୍ଥୂଳ ଶରୀର ତ୍ୟାଗ କରି ପରମପଦକୁ ପ୍ରାପ୍ତ ହେଲେ । ଗଣପତି ସ୍ୱାମୀ ଗୁରୁଦେବଙ୍କ ସ୍ଥୂଳ ଶରୀର ସଚ୍ଚମାନଙ୍କ ପ୍ରଣାଳୀ ଅନୁସାରେ ସଂସ୍କାର କଲେ । ଏବଂ ସେହିଠାରେ ପ୍ରାୟ ୧୦ ବର୍ଷ ସାଧନା କରିବା ପରେ ୮୮ ବର୍ଷ ବୟସରେ ପୁଷ୍କର ତୀର୍ଥ ତ୍ୟାଗ କରି ଭାରତର ଅନ୍ୟାନ୍ୟ ତୀର୍ଥ ପର୍ଯ୍ୟଟନ କରିବାକୁ ବାହାରିଲେ । ୮୮ ବର୍ଷ ବୟସରେ ତାଙ୍କ ଶରୀରରେ କୌଣସି ପ୍ରକାର ବୃଦ୍ଧତ୍ୱର ଚିହ୍ନ ଦେଖାଯାଉ ନ ଥିଲା ।

ମୃତକୁ ଜୀବଦାନ

ଯୋଗୀ ଗଣପତି ସରସ୍ୱତୀ ବହୁ ସ୍ଥାନ ଭ୍ରମଣ କରି ମନ ମୌଜରେ ବହୁ ସ୍ଥାନରେ ରହିବା ପରେ ସେତୁବନ୍ଧ ରାମେଶ୍ୱରରେ ପହଞ୍ଚିଲେ । ସେଦିନ ସେଠାରେ କୌଣସି ଶୁଭଦିନ ଯୋଗୁଁ ବହୁତ ବ୍ୟକ୍ତି ଏକତ୍ରିତ ହୋଇଥିଲେ । ସେହି ସ୍ଥାନରେ ଗୋଟିଏ ବ୍ରାହ୍ମଣ ସନ୍ତାନର ମୃତ୍ୟୁ ଯୋଗୁଁ ଶବସଂସ୍କାରର ତିଆର ହେଉଥାଏ । କିନ୍ତୁ ମୃତ ସନ୍ତାନର ପିତାମାତା ତଥା ଅନ୍ୟ ସମ୍ବନ୍ଧୀମାନଙ୍କର କରୁଣ କ୍ରନ୍ଦନରେ ସେ ସ୍ଥାନର ବାତାବରଣ ଶୋକରେ ପରିପୂର୍ଣ୍ଣ ହୋଇଥାଏ । ସେହି ସ୍ଥାନ ଦେଇ ତେଜଃପୁଞ୍ଜବିଶିଷ୍ଟ, ପ୍ରସନ୍ନବଦନଯୁକ୍ତ ଜଣେ ବିଶାଳକାୟ ସନ୍ନ୍ୟାସୀ ଦଣ୍ଡ କମଣ୍ଡଳୁ ହସ୍ତରେ ନେଇ ଯାଉଥାଆନ୍ତି । ମୃତ ସନ୍ତାନର ପିତାମାତା ତଥା ଅନ୍ୟମାନଙ୍କର ଉଚ୍ଚ କରୁଣ କ୍ରନ୍ଦନ ସ୍ୱର ସନ୍ନ୍ୟାସୀଙ୍କ ଦୟାପୂର୍ଣ୍ଣ ହୃଦୟକୁ ଦ୍ରବୀଭୂତ କରିଦେଲା । ସେ ଜନସମୂହ ମଧ୍ୟରେ ପ୍ରବେଶ କରି ଶବ ସମୀପରେ ରୋଦନ କରୁଥିବା ବ୍ୟକ୍ତିଙ୍କ ପାଖରେ ପହଞ୍ଚିଲେ । ଆକସ୍ମିକଭାବେ ତେଜଃପୁଞ୍ଜଯୁକ୍ତ ସନ୍ନ୍ୟାସୀଙ୍କୁ ଦେଖି ରୋଦନ କରୁଥିବା ପିତାମାତାଙ୍କ ରୋଦନ ଆହୁରି ବଢ଼ିଗଲା । ସେମାନେ ସନ୍ନ୍ୟାସୀଙ୍କ ଚରଣ ଧରି ପଡ଼ିଗଲେ । ଦୟାଳୁ ସନ୍ନ୍ୟାସୀ କିଛି ନ କହି କମଣ୍ଡଳୁର କିଛି ଜଳ ହାତରେ ନେଇ ଅସ୍ପଷ୍ଟ ସ୍ୱରରେ ଶବ୍ଦ ଉଚ୍ଚାରଣ କରି ମୃତ ଶବ ଉପରେ ସିଞ୍ଚି ଦେଲେ । ଜଳ ମୃତ ଶରୀରରେ ପଡ଼ିବା ମାତ୍ରେ ସେ ଧୀରେ ଧୀରେ ଆଖି ଖୋଲିବାକୁ ଲାଗିଲା ଏବଂ ତା' ଶ୍ୱାସ ପ୍ରଶ୍ୱାସ ପ୍ରବାହିତ ହେଲା । ଏହି ପ୍ରତ୍ୟକ୍ଷ ଘଟଣା ଘଟିଲା ହଜାର

ହଜାର ଲୋକଙ୍କ ସମ୍ମୁଖରେ । ମୃତ ବ୍ୟକ୍ତିର ପିତାମାତା ତଥା ବନ୍ଧୁବାନ୍ଧବଙ୍କର ଆନନ୍ଦ ତଥା ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସମସ୍ତ ଦର୍ଶନାର୍ଥୀ କିମ୍ଭୃତକିମାକାର ହୋଇ ଚିତ୍ରପ୍ରତିମା ସଦୃଶ ନିଶ୍ଚଳ, ନୀରବ ଓ ସ୍ତମ୍ଭିତ ରହିଗଲେ । ଏହି ଖବର କ୍ଷଣକ ମଧ୍ୟରେ ବିଜୁଳି ସଦୃଶ ସମସ୍ତ ଯାତ୍ରୀମାନଙ୍କ ମଧ୍ୟରେ ବ୍ୟାପିଗଲା । ପଛରେ ଥିବା ବ୍ୟକ୍ତିମାନେ ଉତ୍କଣ୍ଠିତଭାବେ ପେଲାପେଲି ହୋଇ ଆଗକୁ ଆସି ଜୀବିତ ହୋଇଥିବା ବ୍ରାହ୍ମଣ କୁମାରକୁ ଦେଖିବାକୁ ଚେଷ୍ଟା କଲେ । ବହୁତ କୋଳାହଳ ହେବାକୁ ଲାଗିଲା । କିନ୍ତୁ ଯେଉଁ ଦର୍ଶନାର୍ଥୀମାନେ ମୃତ ଶବକୁ ଜୀବିତ ହୋଇଥିବା ଦେଖିସାରିଥିଲେ ସେମାନଙ୍କ ଦୃଷ୍ଟି ଆକସ୍ମିକ ଆଗନ୍ତୁକ ସନ୍ନ୍ୟାସୀଙ୍କ ପ୍ରତି ଆକର୍ଷିତ ହେଲା । ସେମାନେ ଚାହୁଁଥିଲେ ସନ୍ନ୍ୟାସୀଙ୍କ ଚରଣକୁ ହୃଦୟରେ ଲଗାଇ ଧରିବେ । ଏହି ଅବସରରେ ସନ୍ନ୍ୟାସୀ ଜନତା ଭିଡ଼ ମଧ୍ୟରେ ଠେଲି ଦୁଇ ପାଦ ଯାଇ ଅଦୃଶ୍ୟ ହୋଇଗଲେ । ଦର୍ଶନାର୍ଥୀମାନେ ଚାରିଆଡ଼କୁ ଦୌଡ଼ାଦୌଡ଼ି କଲେ । କିନ୍ତୁ ସନ୍ନ୍ୟାସୀଙ୍କ ସନ୍ଧାନ ପାଇଲେ ନାହିଁ । କିନ୍ତୁ ସନ୍ନ୍ୟାସୀ ଆସିବା ସମୟରେ ବହୁତ ବ୍ୟକ୍ତି ତାଙ୍କୁ ଦେଖି ଚିହ୍ନି ନେଇଥିଲେ । ସେ ସକାଶେ ସେ ଆଉ ଗୁପ୍ତ ରହିପାରିଲେ ନାହିଁ । ମହାନ୍ ଯୋଗୀ ଭଗୀରଥାନନ୍ଦ ସରସ୍ୱତୀଙ୍କ ଶିଷ୍ୟ ଗଣପତି ସ୍ୱାମୀ ମୃତ ବାଳକକୁ ଜୀବିତ କରାଇଥିବା ଖବର ଚାରିଆଡ଼େ ବ୍ୟାପିଗଲା ।

ବିସ୍ମୟକର ଦୃଶ୍ୟ

ଏହାପରେ ବହୁତ ତୀର୍ଥ, ବହୁତ ସ୍ଥାନ ଭ୍ରମଣ କରି କେତେ ବର୍ଷ ବ୍ୟତୀତ ହେବା ପରେ ସ୍ୱାମୀ ଗଣପତି ମହାରାଜ ନେପାଳରେ ପହଞ୍ଚି ଘୋର ଜଙ୍ଗଲ ମଧ୍ୟରେ ବାସ କଲେ । ଦିନେ ନେପାଳ ରାଣା ଶିକାର କରିବା ସକାଶେ ଶିକାରୀ ଏବଂ ଅନୁଚରବର୍ଗଙ୍କ ସହିତ ସେହି ଘୋର ଜଙ୍ଗଲରେ ପ୍ରବେଶ କଲେ । ଗୋଟିଏ ବାଘ ଦେଖି ତାକୁ ମାରିବା ସକାଶେ ବାର ବାର ଗୁଳି କଲେ କିନ୍ତୁ ପ୍ରତିଥର ଗୁଳି ବାଘକୁ ଲାଗୁ ନ ଥିଲା; ସେ ପଳାଇ ଯାଉଥିଲା । ବାଘକୁ ମାରିବା ସକାଶେ ରାଣା ଶିକାରୀମାନଙ୍କୁ ତଥା ଅନୁଚରବର୍ଗଙ୍କୁ ପଛରେ ଛାଡ଼ି ଦ୍ରୁତ ବେଗରେ ବାଘ ପଛରେ ଦୌଡ଼ିଲେ । କିଛି କ୍ଷଣ ପରେ ଗୋଟିଏ ବିସ୍ମୟକର ଦୃଶ୍ୟ ଦେଖି ଅବାକ୍ ହୋଇ ଚିତ୍ରପ୍ରତିମା ସଦୃଶ ଛିଡ଼ା ହୋଇ ରହିଲେ । ରାଣା ଯେଉଁ ବାଘକୁ ଶିକାର କରିବାକୁ ତା' ପଛରେ ଦୌଡୁଥିଲେ ସେ ବାଘ ଗର୍ଜ୍ଜନ କରି ଦୌଡ଼ିଆସି ଗୋଟିଏ ବୃକ୍ଷ ମୂଳରେ ଧ୍ୟାନମଗ୍ନ ଅବସ୍ଥାରେ ଥିବା ଯୋଗୀ ଗଣପତି ସ୍ୱାମୀଙ୍କ ପାଖରେ ଶୋଇ ପଡ଼ିଲା; ସେ ଆଖି ଖୋଲି ପାଖରେ ଶୋଇଥିବା ବାଘର ମଥାକୁ ଆଉଁସିବାକୁ ଲାଗିଲେ ଏବଂ ଅଳ୍ପ ଦୂରରେ ବିସ୍ମୟବିମୂଢ଼, ଆଶ୍ଚର୍ଯ୍ୟାଭିଭୂତ ହୋଇ ଛିଡ଼ା ହୋଇଥିବା ରାଣାଙ୍କୁ ସଙ୍କେତ ଦ୍ୱାରା ଅଭୟ ପ୍ରଦାନ କରି ନିଜ ପାଖକୁ ଡାକିଲେ । ରାଣା ପ୍ରଣାମ କରି ତାଙ୍କ ସମ୍ମୁଖରେ ଛିଡ଼ାହୋଇ ରହିଲେ । ଯୋଗୀ ଗଣପତି ସ୍ୱାମୀ ରାଣାକୁ ସସ୍ନେହରେ କହିଲେ, ''ବତ୍ସ, ଏହାକୁ ଭୟ କର ନାହିଁ, ନିଜ ମନରୁ ହିଂସାଭାବ ଦୂର କରିଦିଅ । ଏହି ବାଘ ତୁମର କିଛି ବି କ୍ଷତି କରିବ ନାହିଁ । ସବୁ ଜୀବ ମଧ୍ୟରେ ଭଗବାନ୍ ବିଦ୍ୟମାନ ଅଛନ୍ତି, ତୁମେ ତାଙ୍କୁ ସ୍ନେହ କଲେ ସେ ବି ତୁମକୁ ସ୍ନେହ କରିବେ । ଏହି ବାକ୍ୟକୁ ଭଲଭାବେ ସ୍ମରଣ ରଖ ।''

ରାଣା ଆନ୍ତରିକ ଭକ୍ତି ଭାବରେ ଯୋଗିରାଜଙ୍କ ଚରଣରେ ପ୍ରଣାମ କରି କାଠମାଣ୍ଡୁ ଫେରିଆସି ଘୋର ଜଙ୍ଗଲରେ ଘଟିଥିବା ଅଦ୍‌ଭୁତ ଘଟଣା ନେପାଳ ନରେଶଙ୍କୁ କହିଦେଲେ । ସେ ଏହି ଆଶ୍ଚର୍ଯ୍ୟଜନକ ଘଟଣା ଶୁଣି କାଳବିଳମ୍ବ ନ କରି ଶ୍ରଦ୍ଧା ଭକ୍ତି ଭାବରେ ବହୁତ ଦ୍ରବ୍ୟ ସଙ୍ଗରେ ନେଇ ପାତ୍ରମନ୍ତ୍ରୀଙ୍କ ସହିତ ଯୋଗିରାଜଙ୍କ ପାଖରେ ପହଞ୍ଚି ପ୍ରଣାମ କଲେ ଏବଂ ନେଇଥିବା ଭେଟି ଆଗ୍ରହ ସହିତ ଅନାସକ୍ତ, ତ୍ୟାଗୀ ମହାପୁରୁଷଙ୍କ ଚରଣରେ ସମର୍ପି ଦେଲେ । ବୃକ୍ଷତଳେ ନିବାସ ନିରାସକ୍ତ ଯୋଗୀଙ୍କର ଯଦ୍ୟପି କୌଣସି ବସ୍ତୁ ଆବଶ୍ୟକ ନ ଥିଲା ତଥାପି ରାଜାଙ୍କର ଅତ୍ୟନ୍ତ ଆଗ୍ରହ ଯୋଗୁଁ ସେସବୁକୁ ସ୍ୱୀକାର କରି ରାଜାଙ୍କୁ ଆଶୀର୍ବାଦ ଦେଲେ । ମହାରାଜ କିଛି ସମୟ ଯୋଗିରାଜଙ୍କ ସମୀପରେ ରହି ତାଙ୍କଠାରୁ ବିଦାୟ ନେଇ ରାଜଧାନୀ କାଠମାଣ୍ଡୁ ଫେରିଆସିଲେ ।

ଯୋଗିରାଜଙ୍କ ଅଲୌକିକ ଶକ୍ତିର ଖବର କିଛି ଦିନ ମଧ୍ୟରେ ଜନସାଧାରଣରେ ପ୍ରସାର ହୋଇଗଲା । ଘୋର

ଜଙ୍ଗଲ ମାର୍ଗ ଦୁରୂହ ଓ ଭୟଙ୍କର ଥିବା ସତ୍ତ୍ୱେ ବହୁତ ସଂଖ୍ୟାରେ ନର ନାରୀ ତାଙ୍କ ଦର୍ଶନକୁ ଆସିବାକୁ ଲାଗିଲେ । ବହୁତ ଦୁଃଖତାପ ଓ ରୋଗପୀଡ଼ିତ ବ୍ୟକ୍ତି ମଧ୍ୟ ଯୋଗିରାଜଙ୍କ କୃପାରୁ ଆରୋଗ୍ୟ ଲାଭ କଲେ । ଏହିସବୁ ଖବର ପ୍ରସାରିତ ହେବାରେ ବିଳମ୍ବ ହୁଏ ନାହିଁ । ଏହି ଖବର ଯେତେ ଅଧିକ ପ୍ରସାରିତ ହେଉଥାଏ ସେତେ ଅଧିକ ଦର୍ଶନାର୍ଥୀଙ୍କ ଭିଡ଼ ବଢୁଥାଏ ।

ବିଧବାର ମୃତ ପୁତ୍ର ଜୀବିତ

ଯଦ୍ୟପି ଦୁଃଖତାପପ୍ରପୀଡ଼ିତ ବ୍ୟକ୍ତିଙ୍କର ଅଶେଷ କଲ୍ୟାଣ ହେଉଥିଲା ତଥାପି ଜନସମାଗମ ସ୍ୱାମିଜିଙ୍କୁ ପସନ୍ଦ ହେଉ ନ ଥିଲା । ସେହି ସକାଶେ ସେ ନେପାଳ ଜଙ୍ଗଲ ପରିତ୍ୟାଗ କରି ଜଙ୍ଗଲୀ ପାହାଡ଼ ମାର୍ଗରେ ତିବ୍‌ବତ ଚାଲିଗଲେ । ସେଠାରେ କିଛି ଦିନ ଭ୍ରମଣ କରିବା ପରେ ମାନସରୋବର ଦେଇ ପାହାଡ଼ମାଳାରୁ ସମତଳ ଭୂମିକୁ ଉତରି ଆସୁଥିଲେ । ସେହି ପାହାଡ଼ ତରାଇ ମାର୍ଗରେ ଗୋଟିଏ ସ୍ଥାନରେ ବହୁତ ବ୍ୟକ୍ତି ଏକତ୍ରିତ ହୋଇ ଶବସଂସ୍କାର କରିବା ସକାଶେ ଅଗ୍ନି ତୟାର କରୁଥିଲେ । ଜଣେ ବିଧବା ସ୍ତ୍ରୀ ସାତ ବର୍ଷର ଏକମାତ୍ର ପୁତ୍ରର ମୃତ ଶରୀରକୁ ରଖି ଉଚ୍ଚସ୍ୱରରେ ରୋଦନ କରୁଥିଲା । ତା'ର କରୁଣ ବ୍ୟାକୁଳ ରୋଦନ ସ୍ୱାମିଜି ଶୁଣି ତାଙ୍କ ହୃଦୟ ବିଗଳିତ ହୋଇଗଲା । ସେ ଧୀରେ ଧୀରେ ଆସି ସେଠାରେ ପହଞ୍ଚିଲେ ।

ତେଜଃପୁଞ୍ଜକଳେବର ଶୋଭିତ ସନ୍ନ୍ୟାସୀଙ୍କ ଉପରେ ଦୃଷ୍ଟି ପଡ଼ିବା ମାତ୍ରେ ପ୍ରାଣପ୍ରିୟ ଏକମାତ୍ର ପୁତ୍ରର ବିୟୋଗବେଦନାରେ ଜନନୀର ଶୋକ ଆହୁରି ବଢ଼ିଗଲା । ପୁତ୍ର ଜୀବିତ ହେବାର ଆଶା ତା' ଅନ୍ତରରୁ ତା'ର ଅଜ୍ଞାତରେ ତାକୁ ପ୍ରେରିତ କଲା । ସେ ମୃତ ପୁତ୍ରକୁ ନେଇ ସନ୍ନ୍ୟାସୀଙ୍କ ଚରଣରେ ଶୁଆଇ ଦେଲା । ସ୍ୱାମିଜିଙ୍କ ଦୁଇ ଚରଣକୁ ଧରିବା ମାତ୍ରେ ତା'ର ଶୋକ ହୃଦୟକୁ ଫଟାଇ ମୁଖ ଦ୍ୱାରା ଏପରି ବ୍ୟାକୁଳ ସ୍ୱରରେ ପ୍ରକାଶିତ ହେଲା ଯେ ଶୁଣିବା ଲୋକଙ୍କ ନେତ୍ରରୁ ବର୍ଷାଜଳ ସଦୃଶ ଅଶ୍ରୁ ପ୍ରବାହିତ ହେବାକୁ ଲାଗିଲା । ଚରଣ ପାଖରେ ଥିବା ମୃତ ଶରୀର ନିକଟରେ ସ୍ୱାମିଜି ବସିପଡ଼ିଲେ ଏବଂ ଆସ୍ତେ ଆସ୍ତେ ଶବ ଶରୀରରେ ହସ୍ତ ସ୍ପର୍ଶ କଲେ । ହସ୍ତ ସ୍ପର୍ଶ କରିବା ମାତ୍ରେ ମୃତ ବାଳକର ଧୀରେ ଧୀରେ ପ୍ରାଣସଞ୍ଚାର ହେବାକୁ ଲାଗିଲା । ଶ୍ୱାସପ୍ରଶ୍ୱାସ ପ୍ରବାହିତ ହେଲା ଏବଂ ସେ ଆଖି ଖୋଲିବାକୁ ଆରମ୍ଭ କଲା । ଉପସ୍ଥିତ ବ୍ୟକ୍ତିଙ୍କ ଦୃଷ୍ଟି ଥିଲା ଜୀବିତ ହେଉଥିବା ବାଳକ ଉପରେ । ସେହି ଅବସରରେ ସ୍ୱାମିଜି ଅନ୍ତର୍ଦ୍ଧାନ ହୋଇଗଲେ । ବାଳକର ମାତା ଏବଂ ଉପସ୍ଥିତ ବ୍ୟକ୍ତି ସ୍ୱାମିଜିଙ୍କୁ ବହୁତ ଖୋଜିଲେ କିନ୍ତୁ ତାଙ୍କୁ ପାଇଲେ ନାହିଁ । ବାଳକ ଜୀବିତ ହେବାରୁ ତା' ମା'ର ଯେଉଁ ଆନନ୍ଦ, ସ୍ୱାମିଜିଙ୍କ ପ୍ରତି ଯେଉଁ କୃତଜ୍ଞତା ତାହା ଭାଷାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ସମସ୍ତ ବ୍ୟକ୍ତି ହର୍ଷ ତଥା ସ୍ୱାମିଜିଙ୍କ ଅନ୍ତର୍ଦ୍ଧାନ ହେତୁ କିଛି ବିଷାଦ ସହ ବାଳକକୁ ସଙ୍ଗେ ନେଇ ନିଜ ନିଜ ଗୃହକୁ ଫେରିଗଲେ ।

ନର୍ମଦା ଜଳପ୍ରବାହ ଦୁଗ୍ଧରେ ପରିଣତ

ସ୍ୱାମିଜି କିଛି ଦିନ ପରେ ନର୍ମଦା କୂଳରେ ପହଞ୍ଚିଲେ । ପୁଣ୍ୟସଲିଳା ନର୍ମଦା କୂଳରେ ପୁରାଣପ୍ରସିଦ୍ଧ ମାର୍କଣ୍ଡେୟ ଋଷିଙ୍କ ଆଶ୍ରମ ଅଛି । ସେହି ସ୍ଥାନରେ କେତେକ ସନ୍ଥ ବାସ କରି ତପସ୍ୟାରେ ରତ ରହୁଥାଆନ୍ତି । ସେମାନଙ୍କ ମଧ୍ୟରେ ଖାଖି ବାବା ନାମରେ ଜଣେ ସିଦ୍ଧ ତପସ୍ୱୀ ଥିଲେ । ତାଙ୍କ ଯୋଗସିଦ୍ଧି ବହୁତ ପ୍ରସାରିତ ହୋଇଥିଲା । ସେହି ସ୍ଥାନ ନିକଟରେ ଗଣପତି ସ୍ୱାମୀ ଆସନ ଲଗାଇ ଧ୍ୟାନମଗ୍ନ ହୋଇଗଲେ ।

ନର୍ମଦା କୂଳରୁ ବହୁତ ସନ୍ଥ ମହାତ୍ମା ଯାତାୟାତ କରନ୍ତି । କୌଣସି ନୂତନ ସନ୍ଥ ଆସିଲେ ଅନ୍ୟ ସନ୍ଥମାନେ ତାଙ୍କ ପରିଚୟ ସକାଶେ କୌତୂହଳ ପ୍ରକାଶ କରନ୍ତି ନାହିଁ । ଏହି କାରଣରୁ ଗଣପତି ସ୍ୱାମୀଙ୍କ ପରିଚୟ ସେମାନଙ୍କୁ ହଠାତ୍ ମିଳିଲା ନାହିଁ । କିଛିଦିନ ପରେ ରାତ୍ରିରେ ଶେଷ ପ୍ରହର ବ୍ରାହ୍ମ ମୁହୂର୍ତ୍ତରେ ଖାଖି ବାବା ନର୍ମଦା କୂଳରେ ଧ୍ୟାନମଗ୍ନ

ଅବସ୍ଥାରେ ଥିଲେ । ହଠାତ୍ ତାଙ୍କ ଆଖି ଖୋଲିଗଲା; ସେ ଦେଖିଲେ ନର୍ମଦା ଜଳପ୍ରବାହ ଶ୍ୱେତବର୍ଣ୍ଣ ଦୁଗ୍ଧର ଧାରାରେ ପରିଣତ ହୋଇଅଛି । ମଝି ଧାରାରେ ଛିଡ଼ାହୋଇ ନୂତନ ଆଗନ୍ତୁକ ସନ୍ଥ ଗଣପତି ସ୍ୱାମୀ ଆଞ୍ଜୁଳାରେ ପ୍ରବାହିତ ଦୁଗ୍ଧ ପାନ କରୁଅଛନ୍ତି । ଖାଖି ବାବାଙ୍କ ଦୃଷ୍ଟି ପଡ଼ିବା ମାତ୍ରେ ଗଣପତି ସ୍ୱାମୀଙ୍କ ସିଦ୍ଧିର ପ୍ରଭାବରୁ ଜଳଧାରା ଦୁଗ୍ଧରେ ପରିଣତ ହୋଇଥିବା ସେ ବୁଝିପାରିଲେ ଏବଂ ଆସନରୁ ଉଠି ଦୁଗ୍ଧ ପାନ କରିବା ଉଦ୍ଦେଶ୍ୟରେ କୂଳକୁ ଯାଇ ଆଞ୍ଜୁଳାରେ ଦୁଗ୍ଧ ଉଠାଇବା ଉଦ୍ଦେଶ୍ୟରେ ହସ୍ତ ସ୍ପର୍ଶ କରିବା ମାତ୍ରେ ଦୁଗ୍ଧଧାରା ପୂର୍ବବତ୍ ଜଳରେ ପରିଣତ ହୋଇଗଲା । କେବଳ ଗଣପତି ସ୍ୱାମୀଙ୍କ ସକାଶେ ନର୍ମଦା ମାତାର ଜଳ ଦୁଗ୍ଧରେ ପରିଣତ ହୋଇଥିଲା, ଅନ୍ୟମାନଙ୍କ ସକାଶେ ନୁହେଁ । ଏହା ଜାଣି ଖାଖି ବାବା ନର୍ମଦା କୂଳରେ ଛିଡ଼ାହୋଇ ରହିଲେ । ମାର୍କଣ୍ଡେୟ ଆଶ୍ରମର ସାଧୁସନ୍ଥମାନେ ସ୍ନାନ କରିବା ସକାଶେ ନର୍ମଦା କୂଳକୁ ଆସିବାରୁ ଖାଖି ବାବା ସେମାନଙ୍କୁ ଆଗନ୍ତୁକ ସନ୍ନ୍ୟାସୀଙ୍କ ଯୋଗ ପ୍ରଭାବରୁ ନର୍ମଦା ଜଳ ଦୁଗ୍ଧରେ ପରିଣତ ହୋଇଥିବା କଥା କହିଲେ । ସେହି ଦିନଠାରୁ ଆଶ୍ରମର ସାଧୁସନ୍ଥମାନଙ୍କର ସ୍ୱାମିଜିଙ୍କ ପ୍ରତି ଅତ୍ୟନ୍ତ ଶ୍ରଦ୍ଧା ହୋଇଗଲା ।

ପୁଷ୍କର ତୀର୍ଥରୁ ଆସି ଅନ୍ୟାନ୍ୟ ସ୍ଥାନ ଭ୍ରମଣ ତଥା ନର୍ମଦା କୂଳରେ ବାସ କରିବାରେ ସ୍ୱାମିଜି ଆଠ ବର୍ଷ ବ୍ୟତୀତ କରିଥିଲେ । ସେଠାରୁ ଆସି ପ୍ରୟାଗର ତ୍ରିବେଣୀ ସଙ୍ଗମରେ ପହଞ୍ଚି ସେଠାରେ ବାସ କଲେ । ସେ ସର୍ବଦା ପରମାନନ୍ଦ ସମୁଦ୍ରରେ ବୁଡ଼ି ରହୁଥିଲେ । ତାଙ୍କର ନିର୍ବିକାର ଚିତ୍ତ; ସେ ମନମୌଜି ମହାପୁରୁଷ । ତାଙ୍କ ସକାଶେ ଖରା ବର୍ଷା, ଶୀତ କାକର, ଦିନ ରାତି ସବୁ ସମାନ ଥିଲା । ସେ ତ୍ରିବେଣୀ ସଙ୍ଗମରେ କେବେ, ଗଙ୍ଗା କୂଳରେ କେବେ, ଯମୁନା କୂଳରେ କେବେ ରହୁଥିଲେ । ସେ ଖରା, ବର୍ଷା ଓ ଶୀତକୁ ପରୁଆ କରୁ ନ ଥିଲେ ।

ବୁଡ଼ିଥିବା ନାବର ଉଦ୍ଧାର

ତ୍ରିବେଣୀରେ ସ୍ନାନ କରିବା ତଥା ପିଣ୍ଡଦାନ ଦେବା ସକାଶେ ଦୂରଦୂରାନ୍ତରୁ ବହୁ ବ୍ୟକ୍ତି ଆସନ୍ତି । ପ୍ରାୟ ତ୍ରିବେଣୀ ସଙ୍ଗମରେ ଲୋକ ସମାଗମ ରହିଥାଏ । ବିଶେଷ ରୂପେ ମାଘ ମାସରେ । ଗୋଟିଏ ଦିନର ଘଟଣା । ବହୁତ ଯାତ୍ରୀ ତ୍ରିବେଣୀ ସଙ୍ଗମ ଗଙ୍ଗା କୂଳରେ ଏକତ୍ରିତ ହୋଇଥିଲେ । ବଡ଼ ଜୋର୍‌ରେ ଚାରିଦିଗରୁ କଳା ମେଘ ଘୋଟି ଆସିଲା । ବିଜୁଳି ଘଡ଼ଘଡ଼ି ଧୈର୍ଯ୍ୟବାନ୍ ସାହସୀ ବ୍ୟକ୍ତିଙ୍କ ହୃଦୟରେ ଆତଙ୍କ ସୃଷ୍ଟି କଲା । କ୍ରମଶଃ ପବନ ବେଗବାନ୍ ହେବାର ଲାଗିଲା । ଭୟଙ୍କର ମେଘଗର୍ଜ୍ଜନ ତଥା କଳା ମେଘ ପବନରେ ଭୟଭୀତ ହୋଇ ଏକତ୍ରିତ ଜନତା ଛିନ୍ନଛତ୍ର ହୋଇ ଏଣେତେଣେ ପଳେଇ ଗୃହ ଆଶ୍ରୟ ନେଲେ । ତ୍ରିବେଣୀ କୂଳ ଜନଶୂନ୍ୟ ହୋଇଗଲା । ବାକୀ ରହିଲେ ଦୁଇ ଜଣ । ଜଣେ ସ୍ୱାମିଜି, ଅନ୍ୟଜଣକ ରାମତାରଣ ଭଟ୍ଟାଚାର୍ଯ୍ୟ । ସ୍ୱାମିଜି ନିଶ୍ଚିନ୍ତ ନିର୍ବିକାର ସ୍ୱାଭାବିକ ରୂପେ ବସିରହିଲେ । ତାଙ୍କ ସକାଶେ ଘନ ଘୋର ମେଘର ଭୟ କିଛି ମାତ୍ର ନ ଥିଲା । କିନ୍ତୁ ସ୍ୱାମିଜିଙ୍କୁ ରାମତାରଣ ଭଟ୍ଟାଚାର୍ଯ୍ୟ ବହୁତ ଶ୍ରଦ୍ଧା ଭକ୍ତି କରୁଥିଲେ । ସେ ସକାଶେ ସେ ବହୁତ ବିଚଳିତ ହୋଇ ପ୍ରାର୍ଥନାପୂର୍ବକ ଉଦ୍‌ବିଗ୍ନ ସ୍ୱରରେ କହିଲେ, ''ସ୍ୱାମିଜି, ଭୟଙ୍କର ମେଘ ଗର୍ଜ୍ଜନ କ'ଣ ଶୁଣୁ ନାହାନ୍ତି ? ବର୍ତ୍ତମାନ ଭୟଙ୍କର ବତାସ ଏବଂ ବର୍ଷା ହେବ । ଚାଲନ୍ତୁ, କେଉଁଠାରେ ଯାଇ ଘରର ଆଶ୍ରୟ ନେବା ।'' ପ୍ରଥମରେ କିଛି କ୍ଷଣ ସ୍ୱାମିଜି ନୀରବ ରହିଲେ । କିନ୍ତୁ ରାମତାରଣଙ୍କ ଚିନ୍ତା, ଭୟ, ଉଦ୍‌ବିଗ୍ନ ଅବସ୍ଥାକୁ ଶାନ୍ତ କରିବା ସକାଶେ ସ୍ୱାମିଜି ଧୀରସ୍ଥିର, ଗମ୍ଭୀର ଓ ପ୍ରଶାନ୍ତ ସ୍ୱରରେ କହିଲେ, ''ମୋ ସକାଶେ ଚିନ୍ତା କର ନାହିଁ । ମୋତେ କୌଣସି କଷ୍ଟ ହେବ ନାହିଁ ।'' ନଦୀରେ ଆସୁଥିବା ନୌକା ଆଡ଼କୁ ହସ୍ତ ସଙ୍କେତ କରି କହିଲେ, ''ଏହି ନୌକାର ଯାତ୍ରୀମାନଙ୍କୁ ବଞ୍ଚାଇବାକୁ ହେବ ।''

ସ୍ୱାମିଜିଙ୍କ ହସ୍ତ ସଙ୍କେତ ସଙ୍ଗେ ସଙ୍ଗେ ରାମତାରଣବାବୁଙ୍କ ଦୃଷ୍ଟି ସେହି ଆଡ଼କୁ ଚାଲିଗଲା । ସେ ଦେଖିଲେ ନଦୀର ମଝି ସ୍ରୋତରେ ନୌକା ପବନର ଆବେଗ ଯୋଗୁଁ ନଦୀର ଲହଡ଼ାରେ ବହୁତ ଜୋର୍‌ରେ ହଲୁଅଛି । କିଛି କ୍ଷଣ ମଧ୍ୟରେ ପ୍ରଚଣ୍ଡ ପବନ ଆବେଗରେ ଲହଡ଼ା ଯୋଗୁଁ ନୌକା ଅଧିକ ହଲିବାକୁ ଲାଗିଲା ଏବଂ ନୌକା ଭିତରେ ପାଣି

ପଶିଗଲା । ରାମତାରଣ ଦେଖୁ ଦେଖୁ ମଝି ନଦୀରେ ନୌକାଟି ଡୁବିଗଲା । ରାମତାରଣ ଭୟରେ ତ୍ରସ୍ତ ତଥା ବ୍ୟାକୁଳ ହୋଇ ସ୍ୱାମିଜିଙ୍କୁ କିଛି କହିବା ଉଦ୍ଦେଶ୍ୟରେ ସେ ବସିଥିବା ସ୍ଥାନକୁ ଦୃଷ୍ଟି ବୁଲେଇ ଦେଖିଲେ ସ୍ୱାମିଜିଙ୍କ ବସିଥିବା ସ୍ଥାନ ଶୂନ୍ୟ; ସ୍ୱାମିଜି କୁଆଡ଼େ ଅଦୃଶ୍ୟ ହୋଇଯାଇଛନ୍ତି । ସ୍ୱାମିଜିଙ୍କର କୌଣସି ଭରସା ନ ପାଇ ପୁନରାୟ ନଦୀ ଆଡ଼କୁ ଦୃଷ୍ଟିପାତ କଲେ । ଏକେବାରେ ଆଶ୍ଚର୍ଯ୍ୟ ଚକିତ ହୋଇ ନିଃଶବ୍ଦ, ବିଚାରଶୂନ୍ୟ, ଅବାକ୍ ହୋଇ ଛିଡ଼ା ହୋଇ ରହିଲେ । ବୁଡ଼ିଯାଇଥିବା ନୌକା ପୁନରାୟ ଭାସିଉଠିଲା । ରାମତାରଣବାବୁ ବହୁତ ପ୍ରସନ୍ନତାରେ ଏକଦୃଷ୍ଟିରେ ଦେଖୁଥାଆନ୍ତି । ନୌକା ଘାଟରେ ଲାଗିଲା । ଯାତ୍ରୀମାନେ ନୌକାରୁ ଉତରିବା ସମୟରେ ସ୍ୱାମିଜି ମଧ୍ୟ ଯାତ୍ରୀମାନଙ୍କ ସଙ୍ଗେ ନୌକାରୁ ଉତରିଲେ । ଏହି ସନ୍ନ୍ୟାସୀ କେଉଁ ସମୟରେ କେଉଁଠି ନୌକାରେ ବସିଥିଲେ ଯାତ୍ରୀମାନେ ଜାଣି ନ ଥିଲେ କିଂବା ନାବିକ ବି ଜାଣି ନ ଥିଲା । ଡୁବିଯାଇଥିବା ନୌକା କିପରି ଭାସିଉଠି ନଦୀକୂଳରେ ଲାଗିଲା, ଏହି ରହସ୍ୟ ଯାତ୍ରୀମାନେ ଜାଣି ପାରି ନ ଥିଲେ, କିନ୍ତୁ ମୃତ୍ୟୁମୁଖରୁ ରକ୍ଷା ପାଇ ଆନନ୍ଦରେ ନିଜ ନିଜ ମାର୍ଗରେ ଯାତ୍ରା କଲେ ।

ସେତେବେଳ ପର୍ଯ୍ୟନ୍ତ ଝଡ଼ବତାସ ବନ୍ଦ ହୋଇ ନ ଥିଲା । ଘାଟ ଜନଶୂନ୍ୟ ଥିଲା । ଯାତ୍ରୀମାନେ ନୌକାରୁ ଉତରିବା ସଙ୍ଗେ ସଙ୍ଗେ ଝଡ଼ବତାସରୁ ରକ୍ଷା ପାଇବା ସକାଶେ ଛିନ୍ନଛତ୍ର, ହୋଇ ପଳାଇଲେ । କେବଳ ରହିଥିଲେ ରାମତାରଣ ବାବୁ ତଥା ସ୍ୱାମିଜି । ରାମତାରଣ ବାବୁ ସବୁ ଦୃଶ୍ୟ ନିଜ ଆଖିରେ ଦେଖିଥିଲେ । ସ୍ୱାମିଜିଙ୍କୁ ଅତ୍ୟନ୍ତ ଭକ୍ତି, ସମ୍ମାନ ସହକାରେ ଅପେକ୍ଷା କରିଥିଲେ । ସ୍ୱାମିଜି ଆସୁଥିବା ଦେଖି ଦୌଡ଼ିଯାଇ ତାଙ୍କ ଚରଣରେ ପଡ଼ିଗଲେ । ସ୍ୱାମିଜି ପ୍ରସନ୍ନତାରେ ତାଙ୍କ ମସ୍ତକରେ ହସ୍ତ ରଖି ଆଶୀର୍ବାଦ ଦେଲେ ଏବଂ ଉଠାଇ ନେଲେ । ରାମତାରଣ ବାବୁ ହାତଯୋଡ଼ି କହିଲେ, ''ସ୍ୱାମିଜି, ଆସୁଥିବା ନୌକା ବୁଡ଼ିଯିବ ବୋଲି କିପରି ଜାଣିପାରିଲେ ? ଆଶ୍ଚର୍ଯ୍ୟଜନକ ଭାବରେ ନଦୀ ସ୍ରୋତରେ ପହଞ୍ଚିଲେ କିପରି ? ଡୁବିଯାଇଥିବା ନୌକାକୁ ଉଦ୍ଧାର କଲେ କିପରି ? ଏବଂ ତା' ମଧ୍ୟରେ ପୂର୍ଣ୍ଣ ହୋଇଥିବା ଜଳକୁ ବାହାର କରି ପ୍ରବଳ ବତାସବର୍ଷାରେ କୂଳକୁ ଆଣିଲେ ବା କିପରି ? ସବୁ ତ ଆଶ୍ଚର୍ଯ୍ୟଜନକ ଘଟଣା । ମୁଁ କିଛି ବୁଝିପାରୁ ନାହିଁ ।'' ସ୍ୱାମିଜି ପ୍ରସନ୍ନତା ମୁଦ୍ରାରେ କହିଲେ, ''ରାମତାରଣ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ମନୁଷ୍ୟ ମଧ୍ୟରେ ସମସ୍ତ ଶକ୍ତି ବିଦ୍ୟମାନ ଅଛି । କିନ୍ତୁ ତାହାସବୁ ଯୋଗ ସାଧନା ଦ୍ୱାରା ଜାଗ୍ରତ୍ ହେଲେ ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟ ପ୍ରତୀତ ହୁଏ ।'' ଏହିପରି କହି ରାମତାରଣ ବାବୁଙ୍କୁ ଆଶୀର୍ବାଦ ଦେଇ ସ୍ୱାମିଜି ଚାଲିଗଲେ ।

ତ୍ରୈଲଙ୍ଗ ସ୍ୱାମୀ ନାମରେ ପରିଚିତ ହେବା

ମାଘ ମାସରେ ଉତ୍ତର ପ୍ରଦେଶରେ ଭୟଙ୍କର ଶୀତ ପଡ଼େ । ଗରମ ଲୁଗାପଟା ଛଡ଼ା ଭୋର ସମୟରେ ଲୋକେ ଘରୁ ବାହାରନ୍ତି ନାହିଁ । ସେହି ମାଘ ମାସ ୪୦-ଆଣ୍ଠୁଳଗା ଶୀତରେ ଦିନେ ଅତ୍ୟନ୍ତ ଭୋର ସମୟରେ ବିଶାଳକାୟ ନଗ୍ନ ସନ୍ନ୍ୟାସୀ କାଶୀ ଗଙ୍ଗା ଅଶି ଘାଟ ଉପରେ ଧ୍ୟାନମଗ୍ନ ମୁଦ୍ରାରେ ବସିଥିବାର ଦେଖାଗଲେ । ସେଠାରେ ପ୍ରବଳ ଶୀତ, ତା' ସାଙ୍ଗକୁ ପୁଣି ଗଙ୍ଗାକୂଳ । ଶୀତରେ ଘାଟ ପଥର ଏପରି ଥଣ୍ଡା ହୋଇଥାଏ ଯେ ଖାଲି ପାଦ ରଖିଲେ ଗୋଡ଼ କୋଳ ମାରିଯାଏ । ସେହି ଶୀତରେ ନଗ୍ନ ସନ୍ନ୍ୟାସୀ ନିର୍ବିକାର ରୂପେ ଧ୍ୟାନମଗ୍ନ ହୋଇ ବସିଥାଆନ୍ତି । ମନେହୁଏ ତାଙ୍କୁ ଯେପରି ଖରା, ବର୍ଷା, ଶୀତ ସ୍ପର୍ଶ କରେ ନାହିଁ ।

ସ୍ୱାମିଜି ପ୍ରୟାଗରେ ଥିବାରୁ ତାଙ୍କୁ ବହୁତ ଲୋକ ଜାଣିଥିଲେ । ତାଙ୍କର ଅଲୌକିକ ଶକ୍ତି ଯୋଗୁଁ ସେ ଜନସମାଜରେ ଅପରିଚିତ ନ ଥିଲେ । ବାରାଣସୀ ଆସିବା ପରେ କଥାରେ କଥାରେ ତାଙ୍କ ଆଗମନ ଖବର ଜନସମୂହରେ ବ୍ୟାପିଗଲା । କାଶୀବାସୀ ବହୁତ ଖୁସୀ ହେଲେ । ସେ ଦକ୍ଷିଣ ଭାରତର ଆନ୍ଧ୍ରପ୍ରଦେଶ ତେଲଙ୍ଗାନାରେ ଜନ୍ମ ଗ୍ରହଣ କରିଥିବାରୁ ତାଙ୍କୁ ଜନତା ତ୍ରୈଲଙ୍ଗ ସ୍ୱାମୀ ନାମରେ କହିବାକୁ ଲାଗିଲେ । ତ୍ରୈଲଙ୍ଗ ସ୍ୱାମୀ କାଶୀରେ ଦେଢ଼ ଶହ ବର୍ଷ ବାସ କରିଥିଲେ ଏବଂ ସଚଳ ବିଶ୍ୱନାଥ ରୂପେ ତାଙ୍କୁ କାଶୀବାସୀ ସମ୍ମାନ କରୁଥିଲେ । କାଶୀବାସୀଙ୍କ ସକାଶେ ସେ ଅତ୍ୟନ୍ତ ପରିଚିତ ଥିଲେ । ସେମାନେ ତାଙ୍କୁ ନିଜର ବୋଲି ଗ୍ରହଣ କରି ନେଇଥିଲେ ।

ଭାରତବର୍ଷରେ ତୀର୍ଥ ବା ଧାମମାନଙ୍କ ମଧ୍ୟରେ କାଶୀ ଗୋଟିଏ ପ୍ରସିଦ୍ଧ ତୀର୍ଥ ବା ଧାମ । ଭାରତର ସବୁ ସ୍ଥାନରୁ ବହୁ ସଂଖ୍ୟାରେ ଯାତ୍ରୀ ଏଠାକୁ ଆସନ୍ତି ଏବଂ ବିଶ୍ୱନାଥ, ଅନ୍ନପୂର୍ଣ୍ଣା, ଦଶାଶ୍ୱମେଧ ଘାଟ, ମଣିକର୍ଣ୍ଣିକା ଘାଟ ଆଦି ଦର୍ଶନପୂର୍ବକ ତ୍ରୈଲଙ୍ଗ ସ୍ୱାମୀଙ୍କୁ ମଧ୍ୟ ଦର୍ଶନ କରନ୍ତି । ସେ ସମୟରେ କାଶୀ ଦର୍ଶନାର୍ଥୀ ଯଦି ତ୍ରୈଲଙ୍ଗ ସ୍ୱାମୀଙ୍କୁ ଦର୍ଶନ କରି ନ ପାରନ୍ତି ତେବେ ସେମାନଙ୍କର କାଶୀଦର୍ଶନ ଅପୂର୍ଣ୍ଣ ରହିଲା ବୋଲି ମନେ କରନ୍ତି ।

କୁଷ୍ଠରୋଗୀ ଆରୋଗ୍ୟ

ତ୍ରୈଲଙ୍ଗ ସ୍ୱାମୀ ପ୍ରଥମରେ ଅଶି ଘାଟ ତୁଳସୀଦାସଙ୍କ ବଗିଚାରେ ରହୁଥିଲେ । ପରେ ଲୋଲାର୍କ କୁଣ୍ଡରେ ବାସ କଲେ । ଦିନେ ଆଜନ୍ମବଧିର ତଥା କୁଷ୍ଠରୋଗରେ ଅତ୍ୟନ୍ତ ପୀଡ଼ିତ ଗୋଟିଏ ବ୍ୟକ୍ତି ରାସ୍ତାରେ ବସି ଅତ୍ୟନ୍ତ ବ୍ୟଥିତ ତଥା କରୁଣ ସ୍ୱରରେ କ୍ରନ୍ଦନ କରୁଥିଲା । ତା' ନାମ ଥିଲା ବ୍ରହ୍ମସିଂହ । ସେ ଅଜମିରବାସୀ ଥିଲା ଓ ଭୟଙ୍କର ରୋଗ ଅଧିକ ଆକ୍ରମଣ କରିବାରୁ ପୁଣ୍ୟତୀର୍ଥ କାଶୀରେ ଶରୀର ତ୍ୟାଗ କରି ମୁକ୍ତି ପାଇବା ଉଦ୍ଦେଶ୍ୟରେ କାଶୀ ଆସିଥିଲା । ସ୍ୱାମିଜି ସେହି ରାସ୍ତାରେ ଯିବା ସମୟରେ ତା' କରୁଣ ଓ ବ୍ୟଥାପୂର୍ଣ୍ଣ କ୍ରନ୍ଦନ ତାଙ୍କ ଦୟାର୍ଦ୍ର ହୃଦୟକୁ ବ୍ୟଥିତ କରିଦେଲା । ସେ ରୋଗୀ ପାଖକୁ ଗଲେ । ସ୍ୱାମିଜିଙ୍କ ତେଜଃପୁଞ୍ଜ ଶରୀର ତଥା ତାଙ୍କ କୃପାଦୃଷ୍ଟି ଦେଖି ସେ ବ୍ୟଥା ଭୁଲିଗଲେ ଏବଂ ବ୍ୟାକୁଳତାରେ ତାଙ୍କ ମୁଖରୁ ଶିବ ଆରାଧନା ସ୍ତୋତ୍ର ସ୍ୱାଭାବିକ ରୂପେ ଉଚ୍ଚାରିତ ହେବାକୁ ଲାଗିଲା । ତାଙ୍କ ଶିବସ୍ତୁତି ଶୁଣି ମହାଯୋଗୀଙ୍କୁ ବହୁତ ପ୍ରସନ୍ନତା ହେଲା । ସେ ଗୋଟିଏ ବେଲପତ୍ର ବ୍ରହ୍ମସିଂହଙ୍କୁ ଦେଇ କହିଲେ, ''ଲୋଲାର୍କ କୁଣ୍ଡ (ପୁଷ୍କରିଣୀ)ରେ ସ୍ନାନ କରି ଏହି ବେଲପତ୍ରକୁ ମସ୍ତକରେ ଧାରଣ କର, ଶୀଘ୍ର ରୋଗରୁ ମୁକ୍ତ ହୋଇଯିବୁ ।'' ବ୍ରହ୍ମସିଂହ ସ୍ୱାମିଜିଙ୍କ କହିବା ଅନୁସାରେ କଲେ । କିଛି ଦିନ ମଧ୍ୟରେ ସେ ପୂର୍ଣ୍ଣ ରୂପେ ଅସାଧ ରୋଗରୁ ମୁକ୍ତ ହୋଇଗଲେ ଏବଂ ସ୍ୱାମିଜିଙ୍କ ଏକନିଷ୍ଠ ସେବକ ବା ଭକ୍ତ ମଧ୍ୟରେ ତାଙ୍କର ଗଣନା ହେଲା ।

ଯକ୍ଷ୍ମାରୋଗରୁ ମୁକ୍ତି

ତା'ପରେ ସ୍ୱାମିଜି ବେଦବ୍ୟାସ ଆଶ୍ରମରେ ରହିଲେ । ପ୍ରତିଦିନ ସେ ଗଙ୍ଗାଘାଟକୁ ସ୍ନାନ କରିବାକୁ ଯାଆନ୍ତି ଏବଂ ମନ ମୌଜରେ ବସି ସମାଧି ଲଗାଇ ଦିଅନ୍ତି । ଦିନେ ଗଙ୍ଗାଘାଟକୁ ଯିବା ସମୟରେ ଦେଖିଲେ ଗୋଟିଏ ଚର୍ମକଙ୍କାଳଯୁକ୍ତ ବ୍ରାହ୍ମଣ ମୃତପ୍ରାୟ ପଡ଼ିଛି । ତାଙ୍କ ପାଖରେ ବହୁତ ଲୋକ ଏକତ୍ରିତ ହୋଇଛନ୍ତି । ତାଙ୍କ ନାମ ଥିଲା ସୀତାନାଥ ବନ୍ଦୋପାଧ୍ୟାୟ । କେଇ ବର୍ଷ ହେବ ସେ ଯକ୍ଷ୍ମାରୋଗଗ୍ରସ୍ତ ଥିଲେ । ରୋଗ ବହୁତ ବଢ଼ିଯିବାରୁ ଶରୀର ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିଲା । ସେ ଗଙ୍ଗାସ୍ନାନକୁ ଆସିଥିଲେ । ଯିବା ସମୟରେ ସେ ଅଙ୍ଗପୀଡ଼ା ତଥା ଦୁର୍ବଳତା ଯୋଗୁଁ ମୂର୍ଚ୍ଛିତ ହୋଇ ପଡ଼ିଯାଇଥିଲେ । ଯାଉ ଯାଉ ତ୍ରୈଲଙ୍ଗ ସ୍ୱାମୀ ସେଠାରେ ରହିଗଲେ ଏବଂ ରୋଗୀ ସାମନାକୁ ଯାଇ ତାଙ୍କ ବକ୍ଷକୁ ନିଜ ଅଙ୍ଗୁଳିରେ ସ୍ପର୍ଶ କରିଦେଲେ । ଅଙ୍ଗୁଳି ସ୍ପର୍ଶ କରିବା ମାତ୍ରେ ରୋଗୀର ମୂର୍ଚ୍ଛା ଏବଂ ପୀଡ଼ା ତଥା ଦୁର୍ବଳତା ଧୀରେ ଧୀରେ ଦୂର ହେବାକୁ ଲାଗିଲା ଏବଂ ସେ ପୁନର୍ଜୀବନ ପାଇବା ସଦୃଶ ଅନୁଭବ କଲେ ତଥା ଆଖି ଖୋଲି ବିଶାଳକାୟ ଯୋଗିରାଜଙ୍କୁ ଦେଖିଲେ । ହାତ ଯୋଡ଼ି ବହୁତ ବିନମ୍ର ତଥା ଶୋକଯୁକ୍ତ ଶବ୍ଦରେ ଦୁଃସାଧ ରୋଗର ପୀଡ଼ା ବର୍ଣ୍ଣନା କଲେ । ତ୍ରୈଲଙ୍ଗ ସ୍ୱାମୀ ନୀରବରେ ଛିଡ଼ା ହୋଇ ସବୁ ଶୁଣିବା ପରେ ଗଙ୍ଗାକୂଳକୁ ଯାଇ କିଛି ଗଙ୍ଗାମୃତ୍ତିକା ଆଣି ବ୍ରାହ୍ମଣଙ୍କ ହାତରେ ଦେଇ କହିଲେ, ''ପ୍ରତିଦିନ ଗଙ୍ଗାସ୍ନାନ ପରେ ଏହାକୁ ସେବନ କରିବୁ, ଏହାରି ଦ୍ୱାରା ତୁ ସମ୍ପୂର୍ଣ୍ଣ ରୂପେ ଭଲ ହୋଇଯିବୁ ।'' ସ୍ୱାମିଜିଙ୍କର ଆଶ୍ୱାସନାପୂର୍ଣ୍ଣ ଆଶୀର୍ବାଦ ବାଣୀ ଶୁଣି ସେ ନିଜ ଶରୀରରେ ନୂତନ ଜୀବନ, ନୂତନ ବଳ, ନୂତନ ଉତ୍ସାହ ପ୍ରବେଶ କରିବା ଭଳି ଅନୁଭବ କଲେ, ଉଠି ସ୍ୱାମିଜିଙ୍କ ଚରଣରେ ମସ୍ତକ ରଖିଦେଲେ, ସ୍ୱାମିଜିଙ୍କ ପ୍ରଦତ୍ତ ଗଙ୍ଗାମୃତ୍ତିକା ନେଇ ଆସ୍ତେ ଆସ୍ତେ ଗୃହକୁ ଗମନ କଲେ । ସ୍ୱାମିଜିଙ୍କ କହିବା ଅନୁସାରେ ପ୍ରତିଦିନ ଗଙ୍ଗାସ୍ନାନ ପରେ ତାଙ୍କ ପ୍ରଦତ୍ତ ଗଙ୍ଗାମୃତ୍ତିକା ସେବନରେ ଅଳ୍ପଦିନ ପରେ ସେ ସମ୍ପୂର୍ଣ୍ଣ ରୂପେ ରୋଗମୁକ୍ତ ହୋଇଗଲେ ।

ଭର୍ତ୍ସନାରୁ ବରଦାନ

ତ୍ରୈଲଙ୍ଗ ସ୍ୱାମିଜି କାଶୀ ବିଶ୍ୱନାଥ ପୁରୀରେ ବାସ କରିବା ସମୟରେ ମନମୌଜରେ ବହୁ ବର୍ଷ ବହୁ ସ୍ଥାନରେ ବାସ କରିଥିଲେ । ସ୍ୱାମିଜି ହନୁମାନ୍ ଘାଟରେ ରହିବା ସମୟରେ କାଶୀରେ ଜଣେ ମହାରାଷ୍ଟ୍ରୀୟ ବ୍ରାହ୍ମଣ ପରିବାର ବାସ କରୁଥିଲେ । ତାଙ୍କ ପେଟ ଭିତରେ ଗୋଟିଏ ସାଂଘାତିକ ଘା ହୋଇଥିଲା । ସେହି ମରଣାପନ୍ନ ଅସାଧ୍ୟ ଘା'ରୁ ଜୀବନ ରକ୍ଷା କରିବା ସକାଶେ ତାଙ୍କ ଧର୍ମପତ୍ନୀ ପ୍ରତିଦିନ ଶ୍ରୀବିଶ୍ୱନାଥଙ୍କୁ ପୂଜା କରିବାକୁ ଯାଉଥିଲେ ।

କାଶୀର ଗଳିରାସ୍ତାଗୁଡ଼ିକ ବହୁତ ଛୋଟ । ଗୋଟିଏ ଷଣ୍ଢ ଆସିଲେ ରାସ୍ତା ବନ୍ଦ ହୋଇଯାଏ । ଦିନେ ସେହି ମହାରାଷ୍ଟ୍ରୀୟ ମହିଳା ଗଙ୍ଗାସ୍ନାନ କରି ପୂଜାଦ୍ରବ୍ୟ ହସ୍ତରେ ଧରି ବିଶ୍ୱନାଥଙ୍କ ମନ୍ଦିର ଅଭିମୁଖେ ଯାଉଥିଲେ । ସେହି ରାସ୍ତାର ବିପରୀତ ଦିଶାରୁ ଆସୁଥିଲେ ବିଶାଳକାୟ ନଗ୍ନସନ୍ନ୍ୟାସୀ ତ୍ରୈଲଙ୍ଗ ସ୍ୱାମୀ । ତାଙ୍କୁ ନିଜ ସମ୍ମୁଖରେ ଦେଖି ସେହି ମହିଳା ସଙ୍କୋଚ ଏବଂ ଲଜ୍ଜା ତଥା ଭୟରେ ଗୋଟିଏ କଡ଼କୁ ଛିଡ଼ା ହୋଇଗଲେ । ନୈତିକତା ବିରୋଧ ପୂର୍ବକ ଜନସମୂହ ମଧ୍ୟରେ ନଗ୍ନସନ୍ନ୍ୟାସୀ ରହିବା ଅନୁଚିତ ମନେ କରିବାରୁ ତାଙ୍କ ହୃଦୟରେ ରାଗ ସଞ୍ଚାର ହେଲା । ସେ ଘୃଣା ଏବଂ ତିରସ୍କାର ପୂର୍ବକ ଆକ୍ଷେପ ତଥା କଟୁ ଶବ୍ଦରେ କହିଲେ, ''ଗୃହ, ପରିବାର ତଥା ସମାଜ ତ୍ୟାଗ କରିଥିବା ସନ୍ନ୍ୟାସୀଙ୍କୁ ଯଦି ନଗ୍ନ ରହିବାକୁ ହୁଏ, ତେବେ ଜଙ୍ଗଲରେ ରହିବା ଉଚିତ । ଜନସମୂହ ତଥା ତୀର୍ଥ ସ୍ଥାନରେ ରହିବା ଆବଶ୍ୟକ କ'ଣ ? ସମାଜର ବିରୋଧାଚରଣ କରିବା ବ୍ୟକ୍ତିଙ୍କର ସମାଜରେ ରହିବା ଆଦୌ ଉଚିତ ନୁହେଁ ।'' ଏହି କଟୁ, ତିରସ୍କୃତ ବାକ୍ୟବାଣ ତ୍ରୈଲଙ୍ଗ ସ୍ୱାମୀଙ୍କ ହୃଦୟକୁ ସ୍ପର୍ଶ କଲା ନାହିଁ । ସେ ନିର୍ବିକାର ରୂପେ ନିଜ ମସ୍ତିରେ ଚାଲିଗଲେ ।

ମହିଳା ଜଣକ ନୀତିପରାୟଣା, ପତିନିଷ୍ଠ ଥିବାରୁ ତ୍ରୈଲଙ୍ଗ ସ୍ୱାମୀଙ୍କ ସମାଜବିରୋଧାଚରଣ କର୍ମ ତାଙ୍କୁ ଅସହ୍ୟ ହୋଇପଡ଼ିଥିଲା । ସେ ସକାଶେ ସ୍ୱାମିଜିଙ୍କୁ କଟୁବାକ୍ୟ କହି ବିଷାଦ ମନରେ ଶ୍ରୀବିଶ୍ୱନାଥ ମନ୍ଦିରକୁ ସେ ଗଲେ ଏବଂ ନୀତି ନିୟମ ଅନୁସାରେ ବିଶ୍ୱନାଥଙ୍କୁ ପୂଜା କରି ଘରକୁ ଫେରି ଆସିଲେ । ସେଦିନ ତାଙ୍କର ପୂର୍ବର ସମସ୍ତ ଦିନ ସଦୃଶ ପ୍ରସନ୍ନତା ନ ଥିଲା । ମନରେ ଗୋଟାଏ ବିଷାଦର ଝଞ୍ଜା ବହୁଥିଲା ।

ଦିବସ ଶେଷ ହେଲା । ରାତ୍ରିରେ ରୋଷେଇବାସ ଶେଷ କରି ଖିଆପିଆ କରି ସମସ୍ତେ ବିଶ୍ରାମ ନେଲେ । ନିଦ୍ରା ଅବସ୍ଥାରେ ମହିଳାଟି ସ୍ୱପ୍ନରେ ଦେଖିଲେ ଶ୍ରୀବିଶ୍ୱନାଥ କ୍ରୋଧରେ କହୁଅଛନ୍ତି, ''ମୃତ୍ୟୁମୁଖରୁ ତୋ ପତିକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଯେଉଁ ମନୋଭାବରେ ପ୍ରତିଦିନ ମୋତେ ପୂଜା କରୁଅଛୁ ତାହା ମୋ ଦ୍ୱାରା ସିଦ୍ଧ ହେବ ନାହିଁ, ହେବ ଆଜି ତୁ ଯେଉଁ ନଗ୍ନ ସନ୍ନ୍ୟାସୀଙ୍କୁ କଟୁବାକ୍ୟରେ ଅପମାନିତ କରିଅଛୁ ତାଙ୍କ ଦ୍ୱାରା ।''

ସ୍ୱପ୍ନଟି ଶେଷ ହେବା ସଙ୍ଗେ ସଙ୍ଗେ ତାଙ୍କ ନିଦ ଭାଙ୍ଗିଗଲା । ସେ ଭୟଭୀତ ଆତଙ୍କରେ ବିଚାର କରିବାକୁ ଲାଗିଲେ, ''ଏହା ସ୍ୱପ୍ନ ନା ସତ୍ୟ ? ପ୍ରତ୍ୟକ୍ଷ ରୂପେ ଦେଖିଲି ସାକ୍ଷାତ୍ ଶ୍ରୀବିଶ୍ୱନାଥ ମୋ ସାମନାରେ ଛିଡ଼ାହୋଇ କହିଲେ । ସ୍ୱପ୍ନ କ'ଣ ଏତେ ପ୍ରତ୍ୟକ୍ଷ ହୁଏ ? ସ୍ୱପ୍ନ ଯଦି ହୋଇଥାଆନ୍ତା ତେବେ ସେ ଶବ୍ଦସବୁ ଏବେ ବି ମୋ କାନରେ ଗୁଞ୍ଜର କରନ୍ତା କିପରି ? ସ୍ୱପ୍ନରେ କ'ଣ ଶରୀର ଥରେ ? ନା, ଏହା ସ୍ୱପ୍ନ ନୁହେଁ । ଏହା ଏକେବାରେ ପ୍ରତ୍ୟକ୍ଷ । ବିନା କାରଣରେ ସେ ମହାପୁରୁଷଙ୍କୁ ମୁଁ ବହୁତ କଟୁଶବ୍ଦ କହିଅଛି । ସେ ମୋ ଉପରେ କୃପା କରିବେ କାହିଁକି ? ତଥାପି ସେ ମହାପୁରୁଷ, ସେ ମୋ ଅପରାଧ କ୍ଷମା କରି ଅବଶ୍ୟ କୃପା କରିବେ । ଶଙ୍କରଙ୍କ ବଚନ କେବେ ବି ବ୍ୟର୍ଥ ହେବ ନାହିଁ ।''

ଏହିପରି ଭାବୁ ଭାବୁ ରାତ୍ରି ଶେଷ ହୋଇଗଲା । ସେ ଅତ୍ୟନ୍ତ ବ୍ୟାକୁଳରେ ଗଙ୍ଗାସ୍ନାନ କରି ସ୍ୱାମିଜିଙ୍କ ରହିବା ସ୍ଥାନକୁ ଚାଲିଗଲେ ଏବଂ ସ୍ୱାମିଜିଙ୍କ ଚରଣରେ ମସ୍ତକ ରଖି ନିଜ ଅପରାଧ କ୍ଷମା କରିବା ସକାଶେ ପ୍ରାର୍ଥନା କଲେ । ଦୁଇ ନେତ୍ରରୁ ଲୋତକ ବର୍ଷା ହେଉଥାଏ । ସେ ଆଉ କିଛି ନ କହି କେବଳ କାନ୍ଦୁଥାଆନ୍ତି । ସ୍ୱାମିଜି ମହାରାଷ୍ଟ୍ରୀୟା ମହିଳାଙ୍କୁ କୋମଳ ବାକ୍ୟରେ ଆଶ୍ୱାସନା ଦେଇ ଶାନ୍ତ କରାଇ ଦେଲେ । ତାଙ୍କ ଦ୍ୱାରା ଅପମାନିତ ହୋଇଥିବା ଧାରଣା ପର୍ଯ୍ୟନ୍ତ ତାଙ୍କର ନ ଥିଲା । ତଥାପି ସେ ପ୍ରସନ୍ନତା ମୁଦ୍ରାରେ ଆଶୀର୍ବାଦ ସହ କୋମଳ ବାକ୍ୟରେ ମହିଳାଙ୍କ ପଶ୍ଚାତ୍ତାପ ଦୂର କରିବା ସକାଶେ ତାଙ୍କୁ କ୍ଷମା କରିଦେଲେ ତଥା ତାଙ୍କ ପତିଙ୍କର ଅସାଧ୍ୟ ଉଦର ଘା ଆରୋଗ୍ୟ ସକାଶେ

କିଛି ବିଭୂତି ତାଙ୍କୁ ଦେଲେ । ମହାରାଷ୍ଟ୍ରୀୟା ମହିଳା ପ୍ରସନ୍ନତାରେ ବିଭୂତି ନେଇ ଘରକୁ ଫେରିଆସି ପତିଙ୍କ ମସ୍ତକରେ ଲଗାଇ ଦେଲେ । ସେହିକ୍ଷଣରୁ ତାଙ୍କ ପତି ସୁସ୍ଥ ଅନୁଭବ କଲେ ଏବଂ ଅଳ୍ପ ଦିନରେ ପୂର୍ଣ୍ଣ ରୂପେ ଆରୋଗ୍ୟ ହୋଇଗଲେ ।

ସ୍ୱାମିଜିଙ୍କର କୌତୂହଳ

ଜଣେ ରାଜା ତାଙ୍କ ପତ୍ନୀଙ୍କ ସହିତ କାଶୀ ଆସିଥିଲେ । ତାଙ୍କ କୋଠି କାଶୀ ଦଶାଶ୍ୱମେଧ ଘାଟରୁ ଅଳ୍ପ ଦୂରରେ ଥିଲା । ତାଙ୍କ ସଙ୍ଗେ ବହୁତ ଅଫିସର କର୍ମଚାରୀ ତଥା ସେବକ ଆସିଥିଲେ । ନିର୍ଦିଷ୍ଟ ଦିନ ପୁଣ୍ୟ ମୁହୂର୍ତ୍ତରେ ଦଶାଶ୍ୱମେଧ ଘାଟରେ ସ୍ନାନ କରିବା ନିଶ୍ଚିତ ହୋଇଥିଲା । ସେ ସମୟର ନିୟମ ଅନୁସାରେ ରାଣୀଙ୍କ ସହ ରାଜମହଲର ରମଣୀମାନେ ପରଦାରେ ରହୁଥିଲେ । ସେମାନେ ଯେଉଁ ତୀର୍ଥସ୍ଥାନକୁ ଯାଉଥିଲେ ସେଠାରେ ପରଦା କରା ହେଉଥିଲା । ସେଦିନ ବି ରାଣୀଙ୍କ ସ୍ନାନ ସକାଶେ ତାଙ୍କ କୋଠିଠାରୁ ଦଶାଶ୍ୱମେଧ ଘାଟ ପର୍ଯ୍ୟନ୍ତ ଦୁଇ କଡ଼ରେ କନାତ ବା ପରଦା କରାହେଲା । ସିପାହିମାନେ ପହରାରେ ରହିଲେ । ରାଜାରାଣୀ ଉଭୟ ସେହି କନାତ ବା ପରଦା ମଧ୍ୟରେ ଆସି ଗଙ୍ଗାସ୍ନାନ କରିବେ । ଠିକ୍ ରାଜାରାଣୀ କନାତ ବା ଦୁଇ ତରଫ ମୋଟା ଲୁଗାର ବାଡ଼ ସଦୃଶ ଥିବା ମାର୍ଗ ମଧ୍ୟରେ ଆସି ଗଙ୍ଗାଘାଟରେ ଉତରିବା ସମୟରେ ତାଙ୍କ ସମ୍ମୁଖରେ ବିଶାଳକାୟ ନଗ୍ନ ତ୍ରୈଲଙ୍ଗ ସ୍ୱାମୀ ଆସିଗଲେ । ସିପାହିମାନଙ୍କର କଡ଼ା ପହରା ଥିବା ସତ୍ତ୍ୱେ ତ୍ରୈଲଙ୍ଗ ସ୍ୱାମୀ କିପରି କେଉଁଠୁ ଘେରା ଭିତରକୁ ଆସିଲେ, ଏହା ଦେଖି ରାଜା ଆଶ୍ଚର୍ଯ୍ୟ ହୋଇଗଲେ । ରାଣୀ ଭୟଭୀତ ହୋଇ ଗୋଟିଏ ପାଖରେ ଛିଡ଼ା ହୋଇଗଲେ । ରାଜା କ୍ରୋଧରେ ଜୋର୍‌ରେ ସିପାହିମାନଙ୍କୁ ଡାକିବାରୁ ବହୁତ ସିପାହି ଆସି ସ୍ୱାମିଜିଙ୍କୁ ଘେରିଗଲେ ଏବଂ ତାଙ୍କୁ ଦଣ୍ଡ ଦେବା ସକାଶେ ରାଜାଙ୍କ ଆଦେଶରେ ରାଜମହଲକୁ ନେଇଗଲେ । ଏହି ଘଟଣା ଦେଖି ସେଠାରେ ଉପସ୍ଥିତ ଥିବା ବ୍ୟକ୍ତି ସ୍ୱାମିଜିଙ୍କର ନିର୍ବିକାରତା, ଅଲୌକିକ ସିଦ୍ଧି ତଥା ଅଧ୍ୟାତ୍ମ ପ୍ରଭାବ ବିଷୟରେ ରାଜାଙ୍କୁ ସୂଚାଇ ଦେଲେ । ଏହା ଶୁଣିବା ସତ୍ତ୍ୱେ ରାଜା ସେସବୁ କଥାକୁ ଗୁରୁତ୍ୱ ନ ଦେଇ ନୀରବ ରହିଲେ । ଏହାଫଳରେ ରାଜାଙ୍କ ସିପାହିମାନେ ସ୍ୱାମିଜିଙ୍କ ପ୍ରତି ଖରାପ ବ୍ୟବହାର କରିଥିଲେ ।

ଏହି ଘଟଣା କଥା କଥାରେ ବ୍ୟାପ୍ତ ହୋଇଗଲା । ସ୍ୱାମିଜିଙ୍କ କେତେକ ବିଶିଷ୍ଟ ଭକ୍ତ ସ୍ୱାମିଜିଙ୍କ ଅଧ୍ୟାତ୍ମ ପ୍ରଭାବ ତଥା ବାଳକ ସଦୃଶ କୌତୂହଳ କର୍ମ ବିଷୟ ରାଜାଙ୍କୁ କହିଲେ ଏବଂ ତାଙ୍କୁ ଛାଡ଼ିଦେବାକୁ ଅନୁରୋଧ କଲେ । ସେମାନଙ୍କ କଥାରେ ରାଜା ତ୍ରୈଲଙ୍ଗ ସ୍ୱାମୀଙ୍କୁ ଛାଡ଼ିଦେଲେ ।

ସେହିଦିନ ରାତ୍ରିରେ ରାଜା ସ୍ୱପ୍ନରେ ଦେଖିଲେ, ଜଣେ ବ୍ୟାଘ୍ରଚର୍ମ ଧାରଣ କରିଥିବା ବିଶାଳକାୟ ବ୍ୟକ୍ତି ରାଗାନ୍ୱିତ ହୋଇ ତ୍ରିଶୂଳ ବୁଲାଉଥିବା ଅବସ୍ଥାରେ ତାଙ୍କୁ କହିଲେ, ''ତୋର ଏତେ ସାହସ, ତ୍ରୈଲଙ୍ଗ ସ୍ୱାମୀଙ୍କ ପରିଚୟ ପାଇବା ପରେ ବି ତୋ ଅନୁଚରମାନେ ତାଙ୍କୁ ଅପମାନିତ କଲେ ! ତୋ ସଦୃଶ ମଦାନ୍ଧ ବ୍ୟକ୍ତି କାଶୀରେ ରହିବା ଉଚିତ ନୁହେଁ । ଶୀଘ୍ର ଏଠାରୁ ଦୂର ହୁଅ ।'' ଏପରି ତ୍ରାସପ୍ରଦ ବାକ୍ୟ ଶୁଣି ସମ୍ମୁଖରେ ତ୍ରିଶୂଳ ବୁଲାଉଥିବା ବ୍ୟକ୍ତିଙ୍କୁ ଦେଖି ରାଜା ଭୟରେ ଆତଙ୍କିତ ହୋଇ ଜୋର୍‌ରେ ପାଟି କଲେ । ରାଜାଙ୍କର ନିଦ୍ରାଯୁକ୍ତ ଆତଙ୍କିତ ଚିତ୍କାର ଶୁଣି ମହଲର ସମସ୍ତ ବ୍ୟକ୍ତିଙ୍କର ନିଦ୍ରାଭଙ୍ଗ ହେଲା । ଏବଂ ସେମାନେ ରାଜାଙ୍କ ଶୟନକକ୍ଷକୁ ଦୌଡ଼ି ଆସିଲେ । ରାଜାଙ୍କର ମଧ୍ୟ ନିଦ ଭାଙ୍ଗି ଯାଇଥିଲା ଏବଂ ଭୟରେ ତାଙ୍କ ଦେହ ଥରୁଥିଲା । ରାଜାଙ୍କୁ କେତେକ ବ୍ୟକ୍ତି ତ୍ରସିତ ଚିତ୍କାରର କାରଣ ପଚାରିଲେ । କିନ୍ତୁ ରାଜା କାହାକୁ ଉତ୍ତର ଦେଲେ ନାହିଁ; ଭୟରେ ରାତ୍ରି ବ୍ୟତୀତ ହେଲା । ଭୋର ହେବା ସଙ୍ଗେ ସଙ୍ଗେ ରାଜା ତ୍ରୈଲଙ୍ଗ ସ୍ୱାମୀଙ୍କ ପାଖକୁ ଯାଇ ତାଙ୍କ ଚରଣରେ ମସ୍ତକ ରଖି ନିଜ ଅପରାଧର କ୍ଷମା ପ୍ରାର୍ଥନା କଲେ । ତ୍ରୈଲଙ୍ଗ ସ୍ୱାମୀ ସ୍ୱାଭାବିକ ପ୍ରସନ୍ନତାରେ ରାଜାଙ୍କୁ ସ୍ନେହପୂର୍ଣ୍ଣ ବାକ୍ୟରେ କ୍ଷମା କରିଦେଲେ ଏବଂ ଭଗବାନ୍ ଶଙ୍କରଙ୍କୁ ଭକ୍ତି କରି ଯେତେଦିନ ପର୍ଯ୍ୟନ୍ତ ଇଚ୍ଛା ସେତେଦିନ ପର୍ଯ୍ୟନ୍ତ କାଶୀରେ ରହିବାକୁ କହିଲେ ।

ଗଙ୍ଗାବିହାର

ତ୍ରୈଲଙ୍ଗ ସ୍ୱାମୀ ଉଚ୍ଚକୋଟୀର ଯୋଗୀ ଥିଲେ । ଏହିପରି କେତେକ ଅଲୌକିକ ଘଟଣା ଯୋଗୁଁ ତାଙ୍କ ଯୋଗଶକ୍ତିର ପ୍ରଭାବ ଅଳ୍ପ ବର୍ଷ ମଧ୍ୟରେ ପ୍ରସାର ହୋଇଗଲା । ରୋଗ, ଶୋକ, ଦୁଃଖତାପପ୍ରପୀଡ଼ିତ ବହୁତ ବ୍ୟକ୍ତି ସେମାନଙ୍କ ଦୁଃଖତାପରୁ ମୁକ୍ତ ହେବା ସକାଶେ ସ୍ୱାମିଜି ଗଙ୍ଗାଘାଟକୁ ଆସିବା ସମୟରେ ତାଙ୍କ ପଛେ ପଛେ ଆସୁଥିଲେ । ସ୍ୱାମିଜି ଆନ୍ତର ପ୍ରେରଣାରେ ଯଦି କାହାକୁ କିଛି ଦେବାର ହୁଏ ତାହା ଦେଇ ଦେଉଥିଲେ ଅଥବା ଗଙ୍ଗାଘାଟରେ ଆସି ସମାଧିସ୍ଥ ହୋଇ ଯାଉଥିଲେ । କେବେ କେବେ ସେଠାରେ ବହୁତ ଭିଡ଼ ହେଲେ ମନମୌଜରେ ଗଙ୍ଗାସ୍ରୋତରେ ଡେଇଁ ପଡୁଥିଲେ ଏବଂ ଗଙ୍ଗାର ମଧ୍ୟ ସ୍ରୋତରେ ଛିଡ଼ା ହୋଇ ଜଳରେ ଖେଳୁଥିଲେ ଅଥବା ଆନନ୍ଦରେ ଦୁଇ ଗୋଡ଼ ଲମ୍ବାଇ ସ୍ରୋତରେ ଭାସୁଥିଲେ କିଂବା ଜଳ ମଧ୍ୟରେ ଡୁବି ବହୁତ ଦୂର ଚାଲିଯାଉଥିଲେ । ଯେପର୍ଯ୍ୟନ୍ତ ସ୍ୱାମିଜି ଜଳରେ ଖେଳୁଥିଲେ ସେପର୍ଯ୍ୟନ୍ତ କୂଳରେ ବହୁ ନରନାରୀ ଛିଡ଼ାହୋଇ ଦର୍ଶନ କରୁଥିଲେ ।

ସ୍ୱାମିଜିଙ୍କର ଗଙ୍ଗା ପ୍ରତି ଅତ୍ୟନ୍ତ ଭକ୍ତି ଥିଲା । ଗଙ୍ଗା ସ୍ରୋତରେ ହାତ ଗୋଡ଼ ଲମ୍ବେଇ ଚିତ୍ ହୋଇ ଭାସିବା ସମୟରେ ପୃଥିବୀରେ ଶୋଇଥିବା ସଦୃଶ ଜଣା ପଡୁଥିଲା । ଅଥଳ ସ୍ରୋତରେ ଛିଡ଼ାହୋଇ କଲ୍ଲୋଳ କରିବା ସମୟରେ ତାଙ୍କ ଗୋଡ଼ ପୃଥିବୀରେ ଥିବା ସଦୃଶ ପ୍ରତୀତ ହେଉଥିଲା । ସେ ଘଣ୍ଟା ଘଣ୍ଟା କିଂବା ଦିନ ଦିନ ଧରି ଗଙ୍ଗାସ୍ରୋତରେ ଆନନ୍ଦରେ ବିହାର କରୁଥିଲେ । ସ୍ୱାମିଜି ଗଙ୍ଗାରେ ସ୍ୱଚ୍ଛନ୍ଦରେ ବିହାର କରିବା ଦେଖି ଲୋକେ ତାଙ୍କୁ ଗଙ୍ଗାମାତାଙ୍କ ପୁତ୍ର ଭୀଷ୍ମ ବୋଲି କହୁଥିଲେ ।

ତ୍ରୈଲଙ୍ଗ ସ୍ୱାମୀଙ୍କର ଶିଷ୍ୟ ଉମାପଦ ମୁଖୋପାଧ୍ୟାୟ ତାଙ୍କ ଗଙ୍ଗାବିହାରର ଗୋଟିଏ ବିବରଣୀ ଦେଇଛନ୍ତି – ''ଦିନେ ସ୍ୱାମିଜିଙ୍କ ସହିତ ମୁଁ ସ୍ନାନ କରିବା ସକାଶେ ଜଳରେ ପ୍ରବେଶ କଲି । ସେ ଗଙ୍ଗାସ୍ରୋତକୁ ଚାଲିଗଲେ ଏବଂ ଜଳସ୍ରୋତ ଉପରେ ହାତଗୋଡ଼ ସ୍ଥିର ଅଚଳ ରଖି ଶୋଇ ପଡ଼ିବା ଭଳି ଭାସିଲେ । କିଛି ସମୟ ପରେ ହାତଗୋଡ଼ ଏବଂ ସର୍ବାଙ୍ଗ ଶରୀର ନ ହଲାଇ ନିଶ୍ଚଳ ସ୍ଥିର ରଖି ସ୍ରୋତର ବିପରୀତ ଦିଶାକୁ ପ୍ରବାହିତ ହେଲେ । ଏହିପରି ଅବସ୍ଥାରେ କିଛି ଦୂର ଯାଇ ଅଦୃଶ୍ୟ ହୋଇଗଲେ । ସମ୍ଭବତଃ ଜଳ ମଧ୍ୟରେ ବୁଡ଼ିଗଲେ । ମୁଁ ସେହି ଜଳ ମଧ୍ୟରେ ଛିଡ଼ାହୋଇ ପ୍ରତୀକ୍ଷା କରିଥାଏ । ଦୁଇ ଘଣ୍ଟା ପରେ ହଠାତ୍ ମୋ ନିକଟରେ ପୂର୍ବବତ୍ ଭାସିଉଠିଲେ । ଏବଂ ଜଳରୁ ବାହାରି ଗଙ୍ଗାଘାଟରେ ବସିପଡ଼ିଲେ । ମୁଁ ତାଙ୍କ ଦେହରୁ ଜଳ ଗାମୁଛାରେ ପୋଛି ଦେଲି । ତତ୍ପରେ ଆମେ ଦୁହେଁ ଆଶ୍ରମକୁ ଫେରି ଆସିଲୁ । ଗଙ୍ଗାସ୍ରୋତରେ ସ୍ୱାମିଜି ଭାସୁଥିବା ସମୟରେ ବାଳକ ସଦୃଶ ଖେଳୁଥିଲେ । ସ୍ୱାମିଜିଙ୍କର ଏହି ଜଳକ୍ରୀଡ଼ାକୁ ହଜାର ହଜାର ଦର୍ଶନାର୍ଥୀ ଗଙ୍ଗାକୂଳରେ ଛିଡ଼ାହୋଇ ଦେଖୁଥିଲେ ।''

ଚମତ୍କାରିତାରେ ଉପଦେଶ

ଥରେ ଉଜ୍ଜୟିନୀର ରାଜା କାଶୀ ଆସିଥିଲେ । ସେ ବ୍ୟାସକାଶୀ ଏବଂ ରାମନଗର ପରିଦର୍ଶନ କରି ନୌକାରେ ଗଙ୍ଗା ପାର ହୋଇ କାଶୀ ଆସୁଥିଲେ । ବ୍ୟାସ-କାଶୀ ଏବଂ ରାମନଗର ହେଉଛି ଗଙ୍ଗାର ଅନ୍ୟ ପାରିରେ । ଗଙ୍ଗା ପାରି ହେବା ସମୟରେ ରାଜା ଦେଖିଲେ ଜଣେ ବିଶାଳକାୟ ବ୍ୟକ୍ତି ଗଙ୍ଗାସ୍ରୋତରେ ଭାସୁଅଛନ୍ତି । ନୌକାରେ ଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ସ୍ୱାମିଜିଙ୍କୁ କେହି କେହି ଚିହ୍ନିଥିଲେ । ସେମାନେ ରାଜାଙ୍କୁ ସ୍ୱାମିଜିଙ୍କର ପରିଚୟ ଦେଲେ । କିଛି ସମୟ ପରେ ଦେଖାଗଲା ସ୍ୱାମିଜି ଭାସି ଭାସି ନୌକା ଆଡ଼କୁ ଆସିଲେ । ନିକଟକୁ ଆସିବାରୁ ନୌକାରେ ଥିବା ବ୍ୟକ୍ତିମାନେ ସ୍ୱାମିଜିଙ୍କୁ ଡାକି ତାଙ୍କୁ ଧରି ଜଳରୁ ଉଠାଇଆଣି ନୌକାରେ ବସାଇଲେ ।

ରାଜା ପୂର୍ବରୁ ସ୍ୱାମିଜିଙ୍କ ପ୍ରଭାବ ଶୁଣିଥିଲେ । ତାଙ୍କ ଅନ୍ତରରେ ସ୍ୱାମିଜିଙ୍କ ପ୍ରତି ଶ୍ରଦ୍ଧା ଜାତ ହୋଇଥିଲା । ସ୍ୱାମିଜି ନୌକାରେ ବସିବା ପରେ ନିଜ ପାତ୍ରମନ୍ତ୍ରୀଙ୍କ ସହିତ ରାଜା ତାଙ୍କୁ ପ୍ରଣାମ କଲେ । ସବୁ ଲୋକ କୌତୂହଳ ଓ ଶ୍ରଦ୍ଧାଭକ୍ତି

ସହିତ ସ୍ୱାମିଜିଙ୍କୁ ଦେଖୁଥିଲେ । ସ୍ୱାମିଜି ଗୋଟିଏ ବାଳକ ସଦୃଶ ସବୁ ଆଡ଼କୁ ଦେଖୁଥାଆନ୍ତି । ରାଜାଙ୍କ ଅଣ୍ଟାରେ ଝୁଲୁଥିବା ତରକସରେ* ଗୋଟିଏ ତଲବାର ଉପରେ ତାଙ୍କର ଦୃଷ୍ଟି ପଡ଼ିଲା । ସେ ରାଜାଙ୍କୁ ସେହି ତଲବାରଟି ମାଗି ନିଜ ହାତକୁ ନେଲେ । କିଛି ସମୟ ପର୍ଯ୍ୟନ୍ତ ତଲବାରଟିକୁ ଏପାଖ ସେପାଖ କରି ଦେଖିଲେ ଏବଂ ହଠାତ୍ ଗଙ୍ଗାସ୍ରୋତକୁ ଫୋପାଡ଼ି ଦେଲେ । ଏହି ଘଟଣାରେ ରାଜାଙ୍କ ଅନୁଚରମାନେ ସନ୍ତ୍ରସ୍ତ ହୋଇପଡ଼ିଲେ । ପରିଣାମ କ'ଣ ହେବ କେହି ଭାବି ପାରୁ ନ ଥିଲେ । କିନ୍ତୁ ଗୋଟିଏ ଛୋଟ ଶିଶୁ କୌଣସି କୌତୂହଳପୂର୍ଣ୍ଣ ଖେଳରେ ବିଜୟ ହାସଲରେ ଅତ୍ୟନ୍ତ ଖୁସୀ ହେବା ସଦୃଶ ସ୍ୱାମିଜି ଅତ୍ୟନ୍ତ ପ୍ରସନ୍ନତାରେ ଠୋ ଠୋ ହୋଇ ହସୁଥିଲେ । ଏହି ତଲବାରକୁ ଇଂରେଜ ସରକାର ରାଜାଙ୍କୁ ଉପହାର ଦେଇଥିଲେ । ଏପରି ମୂଲ୍ୟବାନ୍ ତଥା ଇଂରେଜ ସରକାରଙ୍କ ଉପହାର ଅଙ୍ଗରକ୍ଷା ତଲବାରଟିକୁ ନଷ୍ଟ କରାହେବାରୁ ରାଜାଙ୍କର କ୍ଷୋଭ ଏବଂ କ୍ରୋଧର ସୀମା ରହିଲା ନାହିଁ; ସେ ପାଗଳ ସନ୍ନ୍ୟାସୀକୁ କଠୋର ଦଣ୍ଡ ଦେବା ସକାଶେ କର୍କଶ ଶବ୍ଦରେ ଧମକାଇଲେ ।

ରାଜାଙ୍କ ସାଥିରେ ଥିବା ବ୍ୟକ୍ତିଙ୍କ ମଧ୍ୟରୁ ଜଣେ, ଦୁଇଜଣ ପ୍ରତିଷ୍ଠିତ ବ୍ୟକ୍ତି ରାଜାଙ୍କୁ ଶାନ୍ତ କରାଇବା ଉଦ୍ଦେଶ୍ୟରେ କହିଲେ, ''ମହାରାଜ, ଏଠାରେ କେତେ ଲୋକ ଅଛନ୍ତି ସେମାନେ ପାଣିରେ ବୁଡ଼ି ଜଳ ଭିତରୁ ବସ୍ତୁକୁ ଖୋଜି ଆଣନ୍ତି । ସେମାନଙ୍କୁ ଡକାଇ ସ୍ରୋତ ମଧ୍ୟରୁ ତଲବାର ଉଦ୍ଧାର କରିନେବା ।'' ଏପରି ଆଶ୍ୱାସନାପୂର୍ଣ୍ଣ ବାକ୍ୟରେ ରାଜାଙ୍କ କ୍ରୋଧ ଶାନ୍ତ ହେଉ ନ ଥିଲା । ସେ ସନ୍ନ୍ୟାସୀଙ୍କୁ ଧରି କଠୋର ଦଣ୍ଡ ଦେବାକୁ ଚାହୁଁଥିଲେ । ଏହି ପରିସ୍ଥିତିରେ ନୌକା ଘାଟ ସମୀପରେ ପହଞ୍ଚିଲା ।

ଏପର୍ଯ୍ୟନ୍ତ ସ୍ୱାମିଜି ଚୁପ୍‌ଚାପ୍ ରହି ରାଜାଙ୍କ କୋପଯୁକ୍ତ ବାକ୍ୟ ଶୁଣି ହସୁଥିଲେ । ଏଥିରେ ରାଜାଙ୍କର ଆହୁରି କ୍ରୋଧ ବଢୁଥିଲା । ସେହି ସମୟରେ ସ୍ୱାମିଜି ନୌକାରେ ବସିଥିବା ଅବସ୍ଥାରେ ଗଙ୍ଗାସ୍ରୋତରେ ହାତ ବୁଡ଼ାଇଦେଲେ । ନୌକାରେ ଥିବା ସମସ୍ତ ବ୍ୟକ୍ତି ଆଶ୍ଚର୍ଯ୍ୟ ହୋଇ ଦେଖୁଥାଆନ୍ତି । ଦୁଇଟି ତଲବାର ଚମଚମ ହୋଇ ସ୍ୱାମିଜିଙ୍କ ହାତକୁ ଆସିଗଲା । ସ୍ୱାମିଜି ଯେଉଁ ତଲବାର ଗଙ୍ଗାସ୍ରୋତରେ ପକାଇ ଦେଇଥିଲେ ଠିକ୍ ସେହିପରି ଦୁଇଟିଯାକ ତଲବାର । ସ୍ୱାମିଜି ରାଜାଙ୍କୁ କହିଲେ, ''ଏହି ଦୁଇ ତଲବାର ମଧ୍ୟରୁ ତୋର କେଉଁଟି ଚିହ୍ନିନେ ।'' ରାଜା ଅବାକ୍ ହୋଇ ସ୍ୱାମିଜିଙ୍କୁ ଚାହିଁରହିଲେ । ଦୁଇଟିଯାକ ତଲବାର ଏକେବାରେ ସମାନ, ଟିକିଏ ବି ଭିନ୍ନତା ନାହିଁ ବରଂ ଦୁଇଟିଯାକ ସେହି ଏକା ତଲବାର । ରାଜା ବୁଝି ପାରୁ ନ ଥିଲେ ସେହି ଦୁଇଟି ତଲବାର ମଧ୍ୟରୁ ତାଙ୍କର କେଉଁଟି ।

ସ୍ୱାମିଜି ମୌନ ଭଙ୍ଗକରି ରାଜାଙ୍କୁ କହିଲେ –''ମୂର୍ଖ, ତୁ ଯେଉଁ ବସ୍ତୁକୁ ନିଜର ମାନି ନେଇଥିଲୁ, ଯାହା ସକାଶେ ଏତେ କ୍ରୋଧ ଏବଂ ଏତେ କ୍ଷୋଭ କରୁଛୁ, ତାକୁ ଚିହ୍ନି ବି ପାରୁ ନାହୁଁ । ଯଥାର୍ଥରେ ଏହି ବସ୍ତୁ ତୋର ନୁହେଁ । ମୃତ୍ୟୁ ପରେ ଯେଉଁ ବସ୍ତୁ ସଙ୍ଗରେ ଯିବ ନାହିଁ, ଏହିଠାରେ ରହିବ, ଏବଂ ଅନ୍ୟ ଲୋକ ବ୍ୟବହାର କରିବେ, ସେ ବସ୍ତୁ ତୋର ହେବ କିପରି ? କେବଳ ମୋହ, ଅଜ୍ଞାନ, ଦମ୍ଭ, ଅଭିମାନର ବଶ ହୋଇ ଯାହା ଚିରସାଥୀ, ଜନ୍ମଜନ୍ମାନ୍ତର ଧରି ସଙ୍ଗେ ରହି ରକ୍ଷା କରିବ, ତାକୁ ଭୁଲିଯାଇଛୁ, ସାମୟିକ ନାଶବାନ୍ ବସ୍ତୁକୁହିଁ ନିଜର ମାନି ନେଇଛୁ । ମନୁଷ୍ୟଜନ୍ମ ଅତ୍ୟନ୍ତ ଦୁର୍ଲଭ । ଏହି ମନୁଷ୍ୟଜନ୍ମରେହିଁ ବ୍ୟକ୍ତି ମୋହ, ମାୟା, ଅଜ୍ଞାନରୁ ମୁକ୍ତ ହୋଇ ଯଥାର୍ଥ ସତ୍ୟ ଏକମାତ୍ର ଭଗବାନଙ୍କୁ ପ୍ରାପ୍ତ କରିବାର ସୁଯୋଗ ପାଏ । ଏହି ସୁଯୋଗରୁ ଦେବତାମାନେ ବି ବଞ୍ଚିତ ହୋଇଥାଆନ୍ତି ।''

ସ୍ୱାମିଜି ରାଜାଙ୍କୁ ସତ୍ ଉପଦେଶ ଦେବା ଉଦ୍ଦେଶ୍ୟରେ ଏହି ଲୀଳା କରିଥିଲେ । ସ୍ୱାମିଜିଙ୍କ ଶକ୍ତିପୂର୍ଣ୍ଣ ବାକ୍ୟ ରାଜାଙ୍କ ହୃଦୟରେ ପ୍ରବେଶ କରି ତାଙ୍କ ଅନ୍ତରାତ୍ମାକୁ ଜାଗ୍ରତ୍ କରିଦେଲା । ସେ ଜୀବନର ଯଥାର୍ଥ ଲକ୍ଷ୍ୟ ଭଗବତ୍‌ପ୍ରାପ୍ତି କରିବା ସମ୍ବନ୍ଧେ ସଚେତ ହୋଇଗଲେ । ମୋହ, ଅଜ୍ଞାନବଶ ହୋଇ ସ୍ୱାମିଜିଙ୍କୁ ବହୁତ କଟୁବାକ୍ୟରେ ତିରସ୍କାର କରିଥିବା ତଥା ଦଣ୍ଡଦେବାକୁ ଭୟ ଦେଖାଇଥିବା ଯୋଗୁଁ ତାଙ୍କୁ ବହୁତ ପଶ୍ଚାତ୍ତାପ ହେଲା । ସେ ସ୍ୱାମିଜିଙ୍କ ଚରଣରେ ମସ୍ତକ ରଖି ନିଜ ଅପରାଧ ସକାଶେ କ୍ଷମା ଭିକ୍ଷା କଲେ । ସ୍ୱାମିଜି ପ୍ରସନ୍ନତାପୂର୍ବକ ରାଜାଙ୍କୁ କ୍ଷମା କରିବା ସଙ୍ଗେ ସଙ୍ଗେ ତାଙ୍କ ତଲବାରଟି ତାଙ୍କ ହାତକୁ ଦେଇ ଅନ୍ୟଟି ଗଙ୍ଗାସ୍ରୋତକୁ ପକାଇ ଦେଲେ ଏବଂ ସ୍ୱୟଂ ଡେଇଁପଡ଼ି ଭାସିବାକୁ ଲାଗିଲେ ।

* ତରବାରି ଥିବା ଖୋଳ ।

ବିଧବା ପତି ଜୀବିତ

ଦିନେ ସ୍ୱାମିଜି ଗଙ୍ଗା ଅଶୀଘାଟ ଦେଇ ଗଙ୍ଗାତୁଠକୁ ଯିବା ସମୟରେ ଗୋଟିଏ ହୃଦୟବିଦାରକ ଦୃଶ୍ୟ ଦେଖିଲେ । ଗୋଟିଏ ଯୁବତୀ ସ୍ତ୍ରୀ ମୃତ ପତିର ଶରୀରକୁ କୁଣ୍ଢାଇ ହୃଦୟ ଫାଟିଯାଉଥିବା ଅତ୍ୟନ୍ତ କରୁଣ ସ୍ୱରରେ ରଡ଼ି ଛାଡ଼ି କାନ୍ଦୁଥିଲେ । ଯୁବତୀ ସ୍ତ୍ରୀର ପତିବିୟୋଗର ଉନ୍ମତ୍ତ କରୁଣ କ୍ରନ୍ଦନ ଯୋଗୁଁ ଶବସଂସ୍କାର କରିବାକୁ ଆଣିଥିବା ବ୍ୟକ୍ତି ହତବୁଦ୍ଧି ହୋଇ ଶବକୁ ସେହିଠାରେ ରଖି ମଥାରେ ହାତ ଦେଇ ଆଖିରୁ ଲୁହ ଗଡ଼ାଉଥିଲେ । ସେ ସ୍ଥାନର ବାତାବରଣ କରୁଣ କ୍ରନ୍ଦନରେ ପୂର୍ଣ୍ଣ ହୋଇଥିଲା ।

ଗତ ରାତ୍ରିରେ ସାପ କାମୁଡ଼ିବା ଯୋଗୁଁ ବ୍ୟକ୍ତିର ମୃତ୍ୟୁ ହୋଇଥିଲା । ସର୍ପ ବିଷ ଦ୍ୱାରା ମୃତ ବ୍ୟକ୍ତିକୁ ପ୍ରଚଳିତ ପନ୍ଥା ଅନୁସାରେ ନ ପୋଡ଼ି, ନ ପୋତି ଜଳରେ ପ୍ରବାହ କରିବା ସକାଶେ ଶବକୁ ଗଙ୍ଗାଘାଟକୁ ଅଣା ହୋଇଥିଲା ।

ସଦ୍ୟବିଧବା ଯୁବତୀ ମହିଳାଟିର ହୃଦୟବିଦାରକ କରୁଣ କ୍ରନ୍ଦନ ସ୍ୱାମିଜିଙ୍କ ହୃଦୟକୁ ଦ୍ରବୀଭୂତ କରିଦେଲା । ସ୍ୱାମିଜି ଗଙ୍ଗାନଦୀରେ ପ୍ରବେଶ କରି କିଛି ମାଟି ହାତରେ ଆଣି ମୃତ ବ୍ୟକ୍ତି ପାଖକୁ ଗଲେ ଏବଂ ସର୍ପଦଂଶନ କରିଥିବା କ୍ଷତ ସ୍ଥାନରେ ଲଗାଇ ଦେଲେ ଏବଂ ତତ୍‌କ୍ଷଣାତ୍ ସ୍ୱାମିଜି ଗଙ୍ଗାଧାରାରେ ବୁଡ଼ି ଅଦୃଶ୍ୟ ହୋଇଗଲେ । ସ୍ୱାମିଜିଙ୍କ ହସ୍ତସ୍ପର୍ଶ ମାତ୍ରେ ମୃତ ବ୍ୟକ୍ତି ଆସ୍ତେ ଆସ୍ତେ ଆଖି ଖୋଲିବାକୁ ଲାଗିଲେ ଏବଂ କିଛି ସମୟ ପରେ ତାଙ୍କର ଚେତନା ଆସିଗଲା । ସେ ନିଜକୁ ଗଙ୍ଗାଘାଟରେ କୁଟୁମ୍ବ ପରିବାର ସହିତ ନିଜ ସ୍ତ୍ରୀକୁ ଅସ୍ୱାଭାବିକ ଭାବେ ରୋଦନ କରୁଥିବା ଦେଖି ଆଶ୍ଚର୍ଯ୍ୟଚକିତ ହୋଇଗଲେ । ଶବସଂସ୍କାର କରିବାକୁ ଆସିଥିବା ବ୍ୟକ୍ତି ଅବାକ୍ ହୋଇ ଚିତ୍ରପ୍ରତିମା ସଦୃଶ ଦେଖୁଥାଆନ୍ତି । କ୍ରନ୍ଦନ କରୁଥିବା ଯୁବତୀ ମହିଳାର ଆନନ୍ଦ ତଥା ସ୍ୱାମିଜିଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ହୃଦୟ ପୂର୍ଣ୍ଣ ହୋଇଗଲା । ସେ ଚାହୁଁଥିଲେ ସ୍ୱାମିଜିଙ୍କ ଚରଣ ପାଇଲେ ସେ ଆଉ ନ ଛାଡ଼ି ତାଙ୍କ ହୃଦୟ-ସିଂହାସନରେ ବସେଇ ଦେଇଥାଆନ୍ତେ । ଆସିଥିବା ବ୍ୟକ୍ତିମାନେ ଗଙ୍ଗାର ସମସ୍ତ ଘାଟ ତଥା କାଶୀରେ ସ୍ୱାମିଜିଙ୍କୁ ଖୋଜିଲେ, କିନ୍ତୁ କେଉଁଠାରେ ତାଙ୍କର ସନ୍ଧାନ ମିଳିଲା ନାହିଁ । ସେ ଗଙ୍ଗାଜଳ ସ୍ରୋତରେ ଅଦୃଶ୍ୟ ହୋଇ ରହିଗଲେ । ଶେଷରେ ସ୍ୱାମିଜିଙ୍କ ଦର୍ଶନ ନ ପାଇ ତାଙ୍କ ଗୁଣଗାନ କରି ତାଙ୍କ ପ୍ରତି କୃତଜ୍ଞତାକୁ ନିଜ ନିଜ ହୃଦୟ-ସିଂହାସନରେ ପ୍ରତିଷ୍ଠା କରି ଗଙ୍ଗାସ୍ନାନ କଲେ ଏବଂ ବିଶ୍ୱନାଥ ଓ ଅନ୍ନପୂର୍ଣ୍ଣାଙ୍କୁ ଦର୍ଶନ କରି ଅତ୍ୟନ୍ତ ଆନନ୍ଦରେ ସମସ୍ତ ବ୍ୟକ୍ତି ଆଣିଥିବା ମୃତ ବ୍ୟକ୍ତିକୁ ଜୀବିତ ଅବସ୍ଥାରେ ସଙ୍ଗରେ ନେଇ ଘରକୁ ଗଲେ ।

ଜିଲାପାଳଙ୍କ କୋପ

ସେ ସମୟରେ ଭାରତରେ ଇଂରେଜମାନଙ୍କର ଶାସନ ଥିଲା । ସବୁ ବଡ଼ ବଡ଼ ଅଫିସର ଥିଲେ ଇଂରେଜ । କେବେ କେବେ ବିଲାତରୁ ସେମାନଙ୍କ କୁଟୁମ୍ବ, ପରିବାର, ବନ୍ଧୁବାନ୍ଧବ ଭାରତକୁ ବୁଲି ଆସୁଥିଲେ । ସେ ସମୟରେ ଅଧିକାଂଶ ଇଂରେଜଙ୍କର ଭାରତ ପ୍ରତି ଘୃଣାଦୃଷ୍ଟି ଥିଲା । ସେମାନେ ଭାରତବାସୀଙ୍କୁ ଅସଭ୍ୟ ବୋଲି ମାନିନେଇଥିଲେ । ଭାରତବାସୀଙ୍କର ଚାଲିଚଳନ, ଆଚାରବ୍ୟବହାର ସେମାନଙ୍କର ପସନ୍ଦ ହେଉ ନ ଥିଲା । ତ୍ରୈଲଙ୍ଗ ସ୍ୱାମୀ ନଗ୍ନ ରହୁଥିଲେ ଏବଂ ମନମୌଜରେ ଭ୍ରମଣ କରୁଥିଲେ । ସମାଜର ବିରୋଧାଚରଣ ସାହେବମାନଙ୍କୁ, ବିଶେଷତଃ ମେମ୍ ସାହେବମାନଙ୍କୁ ବହୁତ ଖରାପ ଲାଗୁଥିଲା । ସେ ସମୟର କାଶୀ ଇଂରେଜୀ କଲେକ୍ଟର ସ୍ୱାମିଜିଙ୍କର ଅସାମାଜିକ ଆଚରଣର ପ୍ରତିକାର କରିବାକୁ ଚାହିଁଲେ ।

ସ୍ୱାମିଜି ଗଙ୍ଗାଘାଟରେ ଧ୍ୟାନମଗ୍ନ ହୋଇ ବସିଥିଲେ । ହଠାତ୍ ଜଣେ ପୁଲିସ କର୍ମଚାରୀ ଆସି ସ୍ୱାମିଜିଙ୍କୁ ପୁଲିସ ଥାନାକୁ ଯିବା ସକାଶେ କହିଲା । କିନ୍ତୁ ସ୍ୱାମିଜି ସମାଧିସ୍ଥ ଥିବାରୁ ପୁଲିସ କର୍ମଚାରୀର କଥା ଶୁଣି ପାରିଲେ ନାହିଁ । ଏଥିରେ ଆଦେଶ ଅମାନ୍ୟ ଯୋଗୁଁ ପୁଲିସ କର୍ମଚାରୀ ରାଗି ସ୍ୱାମିଜିଙ୍କୁ ମାରିବା ସକାଶେ ଉଦ୍ୟତ ହୋଇଗଲା । କିନ୍ତୁ

ଭକ୍ତମାନଙ୍କ ପ୍ରତିବାଦ ଯୋଗୁଁ ସେ ମାରିବା ବନ୍ଦ କଲା । ଥାନାକୁ ଯାଇ ଆଉ କେଇଜଣ ସିପାହିଙ୍କୁ ଆଣି ଧାନାବସ୍ଥାରେ ଥିବା ସ୍ୱାମିଜିଙ୍କୁ ଉଠାଇ ଶବାରିରେ ବସାଇ କଲେକ୍‌ଟରଙ୍କ ପାଖକୁ ନେଇଗଲେ ।

କଲେକ୍‌ଟର ହୁକୁମ ଦେଇଦେଲେ – ସ୍ୱାମିଜି ନଗ୍ନ ରହିବେ ନାହିଁ, ଲୁଗା ପିନ୍ଧିବେ ଏବଂ ମନ ଇଚ୍ଛାରେ ବୁଲିବେ ନାହିଁ । କଲେକ୍‌ଟରଙ୍କ ଏହି ଆଦେଶରେ ବି ସ୍ୱାମିଜି ନ ଶୁଣିଲା ପରି କିଛି ନ କହି ପୂର୍ବପରି ମୌନ ରହିଲେ । ଏଥିରେ କଲେକ୍‌ଟର ରାଗରେ ଜଳିଗଲେ । ହୁକୁମ ଦେଲେ – ହାତକଡ଼ି ଦେଇ ସଙ୍ଗେ ସଙ୍ଗେ ହାଜତକୁ ନେଇ ବନ୍ଦି କରି ରଖ ।

ଠିକ୍ ହାତକଡ଼ି ଲଗେଇବା ପୂର୍ବରୁ କଲେକ୍‌ଟରଙ୍କ ଇଜଲାସରେ ପୁଲିସ ପହରା ଦେବା ସତ୍ତ୍ୱେ ସ୍ୱାମିଜି ଅଦୃଶ୍ୟ ହୋଇଗଲେ । ସେହିକ୍ଷଣି ସାହେବ ସମ୍ମୁଖରେ ଛିଡ଼ା ହୋଇଥିଲେ । ଗଲେ କୁଆଡ଼େ ? ଇଜଲାସର ଭିତରେ ବାହାରେ ସବୁ ସ୍ଥାନରେ ଖୋଜା ହେଲା, କେଉଁଠାରେ ତାଙ୍କୁ ପାଇଲେ ନାହିଁ । ସାହେବ ଏବଂ ଅନ୍ୟ ଦର୍ଶନାର୍ଥୀମାନେ ଆଶ୍ଚର୍ଯ୍ୟରେ ଡୁବିଗଲେ । ପୁଲିସ କର୍ମଚାରୀ ଅତ୍ୟନ୍ତ ଉଦ୍‌ବିଗ୍ନ ହୋଇପଡ଼ିଲେ । କିଛି ସମୟ ପରେ ଦେଖାଗଲା ସ୍ୱାମିଜି ଯେଉଁ ସ୍ଥାନରେ ଛିଡ଼ା ହୋଇଥିଲେ ଠିକ୍ ସେହି ସ୍ଥାନରେ ପୂର୍ବବତ୍ ଚୁପ୍‌ଚାପ୍ ଛିଡ଼ା ହୋଇଅଛନ୍ତି ।

ଏହି ଘଟଣା ଦେଖି ସାହେବ କିଛି ଭାବି ଠିକ୍ କରି ପାରୁ ନ ଥିଲେ ଏବଂ ସ୍ୱାମିଜି ଜଣେ ଅସାଧାରଣ ବ୍ୟକ୍ତି ବୋଲି ମଧ୍ୟ ମାନି ପାରୁ ନ ଥିଲେ । ଏହି ସମୟରେ କେତେକ ଭକ୍ତ ଜଣେ ଓକିଲଙ୍କୁ ଆଣି କୋର୍ଟରେ ଉପସ୍ଥିତ ହେଲେ ଏବଂ କଲେକ୍‌ଟରଙ୍କୁ ବୁଝାଇଲେ, ''ଏ ଜଣେ ଉଚ୍ଚକୋଟିର ସନ୍ଥ ଏବଂ ସମାଜର ବିଧିବିଧାନ ପରେ ସତ୍ୟଦ୍ରଷ୍ଟା ମହାପୁରୁଷ; ଏହାଙ୍କ ଦୃଷ୍ଟିରେ ଚନ୍ଦନ ଏବଂ ବିଷ୍ଠା ସମାନ, ଏହାଙ୍କର ଦେହାତ୍‌ବୋଧ ଅର୍ଥାତ୍ ଏ ଜଣେ ପୁରୁଷ ବା ସେ ଜଣେ ନାରୀ – ଏପରି ଦୃଷ୍ଟି ନାହିଁ । ସେ ସମସ୍ତଙ୍କ ମଧ୍ୟରେ କେବଳ ସତ୍ୟ ବା ଈଶ୍ୱରଙ୍କୁ ଦେଖନ୍ତି । ଏହି କାରଣରୁ ଏ ସଂସାରର ନୀତିନିୟମ ଓ ସାମାଜିକତାର ଊର୍ଦ୍ଧ୍ୱ ଚେତନାରେ ସର୍ବଦା ବାସ କରିଥାଆନ୍ତି ।'' ଏହାଙ୍କ ବକ୍ତବ୍ୟକୁ ଜଣେ ବଙ୍ଗାଳୀ ଡେପୁଟି କଲେକ୍‌ଟର ବି ସମର୍ଥନ କରି ସାହେବଙ୍କୁ ବୁଝାଇ ଦେଲେ ।

କଲେକ୍‌ଟର କହିଲେ, ''ବହୁତ ଆଚ୍ଛା, ଯଦି ତୁମ୍ଭମାନଙ୍କ କହିବାନୁସାରେ ଏହି ବ୍ୟକ୍ତିର ସମସ୍ତ ବସ୍ତୁରେ ସମଜ୍ଞାନ ତେବେ ଆମ୍ଭେମାନେ ଯେଉଁ ଭୋଜନ କରୁ ଏହି ସ୍ଥାନରେ ସେ ସେହି ଭୋଜନ କରନ୍ତୁ ।'' ସାହେବ ଭାବିଥିଲେ, ''ଆମ୍ଭର ନିଷିଦ୍ଧ ମାଂସ ଭୋଜନ ଏହି ସନ୍ନ୍ୟାସୀ କିପରି ଖାଇବ ?'' ଏକଥା ଶୁଣି ସ୍ୱାମିଜିଙ୍କ ଭକ୍ତମାନେ ସାହେବଙ୍କ କଥା ସ୍ୱାମିଜିଙ୍କୁ କହିଦେଲେ । ସ୍ୱାମିଜି ଏପର୍ଯ୍ୟନ୍ତ ମୌନ ଥିଲେ । ଏକଥା ଶୁଣି କହିଲେ, ''ସାହେବ, ତୁହ୍ମାରା ଖାନା ତ ମୈଁ ଖା ସକ୍ତାହୁଁ, ଲେକିନ୍ ଇସ୍‌କେ ପହିଲେ ମେରା ଖାନା ତୁମ୍‌କୋ ଖାନା ହୋଗା ।''

କଲେକ୍‌ଟର ରାଜୀ ହୋଇଗଲେ । ସେ ଭାବିଲେ, ''ହିନ୍ଦୁ ସନ୍ନ୍ୟାସୀ ଫଳ କିଂବା ରୋଟି ଭାତ ତ ଖାଉଥିବେ, ସେ ଭୋଜନରେ ଆମର ଆପତ୍ତି କ'ଣ ? ଶେଷରେ ସନ୍ନ୍ୟାସୀ କିପରି ନିଷିଦ୍ଧ ମାଂସ ଖାଇବ ଦେଖିବା ।''

ଜନସମୂହ ସମ୍ମୁଖରେ, କଲେକ୍‌ଟରଙ୍କ ଇଜଲାସରେ ସ୍ୱାମିଜି ନିଜ ହାତ ପତେଇ ନିଜେ ମଳତ୍ୟାଗ କଲେ । କହିଲେ, ''ସାହେବ, ଆଜି ମୋର ଏହି ଭୋଜନ ।''

ବ୍ରହ୍ମଜ୍ଞାନୀ ମହାଯୋଗୀ ଚନ୍ଦନ ଏବଂ ବିଷ୍ଠାରେ ସମାନ ଭାବ ରଖିଥିଲେ । ନିଜର ମଳକୁ ନିର୍ବିକାର ଭାବରେ ଖାଇଦେଲେ । କିନ୍ତୁ ମଳ ଖାଇବା ସମୟରେ କୋର୍ଟ ସାରା ଦିବ୍ୟ ସୁଗନ୍ଧିରେ ଭରପୂର ହୋଇଯାଇଥିଲା । ଏହିସବୁ ଆଶ୍ଚର୍ଯ୍ୟ ଘଟଣା ଦେଖି ସ୍ୱାମିଜି ଜଣେ ଯୋଗସିଦ୍ଧ ମହାପୁରୁଷ ବୋଲି ସାହେବ ବୁଝିପାରିଲେ । ସାଧାରଣ ମନୁଷ୍ୟଙ୍କଠାରୁ ତାଙ୍କର ସମସ୍ତ ଚାଲିଚଳନ, ଆଚାର ବ୍ୟବହାର ଭିନ୍ନ ବୋଲି ସେ ହୃଦୟଙ୍ଗମ କଲେ । ତ୍ରୈଲଙ୍ଗ ସ୍ୱାମୀ ମନମୌଜରେ ଯେଉଁଠାରେ ଇଚ୍ଛା ସେଠାରେ ଭ୍ରମଣ କରିପାରିବେ ବୋଲି କଲେକ୍‌ଟର ସାହେବ ହୁକୁମ ଦେଇଦେଲେ ।

ଜେଲରେ ସ୍ୱାମିଜି

ଅଳ୍ପଦିନ ମଧ୍ୟରେ ଜିଲା କଲେକ୍‌ଟରଙ୍କର ବଦଳି ହୋଇଗଲା । ତାଙ୍କ ସ୍ଥାନରେ ଯେଉଁ ସାହେବ ଆସିଲେ ସେ

ବହୁତ କଡ଼ା ସ୍ୱଭାବର ଥିଲେ । ଦିନେ ସ୍ୱାମିଜି ପ୍ରତିଦିନ ସଦୃଶ ଦଶାଶ୍ୱମେଧ ଘାଟରେ ମନମୌଜରେ ବୁଲୁଥିଲେ । ସେଠାରେ ଦୂର ଦୂରାନ୍ତରୁ ବହୁତ ଯାତ୍ରୀ ଗଙ୍ଗାସ୍ନାନ କରିବା ସକାଶେ ଆସିଥିଲେ । ସେହି ସମୟରେ ନୂତନ କଲେକ୍ଟର ସାହେବ ଭ୍ରମଣ କରିବାକୁ ଆସିଥାଆନ୍ତି । ଜନସମୂହ ମଧ୍ୟରେ ଜଣେ ଉଲଗ୍ନ ସନ୍ନ୍ୟାସୀ ବୁଲୁଥିବା ଦେଖି କଲେକ୍ଟର ସାହେବଙ୍କୁ ବହୁତ ରାଗ ହେଲା । ସେ ସେହିକ୍ଷଣି ପୁଲିସକୁ ଡାକି ସ୍ୱାମିଜିଙ୍କୁ ହାଜତରେ ବନ୍ଦ କରାଇଦେଲେ । ସ୍ୱାମିଜିଙ୍କ ଭକ୍ତ ତଥା ବିଶିଷ୍ଟ କାଶୀବାସୀଙ୍କ ବହୁ ଅନୁନୟ ବିନୟ ପ୍ରତି କଲେକ୍ଟର ସାହେବ କର୍ଣ୍ଣପାତ କଲେ ନାହିଁ । କିନ୍ତୁ ବହୁତ ଲୋକଙ୍କଠାରୁ ସ୍ୱାମିଜିଙ୍କର ଯୌଗିକ ପ୍ରଭାବ ଶୁଣିପାରି ହାଜତରେ କିପରି ଅବସ୍ଥାରେ ଥିବେ ଦେଖିବା ସକାଶେ ତହିଁ-ଆରଦିନ ସେ ସ୍ୱୟଂ ସ୍ୱାମିଜିଙ୍କର ବନ୍ଦିସ୍ଥାନରେ ପହଞ୍ଚିଲେ ।

ବନ୍ଦିସ୍ଥାନରେ ପହଞ୍ଚି କଲେକ୍ଟର ସାହେବ ଦେଖିଲେ ସ୍ୱାମିଜି ପ୍ରସନ୍ନତା ସହିତ ସ୍ୱଚ୍ଛନ୍ଦରେ ବନ୍ଦିଗୃହ ବାହାର ବାରଣ୍ଡାରେ ଟହଲ ମାରୁଛନ୍ତି । ତାଲା ବନ୍ଦଥିବା ସତ୍ତ୍ୱେ ହାଜତ ଗୃହରୁ କିପରି ସ୍ୱାମିଜି ବାହାରି ଆସିଲେ ? ଏହା ଗୋଟିଏ ଆଶ୍ଚର୍ଯ୍ୟ ଘଟଣା । ବନ୍ଦୀ କିପରି ବାହାରି ଆସିଲେ ?— ରାଗଯୁକ୍ତ କଲେକ୍ଟର ସାହେବଙ୍କ ଏହି ପ୍ରଶ୍ନର ଉତ୍ତର ବିଚାରା ପହରାଦାର କିପରି ଦେବ ? କଲେକ୍ଟର ସାହେବ ଥିଲେ ପୂରା ଜଡ଼ବାଦୀ, ସୂକ୍ଷ୍ମଶକ୍ତିର କ୍ରିୟାରେ ବିଶ୍ୱାସ କରନ୍ତି ନାହିଁ । ସେ ସକାଶେ ସେ ସ୍ୱୟଂ ତଥା ଜେଲ ସୁପରିଣ୍ଟେଣ୍ଡେଣ୍ଟ୍ ଏବଂ ପୁଲିସ ଅଧ୍ୟକ୍ଷ ତାଲାଚାବି ଯାଞ୍ଚ କଲେ । ଅନ୍ୟାନ୍ୟ ସ୍ଥାନ ମଧ୍ୟ ଦେଖିଲେ । ସବୁ ଠିକ୍ ଥିଲା । କଲେକ୍ଟର ସାହେବ ତ୍ରୈଲଙ୍ଗ ସ୍ୱାମୀଙ୍କ ଅଲୌକିକ ପ୍ରଭାବ ଶୁଣିଥିବା ସତ୍ତ୍ୱେ ଅତ୍ୟନ୍ତ ଆଶ୍ଚର୍ଯ୍ୟରେ ବିସ୍ମିତ ହୋଇ ଗମ୍ଭୀର ସ୍ୱରରେ ପଚାରିଲେ, ''ସାଧୁ, ଠିକ୍, ଠିକ୍ ବତାଅ, ତୁମ୍ କିସ୍ ତରହ ହାଜତ୍‌ସେ ବାହର୍ ନିକଲ୍ ଆଏ ?'' ସ୍ୱାମିଜି ସ୍ୱାଭାବିକ ଭାବରେ କହିଲେ, ''ବାହାରକୁ ଆସିବାକୁ ମୋର ଇଚ୍ଛା ହେଲା । ଇଚ୍ଛା ହେବା ମାତ୍ରେ ବାହାରକୁ ଆସିଗଲି ।''

ହାଜତ କକ୍ଷରେ ଜଳ ପୂର୍ଣ୍ଣଥିବା ଦେଖି ସ୍ୱାମିଜିଙ୍କୁ ପଚାରା ହେଲା, ''କକ୍ଷରେ ଏତେ ଜଳ କୁଆଡୁ ଆସିଲା ?'' ସ୍ୱାମିଜି ସହଜ ସ୍ୱଭାବରେ କହିଲେ, ''ରାତ୍ରିରେ ପ୍ରସ୍ରାବ ଲାଗିଲା, ସେ ସମୟରେ କକ୍ଷରୁ ବାହାରିବାକୁ ଇଚ୍ଛା ହେଲା ନାହିଁ । ସେହି କକ୍ଷରେ ପ୍ରସ୍ରାବ କରିଦେଲି, କକ୍ଷ ବହୁତ ଅନ୍ଧକାର ଥିଲା, କକ୍ଷସାରା ପ୍ରସ୍ରାବ ହୋଇଯିବାରୁ ସେ ସ୍ଥାନରେ ରହିବାକୁ ଇଚ୍ଛା ହେଲା ନାହିଁ । ସେହି ସକାଶେ ବାହାରକୁ ଆସିଗଲି ।''

ସ୍ୱାମିଜିଙ୍କ ଉତ୍ତର ସରଳ ଓ ନିର୍ଭୀକ ଥିଲା । କିନ୍ତୁ ସାହେବ ତାହାକୁ ନିଜ ସ୍ୱଭାବ ଅନୁସାରେ ତାଚ୍ଛଲ୍ୟ ଏବଂ ଅପମାନ ରୂପେ କହୁଥିବାର ବୋଧ କରୁଥିଲେ । ସେ ରାଗରେ ତମ ତମ ହୋଇ ସ୍ୱାମିଜିଙ୍କୁ ହାଜତ ଗୃହରେ ରଖାଇ ନିଜେ ମଜଭୁତ ଯୋଡ଼ା ତାଲା ପକେଇ ନିଜ ହାତରେ ଚାବିକାଠି ନେଲେ ତଥା କେତେଜଣ ସିପାହିଙ୍କ ସହିତ ଜଣେ ସବ୍‌ଇନ୍‌ସ୍ପେକ୍ଟରଙ୍କୁ ମଧ୍ୟ ପହରା ଦେବାରେ ନିଯୁକ୍ତ କରି କୋର୍ଟକୁ ଚାଲିଗଲେ । ଇଜଲାସରେ ବସି କୌଣସି କାରଣବଶତଃ ମୁହଁ ଟିକିଏ ବୁଲେଇବାରେ ଦେଖିଲେ ଗୋଟିଏ ପାଖରେ ସ୍ୱାମିଜି ଛିଡ଼ା ହୋଇଥିଲେ; ତାଙ୍କ ଚେହେରାରେ ଚପଳତା, କୌତୂହଳତା ପ୍ରକାଶ ପାଉଥିଲା । ସେ ଛିଡ଼ାହୋଇ ମନ୍ଦହାସ୍ୟରେ ଦେଖୁଥିଲେ । ଏପରି ଆଶ୍ଚର୍ଯ୍ୟ ଘଟଣା ଦେଖି ସାହେବ ଆଶ୍ଚର୍ଯ୍ୟ ହେବା ସଙ୍ଗେ ସଙ୍ଗେ ନିସ୍ତବ୍ଧ ହୋଇପଡ଼ିଲେ; ବୁଦ୍ଧି ବିଚାର ସ୍ତମ୍ଭିତ ହୋଇଗଲା । ସେ କେବଳ ଅବାକ୍ ହୋଇ ଚାହିଁରହିଲେ ।

ଯୋଗିରାଜ ତ୍ରୈଲଙ୍ଗ ସ୍ୱାମୀ ଧୀରେ ଧୀରେ ଚାଲିଆସି ସାହେବଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ପ୍ରଶାନ୍ତ ସ୍ୱରରେ କହିଲେ, ''ସାହେବ, ତୁମେ କେବଳ ଜଡ଼ ଭୌତିକ ଶକ୍ତିରେହିଁ ବିଶ୍ୱାସ କରୁଛ । କିନ୍ତୁ ଏହି ଜଡ଼ ଜଗତରେ ଗୋଟିଏ ମହାନ୍ ଚୈତନ୍ୟ ସତ୍ତା ବା ଶକ୍ତି ଓତପ୍ରୋତ ବିଦ୍ୟମାନ ଥିବା ସତ୍ତ୍ୱେ ସାଧାରଣ ବ୍ୟକ୍ତିକୁ ତାହା ଅଜ୍ଞାତ ରହିଅଛି । ସେହି ଚୈତନ୍ୟ ସତ୍ତା ବା ଶକ୍ତି ସହିତ ଯେଉଁ ବ୍ୟକ୍ତି ସମ୍ପର୍କ ସ୍ଥାପନ କରିପାରେ, ଏହି ଦୃଶ୍ୟମାନ ଜଗତର କୌଣସି ବନ୍ଧନ, କୌଣସି ବାଧା ତା'ର ସ୍ୱେଚ୍ଛାଚରଣରେ ବାଧା ଦେଇ ପାରିବ ନାହିଁ । ଭାରତୀୟ ଯୋଗୀମାନଙ୍କ ସକାଶେ କୌଣସି କାର୍ଯ୍ୟ ଅସାଧ୍ୟ ନୁହେଁ ।''

ଭୌତିକ ଜଡ଼ ଶକ୍ତି ଛଡ଼ା ଅନ୍ୟ ଶକ୍ତିର ପ୍ରଭାବ ଦେଖି ସାହେବଙ୍କର ହୋସ୍ ଆସିଲା । ସେ ଆଦେଶ ଦେଲେ,

''ତ୍ରୈଲଙ୍ଗ ସ୍ୱାମୀ ଉଲଗ୍ନ ଅବସ୍ଥାରେ ସ୍ୱଚ୍ଛନ୍ଦରେ ସର୍ବତ୍ର ବିଚରଣ କରି ପାରିବେ । ତାଙ୍କୁ କେବେ ବି କେହି କୌଣସି ପ୍ରକାର ବାଧା ଦେବେ ନାହିଁ ।

ମଙ୍ଗଳଭଟ୍ଟଙ୍କ ଆଶ୍ରମରେ ସ୍ୱାମିଜି

ତ୍ରୈଲଙ୍ଗ ସ୍ୱାମୀ ଶେଷକୁ ଅଧିକ ସମୟ ଗଙ୍ଗାକୂଳ ପଞ୍ଚଗଙ୍ଗା ଘାଟରେ ରହୁଥିଲେ । ସେହି ପଞ୍ଚଗଙ୍ଗା ଘାଟ ନିକଟରେ ତାଙ୍କର ଜଣେ ଭକ୍ତ ମହାରାଷ୍ଟ୍ରୀୟ ବ୍ରାହ୍ମଣ ମଙ୍ଗଳଭଟ୍ଟ ବାସ କରୁଥିଲେ । ସ୍ୱାମିଜିଙ୍କୁ ନିଜ ରହିବା ସ୍ଥାନରେ ରଖି ତାଙ୍କ ସେବା କରିବା ସକାଶେ ତାଙ୍କର ପ୍ରବଳ ଇଚ୍ଛା ଥିଲା । ସେ ସ୍ୱାମିଜିଙ୍କୁ ସରଳ ନିଷ୍କପଟ ଭାବେ ଭକ୍ତି ଶ୍ରଦ୍ଧା କରୁଥିଲେ ଏବଂ ତାଙ୍କ ସମୀପରେ ଅଧିକ ସମୟ ରହି ସେବା କରୁଥିଲେ । ଏହିପରି ସାତ ବର୍ଷ ତପସ୍ୟା ପରେ ନିଜର ମନୋଭାବ ଦିନେ ସ୍ୱାମିଜିଙ୍କ ଚରଣରେ ନିବେଦନ କଲେ ଏବଂ ତାଙ୍କ ରହିବା ସ୍ଥାନକୁ ଯିବା ସକାଶେ ହାତଯୋଡ଼ି ପ୍ରାର୍ଥନା କଲେ । ସ୍ୱାମିଜି ନିର୍ବିକାର ମହାପୁରୁଷ । ମଙ୍ଗଳଭଟ୍ଟଙ୍କ ଆନ୍ତରିକ ଶ୍ରଦ୍ଧାଭକ୍ତିଯୁକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ତାଙ୍କ ଆଶ୍ରମରେ ନିବାସ କଲେ । ସେ ତ ସାଧାରଣ ମହାପୁରୁଷ ନ ଥିଲେ, ସେ ସର୍ବଦା ବ୍ରହ୍ମରେ ଏକତ୍ୱ ପ୍ରାପ୍ତ କରିଥିଲେ । ତାଙ୍କ ସକାଶେ ଘର ବା ଗଙ୍ଗାଘାଟ ସମାନ ଥିଲା । ତଥାପି ମଙ୍ଗଳଭଟ୍ଟଙ୍କ ଆଶ୍ରମରେ ତାଙ୍କ ରହିବା ନିର୍ଦିଷ୍ଟ ହେବା ସତ୍ତ୍ୱେ ସେ କେବେ ଦଶାଶ୍ୱମେଧ ଘାଟରେ, କେବେ ମଣିକର୍ଣ୍ଣିକା ଘାଟର ଶ୍ମଶାନରେ ଭ୍ରମଣ କରୁଥିଲେ । କେବେ କେବେ ଗଙ୍ଗାସ୍ରୋତରେ ଚିତ୍ ହୋଇ ହସ୍ତପଦ ପ୍ରସାର କରି ଭାସୁଥିଲେ । କିନ୍ତୁ ମଙ୍ଗଳଭଟ୍ଟଙ୍କ ଆଶ୍ରମକୁ ଫେରି ଆସୁଥିଲେ । ସ୍ୱାମିଜି ପୂର୍ବରୁ ମୌନ ଅବସ୍ଥାରେ ରହୁଥିଲେ, ଯେବେ ଆବଶ୍ୟକ ହେଉଥିଲା କେବେ କେବେ କଥାବାର୍ତ୍ତା କରୁଥିଲେ । କିନ୍ତୁ ମଙ୍ଗଳଭଟ୍ଟଙ୍କ ଆଶ୍ରମକୁ ଆସିବା ଦିନରୁ ତାଙ୍କର ନିର୍ଦିଷ୍ଟ ଆବାସ ହେବା ଜାଣି ବହୁତ ସଂଖ୍ୟାରେ ଆଧ୍ୟାତ୍ମିକ ଜିଜ୍ଞାସୁ ସାଧକ ତଥା ଦୁଃଖ-ରୋଗପୀଡ଼ିତ ବ୍ୟକ୍ତି ଆସିବାକୁ ଲାଗିଲେ । ଜନସମାଗମ ଅଧିକ ହେବାରୁ ସ୍ୱାମିଜି ଅଧିକ ମୌନ ରହିଲେ, ଆବଶ୍ୟକ ହେଲେ କୌଣସି ବିଶେଷ ଘଟଣାରେ ଗୋଟିଏ ଦୁଇଟି ବାକ୍ୟ କହି ଦେଉଥିଲେ ।

ଏକନିଷ୍ଠ ସେବକ, ଭକ୍ତ, ଶିଷ୍ୟ ମଙ୍ଗଳଭଟ୍ଟଙ୍କ କୁଟିଆର ଅଗଣା ମଧ୍ୟଭାଗରେ ମୁକ୍ତ ଆକାଶ ତଳେ ଗୋଟିଏ ପଥରର ମଣ୍ଡପ ଥିଲା । ତାରି ଉପରେ ସ୍ୱାମିଜି ମନମୌଜରେ କେବେ ଶୋଉଥିଲେ, କେବେ ବସୁଥିଲେ । ଘର କାନ୍ଥରେ ଶାସ୍ତ୍ରପୁରାଣର ବହୁ ଶ୍ଲୋକ ଲେଖା ହୋଇଥିଲା । ଆସିବା ବ୍ୟକ୍ତି ସ୍ୱାମିଜିଙ୍କୁ ଯେଉଁ ପ୍ରଶ୍ନ ପଚାରୁଥିଲେ କିଂବା ଦୁଃଖକଷ୍ଟରୁ ନିବୃତ୍ତି ହେବା ସକାଶେ ପ୍ରାର୍ଥନା କରୁଥିଲେ ସ୍ୱାମିଜି ମୌନ ଅବସ୍ଥାରେ କାନ୍ଥରେ ଲେଖା ଥିବା କୌଣସି ଶ୍ଲୋକକୁ ଇସାରା ଦେଇ ଦେଉଥିଲେ । ଏହାହିଁ ଥିଲା ତାଙ୍କର ଉତ୍ତର । ତାଙ୍କ ଭକ୍ତ ମଙ୍ଗଳଭଟ୍ଟ ସେମାନଙ୍କୁ ସେହି ଶ୍ଲୋକର ତାତ୍ପର୍ଯ୍ୟ ବୁଝାଇ ଦେଉଥିଲେ ।

ସ୍ୱାମିଜିଙ୍କ ରହିବା ସ୍ଥାନର ଗୋଟିଏ ପାଖ ଘରେ ଶିବଙ୍କର ପଥର ନିର୍ମିତ ମୂର୍ତ୍ତି ଥିଲା; ଅନ୍ୟ ପାଖରେ ନରମୁଣ୍ଡମାଳିନୀ କାଳୀଙ୍କର ପଥର ପ୍ରତିମା ଥିଲା । ତ୍ରୈଲଙ୍ଗ ସ୍ୱାମୀଙ୍କର ସାଧନାର ଉପାସ୍ୟ ଥିଲେ ଶିବ ଏବଂ ଶକ୍ତି । ଶିବ ଏବଂ ଶକ୍ତି, ଯୋଗ ଏବଂ ତନ୍ତ୍ର ସାଧନାର ମଧ୍ୟଦେଇ କଠୋର ତପସ୍ୱୀ, ମହାଯୋଗୀ ତ୍ରୈଲଙ୍ଗ ସ୍ୱାମୀଙ୍କର ବିରାଟ ଅଧ୍ୟାତ୍ମ ଜୀବନ ଗଠିତ ହୋଇଥିଲା ।

ରାମକୃଷ୍ଣ ପରମହଂସଙ୍କ ସହିତ ମିଳନ

ଥରେ କାଶୀରେ ଶ୍ରୀରାମକୃଷ୍ଣ ପରମହଂସ ଦେବଙ୍କ ସହିତ ତ୍ରୈଲଙ୍ଗ ସ୍ୱାମୀଙ୍କର ଦେଖା ସାକ୍ଷାତ୍ ହେଲା । ତ୍ରୈଲଙ୍ଗ ସ୍ୱାମୀଙ୍କ ଦର୍ଶନ ପରେ ପରମହଂସ ଦେବ କହିଲେ, ''ଦେଖ, ସାକ୍ଷାତ୍ ବିଶ୍ୱନାଥ ତାଙ୍କ ଶରୀର ମଧ୍ୟରେ ପ୍ରଘଟ ହୋଇଛନ୍ତି । ସେ ଉଚ୍ଚ ଜ୍ଞାନାବସ୍ଥାକୁ ପ୍ରାପ୍ତ ହୋଇଛନ୍ତି । ତାଙ୍କର ଶରୀରଜ୍ଞାନ ନାହିଁ । ସେ ସର୍ବଦା ଶରୀର ଚେତନାର

ଉର୍ଦ୍ଧ୍ୱରେ ରହୁଛନ୍ତି । ଏହାର ପ୍ରମାଣସ୍ୱରୂପ ଭୟଙ୍କର ରୌଦ୍ରତାପରେ ତପ୍ତ ଯେଉଁ ବାଲୁକାରେ ପାଦ ରଖିବା ମାତ୍ରେ ଫୋଟକା ହୋଇଯିବ, ସେ ସେହି ଭୟଙ୍କର ତପ୍ତ ବାଲୁକାରେ ପ୍ରସନ୍ନତାରେ ଶୋଇଛନ୍ତି ।''

ଖ୍ରୀଷ୍ଟାବ୍ଦ ୧୮୬୮ର ଘଟଣା । ଶ୍ରୀରାମକୃଷ୍ଣ ପରମହଂସ ମାଥୁର ବାବୁ ଏବଂ ଭଣଜା ହୃଦୟକୁ ସଙ୍ଗେ ନେଇ କାଶୀ ଆସିଥିଲେ । ବିଶ୍ୱନାଥଙ୍କୁ ଦର୍ଶନ କରିବା ପରେ ସଚଳ ଶିବ ଶ୍ରୀ ତ୍ରୈଲଙ୍ଗ ସ୍ୱାମୀଙ୍କୁ ଦର୍ଶନ କରିବା ସକାଶେ ଭଣଜା ହୃଦୟକୁ ସଙ୍ଗେ ନେଇ ତାଙ୍କ ପାଖକୁ ଗଲେ । ସେ ସମୟରେ ସ୍ୱାମିଜି ଅଧିକାଂଶ ସମୟ ମଣିକର୍ଣ୍ଣିକା ଘାଟରେ ରହୁଥିଲେ । ତାଙ୍କ ଆଗରେ ପହଞ୍ଚିଲେ ଦକ୍ଷିଣେଶ୍ୱର ମହାସିଦ୍ଧ ଶ୍ରୀରାମକୃଷ୍ଣଦେବ । ତ୍ରୈଲଙ୍ଗ ମହାରାଜ ମନ୍ଦହାସ୍ୟରେ ଶ୍ରୀରାମକୃଷ୍ଣଦେବଙ୍କ ଆଡ଼କୁ ନାଶଦାନି ବଢ଼ାଇ ଦେଲେ । ଏହା ତାଙ୍କର ଥିଲା ଅଭ୍ୟର୍ଥନା, ସମ୍ମାନ ପ୍ରଦର୍ଶନ ବା ଅଭିବାଦନ । ସିଦ୍ଧ ମହାପୁରୁଷଙ୍କର ମିଳନ ଭୌତିକ, ଜାଗତିକ ବ୍ୟବହାରଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସେମାନଙ୍କର ମିଳନ ହୁଏ ଅନ୍ତରରେ, ମୂକ ଭାଷାରେ ଯଥାର୍ଥ ଦିବ୍ୟାନନ୍ଦରେ । ପରସ୍ପରଙ୍କ ଅନ୍ତର ଦିବ୍ୟାନନ୍ଦରେ ପୂର୍ଣ୍ଣ ହୋଇ ଉଛୁଳି ପଡ଼େ । କିନ୍ତୁ ସାଧାରଣ ପାର୍ଥିବ ନେତ୍ରଧାରୀ ବ୍ୟକ୍ତି ଏହି ଦିବ୍ୟ ରହସ୍ୟ କିଛି ବି ବୁଝି ପାରନ୍ତି ନାହିଁ । ଶ୍ରୀରାମକୃଷ୍ଣ ପରମହଂସ କିଛି କ୍ଷଣ ଛିଡ଼ାହୋଇ ଫେରିଆସିଲେ ଏବଂ ହୃଦୟକୁ କହିଲେ, ''ଆରେ ଦେଖିଲୁ, ଏହି ମହାଯୋଗୀଙ୍କର ଉତ୍କୃଷ୍ଟ ପରମହଂସଙ୍କ ସମସ୍ତ ଲକ୍ଷଣ ବିଦ୍ୟମାନ ଅଛି । ଅଧ୍ୟାତ୍ମ ଗୁଣ ଏବଂ ଚିହ୍ନ ଅତ୍ୟନ୍ତ ସ୍ପଷ୍ଟଭାବେ ପରିଲକ୍ଷିତ ହେଉଅଛି । ଏହି ମହାଯୋଗୀ ସାକ୍ଷାତ୍ ବିଶ୍ୱେଶ୍ୱରଙ୍କ ସ୍ୱରୂପ ।''

ତା'ପରେ ଶ୍ରୀରାମକୃଷ୍ଣ ପରମହଂସ କେଇଦିନ ପର୍ଯ୍ୟନ୍ତ ଅତ୍ୟନ୍ତ ଆଗ୍ରହରେ ତ୍ରୈଲଙ୍ଗ ସ୍ୱାମୀଙ୍କ ପାଖକୁ ଆସୁଥିଲେ । ତ୍ରୈଲଙ୍ଗ ସ୍ୱାମୀ ଏବଂ ଶ୍ରୀରାମକୃଷ୍ଣ ପରମହଂସ ଦେବଙ୍କ ମିଳନରେ କ'ଣ ଆନ୍ତରିକ ଆଦାନପ୍ରଦାନ ହେଉଥିଲା ତାହା ସେହି ଉଭୟ ମହାପୁରୁଷଙ୍କ ଛଡ଼ା ଅନ୍ୟ କାହାକୁ ଜାଣିବାର ଉପାୟ ନ ଥିଲା ।

ତ୍ରୈଲଙ୍ଗ ସ୍ୱାମୀଙ୍କୁ ଖିରି ଖୁଆଇବା ସକାଶେ ଶ୍ରୀରାମକୃଷ୍ଣ ପରମହଂସ ଦେବଙ୍କ ମନରେ ତୀବ୍ର ଇଚ୍ଛା ହେଲା । ମାଥୁର ବାବୁଙ୍କୁ କହି ତାଙ୍କ ସକାଶେ ଅଧ ମହଣ ଦୁଗ୍ଧରେ ଖିରି ତୟାର କରାଇଲେ ଏବଂ ସଙ୍ଗରେ ନେଇ ତ୍ରୈଲଙ୍ଗ ସ୍ୱାମୀଙ୍କ ପାଖରେ ପହଞ୍ଚି ନିଜ ହାତରେ ତାଙ୍କୁ ଖୁଆଇ ଦେଇ ବିଶେଷ ଆନନ୍ଦିତ ହେଲେ । କିଛି ଦିନ କାଶୀରେ ରହି ସେ ପୁନରାୟ ଦକ୍ଷିଣେଶ୍ୱରକୁ ଫେରିଆସିଲେ ।

ତ୍ରୈଲଙ୍ଗ ସ୍ୱାମୀ ଭୋଜନ ପ୍ରତି ଅନାସକ୍ତ ଥିଲେ । ଭୋଜ୍ୟ ବସ୍ତୁ ସେ କେବେ ବି ସଂଗ୍ରହ କରୁ ନ ଥିଲେ କିଂବା ଭୋଜନର ପରିମାଣ ପ୍ରତି ତାଙ୍କର ଧାରଣା ନ ଥିଲା । କେବେ କିଏ ଖୁଆଇ ଦେଲେ ବହୁତ ଖାଇ ନେଉଥିଲେ । କେବେ କେବେ ଦୀର୍ଘ ଦିନ ପର୍ଯ୍ୟନ୍ତ ନ ଖାଇ ସ୍ୱଚ୍ଛନ୍ଦରେ ଭ୍ରମଣ କରୁଥିଲେ । ତାଙ୍କ ସମ୍ମୁଖରେ ଭୋଜନ ଦ୍ରବ୍ୟ ରଖିଦେଲେ ସେ ଖାଦ୍ୟାଖାଦ୍ୟ ବିଚାର ନ କରି କେବଳ ହାତରେ ଉଠାଇ ମୁଖରେ ରଖି ଦେଉଥିଲେ । ସ୍ୱାଦ ପ୍ରତି ତାଙ୍କର କୌଣସି ବିଚାର ନ ଥିଲା ।

ଚୂନପାଣି ପିଆଇଦେବା

ଭୋଜନ ପ୍ରତି ସ୍ୱାମିଜିଙ୍କର ନିର୍ଲିପ୍ତ ଭାବ ଦେଖି କେତେକ କ୍ରୂରସ୍ୱଭାବର ବ୍ୟକ୍ତି ପୂରା ଗୋଟାଏ ବାଲତି ପାଣିରେ ପାନରେ ଖାଉଥିବା ଚୂନ ବହୁତ ପରିମାଣରେ ମିଶାଇ ସ୍ୱାମିଜିଙ୍କୁ ପିଆଇ ଦେଲେ । କିନ୍ତୁ ସ୍ୱାମିଜି ନିର୍ଲିପ୍ତ ଭାବରେ ସମସ୍ତ ଚୂନପାଣି ପିଇଗଲେ । ମାତ୍ର ତାଙ୍କର ପ୍ରଶାନ୍ତ ଓ ପ୍ରସନ୍ନ ମୁଖମଣ୍ଡଳରେ କିଞ୍ଚିତ୍ ମାତ୍ର ପରିବର୍ତ୍ତନ ପରିଲକ୍ଷିତ ହେଲା ନାହିଁ ।

ପୂରା ବାଲତିଏ ଚୂନପାଣି ପିଇବା ପରେ ସ୍ୱାମିଜିଙ୍କର କୌଣସି ପ୍ରକାର ପ୍ରତିକ୍ରିୟା ନ ହୋଇ ତାଙ୍କୁ ପରମ ପ୍ରସନ୍ନତାରେ ଦେଖି ପିଆଇଥିବା ଦୁଷ୍ଟ ବ୍ୟକ୍ତିମାନେ ଭୟଭୀତ ହୋଇଗଲେ । ନିଜର କ୍ରୂର କର୍ମ ସକାଶେ ସେମାନଙ୍କୁ ବହୁତ ପଶ୍ଚାତ୍ତାପ ହେଲା । ସେମାନେ ସ୍ୱାମିଜିଙ୍କ ଚରଣରେ ପଡ଼ି ନିଜ ଜଘନ୍ୟ ଦୋଷର କ୍ଷମା ଭିକ୍ଷା କଲେ । ସ୍ୱାମିଜି ଦ୍ୱନ୍ଦ୍ୱାତୀତ ଥିଲେ । ତାଙ୍କର କାହା ପ୍ରତି ଶତ୍ରୁର ଧାରଣା ନ ଥିଲା । କେବଳ ସେମାନଙ୍କ ସନ୍ତୋଷ ସକାଶେ ପିଇଥିବା

ପୂରା ବାଲତିଏ ଚୂନପାଣି ପରିସ୍ରା ଦ୍ୱାରା ବାହାର କରିଦେଲେ । ପିଇବା ସମୟରେ ଚୂନପାଣି ଯେପରି ଥିଲା ଠିକ୍ ସେହିପରି କୌଣସି ପ୍ରକାର ପରିବର୍ତ୍ତିତ ନ ହୋଇ, ତାଙ୍କ ଉଦରରେ କୌଣସି ପ୍ରତିକ୍ରିୟା ସୃଷ୍ଟି ନ କରି, ସେହି ସମାନ ପରିମାଣରେ ଚୂନପାଣି ପରିସ୍ରାରେ ବାହାରି ଆସିଲା ।

ମୂଲ୍ୟବାନ୍ ବସ୍ତୁରେ ନିଃସ୍ପୃହା

ସ୍ୱାମିଜି କାଶୀରେ ବହୁ ବର୍ଷ ବାସ କରିବା ଯୋଗୁଁ ତାଙ୍କ ଯୋଗ ବିଭୂତିର ପ୍ରଭାବ ଜନସମାଜରେ ପ୍ରସାରିତ ହୋଇଯାଇଥିଲା । କାଶୀ ତୀର୍ଥଯାତ୍ରୀ ବିଶ୍ୱନାଥଙ୍କୁ ଦର୍ଶନ ତଥା ଗଙ୍ଗାସ୍ନାନ ପରେ ତ୍ରୈଲଙ୍ଗ ସ୍ୱାମୀଙ୍କୁ ଅବଶ୍ୟ ଦର୍ଶନ କରୁଥିଲେ । କେହି କେହି ଭକ୍ତି ଭାବରେ ସ୍ୱାମିଜିଙ୍କୁ ପ୍ରଣାମ କରୁଥିଲେ, କେହି କେହି ଫଳ, ପୁଷ୍ପ, ଲୁଗା, ମିଷ୍ଟାନ୍ନ ଇତ୍ୟାଦି ତାଙ୍କ ପାଖରେ ଭେଟି ଦେଉଥିଲେ । କେବେ କେବେ ଧନୀ ବ୍ୟକ୍ତିମାନେ ସୁନାର ଆଭୂଷଣ ତାଙ୍କୁ ପିନ୍ଧାଇ ଦେଉଥିଲେ, ବହୁମୂଲ୍ୟ ବସ୍ତ୍ର ମଧ୍ୟ ଘୋଡ଼ାଇ ଦେଉଥିଲେ । କେହି କେହି ଦୁର୍ବୃତ୍ତ ବ୍ୟକ୍ତି ଦୂରରେ ଛିଡ଼ାହୋଇ ଏସବୁ ଦେଖୁଥା'ନ୍ତି ଏବଂ ଦର୍ଶନାର୍ଥୀଙ୍କ ଭିଡ଼ କମ୍ ହେବା ମାତ୍ରେ ସେମାନେ ଆସି ସ୍ୱାମିଜିଙ୍କ ଅଙ୍ଗରେ ଥିବା ସୁନା ଅଳଙ୍କାର ଏବଂ ପାଖରେ ଥିବା ଲୁଗା ତଥା ଅନ୍ୟାନ୍ୟ ବସ୍ତୁ ନେଇ ଚାଲିଯାଆନ୍ତି । ସ୍ୱାମିଜିଙ୍କୁ ବସ୍ତୁ ଅର୍ପଣ କରିବା ସମୟରେ ସେ ଯେପରି ନିର୍ବିକାର ରହନ୍ତି, ସେହିପରି ବ୍ୟକ୍ତି ସେସବୁକୁ ନେଇଯିବା ସମୟରେ ସେ ନିର୍ବିକାର ରହନ୍ତି । କୌଣସି ବସ୍ତୁରେ ତାଙ୍କର କେବେ ବି ଆସକ୍ତି ନ ଥାଏ ।

ସ୍ୱାମିଜିଙ୍କ ବସ୍ତ୍ରାଳଙ୍କାର ଅପହରଣକାରୀ ଚୋରଙ୍କର ବିଚାର

ଥରେ କାଶୀରେ ଭିଜିଆନା ଷ୍ଟେଟ୍‌ର ମହାରାଜଙ୍କର କୋଠିର ଦ୍ୱାର ଦେଇ ସ୍ୱାମିଜି ଯାଉଥିଲେ । ରାଜାଙ୍କ ଦୃଷ୍ଟି ପଡ଼ିବା ମାତ୍ରେ ସେ ଦୌଡ଼ି ଆସିଲେ ଏବଂ ସ୍ୱାମିଜିଙ୍କୁ ପ୍ରଣାମ କରି, ବହୁ ଅନୁନୟ ବିନୟ କରି କୋଠିକୁ ନେଇ ଆସିଲେ ଏବଂ ବହୁ ସମ୍ମାନ ଓ ଆଦର ଭକ୍ତି ଶ୍ରଦ୍ଧାରେ ତାଙ୍କୁ ଭୋଜନ କରାଇ ବହୁମୂଲ୍ୟ ରେଶମି ବସ୍ତ୍ର ପିନ୍ଧାଇ ଦେଲେ; ଗଳାରେ କେତେ ପ୍ରକାର ସୁବର୍ଣ୍ଣ ହାର, ହାତ ଅଙ୍ଗୁଳିରେ ସୁବର୍ଣ୍ଣ ମୁଦି, ଅଣ୍ଟାରେ ସୁବର୍ଣ୍ଣ କରସୂତା ଇତ୍ୟାଦି ବହୁ ଅଳଙ୍କାରରେ ବିଭୂଷିତ କରାଇଲେ । ସ୍ୱାମିଜି ନିର୍ବିକାର ଚିତ୍ତରେ ମୌନାବସ୍ଥାରେ ଛିଡ଼ା ହୋଇଥିଲେ । ତାପରେ ରାଜମହଲର ସମସ୍ତ ବ୍ୟକ୍ତି ସ୍ୱାମିଜିଙ୍କୁ ପ୍ରଣାମ କଲେ । ପରେ ସ୍ୱାମିଜି ନିର୍ଦ୍ୱନ୍ଦ୍ୱରେ ସେଠାରୁ ଚାଲିଆସିଲେ । ସ୍ୱାମିଜିଙ୍କର ନିର୍ଲିପ୍ତତା ଚୋର ତଥା ଗୁଣ୍ଡାମାନଙ୍କୁ ବିଦିତ ଥିଲା । ସେ ସକାଶେ ସ୍ୱାମିଜିଙ୍କ ଶରୀରରୁ ଏବଂ ତାଙ୍କୁ ଅର୍ପିତ ହୋଇଥିବା ବସ୍ତୁ ତାଙ୍କ ପାଖରୁ ନେବାକୁ ସେମାନଙ୍କର କୌଣସି ପ୍ରକାର ସଂକୋଚ ନ ଥିଲା ।

ସ୍ୱାମିଜି ଚାଲି ଆସିବା ପରେ ରାଜାଙ୍କ ଆଜ୍ଞାରେ ତାଙ୍କ ସିପାହି କେତେ ଜଣ ସ୍ୱାମିଜିଙ୍କଠାରୁ ଦୂରରେ ତାଙ୍କ ପଛେ ପଛେ ଯାଉଥିଲେ । ସ୍ୱାମିଜିଙ୍କ ଶରୀରରେ ସୁବର୍ଣ୍ଣ ଅଳଙ୍କାର ତଥା ରେଶମୀ ବସ୍ତ୍ର ଦେଖି ଚୋର ତଥା ଗୁଣ୍ଡାମାନଙ୍କର ଲୋଭ ହେବା ସ୍ୱାଭାବିକ ଥିଲା । ତାଙ୍କ ଶରୀରରୁ ଅନ୍ୟ କେହି ଗୁଣ୍ଡା ଅଳଙ୍କାର ନେଇଯିବ, ସେହି ଆଶଙ୍କାରେ ପ୍ରଥମରେ ଦେଖିବା ଗୁଣ୍ଡା ସଙ୍ଗେ ସଙ୍ଗେ ସ୍ୱାମିଜିଙ୍କ ଶରୀରରୁ ସ୍ୱର୍ଣ୍ଣ ଅଳଙ୍କାର ନେବାକୁ ଉଦ୍ୟତ ହେଲା । ସ୍ୱାମିଜି ପ୍ରଶାନ୍ତ ଭାବରେ ଛିଡ଼ା ହୋଇଗଲେ । ସେ ସମସ୍ତ ଅଳଙ୍କାର ତଥା ରେଶମୀ ବସ୍ତ୍ର ନେଇଯିବା ପରେ ସ୍ୱାମିଜି ଆଗେଇ ଚାଲିବାକୁ ଆରମ୍ଭ କଲେ । ସେତିକି ବେଳେ ସ୍ୱାମିଜିଙ୍କ ପଛରେ ଆସୁଥିବା ରାଜାଙ୍କ ସିପାହିମାନେ ସେହି ଗୁଣ୍ଡାକୁ ଧରି ରାଜାଙ୍କ ପାଖକୁ ନେଇଗଲେ । ରାଜା କହିଲେ, ଏହାକୁ ସ୍ୱାମିଜିଙ୍କ ପାଖକୁ ନେଇଯାଅ ଏବଂ ତାଙ୍କରି କହିବାନୁସାରେ ତାକୁ ଦଣ୍ଡ ଦିଅ । ସ୍ୱୟଂ ରାଜା ବି ତ୍ରୈଲଙ୍ଗ ସ୍ୱାମୀଙ୍କ ପାଖରେ ସିପାହି ଓ ଗୁଣ୍ଡାଙ୍କ ସହିତ ଉପସ୍ଥିତ ହେଲେ । ଏହି ଘଟଣା ବ୍ୟାପ୍ତ

ହୋଇଯିବାରୁ ତ୍ରୈଲଙ୍ଗ ସ୍ୱାମୀଙ୍କ ପାଖରେ ବହୁତ ଲୋକ ଏକତ୍ରିତ ହୋଇଗଲେ । ବହୁତ କୋଳାହଳ ହେବାକୁ ଲାଗିଲା । ଅଳଙ୍କାର ତଥା ବସ୍ତ୍ର ନେଇଥିବା ଗୁଣ୍ଡାକୁ ଶାସ୍ତି ଦେବା ଉଦ୍ଦେଶ୍ୟରେ ରାଜା ସ୍ୱାମିଜିଙ୍କୁ ପଚାରିଲେ । ରାଜାଙ୍କ ପ୍ରଶ୍ନର ଉତ୍ତରରେ ମୌନୀ ସ୍ୱାମିଜି ନିଜ ଶରୀର ପ୍ରତି ଏପରି ଭାବରେ ସଂକେତ କଲେ ଯେ ସେଥିରୁ ସ୍ପଷ୍ଟ ରୂପେ ବୁଝାଗଲା – ''ଏହି ଶରୀରରୁ ନେଇଥିବା ବସ୍ତ୍ର ଏବଂ ଅଳଙ୍କାର ଦ୍ୱାରା ଏହି ଶରୀର ତଥା ଅନ୍ୟ ବ୍ୟକ୍ତିଙ୍କର କିଛି କ୍ଷତି ହୋଇ ନାହିଁ । ଅତଏବ ନେଇଥିବା ବ୍ୟକ୍ତିକୁ ଦଣ୍ଡ ନ ଦେଇ, ନେଇଥିବା ଦ୍ରବ୍ୟ ତା'ଠାରୁ ନ ନେଇ ତାକୁ ଛାଡ଼ିଦିଅନ୍ତୁ ।'' ସ୍ୱାମିଜିଙ୍କ ନିର୍ଦେଶ ଅନୁସାରେ ରାଜାଙ୍କ ସହିତ ସମସ୍ତ ବ୍ୟକ୍ତି ପ୍ରସନ୍ନତାରେ ନିଜ ନିଜ ଘରକୁ ଫେରିଗଲେ ।

ବିଜୟକୃଷ୍ଣ ଗୋସ୍ୱାମୀଙ୍କ ଉପରେ କୃପା

ପ୍ରଭୁପାଦ ବିଜୟକୃଷ୍ଣ ଗୋସ୍ୱାମୀଙ୍କ ଉପରେ ତ୍ରୈଲଙ୍ଗ ସ୍ୱାମୀଙ୍କର କୃପା ନିରନ୍ତର ବର୍ଷା ହେଉଥିଲା । ଗୋସ୍ୱାମିଜିଙ୍କ ସାଧନାରେ ଅଗ୍ରଗତିରେ ତାଙ୍କ ଅଧ୍ୟାତ୍ମ ଶକ୍ତିର ସାହାଯ୍ୟ ବହୁତ ଥିଲା । ତ୍ରୈଲଙ୍ଗ ସ୍ୱାମୀଙ୍କ ସହିତ ବିଜୟକୃଷ୍ଣ ଗୋସ୍ୱାମୀଙ୍କର ମିଳନ ହେବା ସମୟରେ ସେ ବ୍ରାହ୍ମସମାଜର ଅନୁଯାୟୀ ଥିଲେ । କିନ୍ତୁ ତାଙ୍କ ମଧ୍ୟରେ ମୋକ୍ଷପ୍ରାପ୍ତିର ଅଭୀପ୍ସା ତୀବ୍ର ଏବଂ ପ୍ରବଳ ଥିବାରୁ ସେ ଏହା ପ୍ରାପ୍ତିର ଅନୁସନ୍ଧାନରେ ନିରନ୍ତର ପର୍ଯ୍ୟଟନ କରୁଥିଲେ । ଅନ୍ତରର ତୀବ୍ର ବ୍ୟାକୁଳତା ସହ ଥରେ ସେ କାଶୀ ଆସି ତ୍ରୈଲଙ୍ଗ ସ୍ୱାମୀଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ।

ଗୋସ୍ୱାମିଜି ସ୍ୱୟଂ ତ୍ରୈଲଙ୍ଗ ସ୍ୱାମୀଙ୍କ ବିଷୟରେ କହିଥିଲେ, ''ତ୍ରୈଲଙ୍ଗ ସ୍ୱାମୀ ଗଙ୍ଗାସ୍ରୋତରେ ଗୋଟିଏ ଘାଟରୁ ଅନ୍ୟ ଘାଟକୁ ଭାସି ଯାଉଥିଲେ; ଏବଂ ମୁଁ ଗଙ୍ଗା କୂଳେ କୂଳେ ଦୌଡୁଥିଲି । ଏହିପରି ବହୁତ ଦୂର ଯିବା ପରେ ସ୍ୱାମିଜି ଗଙ୍ଗାସ୍ରୋତରୁ ଆସି ଗୋଟିଏ ସ୍ଥାନରେ ବସିଗଲେ । ବସିବା ପରେ ସ୍ୱାମିଜି ମୋ ଭୋଜନ ସକାଶେ ଭାବିଲେ । ଏବଂ ଭକ୍ତମାନେ ଆଣିଥିବା ଭୋଜନ ମୋତେ ଗ୍ରହଣ କରିବାକୁ ଆଗ୍ରହ କଲେ । ମୋ ପ୍ରତି ତାଙ୍କର ଯେ କେତେ ସ୍ନେହ ଥିଲା, ତାଙ୍କର ଏହି ବ୍ୟବହାରରୁ ବୁଝିପାରୁଥିବ ।''

ପୁନଶ୍ଚ ବିଜୟକୃଷ୍ଣ ଗୋସ୍ୱାମୀଙ୍କ ଲେଖାରେ ମହାଯୋଗୀ ତ୍ରୈଲଙ୍ଗ ମହାରାଜଙ୍କର ସେହି ସମୟର ଗୋଟିଏ ଅପୂର୍ବ ଚିତ୍ର ଉଦ୍‌ଘାଟିତ ହୋଇଅଛି । ସେ ଲେଖିଛନ୍ତି –''କୌଣସି ସମୟରେ ସ୍ୱାମିଜି ଗଙ୍ଗାଘାଟରେ ଜଳସ୍ରୋତ ଉପରେ ଭାସୁଥାଆନ୍ତି । କୌଣସି ସମୟରେ ଜଳରେ ବୁଡ଼ି ଗଭୀରକୁ ଚାଲିଯାଆନ୍ତି । କେବେ କେବେ ସ୍ରୋତର ତୀବ୍ର ବେଗରେ ଦୂରକୁ ଚାଲିଯାଆନ୍ତି । ସେ ସମୟରେ ମୁଁ ଗଙ୍ଗାକୂଳରେ ଦୌଡ଼ି ଦୌଡ଼ି ସେଠାକୁ ଯାଏ । ପ୍ରାୟ ତାଙ୍କରି ସଙ୍ଗେ ସଙ୍ଗେ ରହିବାକୁ ଚେଷ୍ଟା କରେ । ଦିନେ ସ୍ୱାମିଜି ଗୋଟିଏ କାଳୀ ମନ୍ଦିରକୁ ଗଲେ । ସେଠାରେ ମୂତ୍ର ତ୍ୟାଗ କରି କାଳୀ ପ୍ରତିମା ଉପରେ ଛିଞ୍ଚିବାକୁ ଲାଗିଲେ । ମୁଁ ପଚାରିଲି, 'ଏ କ'ଣ କରୁଛନ୍ତି ? ମୂତ୍ରକୁ ମୂର୍ତ୍ତିଙ୍କ ଉପରେ ଛିଞ୍ଚୁଛନ୍ତି କାହିଁକି ?' ସେ ତଳେ ଲେଖିଦେଲେ, 'ଗଙ୍ଗୋଦକମ୍' । ମୁଁ ପଚାରିଲି, 'କାଳୀଙ୍କ ଉପରକୁ ଛିଞ୍ଚିବାର ତାତ୍ପର୍ଯ୍ୟ କ'ଣ ?' ସେ ସ୍ୱାଭାବିକ ଭାବରେ ଲେଖିଦେଲେ, 'ପୂଜା' ।''

ଯେଉଁ ସମୟରେ ଏହି ଘଟଣା ଘଟିଲା ସେ ସମୟରେ ମନ୍ଦିରରେ କେହି ନ ଥିଲେ । କିଛି ସମୟ ପରେ ମନ୍ଦିର ପୂଜାରୀ ଯେତେବେଳେ ଆସିଲେ ଗୋସ୍ୱାମୀ ବିଜୟକୃଷ୍ଣ ତ୍ରୈଲଙ୍ଗ ସ୍ୱାମୀଙ୍କର ଏହି ଅଦ୍ଭୁତ ଆଚରଣ ବିଷୟରେ ତାଙ୍କୁ କହିଲେ । ମନ୍ଦିରର ପୂଜାରୀ ଓ ଅନ୍ୟମାନେ ଶୁଣି କହିଲେ – ''ଏ ସାକ୍ଷାତ୍ ବିଶ୍ୱେଶ୍ୱର । ତାଙ୍କ ଆଚରଣ ସମ୍ବନ୍ଧେ ଆମ୍ଭେମାନେ କିଛି ବୁଝିପାରିବା ନାହିଁ । ତାଙ୍କ ମୂତ୍ର ଠିକ୍ ଗଙ୍ଗାଜଳ ।'' ସ୍ୱାମିଜିଙ୍କ ପ୍ରତି କାଶୀବାସୀଙ୍କର ପ୍ରଗାଢ଼ ଭକ୍ତି ଦେଖି ବିଜୟକୃଷ୍ଣ ଗୋସ୍ୱାମୀଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ।

ବିଜୟକୃଷ୍ଣ ଗୋସ୍ୱାମୀଙ୍କୁ ଦୀକ୍ଷା

କିଛି ଦିନ ପରେ ଦିନେ ହଠାତ୍ ତ୍ରୈଲଙ୍ଗ ସ୍ୱାମୀ ବିଜୟକୃଷ୍ଣ ଗୋସ୍ୱାମୀଙ୍କୁ ଦୀକ୍ଷା ଦେବେ ବୋଲି କହିଲେ ।

ବିଜୟକୃଷ୍ଣ ଗୋସ୍ୱାମୀ ତାଙ୍କ ପାଖରେ ରହି ତାଙ୍କ ପ୍ରତି ଅତ୍ୟନ୍ତ ଶ୍ରଦ୍ଧା ଭକ୍ତି ରଖିଥିବା ଯୋଗୁଁ କେବେ କେବେ ପରିହାସ ବି କରୁଥିଲେ । ସେ କହିଲେ, ''ଆପଣ ଦେବତାଙ୍କ ମୂର୍ତ୍ତି ଉପରେ ପ୍ରସ୍ରାବ ପକାଇ ତାକୁ ଗଙ୍ଗାଜଳ ବୋଲି କହିଲେ । ଏପରି ଅନ୍ୟାଚାରୀ ବ୍ୟକ୍ତିଙ୍କଠାରୁ ଦୀକ୍ଷାଗ୍ରହଣ କାହିଁକି କରିବି ? ଏହାଛଡ଼ା ମୁଁ ବ୍ରାହ୍ମସମାଜ ଅନ୍ତର୍ଭୁକ୍ତ । ଆପଣ ମୋତେ କିପରି ଦୀକ୍ଷା ଦେବେ ?''

ତ୍ରୈଲଙ୍ଗ ସ୍ୱାମୀ ହସି କରି ଉତ୍ତର ଦେଲେ –''ବେଟା, ତୁମକୁ ଦୀକ୍ଷା ଦେବା ବିଷୟରେ ଗୋଟିଏ ଗୂଢ଼ କାରଣ ଅଛି । ପ୍ରକୃତ ଦୀକ୍ଷା ମୁଁ ଦେଉ ନାହିଁ । ତୁମର ଅସଲ ଗୁରୁ ମୁଁ ନୁହେଁ । ମୁଁ କେବଳ ଭଗବାନଙ୍କ ଆଦେଶ ପାଳନ କରିବି । ଗୁରୁ କରିବା ଆବଶ୍ୟକ । ଗୁରୁ ଛଡ଼ା ଶରୀର ଶୁଦ୍ଧ ହୁଏ ନାହିଁ ।'' ଏହାପରେ ତାଙ୍କୁ ତ୍ରିବିଧ ମନ୍ତ୍ରଯୋଗ ଏବଂ ସନ୍ନ୍ୟାସ ଦୀକ୍ଷା ପ୍ରଦାନ କରି କହିଲେ –''ଏବେ ଯା ।'' ତାଙ୍କରି ଆଜ୍ଞାନୁସାରେ ବିଜୟକୃଷ୍ଣ ଗୋସ୍ୱାମୀ କାଶୀରୁ ଚାଲିଯାଇଥିଲେ ।

ସନ୍ନ୍ୟାସୀ ଏବଂ ଯୋଗସାଧନା ଗ୍ରହଣ କରିବା ପରେ ବିଜୟକୃଷ୍ଣ ଗୋସ୍ୱାମୀ ଥରେ କାଶୀ ଆସିଥିଲେ । ତ୍ରୈଲଙ୍ଗ ସ୍ୱାମୀଙ୍କୁ ଦର୍ଶନ କରିବା ପରେ ସେ ସେହି ଦୀକ୍ଷା ଘଟଣାକୁ ସଂକେତ କରି କହିଲେ –''କ'ଣ, ତୁମର ମନେ ଅଛି ?'' ଗୋସ୍ୱାମିଜି ହାତଯୋଡ଼ି ଗଦ୍‌ଗଦ କଣ୍ଠରେ ଉତ୍ତର ଦେଲେ, ''ହଁ, ମହାରାଜ, ମୋର ସ୍ମରଣ ଅଛି ।''

ଯୋଗୀ ଶ୍ୟାମାଚରଣ ଲାହିଡ଼ିଙ୍କୁ ସ୍ୱାଗତ ସମ୍ଭାଷଣ

ଯୋଗୀ ଶ୍ୟାମାଚରଣ ଲାହିଡ଼ି ଥରେ ତ୍ରୈଲଙ୍ଗ ସ୍ୱାମୀଙ୍କ ଚରଣରେ ଉପସ୍ଥିତ ହେଲେ । ସେ ଦୂରରୁ ଆସୁଥିବାର ଦେଖି ସ୍ୱାମିଜି ତାଙ୍କୁ ସସ୍ନେହରେ ସ୍ୱାଗତ କଲେ । ସେ ଦିନର ଘଟଣା ଦେଖି ସ୍ୱାମିଜିଙ୍କ ପାଖରେ ବସିଥିବା ଭକ୍ତମଣ୍ଡଳୀ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ଯୋଗୀ ଶ୍ୟାମାଚରଣଙ୍କ ବିଷୟରେ ନ ପଚାରି ରହି ପାରିଲେ ନାହିଁ । ସେମାନଙ୍କର ଆଶ୍ଚର୍ଯ୍ୟତା ଦୂର କରିବା ସକାଶେ ସ୍ୱାମିଜି କହିଲେ –''ଯୋଗ ସାଧନାର ଯେଉଁ ଉଚ୍ଚ ଅବସ୍ଥା ପ୍ରାପ୍ତ କରିବା ସକାଶେ ତପସ୍ୱୀଙ୍କୁ ଲେଙ୍ଗୁଟି ପର୍ଯ୍ୟନ୍ତ ତ୍ୟାଗ କରିବାକୁ ହୁଏ, ସେହି ଉଚ୍ଚ ଅବସ୍ଥାକୁ ଧୋତି, ଜାମା ପିନ୍ଧି ଏହି ଶକ୍ତିମାନ୍ ସାଧକ ସହଜରେ ପ୍ରାପ୍ତ ହୋଇଛନ୍ତି ।'' ତ୍ରୈଲଙ୍ଗ ସ୍ୱାମୀ ଯୋଗୀ ଶ୍ୟାମାଚରଣଙ୍କୁ ସେଦିନ ଯେପରି ସ୍ୱାଗତ କଲେ ସେଥିରୁ କାଶୀର ସାଧକସମାଜକୁ ସହଜରେ ତାଙ୍କର ପରିଚୟ ମିଳିଗଲା । କାଶୀରେ ଯୋଗିଗୁରୁ ରୂପେ ଲାହିଡ଼ି ମହାଶୟଙ୍କୁ ଯେଉଁ ପ୍ରତିଷ୍ଠା ପ୍ରାପ୍ତ ହେଲା ସେଥିରେ ତ୍ରୈଲଙ୍ଗ ସ୍ୱାମୀଙ୍କର ବି ସସ୍ନେହ ସ୍ୱୀକୃତି ଥିଲା ।

ଶେଷ ଜୀବନ ଓ ମହାପ୍ରୟାଣ

ତ୍ରୈଲଙ୍ଗ ସ୍ୱାମୀ ତାଙ୍କରି ଶେଷ ଜୀବନରେ ପ୍ରାୟ ଅଶୀ ବର୍ଷ ପର୍ଯ୍ୟନ୍ତ ପଞ୍ଚଗଙ୍ଗା ଘାଟସ୍ଥ ମଙ୍ଗଳଭଟ୍ଟଙ୍କ ଆଶ୍ରମରେ ରହୁଥିଲେ । କିନ୍ତୁ ସ୍ୱୟଂ କୌଣସି ମଠ, ମନ୍ଦିର, ଆଶ୍ରମ ପ୍ରତିଷ୍ଠା କରିବା ସକାଶେ ତାଙ୍କ ମନରେ କେବେ ବି ପ୍ରଶ୍ନ ଉଠି ନ ଥିଲା । କେବଳ ଗଙ୍ଗା ଗର୍ଭରେହିଁ ଦିବ୍ୟାନନ୍ଦରେ ମତ୍ତ ହୋଇ ସ୍ୱେଚ୍ଛାବିହାରୀ ମୀନ ସଦୃଶ ବିଚରଣ କରୁଥିଲେ । ତାଙ୍କର ଏକାନ୍ତ ନିଃସଙ୍ଗତାହିଁ ସ୍ୱଭାବରେ ପରିଣତ ହୋଇଥିଲା ।

ମହାଯୋଗୀଙ୍କର ସ୍ଥୂଳ ଶରୀରର ତିରୋଧାନ ତଥା ଜୀବନରେ ଯବନିକା ପଡ଼ିବାର ସମୟ ଆଗତ ହୋଇଛି । ଦିନକ ପୂର୍ବରୁ ସେ ଭକ୍ତଗଣଙ୍କୁ ସେମାନଙ୍କ ପ୍ରାର୍ଥନା ଅନୁସାରେ ସାଧନ ସମ୍ବନ୍ଧେ କିଛି ଉପଦେଶ ପ୍ରଦାନ କଲେ, ତାଙ୍କ ନିର୍ଦ୍ଦେଶାନୁସାରେ ଚନ୍ଦନ କାଠର ଗୋଟିଏ ବହୁତ ବଡ଼ ବାକ୍ସ ତୟାରି କରାହେଲା । ତାଙ୍କର ଶବକୁ ସେଥିରେ ରଖି ଗଙ୍ଗା ଗର୍ଭରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ସମାଧିସ୍ଥ କରିବା ସକାଶେ ଆଦେଶ ପୂର୍ବରୁ ସେ ଦେଇଥିଲେ ।

ପ୍ରାୟ ୧୮୮୭ ଖ୍ରୀଷ୍ଟାବ୍ଦ ପୌଷ ମାସ ଶୁକ୍ଳ ପକ୍ଷ ଏକାଦଶୀର ପୁଣ୍ୟ ମୁହୂର୍ତ୍ତରେ ବ୍ରହ୍ମରନ୍ଧ୍ର ମାର୍ଗରେ ମହାଯୋଗୀଙ୍କର ଅମର ଆତ୍ମା ଶରୀର ତ୍ୟାଗ କଲା । ତତ୍‌ପଶ୍ଚାତ୍ ଭକ୍ତଗଣ ତାଙ୍କ ପବିତ୍ର ଶରୀରକୁ ନିର୍ମିତ ହୋଇଥିବା

ଚନ୍ଦନକାଠର ବାକ୍ସ ଭିତରେ ରଖିଲେ ଏବଂ ପଞ୍ଚଗଙ୍ଗା ଘାଟକୁ ନେଇ ଗୋଟିଏ ବଡ଼ ନୌକାରେ ରଖିଦେଲେ । ସେତେବେଳେ ତାଙ୍କର ତିରୋଧାନର ଖବର ସମସ୍ତ କାଶୀରେ ପ୍ରସାର ହୋଇ ଯାଇଥିଲା । ସର୍ବଜନପୂଜିତ ଯୋଗିରାଜଙ୍କ ଗଙ୍ଗାସମାଧି ଦର୍ଶନ ସକାଶେ ସମସ୍ତ ଗଙ୍ଗାତଟ ଜନସମୂହରେ ପରିପୂର୍ଣ୍ଣ ହୋଇଥିଲା । ଦର୍ଶନାର୍ଥୀଙ୍କ ମୁଣ୍ଡ ଛଡ଼ା ଗଙ୍ଗାତଟରେ ଆଉ କିଛି ଦେଖାଯାଉ ନ ଥିଲା । ସ୍ୱାମିଜିଙ୍କ ଶରୀର ଥିବା ବାକ୍ସ ସମସ୍ତଙ୍କ ଦର୍ଶନ ସକାଶେ ପଞ୍ଚଗଙ୍ଗା ଘାଟରୁ ନୌକାକୁ ଗଙ୍ଗା କୂଳେ କୂଳେ ଅଶୀଘାଟ ଦେଇ ବରୁଣା ପର୍ଯ୍ୟନ୍ତ ନିଆଗଲା । ସେଠାରୁ ନୌକାରୁ ଫେରାଇ ମଝିସ୍ରୋତ ଗଙ୍ଗାଗର୍ଭରେ ତ୍ରୈଲଙ୍ଗ ସ୍ୱାମୀଙ୍କ ଶବ ଥିବା ସିନ୍ଦୁକକୁ ସମାଧିସ୍ଥ କରି ଦିଆହେଲା । ଶିବଧାମ ବାରାଣସୀରେ ଶିବତୁଲ୍ୟ ମହାଯୋଗୀ କାଶୀଧାମରେ ଦେଢ଼ ଶହ ବର୍ଷ ପର୍ଯ୍ୟନ୍ତ ଯୋଗଲୀଳା ଅଭିନୟ କରିଥିଲେ । ହଜାର ହଜାର ବ୍ୟକ୍ତିଙ୍କ ସମ୍ମୁଖରେ ତାଙ୍କ ଲୀତାର ଦୃଶ୍ୟପଟ ଏକ ପରେ ଏକ ଉନ୍ମୋଚନ ହେଉଥିଲା । ସେହି ଦିନ ସନ୍ଧ୍ୟା ସମୟରେ ସବୁ ଦର୍ଶନାର୍ଥୀ ଯୋଗିରାଜଙ୍କ ଲୀଳା ସ୍ମରଣର ଏହି ଅନ୍ତିମ ଦୃଶ୍ୟପଟ ଦେଖି ମନେ ମନେ କିଂବା ପ୍ରକାଶ୍ୟରେ ତାଙ୍କ ଗୁଣଗାନ କରି ନିଜ ନିଜ ସ୍ଥାନକୁ ଫେରିଲେ ।

ଯୋଗିରାଜ ତ୍ରୈଲଙ୍ଗ ସ୍ୱାମୀଙ୍କୁ ଜୟ ।*

* ଶ୍ରୀ ପ୍ରମଥନାଥ ଭଟ୍ଟାଚାର୍ଯ୍ୟଙ୍କ ଲିଖିତ 'ଭାରତ କେ ମହାନ୍ ସାଧକ' ଅବଲମ୍ବନରେ ଲିଖିତ ।

ଦୁର୍ବାସାଙ୍କ କୋପ

ସକାଳର ଶୀତଳ ବାଳ-ସୂର୍ଯ୍ୟର ରଶ୍ମି ବୃକ୍ଷର ନବ-ପଲ୍ଲବରେ ପଡ଼ି ଚକ୍ ଚକ୍ କରୁଅଛି । ପକ୍ଷୀମାନେ ଚେଁ ଚେଁ ଶବ୍ଦରେ ନିଜ ଭାଷାରେ ଗାନ କରୁଅଛନ୍ତି । ମନ୍ଦ-ବାୟୁ ଉଦ୍ୟାନ-ପୁଷ୍ପର ସୁଗନ୍ଧ ବହନ କରି ପଥିକମାନଙ୍କୁ ଉପହାର ଦେଉଅଛି । ଗନ୍ଧର୍ବ-ଲୋକରେ ସବୁ ସୁନ୍ଦର-ବନ, ଉପବନ, ପଶୁ, ପକ୍ଷୀ, ବୃକ୍ଷଲତା । ଗନ୍ଧର୍ବମାନେ ସଙ୍ଗୀତ, ନୃତ୍ୟର ରସିକ । ସେମାନଙ୍କ ମନ ସର୍ବଦା ପ୍ରଫୁଲ୍ଲିତ । ପ୍ରଫୁଲ୍ଲିତ ନ ହେବାର ବା କାରଣ କ'ଣ ଅଛି ? ମୃତ୍ୟୁଲୋକପରି ସେମାନଙ୍କର ଭୋଜନ ବସ୍ତ୍ରର ତ' ଚିନ୍ତା ନାହିଁ । ସେମାନେ ରୋଗ, ଦୁଃଖ, କଷ୍ଟରୁ ମୁକ୍ତ । କେବଳ ଆମୋଦ ପ୍ରମୋଦ କରିବା ଛଡ଼ା ସେମାନଙ୍କର ଆଉ କାମ କ'ଣ ?

ଦିନେ ସକାଳେ ବସୁ ଓ ରୁଭୁ ନାମକ ଦୁଇଜଣ ଗନ୍ଧର୍ବ ପୁଷ୍ପ ଫଳରେ ସୁଶୋଭିତ ଏକ ରମଣୀୟ ଉଦ୍ୟାନରେ ଭ୍ରମଣ କରିବାକୁ ଗଲେ । ସେହି ଉଦ୍ୟାନ ମାର୍ଗରେ ଜଣେ ଆଗନ୍ତୁକ ଅକସ୍ମାତ ଆସି ପହୁଞ୍ଚିଗଲେ । ତାଙ୍କ ଶରୀର ବେଶ୍ ହୃଷ୍ଟ-ପୁଷ୍ଟ । ମସ୍ତକରୁ ଲମ୍ବିତ ଜଟା ପୃଥିବୀକୁ ସ୍ପର୍ଶ କରୁଅଛି ଏବଂ ଶ୍ୱେତ ଦାଢ଼ି ନାଭିକୁ ଆବୃତକରି ଝୁଲୁଅଛି । ଚକ୍ଷୁ ଦୁଇଟି ବେଶ୍ ବଡ଼ ବଡ଼ । ସୁନ୍ଦର ସୁଡୌଲ ଶରୀର କିନ୍ତୁ ତପୋତେଜଃ-ପୂର୍ଣ୍ଣ ।

ବିଳାସୀ ହେଲେ ବିବେକ ଶୂନ୍ୟ ହୋଇଯାଏ । ବିବେକଶୂନ୍ୟ ହେଲେ ମନୁଷ୍ୟ ଅବିହିତ କାର୍ଯ୍ୟ କରେ । ବସୁ ଏବଂ ରୁଭୁ ଦୁଇ ମିତ୍ର ଋଷିଙ୍କ ଆକୃତିକୁ ଦେଖି ପରସ୍ପର ମନେ ମନେ ପରିହାସ କଲେ, ଶବ୍ଦରେ ନ କହିଲେ ମଧ୍ୟ ତାଙ୍କ ଶରୀରର ଇଙ୍ଗିତରୁ ଏହା ବେଶ୍ ବୁଝା ପଡୁଥିଲା । ବିଳାସୀ ମନୁଷ୍ୟଙ୍କର ସ୍ୱାଭାବିକ ଅନ୍ୟମାନଙ୍କ ପ୍ରତି ଈର୍ଷା ହୁଏ, ଫେରେ କଠୋର ତପଃପ୍ରିୟ ଋଷିଙ୍କର ଉଦ୍ୟାନ ଭ୍ରମଣ ତାଙ୍କୁ ସହ୍ୟ ହେବ କିପରି ? ନିଜ ବିନୋଦ ସ୍ୱଭାବବଶତଃ ମୃଦୁହାସ୍ୟରେ ଋଷିଙ୍କ ଆଡ଼କୁ ଚାହିଁଲେ । ଏମାନଙ୍କର ପରିହାସ ଋଷି ବୁଝିପାରି ଛିଡ଼ା ହୋଇ ଏମାନଙ୍କୁ ତର୍ଜ୍ଜନୀ ଅଙ୍ଗୁଳି ଦେଖାଇ ଗଭୀର ଏବଂ କ୍ରୋଧ ସ୍ୱରରେ କହିଲେ, ''ମୁଁ କିଏ ମୋତେ ଚିହ୍ନ ! ମୋ ନାମ ଦୁର୍ବାସା ।'' ଏତିକି କହିବା ମାତ୍ରେ ତାଙ୍କ ନେତ୍ର ଅଗ୍ନିଶିଖା ପ୍ରାୟ ଜଳିବାକୁ ଲାଗିଲା । ତାଙ୍କ ଶରୀରର ଆକୃତିରେ କ୍ରୋଧର ଚିହ୍ନ ଝଟକି ଉଠିଲା । ଏହା ଦେଖିବା ମାତ୍ରେ ଦୁଇ ମିତ୍ର ଭୟରେ କମ୍ପିବାକୁ ଲାଗିଲେ ଏବଂ ଦୌଡ଼ି ଆସି ଋଷିଙ୍କ ଚରଣରେ ଦଣ୍ଡାକାରରେ ଭୂମିଶାୟୀ ହୋଇଗଲେ । ଋଷିଙ୍କର ଦୟା ହେଲା । ସେ କ୍ରୋଧ ଶାନ୍ତ କରି କହିଲେ, ''ଉଠ, ତୁମ୍ଭେମାନେ ଭଲ କରିଛ, ନଚେତ୍ ବର୍ତ୍ତମାନ ମୋ କ୍ରୋଧରେ ଭସ୍ମ ହୋଇ ଯାଇଥାଆନ୍ତ ।'' ଦୁଇ ମିତ୍ର ହାତଯୋଡ଼ି ବିନୀତ ହୋଇ ଅର୍ଦ୍ଧସ୍ଫୁଟ ସ୍ୱରରେ କହିଲେ, ''ପ୍ରଭୁ ରକ୍ଷାକର, ଆମ୍ଭେମାନେ ଆପଣଙ୍କ ନାମ ଶୁଣିଥିଲୁ, ମାତ୍ର ସ୍ୱରୂପ ଦେଖି ନ ଥିଲୁ । ତେଣୁ ବଡ଼ ଭୁଲ କରି ପକାଇଛୁ ।'' ଋଷି ଦୟାପୂର୍ବକ ମୃଦୁସ୍ୱରରେ କହିଲେ, ''ଦେଖ ଭାଇ, ତୁମର ତ ରକ୍ଷା ହେଲା, ମାତ୍ର ମୋ କ୍ରୋଧ ଅମୋଘ, ତାହା ବ୍ୟର୍ଥ ହେବ ନାହିଁ ।'' ସେମାନେ ମସ୍ତକନତ କରି କହିଲେ, ''ପ୍ରଭୁ ! ଆପଣଙ୍କ ଆଜ୍ଞା ଶିରୋଧାର୍ଯ୍ୟ ।'' ଋଷି ସ୍ନେହରେ କହିଲେ, ''ଏ ଲୋକରେ ତୁମ୍ଭେମାନେ ମୋର ପରିହାସ କରୁଛ ତେଣୁ ଏଠାରେ ରହିପାରିବ ନାହିଁ । ତୁମ୍ଭମାନଙ୍କୁ ମୁଁ ଶକ୍ତି ଦେଉଛି, ତୁମ୍ଭେମାନେ ସମସ୍ତ ଲୋକ ଭ୍ରମଣ କରି ଦେଖ, ଯେଉଁ ଲୋକରେ ଯେଉଁ ଶରୀର ତୁମ୍ଭମାନଙ୍କୁ ପସନ୍ଦ ହେବ, ସେହି ଲୋକରେ ରହିବାକୁ ଏବଂ ସେହି ଶରୀର ଧାରଣ କରିବାକୁ ମୁଁ ବ୍ୟବସ୍ଥା କରିଦେବି । କିନ୍ତୁ ଗୋଲୋକ, ସାକେତ, ବୈକୁଣ୍ଠ ଓ ସଚ୍ଚିଦାନନ୍ଦଲୋକକୁ ତୁମ୍ଭେମାନେ ଯାଇପାରିବ ନାହିଁ ।'' ସେମାନେ ଭୟପୂର୍ବକ ଅନତିସ୍ୱରରେ ପଚାରିଲେ, ''କାହିଁକି, ଭବାନ୍ ?'' ଋଷି କହିଲେ, ''ଯେଉଁମାନେ ମନ-ପ୍ରାଣ ଶୁଦ୍ଧ କରି ସମସ୍ତ ଇନ୍ଦ୍ରିୟ ଭଗବାନଙ୍କ ସଙ୍ଗେ ଯୁକ୍ତ କରି ନିଜକୁ ପୂର୍ଣ୍ଣ ରୂପେ ସମର୍ପଣ କରନ୍ତି, ସେମାନଙ୍କ ସକାଶେ ସେହି ଦିବ୍ୟ ଲୋକ; ଭୋଗୀ ଏବଂ ବିଷୟ-ବିଳାସୀ ବ୍ୟକ୍ତିଙ୍କ ସକାଶେ ନୁହେଁ ।'' ଏହା କହି ଋଷି ଚାଲିଗଲେ ।

ଦୁଇ ମିତ୍ର ବିସ୍ମିତ ହୋଇ ନିଜ କର୍ମ ପାଇଁ ପାଶ୍ଚାତ୍ତାପ କରି ବିଭିନ୍ନ ଲୋକ ଭ୍ରମଣ କରିବାକୁ ବାହାରିଲେ । ସ୍ୱର୍ଗାଦି ଲୋକ ସେମାନେ ପୂର୍ବରୁ ଦେଖିଥିଲେ । ସେମାନେ ଭାବିଲେ, ''ସ୍ୱର୍ଗ ଯଦ୍ୟପି ଭୋଗବିଳାସର ଏକ ଉତ୍କୃଷ୍ଟ

ଲୋକ, ତଥାପି ସେଠାରେ ବି କ୍ରୋଧୀ, ତପସ୍ୱୀ ଋଷିମାନଙ୍କର ଶାପର ଭୟ ବରାବର ଥାଏ; ଚାଲ ଅନ୍ୟ ଲୋକକୁ ଯିବା ।'' ସେମାନେ ପାତାଳ ସୁତଳ, ବିତଳ, ତଳାତଳ ଇତ୍ୟାଦି ବହୁତ ଲୋକ ଦେଖି ନିରାଶ ହୋଇଗଲେ । କେଉଁଠି ବଡ଼ ବଡ଼ ସାପ ଓ କେଉଁଠି କଳା କଳା ଅତିକାୟ ରାକ୍ଷସ; କେଉଁଠି ତ ଏକେବାରେ ଅନ୍ଧକାର । ସେମାନେ ଭୋଗ-ବିଳାସୀ ଗନ୍ଧର୍ବ; କିପରି ଏହିସବୁ ଭୟଙ୍କର ସ୍ଥାନକୁ ପସନ୍ଦ କରିବେ ? ନିରାଶ ଏବଂ ବ୍ୟସ୍ତ ହୋଇ ମୃତ୍ୟୁପୁରୀ ମର୍ତ୍ତ୍ୟ ଲୋକକୁ ଆସିଲେ ।

ରୁଭୁ : ଏ ଲୋକ ଅନ୍ୟ ଲୋକ ତୁଳନାରେ ଭଲ । ମନୁଷ୍ୟମାନେ ଦେଖିବାକୁ ମନ୍ଦ ନୁହନ୍ତି, ଏମାନଙ୍କ ବୁଦ୍ଧି ବି ବହୁତ ଉନ୍ନତ । ପ୍ରକୃତି ଉପରେ ଏମାନଙ୍କର ବେଶ୍ ଆଧିପତ୍ୟ ଅଛି । ଏମାନଙ୍କର ପକ୍ଷୀ ନାହିଁ ଆକାଶରେ ଉଡୁଛନ୍ତି, ଦୂରଦୃଷ୍ଟି ନ ଥିବା ସତ୍ତ୍ୱେ ଦୂର ବସ୍ତୁ ଦେଖୁଛନ୍ତି, ଦୂର ଶ୍ରବଣ-ଶକ୍ତି ଅଭାବରେ ବି ଦୂର କଥା ଶୁଣୁଛନ୍ତି ।

ବସୁ : ଏମାନଙ୍କର ଅନ୍ୟ ଦିଗ ତୁ ଦେଖୁ ନାହୁଁ । ଏମାନେ ସୁଖରେ ନାହାନ୍ତି, ବରାବର ଚେଷ୍ଟା କରୁଛନ୍ତି ବାହ୍ୟବସ୍ତୁ ଦ୍ୱାରା ସୁଖ ପ୍ରାପ୍ତ କରିବାକୁ । କିନ୍ତୁ ଏମାନଙ୍କ ଭିତରେ ଥିବା କାମ, କ୍ରୋଧ, ଲୋଭ, ମୋହ, ଈର୍ଷ୍ୟା, ଦମ୍ଭ, ହିଂସା, ଦ୍ୱେଷ ଇତ୍ୟାଦି ରହିଥିବା ଶତ୍ରୁଙ୍କୁ ଦୂର କରିବାକୁ କୌଣସି ପ୍ରଯତ୍ନ କରୁ ନାହାନ୍ତି । ସେନେଇ ଏମାନଙ୍କ ଦ୍ୱାରା ଉତ୍ପନ୍ନ ସୁଖକୁ ଏମାନେ ନିଜେ ଅନ୍ତରସ୍ଥ ଶତ୍ରୁଙ୍କ ପ୍ରେରଣାରେ ନିଜର ସର୍ବନାଶ କାର୍ଯ୍ୟରେ ଉପଯୋଗ କରୁଛନ୍ତି ।

ରୁଭୁ : ମୁଁ ତୋର ଗୂଢ଼ ରହସ୍ୟମୟ ଉକ୍ତି ବୁଝି ପାରୁ ନାହିଁ ।

ବସୁ : ଏମାନେ ଘରେ ବସି ଦୂରଦୃଶ୍ୟ ଦେଖିବାକୁ ଓ ଦୂରବାର୍ତ୍ତା ଶୁଣିବାକୁ ଟେଲିଭିଜନ ଓ ରେଡ଼ିଓ ଉଦ୍‌ଭାବନ କରିଛନ୍ତି । ଆକାଶରେ ଉଡ଼ିବାକୁ ବ୍ୟୋମଯାନ ତୟାରି କରିଛନ୍ତି । ଶକ୍ତି ପ୍ରାପ୍ତ କରିବା ସକାଶେ ଅଣୁକୁ ଶୋଧନ କରି ଆଣବିକ ବମ୍ (ବିସ୍ଫୋରକ) ଆଦି ମଧ୍ୟ ଉଦ୍‌ଭାବନ କରିଅଛନ୍ତି । ଏହି ଯେଉଁ ବସ୍ତୁସକଳକୁ ନିଜ ଆରାମ ସକାଶେ ଉଦ୍‌ଭାବନ କରିଛନ୍ତି ସେସବୁ ବର୍ତ୍ତମାନ ଯୁଦ୍ଧରେ ପ୍ରୟୋଗ କରାହେଉଛି ଏବଂ ଭବିଷ୍ୟତ୍ ଯୁଦ୍ଧରେ ମଧ୍ୟ ପ୍ରୟୋଗ ହେବାର ଆଶଙ୍କା ରହିଛି । ଯଦି ଯୁଦ୍ଧ ହୁଏ, ତେବେ ନିଜର ଉତ୍ପନ୍ନ ବସ୍ତୁ ନିଜ ବିନାଶର କାରଣ ହେବ ।

ରୁଭୁ : ଏମାନେ ବଡ଼ ଭୁଲ୍ କଲେ; ଏପରି ବସ୍ତୁ ଉଦ୍‌ଭାବନ କରିବା ଉଚିତ ନ ଥିଲା ।

ବସୁ : ନୂତନ ବସ୍ତୁ ଉଦ୍‌ଭାବନ କରିବା ଭୁଲ୍ ହୋଇ ନାହିଁ । ତାହାର ଆବଶ୍ୟକତା ବି ଥିଲା । କିନ୍ତୁ ସେମାନଙ୍କର ଭୁଲ ଯେ ଏହିସବୁ ଉଦ୍‌ଭାବିତ ବସ୍ତୁର ଯଥାର୍ଥ ଉପଯୋଗ କରିବାର ଆବଶ୍ୟକ ଅବସ୍ଥା ଏମାନେ ପ୍ରାପ୍ତ କରି ନାହାନ୍ତି ।

ରୁଭୁ : ଯଥାର୍ଥ ପ୍ରୟୋଗ କରିବାର ଆବଶ୍ୟକ ଅବସ୍ଥା କ'ଣ ?

ବସୁ : ଆବଶ୍ୟକ ଅବସ୍ଥା ହେଉଛି, ନିଜ ଭିତରେ ଶାନ୍ତି, ସମତା ଇତ୍ୟାଦି ପ୍ରାପ୍ତ କରିବା । ଏହି ଅବସ୍ଥାରେ ମନୁଷ୍ୟ ଅନ୍ୟକୁ ହିଂସା କରେ ନାହିଁ, ଦ୍ୱେଷ କରେ ନାହିଁ । ତାହାର କେହି ଶତ୍ରୁ, ମିତ୍ର ନ ଥା'ନ୍ତି, ସେ ସମସ୍ତଙ୍କ ମଧ୍ୟରେ ନିଜକୁ ଏବଂ ନିଜ ମଧ୍ୟରେ ସମସ୍ତ ପ୍ରାଣୀଙ୍କୁ ଦେଖେ । ସେ' ନେଇ ଆରାମ ଓ ସୁଖ ସୁବିଧା ଦେଉଥିବା ଶକ୍ତିଶାଳୀ ବସ୍ତୁକୁ ସେ ମନୁଷ୍ୟ ଜାତିର ସେବାରେ ଲଗାଏ । ମନୁଷ୍ୟ ଜାଗତିକ ପ୍ରକୃତି ଉପରେ ଆଧିପତ୍ୟ ପ୍ରାପ୍ତ କରିବାକୁ ଚେଷ୍ଟା କରିଛି ଏବଂ କେତେକ ପରିମାଣରେ ସଫଳ ବି ହୋଇଛି । କିନ୍ତୁ ନିଜ ଭିତରେ ଯେଉଁ କାମ, କ୍ରୋଧ, ଲୋଭ, ମୋହ, ଦ୍ୱେଷ, ହିଂସା, ପରଶ୍ରୀକାତରତା ଇତ୍ୟାଦି ଅଶୁଦ୍ଧ ପ୍ରକୃତି ଶକ୍ତି ରହିଛନ୍ତି ସେ ସବୁର ହାତ-ଯନ୍ତ୍ର ହୋଇ ଅଜ୍ଞାନତାବଶତଃ ନିଜ ଉଦ୍‌ଭାବିତ ଶକ୍ତିଶାଳୀ ବସ୍ତୁକୁ ଅନ୍ୟ ଉପରେ ଆଧିପତ୍ୟ ବିସ୍ତାର କରିବାକୁ ଏବଂ ଅନ୍ୟକୁ ନାଶ କରିବାକୁ ପ୍ରୟୋଗ କରୁଅଛି ।

ରୁଭୁ : ଯେଉଁମାନଙ୍କର ବୁଦ୍ଧି ଏପରି ବିକଶିତ, ଏପରି ତୀବ୍ର ସେମାନେ କ'ଣ ଏତିକି କଥା ବୁଝିପାରୁ ନାହାନ୍ତି । ସେମାନେ କାହିଁକି ନିଜ ଭିତରେ ସମତା ଆଦି ଦିବ୍ୟ ଗୁଣକୁ ସ୍ଥାପନା କରୁ ନାହାନ୍ତି ?

ରୁଭୁ, ବସୁ ଦୁଇ ମିତ୍ର ବୁଲି ବୁଲି ଗୋଟିଏ ପ୍ରଶସ୍ତ ସ୍ଥାନ, ବହୁତ ବଡ଼ ବଡ଼ ଘର ପାଖରେ ଛିଡ଼ା ହେଲେ । ସାଢ଼େ ଦଶଘଣ୍ଟା ସମୟ । ଚାରିଆଡ଼ ବାଳକ ବାଳିକା, ଯୁବକ ଯୁବତୀ ହାତ ବ୍ୟାଗ୍ ଓ ବହି ଧରି ପହୁଞ୍ଚିଲେ । ପରେ କେତେଜଣ ବ୍ୟକ୍ତି କୋଟ୍, ପ୍ୟାଣ୍ଟ୍, ଟୋପି ପିନ୍ଧି ଘର ଭିତରକୁ ପଶିଗଲେ । ଶେଷରେ ଆସିଲେ ଜଣେ ବିଶିଷ୍ଟ ବ୍ୟକ୍ତି ମୋଟରରେ ।

ବୋଧହୁଏ ଏହି ହେବେ ଏଠିକାର ମୁଖ୍ୟ କର୍ତ୍ତା । ଆଚ୍ଛା ଚାଲ ତାଙ୍କ ପଛେ ପଛେ ଯିବା । ସେହି ବିଶିଷ୍ଟ ବ୍ୟକ୍ତି ଭିତରେ ପ୍ରବେଶ କରିବା ମାତ୍ରେ କେହି ଉଠି ପଡ଼ିଲେ, କେହି ଟୋପିଟା ମୁଣ୍ଡରୁ ଉଠାଇ ଦେଲେ, କେହି ବା ହାତମିଳାଇ ସମ୍ମାନ କଲେ । ପରେ ସେ ଚୌକିରେ ବସିବା ସଙ୍ଗେ ସଙ୍ଗେ କେତେକ ବ୍ୟକ୍ତି ହାତରେ କାଗଜ ପତ୍ର ଧରି ଆସି ତାଙ୍କୁ ଦେଖାଇ ଦସ୍ତଖତ କରାଇ ନେଇଗଲେ । କିଛି ସମୟ ପରେ ନିଶ୍ଚିନ୍ତ ହୋଇ ବସିଲେ ।

ଉଭୟ ମିତ୍ର ଭାବିଲେ, ଏ ବ୍ୟକ୍ତି ବୋଧହୁଏ ବହୁତ ବିଦ୍ୱାନ୍ ଓ ପଣ୍ଡିତ । ଏହାଙ୍କ ଦ୍ୱାରା ଆମ୍ଭର ସମସ୍ତ ସନ୍ଦେହ ଦୂର ହୋଇପାରିବ । ଚାଲ ତାଙ୍କ ପାଖକୁ ଯିବା । ଉଭୟ ବନ୍ଧୁ ଅଭିବାଦନ କରି କିଛି ଜିଜ୍ଞାସା କରିବାକୁ ଉଦ୍ୟତ ହେଲେ ।

ପଣ୍ଡିତ : ଆଗନ୍ତୁକଙ୍କ ପ୍ରତି ଦୃଷ୍ଟିପାତ କରି ସେମାନଙ୍କର ଆସିବାର ସମସ୍ତ ବୃତ୍ତାନ୍ତ ଜାଣିଲେ ଏବଂ କହିଲେ, ''ଆଚ୍ଛା, ତୁମ୍ଭେମାନେ ନିଜ ନିଜ ସନ୍ଦେହ ଦୂର କରିବା ପାଇଁ ପ୍ରଶ୍ନ କରିପାର ।''

ଉଭୟ ବନ୍ଧୁଙ୍କ ପକ୍ଷରୁ ବହୁ ପ୍ରଶ୍ନ କରାଗଲା ।

ବସୁ : ଆମ୍ଭେମାନେ ସ୍ୱର୍ଗଲୋକ ପ୍ରଭୃତି ପରିଭ୍ରମଣ କରି ... ।

ବସୁଙ୍କ କହିବା ଶେଷ ହେବା ପୂର୍ବରୁ ପଣ୍ଡିତ କହିଲେ,—

''ସ୍ୱର୍ଗଲୋକ'' ! ଏହି ମର୍ତ୍ତ୍ୟଲୋକ ବ୍ୟତୀତ ଅନ୍ୟ କୌଣସି ଲୋକ ଅଛି । ଏହା ତ' ସମ୍ପୂର୍ଣ୍ଣ ଭ୍ରମ, କଳ୍ପନା, ସ୍ୱପ୍ନ ।

ବସୁ : କୌଣସି ସତ୍ୟ ବସ୍ତୁ ଥିଲେ, ତାହାର କଳ୍ପନା ସତ୍ୟ ହୁଏ । ପ୍ରକୃତରେ କୌଣସି ବସ୍ତୁ ନ ଥିଲେ ତା' ସମ୍ବନ୍ଧେ କଳ୍ପନା କରାଯାଇ ପାରେ ନାହିଁ, ସ୍ୱପ୍ନ ମଧ୍ୟ ହୋଇ ପାରେ ନାହିଁ । ଯେପରି ଜଣେ ଦରିଦ୍ର କଳ୍ପନା କରେ ବା ସ୍ୱପ୍ନ ଦେଖେ, ଯେ ସେ ଏକ ରାଜଗାଦି ଉପରେ ବସିଅଛି । କିନ୍ତୁ ରାଜଗାଦି ଗୋଟିଏ ସତ୍ୟ ବସ୍ତୁ, ଅଳୀକ ବା ମାୟା ନୁହେଁ ।

ଆଚ୍ଛା, ତୁମ ଶରୀର ମଧ୍ୟରେ କେତେ ପ୍ରକାର କୋଷ, କେଉଁଠି ଖାଦ୍ୟ ରହେ, କେଉଁଠି ଜଳ ରହେ, କେଉଁଠି ତାହାର ପରିପାକ କ୍ରିୟା ହୋଇ ରକ୍ତରେ ପରିଣତ ହୁଏ, କେଉଁଠି ମସ୍ତିଷ୍କ କ୍ରିୟା କରେ, କେଉଁଠି ପ୍ରାଣର ଆବେଗ ଉତ୍ତେଜନା ହୁଏ, କେଉଁଠି ରୋଗ, ଜରା ଇତ୍ୟାଦିର ବାସସ୍ଥାନ, ଏ ସମ୍ବନ୍ଧେ ଜଣା ଅଛି କି ?

ପଣ୍ଡିତ – (ଅବହେଳା ସହ ହାସ୍ୟରେ କହିଲେ) ଏ ସମ୍ବନ୍ଧେ ଆମ୍ଭେ କିପରି ଜାଣିବୁ । ଏସବୁ ଡାକ୍ତରମାନଙ୍କ କାମ । ସେମାନେ ଜୀବନବ୍ୟାପୀ ଏସବୁ ବିଷୟ ଅଧ୍ୟୟନ କରନ୍ତି । ନାନା ପ୍ରକାର ଯନ୍ତ୍ରର ସାହାଯ୍ୟରେ କିଛି କିଛି ବୁଝିପାରନ୍ତି, କିନ୍ତୁ ସମ୍ପୂର୍ଣ୍ଣ ରୂପେ ନୁହେଁ । ମନେ ହୁଏ, ତୁମ୍ଭେମାନେ ଆଧୁନିକ ଜଗତ୍ ଓ ବିଜ୍ଞାନ ସମ୍ବନ୍ଧେ ଅନଭିଜ୍ଞ । ସେ' ନେଇ ଏପରି ପ୍ରଶ୍ନ କରୁଛ । ଜଗତରେ ବହୁତ ପ୍ରକାର ବିଜ୍ଞାନ ଅଛି । ଗୋଟିଏ ପ୍ରକାର ବିଜ୍ଞାନ ଜାଣିବାକୁ ସମସ୍ତ ଜୀବନ ଅଧ୍ୟୟନ କରିବାରେ ମଧ୍ୟ ପୂର୍ଣ୍ଣ ହୁଏ ନାହିଁ । ଫେରେ ଜଣେ ବ୍ୟକ୍ତି ଅନେକ ପ୍ରକାର ବିଜ୍ଞାନ ଜାଣିବ କିପରି ?

ବସୁ : ସ୍ୱର୍ଗାଦିଲୋକ ଜାଣିଥିବା ରହସ୍ୟମୟ ସୂକ୍ଷ୍ମ ବିଜ୍ଞାନ ସମ୍ବନ୍ଧେ କିଛି ଜାଣିଛନ୍ତି କି ? ଉତ୍ତର ମିଳିଲା ନାହିଁ । ତେବେ ସେ ବିଷୟରେ ନିର୍ଣ୍ଣୟ କରିବା କେତେ ଦୂର ଯୁକ୍ତିଯୁକ୍ତ । ଯେଉଁମାନେ ସେହି ବିଦ୍ୟା ଜାଣିବାକୁ ପ୍ରଯତ୍ନ କରିଛନ୍ତି ଏବଂ ଉପଲବ୍ଧି କରିଛନ୍ତି, ସେମାନଙ୍କ ଜ୍ଞାନରେ ସ୍ୱର୍ଗଲୋକ ଏକେବାରେ ସତ୍ୟ, ଏପରି ସତ୍ୟ ଯେପରି ଏହି ପୃଥିବୀ ଆମ୍ଭମାନଙ୍କ ଦୃଷ୍ଟିରେ ସତ୍ୟ । ଔଷଧ ବିଜ୍ଞାନ ପରି ଏହି ସୂକ୍ଷ୍ମ ଜଗତର ବିଜ୍ଞାନ ନ ପଢ଼ିଲେ ଜାଣିହୁଏ ନାହିଁ । କିନ୍ତୁ ସୂକ୍ଷ୍ମ ଜଗତ ଓ ସୂକ୍ଷ୍ମ ଦେହଧାରୀ ଜୀବ ଅଛନ୍ତି । ବହୁବ୍ୟକ୍ତି ସୂକ୍ଷ୍ମ ଦେହଧାରୀ ଦେବତାମାନଙ୍କୁ ଉପାସନା କରି ତାଙ୍କୁ ଦର୍ଶନ କରିଅଛନ୍ତି ଏବଂ ସେମାନଙ୍କ ଜଗତ୍ ଦେଖି ଅଛନ୍ତି । ଏଠାରେ ଗୋଟିଏ ଏକେବାରେ ସତ୍ୟ ଘଟଣା ଉଲ୍ଲେଖ କରିବା ।

ପ୍ରାୟ ୧୯୨୧/୧୯୨୨ ସାଲର କଥା । ସେତେବେଳେ ପଣ୍ଡିଚେରୀ, ଶ୍ରୀଅରବିନ୍ଦ ଆଶ୍ରମରେ ସାଧକମାନଙ୍କ ସଂଖ୍ୟା ବହୁତ କମ୍ ଥିଲା । ଆଶ୍ରମର ଗୋଟିଏ ତାମିଲ୍ ଚାକରର କାର୍ଯ୍ୟରେ ସାଧକମାନେ ଅସନ୍ତୁଷ୍ଟ ହୋଇ ତାକୁ ବାହାର କରି ତା' ସ୍ଥାନରେ ଅନ୍ୟ ଗୋଟିଏ ଚାକର ନିଯୁକ୍ତ କଲେ । ସେହି ବାହାରି ଯାଇଥିବା ଚାକରଟି ରାଗିକରି ପଣ୍ଡିଚେରୀ ନିକଟସ୍ଥ ଗ୍ରାମରେ ଥିବା ଗୋଟିଏ ଫକିର ସାଧୁ ପାଖକୁ ଯାଇ ତାହାଦ୍ୱାରା କୌଣସି ମନ୍ତ୍ର ପ୍ରୟୋଗ କଲା ।

ତା' ଫଳରେ ଆଶ୍ରମର ନୂତନ ଚାକର ଉପରେ ଟେକା ପଡ଼ିବା ଆରମ୍ଭ ହେଲା । ସାଧକମାନେ ବହୁତ ସାବଧାନ ହୋଇ ନିରୀକ୍ଷଣ କଲେ । କିନ୍ତୁ କେଉଁଠୁ ଟେକା ଆସୁଛି, କେହି ବୁଝିପାରିଲେ ନାହିଁ । ପୁଲିସ୍‌କୁ ଖବର ଦିଆଗଲା । ପୁଲିସ୍ ମଧ୍ୟ ଆସି କେତେଦିନ ପର୍ଯ୍ୟନ୍ତ କଡ଼ା ପହରା ଦେଇ ଯଥାସମ୍ଭବ ଅନୁସନ୍ଧାନ କରି ନିରାଶ ହେଲେ । ଏହି ଟେକା ଉପଦ୍ରବ କ୍ରମଶଃ ବଢ଼ିଲା । ସେ ନୂତନ ଚାକରଟି ଆଶ୍ରମରେ ପ୍ରବେଶ କରିବା ମାତ୍ରେ ଟେକା ପଡ଼ିବା ଆରମ୍ଭ ହୁଏ । ଟେକା ପଡ଼ିବା ପୂର୍ବରୁ କେଉଁ ସ୍ଥାନରୁ ବା କେଉଁ ଦିଗରୁ ତାହା ଆସୁଛି ଆଦୌ ଜାଣି ହୁଏ ନାହିଁ । ଶେଷରେ ଜଣେ ସାଧକ ଘରର କବାଟ ବନ୍ଦ କରି ସେହି ଚାକରସହ ଭିତରେ ରହିଲେ । ସେଦିନ ସେହି ବନ୍ଦ ହୋଇଥିବା କୋଠରୀରେ ସେହି ଚାକର ଉପରେ ମଧ୍ୟ ଟେକା ପଡ଼ିଲା ଏବଂ ତଦ୍ଦ୍ୱାରା ତାହାର ଶରୀରରୁ ରକ୍ତସ୍ରାବ ହେଲା । ଏହା ପୂର୍ବରୁ ଏସବୁ ଘଟଣା ମା' ଜାଣିଥିଲେ, ତଥାପି ସେଦିନ ଆଶ୍ରମ ସାଧକ ଯାଇ ମା'ଙ୍କୁ ସବୁ ଘଟଣା କହିଲେ । ଏହା ବି କହିଲେ, ''ଏହି ଘଟଣା ବିଶେଷ ହୋଇଗଲାଣି, ଆମ୍ଭମାନଙ୍କର କୌଣସି ପ୍ରତିକାର କରିବାର ଆଉ ଉପାୟ ନାହିଁ ।'' ମା' କହିଲେ, ''ଆଚ୍ଛା, ମୁଁ ଦେଖିବି ।'' କିଛି ସମୟ ପରେ ଗୋଟିଏ ନିମ୍ନ ପ୍ରାଣମୟ ସୂକ୍ଷ୍ମ ଲୋକର ଗୋଟିଏ ସୂକ୍ଷ୍ମ ଶରୀରଧାରୀ ଛୋଟ ଜୀବ ଭୟରେ କମ୍ପି କମ୍ପି ମା'ଙ୍କ ପାଖକୁ ଆସି କହିଲା, ''ମୋତେ ଯାହା କହିବେ, ମୁଁ ତାହା କରିବି, ମୋତେ କ୍ଷମା କରନ୍ତୁ ।'' ମା' ପଚାରିଲେ, ''ତୁ କ'ଣ କରିପାରୁ ? ସେ ଉତ୍ତର ଦେଲା, ''ମୁଁ ଟେକା ପକାଇ ପାରେ ।'' ମା' କହିଲେ, ''ମୋର ସେଥିରେ କୌଣସି ଆବଶ୍ୟକତା ନାହିଁ, ଆଜିଠାରୁ ତୁ ଏଠାକୁ ଆସିବୁ ନାହିଁ ।'' ତା' ପରେ ପୁରୁଣା ଚାକର ମରଣାପନ୍ନ ବେମାର ହେଲା । ତା'ର ସ୍ତ୍ରୀ ଆସି ମା'ଙ୍କ ପ୍ରାର୍ଥନା କରିବା ପରେ ଭଲ ହୋଇଗଲା ।

ସେହିଦିନଠାରୁ ଟେକା ପଡ଼ିବା ବନ୍ଦ ହୋଇଗଲା । ଯେଉଁ ଟେକା ପଡ଼ିଥିଲା, ସେଥିରୁ କିଛି ଟେକା ଜଣେ ସାଧକ ଗୋଟିଏ ଥଳିରେ କେତେ ବର୍ଷ ପର୍ଯ୍ୟନ୍ତ ରଖି ଥିଲେ । ବହୁତ ଲୋକ ସେ ଟେକା ଦେଖିଛନ୍ତି ଏବଂ ଏ ଘଟଣା ଜାଣିଛନ୍ତି । ସୂକ୍ଷ୍ମ ଜଗତ୍ କେବଳ କଳ୍ପନା ନୁହେଁ, ସତ୍ୟ କିନ୍ତୁ ସ୍ଥୂଳ ଦୃଷ୍ଟିରେ ଦେଖାଯାଏ ନାହିଁ । ଭୂତ ଟେକା ପକାଇବା କଥା ବହୁତ ଲୋକ ଜାଣନ୍ତି, କେତେବାର ଖବର କାଗଜରେ ମଧ୍ୟ ପଢ଼ିବାକୁ ମିଳି ଥାଏ । ଏହାକୁ ଅତି-ଭୌତିକକାଣ୍ଡ ବୋଲି କୁହାଯାଏ ।

ପଣ୍ଡିତ : ଆଚ୍ଛା ସେସବୁ ଯାହାହେଉ, ତୁମେ କ'ଣ ଜାଣିବାକୁ ଚାହଁ ?

ବସୁ : ଏହି ମର୍ତ୍ତ୍ୟଲୋକର ବ୍ୟକ୍ତି ବେଶ୍ ବୁଦ୍ଧିମାନ୍ । ଏମାନେ ପ୍ରକୃତି ଉପରେ କେତେକ ପରିମାଣରେ ଅଧିକାର ପ୍ରାପ୍ତ କରିଛନ୍ତି, କିନ୍ତୁ ନିଜେ ଶାନ୍ତି, ସମତା ଓ ଆନନ୍ଦ ପ୍ରାପ୍ତ କରି ଜୀବନକୁ ସମୃଦ୍ଧିଶାଳୀ କରିବାକୁ ପ୍ରଯତ୍ନ କରୁ ନାହାନ୍ତି । କାମ, କ୍ରୋଧ, ଲୋଭ, ମୋହ, ହିଂସା, ଦ୍ୱେଷ ଇତ୍ୟାଦିର ଦାସ ହୋଇ ସେମାନଙ୍କର ନିର୍ଦ୍ଦେଶରେ କାଠପୁତୁଳି ପରି ନାଚୁଛନ୍ତି କାହିଁକି ? ଏହିସବୁ ଦୁର୍ଗୁଣ ଉପରେ ଆଧିପତ୍ୟ କରିପାରିଲେ, ନିଜେ ସୁଖ ଶାନ୍ତିରେ ରହନ୍ତେ, ଅନ୍ୟର ଦୁଃଖ ଅନୁଭବ କରନ୍ତେ, ତାହା ନିବାରଣ କିରବାକୁ ଚେଷ୍ଟା ବି କରନ୍ତେ । ଏହା ବ୍ୟକ୍ତି ମଧ୍ୟରେ ସୀମିତ ନ ରହି ଦେଶ ଦେଶ ମଧ୍ୟରେ ମିତ୍ରତା ସ୍ଥାପନ କରନ୍ତି, ଆଜି ଯେଉଁ ଯୁଦ୍ଧର ଆଶଙ୍କା ଓ ପରସ୍ପର ମଧ୍ୟରେ ହିଂସା ଦେଖା ଦେଇଛି, ତାହା ଦୂର ହୋଇ ଯାଆନ୍ତା ଏବଂ ଏହି ଜଗତ ସ୍ୱର୍ଗରେ ପରିଣତ ହୋଇଯାଆନ୍ତା ।

ପଣ୍ଡିତ : ଏଥି ସକାଶେ ସମାଜ-ନୀତି ଓ ରାଜନୀତିର ବ୍ୟବସ୍ଥା କରାହୋଇଛି, କିନ୍ତୁ ଏଥିରେ ସଫଳତା ମିଳୁ ନାହିଁ । ତେବେ ଆଉ କ'ଣ କରାଯିବ ? ଏହା ଛଡ଼ା ଅନ୍ୟ କୌଣସି ଉପାୟ ତ' ନାହିଁ ।

ବସୁ : ଏହାର ଉପାୟ ସ୍ପଷ୍ଟ : ଅଧ୍ୟାତ୍ମ-ସାଧନା । ଅଧ୍ୟାତ୍ମ-ସାଧନା ଦ୍ୱାରା ଭଗବାନଙ୍କ ସଙ୍ଗେ ସମ୍ବନ୍ଧ ସ୍ଥାପନ ହେଲେ ଉପଯୁକ୍ତ ଦିବ୍ୟଗୁଣ ମନୁଷ୍ୟ ମଧ୍ୟରେ ଆସିପାରେ । ଏହିସବୁ ଦିବ୍ୟଗୁଣ ଭଗବାନଙ୍କର । ଭଗବାନ୍ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଏହି ଦିବ୍ୟଗୁଣସହ ବିଦ୍ୟମାନ, କିନ୍ତୁ ମାୟା-ଆବରଣ ପଶ୍ଚାତରେ । ସାଧନା ଦ୍ୱାରା ମାୟା-ଆବରଣ ଦୂର ହେଲେ, ଭଗବାନ୍ ଏବଂ ଦିବ୍ୟଗୁଣ ପ୍ରକାଶିତ ହୁଅନ୍ତି । ଏହି ଦିବ୍ୟଗୁଣ ପ୍ରକାଶିତ ହେଲେ ମନୁଷ୍ୟ ଆନନ୍ଦମୟ ଜୀବନ ଯାପନ କରିପାରେ । ଏହି ହିଂସାପୂର୍ଣ୍ଣ ଜଗତ ସ୍ୱର୍ଗରେ ପରିଣତ ହୋଇପାରେ ।

ପଣ୍ଡିତ : ଭଗବାନ୍ ବୋଲି କୌଣସି ବସ୍ତୁ ନାହିଁ । ଅନ୍ୟାୟରୁ ନିବୃତ୍ତ ହେବାର ଗୋଟିଏ ଉପାୟ ରୂପେ କେତେକ

ଲୋକ ଭଗବାନଙ୍କ ନାମ ନେଇ ତାଙ୍କୁ ଶାସ୍ତ୍ର ପୁରାଣରେ ବର୍ଣ୍ଣନା କରିଅଛନ୍ତି । ମାତ୍ର ପ୍ରକୃତରେ ଭଗବାନ୍ ବୋଲି କୌଣସି ବସ୍ତୁ ନ ଥିବାରୁ ଆମ୍ଭେମାନେ ତାହା ଦେଖିପାରୁ ନ ଥାଇ ।

ବସୁ : ଆମ୍ଭେ ଜାଣୁ ଯେ ଏହି ଦୃଷ୍ଟି ଭଗବାନ୍ କରିଛନ୍ତି । ଭଗବାନ୍ ଯଦି ନାହାନ୍ତି, ତେବେ ନାନା ପ୍ରକାର ବୃକ୍ଷଲତା, ମନୋମୁଗ୍ଧକାରୀ ନାନା ରଙ୍ଗ ବେରଙ୍ଗର ପୁଷ୍ପ, ଫଳ, ପଶୁ, ପକ୍ଷୀ ଓ ମନୁଷ୍ୟ ସୃଷ୍ଟି ହେଲେ କିପରି ?

ପଣ୍ଡିତ : ଏଥିରେ ଭଗବାନଙ୍କର ଆବଶ୍ୟକତା କ'ଣ ? ଏହାସବୁ ଜଡ଼ ପ୍ରକୃତିର ଖେଳ ।

ବସୁ : ପ୍ରକୃତି ଯଦି ଜଡ଼ ହୁଏ, ତାହା ପଶ୍ଚାତରେ ଯଦି ଚେତନ-ଶକ୍ତି ନ ଥାଏ, ତେବେ ସେ ବିଭିନ୍ନ ବସ୍ତୁ ଉତ୍ପନ୍ନ କରନ୍ତା କିପରି ? ଯେପରିକି ଗୋଟିଏ ସ୍ଥାନରେ ଏକ ପ୍ରକାର ଜଳ, ସାର, ଓ ଏକ ପ୍ରକାର ବୀଜ ବପନ କରାଯାଏ କିନ୍ତୁ ଗଛ ହୁଏ — ଗୋଟିଏ ଦୁର୍ବଳ, ଅନ୍ୟଟି ସବଳ । ଗୋଟିଏ ଗଛର ସମସ୍ତ ପତ୍ର କେବେ ବି ସମାନ ଦେଖାଯାଏ ନାହିଁ । ପ୍ରତ୍ୟେକ ପତ୍ରରେ କିଛି ଭିନ୍ନତା ଥାଏ । ସଂସାରରେ ଯେତେ ମନୁଷ୍ୟ, ପଶୁ ଓ ପକ୍ଷୀ ଅଛନ୍ତି, ଦୁଇଟି ଠିକ୍ ଏକ ରୂପ କେବେ ବି ଧାରଣ କରନ୍ତି ନାହିଁ । ଏଥିରୁ ସ୍ପଷ୍ଟ ବୁଝାଯାଏ ଯେ ଯାହା ପ୍ରକୃତି କରୁଛି ତାହାର ପ୍ରେରକ ରୂପେ କୌଣସି ଚେତନ-ଶକ୍ତି ଅଛି । ଚେତନ-ଶକ୍ତି ଛଡ଼ା ଭିନ୍ନତା ହୋଇପାରେ ନାହିଁ । ଜଡ଼ ମେସିନରେ ଯାହା କିଛି ଭିନ୍ନ ଭିନ୍ନ କାର୍ଯ୍ୟ ହେଉଛି, ତା' ପଶ୍ଚାତରେ ବି ଚେତନ-ଶକ୍ତି ରହିଛି । ଏହା ଆଧୁନିକ ଜଡ଼ ବିଜ୍ଞାନବେତ୍ତା ସ୍ପଷ୍ଟଭାବେ ସ୍ୱୀକାର କରିଛନ୍ତି ।

ପଣ୍ଡିତ : ପ୍ରକୃତରେ କୌଣସି ଚେତନ-ଶକ୍ତି ଥିଲେ ତାହା ଆବିଷ୍କାର ହୋଇ ପାରିଥା'ନ୍ତା, କିନ୍ତୁ ଏହା ତ ହୋଇ ନାହିଁ ।

ବସୁ : ହୋଇଛି, ବହୁତ ମୁନି, ଋଷି, ସନ୍ଥ, ମହାତ୍ମା ଆବିଷ୍କାର କରିଛନ୍ତି । ଅଧ୍ୟାତ୍ମ-ସାଧନା ଦ୍ୱାରା ଦିବ୍ୟଦୃଷ୍ଟି ପ୍ରାପ୍ତ କରି ଦେଖିଛନ୍ତି । ଯଦି କେତେଜଣ ଜନ୍ମାନ୍ଧଙ୍କ ପାଖରେ ତୁମକୁ ନାନା ପ୍ରକାର ପୁଷ୍ପମାଳରେ ବିଭୂଷିତ କରାଇ ଛିଡ଼ାକରି ଦିଆଯାଏ ଏବଂ କୁହାଯାଏ, ''ଜଣେ ବ୍ୟକ୍ତି ତୁମ ପାଖରେ ପୁଷ୍ପମାଳରେ ବିଭୂଷିତ ହୋଇ ଛିଡ଼ା ହୋଇଛନ୍ତି'' । ତେବେ ସେମାନେ କହିବେ, ''ଏହା ତୁମ ମସ୍ତିଷ୍କ ବିକୃତି, ଆମ୍ଭ ସାମନାରେ କିଛି ନାହିଁ ।'' କିନ୍ତୁ ଯଦି ସେହି ଅନ୍ଧମାନଙ୍କର ନେତ୍ର ଖୋଲି ଦିଆଯାଏ, ଆଉ ସେମାନଙ୍କ ଦୃଶ୍ୟବସ୍ତୁ ସମ୍ବନ୍ଧେ କୁହାଯାଏ, ''ଏହା ସବୁ କିଛି ନୁହେଁ, କେବଳ ବୁଦ୍ଧି ଭ୍ରମ ହେବାରୁ ଏପରି ତୁମେ କହୁଛ'' । ତେବେ ସେମାନେ କ'ଣ କହିବେ ? ସେହିପରି ଆମ୍ଭେମାନେ ସୂକ୍ଷ୍ମଜଗତ୍ ଆଉ ଭଗବାନଙ୍କ ସମ୍ବନ୍ଧେ ଅନ୍ଧ ଏବଂ ବଧିର । କେବଳ ଅଧ୍ୟାତ୍ମ-ସାଧନା ଦ୍ୱାରା ଯୋଗଦୃଷ୍ଟି ପ୍ରାପ୍ତ ହେଲେ, ଭଗବାନ୍ ଓ ସୂକ୍ଷ୍ମ ବସ୍ତୁ ଦେଖା ଯାଇପାରେ । ସ୍ୱାମୀ ରାମତୀର୍ଥ ଏବଂ ବିବେକାନନ୍ଦ ମଧ୍ୟ ଏହିପରି କରୁଥିଲେ ଏବଂ ଯୋଗ ସାଧନା ଦ୍ୱାରା ଯୋଗଦୃଷ୍ଟି ପ୍ରାପ୍ତ କରି ସୂକ୍ଷ୍ମାତିସୂକ୍ଷ୍ମ ଭଗବାନଙ୍କୁ ଦେଖିଥିଲେ ।

ତା' ପରେ ବସୁ ଏବଂ ରୁଭୁ ଦୁଇବନ୍ଧୁ, ସେଠାରୁ ବିଦାୟ ହୋଇ ଭ୍ରମଣ କରି ଅନ୍ୟ ଗୋଟିଏ ସ୍ଥାନରେ ପହଞ୍ଚିଲେ । ସେ ସ୍ଥାନଟି ଅତ୍ୟନ୍ତ ରମଣୀୟ ।

ତିନିଦିଗରେ କଳ କଳ ନାଦରେ ଗୋଟିଏ ନଦୀ ପ୍ରବାହିତ ହେଉଅଛି । ସେଠିକାର ଆକାଶଚୁମ୍ବୀ ଧବଳ ମନ୍ଦିର ସବୁ ପଥିକ ମନକୁ ବଳାତ୍କାରେ ନିଜ ଆଡ଼କୁ ଆକର୍ଷଣ କରୁଅଛି । ପ୍ରତି ଘରେ ଭଗବାନ୍ ସୀତାରାମଙ୍କ ବିଗ୍ରହ । କେଉଁଠି ରାମାୟଣ, କେଉଁଠି ଭାଗବତାଦି ଶାସ୍ତ୍ର ଚର୍ଚ୍ଚା ତ, କେଉଁଠି ଭଗବାନଙ୍କ ବିଗ୍ରହର ପୂଜା ଓ କେଉଁଠି କେତେକ ତ୍ୟାଗୀ, ସନ୍ଥ, ମାଳା ତିଳକରେ ସୁଶୋଭିତ ହୋଇ ସତ୍‌ସଙ୍ଗ କରୁଅଛନ୍ତି । ଅର୍ଥାତ୍ ଭଗବତ୍ ସ୍ୱରୂପ ଆଉ ସାଧନାର ଗୂଢ଼ ରହସ୍ୟ ସମ୍ବନ୍ଧେ ଚର୍ଚ୍ଚା କରୁଅଛନ୍ତି । ଆଉ କେଉଁଠି କେତେକ ବ୍ୟକ୍ତି ନେତ୍ର ବନ୍ଦ କରି ଧ୍ୟାନରେ ମଗ୍ନ ହୋଇ ଭଗବତ୍ ଦିବ୍ୟାନନ୍ଦରେ ଲୀନ ହୋଇଅଛନ୍ତି । ସେଠିକାର ବାତାବରଣ ମନକୁ ସ୍ୱଭାବତଃ ସାତ୍ତ୍ୱିକ ଭାବାପନ୍ନ କରୁଅଛି । ପ୍ରାଣ ନିଜ ଉଦ୍ଦାମତାକୁ ତ୍ୟାଗକରି ଭଗବାନଙ୍କ ନାମଯଶ ଶ୍ରବଣରେ ମୁଗ୍ଧ ହେଉଅଛି । ଶରୀର ଚାହୁଁଅଛି, କେବଳ ଭ୍ରମଣ କରି ମନ୍ଦିରରେ ବିଗ୍ରହ ପୂଜା ଏବଂ ସନ୍ଥ ମହାତ୍ମାଙ୍କୁ ଦର୍ଶନ କରି ଚର୍ମନେତ୍ର ସଫଳ କରିବାକୁ । ଭୋକ, ଶୋଷ ନାହିଁ, ଆନନ୍ଦରେ ଉନ୍ମତ୍ତ ପ୍ରାୟ ହୋଇ ଦୁଇବନ୍ଧୁ ଭ୍ରମଣ କରି ଗୋଟିଏ ମନ୍ଦିରରେ ପ୍ରବେଶ କଲେ । ଯିବାରେ କୌଣସି ବାଧା ନାହିଁ । ସିଧା ଶିଡ଼ିକୁ ଅତିକ୍ରମ କରି ଉପର ମହଲାର ଗୋଟିଏ ବିସ୍ତୃତ କକ୍ଷରେ ଜଣେ ଗୌରବର୍ଣ୍ଣ ତେଜସ୍ୱୀ ପୁରୁଷଙ୍କୁ ଦର୍ଶନ କଲେ । ଶରୀର

ବେଶ୍ ସୁଡ଼ୌଲ, ଲମ୍ବିତ ଶ୍ୱେତ ଦାଢ଼ୀ ମନ୍ଦବାୟୁରେ ନୃତ୍ୟ କରୁଅଛି । ମସ୍ତକର ଶୁଭ୍ରକେଶ ପୃଷ୍ଠଦେଶରେ ପଡ଼ିଅଛି । ଲଲାଟରେ ଶ୍ୱେତ ଚନ୍ଦନ ଓ ଗଳାରେ ତୁଳସୀମାଳା ଶରୀର ଶୋଭାକୁ ବୃଦ୍ଧି କରୁଅଛି । ମହାତ୍ମାଜୀ ଗୋଟିଏ ମୃଗଛାଲରେ ପଦ୍ମାସନରେ ବସି ଧ୍ୟାନମଗ୍ନ ହୋଇଯାଇଛନ୍ତି । ତାଙ୍କ ଶରୀରରୁ ଜ୍ୟୋତିଃ ବିକୀର୍ଣ୍ଣ ହୋଇ ତାଙ୍କ ପାର୍ଶ୍ୱସ୍ଥ ଶିଷ୍ୟବର୍ଗଙ୍କୁ ଉଦ୍‌ଭାସିତ କରୁଅଛି । ଦର୍ଶନ କରିବା ମାତ୍ରେ ଏମାନଙ୍କର ହୃଦୟ ପ୍ରଫୁଲ୍ଲିତ ହୋଇଗଲା, ମନରେ ଓ ପ୍ରାଣରେ ଏକ ଆନନ୍ଦ ସ୍ରୋତ ପ୍ରବାହିତ ହେଲା । ଏମାନଙ୍କ ମସ୍ତକ ସ୍ୱତଃ ତାଙ୍କ ଚରଣରେ ନତ ହୋଇ ଗଲା । ମହାତ୍ମାଜୀ ଧୀରେ ନେତ୍ର ଖୋଲି ମୃଦୁହାସ୍ୟରେ ସେମାନଙ୍କର ଆଗମନର କାରଣ ପଚାରି ଆଶ୍ୱାସନା ଦେଇ ପାଖରେ ବସିବାକୁ କହିଲେ । ଦୁଇ ବନ୍ଧୁ ଏହି ମର୍ତ୍ତ୍ୟଲୋକକୁ ଆସିବା ଉଦ୍ଦେଶ୍ୟ ଆଦି କହିବା ପରେ ପ୍ରଶ୍ନ କଲେ —

ବସୁ : ''ଏହି ମର୍ତ୍ତ୍ୟଲୋକରେ ସୁଖ ଓ ଆନନ୍ଦମୟ ଜୀବନ ପ୍ରାପ୍ତ କରିବାର ଉପାୟ କ'ଣ'' ?

ମହାତ୍ମାଜି : ମୋହ, ମମତା, କୁଟୁମ୍ବ, ପରିବାର, ଦେଶ, ସମାଜ ଏବଂ ସମସ୍ତ ଜାଗତିକ କର୍ମ ତ୍ୟାଗକରି କେବଳ ଭଗବାନଙ୍କୁ ସ୍ମରଣ କରି ତାଙ୍କ ନାମ ଓ ରୂପକୁ ଚିନ୍ତା କଲେ ସୁଖମୟ ଜୀବନ ପ୍ରାପ୍ତ ହେବ ଏବଂ ଶରୀର ତ୍ୟାଗକରି ସାକେତ, ଗୋଲୋକ, ବୈକୁଣ୍ଠାଦି ଦିବ୍ୟଲୋକରେ ନିବାସ କରିବ । ଅଥବା ଜ୍ଞାନାଦି ସାଧନା ଦ୍ୱାରା ବ୍ରହ୍ମ-ଚିନ୍ତନ କରି ବ୍ରହ୍ମରେ ଲୀନ ହୋଇଗଲେ, ଏହି ସଂସାର ସ୍ୱପ୍ନବତ୍ ପ୍ରତୀତ ହେବ । ଏହି ସଂସାରର ଦୁଃଖ, କଷ୍ଟ, ସବୁ ସ୍ୱପ୍ନ, ଯେପରି ସ୍ୱପ୍ନରେ ବାନ୍ଧି କେହି ପିଟୁଛି, ସାପ ବା ବିଛା କାମୁଡୁଛି ଏବଂ ତଦ୍ଦ୍ୱାରା ନାନାପ୍ରକାର ଦୁଃଖ-କଷ୍ଟ ମିଳୁଛି । ସେହି କଷ୍ଟରୁ ମୁକ୍ତ ହେବାର କୌଣସି ଉପାୟ ନାହିଁ, ପ୍ରାଣ କଣ୍ଠାଗ୍ରତ ହେଉଛି, କିନ୍ତୁ ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏକ ନିମିଷରେ ସବୁ ଦୁଃଖ-କଷ୍ଟ ଉଭେଇଯାଏ । ସେହିପରି ଜ୍ଞାନପ୍ରାପ୍ତ ହେବା ସଙ୍ଗେ ଏହି ସଂସାରର ସତ୍ୟତା ଏବଂ ଦୁଃଖ-କଷ୍ଟ ଏକାବେଳକେ ଲୋପ ହୋଇଯାଏ; ଯେପରି ଗାଢ଼ ଅନ୍ଧକାର ସୂର୍ଯ୍ୟର ପ୍ରକାଶରେ ବିଲୀନ ହୋଇ ଯାଏ । ଭାଗବତ୍ ଦିବ୍ୟାନନ୍ଦକୁ ଯେ ଥରେ ଆସ୍ୱାଦନ କରେ ତା' ପାଖରେ ଏହି ଜାଗତିକ ବିକୃତ ଆନନ୍ଦ ଏକେବାରେ ରସହୀନ, ଫିକା ପ୍ରତୀତ ହୁଏ । ତାକୁ ଦୁଃଖ କଷ୍ଟ ସ୍ପର୍ଶକରି ପାରେ ନାହିଁ ।

ବସୁ : ଏହା ଠିକ୍ । ତେବେ ଏ ସଂସାର ହେଲା କାହିଁକି ? ଯଦି ସଂସାର ଛାଡ଼ିଲେ ସୁଖ ମିଳେ, ତେବେ ସଂସାରକୁ ଆସିଲୁ କାହିଁକି ? ଯେଉଁମାନେ ସଂସାର ତ୍ୟାଗ କରିବେ, ସେମାନେ ପରମ ଆନନ୍ଦକୁ ପ୍ରାପ୍ତ କରିବେ, ଯେଉଁମାନେ ଏହି ସଂସାରରେ ରହିବେ ସେମାନେ କ'ଣ ଚିରଦିନ ଏହିପରି ଦୁଃଖ-କଷ୍ଟ ଭୋଗୁଥିବେ ? ଏହାର କ'ଣ କିଛି ସମାଧାନ ନାହିଁ ?

ମହାତ୍ମାଜି : ଏପରି ପ୍ରଶ୍ନର ଆବଶ୍ୟକତା କ'ଣ ? ଯେବେ ସୁଖ ପ୍ରାପ୍ତି କରିବାର ଉପାୟ ମିଳିଗଲା ତେବେ ସେହି ଉପାୟ ଦ୍ୱାରା ଆନନ୍ଦ ପ୍ରାପ୍ତ କରିନେବା ଉଚିତ । ସଂସାର କାହିଁକି ହେଲା, ଭବିଷ୍ୟତରେ କ'ଣ ହେବ ସେ ସମ୍ବନ୍ଧେ ବିଚାର କରିବାରେ ଲାଭ କ'ଣ ହେବ ? କ୍ଷୁଧାପ୍ରାପ୍ତ ବ୍ୟକ୍ତିକୁ ଭୋଜନ ମିଳିଲେ ତଦ୍ଦ୍ୱାରା କ୍ଷୁଧା ନିବୃତ୍ତି କରିନେଲେ ହେଲା; କ୍ଷୁଧା କାହିଁକି ଲାଗିଲା, ଏହାର ବ୍ୟବସ୍ଥା କିଏ କଲା, ଏ ସମ୍ବନ୍ଧେ ବିଚାର କରି ସମୟ ନଷ୍ଟ କରିବା ପ୍ରୟୋଜନ କ'ଣ ?

ଏହା ଶୁଣି ଦୁଇ ବନ୍ଧୁ ଉତ୍ସାହିତ ହୃଦୟରେ ପ୍ରଣାମ କରି ଆନନ୍ଦରେ ସେଠାରୁ ବିଦାୟ ନେଇ ପୂର୍ବପରି ଅନ୍ୟତ୍ର ଗମନ କଲେ ।

* * *

ସହରଟି ଛୋଟ, କିନ୍ତୁ ସଡ଼କଗୁଡ଼ିକ ବେଶ୍ ଚୌଡ଼ା ଏବଂ ପରିଷ୍କାର । ସେଠାରେ ଗୋଟିଏ ସଂସ୍ଥାରେ କେତେକ ଲୋକ ବାସ କରୁଅଛନ୍ତି । ସେମାନଙ୍କର ମାଳା, ତିଳକ ନାହିଁ, ସେମାନେ ଗେରୁଆ ବସ୍ତ୍ର ପିନ୍ଧୁ ନାହାନ୍ତି । ସାଂସାରିକ ବ୍ୟକ୍ତିପରି, ଗୃହୀ ମନୁଷ୍ୟପରି କର୍ମ କରୁଅଛନ୍ତି ସତ କିନ୍ତୁ ଗୃହୀ ନୁହନ୍ତି । ଯଦ୍ୟପି ବସ୍ତ୍ର ପିନ୍ଧୁ ଅଛନ୍ତି, କର୍ମ କରୁଅଛନ୍ତି ତଥାପି ଦେଖିଲେ ମନେ ହୁଏ ଯେପରି ଏମାନେ ଗୃହୀ ବ୍ୟକ୍ତିଙ୍କଠାରୁ ଭିନ୍ନ । ଦୁଇବନ୍ଧୁ ଏହିସବୁ ଦେଖି ମନେ ମନେ କିଛି

ଭାବିବା ସମୟରେ ଜଣେ ଯୁବକ ହାତରେ କିଛି ବହି ଧରି ଆସି ସେଠାରେ ପହୁଞ୍ଚିଲେ । ସେ ଏମାନଙ୍କ ଆକୃତିରୁ ବୁଝିପାରିଲେ ଯେ ଏମାନେ ବିଦେଶୀ । ତା' ପରେ ପଚାରିଲେ, ''ତୁମ୍ଭେମାନେ କେଉଁଠାରୁ ଆସିଛ ?''

ବସୁ : ନିଜର ପୂର୍ବ ବୃତ୍ତାନ୍ତ ସବୁ କହିବା ପରେ ପ୍ରଶ୍ନ କଲେ, ''ତୁମ୍ଭେ କ'ଣ ଏହି ଆଶ୍ରମର ଲୋକ ? ତୁମ୍ଭଙ୍କୁ ଏଠାରେ କେଉଁ କାମ କରିବାକୁ ହୋଇଥାଏ ?''

ସାଧକ : ହଁ, ମୁଁ ଆଶ୍ରମରେ ବାସକରେ । ମୋର କାର୍ଯ୍ୟ ଏହି ଆଶ୍ରମ ବିଶ୍ୱ-ବିଦ୍ୟାଳୟରେ ଛାତ୍ରଙ୍କୁ ପଢ଼ାଇବା ।

ବସୁ : ଗୃହ, ସମାଜ, ସଂସାର ତ୍ୟାଗକରି ଯେଉଁମାନେ ମଠରେ ବା ଆଶ୍ରମରେ ରହି ସାଧନା କଲେ, ସେମାନେ ତ ଭଗବାନଙ୍କୁ ପ୍ରାପ୍ତକରି ଆନନ୍ଦରେ ରହିଲେ, ଆଉ ମୃତ୍ୟୁପରେ ଦିବ୍ୟଧାମରେ ଆନନ୍ଦରେ ବାସକଲେ କିଂବା ମୁକ୍ତି ଅଥବା ନିର୍ବାଣକୁ ପ୍ରାପ୍ତ ହେଲେ । ବାକୀ ଯେଉଁ ସଂସାରୀ ଲୋକ ଦୁଃଖକଷ୍ଟରେ ପଡ଼ି ଦିନ କଟାଉଅଛନ୍ତି ସେମାନଙ୍କ ସକାଶେ କ'ଣ କୌଣସି ଉପାୟ ନାହିଁ ? ସେମାନେ ଚିରଦିନ ଏହି ଦୁଃଖଦୈନ୍ୟର ବୋଝ ବହନ କରି ଚାଲୁଥିବେ ?

ସାଧକ : ନା, ସେପରି ନୁହେଁ । ବର୍ତ୍ତମାନ ସଂସାର ଏପରି ଅବସ୍ଥାରେ ପହୁଞ୍ଚିଅଛି ଯେ ଆଧ୍ୟାତ୍ମିକତାକୁ ସଂସାରରୁ ପୃଥକ୍ କଲେ ଚଳିବ ନାହିଁ । ଆଧ୍ୟାତ୍ମିକତାକୁ ଭିତ୍ତିକରି ସମସ୍ତ କର୍ମ ହେବ ଏବଂ ସଂସାର ପରିଚାଳିତ ହେବ । ଏହା ଛଡ଼ା କୌଣସି ପୁରାତନ ବିଧି-ବିଧାନ, ନୀତି-ନିୟମ, ରାଜ୍ୟ-ଶାସନ ଦ୍ୱାରା ସଂସାରରୁ ମିଥ୍ୟା, ଦୁରାଚାର, ସ୍ୱାର୍ଥପରତା, ହିଂସା, ଯୁଦ୍ଧ-ବିଗ୍ରହ ନାଶ ହେବ ନାହିଁ । ଏହି ଦୁର୍ଗୁଣ ନାଶ ନ ହେଲେ, ମନୁଷ୍ୟ ସୁଖଶାନ୍ତି ପ୍ରାପ୍ତ କରିପାରିବ ନାହିଁ ।

ବସୁ : ଏହା ହେବ କିପରି ? ଏହାର ଉପାୟ କ'ଣ ? ଏଥି ସକାଶେ କି ଚେଷ୍ଟା କରାହେଉଛି ?

ସାଧକ : ଗୋଟିଏ ଦିବ୍ୟ ମହାଶକ୍ତି ଏହି ପୃଥିବୀରେ ଅବତରଣ କରିଛି । କିନ୍ତୁ ବର୍ତ୍ତମାନ ତାହା ସ୍ପଷ୍ଟ ରୂପେ ଦୃଶ୍ୟତଃ କାର୍ଯ୍ୟକରି ପାରୁ ନାହିଁ । ପୁରାତନ ଶକ୍ତିର ବର୍ତ୍ତମାନ ପ୍ରବଳ ପ୍ରଭାବ ଏବଂ ମନୁଷ୍ୟ ସେହି ପୁରାତନ ଶକ୍ତିକୁ ଦୃଢ଼ଭାବରେ ଧରି ରହିଅଛି । ପୁରାତନ ଶିକ୍ଷାରୁ ଲେଶମାତ୍ର ବ୍ୟତିକ୍ରମ ହେବାକୁ ଚାହୁଁ ନାହିଁ । ସେ ନେଇ ନୂତନ ଶକ୍ତିର କାର୍ଯ୍ୟ ବହୁତ ଆସ୍ତେ ଆସ୍ତେ ହେଉଅଛି । ସୁତରାଂ ଏହି ନୂତନ ଶକ୍ତି ଭଗବାନଙ୍କ ଦିବ୍ୟ ଅମୋଘ ଶକ୍ତି । ଏହାର କ୍ରିୟା ଅମୋଘ । ଏହାର କ୍ରିୟା ପ୍ରଭାବରେ କ୍ରମଶଃ ପ୍ରତ୍ୟେକ ବସ୍ତୁ ନମନୀୟ ହେବାକୁ ଲାଗିବ ଏବଂ ଭବିଷ୍ୟତରେ ସେହି ଶକ୍ତି ଦ୍ୱାରା ପୂର୍ଣ୍ଣ ରୂପାନ୍ତର ହୋଇ ଏହି ମୃତ୍ୟୁପୁରୀରେ ସ୍ୱର୍ଗଲୋକ ସ୍ଥାପିତ ହେବ । ଏହି ଦୁଃଖପୀଡ଼ିତ ଜରାଜର୍ଜରିତ ବ୍ୟାଧି ଗ୍ରସ୍ତ ମୃତ୍ୟୁ-କବଳିତ ମାନବ ଦୁଃଖ, କଷ୍ଟ, ରୋଗ, ଶୋକ, ଜରା ଓ ମୃତ୍ୟୁ କବଳରୁ ମୁକ୍ତ ହୋଇ ଦିବ୍ୟ ଚିନ୍ମୟ ଶରୀର ପ୍ରାପ୍ତ କରିବ । ସେ ହେବ ନୂତନ ଜଗତର ଦିବ୍ୟମାନବ ।

ରୁଭୁ ଓ ବସୁ ଦୁଇ ମିତ୍ର ହର୍ଷ ଓ ଆନନ୍ଦରେ ଗଦ୍‌ଗଦ ହୋଇ ପରସ୍ପରକୁ କହିବାକୁ ଲାଗିଲେ, ''ଗନ୍ଧର୍ବ, ସ୍ୱର୍ଗାଦି ଲୋକ ଭୋଗ-ବିଳାସର ଚରମ ସ୍ଥାନ ହେଲେ ସୁଦ୍ଧା ଅସ୍ଥାୟୀ । ଆଉ ବୈକୁଣ୍ଠ, ଗୋଲୋକ, ସାକେତ, କୈଳାସ ଆଦି ଯଦ୍ୟପି ଭାଗବତ୍ ଦିବ୍ୟଧାମ, ଶାଶ୍ୱତ, ଆନନ୍ଦମୟ, ତଥାପି ନିଜ ସୀମାରେ ଆବଦ୍ଧ । ସେଠାରେ ଉନ୍ନତିର ସ୍ଥାନ ନାହିଁ । ସ୍ୱର୍ଗର ଦେବତା ଏବଂ ଗୋଲୋକାଦି ଦିବ୍ୟଧାମର ନିତ୍ୟମୁକ୍ତ ଜୀବମାନଙ୍କୁ ବିକାଶ କରିବାକୁ ହେଲେ ସେମାନେ ଏହି ମୃତ୍ୟୁଲୋକରେ ଜନ୍ମ ନିଅନ୍ତି । ଏହି ଲୋକରେ କର୍ମ କରି ସ୍ୱର୍ଗ – ଭାଗବତ୍ ଦିବ୍ୟଧାମ ଏବଂ ନିର୍ବାଣ, କୈବଲ୍ୟ, ମୁକ୍ତି ଆଦି ଅତିକ୍ରମ କରି ସଗୁଣ, ନିର୍ଗୁଣ ଆଉ ଏକ ସଙ୍ଗେ ଉଭୟର ଧର୍ତ୍ତା ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରାଯାଏ ଏବଂ ସେହି ତତ୍ତ୍ୱ ଆଉ ତାହାର ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣି ଏହି ମନୁଷ୍ୟ ଶରୀରକୁ ପୂର୍ଣ୍ଣ ରୂପାନ୍ତର କରାଯାଏ । ଆଜି ଋଷିଙ୍କ ଶାପ ଆମ୍ଭମାନଙ୍କ ପ୍ରତି ବରଦାନ ସ୍ୱରୂପ ହେଲା ।

ବୋଲ ଭକ୍ତ ଏବଂ ଭଗବାନଙ୍କର ଜୟ ।

ସଂକ୍ଷିପ୍ତ ରାମାୟଣ ଚରିତ

(୧)

ରାମାୟଣ ମହାକାବ୍ୟ ନାମରେ ପ୍ରଖ୍ୟାତ ହୋଇଅଛି । ଏହା କବିତା ଯୁଗର ପ୍ରଥମ କାବ୍ୟ । ମହର୍ଷି ବାଲ୍ମୀକିଙ୍କ ଦ୍ୱାରା ଛନ୍ଦୋବଦ୍ଧଭାବେ ଲାଳିତ୍ୟ ଶ୍ଲୋକରେ ଏହା ସୁଶୋଭିତ ହୋଇଛି । ଏହି କାରଣରୁ ଏହାର ନାମ ଆଦିକାବ୍ୟ ଓ ମହର୍ଷି ବାଲ୍ମୀକିଙ୍କ ନାମ ଆଦିକବି ।

ରାମାୟଣ ଶ୍ଲୋକଗୁଡ଼ିକ ଅତ୍ୟନ୍ତ ସରଳ ମଧୁର କର୍ଣ୍ଣପ୍ରିୟ ଏବଂ ଅର୍ଥ ବୁଝି ନ ପାରୁଥିବା ବ୍ୟକ୍ତିର ବି ଚିତ୍ତ-ଆକର୍ଷକ । ଏହାର ଭାଷା ବୋଧଗମ୍ୟ, ବ୍ୟବହାରିକ ଏବଂ ଆଧ୍ୟାତ୍ମିକ ଗୂଢ଼ ରହସ୍ୟରେ ପରିପୂର୍ଣ୍ଣ । ବାଲ୍ୟାବସ୍ଥାରୁ ବାଳକ ବାଳିକାମାନଙ୍କ ପାଇଁ ଶିକ୍ଷା, ପ୍ରୌଢ଼ ଅବସ୍ଥାରେ ଉତ୍ତମ ପରିବାର, ଶାନ୍ତି-ସମତା-ସତ୍ୟ-ନ୍ୟାୟ ପ୍ରତିଷ୍ଠିତ ସମାଜ, ସମୃଦ୍ଧିଶାଳୀ ଦେଶ, ଜନପ୍ରିୟ ନୀତି, ନିପୁଣ ଅଦ୍ୱିତୀୟ ଶାସନର ଆଦର୍ଶ ଆମ୍ଭେମାନେ ରାମାୟଣ କାବ୍ୟରୁ ପାଇପାରିବା ।

ସଂସାରର ସମସ୍ତ ଦେଶ ମଧ୍ୟରେ ଭାରତବର୍ଷ ଅତି ପ୍ରାଚୀନ ବୋଲି ଇତିହାସ ସାକ୍ଷୀ ଦେଉଛି । ଭାରତ ଅଧ୍ୟାତ୍ମ ସତ୍ୟ ଭିତ୍ତିରେ ପ୍ରତିଷ୍ଠିତ ହୋଇଥିବାରୁ, ପ୍ରାଚୀନ ଯୁଗରୁ ଭାରତର ସଭ୍ୟତା ଓ ଶିକ୍ଷାକୁ ଅନ୍ୟାନ୍ୟ ଦେଶମାନେ ଆଦର୍ଶରୂପେ ଗ୍ରହଣ କରି ଆସୁଛନ୍ତି । ଭାରତର ପ୍ରାଚୀନ ଇତିହାସ ମହାନ୍ ଓ ଉଜ୍ଜ୍ୱଳଥିବାର ପ୍ରମାଣ ଆମ୍ଭେମାନେ ବେଦ, ଉପନିଷଦ୍, ପୁରାଣ, ଭଗବାନଙ୍କ ଅବତାର, ମହା ମହା ଋଷି ଆଚାର୍ଯ୍ୟ, ମହାପୁରୁଷ, ଜ୍ଞାନୀ, ଭକ୍ତ ବୀର, ଯୋଦ୍ଧା, ଶକ୍ତିଶାଳୀ ମହାରାଜା ଓ ପତିବ୍ରତା ମା'ମାନଙ୍କର ଚରିତ୍ରରୁ ପାଇପାରୁ । ଭାରତବର୍ଷ ସତ୍ୟ-ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇଥିବାରୁ ମଧ୍ୟଯୁଗରେ ବିଦେଶୀମାନଙ୍କ ଅଧୀନସ୍ଥ ହୋଇ ମହାନ୍ ଅତ୍ୟାଚାର ସହି ମଧ୍ୟ ବଞ୍ଚି ରହିଛି । ବର୍ତ୍ତମାନ ଯୁଗ ପରିବର୍ତ୍ତନ ସମୟରେ ଅତିମାନସ ସତ୍ୟବିଭୂଷିତ, ଜ୍ଞାନ-ଆନନ୍ଦ-ଶକ୍ତି-ସମନ୍ୱିତ ଅତିମାନବ ଜାତି ପୃଥିବୀରେ ପ୍ରତିଷ୍ଠା କରିବା ସକାଶେ ଭଗବାନ୍ ଭାରତବର୍ଷକୁହିଁ ବାଛିଛନ୍ତି । ଏହାହିଁ ଭଗବାନଙ୍କ ସଂକଳ୍ପ ଓ କ୍ରମବିକାଶର ପ୍ରଣାଳୀ । ଏହି କାର୍ଯ୍ୟ କରିବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ପୃଥିବୀକୁ ଆସି ଅତିମାନସ ସତ୍ୟକୁ ଏହି ପୃଥିବୀରେ ପ୍ରତିଷ୍ଠା କରିବାର କେନ୍ଦ୍ର ରୂପେ ଭାରତବର୍ଷକୁହିଁ ଗ୍ରହଣ କରିଛନ୍ତି । ଆମ୍ଭେମାନେ ଯଦି ଭାରତର ପୂର୍ବ ଇତିହାସ, ମହାଭାରତ ଓ ରାମାୟଣ ଅଧ୍ୟୟନ କରିବା ତେବେ ଆମ୍ଭମାନଙ୍କ ପୂର୍ବପୁରୁଷମାନେ ନିଜ ନିଜ ଆଚରଣର ଆଦର୍ଶରେ ବ୍ୟକ୍ତି, ସମାଜ ଓ ଦେଶକୁ କିପରି ଶିକ୍ଷା ଦେଇଛନ୍ତି; ତାହା ବୁଝିପାରିବା ଓ ଯେଉଁ ଅତିମାନସ ଶକ୍ତିକୁ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀରେ ପ୍ରତିଷ୍ଠା କରିଛନ୍ତି ତାହା ଗ୍ରହଣ କରିବାକୁ ଚେଷ୍ଟା କରିବା । ଭାରତରେ ଅତିମାନସ ସତ୍ୟ-ପ୍ରାପ୍ତ ଅତିମାନବ ଜାତି ପ୍ରତିଷ୍ଠିତ ହେବେ । ଏହାହିଁ ହେବ ସମସ୍ତ ଜଗତର ଆଦର୍ଶ । ଭାରତ ହେବ ସମଗ୍ର ଜଗତର ପଥ ପ୍ରଦର୍ଶକ । ଏହି ସକାଶେ ଆମ୍ଭେମାନେ ପ୍ରଥମରେ ରାମାୟଣ ଚରିତ ସଂକ୍ଷେପରେ ଆଲୋଚନା କଲେ ରାମାୟଣରେ ବର୍ଣ୍ଣିତ ବାହ୍ୟ ଘଟଣାଗୁଡ଼ିକ ବୁଝିପାରିବା । ପରେ ଭିନ୍ନ ଭିନ୍ନ ଚରିତ୍ର ମାଧ୍ୟମରେ ଯେଉଁ ଯେଉଁ ଶିକ୍ଷାର ଆଦର୍ଶ ରଖା ହୋଇଥିଲା ତାହା ବୁଝିବାକୁ ଚେଷ୍ଟା କରିବା । ରାମାୟଣ ବିଷୟ ଆଲୋଚନା କରିବା ପୂର୍ବରୁ ରାମାୟଣ-ରଚୟିତା ଆଦିକବି ମହର୍ଷି ବାଲ୍ମୀକି ମୁନିଙ୍କ ଚରିତ୍ର ସଂକ୍ଷେପରେ ବର୍ଣ୍ଣନା କରିବା ଏକାନ୍ତ ଆବଶ୍ୟକ ।

ବାଲ୍ମୀକି

ପ୍ରଥମ ଅବସ୍ଥାରେ ବାଲ୍ମୀକି ଗୋଟିଏ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । କୌଣସି କାରଣ ବଶତଃ ସେ ଅତ୍ୟନ୍ତ ବାଲ୍ୟାବସ୍ଥାରୁ ଜଙ୍ଗଲନିବାସୀ ଗୋଟିଏ ବ୍ୟାଧ ପରିବାରରେ ଲାଳିତ-ପାଳିତ ହୋଇଥିଲେ । ତାଙ୍କର

ନାମଥିଲା ରତ୍ନାକର । ପରେ ଦସ୍ୟୁବୃତ୍ତି କରିବାରୁ ତାଙ୍କ ନାମ 'ଦସ୍ୟୁ ରତ୍ନାକର' ନାମରେ ପ୍ରଚଳିତ ହେଲା । ବାଲ୍ୟାବସ୍ଥାରେ ବ୍ୟକ୍ତି ଯେପରି ବାତାବରଣ ମଧ୍ୟରେ ବାସ କରେ, ଯେପରି ଆଚରଣ ଦେଖେ, ଯେପରି ସାଙ୍ଗସାଥୀ ପାଏ; ତା'ର ସ୍ୱଭାବ ଏବଂ ଆଚରଣ ସେହିପରି ହୁଏ । ରତ୍ନାକର ମଧ୍ୟ ସେହିପରି ହେଲା । ସେ ବ୍ୟାଧମାନଙ୍କ ସହିତ ଜଙ୍ଗଲରୁ ପଶୁପକ୍ଷୀ ବଦ୍ଧକରି ଆଣୁଥିଲେ, ଜଙ୍ଗଲ ରାସ୍ତାରେ ଯାଉଥିବା ବ୍ୟକ୍ତିକୁ ମାରିପିଟି ଧନ ଅପହରଣ କରୁଥିଲେ । ଉପଯୁକ୍ତ ବୟସରେ ଗୋଟିଏ ବ୍ୟାଧ କନ୍ୟାସହ ତାଙ୍କର ବିବାହ ହେଲା ଓ ସନ୍ତାନ ଜାତ ହେଲେ । ଯେଉଁ ବ୍ୟାଧ-ଦମ୍ପତିଙ୍କ ଦ୍ୱାରା ସେ ଲାଳିତ-ପାଳିତ ହୋଇଥିଲେ ସେମାନଙ୍କୁ ନିଜର ଜନ୍ମିତ ପିତାମାତା ବୋଲି ମାନି ନେଇଥିଲେ । ଏହି ଦୁଷ୍କର୍ମ ଯୋଗୁଁ ତାଙ୍କର ବୁଦ୍ଧି ଜ୍ଞାନ ନଷ୍ଟ ହୋଇଯାଇଥିଲା । ସେ ଏକେବାରେ ମୋହ-ମାୟା ଅଜ୍ଞାନରେ ଡୁବି ଯାଇଥିଲେ ।

ଭଗବାନଙ୍କ ଦୟାରୁ ଦିନେ ମହାମୁନି ନାରଦ ସେହି ଜଙ୍ଗଲ ମାର୍ଗରେ ଯାଉଥିଲେ । ଦୂରରୁ ରତ୍ନାକର ନାରଦଙ୍କୁ ଦେଖି ତାଙ୍କ ପାଖରେ ଥିବା ଧନ ଅପହରଣ କରିବା ଉଦ୍ଦେଶ୍ୟରେ ଗୋଟିଏ ମୋଟା ଠେଙ୍ଗା ଧରି ନାରଦଙ୍କ ଆସିବା ରାସ୍ତାରେ ଛିଡ଼ା ହୋଇଗଲେ । ଅଳ୍ପ ଦୂରରୁ ଡାକି କର୍କଶ ସ୍ୱରରେ କହିଲେ, ''ହେ ପଥିକ, ତୋ' ପାଖରେ ଯାହା ଧନ-ରତ୍ନ ଅଛି ରଖିଦେ, ନଚେତ୍ ଏକା ପାହାରରେ ମଥା ଫଟାଇ ସବୁ ନେଇଯିବି ।'' ରତ୍ନାକରର ଭୟଙ୍କର ବୀଭତ୍ସ ଚେହେରା ଦେଖି ମଧ୍ୟ ନାରଦ ନିର୍ଭୟ ଚିତ୍ତରେ ତାଙ୍କ ସାମନାକୁ ଆସି ଛିଡ଼ାହେଲେ ଏବଂ କହିଲେ, ''ମୁଁ ସାଧୁ ଲୋକ । ମୋ ପାଖରେ ଧନ-ରତ୍ନ କିଛି ନାହିଁ । କେବଳ କମଣ୍ଡଳୁ ଓ ଭଗବତ୍ ନାମ ଗୁଣଗାନ କରିବାର ଗୋଟିଏ ବୀଣା ଅଛି ।'' ରତ୍ନାକର କହିଲେ, ''ସେସବୁହିଁ ରଖିଦେ ।'' ନାରଦ କହିଲେ, ''ଏସବୁ ତୁ କ'ଣ କରିବୁ ?'' ''ଏହା ବିକ୍ରିକରି ଏହାର ପଇସାରେ ମୋ ପିତାମାତା ସ୍ତ୍ରୀ-ପୁତ୍ରଙ୍କୁ ଲାଳନ ପାଳନ କରିବି । ମୋ ପରିବାର ପୋଷଣର ଏହାହିଁ ଜୀବିକା'', ରତ୍ନାକର ଉତ୍ତର ଦେଲେ । ନାରଦ କହିଲେ, ''ତୁ ଯେଉଁ ପରିବାର ସକାଶେ ଏହି ଘୋର ପାପ କରୁଛୁ, ଏହାର ଫଳ ସେମାନେ ଭୋଗିବେ ନାହିଁ, ଏହାର କୁଫଳ ଭୋଗିବାକୁ ପଡ଼ିବ ତୋତେ ।'' ରତ୍ନାକର ଦୃଢ଼ତାର ସହିତ କହିଲେ, ''ନା', କଦାପି ନୁହେଁ, ସେମାନେ ମୋର ନିଜର ପରିବାର, ସେମାନେ ଧନ ଗ୍ରହଣ କରୁଛନ୍ତି, ମୋର ପାପ ବି ଗ୍ରହଣ କରିବେ ।'' ନାରଦ କହିଲେ, ''ଘରକୁ ଯାଇ ପଚାରିଆସ ।'' ନାରଦ ଭଗବତ୍ ଚେତନାରେ ନିବାସ କରୁଥିଲେ । ତାଙ୍କର ଥିଲା ଅଧ୍ୟାତ୍ମ ସତ୍ୟ ଆତ୍ମବଳ । ତାଙ୍କ ଅଧ୍ୟାତ୍ମ ପ୍ରଭାବରେ ରତ୍ନାକରର କ୍ରୁର ହିଂସ୍ର ସ୍ୱଭାବ, ବିଷ୍ଣୁବାହନ ଗରୁଡ଼ଙ୍କ ସାମନାରେ ବିଷଧର ସର୍ପର ଦର୍ପ ସଦୃଶ ଝାଉଁଳି ଶେଷରେ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଗଲା । ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ନାରଦଙ୍କୁ ବିନମ୍ର ସ୍ୱରରେ କହିଲେ, ''ମୁନିରାଜ ଏଠାରେ ରହନ୍ତୁ, ମୁଁ ମୋ ପରିବାରଙ୍କୁ ପଚାରି ଆସେ ।'' ରତ୍ନାକର ଦଉଡ଼ି ଯାଇ ପିତା-ମାତା-ସ୍ତ୍ରୀ-ପୁତ୍ରକନ୍ୟାଙ୍କୁ ଜଣ ଜଣ କରି ପଚାରିଲେ । ସେମାନେ ସମସ୍ତେ ଏକ ସ୍ୱରରେ ଉତ୍ତର ଦେଲେ, ''ଆମ୍ଭମାନଙ୍କୁ ପାଳନ ପୋଷଣ କରିବା ତୁମର କର୍ତ୍ତବ୍ୟ, ପାପରେ ଭାଗୀ ଆମ୍ଭେମାନେ ନୋହୁଁ ।'' ଏକଥା ଶୁଣିବା ମାତ୍ରେ ରତ୍ନାକରଙ୍କର ହୋସ ଉଡ଼ିଗଲା । ସେ ଥକ୍କା ହୋଇ କିଛି ସମୟ ଛିଡ଼ାହେବା ପରେ କିଛି ନ କହି ନାରଦ-ମୁନିଙ୍କ ନିକଟକୁ ଫେରି ଆସିଲେ । ଭାବିଲେ,— ଏହି ସଂସାର, ପରିବାର କେବଳ ସ୍ୱାର୍ଥରେ ପୂର୍ଣ୍ଣ । ଯେଉଁମାନଙ୍କ ସକାଶେ ମୁଁ ଏତେ ଘୋର ପାପ କରିଛି ସେମାନେ ମୋ ପାପର ଭାଗୀ ନୁହନ୍ତି । ଏହି ଚିନ୍ତାରେ ସେ ଦୌଡ଼ିଆସି ନାରଦଙ୍କ ଚରଣରେ ଗଛ କାଟିଲା ଭଳି ପଡ଼ିଗଲେ ଏବଂ ରଡ଼ିଛାଡ଼ି କାନ୍ଦିବାକୁ ଲାଗିଲେ । କିଛି ସମୟ ପରେ ସେହି କାନ୍ଦିବା ଅବସ୍ଥାରେ ବ୍ୟାକୁଳ ହୋଇ କହିଲେ, ''ପ୍ରଭୁ ଦୟାମୟ ଏହି ଘୋର ପାପୀକୁ ଉଦ୍ଧାର କର ।'' ନାରଦ ମୁନି ଭାଗବତ ନାମ ମନ୍ତ୍ରିତ କମଣ୍ଡଳୁରୁ ଶୁଦ୍ଧ ଜଳ ତାଙ୍କ ଉପରେ ସିଞ୍ଚି ଦେଲେ ଏବଂ ଉଠି ବସିବାକୁ କହିଲେ । ରତ୍ନାକର ଉଠି ହାତଯୋଡ଼ି ବସି ନାରଦଙ୍କ ଉପଦେଶକୁ ଅପେକ୍ଷା କଲେ । ମହାନ୍ ପାପୀ ରତ୍ନାକରଙ୍କୁ ନାରଦ ମୁନି ରାମ ନାମ ଜପର ଉପଦେଶ ଦେଲେ ।

ଅଗ୍ନି ଯେପରି ତୁଳା ପର୍ବତକୁ ଭସ୍ମୀଭୂତ କରେ, ପାପରାଶିକୁ ଭସ୍ମ କରିବା ସକାଶେ 'ରା' ହେଉଛି ଅଗ୍ନିର ବୀଜ ଓ ବ୍ୟକ୍ତି-ହୃଦୟକୁ ଦଗ୍ଧ କରୁଥିବା କାମ-କ୍ରୋଧ-ହିଂସା-ଦ୍ୱେଷ-ସ୍ୱାର୍ଥ-ଅହଂ-ଲୋଭ-ମୋହ ଆଦି ଅଗ୍ନିକୁ ଶୀତଳ କରି, ସେଥିରେ ଶାନ୍ତି-ଆନନ୍ଦ-ଜ୍ଞାନ-ଭକ୍ତି ପ୍ରତିଷ୍ଠା କରିବା ସକାଶେ 'ମ' ହେଉଛି ଚନ୍ଦ୍ରମା ବା ଅମୃତ ବୀଜ ।

ଏହି 'ରା' ଏବଂ 'ମ' ଦୁଇଟି ଅକ୍ଷରରେ ଭରି ରହିଛି ସମସ୍ତ ଜ୍ଞାନ, ସମସ୍ତ ଆନନ୍ଦ, ସମସ୍ତ ଶକ୍ତି । ଭଗବାନ୍ ଏବଂ ତାଙ୍କ ନାମ ଉଭୟ ଅଭେଦ ଓ ଏକ । ବ୍ୟକ୍ତି ଯେତେ ବିଶ୍ୱାସ ଓ ନିଷ୍ଠା ସହିତ ନିଜ ଅନ୍ତରର ଗଭୀରରେ ଏହି ନାମ ଜପ କରେ ସେ ସେତେ ନାମର ପ୍ରଭାବ ଓ ନାମର ଶକ୍ତିକୁ ଉପଲବ୍ଧି କରେ । ଏହି 'ରା' ଏବଂ 'ମ' ଦୁଇଟି ଏକ ହୋଇଯାଏ କେବଳ 'ମ' ଅକ୍ଷରରେ । ଏହା ଅତ୍ୟନ୍ତ ସ୍ପଷ୍ଟ ହୁଏ 'ମା' ଅକ୍ଷରରେ । ଅର୍ଥାତ୍ 'ର' ଆକର ରୂପେ 'ମ' ସହିତ ଯୋଗ ହେଲେ ହୁଏ 'ମା' । 'ରାମ' ଏହି ଦୁଇ ଅକ୍ଷରର ଯେଉଁ ଶକ୍ତି ତାହା ନିହିତ ରହିଲା କେବଳ 'ମା' ଗୋଟିଏ ଅକ୍ଷରରେ । ନାମର ଏହି ଅର୍ଥ କପୋଳକଳ୍ପିତ ନୁହେଁ । ରାମ-ତାପନ ଉପନିଷଦ୍, ଶିବ ସଂହିତା ଇତ୍ୟାଦି ବହୁ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି ଯେ 'ମା' ଏହି ଗୋଟିଏ ଅକ୍ଷରରେ ଭାଗବତ ସମସ୍ତ ଐଶ୍ୱର୍ଯ୍ୟ ପୂର୍ଣ୍ଣ ହୋଇଛି । ତେଣୁ 'ମା' – ଏହି ନାମ କିଂବା ଏହା ସହିତ ଶ୍ରୀଅରବିନ୍ଦଙ୍କ ନାମ ଜପ କରିବାକୁ ଶ୍ରୀଅରବିନ୍ଦ କହିଛନ୍ତି । ନାମର ଅପାର ମହିମା ତୁଳସୀକୃତ ରାମାୟଣ, ଭାଗବତ, ନାରଦ ପଞ୍ଚରାତ୍ର, ସ୍କନ୍ଦ ପୁରାଣ, ବରାହ ପୁରାଣ, ଶିବ ପୁରାଣ, ମହାଭାରତ, ଭାଗବତ ଆଦି ବହୁ ଶାସ୍ତ୍ରରେ ବିଶଦଭାବେ ଆଲୋଚିତ ହୋଇଛି ।

ରତ୍ନାକରଙ୍କୁ ନାରଦ ମୁନି ରାମ ନାମ ଜପର ଉପଦେଶ ଦେଲେ ଏବଂ ଜଙ୍ଗଲ ମଧ୍ୟରେ ଗୋଟିଏ ସ୍ଥାନରେ ବସି ନାମ ଜପ କରିବାକୁ କହିଲେ । ତାଙ୍କର ଅତ୍ୟଧିକ ପାପ ଥିବାରୁ ସେ ପ୍ରଥମରେ 'ରାମ' ନାମ ଉଚ୍ଚାରଣ କରି ପାରିଲେ ନାହିଁ । ନାରଦ ତାଙ୍କ ଅବସ୍ଥା ବୁଝିପାରି 'ରାମ' ଶବ୍ଦର ବିପରୀତ 'ମରା' ଶବ୍ଦ ଜପ କରିବାକୁ କହିଲେ । ହତ୍ୟାକାରୀ ରତ୍ନାକରଙ୍କର 'ମରା' କହିବା ଅଭ୍ୟାସ ଥିଲା । ସେଥିଯୋଗୁଁ ସେ 'ମରା' ସହଜରେ ଜପ କରିପାରିଲେ । 'ମରା' ଉଚ୍ଚାରଣ କରିବା ମାତ୍ରେ ପାପ କ୍ଷୟ ହେବାରୁ ସେ 'ରାମ' ଉଚ୍ଚାରଣ କରିଥିଲେ । ନାରଦ ମୁନି ରତ୍ନାକରଙ୍କର ନାମ ପ୍ରତି ବିଶ୍ୱାସ ଓ ନିଷ୍ଠା ଦେଖି ଖୁସି ହୋଇ ଚାଲିଗଲେ । ରତ୍ନାକର ରାମ ନାମ ଜପରେ ଏତେ ଶାନ୍ତି ଅନୁଭବ କଲେ ଯେ ତାଙ୍କୁ ଆଉ କ୍ଷୁଧା, ପିପାସା ପୀଡ଼ା ଦେଇ ପାରିଲା ନାହିଁ । ସେ ସେହିଠାରେ ଆହାର, ନିଦ୍ରା ତ୍ୟାଗ କରି ରାମ ନାମ ଜପରେ ତନ୍ମୟ ହୋଇଗଲେ । ତାଙ୍କ ଶରୀର-ଜ୍ଞାନ ରହିଲା ନାହିଁ । ଗୋଟିଏ ସ୍ଥାନରେ ବହୁ ବର୍ଷ ବସି ରହିବାରୁ ତାଙ୍କ ଶରୀରରେ ଉଇ ହୁଙ୍କା କରିଦେଲେ ।

ବହୁ ବର୍ଷ ପରେ ପୁନର୍ବାର ନାରଦ ମୁନି ସେହି ଜଙ୍ଗଲ ରାସ୍ତାରେ ଯିବା ସମୟରେ ତାଙ୍କର ରତ୍ନାକରଙ୍କ କଥା ମନେ ପଡ଼ିଲା । ସେ ସେହି ସ୍ଥାନକୁ ଯାଇ ଉଇହୁଙ୍କାଟିକୁ ଦେଖିଲେ । କିନ୍ତୁ ସେହି ଉଇହୁଙ୍କାରୁ ରାମ ନାମ ଉଚ୍ଚାରିତ ହେଉଥିବା ଶୁଣି ଆସ୍ତେ ଆସ୍ତେ ଉଇହୁଙ୍କାଟି ଭାଙ୍ଗିଦେଲେ । ରତ୍ନାକର ତା' ମଧ୍ୟରେ ସମାଧି ଅବସ୍ଥାରେ ବସିଥା'ନ୍ତି । ତାଙ୍କର ସମସ୍ତ ଚକ୍ର ତଥା ପ୍ରତ୍ୟେକ ରୋମରୁ ରାମ ନାମ ଉଚ୍ଚାରିତ ହେଉଥାଏ । ତାଙ୍କର ସମସ୍ତ ଶରୀର ବ୍ରହ୍ମତେଜଃରେ ଦେଦୀପ୍ୟମାନ ହୋଇଥାଏ । ନାରଦ ମୁନି ତାଙ୍କ ସମାଧି ଭଙ୍ଗ କରି ତାଙ୍କୁ ଉଠାଇ ବସାଇଦେଲେ ଏବଂ ତାଙ୍କ ନାମ ବାଲ୍ମୀକି ମୁନି ରଖି ଚାଲିଗଲେ ।

ତୁଳସୀ ଦାସ କହିଛନ୍ତି –

''ଉଲଟା ନାମ ଜପତ ଜଗଜାନା,
ବାଲମିକ ଭଏ ବ୍ରହ୍ମ ସମାନା ।''

ଓଲଟା ନାମ ଅର୍ଥାତ୍ ନାମର ବିପରୀତ 'ମରା' ଜପକରି ବାଲ୍ମୀକି ବ୍ରହ୍ମ ସଦୃଶ ହୋଇଯାଇଛନ୍ତି । କାଳକ୍ରମେ ପ୍ରସିଦ୍ଧ ମହିର୍ଷି ବାଲ୍ମୀକି ବହୁ ବର୍ଷ ତମସା ନଦୀ କୂଳରେ ଆଶ୍ରମ କରି ଶିଷ୍ୟମାନଙ୍କ ସହିତ ସାଧନାରେ ରତ ରହୁଥିଲେ । ଦିନେ ବ୍ରହ୍ମା ପ୍ରଘଟ ହୋଇ ତାଙ୍କୁ ରାମାୟଣ ଗ୍ରନ୍ଥ କବିତା ଆକାରରେ ରଚନା କରିବା ସକାଶେ କହିଥିଲେ । ପରେ ନାରଦଙ୍କଠାରୁ ଶ୍ରୀରାମଙ୍କ ଚରିତ ଶୁଣି ସେ ଛନ୍ଦୋବଦ୍ଧଭାବେ ଶ୍ଲୋକାକାରରେ ରାମାୟଣ ରଚନା କରିଥିଲେ । ତାଙ୍କ ରାମାୟଣ ବାଲ୍ମୀକି ରାମାୟଣ ନାମରେ ପ୍ରସିଦ୍ଧ ହୋଇଅଛି ।

(୨)

ପ୍ରଶ୍ନ : ବାଲ୍ମୀକିଙ୍କ ଜୀବନ-ଚରିତରେ କୁହାଯାଇଛି ଯେ ସେ ସମାଧିରେ ରହିବା ଯୋଗୁଁ ତାଙ୍କ ଶରୀରରେ ଉଇହୁଙ୍କା ହୋଇଗଲା । ସେ ନ ଖାଇ ନ ପିଇ ଏତେ ବର୍ଷ ଗୋଟିଏ ସ୍ଥାନରେ ନିଶ୍ଚଳ ହୋଇ ରହିବା ଏବଂ ଶରୀରରେ ଉଇହୁଙ୍କା ହେବାରେ ସେ ଅନୁଭବ ନ କରିବା କ'ଣ ସମ୍ଭବ ?

ଉତ୍ତର : ସମାଧି ଅବସ୍ଥାରେ ଏହା ନିଶ୍ଚିତରୂପେ ସମ୍ଭବ । ପ୍ରବାହିତ ହେଉଥିବା ଶ୍ୱାସ-ପ୍ରଶ୍ୱାସକୁ ମସ୍ତକରେ ରୁଦ୍ଧ କରିଦେବା ହେଲା ସମାଧି । ଏହି ସମାଧି ଅବସ୍ଥାରେ ଶରୀରର ସମସ୍ତ କ୍ରିୟା ବନ୍ଦ ହୁଏ । କିନ୍ତୁ ମୃତ୍ୟୁ ହୁଏ ନାହିଁ କିଂବା ଶରୀର ନଷ୍ଟ ହୁଏ ନାହିଁ ।

ପ୍ରାୟ ୧୯୩୭ କିଂବା ୧୯୩୮ ମସିହାରେ ଅଯୋଧ୍ୟାରେ ଜଣେ ବ୍ୟକ୍ତି ଦୁଇମାସ ସମାଧି ଲଗାଇଥିଲେ । ପ୍ରଥମରେ ସେ ଦୁଇ ଦିନ କେବଳ ଦୁଗ୍ଧ ପାନ କରି ରହିଲେ । ତାଙ୍କ ସକାଶେ ଗୋଟିଏ ପକ୍କା ଗୁମ୍ଫା ଅଯୋଧ୍ୟାର ରାଜା ତିଆରି କରିଦେଲେ । ନିର୍ଦ୍ଦିଷ୍ଟ ଦିନ ସେ ବ୍ୟକ୍ତି ସେହି ପକ୍କା ଗୁମ୍ଫାରେ ପ୍ରବେଶ କଲେ । କିଛି ସମୟ ଓଁ ଉଚ୍ଚାରଣ କରୁଥିଲେ । ପରେ ଶବ୍ଦ ବନ୍ଦ ହୋଇଗଲା । ଓଁ ଶବ୍ଦ ବନ୍ଦ ହେବାର ଏକ ଘଣ୍ଟା ପରେ ତାଙ୍କ କହିବା ଅନୁସାରେ ଗୁମ୍ଫାର ଦ୍ୱାର ଚୂନ ଏବଂ ଇଟାରେ ବନ୍ଦ କରି ଦିଆଗଲା । କେବଳ ବାୟୁ ଯାତାୟାତ କରିବା ସକାଶେ ଛୋଟ ଛୋଟ ଛିଦ୍ର ରଖାହେଲା । ଦୁଇ ମାସ ପର୍ଯ୍ୟନ୍ତ ରାଜାଙ୍କ ଲୋକ ଦିନରାତି ଚବିଶ ଘଣ୍ଟା ପହରା ଦେଉଥା'ନ୍ତି । ଠିକ୍ ଦୁଇ ମାସ ପରେ ତାଙ୍କ କହିବାନୁସାରେ ନିର୍ଦ୍ଦିଷ୍ଟ ଗୁମ୍ଫା ଭିତରୁ ଓଁ ଶବ୍ଦ ଶୁଣାଗଲା । ଦ୍ୱାର ଖୋଲି ଦିଆହେଲା, ସେ ବାହାରି ଆସିଲେ । ସମାଧିର କିଛି ଦିନ ପରେ ତାଙ୍କ ସହିତ ମୋର ଦେଖା ହୋଇଥିଲା ଏବଂ ସମାଧି ବିଷୟରେ ବହୁତ କଥାବାର୍ତ୍ତା ହୋଇଥିଲା । ସେହି ବର୍ଷ ଆଉ ଜଣେ ସାଧୁ ଗୋରଖପୁର ଗୀତା ପ୍ରେସର ଗୀତାବାଗରେ ପନ୍ଦର ଦିନ ସମାଧି ଲାଗାଇଥିଲେ । ସମାଧିରେ ବ୍ୟକ୍ତି ବହୁତ ବର୍ଷ ରହିପାରନ୍ତି ।

ପ୍ରଶ୍ନ : ମହାପାପୀ ଦସ୍ୟୁ ରତ୍ନାକର ନାମ ଜପ କରି ସମାଧିକୁ ପ୍ରାପ୍ତ ହେଲେ ଏବଂ ମହାନ୍ ଋଷି ହୋଇପାରିଥିଲେ । ଆଜି ବି ତାଙ୍କ ଯଶଃକୀର୍ତ୍ତିର ପତାକା ଉଡୁଛି । କିନ୍ତୁ ସେହି ନାମ ଜପ କରି ଲୋକେ ଭିକ ମାଗୁଛନ୍ତି, ସେମାନଙ୍କୁ ଭିକ ବି ମିଳୁ ନାହିଁ । ଏହାର କାରଣ କ'ଣ ?

ଉତ୍ତର : ଏହାର କାରଣ ହେଲା ବ୍ୟକ୍ତିର ବିଶ୍ୱାସ । ଭଗବାନ୍ ଏବଂ ତାଙ୍କ ନାମ ଅଭେଦ – ଏକ । ନାମରେ ଭଗବାନଙ୍କ ସମସ୍ତ ଶକ୍ତି ବିଦ୍ୟମାନ ଅଛି । କିନ୍ତୁ ବ୍ୟକ୍ତି ଯେତେ ବିଶ୍ୱାସ କରେ ଓ ତା'ର ମନ-ପ୍ରାଣ-ଶରୀର-ସତ୍ତା ନାମର ପ୍ରଭାବ ପ୍ରତି ଯେତେ ଉନ୍ମୁକ୍ତ ହୁଏ, ସେହି ଅନୁପାତରେ ବ୍ୟକ୍ତି ତାହାର ପ୍ରଭାବ ଗ୍ରହଣ କରେ । ଏହି ବିଷୟଟି ଗୋଟିଏ ଉଦାହରଣରୁ ବୁଝିବାକୁ ଚେଷ୍ଟା କରିବା ।

ଜଣେ ଶିଷ୍ୟ ଗୁରୁଙ୍କ ପାଖରେ ରହି ବାର ବର୍ଷ ଆନ୍ତରିକତା ସହ ସେବା କରିବା ପରେ ଗୁରୁ ଅତ୍ୟନ୍ତ ପ୍ରସନ୍ନ ହୋଇ ଦିନେ ତାଙ୍କୁ ରାମନାମ ଜପର ଦୀକ୍ଷା ଦେଲେ । ଶିଷ୍ୟ ଭାବିଥିଲେ ଏତେ ଦିନ କଠୋର ତପସ୍ୟା ପରେ ଗୁରୁଜି ବହୁ ଗୁପ୍ତ କଠିନ ସାଧନା କଥା କିଛି କହିଥା'ନ୍ତେ । କିନ୍ତୁ ଯେଉଁ ରାମ ନାମକୁ ସାଧାରଣ ବ୍ୟକ୍ତି ଜାଣନ୍ତି ସେହି ନାମ ଦୀକ୍ଷାରେ ଶିଷ୍ୟ ବିଶେଷ ସନ୍ତୁଷ୍ଟ ହେଲେ ନାହିଁ । ଶିଷ୍ୟର ମନୋଭାବ ଜାଣିପାରି ଗୁରୁଜି ଗୋଟିଏ ମଣି ଶିଷ୍ୟକୁ ଦେଇ କହିଲେ, ''ପ୍ରଥମରେ ଶାଗ ବିକ୍ରି କରୁଥିବା ବେପାରୀଠାରୁ ଆରମ୍ଭ କରି ସବୁଠାରୁ ବଡ଼ ଜହରତ୍ ବ୍ୟବସାୟୀ ପାଖକୁ ଯାଇ ଏହି ମଣିର ମୂଲ୍ୟ ପଚାରିବୁ, କିନ୍ତୁ କାହାକୁ ନ ଦେଇ ଫେରାଇ ଆଣିବୁ ।''

ଗୁରୁଙ୍କ ଆଦେଶ ଅନୁସାରେ ଶିଷ୍ୟ ଶାଗବିକାଳୀ ପାଖରେ ପହଞ୍ଚି ମଣି ମୂଲ୍ୟର ଶାଗ ମାଗିଲେ । ଗୋଟିଏ ଚିକ୍‌କଣ ଚକ୍‌ଚକିଆ ପଥର ଦେଖି ଦୋକାନୀ ତା'ର ମୂଲ୍ୟରେ ସେରେ ଶାଗ ଦେବାକୁ ତିଆରି ହେଲା । ଏହିପରି ଶିଷ୍ୟ ଅନ୍ୟାନ୍ୟ ଦୋକାନରେ ମୂଲ୍ୟ ପଚାରିବାରେ କେହି ପାଞ୍ଚ ଟଙ୍କା, କେହି ଶହେ, କିଏ ହଜାରେ ଟଙ୍କା ପର୍ଯ୍ୟନ୍ତ କହିଲେ । ସବୁଠାରୁ ଯାହାର ଅଧିକ ମୂଲ୍ୟର ସୁନା, ମଣିମୁକ୍ତାର ଦୋକାନ ଥିଲା ସେ ଶିଷ୍ୟର ମଣି ଦେଖି କହିଲେ, ''ଏହି ମଣି

ମୂଲ୍ୟର ମୋ ପାଖରେ କୌଣସି ସମ୍ପତ୍ତି ନାହିଁ । ଏହାର ମୂଲ୍ୟାଙ୍କନ କରିବା କଠିନ ନୁହେଁ, ଅସମ୍ଭବ । ସଂସାରରେ ଏହି ମୂଲ୍ୟର କୌଣସି ବସ୍ତୁ ନାହିଁ ।'' ଶିଷ୍ୟ ଗୁରୁଙ୍କ ପାଖକୁ ଫେରିଯାଇ ସମସ୍ତ ଘଟଣା କହିଲେ । ଗୁରୁ ପଚାରିଲେ, ''ଏଥିରୁ ତୁ କ'ଣ ବୁଝିଲୁ ?'' ଶିଷ୍ୟ ଉତ୍ତର ଦେଲେ, ''ନାମର ଅକଳ୍ପନୀୟ ଶକ୍ତି, ଅସୀମ ମହିମା, ଯେ ଯେତିକି ଏହାର ମହତ୍ତ୍ୱ ଜାଣେ ସେ ସେହି ଅନୁସାରେ ସେ ନାମର ପ୍ରଭାବ ଉପଲବ୍ଧି କରେ ।''

ଯଥାର୍ଥରେ ଭଗବାନଙ୍କର ଯେପରି ଅନନ୍ତ ମହିମା, ଅନନ୍ତ ଶକ୍ତି; ସେହିପରି ନାମର ମଧ୍ୟ । ହିରଣ୍ୟକଶିପୁ ଯେପରି ଦୁର୍ଦାନ୍ତ ରାକ୍ଷସ ଯାହାର ଭୟରେ ଇନ୍ଦ୍ର, ବରୁଣ ଭୟଭୀତ ହୁଅନ୍ତି ସେହି ହିରଣ୍ୟକଶିପୁ ସମ୍ମୁଖରେ ପ୍ରହ୍ଲାଦ ନାମ ଆଶ୍ରୟରେ ନିର୍ଭୀକ ହୋଇ ରହିଥା'ନ୍ତି । ଶିଶୁ ପ୍ରହ୍ଲାଦକୁ ମାରିବା ସକାଶେ ହିରଣ୍ୟକଶିପୁ ବିଷଧର ସର୍ପ ଦ୍ୱାରା ଦଂଶନ କରାଇବାକୁ ଚେଷ୍ଟାକଲା, ପର୍ବତ ଉପରୁ ଫୋପଡ଼ାଇ ଦେଲା, ସମୁଦ୍ରରେ ବୁଡ଼ାଇ ଦେଲା, ମତ୍ତ ହସ୍ତୀ ଦ୍ୱାରା ମରାହେବାକୁ ଛାଡ଼ି ଦେଲା, ସମସ୍ତ ପ୍ରଯତ୍ନ ବ୍ୟର୍ଥ ହେବାରୁ ଶେଷରେ ସ୍ୱୟଂ ମାରିବାକୁ ପ୍ରବୃତ୍ତ ହେଲା । ଭକ୍ତ ପ୍ରହ୍ଲାଦର ସତ୍ୟ ବଚନ ତଥା ପ୍ରହ୍ଲାଦକୁ ରକ୍ଷାକରିବା ସକାଶେ ପଥର ଖମ୍ଭରୁ ଭଗବାନ୍ ନୃସିଂହ ପ୍ରକଟ ହୋଇ ହିରଣ୍ୟକଶିପୁକୁ ବଧ କଲେ ।

ଦ୍ରୌପଦୀଙ୍କ ଘଟଣା ଶୁଣିଥିବେ । ଦୁର୍ଯ୍ୟୋଧନଙ୍କ ରାଜସଭାରେ ଦ୍ରୌପଦୀଙ୍କୁ ବିବସ୍ତ୍ର କରିବା ସକାଶେ ଦୁଃଶାସନ ଦ୍ରୌପଦୀ ପରିଧାନ କରିଥିବା ଏକମାତ୍ର ବସ୍ତ୍ରକୁ ଟାଣିଥିଲା; ପାହାଡ଼ ସଦୃଶ ବସ୍ତ୍ର ଜମା ହୋଇଗଲା, ଶହେ ହାତୀର ବଳ ଧାରଣ କରିଥିବା ଦୁଃଶାସନର ବଳ ଓ ତେଜଃ ନିଷ୍ପ୍ରଭ ହୋଇଗଲା; ସେ ଅତ୍ୟନ୍ତ ଦୁର୍ବଳ ଅନୁଭବ କରି ବସି ପଡ଼ିଲା । କିନ୍ତୁ ଦ୍ରୌପଦୀଙ୍କ ବସ୍ତ୍ର ଶେଷ ହେଲା ନାହିଁ । ଏହା ହେଲା ନାମର ପ୍ରଭାବରେ ।

ଆଉ ଗୋଟିଏ ଭକ୍ତମାଳାର ଗଳ୍ପ ଶୁଣ । ଶ୍ରୀରାମ ରାବଣକୁ ବଧ କରି ବାନର ସେନାଙ୍କ ସହିତ ଲଙ୍କାରୁ ଫେରିଆସିବା ସମୟରେ ସମୁଦ୍ରରେ ନିର୍ମାଣ କରିଥିବା ସେତୁବନ୍ଧ ଭାଙ୍ଗି ଦେଇଥିଲେ । ଲଙ୍କାର ରାକ୍ଷସଙ୍କ ଦ୍ୱାରା ଭାରତରେ ଉତ୍ପାତ ଆଶଙ୍କାରେ ଭାରତ ସହିତ ଲଙ୍କାର କୌଣସି ସଂଯୋଗ ରଖି ନ ଥିଲେ । ବହୁଦିନ ପରେ ଗୋଟିଏ ଜାହାଜ ଯାତ୍ରା କରୁଥିବା ସମୟରେ ସମୁଦ୍ରରେ ବୁଡ଼ିଗଲା । ବହୁ ବ୍ୟକ୍ତି ପ୍ରାଣ ହରାଇଲେ । ଜଣେ ବ୍ୟକ୍ତି କୌଣସିମତେ ଭାସି ଭାସି ଲଙ୍କା କୂଳରେ ଲାଗିଲେ । ଲଙ୍କାର ଅସୁରମାନେ ଶ୍ରୀରାମ ଲକ୍ଷ୍ମଣଙ୍କୁ ଦେଖିଥିଲେ । ସେମାନଙ୍କ ରୂପ ସହିତ କୂଳରେ ଭାସୁଥିବା ବ୍ୟକ୍ତିଙ୍କର ସାମଞ୍ଜସ୍ୟ ଥିବା ଦେଖି ତାଙ୍କପ୍ରତି ସେମାନଙ୍କର ବିଶେଷ ଶ୍ରଦ୍ଧା-ଭକ୍ତି ଉତ୍ପନ୍ନ ହେଲା । ସେମାନେ ସେ ବ୍ୟକ୍ତିଙ୍କୁ ଜଳରୁ ନେଇ ଆବଶ୍ୟକ ଉପଚାର କଲେ । କିଛି ସମୟ ପରେ ସେ ବ୍ୟକ୍ତି ସଚେତ ହେବାରୁ ତାଙ୍କୁ ବହୁତ ଆଦର-ସତ୍କାର ସହ ଲଙ୍କେଶ୍ୱର ବିଭୀଷଣଙ୍କ ପାଖକୁ ନେଇଗଲେ । ନିଜ ଇଷ୍ଟଦେବଙ୍କ ଦେଶର ବ୍ୟକ୍ତିଙ୍କୁ ଦେଖି ବିଭୀଷଣ ବିଶେଷ ଆନନ୍ଦିତ ହେଲେ ଏବଂ ତାଙ୍କୁ ଅତ୍ୟଧିକ ଆରାମରେ ରଖିବା ସକାଶେ ବହୁ ପ୍ରକାର ସେବାର ବ୍ୟବସ୍ଥା କଲେ । କିନ୍ତୁ ଏତେ ସେବା, ଆଦର-ସତ୍କାର ପାଇ ମଧ୍ୟ ସେ ଖୁସିରେ ରହିପାରିଲେ ନାହିଁ । ତାଙ୍କୁ ଦୁଃଖିତ ଦେଖି ସେ କେଉଁ ଉପାୟରେ ସୁଖଶାନ୍ତିରେ ରହିପାରିବେ ବୋଲି ବିଭୀଷଣ ତାଙ୍କୁ ପଚାରିଲେ । ''ମୋତେ ନିଜ ଦେଶ ଭାରତରେ ପହଞ୍ଚାଇ ଦେଲେ ମୁଁ ସୁଖ-ଶାନ୍ତିରେ ରହିପାରିବି'' ବୋଲି ସେ ଉତ୍ତର ଦେଲେ । ବିଭୀଷଣ ତାଙ୍କୁ ବହୁ ଧନରତ୍ନ ଭେଟିଦେଲେ ଏବଂ ଗୋଟିଏ ଲେଖା ତାଙ୍କ ମସ୍ତକରେ ରଖି ଗୋଟିଏ ପଗଡ଼ି ବାନ୍ଧି ଦେଲେ ଏବଂ କହିଲେ, ''ପଗଡ଼ି ମଧ୍ୟରେ ଥିବା ଲିଖିତ ମନ୍ତ୍ରର ପ୍ରଭାବରେ ତୁମେ ସମୁଦ୍ର ଉପରେ ଚାଲିଯାଇ ତୁମ ଦେଶରେ ପହଞ୍ଚିବ, କିନ୍ତୁ ପଗଡ଼ି ଖୋଲି ଲେଖା ଦେଖିବ ନାହିଁ ।'' ବିଭୀଷଣଙ୍କ ନିର୍ଦେଶ ଅନୁସାରେ ସେ ବ୍ୟକ୍ତି ସମୁଦ୍ରରେ ଚାଲିଆସିଲେ । କୂଳରେ ପହଞ୍ଚିବା ପରେ ଜାଣିବା କୌତୂହଳରେ ପଗଡ଼ି ଖୋଲି ତା' ମଧ୍ୟରେ 'ରାମ' ନାମଟି ଲେଖା ହୋଇଥିବାର ଦେଖିଲେ । ସେହି ନାମ ପ୍ରଭାବରେ ସମୁଦ୍ରରେ ଚାଲିଆସିବାକୁ ପରୀକ୍ଷା କରିବା ସକାଶେ ପୁନରାୟ ସେହି ନାମଟି ରଖି ସମୁଦ୍ରରେ ପାଦ ପକାଇବା ମାତ୍ରେ ବୁଡ଼ିଯିବାକୁ ଲାଗିଲେ ।

ନାମ ସେହି ଏକ । କିନ୍ତୁ ସେହି ନାମରେ ବିଭୀଷଣଙ୍କର ବିଶ୍ୱାସ ଥିବାରୁ ବ୍ୟକ୍ତିଟି ସମୁଦ୍ରରେ ଚାଲିଆସିଥିଲେ । କିନ୍ତୁ ସମୁଦ୍ର ପାର ହୋଇଥିବା ବ୍ୟକ୍ତିର ନାମରେ ବିଶ୍ୱାସ ନ ଥିବାରୁ ସେ ଜଳରେ ଚାଲିପାରିଲେ ନାହିଁ । ବ୍ୟକ୍ତିର

ନାମରେ ବିଶ୍ୱାସ ହେଲେ ଅଧ୍ୟାତ୍ମ-ସାଧନା-ମାର୍ଗରେ ସେ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରେ ଏବଂ ସଂସାରର ଦୁଃଖ-କଷ୍ଟ, ବିପଦ-ଆପଦରୁ ସଂପୂର୍ଣ୍ଣ ରୂପେ ରକ୍ଷାପାଏ ।

ବର୍ତ୍ତମାନ ସମୟରେ ଯେଉଁମାନେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରି ଯେତେ ଆନ୍ତରିକ ନିଷ୍ଠା ସହିତ ମା' ନାମ ସ୍ମରଣ କରୁଛନ୍ତି ସେମାନେ ସେହି ଅନୁପାତରେ ନିଜ ନିଜ ଜୀବନରେ ଏହି ସତ୍ୟକୁ ଉପଲବ୍ଧି କରୁଛନ୍ତି । ଅନ୍ୟମାନେ ଯଦି ଏହାର ସତ୍ୟତା ଉପଲବ୍ଧି କରିବାକୁ ଚାହାନ୍ତି, ସେମାନେ ମଧ୍ୟ ଆନ୍ତରିକ ନିଷ୍ଠା ଏବଂ ବିଶ୍ୱାସ ସହ 'ମା' ନାମ ସ୍ମରଣ ତଥା ସମସ୍ତ କର୍ମ ତାଙ୍କୁ ସମର୍ପଣ କରିପାରନ୍ତି । ଏହାହିଁ ଯଥାର୍ଥରେ ପରୀକ୍ଷାର ପ୍ରଣାଳୀ । ଅବାନ୍ତର ଯୁକ୍ତି ଦ୍ୱାରା ସତ୍ୟର ଅନୁଭୂତି ହୁଏ ନାହିଁ । ପାଠକମାନେ ଶ୍ରୀ ବାଲ୍ମୀକି ମୁନିଙ୍କ ସଂକ୍ଷିପ୍ତ ଜୀବନ-ଚରିତ ଅଧ୍ୟୟନ କଲେ । ଏବେ ତାଙ୍କ ଦ୍ୱାରା ରଚିତ ରାମାୟଣ ଚରିତ ଅତି ସଂକ୍ଷେପରେ ଅଳ୍ପ ଶବ୍ଦରେ ଆଲୋଚନା କରିବା ଯାହା ପଢ଼ି ଆମ୍ଭେମାନେ ରାମାୟଣର ମୋଟାମୋଟି ଚରିତ୍ର ବୁଝିପାରିବା ଏବଂ ପ୍ରତ୍ୟେକ ଚରିତ୍ରରୁ କ'ଣ ଶିକ୍ଷା କରିବା ସେ ବିଷୟ ପରେ ଆଲୋଚନା କରିବା ।

(୩)

ରାମାୟଣ ବେଦ-ଉପନିଷଦର ସରଳ ବ୍ୟାଖ୍ୟା ବୋଲି କୁହାଯାଇଛି : ''ବେଦ ରାମାୟଣ ଚୈବ ପୁରାଣୋ ଭାରତ ସ୍ତଥା ।'' ବୈଦିକ ଯୁଗରେ ବେଦ କେବଳ ଅଳ୍ପ କେତେକ ଋଷିମୁନିଙ୍କ ମଧ୍ୟରେ ସୀମାବଦ୍ଧ ଥିଲା । ତାହା ସେ କାଳର ବ୍ୟକ୍ତିଙ୍କ ପକ୍ଷେ ବୋଧଗମ୍ୟ ନ ହେବାରୁ ଋଷିମାନେ ଉପନିଷଦ୍ ରଚନା କଲେ । କାଳକ୍ରମେ ତାକୁ ବି ଅଧିକ ବ୍ୟକ୍ତି ବୁଝି ପାରିଲେ ନାହିଁ । ବେଦ, ଉପନିଷଦ୍ ମନ୍ତ୍ରର ଅର୍ଥ ଅତ୍ୟନ୍ତ ଗୂଢ଼ । ମନୁଷ୍ୟ ଅଧ୍ୟାତ୍ମ ସାଧନା ଦ୍ୱାରା ଉଚ୍ଚତର ଚେତନାରେ ପ୍ରବେଶ ନ କଲେ ତାହାର ଅର୍ଥ ହୃଦୟଙ୍ଗମ କରିବା ସହଜ ନୁହେଁ । ପ୍ରତ୍ୟେକ ବ୍ୟକ୍ତିଙ୍କ ପକ୍ଷେ ଅଧ୍ୟାତ୍ମ ସାଧନା ସମ୍ଭବ ନୁହେଁ, ଅତଏବ ବେଦୋପନିଷଦ୍ କେବଳ କେତେକ ଉଚ୍ଚ କୋଟିର ଅଧ୍ୟାତ୍ମ ସାଧକ ଛଡ଼ା ସାଧାରଣ ବ୍ୟକ୍ତିଙ୍କ ପାଇଁ ଅଗମ୍ୟ ରହିଲା । କେହି କେହି ବିଦ୍ୱାନ୍ ବ୍ୟକ୍ତି ବେଦ, ଉପନିଷଦ୍ ବୁଝିବାକୁ ଯାଇ ଅର୍ଥକୁ ଅନର୍ଥ ମଧ୍ୟ କଲେ ।

ମନୁଷ୍ୟର ପଥପ୍ରଦର୍ଶକ ସତ୍ୟ ଓ ଯଥାର୍ଥ ବିବେକପୂର୍ଣ୍ଣ ଉପଦେଶ, ସତ୍ୟ ନିର୍ଦ୍ଦେଶ ବିନା ବ୍ୟକ୍ତି ଅନ୍ଧ ସଦୃଶ ପ୍ରାଣ, ମନ ଦ୍ୱାରା ପଶୁବତ୍ ପରିଚାଳିତ ହେଲେ ନିଜେ ଏବଂ ସଂସାର ଧ୍ୱଂସ ହେବା ସୁନିଶ୍ଚିତ । ସୁତରାଂ ବ୍ୟକ୍ତି ନିଜ ଚେତନାରେ ବୁଝିପାରିବା ଭଳି ଧର୍ମ-ନିର୍ଦ୍ଦେଶ ଆବଶ୍ୟକ ।

କାଳକ୍ରମେ ଉପନିଷଦ୍-ସତ୍ୟ ଜନସାଧାରଣଙ୍କ ସକାଶେ ଅଗମ୍ୟ ହେବାରୁ ସେହି ସତ୍ୟକୁ ମହାନ୍ ଶ୍ରେଷ୍ଠ, ଦିବ୍ୟଗୁଣଯୁକ୍ତ ବ୍ୟକ୍ତିଙ୍କ ଜୀବନ-ଚରିତ୍ର ଦ୍ୱାରା ବ୍ୟାଖ୍ୟା କରିବାର ଆବଶ୍ୟକ ହେଲା । ଭଗବାନଙ୍କର ଏହି ଦିବ୍ୟ-ସଂକଳ୍ପ ପ୍ରତିଫଳିତ ହେଲା ମହର୍ଷି ବାଲ୍ମୀକିଙ୍କ ହୃଦୟରେ । ସେ ବେଦୋପନିଷଦର ମହାନ୍ ସତ୍ୟକୁ ଦଶରଥାତ୍ମଜ ଭଗବାନ୍ ଶ୍ରୀରାମଙ୍କ ଚରିତ ଅବଲମ୍ବନରେ ସୁଲଳିତ ଛନ୍ଦୋବଦ୍ଧ କରି ସଂସ୍କୃତ ଶ୍ଲୋକ ରଚନା କଲେ । ଉପନିଷଦ୍ ପରେ ପ୍ରଥମରେ ମହାମୁନି ବାଲ୍ମୀକି କାବ୍ୟ ରୂପେ ରାମାୟଣ ରଚନା କରିଥିବାରୁ ରାମାୟଣ ହେଲା ମହାନ୍ ଆଦିକାବ୍ୟ । ତାହା ପୂର୍ବରୁ ଛନ୍ଦୋବଦ୍ଧ ଶ୍ଲୋକ ନ ଥିବାରୁ ବାଲ୍ମୀକି ରାମାୟଣ ମହାକାବ୍ୟ ହେଲା କେବଳ ମହର୍ଷିଙ୍କ ହୃଦୟର ସତ୍ୟ-ପ୍ରେରଣା । ଶ୍ଲୋକଗୁଡ଼ିକ ଲଳିତ, ମଧୁର, ଶ୍ରୁତିପ୍ରିୟ ଗୂଢ଼ ଅର୍ଥରେ ବିଭୂଷିତ । କିନ୍ତୁ ଏହି କାବ୍ୟ ରଚନା ହୋଇଥିବା ସମୟରେ ସଂସ୍କୃତ ବିଦ୍ୟା ବିଶେଷ ପ୍ରଚଳିତ ଥିଲା । ଲୋକେ ସେହି ଭାଷାରେ କଥାବାର୍ତ୍ତା ମଧ୍ୟ କରୁଥିଲେ ।

କାଳକ୍ରମେ ସଂସ୍କୃତ ବିଦ୍ୟା ହ୍ରାସ ପାଇବାରୁ ସଂସ୍କୃତରେ ରଚିତ ବାଲ୍ମୀକି ରାମାୟଣରୁ ସର୍ବସାଧାରଣ ଶିକ୍ଷା ଗ୍ରହଣ କରି ପାରିଲେ ନାହିଁ । ଶ୍ରୀଶିବ ଏବଂ ପାର୍ବତୀ ରାମାୟଣ ରଚନା କରିବା ସକାଶେ ଗୋସ୍ୱାମୀ ତୁଳସୀ ଦାସଙ୍କୁ ଆଦେଶ ଦେଲେ । କିନ୍ତୁ ସେ ରଚନା କଲେ ସଂସ୍କୃତରେ । ପ୍ରତିଦିନ ସେ ଯାହା ରଚନା କରନ୍ତି ରାତ୍ରିରେ ତାହା ଚୋରି

ହୋଇଯାଏ । ସେ ବିଶେଷ ଚିନ୍ତିତ ହେବାରୁ ଶଙ୍କର ଓ ପାର୍ବତୀ ସ୍ୱପ୍ନ ଏବଂ ପ୍ରତ୍ୟକ୍ଷରେ କହିଲେ, ''ହିନ୍ଦୀରେ ରଚନା କଲେ ସର୍ବସାଧାରଣଙ୍କର କଲ୍ୟାଣ ହେବ ।'' ସେହିଦିନଠାରୁ ସେ ହିନ୍ଦୀରେ ରଚନା ଆରମ୍ଭ କଲେ । ସେହି ''ରାମଚରିତ-ମାନସ'' ହିନ୍ଦୀରେ ରଚିତ ହେବା ସତ୍ତ୍ୱେ ଆଦୃତ ହେଲା ସମଗ୍ର ଭାରତବର୍ଷ ତଥା ବିଦେଶରେ । ତଥାପି ଓଡ଼ିଶାବାସୀଙ୍କ ସକାଶେ ହିନ୍ଦୀ ରାମାୟଣ ବୋଧଗମ୍ୟ ହେଲା ନାହିଁ । ଭଗବାନଙ୍କ ବିଧାନରେ ପରମସନ୍ଥ ଶ୍ରୀ ବଳରାମ ଦାସ ଓଡ଼ିଆ ଭାଷାରେ ରାମାୟଣ ରଚନାକଲେ ।

ନଦୀସ୍ରୋତ ସଦୃଶ ସମୟ ଅହରହ ପ୍ରବାହିତ ହେଉଛି । ଏହି ପ୍ରବାହରେ ପ୍ରବାହିତ ହେଉଛି ମନୁଷ୍ୟର ସ୍ୱଭାବ । ମନୁଷ୍ୟ ବିକାଶ-ମାର୍ଗରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ ପୂର୍ବପ୍ରଚଳିତ ସମାଜ, ଶାସନ, ବିଧି-ବିଧାନ, ନିୟମ-ବ୍ୟବସ୍ଥା, ଚାଲିଚଳନ, ସ୍ୱଭାବକୁ ଛାଡ଼ି ଚାଲିଆସିବା ସଙ୍ଗେ ସଙ୍ଗେ ସେଥିରେ ନିହିତ ଥିବା ସତ୍ୟକୁ ମଧ୍ୟ ଛାଡ଼ି ଆଗେ ବଢୁଛି । ଏହି କାରଣରୁ ସତ୍ୟପଥ ପ୍ରଦର୍ଶକ ଆମ୍ଭମାନଙ୍କ ପୂର୍ବ ଋଷିମୁନିଙ୍କ ରଚିତ ପୁରାଣ-ଶାସ୍ତ୍ର ପ୍ରତି ଆମ୍ଭମାନଙ୍କର ଶ୍ରଦ୍ଧା ବିଶ୍ୱାସ ରହୁ ନାହିଁ । ଏହି କାରଣରୁ ଜୀବନର ବିକାଶ-ମାର୍ଗରେ ଉପଦେଶପ୍ରଦ ପୁରାଣ-ଚରିତ୍ରକୁ ଆଧୁନିକ ବ୍ୟକ୍ତିଙ୍କ ବୁଦ୍ଧି ଗ୍ରହଣ କରିବା ପ୍ରଣାଳୀରେ ଆଲୋଚନା କରିବା ଆବଶ୍ୟକ ହେଉଛି । ସୁତରାଂ ଶ୍ରୀମା'ଙ୍କ କୃପା ଆଶ୍ରୟରେ ଉପଦେଶପ୍ରଦ ରାମାୟଣ ଚରିତ୍ରକୁ ଉପସ୍ଥିତ ସମୟୋପଯୋଗୀ ପ୍ରଣାଳୀରେ ଆଲୋଚନା କରିବା ପୂର୍ବରୁ ପ୍ରଥମରେ ସଂକ୍ଷେପରେ କେବଳ ରାମାୟଣ ଚରିତ୍ର ଆଲୋଚନା କରିବା ।

ମହର୍ଷି ବାଲ୍ମୀକିଙ୍କୁ ନାରଦଙ୍କର ସଂକ୍ଷିପ୍ତ ରାମାୟଣ କଥନ

ମହାମୁନି ନାରଦଙ୍କୁ ଅସୁର, ରାକ୍ଷସ, ଦେବତା ତଥା ସମସ୍ତ ପ୍ରାଣୀ ସମ୍ମାନ କରନ୍ତି । ଦିନେ ସେ ଆକସ୍ମିକଭାବେ ମହର୍ଷି ବାଲ୍ମୀକିଙ୍କ ଆଶ୍ରମରେ ଉପନୀତ ହେଲେ । ନାରଦଙ୍କ ଦର୍ଶନରେ ବାଲ୍ମୀକି ବିଶେଷ ଆନନ୍ଦିତ ହୋଇ ଆଦର-ସତ୍କାର ସହ ବିଧିବତ୍ ପୂଜା କଲେ । ସନ୍ଥ, ମହାତ୍ମା, ଋଷିମୁନିଙ୍କ ଦର୍ଶନରେ ଭକ୍ତମାନଙ୍କ ହୃଦୟ ଆନନ୍ଦରେ ପରିପୂର୍ଣ୍ଣ ହୋଇଯାଏ । କାରଣ ସେମାନଙ୍କର ସତ୍ତା ଭଗବାନଙ୍କ ସଙ୍ଗେ ସମ୍ବନ୍ଧିତ ହୋଇଥାଏ । ସେମାନଙ୍କ ଦର୍ଶନରେ ଭଗବାନଙ୍କ ଦର୍ଶନ ସଦୃଶ ଦିବ୍ୟ ଆନନ୍ଦ ପ୍ରାପ୍ତ ହୁଏ ଏବଂ ସ୍ୱତଃସ୍ଫୂର୍ତ୍ତଭାବେ ଭଗବାନଙ୍କ ଗୁଣ-ଚରିତର ଚର୍ଚ୍ଚା ହୁଏ । ଶ୍ରୀନାରଦଜି ଆସନରେ ବସିବା ପରେ ତାଙ୍କୁ ବାଲ୍ମୀକି ପଚାରିଲେ –

''କୋ ନ୍ୱସ୍ମିନ୍‌ସାଂପ୍ରତଂ ଲୋକେ ଗୁଣବାନ୍ କଶ୍ଚ ବୀର୍ଯ୍ୟବାନ୍ ।
ଧର୍ମଜ୍ଞଶ୍ଚ କୃତଜ୍ଞଶ୍ଚ ସତ୍ୟବାକ୍ୟୋ ଦୃଢ଼ବ୍ରତଃ
ଚାରିତ୍ରେଣ ଚ କୋ ଯୁକ୍ତଃ ସର୍ବଭୂତେଷୁ କୋ ହିତଃ ।
ବିଦ୍ୱାନ୍ କଃ କଃ ସମର୍ଥଶ୍ଚ କଶ୍ଚୈକ ପ୍ରିୟଦର୍ଶନ ॥
ଆତ୍ମବାନ୍ କୋ ଜିତକ୍ରୋଧୋ ଦ୍ୟୁତିମାନ୍‌କୋଽସୂୟକଃ
କସ୍ୟ ବିଭ୍ୟତି ଦେବାଶ୍ଚ ଦାତରୋଷସ୍ୟ ସଂଯୁଗେ ॥

''ବର୍ତ୍ତମାନ ସମୟରେ ଗୁଣବାନ୍, ବୀର୍ଯ୍ୟବାନ୍, ଧର୍ମଜ୍ଞ, କୃତଜ୍ଞ, ସତ୍ୟବାଦୀ, ଦୃଢ଼ବ୍ରତ, ବହୁବିଧ ଉତ୍ତମ କର୍ମ କରିଥିବା ପ୍ରାଣିମାତ୍ରର ହିତଚିନ୍ତକ, ବିଦ୍ୱାନ୍, ସମର୍ଥ, ଦର୍ଶନ କରିବାର ଯୋଗ୍ୟ, ଧୈର୍ଯ୍ୟବାନ୍, କ୍ରୋଧଜିତ୍, ତେଜସ୍ୱୀ, ଈର୍ଷାଶୂନ୍ୟ ତଥା ଯୁଦ୍ଧରେ ରାଗାନ୍ୱିତ ହେଲେ ଦେବତାମାନେ ମଧ୍ୟ ଯାହାକୁ ଭୟ କରନ୍ତି, ଏପରି ମହାନ୍ ବ୍ୟକ୍ତି କିଏ ?''

ମହର୍ଷିଙ୍କ ଉତ୍ତରରେ ଶ୍ରୀ ନାରଦ ମହାମୁନି କହିଲେ, ଏପରି ଦିବ୍ୟଗୁଣସମ୍ପନ୍ନ ବ୍ୟକ୍ତି ରାଜା ଇକ୍ଷ୍ୱାକୁଙ୍କ ବଂଶରେ ଉତ୍ପନ୍ନ ରାଜା ଦଶରଥଙ୍କ ଜ୍ୟେଷ୍ଠପୁତ୍ର ଶ୍ରୀରାମ । ସେ ମନକୁ ଆୟତ୍ତ କରିଛନ୍ତି, ବଳବାନ୍, ଅତି ତେଜସ୍ୱୀ, ତାଙ୍କୁ ଦେଖିବାମାତ୍ରେ ପରମାନନ୍ଦ ପ୍ରାପ୍ତ ହୁଏ, ସେ ସର୍ବଜ୍ଞ, ମର୍ଯ୍ୟାଦା, ନୀତିନିୟମ ପାଳନ କରନ୍ତି, ମଧୁରଭାଷୀ, ଦିବ୍ୟଗୁଣଯୁକ୍ତ ଶ୍ରୀମାନ୍, ଶତ୍ରୁ ନାଶକ, ସର୍ବାଙ୍ଗ ସୁନ୍ଦର ତଥା ବଳବାନ୍, ମହାଧନୁର୍ଦ୍ଧର ଏବଂ ମହାପରାକ୍ରମୀ । ସେ ଶରଣାଗତବତ୍ସଳ,

ଧର୍ମର ମର୍ମ ଜାଣନ୍ତି, ପ୍ରତିଜ୍ଞାରେ ଦୃଢ଼, ମନୁଷ୍ୟର ହିତକାରୀ, ଆଶ୍ରିତର ରକ୍ଷକ, କୀର୍ତ୍ତିଯୁକ୍ତ । ଏପରି ମହାନ୍ ହେବା ସତ୍ତ୍ୱେ ଭକ୍ତର ଅଧୀନ; ବ୍ରହ୍ମାଙ୍କ ସଦୃଶ ପ୍ରଜା-ପାଳନ କରନ୍ତି, ବିଦ୍ରୋହୀ, ଆତତାୟୀ ଓ ଧର୍ମଦ୍ରୋହୀକୁ ବିନାଶ କରନ୍ତି; ସେ ଧର୍ମ-ପ୍ରବର୍ତ୍ତକ, ଧାର୍ମିକ, ଜ୍ଞାନୀମାନଙ୍କ ପୀଡ଼ା ଦୂରକରନ୍ତି; ସେ ବେଦର ତତ୍ତ୍ୱ ଉତ୍ତମ ରୂପେ ଜାଣନ୍ତି, ସେ ଧନୁର୍ବିଦ୍ୟାପ୍ରବୀଣ । ସେ ମହାନ୍ ପ୍ରତିଭାଶାଳୀ, ପ୍ରାଣିମାତ୍ରର ପ୍ରିୟ, ପରମସାଧୁ, ଖୁବ୍ ଗମ୍ଭୀର, ସର୍ବକର୍ମକୁଶଳ, ସମସ୍ତ ଗୁଣଯୁକ୍ତ, ଗମ୍ଭୀରତାରେ ସମୁଦ୍ର ସମାନ, ଧୈର୍ଯ୍ୟରେ ହିମାଳୟ ସମାନ, ପରାକ୍ରମରେ ବିଷ୍ଣୁଙ୍କ ସମାନ, ଚନ୍ଦ୍ରମାଙ୍କ ସଦୃଶ ଆନନ୍ଦଦାୟକ, କ୍ରୋଧରେ କାଳାଗ୍ନି ସଦୃଶ, କ୍ଷମାରେ ପୃଥିବୀ ସଦୃଶ, ସତ୍ୟବାଦୀ ରୂପରେ ଦ୍ୱିତୀୟ ଧର୍ମ । ଏହିପରି ଦିବ୍ୟଗୁଣଯୁକ୍ତ ହେଉଛନ୍ତି ଶ୍ରୀରାମଚନ୍ଦ୍ର ।

ମହିର୍ଷି ବାଲ୍ମୀକି ମହାମୁନି ନାରଦଙ୍କଠାରୁ ଶ୍ରୀରାମଚନ୍ଦ୍ରଙ୍କର ଅଲୌକିକ ଦିବ୍ୟଗୁଣ ଶୁଣି ତାଙ୍କ ଜନ୍ମ ତଥା କର୍ମ ସମ୍ବନ୍ଧେ ଜାଣିବାକୁ ଅତ୍ୟନ୍ତ କୌତୂହଳୀ ହେଲେ । ମହର୍ଷିଙ୍କ ଉତ୍କଣ୍ଠା ଦେଖି ନାରଦଜି ଶ୍ରୀରାମଚରିତ ସଂକ୍ଷେପରେ କହିବାକୁ ଆରମ୍ଭ କଲେ । ଶ୍ରୋତାର ଆଗ୍ରହ ବକ୍ତାର ଉତ୍ସାହ ବୃଦ୍ଧି କରେ ।

ନାରଦଜି କହିଲେ –

ମହାରାଜା ଇକ୍ଷ୍ୱାକୁବଂଶରେ ମହାପରାକ୍ରମୀ, ତେଜସ୍ୱୀ ରାଜା ହେଲେ ଦଶରଥ । ତାଙ୍କର କୌଶଲ୍ୟା, କୈକେୟୀ ଓ ସୁମିତ୍ରା ନାମରେ ତିନି ରାଣୀ ଥିଲେ କିନ୍ତୁ ରାଜାଙ୍କର ବାର୍ଦ୍ଧକ୍ୟ ଅବସ୍ଥା ପ୍ରାପ୍ତ ହେବା ସତ୍ତ୍ୱେ ପୁତ୍ର ନ ଥିବାରୁ ତାଙ୍କୁ ବଡ଼ ଚିନ୍ତା ହେଲା । ସେ ନିଜ ମାନସିକ ଚିନ୍ତାକୁ ଗୁରୁ ବଶିଷ୍ଠଙ୍କ ଚରଣରେ ନିବେଦନ କଲେ । ଗୁରୁଙ୍କ ଆଜ୍ଞାନୁସାରେ ପୁତ୍ର-କାମନାରେ ଋଷ୍ୟଶୃଙ୍ଗ ମୁନିଙ୍କ ଦ୍ୱାରା ପୁତ୍ରେଷ୍ଟି ଯଜ୍ଞ କରାଇଲେ । ଯଜ୍ଞ ଚରୁଅନ୍ନ ରାଣୀମାନେ ଗ୍ରହଣ କରିବା ପରେ ପ୍ରଥମ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ଜାତହେଲେ ପରାତ୍ପର ପୁରୁଷୋତ୍ତମ ଶ୍ରୀରାମ, କୈକେୟୀଙ୍କ ଗର୍ଭରୁ ଭରତ ଓ ସୁମିତ୍ରାଙ୍କ ଗର୍ଭରୁ ଜାତ ହେଲେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ।

(୪)

ବୃଦ୍ଧାବସ୍ଥାରେ ଚାରୋଟି ଅତ୍ୟନ୍ତ ସୁନ୍ଦର ପୁତ୍ର ପ୍ରାପ୍ତ ହୋଇ ରାଜା-ରାଣୀ ତଥା ଦାସ-ଦାସୀଙ୍କର ଆନନ୍ଦର ସୀମା ରହିଲା ନାହିଁ । ଅଯୋଧ୍ୟାରେ ମହାସମାରୋହରେ ଉତ୍ସବ ହେଲା । ମହାରାଜା ଗ୍ରହୀତାଙ୍କ ଇଚ୍ଛା ଅନୁସାରେ ଦାନ-ଖଇରାତ କଲେ । ଅଯୋଧ୍ୟାରେ ଗରିବ କେହି ରହିଲେ ନାହିଁ । ଚାରିଭାଇ ବଡ଼ ହେବା ସଙ୍ଗେ ସଙ୍ଗେ ଶିକ୍ଷା କଲେ ଧନୁର୍ବିଦ୍ୟା । ତୁଳସୀ ଦୁଇପତ୍ତରୁ ବାସେ । ସେମାନେ ବାଲ୍ୟାବସ୍ଥାରେହିଁ ବିଶେଷ ରୂପେ ଧନୁର୍ବିଦ୍ୟାରେ ପାରଙ୍ଗମ ହେଲେ ।

ଶ୍ରୀରାମଚନ୍ଦ୍ର ଚାରିଭାଇଙ୍କ ମଧ୍ୟରେ ଥିଲେ ସକଳ ଗୁଣରେ ଶ୍ରେଷ୍ଠ, ରାଜାଙ୍କର ପ୍ରାଣର ପ୍ରିୟ । ଦିନେ ରାଜମହଲରେ ଉପସ୍ଥିତ ହେଲେ ମହାନ୍ ତପସ୍ୱୀ ମୁନି ବିଶ୍ୱାମିତ୍ର । ତାଙ୍କ ଯଜ୍ଞରକ୍ଷା ନିମିତ୍ତ ଦୁଷ୍ଟ ରାକ୍ଷସ ସୁବାହୁ ତଥା ମାରିଚକୁ ବଧ କରିବା ସକାଶେ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ନେବାର ଇଚ୍ଛା ପ୍ରକାଶ କଲେ ମହାରାଜାଙ୍କ ପାଖରେ । ପ୍ରାଣରୁ ପ୍ରିୟ ବାଳକ ଶ୍ରୀରାମ ମାୟାବୀ ରାକ୍ଷସଙ୍କ ସହ ଯୁଦ୍ଧ କରିବା କଥା ଶୁଣି ମହାରାଜା ମୂର୍ଚ୍ଛିତ ହୋଇଗଲେ । କିନ୍ତୁ ଗୁରୁ ବଶିଷ୍ଠ ବୁଝାଇଦେବାରେ ଶ୍ରୀରାମ, ଲକ୍ଷ୍ମଣଙ୍କୁ ମୁନିଙ୍କ ସଙ୍ଗେ ବିଦାୟ ଦେଲେ । ଶ୍ରୀରାମ, ଲକ୍ଷ୍ମଣଙ୍କୁ ପାଇ ମହାମୁନି ବିଶ୍ୱାମିତ୍ରଙ୍କର ଆନନ୍ଦର ସୀମା ରହିଲା ନାହିଁ । ରାସ୍ତାରେ ଶ୍ରୀରାମ ତାଡ଼କା ରାକ୍ଷସୀକୁ ବଧ କରି ପହଞ୍ଚିଗଲେ ବକ୍‌ସରସ୍ଥ ବିଶ୍ୱାମିତ୍ରଙ୍କ ଆଶ୍ରମରେ । ଆଶ୍ରମର ଋଷିମାନେ ଶ୍ରୀରାମ, ଲକ୍ଷ୍ମଣଙ୍କୁ ଦେଖି ବହୁତ ଆନନ୍ଦିତ ହେଲେ ଏବଂ ଯଜ୍ଞ ଆରମ୍ଭ କଲେ ।

ଯଜ୍ଞ-ଧୂମ ଦେଖି ମାରିଚ, ସୁବାହୁ ବହୁତ କ୍ରୋଧାନ୍ୱିତ ହୋଇ ଯଜ୍ଞ ନଷ୍ଟ କରିବା ଉଦ୍ଦେଶ୍ୟରେ ସେନା ସହିତ ଯଜ୍ଞ ସ୍ଥାନରେ ପ୍ରବେଶ କରି ଯଜ୍ଞକୁଣ୍ଡକୁ ଘେରିଗଲେ । ଶ୍ରୀରାମ ପ୍ରଥମରେ ଗୋଟିଏ ଶରରେ ମାରିଚ ରାକ୍ଷସକୁ ଉଡ଼େଇ ନେଇ ସମୁଦ୍ରର ଅନ୍ୟ କୂଳରେ ପକାଇ ଦେଲେ । ଏତେ ଦୂରରେ ଯାଇ ପଡ଼ିବାରୁ ତା'ର ଆଣ୍ଠୁଗଣ୍ଠି ଭାଙ୍ଗିଗଲା । କିନ୍ତୁ

ମୃତ୍ୟୁ ହେଲା ନାହିଁ । ସେତିକିରେ ତା'ର ଯୁଦ୍ଧର ଉତ୍ସାହ ସମାପ୍ତ ହୋଇଗଲା । ପରେ ଶ୍ରୀରାମ ସୁବାହୁକୁ ଗୋଟିଏ ବାଣରେ ଜଳାଇ ଦେଲେ । ଯେତେ ସେନା ଥିଲେ ସମସ୍ତଙ୍କୁ ଶରାଗ୍ନିରେ ସ୍ୱାହା କଲେ ଲକ୍ଷ୍ମଣ । ଋଷିମାନଙ୍କର ନିର୍ବିଘ୍ନରେ ହେଲା ଯଜ୍ଞ-ସମାପ୍ତି ।

ସେହି ସମୟରେ ଜନକପୁରରେ ମହାରାଜା ଜନକ କରାଉଥିଲେ ଧନୁ-ଯଜ୍ଞ । ତାଙ୍କର ଗୋଟିଏ ସମସ୍ତ ଦିବ୍ୟଗୁଣ ଯୁକ୍ତା, ତ୍ରୈଲୋକ୍ୟ-ସୁନ୍ଦରୀ କନ୍ୟା ଥିଲେ । ତାଙ୍କ ନାମ ଥିଲା ସୀତା । ସେ ଥିଲେ ଆଦ୍ୟା-ଆହ୍ଲାଦିନୀଶକ୍ତିଙ୍କ ଅବତାର । ରାଜା ଜନକଙ୍କୁ ଶଙ୍କର ଗୋଟିଏ ଧନୁ ଦେଇ କହିଥିଲେ, ''ଏହି ଧନୁକୁ ଯେ ଭାଙ୍ଗିବ, ତାକୁହିଁ ତୋ କନ୍ୟାକୁ ପ୍ରଦାନ କରିବୁ ।'' କନ୍ୟାର ବିବାହ-ଉପଯୁକ୍ତ ସମୟ ଦେଖି ଜନକ ରାଜା ଧନୁସ୍‌ଯଜ୍ଞ ରଚନା କଲେ । ସେଥିରେ ନିମନ୍ତ୍ରଣ କଲେ ସମସ୍ତ ଦେଶର ରାଜାମାନଙ୍କୁ । ଏହି ଶୁଭକାର୍ଯ୍ୟ ଦେଖିବା ସକାଶେ ନିମନ୍ତ୍ରଣ କଲେ ମହାମୁନି ବିଶ୍ୱାମିତ୍ରଙ୍କୁ । ବିଶ୍ୱାମିତ୍ର ମୁନିମଣ୍ଡଳୀ ସହିତ ଶ୍ରୀରାମଲକ୍ଷ୍ମଣଙ୍କୁ ସଙ୍ଗରେ ନେଇ ମିଥିଳା ଯାତ୍ରାକଲେ । ରାସ୍ତାରେ ଗୋଟିଏ ନାରୀରୂପ ଶିଳା ପଡ଼ିଥିଲା । ବିଶ୍ୱାମିତ୍ରଙ୍କ ଆଜ୍ଞାରେ ଶ୍ରୀରାମଙ୍କ ଚରଣସ୍ପର୍ଶରେ ସେହି ଶିଳା ନାରୀରୂପ ଧାରଣ କଲା ଏବଂ ସେହି ନାରୀ ଶ୍ରୀରାମଙ୍କୁ ସ୍ତୁତିକଲେ । ସେ ଥିଲେ ଋଷି ଗୌତମଙ୍କ ଧର୍ମପତ୍ନୀ ଅହଲ୍ୟା । ଗୌତମଙ୍କ ଶାପ ଯୋଗୁଁ ହୋଇଥିଲେ ପଥର ।

ଶ୍ରୀରାମ ଅହଲ୍ୟା-ଉଦ୍ଧାର କରି ଋଷିମଣ୍ଡଳୀ ସହିତ ପହଞ୍ଚିଲେ ଜନକପୁରରେ । ଋଷି ବିଶ୍ୱାମିତ୍ରଙ୍କ ସହିତ ସୁନ୍ଦର କିଶୋର ରାଜକୁମାର ଶ୍ରୀରାମଲକ୍ଷ୍ମଣଙ୍କୁ ଦେଖି ମିଥିଳାବାସୀ ନରନାରୀଙ୍କ ଆନନ୍ଦର ସୀମା ରହିଲା ନାହିଁ । ସବୁ ସ୍ଥାନରେ, ବିଶେଷତଃ ନାରୀମହଲରେ କେବଳ ଶ୍ରୀରାମଙ୍କର ରୂପଲାବଣ୍ୟର ଚର୍ଚ୍ଚା ହେବାକୁ ଲାଗିଲା । ସମସ୍ତଙ୍କର ଏକମାତ୍ର ଇଚ୍ଛା ଜାଗୁଥିଲା – ''ଶ୍ରୀରାମଙ୍କ ସହିତ ସୀତାଦେବୀଙ୍କର ବିବାହ ହେଲେ ଶ୍ରୀରାମ ଏଠାକୁ ବାରଂବାର ଆସନ୍ତେ, ଆମ୍ଭେମାନେ ତାଙ୍କ ଶ୍ରୀମୁଖ ଦର୍ଶନ କରିବାର ସୁଯୋଗ ପାଆନ୍ତୁ ।'' ବ୍ରହ୍ମଜ୍ଞାନୀ ମହାରାଜା ଜନକ ଶ୍ରୀରାମଙ୍କୁ ଦେଖି ତାଙ୍କ ସୌନ୍ଦର୍ଯ୍ୟରେ ପ୍ରଲୁବ୍ଧ ହୋଇ ତାଙ୍କୁ ଭଗବାନଙ୍କ ଅବତାର ବୋଲି ବୁଝିପାରିଲେ ।

ପରଦିନ ହେଲା ଧନୁଯଜ୍ଞ । ସମସ୍ତ ରାଜା, ବୀର, ଯୋଦ୍ଧା ଏକତ୍ର ହେଲେ ସେହି ସ୍ଥାନରେ । ଦର୍ଶକମାନଙ୍କ ସଂଖ୍ୟା ଅସୁମାରି । ସୀତାଙ୍କୁ ଦେଖି ଦୁଷ୍ଟ ରାଜାମାନେ ଧନୁ ଭାଙ୍ଗିବାକୁ ଉଦ୍‌ବିଗ୍ନ ହୋଇପଡ଼ିଲେ । ସେମାନେ ଭାବୁଥିଲେ – ''ପ୍ରଥମେ ଧନୁ ଭାଙ୍ଗିବାର ସୁଯୋଗ ଯାହାକୁ ମିଳିବ, ସେହିଁ ସୀତାଙ୍କୁ ଲାଭ କରିବ; ଆମ୍ଭଙ୍କୁ ନିରାଶ ହେବାକୁ ପଡ଼ିବ ।'' ସେଥିପାଇଁ ପ୍ରଥମରେ ଧନୁ ପାଖକୁ ଯିବା ସକାଶେ ସେମାନେ ବ୍ୟାକୁଳ ହେଉଥିଲେ । ମାତ୍ର ଭଗବାନଙ୍କର ବିଚିତ୍ର ଲୀଳାର ଗୂଢ଼ ରହସ୍ୟ ସେମାନଙ୍କୁ ଜଣା ନ ଥିଲା । ମହାବଳୀ ବାଣାସୁର, ଲଙ୍କେଶ୍ୱର ରାବଣ ଇତ୍ୟାଦି ମହାବୀରମାନେ ମଧ୍ୟ ଧନୁ ଭାଙ୍ଗିବାକୁ ଆସିଥିଲେ; କିନ୍ତୁ ସାହସ ନ ଥିବାରୁ ନିଜ ସମ୍ମାନ ରଖି ଫେରିଗଲେ । ସୀତାଦେବୀ ସଭାମଣ୍ଡପରେ ବିରାଜମାନ କଲାପରେ ଧନୁଭଙ୍ଗ ଆରମ୍ଭ ହେଲା । ଅହଂକାରୀ ରାଜାମାନେ ବ୍ୟାକୁଳତା ସହ ଧଡ଼ପଡ଼ ହୋଇ ଧନୁପାଖକୁ ଗଲେ । ଧନୁ ଭାଙ୍ଗିବା ଦୂରେ ଥାଉ ଧନୁକୁ କେହି ହଲାଇ ପାରିଲେ ନାହିଁ । ଶେଷରେ ରାଜର୍ଷି ଜନକ ନିରାଶ ହୋଇ କହିଲେ, ''ବୀରବିହୀନ ମହି ମୈଁ ଜାନା'', (ମୁଁ ଜାଣିଲି ପୃଥିବୀ ବୀରଶୂନ୍ୟ ହୋଇ ଯାଇଛି) । ଯଦି ପୂର୍ବରୁ ମୁଁ ଏହା ଜାଣିଥା'ନ୍ତି, ତେବେ ଏପରି ପ୍ରତିଜ୍ଞା କରି ଆଜି ଲୋକହସା ହୋଇ ନ ଥା'ନ୍ତି ।'' ସେହି ସଭାରେ ଶ୍ରୀରାମଲକ୍ଷ୍ମଣ ଥିଲେ । ଜନକ ମହାରାଜାଙ୍କର ଏହି କଥାରେ ଲକ୍ଷ୍ମଣ ଖୁବ୍ ରାଗିଗଲେ ଏବଂ ଜନକ ପିତୃତୁଲ୍ୟ ହେବାସତ୍ତ୍ୱେ ଶ୍ରୀରାମଙ୍କର ଉପସ୍ଥିତିରେ 'ବୀରବିହୀନ' କହିବା, ରାମଚନ୍ଦ୍ରଙ୍କ ପ୍ରତି ଏହି ଅପମାନସୂଚକ ଶବ୍ଦ ଲକ୍ଷ୍ମଣଙ୍କ ହୃଦୟରେ ଶର ସଦୃଶ ଲାଗିଥିଲା; ସେ ରାମଚନ୍ଦ୍ରଙ୍କୁ ପ୍ରଣାମ କରି କହିଲେ,

''ଜୌ ତୁମ୍ହାରି ଅନୁଶାସନ ପାବୌଂ ।
କନ୍ଦୁକ ଇବ ବ୍ରହ୍ମାଣ୍ଡ ଉଠାବୌଂ ॥
କାଁଚେ ଘଟ ଯିମି ଡାରୌ ଫୋରୀ ।
ସକୌଂ ମେରୁ ମୂଲକ ଜିମି ତୋରୀ ॥

ତବ ପ୍ରତାପମହିମା ଭଗବାନା ।
କା ବାପୁରୋ ପିନାକ ପୁରାନା ॥
ନାଥ ଜାନି ଅମ୍ ଆୟସୁ ହୋଉ ।
କୌତୁକୁ କରୌଂ ବିଲୋକିଅ ସୋଉ ॥
କମଳନାଳ ଜିମି ଚାପ ଚଢ଼ାବୌଂ ।
ଯୋଜନ ସତ ପ୍ରମାନ ଲୈ ଧାବୌଂ ॥
ତୋରୌଂ ଚକ୍ରକଦଣ୍ଡ ଜିମି, ତବ ପ୍ରତାପବଳ ନାଥ ।
ଜୌ ନ କରୌଂ ପ୍ରଭୁ-ପଦ-ଶପଥ, କର ନ ଧରୌଂ ଧନୁ-ଭାଥ ॥''

(ତୁଳସୀ ରାମାୟଣ)

''ଆପଣଙ୍କ ଆଜ୍ଞା ପାଇଲେ ମୁଁ ବ୍ରହ୍ମାଣ୍ଡକୁ କନ୍ଦୁକ (ଖେଳିବା ପେଣ୍ଡୁ) ସଦୃଶ ଉଠେଇ ଶୁଖି ନ ଥିବା, ପୋଡ଼ା ହୋଇ ନ ଥିବା କଞ୍ଚା ମାଠିଆ ପରି ସହଜରେ ଭାଙ୍ଗି ପକାଇବି । ମେରୁକୁ ମୂଳା ପରି ଖଣ୍ଡ ଖଣ୍ଡ କରିପାରିବି । ତୁମ ପ୍ରତାପ-ମହିମା ଦ୍ୱାରା ମୁଁ ଏହା କରିପାରେ, ପୁଣି ଏହି ପୁରୁଣା ଧନୁକୁ କିଏ ପଚାରେ ? ପ୍ରଭୁ, ଧନୁ ଭାଙ୍ଗିବାକୁ ମୋତେ ଆଜ୍ଞା ଦିଅନ୍ତୁ, ମୋ କୌତୂହଳକୁ ଦେଖନ୍ତୁ । ପଦ୍ମନାଡ଼ ପରି ଚାପ ଚଢ଼ାଇ ଶହେ ଯୋଜନ ପର୍ଯ୍ୟନ୍ତ ନେଇ ଦୌଡ଼ିବି; ପରେ ହେ ନାଥ ! ତୁମରି ବଳପରାକ୍ରମରୁ ତାକୁ ଗୋବର ଛତୁ ପରି ଭାଙ୍ଗି ପକାଇବି । ମୁଁ ଆପଣଙ୍କ ଚରଣ ଛୁଇଁ ଶପଥ କରି କହୁଛି, ଏପରି ନ କଲେ ମୁଁ ହାତରେ ଧନୁ ଧାରଣ କରିବି ନାହିଁ ।''

ଲକ୍ଷ୍ମଣଙ୍କର ଏପରି ତେଜୋଦୀପ୍ତ ବାଣୀ ଶୁଣି ପୃଥିବୀ ପ୍ରକମ୍ପିତ ହେଲା । ଦର୍ଶନାର୍ଥୀ ତଥା ରାଜାମାନେ ଭୟଭୀତ ହୋଇପଡ଼ିଲେ । ସୀତାଦେବୀ ଲକ୍ଷ୍ମଣଙ୍କର ଏପରି ପ୍ରତିଜ୍ଞା ଶୁଣି ଆନନ୍ଦିତ ହେଲେ ଏବଂ ଭାବିଲେ, ''ଶ୍ରୀରାମ ଅବଶ୍ୟ ଧନୁ ଭାଙ୍ଗିବେ ।'' ଜନକ ନିଜ କହିବା ବାକ୍ୟ ଯୋଗୁଁ ସଙ୍କୋଚ ବୋଧକଲେ । ଏହାପରେ ଗୁରୁ ବିଶ୍ୱାମିତ୍ରଙ୍କ ଆଦେଶରେ ଶ୍ରୀରାମ ଧନୁ ଉଠାଇ ଗୁଣକୁ ଆକର୍ଷଣ କରିବାମାତ୍ରେ ଧନୁ ଦୁଇଖଣ୍ଡ ହୋଇଗଲା । ଧନୁଭଗ୍ନ ଶବ୍ଦ ସମସ୍ତ ବ୍ରହ୍ମାଣ୍ଡରେ ଉଛୁଳି ପଡ଼ିଲା । ଧନୁଭଙ୍ଗ ପରେ ଜନକରାଜକୁମାରୀ ଜଗଜ୍ଜନନୀ ସୀତା ଭଗବାନ୍ ଶ୍ରୀରାମଙ୍କ ଗଳାରେ ବରଣମାଲ୍ୟ ପିନ୍ଧାଇ ଦେଲେ ।

ଶିବଧନୁ ଭାଙ୍ଗିବା ଶବ୍ଦ ଶୁଣି କ୍ରୋଧଜର୍ଜରିତ ହୋଇ ଆସିଲେ ପର୍ଶୁରାମ । ଲକ୍ଷ୍ମଣଙ୍କ ସହିତ ହେଲା ବହୁ କଡ଼ାକଡ଼ି କଥାବାର୍ତ୍ତା । ଶେଷରେ ନିଜ ଧନୁ ଶ୍ରୀରାମଙ୍କୁ ଅର୍ପଣ କଲେ ଏବଂ ତାଙ୍କୁ ଭଗବାନ୍ ବୋଲି ଜାଣିପାରି ପ୍ରଣାମ କରି କ୍ଷମା ମାଗି ଚାଲିଗଲେ ।

ତା'ପରେ ଜନକ ଦୂତ ପଠାଇ ଦଶରଥ ମହାରାଜାଙ୍କୁ ଅଯୋଧ୍ୟାରୁ ନିମନ୍ତ୍ରଣ କରି ଆଣିଲେ । ସୀତାଦେବୀଙ୍କ ସହିତ ଶ୍ରୀରାମଙ୍କର, ସୀତାଦେବୀଙ୍କର କନିଷ୍ଠା ଭଗ୍ନୀ ଊର୍ମିଳାଙ୍କ ସହିତ ଲକ୍ଷ୍ମଣଙ୍କର, ଭରତଙ୍କ ସହିତ ଜନକଙ୍କ ଭ୍ରାତୃକନ୍ୟା ମାଣ୍ଡବୀ, ଶତ୍ରୁଘ୍ନଙ୍କ ସହିତ ଶ୍ରୁତିକୀର୍ତ୍ତିଙ୍କ ବିବାହ ସମ୍ପନ୍ନ ହେଲା । ମହାରାଜ ଦଶରଥ ପୁତ୍ର ଏବଂ ପୁତ୍ରବଧୂମାନଙ୍କ ସହ କୁଶଳରେ ଅଯୋଧ୍ୟା ଫେରିଆସିଲେ ।

(୫)

ଅଯୋଧ୍ୟାକାଣ୍ଡ

ଦଶରଥ ମହାରାଜଙ୍କର ଥିଲା ଶ୍ରୀରାମଙ୍କ ପ୍ରତି ବିଶେଷ ସ୍ନେହ । କୁଳପ୍ରଥାନୁସାରେ ମହାରାଜା ଶ୍ରୀରାମଙ୍କୁ ଯୁବରାଜ ପଦରେ ଅଭିଷିକ୍ତ କରିବାକୁ ଚାହୁଁଥିଲେ । କିନ୍ତୁ ଭରତଙ୍କ ମାତା କୈକେୟୀ ମହାରାଜାଙ୍କଠାରୁ ଛଳନାରେ

ଶ୍ରୀରାମଙ୍କୁ ଚଉଦ ବର୍ଷ ବନବାସ ଓ ଭରତଙ୍କ ପାଇଁ ରାଜ୍ୟାଭିଷେକର ବରଦାନ ନେଲେ । ସତ୍ୟବାଦୀ ରାଜା ନିଜ ସତ୍ୟ ପାଳନ କଲେ । ଶ୍ରୀରାମଙ୍କ ସଙ୍ଗେ ତାଙ୍କ ପତ୍ନୀ ଜନକ ରାଜତନୟା ପତିବ୍ରତା-ଶିରୋମଣି, ପତିପରାୟଣା, ସମସ୍ତ ଦିବ୍ୟଗୁଣଯୁକ୍ତା ନାରୀଶ୍ରେଷ୍ଠା, ଶୋଭାଯୁକ୍ତା ଆଦ୍ୟାଶକ୍ତି ସୀତାଦେବୀ ପତିଙ୍କ ସେବା ସକାଶେ ବନ ଗମନ କଲେ । ଶ୍ରୀରାମଙ୍କ ଅନୁଗମନ କଲେ ଲକ୍ଷ୍ମଣ ।

ମନ୍ତ୍ରୀ ସୁମନ୍ତ୍ର ଶ୍ରୀରାମ, ସୀତା, ଲକ୍ଷ୍ମଣଙ୍କୁ ରଥରେ ବସାଇ ବନକୁ ନେଇଗଲେ । ଅଯୋଧ୍ୟାବାସୀ ଶ୍ରୀରାମଙ୍କ ବିନା ଅଯୋଧ୍ୟାରେ ନ ରହିବା ସ୍ଥିର କରି ଶ୍ରୀରାମଙ୍କ ସହିତ ବନବାସ କରିବା ଉଦ୍ଦେଶ୍ୟରେ ଶ୍ରୀରାମଙ୍କ ରଥ ପଶ୍ଚାତରେ ଯାତ୍ରାକଲେ । ରାତ୍ରିରେ ନିବାସ କଲେ ତମସା ନଦୀ କୂଳରେ । ଏଥିରୁ ସ୍ପଷ୍ଟ ବୁଝାଯାଉଛି ଶ୍ରୀରାମ କିପରି ଜନପ୍ରିୟ ଥିଲେ ।

ଅଯୋଧ୍ୟାବାସୀଙ୍କ ବନବାସରେ ବହୁତ କଷ୍ଟ ହେବ ଜାଣି ସେମାନେ ଶୋଇଥିବା ସମୟରେ ଶ୍ରୀରାମ ଚାଲିଗଲେ । ଦ୍ୱିତୀୟ ଦିନ ନିଷାଦ ରାଜାଙ୍କ ରାଜଧାନୀ ଶୃଙ୍ଗବେରପୁର ଗଙ୍ଗାକୂଳରେ ନିବାସ କଲେ । ତହିଁଆରଦିନ ଶ୍ରୀରାମ ଓ ଲକ୍ଷ୍ମଣ ବର କ୍ଷୀରରେ ମସ୍ତକ କେଶକୁ ଜଟା ତିଆରି କଲେ ଏବଂ ସୁମନ୍ତ୍ରଙ୍କୁ ବହୁତ ବୁଝାଇ କହି ବିଦାକଲେ ।

ଶ୍ରୀରାମଚନ୍ଦ୍ର, ସୀତା, ଲକ୍ଷ୍ମଣଙ୍କୁ ବନରେ ଛାଡ଼ି ଫେରିବା ସମୟରେ ସୁମନ୍ତ୍ରଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା । କିନ୍ତୁ ରଥ ଟାଣିବା ଘୋଡ଼ାଙ୍କୁ ଫେରାଇବା ସମୟରେ ସେସବୁ ଶ୍ରୀରାମଚନ୍ଦ୍ରଙ୍କ ଆଡ଼କୁ ଚାହିଁ କାତର ହ୍ରେଷାରବ କରି ଫେରିବାକୁ ଆଦୌ ଚାହୁଁ ନ ଥିଲେ । ସେମାନଙ୍କ ଚକ୍ଷୁରୁ ଲୋତକ ବୃଷ୍ଟି ହେଉଥିଲା । ନିଷାଦରାଜ ଦୁଇଜଣ ସେବକ ସୁମନ୍ତ୍ରଙ୍କ ସଙ୍ଗେ ଦେଲେ । ସେମାନେ ଘୋଡ଼ାଙ୍କୁ ଧରି କୌଣସିମତେ ରଥ ଫେରାଇ ଅଯୋଧ୍ୟାକୁ ଯାତ୍ରାକଲେ ।

ଶ୍ରୀରାମ ଗଙ୍ଗା ପାରିହେବା ସକାଶେ ନାବିକକୁ ଡାକିବାରୁ ସେ ହାତଯୋଡ଼ି କହିଲେ, ''ଆପଣଙ୍କ ପଦଧୂଳି ଲାଗି ପଥର ହୋଇଯାଇଛି ନାରୀ ଅହଲ୍ୟା । ଏହି କାଠ ନାବଟି ଯଦି ଆପଣଙ୍କ ପଦଧୂଳି ଲାଗି ନାରୀ ହୋଇଯାଏ ତେବେ ମୋ ପରିବାର ଖାଇବା ବିନା ମରିବେ । ମୋ ଆଶଙ୍କା ଦୂର କରିବା ସକାଶେ ଆପଣଙ୍କ ପଦ ପ୍ରକ୍ଷାଳନର ଅନୁମତି ମିଳିଲେ ମୁଁ ପାରିକରି ଦେବି ।'' ତାହାହିଁ ହେଲା । ଶ୍ରୀରାମ ଗଙ୍ଗା ପାରି ହୋଇ ମାର୍ଗରେ ବିଶ୍ରାମ କଲେ । ପ୍ରୟାଗରେ ଭରଦ୍ୱାଜ ମୁନିଙ୍କୁ ଦର୍ଶନ କରି ତାଙ୍କରି ନିର୍ଦ୍ଦେଶରେ ଚିତ୍ରକୂଟ ପର୍ବତରେ ଶ୍ରୀରାମ ଓ ସୀତା, ଲକ୍ଷ୍ମଣଙ୍କ ସହତି ଉପନୀତ ହେଲେ । ସେଠାରେ ପର୍ଣ୍ଣକୁଟୀର ତିଆରି କରି ନିବାସ କଲେ ।

ଶ୍ରୀରାମ-ବିହୀନ ରଥ ପ୍ରତ୍ୟାବର୍ତ୍ତନ କରିବାର ଦେଖି ଅଯୋଧ୍ୟାବାସୀ ବିଳାପ କରିବାକୁ ଲାଗିଲେ । ଶ୍ରୀମହାରାଜା ସୁମନ୍ତ୍ରଙ୍କଠାରୁ ଶ୍ରୀରାମଙ୍କ ବନଯିବା ସମ୍ବାଦ ପାଇବା ମାତ୍ରେ 'ହା ରାମ, ହା ରାମ' କହି ଶରୀର ତ୍ୟାଗ କଲେ । ସେ ସମୟରେ ଭରତ ଓ ଶତ୍ରୁଘ୍ନ ଥିଲେ ଭରତଙ୍କ ମାତୁଳଗୃହ ପଞ୍ଜାବରେ । ବଶିଷ୍ଠଙ୍କ ଆଦେଶରେ ଦୂତ ଯାଇ ଭରତଙ୍କୁ କୌଣସି ଖବର ନ ଦେଇ କେବଳ ଗୁରୁ ଡାକିଛନ୍ତି ବୋଲି କହିଲେ । ଭରତ ବହୁତ ଶୀଘ୍ର ଆସି ଅଯୋଧ୍ୟାରେ ପହଞ୍ଚି ଅଯୋଧ୍ୟାର ଅବସ୍ଥା ଦେଖି ବହୁତ ଶଙ୍କିତ ହୋଇ ପଡ଼ିଲେ । ସିଧା ମାତା କୈକେୟୀଙ୍କ ମହଲକୁ ଯାଇ ପିତାଙ୍କ ମରଣ ଶୁଣି ଶୋକରେ ଅଭିଭୂତ ହୋଇଗଲେ । କିନ୍ତୁ ନିଜେ ରାଜା ହେବା ଯୋଗୁଁ ଶ୍ରୀରାମଙ୍କ ବନବାସ ପ୍ରାପ୍ତହେବା ଜାଣି ଅତ୍ୟନ୍ତ ବ୍ୟଥିତ ହେଲେ । ଏହାର କାରଣ ଥିଲେ ନିଜ ମା କୈକେୟୀ । ସେଇଥି ପାଇଁ ମାତାଙ୍କୁ ତ୍ୟାଗ କରି କୌଶଲ୍ୟା ମହଲକୁ ଆସିଲେ । କୈକେୟୀ ବଞ୍ଚିଥିବା ପର୍ଯ୍ୟନ୍ତ ଭରତ ତାଙ୍କ ମୁଖ ଦେଖି ନ ଥିଲେ । ମାତା ଓ ଗୁରୁଙ୍କ ଆଦେଶରେ ସେ ପିତାଙ୍କ ମୃତ ଶରୀର ସଂସ୍କାର କଲେ; ବିଶେଷ ବିଧିବିଧାନରେ ଶ୍ରାଦ୍ଧ ସମାପ୍ତ ହେଲା । ପ୍ରଜା, ମନ୍ତ୍ରୀ, ଗୁରୁ ତଥା ମାତାମାନଙ୍କ ଆଗ୍ରହ ସତ୍ତ୍ୱେ ଭରତ ରାଜଗାଦି ସ୍ୱୀକାର ନ କରି ଶ୍ରୀରାମଙ୍କୁ ଫେରାଇ ଆଣିବା ସକାଶେ ଅଯୋଧ୍ୟାବାସୀଙ୍କ ସହିତ ଅରଣ୍ୟ ଅଭିମୁଖେ ଗମନ କଲେ । ପଥରେ ଭରଦ୍ୱାଜ ଆଶ୍ରମରେ ନିବାସ କରି ସେଠାରୁ ଶ୍ରୀରାମଙ୍କ ଖବର ପାଇ ସେ ଚିତ୍ରକୂଟ ପର୍ବତରେ ଯାଇ ପହଞ୍ଚିଲେ । ପର୍ବତ ଶିଖରରେ ଋଷିମଣ୍ଡଳୀ ମଧ୍ୟରେ ଶ୍ରୀ ଜନକ ନନ୍ଦିନୀ ସୀତାଙ୍କ ସହିତ ଶ୍ରୀରାମ ବସିଥିବା ସମୟରେ ଭରତ ଦୂରରୁ ଦର୍ଶନ କଲେ । ଦର୍ଶନ ମାତ୍ରେ ସେ ନିଜର ସମସ୍ତ ଦୁଃଖତାପ ଗ୍ଲାନି ଭୁଲିଗଲେ । ହୃଦୟରେ ପ୍ରେମ ଉଛୁଳି ପଡ଼ିଲା । ନେତ୍ରରୁ ପ୍ରେମାଶ୍ରୁ ବୃଷ୍ଟି ହେଲା । 'ତ୍ରାହି ପ୍ରଭୁ, ତ୍ରାହି ପ୍ରଭୁ' କହି ସେ

ଭୂମିରେ ଦଣ୍ଡ ସଦୃଶ ପଡ଼ିଗଲେ । ଭରତ ପ୍ରଣାମ କରିବା କଥା ଶ୍ରୀରାମ ଶ୍ରୀଲକ୍ଷ୍ମଣଙ୍କଠାରୁ ଶୁଣି ପ୍ରେମରେ ଅଧୀର ହୋଇ କେଉଁଠି ଧନୁ, କେଉଁଠି ତୂଣ,..., କେଉଁଠି ବଲ୍କ ବସ୍ତ୍ର ପକାଇ ଦେଇ ବ୍ୟଗ୍ର ହୋଇ ଉଠି ଭରତଙ୍କୁ ବଳପୂର୍ବକ ଉଠାଇ ଆଲିଙ୍ଗନ କଲେ । ଶ୍ରୀରାମ ଏବଂ ଭରତଙ୍କର ଏହି ପ୍ରେମମିଳନ ଦେଖି ସମସ୍ତ ବ୍ୟକ୍ତି ତାଙ୍କ ପ୍ରେମ ପ୍ରଭାବରେ ଶରୀର-ଜ୍ଞାନ ଭୁଲିଗଲେ । ଶ୍ରୀରାମ, ଭରତଙ୍କ ମିଳନ-ପ୍ରେମ କୌଣସି ବ୍ୟକ୍ତି ବର୍ଣ୍ଣନା କରିବାରେ ସମର୍ଥ ହେବ କିପରି ? ସେ ପ୍ରେମ ବ୍ରହ୍ମା, ବିଷ୍ଣୁ, ଶଙ୍କରଙ୍କ ସକାଶେ ଅଗମ୍ୟ । ଗୁରୁ ବଶିଷ୍ଠଙ୍କୁ ତଥା ମାତାମାନଙ୍କୁ ଶ୍ରୀରାମ, ଲକ୍ଷ୍ମଣ, ସୀତାଦେବୀ ପ୍ରଣାମ କଲେ, ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ଦେଖାକରି କୁଶଳ ପ୍ରଶ୍ନ କଲେ । ଦେଖା-ସାକ୍ଷାତ୍ ହେବାପରେ ସେମାନେ ଶ୍ରୀରାମଙ୍କ ସମୀପରେ ନିବାସ କଲେ । ପରେ ଶ୍ରୀ ଜନକରାଜା ନିଜ ମନ୍ତ୍ରୀ, ପୁରୋହିତ, ସେବକ, ସାମନ୍ତ ସହିତ ମଧ୍ୟ ଚିତ୍ରକୂଟରେ ଉପସ୍ଥିତ ହେଲେ । ଭରତ ଏବଂ ଗୁରୁଜନ, ମନ୍ତ୍ରୀ ଓ ପ୍ରଜାଙ୍କର ପ୍ରବଳ ଆଗ୍ରହ ତଥା ଅନୁରୋଧ ସତ୍ତ୍ୱେ ପିତୃ-ସତ୍ୟ ଭଙ୍ଗକରି ଅଯୋଧ୍ୟାକୁ ଫେରିବା ସକାଶେ ଶ୍ରୀରାମ ସ୍ୱୀକାର କଲେ ନାହିଁ । ଶେଷରେ ଶ୍ରୀରାମଙ୍କ ଚରଣପାଦୁକା (କଠାଉ) ନେଇ ଭରତ ଅଯୋଧ୍ୟା ଫେରି ଆସିଲେ । ରାଜଗାଦିରେ ଶ୍ରୀରାମଙ୍କ ଚରଣପାଦୁକା ରଖି, ଶ୍ରୀରାମ ସ୍ୱୟଂ ବିରାଜମାନ ହୋଇଛନ୍ତି ଜାଣି ନିଜକୁ ତାଙ୍କ ସେବକ ରୂପେ ରାଜ୍ୟ-ଶାସନ କାର୍ଯ୍ୟର ବ୍ୟବସ୍ଥା ଉତ୍ତମ ରୂପେ କଲେ । ଅଯୋଧ୍ୟାରୁ କିଛି ଦୂର ନନ୍ଦିଗ୍ରାମରେ ପର୍ଣ୍ଣକୁଟୀର ତିଆରି କରି ସେହିଠାରେ ସେ ତପସ୍ୟା କରିବାକୁ ଆରମ୍ଭ କଲେ । ବନବାସରେ ଶ୍ରୀରାମଙ୍କର ଯେପରି ତପସ୍ୟା ଥିଲା ତାହାଠାରୁ କଠୋର ତପସ୍ୟା ଥିଲା ଭରତଙ୍କର ରାଜଧାନୀ ଅଯୋଧ୍ୟାରେ । ସେ ଜଟା ଧାରଣ କରି ସମସ୍ତ ପ୍ରକାର ଭୋଗବିଳାସ ତ୍ୟାଗକରି ତପସ୍ୱୀ ମୁନି ଋଷିମାନଙ୍କ ସଦୃଶ କଠିନ ନିୟମନିଷ୍ଠା ହର୍ଷରେ ପାଳନ କରୁଥିଲେ । କଠୋର ବ୍ରତ ନିୟମ ଦ୍ୱାରା ତାଙ୍କ ଶରୀର କ୍ରମଶଃ ଦୁର୍ବଳ ହେଉଥିଲା । କିନ୍ତୁ ମୁଖମଣ୍ଡଳର ତେଜଃ ଏବଂ ଶ୍ରୀରାମଙ୍କ ପ୍ରତି ପ୍ରେମ ନିତ୍ୟନୂତନ ଭାବେ ବଢୁଥିଲା ।

(୬)

ଅରଣ୍ୟ କାଣ୍ଡ

ଭରତ ଅଯୋଧ୍ୟାରେ ତପସ୍ୟାରତ ହୋଇ ଶ୍ରୀରାମଙ୍କ ସେବା ଭାବରେ ରାଜ୍ୟଶାସନ କାର୍ଯ୍ୟ କରୁଥିଲେ । ଶ୍ରୀରାମ ସୀତାଦେବୀ ଓ ଲକ୍ଷ୍ମଣଙ୍କ ସହିତ ଚିତ୍ରକୂଟ ପର୍ବତରେ ବାସ କଲେ । ଦିନେ ଶ୍ରୀରାମଙ୍କ ବଳ ପରୀକ୍ଷା କରିବା ଉଦ୍ଦେଶ୍ୟରେ ଇନ୍ଦ୍ରପୁତ୍ର ଜୟନ୍ତ କାକରୂପ ହୋଇ ଜଗଜ୍ଜନନୀ ସୀତାଦେବୀଙ୍କ ଚରଣରେ ଚଞ୍ଚୁ ଆଘାତ କଲା । ରକ୍ତ ବହିବା ଦେଖି ଶ୍ରୀରାମ ଗୋଟିଏ କୁଶ ସଦୃଶ ଘାସକୁ ବାଣରୂପେ ଅଭିମନ୍ତ୍ରିତ କରି ଧନୁରେ ଯୋଖି ଛାଡ଼ିଦେଲେ । ସେ ଶରରୁ ରକ୍ଷାପାଇବା ସକାଶେ କାକରୂପଧାରୀ ଜୟନ୍ତ ସମସ୍ତ ବ୍ରହ୍ମାଣ୍ଡ ବୁଲି ଆସିଲା । ପିତାମାତା ତଥା ଅନ୍ୟାନ୍ୟ କୌଣସି ଦେବାଦେବୀ ଶ୍ରୀରାମଙ୍କ ଦ୍ରୋହୀକୁ ଶରଣରେ ରଖିଲେ ନାହିଁ, ଶେଷରେ ସେ ଶ୍ରୀରାମଙ୍କ ଶରଣରେ ଆସିବାରୁ ତା'ର ଗୋଟିଏ ଆଖି ଫୋଡ଼ି ଦେଇ ତା' ଜୀବନ ରକ୍ଷା କଲେ । ଶ୍ରୀରାମଚନ୍ଦ୍ର ଚିତ୍ରକୂଟରେ କିଛିଦିନ ନିବାସ କରିବା ପରେ ସମସ୍ତ ଋଷିମୁନିଙ୍କଠାରୁ ବିଦାହୋଇ ଋଷି ଅତ୍ରିଙ୍କ ଆଶ୍ରମ ଦେଇ ଦଣ୍ଡକାରଣ୍ୟ ଅଭିମୁଖେ ଯାତ୍ରା କଲେ । ରାସ୍ତାରେ ବିରାଧ ରାକ୍ଷସକୁ ଦେଖି ତାକୁ ବିନାଶ କରି ଶରଭଙ୍ଗ ଋଷିଙ୍କ ଆଶ୍ରମରେ ପହଞ୍ଚିଲେ । ଋଷି ଶ୍ରୀରାମଙ୍କ ଦର୍ଶନ କରି ଯୋଗଯୁକ୍ତ ହୋଇ ଶରୀର ତ୍ୟାଗ କରି ବୈକୁଣ୍ଠ ପ୍ରାପ୍ତ ହେଲେ । ଶ୍ରୀରାମ ମୁନିମଣ୍ଡଳୀଙ୍କ ସହିତ ଅଗସ୍ତ୍ୟ ଋଷିଙ୍କ ଶିଷ୍ୟ ସୁତିକ୍ଷଣଙ୍କ ଆଶ୍ରମକୁ ଯିବା ସମୟରେ ଅସୁରଙ୍କ ଦ୍ୱାରା ଭକ୍ଷିତ ଋଷିଙ୍କ ଅସ୍ଥିସମୂହ ଦେଖି ପୃଥିବୀକୁ ନିଶାଚର-ଶୂନ୍ୟ କରିବା ସକାଶେ ପ୍ରତିଜ୍ଞା କଲେ । ସୁତିକ୍ଷଣଙ୍କ ଅତିଶୟ ପ୍ରୀତି ଦେଖି ତାଙ୍କ ହୃଦୟରେ ଶ୍ରୀରାମ, ସୀତା, ଲକ୍ଷ୍ମଣଙ୍କ ସହିତ ପ୍ରକଟ ହେବାରୁ ସେ ସମାଧିସ୍ଥ ହୋଇ ବସିପଡ଼ିଲେ । ଶ୍ରୀରାମ ତାଙ୍କ ସୀମପକୁ ଯାଇ ବହୁତ ପ୍ରକାର ଜାଗ୍ରତ୍ କରାଇବା ସତ୍ତ୍ୱେ ବାହ୍ୟଜ୍ଞାନ ନ ଆସିବାରୁ ତାଙ୍କ ହୃଦୟରୁ ସେ ନିଜ ରୂପ ଦୂର କରିନେଲେ । ହୃଦୟରେ ଋଷି ଶ୍ରୀରାମଙ୍କୁ ନ ଦେଖି ବ୍ୟାକୁଳ ହୋଇ ଆଖି ଖୋଲି ଶ୍ରୀରାମ, ସୀତା, ଲକ୍ଷ୍ମଣଙ୍କୁ ନିଜ ସମୀପରେ ଦର୍ଶନ କରି ବହୁତ ଆନନ୍ଦିତ ହେଲେ ।

ସୁତିକ୍ଷଣଙ୍କୁ ସଙ୍ଗରେ ନେଇ ଅଗସ୍ତ୍ୟଙ୍କ ଆଶ୍ରମରେ ଶ୍ରୀରାମ ଉପନୀତ ହେଲେ । ଅଗସ୍ତ୍ୟ ଶୁଣିବା ମାତ୍ରେ ଶ୍ରୀରାମଙ୍କୁ ଭେଟିବା ସକାଶେ ଦୌଡ଼ି ଆସିଲେ । ଶ୍ରୀରାମ, ସୀତା, ଲକ୍ଷ୍ମଣ ଋଷିଙ୍କୁ ପ୍ରଣାମ କଲେ । ଶ୍ରୀରାମଙ୍କୁ ଦର୍ଶନ କରି ଋଷିଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେଠାରେ ଶ୍ରୀରାମ ଆତିଥ୍ୟ ସ୍ୱୀକାର କରି ଅଗସ୍ତ୍ୟଙ୍କ ନିର୍ଦ୍ଦେଶରେ ଗୋଦାବରୀ କୂଳରେ ପଞ୍ଚବଟୀଠାରେ ପର୍ଣ୍ଣକୁଟୀର ନିର୍ମାଣ କରି ନିବାସ କଲେ ।

ଦିନେ ରାବଣର ଭଉଣୀ ସୂର୍ପଣଖା ବୁଲି ବୁଲି ପଞ୍ଚବଟୀରେ ଶ୍ରୀରାମଙ୍କୁ ଦେଖି ତାଙ୍କ ରୂପରେ ମୋହିତ ହୋଇ ମାୟାରେ ସୁନ୍ଦର ରୂପ ଧାରଣ କରି ଶ୍ରୀରାମଙ୍କୁ ପତି ରୂପେ ଚାହିଁଲା । ଶ୍ରୀରାମ ଅସ୍ୱୀକାର କଲେ । ତାହା ଶୁଣି ସେ ସୀତାଙ୍କୁ ଭକ୍ଷଣ କରିବାକୁ ଯିବାରୁ ଶ୍ରୀରାମଙ୍କ ନିର୍ଦ୍ଦେଶରେ ଲକ୍ଷ୍ମଣ ତା' ନାକ, କାନ କାଟିନେଲେ । ସୂର୍ପଣଖା କ୍ରୁଦ୍ଧ ହୋଇ ଖରଦୂଷଣା ଓ ତ୍ରିଶିରାଙ୍କୁ ଖବର ଦେଲା । ସେମାନେ ଚୌଦ ହଜାର ସେନା ସହିତ ଶ୍ରୀରାମଙ୍କୁ ଆକ୍ରମଣ କଲେ । ଶ୍ରୀରାମଙ୍କ ଆଦେଶରେ ସୀତାଙ୍କ ରକ୍ଷାରେ ରହିଲେ ଲକ୍ଷ୍ମଣ । ଶ୍ରୀରାମ ଏକା ସମସ୍ତ ରାକ୍ଷସଙ୍କ ସହିତ ଯୁଦ୍ଧ କରି ସେମାନଙ୍କୁ ସଂହାର କଲେ । ସୂର୍ପଣଖା ରାବଣକୁ ସମାଚାର ଦେବାରୁ ରାବଣ ଦଣ୍ଡକାରଣ୍ୟ ଅଭିମୁଖେ ଯାତ୍ରାକଲା ।

ରାବଣ ପହଞ୍ଚିବା ପୂର୍ବରୁ ଲକ୍ଷ୍ମଣ କନ୍ଦମୂଳ, ଫଳ ଆଣିବାକୁ ଯାଇଥିବା ସମୟରେ ଶ୍ରୀରାମ ସୀତା ଦେବୀଙ୍କୁ କହିଲେ, ''ମୁଁ ନରଲୀଳା କରିବାକୁ ଚାହେଁ; ତୁନ୍ତରି ସଦୃଶ ତୁନ୍ତରି ପ୍ରତିବିମ୍ବ ମାୟା ସୀତାଙ୍କୁ ମୋ ପାଖରେ ରଖି ତୁମେ ଅଗ୍ନିରେ ପ୍ରବେଶ କରିଯାଅ । ଶ୍ରୀରାମଙ୍କ ଆଦେଶରେ ମହାରାଣୀ ସୀତା ତାହାହିଁ କଲେ । କିନ୍ତୁ ଏହି ରହସ୍ୟ ଲକ୍ଷ୍ମଣ ମଧ୍ୟ ଜାଣିପାରିଲେ ନାହିଁ । ରାବଣ ଆଦେଶରେ ମାରୀଚ ରାକ୍ଷସ ମାୟାମୃଗ ହୋଇ ସୀତାଦେବୀଙ୍କ ସମ୍ମୁଖକୁ ଆସିଲା । ସୀତାଦେବୀଙ୍କ ଆଗ୍ରହରେ ଶ୍ରୀରାମ ମୃଗବଧ କରିବା ସକାଶେ ବହୁଦୂର ଚାଲିଗଲେ । ଶ୍ରୀରାମଙ୍କ ବାଣରେ ମରିବା ସମୟରେ ମାରୀଚ ଶ୍ରୀରାମଙ୍କ ସ୍ୱର ଅନୁକରଣ କରି ଲକ୍ଷ୍ମଣଙ୍କୁ ଡାକିଲା । ଲକ୍ଷ୍ମଣ କେତେ ବୁଝାଇବା ସତ୍ତ୍ୱେ ସୀତାଦେବୀ ନ ବୁଝି ଶ୍ରୀରାମଙ୍କୁ ସାହାଯ୍ୟ କରିବା ପାଇଁ ଲକ୍ଷ୍ମଣଙ୍କୁ ଯିବା ସକାଶେ ନିର୍ଦ୍ଦେଶ ଦେଲେ । ଲକ୍ଷ୍ମଣ ଧନୁ ଦ୍ୱାରା ପୃଥିବୀରେ ରେଖା କାଟି କହିଗଲେ, ''ଏହି ରେଖା ମଧ୍ୟରେ ଥିଲେ କୌଣସି ବିପଦ ହେବ ନାହିଁ ।'' ଲକ୍ଷ୍ମଣଙ୍କ ଯିବାପରେ ସନ୍ନ୍ୟାସୀ ବେଶରେ ରାବଣ ସୀତାଙ୍କ ପାଖକୁ ଭିକ୍ଷା ସକାଶେ ଆସିଲା । ସୀତାଦେବୀ ଲକ୍ଷ୍ମଣଙ୍କ ରେଖା ଉଲଂଘନ କରି ରାବଣକୁ ଭିକ୍ଷା ଦେବା ସମୟରେ ସେ ସୀତା ଦେବୀଙ୍କୁ ନେଇ ପୁଷ୍ପକ ବିମାନରେ ବସାଇ ଆକାଶ ମାର୍ଗରେ ଲଙ୍କାଭିମୁଖେ ଯାତ୍ରା କଲା । ସୀତାଦେବୀଙ୍କ ରୋଦନ ଶୁଣି ଗୃଧ୍ରରାଜ ଜଟାୟୁଃ ରାବଣ ସହିତ ଯୁଦ୍ଧ କରି ରାବଣକୁ ଆହତ କଲା, କିନ୍ତୁ ରାବଣର ଖଡ୍‌ଗରେ ତା' ପକ୍ଷ କଟିଯିବାରୁ ସେ ପୃଥିବୀରେ ପଡ଼ି ଶ୍ରୀରାମଙ୍କ ଦର୍ଶନ ସକାଶେ ଅପେକ୍ଷା କଲା । ଆକାଶମାର୍ଗରେ ଯିବା ସମୟରେ ରୁଷ୍ୟମୁକ ପର୍ବତରେ ସୁଗ୍ରୀବକୁ ସୀତାଦେବୀ ଦେଖି ନିଜ ବସ୍ତ୍ରରେ ଅଳଙ୍କାର ବାନ୍ଧି ପକାଇ ଦେଲେ । ରାବଣ ପରମସତୀ ସୀତାଦେବୀଙ୍କୁ ବହୁ ପ୍ରଲୋଭନ ଦେଖାଇ ଶେଷରେ ନିରାଶ ହୋଇ ଲଙ୍କା ଅନ୍ତର୍ଗତ ସୁନ୍ଦର ବଗିଚା ଅଶୋକ ବନରେ ରଖାଇ ରାକ୍ଷସୀଙ୍କୁ ପହରାରେ ନିଯୁକ୍ତ କରିଦେଲା ।

ଶ୍ରୀରାମ ମାୟାମୃଗ ବଧ କରି ଲକ୍ଷ୍ମଣଙ୍କ ସହିତ ଆସି ପର୍ଣ୍ଣକୁଟୀରରେ ସୀତାଦେବୀଙ୍କୁ ନ ଦେଖି ବ୍ୟାକୁଳ ଭାବେ ବିଳାପ କରି ତାଙ୍କୁ ଖୋଜିବା ଉଦ୍ଦେଶ୍ୟରେ ଯାତ୍ରା କଲେ । ରାସ୍ତାରେ ମୃତ୍ୟୁ ଅପେକ୍ଷାରେ ଥିବା ଜଟାୟୁଃଠାରୁ ସୀତାଙ୍କ ଖବର ପାଇଲେ ଏବଂ ଗୃଧ୍ରରାଜଙ୍କୁ ପରମଧାମ ଦେଇ ଶବରୀ ଆଶ୍ରମରେ ପ୍ରଭୁ ଲକ୍ଷ୍ମଣଙ୍କ ସହିତ ପହଞ୍ଚିଲେ । ଶବରୀ ଶ୍ରୀରାମଙ୍କୁ ଦେଖି ଆନନ୍ଦରେ ନିଜକୁ ଭୁଲିଗଲେ । ବହୁ ଦିନରୁ ସଂଗ୍ରହ କରିଥିବା କନ୍ଦମୂଳ, ଫଳ ଶ୍ରୀରାମ ଲକ୍ଷ୍ମଣଙ୍କୁ ଦେଲେ । ଶ୍ରୀରାମ ବହୁତ ପ୍ରଶଂସା କରି ଭୋଜନ କରିବାକୁ ଲାଗିଲେ । ଶ୍ରୀରାମଙ୍କୁ ଦର୍ଶନ କରୁଥିବା ଅବସ୍ଥାରେ ସ୍ତୁତି କରି ଯୋଗାଗ୍ନିରେ ତନୁ ତ୍ୟାଗ କରି ଶବରୀ ଶ୍ରୀରାମଙ୍କ ପରମଧାମକୁ ପ୍ରାପ୍ତ ହେଲେ । ସେ ବନ ତ୍ୟାଗକରି ଶ୍ରୀରାମ ପମ୍ପା ସରୋବରରେ ସ୍ନାନ କରି ସୁନ୍ଦର ବୃକ୍ଷଛାୟାରେ ବିଶ୍ରାମ କଲେ । ସେହି ସମୟରେ ବହୁ ଦେବତା ମୁନି ଆସି ଶ୍ରୀରାମଙ୍କୁ ଦର୍ଶନ କରି ସ୍ତୁତି କରି ଫେରିଗଲେ । ଶ୍ରୀରାମ ଲକ୍ଷ୍ମଣଙ୍କୁ ବହୁ ପ୍ରକାର ପୌରାଣିକ କଥା କହିବା ସମୟରେ ଶ୍ରୀ ନାରଦ ଉପନୀତ ହୋଇ ହାତଯୋଡ଼ି କହିଲେ, ''ପ୍ରଭୁ ମୁଁ ମୋହବଶ ହୋଇ ଯେବେ ବିବାହ କରିବାକୁ ଚାହିଁଥିଲି ତୁମ୍ଭେ ତାହା କରାଇ ଦେଲ ନାହିଁ କାହିଁକି ?''

ଶ୍ରୀରାମ କହିଲେ, ''ଯେ କେହି ସକଳ ଭରସା ଛାଡ଼ି ମୋ ଉପରେ ନିର୍ଭରଶୀଳ ହୁଏ, ଶିଶୁକୁ ମାତା ରକ୍ଷାକରିବା ସଦୃଶ ତାକୁ ମୁଁ ରକ୍ଷା କରେ। ଅଧ୍ୟାତ୍ମ ସାଧନାରେ କାମ, କ୍ରୋଧ, ଲୋଭ, ମୋହ, ମଦ ମହାନ୍ ଶତ୍ରୁ; କିନ୍ତୁ ଏହା ମଧ୍ୟରୁ ପ୍ରବଳ ବାଧକ କାମ। ମନୁଷ୍ୟ ନାରୀମୋହଗ୍ରସ୍ତ ହେଲେ ତା'ର ଜପ, ତପ, ନିୟମ, ସଂଯମ ସମସ୍ତ ନଷ୍ଟ ହୁଏ। ସେହି କାରଣରୁ ମୁଁ ତୁମକୁ ବିବାହ କରିବାକୁ ଦେଇ ନ ଥିଲି।'' ନାରଦ ଶ୍ରୀରାମଙ୍କୁ ପ୍ରଣାମ କରି ବ୍ରହ୍ମଲୋକ ଗମନ କଲେ।

(୭)

ନୈତିକ ଏବଂ ଅଧ୍ୟାତ୍ମ ଧର୍ମର ସାମଞ୍ଜସ୍ୟ

ନୈତିକ ଧର୍ମ ବ୍ୟକ୍ତିର ଲକ୍ଷ୍ୟ ନୁହେଁ। ଏହା ଅଧ୍ୟାତ୍ମ ଧର୍ମରେ ପହଞ୍ଚିବାର ସୋପାନ ବା ଉପାୟ। କିନ୍ତୁ ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ଅଧ୍ୟାତ୍ମ ସିଦ୍ଧି ବା ଭଗବତ୍ ପ୍ରାପ୍ତି। ମନୁଷ୍ୟ ନୈତିକ ଧର୍ମ ପାଳନ କରୁଥାଏ ଅଧ୍ୟାତ୍ମ ସତ୍ୟରେ ଉପନୀତ ହେବା ସକାଶେ। ଅଧ୍ୟାତ୍ମ ସତ୍ୟ ପ୍ରାପ୍ତ ହେବାପରେ ନୈତିକ ଧର୍ମ ଅଧ୍ୟାତ୍ମ ଧର୍ମର ସାହାଯ୍ୟକାରୀ ହେଲେ ତାହା ରଖା ହୁଏ, ଅନ୍ୟଥା ମାଟି ଛାଞ୍ଚରେ ଧାତୁ ପାତ୍ର ତିଆରି ହେବା ପରେ ମାଟି ଛାଞ୍ଚକୁ ଭାଙ୍ଗି ଦେବା ସଦୃଶ ନୈତିକ ଧର୍ମକୁ ତ୍ୟାଗ କରାହୁଏ।

ଅଧିକାଂଶ ବ୍ୟକ୍ତି ଏହି ରହସ୍ୟ ବୁଝି ନ ପାରି ନୈତିକତାକୁ ଜୀବନର ଲକ୍ଷ୍ୟ ମାନି ନେଇ ଜୀବନର ଅଧ୍ୟାତ୍ମ ଲକ୍ଷ୍ୟ ଭଗବତ୍ ପ୍ରାପ୍ତିକୁ ଭୁଲିଯା'ନ୍ତି। ଆଉ କେତେକ ବ୍ୟକ୍ତିଙ୍କୁ ଜୀବନର ଲକ୍ଷ୍ୟ-ଜ୍ଞାନ ପ୍ରାପ୍ତ ହେଲେ ସେମାନେ ନୈତିକ ଧର୍ମକୁ ପୂର୍ଣ୍ଣ ରୂପେ ବର୍ଜନ କରି କେବଳ ଅଧ୍ୟାତ୍ମ ସତ୍ୟର ସନ୍ଧାନ କରନ୍ତି। ଏହାହିଁ ଜୀବନର ଯଥାର୍ଥ ଲକ୍ଷ୍ୟ। ଏହି ବ୍ୟକ୍ତିମାନେ ଗାର୍ହସ୍ଥ୍ୟ ଆଶ୍ରମ ବ୍ୟକ୍ତିଙ୍କର ପୂଜ୍ୟ ମଧ୍ୟ ହୁଅନ୍ତି, କିନ୍ତୁ ଆଦର୍ଶ ହୋଇ ପାରନ୍ତି ନାହିଁ। ଆଦର୍ଶ ହୋଇଛନ୍ତି ଶ୍ରୀ ଚକ୍ରବର୍ତ୍ତୀ ମହାରାଜା ଦଶରଥ। ତାଙ୍କ ଜୀବନରେ ନୈତିକତା ଏବଂ ଅଧ୍ୟାତ୍ମ ସତ୍ୟ ଉପାୟ ଆଦର୍ଶ ପୂର୍ଣ୍ଣରୂପେ ଆଚରିତ ହୋଇଛି। ନିଜ ବଚନ ରକ୍ଷା କରିବା ସକାଶେ, ଅଲୌକିକ, ପ୍ରତିଭାସମ୍ପନ୍ନ, ପିତୃଭକ୍ତ, ସର୍ବଦୋଷବିହୀନ, ସର୍ବାଙ୍ଗସୁନ୍ଦର, ମଧୁରଭାଷୀ, ପ୍ରାଣିମାତ୍ରର ପ୍ରିୟ, ସକଳ ଦିବ୍ୟଗୁଣବିଭୂଷିତ ପ୍ରାଣପ୍ରିୟ ପୁତ୍ର ଶ୍ରୀରାମଙ୍କୁ ଦେଇ ନୈତିକ ନିଷ୍ଠା ରକ୍ଷା କରିଛନ୍ତି। ପୁତ୍ରରୂପେ ଭଗବାନ୍ ଶ୍ରୀରାମଙ୍କୁ ପ୍ରାପ୍ତ କରି ତାଙ୍କର ବିୟୋଗରେ ଶରୀର ତ୍ୟାଗ କରି ଅଧ୍ୟାତ୍ମ ନିଷ୍ଠା ପାଳନ କରିଛନ୍ତି।

ନୈତିକତାର ଆଧାର ଅଧ୍ୟାତ୍ମ ଧର୍ମ

ସଂସାରରେ ନୈତିକ ଧର୍ମ ମାନଦଣ୍ଡ। ସଂସାରର ସମସ୍ତ ବ୍ୟକ୍ତି ନୈତିକ ଧର୍ମର ଅର୍ଥ ଜାଣନ୍ତୁ ବା ନ ଜାଣନ୍ତୁ କିଛି ଅଂଶରେ ପାଳନ କରନ୍ତି। ଯେଉଁମାନେ ନୈତିକ ଧର୍ମ ପାଳନ ନ କରନ୍ତି ସେହିମାନେ ପତିତ ବା ଦୁରାଚାରୀରୂପେ ମାନ୍ୟ ହୁଅନ୍ତି। ନୈତିକ ଧର୍ମ ଅନୁସାରେ ପୁତ୍ର ପିତାମାତାଙ୍କୁ ଭକ୍ତି କରେ, ସେବା କରେ, ସେମାନଙ୍କ ଆଜ୍ଞା ପାଳନ କରେ। ସ୍ତ୍ରୀ ପତିକୁ ହୃଦୟର ଦେବତାରୂପେ ପୂଜା କରେ ଏବଂ ପାତିବ୍ରତ୍ୟ ଧର୍ମ ପାଳନ କରେ। ରାଜା ରାଜ୍ୟଶାସନ କରନ୍ତି ନୈତିକ ଧର୍ମ ଅନୁସାରେ। ବ୍ୟକ୍ତି ନୈତିକ ଧର୍ମ ଉଲଂଘନ କରି ଅନ୍ୟର ଅନିଷ୍ଟ, ଚୋରି, ଡକାୟତି କଲେ ରାଜବିଧାନ ଦ୍ୱାରା ଦଣ୍ଡ ପାଏ। ଅର୍ଥାତ୍ ନୈତିକ ଧର୍ମ ଦ୍ୱାରା ସଂସାର ପରିଚାଳିତ ହୁଏ ଏବଂ ଶୃଙ୍ଖଳିତ ହୁଏ। ଏହି ନୈତିକ ଧର୍ମ ହେଉଛି ମାନସିକ ବିଧାନ। ଏହାରି ଦ୍ୱାରା ହୁଏ ପରିବାର ତଥା ସମାଜ ଶୃଙ୍ଖଳିତ। ଏହି ନୈତିକ ଧର୍ମ ସ୍ୱୟଂ ଦୁର୍ବଳ ଏବଂ ଅଧ୍ୟାତ୍ମ ଧର୍ମର ଆଶ୍ରିତ। ପୃଥିବୀରେ ଅଧ୍ୟାତ୍ମ ଧର୍ମ ଶକ୍ତିଶାଳୀ ହେବା ସମୟରେ ନୈତିକ ଧର୍ମ

କ୍ରିୟାଶୀଳ ଥାଏ । ଅଧାମ୍ ଧର୍ମ ହ୍ରାସ ହେଲେ ନୈତିକ ଧର୍ମର ପତନ ହୁଏ ଓ ସଂସାରରେ ଅନ୍ୟାୟ, ଅସତ୍ୟ ବୃଦ୍ଧି ହୁଏ । ନୈତିକ ଧର୍ମର ସର୍ବାଙ୍ଗୀଣ ରୂପେ ପୁନରୁତ୍ଥାନ କରିବାକୁ ହେଲେ ସ୍ୱୟଂ ଭଗବାନ୍ ମନୁଷ୍ୟ ଶରୀରରେ ନିଜ ପରିଚରବର୍ଗଙ୍କ ସହିତ ପୃଥିବୀରେ ଅବତାର ନିଅନ୍ତି । ଭିନ୍ନ ଭିନ୍ନ ରୂପେ ପରିଚରଙ୍କ ସହିତ ସ୍ୱୟଂ ଧର୍ମ ଆଚରଣ କରି ପୃଥିବୀରେ ଆଦର୍ଶ ସ୍ଥାପନ କରନ୍ତି । ସେହି ଆଦର୍ଶ ବହୁ ବର୍ଷ ପର୍ଯ୍ୟନ୍ତ ପ୍ରଚଳିତ ହୋଇ ଆସୁଥାଏ ।

ଭଗବାନ୍ ଶ୍ରୀରାମଚନ୍ଦ୍ର ପୃଥିବୀକୁ ଆସିଥିଲେ ନୈତିକ ଧର୍ମ ପ୍ରତିଷ୍ଠା କରିବା ସକାଶେ । ନୈତିକ ଧର୍ମ ଅଧାମ୍ ଧର୍ମର ଆଶ୍ରିତ ହୋଇଥିବାରୁ ଅଧାମ୍ ଧର୍ମର ଯେପରି ଭିନ୍ନ ଭିନ୍ନ ଧାରା ବା ଅଙ୍ଗ ସେହିପରି ନୈତିକ ଧର୍ମର ଭିନ୍ନ ଭିନ୍ନ ଧାରା ବା ଅଙ୍ଗ । ରାମାୟଣରେ ଯେତେ ଚରିତ୍ର ବର୍ଣ୍ଣନା ହୋଇଛି ସମସ୍ତ ନୈତିକ ଏବଂ ଅଧାମ୍ ଧର୍ମର ଭିନ୍ନ ଭିନ୍ନ ଭାବର ଶିକ୍ଷାପ୍ରଦ ଆଦର୍ଶ । ବ୍ୟକ୍ତି ନିଜ ସ୍ୱଭାବ ଅନୁସାରେ ସେହି ଶିକ୍ଷାପ୍ରଦ ଚରିତ୍ରର ଅଭ୍ୟନ୍ତରରେ ନିହିତ ଥିବା ସତ୍ୟକୁ ଗ୍ରହଣ କଲେ ନିଜ ଜୀବନ ମହାନ୍ ଉନ୍ନତ ହୋଇପାରେ ଏବଂ ଜୀବନର ଲକ୍ଷ୍ୟରେ ପହଞ୍ଚିବାରେ ଅଧିକ ସାହାଯ୍ୟ ମିଳିପାରେ ।

ଶ୍ରୀରାମଙ୍କ ଅବତାର ଥିଲା ନୈତିକ ଧର୍ମ ଅନୁସାରେ ଗାର୍ହସ୍ଥ୍ୟ ଧର୍ମର ଆଦର୍ଶ ପୃଥିବୀରେ ସ୍ଥାପନ କରିବା । ସେ ପୁରୁଷଜାତିର ପ୍ରତିନିଧିରୂପେ ଶୁଦ୍ଧ, ପବିତ୍ର ଗାର୍ହସ୍ଥ୍ୟ ଧର୍ମ ଅନୁସାରେ ପିତାମାତାଙ୍କ ଆଜ୍ଞା ପାଳନ, ସତ୍ୟ ଆଚରଣ, ଏକ ପତ୍ନୀବ୍ରତ ଏବଂ ପ୍ରଜାଙ୍କୁ ପୁତ୍ରବତ୍ ପାଳନ କରିଥିଲେ । ତାଙ୍କ ଧର୍ମପତ୍ନୀ ସୀତାଦେବୀ ନାରୀମାନଙ୍କ ପ୍ରତିନିଧି ହୋଇ ସେମାନଙ୍କ ସମ୍ମୁଖରେ ପାତିବ୍ରତ୍ୟ ଧର୍ମର ଆଦର୍ଶ ପ୍ରସ୍ଥାପିତ କରିଥିଲେ । କିନ୍ତୁ ରାଜା ଚକ୍ରବର୍ତ୍ତୀ ଦଶରଥ ମହାରାଜାଙ୍କ ଜୀବନରେ ହୋଇଥିଲା ଅଧାମ୍ ତଥା ନୈତିକ ଧର୍ମର ମିଳନ ।

ନୈତିକତା ଏବଂ ଆଧାମ୍ିକତାର ମିଳନ

ଚକ୍ରବର୍ତ୍ତୀ ମହାରାଜା ଦଶରଥ ଥିଲେ ଭଗବାନଙ୍କର ଅନନ୍ୟ ଭକ୍ତ । ସେ ନୈତିକତା ଧର୍ମ ପାଳନପୂର୍ବକ ଭଗବତ୍ ଭକ୍ତି ପ୍ରଭାବରେ ମୁନିମନଅଗମ୍ୟ ପରମବ୍ରହ୍ମ ପରମାତ୍ମାଙ୍କୁ ପୁତ୍ରରୂପେ ପ୍ରାପ୍ତ କରି ଦିବାନିଶି ଭଗବତ୍ ଆନନ୍ଦ-ସମୁଦ୍ରରେ ଡୁବି ରହୁଥିଲେ । ସତ୍ୟବଚନ ରକ୍ଷା କରି ନୈତିକ ଧର୍ମ ମଧ୍ୟ ପାଳନ କରିଥିଲେ । ନୈତିକ ଏବଂ ଅଧାମ୍ ଏହି ଉଭୟ ଧର୍ମ ଏକ ସଙ୍ଗେ ବିକାଶ ହୋଇଥିଲା ତାଙ୍କ ଜୀବନରେ । ଅଧାମ୍ ଧର୍ମରେ ପ୍ରବେଶ କରିବା ସକାଶେ ନୈତିକ ଧର୍ମ ସୋପାନ ସଦୃଶ । କିନ୍ତୁ ନୈତିକ ଧର୍ମ ସଙ୍କୁଚିତ, ସୀମିତ, ମାନସିକ ନିୟମରେ ଆବଦ୍ଧ । ଅଧାମ୍ଧର୍ମ, ମହାନ୍ ବିଶାଳ, ଉଦାର; ନୈତିକ ଧର୍ମର ବହୁ ଊର୍ଦ୍ଧ୍ୱରେ । ନୈତିକ ଧର୍ମ ଅଧାମ୍ ଧର୍ମର ସୋପାନ ହେବା ସତ୍ତ୍ୱେ ଅଧାମ୍ ସତ୍ୟ ଉପଲବ୍ଧି ହେବାପରେ ନୈତିକ ଧର୍ମ ପ୍ରତିବନ୍ଧକ ହେଲେ ତାହା ବର୍ଜନ କରାହୁଏ ।

ସାମୀପ୍ୟ ହେଲା ଚରମ ଅଧାମ୍ ଧର୍ମ । ଭକ୍ତ ଭଗବାନଙ୍କ ସାମୀପ୍ୟ ବା ସେବା ସକାଶେ ନୈତିକତା ବା ଅନ୍ୟ ସମସ୍ତକୁ ତ୍ୟାଗ କରିପାରେ । ଶ୍ରୀଚକ୍ରବର୍ତ୍ତୀ ଦଶରଥ ମହାରାଜାଙ୍କୁ ପୁତ୍ରରୂପେ ସ୍ୱୟଂ ଭଗବାନ୍ ପ୍ରାପ୍ତ ହୋଇଥିଲେ । ଭଗବତ୍ ସାମୀପ୍ୟ ପ୍ରାପ୍ତି – ଏହି ଅଧାମ୍ ଧର୍ମର ବିରୋଧରେ ସତ୍ୟବଚନ ରକ୍ଷା ନୈତିକତା ଉପସ୍ଥିତ ହୋଇଥିଲା । ଯେଉଁଥିରେ ଭଗବାନଙ୍କ ସାମୀପ୍ୟରୁ ବଞ୍ଚିତ ହୋଇ ତାଙ୍କୁ ବନବାସ ଦେଇଥିଲେ । ଦଶରଥ ମହାରାଜା ଯଦି ନୈତିକ ଧର୍ମ ତ୍ୟାଗ କରି ଶ୍ରୀରାମଙ୍କୁ ବନକୁ ନ ପଠାଇ ଗୃହରେ ରଖି ଥାଆନ୍ତେ ତେବେ ତାଙ୍କୁ କୌଣସି ପାପ ବା ଦୋଷ ହୋଇ ନ ଥା'ନ୍ତା ବରଂ ତାହା ଅଧାମ୍ ଧର୍ମର ସମର୍ଥକ ହୋଇଥାଆନ୍ତା । କିନ୍ତୁ ସେ ନୈତିକ ଏବଂ ଅଧାମ୍, ଏହି ଉଭୟ ସାମଞ୍ଜସ୍ୟ ଧର୍ମର ଆଦର୍ଶ ହୋଇ ନ ଥା'ନ୍ତେ । ତାଙ୍କ ଜୀବନରେ ଉଭୟ ଧର୍ମ ନିଖୁଣ ଭାବେ ପ୍ରକାଶ ହୋଇଥିବାରୁ ତାଙ୍କ ଚରିତ୍ର ଅତୁଳନୀୟ ହୋଇଅଛି । ପ୍ରାଣପ୍ରିୟ ପୁତ୍ରକୁ ବନବାସ ଦେବାରୁ ତାଙ୍କ ନୈତିକ ଧର୍ମ ରକ୍ଷା ହୋଇଅଛି । ଶ୍ରୀରାମଙ୍କ ବିୟୋଗରେ ଶରୀର ତ୍ୟାଗ କରିଥିବାରୁ ଅଧାମ୍ଧର୍ମ ପାଳନ ହୋଇଅଛି । ତାଙ୍କ ଜୀବନରେ ହୋଇଛି ଅଧାମ୍ ଧର୍ମ ତଥା ନୈତିକତାର ମିଳନ । ଗଭୀରଭାବେ ବିଚାର କଲେ ଦେଖିପାରିବା ରାମାୟଣ ଗୋଟିଏ ଅତୁଳନୀୟ ଗ୍ରନ୍ଥ ।

ତା'ର ପ୍ରତ୍ୟେକ ଚରିତ୍ର ଭିନ୍ନ ଭିନ୍ନ ଆଦର୍ଶରୂପେ ପ୍ରତିଷ୍ଠିତ ହୋଇଅଛି, ଏପରିକି ରାବଣ ମହାନ୍ ଶକ୍ତିଶାଳୀ ଐଶ୍ୱର୍ଯ୍ୟଯୁକ୍ତ ଯୋଦ୍ଧା ରାଜନୀତିଜ୍ଞ ପଣ୍ଡିତ ଥିବା ସତ୍ତ୍ୱେ ମୋହ ତଥା ଅହଂବଶ ହେବାରୁ କିପରି ତାଙ୍କର ନାଶ ହୋଇଅଛି ଏଥିରୁ ଆମ୍ଭେ ଶିକ୍ଷା ପାଇପାରୁ, କିନ୍ତୁ ତାହା ଆଦର୍ଶରୂପେ ଗ୍ରହଣ କରିପାରୁ ନାହିଁ । ଆଦର୍ଶରୂପେ ଗ୍ରହଣ କରୁ ଦଶରଥଙ୍କ ଚରିତ୍ରକୁ । ଦଶରଥ ମହାରାଜା ଥିଲେ ତ୍ରେତା ଯୁଗରେ । ତାଙ୍କର ସତ୍ୟପାଳନ ପ୍ରଭାବରୁ ଆଜି ବି ସେ ପ୍ରତ୍ୟେକ ଲୋକର ହୃଦୟରେ ଆଦର ଓ ସମ୍ମାନର ପାତ୍ର ହୋଇଅଛନ୍ତି । ଯେପର୍ଯ୍ୟନ୍ତ ରାମାୟଣ ଗ୍ରନ୍ଥ ଥିବ ସେପର୍ଯ୍ୟନ୍ତ ସେ ସମ୍ମାନିତ ହେଉଥିବେ । ତାଙ୍କ ଚରିତ୍ରରୁ ପ୍ରତ୍ୟେକ ବ୍ୟକ୍ତି ସତ୍ୟ ବଚନର ଆଦର୍ଶ ଗ୍ରହଣ କରିବା ଉଚିତ । ପାଠକ ଚକ୍ରବର୍ତ୍ତୀ ମହାରାଜାଙ୍କ ଚରିତ୍ରରୁ ଦେଖିପାରିବେ ତାଙ୍କ ଜୀବନରେ ସତ୍ୟବଚନ ପାଳନ ଯେପରି ଉଚ୍ଚରୁ ଉଚ୍ଚ ଶିଖରରେ ପହୁଞ୍ଚିଥିଲା ସେହିପରି ତାଙ୍କ ଅଗାଧ ଭଗବତ୍ ଭକ୍ତିସମୁଦ୍ରର ଥଳକୂଳ ନ ଥିଲା । ସେଇ ଅକଳ୍ପନୀୟ ଭକ୍ତି ପ୍ରଭାବରେ ସେ ମନ-ବଚନ-ଅଗୋଚର ପରମବ୍ରହ୍ମ ପୁରୁଷୋତ୍ତମ ପରମାତ୍ମାଙ୍କୁ ପୁତ୍ରରୂପେ ପ୍ରାପ୍ତ କରିଥିଲେ ଏବଂ ଭଗବତ୍ ଦିବ୍ୟ ଆନନ୍ଦ-ସମୁଦ୍ରରେ ଦିବାନିଶି ଡୁବି ରହୁଥିଲେ । ସେ ତାଙ୍କୁ ଖେଳାଇଥିଲେ, କୋଳ କରୁଥିଲେ, ନିଜ ସଙ୍ଗେ ଖୁଆଇଥିଲେ ଏବଂ ବାତ୍ସଲ୍ୟ ଭାବ ସମୁଦ୍ରରେ ଦିବାନିଶି ଡୁବି ରହୁଥିଲେ । ଯେଉଁ ବିଶ୍ୱପିତା ପରମାତ୍ମାଙ୍କୁ ଋଷିମାନେ କଠୋର ସାଧନା କରି ଧ୍ୟାନ ଦ୍ୱାରା ହୃଦୟ-ମନ୍ଦିରରେ ବହୁତ କଷ୍ଟରେ ଦର୍ଶନ ପାଉଥିଲେ ସେହି ସଚ୍ଚିଦାନନ୍ଦ ବ୍ରହ୍ମଙ୍କୁ ଚକ୍ରବର୍ତ୍ତୀ ମହାରାଜା ଖୁଆଇ ଦେଇଥିଲେ, ଅଙ୍ଗୁଳି ଧରି ଚାଲିବାକୁ ଶିଖାଇଥିଲେ, ନାନା ପ୍ରକାର ଗଳ୍ପ କହି ତାଙ୍କ ମନକୁ ଆକର୍ଷିତ କରୁଥିଲେ ସେହି ପ୍ରଭୁ ଦଶରଥ ମହାରାଜାଙ୍କ ଭକ୍ତିରେ ବଶ ହୋଇ ପୁତ୍ରାନନ୍ଦର ସମୁଦ୍ର ତାଙ୍କ ହୃଦୟରେ ଢାଳି ଦେଇଥିଲେ । ସେହି ଆନନ୍ଦ-ସମୁଦ୍ରରେ ମହାରାଜା ନିଜ ମନକୁ ମୀନବତ୍ କରି ରଖିଥିଲେ । ଜଳରୁ ମୀନ ପୃଥକ୍ ହେଲେ ଶରୀର ତ୍ୟାଗ କରିବା ସଦୃଶ ଶ୍ରୀରାମଙ୍କ ବିୟୋଗରେ ସେ ଇହଧାମ ତ୍ୟାଗ କରିଥିଲେ ।

(୮)

କିଷ୍କିନ୍ଧ୍ୟା କାଣ୍ଡ

ଶ୍ରୀରାମ ଲକ୍ଷ୍ମଣଙ୍କୁ ସଙ୍ଗରେ ନେଇ ଋଷ୍ୟମୁକ ପର୍ବତରେ ପହଞ୍ଚିଲେ । ସୁଗ୍ରୀବ ସଙ୍ଗେ ମିତ୍ରତା କରି ବାଳିକୁ ବଧ କରି ସୁଗ୍ରୀବକୁ କିଷ୍କିନ୍ଧ୍ୟାର ରାଜା, ବାଳି ପୁତ୍ର ଅଙ୍ଗଦକୁ ଯୁବରାଜ ପଦରେ ଅଭିଷିକ୍ତ କଲେ । ଶ୍ରୀରାମ ବର୍ଷା ଋତୁରେ ସେଠାରେ ବିଶ୍ରାମ କଲେ । ବର୍ଷାପରେ ସୁଗ୍ରୀବ, ସୀତାଙ୍କ ସନ୍ଧାନ ସକାଶେ ବାନର ସେନାଙ୍କୁ ଚାରିଦିଗକୁ ପଠାଇଲେ, ଦକ୍ଷିଣ ଦିଗକୁ ଗଲେ ହନୁମାନ୍, ଅଙ୍ଗଦ, ସୁଷେଣ, ଜାମ୍ବବନ୍ତ, ନଳନୀଳ ଇତ୍ୟାଦି ଅଷ୍ଟ ସେନା ନାୟକ ।

ସୁନ୍ଦର କାଣ୍ଡ

ସମ୍ପାତୀଠାରୁ ସନ୍ଧାନ ପାଇଁ ହନୁମାନ୍ ସମୁଦ୍ର ପାର ହୋଇ ଲଙ୍କାରେ ପହଞ୍ଚିଲେ । ଅଶୋକ ବନରେ ସୀତାଦେବୀଙ୍କୁ ଦର୍ଶନ କରି ତାଙ୍କଠାରୁ ବରପ୍ରାପ୍ତ ହୋଇ ସେ ଅଶୋକବନରେ ଫଳ ଭକ୍ଷଣ କଲେ ଏବଂ ବୃକ୍ଷଲତା ନଷ୍ଟ କରିବାକୁ ଲାଗିଲେ । ବନରକ୍ଷକମାନେ ହନୁମାନଙ୍କ ସଙ୍ଗେ ଯୁଦ୍ଧ କରି ବିନଷ୍ଟ ହେବାରୁ ରାବଣ କ୍ରୁଦ୍ଧ ହୋଇ ବହୁ ସେନା ସହିତ ନିଜ ପୁତ୍ର ଅକ୍ଷୟ କୁମାରକୁ ପଠାଇଲେ । ଯୁଦ୍ଧରେ ସେନାସହ ଅକ୍ଷୟ କୁମାର ନିହତ ହେବାରୁ ରାବଣପୁତ୍ର ମହାନ୍ ଯୋଦ୍ଧା ଇନ୍ଦ୍ରଜିତ୍ ହନୁମାନଙ୍କ ସଙ୍ଗେ ଯୁଦ୍ଧ କଲା । କିନ୍ତୁ ହନୁମାନ୍ ସହଜରେ ଲଙ୍କା ଗଡ଼ରେ ପ୍ରବେଶ କରି ରାବଣ ସହିତ କଥାବାର୍ତ୍ତା କରିବା ଉଦ୍ଦେଶ୍ୟରେ ଇନ୍ଦ୍ରଜିତ୍ ସହିତ ବିଷମ ଯୁଦ୍ଧ ନ କରି ତା'ର ନାଗ ପାଶରେ ବନ୍ଧନ ସ୍ୱୀକାର କଲେ । ରାବଣ ସଭାରେ ରାବଣ ସହିତ ହନୁମାନଙ୍କର ହେଲା ବହୁତ କଡ଼ାକଡ଼ି ଯୁକ୍ତିପୂର୍ଣ୍ଣ କଥାବାର୍ତ୍ତା । ରାବଣ ରାଗିଯାଇ

ହନୁମାନଙ୍କ ଲାଙ୍ଗୁଳରେ ବସ୍ତ୍ର ଗୁଡ଼ାଇ ତେଲ ଢାଳି ଅଗ୍ନି ଲଗାଇ ଦେଲେ । କିନ୍ତୁ ସୀତାଦେବୀଙ୍କ ବରଦାନ ଯୋଗୁଁ ହନୁମାନଙ୍କ ଲାଙ୍ଗୁଳ ଜଳିଲା ନାହିଁ । ହନୁମାନ୍ ସମସ୍ତ ଲଙ୍କା ଜଳାଇ ଦେଲେ । ରାବଣ, ଇନ୍ଦ୍ରଜିତ୍ ତଥା ସମସ୍ତ ଯୋଦ୍ଧା ବିଦ୍ୟମାନ ଥିବା ସତ୍ତ୍ୱେ ସେ ଅସଂଖ୍ୟ ରାକ୍ଷସଙ୍କୁ ବଧ କରି ଲଙ୍କା ଧ୍ୱଂସ କରି ସମୁଦ୍ରରେ ଡେଇଁ ପଡ଼ିଲେ । ତାଙ୍କ ଲାଞ୍ଜରେ ଲାଗିଥିବା ଅଗ୍ନି ଲିଭାଇ ସୀତା ଦେବୀଙ୍କୁ ଦର୍ଶନ କରି ତାଙ୍କ ସନ୍ଦେଶ ନେଇ ଫେରି ଶ୍ରୀରାମଙ୍କ ଚରଣରେ ଉପନୀତ ହେଲେ । ଶ୍ରୀରାମ ରାଜା ସୁଗ୍ରୀବ ଏବଂ ବାନରସେନା ସହିତ ସମୁଦ୍ର କୂଳରେ ପହଞ୍ଚି ସେଠାରେ ବିଶ୍ରାମ କଲେ ।

ରାବଣର ଛୋଟ ଭାଇ ବିଭୀଷଣ ଥିଲେ ଧର୍ମଜ୍ଞ, ନୀତିଜ୍ଞ ଏବଂ ଭଗବତ୍ ଭକ୍ତ । ସେ ସୀତାଦେବୀଙ୍କୁ ଫେରାଇ ଶ୍ରୀରାମଙ୍କ ସହିତ ମିତ୍ରତା ସ୍ଥାପନ କରିବା ସକାଶେ ବହୁତ ପ୍ରକାର ରାବଣକୁ ବୁଝାଇଲେ । କିନ୍ତୁ ରାବଣ ତାଙ୍କ ପରାମର୍ଶରେ ଉତ୍ତେଜିତ ହୋଇ ତାଙ୍କୁ ପଦାଘାତ କରି ଲଙ୍କାରୁ ବାହାର କରି ଦେବାରୁ ସେ ଶ୍ରୀରାମଙ୍କ ଶରଣରେ ଆସିଲେ ।

ପ୍ରଥମରେ ଶ୍ରୀରାମ ସମୁଦ୍ରକୁ ରାସ୍ତା ମାଗିଲେ, କିନ୍ତୁ ତିନି ଦିନ ମଧ୍ୟରେ ସେ କୌଣସି ଉତ୍ତର ନ ଦେବାରୁ ଧନୁରେ ବାଣ ସନ୍ଧାନ କରି ସମୁଦ୍ରକୁ ଶୁଖାଇ ଦେବାକୁ ଚାହିଁବାରୁ ସମୁଦ୍ର ଭୟଭୀତ ହୋଇ ଆସି ନିଜ ବକ୍ଷରେ ବନ୍ଧ ନିର୍ମାଣ କରିବାକୁ ନିବେଦନ କଲେ ।

ଲଙ୍କା କାଣ୍ଡ

ବାନର ସେନାଙ୍କ ଦ୍ୱାରା ସେତୁ ରଚନା ହେଲା । ସେଠାରେ ଶ୍ରୀରାମ ଶିବଲିଙ୍ଗ ରାମେଶ୍ୱର ସ୍ଥାପନ କରି ସିନ୍ଧୁ ପାର ହୋଇ ଅନ୍ୟ କୂଳସ୍ଥ ସୁବଳୟ ପର୍ବତରେ ଉପନୀତ ହେଲେ । ଶ୍ରୀରାମ ସମୁଦ୍ର ପାର ହେବା ପରେ ରାବଣର ରାଣୀ ମନ୍ଦୋଦରୀ ତଥା ଅନ୍ୟାନ୍ୟ ବିଜ୍ଞ ବ୍ୟକ୍ତିମାନେ ଶ୍ରୀରାମଙ୍କ ସହିତ ଯୁଦ୍ଧ ନ କରିବା ସକାଶେ ରାବଣକୁ ପରାମର୍ଶ ଦେଲେ । କିନ୍ତୁ ସେ କାହାରି ପରାମର୍ଶ ସ୍ୱୀକାର କଲା ନାହିଁ ।

ଶ୍ରୀରାମ ପ୍ରଥମରେ ବାଳିପୁତ୍ର ଅଙ୍ଗଦକୁ ରାବଣ ପାଖକୁ ଦୂତ ରୂପେ ପଠାଇ ସୀତାଦେବୀଙ୍କୁ ସମ୍ମାନ ସହିତ ଫେରାଇ ଦେବାକୁ କହିଲେ । କିନ୍ତୁ ରାବଣ ଅସ୍ୱୀକାର କରିବାରୁ ବାନରସେନା ଲଙ୍କାଗଡ଼ର ଚାରି ଦ୍ୱାର ରୁଦ୍ଧ କରି ଯୁଦ୍ଧ ଆରମ୍ଭ କଲେ । ଘୋର ଯୁଦ୍ଧ ହେଲା । ରାକ୍ଷସମାନେ ଯୁଦ୍ଧବିଦ୍ୟା ବିଶାରଦ, ଅସ୍ତ୍ର-ଶସ୍ତ୍ର-ସୁସଜ୍ଜିତ ଥିଲେ; କିନ୍ତୁ ବାନରସେନା କେବଳ ପଥର, ଗଛ ଦ୍ୱାରା ସେମାନଙ୍କ ସହିତ ଯୁଦ୍ଧ କରୁଥିଲେ । ରାବଣର ସେନାପତି ମହାପରାକ୍ରମୀ ପ୍ରହସ୍ତ, ମହାନ୍ ଯୋଦ୍ଧା ଧୂମ୍ରାକ୍ଷ, ବଜ୍ରଦଂଷ୍ଟ୍ର, ଅକମ୍ପନ ଆଦି ବୀରମାନଙ୍କ ସହିତ ବାନରସେନା ଯୁଦ୍ଧ କରି ସେମାନଙ୍କୁ ସଂହାର କରିବାରୁ ରାବଣ ସ୍ୱୟଂ ଯୁଦ୍ଧକୁ ଆସିଲା । ଶ୍ରୀରାମଙ୍କ ବାଣରେ ବିଦ୍ଧ ହୋଇ ରାବଣ ରଣଭୂମିରୁ ଯାଇ ଶୋଇଥିବା ଛୋଟ ଭାଇ କୁମ୍ଭକର୍ଣ୍ଣକୁ ଉଠାଇଲା ।

କୁମ୍ଭକର୍ଣ୍ଣର ଶରୀର ଯେପରି ପର୍ବତ ସଦୃଶ, ଭୋଜନ ମଧ୍ୟ ସେହିପରି ଅପରିମିତ । ସେହି ଅନୁରୂପ ଛଅମାସ ଶୟନ – ସେହି ଅନୁସାରେ ଶାରୀରିକ ବଳ । ସେ ଛଅମାସ ପରେ ଉଠିଲା ବେଳେ କ୍ଷୁଧା ଯୋଗୁଁ ଆଖିରୁ ଜୁଳୁଜୁଳିଆ ପୋକ ବାହାରି ଯାଏ । ଉଠିବା ସଙ୍ଗେ ସଙ୍ଗେ ଯଦି ଭୋଜନ ଦ୍ରବ୍ୟ ସମ୍ମୁଖରେ ନ ଥାଏ ତେବେ ସେ ସେବକମାନଙ୍କୁ ଧରି ଗୋଟା ଗୋଟା ଗିଳି ଦିଏ । ତା'ର ଉଠିବା ପୂର୍ବରୁ ତା' ସମ୍ମୁଖରେ ରାକ୍ଷସ-ଉପଯୋଗୀ ଭୋଜନ – ମାଂସର ସ୍ତୂପ ଲଗାଇ ଦିଆ ଯାଇଥିଲା; କଳସ କଳସ ସୁରା ରଖା ହୋଇଥିଲା । ସେ ଉଠିବା ମାତ୍ରେ ଖାଇପିଇ ଥଣ୍ଡା ହେବାରୁ ରାବଣ ଯୁଦ୍ଧ ବୃତ୍ତାନ୍ତ ଶୁଣାଇ ଦେଲା । ଶ୍ରୀରାମଙ୍କ ସଙ୍ଗେ ଯୁଦ୍ଧ କରିବା ଠିକ୍ ହୋଇ ନାହିଁ କହି ସଙ୍ଗରେ ସେନା ନ ନେଇ ସେ ଏକାକୀ ଯୁଦ୍ଧ କ୍ଷେତ୍ରରେ ଉପସ୍ଥିତ ହେଲା । ତା' ପଛରେ ଗଲେ ସେନା । ସେ ଯୁଦ୍ଧ କରିବ କ'ଣ ମୁଠା ମୁଠା କରି ବାନର ସେନାକୁ ଗିଳି ଯାଉଥିଲା, ସେମାନେ ପୁଣି ତା' ନାକ କାନ ବାଟେ ବାହାରି ଆସୁଥିଲେ । କିନ୍ତୁ ଶେଷରେ ସେ ଶ୍ରୀରାମଙ୍କ ହାତରେ ବଧ ହେଲା ।

ତା'ପରେ ଆସିଲା ଯୁଦ୍ଧରେ ତ୍ରିଶିରା, ଦେବାନ୍ତକ, ମହୋଦର, ଅତିକାୟ । ଏମାନଙ୍କ ବଧ ପରେ ଇନ୍ଦ୍ରଜିତ୍ କ୍ରୋଧରେ ଆସି ଯୁଦ୍ଧ କଲା । ଲକ୍ଷ୍ମଣଙ୍କ ବାଣରେ ଆହତ ହୋଇ ତାକୁ ଲଙ୍କା ଫେରିଯିବାକୁ ହେଲା । କୁମ୍ଭ ନିକୁମ୍ଭ ଯୁଦ୍ଧରେ ବଧ ହେବାପରେ ମକରାକ୍ଷସ ଶ୍ରୀରାମଙ୍କ ସଙ୍ଗେ ଯୁଦ୍ଧକରି ଶରୀର ତ୍ୟାଗ କଲା । ଇନ୍ଦ୍ରଜିତ୍ ମାୟାସୀତାଙ୍କୁ ଆଣି ଯୁଦ୍ଧ ଭୂମିରେ ବିନାଶ କଲା । କିନ୍ତୁ ହନୁମାନ୍ ଅଶୋକ ବନରେ ସୀତାଙ୍କୁ ଦେଖି ଆସିବାରୁ ସମସ୍ତ ବ୍ୟକ୍ତି ଆନନ୍ଦିତ ହେଲେ । ଇନ୍ଦ୍ରଜିତ୍ ଯୁଦ୍ଧରେ ପରାସ୍ତ ହୋଇ ବିଜୟରଥ ପ୍ରାପ୍ତି ଉଦ୍ଦେଶ୍ୟରେ ନିକୁମ୍ଭିଲା ବଟତଳେ ଯଜ୍ଞ ଆରମ୍ଭ କଲା । ଯଜ୍ଞ ଧ୍ୱଂସକରି ଇନ୍ଦ୍ରଜିତକୁ ବଧ କରିବାକୁ ଗଲେ ଲକ୍ଷ୍ମଣ, ତାଙ୍କ ସହାୟତାରେ ରହିଲେ ହନୁମାନ୍, ଅଙ୍ଗଦ ତଥା ବିଭୀଷଣ । ଯୁଦ୍ଧରେ ଇନ୍ଦ୍ରଜିତ୍ ବଧ ହେବାରୁ ରାବଣ କ୍ରୁଦ୍ଧ ହୋଇ ଯୁଦ୍ଧକୁ ଆସି ପୁତ୍ରଶୋକରୁ ନିବୃତ୍ତ ହେବା ସକାଶେ ଲକ୍ଷ୍ମଣଙ୍କ ସଙ୍ଗେ ଯୁଦ୍ଧ କଲା । କିନ୍ତୁ ଲକ୍ଷ୍ମଣଙ୍କ ବାଣରେ ବ୍ୟାକୁଳ ହୋଇ ଶେଷରେ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ବ୍ରହ୍ମା ଦେଇଥିବା ଶକ୍ତି ଲକ୍ଷ୍ମଣଙ୍କ ଉପରେ ନିକ୍ଷେପ କଲା । ଶକ୍ତି ଲାଗି ଲକ୍ଷ୍ମଣ ଧରାଶାୟୀ ହେଲେ । ସେହି ଅବସ୍ଥାରେ ରାବଣ ତାଙ୍କୁ ଲଙ୍କା ନେଇଯିବା ଉଦ୍ଦେଶ୍ୟରେ ଉଠାଇବାକୁ ଚାହିଲା, କିନ୍ତୁ ପାରିଲା ନାହିଁ । ତାହାରି ସାମନାରେ ହନୁମାନ୍ ଲକ୍ଷ୍ମଣଙ୍କୁ ମନେ ମନେ ସ୍ତୁତିକରି ଉଠାଇ ଶ୍ରୀରାମଙ୍କ ପାଖକୁ ନେଇଗଲେ । ସେହି ରାତ୍ରି ମଧ୍ୟରେ ହନୁମାନ୍ ହିମାଳୟ ଯାଇ ଔଷଧ ଥିବା ପାହାଡ଼ ଉଠାଇ ଆଣିଲେ । ସୁଷେଣ ବୈଦ୍ୟ ବିଶଲ୍ୟକରଣୀ, ମୃତ୍ୟୁ ସଞ୍ଜୀବନୀ ଔଷଧ ପ୍ରସ୍ତୁତ କରି ଦେବାରୁ ଲକ୍ଷ୍ମଣ ଆରୋଗ୍ୟ ହେଲେ ।

ଶେଷରେ ରାବଣ ଯୁଦ୍ଧ କରି ଶ୍ରୀରାମଙ୍କ ହସ୍ତରେ ବଧ ହେଲା । ଲଙ୍କାର ରାଜା ହେଲେ ବିଭୀଷଣ । ସୀତାଦେବୀ ନିଜ ସତୀତ୍ୱର ଜ୍ୱଳନ୍ତ ପ୍ରମାଣ ଦେବା ସକାଶେ ଅଗ୍ନିରେ ପ୍ରବେଶ କଲେ । ତାଙ୍କ ବସ୍ତ୍ରର ଖିଏ ସୂତା ମଧ୍ୟ ଜଳିଲା ନାହିଁ । ଶ୍ରୀରାମ ଯୁଦ୍ଧ-ବିଜୟ କରି ଜନକନନ୍ଦିନୀ ମହାରାଣୀ ସୀତା, ଅନୁଜ ଲକ୍ଷ୍ମଣ, ସୁଗ୍ରୀବ, ବିଭୀଷଣ ହନୁମାନ୍ ଓଗେର ସମସ୍ତ ବାନରସେନା ସହିତ ପୁଷ୍ପକ ବିମାନରେ ଆକାଶମାର୍ଗରେ ଆସି ଦଣ୍ଡକ ବନରେ ଉତରିଲେ । ସେଠାରେ ଋଷିମୁନିମାନଙ୍କୁ ଦର୍ଶନ କରି ସେହି ବିମାନରେ ପ୍ରୟାଗରେ ଉପନୀତ ହେଲେ । ଚୌଦ ବର୍ଷର ଶେଷ ଦିନକୁ ଭରତ ତଥା ମାତା ଏବଂ ଅଯୋଧ୍ୟାବାସୀମାନେ ଚାତକ ସଦୃଶ ଶ୍ରୀରାମଙ୍କ ଆଗମନକୁ ଅପେକ୍ଷା କରିଥିଲେ । ହନୁମାନଙ୍କଠାରୁ ଶ୍ରୀରାମଙ୍କ ଆଗମନ ଶୁଣିବା ମାତ୍ରେ ସେମାନଙ୍କ ହୃଦୟ ଆନନ୍ଦରେ ପରିପୂର୍ଣ୍ଣ ହୋଇ ଉଛୁଳି ପଡ଼ିଲା । ପୁର, ନଗର, ରାଜଧାନୀ ନାନାପ୍ରକାର ପୁଷ୍ପ, ତୋରଣ, ପତାକା, ମଣି, ଦୀପ ଏବଂ ବସ୍ତ୍ର ଦ୍ୱାରା ସୁସଜ୍ଜିତ କରାହେଲା । ନୃତ୍ୟ, ଗାନ, ବେଦପାଠ ହେଲା, ବାଦ୍ୟାଦି ବାଜିବାକୁ ଲାଗିଲା । ହନୁମାନ୍ ଫେରି, ଭରତ ଏବଂ ସମସ୍ତ ମାତାମାନେ ତଥା ଅଯୋଧ୍ୟାବାସୀ ତୀବ୍ର ଉତ୍କଣ୍ଠାରେ ଶ୍ରୀରାମଙ୍କ ଦର୍ଶନକୁ ଅପେକ୍ଷା କରି ଏକ ଏକ କ୍ଷଣକୁ ଏକ ଏକ ଯୁଗ ସଦୃଶ କଟାଉ ଅଛନ୍ତି, ଏହି ଖବର ଶ୍ରୀରାମଙ୍କ ଚରଣରେ ନିବେଦନ କଲେ । ଶ୍ରୀରାମ, ସୀତା, ଲକ୍ଷ୍ମଣ, ହନୁମାନ୍, ବିଭୀଷଣ, ବାନରସେନା ଏବଂ ସେନାପତିଙ୍କ ସହିତ ବିମାନ ଯୋଗେ ଅଯୋଧ୍ୟାରେ ଉପନୀତ ହେଲେ । ଏତେ ଦିନ ପରେ ଶ୍ରୀରାମ ଆସିଛନ୍ତି । ସେ ସମସ୍ତଙ୍କର ପ୍ରାଣଠାରୁ ଅଧିକ ପ୍ରିୟ । ପ୍ରତ୍ୟେକ ବ୍ୟକ୍ତି ତାଙ୍କ ସଙ୍ଗେ ଦେଖାକରି ଯଥାବିଧି ସମ୍ଭାଷଣ, ଆଶୀର୍ବାଦ ଦେବାକୁ, ନମସ୍କାର କରିବାକୁ ଚାହାନ୍ତି । ପ୍ରତ୍ୟେକ ବ୍ୟକ୍ତିଙ୍କର ଏହି ଉତ୍କଟ ଇଚ୍ଛା ପୂର୍ଣ୍ଣ କରିବା ସକାଶେ ଶ୍ରୀରାମ ବହୁରୂପ ଧାରଣ କରି ଏକହିଁ ସମୟରେ ପ୍ରତ୍ୟେକ ବ୍ୟକ୍ତି ସହିତ ଦେଖାକରି ସେମାନଙ୍କୁ ପରିତୋଷ କଲେ । ଗୁରୁ, ମାତା, ମନ୍ତ୍ରୀଙ୍କ ଆଗ୍ରହରେ ଶ୍ରୀରାମ, ଭରତ, ଲକ୍ଷ୍ମଣ, ଜଟା ତ୍ୟାଗ କଲେ ଏବଂ ଶ୍ରୀରାମଙ୍କ ରାଜ୍ୟାଭିଷେକ ହେଲା ।

ଶ୍ରୀରାମ ଥିଲେ ଆଦର୍ଶ ରାଜା, ଆଦର୍ଶ ପୁତ୍ର, ଆଦର୍ଶ ଭ୍ରାତା, ଆଦର୍ଶ ପତି, ଆଦର୍ଶ ପିତା, ଆଦର୍ଶ ମିତ୍ର । ତାଙ୍କ ରାଜ୍ୟରେ ସମସ୍ତ ବ୍ୟକ୍ତି ସୁଖଶାନ୍ତିରେ ଥିଲେ, ଧନର ଅଭାବ ନ ଥିଲା । ଅକାଳ ମୃତ୍ୟୁ କାହାକୁ ହେଉ ନ ଥିଲା । କେହି ବ୍ୟକ୍ତି ରୋଗରେ ପୀଡ଼ିତ ହେଉ ନ ଥିଲେ । ଚୋରି, ଡକାୟତି ନ ଥିଲା । ସ୍ତ୍ରୀମାନେ ପତିବ୍ରତା, ପୁରୁଷମାନେ ଏକ ପତ୍ନୀବ୍ରତ ଧର୍ମପାଳନ କରୁଥିଲେ । ପୁତ୍ର-କନ୍ୟାମାନେ ପିତାମାତା, ଗୁରୁଜନଙ୍କ ଆଜ୍ଞାପାଳନ କରୁଥିଲେ । ଠିକ୍ ସମୟରେ ବର୍ଷା ହେଉଥିଲା । ଝଡ଼-ତୋଫାନ, ବନ୍ୟା, ଅତିବୃଷ୍ଟି, ଅନାବୃଷ୍ଟି ହେଉ ନ ଥିଲା । ପୃଥିବୀରେ ପର୍ଯ୍ୟାପ୍ତ ଶସ୍ୟ ଉତ୍ପନ୍ନ ହେଉଥିଲା । ବୃକ୍ଷଲତା ଫଳ, ପୁଷ୍ପରେ ପରିପୂର୍ଣ୍ଣ ଥିଲା ।

(୯)

ଉତ୍ତରକାଣ୍ଡ

ବ୍ରାହ୍ମଣମାନେ ସ୍ୱଚ୍ଛନ୍ଦରେ ବେଦାଧ୍ୟୟନ, ବେଦପାଠ, ହୋମଯଜ୍ଞ କରୁଥିଲେ । ଅନ୍ୟାନ୍ୟ ସମସ୍ତ ବର୍ଣ୍ଣର ବ୍ୟକ୍ତି ନିଜ ନିଜ ଧର୍ମରେ ରତ ଥିଲେ । ଶ୍ରୀରାମଙ୍କ ରାଜ୍ୟରେ କୌଣସି ପ୍ରକାର ଅନ୍ୟାୟ ହେଉ ନ ଥିଲା । ରାଜନୀତି ଅନୁସାରେ ଯଦ୍ୟପି ବିଚାରାଳୟ ଥିଲା, ତଥାପି ତାହା କାର୍ଯ୍ୟକାରୀ ହେଉ ନ ଥିଲା । ଘରେ ମା'ମାନେ ଶିଶୁକୁ ଲାଳନପାଳନ ସମୟରେ ଶ୍ରୀରାମଙ୍କ ଚରିତ ଗାନ କରୁଥିଲେ ଏବଂ ପ୍ରଣତପାଳ ଶ୍ରୀରାମଙ୍କୁ ସ୍ମରଣ କରିବାକୁ ଶିକ୍ଷା ଦେଉଥିଲେ । ଶ୍ରୀରାମଙ୍କ ରାଜ୍ୟରେ ପ୍ରଜା ପରସ୍ପର ମଧ୍ୟରେ ପରନିନ୍ଦା, ପରଚର୍ଚ୍ଚା କରୁ ନ ଥିଲେ । ଯେଉଁଠାରେ କିଛି ବ୍ୟକ୍ତି ଏକତ୍ର ହେଉଥିଲେ ସେଠାରେ ସେମାନେ ଧର୍ମଚର୍ଚ୍ଚା ଅଥବା ଶ୍ରୀରାମଙ୍କ ଯଶଃ-ଗାନ କରୁଥିଲେ ଏବଂ ଶ୍ରୀରାମଙ୍କୁ ଭଜନ କରିବା ସକାଶେ ପରସ୍ପର ଶିକ୍ଷା ଦେଉଥିଲେ । ଶ୍ରୀରାମଙ୍କ ରାଜ୍ୟରେ ସମସ୍ତ ବ୍ୟକ୍ତି ସୁଖ, ଶାନ୍ତି, ଆନନ୍ଦରେ ଥିଲେ । ପ୍ରତ୍ୟେକ ବ୍ୟକ୍ତି ଥିଲେ ଧାର୍ମିକ ତଥା ନୀତିଜ୍ଞ । ରାମରାଜ୍ୟର ଏପରି ବିଶେଷତ୍ୱ ଥିଲା ଯେ ଆଜି ପର୍ଯ୍ୟନ୍ତ ରାମରାଜ୍ୟର ପ୍ରଶଂସା ଲୋକମୁଖରେ ଚାଲି ଆସୁଅଛି । ଶ୍ରୀରାମ ବହୁତ ବର୍ଷ ରାଜତ୍ୱ କରି ପ୍ରଜା ଏବଂ ଅଯୋଧ୍ୟାବାସୀ ତଥା ବାନରସେନାଙ୍କ ସହିତ ସରଯୂ ନଦୀରେ ପ୍ରବେଶ କରି ଶରୀର ତ୍ୟାଗ କଲେ ଏବଂ ଦିବ୍ୟ ଚିନ୍ମୟ ଶରୀର ଧାରଣ କରି ବୈକୁଣ୍ଠକୁ (ସାକେତ) ଗମନ କଲେ ।

ଶ୍ରୀନାରଦଙ୍କଠାରୁ ମହର୍ଷି ବାଲ୍ମୀକି ଶ୍ରୀରାମଙ୍କ ଚରିତ ସଂକ୍ଷେପରେ ଶୁଣିବା ପରେ ତାଙ୍କ ଶିଷ୍ୟ ଋଷି ଭରଦ୍ୱାଜଙ୍କ ସହିତ ନାରଦଙ୍କୁ ପୂଜା କଲେ । ନାରଦ ମହର୍ଷିଙ୍କଠାରୁ ବିଦାୟ ନେଇ ଦେବଲୋକ ଗମନ କଲେ । କିଛି ସମୟ ପରେ ବାଲ୍ମୀକି ଶିଷ୍ୟ ଭରଦ୍ୱାଜଙ୍କ ସହିତ ସ୍ନାନ କରିବା ଉଦ୍ଦେଶ୍ୟରେ ତମସା ନଦୀ କୂଳରେ ଉପନୀତ ହୋଇ ବନଶୋଭା ଦେଖି ନଦୀକୂଳରେ ବୁଲିବାକୁ ଲାଗିଲେ । ସେହି ସମୟରେ ଦୁଇଟି କପୋତ ପକ୍ଷୀ ରତି କରିବା ସମୟରେ ଗୋଟିଏ ଶବର (ନିଷାଦ) ସେହି ଦୁଇଟି ପକ୍ଷୀ ମଧ୍ୟରୁ ପୁରୁଷ ପକ୍ଷୀକୁ ଶରବିଦ୍ଧ କଲା । ସେ ରକ୍ତାକ୍ତ ହୋଇ ତଳେ ପଡ଼ିଗଲା । ଦୟାର୍ଦ୍ର ବାଲ୍ମୀକି ଏହି ଦୃଶ୍ୟ ଦେଖି କହିଲେ,

''ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀଃ ସମାଃ ।
ଯତ୍‌କ୍ରୌଞ୍ଚମିଥୁନାଦେକମବଧୀଃ କାମମୋହିତମ୍ ।।'' ୧୫।।

(ବାଲ୍ମୀକିରାମାୟଣ – ବାଳକାଣ୍ଡ, ଦ୍ୱିତୀୟ ସର୍ଗ)

''ହେ ଶବର, ତୁ ଏହି କାମ ମୋହିତ ପୁରୁଷପକ୍ଷୀକୁ ମାରିଲୁ, ସେହି କାରଣରୁ ତୁ ଏହି ବନକୁ ବହୁ ବର୍ଷ ପର୍ଯ୍ୟନ୍ତ ଆସିବୁ ନାହିଁ, ଅଥବା ତୋତେ ସୁଖଶାନ୍ତି ନ ମିଳୁ ।''

ଏହା କହିବାପରେ ବାଲ୍ମୀକି ବିଚାର କରି ଭରଦ୍ୱାଜଙ୍କୁ କହିଲେ କପୋତ ପକ୍ଷୀଙ୍କୁ ଦେଖି ଏହି ଯେଉଁ ଶ୍ଲୋକ ମୁଁ କହିଲି, ଏଥିରେ ଚାରିପାଦ ଏବଂ ପ୍ରତ୍ୟେକ ପାଦରେ ସମାନ ଅକ୍ଷର ଅଛି । ଏହି ଶ୍ଲୋକ ବୀଣାରେ ମଧ୍ୟ ଗାନ କରାଯାଇପାରେ । ଏହି ଶ୍ଲୋକ ମୋର ଯଶଃକୁ ବଢ଼ାଇବ । ଗୁରୁଙ୍କ ବଚନ ଶୁଣି ଭରଦ୍ୱାଜ ଏହି ଶ୍ଲୋକକୁ ମୁଖସ୍ଥ କରି ନେଲେ । ଗୁରୁଶିଷ୍ୟ ସ୍ନାନ କରି ଆଶ୍ରମକୁ ଫେରି ଆସିଲେ । ନିତ୍ୟ ନିୟମ ସମାପ୍ତ କରି ଋଷିମଣ୍ଡଳଙ୍କୁ ପୁରାଣ ଶୁଣାଇବାକୁ ଲାଗିଲେ ।

ସେହି ସମୟରେ ଚତୁର୍ମୁଖ ବ୍ରହ୍ମାଜି ହଠାତ୍ ବାଲ୍ମୀକିଙ୍କ ଆଶ୍ରମରେ ଉପନୀତ ହେବା ଦେଖି ବାଲ୍ମୀକି ଉଠି ଛିଡ଼ା ହୋଇଗଲେ ଏବଂ ବିନମ୍ରଭାବେ ଶିଷ୍ୟ ସହିତ ପ୍ରଣାମ କରି ଅତ୍ୟନ୍ତ ଆଦର ଏବଂ ହର୍ଷ ସହିତ ପାଦ୍ୟ, ଅର୍ଘ୍ୟାଦିରେ ପୂଜନ କରି ସୁନ୍ଦର ଆସନ ନିବେଦନ କଲେ । ପିତାମହ ବ୍ରହ୍ମା ପୂଜାଗ୍ରହଣ କରି ଆସନରେ ବିରାଜମାନ ହେଲେ ଏବଂ ଶିଷ୍ୟ ସହିତ ବାଲ୍ମୀକିଙ୍କୁ ବସିବାକୁ କହିଲେ । ବାଲ୍ମୀକି ସେହି ପକ୍ଷୀର ମୃତ୍ୟୁର କରୁଣ ଦୃଶ୍ୟ ଦେଖିଥିବାରୁ ବିସ୍ମିତ

ମନରେ ସେହି ଶ୍ଲୋକକୁ ସ୍ମରଣ କରୁଥିଲେ । ବାଲ୍ମୀକିଙ୍କୁ ଚିନ୍ତାଯୁକ୍ତ ଦେଖି ବ୍ରହ୍ମା କହିଲେ, ''ହେ ଋଷି ଶ୍ରେଷ୍ଠ, ତୁମେ ଶ୍ଲୋକ ରଚନା କରିଛ, ଏ ବିଷୟରେ ଆଉ କିଛି ବିଚାର ନ କରି ଧର୍ମାତ୍ମା ଭଗବାନ୍ ଶ୍ରୀରାମଙ୍କ ଚରିତରେ ଯାହା ପ୍ରକଟ ଏବଂ ଗୁପ୍ତ ଅଛି ସେସବୁକୁ ନେଇ ତୁମେ ଶ୍ଲୋକ ରଚନା କର । ତୁମକୁ ଗୁପ୍ତ ଏବଂ ପ୍ରକଟ ସମସ୍ତ ଚରିତ ବିଦିତ ହେବ । ଏହି କାବ୍ୟରେ ତୁମ୍ଭର କୌଣସି ରଚନା ମିଥ୍ୟା ହେବ ନାହିଁ । ପୃଥିବୀରେ ଯେପର୍ଯ୍ୟନ୍ତ ନଦୀ, ପର୍ବତ ରହିବେ, ସେ ପର୍ଯ୍ୟନ୍ତ ତୁମ କାବ୍ୟ ପ୍ରଚାରିତ ହେଉଥିବ ।'' ଏତିକି କହି ବ୍ରହ୍ମା ଅନ୍ତର୍ଦ୍ଧାନ ହୋଇଗଲେ । ବ୍ରହ୍ମାଙ୍କ ଆଦେଶରେ ବାଲ୍ମୀକି ଭଗବାନଙ୍କୁ ସ୍ମରଣ କରି ରାମାୟଣ ରଚନା କଲେ ।

ଶ୍ରୀରାମଚରିତକୁ ମହର୍ଷି ବାଲ୍ମୀକି ସଂସ୍କୃତ ଶ୍ଲୋକରେ ଛନ୍ଦୋବଦ୍ଧ କରି ଶ୍ରୀରାମଙ୍କ ପୁତ୍ର ଲବ, କୁଶକୁ ସୁସ୍ୱରରେ ଗାନ କରିବାକୁ ଶିକ୍ଷା ଦେଇଥିଲେ । ରାଜସଭାରେ ପ୍ରଥମରେ ସେମାନଙ୍କଠାରୁ ଶ୍ରୀରାମ ରାମାୟଣ ଶୁଣି ବହୁତ ଆନନ୍ଦିତ ହେଲେ । ରାମାୟଣରେ ଶ୍ରୀରାମଚନ୍ଦ୍ରଙ୍କ ଚରିତ ସଙ୍ଗେ ସଙ୍ଗେ ଧର୍ମ ନୀତି, ସମାଜନୀତି, ଅଧ୍ୟାତ୍ମ, ଜୀବ, ବ୍ରହ୍ମ, ଜ୍ଞାନ, ଭକ୍ତି ବିଷୟ ସୁନ୍ଦରଭାବେ ବର୍ଣ୍ଣିତ ହୋଇଅଛି । ରାମାୟଣରେ ପ୍ରତ୍ୟେକ ପାତ୍ର ହେଉଛନ୍ତି ମନୁଷ୍ୟସମାଜର ଆଦର୍ଶ । ବ୍ୟକ୍ତି ନିଜ ସ୍ୱଭାବ ଅନୁସାରେ ରାମାୟଣର କୌଣସି ଚରିତ୍ରର ଆଦର୍ଶ ଗ୍ରହଣ କରି ପାରିଲେ ତା' ଜୀବନ ଆନନ୍ଦ, ଶାନ୍ତି, ସୁଖମୟ ହୋଇପାରିବ ଏବଂ ସେ ଆଦର୍ଶ ଜୀବନ ଗ୍ରହଣ କରି ଭଗବାନଙ୍କ ସହିତ ଏକତ୍ୱପ୍ରାପ୍ତ କରି ପାରିବ ।

ଶ୍ରୀରାମ ସତ୍ୟବାଦୀ ଆଦର୍ଶ ରାଜା, ପିତାମାତାଙ୍କ ଆଜ୍ଞା ପାଳନକାରୀ ଆଦର୍ଶ ପୁତ୍ର । ଭ୍ରାତୃସ୍ନେହୀ ଆଦର୍ଶ ଭ୍ରାତା, ଏକ ପତ୍ନୀବ୍ରତ-ବ୍ରତୀ, ଆଦର୍ଶ ପତି, ଅସମୟରେ ସାହାଯ୍ୟକାରୀ ଆଦର୍ଶ ମିତ୍ର, ସର୍ବବ୍ୟକ୍ତି ପ୍ରତି ଯଥାଯୋଗ୍ୟ ସମ୍ମାନ, ଉଚିତ ବ୍ୟବହାରକାରୀ ଆଦର୍ଶ ବ୍ୟକ୍ତି । ପ୍ରାଣୀ ମାତ୍ରର ହିତାକାଂକ୍ଷୀ ଆଦର୍ଶ ମାନବ । ଗାର୍ହସ୍ଥ୍ୟ ଧର୍ମରେ ବ୍ୟକ୍ତି ଶ୍ରୀରାମଙ୍କ ଚରିତ୍ର ଆଦର୍ଶରୂପେ ଗ୍ରହଣ କଲେ ସେ ସମାଜକୁ ନିଜ ଆଚରଣ ଦ୍ୱାରା ସୁଧାରି ପାରେ ତଥା ସ୍ୱୟଂ ଆନନ୍ଦରେ ଜୀବନ ଯାପନ କରିପାରେ ।

ଲକ୍ଷ୍ମଣ ଅନନ୍ୟ ଭଗବତ୍‌ସେବକ ଭକ୍ତ । ସେ ଭଗବାନ୍ ଶ୍ରୀରାମଙ୍କ ଚରଣରେ ଗୃହ, ପରିବାର, ପିତାମାତା, ଗୁରୁ, ମିତ୍ର, ପତ୍ନୀ, ନିଜ ମାନସମ୍ମାନ, ଅହଂ, ସ୍ୱାର୍ଥ ସମସ୍ତ – ନିବେଦନ କରି ମନ-ପ୍ରାଣ-ଶରୀରରେ ପୂର୍ଣ୍ଣରୂପେ ସେବା କରିଥିଲେ । ଶ୍ରୀରାମ ଆଦର୍ଶ ରାଜା ଥିବାରୁ ବାରଂବାର ଅଯୋଧ୍ୟା ତଥା ଭରତ ଏବଂ ମାତା, ପୁରବାସୀଙ୍କୁ ସ୍ମରଣ କରୁଥିଲେ, କିନ୍ତୁ ଲକ୍ଷ୍ମଣ ଶ୍ରୀରାମଙ୍କ ସେବା ଛଡ଼ା କ୍ଷଣକ ପାଇଁ କେବେ ବି ଅନ୍ୟ କିଛି ସ୍ମରଣ କରି ନ ଥିଲେ । ଏହାହିଁ ଅନନ୍ୟ ଭକ୍ତିର ଲକ୍ଷଣ ।

ଲକ୍ଷ୍ମଣ ହେଉଛନ୍ତି ଜୀବ ମାତ୍ରର ଆଚାର୍ଯ୍ୟ ଏବଂ ଜୀବମାତ୍ରର ଆଦର୍ଶ । ପ୍ରତ୍ୟେକ ବ୍ୟକ୍ତିର ଏକମାତ୍ର ଲକ୍ଷ୍ୟ ଏକମାତ୍ର କର୍ତ୍ତବ୍ୟ, ସମସ୍ତ କିଛି ଭଗବାନଙ୍କ ଚରଣରେ ସମର୍ପଣ କରି ତାଙ୍କ ସେବାରୂପେ ସମସ୍ତ କର୍ମ କରିବା । ଅନନ୍ୟ ସେବାନିଷ୍ଠ ଭକ୍ତର ଆଦର୍ଶ ହେଉଛି ଲକ୍ଷ୍ମଣଙ୍କ ଚରିତ୍ର ।

ଭରତ ହେଉଛନ୍ତି ଭଗବାନ୍ ଶ୍ରୀରାମଙ୍କ ଆଜ୍ଞାକାରୀ ଅନନ୍ୟ ଭକ୍ତ । ସେ ସ୍ୱୟଂ ଶ୍ରୀରାମଙ୍କ ବିୟୋଗରେ ଦାରୁଣ ବ୍ୟଥା ସହନ କରିଥିଲେ, କିନ୍ତୁ ତାଙ୍କ ଆଜ୍ଞା ଉଲଂଘନ ନ କରି ଅଯୋଧ୍ୟାରେ ରହି ଶ୍ରୀରାମଙ୍କ ଆସିବା ଅବଧି ଘୋର ତପସ୍ୟାରେ ମଗ୍ନ ଥିଲେ । ଶ୍ରୀଭରତଙ୍କ ଚରିତ୍ରକୁ ବ୍ୟକ୍ତି ଭଗବାନଙ୍କ ଆଜ୍ଞାପାଳନର ଆଦର୍ଶରୂପେ ଗ୍ରହଣ କରିପାରେ ।

ଶତ୍ରୁଘ୍ନ ଥିଲେ ଭଗବତ୍ ଭକ୍ତର ଭକ୍ତ । କେହି ଭଗବାନଙ୍କର ସିଧା ଭକ୍ତ ହୁଅନ୍ତି, କେହି ଭଗବାନଙ୍କ ଭକ୍ତର ଭକ୍ତ ହୁଅନ୍ତି । ଭଗବାନଙ୍କ ଭକ୍ତ ଭରତଙ୍କର ସେ ଥିଲେ ଭକ୍ତ । ସେ ବରାବର ଭରତଙ୍କ ସଙ୍ଗେ ତାଙ୍କ ସେବାରେ ରହୁଥିଲେ । ତାଙ୍କ ଆଜ୍ଞାପାଳନ କରୁଥିଲେ । ଲକ୍ଷ୍ମଣ ଶ୍ରୀରାମଙ୍କ ଅନୁଗାମୀ ଥିବାରୁ ତାଙ୍କୁ ରାମାନୁଜ କୁହାଯାଏ । ଶତ୍ରୁଘ୍ନ ଭରତଙ୍କ ଅନୁଗାମୀ ଥିବାରୁ ତାଙ୍କୁ ଭରତାନୁଜ କୁହାଯାଏ । ଶତ୍ରୁଘ୍ନଙ୍କ ଚରିତ୍ର ହେଉଛି ସଚ୍ଚସେବୀ ଭକ୍ତଙ୍କର ଆଦର୍ଶ ।

ସୀତାଦେବୀ ହେଉଛନ୍ତି ଆଦର୍ଶ ପତିବ୍ରତା । ସ୍ୱାମୀର ଅସମୟରେ ମନ-ପ୍ରାଣ ସହ ଅନନ୍ୟଭାବେ ସେବା କରିବା ପତିବ୍ରତାର ଲକ୍ଷଣ । ଶ୍ରୀରାମ ରାଜ୍ୟତ୍ୟାଗ କରି ବନବାସ ଯିବା ସମୟରେ ସୀତାଦେବୀ ସମସ୍ତ ପ୍ରକାର ବିଳାସ, ଆରାମ ତ୍ୟାଗ କରି କଣ୍ଟକାକୀର୍ଣ୍ଣ ବନମାର୍ଗରେ ତପସ୍ୱିନୀର ଦୃଢ଼ବ୍ରତ ଧାରଣ କରି ପତିସେବାରେ ରତ

ଥିଲେ । ଯେତେବେଳେ ରାବଣ ଲଙ୍କାରେ ତାଙ୍କୁ ପହଞ୍ଚାଇ ନାନା ପ୍ରଲୋଭନ ଦେଇ କହିଲା, ''ମନ୍ଦୋଦରୀ ତଥା ଅନ୍ୟାନ୍ୟ ସମସ୍ତ ରାଣୀଙ୍କୁ ଦାସୀରୂପେ ତୁମ ସେବାରେ ରଖିବି, ତୁମେ ମୋ ପ୍ରସ୍ତାବ ସ୍ୱୀକାର କରି ନିଅ ।'' ସେତେବେଳେ ସତୀଶିରୋମଣି ମହାରାଣୀ ସୀତା ନିର୍ଭୀକ ଭାବରେ ରାବଣକୁ ଯେପରି କଠୋର ଶବ୍ଦରେ ଭର୍ତ୍ସନା କରିଛନ୍ତି, ତାହା ପଢ଼ିଲେ ରୋମାଞ୍ଚ ସୃଷ୍ଟି ହୁଏ । ବାଲ୍ମୀକିମୁନି ୨୩ ଗୋଟି ଶ୍ଲୋକରେ ରାମାୟଣରେ ଏହାର ବର୍ଣ୍ଣନା କରିଛନ୍ତି । ମହାବଳୀ ରାକ୍ଷସ ଭବନରେ ଏକା ଅବଳା ସୀତା ବନ୍ଦୀ ଅବସ୍ଥାରେ ଏପରି ଧୈର୍ଯ୍ୟ ଆଉ ସାହସ ସହିତ ଭର୍ତ୍ସନା କରି ପାରିଥିଲେ ପାତିବ୍ରତ୍ୟ ତପଃଶକ୍ତିର ପ୍ରଭାବରେ । ସେହି ଶକ୍ତିର ପ୍ରଭାବରେ ସେ ଥିଲେ ନିର୍ଭୀକ । ସେ ଜାଣିଥିଲେ ରାବଣ ତାଙ୍କର କିଛି ବି କରି ପାରିବ ନାହିଁ । ଏତେ କଟୁ ନିନ୍ଦା ଶବ୍ଦଶୁଣି ରାବଣ କ୍ରୁଦ୍ଧ ହୋଇଥିଲା, କିନ୍ତୁ ଉତ୍ତରରେ କିଛି କହିବାକୁ ସାହସ କରି ନ ଥିଲା । କାରଣ ଅସତ୍ ଆଚରଣ କରିବା ବ୍ୟକ୍ତି ସତ୍ୟପରାୟଣ ବ୍ୟକ୍ତି ପାଖରେ ସର୍ବଥା ଅନ୍ତରରେ ଭୟଭୀତ ରହିଥାଏ । ଏହା ଯଦି ସତ୍ୟ ହୁଏ, ତେବେ ଭୟତ୍ରସ୍ତ ରାବଣ ସୀତାଙ୍କୁ ହରି ଆଣିଲା କିପରି ? ସୀତାଦେବୀ ଯଦି ବିରୋଧ କରିଥା'ନ୍ତେ ସେ କଦାପି ତାଙ୍କୁ ହରଣ କରିପାରି ନ'ଥାନ୍ତା । ସୀତାଙ୍କର ଯଦ୍ୟପି ସମ୍ମତି ନ ଥିଲା, ତଥାପି ଭଗବାନଙ୍କ କାର୍ଯ୍ୟ ସକାଶେ ସେ ବିରୋଧ କରି ନ ଥିଲେ । କାରଣ ଶ୍ରୀରାମଙ୍କ ଲୀଳା ସର୍ବାଙ୍ଗସୁନ୍ଦର କରିବା ସକାଶେ ସୀତାଙ୍କ ହରଣ ଆବଶ୍ୟକ ଥିଲା । ଶ୍ରୀରାମଙ୍କ ଆନ୍ତରିକ ଅଭିପ୍ରାୟ ଥିବାରୁ ରାବଣ ହରିନେବା ସମୟରେ ସେ ପ୍ରତିବାଦ କରି ନ ଥିଲେ । ଜନକନନ୍ଦିନୀ ସୀତାଦେବୀଙ୍କର ଏହି ଉଜ୍ଜ୍ୱଳ ପବିତ୍ର ଚରିତ୍ରରେ ଭାରତୀୟ ମହିଳାମାନଙ୍କ ଗର୍ବ କରିବା ସ୍ୱାଭାବିକ । ପ୍ରତ୍ୟେକ ମହିଳା ସୀତାଦେବୀଙ୍କ ଏହି ପରମପାବନ ପାତିବ୍ରତ୍ୟ ଆଦର୍ଶକୁ ନିଜ ଜୀବନରେ ଆଚରଣ କରିବା ଉଚିତ । ରାମାୟଣର ପ୍ରତ୍ୟେକ ଚରିତ୍ରରୁ ଯଥେଷ୍ଟ ଶିକ୍ଷା ମିଳେ । ରାମାୟଣ ଗ୍ରନ୍ଥଟିଁ ଶିକ୍ଷାପ୍ରଦ । ଏଠାରେ କେବଳ ଦିଗ୍‌ଦର୍ଶନ କରାହେଲା, ରାମାୟଣ ଚରିତ ଲେଖିବା ସମୟରେ ଆବଶ୍ୟକ ଅନୁସାରେ ଆଲୋଚନା କରାହେବ ।

ଏହି ଅସାଧାରଣ କାବ୍ୟ ମହର୍ଷି ବାଲ୍ମୀକି ତଥା ଚିର ସ୍ମରଣୀୟ ଗୋସ୍ୱାମୀ ତୁଳସୀ ଦାସଜି ଏବଂ ପୂଜ୍ୟ ମହାତ୍ମା ଶ୍ରୀ ବଳରାମ ଦାସଜି ରଚନା କରି ସମାଜକୁ ଯେଉଁ ଅମୂଲ୍ୟରତ୍ନ ଦେଇ ଉପକାର କରିଛନ୍ତି ସେଥିପାଇଁ ସମାଜ ସର୍ବଥା ଋଣୀ ରହିବ । ମହର୍ଷି ତଥା ମହାତ୍ମାମାନେ ଅଧ୍ୟାତ୍ମ-ଜ୍ଞାନ ତଥା ଭାଗବତୀ ଶକ୍ତିଙ୍କ ପ୍ରେରଣାରେ ଏହି ମହାନ୍ କାର୍ଯ୍ୟ କରି ସଂସାର ସମୁଦ୍ରରେ ଯେଉଁ ସେତୁ ରଚନା କରିଛନ୍ତି ସେଥିରେ ପିପିଲିକା ସଦୃଶ ଅଳ୍ପଜ୍ଞାନପ୍ରାପ୍ତ ବ୍ୟକ୍ତି ସହଜରେ ପାର ହୋଇ ପାରିବେ । ସେହି ରାମାୟଣ ବିଷୟ ପ୍ରବନ୍ଧରେ ଲେଖା ହେଲେ ସର୍ବ-ସାଧାରଣଙ୍କ ସକାଶେ ଉପଯୋଗୀ ହେବ । ଏହି ଆଶାରେ ମା'ଙ୍କ ଅନୁକମ୍ପାରେ ଏହି କାର୍ଯ୍ୟ କରିବାକୁ ଲେଖକ ପ୍ରୟାସ କରୁଅଛି ।

(ଚକ୍ରବର୍ତ୍ତୀ ମହାରାଜା ଦଶରଥଙ୍କ ଚରିତ୍ରରୁ ଶିକ୍ଷା)

(୧୦)

ସ୍ୱୟମ୍ଭୂ ମନୁ ଏବଂ ତାଙ୍କ ପତ୍ନୀ ସତରୂପାଙ୍କ ତପସ୍ୟା

ପୂର୍ବ ଜନ୍ମରେ ଦଶରଥ ଥିଲେ ସ୍ୱୟମ୍ଭୂମନୁ ଏବଂ କୌଶଲ୍ୟା ଥିଲେ ତାଙ୍କ ପତ୍ନୀ ସତରୂପା । ଏହି ମନୁ ସତରୂପାଙ୍କଠାରୁ ସୃଷ୍ଟି ଆରମ୍ଭ ହୋଇଥିଲା । ତାଙ୍କ କୁଳରେ ଜନ୍ମ ଗ୍ରହଣ କରିଥିଲେ ରାଜା ଉତ୍ତାନପାଦ, ଭକ୍ତ ଧ୍ରୁବ ଏବଂ ଋଷି କପିଳ ଦେବଙ୍କ ମାତା ଦେବହୂତି । ଏହି ମନୁଙ୍କ ନୀତି ''ମନୁସ୍ମୃତି'' ନାମରେ ଆଜି ବି ସଂସାରରେ ପ୍ରଚଳିତ ହେଉଅଛି । ରାଜା ମନୁ ଭଗବାନଙ୍କ ବିଧାନ ଅନୁସାରେ ବହୁତ କାଳ ରାଜ୍ୟ ଶାସନ କଲେ । ଚତୁର୍ଥାବସ୍ଥାରେ ପୁତ୍ରକୁ ରାଜ୍ୟଭାର ଦେଇ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ତପସ୍ୟା କରିବା ସକାଶେ ମହାରାଣୀ ସତରୂପାଙ୍କ ସହିତ ନୈମିଷ୍ୟାରଣ୍ୟରେ ଉପନୀତ ହେଲେ । ସେ ସ୍ଥାନରେ ସର୍ବଦା ଶ୍ରେଷ୍ଠ ଋଷି, ମୁନିମାନେ ନିବାସ କରୁଥିଲେ । ଭାଗବତରେ

ନୈମିଷ୍ୟାରଣ୍ୟ ପ୍ରସିଦ୍ଧ । ରାଜା ପରିକ୍ଷିତ ସେହି ନୈମିଷ୍ୟାରଣ୍ୟରେ ଶୁକଦେବଙ୍କଠାରୁ ଭାଗବତ ଶୁଣି ବ୍ରହ୍ମଶାପରୁ ମୁକ୍ତ ହୋଇଥିଲେ । ସେଠାରେ ମୁନିବ୍ରତ ଧାରଣ କରି ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ରାଜା-ରାଣୀ କଠୋର ତପସ୍ୟା ଆରମ୍ଭ କଲେ । ତାଙ୍କ ଅସାଧାରଣ ତପସ୍ୟା ଦେଖି ବ୍ରହ୍ମା, ବିଷ୍ଣୁ, ଶିବ ବହୁବାର ତାଙ୍କ ପାଖକୁ ଆସି ପ୍ରତ୍ୟେକ ଥର ବହୁ ପ୍ରକାର ବର ମାଗିବାକୁ ଆଗ୍ରହ କଲେ । କିନ୍ତୁ ଦୃଢ଼ସଂକଳ୍ପବାନ୍ ରାଜାରାଣୀ ନିଜର ଦୃଢ଼ ସଂକଳ୍ପରେ ଅଟଳ ରହିଥିଲେ । ଅର୍ଥାତ୍ ବ୍ରହ୍ମା, ବିଷ୍ଣୁ, ଶିବଙ୍କୁ ବର ମାଗିଲେ ନାହିଁ । ଯେପର୍ଯ୍ୟନ୍ତ ବ୍ୟକ୍ତିର କାମନା ବାସନା ଏବଂ ଜାଗତିକ ବସ୍ତୁ ପ୍ରାପ୍ତିର ଲୋଭ ଥାଏ ସେପର୍ଯ୍ୟନ୍ତ ସେ ଯଥାର୍ଥ ଲକ୍ଷ୍ୟ ସିଦ୍ଧି କରିପାରେ ନାହିଁ । ତ୍ରିଦେବଙ୍କ ବରଗ୍ରହଣ ନ କରିବାରୁ ରାଜାରାଣୀଙ୍କ କାମନା ଶୂନ୍ୟତା ସ୍ପଷ୍ଟ ହୋଇଥିଲା ।

''ବିଧି ହରିହର ତପ ଦେଖି ଅପାର
ମନୁ ସମୀପ ଥାଏ ବହୁବାର ।
ମାଗହୁଁ ବର ବହୁଭାଁତି ଲୋଭଏ
ପରମଧିର ନହିଂ ଚଲ ହିଂ ଚଲାଏ ।''

କଠୋର ତପସ୍ୟା ଯୋଗୁଁ ଶରୀରରେ କେବଳ ଅସ୍ଥି, ଚର୍ମ ରହିଗଲା; କିନ୍ତୁ ଭଗବତ୍ ପ୍ରାପ୍ତିର ଉତ୍ସାହ ତୀବ୍ର ଥିବାରୁ ମନରେ ଲେଶମାତ୍ର ପୀଡ଼ା ହେଉ ନ ଥିଲା ।

''ଅସ୍ଥି ମାତ୍ର ହୋଇ ରହେ ଶରୀରର
ତଦପି ମନାଗ ମନହିଁ ନାହିଁ ପୀରା''

ଭଗବାନ୍ ସର୍ବଜ୍ଞ, ରାଜାରାଣୀ ତ୍ରିଦେବଙ୍କ ବର ନ ଚାହିଁବାରୁ କେବଳ ପରମବ୍ରହ୍ମ ପୁରୁଷୋତ୍ତମ ସଚ୍ଚିଦାନନ୍ଦଙ୍କୁ ଚାହୁଁଥିବା ଏହି ହାର୍ଦିକ ଭାବ ଜାଣି ସ୍ୱୟଂ ସଚ୍ଚିଦାନନ୍ଦ ପୁରୁଷୋତ୍ତମ ପରମବ୍ରହ୍ମ ବର ମାଗିବା ସକାଶେ ଶୂନ୍ୟବାଣୀରେ କହିଲେ ।

ବ୍ୟକ୍ତି ସାଧନା ଆରମ୍ଭ କଲେ ଧନ, ଐଶ୍ୱର୍ଯ୍ୟ, ମାନ, ପ୍ରତିଷ୍ଠା ଇତ୍ୟାଦି ବହୁପ୍ରକାର ପ୍ରଲୋଭନ ଆସେ । ସେଥିରେ ବ୍ୟକ୍ତି ପ୍ରଲୋଭିତ ହେଲେ ଲକ୍ଷ୍ୟରେ ପହଞ୍ଚିପାରେ ନାହିଁ । ସେହି ସକାଶେ ସାଧନାର ଆରମ୍ଭରୁ ସାଧକକୁ ଲକ୍ଷ୍ୟ ନିଜ ସମ୍ମୁଖରେ ରଖିବାକୁ ହୁଏ । ଅର୍ଥାତ୍ କୌଣସି ପ୍ରଲୋଭନ ଆସିବାରେ ଯଦି ମନ, ପ୍ରାଣ ଆକର୍ଷିତ ହୁଅନ୍ତି ତେବେ ସେସବୁକୁ ଏହିପରି ବୁଝେଇ ଦେବାକୁ ହୁଏ । ଯଥା – ''ଭଗବାନ୍ ହେଉଛନ୍ତି ସମସ୍ତ ଆନନ୍ଦ, ଶାନ୍ତି, ସମତା, ଜ୍ଞାନାଦି ଦିବ୍ୟଗୁଣ ତଥା ସମସ୍ତ ଐଶ୍ୱର୍ଯ୍ୟର ସ୍ୱରୂପ । ତାଙ୍କ ପ୍ରାପ୍ତିରେ ସମସ୍ତ ଦିବ୍ୟଗୁଣ ଏବଂ ଐଶ୍ୱର୍ଯ୍ୟ ପ୍ରାପ୍ତି ହେବ । ତାହା ତୁଳନାରେ ଏହି ଜାଗତିକ ଐଶ୍ୱର୍ଯ୍ୟ, ନାମ, ଯଶଃ, ପ୍ରତିଷ୍ଠା, ସୂର୍ଯ୍ୟ ସମ୍ମୁଖରେ ଅଗ୍ନିକଣା ବା ଚିନଗାରି ସଦୃଶ । ଏହିସବୁ ତୁଚ୍ଛ ବସ୍ତୁକୁ ତ୍ୟାଗ କଲେ ଭଗବାନଙ୍କୁ ପାଇପାରିବା ।'' ଏହି ରୂପେ ମନ, ପ୍ରାଣକୁ ବୁଝେଇ ପ୍ରଲୋଭନକୁ ତ୍ୟାଗ କଲେ ଲକ୍ଷ୍ୟ ସିଦ୍ଧି ହୁଏ । ପ୍ରତ୍ୟେକ ସାଧକର ସାଧନା ମାର୍ଗରେ ପ୍ରତିକୂଳ ଶକ୍ତି ଦ୍ୱାରା ପରୀକ୍ଷାସ୍ୱରୂପ ବହୁପ୍ରକାର ପ୍ରଲୋଭନ ବାଧାବିଘ୍ନ ଆସେ ଏବଂ ତାହାରି ଦ୍ୱାରା ସାଧକର ଆଧାର ଦୃଢ଼ ହୁଏ । ତେବେ ଲକ୍ଷ୍ୟ ସିଦ୍ଧି ହୁଏ । ଏହି ଶିକ୍ଷା ସ୍ପଷ୍ଟରୂପେ ମନୁ ସତରୂପାଙ୍କ ତପସ୍ୟାରୁ ଗ୍ରହଣ କରିବା । ମନୁ, ସତରୂପା ଥିଲେ ମହାନ୍ ତପସ୍ୱୀ । ତାଙ୍କୁ ପରୀକ୍ଷା କରିବା ସକାଶେ ଅଦିବ୍ୟଶକ୍ତି ତାଙ୍କ ପାଖକୁ ଆସିବା ସମ୍ଭବ ନ ଥିଲା । ସେ ସକାଶେ ଆସିଥିଲେ ତ୍ରିଦେବ ବ୍ରହ୍ମା, ବିଷ୍ଣୁ, ଶିବ । ଏଠାରେ ପ୍ରଶ୍ନ ହେବ ସମସ୍ତ ବସ୍ତୁ ତ୍ୟାଗ ଦ୍ୱାରା ଭଗବତ୍ ପ୍ରାପ୍ତି ହୁଅନ୍ତି । ରାଜାରାଣୀଙ୍କୁ ତ୍ରିଦେବ ପ୍ରାପ୍ତ ଥିଲେ; ସେ ସେଥିରେ ସନ୍ତୁଷ୍ଟ ନ ହେବାର ଉଦ୍ଦେଶ୍ୟ କ'ଣ ? ରାଜାରାଣୀ ଚାହୁଁଥିଲେ ସଚ୍ଚିଦାନନ୍ଦଙ୍କ ଦର୍ଶନ । ତ୍ରିଦେବ ଥିଲେ ସଚ୍ଚିଦାନନ୍ଦଙ୍କର ସଗୁଣ ରୂପ । ସେହି ସକାଶେ ସେମାନେ ସନ୍ତୁଷ୍ଟ ନ ହୋଇ ତପସ୍ୟା କାଏମ ରଖିଲେ । ସଚ୍ଚିଦାନନ୍ଦ ହେଉଛନ୍ତି ସଗୁଣ, ନିର୍ଗୁଣ ପରେ ପୁରୁଷୋତ୍ତମ ସତ୍, ଚିତ୍ ଏବଂ ଆନନ୍ଦ ତତ୍ତ୍ୱ । ସେ ଯେଉଁ ସମୟରେ ସଗୁଣ ରୂପେ ଜଗତର ଧର୍ତ୍ତା, କର୍ତ୍ତା ଏବଂ ପରିଚାଳକ, ସେହି ସମୟରେ ସେ ନିଷ୍କ୍ରିୟ ନିରାକାର । ସେହି ଏକହିଁ ସମୟରେ ସେ ସଗୁଣ ନିର୍ଗୁଣ ପରେ ପୁରୁଷୋତ୍ତମ ତତ୍ତ୍ୱରୂପେ ବିଦ୍ୟମାନ ଥାଆନ୍ତି । ଏହି କାରଣରୁ ବେଦ ଭଗବତ୍ ସ୍ୱରୂପ ବର୍ଣ୍ଣନା କରିବାକୁ

ଭାଷା ନ ପାଇ ସହସ୍ର ଶିର, ସହସ୍ର ପାଦ, ସହସ୍ର ମୁଖ ଆଖ୍ୟା ଦେଇ ବର୍ଣ୍ଣନା କରିବା ଅସମ୍ଭବ ସୂଚିତ କଲେ, ତଥା ନେତି, ନେତି, ''ଏହି ଶେଷ ନୁହେଁ, ଶେଷ ନୁହେଁ; ଅର୍ଥାତ୍ ଭଗବତ୍ ସ୍ୱରୂପ ବର୍ଣ୍ଣନା କରିବା ସମ୍ଭବ ନୁହେଁ'' କହି ସେଥିରୁ ରକ୍ଷା ପାଇଲେ । ମନୁ, ସତରୂପାଙ୍କର ହେଉଛି ଭଗବାନଙ୍କର ଏହି ପରାପୂର ତତ୍ତ୍ୱକୁ ଉପଲବ୍ଧି କରିବା ଲକ୍ଷ୍ୟ । ନିଜ ଲକ୍ଷ୍ୟ ସେ ସ୍ୱୟଂ କହିଛନ୍ତି ।

ଉର ଅଭିଲାଷ ନିରନ୍ତର ହୋଇ ।
ଦେଖିଅ – ନୟନ ପରମପ୍ରଭୁ ସୋଇ ॥
ଅଗୁନ, ଅଖଣ୍ଡ, ଅନନ୍ତ ଅନାଦି ।
ଦେହି ଚିଂ ତହିଂ ପରମାରଥବାଦୀ ॥
ନେତି ନେତି ଜେହି ବେଦ ନିରୂପା ।
ନିଜାନନ୍ଦ ନିରୁପାଧି ଅନୁପାଧି ଅନୁପା ॥
ସଂଭୁ, ବିରଂଚି, ବିଷ୍ଣୁ ଭଗବାନା ।
ଉପଜହିଂ ଜାସୁଅଂସତେଂ ନାନା ॥

ପରମପ୍ରଭୁଙ୍କୁ ଏହି ସ୍ଥୂଳ ନୟନରେ ଦେଖିବା ସକାଶେ ରାଜାରାଣୀଙ୍କର ନିରନ୍ତର ଅଭିଳାଷ ରହିଲା । ସେହି ପରମ ପ୍ରଭୁଙ୍କ ସ୍ୱରୂପ ସେ ନିଜେ କହିଅଛନ୍ତି, ''ସଚ୍ଚିଦାନନ୍ଦ ଗୁଣାତୀତ, ବୃଦ୍ଧି-କ୍ଷୟରହିତ ଅଖଣ୍ଡ । ସୀମାବିହୀନ ଅନନ୍ତ ଯେଉଁ ସ୍ୱରୂପ ପରମାର୍ଥୀ ବ୍ୟକ୍ତିମାନେ ଧ୍ୟାନ ଏବଂ ଚିନ୍ତନ କରନ୍ତି, ଯେଉଁ ସ୍ୱରକୁ ବର୍ଣ୍ଣନା କରିବାକୁ ବେଦ ଭାଷା ନ ପାଇ ''ଏହା ନୁହେଁ, ଏହା ନୁହେଁ, କହି ଅଛନ୍ତି, ସେହି ପରାପୂର ବ୍ରହ୍ମ ନିଜ ଆନନ୍ଦରେ ଆନନ୍ଦିତ ଅର୍ଥାତ୍ ସ୍ୱୟଂ ଆନନ୍ଦସ୍ୱରୂପ ମାୟାକୃତ ଆପେକ୍ଷିକ ଗୁଣବିହୀନ ଏକ । ତାଙ୍କ ସଦୃଶ ଅନ୍ୟ କେହି ବା କିଛି ନ ଥିବାରୁ ତାଙ୍କୁ ଅନ୍ୟ କୌଣସି ବ୍ୟକ୍ତି ବା ବସ୍ତୁ ସହିତ ତୁଳନା କରାଯାଇପାରେ ନାହିଁ । ତାଙ୍କରି ଅଂଶରୁ ବହୁ ବ୍ରହ୍ମା, ବିଷ୍ଣୁ, ଶିବ ଉତ୍ପନ୍ନ ହୁଅନ୍ତି ।'' ସେହି ପରମବ୍ରହ୍ମ ପୁରୁଷୋତ୍ତମ ସଚ୍ଚିଦାନନ୍ଦ ତତ୍ତ୍ୱ । ତାଙ୍କୁହିଁ ପ୍ରାପ୍ତ କରିବା ସକାଶେ ମନୁ, ସତରୂପା ତପସ୍ୟା କରିଥିଲେ । ଏହି ସ୍ୱରୂପ ରାମାୟଣରେ ଅନ୍ୟତ୍ର ବର୍ଣ୍ଣନା ହୋଇଛି ।

''ବିନୁ ପଦ ଚଲୈ ସୁନୈ ବିନୁ କାନା ।
କର ବିନୁ କରମ କରୈ ବିଧି ନାନା ॥
ଆନନ ରହିତ ସକଲ ରସ ଭୋଗୀ ।
ବିନୁ ବାନୀ ବକତା ବଡ଼ ଯୋଗୀ ॥
ତନ ବିନୁ ପରଶ ନୟନ ବିନୁ ଦେଖା ।
ଗ୍ରହେ ଘ୍ରାଣ, ବିନୁ ବାସ ଅଶେଷା ॥
ଅସ ସବ ଭାଂତି ଅଲୌକିକ କରଣି ।
ମହିମା ତାସୁ ଯାଇ ନହିଁ ବରଣି ॥

''ବ୍ରହ୍ମଙ୍କର ପଦ ନାହିଁ ସେ ଚାଲନ୍ତି; ଶ୍ରବଣ ବିନା ଶୁଣନ୍ତି, କର ବିନା ସମସ୍ତ କର୍ମ କରନ୍ତି, ମୁଖ ବିନା ସମସ୍ତ ରସର ଭୋକ୍ତା । ଶବ୍ଦ ବିହୀନ ମହାନ୍ ବକ୍ତା ଏବଂ ମହାନ୍ ଯୋଗୀ, ଶରୀର ବିନା ସେ ସ୍ପର୍ଶ କରନ୍ତି, ବିନା ନୟନରେ ଦେଖନ୍ତି, ନାସା ବିନା ସମସ୍ତ ଗନ୍ଧ ଗ୍ରହଣ କରନ୍ତି, ଏହିସବୁ ତାଙ୍କର ଅଲୌକିକ କର୍ମ । ତାଙ୍କ କର୍ମ ତଥା ଅସୀମ ମହିମାରେ ବୁଦ୍ଧିର ଗମ୍ୟ ନ ଥାଏ କିଂବା ବାଣୀ ପ୍ରକାଶ କରିବାରେ ସମର୍ଥ ନୁହେଁ ।''

ଗୀତା ମଧ୍ୟ ସେହି ସ୍ୱରୂପଙ୍କୁ ବର୍ଣ୍ଣନା କରିଅଛି ।

''ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ।
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ ॥
ୟସ୍ମାତ୍ – କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ॥
(ଗୀତା ଅ : ୧୫, ଶ୍ଲୋ ୧୭ । ୧୮)

ମନୁଷ୍ୟ ସତରୂପାଙ୍କର ଏହି ପୁରୁଷୋତ୍ତମ ତତ୍ତ୍ୱ ଥିଲା ଲକ୍ଷ୍ୟ । ଯେତେବେଳେ ସଚ୍ଚିଦାନନ୍ଦ ତତ୍ତ୍ୱ ଅଲୌକିକ ବାଣୀରେ ରାଜାଙ୍କୁ ବର ମାଗିବାକୁ କହିଥିଲେ ସେତେବେଳେ ରାଜାଙ୍କର ଏହି ପ୍ରାର୍ଥନା ଥିଲା ।

ଜୌଂ ଅନାଥହିତ ହମ ପର ନେହୂ ।
ତୌ ପ୍ରସନ୍ନ ହୋଇ ୟହ ବର ଦେହୂ ॥

ଜୋ ସ୍ୱରୂପ ବସ ସିବ ମନ ମାହୀଂ ।
ଦେହି କାରନ ମୁନି ଯତନ କରାହୀଂ ॥

ଜୋ ଭୁସୁଂଡ଼ି ମନ ମାନସ ହଂସା ।
ସଗୁନ ଅଗୁନ ଜେହି ନିଗମ ପ୍ରଶଂସା ॥

ଦେଖହିଂ ହମ ସୋ ରୂପ ଭରିଲୋଚନ ।
କୃପା କରହୁ ପ୍ରନତାରତି ମୋଚନ ॥

ହେ ପ୍ରଭୁ, ତୁମେ ଆଶ୍ରୟ ବିହୀନ ଅନାଥ ବ୍ୟକ୍ତିଙ୍କର ହିତ କର; ଯଦି ମୋ ଉପରେ କୃପା କରନ୍ତି ତେବେ ଏହି ବର ଦିଅନ୍ତୁ : – ଯେଉଁ ସ୍ୱରୂପ ଶିବଙ୍କ ମନ ମଧ୍ୟରେ ନିବାସ କରେ, ଯେଉଁ ସ୍ୱରୂପ ପ୍ରାପ୍ତି କରିବା ସକାଶେ ମୁନିମାନେ ଯତ୍ନ କରନ୍ତି, ଯେଉଁ ସ୍ୱରୂପ କାଗଭୁଷୁଣ୍ଡି ମାନସ ସରୋବରରେ ହଂସରୂପେ ବିହାର କରନ୍ତି, ନିର୍ଗୁଣ ତଥା ସଗୁଣରୂପେ ଯେଉଁ ସ୍ୱରୂପକୁ ବେଦ ପ୍ରଶଂସା କରେ, ସେହି ସ୍ୱରୂପକୁ ମୁଁ ଏହି ନେତ୍ରରେ ଦେଖିବାକୁ ଚାହେଁ । ହେ ପ୍ରଣତ ଦୁଃଖନିବାରଣକର୍ତ୍ତା ପ୍ରଭୁ, କୃପାକର ।'' ଶିବ କାଗଭୁଷୁଣ୍ଡିଙ୍କ ମାନସ ହଂସ କହିବାର ତାତ୍ପର୍ଯ୍ୟ ହେଲା ଭଗବତ୍ ସଚ୍ଚିଦାନନ୍ଦ ସ୍ୱରୂପକୁ ଏହିମାନେ ଜାଣନ୍ତି ଏବଂ ଉପଲବ୍ଧି କରିଛନ୍ତି । ଭଗବାନ୍ କୃପାସିନ୍ଧୁ, ଭକ୍ତକଳ୍ପତରୁ । ଯିଏ ନିଜ ନିଜର ସବୁକିଛି ଭଗବାନଙ୍କ ଚରଣରେ ସମର୍ପଣ କରିଦିଅନ୍ତି ତାଙ୍କୁ ଭଗବାନଙ୍କର ଅଦେୟ କିଛି ନ ଥାଏ । ଭଗବାନ୍ ନିଜକୁ ତାଙ୍କ ଅଧୀନ କରିଦିଅନ୍ତି ।

ଭଗବାନଙ୍କୁ ଭକ୍ତ କିପରି ପ୍ରିୟ କୌଣସି ମହାନ୍ ବ୍ୟକ୍ତି ବି କଳ୍ପନା କରିବାରେ ଅସମର୍ଥ । ଭକ୍ତର ପ୍ରାଣରୁ ଅଧିକ ପ୍ରିୟ ଯେପରି ଭଗବାନ୍, ଭଗବାନଙ୍କର ମଧ୍ୟ ଅତ୍ୟଧିକ ପ୍ରିୟ ଭକ୍ତ । ଭକ୍ତ ସକାଶେ ଭଗବାନ୍ ସବୁକିଛି କରିପାରନ୍ତି । ଭକ୍ତକୁ ପ୍ରିୟ କରିବା ସକାଶେ ନିଜ ମହାନ୍ ଐଶ୍ୱର୍ଯ୍ୟ ନିଜର ପ୍ରତିଜ୍ଞା ସହଜରେ ତ୍ୟାଗ କରନ୍ତି । ଭକ୍ତକୁ ଆନନ୍ଦଦେବା ସକାଶେ ସବୁ ସମୟରେ ପ୍ରଯତ୍ନ କରୁଥାଆନ୍ତି । ଭକ୍ତର ଭକ୍ତିରେ ବଶ ହୋଇ ତା'ର ପୁତ୍ର, ପିତା, ମାତାଙ୍କ ଭୃତ୍ୟ ହୋଇ ସେବା କରିବାରେ ଆନନ୍ଦ ସ୍ୱରୂପ ଭଗବାନ୍ ମହାନ୍ ଆନନ୍ଦିତ ହୁଅନ୍ତି । ଭକ୍ତ ବାଞ୍ଛା ପୂର୍ଣ୍ଣ କରିବା ତାଙ୍କର ସହଜାତ ଗୁଣ । ରାଜାଙ୍କୁ ଦର୍ଶନ ଦେବା ସକାଶେ ପୂର୍ଣ୍ଣ ବ୍ରହ୍ମ ସଚ୍ଚିଦାନନ୍ଦ ତତ୍ତ୍ୱ ନିଜ ଶକ୍ତିଙ୍କ ସହିତ ସ୍ଥୂଳ ରୂପରେ ପ୍ରକଟ ହେଲେ ।

(୧୧)

ଅତିମାନସ ଶକ୍ତି ଦ୍ୱାରା ମନ, ପ୍ରାଣ, ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ନ ହେଲେ ସଚ୍ଚିଦାନନ୍ଦ ତତ୍ତ୍ୱଙ୍କ ଦର୍ଶନ ସମ୍ଭବ ନୁହେଁ । ଅତିମାନସ ଶକ୍ତି ପୃଥିବୀରେ ପ୍ରତିଷ୍ଠା ନ ହୋଇ ଥିବାରୁ ରାଜାରାଣୀଙ୍କ ମନ, ପ୍ରାଣ, ଶରୀର ରୂପାନ୍ତରିତ ହେବା ସମ୍ଭବ ନ ଥିଲା । ଅର୍ଜୁନଙ୍କ ସଦୃଶ ସେ ଭଗବାନଙ୍କୁ ଦିବ୍ୟଦୃଷ୍ଟିରେ ଦର୍ଶନ କରିବାକୁ ଚାହୁଁ ନ ଥିଲେ । ସେ ଚାହୁଁ ଥିଲେ ସ୍ଥୂଳ ଦୃଷ୍ଟିରେ ତାଙ୍କ ଦର୍ଶନ । ରାଜାରାଣୀଙ୍କ ଇଚ୍ଛା ପୂର୍ଣ୍ଣ କରିବା ସକାଶେ ଭଗବାନ୍ ନିଜ ଦିବ୍ୟସ୍ୱରୂପକୁ ଯୋଗମାୟାରେ ଆବୃତ କରି ନିଜ ଶକ୍ତିଙ୍କ ସହିତ ସେମାନେ ସ୍ଥୂଳ ଦୃଷ୍ଟିରେ ଦେଖିବା ଯୋଗ୍ୟ ସ୍ଥୂଳ ରୂପରେ ତାଙ୍କ ସମ୍ମୁଖରେ ପ୍ରକାଶିତ ହେଲେ । ସଚ୍ଚିଦାନନ୍ଦ ସ୍ଥୂଳ ରୂପ ଧାରଣ କରିବା ହେତୁ ତାଙ୍କର ସେହି ସୌନ୍ଦର୍ଯ୍ୟର ପାରାବାର ନ ଥିଲା । ଗୋସ୍ୱାମୀ ତୁଳସୀ ଦାସଙ୍କ ଭାଷ୍ୟରେ : — ''ନିଲ ସରୋରୁହ ନୀଲ ମନି, ନୀଲ ନୀରଧର ଶ୍ୟାମ, ଲାଜହିଁ ତନ ଶୋଭା ନିରଖି କୋଟି କୋଟି ସତକାମ ।''

ଭଗବାନଙ୍କ ଶରୀରର ବର୍ଣ୍ଣ ଥିଲା ନୀଳ ପଦ୍ମ, ନୀଳମଣି, ନୀଳ ଜଳଧର ମେଘ ସଦୃଶ । ତିନୋଟି ଉପମା ଦେବାର ଉଦ୍ଦେଶ୍ୟରୁ ସୂଚିତ ହେଲା ଭଗବାନଙ୍କ ଦିବ୍ୟକାନ୍ତିର ଯଥାର୍ଥ ଉପମା ନ ଥିଲା ।

ସୁନ୍ଦରତା ଦୃଷ୍ଟିରୁ ସର୍ବାପେକ୍ଷା ଅଧିକ ସୁନ୍ଦର କାମଦେବ । କିନ୍ତୁ ଭଗବାନଙ୍କ ସୌନ୍ଦର୍ଯ୍ୟ ତୁଳନାରେ ଶହେ କୋଟି କାମଦେବଙ୍କର ସୌନ୍ଦର୍ଯ୍ୟ ତୁଚ୍ଛ ପ୍ରତୀତ ହେଉଥିଲା । ଅର୍ଥାତ୍ ଶହେ କୋଟି କାମ ଦେବର ସୌନ୍ଦର୍ଯ୍ୟ ଗୋଟିଏ କାମଦେବକୁ ଦେଲେ ସେ ବି ଭଗବାନଙ୍କ ସୌନ୍ଦର୍ଯ୍ୟ ସାମ୍ନାକୁ ଯିବା ନିମନ୍ତେ ଲଜ୍ଜା ବୋଧ କରୁଥିଲା ।

ଭଗବାନ୍ ଆନନ୍ଦ, ଶାନ୍ତି ସୌନ୍ଦର୍ଯ୍ୟାଦି ଦିବ୍ୟଗୁଣର ସମାହାର । ତାଙ୍କ ଶରୀରର ଲାବଣ୍ୟ ତଥା ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବା ପାଇଁ ଭାଷାର ସର୍ବଥା ଅଭାବ । କେବଳ ଅନୁଭବ କରିବା ଛଡ଼ା ଅନ୍ୟ ଉପାୟ ନ ଥାଏ । ଭଗବାନଙ୍କର ସେହି ଅଲୌକିକ ସୌନ୍ଦର୍ଯ୍ୟ ଦର୍ଶନ କରିବାରେ ରାଜାରାଣୀଙ୍କ ନେତ୍ରରେ ପଲକ ପଡ଼ିବା ବନ୍ଦ ହୋଇଗଲା । ଭଗବାନଙ୍କ ରୂପାମୃତ ପାନ କରିବାରେ ରାଜାରାଣୀଙ୍କ ନେତ୍ର ତୃପ୍ତ ହେଲା ନାହିଁ । ସେହି ଦର୍ଶନାନନ୍ଦ ତୁଳନାରେ ତ୍ରୈଲୋକ୍ୟର ଆନନ୍ଦ ଐଶ୍ୱର୍ଯ୍ୟ ତୁଚ୍ଛ, ନୀରସ ଓ ନିରର୍ଥକ ପ୍ରତୀତ ହେଉଥିଲା । ଭଗବାନଙ୍କ ଯେଉଁ ଅଙ୍ଗରେ ସେମାନଙ୍କ ଦୃଷ୍ଟି ପଡୁଥିଲା ସେଥିରେହିଁ ଅଟକି ଯାଉଥିଲେ । ସେହି ଆନନ୍ଦରେ ସେମାନେ ମିଳି ମିଶି ଏକ ହୋଇଯିବାକୁ ଚାହୁଁଥିଲେ । ଭଗବତ୍ ଦର୍ଶନ ଦିବ୍ୟାନନ୍ଦର ପାରାବାର ନ ଥାଏ, ଅନ୍ତ ନ ଥାଏ, ସୀମା ନ ଥାଏ । ସେହି ଆନନ୍ଦ ସମୁଦ୍ରରୁ ଯାହାକୁ ଥରେ ଏକକଣା ମାତ୍ର ଅନୁଭବ ହୁଏ ତାକୁ ଛାଡ଼ିବାର କୌଣସି ବ୍ୟକ୍ତିର ଉପାୟ ନ ଥାଏ । ରାଜାରାଣୀ ସେହି ଦିବ୍ୟାନନ୍ଦ ସମୁଦ୍ରରେ ଏକେବାରେ ଡୁବିଗଲେ । ତାଙ୍କ ଶରୀରଜ୍ଞାନ ଲୁପ୍ତ ହୋଇଗଲା । ସେ ଦଣ୍ଡ ସଦୃଶ ଭଗବାନଙ୍କ ଚରଣରେ ପଡ଼ିଗଲେ । କରୁଣା ନିଧାନ ଭଗବାନ୍ ସେମାନଙ୍କ ମସ୍ତକକୁ କମଳ କରରେ ସ୍ପର୍ଶ କରି ସେମାନଙ୍କୁ ଉଠେଇ ଦେଇ କହିଲେ, ''ମୁଁ ତୁମ୍ଭମାନଙ୍କ ଉପରେ ଅତ୍ୟନ୍ତ ପ୍ରସନ୍ନ ହୋଇଛି ଏବଂ ମୁଁ ମହାନ୍ ଦାନୀ, ତୁମେ ଯାହା ଚାହଁ ମାଗିନିଅ ।''

ଭଗବାନଙ୍କ କର କମଳର ସ୍ପର୍ଶ ପାଇ ସେମାନେ ସଚେତ ହୋଇ ସାରିଥିଲେ । ଭଗବାନଙ୍କ ବରଦେବା ବାକ୍ୟ ଶୁଣି ବିଶେଷ ଆନନ୍ଦିତ ହେଲେ ଏବଂ ହାତଯୋଡ଼ି କହିଲେ ''ପ୍ରଭୁ ତୁମେ ତ ପୂର୍ଣ୍ଣକାମ । ତୁମ ଦର୍ଶନରେ ଜାଗତିକ କାମନା ସମାପ୍ତ ହୋଇଯାଏ, ଗୋଟିଏ ମାତ୍ର କାମନା ରହିଯାଏ ନିରନ୍ତର ତୁମର ଦର୍ଶନାନନ୍ଦ ତୁମର ସ୍ଥୂଳ ଉପସ୍ଥିତି । ଏହି ଲାଳସା ମୋର ଅତ୍ୟନ୍ତ ତୀବ୍ର ହୋଇଯାଇଛି । କିନ୍ତୁ ଏହି ଲାଳସା ମୋର ପୂର୍ଣ୍ଣ ହେବାର କୌଣସି ଉପାୟ ମୋ ପାଖରେ ନାହିଁ । ମାତ୍ର ତୁମେ ଏହାକୁ ସହଜରେ ପୂର୍ଣ୍ଣ କରିପାର । ପ୍ରଭୁ ମୁଁ ତୁମ ଭକ୍ତି, ତୁମ ପ୍ରଭାବ ଜାଣିବାରେ ମହାନ୍ ଦରିଦ୍ର । ଯେପରି ଦରିଦ୍ର କଳ୍ପବୃକ୍ଷ ପାଇ ନିଜ ଦରିଦ୍ରତା ବଶତଃ ଅଧିକ ସମ୍ପତ୍ତି ମାଗିବାରେ ସଂକୋଚ କରେ, ସେହିପରି ତୁମେ ମହାନ୍ ଦାନୀମାନଙ୍କ ଶିରୋମଣି, ତୁମକୁ ପାଇ ମୋର ଅଭିଳଷିତ ବସ୍ତୁ ମାଗିବାରେ ମୁଁ ସଂକୋଚ ବୋଧ କରୁଅଛି । ଏହି ସକାଶେ ମୁଁ ମାଗି ପାରୁ ନାହିଁ । ତୁମେ ତ ଅନ୍ତର୍ଯାମୀ, ମୋ ଉଦ୍ଦେଶ୍ୟ ଜାଣି ତୁମେ ତାହା ପୂର୍ଣ୍ଣକର ।

ଭଗବାନ୍ ରାଜାଙ୍କ ସଂକୋଚ ଦୂର କରିବା ସକାଶେ କହିଲେ ସଂକୋଚ ତ୍ୟାଗ କରି ତୁମ୍ଭର ଯାହା ଇଚ୍ଛା ତାହା ମାଗ । ତୁମେ ଯାହା ମାଗିବ ତାହା ଅବଶ୍ୟ ଦେବି ।

ଭଗବାନଙ୍କ ଏତେ କହିବା ପରେ ରାଜାଙ୍କର ସଂକୋଚ ପୂର୍ଣ୍ଣରୂପେ ଦୂର ହେଲା ନାହିଁ । ସେ ଚାହୁଁ ଥିଲେ ନିଜ ପ୍ରଭୁ ଭଗବାନଙ୍କୁ ନିଜ ପୁତ୍ର ରୂପେ ପାଇବାକୁ । ଏହା ମନୁଷ୍ୟ ସକାଶେ ଏକେବାରେ ଅସମ୍ଭବ । ସେହି ସକାଶେ ସେ ସିଧା ସଳଖ ଶବ୍ଦରେ ଭଗବାନଙ୍କୁ ପୁତ୍ର ରୂପେ ନ ମାଗି କହିଲେ –

''ଦାନୀ ଶିରୋମନି କୃପାନିଧି ନାଥ କହଇଁ
ଲତିଭାଉ । ଚହଇଁ ତୁମ୍ଭହି ସମାନ ସୁତ
ପ୍ରଭୁସନ କବନ ଦୁରାଭ ।''

(୧୪୯ ବାଲ୍ୟକାଣ୍ଡ)

''ହେ ପ୍ରଭୁ ତୁମେ ଦାନୀମାନଙ୍କ ମଧ୍ୟରେ ଶିରୋମଣି, କୃପାର ସମୁଦ୍ର, ଏହି ଉଭୟ ଦିବ୍ୟଗୁଣ ଥିବାରୁ ତୁମକୁ କୌଣସି ବର ଦେବା ଅସମ୍ଭବ ନୁହେଁ । ଏହି ସକାଶେ ତୁମ ପାଖରେ ଗୁପ୍ତ ରଖିବାର କିଛି ନାହିଁ । ମୁଁ ତୁମରି ସଦୃଶ ଗୋଟିଏ ପୁତ୍ର ଚାହେଁ ।'' ଭଗବାନ୍ ଅଦ୍ୱିତୀୟ ଏକ । ତାଙ୍କ ସଦୃଶ ଅନ୍ୟ କେହି ନାହିଁ । ରାଜାଙ୍କର ''ତୁମ ସମାନ ପୁତ୍ର'' ମାଗିବାର ଅର୍ଥ ଭଗବାନଙ୍କୁହିଁ ପୁତ୍ର ରୂପେ ମାଗିଲେ ।

''ଦେଖି ପ୍ରୀତି ଶୁନି ବଚନ ଅମୋଲେ
ଏବମସ୍ତୁ କରୁନାନିଧି ବୋଲେ ।
ଆପୁ ସରିସ ଖୋଦୌ କହିଁ ଜାଇ
ନୃପ ତବ ତନୟ ହୋବ ମୈଁ ଆଇ ।''

'ଭଗବାନ୍ ରାଜାଙ୍କର ଆନ୍ତରିକ ଅଲୌକିକ, ନିଷ୍କପଟ ପ୍ରୀତି ଦେଖି ଅମୂଲ୍ୟ ବଚନ ଶୁଣି ''ଏବମସ୍ତୁ'' କହିଲେ । ଏଥିରେ ବି ରାଜାଙ୍କ ମନରେ କିଛି ଅଂଶରେ ସନ୍ଦେହ ରହିଗଲା । ସେ ଭାବିଲେ ''ମୁଁ ଅନ୍ତରରେ ଚାହୁଁଥିଲି ଭଗବାନଙ୍କୁ ପୁତ୍ର ରୂପେ, ସଂକୋଚ ବଶତଃ କହୁଥିଲି ତୁମରି ସମାନ ପୁତ୍ର । କ'ଣ ଭଗବାନ୍ ତାଙ୍କରି ସଦୃଶ ଗୋଟିଏ ପୁତ୍ର ଦେବା ବରଦାନ ଦେଲେ କି ? ଏହାହିଁ ରାଜାଙ୍କ ସନ୍ଦେହ ଥିଲା । ଏହାକୁ ଦୂର କରିବା ସକାଶେ ପୁନରାଏ ଭଗବାନ୍ କହିଲେ, ''ମୋ ସଦୃଶ ଅନ୍ୟ କେହି ନାହିଁ, ମୁଁ କୁଆଡ଼େ ଯାଇ ଖୋଜିବି ? ହେ ରାଜା, ମୁଁ ଆସି ତୁମରି ପୁତ୍ର ହେବି ।'' ଏଥିରେ ରାଜାଙ୍କର ପୂର୍ଣ୍ଣ ରୂପେ ସଂଶୟ ଦୂର ହୋଇଗଲା ।

(୧୨)

ରାଣୀ ସତରୂପାଙ୍କୁ ହାତଯୋଡ଼ି ଛିଡ଼ା ହୋଇଥିବା ଅବସ୍ଥାରେ ଦେଖି ଭଗବାନ୍ କହିଲେ,''ତୋର ଯାହା ଇଚ୍ଛା ତାହା ତୁ ମାଗିନେ ।'' ରାଣୀ ଅତ୍ୟନ୍ତ ଆନନ୍ଦରେ କହିଲେ ଚତୁର ଏବଂ ବିବେକୀ ନରପତି ଯେଉଁ ବର ମାଗିଲେ ସେହି ବର ମୋତେ ଅତ୍ୟନ୍ତ ପ୍ରିୟ ଲାଗିଲା । ସେହି ବର ମୁଁ ଚାହେଁ । ଭଗବାନ୍ ପ୍ରଥମରେ କହିଥିଲେ ଦେବୀ, କିନ୍ତୁ ରାଣୀ ନିଜ ଆନ୍ତରିକ ବର ପ୍ରାର୍ଥନା କରିବାପରେ ଭଗବାନ୍ ତାଙ୍କୁ ମାତା ସମ୍ବୋଧନ କରି କହିଲେ, ''ହେ ମାତା, ତୁ ଯେଉଁ ବର ମାଗିଲୁ ତାହା ଦେଲି । ତୋ କୋଳରେ ପୁତ୍ରରୂପେ ଜନ୍ମଗ୍ରହଣ କରିବି । କିନ୍ତୁ ତୋ ମନରେ ଯାହା କାମନା ଅଛି ତାହା ପୂର୍ଣ୍ଣ ହେବ । ମୋ କୃପାରୁ ତୋର ଅଲୌକିକ ଜ୍ଞାନ କେବେ ବି ଆବୃତ ହେବ ନାହିଁ । ଏହିସବୁ କଥାବାର୍ତ୍ତା ହେବା ପରେ ଭଗବାନ୍ ଯିବାକୁ ବାହାରିବା ସମୟରେ ରାଜା ଭଗବାନଙ୍କ ଚରଣ ଧରି କହିଲେ ''ପ୍ରଭୁ, ମୋର ଆଉ ଗୋଟିଏ ମିନତି ଅଛି ।'' ପ୍ରଭୁ କହିଲେ କୁହ ।

''ସୁତ ବିଷଇକ ତବ ପଦ ରତି ହୋଉ
ମୋହି ବଡ଼ ମୂଢ଼ କହେଁ କିନ କୋଉ
ମନି ବିନୁ ଫନି ଜମି ଜଳ ବିନୁ ମୀନା
ମମ ଜୀବନ ତିମି ତୁୟହିଁ ଅଧୀନା ।
ଅସ ବର ମାଗି ଚରଣ ଗହିର ହେଉ
ଏବମସ୍ତୁ କରୁନାନିଧିକ ହେଉ ।''

(ବାଲ୍ୟକାଣ୍ଡ-୧୫୧)

''ହେ ପ୍ରଭୁ, ତୁମ ଚରଣରେ ସଂସାରୀମାନବ ସୁତରୂପେ ମୋର ପ୍ରେମ ହେଉ ।'' ଏ ସକାଶେ ମୋତେ ବଡ଼ ମୂର୍ଖ ବୋଲି କିଏ କହିଲେ ବରଂ କୁହନ୍ତୁ । ଏହି ବର ଦେବାରେ ଭଗବାନଙ୍କର ଅସୁବିଧା ନ ଥିଲା । ପରେ ରାଜା କହିଲେ, ''ମଣି ବିହୁନେ ଫଣି, ଜଳ ବିହୁନେ ମୀନ ଯେପରି ଜୀବିତ ରହିପାରନ୍ତି ନାହିଁ, ସେହିପରି ତୁମ ବିନା ମୁଁ ଜୀବିତ ରହିପାରିବି ନାହିଁ – ଏହି ବର ମୋତେ ଦିଅ ।'' ତାଙ୍କ ବିନା ରାଜା ବଞ୍ଚି ପାରିବେ ନାହିଁ । ଏହି ବରଟି ଦେବା ତାଙ୍କ ପକ୍ଷେ କଠିନ ଥିଲା, କାରଣ ଭକ୍ତ କଷ୍ଟ ଭଗବାନ୍ ସହି ପାରନ୍ତି ନାହିଁ । ଏଥିରେ ତାଙ୍କର ବିୟୋଗରେ ଭକ୍ତକୁ କଷ୍ଟ ହେବ, ସେ ସକାଶେ ଭଗବାନ୍ ବର ନ ଦେଇ ଚୁପ୍ ରହିଲେ । କିନ୍ତୁ ରାଜା ଚରଣ ଧରିରହି ଅତ୍ୟନ୍ତ ଆଗ୍ରହ ପ୍ରକାଶ କରିବାରୁ ଭଗବାନ୍ ''ଏବ ମସ୍ତୁ'' କହିଲେ ।

ଅବ ତୁୟ ମନ ଅନୁଶାସନ ମାନି
ବସହୁ ଯାଇ ସୁରପତି ରାଜଧାନୀ ।
ତହିଁ କରି ଭୋଗ ବିଶାଳ ତାତ
ଗଏଁ କଛୁ କାଳ ପୁନି ।
ହୋଇ ହଉଁ ଅବଧ ଭୁଆଳ
ତବ ମୈଁ ହୋବ ତୁୟାର ସୁତ । ୧୫୧ ॥
ଇଚ୍ଛାମୟ ନରଦେହ ସଁବାରି ।
ହୋଇହଉଁ ପ୍ରଗଟ ନିକେତ ତୁୟାରି''
ଅଂସହ୍ନ ସହିତ ଦେହ ଧରି ତାତା ।
କରିବଉଁ ଚରିତ ଭଗତ ସୁଖଦାତା''
ଆଦି ଶକ୍ତି ଜେହିଂ ଜଗ ଉପଜାୟା ।
ସୋଉ ଅବ ତରି ହି ମୋର ୟହ ମାୟା ।''

ଭଗବାନ୍ ବର ଦେବାପରେ କହିଲେ, ''ଏବେ ତୁମେ ମୋ ନିର୍ଦ୍ଦେଶ ଅନୁସାରେ ଯଥାର୍ଥ ସମୟରେ ଏହି ଶରୀର ତ୍ୟାଗ କରି ସୁରପତି ଇନ୍ଦ୍ର ରାଜଧାନୀ ସ୍ୱର୍ଗରେ ନିବାସ କର । ସେଠାରେ ବିପୁଳ ଭୋଗ କିଛିଦିନ କରିବାପରେ ତୁମେ ଅଯୋଧ୍ୟାର ରାଜା ହେବ । ମୁଁ ତୁୟର ପୁତ୍ର ହେବି । ଇଚ୍ଛାନୁସାରେ ମନୁଷ୍ୟ ଶରୀର ଧାରଣ କରି ତୁମ ଗୃହରେ ପ୍ରକଟ ହେବି । ମୁଁ ଏକା ପୁତ୍ରରୂପେ ପ୍ରାପ୍ତ ହେଲେ ତୁମକୁ ପୂର୍ଣ୍ଣରୂପ ପୁତ୍ରସୁଖ ପ୍ରାପ୍ତ ହେବ ନାହିଁ । ସେ ସକାଶେ ମୋ ନିଜ ଅଂଶ ସହିତ ଆମ୍ଭେ ଚାରିଭାଇ ଦେହ ଧାରଣ କରି ଭକ୍ତଙ୍କୁ ଆନନ୍ଦ ପ୍ରାପ୍ତ ହେବା ଚରିତ୍ର ସୃଷ୍ଟି କରିବୁ । ମୋର ଆଦ୍ୟାଶକ୍ତି ମଧ୍ୟ ଅବତାର ନେବେ ।''

ମନୁ ସତରୂପାଙ୍କ ବରଦାନର ରହସ୍ୟ

ମନୁ ସତରୂପା ଅତିମାନସ ଚେତନା ସ୍ତରରେ ସଚ୍ଚିଦାନନ୍ଦ ତତ୍ତ୍ୱ ଉପଲବ୍ଧି କରିଥିଲେ ବା କରି ନ ଥିଲେ ଏହା ନିଃସନ୍ଦେହରୂପେ ଯଦ୍ୟପି କୁହାଯାଇପାରେ ନାହିଁ, ତଥାପି ପ୍ରସଙ୍ଗାନୁସାରେ ସଚ୍ଚିଦାନନ୍ଦଙ୍କ ଅନୁଭୂତି ପାଇବା ସୂଚନା ମିଳେ । ସେମାନେ ଯଦି ସଚ୍ଚିଦାନନ୍ଦଙ୍କ ଅନୁଭୂତି ପାଇ ନ ଥା'ନ୍ତେ ତେବେ ବ୍ରହ୍ମା, ବିଷ୍ଣୁ, ଶିବ ବହୁବାର ଆକାଶ ବାଣୀରେ ତଥା ପ୍ରତ୍ୟକ୍ଷ ପ୍ରଗଟ ହୋଇ ବର ମାଗିବାକୁ କହିବା ସତ୍ତ୍ୱେ ସେମାନେ ବର ଅସ୍ୱୀକାର କରି ନ ଥା'ନ୍ତେ ଏବଂ ସେମାନଙ୍କ ଦର୍ଶନରେ ସନ୍ତୁଷ୍ଟ ହୋଇଥା'ନ୍ତେ । ଏହା ଛଡ଼ା ସ୍ୱୟଂ ସଚ୍ଚିଦାନନ୍ଦ ଆକାଶବାଣୀରେ ବର ମାଗିବାକୁ କହିବା ସମୟରେ ସେ ତାଙ୍କ ବାଣୀକୁ ତ୍ରିଦେବଙ୍କ ବାଣୀ ଭାବି ସନ୍ଦେହ କରିଥା'ନ୍ତେ । ଏହା ବିପରୀତ ସନ୍ଦେହ ନ କରି ସଚ୍ଚିଦାନନ୍ଦଙ୍କ ବାଣୀ ଉତ୍ତରରେ ଚର୍ମ ଚକ୍ଷୁରେ ପ୍ରତ୍ୟକ୍ଷ ଦର୍ଶନ ବର ମାଗିଲେ । ଏଥିରୁ ଅନୁମାନ ହୁଏ ରାଜାରାଣୀ ସଚ୍ଚିଦାନନ୍ଦଙ୍କ ଉପଲବ୍ଧି ପାଇଥିଲେ । ଏହାକୁ ସମର୍ଥନ କରୁଛି ସେମାନଙ୍କ ବରଦାନ । ସଚ୍ଚିଦାନନ୍ଦ ତତ୍ତ୍ୱ ହେଉଛନ୍ତି ଅସୀମ ଜ୍ଞାନ, ଅପାର ଆନନ୍ଦ, ଅମାପ ଶକ୍ତି । ମନୁଷ୍ୟ ସେହି ଉପଲବ୍ଧି ପ୍ରାପ୍ତ ହେଲେ ଆଉ କିଛି ଚାହିଁବା ବାକି ରହେ ନାହିଁ । ସେହି ଅସୀମ ଜ୍ଞାନ ଆନନ୍ଦ ଐଶ୍ୱର୍ଯ୍ୟରେ ଉତ୍ତରୋତ୍ତର ଡୁବି ଯାଉଥାଏ । ରାଜା-ରାଣୀଙ୍କୁ ଏହି ସଚ୍ଚିଦାନନ୍ଦଙ୍କ ଅନୁଭୂତି ହୋଇଥିବାରୁ ସଂସାରର ସମସ୍ତ ଐଶ୍ୱର୍ଯ୍ୟ ତାଙ୍କ ପାଖରେ ଅର୍ଥହୀନ ଥିଲା । ଅର୍ଥ ଥିଲା କେବଳ ତାଙ୍କରି ଦର୍ଶନରେ । ସେ ସକାଶେ ସେ ଦର୍ଶନ ପ୍ରାପ୍ତି ବର ମାଗିଲେ । ଏହା ଆହୁରି ସ୍ପଷ୍ଟ ହେଉଛି ରାଜା ସ୍ଥୂଳ ଚର୍ମ ଚକ୍ଷୁରେ ସଚ୍ଚିଦାନନ୍ଦଙ୍କ ଦର୍ଶନ ଚାହିଁବା । ରାଜା କହିଥିଲେ, ''ଦେଖ ହି ରୂପ ସୋହମ ଭରି ଲୋଚନ ।'' ସୋ ଅର୍ଥ ସେହି ସଚ୍ଚିଦାନନ୍ଦଙ୍କୁ ମୁଁ ଏହି ସ୍ଥୂଳ ଚକ୍ଷୁରେ ଦେଖିବି । ସେହି ଶବ୍ଦଟିର ସ୍ପଷ୍ଟ ସୂଚନା ହେଉଛି ପୂର୍ବେ ଜାଣିଥିବା ବା ଦେଖିଥିବା ଅଥବା ଆଲୋଚନା କରିଥିବା ତତ୍ତ୍ୱ । ସଚ୍ଚିଦାନନ୍ଦଙ୍କ ଉପଲବ୍ଧି ହେଉଛି ଜ୍ଞାନର ଶିଖର ଏବଂ ଭକ୍ତିର ଚରମ ଅବସ୍ଥା, ଐଶ୍ୱର୍ଯ୍ୟର ଅପାର ସମୁଦ୍ର । ସଂସାରରେ ଯେଉଁ ଜ୍ଞାନ, ଆନନ୍ଦ, ଐଶ୍ୱର୍ଯ୍ୟ ବା ଶକ୍ତି ପ୍ରକାଶ ହୋଇଛି ସେହି ସଚ୍ଚିଦାନନ୍ଦଙ୍କ ଅନନ୍ତ ସମୁଦ୍ରର ଗୋଟିଏ ଜଳକଣା ସଦୃଶ । ସେହି ସଚ୍ଚିଦାନନ୍ଦଙ୍କ ଉପଲବ୍ଧିରେ ବ୍ୟକ୍ତି ଜ୍ଞାନ, ଆନନ୍ଦ, ଐଶ୍ୱର୍ଯ୍ୟ ସମୁଦ୍ର ସହିତ ଏକତ୍ୱପ୍ରାପ୍ତ କରେ । ତାଙ୍କୁ ସୂର୍ଯ୍ୟ ସମ୍ମୁଖରେ ରାତ୍ରି ସଦୃଶ ଅଜ୍ଞାନ, ମୋହ, ଆସକ୍ତି, ଦୁଃଖ, କଷ୍ଟ, ଅଭାବ ସ୍ପର୍ଶ କରିବା ଦୂରେଥାଉ ପାଖକୁ ଆସିପାରେ ନାହିଁ ।

(୧୩)

ମହାପୁରୁଷ ଆଚାର୍ଯ୍ୟମାନେ ସଚ୍ଚିଦାନନ୍ଦଙ୍କୁ ଉପଲବ୍ଧି ନ କରି ତାଙ୍କର କେବଳ ସଗୁଣ ସ୍ୱରୂପ ନାରାୟଣ, ବିଷ୍ଣୁ, ଶ୍ରୀରାମ, ଶ୍ରୀକୃଷ୍ଣ, ଶିବ ମହାଶକ୍ତିଙ୍କୁ ଉପାସନା କରନ୍ତି କିଂବା ତାଙ୍କ ନିରାକାର ନିର୍ବିଶେଷ ସତ୍ତାରେ ଲୀନ ହୋଇଯାଆନ୍ତି । ସେମାନଙ୍କୁ ଅଜ୍ଞାନ, ମୋହମାୟା ସ୍ପର୍ଶ କରେ ନାହିଁ । କିନ୍ତୁ ରାଜାରାଣୀଙ୍କୁ ସଗୁଣ, ନିର୍ଗୁଣ ତଥା ଉଭୟଙ୍କ ସତ୍ତା ସଚ୍ଚିଦାନନ୍ଦଙ୍କ ଉପଲବ୍ଧି ହୋଇଥିଲା । ସେ ସଚ୍ଚିଦାନନ୍ଦଙ୍କ ସ୍ଥୂଳ ରୂପକୁ ସାକ୍ଷାତ୍ ଦର୍ଶନ କରିଥିଲେ ଏବଂ ସେମାନଙ୍କ ସମ୍ମୁଖରେ ଜ୍ଞାନସୂର୍ଯ୍ୟସ୍ୱରୂପ ସ୍ୱୟଂ ଭଗବାନ୍ ବିରାଜମାନ ଥିଲେ । ସେହି ସମୟରେ ମୋହ, ଅଜ୍ଞାନ ରାଜାଙ୍କ ପାଖକୁ ଆସିବା ସମ୍ଭବ ନ ଥିଲା । ସୂର୍ଯ୍ୟ ପାଖରେ ଯେପରି ଅନ୍ଧକାର ରହିପାରେ ନାହିଁ, ସେହିପରି ପରମଜ୍ଞାନ ସ୍ୱରୂପ ଭଗବାନଙ୍କ ପାଖରେ ଅଜ୍ଞାନ ମୋହର ଅସ୍ତିତ୍ୱ ରହେ ନାହିଁ । ରାଜା-ରାଣୀଙ୍କୁ ପରମ ଜ୍ଞାନ ପ୍ରାପ୍ତ ହେବା ସତ୍ତ୍ୱେ ସେ ଅଜ୍ଞାନ ମୋହମାୟାଗ୍ରସ୍ତ ଧନ, ପୁତ୍ର ଆସକ୍ତ ସଂସାରୀ ବ୍ୟକ୍ତିଙ୍କ ସଦୃଶ ଭଗବାନଙ୍କୁ ପୁତ୍ର ରୂପେ ପ୍ରାପ୍ତ କରିବା ସକାଶେ ବର ମାଗିଲେ କାହିଁକି ? ଚାହିଁବାହିଁ କାମନା ଏବଂ ଜ୍ଞାନର ବିପରୀତ । ଏହାଛଡ଼ା ପୁତ୍ର ବିୟୋଗରେ ଶରୀରତ୍ୟାଗ ବରଦାନ ମୋହ, ଆସକ୍ତିର ଚରମତାର ସୂଚନା ଦେଉଛି । ମନୁ ସତରୂପାଙ୍କୁ ଭଗବାନଙ୍କ ଦର୍ଶନ ତଥା ପୁତ୍ର ବରଦାନରୁ ଜ୍ଞାନସୂର୍ଯ୍ୟ ଏବଂ ଅଜ୍ଞାନ ଅନ୍ଧକାର, ଏହି ବିପରୀତ ପରିସ୍ଥିତି ଏକସଙ୍ଗେ ସମ୍ମିଳିତ ହେବାର ପ୍ରତୀତ ହେଉଛି । ଏହି ବିପରୀତ

ପରିସ୍ଥିତି ଯୋଗୁଁ ଆତ୍ମମାନଙ୍କ ମନରେ ଗୋଟିଏ ମହାନ୍ ଦ୍ୱନ୍ଦ ସୃଷ୍ଟି ହେଉଛି । ଯେପର୍ଯ୍ୟନ୍ତ ଏହାର ଯଥାର୍ଥ ସମାଧାନ ନ ପାଇବା ସେ ପର୍ଯ୍ୟନ୍ତ ଏହି ଚରିତ୍ରରୁ କୌଣସି ଶିକ୍ଷା ପାଇପାରିବା ନାହିଁ, କିଂବା ସମସ୍ୟାର ସମାଧାନ ହେବ ନାହିଁ ।

ମନୁ ସତରୂପାଙ୍କ ଜ୍ଞାନ ସହିତ ଅଜ୍ଞାନ ପ୍ରତୀତ ହେଉଥିବା ଧାରଣାହିଁ ଭୁଲ୍ । ଜ୍ଞାନ ସୂର୍ଯ୍ୟର ସମ୍ମୁଖକୁ ଅଜ୍ଞାନ ଅନ୍ଧକାର କେବେ ବି ଆସିପାରେ ନାହିଁ । ଜ୍ଞାନପ୍ରାପ୍ତ ବ୍ୟକ୍ତି ନିତ୍ୟ କୋଟିର ସତ୍ତା ବା ମୁକ୍ତ ଆତ୍ମା ମାନ୍ୟ ହୁଅନ୍ତି । ସେମାନେ ଭଗବତ୍ କାର୍ଯ୍ୟ ସକାଶେ ପୃଥିବୀକୁ ଆସି ବଦ୍ଧ ଅଜ୍ଞାନ ବ୍ୟକ୍ତି ସଦୃଶ ସଂସାର କାର୍ଯ୍ୟକଲେ ମଧ୍ୟ ତାଙ୍କୁ କର୍ମ-ବନ୍ଧନ ହୁଏ ନାହିଁ କିଂବା ସେମାନେ ବଦ୍ଧକୋଟିର ଜୀବ ସଦୃଶ କର୍ମଫଳ ଭୋଗିବା ସକାଶେ ଜନ୍ମମରଣ ମାର୍ଗରେ ଭ୍ରମନ୍ତି ନାହିଁ । ସେମାନଙ୍କ କାର୍ଯ୍ୟ ଶେଷହେଲେ ସେମାନେ ଶରୀର ତ୍ୟାଗ କରି ମୁକ୍ତଲୋକରେ ନିବାସ କରନ୍ତି । ଏହି କାରଣରୁ ମୁକ୍ତ ଆତ୍ମା ଭଗବାନଙ୍କ କାର୍ଯ୍ୟ ସକାଶେ ସଂସାରୀ ମନୁଷ୍ୟ ସଦୃଶ ଶରୀର ଧାରଣ କରିବାକୁ ତାଙ୍କର ଭୟ ନ ଥାଏ ।

ଅନ୍ୟ କାରଣ ହେଲା ମନୁ ଏବଂ ସତରୂପାଙ୍କ ଆତ୍ମଚେତନା ମନ, ପ୍ରାଣ, ଶରୀର ସ୍ତରକୁ ଅତିକ୍ରମ କରି ଚେତନାର ଉଚ୍ଚତର ସ୍ତରରେ ସଚ୍ଚିଦାନନ୍ଦ ପରମବ୍ରହ୍ମକୁ ଉପଲବ୍ଧି କରିଥିଲେ । କିନ୍ତୁ ତାଙ୍କ ମନ, ପ୍ରାଣ, ଶରୀର ସେଥିରୁ ବଞ୍ଚିତ ଥିଲେ । ମନ, ପ୍ରାଣ ଶରୀରର ରୂପାନ୍ତର ନ ହେଲେ ଜୀବନ ପୂର୍ଣ୍ଣ ହୁଏ ନାହିଁ କିଂବା ସେଥିରୁ ଅଜ୍ଞାନ ବାସନା, କାମନା ଦୂର ହୁଏ ନାହିଁ । ଅଜ୍ଞାନ ବାସନା, କାମନା ଥିବା ଯୋଗୁଁ ସଚ୍ଚିଦାନନ୍ଦ ପୁରୁଷୋତ୍ତମ ପରମବ୍ରହ୍ମ କିଂବା ତାଙ୍କର ସଗୁଣ ସ୍ୱରୂପ ଅଥବା ନିର୍ଗୁଣତତ୍ତ୍ୱ ମନ, ପ୍ରାଣ, ଶରୀରରେ ଉପଲବ୍ଧ ହୁଅନ୍ତି ନାହିଁ । ମନ, ପ୍ରାଣ, ଶରୀରରେ କିଛି ଅଂଶରେ ଉପଲବ୍ଧ ହୁଅନ୍ତି ଭଗବାନ୍ ସ୍ଥୂଳରୂପେ ପ୍ରଘଟ ହେଲେ । ରାଜା ରାଣୀ ଚାହିଁଥିଲେ ମନ, ପ୍ରାଣ, ଶରୀରରେ ଭଗବତ୍ ଉପଲବ୍ଧି । ଏହି ତିନି ସତ୍ତା ପରସ୍ପର ସମ୍ବନ୍ଧିତ । ସ୍ଥୂଳ ନେତ୍ରରେ ଦର୍ଶନ ହେଲେ ସମସ୍ତ ସତ୍ତାକୁ ଆନନ୍ଦପ୍ରାପ୍ତ ହୁଏ । ସେହି ସକାଶେ ରାଜା ସଚ୍ଚିଦାନନ୍ଦଙ୍କ ସ୍ଥୂଳରୂପ ଦର୍ଶନ ଚାହିଁଥିଲେ ଏବଂ ପ୍ରାପ୍ତ ହୋଇଥିଲେ । ଭଗବାନଙ୍କର ଏପରି ଦର୍ଶନାନନ୍ଦ ମନୁଷ୍ୟ ସୃଷ୍ଟି ହେବା ଦିନରୁ ମନ, ପ୍ରାଣ, ଶରୀର କେବେ ପାଇ ନ ଥିଲେ କିଂବା ଧାରଣା କରି ନ ଥିଲେ । ହଠାତ୍ ମହାନ୍ ଆନନ୍ଦ ପାଇ ତାକୁ ଛାଡ଼ିବାକୁ ଚାହୁଁ ନ ଥିଲେ କିଂବା ସେଥିରେ ତୃପ୍ତ ହେଉ ନ ଥିଲେ । ସେସବୁ ତୃପ୍ତ ହୁଅନ୍ତି ସ୍ଥୂଳ ଶରୀରରେ ଭଗବାନଙ୍କ ସ୍ଥୂଳରୂପ ସ୍ପର୍ଶ କଲେ । ଏହା ହୋଇପାରେ ତଥା ନିରନ୍ତର ଏହି ପରମସୁଖ ସ୍ଥାୟୀ ହୋଇ ରହିପାରେ ଭଗବାନ୍ ପୁତ୍ରରୂପେ ପ୍ରାପ୍ତ ହେଲେ । ଏହି ସକାଶେ ସେମାନେ ଭଗବାନଙ୍କୁ ପୁତ୍ର ରୂପେ ଚାହିଁଥିଲେ । ପୁତ୍ର ସମ୍ବନ୍ଧହିଁ କାମନା । ସଂସାର ବ୍ୟକ୍ତି ପୁତ୍ର, ଧନ, ମୋହ, ଅଜ୍ଞାନରେ ବଦ୍ଧହୋଇ ଜନ୍ମ, ମରଣ, ଦୁଃଖ, କଷ୍ଟ ଭୋଗୁ ଥା'ନ୍ତି । କିନ୍ତୁ ସେହି ପୁତ୍ର ସମ୍ବନ୍ଧ ଭଗବାନଙ୍କ ପ୍ରତି ହେଲେ ତାହା ବନ୍ଧନର କାରଣ ନ ହୋଇ ମୁକ୍ତିର କାରଣ ହୁଏ । ଯେପରି କର୍ମ ଜନ୍ମ-ମରଣର କାରଣ । ସେହି କର୍ମ ଯଦି ଭଗବତ୍ ସେବାଭାବରେ ହୋଇ ଭଗବାନଙ୍କୁ ସମର୍ପଣ କରାହୁଏ ତେବେ ସେହି କର୍ମ, ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି କରାଇ ଜନ୍ମ, ମରଣ, ଦୁଃଖ, କଷ୍ଟରୁ ନିବୃତ୍ତ କରେ । କାରଣ ଭଗବାନ୍ ଆପ୍ତକାମ । ଭଗବାନଙ୍କୁ ପ୍ରାପ୍ତ ହେବାକୁ ବ୍ୟକ୍ତି ଚାହିଁଲେ ସମସ୍ତ କାମନା, ଭଗବତ୍ ପ୍ରାପ୍ତି କାମନାରେ ବିଲୀନ ହୋଇଯାଏ । ରହିଯାଏ କେବଳ ଭଗବତ୍ ପ୍ରାପ୍ତି କାମନା । ଭଗବତ୍ ପ୍ରାପ୍ତି ହେବା ପରେ ଆଉ କୌଣସି କାମନା ନ ଥାଏ । କଣ୍ଠା ଦ୍ୱାରା ଗୋଡ଼ରୁ କଣ୍ଠା କାଢ଼ି ଉଭୟ କଣ୍ଠା ତ୍ୟାଗ କରିବା ସଦୃଶ ଭଗବତ୍ ପ୍ରାପ୍ତି କାମନା ଦୂର ହୁଏ ଏବଂ ଆଉ କାମନା ଉତ୍ପନ୍ନ ହୁଏ ନାହିଁ ।

(୧୪)

ସ୍ୱୟମ୍ଭୂ ମନୁ ଏବଂ ତାଙ୍କ ପତ୍ନୀ ସତରୂପାଙ୍କ ତପସ୍ୟା :

ମନୁ ସତରୂପା ଭଗବାନ୍ ସଚ୍ଚିଦାନନ୍ଦଙ୍କୁ ଚାହିଁବା ଅଜ୍ଞାନତାର ସୂଚନା ବୋଲି ଯେଉଁ ସମସ୍ୟା ଦେଖାଦେଇଛି ତା'ର ସମାଧାନ ହେଉଛି ମନୁଷ୍ୟ ଜୀବନର ଯଥାର୍ଥ ଲକ୍ଷ୍ୟ ଜାଣିବାରେ । ମନୁଷ୍ୟ ମାତ୍ରେ ଜୀବନର ଲକ୍ଷ୍ୟ ଦୁଃଖବିହୀନ

ପରମାନନ୍ଦ । ଏହି ଅଖଣ୍ଡ ପରମାନନ୍ଦ ସାଂସାରିକ କୌଣସି ବସ୍ତୁରେ ପ୍ରାପ୍ତ ହୁଏ ନାହିଁ । ପ୍ରାପ୍ତ ହୁଏ ଭଗବତ୍ ଉପଲବ୍ଧିରେ । ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ପରମାନନ୍ଦସ୍ୱରୂପ ସଚ୍ଚିଦାନନ୍ଦ ପରମବ୍ରହ୍ମ ପ୍ରାପ୍ତି । ଏହି ସଚ୍ଚିଦାନନ୍ଦ ପ୍ରାପ୍ତ ହୁଅନ୍ତି ବ୍ୟକ୍ତିର ମନ, ପ୍ରାଣ, ଶରୀର ଅତିମାନସ ଶକ୍ତି ଦ୍ୱାରା ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବାରେ । ମାନସ ଚେତନାର ବିକାଶ ସମାପ୍ତ ହୋଇ ନ ଥିବାରୁ ସେସମୟରେ ଅତିମାନସ ଚେତନା ଦ୍ୱାରା ରୂପାନ୍ତର ସମ୍ଭବ ନ ଥିଲା । କିନ୍ତୁ ରାଜା ଚାହୁଁଥିଲେ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି । ଏହା ସମ୍ଭବ ହୋଇପାରେ ଭଗବାନ୍ ନିଜ ଦିବ୍ୟତାକୁ ମନୁଷ୍ୟ ଶରୀର ଆବରଣରେ ଆବୃତ କରି ପୁତ୍ର ରୂପେ ଅବତାର ନେଲେ । ସେହି ସକାଶେ ରାଜା ଭଗବାନଙ୍କୁ ପୁତ୍ର ରୂପେ ଚାହିଁଥିଲେ । ଏହାଛଡ଼ା ଭଗବାନ୍ ଅବତାର ନେଲେ ତାଙ୍କ ନିତ୍ୟ ପରିକର ତଥା ମୁକ୍ତଆତ୍ମାମାନେ ଭଗବାନଙ୍କ ବିଧାନ ଅନୁସାରେ, ଭଗବାନଙ୍କ କାର୍ଯ୍ୟ କରିବା ସକାଶେ ମନୁଷ୍ୟ ଶରୀରରେ ଜନ୍ମ ଗ୍ରହଣ କରନ୍ତି । ଏବଂ ଅଜ୍ଞାନ ବଶହୋଇ ବଦ୍ଧଜୀବ ସଦୃଶ ମଧ୍ୟ କର୍ମ କରନ୍ତି । କିନ୍ତୁ ବଦ୍ଧଜୀବ ସଦୃଶ କର୍ମଫଳ ଭୋଗ କରିବା ସକାଶେ ବାରଂବାର ଜନ୍ମ ଗ୍ରହଣ କରନ୍ତି ନାହିଁ । ଭଗବାନଙ୍କ ସେବା ଶେଷ ହେଲେ ଭଗବାନଙ୍କ ସଙ୍ଗେ ନିତ୍ୟଧାମ ପ୍ରାପ୍ତ ହୁଅନ୍ତି । ମନୁଷ୍ୟର ମନ-ପ୍ରାଣ-ଶରୀରରେ ସଚ୍ଚିଦାନନ୍ଦ ପ୍ରାପ୍ତିର ଯେଉଁ ଲକ୍ଷ୍ୟ, ଏହାକୁ ସମର୍ଥନ କରେ କ୍ରମବିକାଶ । ଏହା ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ।

ମନୁ ମହାରାଜ ଭଗବାନଙ୍କୁ ପୁତ୍ରରୂପେ ବର ମାଗିବା ସୂଚନାଦିଏ – ଭବିଷ୍ୟତ୍ ମନୁଷ୍ୟର ଜୀବନର ଯଥାର୍ଥ ଲକ୍ଷ୍ୟ ଭବିଷ୍ୟତରେ ମାନସଚେତନା ଶେଷହେବା ପରେ ବ୍ୟକ୍ତି ଅତିମାନସ ଚେତନାରେ ସଚ୍ଚିଦାନନ୍ଦଙ୍କୁ ଉପଲବ୍ଧି କରିବା ନିର୍ଦ୍ଧାରିତ । ଯାହା ଭବିଷ୍ୟତରେ ଘଟେ ବହୁ ପୂର୍ବରୁ ତାହାର ସୂଚନା ପ୍ରତୀକରୂପେ ମିଳେ । ମନୁ ମହାରାଜ ଥିଲେ ମନୁଷ୍ୟ ବା ମାନସ ଚେତନାର ପ୍ରତିନିଧି । ସେହି ସକାଶେ ଭଗବାନଙ୍କୁ ପୁତ୍ରରୂପେ ପ୍ରାପ୍ତ ହୋଇ ଭବିଷ୍ୟତ୍ ମାନବଜାତି ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ସଚ୍ଚିଦାନନ୍ଦଙ୍କୁ ଉପଲବ୍ଧି କରିବାର ସୂଚନା ଦେଇଛନ୍ତି । ଅତଏବ ପ୍ରତ୍ୟେକ ମନୁଷ୍ୟର ଜୀବନର ଲକ୍ଷ୍ୟ ସଚ୍ଚିଦାନନ୍ଦପ୍ରାପ୍ତି – ଏହି ବିଷୟ ପ୍ରତିପାଦିତ କରିବା ସକାଶେ ଏଠାରେ କ୍ରମବିକାଶ ପଦ୍ଧତି ସଂକ୍ଷେପରେ ଆଲୋଚନା କରିବା ।

କ୍ରମବିକାଶ

ଭଗବାନ୍ ଏକ । ସେ ସୃଷ୍ଟି କରି ସେଥିରେ ପ୍ରକାଶ ହେବା ଉଦ୍ଦେଶ୍ୟରେ ବହୁ ହେବାକୁ ସଂକଳ୍ପ କରି ଏକେବାରେ ଜଡ଼ରେ ପରିଣତ ହୋଇଗଲେ । କିନ୍ତୁ ସେହି ଜଡ଼ ମଧ୍ୟରେ ସେ ବ୍ୟାପ୍ତ ହୋଇ ରହିଲେ । କ୍ରମବିକାଶ ଅନୁସାରେ ଜଡ଼ରୁ ତରୁ, ତୃଣ, ପଶୁ, ପକ୍ଷୀ ମଧ୍ୟଦେଇ ମନୁଷ୍ୟରେ ଉପନୀତ ହେଲେ, ମନୁଷ୍ୟକୁ ବୁଦ୍ଧିପ୍ରାପ୍ତ ହେବାରୁ ଦୁଃଖ-କଷ୍ଟରୁ ଉଦ୍ଧାର ହେବା ଉପାୟ ଆବଶ୍ୟକ ହେଲା । ମନୁଷ୍ୟକୁ ନିଜ ଭଗବତ୍ ସ୍ୱରୂପ ପ୍ରାପ୍ତ ହେବାର ଲକ୍ଷ୍ୟରେ ପହଞ୍ଚାଇ ଦେବା ସକାଶେ ଭଗବାନ୍ ସ୍ୱୟଂ ମାର୍ଗନିର୍ଣ୍ଣୟକ ବେଦ, ଶାସ୍ତ୍ର ନିର୍ମାଣ କଲେ; ତଥା ଯାତ୍ରାର ସମୟକୁ କମ୍ କରିଦେବା ସକାଶେ ସେ ସ୍ୱୟଂ ସମୟ ସମୟରେ ମନୁଷ୍ୟ ଶରୀରରେ ଅବତାର ନେଲେ । ଏହି ଲକ୍ଷ୍ୟ-ପଥର ଯାତ୍ରୀକୁ ଅନ୍ଧକାର ଶକ୍ତିର ଆକ୍ରମଣରୁ ରକ୍ଷା କରିବା ସକାଶେ, ବିକାଶର ସମୟ ଅନୁକୂଳ ନିଜ ଅଂଶଭୂତ ଋଷି, ମୁନି, ମହାପୁରୁଷଙ୍କୁ ପୃଥିବୀକୁ ପଠାଇ ସମୟୋପଯୋଗୀ ଭିନ୍ନ ଭିନ୍ନ ଅଧ୍ୟାତ୍ମ ପ୍ରଣାଳୀ ପ୍ରତିଷ୍ଠା କରାଇଲେ । ଏହି କାରଣରୁ ଭଗବାନ୍ ଏକ ଥିବା ସତ୍ତ୍ୱେ ତାଙ୍କ ପ୍ରାପ୍ତିର ମାର୍ଗ ହେଲା ବହୁତ । ବ୍ୟକ୍ତି-ବିକାଶର ଯଥାର୍ଥ ଲକ୍ଷ୍ୟ ଯଦ୍ୟପି ବେଦରେ ଆଲୋଚନା ହୋଇଥିଲା ତଥାପି ମାନସ-ବିକାଶ ସମାପ୍ତ ହୋଇ ନ ଥିବାରୁ ତାହା ବ୍ୟକ୍ତି-ଚେତନାରେ ଅଜ୍ଞାତ ରହିଲା । ଏହି କ୍ରମବିକାଶକୁ ବୁଦ୍ଧି, ଯୁକ୍ତି, ତଥା ବେଦ, ଉପନିଷଦ୍ ମଧ୍ୟ ସମର୍ଥନ କରୁଅଛି । ଉପନିଷଦର ଭାଷାରେ ମନୁଷ୍ୟ ମଧ୍ୟରେ ପଞ୍ଚକୋଷ ବିଦ୍ୟମାନ ଅଛି ଯଥା – ଅନ୍ନମୟ କୋଷ, ପ୍ରାଣମୟ କୋଷ, ମନୋମୟ କୋଷ ତଥା ବିଜ୍ଞାନ ଓ ଆନନ୍ଦମୟ କୋଷ । ଅନ୍ନମୟ କୋଷ ଶରୀର, ପ୍ରାଣମୟ କୋଷ ଜୀବନୀଶକ୍ତି ବା ପ୍ରାଣ, ମନୋମୟ କୋଷ ମନ, ବୁଦ୍ଧି । ଏହି ତିନିକୋଷ ପ୍ରକାଶ ହୋଇଛି । ଅପ୍ରକାଶ୍ୟ ଅଛି ବିଜ୍ଞାନ ଏବଂ ଆନନ୍ଦମୟ କୋଷ । ଏହି ପଞ୍ଚକୋଷ ପ୍ରକାଶରେ ଜୀବନ ହୁଏ ସଂପୂର୍ଣ୍ଣ ।

କ୍ରମବିକାଶ ଅନୁସାରେ ତିନିକୋଷ ମନୁଷ୍ୟ ମଧ୍ୟରେ ପ୍ରକାଶ ହୋଇଥିବାରୁ ଅବଶିଷ୍ଟ ବିଜ୍ଞାନ ଏବଂ ଆନନ୍ଦମୟ କୋଷ ପ୍ରକାଶ ହେବା ଅବଶ୍ୟମ୍ଭାବୀ । ମନୋମୟ କୋଷ ପର୍ଯ୍ୟନ୍ତ ଅଜ୍ଞାନ-ଅନ୍ଧକାର ଶକ୍ତିର ସ୍ତର ବା ରାଜ୍ୟ । ବିକାଶ ସକାଶେ ଦୁଃଖ, କଷ୍ଟ, ମୃତ୍ୟୁର ଆବଶ୍ୟକ । ବିଜ୍ଞାନ ଏବଂ ଆନନ୍ଦସ୍ତର ବା ଚେତନା, ଦିବ୍ୟ ଭାଗବତୀ ଶକ୍ତିର ରାଜ୍ୟ । ସେ ସ୍ତର ବା ଚେତନାରେ ଅଜ୍ଞାନ ଏବଂ ଅସତ୍ୟର ସର୍ବଥା ଅଭାବ । ଅଜ୍ଞାନ ଏବଂ ଜ୍ଞାନ, ଅନ୍ଧକାର ତଥା ପ୍ରକାଶ ଏକ ସଙ୍ଗେ ରହିବା ସମ୍ଭବ ନୁହେଁ । ପ୍ରକାଶ ମାତ୍ରେ ଅନ୍ଧକାର ଯେପରି ପ୍ରକାଶରେ ବିଲୀନ ହୋଇଯାଏ, ସେହିପରି ବିଜ୍ଞାନ ଓ ଆନନ୍ଦର ପ୍ରକାଶ ମାତ୍ରେ ଅଜ୍ଞାନ, ମୃତ୍ୟୁ, ଅନିତ୍ୟ ଦୂର ହୋଇଯାଏ । ଅଜ୍ଞାନତା ଜ୍ଞାନରେ ଲୀନ ହୋଇଯାଏ । ବିକାଶ ଜଡ଼, ତରୁଲତା, ପଶୁପକ୍ଷୀ ମଧ୍ୟଦେଇ ବର୍ତ୍ତମାନ ମନୁଷ୍ୟରେ ଉପନୀତ ହୋଇଅଛି । ବିକାଶ ଏଠାରେ ସ୍ଥଗିତ ନ ହୋଇ ବିଜ୍ଞାନ, ଆନନ୍ଦ ସ୍ତରରେ ଉପନୀତ ହେବ, କ୍ରମବିକାଶର ଏହାହିଁ ପ୍ରତ୍ୟକ୍ଷ ପ୍ରମାଣ । ଜୀବନର ପୂର୍ଣ୍ଣତା ବା ଅତିମାନବ ପୃଥିବୀରେ ପ୍ରତିଷ୍ଠିତ ହେବା ଯୁକ୍ତି, ଶାସ୍ତ୍ର ତଥା ଘଟଣାରୁ ପ୍ରମାଣିତ ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ।

(୧୫)

ପୁରାତନ ଯୋଗ

ସୃଷ୍ଟିର ଯଥାର୍ଥ ଲକ୍ଷ୍ୟରେ ପହଞ୍ଚିବା ମାର୍ଗ ବହୁତ ଲମ୍ବା ଓ ଏଥିରେ ଥାଏ ଚେତନାର ବହୁତ ସ୍ତର । ମାର୍ଗରେ ଯାତ୍ରାକୁ ଅସୁରୀ, ଅନ୍ଧକାର, ଅଜ୍ଞାନ, ଅନ୍ୟାୟ ଶକ୍ତି ଆକ୍ରମଣରୁ ରକ୍ଷା କରିବା ସକାଶେ ପୁରାତନ ବହୁ ଯୋଗର ଆବଶ୍ୟକ ଥିଲା । ଭିନ୍ନ ଭିନ୍ନ ସମୟ ଉପଯୋଗୀ ପୁରାତନ ଯୋଗ ମଧ୍ୟ କ୍ରିୟାଶୀଳ ହୋଇ ସୃଷ୍ଟିର କ୍ରମବିବର୍ତ୍ତନକୁ ଅଧ୍ୟାତ୍ମ ଶକ୍ତି ଦ୍ୱାରା ରକ୍ଷା କରିଥିଲା । କିନ୍ତୁ ତାହାସବୁ ସୃଷ୍ଟି ବା ଜୀବନର ଚରମ ଲକ୍ଷ୍ୟ ନ ଥିଲା । ଭଗବାନ୍ ଏକ ହେବା ସତ୍ତ୍ୱେ ଭଗବତ୍ ପ୍ରାପ୍ତି ମାର୍ଗ ଏହି କାରଣରୁ ଭିନ୍ନ ଭିନ୍ନ ହୋଇଥିଲା । ସେହିସବୁ ପୁରାତନ ଯୋଗକୁ ସିଦ୍ଧାନ୍ତିକ ତତ୍ତ୍ୱରୂପେ ବହୁ ସଂକ୍ଷେପରେ ପାଠକମାନଙ୍କୁ ବୁଝିବା ସକାଶେ ଏଠାରେ ଆଲୋଚନା କରିବା । ପୁରାତନ ସମସ୍ତ ଯୋଗ ଦୁଇଭାଗରେ ବିଭକ୍ତ । ଦ୍ୱୈତ ଏବଂ ଅଦ୍ୱୈତ । ଦ୍ୱୈତବାଦୀଙ୍କ ସିଦ୍ଧାନ୍ତ, ସଂସାର ସତ୍ୟ, ସଂସାରର ସ୍ରଷ୍ଟା ଭଗବାନ୍ । ଅଦ୍ୱୈତବାଦୀଙ୍କ ସିଦ୍ଧାନ୍ତ ଭଗବାନ୍ ନିରାକାର ନିଷ୍କ୍ରିୟ । ସଂସାରର ଦୃଶ୍ୟମାନ ବସ୍ତୁ ମିଥ୍ୟା, ମାୟା ସ୍ୱପ୍ନ ଏବଂ ଅଳୀକ ଭ୍ରମ । ଏହି ଦୁଇଟିଯାକ ବିରୋଧୀ ସିଦ୍ଧାନ୍ତ ସମନ୍ୱୟ ହୁଏ, ଜୀବନର ଯଥାର୍ଥ ଲକ୍ଷ୍ୟ ସିଦ୍ଧି ହୁଏ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ।

ଅଦ୍ୱୈତ ବାଦ

ଅଦ୍ୱୈତବାଦୀ ମୁନି, ଋଷି, ସାଧୁ, ସନ୍ଥମାନେ ସଂସାରକୁ ମିଥ୍ୟା, ମାୟା କହି ତ୍ୟାଗ କରି ଦିଅନ୍ତି । ବାକି ଯେଉଁ ଆତ୍ମତତ୍ତ୍ୱ ରହିଯାଏ ସେ ସଚ୍ଚିଦାନନ୍ଦ ନିରାକାର ତତ୍ତ୍ୱରେ ଲୀନ ହୋଇଯାଏ । ଏମାନଙ୍କ ଆତ୍ମାର ମାନସ ଚେତନାଠାରୁ ଅତିମାନସ ଚେତନା ପର୍ଯ୍ୟନ୍ତ କୌଣସି ସମ୍ପର୍କ ନ ଥିବାରୁ ଆତ୍ମା ବ୍ରହ୍ମରେ ଲୀନ ହୋଇଥିବା ଉପଲବ୍ଧିରୁ ବ୍ୟକ୍ତିର ମନ, ପ୍ରାଣ, ଶରୀର ବଞ୍ଚିତ ହୋଇଥା'ନ୍ତି । ଏହି ସିଦ୍ଧାନ୍ତର ନାମ ଅଦ୍ୱୈତବାଦ । ଏହାର ପ୍ରବର୍ତ୍ତକ ଆଚାର୍ଯ୍ୟ ଶଙ୍କର ।

ଦ୍ୱୈତ ବାଦ

ଦ୍ୱୈତବାଦୀ ସାଧୁ ସନ୍ଥ, ମୁନି, ଋଷି, ମହାପୁରୁଷମାନେ ମନ, ପ୍ରାଣ, ଶରୀରକୁ ମାୟା କୁହନ୍ତି ନାହିଁ । ସେମାନେ ଏହି ସବୁକୁ ଆଧାର କରି ମାନସ ଚେତନାର ଊର୍ଦ୍ଧ୍ୱସ୍ଥ ବହୁ ଚେତନାର ସ୍ତର ଅତିକ୍ରମ କରି ଅଧିମାନସ ସ୍ତରରେ ପୁରୁଷୋତ୍ତମ

ସଗୁଣ ସ୍ୱରୂପ ନାରାୟଣ, ବିଷ୍ଣୁ, ଶ୍ରୀରାମ, ଶ୍ରୀକୃଷ୍ଣ, ଶିବ, କାଳୀଙ୍କୁ ଭଗବତ୍ ଦିବ୍ୟଧାମ ସାକେତ, ଗୋଲୋକ ବୈକୁଣ୍ଠ, କୈଳାସରେ ଉପଲବ୍ଧି କରନ୍ତି ଏବଂ ଭଗବାନଙ୍କୁ ଭକ୍ତି କରନ୍ତି । ଏହି ଉପଲବ୍ଧି ଦ୍ୱୈତ ସିଦ୍ଧାନ୍ତ । ଏହାର ପ୍ରବର୍ତ୍ତକ, ଶ୍ରୀରାମାନୁଜାଚାର୍ଯ୍ୟ, ଶ୍ରୀ ନିମ୍ବାର୍କାଚାର୍ଯ୍ୟ, ଶ୍ରୀ ମାଧବାଚାର୍ଯ୍ୟ, ଶ୍ରୀ ବିଷ୍ଣୁ ସ୍ୱାମୀ, ଶ୍ରୀରାମାନନ୍ଦାଚାର୍ଯ୍ୟ । ଅଦ୍ୱୈତବାଦୀଙ୍କ ସିଦ୍ଧାନ୍ତ ଭଗବାନ୍ ନିରାକାର, ନିଷ୍କ୍ରିୟ ଓ ଜଗତ୍, ମନ, ପ୍ରାଣ, ଶରୀର ତଥା କର୍ମ ମିଥ୍ୟା, ମାୟା ଓ ଭ୍ରମ ।

ଦ୍ୱୈତବାଦୀଙ୍କ ସିଦ୍ଧାନ୍ତ, ଭଗବାନ୍ ସଗୁଣ, ସେ ସଂସାରକୁ ସର୍ଜନା କରନ୍ତି, ପାଳନ କରନ୍ତି, ଏବଂ ସଂହାର କରନ୍ତି । ଭଗବାନ୍ ଏକ ତଥା ଉଭୟଙ୍କ ସିଦ୍ଧାନ୍ତର ଉପଲବ୍ଧି ସତ୍ୟ । ଉଭୟ ସିଦ୍ଧାନ୍ତର ସାଧକ ଜନ୍ମ ମରଣରୁ ମୁକ୍ତ ହୋଇ ମୁକ୍ତି ଏବଂ ଭଗବତ୍ ପ୍ରାପ୍ତି ହୁଅନ୍ତି । କିନ୍ତୁ ଉଭୟ ସିଦ୍ଧାନ୍ତ ସତ୍ୟ ହେବା ସତ୍ତ୍ୱେ ପରସ୍ପରଙ୍କ ସିଦ୍ଧାନ୍ତ ସାମଞ୍ଜସ୍ୟ ହୋଇପାରେ ନାହିଁ । ସାମଞ୍ଜସ୍ୟ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ।

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ

ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗରେ ବ୍ୟକ୍ତି ମନ, ପ୍ରାଣ, ଶରୀରକୁ ମିଥ୍ୟା, ମାୟା ନ ମାନି ସେଥିରୁ ସମ୍ବନ୍ଧ ବିଚ୍ଛେଦ ନ କରି ଏହାର ଆଶ୍ରୟରେ ଆତ୍ମଚେତନାକୁ ମାନସ, ପୂର୍ଣ୍ଣମାନସ, ସହଜାତ ମାନସ, ଜ୍ୟୋତିର୍ମୟ ମାନସ, ଅଧିମାନସ ଅତିକ୍ରମ କରି ଅତିମାନସ ବିଜ୍ଞାନ ଚେତନାରେ ସଚ୍ଚିଦାନନ୍ଦ ପରମବ୍ରହ୍ମ ପୁରୁଷୋତ୍ତମଙ୍କୁ ଲଫଲବ୍ଧି କରନ୍ତି । ଯେଉଁ ସଚ୍ଚିଦାନନ୍ଦ ଏକ ସମୟରେ ସାକାର ଏବଂ ନିରାକାର । ସେହିଁ ଏକହି ସମୟରେ ସାକାର, ନିରାକାର ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ତତ୍ତ୍ୱ । ସେ ନିରାକାର ଥାଇ ସୃଷ୍ଟି ସର୍ଜନା, ପାଳନ ଓ ସଂହାର କରନ୍ତି । ଏହି ତତ୍ତ୍ୱ କେବଳ ଉପଲବ୍ଧି ହୁଏ ଅତିମାନସ ଚେତନାରେ । ଅତିମାନସ ଚେତନାରେହିଁ ପୁରାତନ ଯୋଗର ଦ୍ୱୈତ ଏବଂ ଅଦ୍ୱୈତବାଦର ବିରୋଧୀ ମତବାଦର ସମନ୍ୱୟ ହୁଏ । ଅତିମାନସ ସ୍ତରର ନିମ୍ନ ସ୍ତରମାନଙ୍କରେ ଏହି ସଚ୍ଚିଦାନନ୍ଦଙ୍କ ଅନୁଭୂତି ହୁଏ ନାହିଁ । ସେହି ଅତିମାନସ ଶକ୍ତିକୁ ଆରୋହଣ ସ୍ତରମାନଙ୍କରେ ଅବତରଣ କରାଇ ତାହାରି ଦ୍ୱାରା ଏହି ସ୍ଥୂଳ ମନ, ପ୍ରାଣ, ଶରୀରକୁ ଦିବ୍ୟ ତତ୍ତ୍ୱରେ ରୂପାନ୍ତର କରାହୁଏ । ବର୍ତ୍ତମାନ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କଲେ ଅତିମାନସ ଶକ୍ତି ଦ୍ୱାରା ତା'ର ମନ, ପ୍ରାଣ, ଶରୀରକୁ ସେ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ କରିପାରିବ । ଏହି ରୂପାନ୍ତରିତ ସତ୍ତା ପୂର୍ଣ୍ଣ ରୂପେ ମୁକ୍ତ ହେବେ ଅଜ୍ଞାନ, ମୋହ, ମାୟା, ରୋଗ, ବୃଦ୍ଧତ୍ୱ ଓ ମୃତ୍ୟୁର କବଳରୁ । ଏହାର ଧର୍ମ ହେବ ଭଗବତ୍ ଧର୍ମ । ଏହି ରୂପାନ୍ତର ମନ, ପ୍ରାଣ, ଶରୀର ଓ ଭଗବାନଙ୍କ ମଧ୍ୟରେ କୌଣସି ବ୍ୟବଧାନ ରହିବ ନାହିଁ । ବ୍ୟକ୍ତି ନିବାସ କରିବ ଅତିମାନସର ବିଜ୍ଞାନ ଚେତନାରେ । ଉପଲବ୍ଧି କରିବ ସମସ୍ତ ଜ୍ଞାନ, ସମସ୍ତ ଆନନ୍ଦ, ସମସ୍ତ ଶକ୍ତି, ଐଶ୍ୱର୍ଯ୍ୟ ଯୁକ୍ତ ସାକାର ନିରାକାର ଏବଂ ଏହାର ଊର୍ଦ୍ଧ୍ୱସ୍ଥ ସଚ୍ଚିଦାନନ୍ଦ ପରମବ୍ରହ୍ମଙ୍କୁ । ଏହାଫଳରେ ସଂସାରରୁ ଦୁଃଖ, କଷ୍ଟ, ଅଭାବ ଦୂର ହେବ । ମୃତ୍ୟୁପୁରୀ ପରିଣତ ହେବ ସ୍ୱର୍ଗରେ । ଏଥିରେହିଁ ହେବ ପୁରାତନ ଦ୍ୱୈତ ଅଦ୍ୱୈତ ବିରୋଧୀ ମତବାଦର ସମନ୍ୱୟ ।

ସେସମୟରେ ମାନସ ଚେତନାର ବିକାଶ ସମାପ୍ତ ହୋଇ ନ ଥିବାରୁ ବର୍ତ୍ତମାନ ସମୟ ସଦୃଶ ସୁଯୋଗ ନ ଥିଲା । ସେହି ସକାଶେ ରାଜା ମନ, ପ୍ରାଣ, ଶରୀରରେ ଭଗବତ୍ ଉପଲବ୍ଧି କରିବା ପାଇଁ ଭଗବାନଙ୍କୁ ପୁତ୍ର ରୂପେ ଚାହିଁଥିଲେ ।

ଯଥାର୍ଥ ସମୟରେ ଶ୍ରୀ ମନୁ ଏବଂ ତାଙ୍କ ପତ୍ନୀ ସତରୂପା ଶରୀର ତ୍ୟାଗ କରିଥିଲେ ଓ ମନୁ ଅଯୋଧ୍ୟା ରାଜକୁଳରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ନାମ ହୋଇଥିଲା ଦଶରଥ । ଭଗବାନଙ୍କ ବରଦାନ ଅନୁସାରେ ସତରୂପା କୌଶଲ୍ୟା ନାମରେ ତାଙ୍କୁ ପ୍ରାପ୍ତ ହୋଇଥିଲେ ପ୍ରଧାନ ରାଣୀ ରୂପେ । ତାଙ୍କରିଠାରୁ ଜନ୍ମଗ୍ରହଣ କରିଥିଲେ ଭଗବାନ୍ ଶ୍ରୀରାମଚନ୍ଦ୍ର ।

(୧୬)

ମହାରାଜା ଦଶରଥ ସମସ୍ତ ପ୍ରକାର ସୁଖ ବୈଭବରେ ବାସ କରୁଥିବା ସତ୍ତ୍ୱେ ତାଙ୍କ ବୃଦ୍ଧାବସ୍ଥାରେ ମଧ୍ୟ ପୁତ୍ର ନ ଥିବାରୁ ସେ ଦୁଃଖ ଅନୁଭବ କରୁଥିଲେ । ନିଜ ଆନ୍ତରିକ ଦୁଃଖ ଗୁରୁ ବଶିଷ୍ଠଙ୍କୁ ନିବେଦନ କରି ତାଙ୍କରି ପ୍ରେରଣାରେ ଋଷ୍ୟଶୃଙ୍ଗ ମୁନିଙ୍କ ପୌରୋହିତ୍ୟରେ ପୁତ୍ରେଷ୍ଟି ଯଜ୍ଞ କରାଇଲେ । ଋଷିଙ୍କ ଦ୍ୱାରା ଯଜ୍ଞରୁ ପ୍ରାପ୍ତ ଚରୁ ଅନ୍ନ ରାଣୀମାନଙ୍କୁ ଦେବାରୁ ପରମବ୍ରହ୍ମଙ୍କ ବରଦାନ ଅନୁସାରେ ସ୍ୱୟଂ ସଚ୍ଚିଦାନନ୍ଦ କୌଶଲ୍ୟାଙ୍କ ଗର୍ଭରୁ ଶ୍ରୀରାମଙ୍କରୂପେ ଜନ୍ମଗ୍ରହଣ କଲେ । ତାଙ୍କରି ଅଂଶରୁ କୈକେୟୀଙ୍କ ଗର୍ଭରୁ ଭରତ, ସୁମିତ୍ରାଙ୍କ ଗର୍ଭରୁ ଲକ୍ଷ୍ମଣ ତଥା ଶତ୍ରୁଘ୍ନ ଜନ୍ମଗ୍ରହଣ କଲେ । ପରମବ୍ରହ୍ମ ସଚ୍ଚିଦାନନ୍ଦଙ୍କୁ ପୁତ୍ରରୂପେ ପାଇ ମହାରାଜା ଦଶରଥ ଏବଂ ରାଣୀମାନଙ୍କର ଆନନ୍ଦର ସୀମା ରହିଲା ନାହିଁ । 'ରାମଚରିତ ମାନସ'ରେ ତୁଳସୀ ଦାସ ଲେଖିଛନ୍ତି : —

ବହ ସୁଖ ସଂପତି ସମୟ ସମାଜା,
କହି ନ ସକଇ ସାରଦ ଅହିରାଜା ।

''ଶ୍ରୀରାମଙ୍କ ଜନ୍ମ ସମୟରେ ଯେଉଁ ସମାଜ ଥିଲା, ଯେଉଁ ସୁଖ, ଐଶ୍ୱର୍ଯ୍ୟ ଥିଲା ସେସବୁକୁ ସବୁଠାରୁ ବଡ଼ ବକ୍ତା ସରସ୍ୱତୀ ଏବଂ ଶେଷନାଗ ବି କହିବାକୁ ସମର୍ଥ ହୋଇପାରି ନ ଥିଲେ । ସଚ୍ଚିଦାନନ୍ଦ ପରମବ୍ରହ୍ମ ସ୍ୱୟଂ ଆନନ୍ଦ, ଐଶ୍ୱର୍ଯ୍ୟ ଓ ସୌନ୍ଦର୍ଯ୍ୟର ସମୁଦ୍ର । ତାଙ୍କରି ଆବିର୍ଭାବରେ ଯେଉଁ ଆନନ୍ଦ ପ୍ରାପ୍ତହେଲା ତାକୁ ଏହି ପ୍ରାକୃତ ଭାଷାରେ ବ୍ୟକ୍ତ କରିବା ସର୍ବଥା ଅସାମର୍ଥ୍ୟରେହିଁ ରହିଲା । କେବଳ ଅଧ୍ୟାତ୍ମ ସାଧକମାନେ ନିଜ ଆନ୍ତର ଚେତନାରେ କିଛି ଅଂଶରେ ଅନୁଭବ କରିପାରିଲେ; କିନ୍ତୁ ବ୍ୟକ୍ତ କରିପାରିଲେ ନାହିଁ । ଶ୍ରୀରାମଙ୍କ ଜନ୍ମସମୟରେ ଆନନ୍ଦ ତୁଳସୀଦାସ 'ରାମଚରିତମାନସ' ତଥା 'ଗୀତାବଳୀ' ଗ୍ରନ୍ଥରେ ଯେପରି ବର୍ଣ୍ଣନା କରିଛନ୍ତି ତାହା ବହୁ ସଂକ୍ଷେପରେ ଏଠାରେ ଆଲୋଚନା କରିବା ।

ଅଯୋଧ୍ୟାବାସୀ ଶ୍ରୀରାମଙ୍କ ଜନ୍ମ ଶୁଣିବା ମାତ୍ରେ ଆନନ୍ଦରେ ବିଭୋର ହୋଇ ନିଜ ନିଜ ଘର, ହାଟ, ବାଟ, ଘାଟ, ଗଳି ଓ ରାସ୍ତାରେ ପୂର୍ଣ୍ଣକୁମ୍ଭ ରଖି ଧ୍ୱଜ, ପତାକା, ତୋରଣ ତଥା ପୁଷ୍ପରେ ସଜାଇ ଦେଲେ । ଆକାଶରୁ ଦେବତାମାନେ ଅହରହ ପୁଷ୍ପବୃଷ୍ଟି କରୁଥାଆନ୍ତି । ଅପ୍ସରାମାନେ ଗାନ ଏବଂ ନୃତ୍ୟ କରୁଥାଆନ୍ତି । ପୁରନାରୀମାନେ ସୁବର୍ଣ୍ଣ ଥାଳିରେ ଦୁବ, ଅକ୍ଷତ, ଦୀପ ଆଦି ମାଙ୍ଗଳିକ ଦ୍ରବ୍ୟ ନେଇ ଦଳଦଳ ହୋଇ ରାଜ ମହଲରେ ପ୍ରବେଶ କରୁଥାଆନ୍ତି ଏବଂ ଆରତି କରୁଥାଆନ୍ତି । ରାଜମହଲରେ ବସ୍ତ୍ର, ଅଳଙ୍କାର, ଧନରତ୍ନ, ଧେନୁ, ଅଶ୍ୱ ଚାହିଁବା ଅନୁସାରେ ଉପହାର ଦିଆ ହେଉଥାଏ । ସମସ୍ତେ ଏତେ ଆନନ୍ଦରେ ନିମଗ୍ନ ଥାଆନ୍ତି ଯେ ଯେଉଁମାନେ ଉପହାର ପାଉଥାଆନ୍ତି ତାହା ସହିତ ନିଜ ପାଖରେ ଥିବା ସମସ୍ତ ବସ୍ତୁକୁ ଅନ୍ୟକୁ ଉପହାରରେ ଦେଇ ଦେଉଥାଆନ୍ତି । ଆନନ୍ଦରେ ସମସ୍ତ ବ୍ୟକ୍ତି ବିଭୋର ହୋଇ ଭୋଜନ, ବିଶ୍ରାମ ଓ ଗୃହକର୍ମ ସମ୍ପୂର୍ଣ୍ଣରୂପେ ଭୁଲି ଯାଉଥାଆନ୍ତି । ସେସମୟରେ ଅଯୋଧ୍ୟାର ଶୋଭା ଏବଂ ଆନନ୍ଦ ଅବର୍ଣ୍ଣନୀୟ । ଅଯୋଧ୍ୟାର ଏହି ଆନନ୍ଦରେ ଗ୍ରହମାନେ ନିଜକୁ ଭୁଲିଗଲେ । ତାଙ୍କ ଗତି ବନ୍ଦ ହୋଇଗଲା । ମାସେ ପର୍ଯ୍ୟନ୍ତ ରାତ୍ରୀ ହେଲା ନାହିଁ । ସମସ୍ତ ବ୍ୟକ୍ତି ଆନନ୍ଦରେ ନିମଗ୍ନ ଥିବାରୁ ଶାରୀରିକ ବିପର୍ଯ୍ୟୟ ହେବା ଦୂରେଥାଉ ଏହି ରହସ୍ୟ କେହି ବୁଝିପାରିଲେ ନାହିଁ । ଶ୍ରୀରାମଙ୍କ ଜନ୍ମ ଉତ୍ସବରେ ପାର୍ବତୀ, ଲକ୍ଷ୍ମୀ, ସରସ୍ୱତୀ ଏବଂ ଇନ୍ଦ୍ରାଣୀ ଆଦି ବହୁ ଦେବୀ, ମାନବୀବେଶରେ ଅଯୋଧ୍ୟାବାସୀ ନାରୀମାନଙ୍କ ସହିତ ମିଳିମିଶି ଅଯୋଧ୍ୟା ରାଜମହଲରେ ଜନ୍ମୋତ୍ସବର ଗୀତ ଗାନ କରୁଥା'ନ୍ତି । ଏହି ଦିବ୍ୟାନନ୍ଦର ଲୋଭ ଭଗବାନ୍ ଶଙ୍କର ସମ୍ବରଣ କରିପାରିଲେ ନାହିଁ । ସେ ସ୍ୱୟଂ ପାର୍ବତୀଙ୍କୁ କହିଥିଲେ :

''ଅହରହ ଏକ କହଉଁ ନିଜ ତୋରୀ
ସୁନୁ ଗୀରିଜା ଅତି ଦୃଢ଼ମତି ତୋରୀ
କାକଭୁଷୁଣ୍ଡି ସଙ୍ଗ ହମ ଦୋଉ
ମନୁଜରୂପ ଦାନଇ ନହିଁ କୋଉ

ପରମାନନ୍ଦ ପ୍ରେମସୁଖ ଫୁଲେ
ବିଥ୍ରୁ ଫିରହିଁ ମଗନମନ ଭୁଲେ ।''

''ହେ ପାର୍ବତି, ଆଉ ଗୋଟିଏ ନିଜ ଚୋରି କଥା କହୁଛି ଶୁଣ । ମୁଁ ମୋର ଏହି ଦିବ୍ୟରୂପକୁ ଆବରଣ କରି ମନୁଜ ରୂପରେ କାକଭୁଷୁଣ୍ଡି ସହିତ ଆମ୍ଭେ ଦୁହେଁ ପରମାନନ୍ଦ ପ୍ରେମ-ସୁଖରେ ମଗ୍ନ ହୋଇ ମନକୁ ଭୁଲି ଅବଧ ଗଳିରେ ବିଚରଣ କରୁଥିଲୁ । ଶ୍ରୀଶଙ୍କରଜି ଗୋଟିଏ ବୃଦ୍ଧ ଜ୍ୟୋତିଷ ରୂପ ଧାରଣ କରି କାକଭୁଷୁଣ୍ଡିଙ୍କୁ ଗୋଟିଏ ବାଳକ ଶିଷ୍ୟରୂପେ ସଙ୍ଗରେ ନେଇ ଶ୍ରୀଅବଧରେ ପ୍ରବେଶ କଲେ । କାକଭୁଷୁଣ୍ଡି ଗୁରୁବାବାଙ୍କ କମଣ୍ଡଳୁ, ମୃଗଛାଲ ଧରି ତାଙ୍କ ପଛେ ପଛେ ଚାଲିଲେ । ଗୁରୁ ଚେଲା ଦୁଇ ଜଣ ଭଗବତ୍ ରହସ୍ୟ ଜ୍ଞାନ-ଭକ୍ତିର ଅଦ୍ୱିତୀୟ ଜ୍ଞାତା । ସେମାନଙ୍କ ସମସ୍ତ ସତ୍ତା ଭଗବତ୍ ଦିବ୍ୟାନନ୍ଦ ଗ୍ରହଣ କରିବାରେ ସର୍ବଥା ସମର୍ଥ । ସେମାନଙ୍କ ଦୃଷ୍ଟି ଯେଉଁ ଆଡ଼େ ପଡୁଥାଏ, ଯେଉଁ ଆଡ଼କୁ ସେ ପଦକ୍ଷେପ କରୁଥାଆନ୍ତି ସେଠାରେ ସେ ଦିବ୍ୟାନନ୍ଦରେ ଡୁବି ଯାଉଥା'ନ୍ତି । ସଂସାରରେ ଯେତେ ବିକୃତ ଆନନ୍ଦ ଅଛି ତାହା ସେବନରେ ବ୍ୟକ୍ତିକୁ ବିତୃଷ୍ଣା ଆସିପାରେ ଏବଂ ବିରକ୍ତ ହୋଇପାରେ । ସେହି ଆନନ୍ଦ ଉତ୍ତରୋତ୍ତର ବୃଦ୍ଧି ହୁଏ ନାହିଁ । ଦିବ୍ୟାନନ୍ଦ ସେପରି ନୁହେଁ । ଦିବ୍ୟାନନ୍ଦର ଆସ୍ୱାଦ ପାଇବାମାତ୍ରେ ସେଥିରେ ଅଧିକରୁ ଅଧିକ ଏକେବାରେ ଡୁବି ଯିବାକୁ ବ୍ୟକ୍ତି ଚାହୁଁଥାଏ । ଗୁରୁଚେଲା ସେହି ଦିବ୍ୟାନନ୍ଦରେ ଏକେବାରେ ଡୁବିଗଲେ । ସେହି ଆନନ୍ଦରେ କେତେକ ଦିନ ବ୍ୟତୀତ ହୋଇଗଲା । ଭାଇମାନଙ୍କ ସହିତ ଶ୍ରୀରାମଙ୍କର ଷଷ୍ଠୀ, ବାରରାତ୍ର, ଏକୋଇଶା ଏବଂ ନାମକରଣ ସମାପ୍ତ ହୋଇଗଲା । ରାଜାରାଣୀ ଓ ପୁରବାସୀଙ୍କୁ ଭୋକ, ଶୋଷ, ନିଦ ନ ଥାଏ । ସେମାନେ ପୁତ୍ରମାନଙ୍କର ନାନାପ୍ରକାର ଉତ୍ସବରେ ଆନନ୍ଦିତ ହୋଇ ନିଜକୁ ଭୁଲି ଯାଇଥା'ନ୍ତି ।

ଗୁରୁ ଶିଷ୍ୟଙ୍କୁ କହିଲେ, ''କାକଭୁଷୁଣ୍ଡି, ଆମ୍ଭେମାନେ ଯେଉଁ ଭଗବତ୍ ଦିବ୍ୟାନନ୍ଦକୁ ସମାଧିରେ ପ୍ରାପ୍ତ କରୁଥିଲୁ ସେହି ଦିବ୍ୟାନନ୍ଦ ଶ୍ରୀଅବଧର ପ୍ରତ୍ୟେକ ଗଳିରେ ନଦୀସ୍ରୋତ ସଦୃଶ ପ୍ରବାହିତ ହେଉଛି । ସେଥିରେ ଅବଗାହନ କରି ଡୁବି ରହିବା ଛଡ଼ା ଉପାୟ ନାହିଁ । ଏହାଛଡ଼ା ଆଉ ଗୋଟିଏ ଅଲୌକିକ ଆନନ୍ଦ ଅଛି, ତାହା କେବଳ ସଚ୍ଚିଦାନନ୍ଦ ମନୁଷ୍ୟ ଶରୀରରେ ଅବତାର ନେଲେ ପ୍ରାପ୍ତ ହୁଏ । ତାହା ହେଉଛି ଏ ସ୍ଥୂଳ ଶରୀରରେ ଭଗବତ୍ ସ୍ଥୂଳସ୍ପର୍ଶ ପ୍ରାପ୍ତି । ଏହି ମହାନ୍ ସୌଭାଗ୍ୟ ପ୍ରାପ୍ତ ହୋଇଛି ରାଜା ଦଶରଥ ତାଙ୍କ ରାଣୀମାନଙ୍କୁ ତଥା ସମଗ୍ର ଅଯୋଧ୍ୟାବାସୀଙ୍କୁ । ଆମ୍ଭେମାନେ ସେହି ଆନନ୍ଦରୁ ବଞ୍ଚିତ ହେବା କାହିଁକି ?''

''ମୁଁ ବୃଦ୍ଧ, ତୁ ବାଳକ । ଆମ୍ଭେମାନେ ରାଣୀମହଲକୁ ଯାଇପାରିବା । ମୁଁ ହେବି ଜ୍ୟୋତିଷ, ତୁ ମୋର ଚେଲା, ଆମ୍ଭେମାନେ ହାତ ଦେଖିବା, ଭବିଷ୍ୟତ୍ କହିବା ବାହାନାରେ ରାଜମହଲକୁ ଯାଇ ଶ୍ରୀରାମଙ୍କୁ କୋଳରେ ଧରିବାର ସୁଯୋଗ ପାଇପାରିବା ।''

(୧୭)

ପ୍ରଥମେ ବୃଦ୍ଧ ଜ୍ୟୋତିଷରୂପୀ ଶଙ୍କର ଚେଲା କାକଭୁଷୁଣ୍ଡିଙ୍କ ସହିତ ରାଜମହଲକୁ ନ ଯାଇ ଅଯୋଧ୍ୟାର ଅନ୍ୟାନ୍ୟ ମହଲରେ ପିଲାମାନଙ୍କର ହାତ ଦେଖିବାକୁ ଲାଗିଲେ । ଶଙ୍କରଙ୍କୁ କିଛି ଅଜଣା ନ ଥାଏ । ଯାହା ହାତ ଦେଖନ୍ତି ଭୂତ, ଭବିଷ୍ୟତ୍ ଓ ବର୍ତ୍ତମାନ ଟିକିନିଖି ଏକେବାରେ କହିଯାଆନ୍ତି । ଜ୍ୟୋତିଷଙ୍କ ସତ୍ୟବାଣୀର ହୁରି ପଡ଼ିଗଲା ଅଯୋଧ୍ୟାର ରାଜଧାନୀରେ । ଏହି ଖବର ପହଞ୍ଚିଲା ଗୋଟିଏ ଦାସୀ ଦ୍ୱାରା ରାଣୀମହଲରେ ।

ଅବଧ ଆଜୁ ଆଗମୀ ଏକ ଆୟୋ
କରତଳ ନିରଖି କହତ ସବ ଗୁନ ଗନ,
ବହୁତନ ପରିଚୟ ପାୟୋ ।

ବୁଢ଼ୋ ବଡ଼ୋ ପ୍ରମାନିକ ବ୍ରାହ୍ମଣ
ଶଙ୍କର ନାମ ସୁହାୟୋ
ସଙ୍ଗ ଶିଶୁଶିଷ୍ୟ, ସୁନତ କୌଶଲ୍ୟା
ଭିତର ଭବନ ଦୁଲାୟୋ ॥

ଅଯୋଧ୍ୟାକୁ ଆଜି ଏକ ଭବିଷ୍ୟଦ୍‌ବାଣୀ କହୁଥିବା ଜ୍ୟୋତିଷ ଆସିଛନ୍ତି । ହାତ ଦେଖି ସମସ୍ତ ଗୁଣ ଚରିତ୍ର କହି ଦେଉଛନ୍ତି । ତାଙ୍କ କହିବାସତ୍ୟତାର ପ୍ରମାଣ ବହୁତ ବ୍ୟକ୍ତି ପାଇଅଛନ୍ତି । ସେ ବହୁତ ବୃଦ୍ଧ, ଏକ ପ୍ରସିଦ୍ଧ ବ୍ରାହ୍ମଣ । ତାଙ୍କ ନାମ ଶଙ୍କର, ତାଙ୍କ ସଙ୍ଗରେ ଗୋଟିଏ ଶିଶୁଶିଷ୍ୟ ଅଛନ୍ତି । ଶୁଣିବା ମାତ୍ରେ କୌଶଲ୍ୟାଦେବୀ ଜ୍ୟୋତିଷଙ୍କୁ ରାଣୀମହଲକୁ ଡକାଇ ନେଲେ ।

ପାଁୟ ପଖାରି ପୂଜି ଦିୟୋ ଆସନ, ଅସନ
ବସନ ପହିରାୟୋ ।
ମେଲେ ଚରନ ଚାରୁ ଚାରୌସୁତ ମାଥେ
ହାତ ଦିବାୟୋ
ନଖ ଶିଖ ନିରଖି ବିପ୍ରତନୁ ପୁଲକ
ନୟନ ଜଳ ଛାୟୋ ।
ଲୈ ଲୈ ଗୋଦ କମଳକର ନିରଖତ
ଉର ପ୍ରମୋଦ ନ ଆମାୟୋ
ଜନମ ପ୍ରସଙ୍ଗ କହ୍ୟୋ କୌଶିକ
ମିସି ସ୍ୱୀୟ ସ୍ୱୟମ୍ବର ଗାୟୋ ।

ଭଗବାନ୍ ଶଙ୍କର ତ ଆସିଥିଲେ ସେହି ସକାଶେ । କୌଶଲ୍ୟା ଦେବୀଙ୍କ ଖବର ପାଇବା ମାତ୍ରେ ସେ ଅତ୍ୟନ୍ତ ପ୍ରସନ୍ନତାରେ ଚେଲା ସହିତ ରାଣୀମହଲରେ ପହଞ୍ଚିଗଲେ । ଅତ୍ୟନ୍ତ ବୃଦ୍ଧ ମହାନ୍ ତେଜସ୍ୱୀ ବ୍ରାହ୍ମଣଙ୍କୁ ଦେଖି କୌଶଲ୍ୟା, କୈକେୟୀ ଆଦି ରାଣୀ ବିପ୍ରଙ୍କୁ ନମସ୍କାର କରି ତାଙ୍କ ଚରଣ ଧୋଇ ଉତ୍ତମ ଆସନରେ ବସାଇଲେ । ଉତ୍ତମ ବସ୍ତ୍ର ପରିଧାନ କରାଇ ଉତ୍ତମ ଭୋଜନ ଦେଲେ । ବ୍ରାହ୍ମଣଦେବଙ୍କ ସେବାପୂଜା ଶେଷ ହେବା ପରେ ଚାରି ସୁତଙ୍କୁ ଆଣି ବ୍ରାହ୍ମଣଙ୍କ ଚରଣରେ ସେମାନଙ୍କ ମସ୍ତକ ରଖି ଦେଲେ । ଜ୍ୟୋତିଷଦେବ ବାଳକମାନଙ୍କର ଅତ୍ୟନ୍ତ ଶୋଭା ନଖଠାରୁ ଶିରପର୍ଯ୍ୟନ୍ତ ନିରୀକ୍ଷଣ କରିବାରୁ ତାଙ୍କ ନେତ୍ର ଆନନ୍ଦାଶ୍ରୁରେ ପୂର୍ଣ୍ଣ ହୋଇଗଲା । ସେ ଶିଶୁମାନଙ୍କ ମସ୍ତକରେ ହସ୍ତ ରଖି ଆଶୀର୍ବାଦ କଲେ ଏବଂ ହାତ ଦେଖି ଭବିଷ୍ୟତ୍ ଘଟଣା କହିବା ଉଦ୍ଦେଶ୍ୟରେ ଶ୍ରୀରାମଙ୍କୁ ନିଜ କୋଳକୁ ଉଠେଇ ନେଲେ । ଶ୍ରୀରାମ ସମସ୍ତ ଶୋଭା ଓ ସମସ୍ତ ଆନନ୍ଦର ସମୁଦ୍ର । ତାଙ୍କ ଶରୀରର ସ୍ପର୍ଶ ପାଇବା ମାତ୍ରେ ଜ୍ୟୋତିଷଙ୍କ ହୃଦୟ ଆନନ୍ଦରେ ପୂର୍ଣ୍ଣ ହୋଇ ନେତ୍ରରେ ଆନନ୍ଦାଶ୍ରୁରୂପେ ପ୍ରବାହିତ ହେଲା । ସେ ନିଜେ ସାବଧାନ ହୋଇ ପ୍ରେମର ସାତ୍ତ୍ୱିକ ଭାବକୁ ପ୍ରକାଶିତ ହେବାକୁ ଦେଲେ ନାହିଁ । କିନ୍ତୁ ଶ୍ରୀରାମଙ୍କ ଅଙ୍ଗଶୋଭାରେ ତାଙ୍କ ନୟନ ସ୍ଥିର ହୋଇଗଲା । ବହୁତ ସମୟ ପର୍ଯ୍ୟନ୍ତ ଶ୍ରୀରାମଙ୍କ ଶୋଭାକୁ ନିରୀକ୍ଷଣ କରି ପ୍ରଥମରେ ଭୂତ କାଳର ବିଷୟ ରାଜାଙ୍କ ଯଜ୍ଞ ଓ ଜନ୍ମ ବୃତ୍ତାନ୍ତ କହିଲେ । ଭବିଷ୍ୟତରେ ବିଶ୍ୱାମିତ୍ରଙ୍କ ଯଜ୍ଞ ରକ୍ଷାକରିବା ତଥା ଜନକପୁରରେ ଶିବଧନୁ ଭାଙ୍ଗି ପୃଥିବୀର ସମସ୍ତ ରାଜାଙ୍କୁ ପରାସ୍ତ କରି ଜନକସୁତା ଜାନକୀଙ୍କ ସହିତ ବିବାହ ହେବା କଥା କହିଲେ । ଶ୍ରୀରାମଙ୍କ ଭବିଷ୍ୟବାଣୀ ଶୁଣି ମା'ମାନେ ଆନନ୍ଦରେ ବିଭୋର ହୋଇଗଲେ । ଏହି ସୁଅବସର ପାଇ ଶଙ୍କରଜ୍ୟୋତିଷ ଶ୍ରୀରାମଙ୍କୁ ବହୁତ ସମୟ କୋଳରେ ଧରି ରଖିବାର ସୁଯୋଗ ପାଇଲେ । ଶେଷରେ ଇଚ୍ଛା ନ ଥିବା ସତ୍ତ୍ୱେ ଶ୍ରୀରାମଙ୍କୁ ନିଜ ଚେଲା କାକଭୁଷୁଣ୍ଡିଙ୍କୁ ଦେଇ ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କୁ ଗୋଟିଏ ପରେ ଗୋଟିଏ କୋଳକୁ ନେଇ ଭବିଷ୍ୟତ୍ ବାଣୀ କହି କାକଭୁଷୁଣ୍ଡିଙ୍କ

କୋଳକୁ ଦେଇ ଦେଉଥିଲେ । ଏହି ବାହାନାକରି ଗୁରୁଶିଷ୍ୟ ଶ୍ରୀରାମଙ୍କ ସହିତ ଚାରିଭାଇଙ୍କୁ କୋଳରେ ଧରି ତାଙ୍କ ଅଙ୍ଗସ୍ପର୍ଶ କରିବାର ସୁଯୋଗ ପାଇ ବିଶେଷ ଆନନ୍ଦିତ ହେଲେ । ସେମାନଙ୍କ ଉଦ୍ଦେଶ୍ୟ ପୂର୍ଣ୍ଣହେଲା । ଗୁରୁଶିଷ୍ୟ ଦୁହେଁ ବିଶେଷ ଆନନ୍ଦିତ ହେଲେ । କୌଶଲ୍ୟାଦେବୀ ଗୁରୁଶିଷ୍ୟ ଦୁହିଙ୍କୁ ବହୁତ ସମ୍ମାନ କରି ପର୍ଯ୍ୟାପ୍ତ ଧନ, ରତ୍ନ, ବସ୍ତ୍ର ଉପହାର ଦେଲେ । ଶ୍ରୀରାମଙ୍କ ମା'ଙ୍କଠାରୁ ପୂଜାଭେଟି ପାଇ ଗୁରୁଶିଷ୍ୟ ପ୍ରସନ୍ନତାର ସହ ବାଳକମାନଙ୍କୁ ପୁନରାୟ ଆଶୀର୍ବାଦ ଦେଇ ବିଦାୟ ନେଲେ ।

(୧୮)

ଭାଇମାନଙ୍କ ସହିତ ଶ୍ରୀରାମ ଶୁକ୍ଳପକ୍ଷ ଚନ୍ଦ୍ରମା ସଦୃଶ ବଡ଼ ହେବାକୁ ଲାଗିଲେ । ତାଙ୍କ ବାଲ୍ୟଲୀଳା ଦେବତାମାନଙ୍କୁ ଅଗୋଚର । କାକଭୁଷୁଣ୍ଡି ଶ୍ରୀରାମଙ୍କ ବାଳକ ରୂପର ଉପାସକ । ସେହି ସକାଶେ ସେ ଶଙ୍କରଙ୍କଠାରୁ ବିଦାୟ ନେଇ କାକରୂପେ ଦଶରଥଙ୍କର ରାଜମହଲରେ ପାଞ୍ଚବର୍ଷ ପର୍ଯ୍ୟନ୍ତ ରହି ଶ୍ରୀରାମଙ୍କ ବାଲ୍ୟଲୀଳା ଦେଖୁଥିଲେ ଏବଂ ସେ ଖାଇବା ସମୟରେ ତାଙ୍କ ମୁଖରୁ ପଡ଼ି ଯାଉଥିବା ଉଚ୍ଛିଷ୍ଟ ଭୋଜନ କରୁଥିଲେ ।

ଆମ୍ଭର ଆଲୋଚ୍ୟ ବିଷୟ ଶ୍ରୀରାମଙ୍କ ଚରିତ୍ର ନୁହେଁ, ଦଶରଥଙ୍କର । ଏଠାରେ ଶ୍ରୀରାମଙ୍କ ଜନ୍ମ ଉତ୍ସବ ଆଲୋଚନା କରିବାର ଉଦ୍ଦେଶ୍ୟ ହେଲା ଦଶରଥ ଓ ମହାରାଣୀ କୌଶଲ୍ୟାଙ୍କ ସୌଭାଗ୍ୟ ଅନୁମାନ କରିବା । ଶ୍ରୀରାମଙ୍କ ଜନ୍ମ ଉତ୍ସବରେ ଶ୍ରୀଶଙ୍କର, କାକଭୁଷୁଣ୍ଡି, ପାର୍ବତୀ, ଲକ୍ଷ୍ମୀ, ସରସ୍ୱତୀ ଏବଂ ଅନ୍ୟାନ୍ୟ ଦେବାଦେବୀମାନେ ମନୁଷ୍ୟ-ଶରୀର ଧାରଣ କରି ଅଯୋଧ୍ୟା ଆସିଥିଲେ । ଯେଉଁ ଆନନ୍ଦ ଯୋଗୁଁ ଏକମାସ ପର୍ଯ୍ୟନ୍ତ ପୃଥିବୀର ଗତି ବନ୍ଦ ହୋଇଥିଲା ଏବଂ ରାତ୍ରୀ ହୋଇ ନ ଥିଲା ସେହି ଆନନ୍ଦ ଦିବାନିଶି ପ୍ରାପ୍ତଥିଲା ଦଶରଥ ଏବଂ କୌଶଲ୍ୟା ତଥା ଅଯୋଧ୍ୟାବାସୀଙ୍କୁ । ଯଥାର୍ଥରେ ସେମାନଙ୍କ ସୌଭାଗ୍ୟ ପ୍ରକାଶ କରିବା ଅସମ୍ଭବ ।

ଶ୍ରୀରାମ ଭାଇମାନଙ୍କ ସହିତ କ୍ରମଶଃ ବଡ଼ ହୋଇ ନାନା ପ୍ରକାର ବାଲ୍ୟଲୀଳାରେ ପିତା, ମାତା ପୁରବାସୀମାନଙ୍କୁ ବିଶେଷ ଆନନ୍ଦ ଦେଲେ । କିଛି ବଡ଼ ହେବାପରେ ଗୁରୁ ବଶିଷ୍ଠଙ୍କଠାରୁ ବିଦ୍ୟା ଅଧ୍ୟୟନ କଲେ । ତାଙ୍କୁ କିଶୋର ଅବସ୍ଥା ପ୍ରାପ୍ତହେବାପରେ ସେମାନେ ଧନୁର୍ବିଦ୍ୟା ମଧ୍ୟ ଶିକ୍ଷା କଲେ ।

ଦିନେ ମହାତେଜସ୍ୱୀ ଋଷି ବିଶ୍ୱାମିତ୍ର ଅଯୋଧ୍ୟା ଆସି ରାଜମହଲରେ ଉପସ୍ଥିତ ହେଲେ । ଅସୁରଙ୍କୁ ବଧ କରି ତାଙ୍କ ଯଜ୍ଞ ରକ୍ଷା କରିବା ସକାଶେ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ନେବା ଲାଗି ରାଜାଙ୍କୁ କହିଲେ । ଶ୍ରୀରାମଙ୍କୁ ଅସୁରଙ୍କ ସହିତ ଯୁଦ୍ଧ ସକାଶେ ନେବାର ଅପ୍ରିୟ ବାଣୀ ଶୁଣି ରାଜା ବିନମ୍ରଭାବରେ ମୁନିଙ୍କୁ ମନା କରିଦେଉଥିଲେ; କିନ୍ତୁ ଗୁରୁ ବଶିଷ୍ଠଙ୍କଠାରୁ ଶ୍ରୀରାମଙ୍କ ଗୁଣ ଐଶ୍ୱର୍ଯ୍ୟ ଶୁଣି ଗୁରୁଙ୍କ ଆଜ୍ଞାରେ ବିଶ୍ୱାମିତ୍ରଙ୍କ ସହିତ ଶ୍ରୀରାମ ଲକ୍ଷ୍ମଣଙ୍କୁ ପଠାଇଦେଲେ । ଶ୍ରୀରାମ, ଲକ୍ଷ୍ମଣ ଦୁଇ ଭାଇ ଦୁଷ୍ଟ ଅତ୍ୟାଚାରୀ ରାକ୍ଷସମାନଙ୍କୁ ବଧ କରି ଋଷିମାନଙ୍କର ଯଜ୍ଞ ରକ୍ଷାକଲେ ଓ ତାଙ୍କ ସଙ୍ଗେ ଜନକପୁର ଯାଇ ଶିବଧନୁ ଭଙ୍ଗ କରି ପୃଥିବୀର ସମସ୍ତ ରାଜାଙ୍କୁ ଜିତି ଯାଇଥିଲେ ।

ଜନକତନୟା ସୀତାଙ୍କ ବିବାହ ଶିବଧନୁଭଙ୍ଗ ଉପରେ ନିର୍ଭର କରିଥିଲା । ଧନୁଭଙ୍ଗ ପରେ ଜନକରାଜାଙ୍କ ନିମନ୍ତ୍ରଣରେ ଅଯୋଧ୍ୟାର ରାଜା ଶ୍ରୀରାମଙ୍କ ପିତା ଦଶରଥ ତାଙ୍କ ପୁତ୍ର ଭରତ, ଶତ୍ରୁଘ୍ନ ତଥା ମନ୍ତ୍ରୀ ଅମାତ୍ୟଙ୍କ ସହିତ ଜନକପୁର ଆସିଥିଲେ । ଶ୍ରୀରାମଙ୍କର ସୀତାଙ୍କ ସହିତ ବିବାହ ସମୟରେ ଜନକରାଜାଙ୍କ ଅନ୍ୟ କନ୍ୟା ତଥା ଭ୍ରାତୃକନ୍ୟାମାନଙ୍କ ସହିତ ଭରତ, ଶତ୍ରୁଘ୍ନ ଓ ଲକ୍ଷ୍ମଣଙ୍କର ବିବାହ ହୋଇଥିଲା । ବିବାହ କାର୍ଯ୍ୟ ସଂପୂର୍ଣ୍ଣ ହେବାପରେ ମହାରାଜା ଦଶରଥ ପୁତ୍ର ତଥା ପୁତ୍ରବଧୂମାନଙ୍କ ସହିତ ମହାଆଡ଼ମ୍ବରରେ ଅଯୋଧ୍ୟାରେ ପହଞ୍ଚିଥିଲେ । ଦଶରଥ ମହାରାଜା ଶ୍ରୀରାମଙ୍କ ଜନ୍ମଦିନରୁ ତାଙ୍କ ଗୁଣ, ସ୍ୱଭାବ ତଥା ନାନାପ୍ରକାର ଲୀଳା ଯୋଗୁଁ ଆନନ୍ଦସମୁଦ୍ରରେ ଡୁବି ରହୁଥିଲେ । ସେ ତାଙ୍କର ବାଲ୍ୟଲୀଳା ଦେଖିଥିଲେ, ବିବାହ ଉତ୍ସବ କରି ସାରିଥିଲେ । ବାକିଥିଲା ଯୁବରାଜ ରୂପେ ରାଜଗାଦିରେ ରାଜ୍ୟାଭିଷେକ କରି ମହାନ୍ ଆନନ୍ଦ ଅନୁଭବ କରିବା । ଦିନେ ତାଙ୍କ ମସ୍ତକର ଶ୍ୱେତ କେଶରେ ଦୃଷ୍ଟି ପଡ଼ିଲା । ବୃଦ୍ଧାବସ୍ଥାରେ

କେବେ ପ୍ରାଣପକ୍ଷୀ ଉଡ଼ିଯିବ, ସେ ରାମଙ୍କ ରାଜ୍ୟାଭିଷେକ ଦେଖିପାରିବେ କି ନାହିଁ ଏହି ଆଶଂକାରେ ଶୀଘ୍ର ଶୀଘ୍ର ଶ୍ରୀରାମଙ୍କ ରାଜ୍ୟାଭିଷେକ କରିବା ନିଶ୍ଚୟ କଲେ । ଏବଂ ସଙ୍ଗେ ସଙ୍ଗେ ଗୁରୁ ବଶିଷ୍ଠଙ୍କ ଗୃହକୁ ଯାଇ ତାଙ୍କୁ ଅଭିବାଦନ କରି ଶ୍ରୀରାମଙ୍କୁ ରାଜଗାଦି ଦେବା ପ୍ରସ୍ତାବ ଆଗତ କଲେ । ଗୁରୁ ଅତ୍ୟନ୍ତ ପ୍ରୀତ ହୋଇ ରାଜାଙ୍କ ପ୍ରସ୍ତାବକୁ ଅନୁମୋଦନ କରି କହିଲେ :

''ବେଗି ବିଳମ୍ବ ନ କରିଅ ନୃପ
ସାଜିଅ ସବୁଇ ସମାଜ
ସୁଦିନ ସୁମଙ୍ଗଳ ତବହିଁ ଯବ
ରାମ ହୋହିଁ ଯୁବରାଜ ।''

ବିଳମ୍ବ ନ କରି ସବୁ ସମାଜ ସାଜି ଏହି କାର୍ଯ୍ୟ ଶୀଘ୍ର କର । ସୁଦିନ ମଙ୍ଗଳ ତେବେ ହେବ ଯେବେ ଶ୍ରୀରାମ ଯୁବରାଜ ହେବେ । ରାଜା ଗୁରୁଙ୍କ ଆଜ୍ଞା ପାଇ ମନ୍ତ୍ରୀ ତଥା ବଶିଷ୍ଠ ବ୍ୟକ୍ତିମାନଙ୍କର ସଭା କରାଇ କହିଲେ, ''ଶ୍ରୀରାମଙ୍କୁ ରାଜଗାଦି ଦେବାକୁ ଗୁରୁ ଅନୁମତି ଦେଇଛନ୍ତି । ତୁମ୍ଭମାନଙ୍କୁ ଏହି ପ୍ରସ୍ତାବ ପସନ୍ଦ ହେଲେ ଶ୍ରୀରାମଙ୍କୁ ରାଜତିଳକ କର ।''

ମନ୍ତ୍ରୀ ତଥା ବିଶିଷ୍ଟ ବ୍ୟକ୍ତିଗଣ ଅତ୍ୟନ୍ତ ଆନନ୍ଦିତ ହୋଇ କହିଲେ, ''ଏହି ଉତ୍ତମ କାର୍ଯ୍ୟ କରି ଆପଣ କୋଟି କୋଟି ବର୍ଷ ପର୍ଯ୍ୟନ୍ତ ଜୀବିତ ରହି ଆନନ୍ଦ ଉପଭୋଗ କରନ୍ତୁ । ଏହି କାର୍ଯ୍ୟ ଶୀଘ୍ର କରାଇବା ସକାଶେ ଆଦେଶ ପାଇଲେ ଆମ୍ଭେମାନେ ବ୍ୟବସ୍ଥା କରିବୁ ।''

ରାଜା ସ୍ୱୟଂ ଶ୍ରୀରାମଙ୍କୁ ରାଜଗାଦି ଦେବାରେ ବିଶେଷ ଆନନ୍ଦିତ ଥିଲେ । ଗୁରୁ ଏବଂ ମନ୍ତ୍ରୀ ତଥା ଅନ୍ୟ ବ୍ୟକ୍ତିମାନେ ଅତ୍ୟନ୍ତ ହର୍ଷ ସହ ଶୀଘ୍ର ଏହି କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିବାରୁ ରାଜାଙ୍କ ହୃଦୟ ଆନନ୍ଦରେ ପରିପୂର୍ଣ୍ଣ ହୋଇଗଲା । ଶ୍ରୀରାମଙ୍କ ରାଜ୍ୟାଭିଷେକ ପ୍ରସ୍ତୁତି ନିମନ୍ତେ ସେ ନିର୍ଦ୍ଦେଶ ଦେଇ ଦେଲେ । ମନ୍ତ୍ରୀ ତଥା ସେବକମାନେ ରାଜା ଆଜ୍ଞା ପାଇବା ମାତ୍ରେ ତତ୍‌କ୍ଷଣାତ୍ ନିଜ ନିଜ କାର୍ଯ୍ୟରେ ଲାଗି ପଡ଼ିଲେ । ଉତ୍ସାହ ଯୋଗୁଁ ସେମାନେ ଏତେ ଶୀଘ୍ର କାର୍ଯ୍ୟ କରୁଥିଲେ ଜଣା ଯାଉଥିଲା ଯେପରି ଆଜ୍ଞା ପାଇବା ପୂର୍ବରୁ କାର୍ଯ୍ୟ ଶେଷ ହୋଇଛି । କଥା କଥାରେ ରାଜମହଲ ପୁର ଗଳି ପୁଷ୍ପତୋରଣ, ପତାକା ଇତ୍ୟାଦିରେ ସଜା ହୋଇଗଲା । ଅଯୋଧ୍ୟାବାସୀଙ୍କ ଆନନ୍ଦର ସୀମା ନ ଥାଏ । ସେମାନେ ନିଜ ନିଜ ଘର ସଜାଇ ଉତ୍ସବର ତୟାରି କରି ଆନନ୍ଦରେ ଡୁବି ଯାଉଥାଆନ୍ତି । ମନ୍ତ୍ରୀ, ସେବକ ତଥା ପୁରବାସୀଙ୍କ ଆନନ୍ଦ ଉତ୍ସାହ ଦେଖି ମହାରାଜା ଏକେବାରେ ଆନନ୍ଦରେ ବିଭୋର ଥାଆନ୍ତି ।

ରାଜା ନୀତିରେ ନିପୁଣ ଥିଲେ । ରାମଚନ୍ଦ୍ରଙ୍କୁ ରାଜଗାଦି ଦେବେ – ଏତେ ବଡ଼ ମହାନ୍ କାର୍ଯ୍ୟରେ ରାଣୀମାନଙ୍କ ସହିତ ପରାମର୍ଶ କରିବା ନୀତି ଅନୁସାରେ ଆବଶ୍ୟକ ଥିଲା । କିନ୍ତୁ ଶ୍ରୀରାମ ପ୍ରତ୍ୟେକ ବ୍ୟକ୍ତିଙ୍କୁ ବିଶେଷତଃ ରାଣୀମାନଙ୍କୁ ତଥା କୈକେୟୀଙ୍କର ଅତ୍ୟନ୍ତ ପ୍ରିୟ ଥିଲେ । ଏହାଛଡ଼ା ମନ୍ତ୍ରୀ ଏବଂ ସେବକମାନଙ୍କର ଆନନ୍ଦ ଉତ୍ସାହ ଦେଖି ରାଜା ଆନନ୍ଦ ସମୁଦ୍ରରେ ଏକେବାରେ ଡୁବିଗଲେ । ସେହି କାରଣରୁ ରାଣୀମାନଙ୍କୁ ଏହି ବିଷୟ କହି ନ ଥିଲେ କିଂବା ଭରତ ଓ ଶତ୍ରୁଘ୍ନଙ୍କୁ ମାତୁଳ ଗୃହରୁ ଡକେଇ ନ ଥିଲେ । ରାଜଗାଦିର ପ୍ରସ୍ତୁତି ଉତ୍ସବ କଥା କଥାରେ ରାଜମହଲ ତଥା ଅଯୋଧ୍ୟାର ରାଜଧାନୀରେ ବ୍ୟାପି ଯାଇଥିଲା । କୈକେୟୀ ସହିତ ସବୁ ରାଣୀ ଆନନ୍ଦରେ ମଗ୍ନ ଥିଲେ ।

ରାବଣକୁ ବଧ କରିବା ପାଇଁ ତଥା ପୃଥିବୀପୃଷ୍ଠରେ ସୁଖ, ଶାନ୍ତି ସ୍ଥାପନ କରିବା ଉଦ୍ଦେଶ୍ୟରେ ଶ୍ରୀରାମଙ୍କ ଅବତାର ହୋଇଥିଲା । ଶ୍ରୀରାମ ଅଯୋଧ୍ୟାର ରାଜା ହେଲେ ଦେବତାଙ୍କ କାର୍ଯ୍ୟ ହୋଇପାରିବ ନାହିଁ, ଏହି ଭୟରେ ଦେବତାମାନେ ଦେବୀ ସରସ୍ୱତୀଙ୍କୁ ବହୁ ପ୍ରକାରେ ପ୍ରାର୍ଥନା କଲେ । ଦେବତାଙ୍କ କାର୍ଯ୍ୟସିଦ୍ଧି କରିବା ସକାଶେ ଦେବୀ ସରସ୍ୱତୀ କୈକେୟୀଙ୍କର ଗୋଟିଏ ଦାସୀ ମନ୍ଥରାର ବୁଦ୍ଧିକୁ ମୋହିତ କରିଦେଲେ । ସରସ୍ୱତୀଙ୍କ ମାୟାଗ୍ରସ୍ତା ମନ୍ଥରାର କୂଟ ପରାମର୍ଶ ଦ୍ୱାରା କୈକେୟୀଙ୍କ ବୁଦ୍ଧି ଭ୍ରମ ହୋଇଗଲା । ସେ ମନ୍ଥରାର କପଟ ପରାମର୍ଶ ଅନୁସାରେ ରାଜାଙ୍କୁ ସତ୍ୟ କରାଇ ଶ୍ରୀରାମଙ୍କୁ ଚଉଦ ବର୍ଷ ବନବାସ ଏବଂ ନିଜ ପୁତ୍ର ଭରତଙ୍କୁ ରାଜଗାଦି ଦେବା ବର ମାଗିନେଲେ । ସତ୍ୟବଦ୍ଧ

ରାଜା ନିଜ ବଚନର ସତ୍ୟତା ରକ୍ଷା କରିବା ସକାଶେ ଶ୍ରୀରାମଙ୍କୁ ବନବାସ ଦେଲେ ଏବଂ ପ୍ରାଣରୁ ଅଧିକ ପ୍ରିୟ ପୁତ୍ର ଶ୍ରୀରାମଙ୍କ ବିୟୋଗରେ ଶରୀର ତ୍ୟାଗ କଲେ । ଦଶରଥ ମହାରାଜା ସତ୍ୟ ବଚନ ରକ୍ଷା କରି ନୈତିକତା ପୂର୍ଣ୍ଣରୂପେ ପାଳନ କରିଥିଲେ ଏବଂ ଶ୍ରୀରାମଙ୍କ ବିୟୋଗରେ ଶରୀର ତ୍ୟାଗକରି ପରମ ଭକ୍ତିର ପରିଚୟ ଦେଇଥିଲେ । ତାଙ୍କରି ଜୀବନରେହିଁ ଏକହିଁ ସମୟରେ ଆଧ୍ୟାତ୍ମିକତାର ବିପରୀତ ନୈତିକତା ଉପସ୍ଥିତ ଥିବା ଅବସ୍ଥାରେ କୌଣସି ଗୋଟିକୁ ଅସମ୍ମାନ କରି ନ ଥିଲେ । ଚକ୍ରବର୍ତ୍ତୀ ମହାରାଜାଙ୍କ ଜୀବନରେ ନୈତିକତା ତଥା ଆଧ୍ୟାତ୍ମିକତା ଉଭୟ ଧର୍ମ ଏବଂ ସତ୍ୟ ନିର୍ଦୋଷଭାବେ ପାଳନ ହୋଇ ଥିବାରୁ ସେ ନୈତିକ ବାଦୀ ତଥା ଅଧ୍ୟାତ୍ମବାଦୀମାନଙ୍କ ଆଦର୍ଶ ହୋଇ ପାରିଥିଲେ ।

ଏହି ଚରିତ୍ରରୁ ଆମ୍ଭମାନଙ୍କ ମନରେ ଦୁଇଟି ପ୍ରଶ୍ନ ଉଠୁଅଛି । ଗୋଟିଏ ହେଲା କୈକେୟୀ ଈଶ୍ୱରଅଂଶଭୂତ ପରମ ଭକ୍ତ ଭରତଙ୍କ ମା' ତଥା ଶ୍ରୀରାମଙ୍କର ଅତ୍ୟନ୍ତ ପ୍ରିୟ ବିମାତା । ଭକ୍ତ ଭାଗବତ ସମ୍ପର୍କ ଯୋଗୁଁ ତାଙ୍କ ହୃଦୟରେ ଭଗବାନଙ୍କ ନିବାସ ଥାଏ । ଏପରି ଅବସ୍ଥାରେ ସରସ୍ୱତୀ ତାଙ୍କ ବୁଦ୍ଧିକୁ ମୋହିତ କରିପାରିଲେ କିପରି ? ଯାହା ଫଳରେ ସେ ପତି ଏବଂ ପୁତ୍ରଠାରୁ ତ୍ୟାଜ୍ୟ ହେଲେ । ସେହି ସମୟରେ ଥିବା ସମସ୍ତ ବ୍ୟକ୍ତି ତଥା ଆଜି ପର୍ଯ୍ୟନ୍ତ ରାମାୟଣ ପଢ଼ିବା ଶୁଣିବା ବ୍ୟକ୍ତିଙ୍କର ଘୃଣା ଏବଂ ନିନ୍ଦାର ପାତ୍ର ହୋଇ ରହିଲେ । ଏହାର ଯଥାର୍ଥ ସମାଧାନ କ'ଣ ?

ଅନ୍ୟ ପ୍ରଶ୍ନଟି ହେଲା : — ଦଶରଥ ମହାରାଜାଙ୍କ ଚରିତ୍ରରୁ ଆମ୍ଭେମାନେ କ'ଣ ଶିକ୍ଷା କରିବା ?

ପ୍ରଥମ ପ୍ରଶ୍ନଟିର ଉତ୍ତର କୈକେୟୀଙ୍କ ଚରିତ୍ର ଲେଖିବା ସମୟରେ ଆଲୋଚନା କରିବା ।

ଏଠାରେ ଆଲୋଚନା କରିବା ଦ୍ୱିତୀୟ ପ୍ରଶ୍ନଟି —

''ଦଶରଥଙ୍କ ଚରିତ୍ରରୁ ଆମେ କ'ଣ ଶିକ୍ଷା କରିବା ?''

ଏହି ପ୍ରଶ୍ନଟିର ଉତ୍ତର ଏହି ଲେଖାରେ ଆଲୋଚନା ହୋଇଛି କିନ୍ତୁ ପାଠକମାନଙ୍କ ସୁବିଧା ସକାଶେ ପୁନରାୟ ଏଠାରେ ଆଲୋଚନା କରି ଲେଖାଟି ସମାପ୍ତ କରିବା ।

ଦଶରଥଙ୍କ ଚରିତ୍ରରୁ ''ପ୍ରାଣ ଦେଇ ସତ୍ୟରକ୍ଷା କରିବା'' — ଏହି ଶିକ୍ଷା ଗ୍ରହଣ କରିବେ ନୈତିକବାଦୀମାନେ ।

''ଭଗବାନ୍ ସାକାର ନିରାକାରଯୁକ୍ତ ସଚ୍ଚିଦାନନ୍ଦ ପୁରୁଷୋତ୍ତମ ପରମ ବ୍ରହ୍ମ ତତ୍ତ୍ୱକୁ ମନ, ପ୍ରାଣ ଶରୀରରେ ଉପଲବ୍ଧି କରିବା'' — ଏହି ଶିକ୍ଷାପ୍ରାପ୍ତ ହେବେ ଶ୍ରୀଅରବିନ୍ଦଙ୍କ ଯୋଗ ମାଧ୍ୟମରେ ଅଧ୍ୟାତ୍ମ ସାଧକମାନେ । ଯଥାର୍ଥରେ ଏହି ତତ୍ତ୍ୱର ଉପଲବ୍ଧିହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଏବଂ ଭଗବାନଙ୍କ ସୃଷ୍ଟି ତଥା ସଂକଳ୍ପ । ଏହା ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ, ପ୍ରାଣ, ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେଲେ ।

ବର୍ତ୍ତମାନ ମନର ବିକାଶ ଶେଷ ହୋଇଛି । ଶ୍ରୀମା ଅତିମାନସ ଶକ୍ତି ଦ୍ୱାରା ମନ, ପ୍ରାଣ, ଶରୀରର ରୂପାନ୍ତର କାର୍ଯ୍ୟ କରାଉଛନ୍ତି । ଏହି ଲକ୍ଷ୍ୟ ଆବାଳବୃଦ୍ଧବନିତା ପ୍ରତ୍ୟେକ ବ୍ୟକ୍ତିର ସ୍ୱାଭାବିକ ଥିବାରୁ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ସମସ୍ତ ଧର୍ମ, ସମସ୍ତ ମତବାଦ, ସମସ୍ତ ସମ୍ପ୍ରଦାୟର ବ୍ୟକ୍ତିମାନେ ଏହି ଲକ୍ଷ୍ୟ ସାଧନା କରୁଅଛନ୍ତି । ଏହି ଲକ୍ଷ୍ୟସିଦ୍ଧି ଦ୍ୱାରା ବ୍ୟକ୍ତିର ଜୀବନ ହେବ ପୂର୍ଣ୍ଣ, ସଂସାରରେ ହେବ ଯଥାର୍ଥ ସାମ୍ୟ, ମୈତ୍ରୀ ଓ ଐଶ୍ୱର୍ଯ୍ୟର ପ୍ରତିଷ୍ଠା । ଏହି ଶିକ୍ଷାର ପଥପ୍ରଦର୍ଶକ ହେବ ଭାରତବର୍ଷ । ଅତଏବ ଜୀବନର ଯଥାର୍ଥ ଲକ୍ଷ୍ୟ ସିଦ୍ଧି କରିବା ସକାଶେ ସମସ୍ତ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିପାରନ୍ତି । ଏଥିରେହିଁ ଜୀବନ-ସମସ୍ୟାର ସମାଧାନ ଓ ସମସ୍ତ ପୁରାତନ ଯୋଗବିରୋଧୀ ମତବାଦର ସମନ୍ୱୟ ।

(୧୯)

ଏହି ପ୍ରବନ୍ଧରେ ଜୀବନର ଯଥାର୍ଥ ଲକ୍ଷ୍ୟ — ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ସଚ୍ଚିଦାନନ୍ଦ ପରମବ୍ରହ୍ମଙ୍କ ଉପଲବ୍ଧି — ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା ହେବା ଅତ୍ୟନ୍ତ ସ୍ପଷ୍ଟଭାବେ ଆଲୋଚିତ ହୋଇଅଛି, କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗର ରୂପାନ୍ତର ବିଷୟ ଆମ୍ଭମାନଙ୍କ ଚେତନାରେ ଏକେବାରେ ନୂତନ ହୋଇଥିବାରୁ ତାହା ଆମ୍ଭେ ଗୋଟିଏ ପ୍ରବନ୍ଧ

ପଢ଼ି ବୁଝିପାରୁ ନାହୁଁ । ଏହି ସକାଶେ କେତେଗୁଡ଼ିଏ ପ୍ରଶ୍ନର ଉତ୍ତର ଆବଶ୍ୟକ ହେଉଅଛି । ସେହି ପ୍ରଶ୍ନଗୁଡ଼ିକ ଏହିଠାରେ ଆଲୋଚନା କରିବା ।

ପ୍ରଶ୍ନ : ମନୁ ସତରୂପା ସଚ୍ଚିଦାନନ୍ଦଙ୍କୁ ପୁତ୍ରରୂପେ ବରମାଗି ଥିଲେ ଏବଂ ସେହି ସଚ୍ଚିଦାନନ୍ଦ ଶ୍ରୀରାମରୂପେ ତାଙ୍କର ପୁତ୍ର ହୋଇଥିଲେ । ଶ୍ରୀରାମଙ୍କୁ ଉପାସନା କରିବା ହେଲା ଯଥାର୍ଥରେ ସେମାନଙ୍କ ଆଦର୍ଶ ଗ୍ରହଣ କରିବା । ଏହା ପରିବର୍ତ୍ତେ ଶ୍ରୀଅରବିନ୍ଦଙ୍କ ଯୋଗରେ ମନ, ପ୍ରାଣ ରୂପାନ୍ତର ଦ୍ୱାରା ସଚ୍ଚିଦାନନ୍ଦଙ୍କର ଉପଲବ୍ଧି କରିବା କୁହାହେଲା କାହିଁକି ?

ଉତ୍ତର : ଏହି ସକାଶେ କୁହାଗଲା, ମନୁ ଓ ସତରୂପା ମନ, ପ୍ରାଣ, ଶରୀରରେ ସଚ୍ଚିଦାନନ୍ଦଙ୍କୁ ଉପଲବ୍ଧି କରିବାକୁ ଚାହୁଁଥିଲେ । କିନ୍ତୁ ଅରୂପାନ୍ତରିତ ମନ, ପ୍ରାଣ, ଶରୀରରେ ସଚ୍ଚିଦାନନ୍ଦଙ୍କ ଉପଲବ୍ଧି ହେବା ସମ୍ଭବ ନ ଥିଲା । ସଚ୍ଚିଦାନନ୍ଦ ନିଜ ଯଥାର୍ଥ ସ୍ୱରୂପ ଯୋଗମାୟାରେ ଆବୃତ କରି ମନୁଷ୍ୟ ଶରୀରରେ ଅବତାର ନେଲେ ଅରୂପାନ୍ତରିତ ମନ, ପ୍ରାଣ, ଶରୀରରେ ସଚ୍ଚିଦାନନ୍ଦ ଉପଲବ୍ଧି ହୋଇ ପାରନ୍ତି । ସେହି ସକାଶେ ମନୁ ସଚ୍ଚିଦାନନ୍ଦଙ୍କୁ ପୁତ୍ରରୂପେ ଚାହିଁଥିଲେ । ଯଥାର୍ଥରେ ତାଙ୍କର ସଚ୍ଚିଦାନନ୍ଦଙ୍କର ଯୋଗମାୟା – ଆବୃତ ରୂପ ପ୍ରାପ୍ତ କରିବା ଉଦ୍ଦେଶ୍ୟ ନ ଥିଲା ।

ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ରୂପାନ୍ତରିତ ହେଲେ ସେସବୁର ସୀମିତତା ଅତିମାନସ ଅସୀମ ଅନନ୍ତତାରେ ଏକ ହୋଇଯାଏ । ଏହି ସୀମିତ ମନ, ପ୍ରାଣ, ଶରୀରର ଧର୍ମ ହୁଏ ଅତିମାନସ ଅସୀମଧର୍ମ । ତେବେ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଅସୀମ ଅନନ୍ତ ଅକଳ୍ପନୀୟ ଶ୍ରୀରାମଙ୍କ ସଗୁଣ ନିର୍ଗୁଣ ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ପରମବ୍ରହ୍ମତତ୍ତ୍ୱ ଉପଲବ୍ଧି ହୁଏ । ଅତିମାନସ ଅନନ୍ତ ଚେତନା ଛଡ଼ା ମାନସ ଏବଂ ମାନସ-ଚେତନାର ଊର୍ଦ୍ଧ୍ୱସ୍ଥ କୌଣସି ଚେତନା ସ୍ତରରେ ଏହି ଉପଲବ୍ଧି ହୁଏ ନାହିଁ । କାରଣ ମାନସ ଚେତନା ଊର୍ଦ୍ଧ୍ୱସ୍ଥ ଅଧିମାନସ ଚେତନାସ୍ତର ପର୍ଯ୍ୟନ୍ତ ସମସ୍ତ ଚେତନାସ୍ତର କ୍ରମଶଃ ଅଧିକାଧିକ ବ୍ୟାପକ ହେବା ସତ୍ତ୍ୱେ ସେ ସବୁ ସୀମିତ । କେବଳ ଅତିମାନସ ଚେତନା ସୀମିତତାର ବହୁ ଊର୍ଦ୍ଧ୍ୱରେ । ଅଧିମାନସ ଚେତନା ଅନ୍ୟାନ୍ୟ ଚେତନାସ୍ତର ଅପେକ୍ଷା ଯଦ୍ୟପି ଅଧିକ ବ୍ୟାପକ ତଥାପି ସେହି ଚେତନାସ୍ତରରେ ଉପଲବ୍ଧ ହୁଅନ୍ତି ପରମବ୍ରହ୍ମଙ୍କ ସଗୁଣ ଅଥବା ନିର୍ଗୁଣ ସ୍ୱରୂପ । ଏକ ସଙ୍ଗେ ଏକହି ଦୃଷ୍ଟିରେ ସଚ୍ଚିଦାନନ୍ଦଙ୍କ ସଗୁଣ ତଥା ନିର୍ଗୁଣ ଏବଂ ଉଭୟ ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ତତ୍ତ୍ୱ ଉପଲବ୍ଧ ହୁଏ ନାହିଁ ।

ସେ ସମୟରେ ମାନସ ବିକାଶ ଶେଷ ହୋଇ ନ ଥିବାରୁ ଅତିମାନସ ଚେତନା ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ରୂପାନ୍ତର ତଥା ମାନସଚେତନା ଅତିମାନସ ବିଜ୍ଞାନ ଚେତନାରେ ପରିଣତ ହେବା ସମ୍ଭବ ହୋଇ ନ ଥିଲା ।

ପ୍ରଶ୍ନ : ଅବତାର ଶ୍ରୀରାମ ଏବଂ ସଚ୍ଚିଦାନନ୍ଦ ପରମବ୍ରହ୍ମ ତତ୍ତ୍ୱତଃ ଏକ । ଅତିମାନସ ଚେତନାରେ ସଗୁଣ ଏବଂ ନିର୍ଗୁଣ, ଏହି ଉଭୟର ଊର୍ଦ୍ଧ୍ୱସ୍ଥ ପରମବ୍ରହ୍ମ ପୁରୁଷୋତ୍ତମ ତତ୍ତ୍ୱ ଉପଲବ୍ଧି ନ କରି ଅଧିମାନସ ଚେତନାରେ ଶ୍ରୀରାମଙ୍କୁ ଉପଲବ୍ଧି କଲେ ବ୍ୟକ୍ତି ଜନ୍ମମରଣ ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ । ଶ୍ରୀରାମଙ୍କ ସଗୁଣ ଉପଲବ୍ଧି ଅପେକ୍ଷା ସଚ୍ଚିଦାନନ୍ଦଙ୍କ ଉପଲବ୍ଧିରେ ବିଶେଷତ୍ୱ କ'ଣ ରହିଲା ଯାହା ସକାଶେ ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗ ଗ୍ରହଣ କରିବା ଆବଶ୍ୟକ ହେଲା ?

ଉତ୍ତର : ସଚ୍ଚିଦାନନ୍ଦ ତତ୍ତ୍ୱ ଉପଲବ୍ଧିର ବିଶେଷତ୍ୱ ହେଲା, ସେଥିରେ ଜୀବନର ଯଥାର୍ଥ ଲକ୍ଷ୍ୟସିଦ୍ଧି ହୁଏ । ଜଗତରୁ ଦୁଃଖ, କଷ୍ଟ, ସ୍ୱାର୍ଥ, ଅଜ୍ଞାନାଦି ଦୁର୍ଗୁଣ ଦୂର ହୁଏ । ପୃଥିବୀ ସ୍ୱର୍ଗରେ ପରିଣତ ହୁଏ । ଏହାଛଡ଼ା ଶ୍ରୀରାମଙ୍କ ସ୍ୱରୂପ ଉପଲବ୍ଧିରେ ବ୍ୟକ୍ତି ଜନ୍ମ ମରଣରୁ ମୁକ୍ତ ହୋଇ ଭଗବତ୍ ସେବା ପ୍ରାପ୍ତ ହୁଏ । କିନ୍ତୁ ଏହି ବ୍ୟକ୍ତିଗତ ଭଗବତ୍‌ପ୍ରାପ୍ତି ଫଳରେ ସଂସାରରେ ଯେଉଁ ଦୁଃଖ, ଦ୍ୱନ୍ଦ୍ୱ, ଅସତ୍ୟ, ଅନ୍ୟାୟ, ହିଂସା ଦ୍ୱେଷ ଥାଏ, ତାହା ସେହିପରି ରହେ । ସଂସାର ଦୁଃଖ, କଷ୍ଟ ଭୋଗୁଥାଏ । ମନୁଷ୍ୟ ଏହି ପୃଥିବୀକୁ ଆସିବାର ଯେଉଁ ଉଦ୍ଦେଶ୍ୟ – ଏହି ମନ, ପ୍ରାଣ ଏବଂ ଶରୀରରେ ପରମ ସୁଖ, ପରମ ଶାନ୍ତି ପ୍ରାପ୍ତି; ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ, କଷ୍ଟ, ଅଜ୍ଞାନତାରୁ ପୂର୍ଣ୍ଣ ମୁକ୍ତି; – ଏହି ସବୁକୁ ପ୍ରତ୍ୟେକ ବ୍ୟକ୍ତି ଜ୍ଞାତରେ ବା ଅଜ୍ଞାତରେ ଚାହିଁ ଆସୁଛନ୍ତି; ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଏବଂ ଭଗବାନଙ୍କ ସୃଷ୍ଟିର ଉଦ୍ଦେଶ୍ୟ, – ଏହା ସିଦ୍ଧ ହୁଏ ନାହିଁ । ଏହା ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ସଚ୍ଚିଦାନନ୍ଦ ପରମବ୍ରହ୍ମଙ୍କୁ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଉପଲବ୍ଧି କଲେ । ଏହାଛଡ଼ା ପୁରାତନ ଯୋଗରେ ଅଦ୍ୱୈତବାଦୀମାନେ ସଂସାରକୁ ମିଥ୍ୟା, ଭଗବାନଙ୍କୁ

ନିର୍ଗୁଣ ମାନିବା ଓ ଦ୍ୱୈତବାଦୀମାନେ ସଂସାରକୁ ସତ୍ୟ, ଭଗବାନଙ୍କୁ ସଗୁଣ ମାନିବା – ଏହି ବିରୋଧୀ ସିଦ୍ଧାନ୍ତର ସମନ୍ୱୟ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ଯୋଗ ଆବଶ୍ୟକ ।

(୭୦)

ପ୍ରଶ୍ନ : ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ରୋଗ, ବୃଦ୍ଧତ୍ୱ, ମୃତ୍ୟୁ, ଅଜ୍ଞାନ, ଦୁଃଖକଷ୍ଟରୁ ମୁକ୍ତି । ଏହାର ପ୍ରମାଣ କ'ଣ ?

ଉତ୍ତର : ପ୍ରତ୍ୟେକ ବ୍ୟକ୍ତିର ଏହାହିଁ ଜୀବନର ଲକ୍ଷ୍ୟ ହେବାର ପ୍ରମାଣ ହେଲା, ସଂସାରରେ ସମସ୍ତ ବ୍ୟକ୍ତି ଜ୍ଞାତରେ ବା ଅଜ୍ଞାତରେ ଏହାକୁହିଁ ଚାହିଁ ଆସୁଛନ୍ତି । କିନ୍ତୁ ସମୟ ଆସି ନ ଥିବାରୁ ବ୍ୟକ୍ତିଚେତନାରେ ଏହା ସ୍ପଷ୍ଟ ହୋଇ ନାହିଁ କିଂବା ବ୍ୟକ୍ତି ସ୍ପଷ୍ଟରୂପେ ଜାଣି ପାରି ନାହିଁ । ବର୍ତ୍ତମାନ ତା'ର ସମୟ ଆସିଛି । ସେହି ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଆମ୍ଭମାନଙ୍କୁ ଏହି ସନ୍ଧାନ ଦେଇଛନ୍ତି ।

ସଂସାରରେ କୌଣସି ଗୋଟିଏ ବ୍ୟକ୍ତି କୌଣସି କର୍ମରେ ଦୁଃଖ ଚାହେଁ ନାହିଁ । କିଂବା ଦୁଃଖ ପାଇବା ଉଦ୍ଦେଶ୍ୟରେ କୌଣସି କର୍ମ କରେ ନାହିଁ । କିନ୍ତୁ ସେମାନଙ୍କ ଚେତନାର ବିକାଶ ହୋଇ ନ ଥିବାରୁ ନିଜ ଚାହିଁବା ମନ, ପ୍ରାଣ ଚେତନାରେ ସ୍ପଷ୍ଟ ହୁଏ ନାହିଁ ।

ପ୍ରତ୍ୟେକ ବ୍ୟକ୍ତିର ଚାହିଁବାହିଁ ଲକ୍ଷ୍ୟର ସତ୍ୟତା ତଥା ପ୍ରାପ୍ତିର ଅନିବାର୍ଯ୍ୟତାର ସୂଚନା ଦିଏ ।

ପ୍ରଶ୍ନ : ଏହା ସ୍ପଷ୍ଟ ହେଲା, ସଂସାରର ପ୍ରତ୍ୟେକ ବ୍ୟକ୍ତି ସଂସାରର ସମସ୍ତ କାର୍ଯ୍ୟରେ ଅଜ୍ଞାତ ଏବଂ ଜ୍ଞାତରୂପେ ଦୁଃଖବିହୀନ ପରମ ସୁଖ ଚାହାନ୍ତି । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ପରମ ସୁଖର ସ୍ୱରୂପ ହେଲେ ସଚ୍ଚିଦାନନ୍ଦ, ଏଥିରେ ଆଉ କୌଣସି ପ୍ରଶ୍ନ ନାହିଁ । କିନ୍ତୁ ଯଦି ଚାହିଁବା ସତ୍ୟ ଏବଂ ପ୍ରାପ୍ତି ଅନିବାର୍ଯ୍ୟ ହୁଏ ତେବେ ବ୍ୟକ୍ତି ବହୁତ ବସ୍ତୁ ଚାହାନ୍ତି, କିନ୍ତୁ ତାହା ସମସ୍ତ ତ' ପ୍ରାପ୍ତ ହୁଏ ନାହିଁ । ଦରିଦ୍ର ଧନ ଚାହେଁ, ରୋଗୀ ରୋଗରୁ ମୁକ୍ତି ଚାହେଁ, ଦୁଃଖପୀଡ଼ିତ ବ୍ୟକ୍ତି ସୁଖ ଚାହେଁ; ତାହା ପ୍ରାପ୍ତ ହୁଏ ନାହିଁ । ଏହା ଏକେବାରେ ପ୍ରତ୍ୟକ୍ଷ ଘଟଣା । ଏହା ବିରୋଧରେ ଆପଣଙ୍କ କହିବା ଆମ୍ଭେ ବିଶ୍ୱାସ କରିବୁ କିପରି ?

ଉତ୍ତର : ବିଶ୍ୱାସ କରିବା ନ କରିବା ତୁମ ବୁଝିବା ଉପରେ ନିର୍ଭର କରେ । କିନ୍ତୁ ବସ୍ତୁର ସତ୍ୟତା ଏହା ଉପରେ ନିର୍ଭର କରେ ନାହିଁ । ଗୋଟିଏ ବ୍ୟକ୍ତି ପ୍ରତି ମୁହୂର୍ତ୍ତରେ ବହୁତ ବସ୍ତୁ ଚାହୁଁଥାଏ । ସେହି ସକାଶେ ତାକୁ ଚାହିଁବା ବସ୍ତୁ ପ୍ରାପ୍ତ ହୁଏ ନାହିଁ । କୌଣସି ବ୍ୟକ୍ତି ଯଦି କୌଣସି ବସ୍ତୁ ପ୍ରାପ୍ତିରେ ପୂର୍ଣ୍ଣରୂପେ ଏକାଗ୍ରତା କରେ ଅର୍ଥାତ୍ ଅନ୍ୟ କିଛି ନ ଚାହିଁ ସେହି ଏକହିଁ ବସ୍ତୁ ଚାହେଁ ତେବେ ତାହା ଅବଶ୍ୟ ପ୍ରାପ୍ତ ହୁଏ । ଯେପରି ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି କାମୀ ବ୍ୟକ୍ତି ନିଜ ନିଜ ଲକ୍ଷ୍ୟପ୍ରାପ୍ତି ଚାହିଁବାରେ ସମସ୍ତ ଚାହିଁବା ବିସର୍ଜନ କରିଦିଅନ୍ତି । ଯେତେବେଳେ ସମସ୍ତ ଚାହିଁବା ଦୂର ହୋଇ ସେହି ଲକ୍ଷ୍ୟ ଚାହିଁବା ରହିଯାଏ, ସେହି ଚାହିଁବା – ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି କରାଏ । ଏହିପରି କୌଣସି ଚାହିଁବାରେ ସମସ୍ତ ଚାହିଁବା ଏକ କରିଦେଲେ ତାହା ଅବଶ୍ୟ ପ୍ରାପ୍ତ ହୁଏ ।

ମନୁଷ୍ୟ ଯେଉଁ ଦୁଃଖବିହୀନ ପରମସୁଖ ଚାହୁଁଛି ତାହା ଆଜି ପର୍ଯ୍ୟନ୍ତ ତା'ର ଚେତନା ବା ବୁଦ୍ଧିରେ ସ୍ପଷ୍ଟ ହୋଇ ନାହିଁ । ସେ ସକାଶେ ସେ ପ୍ରଯତ୍ନ ମଧ୍ୟ କରି ନାହିଁ । ବର୍ତ୍ତମାନ ତା'ର ସମୟ ଆସିଛି । ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଏହି ସନ୍ଧାନ ଦେଇଛନ୍ତି ଏବଂ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣି ତାହା ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀରର ଦିବ୍ୟତ୍ୱରେ ରୂପାନ୍ତର ଓ ରୋଗ, ମୃତ୍ୟୁ, ବୃଦ୍ଧତ୍ୱରୁ ମୁକ୍ତ ହେବାର ଉପାୟ ଆଦର୍ଶରୂପେ ରଖିଅଛନ୍ତି । ଆମ୍ଭେମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା ସେହି ଆଦର୍ଶପ୍ରାପ୍ତିରେ ସମସ୍ତ କାମନା, ବାସନା ଏକ କରିଦେଲେ ତାହା ନିଶ୍ଚୟ ପ୍ରାପ୍ତ କରିବା ।

ପ୍ରଶ୍ନ : ସଂସାରର ସମସ୍ତ ବ୍ୟକ୍ତି ଦୁଃଖବିହୀନ ପରମସୁଖ ଚାହାନ୍ତି । ଏହାହିଁ ଜୀବନର ଲକ୍ଷ୍ୟ, ଏହା ଠିକ୍, କିନ୍ତୁ କେତେକ ଅଧ୍ୟାତ୍ମ ସାଧକ ସେମାନେ ଜୀବନର ଦୁଃଖ ଦ୍ୱନ୍ଦ୍ୱକୁ ପରୁଆ କରନ୍ତି ନାହିଁ କିଂବା ସୁଖ ଚାହାନ୍ତି ନାହିଁ ।

ସେମାନେ ଅଧ୍ୟାତ୍ମ ସାଧନା କରି ମୁକ୍ତି, ନିର୍ବାଣ ଅଥବା ଭଗବତ୍ ପ୍ରାପ୍ତି କରନ୍ତି । ସେମାନଙ୍କ ଜୀବନର ଲକ୍ଷ୍ୟ ପରମସୁଖ ହେବ କିପରି ?

ଉତ୍ତର : ସେମାନଙ୍କ ଜୀବନର ଲକ୍ଷ୍ୟ ଦୁଃଖବିହୀନ ପରମ ସୁଖ ଯଦି ନ ହୋଇଥା'ନ୍ତା, ସେମାନେ ମୁକ୍ତି, ନିର୍ବାଣ, ଭଗବତ୍‌ପ୍ରାପ୍ତି କାହିଁକି କରିଥାଆନ୍ତେ ? ସେମାନେ ବୁଝି ପାରିଲେ ଏହି ଜୀବନ, ମନ, ପ୍ରାଣ, ଶରୀରରେ ପରମସୁଖସ୍ୱରୂପ ସଚ୍ଚିଦାନନ୍ଦଙ୍କୁ ପ୍ରାପ୍ତ କରିବା ସମ୍ଭବ ନୁହେଁ । ସେହି ସକାଶେ ସେମାନେ ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ପରମସୁଖ ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ଏହି ମନ, ପ୍ରାଣ, ଶରୀରକୁ ଛାଡ଼ି ମୁକ୍ତି, ନିର୍ବାଣ ଏବଂ ଭଗବତ୍ ପ୍ରାପ୍ତି କଲେ । ସଂସାର ଏବଂ ଜୀବନ ଯେଉଁ ଦୁଃଖ କଷ୍ଟରେ ଥିଲା ସେହି ଦୁଃଖ କଷ୍ଟରେ ରହିଲା ।

ଏହି ମୁକ୍ତି, ନିର୍ବାଣ ଏବଂ ଭଗବତ୍ ପ୍ରାପ୍ତି କରିଥିବା ବ୍ୟକ୍ତିମାନଙ୍କ ଚେତନା ସଂସାରରେ ଦୁଃଖ, ଦ୍ୱନ୍ଦ୍ୱ ଭୋଗୁଥିବା ବ୍ୟକ୍ତିଙ୍କ ଚେତନାଠାରୁ ଅଧିକ ବିକଶିତ ବା ସଚେତ ଥିଲା । ସେମାନେ ଜୀବନର ଲକ୍ଷ୍ୟ ପରମସୁଖର ସ୍ୱରୂପ ବୁଝି ପାରିଥିଲେ । ସେମାନେ ଜାଣିଥିଲେ ପରମ ସୁଖର ସ୍ୱରୂପ ଭଗବାନ୍ । ଭଗବତ୍ ପ୍ରାପ୍ତିରେହିଁ ମନୁଷ୍ୟ ଦୁଃଖ, ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ, ପରମସୁଖରେ ନିବାସ କରେ । କିନ୍ତୁ ବ୍ୟକ୍ତିର ମନ, ପ୍ରାଣ, ଶରୀର ଅଶୁଦ୍ଧ, ଅଜ୍ଞାନ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ତଥା ଦୁଃଖ କଷ୍ଟର ଅଧୀନ । ଏହି ମନ, ପ୍ରାଣ, ଶରୀର ଏହିସବୁ ଦୁର୍ଗୁଣରୁ ମୁକ୍ତ ହୋଇ ଭଗବତ୍ ତତ୍ତ୍ୱରେ ରୂପାନ୍ତରିତ ହେବ, ଏହା ସେହି ସମୟରେ କେହି କଳ୍ପନା କରି ପାରି ନ ଥିଲେ; ତା'ର ସମୟ ମଧ୍ୟ ଆସି ନ ଥିଲା । ସେହି ସକାଶେ ସେମାନେ ଏସବୁକୁ ଛାଡ଼ି ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି କଲେ । ଜୀବନ ଓ ଜଗତର ସମସ୍ୟା ଯେଉଁ ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ ଯେପରି ଥିଲା ସେହିପରି ରହିଲା । ତାଙ୍କ ଦ୍ୱାରା ଜୀବନର ସମସ୍ୟା ସମାଧାନ ହେଲା ନାହିଁ । ଅର୍ଥାତ୍ ବ୍ୟକ୍ତିର ମନ, ପ୍ରାଣ, ଶରୀରରେ ଯେଉଁ ଆନନ୍ଦ ଚାହୁଁଥିଲା ଏବଂ ପ୍ରତ୍ୟେକ ବ୍ୟକ୍ତିର ଜୀବନର ଯେଉଁ ଲକ୍ଷ୍ୟ ପରମାନନ୍ଦ ପ୍ରାପ୍ତି ତାହା ସେମାନେ ସିଦ୍ଧ କରିପାରିଲେ ନାହିଁ ।

ଏଥିରୁ ସ୍ପଷ୍ଟ ହେଉଛି ମନୁ ମୁକ୍ତ ଅବସ୍ଥା ପ୍ରାପ୍ତ କରିଥିଲେ । ତାଙ୍କୁ ଜନ୍ମ ମରଣ, ଦୁଃଖ କଷ୍ଟର ଭୟ ନ ଥିଲା । କିନ୍ତୁ ସେ ଅନ୍ୟାନ୍ୟ ଋଷି, ମୁନି, ସାଧୁ, ସନ୍ଥଙ୍କ ସଦୃଶ ମୁକ୍ତିକୁ ନ ଯାଇ ଜୀବନର ସମସ୍ୟାକୁ ଅଧ୍ୟୟନ କଲେ । ସେ ଉପଲବ୍ଧି କଲେ, ''ଆତ୍ମା ନିତ୍ୟମୁକ୍ତ, ପରମାନନ୍ଦସ୍ୱରୂପ, ତା'ର ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତିରେ ଜୀବନର ସମସ୍ୟା ସମାଧାନ ହୁଏ ନାହିଁ । କେବଳ ଜନ୍ମ, ମରଣରୁ ବ୍ୟକ୍ତିକୁ ତ୍ରାହି ମିଳେ ।'' ବ୍ୟକ୍ତିର ମନ, ପ୍ରାଣ, ଶରୀର ଚାହେଁ ଦୁଃଖବିହୀନ ପରମାନନ୍ଦ । ଏହା ପ୍ରାପ୍ତ ହୁଏ ଭଗବତ୍ ଉପଲବ୍ଧିରେ । କିନ୍ତୁ ଭଗବାନ୍ ପରମ ଦିବ୍ୟ; ମନ, ପ୍ରାଣ, ଶରୀର ଭଗବାନଙ୍କ ବିଜାତୀୟ ଅଦିବ୍ୟ, ଅଜ୍ଞାନ ଗ୍ରସ୍ତ । ଏହି ଅରୂପାନ୍ତରିତ ମନ, ପ୍ରାଣ, ଶରୀରରେ ସଚ୍ଚିଦାନନ୍ଦଙ୍କ ଉପଲବ୍ଧି ସମ୍ଭବ ନୁହେଁ । କେବଳ ସଚ୍ଚିଦାନନ୍ଦ ମନୁଷ୍ୟର ଅଶୁଦ୍ଧ ମନ, ପ୍ରାଣ, ଶରୀର ତତ୍ତ୍ୱକୁ ସ୍ୱୀକାର କରି ମନୁଷ୍ୟ ଶରୀରରେ ଅବତାର ନେଲେ ମନ, ପ୍ରାଣ, ଶରୀରକୁ କିଛି ଅଂଶରେ ଭଗବତ୍ ଉପଲବ୍ଧି ହୁଏ । ମନୁ ଥିଲେ ମନୁଷ୍ୟର ପ୍ରତିନିଧି । ସେ ଭବିଷ୍ୟତରେ ମନୁଷ୍ୟର ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ଉପଲବ୍ଧି ବା ଭଗବାନଙ୍କର ପ୍ରକାଶ ହେବା ଅସ୍ପଷ୍ଟଭାବେ ସଙ୍କେତ ପାଇଥିଲେ । ତା' ଛଡ଼ା ଭବିଷ୍ୟତ୍‌ରେ ଯାହା ପ୍ରତ୍ୟକ୍ଷରୂପେ ଘଟେ ବହୁ ପୂର୍ବରୁ ତା'ର ସୂଚନାରୂପେ ପ୍ରକାଶ ହୁଏ । ଶ୍ରୀଅରବିନ୍ଦଙ୍କ ଅତିମାନସ ରୂପାନ୍ତର ଯୋଗ ଦ୍ୱାରା ବ୍ୟକ୍ତିର ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ସଚ୍ଚିଦାନନ୍ଦଙ୍କର ଯେଉଁ ଉପଲବ୍ଧି ତାହାର ସୂଚନା ବା ପ୍ରତୀକରୂପେ ଭଗବାନଙ୍କର ଶ୍ରୀରାମ, ଶ୍ରୀକୃଷ୍ଣ, ବାମନ, ପର୍ଶୁରାମ ଇତ୍ୟାଦି ଅବତାର ହୋଇଥିଲେ ଏବଂ ସେହି ସମୟର କେତେକ ବ୍ୟକ୍ତି କିଛି ଅଂଶରେ ମନ, ପ୍ରାଣ, ଶରୀରରେ ତାଙ୍କୁ ଉପଲବ୍ଧି କରିଥିଲେ ।

(୨୧)

ପ୍ରଶ୍ନ : ଆମ୍ଭେମାନେ ବୁଝିପାରିଲୁ ମନୁ ସତରୂପା ମୁକ୍ତି ପ୍ରାପ୍ତ ହୋଇଥିବା ସତ୍ତ୍ୱେ ମନ, ପ୍ରାଣ, ଶରୀରରେ ଭଗବତ୍ ଆନନ୍ଦ ଉପଲବ୍ଧି କରିବା ସକାଶେ ଭଗବାନ୍ ସଚ୍ଚିଦାନନ୍ଦଙ୍କୁ ପୁତ୍ରରୂପେ ବର ମାଗିଥିଲେ । ଏଥିରେ ଆଉ

ସନ୍ଦେହ ରହିଲା ନାହିଁ । କିନ୍ତୁ ବୈଷ୍ଣବ ଶାସ୍ତ୍ରରେ ବରାବର ପ୍ରତିପାଦିତ କରାହୋଇଛି ଐଶ୍ୱର୍ଯ୍ୟ ଭକ୍ତି ବା ଭଗବାନଙ୍କ ଐଶ୍ୱର୍ଯ୍ୟ ସ୍ୱରୂପ ଉପାସନା ଅପେକ୍ଷା ମାଧୁର୍ଯ୍ୟ ଭକ୍ତି ବା ଭଗବାନଙ୍କ ଅବତାର ଶ୍ରୀରାମ, ଶ୍ରୀକୃଷ୍ଣଙ୍କୁ ଉପାସନା କରିବା ଶ୍ରେଷ୍ଠ । ଏହାର ପ୍ରମାଣସ୍ୱରୂପ ଉଦ୍ଧବ ଗୋପୀମାନଙ୍କୁ ଜ୍ଞାନ ଉପଦେଶ ଦେବାକୁ ଆସି ଗୋପୀମାନଙ୍କ ଭକ୍ତିରସ ସମୁଦ୍ରରେ ଡୁବି ଯାଇଥିଲେ । ମନ, ପ୍ରାଣ, ଶରୀର ରୂପାନ୍ତର ହେଲେ ସଚ୍ଚିଦାନନ୍ଦଙ୍କ ଐଶ୍ୱର୍ଯ୍ୟର ସ୍ୱରୂପ ଉପଲବ୍ଧ ହୁଏ । ଏହାର ନାମ ଐଶ୍ୱର୍ଯ୍ୟ ଭକ୍ତି । ବୈଷ୍ଣବ ଶାସ୍ତ୍ରରେ ଐଶ୍ୱର୍ଯ୍ୟ ଭକ୍ତିଠାରୁ ମାଧୁର୍ଯ୍ୟ ଭକ୍ତିକୁ ଶ୍ରେଷ୍ଠ କହିବାର ଅଭିପ୍ରାୟ କ'ଣ ?

ଉତ୍ତର : ଐଶ୍ୱର୍ଯ୍ୟ ଭକ୍ତି ଅପେକ୍ଷା ମାଧୁର୍ଯ୍ୟ ଭକ୍ତିକୁ ଶ୍ରେଷ୍ଠ କହିବାର ଅଭିପ୍ରାୟ ହେଲା ସେ ସମୟରେ ଅଶୁଦ୍ଧ ଏବଂ ସୀମିତ ମନ, ପ୍ରାଣ ଓ ଶରୀରରେ ସିଧା ସିଧା ସଚ୍ଚିଦାନନ୍ଦ ଅଥବା ତାଙ୍କ ସଗୁଣ ଉପଲବ୍ଧି ଏକେବାରେ ସମ୍ଭବ ନ ଥିଲା । ଏହା କିଛି ଅଂଶରେ ସମ୍ଭବ ହୋଇଥିଲା ଭଗବାନ୍ ଅବତାର ନେଇ ମନୁଷ୍ୟଶରୀର ଧାରଣ କରିବାରେ । ସେହି ସମୟ ସକାଶେ ମାଧୁର୍ଯ୍ୟ ଭକ୍ତିକୁ ଶ୍ରେଷ୍ଠ କୁହାହୋଇଥିଲା । ବର୍ତ୍ତମାନ ସକାଶେ ନୁହେଁ ।

ବର୍ତ୍ତମାନ ସେହି ଅସମ୍ଭବତା ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା ଅତିମାନସ ଶକ୍ତି ମନୁଷ୍ୟର ମନ-ପ୍ରାଣ-ଶରୀରକୁ ଦିବ୍ୟତତ୍ତ୍ୱରେ ରୂପାନ୍ତର କରିବ ଏବଂ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ବ୍ୟକ୍ତି ଭଗବାନଙ୍କୁ ଉପଲବ୍ଧି କରିପାରିବ । ସଚ୍ଚିଦାନନ୍ଦ ସମସ୍ତ ଆନନ୍ଦ, ସମସ୍ତ ଐଶ୍ୱର୍ଯ୍ୟ ଏବଂ ଶକ୍ତି ତଥା ସମସ୍ତ ଜ୍ଞାନର ଆଧାର । ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ସ୍ୱୟଂ ସଚ୍ଚିଦାନନ୍ଦଙ୍କ ଉପଲବ୍ଧି ତୁଳନାରେ ଅଶୁଦ୍ଧ, ସୀମିତ ମନ, ପ୍ରାଣ, ଶରୀରର ଅନୁଭୂତିକୁ ତୁଳନା କରାଯାଇପାରେ ନାହିଁ । ସେ ସମୟରେ ଯଦି ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ବ୍ୟକ୍ତି ସଚ୍ଚିଦାନନ୍ଦଙ୍କୁ ଉପଲବ୍ଧି କରିଥାଆନ୍ତେ ତେବେ ଐଶ୍ୱର୍ଯ୍ୟ ଭକ୍ତିଠାରୁ ମାଧୁର୍ଯ୍ୟ ଭକ୍ତି ଶ୍ରେଷ୍ଠ ବୋଲି ବୈଷ୍ଣବ ଶାସ୍ତ୍ର କଦାପି କହି ନ ଥା'ନ୍ତା । ଯେପରି ମନ-ପ୍ରାଣ-ଶରୀର ରୂପାନ୍ତର ନ ହୋଇଥିବାରୁ ସେ ସମୟରେ ମୃତ୍ୟୁର ଅନିବାର୍ଯ୍ୟତା ସମସ୍ତ ଶାସ୍ତ୍ରରେ କୁହାହୋଇଥିଲା । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ରୂପାନ୍ତର ହେଲେ ସେହି ଶାସ୍ତ୍ରବାକ୍ୟ ଆଉ ପ୍ରମାଣିତ ହେବ ନାହିଁ, ଠିକ୍ ସେହିପରି ମାଧୁର୍ଯ୍ୟ ଭକ୍ତିକୁ ଶ୍ରେଷ୍ଠ କହିବାର ଅଭିପ୍ରାୟ ଥିଲା ।

ଯଥାର୍ଥରେ ମାଧୁର୍ଯ୍ୟ ଭକ୍ତି ପ୍ରାପ୍ତ ହେଉଥିଲା ଭଗବାନ୍ ଅବତାର ନେବା ସମୟରେ ଯେଉଁମାନେ ଭଗବାନଙ୍କ ସାମୀପ୍ୟରେ ରହୁଥିଲେ । ପରେ ବୈଷ୍ଣବମାନେ ଯେଉଁ ମାଧୁର୍ଯ୍ୟ ଉପାସନା କଥା କହନ୍ତି ତାହା ଯଥାର୍ଥରେ ଐଶ୍ୱର୍ଯ୍ୟ ଉପାସନା । ସେଥିରୁ ଶରୀର ସମ୍ପୂର୍ଣ୍ଣରୂପେ ବଞ୍ଚିତ ରହେ । ମନ, ପ୍ରାଣ କେବଳ ଭକ୍ତିର କିଛି ଅଂଶ ଆଭାସ ମିଳିପାରେ । ଏହାର ପ୍ରତ୍ୟକ୍ଷ ପ୍ରମାଣ ହେଉଛି ସେମାନଙ୍କ ଉପାସନା ।

ବୈଷ୍ଣବମାନେ ପଞ୍ଚସଂସ୍କାରପୂର୍ବକ ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କଲାପରେ ସେମାନଙ୍କର ଥାଏ ଗୋଟିଏ ସମ୍ବନ୍ଧ ଦୀକ୍ଷା ଅର୍ଥାତ୍ ଭଗବାନଙ୍କୁ ଉପାସନା ବା ସେବା କରିବାର ପ୍ରଣାଳୀ, ଅଥବା ପଦ୍ଧତି । ସେମାନଙ୍କର ପଞ୍ଚରସ ବା ଭଗବାନଙ୍କ ସହିତ ପାଞ୍ଚ ପ୍ରକାର ସମ୍ବନ୍ଧ ଯଥା :— ଦାସ୍ୟ, ସଖ୍ୟ, ବାତ୍ସଲ୍ୟ, ମଧୁର ଏବଂ ଶାନ୍ତ । ଏହି ପାଞ୍ଚରସ ବା ସମ୍ବନ୍ଧ ମଧ୍ୟରୁ ପ୍ରତ୍ୟେକ ସନ୍ଥ ନିଜ ସ୍ୱଭାବ ଏବଂ ଅନ୍ତରାତ୍ମାର ପ୍ରେରଣା ଅନୁସାରେ ଗୋଟିଏ ସମ୍ବନ୍ଧ ଗ୍ରହଣ କରନ୍ତି । ସମ୍ବନ୍ଧ ଅନୁସାରେ ବ୍ୟକ୍ତି ନିଜକୁ ଭଗବାନଙ୍କ ଦାସ, ସଖା, ପୁତ୍ର ବା ପିତା, ମାତା, କାନ୍ତା ବା ସେବିକା ଭାବ ରଖନ୍ତି । ପ୍ରତ୍ୟେକ ବ୍ୟକ୍ତିର ଏହି ଭାବ ବା ରସର ସମ୍ବନ୍ଧ ଭଗବାନଙ୍କ ସହିତ ଭିନ୍ନ ଭିନ୍ନ ହେବା ସତ୍ତ୍ୱେ ପ୍ରତ୍ୟେକ ବ୍ୟକ୍ତିର ଭାବ ଅଥବା କଳ୍ପନା ଶରୀର ଦିବ୍ୟତତ୍ତ୍ୱ ଏବଂ ଭଗବାନଙ୍କ ଧାମ ଏକ । ପ୍ରତ୍ୟେକ ବ୍ୟକ୍ତି ନିବାସ କରନ୍ତି ଏହି ମୃତ୍ୟୁପୁରୀରେ, ଧାରଣ କରିଥାଆନ୍ତି ଅଜ୍ଞାନ, ମୃତ୍ୟୁ, ବୃଦ୍ଧତ୍ୱ, ରୋଗ କବଳିତ ନଶ୍ୱର ଶରୀର । କିନ୍ତୁ କଳ୍ପନା କରନ୍ତି ତାଙ୍କ ସମ୍ବନ୍ଧ ଶରୀର ଭଗବାନଙ୍କ ଶରୀର ସଦୃଶ ଦିବ୍ୟ ଏବଂ ଅଜ୍ଞାନ, ମୃତ୍ୟୁ, ରୋଗ ବୃଦ୍ଧତ୍ୱରୁ ପୂର୍ଣ୍ଣ ମୁକ୍ତ । ସେମାନେ କଳ୍ପନାରେ ନିବାସ କରନ୍ତି ଉପାସନା ଅନୁସାରେ, ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସାଦି ଦିବ୍ୟଧାମ ନିଜ ଇଷ୍ଟ ଦେବଙ୍କ ସାମୀପ୍ୟ ସେବାରେ । ସେମାନଙ୍କ ନାମ ମଧ୍ୟ ହୋଇଥାଏ ସେହି ସେବା ଅନୁସାରେ । ଏହି କଳ୍ପନା ଦୃଢ଼ ହେଲେ ସେମାନଙ୍କ ଚେତନା ମନସ୍ତରକୁ ଅତିକ୍ରମ କରି ଅଧିମାନସ ଚେତନା ସ୍ତରରେ ନିଜ ଇଷ୍ଟଦେବଙ୍କ ସେବା ପ୍ରାପ୍ତ ହୁଏ । ସେହି ଦିବ୍ୟ

ଅନୁଭୂତିର କିଛି ଅଂଶରେ ପ୍ରଭାବ ଗ୍ରହଣ କରିବା ଛଡ଼ା ସେଥିରୁ ବଞ୍ଚିତ ରୁହନ୍ତି ମନ, ପ୍ରାଣ, ଶରୀର । ସେମାନଙ୍କୁ ସମ୍ବୋଧନ କଲେ ସେମାନେ ଏହି ପାର୍ଥିବ ଶରୀର ଧାରଣ କରନ୍ତି ନାହିଁ । କରନ୍ତି ଭଗବତ୍ ସେବା ପ୍ରାପ୍ତଥିବା ସାକେତ, ଗୋଲୋକ, ବୈକୁଣ୍ଠର ସମ୍ବନ୍ଧ ଦିବ୍ୟ ଶରୀରକୁ । କାରଣ ଏହି ସ୍ଥୂଳ ଶରୀର ମନ, ପ୍ରାଣ ସହିତ ସେମାନଙ୍କର ଆନ୍ତରିକ ସମ୍ବନ୍ଧ ନ ଥାଏ । ସେମାନଙ୍କ ମୃତ୍ୟୁପରେ ସେମାନେ ଏହି ନଶ୍ୱର ଶରୀର ତ୍ୟାଗକରି ପ୍ରାପ୍ତ ହୁଅନ୍ତି ଉପାସନା କରିଥିବା ଦିବ୍ୟଶରୀରରେ ଭଗବାନଙ୍କ ଦିବ୍ୟଧାମ । ଏମାନଙ୍କ ଉପାସନା ବା ଭକ୍ତି ଯଥାର୍ଥରେ ଐଶ୍ୱର୍ଯ୍ୟ ।

ବୈଷ୍ଣବ ଭକ୍ତମାନେ ତାଙ୍କ ଉପଲବ୍ଧିକୁ ମାଧୁର୍ଯ୍ୟ କୁହନ୍ତୁ ବା ଐଶ୍ୱର୍ଯ୍ୟ କୁହନ୍ତୁ ସେଥିରେ କିଛି ଯାଏ ଆସେ ନାହିଁ । କିନ୍ତୁ ସେମାନେ ମନ ଚେତନା ସ୍ତରକୁ ଅତିକ୍ରମ କରି ଅଧ୍‌ମାନସ ଚେତନା ସ୍ତରରେ ସଚ୍ଚିଦାନନ୍ଦଙ୍କ ସଗୁଣ-ସ୍ୱରୂପ ଉପଲବ୍ଧି କରନ୍ତି । ସଗୁଣ ନିର୍ଗୁଣ ଊର୍ଦ୍ଧ୍ୱସ୍ଥ ସଚ୍ଚିଦାନନ୍ଦ ପୁରୁଷୋତ୍ତମତତ୍ତ୍ୱ ଯାହା ସମସ୍ତ ଜ୍ଞାନ, ସମସ୍ତ ଆନନ୍ଦ ସମସ୍ତ ଐଶ୍ୱର୍ଯ୍ୟ ଏବଂ ଶକ୍ତିର ବିଗ୍ରହ ତାକୁ ଉପଲବ୍ଧି କରିପାରନ୍ତି ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗରେ ଅଧ୍‌ମାନସ ଚେତନାସ୍ତର ଅତିକ୍ରମ କରି ଅତିମାନସ ଚେତନାରେ ଏକସଙ୍ଗେ ସଗୁଣ ଏବଂ ନିର୍ଗୁଣ ତଥା ଏହି ଉଭୟ ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ସଚ୍ଚିଦାନନ୍ଦ ତତ୍ତ୍ୱ ଉପଲବ୍ଧି କରାହୁଏ । ଅତଏବ ସଚ୍ଚିଦାନନ୍ଦଙ୍କ ଉପଲବ୍ଧି ଅପେକ୍ଷା ଅନ୍ୟ କୌଣସି ଉପଲବ୍ଧିକୁ ଶ୍ରେଷ୍ଠ କହିବା ଆଦୌ ସମ୍ଭବ ନୁହେଁ ।

(୨୨)

ପ୍ରଶ୍ନ : ଦ୍ୱୈତବାଦୀ ସାଧକମାନେ କିପରି ମନ, ପ୍ରାଣ, ଶରୀରରେ ଭଗବତ୍ ଉପଲବ୍ଧି କରିବାକୁ ଚାହାନ୍ତି, କିନ୍ତୁ କରି ପାରନ୍ତି ନାହିଁ ତାହା ସ୍ପଷ୍ଟ ଭାବେ ବୁଝାଇ ଦିଅନ୍ତୁ ।

ଉତ୍ତର : ସେମାନେ ଭଗବାନଙ୍କ ସହିତ ପିତା, ପୁତ୍ର, ସ୍ୱାମୀ, ସଖା ସମ୍ବନ୍ଧ କଳ୍ପନା କରନ୍ତି । ଏହି ସମ୍ବନ୍ଧ ବା କଳ୍ପନା ମନ, ପ୍ରାଣ ଏବଂ ଶରୀରର । ଏହି କଳ୍ପନା ମନ, ପ୍ରାଣ, ଶରୀରରେ ଉପଲବ୍ଧ ହୁଏ ନାହିଁ । କାରଣ ମନ, ପ୍ରାଣ ଓ ଶରୀର ବହୁତ ସୀମିତ ଏବଂ ଅଶୁଦ୍ଧ । ସେହି କାରଣରୁ ସେମାନେ ସାକେତ, ଗୋଲୋକ, ବୈକୁଣ୍ଠ, ଭଗବତ୍ ଦିବ୍ୟଧାମ ଦିବ୍ୟ ମନ, ପ୍ରାଣ, ଶରୀର କଳ୍ପନା କରନ୍ତି ଏବଂ ଭଗବତ୍ ସେବାରେ ସେହି ଦିବ୍ୟଧାମରେ ନିବାସ କରନ୍ତି । ଏହି କଳ୍ପନାରେ ସମସ୍ତ ସତ୍ତା ଏକାଗ୍ର ହେଲେ ଆତ୍‌ଚେତନା ମନ, ପ୍ରାଣ, ଶରୀରକୁ ଅତିକ୍ରମ କରି ଅଧ୍‌ମାନସ ଚେତନାରେ ଭଗବତ୍ ଉପଲବ୍ଧି କରେ ।

ପ୍ରଶ୍ନ : ଅଦ୍ୱୈତବାଦୀ ସାଧକମାନେ ମନ, ପ୍ରାଣ, ଶରୀର ତଥା ସଂସାରକୁ ମିଥ୍ୟା, ମାୟା କହି ଆତ୍ମ ତତ୍ତ୍ୱକୁ ସଚ୍ଚିଦାନନ୍ଦଙ୍କ ନିରାକାର ତତ୍ତ୍ୱରେ ଏକ କରି ଦିଅନ୍ତି କିଂବା ନିର୍ବାଣ ପ୍ରାପ୍ତ ହୁଅନ୍ତି । ସେମାନଙ୍କର ମନ, ପ୍ରାଣ, ଶରୀର ନିରାକାର ଅଥବା ନିର୍ବାଣ ଅନୁଭୂତିରୁ ସମ୍ପୂର୍ଣ୍ଣରୂପେ ବଞ୍ଚିତ ରହନ୍ତି । ଏଥିରେ କୌଣସି ମତଭେଦ ନାହିଁ । କିନ୍ତୁ ଦ୍ୱୈତବାଦୀ ସାଧକମାନେ ସଂସାରକୁ ଭଗବତ୍ ସ୍ୱରୂପ ଏବଂ ସତ୍ୟ ତଥା ଭଗବାନଙ୍କର ସ୍ଥୂଳ ଲୀଳାଭୂମି ବୋଲି ମାନନ୍ତି । ମନ, ପ୍ରାଣ, ଶରୀରକୁ ଅସତ୍ୟ ନ ମାନି ମନ ଆଶ୍ରୟରେ ମନକୁ ଅତିକ୍ରମ କରି ବୋଧ୍‌ମାନସ, ଜ୍ୟୋତିର୍ମୟ ମାନସ, ଉଚ୍ଚତର ମାନସ ଦେଇ ଅଧ୍‌ମାନସ ଚେତନାସ୍ତର ସାକେତ, ଗୋଲୋକ, ବୈକୁଣ୍ଠ ଭଗବତ୍ ଦିବ୍ୟଧାମରେ ସଗୁଣ ସ୍ୱରୂପ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁଙ୍କ ସେବା ପ୍ରାପ୍ତ ହୁଅନ୍ତି । ସେମାନଙ୍କ ମନ, ପ୍ରାଣ, ଶରୀର ସମ୍ପର୍କ ଭଗବତ୍ ଅନୁଭୂତି ପ୍ରାପ୍ତ ଉଚ୍ଚତର ଚେତନା ସହିତ ଥାଏ । ଏହି ସମ୍ପର୍କ ଯୋଗୁଁ ମନ, ପ୍ରାଣ, ଶରୀରକୁ ଭଗବତ୍ ଅନୁଭୂତି ପ୍ରାପ୍ତ ହେବା ଉଚିତ । ଆପଣ ଅସ୍ୱୀକାର କରୁଛନ୍ତି କାହିଁକି ?

ଉତ୍ତର : ଦ୍ୱୈତବାଦୀ ସାଧକମାନଙ୍କର ଭଗବତ୍‌ପ୍ରାପ୍ତି ଉଚ୍ଚତର ଚେତନା ସହିତ ମନ, ପ୍ରାଣ, ଶରୀରର ଯଦ୍ୟପି ସାମାନ୍ୟ ସମ୍ବନ୍ଧ ଥାଏ ତଥାପି ସେସବୁର ସୀମିତତା ପରିବର୍ତ୍ତନ ନ ହେବାରୁ ସେହି ଉଚ୍ଚ ସ୍ତରର ଜ୍ଞାନ, ଆନନ୍ଦ ଶକ୍ତିସ୍ୱରୂପ ଭଗବତ୍ ଉପଲବ୍ଧି ହୁଅନ୍ତି ନାହିଁ । ଅସୀମ ଅନନ୍ତ ସମୁଦ୍ରର ସ୍ୱଚ୍ଛ ଜଳ ଗୋଟିଏ ମଇଳା ଛୋଟ କାଚ ପାତ୍ରରେ

ଯେପରି ଆସେ ନାହିଁ କିଂବା ତା'ର ସ୍ୱଚ୍ଛତା ଦୃଷ୍ଟିଗୋଚର ହୁଏ ନାହିଁ କିଂବା ବିପୁଳ ବିଦ୍ୟୁତ୍ ଶକ୍ତିକୁ ଗୋଟିଏ ମାଟିଆ ରଙ୍ଗର ଦଶ ପାୱାରଯୁକ୍ତ ବଲ୍‌ବରେ ଯେପରି ପୂର୍ଣ୍ଣ ରୂପରେ ପ୍ରକାଶ କରି ହୁଏ ନାହିଁ, ସେହିପରି ଉଚ୍ଚତର ଚେତନା ସହିତ ମନ, ପ୍ରାଣ, ଶରୀରର ସମ୍ବନ୍ଧ ଥିଲେ ମଧ୍ୟ ସେସବୁ ଅଶୁଦ୍ଧ ତଥା ସୀମିତ ଥିବାରୁ ସେଥିରେ ଭଗବାନଙ୍କ ଯଥାର୍ଥ ପ୍ରକାଶ ହୁଏ ନାହିଁ । ସେହି ଅତିମାନସ ଶକ୍ତି ଅଧ୍‌ମାନସ, ଉଚ୍ଚତର ମାନସ, ଜ୍ୟୋତିର୍ମୟ ମାନସ, ବୋଧ୍‌ମାନସ ସ୍ତର ମଧ୍ୟଦେଇ ସେସବୁକୁ ରୂପାନ୍ତର କରି ମନୁଷ୍ୟର ଏହି ସ୍ଥୂଳ ମନ, ପ୍ରାଣ, ଶରୀରରେ ଅବତରଣ କରେ ଏବଂ ରୂପାନ୍ତରିତ କରେ । ରୂପାନ୍ତରିତ ମନ, ପ୍ରାଣ, ଶରୀରର ଧର୍ମ ହୁଏ ଅତିମାନସ ଚେତନାର ଧର୍ମ । ସେସବୁର ସୀମିତତା ଅତିମାନସ ଚେତନାର ଅନନ୍ତତାରେ ଏକ ହୋଇ ଯାଆନ୍ତି । ବ୍ୟକ୍ତି ସମ୍ପୂର୍ଣ୍ଣରୂପେ ଅଜ୍ଞାନ, ଦୁଃଖ, କଷ୍ଟ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱର ଅଧୀନରୁ ମୁକ୍ତ ହୁଅନ୍ତି ଏବଂ ସଚ୍ଚିଦାନନ୍ଦଙ୍କ ପରମବ୍ରହ୍ମ ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରନ୍ତି । ଏହା ଫଳରେ ସଂସାର ସ୍ୱର୍ଗରେ ପରିଣତ ହୁଏ । ଏହା ଉପଲବ୍ଧ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ, ପ୍ରାଣ, ଶରୀର ରୂପାନ୍ତର ହେବାରେ । ଅତିମାନସ ଶକ୍ତି ଭାଗବତ ଗୁଣଧର୍ମରେ ବିଭୂଷିତ, ତା'ର ଅସୀମ ଶକ୍ତି ଏବଂ ଚେତନା । ଶ୍ରୀଅରବିନ୍ଦଙ୍କ କହିବା ଅନୁସାରେ ଯଦ୍ୟପି ଖୁବ୍ କମ୍ ଋଷି ଅତିମାନସ ଚେତନାର ସନ୍ଧାନ ପାଇଛନ୍ତି ଏବଂ ସେହି ଚେତନାରେ ସଚ୍ଚିଦାନନ୍ଦଙ୍କୁ ଉପଲବ୍ଧି କରିଛନ୍ତି ତଥାପି ଏହି ପୃଥିବୀ ମନ, ପ୍ରାଣ, ଶରୀରରେ ଅବତରଣ କରାଇବାକୁ ଚେଷ୍ଟା କରି ନାହାନ୍ତି । ତା'ର ସମୟ ମଧ୍ୟ ଆସି ନ ଥିଲା । ବର୍ତ୍ତମାନ ତା'ର ସମୟ ଆସିଛି । ଏହି କାର୍ଯ୍ୟ ମା' କରୁଅଛନ୍ତି । ବର୍ତ୍ତମାନ ସମୟ ସକାଶେ ଏହାହିଁ ଆବଶ୍ୟକ ।

(୨୩)

ପ୍ରଶ୍ନ : ସୃଷ୍ଟିର ଉଦ୍ଦେଶ୍ୟ ଏବଂ ଭଗବାନଙ୍କ ସଂକଳ୍ପ କ'ଣ ?

ଉତ୍ତର : ସୃଷ୍ଟିର ଉଦ୍ଦେଶ୍ୟ ଏବଂ ଭଗବାନଙ୍କ ସଂକଳ୍ପ ହେଲା, ଏହି ସୃଷ୍ଟିରେ ବହୁ ମଧ୍ୟରେ ନିଜକୁ ପ୍ରକାଶ କରିବା । ଏହା ସିଦ୍ଧ ହୁଏ ବ୍ୟକ୍ତିର ମନ, ପ୍ରାଣ ଓ ଶରୀର ରୂପାନ୍ତର ହେବାରେ । ଏଥିରେହିଁ ହୁଏ ଜଗତକୁ ସତ୍ୟ କହିବାର ସାର୍ଥକତା ।

ଭଗବାନ୍ ଏକ ଥିଲେ । ସେ ନିଜକୁ ବହୁରୂପେ ପ୍ରକାଶ କରିବା ସକାଶେ ନିଜ ସଂକଳ୍ପରେ ଏକେବାରେ ଜଡ଼ରେ ଡୁବିଗଲେ । ଜଡ଼ ମଧ୍ୟରେ ଅପ୍ରକାଶ୍ୟରେ ଚେତନାରୂପେ ସ୍ୱୟଂ ବିଦ୍ୟମାନ ରହିଲେ । କ୍ରମବିବର୍ତ୍ତନପ୍ରଣାଳୀରେ ନିଜ ପ୍ରକୃତି ଆଶ୍ରିତରେ ଜଡ଼ରୁ ତରୁ, ତୃଣ, ପଶୁ-ପକ୍ଷୀ ମଧ୍ୟଦେଇ ବର୍ତ୍ତମାନ ମନୁଷ୍ୟରେ ଉପନୀତ ହୋଇଅଛନ୍ତି । ଏହିଠାରେ ବନ୍ଦ ନ ହୋଇ ସେ ଅତିମାନବତ୍ୱକୁ ପ୍ରାପ୍ତ ହେବେ । ଅର୍ଥାତ୍ ଅତିମାନବର ମନ, ପ୍ରାଣ, ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତର ହେବ । ସେ ସଂପୂର୍ଣ୍ଣରୂପେ ଅଜ୍ଞାନ, ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ମୃତ୍ୟୁ, ରୋଗରୁ ମୁକ୍ତ ହେବେ । ସେମାନଙ୍କ ମନ, ପ୍ରାଣ, ଶରୀରରେ ପ୍ରକାଶ ହେବେ ସ୍ୱୟଂ ସଚ୍ଚିଦାନନ୍ଦ । ସେମାନେ ମନ, ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ହେବେ ଅତିମାନସ ଶକ୍ତି ଦ୍ୱାରା । ଏହି ମୃତ୍ୟୁପୁରୀ ଏବଂ ସାକେତ ଗୋଲୋକାଦି ଦିବ୍ୟଲୋକ ମଧ୍ୟରେ କୌଣସି ବ୍ୟବଧାନ ରହିବ ନାହିଁ । ଏହି ମୃତ୍ୟୁପୁରୀ ପରିଣତ ହେବ ସ୍ୱର୍ଗରେ ।

ପ୍ରଶ୍ନ : ମନୁଷ୍ୟ ଅମରତ୍ୱ ପ୍ରାପ୍ତ ହେବା କଥା ସୃଷ୍ଟି ଆରମ୍ଭରୁ ଆଜି ପର୍ଯ୍ୟନ୍ତ କେବେ ବି ଶୁଣାଯାଇ ନାହିଁ । ସ୍ୱୟଂ ଭଗବାନ୍ ମନୁଷ୍ୟ ଶରୀରରେ ଅବତାର ନେଲେ ତାଙ୍କୁ ଏହି ମୃତ୍ୟୁପୁରୀର ବିଧାନମାନି ଶରୀରତ୍ୟାଗ କରିବାକୁ ହେଉଛି । ଆଜି ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା ବ୍ୟକ୍ତି ଅମରତ୍ୱକୁ ପ୍ରାପ୍ତ ହେବ – ଏହା ଆମ୍ଭେ ବିଶ୍ୱାସ କରିବୁ କିପରି ?

ଉତ୍ତର : ସତ୍ୟ କାହାରି ବିଶ୍ୱାସକୁ ଅପେକ୍ଷା କରେ ନାହିଁ । ସମୟ ଅନୁସାରେ ଘଟେ । ମନୁଷ୍ୟ ସୃଷ୍ଟି ହେବା ପୂର୍ବରୁ ପଶୁଜଗତ୍ ଥିବା ସମୟରେ ବାୟୁଜାନ, ଆଣବିକ ଅସ୍ତ୍ର, ରେଡ଼ିଓ ଇତ୍ୟାଦି ଆବିଷ୍କାର କରିବା ମନୁଷ୍ୟପକ୍ଷେ ସମ୍ଭବ ଯୋଗ୍ୟ ନ ଥିଲା । ସେହି ଅସମ୍ଭବ ଯେପରି ଆଜି ସମ୍ଭବ ହୋଇଅଛି ସେହିପରି ଜରା, ମୃତ୍ୟୁ, ରୋଗ, ଦୁଃଖ,

କଷ୍ଟରୁ ମୁକ୍ତ ଅତିମାନବ ପୃଥିବୀରେ ହେବା ଯେଉଁ ଅସମ୍ଭବ ଆଜି ରହିଛି ପରେ ତାହା ମଧ୍ୟ ସମ୍ଭବ ହେବ । ଆକାଶରେ ଉଡ଼ିବା, ଜଳ ମଧ୍ୟରେ ଗୃହ କରି ନିବାସ କରିବା, ଚନ୍ଦ୍ରଲୋକରେ ପହଞ୍ଚିବା ଇତ୍ୟାଦି ଘଟଣା ଘଟିବା ପୂର୍ବରୁ ଅସମ୍ଭବ ଥିଲା । ସେହି ଅସମ୍ଭବ ଆଜି ଯେପରି ନାହିଁ, ଅତିମାନବ ହୋଇଯିବା ପରେ ସେ ଅସମ୍ଭବ ବି ରହିବ ନାହିଁ ।

ଶାସ୍ତ୍ର ମଧ୍ୟ ଏହି ଅମରତ୍ୱକୁ ସମର୍ଥନ କରୁଅଛି । ଉପନିଷଦରେ ବର୍ଣ୍ଣିତ ଅନ୍ନମୟ କୋଷ, ପ୍ରାଣମୟ କୋଷ, ମନୋମୟ କୋଷ, ବିଜ୍ଞାନମୟ କୋଷ ତଥା ଆନନ୍ଦମୟ କୋଷ ମନୁଷ୍ୟ ମଧ୍ୟରେ ବିଦ୍ୟମାନ ଅଛି । ଏହିପରି ପଞ୍ଚକୋଷ ଅପରାର୍ଦ୍ଧ ତଥା ପରାର୍ଦ୍ଧ ଭୂମିରୂପେ ଦୁଇ ଭାଗରେ ବିଭକ୍ତ ହୋଇଅଛି । ଅନ୍ନମୟ କୋଷ, ପ୍ରାଣମୟ କୋଷ, ମନୋମୟ କୋଷ ହେଲା ଅପରାର୍ଦ୍ଧ । ଏହି ଅପରାର୍ଦ୍ଧରେ ଅଜ୍ଞାନ, ଦୁଃଖ, କଷ୍ଟ, ଜରା, ମୃତ୍ୟୁ, ରୋଗର ଅଧିକାର । ଅନ୍ନମୟ କୋଷ ପ୍ରକାଶରେ ହେଲା ଜଡ଼ଜଗତ୍ ବା ଶରୀର । ପ୍ରାଣମୟ କୋଷ ପ୍ରକାଶର ହେଲା ତରୁ, ତୃଣ, ପଶୁ, ପକ୍ଷୀ । ମନୋମୟ କୋଷ ପ୍ରକାଶ ହେବାରେ ହେଲା ମନୁଷ୍ୟ । ବର୍ତ୍ତମାନ ମନୁଷ୍ୟ ମଧ୍ୟରେ ବିଜ୍ଞାନ ଏବଂ ଆନନ୍ଦ କୋଷ ଅପ୍ରକାଶ୍ୟ ବା ସୁପ୍ତ ଅଛି । ଏହି ଚେତନାଭୂମିକୁ କୁହାଯାଏ ପରାର୍ଦ୍ଧ । ଏହି ପରାର୍ଦ୍ଧରେ ସାକେତ, ଗୋଲୋକ, ବୈକୁଣ୍ଠ ଆଦି ଭାଗବତ ଦିବ୍ୟଧାମ । ଏହିସବୁ ଦିବ୍ୟଧାମରେ ଅଜ୍ଞାନ, ଦୁଃଖ, କଷ୍ଟ, ମୃତ୍ୟୁ, ଜରା, ରୋଗର ସର୍ବଥା ଅଭାବ । ମନୁଷ୍ୟ ମଧ୍ୟରେ ଏହି ବିଜ୍ଞାନ ଆନନ୍ଦ ଚେତନା ବା ପରାର୍ଦ୍ଧଭୂମି ପ୍ରକାଶ ହେଲେ ତାହାରି ଗୁଣ, ଧର୍ମ ଅନୁସାରେ ବ୍ୟକ୍ତି ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ତଥା ଅଜ୍ଞାନ ଅଧୀନରୁ ସଂପୂର୍ଣ୍ଣ ମୁକ୍ତ ହେବ । ଉପନିଷଦ୍ ଅନୁସାରେ ମନୁଷ୍ୟକୁ ଅମରତ୍ୱ ଅବଶ୍ୟମ୍ଭାବୀ ରୂପେ ପ୍ରାପ୍ତ ହେବ ।

ପ୍ରଶ୍ନ : ଏହି ଉତ୍ତରରୁ ସ୍ପଷ୍ଟ ହେଲା ଜଗତର ଯେପରି ମୃତ୍ୟୁପୁରୀ ଅଜ୍ଞାନ ଅପରାର୍ଦ୍ଧ ଏବଂ ଅମରତ୍ୱ ଦିବ୍ୟଧାମ ପରାର୍ଦ୍ଧ ବିଦ୍ୟମାନ ଅଛି, ସେହିପରି ମନୁଷ୍ୟ ମଧ୍ୟରେ ମଧ୍ୟ ଚେତନା ଅପରାର୍ଦ୍ଧ ଏବଂ ପରାର୍ଦ୍ଧରୂପେ ରହିଅଛି । ସେହି ସକାଶେ କୁହାଯାଏ ଯାହା ପିଣ୍ଡେ ତାହା ବ୍ରହ୍ମାଣ୍ଡେ । ବ୍ୟକ୍ତି ମଧ୍ୟରେ ବିଜ୍ଞାନ, ଆନନ୍ଦ ଚେତନା ବା ତତ୍ତ୍ୱ ପ୍ରକାଶ ହେଲେ ମନୁଷ୍ୟ ଅମରତ୍ୱ ପ୍ରାପ୍ତ ହେବ ଏହା ଶାସ୍ତ୍ରସମ୍ମତ ତଥା ଯୁକ୍ତିଯୁକ୍ତ । ଶ୍ରୀଅରବିନ୍ଦ କହିଛନ୍ତି ଅଳ୍ପ କେତେକ ଋଷି, ମୁନି ଅତିମାନସ ଚେତନାରେ ସଚ୍ଚିଦାନନ୍ଦଙ୍କୁ ଉପଲବ୍ଧି କରିଅଛନ୍ତି ।

ପ୍ରଶ୍ନ : ଏହାର ଅର୍ଥ ସେମାନଙ୍କ ମଧ୍ୟରେ ବିଜ୍ଞାନ ଆନନ୍ଦ କୋଷ ପ୍ରକାଶିତ ହୋଇଥିବ । କିନ୍ତୁ ସେମାନେ ରୋଗ, ଜରା, ମୃତ୍ୟୁ ଅଧୀନର ମୁକ୍ତ ହୋଇ ନାହାନ୍ତି, ଏହାର କାରଣ କ'ଣ ?

ଉତ୍ତର : ଏହାର କାରଣ ହେଲା ସମ୍ଭବତଃ ତୁମେ ମନୋଯୋଗ ଦେଇ ଶୁଣି ପାରି ନ ଥିଲ । ପୂର୍ବେ କୁହାହୋଇଛି, ''ଶ୍ରୀଅରବିନ୍ଦ କହିଥିଲେ ଅଳ୍ପ କେତେକ ଋଷି, ମୁନି ମନ-ପ୍ରାଣ-ଶରୀରକୁ ଅତିକ୍ରମ କରି ଅତିମାନସ ଚେତନାରେ ସଚ୍ଚିଦାନନ୍ଦଙ୍କୁ ଉପଲବ୍ଧି କରିଅଛନ୍ତି । କିନ୍ତୁ ସେମାନଙ୍କ ମଧ୍ୟରେ ବିଜ୍ଞାନ ଆନନ୍ଦ ପ୍ରକାଶ ହେବା କଥା କୁହା ହୋଇ ନାହିଁ । ଅତିମାନସ ଚେତନାସ୍ତର ପରାର୍ଦ୍ଧ ଓ ତାହା ବିଜ୍ଞାନ ଓ ଆନନ୍ଦର ସ୍ତର । ଏହି ଅନୁଭୂତି ପ୍ରାପ୍ତ କରିଥିଲା ସେମାନଙ୍କ ଆତ୍ମଚେତନା, କିନ୍ତୁ ସେଥିରୁ ବଞ୍ଚିତ ରହିଥିଲେ ସେମାନଙ୍କ ମନ, ପ୍ରାଣ, ଶରୀର । ସେମାନେ ଅତିମାନସ ଚେତନାକୁ ମନ, ପ୍ରାଣ, ଶରୀରରେ ଅବତରଣ କରାଇ, ତାହାଦ୍ୱାରା ମନ, ପ୍ରାଣ, ଶରୀରକୁ ଅତିମାନସ ଧର୍ମରେ ରୂପାନ୍ତର କରି ନ ଥିଲେ । ସେହି ସକାଶେ ତାଙ୍କ ମନ, ପ୍ରାଣ, ଶରୀରରେ ବିଜ୍ଞାନ, ଆନନ୍ଦ ପ୍ରକାଶ ହୋଇ ନ ଥିଲା ଏବଂ ସେମାନେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ମୁକ୍ତ ହୋଇ ନ ଥିଲେ ।

ବର୍ତ୍ତମାନ ତା'ର ସମୟ ଆସିଛି । ଶ୍ରୀମା ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ କରାଉଅଛନ୍ତି । ଆମ୍ଭେମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କଲେ ଅତିମାନସ ଶକ୍ତି ଦ୍ୱାରା ଆମ୍ଭମାନଙ୍କ ମନ, ପ୍ରାଣ, ଶରୀରକୁ ରୂପାନ୍ତରିତ କରିପାରିବୁ ଏବଂ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଅଜ୍ଞାନ, ଦୁଃଖକଷ୍ଟରୁ ପୂର୍ଣ୍ଣ ମୁକ୍ତ ହୋଇପାରିବୁ । ଏହାହିଁ ଭଗବାନଙ୍କ ସୃଷ୍ଟିର ରହସ୍ୟ ତଥା ମନୁଷ୍ୟଜୀବନର ଲକ୍ଷ୍ୟସିଦ୍ଧି ଏବଂ ଚକ୍ରବର୍ତ୍ତୀ ଦଶରଥ ମହାରାଜାଙ୍କର ଜୀବନର ଏହାହିଁ ଗୂଢ଼ ରହସ୍ୟ ।

(୨୪)

ଶ୍ରୀରାମଚନ୍ଦ୍ରଙ୍କ ବିମାତା କୈକେୟୀ ଥିଲେ ଭଗବାନଙ୍କର ସେବାନିଷ୍ଠା, ଅନନ୍ୟା ଭକ୍ତା । ରାବଣକୁ ବଧ କରିବା ସକାଶେ ଭଗବାନ୍ ଶ୍ରୀରାମ ରାଜା ଦଶରଥଙ୍କୁ ପୁତ୍ରରୂପେ ପ୍ରାପ୍ତ ହେବା ସମୟରେ କୈକେୟୀ ଭଗବାନଙ୍କ ସେବା ସକାଶେ ଆସିଥିଲେ ତାଙ୍କର ବିମାତା ରୂପେ । ଶ୍ରୀରାମଙ୍କ ଉଦ୍ଦେଶ୍ୟ ଥିଲା ଋଷି, ମୁନିଙ୍କୁ ଉଦ୍ଧାର ଓ ଧର୍ମପ୍ରତିଷ୍ଠା ନିମନ୍ତେ ଅଧର୍ମର ନାଶ । ଏହି ସମସ୍ତ କାର୍ଯ୍ୟ ନିର୍ଭର କରୁଥିଲା ଅଧର୍ମର ଯନ୍ତ୍ର ଓ ଋଷି, ମୁନି, ସଜ୍ଜ, ଗୋ, ବିପ୍ରପୀଡ଼କ ରାବଣାଦି ଦୈତ୍ୟଙ୍କ ବିନାଶ ଉପରେ । ଭଗବାନ୍ ଶ୍ରୀରାମଙ୍କ ଏହି କାର୍ଯ୍ୟସିଦ୍ଧି ସକାଶେ ତାଙ୍କ ରାଜ୍ୟାଭିଷେକ ସମୟରେ ପରମା ଭକ୍ତା କୈକେୟୀ ମହାରାଜ ଦଶରଥଙ୍କଠାରୁ ବର ପ୍ରାପ୍ତକରି ଶ୍ରୀରାମଙ୍କୁ ବନକୁ ପଠାଇ ଅପଯଶଃ, ନିନ୍ଦା ସହ୍ୟ କରି ସଂସାରର ସମସ୍ତ ବ୍ୟକ୍ତିଙ୍କର ଘୃଣାର ପାତ୍ରୀ ହୋଇଥିଲେ । ପତି, ପୁତ୍ର ଦ୍ୱାରା ତ୍ୟାଜ୍ୟ, ସାଂସାରିକ ଧର୍ମରୁ ବିମୁଖାଦି କଠୋର ଘୋର କର୍ମକୁ ଭଗବାନଙ୍କ ସେବା ସକାଶେ ସହର୍ଷେ ବରଣ କରି ଭଗବତ୍ ସେବା ନିଷ୍ଠାର ଆଦର୍ଶ ରଖିଥିଲେ । କୈକେୟୀଙ୍କ ବାହ୍ୟ କର୍ମରେ ଅଟକି ନ ଗଲେ ତା'ର ପଶ୍ଚାତରେ ଥିବା ମହତ୍ ଉଦ୍ଦେଶ୍ୟକୁ ବୁଝିପାରିବା ଏବଂ ଆଦର୍ଶରୂପେ ଗ୍ରହଣ କରିପାରିବା । ଭଗବାନ୍ ଯାହା ଚାହାନ୍ତି, ତାହାହିଁ ପରମ ଧର୍ମ । ତାହାଛଡ଼ା ସମାଜ ଏବଂ ଲୋକଦୃଷ୍ଟିରେ ପ୍ରତୀତ ହେଉଥିବା ଉତ୍ତମ ଧର୍ମହିଁ ଯଥାର୍ଥରେ ଅଧର୍ମ ଏବଂ ତ୍ୟାଜ୍ୟ ।

ସାଧକ ଓ ସେବକ

ସାଧକ ଏବଂ ସେବକ ଉଭୟ ଭଗବାନଙ୍କ ଭକ୍ତ । ସେମାନଙ୍କ ଲକ୍ଷ୍ୟ ଭଗବତ୍‌ପ୍ରାପ୍ତି । ଭଗବତ୍‌ପ୍ରାପ୍ତି ସକାଶେ ସେମାନେ ସମସ୍ତ ପ୍ରତିକୂଳ ପରିସ୍ଥିତି ତଥା ପ୍ରତିକୂଳ ବସ୍ତୁକୁ ସହର୍ଷେ ତ୍ୟାଗ କରନ୍ତି । ସାଧକ ଓ ସେବକର ଲକ୍ଷ୍ୟ ଏକ ହେବା ସତ୍ତ୍ୱେ ଭାବରେ ସୂକ୍ଷ୍ମରୂପେ ଭିନ୍ନତା ଥାଏ । ସାଧକ ସମସ୍ତ କିଛି ତ୍ୟାଗ କରି ଭଗବତ୍ ଜ୍ଞାନ, ଭଗବତ୍ ଆନନ୍ଦାଦି ଦିବ୍ୟ ଚିନ୍ମୟ ତତ୍ତ୍ୱ ସଂଗେ ଏକ ହୁଏ ଏବଂ ସେହି ସମସ୍ତ ଦିବ୍ୟଗୁଣ ନିଜ ମନ-ପ୍ରାଣ-ଶରୀରରେ ପ୍ରକାଶ କରେ ତଥା ଭଗବାନଙ୍କ ଯନ୍ତ୍ରରୂପେ ଭଗବାନଙ୍କ ଦ୍ୱାରା ପରିଚାଳିତ ହୁଏ । ଏହାହିଁ ପ୍ରାପ୍ତ ହୁଏ ସେବକକୁ । କିନ୍ତୁ ସେବକ କେବଳ ଚାହେଁ ଭଗବାନଙ୍କ ସେବା । ତାହାହିଁ ତା'ର ସର୍ବସ୍ୱ । ଭଗବତ୍‌ପ୍ରାପ୍ତି ସକାଶେ ସାଧକମାନେ ଯାହା ତ୍ୟାଗ କରନ୍ତି ସେବକ ମଧ୍ୟ ତାହାହିଁ ତ୍ୟାଗ କରେ କିନ୍ତୁ ଭଗବତ୍‌ସେବା ସକାଶେ ଆବଶ୍ୟକ ହେଲେ ଭଗବତ୍ ସାମୀପ୍ୟ ତ୍ୟାଗ କରି, ସକଳ ଅପଯଶଃ, ଅପମାନ, ଲାଞ୍ଛନା, ଘୃଣା ସହର୍ଷେ ସ୍ୱୀକାର କରେ । ଭଗବାନ୍ ମଧ୍ୟ ସେବକର ଅଧୀନ ହୋଇ ସମସ୍ତ ଐଶ୍ୱର୍ଯ୍ୟ ତ୍ୟାଗ କରି ସେବକର ପିତା, ମାତା, ସଖା, ସ୍ୱାମୀ ହୋଇ ସେବା ସ୍ୱୀକାର କରନ୍ତି । କେବେ ସେବକକୁ ମାତୃରୂପେ ସ୍ୱୀକାର କରି ପିଟା ଖାଇବା ଭୟରେ ତ୍ରସ୍ତ ହୋଇ କୋଳି ପରି ଲୁହ ବୁହାନ୍ତି, କେବେ କୋଳରେ ବସି ଦୁଗ୍ଧ ପାନ କରନ୍ତି, କେବେ ଲବଣି ସର ଖାଇବା ପାଇଁ ନାଚନ୍ତି, କେବେ ରଥରେ ସାରଥି ହୋଇ ରଥ ପରିଚାଳନା କରନ୍ତି । ଭଗବାନଙ୍କୁ ବ୍ୟକ୍ତି ସର୍ବସ୍ୱ ଦେଲେ ଭଗବାନ୍ ମଧ୍ୟ ନିଜକୁ ଦେଇଦିଅନ୍ତି । ସେବକ ସେବାଛଡ଼ା ଆଉ କିଛି ଚାହେଁ ନାହିଁ । ସେବକକୁ ଭଗବାନ୍ ସବୁକିଛି ଦେଇ ସନ୍ତୁଷ୍ଟ ହୋଇପାରନ୍ତି ନାହିଁ । ଶେଷରେ ନିଜକୁ ସେବକ ହାତରେ ଅର୍ପଣ କରନ୍ତି । ସେବକ ଭଗବାନଙ୍କଠାରୁ ପୃଥକ୍ ହୋଇ ରହିପାରନ୍ତି ନାହିଁ । ଶ୍ରୀରାମଚନ୍ଦ୍ର ସୀତାଙ୍କୁ ତ୍ୟାଗ କରିବା ପରେ ବହୁତ ଦିନ ରାଜତ୍ୱ କରିଥିଲେ; କିନ୍ତୁ ଲକ୍ଷ୍ମଣଙ୍କର ଶରୀର ତ୍ୟାଗ ପରେ ସେ ଆଉ ରହିପାରିଲେ ନାହିଁ । ସେବକମାନେ ଭଗବତ୍‌ସେବା ସକାଶେ କିପରି ଦାରୁଣ ଦୁଃଖ, କଷ୍ଟ, ଅପମାନ, ଅପଯଶଃ, ନିନ୍ଦା, ଲାଞ୍ଛନାକୁ ସାଦରେ ବରଣ କରନ୍ତି କୈକେୟୀଙ୍କ ଚରିତ୍ରରୁ ଆମ୍ଭେମାନେ ବୁଝିପାରିବା ।

କୈକେୟୀ ଶ୍ରୀ ଦଶରଥ ମହାରାଜାଙ୍କ ମଧ୍ୟମା ରାଣୀ, ଭରତଙ୍କ ମାତା, ଶ୍ରୀରାମଚନ୍ଦ୍ରଙ୍କର ବିମାତା ଥିଲେ । ଶ୍ରୀରାମଚନ୍ଦ୍ରଙ୍କୁ ସେ ଅତ୍ୟନ୍ତ ସ୍ନେହ କରୁଥିଲେ । ସଂସାରରେ ଅଧର୍ମ ଅନ୍ୟାୟକାରୀ ଅସୁରଙ୍କ ବିନାଶ, ଧର୍ମପ୍ରତିଷ୍ଠା,

ସାଧୁସନ୍ଥ, ଋଷି, ମୁନିଙ୍କ ଉଦ୍ଧାର ସକାଶେ ଶ୍ରୀରାମ ଅବତାର ଗ୍ରହଣ କରିଥିଲେ । ରାବଣ ଥିଲା ଅସୁରଶକ୍ତିର ମହାନ୍ ପ୍ରଭାବଶାଳୀ ଯନ୍ତ୍ର । ତାହାରି ଦ୍ୱାରା ଋଷି, ମୁନି, ସାଧୁ, ସନ୍ଥମାନେ ଦାରୁଣଭାବେ ପୀଡ଼ିତ ହେଉଥିଲେ । ରାବଣର ପାପଭାର ପୃଥିବୀ ସହିପାରୁ ନ ଥିଲା । ବ୍ରହ୍ମା, ଶିବ ତଥା ଦେବତାମାନଙ୍କ ପ୍ରାର୍ଥନାରେ ରାବଣକୁ ବଧ କରିବା ସକାଶେ ଭଗବାନ୍ ଶ୍ରୀରାମଚନ୍ଦ୍ର ଅଯୋଧ୍ୟାର ଚକ୍ରବର୍ତ୍ତୀ ମହାରାଜା ଶ୍ରୀଦଶରଥଙ୍କ ଜ୍ୟେଷ୍ଠା ରାଣୀ କୌଶଲ୍ୟାଙ୍କ ଗର୍ଭରୁ ଅବତାର ନେଇଥିଲେ । ଶ୍ରୀରାମଙ୍କ ରାଜ୍ୟାଭିଷେକ ସମୟରେ ସେ ଯଦି ବନକୁ ଯାଇ ନ ଥା'ନ୍ତେ ତେବେ ରାବଣବଧ, ଋଷି, ମୁନିମାନଙ୍କ ଉଦ୍ଧାର ତଥା ପୃଥିବୀରୁ ଅନ୍ୟାୟ ଅଧର୍ମ ଦୂର ହୋଇ ନ ଥା'ନ୍ତା କିଂବା ଶ୍ରୀରାମଙ୍କ ଅବତାର ନେବାର ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇ ନ ଥା'ନ୍ତା ।

ବିଶେଷ ଆବଶ୍ୟକ ନ ହେଲେ ଅବତାରମାନେ ଐଶ୍ୱର୍ଯ୍ୟପୂର୍ଣ୍ଣ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରନ୍ତି ନାହିଁ । ମନୁଷ୍ୟୋଚିତ କାର୍ଯ୍ୟ କରି ମାନବ ସକାଶେ ଆଦର୍ଶ ପ୍ରତିଷ୍ଠା କରନ୍ତି ଏବଂ ତାଙ୍କ କାର୍ଯ୍ୟରେ ଅଂଶଗ୍ରହଣ କରିବା ସକାଶେ ଆସିଥାଆନ୍ତି ତାଙ୍କ ଦିବ୍ୟଧାମର ନିତ୍ୟ ମୁକ୍ତ ସେବକ ଏବଂ ଭକ୍ତ । ସେମାନେ ଭଗବତ୍‌ସେବାର ପ୍ରତିଦାନ ଚାହାନ୍ତି ନାହିଁ କିଂବା ଯଶଃ ଅପଯଶଃକୁ ପରୁଆ କରନ୍ତି ନାହିଁ; ତାଙ୍କ ପ୍ରଭୁ ଚାହିଁବା ଅନୁସାରେ କାର୍ଯ୍ୟ କରନ୍ତି । କୈକେୟୀ ଥିଲେ ଦିବ୍ୟଧାମର ନିତ୍ୟ ମୁକ୍ତ ଭଗବାନଙ୍କ ପରମା ଭକ୍ତା । ସେ ଶ୍ରୀରାମଙ୍କୁ ବନକୁ ପଠାଇବା ସେବାକରିବା ସକାଶେ ପୃଥିବୀକୁ ଆସିଥିଲେ । ସମସ୍ତ ବ୍ୟକ୍ତିଙ୍କ ଦ୍ୱାରା ନିନ୍ଦିତ ହୋଇ, ଘୋର ଦୁଃଖ, କଷ୍ଟ, ଅପମାନ, ତିରସ୍କାର, ଲାଞ୍ଛନା ସହର୍ଷେ ସ୍ୱୀକାର କରି, ପତି ଏବଂ ପୁତ୍ରଙ୍କଠାରୁ ପରିତ୍ୟକ୍ତ ହୋଇ ଶ୍ରୀରାମଙ୍କୁ ବନକୁ ପଠାଇବାର କାରଣ ହୋଇ ମହାନ୍ ସେବା କରିଥିଲେ । ଏପରି ସେବା ମହାନ୍ ଶ୍ରେଷ୍ଠ ଭକ୍ତ ଛଡ଼ା ସାଧାରଣ ଭକ୍ତପକ୍ଷେ ସମ୍ଭବ ହୁଏ ନାହିଁ । କୈକେୟୀଙ୍କର ଶ୍ରୀରାମଙ୍କ ସେବା ସକାଶେ ଯେଉଁ ଅସାଧାରଣ ତ୍ୟାଗ, ଶ୍ରୀରାମଙ୍କ ପ୍ରତି ଯେଉଁ ଅନନ୍ୟ ସେବାନିଷ୍ଠ ଭାବ ତାହା ମନର ଊର୍ଦ୍ଧ୍ୱକୁ ଯାଇ ନିରୀକ୍ଷଣ କଲେ ବୁଝିପାରିବା ଏବଂ ଭଗବତ୍‌ସେବା ପ୍ରାପ୍ତ ସକାଶେ କଠିନରୁ କଠିନ ନାମ ଯଶଃ ପ୍ରତିଷ୍ଠା ତଥା ଭଗବତ୍‌ସେବା ବିରୋଧୀ ଜାଗତିକ ଧର୍ମକୁ ତ୍ୟାଗ କରିବା ଶିକ୍ଷା ପ୍ରାପ୍ତ କରିପାରିବା ।

ଦିନ ଯିବାରେ ବିଳମ୍ବ ହୁଏ ନାହିଁ । ଦେଖୁ ଦେଖୁ ଶ୍ରୀରାମଙ୍କ ରାଜ୍ୟାଭିଷେକ ସମୟ ଆସିଲା । ସମସ୍ତ ନଗରରେ ମହାନ୍ ଉତ୍ସବ ହେବାକୁ ଲାଗିଲା । ନଗରର ସମସ୍ତ ନରନାରୀ ଆନନ୍ଦରେ ବିଭୋର ହୋଇ ଶ୍ରୀରାମଙ୍କ ଅଭିଷେକ ଦେଖିବା ସକାଶେ ଅଧୀର ହୋଇପଡ଼ିଲେ ।

ଶ୍ରୀଅଯୋଧ୍ୟାବାସୀଙ୍କ ଆନନ୍ଦକୁ ଦେବତାମାନେ ବରଦାସ୍ତ କରିପାରିଲେ ନାହିଁ । ସବୁ ଦେବ ଏକତ୍ର ହୋଇ ଦେବୀ ସରସ୍ୱତୀଙ୍କ ପାଖରେ ପହଞ୍ଚିଲେ । ପ୍ରାର୍ଥନା କରି କହିଲେ, ''ଆମ୍ଭମାନଙ୍କ ପ୍ରାର୍ଥନା ସ୍ୱୀକାର କରି ଶ୍ରୀରାମ ରାବଣବଧ ଉଦ୍ଦେଶ୍ୟରେ ଅବତାର ନେଇଥିଲେ କିନ୍ତୁ କାଲି ରାଜା ହେବାକୁ ଯାଉଛନ୍ତି । ଶ୍ରୀରାମ ଯୁବରାଜ ହେଲେ ରାବଣବଧ ହୋଇପାରିବ ନାହିଁ । ତୁମେ ନିଜ ମାୟାରେ କୈକେୟୀଙ୍କ ମତିଭ୍ରମ କରିଦିଅ । ସେ ରାଜାଙ୍କଠାରୁ ବର ନେଇ ଶ୍ରୀରାମଙ୍କୁ ବନକୁ ପଠାଇଦେଲେ ଶ୍ରୀରାମ ରାବଣକୁ ବଧ କରିବେ । ଏଥିରେ ତୁମର କୌଣସି ଦୋଷ ହେବ ନାହିଁ । ଶ୍ରୀରାମ ଏହାହିଁ ଚାହାନ୍ତି ।'' ଦେବତାଙ୍କ ପ୍ରାର୍ଥନା ସ୍ୱୀକାର କରି ସରସ୍ୱତୀ କହିଲେ, ''କୈକେୟୀଙ୍କ ହୃଦୟରେ ଏବଂ ମନରେ ଶ୍ରୀରାମଙ୍କ ନିବାସ । ସେଠାରେ ମୋ ମାୟା ପ୍ରବେଶର ଦ୍ୱାର ରୁଦ୍ଧ ହୋଇଅଛି । ପ୍ରଥମରେ ମନ୍ଥରା ମଧ୍ୟରେ ମୋ ମାୟା ପ୍ରୟୋଗ କରିବି । ମନ୍ଥରା କୈକେୟୀ ସହିତ କଥାବାର୍ତ୍ତା କରିବା ସମୟରେ ଅବସର ଦେଖି କୈକେୟୀ ମଧ୍ୟରେ ମୋ ମାୟା କାର୍ଯ୍ୟ କରିବ ।'' ଏକଥା ଶୁଣି ଦେବତାମାନେ ପ୍ରସନ୍ନତା ସହିତ ନିଜ ନିଜ ସ୍ଥାନକୁ ଫେରିଗଲେ । ସରସ୍ୱତୀଦେବୀ ନିଜ ମାୟା ମନ୍ଥରା ମଧ୍ୟରେ ପ୍ରୟୋଗ କଲେ ।

ନାମ ମନ୍ଥରା ମନ୍ଦମତି ଚେରୀ କୈକେୟୀ କେରି ।
ଅଯଶ ପେଟାରୀ ତାହି କରି ଗାଇ ଗିରା ମତି ଫେରି ॥

— ଅଯୋଧ୍ୟା କାଣ୍ଡ

(୨୫)

କୈକେୟୀଙ୍କ ମନ୍ଦମତି ଦାସୀ ମନ୍ଥରାକୁ ସରସ୍ୱତୀ ଅଜସ ପେଟାରୀ କରି ତା' ମତିଭ୍ରମ କରି ଚାଲିଗଲେ ।

ମନ୍ଥରାର ମତିଭ୍ରମ ହେବାରୁ ସେ ଶ୍ରୀରାମଙ୍କ ଅଭିଷେକ ଉତ୍ସବ ବରଦାସ୍ତ କରିପାରିଲା ନାହିଁ । ତା' ହୃଦୟ ଈର୍ଷା ଏବଂ ବିଦ୍ରୋହରେ ଜଳିବାକୁ ଲାଗିଲା । ସେ ବିକ୍ଷିପ୍ତ ଅବସ୍ଥାରେ କୈକେୟୀଙ୍କ ମହଲକୁ ଦୌଡ଼ିଯାଇ ଦୀର୍ଘଶ୍ୱାସ ଛାଡ଼ି କୈକେୟୀଙ୍କ ପାଖରେ ପହଞ୍ଚିଲା । କୈକେୟୀ ପଚାରିବାରେ କିଛି କହିପାରିଲା ନାହିଁ । ଛଳନା କରି କେବଳ ଆଖିରୁ ଲୁହ ବୁହାଇବାକୁ ଲାଗିଲା । ରାଣୀ ବାରବାର ପଚାରିବାରେ କିଛି ନ କହି ସର୍ପିଣୀ ସଦୃଶ ଦୀର୍ଘଶ୍ୱାସ ବାରବାର ଛାଡ଼ିଲା । ଏହି ଦୃଶ୍ୟ ଦେଖି କୈକେୟୀ ଭୟ ଏବଂ ଆଶଙ୍କାରେ ପଚାରିଲେ, ''ଶ୍ରୀରାମ ତଥା ମହାରାଜ ଏବଂ ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ କୁଶଳରେ ଅଛନ୍ତି ତ ?'' ପ୍ରଥମରେ ଶ୍ରୀରାମ ଓ ଶେଷରେ ଭରତ ଶତ୍ରୁଘ୍ନଙ୍କ କୁଶଳ ପ୍ରଶ୍ନ ଶୁଣି ଭରତ ଅପେକ୍ଷା ଶ୍ରୀରାମ କୈକେୟୀର ଅଧିକ ପ୍ରିୟ ସୂଚିତ ହେବାରୁ ମନ୍ଥରାର ହୃଦୟ ଦଗ୍ଧ ହୋଇଗଲା । ସେ କହିଲା, ''କୁଶଳ କେବଳ ରାମ ଛଡ଼ା ଆଉ କାହାର ହେବ ? ରାଜା ରାମକୁହିଁ ଯୁବରାଜପଦରେ କାଲି ଅଭିଷେକ କରିବେ । କୌଶଲ୍ୟା ଉପରେ ବିଧାତା ପ୍ରସନ୍ନ ହୋଇଛନ୍ତି । ତା'ର ଗର୍ବ କହିଲେ ନ ସରେ । ତୁ ଯାଇ ନଗରରେ ସଜା ହୋଇଥିବା ଶୋଭାକୁ ଦେଖିଆ । ମୁଁ ସେ ଶୋଭା ବରଦାସ୍ତ କରିପାରୁ ନାହିଁ । ତୋ ପୁଅ ଭରତ ମାମୁ ଘରେ ଅଛି । ସେ ଏ ବିଷୟରେ କିଛି ଜାଣି ନାହିଁ । ରାଜାଙ୍କର ତୋ ପ୍ରତି ଆନ୍ତରିକ ସ୍ନେହ ନ ଥାଏ । ରାଜା ପ୍ରକୃତରେ ପ୍ରେମ କରନ୍ତି କୌଶଲ୍ୟାକୁ । ତୋ ପ୍ରତି କପଟରେ ସ୍ନେହ ଦେଖାନ୍ତି । ଭରତ ଏଠାରେ ନ ଥିବା ସୁଯୋଗ ପାଇ କୌଶଲ୍ୟାକୁ ଖୁସି କରିବା ସକାଶେ ରାଜା ରାମକୁ ଯୁବରାଜପଦ ଦେଉଅଛନ୍ତି ।''

ମନ୍ଥରାର ଏପରି କୁଟିଳ ଏବଂ ଘରଭଙ୍ଗା କଥା ଶୁଣି କୈକେୟୀ ଅତ୍ୟନ୍ତ ରାଗିଯାଇ କହିଲେ, ''ତୋ ଜିଭ କଟାଇ ନେବି ! କାଣୀ, କୁଜୀ, ଛଉଯୁକ୍ତା ସ୍ତ୍ରୀ ସ୍ୱଭାବତଃ କୁଟିଳା ହୁଅନ୍ତି । ଦାସୀମାନଙ୍କର ଏହାହିଁ ସ୍ୱଭାବ ।'' ପୁନରାୟ କହିଲେ, ''ସେହି ଦିନ ସୁଦିନ, ସୁମଙ୍ଗଳ ହେବ, ଯେଉଁ ଦିନ ତୋ କହିବା ସତ୍ୟ ହେବ ଅର୍ଥାତ୍ ରାମ ରାଜା ହେବ । ପ୍ରଚଳିତ ସୂର୍ଯ୍ୟକୁଳର ନିୟମ ଅନୁସାରେ ଜ୍ୟେଷ୍ଠ ପୁତ୍ର ରାଜା ହେବ । କନିଷ୍ଠ ପୁତ୍ରମାନେ ରାଜା-ଆଜ୍ଞା ପାଳନ କରିବେ । ଏହି ଦୃଷ୍ଟିରୁ ପ୍ରକୃତରେ କାଲି ଯଦି ଶ୍ରୀରାମର ରାଜ୍ୟାଭିଷେକ ହେବ, ତେବେ ତୋର ଯାହା ଇଚ୍ଛା ହୁଏ ତାହା ତୁ ମାଗିନେବୁ । ମୁଁ ସହର୍ଷରେ ଦେବି । ରାମ ସକାଶେ ସମସ୍ତ ମା' କୌଶଲ୍ୟା ସଦୃଶ କିନ୍ତୁ ମୋ ପ୍ରତି ତା'ର ଅତ୍ୟଧିକ ମାତୃସ୍ନେହ ।''

''ଜୌ ବିଧି ଜନମ ଦେଇ କରି ଛେହୁ
ହୋଇ ରାମ ସୀୟ ପୁତ ପତୋହୁ ।''

''ଯଦି ବ୍ରହ୍ମା ଦୟାକରି ମୋତେ ଜନ୍ମ ଦିଏ, ତେବେ ପୁତ୍ରରୂପେ ଶ୍ରୀରାମ, ପୁତ୍ରବଧୂରୂପେ ସୀତା ମୋତେ ପ୍ରାପ୍ତ ହୁଅନ୍ତୁ ।''

ବାଲ୍ମୀକିଙ୍କ ରାମାୟଣର ମଧ୍ୟ ଠିକ୍ ଏହିପରି ମନ୍ଥରା କଥା କୈକେୟୀଙ୍କର ଆଲୋଚନା ହୋଇଛି ।

ଇଦଂ ତୁ ମନ୍ଥରେ ମହ୍ୟମାଖ୍ୟାସି ପରମ ପ୍ରିୟମ୍ ।
ଏତନ୍ମେ ପ୍ରିୟମଖ୍ୟାତଂ ଭୂୟଃ କିଂ ବା କରୋମିତେ ॥

(ଅଯୋଧ୍ୟାକାଣ୍ଡ : ସ-୭, ଶ୍ଲୋ-୩୪)

ଶ୍ରୀରାମଙ୍କ ଅଭିଷେକ ସୁସମାଚାର ଶୁଣି କୈକେୟୀ କହିଲେ, ''ହେ ମନ୍ଥରେ, ଏହି ପ୍ରିୟ ଖବର ଦେବାରୁ ତୋର ମୁଁ କ'ଣ ଉପକାର କରିବି ତୁ କହ ।''

ନ ମେ ପରଂ କିଞ୍ଚିଦିତସ୍ତ୍ୱୟା ପୁନଃ
ପ୍ରିୟଂ ପ୍ରିୟାର୍ହେ ସୁବଚ ବଚେ ବରମ୍ ।

ତଥାହ୍ୟବୋଚସ୍ତ୍ୱ ମତଃ ପ୍ରିୟୋତ୍ତରଂ
ପରଂ ବରଂ ତେ ପ୍ରବଦାମି ତଂ ବୃଣୁ ।

(ଅଯୋଧ୍ୟାକାଣ୍ଡ : ସର୍ଗ-୭, ଶ୍ଲୋ-୩୬)

''ଏହି ଅମୃତମୟ ଖବରଠାରୁ ଅଧିକ କୌଣସି ବସ୍ତୁ ମୋର ପ୍ରିୟ ନାହିଁ । ତୋର ଯାହା ଇଚ୍ଛା ତାହା ମାଗ, ତୋତେ ବର୍ତ୍ତମାନ ଦେବି ।''

''ପ୍ରାଣତେଂ ଅଧିକ ରାମ ପ୍ରିୟ ମୋରେ
ତିନଙ୍କେ ତିଲକ ଛେଉ କସ ତୋରେ ।''

''ରାମ ମୋ ପ୍ରାଣରୁ ଅଧିକ ପ୍ରିୟ । ତା' ତିଳକରେ ତୁ ଏପରି ଦୁଃଖିତ ହେଉଛୁ କାହିଁକି ? ତୋତେ ଭରତ ରାଣ, କପଟ ଛାଡ଼ି ଏହାର ଯଥାର୍ଥ କାରଣ କହ ।'' ଏପର୍ଯ୍ୟନ୍ତ ଦେବମାୟାର ପ୍ରଭାବ କୈକେୟୀଙ୍କ ଉପରେ ପଡ଼ି ନ ଥିଲା । ଏହି କଥାବାର୍ତ୍ତା ସମୟରେ ଦେବମାୟାର ପ୍ରଭାବ ସାମାନ୍ୟରୂପେ କୈକେୟୀଙ୍କ ଉପରେ ପଡ଼ିବାକୁ ଲାଗିଲା । କାରଣ ଭଗବାନଙ୍କର ଭକ୍ତ ସଂରକ୍ଷଣର ଯେଉଁ ରକ୍ଷାକବଚ ଥାଏ ସେ ବନଯିବା ଉଦ୍ଦେଶ୍ୟ ସିଦ୍ଧିସକାଶେ ତାହା କୈକେୟୀଙ୍କଠାରୁ ଦୂର କରି ନେଇଥିଲେ । ଦେବମାୟା ଠିକ୍ ସମୟ ଦେଖି ମନ୍ଥରା ହୃଦୟରେ ମହାନ୍ କୌଶଳ ସହିତ କପଟପୂର୍ଣ୍ଣ ଉକ୍ତିର ପ୍ରେରଣା ଦେବାକୁ ଲାଗିଲା ।

ମନ୍ଥରା କହିଲା, ''ଥରେ କହି ଜିଭ କଟେଇ ନେଇଛ, କ'ଣ ଆଉ ଗୋଟିଏ ଜିଭରେ କହିବି ? ମୋର ଦୁର୍ଭାଗ୍ୟ । ଏହିପରି, ଭଲ କହିଲେ ଖରାପ ଲାଗେ । ତୁମକୁ ଖୁସି କରିବା ସକାଶେ ଯିଏ ବନେଇଚୂନେଇ କହିପାରେ ସେ ତୁମର ପ୍ରିୟ ହୁଏ । ମୋର ଯଥାର୍ଥ କଥା ତୁମକୁ ପିତା ଲାଗେ । ମୁଁ ଏବେ ତୁମକୁ ସେହିପରି ବନେଇଚୂନେଇ କହିବି ଅଥବା ଚୁପ୍ ରହିବି । ବ୍ରହ୍ମା କୁରୂପ ଦେବାରୁ ଦାସୀ ହେବାକୁ ପଡ଼ିଲା । ଏହା ତ କର୍ମର ଫଳ । ଯାହା ବୁଣିବ ତାହାହିଁ ଫଳିବ । ରାମ ରାଜା ହେଉ ବା ଭରତ ରାଜା ହେଉ ମୁଁ ତ ରହିବି ସେହି ଦାସୀ । ରାଣୀ ତ ହେବି ନାହିଁ । ମୁଁ ନିଜ ସ୍ୱାର୍ଥ ସକାଶେ କିଛି କହେ ନାହିଁ । କିନ୍ତୁ ମୋର ଏହି ଖରାପ ସ୍ୱଭାବ ଯେ ମୁଁ ତୁମର ଦୁଃଖ ଦେଖିପାରେ ନାହିଁ । ସେହି ସକାଶେ ତୁମ ହିତ କଥା କହେ । ଏବେ ମୋତେ କ୍ଷମା କର ମୁଁ ଆଉ କିଛି କହିବି ନାହିଁ ।''

ଗୂଢ଼ କପଟ ପ୍ରିୟ ବଚନ ସୁନି ତୀୟ ଅଧର ବୁଦ୍ଧିରାନି
ସୂର ମାୟାବସ ବୈରିନିହି ସୁହୃଦ ଜାନି ପତି ଆନି ॥

(ଅଯୋଧ୍ୟା କାଣ୍ଡ : ଦୋହା-୧୨)

ସ୍ତ୍ରୀମାନଙ୍କର ସ୍ୱଭାବତଃ ବୁଦ୍ଧି ଦୃଢ଼ ନୁହେଁ, ଅସ୍ଥିର । ଫେର୍ ଦେବମାୟାବଶ ହୋଇଥିବାରୁ କୁଟିଳା ମନ୍ଥରାର ଗୂଢ଼ କପଟପୂର୍ଣ୍ଣ ପ୍ରିୟ ବାଣୀ ଶୁଣି କୈକେୟୀ ମନ୍ଥରାକୁ ଅନ୍ତରଙ୍ଗସୁହୃଦରୂପେ ତାକୁ ବିଶ୍ୱାସ କଲେ । ଏପର୍ଯ୍ୟନ୍ତ କୈକେୟୀଙ୍କୁ ଦେବମାୟା ଗ୍ରାସ କରି ନ ଥିବାରୁ ସେ ମନ୍ଥରାର ଅହିତକର ବାଣୀ ବୁଝିପାରିଥିଲେ । କୈକେୟୀଙ୍କ ହୃଦୟରେ ଶ୍ରୀରାମଙ୍କ ନିବାସ ଥିଲା । ତାଙ୍କ ହୃଦୟରେ ଦେବମାୟା ପ୍ରବେଶ କରିବାର ସାଧ୍ୟ ନ ଥିଲା । ଏହି କାରଣରୁ ପ୍ରଥମରେ ମନ୍ଥରାକୁ ଦେବମାୟା ଗ୍ରାସ କଲା । ମନ୍ଥରା ସଙ୍ଗେ କଥାବାର୍ତ୍ତା କରିବା ସମୟରେ ପ୍ରଥମରେ ଶ୍ରୀରାମ ସଂରକ୍ଷଣ ଶକ୍ତି ଦୂର କରିଥିଲେ ଏବଂ ଶେଷରେ ସ୍ୱୟଂ କୈକେୟୀଙ୍କ ହୃଦୟରୁ ଦୂର ହୋଇଗଲେ । ସେହି ଅବସରରେ ଦେବମାୟା କୈକେୟୀଙ୍କ ମଧ୍ୟରେ ପ୍ରବେଶ କରି ତାଙ୍କ ମତିଭ୍ରମ କରିଦେଲା । ଯେଉଁ କୈକେୟୀଙ୍କର ଏକ ମୁହୂର୍ତ୍ତ ପୂର୍ବରୁ ଶ୍ରୀରାମଙ୍କ ପ୍ରତି ଅଗାଧ ସ୍ନେହ ଥିଲା, ଦେବମାୟା ପ୍ରବେଶ କରିବା ସଙ୍ଗେ ସଙ୍ଗେ ସେହି କୈକେୟୀଙ୍କର ଶ୍ରୀରାମଙ୍କ ପ୍ରତି ପୂର୍ବ ସ୍ନେହ ଏବଂ ଭାବ ଏକେବାରେ ବିପରୀତ ହୋଇଗଲା । ସେ ଚଞ୍ଚଳା, ଉଦ୍‌ବେଗା, ଚିନ୍ତିତା ହୋଇ ପଡ଼ିଲେ । ତାଙ୍କର କୌଶଲ୍ୟାଙ୍କ ପ୍ରତି ସପତ୍ନୀ-ଈର୍ଷା ଜାତ ହେଲା ଏବଂ ଶ୍ରୀରାମଙ୍କୁ ମହାନ୍ ଶତ୍ରୁ ମନେ କଲେ । ମନ୍ଥରା ଅତ୍ୟନ୍ତ ଅନ୍ତରଙ୍ଗମିତ୍ରା ଭଳି ପ୍ରତୀତ ହେଲା ଏବଂ ମନ୍ଥରାର ସର୍ବନାଶକାରୀ ପରାମର୍ଶ ଶୁଣିବାକୁ ସେ ଲାଗିଲେ । ମନ୍ଥରା କହିଲା, ''ଶ୍ରୀରାମ ପୂର୍ବେ ଯେପରି ପ୍ରିୟ ଥିଲେ ରାଜା ହେଲେ ସେପରି ରହିବେ – ଏହା ତୁମର ଭୁଲ୍ ଧାରଣା । କମଳ ଜଳ ମଧ୍ୟରେ ଗଛରେ ଥିବା ପର୍ଯ୍ୟନ୍ତ

ସୂର୍ଯ୍ୟର ଅତ୍ୟନ୍ତ ପ୍ରିୟ ଥାଏ କିନ୍ତୁ ଜଳରୁ ଦୂର ହେଲେ ସେହି ସୂର୍ଯ୍ୟ କମଳକୁ ଭସ୍ମ କରିଦିଏ ।'' ଏହିପରି ବହୁତ କଥା କହି ପୂର୍ବର ଘଟଣାସବୁ ଉଦାହରଣ ଦେଇ ଶେଷରେ କହିଲେ, ''ରାମ ରାଜା ହେଲେ ଭରତ ଓ ଶତ୍ରୁଘ୍ନକୁ ବନ୍ଦୀରେ ରଖିବେ । କୌଶଲ୍ୟାର ସେବାରେ ଦାସୀରୂପେ ତୁମକୁ ରହିବାକୁ ପଡ଼ିବ ।'' ଏକଥା ଶୁଣି ରାଗରେ କୈକେୟୀଙ୍କ ଶରୀର ଥରିବାକୁ ଲାଗିଲା । ସେ କହିଲେ, ''ଶେଷ ଜୀବନ ପିତାଗୃହରେ କଟାଇବି କିନ୍ତୁ କୌଶଲ୍ୟାର ସେବା କରିବି ନାହିଁ ।'' କୈକେୟୀଙ୍କ ଶରୀରର ଆକୃତି ତଥା ବାକ୍ୟରୁ ତାଙ୍କ ଆନ୍ତରିକ ଅବସ୍ଥା ମନ୍ଥରା ବୁଝିପାରି ଅତ୍ୟନ୍ତ ହିତକାରିଣୀରୂପେ କୈକେୟୀଙ୍କୁ କହିଲେ, ''ରାଣି, ତୁମେ ଦୁଃଖ କର ନାହିଁ । କୌଶଲ୍ୟା ଯେଉଁ କପଟରେ ତୁମ ଚେର କାଟିଛି, ସେହି କପଟ ତାରି ଉପରେ ପଡ଼ିବ, ଅର୍ଥାତ୍ ତାରି ଚେର କଟା ହେବ । ତୁମେ କୋପ-ଭବନ ଚାଲିଯାଅ । ପୂର୍ବେ ତୁମେ ଯୁଦ୍ଧସ୍ଥଳରେ ରାଜାକୁ ବହୁତ ସାହାଯ୍ୟ କରିଥିଲ, ସେଥିଯୋଗୁଁ ରାଜା ବହୁତ ଖୁସି ହୋଇ ତୁମକୁ ଦୁଇଟି ବର ଦାନ ଦେଇଥିଲେ । ତୁମେ ସେହି ଦୁଇଟି ବର ତାଙ୍କ ପାଖରେ ଥାତି ରଖିଥିଲ । ରାଜାଙ୍କୁ ସତ୍ୟ କରାଇ ଗୋଟିଏ ବରରେ ଭରତ ରାଜା, ଅନ୍ୟ ବରରେ ଶ୍ରୀରାମଙ୍କୁ ଚଉଦ ବର୍ଷ ବନବାସ ଦେବା ସକାଶେ ତାଙ୍କଠାରୁ ବର ମାଗିନିଅ ।''

(୨୬)

ମନ୍ଥରାର ପରାମର୍ଶ ଅନୁସାରେ କୈକେୟୀ କୋପଭବନରେ ଭୂଷଣବିହୀନା ହୋଇ, ମଳିନ ବସ୍ତ୍ର ପରିଧାନ କରି ତଳେ ଶୋଇରହିଲେ । ଚକ୍ରବର୍ତ୍ତୀ ମହାରାଜ ତାଙ୍କ ପାଖକୁ ଯାଇ ଅନ୍ୟାନ୍ୟ ବିଷୟରେ ବୁଝାଇବା ସଙ୍ଗେ ସଙ୍ଗେ ଶ୍ରୀରାମଙ୍କୁ ଯୁବରାଜ କରିବା କଥା ମଧ୍ୟ କହିଲେ । ରାଜା ଜାଣିଥିଲେ ଶ୍ରୀରାମଙ୍କୁ କୈକେୟୀ ବିଶେଷ ସ୍ନେହ କରନ୍ତି । ତାଙ୍କ ଯୁବରାଜ ହେବା କଥା ଶୁଣିବା ମାତ୍ରେ ସେ ରୋଷ ତ୍ୟାଗ କରି ଅତ୍ୟନ୍ତ ପ୍ରସନ୍ନା ହେବେ । କିନ୍ତୁ ହେଲା ବିପରୀତ । ସେ ରାମଙ୍କୁ ସ୍ନେହ କରିବା ପୂର୍ବେ କୈକେୟୀ ନ ଥିଲେ । ଶ୍ରୀରାମଙ୍କ ଇଚ୍ଛାରେ ଦେବମାୟା ତାଙ୍କ ବୁଦ୍ଧିକୁ ଭ୍ରମ କରିଦେଇଥିଲା । ଶ୍ରୀରାମଙ୍କ ରାଜା ହେବା କଥା ଶୁଣିବା ମାତ୍ରେ ଈର୍ଷାଗ୍ନିରେ ତାଙ୍କ ହୃଦୟ ଦଗ୍ଧ ହେବାକୁ ଲାଗିଲା । ସେ କପଟତାରେ ଅନ୍ତର ବିରୋଧକୁ ଗୁପ୍ତ ରଖି ବାହ୍ୟ ସ୍ନେହପୂର୍ଣ୍ଣ ବଚନରେ ରାଜାଙ୍କୁ ମୋହିତ କରି ତାଙ୍କୁ ସତ୍ୟ କରାଇ ଦୁଇଟି ବର ମାଗିନେଲେ । ଗୋଟିଏ ବରରେ ଭରତକୁ ରାଜଗାଦି ଓ ଅନ୍ୟ ବରରେ ଶ୍ରୀରାମଙ୍କୁ ୧୪ ବର୍ଷ ବନବାସ । ରାଜା ଏହା ଶୁଣିବା ମାତ୍ରେ ତାଙ୍କ ହୃଦୟରେ ବଜ୍ରପାତ ହେବା ସଦୃଶ ସେ ଅନୁଭବ କଲେ । କୈକେୟୀ ନିଜ ପୁତ୍ର ଭରତ ଅପେକ୍ଷା ଶ୍ରୀରାମଙ୍କୁ ଅଧିକ ସ୍ନେହ କରୁଥିବା ରାଜା ଉତ୍ତମରୂପେ ଜାଣିଥିଲେ । ତାଙ୍କୁ ବନବାସ ଦେବା ସକାଶେ କୈକେୟୀ ବର ମାଗିବା ରାଜା ବିଶ୍ୱାସ ନ କରି ପରିହାସ ମନେ କରିଥିଲେ । ପରେ ସତ୍ୟତା ଜାଣି କୈକେୟୀଙ୍କୁ ବହୁତ ବୁଝାଇଲେ । ବହୁରୂପେ ଅନୁନୟ ବିନୟ କଲେ କିନ୍ତୁ ସବୁ ବ୍ୟର୍ଥ ହେଲା । କୈକେୟୀ ଭୀଷଣ ଭୟଙ୍କର ଉଗ୍ରରୂପ ଧାରଣ କଲେ । ଦଶରଥଙ୍କ ବହୁତ ପ୍ରକାର ଅନୁନୟ ବିନୟ, ହାତଯୋଡ଼ିବାକୁ ତିଳେହେଲେ ଭ୍ରୂକ୍ଷେପ କଲେ ନାହିଁ । କି ନିର୍ଦୟୀ ! ଦଶରଥଙ୍କ ବ୍ୟାକୁଳତା ଓ ବିନୟରେ ପଥର ପାଣି ହୋଇପାରେ କିନ୍ତୁ କୈକେୟୀଙ୍କର ବଜ୍ରସଦୃଶ କଠୋର ହୃଦୟକୁ ତାହା ସ୍ପର୍ଶ କରିପାରିଲା ନାହିଁ । ଶ୍ରୀରାମଙ୍କ ସର୍ବଗୁଣସମ୍ପନ୍ନ, ପିତୃଭକ୍ତ, ପ୍ରାଣିମାତ୍ରର ପ୍ରାଣ ପ୍ରିୟ ଏପରି ସୁପୁତ୍ରକୁ ବନକୁ ପଠାଇବା ମହାରାଜ ଦଶରଥଙ୍କ ପକ୍ଷେ ଅସମ୍ଭବ ଥିଲା । ସେ ଦୈନ୍ୟଭାବେ ଭୂମିରେ ପଡ଼ି ପ୍ରାଣତ୍ୟାଗ କରିବା ଅବସ୍ଥାରେ କୈକେୟୀଙ୍କୁ ବିନୟ କରୁଛନ୍ତି । କିନ୍ତୁ ବଜ୍ରହୃଦୟା କୈକେୟୀ କଠୋର ଶବ୍ଦରେ କହୁଛନ୍ତି : —

''ଦାନି କହା ଭବ ଆର କୃପିଣାଇ
ଦୁଇ କି ହୋଇ ଏକ ସଙ୍ଗେ ଭୁଆଲା ।
ହସିବ ଠାଇ ଫୁଲାଇବ ପବଲା ।''

''ଦାନିନାମ ପ୍ରଚାର କରି କୃପଣ ହେବ । ଆଉ ଠୋ ଠୋ ଭାବେ ଉଚ୍ଚ ହାସ୍ୟ କରି ଗାଲ ଫୁଲାଇବ । ଏହି ବିପରୀତ ଅବସ୍ଥା ଏକ ସଙ୍ଗେ କେବେ ହୋଇପାରେ ?'' ଅର୍ଥାତ୍, ସତ୍ୟ ଏବଂ ପୁତ୍ରସ୍ନେହ ଏହି ଉଭୟ ଏକ ସଙ୍ଗେ କିପରି ରଖିବ ?

ଏହିପରି ନିର୍ଦୟ ଉତ୍ତର ଶୁଣି ମହାରାଜ ବୁଝିପାରିଲେ କୈକେୟୀ ଶ୍ରୀରାମଙ୍କୁ ନିଶ୍ଚୟ ବନବାସ ଦେବ । ମହାରାଜ ଶୋକରେ ମୂର୍ଚ୍ଛିତ ହୋଇଗଲେ । ଭୋର ହେଲା, ଅଯୋଧାରେ ଘରେ ଘରେ ଧୁମ୍‌ଧାମରେ ଉତ୍ସବ ହେଉଥାଏ । ବ୍ରାହ୍ମଣମାନେ ରାଜ୍ୟାଭିଷେକର ବିଧିବିଧାନ ଅନୁସାରେ ସମସ୍ତ ବସ୍ତୁ ତୟାର କରି ମହାରାଜଙ୍କୁ ଅପେକ୍ଷା କରିଥାଆନ୍ତି । ମହାରାଜ ପ୍ରତିଦିନ ବ୍ରାହ୍ମମୁହୂର୍ତ୍ତରେ ଶଯ୍ୟାତ୍ୟାଗ କରନ୍ତି । କିନ୍ତୁ ସେ ଦିନ ବିଳମ୍ବ ହେବାରୁ ମନ୍ତ୍ରୀ ସୁମନ୍ତ୍ର କୈକେୟୀଙ୍କ ମହଲକୁ ଯାଇ ରାଜାଙ୍କୁ ଶୋକାକୁଳ, ଅବ୍ୟବସ୍ଥିତ, ମୂର୍ଚ୍ଛିତ ଅବସ୍ଥାରେ ପଡ଼ିଥିବା ଦେଖି ଅତ୍ୟନ୍ତ ଶଙ୍କିତ ଏବଂ ଭୟଭୀତ ହୋଇଗଲେ । ରାଜା କିଛି କହିବା ଅବସ୍ଥାରେ ନ ଥିଲେ । ସେହି କାରଣରୁ ସୁମନ୍ତ୍ର ରାଜାଙ୍କୁ କିଛି ନ ପଚାରି କୈକେୟୀଙ୍କ ନିର୍ଦେଶରେ ଶ୍ରୀରାମଙ୍କୁ ଡାକି ଆଣିଲେ । ଶ୍ରୀରାମ ରାଜାଙ୍କୁ ପ୍ରଣାମ କରି କାରଣ ପଚାରିବାରେ ରାଜା ଦୁଃଖବିହ୍ୱଳ, ଶୋକଯୁକ୍ତ, ଅର୍ଦ୍ଧମୂର୍ଚ୍ଛିତ ଅବସ୍ଥାରେ ଶ୍ରୀରାମଙ୍କୁ କୌଣସି ଉତ୍ତର ଦେଲେ ନାହିଁ । ପାଷାଣହୃଦୟା କୈକେୟୀ ନିଷ୍ଠୁର ନିର୍ମମଭାବରେ ଶ୍ରୀରାମଙ୍କୁ ବନବାସ ଦେବା ବର ରାଜାଙ୍କଠାରୁ ମାଗି ନେଇଥିବା କହିଦେଲେ । ଶ୍ରୀରାମ ଅତ୍ୟନ୍ତ ପ୍ରସନ୍ନତା ସହ ବନଗମନ କରିବାକୁ ତୟାର ହେଲେ । ଅଳ୍ପକ୍ଷଣ ମଧ୍ୟରେ ଏହି ଖବର ବ୍ୟାପ୍ତ ହେବା ମାତ୍ରେ ରାଜମହଲ ତଥା ଅଯୋଧ୍ୟାବାସୀଙ୍କ ଉପରେ ବଜ୍ରପାତ ହେବା ସଦୃଶ ସେମାନେ ଦୁଃଖ ଅନୁଭବ କଲେ । ମଚ୍ଛରାଛଡ଼ା ଅଯୋଧ୍ୟାର ସମସ୍ତ ବ୍ୟକ୍ତି ଆବାଳବୃଦ୍ଧବନିତା କୈକେୟୀଙ୍କୁ ଆନ୍ତରିକ ଘୃଣା ସହିତ କେହି ପ୍ରକାଶ୍ୟରେ, କେହି ଅପ୍ରକାଶ୍ୟରେ ଗାଳିଦେଲେ । ଗୁରୁ ବଶିଷ୍ଠଙ୍କ ପତ୍ନୀ, ମନ୍ତ୍ରୀମାନଙ୍କ ପତ୍ନୀ ତଥା କୈକେୟୀଙ୍କର ସମବୟସ୍କାମାନେ ବର ଫେରସ୍ତ ନେବା ସକାଶେ ବହୁତ ବୁଝେଇଲେ । କୈକେୟୀ ଦେବମାୟାରେ ମୋହିତ ହୋଇଥିବାରୁ କାହାରି କଥା ଶୁଣିଲେ ନାହିଁ ।

ଶ୍ରୀରାମଙ୍କ ସଙ୍ଗେ ତାଙ୍କ ପତ୍ନୀ ଜନକତନୟା ସୀତାଦେବୀ ତଥା ଛୋଟ ଭାଇ ଲକ୍ଷ୍ମଣ ବନଯିବାକୁ ପ୍ରସ୍ତୁତ ହେଲେ ଏବଂ ମାତା କୌଶଲ୍ୟାଙ୍କଠାରୁ ବିଦାୟ ନେଇ ରାଜାଙ୍କ ପାଖକୁ ଆସିଲେ । ସୀତାଦେବୀଙ୍କ ବସ୍ତ୍ରଭୂଷଣସବୁ ରାଜ୍ୟର ଅର୍ଥାତ୍ ଭରତଙ୍କର । ତାହାସବୁ ଛାଡ଼ି ମୁନିପତ୍ନୀଙ୍କ ସଦୃଶ ବସ୍ତ୍ର ପରିଧାନ କରି ଶ୍ରୀରାମଙ୍କ ସଙ୍ଗେ ସୀତାଦେବୀ ଯିବା ଉଚିତ ମନେକରି ତପସ୍ୱିନୀ ବସ୍ତ୍ର କୈକେୟୀ ଆଣି ସୀତାଙ୍କ ପାଖରେ ରଖିଦେଲେ । ଏହି ଦୃଶ୍ୟ ସେଠାରେ ଥିବା କୌଣସି ବ୍ୟକ୍ତି ବରଦାସ୍ତ କରିପାରିଲେ ନାହିଁ । ବୃକ୍ଷ, ଲତା, କାଷ୍ଠ, ପାଷାଣ ରୋଦନ କରିବାକୁ ଲାଗିଲେ । ମହାନ୍ ଜ୍ଞାନୀ ମୁନି ବଶିଷ୍ଠ ବି ଏହି ଦୃଶ୍ୟରେ କୋପିତ ହୋଇ କହିଲେ, ''କୈକେୟୀ, ଧର୍ମ ଅନୁସାରେ ଶ୍ରୀରାମ ବନଯିବେ କିନ୍ତୁ ସୀତାଦେବୀଙ୍କୁ ବନବାସ ଦିଆହୋଇ ନାହିଁ । ଧର୍ମ ତଥା ନୀତି ଅନୁସାରେ ରାଜଗାଦି ସୁଶୋଭିତ କରିବେ ସୀତାଦେବୀ । ଅଥବା ତୁ ଭରତ ସହ ଅଯୋଧ୍ୟାର ଗଛ, ମାଟି ପଥରକୁ ନେଇ ରାଜ୍ୟ କର । ଆମେ ସମସ୍ତେ ଶ୍ରୀରାମଙ୍କ ସଙ୍ଗେ ବନଯାଉଛୁ ।''

ଗୁରୁ ବଶିଷ୍ଠ ତଥା ମନ୍ତ୍ରୀ ଅମାତ୍ୟ ଜ୍ଞାତି ପୁରବାସୀମାନଙ୍କୁ ଶ୍ରୀରାମ ବହୁତ ପ୍ରକାର ବୁଝାଇ ଶାନ୍ତ କଲେ । ଗୁରୁ ବଶିଷ୍ଠ ତଥା ପିତା, ମାତା, କୈକେୟୀଙ୍କୁ ପ୍ରଣାମ କରି ବିଦାୟ ନେଇଯିବା ସମୟରେ ରାଜା ଶ୍ରୀରାମଙ୍କୁ ହୃଦୟରେ ଲଗାଇ ମୂର୍ଚ୍ଛିତ ହୋଇ ପଡ଼ିଗଲେ । କିଛି ସମୟ ପରେ ଜାଗ୍ରତ୍ ହୋଇ ଲକ୍ଷ୍ମଣକୁ ହୃଦୟରେ ଲଗେଇ ସୀତାଦେବୀ ରହିଯିବା ପାଇଁ ବହୁତ ପ୍ରଯତ୍ନ କଲେ । ତାହା ସଫଳ ନ ହେବାରୁ ଶେଷରେ ଶ୍ରୀରାମ, ସୀତା ଓ ଲକ୍ଷ୍ମଣଙ୍କୁ ରଥରେ ବସାଇ ବନ ନେଇଯିବାକୁ ସୁମନ୍ତ୍ରଙ୍କୁ ଆଦେଶ ଦେଲେ । ସେସମୟରେ ଅଯୋଧ୍ୟାନଗରୀ ଶୋକରେ ପୂର୍ଣ୍ଣ ହୋଇଥିଲା । ମହାରାଜ ଛିଡ଼ାହୋଇ ଶ୍ରୀରାମ ବସିଥିବା ରଥକୁ ଦେଖୁଥିଲେ । ରଥ ଅଦୃଶ୍ୟ ହେବାରୁ ମୂର୍ଚ୍ଛିତ ହୋଇ ପଡ଼ିଗଲେ । ଅଯୋଧ୍ୟାବାସୀ ଶ୍ରୀରାମଙ୍କ ବିୟୋଗ ବରଦାସ୍ତ କରି ନ ପାରି ଘର ଦ୍ୱାର ଛାଡ଼ି ଶ୍ରୀରାମଙ୍କ ରଥ ପଛରେ ଯାତ୍ରା କଲେ । ବହୁତ ସମୟ ପରେ ମୂର୍ଚ୍ଛା ଭଗ୍ନ ହେବାରୁ ମହାରାଜ କହିଲେ, ''କୈକେୟି, ମୁଁ ଯେତେ ସମୟ ପର୍ଯ୍ୟନ୍ତ ବଞ୍ଚିବି ତୋ ମୁହଁ ବି ଚାହିଁବି ନାହିଁ । ଏହା କହି କୌଶଲ୍ୟାଦେବୀଙ୍କ ମହଲରେ ଆସି ଶ୍ରୀରାମଙ୍କୁ ବନରେ ଛାଡ଼ି ସୁମନ୍ତ୍ର ଫେରିବା ପର୍ଯ୍ୟନ୍ତ ଅର୍ଦ୍ଧମୂର୍ଚ୍ଛିତ ଅବସ୍ଥାରେ ବଞ୍ଚିରହି ଥିଲେ । ସୁମନ୍ତ୍ର ଫେରିବା ପରେ ଶ୍ରୀରାମଙ୍କ ବନଯିବା ଖବର ପାଇବା ମାତ୍ରେ 'ରାମ ରାମ, ହା ରାମ' ତିନି ଥର କହି ମହାରାଜ ଶରୀର ତ୍ୟାଗ କଲେ । ସେ ଶେଷ ନିଃଶ୍ୱାସ ଛାଡ଼ିବା ପର୍ଯ୍ୟନ୍ତ ଆଉ କୈକେୟୀ ମୁଖ ଚାହିଁ ନ ଥିଲେ ।

(୨୭)

ସ୍ତ୍ରୀ ପତିଠାରୁ ପରିତ୍ୟକ୍ତ ହେବା ଦୁଃଖଠାରୁ ଅଧିକ ଦୁଃଖ ସ୍ତ୍ରୀ ସକାଶେ ଆଉ କିଛି ନାହିଁ । ପତିଙ୍କ ଆଜ୍ଞା ଅବଜ୍ଞା, ପତିଙ୍କ ଇଚ୍ଛାର ବିରୋଧାଚରଣ କରିବା ଯୋଗୁଁ ପତିଙ୍କର ମୃତ୍ୟୁ ହେଲା । ଏହି ଆଚରଣରୁ କୈକେୟୀ ପତିବ୍ରତା ଧର୍ମ ଭ୍ରଷ୍ଟା ହେଲେ । ମନୁଷ୍ୟଜୀବନର ଶ୍ରେଷ୍ଠ ମାନଦଣ୍ଡ ଧର୍ମ । ଏହି ଧର୍ମକୁ କୈକେୟୀ ଭଗବାନଙ୍କ ସେବା ସକାଶେ ତ୍ୟାଗ କଲେ ଏବଂ ପତିଠାରୁ ବିମୁଖ ହେବା ଦାରୁଣ ଦୁଃଖକୁ ସ୍ୱୀକାର କଲେ ।

ସ୍ତ୍ରୀମାନଙ୍କର ପ୍ରଥମ ଆଶ୍ରୟ ପତି, ଶେଷ ଆଶ୍ରୟ ପୁତ୍ର । ପ୍ରଥମ ଆଶ୍ରୟ ପତିଙ୍କଠାରୁ କୈକେୟୀ ତ୍ୟାଜ୍ୟ ହୋଇଥିଲେ, ଶେଷରେ ପୁତ୍ରଠାରୁ ମଧ୍ୟ ତ୍ୟକ୍ତ ହେଲେ । ଭରତ ମାତୁଳ ଗୃହରେ ଥିଲେ । ଦୂତଠାରୁ ଖବର ପାଇ ଘରକୁ ଆସିବା ପରେ ନିଜ ମାତା କୈକେୟୀଙ୍କଠାରୁ ପିତାଙ୍କ ମୃତ୍ୟୁ ଖବର ଶୁଣିଲେ । ପିତାଙ୍କ ମୃତ୍ୟୁର କାରଣ ଥିଲେ ସେ ନିଜେ । ତାଙ୍କୁ ରାଜା କରାଇବା ସକାଶେ କୈକେୟୀ ବର ମାଗି ଶ୍ରୀରାମଙ୍କୁ ବନବାସ ଦେଇଥିଲେ । ଶ୍ରୀରାମଙ୍କ ବିୟୋଗରେ ପିତା ଦଶରଥ ଶରୀର ତ୍ୟାଗ କଲେ । ଏହିସବୁ ଦୁର୍ଘଟଣାର ମୂଳ କାରଣ ସେ ନିଜେ ହୋଇଥିବାରୁ ତାଙ୍କ ହୃଦୟ ଅସହନୀୟ ଦାରୁଣ ଦୁଃଖ-ଅଗ୍ନିରେ ଦଗ୍ଧ ହୋଇଗଲା । ସେ ନିଜକୁ ସମ୍ଭାଳି ନ ପାରି ଜ୍ଞାନଶୂନ୍ୟ ହୋଇ ଭୂମିରେ ପଡ଼ିଗଲେ । କିଛି ସମୟ ପରେ ସଚେତ ହୋଇ ନିଜ ମାତାଙ୍କୁ କହିଲେ :

''ଜୋପେଁ କରୁଚି ରହି ଅତିତୋହୀ । ଜନମତ କହେ ନମାରେ ମୋହୀ ॥
ପେଡ଼ କାଟି ତେଁ ପାଳ ଉସୀଚା । ମୀନ ଜିଅନ ନିତି ବାରି ଉଲିଚା ॥
ହଂସର୍ବସ ଦଶରଥ ଜନକ, ରାମଲାକ୍ଷ୍ମନ ସେ ଭାଇ ॥
ଜନନୀ ତୁଁ ଜନକୀ ଭଇ, ବିଧିସନ କରୁ ନ ବସାଇ ॥ ୧୨୧ ଅ:
ଜବତେଁ କୁମତି କୁମତି ଦିଅ ଠୟଉ । ଖଣ୍ଡ ଖଣ୍ଡ ହୋଇ ହୃଦୟ ନ ଗୟଉ ।
ବରମଗତ ମନ ଭଇ ନହିଁପୀରା । ଗୀରି ନଜୀହ ମୁହପରେ ଉନ କୀରା ॥
ଯୋ ହସି ସୋ ହସି ମୁହଁ ମସଲାଇ । ଆଁଖି ଓଟ ଉଠିବେଠହି ଘଇ ॥

(ରାମଚରିତ ମାନସ)

''ଏହିପରି କୁଭାବନା ତୋର ଯଦି ଥିଲା ଜନ୍ମ ସମୟରେ ମୋତେ କାହିଁକି ହତ୍ୟା ନ କରି ବର୍ତ୍ତମାନ ଏତେ ଦାରୁଣ ଦୁଃଖ ଦେଲୁ ? ଗଛର ମୂଳ କାଟି ଡାଳପତ୍ରରେ ପାଣି ସିଞ୍ଚି ଗଛ ବଞ୍ଚେଇବାକୁ ଚାହୁଁଛୁ । କ'ଣ କେବେ ମାଛ ଜଳ ତ୍ୟାଗ କରି ଜୀବିତ ରହିପାରେ ? ଅତି ଭଲ ହଂସ ସଦୃଶ ଉଜ୍ଜ୍ୱଳ ରଘୁବଂଶରେ ଜନ୍ମ ହେଲା ଦଶରଥ ଯେପରି ମହାତ୍ମା ପିତା ରାମ ଲକ୍ଷ୍ମଣ ଯେପରି ସ୍ୱୟଂ ଭଗବାନ୍ ଭାଇ ପ୍ରାପ୍ତ ହେଲେ କିନ୍ତୁ ସବୁ ହେବା ସତ୍ତ୍ୱେ ତୁ ମୋର ଜନ୍ମଦାତ୍ରୀ ମା' ହେଲୁ । ବିଧାତାର ବିଧାନରେ କାହାରି ହାତ ନାହିଁ । ତୋର ଏପରି କୁତ୍ସିତ ବିଚାର ଯେତେବେଳେ ହେଲା ସେତେବେଳେ ତୋର ହୃଦୟ ଖଣ୍ଡ ଖଣ୍ଡ ହୋଇ ଫାଟିଗଲା ନାହିଁ ? ମହାରାଜାଙ୍କୁ ବର ମାଗିବା ସମୟରେ ତୋତେ କୌଣସି ପୀଡ଼ା ହେଲା ନାହିଁ ? ତୋ ଜିଭ ଛିଣ୍ଡିପଡ଼ିଲା ନାହିଁ ? ତୋ ମୁଖରେ ପୋକ ପଡ଼ିଲେ ନାହିଁ । ତୁ ଯେ ବି ହୁଅ, ମୁହଁ କଳାକରି ମୋ ସାମନାରୁ ଉଠି ଦୃଷ୍ଟି ଆଡ଼ରେ ବସ ।'' କି କଠୋର ଶବ୍ଦ ! ପୁତ୍ରଠାରୁ ଏପରି ତିରସ୍କାର ଶବ୍ଦ ବରଦାସ୍ତ କରିବା ମା' ପକ୍ଷେ କେତେ କଷ୍ଟଦାୟକ ! କୈକେୟୀଙ୍କର ପୂର୍ବରୁ ପତି ଆଶ୍ରୟ ଯାଇଥିଲା । ଫେର୍ ପୁତ୍ରଠାରୁ ତ୍ୟକ୍ତ ହେଲେ ।

ଯେପର୍ଯ୍ୟନ୍ତ କୈକେୟୀ ବଞ୍ଚିଥିଲେ ଭରତ କେବେ ବି ତାଙ୍କୁ ଦେଖି ନ ଥିଲେ କିଂବା କଥା କହି ନ ଥିଲେ । ଏହାଛଡ଼ା ନଗର, ଦେଶବାସୀଙ୍କର ଅସମ୍ମାନ ନୁହେଁ ଘୃଣାର ପାତ୍ରୀ ହେଲେ । ଏପରିକି ଆଜି ମଧ୍ୟ ରାମାୟଣ ପଢ଼ିବା ସମୟରେ ପାଠକମାନେ ମନେମନେ କୈକେୟୀଙ୍କୁ ଗାଳି ନ ଦେଇ ରହିପାରନ୍ତି ନାହିଁ । ଏହି ଯେଉଁ ସ୍ୱାର୍ଥ, ସୁଖ, ଧର୍ମ, ମାନସମ୍ମାନ ତ୍ୟାଗ ଓ ନିନ୍ଦା, ଅପଯଶଃ ବରଣ, ଏହା କୈକେୟୀ କେବଳ ଶ୍ରୀରାମଙ୍କ ସେବା ସକାଶେ କଲେ । ଏହି

ପୃଥିବୀକୁ ଆସିବା ପୂର୍ବରୁ କୈକେୟୀ ଯଦି ସ୍ୱଇଚ୍ଛାରେ ଏହି କର୍ମକୁ ଗ୍ରହଣ କରି ନ ଥା'ନ୍ତେ, ଭଗବାନଙ୍କ ବିଧାନ ଅନୁସାରେ ନିତ୍ୟମୁକ୍ତ କୈକେୟୀଙ୍କ ପରି ଭକ୍ତଙ୍କୁ ଭାଗବତୀ ଶକ୍ତି ଯଦି ପରିଚାଳନା କରୁ ନ ଥା'ନ୍ତେ ତେବେ ଏପରି ପରିସ୍ଥିତିରେ କୈକେୟୀ କଦାପି ବଞ୍ଚି ରହିପାରି ନ ଥା'ନ୍ତେ । ସେ ସୁସ୍ଥଭାବରେ ବଞ୍ଚି ରହିବାହିଁ ନିତ୍ୟମୁକ୍ତ କୋଟିର ମୁକ୍ତାତ୍ମାର ପରିଚୟ । ତା'ଛଡ଼ା ସାଧାରଣ ଜ୍ଞାନୀ ଏବଂ ଭକ୍ତମାନେ ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ଲୋଭ, ମୋହ ତ୍ୟାଗ କରିପାରନ୍ତି କିନ୍ତୁ ଧର୍ମତ୍ୟାଗ କରିପାରନ୍ତି ନାହିଁ । ଧର୍ମତ୍ୟାଗ କରିପାରନ୍ତି ଉଚ୍ଚକୋଟୀର ଭକ୍ତ, ଜ୍ଞାନୀ ମହାପୁରୁଷମାନେ ଯଦି ଭଗବତ୍‌ପ୍ରାପ୍ତି ମାର୍ଗରେ ଧର୍ମ ବାଧାଦେଇ ଛିଡ଼ାହୁଏ । କିନ୍ତୁ ଏପରି ଦାରୁଣ ଅପଯଶଃକୁ ବରଣ କରିନେବା ସେମାନଙ୍କ ପକ୍ଷେ ବି ସମ୍ଭବ ନୁହେଁ । ସାଧାରଣ ଜୀବନର ଉନ୍ନତିରେ ସାମାଜିକ ଧର୍ମ ମହାନ୍ ସହାୟକ, ଭଗବତ୍ ସେବା ମାର୍ଗରେ ତାହା ଅଲଂଘ୍ୟ ପାହାଡ଼ ସଦୃଶ ବହୁ କ୍ଷେତ୍ରରେ ପଥରୋଧକ ହୋଇପାରେ । ମହାଭାରତ ଯୁଦ୍ଧ ସମୟରେ ଗୁରୁ, ପିତା, ବନ୍ଧୁବାନ୍ଧବଙ୍କୁ ହତ୍ୟା କରିବା ପାପ ବୋଲି ଅର୍ଜୁନ ଯୁକ୍ତି ଦେଇ ସନ୍ନ୍ୟାସ ଗ୍ରହଣ କରିବାକୁ ପ୍ରସ୍ତୁତ ଥିଲେ । ତାଙ୍କର ଧାର୍ମିକଭାବାପନ୍ନ ଯୁକ୍ତି ହୃଦୟସ୍ପର୍ଶୀ ଥିଲା କିନ୍ତୁ ଭଗବତ୍ ସେବାର ବିମୁଖ ଧାର୍ମିକ ମୋହ ବହୁତ ପ୍ରବଳ ଥିଲା । ଏହା ବଡ଼ ବଡ଼ ପଣ୍ଡିତ ସଜ୍ଜ ମହାତ୍ମା ବୁଝିବାରେ ଅସମର୍ଥ ହୁଅନ୍ତି । ଶ୍ରୀକୃଷ୍ଣଙ୍କ ପରି ସ୍ୱୟଂଭଗବାନ୍ ଏବଂ ମହାନ୍ ଯୋଗୀଙ୍କୁ ମଧ୍ୟ ଅର୍ଜୁନଙ୍କ ଧାର୍ମିକ ମୋହ ଦୂର କରିବା ଲାଗି ଅଠର ଅଧ୍ୟାୟ ଗୀତା କହିବାକୁ ହେଲା । ଏହି ପ୍ରବଳ ଧାର୍ମିକ ମୋହକୁ କୈକେୟୀ ଅକ୍ଲେଶରେ ତ୍ୟାଗ କରିଥିଲେ । ଯେଉଁମାନେ ଭଗବତ୍ ସେବକ ତାଙ୍କ ସକାଶେ ସମସ୍ତ ଧର୍ମ ଭଗବତ୍ ସେବକମାନେ ଭଗବତ୍ ସେବା ସକାଶେ ଅର୍ଥ, ଧର୍ମ, କାମ, ମୋକ୍ଷ ସବୁକିଛି ଅକ୍ଲେଶରେ ତ୍ୟାଗ କରି ସମସ୍ତ ଦୁଃଖତାପ, ଅପମାନ, ଅପକୀର୍ତ୍ତିକୁ ସାଦରେ ବରଣ କରି ପ୍ରଭୁଙ୍କ ସେବା ଗ୍ରହଣ କରନ୍ତି । ଏପରି କଠିନ ସେବା ତାଙ୍କ ଅନନ୍ୟା ଭକ୍ତା ମା' କୈକେୟୀ ଛଡ଼ା ଅନ୍ୟ କେହି କରିପାରନ୍ତି ନାହିଁ ।

କୈକେୟୀଙ୍କ ଏହି ଚରିତ୍ର ପଢ଼ି କେତେକ ବ୍ୟକ୍ତିଙ୍କ ମନରେ ପ୍ରଶ୍ନ ଜାଗ୍ରତ୍ ହେବ । ଭଗବାନଙ୍କ ସେବା ସକାଶେ କୈକେୟୀ ସ୍ୱଇଚ୍ଛାରେ ଧର୍ମତ୍ୟାଗ, ପତି, ପୁତ୍ରଙ୍କଠାରୁ ତ୍ୟକ୍ତ, ନିନ୍ଦା ଅପମାନକୁ ବରଣ କରି ନ ଥିଲେ, କରିଥିଲେ ଦେବମାୟା ପ୍ରେରଣାରେ । ଅତଏବ ତାଙ୍କୁ ଭଗବତ୍ ସେବା ଭକ୍ତିର ଚରମ ଶିଖରରେ ସ୍ଥାନ ଦିଆହେଉଛି କାହିଁକି ?

କୈକେୟୀଙ୍କୁ ଭଗବତ୍ ସେବା ଭକ୍ତିର ଚରମ ଶିଖରରେ ଅନ୍ୟ କେହି ସ୍ଥାନ ଦେଇ ନାହିଁ, ଦେଇଛି ତାଙ୍କର ଭକ୍ତବତ୍ ଭକ୍ତି । ତାଙ୍କ ମଧ୍ୟରେ ଭଗବତ୍ ଭକ୍ତି ବିଦ୍ୟମାନ ଥିଲା । ସେ ଭଗବାନଙ୍କ ସହିତ ଏହି ପୃଥିବୀକୁ ଆସିବା ପୂର୍ବରୁ ଭଗବାନଙ୍କ ସେବାରୂପେ ଏହି କର୍ମ କରିବାକୁ ସ୍ୱୟଂ ସ୍ୱୀକାର କରିଥିଲେ । ସେହି ସକାଶେ ଦେବମାୟା ତାଙ୍କ ବୁଦ୍ଧିକୁ ଭ୍ରମ କରିବାକୁ ସମର୍ଥ ହୋଇଥିଲା । ଏହା ସ୍ପଷ୍ଟ ହେଉଛି ତାଙ୍କ ଚରିତ୍ରରୁ । ଏହି ଭୌତିକ ଶରୀରରେ ସେ ଏହି ବିଷୟରେ ସଚେତନ ଥାଇ ସତତ ଭଗବତ୍ ଭକ୍ତିରେ ନିମଗ୍ନ ରହିଥିବାରୁ ଦେବମାୟା ତାଙ୍କ ମଧ୍ୟରେ ସିଧା ସିଧା ପ୍ରବେଶ କରିପାରି ନ ଥିଲା । ସୁବିଧା ପାଇ ଭଗବାନଙ୍କ ଇଚ୍ଛା ତଥା ତାଙ୍କ ପୂର୍ବ ସ୍ୱୀକୃତି ଅନୁସାରେ ତାଙ୍କ ବୁଦ୍ଧି ଭ୍ରମ କଲା । ଶ୍ରୀରାମଙ୍କ ପ୍ରତି ତାଙ୍କର କିପରି ସ୍ନେହ ଭକ୍ତି ଥିଲା ତାହା ମନ୍ଥରା ସଙ୍ଗେ କଥାବାର୍ତ୍ତା ହେବା ସମୟରେ ବୁଝାଯାଉଥିଲା । ଶ୍ରୀରାମଙ୍କ ରାଜ୍ୟାଭିଷେକ ଯୋଗୁଁ ମନ୍ଥରା ଦୁଃଖ ପ୍ରକାଶ କରିବାରୁ ସେ ମନ୍ଥରାକୁ ଅତ୍ୟନ୍ତ ତିରସ୍କାର କରିଥିଲେ ଏବଂ ଶ୍ରୀରାମଙ୍କ ଅଭିଷେକ ସୁଖବରରେ ଖୁସିହୋଇ ତାକୁ ବହୁ ଉପହାର ଦେବାକୁ କହିଥିଲେ ତଥା ପୁନରାୟ ଜନ୍ମ ହେଲେ ଶ୍ରୀରାମ ଓ ସୀତାଙ୍କୁ ନିଜ ପୁତ୍ର ଏବଂ ପୁତ୍ରବଧୂରୂପେ ପାଇବାକୁ ବିଧାତାଙ୍କୁ ପ୍ରାର୍ଥନା କରିଥିଲେ ।

ଯେଉଁ ଭକ୍ତମାନେ ଭଗବାନଙ୍କ ଚରଣରେ ସମସ୍ତ କିଛି ସମର୍ପଣ କରି ଭଗବାନଙ୍କ ଦ୍ୱାରା ସଂପୂର୍ଣ୍ଣରୂପେ ପରିଚାଳିତ ହୁଅନ୍ତି ସେହିମାନେ ନିତ୍ୟମୁକ୍ତରୂପେ ଭଗବତ୍ ଦିବ୍ୟଧାମରେ ଭଗବାନଙ୍କୁ ପ୍ରାପ୍ତ ହୁଅନ୍ତି । ସେହି ନିତ୍ୟମୁକ୍ତ କୋଟିର ଜୀବ ମଧ୍ୟରୁ କେତେକେ ହୁଅନ୍ତି ନିତ୍ୟ ପାର୍ଶ୍ୱଗ । ଅର୍ଥାତ୍ ସେମାନେ ନିତ୍ୟଧାମରେ ଭଗବାନଙ୍କ ସମସ୍ତ ସତ୍ତା ସହିତ ସଂପୂର୍ଣ୍ଣ ରୂପେ ଏକତ୍ୱ ପ୍ରାପ୍ତ କରି ଭଗବାନଙ୍କ ସଂକଳ୍ପ ଦ୍ୱାରା ପରିଚାଳିତ ହୁଅନ୍ତି ଏବଂ ଭଗବାନଙ୍କ ସାମୀପ୍ୟରେ ରହି ଭଗବାନଙ୍କ ସେବାନନ୍ଦ ଉପଭୋଗ କରନ୍ତି । ଭଗବାନ୍ ଅବତାର ନେବା ସମୟରେ ଭଗବାନଙ୍କ କାର୍ଯ୍ୟ କରିବା ସକାଶେ ସେହିମାନେ ଭଗବାନଙ୍କ ସଙ୍ଗେ ଏହି ପୃଥିବୀକୁ ଆସନ୍ତି । ନିଜ ନିଜ ଆଦର୍ଶରେ ଶିକ୍ଷାଦେବା ସକାଶେ ସେମାନେ

ସଂସାରକୁ ଆସିଥିବାରୁ ଏହି ସଂସାର-ବିଧାନକୁ ଗ୍ରହଣ କରି ବଦ୍ଧ କୋଟୀର ଅଜ୍ଞାନ ମନୁଷ୍ୟ ସଦୃଶ କର୍ମ କରନ୍ତି । ସେମାନଙ୍କ ଯଥାର୍ଥ ଜ୍ଞାନ ଏହି ପୃଥିବୀର ନିୟମ ଦ୍ୱାରା ଆବୃତ ହୋଇଯାଏ । କିନ୍ତୁ ସେମାନେ ମୋହଗ୍ରସ୍ତ ମନୁଷ୍ୟ ସଦୃଶ ଅଜ୍ଞାନ ଦ୍ୱାରା ପରିଚାଳିତ ହୁଅନ୍ତି ନାହିଁ, ହୁଅନ୍ତି ସେମାନଙ୍କ ଅଜ୍ଞାତରେ ଭାଗବତୀ ଶକ୍ତି ଦ୍ୱାରା । ଅନ୍ୟଥା କୈକେୟୀ ପତି ତଥା ପୁତ୍ରଠାରୁ ତ୍ୟକ୍ତ, ଧର୍ମର ବିମୁଖ, କୁଟୁମ୍ବ, ପରିବାର, ପୁରବାସୀ ତଥା ସଂସାରର ସମସ୍ତ ବ୍ୟକ୍ତିଙ୍କ ନିନ୍ଦା, ଘୃଣା, ନିରାଦରର ପାତ୍ରୀ ଓ ଆଶ୍ରୟବିହୀନା ହୋଇ କଦାପି ସୁସ୍ଥରୂପେ ବଞ୍ଚି ରହିପାରି ନ ଥା'ନ୍ତେ । ମନୁଷ୍ୟ ବଞ୍ଚିରହେ ଭଗବତ୍ ଭକ୍ତି ଅଥବା ସଂସାର ଆସକ୍ତିରେ ।

କୈକେୟୀଙ୍କଠାରେ ସାଂସାରିକ କୌଣସି ଆସକ୍ତିର ସ୍ଥାନ ନ ଥିଲା । ସେ ପ୍ରସନ୍ନତା ସହ ବଞ୍ଚି ରହିଥିବାର କାରଣ ଥିଲା ଭଗବତ୍ ଭକ୍ତି । ଭଗବାନଙ୍କ ଚରିତ୍ର ଯେପରି ହୁଏ ଆଦର୍ଶ, ସେହିପରି ଭିନ୍ନ ଭିନ୍ନ ଭକ୍ତମାନଙ୍କ ଭିନ୍ନ ଭିନ୍ନ ଚରିତ୍ର ହୁଏ ଶିକ୍ଷାପ୍ରଦ । ସଂସାରୀ ବ୍ୟକ୍ତି ନିଜ ନିଜ ସ୍ୱଭାବ ତଥା ଚେତନାର ବିକାଶ ଅନୁସାରେ ସେମାନଙ୍କ ଚରିତ୍ରରୁ ନୈତିକ ଏବଂ ଆଧାତ୍ମିକ ଶିକ୍ଷା ଗ୍ରହଣ କରି ଜୀବନର ଯଥାର୍ଥ ଲକ୍ଷ୍ୟ ମନ, ପ୍ରାଣ, ଶରୀର ସମସ୍ତ ସତ୍ତାରେ ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହୁଅନ୍ତି ।

ରାମାୟଣରେ ସମସ୍ତ ଚରିତ୍ର ଶିକ୍ଷାପ୍ରଦ କିନ୍ତୁ କୈକେୟୀଙ୍କ ଚରିତ୍ର ଅତ୍ୟନ୍ତ ରହସ୍ୟରେ ପୂର୍ଣ୍ଣ । ତାଙ୍କ ଚରିତ୍ରର ଉପର ଭାଗ ଯେପରି କପଟ, ଛଳ, ସ୍ୱାର୍ଥ, ହିଂସା, ଈର୍ଷା, ମତ୍ସରତାର ତାଣ୍ଡବ ନୃତ୍ୟ ଏବଂ ଗାର୍ହସ୍ଥ୍ୟ ଆଶ୍ରମ ବ୍ୟକ୍ତି ସକାଶେ ସର୍ବଥା ବର୍ଜନୀୟ ସେହିପରି ତାଙ୍କ ଚରିତ୍ରର ବାହାର ଆବରଣ ପଶ୍ଚାତ୍‌ରେ ଥିବା ଭଗବତ୍ ଭକ୍ତି, ସେବା ତଥା ସମର୍ପଣର ଆଦର୍ଶ ଅତୁଳନୀୟ । ଭଗବାନଙ୍କ ସେବା ସକାଶେ ଭକ୍ତ ନିଜ ମାନ, ସମ୍ମାନ, ସ୍ୱାର୍ଥ, ଜାଗତିକ ସୁଖ ସୁବିଧା, ଧର୍ମଲୋକ, ପରଲୋକ ତ୍ୟାଗ କରି କେବଳ ଭଗବାନଙ୍କ ସଂକଳ୍ପ ଅନୁସାରେ ଭଗବାନଙ୍କ ଯନ୍ତ୍ର ହୋଇ ସମସ୍ତ ପ୍ରକାର ନିନ୍ଦା ଅପଯଶଃକୁ ସହର୍ଷେ କିପରି ବରଣ କରିପାରେ ଏହି ଶିକ୍ଷା ଆମ୍ଭେମାନେ କୈକେୟୀଙ୍କ ଚରିତ୍ରରୁ ପାଇପାରିବା । ଏପରି ରହସ୍ୟମୟ ଆଦର୍ଶ ଚରିତ୍ର ଅନ୍ୟ ଭକ୍ତଙ୍କ ଚରିତ୍ରରେ ଖୁବ୍ ବିରଳ ।

ପ୍ରତ୍ୟେକ ଭକ୍ତଙ୍କ ଚରିତ୍ର ସାଧାରଣ ବ୍ୟକ୍ତିଙ୍କ ବୁଦ୍ଧିପକ୍ଷେ ସର୍ବଥା ଅଗମ୍ୟ । ସାଧାରଣ ବ୍ୟକ୍ତି ନିବାସ କରେ ଅର୍ଦ୍ଧ ପ୍ରକାଶିତ, ଅର୍ଦ୍ଧ ଅନ୍ଧକାର ସୀମିତ ମାନସ ଚେତନାରେ, କର୍ମ କରେ ସୀମିତ ମନନିର୍ମିତ ନିର୍ଦ୍ଦିଷ୍ଟ ନୈତିକ ବିଧାନରେ । ବହୁତ ସମୟରେ ବ୍ୟକ୍ତି ଅଧର୍ମର ଛଦ୍ମରୂପକୁ ଧର୍ମ ମାନିନିଏ । ବାହ୍ୟରୂପକୁ ଭେଦ କରି ଅଭ୍ୟନ୍ତରରେ ଥିବା ସତ୍ୟକୁ ସେ ଦେଖିପାରେ ନାହିଁ । କିନ୍ତୁ ଅଧ୍ୟାତ୍ମବାଦୀ ଭଗବତ୍ ଭକ୍ତ ନିବାସ କରେ ଭଗବତ୍ ଚେତନା ପରମ ଜ୍ଞାନରେ, ସର୍ବଦା ପରିଚାଳିତ ହୁଏ ଭଗବାନଙ୍କ ସଙ୍କଳ୍ପରେ । ଭଗବତ୍ ସଂକଳ୍ପିତ କର୍ମ ନୈତିକ ଦୃଷ୍ଟିରେ ନିଷିଦ୍ଧ ହୋଇଥିଲେ ମଧ୍ୟ ଭକ୍ତ ନୈତିକତାକୁ ପରବାୟ ନ କରି ଭଗବତ୍ ନିର୍ଦ୍ଦିଷ୍ଟ ଅନୁସାରେ କର୍ମ କରେ । ସାଧାରଣ ବ୍ୟକ୍ତିର ଦୃଷ୍ଟି ସୀମିତ ଥିବାରୁ ଆଭ୍ୟନ୍ତରୀଣ ସତ୍ୟ ଦେଖି ନ ପାରି ଭ୍ରମରେ ପଡ଼େ । ଏହି କାରଣରୁ ଭକ୍ତଙ୍କ ଚରିତ୍ର ସାଧାରଣ ବ୍ୟକ୍ତି ଚେତନାରେ ଅଗମ୍ୟ ରହିଥାଏ ।

ଯେପର୍ଯ୍ୟନ୍ତ ବ୍ୟକ୍ତିକୁ ଅଧ୍ୟାତ୍ମ ସତ୍ୟଦୃଷ୍ଟି ପ୍ରାପ୍ତ ହୋଇ ନ ଥାଏ, ସେ ଅଧ୍ୟାତ୍ମ ସତ୍ୟରେ ନିବାସ କରି ନ ଥାଏ ସେପର୍ଯ୍ୟନ୍ତ ନୈତିକ ବିଧାନକୁ ମାନି ଚଳିବା ଅପରିହାର୍ଯ୍ୟ ହୋଇଥାଏ । ଅଧ୍ୟାତ୍ମ ସତ୍ୟପ୍ରାପ୍ତି ପୂର୍ବରୁ ବ୍ୟକ୍ତି ନୈତିକତାକୁ ତ୍ୟାଗ କଲେ ପତିତ ହୁଏ । କିନ୍ତୁ ଅଧ୍ୟାତ୍ମ ସତ୍ୟପ୍ରାପ୍ତି ପରେ ନୈତିକତା ସତ୍ୟର ଅନୁକୂଳ ହେଲେ ତାହା ଆଚରିତ ହୁଏ । ଅନ୍ୟଥା ସ୍ୱତଃସ୍ଫୂର୍ତ୍ତଭାବେ ବର୍ଜନ କରାହୁଏ । ଏହା ସ୍ପଷ୍ଟ ହୁଏ ଭକ୍ତଶ୍ରେଷ୍ଠ ହନୁମାନଙ୍କ ଚରିତ୍ରରେ । ସେ ସଂପୂର୍ଣ୍ଣ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରି ଭଗବାନଙ୍କ ସଂକଳ୍ପ ଦ୍ୱାରା ପରିଚାଳିତ ହେଉଥିଲେ । ସେହି ସକାଶେ ସେ ନୈତିକତାକୁ ଭ୍ରୁକ୍ଷେପ ନ କରି ଲଙ୍କାଦହନ ସମୟରେ ଯୁଦ୍ଧ ନ କରୁଥିବା, ଜୀବନ ବିକଳରେ ପଳାଉଥିବା, ଶୋଇଥିବା ତଥା ସ୍ତ୍ରୀ ବାଳକମାନଙ୍କୁ ହତ୍ୟା କରିଥିଲେ । ନୈତିକ ଦୃଷ୍ଟିରେ ଏହା ଧର୍ମର ବିରୁଦ୍ଧ ପ୍ରତୀତ ହେଉଥିବା ସତ୍ତ୍ୱେ ସେ ଭଗବାନଙ୍କ ସଂକଳ୍ପରେ ପରିଚାଳିତ ହୋଇ କର୍ମ କରିଥିବାରୁ ତାଙ୍କୁ ପାପ ବା ଅଧର୍ମ ସ୍ପର୍ଶ କରି ନ ଥିଲା । ଭଗବତ୍ ସଂକଳ୍ପରେ ପରିଚାଳିତ ନ ହେଉଥିବା ଗୃହସ୍ଥାଶ୍ରମର ନୈତିକବାଦୀ ବ୍ୟକ୍ତିଙ୍କ ସକାଶେ ମହାନ୍ ଜ୍ଞାନୀ, ଭକ୍ତଶ୍ରେଷ୍ଠ

ହନୁମାନଙ୍କ ଅଧ୍ୟାତ୍ମ କର୍ମ ତଥା କୈକେୟୀଙ୍କ ଭଗବତ୍ ସେବାରୂପେ କର୍ମ କଦାପି ଆଦର୍ଶ ହୋଇପାରେ ନାହିଁ; ହୋଇପାରେ ସଂପୂର୍ଣ୍ଣରୂପେ ସମର୍ପିତ ଭଗବତ୍ ଭକ୍ତମାନଙ୍କ ସକାଶେ । ଏହି ଚରିତ୍ରରୁ ସେମାନେ ଅଧ୍ୟାତ୍ମ ଶିକ୍ଷା ପ୍ରାପ୍ତ କରି ଭଗବାନଙ୍କ ସହିତ ସଂପୂର୍ଣ୍ଣ ସତ୍ତାରେ ଏକତ୍ୱ, ଭାଗବତ ଶକ୍ତି ଦ୍ୱାରା ପରିଚାଳିତ ହେବା ଲକ୍ଷ୍ୟରେ ପହଞ୍ଚିପାରିବେ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ।

(୨୮)

ଆଦର୍ଶ ମାତା କୌଶଲ୍ୟା

ଚିରସ୍ମରଣୀୟା ଆଦର୍ଶ ମାତା କୌଶଲ୍ୟା ତ୍ରେତାଯୁଗରେ ଭଗବାନ୍ ଶ୍ରୀରାମଚନ୍ଦ୍ରଙ୍କ ଗର୍ଭଧାରିଣୀ ଜନନୀ ଥିଲେ । ଭଗବାନ୍ ତାଙ୍କୁ ନିଜ ମାତାରୂପେ ସ୍ୱୀକାର କରିଥିବାରୁ ସେ ଚିରଦିନ ଜଗଜ୍ଜନନୀଙ୍କ ଆସନକୁ ଅଳଂକୃତ କରି ରହିଥିବେ ।

ରାମାୟଣ ବନ୍ଦନାରେ ଶ୍ରୀ ତୁଳସୀ ଦାସଜି କହିଛନ୍ତି –

ବଂ ଜଉଁ କୌଶଲ୍ୟା ଦିସି ପ୍ରାଚୀ ।
କିରତୀ ଜାସୁ ସକଳ ଜଗ ମାଚୀ ॥
ପ୍ରଗଟେଉ ଜହିଁ ରଘୁପତି ସସି ଚାରୁ ।
ବିଶ୍ୱ ସୁଖଦ ଖଳ କମଳ ତୁସାରୁ ॥

''ପୂର୍ବ ଦିଶିସ୍ୱରୂପା କୌଶଲ୍ୟାଦେବୀଙ୍କୁ ମୁଁ ବନ୍ଦନା କରୁଛି ଯାହାଙ୍କ କୀର୍ତ୍ତି ସମସ୍ତ ଜଗତରେ ହୁରି ପଡ଼ିଅଛି, ଯେଉଁ ପୂର୍ବ ଦିଶିସ୍ୱରୂପା କୌଶଲ୍ୟାଦେବୀଙ୍କ ଗର୍ଭରୁ ଅଲୌକିକ, ସୁନ୍ଦର, ସମସ୍ତ ଲୋକପ୍ରିୟ ଶଶିସ୍ୱରୂପ ଶ୍ରୀରାମଚନ୍ଦ୍ର ପ୍ରକଟ ହୋଇ ବିଶ୍ୱକୁ ସୁଖ ଦେଇଛନ୍ତି ଏବଂ ଚନ୍ଦ୍ରମା ପ୍ରକାଶରେ କମଳ ଅପ୍ରତିଭ ହେବା ସଦୃଶ ତାଙ୍କର ପ୍ରକଟରେ ଖଳମାନଙ୍କ ଦର୍ପ ଚୂର୍ଣ୍ଣ ହୋଇଛି ।

ନେତି ନେତି ଯେହି ଦେବ ନିରୂପା,
ଅନୁଭବ ଗମ୍ୟ ଉଜହି ଯେହି ସନ୍ଥ ।

ଯେଉଁ ଭଗବାନଙ୍କୁ ସନ୍ଥମାନେ ବହୁତ ତପସ୍ୟାରେ ଦର୍ଶନ କରିପାରନ୍ତି ନାହିଁ, କେବଳ ତାଙ୍କ ନାମ ସ୍ମରଣ କରି ଜନ୍ମମରଣ, ଅଜ୍ଞାନ, ଦୁଃଖକଷ୍ଟରୁ ମୁକ୍ତ ହୋଇ ପରମାନନ୍ଦ ତଥା ତାଙ୍କ ଦିବ୍ୟଧାମରେ ତାଙ୍କ ସେବା ପ୍ରାପ୍ତ ହୁଅନ୍ତି, ଯେଉଁ ଭଗବତ୍ ସ୍ୱରୂପକୁ ବେଦ ବର୍ଣ୍ଣନା କରିବାରେ ଅସମର୍ଥ, ଯେଉଁ ସ୍ୱରୂପକୁ ପ୍ରତିପାଦନ କରିବାର ଶବ୍ଦ ତଥା ଭାଷାର ଅଭାବ, ଯେଉଁ ତତ୍ତ୍ୱକୁ ସନ୍ଥମାନେ ମନର ବହୁ ଊର୍ଦ୍ଧ୍ୱ ଚେତନାରେ କେବଳ ଅନୁଭବରେ ପ୍ରାପ୍ତ ହୁଅନ୍ତି, ସେହି ଅଚିନ୍ତ୍ୟ ଅଲୌକିକ ତତ୍ତ୍ୱ ଜନନୀରୂପେ ଯେଉଁ କୌଶଲ୍ୟାଦେବୀଙ୍କୁ ସ୍ୱୀକାର କରିଛନ୍ତି, ତାଙ୍କ କୋଳରେ ବସି କ୍ଷୀରପାନ କରିଛନ୍ତି, ତାଙ୍କରି ଝୁଲଣାରେ ଝୁଲିଛନ୍ତି, ତାଙ୍କରି ଗୀତ ଶୁଣି ଖୁସି ହୋଇଛନ୍ତି, ନାନାପ୍ରକାର ବାଲ୍ୟକ୍ରୀଡ଼ା ଓ ଖେଳକୌତୁକରେ ତାଙ୍କୁ ପରମାନନ୍ଦ ଦେଇଛନ୍ତି, ଯେଉଁ ଜନନୀଙ୍କ ପାଖରୁ ଈପ୍ସିତ ବସ୍ତୁ ପାଇବା ସକାଶେ ରୋଦନ କରି ନୟନକମଳରୁ ଅଶ୍ରୁଧାର ବର୍ଷଣ କରିଛନ୍ତି, ବାଲ୍ୟଚପଳତାରେ ନାନାପ୍ରକାର ଅଳି କରିଛନ୍ତି, ଯେଉଁ ଜନନୀଙ୍କ କୋମଳ, ସ୍ନେହପୂର୍ଣ୍ଣ ବାକ୍ୟରେ ପରମାନନ୍ଦ ସ୍ୱରୂପ ଭଗବାନ୍ ପରମାନନ୍ଦ ପ୍ରାପ୍ତ ହୋଇଛନ୍ତି, ସେହି ଜଗଜ୍ଜନନୀ ଆଦର୍ଶ ମାତା କୌଶଲ୍ୟାଦେବୀଙ୍କ ଚରିତ୍ର ଏବଂ ବାତ୍ସଲ୍ୟ ଆନନ୍ଦ ସମ୍ପର୍କରେ କିଛି କହିବା ବା ଲେଖିବା ସମୁଦ୍ର ପହଁରି ପାରହେବା ସଦୃଶ ଦୁରାଶା ମାତ୍ର । ତାଙ୍କ ଚରିତ୍ରରୂପକ ଅଥଳ ସମୁଦ୍ରର ଗଭୀରରେ ପ୍ରବେଶ କରି ସ୍ଥଳ ପାଇବା ଆମ୍ଭମାନଙ୍କ ପକ୍ଷେ ସର୍ବଥା ଅସମ୍ଭବ । କିନ୍ତୁ ନିଜ ବାଣୀ ପବିତ୍ର କରିବା ତଥା ସେ ଯେଉଁ ପରମାନନ୍ଦ-ସମୁଦ୍ରରେ ବାସ କରୁଥିଲେ ସେଥିରୁ ଏକ ବିନ୍ଦୁ ମାତ୍ର ପାଇବା ସକାଶେ ଆମ୍ଭେମାନେ ତାଙ୍କ ଚରିତ୍ର ଲେଖି, ଗାନ କରି ନିଜକୁ କୃତାର୍ଥ କରିବା ।

ପାଠକମାନେ ଶ୍ରୀ ଦଶରଥ ମହାରାଜାଙ୍କ ଚରିତ୍ରରୁ ଜାଣିଛନ୍ତି ଯେ ତାଙ୍କର କୌଶଲ୍ୟା, କୈକେୟୀ ଓ ସୁମିତ୍ରା ନାମରେ ତିନି ରାଣୀ ଥିଲେ । ସେମାନଙ୍କ ମଧ୍ୟରେ କୌଶଲ୍ୟାଦେବୀ ପାଟରାଣୀ ଥିଲେ । ପୂର୍ବଜନ୍ମରେ ଶ୍ରୀ ଦଶରଥ ମହାରାଜା ଥିଲେ ସ୍ୱୟମ୍ଭୂ ମନୁ ଏବଂ ଜଗଜ୍ଜନନୀ କୌଶଲ୍ୟାଦେବୀ ଥିଲେ ସତରୂପା ନାମରେ ତାଙ୍କର ପତ୍ନୀ । ଏମାନଙ୍କଠାରୁ ମନୁଷ୍ୟ ସୃଷ୍ଟି ହୋଇଛନ୍ତି । ଏମାନଙ୍କ ଯଶଃକୀର୍ତ୍ତିକୁ ବେଦ ପୁରାଣ ଗାନ କରିଛନ୍ତି । ଏମାନେ ବହୁ ବର୍ଷ ରାଜ୍ୟଶାସନ କରିବା ପରେ ଚତୁର୍ଥାବସ୍ଥାରେ ପୁତ୍ରକୁ ରାଜ୍ୟଭାର ଦେଇ ନୈମିଷାରଣ୍ୟରେ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ କଠୋର ସାଧନା ବହୁ ବର୍ଷ ପର୍ଯ୍ୟନ୍ତ କରିଥିଲେ । ସେମାନଙ୍କର ଶୁଦ୍ଧ ଭକ୍ତି ନିଷ୍ଠାରେ ଅତ୍ୟନ୍ତ ପ୍ରସନ୍ନ ହୋଇ ଶିବ, ବିରଞ୍ଚି, ବିଷ୍ଣୁ ବହୁବାର ସେମାନଙ୍କ ପାଖକୁ ଆସି ବରର ବହୁପ୍ରକାର ପ୍ରଲୋଭନ ମଧ୍ୟ ଦେଇଥିଲେ । କିନ୍ତୁ ପରମ ନିଷ୍ଠାବାନ୍ ଦମ୍ପତି କୌଣସି ବସ୍ତୁ ସେମାନଙ୍କଠାରୁ ମାଗି ନ ଥିଲେ । ବରଂ ସଚ୍ଚିଦାନନ୍ଦ ପୁରୁଷୋତ୍ତମ ପରମବ୍ରହ୍ମଙ୍କ ଦର୍ଶନ ସକାଶେ ସେମାନଙ୍କ ଅଭୀପ୍ସା ତୀବ୍ର ଅଗ୍ନିଶିଖା ସଦୃଶ ପ୍ରଜ୍ୱଳିତ ହୋଇଥିଲା । ସେମାନେ ଶିବ, ବ୍ରହ୍ମା, ବିଷ୍ଣୁଙ୍କ ଦର୍ଶନ ଅଥବା ସେମାନଙ୍କ ବରଦାନ ପ୍ରାପ୍ତ ହେବା ସକାଶେ ତପସ୍ୟା କରି ନ ଥିଲେ । ସେମାନଙ୍କ ତପସ୍ୟା ଥିଲା ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ମୂଳ କାରଣ ସତ୍, ଚିତ୍, ଆନନ୍ଦ ପରମବ୍ରହ୍ମ ପୁରୁଷୋତ୍ତମଙ୍କ ଦର୍ଶନ । ସେମାନଙ୍କର ହାର୍ଦିକ ଚାହିଁବା ବିଷୟରେ ତୁଳସୀଦାସଜି ସ୍ପଷ୍ଟରୂପେ ବର୍ଣ୍ଣନା କରିଛନ୍ତି –

ଉର ଅଭିଲାଷ ନିରନ୍ତର ହୋଇ ।
ଦେଖିଅ ନୟନ ପରମ ପ୍ରଭୁ ସୋଇ ॥
ଅଗୁନ ଅଖଣ୍ଡ ଅନନ୍ତ ଅନାଦି ।
ଜେହି ଚିନ୍ତହିଂ ପରମାରଥବାଦୀ ॥
ନେତି ନେତି ଜେହି ବେଦ ନିରୂପା ।
ନିଜାନନ୍ଦ ନିରୁପାଧି ଅନୂପା ॥
ଶମ୍ଭୁ ବିରଞ୍ଚି ବିଷ୍ଣୁ ଭଗବାନା ।
ଉପଜହିଂ ଜାସୁ ଅଂଶ ତେଂ ନାନା ॥
ଏ ସେଉ ପ୍ରଭୁ ସେବକ ବସ ଅହଇ ।
ଭଗତ ହେତୁ ଲୀଳାତନୁ ଗହଇ ॥
ଜୌଂ ୟହ ବଚନ ସତ୍ୟ ଶ୍ରୁତି ଭାଷା ।
ତୌ ହମାରା ପୂଜିହି ଅଭିଲାଷା ॥

ମନୁ-ସତରୂପାଙ୍କର ହୃଦୟର ଅଭୀପ୍ସା ସେହି ପ୍ରଭୁଙ୍କୁ ଦେଖିବାକୁ ହେଉଥିଲା ଯେକି ନିର୍ଗୁଣ, ଅଖଣ୍ଡ, ଅନନ୍ତ ଏବଂ ଅନାଦି, ଯାହାଙ୍କୁ ପରମାର୍ଥିବାଦୀମାନେ ଚିନ୍ତନ କରନ୍ତି, ଯାହାଙ୍କୁ ବେଦ ନେତି, ନେତି, ନଃଇତି, ନ-ଇତି, ଯାହା ବର୍ଣ୍ଣନା କରାଗଲା ତାହା ଶେଷ ନୁହେଁ, ଶେଷ ନୁହେଁ ବୋଲି କହି ତାଙ୍କ ସ୍ୱରୂପ ଅନନ୍ତ ବୋଲି ନିରୂପଣ କରିଛି, ଯେକି ନିଜ ଆନନ୍ଦରେ ଆନନ୍ଦିତ ଏବଂ ମାୟା, ଅଜ୍ଞାନ ଉପାଧିରୁ ସର୍ବଥା ମୁକ୍ତ, ଯାହାଙ୍କ ଅଂଶରୁ ବହୁ ଶମ୍ଭୁ, ବହୁ ବ୍ରହ୍ମା, ବହୁ ବିଷ୍ଣୁ ଉତ୍ପନ୍ନ ହୁଅନ୍ତି, ଏହିପରି ଅମିତ ପ୍ରଭାବଶାଳୀ ପ୍ରଭୁ ସେବକବଶ ହୋଇ ଭକ୍ତଙ୍କୁ ସୁଖ ଦେବା ସକାଶେ ନାନାପ୍ରକାର ଲୀଳା କରନ୍ତି ଏବଂ ଶରୀର ଧାରଣ କରନ୍ତି । ଯଦି ବେଦର ଏହି ବାକ୍ୟ ସତ୍ୟ ହୁଏ ତେବେ ଆମ୍ଭର ଅଭିଳାଷ ପୂର୍ଣ୍ଣ ହେବ ।

ଦମ୍ପତିଙ୍କ ଅନନ୍ୟ ଭକ୍ତି, ଅନନ୍ୟ ନିଷ୍ଠା ତଥା ଆନ୍ତରିକ ପ୍ରାର୍ଥନା ସ୍ୱୀକାର କରି ସ୍ୱୟଂ ପରମବ୍ରହ୍ମ ସ୍ଥୂଳ ରୂପରେ ପ୍ରକଟ ହେଲେ । ଭଗବାନ୍ ସମସ୍ତ ଦିବ୍ୟାନନ୍ଦ, ସମସ୍ତ ଐଶ୍ୱର୍ଯ୍ୟ, ସମସ୍ତ ଶକ୍ତି, ସମସ୍ତ ଜ୍ଞାନ ଏବଂ ସୌନ୍ଦର୍ଯ୍ୟର ଅନନ୍ତ ସମୁଦ୍ର । ସଂସାରରେ ଯେଉଁ ଐଶ୍ୱର୍ଯ୍ୟ, ଜ୍ଞାନ, ଶକ୍ତି, ସୌନ୍ଦର୍ଯ୍ୟ, ଆନନ୍ଦ ଦୃଷ୍ଟିଗୋଚର ହେଉଛି, ସେସବୁ ସେହି ଅନନ୍ତ ସମୁଦ୍ରର ଜଳବିନ୍ଦୁ ସଦୃଶ । ତାଙ୍କର ସମସ୍ତ ଦିବ୍ୟଗୁଣ ସର୍ବ ଅବସ୍ଥାରେ, ସମସ୍ତଚେତନାସ୍ତରରେ ଅଖଣ୍ଡ ତଥା ପରିପୂର୍ଣ୍ଣ

ହୁଏ । କିନ୍ତୁ ଆମ୍ଭେମାନେ ଯେଉଁ ଚେତନାସ୍ତରରେ ବାସ କରୁ ସେଥିରେ ଭଗବାନଙ୍କ ଅଖଣ୍ଡ, ଅନନ୍ତ ସ୍ୱରୂପ ଉପଲବ୍ଧି କରିପାରୁ ନାହିଁ । ଏହା ଉପଲବ୍ଧି କରିପାରିବୁ ଆତ୍ମମାନଙ୍କ ମନ-ପ୍ରାଣ-ଶରୀର ଅତିମାନସ ଶକ୍ତି ଦ୍ୱାରା ଦିବ୍ୟତତ୍ତ୍ୱରେ ରୂପାନ୍ତର ହେଲେ । ସେତେବେଳେ କ୍ରମବିକାଶ ଅନୁସାରେ ମନର ବିକାଶ ଶେଷ ହୋଇ ନ ଥିଲା । ସେହି କାରଣରୁ ମନ-ପ୍ରାଣ-ଶରୀର ରୂପାନ୍ତର ହେବା ସମ୍ଭବ ନ ଥିଲା, ଥିଲା ସ୍ଥୂଳ ରୂପରେ ଭଗବାନ୍ ପ୍ରକଟ ହେଲେ ।

ଭଗବାନ୍ ଯେଉଁ ସ୍ଥୂଳ ରୂପରେ ପ୍ରକଟ ହୋଇଥିଲେ ସେଥିରେ ତାଙ୍କ ସମସ୍ତ ଦିବ୍ୟଗୁଣ ଅଖଣ୍ଡରୂପେ ପରିପୂର୍ଣ୍ଣ ଥିଲା । କିନ୍ତୁ ମନୁ-ସତରୂପା ସେମାନଙ୍କ ସୀମିତ ମନ-ପ୍ରାଣ-ଶରୀରରେ ବିଶାଳ ସମୁଦ୍ରର କିଛି ଭାଗ ସ୍ଥୂଳ ଦୃଷ୍ଟିରେ ଦେଖିବା ସଦୃଶ ଭଗବାନଙ୍କ ଦିବ୍ୟଗୁଣଯୁକ୍ତ ଅଲୌକିକ ଲାବଣ୍ୟ, ସୌନ୍ଦର୍ଯ୍ୟ ରୂପ ଯେତିକି ଉପଲବ୍ଧି କରିପାରିଲେ ସେଥିରେହିଁ ସେମାନଙ୍କ ମନ-ପ୍ରାଣ ଏବଂ ସମସ୍ତ ଇନ୍ଦ୍ରିୟ କେନ୍ଦ୍ରୀଭୂତ ହୋଇଗଲା; ଭଗବାନଙ୍କର ଯେଉଁ ଅଙ୍ଗରେ ଦୃଷ୍ଟି ପଡୁଥିଲା ସେହିଠାରେ ଅଟକି ରହିଯାଉଥିଲା । ସେମାନେ ଭଗବାନଙ୍କ ଲାବଣ୍ୟ, ସୌନ୍ଦର୍ଯ୍ୟ ରୂପର ଅନନ୍ତ ଗଭୀର ସମୁଦ୍ରରେ ଏକେବାରେ ଡୁବିଗଲେ । ସେଥିରୁ ବାହାର ହେବାର ଶକ୍ତି-ସାମର୍ଥ୍ୟ ସେମାନଙ୍କର ଆଉ ରହିଲା ନାହିଁ ।

ଭଗବାନ୍ ମନୁ-ସତରୂପାଙ୍କର ଏହି ଅବସ୍ଥା ଦେଖି କିଛି ସମୟ ପରେ ସେମାନଙ୍କୁ ସଚେତ କରାଇ ବର ମାଗିବାକୁ କହିଲେ । ସେମାନଙ୍କର ମାଗିବା ବସ୍ତୁ ଆଉ କିଛି ନ ଥିଲା । ଭଗବାନଙ୍କ ଦିବ୍ୟସ୍ୱରୂପ ସମ୍ମୁଖରେ ସଂସାରର ସମସ୍ତ ଐଶ୍ୱର୍ଯ୍ୟ ନିରସ, ଅପ୍ରତିଭ, ନିରର୍ଥକ ମନେ ହେଉଥିଲା । ଭଗବାନଙ୍କ ଦର୍ଶନରେ ବ୍ୟକ୍ତିର ଜାଗତିକ ବାସନା-କାମନା ସମୂଳେ ନଷ୍ଟ ହୋଇଯାଏ, ମାଗିବାର କିଛି ନ ଥାଏ, ଥାଏ କେବଳ ଭଗବାନ୍ । ମନର ଊର୍ଦ୍ଧ୍ୱ ଚେତନାରେ ଭଗବତ୍ ଉପଲବ୍ଧି କରେ ସଦାମୁକ୍ତ ଆତ୍ମା, ବ୍ୟକ୍ତିର ମନ-ପ୍ରାଣ-ଶରୀର ସେଥିରୁ ସର୍ବଥା ବଞ୍ଚିତ ରହନ୍ତି । ସେମାନେ ଯଦ୍ୟପି ଭଗବତ୍ ଦିବ୍ୟତତ୍ତ୍ୱରୁ ଆସିଛନ୍ତି ତଥାପି ଏଠାରେ ଅଦିବ୍ୟ ତତ୍ତ୍ୱରେ ବିକୃତ ତଥା ଭଗବାନଙ୍କ ବିଜାତି ହୋଇଥିବା ଯୋଗୁଁ ଭଗବତ୍ ଉପଲବ୍ଧି କରିପାରନ୍ତି ନାହିଁ । ସେମାନେ ଉପଲବ୍ଧି କରନ୍ତି ଭଗବାନ୍ ସ୍ଥୂଳରୂପେ ପ୍ରକଟ ହେଲେ । ସେମାନଙ୍କୁ ଏପରି ସୁଯୋଗ ମିଳେ ନାହିଁ । ସେହି ସକାଶେ ସେମାନେ ସଂସାର ବିଷୟରେ ସୁଖ ଚାହିଁ ମୃଗତୃଷ୍ଣାରେ ସର୍ବଥା ଜଳର ଅଭାବ ସଦୃଶ ନିରାଶ ହେଉଥା'ନ୍ତି ।

ଆଜି ମନୁ-ସତରୂପାଙ୍କ ମନ-ପ୍ରାଣ-ଶରୀର ସ୍ଥୂଳ ରୂପରେ ସାକ୍ଷାତ୍ ଭଗବାନଙ୍କ ଦର୍ଶନରେ ଚିରଦରିଦ୍ର କୋଟିନିଧି ପାଇବା ଆନନ୍ଦର ଅନନ୍ତ ଗୁଣ ଆନନ୍ଦ ପ୍ରାପ୍ତ ହୋଇ ସେଥିରେହିଁ ଡୁବିଗଲେ । ଭଗବାନଙ୍କୁ ଛାଡ଼ି ଏକ କ୍ଷଣ ରହିବା ସେମାନଙ୍କ ପକ୍ଷେ ସମ୍ଭବ ନ ଥିଲା କିନ୍ତୁ ଏହା ସମ୍ଭବ ହୁଅନ୍ତା ସ୍ଥୂଳ ଶରୀରରେ ଭଗବାନ୍ ସବୁ ସମୟରେ ତାଙ୍କ ସଙ୍ଗରେ ରହିଲେ । ଏହି କାରଣରୁ ଭଗବାନ୍ ପୁତ୍ରରୂପେ ପ୍ରାପ୍ତ ହେବା ସକାଶେ ମନୁ ବର ମାଗି ନେଇଥିଲେ ।

ମନୁଙ୍କୁ ବରଦେବା ପରେ ସତରୂପା ହାତଯୋଡ଼ି ବର ମାଗିବା ସକାଶେ ଭଗବାନଙ୍କ ସ୍ୱୀକୃତି ଅନ୍ତରରେ ଚାହୁଁଥିଲେ । ଭଗବାନ୍ ତାଙ୍କ ମନୋଭାବ ଜାଣି କହିଥିଲେ, ''ଦେବି ମାଗୁ ବର ଯୋ ରୁଚି ତୋରେ ।'' ଅର୍ଥାତ୍, ''ହେ ଦେବି, ତୋର ଯାହା ଇଚ୍ଛା ତାହା ବର ମାଗି ନେ ।''

ସତରୂପା ହାତଯୋଡ଼ି ପ୍ରାର୍ଥନା ଜଣାଇଲେ –

''ଜୋ ବର ନାଥ ଚତୁର ନୃପ ମାଗା ।
ସୋଇ କୃପାଳ ମୋହି ଅତି ପ୍ରିୟ ଲାଗା ।।''

ଅର୍ଥାତ୍, ''ଯେଉଁ ବର ଚତୁର ନୃପ ମାଗିଛନ୍ତି ସେହି ବର ମୋତେ ଅତ୍ୟନ୍ତ ପ୍ରିୟ, ଅର୍ଥାତ୍ ମୋତେ ମଧ୍ୟ ସେହି ବର ଦିଅନ୍ତୁ ।''

ପୁନରାୟ କହିଲେ, ''ଯେଉଁମାନେ ତୁମ ନିଜର ଅନନ୍ୟ ଭକ୍ତ ସେମାନେ ଯେଉଁ ପରମାନନ୍ଦ ପ୍ରାପ୍ତ ହୁଅନ୍ତି ଏବଂ ସେମାନଙ୍କର ଯେଉଁ ଗତି ହୁଏ ସେହି ସୁଖ, ସେହି ଗତି, ସେହି ଭକ୍ତି, ତୁମ ଚରଣରେ ସେହି ପ୍ରେମ, ସେହି ଜ୍ଞାନ, ସେହି ଆଚରଣ ମୋତେ କୃପା କରି ଦିଅନ୍ତୁ ।''

ଅତ୍ୟନ୍ତ କୋମଳ ତଥା ଗଭୀର ଅର୍ଥଯୁକ୍ତ ଶ୍ରେଷ୍ଠ ବଚନ ଶୁଣି କୃପାସିନ୍ଧୁ କୋମଳ ବଚନରେ କହିଲେ, ''ତୁମ

ମନରେ ଯାହା ଚାହିଁଛ ତାହାସବୁ ମୁଁ ଦେଲି, ଏଥିରେ କୌଣସି ସଂଶୟ ନାହିଁ।'' ପ୍ରଥମରେ ଦେବୀ ଶବ୍ଦରେ ସତରୂପାଙ୍କୁ ଭଗବାନ୍ ସମ୍ବୋଧନ କରିଥିଲେ। ବରଦେବା ପରେ ମାତା ସମ୍ବୋଧନ କରି କହିଲେ – ''ମାତା,ମୋ ଅନୁଗ୍ରହରୁ ତୋର ଅଲୌକିକ ବିବେକ କେବେ ବି ବିସ୍ମରଣ ହେବ ନାହିଁ।'' ଭଗବାନ୍ ବର ଦେଇ ଅନ୍ତର୍ଦ୍ଧାନ ହୋଇଗଲେ। ସମୟ ଅନୁସାରେ ଶରୀର ତ୍ୟାଗ କରି ତ୍ରେତାଯୁଗରେ ପ୍ରସିଦ୍ଧ ସୂର୍ଯ୍ୟବଂଶ ରଘୁକୁଳରେ ମନୁ ଶ୍ରୀ ଦଶରଥ ମହାରାଜାରୂପେ ଜନ୍ମଗ୍ରହଣ କରି ଅଯୋଧ୍ୟାର ରାଜସିଂହାସନ ସୁଶୋଭିତ କରିଥିଲେ; ସତରୂପା କୌଶଲ୍ୟାଦେବୀରୂପେ ତାଙ୍କ ପାଟରାଣୀ ହୋଇଥିଲେ। ଭଗବାନ୍ ନିଜ ବରକୁ ସତ୍ୟ କରି ଶ୍ରୀରାମରୂପେ ତାଙ୍କରି ପୁତ୍ର ହୋଇଥିଲେ।

(୭୯)

ମନୁ ଏବଂ ତାଙ୍କ ପତ୍ନୀ ସତରୂପା ଭଗବାନଙ୍କୁ ପୁତ୍ରରୂପେ ପ୍ରାପ୍ତ ହେବା ବର ମାଗିବା ସତ୍ତ୍ୱେ ଉଭୟଙ୍କର ଜ୍ଞାନରେ ପୃଥକତ୍ୱ ଥିଲା।

ମନୁ ମାଗିଥିଲେ :

''ସୁତ ବିଷଇକ ତବ ପଦ ରତି ହୋଉ।
ମୋହି ବଡ଼ ସୂତ କହୈକିନ କୋଉ ॥''

ଅର୍ଥାତ୍, ''ଲୋକେ ମୋତେ ବଡ଼ ମୂର୍ଖ ପଛକେ କୁହନ୍ତୁ କିନ୍ତୁ ପୁତ୍ରରୂପେ ତୁମ ପ୍ରତି ମୋର ପ୍ରୀତି ହେବ।''

ମୋହାସକ୍ତ ସଂସାରୀ ବ୍ୟକ୍ତିଙ୍କ ପୁତ୍ର ପ୍ରତି ପ୍ରୀତି ହୁଏ ଅଜ୍ଞାନ ଅହଂର ଆଶ୍ରିତ ମନ-ପ୍ରାଣ-ଶରୀରରେ। ସେମାନେ ଆତ୍ମାର ସନ୍ଧାନ ପାଆନ୍ତି ନାହିଁ, ନାଶବାନ୍ ସ୍ଥୂଳ ଶରୀରକୁହିଁ ବ୍ୟକ୍ତିସ୍ୱରୂପ ମାନନ୍ତି। ଏହି ଅଜ୍ଞାନତାକୁହିଁ ବରରୂପେ ମନୁଙ୍କର ମାଗିବାର ଉଦ୍ଦେଶ୍ୟ ହେଲା, ସେ ମନ-ପ୍ରାଣ-ଶରୀରରେହିଁ ଭଗବତ୍ ପ୍ରେମ ଉପଲବ୍ଧି ଚାହୁଁଥିଲେ। ସେ ଭଗବାନଙ୍କୁ ଦର୍ଶନ କରି ସାରିଥିଲେ। ତାଙ୍କ ଆତ୍ମା ମୋହାସକ୍ତ ମନ-ପ୍ରାଣ-ଶରୀରର ଆବରଣରୁ ମୁକ୍ତ ହୋଇ ସାରିଥିଲା। ମୁକ୍ତ ଆତ୍ମାକୁ ପୁନରାୟ ଜନ୍ମଗ୍ରହଣ କରିବା ଆବଶ୍ୟକ ନ ଥାଏ। ଯଦି କୌଣସି କାରଣବଶତଃ ସେମାନେ ଆତ୍ମସଂକଳ୍ପରେ ଜନ୍ମଗ୍ରହଣ କରନ୍ତି ତେବେ ସେମାନେ ଅଜ୍ଞାନଗ୍ରସ୍ତ ସଂସାରୀ ବ୍ୟକ୍ତିଙ୍କ ସଦୃଶ ମୋହିତ ହୁଅନ୍ତି ନାହିଁ କିଂବା ଭଗବାନଙ୍କ ପ୍ରେରଣାରେ ଭଗବାନଙ୍କ କାର୍ଯ୍ୟ ସକାଶେ ଏହି ପୃଥିବୀରେ ଯଦି ଜନ୍ମଗ୍ରହଣ କରନ୍ତି ତେବେ ଭଗବାନଙ୍କ କାର୍ଯ୍ୟ ସକାଶେ ଆବଶ୍ୟକ ହେଲେ ଭଗବାନଙ୍କ ପ୍ରେରଣାରେ ସାମୟିକରୂପେ ତାଙ୍କ ଜ୍ଞାନ ଆବୃତ ହୁଏ କିନ୍ତୁ ସ୍ଥାୟିରୂପେ ଆବୃତ ହୁଏ ନାହିଁ। ମନୁ ଭାବିଲେ, ''ଭଗବାନଙ୍କୁ ତ' ପୁତ୍ରରୂପେ ପାଇବା ସକାଶେ ବର ପାଇଲି, କିନ୍ତୁ ଭଗବତ୍ ଜ୍ଞାନ ରହିଲେ ମନ-ପ୍ରାଣ-ଶରୀରକୁ ଭଗବତ୍ ଆନନ୍ଦ ମିଳିବ ନାହିଁ। ଏହା ମିଳିବ ଯେବେ ମୋହମାୟାଶ୍ରିତ ବିଷୟୀ ବ୍ୟକ୍ତି ସଦୃଶ ମନ, ପ୍ରାଣ, ଶରୀରରେ ପୁତ୍ରର ସମ୍ପର୍କ ରହେ। ସେହି ସକାଶେ ସେ ଭଗବାନଙ୍କଠାରୁ ବିଷୟୀ ବ୍ୟକ୍ତି ସଦୃଶ ପୁତ୍ରସ୍ନେହ ବର ମାଗି ନେଇଥିଲେ।

ଭଗବାନଙ୍କଠାରୁ ପୃଥକ୍ ରହି ସେବ୍ୟ-ସେବକରୂପେ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ତଥା ମଧୁର ଏବଂ ଶାନ୍ତ ଭାବରେ ସେବା, ପୂଜା, ସମର୍ପଣ, ପ୍ରାର୍ଥନା, ନାମଜପ ଆଦି କରିବାହିଁ ଭକ୍ତି। ଭଗବାନଙ୍କଠାରୁ ପୃଥକ୍ ରହି ଭକ୍ତି କରିବାର ଅର୍ଥ ଦ୍ୱୈତବାଦ। ଭଗବାନଙ୍କ ନିରାକାର, ନିଷ୍କ୍ରିୟ ପରମବ୍ରହ୍ମ ସତ୍ତାଠାରୁ ନିଜକୁ ପୃଥକ୍ ଧାରଣ ନ କରି ନିଜେ ସେହି ନିରାକାର ସତ୍ତା ସହିତ ଏକ ଧାରଣା କରିବା ଏବଂ ଶେଷରେ ସେହି ସତ୍ତା ସହିତ ଏକ ହୋଇଯିବାକୁ ଆଚାର୍ଯ୍ୟମାନେ ଅଦ୍ୱୈତବାଦ ନାମ ଦେଇଛନ୍ତି। ଅଦ୍ୱୈତ ଅର୍ଥ ଦୁଇ ନୁହେଁ – ଏକ ନିରାକାର ତତ୍ତ୍ୱ। ସଂସାରର ଭିନ୍ନ ଭିନ୍ନ ଦୃଶ୍ୟମାନ ବସ୍ତୁ ମିଥ୍ୟା, ମାୟା।

ଭକ୍ତିର ବହୁ ଅବସ୍ଥା ଅଛି। କିନ୍ତୁ ଏଠାରେ କେବଳ ମାଧୁର୍ଯ୍ୟ ଏବଂ ଐଶ୍ୱର୍ଯ୍ୟ – ଏହି ଦୁଇ ଭକ୍ତିର ସ୍ୱରୂପ ଆଲୋଚନା କରିବା।

ଷଡ଼ ଐଶ୍ୱର୍ଯ୍ୟଯୁକ୍ତ ପରମବ୍ରହ୍ମ ଭଗବାନ୍ ସୃଷ୍ଟିର ସର୍ଜନ, ପାଳନ ଓ ସଂହାରର କାରଣ । ବ୍ୟକ୍ତି ଭଗବାନଙ୍କ ଅଂଶ, ଭଗବତ୍ ତତ୍ତ୍ୱ, ଆତ୍ମସ୍ୱରୂପ, ଭଗବାନଙ୍କଠାରୁ ପୃଥକ୍, ଭଗବାନଙ୍କ ସେବକ – ଏହି ଭାବରେ ଭଗବାନଙ୍କୁ ଭକ୍ତି କରିବାହିଁ ଐଶ୍ୱର୍ଯ୍ୟ ଭକ୍ତି ।

ଭଗବାନଙ୍କଠାରୁ ପୃଥକ୍ ରହି ଭଗବାନଙ୍କ ସହିତ ଜାଗତିକ ଶରୀର-ମନ-ପ୍ରାଣ, ଇନ୍ଦ୍ରିୟ ସଂପର୍କରେ ପିତା, ପୁତ୍ର, ସଖ୍ୟ, ଦାସ୍ୟ, ମଧୁର ଭାବରେ ସ୍ନେହ, ଶ୍ରଦ୍ଧା ଓ ଭକ୍ତି ଭାବରେ ସେବା, ପୂଜା କରିବାହିଁ ମାଧୁର୍ଯ୍ୟ ଭକ୍ତି ।

ଅଦ୍ୱୈତବାଦରେ ମନ-ପ୍ରାଣ-ଶରୀରକୁ ମିଥ୍ୟା, ମାୟା କହି ଆତ୍ମାକୁ ନିଷ୍କ୍ରିୟ, ନିରାକାର ସତ୍ତାରେ ଏକ କରିବା ଦ୍ୱାରା ମନ-ପ୍ରାଣ-ଶରୀର ଭଗବତ୍ ଆନନ୍ଦର ଆସ୍ୱାଦ କିଛିମାତ୍ର ପାଆନ୍ତି ନାହିଁ । କେବଳ ଜନ୍ମ-ମରଣରୁ ନିବୃତ୍ତ ହୁଅନ୍ତି ।

ଐଶ୍ୱର୍ଯ୍ୟ ଭକ୍ତିରେ ଭକ୍ତ ଭଗବାନଙ୍କଠାରୁ ପୃଥକ୍ ରହି ଯଦ୍ୟପି ଭକ୍ତି କରନ୍ତି ତଥାପି ଜାଗତିକ ଇନ୍ଦ୍ରିୟଗତ ପିତା, ପୁତ୍ର, ସଖ୍ୟ, ଦାସ୍ୟ ଏବଂ ମଧୁର ଭାବ ନ ଥିବାରୁ ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟ ଆନନ୍ଦରୁ ବଞ୍ଚିତ ରହନ୍ତି । ମନ-ପ୍ରାଣ-ଶରୀରକୁ ଭଗବତ ଦିବ୍ୟ ଭାବ ପ୍ରାପ୍ତ ହୁଏ ଜାଗତିକ ସ୍ୱଜାତି ସମ୍ପର୍କରେ । ଭଗବାନ୍ ପରମ ଦିବ୍ୟ, ମନୁଷ୍ୟର ମନ-ପ୍ରାଣ-ଶରୀର ଦିବ୍ୟର ବିକୃତ ରୂପ ଏବଂ ଦିବ୍ୟର ବିଜାତି ଅଦିବ୍ୟ । ଦିବ୍ୟ ଏବଂ ଅଦିବ୍ୟ ବିଜାତି ତତ୍ତ୍ୱର କେବେ ବି ସମ୍ପର୍କ ହେବା ସମ୍ଭବ ନୁହେଁ । ସମ୍ଭବ ହୁଏ ମନୁଷ୍ୟର ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେଲେ ଅଥବା ଭଗବାନ୍ ଅବତାର ନେଇ ମନୁଷ୍ୟର ଅଦିବ୍ୟ ତତ୍ତ୍ୱ ଗ୍ରହଣ କଲେ । ସେସମୟରେ ମନର ବିକାଶ ଶେଷ ହୋଇ ନ ଥିବାରୁ ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀରର ରୂପାନ୍ତର ସମ୍ଭବ ନ ଥିଲା । ଥିଲା ଭଗବାନ୍ ମନୁଷ୍ୟ-ଶରୀର ଧାରଣ କଲେ । ଏହି କାରଣରୁ ମନ-ପ୍ରାଣ-ଶରୀରରେ ଭଗବତ୍ ଦିବ୍ୟ ଆନନ୍ଦ ଉପଲବ୍ଧି ସକାଶେହିଁ ମନୁ ଭଗବାନଙ୍କୁ ପୁତ୍ରରୂପେ ବର ମାଗି ନେଇଥିଲେ ।

ଶ୍ରୀଚକ୍ରବର୍ତ୍ତୀ ମହାରାଜ ଦଶରଥ, ମା କୌଶଲ୍ୟା, ନନ୍ଦ ଏବଂ ଯଶୋଦା ତଥା ସେ ସମୟରେ ଅନ୍ୟ ଭକ୍ତମାନେ ଭଗବାନଙ୍କୁ ପୁତ୍ର, ସଖ୍ୟ, ସ୍ୱାମି ରୂପେ ପାଇ ଯେଉଁ ଦିବ୍ୟ ଆନନ୍ଦ ମନ-ପ୍ରାଣ-ଶରୀରରେ ଉପଲବ୍ଧି କରିଥିଲେ, ପରବର୍ତ୍ତୀ କାଳରେ ସେହି ଆନନ୍ଦ ଉପଲବ୍ଧି କରିବା ସକାଶେ ଦ୍ୱୈତ ଭକ୍ତମାନେ ସାକେତ, ଗୋଲକ ବୈକୁଣ୍ଠରେ କଳ୍ପନା ଦ୍ୱାରା ଭଗବତ୍ ସେବା ପ୍ରାପ୍ତ ହୋଇଥିଲେ । ସେମାନେ ବାସ କରନ୍ତି ଏହି ମୃତ୍ୟୁ ପୁରୀରେ । ସେମାନଙ୍କ ମନ-ପ୍ରାଣ-ଶରୀର ଅପରାର୍ଦ୍ଧ ଜାଗତିକ ବିକୃତ ତତ୍ତ୍ୱରେ ଗଢ଼ା । ସେମାନେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ମୋହ, ଅଜ୍ଞାନ କବଳରେ କବଳିତ ହୋଇଥା'ନ୍ତି କିନ୍ତୁ କଳ୍ପନା କରନ୍ତି ସେମାନଙ୍କ ଶରୀର ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଅଜ୍ଞାନ, ଦୁଃଖକଷ୍ଟରୁ ମୁକ୍ତ ଏବଂ ଭଗବତ୍ ଦିବ୍ୟ ତତ୍ତ୍ୱ ଏବଂ ଭିନ୍ନ ଭିନ୍ନ ଭାବରେ ଭଗବାନଙ୍କ ସେବକ । ସେହି ଭଗବତ୍ ଦିବ୍ୟ ସେବା ଅନୁସାରେ ସେମାନଙ୍କ ନାମ ଭିନ୍ନ । ଅର୍ଥାତ୍ ଏହି ମୃତ୍ୟୁପୁରୀରେ ଥିବା ଉପସ୍ଥିତ ଶରୀରଠାରୁ ଦିବ୍ୟଲୋକରେ ଭଗବତ୍ ସେବାପ୍ରାପ୍ତ କଳ୍ପନା ଶରୀର ଏବଂ ନାମ ସଂପୂର୍ଣ୍ଣ ଭିନ୍ନ । ସେହି ନାମ, ସେହି ରୂପରେ ନିଜକୁ ମାନନ୍ତି । ନିରନ୍ତର ନିଜର ସେହି ରୂପରେ ଭଗବାନଙ୍କୁ ଭକ୍ତି କରନ୍ତି । ସେହି ଭାବରେ ଦୀର୍ଘ ଦିନ ସ୍ମରଣ କରିବା ଦ୍ୱାରା ସେମାନଙ୍କ ଚେତନାରେ ତାହା ପ୍ରତିଷ୍ଠିତ ହୋଇଯାଏ । ଶରୀରତ୍ୟାଗ ପରେ ବ୍ୟକ୍ତି ପୂର୍ବ ସ୍ମରଣ ଅନୁସାରେ ଭଗବତ୍ ସେବା ପ୍ରାପ୍ତ ହୁଏ । ଏହି ମାଧୁର୍ଯ୍ୟ ଭକ୍ତିରେ ମନୁଷ୍ୟର ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟାନନ୍ଦ ଉପଲବ୍ଧି କରୁଥିବାରୁ ଦ୍ୱୈତବାଦୀ ଭକ୍ତମାନେ ଐଶ୍ୱର୍ଯ୍ୟ ଭକ୍ତିଠାରୁ ମାଧୁର୍ଯ୍ୟ ଭକ୍ତିକୁହିଁ ଅତ୍ୟନ୍ତ ଶ୍ରେଷ୍ଠ ମାନନ୍ତି ।

ଶ୍ରେଷ୍ଠ ମାନିବାର ଅନ୍ୟ କାରଣ ହେଲା ମନୁଷ୍ୟର ଯେଉଁ ପରମ ଲକ୍ଷ୍ୟ ଭଗବାନଙ୍କୁ ମନ-ପ୍ରାଣ-ଶରୀରରେ ଉପଲବ୍ଧି କରିବା, ଯେଉଁ ଉଦ୍ଦେଶ୍ୟରେ ଭଗବାନଙ୍କ ସୃଷ୍ଟି ଏବଂ ଭଗବାନଙ୍କ ସଂକଳ୍ପ, ଯେଉଁ ଲକ୍ଷ୍ୟକୁ ବେଦ, ଉପନିଷଦ୍ ତଥା କ୍ରମବିକାଶ ଏବଂ ପ୍ରତ୍ୟକ୍ଷ ଘଟଣା ସମର୍ଥନ କରୁଛି, ସେହି ଲକ୍ଷ୍ୟର ଅତ୍ୟନ୍ତ ନିକଟରେ ମାଧୁର୍ଯ୍ୟ ଭକ୍ତି ପହଞ୍ଚିଛି । ଏହାର ପର ପାବଚ୍ଛ ହେଉଛି ଶ୍ରୀଅରବିନ୍ଦଙ୍କ ଯୋଗରେ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ଅଭିବ୍ୟକ୍ତି । ପୁରାତନ ଯୋଗରେ ଅନ୍ୟାନ୍ୟ ଯୋଗୀଙ୍କ ଅପେକ୍ଷା ଦ୍ୱୈତ ଭକ୍ତ ଯୋଗୀ ମାଧୁର୍ଯ୍ୟ ଭକ୍ତି ଦ୍ୱାରା ସତ୍ୟର ବହୁ ନିକଟରେ ପହଞ୍ଚିଛନ୍ତି ।

ଅନ୍ୟ ଦୃଷ୍ଟିରୁ ଆତ୍ମା ଭଗବତ୍ ତତ୍ତ୍ୱ ଆନନ୍ଦ ସ୍ୱରୂପ । ତାକୁ କୌଣସି ଅଭାବ ନ ଥାଏ କିଂବା ଦୁଃଖକଷ୍ଟ ସ୍ପର୍ଶ କରେ ନାହିଁ । ସେହି ଆତ୍ମା ଭଗବତ୍ ପ୍ରାପ୍ତ ହେବାରେ ବିଶେଷତ୍ୱ ନ ଥାଏ । ମନ-ପ୍ରାଣ-ଶରୀର ଦୁଃଖକଷ୍ଟରେ ଜର୍ଜରିତ ହେଉଥା'ନ୍ତି । ପରମାନନ୍ଦ କଳ୍ପନା ସେମାନଙ୍କ ପକ୍ଷେ ସମ୍ଭବ ହୁଏ ନାହିଁ । ସେମାନଙ୍କୁ ଭଗବତ୍ ଦିବ୍ୟାନନ୍ଦ ପ୍ରାପ୍ତ ହେବା ହେଲା ବିଶେଷତ୍ୱ । ଏହି କାରଣରୁ ଐଶ୍ୱର୍ଯ୍ୟ ଭକ୍ତିଠାରୁ ମାଧୁର୍ଯ୍ୟ ଭକ୍ତିକୁ ଭକ୍ତମାନେ ଶ୍ରେଷ୍ଠ ମାନନ୍ତି । ଆତ୍ମା ସର୍ବଦା ଆନନ୍ଦମୟ ଭଗବତ୍ ସ୍ୱରୂପ । ଆତ୍ମାକୁ ଭଗବତ୍ ପ୍ରାପ୍ତି ସକାଶେ ଭଗବାନ୍ ସଂସାର କରି ନାହାନ୍ତି, କରିଛନ୍ତି ମନ-ପ୍ରାଣ-ଶରୀରରେହିଁ ଭଗବତ୍ ପ୍ରାପ୍ତି ସକାଶେ । ପ୍ରତ୍ୟେକ ମନୁଷ୍ୟର ଏହାହିଁ ଜୀବନର ଲକ୍ଷ୍ୟ । ଏହିସବୁ କାରଣରୁ ମନୁ ଭଗବାନଙ୍କୁ ପୁତ୍ରରୂପେ ତଥା ପୁତ୍ର ଭାବରେ ସ୍ନେହ କରିବାକୁ ବର ମାଗିଥିଲେ ତଥା କହିଥିଲେ, ''ଏହି ରହସ୍ୟ ଯେଉଁମାନେ ନ ଜାଣନ୍ତି ସେମାନେ ପଛକେ ମୋତେ ବଡ଼ ମୂର୍ଖ କହନ୍ତୁ, କିନ୍ତୁ ତୁମ ପ୍ରତି ମୋର ସଂସାରୀ ପୁତ୍ର ସଦୃଶ ପ୍ରେମ ହେଉ ।''

କିନ୍ତୁ ସତରୂପା ଯଦ୍ୟପି ଭଗବାନଙ୍କୁ ପୁତ୍ରରୂପେ ପ୍ରାପ୍ତ କରିବା ବର ମାଗିଥିଲେ ଏବଂ ମନ-ପ୍ରାଣ-ଶରୀରରେହିଁ ଭଗବତ୍ ଭକ୍ତି ଏବଂ ଉପଲବ୍ଧି ଚାହିଁଥିଲେ ତଥାପି ପତିଙ୍କ ସଦୃଶ ମୋହମାୟାରେ ନିଜ ସ୍ୱରୂପ ଭୁଲିଯିବା ଚାହିଁ ନ ଥିଲେ । ସେହି ସକାଶେ ଭଗବାନଙ୍କଠାରୁ ସେ ମାଗିଥିଲେ –

''ଜେ ନିଜ ଭଗତ ନାଥ ତବ ଅହହୀଂ ।
ଜୋ ସୁଖ ପାବହିଂ ଜୋ ଗତି ଲହହୀଂ ॥
ସୋଇ ସୁଖ, ସୋଇ ଗତି, ସୋଇ ଭକତି,
ସୋଇ ନିଜ ଚରଣ ସନେହୁ ।
ସୋଇ ବିବେକ, ସୋଇ ରହନି ପ୍ରଭୁ ହମହି
କୃପାକରି ବେହୁ ॥
(ବାଳକାଣ୍ଡ – ୧୫୦)

ଅର୍ଥାତ୍, ''ତୁମର ଯେ ନିଜ ଭକ୍ତ ତାକୁ ଯେଉଁ ସୁଖ ପ୍ରାପ୍ତ ହୁଏ, ଯେଉଁ ଗତି ହୁଏ, ସେହି ସୁଖ, ସେହି ଗତି, ସେହି ଭକ୍ତି, ତୁମ ଚରଣରେ ସେହି ଅନୁରାଗ, ସେହି ବିବେକ, ସେହି ରହିବା ପ୍ରଣାଳୀ ମୋତେ କୃପାକରି ଦିଅ ।''

ପତି-ପତ୍ନୀ ଭଗବାନଙ୍କଠାରୁ ଯେପରି ବର ମାଗିଥିଲେ ପରଜନ୍ମରେ ଠିକ୍ ସେହି ପରିସ୍ଥିତି ଉଭୟଙ୍କୁ ପ୍ରାପ୍ତ ହୋଇଥିଲା ।

ଭଗବାନ୍ ବର ଦେଇ ଅନ୍ତର୍ଦ୍ଧାନ ହୋଇଯିବା ପରେ ମନୁ-ସତରୂପା ସେହି ନୈମିଷାରଣ୍ୟରେ କିଛି ବର୍ଷ ଭଗବତ୍ ଆନନ୍ଦରେ ନିମଗ୍ନ ରହିଥିଲେ । ସମୟ ଅନୁସାରେ ଶରୀର ପରିତ୍ୟାଗକରି ସ୍ୱର୍ଗରେ ନିବାସ କଲେ । ପୁନରାୟ ତ୍ରେତା ଯୁଗରେ ଅଯୋଧ୍ୟାର ପ୍ରସିଦ୍ଧ ମହାରାଜା ରଘୁବଂଶରେ ଅଜ ନୃପତିଙ୍କ ପୁତ୍ରରୂପେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ନାମ ହୋଇଥିଲା ଦଶରଥ । ସତରୂପା କୌଶଲ୍ୟାଦେବୀ ନାମରେ ତାଙ୍କୁ ରାଣୀରୂପେ ପ୍ରାପ୍ତ ହୋଇଥିଲେ । ଚକ୍ରବର୍ତ୍ତୀ ଶ୍ରୀ ଦଶରଥ ମହାରାଜା ପୁତ୍ରେଷ୍ଟି ଯଜ୍ଞ କରାଇବା ପରେ ପରମବ୍ରହ୍ମ ପୁରୁଷୋତ୍ତମ ତତ୍ତ୍ୱ ଶ୍ରୀରାମରୂପେ ମହାରାଣୀ କୌଶଲ୍ୟା ଦେବୀଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଥିଲେ । ଠିକ୍ ବର ଅନୁସାରେ ଉଭୟ ଦମ୍ପତିଙ୍କ ଜୀବନରେ ଘଟିଥିଲା ।

ମାତା କୌଶଲ୍ୟା ଦେବୀଙ୍କ ଜ୍ଞାନ ଆବୃତ ନ ହେବା ତଥା ସ୍ୱୟଂ ଭଗବାନ୍ ପୁତ୍ରରୂପେ ପ୍ରାପ୍ତ ହୋଇଥିବା ବିଶ୍ୱାସ କରାଇବା ସକାଶେ ଭଗବାନ୍ ଚତୁର୍ଭୁଜରୂପେ ଶଙ୍ଖ-ଚକ୍ର-ଗଦା-ପଦ୍ମ ଧାରଣ କରି ପ୍ରକଟ ହୋଇଥିଲେ । ବରଦାନ ଅନୁସାରେ ମାତା କୌଶଲ୍ୟାଦେବୀ ଭଗବାନଙ୍କୁ ଚର୍ମଚକ୍ଷୁରେ ଦର୍ଶନ କରି ତାଙ୍କୁ ସର୍ବଶକ୍ତିମତ୍ତା, ବ୍ରହ୍ମାଣ୍ଡନାୟକ ସମ୍ବୋଧନ ପୂର୍ବକ ସ୍ତୁତି କଲେ । ଭଗବାନ୍ ନରଲୀଳା କରି ପୁତ୍ରସୁଖ ଦେବା ସକାଶେ ଅବତାର ଗ୍ରହଣ କରିଥିଲେ । ମାତାଙ୍କର ଏହି ଜ୍ଞାନ ସର୍ବଦା ରହିଲେ ମାତା ଏବଂ ପୁତ୍ର ଉଭୟଙ୍କର ଉଦ୍ଦେଶ୍ୟ ସିଦ୍ଧ ହୋଇପାରିବ ନାହିଁ । ସେହି ସକାଶେ ଭଗବାନ୍

ମା'ଙ୍କୁ ଦେଖି ଅଳ୍ପ ହସି ପୂର୍ବ ବରଦାନକୁ ସ୍ମରଣ କରାଇ ଦେଲେ । ସଙ୍ଗେ ସଙ୍ଗେ କୌଶଲ୍ୟାଦେବୀଙ୍କ ଭଗବତ୍ ଜ୍ଞାନ ପରିବର୍ତ୍ତିତ ହୋଇଗଲା । ସେ କହିଲେ, ''ହେ ଜଗତ୍ ପିତା, ଏହି ଐଶ୍ୱର୍ଯ୍ୟ ରୂପ ତ୍ୟାଗ କରି ପରମ ସୁଖମୟ ଅନୁପମ ଅତି ପ୍ରିୟ ଶିଶୁ-ଲୀଳା କର ।'' ମା'ଙ୍କ କଥା ଶୁଣିବା ମାତ୍ରେ ବାଳକ ରୂପରେ ସେ ରୋଦନ କରିବାକୁ ଆରମ୍ଭ କଲେ । ପରମ ପ୍ରିୟ ଶିଶୁର ରୋଦନ ଶୁଣିବା ମାତ୍ରେ ଦାସୀମାନେ ଦୌଡ଼ିଆସି ଯତ୍ନ ଉପଚାର କରିବାକୁ ଲାଗିଲେ ।

''ମାତା ପୁନି ବୋଲୀ ସୋ ମତି ଡୋଲୀ ତବହୁ
ତାତ ୟହ ରୂପା ।
କିଜୈ ଶିଶୁଲୀଳା ଅତି ପ୍ରିୟସୀଲା ୟହ ସୁଖ
ପରମ ଅନୂପା ॥
ସୁନି ବଚନ ସୁଜାନା ରୋଦନ ଠାନା ହୋଇ ବାଲକ
ସୁରଭୂପା ॥

କଥା କଥାରେ ପୁତ୍ର ଉତ୍ପନ୍ନ ଖବର ଚାରିଆଡ଼େ ହୁରି ପଡ଼ିଗଲା । ସେହି ସମୟରେ ଦଶରଥ ମହାରାଜାଙ୍କ ମଧ୍ୟମା ରାଣୀ କୈକେୟୀଙ୍କ ଗର୍ଭରୁ ଭରତ, ଛୋଟ ରାଣୀ ସୁମିତ୍ରାଙ୍କ ଗର୍ଭରୁ ଲକ୍ଷ୍ମଣ ଏବଂ ଶତ୍ରୁଘ୍ନ ଉତ୍ପନ୍ନ ହୋଇଥିଲେ ।

(୩୦)

ଶ୍ରୀରାମଙ୍କ ଜନ୍ମ ସମୟର ଉତ୍ସବ ଏବଂ ଆନନ୍ଦ ବର୍ଣ୍ଣନା କରିବାରେ ଭାଷାର ସର୍ବଥା ଅଭାବ, ଏହା କେବଳ ଅନୁଭବଗମ୍ୟ ।... ସେ ସମୟରେ ସମସ୍ତ ଅଯୋଧ୍ୟାବାସୀ ଆନନ୍ଦରେ ବିଭୋର ହୋଇଗଲେ । ଯାହା ପାଖରେ ଯାହା ଥିଲା ସର୍ବସ୍ୱ ଦାନ କରିଦେଲେ । କିନ୍ତୁ ଯେଉଁମାନେ ଦାନ ଗ୍ରହଣ କରୁଥିଲେ ସେମାନେ ବି ଦାନଦ୍ରବ୍ୟ ପାଖରେ ନ ରଖି ସଙ୍ଗେ ସଙ୍ଗେ ଦାନ କରି ଦେଉଥିଲେ । ଆନନ୍ଦ-ସମୁଦ୍ର ମାଡ଼ିଆସି ସମସ୍ତ ଅଯୋଧ୍ୟା ତଥା ସମସ୍ତ ପୃଥିବୀକୁ ପ୍ଲାବିତ କରି ଦେଇଥିଲା ।... ଦେବତାମାନେ ଆକାଶରେ ପୁଷ୍ପବୃଷ୍ଟି କରୁଥିଲେ । ଅପ୍ସରାମାନେ ନୃତ୍ୟ କରୁଥିଲେ । କାହାର ବି ଶରୀରଶୁଦ୍ଧି ନ ଥିଲା । ସୂର୍ଯ୍ୟଦେବ ଏବଂ ପୃଥିବୀ ଆନନ୍ଦରେ ମଗ୍ନ ହୋଇ ଗୋଟିଏ ମାସ ସ୍ଥିର ରହିଗଲେ । ମାସଟିଏ ଗୋଟିଏ ଦିନ ହୋଇଗଲା । କିନ୍ତୁ ସମସ୍ତ ସଂସାର ଆନନ୍ଦରେ ମଗ୍ନ ଥିବାରୁ ଏହି ରହସ୍ୟ କେହି ଜାଣିପାରିଲେ ନାହିଁ ।

ମାସ ଦିବସ କର ଦିବସ ଭା ମରମ ନ ଜାନଇ କୋଇ
ରଥ ସମେତ ରବି ଥାକେଉ ନିସା କବନ ବିଧି ହୋଇ ।

(ଦୋହା – ୧୯୫)

ପୂର୍ବଜନ୍ମରେ ଶ୍ରୀ ଦଶରଥ ଏବଂ ମା କୌଶଲ୍ୟା ସ୍ଥୂଳ ଶରୀର ତଥା ମନ-ପ୍ରାଣରେ ଭଗବତ୍ ଉପଲବ୍ଧି ଏବଂ ଭଗବତ୍ ଆନନ୍ଦ ପ୍ରାପ୍ତ କରିବାର ଯେଉଁ ବର ମାଗିଥିଲେ ତାହା ଚରିତାର୍ଥ ହେଲା । ମନ-ପ୍ରାଣ-ଶରୀରରେ ଭଗବତ୍ ଉପଲବ୍ଧିର ଆନନ୍ଦ ଜାଗତିକ ଭାଷାରେ ବର୍ଣ୍ଣନା ତଥା ଅରୂପାନ୍ତରିତ ମନରେ ବୁଝିବା ସମ୍ଭବ ନୁହେଁ । ଯଥାର୍ଥରେ ଶ୍ରୀମହାରାଜ ଦଶରଥ ଓ ମା କୌଶଲ୍ୟା ଭଗବାନଙ୍କ କେତେ କୃପାପାତ୍ର ତାହା କଳ୍ପନା କରିବା ଅସମ୍ଭବ ।

ଅଚିନ୍ତ୍ୟ, ଅଗୋଚର ପରମବ୍ରହ୍ମ ପୁରୁଷୋତ୍ତମ ତତ୍ତ୍ୱଙ୍କୁ ମା' କୌଶଲ୍ୟା କୋଳରେ ଧାରଣ କରି ଦୁଗ୍ଧ ପାନ କରାଇଲେ, ମୁଖରେ ଚୁମ୍ବନ ଦେଲେ, ତାଙ୍କୁ ସ୍ନାନ କରାଇଲେ, ଭୂଷଣ ପିନ୍ଧାଇଲେ, ପୁଷ୍ପରେ ବିଭୂଷିତ କଲେ; ତାଙ୍କୁ ନୃତ୍ୟ କରାଇଲେ, କୋଳରେ ନେଇ ନିଦ୍ରା ଗଲେ । ଦିନରେ ତାଙ୍କ ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟଲୀଳାନନ୍ଦରେ

ନିମଗ୍ନ ରହିଲା, ରାତିରେ ସ୍ୱପ୍ନାବସ୍ଥାରେ ବି ସେହି ଦିବ୍ୟାନନ୍ଦରେ ବିଚରଣ କରୁଥିଲା । ମା କୌଶଲ୍ୟାଦେବୀଙ୍କୁ ପ୍ରାପ୍ତ ବାତ୍ସଲ୍ୟଲୀଳା ସ୍ମରଣ କରି ଆଜି ହଜାର ହଜାର, ଲକ୍ଷ ଲକ୍ଷ ନରନାରୀ ଭଗବତ୍ ପରାଭକ୍ତି ଉପଲବ୍ଧି କରୁ ଅଛନ୍ତି । ସେହି ମାଧୁର୍ଯ୍ୟ ଭକ୍ତିର ମହିମା ଅବର୍ଣ୍ଣନୀୟ । ଗୋସ୍ୱାମୀ ତୁଳସୀଦାସ ରାମାୟଣ ତଥା ଗୀତାବଳୀ ଏବଂ କବିତାବଳୀ ଗ୍ରନ୍ଥରେ ଶ୍ରୀରାମଙ୍କ ଯେଉଁ ବାଲ୍ୟଲୀଳା ବର୍ଣ୍ଣନା କରିଅଛନ୍ତି ତାହା ପଢ଼ିଲେ ନୀରସ, ଶୁଷ୍କ, ପାଷାଣ ସଦୃଶ କଠୋର ହୃଦୟ ବି ଭଗବତ୍ ପ୍ରେମରେ ପ୍ଲାବିତ ହୋଇଯିବ ।

ସେହି ଋଷି-ମୁନି-ଦେବ-ଦୁର୍ଲଭ ପରମ ପବିତ୍ର ଶ୍ରୀରାମଙ୍କ ବାଲ୍ୟଲୀଳା-ସୁମଦ୍ରରେ ମାତା କୌଶଲ୍ୟା ତଥା ଅବଧବାସୀ ଦିନରାତି ଡୁବି ରହୁଥିଲେ । ଅବଧବାସୀ ପୁରୁଷମାନେ ରାଣୀବାସକୁ ଯାଇ ଶ୍ରୀରାମଙ୍କ ଲୀଳାକୁ ଦେଖିପାରୁ ନ ଥିଲେ, କିନ୍ତୁ ଭୋରରୁ ଆସି ଦ୍ୱାରରେ ଅପେକ୍ଷା କରୁଥିଲେ । ଶ୍ରୀମହାରାଜ ଦଶରଥ ଯେବେ କୋଳ କରି ଚାରିଭାଇଙ୍କୁ ଦାଣ୍ଡକୁ ଆଣୁଥିଲେ ତେବେ ସେମାନେ ଦିବ୍ୟଲୀଳାର ଆସ୍ୱାଦନ ପାଉଥିଲେ । କିନ୍ତୁ ଅବଧବାସୀ ମା'ମାନେ ଭୋର ହେବା ମାତ୍ରେ ରାଣୀବାସରେ ଉପସ୍ଥିତ ହେଉଥିଲେ । ସେମାନେ ମଧ୍ୟ ମା' କୌଶଲ୍ୟାଙ୍କ ସଦୃଶ ଯନ୍ତ୍ରବତ୍ ଘରର ସମସ୍ତ କାର୍ଯ୍ୟ କରୁଥିବା ଅବସ୍ଥାରେ ସେମାନଙ୍କର ହୃଦୟପଟରେ ଶ୍ରୀରାମଙ୍କ ବାଲ୍ୟଲୀଳା ଅବଲୋକନ କରି ଶରୀରଶୁଦ୍ଧି ଭୁଲି ଯାଉଥିଲେ ।

ଶଙ୍କର ଜ୍ୟୋତିଷ

ଭଗବାନ୍ ଶଙ୍କର ବ୍ରହ୍ମସ୍ୱରୂପ ତଥା ଭଗବତ୍ ତତ୍ତ୍ୱଜ୍ଞାତାଙ୍କ ମଧ୍ୟରେ ଆଚାର୍ଯ୍ୟ ତଥା ଗୁରୁ । ସେ ଦିବ୍ୟଶରୀରରେ ଭଗବତ୍ ତତ୍ତ୍ୱ ଉତ୍ତମରୂପେ ଉପଲବ୍ଧି କରିଥିଲେ ଏବଂ ନିରନ୍ତର ଭଗବତ୍ ଆନନ୍ଦରେ ନିମଗ୍ନ ରହୁଥିଲେ । ତାଙ୍କୁ ମାଧୁର୍ଯ୍ୟ ଭକ୍ତିର ବି ଉପଲବ୍ଧି ହୋଇଥିଲା । କିନ୍ତୁ ଜାଗତିକ ମୋହ-ମାୟା-ଅଜ୍ଞାନ-ଗ୍ରସ୍ତ ମନ-ପ୍ରାଣ-ଶରୀରରେ ଭଗବତ୍ ଉପଲବ୍ଧିର ପରମାନନ୍ଦ ପ୍ରାପ୍ତ ହେବା ସକାଶେ ସେ ସ୍ୱୟଂ ସାମୟିକରୂପେ ମନୁଷ୍ୟ ଶରୀର ଧାରଣ କରି ଶ୍ରୀରାମଙ୍କୁ କୋଳରେ ଧାରଣ କରିଥିଲେ ।

ଶଙ୍କର ବି ସ୍ୱୟଂ ପାର୍ବତୀଙ୍କୁ କହିଥିଲେ :

''ଔରଉ ଏକ କହଉଁ ନିଜ ଚୋରୀ ।
ସୁନୁ ଗୀରିଜା ଅତି ଦୃଢ଼ମତି ତୋରୀ
କାକଭୁଷୁଣ୍ଡି ସଙ୍ଗ ହମ ଦୋଉ
ମନୁଜରୂପ ଜାନଇ ନହିଁ କୋଉ
ପରମାନନ୍ଦ ପ୍ରେମସୁଖ ଫୁଲେ
ବିଥହ୍ନ ଫିରହିଂ ମଗନମନ ଭୁଲେ ।''

''ହେ ପାର୍ବତି, ଆଉ ଗୋଟିଏ ନିଜ ଚୋରି କଥା କହୁଛି ଶୁଣ । ମୁଁ ମୋର ଏହି ଦିବ୍ୟରୂପକୁ ଆବରଣ କରି ମନୁଜ ରୂପରେ କାକଭୁଷୁଣ୍ଡି ସହିତ ଆମ୍ଭେ ଦୁହେଁ ପରମାନନ୍ଦ ପ୍ରେମ ସୁଖରେ ମଗ୍ନ ହୋଇ ମନକୁ ଭୁଲି ଅବଧ ଗଳିରେ ବିଚରଣ କରୁଥିଲୁ ।''

ଶ୍ରୀ ଶଙ୍କରଜି ଗୋଟିଏ ବୃଦ୍ଧ ଜ୍ୟୋତିଷ ରୂପ ଧାରଣ କରି କାକଭୁଷୁଣ୍ଡିଙ୍କୁ ଗୋଟିଏ ବାଳକ ଶିଷ୍ୟରୂପେ ସଙ୍ଗରେ ନେଇ ଶ୍ରୀ ଅବଧରେ ପ୍ରବେଶ କଲେ । କାକଭୁଷୁଣ୍ଡି ଗୁରୁବାବାଙ୍କ କମଣ୍ଡଳୁ, ମୃଗଛାଲ ଧରି ତାଙ୍କ ପଛେ ପଛେ ଚାଲିଲେ । ଗୁରୁ ଚେଲା ଦୁଇଜଣ ଭଗବତ୍ ରହସ୍ୟ ଜ୍ଞାନ-ଭକ୍ତିର ଅଦ୍ୱିତୀୟ ଜ୍ଞାତା । ସେମାନଙ୍କ ସମସ୍ତ ସତ୍ତା ଭଗବତ୍ ଦିବ୍ୟାନନ୍ଦ ଗ୍ରହଣ କରିବାରେ ସର୍ବଥା ସମର୍ଥ । ସେମାନଙ୍କ ଦୃଷ୍ଟି ଯେଉଁଆଡ଼େ ପଡୁଥାଏ, ଯେଉଁଆଡ଼କୁ ସେମାନେ ପଦକ୍ଷେପ କରୁଥା'ନ୍ତି ସେଠାରେ ଦିବ୍ୟାନନ୍ଦରେ ଡୁବି ଯାଉଥା'ନ୍ତି । ସଂସାରରେ ଯେତେ ବିକୃତ ଆନନ୍ଦ ଅଛି ତାହା ସେବନରେ ବ୍ୟକ୍ତିର ବିତୃଷ୍ଣା ଆସିପାରେ ଏବଂ ସେ ବିରକ୍ତ ହୋଇପାରେ । ସେହି ବିକୃତ ଆନନ୍ଦ ଉତ୍ତରୋତ୍ତର ବୃଦ୍ଧି ହୁଏ ନାହିଁ ।

ଦିବ୍ୟାନନ୍ଦ ସେପରି ନୁହେଁ । ଦିବ୍ୟାନନ୍ଦର ଆସ୍ୱାଦ ପାଇବାମାତ୍ରେ ସେଥିରେ ଅଧିକରୁ ଅଧିକ ଏକେବାରେ ଡୁବିଯିବାକୁ ବ୍ୟକ୍ତି ଚାହୁଁଥାଏ । ଗୁରୁ ଚେଲା ସେହି ଦିବ୍ୟାନନ୍ଦରେ ଏକେବାରେ ଡୁବିଗଲେ । ସେହି ଆନନ୍ଦରେ କେତେକ ଦିନ ବ୍ୟତୀତ ହୋଇଗଲା । ଭାଇମାନଙ୍କ ସହିତ ଶ୍ରୀରାମଙ୍କର ଷଷ୍ଠୀ, ବାରରାତ୍ର, ଏକୋଇଶା ଏବଂ ନାମକରଣ ସମାପ୍ତ ହୋଇଗଲା । ରାଜାରାଣୀ ଓ ପୁରବାସୀଙ୍କୁ ଭୋକ, ଶୋକ, ନିଦ ନ ଥାଏ । ସେମାନେ ପୁତ୍ରମାନଙ୍କର ନାନାପ୍ରକାର ଉତ୍ସବରେ ଆନନ୍ଦିତ ହୋଇ ନିଜକୁ ଭୁଲି ଯାଇଥା'ନ୍ତି ।

ଗୁରୁ ଶିଷ୍ୟଙ୍କୁ କହିଲେ, ''କାକଭୁଷୁଣ୍ଡି, ଋଷିମୁନିମାନେ ଯେଉଁ ଭଗବତ୍ ଦିବ୍ୟାନନ୍ଦକୁ ସମାଧିରେ ପ୍ରାପ୍ତ କରୁଥିଲେ ସେହି ଦିବ୍ୟାନନ୍ଦ ଶ୍ରୀଅବଧର ପ୍ରତ୍ୟେକ ଗଳିରେ ନଦୀସ୍ରୋତ ସଦୃଶ ପ୍ରବାହିତ ହେଉଛି । ସେଥିରେ ଅବଗାହନ କରି ଡୁବି ରହିବା ଛଡ଼ା ଉପାୟ ନାହିଁ । ଏହାଛଡ଼ା ଆଉ ଗୋଟିଏ ଅଲୌକିକ ଆନନ୍ଦ ଅଛି, ତାହା କେବଳ ସଚ୍ଚିଦାନନ୍ଦ ମନୁଷ୍ୟ ଶରୀରରେ ଅବତାର ନେଲେ ପ୍ରାପ୍ତ ହୁଏ । ତାହା ହେଉଛି : ଏ ସ୍ଥୂଳ ଶରୀରରେ ଭଗବତ୍ ସ୍ଥୂଳ ସ୍ୱର୍ଶ ପ୍ରାପ୍ତି । ଏହି ମହାନ୍ ସୌଭାଗ୍ୟ ପ୍ରାପ୍ତ ହୋଇଛି ରାଜା ଦଶରଥ, ତାଙ୍କ ରାଣୀମାନଙ୍କୁ ତଥା ସମଗ୍ର ଅଯୋଧ୍ୟାବାସୀଙ୍କୁ । ଆମ୍ଭେମାନେ ସେହି ଆନନ୍ଦରୁ ବଞ୍ଚିତ ହେବା କାହିଁକି ?

''ମୁଁ ବୃଦ୍ଧ, ତୁ ବାଳକ । ଆମ୍ଭେମାନେ ରାଣୀମହଲକୁ ଯାଇପାରିବା । ମୁଁ ହେବି ଜ୍ୟୋତିଷ, ତୁ ମୋର ଚେଲା; ଆମ୍ଭେମାନେ ହାତ ଦେଖିବା, ଭବିଷ୍ୟତ୍ କହିବା ବାହାନାରେ ରାଣୀମହଲକୁ ଯାଇ ଶ୍ରୀରାମଙ୍କୁ କୋଳରେ ଧରିବାର ସୁଯୋଗ ପାଇପାରିବା ।''

ପ୍ରଥମେ ବୃଦ୍ଧ ଜ୍ୟୋତିଷରୂପୀ ଶଙ୍କର ଚେଲା କାକଭୁଷୁଣ୍ଡିଙ୍କ ସହିତ ରାଜମହଲକୁ ନ ଯାଇ ଅଯୋଧ୍ୟାର ଅନ୍ୟାନ୍ୟ ପିଲାଙ୍କର ହାତ ଦେଖିବାକୁ ଲାଗିଲେ । ଶଙ୍କରଙ୍କୁ କିଛି ଅଜଣା ନ ଥାଏ । ଯାହା ହାତ ଦେଖନ୍ତି ଭୂତ, ଭବିଷ୍ୟତ୍ ଓ ବର୍ତ୍ତମାନ ଟିକିନିଖି ଏକେବାରେ କହିଯାଆନ୍ତି । ଜ୍ୟୋତିଷଙ୍କ ସତ୍ୟବାଣୀର ହୁରି ପଡ଼ିଗଲା ଅଯୋଧ୍ୟାର ରାଜଧାନୀରେ । ଏହି ଖବର ପହଞ୍ଚିଲା ଗୋଟିଏ ଦାସୀ ଦ୍ୱାରା ରାଣୀମହଲରେ ।

ଅବଧ ଆଜୁ ଆଗମୀ ଏକ ଆୟୋ
କରତଳ ନିରଖି କହତ ସବ ଗୁନ ଗନ,
ବହୁତନ ପରିଚୟ ପାୟୋ ।
ବୁଢ଼ୋ ବଡ଼ୋ ପ୍ରମାନିକ ବ୍ରାହ୍ମଣ
ଶଙ୍କର ନାମ ସୁହାୟୋ
ସଙ୍ଗ ଶିଶୁଶିଷ୍ୟ, ସୁନତ କୌଶଲ୍ୟା
ଭିତର ଭବନ ଦୁଲାୟୋ ॥

''ଅଯୋଧ୍ୟାକୁ ଆଜି ଏକ ଭବିଷ୍ୟତ୍ ବାଣୀ କହୁଥିବା ଜ୍ୟୋତିଷ ଆସିଛନ୍ତି । ହାତ ଦେଖି ସମସ୍ତ ଗୁଣ ଚରିତ୍ର କହି ଦେଉଛନ୍ତି । ତାଙ୍କ କହିବା ସତ୍ୟର ପ୍ରମାଣ ବହୁ ବ୍ୟକ୍ତି ପାଇଅଛନ୍ତି । ସେ ବହୁତ ବୃଦ୍ଧ, ଏକ ପ୍ରସିଦ୍ଧ ବ୍ରାହ୍ମଣ । ତାଙ୍କ ନାମ ଶଙ୍କର, ତାଙ୍କ ସଙ୍ଗରେ ଗୋଟିଏ ଶିଶୁଶିଷ୍ୟ ଅଛନ୍ତି । ଶୁଣିବା ମାତ୍ରେ କୌଶଲ୍ୟାଦେବୀ ଜ୍ୟୋତିଷଙ୍କୁ ରାଣୀମହଲକୁ ଡକାଇ ନେଲେ ।''

ପାଁୟ ପଖାରି ପୂଜି ଦିୟୋ ଆସନ, ଅସନ
ବସନ ପହିରାୟୋ ।
ମେଲେ ଚରନ ଚାରୁ ଚାରୌସୁତ ମାଥେ
ହାତ ଦିବାୟୋ
ନଖ ଶିଖ ନିରଖି ବିପ୍ରତନୁ ପୁଲକ
ନୟନ ଜଳ ଛାୟୋ ।

ଲୈ ଲୈ ଗୋଦ କମଳକର ନିରଖତ
ଉର ପ୍ରମୋଦ ନ ଆମାୟୋ
ଜନମ ପ୍ରସଙ୍ଗ କହ୍ୟୋ କୌଶିକ
ମିସି ସ୍ୱୀୟ ସ୍ୱୟମ୍ୱର ଗାୟୋ ।

ଭଗବାନ୍ ଶଙ୍କର ତ' ଆସିଥିଲେ ସେହି ସକାଶେ । କୌଶଲ୍ୟା ଦେବୀଙ୍କ ଖବର ପାଇବା ମାତ୍ରେ ସେ ଅତ୍ୟନ୍ତ ପ୍ରସନ୍ନତାରେ ଚେଲା ସହିତ ରାଣୀମହଲରେ ପହଞ୍ଚିଗଲେ । ଅତ୍ୟନ୍ତ ବୃଦ୍ଧ ମହାନ୍ ତେଜସ୍ୱୀ ବ୍ରାହ୍ମଣଙ୍କୁ ଦେଖି କୌଶଲ୍ୟା କୈକେୟୀ ଆଦି ରାଣୀ ବିପ୍ରଙ୍କୁ ନମସ୍କାର କରି ତାଙ୍କ ଚରଣ ଧୋଇ ଉତ୍ତମ ଆସନରେ ବସାଇଲେ । ଉତ୍ତମ ବସ୍ତ୍ର ପରିଧାନ କରାଇ ଉତ୍ତମ ଭୋଜନ ଦେଲେ । ବ୍ରାହ୍ମଣଦେବଙ୍କ ସେବାପୂଜା ଶେଷ ହେବା ପରେ ଚାରି ସୁତଙ୍କୁ ଆଣି ବ୍ରାହ୍ମଣଙ୍କ ଚରଣରେ ସେମାନଙ୍କ ମସ୍ତକ ରଖିଦେଲେ । ଜ୍ୟୋତିଷଦେବ ବାଳକମାନଙ୍କର ଅତ୍ୟନ୍ତ ଶୋଭା ନଖଠାରୁ ଶିରପର୍ଯ୍ୟନ୍ତ ନିରୀକ୍ଷଣ କରିବାରୁ ତାଙ୍କ ନେତ୍ର ଆନନ୍ଦାଶ୍ରୁରେ ପୂର୍ଣ୍ଣ ହୋଇଗଲା । ସେ ଶିଶୁମାନଙ୍କ ମସ୍ତକରେ ହସ୍ତ ରଖି ଆଶୀର୍ବାଦ କଲେ ଏବଂ ହାତ ଦେଖି ଭବିଷ୍ୟତ୍ ଘଟଣା କହିବା ଉଦ୍ଦେଶ୍ୟରେ ଶ୍ରୀରାମଙ୍କୁ ନିଜ କୋଳକୁ ଉଠେଇ ନେଲେ । ଶ୍ରୀରାମ ସମସ୍ତ ଶୋଭା ଓ ସମସ୍ତ ଆନନ୍ଦର ସମୁଦ୍ର । ତାଙ୍କ ଶରୀରର ସ୍ପର୍ଶ ପାଇବା ମାତ୍ରେ ଜ୍ୟୋତିଷଙ୍କ ହୃଦୟ ଆନନ୍ଦରେ ପୂର୍ଣ୍ଣ ହୋଇ ନେତ୍ରରେ ଆନନ୍ଦାଶ୍ରୁରୂପେ ପ୍ରବାହିତ ହେଲା । ସେ ନିଜେ ସାବଧାନ ହୋଇ ପ୍ରେମର ସାତ୍ତ୍ୱିକ ଭାବକୁ ପ୍ରକାଶିତ ହେବାକୁ ଦେଲେ ନାହିଁ । କିନ୍ତୁ ଶ୍ରୀରାମଙ୍କ ଅଙ୍ଗଶୋଭାରେ ତାଙ୍କ ନୟନ ସ୍ଥିର ହୋଇଗଲା । ବହୁତ ସମୟ ପର୍ଯ୍ୟନ୍ତ ଶ୍ରୀରାମଙ୍କ ଶୋଭାକୁ ନିରୀକ୍ଷଣ କରି ପ୍ରଥମରେ ଭୂତକାଳର ବିଷୟ ରାଜାଙ୍କ ଯଜ୍ଞ ଓ ଜନ୍ମ ବୃତ୍ତାନ୍ତ କହିଲେ । ଭବିଷ୍ୟତରେ ବିଶ୍ୱାମିତ୍ରଙ୍କ ଯଜ୍ଞ ରକ୍ଷାକରିବା ତଥା ଜନକପୁରରେ ଶିବଧନୁ ଭାଙ୍ଗି ପୃଥିବୀର ସମସ୍ତ ରାଜାଙ୍କୁ ପରାସ୍ତ କରି ଜନକସୁତା ଜାନକୀଙ୍କ ସହିତ ବିବାହ ହେବା କଥା କହିଲେ । ଶ୍ରୀରାମଙ୍କ ଭବିଷ୍ୟତବାଣୀ ଶୁଣି ମା'ମାନେ ଆନନ୍ଦରେ ବିଭୋର ହୋଇଗଲେ । ଏହି ସୁ-ଅବସର ପାଇ ଶଙ୍କରଜ୍ୟୋତିଷ ଶ୍ରୀରାମଙ୍କୁ ବହୁତ ସମୟ କୋଳରେ ଧରି ରଖିବାର ସୁଯୋଗ ପାଇଲେ । ଶେଷରେ ଇଚ୍ଛା ନ ଥିବା ସତ୍ତ୍ୱେ ଶ୍ରୀରାମଙ୍କୁ ନିଜ ଚେଲା କାକଭୁଷୁଣ୍ଡିଙ୍କୁ ଦେଇ ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କୁ ଗୋଟିଏ ପରେ ଗୋଟିଏ କୋଳକୁ ନେଇ ଭବିଷ୍ୟତବାଣୀ କହି କାକଭୁଷୁଣ୍ଡିଙ୍କ କୋଳକୁ ଦେଇ ଦେଉଥିଲେ । ଏହି ବାହାନା କରି ଗୁରୁଶିଷ୍ୟ ଶ୍ରୀରାମଙ୍କ ସହିତ ଚାରିଭାଇଙ୍କୁ କୋଳରେ ଧରି ତାଙ୍କ ଅଙ୍ଗସ୍ପର୍ଶ କରିବାର ସୁଯୋଗ ପାଇ ବିଶେଷ ଆନନ୍ଦିତ ହେଲେ । ସେମାନଙ୍କ ଉଦ୍ଦେଶ୍ୟ ପୂର୍ଣ୍ଣ ହେଲା । ଗୁରୁଶିଷ୍ୟ ଦୁହେଁ ବିଶେଷ ଆନନ୍ଦିତ ହେଲେ । କୌଶଲ୍ୟାଦେବୀ ଗୁରୁଶିଷ୍ୟ ଦୁହିଙ୍କୁ ବହୁତ ସମ୍ମାନ କରି ପର୍ଯ୍ୟାପ୍ତ ଧନ, ରତ୍ନ, ବସ୍ତ୍ର ଉପହାର ଦେଲେ । ଶ୍ରୀରାମଙ୍କ ମା'ଙ୍କଠାରୁ ପୂଜାଭେଟି ପାଇ ଗୁରୁଶିଷ୍ୟ ପ୍ରସନ୍ନତାର ସହ ବାଳକମାନଙ୍କୁ ପୁନରାୟ ଆଶୀର୍ବାଦ କରି ବିଦାୟ ନେଲେ ।

(୩୧)

ରାଣୀ ତଥା ଦାସୀ ଏବଂ ଅଯୋଧ୍ୟାର ଦର୍ଶନାର୍ଥୀ ମା'ମାନେ ଜ୍ୟୋତିଷଙ୍କଠାରୁ ଶ୍ରୀରାମଙ୍କ ଭବିଷ୍ୟ ସୁଯଶଃ ଶୁଣି ବିଶେଷ ଆନନ୍ଦିତ ହେଲେ । ସୁଖ ସମୟରେ ବର୍ଷଟିଏ ଘଡ଼ିକ ସଦୃଶ ଲାଗେ, ଦିନ ଯିବାରେ ଜଣାପଡ଼େ ନାହିଁ । ଦେଖୁ ଦେଖୁ ଶ୍ରୀରାମଙ୍କ ଅନ୍ନପ୍ରାଶନ ସମୟ ଆସିଲା । ଶିଶୁମାନଙ୍କ ପ୍ରଥମ ଅନ୍ନଭୋଜନକୁ ଅନ୍ନପ୍ରାଶନ କୁହାହୁଏ । ମା'ମାନେ ନିଜ ସନ୍ତାନର କଲ୍ୟାଣ ନିମିତ୍ତ ସମସ୍ତ କର୍ମ ନିଜେ କରି ପରମ ସୁଖ ପାଆନ୍ତି । ମା' କୌଶଲ୍ୟାଦେବୀଙ୍କ କଥା ଛାଡ଼, ତାଙ୍କର ତ' ଶ୍ରୀରାମ ପ୍ରାଣରୁ ପ୍ରିୟ । ସେ ପୁତ୍ରର କଲ୍ୟାଣ ସକାଶେ ନିଜର ପ୍ରାଣ ସହର୍ଷେ ଉତ୍ସର୍ଗ କରିପାରନ୍ତି । ଶ୍ରୀରାମଙ୍କ ଅନ୍ନପ୍ରାଶନ ଦିନ ପୂର୍ବ ରାତ୍ରିରେ ତାଙ୍କୁ ଅନ୍ନପ୍ରାଶନ-ଆନନ୍ଦ ଯୋଗୁଁ ନିଦ ହେଲା ନାହିଁ । ଭୋରରୁ ଉଠି ସମସ୍ତ ନିତ୍ୟକର୍ମ ସାରି ରାମଲାଲଙ୍କୁ କ୍ଷୀରପାନ କରାଇ ତାଙ୍କୁ ଶୁଆଇଦେଲେ ଏବଂ ବହୁପ୍ରକାର ଭୋଜନଦ୍ରବ୍ୟ ତିଆରି କରିବାରେ

ଲାଗିଗଲେ । ସମସ୍ତ ଦ୍ରବ୍ୟ ତିଆରି ହେବାପରେ ତାଙ୍କ କୁଳ ଇଷ୍ଟଦେବ ବିଷ୍ଣୁପ୍ରତିମା ଶ୍ରୀରଙ୍ଗନାଥଙ୍କ ମନ୍ଦିରରେ ଭୋଗ ଲଗାଇବା ସକାଶେ ରଖାଇଦେଲେ । ବହୁପ୍ରକାର ଭୋଜନଦ୍ରବ୍ୟ ବହୁ ପରିମାଣରେ ସ୍ତୂପାକାରେ ମନ୍ଦିରରେ ରଖା ହୋଇଥାଏ । ମା' କୌଶଲ୍ୟାଦେବୀ ବହୁତ ଉତ୍ସାହରେ ଭୋଗ ଲଗାଇବା ସକାଶେ ମନ୍ଦିରକୁ ଗଲେ । ସେ ସ୍ଥାନର ଦୃଶ୍ୟ ଦେଖି ସେ ଅତ୍ୟନ୍ତ ବିସ୍ମିତ ହୋଇପଡ଼ିଲେ । ସ୍ତୂପୀକୃତ ଭୋଗଦ୍ରବ୍ୟ ଉପରେ ଶ୍ରୀରାମ ବସି ଦୁଇ ହାତରେ ଭୋଜନ ଦ୍ରବ୍ୟ ଖାଉଅଛନ୍ତି । ସମସ୍ତ ଦ୍ରବ୍ୟ ସଙ୍କୁଡ଼ି ହୋଇଗଲା, ଭୋଗ ଲାଗିବା ଯୋଗ୍ୟ ରହିଲା ନାହିଁ । ରାମଲାଲ ଚାଲିପାରି ନାହାନ୍ତି, ଫେର୍ ଶୋଇଥିଲେ । ଏଠାକୁ ଆସିଲେ କିପରି ! ସ୍ତୂପୀକୃତ ପ୍ରସାଦ ଉପରକୁ ଉଠିଲେ ବା କିପରି ! ତତ୍‌କ୍ଷଣାତ୍ ସେ ରାମଲାଲଙ୍କ ଶୋଇବା ସ୍ଥାନକୁ ଗଲେ । ସେଠାରେ ଶ୍ରୀରାମଲାଲଜି ଗାଢ଼ ନିଦ୍ରାରେ ନିଦ୍ରିତ । ସଙ୍ଗେ ସଙ୍ଗେ ପୁନରାୟ ମନ୍ଦିରକୁ ଆସି ଦେଖିଲେ ଲାଲଜି ବସି ଖାଉଛନ୍ତି । ଏହିପରି ଦୁଇ, ତିନି ଥର ଯିବା ଆସିବା କରି ଦେଖି ଭୟଯୁକ୍ତ ଆଶ୍ଚର୍ଯ୍ୟରେ ଡୁବିଗଲେ ।

''ଇହାଁ ଉହାଁ ଦୁଇ ବାଲକ ଦେଖା ।
ମତିଭ୍ରମ ମୋର କି ଆନ ବିସେଷା ॥''

କୌଶଲ୍ୟାଦେବୀ ଭାବିଲେ, ''କ'ଣ ମୋର ମତିଭ୍ରମ ହୋଇଯାଇଛି ନା ଏହା ସତ ? ଏହା ଏକେବାରେ ପ୍ରତ୍ୟକ୍ଷ, ମିଥ୍ୟା ବା ଭ୍ରମ ହେବ କିପରି ? ରାମଲାଲ ସେଠାରେ ଶୋଇଛନ୍ତି ଏଠାରେ ଖାଉଛନ୍ତି କିପରି ? କୌଣସି ଅସୁର ମାୟା କରି ନାହିଁ ତ ?'' ଏହି ବିଚାରରେ ସେ ଅତ୍ୟନ୍ତ ବ୍ୟାକୁଳ ହୋଇପଡ଼ିଲେ । ମା'ଙ୍କୁ ଅତ୍ୟନ୍ତ ବ୍ୟାକୁଳ ଦେଖି ତାଙ୍କ ଆଡ଼କୁ ଅନାଇ ଲାଲଜି ହସିଦେଲେ ।

''ଦେଖି ରାମ ଜନନୀ ଅକୁଳାନୀ ।
ପ୍ରଭୁ ହଁସି ହିନ୍ଦ ମଧୁର ସୁସୁକାନୀ ॥
ଦେଖ ରାବା ମାତହି ନିଜ ଅଦ୍ଭୁତ ରୂପ ଅଖଣ୍ଡ ।
ରୋମ ରୋମ ପ୍ରତି ଲାଗେ କୋଟି କୋଟି ବ୍ରହ୍ମାଣ୍ଡ ॥''

ପ୍ରଭୁଙ୍କ ହସିବା ଦ୍ୱାରା ମାତା କୌଶଲ୍ୟାଙ୍କୁ ଦିବ୍ୟଦୃଷ୍ଟି ପ୍ରାପ୍ତ ହେଲା । ସେ ରାମଲାଲଜିଙ୍କ ଅଖଣ୍ଡ ବିରାଟ ରୂପ ଦର୍ଶନ କଲେ । ତାଙ୍କର ଗୋଟିଏ ଗୋଟିଏ ରୁମରେ କୋଟି କୋଟି ବ୍ରହ୍ମାଣ୍ଡ ସ୍ଥିତ ହୋଇଥିବା ସେହି ବିରାଟ ରୂପରେ ମା' କୌଶଲ୍ୟା ଦେଖିଲେ ।

''ଅଗନିତ ରବି ସସି, ସିବ ଚତୁରାନନ ।
ବହୁ ଗିରି ସରିତ ସିନ୍ଧୁ ମହି କାନନ ॥
କାଳ କର୍ମ ଗୁନ ଗ୍ୟାନ ସୁଭାଉ ।
ଶୋଉ ଦେଖା ଜୋ ସୁମନ କାଉ ॥
ଦେଖି ମାୟା ସବ ବିଧି ଗାଢ଼ୀ ।
ଅତି ସଭୀତ ଜୋରେ କରଠାଢ଼ୀ ॥
ଦେଖା ଜୀବ ନଚାବଇ ଜାହୀ ।
ଦେଖି ଭଗତି ଜୋ ଛୋରଇ ତାହୀ ॥
ତନ ପୁଲକିତ ସୁଖ ବଚନ ନ ଆବା ।
ନୟନ ମୂଦି ଚରନନି ସିର ନାବା ॥
ବିସମୟବଂତ ଦେଖି ମହତାରୀ ।
ଭଏ ବହୁରି ସିସୁରୂପ ଖରାରୀ ॥

ଅସ୍ତୁତି କରି ନ ଜାଇ ଭୟମାନା ।
ଜଗତ ପିତା ମୈଁ ସୁତ କରି ଜାନା ॥
ହରି ଜନନୀ ବହୁବିଧି ସମୁଝାଇ ।
ୟହ ଜନି କତହୁଁ କହସି ସୁନୁମାଇ ॥
ବାର ବାର କୌଶଲ୍ୟା ବିନୟ କରଇ କର ଜୋରି ।
ଅବ ଜନି କବହୁଁ ବ୍ୟାପୈ ପ୍ରଭୁ ମୋହି ମାୟା ତୋରି ॥''

ଶିଶୁ ରାମଲାଲଙ୍କ ବିରାଟ ରୂପରେ ମା' କୌଶଲ୍ୟା ଅଗଣିତ ସୂର୍ଯ୍ୟ, ଅଗଣିତ ଚନ୍ଦ୍ରମା, ଅଗଣିତ ଶିବ, ଅଗଣିତ ବ୍ରହ୍ମା, ବହୁ ପର୍ବତ, ବହୁ ଗିରି, ବହୁ ନଦୀ, ବହୁ ସମୁଦ୍ର, ବହୁ କାନନ ତଥା କାଳ, କର୍ମ, ଗୁଣ, ଜ୍ଞାନ, ସ୍ୱଭାବକୁ ମଧ୍ୟ ଦେଖିଲେ । ଯେଉଁ ବିଷୟ କେବେ ଶୁଣି ନ ଥିଲେ ତାହା ବି ଦେଖିଲେ । ତାହା ହେଉଛି ପ୍ରବଳ ମାୟା । ମୁଁ, ମୋର, ତୋର – ଏସବୁ ମାୟା । ଏହି ମିଥ୍ୟାତ୍ୱ ଏତେ ପ୍ରବଳ ଯେ ମୂର୍ଖ, ପଣ୍ଡିତ, ବୁଦ୍ଧିପ୍ରଧାନ ବଡ଼ ବଡ଼ ଜଡ଼ବିଜ୍ଞାନବେତ୍ତା, ବଡ଼ ବଡ଼ ବୁଦ୍ଧିପ୍ରଧାନ ଶକ୍ତିଶାଳୀ ନେତା, ବୀର ଯୋଦ୍ଧା ଆସି ସଂସାରର ସମସ୍ତ ବ୍ୟକ୍ତି ମାୟାର ଇଙ୍ଗିତରେ କାଠ ପିତୁଳି ସଦୃଶ ନାଚୁ ଥାଆନ୍ତି । ସେହି ପ୍ରବଳ ମାୟା ଭଗବାନଙ୍କ ପାଖରେ ଭୟତ୍ରସ୍ତା ହୋଇ ଦୁଇ ହସ୍ତ ଯୋଡ଼ି ଛିଡ଼ା ହୋଇଥାଏ । ଯେଉଁ ପ୍ରବଳ ମାୟାବନ୍ଧନରେ ସଂସାରର ସମସ୍ତ ବ୍ୟକ୍ତି ବନ୍ଦୀ ହୋଇ ନାଚୁଥାଆନ୍ତି ସେହି ପ୍ରବଳ ବନ୍ଧନରୁ ଭଗବତ୍ ଭକ୍ତ, ଭକ୍ତି ପ୍ରଭାବରୁ ମୁକ୍ତ ହେଉଥିବା କୌଶଲ୍ୟାଦେବୀ ଦେଖିଲେ । ଭକ୍ତି ଦ୍ୱାରା ପ୍ରବଳ ମାୟାରୁ ଜୀବ ମୁକ୍ତ ହେଉଥିବା ଦେଖି ମା' କୌଶଲ୍ୟାଦେବୀଙ୍କ ଅନ୍ତରରେ ଆନନ୍ଦ ହେବାରୁ ଶରୀର ପୁଲକିତ ହେଲା । କିନ୍ତୁ ଭଗବାନଙ୍କ ଅକଳ୍ପନୀୟ, ଅଲୌକିକ ମହିମା ଦେଖି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହେବା ଯୋଗୁଁ ତାଙ୍କ ମୁଖରୁ ଶବ୍ଦ ଉଚ୍ଚାରିତ ହେଲା ନାହିଁ । ନେତ୍ର ବନ୍ଦ ହୋଇଗଲା । ସେ ଭଗବାନଙ୍କ ଚରଣରେ ମସ୍ତକ ରଖିଦେଲେ । ମା'ଙ୍କୁ ବିସ୍ମିତ ଦେଖି ପ୍ରଭୁ ପୁନରାୟ ଶିଶୁରୂପ ଧାରଣ କଲେ । କୌଶଲ୍ୟାଦେବୀ ଜଗତ୍‌ପିତାଙ୍କୁ ପୁତ୍ର ମନେ କରିଥିବା ଭୟରେ ଭୟଭୀତ ହେବାରୁ ସ୍ତୁତି ବି କରିପାରିଲେ ନାହିଁ । ମା'ଙ୍କୁ ଭୟଭୀତ ଦେଖି ଭଗବାନ୍ ବହୁପ୍ରକାର ବୁଝାଇଲେ ଏବଂ ଏହି ରହସ୍ୟ କାହାକୁ ନ କହିବା ସକାଶେ କହିଲେ । ଭଗବାନଙ୍କଠାରୁ ଆଶ୍ୱାସନା ପାଇ ତାଙ୍କ ମାୟା କେବେ ନ ବ୍ୟାପିବା ସକାଶେ ମା' କୌଶଲ୍ୟା ଦୁଇ ହସ୍ତ ଯୋଡ଼ି ବାରଂବାର ମିନତି କଲେ । ଭଗବତ୍ କୃପାରୁ ମା' କୌଶଲ୍ୟା ଦେବୀଙ୍କୁ କେବେ ବି ମାୟା ମୋହିତ କରି ନ ଥିଲା । ସେ ଜୀବନକାଳରେ ସମସ୍ତ କର୍ମ ଜ୍ଞାନ-ବିବେକ-ଯୁକ୍ତ ହୋଇ ଆଚରଣ କରିଥିଲେ । ସେହି ସଙ୍ଗେ ସଙ୍ଗେ ପୁତ୍ରସ୍ନେହ, ନାନାପ୍ରକାର ବାଳଲୀଳା, ବାଳବିନୋଦ ପାର୍ଥିବ ମନ-ପ୍ରାଣ-ଶରୀରରେ ଅନୁଭବ କରିଥିଲେ । ଯେଉଁ ପରାତ୍ପର ତତ୍ତ୍ୱକୁ ଋଷିମୁନିମାନେ ବହୁ ତପସ୍ୟା କରି ଧ୍ୟାନରେ ପାଉଥିଲେ ସେହି ପରମବ୍ରହ୍ମ ଦଶରଥଙ୍କ ଅଗଣାରେ ବିଚରଣ କରୁଥିଲେ, ନୃପତିଙ୍କ ସଙ୍ଗେ ଭୋଜନ କରିବା ସମୟରେ ମୁଖରେ ଦଧିଭାତ ଲାଗିଥିବା ଅବସ୍ଥାରେ ଉଠି ପଳାଉଥିଲେ । ଯେଉଁ ବ୍ରହ୍ମଙ୍କୁ ବେଦ ଜାଣିପାରୁ ନ ଥିଲା ସେହି ବ୍ରହ୍ମଙ୍କୁ ଧରିବା ସକାଶେ ମା' କୌଶଲ୍ୟା ତାଙ୍କ ପଛେ ପଛେ ଦଉଡୁଥିଲେ ଏବଂ ଧରି ଆଣୁଥିଲେ । ଯଥାର୍ଥରେ ମା' କୌଶଲ୍ୟାଦେବୀଙ୍କୁ ଯେଉଁ ଆନନ୍ଦ ପ୍ରାପ୍ତ ହୋଇଥିଲା ତାହା ମନ ପକ୍ଷେ ଯଥାର୍ଥରେ ଅଗମ୍ୟ । ତାହା ବର୍ଣ୍ଣନା କରିବା ସକାଶେ ଭାଷାର ସର୍ବଥା ଅଭାବ । ମାତା କୌଶଲ୍ୟା ଦେବୀ ଭଗବାନଙ୍କ ଯେଉଁ ମାଧୁର୍ଯ୍ୟଲୀଳା ପ୍ରତ୍ୟକ୍ଷରୂପେ ସ୍ଥୂଳ ମନ-ପ୍ରାଣ-ଶରୀରରେ ଅନୁଭବ କରୁଥିଲେ ସେହି ଲୀଳାକୁ ଋଷିମୁନି ଏବଂ ଆଜି ବି ଭକ୍ତମାନେ ମାନସ କଳ୍ପନାରେ ସ୍ମରଣ କରି ଭଗବତ୍ ମାଧୁର୍ଯ୍ୟ ଭକ୍ତି ତଥା ଦିବ୍ୟଧାମରେ ଭଗବତ୍ ପ୍ରାପ୍ତି କରୁଅଛନ୍ତି ।

ଶୁକ୍ଳପକ୍ଷ ଚନ୍ଦ୍ରମା ସଦୃଶ ଶ୍ରୀରାମଚନ୍ଦ୍ର ଭାଇମାନଙ୍କ ସହିତ କ୍ରମଶଃ ବଡ଼ ହେବା ସଙ୍ଗେ ସଙ୍ଗେ ବହୁପ୍ରକାର ବାଲ୍ୟଲୀଳାରେ ଜନନୀ, ଜନକ ତଥା ପୁରୋବାସୀଙ୍କୁ ବହୁପ୍ରକାର ସୁଖ ଦେଇ କିଶୋର ଅବସ୍ଥାକୁ ପ୍ରାପ୍ତ ହେଲେ । ଅସୁରଙ୍କୁ ବଧ କରି, ବିଶ୍ୱାମିତ୍ରଙ୍କ ଯଜ୍ଞ ରକ୍ଷାକରି ତାଙ୍କ ସହିତ ଜନକ ରାଜାଙ୍କ ଧନୁସ ଯଜ୍ଞରେ ଉପନୀତ ହେଲେ । ଶିବଧନୁ ଭାଙ୍ଗି ସମସ୍ତ ରାଜାଙ୍କୁ ପରାଜୟ କରି ସୌନ୍ଦର୍ଯ୍ୟ, ଲାବଣ୍ୟାଦି ସମସ୍ତ ଦିବ୍ୟ ଗୁଣବିଭୂଷିତା ଜନକତନୟାଙ୍କୁ

ବିବାହ କରି ଭ୍ରାତା ଏବଂ ଭ୍ରାତୃବଧୂମାନଙ୍କ ସହିତ ଶ୍ରୀ ଅଯୋଧ୍ୟାକୁ ଫେରିଆସିଲେ । ଶ୍ରୀରାମଙ୍କ ସୁଯଶଃ ସୁକୀର୍ତ୍ତି ସମସ୍ତ ସଂସାରରେ ପ୍ରସାରିତ ହୋଇଗଲା । ଶ୍ରୀରାମଙ୍କ ଅଲୌକିକ ପ୍ରତିଭା ଓ ଅକଳ୍ପନୀୟ ଦିବ୍ୟଗୁଣକୁ ସମସ୍ତ ରାଜପରିବାର, ଅଯୋଧ୍ୟାବାସୀ, ରାଜ୍ୟର ଜନତା, ଏପରିକି ଶତ୍ରୁମାନେ ମୁକ୍ତକଣ୍ଠରେ ଭୂରିଭୂରି ପ୍ରଶଂସା କରୁଥିଲେ ଏବଂ ତାଙ୍କ ରାଜ୍ୟାଭିଷେକ ଅନ୍ତରରେ ଚାହୁଁଥିଲେ । ଶ୍ରୀ ମହାରାଜା ଦଶରଥ ଶ୍ରୀରାମଙ୍କୁ ସର୍ବପ୍ରକାରେ ଉପଯୁକ୍ତ ତଥା ଜନତାର ଅତ୍ୟନ୍ତ ପ୍ରିୟ ଜାଣି ନିଜ ଅନ୍ତରର ପ୍ରେରଣାରେ ତାଙ୍କୁ ଯୁବରାଜ ପଦରେ ଅଭିଷିକ୍ତ କରିବା ଠିକ୍ କଲେ । ଅଭିଷେକ ଦିନ ମଧ୍ୟ ନିର୍ଦ୍ଧାରିତ କରିଦେଲେ । ଶ୍ରୀରାମଙ୍କ ଅଭିଷେକ ହେବା ପୂର୍ବଦିନ ରାତ୍ରିରେ ଦେବମାୟାରେ ବଶୀଭୂତ ହୋଇ ଶ୍ରୀଦଶରଥ ମହାରାଜାଙ୍କ ମଧ୍ୟମା ରାଣୀ କୈକେୟୀ ପତିଙ୍କୁ କପଟତାରେ ସତ୍ୟ କରାଇ ଶ୍ରୀରାମଙ୍କୁ ଯୁବରାଜତ୍ୱ ପରିବର୍ତ୍ତେ ଚଉଦ ବର୍ଷ ମୁନିବେଶରେ ବନବାସ ଏବଂ ତାଙ୍କ ପୁତ୍ର ଭରତଙ୍କ ସକାଶେ ରାଜ୍ୟାଭିଷେକ ବର ମାଗିନେଲେ । ଭରତଙ୍କ ରାଜତ୍ୱ ଅକଣ୍ଟକ ରଖିବା ସକାଶେ ଶ୍ରୀରାମ କୌଣସି ଗ୍ରାମ ବା ଜନସମାଗମ ସ୍ଥାନରେ ନ ରହି ଘୋର ଅରଣ୍ୟରେ ନିବାସ କରିବେ, ଫଳମୂଳ ଭୋଜନ କରିବେ, ମୁନିବେଶ ମଧ୍ୟ ଧାରଣ କରିବେ – ବର ଅନ୍ତର୍ଗତ ଏହି ସର୍ତ୍ତ ବି ରଖିଥିଲେ ।

(୩୨)

ଶ୍ରୀରାମଙ୍କ ରାଜ୍ୟାଭିଷେକ ଆନନ୍ଦରେ ସମସ୍ତ ରାଜପରିବାର, ପାତ୍ରମନ୍ତ୍ରୀ, ଅମାତ୍ୟବର୍ଗ, ଅଯୋଧ୍ୟାବାସୀ ତଥା ରାଜ୍ୟର ସମସ୍ତ ଜନତା ଆନନ୍ଦିତ ହୋଇ ସମସ୍ତ ରାତ୍ରି ଜାଗ୍ରତ୍ ରହି ଉତ୍ସବ କରୁଥାଆନ୍ତି । ସ୍ଥାନେ ସ୍ଥାନେ ବେଦପାଠ ଓ ଦେବାଦେବୀଙ୍କ ପୂଜା ହେଉଥାଏ । କେଉଁଠାରେ ନୃତ୍ୟ, କେଉଁଠାରେ ସଙ୍ଗୀତ, କେଉଁଠାରେ ଦାନ – ଏହିପରି ବହୁବିଧ ଉତ୍ସବ ହେଉଥାଏ । ଘର, ପୁର ଓ ଗଳି ପୁଷ୍ପ, ଧୂପ, ଦୀପ, ତୋରଣ, ପତାକାରେ ସୁଶୋଭିତ ହୋଇଥାଏ । ସମସ୍ତ ନରନାରୀ ଆବାଳବୃଦ୍ଧବନିତା ଆନନ୍ଦରେ ଉନ୍ମତ୍ତ ହୋଇଥାଆନ୍ତି । ଭୋର ହୋଇଗଲା । ଯେଆଡ଼େ ଦେଖିବ ସେଆଡ଼େ ଲୋକାରଣ୍ୟ । 'ଚକ୍ରବର୍ତ୍ତୀ ଶ୍ରୀ ଦଶରଥ ମହାରାଜାଙ୍କୁ ଜୟ', 'ଯୁବରାଜ ଶ୍ରୀରାମଚନ୍ଦ୍ରଙ୍କୁ ଜୟ' ଧ୍ୱନିରେ ଆକାଶ ଗୁଞ୍ଜାୟ-ମାନ ହେଉଥାଏ । ସମସ୍ତ ବ୍ୟକ୍ତି ଚକ୍ରବର୍ତ୍ତୀ ମହାରାଜା ଶ୍ରୀ ଦଶରଥଙ୍କ କୀର୍ତ୍ତିକୁ ପ୍ରଶଂସା କରୁଥାଆନ୍ତି । ଧୂପଧୂମରେ ଆକାଶ ଆଚ୍ଛାଦିତ ହୋଇଥାଏ, ସମସ୍ତ ଦ୍ୱାରରେ ପୂର୍ଣ୍ଣକୁମ୍ଭ, ଆମ୍ରପଲ୍ଲବ ଏବଂ ଫଳଯୁକ୍ତ କଦଳୀ ବୃକ୍ଷ ଶୋଭା ପାଉଥାଏ । ଧାଡ଼ି ଧାଡ଼ି ଘୃତଦୀପ ଜଳୁଥାଏ । ସମସ୍ତ ବ୍ୟକ୍ତି ଆନନ୍ଦରେ ବିଭୋର ହୋଇଥାଆନ୍ତି । ବ୍ରାହ୍ମଣମାନେ ଶୁଭକର୍ମର ସମସ୍ତ ସାମଗ୍ରୀ ପ୍ରସ୍ତୁତ କରି କେବଳ ରାଜା ଏବଂ ଯୁବରାଜଙ୍କ ଆଗମନକୁ ଅପେକ୍ଷା କରିଥାଆନ୍ତି । ପାତ୍ରମନ୍ତ୍ରୀ ନିଜ ନିଜ ରାଜକୀୟ ପୋଷାକରେ ସୁଶୋଭିତ ହୋଇଥାଆନ୍ତି । ସେନା, ସେନାନାୟକ, ପୋଲିସମାନେ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ ହାତୀ ଘୋଡ଼ାସବାର ସହିତ ଅଭିବାଦନ ଦେବାକୁ ତିଆର ହୋଇ ଛିଡ଼ା ହୋଇଥାଆନ୍ତି; ରାଜ୍ୟାଭିଷେକର ସମୟ ନିକଟ ହେବାରୁ ନିର୍ନିମେଷ ଦୃଷ୍ଟିରେ ଯୁବରାଜ ଏବଂ ମହାରାଜାଙ୍କ ଆଗମନକୁ ଚାହିଁ ରହିଥାଆନ୍ତି । କୌଶଲ୍ୟା ଦେବୀଙ୍କ ଆନନ୍ଦର ସୀମା ନାହିଁ । ସେ ତାଙ୍କ ନିତ୍ୟକର୍ମ ସମାପ୍ତ କରି କେବଳ ଅଭିଷେକର ଶୁଭମୁହୂର୍ତ୍ତକୁ ଅପେକ୍ଷା କରି ରହିଥାଆନ୍ତି ।

ଏହି ସମୟରେ ଶ୍ରୀରାମ ଆସି ଦୁଇ ହାତ ଯୋଡ଼ି ଅତ୍ୟନ୍ତ ପ୍ରସନ୍ନତାରେ ମା' କୌଶଲ୍ୟାଦେବୀଙ୍କ ଚରଣରେ ପ୍ରଣାମ କଲେ । ମା' ଶ୍ରୀରାମଙ୍କ ମସ୍ତକରେ ହସ୍ତ ରଖି ଆଶୀର୍ବାଦ କଲେ ଏବଂ ସଙ୍ଗେ ସଙ୍ଗେ ପୁତ୍ରକୁ ଉଠାଇ ହୃଦୟରେ ଲଗାଇନେଲେ ଓ ବାରଂବାର ତାଙ୍କ ମୁଖରେ ଚୁମ୍ବନ ଦେଲେ । ବାତ୍ସଲ୍ୟସ୍ନେହ ଅଧିକ ଉଦ୍ରେକ ଯୋଗୁଁ ନୟନରୁ ସ୍ନେହର ଲୋତକ ବର୍ଷା ହେଲା ଏବଂ ଶରୀରରେ ପୁଲକ ଜାତ ହେବାକୁ ଲାଗିଲା । ଅତ୍ୟନ୍ତ ଦରିଦ୍ର ବ୍ୟକ୍ତିକୁ କୁବେର ସମ୍ପଦ ମିଳିଗଲେ ଯେପରି ଆନନ୍ଦ ହୁଏ ତାହାଠାରୁ ବହୁତ ଅଧିକ ଆନନ୍ଦ ତାଙ୍କୁ ପ୍ରାପ୍ତ ହେଲା । ଶ୍ରୀରାମଚନ୍ଦ୍ରଙ୍କ ସୁନ୍ଦର ବଦନକୁ ନିରୀକ୍ଷଣ କରି ଅତି ମଧୁର ବାଣୀରେ କହିଲେ, ''ହେ ତାତ, ସେହି ମଙ୍ଗଳ ମୂଳ ଆନନ୍ଦଦାୟିନୀ ଶୁଭମୁହୂର୍ତ୍ତ କେବେ ହେବ ଯେଉଁ ଶୁଭମୁହୂର୍ତ୍ତକୁ ଅବଧବାସୀ ସମସ୍ତ ନରନାରୀ ସ୍ୱାତି ନକ୍ଷତ୍ରରେ ବର୍ଷାଜଳକୁ ଚାତକ ଚାତକୀମାନେ ଚାହିଁବା

ସଦୃଶ ଅତି ଆର୍ତ୍ତରେ ଚାହିଁ ଅଛନ୍ତି । ସେହି ରାଜ୍ୟାଭିଷେକ ଶୁଭକର୍ମ ହେବାରେ ବିଳମ୍ବ ହେଉଛି । ତୁ ଶୀଘ୍ର ସ୍ନାନ କରିନେ, ଯାହା ରୁଚି ହେବ ପ୍ରଥମେ କିଛି ଖାଇନେ । ତା'ପରେ ପିତାଙ୍କ ପାଖକୁ ଯିବୁ । ବ୍ରାହ୍ମଣମାନେ କର୍ମ କରିବା ସକାଶେ ଅପେକ୍ଷା କରି ବସିଅଛନ୍ତି ।''

ମା' କୌଶଲ୍ୟାଦେବୀଙ୍କ ଅତ୍ୟନ୍ତ ବାତ୍ସଲ୍ୟସ୍ନେହପୂର୍ଣ୍ଣ ବଚନ ଶୁଣି ଶ୍ରୀରାମଚନ୍ଦ୍ର ଅତ୍ୟନ୍ତ କୋମଳ ବାଣୀରେ କହିଲେ, ''ଆଜି ଏଠାରେ ମୋର ରାଜ୍ୟାଭିଷେକ ହେବ ନାହିଁ । ପୂଜ୍ୟ ପିତା ମୋତେ ବନ-ରାଜ୍ୟ ଦେଇଛନ୍ତି ଯେଉଁ ବନରେ ମୁଁ ସବୁପ୍ରକାର ଉତ୍ତମ କାର୍ଯ୍ୟ କରିପାରିବି । ମା, ମୋତେ ପ୍ରସନ୍ନତା ସହିତ ଆଜ୍ଞା ଦେ ଯାହାଦ୍ୱାରା ବନରେ ମୋର ମଙ୍ଗଳ ହେବ ଏବଂ ମୁଁ ପ୍ରସନ୍ନତାରେ ରହିପାରିବି । ମା, ତୁ ସ୍ନେହବଶତଃ କଦାପି ଭୟ କର ନାହିଁ, କେବଳ ତୋରି ଅନୁଗ୍ରହରୁ ମୁଁ ବନରେ ଆନନ୍ଦରେ ରହିପାରିବି । ବନରେ ଚଉଦ ବର୍ଷ ବ୍ୟତୀତ କରି ପିତାଙ୍କ ସତ୍ୟରକ୍ଷା କରି ପୁନରାୟ ଆସି ତୋ ଚରଣ ଦର୍ଶନ କରିବି ।''

ଶ୍ରୀରାମଚନ୍ଦ୍ରଙ୍କର ଅତ୍ୟନ୍ତ ବିନୀତ ମଧୁର ଶବ୍ଦ ମାତା କୌଶଲ୍ୟାଦେବୀଙ୍କ ହୃଦୟରେ ଶର ସଦୃଶ ଲାଗି ବିଦୀର୍ଣ୍ଣ କରିପକାଇଲା । ମସ୍ତକରେ ବଜ୍ରପାତହେବା ସଦୃଶ ସେ ଦୁଃଖ ଅନୁଭବ କଲେ । ଦଶ ଦିଶାରେ ଅନ୍ଧକାର ଘୋଟିଆସିଲା ।

ଶ୍ରୀରାମଙ୍କ ନିର୍ଦ୍ଦେଶରେ ରାବଣର ଭଉଣୀ ସୂର୍ପଣଖାର ନାକ, କାନ ଲକ୍ଷ୍ମଣ କାଟିନେଇଥିବା ଯୋଗୁଁ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ବଧ କରିବା ସକାଶେ ରାବଣ ଚଉଦ ହଜାର ସେନା ସହିତ ତା'ର ହିତାକାଙ୍କ୍ଷୀ ପରମ ସଖା ଖରଦୂଷଣଙ୍କୁ ପଠାଇଥିଲା । ସେହି ଖରଦୂଷଣ ସେନା ସହିତ ଶ୍ରୀରାମଙ୍କୁ ଦେଖି ସ୍ତମ୍ଭୀଭୂତ ହୋଇ ରହିଲେ । ତାଙ୍କ ଉପରେ କେହି ଶର ପ୍ରୟୋଗ କରିପାରି ନ ଥିଲେ ।

''ପ୍ରଭୁ ବିଲୋକି ସର ସକହିଂ ନ ଡାରୀ ।
ଥକିତ ଉଇ ରଜନୀ ଚର ଧାରୀ ॥
ସଚିବ ବୋଲି ବୋଲେ ଖର ଦୁଷନ ।
ୟହ କୋଉ ନୃପବାଳକ ନରଭୂଷଣ ॥
ନାଗ ଅସୁର ସୁରନର ମୁନି ଜିତେ ।
ଦେଖେ ଜିତେ ହତେ ହମ କେତେ ॥
ହମ ଭରି ଜନ୍ମ ସୁନହୁ ସବ ଭାଇ ।
ଦେଖି ନହିଂ ଅସି ସୁଂଦର ତାଇ ॥
ଯଦ୍ୟପି ଭଗିନୀ କୀହ୍ନି କୁରୂପା ।
ବଧ ଲାୟକ ନହିଂ ପୁରୁଷ ଅନୂପା ॥''

''ଖରଦୂଷଣ ତାଙ୍କ ମନ୍ତ୍ରୀଙ୍କୁ ଡାକି କହିଲେ, 'ଏହିମାନେ ନରମାନଙ୍କ ଭୂଷଣ କୌଣସି ରାଜାଙ୍କ ବାଳକ ହେବେ । ଆମ୍ଭେ କେତେ ନାଗ, କେତେ ଅସୁର, କେତେ ଦେବତା, କେତେ ନର, କେତେ ମୁନି ଦେଖିଛୁ, କେତେ ଜିତିଛୁ, କେତେ ବଧ କରିଛୁ କିନ୍ତୁ ସମସ୍ତ ଜୀବନରେ ଏପରି ସୁନ୍ଦର ପୁରୁଷ ଦେଖି ନାହୁଁ । ଯଦ୍ୟପି ଭଉଣୀକୁ ଏ କୁରୂପ କରିଛି ତଥାପି ଏ ଅନୁପମ ପୁରୁଷ ବଧଯୋଗ୍ୟ ନୁହେଁ ।' ''

ଯେଉଁ ଶ୍ରୀରାମଙ୍କ ଅନେକ ଦିବ୍ୟ ଗୁଣ ମଧ୍ୟରୁ ମାତ୍ର ଗୋଟିଏ ଦିବ୍ୟଗୁଣ ସୌନ୍ଦର୍ଯ୍ୟ ଦେଖି ଶତ୍ରୁମୋହିତ ହୁଅନ୍ତି, ସମସ୍ତ ଦିବ୍ୟଗୁଣର ମୂର୍ତ୍ତିମାନ୍ ବିଗ୍ରହ ସେହି ଶ୍ରୀରାମଙ୍କ ବନବାସ ଖବରରେ ତାଙ୍କ ଜନ୍ମଦାତ୍ରୀ ମା'ଙ୍କର କି ଅବସ୍ଥା ହୋଇଥିବ ତାହା ବିବେକୀ ତଥା ଭଗବତ୍ ଭକ୍ତି ରସାସ୍ୱାଦନ କରିଥିବା ଭକ୍ତ କିଛି ଅଂଶରେ ଅନୁମାନ କରିପାରିବେ ।

ତାଙ୍କ ମୁଖରେ ବାକ୍ୟ ନ ଥିଲା, ମନରେ ବିଚାର ନ ଥିଲା; ସେ ଶ୍ୱାସଯୁକ୍ତ କାଷ୍ଠ ପ୍ରତିମା ସଦୃଶ ଛିଡ଼ାହୋଇ ରହିଲେ ଏବଂ କିଛି ସମୟ ପରେ ସାମାନ୍ୟ ସୁସ୍ଥ ହୋଇ ପଚାରିଲେ, ''ମହାରାଜାଙ୍କର ତୁ ପ୍ରାଣର ପ୍ରିୟ, ତୋ ଆଚରଣ ତଥା ଗୁଣରେ ସେ ସର୍ବଦା ମୁଗ୍ଧ ଥାଆନ୍ତି; ରାଜ୍ୟାଭିଷେକ ସକାଶେ ଅତ୍ୟନ୍ତ ଆନନ୍ଦରେ ସମସ୍ତ କିଛି ତିଆରି କରିଥିଲେ,

କେଉଁ ଅପରାଧରୁ ତୋତେ ବନବାସ ଦେଲେ ?'' ମା'ଙ୍କ ପ୍ରଶ୍ନରେ ଶ୍ରୀରାମଚନ୍ଦ୍ର କିଛି ଉତ୍ତର ଦେଲେ ନାହିଁ । ଶ୍ରୀରାମଙ୍କ ଅଭିପ୍ରାୟ ଜାଣି ମନ୍ତ୍ରୀଙ୍କ ପୁତ୍ର, ଶ୍ରୀରାମଙ୍କ ବାଲ୍ୟସଖା ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ସମସ୍ତ ଘଟଣା କହିଦେଲେ – ''କୈକେୟୀ ମହାରାଜାଙ୍କୁ ସତ୍ୟ କରାଇ ଶ୍ରୀରାମଙ୍କୁ ମୁନିବେଶରେ ଚଉଦ ବର୍ଷ ବନବାସ, ଭରତଙ୍କ ଲାଗି ଯୁବରାଜତ୍ୱ ବର ମାଗିନେଲେ ।''

ଏହି ଖବରରେ ମା' କୌଶଲ୍ୟା ନିର୍ବାକ୍ ହୋଇ ଛିଡ଼ାହୋଇ ରହିଲେ । କୌଶଲ୍ୟାଦେବୀଙ୍କର ସେ ସମୟରେ ଅବସ୍ଥା ବର୍ଣ୍ଣନା କରିବା ପାଇଁ କୌଣସି ବ୍ୟକ୍ତିର ସାମର୍ଥ୍ୟ ନ ଥିଲା । ଶ୍ରୀରାମଙ୍କୁ ରଖିପାରୁ ନ ଥିଲେ କିଂବା ଯିବାକୁ କହିପାରୁ ନ ଥିଲେ । ଉଭୟ ଅବସ୍ଥା ସଂକଟରେ ପୂର୍ଣ୍ଣ ଥିଲା । ତାଙ୍କ ହୃଦୟ ଦାରୁଣ ଅଗ୍ନିରେ ଦଗ୍ଧ ହେବାକୁ ଲାଗିଲା । ଯଦି ଶ୍ରୀରାମଙ୍କୁ ରଖୁଛନ୍ତି ତେବେ ପତିଙ୍କ ସତ୍ୟଭଙ୍ଗ ସଙ୍ଗେ ସପତ୍ନୀ କୈକେୟୀଙ୍କ ବିରୋଧ ଏବଂ ପରିବାରରେ ଦ୍ୱନ୍ଦ୍ୱ ଅଶାନ୍ତି ସୃଷ୍ଟି ହେବ । ଯେଉଁ ଶ୍ରୀରାମଙ୍କ ଗୁଣରେ ଶତ୍ରୁ ମୁଗ୍ଧ ହୁଅନ୍ତି ସେହି ଦିବ୍ୟଗୁଣସଂପନ୍ନ, ପ୍ରାଣରୁ ଅଧିକ ପ୍ରିୟ ପୁତ୍ରକୁ ବନକୁ ପଠାଇ ସେ ରହିବେ କିପରି ? ପୁତ୍ରବିୟୋଗରେ ତାଙ୍କ ହୃଦୟ ଦୁଇ ଖଣ୍ଡ ହୋଇଯିବ । ଏହି ଦ୍ୱନ୍ଦ୍ୱ ଅବସ୍ଥାରେ ମା' କୌଶଲ୍ୟା ବିଚାର ସ୍ଥଗିତ କରି ଶାନ୍ତ ହୋଇଗଲେ । ମନ ଏବଂ ବିଚାର ଶାନ୍ତ ହେବା ସଙ୍ଗେ ସଙ୍ଗେ ଭଗବତ୍ ଭକ୍ତି ଏବଂ ଜ୍ଞାନରେ ସେ ପ୍ରତିଷ୍ଠ ହୋଇପାରିଲେ । ତାଙ୍କ ଦୃଷ୍ଟିରେ ଶ୍ରୀରାମ ଏବଂ ଭରତ ଉଭୟ ତାଙ୍କ ନିଜର ଏକହି ପୁତ୍ର ବୋଲି ସେ ଅନୁଭବ କଲେ ଏବଂ ପତିଙ୍କ ଅର୍ଦ୍ଧାଙ୍ଗିନୀ ତଥା ପତିଙ୍କ କର୍ମରେ ସହଯୋଗିନୀ ପତ୍ନୀ ବୋଲି ସେ ହୃଦୟଙ୍ଗମ କଲେ । ଅତ୍ୟନ୍ତ ଧୈର୍ଯ୍ୟ ଧାରଣ କରି କୃତ୍ରିମତାହୀନ ସ୍ୱାଭାବିକ ସରଳତାରେ ଶ୍ରୀରାମଙ୍କ ଜନନୀ କହିଲେ, ''ହେ ତାତ, ତୁ ବହୁତ ଉତ୍ତମ କାର୍ଯ୍ୟ କରିଅଛୁ । ସମସ୍ତ ପ୍ରକାର ଧର୍ମରେ ଶ୍ରେଷ୍ଠ ଧର୍ମ ହେଉଛି ପିତାଜ୍ଞା ପାଳନ କରିବା । ନୃପତି ତୋତେ ରାଜ୍ୟ ଦେବାକୁ ଠିକ୍ କରି ବନ ଦେଲେ, ସେ ସକାଶେ ମୋର ଲେଶମାତ୍ର ଦୁଃଖ ନାହିଁ; କିନ୍ତୁ ତୁ ବନ ଯିବାରେ ଭରତ, ମହାରାଜା ତଥା ପ୍ରଜାମାନଙ୍କୁ ପ୍ରଚଣ୍ଡ କ୍ଲେଶ ହେବ, ଏହି ସକାଶେ ମୋତେ ଦୁଃଖ ହେଉଛି ।''

''ରାଜ ଦେନ କହି ଦୀହ୍ନ ବନ ମୋହି ନ ସୋ ଦୁଃଖ ଲେସ ।
ତୁମ୍ହ ବିନୁ ଭରତହି ଭୂପତିହି ପ୍ରଜହି ପ୍ରଚଣ୍ଡ କଲେସ ॥''

''ଯଦି କେବଳ ପିତା ବନ ଯିବାକୁ କହିଥା'ନ୍ତେ ତେବେ ପିତା-ଆଜ୍ଞାଠାରୁ ମାତା-ଆଜ୍ଞା ପାଳନ କରିବା ଶ୍ରେଷ୍ଠ ହୋଇଥିବାରୁ ମୋ କହିବା ମାନି ବନ ଯାଆ ନାହିଁ । ଯଦି ପିତା ଏବଂ ମାତା ଉଭୟ ବନ ଯିବାକୁ କହିଥା'ନ୍ତେ ତେବେ ତୋ ସକାଶେ ବନବାସ ଅଯୋଧ୍ୟାରେ ରାଜ୍ୟାଭିଷେକଠାରୁ ଶହେଗୁଣ ଶ୍ରେଷ୍ଠ ହେବ ।''

''ଜୌଁ କେବଳ ପିତୁ ଆୟସୁ ତାତା ।
ତୌ ଜନି ଜାହୁ ଜାନି ବଡ଼ି ମାତା ॥
ଜୌଁ ପିତୁ ମାତୁ କହେଉ ବନ ଜାନା ।
ତୌ କାନନ ସତ ଅବଧ ସମାନା ॥''

(୩୩)

ସମତା

ରାମାୟଣର ସମସ୍ତ ଚରିତ୍ର ଶିକ୍ଷାପ୍ରଦ । କିନ୍ତୁ ଶ୍ରୀ ଦଶରଥ ମହାରାଜାଙ୍କ ପରିବାରର ସମସ୍ତ ବ୍ୟକ୍ତିଙ୍କ ଚରିତ୍ର ଆଦର୍ଶରେ ପୂର୍ଣ୍ଣ । ବିଶେଷତଃ ମା' କୌଶଲ୍ୟାଦେବୀଙ୍କ ଆଦର୍ଶ ଅତୁଳନୀୟ । ତାଙ୍କର ପ୍ରତ୍ୟେକ କର୍ମ, ପ୍ରତ୍ୟେକ ବ୍ୟବହାର ସମତା-ଭିତ୍ତିରେ ପ୍ରତିଷ୍ଠିତ ।

ମନୁଷ୍ୟ ମଧ୍ୟରେ ଆତ୍ମା ଥାଏ ନିଷ୍କ୍ରିୟ, କର୍ମ ହୁଏ ମନ-ପ୍ରାଣ-ଶରୀରରେ । ଏହିସବୁ ସତ୍ତାର ଧର୍ମ ଅହଂ, ସ୍ୱାର୍ଥ,

କାମ, କ୍ରୋଧ, ଲୋଭ, ମୋହ ଓ ଅଜ୍ଞାନତା । ଏହିସବୁର ନିବାସ ବ୍ୟକ୍ତି ମଧ୍ୟରେ । ଆତ୍ମା ଜାଗ୍ରତ୍ ନ ହେବା ପର୍ଯ୍ୟନ୍ତ ବ୍ୟକ୍ତି ପରିଚାଳିତ ହୁଏ ଏହିମାନଙ୍କ ଦ୍ୱାରା । ଏସବୁକୁ କିଛି ଅଂଶରେ ସଂଯମ କରି ବାହ୍ୟ କର୍ମରେ ସାମଞ୍ଜସ୍ୟ ରଖି ବ୍ୟକ୍ତି, ପରିବାର, ସମାଜକୁ ପରିଚାଳନା କରିବା ସକାଶେ କରାହୋଇଛି ନୀତିନିୟମ ତଥା ଶାସନ । ଶକ୍ତିଶାଳୀ ଅହଂ, ସ୍ୱାର୍ଥ, କାମ, କ୍ରୋଧ, ଲୋଭ, ମୋହ ସମ୍ମୁଖରେ ଏହି ନୀତି-ନିୟମ, ଶାସନ-ବ୍ୟବସ୍ଥା ବହୁତ ଦୁର୍ବଳ । ଅହଂ, ସ୍ୱାର୍ଥାଦି ଅଜ୍ଞାନତା ବାରଂବାର ପ୍ରବଳ ହୋଇ ଏହି ନୀତି-ନିୟମ, ଶାସନ-ବ୍ୟବସ୍ଥାକୁ ଭାଙ୍ଗି ଦେଇଛନ୍ତି ଏବଂ ଏହାକୁ ମଧ୍ୟ ବାରଂବାର ଭିନ୍ନ ଭିନ୍ନ ରୂପେ ପ୍ରତିଷ୍ଠା କରାହେଉଛି । ଏହିପରି ଚାଲିଆସୁଛି ସୃଷ୍ଟିର ସର୍ଜନା ହେବା ଦିନରୁ । କିନ୍ତୁ ଏହିସବୁ ପ୍ରତିକୂଳ ଶକ୍ତିରାଜି ଶକ୍ତିହୀନ, ଦର୍ପହୀନ ହୁଅନ୍ତି ଭଗବତ୍ ଭକ୍ତି ସମ୍ମୁଖରେ ।

ପୁରାତନ ଯୁଗର ସମସ୍ତ ଅଧ୍ୟାତ୍ମବାଦୀମାନେ ମନ-ପ୍ରାଣ-ଶରୀରରେ ଭଗବତ୍ ଉପଲବ୍ଧି ବା ଭକ୍ତି ପ୍ରାପ୍ତ ହେବା ସମ୍ଭବ ନ ଦେଖି ସେମାନେ ସଂସାର ଛାଡ଼ି କର୍ମ ତଥା କର୍ମ ସମ୍ପାଦନ ହେଉଥିବା ମନ-ପ୍ରାଣ-ଶରୀରକୁ ବାଦ୍‌ଦେଇ କେବଳ ଆତ୍ମାକୁ ଭଗବତ୍ ପ୍ରାପ୍ତି କରାଇଲେ କିଂବା ମୁକ୍ତି, ନିର୍ବାଣରେ ପ୍ରବେଶ କଲେ । ସେହି ସକାଶେ ସଂସାର-କର୍ମରେ କେବେ ବି ପୂର୍ଣ୍ଣ ସାମଞ୍ଜସ୍ୟ ପ୍ରତିଷ୍ଠା ହୋଇପାରିଲା ନାହିଁ । ଆଜି ବି ଆତ୍ମମାନଙ୍କ ସମ୍ମୁଖରେ ସଂସାରର ସବୁକ୍ଷେତ୍ରରେ ବିଭ୍ରାଟ ଦୃଷ୍ଟିଗୋଚର ହେଉଛି ।

କିନ୍ତୁ ସଂସାରର ସମସ୍ତ ପ୍ରକାର ଅତ୍ୟନ୍ତ ଜଟିଳ କର୍ମରେ ବି ସାମଞ୍ଜସ୍ୟ ପ୍ରତିଷ୍ଠା କରାଯାଇପାରେ ମନ-ପ୍ରାଣ-ଶରୀରରେ ଭଗବତ୍ ଉପଲବ୍ଧି ହେଲେ । ଏହାର ଉଦାହରଣ ହେଉଛନ୍ତି ଶ୍ରୀରାମଙ୍କ ଜନନୀ କୌଶଲ୍ୟାଦେବୀ । ଏହିପରି ସୁଯୋଗ ପ୍ରାପ୍ତ ହୁଏ ଯଦି ଭଗବାନ୍ ମନୁଷ୍ୟ ଶରୀରରେ ଏହି ପୃଥିବୀରେ ଅବତାର ନିଅନ୍ତି । ତା'ହେଲେ ତାଙ୍କ ସହିତ ଆତ୍ମେମାନେ ପିତା, ପୁତ୍ର, ସଖା, ସେବକାଦି ଭାବ ପ୍ରତିଷ୍ଠା କରିପାରୁ ଏବଂ ମନ-ପ୍ରାଣ-ଶରୀରରେ ଭଗବାନଙ୍କ ସଂସ୍ପର୍ଶ ପାଇପାରୁ । ଅଥବା ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେଲେ ସେ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ଉପଲବ୍ଧି କରିପାରେ ଏବଂ ଭଗବାନଙ୍କ ସହିତ ସମସ୍ତ ସତ୍ତାରେ ଏକ ହୋଇ, ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୋଇ ଭଗବତ୍ କର୍ମ କରିପାରେ । ଏହି ଉଭୟପ୍ରକାର ପ୍ରଣାଳୀରେ ଭଗବାନ୍ ଏବଂ ଭକ୍ତ ବିଜାତି ହୋଇ ରହନ୍ତି ନାହିଁ । ଏହାଛଡ଼ା ମନ-ପ୍ରାଣ-ଶରୀରରେ ଭଗବତ୍ ଉପଲବ୍ଧି କରିବାର ଅନ୍ୟ ପନ୍ଥା ନାହିଁ ।

ସେସମୟରେ କ୍ରମବିକାଶ ପ୍ରଣାଳୀ ଅନୁସାରେ ମନର ବିକାଶ ଶେଷ ହୋଇ ନ ଥିବାରୁ ପୃଥିବୀରେ ଅତିମାନସ ଶକ୍ତିର ଅବତରଣ କରାଇବା ଏବଂ ମନ, ପ୍ରାଣ ଓ ଶରୀରକୁ ରୂପାନ୍ତରିତ କରିବା ସମ୍ଭବ ନ ଥିଲା । କ୍ରମବିକାଶକୁ ତ୍ୱରାନ୍ୱିତ କରିବା, ଆଦର୍ଶ ଗାର୍ହସ୍ଥ୍ୟଧର୍ମ ପ୍ରତିଷ୍ଠା କରିବା ତଥା ଭକ୍ତମାନଙ୍କୁ ପରମ ସୁଖ ଦେବା ଉଦ୍ଦେଶ୍ୟରେ ଭଗବାନ୍ ମନୁଷ୍ୟ ଶରୀରରେ ଅବତାର ନେଇ ମହାରାଜା ଶ୍ରୀ ଦଶରଥ ତଥା ମହାରାଣୀ କୌଶଲ୍ୟାଦେବୀଙ୍କୁ ପୁତ୍ରରୂପେ ପ୍ରାପ୍ତ ହୋଇଥିଲେ । ଭଗବାନ୍ ମନୁଷ୍ୟ ଶରୀରରେ ଅବତାର ନେବା ସମୟରେ ଯେଉଁମାନଙ୍କୁ ସୌଭାଗ୍ୟ ପ୍ରାପ୍ତ ହୁଏ ସେମାନଙ୍କ ମଧ୍ୟରେ ଅତ୍ୟନ୍ତ ସୌଭାଗ୍ୟଶାଳିନୀ ଥିଲେ ଶ୍ରୀରାମଙ୍କ ଜନନୀ କୌଶଲ୍ୟାଦେବୀ । ସେ ମନ-ପ୍ରାଣ-ଶରୀରରେ ଭଗବତ୍ ସଂସ୍ପର୍ଶ ପାଇଥିବାରୁ ଅଜ୍ଞାନଗ୍ରସ୍ତ ମନ-ପ୍ରାଣ-ଶରୀରରେ ସମ୍ପାଦିତ କର୍ମ ଏବଂ ବ୍ୟବହାରରେ ଯେଉଁ ଭୁଲ୍‌ଭ୍ରାନ୍ତି, ପ୍ରମାଦ ହେବା ସ୍ୱାଭାବିକ ଥିଲା ତାଙ୍କୁ ସେସବୁ ସ୍ପର୍ଶ କରୁ ନ ଥିଲା ।

ଏପରି ସୁଯୋଗ ସବୁସମୟରେ ପ୍ରାପ୍ତ ହୁଏ ନାହିଁ କିଂବା ଚାହୁଁଥିବା ବ୍ୟକ୍ତିଙ୍କ ସକାଶେ ସୁଲଭ ବି ନୁହେଁ । ଏହା ସୁଲଭ ତଥା ପୂର୍ଣ୍ଣାଙ୍ଗ ହୁଏ ଯେବେ କ୍ରମବିକାଶ ଅନୁସାରେ ମନର ବିକାଶପରେ ଅତିମାନସ ଚେତନା ପୃଥିବୀରେ ପ୍ରତିଷ୍ଠିତ ହୁଏ । ବର୍ତ୍ତମାନ ମନର ବିକାଶ ସମାପ୍ତ ହୋଇସାରିଛି । କ୍ରମବିକାଶର ପ୍ରଣାଳୀ ଅନୁସାରେ ଅତିମାନସ ଚେତନାଯୁକ୍ତ ଅତିମାନବ ପୃଥିବୀରେ ପ୍ରତିଷ୍ଠା ହେବାର ସମୟ ଆସିଛି । ଅତିମାନବ ପ୍ରତିଷ୍ଠା ହେବାର ଅତ୍ୟନ୍ତ ଦୀର୍ଘ ସମୟକୁ ସଂକ୍ଷିପ୍ତ କରିଦେବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀରେ ଅବତାର ନେଇ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି ଏବଂ ପ୍ରତିଷ୍ଠିତ କରିଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗ-ପ୍ରଣାଳୀ ଅନୁସାରେ ଅତିମାନସ ଶକ୍ତି

ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେଲେ ସେ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ଉପଲବ୍ଧି କରିବ ଏବଂ ଭଗବାନଙ୍କ ସହିତ ଏକତ୍ୱପ୍ରାପ୍ତ ହୋଇ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବ । ତା'ର ମନ-ପ୍ରାଣ-ଶରୀରରୁ ଅଜ୍ଞାନତା ପୂର୍ଣ୍ଣରୂପେ ରୂପାନ୍ତରିତ ହେବାରୁ ତା' ଦ୍ୱାରା କର୍ମ ଏବଂ ବ୍ୟବହାରରେ ଭୁଲ୍‌ଭ୍ରାନ୍ତି ହେବ ନାହିଁ । ସେସମୟରେ ଏହା ଘଟିବା ସମ୍ଭବ ନ ଥିଲା । ସେହି ସକାଶେ ଶ୍ରୀଅରବିନ୍ଦଙ୍କ ରୂପାନ୍ତରିତ ଯୋଗ ଛଡ଼ା ଅନ୍ୟ ସମସ୍ତ ପୁରାତନ ଯୋଗ ମନ-ପ୍ରାଣ-ଶରୀର ତଥା ସେସବୁ ଦ୍ୱାରା ସମ୍ପାଦିତ ହେଉଥିବା ଜାଗତିକ ସମସ୍ତ କର୍ମ ସହିତ ସଂସାର ତ୍ୟାଗ କରିଥିଲେ । କିନ୍ତୁ ଜନନୀ କୌଶଲ୍ୟାଦେବୀ ମନ-ପ୍ରାଣ-ଶରୀରରେ ଭଗବତ୍ ସମ୍ବନ୍ଧ ସ୍ଥାପନା କରିଥିବାରୁ ସଂସାରର ଜଟିଳ କର୍ମରେ ସାମଞ୍ଜସ୍ୟ ପ୍ରତିଷ୍ଠା କରିପାରିଥିଲେ । ସେହି ବିଷୟ ଏଠାରେ ଆଲୋଚନା କରିବା ।

କୌଶଲ୍ୟାଦେବୀଙ୍କ ସପତ୍ନୀ କୈକେୟୀ ରାଜାଙ୍କଠାରୁ ବରଦାନ ନେଇ ଯୁବରାଜପଦରେ ଅଭିଷିକ୍ତ ହେବା ସମୟରେ ତାଙ୍କ ପ୍ରାଣପ୍ରିୟ ପୁତ୍ର ଶ୍ରୀରାମଙ୍କୁ ଚଉଦ ବର୍ଷ ବନବାସ ଦେଇଥିଲେ । ସେସମୟରେ ରାଜ ପରିବାର ତଥା ଅଯୋଧ୍ୟାରେ ଯେଉଁ ଭୟାବହ ଅପ୍ରୀତିକର ଅଶାନ୍ତି ସୃଷ୍ଟି ହୋଇଥା'ନ୍ତା ତାହାର କଳ୍ପନା ବି କରିହୋଇ ନ ଥା'ନ୍ତା । କିନ୍ତୁ ଏପରି ଭୟାବହ ଜଟିଳ ସମସ୍ୟାର ସମାଧାନ କରିପାରିଥିଲେ ଶ୍ରୀରାମଙ୍କ ଗର୍ଭଧାରିଣୀ ଜନନୀ ମା' କୌଶଲ୍ୟାଦେବୀ ।

ଯେଉଁ ସପତ୍ନୀ କୈକେୟୀ ନିଜ ପୁତ୍ର ଭରତକୁ ରାଜ୍ୟାଭିଷେକ କରାଇବା ଉଦ୍ଦେଶ୍ୟରେ କପଟତାରେ ରାଜାଙ୍କୁ ସତ୍ୟ କରାଇ ଶ୍ରୀରାମଙ୍କୁ ବନବାସ ଦେବାକୁ ବର ମାଗିନେଇ ତାଙ୍କୁ ବନକୁ ପଠାଇଥିଲେ, ସେ କେବଳ ସେତିକିରେ ସନ୍ତୁଷ୍ଟ ହୋଇ ନ ଥିଲେ । ଚଉଦ ବର୍ଷ ପରେ ଶ୍ରୀରାମ ଅଯୋଧ୍ୟାକୁ ଫେରିଆସିଲେ ଯେପରି ପୁନରାୟ ରାଜଗାଦି ପ୍ରାପ୍ତ ହୋଇ ନ ପାରିବେ ଏବଂ ଭରତ ଅକଣ୍ଟକ ରାଜ୍ୟ ଭୋଗ କରିବେ, ସେହି ଉଦ୍ଦେଶ୍ୟରେ ସେ ଦ୍ୱିତୀୟ ବର ମାଗିଥିଲେ — ମନୁଷ୍ୟ ବାସ କରୁଥିବା କୌଣସି ଗ୍ରାମରେ ଶ୍ରୀରାମ ବାସ କରିପାରିବେ ନାହିଁ । ଜନଶୂନ୍ୟ ଘୋର ଜଙ୍ଗଲରେ ଗୃହସଂସାରତ୍ୟାଗୀ ବୀତରାଗ ଋଷିମୁନିଙ୍କ ସଦୃଶ ବୃକ୍ଷବଲ୍‌କଳ ପରିଧାନ କରିବେ ଏବଂ ଫଳମୂଳ ଭୋଜନ କରିବେ । ଜଙ୍ଗଲରେ ବାସ କଲେ ଜନତାଙ୍କ ସହିତ କୌଣସି ସମ୍ପର୍କ ରହିବ ନାହିଁ । ଦୀର୍ଘ ଚଉଦ ବର୍ଷରେ ଜନତା ଶ୍ରୀରାମଙ୍କୁ ଭୁଲିଯିବେ ତଥା ଭରତଙ୍କ ଅନୁଗତ ହୋଇଯିବେ । ରାଜକର୍ମଚାରୀ ଏବଂ ସେନାମାନଙ୍କ ଉପରେ ଭରତଙ୍କର ପୂର୍ଣ୍ଣ ଅଧିକାର ହୋଇସାରିଥିବ । ଦୀର୍ଘ ଚଉଦ ବର୍ଷ ପରେ ଶ୍ରୀରାମ ଅଯୋଧ୍ୟା ଫେରିଆସି ରାଜ୍ୟପ୍ରାପ୍ତି କରିବା ସକାଶେ କାହାଠାରୁ ସାହାଯ୍ୟ ସହାନୁଭୂତି ପାଇବେ ନାହିଁ । ଦ୍ୱିତୀୟରେ ଫଳମୂଳ ଭୋଜନ ତଥା ଜଙ୍ଗଲରେ ରହିବା ଯୋଗୁଁ ଶାରୀରିକ ବଳ କ୍ଷୀଣ ହୋଇ ଯାଇଥିବ । ଦୁର୍ବଳ ଅବସ୍ଥାରେ ଏକୁଟିଆ ସେନାସମୂହ ପରିବେଷ୍ଟିତ ଭରତଙ୍କ ସହିତ ଯୁଦ୍ଧ କରିବାରେ ଅସମର୍ଥ ହେବେ । ଅତଏବ ଭରତ କେବଳ ଚଉଦ ବର୍ଷ ସକାଶେ ରାଜା ହେବେ ନାହିଁ, ସେ ସ୍ଥାୟିରୂପେ ଅକଣ୍ଟକ ରାଜ୍ୟ ଭୋଗ କରିବେ । ଶ୍ରୀରାମଙ୍କ ସକାଶେ ଆଉ କୌଣସି ଉପାୟ ନ ଥିବ । ସେ ବାଧ୍ୟହୋଇ ଶେଷ ଜୀବନ ପର୍ଯ୍ୟନ୍ତ ବନବାସ କରିବେ ।

ଏପରି କୁଟିଳା, କପଟଯୁକ୍ତା, ସ୍ୱାର୍ଥୀ ଓ ଶତ୍ରୁଭାବସମ୍ପନ୍ନା, ନିଜର ଏବଂ ନିଜ ପୁତ୍ରର ସର୍ବନାଶ କରିଥିବା ସପତ୍ନୀ କୈକେୟୀଙ୍କୁ ଶ୍ରୀରାମଙ୍କ ମାତା କୌଶଲ୍ୟାଦେବୀ ନିଜଠାରୁ ପୃଥକ୍ ମନେକରୁ ନ ଥିଲେ । ସେ କହୁଥିଲେ, ''ଯଦି ପିତାଙ୍କ ସହିତ ମା' କୈକେୟୀ ବନବାସ ଯିବାକୁ କହିଥା'ନ୍ତି ତେବେ ଅଯୋଧ୍ୟାଠାରୁ ବନବାସ ଶହେ ଗୁଣ ଶ୍ରେଷ୍ଠ ।'' ଯେଉଁ ଭରତଙ୍କ ସକାଶେ ତାଙ୍କ ମାତା ଶ୍ରୀରାମଙ୍କ ରାଜ୍ୟପ୍ରାପ୍ତିର ମୂଳ ପର୍ଯ୍ୟନ୍ତ ଉପାଡ଼ି ସାରିଥିଲେ ଏବଂ ଶେଷ ଜୀବନ ପର୍ଯ୍ୟନ୍ତ ଜଙ୍ଗଲରେ ବାସ କରାଇବାର କୌଶଳ କରିଥିଲେ ସେହି ଭରତଙ୍କୁ ଶ୍ରୀରାମଙ୍କ ବନବାସରେ ଦୁଃଖ ହେବା ଭାବି ତାଙ୍କ ସକାଶେ କୌଶଲ୍ୟାଦେବୀ ଚିନ୍ତିତ ହେଉଥିଲେ ।

ଏପରି ଜଟିଳ ପରିସ୍ଥିତିରେ ନିଜେ ଶାନ୍ତ ରହି, ଧୈର୍ଯ୍ୟ ଧାରଣ କରି, ସମତ୍ୱରେ ଅଟଳପ୍ରତିଷ୍ଠ ହୋଇ ବିକଟ ସମସ୍ୟାକୁ ସମାଧାନ କରିବା ଅନ୍ୟ କୌଣସି ମା' ପକ୍ଷେ ସମ୍ଭବ ନ ଥିଲା, ଥିଲା କେବଳ ମା' କୌଶଲ୍ୟାଦେବୀଙ୍କ ସକାଶେ । ସେ ଅତ୍ୟନ୍ତ ଧୈର୍ଯ୍ୟ ଧାରଣ କରି ଶ୍ରୀରାମଙ୍କୁ କହିଥିଲେ, ''ଏଠାରେ ଆମ୍ଭେମାନେ ଯେଉଁ ପୁତ୍ରସ୍ନେହର

ଆନନ୍ଦ ପ୍ରାପ୍ତ ହେଉଥିଲୁ, ତୁ ବନବାସ ଗଲେ ବନର ବନଦେବୀ ଏବଂ ବନଦେବତା ସେହି ଆନନ୍ଦ ପ୍ରାପ୍ତ ହେବେ । ଏଠାରେ ସେବକମାନେ ତୋତେ ସେବା କରି ଯେଉଁ ସୁଖ ଅନୁଭବ କରୁଥିଲେ, ବନରେ ଖଗ, ମୃଗମାନେ ତୋ ସେବା କରି ସେହି ସୁଖ ଅନୁଭବ କରିବେ । ତୁ ଅଯୋଧ୍ୟାରେ ଥିବାରୁ ଅଯୋଧ୍ୟା ଭାଗ୍ୟବାନ୍ ଥିଲା । ତୁ ବନକୁ ଯିବାରୁ ବନର ସୌଭାଗ୍ୟ ଉଦୟ ହେଲା । ଅଯୋଧ୍ୟାର ଦୁର୍ଭାଗ୍ୟ ଆସିଲା ।

'ବଡ଼ ଭାଗୀ ବନ ଅବଧ ଅଭାଗୀ ।
ଜୋ ରଘୁବଂଶ ତିଲକ ତୁମ୍ହ ତ୍ୟାଗୀ ॥'

''ହେ ପୁତ୍ର, ରଘୁବଂଶର ତିଳକଶ୍ରେଷ୍ଠ, ମୁକୁଟମଣୀ, ତୁ ଅଯୋଧ୍ୟା ତ୍ୟାଗ କରିବାରୁ ଅଯୋଧ୍ୟାବାସୀ ଅନାଥ ହୋଇଗଲେ । ସେମାନଙ୍କ ଜୀବନଧାରଣ ଅସହ୍ୟ ହୋଇଗଲା । କାରଣ ତୁ' ସମସ୍ତ ପ୍ରାଣୀଙ୍କର ପରମପ୍ରିୟ, ପ୍ରାଣର ପ୍ରାଣ ଓ ଜୀବନର ଜୀବନ ଥିଲୁ । ତୁହିଁ ସମସ୍ତ କିଛିକୁ ଧାରଣ କରି ରହିଛୁ ।''

ଭଗବାନଙ୍କ ବରଦାନ ଯୋଗୁଁ ମା' କୌଶଲ୍ୟାଦେବୀଙ୍କ ଜ୍ଞାନ ସହିତ ମାଧୁର୍ଯ୍ୟଭକ୍ତି ପୁତ୍ରସ୍ନେହ ବରାବର ଥିଲା ।

(୩୪)

ପୂର୍ବେ ଆଲୋଚିତ ହୋଇଛି ଯେ ମାତା କୌଶଲ୍ୟାଦେବୀଙ୍କ ଜ୍ଞାନ କେବେ ଲୁପ୍ତ ନ ହେବା ତଥା ଭଗବାନଙ୍କୁ ପୁତ୍ରରୂପେ ପ୍ରାପ୍ତ ହୋଇ ମନ-ପ୍ରାଣ-ଶରୀରରେ ପୁତ୍ରସ୍ନେହରେ ଡୁବିରହିବା – ଏହି ବର ସେ ଭଗବାନଙ୍କଠାରୁ ମାଗି ନେଇଥିଲେ । ସେହି କାରଣରୁ ତାଙ୍କର ଭଗବାନଙ୍କ ଐଶ୍ୱର୍ଯ୍ୟ ଜ୍ଞାନ ସହିତ ପୁତ୍ରସ୍ନେହ ମାଧୁର୍ଯ୍ୟଭକ୍ତି ବିଦ୍ୟମାନ ଥିଲା । ଭଗବାନଙ୍କ ଐଶ୍ୱର୍ଯ୍ୟ କହିବା ସଙ୍ଗେ ସଙ୍ଗେ ସେ ପୁତ୍ରସ୍ନେହରେ ଅଭିଭୂତ ହୋଇ କହିଲେ, ''ହେ ପୁତ୍ର, ତୁ ତ' ସମସ୍ତଙ୍କର ପ୍ରିୟ, ତଥାପି ତୋ ସହିତ ମୋର ମାତୃସମ୍ପର୍କ ଅଧିକ । ଅତଏବ ଏହି ସମ୍ପର୍କ ଯୋଗୁଁ ମୋତେ ଯେପରି ଭୁଲି ନ ଯାଉ । ମୋର ଆଶୀର୍ବାଦ ସର୍ବଦା ତୋତେ ପ୍ରାପ୍ତ ହେଉ ।''

''ସକଳ ଦେବତା ତଥା ପିତୃଲୋକ ତୋତେ ନୟନକୁ ପଲକ ରକ୍ଷା କରିବା ସଦୃଶ ରକ୍ଷା କରନ୍ତୁ । ଚଉଦ ବର୍ଷ ବନବାସ ଅବଧି ହେଉଛି ଜଳ ସଦୃଶ । ତୋର ପ୍ରିୟ ମିତ୍ର, ପରିବାର ହେଉଛନ୍ତି ସେହି ଅବଧି ଜଳରେ ମୀନ । ଚଉଦ ବର୍ଷ ପର୍ଯ୍ୟନ୍ତ କେବଳ ତୋତେ ଦେଖିବା ଉଦ୍ଦେଶ୍ୟରେ ସେମାନେ ଜୀବନ ଧାରଣ କରିବେ । ଅବଧି ଶେଷ ହେଲେ ଆଉ ଗୋଟିଏ ଦିନ ଜଳରୁ ମୀନକୁ ପୃଥକ୍ କରିବା ସଦୃଶ କେହି ବଞ୍ଚି ପାରିବେ ନାହିଁ । ତୁ କରୁଣାର ସମୁଦ୍ର, ଧର୍ମର ଧାରକ । ଅତଏବ ଏହି ବିଚାର କରି ଠିକ୍ ଚଉଦ ବର୍ଷର ଶେଷ ଦିନ ଏଠାରେ ପହଞ୍ଚିଲେ ଆମ୍ଭମାନଙ୍କୁ ଜୀବିତ ଅବସ୍ଥାରେ ପାଇବୁ । ସେବକ, ଆଶ୍ରିତ ଓ ଦେଶକୁ ଅନାଥ କରି ସୁଖପୂର୍ବକ ବନକୁ ଯାଆ । ଆଜି ସମସ୍ତଙ୍କର ଯେଉଁ ସୁକୃତିରୁ ତୁ ପ୍ରାପ୍ତ ହୋଇଥିଲୁ ସେ ସୁକୃତି ସମାପ୍ତ ହୋଇଗଲା । ଆଜିଠାରୁ କାଳ ବିପରୀତ ହୋଇ କରାଳ ରୂପ ଧାରଣ କରିନେଲା । ଅର୍ଥାତ୍ ଖରାପ ସମୟ ଆସିଗଲା ।'' – ଏହିପରି ବହୁପ୍ରକାର ବିଳାପ କରି ମା' କୌଶଲ୍ୟାଦେବୀ ଶୋକରେ ଅତ୍ୟନ୍ତ କାତର ହୋଇ ପୁତ୍ରର ଦୁଇ ଚରଣକୁ ଜୋର୍‌ରେ ଧରି ପକାଇଲେ । ଶ୍ରୀରାମ ମା'ଙ୍କୁ ଦୁଇ ହାତରେ ଉଠାଇ ହୃଦୟରେ ଲଗାଇନେଲେ ଏବଂ ପୁନରାୟ ଅତ୍ୟନ୍ତ ମଧୁର ବଚନରେ ମା'ଙ୍କୁ ବୁଝାଇ ସାନ୍ତ୍ୱନା ଦେବାକୁ ଲାଗିଲେ ।

ପୁତ୍ରବିୟୋଗ ଯୋଗୁଁ ମା' କୌଶଲ୍ୟାଦେବୀ ଅତ୍ୟନ୍ତ ଶୋକାକୁଳା ହେଉଥିବା ସମୟରେ ଜନକତନୟା ସୀତାଦେବୀ ପତିଙ୍କ ବନବାସ ଖବର ପାଇ ଶୋକରେ ଅତ୍ୟନ୍ତ ବ୍ୟାକୁଳା ହୋଇ ଆସି ଶାଶୂଙ୍କ ଚରଣରେ ପ୍ରଣାମ କରି ମୁଖ ତଳକୁ କରି ସେହିଠାରେ ବସିଗଲେ । ଅତ୍ୟନ୍ତ ସୁକୁମାରୀ, ମଧୁରଭାଷିଣୀ, ସର୍ବଦିବ୍ୟଗୁଣଯୁକ୍ତା, ଅତ୍ୟନ୍ତ ପ୍ରିୟ ପୁତ୍ରବଧୂକୁ ଦେଖିବା ମାତ୍ରେ ତାଙ୍କ ଶୋକ ଅଧିକ ବଢ଼ିଗଲା । ସେ ମୂକ ଅବସ୍ଥାରେ ସୀତାଦେବୀଙ୍କ ମସ୍ତକରେ ହସ୍ତ ରଖି ଆଶୀର୍ବାଦ ଦେଲେ ।

ପୁତ୍ରବଧୂ ସୀତାଦେବୀ ଶାଶୂଙ୍କ ସାମନାରେ ଲଜ୍ୟାବଶତଃ ପତିଙ୍କୁ କିଛି ନ କହି ବ୍ୟାକୁଳ ହୃଦୟରେ ଭାବିଲେ,

''ପତି ଯଦି ପ୍ରାଣଯୁକ୍ତ ଶରୀରକୁ ସଙ୍ଗେ ନେବାକୁ ମନା କରନ୍ତି ତେବେ ଶରୀର ଏହିଠାରେ ମୃତ ଅବସ୍ଥାରେ ପଡ଼ି ରହିବ, ପ୍ରାଣ ତାଙ୍କ ସଙ୍ଗରେ ନିଶ୍ଚୟ ଯିବ ।'' ଶୋକଯୁକ୍ତ ମୌନ ଅବସ୍ଥାରେ ପୁତ୍ରବଧୂକୁ ଦେଖି କୌଶଲ୍ୟାଦେବୀଙ୍କ ହୃଦୟ ଶୋକରେ ବିଦୀର୍ଣ୍ଣ ହୋଇଗଲା । ସେ ପୁତ୍ରକୁ ସମ୍ବୋଧନ କରି କହିଲେ, ''ବତ୍ସ ଶ୍ରୀରାମ, ସୀତା ଅତି ସୁକୁମାରୀ, କୋମଳାଙ୍ଗୀ, ପିତାମାତାଙ୍କ ଅତ୍ୟନ୍ତ ସ୍ନେହରେ ଲାଳିତା ପାଳିତା ହୋଇଥିଲା । ମୁଁ ତାକୁ ପୁତ୍ରବଧୂରୂପେ ପାଇ ପ୍ରାଣରୁ ଅଧିକ ଯତ୍ନରେ ରଖିଥିଲି । ସେ ଶାଶୂ, ଶଶୁର, ପରିବାରର ଅତ୍ୟନ୍ତ ପ୍ରିୟ । ପୃଥିବୀ କଠୋର ଥିବାରୁ ସେ ପୃଥିବୀରେ ପାଦ ବି ରଖି ନାହିଁ । ଏପରି କୋମଳାଙ୍ଗୀ ସୀତା କଣ୍ଟକାକୀର୍ଣ୍ଣ, ନଦୀନଦସଂକୁଳ ପାହାଡ଼ ପର୍ବତ ମାର୍ଗରେ ଚାଲିବ କିପରି ? ବ୍ୟାଘ୍ର, ସିଂହ ହିଂସ୍ରଜନ୍ତୁଙ୍କ ଗର୍ଜନରେ ଧୈର୍ଯ୍ୟଶୀଳ ବ୍ୟକ୍ତି ଭୟ କରେ । ସେ ତ' ଚିତ୍ରଲିଖିତ ମର୍କଟକୁ ଭୟ କରେ । ନରନାରୀଙ୍କୁ ଭକ୍ଷଣ କରୁଥିବା ଅସୁର, ରାକ୍ଷସଙ୍କ ଦ୍ୱାରା ଆତଙ୍କିତ ବନରେ ସୀତା ରହିବ କିପରି ? ମୁଁ ତ' ତାକୁ ନୟନପିତୁଳା ସଦୃଶ ରଖିଥିଲି । ସେହି ସ୍ନେହର ପୁତ୍ରବଧୂ ବିନା ମୁଁ ରହିବି କିପରି ?'' ମା'ଙ୍କର ଏହି ବଚନ ଶୁଣିବାରେ ମା'ଙ୍କ ସାମନାରେ ପତ୍ନୀକୁ କିଛି କହିବା ଉଚିତ ନ ଥିଲେ ମଧ୍ୟ କୁସମୟ ଯୋଗୁଁ ଶ୍ରୀରାମ ବନର ବହୁପ୍ରକାର ଭୟାବହ ଦୃଶ୍ୟ, ଦୁଃଖକଷ୍ଟ ବର୍ଣ୍ଣନା କରି ଗୃହରେ ରହି ଶାଶୂ, ଶଶୁରଙ୍କ ସେବା କରିବା ସକାଶେ ଉପଦେଶ ଦେଲେ । କିନ୍ତୁ ସୀତାଦେବୀଙ୍କୁ ସଙ୍ଗେ ନ ନେଲେ ତାଙ୍କ ପ୍ରାଣ ଶରୀର ତ୍ୟାଗ କରିବା ଜାଣି ତାଙ୍କୁ ସଙ୍ଗେ ନେବା ସ୍ୱୀକାର କଲେ । ମା'ଙ୍କୁ ଉଭୟେ ପ୍ରଣାମ କରି ଆଶୀର୍ବାଦ ସହିତ ବିଦାୟ ନେଇ ଶୋକବିହ୍ୱଳ ଅବସ୍ଥାରେ ମା'ଙ୍କୁ ଛାଡ଼ି ଶ୍ରୀରାମ ଓ ସୀତାଦେବୀ ଏବଂ ଛୋଟ ଭାଇ ଲକ୍ଷ୍ମଣଙ୍କ ସହିତ ପିତାଙ୍କୁ ପ୍ରଣାମ କରି ବନଗମନ କଲେ । ମହାରାଜାଙ୍କ ଆଜ୍ଞାରେ ପୁତ୍ର ଶ୍ରୀରାମ, ପୁତ୍ରବଧୂ ସୀତାଦେବୀ ତଥା ପୁତ୍ର ଲକ୍ଷ୍ମଣଙ୍କୁ ରଥରେ ବସାଇ ବନରେ ପହଞ୍ଚାଇ ଦେବା ସକାଶେ ସୁମନ୍ତ୍ର ମନ୍ତ୍ରୀ ଗଲେ ।

ଶ୍ରୀରାମଙ୍କ ବନଗମନ ଦାରୁଣ ଦୃଶ୍ୟ କିପରି ଥିଲା ତାହା ଅବର୍ଣ୍ଣନୀୟ । ବୃକ୍ଷଲତା ଶୋକରେ ଝାଉଁଳି ପଡ଼ିଲେ । ପଶୁପକ୍ଷୀ ଖାଇବାପିଇବା ତ୍ୟାଗ କଲେ । ସମସ୍ତ ଅଯୋଧ୍ୟାବାସୀ ଦାରୁଣ ବେଦନା ସହି ନ ପାରି ଘରଦ୍ୱାର, ସମ୍ପତ୍ତି, ଭୋଗବିଳାସ ତ୍ୟାଗ କରି ଶ୍ରୀରାମଙ୍କ ପଛେ ପଛେ ବନଗମନ କଲେ । ଶ୍ରୀରାମଙ୍କ ବିୟୋଗରେ ଅଯୋଧ୍ୟାବାସୀଙ୍କର ଯଦି ଏପରି ଅବସ୍ଥା ହୁଏ, ତା'ହେଲେ ଗର୍ଭଧାରିଣୀ ମା' କୌଶଲ୍ୟାଦେବୀଙ୍କ ଅବସ୍ଥା କିପରି ଥିବ, ତାହା ଅନୁମାନ କରିବା କଠିନ ।

ଶ୍ରୀରାମଙ୍କୁ ବନରେ ଛାଡ଼ି ସୁମନ୍ତ୍ର ଫେରିବା ସମୟରେ ରଥର ଘୋଡ଼ା ଚାଲିବା ବନ୍ଦ କରି ପଛକୁ ଅନାଇ ଶ୍ରୀରାମଙ୍କ ଯାଇଥିବା ମାର୍ଗକୁ ଦେଖି ନେତ୍ରରୁ ଅଶ୍ରୁ ବର୍ଷା କରୁଥିଲେ । ପଶୁଙ୍କ ଅବସ୍ଥା ଦେଖି ସୁମନ୍ତ୍ର ଶୋକରେ ବିହ୍ୱଳ ହୋଇଗଲେ । ନିଷାଦ ରାଜାଙ୍କ ଅନୁଚରମାନେ ଘୋଡ଼ାଙ୍କ ଲଗାମ ଧରି ଅତି କଷ୍ଟରେ ରଥ ପରିଚାଳିତ କଲେ ।

ମନ୍ତ୍ରୀ ସୁମନ୍ତ୍ର ଅତ୍ୟନ୍ତ ଶୋକବିହ୍ୱଳ ହୋଇ ଶ୍ରୀରାମ, ସୀତା ଓ ଲକ୍ଷ୍ମଣଙ୍କ ବନଗମନ ଖବର କହିବା ମାତ୍ରେ ଶ୍ରୀଦଶରଥ ମହାରାଜା ରାମ ରାମ, ହା ରାମ କହି ଶରୀର ତ୍ୟାଗ କଲେ ।

ପୁତ୍ର, ପୁତ୍ରବଧୂ ବନ ଯିବା ଯୋଗୁଁ ମା' କୌଶଲ୍ୟାଦେବୀଙ୍କ ହୃଦୟ ଶୋକରେ ବିଦୀର୍ଣ୍ଣ ହୋଇଯାଇଥିଲା । ପୁତ୍ରବିୟୋଗରେ ପତିଦେବୀଙ୍କ ମୃତ୍ୟୁ ହେବା ଯୋଗୁଁ ସେ ଶୋକ-ସମୁଦ୍ରରେ ଏକେବାରେ ଡୁବିଗଲେ ।

ଶ୍ରୀଦଶରଥ ମହାରାଜାଙ୍କ ମୃତ ଶରୀର ତୈଳନାବରେ ରଖାହେଲା । ସଙ୍ଗେ ସଙ୍ଗେ ଭରତ ଏବଂ ଶତ୍ରୁଘ୍ନଙ୍କୁ ନେଇ ଆସିବା ସକାଶେ ଦୂତକୁ ସେମାନଙ୍କ ମାତୁଳ ଗୃହକୁ ପଠାହେଲା । ପିତାଙ୍କ ମୃତ୍ୟୁ, ଶ୍ରୀରାମ, ସୀତାଦେବୀ ଏବଂ ଲକ୍ଷ୍ମଣଙ୍କ ବନଗମନ ଖବର ଭରତଙ୍କୁ ନ କହି କେବଳ ଗୁରୁ ଡାକିଛନ୍ତି ବୋଲି ଦୂତ ତାଙ୍କୁ ଖବର ଦେଲା । ଗୁରୁ ଆଜ୍ଞା ଶିରୋଧାର୍ଯ୍ୟ କରି ସେହିକ୍ଷଣି ଭରତ ଓ ଶତ୍ରୁଘ୍ନ ଅଯୋଧ୍ୟା ଯାତ୍ରା କଲେ । ଅଯୋଧ୍ୟାର ପଶୁ, ପକ୍ଷୀଙ୍କ ସହିତ ଅବଧବାସୀଙ୍କୁ ଶୋକମଗ୍ନ ଦେଖି ଭରତ କାହାକୁ କିଛି ନ ପଚାରି ସିଧା ମାତା କୈକେୟୀଙ୍କ ମହଲରେ ପହଞ୍ଚିଲେ ଏବଂ ପ୍ରଣାମ କରି ପିତା କେଉଁଠାରେ ଅଛନ୍ତି ବୋଲି ପଚାରିଲେ । ମା'ଙ୍କଠାରୁ ପିତାଙ୍କ ମୃତ୍ୟୁ ଖବର ପାଇ ତାଙ୍କ ମୃତ୍ୟୁ ଅବସ୍ଥାରେ ତାଙ୍କୁ ଦେଖି ନ ଥିବା ଏବଂ ପିତାଙ୍କ ଦ୍ୱାରା ଶ୍ରୀରାମଙ୍କୁ ସମର୍ପିତ ହୋଇ ନ ଥିବା ଯୋଗୁଁ ସେ ଶୋକରେ ମର୍ମାହତ ହୋଇ

ମୂର୍ଚ୍ଛିତ ଅବସ୍ଥାରେ ପୃଥିବୀରେ ପଡ଼ିଗଲେ । କିଛି ସମୟ ପରେ ସଚେତ ହୋଇ ପିତାଙ୍କ ମୃତ୍ୟୁର କାରଣ ମା'ଙ୍କୁ ପଚାରିଲେ । ପୁତ୍ରର ପ୍ରଶ୍ନରେ ମା' କୈକେୟୀ ରାଜାଙ୍କଠାରୁ ବର ନେଇ ଭରତକୁ ରାଜ୍ୟ, ଶ୍ରୀରାମଙ୍କୁ ବନ ପଠାଇବାର ଆଦ୍ୟରୁ ଅନ୍ତ ପର୍ଯ୍ୟନ୍ତ କହିଦେଲେ । ଶ୍ରୀରାମଙ୍କ ବନଗମନ ଶୁଣିବାମାତ୍ରେ ଭରତ ପିତାଙ୍କ ମୃତ୍ୟୁଚିନ୍ତା ଭୁଲିଗଲେ । ନିଜେ ରାଜ୍ୟ ପାଇବା ସକାଶେ ତାଙ୍କର ମା' କୈକେୟୀ ଶ୍ରୀରାମଙ୍କୁ ବନ ପଠାଇଥିବାରୁ ତାଙ୍କୁ ଅପାର ଦୁଃଖ ହେଲା । ମା'ଙ୍କୁ ନାନାପ୍ରକାର କଟୁ ବାକ୍ୟ କହିବାପରେ ବଞ୍ଚିଥିବା ପର୍ଯ୍ୟନ୍ତ ତାଙ୍କ ମୁଖ ନ ଦେଖିବାର ପ୍ରତିଜ୍ଞା କଲେ ଏବଂ ପ୍ରକୃତରେ ଶେଷ ଜୀବନ ପର୍ଯ୍ୟନ୍ତ ମା' କୈକେୟୀଙ୍କୁ କେବେ ଦେଖି ନ ଥିଲେ କିଂବା କିଛି କହି ନ ଥିଲେ ।

ଭରତ ଏବଂ ଶତ୍ରୁଘ୍ନ ଦୁଇ ଭାଇ ମା' କୈକେୟୀଙ୍କ ମହଲରୁ ଅତ୍ୟନ୍ତ ଦୁଃଖ ଓ ବିଷାଦରେ ମା' କୌଶଲ୍ୟାଦେବୀଙ୍କ ମହଲକୁ ଆସିଲେ । ପରମପ୍ରିୟ ପୁତ୍ର ଶ୍ରୀରାମଙ୍କ ବିୟୋଗରେ ମାତା କୌଶଲ୍ୟାଦେବୀ ଶୋକରେ ସନ୍ତପ୍ତ ହୋଇ ବିନା ବିଛଣାରେ ପୃଥିବୀରେ ଶୋଇଥିଲେ । ଦୁଇ ନେତ୍ରରୁ ଲୋତକ ବର୍ଷା ହେଉଥିଲା । ଶରୀର ପ୍ରତି କୌଣସି ଯତ୍ନ ନ ଥିଲା । ପିନ୍ଧିବା ବସନ ମଳିନ ହୋଇଥିଲା । ଶୋକତାପରେ ତପ୍ତ ଥିବାରୁ ସୁବର୍ଣ୍ଣ ଲତାରେ ତୁଷାର ପଡ଼ିବା ସଦୃଶ ତାଙ୍କ ଶରୀର କାନ୍ତିହୀନ ହୋଇଥିଲା । କିନ୍ତୁ ଭରତ ଓ ଶତ୍ରୁଘ୍ନ ଆସିବା ଜାଣି ଶ୍ରୀରାମ, ଲକ୍ଷ୍ମଣ ବନରୁ ଫେରି ଆସିବା ସଦୃଶ ଅନୁଭବ କଲେ ଏବଂ ଉଠି ସେମାନଙ୍କ ପାଖକୁ ଦୌଡ଼ିଯିବା ସମୟରେ ମୂର୍ଚ୍ଛିତ ହୋଇ ପଡ଼ିଗଲେ । ମା' କୌଶଲ୍ୟାଦେବୀଙ୍କ ସେହି ଅବସ୍ଥା ଦେଖି ଭରତଙ୍କ ଶୋକ ଦୁଇ ଗୁଣ ବଢ଼ିଗଲା । ଭରତ ଶୋକରେ ଅତ୍ୟନ୍ତ ବିହ୍ୱଳ ହୋଇ ମା'ଙ୍କ ଚରଣରେ ପଡ଼ିଗଲେ ଏବଂ କହିଲେ, ''ହେ ମାତା, ପିତା କେଉଁଠି, ଶ୍ରୀରାମ, ଜଗଜ୍ଜନନୀ ସୀତାଦେବୀ, ଭାଇ ଲକ୍ଷ୍ମଣ କେଉଁଠି ମୋତେ ଦେଖାଇ ଦେ ।

କୈକେୟୀ ବନ୍ଧ୍ୟା ନ ହୋଇ କୁଳର କଳଙ୍କ, ଅପଯଶଃର ଅଧିକାରୀ, ପ୍ରିୟ ଏବଂ ପରିବାରର ଦ୍ରୋହୀ – ମୋ ପରି ହତଭାଗ୍ୟକୁ କାହିଁକି ଜନ୍ମଦେଲା ? ମୋ ପରି ତିନି ଲୋକରେ ଭାଗ୍ୟହୀନ ଆଉ କିଏ ଅଛି ? ମୋରି ସକାଶେ ତୋର ଏହି ଅବସ୍ଥା । ପିତା ସ୍ୱର୍ଗପ୍ରାପ୍ତ ହେବା, ସୂର୍ଯ୍ୟବଂଶର ସୂର୍ଯ୍ୟ ଶ୍ରୀରାମ ବନଯିବା – ଏହି ଯେଉଁ ଅନର୍ଥ ଘଟିଲା ତା'ର ମୂଳ କାରଣ ଏହି ହତଭାଗ୍ୟ ଭରତ । ଜଙ୍ଗଲରେ ବାଉଁଶ ଉତ୍ପନ୍ନ ହୁଏ, କିନ୍ତୁ ତା'ଠାରୁ ଉତ୍ପନ୍ନ ଅଗ୍ନିରେ ଜଙ୍ଗଲକୁ ଜଳେଇ ଛାରଖାର କରିବା ସଦୃଶ ମୁଁ ସୂର୍ଯ୍ୟବଂଶରେ ଜନ୍ମ ହୋଇ ସମସ୍ତ ପରିବାର ଏବଂ ପ୍ରଜାବର୍ଗଙ୍କୁ ଶୋକାଗ୍ନିରେ ସନ୍ତପ୍ତ କରାଇଲି ।'' ଭରତଙ୍କର ଏକଥା ଶୁଣି ମା' କୌଶଲ୍ୟାଦେବୀ ସାବଧାନ ହୋଇ ଭରତଙ୍କୁ ଉଠାଇ ହୃଦୟରେ ଲଗାଇନେଲେ ଏବଂ ଶ୍ରୀରାମ ଫେରିଆସିବା ସଦୃଶ ଅନୁଭବ କଲେ । ଶତ୍ରୁଘ୍ନଙ୍କୁ ମଧ୍ୟ ହୃଦୟରେ ଲଗାଇ ପାଖରେ ବସାଇଲେ । ସେ ସମୟରେ ଶୋକ ଏବଂ ପୁତ୍ର ସ୍ନେହରେ ତାଙ୍କ ହୃଦୟ ଉଛୁଳିପଡ଼ିଲା । କୌଶଲ୍ୟାଦେବୀଙ୍କର ଭରତଙ୍କ ପ୍ରତି ଏହି ଅସାଧାରଣ ସ୍ନେହ ଦେଖି ଲୋକେ କହିଲେ, ''ଯିଏ ସର୍ବଗୁଣଭୂଷିତ ଶ୍ରୀରାମଙ୍କ ଜନନୀ ତାଙ୍କର ଏପରି ଅସାଧାରଣ ଗୁଣ ରହିବା ସ୍ୱାଭାବିକ ।''

ମାତା କୌଶଲ୍ୟାଦେବୀ ଭରତଙ୍କ ନେତ୍ରରୁ ଅଶ୍ରୁ ବିମୋଚନ କରି କୋମଳ ବଚନରେ କହିଲେ, ''ହେ ବତ୍ସ, ବର୍ତ୍ତମାନ ଏହି କୁସମୟରେ ଧୈର୍ଯ୍ୟ ଧାରଣ କରି ଶୋକ ପରିତ୍ୟାଗ କର । କାଳ ଏବଂ କର୍ମର ଗତି ଅତ୍ୟନ୍ତ କଠିନ । ହେ ତାତ, ଏଥିରେ କାହାକୁ ଦୋଷ ଦେବା ଉଚିତ ନୁହେଁ । କେବଳ ମୋ ସକାଶେ ବିଧାତା ବିପରୀତ ହୋଇଛି । ମୋତେ ଏତେ ଦୁଃଖ ସହିବାକୁ ହେଲା; କିନ୍ତୁ ମୃତ୍ୟୁ ହେଲା ନାହିଁ । କିଏ ଜାଣେ ବିଧାତା ମୋ ସକାଶେ କ'ଣ ଭାବିଛି ? ପିତାଙ୍କ ଆଜ୍ଞାରେ ରଘୁବୀର ଶ୍ରୀରାମ ବସନ ଭୂଷଣ ତ୍ୟାଗ କରି ପ୍ରସନ୍ନତା ସହ ବଲ୍‌କଳ ପରିଧାନ କଲା; କିନ୍ତୁ ତା' ମୁଖରେ ଅପ୍ରସନ୍ନତାର କୌଣସି ରଙ୍ଗ ବା ଚିହ୍ନ ନ ଥିଲା । ସେ ସମସ୍ତଙ୍କୁ ବୁଝାଇ ବନ ଯିବା ସମୟରେ ଜନକନନ୍ଦିନୀ ସୀତାଦେବୀ କୌଣସିମତେ ଘରେ ରହିବାକୁ ରାଜି ନ ହେବାରୁ ତାଙ୍କୁ ସଙ୍ଗେ ନେଇ ବାହାରିଲେ । ଶ୍ରୀରାମ ସୀତାଙ୍କ ବନଯିବା ଖବର ପାଇ ଲକ୍ଷ୍ମଣ ସେମାନଙ୍କୁ ଛାଡ଼ି ରହିଲେ ନାହିଁ । ଶେଷରେ ଶ୍ରୀରାମ ପ୍ରଣାମ କରି ସୀତା ଏବଂ ଛୋଟ ଭାଇ ଲକ୍ଷ୍ମଣଙ୍କ ସହିତ ବନକୁ ଯାତ୍ରା କଲେ । ଏହି ଆଖି ଆଗରେ ଏସବୁ ଘଟିଲା, କିନ୍ତୁ ମୁଁ ତା' ସଙ୍ଗେ ବନକୁ ଗଲି ନାହିଁ କିଂବା ପ୍ରାଣକୁ ବି ପଠାଇଲି ନାହିଁ । ମୋତେ ଲଜ୍ୟା ହେଉଛି ଯେ ସଦ୍‌ଗୁଣଯୁକ୍ତ ଶ୍ରୀରାମ ସଦୃଶ ପୁତ୍ରର ମୁଁ

ଜନନୀ । ମହାରାଜା ଜୀବିତ ଅବସ୍ଥାରେ ପୁତ୍ର ସ୍ନେହରେ ଡୁବି ରହିଥିଲେ, ପୁତ୍ରବିୟୋଗରେ ଶରୀରତ୍ୟାଗ କଲେ । ମୋ ହୃଦୟ ବଜ୍ରଠାରୁ ଶହେଗୁଣ କଠିନ ଥିବାରୁ ଶ୍ରୀରାମର ବିୟୋଗରେ ମୁଁ ବଞ୍ଚିରହିଲି ।''

ମାତା କୌଶଲ୍ୟାଦେବୀଙ୍କ ବଚନ ଶୁଣି ଭରତ ଓ ଶତ୍ରୁଘ୍ନଙ୍କ ସହିତ ରାଣୀବାସରେ ଥିବା ସମସ୍ତ ବ୍ୟକ୍ତିଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା । ସେମାନେ ଶୋକକୁ ସମ୍ଭରଣ କରି ନ ପାରି ଉଚ୍ଚସ୍ୱରରେ ରୋଦନ କଲେ । ସେ ସମୟରେ ରାଣୀବାସ ଶୋକଗୃହ ସଦୃଶ ଜଣା ପଡୁଥିଲା । ଭରତ ଏବଂ ଶତ୍ରୁଘ୍ନଙ୍କୁ ଶୋକରେ ବିହ୍ୱଳ ହେବାର ଦେଖି ମା' କୌଶଲ୍ୟାଦେବୀ ବହୁତ ପ୍ରକାର ବିବେକଯୁକ୍ତ ବଚନ ତଥା ପୁରାଣ ଇତିହାସର ଶୋକ ନିବାରଣ ଘଟଣା କହି ସେମାନଙ୍କୁ ବୁଝାଇଲେ । ମା'ଙ୍କର ଛଳବିହୀନ ସରଳ ହିତକାରୀ ବାଣୀ ଶୁଣି ଭରତ ଦୁଇ ହାତ ଯୋଡ଼ି କହିଲେ,'' ପିତା, ମାତା ତଥା ପୁତ୍ର ହତ୍ୟା କଲେ, ଗୋଶାଳା ତଥା ବିପ୍ରଗୃହରେ ଅଗ୍ନି ଲଗାଇଲେ, ସ୍ତ୍ରୀ ଏବଂ ଶିଶୁ ବଧ କଲେ, ମିତ୍ର ତଥା ରାଜାଙ୍କୁ ବିଷ ଭକ୍ଷଣ କରାଇଲେ ଯେଉଁ ପାପ ହୁଏ, ଯେଉଁମାନେ ଭଗବାନ୍ ତଥା ଶିବଙ୍କୁ ଛାଡ଼ି ଭୂତଙ୍କୁ ଉପାସନା କରନ୍ତି ସେମାନଙ୍କର ଯେଉଁ ଗତି ହୁଏ, ଯେଉଁମାନେ ଭଗବତ୍ ବିରୋଧୀ, ଯେଉଁମାନେ ମନୁଷ୍ୟ ଶରୀର ପାଇ ଭଗବତ୍ ଭକ୍ତି ନ କରନ୍ତି, ଯେଉଁମାନେ ସତ୍ୟମାର୍ଗ ତ୍ୟାଗ କରି ଅସତ୍ୟ ଆଚରଣ କରନ୍ତି ସେମାନଙ୍କୁ ଯେଉଁ ପାପ ଲାଗେ, ଯେଉଁ ଗତି ହୁଏ, ମୋତେ ସେହି ପାପ ଲାଗୁ ଏବଂ ସେହି ଗତି ହେଉ ଯଦି କୈକେୟୀ ଶ୍ରୀରାମଙ୍କୁ ବନବାସ ଦେବା ବିଷୟରେ ମୁଁ ଜାଣିଥାଏ ।'' – ଏହିପରି ବହୁତପ୍ରକାର ଶପଥ ଭରତ କରିଥିଲେ ।

(୩୫)

ଭରତ ଜାଣିଥିଲେ ଯେ ମା' କୌଶଲ୍ୟାଦେବୀଙ୍କର ତାଙ୍କ ପ୍ରତି କୌଣସି ପ୍ରକାର ସନ୍ଦେହ ନ ଥିଲା, ତଥାପି ସ୍ୱତଃସ୍ଫୂର୍ତ୍ତଭାବେ ନିଜ ଅନ୍ତରର ପ୍ରେରଣାରେ ସେ ଶପଥ କରିଥିଲେ । କାରଣ ମନୁଷ୍ୟର ବୁଦ୍ଧି ବହୁ ସୀମିତ ତଥା ସ୍ୱାର୍ଥ ଓ ଅହଂରେ ପୂର୍ଣ୍ଣ । ଭରତ ଯେପରିଭାବେ ଭକ୍ତିର ଆଚାର୍ଯ୍ୟ ଓ ଆଦର୍ଶ ଭ୍ରାତୃତ୍ୱର ମହାନ୍ ପ୍ରତୀକ – ଏହି ଭାବ ଜାଣିବାରେ ଅନ୍ୟମାନେ ସମର୍ଥ ନ ହୋଇ ସନ୍ଦେହ କରି ପାରିବେ, ଏଇଥିପାଇଁ ସମ୍ଭବତଃ ଭଗବତ୍ ପ୍ରେରଣାରେ ଭରତ ମାତା କୌଶଲ୍ୟାଦେବୀଙ୍କ ସମ୍ମୁଖରେ ଶପଥ କରିଥିଲେ ।

ଶ୍ରୀଭରତଲାଲଙ୍କ ସତ୍ୟ ତଥା ସ୍ୱାଭାବିକ ସରଳ ଭାବର ଶପଥ ଶୁଣି ଶ୍ରୀରାମଙ୍କ ଜନନୀ କୌଶଲ୍ୟାଦେବୀ କହିଲେ, ''ଭରତ ! ମନ, ବଚନ ତଥା ଶରୀରରେ ସର୍ବଦା ଶ୍ରୀରାମ ତୋ ପ୍ରାଣର ପ୍ରାଣ । ତୁ ମଧ୍ୟ ଶ୍ରୀରାମଙ୍କର ପ୍ରାଣରୁ ଅଧିକ ପ୍ରିୟ । ଚନ୍ଦ୍ରମା ସର୍ବଦା ଅମୃତ ଧାରଣ କରିଥା'ନ୍ତି । ସୂର୍ଯ୍ୟ ପାଖରେ ଅନ୍ଧକାର ବିଲୀନ ହେବା ସଦୃଶ ତାଙ୍କ ପାଖକୁ ବିଷ ଆସିଲେ ଅମୃତରେ ପରିଣତ ହୋଇଯାଏ; ତଥାପି ତାଙ୍କଠାରୁ ବିଷ ଉତ୍ପନ୍ନ ହୋଇପାରେ; ମତ୍ସ୍ୟ ଜଳତ୍ୟାଗ କରିବା ସମ୍ଭବ ନୁହେଁ, ତଥାପି ସେ ତାହା ତ୍ୟାଗ କରିପାରେ; ଜ୍ଞାନ-ସୂର୍ଯ୍ୟ ପାଖରେ ମୋହ, ତମ ରହିପାରେ ନାହିଁ, କିନ୍ତୁ କଦାଚିତ୍ ରହିପାରେ – ଏହିସବୁ ଅସମ୍ଭବ ବରଂ ସମ୍ଭବ ହୋଇପାରେ; କିନ୍ତୁ ତୁ ଶ୍ରୀରାମଙ୍କର ପ୍ରତିକୂଳ କଦାପି ହୋଇପାରୁ ନାହିଁ । କୈକେୟୀ ଶ୍ରୀରାମଙ୍କୁ ବନକୁ ପଠାଇବାରେ ତୋର ସମ୍ମତି ଥିବାର କୌଣସି ବ୍ୟକ୍ତି ଯଦି କହେ ତେବେ ସେ ସ୍ୱପ୍ନରେ ବି ସୁଖ ପାଇବ ନାହିଁ କିଂବା ସଦ୍‌ଗତି ପ୍ରାପ୍ତ ହେବ ନାହିଁ ।''

ଏହିପରି କଥାବାର୍ତ୍ତା ଏବଂ ଶୋକପୂର୍ଣ୍ଣ ବାତାବରଣରେ ସମଗ୍ର ରାତ୍ରିଟି ବ୍ୟତୀତ ହୋଇଗଲା । ଭୋର ହେବାରୁ କୁଳଗୁରୁ ବଶିଷ୍ଠ ଏବଂ ମୁନି ବାମଦେବ ଆସି ଭରତଙ୍କୁ ବହୁତ ବୁଝାଇବାରୁ ଭରତ ଉଠି ମହାରାଜାଙ୍କ ଶବଦାହ କ୍ରିୟା ସକାଶେ ଯୋଗାଡ଼ କଲେ । ବେଦ-ବିଧାନ ଅନୁସାରେ ସରଯୁ ନଦୀ କୂଳରେ ଚିତା ପ୍ରସ୍ତୁତ କରାହେଲା । ମା'ମାନେ ଭରତଙ୍କ ପ୍ରାର୍ଥନା ତଥା ଶ୍ରୀରାମଙ୍କ ଦର୍ଶନ ଲାଳସାରେ ନୃପତିଙ୍କ ଚିତା ସହିତ ସତୀ ହେବାରୁ ବିରତ ରହିଲେ । ବିଧିବଦ୍ଧଭାବେ ନୃପତିଙ୍କ ଅନ୍ତ୍ୟେଷ୍ଟି ଶ୍ରାଦ୍ଧ ବହୁ ସମାରୋହରେ କରାହେଲା । ବ୍ରାହ୍ମଣମାନଙ୍କୁ ଅପର୍ଯ୍ୟାପ୍ତ ଦାନରେ ଭରତ ସନ୍ତୁଷ୍ଟ କଲେ ।

ତହିଁ ଆରଦିନ ସଭା କରାହେଲା । ସଭା ସମ୍ମୁଖରେ ଗୁରୁ ବଶିଷ୍ଠ, ମନ୍ତ୍ରୀ ତଥା ମା'ମାନେ ଭରତଙ୍କୁ ରାଜ୍ୟ ଶାସନ ଗ୍ରହଣ କରିବା ସକାଶେ ପ୍ରସ୍ତାବ କଲେ । କିନ୍ତୁ ଭରତ ରାଜ୍ୟ ସ୍ୱୀକାର ନ କରି ଶ୍ରୀରାମଙ୍କୁ ବନରୁ ଫେରାଇ ଆଣିବା ସକାଶେ ବନକୁ ଯିବା ନିଶ୍ଚିତ କଲେ । ଭରତଙ୍କ ସେହି ପ୍ରସ୍ତାବରେ ଗୁରୁ, ମା'ମାନେ ତଥା ପ୍ରଜାବର୍ଗ ଅତ୍ୟନ୍ତ ହର୍ଷ ସହ ଅନୁମୋଦନ କରି ତାଙ୍କ ସହିତ ବନଗମନ କଲେ । ଏହି ଖବର ଜନକ ରାଜା ପାଇ ସେ ବି ମିଥିଳାରୁ ଋଷି, ମୁନି, ମନ୍ତ୍ରୀ ତଥା ସେନା ସହିତ ବନରେ ଶ୍ରୀରାମଙ୍କ ପାଖରେ ପହଞ୍ଚିଲେ । ଅଯୋଧ୍ୟାବାସୀ ତଥା ମିଥିଳାବାସୀଙ୍କ ଅତ୍ୟନ୍ତ ଅନୁନୟ ପ୍ରାର୍ଥନାରେ ବି ଶ୍ରୀରାମ ଅଯୋଧ୍ୟା ଫେରି ଆସିଲେ ନାହିଁ । ଅତ୍ୟନ୍ତ ବିନମ୍ର ତଥା କୋମଳ ଯୁକ୍ତିଯୁକ୍ତ ପ୍ରଣାଳୀରେ ସମସ୍ତଙ୍କୁ ବୁଝାଇ ଫେରାଇ ଦେଲେ । ରାଜା ଜନକ ମିଥିଳା ଫେରିଗଲେ । ଭରତ ଗୁରୁ, ମାତା, ସଚିବ ଏବଂ ପ୍ରଜା ସହିତ ଅଯୋଧ୍ୟା ଫେରିଆସି ଶ୍ରୀରାମଙ୍କ ଦତ୍ତ ପ୍ରସାଦ ଚରଣପାଦୁକା ରାଜ ସିଂହାସନରେ ପ୍ରତିଷ୍ଠା କରି ଶ୍ରୀରାମଙ୍କ ଫେରିବା ଦିନ ପର୍ଯ୍ୟନ୍ତ ତାଙ୍କ ସେବକଭାବେ ଅଯୋଧ୍ୟାର ଶାସନକାର୍ଯ୍ୟ ସୁଚାରୁରୂପେ କରିଥିଲେ । ଶ୍ରୀରାମ ବନରୁ ଫେରିବା ପରେ ତାଙ୍କ ରାଜ୍ୟାଭିଷେକ ହେଲା ଏବଂ ମାତା କୌଶଲ୍ୟାଦେବୀ ବହୁତ ବର୍ଷ ପର୍ଯ୍ୟନ୍ତ ଜୀବିତ ରହି ପୁତ୍ର ସ୍ନେହ-ସମୁଦ୍ରରେ ଡୁବି ରହିଥିଲେ ଏବଂ ଯଥାର୍ଥ ସମୟରେ ଶରୀର ତ୍ୟାଗ କରିଥିଲେ ।

ଏହି କୌଶଲ୍ୟା ଦେବୀଙ୍କ ଚରିତ୍ର ବହୁ ରାମାୟଣରେ ବିଭିନ୍ନରୂପେ ଚିତ୍ରଣ କରାହୋଇଛି । ଏହି ଲେଖାଟି ତୁଳସୀକୃତ ରାମଚରିତ ମାନସ ଆଧାରରେ ଲେଖା ହୋଇଛି । ଏହି ଲେଖାରେ କେବଳ କୌଶଲ୍ୟାଦେବୀଙ୍କ ଚରିତ୍ର ରାମାୟଣରୁ ନକଲ କରି ପାଠକମାନଙ୍କ ସମ୍ମୁଖରେ ରଖିବା ଉଦ୍ଦେଶ୍ୟ ନୁହେଁ । ସପତ୍ନୀ କୈକେୟୀଙ୍କ ଦ୍ୱାରା ଦିବ୍ୟଗୁଣବିଭୂଷିତ, ପ୍ରାଣିମାତ୍ରର ପରମପ୍ରିୟ ପୁତ୍ରକୁ ରାଜଗାଦି ପ୍ରାପ୍ତ ହେବା ସମୟରେ ବନବାସ ହେବା ଯେଉଁ ଦାରୁଣ ଦୁଃଖ ବେଦନା; ଏବଂ ରାଜବଂଶରେ ଯେଉଁ ଭୟଙ୍କର ବିଦ୍ରୋହ ବିବାଦ ଏବଂ ରାଜ୍ୟରେ ଘୋର ବିଶୃଙ୍ଖଳା ହେବାର ଜଟିଳ ସମସ୍ୟାକୁ ମାତା କୌଶଲ୍ୟାଦେବୀ ନିଜ ସଦ୍-ଗୁଣରେ କିପରି ସମାଧାନ କରିଥିଲେ ଓ କିପରି ନିଜ ସ୍ୱାର୍ଥ ଏବଂ ଅହଂକୁ ତ୍ୟାଗ କରିପାରିଥିଲେ – ଏହି ଶିକ୍ଷା, ଏହି ଆଦର୍ଶକୁ ହୃଦୟଙ୍ଗମ କରିବା ଏବଂ ଆଚରଣ କରିବା ହେଲା ଏହି ଲେଖାଟିର ଉଦ୍ଦେଶ୍ୟ । ମା' କୌଶଲ୍ୟାଦେବୀ ଅତିଶୟ ଜଟିଳ ସମସ୍ୟାର ସମାଧାନ କରିପାରିଥିଲେ ତାଙ୍କ ମନ-ପ୍ରାଣ-ଶରୀରରେ ଭଗବତ୍ ଅନୁଭୂତି ପ୍ରାପ୍ତ ହୋଇଥିବାରୁ । କାରଣ କାମ, କ୍ରୋଧ, ଲୋଭ, ମୋହ, ହିଂସା, ସ୍ୱାର୍ଥ ଆଦିର ନିବାସସ୍ଥଳ ବ୍ୟକ୍ତିର ମନ ଏବଂ ପ୍ରାଣ । ଏହି କାରଣରୁ ବ୍ୟକ୍ତି ସ୍ୱାର୍ଥ, ଅହଂ, ମୋହ, ଅଜ୍ଞାନରୁ ବଶ ହୋଇ ଅନ୍ୟର ସର୍ବନାଶ କରି ନିଜର ସୁଖସୁବିଧା ଚାହେଁ । ଏହି କାରଣରୁ ବ୍ୟକ୍ତି, ପରିବାର, ସମାଜ ତଥା ଶାସନରେ ଭୟଙ୍କର ବିଶୃଙ୍ଖଳା ସୃଷ୍ଟି ହୁଏ । ଯଥାର୍ଥରେ ଏହି ବିଶୃଙ୍ଖଳା, ଦ୍ୱନ୍ଦ୍ୱ ଦୂର ହୁଏ ବ୍ୟକ୍ତିର ମନ-ପ୍ରାଣ-ଶରୀର ଭଗବତ୍ ସଂସ୍ପର୍ଶ ପାଇଲେ କିଂବା ଭଗବତ୍ ଦିବ୍ୟ-ତତ୍ତ୍ୱରେ ରୂପାନ୍ତରିତ ହେଲେ ।

ସେ ସମୟରେ ମନର ବିକାଶ ସମାପ୍ତ ହୋଇ ନ ଥିବାରୁ ମନ-ପ୍ରାଣ-ଶରୀରର ରୂପାନ୍ତର ହେବା ସମ୍ଭବ ନ ଥିଲା । ଭଗବାନ୍ ଅବତାର ନେଲେ କେତେକ ବ୍ୟକ୍ତିଙ୍କୁ ସେମାନଙ୍କ ମନ-ପ୍ରାଣ-ଶରୀରରେ ଭଗବତ୍ ସ୍ପର୍ଶ ମିଳୁଥିଲା । କିନ୍ତୁ ମନ-ପ୍ରାଣର ଧର୍ମ ରୂପାନ୍ତରିତ ହୋଇପାରୁ ନ ଥିଲା । ବର୍ତ୍ତମାନ ତା'ର ସମୟ ଆସିଛି । ଶ୍ରୀମା ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଅବତରଣ କରାଇ ଏଠାରେ ପ୍ରତିଷ୍ଠା ମଧ୍ୟ କରିଛନ୍ତି । ମା-ଭଉଣୀମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କଲେ ଅତିମାନସ ଶକ୍ତି ଦ୍ୱାରା ସେମାନଙ୍କ ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ । ସେମାନେ ପୂର୍ଣ୍ଣରୂପେ ଅଜ୍ଞାନ-ଅନ୍ଧକାର, ଦୁଃଖକଷ୍ଟ, ରୋଗ, ମୃତ୍ୟୁ, ବୃଦ୍ଧତ୍ୱରୁ ମୁକ୍ତ ହେବେ । ସେମାନଙ୍କ ଦ୍ୱାରା ପରିବାର, ସମାଜ, ଦେଶ ତଥା ଜଗତରେ ଶାନ୍ତି ଓ ସମତା ପ୍ରତିଷ୍ଠିତ ହେବ । ଏହି ମୃତ୍ୟୁପୁରୀ ସ୍ୱର୍ଗରେ ପରିଣତ ହେବ । ସେହି ଭଉଣୀମାନେ ମାତା କୌଶଲ୍ୟାଦେବୀଙ୍କ ସଦୃଶ ଅତିଶୟ ଜଟିଳ ସମସ୍ୟାର ସମାଧାନ ସହଜରେ କରିପାରିବେ । ଯଥାର୍ଥରେ ସେହିମାନେ ହେବେ ଆଗାମୀ ଦିବ୍ୟଯୁଗର ଅଗ୍ରଣୀ ।

ପ୍ରଶ୍ନ : କୈକେୟୀଙ୍କ ଚରିତ୍ରରେ ତାଙ୍କୁ ଭଗବାନଙ୍କର ଶ୍ରେଷ୍ଠ ଅନନ୍ୟ ଭକ୍ତ ବୋଲି କୁହାହୋଇଛି ଏବଂ ଭଗବାନଙ୍କ ପ୍ରତି ସେବାନିଷ୍ଠା ଯୋଗୁଁ ପ୍ରଶଂସାର ଅଟ୍ଟାଳିକା ତିଆରି କରାହୋଇଛି । କିନ୍ତୁ କୌଶଲ୍ୟାଦେବୀ ତଥା ଶ୍ରୀଦଶରଥଙ୍କ

ଚରିତ୍ର ଚିତ୍ରଣରେ ତାଙ୍କୁ ସ୍ୱାର୍ଥବାଦିନୀ, ଅହଂପରାୟଣା, କୁଟିଳା ଇତ୍ୟାଦି ଦୁର୍ଗୁଣ ଉପାଧି ଦିଆହୋଇଛି ଏବଂ ତାଙ୍କ ପୁତ୍ର ଭରତ, ରାଜା ଦଶରଥ ତଥା ଘରୁ ଓ ବାହାରୁ ସମସ୍ତ ବ୍ୟକ୍ତିଙ୍କ ଦ୍ୱାରା ତାଙ୍କ ଉପରେ ତିରସ୍କାରର ପାହାଡ଼ ଲଦି ଦିଆହୋଇଛି । ଆଜି ବି ପାଠକମାନେ ତାଙ୍କୁ ଘୃଣା ତଥା ଅସମ୍ମାନ ଦୃଷ୍ଟିରେ ଦେଖୁଛନ୍ତି । ଗୋଟିଏ ବ୍ୟକ୍ତିର ଭିନ୍ନ ଭିନ୍ନ ଲେଖାରେ ଏହି ଯେଉଁ ବିରୋଧାତ୍ମକ ଭାବ ପ୍ରକାଶ ପାଉଛି ତା'ର ସମାଧାନ କ'ଣ ?

ଉତ୍ତର : ମା' କୌଶଲ୍ୟା, ମା' କୈକେୟୀ ତଥା ଚକ୍ରବର୍ତ୍ତୀ ମହାରାଜାଙ୍କ ଚରିତ୍ରକୁ ଭୁଲ୍ ନ ବୁଝିବାହିଁ ତୁମ କହିବା ଅନୁସାରେ ବିରୋଧାତ୍ମକ ଭାବର ଯଥାର୍ଥ ସମାଧାନ । ତୁମ ବାକ୍ୟରେ କେବଳ ବିରୋଧାତ୍ମକ ଭାବ ରହିଛି, ଯଥାର୍ଥରେ କୌଣସି ବିରୋଧିତା ନାହିଁ ।

ରାବଣ-ବଧ ତଥା ଉଚିତ-ଅନୁଚିତ ବିଚାର ନ କରି ପିତାଜ୍ଞା ପାଳନ କରିବା ଆଦର୍ଶ ହେଉଛି ଶ୍ରୀରାମଙ୍କ ଅବତାର ନେବାର ପ୍ରଧାନ କାର୍ଯ୍ୟ ମଧ୍ୟରୁ ଦୁଇଟି କାର୍ଯ୍ୟ । ଏହା ସିଦ୍ଧ ହୋଇଛି ଶ୍ରୀରାମଙ୍କ ବନ ଗମନରେ । ଏହାହିଁ ହେଉଛି ଭଗବାନଙ୍କ ସେବା । ଏହି ସେବା ସକାଶେ ବହୁ ଅପଯଶଃ, ବହୁ ଅସମ୍ମାନ, ବହୁ ଅପମାନ ବରଣ କରିଥିଲେ ମା' କୈକେୟୀ । କେବଳ ଭଗବାନଙ୍କ ସେବା ସକାଶେ କପଟତା ଓ କୁଟିଳତାରେ ବରଦାନ ନେଇଥିବାରୁ ସେ ସମସ୍ତଙ୍କର ନିନ୍ଦାର ପାତ୍ରୀ ହୋଇଥିଲେ । ପତି, ପୁତ୍ର ତଥା ଜନତାର ଅପ୍ରିୟ, ନିନ୍ଦାର ପାତ୍ରୀ ହୋଇ ଭଗବାନଙ୍କ ସେବା କରିବା କେବଳ ଶ୍ରେଷ୍ଠ ଭକ୍ତଙ୍କ ପକ୍ଷେ ସମ୍ଭବ । ଏହି ଦୃଷ୍ଟିରୁ କୈକେୟୀଙ୍କ ଚରିତ୍ରରେ ତାଙ୍କୁ ପ୍ରଶଂସା କରା ହୋଇଥିଲା ।

କିନ୍ତୁ ଏହି ଯେଉଁ କୃତ୍ରିମ ବ୍ୟବହାରରେ କପଟତାପୂର୍ବକ ରାଜାଙ୍କଠାରୁ ବର ନେବା, ପୁତ୍ରକୁ ରାଜା କରିବା ସକାଶେ ଶ୍ରୀରାମଙ୍କୁ ବନବାସ ପଠାଇବା — ଏହି ଯେଉଁ ସ୍ୱାର୍ଥ ଏହା ପରିବାରର ଆଦର୍ଶ ସକାଶେ କଳଙ୍କିତ । ଏହି କର୍ମ ଭଗବତ୍ ସେବାର ଆଦର୍ଶ ସକାଶେ ଭୂଷଣ, କିନ୍ତୁ ଗାର୍ହସ୍ଥ୍ୟ ଆଦର୍ଶ ସକାଶେ ଦୋଷାବହ । ଭଗବତ୍ ସେବା ଅଥବା ଭଗବତ୍ ପ୍ରାପ୍ତି ସକାଶେ ଯଦି ଗାର୍ହସ୍ଥ୍ୟ ଧର୍ମ ବା ଆଦର୍ଶ ବାଧାଦିଏ ତେବେ ଗାର୍ହସ୍ଥ୍ୟ ଧର୍ମ ବା ଆଦର୍ଶକୁ ତ୍ୟାଗ କରିବା ଉଚିତ । ସେଥିରେ କୌଣସି ଦୋଷ ହୁଏ ନାହିଁ ଯଦିଓ ଗାର୍ହସ୍ଥ୍ୟ ଧର୍ମ ସକାଶେ ତାହା କଦାପି ଆଦର୍ଶ ହୋଇପାରେ ନାହିଁ । ଗାର୍ହସ୍ଥ୍ୟ ଧର୍ମ ଅନୁସାରେ ତାହା ବର୍ଜନୀୟ ଏବଂ ନିନ୍ଦନୀୟ । ଭଗବତ୍ ଭକ୍ତି, ନିଷ୍ଠା ସକାଶେ ତାଙ୍କୁ ପ୍ରଶଂସା କରା ହୋଇଛି; ଗାର୍ହସ୍ଥ୍ୟ ଧର୍ମର ପ୍ରତିକୂଳ ଆଚରଣ ଯୋଗୁଁ ତାଙ୍କୁ ନିନ୍ଦା କରା ହୋଇଛି । ଏହି ପ୍ରଭେଦ ନ ବୁଝିବାହିଁ ହେଉଛି ସମସ୍ୟା ଏବଂ ଏହାର ସମାଧାନ ହେଉଛି ଯଥାର୍ଥ ବୁଝିବା ।

ସଂଗଠନ

ନବଜ୍ୟୋତି କାର୍ଯ୍ୟାଳୟ ପ୍ରତିଷ୍ଠା ଓ କାର୍ଯ୍ୟ*

୧୯୫୮ ମସିହାରେ ନବଜ୍ୟୋତି ପତ୍ରିକା ପ୍ରକାଶିତ ହେଲା ଏବଂ ନବଜ୍ୟୋତି କାର୍ଯ୍ୟାଳୟ ପ୍ରତିଷ୍ଠା ହେଲା । ଏହା ପୂର୍ବରୁ ଯଦ୍ୟପି ଶ୍ରୀମା ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଓଡ଼ିଆ ଭାଷାରେ ଅନୁବାଦ ହେଉଥିଲା ଏବଂ ଛାପା ମଧ୍ୟ ହେଉଥିଲା ତଥାପି କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇ ନ ଥିଲା ।

୧୯୬୦ ପୂର୍ବରୁ ଓଡ଼ିଶାରେ ଚାରି, ପାଞ୍ଚଟି ପାଠଚକ୍ର ଥିଲା । ୧୯୬୦ ପରଠାରୁ ଅଳ୍ପ ସଂଖ୍ୟାରେ ପାଠଚକ୍ର ବୃଦ୍ଧି ହୋଇଥିଲା । ନବଜ୍ୟୋତି ପତ୍ରିକା, ଲୋକ-ସାହିତ୍ୟ ପ୍ରକାଶ ତଥା ପ୍ରପତ୍ତିଙ୍କର ଓଡ଼ିଶା ଯିବା ଦ୍ୱାରା ୧୯୬୨ ପରଠାରୁ ଅଧିକ ପାଠଚକ୍ର ଗଢ଼ି ଉଠିଲା ।

ବର୍ତ୍ତମାନ ଯେଉଁ ନବଜ୍ୟୋତି କାର୍ଯ୍ୟାଳୟ ଦେଖୁଛନ୍ତି ତାହା ୧୯୬୬ ପୂର୍ବରୁ ଆଶ୍ରମର ଭଡ଼ା ଘର ଥିଲା । ସେଥିରେ ପ୍ରପତ୍ତି ରହୁଥିଲେ ତଥା ଶ୍ରୀମା ଶ୍ରୀଅରବିନ୍ଦଙ୍କ ଇଂରାଜୀରୁ ଓଡ଼ିଆ ଅନୁବାଦ ବହି ଏବଂ ନବଜ୍ୟୋତି ପତ୍ରିକା ରହୁଥିଲା ତଥା ନବଜ୍ୟୋତି ଅଫିସ୍ ମଧ୍ୟ ସେହି ଘରେ ହେଉଥିଲା । ଘରର ମାଲିକ ସେହି ଘରଟିକୁ ବିକ୍ରି କରିବାକୁ ଚାହିଁଲେ । ବାରଂବାର ଅଫିସ୍ ପରିବର୍ତ୍ତନ କରିବାରେ ଅସୁବିଧା ଥିଲା । ତା'ଛଡ଼ା ଓଡ଼ିଶାରୁ ଦର୍ଶନାର୍ଥୀ ତଥା ଭକ୍ତମାନେ ଆସିବାକୁ ଆରମ୍ଭ କରିଥିଲେ । ସେମାନେ ସିଧା ଆସୁଥିଲେ ନବଜ୍ୟୋତି ଅଫିସକୁ । ଜିନିଷପତ୍ର ରଖି ହାତମୁହଁ ଧୋଇବାକୁ ସ୍ଥାନ ନ ଥିଲା । ଏହିସବୁ ଅସୁବିଧା ଦୂର କରିବା ସକାଶେ ନବଜ୍ୟୋତି କାର୍ଯ୍ୟାଳୟ ପାଇଁ ଘରଟି ଖରିଦ କରିବା ଆବଶ୍ୟକ ହେଲା । ମା'ଙ୍କ କୃପାରୁ ମା'ଙ୍କ ଅନୁମତି ଏବଂ ଆଶୀର୍ବାଦ ପାଇ ଆଶ୍ରମ ଟ୍ରଷ୍ଟ୍ ନାମରେ ଘରଟି ଖରଦି ହେଲା । ଏହି ଘର ଖରଦିରେ ଅଧିକ ସାହାଯ୍ୟ କରିଥିଲେ କଟକର ଶିଳ୍ପପତି ଉଚ୍ଛବାନନ୍ଦ ସାମନ୍ତରାୟ । ସାମନ୍ତରାୟ ତଥା ତାଙ୍କ ପରିବାରବର୍ଗ ଦର୍ଶନ ସମୟରେ ତଥା ଅନ୍ୟ କୌଣସି ସମୟରେ ଆସି ରହିବା ସକାଶେ ପଶ୍ଚିମ ଭାଗ ଘରଟି ତାଙ୍କ ପାଇଁ ରହିଲା । ପୂର୍ବ ଭାଗରେ ନବଜ୍ୟୋତି କାର୍ଯ୍ୟାଳୟର ଅଫିସ୍ ଯେପରି ପୂର୍ବରୁ ଥିଲା ସେହିପରି ରହିଲା ଏବଂ କ୍ରମଶଃ ବିସ୍ତାରିତ ହେଲା ।

ଆଉ ଦୁଇ, ତିନୋଟି ଘର ଯାହା ନବଜ୍ୟୋତି କାର୍ଯ୍ୟାଳୟ ପରିଚାଳନାରେ ରହିଛି, ତାହା ସବୁ ଆଶ୍ରମର ଏବଂ ଆଶ୍ରମ ନାମରେ ନବଜ୍ୟୋତି କାର୍ଯ୍ୟାଳୟ ଦ୍ୱାରା ଖରଦି ହୋଇଛି । ନବଜ୍ୟୋତି କାର୍ଯ୍ୟାଳୟ ସ୍ୱୟଂ ସ୍ୱତନ୍ତ୍ର ରେଜିଷ୍ଟ୍ରୀକୃତ ସଂସ୍ଥା ନୁହେଁ କିଂବା ତା'ର କୌଣସି ସ୍ୱତନ୍ତ୍ର ସମ୍ପତ୍ତି ନାହିଁ । କୌଣସି ପାଠଚକ୍ର ତା'ର ଶାଖା ବ୍ରାଞ୍ଚ ନୁହେଁ । ନବଜ୍ୟୋତି କାର୍ଯ୍ୟାଳୟ ଆଶ୍ରମର ଗୋଟିଏ ବିଭାଗ । ଶ୍ରୀମା ଶ୍ରୀଅରବିନ୍ଦଙ୍କ ସେବା ଭାବରେ ପାଠଚକ୍ର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଏବଂ ସାଧନାଳୟ ପ୍ରତିଷ୍ଠା କରିବା, ଶ୍ରୀମା ଶ୍ରୀଅରବିନ୍ଦଙ୍କ ମୂଳ ଇଂରାଜୀ ରଚନାବଳିର ଓଡ଼ିଆ ଅନୁବାଦ କରାଇ ବହି ଛପାଇବା,ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନକୁ ସରଳ ଓଡ଼ିଆ ଭାଷାରେ ସ୍ୱତନ୍ତ୍ର ଲେଖା ବହି, ପତ୍ରପତ୍ରିକା ଆକାରରେ ପ୍ରକାଶ କରିବା ତଥା ତାଙ୍କ ଆଦର୍ଶକୁ ଜନତା ପାଖରେ ପହଞ୍ଚାଇ ଦେବା କାର୍ଯ୍ୟ ନବଜ୍ୟୋତି କାର୍ଯ୍ୟାଳୟର ।

ନବଜ୍ୟୋତି କାର୍ଯ୍ୟାଳୟ ମାଧ୍ୟମରେ ଓଡ଼ିଶାରେ ମା'ଙ୍କର ଯେଉଁସବୁ କାର୍ଯ୍ୟ ହେଉଛି ସେଥିରେ ତା'ର ଆଇନଗତ ନେତୃତ୍ୱ ନାହିଁ । ନବଜ୍ୟୋତି କାର୍ଯ୍ୟାଳୟ ମାଧ୍ୟମରେ ଓଡ଼ିଶାରେ ପାଠଚକ୍ର ଗଢ଼ିଉଠିବା ସତ୍ତ୍ୱେ ପାଠଚକ୍ରମାନଙ୍କୁ ନିଜର ଶାଖା ନ କରି ସେସବୁର ଉନ୍ନତି ତଥା ସେସବୁର ପରସ୍ପର ମଧ୍ୟରେ ଆନ୍ତରିକ ସହଯୋଗ ତଥା ସଦ୍ଭାବ ପ୍ରତିଷ୍ଠା କରିବାକୁ ନବଜ୍ୟୋତି କାର୍ଯ୍ୟାଳୟ ଚାହିଁଆଛି ଏବଂ ସେହି ଉଦ୍ଦେଶ୍ୟରେ ସମସ୍ତ କାର୍ଯ୍ୟ ମଧ୍ୟ କରିଆଛି । ଏହି କାରଣରୁ ପାଠଚକ୍ରମାନଙ୍କର ଆନ୍ତରିକ ସଦ୍ଭାବ ତଥା ଆତ୍ମୀୟତା ସ୍ୱତଃସ୍ଫୂର୍ତ୍ତଭାବେ ନବଜ୍ୟୋତି କାର୍ଯ୍ୟାଳୟ ପ୍ରତି ଗଢ଼ିଉଠିଛି ଏବଂ ପାଠଚକ୍ର ସଭ୍ୟମାନଙ୍କ ଛଡ଼ା ମା'ଙ୍କ ଅନ୍ୟାନ୍ୟ ଭକ୍ତ ଏବଂ ସାଧକମାନେ ବି ନବଜ୍ୟୋତି କାର୍ଯ୍ୟାଳୟ ସହିତ ଘନିଷ୍ଠ ସଂପର୍କ ସ୍ଥାପନ କରିଛନ୍ତି ଏବଂ ସେମାନଙ୍କର ବ୍ୟକ୍ତିଗତ ଅତ୍ୟନ୍ତ ଗୋପନୀୟ ବିଷୟ ଯାହାକି ନିଜର ବ୍ୟକ୍ତିଙ୍କୁ କହିବା

* ପ୍ରବନ୍ଧଟି ନବଜ୍ୟୋତି ପତ୍ରିକାର ୧୯୭୮, ଶ୍ରୀମାଙ୍କ ଜନ୍ମଶତବାର୍ଷିକୀ ସ୍ମରଣିକାରେ ପ୍ରକାଶିତ ।

ସମ୍ଭବ ନୁହେଁ ତାହା ସବୁ ମା'ଙ୍କ ଚରଣରେ ନିବେଦନ କରିବା ସକାଶେ ନବଜ୍ୟୋତି କାର୍ଯ୍ୟାଳୟକୁ ଲେଖି ପଠାଇଛନ୍ତି; ଆଜି ବି ପଠାଉଅଛନ୍ତି ।

ନବଜ୍ୟୋତି କାର୍ଯ୍ୟାଳୟ ପାଠଚକ୍ରମାନଙ୍କ ପ୍ରତି ନିଃସ୍ୱାର୍ଥ ସଭାବନା ରହିବା ଯୋଗୁଁ ପାଠଚକ୍ରମାନଙ୍କର ପରସ୍ପର ମଧ୍ୟରେ ସେହି ନିଃସ୍ୱାର୍ଥ ଆନ୍ତରିକ ସଂପର୍କ ସ୍ୱତଃସ୍ଫୂର୍ତ୍ତଭାବେ ଗଢ଼ିଉଠିଛି । ଗୋଟିଏ ପାଠଚକ୍ର ଅନ୍ୟ ପାଠଚକ୍ରର ଉନ୍ନତି ମନୋଭାବ ପୋଷଣ କରିଛନ୍ତି ଏବଂ ପରସ୍ପରକୁ ସାହାଯ୍ୟ କରିବାକୁ ଲାଗିଛନ୍ତି । କୌଣସି ପାଠଚକ୍ର କୌଣସି କାରଣରୁ ଶିଥିଳ ବା ନିଷ୍କ୍ରିୟ ହେଲେ ଅନ୍ୟ ପାଠଚକ୍ରର ସଭ୍ୟମାନେ ସେ ସ୍ଥାନକୁ ବାରଂବାର ଯାଇ ସାହାଯ୍ୟ କରୁଅଛନ୍ତି । ଏପରିକି ପ୍ରତିଷ୍ଠିତ ପାଠଚକ୍ର ସଭ୍ୟମାନେ ନିଜ ବ୍ୟକ୍ତିଗତ କାର୍ଯ୍ୟ ଅପେକ୍ଷା ଅଧିକ ଗୁରୁତ୍ୱ ଦେଇ ନୂତନ ପାଠଚକ୍ର ପ୍ରତିଷ୍ଠା କରିବା ଏବଂ ସେସବୁର ଉନ୍ନତି ସକାଶେ ସବୁ ପ୍ରକାର ଚେଷ୍ଟା କରୁଅଛନ୍ତି । ସମସ୍ତ ପାଠଚକ୍ର ମୁଖ୍ୟ ସଂସ୍ଥାର ଶାଖା ନ ହୋଇ ମଧ୍ୟ ପରସ୍ପର ମଧ୍ୟରେ ଘନିଷ୍ଠ ସଂପର୍କ ରଖୁଅଛନ୍ତି ଏବଂ ସଂଗଠନ ମଧ୍ୟ ଉତ୍ତମ ରୂପେ ହେଉଅଛି । ସମସ୍ତ ପାଠଚକ୍ରକୁ କୌଣସି ବିଷୟ ଜଣାଇ ଦେବା ସକାଶେ ପ୍ରଧାନ ପ୍ରଧାନ ପାଠଚକ୍ରକୁ ଜଣାଇ ଦେଲେ ସମସ୍ତ ପାଠଚକ୍ରକୁ ଅବଗତ କରାଇ ଦିଆ ହେଉଅଛି । ଯୋଗ ସାଧନା ଯେପରି ସ୍ୱତନ୍ତ୍ରତାରେ ଅଗ୍ରସର ହୁଏ, ତା'ର ସଂସ୍ଥା ମଧ୍ୟ ସେହିପରି ସ୍ୱତନ୍ତ୍ର ହେଲେ ସହଜରେ ତା'ର ବିକାଶ ହୁଏ ଏବଂ ଅନ୍ୟାନ୍ୟ ସଂସ୍ଥା ସହିତ ଆନ୍ତରିକ ସମ୍ବନ୍ଧ ସ୍ଥାପନା କରିପାରେ । ଶ୍ରୀଅରବିନ୍ଦଙ୍କ ଯୋଗର ଏହାହିଁ ରହସ୍ୟ ।

ପୁରାତନ ଯୋଗ ସଦୃଶ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ବ୍ୟକ୍ତିଗତ ମୁକ୍ତି, ନିର୍ବାଣ ଅଥବା ସାକେତ, ଗୋଲୋକ, ବୈକୁଣ୍ଠରେ ଭଗବତ୍ ପ୍ରାପ୍ତି ନୁହେଁ । ବ୍ୟକ୍ତିର ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ଉପଲବ୍ଧି ଏବଂ ସଂସାର ଦିବ୍ୟ ସ୍ୱର୍ଗରେ ପରିଣତ ତଥା ସଂସାରରେ ଦିବ୍ୟ ମାନବଜାତି ପ୍ରତିଷ୍ଠାହିଁ ଏହାର ଲକ୍ଷ୍ୟ । ଏହି କାରଣରୁ ଏହି ଯୋଗ ବ୍ୟକ୍ତିଗତ ନୁହେଁ, ସମଷ୍ଟିଗତ । ବ୍ୟକ୍ତିର ସାଧନା ଦ୍ୱାରା ସଂସାରର ବାତାବରଣରେ ପରିବର୍ତ୍ତନ ହୁଏ ଅର୍ଥାତ୍ ସଂସାରର ହିତସାଧନ ହୁଏ ।

ଅନ୍ୟ ସାଧକର ସାଧନାର ଉନ୍ନତିରେହିଁ ନିଜ ସାଧନାର ଉନ୍ନତି, ନିଜ ସାଧନାର ଉନ୍ନତିରେହିଁ ଅନ୍ୟ ସାଧକର ତଥା ସଂସ୍ଥାର ହିତ । ଅନ୍ୟ ସଂସ୍ଥାର ଉନ୍ନତିରେ ନିଜ ସଂସ୍ଥାର ଉନ୍ନତି ।

ଶ୍ରୀଅରବିନ୍ଦଙ୍କ ଯୋଗରେ ଯେତେ ଅଧିକ ସାଧକ ସାଧନା କରିବେ, ଯେତେ ଅଧିକ ଆଧ୍ୟାତ୍ମିକ ସଂସ୍ଥା ପ୍ରତିଷ୍ଠିତ ହେବ ସେତେ ଅଜ୍ଞାନ, ଅସତ୍ୟ, ମିଥ୍ୟାଚାର, ଅହଂ, ସ୍ୱାର୍ଥ ଇତ୍ୟାଦି ଅନ୍ଧକାର ଶକ୍ତିର ପ୍ରଭାବ ସଂସାରରୁ କମ୍ ହେବାକୁ ଲାଗିବ ତଥା ସଂସାର ବାତାବରଣରେ ସତ୍ୟର ପ୍ରଭାବ ସେତେ ବିସ୍ତାର ଲାଭ କରୁଥିବ ଏବଂ ତା'ର ପ୍ରଭାବ ସେତେ ସଂସାରର ସାଧାରଣ ଜନତା ଉପରେ ମଧ୍ୟ ପଡ଼ିବ । ଏହି କାରଣରୁ ଏହି ଯୋଗର ରହସ୍ୟ ବା ଚାବି ହେଉଛି ସ୍ୱତନ୍ତ୍ରତା । ସ୍ୱତନ୍ତ୍ରତାରେହିଁ ପରସ୍ପର ମଧ୍ୟରେ ଆନ୍ତରିକ ଅଧ୍ୟାତ୍ମ ସଂପର୍କ ପ୍ରତିଷ୍ଠିତ ହୁଏ । ଅତଏବ ବାହ୍ୟ ସଂଗଠନ ଅପେକ୍ଷା ଏହି ଆନ୍ତରିକ ଘନିଷ୍ଠ ସମ୍ପର୍କହିଁ ଉତ୍ତମ ସଂଗଠନ ହୋଇଉଠେ ।

ଏହି ରହସ୍ୟ ଯେଉଁମାନେ ହୃଦୟଙ୍ଗମ କରିପାରିଲେ ସେମାନଙ୍କ ମଧ୍ୟରୁ କେତେକ ପାଠଚକ୍ରର ଭାଇଭଉଣୀମାନେ ସଂସାର ସୁଖ ସୁବିଧାକୁ ତ୍ୟାଗ କରି ମା'ଙ୍କ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଦେଲେ । ଆଉ କେତେକ ସାଧକ ପରିବାର, ଧନ ଉପାର୍ଜନ ଛାଡ଼ି, ନିଜର ଭୋଜନକୁ ବି ପରୁଆ ନ କରି ମା'ଙ୍କ କାର୍ଯ୍ୟ ତନମନରେ କରିବାକୁ ଲାଗିଲେ । ମା'ଙ୍କ ଭକ୍ତ ସାଧକମାନଙ୍କର ଏହିପରି ତ୍ୟାଗ ତଥା କର୍ମ ଯୋଗୁଁ ଅଧ୍ୟାତ୍ମ ବାତାବରଣ ସୃଷ୍ଟି ହେବାରୁ ଓଡ଼ିଶାରେ ଅଳ୍ପ ଦିନ ମଧ୍ୟରେ ମା'ଙ୍କ କାର୍ଯ୍ୟ ପ୍ରସାର ହୋଇପାରିଅଛି ଏବଂ ଶ୍ରୀଅରବିନ୍ଦ ପାଠଚକ୍ର, ମହିଳା ପାଠଚକ୍ର, ଛାତ୍ରସମାଜ ପ୍ରାୟ ଦୁଇ ହଜାରରୁ ଅଧିକ ପ୍ରତିଷ୍ଠିତ ହୋଇ ପାରିଅଛି । ତନ୍ମଧ୍ୟରୁ ବହୁତ ପାଠଚକ୍ରର ସ୍ୱତନ୍ତ୍ର ରେଜିଷ୍ଟ୍ରେସନ୍ ହୋଇଅଛି । ଏତଦ୍‌ବ୍ୟତୀତ ବିଭିନ୍ନ ସ୍ଥାନରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଏବଂ ସାଧନାଳୟ ମଧ୍ୟ ଗଢ଼ିଉଠିଛି ।

ଓଡ଼ିଶାରେ କିଛି ପାଠଚକ୍ର ହେବା ପରେ ୧୯୬୨ଠାରୁ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଭକ୍ତ ସାଧକମାନେ ମା'ଙ୍କ ଚରଣରେ ଅର୍ପଣ କରିବା ସକାଶେ ମନିଅର୍ଡ଼ର ଦ୍ୱାରା ଟଙ୍କା ପ୍ରପତ୍ତିଙ୍କ ନାମରେ, ମୋ ନାମରେ ତଥା ନବଜ୍ୟୋତି

କାର୍ଯ୍ୟାଳୟ ନାମରେ ପଠାଇଲେ । ମା'ଙ୍କ ଚରଣରେ ନିବେଦନ କରିବା ସକାଶେ ଆତ୍ମମାନଙ୍କ ନାମରେ ଆସୁଥିବା ମନିଅର୍ଡ଼ର ଟଙ୍କା ଏବଂ ପ୍ରାର୍ଥନା ଲେଖି ନବଜ୍ୟୋତି କାର୍ଯ୍ୟାଳୟ ମାଧ୍ୟମରେ ଆଶ୍ରମର ମ୍ୟାନେଜର ଶ୍ରୀ ଅମୃତଙ୍କ ଦ୍ୱାରା (ସେତେବେଳେ ଶ୍ରୀ କେ. ଅମୃତ ମ୍ୟାନେଜର ଥିଲେ) ମା'ଙ୍କ ପାଖକୁ ପଠାଯାଉଥିଲା । ଶ୍ରୀ ଅମୃତ ସମସ୍ତ ବିଷୟ ମା'ଙ୍କ ପାଖରେ ପଢ଼ି ଦେଉଥିଲେ ଏବଂ ମା' ସ୍ୱୟଂ offering ଟଙ୍କା ଗ୍ରହଣ କରି ନିଜ ହସ୍ତରେ ଆଶୀର୍ବାଦ ଦେଉଥିଲେ । ସେହି ଆଶୀର୍ବାଦକୁ ଅର୍ପଣ ପାଇଁ ଟଙ୍କା ପଠାଇଥିବା ଭକ୍ତ ସାଧକମାନଙ୍କ ପାଖକୁ ପତ୍ର ସହ ଆମେ ପଠାଇ ଦେଉଥିଲୁ । ମା'ଙ୍କ କାର୍ଯ୍ୟ ଓଡ଼ିଶାରେ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଅର୍ପଣ କରିବା ବ୍ୟକ୍ତିଙ୍କ ସଂଖ୍ୟା ମଧ୍ୟ ବଢ଼ିବାକୁ ଲାଗିଲା ।

ଶ୍ରୀ ଅମୃତ ମୋତେ ଏବଂ ପ୍ରପତ୍ତିଙ୍କୁ ଡାକି କହିଲେ, ''ଅର୍ପଣ କରିବା ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିଗଲାଣି, ମା'ଙ୍କ ପାଖରେ ମୋର ବହୁତ କାମ ଥାଏ । ଅର୍ପଣ କରୁଥିବା ବ୍ୟକ୍ତିଙ୍କ ନାମସବୁ ପଢ଼ିବାରୁ ମୋର ଅନ୍ୟାନ୍ୟ କାର୍ଯ୍ୟରେ ବାଧା ପଡ଼େ । ମା'ଙ୍କ ପାଖକୁ ଅର୍ପିତ ଟଙ୍କା ପଠାଇବା ସକାଶେ ତୁମେ ଅନ୍ୟ କୌଣସି ବ୍ୟବସ୍ଥା କର ।'' ଆମେ ସିଧା ମା'ଙ୍କ ପାଖକୁ ଲେଖିଲୁ । ମା' ଚିଠି ପଢ଼ି ସେଥିରେ ଆଶୀର୍ବାଦ ସହିତ ଲେଖିଦେଲେ, ''ଅର୍ପିତ ଟଙ୍କା ସିଧା ମୋ ପାଖକୁ ପଠାଅ ।'' ୯. ୧. ୧୯୬୮ ତାରିଖରୁ ଆତ୍ମମାନଙ୍କ ନାମରେ ଆସୁଥିବା ମା'ଙ୍କ ଚରଣରେ ସମର୍ପିତ ହେବା ସକାଶେ ମନିଅର୍ଡ଼ର ଟଙ୍କା ନବଜ୍ୟୋତି କାର୍ଯ୍ୟାଳୟରୁ ଚମ୍ପକଲାଲଙ୍କ ଦ୍ୱାରା ମା'ଙ୍କ ଚରଣରେ ନିବେଦିତ ହେଲା । ପଠାଇଥିବା ବ୍ୟକ୍ତିଙ୍କର ନାମ, ଠିକଣା, କେଉଁ ସକାଶେ ପଠାଇଥାଆନ୍ତି ସେ ବିଷୟ ଏବଂ ଟଙ୍କାର ପରିମାଣ ପ୍ରଥମରେ ନବଜ୍ୟୋତି ଖାତାରେ ଲେଖା ହୁଏ । ପରେ ଦୁଇଟି ବଡ଼ ବଡ଼ ମୋଟା କାଗଜରେ ଟାଇପ୍ କରାହୁଏ ଏବଂ ଟଙ୍କା ସହିତ ମା'ଙ୍କ ପାଖକୁ ସିଧା ପଠାହୁଏ । ଚମ୍ପକଲାଲ ନେଇ ପ୍ରଥମରେ ପଢ଼ି ଦିଅନ୍ତି । ମା' ସ୍ୱୟଂ ଅର୍ପିତ ଟଙ୍କା ଗ୍ରହଣ କରି ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ନିଜ ହସ୍ତରେ ଆଶୀର୍ବାଦ ଦିଅନ୍ତି ଏବଂ ପଠା ହୋଇଥିବା କାଗଜରେ ଆଶୀର୍ବାଦ ଲେଖି ଦସ୍ତଖତ କରି ନବଜ୍ୟୋତି କାର୍ଯ୍ୟାଳୟକୁ ଗୋଟିଏ କାଗଜ ଫେରାଇ ଦିଅନ୍ତି । ଅନ୍ୟଟି ମା'ଙ୍କ ପାଖରେ ରହେ । ମା' ଦେଇଥିବା ଆଶୀର୍ବାଦକୁ ଆମ୍ଭେମାନେ ପ୍ରାର୍ଥୀ ଭକ୍ତମାନଙ୍କ ପାଖକୁ ପଠାଇ ଦେଉ । ମା'ଙ୍କ ଆଶୀର୍ବାଦ ଲେଖା କାଗଜଗୁଡ଼ିକ ଆଜି ବି ନବଜ୍ୟୋତି କାର୍ଯ୍ୟାଳୟରେ ସୁରକ୍ଷିତ ହୋଇ ଅଛି । ସେହି ପ୍ରଣାଳୀ ଅନୁସାରେ ଆଜି ବି ନବଜ୍ୟୋତି କାର୍ଯ୍ୟାଳୟ ମାଧ୍ୟମରେ ମା'ଙ୍କ କକ୍ଷକୁ ଅର୍ପିତ ଟଙ୍କା ଯାଉଛି ଏବଂ ସେହିପରି ଆଶୀର୍ବାଦ ଆସୁଛି । କହିବା ବାହୁଲ୍ୟ, ଅର୍ପଣ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଦିନୁଦିନ ବୃଦ୍ଧି ପାଉଅଛି ।

ଓଡ଼ିଶାରେ ପାଠଚକ୍ରାଦି ମା'ଙ୍କ କାର୍ଯ୍ୟ ଆରମ୍ଭ ହେବା ସମୟରୁ ପ୍ରପତ୍ତି ବରାବର ଓଡ଼ିଶା ଯାଇ ତା'ର ବ୍ୟବସ୍ଥା କରୁଅଛନ୍ତି ତଥା ପରିଚାଳନା ଏବଂ ଉନ୍ନତିର ପରାମର୍ଶ ସାଧକ ଭକ୍ତ ଭାଇଭଉଣୀମାନଙ୍କୁ ଦେଇ ଆସୁଅଛନ୍ତି । ପାଠଚକ୍ରର ବୃଦ୍ଧି ସଙ୍ଗେ ସଙ୍ଗେ ପାଠଚକ୍ରର ବାର୍ଷିକୋତ୍ସବ, ମିଟିଂ, ସେମିନାର ଇତ୍ୟାଦି ପାଠଚକ୍ର ଦ୍ୱାରା ହେଉଅଛି । ପରାମର୍ଶଦାତା ରୂପେ ପ୍ରପତ୍ତିଙ୍କୁ ପାଠଚକ୍ରର କର୍ମକର୍ତ୍ତାମାନେ ଆଗ୍ରହ ସହିତ ନିମନ୍ତ୍ରଣ କରୁଅଛନ୍ତି ଏବଂ କୌଣସି ପାଠଚକ୍ରରେ କୌଣସି ସମସ୍ୟା ଉପୁଜିଲେ ତା'ର ସମାଧାନ ସକାଶେ ଏଠାକୁ ଲେଖି ଅଛନ୍ତି ଏବଂ ସେଥି ସକାଶେ ମଧ୍ୟ ପ୍ରପତ୍ତି ବରାବର ସେଠାକୁ ଯାଇ ତା'ର ସମାଧାନ କରୁଅଛନ୍ତି । ସେ ସେହି କାର୍ଯ୍ୟକୁ ମା'ଙ୍କ ସେବା ତଥା ଲକ୍ଷ୍ୟପ୍ରାପ୍ତିର ସାଧନା ରୂପେ ଗ୍ରହଣ କରିଥିବାରୁ ଆଜି ପର୍ଯ୍ୟନ୍ତ ସମାନ ଆଗ୍ରହର ସହିତ କରୁଅଛନ୍ତି ।

ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶ ଓଡ଼ିଶା ତଥା ଅନ୍ୟ ସ୍ଥାନରେ ପ୍ରସାରିତ ହେବା ସକାଶେ ଅନ୍ତରରୁ ମୁଁ ଚାହେଁ । ସେ କାର୍ଯ୍ୟରେ ମୋର ଅଧିକ ପ୍ରସନ୍ନତା, ଆଗ୍ରହ, ଉତ୍ସାହ ରହିଛି । କିନ୍ତୁ ବାହାରକୁ ଯାଇ ସଭାସମିତି କରିବା ଯୋଗ୍ୟତା ମୋର ନାହିଁ, ସାମର୍ଥ୍ୟ ବି ନାହିଁ । ସେହି ସକାଶେ ମୁଁ ବାହାରକୁ ଯାଇ ମା'ଙ୍କ କାର୍ଯ୍ୟ କରି ପାରେ ନାହିଁ । ମା'ଙ୍କର ଯେଉଁ ଭକ୍ତ ସାଧକମାନେ ଏଠାକୁ ଆସି ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ, ସାଧନା ଏବଂ ବାହାରେ ମା'ଙ୍କ କାର୍ଯ୍ୟର ପ୍ରସାର ସଂଗଠନ ବିଷୟରେ ପ୍ରଶ୍ନ କରନ୍ତି, ସେମାନଙ୍କ ସହିତ ଆଲୋଚନା କରେ । ଯେଉଁମାନଙ୍କର ଶ୍ରୀଅରବିନ୍ଦଙ୍କ ଯୋଗଦର୍ଶନ, ସାଧନା ବିଷୟରେ ସନ୍ଦେହ ହୁଏ, ମା'ଙ୍କ କାର୍ଯ୍ୟରେ ବାଧାବିଘ୍ନ ଆସେ, ସେମାନେ ମୋ ପାଖକୁ ପତ୍ର ଲେଖନ୍ତି । ମା'ଙ୍କୁ ସ୍ମରଣ କରି ମୁଁ ସେସବୁର ଉତ୍ତର ଦିଏ । ଆଜି ପର୍ଯ୍ୟନ୍ତ ବି ଏହିସବୁ ଚାଲିଛି । ଚିଠିର ସଂଖ୍ୟା ମଧ୍ୟ ବଢୁଛି ।

ଓଡ଼ିଶାରେ ପାଠଚକ୍ର ଆରମ୍ଭ ହେବା ଦିନରୁ ନବଜ୍ୟୋତି କାର୍ଯ୍ୟାଳୟ ମାଧ୍ୟମରେ ପାଠଚକ୍ରର ବ୍ୟବସ୍ଥା ତଥା ସଂଗଠନ ହୋଇ ଆସୁଅଛି । କିନ୍ତୁ ପାଠଚକ୍ର ସଂଖ୍ୟା ଅଧିକ ହୋଇଯିବାରୁ ପ୍ରପତ୍ତିଙ୍କ ପକ୍ଷେ ସବୁ ପାଠଚକ୍ରରେ ପହଞ୍ଚିବା ସମ୍ଭବ ହେଲା ନାହିଁ । ଏହିସବୁ କାରଣରୁ ପ୍ରପତ୍ତିଙ୍କର ସଂଗଠନ କାର୍ଯ୍ୟରେ କେତେକ ସାଧକଙ୍କର ସହଯୋଗିତା ଆବଶ୍ୟକ ହେଲା । ଯେଉଁମାନେ ମା'ଙ୍କ କାର୍ଯ୍ୟ ସକାଶେ ନିଜକୁ ଉତ୍ସର୍ଗ କରିଥିଲେ ସେମାନଙ୍କ ମଧ୍ୟରୁ ପ୍ରଥମ ବ୍ୟକ୍ତି ହେଉଛନ୍ତି ମଧୁସୂଦନ ମିଶ୍ର । ସେ ୧୯୬୯ରେ ଚାକିରିରୁ ଇସ୍ତଫା ଦେଇ ପାଠଚକ୍ର ସଂଗଠନ କାର୍ଯ୍ୟରେ ପ୍ରପତ୍ତିଙ୍କ ସହ ଯୋଗ ଦେଇଥିଲେ । ପରେ ମହେନ୍ଦ୍ର ମହାନ୍ତି, ଦୁର୍ଗାଚରଣ ନାୟକ ଏବଂ ଭଜକୃଷ୍ଣ ସାହୁ ମଧ୍ୟ ଯୋଗ ଦେଲେ । ପ୍ରପତ୍ତିଙ୍କ ନେତୃତ୍ୱରେ ଏହି ସାଧକମାନଙ୍କ ଦ୍ୱାରା ପାଠଚକ୍ର ସଂଗଠନ କାର୍ଯ୍ୟ ହୋଇ ଆସୁଥିଲା । କିନ୍ତୁ ୧୯୭୪ରେ ଡାଳିଯୋଡ଼ାରେ ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର ଆଶ୍ରମ ପ୍ରତିଷ୍ଠା ହେବାର ପ୍ରସ୍ତାବ ହେବାରୁ ପ୍ରଥମେ ମଧୁସୂଦନ, ଦୁର୍ଗାଚରଣ ଏବଂ ଭଜକୃଷ୍ଣ ୧୯୭୪ ମସିହା ଜୁନ୍ ୩୦ ତାରିଖରେ ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ରରେ ସାଧକରୂପେ ଯୋଗ ଦେଲେ ଏବଂ ଆଶ୍ରମର ଆଭ୍ୟନ୍ତରୀଣ ପରିଚାଳନା ଭାର ଗ୍ରହଣ କଲେ ମଧୁସୂଦନ ଏବଂ ଆଶ୍ରମର ବାହାର କାର୍ଯ୍ୟର ଦାୟିତ୍ୱ ନେଲେ ଦୁର୍ଗାଚରଣ ।

ଓଡ଼ିଶାରେ ମା'ଙ୍କ କାର୍ଯ୍ୟର ଅଗ୍ରଗତି ହେବାରୁ, ଅର୍ଥାତ୍ ଅଧିକ ସଂଖ୍ୟାରେ ପାଠଚକ୍ର, ଛାତ୍ରସମାଜ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସାଧନାଳୟ ତଥା ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ହେବାରୁ, ସେଠାରେ ମା'ଙ୍କ ଭକ୍ତ ସାଧକମାନେ ଶ୍ରୀଅରବିନ୍ଦଙ୍କ ଅତିମାନସ ରୂପାନ୍ତର ଯୋଗ ପ୍ରସାରରେ ନିଜ ସାଧନାରେ ସାହାଯ୍ୟ ଏବଂ ଜଗତର କଲ୍ୟାଣ ହେବ ବୋଲି ହୃଦୟଙ୍ଗମ କଲେ ଏବଂ ପାଠଚକ୍ର ସଂଗଠନର ଦାୟିତ୍ୱ କେତେକ ପାଠଚକ୍ର ନେବାକୁ ଆଗ୍ରହ ପ୍ରକାଶ କଲେ ।

ସୁନ୍ଦରଗଡ଼ ପାଠଚକ୍ରର ପରିଚାଳକ ନିରଞ୍ଜନ ମହାନ୍ତି ଓଡ଼ିଶାର ପଶ୍ଚିମଭାଗ ପାଠଚକ୍ର ସଂଗଠକଙ୍କର ଖର୍ଚ୍ଚ ବହନ କଲେ । ସେଥିରେ ସଂଗଠକ ରହିଲେ ଭଜକୃଷ୍ଣ ସାହୁ । କଟକ ଜିଲାର ସଂଗଠନ ସକାଶେ କଟକ ମାତୃଭବନ ଜଣେ ସଂଗଠକଙ୍କର ଦାୟିତ୍ୱ ନେଲେ । କୋରାପୁଟ ଜିଲାର ଜୟପୁର ପାଠଚକ୍ର ସେ ତରଫର ଜିଲାମାନଙ୍କରେ ସଂଗଠକ ରଖିବା ସକାଶେ ପ୍ରସ୍ତୁତ ହୋଇଅଛନ୍ତି । ମା'ଙ୍କ କୃପାରୁ ଓଡ଼ିଶାରେ ସବୁ ପାଠଚକ୍ର ସ୍ୱତନ୍ତ୍ର ହୋଇଥିବା ସତ୍ତ୍ୱେ ପରସ୍ପର ସହିତ ଉତ୍ତମରୂପେ ଆନ୍ତରିକ ସମ୍ବନ୍ଧ ରଖି ଅଛନ୍ତି ଏବଂ ସେଗୁଡ଼ିକ ଉତ୍ତମରୂପେ ସଂଗଠିତ ମଧ୍ୟ ହେଉଅଛନ୍ତି । ଅଧ୍ୟାତ୍ମ ସାଧକ ତଥା ଅଧ୍ୟାତ୍ମ ସଂସ୍ଥାର ଉତ୍ତମ ସମ୍ବନ୍ଧ ବା ସଂଗଠନ ହୁଏ ଆନ୍ତର ସଭାବରୁ; ବାହ୍ୟ ଆଇନଗତ ସଂଗଠନରେ ବାଧା ସୃଷ୍ଟି ହୁଏ ଏବଂ ବିବାଦ ହୁଏ, ଅଧ୍ୟାତ୍ମ ସତ୍ୟର ବିକାଶ ହୁଏ ନାହିଁ । ମା'ଙ୍କ କୃପାରୁ ଓଡ଼ିଶାରେ ସବୁ ପାଠଚକ୍ର ସ୍ୱତନ୍ତ୍ର ରହିଥିବାରୁ ସ୍ୱାଭାବିକରୂପେ ବିକାଶ ହୋଇଚାଲିଛି ।

ଓଡ଼ିଶାରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ*

ଓଡ଼ିଶାରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗର ପ୍ରସାର ସକାଶେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସାହିତ୍ୟର ଓଡ଼ିଆ ଭାଷାରେ ଅନୁବାଦ, ପତ୍ରପତ୍ରିକା ପ୍ରକାଶ, ନବଜ୍ୟୋତି କାର୍ଯ୍ୟାଳୟ ପ୍ରତିଷ୍ଠା, ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର, ମହିଳା ପାଠଚକ୍ର, ଛାତ୍ରସମାଜ ସ୍ଥାପନ, ପାଠଚକ୍ର ରେଜିଷ୍ଟ୍ରେସନ୍, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତଥା ସାଧନାଳୟ ପ୍ରତିଷ୍ଠା ଏବଂ ସର୍ବୋପରି କେତେକ ସ୍ଥାନରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା ହୋଇଅଛି ।

ଏହିସବୁ କାର୍ଯ୍ୟ ହୋଇଛି ସ୍ୱତଃସ୍ଫୂର୍ତ୍ତଭାବେ ମା'ଙ୍କ କୃପାରୁ । କୌଣସି ବ୍ୟକ୍ତି କୌଣସି ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଏହିସବୁ କାର୍ଯ୍ୟ କରିବା ସକାଶେ କେବେ ବି ଭାବି ନ ଥିଲେ । ପରେ ଆଲୋଚନା ହେବା ଘଟଣାରୁ ପାଠକମାନେ ଏହା ବୁଝିପାରିବେ ।

ମୋର ଜନ୍ମସ୍ଥାନ ଓଡ଼ିଶାରେ ଥିଲା । ପ୍ରାୟ ୧୯୨୯ କିଂବା ୧୯୩୦ରେ ଅଯୋଧ୍ୟା ଯାଇ ସେଠାରେ ବୈଷ୍ଣବ ସମ୍ପ୍ରଦାୟରେ ଦୀକ୍ଷା ଗ୍ରହଣ କରିଥିଲି । ମୋର ଇଷ୍ଟଦେବ ଥିଲେ ଶ୍ରୀସୀତାରାମ । ସେଠାରେ ୧୫/୧୬ ବର୍ଷ ରହିବା ପରେ ଶ୍ରୀଅରବିନ୍ଦଙ୍କର କେତେକ ଯୋଗ-ସାହିତ୍ୟ ପଢ଼ିବାର ସୁଯୋଗ ପାଇଲି । ଶ୍ରୀଅରବିନ୍ଦଙ୍କ ଯୋଗରେ ଜୀବନର ସର୍ବାଙ୍ଗୀନ ବିକାଶ, ପୂର୍ଣ୍ଣତା ତଥା ଜୀବନର ଯଥାର୍ଥ ଲକ୍ଷ୍ୟପ୍ରାପ୍ତି ସମ୍ଭବ ବୋଲି ସ୍ପଷ୍ଟଭାବେ ବୁଝି ପାରିଲି । ଯେଉଁ ଲକ୍ଷ୍ୟପ୍ରାପ୍ତି ସକାଶେ ସଂସାରର ସମସ୍ତ ବ୍ୟକ୍ତି ଅଜ୍ଞାତ, ଅଚେତଭାବେ ପ୍ରଯତ୍ନ କରି ଆସୁଛନ୍ତି ଏବଂ ତାହାରି ଆଡ଼କୁ ଯାତ୍ରା କରୁଅଛନ୍ତି ସେହି ଲକ୍ଷ୍ୟଜ୍ଞାନ ନ ହେବାରୁ ଲକ୍ଷ୍ୟପ୍ରାପ୍ତିର ଉପାୟ ତଥା ମନୋଭାବ ବିପରୀତ ହେଉଅଛି । ସେହି କାରଣରୁ ବ୍ୟକ୍ତି ଚାହୁଁଥିବା ଶାନ୍ତି ଓ ସୁଖ ପରିବର୍ତ୍ତେ ଦୁଃଖ-ଦ୍ୱନ୍ଦ୍ୱ ଭୋଗୁଅଛି । ଲକ୍ଷ୍ୟପ୍ରାପ୍ତି ଆଡ଼କୁ ଯାତ୍ରା ମଧ୍ୟ ଅତ୍ୟନ୍ତ ମନ୍ଥର, ବଙ୍କାଚଙ୍କା ଏବଂ ଆଗକୁ ଯିବା ଓ ପଛକୁ ଫେରିବା ହେଉଅଛି । ଶ୍ରୀଅରବିନ୍ଦଙ୍କ ଯୋଗ ବ୍ୟକ୍ତି ସଚେତଭାବେ ଗ୍ରହଣ ନ କରିବା ଯୋଗୁଁ ନିଜେ ଯଥାର୍ଥ ବ୍ୟାବହାରିକ ଜ୍ଞାନ ପ୍ରାପ୍ତ କରିପାରୁ ନାହିଁ । ପତି ପତ୍ନୀ ସହିତ, ପିତା ପୁତ୍ର ସହିତ, ଶାଶୂ ବୋହୂ ସହିତ ବାଦ ପ୍ରତିବାଦ ଝଗଡ଼ା ହେଉଛି । ଏକ ଅନ୍ୟର ସ୍ୱଭାବ ନ ବୁଝିବା ଯୋଗୁଁ ଯଥାର୍ଥ ବ୍ୟବହାର କରିପାରୁ ନାହିଁ । ସେହି କାରଣରୁ ପରିବାରରେ ଶାନ୍ତି, ଶୃଙ୍ଖଳା ରହିପାରୁ ନାହିଁ । ତା' ଛଡ଼ା ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା ଜୀବନ ସମ୍ବନ୍ଧେ ସଚେତ ନ ହେବା ଯୋଗୁଁ ଆଳସ୍ୟ ତ୍ୟାଗ କରି ଯଥାର୍ଥ ମାର୍ଗରେ ପରିବାର ପାଳନ ପୋଷଣ କରିବା ସକାଶେ ଧନ ଉପାର୍ଜନ କରିପାରୁ ନାହିଁ । ସେହି ସକାଶେ ପରିବାର ମଧ୍ୟରେ ହେଉଛି ବିବାଦ, ଅଶାନ୍ତି, ଆବଶ୍ୟକ ଧନର ଅଭାବ । ଏହି ଯୋଗ ସମ୍ବନ୍ଧେ ବ୍ୟକ୍ତି ସଚେତନ ନ ହେବାରୁ ସମାଜ ତଥା ଶାସନରେ ଅଳ୍ପ ବ୍ୟକ୍ତିଙ୍କୁ ବାଦ୍ ଦେଲେ ସମସ୍ତ ବ୍ୟକ୍ତି ନିଜ ଅହଂ ଏବଂ ସ୍ୱାର୍ଥସାଧନ ସକାଶେ କର୍ମ କରୁଅଛନ୍ତି । ଏହି କାରଣରୁ ଦେଶ ପରିଚାଳିତ ହେବା ଏବଂ ଦେଶର ଉନ୍ନତି ହେବା ସମସ୍ତ ସଂସ୍ଥାରେ ଛୋଟ କର୍ମଚାରୀଙ୍କଠାରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ସମସ୍ତ ବ୍ୟକ୍ତି ଆନ୍ତରିକତା ସହିତ କର୍ମ କରୁ ନାହାନ୍ତି; ମିଥ୍ୟାଚାର ଆଶ୍ରୟରେ ଲାଞ୍ଚକୁ ପ୍ରଧାନ ସ୍ଥାନ ଦେଉଅଛନ୍ତି । ତେଣୁ ନିଜର, ସମାଜର, ଦେଶର ଉନ୍ନତି ହେଉ ନାହିଁ । ଏହା ଦୂର ହେବ ଶ୍ରୀଅରବିନ୍ଦଙ୍କ ଯୋଗ ଆଚରଣ କରିବାରେ । ଯୋଗରେହିଁ ବ୍ୟକ୍ତିର ଅନ୍ତରରୁ ଅହଂ, ସ୍ୱାର୍ଥ, ମିଥ୍ୟାଚାର ଦୂର ହେବ । ଏହା ଛଡ଼ା ଅନ୍ୟ କୌଣସି ଉପାୟରେ ଏହି ସମସ୍ୟାର ସମାଧାନ ହୋଇ ପାରିବ ନାହିଁ । ଅତଏବ ଗାର୍ହସ୍ଥ୍ୟାଶ୍ରମରେ ରହିବା ବ୍ୟକ୍ତି ତଥା ଗୃହତ୍ୟାଗୀ ସନ୍ନ୍ୟାସୀ ଜୀବନର ସର୍ବାଙ୍ଗୀନ ବିକାଶ ଏବଂ ଭଗବତ୍ ପ୍ରାପ୍ତି ଇଚ୍ଛୁକ ବ୍ୟକ୍ତିଙ୍କ ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗ ଅନିବାର୍ଯ୍ୟ ବୋଲି ବୁଝି ପାରିଲି । ଏଥିରେ ମୋର ଲେଶ ମାତ୍ର ସନ୍ଦେହ ରହିଲା ନାହିଁ । ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀରେ ରହି ତାଙ୍କରି ଯୋଗ ଗ୍ରହଣ କରିବା ସକାଶେ ମୋ ଅନ୍ତରରୁ ଅଭ୍ରାନ୍ତ ପ୍ରେରଣା ପାଇଲି ।

ଏଥିରେ ମୋ ସମ୍ମୁଖରେ ଦୁଇଟି ସନ୍ଦେହ ଅଲଂଘ୍ୟ ପାହାଡ଼ ସଦୃଶ ଛିଡ଼ା ହୋଇଗଲା । ପ୍ରଥମଟି ଥିଲା –

* ପ୍ରବନ୍ଧଟି ନବଜ୍ୟୋତି ପତ୍ରିକାର ୧୯୭୮, ଶ୍ରୀମାଙ୍କ ଜନ୍ମଶତବାର୍ଷିକୀ ସ୍ମରଣିକାରେ ପ୍ରକାଶିତ ।

ମୋର ଇଷ୍ଟଦେବ ଶ୍ରୀରାମଙ୍କୁ ଛାଡ଼ି ଅନ୍ୟ ଇଷ୍ଟ ଗ୍ରହଣ କରିବାକୁ ହେବ । ଦ୍ୱିତୀୟଟି ଥିଲା – ଗୁରୁଙ୍କୁ ପରିତ୍ୟାଗ କରି ଅନ୍ୟ ଗୁରୁ ଗ୍ରହଣ କରିବାକୁ ହେବ । ଏହାକୁ ଶାସ୍ତ୍ର ତୀବ୍ରଭାବେ ଭୟ ଦେଖାଇ ନିଷେଧ କରିଅଛି ।

ମୋର ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବା ହେଉଛି ଆନ୍ତର ସତ୍ୟର ପ୍ରେରଣା ଏବଂ ତାହା ଅନ୍ତରାତ୍ମାର । ଏହାହିଁ ପୂର୍ବନିର୍ଦ୍ଧାରିତ । କିନ୍ତୁ ଇଷ୍ଟ ଓ ଗୁରୁତ୍ୟାଗ – ଏହି ଦୁଇଟି ସନ୍ଦେହ ଯୁକ୍ତିବୁଦ୍ଧିସଂଗତ । ଏହାର ଯଥାର୍ଥ ସମାଧାନ କ'ଣ ? ଏହି ସନ୍ଦେହ ପଣ୍ଡିତମାନଙ୍କ ଦ୍ୱାରା ଦୂର ହେବା ସମ୍ଭବ ନ ଥିଲା । ସେହି କାରଣରୁ ନିଜ ଅନ୍ତରରୁ ଜାଣିବା ସକାଶେ ସ୍ୱତଃସ୍ଫୂର୍ତ୍ତଭାବେ ଅଭୀପ୍ସା ହେଲା ।

କିଛି ସମୟ ପରେ ଭଗବାନଙ୍କ କୃପାରୁ ନିଜ ଅନ୍ତରରୁ ସନ୍ଦେହର ସମାଧାନ ଆସିଗଲା ଯେଉଁଥିରେ ସନ୍ଦେହର ସ୍ଥାନ ରହିଲା ନାହିଁ ।

ପ୍ରଥମ ସମାଧାନ ହେଲା – ନିଜ ଇଷ୍ଟ ଶ୍ରୀରାମଙ୍କ ଯଥାର୍ଥ ସ୍ୱରୂପ ସଚ୍ଚିଦାନନ୍ଦ, ସତ୍-ଚିତ୍-ଆନନ୍ଦ । ସେ ଯେଉଁ ସମୟରେ ସାକାର, ସେହି ସମୟରେ ନିରାକାର, ସେହି ଏକହିଁ ସମୟରେ ସାକାର ଓ ନିରାକାରର ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ତତ୍ତ୍ୱ । ଏହାହିଁ ଶ୍ରୀରାମଙ୍କ ଯଥାର୍ଥ ସ୍ୱରୂପ । ଏହି ସ୍ୱରୂପକୁ ରାମାୟଣରେ ତୁଳସୀଦାସ, ଗୀତା, ବେଦ, ଉପନିଷଦ୍ ପ୍ରତିପାଦନ କରିଅଛନ୍ତି । ଶ୍ରୀରାମଙ୍କର ଏହି ଯଥାର୍ଥ ସ୍ୱରୂପ ବୈଷ୍ଣବ ସାଧନାରେ ପ୍ରାପ୍ତ ହୁଏ ନାହିଁ, ହୁଏ ଶ୍ରୀଅରବିନ୍ଦଙ୍କ ଯୋଗର ଅତିମାନସ ଚେତନାରେ ।

ଦ୍ୱିତୀୟ ସନ୍ଦେହର ସମାଧାନ ଆସିଲା – ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ ପ୍ରଥମ ଗୁରୁଙ୍କୁ ତ୍ୟାଗ କରିବା ନୁହେଁ, ଗୁରୁଙ୍କୁ ଭଗବାନଙ୍କଠାରୁ ଅଧିକ ସମ୍ମାନ ଦିଆ ହୁଏ ଗୁରୁଙ୍କ ଦ୍ୱାରା ଭଗବାନ୍ ପ୍ରାପ୍ତ ହୁଅନ୍ତି ବୋଲି । ଭଗବତ୍ ପ୍ରାପ୍ତିର ସାଧନା ଛାଡ଼ିଦେଲେ ଗୁରୁଙ୍କୁ ତ୍ୟାଗ କରା ହୁଏ । ପ୍ରଥମେ ଗୁରୁଦେବ ଯେଉଁ ଶ୍ରୀରାମଙ୍କ ପ୍ରାପ୍ତିର ଉପାୟ ଦେଇଥିଲେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ ଶ୍ରୀରାମଙ୍କ ଯଥାର୍ଥ ସ୍ୱରୂପ ସଗୁଣ ଓ ନିର୍ଗୁଣ ଉପାୟ ସ୍ୱରୂପ ପ୍ରାପ୍ତ ସଙ୍ଗେ ଏହି ଉଭୟର ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ସଚ୍ଚିଦାନନ୍ଦ ସ୍ୱରୂପ ପ୍ରାପ୍ତ ହୁଏ । ଶ୍ରୀରାମଙ୍କ ଯଥାର୍ଥ ସ୍ୱରୂପ ଶ୍ରୀଅରବିନ୍ଦଙ୍କ ଯୋଗରେ ପ୍ରାପ୍ତି ହେଉଥିବାରୁ ଏଥିରେ ଗୁରୁଙ୍କୁ ତ୍ୟାଗ କରା ହୁଏ ନାହିଁ ଏବଂ ଗୁରୁଙ୍କ ପ୍ରତି ସମ୍ମାନରେ କୌଣସି ପ୍ରକାର ତ୍ରୁଟି ହୁଏ ନାହିଁ । ଛାତ୍ର ପ୍ରଥମେ ଯେଉଁ ମାଷ୍ଟରଙ୍କଠାରୁ 'କ' 'ଖ' ପଢ଼ିଥାଏ, ସେହି ଛାତ୍ର M.A. ପଢ଼ିଲେ କିଂବା ଇଞ୍ଜିନିୟର ବା ଡାକ୍ତର ହେଲେ ଯେପରି 'କ' 'ଖ' ପଢ଼ାଇଥିବା ମାଷ୍ଟରଙ୍କୁ ତ୍ୟାଗ କରେ ନାହିଁ, ଠିକ୍ ସେହିପରି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କଲେ ପ୍ରଥମ ଗୁରୁଙ୍କୁ ତ୍ୟାଗ କରାହୁଏ ନାହିଁ ।

ଗୁରୁ ଏବଂ ଇଷ୍ଟତ୍ୟାଗ ସକାଶେ ଶାସ୍ତ୍ର ବିରୋଧ କରିବାର କାରଣ ହେଲା – ପୁରାତନ କୌଣସି ଯୋଗରେ ଗୁରୁ ଏବଂ ଇଷ୍ଟଙ୍କୁ ଛାଡ଼ି ଅନ୍ୟ ଗୁରୁ ଏବଂ ଅନ୍ୟ ଇଷ୍ଟ ଗ୍ରହଣ କଲେ ପ୍ରଥମରୁ କରିଥିବା ସାଧନାସବୁ ଛାଡ଼ି ନୂତନ ପ୍ରଣାଳୀରେ ସାଧନା ଗ୍ରହଣ କରିବାକୁ ହୁଏ; ଏପରିକି ତାହା ପ୍ରଥମ ସାଧନାରେ ବିପରୀତ ସାଧନା ହୋଇପାରେ । ଯେପରି ଭକ୍ତିମାର୍ଗରେ ଭଗବାନଙ୍କୁ ହୃଦୟର ଭକ୍ତିଭାବରେ ଉପାସନା କରିବାକୁ ହୁଏ, ତହିଁରେ ହୃଦୟଭାବ ପ୍ରଧାନ । ଉକ୍ତ ସାଧକ ଯଦି ଜ୍ଞାନମାର୍ଗରେ ନିର୍ବିଶେଷ ସତ୍ତାରେ ଏକ ହେବା ଲକ୍ଷ୍ୟ ଗ୍ରହଣ କରେ, ତେବେ ତା'ର ସାଧନା ହେବ ମସ୍ତିଷ୍କର, ଅର୍ଥାତ୍ ହୃଦୟର ଭକ୍ତିଭାବର ବିପରୀତ ସବୁକିଛିକୁ ମିଥ୍ୟାମାୟା ଧାରଣା କରିବାକୁ ହେବ । ଏହି ସାଧନା ହେବ ପ୍ରଥମ ସାଧନାର ସଂପୂର୍ଣ୍ଣ ବିପରୀତ । ସାଧାରଣ ପାନ, ବିଡ଼ି ପ୍ରଭୃତି ନିଶାଦ୍ରବ୍ୟ ଖାଇବା ଅଭ୍ୟାସ ଶରୀରର । ଏହାକୁ ଛାଡ଼ିବା ସହଜ ହୁଏ ନାହିଁ । ଭକ୍ତି ହେଉଛି ଅନ୍ତରାତ୍ମାର । ଏହି ଆନ୍ତରିକ ଅଭ୍ୟାସ ଛାଡ଼ି ଏହାର ବିପରୀତ ମନର ବିଚାର ଦ୍ୱାରା ସବୁକିଛିକୁ ମିଥ୍ୟାମାୟା ଧାରଣା କରିବା ସହଜ ନୁହେଁ । ଏଥିରେ ପୂର୍ବ ସାଧନାରୁ ସାଧକ ହଟିଯାଏ, ନୂତନ ସାଧନାରେ ପ୍ରଗତି ଏକେବାରେ ହୁଏ ନାହିଁ, ସାଧକ ଜୀବନ ନଷ୍ଟ ହୁଏ । ଏହି କାରଣରୁ ଗୁରୁ ଏବଂ ଇଷ୍ଟ ତ୍ୟାଗ କରିବା ସକାଶେ ଶାସ୍ତ୍ର ନିଷେଧ କରେ ।

ଶ୍ରୀଅରବିନ୍ଦଙ୍କ ଯୋଗରେ ଏପରି ନୁହେଁ । ଭିନ୍ନ ଭିନ୍ନ ସଗୁଣ ଇଷ୍ଟ ଏବଂ ଜ୍ଞାନମାର୍ଗରେ ନିରାକାର ତତ୍ତ୍ୱର ଯଥାର୍ଥ ସ୍ୱରୂପ ସଚ୍ଚିଦାନନ୍ଦ ପ୍ରାପ୍ତି ଶ୍ରୀଅରବିନ୍ଦଙ୍କ ଯୋଗରେ ହେଉଥିବାରୁ ପୁରାତନ ଯୋଗର କୌଣସି ମାର୍ଗର ସାଧନା ତଥା

ଇଷ୍ଟ ଏହାରି ବିପରୀତ ହୁଏ ନାହିଁ । ପୂର୍ବେ ଯଦି ଶ୍ରୀଅରବିନ୍ଦଙ୍କ ଅତିମାନସ ରୂପାନ୍ତର ଯୋଗ ପ୍ରଚଳିତ ହୋଇଥା'ନ୍ତା, ତେବେ ଶାସ୍ତ୍ର କଦାପି ଏପରି କହି ନ ଥା'ନ୍ତା । ସେତେବେଳେ କ୍ରମବିକାଶ ଅନୁସାରେ ମନର ବିକାଶ ଶେଷ ହୋଇ ନ ଥିଲା । ସେହି ସକାଶେ ଶ୍ରୀଅରବିନ୍ଦଙ୍କ ଅତିମାନସ ଯୋଗ ସମ୍ଭବ ମଧ୍ୟ ନ ଥିଲା । ପୁରାତନ ଯୋଗ ସକାଶେ ଗୁରୁ ଇଷ୍ଟ ତ୍ୟାଗ ନ କରିବା ଠିକ୍ ଥିଲା, ଶ୍ରୀଅରବିନ୍ଦଙ୍କ ଯୋଗ ସକାଶେ ନୁହେଁ । ଶ୍ରୀଅବିନ୍ଦଙ୍କ ଯୋଗକୁ ଯେକୌଣସି ପୁରାତନ ଯୋଗର ସାଧକ ଗ୍ରହଣ କରିପାରନ୍ତି ।

ମୋର ଏହି ସନ୍ଦେହର ସମାଧାନ ଅନ୍ତରରୁ ପାଇବାରୁ ମୋତେ ବହୁତ ପ୍ରସନ୍ନତା ହେଲା । ମୁଁ ଅଯୋଧ୍ୟାରୁ ଆସି ୧୯୪୫ ଫେବ୍ରୁଆରି ଦୁଇ ତାରିଖରେ ଶ୍ରୀଅରବିନ୍ଦ ଆଶ୍ରମରେ ପହଞ୍ଚି ମା'ଙ୍କ ଆଜ୍ଞା ପାଇ ରହିଲି ।

ଅଯୋଧ୍ୟାରେ ବହୁତ ଦିନ ରହିବା ଯୋଗୁଁ ଓଡ଼ିଆ ଭାଷାରେ କଥାବାର୍ତ୍ତା କରିବା ପ୍ରାୟ ଅସ୍ୱାଭାବିକ ହୋଇଯାଇଥିଲା । ହିନ୍ଦୀ ଭାଷାରେ କଥାବାର୍ତ୍ତା କରିବା ସ୍ୱଭାବରେ ପରିଣତ ହୋଇଯାଇଥିଲା ।

ସେ ସମୟରେ ଆଶ୍ରମରେ ସାଧକଙ୍କ ସଂଖ୍ୟା କମ୍ ଥିଲା । କମ୍ ସାଧକଙ୍କୁ ବି ଆଶ୍ରମରେ ରହିବାକୁ ଅନୁମତି ମିଳୁ ଥିଲା । କେହି ନୂତନ ସାଧକ ଆଶ୍ରମରେ ରହିଲେ ତାଙ୍କୁ ଆଶ୍ରମର ସାଧକମାନେ ଜାଣି ଯାଉଥିଲେ । ମୁଁ ଅଯୋଧ୍ୟାରୁ ଆସିବା ତଥା ହିନ୍ଦୀରେ କଥାବାର୍ତ୍ତା କରିବା ଯୋଗୁଁ ମୋର ମାତୃଭାଷା ହିନ୍ଦୀ ବୋଲି ଆଶ୍ରମର ସାଧକମାନଙ୍କର ଧାରଣା ହୋଇଥିଲା ।

ଏଠାରେ କିଛି ମାସ ରହିବା ପରେ ଶୁଣିଲି ଚାରୁଚନ୍ଦ୍ର ଦତ୍ତଙ୍କ ଦ୍ୱାରା ହୋଇଥିବା ବଙ୍ଗଳା ଅନୁବାଦ 'ଭାଗବତ ଜୀବନ'ର ଓଡ଼ିଆ ଅନୁବାଦ ପାଣ୍ଡୁଲିପି କଟକର ଲଳିତ ମୋହନ ଘୋଷଙ୍କ ପୁତ୍ର ଅବନୀ ମୋହନ ଘୋଷ ପଠାଇଅଛନ୍ତି । ଏଠାରୁ ଅନୁମତି ଗଲେ ସେ ଛପାଇବେ । ଏଠାରେ ଓଡ଼ିଶା ଭାଷା ଜାଣିଥିବା କୌଣସି ସାଧକ ନ ଥିବାରୁ ସେ ପାଣ୍ଡୁଲିପିକୁ କେହି ପଢ଼ି ପାରୁ ନ ଥିଲେ । ସେହି କାରଣରୁ ଅବନୀଙ୍କ ପାଖକୁ ଓଡ଼ିଶା ଅନୁବାଦଟି ଛପାଇବା ସକାଶେ ଅନୁମତି ପଠା ହେଉ ନ ଥିଲା । ମୁଁ ତାହା ଶୁଣି ନଳିନୀଦାଙ୍କୁ କହି ପାଣ୍ଡୁଲିପିଟି ଆଣି ପଢ଼ିଲି ଏବଂ ଅଳ୍ପ ସ୍ଥାନରେ ଭାଷା ସଂଶୋଧନ କରି କଟକରେ ଛପାଇବା ସକାଶେ ଅନୁମତି ସହ ପାଣ୍ଡୁଲିପିଟି ଅବନୀଙ୍କ ପାଖକୁ ପଠାଇ ଦେବା ସକାଶେ ଅନୁରୋଧ କଲି ଏବଂ ନଳିନୀଦାଙ୍କ କହିବାନୁସାରେ ଚାରୁଚନ୍ଦ୍ର ଦତ୍ତଙ୍କୁ ମଧ୍ୟ ପଚାରି ନେଲି । ପାଣ୍ଡୁଲିପିଟି ଛାପା ହେବା ସକାଶେ ନଳିନୀଦା ଅବନୀଙ୍କ ପାଖକୁ ଚିଠି ସହ ପଠାଇ ଦେଲେ । ସେହିଦିନଠାରୁ ମୋର ମାତୃଭାଷା ଓଡ଼ିଆ ବୋଲି ଆଶ୍ରମର କେହି କେହି ସାଧକ ଜାଣିପାରିଲେ । ଅନୁମତି ପାଇ ଅବନୀ ଓଡ଼ିଆ ଭାଷାରେ 'ଭାଗବତ ଜୀବନ'କୁ ଛପାଇ ଦେଲେ ଏବଂ ଏଠାକୁ କିଛି କପି ମଧ୍ୟ ପଠାଇ ଦେଇଥିଲେ ।

କିଛି ଦିନ ପରେ, ୧୯୪୬ ମସିହାରେ ସେହି ଅବନୀ ଆଶ୍ରମକୁ ଆସି ଚାରି, ପାଞ୍ଚ ଦିନ ରହି କଟକ ଫେରିଯାଇଥିଲେ । ଓଡ଼ିଶାରୁ ଦର୍ଶନାର୍ଥୀ ରୂପେ ଆସିଥିବା ପ୍ରଥମ ବ୍ୟକ୍ତି ହେଉଛନ୍ତି ଅବନୀ ମୋହନ ଘୋଷ । ଦ୍ୱିତୀୟ ବ୍ୟକ୍ତି ହେଲେ ପ୍ରପତ୍ତି । ପ୍ରପତ୍ତି ୧୯୪୯ ମସିହା ଡିସେମ୍ବର ତା୨୭ ରିଖରେ ଆଶ୍ରମରେ ପହଞ୍ଚିଲେ ଏବଂ ୧୯୫୦ ମସିହା ଜାନୁଆରି ତା୧ ରିଖରେ ଓଡ଼ିଶା ଫେରିଗଲେ । ପୁନଶ୍ଚ ୧୯୫୧ ମସିହା ଜାନୁଆରି ପ୍ରଥମ ସପ୍ତାହରେ ପ୍ରପତ୍ତି ଆଶ୍ରମ ଆସିଥିଲେ । ୧୯୫୧ ମସିହା ଅପ୍ରେଲ ଦର୍ଶନକୁ ଅବନୀଙ୍କ ପିତା ଲଳିତମୋହନ ଘୋଷ, ଅବନୀଙ୍କ ଦୁଇ ଭଉଣୀ ଓ ପ୍ରପତ୍ତି ଆଶ୍ରମ ଆସିଥିଲେ । ସେମାନଙ୍କ ସହିତ ଶ୍ରୀଅରବିନ୍ଦ ଆଶ୍ରମ, ଯୋଗ ଓ ଅନ୍ୟାନ୍ୟ ବିଷୟରେ ବହୁ ଆଲୋଚନା ହେଲା । ଲଳିତମୋହନ ଘୋଷ ଏଥର ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଇଥିଲେ । ସେମାନଙ୍କୁ ମୁଁ ଅନ୍ୟ ସାଧକମାନଙ୍କ ପାଖକୁ ନେଇଗଲି । ସେମାନଙ୍କ ସଙ୍ଗେ ମଧ୍ୟ କଥାବାର୍ତ୍ତା ହେଲା । ଏଥିପୂର୍ବରୁ ୧୯୫୦ ମସିହା ଫେବ୍ରୁଆରି ତା୨୧ ରିଖରେ ଲଳିତମୋହନ ଘୋଷ ତାଙ୍କ ନିଜ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଆରମ୍ଭ କରିଥିଲେ । ଏଥିନିମିତ୍ତ ଶ୍ରୀଅରବିନ୍ଦ ଶ୍ରୀମା ସ୍ୱୟଂ ଅନୁମତି ଦେଇଥିଲେ ।

ଅବଶ୍ୟ ଓଡ଼ିଶାରେ ପ୍ରଥମ ପାଠଚକ୍ର ଉମାପଦ ସେନ୍‌ଙ୍କ ଦ୍ୱାରା ୧୯୪୯ ମସିହା ନଭେମ୍ବର ୨୪ ତାରିଖରେ ରାୟରଙ୍ଗ ପୁରରେ ଆରମ୍ଭ ହୋଇଥିଲା । ୧୯୫୦ ମସିହା ଅଗଷ୍ଟ ୧୫ ତାରିଖରେ ଶ୍ରୀଅରବିନ୍ଦଙ୍କ ଜନ୍ମଦିବସ ଅମୃତ ବଜାର ପତ୍ରିକାର ତତ୍‌କାଳୀନ କଟକ ପ୍ରତିନିଧି ସାମ୍ବାଦିକ ସଚ୍ଚୀନ ଦତ୍ତଙ୍କ ବାସଗୃହରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ

ମହତାବଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ୧୯୫୦ ମସିହା ଫେବ୍ରୁଆରି ୨୧ ତାରିଖରେ ପୁରୀ କଲେଜ ଆନୁକୂଲ୍ୟରେ ଅଧ୍ୟାପକ ପ୍ରପତ୍ତିଙ୍କ ଉଦ୍ୟମରେ ୨୧ ଫେବ୍ରୁଆରି ଶ୍ରୀମା'ଙ୍କ ଜୟନ୍ତୀ ଉତ୍ସବ ଡକ୍‌ଟର ଶ୍ରୀନିବାସ ଆୟାଙ୍ଗାରଙ୍କର ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ତତ୍‌କାଳୀନ ପ୍ରଜାତନ୍ତ୍ରର ସମ୍ପାଦକ ଶ୍ରୀ ଚିନ୍ତାମଣି ପାଣିଗ୍ରାହୀ ମୁଖ୍ୟ ବକ୍ତାରୂପେ ଯୋଗଦାନ କରିଥିଲେ ।

ପ୍ରପତ୍ତି ଆଲ୍ଲାହାବାଦରେ ଏମ୍. ଏ. ପଢ଼ିବା ସମୟରେ ୧୯୪୮ ମସିହା ଜାନୁଆରି ମାସରେ ଆଶ୍ରମକୁ ଚିଠି ଦେଇଥିଲେ । ସେହି ବର୍ଷ ପାରଳାଖେମୁଣ୍ଡି କଲେଜରେ ଅଧ୍ୟାପକ ହେବା ସମୟରେ ପୁନର୍ବାର ସେ ଆଶ୍ରମକୁ ଚିଠି ଦେଲେ । ଦିନେ ଶ୍ରୀଯୁକ୍ତ ମାଧବ ପଣ୍ଡିତ ମୋତେ ଡାକି କହିଲେ, ''ଓଡ଼ିଶାରୁ ଜଣେ ଅଧ୍ୟାପକ ଚିଠି ଦେଇଛନ୍ତି, ତାଙ୍କ ଠିକଣା ନିଅ, ମା'ଙ୍କ ଆଶୀର୍ବାଦ ସହ ଖଣ୍ଡେ 'ଭାଗବତ ଜୀବନ' ଓଡ଼ିଆ ଅନୁବାଦ ବହି ତାଙ୍କ ନିକଟକୁ ପଠାଇ ଦିଅ ।'' ତାଙ୍କର ନିର୍ଦ୍ଦେଶ ଅନୁସାରେ ପ୍ରପତ୍ତିଙ୍କ ପାଖକୁ 'ଭାଗବତ ଜୀବନ' ଓ ମା'ଙ୍କ ଆଶୀର୍ବାଦ ପଠାଇଦେଲି । ସେ ସେହି ବହି ଓ ଆଶୀର୍ବାଦ ପାଇ ମୋ ପାଖକୁ ଗୋଟିଏ ଦୀର୍ଘ ଚିଠି ଲେଖି ଶଙ୍କର ଦର୍ଶନ ଓ ଶ୍ରୀଅରବିନ୍ଦଙ୍କ ଦର୍ଶନ ସମ୍ବନ୍ଧରେ ଉତ୍ତର ଚାହିଁଥିଲେ ।

ମୁଁ ଚାଟଶାଳୀରେ ପଢ଼ିଥିଲି । ଜଣେ ଅଧ୍ୟାପକଙ୍କ ଚିଠିର ଉତ୍ତର ଦେବା କଥା ଜାଣି ପ୍ରଥମରେ ନିଜକୁ ଅସମର୍ଥ ମନେକଲି । କିନ୍ତୁ ତାଙ୍କ ଚିଠିଟି ପଢ଼ିବା ପରେ ମା'ଙ୍କୁ ସ୍ମରଣ କରି ପ୍ରାୟ ୭/୮ ପୃଷ୍ଠାରେ ଚିଠିଟିଏ ତାଙ୍କ ପତ୍ରର ଉତ୍ତରରେ ଲେଖି ପଠାଇ ଦେଲି । ସେହି ଦିନଠାରୁ ତାଙ୍କ ସହିତ ମୋର ଚିଠିପତ୍ର ଆଦାନପ୍ରଦାନ ହେଲା ।

ସେ ୧୯୫୧ରେ ଗ୍ରୀଷ୍ମଛୁଟିରେ ଏଠାକୁ ଆସିଲେ । ତାଙ୍କର ରହିବା ବ୍ୟବସ୍ଥା ହେଲା 'ଗୋଲକୁଣ୍ଡ' ଅତିଥିଶାଳାରେ । ସମଗ୍ର ଛୁଟିଟି ଏଠାରେ କଟାଇଲେ । ତାଙ୍କ ସହିତ ବହୁତ ବିସ୍ତାରରେ ଆଶ୍ରମ ଏବଂ ଶ୍ରୀଅରବିନ୍ଦଙ୍କ ଯୋଗ ସମ୍ବନ୍ଧେ କଥାବାର୍ତ୍ତା ହେଲା । ସେ ଓଡ଼ଶା ଫେରିବା ସମୟରେ ଯେତେବେଳେ ଷ୍ଟେସନ ଯିବାକୁ ରିକ୍‌ସାରେ ବସିଲେ ସେତେବେଳେ ତାଙ୍କର ଦୁଇ ନେତ୍ରରୁ ବର୍ଷାଧାର ସଦୃଶ ଲୋତକ ବହି ଚାଲିଲା । କୌଣସିମତେ ସେ ତାକୁ ବନ୍ଦ କରିପାରୁ ନ ଥିଲେ । ସେହି ସମୟରୁ ତାଙ୍କ କଲେଜର ଗ୍ରୀଷ୍ମଛୁଟି ଓ ପୂଜାଛୁଟି ହେଲେ ସେ ଏଠାକୁ ଆସୁଥିଲେ ଏବଂ ଯିବା ସମୟରେ ସେହିପରି ତାଙ୍କ ନେତ୍ରରୁ ଲୋତକ ବର୍ଷା ହେଉଥିଲା ।

ଓଡ଼ିଆ ଅନୁବାଦ

'ଭାଗବତ ଜୀବନ' ଛାପା ହେବା ପରେ ମୋର ମାତୃଭାଷା ଓଡ଼ିଆ ବୋଲି ଆଶ୍ରମର କେତେକ ସାଧକ ଜାଣିପାରିଲେ । ଶ୍ରୀମା ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଓଡ଼ିଆ ଭାଷାରେ ଅନୁବାଦ କରିବା ସକାଶେ ମୋତେ ଆଗ୍ରହ କଲେ । ଏପରିକି ଯେଉଁଠି ଦେଖା ହେଉଥିଲା ବାରଂବାର ଅନୁବାଦ କରିବାକୁ କହୁଥିଲେ । ମୁଁ ଇଂରାଜୀ ପଢ଼ି ନ ଥିଲି, ଓଡ଼ିଆ ଭାଷାରେ ସେତେ ଜ୍ଞାନ ବି ନ ଥିଲା । ସେ ସକାଶେ ଓଡ଼ିଆ ଅନୁବାଦ କରିବା ଧାରଣା ବି ମୋର ହେଉ ନ ଥିଲା । ସେହି କାରଣରୁ ସେସବୁ କଥାକୁ ମୁଁ ଗୁରୁତ୍ୱ ଦେଉ ନ ଥିଲି ।

ଅବସରପ୍ରାପ୍ତ ଜଜ୍ ତଥା ସ୍ୱଦେଶୀ ଆନ୍ଦୋଳନ ସମୟରେ ଚାରୁଚନ୍ଦ୍ର ଦତ୍ତ ଶ୍ରୀଅରବିନ୍ଦଙ୍କର ସହଯୋଗୀ ଥିଲେ । ସେ ଗୋଟିଏ ବଙ୍ଗଳା ଅନୁବାଦ 'ମାତୃବାଣୀ' ମୋ ହାତରେ ଦେଇ କହିଲେ, ''ତୁମେ ଓଡ଼ିଆ ଅନୁବାଦ କରି ମୋ ପାଖକୁ ନେଇଆସ ।'' ତାଙ୍କ କଥାକୁ ଆଉ ଅମାନ୍ୟ କରି ପାରିଲି ନାହିଁ । ବଙ୍ଗଳାରୁ ଓଡ଼ିଆ ଅନୁବାଦ ଆରମ୍ଭ କଲି ଏବଂ ଶ୍ରୀଅରବିନ୍ଦଙ୍କ ଯୋଗ ବିଷୟରେ ଇଂରାଜୀ ଲେଖା ବହି ପଢ଼ିବାକୁ ଲାଗିଲି । ଓଡ଼ିଆ ଭାଷାର ଅଭ୍ୟାସ ଛାଡ଼ିଯାଇ ଥିବାରୁ ବହୁ କଷ୍ଟରେ ଅନୁବାଦ ହେଲା ।

ଚାରୁଚନ୍ଦ୍ର ଦତ୍ତ ଓଡ଼ିଆ ଅନୁବାଦଟି ଶୁଣି ଖୁବ୍ ଖୁସୀ ହେଲେ ଏବଂ ଅତ୍ୟନ୍ତ ଆଗ୍ରହରେ କହିଲେ, ''ତୁମ ସୁବିଧାନୁସାରେ ପ୍ରତିଦିନ ଏକ ଘଣ୍ଟା ମୋ ପାଖକୁ ଆସ । ଶ୍ରୀମା ଶ୍ରୀଅରବିନ୍ଦଙ୍କ ଛୋଟ ଛୋଟ ଇଂରାଜୀ ବହିରୁ ଓଡ଼ିଆ

ଅନୁବାଦ କର । ମୁଁ ସାହାଯ୍ୟ କରିବି ।'' ତାଙ୍କରି ଆଗ୍ରହରୁ ୧୯୪୬ରୁ ଓଡ଼ିଆ ଅନୁବାଦ କାର୍ଯ୍ୟ ତାଙ୍କରି ବାସଗୃହରେ ଆରମ୍ଭ ହେଲା ।

ମୁଁ ଆଶ୍ରମ ଆସିବା ପୂର୍ବରୁ କୁଞ୍ଜବିହାରୀ ମହାନ୍ତି ବୋଲି ଜଣେ ଓଡ଼ିଆ ପିଲା ରାଞ୍ଚିରୁ ଆସି ଏଠାରେ ସାଧକରୂପେ ରହିଥିଲେ । ତାଙ୍କର ପ୍ରପିତା ଓଡ଼ିଶାର ସମ୍ବଲପୁରରୁ ଯାଇ ବିହାରର ରାଞ୍ଚିରେ ବସବାସ କରି ରହିଥିଲେ । ତେଣୁ ତାଙ୍କ ଜନ୍ମ ଏବଂ ଶିକ୍ଷା ରାଞ୍ଚିରେ ହୋଇଥିବାରୁ ସେ ଓଡ଼ିଆ ପଢ଼ି ନ ଥିଲେ । ମୁଁ ତାଙ୍କୁ ଗୋଟିଏ ଓଡ଼ିଆ-ବଙ୍ଗଳା-ହିନ୍ଦୀ ତ୍ରିଭାଷୀ ବହି ଦେଲି ଏବଂ କହିଲି, ''ତୁମେ ଓଡ଼ିଆ ଶିଖିନିଅ । ଅନୁବାଦ ସମୟରେ ତୁମେ ବସି ଶୁଣ । ଓଡ଼ିଆ ଅନୁବାଦ ଶିଖିବାରେ ସହଜ ହେବ ।'' ସେ ଦୁଇ, ତିନି ଖଣ୍ଡ ଓଡ଼ିଆ ବହି ଅନୁବାଦ ହେବା ପର୍ଯ୍ୟନ୍ତ ଆସି ବସିଲେ । ବୋଧହୁଏ ତାଙ୍କର ଆଗ୍ରହ ନ ଥିଲା; ସେ ଆସିବା ବନ୍ଦ କରିଦେଲେ ।

ନିୟମିତରୂପେ ଅନୁବାଦ କାର୍ଯ୍ୟ ଚାଲିବା ଯୋଗୁଁ ୪/୫ ବର୍ଷ ମଧ୍ୟରେ ଦଶ, ବାର ଖଣ୍ଡ ବହି ଅନୁବାଦ ହୋଇଗଲା । ୧୯୫୧ ମସିହା ଗ୍ରୀଷ୍ମ ଛୁଟିରେ ତୃତୀୟ ଥର ପାଇଁ ପ୍ରପତ୍ତି ଏଠାକୁ ଆସି ଦୀର୍ଘ ଦିନ ରହିଥିଲେ । ସେ ମଧ୍ୟ ଆମର ଓଡ଼ିଆ ଅନୁବାଦ କାର୍ଯ୍ୟରେ ଯୋଗ ଦେଲେ । ସେହି ସମୟରୁ ସେ ପ୍ରତିବର୍ଷ କଲେଜ ଛୁଟି ସମୟରେ ବର୍ଷକୁ ଦୁଇ ଥର ଆସି ଆମ ଓଡ଼ିଆ ଅନୁବାଦ କାର୍ଯ୍ୟରେ ଅଂଶଗ୍ରହଣ କରୁଥିଲେ ।

ଦଶ, ବାର ଖଣ୍ଡ ବହି ଅନୁବାଦ ହେବା ପରେ ଚାରୁବାବୁ ମୋତେ କହିଲେ, ''କେବଳ ଅନୁବାଦ ହେଉଥିବ ନା ଛାପା ହେବ ?'' ମୁଁ କହିଲି, ''ଓଡ଼ିଆ ଭାଷାଜ୍ଞାନ ମୋର ନାହିଁ, ଅନୁବାଦ ମୋରି ଦ୍ୱାରା ହୋଇଛି, ସେ ବହି ଛାପା ହେବା ଯୋଗ୍ୟ ହେବ – ଏ ଧାରଣା ମୋର ଏକେବାରେ ନାହିଁ । ସେହି ସକାଶେ ଛାପାଇବାକୁ ମୁଁ କେବେ ବି ଭାବି ନାହିଁ ।'' ଯଦି ଛପାଇବାର ଧାରଣା ଥାଆନ୍ତା ତେବେ ଅନୁବାଦ ହେବା ସଙ୍ଗେ ସଙ୍ଗେ ଗୋଟିଏ ପରେ ଗୋଟିଏ ବହି ଛପା ହୋଇ ଚାଲୁଥା'ନ୍ତା । କେବଳ ତାଙ୍କରି କହିବା ପରେ ପ୍ରପତ୍ତି 'ଉତ୍ତରପଡ଼ା ଅଭିଭାଷଣ' ପାଣ୍ଡୁଲିପି ନେଇ ପୁରୀରେ ଛପାଇଲେ । 'ଯୋଗାଧାର', 'ଯୋଗ-ପ୍ରଦୀପ', 'ଶ୍ରୀଅରବିନ୍ଦଙ୍କ ଯୋଗ ଓ ତାହାର ଉଦ୍ଦେଶ୍ୟ' କଟକରେ ଲଳିତ ମୋହନ ଘୋଷ ଛପାଇଥିଲେ । ଛପାଇବାର ଅଧିକ ଖର୍ଚ୍ଚ ବିହାର-ପାଟଣା ହାଇକୋର୍ଟ ଜଜ୍ ବଶିଷ୍ଠ ନାରାୟଣ ରାୟ ଦେଇଥିଲେ ।

ପ୍ରପତ୍ତି ଆସିବା ପରେ ଆମ୍ଭେ ଦୁଇ ଜଣ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଇଂରାଜୀ ଲେଖା ଅନ୍ୟ ବହିସବୁ ଓଡ଼ିଆ ଅନୁବାଦ କଲୁ ଏବଂ ଛାପା ମଧ୍ୟ ହୋଇଚାଲିଲା । କିନ୍ତୁ ଓଡ଼ିଶାରେ ପାଠଚକ୍ର ସଂଖ୍ୟା ଅଧିକ ହେବାରୁ ତାଙ୍କୁ ଅଧିକ ସମୟ ଓଡ଼ିଶା ଯିବାକୁ ହେଲା । ଓଡ଼ିଶାରୁ ଅଧିକ ସଂଖ୍ୟାରେ ଚିଠି ଆସିବାରୁ ମୋତେ ଉତ୍ତର ଲେଖିବାକୁ ହେଲା । ଆମ୍ଭେ ଦୁଇଜଣ ଏହି କାର୍ଯ୍ୟରେ ରହିଯିବାରୁ ଅନୁବାଦ କାର୍ଯ୍ୟ ବନ୍ଦ ହୋଇଗଲା ।

ଶ୍ରୀଅରବିନ୍ଦଙ୍କ ବଡ଼ ବଡ଼ ଗ୍ରନ୍ଥ – 'ଦିବ୍ୟ ଜୀବନ', 'ଯୋଗ ସମନ୍ୱୟ', 'ମାନବ ଯୁଗଚକ୍ର'ର ଓଡ଼ିଆ ଅନୁବାଦ କଲେ ଅଧ୍ୟାପକ ଚିତ୍ତରଞ୍ଜନ ଦାସ । 'ଗୀତା ନିବନ୍ଧମାଳା' ଓ 'ଭାରତୀୟ ସଂସ୍କୃତିର ଆଧାର'ର ଅନୁବାଦ କଲେ ଲଳିତ ମୋହନ ଘୋଷ । ମନେହୁଏ ଅଧ୍ୟାପକ ଚିତ୍ତରଞ୍ଜନ ଦାସଙ୍କ ସକାଶେ ଏହି କାର୍ଯ୍ୟ ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲା । ଶ୍ରୀଅରବିନ୍ଦଙ୍କ ଏହିସବୁ କଠିନ ଗ୍ରନ୍ଥ ସେ ଆଠ ଆଠ ଘଣ୍ଟା ଏକ ଆସନରେ ବସି ଅନୁବାଦ କରିଥିଲେ । ତାଙ୍କର ଐକାନ୍ତିକ ପରିଶ୍ରମ ଯୋଗୁଁ ସେହିସବୁ ଅନୁବାଦକାର୍ଯ୍ୟ ଅଳ୍ପ ବର୍ଷ ମଧ୍ୟରେ ସମାପ୍ତ ହୋଇଥିଲା । ଶ୍ରୀମା'ଙ୍କ ଇଂରାଜୀ ଶତବାର୍ଷିକୀ ଗ୍ରନ୍ଥସବୁର ଓଡ଼ିଆ ଅନୁବାଦ କରୁଅଛନ୍ତି ଅଧ୍ୟାପକ ଚିତ୍ତରଞ୍ଜନ ଦାସ ।

ଶ୍ରୀମା ଶ୍ରୀଅରବିନ୍ଦଙ୍କ ଇଂରାଜୀ ଲେଖା ବହିର ଓଡ଼ିଆ ଅନୁବାଦ ବହି ଛାପା ହେବା ପୂର୍ବରୁ ଓଡ଼ିଶାରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ହେବ ବୋଲି ମୋର ଧାରଣା ନ ଥିଲା । କିଛି ବହି ଛାପା ହେବା ପରେ ଓଡ଼ିଶାରେ ତାଙ୍କର କାର୍ଯ୍ୟ ହେବ ବୋଲି ମୋର ଦୃଢ଼ ବିଶ୍ୱାସ ହୋଇଗଲା । କିନ୍ତୁ ମୋ ଦ୍ୱାରା ବ୍ୟବସ୍ଥାକାର୍ଯ୍ୟ ହେବ ନାହିଁ ବୋଲି ମୁଁ ଜାଣିଥିଲି । ସେ ସକାଶେ ମୋର ଧାରଣା ହୋଇଥିଲା ଓଡ଼ିଶାରୁ ଅନ୍ୟ କେହି ବ୍ୟକ୍ତି ଆସି ଆଶ୍ରମରେ ସାଧକରୂପେ ରହି ଏହି କାର୍ଯ୍ୟ କରିବେ । ଠିକ୍ ତାହାହିଁ ହେଲା । ୧୯୫୪ରେ ଅଧ୍ୟାପକ ପ୍ରପତ୍ତି ଅଧ୍ୟାପନା କାର୍ଯ୍ୟରୁ ଇସ୍ତଫା ଦେଇ ଆଶ୍ରମରେ

ସାଧକରୂପେ ଆସି ରହିଲେ ଏବଂ ପରେ, ୧୯୫୮ ମସିହାରେ 'ନବଜ୍ୟୋତି କାର୍ଯ୍ୟାଳୟ' ପ୍ରତିଷ୍ଠା ହେଲା ଏବଂ ତାଙ୍କରି ଦ୍ୱାରା ପରିଚାଳିତ ହେଲା । ତା' ପରଠାରୁ ସେ ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ଅଧିକ ଦିନ ରହି ମା'ଙ୍କ କାର୍ଯ୍ୟ କରିଆସୁଅଛନ୍ତି ।

ପ୍ରପତ୍ତି ଆସିବା ପୂର୍ବରୁ ଯେଉଁସବୁ ଓଡ଼ିଆ ଅନୁବାଦ ବହି ଛାପା ହୋଇ ବିକ୍ରି ହେଉଥିଲା, ସବୁ ଟଙ୍କା ମା'ଙ୍କୁ ଅର୍ପଣ କରା ହେଉଥିଲା । ଭବିଷ୍ୟତରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଇଂରାଜୀ ଲେଖାରେ ଓଡ଼ିଆ ଅନୁବାଦ ବହି ଛାପା ହେବାର କୌଣସି ବ୍ୟବସ୍ଥା ହୋଇ ନ ଥିଲା । ପ୍ରପତ୍ତି ଆସିବା ପରେ ଗୋଟିଏ ପରେ ଗୋଟିଏ ଓଡ଼ିଆ ଅନୁବାଦ ବହି ଛାପା ହେଲା ଏବଂ ଭବିଷ୍ୟତରେ ଏହି କାର୍ଯ୍ୟ ଚାଲିବାର ବ୍ୟବସ୍ଥା ମଧ୍ୟ ହେଲା ।

ଆଶ୍ରମ ପ୍ରେସ୍‌ରେ ଓଡ଼ିଆ ଭାଷା

ଆଶ୍ରମରେ ପ୍ରେସ୍ ଆରମ୍ଭ ହେଲା ୧୯୪୫ରେ । ତେର ବା ଚଉଦଟି ଭାଷାରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଛାପା ହେବାର ବ୍ୟବସ୍ଥା ହେଲା । ସେହି ସମୟରେ ମୁଁ ମା'ଙ୍କୁ ପ୍ରାର୍ଥନା କରିଥିଲି, '' ପ୍ରେସ୍‌ରେ ଏତେ ଭାଷାରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଛାପା ହେବାର ବ୍ୟବସ୍ଥା ହେଲା, ଓଡ଼ିଆ ଭାଷା ହେଲା ନାହିଁ ?'' ମା' କହିଲେ, ''ଅପେକ୍ଷା କର ।''

ପ୍ରପତ୍ତି ୧୯୫୪ ମସିହାରେ ଏଠାରେ ରହିବା ପରେ ବି ଖଣ୍ଡେ, ଦୁଇଖଣ୍ଡ ବହି କଟକରେ ଛାପା ହୋଇଥିଲା । ସେଠାରେ ଛାପା ହେବାର ସୁବିଧା ନ ହେବାରୁ ଶ୍ରୀ ଲଳିତ ମୋହନ ଘୋଷ ଓ ଶ୍ରୀ ରାଜକିଶୋର ମହାନ୍ତି ଚେଷ୍ଟା କରି କଟକ ଗୋପବନ୍ଧୁ ଟାଇପ୍ ଫାଉଣ୍ଡରୀରୁ ୧୦୦୦ ଟଙ୍କାର ଓଡ଼ିଆ ଟାଇପ୍ ୧୯୫୮ରେ ପଠାଇଥିଲେ । ଓଡ଼ିଶାର ତତ୍‌କାଳୀନ ଶିକ୍ଷାମନ୍ତ୍ରୀ, ସମାଜ ସମ୍ପାଦକ ଶ୍ରୀ ରାଧାନାଥ ରଥ ନିଜ ସ୍ୱତନ୍ତ୍ର ପାଣ୍ଠିରୁ ଏହି କାର୍ଯ୍ୟରେ ସାହାଯ୍ୟ କରିବା ନିମିତ୍ତ ୨୦୦ ଟଙ୍କା ଦେଇଥିଲେ । ତାଙ୍କର ବିଶେଷ ଉତ୍ସାହ ଯୋଗୁଁ ଆଶ୍ରମ ପ୍ରେସ୍‌ରେ ଓଡ଼ିଆ ବିଭାଗ ଆରମ୍ଭ ହେଲା । ପ୍ରଥମେ କମ୍ପୋଜିଂ ଆରମ୍ଭ କଲି ମୁଁ ନିଜେ । ପରେ ଶ୍ରୀ ଲଳିତ ମୋହନ ଘୋଷ ଜଣେ ଓଡ଼ିଆ କମ୍ପୋଜିଟର୍ ପଠାଇଲେ । ଆଶ୍ରମ ପ୍ରେସ୍‌ରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଓଡ଼ିଆ ଅନୁବାଦ ବହି ତଥା ନବଜ୍ୟୋତି ପତ୍ରିକା ଛପାଇବା କାର୍ଯ୍ୟ ଆରମ୍ଭ ହେଲା ।

ପ୍ରପତ୍ତି କୋରାପୁଟ ଜିଲ୍ଲାର ଜୟପୁର କଲେଜରେ ଅଧ୍ୟାପକ ଥିବା ସମୟରେ ୧୯୫୧ ମସିହା ନଭେମ୍ବର ଡିସେମ୍ବର ବେଳକୁ ପାଠଚକ୍ର ମିଟିଂ କରାଇଥିଲେ । ସେହି ସମୟରେ କୋରାପୁଟ ଉଚ୍ଚ ଇଂରାଜୀ ବିଦ୍ୟାଳୟର ଶିକ୍ଷକ ଡକ୍‌ଟର ରଘୁନାଥ ପାଣି ପାଠଚକ୍ର ମିଟିଂରେ କେବେ କେବେ ଯୋଗ ଦେଉଥିଲେ । ପ୍ରପତ୍ତି ୧୯୫୪ ମସିହାରେ ଆସି ଆଶ୍ରମରେ ରହିଯିବା ପରେ ଡକ୍‌ଟର ରଘୁନାଥ ପାଣି ଆଶ୍ରମ ଦର୍ଶନକୁ ଆସିଲେ ଏବଂ ଭୁବନେଶ୍ୱରର କୈଳାସ ବୋଷ ତଥା କିରଣ ଘୋଷ ମଧ୍ୟ ଆସିବାକୁ ଲାଗିଲେ ।

ନବଜ୍ୟୋତି ପତ୍ରିକାର ପ୍ରକାଶ

୧୯୫୮ରେ ଡକ୍‌ଟର ପାଣି କହିଲେ, ''ପ୍ରତ୍ୟେକ ଦର୍ଶନ ଦିବସରେ ଗୋଟିଏ ପତ୍ରିକା ପ୍ରକାଶ କରିବା ।'' ଛାପାର ଦାୟିତ୍ୱ ସେ ନେବେ । ଆମ୍ଭେମାନେ କେବଳ ପାଣ୍ଡୁଲିପି ପ୍ରସ୍ତୁତ କରି ତାଙ୍କ ପାଖକୁ ପଠାଇ ଦେବୁ । ସେ ପତ୍ରିକା ବିକ୍ରି କରି କିଂବା ଗ୍ରାହକ ଚାନ୍ଦା ସଂଗ୍ରହ କରି ବିକାଶ ପ୍ରତିଷ୍ଠାନ ପ୍ରେସ୍‌ର ସଞ୍ଚାଳକ ଶ୍ରୀ ରାମନାଥ ପଣ୍ଡାଙ୍କୁ ଦେଇଦେବେ । ପତ୍ରିକା ଚଳାଇବାର ଧାରଣା ଆମର ନ ଥିଲା । ଡକ୍‌ଟର ରଘୁନାଥ ପାଣିଙ୍କ କହିବା ଅନୁସାରେ ଆମେ ପାଣ୍ଡୁଲିପି ପ୍ରସ୍ତୁତ କରି ତାଙ୍କ ପାଖକୁ ପଠାଇଦେଲୁ । ପତ୍ରିକାର ନାମ ମା'ଙ୍କ ଦ୍ୱାରା 'ନବଜ୍ୟୋତି' ବୋଲି ରଖାଗଲା ।

ଅଯୋଧ୍ୟାରେ ଥିବା ସମୟରୁ ମୋର ବିଶେଷ ପରିଚିତ ଏବଂ ମିତ୍ର ଥିଲେ ବିହାର-ପାଟଣା ହାଇକୋର୍ଟର ଜଜ୍ ବଶିଷ୍ଠ ନାରାୟଣ ରାୟ । ମୁଁ ଆଶ୍ରମ ଆସିବାର କିଛି ମାସ ପରେ ସେ ବି ଆଶ୍ରମ ଦର୍ଶନକୁ ଆସିଲେ । ସେହି ସମୟରୁ ତାଙ୍କର ଆଶ୍ରମ ସହିତ ଘନିଷ୍ଠ ସମ୍ପର୍କ ହେଲା । ଶ୍ରୀମା ଶ୍ରୀଅରବିନ୍ଦଙ୍କ ଇଂରାଜୀ ଲେଖା ବହି ଓଡ଼ିଆରେ ଅନୁବାଦ ହୋଇ ଛାପା ହେବା ସମୟରେ ସେ ସ୍ୱତଃସ୍ଫୂର୍ତ୍ତଭାବେ ଅର୍ଥ ସାହାଯ୍ୟ କରିଥିଲେ । ଓଡ଼ିଶାରେ ମା'ଙ୍କ କାର୍ଯ୍ୟ ବିଷୟରେ ତାଙ୍କର ଅତ୍ୟନ୍ତ ଆଗ୍ରହ ଥିଲା । ସେ ପ୍ରତ୍ୟେକ ଦର୍ଶନକୁ ଆଶ୍ରମ ଆସୁଥିଲେ ଏବଂ ଆସିବା ସଙ୍ଗେ ସଙ୍ଗେ ମୋ ପାଖକୁ ଆସୁଥିଲେ । ତାଙ୍କ ସହିତ କଥାବାର୍ତ୍ତା ହେବା ସମୟରେ କୌଣସି ଉଦ୍ଦେଶ୍ୟ ନ ରଖି ସ୍ୱତଃସ୍ଫୂର୍ତ୍ତଭାବେ 'ନବଜ୍ୟୋତି' ପତ୍ରିକା ଜୟପୁରରେ ପ୍ରକାଶିତ ହେବା କଥା କହିଲି । ସେ ଏକଥା ଶୁଣି ବହୁତ ଖୁସୀ ହେଲେ ଏବଂ ତା'ର ଛାପାଖର୍ଚ୍ଚର କିପରି ବ୍ୟବସ୍ଥା ହୋଇଛି ବୋଲି ପ୍ରଶ୍ନ କଲେ । ଡଃ. ରଘୁନାଥ ପାଣି ଯେପରି ଲେଖିଥିଲେ ମୁଁ ଠିକ୍ ସେହିପରି କହିଦେଲି ଏବଂ କହିଲି, ''ଛାପାଖର୍ଚ୍ଚର ଦାୟିତ୍ୱ ଡଃ. ରଘୁନାଥ ପାଣିଙ୍କ ଉପରେ ।'' ସେ କହିଲେ, ''ପତ୍ରିକା ଏପରି ଚଳିବ ନାହିଁ । ଯେତେବେଳେ ଆରମ୍ଭ ହେଲାଣି ଆଉ ବନ୍ଦ କରିବା ଉଚିତ ନୁହେଁ । ଛାପାଖର୍ଚ୍ଚ ଯାହା ଲାଗୁଥିବ ମୁଁ ସବୁ ଦେଉଥିବି । ପତ୍ରିକା ନିୟମିତରୂପେ ଛାପା ହେଉ ।'' ଏହା ହେଲା ଅପ୍ରତ୍ୟାଶିତଭାବେ । ମୁଁ କେବେହେଲେ ଏହା ଧାରଣା କରି ନ ଥିଲି କିଂବା କୌଣସି ପ୍ରକାର ଉଦ୍ଦେଶ୍ୟ ରଖି ତାଙ୍କୁ ଏହା କହି ନ ଥିଲି । ଓଡ଼ିଶା ସକାଶେ କୌଣସି କାର୍ଯ୍ୟ ହେଉଥିଲେ ସେ ଜାଣି ଖୁବ୍ ଖୁସୀ ହେଉଥିଲେ, ସେହି ସକାଶେ ମୁଁ ତାଙ୍କୁ କହିଥିଲି । ପ୍ରଥମ ପତ୍ରିକା ସକାଶେ ସେ ସଙ୍ଗେ ସଙ୍ଗେ ତିନି ଶହ ଟଙ୍କା ଦେଲେ । ରାମନାଥ ବାବୁଙ୍କ ବିକାଶ ପ୍ରତିଷ୍ଠାନ ପ୍ରେସ୍‌ରେ ୧୯୫୮ ମସିହାରେ 'ନବଜ୍ୟୋତି' ଛାପା ହେଲା । ଛାପାଖର୍ଚ୍ଚ ମଧ୍ୟ ପଠାଇ ଦିଆଗଲା । ପରେ ମା'ଙ୍କ କୃପାରୁ ପତ୍ରିକା ଛାପା ହେବା ସକାଶେ ଅର୍ଥର ଅଭାବ ରହିଲା ନାହିଁ ।

ସେସମୟରେ ଶ୍ରୀଅରବିନ୍ଦଙ୍କ ଯୋଗ ତଥା ଆଶ୍ରମ ବିଷୟରେ ଓଡ଼ିଶାବାସୀ ବିଶେଷ କିଛି ଜାଣି ନ ଥିଲେ । ନ ଜାଣିଥିବା ବ୍ୟକ୍ତିଙ୍କର ପଢ଼ିବାରେ ଆଗ୍ରହ ହେବା ଭଳି କୌଣସି ବସ୍ତୁ ଲେଖା ହୋଇ ନ ଥିଲା, ଆମ୍ଭମାନଙ୍କର ଅଭିଜ୍ଞତା ବି ନ ଥିଲା । ଆମ୍ଭେମାନେ କେବଳ ମା'ଙ୍କ କ୍ଲାସ୍‌ରେ କଥାବାର୍ତ୍ତା ହୋଇଥିବା ବିଷୟ ବୁଲେଟିନ୍‌ରୁ ଅନୁବାଦ କରି ଦେଉଥିଲୁ । ସେହି କାରଣରୁ ବ୍ୟକ୍ତି ଗ୍ରାହକ ହେବା ଦୂରେ ଥାଉ ପଢ଼ିବାକୁ ବି ଚାହିଁଲେ ନାହିଁ । ଡଃ. ରଘୁନାଥ ପାଣି ଲେଖିଲେ, ''ପତ୍ରିକା କେହି ପଢ଼ିବାକୁ ଚାହୁଁ ନାହାନ୍ତି । ପତ୍ରିକା ବନ୍ଦ କରି ଦିଆଯାଉ । ଆଶ୍ରମ ପ୍ରେସ୍‌ରେ ଛୋଟ ପାମ୍ଫଲେଟ୍ ସଦୃଶ କିଛି ଲେଖି ଛପାଇ ବାଣ୍ଟିଦେବା ।'' ମୁଁ ଲେଖିଲି, ''ପତ୍ରିକା ବନ୍ଦ ହେବ ନାହିଁ, ଯଦି ଜଣେ, ଦୁଇଜଣ ପଢୁଥିବେ ସେତିକିରେ ଆମକୁ ସନ୍ତୋଷ ମିଳିବ ।'' ଜୟପୁରରେ ଦୁଇଟି ସଂଖ୍ୟା ଛାପା ହେବା ପରେ ମା'ଙ୍କ ଅନୁମତିରେ ଆଶ୍ରମ ପ୍ରେସ୍‌ରେ 'ନବଜ୍ୟୋତି' ପତ୍ରିକା ଛାପା ହେବାର ବ୍ୟବସ୍ଥା ହେଲା ।

ସେସମୟରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନ ବିଷୟରେ ଓଡ଼ିଆ ଭାଷାରେ ଲେଖିବା ବ୍ୟକ୍ତି ପ୍ରାୟ ନ ଥିଲେ । ପ୍ରପତ୍ତି ନୂତନ ଥିଲେ, ମୁଁ ପଢ଼ାଲେଖା ଜାଣି ନ ଥିଲି । ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନ ବିଷୟ ଓଡ଼ିଆ ଭାଷାରେ ପ୍ରକାଶ କରିବା ମୋ ପକ୍ଷରେ ସମ୍ଭବ ନ ଥିଲା । ଲେଖିବା ସକାଶେ ଆମ ଦୁଇଜଣଙ୍କ ଛଡ଼ା ତୃତୀୟ ବ୍ୟକ୍ତି କେହି ନ ଥିଲେ । ପ୍ରପତ୍ତି ଅଧ୍ୟାପକ ଥିଲେ, ତାଙ୍କ ପକ୍ଷେ ଲେଖିବା ଅସୁବିଧା ନ ଥିଲା । କିନ୍ତୁ ମୋର ଲେଖିବା ଯୋଗ୍ୟତା ନ ଥିବା ସ୍ଥଳେ ପରିସ୍ଥିତି ଲେଖିବାକୁ ବାଧ କଲା । ମୁଁ ଲେଖିବା ସକାଶେ କାଗଜ କଲମ ନେଇ ବସେ, ମା'ଙ୍କୁ ସ୍ମରଣ କରି ଅପେକ୍ଷା କରେ, କିନ୍ତୁ ଲେଖା ବିଷୟ କିଛି ଆସେ ନାହିଁ । ପ୍ରାୟ ଏକ ଘଣ୍ଟା ବସି ଉଠିଯାଏ । ଏହିପରି ତିନି ଦିନ ହେଲା । ଚତୁର୍ଥ ଦିନରେ ଭଗବାନଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ଲେଖିବାକୁ ପ୍ରେରଣା ଆସିଲା ଏବଂ ଲେଖା ମଧ୍ୟ ଚାଲିଲା ।

ଭାଷାଜ୍ଞାନ ନ ଥିଲେ ସୁଦ୍ଧା ଲେଖିବାରେ ଅସୁବିଧା ହେଲା ନାହିଁ ଏବଂ 'ନବଜ୍ୟୋତି' ପତ୍ରିକାରେ କ୍ରମାନ୍ୱୟରେ ଲେଖା ଦିଆହେଲା । ପରେ ସେହିସବୁ ଲେଖା ସମ୍ମଳିତ ହୋଇ 'ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା' ନାମରେ ପୁସ୍ତକ ରୂପେ ପ୍ରକାଶିତ ହେଲା । 'ନବଜ୍ୟୋତି' ପତ୍ରିକାରେ ଗୋଟିଏ 'ଭକ୍ତ ଚରିତ' ବିଷୟ ମଧ୍ୟ ଦିଆଗଲା । ପାଠକମାନେ

ଶ୍ରୀଅରବିନ୍ଦଙ୍କ ଯୋଗ ଜାଣି ନ ଥିବା ଯୋଗୁଁ ସେବିଷୟ ପଢ଼ିବାକୁ ସେମାନଙ୍କର ଆଗ୍ରହ ନ ଥିଲା । କିନ୍ତୁ 'ଭକ୍ତ ଚରିତ' ଥିବା ଯୋଗୁଁ ସେମାନେ ପତ୍ରିକା ନେଉଥିଲେ ତଥା 'ଭକ୍ତ ଚରିତ' ପଢ଼ିବା ସଙ୍ଗେ ସଙ୍ଗେ ଶ୍ରୀଅରବିନ୍ଦଙ୍କ ଯୋଗ ବିଷୟରେ ବି ଲେଖାସବୁ ପଢ଼ିବାକୁ ଆରମ୍ଭ କଲେ ।

'ନବଜ୍ୟୋତି' ପତ୍ରିକା ପ୍ରସାର କରାଇବାରେ ଡକ୍‌ଟର କିରଣ ଘୋଷ ସାହାଯ୍ୟ କରିଥିଲେ । ଆଶ୍ରମ ପ୍ରେସ୍‌ରେ ଶ୍ରୀମା ଶ୍ରୀଅରବିନ୍ଦଙ୍କର ମୂଳ ଲେଖାର ଓଡ଼ିଆ ଅନୁବାଦ ଏବଂ 'ନବଜ୍ୟୋତି' ପତ୍ରିକା ଛାପା ହେଲା । ଏହା ପୂର୍ବରୁ ଆଶ୍ରମ ପ୍ରେସ୍‌ରେ ଓଡ଼ିଆ ବିଭାଗ ଖୋଲା ହୋଇଥିଲା । ୧୯୫୯ରେ ଶ୍ରୀପତି ଆସି ସାଧକରୂପେ ଆଶ୍ରମରେ ରହିଲେ ଏବଂ ମା'ଙ୍କ ବ୍ୟବସ୍ଥାନୁସାରେ ଆଶ୍ରମ ପ୍ରେସ୍‌ରେ ଓଡ଼ିଆ ବିଭାଗରେ କମ୍ପୋଜିଂ କାର୍ଯ୍ୟ କଲେ । ପ୍ରପଡି ରହିଲେ ଓଡ଼ିଆ ବିଭାଗର ପରିଚାଳକ । 'ନବଜ୍ୟୋତି' ପତ୍ରିକା ତଥା ଓଡ଼ିଆ ଅନୁବାଦ ବହି ଛାପା ହେବା ପରେ କ୍ରମଶଃ ଓଡ଼ିଶାରୁ ସାଧକ ଭକ୍ତମାନେ ବେଶୀ ସଂଖ୍ୟାରେ ଶ୍ରୀମା'ଙ୍କ ଦର୍ଶନକୁ ଆସିଲେ । ଭୁବନେଶ୍ୱରରେ କୈଳାସ ବୋଷ ନିଜ ଘରେ ଗୋଟିଏ ପାଠଚକ୍ର ଆରମ୍ଭ କଲେ ।

୧୯୬୦ ପୂର୍ବରୁ ମୟୂରଭଞ୍ଜର ରାଇରଙ୍ଗପୁରରେ, କଟକରେ ଲଳିତ ମୋହନ ଘୋଷଙ୍କ ଗୃହରେ ଏବଂ କୋରାପୁଟ ଜିଲାର ଜୟପୁରରେ ଯଦ୍ୟପି ପାଠଚକ୍ର କେତୋଟି ପ୍ରତିଷ୍ଠା ହୋଇଥିଲା ତଥାପି ୧୯୬୦ ଠାରୁ କ୍ରମଶଃ ପାଠଚକ୍ର ସଂଖ୍ୟା ବଢ଼ିବାକୁ ଲାଗିଲା ।

ଅଯୋଧ୍ୟା ଯାତ୍ରା ଓ ପାଠଚକ୍ର ପ୍ରତିଷ୍ଠା

ଅମାମା ଟେକାରି ରାଜା ଓ ରାଣୀ ଉଭୟ ଶ୍ରୀରାମଙ୍କ ଭକ୍ତ ଥିଲେ । ସେମାନଙ୍କର ଅଯୋଧ୍ୟାରେ ବହୁତ ବଡ଼ ମନ୍ଦିର ଏବଂ ରାଜପ୍ରାସାଦ ସଦୃଶ ରହିବାର ବିଶାଳ ଘର ଥିଲା । ସେମାନେ ବର୍ଷକରେ ଦୁଇ, ତିନି ମାସ ମ୍ୟାନେଜର ଓ କର୍ମଚାରୀମାନଙ୍କ ସହିତ ଅଯୋଧ୍ୟାରେ ବାସ କରୁଥିଲେ । ବିହାରରେ ଚାରି, ପାଞ୍ଚଟି ବଡ଼ ବଡ଼ ଷ୍ଟେଟ୍ ମଧ୍ୟରେ ଅମାମା ଟେକାରି ବି ଗୋଟିଏ ବଡ଼ ଷ୍ଟେଟ୍ ଥିଲା । ସେମାନେ ଅଯୋଧ୍ୟାରେ ରହୁଥିବା ସମୟରେ ମୋ ପାଖକୁ ଆସୁଥିଲେ । ମୋତେ ନ ପଚାରି ବହୁତ ଜମି ମୋ ନାମରେ ଦାନପତ୍ର କାଗଜରେ ଲେଖାପଢ଼ା କରିବା ପରେ ମୋତେ କହିଲେ । ମୋର ମଠ-ମନ୍ଦିର କରିବା ଉଦ୍ଦେଶ୍ୟ ଏକେବାରେ ନ ଥିଲା । ମୁଁ ଦୃଢ଼ତା ସହିତ ମନା କରିବାରୁ ଲେଖା ଦଲିଲ ରେଜିଷ୍ଟ୍ରି ହେଲା ନାହିଁ । ଜମି ରେଜିଷ୍ଟ୍ରି ହେବା ବନ୍ଦ ହେବାରୁ ମୋ ସକାଶେ ମନ୍ଦିର ତିଆରି କରିଦେବାର ଯେଉଁ ଧାରଣା ଥିଲା ତାହା ସେମାନେ ଆଉ ପ୍ରକାଶ କଲେ ନାହିଁ । ବର୍ଷେ ଦୁଇ ବର୍ଷ ପରେ ମୁଁ ଶ୍ରୀଅରବିନ୍ଦ ଆଶ୍ରମକୁ ଚାଲି ଆସିଲି । ମୁଁ ଆସିବା ପରେ ଅମାମା ଟେକାରି ଷ୍ଟେଟର ସୁଦକ୍ଷ ମ୍ୟାନେଜର ତଥା ଶ୍ରୀରାମଙ୍କ ଭକ୍ତ ପାଟଣାର କେଦାରନାଥ ସିଂହ ୧୯୪୬ ମସିହାରେ ଫେବ୍ରୁଆରି ଦର୍ଶନକୁ ଆସିଲେ । ମୁଁ ଅଯୋଧ୍ୟାରେ ଥିବା ସମୟରେ ତାଙ୍କ ସହିତ ମୋର ବିଶେଷ ସଂପର୍କ ଥିଲା । ସେ ୧୯୪୭ ମସିହାରେ ମଧ୍ୟ ଆଶ୍ରମକୁ ଦର୍ଶନ ଲାଗି ଆସିଥିଲେ । ସେମାନେ ମୋ ନାମରେ ଲେଖିଥିବା ଜମିକୁ ବିକ୍ରି କରି ଟଙ୍କା ଆଣି ଶ୍ରୀମା'ଙ୍କ ଚରଣରେ ଅର୍ପଣ କରି ଦେଇଥିଲେ ।

ଓଡ଼ିଶାରେ ୪/୫ଟି ପାଠଚକ୍ର ହେବା ପରେ ୧୯୫୯ରେ ମୋର ମନେହେଲା, ''ଅଯୋଧ୍ୟାରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶର ଗୋଟିଏ କେନ୍ଦ୍ର ହେଲେ ଉତ୍ତର ପ୍ରଦେଶ, ବିହାର ଓ ମଧ୍ୟପ୍ରଦେଶର ଜନତା ଏହି ସତ୍ୟ ସମ୍ବନ୍ଧେ ଜାଣିପାରିବେ ଏବଂ ସେଇଥିରେହିଁ ସେମାନଙ୍କର କଲ୍ୟାଣ ହେବ । ଅଯୋଧ୍ୟା କେନ୍ଦ୍ର ସକାଶେ ଅମାମା ଟେକାରୀ ଷ୍ଟେଟ୍ ଆଗ୍ରହ ସହିତ ଜମି ଦେବ ।'' ସେସମୟରେ ରାଜାଙ୍କ ମୃତ୍ୟୁ ହୋଇ ସାରିଥିଲା । ରାଣୀ ମୋ ଚିଠି ପାଇ ମୋ ପ୍ରସ୍ତାବକୁ ଆଗ୍ରହ ସହ ସ୍ୱୀକାର କରି ମୋତେ ଯିବାକୁ ଲେଖିଲେ । କିନ୍ତୁ ଯିବାରେ ମୋର ସନ୍ଦେହ ହେଲା – ''ଏହା ମୋର ନିଜର ଅହଂ ନା ମା'ଙ୍କର ପ୍ରେରଣା ?'' ନିଜର ସନ୍ଦେହ ଦୂର କରିବା ସକାଶେ ସ୍ପଷ୍ଟଭାବେ ମା'ଙ୍କୁ ଲେଖିଲି । ତାଙ୍କ ଉତ୍ତରରେ ସନ୍ଦେହ ପୂର୍ଣ୍ଣତାରୂପେ ଦୂର ହେଲା । ମା'ଙ୍କ ଲେଖା ଆଶୀର୍ବାଦ ସହ ଅନୁମତି ପାଇ ଶ୍ରୀଅଯୋଧ୍ୟା ଯିବା ଠିକ୍ କଲି ।

ଓଡ଼ିଶା ଦେଇ ଅଯୋଧ୍ୟା ଯିବାକୁ ହୁଏ । ଓଡ଼ିଶାରେ ଦୁଇ, ତିନିଦିନ ରହି ଅଯୋଧ୍ୟା ଯିବା ସକାଶେ ପ୍ରପତ୍ତି ବହୁତ ଆଗ୍ରହ କଲେ । ପ୍ରପତ୍ତି ଓଡ଼ିଶାରୁ ଆସି ସାଧକ ରୂପେ ଆଶ୍ରମରେ ରହିବା ଦିନଠାରୁ ଓଡ଼ିଶା ଯାଇ ନ ଥିଲେ । କିନ୍ତୁ ମୋର ଯିବାକୁ ମୋଟେ ଇଚ୍ଛା ନ ଥିଲା । ମୁଁ ମନା କରିବାରୁ ସେ ଲଳିତ ମୋହନ ଘୋଷ ତଥା କୈଳାସ ବୋଷଙ୍କୁ ମୋର ଅଯୋଧ୍ୟା ଯିବା କଥା ଜଣାଇ ଦେଲେ । ସେମାନେ ବହୁତ ଆଗ୍ରହ କରିବାରୁ ଅଯୋଧ୍ୟା ଯିବା ସମୟରେ ଭୁବନେଶ୍ୱର ତଥା କଟକରେ ତିନି ଦିନ ରହିଥିଲି । ସେତେବେଳେ ଓଡ଼ିଶାରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗ ଦର୍ଶନ ତଥା ଆଶ୍ରମ ବିଷୟରେ ଖୁବ୍ କମ୍ ବ୍ୟକ୍ତି ଜାଣିଥିଲେ । ମୋ ଯିବା କଥା ଶୁଣି କୌତୂହଳରେ କେତେକ ଭିନ୍ନ ଧର୍ମାବଲମ୍ବୀ ତଥା ଭିନ୍ନ ମତାବଲମ୍ବୀ ଯୁକ୍ତିତର୍କ କରିବାକୁ ଆସିଲେ । ଆଉ କେତେକ ବ୍ୟକ୍ତି ପ୍ରଶ୍ନ କଲେ — ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ କ'ଣ ?

''ଶ୍ରୀଅରବିନ୍ଦଙ୍କ ଯୋଗରେ ବ୍ୟକ୍ତିର ମନ-ପ୍ରାଣ-ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବ, ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ତଥା ଅଜ୍ଞାନ, ଦୁଃଖକଷ୍ଟରୁ ସଂପୂର୍ଣ୍ଣ ମୁକ୍ତ ହେବ । ଏହା ଫଳରେ ସଂସାରରୁ ଦୁଃଖକଷ୍ଟ, ହିଂସା, ଦ୍ୱେଷ, ଅସତ୍ୟ, ଅନ୍ୟାୟ ଦୂର ହେବ । ଏହି ମୃତ୍ୟୁପୁରୀ ସ୍ୱର୍ଗରେ ପରିଣତ ହେବ ।'' — ଏହି ଉତ୍ତର ବହୁତ ବ୍ୟକ୍ତିଙ୍କ ମନରେ କୌତୂହଳ ସୃଷ୍ଟି କଲା । ବିନା ପ୍ରୟୋଜନରେ କେତେକ ବ୍ୟକ୍ତି କେବଳ ଯୁକ୍ତିତର୍କ କରିବା ସକାଶେ ମୋ ପାଖକୁ ଆସିଲେ । ମା'ଙ୍କୁ ସ୍ମରଣ କରି ମୁଁ ମଧ୍ୟ ସବୁ ପ୍ରଶ୍ନର ଉତ୍ତର ଦେଲି । ଏହି ବିଷୟ ସଂପୂର୍ଣ୍ଣ ନୂତନ ନୁହେଁ, ଆଶ୍ଚର୍ଯ୍ୟଜନକ ଥିଲା । ଏହି ବିଷୟ କେବେ ବି କାହାଠାରୁ ଶୁଣାଯାଇ ନ ଥିଲା । ବେଦ, ଉପନିଷଦ୍, ଗୀତାଦି ଶାସ୍ତ୍ରରେ ଯଦ୍ୟପି ସୂତ୍ରରୂପେ ଏହା ପ୍ରତିପାଦ୍ୟ ହୋଇଥିଲା ତଥାପି କୌଣସି ଆଚାର୍ଯ୍ୟ ବା ଭାଷ୍ୟକାରଙ୍କ ଦ୍ୱାରା ବ୍ୟାଖ୍ୟା ହୋଇ ନ ଥିଲା । ସେସମୟରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନ ଶାସ୍ତ୍ର ଓଡ଼ିଶାରେ ଚାରି, ପାଞ୍ଚ ଜଣଙ୍କ ଛଡ଼ା ଅନ୍ୟମାନେ ପଢ଼ି ନ ଥିଲେ । ଯେଉଁମାନେ ପଢ଼ିଥିଲେ ସେମାନେ ଯଥାର୍ଥରେ ବୁଝି ନ ଥିଲେ । ସେହି କାରଣରୁ ଏହି ବିଷୟ ଶୁଣିବା ଲୋକଙ୍କୁ କିମ୍ଭୂତକିମାକାର ପ୍ରତୀତ ହେଲା । ସେମାନେ କୌତୂହଳବଶତଃ ସାଙ୍ଗ ସାଥୀମାନଙ୍କ ସହିତ ଆଲୋଚନା କଲେ । ଏହି ବିଷୟ ପ୍ରାୟ ବହୁ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେବାକୁ ଲାଗିଲା । ମୁଁ କଟକ ଓ ଭୁବନେଶ୍ୱରରେ ତିନି ଦିନ ରହି ଅଯୋଧ୍ୟା ଚାଲିଗଲି ।

ରାଣୀ ସାହେବା ବିଶେଷ ଆଗ୍ରହପୂର୍ବକ ପ୍ରାୟ ଦୁଇ ଏକର ଜମି ରେଜିଷ୍ଟ୍ରି କରିଦେବା ସକାଶେ ପ୍ରସ୍ତୁତ ହେଲେ । ତାଙ୍କ ଜ୍ୱାଇଁ ଜଣେ ବାରିଷ୍ଟର । ତାଙ୍କୁ ଡକାଇନେଲେ ଏବଂ ମୋତେ କହିଲେ, ''ମୁଁ ସଂକଳ୍ପ କରିଛି ତୁମକୁ ଦେବା ସକାଶେ । ତୁମ ନାମରେହିଁ ରେଜିଷ୍ଟ୍ରି କରିଦେବି ।'' ମୁଁ ତାଙ୍କୁ କହିଲି, ''ସାଦା କାଗଜରେ ମୋ ନାମରେ ଲେଖିଦିଅ, ମୁଁ ତୁମକୁ ଅଥରାଇଜ୍ କରିଦେଉଛି । ମୋତେ ଦେଇଥିବା ଜମିକୁ ମା'ଙ୍କ ନାମରେ ରେଜିଷ୍ଟ୍ରି କରିଦିଅ । ଏଥିରେ ତୁମର ସଂକଳ୍ପରେ କୌଣସି ବାଧା ପଡ଼ିବ ନାହିଁ ।'' ତାଙ୍କ ଜ୍ୱାଇଁ ଏବଂ ସେ ଉଭୟ ଏଥିରେ ରାଜି ହୋଇଗଲେ । ସେହି ଅନୁସାରେ ଡ୍ରାଫ୍ଟ୍ ପ୍ରସ୍ତୁତ ହେଲା । ମୁଁ ଆଶ୍ରମ ଫେରି ଆସିଲି । ସେମାନେ ଏଠାକୁ ଡ୍ରାଫ୍ଟ୍ ପଠାଇଦେଲେ । ମା'ଙ୍କ ଆଜ୍ଞାନୁସାରେ ଟ୍ରଷ୍ଟିମାନଙ୍କ ନାମ ଲେଖି ସେହି ଡ୍ରାଫ୍ଟ୍ ରାଣୀ ସାହେବାଙ୍କ ପାଖକୁ ପଠାଇ ଦେଲି । ସେହି ଅନୁସାରେ ରେଜିଷ୍ଟ୍ରେସନ ହୋଇଗଲା ।

ସେ ଜମିଟି ବିଶେଷ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରାମକୋଟ ମଧ୍ୟରେ । ଅଯୋଧ୍ୟାରେ ଶ୍ରୀରାମଙ୍କ ଜନ୍ମଭୂମି, ଜନ୍ମସ୍ଥାନ, କନକ ଭବନ, ହନୁମାନ ମନ୍ଦିର (ହନୁମାନ ଗଢ଼ି) । ଏହି ସ୍ଥାନକୁ କୁହାହୁଏ ରାମକୋଟ । ରାମକୋଟହିଁ ଅଯୋଧ୍ୟାର କେନ୍ଦ୍ରସ୍ଥଳ ।

ମୁଁ ଅଯୋଧ୍ୟାରୁ ଫେରିଆସି ପ୍ରପତ୍ତିଙ୍କୁ କହିଲି, ''ଓଡ଼ିଶାରେ ଶ୍ରୀମା'ଙ୍କ କାର୍ଯ୍ୟ ହେବାର ସମୟ ଆସିଥିବାର ଅନୁମାନ ହେଉଛି । ଆପଣ ଓଡ଼ିଶା ଯାଇ ମା'ଙ୍କ କାର୍ଯ୍ୟ କଲେ ଭଲ ହେବ ।''

ଏହାପରେ କଟକରେ କେତୋଟି ପାଠଚକ୍ର ଖୋଲା ହେଲା । ୧୯୬୦ରେ ବିଶ୍ୱମ୍ଭର ସାମନ୍ତ, ଦେବେନ୍ଦ୍ର ଶତପଥୀ, ନରହରି ରଥ ଆସିବା ପରେ ଅନ୍ୟମାନେ ବି ଆସିବାକୁ ଆରମ୍ଭ କଲେ । ମୁଁ ମଧ୍ୟ ୧୯୬୦ରେ ଅଯୋଧ୍ୟା ଯିବା ସମୟରେ ଓଡ଼ିଶାରେ କିଛି ଦିନ ରହିଥିଲି ଏବଂ ପାଠଚକ୍ରମାନଙ୍କରେ ଛୋଟ ଛୋଟ ମିଟିଂ ହୋଇଥିଲା ।

ପ୍ରପତ୍ତି ଆଶ୍ରମରେ ରହିବା ପରେ ୧୯୬୨ରେ ପ୍ରଥମ ଥର ପାଇଁ ଓଡ଼ିଶା ଗଲେ । ପାଠଚକ୍ରମାନଙ୍କରେ ମିଟିଂ ହେଲା ଏବଂ କେତେକ ସ୍ଥାନରେ ନୂତନ ପାଠଚକ୍ର ମଧ୍ୟ ଖୋଲା ହେଲା ।

ପ୍ରପତ୍ତି ଓଡ଼ିଶାରୁ ଫେରିବା ପରେ ଅଯୋଧ୍ୟାରେ ମିଳିଥିବା ଜମିରେ ଘର ତିଆରି କରାଇ କେନ୍ଦ୍ର ସ୍ଥାପନ କରିବା ପାଇଁ ୧୯୬୨ରେ ସେଠାକୁ ଯାଇଥିଲି । ଯିବା ସମୟରେ ଓଡ଼ିଶାରେ ଚଉଦ ଦିନ ରହିଥିଲି । ପାଠଚକ୍ରର ପିରଚାଳକମାନେ ମୋତେ ନେଇ ଅନ୍ୟାନ୍ୟ ପାଠଚକ୍ରକୁ ଯାଇଥିଲେ । ସେ ସ୍ଥାନମାନଙ୍କରେ ଛୋଟ ଛୋଟ ମିଟିଂରେ ପାଠଚକ୍ରର ଉପଯୋଗିତା ତଥା ଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନ ବିଷୟରେ ଆଲୋଚନା ହେଉଥିଲା । ସେହି ସମୟରେ କଟକର ନରେନ୍ଦ୍ର କିଶୋର ଦାସଙ୍କ ଘରେ ମିଟିଂ ହେଲା ଏବଂ ସେଠାରେ ପାଠଚକ୍ର ହେବାର ପ୍ରସ୍ତାବ ମଧ୍ୟ ହେଲା ।

୧୯୫୯ ରୁ ୧୯୬୪ ପର୍ଯ୍ୟନ୍ତ ମୁଁ ଏବଂ ପ୍ରପତ୍ତି ଓଡ଼ିଶା ଗଲେ ଆମ୍ମମାନଙ୍କ ରହିବା ଏବଂ ପାଠଚକ୍ରମାନଙ୍କୁ ଯିବାର ବ୍ୟବସ୍ଥା ଲଳିତ ମୋହନ ଘୋଷ, ନରେନ୍ଦ୍ର କିଶୋର ଦାସ ତଥା ପରୀକ୍ଷିତ ଦାସ କରୁଥିଲେ ଏବଂ ଆମ୍ମମାନଙ୍କ ସହିତ ପାଠଚକ୍ରମାନଙ୍କୁ ଯାଇ ଯୋଗ ଦେଉଥିଲେ । ୧୯୬୪ ରୁ ଆମ୍ମେମାନେ ଓଡ଼ିଶା ଗଲେ ଆମ୍ମମାନଙ୍କ ରହିବା ଓ ପାଠଚକ୍ରମାନଙ୍କୁ ଯିବାର ବ୍ୟବସ୍ଥା ଉଚ୍ଛବାନନ୍ଦ ସାମନ୍ତରାୟ ବରାବର କରୁଥିଲେ, ଆଜି ପର୍ଯ୍ୟନ୍ତ ବି କରିଆସୁଛନ୍ତି । ପାଠଚକ୍ର ପରିଚାଳକ ଏବଂ ମେମ୍ବରମାନେ ଆଗ୍ରହରେ ଡାକୁ ଅଛନ୍ତି ତଥା ଯିବା ଆସିବାର ବ୍ୟବସ୍ଥା ମଧ୍ୟ କରୁଅଛନ୍ତି ।

ଓଡ଼ିଶାରେ ପ୍ରଥମରେ ମା'ଙ୍କ କାର୍ଯ୍ୟ ଆରମ୍ଭ ହେବା ସମୟରେ ପ୍ରପତ୍ତି ଏବଂ ମୁଁ ଦୁଇ ଜଣ ଯାଉଥିଲୁ । ପରେ ମୋର ଯିବା ପ୍ରାୟ ବନ୍ଦ ହେଲା, ପ୍ରପତ୍ତିଙ୍କ ଯିବା ବୃଦ୍ଧି ହେଲା । କାରଣ ପାଠଚକ୍ର ବୃଦ୍ଧି ହେବା ହେତୁ ସେଗୁଡ଼ିକୁ ସକ୍ରିୟ ରଖିବା ଏବଂ ନୂତନ ପାଠଚକ୍ର ପ୍ରତିଷ୍ଠା କରିବା ପ୍ରେରଣା ପ୍ରପତ୍ତି ଦେଉଥିଲେ ଏବଂ ସେସବୁର ବ୍ୟବସ୍ଥା କରିବାର ଆବଶ୍ୟକ ହେଉଥିଲା । ପାଠଚକ୍ରର ବାର୍ଷିକ ଉତ୍ସବ, ସେମିନାର, ସଭାସମିତି ଇତ୍ୟାଦି ହେବାରୁ ପାଠଚକ୍ର ପ୍ରତିଷ୍ଠାତାମାନେ ପ୍ରପତ୍ତିଙ୍କୁ ନିମନ୍ତ୍ରଣ କରୁଥିଲେ ତଥା ସେସବୁ ଅନୁଷ୍ଠାନରେ ସେ ଯୋଗ ଦେଇ ଶ୍ରୀଅରବିନ୍ଦଙ୍କ ଯୋଗଦର୍ଶନ ଏବଂ ଜୀବନରେ ତାହାର ଉପଯୋଗିତା ବିଷୟରେ ବୁଝାଇଦେବା ଆବଶ୍ୟକ ହେଉଥିଲା ।

ଓଡ଼ିଶାରେ କୌଣସି ନୂତନ ପାଠଚକ୍ର ପ୍ରତିଷ୍ଠା ହେଲେ ସେମାନେ 'ନବଜ୍ୟୋତି କାର୍ଯ୍ୟାଳୟ' ଦ୍ୱାରା ମା'ଙ୍କୁ ଲେଖି ମା'ଙ୍କଠାରୁ ଆଶୀର୍ବାଦ ନେଉଥିଲେ । କିଛି ପାଠଚକ୍ର ପ୍ରତିଷ୍ଠା ହେବା ପରେ ପ୍ରାୟ ୧୯୬୩ ରେ ଶ୍ରୀମା କହିଲେ, ''ପାଠଚକ୍ର କେବଳ ପ୍ରତିଷ୍ଠା ହେଉଛି ନା ସେମାନେ କିଛି କାର୍ଯ୍ୟ କରୁଛନ୍ତି ?'' ଏହାପରେ ଆମ୍ମେମାନେ ପାଠଚକ୍ରସବୁକୁ ଲେଖି ସେମାନଙ୍କର ସାପ୍ତାହିକ ଅଧିବେଶନର ବିବରଣୀ ମଗାଇ ମା'ଙ୍କ ଚରଣରେ ନିବେଦନ କଲୁ । ପାଠଚକ୍ରସବୁ ସକ୍ରିୟ ଥିବା ଜାଣି ମା' ଖୁସୀ ହେଲେ । ସେହି ଦିନଠାରୁ ମା'ଙ୍କୁ ଜଣାଇବା ସକାଶେ ପାଠଚକ୍ରମାନଙ୍କରୁ 'ନବଜ୍ୟୋତି କାର୍ଯ୍ୟାଳୟ'କୁ ରିପୋର୍ଟ ଆସିଲା । ଆଜି ପର୍ଯ୍ୟନ୍ତ ମଧ୍ୟ ଆସୁଛି ।

ବାଧାବିଘ୍ନ

ପ୍ରପତ୍ତି ଅଧିକାଂଶ ଦିନ ଓଡ଼ିଶାରେ କାର୍ଯ୍ୟ କରିବା ଯୋଗୁଁ ପାଠଚକ୍ରମାନଙ୍କର ମିଟିଂ, ସେମିନାର, କ୍ୟାମ୍ପ ଇତ୍ୟାଦି ହେବାକୁ ଲାଗିଲା । ପ୍ରତିମାସରେ ''ଶ୍ରୀଅରବିନ୍ଦ ଲୋକ-ସାହିତ୍ୟ'' ଗୋଟିଏ ଗୋଟିଏ ଛୋଟ ବହିରୂପେ ପ୍ରକାଶ ପାଇଲା । ଏହିସବୁ କାର୍ଯ୍ୟରୁ ଜୀବନର ବିକାଶ, ସାଧାରଣ ପାରିବାରିକ ଜୀବନରେ ସାମଞ୍ଜସ୍ୟ, ପରିବାରରେ ଶାନ୍ତି, ଶୃଙ୍ଖଳା ପ୍ରତିଷ୍ଠା, ସମାଜ ତଥା ଦେଶର ଉନ୍ନତିରେ ଶ୍ରୀଅରବିନ୍ଦଙ୍କ ଯୋଗ ଆବଶ୍ୟକ ନୁହେଁ, ଅନିବାର୍ଯ୍ୟ – ଏହିସବୁ ବିଷୟ ଓଡ଼ିଶାର ଛାତ୍ର, ଯୁବକ ତଥା ସାଧାରଣ ଜନତାଙ୍କ ମଧ୍ୟରୁ ବହୁତ ବ୍ୟକ୍ତି ବୁଝିପାରିଲେ ଏବଂ ଜୀବନ ସହିତ ଶ୍ରୀଅରବିନ୍ଦଙ୍କ ଯୋଗ ଅବିଭାଜ୍ୟରୂପେ ଜଡ଼ିତ ବୋଲି ହୃଦୟଙ୍ଗମ କଲେ । ଏହି କାରଣରୁ ଓଡ଼ିଶାରେ ଅଧିକରୁ ଅଧିକ ପାଠଚକ୍ର ବୃଦ୍ଧି ହେଲା ।

କୌଣସି ମହତ୍ କାର୍ଯ୍ୟରେ ବାଧାବିଘ୍ନ ଆସିବା ସ୍ୱାଭାବିକ । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ବାଧା ଅନିବାର୍ଯ୍ୟ ।

କାରଣ ସୃଷ୍ଟି ଆରମ୍ଭରୁ ଶାସନ କରିଆସୁଥିବା ଅଜ୍ଞାନ, ଅନ୍ଧକାର ଶକ୍ତି, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଅହଂ, ସ୍ୱାର୍ଥ, ଲୋଭ, ମୋହ, କାମ, କ୍ରୋଧାଦି ରିପୁଗଣଙ୍କ ଉପରେ ଦିବ୍ୟଶକ୍ତିର ଶାସନ, ଅର୍ଥାତ୍ ସେସବୁର ଦିବ୍ୟତତ୍ତ୍ୱରେ ରୂପାନ୍ତର – ଏହି ରୂପାନ୍ତରକୁ ସେସବୁ ସ୍ୱୀକାର କରୁ ନାହାନ୍ତି, ବରଂ ଘୋର ବାଧା ସୃଷ୍ଟି କରିଆସୁଅଛନ୍ତି । ଯଥାର୍ଥରେ ଏହି କାର୍ଯ୍ୟ ଶ୍ରୀମା ଶ୍ରୀଅରବିନ୍ଦଙ୍କର ଭାଗବତୀ ଅତିମାନସ ଶକ୍ତି ସହିତ ଅଜ୍ଞାନ ଶକ୍ତିର ଘୋର ସଂଗ୍ରାମ । ଏହି ଯୁଦ୍ଧ ଚାଲିଛି ଲୋକ-ଲୋଚନର ଅନ୍ତରାଳରେ ଅର୍ଥାତ୍ ଅବଚେତନା ସ୍ତରରେ । ତାହାର ପ୍ରଭାବ ପ୍ରକାଶ ପାଉଛି ସ୍ଥୂଳ କର୍ମରେ ।

ଓଡ଼ିଶାରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶ ପାଠଚକ୍ର ମାଧ୍ୟମରେ ପ୍ରସାର ହେବା ସଙ୍ଗେ ସଙ୍ଗେ ବାଧାବିଘ୍ନସବୁ ସତେଜ ହୋଇ ସବଳେ ଭୟଙ୍କରଭାବେ ଆକ୍ରମଣ କଲେ । ଏପରି ପ୍ରବଳଭାବେ ଆସିଲେ ଯେ ମନେ ହେଉଥିଲା ଓଡ଼ିଶାରେ ମା'ଙ୍କ କାର୍ଯ୍ୟ ଅଗ୍ରସର ହେବା ଦୂରେ ଥାଉ ଯାହାକିଛି ହୋଇଛି ସେସବୁ ଧୂଳିସାତ୍ ହୋଇଯିବ । ଆକ୍ରମଣ ଥିଲା ବହୁତ ପ୍ରବଳ ଏବଂ ପ୍ରତିରୋଧ ଥିଲା ବହୁତ ଦୁର୍ବଳ, ନିଷ୍କ୍ରିୟ । ଆଶ୍ଚର୍ଯ୍ୟଜନକ ଭାବେ ମା'ଙ୍କ ଶକ୍ତି କାର୍ଯ୍ୟ କଲା । ବାଧାବିଘ୍ନ ଶାନ୍ତ ହେଲା, ଓଡ଼ିଶାରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର କାର୍ଯ୍ୟ ଅବ୍ୟାହତରେ ଚାଲିଲା । ଅଳ୍ପ ବହୁତରୂପେ ଆଜି ପର୍ଯ୍ୟନ୍ତ ବି ସମୟ ସମୟରେ ବାଧା ଆସୁଛି ।

ପାଠଚକ୍ର ରେଜିଷ୍ଟ୍ରେସନ୍

ଓଡ଼ିଶାରେ ବହୁ ସଂଖ୍ୟାରେ ପାଠଚକ୍ର ହେବା ପରେ ପ୍ରଥମରେ ଜଗତ୍‌ସିଂହପୁର ପାଠଚକ୍ର ଖାସମାହାଲରୁ କିଛି ଜମି ନେବା ଉଦ୍ଦେଶ୍ୟରେ ପାଠଚକ୍ରକୁ ରେଜିଷ୍ଟ୍ରି କରିବାକୁ ଚାହିଁଲେ । ସେପର୍ଯ୍ୟନ୍ତ ପାଠଚକ୍ର ରେଜିଷ୍ଟ୍ରି ହେବା ବିଷୟରେ ଆମ୍ଭମାନଙ୍କର କୌଣସି ଧାରଣା ନ ଥିଲା । ଆମ୍ଭେମାନେ ଏଠାରେ ଥିବା 'ଶ୍ରୀଅରବିନ୍ଦ ସୋସାଇଟି'ର ସଦସ୍ୟଙ୍କ ସଙ୍ଗେ କଥାବାର୍ତ୍ତା କରିବାରୁ ସେମାନେ କହିଲେ ଯେ ସେମାନଙ୍କ ସୋସାଇଟି ନାମରେ ଜମି ନିଆ ହେବ ଏବଂ ପାଠଚକ୍ର ହେବ ସୋସାଇଟିର ବ୍ରାଞ୍ଚ୍ । ଏହି ଉଦ୍ଦେଶ୍ୟରେ ସେମାନେ ଆଇନ କାନୁନ ପ୍ରଣୟନ କଲେ । ଆମେ ଜଗତ୍‌ସିଂହପୁର ପାଠଚକ୍ରକୁ ତାହା ପଠାଇଦେଲୁ । ସେମାନେ କିନ୍ତୁ ସୋସାଇଟି ନାମରେ ଜମି ନ ନେଇ ସେମାନଙ୍କ ପାଠଚକ୍ରକୁ ପୃଥକ୍ ରେଜିଷ୍ଟ୍ରେସନ୍ କଲେ ଏବଂ ସେହି ପାଠଚକ୍ର ନାମରେ ଜମି ଗଭର୍ଣ୍ଣମେଣ୍ଟଠାରୁ ନେଲେ । ଏ ବିଷୟ ଆମ୍ଭମାନଙ୍କୁ ଜଣାଇଲେ ନାହିଁ । ସୋସାଇଟି କହିବାନୁସାରେ ସେ ଜମିର ଦଲିଲ ପଠାଇ ଦେବାକୁ ଆମେ ଏଠାରୁ ଲେଖୁ । ସେମାନେ କିନ୍ତୁ ଚିଠିର ଅନ୍ୟାନ୍ୟ ବିଷୟରେ ଉତ୍ତର ଦିଅନ୍ତି, ଦଲିଲ ପଠାଇବା ବିଷୟରେ କୌଣସି ଉତ୍ତର ଦିଅନ୍ତି ନାହିଁ । ଏଠାକୁ ଆସିଲେ କୁହନ୍ତି, ''ପରେ ପଠାଇ ଦେବୁ ।'' ଦୁଇ, ତିନି ବର୍ଷ ପରେ ଜଗତ୍‌ସିଂହପୁର ପାଠଚକ୍ରର ସଦସ୍ୟମାନେ କହିଲେ, ''ଆମ ପାଠଚକ୍ରର ସ୍ୱତନ୍ତ୍ର ରେଜିଷ୍ଟ୍ରେସନ୍ କରାହୋଇଛି, ଏବଂ ଜମି ପାଠଚକ୍ର ନାମରେ ନିଆ ହୋଇଛି ।'' ଏହାପରେ କ୍ରମଶଃ ଓଡ଼ିଶାରେ ବହୁତ ପାଠଚକ୍ରର ସ୍ୱତନ୍ତ୍ର ରେଜିଷ୍ଟ୍ରେସନ୍ କରାହେଲା ଏବଂ ଜମି ନେଇ ଘର ତିଆରି କଲେ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ରଖିଲେ । ବର୍ତ୍ତମାନ ପ୍ରାୟ ଦୁଇ ଶହରୁ ଅଢ଼େଇ ଶହ ପାଠଚକ୍ରର ସ୍ୱତନ୍ତ୍ର ରେଜିଷ୍ଟ୍ରେସନ୍ ହୋଇ ସାରିଛି । ପରେ ପରେ ବି ସ୍ୱତନ୍ତ୍ର ରେଜିଷ୍ଟ୍ରେସନ୍ ହେଉଛି ।

ଶ୍ରୀଅରବିନ୍ଦ ଲୋକ-ସାହିତ୍ୟ

୧୯୬୦ରୁ ୧୯୬୨ ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରାୟ ଦଶ, ବାରଟି ପାଠଚକ୍ର ପ୍ରତିଷ୍ଠିତ ହେଲା । ପାଠଚକ୍ରରେ 'ମାତୃବାଣୀ', 'ଯୋଗାଧାର', 'ଯୋଗ-ପ୍ରଦୀପ' ଓଡ଼ିଆ ଅନୁବାଦ ବହିସବୁ ପଢ଼ା ହେଉଥିଲା । ଶ୍ରୀଅରବିନ୍ଦଙ୍କ ଯୋଗ ବିଷୟରେ କେହି କିଛି ନ ଜାଣିଥିବା ଯୋଗୁଁ ସେସବୁ ବହିର ବିଷୟବସ୍ତୁ ବୁଝିପାରୁ ନ ଥିଲେ । ନରେନ୍ଦ୍ର କିଶୋର ଦାସ ମୋ ପାଖକୁ ଚିଠିରେ ଲେଖିଲେ, ''ପାଠଚକ୍ର ତ ଖୋଲା ହେଲା । ଶ୍ରୀମା ଶ୍ରୀଅରବିନ୍ଦଙ୍କ ସାହିତ୍ୟ ପଢ଼ା ହେଉଛି ।

ପଢ଼ିବା ତଥା ଶୁଣିବା ଲୋକ କେହି କିଛି ବୁଝି ପାରୁ ନାହାନ୍ତି । କ'ଣ ପଢ଼ିବୁ ?'' ସେହି ଚିଠିର ଉତ୍ତରରେ ମୁଁ ଗୋଟିଏ ଦୀର୍ଘ ଚିଠି ଲେଖିଲି । ସେ ଚିଠିଟି ସେ ପାଠଚକ୍ରରେ ପଢ଼ିଲେ ଏବଂ ପ୍ରତି ଆଠ ଦିନରେ ପାଠଚକ୍ରରେ ପଢ଼ା ହେବା ସକାଶେ ଗୋଟିଏ ଚିଠି ଲେଖିବାକୁ ମୋ ପାଖକୁ ଲେଖିଲେ । ତାଙ୍କରି ଲେଖିବା ଅନୁସାରେ ମୁଁ ପ୍ରତି ଆଠ ଦିନରେ ଗୋଟିଏ ଚିଠି ଲେଖି ପଠାଇ ଦେଉଥିଲି । ସେ ତାଙ୍କ ପାଠଚକ୍ରରେ ପଢ଼ି ସେହି ଚିଠିକୁ ଅନ୍ୟାନ୍ୟ ପାଠଚକ୍ରରେ ପଢ଼ା ହେବା ସକାଶେ ପଠାଉଥିଲେ । କ୍ରମଶଃ ପାଠଚକ୍ର ବୃଦ୍ଧି ହୋଇ କୋଡ଼ିଏ, ପଚିଶଟି ହୋଇଗଲା । ପାଠଚକ୍ର ଅଧିକ ହେବାରୁ ଗୋଟିଏ ଚିଠି ସବୁ ପାଠଚକ୍ରକୁ ପଠାଇବା ସମ୍ଭବ ହେଲା ନାହିଁ । ରଘୁନାଥ ମହାନ୍ତି ମୋତେ ଲେଖି ସେହିସବୁ ଚିଠିକୁ ପୁସ୍ତକ ଆକାରରେ ଛପାଇ ଦେଲେ । ତା'ର ନାମ ରଖାହେଲା, 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ' । ପ୍ରତି ମାସରେ ସେହିପରି ଗୋଟିଏ ଗୋଟିଏ ବହି ଲେଖି ଛପାଇ ପାଠଚକ୍ରମାନଙ୍କୁ ପଠାଇବାକୁ ସେମାନେ ଲେଖିଲେ । ସେହି ଅନୁସାରେ କାର୍ଯ୍ୟ କରାଗଲା । ପରେ କେତେକ ବହି ପ୍ରପତ୍ତି ଲେଖିଲେ । ସେହି ପୁସ୍ତକମାଳାର ନାମ ରଖା ହେଲା 'ଶ୍ରୀଅରବିନ୍ଦ ଲୋକ-ସାହିତ୍ୟ' । ତା'ପରେ ପାଠଚକ୍ରମାନଙ୍କରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ବହି ପଢ଼ାଗଲା ଏବଂ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଭକ୍ତ-ସାଧକମାନେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଲିଖିତ ଗ୍ରନ୍ଥ ଆଗ୍ରହରେ ପଢ଼ିଲେ ତଥା ତାଙ୍କର ଯୋଗ ବିଷୟ ବୁଝିଲେ । ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରସାର ସଙ୍ଗେ ସଙ୍ଗେ ଓଡ଼ିଶାର ବିଦ୍ୱାନ୍ ଶ୍ରେଣୀର ସାଧକମାନେ ଶ୍ରୀଅରବିନ୍ଦଙ୍କ ଯୋଗଦର୍ଶନ ବିଷୟରେ ସଭା-ସେମିନାରରେ ଭାଷଣ ଦେଲେ ଏବଂ ମା'ଙ୍କ କୃପାରୁ ଛୋଟ ଛୋଟ ଛାତ୍ରଛାତ୍ରୀ ଏବଂ କମ୍ ପଢ଼ିଥିବା ଭାଇଭଉଣୀମାନେ ''ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ଏବଂ ସାଧନା କ'ଣ'' – ଏହି ପ୍ରଶ୍ନର ଉତ୍ତରରେ ''ମନ-ପ୍ରାଣ-ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତର, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ, ଅଜ୍ଞାନରୁ ପୂର୍ଣ୍ଣ ମୁକ୍ତି ଏବଂ ଏହି ମୃତ୍ୟୁପୁରୀରେ ସ୍ୱର୍ଗରାଜ୍ୟର ପ୍ରତିଷ୍ଠା । ଏହି ଲକ୍ଷ୍ୟ ପ୍ରାପ୍ତିର ସାଧନା – ଅଭୀପ୍ସା, ସମର୍ପଣ, ପ୍ରତିକୂଳ ଗତିବୃତ୍ତିର ତ୍ୟାଗ'' ବୋଲି ସ୍ୱାଭାବିକରୂପେ କହିପାରିଲେ ଏବଂ ବୁଝି ବି ପାରିଲେ । ବର୍ତ୍ତମାନ ପାଠଚକ୍ରର ମେମ୍ବର ତଥା ଭକ୍ତ ଏବଂ ସାଧକମାନେ କମ୍ ପଢ଼ିଥାଆନ୍ତୁ ଅଥବା ବିଶେଷ ଭାବରେ ପଢ଼ିଥାଆନ୍ତୁ, ସମସ୍ତେ ଶ୍ରୀଅରବିନ୍ଦଙ୍କ ସାଧନା ବିଷୟରେ ଜାଣନ୍ତି ।

ସେମିନାର

ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର ପ୍ରାୟ ପଚିଶ କି ତିରିଶଟି ପ୍ରତିଷ୍ଠିତ ହୋଇଥିଲା । କିନ୍ତୁ ସେମିନାର ହୋଇ ନ ଥିଲା । ପ୍ରଥମ ପାଠଚକ୍ର-ସେମିନାର ହେଲା ଜଟଣୀ ପାଠଚକ୍ରରେ, ୧୯୬୩ ରେ । ତା'ପରେ ୧୯୬୪ ରେ ହେଲା ନରେନ୍ଦ୍ର କିଶୋର ଦାସଙ୍କ ଦ୍ୱାରା ବାରବାଟୀ ଷ୍ଟାଡ଼ିୟମରେ । ତା'ପରେ ପାଠଚକ୍ର ବୃଦ୍ଧି ହେବା ସଙ୍ଗେ ସଙ୍ଗେ ପାଠଚକ୍ରମାନଙ୍କର ବାର୍ଷିକ ଉତ୍ସବ ଓ ସେମିନାର ମଧ୍ୟ ବୃଦ୍ଧି ହେଲା ।

ଅଧିକ ପାଠଚକ୍ର ହେବାରୁ ଅନ୍ୟାନ୍ୟ ପ୍ରଦେଶ ଅପେକ୍ଷା ଓଡ଼ିଶାରୁ ଅଧିକ ସଂଖ୍ୟାରେ ଦର୍ଶନାର୍ଥୀ ଦର୍ଶନ ଦିବସମାନଙ୍କରେ ଆସିବାରୁ କେତେକ ବ୍ୟକ୍ତି କହିଲେ, ''ଏମାନେ ଏକକୁ ଦେଖି ଅନ୍ୟମାନେ ଆସୁଅଛନ୍ତି । ଏମାନଙ୍କ ମଧ୍ୟରେ ଅଧ୍ୟାତ୍ମ ପ୍ରେରଣା ନାହିଁ ।'' ଏହି ବିଷୟ ପ୍ରପତ୍ତିଙ୍କ ଦ୍ୱାରା ମା'ଙ୍କୁ ଲେଖା ହେଲା । ମା' କହିଲେ, ''ସେମାନଙ୍କ ଜ୍ଞାତରେ ବା ଅଜ୍ଞାତରେ ସେମାନଙ୍କର (ଓଡ଼ିଆମାନଙ୍କର) subliminal part ଉନ୍ମୁକ୍ତ ହୋଇଛି, ସେହି କାରଣରୁ ସେମାନେ ଆସୁଅଛନ୍ତି ।''

ପ୍ରାୟ ୧୯୭୦ ମସିହା ହେବ । ମା'ଙ୍କ ସହିତ ଆଶ୍ରମର ପ୍ରସିଦ୍ଧ ଏବଂ ମହାନ୍ ବିଦ୍ୱାନ୍ ସାଧକ କିରୀଟ ଯୋଶୀଙ୍କର ବାହାରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ହେଉଥିବା ବିଷୟରେ କଥାବାର୍ତ୍ତା ହୋଇଥିଲା । ମା' ନିଜ ହାତ ଅଙ୍ଗୁଳି ଉପରେ ଅଙ୍ଗୁଳି ରଖି କହିଥିଲେ, ''ପ୍ରଥମ ଓଡ଼ିଶା, ଦ୍ୱିତୀୟ ବଙ୍ଗଳା ।'' ମା'ଙ୍କର ଏହି ବାକ୍ୟ ଅମୋଘ ଏବଂ ସତ୍ୟ । ପ୍ରତ୍ୟକ୍ଷ କାର୍ଯ୍ୟରେ ମଧ୍ୟ ତାହା ଦେଖାଯାଉଅଛି ।

ଓଡ଼ିଶାରେ ପ୍ରପତ୍ତିଙ୍କ କାର୍ଯ୍ୟ

(୧)

ଭଗବାନ୍ ଯେଉଁ ସମୟରେ ସଂସାରରେ କାର୍ଯ୍ୟ କରିବାକୁ ଆସନ୍ତି ଅଥବା ସଂସାରରେ ଭଗବାନଙ୍କର ବିଶେଷ କିଛି କାର୍ଯ୍ୟ ହୁଏ, ସେ ସମୟରେ ତାଙ୍କର କାର୍ଯ୍ୟ କରିବା ସକାଶେ ସେ କିଛି ବ୍ୟକ୍ତିଙ୍କୁ ନିର୍ବାଚନ କରିଥା'ନ୍ତି । ଏହିପରି ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରପତ୍ତି ହେଉଛନ୍ତି ଜଣେ । ବୟାଳିଶ ମୌଜା ଭାରଗୋଳ ଗ୍ରାମର ଶ୍ରୀ ବାନାୟର ପତିଙ୍କ ପୁତ୍ର ଭାବରେ ସେ ଜନ୍ମଲାଭ କରିଥିଲେ ୧୯୨୪ ଅପ୍ରେଲ ୩୦ ତାରିଖରେ । ଚାରି ଭାଇଙ୍କ ମଧ୍ୟରେ ପ୍ରପତ୍ତି ଥିଲେ ବିଦ୍ୱାନ୍ । ତୁଳସୀ ଦୁଇ ପତ୍ରରୁ ବାସିବା ସଦୃଶ ସେ ପିଲା ଦିନଠୁଁ ଭଲ ପଢୁଥିଲେ । ସେତେବେଳେ ଓଡ଼ିଶାରେ ଫିଲୋସଫି ଏମ୍.ଏ. ନ ଥିଲା । ସେ ଆଲ୍ଲାହାବାଦରେ ପଢ଼ି ଫାଷ୍ଟ୍ ଡିଭିଜନରେ ଏମ୍. ଏ. ପାସ୍ କଲେ । ଏମ୍. ଏ. ପାସ୍‌କରି ବାରିପଦା, ପୁରୀ, କୋରାପୁଟ ଜିଲ୍ଲା ଜୟପୁରରେ ଫିଲୋସଫି ଲେକ୍‌ଚରର୍ ଥିଲେ ।

ତାଙ୍କର ସହପାଠୀ କଟକର ଲଳିତ ମୋହନ ଘୋଷଙ୍କ ପୁତ୍ର ଅବନୀ ମୋହନ ଘୋଷ ପ୍ରଥମରେ ଓଡ଼ିଶାରୁ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମ ଦର୍ଶନ କରିବାକୁ ଆସିଥିଲେ । ସେ ସମୟରେ ଅବନୀବାବୁଙ୍କ ସହିତ ମୋର କଥାବାର୍ତ୍ତା ହେଲା । ସେ ଚାରିଛଅ ଦିନ ରହି ଓଡ଼ିଶା ଫେରିଗଲେ । ତାଙ୍କରିଠାରୁ ପ୍ରପତ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ବିଷୟରେ ଶୁଣି ଆଶ୍ରମର ସାଧକ ମାଧବ ପଣ୍ଡିତଙ୍କ ପାଖକୁ ଗୋଟିଏ ଚିଠି ଲେଖିଥିଲେ । ମାଧବ ପଣ୍ଡିତ ମୋତେ ଡାକି କରି କହିଲେ, ''ଓଡ଼ିଶାରୁ ଜଣେ ଫିଲୋସଫି ଅଧ୍ୟାପକ ଚିଠି ଲେଖିଛନ୍ତି । ଏ ଚିଠିର ଉତ୍ତର ତୁମେ ଦେଇଦିଅ ।'' ମୁଁ ତ ଚାହାଳିରେ ପଢ଼ିଥିଲି । ମୋର ଚିଠି ଲେଖିବାର ଅଭ୍ୟାସ ନ ଥିଲା । ତେଣୁ ଜଣେ ଫିଲୋସଫି ପ୍ରଫେସରଙ୍କ ଚିଠିର ଉତ୍ତର ଦେବା ସହଜ ନ ଥିଲା । ସେ ଚିଠିରେ ଶଙ୍କରଙ୍କର ଦର୍ଶନକୁ ପ୍ରତିପାଦନ କରାହୋଇ ଶ୍ରୀଅରବିନ୍ଦଙ୍କ ଦର୍ଶନକୁ ଖଣ୍ଡନ କଲା ଭଳିଆ ଭାଷା ପ୍ରୟୋଗ କରାଯାଇଥିଲା । ସେ ଚିଠିକୁ ପଢ଼ିବା ପରେ ମୁଁ ଭାବିଲି ଏହାର ଉତ୍ତର ମୁଁ ଦେଇ ପାରିବି । ଏଣୁ ଗୋଟିଏ ଲମ୍ବା ଚିଠି ଲେଖି ପଠାଇ ଦେଲି । ସେ ଚିଠିଟି ପାଇ ପ୍ରପତ୍ତି ଉତ୍ତର ଦେଲେ, ''ତୁମେ ଯଦି ଚାହିଁବ, ଏ ଚିଠିଟି ମୁଁ ସମାଜ ପତ୍ରିକାରେ ଛପାଇ ଦେବି, ମୁଁ ଆଶ୍ରମ ଦର୍ଶନ କରି ଯିବା ସକାଶେ ଚାହୁଁଛି ।'' ମୁଁ ଉତ୍ତର ଦେଲି, ''ନାଇଁ, ଏ ଚିଠି ସମାଜରେ ଛପାଇବା ଯୋଗ୍ୟ ନୁହେଁ । ଏହାକୁ ଛପାନ୍ତୁ ନାହିଁ । କିନ୍ତୁ ଆସନ୍ତୁ ।''

ମୋ ଚିଠି ପାଇବା ପରେ ଗ୍ରୀଷ୍ମ ଛୁଟି ହେବା ସଙ୍ଗେ ସଙ୍ଗେ ସେ ଆଶ୍ରମକୁ ଚାଲି ଆସିଲେ । ମୋ ସଙ୍ଗେ ଦେଖା ହେଲା । ତାଙ୍କ ସକାଶେ ଆଶ୍ରମ ଗେଷ୍ଟ୍‌ହାଉସ୍ ଗୋଲକୁଣ୍ଡା ଠିକ୍ କରା ହୋଇଥିଲା । ସେ ଆସି ପୂରା ଗ୍ରୀଷ୍ମାବକାଶଟି ଏଠାରେ ରହିଲେ । ସେ ସମୟରେ ମା'ଶ୍ରୀଅରବିନ୍ଦଙ୍କ ବହି ଓଡ଼ିଆ ଭାଷାରେ ଅନୁବାଦ ହେଉଥିଲା । ଅବସରପ୍ରାପ୍ତ ଜଜ୍ ଚାରୁଚନ୍ଦ୍ର ଦତ୍ତଙ୍କ ସହାୟତାରେ ମୁଁ ପ୍ରତିଦିନ ଏକଘଣ୍ଟା ଅନୁବାଦ କାର୍ଯ୍ୟ କରୁଥିଲି । ପ୍ରପତ୍ତି ମଧ୍ୟ ଆସି ସେହି କାର୍ଯ୍ୟରେ ସହଯୋଗ କଲେ । ମା'ଶ୍ରୀଅରବିନ୍ଦଙ୍କ ଯୋଗ ବିଷୟରେ ଆଲୋଚନା ହେଲା । ଗ୍ରୀଷ୍ମାବକାଶଟି ଏଠାରେ ରହି ସେ ଫେରିଲେ । କିନ୍ତୁ ଯିବା ସମୟରେ ରିକ୍‌ସାରେ ବସିବା ମାତ୍ରେ ତାଙ୍କ ଦୁଇ ନେତ୍ରରୁ ଅଶ୍ରୁ ବର୍ଷା ହେଉଥାଏ । ସେ ସମୟରେ ଶ୍ରୀଅରବିନ୍ଦ ଥିଲେ । ବୋଧହୁଏ ୧୯୪୯ କି ୫୦ ମସିହା ହେବ । କିନ୍ତୁ ଗ୍ରୀଷ୍ମାବକାଶରେ ତ ଶ୍ରୀଅରବିନ୍ଦଙ୍କ ଦର୍ଶନ ହୁଏ ନାହିଁ । ବର୍ଷକେ ଚାରିଥର ଦର୍ଶନ ହେଉଥିଲା । ତେଣୁ ପ୍ରପତ୍ତି ଶ୍ରୀଅରବିନ୍ଦଙ୍କ ଦର୍ଶନ କରି ନ ଥିଲେ ।

ଏହିପରି ପ୍ରତିବର୍ଷ ଗ୍ରୀଷ୍ମଛୁଟି ହେବା ସଙ୍ଗେ ସଙ୍ଗେ ପ୍ରପତ୍ତି ଆଶ୍ରମକୁ ଆସନ୍ତି । ଛୁଟି ସମାପ୍ତ ହୋଇଗଲେ ଏଠାରୁ ଯାଇ ଚାକିରିରେ ଯୋଗ ଦିଅନ୍ତି । ପ୍ରତିଥର ଯିବା ସମୟରେ ରିକ୍‌ସାରେ ବସିବା ମାତ୍ରେ ତାଙ୍କ ନେତ୍ରରୁ ଅଶ୍ରୁ ବର୍ଷାହୁଏ । ଏହିପରି ଯିବା ଆସିବା କରିବା ପରେ ୧୯୫୪ରେ ଏଠାରେ ରହିବା ସକାଶେ ନିଶ୍ଚୟ କଲେ । ସେତେବେଳେ ମା' ପ୍ଲେଗ୍ରାଉଣ୍ଡକୁ ପ୍ରତିଦିନ ଆସୁଥା'ନ୍ତି । ଯେଉଁ ଦର୍ଶନାର୍ଥୀମାନଙ୍କର ମା'ଙ୍କୁ ଦର୍ଶନ କରି କିଛି କହିବାକୁ ଥାଏ ମା'

ସେମାନଙ୍କୁ ଅନୁମତି ଦିଅନ୍ତି । ମା'ଙ୍କ ଦର୍ଶନ କରି ପ୍ରପତ୍ତି ମା'ଙ୍କୁ ଆଶ୍ରମରେ ରହିବା ସକାଶେ ପ୍ରାର୍ଥନା କଲେ । ମା' ଆଶ୍ରମରେ ରହିବା ସକାଶେ ଅନୁମତି ଦେଲେ । ତାଙ୍କୁ ରହିବାକୁ ଘର ମିଳିଲା – ନବଜ୍ୟୋତି କାର୍ଯ୍ୟାଳୟର ଯେଉଁ ରୁମ୍‌ରେ ସେ ଶେଷ ପର୍ଯ୍ୟନ୍ତ ଥିଲେ । ଆଶ୍ରମ ସେ ଘରଟି ଭଡ଼ା ନେଇଥିଲା । ପ୍ରପତ୍ତି ରହିବାପରେ ନବଜ୍ୟୋତି କାର୍ଯ୍ୟାଳୟ କାର୍ଯ୍ୟ ଆରମ୍ଭ ହେଲା । ସେ ଆଶ୍ରମରେ ରହିବା ପୂର୍ବରୁ କେତେ ଖଣ୍ଡି ମା'ଶ୍ରୀଅରବିନ୍ଦଙ୍କ ବହିର ଓଡ଼ିଆ ଅନୁବାଦ ଛପା ହୋଇଥିଲା । ସେ ଗୋଟିଏ ବହି ଜୟପୁରରେ ଛପାଇ ଥିଲେ । ଲଳିତ ମୋହନ ଘୋଷ ଦୁଇ/ତିନୋଟି ବହି ଛପାଇ ଥିଲେ, ସେ ବହି ଯାହା ବିକ୍ରି ହେଉଥିଲା ମା'ଙ୍କୁ ଅଫରିଙ୍ଗ୍ କରି ଦେଉଥିଲେ ।

ପ୍ରପତ୍ତି ଆସିବା ପରେ ଆମେ ଦୁଇଜଣ ମିଶି କରି ଅନୁବାଦ କାର୍ଯ୍ୟ ଏକଘଣ୍ଟା କରୁଥିଲୁ । କ୍ରମଶଃ ଅନୁବାଦ ବହି ଛପା ହେବାକୁ ଲାଗିଲା । ପ୍ରପତ୍ତି କହିଲେ, ''ଏ ତ ସବୁକାର୍ଯ୍ୟ ମା'ଙ୍କର । ଯେଉଁ ବହି ବିକ୍ରି ହେଉଛି, ସେସବୁ ଯଦି ମା'ଙ୍କୁ ଅଫରିଙ୍ଗ୍ କରିଦିଆ ହେବ ତେବେ ଆଉ ବହି ଛପା ହୋଇ ପାରିବ ନାହିଁ । ଏଣୁ ବହି ବିକ୍ରି ପଇସାଟା ବହି ଛପାଇବା ଲାଗି ରଖାଯାଉ ।'' ଏହିଦିନଠାରୁ ଯଥାର୍ଥରେ ନବଜ୍ୟୋତି କାର୍ଯ୍ୟାଳୟ ଆରମ୍ଭ ହେଲା ।

ନବଜ୍ୟୋତି ପତ୍ରିକା ବି ପ୍ରକାଶ ହେଉଥିଲା । ଯେଉଁ ବ୍ୟକ୍ତିଙ୍କଠାରୁ ଘର ଭଡ଼ା ନିଆ ହୋଇଥିଲା ସେ ବ୍ୟକ୍ତି ସେ ଘରଟିକୁ ବିକ୍ରି କରିବାକୁ ଚାହିଁଲେ । ସେ ସମୟରେ ପ୍ରପତ୍ତି ଆଶ୍ରମ ସ୍କୁଲରେ ଫିଲୋସଫି ଅଧ୍ୟାପକ ଥିଲେ । ମୋର ତ' ପ୍ରଥମରୁ ଡାଇନିଂ ରୁମ୍‌ରେ ବାସନ ମାଜିବା କାମ ଥିଲା । ଆମେ ଉଭୟେ ବ୍ୟାୟାମ କରିବା ସକାଶେ ଟେନିସ୍ ଗ୍ରାଉଣ୍ଡକୁ ଯାଉଥିଲୁ । ରନିଙ୍ଗ୍ ମଧ୍ୟ କରୁଥିଲୁ । ପ୍ରପତ୍ତି ମୋତେ କହିଲେ, ''ନବଜ୍ୟୋତି କାର୍ଯ୍ୟାଳୟର ଘର ବିକ୍ରି ହେବାକୁ ଯାଉଛି । ଅନ୍ୟଲୋକ ନେଲେ ଆମକୁ ସେ ଘର ଛାଡ଼ି ଦେବାକୁ ହେବ । ଆଶ୍ରମ ଘର ଦେଲେ ଗୋଟିଏ ଘର ଦେବ, ଏତେ ବହିପତ୍ର ରହିବ କେଉଁଠି ? ପୁଣି ବାରଂବାର ଘର ବଦଳ କଲେ ଅସୁବିଧା ହେବ । ଏଇ ଘରଟି ଯଦି ଖର୍ଦି ହୁଅନ୍ତା ତେବେ ସ୍ଥାୟିଭାବେ ଏଇଘରେ ନବଜ୍ୟୋତି କାର୍ଯ୍ୟାଳୟର କାର୍ଯ୍ୟ ହୁଅନ୍ତା । କିନ୍ତୁ ଖର୍ଦି କରିବା ସକାଶେ ପଇସା ଦରକାର । (ତା'ର ଦାମ୍ ସେତେବେଳେ ହୋଇଥିଲା ୪୦ ହଜାର ଟଙ୍କା) ଏତେ ଟଙ୍କା ଆସିବ କେଉଁଠୁ ?'' ମୁଁ ତାଙ୍କୁ କହିଲି, ''ପଇସା ହେଉ ବା ନ ହେଉ ସେଥିରେ କିଛି ଯାଏ ଆସେ ନାହିଁ । ଘର ଖର୍ଦି କରିବା ନିଶ୍ଚିତ ହେଲେ ପଇସା ପାଇଁ ଚିନ୍ତା କର ନାହିଁ ।'' ସେ କହିଲେ, ''ଘର ଖର୍ଦି ହେବା ତ ନିଶ୍ଚିତ । ପଇସା ଦରକାର ।''

ସେସମୟରେ ଉତ୍ସବ ବାବୁ ଆସି ଆଶ୍ରମ ଗେଷ୍ଟ୍ ହାଉସ୍‌ରେ ରହୁଥିଲେ । ଅନିମେଷ ଆଶ୍ରମରେ ପଢୁଥିଲେ । ଆମେ ଦୁଇଜଣ ଗଲୁ, ଉତ୍ସବ ବାବୁଙ୍କୁ କହିଲୁ –''ତିରିଶ ହଜାର ଟଙ୍କା ଆମକୁ ଧାର ଦିଅନ୍ତୁ । ନବଜ୍ୟୋତି କାର୍ଯ୍ୟାଳୟ ଘରଟି ଖର୍ଦିହେବ । ଅଥବା ଆପଣ ତ ସବୁବେଳେ ଆସି ଗେଷ୍ଟ୍ ହାଉସ୍‌ରେ ରହୁଛନ୍ତି, ଆପଣଙ୍କ ଲାଗି ଯଦି ଗୋଟିଏ ଘର ତିଆରି ହେବ ଆପଣ ଓ ଆପଣଙ୍କ ପରିବାର ଆସି ରହିପାରିବେ । ଏ ଦୁଇଟି ପ୍ରସ୍ତାବରୁ ଏଥିରେ ଆପଣଙ୍କ ମତ କ'ଣ ।'' ସେ କହିଲେ, ''ଆପଣ ଯଦି ଟଙ୍କା ଉଧାର ନେବେ ଟଙ୍କା ଦେବେ କିପରି ? ମୁଁ ତାଙ୍କୁ କହିଲି, ''ଏ ବହିପତ୍ର ଛପା ହେବାକୁ ଯେପରି ଟଙ୍କା ଆସୁଛି, ସେହିପରି ଆପଣଙ୍କ ଟଙ୍କାକୁ ଆମେ ପରିଶୋଧ କରିଦେବୁ ।'' ସେ କହିଲେ, ''କାଲି ମୁଁ ଯାଇକରି ଦେଖିବି ।'' ସେ ଆସି ତହିଁ ଆରଦିନ ଦେଖିଲେ, ବର୍ତ୍ତମାନ ଯେଉଁ ଭାଗରେ ସେ ଅଛନ୍ତି ସେହି ଭାଗଟି ମୋର ହୋଇ ରହିବ ବୋଲି କହିଲେ । ତା'ପରେ ଘର ଖର୍ଦି ହେଲା । ମା'ଙ୍କ ନାମରେ ଜମି ଖର୍ଦି ହେଲା । ଉତ୍ସବ ବାବୁ ସେପଟେ ରହିଲେ । ଏପଟଟି ନବଜ୍ୟୋତି କାର୍ଯ୍ୟାଳୟ ହେଲା ।

ପ୍ରପତ୍ତିଙ୍କ ଦ୍ୱାରାହିଁ ନବଜ୍ୟୋତି କାର୍ଯ୍ୟାଳୟର କାର୍ଯ୍ୟ ଓ ଓଡ଼ିଶାର କାର୍ଯ୍ୟ ଆରମ୍ଭ ହେଲା । କ୍ରମଶଃ ଓଡ଼ିଶାରେ ମା'ଙ୍କ କାର୍ଯ୍ୟ ବିସ୍ତାର ହେବାକୁ ଲାଗିଲା । ସେ ଆଶ୍ରମରେ ଅଧ୍ୟାପକ ଥିଲେ । ଓଡ଼ିଶାରେ ଯାଇ ପାଠଚକ୍ର କରାଉଥିଲେ, ଏଆଡ଼େ ନବଜ୍ୟୋତି କାର୍ଯ୍ୟାଳୟରେ ବହିପତ୍ର ଓ 'ନବଜ୍ୟୋତି' ତ୍ରୈମାସିକ ଓ ଅନ୍ୟାନ୍ୟ ପତ୍ରପତ୍ରିକା ପ୍ରକାଶ ହେଲା । ତାଙ୍କର ଅକ୍ଲାନ୍ତ ପରିଶ୍ରମରେ ଓଡ଼ିଶାରେ ପାଠଚକ୍ର ସବୁ ଗଢ଼ିଉଠିଲା । ଓଡ଼ିଶାରେ ବେଶୀକାମ ପଡ଼ିବାରୁ ଆଶ୍ରମରେ ଅଧ୍ୟାପନା କାମ ପୂରାପୂରି ଛାଡ଼ି ଓଡ଼ିଶା କାମ ପାଇଁ ସେ ବେଶୀ ସମୟ ଦେଲେ । ତା'ପରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଏବଂ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଭିନ୍ନ ଭିନ୍ନ ସ୍ଥାନରେ ହେଲା । ମା'ଙ୍କ କାର୍ଯ୍ୟରେ ସେ ନିଜକୁ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗ

କରିଥିଲେ । ଏପରିକି ଶରୀର ଅସୁସ୍ଥ ଥିବା ସମୟରେ ବି ମା'ଙ୍କ କାର୍ଯ୍ୟ ଛାଡ଼ି ନ ଥିଲେ । ତାଙ୍କର ଜୀବନର ବ୍ରତଥିଲା ଓଡ଼ିଶାର ପ୍ରତ୍ୟେକ ଗ୍ରାମରେ ପ୍ରତ୍ୟେକ ଘରେ ମା'ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରତିଷ୍ଠା କରିବା । ଯେତେବେଳେ କଲିକତାରେ ପାଠମନ୍ଦିର ପ୍ରତିଷ୍ଠା ହେଲା ସେସମୟରେ ଶ୍ରୀଅରବିନ୍ଦ କହିଥିଲେ, ''ଗୋଟିଏ ଜାଗାରେ କ'ଣ ହେଲା ? ଘରେ ଘରେ ପାଠଚକ୍ର ହେବା ଉଚିତ ।'' ପ୍ରପତ୍ତି ତାଙ୍କର ମନ-ପ୍ରାଣ-ଶରୀରରେ ମା'ଙ୍କ କାର୍ଯ୍ୟ କରିବା ସକାଶେ ନିଜକୁ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗ କରିଥିଲେ । ଯେଉଁ ସମୟରେ ସେ ବିଛଣାରୁ ଉଠିପାରୁ ନ ଥିଲେ ସେସମୟରେ ବି ଓଡ଼ିଶାରେ ମା'ଙ୍କ କାର୍ଯ୍ୟ ତ୍ୱରାନ୍ୱିତ ହେବା ଲାଗି ତୀବ୍ରଭାବେ ଇଚ୍ଛା କରୁଥିଲେ ।

ସେ ଆସିଥିଲେ ମା'ଙ୍କ କାର୍ଯ୍ୟ କରିବା ସକାଶେ । ଆନ୍ତରିକତା ସହିତ ମା'ଙ୍କ କାର୍ଯ୍ୟ କରି ସେ ସ୍ଥୂଳ ଶରୀର ତ୍ୟାଗ କଲେ । କିନ୍ତୁ ପୁନରାୟ ନୂତନ ଶରୀରରେ ଜନ୍ମଗ୍ରହଣ କରି ସେ ମା'ଙ୍କ କାର୍ଯ୍ୟ କରିବେ ।

ପୃଥିବୀରେ ଅତିମାନସ ଚେତନା ଓ ଶକ୍ତି ପ୍ରତିଷ୍ଠା କରିବା ସକାଶେ ମା'ଶ୍ରୀଅରବିନ୍ଦ ଏ ପୃଥିବୀକୁ ଆସି ମନୁଷ୍ୟ ଶରୀର ଧାରଣ କରି ନିଜେ ସାଧନା କରି ଅତିମାନସ ଶକ୍ତିକୁ ଅବତରଣ କରାଇ ପୃଥିବୀରେ ପ୍ରତିଷ୍ଠା କରି ଅଛନ୍ତି । ସ୍ୱୟଂ ସାଧନା କରି ଆଶ୍ରମ ଓ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରାଇଛନ୍ତି । ଏହି ଚେତନାକୁ ବ୍ୟକ୍ତି ଗ୍ରହଣ କରିବା ସଙ୍ଗେ ସଙ୍ଗେ ମା'ଙ୍କ ଆଦର୍ଶ ଅନୁସାରେ ଘରେ ଘରେ ପାଠଚକ୍ର ଓ ବିଭିନ୍ନ ସ୍ଥାନରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହେବ । ବିଶେଷ ସ୍ଥାନମାନଙ୍କରେ ଶ୍ରୀଅରବିନ୍ଦ ରିଲିକ୍ସ ମନ୍ଦିର ପ୍ରତିଷ୍ଠା ହେବ । ଏଇ କାର୍ଯ୍ୟ ପ୍ରପତ୍ତି ଜୀବନସାରା କରି ଆସିଛନ୍ତି । ଓଡ଼ିଶାରେ ମା'ଙ୍କ କାର୍ଯ୍ୟ ପ୍ରସାର ହୋଇଛି । ଓଡ଼ିଶାବାସୀଙ୍କୁ ମୋର ଅନୁରୋଧ ଓ ପ୍ରାର୍ଥନା ମା'ଙ୍କର ଏଇ ଯେଉଁ କାର୍ଯ୍ୟ ତାହା ଅବ୍ୟାହତ ରହୁ, ଏହି କାର୍ଯ୍ୟ ହେଲେ ପ୍ରପତ୍ତିଙ୍କ ଆତ୍ମା ପ୍ରସନ୍ନ ଏବଂ କୃତାର୍ଥ ହେବ । ପୁନରାୟ ସେ ଜନ୍ମଗ୍ରହଣ କରି ଏହି କାର୍ଯ୍ୟ କରିବେ । ମା'ଙ୍କ ଆଦର୍ଶ ପ୍ରସାର କାର୍ଯ୍ୟହିଁ ଆତ୍ମମାନଙ୍କ ସାଧନାର ପ୍ରଧାନ ଅଙ୍ଗ । କାହିଁକିନା ଶ୍ରୀଅରବିନ୍ଦଙ୍କ ଆଦର୍ଶ ବ୍ୟକ୍ତିଗତ ସାଧନା ନୁହେଁ; ପୃଥିବୀରେ ଅତିମାନବ ଜାତି, ଅତିମାନସ ଚେତନା ପ୍ରତିଷ୍ଠା ହେବ ଯାହା ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତର ହେବ । ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ, କଷ୍ଟରୁ ସମ୍ପୂର୍ଣ୍ଣ ମୁକ୍ତହେବ, ସେମାନେ ହେବେ ଦିବ୍ୟମାନବ । ପୃଥିବୀରେ ପଶୁଜାତି ଥାଇ ଯେପରି ମନୁଷ୍ୟଜାତି ପ୍ରତିଷ୍ଠା ହୋଇଛନ୍ତି ସେହିପରି ମନୁଷ୍ୟଜାତି ଥାଇ ଦିବ୍ୟମାନବ ଜାତି ପ୍ରତିଷ୍ଠା ହେବ । ସଂସାର ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ସଂସାରରେ ଚୋରି, ଡକାୟତି, ଯୁଦ୍ଧ-ବିଗ୍ରହ ଆଦି ରହିବ ନାହିଁ, ଏହାହିଁ ଭଗବାନଙ୍କ ସୃଷ୍ଟିର ଉଦ୍ଦେଶ୍ୟ, ଏହାହିଁ ଆମ ସାଧନାର ଅଙ୍ଗ, ଏ ଜୀବନର ଲକ୍ଷ୍ୟ । ମା'ଙ୍କ କାର୍ଯ୍ୟ ଯେତେ ଅଧିକ ପ୍ରସାର ହେବ ସେଥିରେ ଆମ ସାଧନାର ଉନ୍ନତି ଓ ପୃଥିବୀର ଉନ୍ନତି ହେବ । ଏଣୁ ଏହା ବ୍ୟକ୍ତିଗତ ନୁହେଁ ସମଷ୍ଟିଗତ । ଏହାହିଁ ଭଗବାନଙ୍କ ସେବା ଏବଂ ମାନବ ଜୀବନର ଯଥାର୍ଥ କଲ୍ୟାଣ । ଏଇ ଆଦର୍ଶ ପ୍ରସାର ହେବାଛଡ଼ା ଅନ୍ୟ କୌଣସି ଉପାୟରେ ସଂସାରର ବର୍ତ୍ତମାନ ପରିସ୍ଥିତିର ସୁଧାର ହୋଇ ପାରିବ ନାହିଁ ।

(ନବପ୍ରକାଶ – ଜୁଲାଇ, ୧୯୮୯)

(୨)

ଭଗବାନ୍ ଯେତେବେଳେ ଅବତାର ନେଇ ପୃଥିବୀକୁ ଆସନ୍ତି ସେ କେତେକ ବ୍ୟକ୍ତିଙ୍କୁ ନିଜ କାର୍ଯ୍ୟ ସକାଶେ ବାଛି ଆସନ୍ତି ଏବଂ ତାଙ୍କ କାର୍ଯ୍ୟରେ ଅଂଶ ଗ୍ରହଣ କରିବା ସକାଶେ ବହୁ ସଂଖ୍ୟକ ବ୍ୟକ୍ତିଙ୍କୁ ସୁଯୋଗ ଦିଅନ୍ତି । ଯେଉଁମାନଙ୍କୁ ଭଗବାନ୍ ବାଛି ଆସନ୍ତି ଏବଂ ଯେଉଁମାନେ ଭଗବାନଙ୍କ କାର୍ଯ୍ୟରେ ଅଂଶ ଗ୍ରହଣ କରନ୍ତି ସେହିମାନେ ଯଥାର୍ଥରେ ବହୁତ ଭାଗ୍ୟବାନ୍ ଏବଂ ଭଗବାନଙ୍କର ବିଶେଷ କୃପାପାତ୍ର । ମା'ଙ୍କ ଦ୍ୱାରା ବଛା ଯାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରପତ୍ତି ଜଣେ ।

ଶ୍ରୀମା ଶ୍ରୀଅରବିନ୍ଦ ପୃଥିବୀରେ ଦିବ୍ୟମାନବଜାତି ପ୍ରତିଷ୍ଠା କରିବା ସକାଶେ ମାନବ ଶରୀର ଧାରଣ କରି ନିଜେ

ତପସ୍ୟା କରି ଅତିମାନସ ଶକ୍ତିକୁ ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି, ଯେଉଁମାନେ ଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ଗ୍ରହଣ କରି ସାଧନା କରିବେ ସେହିମାନେ ହେବେ ଅତିମାନବ । ସେମାନେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ-କଷ୍ଟରୁ ସମ୍ପୂର୍ଣ୍ଣ ମୁକ୍ତ ହେବେ; ପୃଥିବୀରୁ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ଦୂର ହେବ । ପୃଥିବୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ଏହି ଲକ୍ଷ୍ୟ ସମ୍ପର୍କରେ ଯେତେ ଅଧିକ ବ୍ୟକ୍ତି ଜାଣିବେ, ଗ୍ରହଣ କରିବେ ଏବଂ ଆଚରଣ କରିବେ, ସେହି ଅନୁପାତରେ ସଂସାରରୁ ଅନ୍ୟାୟ, ଅସତ୍ୟ ଓ ଦୁର୍ନୀତି କମ୍ ହେଉଥିବ । ଯେତେବେଳେ କିଛି ବ୍ୟକ୍ତିଙ୍କର ପୂର୍ଣ୍ଣ ରୂପାନ୍ତର ହେବ ସେତେବେଳେ ଏହି ପୃଥିବୀ ଦିବ୍ୟସ୍ୱର୍ଗରେ ପରିଣତ ହେବ । ଏହି କାରଣରୁ ଶ୍ରୀମାଙ୍କ ଆଦର୍ଶ ପୃଥିବୀରେ ପ୍ରସାର ଅନିବାର୍ଯ୍ୟ । ଏହି ପ୍ରସାର କାର୍ଯ୍ୟରେ ଯେଉଁମାନେ ଅଂଶ ଗ୍ରହଣ କରିବେ ସେହିମାନେ ହେବେ ଅତିମାନସ ନୂତନ ଯୁଗର ଅଗ୍ରଦୂତ । ଏପରି ଉତ୍ତମ ସୁଯୋଗ, ଉତ୍ତମ କାର୍ଯ୍ୟ ସୃଷ୍ଟି ସର୍ଜନା ହେବା ଦିନରୁ କେବେ ବି ଆସି ନାହିଁ କିଂବା ଭବିଷ୍ୟତରେ ବି ଆସିବ ନାହିଁ । କାରଣ ବର୍ତ୍ତମାନ ମନୁଷ୍ୟ ଦୁଃଖ, କଷ୍ଟରୁ ମୁକ୍ତ ହେବାର ମାର୍ଗ ଅନୁସରଣ କରିବ । ଭବିଷ୍ୟତରେ ପୃଥିବୀରେ ଦୁଃଖକଷ୍ଟ ରହିବ ନାହିଁ, ବର୍ତ୍ତମାନର ସୁଯୋଗ ଆସିବ କିପରି ?

ମା'ଙ୍କ କୃପାରୁ ମା'ଙ୍କ କାର୍ଯ୍ୟ କରିବା ସକାଶେ ମା'ଙ୍କ ବିଧାନ ଅନୁସାରେ ପ୍ରପତ୍ତି ବାଲ୍ୟାବସ୍ଥାରୁ ତୟାରି ହେଉଥିଲେ । ସେ ଥିଲେ ମେଧାବୀ ଛାତ୍ର । ଫିଲୋସୋଫିରେ ପ୍ରଥମ ଶ୍ରେଣୀରେ M.A. ପାସ୍ କରି କଲେଜରେ ଅଧ୍ୟାପକ ହେଲେ । ଅଳ୍ପବର୍ଷ ଚାକିରି କରିବା ପରେ ଚାକିରିରୁ ଅବ୍ୟାହତି ନେଇ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ସାଧକ ରୂପେ ରହିଲେ ।

ପ୍ରପତ୍ତି ଶ୍ରୀଅରବିନ୍ଦ ଆଶ୍ରମରେ ସାଧକ ରୂପେ ରହିବା ସମୟରୁ ତାଙ୍କର ସ୍ୱତଃସ୍ଫୂର୍ତ୍ତଭାବେ ମା'ଙ୍କ ସେବା ଭାବରେ ମା'ଙ୍କ କାର୍ଯ୍ୟ ପ୍ରସାରରେ ତାଙ୍କର ସ୍ୱତଃ ପ୍ରବୃତ୍ତି ହେଲା । ସେ ଆଶ୍ରମରେ ରହିବା ପରଠାରୁ ତାଙ୍କ ଦ୍ୱାରା ଶ୍ରୀମା ଶ୍ରୀଅରବିନ୍ଦଙ୍କ ଇଂରାଜୀ ଭାଷାରେ ଲିଖିତ ଗ୍ରନ୍ଥର ଓଡ଼ିଆ ଅନୁବାଦ ବୃଦ୍ଧି ହେଲା, କ୍ରମଶଃ ତିନୋଟି ପତ୍ରିକା ପ୍ରକାଶ ହେଲା । ନବଜ୍ୟୋତି କାର୍ଯ୍ୟାଳୟ ପ୍ରତିଷ୍ଠା ହେଲା, ବାହାରୁ ଆସୁଥିବା ମା'ଙ୍କ ସନ୍ତାନ ଭକ୍ତମାନଙ୍କ ରହିବା ସକାଶେ ଗେଷ୍ଟ୍‌ହାଉସ୍ ହେଲା, ପ୍ରେସ୍ ବି ହେଲା । ଆଶ୍ରମରେ ଏହିସବୁ କାର୍ଯ୍ୟ ହେବା ସଙ୍ଗେ ସଙ୍ଗେ ସେ ଓଡ଼ିଶାକୁ ଯାଇ ସୁଖ ସୁବିଧା ତ୍ୟାଗ କରି ଭୋଜନ ବିଶ୍ରାମକୁ, ପାଣି, କାଦୁଅ, ଖରାବର୍ଷାକୁ ପରୁଆ ନ କରି, ସଡ଼କ ନ ଥିବା ଗ୍ରାମାଞ୍ଚଳରେ ଖରା, ବର୍ଷା, ପାଣି କାଦୁଅରେ ଚାଲିକରି ଯାଇ ପାଠଚକ୍ର କରାଇଲେ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହେଲା । ଓଡ଼ିଶାର ବହୁସ୍ଥାନରେ ଶ୍ରୀଅରବିନ୍ଦଙ୍କ ରିଲିକ୍‌ସ ପ୍ରତିଷ୍ଠା ହେଲା । ଡାଳିଯୋଡ଼ାରେ ସାଧକମାନଙ୍କ ରହିବା ଆଶ୍ରମ ବି ପ୍ରତିଷ୍ଠା ହେଲା । ପ୍ରପତ୍ତିଙ୍କର ମା'ଙ୍କ କାର୍ଯ୍ୟରେ ଆଗ୍ରହ ଉତ୍ସାହ ଦେଖି ମା'ଙ୍କ କୃପାରୁ ଓଡ଼ିଶାରେ ବିଭିନ୍ନ ସ୍ଥାନରୁ, ବିଭିନ୍ନ ଅଞ୍ଚଳରୁ ମା'ଙ୍କ କାର୍ଯ୍ୟ କରିବା ସକାଶେ ବହୁତ କର୍ମୀ ପ୍ରବୃତ୍ତ ହେଲେ ଏବଂ ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର କାର୍ଯ୍ୟରେ ସହଯୋଗ କଲେ । ବର୍ତ୍ତମାନ ଓଡ଼ିଶାରେ ତିନି ହଜାରରୁ ଅଧିକ ସକ୍ରିୟ ପାଠଚକ୍ର ହୋଇଅଛି । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରାୟ ଅଶୀ, ରିଲିକ୍‌ସ ମନ୍ଦିର ଛବିଶଟି ପ୍ରତିଷ୍ଠା ହୋଇଅଛି ।

ପ୍ରପତ୍ତି ସମଗ୍ର ଜୀବନ ମା'ଙ୍କ ଚରଣରେ ଉତ୍ସର୍ଗ କରି ମା'ଙ୍କ ଆଦର୍ଶ ପ୍ରସାର କାର୍ଯ୍ୟ ଅକ୍ଲାନ୍ତ ପରିଶ୍ରମ କରି କଲେ । ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ମା'ଙ୍କ କାର୍ଯ୍ୟ ବିଷୟରେ ଚିନ୍ତାକରି ନଶ୍ୱର ଶରୀର ତ୍ୟାଗ କଲେ । ତାଙ୍କ ଶରୀର ତ୍ୟାଗ ହେବାରୁ ଆତ୍ମମାନଙ୍କୁ ତଥା ଓଡ଼ିଶାବାସୀ ମା'ଙ୍କ ସନ୍ତାନମାନଙ୍କୁ ଏବଂ ଅନ୍ୟ ପ୍ରାନ୍ତର ତାଙ୍କ ପରିଚିତ ସଜ୍ଜନମାନଙ୍କୁ ବହୁତ ଦୁଃଖ ହେଲା ।

ଯେଉଁମାନେ ଆଶ୍ରମରେ ଅଥବା ଆଶ୍ରମ ବାହାରେ ରହି ରୂପାନ୍ତର ଯୋଗର ଲକ୍ଷ୍ୟ ଗ୍ରହଣ କରି, ଲକ୍ଷ୍ୟପ୍ରାପ୍ତି ସକାଶେ ଦୃଢ଼ ସଙ୍କଳ୍ପ କରି ସାଧନା କରୁ ଅଛନ୍ତି, ସେମାନଙ୍କୁ ଲକ୍ଷ୍ୟ ପ୍ରାପ୍ତି ନ ହେବା ପର୍ଯ୍ୟନ୍ତ, ଅର୍ଥାତ୍ ପୂର୍ଣ୍ଣ ରୂପାନ୍ତର ନ ହେବା ପର୍ଯ୍ୟନ୍ତ ଶରୀର ତ୍ୟାଗ କରି ପୁନରାୟ ଜନ୍ମ ନେବାକୁ ହେବ । ପୂର୍ବ ଜନ୍ମରେ ସାଧକ ସାଧନାରେ ଯେତେଦୂର ଅଗ୍ରସର ହୋଇଥିବେ ତାହା ସେହିପରି ସାଧକର ଅନ୍ତରାତ୍ମା ସଙ୍ଗେ ରହିବ ଏବଂ ନୂତନ ଜନ୍ମରେ ଅନ୍ତରାତ୍ମା ସଙ୍ଗେ ଆସିବ । ପୂର୍ବଜନ୍ମରେ ସାଧନା ଯେଉଁଠାରୁ ବାକି ଥିଲା, ଏହି ଜନ୍ମରେ ସେହିଠାରୁ ଆରମ୍ଭ ହେବ ।

ପ୍ରପତ୍ତି ଯଦ୍ୟପି ଆମ୍ଭମାନଙ୍କ ମଧ୍ୟରୁ ସ୍ଥୂଳ ଶରୀର ତ୍ୟାଗ କରିଛନ୍ତି ତଥାପି ତାଙ୍କ ସହିତ ଆମ୍ଭମାନଙ୍କ ଅଧ୍ୟାତ୍ମ ସମ୍ବନ୍ଧ ଚିରସ୍ଥାୟୀ ହୋଇ ରହିବ । ଅଧ୍ୟାତ୍ମ ସମ୍ବନ୍ଧ କେବେ ବି ବିଚ୍ଛିନ୍ନ ହେବ ନାହିଁ । ସମୟ ଆସିଲେ ଆମ୍ଭେମାନେ ଶରୀର ଛାଡୁଥିବା, ପୁନରାୟ ନୂତନ ଶରୀରରେ ଆସି ମା'ଙ୍କ ସେବା କରିବା । ସାଧନା ଦ୍ୱାରା ଆମ୍ଭମାନଙ୍କ ଚେତନା ଯେତେ ଉଚ୍ଚ ଅବସ୍ଥାକୁ ପ୍ରାପ୍ତ ହେଉଥିବ, ଆମ୍ଭେ ସାଧନାରେ ଯେତେ ପ୍ରଗତି କରିବା, ସେହି ଅନୁପାତରେ ଅମ୍ଭମାନଙ୍କର ଅଧ୍ୟାତ୍ମ ସମ୍ବନ୍ଧ ଦୃଢ଼ ଏବଂ ଦୋଷରହିତ ହେଉଥିବ । ଯେତେବେଳେ ଲକ୍ଷ୍ୟପ୍ରାପ୍ତି କରିବା ସେତେବେଳେ ଶରୀର ରହିବ ଭିନ୍ନ କିନ୍ତୁ ଚେତନାରେ ହେବା ଏକ । ମା'ଙ୍କ ସନ୍ତାନମାନେ ସାଧନାରେ ଯେତେ ଅଗ୍ରସର ହେଉଥିବେ, ମା'ଙ୍କ କାର୍ଯ୍ୟ ଯେତେ ପୃଥିବୀରେ ପ୍ରସାର ହେଉଥିବ, ସେହି ଅନୁପାତରେ ସଂସାରରୁ ଅନ୍ୟାୟ, ଅସତ୍ୟ, ହିଂସା, ଚୋରି, ଡକାୟତି, ଯୁଦ୍ଧ କମ୍ ହେଉଥିବ । ଯେତେବେଳେ ଲକ୍ଷ୍ୟ ସିଦ୍ଧି ହେବ ସେତେବେଳେ ଏହି ମୃତ୍ୟୁପୁରୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ପ୍ରପତ୍ତି ମା'ଙ୍କ ସେବା ରୂପେ ଯେଉଁ କାର୍ଯ୍ୟ କରି ଅଛନ୍ତି, ଆମ୍ଭେମାନେ ମିଳିମିଶି ଅହଂ ସ୍ୱାର୍ଥକୁ ତ୍ୟାଗକରି ସେହି କାର୍ଯ୍ୟକୁ ଅଗ୍ରସର କରାଇଲେ ଆମ୍ଭମାନଙ୍କ ଜୀବନ ସାର୍ଥକ ହେବ, ମା'ଙ୍କ କୃପା ପାଇବା, ମା'ଙ୍କ ଯଥାର୍ଥ ସେବା ହେବ । ଆମ୍ଭେମାନେ ଅଧିକରୁ ଅଧିକ ଭଗବତ୍ ଚେତନାରେ ଅଗ୍ରସର ହେବା । ପ୍ରପତ୍ତିଙ୍କ ଆତ୍ମାକୁ ଅଧିକ ପ୍ରସନ୍ନତା ହେବ । ସେ ନୂତନ ଶରୀର ଧାରଣ କରି ଆସି ଆମ୍ଭମାନଙ୍କ ସହିତ ମା'ଙ୍କ ସେବା କରିବେ । ଏହି କାର୍ଯ୍ୟ ଯଥାର୍ଥରେ ମା'ଙ୍କ ଉତ୍ତମ ସେବା । ଏହା ଛଡ଼ା ସଂସାରରୁ ଅନ୍ୟାୟ, ଅସତ୍ୟ ଦୂର ହେବାର ଅନ୍ୟ ଉପାୟ ନାହିଁ ।

(ନବଜ୍ୟୋତି – ଅଗଷ୍ଟ, ୧୯୮୯)

ଶ୍ରୀଅରବିନ୍ଦ ପାଠଚକ୍ରର ସଭ୍ୟମାନଙ୍କ ପ୍ରତି

ଶ୍ରୀଅରବିନ୍ଦ ପାଠଚକ୍ର ଶ୍ରୀଅରବିନ୍ଦଙ୍କ ଯୋଗ ଆଦର୍ଶର ଗୋଟିଏ ଅନୁଷ୍ଠାନ । ପାଠଚକ୍ର ସଭ୍ୟମାନେ ସାଧକ । ପଣ୍ଡିଚେରୀ ଆଶ୍ରମ ସାଧନାର ପ୍ରଧାନ କେନ୍ଦ୍ର, କିନ୍ତୁ ତାହାର ବିସ୍ତାର ରୂପ ହେଉଛି ପାଠଚକ୍ର, ଛାତ୍ରସମାଜ ଏବଂ ମହିଳା ପାଠଚକ୍ର । ଏହାର ସଭ୍ୟସଭ୍ୟାମାନେ ଆଶ୍ରମର ନିୟମ ପାଳନ କରିବା ଉଚିତ ।

ଆଶ୍ରମରେ ମା ନୀରବତା ବା Silence ପ୍ରତି ବହୁତ ଜୋର୍ ଦିଅନ୍ତି । ସମାଧି ପାଖରେ ସର୍ବାବସ୍ଥାରେ ନୀରବତା ପାଳନ କରାହୁଏ । ଏଣୁ ପାଠଚକ୍ର ସ୍ଥାନରେ ନୀରବତା ପାଳନ କରିବା ଉଚିତ ।

(୧) ଯେଉଁଠାରେ ଦୁଇରୁ ଅଧିକ ବ୍ୟକ୍ତି ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗ ଜାଣିବାକୁ ଚାହାନ୍ତି, ଗ୍ରହଣ କରିବାକୁ ଚାହାନ୍ତି, ସେମାନେ ଗୋଟିଏ ସ୍ୱତନ୍ତ୍ର ଗୃହରେ ପାଠଚକ୍ର ଆରମ୍ଭ କରିପାରନ୍ତି । ସ୍ୱତନ୍ତ୍ର ଗୃହ ନ ଥିଲେ ସ୍ୱତନ୍ତ୍ର କକ୍ଷ ହେବା ଉଚିତ । ସପ୍ତାହରେ ଗୋଟିଏ ନିର୍ଦ୍ଦିଷ୍ଟ ଦିନ ଏବଂ ନିର୍ଦ୍ଦିଷ୍ଟ ସମୟରେ ସମସ୍ତ ମେମ୍ବର ପାଠଚକ୍ର ଆରମ୍ଭ ପୂର୍ବରୁ ଏକତ୍ରିତ ହେବେ । ଠିକ୍ ସମୟରେ ନୀରବ ଧ୍ୟାନ ୫ ମିନିଟ କରିବା ପରେ 'ଧ୍ୟାନ ଓ ପ୍ରାର୍ଥନା' ବହିରୁ ଗୋଟିଏ ପ୍ରାର୍ଥନା ପଢ଼ାହେବ । ପରେ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ପଢ଼ାହେବ । ଯେଉଁଠାରେ ପାଠଚକ୍ର ମେମ୍ବରମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଓ ଜୀବନର ଲକ୍ଷ୍ୟ ସମ୍ବନ୍ଧେ କିଛି ଜାଣି ନ ଥିବେ, ଶ୍ରୀମା ଶ୍ରୀଅରବିନ୍ଦଙ୍କ ଲେଖା ଗ୍ରନ୍ଥ ବୁଝିପାରୁ ନ ଥିବେ ସେଠାରେ ପ୍ରଥମରେ ପଢ଼ିବେ (୧) ଶ୍ରୀଅରବିନ୍ଦ ପାଠଚକ୍ରର ସଭ୍ୟମାନଙ୍କ ପ୍ରତି, (୨) ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ, (୩) ଗାର୍ହସ୍ଥ୍ୟ ଧର୍ମ, (୪) ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା, (୫) ସିଦ୍ଧାନ୍ତ ସମନ୍ୱୟ, (୬) ସମର୍ପଣ ଓ ବାଧାବିଘ୍ନ ତଥା 'ଲୋକ-ସାହିତ୍ୟ'ର ଅନ୍ୟାନ୍ୟ ପୁସ୍ତକ । ଏହିସବୁ ପୁସ୍ତକ ପ୍ରଥମରେ ପଢ଼ିଲେ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ତଥା ସାଧନାପ୍ରଣାଳୀ ଏବଂ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଲେଖା ଗ୍ରନ୍ଥ ବୁଝିବାରେ ସାହାଯ୍ୟ ମିଳେ ।

(୨) ପାଠଚକ୍ର ବୈଠକ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କୌଣସି ପ୍ରକାର ଅନ୍ୟ ଚର୍ଚ୍ଚା ଏକେବାରେ ନିଷେଧ । ପ୍ରଥମରେ ଧ୍ୟାନ ଓ ପରେ ଯୋଗ-ସାଧନା ବିଷୟରେ ଆଲୋଚନା ଅଥବା ପ୍ରଥମରେ ଆଲୋଚନା ପରେ ଧ୍ୟାନ କରାଯାଇପାରେ । ପାଠଚକ୍ରର ବୈଠକ ଏକ ଘଣ୍ଟା ହେବା ଉଚିତ ।

(୩) ପାଠଚକ୍ରର ସଭ୍ୟମାନଙ୍କୁ ମଦ୍ୟ, ଅଫିମ, ବିଡ଼ି, ସିଗାରେଟ, ଗଞ୍ଜେଇ, ଭାଙ୍ଗ ଓଗେର ମାଦକଦ୍ରବ୍ୟ ଓ ଧୂମପାନ ବର୍ଜନ କରିବାକୁ ହେବ । ଯଦି ହଠାତ୍ ବର୍ଜନ କରି ନ ହୁଏ ତେବେ କ୍ରମଶଃ କମ୍ କରି କିଛି ଦିନ ମଧ୍ୟରେ ସେସବୁ ତ୍ୟାଗ କରିବାକୁ ହେବ । ଅନ୍ତତଃ ଏ ଦିଗରେ ନିଷ୍ଠାର ସହିତ ପ୍ରଯତ୍ନ କରିବା ଉଚିତ । ଏସବୁ ବ୍ୟସନ ସ୍ୱାସ୍ଥ୍ୟ ଓ ଅଧ୍ୟାତ୍ମ ଚେତନା ବିକାଶରେ ବହୁତ ବାଧକ ।

(୪) ପ୍ରତିଦିନ ଶୋଇବା ପୂର୍ବରୁ, ଉଠିବା ସଙ୍ଗେ ସଙ୍ଗେ ମା'ଙ୍କୁ ଧ୍ୟାନ କରିବେ ।
ଘରର କାର୍ଯ୍ୟ, ଅଫିସ୍‌ର କାର୍ଯ୍ୟ, ବ୍ୟାପାର, କୃଷି ଇତ୍ୟାଦି ଜୀବନ ନିର୍ବାହ ସକାଶେ ଯେକୌଣସି କାର୍ଯ୍ୟ କରିବାକୁ ହେବ, ତାହା ମା'ଙ୍କର । ନିଜକୁ କେବଳ ଏହି କାର୍ଯ୍ୟ ସକାଶେ ନିଯୁକ୍ତ କରା ହୋଇଛି ଅର୍ଥାତ୍ କାର୍ଯ୍ୟର ମାଲିକ ମା' ନିଜେ । କାର୍ଯ୍ୟ ଆରମ୍ଭରୁ ୫ ମିନିଟ ମା'ଙ୍କୁ ଧ୍ୟାନ କରିବେ, ପ୍ରାର୍ଥନା କରିବେ, ''ଏ କାର୍ଯ୍ୟ ତୋ'ରି, ତୁ ପ୍ରେରଣା ଦେ, ତୋ କାର୍ଯ୍ୟ ତୋ'ର ଯନ୍ତ୍ରରୂପେ ଯେପରି ଭଲଭାବେ ସଂପନ୍ନ କରିପାରେ ।'' କାର୍ଯ୍ୟ ଶେଷରେ କିଛି ସମୟ ମା'ଙ୍କୁ ଧ୍ୟାନ କରି କାର୍ଯ୍ୟ ସମାପ୍ତ କରିବେ ଏବଂ ତୁମ ଚରଣରେ ସମସ୍ତ କିଛି ସମର୍ପଣ କରୁଛି ବୋଲି କହିବେ ।

ଏହିପରି ସମର୍ପଣ ଦ୍ୱାରା ଅଭୀପ୍ସା ଉତ୍ପନ୍ନ ହେବ । କର୍ମର ପ୍ରେରଣା ମା'ଙ୍କଠାରୁ ପାଇପାରିବେ ଏବଂ ଶେଷରେ ମା'ଙ୍କ ଶକ୍ତି ସାଧକ ମଧ୍ୟରେ କାର୍ଯ୍ୟ କରୁଛି, ସାଧକ କେବଳ ଯନ୍ତ୍ର ଭାବରେ କାର୍ଯ୍ୟ ସମ୍ପାଦନ କରୁଛି, ଏହି ଅନୁଭୂତି ପାଇପାରିବେ ।

(୫) ପାଠଚକ୍ରର ସଭ୍ୟମାନେ କେବଳ ପାଠଚକ୍ରରେ ନାମଟା ଲେଖାଇଦେଇ ସପ୍ତାହକୁ ଥରେ ଆସି ପାଠଚକ୍ର

ମିଟିଂରେ ବସିଲେ ସାଧନା ହୁଏ ନାହିଁ । ଘରେ ପ୍ରତିଦିନ ନିୟମିତ ରୂପେ ଧ୍ୟାନ, ଶ୍ରୀଅରବିନ୍ଦ ଅଥବା ମା'ଙ୍କ ସାହିତ୍ୟ ଅଥବା ଶ୍ରୀଅରବିନ୍ଦଙ୍କ ଯୋଗ-ସାଧନା ସମ୍ବନ୍ଧୀୟ ସାହିତ୍ୟ ସ୍ୱାଧ୍ୟାୟ କରିବା ଉଚିତ ।

(୬) ସାଧନାର ଆରମ୍ଭରେ 'ନବଜ୍ୟୋତି', 'ଲୋକ-ସାହିତ୍ୟ' ତଥା 'ନବପ୍ରକାଶ' ସାଧକମାନଙ୍କ ପଥପ୍ରଦର୍ଶନରେ ତଥା ଶ୍ରୀମା ଶ୍ରୀଅରବିନ୍ଦଙ୍କ ସାହିତ୍ୟ ବୁଝିବାରେ ସାହାଯ୍ୟ କରେ । ପ୍ରତ୍ୟେକ ସଭ୍ୟ 'ନବଜ୍ୟୋତି' ଓ 'ଲୋକ-ସାହିତ୍ୟ' ତଥା 'ନବପ୍ରକାଶ' ପାଠ କରିବା ଉଚିତ । ଏହି ସାହିତ୍ୟ ଘରେ ରହିଲେ ଘରର ମା, ଭଉଣୀ, ଭାଇ ଓ ଅନ୍ୟ ବାଳକବାଳିକାମାନେ ପଢ଼ିବେ । ଏଥିରୁ ସେମାନଙ୍କୁ ସତ୍ ଶିକ୍ଷା ମିଳିବ । ବାଳକ ବାଳିକାମାନେ ବାଲ୍ୟକାଳରୁ ସତ୍ ମାର୍ଗରେ ପରିଚାଳିତ ହେବାକୁ ଚେଷ୍ଟା କରିବେ । ଏହି ସାହିତ୍ୟ ପ୍ରତ୍ୟେକ ମନୁଷ୍ୟର ଉପଯୋଗୀ, କାରଣ ଏହା ଚରିତ୍ର ଗଠନରେ ସାହାଯ୍ୟ କରେ । ସତ୍-ଚରିତ୍ରବାନ୍ ବ୍ୟକ୍ତି ଅଧିକ ସଂଖ୍ୟାରେ ହେଲେ ସେମାନଙ୍କ ଦ୍ୱାରା ଘର, ପରିବାର ଓ ଗ୍ରାମର ବିଶେଷ କଲ୍ୟାଣ ସାଧିତ ହେବ, ସଂସାରର ଉନ୍ନତି ହେବ । ଏହି ସକାଶେ 'ନବଜ୍ୟୋତି', 'ଲୋକ-ସାହିତ୍ୟ', 'ନବପ୍ରକାଶ'ର ପ୍ରସାର ନିମିତ୍ତ ପ୍ରତ୍ୟେକ ବ୍ୟକ୍ତି ଚେଷ୍ଟା କରିବା ଉଚିତ ।

(୭) ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ହେଲା ମନ, ପ୍ରାଣ, ଶରୀର ତା'ର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତର; ଜରା, ମୃତ୍ୟୁ, ରୋଗରୁ ମୁକ୍ତ ଦିବ୍ୟ ମାନବ-ଶରୀର ପ୍ରାପ୍ତି; ହିଂସା, ଦ୍ୱେଷ, ଈର୍ଷା, ବିରୋଧ ସ୍ଥାନରେ ସତ୍ୟ, ନିଃସ୍ୱାର୍ଥପରତା, ଶାନ୍ତି, ସମତା, ଐକ୍ୟ ସ୍ଥାପନ । ଏହି ଲକ୍ଷ୍ୟପ୍ରାପ୍ତି, ସାଧନା ହେଲା– ଅଭୀପ୍ସା, ସମର୍ପଣ, ତ୍ୟାଗ । ଏହାର ସହାୟକ ଧ୍ୟାନ ଏବଂ 'ମା' ଏହି ନାମ ଜପ । ଏହି ବିଷୟ ଜାଣିବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସାହିତ୍ୟ, 'ନବଜ୍ୟୋତି', 'ନବପ୍ରକାଶ', 'ଲୋକ-ସାହିତ୍ୟ', 'ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା', 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ' ପୁସ୍ତକ ଅବଶ୍ୟ ପଢ଼ିବା ଉଚିତ । ଏହାଦ୍ୱାରା ବ୍ୟକ୍ତି ନିଜ ଜୀବନର ଉଦ୍ଦେଶ୍ୟ, ଜୀବନ ଓ କର୍ମର ଉନ୍ନତିରେ ଅଧ୍ୟାତ୍ମ ସାଧନାର ଉପଯୋଗିତା ବୁଝିପାରି ସାଧନାରେ ପ୍ରବୃତ୍ତ ହୋଇପାରେ । ଏହାଦ୍ୱାରା ମନୁଷ୍ୟର ଦ୍ୱନ୍ଦ୍ୱ, ଅସୁଖ, ଅଶାନ୍ତିକର ଜୀବନ ଆନନ୍ଦ, ଶାନ୍ତି ଓ ସୁଖରେ ପରିଣତ ହୁଏ । ବାଳକବାଳିକାମାନଙ୍କ ହୃଦୟ କୋମଳ । ସେମାନେ ଯେପରି ପୁସ୍ତକ ପଢ଼ନ୍ତି, ସେହିପରି ପ୍ରଭାବ ସେମାନଙ୍କ ହୃଦୟରେ ପଡ଼େ ଏବଂ ସଂସ୍କାରରେ ପରିଣତ ହୁଏ । ପ୍ରତ୍ୟେକ ପିତାମାତା ନିଜ ନିଜର ପୁତ୍ରକନ୍ୟାମାନଙ୍କର ଜୀବନ ସୁଧାରିବା ସକାଶେ ଭକ୍ତମାନଙ୍କ ଚରିତ ଥିବା ବହି ପଢ଼ିବାକୁ ଦେବେ ।

ଧ୍ୟାନ

ଧ୍ୟାନ ଦ୍ୱାରା ବିକ୍ଷିପ୍ତ ମନ ଏକାଗ୍ର ହୁଏ । ମନୁଷ୍ୟର ବହୁମୁଖୀ ବିକ୍ଷିପ୍ତ ମନ ଜୀବନକୁ ଦୁଃଖପୂର୍ଣ୍ଣ, ଅଶାନ୍ତିକର ଓ ଦ୍ୱନ୍ଦ୍ୱମୟ କରିପକାଏ । ଏହି ବହୁମୁଖୀ ଅସ୍ଥିର ମନ ଧ୍ୟାନ ଦ୍ୱାରା ଏକାଗ୍ରତା ଲାଭ କଲେ ମନୁଷ୍ୟ ଜୀବନରେ ଶାନ୍ତି ଉତ୍ପନ୍ନ ହେବା ସଙ୍ଗେ ସଙ୍ଗେ କର୍ମର ଉନ୍ନତି ହୁଏ । ଏହା ଜୀବନକୁ ସରସ କରେ, ସାଧନାରେ ସାହାଯ୍ୟ କରେ । ଯେଉଁମାନେ ସାଂସାରିକ କର୍ମ କରନ୍ତି, ସେମାନଙ୍କ କର୍ମରେ ପୂର୍ଣ୍ଣତା ପ୍ରାପ୍ତି କରିବା ସକାଶେ ଧ୍ୟାନ, 'ମା' ଏହି ନାମ ଜପ ଏବଂ ସମର୍ପଣ ଆବଶ୍ୟକ । ଅଧ୍ୟାତ୍ମ ସାଧନାର ଏହା ଗୋଟିଏ ବିଶିଷ୍ଟ ଅଙ୍ଗ ।

ଧ୍ୟାନର ସହଜ ଉପାୟ

ରାତିରେ ଶୋଇବା ପୂର୍ବରୁ ବିଛଣାରେ ୫/୧୦ ମିନିଟ, ଉଠିବା ସମୟରେ ସେହି ବିଛଣାରେ କିଛି ସମୟ ଏବଂ ଶୌଚ ଓ ସ୍ନାନ ପରେ ୨୦ ମିନିଟ ବା ଅଧଘଣ୍ଟାଏ ଧ୍ୟାନ କରିବେ ।

ରାତ୍ରିରେ ବିଛଣାରେ ବସି ମା'ଙ୍କ ଫଟୋକୁ ଧ୍ୟାନ କରି ଦିନରେ କରିଥିବା କର୍ମକୁ ସମର୍ପଣ କରିବେ ଅର୍ଥାତ୍ କହିବେ, ''ଆଜି ଯେଉଁ କର୍ମ ତୁମରି କୃପାରୁ ହୋଇଛି ତାହାସବୁ ତୁମରି; ତୁମର କର୍ମ ତୁମରି ଚରଣରେ ଅର୍ପଣ

କରୁଛି । ମୁଁ ଏବଂ ମୋର ଯାହାକିଛି ଅଛି ସମସ୍ତ ତୁମରି; ତୁମେ ମୋତେ ତୁମରି ପ୍ରାପ୍ତିର ମାର୍ଗ ଦେଖାଇ ପରିଚାଳିତ କର ।'' ଏହିପରି କହି ''ଶ୍ରୀଅରବିନ୍ଦଃ ଶରଣଂ ମମ, ଶ୍ରୀମାତା ଶରଣଂ ମମ'' ଅଥବା କେବଳ 'ମା' ଏହି ନାମ ନିଦ ଆସିବା ପର୍ଯ୍ୟନ୍ତ ଜପ କରିବେ । ନିଦ ଭାଙ୍ଗିବା ସଙ୍ଗେ ସଙ୍ଗେ ଏହି ନାମକୁ ଜପ କରି ଉଠି ବସି କିଛି ସମୟ ଧ୍ୟାନ କରିବେ । ଉକ୍ତ ନାମ ଜପପୂର୍ବକ କାମ କରିବାକୁ ହେବ ।

ଧ୍ୟାନର ପଦ୍ଧତି ଶ୍ରୀଅରବିନ୍ଦ 'ଯୋଗ ପ୍ରଦୀପ'ରେ ଓ ମା' 'ମାତୃବାଣୀ' ପୁସ୍ତକରେ ଲେଖିଛନ୍ତି । ଏହି ପଦ୍ଧତି 'ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା' ବହିରେ ଭଲଭାବେ ଆଲୋଚିତ ହୋଇଛି ।

ଯେଉଁମାନଙ୍କ ମନ ଏକେବାରେ ଅସ୍ଥିର ସେମାନେ ନିମ୍ନଲିଖିତ ପ୍ରଣାଳୀରେ ଧ୍ୟାନ କଲେ ଉପକୃତ ହେବେ । ସେମାନଙ୍କ ବିକ୍ଷିପ୍ତ ମନ ଏକାଗ୍ର ହେବ ଏବଂ ସେମାନେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପଦ୍ଧତିରେ ଧ୍ୟାନ କରିପାରିବେ ।

ସମ୍ମୁଖରେ ମା-ଶ୍ରୀଅରବିନ୍ଦଙ୍କ ଫଟୋ ରଖନ୍ତୁ ଅଥବା କେବଳ ମା'ଙ୍କ ଫଟୋକୁ ରଖି ଖୋଲା ଆଖିରେ ଦେଖନ୍ତୁ । ପୁଣି ଚକ୍ଷୁ ବନ୍ଦ କରି ସେହି ଫଟୋକୁ ଦେଖନ୍ତୁ । ବନ୍ଦ ଚକ୍ଷୁରେ ଫଟୋ ଦେଖି ନ ପାରିଲେ ଖୋଲା ଚକ୍ଷୁରେ ଫଟୋ ଦେଖୁଥା'ନ୍ତୁ । ପରେ ବନ୍ଦ ଚକ୍ଷୁରେ ଫଟୋ ଦେଖିଲେ ସେହି ଛବିକୁ ହୃଦୟରେ ଦେଖନ୍ତୁ ଏବଂ 'ମା' ଏହି ନାମ ଶୀଘ୍ର ଶୀଘ୍ର ମନେ ମନେ ଜପ କରନ୍ତୁ । ଏଥିରେ ଚେତନା ଏକାଗ୍ର ହୋଇଗଲେ ପ୍ରତିମୂର୍ତ୍ତି ଅଦୃଶ୍ୟ ହୋଇଯିବ । ଯେତେବେଳେ ଚେତନା ଏକାଗ୍ର ହେବ ସେତେବେଳେ ସାଧକର କାର୍ଯ୍ୟ ହେବ ସେହି ଏକାଗ୍ର ଚେତନାରେ ସମଗ୍ର ଚେତନାକୁ ଲଗେଇ ଦେବା । ଧ୍ୟାନରେ ବସିବା ସଙ୍ଗେ ସଙ୍ଗେ ପ୍ରଥମେ ମା'ଙ୍କୁ ପ୍ରାର୍ଥନା କରିବେ, ''ମୋତେ ମନରେ ଏକାଗ୍ରତା ଏବଂ ହୃଦୟରେ ଶାନ୍ତି ଦିଅ, ଯେପରି ନିରର୍ଥକ ବିଚାର ଧ୍ୟାନରେ ବାଧା ନ ଦିଅନ୍ତି ।'' ଏହି ପ୍ରାର୍ଥନା ପରେ ଊର୍ଦ୍ଧ୍ୱରୁ ଶାନ୍ତି ଓ ଏକାଗ୍ରତା ଅବତରଣ କରୁଛି ବୋଲି କଳ୍ପନା କରିବେ ।

ସମର୍ପଣ

ଧ୍ୟାନକୁ ସାହାଯ୍ୟ କରେ ସମର୍ପଣ । ଏହି ସମର୍ପଣ ଶ୍ରୀଅରବିନ୍ଦଙ୍କ ଯୋଗର ପ୍ରଧାନ ଅଙ୍ଗ । ଏହି ସମର୍ପଣ ଦ୍ୱାରା ଭଗବାନଙ୍କ ଆଦ୍ୟା ସୃଜନୀ ଅତିମାନସ ଶକ୍ତି ସାଧକର ସାଧନାର ସମସ୍ତ ଭାର ଗ୍ରହଣ କରି ସାଧକ ମଧ୍ୟରେ ସାଧନା କରି ଛୋଟ ଶିଶୁ ତୁଲ୍ୟ ସାଧକର ଅଙ୍ଗୁଳି ଧରି ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ଦିଏ ।

ଆସନ, ପ୍ରାଣାୟାମ, ଧ୍ୟାନ, ଧାରଣା, ଯମ, ନିୟମ, ମୁଦ୍ରା, ବନ୍ଧ ଇତ୍ୟାଦି ଉତ୍କଟ ସାଧନା ଦ୍ୱାରା ଶ୍ରୀଅରବିନ୍ଦଙ୍କ ଯୋଗର ସିଦ୍ଧି ହୋଇପାରେ ନାହିଁ । ଏହିସବୁ ସାଧନାର ସୀମିତ ଶକ୍ତି ମୃତ୍ୟୁ ଓ ଜରା ଉପରେ ବିଜୟ ପ୍ରାପ୍ତି କରିବାରେ ଏବଂ ମନ, ପ୍ରାଣ, ଶରୀରକୁ ତାହାର ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ କରିବାରେ ଅସମର୍ଥ । ଏହା ହୁଏ ଅତିମାନସ ଶକ୍ତିର କ୍ରିୟାରେ ଯେଉଁ ଅତିମାନସ ଶକ୍ତିକୁ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଉତାରି ଆଣିଛନ୍ତି । ସେହି ଶକ୍ତି କ୍ରିୟା କରିପାରେ ସମର୍ପଣ ଦ୍ୱାରା । ସୁତରାଂ ଶ୍ରୀଅରବିନ୍ଦଙ୍କ ଯୋଗରେ ସମର୍ପଣ କେବଳ ଆବଶ୍ୟକ ନୁହେଁ, ଅପରିହାର୍ଯ୍ୟ ।

ସମର୍ପଣର ସରଳ ଉପାୟ

ଘରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ରଖନ୍ତୁ । ଫୁଲ ତୁଳସୀ ଅର୍ପଣ କରନ୍ତୁ, ଧୂପ ଦିଅନ୍ତୁ । ତାଙ୍କୁ ଘରର ମାଲିକ ବୋଲି ମାନିନିଅନ୍ତୁ । ଧନ, ସମ୍ପତ୍ତି, ଘର, ପରିବାର, ଗୋରୁଗାଈ, ଜମିବାଡ଼ି ସବୁ ତାଙ୍କରି । ଏଠାରେ ଯେଉଁ କର୍ମ ହେବ ତାହା ତାଙ୍କରି ସେବା । ଆପଣ ଏହି କାର୍ଯ୍ୟ କରିବା ସକାଶେ ନିଯୁକ୍ତ ହୋଇଛନ୍ତି । ଘରେ ଝାଡୁ ଦେବା, ରୋଷେଇ କରିବା, ଗୁହାଳ ପୋଛିବା, ଘର ଲିପିବା, ପିଲାପିଲିଙ୍କୁ ସ୍ନାନ ଓ ଭୋଜନ କରାଇବା, ଚାଷ, ବ୍ୟାପାର, ଚାକିରି ଇତ୍ୟାଦି କରିବା ଏହିଭଳି ପ୍ରତ୍ୟେକ କର୍ମ ତାଙ୍କରି ବୋଲି ସ୍ୱୀକାର କରନ୍ତୁ । କାରଣ ଆମ୍ଭେ ଯାହା କରୁ ନିଜ

ପାଇଁ ବା ପରିବାର ପାଇଁ; ନିଜେ ଏବଂ ପରିବାର ତାଙ୍କରି ହେଲେ, ସମସ୍ତ କର୍ମ ତାଙ୍କରିହିଁ ହେଲା । ଏହା ବହୁତ ସରଳ ଏବଂ ପ୍ରତ୍ୟେକ ବ୍ୟକ୍ତି କରିପାରେ । ପ୍ରଣାଳୀ ବହୁତ ସରଳ ହେବା ସତ୍ତ୍ୱେ ପରିଣାମ ଖୁବ୍ ମହାନ୍ । ଏହା ବଡ଼ ବଡ଼ କ୍ରିୟାତ୍ମକ ସାଧନାଠାରୁ ମହାନ୍ ଶକ୍ତିଶାଳୀ । ଏହି ଶକ୍ତିଶାଳୀ ସମର୍ପଣ ଭାବହିଁ ଆପଣଙ୍କ ଘରେ ଆପଣଙ୍କ ସଙ୍ଗରେ ମା'ଙ୍କୁ ଉପସ୍ଥିତ ରଖେ । ଆଉ ମାଆ ଯଥାର୍ଥରେ ମା' ରୂପେ ରହନ୍ତି । ଆପଣଙ୍କ ଭକ୍ତିଭାବ ଯୋଗୁଁ ଆପଣଙ୍କର ସମର୍ପିତ ବସ୍ତୁ– ଆପଣଙ୍କ ଘର, ଆପଣଙ୍କ ସମ୍ପତ୍ତି, ଆପଣଙ୍କ ପରିବାର ଏବଂ ଆପଣଙ୍କ କର୍ମକୁ ମା' ସ୍ୱୀକାର କରି ନିଅନ୍ତି । ଆପଣଙ୍କ ରକ୍ଷା ନିମିତ୍ତ ଆପଣଙ୍କ ସଙ୍ଗେ ଛାୟା ତୁଲ୍ୟ ରହିଥା'ନ୍ତି । ଏହି ଭାବ ଦ୍ୱାରା ଆପଣଙ୍କ ହୃଦୟ, ପ୍ରାଣ ଶୁଦ୍ଧ ହୁଏ । ଏହି ଶୁଦ୍ଧି ଦ୍ୱାରା କ୍ରମଶଃ ଆପଣ ଅଧିକାଧିକ ଭଗବାନଙ୍କ ନିକଟ ହୁଅନ୍ତି, ଭଗବାନଙ୍କ ପ୍ରେରଣା ଜାଣି ପାରନ୍ତି । ଆପଣଙ୍କ କର୍ମ ସଂପାଦନାର ଦକ୍ଷତା ତାହାର ସହଜ ପ୍ରଣାଳୀ ପ୍ରାପ୍ତ ହୁଏ । ଅଧ୍ୟାତ୍ମ ଉନ୍ନତି ସଙ୍ଗେ ସଙ୍ଗେ ସାଂସାରିକ ଉନ୍ନତି ମଧ୍ୟ ହୁଏ । କାରଣ ଅଜ୍ଞାନତାବଶତଃ ଆପଣଙ୍କର ଯଥାର୍ଥ ଅଯଥାର୍ଥ କର୍ମର ଜ୍ଞାନ ନ ଥାଏ, ସେଥିପାଇଁ ବହୁତ ସମୟରେ ନ କରିବା କର୍ମକୁ କରନ୍ତି । ଆଉ ମା'ଙ୍କ ଶକ୍ତି ସାହାଯ୍ୟରେ କର୍ମ ହେଲେ ତାହା ଅପେକ୍ଷାକୃତ କମ୍ ସମୟରେ ଉନ୍ନତଭାବେ ସମ୍ପାଦିତ ହୁଏ । ମା'ଙ୍କ ଶକ୍ତି ନିଜ ମଧ୍ୟରେ କର୍ମର ପ୍ରେରଣା ଦେବା ଦ୍ୱାରା ହୃଦୟ ଶୁଦ୍ଧ ହୁଏ; ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ସ୍ୱାର୍ଥାଦି ଦୁର୍ଗୁଣ ଦୂର ହୁଏ । ମନୁଷ୍ୟ ଏହିସବୁ ଦୁର୍ଗୁଣରୁ ମୁକ୍ତ ହେଲେ କଳିକଜିଆ ବା ଝଗଡ଼ା ଇତ୍ୟାଦି କରେ ନାହିଁ । ଘରେ ପରିବାର ସୁଖଶାନ୍ତିରେ ରହନ୍ତି । ନିଜ ଗୃହର ଶାନ୍ତିର ପ୍ରଭାବ ଗ୍ରାମ ଲୋକଙ୍କ ଉପରେ ପଡ଼େ, ଗ୍ରାମ ମଧ୍ୟ ସୁଖଶାନ୍ତିରେ ରହେ । ଏହାହିଁ ସଂସାରରେ ଶାନ୍ତି ପ୍ରାପ୍ତ ହେବାର ଶ୍ରେଷ୍ଠ ଉପାୟ । ଏହି ସମର୍ପଣ କାର୍ଯ୍ୟ ବ୍ୟକ୍ତି ନିଜ ଘରେ କର୍ମ ମଧ୍ୟଦେଇ କରିବେ । କିନ୍ତୁ ଏହାକୁ ଜାଗ୍ରତ୍ ଓ ଶକ୍ତିଶାଳୀ କରି ବିସ୍ତାର କରିବା ନିମିତ୍ତ ସହରରେ ବା ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ର ସ୍ଥାପନ କରି ସଂଘବଦ୍ଧ ବା ସାମୂହିକରୂପେ କାର୍ଯ୍ୟ କରିବେ ।

ମନୁଷ୍ୟର ଆନ୍ତରିକ ଭାବହିଁ ପ୍ରଧାନ । ଭଗବାନ୍ ସର୍ବତ୍ର ବିଦ୍ୟମାନ । ସେ ଆପଣଙ୍କ ପାଖରେ ଅଛନ୍ତି । ଆପଣଙ୍କ ଭାବ ଶୁଦ୍ଧ, ନିଷ୍କପଟ ହେଲେ, ଆପଣ ଭଗବାନଙ୍କୁ ଆପଣଙ୍କ ପାଖରେ ଅନୁଭବ କରନ୍ତି । ଶୁଦ୍ଧ ଭାବ ଅଭାବରେ ଭଗବାନଙ୍କଠାରୁ ବହୁ ଦୂରରେ ରହନ୍ତି । ପାଠଚକ୍ର ଗୃହରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଉପସ୍ଥିତି ଅନୁଭବ କରିବେ । ଫେବ୍ରୁଆରି ୨୧ ତାରିଖ (ମା'ଙ୍କ ଜନ୍ମଦିବସ), ଅପ୍ରେଲ ୨୪ ତାରିଖ (ଶ୍ରୀମା'ଙ୍କ ପଣ୍ଡିଚେରୀ ଆଗମନ ଦିବସ), ଅଗଷ୍ଟ ୧୫ ତାରିଖ (ଶ୍ରୀଅରବିନ୍ଦଙ୍କ ଜନ୍ମଦିବସ) ଏବଂ ନଭେମ୍ବର ୨୪ ତାରିଖ (ଶ୍ରୀମା ଶ୍ରୀଅରବିନ୍ଦଙ୍କ ସିଦ୍ଧିଦିବସ)– ଏହି ଚାରୋଟି ଦର୍ଶନ ଦିବସ ଉତ୍ସବରୂପେ ପାଳନ କରିବେ ।

ଜାନୁୟାରି ୧ ତାରିଖ (ନବବର୍ଷ), ମାର୍ଚ୍ଚ ୨୯ ତାରିଖ (ଶ୍ରୀମା'ଙ୍କର ପଣ୍ଡିଚେରୀକୁ ପ୍ରଥମ ଆଗମନ), ଅପ୍ରେଲ ୪ ତାରିଖ (ଶ୍ରୀଅରବିନ୍ଦଙ୍କ ପଣ୍ଡିଚେରୀ ଆଗମନ), ଦୁର୍ଗାପୂଜା (ମହାଷ୍ଟମୀ), ବିଜୟା ଦଶମୀ, ଲକ୍ଷ୍ମୀପୂଜା, କାଳୀପୂଜା, ସରସ୍ୱତୀପୂଜା, ନଭେମ୍ବର ୧୭ (ଶ୍ରୀମା'ଙ୍କ ମହାପ୍ରୟାଣ ଦିବସ), ନଭେମ୍ବର ୨୦ (ଶ୍ରୀମା'ଙ୍କ ମହାସମାଧି ଦିବସ), ଡିସେମ୍ବର ୫ (ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଦିବସ), ଡିସେମ୍ବର ୯ (ଶ୍ରୀଅରବିନ୍ଦଙ୍କ ମହାସମାଧି ଦିବସ)– ଏହିସବୁ ଦିନରେ ସକାଳେ ୧୦ଟାରେ ସମବେତ ଧ୍ୟାନ, ସାୟଂକାଳରେ ସଭା ଏବଂ ଶ୍ରୀଅରବିନ୍ଦଙ୍କ ଯୋଗ ଦର୍ଶନର ଆଲୋଚନା କରିବେ । ପଦ୍ମପୁଷ୍ପରେ ପାଠଚକ୍ର ସଜେଇବେ, ଧୂପ ଦେବେ । ଏହିସବୁ ଦିନ ଅତ୍ୟନ୍ତ ପବିତ୍ର ଓ ମହତ୍ତ୍ୱପୂର୍ଣ୍ଣ ଏବଂ ସତ୍ୟଭାବ ପ୍ରେରକ । ଏହି ଦିନଗୁଡ଼ିକ ଉତ୍ସବରୂପେ ପାଳିତ ହେବା ବାଞ୍ଛନୀୟ । ପାଠଚକ୍ରର ରିପୋର୍ଟ ବରାବର ଆଶ୍ରମକୁ ପଠେଇବେ– ମ୍ୟାନେଜର, ନବଜ୍ୟୋତି କାର୍ଯ୍ୟାଳୟଙ୍କ ପୂରା ଠିକଣାରେ । ଏହାଦ୍ୱାରା ଆଶ୍ରମ ତଥା ମା'ଙ୍କ ସଙ୍ଗେ ସମ୍ପର୍କ ଘନିଷ୍ଠ ଓ ଦୃଢ଼ ହୁଏ, କାର୍ଯ୍ୟରେ ଉତ୍ସାହ ବଢ଼େ । ସାଧନାର ଶ୍ରେଷ୍ଠ ଅଙ୍ଗ ହେଲା ମା'ଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଶ୍ରଦ୍ଧା । ଏହାଦ୍ୱାରା ସାଧକ ମହାନ୍ ବିପଦକୁ ଅତିକ୍ରମ କରି ସର୍ବୋଚ୍ଚ ଆଧ୍ୟାତ୍ମିକ ଲକ୍ଷ୍ୟ ସିଦ୍ଧିର ଶିଖରରେ ଉପନୀତ ହୁଏ ।

ଶ୍ରୀଅରବିନ୍ଦ ପାଠଚକ୍ର ସମ୍ବନ୍ଧେ କେତୋଟି କଥା

(୧) ଯେଉଁଠାରେ ପାଠଚକ୍ର ହୁଏ ସେଠାରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ଉପସ୍ଥିତି ଥାଏ । ବ୍ୟକ୍ତି ନିଷ୍ଠାର ସହ ପାଠଚକ୍ରରେ ଯୋଗ ଦେଲେ ସେ ଜାଣୁ ବା ନ ଜାଣୁ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଚେତନାର ସ୍ପର୍ଶ ପାଏ ।

(୨) ଗୃହର ଜଣେ ବ୍ୟକ୍ତି ଯଦି ଆନ୍ତରିକତା ସହ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରନ୍ତି ଏବଂ ଶ୍ରଦ୍ଧା ଭକ୍ତି ସହିତ ନିୟମିତ ରୂପେ ପାଠଚକ୍ରରେ ଯୋଗ ଦିଅନ୍ତି ତେବେ ତାଙ୍କ ଘର ବାତାବରଣ ଅଧ୍ୟାତ୍ମ ବାତାବରଣରେ ପରିଣତ ହୁଏ ।

(୩) ବ୍ୟକ୍ତିର ଜୀବନରେ ଉନ୍ନତି, ପରିବାରରେ ଶାନ୍ତିପ୍ରତିଷ୍ଠା, ଗ୍ରାମ, ସମାଜ ତଥା ଦେଶର ଉନ୍ନତି ଓ ସବୁକ୍ଷେତ୍ରରେ ସାମଞ୍ଜସ୍ୟ ପ୍ରତିଷ୍ଠା ହୋଇ ପାରିବ ଶ୍ରୀଅରବିନ୍ଦଙ୍କ ଯୋଗକୁ ନିଷ୍ଠାର ସହ ଗ୍ରହଣ କରିବାରେ ।

(୪) ମନୁଷ୍ୟସମାଜରେ ଅଧ୍ୟାତ୍ମ ସତ୍ୟ ପ୍ରତିଷ୍ଠା ହେବାଦିନଠାରୁ ଶାସ୍ତ୍ର ପୁରାଣ ଶିକ୍ଷାରୁ ଏବଂ ଆତ୍ମମାନଙ୍କ ପରଂପରାରୁ ଏହା ସଂସ୍କାରରେ ପରିଣତ ହୋଇ ଆସିଛି ଯେ ଭଗବତ୍ ପ୍ରାପ୍ତି ସହ ମୁକ୍ତି ନିର୍ବାଣ ସକାଶେ ପାର୍ଥିବ ଜୀବନର ଉନ୍ନତି, ସଂସାର, ସମାଜ ଆଦି ତ୍ୟାଗ କରିବାକୁ ହେବ । ଆତ୍ମମାନଙ୍କର ଏହି ଧାରଣା ଏତେ ବଦ୍ଧମୂଳ ହୋଇଯାଇଛି ଯେ ନିମପିତା ଖାଇବା ପରେ ସଙ୍ଗେ ସଙ୍ଗେ ମିଠା ଖାଇଲେ ତାହା ପିତାରେ ପରିଣତ ହେବା ସଦୃଶ ଜୀବନର ଉନ୍ନତି, ସର୍ବାଙ୍ଗୀନ ବିକାଶ ତଥା ପୂର୍ଣ୍ଣତାପ୍ରାପ୍ତ ହେଉଥିବା ଶ୍ରୀଅରବିନ୍ଦଙ୍କ ଯୋଗରେ ଆମ୍ଭେମାନେ ଭ୍ରମବଶତଃ ସଂସାର ତ୍ୟାଗର ଆରୋପ କରୁଛୁ ।

(୫) ଏହି ଭ୍ରମଧାରଣା ଦୂର କରି ଜୀବନ, ସମାଜ ଏବଂ ଦେଶର ଉନ୍ନତି ତଥା ସମୃଦ୍ଧି ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗ ଆଦି କରିବା ଲାଗି ପ୍ରତିଗ୍ରାମରେ ପାଠଚକ୍ର ପ୍ରତିଷ୍ଠା କରିବା, ସ୍ଥାନେ ସ୍ଥାନେ ଆଶ୍ରମ ଆଦର୍ଶରେ କେନ୍ଦ୍ର ପ୍ରତିଷ୍ଠା କରିବା ଉଚିତ । ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ ଛଡ଼ା ଅନ୍ୟ କୌଣସି ଉପାୟରେ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର, ବିଶୃଙ୍ଖଳା ଦୂର ହେବ ନାହିଁ କିଂବା ଶାନ୍ତି, ଶୃଙ୍ଖଳା, ସତ୍ୟ ପ୍ରତିଷ୍ଠା, ହୋଇପାରିବ ନାହିଁ ।

(୬) ଶ୍ରୀଅରବିନ୍ଦଙ୍କ ଯୋଗକୁ ଯେତେ ଅଧିକ ସଂଖ୍ୟାରେ ବ୍ୟକ୍ତି ଗ୍ରହଣ କରିବେ ଏବଂ ଯୋଗ ମାର୍ଗରେ ଅଗ୍ରସର ହେବେ ସେହି ଅନୁପାତରେ ସଂସାରରୁ ଅସତ୍ୟ, ଅନ୍ୟାୟ, ମିଥ୍ୟା, ହିଂସାଦି ଅନ୍ଧକାର ଶକ୍ତିର ପ୍ରଭାବ କମ୍ ହେବ ଏବଂ ଆଗମନୀ ଅତିମାନସ ସତ୍ୟଯୁଗର ପ୍ରକାଶ ହେବ । ଯେତେବେଳେ କିଛି ପରିମାଣରେ ବ୍ୟକ୍ତିଙ୍କର ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ, ସେମାନେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ପୂର୍ଣ୍ଣ ରୂପେ ମୁକ୍ତ ହେବେ, ସେତେବେଳେ ଅତିମାନସ ସତ୍ୟ ଯୁଗର ଧର୍ମ ପୃଥିବୀପୃଷ୍ଠରେ ପ୍ରତିଷ୍ଠିତ ହେବ । ଏହାହିଁ ବ୍ୟକ୍ତି ଜୀବନର ଲକ୍ଷ୍ୟ, ଭଗବାନଙ୍କ ସଂକଳ୍ପ ତଥା ଭଗବାନଙ୍କ ସୃଷ୍ଟି ।

(୭) ସଂସାରରେ ଜଣେ ବି ବ୍ୟକ୍ତି ଦୁଃଖ ଚାହାନ୍ତି ନାହିଁ । ଚାହାନ୍ତି ଦୁଃଖବିହୀନ ସୁଖ । ତାହାରି ପ୍ରାପ୍ତି ସକାଶେ ଜ୍ଞାତ ଏବଂ ଅଜ୍ଞାତରେ ସମସ୍ତ କର୍ମ କରନ୍ତି, ପଢ଼ନ୍ତି, ଚାକିରି, ବ୍ୟବସାୟ, ରାଜନୀତି କରନ୍ତି, ଚୋରି କରନ୍ତି, ଘର ସଂସାର କରନ୍ତି । ପରମ ସୁଖହିଁ ପ୍ରତ୍ୟେକ ବ୍ୟକ୍ତିର ଜୀବନର ଲକ୍ଷ୍ୟ । ବ୍ୟକ୍ତି ଏହି ଲକ୍ଷ୍ୟ ସମ୍ବନ୍ଧେ ସଚେତ ନ ଥାଏ । ଲକ୍ଷ୍ୟଜ୍ଞାନ ଅଭାବରୁ ବ୍ୟକ୍ତି ଭୁଲ୍ ପ୍ରଣାଳୀରେ କର୍ମ କରେ । ସେହି ସକାଶେ ସେ ଲକ୍ଷ୍ୟ ପ୍ରାପ୍ତି କରିପାରେ ନାହିଁ ।

ସମୟ ଆସିଛି । ମନୁଷ୍ୟର ଏହି ଭ୍ରମ ଦୂର କରିବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀରେ ପ୍ରତିଷ୍ଠା କରି ଅଛନ୍ତି ତଥା ଆମ ଜୀବନର ଯଥାର୍ଥ ଲକ୍ଷ୍ୟ ସମ୍ବନ୍ଧେ ଆମକୁ ସଚେତନ କରାଇ ଦେଇ ଅଛନ୍ତି । ଆମ୍ଭେମାନେ ଜୀବନର ଯଥାର୍ଥ ଲକ୍ଷ୍ୟ ସମ୍ବନ୍ଧେ ସଚେତନ ହୋଇ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କଲେ ଅତିମାନସ ଶକ୍ତି ଦ୍ୱାରା ଆତ୍ମମାନଙ୍କ ମନ-ପ୍ରାଣ-ଶରୀରକୁ ଭାଗବତ ତତ୍ତ୍ୱରେ ରୂପାନ୍ତରିତ କରିପାରିବା ଏବଂ ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ମୁକ୍ତ ହୋଇପାରିବା । ଏହାହିଁ ଜୀବନର ଲକ୍ଷ୍ୟ ସିଦ୍ଧି ।

(୮) ଏହାର ସାଧନା ହେଲା – ନିଜେ ଏବଂ ନିଜର ଯାହାକିଛି ସବୁ ମା'ଙ୍କର ଓ ସମସ୍ତ କର୍ମ ଆମେ ତାଙ୍କରି ସେବା ଭାବରେ କରି ତାଙ୍କୁ ସମର୍ପଣ କରିବା ।

ଯଥାର୍ଥରେ ଘର, ପରିବାର, ସମ୍ପତ୍ତି ସବୁ ମା'ଙ୍କର । ଯେଉଁ ପରିବାରକୁ ଆମେ ନିଜର ମନେକରୁ ମୃତ୍ୟୁ ପରେ ଅନ୍ୟ ପରିବାରରେ ଜନ୍ମ ଗ୍ରହଣ କଲେ ଏହି ପରିବାର ସହିତ କୌଣସି ସମ୍ପର୍କ ରହିବ ନାହିଁ । ଯେଉଁ ସମ୍ପତ୍ତି ନିଜର, ଯେଉଁ ଟଙ୍କା ରୋଜଗାର କରି ବ୍ୟାଙ୍କ୍‌ରେ ଜମା କରିଛୁ ମୃତ୍ୟୁ ପରେ ଅନ୍ୟ ପରିବାରରେ ଜନ୍ମ ନେଲେ ଏଥିରୁ କିଛି ଭାଗ ମିଳିବ ନାହିଁ । ଯଥାର୍ଥରେ ସବୁ ଭଗବାନଙ୍କର, ଭଗବାନଙ୍କ ବସ୍ତୁକୁ ଆମେ ନିଜର ବୋଲି ମନେ କରୁ । ସେହି ସକାଶେ ଦୁଃଖକଷ୍ଟ ଭୋଗୁ, ଜନ୍ମ, ମରଣ ଚକ୍ରରେ ଭ୍ରମୁଥାଉ । ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ ଦ୍ୱାରା ଆମେ ସଚେତ ହେଉ ଏବଂ ଘର, ପରିବାର, ସମ୍ପତ୍ତିକୁ ଭଗବାନଙ୍କର ଜାଣି ତାଙ୍କରି ଲାଗି କର୍ମ କରି ସବୁକିଛି ତାଙ୍କୁ ସମର୍ପଣ କରୁ । ଏହାହିଁ ଯୋଗ । ଏହି ସମର୍ପଣ ଦ୍ୱାରା ଆମ୍ଭେମାନେ ଲକ୍ଷ୍ୟସିଦ୍ଧି କରିପାରିବା । ଏହାରି ସକାଶେ ଅଭୀପ୍ସା କରିବା ।

(୯) ଏହି ଶ୍ରୀଅରବିନ୍ଦଙ୍କ ଯୋଗରେ ଜୀବନର ପୂର୍ଣ୍ଣତା ତଥା ଲକ୍ଷ୍ୟପ୍ରାପ୍ତି ହେଉ ଥିବାରୁ ଏହି ଯୋଗର ଅଧିକାରୀ ସ୍ତ୍ରୀ, ପୁରୁଷ ଉଭୟ । କିନ୍ତୁ ଏହି ଯୋଗ ମହିଳାମାନଙ୍କ ସକାଶେ ବିଶେଷ ଉପଯୋଗୀ । ଅଧିକାଂଶ ପୁରୁଷ ଯେପରି ମସ୍ତିଷ୍କପ୍ରଧାନ, ସେହିପରି ଅଧିକାଂଶ ମହିଳା ହୃଦୟପ୍ରଧାନ । ଯୋଗ ସକାଶେ ସରଳ ଭାବଗ୍ରାହୀ ହୃଦୟ ଅନୁକୂଳ । ଏହା ଛଡ଼ା ଭାରତବର୍ଷର ନାରୀମାନେ ପ୍ରାଣ ଦେଇ ପାତିବ୍ରତ୍ୟ ଧର୍ମ ପାଳନ କରି ଆସିଥିବାରୁ ସେମାନଙ୍କର ହୃଦୟ ଅଧିକ ପବିତ୍ର ହୋଇଅଛି । ପବିତ୍ର ହୃଦୟରେ ମା'ଙ୍କର ରୂପାନ୍ତରକାରିଣୀ ଅତିମାନସ ଶକ୍ତି ସହଜରେ ରୂପାନ୍ତର କାର୍ଯ୍ୟ କରି ପାରେ ।

(୧୦) ନାରୀମାନେ ଜନନୀ ତଥା ଗୃହଲକ୍ଷ୍ମୀ । ଜଣେ ନାରୀ ନିଷ୍ଠାର ସହ ଶ୍ରୀଅରବିନ୍ଦଙ୍କ ଯୋଗକୁ ଗ୍ରହଣ କରି ତାକୁ ଜୀବନରେ ଆଚରଣ କଲେ ସେ ସମସ୍ତ ପରିବାରର ବାତାବରଣକୁ ପରିବର୍ତ୍ତନ କରି ଦେଇ ପାରେ ଏବଂ ସମସ୍ତ ପରିବାରକୁ ଭଗବଦଭିମୁଖୀ କରାଇ ପାରେ ।

ନାରୀ ସନ୍ତାନମାନଙ୍କର ଜନନୀ । ଜନନୀର ଉତ୍ତମ ଆଚରଣର ପ୍ରଭାବ ଗର୍ଭସ୍ଥ ଶିଶୁ ଉପରେ ପଡ଼େ ଏବଂ ସଂସ୍କାରରେ ପରିଣତ ହୁଏ । ଏହିସବୁ କାରଣରୁ ଯେତେ ନାରୀ ଅଧିକ ସଂଖ୍ୟାରେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବେ ସେତେ ଶୀଘ୍ର ସୃଷ୍ଟିର ଅଧ୍ୟାତ୍ମ ପରିବର୍ତ୍ତନ ଆସିବ ଏବଂ ଶାନ୍ତି, ଶୃଙ୍ଖଳା, ସତ୍ୟ ପ୍ରତିଷ୍ଠିତ ହେବ ।

ଶ୍ରୀଅରବିନ୍ଦ ପାଠଚକ୍ର ସଭ୍ୟମାନଙ୍କର କର୍ତ୍ତବ୍ୟ

[ବର୍ତ୍ତମାନ* ଓଡ଼ିଶାର ବିଭିନ୍ନ ସହର ଓ ଗ୍ରାମମାନଙ୍କରେ ପ୍ରାୟ ଷାଠିଏରୁ ଅଧିକ ଶ୍ରୀଅରବିନ୍ଦ ପାଠଚକ୍ର ଗଢ଼ିଉଠିଛି । ଏହି ପାଠଚକ୍ରଗୁଡ଼ିକର ପରିଚାଳନା ଓ କାର୍ଯ୍ୟ ସମ୍ବନ୍ଧରେ ଏବଂ ତାହାର ମେମ୍ବରମାନଙ୍କ କର୍ତ୍ତବ୍ୟ ସମ୍ବନ୍ଧେ ବରାବର କିଛି ନା କିଛି ନିର୍ଦ୍ଦେଶ ଦିଆଯାଉଛି । ଏହି ପ୍ରବନ୍ଧରେ ଲେଖକ ପାଠଚକ୍ରର ଲକ୍ଷ୍ୟ ଏବଂ ମେମ୍ବରମାନଙ୍କ କର୍ତ୍ତବ୍ୟ ଓ ଦୈନନ୍ଦିନ ବ୍ୟବହାର ଓ କ୍ରିୟାପ୍ରତି କିଛି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ନଃ. ସଃ.]

ପାଠଚକ୍ର ସଦସ୍ୟମାନଙ୍କର ଏହି ଦୁଇଟି ବିଷୟ ସ୍ପଷ୍ଟଭାବେ ଜାଣିବା ପ୍ରୟୋଜନ : ପାଠଚକ୍ରର ଉଦ୍ଦେଶ୍ୟ ଏବଂ ସେମାନଙ୍କର କର୍ତ୍ତବ୍ୟ । ଏହା ସ୍ପଷ୍ଟ ହୁଏ ଆଶ୍ରମର ଏବଂ ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ ହୃଦୟଙ୍ଗମ କରିବାରେ । ଶ୍ରୀଅରବିନ୍ଦଙ୍କ ଯୋଗର କ୍ରିୟାତ୍ମକ ଅନୁଷ୍ଠାନ ହେଉଛି ଆଶ୍ରମ । ପାଠଚକ୍ରସବୁ ତାହାର ଗୋଟିଏ ଗୋଟିଏ ଛୋଟ ଆକାରର ରୂପ ବା ଶାଖା ।

ଶ୍ରୀଅରବିନ୍ଦଙ୍କ ଯୋଗରେ ଯଦ୍ୟପି ଅନିବାର୍ଯ୍ୟ ରୂପେ ସ୍ୱତଃସ୍ଫୂର୍ତ୍ତଭାବେ ବ୍ୟକ୍ତିଗତ ମୁକ୍ତି ଓ ସିଦ୍ଧି ପ୍ରାପ୍ତ ହୁଏ, ତଥାପି ତା' ଉଦ୍ଦେଶ୍ୟ ବ୍ୟକ୍ତିଗତ ମୁକ୍ତି ବା ସିଦ୍ଧି ନୁହେଁ । ତା' ଉଦ୍ଦେଶ୍ୟ ସଂସାରରେ ଅନ୍ୟାୟ, ଅସତ୍ୟ, ସ୍ୱାର୍ଥ, ହିଂସା ପରିବର୍ତ୍ତେ ନ୍ୟାୟ, ସତ୍ୟ, ଶାନ୍ତି, ସମତା ପ୍ରତିଷ୍ଠା କରିବା । ଏହି ସଂସାରରେ ଦୈନନ୍ଦିନ ଜୀବିକା-ନିର୍ବାହ କର୍ମରେ ଭଗବାନଙ୍କୁ ଅଭିବ୍ୟକ୍ତ କରିବା, ଅଧ୍ୟାତ୍ମ-ଭିତ୍ତିରେ, ଅଧ୍ୟାତ୍ମ-ସତ୍ୟ ଦ୍ୱାରା ପରିଚାଳିତ ହୋଇ କର୍ମ କରିବା । ଏହିପରି ଅବସ୍ଥାରେ ବ୍ୟକ୍ତି ହେବ ଦେବତା, ସଂସାର ହେବ ସ୍ୱର୍ଗ । ଶ୍ରୀଅରବିନ୍ଦଙ୍କ ଯୋଗ କେତେକ ଗୃହତ୍ୟାଗୀ ସନ୍ନ୍ୟାସୀଙ୍କ ସକାଶେ ନୁହେଁ; ଛାତ୍ର, କୃଷକ, ଦେଶସେବକ, ଦେଶନେତା, ସରକାରୀ, ବେସରକାରୀ ପ୍ରତ୍ୟେକ ବ୍ୟକ୍ତି ସକାଶେ । ସଂସାରରେ ସମସ୍ତ ବ୍ୟକ୍ତି ଚାହାନ୍ତି ସୁଖ । ଏହା ପ୍ରାପ୍ତ ହୁଏ ଅଧ୍ୟାତ୍ମସାଧନାରେ । ଏଥିପାଇଁ ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରତ୍ୟେକ ପ୍ରାଣୀ ସକାଶେ । ଏ ବିଷୟରେ ଶ୍ରୀଅରବିନ୍ଦଙ୍କ ଯୋଗର ସମସ୍ତ ଅନୁଗାମୀମାନଙ୍କର ସ୍ପଷ୍ଟ ଧାରଣା ହେବା ଉଚିତ । ଯଦ୍ୟପି ଏହି ବିଷୟ ବାରଂବାର ଏପରିକି ପ୍ରତ୍ୟେକ ଲେଖାରେ ଆଲୋଚିତ ହେଉଛି ତଥାପି ପୂର୍ବ ସଂସ୍କାରବଶତଃ ଏ ବିଷୟରେ ସ୍ପଷ୍ଟ ଧାରଣା ହୋଇପାରୁ ନାହିଁ । ଅଧିକାଂଶ ବ୍ୟକ୍ତିଙ୍କର ଧାରଣା ହେଉଛି ''ଆମେ ନିଜେ ସାଧନା କରି ସୁଖ, ଶାନ୍ତି ପାଇବା । ଅନ୍ୟ ଲୋକ ସୁଖରେ ରହୁ ବା ଦୁଃଖରେ ରହୁ, ସେଥିରେ ଆମର କ'ଣ ଅଛି ?'' ଏହି ଧାରଣା ପୁରାତନ ଯୋଗର ସଂସ୍କାର । ପୁରାତନ ଯୋଗରେ ଥିଲା ବ୍ୟକ୍ତିଗତ ମୁକ୍ତି, ସେହି ସକାଶେ ସାଧନା-ରହସ୍ୟ ବିଶେଷ ଗୁପ୍ତ ରଖା ହେଉଥିଲା । ଅଧିକାରୀ ଶିଷ୍ୟ ବାର ବର୍ଷ ଅଥବା ତା'ଠାରୁ ଅଧିକ ଗୁରୁଙ୍କ ଅନୁଗତ ହେବା ପରେ ଗୁରୁ ଶିଷ୍ୟଙ୍କୁ ଉପଦେଶ ଦେଉଥିଲେ । ଏହି ସଂସ୍କାର ମନୁଷ୍ୟ ମନରେ ଏପରି ବଦ୍ଧ ହୋଇଅଛି ଯେ ଅଧ୍ୟାତ୍ମ ନାମ ଶୁଣିବାମାତ୍ରେ ସେ ଚମକି ଉଠୁଛି, କହୁଛି, ''ସାବଧାନ ! ଏହାକୁ ଗୁପ୍ତ ରଖ, ପ୍ରଚାର ହେଲେ ବିପଦ, ଲୋକେ କହିବେ 'ଶିଷ୍ୟ ସଂଖ୍ୟା ବୃଦ୍ଧି କରି ନିଜର ସ୍ୱାର୍ଥସିଦ୍ଧି କରିବାର ଏ ଗୋଟାଏ ଫନ୍ଦି' ।''

ଯଦି ଅଧ୍ୟାତ୍ମ-ସତ୍ୟର ପ୍ରଚାରରେ ଦୋଷାରୋପ ହୁଏ ତେବେ ସେ ଦୋଷ ଭଗବାନଙ୍କର, ସେଥିରେ ଆମର କ'ଣ ଅଛି ?

ୟଦା ୟଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ ।

ଗୀତା – ୪ । ୭

ଯେତେବେଳେ ଧର୍ମର ହାନି ହୁଏ ଭଗବାନ୍ ସ୍ୱୟଂ ଅବତାର ନିଅନ୍ତି ଅଥବା ତାଙ୍କର ବିଶେଷ ବିଭୂତିମାନଙ୍କୁ ସଂସାରକୁ ପଠାଇ ଧର୍ମ ସ୍ଥାପନା କରାନ୍ତି । ସେମାନେ ନିଜେ ତପସ୍ୟା କରି ସତ୍ୟର ଗୋଟିଏ ନୂତନ ରୂପ ପୃଥିବୀରେ

* ପ୍ରବନ୍ଧଟିର ରଚନାକାଳ ଏପ୍ରିଲ୍ ୧୯୬୩ ।

ପ୍ରକାଶ କରନ୍ତି । ସେହି ସତ୍ୟ ପ୍ରାପ୍ତ କରିବାର ପ୍ରେରଣା ସଂସାରର ଲୋକଙ୍କୁ ଦେବା ସକାଶେ ବହୁତ ଧର୍ମଗ୍ରନ୍ଥ ଲେଖନ୍ତି । ସେହି ସତ୍ୟକୁ ସଂସାରର ବାତାବରଣରେ ଏପରି ଭାବରେ ପ୍ରସାର କରନ୍ତି ଯେ ଅଳ୍ପ ସଚେତ ହୋଇଥିବା ବ୍ୟକ୍ତି ତାହା ସହଜରେ ଗ୍ରହଣ କରି ଅଧ୍ୟାତ୍ମ ଉପଲବ୍ଧି ସକାଶେ ସ୍ୱତଃପ୍ରବୃତ୍ତ ହୋଇ ସାଧନା କରନ୍ତି । ବ୍ୟକ୍ତି ତାହାରି ପ୍ରେରଣାରେ ଅଜ୍ଞାତ ରୂପେ ସେହି ସତ୍ୟର ସନ୍ଦେଶ ଅନ୍ୟ ଲୋକ ପାଖରେ ପହଞ୍ଚାଇ ଦିଅନ୍ତି । ଅତଏବ ଯଥାର୍ଥରେ ଧର୍ମ ପ୍ରଚାରକ ଭଗବାନ୍ । ସେହି ପ୍ରଚାରରେ ନିନ୍ଦା ବା ସ୍ତୁତି, ସ୍ୱାର୍ଥ ବା ପରମାର୍ଥ ସବୁ ଭଗବାନଙ୍କର । ବ୍ୟକ୍ତି କେବଳ ଯନ୍ତ୍ରମାତ୍ର । ଏହି କାରଣରୁ ପ୍ରଚାରର ସ୍ୱାର୍ଥ ଦୋଷାରୋପଣ ତୁମ୍ଭ ଉପରେ ହେବ ନାହିଁ, ହେବ ଭଗବାନଙ୍କ ଉପରେ ।

ସତ୍ୟ ପ୍ରଚାରର ନିନ୍ଦାକୁ ଭୟ କରିବାର କାରଣ କ'ଣ ? ଅଧ୍ୟାତ୍ମ-ସତ୍ୟର କାର୍ଯ୍ୟ ହେଉଛି – ସତ୍ୟ-ଆଚରଣ, ସତ୍ୟ-ଭାଷଣ, ସମତା, ଶାନ୍ତି, ଅହିଂସା ପ୍ରାପ୍ତ କରି ଅନ୍ୟାୟ, ଅସତ୍ୟ, ହିଂସା, ଘୃଣା, ଚୋରି ଓ ପରର ଅନିଷ୍ଟ କରିବାରୁ ମୁକ୍ତ ହେବା । ଏହିସବୁ ନିଜେ ଆଚରଣ କରିବା ଏବଂ ଏହା ଆଚରଣ କରିବାକୁ ଅନ୍ୟକୁ ପ୍ରେରଣା ଦେବାର ଅର୍ଥ ସତ୍ୟର ପ୍ରଚାର । ଏହାଦ୍ୱାରା ନିଜେ ଏବଂ ଅନ୍ୟମାନେ ସୁଖ, ଶାନ୍ତି ଓ ଆନନ୍ଦରେ ଜୀବନ ଯାପନ କରି ପାରିବେ । ଯଥାର୍ଥରେ ଅଧ୍ୟାତ୍ମ-ପ୍ରଚାର ବ୍ୟକ୍ତି କରେ ନାହିଁ, ତାହା ହୁଏ ସ୍ୱତଃସ୍ଫୂର୍ତ୍ତଭାବେ ଅନ୍ତରର ପ୍ରେରଣାରେ । ସେ ଯେଉଁ କର୍ତ୍ତବ୍ୟ କର୍ମ କରେ ସେଥିରେହିଁ ସତ୍ୟର ସନ୍ଦେଶ ଅନ୍ୟ ପାଖରେ ପହୁଞ୍ଚେ । ଅନ୍ୟ ବ୍ୟକ୍ତି ନିଜ ସଂସ୍କାରବଶତଃ ଏହାକୁ ପ୍ରଚାର ନାମ ଦିଏ । ଯେଉଁମାନେ ସତ୍ୟ-ପ୍ରଚାରକୁ ନିନ୍ଦା କରନ୍ତି ସେମାନେ କେବେ ବି ସତ୍ୟ-ଆଚରଣ କରନ୍ତି ନାହିଁ ।

ବର୍ତ୍ତମାନ ସଂସାର ସମସ୍ତ ପ୍ରକାର ଅନ୍ୟାୟ, ଅତ୍ୟାଚାର, ସ୍ୱାର୍ଥ ଓ ହିଂସାରେ ପୂର୍ଣ୍ଣ । ବ୍ୟକ୍ତି ସତ୍ୟମାର୍ଗ ଭ୍ରଷ୍ଟ ହୋଇ ବିପଥରେ ଗମନ କରୁଥିବାରୁ ସୁଖ ଶାନ୍ତି ପରିବର୍ତ୍ତେ ତା' ଜୀବନ ଦୁଃଖ ଦ୍ୱନ୍ଦ୍ୱରେ ପରିଣତ ହୋଇଛି । ମନୁଷ୍ୟକୁ ଅନ୍ଧକାର ଆବୃତ କରି ପକାଇବାରୁ ସେ ଉପାୟଶୂନ୍ୟ ହୋଇ ପଡ଼ିଛି । କିନ୍ତୁ ଠିକ୍ ଅନ୍ଧକାର ପରେ ଆସେ ଆଲୋକ, ଦୁଃଖ ପରେ ଆସେ ସୁଖ । ମନୁଷ୍ୟ ଯେତେବେଳେ ଅନ୍ଧକାରରୁ ଉଦ୍ଧାର ହେବାକୁ ଉପାୟ ନ ପାଏ, ସେତିକିବେଳେ ଭଗବାନ୍ କୃପା କରନ୍ତି । ବର୍ତ୍ତମାନ ଠିକ୍ ସେହି ସମୟ । ଏହି ବିପଦ ସମୟରେ ମା' ଶ୍ରୀଅରବିନ୍ଦ ଅତିମାନସ ରୂପାନ୍ତରକାରୀ ମହାଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି । ସେହି ଶକ୍ତି ଏହି ପୃଥିବୀରେ ଅନ୍ୟାୟ ଅଧର୍ମ ମଧ୍ୟରେ ପୃଥିବୀରେ କ୍ରିୟାଶୀଳ ହୋଇଅଛି । ମନୁଷ୍ୟ ସକାଶେ ଏହି ସମୟ ''ଦେବ ମୁହୂର୍ତ୍ତ'' ।

ଯେକୌଣସି ବ୍ୟକ୍ତି ସଚେତ ହୋଇ ସେହି ଶକ୍ତିକୁ ସମର୍ପଣ କରିବ, ସେ ତାହାର ଆଲୋକ ପ୍ରାପ୍ତ କରିବ ଏବଂ ତା'ର ନିକଟରେ ଥିବା ବ୍ୟକ୍ତିଗଣ ତା' ସ୍ପର୍ଶରେ ଓ ସମ୍ପର୍କରେ ଆସି ପ୍ରଭାବିତ ହେବେ । ବର୍ତ୍ତମାନ ଶ୍ରୀଅରବିନ୍ଦ ପାଠଚକ୍ରର ସଭ୍ୟମାନଙ୍କର କର୍ତ୍ତବ୍ୟ ହେବ ସଚେତ, ସାବଧାନ ଓ ସତର୍କ ହୋଇ ସାଧନାରେ ପ୍ରବୃତ୍ତ ହେବା । ସାଧନାର ବିଷୟ ଲୋକ-ସାହିତ୍ୟ ନ. ୧, ୩ ଓ ୮ରେ ଆଲୋଚିତ ହୋଇଅଛି । ସାଧାରଣତଃ ଲୋକ-ସାହିତ୍ୟ ପ୍ରତ୍ୟେକ ସଂଖ୍ୟାରେ ସାଧନାର ବିଷୟ ଉଲ୍ଲେଖ ଅଛି ।

ତୁମେ କ'ଣ ସୁଖ ଶାନ୍ତି ପ୍ରାପ୍ତ କରି ଆନନ୍ଦରେ ରହିବ ଏବଂ ତୁମର ପୁଅ, ଝିଅ, ଭାଇ, ଭଉଣୀ, ବନ୍ଧୁବାନ୍ଧବ, ସାହିପଡ଼ିଶା ଓ ଦେଶବାସୀଙ୍କ ଦୁଃଖ ନିବୃତ୍ତି ଚାହିଁବ ନାହିଁ ? ଯଦି ଏହାହିଁ ହୁଏ ତେବେ ଏଥିରେ ନିଜ ସ୍ୱାର୍ଥ ବ୍ୟତୀତ ଆଉ କିଛି ନାହିଁ । ଏପରି ସଙ୍କୁଚିତ ଭାବରେ ଯଥାର୍ଥରେ ନିଜର ସ୍ୱାର୍ଥସିଦ୍ଧି ହୁଏ ନାହିଁ । ଏହା କେବଳ ସଂସାରତ୍ୟାଗୀ ସନ୍ନ୍ୟାସୀଙ୍କ ପକ୍ଷେ ସମ୍ଭବ । ତୁମେ ଯଦି ଘରେ ରହି ଅଧ୍ୟାତ୍ମ ସିଦ୍ଧି ପ୍ରାପ୍ତ କରିବାକୁ ଚାହଁ ତେବେ ଏପରି ମନୋଭାବ ତ୍ୟାଗ କରିବାକୁ ହେବ । ଯଦି ତୁମ ଘରେ ତୁମେ ଗୋଟିଏ ବ୍ୟକ୍ତି ସତ୍ୟ ଆଚରଣ କର ଅନ୍ୟ ସମସ୍ତେ ତୁମର ପ୍ରତିକୂଳ ଆଚରଣ କରନ୍ତି ତେବେ ତୁମ ସାଧନାରେ ଏତେ ଦ୍ୱନ୍ଦ୍ୱ ଆସିବ ଯେ ତୁମେ ସେହି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ସମସ୍ତ ଶକ୍ତି ବ୍ୟୟ କରିବାକୁ ପଡ଼ିବ । ସେଥିରେ ବି ଆଶାନୁରୂପ ଫଳ ପାଇବ ନାହିଁ । ସେଥିଯୋଗୁଁ ଗୋଟିଏ ଉତ୍ତମ ବାତାବରଣ ତିଆରି କରିବା ସକାଶେ ଆଶ୍ରମ ଏବଂ ପାଠଚକ୍ର ସ୍ଥାପନ କରିବାକୁ ହୁଏ । ତୁମ ଘରର ଏବଂ ଗ୍ରାମର ତୁମ ସାଙ୍ଗସାଥୀ ଯଦି ତୁମ ପରି ସତ୍ୟ ଆଚରଣ କରନ୍ତି ତେବେ ତୁମକୁ ପ୍ରତିକୂଳ ପରିସ୍ଥିତି ସହିତ ସଂଘର୍ଷ କରିବାକୁ

ହେବ ନାହିଁ । ସେଥିରେ ତୁମର ଯେତେ ଶକ୍ତି ବ୍ୟୟ ହୋଇ ଥାଆନ୍ତା, ସେସବୁ ତୁମ ସାଧନାରେ ଲାଗି ପାରିବ । ଏଇଥିପାଇଁ ଅନ୍ୟର କଲ୍ୟାଣରେହିଁ ନିଜର ଯଥାର୍ଥରେ କଲ୍ୟାଣ ।

ଏହି ଦେବ ମୁହୂର୍ତ୍ତରେ ସନ୍ଦେଶ ପହୁଞ୍ଚାଇବା ପାଇଁ ତୁମର ସହାୟକ ରୂପେ 'ନବଜ୍ୟୋତି', 'ଲୋକ-ସାହିତ୍ୟ' ପ୍ରକାଶ ପାଉଛି, ଯାହାଦ୍ୱାରା ବ୍ୟକ୍ତି ସହଜରେ ଦେବମୁହୂର୍ତ୍ତର ଉପଯୋଗ କରିପାରିବ, ସେଥିରେହିଁ ନିଜର କଲ୍ୟାଣ । ପାଠଚକ୍ରର ପ୍ରତ୍ୟେକ ସଭ୍ୟ ନବଜ୍ୟୋତି, ଲୋକ-ସାହିତ୍ୟ ନିଜ ଘରେ ରଖିବେ ଏବଂ ପରିବାର ବନ୍ଧୁବାନ୍ଧବ, ସାହିପଡ଼ିଶାମାନଙ୍କୁ ପଢ଼ିବାକୁ ଉତ୍ସାହିତ କରିବେ । ପ୍ରଥମରେ ଏହି ସମସ୍ତ ସାହିତ୍ୟ ପଢ଼ିବା ଦ୍ୱାରା ବ୍ୟକ୍ତି ସତ୍ୟ ଆଚରଣ କରି ପାରିବେ । ବାଳକ ବାଳିକାମାନେ ଚରିତ୍ରବାନ୍ ହେବେ । ସେହି ଅନୁସାରେ ଆଚରଣ କରିବା ଦ୍ୱାରା ଶରୀର ବଳିଷ୍ଠ, ହୃଷ୍ଟପୁଷ୍ଟ ହେବ । ମନ, ପ୍ରାଣ ଶୁଦ୍ଧ ପବିତ୍ର ହେବ । ସେମାନେ ପିତାମାତା, ଗୁରୁଜନ ଏବଂ ଲଘୁଜନମାନଙ୍କ ସହିତ ବିହିତ ବ୍ୟବହାର କରିବେ । ଏହିପରି ହେଲେ ଜୀବନ, ପରିବାର, ଗ୍ରାମ, ଦେଶରେ ଶାନ୍ତି, ସୁଖ ସ୍ଥାପିତ ହେବ । ମନୁଷ୍ୟ ଆଧ୍ୟାତ୍ମିକ ସତ୍ୟ ଛାଡ଼ି ଅନ୍ୟ କୌଣସି ଉପାୟରେ ସୁଖ ଶାନ୍ତି ପ୍ରାପ୍ତ କରି ପାରିବ ନାହିଁ । ଏହା ଏକେବାରେ ଧ୍ରୁବ ସତ୍ୟ । ବର୍ତ୍ତମାନ ସମୟ ଆସିଛି, ଏହି ସମୟକୁ ମା' ଦେବ-ମୁହୂର୍ତ୍ତ ନାମ ଦେଇଛନ୍ତି । ମନୁଷ୍ୟ ଜାତି ସକାଶେ ଏହା ପ୍ରକୃତରେ ଦେବ-ମୁହୂର୍ତ୍ତ । ଏହି ସମୟରେ ଦେବ-ମୁହୂର୍ତ୍ତର ଉପଯୋଗ କଲେ ମନୁଷ୍ୟ ଅବଶ୍ୟ ସୁଖ, ଶାନ୍ତି ଲାଭ କରିପାରିବ ।

ଏହିପରି ଦେବ-ମୁହୂର୍ତ୍ତ ପୂର୍ବେ ଆସିଥିଲା । ଯେତେବେଳେ ରାମରାଜ୍ୟ ଥିଲା, ଶ୍ରୀକୃଷ୍ଣ ଏହି ପୃଥିବୀରେ ଥିଲେ, ବୁଦ୍ଧ, ଶଙ୍କର, ରାମାନୁଜ ଏହି ପୃଥିବୀକୁ ଆସି ଅଧ୍ୟାତ୍ମ-ସନ୍ଦେଶ ଦେଇଥିଲେ । ସେହି ଦେବମୁହୂର୍ତ୍ତ ଚାଲିଗଲା ସେମାନଙ୍କ ସଙ୍ଗେ ସଙ୍ଗେ । କିନ୍ତୁ ଏହି ଦେବ-ମୁହୂର୍ତ୍ତ ଏହି ପୃଥିବୀରେ ସ୍ଥାୟୀ ହୋଇ ରହିବ; ଆଉ ଚାଲିଯିବ ନାହିଁ । ଚାଲିଯିବ ମନୁଷ୍ୟର ଆୟୁ, ମନୁଷ୍ୟର ଦିନ । ଆଜି ଯେଉଁ ଦିନ ଚାଲିଯିବ, କାଲି ସେହି ଦିନ ଆସିବ ନାହିଁ । ଆଜି ଯାହା କରିବାର କଥା କରିଥିଲେ କାଲି, ଆଜି କରିବା କର୍ମର ଭିତ୍ତି ଉପରେ ନୂତନ ବସ୍ତୁ ପ୍ରତିଷ୍ଠିତ କରିପାରି ଥାଆନ୍ତେ । ସୁତରାଂ ଆଜି କାର୍ଯ୍ୟ କାଲି କଲେ ଅପେକ୍ଷାକୃତ ସହଜ ହେବ ନାହିଁ । ଯେଉଁ ଲୋକ ଆଗେଇ ଯିବେ ସେମାନଙ୍କ ସଙ୍ଗେ ପାଦ ମିଳାଇ ଚାଲି ପାରିବ ନାହିଁ । ତୁମ୍ଭଙ୍କୁ ବର୍ତ୍ତମାନ ଏହାହିଁ କରିବାକୁ ହେବ ।

ପାଠଚକ୍ରରେ ନିଷ୍ଠା ସହିତ ମା'ଙ୍କ ଉପସ୍ଥିତିରେ ଦୃଢ଼ ବିଶ୍ୱାସ ରଖିଲେ ସ୍ପଷ୍ଟ ରୂପେ ପ୍ରତ୍ୟେକ ଘଟଣାରେ ମା'ଙ୍କ ଉପସ୍ଥିତି ଅନୁଭବ କରିପାରିବେ, ଏଥିରେ ଆଦୌ ସନ୍ଦେହ ନାହିଁ ।

ପ୍ରତ୍ୟେକ ପାଠଚକ୍ର ଲୋକ-ସାହିତ୍ୟ ୯ ନମ୍ବର (''ଶ୍ରୀଅରବିନ୍ଦ ପାଠଚକ୍ର : ଅତିମାନସ ଶକ୍ତିର ସକ୍ରିୟ ପ୍ରକାଶ୍ୟ ରୂପ'')ରେ ଦିଆହୋଇଥିବା ତାଲିକାନୁଯାୟୀ ଉତ୍ତମ ଦିନମାନଙ୍କରେ ପାଠଚକ୍ରର ଗୃହ ଭଲଭାବେ ପୁଷ୍ପରେ ସଜ୍ଜିତ କରି ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ରଖି ଧୂପ ଦେଇ ଗୋଟିଏ ସଭାର ଆୟୋଜନ କରିବେ ଏବଂ ଗ୍ରାମର ଲୋକମାନଙ୍କୁ ଡାକିବେ । କିଛି ସମୟ ନୀରବ ଧ୍ୟାନ କରିବା ପରେ ଯଦି କେହି ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗର ଉପଯୋଗିତା ସମ୍ବନ୍ଧରେ କହିବାକୁ ନ ଥାନ୍ତି, ତେବେ ସମସ୍ତେ ବୁଝିବା ଉପଯୋଗୀ ଶ୍ରୀଅରବିନ୍ଦଙ୍କ ଯୋଗ ସମ୍ବନ୍ଧୀୟ କୌଣସି ପୁସ୍ତକ ପଢ଼ିବେ । ଏହିପରି ପ୍ରତ୍ୟେକ ପାଠଚକ୍ରରେ କରିବାକୁ ହେବ । ଯେଉଁ ସହର ବା ଅଞ୍ଚଳରେ ବହୁତ ପାଠଚକ୍ର ଅଛି, (ଯେପରି କଟକ ଏବଂ ଜଗତ୍‌ସିଂହପୁର ଅଞ୍ଚଳ ଧୂଳୀଶ୍ୱର ଅଞ୍ଚଳ) ସେଠାରେ ତଳଲିଖିତ ଭାବରେ ବ୍ୟବସ୍ଥା କରିବାକୁ ହେବ ।

କଟକରେ ଯେପର୍ଯ୍ୟନ୍ତ ଗୋଟିଏ ସ୍ୱତନ୍ତ୍ର ଘର ନ ମିଳିଛି ସେପର୍ଯ୍ୟନ୍ତ ପ୍ରତିମାସ ଶେଷ ଅଥବା ମାସ ଆରମ୍ଭ ରବିବାରକୁ ଶ୍ରୀ ନରେନ୍ଦ୍ର କିଶୋର ଦାସଙ୍କ ଘରେ ସାମୂହିକ ସଭା ହେବାର ପ୍ରସ୍ତାବ ହୋଇଅଛି । ସେଥିରେ କଟକ ସହରର ସମସ୍ତ ପାଠଚକ୍ରର ସଦସ୍ୟ ଏବଂ ନୂଆ ବଜାରରେ ପ୍ରତିଷ୍ଠିତ ପାଠଚକ୍ରର ସଦସ୍ୟମାନେ ଯୋଗ ଦେବେ । କୌଣସି ବିଶେଷ କାରଣବଶତଃ ନରିବାବୁ ଘରେ ନ ଥିଲେ କଟକର ଅନ୍ୟାନ୍ୟ ପାଠଚକ୍ରର ମେମ୍ବରମାନେ ଏହି ସଭାର କାର୍ଯ୍ୟ ପରିଚାଳନା କରିବେ ।

ଜଗତ୍‌ସିଂହପୁର ଅଞ୍ଚଳରେ ପ୍ରତିମାସ ଶେଷ ରବିବାରକୁ ସେ ଅଞ୍ଚଳର ପାଠଚକ୍ର ସଭ୍ୟ ଏବଂ ନିକଟସ୍ଥ ଗ୍ରାମବାସୀଙ୍କ ସହଯୋଗରେ ଗୋଟିଏ ସଭା ହେଉଅଛି । ସେଥିରେ ପାକନପୁର, କାଦୁଆପଡ଼ା, ଏରଞ୍ଚ, ବାଲିକୁଦା,

ଅଲଣାହାଟ, ପୁନଙ୍ଗ, ରଘୁନାଥପୁର, ଗନାଇଲ, ତେନ୍ତୁଳିପଦା ପାଠଚକ୍ର ମେମ୍ବରମାନେ ଯୋଗ ଦେଉ ଅଛନ୍ତି । ଆଉ ନୂତନ ପାଠଚକ୍ର ସ୍ଥାପିତ ହେଲେ ସେମାନେ ମଧ୍ୟ ଯୋଗ ଦେଇ ପାରିବେ । ଏହି ସଭାରେ ପ୍ରଥମରେ ଦଶ, ପନ୍ଦର ମିନିଟ ନୀରବ ଧ୍ୟାନ ହେବା ପରେ ସାଧନାରେ ଉନ୍ନତି ହୋଇପାରେ ଏବଂ ପ୍ରୋତ୍ସାହ ମିଳିପାରେ । ଏହାହିଁ ଲକ୍ଷ୍ୟ ରଖି କୌଣସି ବକ୍ତା ଭାଷଣ ଦେବେ । ଜଗତ୍‌ସିଂହପୁର ପାଠଚକ୍ରର ପ୍ରତିମାସର ସାମୂହିକ ସଭାରେ କଟକ ସହରବାସୀ ଶ୍ରୀଲଳିତମୋହନ ଘୋଷ, ଶ୍ରୀ ରଘୁନାଥ ମହାନ୍ତି, ଶ୍ରୀ ନରେନ୍ଦ୍ର କିଶୋର ଦାସ ପ୍ରଭୃତି ଏବଂ ଅନ୍ୟ ଉତ୍ସାହୀ ବ୍ୟକ୍ତି ଯୋଗ ଦେବେ । ଏମାନଙ୍କ ଛଡ଼ା ଆଶ୍ରମରୁ ଯଦି କେହି କେବେ ଯାଆନ୍ତି ସେମାନେ ମଧ୍ୟ ସେଠାକାର ସଭାରେ ଯୋଗଦେଇ ପାରିବେ । ଜଗତ୍‌ସିଂହପୁରରେ ପ୍ରତି ମାସରେ ଯେଉଁ ସାମୂହିକ ସଭା ହେଉଛି, ସେହିପରି ସଭା ଯଦି ସେ ଅଞ୍ଚଳର ଅନ୍ୟ କୌଣସି ପାଠଚକ୍ର କରିବାକୁ ଚାହିଁବେ ସେହି ପାଠଚକ୍ରରେ ଜଗତ୍‌ସିଂହପୁର ପାଠଚକ୍ର ତଥା ସେ ଅଞ୍ଚଳର ସଭ୍ୟମାନେ ଏବଂ କଟକରେ ବ୍ୟକ୍ତିମାନେ ଯୋଗ ଦେଇ ପାରିବେ । ଜଗତ୍‌ସିଂହପୁର, ଧୂଳୀଶ୍ୱର – ଏହି ଦୁଇ ଅଞ୍ଚଳରେ ସାମୂହିକ ସଭା ହେଉଅଛି । ଆଗାମୀ ମାସରେ ଯଦି କୌଣସି ପାଠଚକ୍ର ସାମୂହିକ ସଭା କରିବାକୁ ଚାହାନ୍ତି ତେବେ ଉପସ୍ଥିତ ସଭାରେ ସୂଚନା ଦେବା ଆବଶ୍ୟକ । ଜଗତ୍‌ସିଂହପୁର ଅଞ୍ଚଳ ଭିନ୍ନ ଭିନ୍ନ ପାଠଚକ୍ର ତଥା ବାଲିକୁଦା, ପୁନଙ୍ଗ, କାଦୁଆପଡ଼ା ପାଠଚକ୍ରମାନଙ୍କରେ ସାମୂହିକ ସଭା ହେଉଅଛି । ଏହାଛଡ଼ା ଦର୍ଶନାଦି ବିଶିଷ୍ଟ ଦିନମାନଙ୍କରେ ଯେଉଁ ପାଠଚକ୍ର ସାମୂହିକ ସଭା ଅନୁଷ୍ଠାନ କରିବାକୁ ଚାହିଁବେ, ସେ ମାସିକ ସାମୂହିକ ସଭାରେ ସତ୍ ଚର୍ଚ୍ଚା ଦ୍ୱାରା ସେଠାରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହେବ । ସେହି ଆଧ୍ୟାତ୍ମିକ ବାତାବରଣର ଶୁଦ୍ଧ ପ୍ରଭାବ ଅନ୍ୟ ଉପରେ ପଡ଼ିବ । ଯେତେବେଳେ ଗ୍ରାମରେ ହଇଜା ହୁଏ, ସେତେବେଳେ ଭାଗବତ-ସପ୍ତା ବସେ । ଯଥାର୍ଥରେ ଏହାଦ୍ୱାରା ବିରୋଧି ଶକ୍ତିର ପ୍ରଭାବ ନଷ୍ଟ ହୁଏ । ସତ୍ ଚର୍ଚ୍ଚାର ପ୍ରଭାବ ନିଶ୍ଚିତ । ଏହାର ପ୍ରଭାବ ବର୍ତ୍ତମାନ ଦୃଷ୍ଟିଗୋଚର ନ ହୋଇପାରେ, କିନ୍ତୁ କିଛିଦିନ ପରେ ଏହା ବିଶେଷ କାର୍ଯ୍ୟକାରୀ ହେବ, ଏଥିରେ ସନ୍ଦେହ ନାହିଁ । ପ୍ରତି ମାସରେ ଏବଂ ବିଶିଷ୍ଟ ଦିନମାନଙ୍କରେ ଏହିପରି ସାମୂହିକ ସଭା ଭୁବନେଶ୍ୱର, ପୁରୀ, ରଣପୁର, ବାଲେଶ୍ୱର, ସମ୍ବଲପୁର, ଜୟପୁର ପ୍ରଭୃତି ପାଠଚକ୍ରମାନଙ୍କରେ ଅନୁଷ୍ଠିତ ହେବା ଆବଶ୍ୟକ । ଯେଉଁ ଅଞ୍ଚଳରେ ପାଠଚକ୍ର ସଦସ୍ୟମାନେ ନିଜ ପାଠଚକ୍ରରେ ପ୍ରଥମ ମାସରେ କିଂବା ଭବିଷ୍ୟତରେ ଆସୁଥିବା ବିଶିଷ୍ଟ ଦିନରେ ସାମୂହିକ ସଭା କରିବାକୁ ଚାହିଁବେ, ଉପସ୍ଥିତ ସାମୂହିକ ସଭାରେ ସୂଚନା ଦେଇ ଦେବେ ।

ପାଠଚକ୍ରର ପ୍ରତ୍ୟେକ ସଭ୍ୟଙ୍କ କର୍ତ୍ତବ୍ୟ :

(୧) ସ୍ୱାର୍ଥ, ଅନ୍ୟାୟ, ଅସତ୍ୟ ଆଚରଣ ତ୍ୟାଗ କରିବାକୁ ଦୃଢ଼ ସଂକଳ୍ପ କରିବେ ଏବଂ ଏହି ସଂକଳ୍ପ ପୂର୍ଣ୍ଣ ହେବା ସକାଶେ ମା'ଙ୍କ ଉପରେ ନିର୍ଭର ଭରସା ରଖିବେ । ଏହା ସହିତ ଆବଶ୍ୟକ ଅଭୀପ୍ସା, ସମର୍ପଣ, ପ୍ରତିକୂଳ ବୃତ୍ତିର ତ୍ୟାଗ । ଏକାଗ୍ରତା ସକାଶେ ଧ୍ୟାନ ଏହାର ସହାୟକ । ଶ୍ରୀଅରବିନ୍ଦଙ୍କ ଯୋଗ ସାଧନା ସମ୍ବନ୍ଧୀୟ ଗ୍ରନ୍ଥମାନଙ୍କର ଅଧ୍ୟୟନ ମଧ୍ୟ ଆବଶ୍ୟକ ।

(୨) ପାଠଚକ୍ରକୁ ଶ୍ରୀଅରବିନ୍ଦ ଆଶ୍ରମର-ଶାଖା ଅନୁଷ୍ଠାନ ଏବଂ ସେଠାରେ ମା'ଙ୍କର ଉପସ୍ଥିତି ରହିଛି – ଏହି ଦୃଢ଼ ବିଶ୍ୱାସ ରଖି ତହିଁରେ ଯୋଗ ଦେବେ ।

(୩) ଶ୍ରୀଅରବିନ୍ଦ-ଯୋଗ ଓ ସାଧନା ବିଷୟ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଗ୍ରନ୍ଥ ବା 'ନବଜ୍ୟୋତି' ଲୋକ-ସାହିତ୍ୟରେ ଆଲୋଚନା କରା ହୋଇଛି । ସେସବୁ ଭାଗବତ ସଦୃଶ । ସେ ସବୁକୁ ଘରେ ଅଯତ୍ନରେ ରଖିଲେ ପିଲା ସେଥିରେ ଖେଳି ଚିରି ଏଆଡ଼େ ସେଆଡ଼େ ପକାଇ ଦେବେ । ପ୍ରତ୍ୟେକ ବ୍ୟକ୍ତି ଏହିସବୁ ବସ୍ତୁକୁ ମା' ଶ୍ରୀଅରବିନ୍ଦଙ୍କ ଫଟୋ ଯେଉଁଠି ଥାଏ, ସେଠାରେ ଖୁବ୍ ଆଦର ଯତ୍ନରେ ରଖି ପଢ଼ିବା ସମୟରେ ଆଣି ପଢ଼ିବେ । ପଢ଼ିସାରି ସେହି ସ୍ଥାନରେ ରଖିଦେବେ । ସାଧନା ନିର୍ଭର କରେ ଭାବ ଉପରେ । ଯାହାର ଭାବ ନାହିଁ ସେ ଅଧ୍ୟାତ୍ମ ସାଧନାରେ ଉନ୍ନତି କରିପାରିବ ନାହିଁ । ଭାଗବତ

ଗାଦିକୁ ବାସୁଦେବ ମାନି ପୂଜା କରା ହୁଏ, କାରଣ ସେଥିରେ ଭଗବାନଙ୍କ ବିଷୟ ଆଲୋଚନା ହୋଇଥାଏ । ସେହିପରି ଶ୍ରୀଅରବିନ୍ଦଙ୍କ ସାହିତ୍ୟ, ନବଜ୍ୟୋତି ଏବଂ ଲୋକ-ସାହିତ୍ୟ ।

କର୍ଣ୍ଣାଟକରେ ଆଶ୍ରମର ବହୁତ ଭକ୍ତ ଅଛନ୍ତି । ସେମାନଙ୍କ ମଧ୍ୟରେ ସ୍ତ୍ରୀମାନଙ୍କ ସଂଖ୍ୟା ଅଧିକ । ଏପରି କି ବହୁତ ବ୍ୟକ୍ତିଙ୍କ ସମଗ୍ର ପରିବାର ଭକ୍ତ । ସେମାନେ ପଢ଼ାପଢ଼ି କରି ନାହାନ୍ତି । କିନ୍ତୁ ସମସ୍ତେ କନ୍ନଡ଼ା ଭାଷାରେ ପ୍ରକାଶିତ 'ନବଜ୍ୟୋତି' ସଦୃଶ 'ଦୀପ୍ତି'କୁ ନିଅନ୍ତି । ଲେଖା ପଢ଼ା ଜାଣି ନ ଥିବାରୁ ପଢ଼ି ପାରନ୍ତି ନାହିଁ । ମା'ଶ୍ରୀଅରବିନ୍ଦଙ୍କ ଫଟୋ ପାଖରେ ରଖି ପୂଜା କରନ୍ତି । ପଢ଼ାପଢ଼ି ନ କରିଥିବାରୁ ଶ୍ରୀଅରବିନ୍ଦ ଯୋଗ ଏବଂ ସିଦ୍ଧାନ୍ତ ଜାଣନ୍ତି ନାହିଁ । ସେମାନଙ୍କୁ ପଚାରିଲେ ଯୋଗ ସିଦ୍ଧାନ୍ତ କିଛି କହି ପାରନ୍ତି ନାହିଁ । କିନ୍ତୁ ସେମାନଙ୍କ ଅନୁଭୂତିରୁ ବୁଝାଯାଏ ସେମାନେ ନିର୍ଭୁଲ୍ ଭାବେ ଠିକ୍ ସାଧନା ମାର୍ଗରେ ଅଗ୍ରସର ହେଉଅଛନ୍ତି । ସେମାନେ ସାଧାରଣ ଶ୍ରେଣୀର ଲୋକ । ନିଜ ଖର୍ଚ୍ଚରୁ ପ୍ରତିଦିନ କିଛି ପଇସା ଜମା କରି ରଖନ୍ତି । ତାହା ସବୁ ଏକତ୍ର କରି ଆଶ୍ରମକୁ ବର୍ଷରେ ଦୁଇ ଥର ଆସନ୍ତି । ସେମାନଙ୍କର ମା'ଙ୍କ ପ୍ରତି ଅସାଧାରଣ ଶ୍ରଦ୍ଧା ଭକ୍ତି । ମା'ଙ୍କ ପ୍ରତି ଶୁଦ୍ଧ ଶ୍ରଦ୍ଧା ଥିବାରୁ ସେମାନେ ଅନ୍ତର ଚେତନାର ପ୍ରେରଣାରେ ସ୍ୱତଃସ୍ଫୂର୍ତ୍ତଭାବେ ଠିକ୍ ଠିକ୍ ସାଧନାମାର୍ଗରେ ଅଗ୍ରସର ହେଉଅଛନ୍ତି । ବ୍ୟକ୍ତିର ଯଦି କେବଳ ଶ୍ରଦ୍ଧା, ଭକ୍ତି, ଭାବ ଥାଏ, ତେବେ ତା' ମଧ୍ୟରେ ସାଧନାର ଆବଶ୍ୟକ ସମସ୍ତ ଗୁଣ କ୍ରମଶଃ ଆସିଯାଏ ।

(୪) ପ୍ରତ୍ୟେକ ସାଧକଙ୍କୁ ସରାପ, ସିଗାରେଟ, ଗଞ୍ଜେଇ, ବିଡ଼ି, ପିକା ଇତ୍ୟାଦି ସମସ୍ତ ପ୍ରକାର ମାଦକ ଦ୍ରବ୍ୟ ଏବଂ ଧୂମପାନ ଏକେବାରେ ବର୍ଜନ କରିବାକୁ ହେବ । ସାଧକମାନଙ୍କର ଶୁଦ୍ଧ ସାତ୍ତ୍ୱିକ ସଂଯତ ଆହାର ହେବା ଆବଶ୍ୟକ । ମିଷ୍ଟାନ୍ନ ପାଇଲେ ଜିହ୍ୱା ଲାଳସାରେ ପେଟକୁ ରବର ଥଳି କରିବା ସର୍ବଦା ହାନିକାରକ । ଆହାର, ନିଦ୍ରା, ନିର୍ଦ୍ଦିଷ୍ଟ, ନିୟମିତ ସଂଯତ ହେଲେ ସାଧନାରେ ଅଧିକ ସାହାଯ୍ୟ ମିଳିବ ।

(୫) ପିଲାମାନେ ଗଳ୍ପବହି ପଢ଼ିବା ପସନ୍ଦ କରନ୍ତି । ନିରର୍ଥକ ଗଳ୍ପବହି ପଢ଼ିବା ଦ୍ୱାରା ଅଶ୍ଳୀଳ ଉପନ୍ୟାସ ପଢ଼ିବାର ପ୍ରବୃତ୍ତି ହୁଏ । ସେଥିରୁ ସେମାନଙ୍କ ଚେତନା ଧାରା ନିମ୍ନକୁ ପ୍ରବାହିତ ହୁଏ । ପ୍ରତ୍ୟେକ ପିତାମାତା ନିଜ ଘରେ 'ବିଚିତ୍ର-ବିଭୂତି' (ଭକ୍ତ-ଚରିତମାଳା) ଗ୍ରନ୍ଥ ରଖିବା ଉଚିତ । ନିଜେ ପଢ଼ିବେ ଏବଂ ପିଲାମାନଙ୍କୁ ପଢ଼ିବାକୁ ଉତ୍ସାହିତ କରିବେ । ଏଥିରେ ପିଲାମାନଙ୍କ ମନ ଲାଗିବ । ପିଲାମାନେ ଏହାଦ୍ୱାରା ସ୍ୱତଃସ୍ଫୂର୍ତ୍ତଭାବେ ସଦ୍‌ଗ୍ରନ୍ଥ ପଢ଼ିବାକୁ, ସତ୍ୟ ଆଚରଣ କରିବାକୁ ପ୍ରବୃତ୍ତ ହେବେ । ପିଲାମାନଙ୍କୁ ଅସତ୍ ଆଚରଣରେ ପିତାମାତାଙ୍କୁ ଦୁଃଖିତ ହେବାକୁ ପଡ଼ିବ ନାହିଁ ।

ଶ୍ରୀଅରବିନ୍ଦ ପାଠଚକ୍ର, ମହିଳା ପାଠଚକ୍ର ତଥା ଛାତ୍ର-ସମାଜର ସକ୍ରିୟ କର୍ମ

ପୁରାତନ ସମସ୍ତ ଯୋଗ ସଦୃଶ ବ୍ୟକ୍ତି ଯେପରି ମୃତ୍ୟୁ, ରୋଗ, ବୃଦ୍ଧତ୍ୱ କବଳରେ କବଳିତ ଥିଲା, ତାକୁ ସେହିପରି ଛାଡ଼ି, ସଂସାରରେ ଯେପରି ଦୁଃଖ, କଷ୍ଟ, ଅନ୍ୟାୟ, ହିଂସା, ସ୍ୱାର୍ଥର ଅବାଧ ଶାସନ ଥିଲା ତାକୁ ସେହିପରି ରଖି, ବ୍ୟକ୍ତିଗତ ସାଧନା ଦ୍ୱାରା ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି କରିବା ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ ନୁହେଁ । ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ ହେଲା ମନ, ପ୍ରାଣ, ଶରୀର ତଥା ପ୍ରକୃତିକୁ ଅତିମାନସ ଶକ୍ତି ଦ୍ୱାରା ଦିବ୍ୟତତ୍ତ୍ୱରେ ରୂପାନ୍ତର କରିବା । ଫଳରେ ସାଧକ ପୂର୍ଣ୍ଣ ରୂପେ ମୁକ୍ତ ହେବ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ତଥା ଅଜ୍ଞାନ ଏବଂ ଦୁଃଖକଷ୍ଟରୁ । ସେ ସମ୍ପୂର୍ଣ୍ଣ ରୂପେ ଏକତ୍ୱ ପ୍ରାପ୍ତ କରିବ ଭଗବାନଙ୍କ ସହିତ । ମନ, ପ୍ରାଣ ସ୍ଥାନରେ ପ୍ରତିଷ୍ଠା ହେବ ଅତିମାନସ ଶକ୍ତି । ସେ ପରିଚାଳିତ ହେବ ଭଗବାନଙ୍କ ଦ୍ୱାରା । ଜୀବନର ହେବ ସର୍ବାଙ୍ଗୀନ ବିକାଶ । ଏହାଫଳରେ ସଂସାରରୁ ଦୂର ହେବ ଦୁଃଖ, କଷ୍ଟ, ହିଂସା, ସ୍ୱାର୍ଥ, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର । ସଂସାର ପରିଣତ ହେବ ସ୍ୱର୍ଗରେ । ଏହି ରୂପାନ୍ତର କାର୍ଯ୍ୟ ସ୍ଥୂଳର ଅନ୍ତରାଳରେ ମା' କରାଉଛନ୍ତି । ବର୍ତ୍ତମାନ ତା'ର ସମୟ ଆସିଯାଇଛି । ରୂପାନ୍ତର ସ୍ଥୂଳରେ ପ୍ରକାଶ ହେବାକୁ ତୀବ୍ର ଭାବେ ଚାହୁଁଛି । ଏହି ଆଦର୍ଶର ସାଧକ ଏବଂ ସାଧିକା ଯେଉଁମାନେ ବ୍ୟକ୍ତିଗତ ରୂପେ ସାଧନା କରୁଛନ୍ତି କିଂବା ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ଓ ଶ୍ରୀଅରବିନ୍ଦ ଛାତ୍ର-ସମାଜର ମେମ୍ବର, ସେମାନଙ୍କୁ ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ସତ୍ୟ ଭିତ୍ତିରେ ସକ୍ରିୟ ଭାବେ କର୍ମ କରିବା ଏକାନ୍ତ ଆବଶ୍ୟକ ।

ଏହାଦ୍ୱାରା ଅଧ୍ୟାତ୍ମ ସତ୍ୟ ଏବଂ କର୍ମର ହେବ ମିଳନ । ଜୀବନର ହେବ ସର୍ବାଙ୍ଗୀନ ବିକାଶ । ଏହିମାନେ ହେବେ ନୂତନ ସତ୍ୟଯୁଗର ଅଗ୍ରଦୂତ । ଏହି ମହାନ୍ କାର୍ଯ୍ୟ ସିଦ୍ଧି ହେବାର ଅତ୍ୟନ୍ତ ସରଳ ଏବଂ ଶକ୍ତିଶାଳୀ ସାଧନା ହେଲା 'ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ, ନିର୍ଭରତା ରଖି ନିଜର ଯାହାକିଛି ଅଛି ସମସ୍ତ ତାଙ୍କର – ଏହି ଭାବରେ କର୍ମ କରି ତାଙ୍କ ଚରଣରେ ନିବେଦନ କରିବା, ଏଥିରେ ବିଶେଷ ରୂପେ ସାହାଯ୍ୟ କରେ ମା' ଏହି ନାମ ଜପ ।

କ୍ରିୟାତ୍ମକ ସ୍ଥୂଳ କର୍ମ

(୧) ଶ୍ରୀଅରବିନ୍ଦ ପାଠଚକ୍ର, ମହିଳା ପାଠଚକ୍ର ତଥା ଛାତ୍ର-ସମାଜର ପ୍ରତ୍ୟେକ ସଭ୍ୟ ଓ ସଭ୍ୟାମାନେ ନିଜ ଶରୀର ଦ୍ୱାରା ହେଉଥିବା ସ୍ନାନ, ଭୋଜନ ଏବଂ ଯାବତୀୟ କର୍ମ ମା' ଏହି ନାମ ଜପ ସହିତ ମା'ଙ୍କ ସେବା ଭାବରେ କରି ମା'ଙ୍କୁ ସମର୍ପଣ କରିବେ । କିନ୍ତୁ ଏହି ସମସ୍ତ ସମୟ ମଧ୍ୟରୁ ନିର୍ଦ୍ଦିଷ୍ଟ ରୂପେ ଗୋଟିଏ ଘଣ୍ଟା ମା'ଙ୍କ ସେବା ଭାବରେ 'ମା' ଏହି ନାମ ସ୍ମରଣ ସହିତ ପାଠଚକ୍ରର ବଗିଚା, ନିଜ ବଗିଚା କିଂବା ନିଜ ଗୃହରେ ବୁଣିବା, ସିଲାଇ କରିବା ଅଥବା ଅନ୍ୟ କୌଣସି ଉପଯୋଗୀ କାର୍ଯ୍ୟ କରି ମା'ଙ୍କୁ ସମର୍ପଣ କରିବେ । ଯେଉଁ କାର୍ଯ୍ୟ ଦ୍ୱାରା ନିଜ ସ୍ୱାସ୍ଥ୍ୟ, ଜୀବନର, ଦେଶର ଉନ୍ନତି ହେବ, ଦରିଦ୍ରତା, ଆଳସ୍ୟ ଦୂର ହେବ ଓ ଆମ୍ଭେମାନେ ନିଜ ଜୀବନର ଯଥାର୍ଥ ଲକ୍ଷ୍ୟ ପରମ ସୁଖ, ପରମ ଶାନ୍ତିସ୍ୱରୂପ ଭଗବାନଙ୍କୁ ପ୍ରାପ୍ତ କରିପାରିବା ।

(୨) ଯେଉଁ ପାଠଚକ୍ର ଘରର ବଗିଚା ଅଛି ସେଥିରେ ପାଠଚକ୍ରର ସମସ୍ତ ସଭ୍ୟ ଏକ ଘଣ୍ଟା କାର୍ଯ୍ୟ କରିବେ । ଏହି କାର୍ଯ୍ୟ ମା'ଙ୍କର ସେବା ଏବଂ ଲକ୍ଷ୍ୟପ୍ରାପ୍ତିର ସାଧନା । ଏଥିରେ ସ୍ୱାସ୍ଥ୍ୟର ଉନ୍ନତି ହେବ । ଏହି କାର୍ଯ୍ୟରେ ବଡ଼ ଲୋକ ଏବଂ ଗରିବ ଲୋକର ଧାରଣା ଦୂର କରିବା ଏକାନ୍ତ ଆବଶ୍ୟକ । କାର୍ଯ୍ୟ କରିବା ସମୟରେ ମା' ଏହି ନାମ ମନେ ମନେ କିଂବା ଜିହ୍ୱାରେ ଉଚ୍ଚାରଣ କରିବେ । ମା'ଙ୍କ ଉପସ୍ଥିତି ସହିତ ମା'ଙ୍କ ଶକ୍ତି ନିଜ ମଧ୍ୟରେ କ୍ରିୟା କରୁଛି ଏହି ଧାରଣାକୁ ସଜୀବ କରିବେ । ଏଥିରେ ଯାହାର ଯେତେ ଆନ୍ତରିକତା ରହିବ ସେ ସେତେ ସ୍ପଷ୍ଟ ଅନୁଭବ କରିପାରିବେ ।

(୩) ବଗିଚାରେ ନେଉଟିଆ, କୋଶଳା, ପାଳଙ୍ଗ, ଖଡ଼ା ଇତ୍ୟାଦି ଶାଗ କରନ୍ତୁ । କଲରା, ଲଙ୍କାମରିଚ, ଭେଣ୍ଡି, କାକୁଡ଼ି, ଜହ୍ନି, ନାଉ, କଖାରୁ, ବାଇଗଣ, ଆଳୁ, ପିଆଜ, ଅମୃତଭଣ୍ଡା ଇତ୍ୟାଦି ଲଗାନ୍ତୁ । ବଗିଚାରେ ଯେପରି ସର୍ବଦା ପରିବା ଏବଂ ଶାଗ ରହିଥିବ, ସେହି ଅନୁସାରେ ବ୍ୟବସ୍ଥା କରିବେ । ଗୋଟିଏ ବସ୍ତୁ ଶେଷ ହେବା ପୂର୍ବରୁ ଅନ୍ୟ ଜିନିଷ ଯେପରି ତିଆରି ହୋଇଥିବ ତା' ପ୍ରତି ଦୃଷ୍ଟି ରଖିଥିବେ ।

(୪) ଯେଉଁମାନେ ମୂଲ ଲାଗନ୍ତି, ମଜୁରି ଉପରେ ନିର୍ଭର କରନ୍ତି, ଯେଉଁ ଦିନ ମଜୁରି ନ ଥାଏ ସେଦିନ ଘରେ ଚୁଲି ଜଳେ ନାହିଁ, ସେ ବ୍ୟକ୍ତି ପାଠଚକ୍ର ବଗିଚାରେ କାର୍ଯ୍ୟ କରିବେ ନାହିଁ । ଠିକ୍ ପାଠଚକ୍ର ବଗିଚା ସଦୃଶ ନିଜ ବାଡ଼ିରେ ପରିବା ଶାଗ କରିବେ ତଥା କାର୍ଯ୍ୟ କରିବା ସମୟରେ 'ମା'ଙ୍କର ନାମ ସ୍ମରଣ ସହିତ ମା'ଙ୍କ ଉପସ୍ଥିତି ଧାରଣାପୂର୍ବକ ସମସ୍ତ କର୍ମ ମା'ଙ୍କୁ ସମର୍ପଣ କରିବେ ।

(୫) ଗରିବ ହୁଅନ୍ତୁ ବା ବଡ଼ଲୋକ ହୁଅନ୍ତୁ ପାଠଚକ୍ରର ସମସ୍ତ ମେମ୍ବରମାନେ ପାଠଚକ୍ର ବଗିଚା ଛଡ଼ା ନିଜ ବାଡ଼ିରେ ଠିକ୍ ପାଠଚକ୍ର ବଗିଚା ସଦୃଶ କାର୍ଯ୍ୟ କରନ୍ତୁ । ଘରର ମା' ବୋହୂ, ଛାତ୍ର-ଛାତ୍ରୀ ତଥା ଚାକିରି କରିଥିବା ଅଫିସର, ଘରର ମାଲିକ ଓ ତା'ର ସମସ୍ତ ମେମ୍ବର ନିଜ ନିଜ ଶକ୍ତି ଅନୁସାରେ ନିୟମିତ ରୂପେ ଏକ ଘଣ୍ଟା ନିଜ ବାଡ଼ି ବଗିଚାରେ କାମ କରନ୍ତୁ ।

(୬) ଘରର ମହିଳା ତଥା ଛାତ୍ରୀମାନେ ବୁଣିବା, ସିଲାଇ କରିବା କାର୍ଯ୍ୟ କରନ୍ତୁ । ଯେଉଁମାନେ ଜାଣିଛନ୍ତି ସେମାନେ ଗ୍ରାମର ଅନ୍ୟ ବୋହୂମାନଙ୍କୁ ଶିଖାଇ ଦିଅନ୍ତୁ ଏବଂ ମହିଳାମାନେ ବଡ଼ି, ଆଚାର କରି ବିକ୍ରୟ କରନ୍ତୁ ।

(୭) ରାଉରକେଲାରେ କେତେକ ମହିଳା ପାଠଚକ୍ରର ମେମ୍ବରମାନେ ବଡ଼ିପାରି, ଆଚାର, ଆରିସାପିଠା, ତଥା ଗଞ୍ଜି, ସୁଏଟର ବୁଣି ଏବଂ ଝିଅମାନଙ୍କ ପୋଷାକ ସିଲାଇ କରି ପର୍ଯ୍ୟାପ୍ତ ପରିମାଣରେ ଲବ୍ଧ ଧନ ପଠାଉଛନ୍ତି । ବସ୍ତୁ ଶୁଦ୍ଧ, ଉତ୍ତମ ହୋଇଥିବାରୁ ଲୋକେ ଆଗ୍ରହର ସହିତ ଖରିଦ କରୁଅଛନ୍ତି । ମଙ୍ଗଳପୁର ପାଠଚକ୍ର ବଗିଚାରେ ପିଆଜ, ଆଳୁ, କଦଳୀ, ଖଡ଼ା, ଶାଗ ତଥା ଅନ୍ୟାନ୍ୟ ପନିପରିବା ବିକ୍ରୟ କରି ସେହି ଧନରୁ ପାଠଚକ୍ର ଗୃହ ନିର୍ମାଣ ସକାଶେ ଇଟା ପୋଡ଼ାଇବାର ବ୍ୟବସ୍ଥା କରୁଅଛନ୍ତି ।

(୮) ଯେଉଁମାନେ ମୂଲ ଲାଗୁଅଛନ୍ତି ସେମାନେ ଖୁବ୍ ଭୋରରୁ ଉଠି ଏକ ଘଣ୍ଟା ସକାଳେ, ଏକ ଘଣ୍ଟା ମଜୁରିରୁ ଫେରି ସନ୍ଧ୍ୟାରେ ବଗିଚାରେ କାର୍ଯ୍ୟ କରନ୍ତୁ ।

ଘରର ମହିଳାମାନେ ରୋଷାଇ କରିବା, ବିଶ୍ରାମ ନେବା ସମୟଛଡ଼ା ଅଧିକ ସମୟରେ ବଗିଚାରେ କାମ କରନ୍ତୁ । ଗାଈ ପ୍ରତ୍ୟେକ ଗୃହରେ ରହିବା ଉଚିତ । ଯେଉଁମାନେ ଗ୍ରାମରେ ଅଛନ୍ତି, ସେମାନେ ଧନୀ ହୁଅନ୍ତୁ କିଂବା ଦରିଦ୍ର ହୁଅନ୍ତୁ ଗାଈ ଅବଶ୍ୟ ରଖନ୍ତୁ । ଗୋରୁ ହେଉଛନ୍ତି ଜ୍ୟୋତିଃର ପ୍ରତୀକ । ତାଙ୍କ ଲୋମରେ ଦେବତା ବାସ କରିବା ଶାସ୍ତ୍ର କହିଛି । ତାଙ୍କ ଉପସ୍ଥିତିରେ ଭୂତ, ପ୍ରେତ ନ ଆସିବା ଲୋକେ କହିଛନ୍ତି । ତାଙ୍କ ଗୋବର ଏବଂ ମୂତ୍ର ପାପରୁ ନିବୃତ୍ତ ହେବା ସକାଶେ ପଞ୍ଚଗବ୍ୟ ରୂପେ ଗ୍ରହଣ କରାହୁଏ । ତାଙ୍କ ଗୋବର ଲିପିଲେ ଭୂମି ପବିତ୍ର ହେବାର ପୁରାଣ ତଥା ପରମ୍ପରାରୁ ପ୍ରଚଳିତ ହେଉଅଛି । ଗୋରୁ ଗୋବର ଲିପିବାରେ ବହୁପ୍ରକାର ଦୂଷିତ ଜୀବାଣୁ ନାଶ ହେବାର ବଡ଼ ବଡ଼ ବୈଜ୍ଞାନିକ ମଧ୍ୟ ପ୍ରମାଣ କରିଛନ୍ତି । ଗୋରୁ ଗୋବରଖତରେ ବଗିଚା ଜମି ଉର୍ବର ହୋଇ ବିଶେଷ ଶସ୍ୟ ଉତ୍ପାଦନ କରେ । ଅତଏବ ଗ୍ରାମର ସମସ୍ତ ବ୍ୟକ୍ତିଙ୍କର ଗୋ-ସେବା କରିବା ଉଚିତ । ଯେଉଁମାନେ ଗରିବ ସେମାନେ ବଗିଚାରୁ କିଛି ପଇସା ଆୟ କରି ଗୋଟିଏ ଛୋଟ ବାଛୁରୀ ପାଳନ କରନ୍ତୁ । ତା' ଦ୍ୱାରା ଗୋରୁ ବୃଦ୍ଧି ହେବ । ଏହି ରୂପେ କାର୍ଯ୍ୟ କଲେ ଅଧିକାଂଶ ବ୍ୟକ୍ତିଙ୍କର କର୍ମରେ ପ୍ରବୃତ୍ତି ହେବ ଏବଂ କର୍ମ କରିବାର ଶକ୍ତି, କର୍ମ କରିବାର ଜ୍ଞାନ ନିଜ ଅନ୍ତରରୁ ବିକାଶ ହେବ । କାରଣ ମନୁଷ୍ୟ ମଧ୍ୟରେ ସମସ୍ତ ପ୍ରକାର ଶକ୍ତି ଏବଂ ଜ୍ଞାନ ସୁପ୍ତ ରୂପେ ବିଦ୍ୟମାନ ରହିଅଛି । ଜୀବନର ଲକ୍ଷ୍ୟ ଗ୍ରହଣ କରି ଶ୍ରୀଅରବିନ୍ଦଙ୍କ ରୂପାନ୍ତର ସତ୍ୟଭିତ୍ତିରେ କର୍ମ କଲେ ସେସବୁ ଶକ୍ତି ଓ ଜ୍ଞାନ ଜାଗ୍ରତ୍ ହେବ । ଏଥିରେହିଁ ବ୍ୟକ୍ତିର ଜୀବନ ପୂର୍ଣ୍ଣତା ଆଡ଼କୁ ଗତି କରିବା ସଙ୍ଗେ ସଙ୍ଗେ ସେ ଜ୍ଞାନ ତଥା ଶକ୍ତି ସାହାଯ୍ୟରେ ବହୁପ୍ରକାର କର୍ମ କରିପାରିବ । ତା'ହେଲେ ପରିବାରରୁ, ଗ୍ରାମରୁ, ଦେଶ ତଥା ଜଗତରୁ ଦାରିଦ୍ର୍ୟ ଦୂର ହେବ । ସମ୍ପଦର ଅଭାବ ନାହିଁ,

କିନ୍ତୁ କର୍ମ କରିବାର ଶକ୍ତି ତଥା ଜ୍ଞାନ ଅଭାବରୁ ଆମେ ଦାରିଦ୍ର୍ୟ ଭୋଗ କରୁଅଛୁ ଏବଂ ଭୋଜନ ପାଇଁ ଚାକିରି ଆଶ୍ରୟରେ ବୁଲୁଅଛୁ । ଏହି ଛୋଟ ଧରଣର ବଗିଚାରେ ମା'ଙ୍କର ନାମ ସ୍ମରଣ, ମା'ଙ୍କ ଉପସ୍ଥିତି ଧାରଣା ତଥା ମା'ଙ୍କର ଶକ୍ତି ନିଜ ମଧ୍ୟରେ କର୍ମ କରୁଥିବା ଭାବରେ କର୍ମ କରି ଦେଖ । ଅଳ୍ପଦିନ ପରେ ତୁମ୍ଭର କିପରି କର୍ମ କରିବାର ଶକ୍ତି, ଜ୍ଞାନ ଏବଂ ପ୍ରେରଣା ଜାଗ୍ରତ୍ ହେବ, ତୁମ୍ଭେ ତାହା ସ୍ପଷ୍ଟ ରୂପେ ବୁଝିପାରିବ ଏବଂ ମହାନ୍ କର୍ମ କରିବାରେ ସମର୍ଥ ହୋଇପାରିବ । ଏହିପରି କର୍ମ କରିବା ଦ୍ୱାରା ବୃଥାରେ ପରଚର୍ଚ୍ଚା କରି ଅନ୍ତର କଳୁଷିତ ହେବ ନାହିଁ । ମା'ଙ୍କ ସେବାଭାବରେ କର୍ମ କଲେ ମନ ପ୍ରାଣରେ ପବିତ୍ରତା ଆସିବ, ଶରୀରରୁ ଆଳସ୍ୟ ଦୂର ହେବ ଏବଂ ନମନୀୟତା ଦେଖାଦେବ । ତୁମେ ବହୁପ୍ରକାର ରୋଗରୁ ମୁକ୍ତ ହେବା ସଙ୍ଗେ ସଙ୍ଗେ ଜୀବନର ପରମ ସୁଖ, ପରମ ଶାନ୍ତି, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ମୁକ୍ତି ଏବଂ ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ଆଡ଼କୁ ଅଗ୍ରସର ହୋଇପାରିବ । ଏହି ସାଧାରଣ କର୍ମ କରିବା ଦ୍ୱାରା ଆମେ ଭୌତିକ ସୁଖ, ସୁବିଧା ସହିତ ମହାନ୍ ଦୁରୂହ ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ଅତି ସହଜରେ କରିପାରିବା । ଏହି ଆଦର୍ଶର ଅଧିକ ପ୍ରଭାବ ପଡ଼ିବ ନିଜ ପରିବାର, ଗ୍ରାମ ତଥା ଦେଶରେ । ଘରେ କଳି ହୋଇ ଭିନେ ହେବ ନାହିଁ । ଗ୍ରାମରୁ ବିବାଦ ଦୂର ହେବ । ଏହି ପୃଥିବୀରେ ସ୍ୱର୍ଗ ଉତରି ଆସିବ । ଏହାହିଁ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ।

ବହୁମୁଖୀ କର୍ମର ବିକାଶରେହିଁ ଜୀବନର ପୂର୍ଣ୍ଣତା

ଆମ୍ଭେମାନେ ଯେଉଁ ଶ୍ରୀଅରବିନ୍ଦ ଛାତ୍ରସଂଘ ଶ୍ରୀଅରବିନ୍ଦ ଯୁବକ ସଂଘ, ଶ୍ରୀଅରବିନ୍ଦ ପାଠଚକ୍ର ଏବଂ ଶ୍ରୀଅରବିନ୍ଦ ମହିଳା-ସମିତି କଥା କହୁଅଛୁ, ଯାହା ମାଧ୍ୟମରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରାଯାଇ ପାରିବ, ସେଥି ସକାଶେ ସଂସାର ଏବଂ କର୍ମ ତ୍ୟାଗ କରିବାକୁ ହୁଏ ନାହିଁ; ବରଂ ସେହିସବୁ କର୍ମ ଦ୍ୱାରା ମନୁଷ୍ୟ ମଧ୍ୟସ୍ଥ ସୁପ୍ତ ଶକ୍ତିସବୁ ଜାଗ୍ରତ୍ ହୁଏ, ବହୁମୁଖୀ କର୍ମର ବିକାଶ ହୁଏ, କର୍ମର ଆଧାର ହୁଏ ଜ୍ଞାନ, ଜୀବନ ହୁଏ ଆନନ୍ଦମୟ ଏବଂ ପୂର୍ଣ୍ଣ । ଏହି ପୂର୍ଣ୍ଣ ଆନନ୍ଦମୟ ଜୀବନକୁ ଆବାଳବୃଦ୍ଧ ବନିତା, ଋଷି, ମୁନି, ସାଧୁସନ୍ଥ, ଜ୍ଞାତ ଭାବରେ ବା ଅଜ୍ଞାତ ଭାବରେ, ସୃଷ୍ଟିର ଆରମ୍ଭରୁ ଚାହି ଆସୁଛନ୍ତି । ଏହା ପ୍ରାପ୍ତ ହୁଏ, ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରିବାରେ । ଯଦି ଆନ୍ତରିକତା ସହ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ଜୀବନର ଲକ୍ଷ୍ୟ ରୂପେ ଗ୍ରହଣ କରେ ଏବଂ ଆନ୍ତରିକତା ସହ ପ୍ରଯତ୍ନ କରେ, ତେବେ ଆରମ୍ଭରୁ ତା' ସତ୍ତାର ଯେଉଁ ଭାଗ ବିକାଶୋନ୍ମୁଖୀ ଥାଏ, ସେ ଯେଉଁ କର୍ମ କରୁଥାଏ, ସେହି ଭାଗ ତଥା ସେହି କର୍ମରେ ଅତିମାନସ ଶକ୍ତିର ପ୍ରଭାବ ଦୂରରୁ, ବହୁ ଦୂରରୁ ସାମାନ୍ୟ କିଛି ପଡ଼େ । ସେହି ଅତିମାନସ ଶକ୍ତିର ପ୍ରଭାବରେ ତା' ସତ୍ତାର ସେହି ଭାଗ, ସେହି କର୍ମର ବିକାଶ ହୁଏ । ଏହା ଫଳରେ ସତ୍ତାର ଅନ୍ୟାନ୍ୟ ଭାଗ ଅତିମାନସ ଶକ୍ତି ପ୍ରତି ଉନ୍ମୁକ୍ତ ହୁଏ । ଯେଉଁ ଅତିମାନସ ଶକ୍ତିକୁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଉତାରି ଆଣିଛନ୍ତି, ଯାହାଦ୍ୱାରା ମନୁଷ୍ୟର ମନ, ପ୍ରାଣ ଓ ଶରୀର ଦିବ୍ୟ ଭାଗବତ ତତ୍ତ୍ୱରେ ରୂପାନ୍ତରିତ ହେବ; ସେ ରୋଗ, ଜରା ମୃତ୍ୟୁରୁ ମୁକ୍ତ ହେବ; ଭଗବାନଙ୍କ ସହିତ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତ ହେବ, ତା' ମଧ୍ୟରେ ଭଗବାନଙ୍କ ଦିବ୍ୟଗୁଣ ସମୂହ ପ୍ରକାଶିତ ହେବ । ସେ ପରିଚାଳିତ ହେବ ଭାଗବତୀ ଶକ୍ତି ଦ୍ୱାରା, ତେବେ ଏହି ମୃତ୍ୟୁପୁରୀ ସ୍ୱର୍ଗରେ ପରିଣତ ହେବ । ଯେପର୍ଯ୍ୟନ୍ତ ମନୁଷ୍ୟର ମନପ୍ରାଣ ପୂର୍ଣ୍ଣରୂପେ ଶୁଦ୍ଧ ନ ହୋଇଛି ସେପର୍ଯ୍ୟନ୍ତ ଅତିମାନସ ଶକ୍ତିର ସ୍ପର୍ଶ ସେ ପାଇପାରିବ ନାହିଁ । କିନ୍ତୁ ବହୁଦୂରର ପ୍ରଭାବ ମନ ଊର୍ଦ୍ଧ୍ୱରୁ ବହୁସ୍ତର ଭେଦକରି ଆସିବ । ତାହାରି ପ୍ରଭାବରେ ବିଦ୍ୟାର୍ଥୀର ବିଦ୍ୟାରେ, ଦାର୍ଶନିକର ଦର୍ଶନରେ, ବୈଜ୍ଞାନିକର ବିଜ୍ଞାନରେ, ନୃତ୍ୟକାରୀର ନୃତ୍ୟରେ, ସଂଗୀତଜ୍ଞର ସଂଗୀତରେ, ଆଇନଜ୍ଞର ଆଇନବିଦ୍ୟାରେ, ଡାକ୍ତରର ରୋଗ ଓ ଔଷଧ ଜ୍ଞାନରେ, ରାଜନୈତିକର ରାଜନୀତିରେ ବିକାଶ ସାଧିତ ହେବ । ଅର୍ଥାତ୍ ଅତିମାନସ ଶକ୍ତିର ପ୍ରଭାବ ଦ୍ୱାରା ବ୍ୟକ୍ତିର ବୁଦ୍ଧି ଶୁଦ୍ଧ ହେବ ଏବଂ ବିବେକ ଉତ୍ପନ୍ନ ହେବ । ବୁଦ୍ଧିର ବିକାଶ ଏବଂ ଶାରୀରିକ ଓ ମାନସିକ ଅଭ୍ୟାସ ଉପରେ, ସମସ୍ତ ଜାଗତିକ କର୍ମର ନୈପୁଣ୍ୟ ନିର୍ଭର କରେ । ଅତିମାନସ ଶକ୍ତିର ପ୍ରଭାବ ଦ୍ୱାରା ବ୍ୟକ୍ତିର ବୁଦ୍ଧି ଶୁଦ୍ଧ ଏବଂ ବିକଶିତ ହେଲେ ସେ ସମସ୍ତ ସାଂସାରିକ କର୍ମରେ ଦକ୍ଷତା ପ୍ରାପ୍ତ ହୋଇପାରେ । ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣରେ ବ୍ୟକ୍ତିର କିପରି ବହୁମୁଖୀ କର୍ମର ବିକାଶ ହୁଏ, ତାହା ଶ୍ରୀଅରବିନ୍ଦ 'ଯୋଗ-ସମନ୍ୱୟ'ରେ ସ୍ୱୟଂ ଲେଖିଛନ୍ତି । ତାହାର କିଛି ଅଂଶ ଏଠାରେ ଉଦ୍ଧାର କରାଯାଉଛି :

''...ପକ୍ଷାନ୍ତରରେ ଏହା ବି ସମ୍ଭବ ଯେ ଆନ୍ତର ଆଧ୍ୟାତ୍ମିକ ପ୍ରଗତିର ଯେ କୌଣସି ସମୟରେ ସାଧକ ଅନୁଭବ କରିପାରେ ତାହାର କର୍ମକ୍ଷେତ୍ରର ପ୍ରସାର କମିଯିବା ପରିବର୍ତ୍ତେ ବଢ଼ି ଯାଇଛି । ଅଲୌକିକ ଯୋଗ-ଶକ୍ତିର ସ୍ପର୍ଶରେ ତାହାର ନୂତନ ମାନସିକ ସୃଷ୍ଟି-କ୍ଷମତା ଖୋଲି ଯାଇପାରେ । ଜ୍ଞାନର ନୂତନ ରାଜ୍ୟରେ ତାହାର ପ୍ରବେଶ ହୋଇପାରେ । ଯେଉଁଠାରେ ପୂର୍ବେ କୌଣସି ଶକ୍ତି ଦେଖାଯାଉ ନ ଥିଲା, ସେଠାରେ ସୁନ୍ଦରର ଉପଲବ୍ଧି, ଏକ କିଂବା ବହୁକ୍ଷେତ୍ରରେ ଶିଳ୍ପକଳାର ସୃଷ୍ଟି, ସାହିତ୍ୟିକ ଅଭିବ୍ୟକ୍ତିର ଚାତୁର୍ଯ୍ୟ ବା ପ୍ରତିଭା, ଦାର୍ଶନିକ ଭାବନାର ଶକ୍ତି, ଚକ୍ଷୁ, କର୍ଣ୍ଣ ହସ୍ତ ଅଥବା ମନୋବୃତ୍ତିର ନୈପୁଣ୍ୟ ପ୍ରଭୃତି ଯେକୌଣସି ଶକ୍ତି ପ୍ରକାଶ ପାଇପାରେ । ଆମ୍ଭମାନଙ୍କ ସତ୍ତାର ଗଭୀରତର ପ୍ରଦେଶରେ ଏହି ଯେଉଁସବୁ ଐଶ୍ୱର୍ଯ୍ୟ ସୁପ୍ତ ଓ ଗୁପ୍ତ ଥିଲା, ସେସବୁକୁ ଅନ୍ତରସ୍ଥ ଭଗବାନ୍ ବାହାର କରି ଆଣିପାରନ୍ତି ଅଥବା ଊର୍ଦ୍ଧ୍ୱରୁ ଗୋଟିଏ ଦିବ୍ୟଶକ୍ତି ଆମ୍ଭମାନଙ୍କ ପ୍ରକୃତିକୁ ତାଙ୍କ କାର୍ଯ୍ୟରେ ଅଭିଳଷିତ ଯନ୍ତ୍ରରୂପେ ସୁସଜ୍ଜିତ କରିବା ସକାଶେ ନିଜ ଶକ୍ତିକୁ ଢାଳିଦେଇ ପାରନ୍ତି । କିନ୍ତୁ ଆମ୍ଭମାନଙ୍କ ମଧ୍ୟରେ ପ୍ରଚ୍ଛନ୍ନଭାବେ ଅବସ୍ଥିତ ଯୋଗେଶ୍ୱର, ଯେଉଁ ପଦ୍ଧତି ବା ପ୍ରଣାଳୀ ବାଛି

ନିଅନ୍ତୁ ନା କାହିଁକି ଏହି ଅବସ୍ଥାରେ ଏହି ସାଧାରଣ ପରିଣତି ଦେଖାଯିବ ଯେ ଆତ୍ମମାନଙ୍କ ମନୋବୃତ୍ତି ବା ଜ୍ଞାନର ସକଳ ଗତିବିଧିର ହର୍ତ୍ତା, କର୍ତ୍ତା, ବିଧାତାରୂପେ ସେହିଁ ରହିଛନ୍ତି । ଏହି ଉପଲବ୍ଧି ଏବଂ ଏହି ଚେତନା କ୍ରମଶଃ ବୃଦ୍ଧି ପାଉଥିବ ।''

[The Synthesis of Yoga – Ch. V. pp 115-116]

କିନ୍ତୁ ଅଧ୍ୟାତ୍ମସତ୍ୟ ବିନା ଭୌତିକ ବିଦ୍ୟା, ଭୌତିକ କର୍ମ ଅଭ୍ୟାସ ଦ୍ୱାରା ମନୁଷ୍ୟର ବୁଦ୍ଧିର ବିକାଶ ହୁଏ, ମାତ୍ର ତାହା ହୁଏ ଆଂଶିକ; ବିବେକ ବିହୀନ ତଥା କର୍ମର ବିକାଶ ହୁଏ ସୀମିତ । ଯେଉଁ କର୍ମ ସମ୍ବନ୍ଧେ ସେ ପଢ଼ିଥାଏ, ତାହାକୁ ଅଭ୍ୟାସ କରିଥାଏ, ସେହି କାର୍ଯ୍ୟରେ କିଛି ଅଂଶରେ ଦକ୍ଷତା ପ୍ରାପ୍ତ ହୋଇପାରିଥାଏ, କିନ୍ତୁ ପୂର୍ଣ୍ଣତା ପ୍ରାପ୍ତ ହୁଏ ନାହିଁ । ସେହି ନିର୍ଦିଷ୍ଟ କର୍ମ ଛଡ଼ା ଅନ୍ୟ କର୍ମ ସମ୍ବନ୍ଧେ ପ୍ରାୟ ଅନଭିଜ୍ଞ ଥାଏ । ଯଦି କିଛି ଜାଣିଥାଏ, ତାହା ନ ଜାଣିବା ପରି । ଏପରିକି ଜଣେ ଚକ୍ଷୁ-ଡାକ୍ତର ପେଟରୋଗର ଚିକିତ୍ସା କରିପାରେ ନାହିଁ, ଜଣେ ଓକିଲ ଇଞ୍ଜିନିୟରିଂ ସମ୍ବନ୍ଧେ ଅନଭିଜ୍ଞ ଥାଏ । ତା'ଛଡ଼ା ବିବେକ ଉତ୍ପନ୍ନ ନ ହୋଇଥିବାରୁ ଏହି କର୍ମସବୁ ଯଥାର୍ଥ ପରମାନନ୍ଦ, ପରମ ଶାନ୍ତିର ସାଧନ ନ ହୋଇ ନିଜ ସ୍ୱାର୍ଥସିଦ୍ଧିର ଉପାୟ ହୁଏ । ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଆଦର୍ଶ ଆନ୍ତରିକତା ସହ ଗ୍ରହଣ କରି ଆବଶ୍ୟକୀୟ ନିୟମ ପାଳନ କଲେ ବହୁମୁଖୀ କର୍ମର ବିକାଶ ସଙ୍ଗେ ସଙ୍ଗେ ମନପ୍ରାଣ-ଶରୀର କ୍ରମଶଃ ଅଧିକାଧିକ ଶୁଦ୍ଧ ହୁଏ । ସେହି ଶୁଦ୍ଧି ଅନୁପାତରେ ବ୍ୟକ୍ତିର ମନପ୍ରାଣ ତଥା ଶରୀରରେ ଅତିମାନସ ଶକ୍ତିର ପ୍ରଭାବ ଅଧିକାଧିକ ପଡ଼େ । ତା' ମନର ନିର୍ଦ୍ଧାରିତ ସୀମିତତା କ୍ରମଶଃ ସେହି ଶକ୍ତି ପ୍ରଭାବରେ ବିସ୍ତାର ହେବାକୁ ଲାଗେ; ଶେଷରେ ବୁଦ୍ଧିର ସ୍ଥାନକୁ ଅଧିକାର କରେ ଅତିମାନସ ଶକ୍ତି । ସେହି ଶକ୍ତି ଅସୀମ, ଅନନ୍ତ, ସୃଜନ ଶକ୍ତିସମ୍ପନ୍ନ, ବିବେକ, ଜ୍ଞାନ, ଆନନ୍ଦ, ପରମ ଶାନ୍ତିର ସ୍ୱରୂପ, ଭଗବାନଙ୍କ ସହିତ ଅଭିନ୍ନ । ତାହାର ସଂସ୍ପର୍ଶ ବ୍ୟକ୍ତି ଯେତେ ଅଧିକ ପାଏ ତା'ର ଜ୍ଞାନ, ବିବେକ, ବୁଦ୍ଧି ସେତେ ବ୍ୟାପକ ହେବାକୁ ଆରମ୍ଭ କରେ, କର୍ମରେ ତେତେ ଅଧିକ ନିପୁଣତା ଲାଭ ହୁଏ । ବ୍ୟକ୍ତିଚେତନାକୁ ଅତିମାନସ ଶକ୍ତି ପୂର୍ଣ୍ଣରୂପେ ଅଧିକାର କଲେ ବ୍ୟକ୍ତିକୁ ପ୍ରାପ୍ତ ହୁଏ ଏହି ଜଗତ୍ ତଥା ଊର୍ଦ୍ଧ୍ୱତର ଜଗତସମୂହର ସମସ୍ତ ଜ୍ଞାନ, ସମସ୍ତ ପ୍ରକାର କର୍ମ-ସମ୍ପାଦନକାରୀ ଶକ୍ତି; ଅର୍ଥାତ୍ ସେ କୌଣସି ଦର୍ଶନ, ବିଜ୍ଞାନ, କଳା, ସମ୍ବନ୍ଧେ ଶିକ୍ଷାପ୍ରାପ୍ତ ନ ହୋଇ, କୌଣସି କର୍ମ ଅଭ୍ୟାସ ନ କରି ମଧ୍ୟ ସମସ୍ତ ଜ୍ଞାନ ପ୍ରାପ୍ତ ହୋଇପାରେ । ସେ ନିବାସକରେ ପରମାନନ୍ଦ, ପରମଜ୍ଞାନ, ପରମାଶକ୍ତି, ପରମ ଶାନ୍ତିର ସ୍ୱରୂପ ଭଗବାନଙ୍କ ମଧ୍ୟରେ ଜାଗତିକ ସମସ୍ତ ପ୍ରକୃତି-ଶକ୍ତି ଉପରେ ତା'ର ହୁଏ ଅଧିକାର । ସେ ଭଗବାନଙ୍କ ସଂକଳ୍ପ ଅନୁସାରେ ପରିଚାଳିତ ହୁଏ ଏବଂ ବ୍ୟକ୍ତି-ପ୍ରକୃତି ତଥା ଜାଗତିକ ପ୍ରକୃତିକୁ ପରିବର୍ତ୍ତନ କରିପାରେ । ପୂର୍ବେ ଋଷିମାନେ ଯେଉଁ ଅଧ୍ୟାତ୍ମ ବିଦ୍ୟା ଲାଭକରି ଅନ୍ୟାନ୍ୟ କର୍ମ ଅଭ୍ୟାସ ନ କରି ଧନୁର୍ବେଦ, ଯୁଦ୍ଧବିଦ୍ୟା, ଆୟୁର୍ବେଦ, ଦର୍ଶନ, ରାଜନୀତି ଏପରିକି ଆଜନ୍ମବ୍ରହ୍ମଚାରୀ ରହି କାମଶାସ୍ତ୍ର ରଚନା କରିଛନ୍ତି, ସେହି ଋଷିମୁନିଙ୍କ ଜ୍ଞାନଠାରୁ ଅତିମାନସ ବିଜ୍ଞାନ ହେବ ମହାନ୍ ବିଶାଳ ଏବଂ କର୍ମହେବ ବହୁମୁଖୀ ଓ ସୀମାହୀନ । ଅର୍ଥାତ୍ ବ୍ୟକ୍ତି ଅତିମାନସ ଚେତନା ପ୍ରାପ୍ତ ହେଲେ ତାକୁ ସ୍ଥୂଳ ଏବଂ ସୂକ୍ଷ୍ମ ସମସ୍ତ ଜ୍ଞାନ ତଥା ସମସ୍ତ କର୍ମ ଶକ୍ତି ପ୍ରାପ୍ତ ହେବ ।

(୧) ଶ୍ରୀଅରବିନ୍ଦଙ୍କ ଆଦର୍ଶ ଧର୍ମଗତ, ସାମ୍ପ୍ରଦାୟିକ, ଜାଗତିକ, ସାମାଜିକ ବା ନୈତିକ ନୁହେଁ, ତା' ହେଉଛି ସମସ୍ତ ଜ୍ଞାନ, ଆନନ୍ଦ, ଶକ୍ତିର ଉତ୍ସ ଅତିମାନସ-ଚେତନା ପ୍ରାପ୍ତି ଏବଂ ମନୁଷ୍ୟ ମଧ୍ୟରେ ଭଗବତ୍ ତତ୍ତ୍ୱର ପ୍ରକାଶ; ରୋଗ-ଜରା-ମୃତ୍ୟୁ ବିହୀନ ପରମାନନ୍ଦମୟ ଜୀବନ । ଏହା ପ୍ରତ୍ୟେକ ମନୁଷ୍ୟର ଚିରକାମ୍ୟ । ଅତଏବ ସମସ୍ତ ଧର୍ମ, ସମସ୍ତ ସମ୍ପ୍ରଦାୟ, ସମସ୍ତ ଶ୍ରେଣୀର ବ୍ୟକ୍ତି ଏହି ଆଦର୍ଶ ଗ୍ରହଣ କରିପାରନ୍ତି । ଏଥିରେ ଇଷ୍ଟ ନିଷ୍ଠା କ୍ଷୁଣ୍ଣ ହୁଏ ନାହିଁ ବା ସାଂପ୍ରଦାୟିକ ବିରୋଧ ସ୍ଥାନ ପାଏ ନାହିଁ ।

(୨) ଶ୍ରୀଅରବିନ୍ଦଙ୍କ ଆଦର୍ଶ ବ୍ୟକ୍ତିଗତ ନୁହେଁ, ବିଶ୍ୱଗତ । ବ୍ୟକ୍ତି ନିଜର ଶ୍ରେଷ୍ଠତ୍ୱ ପ୍ରାପ୍ତି ସକାଶେ, ଅହଂତୁଷ୍ଟି ସକାଶେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରେ ନାହିଁ, ବରଂ ଏହି ଆଦର୍ଶକୁ ଗ୍ରହଣ କରେ ଭଗବତ୍ ସଂକଳ୍ପକୁ ଏହି ପୃଥିବୀରେ, ଏହି ଶରୀରରେ ସିଦ୍ଧ କରିବା ସକାଶେ । ଭଗବାନ୍ ଏହି ଲକ୍ଷ୍ୟକୁ ପୃଥିବୀରେ ସଂସିଦ୍ଧ କରିବା ପାଇଁ ସଂସାର ସର୍ଜନା କରିଛନ୍ତି । ପ୍ରତ୍ୟେକ ବ୍ୟକ୍ତିର ଏହାହିଁ ଲକ୍ଷ୍ୟ । ସୃଷ୍ଟିର ଆଦିମକାଳରୁ ପ୍ରତ୍ୟେକ ପ୍ରାଣୀ ଅଜ୍ଞାତ ଭାବରେ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଏହି ଲକ୍ଷ୍ୟ ଆଡ଼କୁ ଯାତ୍ରା କରି ଆସୁଛନ୍ତି । ବ୍ୟକ୍ତି ସଚେତ ଭାବେ ଏହି ଲକ୍ଷ୍ୟ ଗ୍ରହଣ କରିବାର

ସମୟ ବର୍ତ୍ତମାନ ଉପସ୍ଥିତ । ଯେଉଁ ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ସମଗ୍ର ରୂପାନ୍ତର ସାଧିତ ହୋଇ ଚରମ ଲକ୍ଷ୍ୟ ସିଦ୍ଧି ହୋଇପାରିବ, ସେହି ଶକ୍ତିକୁ ମା'ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଉତାରି ଆଣିଛନ୍ତି । ବ୍ୟକ୍ତି ନିଜର ଉପସ୍ଥିତ କର୍ମକୁ ମାତୃସେବାରୂପେ ସମ୍ପନ୍ନ କରି ତାଙ୍କୁ ଅର୍ପଣ କଲେ ଏହି ଶକ୍ତି ତା' ମଧ୍ୟରେ ରୂପାନ୍ତର କାର୍ଯ୍ୟ କରିପାରେ । ବ୍ୟକ୍ତିର ନିଜ ସତ୍ତାର ରୂପାନ୍ତର ଦ୍ୱାରା ବିଶ୍ୱ ପ୍ରକୃତିର ବି ରୂପାନ୍ତର ହୁଏ । କାରଣ ତା' ସତ୍ତାର ସମସ୍ତ ଉପାଦାନ ବା ତତ୍ତ୍ୱ ବିଶ୍ୱତତ୍ତ୍ୱ ସହିତ ଜଡ଼ିତ । ତା' ମଧ୍ୟରେ ଯେଉଁ ତତ୍ତ୍ୱର ରୂପାନ୍ତର ଘଟେ, ସେହି ତତ୍ତ୍ୱର ରୂପାନ୍ତର ଘଟେ ବିଶ୍ୱରେ । କେତେକ ସଂଖ୍ୟକ ବ୍ୟକ୍ତି ଏହି ସାଧନା କରିବା ଦ୍ୱାରା ସାଧନାର ଅଗ୍ରଗତି ଅନୁପାତରେ ବିଶ୍ୱରୁ କ୍ରମଶଃ ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ବିରୋଧ, ଅସତ୍ୟ, ଅନ୍ୟାୟ ଆଦି ଦୂର ହୋଇଯିବ, କିନ୍ତୁ ସାଧାରଣ ବ୍ୟକ୍ତିର ସ୍ଥୂଳ ଶରୀର ରୂପାନ୍ତର ହେବ ନାହିଁ । ମନୁଷ୍ୟର ସ୍ଥୂଳ ଶରୀର ଯଦ୍ୟପି ଗଠିତ ହୋଇଛି ବିଶ୍ୱର ସୂକ୍ଷ୍ମତତ୍ତ୍ୱରୁ ତଥାପି ତାହା ବିଶ୍ୱର ସୂକ୍ଷ୍ମତତ୍ତ୍ୱର ଗୁଣଧର୍ମରୁ ଭିନ୍ନ । ସେହି ସକାଶେ ସ୍ଥୂଳଶରୀରର ରୂପାନ୍ତର ତଥା ବହୁମୁଖୀ କର୍ମର ବିକାଶ ଏବଂ ଜୀବନରେ ପୂର୍ଣ୍ଣତା ପ୍ରାପ୍ତି ସକାଶେ ବ୍ୟକ୍ତି ସଚେତ ହୋଇ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରିବା ଆବଶ୍ୟକ ।

ଅନ୍ୟପକ୍ଷରେ, ବିଶ୍ୱର ବହୁସଂଖ୍ୟକ ବ୍ୟକ୍ତି ଏହି ଆଦର୍ଶକୁ ଗ୍ରହଣ ନ କଲେ ସେମାନେ ସମର୍ଥନ କରିବେ ଅନ୍ୟାୟ, ଅସତ୍ୟ ତଥା ଆସୁରୀ ଶକ୍ତିକୁ; ଆସୁରୀ ଶକ୍ତିର ପରାକ୍ରମ ହ୍ରାସ ହେବା ସକାଶେ ବହୁତ ବର୍ଷ ଲାଗିବ, ସଂସାର ଅନ୍ୟାୟ ଅସତ୍ୟରୁ ମୁକ୍ତ ହେବାରେ ବିଳମ୍ବ ହେବ । ସୁତରାଂ ଶ୍ରୀଅରବିନ୍ଦଙ୍କ ଆଦର୍ଶ କେବଳ ଗୃହତ୍ୟାଗୀ ସନ୍ନ୍ୟାସୀଙ୍କ ସକାଶେ ନୁହେଁ, ବରଂ ସମଗ୍ର ମାନବଜାତି ସକାଶେ । ବ୍ୟକ୍ତିଗତ ପ୍ରୟାସ ମା'ଶ୍ରୀଅରବିନ୍ଦ କରିସାରିଛନ୍ତି । ରୂପାନ୍ତରକାରୀ ଅତିମାନସ ଶକ୍ତିକୁ ଏହା ପୃଥିବୀପୃଷ୍ଠକୁ ଉତାରି ଆଣିଛନ୍ତି ଏବଂ ଯେଉଁମାନେ ଏହି ଶକ୍ତିକୁ ଗ୍ରହଣ କରିବାକୁ ପ୍ରଯତ୍ନ କରୁଛନ୍ତି, ସେମାନେ ଜ୍ଞାତ ବା ଅଜ୍ଞାତରେ ମା'ଙ୍କ ସାହାଯ୍ୟ ବରାବର ପାଉଛନ୍ତି । ବର୍ତ୍ତମାନ ଆତ୍ମମାନଙ୍କର ସାମୂହିକ ପ୍ରଚେଷ୍ଟା ହେବା ଉଚିତ, ଏହି ଶକ୍ତିକୁ ଆତ୍ମମାନଙ୍କ ମଧ୍ୟରେ ରୂପାନ୍ତର କ୍ରିୟା କରିବା ସକାଶେ ନିଜ ଆଧାର ପ୍ରସ୍ତୁତ କରିବା । ପୂର୍ବ ଯୋଗ ପରି ମୁକ୍ତି ବା ନିର୍ବାଣ ଆତ୍ମମାନଙ୍କ ଲକ୍ଷ୍ୟ ନ ଥିବାରୁ ଜଣେ ବ୍ୟକ୍ତିର ବ୍ୟକ୍ତିଗତ ସାଧନାରେ ଏହା ସିଦ୍ଧି ହେବ ନାହିଁ । ଏହି ପୃଥିବୀରେ ଅତିମାନବଜାତି ସ୍ଥାପନା ବା ସ୍ୱର୍ଗରାଜ୍ୟ ସ୍ଥାପନା ହେବ । ସୁତରାଂ ଗୃହତ୍ୟାଗୀ ସାଧକମାନଙ୍କ ସହିତ ଗୃହସ୍ଥ ବ୍ୟକ୍ତିଙ୍କୁ ଏହି ସାଧନା କରିବାକୁ ହେବ । ଯେତେ ଅଧିକ ସଂଖ୍ୟାରେ ଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ବ୍ୟକ୍ତି ଗ୍ରହଣ କରିବେ ଏବଂ ସାଧନାରେ ଅଗ୍ରସର ହେବେ ସେହି ଅନୁପାତରେ ସଂସାରରୁ ଅନ୍ୟାୟ ଶକ୍ତିର ସାମର୍ଥ୍ୟ କମ୍ ହେବ ତଥା ସତ୍ୟଶକ୍ତିର କ୍ରିୟା ପ୍ରସାରିତ ହେବ । ବ୍ୟକ୍ତିଗତ ସାଧନା ଯେତେ ଉଚ୍ଚ ସ୍ତରରେ ପହଞ୍ଚିବ, ତେତେ ସାହାଯ୍ୟ ମିଳିବ ସଂସାରର ଅନ୍ୟାନ୍ୟ ସାଧକମାନଙ୍କୁ । ଅନ୍ୟାନ୍ୟ ସାଧକମାନଙ୍କ ସଂଖ୍ୟା ଯେତେ ଅଧିକ ହେବ, ଅର୍ଥାତ୍ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଯେତେ ଅଧିକ ବିସ୍ତାର ହେବ, ତେତେ ତାହା ସାହାଯ୍ୟ କରିବ ବ୍ୟକ୍ତିଗତ ସାଧନାରେ । ସଂସାରର ସମସ୍ତ କ୍ଷେତ୍ରରେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର ହେବା ଏକାନ୍ତ ଆବଶ୍ୟକ । କୃଷି, ବାଣିଜ୍ୟ, ରାଜନୀତି, ବିଚାରବିଭାଗ, ବିଜ୍ଞାନ, ଶିକ୍ଷା – ଏହିସବୁ କ୍ଷେତ୍ରରେ ବିଦ୍ୟାନିପୁଣ ପ୍ରତ୍ୟେକ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କଲେ, ସେମାନଙ୍କ ଉପସ୍ଥିତ କର୍ମର ଉନ୍ନତି ହେବ, ଏକମୁଖୀ କର୍ମଶକ୍ତି ସ୍ଥାନରେ ସୁପ୍ତ ବହୁମୁଖୀ କର୍ମଶକ୍ତି ଜାଗ୍ରତ୍ ହେବ; ତାଙ୍କ ଅନ୍ତରରୁ ହିଂସା, ଦ୍ୱେଷ, ଈର୍ଷା ଓ ବିରୋଧ, ସ୍ୱାର୍ଥ ଲୋପ ପାଇବ । ସେ ନିବାସ କରିବେ ଆନନ୍ଦ, ଶାନ୍ତି ଓ ଜ୍ଞାନରେ । ତାଙ୍କ ଦ୍ୱାରା ସମସ୍ତ କର୍ମ ହେବ ସଂସାରର ହିତ ଓ ଉନ୍ନତି ନିମିତ୍ତ । ତେବେ ସଂସାର ସ୍ୱର୍ଗରେ ପରିଣତ ହେବ । ଅତଏବ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଧର୍ମ, ସଂପ୍ରଦାୟର ସଂକୀର୍ଣ୍ଣତାକୁ ପରିପୁଷ୍ଟ ନ କରି ସମସ୍ତ ବ୍ୟକ୍ତିର ଜୀବନକୁ ବିଶାଳ, ମହାନ୍ ଓ ଆନନ୍ଦମୟ କରିବାରେ ସହାୟ ହୁଏ । ସକଳ ଶ୍ରେଣୀ, ସକଳ ଧର୍ମ, ସକଳ ସଂପ୍ରଦାୟର ବ୍ୟକ୍ତି ଏହି ଆଦର୍ଶକୁ ଗ୍ରହଣ କରିବା ଉଚିତ । ଏହି ଆଦର୍ଶ ଗ୍ରହଣ ବିନା ସଂସାରର ବର୍ତ୍ତମାନକାଳୀନ ଦୁଃଖ, ଦ୍ୱନ୍ଦ୍ୱ, ଅଭାବ-ଅନଟନ, ଅବିଶ୍ୱାସ, ହିଂସା, ଦ୍ୱେଷ, ସ୍ୱାର୍ଥ ଏବଂ ଅହଂର ଜଟିଳ ସମସ୍ୟା ଅନ୍ୟ କୌଣସି ଉପାୟରେ ସମାଧାନ ହେବ ନାହିଁ କିଂବା ସଂସାରରେ ସୁଖଶାନ୍ତି ସ୍ଥାପନା ହୋଇ ପାରିବ ନାହିଁ । ଏହାରି ଦ୍ୱାରାହିଁ ଜନ୍ମ-ନିରୋଧ ହୋଇପାରିବ । ଏହାଛଡ଼ା ଜନସଂଖ୍ୟା ବୃଦ୍ଧି ସ୍ଥଗିତ ହେବାର ଅନ୍ୟ ସହଜ ପନ୍ଥା ଆଉ ନାହିଁ ।

(୩) କୃଷକମାନେ ଭଗବାନଙ୍କ ସେବା ଭାବରେ କୃଷିକାର୍ଯ୍ୟ କରିପାରନ୍ତି । ବ୍ୟବସାୟୀମାନେ ଭଗବାନଙ୍କୁ ମାଲିକ ଏବଂ ନିଜକୁ ବ୍ୟବସ୍ଥାପକ ମନେକରି ଭଗବତ୍ ସେବାଭାବରେ କର୍ମ କରି ତାଙ୍କୁ ସମର୍ପଣ କରିପାରନ୍ତି । ଶାସନ ବିଭାଗରେ କାର୍ଯ୍ୟ କରୁଥିବା ବ୍ୟକ୍ତି ଭଗବାନଙ୍କୁ ଶାସକ ବୋଲି ମାନି ତାଙ୍କରି ସେବାରେ ଧାରଣା କରି କର୍ମ କରିପାରନ୍ତି । ବିଚାରାଳୟର କର୍ମକର୍ତ୍ତାମାନେ ମଧ୍ୟ ସେହିପରି ଭଗବତ୍ ସେବା ଭାବରେ ନିଜ ନିଜ କର୍ମ ସମ୍ପାଦନ କରିପାରନ୍ତି । ଦେଶସେବକ ବା ଦେଶନେତା ଭଗବାନଙ୍କୁ ଦେଶର ମାଲିକ ସ୍ୱରୂପ ଜାଣି ଭଗବତ୍ ସେବା ମନୋଭାବରେ କର୍ମ କରି ତାହା ସମର୍ପଣ କରିପାରନ୍ତି । ଛାତ୍ରମାନେ ଜୀବନରେ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି ସ୍ୱୀକାର କରି ବିଦ୍ୟାଧ୍ୟୟନକୁ ଭଗବତ୍ ପୂଜାରୂପେ କରି ଭଗବାନଙ୍କ ଚରଣରେ ସମର୍ପଣ କରିପାରନ୍ତି । ଗୃହର ପ୍ରତ୍ୟେକ ବ୍ୟକ୍ତି, ଅଭିଭାବକ, ଶାଶୂ, ବୋହୂ, କନ୍ୟା, ପୁତ୍ରମାନେ ଭଗବାନଙ୍କୁ ଘରର ମାଲିକ ରୂପେ ମାନି ଘର ପରିଷ୍କାର କରିବା, ରୋଷାଇ କରିବା, ପିଲାଙ୍କୁ ଲାଳନପାଳନ କରିବା ଇତ୍ୟାଦି ଘରର ଯାବତୀୟ କର୍ମକୁ ଭଗବାନଙ୍କୁ ଅଥବା ଭାଗବତୀ ଶକ୍ତି ମା'ଙ୍କୁ ସମର୍ପଣ କରିପାରନ୍ତି । ଏହିପରି ଭାବରେ ଏହି ସମସ୍ତ କର୍ମ ହୋଇଯାଏ ବ୍ୟକ୍ତିର ସାଧନା; ଏହିସବୁ କର୍ମ ଦ୍ୱାରା ବ୍ୟକ୍ତି ଲକ୍ଷ୍ୟରେ ପହଞ୍ଚିପାରେ । ନିଜ ହୃଦୟରେ ବା ମସ୍ତକରେ ଧ୍ୟାନ, ତଥା ଲୋକସାହିତ୍ୟ, 'ନବଜ୍ୟୋତି' ଏବଂ ମା'ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଅଧ୍ୟୟନ ଦ୍ୱାରା ଏଥିରେ ସହାୟତା ମିଳେ ।

(୪) ଏହି ଲେଖାଟି ଥରେ ମାତ୍ର ପଢ଼ିଦେଲେ ବ୍ୟକ୍ତି ଏହାକୁ ଅଭ୍ୟାସ କରିପାରିବେ ନାହିଁ । ସୃଷ୍ଟି ଆରମ୍ଭରୁ ବ୍ୟକ୍ତିର ସମସ୍ତ ବୃତ୍ତି ନିମ୍ନମୁଖୀ, ସାଂସାରିକ ମୋହମାୟାରେ ଲିପ୍ତ । ଏହିସବୁ ନିମ୍ନମୁଖୀ ବୃତ୍ତିକୁ ଊର୍ଦ୍ଧ୍ୱମୁଖୀ କରିବା ସକାଶେ, ଅମଣିଆ ଘୋଡ଼ା ନାକରେ ଦଉଡ଼ି ବାନ୍ଧି ମଣ କରିବା ଭଳି ଏହିସବୁ ନିମ୍ନଗାମୀ ଗତିବୃତ୍ତିକୁ ଗୋଟିଏ ଦୃଢ଼ ନିୟମର ଅଧୀନ କରିବାକୁ ହେବ ।

ଖେଳରତ ଅଜ୍ଞାନ ଶିଶୁକୁ ଜବରଦସ୍ତ ସ୍କୁଲକୁ ପଠାଇବା ସଦୃଶ ନିଜ ଉପରେ ଦୃଢ଼ ନିୟମରଚାପ ରଖିବାକୁ ହେବ । ପ୍ରଥମ ଅବସ୍ଥାରେ ମାନସିକ ଦୃଢ଼ ସଂକଳ୍ପ, କର୍ମର ଦୃଢ଼ ନିୟମ ବିନା ବ୍ୟକ୍ତିର ପ୍ରବୃତ୍ତି ସତ୍ୟ-ମାର୍ଗରେ ଫେରିବା କଠିନ । ଯେଉଁ ନିୟମ ପାଳନ କରିବାକୁ ହେବ ତା' ନିମ୍ନରେ ଦିଆଗଲା :

(୫) ଗ୍ରାମବାସୀ, ମହିଳା ତଥା ପ୍ରତ୍ୟେକ ବ୍ୟକ୍ତିଙ୍କ ସକାଶେ ପାଠଚକ୍ର । ଗ୍ରାମରେ, ସହରରେ ପାଠଚକ୍ର ସ୍ଥାପନା କରନ୍ତୁ । ପାଠଚକ୍ରର ସଭ୍ୟ ହୁଅନ୍ତୁ । ନିର୍ଦିଷ୍ଟ ଦିବସର ନିର୍ଦିଷ୍ଟ ସମୟରେ ପାଠଚକ୍ରରେ ଯୋଗଦିଅନ୍ତୁ । ପ୍ରତିମାସରେ ଶ୍ରୀଅରବିନ୍ଦ ଆଶ୍ରମ, ନବଜ୍ୟୋତି କାର୍ଯ୍ୟାଳୟକୁ ରିପୋର୍ଟ ପଠାନ୍ତୁ ।

(୬) ବିଦ୍ୟାର୍ଥୀମାନେ ଶ୍ରୀଅରବିନ୍ଦ ଛାତ୍ର-ସଂଘର ସଭ୍ୟ ହୋଇ ସ୍କୁଲ, କଲେଜ ବା ଗ୍ରାମରେ ଗୋଟିଏ ନିର୍ଦିଷ୍ଟ ଦିନର ନିର୍ଦିଷ୍ଟ ସମୟରେ ଏକତ୍ର ହୁଅନ୍ତୁ । ସେଠାରେ ମା'ଶ୍ରୀଅରବିନ୍ଦଙ୍କ ଫଟୋ ରଖନ୍ତୁ ଏବଂ ଏକେବାରେ ନୀରବ ରହି କିଛି ସମୟ ଧ୍ୟାନ କରନ୍ତୁ । ପରେ 'ଲୋକସାହିତ୍ୟ' ବା ମା'ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଅଧ୍ୟୟନ କରନ୍ତୁ ।

(୭) ଶ୍ରୀଅରବିନ୍ଦ ଯୁବସଂଘରେ ସବୁ ଶ୍ରେଣୀର ବ୍ୟକ୍ତି ସଭ୍ୟ ହୋଇପାରନ୍ତି । ଯେଉଁମାନେ ଉନ୍ନତି ଚାହାନ୍ତି, ସେମାନେ ଯଥାର୍ଥରେ 'ଯୁବକ' । ଯେଉଁମାନଙ୍କ ଜୀବନର ଲକ୍ଷ୍ୟ ନାହିଁ, ଉନ୍ନତି ନିମିତ୍ତ ପ୍ରୟାସ ନାହିଁ ସେହିମାନେ 'ବୃଦ୍ଧ' । ବୃଦ୍ଧତ୍ୱ, ଯୁବକତ୍ୱ ବୟସ ଉପରେ ନିର୍ଭର କରେ ନାହିଁ, ନିର୍ଭର କରେ ଜୀବନରେ ଉନ୍ନତିର ଆଶା ଏବଂ ଉତ୍ସାହ ଉପରେ । ଜୀବନରେ ଅଗ୍ରସର ହେବା ନିମିତ୍ତ ଆଶା ଓ ଉତ୍ସାହ ଯଦି ଅଛି, ତାହାହିଁ 'ଯୁବକତ୍ୱ'ର ପରିଚୟ ଦେବାକୁ ଯଥେଷ୍ଟ ।

ଜୀବନରେ ଉନ୍ନତି ଚାହୁଥିବା କୃଷକ, ବ୍ୟବସାୟୀ, ଶିକ୍ଷକ, ସରକାରୀ କର୍ମଚାରୀ କିଂବା ଯେକୌଣସି ବ୍ୟକ୍ତି ସପ୍ତାହରେ ଗୋଟିଏ ନିର୍ଦିଷ୍ଟ ଦିନର ନିର୍ଦିଷ୍ଟ ସମୟରେ, ନିର୍ଦିଷ୍ଟ ସ୍ଥାନରେ ଏକତ୍ର ହୁଅନ୍ତୁ । ସେଠାରେ ମା'ଶ୍ରୀଅରବିନ୍ଦଙ୍କ ଫଟୋ ସୁନ୍ଦର, ପବିତ୍ର ସ୍ଥାନରେ ରଖି ଧୂପ-ପୁଷ୍ପ ଅର୍ପଣ କରନ୍ତୁ । କିଛି ସମୟ ନୀରବ ଧ୍ୟାନ ଏବଂ ପରେ ଶ୍ରୀଅରବିନ୍ଦ ଏବଂ ମା'ଙ୍କ ସାହିତ୍ୟ ଆଲୋଚନା କରନ୍ତୁ । ଏହି ଆଲୋଚନା ଅନ୍ତତଃ ଏକ ଘଣ୍ଟା ସମୟ ହେବା ଉଚିତ । ସେତେବେଳେ ଗ୍ରନ୍ଥପାଠକଙ୍କ ବ୍ୟତୀତ ସମସ୍ତବ୍ୟକ୍ତି ନୀରବ ରହିବେ । ଯଦି କାହାରି କୌଣସି ପ୍ରଶ୍ନ କରିବାକୁ ଥିବ, ତେବେ ଆଲୋଚନା ଶେଷରେ ପ୍ରଶ୍ନ କରିପାରିବେ । କିନ୍ତୁ କୌଣସି ପ୍ରକାର ବାଜେଗପ ବା ଅନ୍ୟର ସମାଲୋଚନା କଦାପି କରିବେ ନାହିଁ ।

ମହିଳାମାନେ ମଧ୍ୟ ଏହିପରି କରିବେ । ଏହିସବୁ ଅନୁଷ୍ଠାନ ପୃଥକ୍ ଗୃହରେ ହେଲେ ଉତ୍ତମ । ଅନ୍ୟଥା କୌଣସି ବ୍ୟକ୍ତିଙ୍କର ଗୋଟିଏ କୋଠରିରେ କରାଯାଇପାରେ ।

ପ୍ରତ୍ୟେକ ମାସର ଶେଷ ସପ୍ତାହରେ ଯେଉଁ ସଭ୍ୟମାନେ ଯୋଗ ଦେଉଥିବେ ସେମାନଙ୍କ ନାମ ଏବଂ ଯେଉଁ ବିଷୟ ଆଲୋଚନା ହୋଇଥିଲା କିଂବା ଯେଉଁ ବହି ପଢ଼ା ହୋଇଥିଲା ତାହାସବୁ ଲେଖି 'ନବଜ୍ୟୋତି କାର୍ଯ୍ୟାଳୟ' ଠିକଣାରେ ପଠାଇବେ । ଏହାର ସାରାଂଶ ସମୟ ସମୟରେ ମା'ଙ୍କୁ ଜଣାଇ ଦିଆଯାଉଥିବ । ଯେଉଁମାନେ ନୂତନ କେନ୍ଦ୍ର ସ୍ଥାପନ କରିବେ ସେମାନେ 'ନବଜ୍ୟୋତି କାର୍ଯ୍ୟାଳୟ' ଠିକଣାରେ ଜଣାଇଲେ ମା'ଙ୍କ 'ଆଶୀର୍ବାଦ' ନେଇ ପାରିବେ ।

(୮) ଶାରୀରିକ ବ୍ୟାୟାମଶାଳା, କ୍ଲବ, ଅଫିସ ଅଥବା ସ୍କୁଲମାନଙ୍କରେ ପ୍ରଥମରେ କେତେ ମିନିଟ ନୀରବ ଧ୍ୟାନକରି, ମା'ଙ୍କୁ ସ୍ମରଣ କରି କାର୍ଯ୍ୟ ଆରମ୍ଭ କରିବେ । ଯଦି ସାମୂହିକ ଭାବେ ତାହା କରିବାରେ ସୁବିଧା ନ ଥାଏ, ତେବେ ନିଜେ ପାଞ୍ଚ ମିନିଟ ଧ୍ୟାନକରି ପରେ କାର୍ଯ୍ୟ ଆରମ୍ଭ କରିବେ । କାର୍ଯ୍ୟ ଶେଷରେ ପୁଣି କେତେ ମିନିଟ ଧ୍ୟାନକରି ସମସ୍ତ କରିଥିବା କର୍ମ ସମର୍ପଣ କରିବେ ।

(୯) ଯେଉଁମାନେ ଏହିସବୁ ଅନୁଷ୍ଠାନର ସଭ୍ୟ ହେବେ, ସେମାନେ ନିୟମିତ, ବ୍ୟବସ୍ଥିତ ଓ ଶୃଙ୍ଖଳିତ ଜୀବନଯାପନ କରିବାକୁ ଚେଷ୍ଟା କରିବେ ।

ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସୁବିଧା ଅନୁସାରେ ସନ୍ଧ୍ୟା ୭ଟାରୁ ୧୦ଟା ମଧ୍ୟରେ, ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଭୋଜନ କରିବେ ଏବଂ ନିର୍ଦ୍ଦିଷ୍ଟ ସମୟରେ ନିଦ୍ରାଯିବେ । ଭୋର ୩ଟାରୁ ୫ଟା ମଧ୍ୟରେ, ଠିକ୍ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ପ୍ରତିଦିନ ଉଠିବା ଉଚିତ । ନିଦ୍ରାଯିବା ସମୟରେ ପାଞ୍ଚ ମିନିଟ ମା'ଙ୍କୁ ଧ୍ୟାନକରି ନିଦ୍ରା ଆସିବା ପର୍ଯ୍ୟନ୍ତ ମା'ଙ୍କ ନାମ ସ୍ମରଣ କରିବେ । ନିଦ ଭାଙ୍ଗିବା ସଙ୍ଗେ ସଙ୍ଗେ ମା'ଙ୍କ ନାମ ସ୍ମରଣ କରିବେ, ସ୍ୱପ୍ନ ଦେଖିଥିଲେ ତାକୁ ବି ସ୍ମରଣ କରିନେବେ । ଅନ୍ୟଥା ଭୁଲିଯିବେ । ପରେ ବିଛଣାରେ ବସି ୫ ମିନିଟ, ଅଥବା ସୁବିଧା ଅନୁସାରେ ତହିଁରୁ ଅଧିକ ସମୟ, ମା'ଙ୍କୁ ସ୍ମରଣକରି ନିଜ ନିଜ କାର୍ଯ୍ୟରେ ଯିବେ ।

(୧୦) ପ୍ରତ୍ୟେକ ସଭ୍ୟ ପ୍ରତିଦିନ ଶୋଇବା ଏବଂ ଉଠିବା ସମୟ ବ୍ୟତୀତ ଅନ୍ୟ କୌଣସି ନିର୍ଦ୍ଦିଷ୍ଟ ସମୟରେ କିଂବା ସ୍ନାନପରେ କିଛି ସମୟ ଧ୍ୟାନ କରିବେ ଏବଂ କିଛି ସମୟ 'ଲୋକସାହିତ୍ୟ' ଅଥବା ମା'ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଅଧ୍ୟୟନ କରିବେ ।

(୧୧) ପ୍ରତ୍ୟେକ ସଭ୍ୟର, ବୟସ ଏବଂ ସାମର୍ଥ୍ୟ ଅନୁସାରେ, କିଛି ସମୟ ବ୍ୟାୟାମ ବା ଆସନ କରିବେ । ରୋଗୀ ବା ବୃଦ୍ଧ ବ୍ୟକ୍ତି ଏହା ନ କରିପାରିଲେ ଖୋଲା ପବନରେ ସକାଳେ ସନ୍ଧ୍ୟାରେ ଦୁଇ, ତିନି ମାଇଲ ରାସ୍ତା ଚାଲିବେ । ଆସନ, ବ୍ୟାୟାମ ତଥା ସ୍ୱାସ୍ଥ୍ୟ ସମ୍ବନ୍ଧେ 'ନବଜ୍ୟୋତି'ରେ ପ୍ରବନ୍ଧ ପ୍ରକାଶ ପାଇଛି ।

(୧୨) ସିଗାରେଟ୍, ମଦ ତଥା ସମସ୍ତ ପ୍ରକାର ନିଶାଦ୍ରବ୍ୟ ଏବଂ ଧୂମପାନ ସର୍ବଦା ନିଷେଧ । ଏହା ସ୍ୱାସ୍ଥ୍ୟ ତଥା ଚେତନାର ବିକାଶ, ଜୀବନର ଉନ୍ନତିରେ ମହାନ୍ ବାଧକ । ଯେଉଁମାନଙ୍କର ବହୁଦିନରୁ ଅଭ୍ୟାସ ହୋଇଥିବ, ସେମାନେ କ୍ରମଶଃ ତାହା ତ୍ୟାଗ କରିବାକୁ ଯତ୍ନ କରିବେ ।

(୧୩) ଉତ୍ତମ ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ, ଆଳସ୍ୟବିହୀନ କର୍ମତତ୍ପରତା, ଜୀବନର-ଉନ୍ନତି, ମନପ୍ରାଣ ଶରୀରରେ ଶାନ୍ତି ଓ ଆନନ୍ଦପ୍ରାପ୍ତି, ରୋଗ ଶୋକରହିତ ଦୀର୍ଘ ଜୀବନ, ବିଶେଷତଃ ଅଧ୍ୟାତ୍ମ ସତ୍ୟ, ଜ୍ଞାନ ପ୍ରାପ୍ତି ନିମିତ୍ତ **ବ୍ରହ୍ମଚର୍ଯ୍ୟପାଳନ** ଅପରିହାର୍ଯ୍ୟ । ବ୍ରହ୍ମଚର୍ଯ୍ୟ ଶରୀରର ମେରୁଦଣ୍ଡ ସଦୃଶ । ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା ବ୍ୟକ୍ତି ସମସ୍ତ ଅସାଧ୍ୟ ସାଧନ କରିପାରେ । ବ୍ରହ୍ମଚର୍ଯ୍ୟ ଜୀବନର ଅମୃତ ବା ଅମୂଲ୍ୟ ରତ୍ନ । ବ୍ରହ୍ମଚର୍ଯ୍ୟ ପାଳନ ବିଶେଷ ଆବଶ୍ୟକ ।

ଯେଉଁ ବାଳକ, ବାଳିକା, ନାରୀ, ପୁରୁଷ, ଯୁବକ, ବୃଦ୍ଧ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିପାରିବେ ତାହା ଅତି ଉତ୍ତମ । ଯେଉଁମାନେ କେତେକ ଅସୁବିଧା ବଶତଃ ଆଜୀବନ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିପାରିବେ ନାହିଁ, ସେମାନେ ଦୃଢ଼ ପ୍ରତିଜ୍ଞା ସହ ବିବାହ ପର୍ଯ୍ୟନ୍ତ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ଅବଶ୍ୟ କରିବେ । ବିବାହ ପରେ ପଶୁ ପରି ବ୍ରହ୍ମଚର୍ଯ୍ୟ ନଷ୍ଟ

ନ କରି ସଂଯମିତ ଜୀବନ ଯାପନ କରିବେ । ଦୁଇଟି ସନ୍ତାନ ପରେ ପୂର୍ଣ୍ଣରୂପେ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ଚେଷ୍ଟା କରିବେ । ଯେଉଁମାନେ ଏପରି କରି ନ ପାରନ୍ତି, ଅନ୍ତତଃ ପକ୍ଷେ ଏହା କରିବାକୁ ପ୍ରଯତ୍ନଶୀଳ ହେବେ । ବ୍ରହ୍ମଚର୍ଯ୍ୟ ବ୍ୟକ୍ତିର ଅମୂଲ୍ୟ ଧନ, ସେ ଏହାକୁ ଯେତେ ନଷ୍ଟ କରେ ସେ ତେତେ ଦରିଦ୍ର ହୁଏ ଏବଂ ତାକୁ ଇହଲୋକ ତଥା ପରଲୋକରେ ନାନା ପ୍ରକାରର ଦୁଃଖଶୋକ ଭୋଗ କରିବାକୁ ପଡ଼େ ।

(୧୪) ଛାତ୍ରସଂଘ, ଯୁବକସଂଘ, ମହିଳା ସମିତି – ଏହି ସମସ୍ତ ସଂସ୍ଥା ସୁବିଧା, ଉତ୍ସାହ ଓ ଆବଶ୍ୟକତା ଅନୁସାରେ ପାଠଚକ୍ର ସମ୍ମିଳନୀ ସଦୃଶ ସମ୍ମିଳନୀ କରିବା ବହୁତ ଭଲ । ଏହାଦ୍ୱାରା ସେ ସ୍ଥାନରେ ଅଧ୍ୟାତ୍ମ ଶକ୍ତିର ପ୍ରଭାବ ବିଶେଷରୂପେ ପଡ଼ିବ ଏବଂ ଅଧ୍ୟାତ୍ମ ସତ୍ୟ ପ୍ରସାରିତ ହୋଇପାରିବ । ଏହାର ପ୍ରସାର ଫଳରେ ସଂସାରରୁ ଦୁଃଖ-ଦ୍ୱନ୍ଦ୍ୱ, ଛଳ-କପଟ, ଅସତ୍ୟ-ଅନ୍ୟାୟ, କଳାବଜାର ଦୂର ହେବ ଏବଂ ଶାନ୍ତିଆନନ୍ଦ ପ୍ରତିଷ୍ଠିତ ହେବ । ସମ୍ମିଳନୀରେ ଏହି ସକଳ ସଂସ୍ଥା ଏବଂ ପାଠଚକ୍ର ପରସ୍ପର ସହଯୋଗିତା କରିବେ ।

(୧୫) ନିଜ ଅନ୍ତରର ହିତଶତ୍ରୁ-ମାନଯଶଃ, ପ୍ରତିଷ୍ଠା ଓ ଅଧିକାର ପ୍ରାପ୍ତି । ସଂସାରର ସମସ୍ତ କ୍ଷେତ୍ରରେ ଯେଉଁସବୁ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର, ଛଳ-କପଟ, ଚୋରି, ଜୁଆଚୋରି ଦେଖୁଥାଇଁ, ତାହାସବୁ ଆତ୍ମମାନଙ୍କ ମଧ୍ୟରେ ବିଦ୍ୟମାନ ଅଛନ୍ତି । ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରିବା ମାତ୍ରେ ଏସବୁ ମୁଣ୍ଡ ଟେକି ଛିଡ଼ା ହୁଅନ୍ତି । ଅବେଉଷଣ ଜମିରେ, ଘାସ, ବାଳୁଙ୍ଗା ଏବଂ ଧାନ ଅଧଶୁଖିଲା ହୋଇ ପଡ଼ି ଥାଆନ୍ତି; ବେଉଷଣ ହେଲେ, ଖତ ଓ ପାଣି ପାଇଲେ ଧାନ ସହିତ ଘାସ, ବାଳୁଙ୍ଗା ଯେପରି ପ୍ରବଳ ହୋଇ ଉଠନ୍ତି, ସେହିପରି ଅବନତ ସାଧାରଣ ଜୀବନରେ ଆସୁରୀ ଶକ୍ତିର ଦୁର୍ଗୁଣ, ଭାଗବତୀ ଶକ୍ତିର ସଦ୍‌ଗୁଣ, ଶ୍ରୀ ଝାଉଁଳି ପଡ଼ି ଥାଆନ୍ତି; ଅଧ୍ୟାତ୍ମ ସତ୍ୟର ସ୍ପର୍ଶ ପାଇବାମାତ୍ରେ ଜ୍ୱର ଛାଡ଼ିବା ଭାଲୁ ସଦୃଶ ପ୍ରବଳ ଭାବେ ଉଠି ଛିଡ଼ା ହୁଅନ୍ତି ।

ଅସତ୍ୟ-ଶକ୍ତିର ଯନ୍ତ୍ର ନିମ୍ନପ୍ରକୃତିର ମନ, ପ୍ରାଣର ଗତିବୃତ୍ତି । ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଅଧ୍ୟାତ୍ମ ସତ୍ୟ ଗ୍ରହଣ କରିବା ସଙ୍ଗେ ସଙ୍ଗେ ତା'ର ସମସ୍ତ ସତ୍ତାରେ ଅତିମାନସ ସତ୍ୟର ପ୍ରଭାବ ପଡ଼େ । ଭିନ୍ନ ଭିନ୍ନ ସମୟରେ ତା'ର ସଦ୍‌ଗୁଣ, ଶାନ୍ତି, ସମତା, ଭକ୍ତି, ଜ୍ଞାନ ଏବଂ ଅସଦ୍‌ଗୁଣ, ମହଦାକାଙ୍କ୍ଷା, ସ୍ୱାର୍ଥ, ଈର୍ଷ୍ୟା, ମାନ-ପ୍ରତିଷ୍ଠା, ବିରୋଧ, ପରଶ୍ରୀକାତରତା ଆଦି ପ୍ରବଳ ଭାବେ ଉଠି ଆସନ୍ତି ସତ୍ୟର ପ୍ରଥମ ସ୍ପର୍ଶରେ । ବ୍ୟକ୍ତି ଯେଉଁ ସଦ୍‌ଗୁଣ ବା ଦୁର୍ଗୁଣକୁ ସମର୍ଥନ କରେ, ସାହାଯ୍ୟ କରେ, ଚାହେଁ; ତାହା ପ୍ରବଳ ହୁଏ ଏବଂ ଅନ୍ୟଟି ହ୍ରାସ ପାଏ । ବ୍ୟକ୍ତି ଅନେକ ସମୟରେ ସଦ୍‌ଗୁଣ ଏବଂ ଅସଦ୍‌ଗୁଣର ସ୍ୱରୂପକୁ ନ ଜାଣିପାରି ସଦ୍‌ଗୁଣ ଚାହିଁବା ସତ୍ତ୍ୱେ ଅସଦ୍‌ଗୁଣକୁ ବର୍ଜନ ନ କରି ସମର୍ଥନ କରିଥାଏ । ତା' ଫଳରେ ସୃଷ୍ଟି ହୁଏ ଅଧ୍ୟାତ୍ମ ପ୍ରଗତିରେ ବାଧା । ବ୍ୟକ୍ତି ଏ ସମ୍ବନ୍ଧେ ସଚେତ ନ ହେଲେ ତା'ର ଅଧ୍ୟାତ୍ମ ବିକାଶ ବନ୍ଦ ହୋଇପାରେ । ବିଦ୍ୟାର୍ଥୀ, ଯୁବକ, ମହିଳା, ଯେକୌଣସି ବ୍ୟକ୍ତି ଅଧ୍ୟାତ୍ମ ସତ୍ୟ ଗ୍ରହଣ କଲେ ତା' ଜୀବନରେ ଏହି ସକଳ ବାଧା ଆସେ, କିନ୍ତୁ ଏହା ସ୍ପଷ୍ଟରୂପେ ଆସେ କର୍ମରେ । ପୂର୍ବେ କୁହାଯାଇଛି ଯେ ମା'ଶ୍ରୀଅରବିନ୍ଦଙ୍କ ଆଦର୍ଶ ବ୍ୟକ୍ତିଗତ ନୁହେଁ, ସମଷ୍ଟିଗତ । ସେଥିସକାଶେ ସଂସାରରେ ତାହାର ପ୍ରସାର ଅନିବାର୍ଯ୍ୟ । ତାହା ହୁଏ ଉପରେ ଆଲୋଚିତ ଏହିସବୁ ଅନୁଷ୍ଠାନ ଦ୍ୱାରା । ବ୍ୟକ୍ତି ଏହି ଅନୁଷ୍ଠାନରେ ସକ୍ରିୟ ବା ନିଷ୍କ୍ରିୟ ଭାବେ ଅଂଶ ଗ୍ରହଣ କଲେ କିଂବା ସେଥିରେ ବ୍ୟାପୃତ ରହିଲେ ରୂପାନ୍ତର ହେବା ସକାଶେ ଉପରକୁ ଉଠିଆସନ୍ତି, ଅନ୍ୟାନ୍ୟ ଦୁର୍ଗୁଣସହ, ବିଶେଷ ରୂପେ ସ୍ୱାର୍ଥ ଏବଂ ଅହଂ, ସମ୍ମାନ ତଥା ପ୍ରତିଷ୍ଠା । ବ୍ୟକ୍ତିର ଯଦି ଜୀବନର ମହାନ୍ ଲକ୍ଷ୍ୟ ସ୍ପଷ୍ଟ ହୃଦୟଙ୍ଗମ ହୋଇ ନ ଥାଏ, ସେ ଯଦି ଲକ୍ଷ୍ୟ ସମ୍ବନ୍ଧେ ସଚେତ ଜାଗ୍ରତ୍ ନ ଥାଏ, ତା' ବୁଦ୍ଧିରେ ଅନ୍ତରାତ୍ମାର ଦିବ୍ୟ ଜ୍ୟୋତିଃ ଉଦ୍ଭାସିତ ହୋଇ ନ ଥାଏ, ତେବେ ଏହିସବୁ ଦୁର୍ଗୁଣଙ୍କୁ ରୂପାନ୍ତରିତ କରିବା ସକାଶେ ସେ ଭାଗବତୀ ଶକ୍ତି ପାଖରେ ସମର୍ପଣ କରେ ନାହିଁ; ବରଂ ଏସବୁକୁ ସମର୍ଥନ କରେ । ଏହି ଅହଂ-ସ୍ୱାର୍ଥ ବ୍ୟକ୍ତିର ସମର୍ଥନ ପାଇ ପ୍ରାଣକୁ ସଙ୍ଗ କରି ସମ୍ମୁଖକୁ ଆସନ୍ତି ଏବଂ ଜ୍ଞାନ-ଜ୍ୟୋତିଃ ଦ୍ୱାରା ପ୍ରକାଶିତ ହୋଇ ନ ଥିବା ବୁଦ୍ଧିର ସାହାଯ୍ୟ ନିଅନ୍ତି । ''ଜଣେ ବଡ଼ ସାଧକ ହେବାର ପ୍ରଶଂସା ଏବଂ ସମ୍ମାନ ଅଥବା କର୍ମରେ ଅଧିକାର ପ୍ରାପ୍ତ ହେବା ଆମର ଆବଶ୍ୟକ –'' ଏହି ଯେଉଁ ସ୍ୱାର୍ଥ, ଅହଂ, ପ୍ରାଣର ଦାବି ସେଗୁଡ଼ିକ ସ୍ପଷ୍ଟଭାବେ ବିବେକଯୁକ୍ତି ବୁଦ୍ଧିର ସମ୍ମୁଖକୁ ଆସନ୍ତି ନାହିଁ, ରହନ୍ତି ବହୁତ ସୂକ୍ଷ୍ମ ଭାବରେ । ନିଜର ଛଦ୍ମରୂପ ତଥା ଯୁକ୍ତି,

କୌଶଳକୁ ପ୍ରକାଶ କରନ୍ତି । ବ୍ୟକ୍ତି ଗଭୀରରେ ପ୍ରବେଶ ନ କଲେ ଏସବୁର ଯଥାର୍ଥ ସ୍ୱରୂପ ଜାଣିପାରେ ନାହିଁ । ଏହିସବୁ ହିତଶତ୍ରୁଙ୍କ କୌଶଳ ତଥା ଯୁକ୍ତିକୁ ବ୍ୟକ୍ତି ନିଜର ହିତସାଧନ ବୋଲି ମାନିନିଏ । ଏହିସବୁ ହିତଶତ୍ରୁ ନିଜ ମଧ୍ୟରେ କାର୍ଯ୍ୟ କରନ୍ତି ଏବଂ ସୁଯୋଗ ପାଇ ଅନ୍ୟ ବ୍ୟକ୍ତି ଦ୍ୱାରା ବି ପ୍ରେରଣା ଦିଅନ୍ତି । ବ୍ୟକ୍ତି ଯଦି ଏହି ଅବସ୍ଥାରେ ସଚେତ ନ ହୁଏ ତେବେ ତା' ବିଚାର ତଥା ଦୃଷ୍ଟିରେ ଗୋଟିଏ ପରଦା ଢାଙ୍କି ଦିଅନ୍ତି । ତା' ଫଳରେ ବ୍ୟକ୍ତିର ବିଚାର ଏବଂ ଦୃଷ୍ଟି ବଦଳିଯାଏ । ନିଜ ଭିତରେ ଥିବା ଦୋଷଟିକୁ ସେ ଏକେବାରେ ଦେଖିପାରେ ନାହିଁ କିଂବା ଦେଖିବାକୁ ଚେଷ୍ଟା କରେ ନାହିଁ । ଅନ୍ୟ ବ୍ୟକ୍ତି ମଧ୍ୟରେ ଯଦି ସେହି ଦୋଷଟିଟି ଥାଏ, ତେବେ ତାହା ତାକୁ ଦଶଗୁଣ ପ୍ରତୀତ ହୁଏ । ଏହି ଦୋଷ ଆତ୍ମମାନଙ୍କ ସମସ୍ତଙ୍କ ମଧ୍ୟରେ କମ୍ ବେଶୀ ପରିମାଣରେ ବିଦ୍ୟମାନ ରହିଛି । ଏହି ଦୋଷ ଥାଏ ସତ୍ତା ରୂପାନ୍ତର ହେବା ପର୍ଯ୍ୟନ୍ତ । ଆମାଶୟ ରୋଗୀକୁ ମିଷ୍ଟାନ୍ନ ପ୍ରିୟ ଲାଗିବା ସତ୍ତ୍ୱେ ତା'ର ପରିଣାମ ଭୟଙ୍କର ଜାଣି ସେ ସର୍ବଥା ତ୍ୟାଗ କରିବା ସଦୃଶ ଆତ୍ମମାନଙ୍କୁ ଏହି ବିରୋଧୀ ଭାବକୁ ପୂର୍ଣ୍ଣରୂପେ ନିର୍ମମଭାବେ ମା'ଙ୍କ ସାହାଯ୍ୟରେ ତ୍ୟାଗ କରିବାକୁ ହେବ । ବିଶେଷତଃ ମା'ଙ୍କ ଉପରେ ନିର୍ଭର ରଖି ଏସବୁକୁ କେବେ ବି କ୍ରିୟାଶୀଳ ହେବାକୁ ଦେବା ଉଚିତ ନୁହେଁ । ଏହିସବୁ ଦସ୍ୟୁ ଉଚ୍ଚତର ଜୀବନର ମହାଶତ୍ରୁ; ବହୁତ ପ୍ରକାର ଛଳବଳ-କୌଶଳରେ ସାଧକକୁ ଠକି ସର୍ବନାଶ କରନ୍ତି । ମାନ, ଯଶଃ, ପ୍ରତିଷ୍ଠା, ଅଧିକାର ପ୍ରାପ୍ତିର ଲାଳସା – ଏହି ହିତଶତ୍ରୁ ହେଉଛନ୍ତି ବିଷଫଳ; ଆତ୍ମମାନଙ୍କ ଲକ୍ଷ୍ୟସିଦ୍ଧି ହେଉଛି ଅମୃତ ଫଳ – ଯଥାର୍ଥରେ ଅମୃତ; ରୋଗ-ଜରା-ମୃତ୍ୟୁର ମୁକ୍ତ ଆନନ୍ଦ-ଜ୍ଞାନମୟ ତଥା ବହୁମୁଖୀ ଦିବ୍ୟକର୍ମମୟ ଜୀବନ । ବିଷଫଳ ଭକ୍ଷଣରେ ମୃତ୍ୟୁ, ଅମୃତ ଫଳ ଭକ୍ଷଣରେ ଅମରତ୍ୱ । ଆମ୍ଭେ ଏହି ଦୁଇଟି ପରିଣାମକୁ ଯଦି ସର୍ବଦା ହୃଦୟଙ୍ଗମ କରି ସମ୍ମୁଖରେ ରଖିପାରିବା, ତେବେ ମା'ଙ୍କ କୃପା ସାହାଯ୍ୟରେ ସହଜରେ ବିଷରୁ ରକ୍ଷା ପାଇ ଅମୃତ ଲାଭ କରି ପାରିବା । ଏହି ବିଷଫଳ ତୁଚ୍ଛ, ନିରର୍ଥକ, ସାରହୀନ ପ୍ରତୀତ ହେବ ।

(୧୬) ଯଥାର୍ଥ ସମ୍ମାନ ଅଧିକାର ଚାହିଲେ ପ୍ରାପ୍ତ ହୁଏ ନାହିଁ । ଅନ୍ତରରୁ ନ ଚାହିଁ ବ୍ୟକ୍ତି ଯେତେ ଉତ୍ତମ କର୍ମ କରେ, ତେତେ ଶୁଦ୍ଧ, ଏବଂ ସ୍ଥାୟୀ ସମ୍ମାନ ଏବଂ ଅଧିକାର ସ୍ୱତଃସ୍ଫୂର୍ତ୍ତ ଆସେ । ବ୍ୟକ୍ତି ଯଦି ଭଗବତ୍ ପ୍ରାପ୍ତି କରି ନିଏ, ତେବେ ତାହା ଏତେ ଆନନ୍ଦ ଏବଂ ମହାନ୍ ଯେ ତା' ତୁଳନାରେ ସମସ୍ତ ଐଶ୍ୱର୍ଯ୍ୟ ନିରର୍ଥକ ପ୍ରତୀତ ହୁଏ । ତାର ଯଶଃ, ପ୍ରଭୁତ୍ୱ ଆଦି ଆବଶ୍ୟକ ନ ଥିବା ସତ୍ତ୍ୱେ ସେସବୁ ଆଶ୍ରୟ ନେବାକୁ ତା' ପାଖକୁ ଆସନ୍ତି । ଅଧ୍ୟାତ୍ମ ମାର୍ଗରେ ଯଶଃ, ପ୍ରତିଷ୍ଠା, ଅଧିକାର ପ୍ରାପ୍ତି ଚାହିଁଲେ ପ୍ରାପ୍ତ ହୁଏ ନାହିଁ; ନ ଚାହିଲେ ସ୍ୱତଃସ୍ଫୂର୍ତ୍ତ ଭାବେ ଆସେ – ଏହାକୁ କୌଣସି ବ୍ୟକ୍ତି ପରୀକ୍ଷା କରି ଦେଖି ପାରନ୍ତି ।

ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ ସଙ୍ଗେ ସଙ୍ଗେ କିଂବା ମାର୍ଗରେ କିଛି ଅଗ୍ରସର ହେବାପରେ ଯଦି ଆମ୍ଭେମାନେ ମାନ-ପ୍ରତିଷ୍ଠା ଓ ସ୍ୱାର୍ଥସିଦ୍ଧି ରୂପ ଦସ୍ୟୁକୁ ଆତ୍ମମାନଙ୍କ ଅନ୍ତରରେ ସ୍ଥାନ ଦେବା, ତେବେ ସେସବୁ ଆତ୍ମମାନଙ୍କ ଅନ୍ତରରେ ଥିବା ସଦ୍‌ଗୁଣକୁ କ୍ରମଶଃ ଅପହରଣ କରି ନେବେ । ନିଜର ଦୁର୍ଗୁଣସବୁ ପ୍ରତିଷ୍ଠା କରିବେ । ଶେଷରେ ଆଜିକାଲି ରାଜନୀତିରେ ଯେପରି ପରର ଅହିତ, ପରର ନିନ୍ଦା, ଛଳ, କପଟ, ହିଂସା, ଦ୍ୱେଷ ପ୍ରୟୋଗରେ ନିଜର ସ୍ୱାର୍ଥସିଦ୍ଧି କରାଯାଉଛି, ଆମ୍ଭେମାନେ ସେହିପରି କଲେ ଲକ୍ଷ୍ୟପ୍ରାପ୍ତିର ବହୁ ଦୂରକୁ ଚାଲିଯିବା ।

ଶ୍ରୀଅରବିନ୍ଦ ସ୍ୱୟଂ ସାବଧାନ କରିଦେଇ ଅଛନ୍ତି :–

''ସେତେବେଳେହିଁ ଚୈତ୍ୟପୁରୁଷ ପୂର୍ଣ୍ଣରୂପେ ପ୍ରସ୍ଫୁଟିତ ହେବ, ଯେତେବେଳେ ସାଧକ ସାଧନାକୁ ପ୍ରାଣର ସକଳ ସଂମିଶ୍ରଣରୁ ମୁକ୍ତ କରିବେ ଏବଂ ଜଗନ୍ନାଥଙ୍କ ନିକଟରେ ଅକପଟ ସରଳ ଭାବରେ ଆତ୍ମ-ନିବେଦନ କରିବାକୁ ସମର୍ଥ ହେବେ । ଯଦି ସାଧନାର କୌଣସି ଅହଂମୁଖୀ ଗତି ଥାଏ ଅଥବା ଯଦି ତାହାର ଉଦ୍ଦେଶ୍ୟରେ କୌଣସି କପଟତା ଥାଏ, ଯଦି ପ୍ରାଣର ଦାବିର ତାଡ଼ନାରେ ଯୋଗ-ସାଧନା କରାଯାଏ କିଂବା ଗର୍ବ-ଅଭିମାନ ଚରିତାର୍ଥ କରିବାକୁ କିଂବା ଅଧ୍ୟାତ୍ମ ବା ଅନ୍ୟ ପ୍ରକାରର ଉଚ୍ଚାକାଙ୍କ୍ଷା ସକାଶେ କିଂବା ଦକ୍ଷତା, ପଦ-ମର୍ଯ୍ୟାଦା ବା ଅନ୍ୟ ଉପରେ ଆଧିପତ୍ୟ ବିସ୍ତାର ଚେଷ୍ଟାରେ କିଂବା ଯୌଗିକ ଶକ୍ତିର ସାହାଯ୍ୟରେ ପ୍ରାଣମୟ ବାସନା-କାମନାରେ ତୃପ୍ତି ଓ ତୁଷ୍ଟିର ଆଦେଶ ବଶତଃ ଯଦି ଯୋଗ ଅଭ୍ୟାସ କରାଯାଏ, ତା'ହେଲେ ହୃତ୍‌ପୁରୁଷ ନିଜକୁ ଖୋଲି ପାରନ୍ତି ନାହିଁ, ଅଥବା ସମୟ

ସମୟରେ ଖୋଲି, କିଂବା ଖୋଲି ପୁନଶ୍ଚ ରୁଦ୍ଧ ହୋଇଯାଆନ୍ତି, କାରଣ ଚୈତ୍ୟପୁରୁଷ ପ୍ରାଣିକ କ୍ରିୟାର ଆବରଣ ପଛରେ ରହିଯାଆନ୍ତି; ପ୍ରାଣବୃତ୍ତିର ଶ୍ୱାସରୋଧକାରୀ ଧୂଆଁରେ ତାଙ୍କର ଅଗ୍ନି ନିଭିଯାଏ । ପରନ୍ତୁ ମନ ଯଦି ଯୋଗରେ ନେତୃତ୍ୱ ଗ୍ରହଣ କରେ ଏବଂ ଚୈତ୍ୟପୁରୁଷଙ୍କୁ ଅନ୍ତରାଳକୁ ଠେଲି ଦିଏ, ଅଥବା ଯଦି ଭକ୍ତି ବା ସାଧନାର ଅନ୍ୟ କୌଣସି ଗତିଧାରା ଚୈତ୍ୟରୂପ ଅପେକ୍ଷା ଅଧିକ ପ୍ରାଣମୟ ରୂପ ଧାରଣ କରେ, ତାହାହେଲେ ମଧ୍ୟ ସେହିପରି ସାଧନାର ଅକ୍ଷମତା ରହିଯାଏ । ପବିତ୍ରତା, ଅକପଟ-ସରଳତା ଏବଂ କୌଣସି ଦାବି ବା କୌଣସି ସର୍ତ୍ତ ନ ଥିବା ବିଶୁଦ୍ଧ ଓ ନିଃସ୍ୱାର୍ଥ ଆତ୍ମୋତ୍ସର୍ଗର ସାମର୍ଥ୍ୟହିଁ ହୃତ୍‌ପୁରୁଷଙ୍କ ପୂର୍ଣ୍ଣ ଉନ୍ମୀଳନର ସର୍ତ୍ତ ।'' [ଯୋଗପ୍ରଦୀପ]

(କ)

ସତତ ଆତ୍ମମାନଙ୍କ ଜୀବନର ଲକ୍ଷ୍ୟ ସମ୍ମୁଖରେ ରଖି, ସମସ୍ତ କର୍ମ ମା'ଙ୍କ ସେବାରୂପେ କରିବାକୁ ହେବ । ପ୍ରତିପଦେ ଯଶଃ-ଅଧିକାର ପ୍ରାପ୍ତିର ପ୍ରେରଣା ବା ଧାରଣାକୁ ଅନ୍ତରରୁ ବର୍ଜ୍ଜନ କରିବାକୁ ହେବ । ଯଦି ଅନ୍ତରରୁ ବର୍ଜ୍ଜନ କରି ନ ପାର, ତେବେ କର୍ମରେ ତଥା ବାକ୍ୟରେ କେବେ ବି ପ୍ରୟୋଗ କରାଯିବା ଉଚିତ ନୁହେଁ ।

(ଖ)

ସ୍ୱଭାବ କିଂବା ପ୍ରସଙ୍ଗ ବଶତଃ ଅଥବା ଅନ୍ୟ ବ୍ୟକ୍ତିର ପ୍ରଭାବରୁ ଅନ୍ୟ ବ୍ୟକ୍ତି ପ୍ରତି ଯଦି ଈର୍ଷା, ହିଂସା ଆସେ, ତେବେ ସେହିକ୍ଷଣି ନୀରବ ହୋଇ ମାତୃଶକ୍ତିକୁ ଆବାହନ କରିବାକୁ ହେବ; ମା'ଙ୍କ ସାହାଯ୍ୟରେ ଏହିସବୁ ପ୍ରତିକୂଳ ବୃତ୍ତିକୁ ରୂପାନ୍ତର କରିବା ସକାଶେ ଅତିମାନସ ଶକ୍ତି ପାଖରେ ଅର୍ପଣ କରି ଦେବାକୁ ହେବ ।

(ଗ)

ଅନ୍ୟର ନିନ୍ଦା, ଅନ୍ୟର ଅନିଷ୍ଟ ଚିନ୍ତା, ଅନ୍ୟ ପ୍ରତି ଈର୍ଷାଭାବରେ ଆଲୋଚନା ହେଲା ସଦ୍ୟ ବିଷ । ଏପରି ଆଲୋଚନା-ସ୍ଥାନ ଦୂଷିତ ଭାବରେ ପୂର୍ଣ୍ଣ ହୋଇଯାଏ । ସେହି ଆଲୋଚନାରେ ଅଂଶ ଗ୍ରହଣ ନ କରି ମଧ୍ୟ ସେଠାରେ ନୀରବରେ ବସିଥିବା ବ୍ୟକ୍ତି ସେହି ଦୂଷିତ ବାତାବରଣର ପ୍ରଭାବକୁ ଶ୍ୱାସପ୍ରଶ୍ୱାସରେ ଗ୍ରହଣ କରନ୍ତି । ତାହାଦ୍ୱାରା ସେମାନଙ୍କ ହୃଦୟ ବି ମଳିନ ହୋଇଯାଏ । ଆଲୋଚନା କରିବା ବ୍ୟକ୍ତିର ହୃଦୟ ସେହି ଭାବରେ ପୂର୍ଣ୍ଣ ହୋଇଯାଏ ଏହା ସାଧନାରେ ମହାନ୍ ଅନ୍ତରାୟ । ଏହା ସର୍ବଦା ବର୍ଜ୍ଜନୀୟ । ଶ୍ରୀଅରବିନ୍ଦ ଏ ସମ୍ବନ୍ଧେ ଯେଉଁ ସତର୍କ ବାଣୀ ଦେଇଛନ୍ତି ତହିଁରୁ କିଛି ଏଠାରେ ଉଦ୍ଧାର କରିବା :—

''ସମସ୍ତ ପ୍ରକାର ତର୍କ, କଳିତକରାଳ ଏବଂ ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ଆଲୋଚନାକୁ ବର୍ଜ୍ଜନ କରିବାକୁ ହେବ, ଏବଂ ଯାହା ଆବଶ୍ୟକ ତାହାହିଁ ସରଳ ଭାବରେ କହିବ ଏବଂ ସେହିଠାରେ ତାକୁ ଛାଡ଼ିଯିବ । ଆଉ ମଧ୍ୟ ତୁମେ ଠିକ୍ ଏବଂ ଅନ୍ୟମାନେ ଭୁଲ୍ ଏପରି କହିବା ଉଚିତ ନୁହେଁ । କିନ୍ତୁ ଯାହା କହିବାକୁ ହେବ ତାହା କେବଳ ବସ୍ତୁର ଯଥାର୍ଥତା ସମ୍ବନ୍ଧେ ଏକ ସାହିତ୍ୟିକ ଲେଖାତୁଲ୍ୟ ହେବା ଉଚିତ ।''

[A Practical Guide to Integral Yoga, p. 190-191]

*

''ଯଦି କେଉଁଠାରେ ଅନ୍ୟମାନଙ୍କ ସମ୍ବନ୍ଧେ ଆଲୋଚନା, ରୁକ୍ଷ ସମାଲୋଚନା (ବିଶେଷତଃ ସାଧକମାନଙ୍କ

ସମ୍ବନ୍ଧେ), ହେଉଥାଏ ସେଥିରେ ଯୋଗ ଦିଅ ନାହିଁ – କାରଣ ଏହସିବୁ କେବେ ବି ସହାୟକ ନୁହନ୍ତି ଏବଂ ଚେତନାକୁ କେବଳ ତାହାର ଉଚ୍ଚତର ସ୍ତରରୁ ନିମ୍ନଗାମୀ କରନ୍ତି ।''

(ଘ)

ଆମ୍ଭେମାନେ ଯଦି ସମସ୍ତ ଜ୍ଞାନ, ଆନନ୍ଦ ଐଶ୍ୱର୍ଯ୍ୟ-ସୂର୍ଯ୍ୟଯୁକ୍ତ ଭଗବତ୍ ପ୍ରାପ୍ତିକୁ ଜୀବନର ଲକ୍ଷ୍ୟ ବୋଲି ଯଥାର୍ଥଭାବେ ହୃଦୟଙ୍ଗମ କରିପାରିବା ତେବେ ଆମ୍ଭ ଅନ୍ତରରୁ ଆସୁଥିବା କଳୁଷିତ ଯଶଃ-ପ୍ରତିଷ୍ଠା ରୂପ ବିଷ ଫଳକୁ ସେହି ଅମୃତ ଫଳ ସମ୍ମୁଖରେ ରଖି ପାରିବା । ଲକ୍ଷ୍ୟର ଅମୃତ ଫଳ ଏବଂ ଏହି ଯଶଃ-ଅଧିକାର-ଲାଳସାର ବିଷଫଳ ଠିକ୍ ଭାବରେ ବୁଝିପାରିବା, ଏବଂ ମା'ଙ୍କ ସାହାଯ୍ୟରେ ଏହି ବିଷ ଫଳ ହିତଶତ୍ରୁକୁ ତ୍ୟାଗ କରିପାରିବା । ଛାତ୍ର, ଯୁବକ, ପାଠଚକ୍ର-ସଭ୍ୟ, ଯେକୌଣସି ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରିଛନ୍ତି, ବିଶେଷତଃ ଯେଉଁମାନେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି ସେମାନେ ଏହି ତୁଚ୍ଛ ଯଶଃ-ପ୍ରତିଷ୍ଠାରୂପ ମହାଶତ୍ରୁକୁ କେବେ ବି ନିଜ ବିଚାର, ଧାରଣା, ଭାବନା ଏବଂ କର୍ମରେ ପ୍ରଶ୍ରୟ ଦେବା ଏକେବାରେ ଅନୁଚିତ । ବ୍ୟକ୍ତି ମଧ୍ୟରେ କେଉଁ ଅବସ୍ଥାରେ ଭାଗବତୀ ଶକ୍ତି କ୍ରିୟା କରେ, କେଉଁ ଅବସ୍ଥାରେ ଏହିସବୁ ଦୁଷ୍ପ୍ରବୃତ୍ତି କିପରି ବାଧା ଦିଅନ୍ତି, ଶ୍ରୀଅରବିନ୍ଦଙ୍କ ବାଣୀକୁ ଆନ୍ତରିକତା ସହ ପାଠ କଲେ ତାହା ହୃଦୟଙ୍ଗମ କରିବା :–

''କିନ୍ତୁ ସେହି ପରମ ଭାଗବତ କୃପା କେବଳ ସତ୍ୟ ଓ ଜ୍ୟୋତିଃକୁ ଆଶ୍ରୟ କରି କାର୍ଯ୍ୟ କରିପାରେ; ଅଜ୍ଞାନ ଓ ମିଥ୍ୟା ଯଦି ଭଗବତ୍ କୃପା ଉପରେ ଆରୋପ କରାଯାଏ, ତେବେ ଏହା କାର୍ଯ୍ୟ କରିବାକୁ ଅସ୍ୱୀକାର କରେ । କାରଣ ଏହା ଯଦି ମିଥ୍ୟା ଦାବି ସ୍ୱୀକାର କରି ନିଏ, ତେବେ ନିଜେ ନିଜର ବ୍ୟର୍ଥତାର କାରଣ ହୁଏ'' । (ମା')

ଶ୍ରୀଅରବିନ୍ଦଙ୍କ ଆଦର୍ଶ ସିଦ୍ଧିର ସୂତ୍ର କ'ଣ ବା ଚାବି କ'ଣ ? ଶ୍ରୀଅରବିନ୍ଦ ବହୁତ ଅଳ୍ପ ଶବ୍ଦରେ ଅତ୍ୟନ୍ତ ସ୍ପଷ୍ଟଭାବରେ ତାହା କହି ଦେଇଛନ୍ତି । ଏହି ବାକ୍ୟ ଶ୍ରୀଅରବିନ୍ଦଙ୍କ ଆଦର୍ଶର ମନ୍ତ୍ର । ଏହାକୁ ଆମ୍ଭେମାନେ ଶ୍ରଦ୍ଧା-ଭକ୍ତି ସହିତ କବଚ ରୂପେ ଧାରଣା ତଥା ଗ୍ରହଣ କରି ପାରିଲେ ସମସ୍ତ ବାଧା-ବିପତ୍ତିକୁ ଅତିକ୍ରମ କରି ଲକ୍ଷ୍ୟରେ ପହଞ୍ଚି ପାରିବା । 'ମା' ଗ୍ରନ୍ଥରେ ଶ୍ରୀଅରବିନ୍ଦ ଲେଖିଛନ୍ତି :–

''ଯଦି ଜୀବନ-ପଥରେ ସକଳ ଭୟ, ସଂକଟ ଏବଂ ସର୍ବନାଶ ବିରୋଧରେ କବଚାବୃତ ହୋଇ ଚାଲିବାକୁ ଚାହଁ, ତେବେ କେବଳ ଦୁଇଟି ଜିନିଷ ଦରକାର; ତାହା ସର୍ବଦା ଏକ ସଙ୍ଗେ ରହେ – ପ୍ରଥମଟି ହେଲା ମା' ଭଗବତୀଙ୍କ କରୁଣା ଏବଂ ଦ୍ୱିତୀୟଟି ହେଲା ତୋ ଆଡୁ ଶ୍ରଦ୍ଧା, ନିଷ୍ଠା ଓ ସମର୍ପଣରେ ଗଠିତ ତୋର ଅନ୍ତଃକରଣ ।

ଶ୍ରୀଅରବିନ୍ଦଙ୍କ ଯୋଗ ବା ଆଦର୍ଶର ଚାବି ବା ମନ୍ତ୍ର ହେଉଛି ମା'ଙ୍କ ପ୍ରତି ବିଶ୍ୱାସ ଏବଂ ତାଙ୍କ ଉପରେ ଭରସା । ଏତିକି ଯଦି କରାଯାଏ, ତେବେ ବାକି ସମସ୍ତ ବାଧାବିଘ୍ନକୁ ମା' ଦୂର କରି ଲକ୍ଷ୍ୟରେ ପହଞ୍ଚାଇ ଦେବେ । ଶ୍ରୀଅରବିନ୍ଦ କହିଛନ୍ତି :

''ମା'ଙ୍କ ଉପରେ ସର୍ବଦା ଭରସା ରଖ । ମନ ଓ ପ୍ରାଣର ସମସ୍ତ ବାଧା ଆପେ ସମାଧାନ ହୋଇଯିବ ।''

ବର୍ତ୍ତମାନ ଅତ୍ୟନ୍ତ ଉତ୍ତମ ସମୟ । ଏହି ସମୟରେ ଯେତେଦୂର ସମ୍ଭବ ନିଜକୁ ଭଗବତ୍ କାର୍ଯ୍ୟରେ ଉତ୍ସର୍ଗ କରିବା, ଭଗବତ୍‌ସେବା ଭାବରେ ସମସ୍ତ କର୍ମ ସମ୍ପାଦନ କରି ଭାଗବତୀ ଜନନୀଙ୍କ ଚରଣରେ ନିବେଦନ କରିବା, ଓ ପ୍ରତିକୂଳ ବସ୍ତୁ ଅବସ୍ଥା ତ୍ୟାଗକରିବା ଏବଂ ଅନୁକୂଳ ବସ୍ତୁ ଓ ଅବସ୍ଥା ପ୍ରାପ୍ତି ସକାଶେ ଅଭୀପ୍ସା କରିବା ଦ୍ୱାରା ଲକ୍ଷ୍ୟ ପ୍ରାପ୍ତିରେ ଅସୁବିଧା, ବାଧାବିଘ୍ନ ମା'ଙ୍କ କୃପାରେ ରୂପାନ୍ତରିତ ହୋଇପାରିବ; ଆମ୍ଭେମାନେ ମନ-ପ୍ରାଣ-ଶରୀରରେ ପରମ ଦୁର୍ଲଭ ଭଗବତ୍ ପ୍ରାପ୍ତି କରିପାରିବା । ଏହି ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱଯୁକ୍ତ ମୃତ୍ୟୁପୁରୀ ସ୍ୱର୍ଗରେ ପରିଣତ ହୋଇପାରିବ ।

ମା'ଙ୍କ ପ୍ରଚାରିତ ଏହି (୧୯୬୭) ବର୍ଷ ଫେବ୍ରୁଆରି ଏକୋଇଶ ତାରିଖର ଶ୍ରୀଅରବିନ୍ଦଙ୍କ ବାଣୀକୁ ପବିତ୍ର କଣ୍ଠରେ ଉଚ୍ଚାରଣ କରିବା :

''ତମସା ଘନାଇ ଯେବେ ଚାପି ଧରେ ଧରଣୀର ବୁକୁ
କେବଳ ପ୍ରଦୀପ ଯେବେ ମାନବର ଦେହଗତ ମନ
ନିଃଶବ୍ଦେ ରଜନୀ କୋଳେ ଚୋରସମ ଗୋପନ ଚରଣେ
ଅଲକ୍ଷିତେ ପଦଚାଳି ଗୃହେ ତା'ର ପ୍ରବେଶିବ ଜଣେ ।
କଷ୍ଟ-ଶ୍ରୁତ କଣ୍ଠ ଏକ କହିବ ଯା' ଆତ୍ମା ନେବ ମାନି
ଶକ୍ତି ଏକ ପ୍ରସରିବ ଲୁଚି ଲୁଚି ମନ ଅନ୍ତଃପୁରେ
ଜୀବନର ବଦ୍ଧ ଦ୍ୱାର ଖୋଲିଦେବ କୁହୁକ, ମାଧୁରୀ
ପ୍ରତିରୋଧୀ ଜଗତକୁ ପରାଭୂତ କରିବ ସୁନ୍ଦର ॥
ସହସା ପ୍ରକୃତି ହେବ ଉତାଲୋକ-କର କବଳିତ
ହୃଦୟେ ଭରିବ ରସ ଅଗତ୍ୟା ସେ ଦେବ-ଅଭିସାରେ
ବିକଶି ଉଠିବ ଧରା ଆଶାତୀତ ଭାଗବତ ରୂପେ ।''

(ସାବିତ୍ରୀ, ପୃ. ୧-୪)

ସାଧନାଳୟର ଆବଶ୍ୟକତା*

ଆଗମନୀ ଅତିମାନସ ସତ୍ୟ ଯୁଗ ପ୍ରତିଷ୍ଠାର ତୟାରି ସକାଶେ ଅନ୍ୟାନ୍ୟ ସଂସ୍ଥା ଅପେକ୍ଷା ସାଧନାଳୟର ଭୂମିକା ବିଶେଷ ମହତ୍ତ୍ୱପୂର୍ଣ୍ଣ । ସାଧନାଳୟରେ ରୂପାନ୍ତର ସକାଶେ ସମସ୍ତ କର୍ମ କରାଯାଇପାରେ । ପ୍ରଥମ ପର୍ଯ୍ୟାୟ ପାଠଚକ୍ର । ପାଠଚକ୍ର ଦ୍ୱାରାହିଁ ବ୍ୟକ୍ତି ଅତିମାନସ ସତ୍ୟର ସନ୍ଧାନ ପାଏ । ତା'ରି ଭିତ୍ତିରେ ସ୍ଥଳବିଶେଷରେ କେଉଁଠାରେ ସାଧନାଳୟ, କେଉଁଠାରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହୁଏ । ଏହିସବୁ ସଂସ୍ଥା ଯେତେ ଅଧିକ ସ୍ଥାପିତ ହୁଏ, ପୃଥିବୀରେ ପ୍ରତିଷ୍ଠିତ ହୋଇଥିବା ଅତିମାନସ ଶକ୍ତିର କ୍ରିୟା ସେତେ ଅଧିକ ହୁଏ ଏବଂ ବାତାବରଣର ପରିବର୍ତ୍ତନ ହୁଏ । ଓଡ଼ିଶାରେ ପାଠଚକ୍ର ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ବିଷୟରେ ଆଲୋଚନା ହୋଇଛି, ଏବେ ସାଧନାଳୟ ପ୍ରତିଷ୍ଠା ବିଷୟରେ ଆଲୋଚନା କରିବା ।

ଯେଉଁଠାରେ ଗୃହତ୍ୟାଗୀ କେତେକ ସାଧକ ଏକ ସ୍ଥାନରେ ରହି ସାଧନା କରନ୍ତି ସେ ସ୍ଥାନକୁ କୁହାହୁଏ ସାଧନାଳୟ ବା ଆଶ୍ରମ । ପୂର୍ବେ ଆଲୋଚନା ହୋଇଛି ନୂତନ ଅତିମାନବଜାତି ପ୍ରତିଷ୍ଠା କରିବା ସକାଶେ ଅତିମାନସ ଶକ୍ତି ରୂପାନ୍ତର କାର୍ଯ୍ୟ କରୁଅଛି । ପରାର୍ଦ୍ଧର ସେହି ଅତିମାନସ ଦିବ୍ୟ ଶକ୍ତିକୁ ଶ୍ରୀଅରବିନ୍ଦ ଏବଂ ଶ୍ରୀମା ଏହି ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ଯେଉଁଠାରେ ଏକହିଁ ଲକ୍ଷ୍ୟର କେତେକ ସାଧକ ସାଧନା କରନ୍ତି ସେଠାରେ ହୁଏ ଅତିମାନସ ଶକ୍ତିର କେନ୍ଦ୍ର । ସେ ସ୍ଥାନରେ ରହିବା ସାଧକ କେହି ସାଧନା ମାର୍ଗରେ କମ୍ ଅଗ୍ରସର ହୁଅନ୍ତୁ ବା କେହି ଅଧିକ ଅଗ୍ରସର ହୋଇଥାଆନ୍ତୁ, ଏକର ସାଧନା ଅନ୍ୟର ସାଧନାରେ ସାହାଯ୍ୟ କରେ ଏବଂ ସେ ସ୍ଥାନର ବାତାବରଣ ଅଧ୍ୟାତ୍ମ ବାତାବରଣରେ ପରିଣତ ହୁଏ । ସେ ସ୍ଥାନକୁ ଆସିବା ବ୍ୟକ୍ତି ଜ୍ଞାତରେ ବା ଅଜ୍ଞାତରେ ଅଧ୍ୟାତ୍ମ ବାତାବରଣର ସ୍ପର୍ଶ ପାଆନ୍ତି । ସେ ସ୍ଥାନ ଯଥାର୍ଥରେ ହୁଏ ଉତ୍ତମ ତୀର୍ଥ । ସୁମିତ୍ରା ଦେବୀ ପୁତ୍ର ଲକ୍ଷ୍ମଣଙ୍କୁ କହିଥିଲେ,

''ଯାହାଁ ରାମ ତାହାଁ ଅବଧ ନିବାସୁ ।
ଯାହାଁ ସଙ୍ଗ ତାହାଁ ତୀରଥ ବାସୁ ॥''

ଅର୍ଥାତ୍, ଶ୍ରୀରାମ ଯେଉଁଠାରେ ବାସ କରିବେ ସେହି ସ୍ଥାନ ଅଯୋଧ୍ୟା । ସଙ୍ଗମାନେ (ସାଧକମାନେ) ଯେଉଁଠାରେ ନିବାସ କରିବେ ସେହି ସ୍ଥାନ ତୀର୍ଥ ।

ଅତିମାନସ ରୂପାନ୍ତର ଯୋଗର ସାଧକ ଯେଉଁଠାରେ ବାସ କରିବେ ସେଠାରେ ଅତିମାନସ ଶକ୍ତିର କେନ୍ଦ୍ର ହେବାରୁ ସେ ସ୍ଥାନ ହେବ ଅତ୍ୟନ୍ତ ଉତ୍ତମ ତୀର୍ଥ ।

ପୂର୍ବେ କୁହାହୋଇଛି ଅତିମାନସ ସତ୍ୟକୁ ଜାଣିବା, ତାକୁ ଗ୍ରହଣ କରିବା ଏବଂ ତା'ରି ଦ୍ୱାରା କର୍ମ କରିବାର ମାଧ୍ୟମ ପାଠଚକ୍ର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଏବଂ ସାଧନାଳୟ । ସାଧନାଳୟରେ ପାଠଚକ୍ର ହୁଏ, ଅର୍ଥାତ୍ ପାଠଚକ୍ରରେ ଯେପରି ଧ୍ୟାନ ତଥା ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନ ଆଲୋଚିତ ହୁଏ, ସାଧନାଳୟରେ ମଧ୍ୟ ତାହା ସବୁ ହୁଏ । ସାଧନାଳୟରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମଧ୍ୟ ପ୍ରତିଷ୍ଠା ହୁଏ ତଥା କର୍ମ ମାଧ୍ୟମରେ ମନ, ପ୍ରାଣ ଏବଂ ଶରୀରର ରୂପାନ୍ତର ସକାଶେ ଯାହା ଆବଶ୍ୟକ ସେହିସବୁ କର୍ମ ମଧ୍ୟ ସମ୍ପାଦିତ ହୁଏ । ଶରୀର ସହିତ ଥାଏ ଶାରୀରିକ ମନ ଏବଂ ଶାରୀରିକ ପ୍ରାଣ । ଶରୀର ରୂପାନ୍ତରରେ ମନ-ପ୍ରାଣ ବି ରୂପାନ୍ତରିତ ହୁଅନ୍ତି । ଶରୀର ଦ୍ୱାରା କର୍ମ ହୁଏ । କର୍ମକୁ ମା'ଙ୍କ ସେବା ଭାବରେ ଲକ୍ଷ୍ୟ ପ୍ରାପ୍ତିର ସାଧନାରୂପେ ସମ୍ପାଦନ କରି ମା'ଙ୍କୁ ସମର୍ପଣ କଲେ ବ୍ୟକ୍ତି ମଧ୍ୟରେ ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ହୁଏ । ଶରୀର ରୂପାନ୍ତର ସକାଶେ କୃଷି ଏବଂ ବାଣିଜ୍ୟ ତଥା ଶାରୀରିକ ବ୍ୟାୟାମ ଇତ୍ୟାଦି କର୍ମ ଆବଶ୍ୟକ ହୁଏ । ପଢ଼ିବା, ପଢ଼େଇବା, ଲେଖିବା ଅଥବା କୌଣସି କାର୍ଯ୍ୟ ଅନ୍ୟ ଦ୍ୱାରା କରାଇବା – ଏସବୁ ଶାରୀରିକ କାର୍ଯ୍ୟ । ଏହିସବୁ କର୍ମ ସମର୍ପଣରେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରେ । କିନ୍ତୁ ଲକ୍ଷ୍ୟପ୍ରାପ୍ତିର ସାଧନା ମା'ଙ୍କ

* ପ୍ରବନ୍ଧଟି ନଭେମ୍ବର ୧୯୭୮ରେ ରଚିତ ।

ସେବା ଭାବରେ କୃଷି ଅଥବା ଶରୀର ଦ୍ୱାରା ଯେକୌଣସି ପରିଶ୍ରମ କାର୍ଯ୍ୟ କରିବାରେ ଶରୀରରୁ ଜଡ଼ତା ଓ ତାମସିକତା କ୍ରମଶଃ ଦୂର ହୁଏ, ଶରୀର ନମନୀୟ ହୁଏ । ନମନୀୟ ଶରୀରରେ ଅତିମାନସ ଶକ୍ତି ଅପେକ୍ଷାକୃତ ସହଜରେ ରୂପାନ୍ତର କ୍ରିୟା କରିପାରେ । ଶରୀର ରୂପାନ୍ତର ସକାଶେ ଶାରୀରିକ ବ୍ୟାୟାମ ତଥା ଶାରୀରିକ ପରିଶ୍ରମ କାର୍ଯ୍ୟ ଏକାନ୍ତ ଆବଶ୍ୟକ ।

ଏହି ରୂପାନ୍ତର ଯୋଗର ମର୍ମ ବା ଚାବି ହେଉଛି ପୂର୍ଣ୍ଣ ସମର୍ପଣ । ସାଧନାଳୟରେ ସମର୍ପଣ ସ୍ୱତଃସ୍ଫୂର୍ତ୍ତ ଭାବେ ହୁଏ । ସାଧନାଳୟର ଅର୍ଥ ତାହା କୌଣସି ବ୍ୟକ୍ତିର ନୁହେଁ, ସମସ୍ତ କିଛି ଶ୍ରୀମା ଶ୍ରୀଅରବିନ୍ଦଙ୍କର । ସେଠାରେ ଯେଉଁ ସାଧକ ନିବାସ କରନ୍ତି ସେମାନେ ମଧ୍ୟ ମା'ଙ୍କର । ତାଙ୍କ ଶରୀର ମା'ଙ୍କୁ ଉତ୍ସର୍ଗ ହୋଇଥିବାରୁ ତଥା ସାଧନାଳୟର ସବୁକିଛି ମା'ଙ୍କର ହୋଇଥିବାରୁ ସେମାନଙ୍କର ସ୍ନାନ, ଭୋଜନ, ବ୍ୟାୟାମ ଆଦି ସମସ୍ତ କର୍ମ ମା'ଙ୍କର । ସେମାନଙ୍କ ଦ୍ୱାରା ହେଉଥିବା କୃଷି, ବ୍ୟବସାୟ ଇତ୍ୟାଦି ସମସ୍ତ କର୍ମ ମା'ଙ୍କ ସେବା । ଏଥିରେ ସାଧକ ସଚେତ ହୋଇ ସାଧନାଳୟର ସମସ୍ତ କର୍ମକୁ ଆନ୍ତରିକତା ସହ ଉତ୍ତମରୂପେ ସମର୍ପଣ ମନୋଭାବରେ ଶୃଙ୍ଖଳା ସହିତ ସମ୍ପାଦନ କଲେ ସାଧନାମାର୍ଗରେ ଶୀଘ୍ର ଅଗ୍ରଗତି କରନ୍ତି । ବ୍ୟକ୍ତିଗତ ରୂପେ ପୃଥକ୍ ପୃଥକ୍ ସ୍ଥାନରେ ସାଧନା କରିବା ଅପେକ୍ଷା ସାଧନାଳୟରେ ଏକତ୍ର ରହି ସାଧନା କରିବାରେ ରୂପାନ୍ତର ଶୀଘ୍ର ହୁଏ ।

ସାଧନାଳୟରେ ନିବାସ କରିବା ଦ୍ୱାରା ସାଧକମାନଙ୍କୁ ଆଶ୍ରମର ନିୟମ, ଶୃଙ୍ଖଳା ମାନିବାକୁ ହୁଏ । ଏହା ସାଧନାର ଅନିବାର୍ଯ୍ୟ ଅଙ୍ଗ । ଏହାର ବିପରୀତ ଆଚରଣ କରିବା ଅର୍ଥ ନିଜ ସାଧନାରେ ନିଜେ ବାଧା ସୃଷ୍ଟି କରିବା । ନିୟମ, ଶୃଙ୍ଖଳା ମାନି ଶାରୀରିକ ପରିଶ୍ରମ କର୍ମ ଶ୍ରଦ୍ଧା, ଉତ୍ସାହ ଓ ସମର୍ପଣ ଭାବ ନେଇ କଲେ ଶରୀରରେ ଗ୍ରହଣଶୀଳତା ଉତ୍ପନ୍ନ ହୁଏ ଏବଂ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରିବାର ମାର୍ଗ ଉନ୍ମୁକ୍ତ ହୁଏ । ଅତିମାନସ ଶକ୍ତିର ପ୍ରଭାବରେ ସ୍ଥୂଳ ଶାରୀରିକ ଚେତନା ଜାଗ୍ରତ୍ ହୁଏ ଯାହାକି ଶରୀର-ରୂପାନ୍ତର ସକାଶେ ଅନିବାର୍ଯ୍ୟ । ଶାରୀରିକ ଚେତନା ଜାଗ୍ରତ୍ ହେଲେ ଶରୀର-ରୂପାନ୍ତର ସକାଶେ ସେ ଅଭୀପ୍ସା କରେ । ଅଭୀପ୍ସାର ଉତ୍ତରରେ ଅତିମାନସ ଶକ୍ତି ଶରୀର-ରୂପାନ୍ତର ଆରମ୍ଭ କରେ । ଏହିସବୁ କାରଣରୁ ରୂପାନ୍ତର ସକାଶେ ତଥା ପୃଥିବୀରେ ଅତିମାନସ ଯୁଗ ବା ଅତିମାନବ ପ୍ରତିଷ୍ଠା ସକାଶେ ସାଧନାଳୟ ପ୍ରତିଷ୍ଠା ଏକାନ୍ତ ଆବଶ୍ୟକ । ଏହି କାରଣରୁ ସମଗ୍ର ପୃଥିବୀରେ ବହୁ ସ୍ଥାନରେ ସ୍ଥଳ ବିଶେଷରେ କେଉଁ ସ୍ଥାନରେ ସାଧନାଳୟ, କେଉଁଠି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହେବ । ଏହିସବୁ ସଂସ୍ଥା ଯେତେ ଅଧିକ ପ୍ରତିଷ୍ଠା ହେବ ପୃଥିବୀ ବାତାବରଣରେ ସେତେ ଅଧିକ ଅତିମାନସ ଶକ୍ତିର ପ୍ରଭାବ ପଡ଼ିବ । ବାତାବରଣର ପ୍ରଭାବରେ ଯେତେ ଅଧିକ ବ୍ୟକ୍ତି ଏହି ସତ୍ୟକୁ ଜାଣିବେ, ଗ୍ରହଣ କରିବେ ଏବଂ ଆଚରଣ କରିବେ, ସେହି ଅନୁପାତରେ ବ୍ୟକ୍ତି, ପରିବାର, ସମାଜ, ଦେଶ ତଥା ଜଗତରୁ ଅନ୍ୟାୟ, ଅସତ୍ୟ, ବିଶୃଙ୍ଖଳା କମ୍ ହେବାକୁ ଲାଗିବ ।

ବର୍ତ୍ତମାନ ସମୟ ଯୁଗପରିବର୍ତ୍ତନର ସନ୍ଧିକ୍ଷଣ । ପୂର୍ବଯୁଗର ବିଧିବିଧାନ ତଥା ଧର୍ମରେ ଲୋକଙ୍କର ବିଶ୍ୱାସ ତୁଟିଯାଇଛି । ଅତିମାନସ ସତ୍ୟ ଅଧିକ କ୍ରିୟାଶୀଳ ହୋଇ ନାହିଁ । ଖୁବ୍ ଅଳ୍ପ ବ୍ୟକ୍ତିଙ୍କୁ ବାଦ୍ ଦେଲେ ସମସ୍ତ ବ୍ୟକ୍ତିଙ୍କୁ ଅନ୍ଧକାର ଶକ୍ତି କବଳିତ କରି ନେଇଅଛି । ସଂସାରର ସମସ୍ତ ବ୍ୟକ୍ତି ସେହି ଅନ୍ଧକାର ଶକ୍ତିର ବାତାବରଣରୁ ଶ୍ୱାସପ୍ରଶ୍ୱାସ ନେଉଅଛନ୍ତି । ଏହା ମଧ୍ୟରେ ଖୁବ୍ ଅଳ୍ପ ବ୍ୟକ୍ତି ଯଦ୍ୟପି ଅତିମାନସ ସତ୍ୟର ଆଶ୍ରୟ ନେଇଅଛନ୍ତି ତଥାପି ତାଙ୍କରି ମଧ୍ୟରେ ଥିବା ଅନ୍ଧକାର ଶକ୍ତିସବୁ ଗୋଡ଼ ଧରି ପଛକୁ ଟାଣୁଅଛନ୍ତି । ବର୍ତ୍ତମାନ ସମୟରେ ଅନ୍ଧକାର ଶକ୍ତି ମହାନ୍ ପ୍ରବଳ ଥିବାରୁ ମନୁଷ୍ୟକୁ ଯନ୍ତ୍ର କରି ଅତିମାନସ ଶକ୍ତିର ପଥରୋଧ କରୁଅଛି । ସେହି ସକାଶେ ରୂପାନ୍ତର ସାଧନା ତଥା ସାଧନାଳୟ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସର୍ବାଙ୍ଗସୁନ୍ଦରରୂପେ ଗତି କରିପାରୁ ନାହିଁ । ବିଶାଳ କୁଟାଗଦାରେ ସାମାନ୍ୟ ଅଗ୍ନି ଖଣ୍ଡିକ ପଡ଼ି କୁହୁଳିବା ସଦୃଶ ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ଶିଥିଳତାରେ ଚାଲିଅଛି । ସାମାନ୍ୟ ଅଗ୍ନି କ୍ରମଶଃ ପ୍ରଜ୍ୱଳିତ ହୋଇ ବିଶାଳ କୁଟାଗଦାକୁ ଭସ୍ମ କରିଦେବା ସଦୃଶ ଅତିମାନସ ଶକ୍ତି ଅନ୍ଧକାର ଶକ୍ତିକୁ କ୍ରମଶଃ ପୂର୍ଣ୍ଣ ରୂପାନ୍ତର କରିଦେବ ଏବଂ ସାଧନାମାର୍ଗରେ ସାଧକ ଉତ୍ତରୋତ୍ତର ସଚେତ ବା ସଜାଗ ହୋଇ ତୀବ୍ରଭାବେ ଲକ୍ଷ୍ୟ ଆଡ଼କୁ ଗତି କରିବେ । ସାଧନାଳୟ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର କ୍ରମଶଃ ଦୋଷତ୍ରୁଟିକୁ ତ୍ୟାଗ କରି ସର୍ବାଙ୍ଗସୁନ୍ଦର ହେଉଥିବେ । ବ୍ୟକ୍ତି

ସାଧନାରେ ଯେପରି ଦୋଷଦ୍ୱୟଟିକୁ କ୍ରମଶଃ ବର୍ଜନ କରେ, ଅଧ୍ୟାତ୍ମ ସଂସ୍ଥା ମଧ୍ୟ ସେହିପରି କ୍ରମଶଃ ନିଜର ଦୋଷଦ୍ୱୟଟିକୁ ବର୍ଜନ କରି ସର୍ବାଙ୍ଗସୁନ୍ଦର ହୋଇଉଠେ ।

ସାଧନାଳୟ ପ୍ରତିଷ୍ଠା

ସନ୍ତୋଷ କୁମାର ମହାପାତ୍ର କ୍ଲର୍କ ଚାକିରି କରିଥିଲେ । ବୟସ ବୋଧହୁଏ ୨୧/୨୨ ହୋଇଥିବ । ସେ ୧୯୭୩ରେ ଡିସେମ୍ବର ପ୍ରଥମ ଭାଗରେ ଚାକିରି ଛାଡ଼ି ସମ୍ବଲପୁରରୁ ୧୨ ମାଇଲ ଦୂରରେ ଦେଦରନୂଆପାଲି ଗ୍ରାମରେ, ନଦୀକୂଳରେ ଘର ତଥା ଗ୍ରାମରୁ ପୃଥକ୍ ଏକାନ୍ତ ସ୍ଥାନରେ ଗୋଟିଏ କୁଡ଼ିଆ କରି ରହିଲେ । ସେଠାରେ ତାଙ୍କ ଭାଇଙ୍କର ଜମି ଥିଲା । ସେ ସେଥିରୁ ଦେଢ଼ ଏକର ସନ୍ତୋଷଙ୍କୁ ଚାଷ କରିବାକୁ ଦେଇ ଦେଲେ । ସନ୍ତୋଷ ସେଠାରେ ରହି ସାଧନା ମନୋଭାବରେ ଦେଢ଼ ଏକର ଜମିରେ ଚାଷ ଆରମ୍ଭ କଲେ ।

ଏହି କାର୍ଯ୍ୟରେ ବିଶେଷ ସାହାଯ୍ୟ କଲେ ହୀରାକୁଦ ପାଠଚକ୍ରର ମେମ୍ବରମାନେ । ଏହି ଜମି ପାଖରେ ଅଛି ଛୋଟ ନଦୀଟିଏ କିନ୍ତୁ ସ୍ରୋତ ସର୍ବଦା ପ୍ରବାହିତ ହେଉଥାଏ । ଜଳ ଅତ୍ୟନ୍ତ ସ୍ୱଚ୍ଛ ଏବଂ ନିର୍ମଳ । ଗ୍ରୀଷ୍ମ ଋତୁରେ ମଧ୍ୟ ପ୍ରବହମାନ ତିନିଫୁଟରୁ ଅଧିକ ଗଭୀର ଜଳର ତୀବ୍ର ସ୍ରୋତ ଥାଏ । ବ୍ୟକ୍ତି ନଦୀରେ ପଶି ପାରି ହୁଅନ୍ତି । ସ୍ଥାନଟି ଅତି ରମଣୀୟ ଏବଂ ସାଧନାଳୟର ଉପଯୋଗୀ ।

କିଛି ଦିନ ପରେ ହୀରାକୁଦ ପାଠଚକ୍ର ସାହାଯ୍ୟରେ ଆଉ କିଛି ଜମି ଖର୍ଦି କରାହେଲା । କୂଅ ଖୋଳା ହେଲା, ବିଜୁଳି ମଧ୍ୟ ଆସିଲା, ଅନ୍ୟ ଜଣେ ସାଧକ ରହିଲେ, ଗୋରୁଗାଈ ମଧ୍ୟ ରହିଲେ, ସାଧନାକେନ୍ଦ୍ର ପ୍ରତିଷ୍ଠା ହେଲା । ବର୍ତ୍ତମାନ ସେଠାରେ ଚାରି ଜଣ ସାଧକ ଅଛନ୍ତି । ଜମି ପ୍ରାୟ ୧୭/୧୮ ଏକର ହୋଇଗଲାଣି । ସାଧନାଳୟ ପର୍ଯ୍ୟନ୍ତ ସଡ଼କ ବି ତୟାରି ହୋଇଗଲାଣି । ଓଡ଼ିଶାରେ ଏହି ସାଧନାଳୟଟି ପ୍ରଥମେ ପ୍ରତିଷ୍ଠିତ ହୋଇଅଛି ଏବଂ କ୍ରମଶଃ ଉନ୍ନତି ଆଡ଼କୁ ଗତି କରି ଚାଲିଛି । ଗତ ବର୍ଷ ୧୯୭୮ ଡିସେମ୍ବରରେ ପାଞ୍ଚ ଏକର ଜମି ସାଧନାଳୟ ଖର୍ଦି କରିଛି । ଆସନ୍ତା ବର୍ଷରେ ଆଉ ଦୁଇଜଣ ସାଧକ ରହି ପାରନ୍ତି ।

ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର

ପ୍ରପତ୍ତି ମା'ଙ୍କ କାର୍ଯ୍ୟରେ ବରାବର ଓଡ଼ିଶା ଯିବା ଆସିବା କରନ୍ତି । ୧୯୭୪ରେ ଥରେ ସେ ଓଡ଼ିଶାରୁ ଫେରି କହିଲେ, ''କଟକରୁ ୩୦/୩୨ କିଲୋମିଟର ଦୂର ଡାଳିଯୋଡ଼ାରେ ଡାକ୍ତର ଜ୍ୟୋସ୍ନା ଦେଈ ଏବଂ ତାଙ୍କ ଭାଇଭଉଣୀମାନଙ୍କର ୨୦୦ ଏକର ଜମି ଅଛି । ସାଧନାଳୟ କରିବା ସକାଶେ ସେ ଜମି ଦେବାକୁ ଚାହୁଁଛନ୍ତି । ସେ ଜମିରେ କିଛି ବ୍ୟାଙ୍କ୍ ଋଣ ଅଛି ।'' ସଙ୍ଗେ ସଙ୍ଗେ ମୋର ମନେ ହେଲା, ''ଏହା ମା'ଙ୍କ ବିଧାନ । ସେଠାରେ ସାଧନାଳୟ ପ୍ରତିଷ୍ଠା ହେବା ବୋଧହୁଏ ପୂର୍ବରୁ ବିଧିନିର୍ଦିଷ୍ଟ ହୋଇଅଛି । ଏହି କାର୍ଯ୍ୟ ନିଶ୍ଚୟ କରାହେଉ ।''

ସେଠାରେ ରହିବା ସକାଶେ ମାଟି କାନ୍ଥ ଛପର ଘର ଥିଲା । ଦୁଇ ତିନି ଜଣ ବ୍ୟକ୍ତି ସେଠାରେ ରହି ୨୦୦ ଏକର ଜଙ୍ଗଲ ଜମି ମଧ୍ୟରୁ ୩୦ ଏକର ଜମି ଚାଷ କରୁଥିଲେ । ସେଠାରେ ଫଳ ବଗିଚା ଓ ପୁଷ୍କରିଣୀ ଥିଲା । କିନ୍ତୁ ସ୍ଥାନଟି ଜଙ୍ଗଲ ଓ ପାହାଡ଼ ଅଞ୍ଚଳରେ, ଘର ଗ୍ରାମରୁ ଦୂର ଅତ୍ୟନ୍ତ ରମଣୀୟ ତପୋଭୂମି । ସେ ସ୍ଥାନକୁ ଯିବାମାତ୍ରେ ଅନୁଭବ ହେବ ଯେପରି ସେ ସ୍ଥାନରେ ପୂର୍ବରୁ ଅଧ୍ୟାତ୍ମ ସାଧନା ହୋଇଥିଲା । ସେ ସ୍ଥାନରେ ସାଧନାଳୟ ପ୍ରତିଷ୍ଠା ହେବା ନିଶ୍ଚୟ ହୋଇଗଲା । ଡାକ୍ତର ଜ୍ୟୋସ୍ନା ଦେଈ ଏବଂ ତାଙ୍କ ଭାଇଭଉଣୀମାନେ ଜମି ଦେବା ନିଶ୍ଚୟ କଲେ ।

ଡାଳିଯୋଡ଼ା ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ରରେ ସାଧନାଳୟ ପ୍ରତିଷ୍ଠା ହେବା ପ୍ରସ୍ତାବ ହେବାରୁ ପ୍ରପତ୍ତିଙ୍କ ସହିତ ପାଠଚକ୍ର ସଂଗଠନ କାର୍ଯ୍ୟରେ ସହଯୋଗ କରୁଥିବା ମଧୁସୂଦନ, ଦୁର୍ଗାଚରଣ, ଭଜକୃଷ୍ଣ ପାଠଚକ୍ର ବ୍ୟବସ୍ଥା କାର୍ଯ୍ୟ ଛାଡ଼ି ଡାଳିଯୋଡ଼ା

ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ରରେ ୧୯୭୪ ଜୁନ୍ ମାସ ତା ୩୦ ରିଖରେ ସାଧକରୂପେ ନିବାସ କଲେ । ଏମାନେ ଆନ୍ତରିକ ଉତ୍ସାହ, ଦୃଢ଼ ସଂକଳ୍ପ ତଥା ଲକ୍ଷ୍ୟ ପ୍ରାପ୍ତିର ସାଧନା ମନୋଭାବରେ ସମସ୍ତ ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇ ମା'ଙ୍କ କାର୍ଯ୍ୟରେ ନିଜକୁ ପୂର୍ଣ୍ଣରୂପେ ଉତ୍ସର୍ଗ କରିଦେଲେ । ସେ ସ୍ଥାନରେ ଆରମ୍ଭରୁ ଥିଲେ ଡାକ୍ତର ଜ୍ୟୋସ୍ନା ଦେଈଙ୍କ ଛୋଟ ଭଉଣୀ ଶ୍ରୀମତୀ ପ୍ରତିଭା କାନୁନ୍‌ଗୋ ଏବଂ ତାଙ୍କ ସହିତ ଆଉ ଦୁଇ ତିନି ଜଣ କର୍ମୀ । ସେମାନେ ମଧ୍ୟ ରହିଲେ ଏବଂ ସେମାନଙ୍କ ସହିତ ସାଧକମାନେ ଅକ୍ଲାନ୍ତ ପରିଶ୍ରମରେ ଧାନ ଚାଷ, ପରିବାପତ୍ର, ଫଳବଗିଚା, କେତେକ ଗୋରୁଗାଈଙ୍କୁ ନେଇ ଗୋଶାଳା କାର୍ଯ୍ୟ କରିବାକୁ ଆରମ୍ଭ କଲେ । ଅକ୍ଲାନ୍ତ ପରିଶ୍ରମ କରିବା ସତ୍ତ୍ୱେ ଭୋଜନ କେବଳ ଭାତ ଏବଂ ଓଉ ଖଟା ଝୋଳ ଖାଇ କାର୍ଯ୍ୟ କରୁଥିଲେ । ପିଇବା ପାଣି ମଧ୍ୟ ନ ଥିଲା । ଏତେ ଅସୁବିଧା ସତ୍ତ୍ୱେ ଭଗବତ୍ କାର୍ଯ୍ୟରେ ଉତ୍ସାହ ଏବଂ ସାଧନା ମନୋଭାବ ଥିବାରୁ ଅସୁବିଧା ଆନନ୍ଦରେ ପରିଣତ ହୋଇଥିଲା । ପରେ କ୍ରମଶଃ ଆଉ କେତେଜଣ ସାଧକ ଆସି ରହିଲେ । ସେମାନେ ବି ଅସୁବିଧାକୁ ପରୁଆ ନ କରି ସାଧନା ମନୋଭାବରେ ଆନନ୍ଦରେ ମା'ଙ୍କ କାର୍ଯ୍ୟ କଲେ ।

୩୦.୦୬.୧୯୭୪ରେ ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର ସୋସାଇଟିର ରେଜିଷ୍ଟ୍ରେସନ୍ ହେଲା । ତା'ପରେ ସାଧକମାନେ ଜଣେ ପରେ ଜଣେ ଆସି ରହିବାକୁ ଆରମ୍ଭ କଲେ । ସେମାନଙ୍କର ରହିବାର ଘର ତୟାରି ହେଲା । ପିଇବାପାଣିର ବ୍ୟବସ୍ଥା କରାହେଲା । ସାଧକମାନଙ୍କ ସଂଖ୍ୟା ପ୍ରାୟ ୨୦/୨୨ ହୋଇଗଲାଣି । ସାଧନାଳୟର ବିକାଶ ସଙ୍ଗେ ସଙ୍ଗେ ସେଠାରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ହେବା ସକାଶେ ମନ୍ଦିର ତୟାରି ଆରମ୍ଭ ହେଲା । ୧୯୭୮ ଅପ୍ରେଲ ୪ ତାରିଖରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ସେଠାରେ ପ୍ରତିଷ୍ଠିତ ହେଲା ।

ଆଶ୍ରମର ଆଭ୍ୟନ୍ତରୀଣ ପରିଚାଳନା ଦାୟିତ୍ୱରେ ରହିଲେ ମଧୂସୂଦନ । ଆଶ୍ରମର ବାହ୍ୟ କାର୍ଯ୍ୟର ଦାୟିତ୍ୱରେ ରହିଲେ ଦୁର୍ଗାଚରଣ । ଭଜକୃଷ୍ଣ ପୂର୍ବପରି ପାଠଚକ୍ର ସଂଗଠନ କାର୍ଯ୍ୟ କଲେ ।

ଡାଳିଯୋଡ଼ାରେ ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର ଆଶ୍ରମ ପ୍ରତିଷ୍ଠା ହେବା ପୂର୍ବରୁ ଓଡ଼ିଶାରେ ପାଠଚକ୍ର ବ୍ୟବସ୍ଥା ବା ସଂଗଠକ କାର୍ଯ୍ୟ କରୁଥିବା ସାଧକମାନେ ନବଜ୍ୟୋତି କାର୍ଯ୍ୟାଳୟ ତରଫରୁ କାର୍ଯ୍ୟ କରୁଥିଲେ । କିନ୍ତୁ ପ୍ରଧାନ ପ୍ରଧାନ ପାଠଚକ୍ରମାନେ ଅତିମାନସ ରୂପାନ୍ତର ଯୋଗ ଦ୍ୱାରା ନିଜର ତଥା ଜଗତର ହିତ ହୃଦୟଙ୍ଗମ କରିବାରୁ ସୁନ୍ଦରଗଡ଼ ପାଠଚକ୍ରର ସଂଚାଳକ ଶ୍ରୀ ନିରଞ୍ଜନ ମହାନ୍ତି ପଶ୍ଚିମ ଓଡ଼ିଶାରେ ପାଠଚକ୍ର ସଂଗଠନ ସକାଶେ ଭଜକୃଷ୍ଣ ସାହୁଙ୍କ ଖର୍ଚ୍ଚର ଦାୟିତ୍ୱ ନେଲେ । କଟକ ମାତୃଭବନ ତରଫରୁ ଜଣେ ପାଠଚକ୍ର ସଂଗଠକ ନିଯୁକ୍ତ ହୋଇଛନ୍ତି । କୋରାପୁଟ ଜୟପୁରରେ ମଧ୍ୟ ସଂଗଠକ ରହିବାର ବ୍ୟବସ୍ଥା ହୋଇଛି ।

ବଲାଙ୍ଗିର ଜିଲା ଚଢ଼େଇଗୁଡ଼ି ଗୋଟିଏ ଜଙ୍ଗଲ ପ୍ରଦେଶ । ସେଠାରେ ବାଘ, ହାତୀ ନାହାନ୍ତି; କିନ୍ତୁ ଜଙ୍ଗଲ ପାହାଡ଼ରେ ସୁଶୋଭିତ ହୋଇଅଛି । ସ୍ଥାନଟି ବହୁତ ରମଣୀୟ ।

ବଲାଙ୍ଗିରରେ ରହିବା ବ୍ୟକ୍ତି ତଥା କେତେକ ବାହାର ବ୍ୟକ୍ତିଙ୍କୁ ନେଇ ସୁରେନ୍ଦ୍ର ନାଥ ସାହୁ ଓ ମାଧବ ପାଣିଗ୍ରାହୀ ଗୋଟିଏ ଟ୍ରଷ୍ଟ ରେଜିଷ୍ଟ୍ରୀ କରି ୧୯୭୭ ମସିହାରେ ଚଢ଼େଇଗୁଡ଼ିରେ ୪୦ ଏକର ଜମି ସରକାରଙ୍କଠାରୁ ଲିଜ୍ ନେଇଥିଲେ । ସେଠାରେ ପ୍ରତିବର୍ଷ ଜାନୁଆରି ୬ ତାରିଖକୁ ମଧ୍ୟ ବାର୍ଷିକ ଉତ୍ସବ ପାଳନ କରି ଆସୁଥିଲେ । ସୁରେନ୍ଦ୍ର ସାହୁଙ୍କ ଅର୍ଥ ବ୍ୟୟରେ ସେଠାରେ ଗୋଟିଏ କୂପ ଖୋଳା ହୋଇଥିଲା । ଗୋଟିଏ ଛପର ଘର ମଧ୍ୟ ତୟାରି ହୋଇଥିଲା । କିନ୍ତୁ କେହି ସାଧକ ରହି ନ ଥିଲେ । ଏ ବର୍ଷ ୧୯୭୯ ଜାନୁଆରି ୬ ତାରିଖରେ ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର (ଡାଳିଯୋଡ଼ା)ରୁ ଦୁଇ ଜଣ ସାଧକ ଯାଇ ସେଠାରେ ନିବାସ କଲେ । ସେହିଦିନଠାରୁ ସେଠାରେ ଆଶ୍ରମ ପ୍ରତିଷ୍ଠା ହେଲା । ଆଶ୍ରମର ନାମ ହେଉଛି ଶ୍ରୀଅରବିନ୍ଦ ଯୋଗାଶ୍ରମ । ଏହି ଆଶ୍ରମଟି ଓଡ଼ିଶାରେ ହେଲା ତୃତୀୟ । ସେଠାରେ ଅନ୍ୟାନ୍ୟ ବିକାଶ କାର୍ଯ୍ୟ କ୍ରମଶଃ ଆରମ୍ଭ ହେବ । କିଛି ମାସ ପୂର୍ବରୁ ସେ କମିଟିରେ ଲଳିତ ମୋହନ ଖୁଣ୍ଟିଆ ଯୋଗ ଦେଇଅଛନ୍ତି ଯେ କି ମା'ଙ୍କ କାର୍ଯ୍ୟ ସକାଶେ ତାଙ୍କର ଜୀବନ ଉତ୍ସର୍ଗ କରିଅଛନ୍ତି ।

ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା

ଓଡ଼ିଶାରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ବା ରିଲିକ୍‌ସ୍ ବହୁ ସ୍ଥାନରେ ପ୍ରତିଷ୍ଠିତ ହୋଇଛି ଏବଂ ବହୁ ସ୍ଥାନରେ ପ୍ରତିଷ୍ଠା କରିବା ସକାଶେ ମନ୍ଦିର ଏବଂ ଗୃହ ତୟାରି କାର୍ଯ୍ୟ ଚାଲିଅଛି ।

ଯେଉଁଠାରେ ଶ୍ରୀଅରବିନ୍ଦଙ୍କର ଅଥବା ଶ୍ରୀମା'ଙ୍କର ଦେହାଂଶ ପ୍ରତିଷ୍ଠା ହେବ ବା ହେଉଛି ସେ ସ୍ଥାନ ଯଥାର୍ଥରେ ଅତିମାନସର କେନ୍ଦ୍ର ବା ଉତ୍ତମ ତୀର୍ଥ ସ୍ଥାନ । ସେ ସ୍ଥାନର ଅଧାମ୍ ଅତିମାନସର ପ୍ରଭାବ କ୍ରମଶଃ ଉତ୍ତରୋତ୍ତର ବୃଦ୍ଧି ହେଉଥିବ ।

କାରଣ, ଅତିମାନସ ଶକ୍ତିର ପ୍ରଭାବ ହେଉଛି ଅଜ୍ଞାନ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱକୁ ରୂପାନ୍ତର କରି ଦିବ୍ୟତ୍ୱରେ ପରିଣତ କରିବା, ଏହି ମୃତ୍ୟୁପୁରୀରେ ସାକେତ, ଗୋଲୋକ, ବୈକୁଣ୍ଠ ତଥା ସଚ୍ଚିଦାନନ୍ଦ ଦିବ୍ୟ ଭଗବତ୍ ଧାମ ପ୍ରତିଷ୍ଠା କରିବା । ଏହା ହେଲେ ଭାଗବତ ଦିବ୍ୟ ଧାମ ପରାର୍ଦ୍ଧ ଏବଂ ଏହି ମୃତ୍ୟୁପୁରୀ ଅପରାର୍ଦ୍ଧ ମଧ୍ୟରେ ବ୍ୟବଧାନ ରହିବ ନାହିଁ; ଏକ ହୋଇଯିବ । ଶ୍ରୀଅରବିନ୍ଦ ୧୯୫୦ରେ ସେହି ଅତିମାନସ ଦିବ୍ୟ ଶକ୍ତିକୁ ପରାର୍ଦ୍ଧରୁ ଉତାରି ଆଣି ପ୍ରଥମରେ ନିଜ ଶରୀରରେ ଧାରଣ କରିଥିଲେ । ତାଙ୍କ ଶରୀର ମହାସମାଧିସ୍ଥ ହେବା ପୂର୍ବରୁ ସେହି ଶକ୍ତି ଶ୍ରୀମା'ଙ୍କ ଶରୀରରେ ପ୍ରବେଶ କରିଥିଲା । ସେମାନଙ୍କ ଶରୀର ହୋଇଥିଲା ଅତିମାନସ ଶକ୍ତିର ଆଧାର । ସେହି ଶରୀରକୁ କେନ୍ଦ୍ର କରି ଅତିମାନସ ଶକ୍ତି ଆସ୍ତେ ଆସ୍ତେ ୧୯୫୬ ମସିହା ଫେବ୍ରୁଆରି ୨୯ ତାରିଖରେ ପୃଥିବୀ ବାତାବରଣରେ ରୂପାନ୍ତର କାର୍ଯ୍ୟ ଆରମ୍ଭ କରିଥିଲା । ଯେଉଁ ଶରୀର ପ୍ରଥମରେ ଅତିମାନସ ଶକ୍ତିକୁ ଧାରଣ କରିଥିଲା ସେ ଶରୀରର ମହତ୍ତ୍ୱ, ତା'ର ପ୍ରଭାବ ଆମ୍ଭେମାନେ ବର୍ତ୍ତମାନ ହୃଦୟଙ୍ଗମ କରିପାରିବା ନାହିଁ । ଅତିମାନସ ଚେତନାକୁ ପ୍ରାପ୍ତ ହେଲେ ଏହାର ମହତ୍ତ୍ୱ ବୁଝିପାରିବା ।

ଭଗବାନଙ୍କ ଅବତାର ଏବଂ ମହାପୁରୁଷଙ୍କ ଶରୀର ପ୍ରଭାବ ଆମ୍ଭମାନଙ୍କ ଶରୀର ପ୍ରଭାବଠାରୁ ବହୁତ ମହାନ୍, ବହୁତ ଶ୍ରେଷ୍ଠ ଏବଂ ଅକଳ୍ପନୀୟ । ଆମ୍ଭମାନଙ୍କ ଶରୀରର କୌଣସି ଅଂଶ ବା ଶରୀରରେ ବ୍ୟବହାର କରିଥିବା ବସ୍ତ୍ରାଦିରେ ଶରୀର ପ୍ରଭାବ ରହିଥାଏ । ତାନ୍ତ୍ରିକମାନେ ବ୍ୟକ୍ତିର ପିନ୍ଧାଲୁଗା ବା ନଖ ବା ଗୋଟିଏ କେଶ ନେଇ ତା' ଉପରେ ଗୁଣି ପ୍ରୟୋଗ କଲେ ସେ ବ୍ୟକ୍ତିକୁ ତାହା ଆକ୍ରମଣ କରେ । ମହାପୁରୁଷ ଏବଂ ଅବତାରମାନଙ୍କର ଶରୀରର କୌଣସି ଅଂଶ, ନଖ ବା କେଶରେ ତାଙ୍କର ଶକ୍ତି ବିଦ୍ୟମାନ ଥାଏ । ଏପରିକି ତାଙ୍କ ପିନ୍ଧିବା ବସ୍ତ୍ର ତଥା ତାଙ୍କ ପଦ ଯେଉଁଠାରେ ପଡ଼ିଥାଏ ସେ ସ୍ଥାନରେ ବି ତାଙ୍କ ଶକ୍ତି ନିହିତ ଥାଏ ଏବଂ ସେ ସ୍ଥାନ ବି ପବିତ୍ର ହୋଇଥାଏ । ଏପରିକି ତାଙ୍କ ଫଟୋରେ ଏବଂ ତୟାରି ହୋଇଥିବା ମୂର୍ତ୍ତି ବା ପ୍ରତିମାରେ ତାଙ୍କ ଶକ୍ତି ନିହିତ ଥାଏ । ଶ୍ରୀରାମ, ଶ୍ରୀକୃଷ୍ଣ ଯେଉଁ ସ୍ଥାନରେ ରହିଥିଲେ, ଯେଉଁ ସ୍ଥାନରେ ତାଙ୍କ ପଦ ପଡ଼ିଥିଲା, ସେହିସବୁ ସ୍ଥାନ ଆଜି ବି ତୀର୍ଥରେ ପରିଣତ ହୋଇଛି । ସନ୍ଥ, ମହାତ୍ମା, ଋଷିମୁନିମାନଙ୍କ ସାଧନାପୀଠ ଆଜି ବି ତୀର୍ଥ ମାନ୍ୟ ହେଉଅଛି ।

ଶ୍ରୀମା ଶ୍ରୀଅରବିନ୍ଦଙ୍କ ଶରୀର ରୂପାନ୍ତରକାରିଣୀ ଅତିମାନସ ଶକ୍ତିର ଆଧାର ହୋଇଥିବାରୁ ତାଙ୍କ ଶରୀରର କୌଣସି ଅଂଶ ବା ତାଙ୍କ ବ୍ୟବହାର୍ଯ୍ୟ କୌଣସି ବସ୍ତୁରେ ଅତିମାନସ ଶକ୍ତିର ପ୍ରଭାବ ରହିଛି । ତାଙ୍କ ଦେହାଂଶ ବା ତାଙ୍କ ବ୍ୟବହାର୍ଯ୍ୟ କୌଣସି ବସ୍ତୁ ଯେଉଁଠାରେ ରହିବ ସେଠାରେ ଅତିମାନସର ଶକ୍ତିର ପ୍ରଭାବ ରହିବ । ପୃଥିବୀରେ ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ବୃଦ୍ଧି ସଙ୍ଗେ ସଙ୍ଗେ ସେ ସ୍ଥାନମାନଙ୍କରେ ଅତିମାନସ ଶକ୍ତିର ପ୍ରଭାବ ବୃଦ୍ଧି ହେଉଥିବ । ଯେଉଁ ସମୟରେ କିଛି ବ୍ୟକ୍ତିଙ୍କର ଶରୀର ପୂର୍ଣ୍ଣରୂପେ ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତର ହେବ ସେତେବେଳେ ଦେହାଂଶ ପ୍ରତିଷ୍ଠା ସ୍ଥାନ ପରାର୍ଦ୍ଧ ସାକେତ, ଗୋଲୋକ, ବୈକୁଣ୍ଠ, ସଚ୍ଚିଦାନନ୍ଦ ଦିବ୍ୟ ଧାମରେ ପରିଣତ ହେବ ।

ସେ ସ୍ଥାନକୁ ଆସିବା ବ୍ୟକ୍ତି, ରହିବା ବ୍ୟକ୍ତି ଜ୍ଞାତରେ ହେଉ ବା ଅଜ୍ଞାତରେ ହେଉ ଅତିମାନସ ଶକ୍ତିର ପ୍ରଭାବର ସ୍ପର୍ଶ ପାଉଅଛନ୍ତି । ଭବିଷ୍ୟତରେ ଅଧିକାଧିକ ଅନୁଭବ କରିପାରିବେ । ଦେହାଂଶ ପ୍ରତିଷ୍ଠା ସ୍ଥାନ ଯଥାର୍ଥରେ ଅତିମାନସ ଦିବ୍ୟଧାମ ।

ଓଡ଼ିଶାରେ ୧୯୭୦ରେ ଡିସେମ୍ବର ୯ ତାରିଖରେ ପ୍ରଥମରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ହେଲା କଟକ

ଜିଲା ଜଗତସିଂହପୁରର ଶ୍ରୀଅରବିନ୍ଦ ନିବାସରେ ଏବଂ କୋରାପୁଟ ଜିଲାର ଜୟପୁରର ଶ୍ରୀଅରବିନ୍ଦ ଭବନରେ । ଦ୍ୱିତୀୟରେ ୧୯୭୨ ଡିସେମ୍ବର ୯ ତାରିଖରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ହେଲା କଟକର ମାତୃଭବନରେ, ଭୁବନେଶ୍ୱରର ଶ୍ରୀଅରବିନ୍ଦ ଭବନରେ ତଥା ଶ୍ରୀଅରବିନ୍ଦ ମନ୍ଦିର ଗୋପୀନାଥପୁରରେ । ତୃତୀୟରେ ୧୯୭୫ ଏପ୍ରିଲ ୨୪ ତାରିଖରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ହେଲା ସମ୍ବଲପୁରର ମାତୃ ନିବାସରେ । ଚତୁର୍ଥରେ ୧୯୭୮ ଏପ୍ରିଲ ୪ ତାରିଖରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ହେଲା କଟକ ଜିଲା ଅନ୍ତର୍ଗତ ଡାଳିଯୋଡ଼ା ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର ଆଶ୍ରମରେ ଏବଂ ସେହି ୧୯୭୮ ଏପ୍ରିଲ ୧୨ ତାରିଖରେ ବାଲେଶ୍ୱର ଜିଲା ଅନ୍ତର୍ଗତ ଭୋଗରାଇ ଅଞ୍ଚଳରେ ଖରିଦଚକ ଗ୍ରାମରେ, ଶ୍ରୀମା ଶ୍ରୀଅରବିନ୍ଦ ସାଧନାପୀଠରେ । ପଞ୍ଚମରେ ୧୯୭୯ ଫେବ୍ରୁଆରି ୨୮ ତାରିଖରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ହେଲା ପୁରୀ ଜିଲାର ପୁରୀ, ଶ୍ରୀଅରବିନ୍ଦଙ୍କ ଧାମରେ ।

ଏହି ବର୍ଷ ପୁରୀ ଜିଲାର ଜଟଣୀ, କଟକ ଜିଲାର ଯାଜପୁର ଏବଂ ବଲାଙ୍ଗିର ଜିଲାରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା କରିବା ସକାଶେ ମନ୍ଦିର ତୟାରି କାର୍ଯ୍ୟ ଚାଲୁଅଛି ।

ଓଡ଼ିଶାରେ ଶ୍ରୀମା'ଙ୍କ କାର୍ଯ୍ୟ ଆରମ୍ଭ ହୋଇଛି ଅପ୍ରତ୍ୟାଶିତ ଭାବେ ଏବଂ ବିକାଶ ହୋଇଚାଲିଛି, ସଂଗଠିତ ହେଉଅଛି ସ୍ୱତଃସ୍ଫୂର୍ତ୍ତଭାବେ । ଏହି ବିଷୟସବୁ ଆଲୋଚନା ହେବାର ଆରମ୍ଭରୁ ଏହାହିଁ କୁହା ହୋଇଛି ଏବଂ ପ୍ରତ୍ୟେକ କାର୍ଯ୍ୟ ତଥା ପ୍ରତ୍ୟେକ ଘଟଣାରେ ଏହାହିଁ ଘଟିଛି । ପୂର୍ବରୁ କୌଣସି ପ୍ରଣାଳୀ ନିର୍ଦ୍ଧାରିତ ନ ହୋଇଥିବା ସତ୍ତ୍ୱେ ଉପଯୁକ୍ତ ସମୟରେ ଯାହା ଆବଶ୍ୟକ ତାହାହିଁ ଘଟୁଅଛି । ବ୍ୟକ୍ତିଗତ ସାଧନା ଯେପରି ଉତ୍ତରୋତ୍ତର ମାତୃଶକ୍ତି ଦ୍ୱାରା ପରିଚାଳିତ ହୁଏ ସେହିପରି ଅଧ୍ୟାତ୍ମ ଅତିମାନସ ସଂସ୍ଥା ମଧ୍ୟ ଅତିମାନସ ମାତୃଶକ୍ତିର ପରିଚାଳନାରେ ବିକାଶ ହୁଏ । ଏହି କାରଣରୁ ଅଧ୍ୟାତ୍ମ ଅତିମାନସ ସଂସ୍ଥାସବୁ ସ୍ୱତନ୍ତ୍ର ହେବା ଏକାନ୍ତ ପ୍ରୟୋଜନ । ମା'ଙ୍କ କୃପାରୁ ଓଡ଼ିଶାରେ ସ୍ୱତଃସ୍ଫୂର୍ତ୍ତଭାବେ ଏହାହିଁ ହୋଇଅଛି । ଏଥିରେ ମା'ଙ୍କ କାର୍ଯ୍ୟ ବିକାଶ ହୋଇଚାଲେ ।

ଶ୍ରୀଅରବିନ୍ଦଙ୍କ ରେଲିକ୍‌ସ

ଶ୍ରୀଅରବିନ୍ଦଙ୍କ ରେଲିକ୍‌ସ ପ୍ରତିଷ୍ଠା ମନ୍ଦିର ରୂପାନ୍ତରକାରିଣୀ ଅତିମାନସ ଶକ୍ତିର କେନ୍ଦ୍ର । ଅତିମାନସ ଶକ୍ତି ଦ୍ୱାରା ସାଧକର ମନ, ପ୍ରାଣ, ଶରୀର ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ ଏବଂ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ଉପଲବ୍ଧି ହେବ । ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ-କଷ୍ଟ, ଅଜ୍ଞାନ, ମୋହ, ମାୟାରୁ ସମ୍ପୂର୍ଣ୍ଣ ମୁକ୍ତ ହେବ । ଏହି ବ୍ୟକ୍ତିମାନେ ହେବେ ଅତିମାନବ ।

ଏହି ରୂପାନ୍ତର ଲକ୍ଷ୍ୟ ଆଡ଼କୁ ସାଧକମାନଙ୍କର ଅଗ୍ରଗତି ଅନୁପାତରେ ସଂସାରରୁ କ୍ରମଶଃ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଚୋରି, ଡକାୟତି, ଘୁସଖୋରି, ଆଳସ୍ୟ, ପ୍ରମାଦ, ହିଂସା, ଦ୍ୱେଷ, ଲୋଭ, ମୋହାଦି ବିରୋଧିନୀ ଶକ୍ତିର କ୍ରିୟା କମ୍ ହେବ । କେତେକ ସାଧକମାନଙ୍କର ପୂର୍ଣ୍ଣ ରୂପାନ୍ତର ହେଲେ ଏହି ମୃତ୍ୟୁପୁରୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ପଶୁଜାତି ଥାଇ ଯେପରି ମନୁଷ୍ୟଜାତି ପୃଥିବୀରେ ପ୍ରତିଷ୍ଠିତ ହୋଇ ଅଛନ୍ତି ସେହିପରି ମନୁଷ୍ୟଜାତି ଥାଇ ଅତିମାନବଜାତି ଏହି ପୃଥିବୀରେ ପ୍ରତିଷ୍ଠିତ ହେବେ ।

ଶ୍ରୀଅରବିନ୍ଦଙ୍କର ଏହି ରେଲିକ୍‌ସ କେନ୍ଦ୍ରର ଅତିମାନସ ଶକ୍ତିର ପ୍ରଭାବ ସେହି ଅଞ୍ଚଳର ବ୍ୟକ୍ତିଙ୍କ ଉପରେ ତଥା ଯେଉଁମାନେ ଶ୍ରଦ୍ଧା, ଭକ୍ତି ଭାବରେ ଦର୍ଶନ କରିବେ ସେମାନଙ୍କ ଉପରେ ପଡ଼ିବ ।

ଭଗବାନ୍ ସଚ୍ଚିଦାନନ୍ଦ ଅନନ୍ତ, ଅସୀମ । ସେ ସର୍ବତ୍ର ବ୍ୟାପ୍ତ ହୋଇ ଥାଆନ୍ତି । ସୃଷ୍ଟି ସର୍ଜନା କରିବାକୁ ହେଲେ କିଂବା ସୃଷ୍ଟିରେ କର୍ମ କରିବାକୁ ହେଲେ ସଗୁଣ ରୂପେ ଈଶ୍ୱର ଶକ୍ତି ତଥା ସ୍ଥୂଳ ରୂପେ ଭିନ୍ନ ଭିନ୍ନ ଅବତାର ନେଇ ସେ ସୃଷ୍ଟିରେ କର୍ମ କରନ୍ତି ।

ପୁରାଣରେ ବର୍ଣ୍ଣିତ ଦଶ ଅବତାର ବା ଚବିଶ ଅବତାର ଛଡ଼ା ସେ ବହୁ ଅବତାର ଆବଶ୍ୟକ ଅନୁସାରେ ନିଅନ୍ତି । ସେ ସବୁ ଅବତାରରେ ପରିପୂର୍ଣ୍ଣ ଥାଆନ୍ତି । ଯେପରି ଚୈତନ୍ୟ ମହାପ୍ରଭୁ, ରାମକୃଷ୍ଣ ପରମହଂସଙ୍କୁ ଅବତାର କୁହାଯାଏ । ଏମାନେ ଚବିଶ ଅବତାର ଭିତରେ ନାହାନ୍ତି । ଆବଶ୍ୟକ ଅନୁସାରେ ଏହିପରି ଭଗବାନଙ୍କର ବହୁତ ଅବତାର ହୁଅନ୍ତି । ଯେପରି ଭଗବାନ୍ ସର୍ବତ୍ର ବିଦ୍ୟମାନ ଥାଇ ପୃଥିବୀରେ କର୍ମ କରିବାକୁ ହେଲେ ସ୍ଥୂଳ ରୂପେ ଅବତାର ନିଅନ୍ତି ସେହିପରି ଭଗବାନ୍ ସମସ୍ତ ବିଶ୍ୱରେ ବ୍ୟାପ୍ତ ହୋଇ ଥିବା ସତ୍ତ୍ୱେ ପ୍ରକାଶ ହୁଅନ୍ତି ମନ୍ଦିରରେ ତାଙ୍କ ପ୍ରତିମା ପ୍ରତିଷ୍ଠା ହେଲେ । ତାହା ଅପେକ୍ଷା ଅଧିକ ପ୍ରକାଶ ହୁଅନ୍ତି ତାଙ୍କ ଅବତାରଙ୍କ ସ୍ଥୂଳ ଶରୀରର କୌଣସି ଅଂଶ ବା ତାଙ୍କ ବ୍ୟବହାର୍ଯ୍ୟ କୌଣସି ବସ୍ତୁରେ । ଭଗବାନଙ୍କ ଅବତାରଙ୍କର ଶରୀରାଂଶ ବା ବ୍ୟବହାର୍ଯ୍ୟ ବସ୍ତୁ ସବୁ ସମୟରେ ସର୍ବସ୍ଥାନରେ ପ୍ରାପ୍ତ ହେବା ସମ୍ଭବ ନୁହେଁ । ସେହି ସକାଶେ ତାଙ୍କ ପ୍ରତୀକ ରୂପେ କାଷ୍ଠ ପାଷାଣରେ ତାଙ୍କ ମୂର୍ତ୍ତି ଅଙ୍କନ, ଖୋଦନ ବା ପ୍ରସ୍ତୁତ କରି ମନ୍ଦିରରେ ପ୍ରତିଷ୍ଠା କରନ୍ତି । କିନ୍ତୁ ପ୍ରତିମାରେ ତାଙ୍କର ଯଥାର୍ଥ ସ୍ୱରୂପ ଅଙ୍କନ ହୋଇ ପାରେ ନାହିଁ । ତଥାପି ତାଙ୍କ ସ୍ୱରୂପର ଧାରଣା, କଳ୍ପନା କରିବା ଯୋଗୁଁ ସେହି ମୂର୍ତ୍ତିରେ ଭଗବାନଙ୍କର ପ୍ରକାଶ ହୁଏ । ଏବଂ ବହୁତ ଭକ୍ତ ସଚ୍ଚଙ୍କର ସେହି ମୂର୍ତ୍ତିରେ ସହଜରେ ବିଶ୍ୱାସ ହୁଏ । ଭକ୍ତଙ୍କର ବିଶ୍ୱାସ ହେଲେ ସେହି ପ୍ରତିମାରେ ଭଗବାନ୍ ପ୍ରଘଟ ହୁଅନ୍ତି । ମା'କାଳୀ ପଥର ପ୍ରତିମାରେ ପ୍ରକଟ ହୋଇ ରାମକୃଷ୍ଣ ପରମହଂସଙ୍କ ସହିତ କଥାବାର୍ତ୍ତା କରୁଥିଲେ । ବହୁତ ଭକ୍ତଙ୍କୁ ପ୍ରତିମାରେ ଭଗବାନ୍ ଦର୍ଶନ ମଧ୍ୟ ଦେଇଥିଲେ । ଭଗବାନଙ୍କ ପ୍ରତିମାରେ ତାଙ୍କର ପ୍ରକାଶ ଥିବାରୁ ଭାରତବର୍ଷରେ ପୁରୀରେ ଜଗନ୍ନାଥ, ଦ୍ୱାରକାରେ ଶ୍ରୀକୃଷ୍ଣ, ଦକ୍ଷିଣ ଭାରତରେ ରାମେଶ୍ୱର ଇତ୍ୟାଦି ହଜାର ହଜାର ମନ୍ଦିର କୋଟି କୋଟି ଟଙ୍କା ଖର୍ଚ୍ଚ କରା ହୋଇ ନିର୍ମାଣ କରା ହୋଇଅଛି । ବହୁତ ଭକ୍ତ ଜନତା ଦର୍ଶନ କରୁଅଛନ୍ତି ଏବଂ ବିଶ୍ୱାସ ଭକ୍ତି ଅନୁସାରେ ଈପ୍‌ସିତ ଫଳ ପ୍ରାପ୍ତ କରି ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହେଉଅଛନ୍ତି । ଭଗବାନଙ୍କ ପ୍ରତିମା ବା ମୂର୍ତ୍ତି ଅପେକ୍ଷା ତାଙ୍କ ଶରୀରାଂଶରେ ତାଙ୍କର ଶକ୍ତି ଏବଂ ପ୍ରଭାବ ସ୍ୱତଃସ୍ଫୂର୍ତ୍ତ ଭାବେ ପ୍ରକାଶ ଥାଏ । ଅବତାରଙ୍କ ସମସ୍ତ ଶରୀରରେ ପୂର୍ଣ୍ଣ ରୂପେ ଭଗବାନ୍ ପ୍ରକାଶ ଥାଆନ୍ତି । ତା'ଛଡ଼ା ଶ୍ରୀଅରବିନ୍ଦଙ୍କ ସ୍ଥୂଳ ଶରୀରରେ ପ୍ରତ୍ୟକ୍ଷଭାବେ ଅତିମାନସ ଶକ୍ତି ଅବତରଣ କରିଥିଲା । ସେ ଅତିମାନସ

ଶକ୍ତିକୁ ନିଜ ଶରୀରରେ ଅବତରଣ କରାଇ ୧୯୫୦ ମସିହା ଡିସେମ୍ବର ୫ ତାରିଖରେ ଶରୀର ତ୍ୟାଗ କରିଥିଲେ । ସେ ଏହି କାର୍ଯ୍ୟ କରିବା ସକାଶେ ଅବତାର ନେଇ ମନୁଷ୍ୟଜାତିର ପ୍ରତିନିଧି ହୋଇ ମନୁଷ୍ୟର ସମସ୍ତ ଅପୂର୍ଣ୍ଣତା ଗ୍ରହଣ କରିଥିଲେ; ଏବଂ ନିଜ ସାଧନାବଳରେ ଅତିମାନସ ଶକ୍ତିର ପ୍ରଥମ ଅବତରଣକୁ ଧାରଣ-ଯୋଗ୍ୟ କରିବା ଲାଗି ଶରୀରକୁ ତିଆରି କରିଥିଲେ । ପ୍ରବଳ ଶକ୍ତିଶାଳିନୀ ଅତିମାନସ ଶକ୍ତିକୁ ତାଙ୍କ ଛଡ଼ା ଅନ୍ୟ କେହି ଅବତରଣ କରାଇ ପାରି ନ ଥା'ନ୍ତେ କିଂବା ଧାରଣା କରି ପାରି ନ ଥା'ନ୍ତେ । ସେ ମନୁଷ୍ୟଜାତିର ପ୍ରତିନିଧି ହୋଇ ମନୁଷ୍ୟର ସମସ୍ତ ଅପୂର୍ଣ୍ଣତା ଗ୍ରହଣ କରିଥିବାରୁ ଅତିମାନସ ଶକ୍ତିକୁ ନିଜ ଶରୀରରେ ଅବତରଣ କରାଇ ଶରୀର ତ୍ୟାଗ କଲେ । ଏବଂ ସେହି ଅତିମାନସ ଶକ୍ତିକୁ ମା' ଧାରଣ କରି ଶରୀର ରୂପାନ୍ତର କାର୍ଯ୍ୟ ଆରମ୍ଭ କଲେ ।

ଯଥାର୍ଥରେ ଭଗବାନ୍ ଏବଂ ତାଙ୍କ ଶକ୍ତି ଅଭିନ୍ନ ଏକ । କେବଳ ସୃଷ୍ଟି ସର୍ଜନା କରିବା ସକାଶେ ଈଶ୍ୱର ଏବଂ ଶକ୍ତି ଏହି ଦୁଇ ରୂପରେ ପ୍ରଘଟ ହୁଅନ୍ତି । ଦୃଶ୍ୟତଃ ରୂପ ଦୁଇ କିନ୍ତୁ ତତ୍ତ୍ୱତଃ ଏକ । ଆଦ୍ୟାଶକ୍ତିଙ୍କର ସମସ୍ତ କର୍ମ କରିବାର ଶକ୍ତି ରହିଅଛି । ଆବଶ୍ୟକ ଅନୁସାରେ ସେହି ଶକ୍ତି ପ୍ରକାଶ ହୋଇ କର୍ମ କରନ୍ତି । ରୂପାନ୍ତରକାରିଣୀ ଅତିମାନସ ଶକ୍ତିହିଁ ଭଗବତ୍ ଆଦ୍ୟାଶକ୍ତିର ଶକ୍ତି । ସମୟ ଆସି ନ ଥିବାରୁ ସେହି ଶକ୍ତି ପ୍ରକାଶ ହୋଇ ନ ଥିଲା । ଭଗବତ୍ ନିର୍ଦ୍ଧାରିତ କ୍ରମବିକାଶ ପ୍ରଣାଳୀ ଅନୁସାରେ ମନର ବିକାଶ ଶେଷ ହେବାରୁ ରୂପାନ୍ତର କାରିଣୀ ଅତିମାନସ ଶକ୍ତିର ପ୍ରକାଶ ହେବାର ସମୟ ଆସିଲା । ଭଗବାନଙ୍କ ସୃଷ୍ଟି ସର୍ଜନାର ବିଧାନ ଅନୁସାରେ ଭଗବାନ୍ ଶ୍ରୀଅରବିନ୍ଦଙ୍କ ରୂପେ ତଥା ଆଦ୍ୟାଶକ୍ତି ମା'ଙ୍କ ରୂପେ ଅବତାର ନେଇ ମନୁଷ୍ୟଜାତିର ପ୍ରତିନିଧି ହୋଇ ତପସ୍ୟାକରି ଅତିମାନସ ଶକ୍ତିକୁ ପରାର୍ଦ୍ଧରୁ ଅବତରଣ କରାଇଲେ ।

ଋଷିମୁନି ମହାପୁରୁଷ ଆଚାର୍ଯ୍ୟମାନେ ଭଗବାନଙ୍କ ନିର୍ଦ୍ଦେଶରେ ପୃଥିବୀକୁ ଆସି ଅଧର୍ମର ବୃଦ୍ଧିକୁ କିଛି ପରିମାଣରେ ହ୍ରାସ କରନ୍ତି ଧର୍ମକୁ କିଛି ପରିମାଣରେ ବୃଦ୍ଧି କରନ୍ତି । କିନ୍ତୁ ପୃଥିବୀରେ ନୂତନ ଦିବ୍ୟ ଜାତି ପ୍ରତିଷ୍ଠା କରିପାରନ୍ତି ନାହିଁ । ଏହି କାର୍ଯ୍ୟ କେବଳ କରି ପାରନ୍ତି ସ୍ୱୟଂ ଭଗବାନଙ୍କ ଅବତାର । ଅତିମାନସ ଶକ୍ତି ଭଗବତ୍ ଶକ୍ତି । ଭଗବାନଙ୍କ ଛଡ଼ା ତାଙ୍କୁ ଅନ୍ୟ କେହି ଅବତରଣ କରାଇ ପାରିବେ ନାହିଁ କିଂବା ଧାରଣ କରିପାରିବେ ନାହିଁ । ରୂପାନ୍ତରକାରିଣୀ ଅତିମାନସ ଶକ୍ତି, ଅତିମାନସ ଚେତନାକୁ ପୃଥିବୀରେ ପ୍ରତିଷ୍ଠା କରିବାହିଁ ନିଃସନ୍ଦିଗ୍ଧ ରୂପେ, ନିର୍ବିବାଦରେ ଶ୍ରୀଅରବିନ୍ଦ ଭଗବତ୍ ଅବତାର ଏବଂ ଶ୍ରୀମା ଆଦ୍ୟାଶକ୍ତିର ଅବତାର ବୋଲି ପ୍ରମାଣ କରୁଅଛି । ଏବଂ ଏହି ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ, ପ୍ରାଣ, ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବ । ତା'ର ରୂପାନ୍ତରିତ ଦିବ୍ୟ ମନ, ପ୍ରାଣ, ଶରୀର ପୂର୍ଣ୍ଣ ରୂପେ ଭଗବାନଙ୍କ ସହିତ ଯୁକ୍ତ ହେବ । ସେ ପରିଚାଳିତ ହେବ ଭାଗବତୀ ଅତିମାନସ ଶକ୍ତି ଦ୍ୱାରା ।

ଶ୍ରୀଅରବିନ୍ଦଙ୍କ ଶରୀର ବର୍ଣ୍ଣ ଥିଲା ଶ୍ୟାମଳ, କିନ୍ତୁ ଅଧିମାନସ ଶକ୍ତିର ପ୍ରଭାବରେ ତାଙ୍କ ଶରୀର ଗୌରବର୍ଣ୍ଣ ହୋଇଥିଲା । ୧୯୫୦ ନଭେମ୍ବର ୨୪ ଦର୍ଶନ ସମୟରେ ତାଙ୍କର ତେଜଃପୂର୍ଣ୍ଣ ଗୌରବର୍ଣ୍ଣ ଶରୀର ଆମ୍ଭେମାନେ ଦର୍ଶନ କରିଥିଲୁ । କିନ୍ତୁ ୧୯୫୦ ଡିସେମ୍ବର ୪ ରାତିରେ ତାଙ୍କ ଶରୀର ତ୍ୟାଗ (ରାତି ୧ଟା ୨୬ମି.) ପରେ ତାଙ୍କ ଶରୀରର ବର୍ଣ୍ଣ ଜ୍ୟୋତିଃଯୁକ୍ତ ସୁବର୍ଣ୍ଣ ବର୍ଣ୍ଣ ଥିଲା । ସେ ଶରୀର ବର୍ଣ୍ଣକୁ ବର୍ଣ୍ଣନା କରିବାର ଭାଷା ନାହିଁ । ସେହି ବର୍ଣ୍ଣ ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ରହିଲା । ତାଙ୍କ ଶରୀରକୁ ଦର୍ଶନ କରିବା ସକାଶେ ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦର୍ଶନାର୍ଥୀଙ୍କ ଲାଇନ ଆଶ୍ରମରୁ ବଜାର ପର୍ଯ୍ୟନ୍ତ ଲାଗିରହୁ ଥିଲା । ସନ୍ଧ୍ୟା ୬ଟାରେ ଦର୍ଶନ ବନ୍ଦ ହେବା ପରେ ଦର୍ଶନାର୍ଥୀମାନେ ସଡ଼କରେ ଲାଇନରେ ଯେଉଁଠାରେ ଥିଲେ ସେହିଠାରେ ରାତିରେ ଶୋଇପଡୁଥିଲେ, ପରଦିନ ସକାଳ ୮ଟାରେ ଦର୍ଶନ ଆରମ୍ଭ ହେଲେ ସେହି ଲାଇନରେ ପୁଣି ଛିଡ଼ାହୋଇ ଦର୍ଶନକୁ ଆସୁଥିଲେ । ଏହିପରି ଡିସେମ୍ବର ୫ରୁ ୯ ତାରିଖ ପର୍ଯ୍ୟନ୍ତ ଦର୍ଶନ ଚାଲିଲା । ଦର୍ଶନାର୍ଥୀଙ୍କ ମଧ୍ୟରୁ ବହୁତ ବ୍ୟକ୍ତି ତାଙ୍କ ଶରୀରରେ ଅତିମାନସ ଜ୍ୟୋତିଃକୁ ସ୍ପଷ୍ଟ ରୂପେ ଦର୍ଶନ କରିଥିଲେ ।

ଡାକ୍ତର ସାନ୍ୟାଲ, ଯିଏକି ସେତେବେଳେ ଆଶ୍ରମରେ ସାଧକ ରୂପେ ରହିସାରିଥିଲେ, ସେ ମା'ଙ୍କୁ କହିଲେ — ଆପଣ କହୁଛନ୍ତି ''ଅତିମାନସ ଜ୍ୟୋତିଃ ଶ୍ରୀଅରବିନ୍ଦଙ୍କ ଶରୀରକୁ ବ୍ୟାପ୍ତ କରି ରହିଅଛି । ଯେପର୍ଯ୍ୟନ୍ତ ଅତିମାନସ ଶକ୍ତି

ଶ୍ରୀଅରବିନ୍ଦଙ୍କ ଶରୀରରେ ରହିବ, ସେପର୍ଯ୍ୟନ୍ତ ତାଙ୍କ ଶରୀର ସେହିପରି ରହିବ, ଏବଂ ତାଙ୍କ ବର୍ଣ୍ଣ ବିବର୍ଣ୍ଣ ହେବ ନାହିଁ।'' କିନ୍ତୁ ମୁଁ ତ ଅତିମାନସ ଶକ୍ତି ଦେଖିପାରୁ ନାହିଁ। ମା' ନିଜ ହାତର ତର୍ଜନୀ ଅଙ୍ଗୁଳି ଡାକ୍ତରଙ୍କ ମସ୍ତକରେ ରଖିଦେଲେ। ତା'ପରେ ସେ କହୁଥିଲେ ଏବଂ ଲେଖିଥିଲେ – ଶ୍ରୀଅରବିନ୍ଦଙ୍କ ଶରୀରରେ ତଥା ସମସ୍ତ କକ୍ଷରେ ଅତିମାନସ ଅଲୌକିକ ସୁବର୍ଣ୍ଣ ବର୍ଣ୍ଣର ଜ୍ୟୋତିଃ ପରିପୂର୍ଣ୍ଣ ହୋଇ ରହିଥିଲା।

ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଦର୍ଶନକୁ ଯାଉଥିବା ସମସ୍ତ ଦର୍ଶନାର୍ଥୀ ସେହି ଜ୍ୟୋତିଃର ସ୍ପର୍ଶ ପାଉଥିଲେ। ଆଠ ତାରିଖରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଶରୀର ଥିବା ଖଟ ପାଖରେ ଛିଡ଼ା ହୋଇଥିଲେ। ଶ୍ରୀଅରବିନ୍ଦଙ୍କ ଶରୀରରେ ଥିବା ଅତିମାନସ ଶକ୍ତି ଶ୍ରୀମା'ଙ୍କ ଶରୀରରେ ପ୍ରବେଶ କଲା। ୯ ତାରିଖ ଦିନ ୨ଟାରେ ଶ୍ରୀଅରବିନ୍ଦଙ୍କ ଶରୀରକୁ ସମାଧି ଦିଆଗଲା। ୫ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦଙ୍କ ଶରୀର ଅତିମାନସ ଜ୍ୟୋତିଃରେ ଦେଦୀପ୍ୟମାନ ହେଉଥିଲା।

ଅବତାର

ଭଗବାନ୍ ମନୁଷ୍ୟ ଶରୀରରେ ଅବତାର ନେଲେ ମନୁଷ୍ୟଜାତିର ପ୍ରତିନିଧି ହୋଇ ମନୁଷ୍ୟ ଶରୀର ଧାରଣ କରନ୍ତି ଏବଂ ମନୁଷ୍ୟ ସଦୃଶ ଆଚରଣ କରନ୍ତି ଯେପରି ତାଙ୍କ ଆଦର୍ଶକୁ ମନୁଷ୍ୟମାନେ ଆଚରଣ କରିପାରିବେ। ସେ ଯେଉଁ କାର୍ଯ୍ୟ କରିବାକୁ ଆସିଥାଆନ୍ତି ତାଙ୍କର ସେତିକି ଶକ୍ତି ପ୍ରକାଶ ହୁଏ। କିନ୍ତୁ ସାଧାରଣ ମନୁଷ୍ୟ ଭଗବତ୍ ଶକ୍ତି ବୋଲି ବୁଝିପାରନ୍ତି ନାହିଁ। ଖୁବ୍ କମ୍ ବ୍ୟକ୍ତି ଏ ସମ୍ବନ୍ଧେ ବୁଝିପାରନ୍ତି। ଅବତାରଙ୍କ ମଧ୍ୟରେ ଭଗବାନ୍ ପୂର୍ଣ୍ଣ ରୂପେ ଥାଆନ୍ତି। କିନ୍ତୁ ସେ ଯେଉଁ କାର୍ଯ୍ୟ କରିବାକୁ ଆସି ଥାଆନ୍ତି ସେହି କାର୍ଯ୍ୟ ସକାଶେ ଯେତିକି ଶକ୍ତି ଆବଶ୍ୟକ ସେତିକି ଶକ୍ତି ପ୍ରକାଶ ହୁଏ।

ଭଗବାନ୍, ଏବଂ ଭଗବାନଙ୍କ ଶକ୍ତି ତତ୍ତ୍ୱତଃ ଅଭିନ୍ନ ଏକ। 'ମା' ଗ୍ରନ୍ଥରେ ଶ୍ରୀଅରବିନ୍ଦ କହିଛନ୍ତି, ''... ଭଗବାନହିଁ ସାଧକ, ଭଗବାନହିଁ ସାଧନା। ତାଙ୍କର ଶକ୍ତି ଏବଂ ସେହି ଶକ୍ତିର ଜ୍ୟୋତିଃ, ସାମର୍ଥ୍ୟ, ଚେତନା, ଆନନ୍ଦ ସେହି ଆଧାରରେ କାର୍ଯ୍ୟ କରୁଥା'ନ୍ତି ଏବଂ ଆଧାର ଯେତେବେଳେ ସେସବୁ ପ୍ରତି ଉନ୍ମୁକ୍ତ ହୁଏ ସେତେବେଳେ ତାହା ମଧ୍ୟରେ ସେ ସେହିସବୁ ଦିବ୍ୟ ବସ୍ତୁକୁ ଢାଳି ଦିଅନ୍ତି ଯଦ୍ଦ୍ୱାରା ସାଧନା ସମ୍ଭବ ହୁଏ।''

ଏହି 'ମା' ଗ୍ରନ୍ଥରେ ଶ୍ରୀଅରବିନ୍ଦ ମାତୃଶକ୍ତିକୁ ସମର୍ପଣ କରିବା ସକାଶେ କହିଅଛନ୍ତି। ମାତୃଶକ୍ତିକୁ ସମର୍ପଣ କଲେ ଅତିମାନସ ଶକ୍ତି ରୂପାନ୍ତର କାର୍ଯ୍ୟ କରିବ। ଏହି ଦୃଷ୍ଟିରୁ ଭଗବାନ୍ ଶ୍ରୀଅରବିନ୍ଦ, ଆଦ୍ୟାଶକ୍ତି ତଥା ଅତିମାନସ ଶକ୍ତି ଅଭିନ୍ନ ଏକ। ଏହି ଦୃଷ୍ଟିରୁ କୁହାହୁଏ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ସ୍ଥାନ ରୂପାନ୍ତରକାରିଣୀ ଅତିମାନସ ଶକ୍ତିର କେନ୍ଦ୍ର। ଏହିସବୁ ଅଞ୍ଚଳମାନଙ୍କରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଅସୀମ କୃପା। ଏମାନଙ୍କର ଅତ୍ୟନ୍ତ ସୌଭାଗ୍ୟ। ଏମାନେ ଶ୍ରୀଅରବିନ୍ଦଙ୍କର ଦେହାଂଶ ପ୍ରତିଷ୍ଠା ସମାଧିର ଦର୍ଶନ ପାଇବେ ଏବଂ ଦିବ୍ୟ ବାତାବରଣର ସ୍ପର୍ଶ ଲାଭ କରିବେ। ଏହି ରେଲିକ୍ସ ମନ୍ଦିରର ପ୍ରଭାବରେ ଏମାନଙ୍କ ଜୀବନର ପରିବର୍ତ୍ତନ ଅନୁଭବ କରି ପାରିବେ ଯେବେ ଶ୍ରୀମାଶ୍ରୀଅରବିନ୍ଦଙ୍କ ପ୍ରତି ଶ୍ରଦ୍ଧାଭକ୍ତି ରଖି 'ମା', ଏହି ନାମ ଜପ କରିବେ; ତାଙ୍କ ଚରଣରେ ନିଜକୁ ସମର୍ପଣ କରିବେ; ଶ୍ରଦ୍ଧା ଭକ୍ତିରେ ରେଲିକ୍ସ ପ୍ରତିଷ୍ଠା ଲାଭ କରିଥିବା ସମାଧିକୁ ଦର୍ଶନ କରିବେ ଏବଂ ପାଠଚକ୍ର କରିବେ।

ଶ୍ରୀମା ଶ୍ରୀଅରବିନ୍ଦଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ, ଭକ୍ତି ରଖିଲେ ପରିବାରରେ ବିବାଦ କଳହ ହେବ ନାହିଁ, ସମସ୍ତେ ସୁଖ, ଶାନ୍ତିରେ ରହିବେ। ଆଳସ୍ୟ, ନିରାଶା, ହତାଶା ତ୍ୟାଗ କରି ନାନାପ୍ରକାର ଉତ୍ତମ କର୍ମ କରିବେ। କର୍ମ କଲେ ବ୍ୟକ୍ତି ଦରିଦ୍ର ରହିବ ନାହିଁ କିଂବା ତା'ର ଅଭାବ ରହିବ ନାହିଁ। ଅତିମାନସ ଶକ୍ତିର ପ୍ରଭାବ ବୁଦ୍ଧିରେ ପ୍ରକାଶ ହେଲେ ଯଥାର୍ଥ ଅଯଥାର୍ଥ ସହଜରେ ବୁଝିପାରିବେ। ସକଳ କର୍ମରେ ଦକ୍ଷତା ପ୍ରାପ୍ତି କରିବେ। ସମସ୍ତ କର୍ମ ଭଗବତୀ ଶକ୍ତିଙ୍କ ସେବା ଭାବରେ କଲେ କର୍ମରେ ସ୍ୱତଃସ୍ଫୂର୍ତ୍ତ ଭାବେ ଆନ୍ତରିକତା ରହିବ। କର୍ମରେ ଶିଥିଳତା ଏବଂ ଅନିଚ୍ଛା ତଥା ଠକ ମନୋବୃତ୍ତି ନ ରହିଲେ କର୍ମ ଉତ୍ତମ ରୂପେ ହେବ। ଆନ୍ତରିକତା ସହ କର୍ମ କଲେ ନିଜର, ପରିବାରର ତଥା ସମାଜ ଓ

ଦେଶର ଉନ୍ନତି ହେବ । ସରକାରୀ, ବେସରକାରୀ ସମସ୍ତ ଅନୁଷ୍ଠାନ ଉନ୍ନତି କରିବ । ବ୍ୟବସ୍ଥାପକ ତଥା କର୍ମୀମାନଙ୍କ ମଧ୍ୟରେ ସ୍ୱାର୍ଥ, ହିଂସା ରହିବ ନାହିଁ । ଏହି ମୃତ୍ୟୁପୁରୀ କ୍ରମଶଃ ଦିବ୍ୟ ସ୍ୱର୍ଗ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବ । ବର୍ତ୍ତମାନ ଆମ୍ଭମାନଙ୍କର କର୍ତ୍ତବ୍ୟ ହେବ – ଆମ୍ଭେମାନେ ପ୍ରତ୍ୟେକ ଗ୍ରାମରେ ପାଠଚକ୍ର, ମହିଳା ପାଠଚକ୍ର, ଛାତ୍ରସମାଜ କରିବା । ନିୟମିତ ରୂପେ ସପ୍ତାହରେ ଗୋଟିଏ ଦିନ ଅନୁକୂଳ ନିର୍ଦ୍ଦିଷ୍ଟ ସମୟରେ ଗୋଟିଏ ସ୍ଥାନରେ ଏକତ୍ର ହେବା । ସେଠାରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ଫଟୋ ରଖି ଧୂପ, ପୁଷ୍ପ ଅର୍ପଣ କରିବା । ନୀରବରେ ଶ୍ରୀମା'ଙ୍କ ଫଟୋ ହୃଦୟରେ ଦେଖି ୫ ମିନିଟ୍ ଧ୍ୟାନ କରିବା । ଧ୍ୟାନ ସଙ୍ଗେ ସଙ୍ଗେ 'ମା', ଏହି ନାମ ମନେ ମନେ ଜପ କରିବା । ଧ୍ୟାନ ପରେ ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ, ଗାର୍ହସ୍ଥ୍ୟ ଧର୍ମ, ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା, ରୂପାନ୍ତର ଯୋଗରେ ନାମଜପ, କିଏ ଏଇ ମା'... ଏହିସବୁ ବହି କ୍ରମଶଃ ପଢ଼ିବା । ଗ୍ରାମରେ ଅଳ୍ପ ପଢ଼ା ଲେଖା ବ୍ୟକ୍ତିମାନେ ଏହିସବୁ ବହିରୁ ସାଧନା, ଜୀବନର ଲକ୍ଷ୍ୟ, ସାଧାରଣ ଜୀବନରେ ଯୋଗର ଆବଶ୍ୟକତା ଭଲଭାବେ ହୃଦୟଙ୍ଗମ କରିପାରିବେ ଏବଂ ଶ୍ରୀମାଶ୍ରୀଅରବିନ୍ଦଙ୍କ ଲିଖିତ ଯୋଗଗ୍ରନ୍ଥ ସହଜରେ ବୁଝିପାରିବେ ।

ଯେଉଁମାନେ ରୂପାନ୍ତର ବିଷୟରେ ଜାଣନ୍ତି ଏବଂ ଶ୍ରୀମାଶ୍ରୀଅରବିନ୍ଦଙ୍କ ମୂଳ ଇଂରାଜୀ ଗ୍ରନ୍ଥ ପଢ଼ି ବୁଝିପାରନ୍ତି, ସେମାନେ The Mother, Words of the Mother, Letters on Yoga (Part-II), White Roses, Synthesis of Yoga କ୍ରମଶଃ ପାଠଚକ୍ରରେ ପଢ଼ିବେ । ଏହିସବୁ ଗ୍ରନ୍ଥର ଓଡ଼ିଆ ଅନୁବାଦ ମଧ୍ୟ ତତ୍‌ସହିତ ପାଠ କଲେ ସମସ୍ତଙ୍କର ବୋଧଗମ୍ୟ ହେବ । ଉପରେ ଉଲ୍ଲିଖିତ ଗ୍ରନ୍ଥ ସବୁର କେତେକ ଓଡ଼ିଆ ଅନୁବାଦ ପୁସ୍ତକ ହେଉଛି : ମା', ମାତୃବାଣୀ, ପତ୍ରାବଳୀ, ଶ୍ୱେତ ଗୋଲାପ, ଯୋଗ ସମନ୍ୱୟ ।

ଛାତ୍ର ସମାଜରେ ଏହିସବୁ ଗ୍ରନ୍ଥ ସହିତ ପ୍ରଥମରେ ପଢ଼ିବେ ଛାତ୍ରଜୀବନରେ ଉନ୍ନତିର ମାର୍ଗ, ଛାତ୍ରମାନଙ୍କ ପ୍ରତି, ଏବଂ ପରେ ମାତୃବାଣୀ (୧ମ ଭାଗ), ଗଳ୍ପଶ୍ରୀ, ମା' ଶ୍ରୀଅରବିନ୍ଦଙ୍କ ଜୀବନୀ ପୁସ୍ତକ, କାରାକାହାଣୀ ... । ମହିଳା ପାଠଚକ୍ରରେ ପ୍ରଥମେ ପଢ଼ିବେ ଦିବ୍ୟଯୁଗ-ସ୍ଥାପନାରେ ନାରୀ ।

ପ୍ରତ୍ୟେକ ମେୟର 'ମା', ଏହି ନାମ ନିରନ୍ତର ଜପ କରିବେ । କିଛି ସମୟ ଶ୍ରୀମା'ଙ୍କ ଫଟୋ ହୃଦୟରେ ଧ୍ୟାନ କରିବେ । ସ୍ନାନ, ଭୋଜନ, ଯିବା ଆସିବା, ସମସ୍ତ କର୍ମ ମା'ଙ୍କୁ ଅଥବା ମାଶ୍ରୀଅରବିନ୍ଦଙ୍କୁ ସମର୍ପଣ କରିବେ । ଭୋଜନ ଦ୍ରବ୍ୟ ସମର୍ପଣ କରି ଭୋଜନ କରିବେ । ସମସ୍ତ ବ୍ୟବହାର୍ଯ୍ୟ ନୂତନ ବସ୍ତ୍ର ପ୍ରଥମରେ ମା'ଙ୍କୁ ସମର୍ପଣ କରି ବ୍ୟବହାର କରିବେ । ମା'ଙ୍କ ଉପରେ ସର୍ବଦା ନିର୍ଭରତା ରଖିବେ ।

ଏହିପରି କଲେ ଆମ୍ଭେମାନେ ସବୁ ପ୍ରକାର ଦୁଃଖକଷ୍ଟ ବାଧାବିପତ୍ତି, ଅଭାବ ଅନଟନରୁ ରକ୍ଷା ପାଇବା ସଙ୍ଗେ ସଙ୍ଗେ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି ଲକ୍ଷ୍ୟମାର୍ଗରେ ଅଗ୍ରସର ହେବା ।

ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ରର ବାର୍ଷିକୋତ୍ସବ

ଆଜି ଅପ୍ରେଲ ତା ୪ରିଖ, ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର (ଡାଳିଯୋଡ଼ା)ରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ବାର୍ଷିକ ଉତ୍ସବ । ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର ଆଶ୍ରମ ସକାଶେ ତଥା ସମଗ୍ର ବିଶ୍ୱ ମାନବଜାତି ସକାଶେ ଏହା ବିଶେଷ ମହତ୍ତ୍ୱପୂର୍ଣ୍ଣ ଦିନ । ଏହି ଶୁଭ ଅପ୍ରେଲ ୪ ତାରିଖରେ ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ପହଞ୍ଚି ଏହି ମୃତ୍ୟୁପୁରୀରେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ-କଷ୍ଟରୁ ସମ୍ପୂର୍ଣ୍ଣ ମୁକ୍ତ ଦିବ୍ୟ ମାନବଜାତି ତଥା ପରାର୍ଦ୍ଧ ଦିବ୍ୟଲୋକର ଧର୍ମବିଶିଷ୍ଟ ଦିବ୍ୟଯୁଗ ପ୍ରତିଷ୍ଠା କରିବାକୁ ସାଧନା ଆରମ୍ଭ କରିଥିଲେ । ୧୯୧୦ ଅପ୍ରେଲ ୪ ତାରିଖରୁ ୧୯୫୦ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ସେ ପଣ୍ଡିଚେରୀରୁ ଅନ୍ୟତ୍ର କେଉଁଠାକୁ ଯାଇ ନ ଥିଲେ । ଯେଉଁ ଅତିମାନସ ଶକ୍ତି ଦ୍ୱାରା ଦିବ୍ୟଯୁଗ ପ୍ରତିଷ୍ଠା ହୋଇପାରିବ ସେହି ଅତିମାନସ ଶକ୍ତିକୁ ୧୯୫୦ ଡିସେମ୍ବର ୫ ତାରିଖରେ ଶ୍ରୀଅରବିନ୍ଦ ନିଜ ଶରୀରରେ ଅବତରଣ କରାଇ ଶରୀର ତ୍ୟାଗ କରିଥିଲେ । ସେହି ଅତିମାନସ ଶକ୍ତି ପୃଥିବୀରେ ରୂପାନ୍ତର କାର୍ଯ୍ୟ କରୁଅଛି । ଅପରାର୍ଦ୍ଧ ମୃତ୍ୟୁପୁରୀରେ ପରାର୍ଦ୍ଧର ଦିବ୍ୟଲୋକ ପ୍ରତିଷ୍ଠାକାରିଣୀ ଅତିମାନସ ଶକ୍ତିର ଅବତରଣ ଯେଉଁ ମହାପୁରୁଷ ନିଜ ଶରୀରରେ କରାଇଥିଲେ ତାଙ୍କରି ଦେହାଂଶ ଏହି ମହାନ୍ ପବିତ୍ର ଦିନରେ ଏହି ସ୍ଥାନରେ ପ୍ରତିଷ୍ଠା ହୋଇଅଛି । ଆମ୍ଭମାନଙ୍କ ସତ୍ତାକୁ ଅତିମାନସ ଶକ୍ତି ରୂପାନ୍ତର କଲେ ଆମ୍ଭେମାନେ ଯଥାର୍ଥରେ ଏହି ସ୍ଥାନର ମହତ୍ତ୍ୱ ଓ ମହିମା ବୁଝିପାରିବା । ଆଜି ଏହି ମହତ୍ତ୍ୱପୂର୍ଣ୍ଣ ଦିନ, ମହତ୍ତ୍ୱପୂର୍ଣ୍ଣ ଉତ୍ସବରେ ଆମ୍ଭେମାନେ ଏକତ୍ର ହୋଇଅଛୁ । ଏହା ଆମ୍ଭମାନଙ୍କର ବିଶେଷ ସୌଭାଗ୍ୟ ।

ଦୁଃଖ କଷ୍ଟ ପ୍ରପୀଡ଼ିତ ଏହି ମୃତ୍ୟୁପୁରୀରେ ଅତିମାନସ ଶକ୍ତି ଏବଂ ଦିବ୍ୟଯୁଗ ପ୍ରତିଷ୍ଠା ହେବାର କଳ୍ପନା ପୂର୍ବରୁ କେହି କରି ନ ଥିଲେ । କିନ୍ତୁ ଆମ୍ଭମାନଙ୍କ ଜୀବନକାଳରେ ଏହାର ପ୍ରତିଷ୍ଠା ସକାଶେ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ ଚାଲିଥିବାରୁ ଆମ୍ଭମାନଙ୍କ ଉପରେ ଭଗବାନଙ୍କର ଯେଉଁ ଦୟା, କରୁଣା ତାହା ଅନୁଭବ କଲେ ଭଗବାନଙ୍କ ପ୍ରତି କୃତଜ୍ଞତାରେ ଆମ୍ଭମାନଙ୍କ ହୃଦୟ ପୁଲକିତ ହୋଇଉଠିବ । ଏହି ମହତ୍ତ୍ୱପୂର୍ଣ୍ଣ ସୁଅବସର, ସୁଯୋଗ ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥିତ ହୋଇଅଛି । ଆମ୍ଭେମାନେ ସଚେତ ହୋଇ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଆଚରଣ କଲେ ଯଥାର୍ଥରେ ଆମ୍ଭମାନଙ୍କ ଜୀବନ ସାର୍ଥକ ହେବ ।

ଗୋଟିଏ ଦିଗରେ ଏହି ପରମ ସୌଭାଗ୍ୟ, ଅନ୍ୟ ଦିଗରେ ଆଜି ଆମ୍ଭମାନଙ୍କ ସମ୍ମୁଖରେ ବିଶୃଙ୍ଖଳା, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ପ୍ରକାଶ୍ୟରେ କ୍ରିୟାଶୀଳ ହେଉଅଛି, ଯେଉଁ ସକାଶେ ବ୍ୟକ୍ତି, ପରିବାର, ସମାଜ, ଦେଶ, ଜଗତ୍ ଅଶାନ୍ତି, ଦୁଃଖକଷ୍ଟ ଭୋଗୁଅଛନ୍ତି । ଏଥିରୁ ତେବେ ମୁକ୍ତ ହୋଇପାରିବା ଯେବେ ଉପସ୍ଥିତ ସୁଯୋଗରେ ଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ଯୋଗମାର୍ଗ ଅନୁସାରେ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି, ଜୀବନର ଏହି ଲକ୍ଷ୍ୟକୁ ଗ୍ରହଣ କରି ତା'ରି ସାଧନା ରୂପେ ବିଦ୍ୟାଧ୍ୟୟନ, କୃଷି, ବାଣିଜ୍ୟ, ଜୀବିକାନିର୍ବାହ ଲାଗି ଆବଶ୍ୟକ ଜାଗତିକ ସମସ୍ତ କର୍ମ ସମ୍ପାଦନ କରି ମା'ଙ୍କ ଚରଣରେ ସମର୍ପଣ କରିପାରିବା । ଏହାର ଯଥାର୍ଥ ସନ୍ଧାନ ବ୍ୟାପକ ରୂପେ ପାଇପାରିବା କ୍ରିୟାତ୍ମକ ରୂପେ ଅନୁଷ୍ଠିତ ହେଉଥିବା ପାଠଚକ୍ର, ସାଧନାଳୟ, ଶ୍ରୀଅରବିନ୍ଦ ରେଲିକ୍ସ ମନ୍ଦିର ତଥା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାଧ୍ୟମରେ । ଅତଏବ ଯେତେ ଅଧିକ ଏହିସବୁ ସଂସ୍ଥା ପ୍ରତିଷ୍ଠା ହେବ ତେତେ ଅଧିକ ବ୍ୟକ୍ତି ଏହାର ସନ୍ଧାନ ପାଇବେ । ଏହିସବୁ ଅନୁଷ୍ଠାନର କର୍ମ, ଲକ୍ଷ୍ୟପ୍ରାପ୍ତି ଉଦ୍ଦେଶ୍ୟରେ ଅନୁଷ୍ଠିତ ହେଉଥିବାରୁ ଏହି ଆଦର୍ଶର ପ୍ରଭାବରେ ବହୁସଂଖ୍ୟକ ବ୍ୟକ୍ତି ଆଚରଣ କରିବାକୁ ଲାଗିବେ । ଯେଉଁମାନେ ଏହି ଆଦର୍ଶ ଆଚରଣ କରିବେ ସେମାନେ ପ୍ରଥମରୁ ବିଦ୍ୟାଧ୍ୟୟନ, କୃଷି, ବାଣିଜ୍ୟ, ଦେଶସେବା ଇତ୍ୟାଦି କର୍ମ ଅପେକ୍ଷାକୃତ ଉତ୍ତମ ରୂପେ ସମ୍ପାଦନ କରିପାରିବେ । ସେମାନଙ୍କ ଦ୍ୱାରା କ୍ରମଶଃ ନିଜ ମଧ୍ୟରେ ତଥା ପରିବାର, ସମାଜ ଓ ଦେଶରେ ଶାନ୍ତିଶୃଙ୍ଖଳା ପ୍ରତିଷ୍ଠା ହେବାକୁ ଆରମ୍ଭ କରିବ ଏବଂ ଏହାର ପ୍ରଭାବ ପଡ଼ିବ ବିଶ୍ୱ ବାତାବରଣରେ । ଯେତେ ଅଧିକ ସଂଖ୍ୟାରେ ବ୍ୟକ୍ତି ଏହି ସତ୍ୟକୁ ଗ୍ରହଣ କରି ଆଚରଣ କରିବେ, ସେହି ଅନୁପାତରେ ସଂସାରରୁ ଅସତ୍ୟ, ମିଥ୍ୟାଚାର, ଚୋରି, ଡକାୟତି ଆଦି ଦୁଃସ୍ଥ କର୍ମ କମ୍ ହେଉଥିବ । ଯେତେବେଳେ କିଛି ବ୍ୟକ୍ତିଙ୍କ ଲକ୍ଷ୍ୟ ସିଦ୍ଧ ହେବ ସେତେବେଳେ ଏହି ସଂସାର ଦିବ୍ୟ ସ୍ୱର୍ଗରେ ପରିଣତ ହେବ ।

ମନ-ପ୍ରାଣ-ଶରୀରର ଗୁଣଧର୍ମ ହେଉଛି ଦୁଃଖକଷ୍ଟ, ଅଶାନ୍ତି, ବିଶୃଙ୍ଖଳା, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, କାମ, କ୍ରୋଧ, ଅହଂ, ସ୍ୱାର୍ଥ, ଲୋଭ, ମୋହ, ବିଚାର, କୌଶଳ, ତାମସିକତା, ଅନମନୀୟତା ଇତ୍ୟାଦି । ଏହିସବୁ ଗୁଣଧର୍ମ ବ୍ୟକ୍ତି ମଧ୍ୟରେ ଥାଏ ପ୍ରଧାନ । ଶାନ୍ତି, ସନ୍ତୋଷ, ସମତା, ଦୟା, କ୍ଷମା, ଜ୍ଞାନ, ଆନନ୍ଦ, ବିଶ୍ୱାସ, ନିଷ୍ଠା, ଅଭୀପ୍ସା, ସମର୍ପଣ ଆଦି ଦିବ୍ୟଗୁଣ ଆତ୍ମାର । ଆତ୍ମାର ଏହି ଦିବ୍ୟଗୁଣ ଅଧିକ ମାତ୍ରାରେ କ୍ରିୟାଶୀଳ ହୁଏ ନାହିଁ । ଏହିସବୁ ଉତ୍ତମ ଗୁଣକୁ ମନ-ପ୍ରାଣ-ଶରୀରର ଗୁଣଧର୍ମ ଆବରଣ କରି ରଖିଥାଆନ୍ତି । ବ୍ୟକ୍ତି ପରିଚାଳିତ ହୁଏ ମନ ତଥା ପ୍ରାଣ ଦ୍ୱାରା । କର୍ମର ମୂଳରେ ଥାଏ ଅହଂ ଏବଂ ସ୍ୱାର୍ଥ । ସଂସାରର ସମସ୍ତ ବ୍ୟକ୍ତିର ନିକୃଷ୍ଟରୁ ନିକୃଷ୍ଟତର କର୍ମଠାରୁ ଆରମ୍ଭ କରି ଉଚ୍ଚରୁ ଉଚ୍ଚତର କର୍ମ, ଦେଶସେବା, ଦରିଦ୍ରସେବା, ଔଷଧାଳୟ, ମନ୍ଦିର ନିର୍ମାଣ, ସ୍କୁଲ-କଲେଜ ପ୍ରତିଷ୍ଠା, ଏପରିକି ଅଧ୍ୟାତ୍ମ ସଂସ୍ଥା ପ୍ରତିଷ୍ଠାନମାନଙ୍କରେ ବି ଅହଂ, ସ୍ୱାର୍ଥ କାର୍ଯ୍ୟ କରେ । ଅହଂ, ସ୍ୱାର୍ଥ ଛଡ଼ା ସଂସାରର କୌଣସି କର୍ମ ସମ୍ପାଦନ ହୋଇପାରେ ନାହିଁ । ଅହଂ ଅର୍ଥ ହେଉଛି, ''ମୁଁ ଜଣେ ଅମୁକ ନାମ ରୂପ ବିଶିଷ୍ଟ ବ୍ୟକ୍ତି ।'' ଅହଂ, ସ୍ୱାର୍ଥର କାର୍ଯ୍ୟ ହେଉଛି ଅଧିକାର ଏବଂ ନାମଯଶଃର ଆଶା । ଏହି ଆଶାରେ ବ୍ୟକ୍ତି ସମସ୍ତ କର୍ମ କରେ । କିନ୍ତୁ ଏହି ଅହଂ ସ୍ୱାର୍ଥ ବ୍ୟକ୍ତିର ବୁଦ୍ଧିକୁ ଏପରି ବ୍ୟାମୋହିତ କରିଥାଏ ଯେ ବଡ଼ ବଡ଼ ଦେଶସେବୀ ନେତା, ଡାକ୍ତର, ଇଞ୍ଜିନିୟର, ଆଇନଜ୍ଞ, ଭୌତିକବାଦୀ ବିଜ୍ଞାନବେତ୍ତା ବି ନିଜ ଅହଂ, ସ୍ୱାର୍ଥକୁ ଚିହ୍ନିପାରନ୍ତି ନାହିଁ । ଅଧିକାର, ନାମଯଶଃ ସକାଶେହିଁ ସକଳ କର୍ମ କରନ୍ତି । ସଂସାର କାର୍ଯ୍ୟରେ ଏହି ଅହଂ ସ୍ୱାର୍ଥ କର୍ମର ପଶ୍ଚାତରେ ରହିଲେ ବିଶେଷ କ୍ଷତି ହୁଏ ନାହିଁ । ଅହଂ, ସ୍ୱାର୍ଥ ବିନା ସଂସାର-କର୍ମ ହେବା ସମ୍ଭବ ନୁହେଁ । ବର୍ତ୍ତମାନ ପରିସ୍ଥିତିରେ କିଛି ମାତ୍ରାରେ ଏହାର ଆବଶ୍ୟକତା ବି ରହିଛି । କିନ୍ତୁ ଅଧ୍ୟାତ୍ମ ମାର୍ଗରେ ସାଧନା ଆରମ୍ଭରୁ ଏସବୁ ଅଧିକ ବାଧା ଦିଅନ୍ତି । ସେହି କାରଣରୁ ଏସବୁର କ୍ରିୟା ସମ୍ବନ୍ଧେ ସାଧକ ସଚେତ ହୋଇ ଏହିସବୁ କ୍ରିୟା ସ୍ଥାନରେ ଭଗବତ୍ ସେବା ଭାବ ରଖିବା ଉଚିତ ।

ଶ୍ରୀଅରବିନ୍ଦଙ୍କ ଯୋଗ ଛଡ଼ା ପୁରାତନ ସମସ୍ତ ଯୋଗ ଅହଂ ସ୍ୱାର୍ଥରୁ ମୁକ୍ତ ହେବାର ଉପାୟ ନ ଦେଖି ମନ-ପ୍ରାଣ-ଶରୀର ଏବଂ ତଦ୍ଦ୍ୱାରା ହେଉଥିବା ସକଳ କର୍ମକୁ ତ୍ୟାଗ କଲେ । ଅର୍ଥାତ୍ ଭକ୍ତମାନେ ଭକ୍ତିଯୋଗ ଦ୍ୱାରା ନିଜ ଆତ୍ମାକୁ ମନ-ପ୍ରାଣ-ଶରୀରଠାରୁ ପୃଥକ୍ କରି ନେଲେ । ଜ୍ଞାନଯୋଗ ଦ୍ୱାରା ଜ୍ଞାନୀ ସାଧକମାନେ ମନ-ପ୍ରାଣ-ଶରୀର ତଥା କର୍ମ ଏବଂ ସଂସାରକୁ ମିଥ୍ୟା ମାୟା କହି ମନ-ପ୍ରାଣ-ଶରୀରକୁ ଆତ୍ମାଠାରୁ ପୃଥକ୍ କରି ଆତ୍ମାକୁ ମୁକ୍ତି ନିର୍ବାଣ ପ୍ରାପ୍ତ କରାଇଲେ । ଏସବୁଠାରୁ ଆତ୍ମା ପୃଥକ୍ ହେବାରୁ ଏସବୁ ଯେପରି ଅଶୁଦ୍ଧ ଥିଲେ ସେହିପରି ରହିଲେ । ସଂସାର ଯେଉଁ ଦୁଃଖ-କଷ୍ଟରେ ଥିଲା ଠିକ୍ ସେହିପରି ରହିଲା । ସେମାନେ ମନ-ପ୍ରାଣ-ଶରୀରକୁ ତଥା କର୍ମକୁ ଆତ୍ମାଠାରୁ ପୃଥକ୍ କରିବା ପର୍ଯ୍ୟନ୍ତ ଯେଉଁ କର୍ମ ବା ସାଧନା କରୁଥିଲେ ସେପର୍ଯ୍ୟନ୍ତ ସେଥିରେ ବି ଅହଂ ସ୍ୱାର୍ଥ ରହୁଥିଲା । କିନ୍ତୁ ସାଧନାରେ ସତର୍କ ରହିବା ଯୋଗୁଁ ଶରୀର ସମ୍ପର୍କୀୟ ଅହଂ ସ୍ୱାର୍ଥ ଆସିବା ସଙ୍ଗେ ସଙ୍ଗେ ନିଜକୁ ଭଗବତ୍ ଭକ୍ତ କିଂବା ଆତ୍ମା ଭାବି ଅହଂ ସ୍ୱାର୍ଥଠାରୁ ପୃଥକ୍ କରି ନେଉଥିଲେ । କିନ୍ତୁ ସେମାନଙ୍କୁ ଏହି ସଂଘର୍ଷ କରିବାକୁ ହେଉଥିଲା ସଂସାର ଓ ସମାଜ ତ୍ୟାଗ କରି ଜଙ୍ଗଲରେ ରହି ସାଧନା କରିବା ଅବସ୍ଥାରେ । ସଂସାରରେ ରହି କର୍ମ କରି ସଂସାର କର୍ମରୁ ପୃଥକ୍ ରହିବା ସେମାନଙ୍କ ପକ୍ଷେ ସମ୍ଭବ ନ ଥିଲା ।

ଶ୍ରୀଅରବିନ୍ଦଙ୍କ ଯୋଗ ପୁରାତନ ଯୋଗ ସଦୃଶ ମନ-ପ୍ରାଣ-ଶରୀର, ସଂସାର କର୍ମ ତ୍ୟାଗ କରି ଜଙ୍ଗଲରେ ଏକାନ୍ତ ସାଧନା କରିବା ନୁହେଁ । ଏହି ଯୋଗରେ ସଂସାର ଓ ସମାଜରେ ରହି, ମନ-ପ୍ରାଣ-ଶରୀର ଦ୍ୱାରା ହେଉଥିବା ସଂସାର କର୍ମ, କୃଷି, ବାଣିଜ୍ୟ ଇତ୍ୟାଦି ଆବଶ୍ୟକ କର୍ମ ଲକ୍ଷ୍ୟ ପ୍ରାପ୍ତିର ସାଧନା ରୂପେ ଉତ୍ତମ ରୂପେ ସମ୍ପାଦନ କରି ମା'ଙ୍କ ଚରଣରେ ସମର୍ପଣ କରିବାକୁ ହେବ । ଏହି ସମର୍ପଣ ଦ୍ୱାରା ଭାଗବତୀ ଅତିମାନସ ଶକ୍ତି ଆତ୍ମମାନଙ୍କ ମନ-ପ୍ରାଣ-ଶରୀରକୁ ଭଗବାନ୍ ବା ଆତ୍ମାର ଦିବ୍ୟ ଗୁଣ ଧର୍ମରେ ରୂପାନ୍ତର କରିବ । ରୂପାନ୍ତରିତ ମନ-ପ୍ରାଣ-ଶରୀର ପୂର୍ଣ୍ଣ ରୂପେ ମୁକ୍ତ ହେବ ଅହଂ, ସ୍ୱାର୍ଥ, ଦୁଃଖ, କଷ୍ଟ, ମୃତ୍ୟୁ, ରୋଗ ଓ ବୃଦ୍ଧତ୍ୱରୁ । ପୂର୍ଣ୍ଣତଃ ଏକତ୍ୱ ପ୍ରାପ୍ତ କରିବ ଭଗବାନଙ୍କ ସହିତ, ପରିଚାଳିତ ହେବ ଭାଗବତୀ ଅତିମାନସ ଶକ୍ତି ଦ୍ୱାରା, ଏହିମାନେ ହେବେ ଅତିମାନବ । ଏହି ମୃତ୍ୟୁପୁରୀରେ ପ୍ରତିଷ୍ଠା ହେବ ଅତିମାନବ ଜାତି । ଅତିମାନବ ଜାତି ପ୍ରତିଷ୍ଠା ହେବା ପରେ ବି ସଂସାରରେ ମନୁଷ୍ୟଜାତି ରହିବେ ।

ସେମାନେ ପ୍ରାପ୍ତ ହେବେ ବହୁତ ଉତ୍କୃଷ୍ଟ ଅବସ୍ଥାକୁ । ସଂସାରରୁ ଦୁଃଖକଷ୍ଟ, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ପୂର୍ଣ୍ଣ ରୂପେ ଦୂର ହେବ । ପୃଥିବୀ ପରିଣତ ହେବ ଦିବ୍ୟ ସ୍ୱର୍ଗରେ ।

ଏହି ଯୋଗରେ ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେଉଥିବାରୁ ସଂସାରର ସମସ୍ତ ଆବଶ୍ୟକ କର୍ମ ଲକ୍ଷ୍ୟ ପ୍ରାପ୍ତିର ସାଧନା ରୂପେ ମା'ଙ୍କୁ ସମର୍ପଣ କରିବାକୁ ହେବ । ସମର୍ପଣ ଅନୁପାତରେ ଭାଗବତୀ ଅତିମାନସ ଶକ୍ତି ସାଧକର ମନ-ପ୍ରାଣ-ଶରୀର ଆଧାରରେ ଅବତରଣ କରି ରୂପାନ୍ତର କ୍ରିୟା କରିବ ।

ସଂସାରର ସମସ୍ତ ବ୍ୟକ୍ତି ଦୁଃଖ, କଷ୍ଟ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଚାହାନ୍ତି ନାହିଁ । ଚାହାନ୍ତି ଦୁଃଖକଷ୍ଟବିହୀନ ପରମ ଶାନ୍ତି, ପରମାନନ୍ଦ, ମୃତ୍ୟୁରୁ ମୁକ୍ତ ନୀରୋଗତ୍ୱ, ବୃଦ୍ଧତ୍ୱବିହୀନ ଚିରଯୌବନ । ଏହାର ପ୍ରାପ୍ତି ସକାଶେ ସମସ୍ତ କର୍ମ କରନ୍ତି । ଏହି କାରଣରୁ ସଂସାରର ସମସ୍ତ ବ୍ୟକ୍ତିଙ୍କର ଦିବ୍ୟଜୀବନହିଁ ଲକ୍ଷ୍ୟ । ତା'ର ସମୟ ଆସି ନ ଥିବାରୁ ବ୍ୟକ୍ତି ନିଜ ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତ ନ ହୋଇ ଅଜ୍ଞାତ ରୂପେ କର୍ମ କରି ଆସୁଥିଲା । କ୍ରମବିବର୍ତ୍ତନ ପ୍ରଣାଳୀ ଅନୁସାରେ ଅତିମାନସ ପ୍ରାପ୍ତ ହେବାର ସମୟ ଆସିଥିବାରୁ ଶ୍ରୀମାଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ସ୍ୱୟଂ ସାଧନା କରି ଆଶ୍ରମ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପଣ୍ଡିଚେରୀରେ ପ୍ରତିଷ୍ଠା କରିଅଛନ୍ତି ତଥା ରୂପାନ୍ତରକାରିଣୀ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ସେହି ଅତିମାନସ ଶକ୍ତି ଏହି ମୃତ୍ୟୁପୁରୀରେ ଅତିମାନସବିଶିଷ୍ଟ ଅତିମାନବଜାତି ତଥା ଦିବ୍ୟଯୁଗ ସ୍ଥାପନା କରିବା ସକାଶେ ରୂପାନ୍ତର କାର୍ଯ୍ୟ କରୁଅଛି । ଯେତେ ଅଧିକ ବ୍ୟକ୍ତି ଏହି ଅତିମାନସ ଶକ୍ତି ପ୍ରତି ଉନ୍ମୁକ୍ତ ହେବେ ସେହି ଅନୁପାତରେ ସେମାନଙ୍କ ସତ୍ତାରେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରିବ ଏବଂ ସଂସାରରୁ ସେହି ଅନୁପାତରେ ଅସତ୍ୟ, ମିଥ୍ୟାଚାର, ଦୁଃଖକଷ୍ଟ ଦୂର ହେବାକୁ ଲାଗିବ । ସାଧାରଣତଃ ଏହି ସତ୍ୟର ସନ୍ଧାନ ପାଇବାର ପ୍ରଥମ ସାମୂହିକ ପର୍ଯ୍ୟାୟ ହେଉଛି ପାଠଚକ୍ର । ପାଠଚକ୍ର ଦ୍ୱାରାହିଁ ଆଧ୍ୟାତ୍ମିକ ଅତିମାନସ ବାତାବରଣ ସୃଷ୍ଟି ହେବ । ତା'ରି ପ୍ରଭାବରୁ ବ୍ୟକ୍ତି ଏହି ଆଦର୍ଶ ସମ୍ବନ୍ଧୀୟ ଗ୍ରନ୍ଥ, ପୁସ୍ତକ ଅଧ୍ୟୟନ କରିବେ । ପାଠଚକ୍ର ତଥା ଗ୍ରନ୍ଥ ଅଧ୍ୟୟନ ଦ୍ୱାରା ବ୍ୟକ୍ତିର ଅନ୍ତରାତ୍ମା ଜାଗ୍ରତ୍ ହେବାକୁ ଆରମ୍ଭ କରିବ । ତେବେ ବ୍ୟକ୍ତି ବୁଝିପାରିବେ ଯେ ବ୍ୟକ୍ତି, ପରିବାର, ସମାଜ, ଦେଶ, ଜଗତରେ ଯେଉଁ ବିଶୃଙ୍ଖଳା, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ଉଗ୍ର ଓ ନିରଙ୍କୁଶଭାବେ ଶାସନ କରୁଅଛି ସେଥିରୁ ମୁକ୍ତ ହେବା ତଥା ସୁଖଶାନ୍ତି ଓ ଆନନ୍ଦରେ ଜୀବନଯାପନ କରିବାର ଏକମାତ୍ର ପନ୍ଥା ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ; ଏହାଛଡ଼ା ଅନ୍ୟ ପନ୍ଥା ନାହିଁ । ଏହିପରି ବ୍ୟକ୍ତିମାନଙ୍କ ଦ୍ୱାରା ସ୍ଥାନେ ସ୍ଥାନେ ଏପରିକି ପ୍ରତି ଗ୍ରାମରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସ୍ଥଳ ବିଶେଷରେ ବହୁ ସଂଖ୍ୟାରେ ସାଧନାଳୟ ମଧ୍ୟ ପ୍ରତିଷ୍ଠା ହେବ । ବିଶେଷ ସ୍ଥାନମାନଙ୍କରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ମନ୍ଦିର ଗଢ଼ିଉଠିବ । ଏହି ସଂସ୍ଥାସବୁ ବହୁ ସଂଖ୍ୟାରେ ପ୍ରତିଷ୍ଠା ହେବା ଦ୍ୱାରା ଅତିମାନସ ଶକ୍ତି ଅଧିକ ରୂପାନ୍ତର କ୍ରିୟା କରିପାରିବ । ତା'ର ପ୍ରଭାବ ଅଧିକ ପଡ଼ିବ ବାତାବରଣରେ । ଏହି ସୁଯୋଗ ପାଇବେ ଅନୁଷ୍ଠାନରେ ସମ୍ପର୍କ ରଖିଥିବା ଏବଂ ତା' ନିକଟରେ ବାସ କରୁଥିବା ବ୍ୟକ୍ତିମାନେ । ଏହିସବୁ ସଂସ୍ଥା ଯେତେ ଅଧିକ ପ୍ରତିଷ୍ଠା ହେବ ତେତେ ଶୀଘ୍ର ରୂପାନ୍ତର କ୍ରିୟା ଚାଲିବ ଏବଂ ସଂସାରରୁ ପ୍ରତିକୂଳ ଅବସ୍ଥା ହ୍ରାସ ତଥା ଅନୁକୂଳ ଅବସ୍ଥା ବୃଦ୍ଧି ହେବାକୁ ଲାଗିବ ।

ବାଧାବିଘ୍ନ

ବ୍ୟକ୍ତିର ରୂପାନ୍ତର ସାଧନାରେ ଯେପରି ବାଧାବିଘ୍ନ ଆସେ, ଏହି ଅନୁଷ୍ଠାନମାନଙ୍କରେ ବି ବିରୋଧୀ ଶକ୍ତି ସେହିପରି ଆକ୍ରମଣ କରନ୍ତି । ବ୍ୟକ୍ତି ମଧ୍ୟରେ ସମସ୍ତ ପ୍ରକାର ଦୋଷତ୍ରୁଟି ଥାଇ କେବଳ ଅନ୍ତରାତ୍ମା ସାମାନ୍ୟ ପରିମାଣରେ ଉନ୍ମୁକ୍ତ ହେଲେ ବ୍ୟକ୍ତି ରୂପାନ୍ତର ଆଦର୍ଶ ଗ୍ରହଣ କରନ୍ତି; ଏବଂ ସ୍ଥଳବିଶେଷରେ ଉଲ୍ଲିଖିତ ସଂସ୍ଥାସବୁ ପ୍ରତିଷ୍ଠା କରନ୍ତି । ଯେଉଁ ସଂସ୍ଥାରେ ଜଣେ ମୁଖ୍ୟ ବ୍ୟକ୍ତି ଥାଆନ୍ତି, ତାଙ୍କରି ପ୍ରେରଣାରେ ଅନ୍ୟମାନେ କାର୍ଯ୍ୟ କରନ୍ତି, ତେଣୁ ସେ ସଂସ୍ଥାରେ ଅସୁବିଧା ହୁଏ ନାହିଁ; ଅଥବା ଯେଉଁ ସଂସ୍ଥାରେ କର୍ମୀମାନେ ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତ ରହି, ସମଗ୍ର କର୍ମକୁ ସାଧନା ମନୋଭାବରେ ସମ୍ପାଦନ କରି ମା'ଙ୍କ ଚରଣରେ ସମର୍ପଣ କରନ୍ତି, ସେ ସଂସ୍ଥାମାନଙ୍କରେ ବାଦ ବିବାଦ ହୁଏ

ନାହିଁ । ଯେଉଁ ସଂସ୍ଥାରେ କେଇ ଜଣ ସମାନ ଶ୍ରେଣୀର କର୍ମୀ ବା ବ୍ୟବସ୍ଥାପକ ଥାଆନ୍ତି, ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ହୁଏ, କଳିକଜିଆ ହୁଏ । ଯେଉଁ ସଂସ୍ଥାରେ ଏପରି ହୁଏ ସେଠାରେ ମା'ଙ୍କ ଉପସ୍ଥିତି ରହେ ନାହିଁ । ବ୍ୟବସ୍ଥାପକ ତଥା କର୍ମୀମାନଙ୍କ ମନୋମାଳିନ୍ୟ ବା କଳହ ଯୋଗୁଁ ସଂସ୍ଥାର ଉନ୍ନତି ସ୍ଥଗିତ ହୁଏ, ବ୍ୟକ୍ତିଗତ ସାଧନାରେ ବହୁତ ବାଧା ପଡ଼େ । କୌଣସି କୌଣସି ସଂସ୍ଥା ମଧ୍ୟ ଭାଙ୍ଗିଯାଏ । ଏହା ହୁଏ ବ୍ୟକ୍ତି ଜୀବନରେ ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ତଥା ସାଧନା ସମ୍ବନ୍ଧେ ସଚେତ ନ ଥିବା ଯୋଗୁଁ ।

ସୃଷ୍ଟି ଆରମ୍ଭରୁ ବ୍ୟକ୍ତି ଅହଂ ସ୍ୱାର୍ଥରେ ପ୍ରେରିତ ହୋଇ କର୍ମ କରିଆସୁଅଛି । ଅହଂ ସ୍ୱାର୍ଥ ତା' ରକ୍ତ ସହିତ ମିଶ୍ରିତ ହୋଇ ରହିଅଛି । ଏହା ତା'ର ଜୀବନ ସହିତ ଓତପ୍ରୋତ ଭାବରେ ଏକ ହୋଇଯାଇ ଥିବାରୁ ତା' ସମ୍ବନ୍ଧେ ସେ ସଚେତନ ହୋଇ ପାରୁ ନାହିଁ ।

ଅଧ୍ୟାତ୍ମ-ସଂସ୍ଥାର କର୍ମହିଁ ସାଧନା । ଏହି ସାଧନା ଦ୍ୱାରା ସୃଷ୍ଟି ଆରମ୍ଭରୁ ଆମ୍ଭେମାନେ ଭୋଗି ଆସୁଥିବା ଦୁଃଖକଷ୍ଟ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ସମ୍ପୂର୍ଣ୍ଣ ମୁକ୍ତ ହେବା । ସ୍ୱର୍ଗର ଇନ୍ଦ୍ରଚନ୍ଦ୍ରଙ୍କୁ ଦୁର୍ଲଭ ପରମାନନ୍ଦସ୍ୱରୂପ ଭଗବାନଙ୍କୁ ନିଜ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ପ୍ରାପ୍ତ କରି ପରମାନନ୍ଦ ସମୁଦ୍ରରେ ଡୁବି ରହି ସଂସାରର ସମସ୍ତ କର୍ମ ସମ୍ପାଦନ କରିବା । ଏପରି ଅମୃତମୟ ଅମୂଲ୍ୟ ମଣି ଆମ ସମ୍ମୁଖରେ ଥାଇ ଆମେ ବ୍ୟାମୋହ ହୋଇ ଏହାରି ପ୍ରାପ୍ତିରେ ବାଧା ଦେଉଥିବା ଅହଂ ସ୍ୱାର୍ଥର କ୍ରିୟାସ୍ୱରୂପ ବ୍ୟର୍ଥ ନିରର୍ଥକ ମୂଲ୍ୟହୀନ, ବିପଜ୍ଜନକ ଅଶାନ୍ତ ଅସୁଖପ୍ରଦ, ବିଷମିଶ୍ରିତ କାଇଅଁ ସଦୃଶ ନାମଯଶଃର କୁହୁକ କବଳରେ କବଳିତ ହେଉଅଛୁ । ଆମର ଦିବ୍ୟପଥର ଯାତ୍ରାରେ ବାଧା ଦେଉଥିବା ନାମଯଶଃ ତଥା ଅଧିକାର ଜାଲରେ ପଡ଼ି, କଳହ-ବିବାଦବଶ ହୋଇ ନିଜ ସାଧନା ତଥା ସଂସ୍ଥାର ସର୍ବନାଶ କରୁଅଛୁ ।

ଚାଲ, ଆମେ ସମସ୍ତେ ଆଜି ଏହି ମହାନ୍ ପବିତ୍ର ପୁଣ୍ୟ ଦିନରେ ନିଜ ସାଧନାର ବିରୋଧୀ, ଅହଂ ସ୍ୱାର୍ଥର ବାହ୍ୟରୂପ ବାଦ, ପ୍ରତିବାଦ, କଳହକୁ ପ୍ରଶ୍ରୟ ନ ଦେଇ ଲକ୍ଷ୍ୟ ପ୍ରାପ୍ତିର ସାଧନା ତଥା ସାଧନା ରୂପେ ସଂସ୍ଥାମାନଙ୍କରେ ସାମଞ୍ଜସ୍ୟ ପ୍ରତିଷ୍ଠା କରିବା ସକାଶେ ତଥା ତା'ର ସର୍ବୋତ୍କୃଷ୍ଟ ଉନ୍ନତି ସକାଶେ କର୍ମ କରିବାକୁ ଦୃଢ଼ ସଂକଳ୍ପ କରିବା ।

ଉପରେ ଆଲୋଚିତ ସଂସ୍ଥାମାନଙ୍କରେ ବ୍ୟବସ୍ଥାପକ ତଥା କର୍ମୀମାନଙ୍କ ମଧ୍ୟରେ ମନୋମାଳିନ୍ୟ, ବିବାଦ-ପ୍ରତିବାଦ, କଳହ ନ ହେବାର ଉପାୟ ହେଲା – ସଂସ୍ଥାର କର୍ମକୁ ଆମ୍ଭ ଜୀବନରେ ଭଗବତ୍ ପ୍ରାପ୍ତିର ସାଧନା ରୂପେ ଗ୍ରହଣ କରିବା । ଏହିପରି କର୍ମ କଲେ ସଂସ୍ଥାର ଉନ୍ନତି ହେବ । ସଂସ୍ଥା ମାଧ୍ୟମରେ ଅଧିକ ବ୍ୟକ୍ତି ଏହି ସତ୍ୟକୁ ଜାଣି ଏହାରି ପ୍ରାପ୍ତି ସକାଶେ ସାଧନା କରିବେ । ଏହାରି ଦ୍ୱାରା ପୃଥିବୀ ବାତାବରଣ ଶୁଦ୍ଧ ହେବ ଏବଂ ଆମ୍ଭ ସାଧନାରେ ସାହାଯ୍ୟ ମିଳିବ । ସାଧକର ସାଧନାରେ ଯେତେ ଉନ୍ନତି ହେବ ତେତେ ଅନ୍ୟ ସାଧକମାନେ ନିଜ ନିଜ ସାଧନାରେ ସାହାଯ୍ୟ ପାଇବେ ଏବଂ ପୃଥିବୀ ବାତାବରଣ ଶୁଦ୍ଧ ହେବ । ସଂସ୍ଥା ତଥା ସାଧନାରେ ଯେତେ ଉନ୍ନତି ହେବ ସାଧକ ନାମଯଶଃକୁ ନ ଚାହିଁବା ସତ୍ତ୍ୱେ ସେସବୁ ପଛରେ ଛାଇ ସଦୃଶ ଗୋଡ଼େଇଥିବେ ।

ନାମଯଶଃ, ଅଧିକାର ଚାହିଁବା ମାତ୍ରେ ଆମ ଅହଂ ସ୍ୱାର୍ଥକୁ ଖାଦ୍ୟ ପ୍ରାପ୍ତ ହୁଏ । ସେମାନେ କ୍ରମଶଃ ଅଧିକ ଶକ୍ତିଶାଳୀ ହେବାକୁ ଲାଗନ୍ତି ଏବଂ ଆମ ଅନ୍ତରାତ୍ମାଙ୍କ ସମ୍ମୁଖରେ ଗୋଟିଏ କଳା ପରଦା ଟାଣି ଦିଅନ୍ତି ଏବଂ ଆମର ଅହଂ ସ୍ୱାର୍ଥ ଆସନ୍ତି ସମ୍ମୁଖକୁ । ଆମେ ଭାବୁ, ''ସଂସ୍ଥାରେ ଆମର ଅଧିକାର ହେବା ଆବଶ୍ୟକ; ଅନ୍ୟମାନେ କିଛି କରୁ ନାହାନ୍ତି, କେବଳ ଆମ କଥାରେ, ଆମ କାର୍ଯ୍ୟରେ ବାଧା ଦେଉଅଛନ୍ତି, ଏମାନେ ଏହି ସଂସ୍ଥାରୁ ବାହାରିଗଲେ ମା'ଙ୍କ କାର୍ଯ୍ୟ ଉତ୍ତମ ରୂପେ ହୋଇ ପାରିବ । ...'' ଅନ୍ୟମାନଙ୍କର ମଧ୍ୟ ସେହିପରି ଅହଂ ସ୍ୱାର୍ଥ ଅଛି । ସେମାନେ ବି ନାମଯଶଃ ଅଧିକାର ଚାହାନ୍ତି । ସେମାନେ ପ୍ରତ୍ୟେକେ ବି ଏହିପରି ଭାବନ୍ତି । ଆମେ ଯେପରି ଭାବୁ, ତା'ର ପ୍ରତିକ୍ରିୟା ସେହିପରି ଅନ୍ୟମାନଙ୍କ ମଧ୍ୟରେ ହୁଏ । ଏହି ଅହଂ ସ୍ୱାର୍ଥର କ୍ରିୟା ଯୋଗୁଁ ହୁଏ ସଂଘର୍ଷ, ମନାନ୍ତର ଓ କଳି । ଏସବୁ ବିରୋଧି ଶକ୍ତିର କ୍ରିୟା । ଏହି କଳହ ଦ୍ୱାରା ସଂସ୍ଥାର ତଥା ସାଧନାର ଉନ୍ନତି ହୁଏ ନାହିଁ । ଯେଉଁ ଅଧ୍ୟାତ୍ମ ବାତାବରଣ ଦ୍ୱାରା ଜଗତର ହିତ ହୋଇଥାଆନ୍ତା ତା' ପରିବର୍ତ୍ତେ ବାତାବରଣ ଦୂଷିତ ହୁଏ ଏବଂ ଅନ୍ୟମାନଙ୍କ ଉପରେ କୁପ୍ରଭାବ ପଡ଼େ । ଯେଉଁ ନାମଯଶଃ ଅଧିକାର ସକାଶେ କଳହ କରା ହୋଇଥାଏ, ସେହି ନାମଯଶଃ ସ୍ଥାନରେ ଆସେ ନିନ୍ଦା ଏବଂ ସମାଲୋଚନା । ଅତଏବ

ଯେଉଁ ନାମଯଶଃକୁ ପ୍ରାପ୍ତି କରିବା ସକାଶେ କଳି କରାହୁଏ ତାହା ମିଳେ ନାହିଁ । କିନ୍ତୁ ନାମଯଶଃ ଅଧିକାରକୁ ନ ଚାହିଁ ସାଧନା କଲେ ତାହା ପଛେ ପଛେ ଗୋଡ଼ାଉଥାଏ ।

ଉପାୟ

ସଂସ୍ଥା ତଥା ନିଜ ସାଧନାରେ ଉନ୍ନତି ହେବାର ଆଧ୍ୟାତ୍ମିକ ଉପାୟ ହେଲା – ଯିଏ ଅଧିକାର ଚାହେଁ ତାକୁ ମାନିନେବା । ଆମେ ପ୍ରେସିଡ଼େଣ୍ଟ, ସେକ୍ରେଟେରୀ କିଂବା ଅନ୍ୟ କୌଣସି ପ୍ରକାର ଅଧିକାର ନ ଚାହିଁ କେବଳ ଲକ୍ଷ୍ୟପ୍ରାପ୍ତି ସକାଶେ ମା'ଙ୍କ ସେବା ଭାବରେ କର୍ମ କରିବା । ସେ ଯେଉଁ ପ୍ରଣାଳୀରେ କାର୍ଯ୍ୟ କରିବାକୁ ଚାହୁଁଛନ୍ତି ସେହି ପ୍ରଣାଳୀରେ ତାଙ୍କୁ ସାହାଯ୍ୟ କରିବା । ତାଙ୍କ ପ୍ରଣାଳୀରେ କାର୍ଯ୍ୟ କଲେ କେବେ କେବେ କାର୍ଯ୍ୟରେ କ୍ଷତି ହୋଇପାରେ, କିନ୍ତୁ ତାକୁ ପରୁଆ ନ କରି ତାଙ୍କ ସହିତ ବିରୋଧ କରିବା ନାହିଁ । ବିରୋଧ କରିବାରେ ଯାହା କ୍ଷତି ହେବ ତାଙ୍କ ନିର୍ଦ୍ଦେଶରେ କରିବା ଦ୍ୱାରା କାର୍ଯ୍ୟର କ୍ଷତିରୁ ମୂଲ୍ୟ ତା'ଠାରୁ ବହୁତ କମ୍ ହେବ । ଆମେ ତାଙ୍କରି ନିର୍ଦ୍ଦେଶରେ କାର୍ଯ୍ୟ କଲେ ତାଙ୍କ ଅହଂ, ସ୍ୱାର୍ଥ, ଅଧିକାରରେ ବାଧା ହେବ ନାହିଁ । ସେ ଆଗ୍ରହରେ କାର୍ଯ୍ୟ କରିବାକୁ ସୁଯୋଗ ଦେବେ । ଏଥିରେ ସଂସ୍ଥାର ତଥା ନିଜ ସାଧନାର ଉନ୍ନତି ହେବ । ଅଧିକାର କାହାର ଥାଉ, ଯିଏ କର୍ମ କରିବ ସେ ନ ଚାହିଁଲେ ବି ନାମଯଶଃ ନ ଆସି ରହି ପାରିବ ନାହିଁ । ଏହି ପ୍ରଣାଳୀରେ କର୍ମ କଲେ ଅଧିକାର ଚାହୁଁଥିବା ବ୍ୟକ୍ତିର ମଧ୍ୟ ପରିବର୍ତ୍ତନ ହେବ ଏବଂ ସମସ୍ତ ପ୍ରକାର ଜଟିଳ ସମସ୍ୟାର ମଧ୍ୟ ସମାଧାନ ହେବ ।

ଯଦି ଏ ପ୍ରଣାଳୀରେ କାର୍ଯ୍ୟ କରିବା ସମ୍ଭବ ନ ହୁଏ ତେବେ ବିବାଦ କଳହ କରି ନିଜ ସାଧନା ତଥା ସଂସ୍ଥାର ସର୍ବନାଶ କରିବା ଉଚିତ ନୁହେଁ । ବରଂ ନୀରବ ରହି ମା'ଙ୍କର ଅନ୍ୟ କାର୍ଯ୍ୟ ଥିଲେ କରିବା ଅଥବା ମା'ଙ୍କ ଉପରେ ଭରସା ରଖି ଅପେକ୍ଷା କରିବା । ଏପରି କଲେ ପରିସ୍ଥିତିର ପରିବର୍ତ୍ତନ ନିଶ୍ଚୟ ହେବ ।

ଏହିସବୁ ପରିସ୍ଥିତି ଯଦି ଅନୁକୂଳ ନ ଥାଏ, ତେବେ ନିଜ ମଧ୍ୟରେ କୌଣସି ପ୍ରକାର ହିଂସା, ଦ୍ୱେଷ, ଈର୍ଷା, ବିରୋଧ ଭାବ ନ ରଖି ସମସ୍ୟାର ସମାଧାନ ସକାଶେ ମା'ଙ୍କ ପ୍ରେରଣା ଉଦ୍ଦେଶ୍ୟରେ ନୀରବ ଶାନ୍ତ ଅବସ୍ଥାରେ ଅଭୀପ୍ସା କରିବା, ଅପେକ୍ଷା କରିବା । ଅଭୀପ୍ସାର ତୀବ୍ରତା ଏବଂ ଶିଥିଳତା ଅନୁସାରେ ଶୀଘ୍ର ବା ବିଳମ୍ବରେ ନିଶ୍ଚୟ ମା'ଙ୍କ ପ୍ରେରଣା ପାଇବା । ସେହି ଅନୁସାରେ କାର୍ଯ୍ୟ କଲେ ସଂସ୍ଥାରେ ତଥା ନିଜ ସାଧନାରେ ବ୍ୟାଘାତ ହେବ ନାହିଁ, ସମସ୍ୟାର ଉତ୍ତମ ସମାଧାନ ହେବ ।

ପୃଥିବୀରେ ମା'ଙ୍କ କାର୍ଯ୍ୟର ପ୍ରଥମ ପର୍ଯ୍ୟାୟ ପାଠଚକ୍ରରେ ସମସ୍ୟା ନ ଥିଲା । ବର୍ତ୍ତମାନ ଅତିମାନସ ଶକ୍ତି ରୂପାନ୍ତର କାର୍ଯ୍ୟ ପୂର୍ବାପେକ୍ଷା ତୀବ୍ରଭାବେ କରୁଅଛି । ସେ ସକାଶେ ସାଧନା ରୂପେ ସ୍ଥଳବିଶେଷରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା, ସାଧନାଳୟ ସଂସ୍ଥା ପ୍ରତିଷ୍ଠା ତଥା ବହୁ ସଂଖ୍ୟାରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠାର ସମୟ ଆସିଅଛି ଏବଂ ଏହିସବୁ ଅନୁଷ୍ଠାନମାନ ମଧ୍ୟ ପ୍ରତିଷ୍ଠା ହେଉଅଛି । ଏସବୁ ଅନୁଷ୍ଠାନର ପରିଚାଳକ ତଥା କର୍ମୀମାନଙ୍କୁ ଏବଂ ଶିକ୍ଷକ ତଥା ଶିକ୍ଷୟିତ୍ରୀମାନଙ୍କୁ ଜୀବନର ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି ଲକ୍ଷ୍ୟକୁ ଆନ୍ତରିକତା ସହ ଗ୍ରହଣ କରିବାକୁ ହେବ ଏବଂ ସେ ସମ୍ବନ୍ଧେ ସଚେତ ରହି ସାଧନା ମନୋଭାବରେ ମା'ଙ୍କ ସେବା ରୂପେ ସମସ୍ତ କର୍ମ କରି ମା'ଙ୍କ ଚରଣରେ ସମର୍ପଣ କରିବାକୁ ହେବ । ତେବେ ଏହିସବୁ ସଂସ୍ଥାମାନଙ୍କରେ ବାଦବିବାଦ, କଳହ ନ ହୋଇ ଉନ୍ନତି ମାର୍ଗରେ କାର୍ଯ୍ୟ ହେବ ।

ସାଧନାର ଯଥାର୍ଥ ପ୍ରଣାଳୀ

ସାଧନାର ଯଥାର୍ଥ ପ୍ରଣାଳୀ ହେଲା ନିଜେ ଏବଂ ନିଜର ଯାହାକିଛି ସବୁ ମା'ଙ୍କ ଚରଣରେ ସମର୍ପଣ କରି ଛୋଟ ଶିଶୁ ମା' ଆଶ୍ରୟରେ ରହିବା ସଦୃଶ ମା'ଙ୍କ ଚରଣରେ ଆଶ୍ରୟ ନେବା ।

ଅନ୍ୟଥା ମନ-ପ୍ରାଣ-ଶରୀର ରୂପାନ୍ତର ଯୋଗ ଅତ୍ୟନ୍ତ କଠିନ ଏବଂ ଦୁରୂହ । ବଡ଼ ବଡ଼ ଋଷିମୁନି ମଧ୍ୟ ରୂପାନ୍ତର କଳ୍ପନା ନ କରି ମନ-ପ୍ରାଣ-ଶରୀରକୁ ଛାଡ଼ି ମୁକ୍ତି ନିର୍ବାଣକୁ ଯାଇଛନ୍ତି କିଂବା ଭଗବତ୍ ପ୍ରାପ୍ତି କରିଅଛନ୍ତି । କିନ୍ତୁ ଅତିମାନସ ଶକ୍ତି ରୂପାନ୍ତର କରୁଥିବାରୁ ଏହି କଠିନ, ଦୁରୂହ ଯୋଗ ଅତ୍ୟନ୍ତ ସହଜ ହୋଇଅଛି । ଅତିମାନସ ଶକ୍ତି ଏବଂ ଭଗବାନ୍ ଏକ ତତ୍ତ୍ୱ । ଏହି ଯୋଗର ସାଧକ ସ୍ୱୟଂ ଭଗବାନ୍ ବା ଅତିମାନସ ଶକ୍ତି । ସାଧକକୁ କେବଳ ସର୍ମପଣ କରିବାକୁ ହେବ ମା'ଙ୍କ ଚରଣରେ, ଛୋଟ ଶିଶୁ ଭଳି ଆମେ ଆଶ୍ରୟ ନେବା ମା'ଙ୍କ କୋଳରେ । ଅଭୀପ୍ସା କରିବା ସମର୍ପଣ କରିବା ସକାଶେ । ସମସ୍ତ ପ୍ରତିକୂଳ ଅବସ୍ଥା, ଗତିବୃତ୍ତି, ବିଚାର, ଦୁଃଖକଷ୍ଟ, ରୋଗ ସମର୍ପଣ କରିବା ମା'ଙ୍କ ଚରଣରେ । ଏତିକି କଲେ ସାଧନା ଆରମ୍ଭରୁ ଆମ୍ଭେମାନେ ମା'ଙ୍କ ଆଶ୍ରୟରେ ସମସ୍ତ ବାଧାବିଘ୍ନ, ରୋଗ, ଶୋକର ଆକ୍ରମଣ ସତ୍ତ୍ୱେ ନିର୍ଦ୍ୱନ୍ଦ୍ୱରେ ଲକ୍ଷ୍ୟପ୍ରାପ୍ତି ମାର୍ଗରେ ଯାତ୍ରା କରି ପାରିବା । ଆମ୍ଭେମାନେ ଯୋଗ ଆରମ୍ଭ କରିବା ମାତ୍ରେ ଶାନ୍ତି ସୁଖର ଆସ୍ୱାଦ ପାଇ ପାରିବା ।

ଶ୍ରୀଅରବିନ୍ଦ ସ୍ୱୟଂ The Mother ବହିରେ କହିଛନ୍ତି :

''In Yoga also it is the Divine who is the Sadhaka and the Sadhana; it is his Shakti with her light, power, knowledge, consciousness, Ananda, acting upon the adhara ...''

ଅର୍ଥାତ୍, ''ପୂର୍ଣ୍ଣଯୋଗରେ ମଧ୍ୟ ଭଗବାନହିଁ ସାଧକ, ଭଗବାନହିଁ ସାଧନା । ତାଙ୍କର ଶକ୍ତି ଏବଂ ସେହି ଶକ୍ତିର ଜ୍ୟୋତିଃ, ସାମର୍ଥ୍ୟ, ଚେତନା, ଆନନ୍ଦ ସେହି ଆଧାରରେ କାର୍ଯ୍ୟ କରୁଥା'ନ୍ତି ...''

ସୁତରାଂ, ଶ୍ରୀଅରବିନ୍ଦ ସ୍ପଷ୍ଟଭାବେ କହିଅଛନ୍ତି ଭଗବାନ୍ ବା ଭଗବତୀ ଅତିମାନସ ଶକ୍ତି ସାଧକ ଏବଂ ସାଧନା । ଯେପର୍ଯ୍ୟନ୍ତ ସାଧକର ପୂର୍ଣ୍ଣ ସମର୍ପଣ ନ ହୋଇଛି, ଯେପର୍ଯ୍ୟନ୍ତ ସାଧକର ନିମ୍ନପ୍ରକୃତି କ୍ରିୟାଶୀଳ ସେପର୍ଯ୍ୟନ୍ତ ବ୍ୟକ୍ତିଗତ ପ୍ରଯତ୍ନ – ସମର୍ପଣ, ଅଭୀପ୍ସା ଏବଂ ପ୍ରତିକୂଳ ବସ୍ତୁର ତ୍ୟାଗ ଆବଶ୍ୟକ ।

ଶ୍ରୀଅରବିନ୍ଦ The Mother ବହିରେ ଲେଖିଛନ୍ତି :

''... But so long as the lower nature is active the personal effort of the Sadhaka remains necessary.

"The personal effort required is a triple labour of aspiration, rejection and surrender,–''

ଅର୍ଥାତ୍, ''... କିନ୍ତୁ ନିମ୍ନ ପ୍ରକୃତି ଯେତେଦିନ ପର୍ଯ୍ୟନ୍ତ ସକ୍ରିୟ ଥାଏ ସେତେଦିନ ପର୍ଯ୍ୟନ୍ତ ସାଧକର ବ୍ୟକ୍ତିଗତ ପ୍ରଚେଷ୍ଟା ଆବଶ୍ୟକ ହୁଏ ।

''ଏହି ବ୍ୟକ୍ତିଗତ ପ୍ରଚେଷ୍ଟା ହେଲା ତ୍ରିବିଧ : ଅଭୀପ୍ସା, ପ୍ରତ୍ୟାଖ୍ୟାନ ଏବଂ ସମର୍ପଣ ।''

ଶ୍ରୀଅରବିନ୍ଦଙ୍କ କହିବାନୁସାରେ ସାଧକ କ୍ରିୟାତ୍ମକ ରୂପେ ସମର୍ପଣ କରିପାରିବେ ଯଦି ସବୁ ସମୟରେ ସଚେତ ରହିବେ । ସଚେତ ରହିବାର ସବୁଠାରୁ ଅତ୍ୟନ୍ତ ସହଜ ଉପାୟ ହେଲା 'ମା', ଏହି ନାମଜପ । ନାମଜପ ସହିତ ''ମୁଁ ତୁମର, ତୁମ ଚରଣରେ ମୋର ସମଗ୍ର ସତ୍ତା ସମର୍ପଣ କରୁଅଛି'' ଏହି ଧାରଣା ରଖିବା । ଏହି ଧାରଣାହିଁ ହେଲା ସମର୍ପଣ ଏବଂ ଅଭୀପ୍ସା । ନାମଜପ ସମୟରେ ଯେଉଁ ଚିନ୍ତା ଆସିବ, ଯେଉଁ ଭୟ ଆସିବ, ଯେଉଁ ଉଦ୍‌ବେଗ ଆସିବ, ଯେଉଁ ହତାଶା, ନିରାଶା, ସନ୍ଦେହ ଆସିବ, ଯେଉଁ ରୋଗର ଭୟ, ପୁଅଝିଅର ଅସୁସ୍ଥ ଚିନ୍ତା, ଧନର ଅଭାବ ଚିନ୍ତା, ଭବିଷ୍ୟତ୍ ଅନ୍ଧକାର ଦେଖା ଯାଉଥିବା ଚିନ୍ତା, ଅନ୍ୟର ଦୁର୍ବ୍ୟବହାରରେ ଈର୍ଷା, ହତାଶା, ନିରାଶା ଆସିବ, ଯେଉଁ ଅହଂ, ସ୍ୱାର୍ଥ, କାମ, କ୍ରୋଧ, ଲୋଭ, ମୋହ ଇତ୍ୟାଦିର ଯାବତୀୟ ଚିନ୍ତା ଆସିବ, ସେସବୁକୁ ସର୍ମପଣ କରିବା ଏବଂ ନିଜର କଳହ ପ୍ରକୃତିକୁ ସମର୍ପଣ କରିବା । ଅର୍ଥାତ୍ ନାମଜପ ସହିତ କହିବା, ''ଏହିସବୁକୁ ତୁମ ଚରଣରେ ସମର୍ପଣ କରୁଛି'', ଏହା ମନେ ମନେ କହି ସମର୍ପଣ କରିବା । ପ୍ରତିକୂଳ ଚିନ୍ତା, ରୋଗର ଭୟ, ଶତ୍ରୁ ପ୍ରତି ଈର୍ଷା, ବିରୋଧ ଚିନ୍ତା ବାରଂବାର

ଆସିବେ । ଏସବୁକୁ ମୋଟେ ଗ୍ରାହ୍ୟ କରିବା ନାହିଁ, ପରୁଆ କରିବା ନାହିଁ, ଗୁରୁତ୍ୱ ଦେବା ନାହିଁ, ନାମଜପ ସହିତ ସମର୍ପଣ କରିବା ।

ଯଦି କୌଣସି ଜଟିଳ ସମସ୍ୟା ଆସେ ସେଥିରେ ବିବ୍ରତ ହେବା ନାହିଁ; ବିଶ୍ୱାସ ରଖିବା ଏହାର ସମାଧାନ ମା' ନିଶ୍ଚୟ କରିବେ । ଏହି ଧାରଣା ରଖି ମା'ଙ୍କଠାରୁ ସମାଧାନ ପାଇବା ପାଇଁ ଅପେକ୍ଷା କରିବା । ଏହି ଅପେକ୍ଷା ରହିବ ଧାରଣାରେ । ନାମଜପ ନିରନ୍ତର ଚାଲିବ । ଏହିପରି ଅପେକ୍ଷା କଲେ ସମାଧାନ ନିଶ୍ଚୟ ଆସିବ । ଗୃହରେ କଳି ହେଲେ, କେହି ଦୁର୍ବ୍ୟବହାର କଲେ ଆମେ ପ୍ରତିବାଦ କରିବା ନାହିଁ, କଳି କରିବା ନାହିଁ । ନାମଜପ ପୂର୍ବ ପରି ଚାଲିବ । ଶାନ୍ତ ରହି ଏସବୁକୁ ମା'ଙ୍କ ଚରଣରେ ସମର୍ପଣ କରିବା । କୌଣସି ପ୍ରକାର ଜଟିଳ ପରିସ୍ଥିତିରେ ଆମେ 'ମା'– ଏହି ନାମ ସତତ ଜପ ସହିତ ସେସବୁକୁ ସମର୍ପଣ କଲେ ଆମେ ଅବିଚଳ ରହିପାରିବା ।

ଭଗବାନଙ୍କ ନାମଜପ ସହିତ ତାଙ୍କୁ ଡାକିଲେ କିପରି ଆଶ୍ଚର୍ଯ୍ୟଜନକ ବିପଦ ତଥା ରୋଗରୁ ମନୁଷ୍ୟ ରକ୍ଷା ପାଏ ତା'ର ଗୋଟିଏ ପ୍ରତ୍ୟକ୍ଷ ତଥା ସ୍ୱଚକ୍ଷୁରେ ଦେଖିଥିବା ଘଟଣା ଉଲ୍ଲେଖ କରିବା ।

ଗୋଟିଏ ସାଧାରଣ ପରିବାର । ସେ ଗୃହର ମା' ପଢ଼ାଲେଖା ଜାଣି ନ ଥିଲେ, କିନ୍ତୁ ଭଗବାନଙ୍କ ଉପରେ ବିଶ୍ୱାସ ରଖିଥିଲେ । ତାଙ୍କର ଧନ ଐଶ୍ୱର୍ଯ୍ୟରେ ଆସକ୍ତି ନ ଥିଲା, ପ୍ରବଳ ଆସକ୍ତି ଏବଂ ମୋହ ଥିଲା ନିଜ ସନ୍ତାନମାନଙ୍କ ଉପରେ । ସନ୍ତାନମାନଙ୍କୁ ଦୁଃଖକଷ୍ଟ ହେଲେ ସେ ଭଗବାନଙ୍କୁ ବ୍ୟାକୁଳ ହୋଇ ଡାକୁଥିଲେ ।

ଥରେ ତାଙ୍କର ଗୋଟିଏ ଦଶମାସ ନାତିର ଗୋଡ଼ ବଳାଗଣ୍ଠିର ଦୁଇ ତରଫରେ ରକ୍ତ ପଡ଼ି ପାଚିଗଲା । ଜଣେ ଗ୍ରାମ୍ୟ ଡାକ୍ତର ମଲମ ବ୍ୟବହାର କରିବାକୁ ଦେଲେ । ପିଲା ଗୋଡ଼ ବାଡ଼େଇ ଦେଲେ ଅତ୍ୟନ୍ତ ବ୍ୟଥା ହେବ, ସେ ସକାଶେ ସମସ୍ତ ଦିନ ସମସ୍ତ ରାତ୍ରି ଦୁଇ, ତିନି ଜଣ ସେ ପିଲାର ଗୋଡ଼କୁ ଧରି ବସିଥା'ନ୍ତି । କ୍ଷତଟି ପୂରା ପାଚିଗଲା । ଗ୍ରାମ୍ୟ ଡାକ୍ତର ଆସି ଫୋଡ଼ି ଦେଲେ । ପୂଯ ବାହାରିବା ସକାଶେ ଫୋଡ଼ିବା ସ୍ଥାନରେ ଦୁଇ ତରଫରେ ଦୁଇଟି ଛୋଟ କାଗଜନଳୀ ଲଗାଇ ଦେଲେ । ପୂଯ ବାହାରି ଘା ଶୁଖିବାରେ ଦଶ, ବାର ଦିନ ଲାଗିଲା । ସେ ଗୋଡ଼ର ଘା ପୂରା ପୂରା ଶୁଖି ନ ଥିଲା, ଅନ୍ୟ ଗୋଡ଼ର ବଳାଗଣ୍ଠିରେ ସେହିପରି ରକ୍ତ ପଡ଼ିଲା ଏବଂ ସ୍ପଷ୍ଟ ରୂପେ ଜଣାପଡ଼ିଲା । ଆଙ୍ଗୁଳି ହଲେଇଲେ ତା'ର ପ୍ରତିବିମ୍ବ ସେ ସ୍ଥାନରେ ଦେଖା ଯାଉଥିଲା । ସେ ସ୍ଥାନଟି ପାଚି ପୂଯ ବାହାରିବା ଛଡ଼ା ଅନ୍ୟ ଉପାୟ ନ ଥିଲା । ଏହି ଘଟଣା ଦେଖି ସେ ଗୃହର ମା' ସମସ୍ତ ରାତ୍ରି ବସି ଭଗବାନଙ୍କ ନାମ ସ୍ମରଣ ସହିତ ବ୍ୟାକୁଳଭାବେ ସେ ରୋଗରୁ ନିବୃତ୍ତି ଚାହିଁଲେ । ସମସ୍ତ ରାତ୍ରି ବ୍ୟତୀତ ହୋଇଗଲା । ସକାଳୁ ଉଠି ଅନ୍ୟମାନେ ସେ ପିଲାର ଗୋଡ଼ ଦେଖିଲେ; ରକ୍ତ ପଡ଼ିବାର କୌଣସି ଚିହ୍ନବର୍ତ୍ତ ନ ଥିଲା । ସେ ପିଲାର ଗୋଡ଼ ପୂର୍ଣ୍ଣ ରୂପେ ଆରୋଗ୍ୟ ହୋଇଯାଇଥିଲା । ଏହି ଘଟଣା ଏକେବାରେ ପ୍ରତ୍ୟକ୍ଷ ।

ଭଗବାନଙ୍କ ଆଶ୍ରୟ ନେଲେ ବ୍ୟକ୍ତି ସବୁପ୍ରକାର ସଂସାର ଦୁଃଖକଷ୍ଟରୁ ମୁକ୍ତ ହୁଏ ଏବଂ ଯୋଗମାର୍ଗର ବାଧାବିପତ୍ତିକୁ ଅତିକ୍ରମ କରି ଲକ୍ଷ୍ୟରେ ପହୁଞ୍ଚେ ।

ଯୋଗ ଗ୍ରହଣ ସଙ୍ଗେ ସଙ୍ଗେ ସାଧନା ଆରମ୍ଭରୁ ସତତ ସଚେତ ହୋଇ 'ମା'– ଏହି ନାମଜପ ସହିତ ସମସ୍ତ କିଛିର ସମର୍ପଣ ଧାରଣା ରଖି ଅଭୀପ୍ସା କଲେ ସବୁପ୍ରକାର ବାଧାବିଘ୍ନ, ରୋଗ, ଶୋକ, ପ୍ରତିକୂଳ ଅବସ୍ଥାରେ ବି ସାଧକ ମା'ଙ୍କ ଉପରେ ନିର୍ଭରତା ରଖି ନିର୍ଦ୍ୱନ୍ଦ୍ୱରେ ରହି ପାରିବ; ଏବଂ ଅତିମାନସର ପ୍ରକାଶ ସାଧକର ମନ-ପ୍ରାଣ-ଶରୀରରେ ହେଲେ ସେ ଜାଗତିକ ସକଳ କର୍ମ – ପଢ଼ିବା, ପଢ଼ାଇବା, ଚାଷ, ବ୍ୟବସାୟ, ସଙ୍ଗୀତ, ନୃତ୍ୟ, କଳା, ଡାକ୍ତରୀ, ଇଞ୍ଜିନିୟରିଂ, ଓକିଲାତି, ସମସ୍ତ କର୍ମ ଉତ୍ତମ ରୂପେ କରିପାରିବେ । ବହୁତ ଜଟିଳ ସମସ୍ୟା ଅପେକ୍ଷାକୃତ ସହଜରେ ସମାଧାନ କରିପାରିବେ କିଂବା ମା'ଙ୍କ ଚରଣରେ ନିବେଦନ କଲେ ତା'ର ସମାଧାନ ପାଇପାରିବେ । ଏହି ଯୋଗ ଦ୍ୱାରା ବ୍ୟକ୍ତି ସାଂସାରିକ ସମସ୍ତ କର୍ମରେ ଉନ୍ନତି କରିବା ସଙ୍ଗେ ସଙ୍ଗେ ସୁଖ ଶାନ୍ତିରେ ରହି ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଥିବେ । ଅଧ୍ୟାତ୍ମ ପ୍ରଗତି ଯେତେ ଅଧିକ ହେଉଥିବ ସଂସାର କର୍ମରେ ତେତେ ଅଧିକ ଦକ୍ଷତା ପ୍ରାପ୍ତ କରୁଥିବେ । ଏହି ଯୋଗ ପ୍ରତ୍ୟେକ ବ୍ୟକ୍ତି ସକାଶେ ଆବଶ୍ୟକ । କିନ୍ତୁ ରାଜନୀତି ନେତାମାନଙ୍କ ସକାଶେ ଏହା

ବହୁତ ଉପଯୋଗୀ ହେବ । ସେମାନେ ଏହି ଯୋଗକୁ ଗ୍ରହଣ କରି ସଜାଗ ସମର୍ପଣ କଲେ ବହୁ ଜଟିଳ ଅସାଧାରଣ ସମସ୍ୟା ବହୁତ ସହଜରେ ସମାଧାନ କରି ପାରିବେ ।

ଆମ୍ଭମାନଙ୍କ ସମ୍ମୁଖରେ ଏହି ଯେଉଁ ମହାନ୍ ସୁଯୋଗ ପ୍ରାପ୍ତ ହୋଇଛି ଏହା ସୃଷ୍ଟି ଆରମ୍ଭରୁ ଏହି ପୃଥିବୀରେ କେବେ ବି ଆସି ନ ଥିଲା । ଆମ୍ଭେମାନେ ଶ୍ରୀଅରବିନ୍ଦଙ୍କ ଯୋଗ-ଆଦର୍ଶକୁ ଆନ୍ତରିକତା ସହ ଗ୍ରହଣ କରି ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ଭରସା ରଖି ଆମ୍ଭମାନଙ୍କର ସମସ୍ତ ପ୍ରତିକୂଳ ପରିସ୍ଥିତି ଓ ଗତିବୃତ୍ତିକୁ ତାଙ୍କରି ଚରଣରେ ସମର୍ପଣ କରି ତାଙ୍କରି ନାମ ନିରନ୍ତର ଜପ କଲେ ମହାନ୍ ଜଞ୍ଜାଳପୂର୍ଣ୍ଣ ଗୃହରେ ଶାନ୍ତି, ସୁଖରେ ରହିପାରିବା ଏବଂ ଆଧ୍ୟାତ୍ମିକ ଅନୁଷ୍ଠାନମାନଙ୍କରେ ଭିନ୍ନ ଭିନ୍ନ ସ୍ୱଭାବର ବ୍ୟକ୍ତିଙ୍କ ସହିତ ଶାନ୍ତି, ସାମଞ୍ଜସ୍ୟ ରଖି ମା'ଙ୍କ ସେବା ଭାବରେ କର୍ମ କରିପାରିବା । ସେହି କର୍ମ ହେବ ଲକ୍ଷ୍ୟ ପ୍ରାପ୍ତିର ସାଧନା । ଏହି ମନୋଭାବରେ କର୍ମ କଲେ ପରିବାର କର୍ମରେ ସବୁପ୍ରକାର ଉନ୍ନତି କରିବା ସଙ୍ଗେ ସଙ୍ଗେ ଜୀବନର ଏକମାତ୍ର ଲକ୍ଷ୍ୟ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି କରି ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ହୋଇ ପରମାନନ୍ଦରେ ନିବାସ କରିବା । ଆମ୍ଭମାନଙ୍କର ସମଗ୍ର ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରିବ । ଆମ୍ଭେ ପରିଚାଳିତ ହେବା ଭାଗବତୀ ଅତିମାନସ ଶକ୍ତି ଦ୍ୱାରା ।

ଦେବେନ୍ଦ୍ର ଶତପଥୀ : ଦିବ୍ୟ ଜନନୀଙ୍କ କୃପାପାତ୍ର

ଦେବେନ୍ଦ୍ର ବାବୁ ଏବଂ ବିଶ୍ୱମ୍ଭର ବାବୁ ଶ୍ରୀଅରବିନ୍ଦ ଆଶ୍ରମକୁ ଆସିଥିଲେ ୧୯୬୦ ମସିହାରେ । ମୋ ସଙ୍ଗେ ଦେଖାହେଲା । ମୁଁ ତାଙ୍କୁ ଆଶ୍ରମର ଜଣେ ବିଦ୍ୱାନ୍ ପଣ୍ଡିତଙ୍କ ପାଖକୁ ନେଇଗଲି । ସେମାନଙ୍କୁ ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା କିପରି ଜୀବନର ଉନ୍ନତି ହେବ, ସଂସାରରେ ସୁଖଶାନ୍ତି ପ୍ରତିଷ୍ଠା ହେବ ସେବିଷୟରେ ବୁଝାଇଦେବାକୁ ତାଙ୍କୁ ମୁଁ ଅନୁରୋଧ କଲି । ସାଧକ ମହାଶୟ ଶ୍ରୀଅରବିନ୍ଦଙ୍କ ଯୋଗ ବିଷୟରେ ଅଧଘଣ୍ଟାଏ ବୁଝାଇଲେ । ଶେଷରେ କହିଲେ ଏହି ଯୋଗସାଧନା କରିବାକୁ ହେଲେ ''ମର୍ ମିଟି ଜାନା ହୋଗା'' । ଏହି ଯୋଗରେ ପୂର୍ଣ୍ଣ ସମର୍ପଣ କରିବାକୁ ହୁଏ । ପୂର୍ଣ୍ଣ ସମର୍ପଣ ପରିବର୍ତ୍ତେ ସେ କହିଲେ, ''ମର୍ ମିଟି ଜାନା ହୋଗା ।'' ଏହା ଶୁଣି ଆମ୍ଭେମାନେ ଆସିଲୁ । ତାଙ୍କ ଘରୁ ବାହାରିବା ସଙ୍ଗେ ସଙ୍ଗେ ଦେବେନ୍ଦ୍ର ବାବୁ କହିଲେ, ''ଆମ ଦ୍ୱାରା ଏ ଯୋଗ ହେବ ନାହିଁ । ଆମେ ଚାହୁଁ ଶାନ୍ତି, ଆମର ଏପରି କଠିନ ସାଧନା କିଏ କରିବ !''

ମୁଁ ଭାବିଲି ଓଡ଼ିଶାରୁ ଯୁବସମାଜରୁ ଦୁଇଜଣ ଦର୍ଶନାର୍ଥୀ ଆଶ୍ରମ ଆସିଛନ୍ତି । ସେମାନେ ଯଦି ଏପରି ଧାରଣା ନେଇ ଓଡ଼ିଶା ଫେରିବେ ତେବେ ଓଡ଼ିଶାରେ ମା'ଙ୍କ କାର୍ଯ୍ୟ ହେବାରେ ବିଳମ୍ବ ହେବ । ମୋର ସନ୍ଧ୍ୟା ସ୍ନାନର ସମୟ ହୋଇ ଯାଇଥାଏ । କିନ୍ତୁ ମୁଁ ଆଉ ସ୍ନାନକୁ ନ ଯାଇ ସେମାନଙ୍କ ସଙ୍ଗେ କଥାବାର୍ତ୍ତା କରି ବସିଲି ।

ମୁଁ କହିଲି, ''ଏହି ଯୋଗରେ ବ୍ୟକ୍ତିର ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତର ହେବ । ରୂପାନ୍ତର କାର୍ଯ୍ୟ କରିବେ ଭାଗବତୀ ଶକ୍ତି । ବ୍ୟକ୍ତିକୁ କରିବାକୁ ହେବ ସମର୍ପଣ । ସମର୍ପଣ ଅର୍ଥ ଛୋଟ ଶିଶୁ ସଦୃଶ ନିଜକୁ ପୂରା ମା'ଙ୍କ ଚରଣରେ ଅର୍ପଣ କରିଦେବା । ଏହି ସମର୍ପଣକୁ ସେ ସାଧକ ମହାଶୟ କହିଥିଲେ ''ମର୍ ମିଟି ଜାନା ହୋଗା ।'' ନିଜର କିଛି ନ ରଖି ପୂର୍ଣ୍ଣ ରୂପେ ନିଜକୁ ମା'ଙ୍କ ଚରଣରେ ସମର୍ପଣ କରିଦେଲେ ମା' ସାଧକର ସମସ୍ତ ଭାର ନେଇନେବେ ଏବଂ ସକଳ ବାଧାବିପତ୍ତିରୁ ଉଦ୍ଧାର କରି ଲକ୍ଷ୍ୟରେ ପହଞ୍ଚାଇ ଦେବେ । ଯେପରି ଛୋଟ ଶିଶୁଟିଏ ତା' ମା' କୋଳରେ ବସିଗଲେ ତା' ମା' ତାକୁ ଖରା, ବର୍ଷା, ଅଗ୍ନି ଇତ୍ୟାଦି ସକଳ ବିପଦରୁ ରକ୍ଷା କରି କାନି ଘୋଡ଼ାଇ ନେଇ ଚାଲିଯାଏ, ଏ ଯୋଗ ସେହିପରି । ଶିଶୁ ନିରାପଦରେ ମା'ଙ୍କ କୋଳରେ ବସି ରହିବ, ତା'ର ଆଉ ଚିନ୍ତା କରିବାର କିଛି ନ ଥିବ ।

''ଅର୍ଥାତ୍ ଗୃହର ଯାବତୀୟ କାର୍ଯ୍ୟ – ପଢ଼ିବା, ଚାକିରି କରିବା, ବ୍ୟବସାୟ କରିବା, ରାଜନୀତି କରିବା, ଦେଶସେବା କରିବା ଆଦି ସମସ୍ତ କର୍ମକୁ ମା'ଙ୍କ ସେବା ଭାବରେ କରି ସେଥିରେ କୌଣସି ସ୍ୱାର୍ଥ ଭାବ ନ ରଖି ଆନ୍ତରିକତା ସହ କରି ମା'ଙ୍କୁ ସମର୍ପଣ କରିବାକୁ ହେବ । ପରିବାର ନିମିତ୍ତ କୃତ ସମସ୍ତ କର୍ମ ମା'ଙ୍କ ସେବାଭାବରେ କରି ମା'ଙ୍କୁ ସମର୍ପଣ କଲେ ମା' ସବୁ ବିପଦରୁ ରକ୍ଷା କରି ସାଧକର ସମସ୍ତ ଦାୟିତ୍ୱ ନିଜ ଉପରେ ନେଇ ସାଧକକୁ ଲକ୍ଷ୍ୟମାର୍ଗରେ ଅଗ୍ରସର କରାଇନେବେ ।

''ଏହି ରୂପାନ୍ତର ହେଉଛି ଆବାଳବୃଦ୍ଧବନିତା ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତିଙ୍କର ଲକ୍ଷ୍ୟ ଏବଂ ଭଗବାନଙ୍କର ସୃଷ୍ଟିର ଅବ୍ୟର୍ଥ ଉଦ୍ଦେଶ୍ୟ । ଏହି କାରଣରୁ ମଣିଷଜାତି ସୃଷ୍ଟିହେବା ଦିନଠାରୁ ବହୁ ବ୍ୟକ୍ତି ପୃଥିବୀରେ ସୁଖଶାନ୍ତି, ଶୃଙ୍ଖଳା ପ୍ରତିଷ୍ଠା କରିବା ସକାଶେ ଚେଷ୍ଟା କରିଆସୁଛନ୍ତି ଏବଂ ତାହା ଏପର୍ଯ୍ୟନ୍ତ ଫଳପ୍ରଦ ନ ହେବା ସତ୍ତ୍ୱେ ସେମାନେ ଏହି ଚେଷ୍ଟାରୁ ବିରତ ହେଉ ନାହାନ୍ତି । କାରଣ ଏହାର ଉପଯୁକ୍ତ ସମୟ ନ ଆସିଥିବାରୁ ପୃଥିବୀରେ ସୁଖଶାନ୍ତି ଓ ଶୃଙ୍ଖଳା ପ୍ରତିଷ୍ଠା ହେବାର ରହସ୍ୟ ସ୍ପଷ୍ଟ ହୋଇ ନ ଥିଲା । ସଂସାରରେ ସୁଖ-ଶାନ୍ତି ପ୍ରତିଷ୍ଠା ହୋଇପାରିବ, ଅନ୍ୟାୟ, ଅସତ୍ୟ ଦୂର ହୋଇପାରିବ, ଯଦି ବ୍ୟକ୍ତିର ମନ-ପ୍ରାଣ-ଶରୀରର ଗୁଣଧର୍ମ : ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷାଦି ରୂପାନ୍ତରିତ ହେବ । ସମୟ ଆସି ନ ଥିବାରୁ ଏହି ରହସ୍ୟ ଅସ୍ପଷ୍ଟ ଥିଲା । ତା'ର ସମୟ ଆସିବାରୁ ଶ୍ରୀମା ଶ୍ରୀଅରବିନ୍ଦ ପୃଥିବୀକୁ ଆସି ଅତିମାନସ ସତ୍ୟକୁ ପରାର୍ଦ୍ଧରୁ ଉତାରି ଆଣି ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ଯେତେ ଅଧିକ ବ୍ୟକ୍ତି ଏହି ସତ୍ୟକୁ ଜାଣିବେ, ଗ୍ରହଣ କରିବେ, ଆଚରଣ କରିବେ, ସେତେ ଅଧିକ ସେମାନେ ସୁଖଶାନ୍ତିରେ ରହିପାରିବେ ଏବଂ ସେହି

ପରିମାଣରେ ଏହି ସଂସାରରୁ ଧୀରେ ଧୀରେ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଚୋରି, ଡକାୟତି, ଯୁଦ୍ଧ, ସଂଘର୍ଷ ଇତ୍ୟାଦି ଦୂର ହେବ । ଯେତେବେଳେ କିଛି ଲୋକଙ୍କର ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତର ହେବ ସେତେବେଳେ ପୃଥିବୀରେ ଦିବ୍ୟସ୍ୱର୍ଗ ପ୍ରତିଷ୍ଠା ହେବ । ଏହି ସତ୍ୟ ପ୍ରସାର ହେବାର ଉପାୟ ହେଲା, ପାଠଚକ୍ର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଛାତ୍ରସମାଜ, ଆଶ୍ରମ ବା ରିଲିକ୍ସ ମନ୍ଦିର ଇତ୍ୟାଦିର ପ୍ରତିଷ୍ଠା କରିବା ଏବଂ ମହିଳା ପାଠଚକ୍ରର ପ୍ରସାର କରିବା ।''

ଏହା ଶୁଣି ଦେବେନ୍ଦ୍ରବାବୁ ଖୁସି ହୋଇ କହିଲେ – 'ତେବେ ତ ଏହା ଠିକ୍ । ଆମ ଲାଗି ଏହା ବହୁତ ସହଜ ଏବଂ ସରଳ ହେବ ।' ସେହି ଦିନରୁ ଦେବେନ୍ଦ୍ର ବାବୁ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରି ସମସ୍ତ କାର୍ଯ୍ୟ କରିବାକୁ ଚେଷ୍ଟା କରିଥିଲେ । ବାରଂବାର ଆଶ୍ରମ ଆସି ମା'ଙ୍କୁ ଦର୍ଶନ କରୁଥିଲେ । ସେ ପ୍ରକୃତରେ ମା'ଙ୍କ କୃପା ପ୍ରାପ୍ତ କରିଥିଲେ । ଦୀର୍ଘଦିନ ଧରି ପାର୍ଲାମେଣ୍ଟରେ ମେମ୍ବର ଥିବା ସତ୍ତ୍ୱେ ନିଜ ସ୍ୱାର୍ଥ ସକାଶେ କୌଣସି କର୍ମ ନ କରି ଦେଶସେବା ମନୋଭାବରେ କର୍ମ କରୁଥିଲେ । କୌଣସି ବ୍ୟକ୍ତି ପ୍ରତି ହିଂସା ମନୋଭାବ ରଖି କାହାର ଅନିଷ୍ଟ କରୁ ନ ଥିଲେ । ଅଧିକାର ପଦବୀର ଗର୍ବ ବି ତାଙ୍କର ନ ଥିଲା । ସେ ପ୍ରାୟ ସମସ୍ତ ବ୍ୟକ୍ତିଙ୍କର ପ୍ରିୟପାତ୍ର ଥିଲେ ।

ସେ ବରାବର ପାଠଚକ୍ର ପ୍ରସାର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା, ସେମିନାର୍, କ୍ୟାମ୍ପ ଆଦି ମା'ଙ୍କ କାର୍ଯ୍ୟରେ ସହଯୋଗ କରୁଥିଲେ । ତାଙ୍କର ଶ୍ରୀମା ଶ୍ରୀଅରବିନ୍ଦଙ୍କ ପ୍ରତି ଯେପରି ଭକ୍ତି ଥିଲା ସେହିପରି ମା'ଙ୍କ କାର୍ଯ୍ୟରେ ନିଷ୍ଠା, ଶ୍ରଦ୍ଧା ଓ ସହଯୋଗ ଥିଲା ।

ଯିଏ ଥରେ ଭଗବତ ମାର୍ଗରେ ଆସେ ଭଗବାନ୍ ତାକୁ ଆଉ ଛାଡ଼ନ୍ତି ନାହିଁ । ଭଗବତ ଲକ୍ଷ୍ୟ ପ୍ରାପ୍ତି ମାର୍ଗରେ ଲାଭ ହୋଇଥିବା ଅଗ୍ରଗତି ବି ନଷ୍ଟ ହୁଏ ନାହିଁ । ଏ ଜନ୍ମରେ ବ୍ୟକ୍ତି ଯେତିକି ସାଧନା କରିଥାଏ ତା'ପର ଜନ୍ମରେ ତା'ପରଠାରୁ ବାକିଥିବା ସାଧନା ଆରମ୍ଭ କରେ । ସେ ସାଧନାରେ ଯେତେ ଅଗ୍ରସର ହୁଏ ସେହି ଅନୁପାତରେ ସେ ନିଜେ ସୁଖ, ଶାନ୍ତିରେ ରହେ ତଥା ସେହି ଅନୁପାତରେ ସଂସାରର ହିତ ମଧ୍ୟ ସାଧନ କରେ ।

ଦେବେନ୍ଦ୍ର ବାବୁଙ୍କୁ ଶ୍ରୀମା ଗ୍ରହଣ କରିଛନ୍ତି । ଏଣୁ ସେ ସର୍ବଦା ଶ୍ରୀମା'ଙ୍କ ଛତ୍ରଛାୟାରେ ରହିବେ ଏବଂ ମା'ଙ୍କ ରକ୍ଷାବଳୟ ତାଙ୍କ ଆତ୍ମା ସହ ସର୍ବଦା ରହିବ ।

ସଂସାରର ଉନ୍ନତି ନିମିତ୍ତ ନାରୀମାନଙ୍କର କର୍ତ୍ତବ୍ୟ

ମାତାମାନଙ୍କ ଅତୀତର ଗୌରବ

ମା'ମାନେ ଗୃହଲକ୍ଷ୍ମୀ, ଦେବୀ । ଭଗବତ୍ ପ୍ରେମର ନିମ୍ନରେ ହେଉଛି ମାତୃସ୍ନେହ । ସଂସାରରେ ଯେତେ ସ୍ନେହ, ପ୍ରେମ ଅଛି ସବୁଠାରୁ ଶ୍ରେଷ୍ଠ, ଶୁଦ୍ଧ, ନିଃସ୍ୱାର୍ଥ ମାତୃପ୍ରେମ । ମା' କେବଳ ସନ୍ତାନକୁ ନିଃସ୍ୱାର୍ଥ ପ୍ରେମ କରେ, ନିଜ କଲିଜାରୁ ଅଧିକ ଯତ୍ନ କରି ପାଳନ କରେ, ନିଜେ କ୍ଷୁଧା ପ୍ରପୀଡ଼ିତ ହୋଇ ସନ୍ତାନକୁ ଭୋଜନ କରାଇ ସନ୍ତୁଷ୍ଟ ହୁଏ । ମା' ସନ୍ତାନର ପ୍ରଥମ ଗୁରୁ ଶିକ୍ଷାଦାତ୍ରୀ । ସନ୍ତାନର ଶିଶୁ ଅବସ୍ଥାରେ ମା'ର ଯେଉଁ ପ୍ରଭାବ ପଡ଼େ ତାହା ସଂସ୍କାରରେ ପରିଣତ ହୁଏ, ବିକାଶ ହୁଏ । କୁଳ ଉଜ୍ଜ୍ୱଳ, ସନ୍ତାନକୁ ଯୋଗ୍ୟ, ଦେଶର ଉନ୍ନତିର ଅଧିକ ଦାୟିତ୍ୱ ମା' ଉପରେ । ମା' ଯଦି ଆଦର୍ଶଚରିତ୍ରା ହୁଏ, ତେବେ ତା' ଗର୍ଭରେ ଆସନ୍ତି ମହାପୁରୁଷ । ସେହି ମା'ର ଗୋଟିଏ ସନ୍ତାନ ସମସ୍ତ ପୃଥିବୀକୁ ଉଦ୍ଧାର କରେ । ଆମ୍ଭେମାନେ ଅତୀତକୁ ସ୍ମରଣ କଲେ ଦେଖିବୁ କେବଳ ଗୋଟିଏ ଗୋଟିଏ ମାତା ନିଜ ସଦ୍‌ଗୁଣରେ ମନସାବାଚାତୀତ ପରମବ୍ରହ୍ମ ପରମାତ୍ମା ପୁରୁଷୋତ୍ତମ ତତ୍ତ୍ୱକୁ ଗର୍ଭରେ ଧାରଣ କଲେ, ଦୁଗ୍ଧପାନ କରାଇଲେ, କୋଳରେ ଖେଳାଇଲେ । ତପସ୍ୱୀ, ଋଷି, ମୁନି, ଦର୍ଶନ-ଦୁର୍ଲଭ ସେହି ଭଗବାନଙ୍କୁ ଅଙ୍ଗୁଳି ଧରି ଚାଲିବାକୁ ଶିଖାଇଲେ, ତାଳି ବଜାଇ ତାଙ୍କୁ ନଚାଇଲେ ଏବଂ ତାଙ୍କ ବାତ୍ସଲ୍ୟ ଲୀଳା ଆନନ୍ଦ ସମୁଦ୍ରରେ ଦିବାନିଶି ନିମଗ୍ନ ରହିଲେ । ଭାବନ୍ତୁ ମାତାର ସ୍ଥାନ କେତେ ଶ୍ରେଷ୍ଠ । ଋଷି, ମୁନିମାନେ ସମସ୍ତ ଜୀବନ ତପସ୍ୟା କରି ଥରେ ଯେଉଁ ଭଗବାନଙ୍କ ଦର୍ଶନ ପାଇ ପାରନ୍ତି ନାହିଁ, ଯାହାଙ୍କ ମାୟା ସମସ୍ତ ସଂସାରକୁ ନଚାଏ, ସେହି ଭଗବାନ୍ ମା'ର ଇସାରାରେ ନାଚନ୍ତି । ଏପରି ଆଦର୍ଶ ମା' କେବଳ କୌଶଲ୍ୟା ଓ ଯଶୋଦା ଥିଲେ, ତା' ନୁହେଁ, ଭାରତରେ ବହୁତ ମାତା ନାରଦ, ବ୍ୟାସ, ବଶିଷ୍ଠ, ଶୁକ, ଗୌରାଙ୍ଗ, ତୁଳସୀ ଦାସ, ଜ୍ଞାନ ଦେବ, ତୁକାରାମ, ନାମଦେବ, ଭୀଷ୍ମ ପିତାମହ, ଅର୍ଜୁନଙ୍କ ପରି ବହୁ ସୁପୁତ୍ର ଏବଂ ଭଗବତୀ ସୀତା, ଅନୁସୂୟା, ଗାର୍ଗୀ, ମୈତ୍ରେୟୀ ଇତ୍ୟାଦି ବହୁ କନ୍ୟାଙ୍କୁ ଉତ୍ପନ୍ନ କରିଅଛନ୍ତି, ଆଜି ଆମ୍ଭେମାନେ ତାଙ୍କର ଗୁଣଗାନ କରି ପବିତ୍ର ହେଉଅଛୁ, ଉଦ୍ଧାର ହେଉଅଛୁ । ଏଠାରେ ମା' ମଦାଳସାଙ୍କର ଚରିତ୍ର ସଂକ୍ଷେପରେ ଅବଶ୍ୟ ବିଚାରଣୀୟ । ସେଥିରୁ ଆମ୍ଭେ ବୁଝିପାରିବା ମା'ର ପ୍ରଭାବ ସନ୍ତାନ ଉପରେ କିପରି ପଡ଼େ ।

ଶ୍ରୀମଦ୍‌ଭାଗବତରେ ବର୍ଣ୍ଣିତ ମଦାଳସାଙ୍କ ଚରିତ୍ର । ସେ ରାଜକନ୍ୟା ଥିଲେ । ବାଲ୍ୟ ଅବସ୍ଥାରେ ପ୍ରତିଜ୍ଞା କଲେ, ''ମୁଁ ବିଭା ହେବି ନାହିଁ, ଯଦି ବିଭା ହୁଏ ତେବେ ମୋର ଏହି ସର୍ତ୍ତ ଯେଉଁ ରାଜା ସ୍ୱୀକାର କରିବ ସେ ମୋ ପାଣିଗ୍ରହଣ କରିବ । ସର୍ତ୍ତ ହେଲା ଏହି : ମୋ ପତି ପାଳନ କରିବେ ଏକ-ପତ୍ନୀବ୍ରତ ଧର୍ମ, ଆଉ ଯେଉଁ ସନ୍ତାନ ମୋ ଗର୍ଭରୁ ଉତ୍ପନ୍ନ ହେବ ତାକୁ ବାରବର୍ଷ ପର୍ଯ୍ୟନ୍ତ ସେ ଦେଖିପାରିବେ ନାହିଁ ।'' ଏହି ସର୍ତ୍ତକୁ ଜଣେ ରାଜା ସ୍ୱୀକାର କଲେ ।

ମଦାଳସା ବାଲ୍ୟାବସ୍ଥାରୁ ଶିଶୁ ପାଖରେ ବରାବର ଧର୍ମ ପୁସ୍ତକ ପଢ଼େ, ଭଗବତ୍ ନାମ ଉଚ୍ଚାରଣ କରେ, ଭଗବତ୍ ଆରାଧନା କରେ । ଏହି ସଂସ୍କାର ଶିଶୁର ରକ୍ତ ସଙ୍ଗେ ଏକ ହୋଇଯାଏ । ତାକୁ ସେ ନିଜେ ପଢ଼ାଏ, ଉପଦେଶ ଦିଏ । ବାରବର୍ଷ ପୂରା ହେବା ପରେ ପୁତ୍ର ପିତାଙ୍କ ପାଖକୁ ଯାଏ ଏବଂ ତାଙ୍କୁ ପ୍ରଣାମ କରି ସନ୍ନ୍ୟାସ ବେଶ ଧାରଣ କରି ବନକୁ ତପସ୍ୟା କରିବାକୁ ଚାଲିଯାଏ । ଏହିପରି ଛଅ ପୁତ୍ର ଯିବାପରେ, ରାଜାଙ୍କ ଅନୁରୋଧରେ ଶେଷ ଓ ସପ୍ତମ ପୁତ୍ରକୁ ସାତବର୍ଷ ବୟସରେ ପିତାଙ୍କ ପାଖକୁ ପଠାଇ ପତି-ପତ୍ନୀ ଦୁଇଜଣ ତପସ୍ୟାକୁ ଚାଲିଗଲେ । ପରେ କିଛି ବର୍ଷ ରାଜ୍ୟ ଚଳାଇ ସେ ବି ତପସ୍ୱୀ ହୋଇଗଲେ । ଏଥିରୁ ସ୍ପଷ୍ଟ ହେଉଛି ମା' ନିଜ ଚରିତ୍ର ପ୍ରଭାବରେ ସନ୍ତାନକୁ ମହାନ୍ କରିପାରେ ।

ପ୍ରକୃତରେ ମା'ର ଅସାଧାରଣ ଶକ୍ତି । ସେ ନିଜ ଶକ୍ତିକୁ ଯେକୌଣସି କାର୍ଯ୍ୟରେ ଲଗାଏ ସେଥିରେ ସେ ସଫଳ ହୁଏ । ସେ ନିଜ ସଦ୍‌ଗୁଣରେ ଘରକୁ ସ୍ୱର୍ଗରେ ପରିଣତ କରିପାରେ ଆଉ ଦୁର୍ଗୁଣରେ କୁଳର ମାନସମ୍ମାନ ବ୍ୟର୍ଥ କରେ,

ସମ୍ପତ୍ତି ନଷ୍ଟ କରିପାରେ, ଘରେ ଝଗଡ଼ାର ମୂଳ କାରଣ ହୋଇ ଭାଇ ଭାଇ ମଧ୍ୟରେ ପିତା ପୁତ୍ର ମଧ୍ୟରେ କଳହ ଲଗାଇ ଦରିଦ୍ର କରାଇ ପାରେ ।

''କା ନହିଁ ପାବକ ଜାଳି ସକେ, କା ନ ସମୁଦ୍ର ସମାଇ,
କା'ନ କରେ ଅବଳା ପ୍ରବଳ କା ଜଗ କାଳ ନ ଖାଇ ॥
ତୁଳସୀଦାସ ରାମାୟଣ''

ଅର୍ଥାତ୍ ''ଯେପରି ଅଗ୍ନି ସମସ୍ତ ଭସ୍ମ କରିପାରେ, ସମୁଦ୍ର ସମସ୍ତ ଧାରଣ କରିପାରେ, ସେହିପରି ଦୁର୍ବଳା ଅବଳା ସମସ୍ତ କିଛି କରିପାରେ, କାଳ ସମସ୍ତ କିଛି ଭକ୍ଷଣ କରିପାରେ ।''

ସ୍ୱଭାବତଃ ସ୍ତ୍ରୀର ଶାରୀରିକ ବଳ କମ୍, ବାହାରକୁ ଯିବା ଆସିବା ଅଧିକାର ମଧ୍ୟ କମ୍ । କିନ୍ତୁ ସେ କିପରି ଖେଳ ଖେଳିପାରେ ଆସ୍ତେମାନେ କୈକେୟୀଙ୍କ ଚରିତ୍ରରୁ ଜାଣିପାରିବା :—

ଶ୍ରୀ ଦଶରଥ ଥିଲେ ଚକ୍ରବର୍ତ୍ତୀ ସମ୍ରାଟ୍ । ତାଙ୍କର ସୈନ୍ୟବଳ ଅପାର, ଐଶ୍ୱର୍ଯ୍ୟର ପାରାବାର ନାହିଁ, ରାଜାମାନେ ଆଜ୍ଞାକୁ ଅପେକ୍ଷା କରିଥା'ନ୍ତି,— ରାଜାଙ୍କର ଏପରି ପ୍ରଭୁତ୍ୱ । କୈକେୟୀଙ୍କ ପାଖରେ ଏସବୁର ଅଭାବ କିନ୍ତୁ ସେ ଏପରି ଚାଲ୍ ଚଲେଇଲେ, ଦଶରଥଙ୍କର ସମସ୍ତ ଶକ୍ତି, ସମସ୍ତ ଐଶ୍ୱର୍ଯ୍ୟ, ସମସ୍ତ ପ୍ରଭୁତ୍ୱ ତାଙ୍କ ଖେଳ ପାଖରେ ଫେଲ୍ ହେଲା । ଶେଷରେ ରାଜାଙ୍କ ଅନିଚ୍ଛା ସତ୍ତ୍ୱେ ପ୍ରାଣରୁ ଅଧିକ ପ୍ରିୟ ଶ୍ରୀରାମଙ୍କୁ ବନବାସ ଦେଇ ନିଜେ ଶରୀର ତ୍ୟାଗ କଲେ । ଅବଳା ଦୁର୍ବଳା ହେବା ସତ୍ତ୍ୱେ ସେ ପ୍ରକୃତରେ ସବଳା । ମା'ମାନେ ଶକ୍ତିସ୍ୱରୂପା । ଭଗବାନ୍ ସ୍ୱଂୟ ଶକ୍ତି ଦ୍ୱାରାହିଁ ସଂସାର ସର୍ଜନା କରିଛନ୍ତି । ସଂସାରରେ ମା'ମାନଙ୍କର ଯେପର୍ଯ୍ୟନ୍ତ ସମାନ ଅଧିକାର ଥିଲା, ସେପର୍ଯ୍ୟନ୍ତ ସଂସାରର ଉନ୍ନତି ହେଉଥିଲା । ମଧ୍ୟଯୁଗରେ ମା'ମାନଙ୍କ ଅଧିକାର କମ୍ ହେବା ସଙ୍ଗେ ସଙ୍ଗେ ସଂସାରର ଅବନତି ହେବାକୁ ଲାଗିଲା ।

କ୍ରମ ବିକାଶ ଓ ଯୁଗଧର୍ମ ଅନୁସାରେ ସଂସାର ଉତ୍‌ଥାନ ପତନ ମାର୍ଗରେ ନିଜ ଲକ୍ଷ୍ୟ ଆଡ଼କୁ ଗତି କରୁଅଛି । କାଳ ପ୍ରଭାବରେ ପତନ ସମୟରେ ବି ମା'ମାନେ ନିଜ ଧର୍ମରକ୍ଷା କରିବା ସକାଶେ ପରଦାରେ ରହି ନିଜ ଧାର୍ମିକ ପ୍ରଭାବରେ ବୀର ତଥା ଭକ୍ତ ସନ୍ତାନମାନଙ୍କୁ ଉତ୍‌ପନ୍ନ କରି ସଂସାରକୁ ସାହାଯ୍ୟ କରନ୍ତି । କିନ୍ତୁ କ୍ରମବିକାଶର ନିୟମ ହେଲା ପ୍ରଚଳିତ ନୀତି ନିୟମ ଭାଙ୍ଗି ପୂର୍ଣ୍ଣ ସତ୍ୟ ଆଡ଼କୁ ଗତି କରିବା । ବର୍ତ୍ତମାନ ସେହି ସମୟ ଆସିଛି । ସମସ୍ତ ସଂସାରରୁ ନୈତିକ ସଦାଚାର ନଷ୍ଟ ହେବାରୁ ସର୍ବତ୍ର ଅନ୍ୟାୟ ଅତ୍ୟାଚାର ପ୍ରସାର ହେବା ସଙ୍ଗେ ସଙ୍ଗେ ମହିଳାମାନଙ୍କ ଉପରେ ତାହାର ପ୍ରଭାବ ମଧ୍ୟ ପୂର୍ଣ୍ଣରୂପେ ପଡ଼ିଛି । ସମୟର ପ୍ରଭାବ ସମାନରୂପେ ପ୍ରତ୍ୟେକ ବ୍ୟକ୍ତି ଉପରେ ପଡ଼େ, ସେ ସ୍ତ୍ରୀ ହେଉ ବା ପୁରୁଷ ହେଉ ।

ବର୍ତ୍ତମାନ ଅବସ୍ଥା

ଯୁଗ ପ୍ରଭାବରୁ ମହିଳାମାନେ ଯେଉଁ ପତିବ୍ରତା ଧର୍ମକୁ ପ୍ରାଣଦେଇ ପାଳନ କରୁଥିଲେ ଯେଉଁ ଧର୍ମ ସକାଶେ ସମ୍ମାନିତା ଓ ପୂଜିତା ହେଉଥିଲେ, ଯାହାକୁ ପାଳନ କରିବା ସକାଶେ ସେମାନେ ସ୍ୱେଚ୍ଛାରେ ପରଦା ସ୍ୱୀକାର କରୁଥିଲେ, ଆଜି ତାକୁ ବନ୍ଧନ ବୋଲି ମନେ କରୁଅଛନ୍ତି । ଯେଉଁ ପରଦାକୁ ସେମାନେ ସ୍ୱଇଚ୍ଛାରେ ସ୍ୱୀକାର କରିଥିଲେ, ଆଜି ତାହା ସେମାନଙ୍କ ଉପରେ ବଳପୂର୍ବକ ଲଦି ଦିଆହୋଇ ସ୍ୱତନ୍ତ୍ରତା ଅପହରଣ କରାହୋଇଛି ବୋଲି ସେମାନେ ଅଭିଯୋଗ କରୁଅଛନ୍ତି । ସେମାନଙ୍କ ପୂର୍ବ ଶାଶ୍ୱତ କୀର୍ତ୍ତିରୂପ ପରମ ଧର୍ମ ଦିବ୍ୟରତ୍ନକୁ ଭୁଲି ପାଶ୍ଚାତ୍ୟର ଚକ୍‌ଚକିଆ ପ୍ଲାଷ୍ଟିକ୍ ସଭ୍ୟତାକୁ ପ୍ରାପ୍ତ କରିବାରେ ନିଜର ସୌଭାଗ୍ୟ ବୋଲି ମନେ କରୁଅଛନ୍ତି । ମା'ମାନଙ୍କର ଯଦି ଏହି ଭ୍ରମାତ୍ମକ ଅବସ୍ଥା, ଅଦୂରଦର୍ଶୀ ମନୋଭାବ ଦୂର ନ ହୁଏ ତେବେ ସଂସାରର ଉନ୍ନତି ଅସମ୍ଭବ । କାରଣ ସନ୍ତାନ ଉତ୍‌ପନ୍ନ ହେବ ମା'ଠାରୁ, ସେ ଯଦି ସଚ୍ଚରିତ୍ରା, ଦିବ୍ୟଗୁଣ-ସମ୍ପନ୍ନା, ଶୁଦ୍ଧଭାବାପନ୍ନା ନ ହୁଏ; ତେବେ ସନ୍ତାନ ମଧ୍ୟରେ ଦିବ୍ୟଗୁଣ ଆସିବ କେଉଁଠୁ ? ବ୍ୟକ୍ତିର ଦିବ୍ୟଗୁଣ ନ ହେଲେ ସଂସାରର ଉନ୍ନତି ନାହିଁ ।

ପ୍ରଶ୍ନ :କ'ଣ ମା'ମାନଙ୍କୁ ଦିବ୍ୟଗୁଣ ସମ୍ପନ୍ନା ହେବାକୁ ହେଲେ ସେହି ଅତୀତ ପରଦା ନିୟମକୁ ଫେରିଯିବାକୁ ହେବ ? ପଢ଼ା ଲେଖା ଛାଡ଼ି ଗୃହକାର୍ଯ୍ୟ ଦକ୍ଷତା ସହକାରେ କରିବାକୁ ହେବ ନା' ଅନ୍ୟ କୌଣସି ଉପାୟ ଅଛି ?

ଉତ୍ତର : ବର୍ତ୍ତମାନ ଉପାୟ ହେଲା ଭବିଷ୍ୟତ୍ ଯୁଗଧର୍ମ, ଅଧ୍ୟାତ୍ମ-ସତ୍ୟକୁ ମା'ମାନେ ଗ୍ରହଣ କଲେ ପୂର୍ବାପେକ୍ଷା ଉତ୍କୃଷ୍ଟ ଦିବ୍ୟଗୁଣ ଗ୍ରହଣ କରିପାରିବେ, ପଶ୍ଚାତ୍‌କୁ ଫେରିଯିବେ ନାହିଁ । ପଶ୍ଚାତ୍‌କୁ ଫେରିଯିବା ଏକେବାରେ ଅସମ୍ଭବ, କ୍ରମବିକାଶ ନିୟମର ପୂର୍ଣ୍ଣ ବିରୁଦ୍ଧ, ଯେପରିକି ଆଜି ବାୟୁଯାନ ଯୁଗରେ ବଳଦ ଗାଡ଼ିର ସ୍ଥାନ ।

ସଂସାରର ପତନ ଏବଂ ମହିଳାମାନଙ୍କର ଯେଉଁ ସ୍ୱେଚ୍ଛାଚାରିତା ଆଜି ଆମ୍ଭେମାନେ ଦେଖୁଥାଇଁ ତାହାର କାରଣ ହେଉଛି ପୁରାତନ ଯୁଗର ଶେଷ, ନୂତନ ଯୁଗର ଆଗମନ । ଏହି ସନ୍ଧିକ୍ଷଣରେ ସମସ୍ତ ବିଶୃଙ୍ଖଳା ହୁଏ, ଠିକ୍ ଯେପରି ଗୋଟିଏ ସୁନ୍ଦର ଭବନ ତୟାରି କରିବାକୁ ହେଲେ ପୁରାତନ ଅଟ୍ଟାଳିକାକୁ ଭାଙ୍ଗି ଧରାଶାୟୀ କରି ତାହାରି ଉପରେ ସୁନ୍ଦର ଭବନ ନିର୍ମାଣ କରାହୁଏ । ସେହି ଅବସ୍ଥା ଆଜି ସଂସାରରେ ଉପସ୍ଥିତ ।

ନୂତନଯୁଗ ତିଆରି ପାଇଁ ଯେଉଁ ଅତିମାନସ ଶକ୍ତି ଏହି ଧରାତଳକୁ ଆସିଛି ତାହାର କାର୍ଯ୍ୟରେ ପୁରୁଷମାନଙ୍କୁ ଯେପରି ଅଂଶ ଗ୍ରହଣ କରିବାକୁ ହେବ ସେହିପରି ସ୍ତ୍ରୀମାନଙ୍କୁ ମଧ୍ୟ ଅଂଶ ଗ୍ରହଣ କରିବାକୁ ହେବ । ସ୍ୱଇଚ୍ଛାରେ ଗ୍ରହଣ ନ କଲେ ନାନା ପ୍ରକାରେ ଦୁଃଖ କଷ୍ଟର ସମ୍ମୁଖୀନ ହୋଇ ଶେଷରେ ଅତିମାନସ ଶକ୍ତିର ଚାପରେ ବାଧ୍ୟ ହୋଇ ଗ୍ରହଣ କରିବାକୁ ହେବ । ବୁଦ୍ଧିମାନର କାର୍ଯ୍ୟ ହେଲା ବାଧ୍ୟ ହେବା ପର୍ଯ୍ୟନ୍ତ ଅପେକ୍ଷା ନ କରି ସ୍ୱେଚ୍ଛାରେ ପ୍ରଥମରୁ ଗ୍ରହଣ କରିନେବା ଯଦ୍ଦ୍ୱାରା ସନ୍ଧିକାଳର ସମୟ କମ୍ ହୋଇଯିବ ।

ଏହିସବୁ ପୁରାତନ ଯୁଗରେ ଯେଉଁସବୁ ପରିବର୍ତ୍ତନ ସକାଶେ ରାମ, କୃଷ୍ଣ, ବୁଦ୍ଧ, ଶଙ୍କର, ରାମାନୁଜ, ରାମାନନ୍ଦ, ଚୈତନ୍ୟ, ରାମକୃଷ୍ଣ ପରମହଂସ, ବିବେକାନନ୍ଦ ଇତ୍ୟାଦି ମହାପୁରୁଷ ଆଉ ଅବତାର ଆସିଥିଲେ ସେମାନେ ଶକ୍ତିର କ୍ରିୟା ଛଡ଼ା ନିଜ କର୍ମ ଆଦର୍ଶ ରଖି କିଛି ଅଂଶରେ ଧର୍ମର ପରିବର୍ତ୍ତନ କରିଅଛନ୍ତି । ତାହା ସାମାନ୍ୟ ପରିବର୍ତ୍ତନ ଥିଲା, ସେତେବେଳେ ବର୍ତ୍ତମାନ ସଦୃଶ ପୂର୍ଣ୍ଣ-ପରିବର୍ତ୍ତନର ସମୟ ଆସି ନ ଥିଲା । ସେଥିପାଇଁ ମା'ମାନଙ୍କୁ ଅଧିକ କିଛି ଅଂଶ ଗ୍ରହଣ କରିବାକୁ ଆବଶ୍ୟକ ହେଲା ନାହିଁ । ବର୍ତ୍ତମାନ କଳି ପରେ ସତ୍ୟଯୁଗର ଆଗମନର ସମୟ; ଏଥିରେ ମା'ମାନଙ୍କୁ ବିଶେଷରୂପେ ଅଂଶ ଗ୍ରହଣ କରିବାକୁ ହେବ । କାରଣ ପୃଥିବୀରେ ମନୁଷ୍ୟଠାରୁ ଗୋଟିଏ ଶ୍ରେଷ୍ଠ ଜାତି ସ୍ଥାପନ କରିବାକୁ ହେବ ।

ସେହି ସକାଶେ ପୁରୁଷଙ୍କ ପ୍ରତିନିଧିରୂପେ ଶ୍ରୀଅରବିନ୍ଦ; ସ୍ତ୍ରୀମାନଙ୍କ ପ୍ରତିନିଧିରୂପେ ଶ୍ରୀମା ଏହି ପୃଥିବୀକୁ ଆସି କର୍ମ କରୁଅଛନ୍ତି ଏବଂ ସଂସାର ସାମନାରେ ଆଦର୍ଶରୂପେ ଆଶ୍ରମ ନିର୍ମାଣ କରି ସ୍ତ୍ରୀ-ପୁରୁଷଙ୍କୁ ସମାନ ଅଧିକାର ଦେଇଅଛନ୍ତି । ସଂସାରର ଅର୍ଦ୍ଧେକ ଶକ୍ତି ହେଉଛି ସ୍ତ୍ରୀ । ନୂତନଯୁଗ ସକାଶେ ସ୍ତ୍ରୀର ଅଂଶ ଗ୍ରହଣ ବିନା ନୂତନଯୁଗ ପୂର୍ଣ୍ଣ ହୋଇପାରିବ ନାହିଁ । ଏଠାରେ ସ୍ତ୍ରୀମାନଙ୍କର ପୂର୍ଣ୍ଣ ସ୍ୱତନ୍ତ୍ରତା । ସ୍ତ୍ରୀମାନେ ପୂର୍ବପରି ପରଦାକୁ ଫେରି ନ ଯାଇ କିପରି ଉଜ୍ଜ୍ୱଳ ଚରିତ୍ର ରଖି ଭବିଷ୍ୟତ୍ ଯୁଗର ଅଗ୍ରଦୂତ ହୋଇପାରିବେ ତାହାର ଉଦାହରଣ ହେବାକୁ ଆଶ୍ରମର ପ୍ରୟାସ ।

କେତେକ ଲୋକ ଆଶ୍ରମକୁ ଆସି ବ୍ୟାୟାମ ସ୍ଥଳରେ ଝିଅମାନଙ୍କୁ ସ୍ୱଚ୍ଛନ୍ଦରେ ବ୍ୟାୟାମ କରିବାର ଦେଖି ବିସ୍ମିତ ହୋଇ କେତେକ ପ୍ରଶ୍ନ କରିଥା'ନ୍ତି ।

ପ୍ରଶ୍ନ : ଅଗ୍ନି ଓ କୁଟା ଏକ ସଙ୍ଗରେ ରହି ଜଳି ନ ଯିବ କିପରି ? ଏଠାରେ ଝିଅପିଲା, ପୁଅପିଲା ଏତେ ସ୍ୱତନ୍ତ୍ରତାରେ ରହୁଛନ୍ତି କିପରି ? ଆମ୍ଭେମାନେ କେତେକ ସଂସ୍ଥାରେ କେତେ ପ୍ରକାର ପ୍ରବନ୍ଧ କରୁଛୁ, ତାହା ସଫଳ ହେଉ ନାହିଁ । ଆଶ୍ରମ ବାହାର ଜଗତରେ ସ୍ୱତନ୍ତ୍ରତା ପରିଣାମ ବରାବର ଦୃଷ୍ଟିଗୋଚର ହେଉଅଛି । ଏଠାରେ ଏହା ସମ୍ଭବ ହୋଇଛି କିପରି ? ପିଲାମାନଙ୍କ ଚେହେରା ସେମାନଙ୍କ ପବିତ୍ରତାର ପ୍ରମାଣ ଦେଉଛି, ଏହାର ରହସ୍ୟ କ'ଣ ?

ଉତ୍ତର : ଏ ପର୍ଯ୍ୟନ୍ତ ଏହି ପୃଥିବୀ ପୃଷ୍ଠରେ ଅତିମାନସ ଶକ୍ତି ଅବତରଣ କରି ମନୁଷ୍ୟର ମନ, ପ୍ରାଣ, ଶରୀରର ରୂପାନ୍ତର କରି ନ ଥିଲା । ସେନେଇ ଝିଅପିଲା ପୁଅପିଲା ଏକ ସଙ୍ଗେ ସ୍ୱତନ୍ତ୍ରତାରେ ରହି ପବିତ୍ର ରହି ପାରୁ ନ ଥିଲେ । ବର୍ତ୍ତମାନ ନୂତନଯୁଗର ତୟାରି ପାଇଁ ଅତିମାନସ ଶକ୍ତିକୁ ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଉତାରି ଆଣି ରୂପାନ୍ତର

କାର୍ଯ୍ୟ ଆରମ୍ଭ କରିଅଛନ୍ତି । ସେଥିପାଇଁ ମା'ଙ୍କ ଅତିମାନସ ଶକ୍ତିର ପ୍ରଭାବରେ ଅଗ୍ନି ଓ କୁଟାତୁଲ୍ୟ ଝିଅପିଲା ଓ ପୁଅପିଲା ଏକ ସଙ୍ଗେ ରହି ପବିତ୍ରତାରେ ରହିବା ସମ୍ଭବ ହୋଇଅଛି । ଯେଉଁମାନେ ଏହି ଅଧ୍ୟାତ୍ମ-ଶକ୍ତିକୁ ପୂର୍ଣ୍ଣରୂପେ ଗ୍ରହଣ କରିବେ ସେମାନେ ମଧ୍ୟ ଏହିପରି ସଂସାରରେ ଏକସଙ୍ଗେ ପଢ଼ିବା, ଖେଳିବା ସତ୍ତ୍ୱେ ପବିତ୍ର ରହିପାରିବେ ।

ବାହାରେ ଆଶ୍ରମ ଅପେକ୍ଷା କମ୍ ସ୍ୱତନ୍ତ୍ରତା ପାଇଁ ଝିଅପିଲା ଓ ପୁଅପିଲାମାନେ ପବିତ୍ରତାରେ ରହି ନ ପାରିବାର କାରଣ ହେଉଛି : ପୂର୍ବେ ସ୍ତ୍ରୀମାନେ ପରଦାରେ ଥିଲେ, ନୈତିକ ଧର୍ମ ପ୍ରତି ଭୟ ଏବଂ ଶ୍ରଦ୍ଧା ଥିଲା । ଯୁଗ ପ୍ରଭାବରୁ ଏହା ନଷ୍ଟ ହୋଇଛି ଆଉ ଏହାଠାରୁ ଅତ୍ୟନ୍ତ ଉତ୍କୃଷ୍ଟ ଅଧ୍ୟାତ୍ମ ଅତିମାନସ ସତ୍ୟ ପୃଥିବୀରେ ପ୍ରସାର ଲାଭ କରି ନାହିଁ । ପୁରାତନ ପରଦା ଓ ନୈତିକ ଧର୍ମଭାବ ଫେରି ଆସିବ ନାହିଁ । ଯେଉଁ ଅଟ୍ଟାଳିକାର ନିଅଁ ଭୁଶୁଡ଼ି ପଡ଼ିଲାଣି ତାକୁ ବାଉଁଶ ଠେଲା ଦେଇ ରଖି ହେବ ନାହିଁ । ବରଂ ପରଦାର ବିନାଶ ଆଉ ଉତ୍ସୃଙ୍ଖଳା କ୍ରମଶଃ ବଢ଼ିବ । ଏହାକୁ କୌଣସି ପୁରାତନ ନୀତି ଆଉ ଧର୍ମ ଆୟତ୍ତ କରିପାରିବ ନାହିଁ । ଏହାର ଏକମାତ୍ର ପ୍ରତିକାର ହେଉଛି ନୂତନ ଯୁଗର ଯେଉଁ ଅଧ୍ୟାତ୍ମ ସତ୍ୟ ସ୍ଥାପିତ ହେବାକୁ ଯାଉଛି ତାକୁ ଗ୍ରହଣ କରିବା । ପିତାମାତାଙ୍କର ନିଜ କନ୍ୟାମାନଙ୍କ ପ୍ରତି, ଭାଇମାନଙ୍କର ନିଜ ଭଉଣୀମାନଙ୍କ ପ୍ରତି, ସ୍ୱାମୀମାନଙ୍କର ନିଜ ସ୍ତ୍ରୀମାନଙ୍କ ପ୍ରତି ଏକମାତ୍ର କର୍ତ୍ତବ୍ୟ ହେଉଛି ଅଧ୍ୟାତ୍ମ-ସତ୍ୟ ଗ୍ରହଣ କରିବାରେ ସେମାନଙ୍କୁ ଉତ୍ସାହିତ କରିବା ଏବଂ କନ୍ୟାର ହିତ, ଭଉଣୀର ହିତ, ନିଜର ହିତ ଆଉ ସଂସାର ହିତ ସକାଶେ ନିଜେ ଅଧ୍ୟାତ୍ମ-ସତ୍ୟକୁ ଗ୍ରହଣ କରିବା । ସ୍ତ୍ରୀ-ପୁରୁଷ ଉଭୟ ଅଧ୍ୟାତ୍ମ-ସତ୍ୟ ଗ୍ରହଣ କଲେ ଘରେ କଳି କଜିଆ ହେବ ନାହିଁ, ପୃଥକ୍ ହେବାକୁ ପଡ଼ିବ ନାହିଁ, ପରସ୍ପର କଳିରେ ହୃଦୟ ଜଳିବ ନାହିଁ । ଅଧ୍ୟାତ୍ମ-ଭାବାପନ୍ନ ହେଲେ ଘରେ ଦିବ୍ୟ ବାତାବରଣ ସୃଷ୍ଟି ହେବ । ସନ୍ତାନମାନେ ଶୁଦ୍ଧ ସଂସ୍କାର ନେଇ ଜନ୍ମ ହେବେ ଏବଂ ସେହି ଶୁଦ୍ଧ ବାତାବରଣରେ ପାଳନ-ପୋଷଣ ହେବେ । ସେମାନଙ୍କ ରକ୍ତ ସଙ୍ଗେ ସତ୍ୟ ମିଶ୍ରିତ ହୋଇଯିବ । ସେମାନେ ବଡ଼ ହୋଇ ସଂସାରରେ କାର୍ଯ୍ୟ କଲେ ସେମାନଙ୍କ ଦ୍ୱାରା ଚୋରି, ଘୋଷଖୋରି, ଧପ୍‌ପାବାଜି, ଠକାମି ଇତ୍ୟାଦି ମିଥ୍ୟାଚାର ହେବ ନାହିଁ । ଏହିସବୁ ଦୁର୍ଗୁଣ ଅଭାବରେ ବ୍ୟକ୍ତି ସତ୍ୟ, ଶାନ୍ତି, ଦୟା, କ୍ଷମା, ଆନନ୍ଦ, ପ୍ରେମ, ଭକ୍ତି ଇତ୍ୟାଦି ଦିବ୍ୟଗୁଣରେ ବିଭୂଷିତ ହେବ । ଏହିସବୁ ଦିବ୍ୟଗୁଣ ଯୋଗୁଁ ହୃଦୟ, ମନ, ବୁଦ୍ଧି ଶୁଦ୍ଧ ହେଲେ ତା'ର ଅସାଧାରଣ କ୍ରିୟାଶକ୍ତି ବିକାଶ ହେବ । ବର୍ତ୍ତମାନ ମନୁଷ୍ୟ ଯେତେ ସମୟରେ ଯାହା ପଢୁଛି, ଯେତେ ସମୟରେ ଯାହା କ୍ରିୟା କରୁଛି, ଯେତେ ସମୟରେ ଯାହା ନିର୍ଣ୍ଣୟ କରୁଛି, ତାହାର ଦଶମାଂଶ ସମୟରେ ତାହା ପୂର୍ବଠାରୁ ଉତ୍ତମରୂପେ କରିପାରିବ । ଏହାଦ୍ୱାରା ବ୍ୟକ୍ତି, ଘର, ଦେଶ ସମ୍ପଦରେ ପୂର୍ଣ୍ଣ ରହିବ ଅର୍ଥାତ୍ ଅଧ୍ୟାତ୍ମ-ସତ୍ୟରେ ବାସ କରି ସମୃଦ୍ଧି ଲାଭ କରିବ । ଜୀବନ ସଙ୍ଗେ ଅଧ୍ୟାତ୍ମ-ସତ୍ୟର ସଂମିଶ୍ରଣ ହେଲେ ସଂସାର ସ୍ୱର୍ଗରେ ପରିଣତ ହେବ । ଏହି କାର୍ଯ୍ୟର ଦାୟିତ୍ୱ ଅଧିକଭାବେ ମାତାମାନଙ୍କ ଉପରେ ।

ଉଚ୍ଚତର ଅବସ୍ଥା ପ୍ରାପ୍ତ କରିବାର ଉପାୟ :

ଅଧ୍ୟାତ୍ମ-ଅତିମାନସ ସତ୍ୟକୁ ଗ୍ରହଣ କରି ତାହାରି ଦ୍ୱାରା ପରିଚାଳିତ ହେବାର ଦୁଇଟି ମାର୍ଗ । ଗୋଟିଏ ସାଧନା, ଅନ୍ୟଟି ଭାବ-ମାର୍ଗ ।

ସାଧନା

ଚିତ୍ତ ଏକାଗ୍ର କରିବା ସକାଶେ ହୃଦୟରେ ଅଥବା ମସ୍ତକ କିଂବା ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରିବା । ମା' ଶ୍ରୀଅରବିନ୍ଦଙ୍କ ଫଟୋ ଧ୍ୟାନ କରାଯାଇପାରେ, ସମର୍ପଣ ସକାଶେ ଅଭୀପ୍ସାରେ ଚେତନାକୁ ଏକାଗ୍ର କରାଯାଇପାରେ, ଅଥବା ଊର୍ଦ୍ଧ୍ୱସ୍ଥ ଭାଗବତୀ ଶକ୍ତିକୁ ଶାନ୍ତି, ଜ୍ୟୋତିଃ, ଶକ୍ତିରୂପେ ଅବତରଣ କରିବା ସକାଶେ ପ୍ରତୀକ୍ଷା କରାଯାଇପାରେ । ଏହି ଧ୍ୟାନ ଓ ସାଧନା ବିଷୟ ''ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା'' ବହିରେ ଆଲୋଚନା କରାହୋଇଛି । ଏହି ଧ୍ୟାନ ଆଉ ଅଭୀପ୍ସା

ଯେଉଁମାନେ କରିପାରନ୍ତି ଭଲ, ଯେଉଁମାନେ କରି ନ ପାରନ୍ତି ସେମାନଙ୍କ ସକାଶେ ଆଉ ଗୋଟିଏ ଅତ୍ୟନ୍ତ ସରଳ, ପ୍ରତ୍ୟେକ ବ୍ୟକ୍ତି କରିବାର ଯୋଗ୍ୟ ସାଧନା ଅଛି । ତାହା ହେଲା ମା'ଙ୍କ ଉପରେ ଶ୍ରଦ୍ଧା, ବିଶ୍ୱାସ ରଖିବା ।

ଭାବ

ମା'ଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ ଉତ୍ପନ୍ନ ହେବା ସକାଶେ ଉପାୟ ହେଲା : ମା' ଶ୍ରୀଅରବିନ୍ଦଙ୍କ ଫଟୋ ଘରେ ରଖ । ପ୍ରତିଦିନ ଯଦି ପୁଷ୍ପ ମିଳେ ତେବେ ପୁଷ୍ପ ଅର୍ପଣ କର । ସକାଳ ସନ୍ଧ୍ୟାରେ ପ୍ରଣାମ କର । ଯାହା ଦୁଃଖ କଷ୍ଟ ହେବ ତାହା ତାଙ୍କ ପାଖରେ ଜଣାଅ । ଘରର ମାଲିକ ତାଙ୍କୁହିଁ ଜାଣ । ଘର, ପରିବାର, ସମ୍ପତ୍ତି, ଗୋରୁଗାଈ ସବୁ ତାଙ୍କରି । ଆମ୍ଭେମାନେ ତାଙ୍କ ସେବକ । ଆମ୍ଭେ ଯେଉଁ କାର୍ଯ୍ୟ କରୁଛୁ ସେହି କାର୍ଯ୍ୟରେ ଆମ୍ଭଙ୍କୁ ନିଯୁକ୍ତ କରାହେଉଛି । ରୋଷାଇ କରିବା, ବାସନ ମାଜିବା, ଘର ଲିପିବା, ଲୁଗା ଧୋଇବା ସମସ୍ତ କାର୍ଯ୍ୟ ତାଙ୍କରି । କାରଣ ସେ ଘରର ମାଲିକ । ପିଲାଙ୍କୁ ସ୍ନାନ କରାଇଦେବା, ଭୋଜନ କରାଇବା, ଗୋରୁଗାଈଙ୍କ କାର୍ଯ୍ୟ କରିବା, ବଗିଚାରେ କାର୍ଯ୍ୟ କରିବା ଇତ୍ୟାଦି ସମସ୍ତ କାର୍ଯ୍ୟ ତାଙ୍କର । କାରଣ ପ୍ରକୃତରେ ସେ ଘରର ମାଲିକ । ଆମ୍ଭେମାନେ ଘରର ଯେଉଁସବୁ କାର୍ଯ୍ୟକରୁ, ଚାକର ମଧ୍ୟ ସେହି ସମସ୍ତ କାର୍ଯ୍ୟ କରେ, କାର୍ଯ୍ୟରେ କୌଣସି ପ୍ରଭେଦ ନାହିଁ, ଏକହିଁ କାମ । କିନ୍ତୁ ଆମ୍ଭେ ମନେକରୁ ଆମ୍ଭେ ନିଜ ସକାଶେ, ପରିବାର ସକାଶେ କରୁଛୁ, ଚାକର ମନେକରେ ଘରର ମାଲିକ ସକାଶେ ସେ କରୁଛି । ସେହିପରି ଆମ୍ଭେମାନେ ଯଦି ଘରର ମାଲିକ ବୋଲି ମା'ଙ୍କୁ ମାନିନେବା ତେବେ ସମସ୍ତ କାର୍ଯ୍ୟ ତାଙ୍କରି ସକାଶେ ହେବ । ମନୁଷ୍ୟ ଯେଉଁ ଘର, ପରିବାର, ସମ୍ପତ୍ତିକୁ ନିଜର ବୋଲି କହେ ପ୍ରକୃତରେ ତାହା ତାହାର ନୁହେଁ, ସବୁକିଛି ପ୍ରକୃତରେ ଭଗବାନଙ୍କର । ଭଗବାନଙ୍କର ଥିଲା, ବର୍ତ୍ତମାନ ଅଛି, ଭବିଷ୍ୟତରେ ରହିବ । ମନୁଷ୍ୟ କେବଳ ମୋହଗ୍ରସ୍ତ ହୋଇ ସମସ୍ତ ବସ୍ତୁକୁ କହେ 'ମୋର' । କନ୍ୟା ଯେତେଦିନ ପର୍ଯ୍ୟନ୍ତ ପିତାଗୃହରେ ଥାଏ ସମସ୍ତ ବସ୍ତୁକୁ କହେ 'ମୋର' । ବିବାହ ପରେ ପତିଗୃହକୁ ଚାଲିଯାଏ, ପିତାଗୃହରେ ସମ୍ପତ୍ତିରେ କିଛିମାତ୍ର ଅଧିକାର ରହେ ନାହିଁ । ପିତାଗୃହରେ ଯାହାସବୁ ନିଜର ଥିଲା, ତାହାସବୁ ପରର ହୋଇଯାଏ, ପତିଗୃହରେ ଯାହା ପରର ଥିଲା ତାହା ନିଜର ହୋଇଯାଏ । ମରିଯିବା ପରେ ଘର, ପରିବାର, ଧନ-ସମ୍ପତ୍ତି, ବନ୍ଧୁବାନ୍ଧବ ଆଦି କାହାରି ସଙ୍ଗେ ସମ୍ପର୍କ ରହେ ନାହିଁ । କେବଳ ଭଗବାନଙ୍କ ସଙ୍ଗେ ଆତ୍ମାର ବରାବର ନିତ୍ୟ ସମ୍ବନ୍ଧ । ଆତ୍ମା, ମନ, ପ୍ରାଣ, ଶରୀର, ସଂସାର, ଧନ ସମସ୍ତ ଭଗବାନଙ୍କର ।

ଏହିପରି ଭାବନାରେ ମା'ଙ୍କୁ ସ୍ମରଣ କରି ''ଶ୍ରୀଅରବିନ୍ଦଃ ଶରଣଂମମ,'' ''ଶ୍ରୀମାତା ଶରଣଂମମ''— ଏହି ନାମଜପ କାର୍ଯ୍ୟ କରିବା ସମୟରେ, ଭୋଜନ କରିବା ସମୟରେ, ଚାଲିବା ସମୟରେ କରିବେ । ଶୋଇବା ସମୟରେ ବିଛଣାରେ ମା' ଶ୍ରୀଅରବିନ୍ଦଙ୍କ ଫଟୋକୁ ସ୍ମରଣ କରି ପ୍ରାର୍ଥନା କରିବେ : ''ମୁଁ ମୋର ଯାହାକିଛି – ଘର ପରିବାର ସମସ୍ତ ତୁମର, ମୁଁ ତୁମ୍ଭର ସେବକ, ସମସ୍ତ କାର୍ଯ୍ୟ ତୁମ୍ଭରି ସେବା – ଏହି ଭାବ ମୋର ଦୃଢ଼ ହେଉ, ତୁମ୍ଭ ପ୍ରତି ଶ୍ରଦ୍ଧା, ଭକ୍ତି ହେଉ – ଏହାହିଁ କୃପାକର ।'' ଏହିପରି ନାମ ସ୍ମରଣ କରି ଶୋଇଯିବେ । ନିଦ୍ରାରୁ ଉଠିବା ସଙ୍ଗେ ସଙ୍ଗେ ଏହିପରି ପ୍ରାର୍ଥନା କରିବେ । ଯାହା ଭୋଜନ କରିବେ ତାହା ମା'ଙ୍କୁ ସମର୍ପଣ କରି କରିବେ । ସ୍ନାନ କରିବା ପରେ ଫଟୋ ସାମନାରେ ପାଞ୍ଚ, ଦଶ ମିନିଟ୍ ବସି ସେଥିରେ ମନ ଏକାଗ୍ର କରିବାକୁ ଚେଷ୍ଟା କରିବେ । ଯଦି ସେଥିରେ ମନ ଏକାଗ୍ର ହୁଏ ତେବେ ଆଖି ବନ୍ଦ କରି ହୃଦୟ ଭିତରେ ସେହି ଫଟୋକୁ ଧ୍ୟାନ କରିବେ । ଯେଉଁମାନେ ଧ୍ୟାନ କରି ନ ପାରନ୍ତି ସେମାନେ ମା'ଙ୍କର ସେବାରୂପେ ଘରକାର୍ଯ୍ୟ କଲେ ଚଳିବ । ଯାହା ସକାଶେ ଯାହା ସରଳ ହେବ, ଯାହା ସେ କରିପାରିବେ, ସେଥିରେହିଁ ସେ ଆରମ୍ଭ କରିପାରେ । କୌଣସି ଗୋଟିଏ ଭାବନା ଦ୍ୱାରା ଆରମ୍ଭ କଲେ ସେହି ପ୍ରାରମ୍ଭିକ ଭାବ ସ୍ୱୟଂ ନିଜ ମାର୍ଗ ତୟାର କରି ନେବ । ଯେପରି ବହୁତ ବଡ଼ ମଜଭୁତ ବନ୍ଧରେ ଛୋଟ ଘୋଳିଆଟିଏ କରିଦେଲେ ଜଳ ସ୍ୱୟଂ ଘୋଳିଆକୁ ବଡ଼ କରି ବନ୍ଧକୁ ଭାଙ୍ଗିଦିଏ, ସେହିପରି ଅଧ୍ୟାତ୍ମ ମାର୍ଗ । ଭଗବତ୍ ଶକ୍ତିକୁ ପ୍ରବେଶ କରିବାକୁ ଟିକିଏ ରାସ୍ତା ଦେଲେ ସେ ନିଜେ ନିଜେ ତାହାକୁ ବିସ୍ତାର କରି ନେବେ ।

ଏହିପରି ମା'ମାନେ କଲେ, ସନ୍ତାନମାନେ ଦେଖିବେ, ଶିଖିବେ ଏବଂ କରିବେ । ଉପର ଲିଖିତ ସାଧନା ଆଉ ଭାବ ମଧ୍ୟରୁ ଯାହାକୁ ଯାହା ସୁଗମ ହେବ ତାହାକୁ ନେଇ ସେ ଆରମ୍ଭ କରିପାରେ । ଯାହାକୁ ଯାହା ସରଳ ହେବ ତାହା ସକାଶେ ତାହାହେବ ସର୍ବଶ୍ରେଷ୍ଠ ସାଧନା । ସେହି ପ୍ରାରମ୍ଭିକ ସାଧାରଣ ସାଧନ ବିଶାଳତାରେ ପରିଣତ ହେବ; ଆଉ ଭଗବାନଙ୍କ ପାଖରେ ପହୁଞ୍ଚାଇ ଦେବ ।

''ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍''

(ଗୀତା)

ଅର୍ଥାତ୍ – ସ୍ୱଳ୍ପ ଧର୍ମ ମହତ୍ ଭୟ (ଜନ୍ମ-ମୃତ୍ୟୁ)ରୁ ତ୍ରାଣ କରେ ।

ଏହାତ' ହେଲା ବ୍ୟକ୍ତିଗତ ସାଧନା । ଏହା ପ୍ରତ୍ୟେକ ମାତା ନିଜ ନିଜ ଘରେ କରିବେ । ଏହାଦ୍ୱାରା ଗୃହର ବାତାବରଣ ଶୁଦ୍ଧ ହେବ । କିନ୍ତୁ ଏହା ସଙ୍ଗେ ଗ୍ରାମର ବାତାବରଣ ଶୁଦ୍ଧ ହେଲେ ତାହାଦ୍ୱାରା ବ୍ୟକ୍ତିକୁ ସାହାଯ୍ୟ ପ୍ରାପ୍ତ ହେବ ।

ଶ୍ରୀଅରବିନ୍ଦ ମହିଳା କେନ୍ଦ୍ର

ଗ୍ରାମ ବାତାବରଣର ଶୁଦ୍ଧି ଆବଶ୍ୟକ, ନିଜର ଆଉ ଅନ୍ୟ ବ୍ୟକ୍ତିମାନଙ୍କର ଲାଭ ସକାଶେ । ମା' ଭଉଣୀମାନଙ୍କ ପ୍ରତି ଗ୍ରାମରେ ଗୋଟିଏ ଗୋଟିଏ ''ଶ୍ରୀଅରବିନ୍ଦ ମହିଳା କେନ୍ଦ୍ର'' ସ୍ଥାପିତ ହେବା ଉଚିତ । ଯେଉଁମାନେ ସାଧନା କରିବାକୁ ଚାହାନ୍ତି, ସେମାନେ ଗ୍ରାମର କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ନିର୍ଦ୍ଦିଷ୍ଟ ସମୟରେ ସପ୍ତାହରେ ଦୁଇଦିନ କିଂବା ଦିନେ, ସମସ୍ତ ମହିଳାମାନେ ଏକତ୍ରିତ ହେବେ । ସେମାନଙ୍କ ମଧ୍ୟରୁ ଯେ ଶ୍ରୀଅରବିନ୍ଦ ଯୋଗ-ଦର୍ଶନ ସମ୍ବନ୍ଧେ କିଛି ଜାଣିଥିବେ ସେ ମା' ଶ୍ରୀଅରବିନ୍ଦଙ୍କ ବହି ଅଥବା 'ନବଜ୍ୟୋତି' ୨୫।୩୦ ମିନିଟ୍ ପଢ଼ିବେ । କିଛି ସମୟ ସମସ୍ତେ ମା' ଶ୍ରୀଅରବିନ୍ଦଙ୍କ ଫଟୋ ଧ୍ୟାନ କରିବେ । ସେଠାରେ କେହି ଘରର ଆଉ ପଡ଼ୋଶୀ ଘରର ଚର୍ଚ୍ଚା ଅଥବା ଗପ କରିବେ ନାହିଁ । ସେଠାରେ ଯେତେ ସମୟ ରହିବେ ମୌନ ରହିବେ ଅଥବା ବହି ପଢ଼ିବେ କିଂବା ଅଧ୍ୟାତ୍ମ ସମ୍ବନ୍ଧୀୟ ବିଷୟ ପଚାରି ପାରିବେ । ସେ ସ୍ଥାନରେ ମା ଶ୍ରୀଅରବିନ୍ଦଙ୍କ ଫଟୋ ରହିବା ଦରକାର । ଏହିରୂପେ ଗ୍ରାମେ ଗ୍ରାମେ ଯେତେ ଅଧିକ ଆଧ୍ୟାତ୍ମିକତାର ପ୍ରସାର ହେବ ତେତେ ଅଧିକ ପରିମାଣରେ ବାତାବରଣ ଶୁଦ୍ଧ ହେବ, ମନୁଷ୍ୟର କଳୁଷିତ ଭାବ ଦୂର ହେବ ।

ଜଗତରେ ଅନ୍ନ, ବସ୍ତ୍ର, ଔଷଧ ଦାନ, ରାସ୍ତା, ଘାଟ ନିର୍ମାଣ ଆଦି ଯେତେପ୍ରକାର ଧର୍ମ ଅଥବା ଲୋକସେବା ଅଛି ସବୁଠାରୁ ଶ୍ରେଷ୍ଠ ଅଧ୍ୟାତ୍ମ-ସାଧନା ଆଉ ଆଧ୍ୟାତ୍ମିକତାର ପ୍ରସାର । ଅନ୍ନ, ବସ୍ତ୍ର, ଔଷଧାଦିରେ ମନୁଷ୍ୟକୁ ଅଳ୍ପ ସମୟ 'ସୁଖ ପ୍ରାପ୍ତ ହୁଏ, ପରେ ଦୁଃଖ' ଆସେ । କିନ୍ତୁ ଅଧ୍ୟାତ୍ମ-ସତ୍ୟ ପ୍ରାପ୍ତିରେ ସାଂସାରିକ ସୁଖଠାରୁ ବହୁ ଗୁଣରେ ଶ୍ରେଷ୍ଠ ଆନନ୍ଦ ପ୍ରାପ୍ତ ହୁଏ, ତାହା ନଷ୍ଟ ନ ହୋଇ ବରାବର ବୃଦ୍ଧି ହେଉଥାଏ, ଜନ୍ମମରଣ ଦ୍ୱନ୍ଦ୍ୱରୁ ମୁକ୍ତ କରେ । ସେନେଇ ଅଧ୍ୟାତ୍ମ-ସେବା ସବୁଠାରୁ ଉତ୍କୃଷ୍ଟ ।

ମହିଳା ସେମିନାର

କେତେକ ପଣ୍ଡିତ ପ୍ରତିଷ୍ଠିତ ବ୍ୟକ୍ତି ପ୍ରଶ୍ନ କରନ୍ତି ଯେ ଓଡ଼ିଶାରେ ବହୁତ ସ୍ଥାନରେ ସେମିନାର ଏବଂ ପାଠଚକ୍ର ହେଉଛି । ସେମିନାରଗୁଡ଼ିକରେ ପୁରୁଷ ଓ ମହିଳାମାନେ ଯୋଗ ଦେଉଅଛନ୍ତି । ଅଧିକାଂଶ ପାଠଚକ୍ରରେ ମହିଳାମାନେ ବି ଯୋଗ ଦିଅନ୍ତି । ଏପରି ସ୍ଥଳେ ମହିଳା ପାଠଚକ୍ର, ମହିଳା ସେମିନାର,— ଏପରି ନିର୍ଦ୍ଦିଷ୍ଟ ନାମ କାହିଁକି ରଖାଯାଉଛି ? ଏପରି ନାମ ରଖିବା ଦ୍ୱାରା କ'ଣ ବିଭେଦ ଏବଂ ବିବାଦ ସୃଷ୍ଟି ହେବ ନାହିଁ ?

ପୃଥକ୍ ନାମ ରଖିବା ଦ୍ୱାରା ବିଭେଦ ବା ବିବାଦ ସୃଷ୍ଟି ହେବ ନାହିଁ । ଯେପରି ସୃଷ୍ଟି ବିସ୍ତାରରେ ନାରୀମାନଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିଲା, ନାରୀମାନଙ୍କ ବିନା ସୃଷ୍ଟି ବିସ୍ତାର ହେବା ସମ୍ଭବ ନ ଥିଲା, ସେହିପରି ପୃଥିବୀରେ ନୂତନ ଅତିମାନବ ଜାତି ଏବଂ ଅତିମାନସ ସତ୍ୟଯୁଗ ପ୍ରତିଷ୍ଠାରେ ନାରୀମାନଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଅଛି । ସେମାନଙ୍କୁ ପ୍ରଧାନ ରୂପେ ଅଂଶ ଗ୍ରହଣ କରିବାକୁ ହେବ ।

ସୃଷ୍ଟି ହେବା ପରେ କ୍ରମବିକାଶର ଲକ୍ଷ୍ୟ ମାର୍ଗରେ ଅଧର୍ମର ବାଧାକୁ ଦୂର କରିବା ସକାଶେ ଭଗବାନଙ୍କ ବିଧାନ ଅନୁସାରେ ନାରୀମାନେ ସ୍ୱଇଚ୍ଛାରେ ପାତିବ୍ରତ୍ୟ ଧର୍ମ ପାଳନ କରିବା ଯୋଗୁଁ ସମାଜ କାର୍ଯ୍ୟରୁ ପୃଥକ୍ ରହି ଆସୁଛନ୍ତି । ଏହି ସଂସ୍କାର ଯୋଗୁଁ ପୃଥିବୀରେ ଅତିମାନବ ଜାତି ପ୍ରତିଷ୍ଠା କାର୍ଯ୍ୟରେ ନାରୀମାନଙ୍କର ପ୍ରଧାନ ଭୂମିକା ଥିବା କଥା ସେମାନେ ଭୁଲି ଯାଇଛନ୍ତି । ସେମାନଙ୍କ ଦାୟିତ୍ୱ ସ୍ମରଣ କରାଇ ଦେବା ସକାଶେ ମହିଳା ସେମିନାର, ମହିଳା ପାଠଚକ୍ର ନାମ ରଖା ହୋଇ କାର୍ଯ୍ୟର ଭାର ସେମାନଙ୍କୁ ଦିଆ ହୋଇଅଛି ।

ଶ୍ରୀଅରବିନ୍ଦ ପୃଥିବୀକୁ ଆସି ପୃଥିବୀରେ ଅତିମାନସ ଚେତନାବିଶିଷ୍ଟ ଅତିମାନବ ଜାତି ପ୍ରତିଷ୍ଠା ସକାଶେ ସ୍ୱୟଂ ତପସ୍ୟା କରି ଅତିମାନସ ଶକ୍ତିକୁ ଉତାରି ଆଣି ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି ଏବଂ ସାଧନାର କେନ୍ଦ୍ର ରୂପେ ଆଶ୍ରମ ପ୍ରତିଷ୍ଠା କରିଅଛନ୍ତି । ପୃଥିବୀରେ ଅତିମାନବ ଜାତି ପ୍ରତିଷ୍ଠା କରିବା ସାଧନାର ପୂର୍ଣ୍ଣ ଦାୟିତ୍ୱ ଶ୍ରୀମା'ଙ୍କୁ ଦେଇଅଛନ୍ତି ।

ପୂର୍ବେ ସୃଷ୍ଟି କରିବା ସକାଶେ ସଚ୍ଚିଦାନନ୍ଦ ଯେପରି ଈଶ୍ୱର ଏବଂ ଶକ୍ତି ଉଭୟ ରୂପେ ପ୍ରକଟ ହୋଇଥିଲେ ଏବଂ ସୃଷ୍ଟିର ଦାୟିତ୍ୱ ଆଦ୍ୟାଶକ୍ତିଙ୍କ ଉପରେ ନ୍ୟସ୍ତ କରିଥିଲେ, ସେହିପରି ଶ୍ରୀଅରବିନ୍ଦ ଅତିମାନବ ପ୍ରତିଷ୍ଠା ଓ ରୂପାନ୍ତର କାର୍ଯ୍ୟର ଦାୟିତ୍ୱ ଶ୍ରୀମା'ଙ୍କୁ ଦେଇଛନ୍ତି । ଯେପରି ଭଗବାନ୍ ପଶ୍ଚାତ୍‌ରେ ରହି ଆଦ୍ୟାଶକ୍ତିଙ୍କ ଦ୍ୱାରା ସୃଷ୍ଟି କରାଇଲେ, ଠିକ୍ ସେହିପରି ଶ୍ରୀଅରବିନ୍ଦ ପଶ୍ଚାତ୍‌ରେ ରହି ଶ୍ରୀମା'ଙ୍କ ଦ୍ୱାରା ରୂପାନ୍ତର କାର୍ଯ୍ୟ କରାଉଛନ୍ତି ଏବଂ ରୂପାନ୍ତର ସାଧନା କେନ୍ଦ୍ର ଆଶ୍ରମରେ ସାଧକମାନଙ୍କ ସହିତ ସାଧିକାମାନଙ୍କୁ ସମାନ ସ୍ଥାନ ଦେଇ ନାରୀମାନଙ୍କ ଦାୟିତ୍ୱ ସ୍ମରଣ କରାଇ ଦେଇଅଛନ୍ତି । ଏହି ନୂତନ ଅତିମାନସ ଚେତନା ବିଶିଷ୍ଟ ଅତିମାନବଜାତି ପୃଥିବୀରେ ପ୍ରତିଷ୍ଠା କାର୍ଯ୍ୟରେ ପୁରୁଷ ଓ ନାରୀ ଉଭୟଙ୍କର ଭୂମିକା ରହିଅଛି ।

ଭଗବାନ୍ ସଚ୍ଚିଦାନନ୍ଦ ଏକ ଥିଲେ । ସୃଷ୍ଟି କରିବା ଉଦ୍ଦେଶ୍ୟରେ ଈଶ୍ୱର ଏବଂ ଶକ୍ତି ଦୁଇ ରୂପରେ ପ୍ରକଟ ହେଲେ । କିନ୍ତୁ ସଚ୍ଚିଦାନନ୍ଦ ପରମ ବ୍ରହ୍ମ ଉଭୟ ବିଗ୍ରହରେ ପୂର୍ଣ୍ଣ ରହିଲେ । ଯଥାର୍ଥରେ ଈଶ୍ୱର ଏବଂ ଶକ୍ତି ତତ୍ତ୍ୱତଃ ଏକ । କେବଳ ସୃଷ୍ଟି କର୍ମ କରିବା ସକାଶେ ହେଲେ ଦୁଇଟି ବିଗ୍ରହ । ଭଗବାନଙ୍କ ସଂକଳ୍ପରେ ଆଦ୍ୟାଶକ୍ତି ସୃଷ୍ଟି କଲେ । ସୃଷ୍ଟି ବିକାଶ ସକାଶେ ହେଲେ ପୁରୁଷ ଓ ନାରୀ । ଉଭୟଙ୍କ ଦ୍ୱାରାହିଁ ସୃଷ୍ଟି ହୁଏ । କେବଳ ପୁରୁଷ ବା କେବଳ ନାରୀଙ୍କ ଦ୍ୱାରା ସୃଷ୍ଟି ହୋଇପାରେ ନାହିଁ । ପୁରୁଷ ଏବଂ ନାରୀ ମଧ୍ୟରେ ସ୍ୱତଃସ୍ଫୂର୍ତ୍ତ ଭାବେ ଏକତ୍ୱ ଥାଏ । ଏକତ୍ୱର ପ୍ରମାଣ ହେଉଛି — ଗୋଟିଏ ମା'ର ସନ୍ତାନ ଭାଇ ଭାଇ ପୃଥକ୍ ହୁଅନ୍ତି; ପତି ପତ୍ନୀ ପୃଥକ୍ ପୃଥକ୍ ପିତାମାତାର ସନ୍ତାନ ହେବା ସତ୍ତ୍ୱେ କେବେ ବି ପୃଥକ୍ ହୁଅନ୍ତି ନାହିଁ । ପରସ୍ପର ମଧ୍ୟରେ ନିବିଡ଼ ସମ୍ବନ୍ଧ ଥିବାରୁ ସ୍ୱତଃସ୍ଫୂର୍ତ୍ତଭାବେ ପୁରୁଷ ଏବଂ ନାରୀ ଉଭୟେ ଉଭୟଙ୍କର ଉନ୍ନତି ଚାହାନ୍ତି । ଏପରିକି ପୂର୍ବେ ପତିର ମୃତ୍ୟୁରେ ପତ୍ନୀମାନେ ପତି ସହିତ ଅଗ୍ନିରେ ଶରୀର ତ୍ୟାଗ କରୁଥିଲେ । କାଳକ୍ରମେ ଆଜିକାଲି ସେ ପଛା ଯଦ୍ୟପି ଉଠି ଯାଇଛି ତଥାପି ପତିର ମୃତ୍ୟୁ ପରେ ପତ୍ନୀ ସମସ୍ତ ସମ୍ପତ୍ତି, ସବୁ ପ୍ରକାର ଐଶ୍ୱର୍ଯ୍ୟ, ପୁତ୍ରକନ୍ୟା ଥିବା ସତ୍ତ୍ୱେ ନିଜକୁ ଅନାଥିନୀ ଅନୁଭବ କରି ଆଖିରୁ ଲୁହ ଗଡ଼ାଉ ଅଛନ୍ତି ।

ତେଣୁ ସୃଷ୍ଟି ଉଦ୍ଦେଶ୍ୟରେ ଏକ ସଚ୍ଚିଦାନନ୍ଦ ଈଶ୍ୱର ଏବଂ ଶକ୍ତି ଉଭୟ ବିଗ୍ରହରେ ପ୍ରକଟ ହୋଇଥିବାରୁ ତଥା ପୁରୁଷ ଏବଂ ନାରୀ ଉଭୟଙ୍କ ଦ୍ୱାରା ସୃଷ୍ଟି ବିସ୍ତାର ସହିତ ସଂସାରର ସମସ୍ତ କାର୍ଯ୍ୟ ହୋଇ ଆସୁଥିବାରୁ ଏହି କାର୍ଯ୍ୟରେ ପରସ୍ପର ମଧ୍ୟରେ ବିଭେଦ ବା ବିବାଦ ହେବ ନାହିଁ ।

ଅନ୍ୟ ପ୍ରଶ୍ନ ହେବ – ମହିଳା ଏବଂ ପୁରୁଷ ମଧ୍ୟରେ ବିବାଦ ବା ବିଭେଦ ହେବ ନାହିଁ, ଏହା ଠିକ୍ । ତେବେ ମହିଳା ସେମିନାର, ମହିଳା ପାଠଚକ୍ର ନିର୍ଦିଷ୍ଟ ନାମ ରଖିବାର ଉଦ୍ଦେଶ୍ୟ କ'ଣ ? ପୂର୍ବେ ବହୁତ ଅବତାର ଆସିଅଛନ୍ତି । ବହୁତ ଆଚାର୍ଯ୍ୟମାନେ ଆସି ପୃଥିବୀରେ ଅଧ୍ୟାତ୍ମ ସତ୍ୟ ପ୍ରସାର କରି ଅଛନ୍ତି । ସେମାନେ ତ ଅଧ୍ୟାତ୍ମ ସଂସ୍ଥା ଅଥବା ଅଧ୍ୟାତ୍ମ କର୍ମ ମାର୍ଗରେ ମହିଳା ନାମ ନିର୍ଦିଷ୍ଟ ରୂପେ ରଖି ନାହାନ୍ତି କିଂବା ଅଧ୍ୟାତ୍ମ ସତ୍ୟରେ ମହିଳାମାନେ ଅଂଶଗ୍ରହଣ କରିବା ସକାଶେ ପ୍ରୟାସ କରି ନାହାନ୍ତି । ଏବେ ଏହି ରୂପାନ୍ତର ଅତିମାନସ ସତ୍ୟ ପ୍ରସାର କାର୍ଯ୍ୟରେ ମହିଳାମାନଙ୍କୁ ଅଂଶ ଗ୍ରହଣ କରିବା ସକାଶେ ଏତେ ଗୁରୁତ୍ୱ କାହିଁକି ଦିଆ ହେଉଛି ?

ଏହି ସକାଶେ ଗୁରୁତ୍ୱ ଦିଆ ହେଉଛି – ବର୍ତ୍ତମାନ ଅତିମାନସ ସତ୍ୟଯୁଗ ପ୍ରତିଷ୍ଠା ହେବାର ସମୟ ଆସିଅଛି । ସେଥିରେ ନାରୀମାନଙ୍କୁ ଅଂଶ ଗ୍ରହଣ କରିବା ଏକାନ୍ତ ଆବଶ୍ୟକ ହେଉଅଛି । ଏପର୍ଯ୍ୟନ୍ତ ପୃଥିବୀରେ ଅଧ୍ୟାତ୍ମ ସତ୍ୟଯୁଗ ପ୍ରତିଷ୍ଠା ହୋଇ ନ ଥିଲା । କେବଳ କ୍ରମବିକାଶର ଅଗ୍ରଗତିକୁ ରକ୍ଷା କରିବା ସକାଶେ ଆଚାର୍ଯ୍ୟ, ମହାପୁରୁଷ, ଅବତାରମାନେ ଆସି ଅଧର୍ମକୁ ହ୍ରାସ କରି ଅଧ୍ୟାତ୍ମ ଧର୍ମର ପୁନରୁତ୍‌ଥାନ କରିଥିଲେ । ପୃଥିବୀରେ ନୂତନ ଜାତି ପ୍ରତିଷ୍ଠା ହେଉ ନ ଥିବାରୁ ସେଥିରେ ନାରୀମାନଙ୍କୁ ଅଂଶ ଗ୍ରହଣ କରିବା ଆବଶ୍ୟକ ନ ଥିଲା । ବର୍ତ୍ତମାନ ଏହା ଆବଶ୍ୟକ ହେଉଅଛି । କିନ୍ତୁ ସେମାନେ ନିଜ ଦାୟିତ୍ୱ ଭୁଲିଯାଇଥିବାରୁ ସେମାନଙ୍କୁ ସ୍ମରଣ କରାଇ ଦେବା ସକାଶେ ମହିଳା ସେମିନାର, ମହିଳା ପାଠଚକ୍ର ନାମ ରଖା ହୋଇଅଛି ।

କ୍ରମବିକାଶ ଅନୁସାରେ ମନୁଷ୍ୟ ପର୍ଯ୍ୟନ୍ତ ଥିଲା ମନଚେତନାର ଯୁଗ । ପୃଥିବୀର ଧର୍ମ ଥିଲା ନୈତିକତା । ଅର୍ଥାତ୍ ବ୍ୟକ୍ତି, ପରିବାର, ସମାଜ, ଦେଶ, ଜଗତ୍ ପରିଚାଳିତ ହେବା ସକାଶେ ମନ ଦ୍ୱାରା ନିୟମ ନିର୍ଦ୍ଧାରିତ କରି ଦିଆହେଲା । ଏହାକୁ କୁହାହେଲା ଧର୍ମ । ମନୁଷ୍ୟ ମଧ୍ୟରେ ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, ଲୋଭ, ମୋହ, କାମ କ୍ରୋଧାଦି ଦୁର୍ଗୁଣ ବିଦ୍ୟମାନ ଥିବା ସତ୍ତ୍ୱେ ନୈତିକ ନିୟମ ଥିବାରୁ ସେ ପଶୁ ସଦୃଶ କ୍ରିୟାରେ ପରିଣତ କରୁ ନ ଥିଲେ । ଯେବେ ଯେବେ ଅନ୍ଧକାର ଶକ୍ତି ପ୍ରବଳ ହୋଇ ଅସୁରମାନଙ୍କୁ ଯନ୍ତ୍ର କରି ନୈତିକ ନିୟମ ଭାଙ୍ଗୁଥିଲା, ସେତେବେଳେ ଭଗବାନ୍ ଅବତାର ନେଉଥିଲେ ଏବଂ ଅସୁରମାନଙ୍କୁ ସଂହାର କରି ପୁନରାୟ ନୈତିକତା ପ୍ରତିଷ୍ଠା କରୁଥିଲେ । ଭଗବାନଙ୍କ ନିର୍ଦେଶରେ ଆଚାର୍ଯ୍ୟ ମହାପୁରୁଷମାନେ ଆସି ଅଧ୍ୟାତ୍ମ ସତ୍ୟ ପ୍ରସାର କରି ନୈତିକ ନିୟମର ପୁନରୁତ୍‌ଥାନ କରୁଥିଲେ । ଏହାକୁହିଁ ପୁରାଣ ଏବଂ ଗୀତାରେ ଧର୍ମ କୁହା ହୋଇଅଛି ।

ପଶୁ ପରେ ମନୁଷ୍ୟ ଜାତି ପୃଥିବୀରେ ପ୍ରତିଷ୍ଠା ହେବା ଦିନରୁ ଆଜି ପର୍ଯ୍ୟନ୍ତ ଯେଉଁ ଅଧ୍ୟାତ୍ମ ସତ୍ୟ ପ୍ରସାର ହୋଇଥିଲା ତା' କେବଳ ମାତ୍ର ଉଦ୍ଦେଶ୍ୟ ଥିଲା ହ୍ରାସ ହେଉଥିବା ଧର୍ମକୁ ରକ୍ଷା କରିବା । ଅର୍ଥାତ୍ ଯେଉଁମାନେ ସଂସାର, ମନ, ପ୍ରାଣ, ଶରୀର ତ୍ୟାଗ କରି ମୁକ୍ତି ନିର୍ବାଣ ଭଗବତ୍ ପ୍ରାପ୍ତି କରିବା ସକାଶେ ସାଧନା କରୁଥିଲେ ସେମାନେ ମୁକ୍ତି ନିର୍ବାଣକୁ ପ୍ରାପ୍ତ ହେଉଥିଲେ ଏବଂ ଭଗବତ୍ ପ୍ରାପ୍ତି କରୁଥିଲେ । ତାଙ୍କରି ସାଧନା ପ୍ରଭାବରେ ହ୍ରାସ ହେଉଥିବା ଧର୍ମ ବା ନୈତିକତାର ପୁନରୁତ୍‌ଥାନ ହେଉଥିଲା । ପଶୁ ପରେ ଯେପରି ପଶୁଠାରୁ ଅଧିକ ମନ-ଚେତନା ବିଶିଷ୍ଟ ମନୁଷ୍ୟ ହୋଇଅଛନ୍ତି ସେହିପରି ମନୁଷ୍ୟ ପରେ ଅତିମାନସ ଚେତନାବିଶିଷ୍ଟ ଅତିମାନବଜାତି ପୃଥିବୀରେ ପ୍ରତିଷ୍ଠା ଲାଭ କରି ନାହାନ୍ତି । ସେ ସକାଶେ ଅଧ୍ୟାତ୍ମ ସତ୍ୟରେ ନାରୀମାନଙ୍କର ଅଂଶଗ୍ରହଣ କରିବା ଆବଶ୍ୟକ ହୋଇ ନାହିଁ । ବର୍ତ୍ତମାନ ଅତିମାନସ ଚେତନା ବିଶିଷ୍ଟ ଅତିମାନବଜାତି ପୃଥିବୀରେ ପ୍ରତିଷ୍ଠା ହେବାର ସମୟ ଆସିଛି । କ୍ରମବିକାଶ ଅନୁସାରେ ଯେପରି ଜଡ଼ ମାଟି ପଥର ଥିବା ଅବସ୍ଥାରେ ପ୍ରାଣବିଶିଷ୍ଟ ପଶୁ ଜାତି ହୋଇଅଛନ୍ତି, ପ୍ରାଣ ଚେତନାଯୁକ୍ତ ପଶୁ ବିଦ୍ୟମାନ ଥାଇ ଯେପରି ମନ-ଚେତନାବିଶିଷ୍ଟ ମନୁଷ୍ୟଜାତି ପୃଥିବୀରେ ପ୍ରତିଷ୍ଠା ହୋଇଅଛନ୍ତି, ସେହିପରି ମନୁଷ୍ୟଜାତି ଥିବା ସତ୍ତ୍ୱେ ଅତିମାନସ ଦିବ୍ୟ ଜ୍ଞାନ ବିଶିଷ୍ଟ ଅତିମାନବଜାତି ଏହି ମୃତ୍ୟୁପୁରୀରେ ପ୍ରତିଷ୍ଠା ହେବେ ।

ଜଡ଼, ପ୍ରାଣ ଓ ମନ – ଏହି ତିନି ଚେତନା ହେଉଛି ଏହି ପୃଥିବୀର ଅପରାର୍ଦ୍ଧ ଅଜ୍ଞାନ ସ୍ତରର । ଏହି ଚେତନା ସ୍ତରର ବିକାଶ ସକାଶେ ଦୁଃଖ, କଷ୍ଟ, ମୃତ୍ୟୁ, ରୋଗ ଅନିବାର୍ଯ୍ୟ । ଏହି ତିନି ଚେତନା ଗୋଟିଏ ସ୍ତରର ହୋଇଥିବାରୁ ବିକଶିତ ଚେତନା ସ୍ତରର ପ୍ରଭାବ ପୂର୍ବ ଚେତନା ସ୍ତରରେ ପଡ଼ି ପାରିଲା ନାହିଁ । ଅର୍ଥାତ୍ ପଶୁର ପ୍ରାଣର ପ୍ରଭାବ ଜଡ଼ ଉପରେ ପଡ଼ିଲା ନାହିଁ । ମନୁଷ୍ୟର ମନ-ଚେତନାର ପ୍ରଭାବ ପଶୁ ଏବଂ ବୃକ୍ଷ ଉପରେ ପଡ଼ିଲା ନାହିଁ ।

କିନ୍ତୁ ଅତିମାନସ ଚେତନା ପରାର୍ଦ୍ଧର ଦିବ୍ୟ ମହାନ୍ ଶକ୍ତିଶାଳୀ ଭଗବତ୍ ଚେତନା । ଅତିମାନସ ଦିବ୍ୟଜ୍ଞାନ ବିଶିଷ୍ଟ ଅତିମାନବ ଜାତି ପୃଥିବୀରେ ପ୍ରତିଷ୍ଠା ହେଲେ ତା' ପ୍ରଭାବ ମାନସ ସ୍ତର ମନୁଷ୍ୟ, ପ୍ରାଣ ସ୍ତର ପଶୁ, ବୃକ୍ଷ, ଲତା ଏବଂ ଜଡ଼ ସ୍ତର ମାଟି ପଥର ଉପରେ ପଡ଼ିବ । ବର୍ତ୍ତମାନ ମନୁଷ୍ୟର ଯେଉଁ ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ଅହଂ, ସ୍ୱାର୍ଥ, ଲୋଭ, ମୋହ ବିଦ୍ୟମାନ ଅଛି ସେସବୁ ପରିବର୍ତ୍ତିତ ହେବ । ବର୍ତ୍ତମାନ ସଦୃଶ ଚୋରି, ଘୋଷଖୋରି, ଡକାୟତି, ହିଂସା ଯୁଦ୍ଧ ଆଦି ଦୁଷ୍କର୍ମ ହେବ ନାହିଁ । ପଶୁମାନେ କେବଳ ଆହାର ଛଡ଼ା ଅନ୍ୟକୁ ହିଂସା କରିବେ ନାହିଁ । ଜଡ଼ ପୃଥିବୀରେ ଯାହା ଅଦୃଶ୍ୟ ଅଛି, ଅର୍ଥାତ୍ ଔଷଧ ଇତ୍ୟାଦି ରହିଛି, ପାଷାଣରେ ଯେଉଁ ମଣି ମାଣିକ୍ୟ ଗୁପ୍ତ ରହିଛି, ସେସବୁ ପ୍ରକାଶ ପାଇବ । ଏହି ପୃଥିବୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ପଶୁ ପରେ ଯେପରି ମନୁଷ୍ୟଜାତି ପ୍ରତିଷ୍ଠା ହୋଇଛନ୍ତି, ସେହିପରି ମନୁଷ୍ୟଜାତି ଥାଇ ଅତିମାନସ ଚେତନା ବିଶିଷ୍ଟ ଅତିମାନବଜାତି ପୃଥିବୀରେ ପ୍ରତିଷ୍ଠା ହେବେ । ପୃଥିବୀରେ ନୂତନ ଚେତନା ବିଶିଷ୍ଟ ନୂତନ ଜାତି ପ୍ରତିଷ୍ଠା ହେଲେ ନାରୀ ଏବଂ ପୁରୁଷ ଉଭୟହିଁ ରହିବେ । ପୁରାତନ ଯୋଗରେ ପୃଥିବୀରେ ନୂତନ ଚେତନାବିଶିଷ୍ଟ ନୂତନ ଜାତି ପ୍ରତିଷ୍ଠା ହୋଇ ନ ଥିବାରୁ ସେ ସମୟର ଅଧ୍ୟାତ୍ମ ସତ୍ୟ ପ୍ରସାରରେ ନାରୀମାନଙ୍କର ଆବଶ୍ୟକତା ନ ଥିଲା । ସେ ସମୟରେ ଆବଶ୍ୟକ ଥିଲା ପାତିବ୍ରତ୍ୟ ଧର୍ମ । ସେହି ଧର୍ମକୁ ସେମାନେ ପାଳନ କରି ଆସୁଅଛନ୍ତି ।

ସେ ସମୟରେ ନାରୀମାନଙ୍କର ପାତିବ୍ରତ୍ୟ ଧର୍ମ ଥିଲା ଲକ୍ଷ୍ୟ । ବର୍ତ୍ତମାନ ସେମାନଙ୍କର ଲକ୍ଷ୍ୟ ହେବ ରୂପାନ୍ତର ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି । ସାଧନା ହେବ ପାତିବ୍ରତ୍ୟ ଧର୍ମ ବା ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ । ଏହି ରୂପାନ୍ତର ଯୋଗରେ ନାରୀମାନଙ୍କୁ ପୂର୍ଣ୍ଣ ରୂପେ ଅଂଶଗ୍ରହଣ କରିବାକୁ ହେବ । ନାରୀମାନେ ନିଜ ଦାୟିତ୍ୱ ସମ୍ବନ୍ଧେ ସଜାଗ ସଚେତନ ହେବା ସକାଶେ ମହିଳା ପାଠଚକ୍ର, ମହିଳା ସେମିନାର ନାମ ରଖା ହୋଇଅଛି ଏବଂ ସେହି କାର୍ଯ୍ୟର ଦାୟିତ୍ୱ ସେମାନେ ଗ୍ରହଣ କରିଅଛନ୍ତି ।

ଅତିମାନସ ନୂତନ ଯୁଗରେ ନାରୀର ଭୂମିକା

ଆଗମନି ଅତିମାନସ ଯୁଗରେ ନାରୀମାନଙ୍କର ପ୍ରଧାନ ଭୂମିକା ରହିଅଛି । ପଶୁ ଥାଇ ମନୁଷ୍ୟ ଜାତି ଯେପରି ପୃଥିବୀରେ ବିଦ୍ୟମାନ ଅଛନ୍ତି, ସେହିପରି ମନୁଷ୍ୟ ଜାତି ଥାଇ ଅତିମାନବ ଜାତି ପୃଥିବୀରେ ପ୍ରତିଷ୍ଠା ହେବ । ଅତିମାନବର ହେବ ଅତିମାନସ ଚେତନା, ଉପସ୍ଥିତ ମନୁଷ୍ୟ ମନ, ପ୍ରାଣ, ଶରୀରର ଗୁଣଧର୍ମ – ଯେପରି କାମ, କ୍ରୋଧ, ହିଂସା, ଦ୍ୱେଷ, ଅହଂ, ସ୍ୱାର୍ଥ, ଲୋଭ, ମୋହ, ଆଳସ୍ୟ, ସନ୍ଦେହ, ଅବିଶ୍ୱାସ, ଦୁଃଖ, କଷ୍ଟ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ରହିଅଛି । ସେମାନଙ୍କର ଏହିସବୁ ରହିବ ନାହିଁ । ସେମାନଙ୍କର ମନ-ପ୍ରାଣ-ଶରୀର ଦିବ୍ୟରୂପରେ ରୂପାନ୍ତର ହେବ । ସେମାନେ ଅତିମାନସ ଚେତନାରେ ବାସ କରିବେ ଏବଂ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରିବେ । ସେମାନଙ୍କ ଗୁଣ ଧର୍ମ ହେବ ଶାନ୍ତି, ଆନନ୍ଦ, ଦୟା କରୁଣାଦି ଭଗବତ୍ ଗୁଣଧର୍ମ । ସଂସାରର ବାତାବରଣ ପରିବର୍ତ୍ତନ ହୋଇଯିବ । ଯେଉଁ ମନୁଷ୍ୟ ଜାତି ରହିବେ ସେମାନଙ୍କର ମଧ୍ୟ ହିଂସା, ଦ୍ୱେଷାଦି ଦୁର୍ଗୁଣ ରହିବ ନାହିଁ । ସେମାନେ ସୁଖ ଶାନ୍ତିରେ ବାସ କରିବେ । ସଂସାରରୁ ଚୋରି, ଡକାୟତି, ଘୋସ୍‌ଖୋରି, ଯୁଦ୍ଧ, କଳି, ବିବାଦ ଇତ୍ୟାଦି ଦୂର ହେବ । ଝଡ଼, ବତାସ, ବନ୍ୟା ପ୍ରକୃତିର ବିପର୍ଯ୍ୟୟ ହେବ ନାହିଁ । ଆବଶ୍ୟକ ଅନୁସାରେ ବର୍ଷା ହେଉଥିବ । ବର୍ତ୍ତମାନ ପଶୁ ଏବଂ ମନୁଷ୍ୟ ମଧ୍ୟରେ ଯେପରି ଅସମ୍ବନ୍ଧ ଅଛି, ସେପରି ମନୁଷ୍ୟ ଏବଂ ଅତିମାନବ ମଧ୍ୟରେ ଅସମ୍ବନ୍ଧ ରହିବ ନାହିଁ । ପରସ୍ପର ମଧ୍ୟରେ ରହିବ ଘନିଷ୍ଠ ସମ୍ବନ୍ଧ । ଏହି ଅପରାର୍ଦ୍ଧ ମୃତ୍ୟୁପୁରୀ ଏବଂ ଭଗବତ ଦିବ୍ୟଧାମ ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସ, ସଚ୍ଚିଦାନନ୍ଦ ଲୋକ ପରାର୍ଦ୍ଧ ମଧ୍ୟରେ ଯେପରି ବ୍ୟବଧାନ ରହିଅଛି ଆଉ ସେ ବ୍ୟବଧାନ ରହିବ ନାହିଁ । ଅତିମାନବ ସକାଶେ ଏକ ହୋଇଯିବ । ଏହି ଆଗମନି ଅତିମାନସ ଦିବ୍ୟସତ୍ୟଯୁଗର ପ୍ରତିଷ୍ଠାରେ ନାରୀମାନଙ୍କର ବିଶେଷ ଭୂମିକା ରହିଅଛି ।

ବର୍ତ୍ତମାନ କ୍ରମବିକାଶ ଭୂମି ଥିଲା କେବଳ ଅପରାର୍ଦ୍ଧ । ଏହି ମୃତ୍ୟୁପୁରୀରେ ବଡ଼ରୁ ସାନ ପର୍ଯ୍ୟନ୍ତ ସୀମିତ ଏବଂ ଅପରାର୍ଦ୍ଧର ଚେତନା ସ୍ତର । କ୍ରମବିକାଶ ବଡ଼ରୁ ସାନ ବିଶିଷ୍ଟ ମନୁଷ୍ୟ ପର୍ଯ୍ୟନ୍ତ ଆସେ । ମନୁଷ୍ୟର କ୍ରମବିକାଶ ସମାପ୍ତ ହେଲେ ବିକାଶର ପରାର୍ଦ୍ଧକୁ ଯାଇପାରେ ନାହିଁ, ପ୍ରଳୟ ହୁଏ । ଏଥର ଭଗବାନଙ୍କ ବିଧାନରେ ଶ୍ରୀମା', ଶ୍ରୀଅରବିନ୍ଦ ସଂସାରକୁ ଆସି ଅତିମାନସ ଶକ୍ତିକୁ ପରାର୍ଦ୍ଧରୁ ଅବତରଣ କରାଇ ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ ଚାଲିଛି । ମନୁଷ୍ୟର ମନ, ପ୍ରାଣ, ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତର ହେଲେ ତା'ର ବିକାଶ ମନର ଊର୍ଦ୍ଧ୍ୱସ୍ଥ ଅତିମାନସ ଚେତନା ସ୍ତରରେ ଚାଲିବ । ଅତିମାନସ ସତ୍ୟ ଚେତନା ସ୍ତର ଅର୍ଥ ଭଗବତ ଚେତନା । ଭଗବତ ଚେତନା ଅନନ୍ତ । ତା'ର ଉଚ୍ଚତା ନାହିଁ କିଂବା ସୀମା ନାହିଁ । ଏହି ବିକାଶ ବରାବର ଚାଲିବ । ଆଉ ପ୍ରଳୟ ହେବ ନାହିଁ ।

ପୃଥିବୀରେ ନୂତନ ଚେତନା ନୂତନ ଅତିମାନବ ଜାତି ପ୍ରତିଷ୍ଠାର ସମୟ ଆସି ନ ଥିଲା । କେବଳ କ୍ରମ ବିକାଶକୁ ରକ୍ଷା କରିବା ସକାଶେ ଭଗବାନ୍ ଅବତାର ନେଇ ଅଛନ୍ତି । ମୁନି, ଋଷି, ସାଧୁ, ସନ୍ଥ ପୃଥିବୀକୁ ଆସି ଅଧ୍ୟାତ୍ମ ସତ୍ୟର ପ୍ରସାର କରି ଅଧର୍ମକୁ କ୍ଷୀଣ କରୁଥିଲେ ଏବଂ ଧର୍ମକୁ ବୃଦ୍ଧି କରୁଥିଲେ । ସେହି ସକାଶେ ଅଧ୍ୟାତ୍ମ ଧର୍ମରେ ନାରୀମାନଙ୍କର ବିଶେଷ ଭୂମିକା ନ ଥିଲା । ସେମାନଙ୍କର ପ୍ରଧାନ ଭୂମିକା ଥିଲା ପାତିବ୍ରତ୍ୟ ଧର୍ମ ପାଳନ କରିବା । ସେହିମାନଙ୍କ ପାତିବ୍ରତ୍ୟ ଧର୍ମ ପ୍ରଭାବରୁ ଭାରତରେ ଭଗବାନଙ୍କ ଅବତାର ତଥା ସନ୍ଥ, ମହାପୁରୁଷ, ଋଷି, ମୁନିମାନଙ୍କର ଅନ୍ୟ ଦେଶ ତୁଳନାରେ ବହୁତ ଅଧିକ ସଂଖ୍ୟାରେ ହେଉଥିଲା । ବର୍ତ୍ତମାନ ପୃଥିବୀରେ ନୂତନ ଚେତନା, ନୂତନ ଜାତି ପ୍ରତିଷ୍ଠା ହେବାର ସମୟ ଆସିବାରୁ ଏହି ଅତିମାନସ ସତ୍ୟ ଗ୍ରହଣ ତଥା ଆଚରଣ କରିବା କାର୍ଯ୍ୟରେ ନାରୀମାନଙ୍କୁ ବିଶେଷରୂପେ ଅଂଶ ଗ୍ରହଣ କରିବା ଆବଶ୍ୟକ ହେଲା । ସେମାନେ ଏହି ସତ୍ୟକୁ ଗ୍ରହଣ କଲେ ପାତିବ୍ରତ୍ୟ ଧର୍ମ ସହଜରେ ପାଳନ କରିବେ ଏବଂ ନୂତନ ସତ୍ୟଯୁଗ ପ୍ରତିଷ୍ଠା ଲକ୍ଷ୍ୟ ମାର୍ଗରେ ଅଗ୍ରସର ହେବେ । ସେମାନଙ୍କ ମଧ୍ୟରୁ କେତେକ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରି ସାଧନା କରିବେ । ନାରୀମାନେ ଏହି ସତ୍ୟକୁ ଗ୍ରହଣ କଲେ ସଂଖ୍ୟା ଅଧିକ ହେବ । ତେବେ

ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ଅପେକ୍ଷାକୃତ ବହୁତ ତୀବ୍ର ହେବ ଏବଂ ରୂପାନ୍ତର ଅଗ୍ରସର ହେବ । ରୂପାନ୍ତରର ପ୍ରଗତି ଅନୁପାତରେ ସଂସାରରୁ ଦୁଃଖ, କଷ୍ଟ, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ବାଦ, ବିବାଦ ଦୂର ହେବ । ଦେଶର ଉନ୍ନତି ମଧ୍ୟ ତୀବ୍ର ଭାବେ ହେବ ।

ଗୋଟିଏ ପରିବାରରେ ଗୋଟିଏ ନାରୀ ଉତ୍ତମ ଆଚରଣ କଲେ ସମସ୍ତ ପରିବାରକୁ ପରିବର୍ତ୍ତନ କରିପାରିବ । ଏପରିକି କେହି କେହି ନାରୀ ସମସ୍ତ ପରିବାରକୁ ପରିବର୍ତ୍ତନ କରି ପାରିବେ । ଗୋଟିଏ ନାରୀ ପ୍ରତିକୂଳ ଆଚରଣ କଲେ ସମସ୍ତ ପରିବାରକୁ ଏପରିକି ସମସ୍ତ ସଂସାରକୁ ବିପଦରେ ପକାଇପାରେ । ଏହାର ଉଦାହରଣ କୈକେୟୀ, କୌଶଲ୍ୟା ଏବଂ ସୀତାଦେବୀ । ନାରୀମାନଙ୍କର ଆଚରଣର ପ୍ରଭାବ ଶିଶୁମାନଙ୍କ ଉପରେ ଅଧିକ ପଡ଼େ । ସେମାନେ ଅତିମାନସ ସତ୍ୟ ଗ୍ରହଣ କରିବା ସକାଶେ ସାଧନା କଲେ ସେମାନଙ୍କର ଆଚରଣର ପ୍ରଭାବ ଅଧିକ ପଡ଼ିବ ଶିଶୁମାନଙ୍କ ଉପରେ । ମା'ର ପ୍ରଭାବରୁ ସେମାନେ ସ୍ୱତଃସ୍ଫୂର୍ତ୍ତଭାବେ ଅତିମାନସ ସତ୍ୟ ଗ୍ରହଣ କରିବାକୁ ପ୍ରବୃତ୍ତ ହେବେ ଏବଂ ବାଲ୍ୟକାଳରୁ ସେମାନଙ୍କର ଉତ୍ତମ ସଂସ୍କାର ପ୍ରତିଷ୍ଠା ହେବ । ସେମାନେ ଉତ୍ତମ ଆଚରଣ କରିବେ । ଭଲ ପଢ଼ି ପାରିବେ । ବୁଦ୍ଧିର ପ୍ରକାଶ ହେବ । ସେମାନେ ମନ ଦେଇ ପଢ଼ିବେ, କପି କରିବେ ନାହିଁ । ପରିଶ୍ରମୀ ହେବେ । ସେମାନଙ୍କର ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ହେବାରୁ ସେମାନେ ସମସ୍ତ କର୍ମ ଭଲରୂପେ ଦକ୍ଷତାର ଓ ଆନ୍ତରିକତା ସହିତ ଭଗବତ୍ ସେବା ଭାବରେ କରିବେ । କର୍ମକୁ ଜୀବନର ମହାନ୍ ଉନ୍ନତି ଭଗବତ୍ ପ୍ରାପ୍ତିର ସାଧନା ମନୋଭାବରେ କଲେ ସବୁପ୍ରକାର ଅପ୍ରୀତିକର ପରିସ୍ଥିତି ଦୂର ହେବ । ନିଜର ଉନ୍ନତି ପରିବାରର ଉନ୍ନତି ସଙ୍ଗେ ସଙ୍ଗେ ଦେଶର ମଧ୍ୟ ଉନ୍ନତି ହେବ । ଏପରିକି ଯେତେ ଅଧିକ ବ୍ୟକ୍ତି ଏହି ସାଧନାରେ ପ୍ରବୃତ୍ତ ହେବେ ସେହି ଅନୁପାତରେ ଆସ୍ତେ ଆସ୍ତେ ଅନ୍ୟାୟ, ଅସତ୍ୟ ଓ ମିଥ୍ୟାଚାର ଜଗତରୁ କମ୍ ହେବାକୁ ଲାଗିବ ଏବଂ ରୂପାନ୍ତରକାରିଣୀ ଅତିମାନସ ଶକ୍ତିର ପ୍ରଭାବ ଅଧିକାଧିକ ପୃଥିବୀ ବାତାବରଣରେ ପଡ଼ିବ । ଏହି ସକାଶେ ଏହି ଯୋଗରେ ନାରୀମାନଙ୍କର ବିଶେଷ ଭୂମିକା ରହିଅଛି ।

ପ୍ରତ୍ୟେକ ମହିଳା 'ମା' ଏହି ନାମ ନିରନ୍ତର ଜପ କରନ୍ତୁ । ଗୃହ ପରିବାର ଏବଂ ନିଜକୁ ମା'ଙ୍କ ଚରଣରେ ସମର୍ପଣ କରି ଗୃହର ତଥା ସମସ୍ତ କର୍ମକୁ ମା'ଙ୍କ ସେବା ଭାବରେ କରି ତାଙ୍କୁ ସମର୍ପଣ କରନ୍ତୁ । ଗୃହରେ କଳି ହେବାର ଅବସର ଦିଅନ୍ତୁ ନାହିଁ । ନିୟମିତ ରୂପେ କିଛି ସମୟ ଯୋଗ ବିଷୟରେ ଲେଖା ପୁସ୍ତକ ଅଧ୍ୟୟନ କରନ୍ତୁ । କିଛି ସମୟ ହୃଦୟରେ ଧ୍ୟାନ କରନ୍ତୁ, କିନ୍ତୁ 'ମା' ଏହି ନାମ ନିରନ୍ତର ସବୁ ସମୟରେ ଜପ କରନ୍ତୁ । ଗୃହରେ, ଗ୍ରାମରେ ପାଠଚକ୍ର କରାନ୍ତୁ । ଅନ୍ୟ ଗ୍ରାମମାନଙ୍କରେ ମଧ୍ୟ କରନ୍ତୁ । ଏହିପରି କଲେ ଶୀଘ୍ର ମହିଳା ସମାଜରେ ଏହି ସତ୍ୟ ପ୍ରସାର ହୋଇ ପାରିବ । ସାମୂହିକ ପାଠଚକ୍ର ତଥା ସେମିନାର ହେବା ଉଚିତ ।

ସୂଚୀପତ୍ର

ବିଷୟ ପୃଷ୍ଠା

ଶିକ୍ଷା :

୧. ପୂର୍ଣ୍ଣାଙ୍ଗ ଶିକ୍ଷା ୩
୨. ଛାତ୍ର-ଜୀବନରେ ଉନ୍ନତିର ମାର୍ଗ ୧୯
୩. ଛାତ୍ରମାନଙ୍କ ପ୍ରତି ୪୧
୪. ପୂର୍ଣ୍ଣାଙ୍ଗ ଜୀବନରେ ଶରୀରଚର୍ଚ୍ଚା ୪୯
୫. ପୂର୍ଣ୍ଣାଙ୍ଗ ଶିକ୍ଷାର ସଫଳତା ୮୪
୬. ଜୀବନର ପୂର୍ଣ୍ଣତାପ୍ରାପ୍ତିରେ ବ୍ରହ୍ମଚର୍ଯ୍ୟ ପାଳନର ଆବଶ୍ୟକତା ୯୧
୭. ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ବନ୍ଧେ ୯୬
୮. ସର୍ବାଙ୍ଗୀନ ଶିକ୍ଷାହିଁ ଉନ୍ନତ ଜୀବନର ଭିତ୍ତି ୯୮
୯. କର୍ମ ଓ ଶିକ୍ଷାର ଭିତ୍ତି ଯୋଗ ୧୧୯
୧୦. ସର୍ବାଙ୍ଗୀନ ଶିକ୍ଷାହିଁ ଜୀବନର ଭିତ୍ତି ୧୨୪
୧୧. ପୂର୍ଣ୍ଣାଙ୍ଗ ଶିକ୍ଷା ୧୩୦
୧୨. ଯଥାର୍ଥ ସ୍ୱାଧୀନତା ପାଇଁ ଶିକ୍ଷା ୧୩୮
୧୩. ଛାତ୍ରଜୀବନର ଲକ୍ଷ୍ୟ ଓ ସାଧନା ୧୪୦
୧୪. ସରଳ ହୃଦୟ ବାଳକ-ବାଳିକା ୧୪୬
୧୫. ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଲକ୍ଷ୍ୟ ଓ ପରିଚାଳନା ୧୪୮
୧୬. ଉପସ୍ଥିତ କର୍ତ୍ତବ୍ୟ ୧୫୩
୧୭. ନୂତନ ଯୁଗରେ ସଂସ୍କୃତ ଓ ନାରୀସମାଜର ଭୂମିକା ୧୫୭
୧୮. ବେକାର ସମସ୍ୟାର ସମାଧାନ ୧୫୯

ଭକ୍ତଚରିତ :

୧୯. ସିଦ୍ଧ ମହାତ୍ମା ୧୬୫
୨୦. ଭକ୍ତ ଚରିତମାଳା ୨୦୧

ବାଳକ ଭକ୍ତ ରଙ୍ଗନାଥ, ଭକ୍ତ ମନକୋଜି ବୋଧଲା, 'ଭକ୍ତମାଳ'ର ରଚୟିତା ପରମ ଭକ୍ତ ନାଭାଜି, ଭକ୍ତ ନାମଦେବଜି, ଭକ୍ତ ପ୍ରତାପ ରାୟ, ସନ୍ଥ ବିଶୋବା ସରାଫ, ସନ୍ଥ ରୂପକଳାଜି, ବିଲ୍ୱମଙ୍ଗଳ, ଭକ୍ତ ରାମଦାସଜି, ଭକ୍ତ ହରିପାଳଜି ନିଷ୍ଠିଚନ, ଭକ୍ତ ବ୍ୟାସଦାସଜି, ଜସୂସ୍ୱାମୀଜି, ପରମ ଭକ୍ତ ରୈଦାସ, ପଦ୍ମନାଭଜି, ଶ୍ରୀ ରସିକମୁରାରିଜି, ଭକ୍ତ ଗଙ୍ଗାଧର ଦାସ, ଭକ୍ତ ରଘୁଦାସ, ଭକ୍ତ ରଘୁନାଥ ।

୨୧. ଭକ୍ତି ବିଭୂଷିତା ନାରୀରତ୍ନ ୩୩୯
ରାଣୀ ରତ୍ନାବତୀ, ନିର୍ମଳା, ଭଉଣୀ ସରସ୍ୱତୀ, ଭକ୍ତିମତୀ ଲୀଳାବତୀ, ଭକ୍ତିମତୀ ହସିନା ଓ ହମିଦା, ଭକ୍ତିପରାୟଣା କୁଅଁର ରାଣୀ, ଭକ୍ତିପରାୟଣା ଅଣ୍ଡାଳ ବା ରଙ୍ଗନାୟିକା, ମୀରାବାଈ, ଭକ୍ତିଦେବୀ ଫୂଲୀବାଈ, ଜନାବାଈ, ଭକ୍ତିମତୀ ରବିୟା, ପରମଭକ୍ତା ଶବରୀ, ଭକ୍ତିମତୀ ରାଜକନ୍ୟା, କରମୈତୀ ବାଈ ।

୨୨. ବିଚିତ୍ର ବିଭୂତି ୪୩୧
ପରମ ଭକ୍ତ ଦାମାଜି ପନ୍ତ, ଭକ୍ତ କୁବା କୁମ୍ଭାର, ଭକ୍ତ ରାମଦାସ ମୋଚି, ହରିଭକ୍ତ ହିମନ୍ତ ଦାସଜି, କରମୈତୀ ବାଈ, ଭକ୍ତବର ବିଠଲ ଦାସ, ଭକ୍ତ ରାଜା ମେଘସିଂହ, ଭକ୍ତ ଭୁବନ ସିଂହ ଚୌହାନ, ଠାକୁର କିଶନ ସିଂହ, ଗୋଟିଏ ବାଳକ ଭକ୍ତ, ମଙ୍ଗଳ ଦାସ, ଭକ୍ତବୀର ସ୍ୱାମୀ ଶ୍ରୀ ହରିଦାସଜି ଗାୟକାଚାର୍ଯ୍ୟ, ଠାକୁର ଉଦ୍ଧାରଣ ଦତ୍ତ ।

୨୩. ମୌନୀ ବାବା ମହାତ୍ମା ଶ୍ରୀ ରାମଶରଣ ଦାସଜି ୪୯୩
୨୪. ଭକ୍ତ ନରସି ମେହେତା ୫୦୪
୨୫. ସନ୍ଥ କୁମ୍ଭନ ଦାସ ୫୫୩
୨୬. ସନ୍ଥ ହରିଦାସଜି ୫୫୬
୨୭. ଭକ୍ତ ଦାଦୁ ୫୬୩
୨୮. ଭକ୍ତ ରାଙ୍କା ଓ ବାଙ୍କା ୫୭୫
୨୯. ଭକ୍ତଶ୍ରେଷ୍ଠ ଧ୍ରୁବ ୫୭୮
୩୦. ଭକ୍ତ ସୋଝାଜି ୫୮୩
୩୧. ଭକ୍ତ ସୁଦାମା ୫୮୮
୩୨. ମହାରାଜା ପ୍ରିୟବ୍ରତ ୫୯୩
୩୩. ଦେବର୍ଷି ନାରଦ ୫୯୬
୩୪. ବ୍ରହ୍ମାଜି ୫୯୯
୩୫. ଯୋଗୀ ଶ୍ୟାମାଚରଣ ଲାହିଡ଼ି ୬୦୧
୩୬. ଶ୍ରୀ ତ୍ରୈଲଙ୍ଗ ସ୍ୱାମୀ ୬୨୪
୩୭. ଦୁର୍ବାସାଙ୍କ କୋପ ୬୪୬
୩୮. ସଂକ୍ଷିପ୍ତ ରାମାୟଣ ଚରିତ ୬୫୩

ସଂଗଠନ :

୩୯. ନବଜ୍ୟୋତି କାର୍ଯ୍ୟାଳୟ ପ୍ରତିଷ୍ଠା ଓ କାର୍ଯ୍ୟ ୬୩୩
୪୦. ଓଡ଼ିଶାରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ୬୩୭
୪୧. ଓଡ଼ିଶାରେ ପ୍ରପତ୍ତିଙ୍କ କାର୍ଯ୍ୟ ୬୪୯
୪୨. ଶ୍ରୀଅରବିନ୍ଦ ପାଠଚକ୍ରର ସଭ୍ୟମାନଙ୍କ ପ୍ରତି ୬୫୪
୪୩. ଶ୍ରୀଅରବିନ୍ଦ ପାଠଚକ୍ର ସମ୍ବନ୍ଧେ କେତୋଟି କଥା ୬୫୮
୪୪. ଶ୍ରୀଅରବିନ୍ଦ ପାଠଚକ୍ର ସଭ୍ୟମାନଙ୍କର କର୍ତ୍ତବ୍ୟ ୬୬୦

୪୫. ଶ୍ରୀଅରବିନ୍ଦ ପାଠଚକ୍ର, ମହିଳା ପାଠଚକ୍ର ତଥା ଛାତ୍ର-ସମାଜର ସକ୍ରିୟ କର୍ମ ... ୭୬୫
୪୬. ବହୁମୁଖୀ କର୍ମର ବିକାଶରେହିଁ ଜୀବନର ପୂର୍ଣ୍ଣତା ୭୬୮
୪୭. ସାଧନାଳୟର ଆବଶ୍ୟକତା ୭୭୮
୪୮. ଶ୍ରୀଅରବିନ୍ଦଙ୍କ ରେଲିକ୍ସ ୭୮୪
୪୯. ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ରର ବାର୍ଷିକୋତ୍ସବ ୭୮୮
୫୦. ଦେବେନ୍ଦ୍ର ଶତପଥୀ : ଦିବ୍ୟ ଜନନୀଙ୍କ କୃପାପାତ୍ର ୭୯୬
୫୧. ସଂସାରର ଉନ୍ନତି ନିମିତ୍ତ ନାରୀମାନଙ୍କର କର୍ତ୍ତବ୍ୟ ୭୯୮
୫୨. ମହିଳା ସେମିନାର ୮୦୪
୫୩. ଅତିମାନସ ନୂତନ ଯୁଗରେ ନାରୀର ଭୂମିକା ୮୦୭

ଶ୍ରୀ ରାମକୃଷ୍ଣ ଦାସଙ୍କ
ରଚନା ସଂଗ୍ରହ

(ଦ୍ୱିତୀୟ ଖଣ୍ଡ)

ଶ୍ରୀ ରାମକୃଷ୍ଣ ଦାସ

ନବଜ୍ୟୋତି କାର୍ଯ୍ୟାଳୟ,
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ

ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ (ଦ୍ୱିତୀୟ ଖଣ୍ଡ)

ଲେଖକ : ଶ୍ରୀ ରାମକୃଷ୍ଣ ଦାସ

ପ୍ରଥମ ପ୍ରକାଶନ : ୨୦୦୮

ସର୍ବସ୍ୱତ୍ୱ ସଂରକ୍ଷିତ
© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ୨୦୦୮

ପ୍ରକାଶକ :
ନବଜ୍ୟୋତି ପ୍ରକାଶନ ବିଭାଗ, ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ
ପଣ୍ଡିଚେରୀ - ୬୦୫ ୦୦୨

SRI RAMAKRUSHNA DASANKA
RACHANA SANGRAHA (Oriya) (Part-II)
Sri Ramakrishna Das

1st Edition : 2008

Price Rs. 450/-

© Sri Aurobindo Ashram Trust, 2008

Published by Navajyoti Publication,
A unit of Sri Aurobindo Ashram Publication Department,
Pondicherry - 605 002

Printed at Graphic Art Offset Press, Cuttack, Orissa
PRINTED IN INDIA

ଭୂମିକା

ମହାନ୍ ସାଧକ ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହର ଦ୍ୱିତୀୟ ଭାଗ ପ୍ରକାଶ ଅବସରରେ ପ୍ରଥମ ଭାଗର ଶ୍ରଦ୍ଧାଳୁ ପାଠକବର୍ଗଙ୍କୁ ଅଭିବାଦନ ଜଣାଇବା ସଙ୍ଗେ ସଙ୍ଗେ ଏ ଯୋଜନାର ଆୟୋଜନ, ସମ୍ପାଦନା ଓ ପ୍ରକାଶନରେ ଯତ୍ନବାନ୍ ବନ୍ଧୁମାନଙ୍କୁ ପାଠକସମାଜ ତରଫରୁ ଅଭିନନ୍ଦନ ଜଣାଇବାର ସୁଯୋଗ ଗ୍ରହଣ କରୁଛି ଏ ଭୂମିକା-ଲେଖକ ।

ବାବାଜି ମହାରାଜ ଭାବରେ ସୁବିଦିତ ଶ୍ରୀ ରାମକୃଷ୍ଣ ଦାସଙ୍କ ଜୀବନର ତାତ୍ପର୍ଯ୍ୟ ଏବଂ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କ ଦିବ୍ୟ-ଦର୍ଶନର ବାଣୀ ଓଡ଼ିଶାର ସହର ନଗର ତଥା ପୁରପଲ୍ଲିରେ ପ୍ରତିଧ୍ୱନିତ ହେବା ଦିଗରେ ତାଙ୍କ ଅନନ୍ୟ ଭୂମିକା ସମ୍ପର୍କରେ ପ୍ରଥମ ଭାଗରେ ସୂଚନା ଦିଆଯାଇଛି । ସେଥିରେ ଶ୍ରୀଅରବିନ୍ଦଙ୍କ ଯୋଗର ବିଭିନ୍ନ ଦିଗ ଉପରେ ତାଙ୍କର ଭୂମିକା-ଧର୍ମୀ ରଚନାମାନ ସନ୍ନିବେଶିତ ହୋଇଛି । ଏ ଦ୍ୱିତୀୟ ଭାଗର ବିଷୟ ସମୂହକୁ ସମ୍ପାଦକମାନେ 'ଶିକ୍ଷା', 'ଭକ୍ତ ଚରିତ' ଓ 'ସଙ୍ଗଠନ' – ଏହିଭଳି ତିନିଗୋଟି ବିଭାଗ ମାଧ୍ୟମରେ ପରିବେଷଣ କରୁଛନ୍ତି । ଶିକ୍ଷା ଓ ସଙ୍ଗଠନ ସମ୍ବନ୍ଧୀୟ ଲେଖାମାନ ଓଡ଼ିଶା ବ୍ୟାପୀ ବିଦ୍ୟାଳୟ ଓ ପାଠଚକ୍ର ସମୂହର ସ୍ଥାପନ ଓ ବିକାଶରେ ଉଦ୍‌ଯୋଗୀମାନଙ୍କୁ ତତ୍ତ୍ୱଗତ ଆଲୋକ ତଥା ଆଭିମୁଖ୍ୟ ଯୋଗାଇ ଦେଇଥିଲା । ଆଜି ଓଡ଼ିଶାରେ ଶ୍ରୀଅରବିନ୍ଦ-ଶ୍ରୀମାଙ୍କ ମୌଳିକ ଗ୍ରନ୍ଥମାନ ଅଧ୍ୟୟନ କରିଥିବା ବ୍ୟକ୍ତିଙ୍କ ସଂଖ୍ୟା ଆଶାଜନକ ଭାବରେ ବୃଦ୍ଧିଲାଭ କରିଛି । କିନ୍ତୁ ଅର୍ଦ୍ଧ ଶତାବ୍ଦୀ ତଳେ ପରିସ୍ଥିତି ଥିଲା ଭିନ୍ନ । ସେତେବେଳେ ଏହିସବୁ ରଚନା ଅସଂଖ୍ୟ ପାଠକଙ୍କ ଚିନ୍ତା ଓ କର୍ମକୁ ଏକ ମହତ୍ ମାର୍ଗରେ ଧାରାୟିତ କରିବା ନିମନ୍ତେ ପ୍ରେରଣା ଦେଇଥିଲା । କିନ୍ତୁ ଏସବୁ ରଚନା ଐତିହାସିକ ଦଲିଲ ମାତ୍ର ନୁହନ୍ତି, ଆଜି ମଧ୍ୟ ଏସବୁରୁ ଅଧିକାଂଶ ଏକାନ୍ତ ଉପଯୋଗୀ ତଥା ମୌଳିକ ତତ୍ତ୍ୱ ଅଧ୍ୟୟନ ଦିଗରେ ସହାୟକ ସୋପାନଶ୍ରେଣୀ ସଦୃଶ ।

ପ୍ରାକ୍-ପଣ୍ଡିଚେରୀ ଜୀବନରେ ବାବାଜି ମହାରାଜ ପାରମ୍ପରିକ ଯୋଗ ସାଧନାରେ ନିମଗ୍ନ ରହିଥିଲେ । କେତେକେତେ ସାଧୁ ସନ୍ଥଙ୍କ ଜୀବନର ମହାର୍ଘ୍ୟ ଘଟଣାବଳି, ସେମାନଙ୍କ ଅଭିଜ୍ଞତା ତଥା ବିଭୂତି ତାଙ୍କୁ ଅନୁପ୍ରାଣିତ କରିଥିଲା । ସେସବୁ ଶ୍ରୀଅରବିନ୍ଦଙ୍କ ଯୋଗ ପାଇଁ ଅପରିହାର୍ଯ୍ୟ ଜ୍ଞାନ ରୂପେ ବିବେଚିତ ନ ହୋଇପାରେ, କିନ୍ତୁ ବାବାଜି ମହାରାଜ ତାଙ୍କର ସେସବୁ ଅଧ୍ୟୟନ ବା ଶ୍ରବଣର ବିମଳ ଅନୁଭବ ତାଙ୍କ ଜୀବନର ପରବର୍ତ୍ତୀ ପର୍ଯ୍ୟାୟରେ ଆତ୍ମମାନଙ୍କୁ ପରିବେଷଣ କରି ସନ୍ତୋଷ ଲାଭ କରୁଥିଲେ । ସମାଜର ଗତାନୁଗତିକ ଜୀବନ-ସ୍ରୋତ ବାହାରେ ଯୁଗଯୁଗ ଧରି କେତେ ବିଚିତ୍ର ଧାରାରେ ଆଧ୍ୟାତ୍ମିକ ଅନ୍ୱେଷଣ ଗତି କରିଛି ଏବଂ ଅନ୍ୱେଷଣକାରୀମାନେ କେତେ ଅଭାବନୀୟ ତଥା ଆଶ୍ଚର୍ଯ୍ୟଜନକ ଅଭିଜ୍ଞତାମାନ ଅର୍ଜନ କରିଛନ୍ତି । ବାବାଜି ମହାରାଜ-ବର୍ଣ୍ଣିତ ସେସବୁ ସାଧୁସନ୍ଥଙ୍କ

ଜୀବନ ବୃତ୍ତାନ୍ତ ପାଠକଲେ ବିପୁଳ ସମ୍ଭାବନାପୂର୍ଣ୍ଣ ଅତି ଭୌତିକ ଜଗତ୍ ଏବଂ ସୂକ୍ଷ୍ମ ଶକ୍ତିସବୁ ସମ୍ପର୍କରେ ଆମର କିଞ୍ଚିତ୍ ଧାରଣା ହୁଏ ଏବଂ କୌତୂହଳ ବଳବତ୍ତର ହୁଏ ।

ବାବାଜି ମହାରାଜଙ୍କ ଜୀବନ-ଶୈଳୀ ଥିଲା ଏକାନ୍ତ ସରଳ । ତାଙ୍କ କଥାବାର୍ତ୍ତା ଓ ଲେଖା ଭିତରେ ଶୈଳୀଗତ ପାର୍ଥକ୍ୟ ନ ଥିଲା । ସେ ଜଣେ ଲେଖକ, ତାଙ୍କ ଚେତନାରେ ତାଙ୍କର ସେଭଳି ପରିଚୟ ଅଙ୍କିତ ହୋଇ ନ ଥିଲା । ନିଜ ଅନୁଭୂତ ତଥା ପରିଜ୍ଞାତ ସତ୍ୟର ଝଲକରେ ଅନ୍ୟକୁ ଉଦ୍ଭାସିତ କରିବାର ଦୁର୍ବାର ସଦିଚ୍ଛା, ସେଦିଗରେ ନିରଳସ ଆନ୍ତରିକତାହିଁ ଲେଖାଲେଖି ଦିଗରେ ସ୍ୱତଃସ୍ଫୂର୍ତ୍ତ ଭାବରେ ତାଙ୍କୁ ପ୍ରବୃତ୍ତ କରିଥିଲା ।

ଏହି ବାସ୍ତବତା ସ୍ମରଣ ରଖିଲେହିଁ ଆମେ ବାବାଜି ମହାରାଜଙ୍କ ରଚନାବଳୀର ଯଥାର୍ଥ ମୂଲ୍ୟାୟନ କରିପାରିବା ଏବଂ ତାଙ୍କ ପ୍ରତି କୃତଜ୍ଞ ଅନୁଭବ କରିବା । କିମଧିକମ୍ ।

ମନୋଜ ଦାସ

ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ
୨୬ ଜୁଲାଇ, ୨୦୦୮



ବାବାଜି ମହାରାଜ ନାମରେ ସୁପରିଚିତ ଶ୍ରୀ ରାମକୃଷ୍ଣ ଦାସଙ୍କ ଜୀବନ ତଥା ରଚନାବଳି ଅତୀବ ତାତ୍ପର୍ଯ୍ୟପୂର୍ଣ୍ଣ । ତରୁଣ ବୟସରୁ ସେ ଅଯୋଧ୍ୟାରେ ଯୋଗସାଧନାରେ ବ୍ରତୀ ରହି ବହୁ ସମ୍ଭ୍ରାନ୍ତ ଜିଜ୍ଞାସୁଙ୍କ ଠାରୁ ଗୁରୁତୁଲ୍ୟ ମାନ୍ୟତା ପ୍ରାପ୍ତ ହେଉଥିଲେ । କିନ୍ତୁ ଯେତେବେଳେ ସେ ଶ୍ରୀଅରବିନ୍ଦଙ୍କ ଯୋଗଦର୍ଶନ ଦ୍ୱାରା ଅନୁପ୍ରାଣିତ ହେଲେ ସେତେବେଳେ ନିର୍ଦ୍ୱନ୍ଦ୍ୱରେ ପାରମ୍ପରିକ ମାର୍ଗରୁ ଆସି ଶ୍ରୀଅରବିନ୍ଦ ଆଶ୍ରମରେ ଯୋଗଦାନ କଲେ ।

ଓଡ଼ିଶାର ଜନସାଧାରଣଙ୍କ ପାଖରେ ଶ୍ରୀମା ଏବଂ ଶ୍ରୀଅରବିନ୍ଦଙ୍କ ବାର୍ତ୍ତା ପହଞ୍ଚାଇବାରେ ଅସଂଖ୍ୟ ସନ୍ଧାନୀଙ୍କୁ ବ୍ୟକ୍ତିଗତ ଭାବରେ ଦିଗ୍‌ଦର୍ଶନ ଦେବାରେ ଏବଂ ସୁଗମ ରଚନା ମାଧ୍ୟମରେ ଜଟିଳ ତତ୍ତ୍ୱମାନ ପରିବେଷଣ କରିବାରେ ତାଙ୍କ ମହତ୍ ଭୂମିକା ଅବିସ୍ମରଣୀୟ । ତାଙ୍କର ବିଭିନ୍ନ ପୁସ୍ତିକା ଏବଂ ଚିଠିପତ୍ର ସହର ନଗର ପୁରପଲ୍ଲିର ଅଗଣନ ନରନାରୀଙ୍କୁ ଆଲୋକ ଓ ପ୍ରେରଣା ଦେଇଛି । ସେହିସବୁ କୃତୀର ଏ ସଙ୍କଳନ ଆଜି ଓ ଆଗାମୀକାଲିର ସୁଧୀ ପାଠକବର୍ଗଙ୍କୁ ସେମାନଙ୍କର ବହୁବିଧ ଜିଜ୍ଞାସାର ଉତ୍ତର ପ୍ରଦାନ କରି ସହାୟତା ଦେବ, ସନ୍ଦେହ ନାହିଁ ।

... ଅତିମାନସ ଶକ୍ତି ପୃଥିବୀରେ ଅବତରଣ କରି କାର୍ଯ୍ୟ କରିବାରୁ ତା'ର ପ୍ରଭାବ ପୃଥିବୀ ବାତାବରଣରେ ପଡ଼ି ସାରିଲାଣି । ଏହି ସନ୍ଦେଶ, ଏହି ଖବର ବ୍ୟକ୍ତି ପାଖରେ ପହଞ୍ଚିବା ବହୁତ ଆବଶ୍ୟକ । ଯେଉଁମାନଙ୍କର ଅନ୍ତରାତ୍ମା ଅଳ୍ପ ଟିକିଏ ଜାଗ୍ରତ୍ ଥିବ ସେମାନେ ଏହି ଖବର ପାଇବା ମାତ୍ରେ ସଚେତ ହୋଇଯିବେ ଏବଂ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରି ଲକ୍ଷ୍ୟ ମାର୍ଗରେ ଚାଲିବାକୁ ଆରମ୍ଭ କରିବେ ।... ଏହି ସନ୍ଦେଶ ବ୍ୟକ୍ତି ପାଖରେ ପହଞ୍ଚିବାର ଉପାୟ ହେଲା ପାଠଚକ୍ର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ଏବଂ ସେମିନାର, ଶିବିର ।

— ରାମକୃଷ୍ଣ ଦାସ